# ପୂର୍ଣ୍ଣଚନ୍ଦ୍ର

# ଓଡ଼ିଆ ଭାଷାକୋଷ ।

## କ

କ—ସଂ—ପ୍ରଥମ ବର୍ଗର ପ୍ରଥମ ବର୍ଣ୍ଣ; ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ ( ଏହାର
Ka ଉଚ୍ଚାରଣ ସ୍ଥାନ କଣ୍ଠ । ଏହା କୌଣସି ଅକ୍ଷର ସଙ୍ଗେ ଯୁକ୍ତ
କ ହେଲେ, ସେହି ଅକ୍ଷର ତଳେ ‘ ’ ମାତ୍ରାରୂପେ ବ୍ୟବହୃତ ହୁଏ ।
କ କ ବର୍ଗର ପାଞ୍ଚ ଗୋଟି ଅକ୍ଷର । ଯଥା—କ, ଖ, ଗ, ଘ, ଙ )—
The first consonant of the Sanskrit and the Ordiā alphabet.

ସଂ. ବି, (କୈ ଧାତୁ=ଶବ୍ଦ କରିବା;ଦୀପ୍ତି ପାଇବା+କର୍ତ୍ତୃ. ଅ)—
୧ । ବ୍ରହ୍ମା—1. Brahmā.
୨ । ବିଷ୍ଣୁ—2. Bishṇu.
୩ । ଶିବ—3. Siba.
୪ । ବାୟୁ—4. Air.
୫ । ଯମ—5. Jama.
୬ । ସୂର୍ଯ୍ୟ—6. Sun.
୭ । ଆତ୍ମା—7. Soul.
୮ । ଅଗ୍ନି—8. Fire.
୯ । ପକ୍ଷୀ—9. Bird.
୧୦ । ଦକ୍ଷ ପ୍ରଜାପତି—10. Daksha Prajāpati.
୧୧ । ରୋଗ —11. Sickness; disease.
୧୨ । କାଳ—12. Time.
୧୩ । କନ୍ଦର୍ପ—13. Cupid.
୧୪ । ଦୀପ୍ତି—14. Lustre.
୧୫ । କେଶ—15. Hair.
୧୬ । ମୟୂର—16. Peacock.
୧୭ । ଶରୀର—17. Body.
୧୮ । ରାଜା—18. King.
୧୯ । ଶବ୍ଦ—19. Sound.
୨୦ । ଧନ—20. Money; riches.
୨୧ । ମନ—21. Mind.
୨୨ । ମସ୍ତକ—22. Head.
୨୩ । ସୁଖ—23. Happiness.
୨୪ । ଜଳ—24. Water.

[ ଦ୍ର - ତନ୍ତ୍ରମତରେ ଏହି ଅକ୍ଷରର ବାମରେଖା ବ୍ରହ୍ମା, ଦକ୍ଷିଣ-ରେଖା ବିଷ୍ଣୁ ଓ ଅଧୋରେଖା ରୁଦ୍ର; ମାତ୍ରା ସାକ୍ଷାତ୍ ସରସ୍ୱତୀ ଓ ମଧ୍ୟସ୍ଥଳର ଶୂନ୍ୟସ୍ଥାନ ସଦାଶିବ ]

ସଂ. ପ୍ରତ୍ୟୟ—୧ । ସ୍ୱାର୍ଥବୋଧକ (ଯଥା—ବାଲ+କ=ବାଳକ)—
1. ( a Sanskrit suffix ) Denoting selfsame.

୨ । ଅଳ୍ପ ବା କ୍ଷୁଦ୍ରାର୍ଥବୋଧକ ( ଯଥା—ମାଣବକ; ପୁତ୍ରକ; ଅଶ୍ୱକ)—2. Denoting diminutive form.

୩ । ସହାର୍ଥତତ୍ପୁରୁଷ ବା ବହୁବ୍ରୀହି ସମାସରେ ସମସ୍ତପଦ ଶେଷରେ ଯୁକ୍ତ ହୁଏ ( ଯଥା—ସସ୍ତ୍ରୀକ; ଅସ୍ତ୍ରକ; ବିପତ୍ନୀକ )—3. Used in adjectival compounds denoting, accompanied with.

ଦେ. ଅ.—୧ (ପଦ୍ୟ) (ସଂ. କିଲ)—ପାଦ ପୂରଣ ପାଇଁ କ୍ରିୟା ଶେଷରେ ପ୍ରଯୁକ୍ତ—1. Redundant letter added to a verb.

ପୂର୍ବ ଦୁଃଖ ଅପମାନ କଲେକ ମରଣ
ଜଣତାଳ, ଜତୁଗୃହ, ବନବବାସନ । ରାଧାନାଥ. ବେଣୀସଂହାର ।

୨ । (ପଦ୍ୟ) (କ୍ରିୟା ସଙ୍ଗେ ଯୁକ୍ତ ହେଲେ କ୍ରିୟାର ନିଶ୍ଚୟାର୍ଥ ବୁଝାଏ )—ନିଶ୍ଚେ; ହିଁ—2. Certainly; surely.

ଥିଲୁ ଶର ତଳେ ଥୋଇ ସରିବାକ ଆସ । ପୀତାମ୍ବର. ନୃସିଂହପୁରାଣ ।

୩ । (କାଳବାଚକ ଶବ୍ଦ ସଙ୍ଗେ ଯୁକ୍ତ) ମାତ୍ର; କେବଳମାତ୍ର—3. Only; merely.

ଭୁଣ୍ଡ ହୋଇଲେ ଗଡ଼ ଦ୍ୱାରେ,
ଅନବ ରହିବେ ଡୋଷାରେ । ଜଗନ୍ନାଥ. ଭାଗବତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପରି [illegible] ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅଁ' ନ ମିଳିଲେ 'କୁଅଁ' ଖୋଜିବେ; 'ବଧୂ' ନ ମିଳିଲେ [illegible] ଦେଖିବେ; [illegible] ନ [illegible] ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ ।

୪ । ସଂଖ୍ୟା ବା ସମାହାରବାଚକ ଶବ୍ଦ ପରେ ଏକବଚନାର୍ଥରେ ବ୍ୟବହୃତ; ଏକ—4. Single; one.
(ଯଥା—ପଣକ; କାହାଣକ; ସେରକ; ଜଣକ; ମାଣକ; ଇତ୍ୟାଦି ।)
ଖୋସା ମଳକ, କଖାଳ କରନ୍ତୁ ଝଅ ହିଳକ । ଚଇ ।

୫ । (କାଳବାଚକ ଶବ୍ଦ ପରେ ବ୍ୟବହୃତ) ଏକମାତ୍ର; ଏକ ସଂଖ୍ୟକ—5. One only.
(ଯଥା—କ୍ଷଣକ; ମୁହୂର୍ତ୍ତିକ ଇତ୍ୟାଦି ।)
କଇଁଷକେ ପ୍ରାଣ ଯାଇ ପକାଇନ୍ତୁ ଚକ୍ରୁ । ପୀତାମ୍ବର. କୃଷ୍ଣ ଗୁଣ ।

୬ । (ଅନ୍ୟ ବିଶେଷ୍ୟ ପଦ ପରେ ଯୁକ୍ତ) ପ୍ରତ୍ୟେକ—6. Each; every.
ପ୍ରେମକେ ବ୍ରହ୍ମାଣ୍ଡ ଭୋଳର । ଭୂପତି. ପ୍ରେମପଞ୍ଚାମୃତ ।

୭ । (ବ୍ୟାପ୍ତ୍ୟର୍ଥକ) ସମସ୍ତ; ଯାକ—7. All; the whole.
(ଯଥା—ପୋଖରୀକ ମାଛ ଲୁଟି ନେଲେ; ଏତେକ; ସେତେକ; ଯେତେକ ଇତ୍ୟାଦି ।)

୮ । (ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ)—(ଅମୁକ) ସଂଖ୍ୟାର ପୂରକ—8. In the place of a certain number e. g. third; fifth.
(ଯଥା—ତିନକ ପଣିକିଆର ପାଞ୍ଚକ ଖଣ୍ଡା ବୋଲି ଯାଅ ।)

୯ । (ପରିମାଣବାଚକ ସର୍ବନାମ ସଙ୍ଗେ ଯୁକ୍ତ)—ପ୍ରାୟ 9. Approximately.
(ଯଥା—ଏତକ; ସେତକ; ଯେତେକ; କେତେକ ଇତ୍ୟାଦି ।)

**କଅଁ କଅଁ**—ଦେ. (ଧ୍ୱନ୍ୟନୁକରଣ) ଅ.—ଧ୍ୱନିର ଅନୁକରଣ ଶବ୍ଦବିଶେଷ—
Kaañ kaañ An onomatopoeic word for a sound.
(ଯଥା—ଶିଶୁର କ୍ରନ୍ଦନଶବ୍ଦ; ଅନ୍ଧକୋଷରୁ ପବନ ଉଠିବା ଶବ୍ଦ ।)

**କଅଁଣ**—ଦେ. ସର୍ବ. (ସଂ. କମ୍)—କି; କସ (ପ୍ରଶ୍ନାର୍ଥକ)—
Kaañna What (interrogative).
କି ଦେ. ବିଣ—କି; କସ—Which; what.
କ୍ୟା ଦେ. ଅ—୧ । ପ୍ରଶ୍ନାର୍ଥକ—1. What (in asking a question).
୨ । ବିସ୍ମୟାର୍ଥକ—2. What (used in astonishment).
୩ । ଡାକିଲେ ଯବାବ ଦେବା—କଅଣ ?—3. What (in response to a call).

**କଅଁଣ ନାଁ**—ଦେ. ଅ.—୧ । ଅନ୍ୟପକ୍ଷରେ—
Kaañna nāñ 1. On the other hand.
କି ୨ । (ଏହି) ଉଦ୍ଦେଶ୍ୟରେ—2. With a view to.
କ୍ୟା ୩ । ଏହିକି—3. To the effect that.
(ଯଥା—ମୁଁ ତାଙ୍କୁ ଦେଖିବାକୁ ଯାଇ ସେଠାରେ ପହଞ୍ଚି ଦେଖିଲି-ବେଳକୁ, କଅଁଣ ନାଁ ସେ ଚାଲିଗଲେଣି ।)
୪ । ପରିବର୍ତ୍ତିରେ—4. Instead of.

**କଅଁରା**—ଦେ. ବିଣ. (ସଂ. କପିଳ;କଡ଼ାର)—୧ । ଫିକା ନାଲିଆ; କହରା;
Kaañrā କପିଶବର୍ଣ୍ଣ—1. Reddish brown; grey.
(କଅଁରୀ—ସ୍ତ୍ରୀ) ୨ । ଫିକା ହଳଦିଆ—2. Tawny brown; yellowish brown; auburn.
କଟା
ଭୁରା (ଯଥା—କଅଁରା ବାଳ ।)

**କଅଁଲି**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. କୋମଳ)—କଅଁଳ (ଦେଖ)
Kaañli Kaañla (See)

**କଅଁଲି ପାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—(କୌଣସି ବ୍ୟକ୍ତିକୁ)
Kaañli pāibā ଶକ୍ତିହୀନ ବା ଦୁର୍ବଳ ବୋଲି ମନେ କରିବା—To consider (some one) weak or powerless.

**କଅଁଳ**—ଦେ. ବିଣ. (ସଂ. କୋମଳ)—୧ । କୋମଳ; ନରମ; ଯାହା
Kaañla ଟାଣୁଆ ନୁହେଁ; ମୁଲାଏମ୍—1. Soft.
(ଟାଣ—ବିପରୀତ) (ଯଥା—କଅଁଳ ଲୁହାକୁ ବିରାଡ଼ି କାମୁଡ଼େ ।)
ନରମ ୨ । ମଧୁର—2. Sweet.
ମୁଲାୟମ ୩ । ସୁକୁମାର—3. Tender.
୪ । ନୂତନ—4. New.
୫ । ବିନୀତ (ବାକ୍ୟ)—5. Humble (word).

**କଅଁଳକହୀ**—ଦେ. ବିଣ. ସ୍ତ୍ରୀ. (ସଂ. କୋମଳ + କଥ୍ ଧାତୁ)—
Kaañlakahī କଅଁଳକୁହାର ସ୍ତ୍ରୀଲିଙ୍ଗ—
(କଅଁଳକୁହା—ପୁଂ) Feminine of kaañlakuhā.
କଅଁଳକହୀ ସ୍ୱଧା, ଘରକୁ ଗଲେ କଥା ନ କହନ୍ତି ବାଟରେ ବଡ଼ ଶରଧା । ଢଗ ।

**କଅଁଳକୁହା**—ଦେ. ବିଣ. ପୁଂ. (ସଂ. କୋମଳ + କଥ୍ ଧାତୁ)—
Kaañlakuhā ୧ । ଯେଉଁ ବ୍ୟକ୍ତି ମନରେ କପଟ ରଖି ଭୁଣ୍ଡରେ
କଅଁଳକହୀ } ସ୍ତ୍ରୀ. ମଧୁର କଥା କହେ—1. Uttering sweet
କଅଁଳକୁହୀ } words; coaxing; sweet speaking.
খোসামদিআ ୨ । ଖୋସାମଦିଆ; ଚାଟୁକାର—2. Flattering.
चापलुस ଦେ. ବି—କୋମଳ ବଚନ କହିବା—
Speaking of sweet words.

**କଅଁଳଖରା**—ଦେ. ବି. (ସଂ. କୋମଳ + ଖରକର)—
Kaañlakharā ବାଳସୂର୍ଯ୍ୟଙ୍କ କିରଣ—The first rays of the rising sun.
সকালের রোদ
घीमाधूप

**କଅଁଳ ଗାଧୁଆବେଳ**—ଦେ.ବି.(ସଂ. କୋମଳ + ଗାତ୍ରଧାବନ + ବେଳା)—
Kaañla gādhuābela ସକାଳ ଏକ ପ୍ରହରଠାରୁ ଛଅ ଘଡ଼ି ପର୍ଯ୍ୟନ୍ତ ସମୟ (ଯେଉଁ ସମୟରେ ସୁକୁମାରଆ ମନୁଷ୍ୟ-ମାନେ ଗାଧୁଆପାଧୁଆ କରନ୍ତି)—Early bathing time; the time between 9 & 10 A.M.

**କଅଁଳ ଚମ**—ଦେ. ବି. (ସଂ. କୋମଳ ଚର୍ମ)—
Kaañla chama ୧ । ଶିଶୁ ଦେହର ନରମ ଚମ—
নরমচামড়া 1. Soft skin of a baby.
नरमचमड़ा ୨ । ଘାଆ ଉପରେ ହୋଇଥିବା ନୂଆ ଚମ—
2. New skin formed over healing wounds.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋୃ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ୟ | ଉଅ | ହ୍ମ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ହ |

**କଅଁଳ ଚମଡ଼ା**—ଦେ. ବି—କଅଁଳ ଚମ ( ଦେଖ )
Kaañla chamarḍā  Kaañla chama ( See )

**କଅଁଳ ନିଦ**—ଦେ. ବି. ( ସଂ. କୋମଳ + ନିଦ୍ରା )—
Kaañla nida  ୧ । ଅପକ୍ୱ ନିଦ; ଭଲରୂପେ ମେଣ୍ଟି ନ ଥିବା ନିଦ—
କাঁচানিঁদ  1. Not fully enjoyed sleep.
কচ্চানিঁদ  ୨ । ନାଳନିଦ; ଶୁଇଲାନିଦଠାରୁ ଗାଢ଼ତର କିନ୍ତୁ ଗଭୀର-ନିଦଠାରୁ ଲଘୁତର ନିଦ—2. Light sleep.

**କଅଁଳ ବଚନ**—ଦେ. ବି. ( ସଂ. କୋମଳ + ବଚନ )—
Kaañla bachana  ୧ । କୋମଳ ବଚନ—1. Soft words.
কোমল বচন  ୨ । ବିନୀତ ବାକ୍ୟ—2. Humble words.
नर्म बात  ୩ । ମଧୁର ବଚନ—3. Sweet words.
୪ । ଗୁହ୍ରି ବାକ୍ୟ—4. Coaxing; flattering words; oily words.

**କଅଁଳ ବେଉଷା**—ଗ୍ରା. ବି—ଧାନ ଗଛ ଗଜା ଅପେକ୍ଷା ବଡ଼ ଏବଂ କଅଁଳ
Kaañla beushā  ହୋଇଥିବା ଅବସ୍ଥାରେ ବେଉଷଣ କରାଯିବା—
Puddling of paddy-plants while still tender.

**କଅଁଳ ଭାତ**—ଦେ. ବି. ( ସଂ. କୋମଳ + ଭକ୍ତ )—ବେଶି ସିଝି ଭୁଲା
Kaañla bhāta  ପରି ନରମା ହୋଇଯାଇଥିବା ଭାତ—
Rice overboiled to softness.

**କଅଁଳ ମାଉଁସ**—ଦେ. ବି. ( ସଂ. କୋମଳ + ମାଂସ )—
Kaañla māuñsa  ୧ । ନରମ ମାଂସ—1. Soft flesh.
নরমমাংস  ୨ । ଶିଶୁ ଦେହର କୋମଳ ମାଂସ—
नर्मगोश्त  2. Tender flesh of an infant.
କଅଁଳ ମାଉଁସ ହକଏ ପାଇଲେ ଲୁହ୍ନକନ ଖାଏ—
ବାହାଣୀର କଥାର ଶେଷ ପଦ ।
୩ । ଘାଆ ଅଦରେ ନୂଆ ହୋଇ କଅଁଳ ଥିବା ମାଂସ—
3. New flesh formed on a healing sore.

**କଅଁଳା**—ଦେ. ବିଣ. ( ସଂ. କୋମଳ )—
Kaañlā  ୧ । କୋମଳ—1. Soft.
୨ । ସୁକୁମାର—2. Tender.
୩ । ନୂତନ—3. New.
୪ । ଅଳ୍ପବୟସ୍କ; ଅଳ୍ପଦିନ ହେଲା ଜନ୍ମିଥିବା(ଶିଶୁ); ନବଜାତ—
4. Of tender age; young; newly born.
କରବ ତୁମ୍ଭେ ଏତେକ  କଅଁଳାପୁଅ ଯେତେକ
ମାରିବାକୁ ଯେ ଯାହାରେ ରହୁଛି ହାତ—
ସତ୍ୟବ୍ରତ ରସକଲ୍ଲୋଳ ।

**କଅଁଳାଇ କହିବା**—ଦେ. କ୍ରି. ( ସଂ. କୋମଳ + କଥଧାତୁ )—
Kaañlāi kahibā  ୧ । କୋମଳ ବଚନ କହିବା—
মিঠেকথাবলা  1. To speak soft words.
मिठिमिठि बातें करना;  ୨ । କୋମଳ ବଚନଦ୍ୱାରା ସନ୍ତୁଷ୍ଟ କରିବା-
चापलुसी करना  2. To please with oily words.
୩ । ଫୁସୁଲାଇବା; ଭଣ୍ଡାଇବା—
3. To cajole; to coax.
୪ । ଗୁହ୍ରି କରିବା; ଖୋସାମଦ୍ କରିବା—
4. To flatter

**କଅଁଳାଇବା**—ପ୍ରାଦେ.(ବାଲେଶ୍ୱର ଓ ସିଂହଭୂମ)—କ୍ରି. (ସଂ.କୋମଳ)—
Kaañlāibā  (ଗାଈ) ନୂଆ ବାଛୁରି ଜନ୍ମ କରିବା—
( cow ) To give birth to a calf.
ଦେ. କ୍ରି.—୧ । କଅଁଳାଇ କହିବା—
1. To speak soft or flattering words.
୨ । କଅଁଳିବାର ଣିଜନ୍ତରୂପ—
2. The causative form of Kaañlibā.
ଜାବନଖାସ ଲଇ ଇଛାରେ ଉଠିବ ଶୁଷ୍କଚର୍ମ କଅଁଳାଇ—
ପ୍ରଧାନାଥ. ଯଯାତି ।

**କଅଁଲାଇବା**—ପ୍ରାଦେ. ( ସମ୍ବଲପୁର )—
Kaañlāibā  କଅଁଳାଇବା ୧. ( ଦେଖ )
Kaañlāibā 1. ( See )

**କଅଁଳା କଅଁଳି କରିବା**—ଦେ. କ୍ରି—୧ । ନାନାଭାବରେ ଫୁସୁଲାଇବା—
Kaañlā kaañli karibā  1. To coax; to cajole.
୨ । କୋମଳ ବଚନ କହି ସନ୍ତୁଷ୍ଟ କରିବା—
2. To please by soft or oily words.

**କଅଁଳା ଗାଈ**—ଦେ. ବି. ( ସଂ. କୋମଳ + ଗାଭୀ )—ଯେଉଁ ଗାଈ
Kaañlā gāi  ଅଳ୍ପଦିନ ହେଲା ପ୍ରସବ କରିଅଛି—A. cow which has recently given birth to a calf.

**କଅଁଳା ଜହ୍ନ**—ଦେ. ବି. ( ସଂ. କୋମଳ + ଚନ୍ଦ୍ର )—
Kaañlā chānda  ୧ । ନୂଆ ହୋଇ ଉଇଁ ଆସୁଥିବା ପୂର୍ଣ୍ଣଚନ୍ଦ୍ର—
1. Newly risen full-moon.
୨ । ଅମାବାସ୍ୟା ପରେ ପାହିଆ ପରି ଦେଖା ଯାଉଥିବା ଚନ୍ଦ୍ର—
2. New-moon.

**କଅଁଳା ଜହ୍ନ**—ଦେ. ବି—କଅଁଳା ଚାନ୍ଦ ( ଦେଖ )
Kaañlā jahna  Kaañlā chānda ( See )

**କଅଁଳା ପିଲା**—ଦେ. ବି—ଉଦିଆଣି ପିଲା; ଅଳ୍ପ ଦିନ ହେଲା ଜନ୍ମିଥିବା
Kaañlā pilā  ଶିଶୁ; କୋମଳ ଶିଶୁ—Tender baby.
ରାଜ୍ୟରେ କଅଁଳା ପିଲାଙ୍କୁ ଦୁଃଖ ଦେଲେ ପୂର୍ବ ଜନ୍ମାର ଅଏ—
ଫକୀରମୋହନ, ଛମାଣଆଠଗୁଣ୍ଠ ।

**କଅଁଳା ବାଛୁରି**—ଦେ. ବି. (ସଂ. କୋମଳ + ବତ୍ସତରୀ )—ଅଳ୍ପ ଦିନ
Kaañlā bāchhuri  ହେଲା ଜନ୍ମିଥିବା ବାଛୁରୀ; ଶିଶୁ ବତ୍ସତରୀ—
কইলাবাছুর  Baby calf.
बच्चा बछड़ा

**କଅଁଳିଆ**—ଦେ. ବିଣ. ( ସଂ. କୋମଳ )—
Kaañliā  ୧ । କୋମଳ; ନରମ—1. Tender; soft.
(ଠାଣୁଆ—ବିପରୀତ) ୨ । ଈଷତ୍ କୋମଳ—2. Slightly soft.
नरमा
मुलायम

ସାଧାରଣ ଲେକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଆଗଂଜା' ନ ପାଇଲେ 'ଆଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଅଁଳବା**—ଦେ. କ୍ରି. ( ସଂ. କୋମଳ; ନାମ ଧାତୁ )—
Kaañlibā ୧ । (ଗଛ ଅବ) ନୂଆ ପତ୍ର ବା କଢ଼ା ପକାଇବା—
ଗଜା 1. To bring forth tender leaves.
**कल्ला निकलना,** କଅଁଳୁ ଅଛ ହାଣି ପକାଇଲେ ଶାଖୀ ।
**उगना** କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।
୨ । ଦେହର କଟି ଯାଇଥିବା ଅଙ୍ଗ ପୁଣି ନୂଆ ହୋଇ ଅଙ୍କୁରିତ ହେବା—2. ( a limb ) To grow up after it is cut.
ମୋ ବୋଲେ ପୂର୍ବ ପରି କଅଁଳୁ ତୋ ମୁଣ୍ଡ । କୃଷ୍ଣସିଂହ. ମହାଭାରତ. ବନ
୩ । ଗଜୁରିବା; ଅଙ୍କୁରିବା—3. To sprout up.
ଲକ୍ଷିତ ତର୍ପଣକୁ ସାର ଶଙ୍ଖ ପାଶେ
କହୁଲେ କଅଁଳଥ ହସ୍ତ ଦୁଇ ତୋଷେ । କୃଷ୍ଣସିଂହ. ମହାଭାରତ. ଶାନ୍ତି

**କଅଁଲ୍‌ବା**—ପ୍ରାଦେ. (ସମ୍ବଲପୁର) କ୍ରି—କଅଁଳବା ( ଦେଖ )
Kaañlibā Kaañlibā ( See )

**କଅଁଲେଇ**—ଦେ. କ୍ରି. ବିଣ—କୋମଳ ବଚନ ଦ୍ୱାରା ମନ ରଞ୍ଜାଇ—
Kaañlei Pleasing one's mind with soft words.
কোমলকরে ତାହାକୁ ଯଦ ବ' ପଦ କଅଁଳେଇ କହୁ ଦେଇଅଛ, ନ ଖାଇ ନ ଶୋଇ
**मुलायम** ସବୁଦିନ ବସି ଦେହରେ ହାତ ବୁଲାଉ ଥିବ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**କଅଁଲେଇବା**—ଦେ. କ୍ରି—କଅଁଳାଇବା ( ଦେଖ )
Kaañleibā Kaañlāibā ( See )

**କଅଁଳେଇ ସଅଁଳେଇ ହେବା**—ଦେ କ୍ରି. (ନିରର୍ଥକ ଦ୍ୱିତ୍ୱ ସହିତ)—
Kaañlei saañlei hebā ବହୁବାର କଅଁଳାଇ କହିବା (ଦେଖ)
To coax repeatedly.

**କଅର**—ଦେ. ବିଣ—କଅଁର ( ଦେଖ )
Kaarā Kaañrā ( See )

**କଇ**—ବୈଦେ. ବି. ( ଆରବୀ—କୈ )—ବମନ; ବାନ୍ତି; ଉକାର—
Kai ( ଯଥା—ଝାଡ଼ାକଇ । )
বমি Vomiting.
**କଁ** ଦେ. ପ୍ରତ୍ୟୟ—୧ । (ପ୍ରାଚୀନ ପଦ୍ୟଗ୍ରନ୍ଥମାନଙ୍କରେ ବ୍ୟବହୃତ)-
୨ୟା ଓ ୪ର୍ଥୀ ବିଭକ୍ତିର ଚିହ୍ନ; କୁ—1. The sign of the 2nd & 4th cases added to nouns.
[୧ । ଦ୍ୱିତୀୟା ବିଭକ୍ତିରେ—
ବଧୀତା ପ୍ରସାଦେଣ ଜଣିଷ ଭଜପୁର
ଯମକଇ ବଳେ ଜଣିଷ ନଣାତର । ବଳରାମ. ରାମାୟଣ ।
୨ । ୪ର୍ଥୀ ବିଭକ୍ତିରେ—
ପୁତ୍ରକଇ ଚକ୍ର କରସି ମହାମୁନି
ପଛେ ତପ ଜପ ଯାଗ କର ହୋ ମହାଜ୍ଞାନ । ବଳରାମ ରାମାୟଣ ।]
ପ୍ରାଦେ. (ମେଦିନୀପୁର; ଭୁଲ. ବ. କଇମାଛ) ବି—କଉମାଛ (ଦେଖ)
Kau (fish) (See )

**କଇଁ**—ଦେ. ବି. (ସଂ. କୁମୁଦ)—ଶ୍ୱେତୋତ୍ପଳ; ଉତ୍ପଳ; କୁମୁଦ—
Kaiñ Water-lily; Nymphœa lotus.
ସଂ. କୁମୁଦ; କୁମୁଦ୍ୱତୀ; [ ଦ୍ର—ଏହା ପାଣିରେ ଫୁଟୁଥିବା ଲମ୍ବ
କୁମୁଦିନୀ; କୁବଲୟ; କୈରବ; ନାଡ଼ଯୁକ୍ତ ପଦ୍ମ ପରି ଫୁଲ । ଏହା
ସୌଗନ୍ଧିକ; କହ୍ଲାର ରାତିରେ ଫୁଟେ । ଚାରି ପ୍ରକାରର କଇଁ-
ছোটসুংদি;সুন্ধী ଫୁଲ ଅଛି । ଯଥା—୧ ଧଳା ବା
**कोंइ; बघोला;** ଧୋଡ଼ା କଇଁ; ୨ ନାଲି କଇଁ; ୩
**नरगिस; कमोदिनी** ଛୋଟ କଇଁ ଓ ୪ ନେଳ ବା ସୁରୁଖି
ଗୁ. କମଲଫୂଲ କଇଁ । ଏଥି ମଧ୍ୟରୁ ନେଳ କଇଁ
ତେ. କଲୁବପୁବୁଲୁ; କୋଦଗା; ସବୁଠାରୁ ଶ୍ରେଷ୍ଠ । ବୈଦ୍ୟଶାସ୍ତ୍ର
ଏରଗାବୁଂଡ଼ୁ; ମତରେ ଏହାର ପଦ୍ମପରି ଗୁଣ; ଏହାର
ବୁଲୁବୁଲୁଣ୍ଡେକୋଲିନ୍ ପତ୍ର ପଦ୍ମ ପତ୍ର ପରି କିନ୍ତୁ ପାତଳା ଓ
ମ. ପାଁଟରେଁଉତ୍ପଲ ମସୃଣ ।]

**କଇଁବେଣ୍ଟ**—ଦେ. ବି. ( ସଂ. କୁମୁଦ+ବୃନ୍ତ )—୧ । କଇଁ ଫୁଲର
Kaiñbenṭa ଗୋଲାକାର ବୀଜକୋଷ (ଏଥି ମଧ୍ୟରେ ସୋରିଷପରି ଛୋଟ ଛୋଟ ଅନେକଗୁଡ଼ିଏ ମଞ୍ଜି ଥାଏ । ଏହି ମଞ୍ଜିଗୁଡ଼ିକ ଭାଜି ଖଇ ରୂପେ ଖିଆ ଯାଏ । ଏହା କଇଁଫୁଲର ଫଳ ଅଟେ )—1. The fruits of the water-lily.
୨ । କଇଁଫୁଲର ବୀଜକୋଷ ମଧ୍ୟରେ ଥିବା ମଞ୍ଜି—
2. The seeds of the water-lily.

**କଇଁଆଁ**—ଦେ. ବି. (ତା. 'ପୁଲିକାଇ' ଶବ୍ଦରୁ ପୁଲି ଲୋପ ହୋଇ କଇଁଆଁ
Kaiñāñ ହୋଇଅଛି । )—୧ । ଅପକ୍ୱ ତେନ୍ତୁଳି ଫଳ—
1. Unripe tamarind fruit.
କଇଆଁ ପାଚ୍, ମୋ ଗୋଡ଼ ନ ପାଚ୍ । ଶିଶୁଗୀତ ।
୨ । ତିନ୍ତୁଳି (ଦେଖ)—2. Tintuli (See)
୩ । ମଇର ଶେଷ ଫଳର ଦୁଇ ମୁଣ୍ଡରେ ଦିଆ ଯାଇଥିବା ଖିଲ । (ଏହି ଖିଲରେ ଦଉଡ଼ି ବନ୍ଧା ଯାଇ ଯୁଆଳିର ଦୁଇମୁଣ୍ଡରେ ଲଗା ହୁଏ ଓ ବଳଦ ମଇକୁ ଟାଣନ୍ତି)—3. Wooden pins attached to the cross-bars at the end of a mai or ladder used for levelling a ploughed or puddled field.

**କଇଁକଇଁ**—ଦେ.ଅ.(ଧ୍ୱନ୍ୟନୁକରଣ)—କୋହରେଇ ହୋଇ (କ୍ରନ୍ଦନକରିବା);
Kaiñkaiñ ମୁହୁର୍ମୁହୁ ନିଶ୍ୱାସ ବନ୍ଦ କରି ( କାନ୍ଦିବା ); ହିକ୍କା ଛାଡ଼ି କାନ୍ଦୁଥିବା ଅବସ୍ଥାରେ—(to cry) With hiccups.
କଇଁକଇଁ ହୋଇ କହୁଛି—ମୁଁ କଣ କରିବ ? ଫକୀରମୋହନ. ଛମାଣଆଠଗୁଣ୍ଠ ।

**କଇଁର୍‌କାକୁଡ଼ି**—ଦେ. ବି.—କଇଁଚକାକୁଡ଼ି (ଦେଖ)
Kaiñchkākurdi Kaiñchikākurdi (See),

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ହ |

**କଇଁଚ**—ଦେ. ବି. (ସଂ. କଚ୍ଛପ)—କଚ୍ଛପ; କୂର୍ମ; ଖୋଲଥିବା ଏକପ୍ରକାର
Kaiñcha ଚତୁଷ୍ପଦ ଜଳଚର ପ୍ରାଣୀ—Tortoise; turtle.
କାଛିମ [ ଦ୍ର—ଏହା ଗୋଲାକାର ଓ ଚେପ୍ଟା,
**କଚ୍ଛପ; କଚ୍ଛୁଆ** ଏ ଇଚ୍ଛା ଅନୁସାରେ ଗୃହ ଗୋଡ଼କୁ ଓ ମୁଣ୍ଡକୁ
ସଂ. କଚ୍ଛପ, ଗୂଢ଼ପାଦ; ଖୋଲ ଭିତରକୁ ଟାଣି ନିଏ । ଏହାର ପିଠିର
କୂର୍ମ; କମଠ; ଦୃଢ଼ପୃଷ୍ଠକ ଖୋଲ କୁଜା ଓ ଖୁବ୍ ଟାଣୁଆ; ଖୋଲରେ
ଫା. ସଙ୍ଗପୁସ୍ତ୍ ଚୌପିଚୌପି ଦାଗ ଥାଏ । ଖୋଲର ପଛଆଡ଼
କୋଣବିଶିଷ୍ଟ । ବଡ଼ କଇଁଚକୁ 'କୁରୁମ' ବୋଲା-
ଯାଏ । ଏହାର ମାଂସ ଓ ଡିମ୍ବ ବଳବର୍ଦ୍ଧକ, ପୁଂସ୍ତ୍ୱକାରକ ଓ ବାୟୁ-
ପିତ୍ତନାଶକ । ଛୋଟ ବଡ଼ ବହୁତ ପ୍ରକାରର କଇଁଚ ଅଛନ୍ତି ।
କଇଁଚ ଜଳଚର, କିନ୍ତୁ ଏକ ଜାତୀୟ କଇଁଚ ସ୍ଥଳଚର । ପୁରୀ
ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ, ଯମୁନା ନଦୀରେ, ମଥୁରା, ବୃନ୍ଦାବନ,
ଆଲ୍ଲାହାବାଦ ଆଦିରେ ବଡ଼ ବଡ଼ କଇଁଚ ବହୁତ ଦେଖା ଯାଆନ୍ତି । ]

**କଇଁଚି**—ଦେ. ବି. (ତୁର୍କୀ-କୈଁଚୀ; ତୁଳ.ସଂ. କର୍ତ୍ତରିକା)—୧ । କତୁରୀ-
Kaiñchi 1. Scissors.
କାଁଚି ୨ । କତୁରୀ ପରି କଣବାଗରେ ଛନ୍ଦା ଯାଇଥିବା ଘରର
**କୈଁଚୀ** ଶ୍ରେଣି—2. Angle-beam.
[ଦ୍ର—ଏହା ଖୁଣ୍ଟର କାମ କରେ ଓ ଏଥିର ସନ୍ଧି ଉପରେ ଘର
ଶ୍ରେଣୀ ପକାଯାଏ । ]

**କଇଁଚିଆ**—ଦେ. ବିଣ. (ସଂ. କଚ୍ଛପିକା)—କଇଁଚ ପରି ଆକୃତିବିଶିଷ୍ଟ—
Kaiñchiā Shaped like a tortoise.
ଦେ. ବି.—ଉଦର ମଧ୍ୟରେ ଅର୍ବୁଦ ହୋଇ ଉଦରକୁ କଇଁଚ ପରି
ଫୁଲାଇ ଦେବା ରୋଗବିଶେଷ—A disease causing swelling of the abdomen; abdominal tumour.

**କଇଁଚିକାକୁଡ଼ି**—ଦେ. ବି. (ସଂ. କାକଚିଞ୍ଚା=କାଇଁଚ+କର୍କଟୀ; ଏହାର
Kaiñchikākurḍi ପାଚିଲା ଫଳ କାଇଁଚପରି ଲାଲ୍ ହେଉ
ତେଲାକୁଁଚା ଥିବାରୁ)—ବନ୍ୟଲତା ଓ ତାହାର ଫଳ;
**କନ୍ଦୁରୀ; କୁନ୍ଦରୁ** ବିମ୍ବଫଳ—Coccinea Indica;
ସଂ. ବିମ୍ବଫଳ; ବିମ୍ବା; Cephalandra Indica;
ରକ୍ତଫଳା; ତୁମ୍ବି; ତୁଣ୍ଡି- Wild Liquorice; Abrus
କେରୀ; ବିମ୍ବିକା; ଓଷ୍ଠୋପମ— Prectorus.
ଫଳା; ପୀଲୁପର୍ଣ୍ଣୀ; ବିମ୍ବୀ
[ ଦ୍ର—ଏହି ସ୍ତ୍ରୀଜାତୀୟ ଲତାର ନାମ କଇଁଚିକାକୁଡ଼ି ଓ ପୁଂ
ଲତାର ନାମ ଗୋରୁଖିଆ ଲତା; ଏହା କୁଷ୍ମାଣ୍ଡାଦିବର୍ଗର ପ୍ରଜାତି;
ଫୁଲ ଧଳା; ଫଳ ପୋଟଳପରି ଓ ପାଚିଲେ ଟୋପା ନାଲି ହୁଏ
ପାଚିଲା ଫଳ ସଙ୍ଗେ କବିମାନେ ସ୍ତ୍ରୀମାନଙ୍କ ଓଷ୍ଠକୁ ତୁଳନା କରନ୍ତି । ]

**କଇଁଛ**—ଦେ. ବି (ସଂ. କଚ୍ଛପ)—କଇଁଚ (ଦେଖ)
Kaiñchha Kaiñcha (See)

**କଇଁଛିଆ**—ଗ୍ରା. ବି—କଇଁଚିଆ ( ଦେଖ )
Kaiñchhiā Kaiñchiā ( See )

**କଇଁଜର**—ପ୍ରାଦେ. (ଗଡ଼ଜାତ) ବି—୧ । କଳା କୁକୁଡ଼ାପରି ପକ୍ଷୀ ।
Kaiñjāra (ଏମାନେ ପାଣିକୂଳରେ ବାସ କରନ୍ତି ଓ ରାତିରେ
ବୋବାନ୍ତି । କନ୍ଧ ଓ ଗଉଡ଼ମାନେ ଏମାନଙ୍କର ମାଂସ
ଖାଆନ୍ତି ।—1. A kind of black wood-cock.
୨ । ଦୁଇ ହାତ ଉଚ୍ଚ ଏକପ୍ରକାର ବନ୍ୟ ଶାଗ ଗଛ । (ଏହାର
ପତ୍ର ଦୁଦୁରା ପତ୍ରପରି)—2. A kind of shrub.

**କଇଁଠ**—ପ୍ରାଦେ (ଗଞ୍ଜାମ) ବି—କଇଥ ( ଦେଖ )—
Kaiñṭha Kaitha ( See )

**କଇଁତା**—ପ୍ରାଦେ. (ସମ୍ବଲପୁର) ବି. (ନାମ)—କୁନ୍ତୀ ( ଦେଖ )
Kaiñtā Kuntī ( See )

**କଇଁଥ**—ଗ୍ରା. ବି—କଇଥ ( ଦେଖ )
Kaiñtha Kaitha ( See )

**କଇଁଥା**—ଗ୍ରା. ବିଣ—କଇଥା ( ଦେଖ )—
Kaiñthā Kaithā ( See )

**କଇଁଫୁଲିଆ**—ଦେ. ବିଣ—କଇଁଫୁଲପରି ବର୍ଣ୍ଣ ବା ଆକୃତିବିଶିଷ୍ଟ—
Kaiñphuliā Having the form or colour of a water-lily.

**କଇଁରା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ.—କଅଁରା (ଦେଖ)
Kaiñrā Kaañrā (See)
(କଇଁରୀ—ସ୍ତ୍ରୀ)

**କଇଁରୀ କଣ୍ଟିଆ**—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି. (ସଂ. କପିଳ ଓ
Kaiñrī kaṇṭiā କଣ୍ଟକ)—କପିଳବର୍ଣ୍ଣର ଛୋଟ କଙ୍କଡ଼ାବିଛା—
A small grey scorpion.
[ ଦ୍ର—ଏହାର ନାହୁଡ଼ ଅତି ବିଷାକ୍ତ ଓ ଦଂଶନ ଅତି
ଯନ୍ତ୍ରଣାଦାୟକ । ]

**କଇଁରୀ ତାଲ୍**—ପ୍ରାଦେ. (ସମ୍ବଲପୁର) ବି—କଇରୀ ତାଲ (ଦେଖ)
Kaiñrī tāl Kairi tāla (See)

**କଇଁସାରି**—ଦେ. ବି—କଂସାରି (ଲତା) ୨ (ଦେଖ)—
Kaiñsāri Kaṁsāri 2 (See)

କଇଁସାରି ଲତା ଶ୍ୟାମଳ ବାଲିସ୍ତୂପର ଛପା—ରାଧାନାଥ. ଚନ୍ଦ୍ରଭାଗା ।

**କଇଁସିକାକୁଡ଼ି**—ଗ୍ରା. ବି—କଇଁଚିକାକୁଡ଼ି (ଦେଖ)—
Kaiñsikākurḍi Kaiñchikākurḍi (See)

**କଇକେୟୀ**—ଗ୍ରା. ପଦ୍ୟ. ବି. ସ୍ତ୍ରୀ (ନାମ) ଦଶରଥଙ୍କ ମଧ୍ୟମା ରାଣୀ—
Kaikeyī The second queen of king Daśaratha.

ମନ୍ତ୍ରରୂପେ କଇକେୟୀଙ୍କ ପଟରେ,
ରହିଲା ହିତ କରିବାକୁ କପଟରେ । କୃଷ୍ଣସିଂହ. ମହାଭାରତ ।

**କଇଠ**—ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବି—କଇଥ (ଦେଖ)
Kaiṭha Kaitha (See)

**କଇଡ଼ି**—ପ୍ରାଦେ. (ଯାଜପୁର) ବି—ଧାନଆଦି ରଖିବାର କୋଡ଼ମେଇ—
Kairḍi A wicker-work receptacle for storing grains.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କଇତବ**—ଗ୍ରା. ପଦ୍ୟ. ବି (ସଂ. କୈତବ)—ଛଳ; କପଟତା—
Kaitaba — Deception.

ଧର୍ମରୁ କଇତବେ ବ୍ରାହ୍ମଣ ବେଶରୁ । କୃଷ୍ଣସିଂହ. ମହାଭାରତ. ସଭା ।

ଦେ. ବିଣ—୧ । ଛଳଯୁକ୍ତ; କପଟଯୁକ୍ତ—1. Deceptive.

ବହୁ ଛନ୍ଦ ମୋତେ ଦେ କଇତବ ଛନ୍ଦ । କୃଷ୍ଣସିଂହ. ମହାଭାରତ. ସଭା ।

୨ । କପଟୀ (ବ୍ୟକ୍ତି)—2. Hypocritical (person.)

କଇତବ ଅନ୍ତରେ ସଙ୍ଗତରେ ବାହାର । ଗୋବିନ୍ଦ. ଦେବଶ୍ଳୋକ ।

**କଇଥ**—ଦେ. ବି. ( ସଂ. କପିତ୍ଥ; ପ୍ରା. କଇତ୍ଥ )—
Kaitha. କପିତ୍ଥ ଫଳ ଓ ଗଛ—Wood-apple; Feronia Elephantum; elephant-apple.

ସଂ. କପିତ୍ଥ; କପିପ୍ରିୟ; ଦନ୍ତଶଠ; ପୁଷ୍ପଫଳ; ଦଧିତ୍ଥ; ଗ୍ରାହୀ; ଗନ୍ଧଫଳ; ଚରପାକୀ
ହି. କଏଥ; କତବେଲ; କଏତବେଲ; କୟଥ
କଥା; କତବେଲ; କଵିଥ
ମ. କାଉଥ; କୈଥ; କବଠ
ଗୁ. କେଥା; କବିଟ; କୋଷ୍ଠ
ଭା. କଇତ୍ଥ; ବେଲ;
କଇତ୍ଥ; ବିଠାମ
ତେ. ଏଲ୍ଲକା; ବେଲଗା;
ଶ୍ୱେଲଙ୍ଗା; କପିତ୍ଥ (ଗାର୍ତ୍ତିକାର)

[ଦ୍ର—ନାରଙ୍ଗାଦି ବର୍ଗର ଗ୍ରାମ୍ୟ ବୃକ୍ଷ ବିଶେଷ; ଏଥିର ଡାଳରେ କଣ୍ଟା ଥାଏ । ଫଳର ଉପରେ ଟାଣୁଆ ଖୋଳ ଥାଏ, ଫଳ ଶରତ୍‌କାଳରେ ପାଚେ, ଭିତରର ଶସ ଲହୁଣୀ ପରି ଓ ଚେରୁଅ, ପାଚିଲେ ସାମାନ୍ୟ ମିଠା ଓ ଖଟା ଲାଗେ । ଅପକ୍ୱ କଇଥ ଧାରକ, କଷାୟରସ; ଲଘୁ ଓ ଲେଖନ ଗୁଣ ଯୁକ୍ତ । ପାଚିଲା କଇଥ ପିପାସା, ହିକ୍କା, ବାୟୁ ଓ ପିତ୍ତ ନାଶକ, ଏହା ଗୁରୁ, ଅଳ୍ପ କଷା, କଣ୍ଠ ଶୋଧକ, ଧାରକ ଓ ଦୁଷ୍ପାଚ୍ୟ ।]

**କଇଥା**—ଦେ. ବିଣ. ( ସଂ. କପିତ୍ଥ )—
Kaitha ୧ । ଉତ୍ତମ ରୂପେ ସିଝି ନ ଥିବା ଯୋଗୁଁ କଇଥ ପରି ଟାଣ ହୋଇଥିବା; ଦରସିଝା ( ଆଇଗଣ )—
1. Hard boiled; not well boiled ( vegetables )

୨ । ଉତ୍ତମରୂପେ ପାଚି ନ ଥିବାରୁ ଗଣ୍ଠିପୂଳା ହୋଇ କଇଥ ପରି ହାଡକୁ ଟାଣୁଆ ଲାଗୁଥିବା (ବଥ ଆଦି)—
2. Not well ripe ( boil ); hardened.

**କଇଦ୍** (ଇତ୍ୟାଦି)—ବୈଦେ. ବି. ( ଆ. କୟ୍ଦ୍ )—
Kaid etc. କଇଦ (ଇତ୍ୟାଦି) ( ଦେଖ ) Kaidi etc. ( See )

**କଇଦ**—ବୈଦେ. ବି ( ଆ. କୟ୍ଦ୍; ମୂଳ—ସଂ. କାରାବନ୍ଧନ )—
Kaidi ୧ । ଜେଲ୍‌ଖାନା; ବନ୍ଦୀଶାଳା—1. Prison; jail.
ହି. କଏଦ; କଏଦି ୨ । ଜେଲ୍‌ଖାନାରେ ବନ୍ଦୀ ହୋଇଥିବା ବ୍ୟକ୍ତି—
କୈଦ 2. Prisoner.

୩ । କାରାବନ୍ଧନ; ଜେଲରେ ବନ୍ଦୀ ହେବା—
3. Imprisonment; confinement.

୪ । ଅବରୋଧ; ଅଟକ—
4. Restraint.

ଦେ. ବିଣ—କାରାରୁଦ୍ଧ ବା ଜେଲ୍‌ଖାନାରେ ବନ୍ଦୀ ହୋଇଥିବା—
Imprisoned.

**କଇଦ କରିବା**—ଦେ.କ୍ରି—କୌଣସି ବ୍ୟକ୍ତିକୁ କାରାରୁଦ୍ଧ କରି ରଖିବା—
Kaidi kariba — To imprison a person.
ହି. କଏଦକରନା
କୈଦକରନା

**କଇଦଖାନା**—ବୈଦେ. ବି. ( ଆ. କୟ୍ଦ୍‌ଖାନା )—
Kaidikhana ଜେଲ୍‌ଖାନା; କାରାଗାର; ବନ୍ଦୀଶାଳା—
ହି. କଏଦଖାନା Prison; jail.
କୈଦଖାନା

**କଇଦ ଘର**—ଦେ. ବି. ( ଆ. କୟ୍ଦ୍+ସଂ. ଗୃହ )—
Kaidi ghara କଇଦଖାନା; କାରାଗାର; ବନ୍ଦୀଶାଳ—
ହି. କଏଦଖାନା Prison; jail.
କୈଦଖାନା

**କଇଦ ଦେବା**—ଦେ. କ୍ରି—୧ । କଇଦ କରିବା—
Kaidi deba 1. To imprison.
ହି. କଏଦଦେଓୟା ୨ । କୌଣସି ବ୍ୟକ୍ତିକୁ କାରାବାସ ଦଣ୍ଡ ଆଦେଶ
କୈଦଦେନା କରିବା—To order imprisonment as a punishment.

**କଇଦ ପାଇବା**—ଦେ.କ୍ରି—୧ । କାରାବାସ ଦଣ୍ଡ ପାଇବା—
Kaidi paiba 1. To be imprisoned.
ହି. କଏଦପାଓୟା ୨ । କାରାବାସ ଦଣ୍ଡାଜ୍ଞା ପାଇବା—
କୈଦପାନା 2. To be sentenced to imprisonment.

**କଇଦ ରଖିବା**—ଦେ. କ୍ରି—କଇଦ କରିବା ( ଦେଖ )
Kaidi rakhiba Kaidi kariba ( See )

**କଇଦଶାଳ**—ଦେ.ବି.(ଆ.କୟ୍ଦ୍+ସଂ.ଶାଳା)—କଇଦଖାନା (ଦେଖ)
Kaidisala Kaidikhana ( See )

**କଇଦ ହେବା**—ଦେ. କ୍ରି—୧ । କାରାବାସ ଦଣ୍ଡ ଭୋଗ କରିବା—
Kaidi heba 1. To be under imprisonment.
ହି. କଏଦହୋଓୟା ୨ । କାରାରୁଦ୍ଧ ହେବା—
କୈଦହୋନା 2. To be imprisoned.

ଦେ. କ୍ରି—କାରାଦଣ୍ଡ ଆଜ୍ଞା ପ୍ରାପ୍ତ ହେବା—
To be sentenced to imprisonment.

**କଇଫତ୍**—ବୈଦେ. ବି. ( ଆ. କୈଫିୟତ୍ )—
Kaiphat କାହିଁକି କର୍ମଭଙ୍ଗ ଘଟିଲା ବା କୌଣସି ଦୋଷ ବା
ହି. କୈଫିୟତ ତ୍ରୁଟି ଘଟିଲା, ଏଥିପାଇଁ ଦୋଷୀକୁ ଉପରସ୍ଥ ହାକିମ
କୈଫିୟତ ତଲବ କରିବା ବ୍ୟାଖ୍ୟା ବା ବିବରଣ; ସମଜାସି—
Explanation.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଅ | ଉଅ | ଙ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ଂ |

**କଇଫତ**—ବୈଦେ.ଗ୍ରା ବି. (ଆ. କୈଫିୟତ୍)—କଇଫତ୍ ( ଦେଖ )
Kaiphati Kaiphat ( See )

**କଇଫିଅତ୍**—ବୈଦେ. ବି. ( ଆ. କୈଫିୟତ୍ )—କଇଫତ୍ ( ଦେଖ )
Kaiphiat Kaiphat ( See )

**କଇଫିଅତି**—ବୈଦେ. ବି. ( ଆ. କୈଫିୟତ୍ )—
Kaiphiati କଇଫତ୍ (ଦେଖ)
Kaiphat (See)

ବୈଦେ.ବିଣ. (ଆ)—ଯାହା ସମ୍ବନ୍ଧେ କୈଫିୟତ ଦେବାକୁ ପଡ଼େ—
Requiring explanation.
( ଯଥା—ଯେଉଁ ମକଦ୍ଦମାମାନ ଦାଏର ହେବା ସମୟରୁ ଏକ ବର୍ଷ ମଧ୍ୟରେ ଫଏସଲ୍ ନ ହୁଏ ସେଗୁଡ଼ିକ କଇଫିଅତି ମକଦ୍ଦମା ।)

**କଇବର୍ତ୍ତ**—ଗ୍ରା. ବି. (ସଂ. କୈବର୍ତ୍ତ)—କୈବର୍ତ୍ତ (ଦେଖ)
Kaibarta K<u>ai</u>bartta (See)

**କଇବଲ୍ୟ**—ଗ୍ରା. ପଦ୍ୟ. (ସଂ. କୈବଲ୍ୟ)—କୈବଲ୍ୟ (ଦେଖ)
Kaibalya K<u>ai</u>balya (See)

କେବା ନରସେ ଏହୁଭବେ
ଅମ୍ଭାର କଇବଲ୍ୟ ଲଭଇ । ଜଗନ୍ନାଥ. ଭାଗବତ ।

**କଇବାର**—ଗ୍ରା. ପଦ୍ୟ. ବି.— କଏବାର (ଦେଖ)
Kaibāra Kaebāra (See)

**କଇବ୍ରତ**—ଗ୍ରା. ବି. (ସଂ. କୈବର୍ତ୍ତ)—କୈବର୍ତ୍ତ (ଦେଖ)
Kaibrata K<u>ai</u>bartta (See)

ଯୋନ ହୋଇଲା ଜାଲମତ ।
କାମଦେବତା କଇବ୍ରତ । ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

**କଇମ**—ଦେ. ବି.—ବନ୍ୟ ପୁଷ୍ପବୃକ୍ଷବିଶେଷ—
Kaima A species of wild flowering tree.

ବକୁଳ କଦମ୍ବ କଇମ,
ମାଧବୀ ମାଳତୀ କୁସୁମ । ରୂପଚ. ପ୍ରେମପଞ୍ଚାମୃତ ।

**କଇରବ**—ଗ୍ରା. ପଦ୍ୟ. ବି. (ସଂ. କୈରବ)—କୁମୁଦ; କଇଁ—
Kairaba Water-lily.

କଇରବ ହାସୀ ମନୋହରବେଶୀ ବର୍ତ୍ତୁଳ ତୁଙ୍ଗ ସ୍ତନା
ମଧୁକରକେଶୀ ବାଣଜିଣାକ୍ଷୀ ମରମର୍ଥ ଚମନା । ବସ୍ତ୍ରନାଥ. ବଡନଳମ୍ୟ ।

**କଇରା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ.—କଅଁରା (ଦେଖ)
Kairā Kaañrā (See)
(କଇରୀ—ସ୍ତ୍ରୀ)

**କଇରାତ**—ଗ୍ରା. ପଦ୍ୟ. ବି. (ସଂ. କିରାତ)— କିରାତ (ଦେଖ)
Kairāta Kirāta (See)

କଇରାତ ମଧୁ କରୁଣ ମୂଷେ ପାଇ
ରଙ୍ଗ କରୁଦେଲେଟ ତାଙ୍କର ନୟନ । କୃଷ୍ଣସିଂହ ମହାଭାରତ. ଦ୍ରୋଣ ।

**କଇରୀ**—ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—କଇରାର ସ୍ତ୍ରୀଲିଙ୍ଗ—
Kairī Feminine of Kairā

ଦେ. ବି.—ଧାନ ଆଦି ରଖିବାପାଇଁ ବାଉଁଶ ବମ୍ବା ବେତବୁଣା ବଡ଼ ଓ ଗଭୀର ଆଧାର; କୋଡ଼ମେଇ—
A large receptacle of cane or bamboo wicker-work for storing grain.

**କଇରୀ କଣ୍ଟିଆ**—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି.—
Kairī kaṇṭiā କଇଁରୀ କଣ୍ଟିଆ (ଦେଖ)
Kaiñrī kaṇṭiā (See)

**କଇରୀ ତାଳ**—ପ୍ରାଦେ. (ସମ୍ବଲପୁର) ବି.—କପିଳବର୍ଣ୍ଣ ତାଳ ଫଳ—
Kairī tāla A sort of grey palm fruit.

**କଇଲଣ**—ଗ୍ରା. ବି. (ସଂ. କଲ୍ୟାଣ)—୧ । କଲ୍ୟାଣ; ଆଶୀର୍ବାଦ —
Kailāṇa 1. Blessing.
୨ । ଆଶୀର୍ବଚନ — 2. Benediction.

**କଇଲାସ**—ଗ୍ରା. ପଦ୍ୟ. ବି. (ସଂ. କୈଳାସ) —କୈଳାସ (ଦେଖ)
Kai<u>l</u>āsa K<u>ail</u>āsa (See)

କବା ସୁତେ କଇଲାସ ଉପାଡ଼ନ୍ତେ ଜାଣନ୍ତି ସେ ମୋତେ—ଭକ୍ତ. ବୈଦେହୀଶବିଳାସ ।

**କଇଲ୍ୟାଣ**—ଗ୍ରା. ବି. (ସଂ. କଲ୍ୟାଣ)—କଇଲଣ (ଦେଖ)
Kailyāṇa Kailāṇa (See)

**କଇସାରି**—ଗ୍ରା. ବି—କଂସାରି ( ଲତା ) ୨. ( ଦେଖ )
Kaisāri Kaṁsāri ( creeper ) 2. ( See )

**କଉ**—ଦେ. ବି. ( ସଂ. କବୟୀ ,—ପଙ୍କରେ ରହୁବା ଏକପ୍ରକାର ମାଛ—
Kau Anabus Scandens (fish).

ସଂ. କବୟୀ; କବକା; କ୍ରକଚପୃଷ୍ଠୀ
କଇ
ଝୁଂଆ

[ ଦ୍ର—ଏମାନେ ଲମ୍ବରେ ଦଶ ଆଙ୍ଗୁଳ ପର୍ଯ୍ୟନ୍ତ ବଢ଼ନ୍ତି ଓ ଅଳ୍ପ ପାଣିରେ ବହୁତ ଦିନ ବଞ୍ଚି ରହି ପାରନ୍ତି । ଏମାନଙ୍କର ଗାଲସି ଓ ପିଠି ଉପରର ପକ୍ଷ ବା ଡେଣା କରାତ ପରି ଦାନ୍ତୁଆ ଓ କଣ୍ଟାଳିଆ । ଅଳ୍ପମାତ୍ରାରେ ଗଡ଼ୁଥିବା ପାଣିର ଧାରରେ ସୁଅର ବିପରୀତ ଦିଗରେ ଏମାନେ ଉଜାଣି ଉଠନ୍ତି, ଏପରି ମଧ୍ୟ ଦେଖାଯାଇଅଛି ଯେ, ତାଳଗଛ କଣ୍ଡାରୁ ବହି ଆସୁଥିବା ବର୍ଷଣ ପାଣିର ଧାର ବାଟେ ତାଳ ଗଛ ଉପରକୁ କଉମାଛ ଉଠିଯାଆନ୍ତି । ଏ ମାଛ ରୋଗୀର ପଥ୍ୟ । ବୈଦ୍ୟଶାସ୍ତ୍ର ମତରେ ଏହା ମଧୁର ରସ, ସ୍ନିଗ୍ଧ, କଫପ୍ରଶମକ, ରୁଚକାରକ, କଣ୍ଠର ପିତ୍ତକର, ବାୟୁନାଶକ ଓ ଅଗ୍ନି ବର୍ଦ୍ଧକ । ଏହାର ମୁଣ୍ଡଭିତରେ ଗୋଡ଼ ପରି ଠାଣୁଆ ଖଣ୍ଡମାନ ଥାଏ । କଉମାଛ ପାଣିଭିତରେ ଥିବା ମଶାଡିମ୍ବ ଓ କୀଟାବସ୍ଥାରେ ଥିବା ମଶାଙ୍କୁ ଖାଇଯାଆନ୍ତି । ]

**କଉଁ**—ଗ୍ରା. ସର୍ବ. ( ସଂ. କମ୍ )—କେଉଁ; କି—
Kauñ What; which.

କଉଁ ଗୁଣେ କଉଁ ଲାଭ ହେବ ସମ—ସାଳବେଗ ଜଣାଣ ।

**କଉଁକ୍ଷ**—ଗ୍ରା. ବି. ( କଠାରୁ କ୍ଷ ପର୍ଯ୍ୟନ୍ତ; ଏଥିରେ ପ୍ରତି ପଦର ଆଦ୍ୟ
Kauñksha ଅକ୍ଷର ଯଥାକ୍ରମେ କ, ଖ, ଗ, ଘ ଏହିପରି କ୍ଷ ପର୍ଯ୍ୟନ୍ତ ଥିବାରୁ )—ଚଉତିଶା ( ଦେଖ )
Chautiśā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପରି ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଉଁଟା**—ଗ୍ରା. ସର୍ବ. ( ଅନାଦରାର୍ଥକ )—କେଉଁ ବ୍ୟକ୍ତି ବା ବସ୍ତୁ—
Kaunta — Which (thing or person).

**କଉଁଟି**—ଗ୍ରା. ସର୍ବ. ( ଆଦରାର୍ଥକ )—କେଉଁ ବ୍ୟକ୍ତି ବା ବସ୍ତୁଟି—
Kaunti — Which one.

**କଉଁଠା**—ଗ୍ରା. ବି. ( ସଂ. କମ୍ ଓ ସ୍ଥାନ )—କେଉଁ ସ୍ଥାନ—
Kauntha — What place; which place.
ଗ୍ରା. ବିଣ—କେଉଁ ସ୍ଥାନର—Of what place.

**କଉଁଠାଇଁ**—ଗ୍ରା. ଅ—କଉଁଠି ( ଦେଖ )
Kaunthain — Kaunthi ( See )

**କଉଁଠାଉଁ**—ଗ୍ରା. ଅ—କଉଁଠୁଁ ( ଦେଖ )
Kaunthaun — Kaunthun ( See )

**କଉଁଠି**—ଗ୍ରା. ଅ—କେଉଁଠାରେ; କେଉଁ ସ୍ଥାନରେ—
Kaunthi — In which place.

**କଉଁଠୁଁ**—ଗ୍ରା. ସର୍ବ—କେଉଁଠାରୁ; କେଉଁ ସ୍ଥାନରୁ—
Kaunthun — Whence; from which place.

**କଉଁଠେଇଁ**—ଗ୍ରା. ସର୍ବ—କେଉଁଠାରେ; କାହିଁ—
Kauntheiṅ — Where; in which place.

**କଉଁରା**—ପ୍ରାଦେ. ( ଲରିଆ ) ବି.—ଗୁଣ୍ଡା; ଚୂର୍ଣ୍ଣ—
Kaunra — Powder.

**କଉଁରିଆ**—ପ୍ରାଦେ. ( ସମ୍ବଲପୁର ) ବି.—କାଉଁରିଆ ( ଦେଖ )
Kaunria — Kāunria ( See )

**କଉଁସିଲ**—ବୈଦେ. ବି. ( ଇଂ. କାଉନ୍ସିଲ୍ )—କାଉନ୍ସିଲ୍ ( ଦେଖ )
Kaunsila — Kāunsil ( See )

**କଉଁସିଲା**—ଗ୍ରା. ବିଣ—କଉଣସିଲା ( ଦେଖ )
Kaunsilā — Kaunasilā ( See )

**କଉକଉଆ**—ଦେ. ବି. ( ସଂ. କେମୁକ )—ଜଳାସନ୍ନାଜାତୀୟ ବନ୍ୟଶାକବିଶେଷ—Costus Speciosus Alpina.
Kaukauā
ସଂ. କେମୁକ, କେବୁକ, ପେଚୁ, ପେଚକା, ଦଳସାରଣୀ ।
କେଉଁ (ମୂଳ) [ ଦ୍ର—ଏହା ପ୍ରାୟ ମଣିଷେ ଉଚ୍ଚ ବଢ଼େ; ସାପର
କେଉଆ — କୁଣ୍ଡଳୀ ଭଳି ଏହାର ପତ୍ର ମୋଡ଼ମୋଡ଼କା, ଫଳ
ମ. କୋବା — ଛନପାଖୁଡ଼ିଆ, ଫୁଲ ଧଳା ଓ ବଡ଼, ଏହାର ମୂଳ
ଅ. କନ୍‌କଲବ୍ — ଔଷଧରେ ଲାଗେ; ଏହା କଫ, ପିତ୍ତ, ଜ୍ୱର, କୁଷ୍ଠ,
ଫା. କଲମ୍ — କାଶ, ପ୍ରମେହ ଓ ରକ୍ତଦୁଷ୍ଟିନାଶକ । ]

**କଉକଉକା**—ଦେ. ବି. ( ସଂ. କେମୁକ )—କଉକଉଆ ( ଦେଖ )
Kaukaukā — Kaukauā ( See )

**କଉକତରା**—ପ୍ରାଦେ. (ବାଲେଶ୍ୱର) ବି—କଳିକତରା ( ଦେଖ )
Kaukatarā — Kalikatarā ( See )

**କଉକନା**—ଦେ. ବି—ନଖ ତଳୁ ବା ନଖଦେଶରୁ ଉଠିଥିବା କ୍ଷୁଦ୍ର ଚର୍ମଖଣ୍ଡ—Small strips of skin coming out from the base of the finger-nails.
Kaukanā

**କଉଚ**—ବୈଦେ. ବି. ( ଇଂ. କାଉଚ୍ )—କାଉଚ୍; ଏକପ୍ରକାର ସୌଖୀନ୍ ଖଟ—Couch.
Kaucha

**କଉଚିଆ**—ଦେ. ବି—୧ । ପକ୍ଷିବିଶେଷ—1. A kind of bird.
Kauchiā — ୨ । କଳିଚା ( ଦେଖ )
2. Kalichā ( See )

**କଉଟା**—ପ୍ରାଦେ. ( ସମ୍ବଲପୁର ) ବି—( ସଂ. କଟ ଧାତୁ=ଆବରଣ କରିବା )—ଡବା; ବଟା; ଫରୁଆ—
Kautā — A small wooden or metal box.
କୌଟା
କୌଟା

**କଉଡ଼**—ଗ୍ରା. ବି. ( ସଂ. କପର୍ଦ୍ଦକ )—କଉଡ଼ି ( ଦେଖ )
Kaurda — Kaurdi ( See )

**କଉଡ଼ି**—ଦେ ବି. ( ସଂ. କପର୍ଦ୍ଦକ )—୧ । କପର୍ଦ୍ଦକ; ସମୁଦ୍ରଜାତ ଏକ ପ୍ରକାର ସାନ ଶାମୁକାର ହାଡ଼—
Kaurdi
କଡ଼ି — 1. A small marine shell.
କୌଡ଼ି — ୨ । ପୂର୍ବେ ମୁଦ୍ରାରୂପେ ବ୍ୟବହୃତ କପର୍ଦ୍ଦକ—
2. Shell formerly current as money.
[ ଦ୍ର—ପୂର୍ବେ ଏହା ଆମ ଦେଶରେ ଧନରୂପେ ବ୍ୟବହୃତ ହେଉଥିଲା । ଗୋଟିଏ କଉଡ଼ି=ଏକ କଡ଼ା; ୪କଡ଼ା=୧ଗଣ୍ଡା; ୫ଗଣ୍ଡା=୧ବୋଡ଼ି; ୨୦ ଗଣ୍ଡା=୧ପଣ; ୧୬ପଣ=୧କାହାଣ । ]
ଗୁହଳ ପାଞ୍ଚ ମାଣ କଉଡ଼ି ପାଞ୍ଚ ବୋଡ଼ି । ସାରଳା-ମହାଭାରତ ।
୩ । ( ଲକ୍ଷଣାର୍ଥ ) ଧନ—3. Riches.
କଉଡ଼ି ଖାଇ ବିକେ ହୋଇଲେ ପ୍ରମୋଦ । କୃଷ୍ଣସିଂହ. ମହାଭାରତ. ଅନ ।
୪ । ( ଲକ୍ଷଣାର୍ଥ ) ମୂଲ୍ୟ; ଦାମ—4. Price; value.
ଦରଜିକୁ କଉଡ଼ି ଦେବ ଏପରି ସାମର୍ଥ୍ୟ ନାହିଁ । ରାଧାନାଥ. ଚନ୍ଦ୍ରଭାଗା ।
୫ । ( ଲକ୍ଷଣାର୍ଥ ) ନଗଦ ଧନ—5. Hard cash.
ଦେ. ବିଣ—ମହାର୍ଘ—Dear.
କୋମଳ ପତ୍ର ହେ ଇଛି କଉଡ଼ି
ବେ କେଉଁ ଅବା ଅଣ୍ଟକୁ ଲୋଡ଼ି । ଗୋପାଳକୃଷ୍ଣ. ରସକଲ୍ଲୋଳ ।

**କଉଡ଼ିଆ**—ଦେ.ବିଣ. (ସଂ.କପର୍ଦ୍ଦ)—୧ । ମୂଲ୍ୟବାନ; ଦାମୀ (ପଦାର୍ଥ)—
Kaurdiā — 1. Valuable.
୨ । ଧନୀ; ଧନବାନ୍—2. Rich.
୩ । କଉଡ଼ି ପରି ଟାଣୁଆ ଓ ଗୋଟାଳିଆ—
3. Hard as shell.
( ଯଥା—ଅଟା ବା ଗୁଣ୍ଡିଲଚୂନାକୁ ପାଣିରେ ପକାଇ ନ ଗୋଳିଲେ କିମ୍ବା ଚୁଲିରେ ବସାଇ ନ ଘାଣ୍ଟିଲେ ତାହା କଉଡ଼ିଆ ହୋଇଯାଏ; ଅର୍ଥାତ୍ ଗୋଟାଗୋଟା ଟାଣୁଆ ଗୁଳାମାନ ଧରିଯାଏ । )
ପ୍ରାଦେ. ( ସମ୍ବଲପୁର ) ବି—
୧ । ପେଡ଼ିପେଡ଼ିକା ( ଦେଖ )
1. Perdiperdikā ( See )
ପ୍ରାଦେ. ( ବାଲେଶ୍ୱର ) ବି—୨ । ଯେଉଁ ଜମି ଭାଗ ଦିଆ ନ ଯାଇ କେବଳ ଖଜଣା ପାଇଁ ରଇତଙ୍କୁ ଲଗାଯାଏ—
2. (land) Let out on cash-rent.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଜ୍ଞ |

**କଉଡ଼ିଆବିଣାୟକ**—ଦେ. ବି—କଉଡ଼ିଆବିଣାକ ( ଦେଖ )
Kaurdiābināyaka Kaurdiābināka ( See )

**କଉଡ଼ିକାମ**—ଦେ. ବି—କଉଡ଼ି ଦ୍ୱାରା ସୁନ୍ଦରଭାବେ ଭୂଷିତ ହୋଇଥିବା
Kaurdikāma ମାଳ, ମାଣ, ଗଉଣୀ ଆଦି—
Wicker work overlaid with shells;
Necklace strung with shells.
[ ଦ୍ର—କଉଡ଼ି ପେଟରେ ସୂତା ଗଳାଇ ଦର୍ପଣ, ମାଣ, ଗଉଣୀ, ବାକ୍ସଣୀ ଆଦିର ଉପରେ ନାନା ପ୍ରକାର କାରୁକାର୍ଯ୍ୟ କରାଯାଏ । ]

**କଉଡ଼ି ଖେଳ**—ଦେ. ବି—କଉଡ଼ି ଦ୍ୱାରା ଖେଳା ହେବା ନାନାପ୍ରକାରର
Kaurdi khela ଖେଳ—Indoor game played with
**ଗଦା** marine shells.
[ ଦ୍ର—ଏ ଖେଳ ସାଧାରଣତଃ ମାଇପେ ଓ ପିଲାଏ ଖେଳନ୍ତି । ନାନାପ୍ରକାରର କଉଡ଼ି ଖେଳ ଅଛି, ଯଥା—ଢସିପାଞ୍ଚି ବା ପାଞ୍ଚିଢେକ ( ୬ କଡ଼ି କଉଡ଼ିରେ ଖେଳାଯାଏ ), ଷୋଳଗୋଟି ( ୪ କଡ଼ି ), ଆଠପଚଣ ( ୭ କଡ଼ି ), ଦାଡ଼ଦାଡ଼କା ( ୬ କଡ଼ି ), ଛିପାଛପି ( ୫ କଡ଼ି ) । କଉଡ଼ି ଖେଳରେ ୨ ବା ୪ ଜଣ ଖେଳାଳି ଖେଳନ୍ତି । ଖେଳାଳିମାନେ କଉଡ଼ିତକ ମୁଠାରେ ମୁଠାଇ ତାହାପରେ ମୁଠାକୁ ଫିଟାଇ ଦେଇ କଉଡ଼ିତକ ଭୂଇଁରେ ପକାଇ ଦିଅନ୍ତି । ଯେତେ କଡ଼ି କଉଡ଼ି ମୁହଁମାଡ଼ ( ମାଠ ) ହୋଇ ଭୂଇଁରେ ପଡ଼େ କମ୍ବା ଚିତିମାଡ଼ ( ଚିତ ) ହୋଇ ପଡ଼େ ସେହି ଅନୁସାରେ ଦାନମାନଙ୍କର ଭିନ୍ନ ଭିନ୍ନ ନାମ ଅଛି, ଯଥା—୧ କଡ଼ି କଉଡ଼ି ଚିତ ହେଲେ କସି ବା ଦଶ, ୨ କଡ଼ି ଚିତ ହେଲେ ଦୁଗା ବା ଲେକା, ୩ କଡ଼ି ଚିତ ହେଲେ ତିନ, ୪ କଡ଼ି ଚିତ ହେଲେ ଚଉର ବା ଚଉଆର; ୫ କଡ଼ି ଚିତ ହେଲେ ପାଞ୍ଚ ବା ପଚଶ, ୬ ବା ୭ କଡ଼ି ଚିତ ହେଲେ ବାର ବା ବାଆର; ୬ ବା ୭ କଡ଼ି ମାଠ ହେଲେ ଛକା । ଦାନମାନଙ୍କ ଅନୁସାରେ ଖେଳାଳିମାନେ ନିଜ ନିଜର ସାରମାନଙ୍କୁ ଭୂଇଁରେ କଟା ହୋଇଥିବା ଘରରେ ସେହିକ ଲେଖାଏଁ ଘର ଚଳାନ୍ତି । ]

**କଉଡ଼ି ପତର**—ଗ୍ରା. ବି. ( ନିରର୍ଥକ ଦ୍ୱିତ୍ୱପ୍ର ସହଚର )—
Kaurdi patara ପଇସାପତ୍ର; ଟଙ୍କାଠୋକର; ଧନ—
Riches; cash; money.

**କଉଡ଼ିପତ୍ର**—ଦେ. ବି—କଉଡ଼ିପତର ( ଦେଖ )
Kaurdipatra Kaurdipatara ( See )

**କଉଡ଼ିଭାଗିଆ**—ଦେ. ବି—କେଉଟ ଆଦି ହାଡ଼ିଆ ଜାତିଙ୍କ ବେବେହେରାଠାରୁ
Kaurdibhāgiā ଚିଠି ନେଇ ଜାତିଭାଇଙ୍କ ମଧ୍ୟରେ ଫେରାଇ ଜାତି-ସମ୍ବନ୍ଧୀୟ ଖବର ସେମାନଙ୍କୁ ଜଣାଇ ଦେଉଥିବା ବ୍ୟକ୍ତି—
A carrier of letters regarding caste-matters amongst the Hātuā Śūdras.

**କଉଡ଼ିମାଳ**—ଦେ. ବି. ( ସଂ. କପର୍ଦ ଓ ମାଳା )—
Kaurdimāla ୧ । କଉଡ଼ି ପେଟରେ ସୂତା ଗଳାଇ ଗୁନ୍ଥାଯିବା ହାର—1. A necklace of shells.
୨ । କଉଡ଼ି ପରି ଆକାରର ଗୁଳିରେ ଗୁନ୍ଥା ସୁନାର ହାର—
2. A gold necklace whose beads resemble shells in shape.

**କଉଡ଼ିମାଳି**—ଦେ. ବି—କଉଡ଼ିମାଳ ( ଦେଖ )
Kaurdimāli Kaurdimāla ( See )

**କଉଡ଼ିମାଳିଆ**—ଦେ. ବିଣ—ଯେ ବେକରେ କଉଡ଼ିମାଳ ପିନ୍ଧେ—
Kaurdimālia Wearing a necklace of shells.
କଉଡ଼ିମାଳିଆ ସବୁଙ୍କ ଛତ । କବିସୂର୍ଯ୍ୟ. ହାସ୍ୟକଲ୍ଲୋଳ ।

**କଉଡ଼ିହାର**—ଦେ. ବି—କଉଡ଼ିମାଳ ( ଦେଖ )
Kaurdihāra Kaurdimāla ( See )

**କଉଣପ**—ଗ୍ରା. ( ପଦ୍ୟ ) ବି. ( ସଂ. କୌଣପ )—ରାକ୍ଷସ; ଅସୁର—
Kaunapa Demon.

**କଉଣସି**—ଦେ. (ପଦ୍ୟ) ସର୍ବ. ( ସଂ. କମ୍; ପ୍ରା. କବଣ )—
Kaunasi ୧ । କୌଣସି; କେଉଁ; କି—1. Which; what.
**କୋନ** କଉଣସି କଥା କାମନା ନ କରବ । କୃଷ୍ଣସିଂହ. ମହାଭାରତ. ଅଦି ।
**कौनसा** ୨ । କେହି ଜଣେ ଲୋକ ବା ପ୍ରାଣୀ ବା ବସ୍ତୁ—
2. A certain person, animal or thing.

**କଉଣସିଲି**—ଗ୍ରା. ସର୍ବନାମ—କଉଣସି ( ଦେଖ )
Kaunasilā Kaunasi ( See )

**କଉତର**—ପ୍ରାଦେ. (ବାଲେଶ୍ୱର) ବି—କଉକତର ( ଦେଖ )
Kautarā Kaukatarā ( See )

**କଉତୁକ**—ଗ୍ରା. (ପଦ୍ୟ) ବି. (ସଂ. କୌତୁକ)—କୌତୁକ (ଦେଖ)
Kautuka Kautuka (See)
ଦ୍ରୌପଦୀ ପାଶେ ସୁଭଦ୍ରା ବସିଥିଲେ
ହାସ୍ୟରସ କଉତୁକ କରୁଥିଲେ ।
କୃଷ୍ଣସିଂହ ମହାଭାରତ. ଅଦି ।

**କଉତୁକା**—ଗ୍ରା. (ପଦ୍ୟ) ବିଣ. (ସଂ. କୌତୁକ)—ସୁନ୍ଦର; ମନୋହର—
Kautukā Beautiful; charming.
କୃଷ୍ଣର ପାଦପଦ୍ମ ରେଖା । ତେଣୁ ଏ ଜଗତ କଉତୁକା ।
ଜଗନ୍ନାଥ. ଭାଗବତ ।

**କଉତୁକିଆ**—ଗ୍ରା. ବିଣ—କୌତୁକିଆ (ଦେଖ)
Kautukiā Kautukiā (See)

**କଉପ**—ଦେ. (ପ୍ରାଚୀନ ପଦ୍ୟ) (ସଂ. କୌଶେୟ ?) ବି.—କ୍ଷୁଦ୍ର ଶୀତବସ୍ତ୍ର-
Kaupa ବିଶେଷ—A kind of warm dress.
କଉପେ କଉପ ଅଙ୍ଗେ ଦେଇ । କମଳପ୍ରତି ଚିତ୍ରରାଣ ଲଗାଇ ।
ଗୋପକୃଷ୍ଣ. ରସକଲ୍ଲୋଳ ।

**କଉପିନି**—ଗ୍ରା. ବି. (ସଂ. କୌପୀନ)—କୌପୀନ; ଲେଙ୍ଗୁଟି; ଚୀର-
Kaupini ବସନ ।
**कप्नी** A narrow strip of rag worn to cover
**कफनी** the private parts.
[ ଦ୍ର—ବ୍ରହ୍ମଚାରୀ ଓ ବୈରାଗୀମାନେ ଏହା ପିନ୍ଧନ୍ତି ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁଧ' ନ ପାଇଲେ 'ଅଗଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**କଉପୀନ**—ଗ୍ରା. (ପଦ୍ୟ) ବି. (ସଂ. କୌପୀନ)—କଉପିନି (ଦେଖ)
Kaupīna Kaupini (See)

ମେଖଳା ଚର୍ମ କଉପୀନ । ଦଣ୍ଡକମଣ୍ଡଳୁ ଧାରଣ ।
ଜଗନ୍ନାଥ. ଭାଗବତ ।

**କଉପୁନି**—ଦେ. ବି. (ସଂ. କୌପୀନ)—କଉପିନି (ଦେଖ)
Kaupuni Kaupini (See)

**କଉପୁନିଆଁ**—ଦେ. ବିଣ. (ସଂ. କୌପୀନଧାରୀ)—ଯେଉଁ ଲୋକ
Kaupuniān̐ କଉପୁନି ମାରିଥାଏ—Wearing a narrow strip of rag along the private parts.

**କଉପୁନି ମାରିବା**—ଦେ. କ୍ରି.—ଅଣ୍ଟା ଗୁହ୍ୟପାଖେ ଡୋରି ବାନ୍ଧି ନାହି
Kaupuni māribā ତଳେ କଉପୁନିର ଗୋଟିଏ ପାଖକୁ ସେହି
କପ୍ନୀ ମାରା ଡୋରରେ ଛନ୍ଦି ପୁଡ଼ାତଳ ବାଟେ କଉପୁନିର ଅନ୍ୟ
कफनी मारना ପାଖକୁ ନେଇ ପଛପଟେ ଖୋସିବା—
To wear a narrow strip of rag tucked along the private parts.

**କଉଫାସିଆ**—ଦେ. ବି.—କଉଜାତୀୟ ଶ୍ରେଷ୍ଠ ମାଛ—
Kauphāsiā A small fish of the class of Anabas.
ଖଳସେ [ଦ୍ର—ଏମାନଙ୍କ ମୁହଁ ତଳେ ବାଳ ପରି ଦୁଇଟି କଣ୍ଟା ଥାଏ,
খলসী କଉମାଛ ପରି ଏମାନଙ୍କ ଡେଣାରେ କଣ୍ଟା ନ ଥାଏ ।
খলিসা ଲମ୍ବରେ ଏମାନେ ଛ ଅଙ୍ଗୁଳ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନେ
खलसा ମଶାଡିମ୍ବ ଓ କୀଟ ଅବସ୍ଥାରେ ଥିବା ମଶାଙ୍କୁ ଖାଇଯାନ୍ତି ।]

**କଉଳବ୍ରତୀ**—ଗ୍ରା. (ପ୍ରାଚୀନ ପଦ୍ୟ) ବିଣ. ସ୍ତ୍ରୀ (ସଂ. କୁଳ + ବ୍ରତ)—
Kau̱labrati ପତିବ୍ରତା; ସତୀ—Chaste (woman); devoted (wife).

କଉଳବ୍ରତୀବ୍ରତ ହିନ୍ଦୁ କୁମ୍ଭକ । ସୂର୍ଯ୍ୟବଂଶୀ ଧ୍ୱନ ମନ୍ତ୍ର ଦୀକ୍ଷା ଅଗ୍ରର୍ଯ୍ୟ ।
ଅଚ୍ୟୁତାନନ୍ଦ. ବଡ଼ଗୁପ୍ତଚିନ୍ତାମଣି ।

**କଉଶ**—ପ୍ରାଦେ (ପାରଳୁଦ) ବି—କଠାଉ—
Kauśa Wooden sandals.

**କଉଶଳ**—ଗ୍ରା. (ପଦ୍ୟ) ବି.—(ସଂ. କୌଶଲ) – ୧ । କୌଶଲ (ଦେଖ)
Kauśa̱la 1. K͟a͟u͟śa̱la (See)
୨ । କୋଶଳ ଦେଶ ବା ରାଜ୍ୟ—2. The kingdom of Kośa̱la.

କଉଶଳେ କଉଶଳେ ଭଗର ଯାଉ ।
ଭଞ୍ଜ. ପ୍ରେମସୁଧାନିଧି ।

**କଉଶଲ୍ୟା**—ଗ୍ରା. ବି. (ନାମ) ସ୍ତ୍ରୀ (ସଂ. କୌଶଲ୍ୟା)—କୌଶଲ୍ୟା; ରାମଙ୍କର
Kauśalā ମାତା—K͟a͟u͟śalyā, the mother of Rāma.

**କଉଶଲ୍ୟାଗଙ୍ଗ**—ଦେ. ବି (ନାମ) (କୌଶଲ୍ୟା ଓ ଗଙ୍ଗେଶ୍ୱର)—
Kauśalāgaṅga ପୁରୀ ଜିଲ୍ଲାର ଭୁବନେଶ୍ୱର ନିକଟସ୍ଥ ଧଉଳି-
ଗିରିର ପାଦଦେଶରେ ଓ ଦୟାନଦୀର ଅଦୂରରେ ଥିବା ଗୋଟିଏ ପ୍ରାଚୀନ ଜଳାଶୟ—Name of an ancient tank near Bhubaneswar in the Puri district.

[ ଦ୍ର—ଏହା ଓଡ଼ିଶାର ଗଙ୍ଗବଂଶୀୟ ରାଜା କାମାର୍ଣ୍ଣବ ଗଙ୍ଗେଶ୍ୱର ଦେବ ( ୧୧୧୨ - ୧୧୨୨ଖ୍ରୀ. ) ଖୋଳାଇଥିଲେ । ପ୍ରଥମେ ଏହାର ଆକୃତି ଏକ କ୍ରୋଶ ବାହୁବିଶିଷ୍ଟ ଗୋଟିଏ ବର୍ଗ-କ୍ଷେତ୍ର ପରି ଥିଲା ଏବଂ ଏହା ମଝିରେ ଗୋଟିଏ ଦ୍ୱୀପ ଥିଲା ଓ ସେ ଦ୍ୱୀପରେ ଗୋଟିଏ ରାଜଭବନ ନିର୍ମିତ ହୋଇଥିଲା; ଗୋଟିଏ ପକ୍କା ସୁଡ଼ଙ୍ଗଦ୍ୱାରା ଏହା ଦୟାନଦୀ ସଙ୍ଗେ ସଂଯୁକ୍ତ ହୋଇଥିଲା । ପ୍ରାଚୀନ ଉତ୍କଳର ରାଜଧାନୀ ତୋଷାଳି ଏହା କୂଳରେ ଥିବାର ଅନୁମିତ ହୁଏ । ବର୍ତ୍ତମାନ ଏହାର ଚାରିପାଖରୁ କେତେକ ଅଂଶ ପୋତି ହୋଇ ଗଲାଣି । ]

**କଉଶଳିଆ**—ଗ୍ରା. ବିଣ. (ସଂ. କୌଶଳୀ)—କୌଶଳୀ ( ଦେଖ )—
Kauśa̱liā K͟a͟u͟śa̱li ( See )

**କଉଶଳୀ**—ଗ୍ରା (ପଦ୍ୟ) ବିଣ (ସଂ. କୌଶଳୀ)—କୌଶଳୀ ( ଦେଖ )—
Kauśa̱li K͟a͟u͟śa̱li (See)

**କଉଶିକ**—ଗ୍ରା. (ପଦ୍ୟ) ବି (ସଂ. କୌଶିକ)—୧ । କୌଶିକ (ଦେଖ)—
Kauśika 1. K͟a͟u͟śika (See)

(ବିଶ୍ୱାମିତ୍ର ଅର୍ଥରେ) ବୋଇଲେ ଦେଲେ କଉଶିକ ଯେ—ଭଞ୍ଜ. ବୈଦେହୀଶବିଳାସ ।
(ବିଶ୍ୱାମିତ୍ର ଓ ପେଚକ ଅର୍ଥରେ) ବଧିରେ ଉଦୟଗିରି ଉପର,
ବିହାରକାରୀ କଉଶିକର । ଭଞ୍ଜ. ବୈଦେହୀଶବିଳାସ ।
(ଶାପୁଆଡ଼େଳା ଓ ଇନ୍ଦ୍ର ଅର୍ଥରେ) ଅହି ନକରିଥିବ ନଷ୍ଟେ ତହିଁର ସୁରସତ କଉଶିକ,
ସତ କଉଶିକ ଭୂତଦାୟି ଦ୍ରୋହ ନାହିଁ କାମିନୀଙ୍କରଙ୍କ ।
ଭଞ୍ଜ. ପ୍ରେମସୁଧାନିଧି ।

୨ । (ସଂ. କୌଶିକୀ)—ନଦୀବିଶେଷ—
2. Name of a river.

ମଧ୍ୟେ କଉଶିକ ନଦୀ ବହେ ଉତ୍ତରବାହିନୀ । ସାରଳା. ମହାଭାରତ ।

**କଉଶିକୀ**—ଗ୍ରା. ପଦ୍ୟ. ବି. ସ୍ତ୍ରୀ (ସଂ. କୌଶିକୀ)—ଗଙ୍ଗାର ଉତ୍ତରବାହିନୀ
Kauśiki ଉପନଦୀ; ବିହାରର ନଦୀବିଶେଷ—A tributary of the Ganges; a river in Bihar.

କରସ ହୋଇଣ ରଜା ବଶୁର ମନରେ,
ତପ ଆରମ୍ଭିଲ ଯାଇଁ କଉଶିକୀ ତୀରେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**କଉଶୁଲା**—ଗ୍ରା. ବି. (ନାମ) ସ୍ତ୍ରୀ—ରାମଜନନୀ; କୌଶଲ୍ୟା—
Kauśulā K͟a͟u͟śalyā, the mother of Rāma.

**କଉଶୁଲୀ**—ଗ୍ରା. ବି. (ନାମ) ସ୍ତ୍ରୀ—କୌଶଲ୍ୟା, ରାମଙ୍କ ମାତା—
Kauśuli K͟a͟u͟śalyā, the mother of Rāma.

**କଉଶେୟ**—ଗ୍ରା. ପଦ୍ୟ. ବିଣ (ସଂ. କୌଶେୟ)—କୌଶେୟ (ଦେଖ) —
Kauśeya K͟a͟u͟śeya (See)

ବାଉ ତେ ନ ହେଲେ ଶଙ୍ଖେ ଶଙ୍ଖେ ରତନ,
ବସାଇବ ଛାନି କଉଶେୟ ବସନ । ଭଞ୍ଜ. ବୈଦେହୀଶବିଳାସ ।

**କଉସ୍ତୁଭ**—ଗ୍ରା. ପଦ୍ୟ. ବି (ସଂ. କୌସ୍ତୁଭ)—କୌସ୍ତୁଭ ( ଦେଖ )—
Kaustubha K͟a͟u͟stubha (See)

**କଏ**—ପ୍ରାଦେ. ( ସମ୍ବଲପୁର ) ସର୍ବ. ( ସଂ. କିମ୍ ) ପ୍ରଶ୍ନାର୍ଥକ—
Kae କି; କଅଣ; କେଉଁ ?—What; which ?
( ଯଥା—ଶିଶୁଙ୍କୁ ପ୍ରଶ୍ନ—କିଏବ୍ ଡଗଡଗ କଏ ଗଛ ? କହ; ଏଥିର ଉତ୍ତର—'କହ'(=ଅର୍ଜୁନଗଛ) । )

| ୯ | ଉ | ଊ | ଋ,ଝ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | •ନ୍ତୁ |

**କଏଦ୍** (ଇତ୍ୟାଦି)—ବୈଦେ. ବି (ଅ)—କଇଦ ଇତ୍ୟାଦି (ଦେଖ)—
Kaed etc. Kaidi etc. (See)

**କଏଦି** (ଇତ୍ୟାଦି)—ବୈଦେ.—କଇଦି ଇତ୍ୟାଦି (ଦେଖ)—
Kaedi etc. Kaidi etc. (See)

**କଏବାର**—ଦେ. (ପ୍ରାଚୀନ ପଦ୍ୟ) ବି—୧ । ସ୍ତୁତିପାଠ; ଜୟଜୟକାର;
Kaebāra ସମ୍ବୋଧନ—1. Recital of praise; Eulogizing; panegyrics.

ଯାହାଙ୍କବଳେ କଏବାର କରନ୍ତି ଭାଟ—ସାରଳା. ମହାଭାରତ. ବନ୍ଦି ।

୨ । ସ୍ତୁତିପାଠକ; ଭାଟ—2. Herald; bard.

**କଂକଡ଼ୁ**—ପ୍ରାଦେ. (ସମ୍ବଲପୁର) ବି—କାଙ୍କଡ଼ (ଦେଖ)—
Kaṁkarḍu Kāṅkarḍa (See)

**କଂଶ**—ସଂ. ବି. (କମ୍ ଧାତୁ=ଇଚ୍ଛା କରିବା+ସଂଜ୍ଞାର୍ଥେ କର୍ତ୍ତୃ. ସ)—
Kaṁśa ୧ । ଅସୁରବିଶେଷ; ଶ୍ରୀକୃଷ୍ଣଙ୍କର ମାମୁଁ; ଉଗ୍ରସେନଙ୍କର ପୁଅ; ଏ ମଥୁରାର ଜନୈକ ପ୍ରାଚୀନ ରାଜା; କଂସ—
1. Maternal uncle of Śrikrushṇa.

[ପୁ—କଂଶ ଦ୍ୱାରକାର ରାଜା ଉଗ୍ରସେନଙ୍କର ପୁତ୍ର । ନାରଦଙ୍କଠାରୁ ଏ ଭବିଷ୍ୟଦ୍‌ବାଣୀ ଶୁଣିଥିଲେ ଯେ ଦେବକୀଗର୍ଭଜାତ ସନ୍ତାନ ଏହାଙ୍କୁ ବଧ କରିବେ । ତଦନୁସାରେ ଏ ନିଜ ଭଗିନୀ ଦେବକୀ ଓ ଭଗିନୀପତି ବସୁଦେବଙ୍କୁ ନିଜ ରାଜଧାନୀ ମଥୁରାର ବନ୍ଦୀଶାଳରେ ରଖି ତାଙ୍କର ସାତଗୋଟି ସନ୍ତାନଙ୍କୁ ଜନ୍ମମାତ୍ରେ ହତ୍ୟା କଲେ, କିନ୍ତୁ ଅଷ୍ଟମଗର୍ଭଜାତ ଶ୍ରୀକୃଷ୍ଣ ଜାତ ହେବା ମାତ୍ରେ ବସୁଦେବ ତାଙ୍କୁ ଗୋପନରେ ନେଇ ଗୋପପୁରରେ ନନ୍ଦଘରେ ରଖି ଆସିଲେ । କଂଶ ଶ୍ରୀକୃଷ୍ଣଙ୍କୁ ମରାଇବା ପାଇଁ ଅନେକ ଅସୁର ଅସୁରୀ ପଠାଇ ଅକୃତକାର୍ଯ୍ୟ ହେଲେ । ଶେଷରେ ଶ୍ରୀକୃଷ୍ଣଙ୍କୁ କପଟରେ ଧନୁଯଜ୍ଞକୁ ଡକାଇ ସେଠାରେ ମଲ୍ଲମାନଙ୍କ ଦ୍ୱାରା ତାଙ୍କୁ ମରାଇବାକୁ ଚେଷ୍ଟା କଲେ, କିନ୍ତୁ ଊଲଟେ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହେଲେ । ଉଗ୍ରସେନଙ୍କ ରାଣୀକୁ ଦ୍ରୁମିଳା ନାମକ ରାକ୍ଷସ ବଳପୂର୍ବକ ରମଣ କରିବାରୁ ସେହି ରାକ୍ଷସ ଔରସରେ କଂଶ ଜନ୍ମିଥିଲେ । ଏ ସ୍ୱୀୟ ପିତା ଉଗ୍ରସେନଙ୍କୁ କାରାବଦ୍ଧ କରି ମଥୁରାର ରାଜା ହୋଇଥିଲେ ଓ ଏହାଙ୍କ ମୃତ୍ୟୁ ପରେ ଉଗ୍ରସେନ ପୁଣି ମଥୁରାର ରାଜା ହେଲେ ।]

୨ । ବୃକ୍ଷବିଶେଷ; ମୁଣ୍ଡିକା ଗଛ (ଦେଖ)
2. A kind of plant; Muṇḍikā (See)

୩ । (+କର୍ମ. ସ) କଂଶା ନାମକ ଧାତୁ; ତମ୍ବା ଓ ରଙ୍ଗ ବା ଦସ୍ତାର ମିଶ୍ର ଧାତୁ—3. Bell-metal.

୪ । ସ୍ୱର୍ଣ୍ଣରଜତାଦି ନିର୍ମିତ ପାନପାତ୍ର—
4. A gold or silver drinking glass.

୫ । ତୈଜସ ଦ୍ରବ୍ୟ—5. Utensils.

୬ । ପରିମାଣ ପାତ୍ରବିଶେଷ—6. A measuring pot.

**କଂଶକ**—ସଂ.ବି.—୧ । (କଂଶ+ତୁଲ୍ୟାର୍ଥେ କ; ଏହାର ବର୍ଣ୍ଣ କଂସାପରି)—
Kaṁśaka ହିରାକସ (ଦେଖ)
1. Hirākasha (See)

୨ । କଂଶା ଧାତୁନିର୍ମିତପାତ୍ର (ହି. ଶବ୍ଦସାଗର)
2. A pot or vessel made of bell-metal.

**କଂଶ କଚଡ଼ା**—ଦେ. ବି. (କଂଶ ଯେଉଁପରି କଚଡ଼ା ଖାଇ ମରିଥିଲା)—
Kaṁśakacharḍā ନିର୍ଘାତ କଚଡ଼ା; ମନୁଷ୍ୟଙ୍କୁ ଊର୍ଦ୍ଧ୍ୱକୁ ଟେକି ଊର୍ଦ୍ଧ୍ୱରୁ ଜୋରରେ ତଳେ ଛେଚି ଦେବା—
A very strong dashing or throwing of a person on the ground.

**କଂଶକଚଡ଼ା ଖାଇବା**—ଦେ. କ୍ରି—ଖୁବ୍ ଜୋରରେ କଚଡ଼ା ହୋଇ
Kaṁśakacharḍā khāibā ପଡ଼ିବା—To get dashed to the ground.

**କଂଶକଚଡ଼ା ଦେବା**—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ଉପରୁ ଟେକି
Kaṁśakacharḍā debā ତଳକୁ କଚି ଦେବା—To dash or fell down a person on the ground.

**କଂଶକାର**—ସଂ. ବି. (କଂଶ+କୃ ଧାତୁ+କର୍ତ୍ତୃ. ଅ)—
Kaṁśakāra କଂଶା ବାସନ ତିଆରି କରିବା ଜାତି; କଂସାରି ବା ଅଠରଜାତି—A brazier.

**କଂଶକୃଷ୍**—ସଂ. ବି. (କଂଶ+କୃଷ ଧାତୁ=ମର୍ଦ୍ଦନ କରିବା+କର୍ତ୍ତୃ କ୍ୱିପ୍;
Kaṁśakrush ଯେ କଂଶଙ୍କୁ ମର୍ଦ୍ଦନ କରିଥିଲେ)—ଶ୍ରୀକୃଷ୍ଣ—
Śrikrushṇa.

**କଂଶଜିତ୍**—ସଂ. ବି. (କଂଶ+ଜି ଧାତୁ+କର୍ତ୍ତୃ କ୍ୱିପ୍; ଯେ କଂଶଙ୍କୁ ଜୟ
Kaṁśajit କରିଥିଲେ)—ଶ୍ରୀକୃଷ୍ଣ—Śrikrushṇa.

**କଂଶତାଳ**—ସଂ. ବି. (ମଧ୍ୟପଦଲୋପୀ; କଂଶାନିର୍ମିତ ତାଳ)—
Kaṁśatāla ଝାଞ୍ଜ । (ହି. ଶବ୍ଦସାଗର)—Cymbals.

**କଂଶନିସୂଦନ**—ସଂ. ବି. (୬ଷ୍ଠୀ ତତ୍; କଂଶ+ନିସୂଦନ=ବିନାଶକ)—
Kaṁśanisūdana ଶ୍ରୀକୃଷ୍ଣ—Śrikrushṇa.

**କଂଶବଣିକ**—ସଂ. ବି. (୬ଷ୍ଠୀ ତତ୍; କଂଶ+ବଣିକ୍)—
Kaṁśabaṇik ୧ । କଂଶକାର; କଂସାରି—1. A brazier.
୨ । ଯେ କଂଶା ବାସନ ବେପାର କରେ—
2. A trader in bellmetal.

**କଂଶହା**—ସଂ. ବି. (କଂଶ+ହନ୍ ଧାତୁ=ବଧ କରିବା+କର୍ତ୍ତୃ କ୍ୱିପ୍;
Kaṁśahā ଯେ କଂଶଙ୍କୁ ବଧ କରିଥିଲେ)—ଶ୍ରୀକୃଷ୍ଣ—
Śrikrushṇa.

**କଂଶାସୁର**—ସଂ. ବି. (ମଧ୍ୟପଦଲୋପୀ; କଂଶ ନାମକ ଅସୁର)—
Kaṁśāsura କଂଶ ୧ । (ଦେଖ)
Kaṁśa 1. (See)

**କଂସ** (ଇତ୍ୟାଦି)—ସଂ. ବି—କଂଶ (ଇତ୍ୟାଦି) (ଦେଖ)
Kaṁsa etc. Kaṁśa etc. (See)

**କଂସା**—ଦେ. ବି. (ସଂ. କଂଶ)—
Kaṁsā ୧ । ତମ୍ବା ଓ ରଙ୍ଗ ବା ଦସ୍ତାମିଶ୍ରିତ ଧାତୁ—
କାଁସା 1. Bell-metal.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳବ ତେବେ ସେହି ଶବ୍ଦ ପରି ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**बिद्री, काँसा** ୨ । କଂସା ଧାତୁରେ ତିଆରି ବଡ଼ ପାତ୍ର; ବେଲ୍ଲ—
2. A big pot made of bellmetal.

୩ । ପରିମାଣ ପାତ୍ରବିଶେଷ; ଅଢ଼ା—
3. A measure.

**କଂସାଇ**—ବୈଦେ. ବି. ( ଆ. କସ୍ସାଇ )—
Kamsāi ୧ । ଯେ ପଶୁ ହତ୍ୟା କରି ମାଂସ ବିକେ—
**कसाई** 1. Butcher.
**कसाइ** ୨ । କଂସାଇ ପରି ନିଷ୍ଠୁର ବ୍ୟକ୍ତି—
2. A person as cruel as a butcher.

୩ । ( ସଂ. କଂସାବତୀ )—କାଂସବାଂସ ନଦୀ; ବାଲେଶ୍ୱର ଜିଲ୍ଲାର ନଦୀବିଶେଷ—3. The name of a river in Balasore.

୪ । (ସଂ. କପିଶା) ମେଦିନୀପୁର ଜିଲ୍ଲାର ନଦୀବିଶେଷ—
4. A river in Midnapur district.

୫ । ଏକଜାତୀୟ ଚେମଡ଼ା ସରୁ ଲତା; ଏହା ଲଇରୂପେ ବ୍ୟବହୃତ ହୁଏ—5. A kind of fibrous creeper used as bandage to tie things.

ବିଣ—ଅତି ନିଷ୍ଠୁର ( ବ୍ୟକ୍ତି )—Very cruel (person).

**କଂସାଗିନା**—ଦେ. ବି—୧ । ( ସଦରର ) କଂସା ନିର୍ମିତ ବଡ଼ ଓ ସାନ
Kamsāginā ପାତ୍ରମାନ; ବେଲ୍ଲ ତାଟିଆ ଆଦି ବାସନକୁସନ—
**कांस्यबासन** 1. Plates and utensils.
**काँसाबासन**

୨ । (ମଧ୍ୟପଦଲୋପୀ) କଂସା ଧାତୁରେ ନିର୍ମିତ ଗିନା; କଂସାରେ ତିଆରି ତାଟିଆ—2. A cup made of bellmetal.

**କଂସାତମା**—ପ୍ରାଦେ. ( ସମ୍ବଲପୁର ) ବି. ( ସଦରର )—
Kamsātamā କଂସାଗିନା ୧ ( ଦେଖ )
Kamsāginā 1 ( See )

**କଂସାତାଟିଆ**—ଦେ. ବି—କଂସାଗିନା ( ଦେଖ )
Kamsātāṭiā Kamsāginā ( See )

**କଂସାଥାଳି**—ଦେ. ବି. ( ସଂ. କଂସ+ସ୍ଥାଲୀ )—
Kamsāthāḷi କଂସାଧାତୁନିର୍ମିତ ବଡ଼ ଚଟକା ବାସନ—
A tray of bellmetal.

**କଂସାଥାଳିଆ**—ଦେ. ବି—କଂସାଧାତୁନିର୍ମିତ ସାନ ଥାଳି—
Kamsāthāḷia A plate of bellmetal.

**କଂସାନୋଟା**—ଗ୍ରା. ବି. ( ସଦରର )—କଂସାଲୋଟା ( ଦେଖ )
Kamsānoṭā Kamsāloṭā ( See )

**କଂସାବତୀ**—ସଂ. ବି. ( ନାମ )—୧ । କଂସର ଭଉଣୀ; ଦେବଶ୍ରବାର
Kamsābatī ଭାର୍ଯ୍ୟା—1. The sister of Kamsa and the wife of Debaśrabā.

୨ । ବାଲେଶ୍ୱର ଜିଲ୍ଲାର କାଂସବାଂସ ନଦୀ—
2. The river Kamsabāmsa in the Balasore district.

**କଂସାବାସନ**—ଦେ. ବି—କଂସାଧାତୁରେ ତିଆରି ନାନାପ୍ରକାରର ପାତ୍ର—
Kamsābāsana Various plates and utensils of
**कँासाबासन** bellmetal.
**काँसाबासन**

**କଂସାରାତି**—ସଂ. ବି. ( ୬ଷ୍ଠୀ ତତ୍; କଂସ+ଅରାତି=ଶତ୍ରୁ )—
Kamsārāti କଂସର ଶତ୍ରୁ; ଶ୍ରୀକୃଷ୍ଣ—
Śrikṛushṇa; the enemy of Kamsa.

**କଂସାରି**—ସଂ. ବି. ( ୬ଷ୍ଠୀ ତତ୍; କଂସ+ଅରି=ଶତ୍ରୁ )—ଶ୍ରୀକୃଷ୍ଣ—
Kamsāri Śrikṛushṇa.

ଦେ. ବି ( ସଂ. କଂସକାର )—
୧ । କଂଶକାର ( ଦେଖ )
1. Kamśakāra ( See )

କଂସାରି ଘରର ପାରି, ଭୁଲ ଠାଇଁ ଠାଇଁ ଦର—ନ୍ୟାୟ ।

**छागलखुरी** ୨ । ବାଲିରେ ମାଡ଼ିଥିବା କଲମ୍ବାଦି ବର୍ଗର ଏକପ୍ରକାର ଲତା,
**छोपतीलता** ଏହାର ପତ୍ର ଛେଳି ଖୁରା ପରି ମଝିରେ ଖଣ୍ଡିତ, ଫୁଲ ଅମାଳ ରଙ୍ଗ; କଇଁସାରି ଲତା—2. The goat's foot creeper; Ipomœa Bilobā; Convulvulus Pes-capræ ( Kirtikar )

[ ଦ୍ର—ଏ ଲତା ଲମ୍ବା ଓ ସଳଖ; ବାଲିରେ ଲଟାଇ କରି ମାଡ଼େ । ଏହାର ପତ୍ର ଗୁଡ଼ିକର ଆକୃତି ପ୍ରାୟ ୧୪ ଇଞ୍ଚ×୧୪ ଇଞ୍ଚ; ଲମ୍ବରୁ ଓସାର ଟିକିଏ ବେଶି । ଏହି ଲତାର ଫୁଲ ଗୋଲାପ ଫୁଲ ପରି, ମାତ୍ର ଚକଚକିଆ; ଏହା ସମୁଦ୍ର ପନ୍ତାର ବାଲି ଉପରେ ବଢ଼େ; ଏ ଲତା ଖୁବ ଚେମଡ଼ା ଓ ଏଥିରେ ଲଇ ହୁଏ । ]

**କଂସାରିଘର ପାରା**—ଦେ. ବି. ( ଲକ୍ଷଣାର୍ଥ )—( କଂସାରି ଘରେ ପାଳିତ
Kamsārighara pārā ପାରାମାନେ ଦିନରାତି କଂସାବାସନ ଉପରେ ହେଉଥିବା ପ୍ରହାର ଶୁଣିବାରେ ଅଭ୍ୟସ୍ତ ଥିବାରୁ)—ଯେଉଁ ଲୋକ ଅନୁଭବ ଦ୍ୱାରା ଅନେକ ତୋଡ଼ ସମ୍ଭାଳି ଆଛି; କଷ୍ଟସହିଷ୍ଣୁ ଲୋକ—A person habituated to brave many difficulties.

**କଂସାରି ଲଇ**—ଗ୍ରା. ବି - କଂସାରି ୨ ( ଦେଖ )
Kamsāri lai Kamsāri 2 ( See )

**କଂସାରି ଲଟା**—ଦେ. ବି—କଂସାରି ୨ (ଦେଖ )
Kamsāri laṭā Kamsāri 2 ( See )

**କଂସାଳ**—ଦେ. ବି.—କଂସାରେ ତିଆରି ଝାଞ୍ଜ; ଝୁମୁକା—
Kamsāḷa Cymbals.

ତାଳ କଂସାଳ ଯନ୍ତ୍ର ବାଜେ—ଜଗନ୍ନାଥ ମହୋତ୍ସବ ।

**କଂସାଲୋଟା**—ଦେ. ବି. ( ସଦରର )—କଂସାବାସନ; ନାନାପ୍ରକାରର
Kamsāloṭā ବାସନମାନ—Various utensils of the household.

**କଂସେଇ**—ବୈଦେ. ବି.—କଂସାଇ (ଦେଖ)
Kamsei Kamsāi (See)

**କଁଅଁ କଁଅଁ**—ଦେ. ଅ—କଅଁ କଅଁ (ଦେଖ)
Kañañ kañañ Kaañ kaañ (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଉପୃ | ଉଅ | ଝ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁୟ | ଇଅ | ଜ୍ଞ | ନୃ |

**କଁକଁ**—ଦେ. ଅ.—କଅଁକଅଁ (ଦେଖ)
Kañkañ — Kaañkaañ (See)

**କଁତିଆ**—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. କାତ୍‌ନା=ସୂତାକାଟିବା)
Kañtiā —ଯେ ସୂତାକାଟେ; ସୂତାକଟାଳ—Spinner.

**କଁପରିଗିନା**—ପ୍ରାଦେ. ( ସମ୍ବଲପୁର ) ବ—ସିନ୍ଦୂର ଅବ ଗୋଳବାରେ
Kañpariginā ବ୍ୟବହୃତ ଖୁବ୍ ଛୋଟ ଗିନା; ସିନ୍ଦୂରଗୋଲା—
A very small pot (for the purpose of holding red lead for the toilet).

**କଁରକଚ୍**—ପ୍ରାଦେ. (ସମ୍ବଲପୁର) ବ—୧ । ବ୍ୟସ୍ତବ୍ୟସ୍ତତା—1. State of
Kañrakach being awfully busy.
୨ । ଅସୁବିଧା—2. Inconvenience.

**କଁଶି**—ପ୍ରାଦେ (ସମ୍ବଲପୁର) ବ.—କଶି (ଦେଖ)
Kañśi — Kaśi (See)

**କକ୍ ( ଧାତୁ )**—ସଂ—ଅହଂକାର କରିବା—To boast of.
Kak ( root )

**କକ୍‌କକ୍**—ଦେ. ( ଧ୍ୱନ୍ୟନୁକରଣ ). ଅ—କୁକୁଡ଼ାର ଡାକ—
Kak kak — The crowing of a cock.
**कक्‌कक्**

**କକା**—ଗ୍ରା. ବ. ( ଶିଶୁଭାଷା; ସଂ. କୋକ )—
Kaka ଶିଶୁମାନଙ୍କୁ ଡରାଇବା ନିମନ୍ତେ କଳ୍ପିତ ଭୟଙ୍କର ଜୀବ—
An imaginary being invoked by elders to frighten children to submission.

**କକଡ଼ା**—ଦେ. ବ. ( ସଂ. କର୍କଟ )—୧ । କଙ୍କଡ଼ା ( ଦେଖ )
Kakaṛdā — 1. Kaṅkaṛdā ( See )
কাঁকড়া ୨ । କର୍କଟରାଶି—2. Name of a zodiac sign.
**केकड़ा** ୩ । ସୌରମାନ ଶ୍ରାବଣ ମାସ—
3. The solar month of Śrābaṇa.
୪ । ବେଣିମଞ୍ଜ ( ଦେଖ )
4. Beṇimañja ( See )

**କକଡ଼ାଶିଂଘୀ**—ଦେ. ବ ( ସଂ. କର୍କଟଶୃଙ୍ଗୀ )—
Kakaṛdāsiṅghi କକଡ଼ାଶୃଙ୍ଗୀ ( ଦେଖ )
Kakaṛdāśruṅgi ( See )

**କକଡ଼ାଶୃଙ୍ଗୀ**—ଦେ. ବ. ( ସଂ. କର୍କଟଶୃଙ୍ଗୀ )—ଭାରତର ଉତ୍ତର-
Kakaṛdāśruṅgi ପଶ୍ଚିମ ପ୍ରାନ୍ତର ବୃକ୍ଷବିଶେଷ । ଏହାର ପତ୍ରରେ
ସଂ. ଶଙ୍ଗୀ; କର୍କଟଶୃଙ୍ଗୀ; ଏକଜାତୀୟ ପୋକ ୮।୯ ଅଙ୍ଗୁଳ ଲମ୍ବା
କୁଳୀର ବିଷାଣିକା; ଛେଳଶିଙ୍ଗ ଭଳି ଗୋଟିଏ ଅବୁ ( gall )
ଅଜଶୃଙ୍ଗୀ; ଚକ୍ର; ତିଆର କରନ୍ତି । ଏହା ଔଷଧରେ ବ୍ୟବହୃତ
କର୍କଟାକ୍ଷ । ହୁଏ ଓ ଏହି ଅବୁର ନାମ କକଡ଼ାଶୃଙ୍ଗୀ—
**ककड़ाशृंगी;** Rhus Succedanea; Pistacia
**काँकड़ाशिङ्गी** Integerimma.

**କକଡ଼ାଶିଂଘି**
**ककड़ाशिंघ; ककड़ाशृङ्गी**
ତା. କକ୍କଟଶିଙ୍ଗୀ
ମରହଟ୍ଟି. କକଡ଼ାଶିଙ୍ଗି
ତେ. କକଡ଼ଶିଙ୍ଗି;
କର୍କଟାଶୃଙ୍ଗୀ
[ ଦ୍ର—ଏହା କଷାୟ, ତିକ୍ତରସ, ଉଷ୍ଣବୀର୍ଯ୍ୟ; ଏହା କଫ, ବାୟୁ, କ୍ଷୟ, ଜ୍ୱର, ଶ୍ୱାସ, ଊର୍ଦ୍ଧ୍ୱବାତ, ତୃଷ୍ଣା, କାଶ, ହିକ୍କା, ଅରୁଚି ଓ ବମନ ନାଶ କରେ । ଏହାର ଅଧିକ ମାତ୍ରା ବିଷାକ୍ତ । ଏହାର ଚୂର୍ଣ୍ଣକୁ ଦୁଗ୍ଧ ସଙ୍ଗେ ସେବନ କରି ଦୁଗ୍ଧ, ଘୃତ ଓ ଚିନି ମିଶ୍ରିତ ଅନ୍ନ ଭୋଜନ କଲେ ସ୍ତ୍ରୀସମ୍ଭୋଗରେ ବୃଷଭ ପରି ବଳ ଆସେ । ]

**କକବାୟା**—ଗ୍ରା. ବ. (ଶିଶୁଭାଷା; ସଂ. କୋକ)—କୋକ (ଦେଖ)
Kakabāyā — Koka (See)

**କକମିଆଁ**—ଗ୍ରା. ବ. (ଶିଶୁଭାଷା; ସଂ. କୋକ)—କୋକ (ଦେଖ)
Kakamiāñ — Koka (See)

**କକମିନା**—ଗ୍ରା. ବ. (ଶିଶୁଭାଷା; ସଂ. କୋକ)—କୋକ (ଦେଖ)
Kakaminā — Koka (See)

**କକୟା**—ଗ୍ରା. ବ. (ନାମ) (ସଂ. କୈକେୟୀ)—କୈକେୟୀ (ଦେଖ)
Kakayā — Kaikeyī (See)

**କକରଲୋ**—ପ୍ରାଦେ. (ସମ୍ବଲପୁର) ବ. (ସଂ. କର୍କୋଟକ)—କାଙ୍କଡ଼—
Kakarlo An edible thorny fruit borne by a creeper.
Memordica Cochinchinesis.

**କକରଥନା**—ଗ୍ରା. ବଣ (ସଂ. କଦର୍ଥନା)—ବ୍ୟାକୁଳ; ବିକଳ—
Kakarathanā — Distracted.
ଗ୍ରା. ବ—ବ୍ୟାକୁଳତା; ଯନ୍ତ୍ରଣା; କଷ୍ଟ; ଦୁଃଖ—
Distraction; anguish.

**କକରଶ**—ଗ୍ରା. ବଣ (ସଂ. କର୍କଶର ଅଶୁଦ୍ଧ ଉଚ୍ଚାରଣ)—
Kakaraśa ୧ । କର୍କଶ—1. Harsh; grating.
୨ । ଟାଣୁଆ—2. Hard.
୩ । ଜ୍ୱର ଆଦି ରୋଗ ଆକ୍ରମଣ କରିବା ପୂର୍ବରୁ ଦେହ ମୋଡ଼ି ହେବା (ଦେହ)—3. Feeling sickly ( before an attack of fever); indisposed.
ଗ୍ରା. ବ—୧ । ଜ୍ୱରଆଦି ରୋଗ ଆକ୍ରମଣ କରିବା ପୂର୍ବରୁ ଦେହ ଭିଡ଼ ମୋଡ଼ି ହେବା ଅବସ୍ଥା—
1. A feeling of sickliness before an attack of fever.
୨ । ଖରାପ ଭାବ—2. Ill-feeling.
ମନରେ ଅଛି କକରଶ, ମିଛ ବୋଲେ କହ୍ନୁ ବସ ବସ—ଚଉ ।

**କକର୍ଥନା**—ଗ୍ରା. ବଣ. ( ସ. କଦର୍ଥନା )—
Kakarthanā ୧ । ବ୍ୟାକୁଳ; ବିକଳ—1. Distracted.
୨ । ଅତ୍ୟାଚାରିତ—2. Oppressed; tormented.
ଗ୍ରା. ବ—୧ । କଷ୍ଟ ଦେବା—1. Tormenting.
ଘର୍ମ ଯାତ୍ରା ନ କହିବ କାୟା କଦର୍ଥନା । ସାରଳାମହାଭାରତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଜୁଅ' ନ ମିଳିଲେ 'ଜୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୨ । ବ୍ୟାକୁଳତା—2. Distraction.

ପାଣ୍ଡବ କୈକୟ ଅସୁର ପଦ୍ମ ସେନା-
ମାନଙ୍କୁ ଯୁଦ୍ଧେ ଦେଉଛନ୍ତି କଦର୍ଥନା । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୩ । ଅତ୍ୟାଚାର—3. Oppression; tormenting.

**କକର୍ଶ**—ଦେ. ବଣ ଓ ବି. ( ସଂ. କର୍କଶର ଅଶୁଦ୍ଧ ଉଚ୍ଚାରଣ ;—
Kakarśa  କକରଶ ( ଦେଖ )
Kakaraśa ( See )

**କକର୍ଶ ହେବା**—ଦେ. କ୍ରି—(ଦେହ) ଜ୍ୱର ଆକ୍ରମଣ ପୂର୍ବରୁ ମୋଡ଼ି ଭଳି
Kakarśa hebā  ହେବା—To feel indisposed and uneasy before an attack of fever.
( ଯଥା—ମୋ ଦେହଟା ଆଜି କକର୍ଶ ହେଉଛି । )

**କକର୍ଶିଆ**—ଦେ. ବଣ. ( ସଂ. କର୍କଶ )—କକର୍ଶ ( ଦେଖ )
Kakarśiā  Kakarśa ( See )

**କକର୍ଶି ହେବା**—ଦେ. କ୍ରି—କକର୍ଶ ହେବା ( ଦେଖ )
Kakarśi hebā  Kakarśa hebā ( See )

**କକା**—ଦେ. ବି. ପୁଂ. (ସଂ. ଖୁଲ୍ଲତାତ)—ପିତାଙ୍କର ସାନ ଭାଇ; କକେଇ—
Kakā  Father's younger brother.
କାକୀ } ସ୍ତ୍ରୀ.
ଖୁଡ଼ୀ }
କାକା
चाचा

ଅନୁଗ୍ରହ କର କକା ଅନ୍ଧକୁ ତାଇଲେ ।
ସାରଳା ମହାଭାରତ. ।

**କକାଇ**—ଦେ. ବି. ପୁଂ. (ସଂ. ଖୁଲ୍ଲତାତ)—କକା (ଦେଖ)
Kakāi  Kakā (See)

**କକାର**—ସଂ. ବି—୧ । 'କ' ଅକ୍ଷର—1. The letter 'Ka'.
Kakār  ୨ । ବ୍ୟଞ୍ଜନ ବର୍ଣ୍ଣରେ 'କ' ମାତ୍ରା ଯୁକ୍ତ ହେବାର ଚିହ୍ନ '୍କ'—
2. The sign '୍କ' of 'Ka' attached below a consonant to denote a diphthong.

**କକାରାଦିକ୍ରମ**—ସଂ. ବି. ( କର୍ମଧା; କକାର + ଆଦି + କ୍ରମ )—
Kakārādikrama  କ ଠାରୁ ଆରମ୍ଭ କରି କ୍ଷ ପର୍ଯ୍ୟନ୍ତ ଅକ୍ଷରମାନ ଲେଖାଯିବାର ଧାରାବାହିକ ପ୍ରଣାଳୀ—
Alphabetical order beginning from 'Ka'.

**କକୁଆ**—ଦେ. ବି—୧ । କୋକେଇ; ଶ୍ମଶାନକୁ ମୁର୍ଦ୍ଦାର ନଆଯିବା ପାଇଁ
Kakuā  ନିଶୁଣୀ ପରି ବନ୍ଧା ହୋଇଥିବା ଛଅ ଖଣ୍ଡି ବାଉଁଶ—
1. Indian coffin; a ladder-like framework for carrying a corpse to the cremation-ground.

୨ । କକ ( ଦେଖ )
2. Kaka ( See )

୩ । ହଠାତ୍ ଉପସ୍ଥିତ କଳ୍ପିତ ଭୟ—3. Suddenly appearing frightful object; scare.

ପ୍ରାଦେ. ( ବସ୍ତ୍ର ) ବି. ( ସଂ. କଙ୍କତିକା )—ପାନିଆଁ—
Comb.

**କକୁଆ ଭୟ**—ଦେ. ବି—୧ । ମୃତ୍ୟୁଭୟ—1. Fear of death.
Kakuā bhaya  ୨ । ମାରୀଭୟ—2. Pestilence.
୩ । ଅଜ୍ଞାତ ଓ କଳ୍ପିତ ହଠାତ୍ ଉପସ୍ଥିତ ଭୟ—
3. Fright due to a scare.

**କକୁଞ୍ଜଳ**—ସଂ. ବି. ପୁଂ—ଚାତକ ପକ୍ଷୀ—( ପ୍ରକୃତିବାଦ )—
Kakuñjaḷa  The pied-crested cuckoo; swallow.

**କକୁତ୍**—ସଂ. ବି. (କ = ସୁଖ + କୁ ଧାତୁ = ଶବ୍ଦ କରିବା + ସଂଜ୍ଞାର୍ଥେ. ତ୍)-
Kakut  କକୁଦ୍ ( ଦେଖ )
Kakud ( See )

**କକୁତ୍ସ୍ଥ**—ସଂ. ବି. (ନାମ )—( କକୁତ୍ + ସ୍ଥା ଧାତୁ = ରହିବା + କର୍ତ୍ତୃ.
Kakutstha  ଅ; ଯେ ବୃଷରୂପଧାରୀ ଇନ୍ଦ୍ରଙ୍କ ଚୂଳରେ ବସି ଅସୁରଙ୍କୁ
(କକୁସ୍ଥ—ଅନ୍ୟରୂପ)  ବିନାଶ କରିଥିଲେ )—ସୂର୍ଯ୍ୟବଂଶୀୟ ଜନୈକ ରାଜା—A king of the solar race of India.
[ ଦ୍ର—ଏ ରାମାୟଣ-ବର୍ଣ୍ଣିତ ଭଗୀରଥଙ୍କ ପୁତ୍ର କିନ୍ତୁ ଭାଗବତରେ ଏହାଙ୍କ ନାମ ରଘୁଞ୍ଜୟ । ]

**କକୁଦ୍**—ସଂ. ବି ( କ = ସୁଖ + କୁ ଧାତୁ = ଶବ୍ଦ କରିବା + ସଂଜ୍ଞାର୍ଥେ.
Kakud  ଦ୍ )—୧ । ବୃଷଭର ଚୂଳ—1. The hump on the shoulder of the Indian bull.
୨ । ପର୍ବତ ଶୃଙ୍ଗ; ପାହାଡ଼ର ଚୂଳ—
2. Summit or peak of a mountain.
୩ । ଛତ୍ର-ଚାମରାଦି ରାଜଚିହ୍ନ—
3. Insignia of royalty.
ସଂ. ବଣ—ଶ୍ରେଷ୍ଠ; ପ୍ରଧାନ—Chief; principal.

**କକୁଦ**—ସଂ. ବି ଓ ବଣ—(କ = ସୁଖ + କୁ ଧାତୁ = ଶବ୍ଦ କରିବା +
Kakuda  ସଂଜ୍ଞାର୍ଥେ. ଦ)—କକୁଦ୍ (ଦେଖ)—
Kakud (See)

**କକୁଦାକ୍ଷ**—ସଂ. ବଣ. ପୁଂ ( କକୁଦ + ଅକ୍ଷ ଧାତୁ = ଧାରଣ କରିବା +
Kakudāksha  କର୍ତ୍ତୃ. ଅ )—ରାଜଚିହ୍ନଧାରୀ—Holding the insignia of royalty

**କକୁଦ୍ମତୀ**—ସଂ. ବଣ. ସ୍ତ୍ରୀ. (କକୁଦ୍ମତ୍ + ସ୍ତ୍ରୀ. ଈ)—କକୁଦ୍ମାନ୍‌ର ସ୍ତ୍ରୀ ଲିଙ୍ଗ-
Kakudmatī  Feminine of Kakudmān.
(କକୁଦ୍ମାନ୍—ପୁଂ)  ସଂ. ବି—(କକୁଦ୍ = ବୃଷଭ ଚୂଳପରି ମାଂସପିଣ୍ଡ + ଅଛି ଅର୍ଥରେ. ମତ୍ + ସ୍ତ୍ରୀ. ଈ )—
୧ । କଟିଦେଶ; ଅଣ୍ଟା—1. Loins.
୨ । ପିଚ୍ଛ; ଶ୍ରୋଣୀ—2. Buttocks.

**କକୁଦ୍ମାନ୍**—ସଂ. ବଣ. ପୁଂ (କକୁଦ୍ + ଅଛି ଅର୍ଥରେ. ମତ୍; ୧ମା. ୧ବ)-
Kakudmān  ଯାହାର ଚୂଳ ଅଛି; ଚୂଳଆ—Having a hump; hump-backed.
(କକୁଦ୍ମତୀ—ସ୍ତ୍ରୀ)
ସଂ. ବି. ପୁଂ—୧ । ବୃଷଭ; ଷଣ୍ଢ—1. Hunch-backed bull.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତ |

୨ । ପର୍ବତ—2. Mountain.

୩ । ମହିଷ; ପୋଢ଼ୁଅ; ଅଣ୍ଡିରାମଇଁଷି—
3. He-buffalo.

**କକୁଦ୍ମିସୁତା**—( ୬ଷ୍ଠୀ ତତ୍; କକୁଦ୍ମୀ + ସୁତା = ଝିଅ)—
Kakudmisutā ରେବତୀ; ବଳଦେବଙ୍କ ଭାର୍ଯ୍ୟା—
Rebatī; the wife of Baladeba.

**କକୁଦ୍ମୀ**—ସଂ. ବି. ପୁଂ (କକୁଦ୍ + ଅସ୍ତି ଅର୍ଥରେ. ମିନ୍; ୧ମା; ୧ବ)—
Kakudmī ୧ । ବୃଷଭ; ଷଣ୍ଢ—1. Bull.
୨ । ପର୍ବତ—2. Mountain.
୩ । ପ୍ରାଚୀନରାଜବିଶେଷ (ରେବତୀଙ୍କ ପିତା)—
3. A king of ancient India.

**କକୁନ୍ଦର**—ସଂ. ବି କ = ଦେହ; ପୃଷ୍ଠଦେଶ + କୁ = ନିତମ୍ବସ୍ଥ ଭୂମି +
Kakundara ଦୃ ଧାତୁ = ବିଦାର୍ଣ୍ଣ କରିବା + କର୍ତ୍ତୃ. ଅ )—
(କୁକୁନ୍ଦର—ଅନ୍ୟରୂପ) ୧ । ପିଠିତଳେ ପିଚ୍ଛ ମଝିରେ ଥିବା ଦୁଇଁଟି-ଯର ଗର୍ତ୍ତଦ୍ୱୟ—1. The two cavities of the loins at the back.
୨ । ଏକପ୍ରକାର ବୃକ୍ଷ—
2. A kind of medicinal plant.
[ଦ୍ର—ଏହା କଟୁତିକ୍ତରସାତ୍ମକ, ଉଷ୍ଣତାସଂପାଦକ; ଜ୍ୱର, ରକ୍ତ, ବେଦନା, ଦାହ ଓ ତୃଷ୍ଣା ନିବାରକ । ଏହି ବୃକ୍ଷର କଞ୍ଚା ମୂଳକୁ ମୁଖ ମଧ୍ୟରେ ଧାରଣ କଲେ ମୁଖଦୋଷ ବିନଷ୍ଟ ହୁଏ (ପ୍ରକୃତିବାଦ) ।]

**କକୁଭ୍**—ସଂ. ବି. (କ = ବାୟୁ + ସ୍କୁମ୍ଭ ଧାତୁ = ବିସ୍ତାର କରିବା + କର୍ତ୍ତୃ.
Kakubh କ୍ୱିପ୍; ଯାହା ବାୟୁକୁ ବିସ୍ତୃତ କରାଏ)—୧ । ଦିଗ୍; ଦିଗ—
1. A point of the compass; quarter of the globe.
୨ । ଶୋଭା—2. Beauty; splendour.
୩ । ଦେଶ—3. Region.
୪ । ଚମ୍ପକମାଳା; ଚମ୍ପାଫୁଲର ମାଳ—
4. A garland of champaka-flowers.
୫ । ଚମ୍ପକ ଶାଖା; ଚମ୍ପାଗଛର ଡାଳ—
5. A branch of the champaka tree.
୬ । ବୈଦିକ ଛନ୍ଦୋବିଶେଷ—6. A vedic metre.
୭ । ଶାସ୍ତ୍ର—7. Sacred book; scripture.

**କକୁଭ**—ସଂ. ବି (କ = ବାୟୁ + ସ୍କୁମ୍ଭ ଧାତୁ + କର୍ତ୍ତୃ. ଅ)—
Kakubha ୧ । ରାଗିଣୀବିଶେଷ—1. Name of a mode of music.
୨ । ବୀଣାର ପ୍ରାନ୍ତରେ ଥିବା ବକ୍ର କାଠ—2. A crooked piece of wood at the end of a lute.
୩ । ବୀଣାର ଅଧଃସ୍ଥ ଲାଉଭୂମି—3. A gourd-shell in the lower end of a lute or guitar.

୪ । ଅର୍ଜୁନଗଛ—4. A tree.

ବିମଳ କକୁଭକଦମ୍ବ କକୁଭକଦମ୍ବ ମଣ୍ଡଳ ରଭସେ—ଉପ. ବୈଦେହୀଶବିଳାସ ।

୫ । ବରଗଛ—5. Banian tree.

ବର ଉଦ୍ଭବ ଉଦ୍ଭବ ଉପମା ବର୍ଜିତ,
ବହୁତ କପିଛ ବହି କକୁଭ ବଚନ । ଉପ. ବୈଦେହୀଶବିଳାସ ।

୬ । କୁଟଜ ବୃକ୍ଷ; ବଣମଲ୍ଲି ଗଛ—
6. Wild jasmine (plant).
୭ । ପକ୍ଷିବିଶେଷ—7. A species of birds.
ଦେ. ବି.—ଦିଗ—Quarter of the globe.

**କକୁଭା**—ସଂ. ବି. (କକୁଭ୍ + ସ୍ୱାର୍ଥେ. ଆ)—କକୁଭ୍ (ଦେଖ)
Kakubhā Kakubh (See)

**କକୁହାସ**—ସଂ. ବି.—ସ୍ତୁତି (କ୍ଲାନେନ୍ଦ୍ର)—
Kakuhāsa Praise; panegyrics.

**କକେଇ**—ଦେ. ବି. ପୁଂ.—(ତୁଳ. ସଂ. ତାତ; ହିନ୍ଦୁ; ଗୁଜ୍; ମ—
Kakei କାକା;) କକା—ଖୁଲ୍ଲତାତ; ଖୁଡୁତା—
Father's younger brother.
ଖୁଡ଼ୀ } —ସ୍ତ୍ରୀ
କାକୀ }
କାକା ପ୍ରାଦେ. (ସମ୍ବଲପୁର,—ଲଇଆ)—ଯାକଅଁ—
**पित्तिया; चाचा** Comb.

**କକେଇପୁଅ ଭାଇ**—ଦେ. ବି. ପୁଂ.—ଖୁଡ଼ୁତା ପୁଅ; କକେଇଙ୍କ ପୁଅ
Kakeipua bhāi ଅତଏବ ଭାଇଲେଖା ବ୍ୟକ୍ତି—
First causin.

**କକୈ**—ଗ୍ରା. ବି. ପୁଂ. ( ଏଥିର ଉଚ୍ଚାରଣ 'କକୈ' ପରେ 'ଇ'ର ଶୀଘ୍ର
Kakai ଉଚ୍ଚାରଣ)—୧ । କକେଇ (ଦେଖ)
1. Kakei (See)
୨ । କୈକେୟୀ (ଦେଖ)
2. Kaikeyī (See)

**କକୈଆ**—ଗ୍ରା. ବି. ସ୍ତ୍ରୀ—(ସଂ. କୈକେୟୀର ଅଶୁଦ୍ଧ ଉଚ୍ଚାରଣ)—
Kakaiā କୈକେୟୀ (ଦେଖ)
Kaikeyī (See

**କକୋଟକ**—ସଂ. ବି.—କାଙ୍କଡ଼ (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)
Kakoṭaka Kāṅkarḍa (See)

**କକ୍କୋଳ**—ସଂ. ବି (କକ୍ = ଅହଙ୍କାର + କୁଲ୍ ଧାତୁ = ଗଦେଇବା + କର୍ତ୍ତୃ. ଅ)—କାକୋଲା (ଦେଖ)
Kakkola Kākolā (See)

ଅଶୋକ, ଅର୍ଗଳା, କକ୍କୋଳ—ସକଳ ଦ୍ରୁମହେ ବସ୍ତୁ ।

**କକ୍ଖ (ଧାତୁ)**—ସଂ.—ହସିବା—
Kakkha (roo To laugh.

**କକ୍ଖଟ**—ସଂ. ବିଣ. (କକ୍ଖ ଧାତୁ = ହସିବା + କର୍ମ. ଅଟ)—
Kakkhaṭa ଦୃଢ଼; କଠିନ; ଟାଣୁଆ—Hard.
(ଖକ୍ଖଟ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କକ୍ଖଟପତ୍ରକ**—ସଂ. ବି. (କକ୍ଖଟ=ଦୃଢ଼+ପତ୍ର+କ; ଯାହାର ପତ୍ର ଦୃଢ଼)—
Kakkhaṭapatraka ନଳିତା ବା ଝୋଟ ଗଛ (ପ୍ରକୃତିବାଦ)—
The hemp plant.

**କକ୍ଖଟୀ**—ସଂ. ବି. ସ୍ତ୍ରୀ. (କକ୍ଖ ଧାତୁ=ହସିବା+ଅଟ+ସ୍ତ୍ରୀ. ଈ)—
Kakkhaṭi Chalk-stone; writing chalk.

**କକ୍ଷ**—ସଂ. ବି. (କଷ୍ ଧାତୁ=ହିଂସା କରିବା+କରଣ. ସଂଜ୍ଞାର୍ଥ. ସ)—
Kaksha ୧ । କାଖ; ବାହୁମୂଳ; ବାହୁ ଓ କଡ଼ର ସନ୍ଧି—
1. Arm-pit.
୨ । ପାର୍ଶ୍ୱଭାଗ; କଡ଼—2. Side; flank.
୩ । କଚ୍ଛ; ବସ୍ତ୍ରପ୍ରାନ୍ତ; ବସ୍ତ୍ରାଞ୍ଚଳ—
3. The end of a wearing cloth; skirts of a garment.
୪ । କୋଠରି; ପ୍ରକୋଷ୍ଠ—
4. Room; apartment.
୫ । ରାଜାଙ୍କ ଉଆସ; ରାଜାନ୍ତଃପୁର—
5. Zenana; harem; female apartments of a king.
୬ । ଗ୍ରହର ଭ୍ରମଣପଥ—
6. The orbit of a planet.
୭ । ପାପ—7. Sin.
୮ । ତୃଣ; ଘାସ—8. Grass.
୯ । ଶୁଷ୍କ ତୃଣ; ଶୁଖିଲା ଘାସ—
9. Hay; dry grass.
୧୦ । ବନ; ଜଙ୍ଗଲ—10. Forest.
୧୧ । ଲତା—11. Creeper.
୧୨ । କଟି; ଅଣ୍ଟା—12. Waist.
୧୩ । ଉତ୍ତରୀୟ ବସ୍ତ୍ରର ପଶ୍ଚାଦ୍‌ଭାଗ; ଅଞ୍ଚଳ—
13. The end of an upper garment.
୧୪ । ରୋଗବିଶେଷ—14. A kind of disease.
[ ଦ୍ର—ବାହୁପାର୍ଶ୍ୱାଂଶକକ୍ଷାସୁ କୃଷ୍ଣ-ସ୍ଫୋଟାଂ ସବେଦନାଂ, ପିତ୍ତପ୍ରକୋପାତ୍ ସମ୍ଭୂତାଂ କକ୍ଷାମିତି ବିନିର୍ଦ୍ଦିଶେତ୍ ] ।
୧୫ । ପ୍ରତିଦ୍ୱନ୍ଦ୍ୱୀ; ପ୍ରତିଯୋଗୀ; ବିରୋଧୀ । (ଯଥା—ସମକକ୍ଷ)
15. Rival.

**କକ୍ଷକ**—ସଂ. ବି. (ନାମ)—ରାଜା ଜନମେଜୟଙ୍କ ଅନୁଷ୍ଠିତ ସର୍ପଯଜ୍ଞରେ ଦଗ୍ଧୀଭୂତ ସର୍ପବିଶେଷ—
Kakshaka
Name of a serpent burnt in the snake-sacrifice performed by King Janamejaya.

**କକ୍ଷଗତ**—ସଂ. ବିଣ. (୨ୟା ତତ୍; କକ୍ଷ+ଗତ)—
Kakshagata ୧ । ଗ୍ରହର ଭ୍ରମଣପଥରେ ଅବସ୍ଥିତ—
1. Situated on the orbit.
୨ । ପାର୍ଶ୍ୱଗତ; ପାର୍ଶ୍ୱରେ ଅବସ୍ଥିତ—
2. Situated on the side.

**କକ୍ଷଣୀ**—ଗ୍ରା. ବି. ସ୍ତ୍ରୀ—ଗ୍ରାମଦେବୀବିଶେଷ—
Kakshaṇi Name of a popular Goddess.
କକ୍ଷଣୀ ଭକ୍ଷଣୀ ଯେ ଅମ୍ବିକା ଭଗବତୀ—ସରଳାମହାଭାରତ. ଶଲ୍ୟ ।

**କକ୍ଷଧର**—ସଂ. ବି. (କକ୍ଷ+ଧୃ ଧାତୁ=ଧାରଣ କରିବା+କର୍ତ୍ତୃ. ଅ)—
Kakshadhara କାଖର ଉଭୟ ପାଖରେ ଥିବା ମର୍ମ ସ୍ଥାନ—(ଯହିଁରେ ହାତ ମାଇଲେ କୁତୁ କୁତୁ ଲାଗେ)—
The tender vital parts on both sides of the arm-pit.

**କକ୍ଷପୁଟ**—ସଂ. ବି. (କକ୍ଷ=କାଖ+ପୁଟ=ପାତ୍ର; କାଖରେ ଥିବା ପାତ୍ର-
Kakshapuṭa ପରି ଅଂଶ)—କାଖସନ୍ଧି; କାଖ ଭିତରେ ଥିବା ଖାଲୁଆ ଜାଗା—The cavity below the arm; arm-pit.

**କକ୍ଷଶାୟୀ**—ସଂ. ବିଣ. (କକ୍ଷ+ଶୀ ଧାତୁ=ଶୋଇବା+କର୍ତ୍ତୃ.ଅ)—
Kakshaśāya ଯେ କକ୍ଷରେ ଶୟନ କରେ—
One who sleeps in a room.
ସଂ. ବି.—କୁକୁର—Dog.

**କକ୍ଷସେନ**—ସଂ. ବି. (ନାମ)—ରାଜା ପରୀକ୍ଷିତଙ୍କ ପୁତ୍ର—The son of
Kakshasena the ancient king Parikshita.

**କକ୍ଷସ୍ଥ**—ସଂ. ବିଣ. (କକ୍ଷ+ସ୍ଥା ଧାତୁ+କର୍ତ୍ତୃ. ଅ)—
Kakshastha ୧ । ପାର୍ଶ୍ୱରେ ଅବସ୍ଥିତ—
1. Placed on the flanks.
୨ । କାଖ କରାଯାଇଥିବା; ଯାହାକୁ କେହି କାଖେଇଥାଏ—
2. Carried between the arm and flank of the carrier.

**କକ୍ଷା**—ସଂ. ବି. (କଷ୍ ଧାତୁ=ହିଂସା କରିବା+ସ+ସ୍ତ୍ରୀ. ଆ)—
Kakshā ୧ । ଗୃହଭିତ୍ତି; ଘରର ମୂଳଦୁଆ କାନ୍ଥ—
(କକ୍ଷ୍ୟା—ଅନ୍ୟରୂପ) 1. The foundation-wall of a house.
୨ । ପିତ୍ତ-ପ୍ରକୋପ-ସମ୍ଭୂତ ରୋଗବିଶେଷ—
2. A disease due to excess of bile in the system.
୩ । ହସ୍ତୀର ଗଳାବନ୍ଧନ ରଜ୍ଜୁ—
3. The rope tied round the neck of an elephant.
୪ । କଟିବନ୍ଧ; ଚନ୍ଦ୍ରହାର; କାଞ୍ଚି; ସ୍ତ୍ରୀକଟିର ମେଖଳା—
4. A woman's girdle or waist-chain.
୫ । କାଖରେ ହେବା ବ୍ରଣ; କାଖଗୁଲି—
5. A boil in the arm-pit.
୬ । ହତା; ଘେରିବା—
6. Enclosure or compound.
୭ । ରଥମଧ୍ୟସ୍ଥ ସ୍ଥାନ ବା ଖୋପବିଶେଷ—
7. A recess inside a car.

| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ଼ | ଶ,ଷ | କ୍ଷ | ଇୟୁ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୃ | ଌୢ | ଟୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ତ |

୮ । କୋଠରି; ପ୍ରକୋଷ୍ଠ—
8. Apartment; room of a house.
୯ । ଅନ୍ତଃପୁର—9. Harem; female apartment.
୧୦ । କାଇଁଚ; ଗୁଞ୍ଜା—10. Red or white berries used as jweller's weight.
୧୧ । ସାଦୃଶ୍ୟ—11. Equality; similarity.
୧୨ । ଉଦ୍ଯୋଗ; ଉଦ୍ୟମ; ଚେଷ୍ଟା—12. Endeavour.
୧୩ । ପ୍ରତିଯୋଗିତା; ସ୍ପର୍ଦ୍ଧାସ୍ଥାନ—13. Rivalry.
୧୪ । ବସ୍ତ୍ରାଞ୍ଚଳ; କଚ୍ଛ—14. The end or skirts of a wearing cloth.
ଦେ. ବି—୧ । ଶତ୍ରୁତା—1. Enmity.
୨ । ଅଦଉତି; ଅଦଳ୍ପା—2. Grudge; spite.
ଧାଇଁ ଭୁ ସେହୁ ଗାଈ କରିବାରୁ, କକ୍ଷା କାମ ପ୍ରେମ କଲେ ବାରେ ବାରେ ।
ଅଭିମନ୍ୟୁ- ବଦଗଚ୍ଚନ୍ତାମଣି ।
୩ । କଳକଜ୍ଜଆ—3. Quarrel.
ଧର୍ମ ଅର୍ଥ ଦୁହିଙ୍କର ଏ କଥା କକ୍ଷା
ମହୋଦଧ ମେଘ ପରସ୍ପେ ସେ ଅପେକ୍ଷା । କୃଷ୍ଣସିଂହ- ମହାଭାରତ- ବନ ।
୪ । କଣ୍ଠାଳ; ଅଳ—
4. Importune and pressing request.
କକ୍ଷା ନ କର ସୁନ୍ଦରୀ, ଚୂର୍ଣ୍ଣ ବ ଲପନଶଣୀ ଅସି ବାଇପର ।
ଗୋଲକଣ୍ଠ—ମାଧ୍ୟଦେବୀ ।
୫ । ଗର୍ବଯୁକ୍ତ ବାକ୍ୟ; ଆସ୍ଫାଳନ; ବାଲଙ୍ଗି—
5. Arrogant words; bluster; self-adulation.
ବ୍ରାହ୍ମଣ ହୋଇଣ ସେ କରଇ ବଡ଼ କକ୍ଷା । ସାରଳାମହାଭାରତ- ବନ୍ଦଃ ।
୬ । ରାଗ; କ୍ରୋଧ—6. Anger.
ଦୁର୍ଯ୍ୟୋଧନ ଦ୍ରୋଣଙ୍କଠାରୁ ଯେତେ ଶିକ୍ଷା
କରିଥିଲେ ତା କଲେ ଯୁଦ୍ଧେ କରି କକ୍ଷା । କୃଷ୍ଣସିଂହ- ମହାଭାରତ- ଶଲ୍ୟ ।
୭ । ପ୍ରତିଜ୍ଞା—7. Resolve; determination.

**କକ୍ଷା କରିବା**—ଦେ. କ୍ରି. (ସଂ. କକ୍ଷା)—୧ । ଶତ୍ରୁତା ଆଚରଣ କରିବା—
Kakshā karibā 1. To behave with enmity.
୨ । କଳି କରିବା—2. To quarrel.
୩ । କଣ୍ଠାଳ କରିବା—3. To make importune and pressing requests.
୪ । ଆସ୍ଫାଳନ କରିବା; ବାଲଙ୍ଗି କରିବା—
4. To bluster; to brag.
୫ । ରାଗିବା; କ୍ରୋଧ କରିବା—5. To be angry.

**କକ୍ଷାପଟ୍ଟ**—ସଂ. ବି. ( ୬ଷ୍ଠୀ ତତ୍ପୁ; କକ୍ଷା=କଟିବନ୍ଧ+ପଟ୍ଟ=ବସ୍ତ୍ର )—
Kakshāpaṭa ୧ । କୌପୀନ; କଉପୁନି—
1. A strip of cloth tugged down along the private parts.
୨ । କଚ୍ଛ—2. Skirt of the cloth worn.

**କକ୍ଷାବନ୍ତ**—ଦେ. ବିଣ.—ପ୍ରତିଜ୍ଞାବଦ୍ଧ—Determined; resolved.
Kakshābanta ବହୁ କରେ କପି କକ୍ଷାବନ୍ତ ବନ୍ଧୁ ବରଷେ ଶେଷେ ଶେଷେ ସେ ।
ଉକ୍ତ- ବୈଦେହୀଶବିଳାସ ।

**କକ୍ଷାବେକ୍ଷକ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କକ୍ଷ=ଅନ୍ତଃପୁର+ଅବେକ୍ଷକ =ପରିଦର୍ଶକ)—
Kakshābekshaka
୧ । ଦ୍ୱାରପାଳ; ଦରୁଆନ—
1. Door-keeper; porter; gate-keeper.
୨ । ଉଦ୍ୟାନପାଳ; ମାଳୀ—2. Garden-keeper; gardener.
(କକ୍ଷାବେକ୍ଷିକା—ସ୍ତ୍ରୀ) ୩ । ଅନ୍ତଃପୁର ରକ୍ଷକ—3. A servant who is in charge of the harem.
୪ । ଚିତ୍ରକର—4. A painter.
୫ । ଲମ୍ପଟ ବ୍ୟକ୍ତି—5. A libertine.
୬ । କରୀ; ହାତୀ—6. Elephant.

**କକ୍ଷୀକୃତ**—ସଂ. ବିଣ. ପୁଂ [କକ୍ଷ=କାଖ+ଅଭୂତ. ତଦ୍ଭାବେ (ଚ୍ୱି) ଈ+କୃତ]—
Kakshīkṛuta
(କକ୍ଷୀକୃତା—ସ୍ତ୍ରୀ) ୧ । ଯାହାକୁ କାଖ କରାଯାଇଥାଏ—
1. Carried under one's arms.
୨ । ( ଲକ୍ଷଣାର୍ଥ )—(ଯାହାକୁ ଅଧୀନ କରା ଯାଇଥାଏ )—
ଅଙ୍ଗୀକୃତ ବା ଆପଣା ଅକ୍ତିଆରକୁ ଅଣା ଯାଇଥିବା—
2. Brought under one's control.

**କକ୍ଷ୍ୟ**—ସଂ. ବିଣ. ( କକ୍ଷ+ଭବ. ଯ )—
Kakshya ୧ । କକ୍ଷୋଦ୍ଭବ; କାଖରେ ଜନ୍ମିବା—
1. Growing in the arm-pit.
୨ । କକ୍ଷପୂରକ; ଯାହା ଦ୍ୱାରା କାଖସନ୍ଧି ପୂରି ଯାଇଥାଏ—
2. Filling the arm-pit.
ସଂ. ବି.—୧ । ରୁଦ୍ରବିଶେଷ—1. An incarnation of Śiba.
୨ । ଉତ୍ତରୀୟ ବସ୍ତ୍ର—2. Sheet for the upper-part of the body.
୩ । କୋଠାର ପ୍ରକୋଷ୍ଠ; କୋଠରି; କାମରା—
Apartment; room.
୪ । ରାଜାନ୍ତଃପୁର—4. Harem.
୫ । ସାଦୃଶ୍ୟ—5. Equality; similarity.
୬ । ପାର୍ଶ୍ୱଭାଗ—6. Side; flank.
୭ । ହସ୍ତୀର ଗଳା ବା କକ୍ଷବନ୍ଧନ ରଜ୍ଜୁ—
7. A rope passed round the neck of an elephant.
୮ । ମେଖଳାବନ୍ଧନ ରଜ୍ଜୁ—8. Tape for tying the girdle.

**କକ୍ଷ୍ୟା**—ସଂ. ବି. ( କକ୍ଷ ଧାତୁ+ସଂଜ୍ଞାର୍ଥେ. ଯ+ସ୍ତ୍ରୀ. ଆ)—
Kakshyā କକ୍ଷା ( ଦେଖ )—
Kakshā ( See )

**କଷଟୀ**—ଦେ. ବି—୧ । ଦାସୀ—
Kakhaṭi 1. Maid-servant.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୨ । ଏକ ବୁଢ଼ା ମର୍କଟୀ ( ଏ ବୋବାଇବା ଦ୍ୱାରା ଜଟିଲାଙ୍କର ଉପସ୍ଥିତ ହେବାର ସୂଚନା ରାଧାଙ୍କୁ ଜଣା ଯାଉଥିଲା)— 2. Name of an old monkey (at whose grinning Rādhikā was warned of her mother-in-law's presence.)

ଜଟିଲା ଅଇଲା ବୋଲି କଖାରୁ ଡାକଇ—ଅଭିମନ୍ୟୁ ବଦଚ୍ଚରିତ୍ରାମଣି ।

**କଖାରୁ**—ଦେ. ବି ( ସଂ. କର୍କାରୁ )—ଲତାଜାତ ଖାଦ୍ୟ ଫଳବିଶେଷ; କୁଷ୍ମାଣ୍ଡ—Red pumpkin; gourd; Cucurbita Maxima.
Kakhāru
ସଂନାମ—କର୍କାରୁ, କୁଷ୍ମାଣ୍ଡ, କାଶୀଫଳ
ଗୁଡ଼କୁମୁଡ଼ା; ମିଠା କୁମଡ଼ା
ବୋଈତାଲ
କୁମ୍‌ହଡ଼ା; କାଁଡ଼ା
ପୀଳା କୁମ୍‌ହଡ଼ା

[ ଦ୍ର—କଖାରୁ ଦୁଇ ପ୍ରକାର, ଯଥା—( ୧ ) ବୋଇତିକଖାରୁ—ଏହା ଗୋଲାକାର; ପାଚିଲେ ହଳଦିଆ ଦିଶେ । ( ୨ ) ପାଣିକଖାରୁ—ଏହା ମୃଦଙ୍ଗପରି ଲମ୍ବା ଓ ପାଚିଲେ ଧଳା ଦିଶେ । ବୋଇତିକଖାରୁର କଅଁଳ ପତ୍ର, ଲତା, ଫୁଲ ଓ ଫଳକୁ ଲୋକେ ରାନ୍ଧିକରି ଖାଆନ୍ତି । ]

ପ୍ରାଦେ. ( ସିଂହଭୂମ ) ବି—ପାଣିକଖାରୁ ( ଦେଖ )— Pānikakhāru ( See )

**କଖାରୁଆ**—ଦେ. ବିଣ—୧ । କଖାରୁପରି ଆକୃତିବିଶିଷ୍ଟ— Kakharuā 1. Of the shape or size of a gourd. ( ଯଥା— କଖାରୁଆ ଆମ୍ବ; କଖାରୁଆ ବେଲ । )

୨ । କଖାରୁ ପରି ହୃଷ୍ଟ ପୁଷ୍ଟ (ବ୍ୟକ୍ତି ବା ଜୀବ)— 2. Well-developed in body and shape. ( ଯଥା — ସେ ଠୋକାଠା ମରିଯିବ ବୋଲି ଖୁବ୍ କଖାରୁଆ ହୋଇ ଯାଇଥିଲା । )

ଦେ. ବି—୧ । ଏକପ୍ରକାର ମୋଟା ବଗଡ଼ା ଧାନ— 1. A kind of coarse paddy.

୨ । ରଙ୍ଗିନ୍ କାଗଜରେ ଖାପ ବସାଇ ଶୋଭା ଦେଖାଇବା ପାଇଁ କଖାରୁ ପରି ଗୋଲ ଦୀପାଧାର; ଫାନୁସ୍— 2. Round Chinese Lantern.

୩ । ସୋଲରେ ନିର୍ମିତ ଏକ ପ୍ରକାର ଚନ୍ଦ୍ର ଫୁଲ— 3. An artificial flower made of 'Sola'.

୪ । କଖାରୁ ଆକୃତିର ପାହାଚଥିବା ଅଗଣା ବା ପିଣ୍ଡା— 4. Sloping veranda of a house.

**କଖାରୁଆ କରିବା**—ଦେ. କି—( ପିଣ୍ଡା ଉପରୁ କଖାରୁ ଖସି ପଡ଼ିଲେ ଛିନ୍ନଭିନ୍ନ ହୋଇ ଖଣ୍ଡ ଖଣ୍ଡ ହୋଇଯାଏ, ଏହି ଲକ୍ଷଣାରୁ )—( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିକୁ ବିଶେଷଭାବରେ ମାଡ଼ ଦେଇ ବା ଛେଚି ଘାଇଲା ଓ ଖଣ୍ଡିଆ କରିଦେବା—( figurative ) To give a person a sound thrashing causing wounds and sores throughout the body.
Kakhāruā kariba

**କଖାରୁ କଷି**—ଦେ. ବି.—ଅତି ଛୋଟ କଖାରୁ ଫଳ— Kakhāru kashi Young pumpkin-fruit.
କଚିକୁମଡା
କୁମ୍‌ହଡେକୌବତିୟା

**କଖାରୁଚୋପି**—ଦେ. ବି—ତରକାରୀ କରିବା ପାଇଁ ବନାଯିବା କଖାରୁ ଉପରୁ ପଣିକିଦ୍ୱାରା ଛେଲି ଯିବା ପତଳା ଓ କ୍ଷୁଦ୍ର କ୍ଷୁଦ୍ର ଚୋପା—The rind of the red pumpkin fruit.
Kakhāruchopi

କଖାରୁ ଚୋପି, ବେଲ ଭଣ୍ଡି କରି ଗଢ଼ିଲେ ଗୋପୀ—ଚଗ ।

**କଖାରୁ ଫୁଲ**—ଦେ. ବି—୧ । କଖାରୁ ଲତାରେ ଫୁଟିବା ଫୁଲ— Kakhāru phula 1. The flower of the creeper of gourd.
ଗୁଡକୁମଡ଼ାର ଫୁଲ
କୁମ୍‌ହଡ଼େକାଫୁଲ

[ ଦ୍ର—ଏକା କଖାରୁ ଲତାରେ ମାଈ ଓ ଅଣ୍ଡିରା ଦୁଇ ପ୍ରକାର ଫୁଲ ଫୁଟେ । ମାଈ ଫୁଲର ମୂଳରେ ଗୁମା ହୋଇ ଫଳ ଧରେ ଓ ଫଳଟି ବଢ଼ିବା ସଙ୍ଗେ ସଙ୍ଗେ ତା ଅଗରେ ଥିବା ଫୁଲ ଶୁଖି ସେମିତିଯାଏ; ପାଣିକଖାରୁର ଫୁଲ ଫିକାହଳଦିଆ; ବୋଇତିକଖାରୁଫୁଲ ଚୋଫାହଳଦିଆ । କଖାରୁଫୁଲରେ ଏକ ପ୍ରକାର ସୁନ୍ଦର କିନ୍ତୁ ଅତି ଦୁର୍ଗନ୍ଧଯୁକ୍ତ 'ପାରୁଡ଼ାପୋକ' ବସନ୍ତି । ]

୨ । (ଲକ୍ଷଣାର୍ଥ) (କଖାରୁଫୁଲର ଗନ୍ଧ ନ ଥିବାରୁ )—କଖାରୁଫୁଲ ପରି ଦେଖିବାକୁ ସୁନ୍ଦର ମାତ୍ର ଗୁଣହୀନ ବ୍ୟକ୍ତି— 2. A person who is fine to look at but good-for-nothing; a fair-looking worthless person.

ଅହେ ରସିକ, କଖାରୁଫୁଲକୁ ପାରୁଡ଼ାପୋକ—ଚଗ ।

**କଖାରୁବଡ଼ି**—ଦେ. ବି. (ସଂ. କର୍କାରୁ + ବଟିକା)—୧ । ପାଣିକଖାରୁକୁ କୋରି ଉକ୍ତ କୋରାକୁ ବାଟି, ବିରବଟା ସଙ୍ଗେ ମିଶାଇ ଉତ୍ତମରୂପେ ଫେଣାଇ ମଞ୍ଚାପର ଉପରେ କରା ଯାଉଥିବା ବଡ଼ ବଡ଼ ବଡ଼ି—1. Balls of corn-paste mixed with flakes of pumpkin (used in preparing curry).
Kakhārubardi
କୁମୁଡାରବଡୀ
କୁମ୍‌ହଡେକାବରୀ

୨ । (ଲକ୍ଷଣାର୍ଥ) (ବଟା ବିର ଫେଣିଆ ହୋଇଥିବାରୁ କଖାରୁବଡ଼ିମାନ ଦେଖିବାକୁ ବଡ଼ କିନ୍ତୁ ପୋଲା;ହାତରେ ସାମାନ୍ୟରେ ମଳ ଦେଲେ ତାହା ଚୂନା ହୋଇଯାଏ; ଏହି ଲକ୍ଷଣାରୁ)— ଦେଖିବାକୁ ସୁନ୍ଦର କିନ୍ତୁ ଅଯୋଗ୍ୟ ବ୍ୟକ୍ତି ବା ବସ୍ତୁ— 2. A good-looking but worthless person.

ଦେଖିବାକୁ ସୁନ୍ଦର କଖାରୁବଡ଼ି—ଚଗ ।

**କଖୁରି**—ପ୍ରାଦେ (ମେଦିନୀପୁର) ବି—କଖାରୁ ( ଦେଖ )— Kakhuri Kakhāru ( See )

| ୯ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଅ | ଉଅ | ଙ୍କ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**କଖେଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—କାଖେଇବା; କାଖକରିବା;
Kakheibā ଶିଶୁମାନଙ୍କୁ କଡ଼ପାଖ ଅଣ୍ଟାରେ ଘୋଡ଼ାରେ ଚଢ଼ିଲା ପରି ବସାଇ ତାଙ୍କୁ ବାହୁବେଷ୍ଟନ କରି ଧରିବା—
To carry a child on the flanks.

**କଖ୍ୟା**—ଗ୍ରା. ବି.—କକ୍ଷା ( ଦେଖ )—
Kakhyā Kakshā ( See )

**କଙ୍କ୍(ଧାତୁ)**—ସଂ.—୧ । ଗମନ କରିବା; ଗତି କରିବା—
Kaṅk (root) 1. To go; to move.
୨ । ପାଇବା—2. To get.

**କଙ୍କ୍ରଡ଼ୁ**— ପ୍ରାଦେ. (ସମ୍ବଲପୁର) ବି—କାଙ୍କଡ଼ା ( ଦେଖ )—
Kaṅkrḍu Kāṅkarḍa ( See )

**କଙ୍କରୋ**—ପ୍ରାଦେ. (ସମ୍ବଲପୁର) ବି—କାଙ୍କଡ଼ା ( ଦେଖ )—
Kaṅkro Kāṅkarḍa ( See )

**କଙ୍କ**—ସଂ. ବି (କଙ୍କ୍ ଧାତୁ=ଯିବା + କର୍ତ୍ତୃ. ଅ)—୧ । ବକ; ବଗ (ପକ୍ଷୀ) —
Kaṅka 1. Egret (bird).
୨ । ବଡ଼ିଆକାଙ୍କ ପକ୍ଷୀ—2. Flamingo.
୩ । ହାଡ଼ଗିଲା ପକ୍ଷୀ ( ପ୍ରକୃତିବାଦ )—
3. Adjutant crane.
୪ । ଛଦ୍ମବେଶୀ ବ୍ରାହ୍ମଣ; ଛଳ ବ୍ରାହ୍ମଣ—
4. A masked Brāhmaṇa.

ହେକଙ୍କରୂପେ ଯହିଁ କେ ତୁମ୍ଭେ ପଶିବ—ଉତ୍ତ. ବୈଦେହୀଶବିଳାସ ।

୫ । କୃତାନ୍ତ; ଯମ—5. The God of Death.
୬ । (ନାମ) ଅଜ୍ଞାତବାସ କାଳରେ ବିରାଟରାଜଙ୍କ ପୁରରେ ଯୁଧିଷ୍ଠିର ଧାରଣ କରିଥିବା ନାମ—6. Name assumed by Judhishṭhira while in sojourn at the house of king Birāṭa.
୭ । କ୍ଷତ୍ରିୟ—7. A person of the Hindu-warrior class.
୮ । କଂସାସୁରଙ୍କ ଭାଇ; ଉଗ୍ରସେନଙ୍କ ପୁତ୍ର—
8. A brother of Kaṁsa.
୯ । (ନାମ) ରାମାୟଣବର୍ଣ୍ଣିତ ଦୈତ୍ୟବିଶେଷ—
9. A demon said of in the Rāmāyaṇa.
ପ୍ରାଦେ. ( ସିଂହଭୂମ ) ବି—କାଙ୍କ ( ଦେଖ )
Kāṅka ( See )
ସଂ. ବିଣ—ସୁଖଦାୟୀ ( ପ୍ରକୃତିବାଦ )—
Giving pleasure.

**କଙ୍କଟ**—ସଂ. ବି. ( କଂ = ବାୟୁକୁ + କଟ୍ ଧାତୁ = ଆବରଣ କରିବା + କର୍ତ୍ତୃ. ଅ )—
Kaṅkaṭa
କବଚ; ବର୍ମ; ସାଞ୍ଜୁ; ଉରସ୍ତ୍ରାଣ—
Coat of mail; breast-plate.

**କଙ୍କଟକ**—ସଂ. ବି. (କଙ୍କଟ + ସ୍ୱାର୍ଥେ. କ)—କଙ୍କଟ ( ଦେଖ )
Kaṅkaṭaka Kaṅkaṭa ( See )

**କଙ୍କଡ଼ା**—ଦେ. ବି. ( ସଂ. କର୍କଟ )—
Kaṅkarḍā ୧ । କୁଳୀର; ଏକ ପ୍ରକାର ଜଳଜୀବ—1. Crab.
কাঁকড়া [ ଦ୍ର—ଏହାର ଆଠ ଗୋଟି ଚାଲିବା ଗୋଡ଼ ଅଛି ଓ
केकड़ा ଆଗରେ ସଣ୍ଡୁଆସି ପରି ଦୁଇଟି ହାତ ଅଛି । ଏହି ହାତରେ ଖାଦ୍ୟାଦିକୁ ଧରେ ଏବଂ ଏହା ଏପରି ଦାଢ଼ୁଆ ଯେ ତହିଁଦ୍ୱାରା ନରମା ଜିନିଷ କଇଁଚିରେ କାଟିବା ପରି କାଟି ହୋଇଯାଏ । ଏହାର ଦେହ ଗୋଲାକାର; ଗୋଟିଏ ଖୋଳଦ୍ୱାରା ଆବୃତ । ପ୍ରତିବର୍ଷ ଏହା ଦେହରୁ ପୁରୁଣା ଖୋଳ ଛାଡ଼ି ପଡ଼େ ଓ ନୂଆ ଖୋଳ କଅଁଳେ । ନାନା ଜାତିର ଓ ନାନା ଆକାରର କଙ୍କଡ଼ା ଅଛନ୍ତି । କେତେକ ମଧୁର ପାଣି ଓ କେତେକ ଲୁଣି ପାଣିରେ ରହନ୍ତି । କାହା କାହାର ଦେହ ପାଣ୍ଡୁର, ଧଳା, ନାଲିଆ ବା କଳା ଅଟେ । ଏମାନଙ୍କ ଦେହର ଆକୃତି ମଣ୍ଡାକାଇଁର ଠାରୁ ପ୍ରାୟ ଛଅ ଇଞ୍ଚ ବ୍ୟାସବିଶିଷ୍ଟ ହୁଏ । ସାଧାରଣ କଙ୍କଡ଼ାମାନେ ବିଲମାନଙ୍କର ହିଡ଼ମୂଳରେ ଓ ପୋଖରୀର ପାଣିକଡ଼ରେ ପାଣିକି ଲାଗି ଗାତ ଖୋଳି ରହନ୍ତି । ମଧୁର ପାଣିରେ ଥିବା ବଡ଼ କଙ୍କଡ଼ାଙ୍କୁ ମାଣ୍ଡିଆ କଙ୍କଡ଼ା ବୋଲାଯାଏ । ନୀଚ ଜାତୀୟ ଲୋକମାନେ କଙ୍କଡ଼ାକୁ ସିଝାଇ ବା ପୋଡ଼ିକରି ଖାଆନ୍ତି । ଏହାର ମାଂସ ବଳକାରକ ଓ ବାତନାଶକ ।
ଏକ ପ୍ରକାର କଙ୍କଡ଼ା ସମୁଦ୍ର ଓ ଚିଲିକାର ଲୁଣି ପାଣିରେ ରହନ୍ତି । ସେଗୁଡ଼ିକ ଖୁବ୍ ବଡ଼ । ସମୁଦ୍ର କଙ୍କଡ଼ା ପାଞ୍ଚ ପ୍ରକାର, ଯଥା—ବ୍ରାହ୍ମଣିଆ କଙ୍କଡ଼ା; ରାଣୀ କଙ୍କଡ଼ା; କଙ୍କଡ଼ା; ଫୁଲିଆ ଓ ମରଡ଼ା । ବିଲ ହିଡରେ ବର୍ଷାଦିନରେ ଏକ ପ୍ରକାର କଙ୍କଡ଼ା ରହନ୍ତି—ଛୋଟ, ଧଳା ଓ ମାଣ୍ଡିଆ ଏହି ତିନି ପ୍ରକାରର ଛୋଟ କଙ୍କଡ଼ା ଦେଖାଯାନ୍ତି । କଙ୍କଡ଼ାମାନେ ଅଣ୍ଡଜ; କଥିତ ଅଛି ମାଈ କଙ୍କଡ଼ାର ପେଟ ଉମ୍ବରେ ଭରିଗଲେ କଙ୍କଡ଼ା ମରିଯାଏ । କଙ୍କଡ଼ାମାନେ ତେରଛା ଚାଲନ୍ତି । ]
୨ । (ଜ୍ୟୋତିଷ) କର୍କଟ ରାଶି—
2. (Astronomy) The Sign of Cancer.
୩ । କଙ୍କଡ଼ା ପରି ମଝି ଗୋଲ ଓ ଚାରିପାଖେ ମୁହଁଆଁ କଣ୍ଟାମାନ ବାହାରିଥିବା ଏକ ପ୍ରକାର ଲୁହା କଣ୍ଟା—
3. An iron-nail with many protruding hooks.

**କଙ୍କଡ଼ାଇ ଧରିବା**—ଦେ. କ୍ରି—କଙ୍କଡ଼େଇ ଧରିବା ( ଦେଖ )
Kaṅkarḍāi dharibā Kaṅkarḍei dharibā ( See )

**କଙ୍କଡ଼ାଇବା**—ଦେ. କ୍ରି—କଙ୍କଡ଼େଇ ଧରିବା ( ଦେଖ )
Kaṅkarḍāibā Kaṅkarḍei dharibā ( See )

**କଙ୍କଡ଼ା କୋଣ**—ପ୍ରାଦେ. (ବାଲେଶ୍ୱର) ବି. (ଜାହାଜିଆ ଶବ୍ଦ)—
Kaṅkarḍā koṇa ବାୟୁକୋଣ; ଉତ୍ତର ପଶ୍ଚିମ କୋଣ—
( Nautical ) The North-west corner.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଙ୍କଡ଼ା ଖୋଳ**—ଦେ. ବ—କଙ୍କଡ଼ା ଦେହରେ ଥିବା କଠିନ ଆବରଣ—
Kaṅkardā khola   The hard shell of a crab.
কাঁকড়াখোলস
**केकड़ाकाखोल**

**କଙ୍କଡ଼ାଗଲା ମାଟି**—ଦେ. ବ—କଙ୍କଡ଼ାମାନେ ଗାତ କରିବା ପାଇଁ ଗାତ-
Kaṅkardāgalā māṭi   ଭିତରୁ ଗ୍ରାହି ଆଣି ଗାତ ମୁହଁରେ ଜମା କରିଥିବା କାଦୁଅ ମାଟି—The earth deposited outside a crab-hole.

**କଙ୍କଡ଼ା ଗାତ**—ଦେ. ବ. ( ସଂ. କର୍କଟ ଓ ଗର୍ତ୍ତ )—
Kaṅkardā gāta   ରହିବାପାଇଁ କଙ୍କଡ଼ା ଯେଉଁ ଗାତ ଖୋଳିଥାଏ—
কাঁকড়ারগর্ত   Crab-hole.
**केकड़ाबिल**

**କଙ୍କଡ଼ାଗୋଡ଼ିଆ**—ଦେ. ବ—ଯେଉଁ ଯାନ ଆସନମାନଙ୍କର ଗୋଡ଼
Kaṅkardāgordiā   କଙ୍କଡ଼ାଗୋଡ଼ ପରି ଶାଖାବିଶିଷ୍ଟ ହୋଇ ଦୁଇ ଅଡ଼କୁ ମେଲା ହୋଇ ତିଆରି ହୋଇଥାଏ—
( furniture ) With forked legs.
ପ୍ରାଦେ. (ଗଡ଼ଜାତ) ବିଣ—କାଦୁଅ ଜମି ଉପରେ ଗୋରୁଙ୍କ ଖୁରାଚିହ୍ନ ଶୁଖି ଟାଣ ହୋଇ ଯାଇଥିବା ( ବାଟ )—
( road ) Consisting of holes made by the foot-prints of cattle and hardened by sun's rays.

**କଙ୍କଡ଼ାବିଛା**—ଦେ. ବ. ( ସଂ. କର୍କଟ ଓ ବୃଶ୍ଚିକ; ଏହାର କଙ୍କଡ଼ା ହାତ
Kaṅkardābichhā   ପରି ଦୁଇଟି ସଣ୍ଢ଼ାସିଭଳି ହାତ ଥିବାରୁ )—
কাঁকড়াবিছা   ୧ । ବିଷାକ୍ତ ଲାଙ୍ଗୁଡ଼ ଥିବା ଏକ ପ୍ରକାର
**बिच्छू; ञारी**   ଅଷ୍ଟପଦୀ ବିଛା—1. Scorpion.
[ ଦ୍ର—ଏମାନେ କଳା ( ବଡ଼ ) ଓ କହରା ( ଛୋଟ ) ଏହିପରି ଦୁଇ ପ୍ରକାରର ଦେଖା ଯାଆନ୍ତି । ]
୨ । (ବଣିଆ ଭାଷା) ସୁନା ବା ରୁପା ତାରର ଗୋଲ ଗୋଲ କଡ଼ିରେ ଗୁନ୍ଥା ହୋଇ ତିଆରି ହୋଇଥିବା ଅଣ୍ଟାର ଅଳଙ୍କାରବିଶେଷ—2. A kind of waist-chain consisting of small flat balls chained together.

**କଙ୍କଡ଼ା ଭୁଡ଼ଭୁଡ଼ି**—ଦେ. ବ—କଙ୍କଡ଼ାମାଟି ( ଦେଖ )
Kaṅkardā bhurdabhurdi   Kaṅkardāmāṭi ( See )

**କଙ୍କଡ଼ାମାଟି**—ଦେ. ବ—କଙ୍କଡ଼ାଗଲା ମାଟି ( ଦେଖ )
Kaṅkardāmāṭi   Kaṅkardāgalā māṭi ( See )
কাঁকড়ামাটি

**କଙ୍କଡ଼ୁ**—ପ୍ରାଦେ (ସମ୍ବଲପୁର) ବ. (ସଂ. କଙ୍କୋଲ)—କଙ୍କ୍ରଡ଼ୁ (ଦେଖ)
Kaṅkardu   Kaṅkrdu (See)

**କଙ୍କଡ଼େଇ ଧରିବା**—ଦେ. କ୍ରି.—କଙ୍କଡ଼ା ସବୁ ଗୋଡ଼ରେ ଯେପରି
Kaṅkardei dharibā   କୌଣସି ବସ୍ତୁକୁ ଚପି ଧରେ, ସେହିପରି
কাঙ্কড়ান   ଯାକୁଡ଼ି ଧରିବା—To hold very tightly as with a vice.

**କଙ୍କଡ଼େଇବା**—ଦେ. କ୍ରି.—କଙ୍କଡ଼େଇ ଧରିବା—
Kaṅkardeibā   Kaṅkardei dharibā (See)

**କଙ୍କଣ୍ ପର୍ କପଟା**—ପ୍ରାଦେ. (ସମ୍ବଲପୁର) ବ. (ହି. କେଙ୍ଗଟା)—
Kaṅkaṅ par kapaṭā   ସ୍ତ୍ରୀ ଲୋକଙ୍କର ପିନ୍ଧିବା ଏକପ୍ରକାର ଚଉଡ଼ାଧଡ଼ିଆ ଖଦି—A coarse cloth of broad rim and small breadth worn by woman.

**କଙ୍କଣ**—ସଂ. ବ. (କଣ ଧାତୁ=ଶବ୍ଦ କରିବା, ଯଙ୍ ଲୁଙ୍ଗନ୍ତ=କଙ୍କଣ ଧାତୁ
Kaṅkaṇa   =ବାରମ୍ବାର ଶବ୍ଦ କରିବା+କର୍ତ୍ତୃ. ଅ; ଯାହା ବାରମ୍ବାର ଶବ୍ଦ କରେ )—
୧ । ହାତ ଖଡ଼ୁ; ହାତରେ ପିନ୍ଧିବା ବଳୟବିଶେଷ—
1. Bracelet; wristlet.

ତାଡ଼ ତୋଡ଼ କଙ୍କଣ ଯେ ଆଉ କର୍ଣ୍ଣାଞ୍ଚଳ
ବଦ ମୁଦ ବାହୁଟୀ କଣ୍ଠରୁ ରତ୍ନମାଳ ।
ସାରଳାମହାଭାରତ. ସୃଷ୍ଟି ।

୨ । ହସ୍ତସୂତ୍ର; ଅନନ୍ତ; ଅନନ୍ତବ୍ରତ—2. Armlet.
୩ । କଙ୍କଣ ପଇତା (ଦେଖ)—3. Kaṅkaṇa paitā (See)
୪ । ପଶ୍ଚିମ ଭାରତର ସହ୍ୟାଦ୍ରି ଠାରୁ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ପ୍ରଦେଶ (ଏହାର ଉତ୍ତର ସୀମା ତାପ୍ତି ନଦୀ)—
4. The Konkan country in Western India.
୫ । (କଂ=ଜଳ+କଣ=ବିନ୍ଦୁ)—ଲୋତକ; ଲୁହ—
5. Tears.
୬ । ଜଳକଣା—6. Particles of water.

ବହଇ କଣ୍ଠ କଙ୍କଣ ମୁଖବା ଉଚ୍ଚାଳ—ଉକ୍ତ. ବୈଦେହୀଶବିଳାସ ।

**କଙ୍କଣ ପଇତା**—ଦେ. ବ. (ସଂ. କଙ୍କଣ ଓ ଉପବୀତ)—
Kaṅkaṇa paitā   ବିବାହ ସମୟରେ ବରର ହାତ ଗଣ୍ଠିରେ ଗୁଡ଼ା-ଯିବା ସୂତା—Marriage-string fastened round the wrist of a bride-groom.

**କଙ୍କଣବାସୀ ବ୍ରାହ୍ମଣ**—ସଂ. ବ. ଦକ୍ଷିଣାପଥର ଏକ ଶ୍ରେଣୀୟ ବ୍ରାହ୍ମଣ—
Kaṅkaṇabāsi Brāhmaṇa   A class of Brāhmaṇas in South India.
[ଦ୍ର—ଏମାନେ ମହାରାଷ୍ଟ୍ରୀୟ ବ୍ରାହ୍ମଣମାନଙ୍କ ମଧ୍ୟରେ ଉନ୍ନତ । ଏମାନଙ୍କ ଅବସ୍ଥା ପ୍ରଥମେ ବଡ଼ ଶୋଚନୀୟ ଥିଲା । ୧୭୧୫ ଖ୍ରୀଷ୍ଟାବ୍ଦରୁ ପେଶବା ବାଲାଜିବିଶ୍ୱନାଥଙ୍କ ଅଭ୍ୟୁଦୟରେ ଏମାନଙ୍କର ଉନ୍ନତି ଆରମ୍ଭ ହେଲା । ବାଲାଜିବିଶ୍ୱନାଥ ଏହି ଶ୍ରେଣୀୟ ବ୍ରାହ୍ମଣ ଥିଲେ । ସ୍କନ୍ଦ ପୁରାଣରେ ଲିଖିତ ଅଛି ଯେ ଏମାନେ ପରଶୁରାମଙ୍କ ସୃଷ୍ଟ ବ୍ରାହ୍ମଣ । ଏମାନଙ୍କ ମଧ୍ୟରେ ବର୍ତ୍ତମାନ ଅନେକ ଶାସ୍ତ୍ରବିତ୍ ଓ ବେଦଜ୍ଞ ବ୍ରାହ୍ମଣ ଦେଖାଯାନ୍ତି । ଅଧିକାଂଶ ସରକାରୀ ଚାକିରୀ ଓ ଦେଶୀୟ ରାଜ୍ୟର ମନ୍ତ୍ରିତ୍ୱ ଏମାନଙ୍କର ଏକଚାଟିଆ ।
(ପ୍ରକୃତିବାଦ) । ]

**କଙ୍କଣା**—ଦେ. (ପଦ୍ୟ) ବ. (ସଂ. କଙ୍କଣ)—୧ । ଜଳକଣା—
Kaṅkaṇā   1. Particles of water.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ରୃ,ର୍‌ | ୠ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଉଅ | ଝ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ଳ୍ହ |

୨ । (ଲକ୍ଷଣାର୍ଥେ) ଲୁହ—2. Tears.

ଭବବନ୍ଧନଲକ୍ଷଣା ଚେ ନେତ୍ର ସୁପତ୍ରସ୍ୱଗ କଙ୍କଣା ।
ଉକ୍ତ. ପ୍ରେମସୁଧାନିଧି ।

**କଙ୍କଣୀ**—ସଂ.ବି. (କଣ୍ ଧାତୁର ପୌନଃପୁନ୍ୟାର୍ଥକ ବା ଯଙ୍‌ଲୁଗନ୍ତରୂପ
Kankani କଙ୍କଣ ଧାତୁ=ବାରମ୍ବାର ଶବ୍ଦ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଈ)—ଘୁଙ୍ଗୁର; କିଙ୍କିଣୀ; ଅଳଙ୍କାରରୂପେ ଗୋଡ଼ଗଣ୍ଠିରେ ପିନ୍ଧାଯିବା ସାନସାନ ଘଣ୍ଟିର ମାଳ; ଘାଗୁଡ଼ି—
String of small bells worn as ornament on the ankles.

**କଙ୍କତ**—ସଂ. ବି. ( କଙ୍କ ଧାତୁ=ଗତି କରିବା+କର୍ତ୍ତୃ. ଅତ; ଯାହା
Kankata କେଶ ମଧ୍ୟରେ ଗତି କରେ )—କଙ୍ଗେଇ; ପାନିଆ; ଚିରୁଣି—Comb.

**କଙ୍କତକ**—ସଂ. ବି. ( କଙ୍କତ+ସ୍ୱାର୍ଥେ. କ )—କଙ୍କତ (ଦେଖ)
Kankataka Kankata (See)

**କଙ୍କତଦେହୀ**—ସଂ. ବି. (ଜୀବବିଜ୍ଞାନ ପରିଭାଷା; ଆଧୁନିକ ପ୍ରୟୋଗ)—
Kankatadehi ପାନିଆ ଦାନ୍ତପରି କଣ୍ଟାଦ୍ୱାରା ଆବୃତ ଗୋଲାକାର କୋମଳାଙ୍ଗ ସାମୁଦ୍ରିକଜୀବବିଶେଷ ( କ୍ଷୀରେନ୍ଦ୍ର । )—
Ctenophore.

**କଙ୍କତିକା**—ସଂ. ବି. (କଙ୍କତ+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—କଙ୍କତ (ଦେଖ)
Kankatika Kankata (See)

କଙ୍କତିକା ଅନୁରଣ ରଞ୍ଜନ ହେଉଣ କେଶ ।
ପ୍ରାଚୀନ ସଙ୍ଗୀତ ।

**କଙ୍କତୀ**—ସଂ. ବି. ସ୍ତ୍ରୀ. ( କଙ୍କତ+ସ୍ତ୍ରୀ. ଈ )—କଙ୍କତ ( ଦେଖ )
Kankati Kankata (See)

**କଙ୍କପକ୍ଷ**—ସଂ. ବି. (୬ଷ୍ଠୀ ତତ୍; କଙ୍କ+ପକ୍ଷ)—ବଗ୍ଧିଆକାଙ୍କର ପକ୍ଷ ବା
Kankapaksha ଡେଣା—The wing of a flamingo.

**କଙ୍କପକ୍ଷୀ**—ସଂ. ବି.—ପକ୍ଷୀବିଶେଷ; ବଗ୍ଧିଆକାଙ୍କ—
Kankapakshi Flamingo.

ଦେ. ବି. (ଏହାର ପୁଚ୍ଛରେ କଙ୍କପକ୍ଷ ଯୁକ୍ତ ହୋଇଥିବାରୁ)—
ବାଣବିଶେଷ—A sort of arrow.

କଙ୍କପକ୍ଷୀ ଲୌହ ଶର ଅଛି ଗଣ୍ଡ ମୁନା ।
ସାରଳା. ମହାଭାରତ ।

**କଙ୍କପତ୍ର**—ସଂ. ବି. ( ୬ଷ୍ଠୀ ତତ୍; କଙ୍କ=କଙ୍କପକ୍ଷୀ+ପତ୍ର=ପକ୍ଷ )—
Kankapatra ୧ । ବଗ୍ଧିଆକାଙ୍କର ପକ୍ଷ—
1. Flamingo feather.

୨ । (ଏହା କଙ୍କପକ୍ଷଯୁକ୍ତ ଥିବାରୁ; ବହୁବ୍ରୀହି; କଙ୍କ+ପକ୍ଷ)-
ବାଣ; ଶର—2. Arrow furnished with flamingo-feather.

ବହନକୁ ଛେଦ ତୋ କଙ୍କପତ୍ରେ । ଉକ୍ତ. ବୈଦେହୀଶବିଳାସ ।

ସଂ. ବିଣ—କଙ୍କପକ୍ଷଯୁକ୍ତ—Furnished with flamingo feather.

**କଙ୍କପୁରୀ**—ସଂ. ବି. ( କଙ୍କା=ସୁଖଦାୟିକା+ପୁରୀ )—
Kankapuri ବାରାଣସୀ; କାଶୀ ( ପ୍ରକୃତିବାଦ )—
Benares.

**କଙ୍କମାଳା**—ସଂ. ବି. ( କଙ୍କ=କରଗ୍ରପଲ୍ୟ+ମଲ୍ ଧାତୁ=ଧାରଣ
Kankamala କରିବା+କର୍ତ୍ତୃ. ଅ+ଆ)—
କରତାଳ ବାଦ୍ୟ ( କ୍ଷୀରେନ୍ଦ୍ର )—
A kind of clapping musical instrument.

**କଙ୍କମୁଖ**—ସଂ. ବି. ( ବହୁବ୍ରୀହି; କଙ୍କ+ମୁଖ; କଙ୍କର ମୁଖ ପରି ମୁଖ
Kankamukha ଯାହାର )—୧ । ଚିମୁଟା; ସଣ୍ଡାଶି—
1. A pair of tongs; pincers.

୨ । ସ୍ୱଶରୀର ବିଦ୍ଧ ଶଲ୍ୟୋଦ୍ଧାରକ ଯନ୍ତ୍ରବିଶେଷ—
2. A pair of surgical forceps for extracting nails from the body.

**କଙ୍କର**—ସଂ. ବି. ( କଂ=ଶବ୍ଦାନୁକରଣ ଧ୍ୱନି+କୃ ଧାତୁ=କରିବା
Kankara +କର୍ତ୍ତୃ. ଅ; ତୁଳ. ଇଂ. କଙ୍କ୍ରିଟ୍)—
୧ । ବାଲିଗରଡ଼ା; ସାନ ଗୋଡ଼ି—
1. Concrete; gravel; pebbles; grit.

୨ । ( କଂ=ଜଳ+କୃ ଧାତୁ+କର୍ତ୍ତୃ. ଅ )—
ତକ୍ର; ଘୋଳ ଦହି—2. Churned sour milk.

ସଂ. ବିଣ.—କର୍କଶ—Rough; having grating sound.

**କଙ୍କରିଳ**—ସଂ. ବିଣ. ( କଙ୍କର+ ଯୁକ୍ତାର୍ଥେ ଇଲ)—
Kankarila କଙ୍କରଯୁକ୍ତ; ଗୋଡ଼ିଆ—Gravelly.

କାହିଁ ଥୋଇ ସେହି ବର୍ତ୍ମ କଙ୍କରିଲ ।
ରାଧାନାଥ, ମହେନ୍ଦ୍ରଗିରି ।

**କଙ୍କରୋ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କଙ୍କରୋଳ )—
Kankaro କାଙ୍କଡ଼ ( ଦେଖ )
Kānkarda ( See )

**କଙ୍କରୋଳ**—ସଂ. ବି.—କାଙ୍କଡ଼ ( ଦେଖ )
Kankarola Kānkarda ( See )

**କଙ୍କଶାୟ**—ସଂ. ବି. ( କଙ୍କ=ପକ୍ଷୀ+ଶୀ ଧାତୁ ଣିଚ୍=ଶାୟି ଧାତୁ=
Kankasāya ଶୁଆଇବା+କର୍ତ୍ତୃ. ଅ; ଯେ କଙ୍କପକ୍ଷୀଙ୍କୁ ଶିକାର କରି ଶୁଆଇଦିଏ ଅର୍ଥାତ୍ ମାରିପକାଏ )—କୁକୁର—Dog.

**କଙ୍କା**—ସଂ. ବି. ସ୍ତ୍ରୀ.—୧ । (ନାମ) ଉଗ୍ରସେନଙ୍କ କନ୍ୟା (ଏ ବସୁଦେବଙ୍କ
Kanka ଭାଇଙ୍କୁ ବିବାହ କରିଥିଲେ)—
1. The daughter of Ugrasena.

୨ । ଶ୍ରୀଖଣ୍ଡ; ଶ୍ୱେତଚନ୍ଦନ—2. White sandal.

ସଂ ବିଣ. ସ୍ତ୍ରୀ. ( କଙ୍କ+ଆ )—ସୁଖଦାୟିନୀ (ପ୍ରକୃତିବାଦ)—
Giving pleasure or happiness.

**କଙ୍କାଉ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କଙ୍କତିକା )—
Kankai ପାନିଆଁ—Comb.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ, ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଙ୍କାଳ**—ସଂ.ବି.(କଙ୍କ ଧାତୁ = ଗମନ କରିବା + ସଂଜ୍ଞାର୍ଥେ କର୍ତ୍ତୃ. ଆଲ) —
Kankāḷa ୧ । ଅସ୍ଥିପଞ୍ଜର—1. Skeleton.
ହାଡ଼ମାଳ କଙ୍କାଳ ଯେ ବହୁଥାଏ ଦେହେ ।
ସାରଳା. ମହାଭାରତ ।
୨ । କଟିକଙ୍କାଳ; କଟିହାଡ଼—2. The bone of the loins.
୩ । ପଞ୍ଜରାହାଡ଼—3. The ribs on the sides.
ଦେ. ବି—କାଖତଳ; ପାର୍ଶ୍ୱ—The side of the body; flank.

**କଙ୍କାଳପାଟି** – ଦେ. ବି.—କଙ୍କାଳବାଡ଼ି ( ଦେଖ )
Kankāḷapāṭi Kankāḷabāṛdi (See)

**କଙ୍କାଳବାଡ଼ି**—ଦେ. ବି.– ପଞ୍ଜରାହାଡ଼ ଥିବା ଶରୀରର ପାର୍ଶ୍ୱଦେଶ —
Kankāḷabāṛdi The sides of the body over the ribs.

**କଙ୍କାଳମାତ୍ରାବଶିଷ୍ଟ**— ସଂ. ବିଣ. ପୁଂ. ( ବହୁବ୍ରୀହି; କଙ୍କାଳମାତ୍ର ଅବଶିଷ୍ଟ
Kankāḷamātrābaśisṭa ଅଛି ଯାହାର )—ଅତି କ୍ଷୀଣ;
କଙ୍କାଳମୟ ଶରୀରଯୁକ୍ତ —Reduced to skeleton; very lean.

**କଙ୍କାଳମାଳ**—ସଂ. ବି. (୬ଷ୍ଠୀ ତତ୍; କଙ୍କାଳ + ମାଳ)—୧ । ଶିବ ଓ
Kankāḷamāḷa କାଳୀ ପିନ୍ଧିଥିବା ଅସ୍ଥିରେ ଗୁନ୍ଥା ଯାଇଥିବା ମାଳା—
1. A necklace of bones (worn by God Śiba)
୨ । ଅସ୍ଥି ସମୂହ—2. A collection of bones.
ଦେ.ବିଣ.—କଙ୍କାଳମାତ୍ରାବଶିଷ୍ଟ—Reduced to skeleton

**କଙ୍କାଳମାଳା**—ସଂ. ବି.—କଙ୍କାଳମାଳ ( ଦେଖ )
Kankāḷamāḷā Kankāḷamāḷa ( See )

**କଙ୍କାଳମାଳିନୀ**—ସଂ. ବିଣ. ସ୍ତ୍ରୀ. ( କଙ୍କାଳମାଳା + ଅସ୍ତି ଅର୍ଥରେ ଇନ
Kankāḷamāḷinī + ସ୍ତ୍ରୀ. ଈ)—୧ । ଅସ୍ଥିମାଳାଧାରିଣୀ—
1. Wearing a string of bones.
୨ । ରୁଦ୍ରାଣୀ; କାଳୀ—2. An epithet of Goddess Kāḷī.

**କଙ୍କାଳମାଳୀ**—ସଂ. ବିଣ. ପୁଂ. ( କଙ୍କାଳମାଳା + ଅସ୍ତି ଅର୍ଥରେ ଇନ୍
Kankāḷamāḷī ୧ ମା. ୧ ବ. )— ଅସ୍ଥିମାଳାଧାରୀ—
(କଙ୍କାଳମାଳିନୀ – ସ୍ତ୍ରୀ) Wearing a string of bones.
ସଂ. ବି. ପୁଂ.— ଶିବ—An epithet of God Siba.

**କଙ୍କାଳସାର**—ସଂ. ବିଣ.—(ବହୁବ୍ରୀହି; କଙ୍କାଳ ଅଟେ ସାର ଯାହାର)—
Kankāḷasāra କଙ୍କାଳମାତ୍ରାବଶିଷ୍ଟ—
Reduced to skeleton.

**କଙ୍କାଳି**—ପ୍ରାଦେ. (ମେଦିନୀପୁର) ବି. (ସଂ. କଙ୍କାଲ; ତୁଳ. ବ. କାଁକାଲ୍)—
Kankāḷi ୧ । କାଖ—1. The part of the sides above the waist on which grown up people carry children straddle-legged.
୨ । କୋଡ଼; ଅଙ୍କ; କୋଡ଼ —2. Lap.

**କଙ୍କାଳିଆ**—ଦେ. ବିଣ. (ସଂ. କଙ୍କାଳୀ)—କଙ୍କାଳମାତ୍ରାବଶିଷ୍ଟ—
Kankāḷiā Reduced to skeleton.

**କଙ୍କାଳୀ**—ଦେ. ବି. ସ୍ତ୍ରୀ. (ସଂ. କଙ୍କାଳ + ଈ)—
Kankāḷī ୧ । କଙ୍କାଳମାଳିନୀ (ଦେଖ)
1. Kankāḷamāḷinī (See)
ଚାମୁଣ୍ଡା ଚର୍ଚ୍ଚିକା ଆଉ କଙ୍କାଳୀ ବେତାଳୀ—ସାରଳା ମହାଭାରତ. ଉଦ୍ୟୋଗ ,
୨ । ଶରବିଶେଷ—2. A kind of arrow.
ପାତାଳରେ ଥିଲା ପରି କଙ୍କାଳୀ ବେଢ ଲା—ସାରଳା ମହାଭାରତ. ଉଦ୍ୟୋଗ ।
ସଂ. ବିଣ. ପୁଂ (କଙ୍କାଳ + ଇନ୍; ୧ମା. ୧ବ.)—
(କଙ୍କାଳିନୀ ସ୍ତ୍ରୀ) ଯେଉଁ ଜୀବର କଙ୍କାଳ ଅଛି—
Having skeleton or ribs.

**କଙ୍କି**—ଦେ.ବି.—ଏକଜାତୀୟ ଚାରିପକ୍ଷ ଓ ଦୀର୍ଘ ଲାଙ୍ଗୁଡ଼ବିଶିଷ୍ଟ ପତଙ୍ଗ—
Kanki Dragon fly.
**ঝিল্লিফড়িং, फिङ्गफिङ्ग** ଉଡୁକି ଶିଶୁଙ୍କ ତେଲ ଗିଳଣ—ରାଧାନାଥ. ତୁଳସୀସ୍ତବକ ।
**टिकुलि, चमकि**

**କଙ୍କିଧରଣ ମାଆ ମରଣ**— ଦେ. ପ୍ରବଚନ—ପିଲାମାନେ କଙ୍କି ଧରିବାକୁ
Kankidharaṇa māā maraṇa ଭୁଲପାଆନ୍ତି । ସେମାନଙ୍କୁ ତହିଁରୁ ନିବର୍ତ୍ତାଇବା ପାଇଁ ଏ ପ୍ରବଚନ ପ୍ରଯୁଜ୍ୟ;—କଙ୍କି ଧଇଲେ ମା ମରିଯିବ—(A saying intended to make children desist from catching dragon-flies) To catch dragon-flies portends mother's death.

**କଙ୍କୁ**—ସଂ. ବି. (କଙ୍କ + ଉ)—୧ । ଏକପ୍ରକାର ଘାସ; କାଙ୍ଗୁ ତୃଣ—
Kanku 1. A kind of grass.
୨ । (ନାମ) ଉଗ୍ରସେନଙ୍କ ପୁତ୍ର; କଂସଙ୍କ ଭାଇ—
2. A son of Ugrasena; brother of Kaṁsa.

**କଙ୍କୁଆ**—ପ୍ରାଦେ. (ସମ୍ବଲପୁର) ବି. (ସଂ. କଙ୍କତିକା)—
Kankuā କଙ୍କତିକା; ପାନିଆଁ—Comb; hair-comb.

**କଙ୍କୁଷ୍ଠ**—ସଂ. ବି. (କଙ୍କୁ + ସ୍ଥା ଧାତୁ + ଅ)—
Kankushṭha ୧ । ହରିତାଳବର୍ଣ୍ଣର ପାଷାଣବିଶେଷ (ଜ୍ଞାନେନ୍ଦ୍ର)—
1. A kind of yellow stone.
୨ । ହିମାଳୟପ୍ରଦେଶସ୍ଥ ହରିତାଳ ପରି ପୀତବର୍ଣ୍ଣ ମୃତ୍ତିକାବିଶେଷ—
2. A kind of yellow soil found in the Himalayan regions.
[ଦ୍ର—ଏ ମୃତ୍ତିକା ଦୁଇ ପ୍ରକାରର । ଏକ ପ୍ରକାରର ବର୍ଣ୍ଣ ଧଳା, ଏହାକୁ ତାରପ୍ରଭ ବୋଲାଯାଏ; ଅନ୍ୟ ପ୍ରକାରର ପୀତବର୍ଣ୍ଣ, ଏହାକୁ ସ୍ୱର୍ଣ୍ଣପ୍ରଭ ବୋଲାଯାଏ । ସ୍ୱର୍ଣ୍ଣପ୍ରଭ କଙ୍କୁଷ୍ଠ ଶ୍ରେଷ୍ଠ । ଏହାକୁ ଶୋଧିତ କରି ବ୍ୟବହାର କଲେ କଫ, ବାୟୁ, ବ୍ରଣ ଓ ଶୂଳରୋଗର ହିତକର ହୁଏ—ପ୍ରକୃତିବାଦ] ।

**କଙ୍କେଇ**—ପ୍ରାଦେ. (ସମ୍ବଲପୁର) ବି. (ସଂ. କଙ୍କତୀ)—ପାନିଆଁ—
Kankei Comb; hair-comb.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ନ |

**କଙ୍କେଲ**—ସଂ. ବି.—ଅଶୋକବୃକ୍ଷ—
Kankela Janissus Asoca (tree)

**କଙ୍କେଲି**—ସଂ. ବି.— କଙ୍କେଲ (ଦେଖ)
Kankeli Kankela (See)

**କଙ୍କେଲ୍ଲି**—ସଂ. ବି.— କଙ୍କେଲ (ଦେଖ)
Kankelli Kankela (See)

**କଙ୍ଖାର୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. କର୍କାରୁ)—ପାଣିକଖାରୁ—
Kankhār White gourd.
[ଦ୍ର—ଲରିଆ ଭାଷାରେ ଏହାକୁ କୁଷ୍ମୁଡ଼ା କହନ୍ତି ଏବଂ ସମ୍ବଲପୁରରେ ବୋଇତିକଖାରୁକୁ ମାଖନ କହନ୍ତି ]।

**କଙ୍ଖାରୁ**—ପ୍ରାଦେ. (ସମ୍ବଲପୁର) ବି (ସଂ. କର୍କାରୁ)–କଙ୍ଖାର୍ (ଦେଖ)—
Kankhāru Kankhār (See)

**କଙ୍ଗଡ଼ା**—ଦେ. ବି – ଓଡ଼ିଶା ଗଡ଼ଜାତର ବନଜାତ ବୃକ୍ଷବିଶେଷ
Kangarḍā (ଏହାର କାଠ ଖୁବ୍ ଟାଣୁଆ ହେବାରୁ ଏହା ଶଗଡ଼
**ଗୁଡ଼ିଆ** ଓ ଲଙ୍ଗଳ ଗଢ଼ିବାରେ ଲାଗେ) —Xyleado Abriformis (tree).

**କଙ୍ଗନ୍**—ଦେ. ବି (ବଣିଆଶବ୍ଦ)—କଙ୍କଣ ( ଦେଖ )—
Kangan Kankana (See)

**କଙ୍ଗରା**—ଦେ. ବି—କଙ୍ଗଡ଼ା ( ଦେଖ )—
Kangarā Kangarḍā (See)

**କଙ୍ଗାଇ**—ଦେ. ବି (ସଂ. କଙ୍କତିକା)—ପାନିଆଁ—
Kangāi Hair-comb.

**କଙ୍ଗାରୁ**—ବୈଦେ. ବି. (ଅଷ୍ଟ୍ରେଲିଆ ଦେଶୀୟ ଭାଷା)–ଅଷ୍ଟ୍ରେଲିଆର ଦ୍ୱିଗର୍ଭ
Kangāru ବନ୍ୟଜନ୍ତୁବିଶେଷ—Kangaroo; Macropus major.
[ ଦ୍ର—ଏମାନଙ୍କର ଆଗଗୋଡ଼ ସାନ; ଏମାନେ ଉଚ୍ଚରେ ୧୪ ଫୁଟ ପର୍ଯ୍ୟନ୍ତ ବଢ଼ନ୍ତି; ଏମାନଙ୍କ ତଳପେଟରୁ ଲାଗି ଗୋଟିଏ ଚମର ମୁଣି ବା ପକେଟ୍ ଥାଏ, ସେ ମୁଣିରେ ଏମାନେ ଛୁଆଙ୍କୁ ପୂରାଇ ବିଚରଣ କରନ୍ତି । ଏମାନଙ୍କ ପଛ ଗୋଡ଼ ଓ ଲାଞ୍ଜ ବଡ଼ । ]

**କଙ୍ଗାଲ (ଇତ୍ୟାଦି)**—ଦେ. ବିଣ—କାଙ୍ଗାଲ ଇତ୍ୟାଦି ( ଦେଖ )—
Kangāla (etc) Kāngāla etc ( See )

**କଙ୍ଗାଲି ( ଇତ୍ୟାଦି )**—ଦେ. ବିଣ—କାଙ୍ଗାଲ ଇତ୍ୟାଦି ( ଦେଖ )—
Kangāli (etc) Kāngāla etc (See)
କଙ୍ଗାଳ ବରତ ଥାଳୀ ସେ ମୋରତ ନାମ,
ଜୋଗତ ଦୁଃଖ ଖୋଇ । ଅଭିମନ୍ୟୁ. ବେଦକୁତ୍ରାଣ

**କଙ୍ଗାଲିଆ**—ଦେ. ବିଣ— କାଙ୍ଗାଲିଆ ( ଦେଖ )—
Kangālia Kāngālia (See)

**କଙ୍ଗୁ**—ସଂ. ବି—ଧାନ୍ୟବିଶେଷ—
Kangu A kind of paddy like grass; Panicum Italicum.
[ ଦ୍ର—ଏହି ଧାନ୍ୟ ଶ୍ୟାମଲ ( ଶୁଆଁ ), ଚୀନକ ( ଚୀନା ), କଙ୍ଗୁ ( କଡ଼ିମା ) ଓ କୋଦ୍ରବ (କୋଦୁଅ ) ଭେଦରେ ଏବଂ ଶ୍ୱେତ, ପୀତ, କୃଷ୍ଣ ଓ ରକ୍ତବର୍ଣ୍ଣ ଭେଦରେ ଗୁରୁ ପ୍ରକାର । ବଣଜାତ ଓ ଖେତ୍ରୋଭବ ଭେଦରେ କୋଦ୍ରବ ଧାନ୍ୟ ଦୁଇ ପ୍ରକାର—କ୍ଷ୍ମାନେନ୍ଦ୍ର । ]

**କଙ୍ଗୁକା**–ସଂ. ବି (କଙ୍ଗୁ+ସ୍ୱାର୍ଥେ କ+ଆ)–କଙ୍ଗୁ ( ଦେଖ )—
Kangukā Kangu (See)

**କଙ୍ଗୁଣୀ**–ସଂ. ବି —୧ । କଙ୍ଗୁ ( ଦେଖ )
Kanguni 1. Kangu ( See )
୨ । ଜ୍ୟୋତିଷ୍ମତୀ ( ଦେଖ )—2. Jyotishmatī (See)

**କଙ୍ଗୁଷ୍ଠ**—ଦେ. ବି —୧ । କାମ୍ପିଲ୍ୟକ ( ଦେଖ )—
Kangushṭha 1. Kāmpilyaka ( See )
୨ । ମୁଦ୍ରାଶଙ୍ଖ (ଦେଖ)—2. Mudrāsankha (See)

**କଙ୍ଗେଇ**—ଦେ. ବି. ( ସଂ. କଙ୍କତ )—ପାନିଆଁ—
Kangei Comb.

**କଙ୍ଗ୍ରେସ୍**—ବୈଦେ. ବି ( ଇଂ. କଙ୍ଗ୍ରେସ୍ସ୍ )—୧ । ଜାତୀୟ ମହାସଭା—
Kangres 1. National gathering.
୨ । ଭାରତ ଜାତୀୟ ମହାସଭା—
2. The Indian National Congress.

**କଙ୍ଗ୍ରେସ୍ କମିଟି**—ଦେ. ବି. (ଇଂ. କଙ୍ଗ୍ରେସ୍ସ୍ କମିଟି )—ଭାରତଜାତୀୟ
Kangres kamiṭi ମହାସଭାର ଅଧୀନସ୍ଥ ସ୍ଥାନୀୟ ବା ଶାଖା ସଭା—Congress committee.

**କଙ୍ଗୋଦ ରାଜ୍ୟ**—ଦେ. ବି (ପ୍ରାଚୀନ ନାମ)—ଓଡ଼ିଶାର ପ୍ରାଚୀନ ରାଜ୍ୟ-
Kangoda rājya ବିଶେଷ—
An ancient state of Orḍisā.
[ଦ୍ର—ଆଧୁନିକ ବାଣପୁର, ଖଲ୍ଲିକୋଟ, ଗଞ୍ଜାମର ଆଠଗଡ଼, ରଣପୁର ଓ ନୂଆଗଡ଼ ନେଇ ଏ ରାଜ୍ୟ ଗଠିତ ହୋଇଥିଲା ଓ ସମ୍ଭବତଃ ଖୋରଧା ଅନ୍ତର୍ଗତ ଆଧୁନିକ ବାଣପୁର ଏହି ରାଜ୍ୟର ରାଜଧାନୀ ଥିଲା ଓ କରବଂଶୀୟ ରାଜାମାନେ ଏଠାରେ ରାଜତ୍ୱ କରୁଥିଲେ—କୃପାସିନ୍ଧୁ. ଉତ୍କଳ ଇତିହାସ । ]

**କଙ୍ଘାଇ**—ଗ୍ରା. ବି. (ସଂ. କଙ୍କତିକା)— ପାନିଆଁ—
Kanghāi Comb.

**କଙ୍ଘେଇ**—ଗ୍ରା. ବି.— କଙ୍ଘାଇ (ଦେଖ)
Kanghei Kanghāi (See)

**କଚ୍** (ଧାତୁ )—ସଂ.— ବନ୍ଧନ କରିବା —
Kach (root) To tie; to bind.

**କଚ୍‌କଚ୍**— ଦେ. ବି. (ଧ୍ୱନ୍ୟନୁକରଣ)— ବକ୍‌ବକ୍; ବାକ୍ୟବିତଣ୍ଡା; ବିବାଦ—
Kachkach Wordy noise.
**कचकच** ଦେ. କ୍ରି. ବିଣ.— କଚ୍‌କଚ୍ ଶବ୍ଦରେ ( କାଟିବାର ଧ୍ୱନିକୁ
**कचकच** ଅନୁକରଣ କରି) —Onomatopoeic sound expressive of hacking and friction.
ଦେ. ଅ.(ଧ୍ୱନ୍ୟନୁକରଣ)—ତୀକ୍ଷ୍ଣଧାର ଅସ୍ତ୍ରଦ୍ୱାରା କୋମଳ ବସ୍ତୁକୁ ଉପର୍ଯ୍ୟୁପରି କାଟିବାର ଶବ୍ଦ—Sound of hacking a soft thing with a sharp weapon.

| ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ । |
|---|

( ଯଥା—କଦଳୀମଞ୍ଜାକୁ ପନିକିରେ କର୍କର୍ କରି କାଟି ପକାଇଲା ) ।

ପ୍ରାଦେ. ( ସମ୍ବଲପୁର ) ବି.—୧ । ଅସୁବିଧା— 1. Inconvenience.
୨ । କଳହ—2. Quarrel.
୩ । ବ୍ୟସ୍ତତା—3. Trouble; vexation.
୪ । ଗୋଳମାଳ—4. Noise; ado.

**କଚ୍‌କଚ୍ କରିବା**—ପ୍ରାଦେ. (ସମ୍ବଲପୁର) କ୍ରି.—କଚର୍ କଚର୍ କରିବା (ଦେଖ)
Kachkach karibā — Kachar kachar karibā (See)

**କଚ୍‌କଚିଆ**—ଗ୍ରା. ବିଣ.—୧ । ଜଟିଳ; ଜଟଜଟିଆ—
Kachkachiā — 1. Tangled; complex.
କচকচে — ୨ । ବିରକ୍ତିକର—2. Teasing; vexing.

**କଚ୍‌କାଚ୍**—ଦେ. ଅ. ( ଧ୍ୱନ୍ୟନୁକରଣ )—ଭୂମିରେ କଚ ହୋଇ ପଡ଼ିଗଲା ପରି ଶବ୍ଦ କରି ଥରକୁ ଥର ପଡ଼ିଯିବା—
Kachkāch — Falling down by producing repeated thumping sounds.
( ଯଥା—ସେ କଚ୍‌କାଚ୍ ପଡ଼ିଲା । )

**କଚ**—ସଂ. ବି. (କଚ୍ ଧାତୁ=ବନ୍ଧନ କରିବା+କର୍ମ. ଅ; ଯାହାକୁ ବନ୍ଧନ କରାଯାଏ )—
Kacha
୧ । କେଶ; ମୁଣ୍ଡବାଳ—1. Hair.
୨ । ଶୁଷ୍କ ବ୍ରଣ; ବ୍ରଣର ଦାଗ—
2. A healed sore; cicatrix.
୩ । ମେଘ—3. Cloud.
୪ । ( +କର୍ତ୍ତୃ. ଅ )—ବୃହସ୍ପତିଙ୍କ ପୁତ୍ର—
4. A son of Bṛuhaspati.
୫ । ( +ଭାବ. ଅ )—ବନ୍ଧ; ବନ୍ଧନ—
5. Bond; binding.
୬ । ଶୋଭା—6. Beauty; splendour.

**କଚଟ୍**—ଦେ. ବିଣ. ( ସଂ. କଚର )—
Kachaṭ — ୧ । ଚେମଡ଼ା; କୋଚଟ—1. Tough; tenacious.
୨ । ମଳଆ; କୋଚଟ୍ଟ—2. Unclean; dirty.
୩ । ଅତି କୃପଣ—3. Miserly.

**କଚଟା**—ପ୍ରାଦେ. ( ଗଡ଼ଜାତ ) ବି—ପିଣ୍ଡାର ଖମ୍ବ ଓ କାନ୍ଥର ମଝିରେ ଥିବା ଖମ୍ବ ମଧ୍ୟରେ ଦିଆ ଯାଇଥିବା ଅଡ଼କାଠ—
Kachaṭā — Cross-bar joining a veranda-pillar with the wall-pillar.

**କଚଟି**—ଦେ. ବି—୧ । ହାତଗଣ୍ଠି; ପାପୁଲି ଓ ନଳ ହାଡ ମଧ୍ୟରେ ଥିବା ଗଣ୍ଠି—1. Wrist.
Kachaṭi
হাতেরকব্জা — ଚଉଦ୍ରରେ ପଇଞ୍ଚ ଖଡ଼ିକି ଲାଇ
পহুঁচা — ବାହାରଲେ ବାହାମାନଙ୍କୁ ଚିହ୍ନାଇ । କୃଷ୍ଣସିଂ. ମହାଭାରତ. ବନ୍ତ ।
୨ । ହସ୍ତାଲଙ୍କାରବିଶେଷ—2. Wristlet.
କଚଟି ବାହୁଟି ଅଙ୍ଗ କଟି ଓଢ଼ଣୀ । ମଥୁରାମଙ୍ଗଳ ।
୩ । କଟି ପାର୍ଶ୍ୱସ୍ଥ ହାଡ଼—
3. The bones on the sides of the loins.

**କଚଟିଆ**—ଦେ. ବିଣ. ( ସଂ. କଚର )—
Kachaṭiā — ୧ । ଚେମଡ଼ା—1. Tenacious.
लसलसा, चिपचिपा — ୨ । ଅତି ମଳଆ; କୋଚଟ୍ଟ—
2. Very unclean; dirty.
୩ । କଞ୍ଜୁସିଆ; ଅତି କୃପଣ; ଗଣ୍ଠିଆ—
3. Very miserly.

**କଚଡ଼ା**—ଦେ. ବି—୧ । ଗୋଡ଼ ଖସି ପିଚ୍ଛ ମାଡ଼ି ପଡ଼ିଯିବା—
Kacharḍā — 1. Falling down with buttocks on the ground with a thud.
আছাড়
पटक — ପୀରତ ପଥ ଖସଡ଼ା ନ ଜାଣି ତହିଁ ପଦ ବଢ଼ାଇଲେ ପଦ ପଦକେ କଚଡ଼ା । ପ୍ରାଚୀନ ସଙ୍ଗୀତ ।
୨ । କୌଣସି ପଦାର୍ଥକୁ ଉପରକୁ ଟେକି ସବଳେ ଭୂମିକୁ ପୋପାଡ଼ି ଦେବା—2. Forcibly dashing a thing down with a thud.
୩ । ମୂଳରୁ ନଡ଼ା ସହିତ କାଟି ବିଲରେ ରଖା ଯାଇଥିବା ଧାନ ଗଛ—3. The paddy plants laid on the field after cutting them off from the roots.
ଦେ. ବିଣ—ମୂଳରୁ କଟା ହୋଇ ବିଲରେ ଧାଡ଼ି ଧାଡ଼ି ହୋଇ ଗୋଚ୍ଛରେ ରଖା ଯାଇଥିବା ( ଧାନ ଗଛ )—
Kept in rows after being cut off from the roots ( said of ripe paddy plants ).
[ ଦ୍ର—ଧାନକୁ ପ୍ରଥମେ ମୂଳରୁ କାଟି କଚଡ଼ା ପକାଇବା ପରେ ପୁଣି ତହିଁର ଅଗରୁ ଧାନ କେଣ୍ଡାଯାକ କଟା ଯାଇ ହଲା ବନ୍ଧା ଯାଏ ଓ ମୂଳ ଅଂଶକୁ ନଡ଼ା କରି ବିଡ଼ା ବନ୍ଧା ହୁଏ । ]

**କଚଡ଼ା ଖାଇବା**—ଦେ. କ୍ରି—ଗୋଡ଼ ଖସି ଯାଇ ଭୂମିରେ ପିଚ୍ଛମାଡ଼ ପଡ଼ିଯିବା—To fall down with a thump.
Kacharḍā khāibā
আছাড়খাওয়া
पटकखाना

**କଚଡ଼ା ଦେବା**—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ବଳପୂର୍ବକ ଭୂମିରେ ନିକ୍ଷେପ କରିବା—To dash a person down on the ground with a thump.
Kacharḍā debā
আছাড়মারা
पटकना

**କଚଡ଼ା ପଡ଼ିବା**—ଦେ. କ୍ରି—କଚଡ଼ା ଖାଇବା ( ଦେଖ )
Kacharḍā parḍibā — Kacharḍā khāibā ( See ).

**କଚଡ଼ା ପାଇବା**—ଦେ. କ୍ରି—କଚଡ଼ା ଖାଇବା ( ଦେଖ )
Kacharḍā pāibā — Kacharḍā khāibā ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ତ |

**କଚମ**—ପ୍ରାଦେ. (ମେଦନୀପୁର) ବି. (ସଂ. କଚ୍ଛପ; ଭୁଲ. ବ. କାଛିମ)—
Kachama  କଚ୍ଛପ; କଇଁଚ—Tortoise.

**କଚର୍ କଚର୍**—ଦେ. ବିଣ. ( ସଂ. କଚ୍ଛ )—
Kachar kachar  ୧ । କର୍ଦ୍ଦମମୟ—1. Muddy.
କচমচ, কচরমচর  ୨ । ଆର୍ଦ୍ର—2. Wet.
ଦେ. ଅ—( ଧ୍ୱନ୍ୟନୁକରଣ )—
୧ । ମୂଳା, କାକୁଡ଼ି ଆଦି କଞ୍ଚା ଫଳକୁ ଚୋବାଇବାର ଶବ୍ଦ—
1. Crackling like raw vegetables when chewed.
୨ । କଚ୍‌କଚ୍ ( ଦେଖ )
2. Kachkach ( See )

**କଚର୍ କଚର୍ କରିବା**—ପ୍ରାଦେ. (ସମ୍ବଲପୁର) କ୍ରି—
Kachar kachar karibā  ୧ । ବିରକ୍ତ କରିବା—
কচকচকরা  1. To trouble; to vex.
কচকচানো  ୨ । ଉପର୍ଯ୍ୟୁପରି ଅଳି କରି ବିରକ୍ତ କରିବା—
2. To trouble with importunity.

**କଚରଙ୍ଗା**—ଦେ. ବି. ( ସଂ. କଞ୍ଚଟ )—ଏକ ପ୍ରକାର ଜଳଜ ଶାକ; ଘୋଡ଼ା କନଶିର ଶାଗ—A creeping herb growing at the edge of water; Purple Lippia; Lippia Nodiflora.
Kacharāngā
কাঁচড়াঘাস
নিসিগা; গক্কিতিরিয়া; জলপিপর
ଅନ୍ୟ ସଂ. ନାମ—ଜଳଭଣ୍ଡୁଲୀୟ; ଜଳବୃ; ଲାଙ୍ଗଳୀ; ଛୋଟପିପ୍ପଳୀ; ଶାରଦୀ; ଶକୁଳାଦନୀ; ମତ୍ସ୍ୟଗନ୍ଧା; ଜଳପିପ୍ପଳୀ; ମତ୍ସ୍ୟାଦନୀ
ମ. ଜଲପିମ୍ପଲୀ
ଗୁ. ରତନେଲଯୋ
ଫା. ପୀପଲଆବୀ
ଆ. ଫିଲ୍‌ଫିଲ୍‌ମାୟୀ
[ ଦ୍ର—ଏହାର ପତ୍ର ଲମ୍ବା ଓ ଓସାର ଗୁରୁ ଅଙ୍ଗୁଳ; ଫୁଲ ନେଳଆ; ଏହାର ପତ୍ର ପିତା; ଏହା ଅଗ୍ନିସାରନାଶକ । ଏହା ହୃଦୟ-ଗ୍ରାହୀ, ଚକ୍ଷୁର ହିତକର, ଶୁକ୍ର-ବର୍ଦ୍ଧକ, ଲଘୁ, ଧାରକ, ଶୀତବୀର୍ଯ୍ୟ, ରୁକ୍ଷ, କଟୁକଷାୟ, କଟୁବିପାକ, ରୁଚକାରକ, ଅଗ୍ନିବର୍ଦ୍ଧକ; ରକ୍ତ-ଦୋଷ, ଦାହ ଓ ବ୍ରଣନାଶକ । ]

**କଚରମଚର**—ଦେ. ବିଣ—କଚର୍‌କଚର୍ ( ଦେଖ )
Kacharamachara  Kacharkachar ( See )

**କଚରା**—ଦେ. ବି. (କଚର+ଆ; ତମ୍ପା ସଂ. କର୍କର)—ଅଳିଆ; ଝାଟିଆ—
Kacharā  Refuse; sweepings.
কচড়া; কচরা  ବିଣ—୧ । ସନ୍ତସନ୍ତିଆ—1. Wet; moist.
কুড়াকরকট  ୨ । କର୍ଦ୍ଦମମୟ—2. Muddy.

**କଚରାଗାଡ଼ି**—ଦେ. ବି—ଯେଉଁ ଗାଡ଼ିରେ ସହରବାଣ୍ଡରେ ପଡ଼ିଥିବା ଅଳଆକୁ ମ୍ୟୁନସିପାଲଟି ବୁହାଇ ନିଏ—
Kacharāgārdi  Refuse-cart.

**କଚରା ପକାଇବା**—ଦେ. କ୍ରି—ପାଚିଲା ଧାନଗଛକୁ ମୂଳରୁ କାଟି ବିଲରେ ଖେଳାଇ କରି ରଖିବା—
Kacharā pakāibā  To spread the ripe paddy plants in the field after cutting them.
[ ଦ୍ର—କଚରା ପଡ଼ିଥିବା ଧାନଗଛରେ ପବନ ଓ ଖରା ବାଜି-ଗଲେ ତହିଁର ଅଗ କଟାଯାଇ ବଡ଼ା ବନ୍ଧାଯାଏ ଏବଂ ମୂଳ ନଡ଼ା ବନ୍ଧାଯାଏ । ]

**କଚା**—ସଂ. ବି. ( କଚ+ଆ )—ହସ୍ତିନୀ—Female elephant.
Kachā  ବୈଦେ. ବିଣ.—( ଆ. କଚ୍ଚା )—
୧ । ସାମାନ୍ୟ; ଅଳ୍ପବୟସ୍କ—1. Young; of tender age.
(ପକ୍କା—ବିପରୀତ)  ୨ । ଅପଟୁ; ଅନିପୁଣ—
2. Not skilful; not well-trained.
୩ । ଅନନୁଭବୀ—3. Inexperienced.
কাঁচা; কাচ্চা  ୪ । ଅପକ୍ୱ; କଞ୍ଚା—4. Unripe.
কচ্চা  ୫ । ଅଦୃଢ଼—5. Not strong.
୬ । ଅପାରଗମ—6. Unfit.
୭ । ରନ୍ଧା ହୋଇ ନ ଥିବା—7. Uncooked.
୮ । ଅସମ୍ପୂର୍ଣ୍ଣ—8. Incomplete; imperfect.
୯ । ଯତ୍ନପୂର୍ବକ କରାଯାଇ ନ ଥିବା (କାର୍ଯ୍ୟ)—
9. (work) Not done with care.
୧୦ । ମାଟିରେ ତିଆରି (ଘର)—
10. (house) Built with mud or earth.
୧୧ । ମାଟିଗାନ୍ଥିନୀରେ ନିର୍ମିତ (କାନ୍ଥ ଆଦି)
11. ( wall ) With mud masonry.
ବୈଦେ. ବି. (ଆ)—କାର୍ଯ୍ୟ ସମ୍ପାଦନରେ ଅଯତ୍ନ—
Carelessness in the doing of any work.

ଶକୁନ ବର୍ଣ୍ଣ ଦୁଃଶାସନର କଚାରେ
ପଡ଼ିଣ ନାଶ ଗଲେ କୌରବ କଚାରେ ।
କୃଷ୍ଣସିଂ. ମହାଭାରତ. ଶଲ୍ୟ ।

ଦେ. ବି (ସଂ. କଚ ଧାତୁ=ଦୀପ୍ତି ପାଇବା)—
কচলা; কচলান  ୧ । ଧୋବାର ଲୁଗା କାଚିବା—
1. Washerman's cloth-washing.
୨ । କଚଡ଼ା ଖାଇ ପଡ଼ିବା—
2. Falling with the buttocks on the ground.
୩ । ଉପରକୁ ଉଠାଇ ତଳକୁ ଛାଡ଼ିଦେବା; କଚିବା; କଚାଡ଼ିବା—3. Dashing a thing down.
୪ । ହସ୍ତମୈଥୁନ କରଣ—4. Masturbation.
ଦେ. ବିଣ—ଧୋବା ଦ୍ୱାରା ସଫା ହୋଇଥିବ (ଲୁଗା)—
Washed (cloth).

**କଚ୍ଛାଇବା**—ଦେ. କ୍ରି.—୧ । କାଚିବାର ଣିଜନ୍ତ ରୂପ—
Kachāibā  1. Causative form of Kāchibā.
কাচান  ୨ । କଚିବାର ଣିଜନ୍ତ ରୂପ—
2. Causative form of Kachibā.

ସାଧାରଣ ଲୋକଙ୍କ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଆଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଞ୍ଚା ଉମର**—ବୈଦେ. ବି. (ଆ)—
Kachā umara — ୧ । ଅପରିଣତ ବୟସ—
কাঁচাবয়স — 1. Raw youth.
कच्चाउमर
୨ । ଅଳ୍ପ ବୟସ (ଯେଉଁ ବୟସରେ ଲୋକର ଅଭିଜ୍ଞତା ଜନ୍ମି ନ ଥାଏ )—2. Young age.

**କଚାକଚି**—ସଂ. କ୍ରି. ବିଣ. ( କଚ=ବାଳ+କଚ+ବ୍ୟତିହାରାର୍ଥେ
Kachākachi — ଇ, ବ୍ୟତିହାର ବହୁବ୍ରୀହି)—କେଶାକେଶି; ପରସ୍ପର କେଶ ଓଟାରିଓଟାରି କରି ( ଯେଉଁ ଯୁଦ୍ଧ ହୁଏ )—
Pulling each other's hair.
ଦେ. ବି.—୧ । ଭଲକରି କାଚିବା; ବାରମ୍ବାର କାଚିବା—
1. Repeated dashing or beating.
୨ । ପରସ୍ପରକୁ କଚାଡ଼ିବା—
2. Mutual dashing.
ମୁଷ୍ଟାମୁଷ୍ଟି, ମୁଥାମୁଥି, କଚାକଚି ରୀତି
ଗଲେ ଅବଶତେ ବେନି ରଣଭୋଳେ—ଜଗନ୍ନାଥ, ମହାଭାରତ ।
୩ । ନାନା ବସ୍ତୁକୁ କଚାଡ଼ିବା ବା କଚାଡ଼ିବା—
3. Dashing down of many things.

**କଞ୍ଚା କାମ**—ଦେ. ବି.—୧ । ମାଟିରେ ତିଆରି କାମ; ମାଟି ଗାନ୍ଥିନି—
Kachā kāma — 1. Mud masonry.
কাঁচাকায — ୨ । ଅଚିରସ୍ଥାୟୀ ଓ ଅଯତ୍ନକୃତ କାର୍ଯ୍ୟ—
कच्चाकाम — 2. Any work not well-done.

**କଞ୍ଚା ଖାତା**—ଦେ. ବି.— ଚିଠା ଖାତା ( ଯେଉଁ ଖାତାରେ ଦୋକାନର
Kachā khātā — ଆୟବ୍ୟୟାଦି ପ୍ରଥମେ ଲେଖା ଯାଏ ଓ ପରେ
কাঁচাখাতা — ତାହା ପକ୍କା ଖାତାରେ ଚଢ଼ା ହୁଏ )—
कच्चाखाता — Rough notebook; a book for scribbling.

**କଞ୍ଚାଗାନ୍ଥିନି**— ଦେ. ବି. ( ଆ. କଚ୍ଚା+ସଂ. ଗ୍ରନ୍ଥନ )—ପକ୍କା ଇଟା ଓ
Kachāgānthini — ମାଟିରେ କରାଯିବା ଗାନ୍ଥିନି—
কাঁচা গাঁথুনী — Brick and mud masonry.
कच्चा गान्थनी

**କଞ୍ଚା ଘର**—ଦେ. ବି.—୧ । ମାଟିକାନ୍ଥ ଥିବା ଘର; କାଇଘର—
Kachā ghara — 1. A house with mud walls.
কাচ্চা ঘর — ୨ । ଛପର ଘର—
कच्चाघर — 2. Thatched house.
୩ । ଯେଉଁ ଘରର କାନ୍ଥ ଆଦିର ମାଟି ଗାନ୍ଥିନି ଅଛି—
3. A house with mud masonry.
[ ଦ୍ର—କଞ୍ଚା କାନ୍ଥ, କଞ୍ଚା ବାରଣ୍ଡା, କଞ୍ଚା ଛାତ ପ୍ରଭୃତି ଶବ୍ଦ ଘରର ସେହି ସେହି ଅଂଶ ଅର୍ଥରେ ପ୍ରଯୁକ୍ତ ହୁଏ । ]

**କଞ୍ଚା ଯୋଡ଼ାଇ**—ପ୍ରାଦେ. ( ସମ୍ବଲପୁର ) ବି.—କଞ୍ଚା ଗାନ୍ଥିନି; ଯୋଡ଼ା
Kachā jordāi — ଇଟାକୁ ମାଟି ଦ୍ୱାରା ବସାଇବା—
কাঁচা যোড়াই — Brick and mud masonry.
कच्चा जोड़ाई

**କଚାଡ଼ିବା**—ଦେ. କ୍ରି.—୧ । ଉର୍ଦ୍ଧ୍ୱରୁ ଖୁବ୍ ଜୋରରେ ତଳକୁ ନିକ୍ଷେପ
Kachārdibā — କରିବା—1. To throw down with force;
কাছাড় দেওয়া — to dash down.
पटकना — ଚମ୍ପରେ ଦମ୍ଭୋଳି କଚାଡ଼ୁ ମୋ ଦୁଃଖଗିରି ଶିରେ । କବିସୂର୍ଯ୍ୟ-ସଙ୍ଗୀତ ।
୨ । ( ମେଘ ବରଷିବାରେ ମାତ୍ର ପ୍ରୟୋଗ ) ମୁଷଳ ଧାରାରେ ବର୍ଷିବା—2. To rain cats and dogs.
( ଯଥା—ଆଜି ମେଘ ଶିଳଶାଳ ପଥର କଚାଡ଼ିଲା । )

**କଚାଡ଼ି ହେବା**— ଦେ. କ୍ରି.— ୧ । ଅତି ବିରକ୍ତ ହୋଇ ନିଜର ଅଙ୍ଗମାନ
Kachārdi hebā — ଭୂମିରେ ବାଡ଼େଇବା—
1. To strike one's limbs on the ground angrily.
୨ । ଭୂମିରେ କଚଡ଼ା ଖାଇବା—
2. To fall on the ground with a slip.
କଚାଡ଼ି ହୋଇ ମହୀତଳରେ ପଡ଼ିଲେ
ଗୁରୁଗଣ୍ଡି ଚକ୍ଷୁ ମେଲା କରି ଦେଲେ । କୃଷ୍ଣସିଂହ, ମହାଭାରତ ଅନୁଶାସନ ।

**କଞ୍ଚା ବୟସ**—ଦେ. ବି.—କଞ୍ଚା ଉମର (ଦେଖ)
Kachā bayasa — Kachā umara (See)

**କଞ୍ଚା ରଙ୍ଗ**—ଦେ. ବି.—ଅସ୍ଥାୟୀ ରଙ୍ଗ; ଯେଉଁ ରଙ୍ଗ ଶୀଘ୍ର ଛାଡ଼ି ଯାଏ—
Kachā ranga — Not fast colour; loose colour;
কাচ্চা রঙ্গ — colour which vanishes after washing.
कच्चारङ्ग

**କଞ୍ଚା ରାସ୍ତା**—ବୈଦେ. ବି. (ଆ)—ମାଟିରେ ତିଆରି ରାଜପଥ—
Kachā rāstā — A road made of earth.
কাচ্চা রাস্তা
कच्चा रास्ता

**କଞ୍ଚା ସଡ଼କ**—ବୈଦେ.ବି. (ଆ.କଚ୍ଚା+ଫ.ସରକ)—କଞ୍ଚା ରାସ୍ତା (ଦେଖ)
Kachā sardaka — Kachā rāstā (See)

**କଞ୍ଚା ସେର**—ଦେ.ବି.—ବାଲେଶ୍ୱରୀ ସେର; ଅଶୀ ଟଙ୍କା ଓଜନର ସେର—
Kachā sera — A standard seer of eighty tolas.
কাচ্চাসের
कच्चासेर

**କଚି**—ଦେ. ବି.—କଣ୍ଟିର ମଣିବନ୍ଧ ପ୍ରଦେଶ; କଚଟି—
Kachi — Wrist.
ପ୍ରାଦେ. ( ଗଡ଼ଜାତ ) ବି—ଧାନର ଯେଉଁ ଅଗ୍ରାଂଶରୁ ଗଜା ବାହାରେ; ଧାନର ଆଖି—The eye of a paddy seed.
ଦେ. ବିଣ—କଚ୍ଛି ( ଦେଖ )—
Kachchhi ( See )
ପ୍ରାଦେ. ( ମେଦିନୀପୁର ) ବିଣ—( ଭୁଲ. ବ. କଚ=କ୍ଷୁଦ୍ର )—
୧ । କୋମଳ; କଅଁଳ—1. Soft.
୨ । ଛୋଟ; କ୍ଷୁଦ୍ର—2. Small; little.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଉଯ଼ | ଉଅ | ଜ୍ଞ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଜ୍ଞ | ନ୍ତ |

**କଚିଆ**—ଦେ. ବି—ବଡ଼ ଦାଆ; ତୃଣଚ୍ଛେଦନ ଅସ୍ତ୍ରବିଶେଷ (ଗୋପୀନାଥ ନନ୍ଦ)—A big scythe.
Kachiā

**କଚିବା**—ଦେ. କ୍ରି—୧ । ଉପରକୁ ଉଠାଇ ତଳକୁ ଛେଚି ଦେବା—1. To dash down a thing after raising it up.
Kachibā
काचा
दे मारना

୨ । ହସ୍ତମୈଥୁନ କରିବା—2. To practise masturbation.

**କଚିମ**—ପ୍ରାଦେ. (ବାଲେଶ୍ୱର ଓ ମେଦିନୀପୁର) ବି. (ସଂ. କଚ୍ଛପ; ତୁଳ. ବଂ. କାଛିମ)—କଇଁଚ; କୂର୍ମ—Tortoise.
Kachima

**କଚିରି**—ବୈଦେ. ବି. (ଆ. କଚହରୀ)—୧ । ବିଚାରାଳୟ—1. Public court; court of justice.
Kachiri
काचारी, काछारी
कचहरी

୨ । ରାଜକୀୟ କାର୍ଯ୍ୟାଳୟ ବା ଦରବାର; ଅଫିସ୍—2. Public office.

୩ । ଜମିଦାରଙ୍କ ଖଜଣାଅସୁଲ ଘର—3. Zamindar's collection office.

[ ଦ୍ର—ଭିନ୍ନ ଭିନ୍ନ ବିଷୟ ବୁଝା ଯାଉଥିବା କଚିରିମାନଙ୍କର ନାମ ଭିନ୍ନ ଭିନ୍ନ; ଯଥା—କଲେକ୍ଟରି, ଅଦାଲତ, ସେଟଲମେଣ୍ଟ । ]

**କଚିରିଆ**—ଦେ. ବି.—କଚିରିରେ ତଦ୍ବିର କରୁଥିବା ବା କଚିରିକୁ ନିୟମିତରୂପେ ଯାଉଥିବା ଲୋକ—A person regularly attending courts.
Kachiriā

ଦେ. ବିଣ—୧ । କଚିରିକୁ ନିୟମିତରୂପେ ଯାଉଥିବା; ଦରବାରିଆ—1. Frequenting courts and offices.

୨ । କଚେରିସମ୍ବନ୍ଧୀୟ—2. Appertaining to court.

୩ । କଚେରିରେ ବ୍ୟବହୃତ—3. Used in court; prevailing in courts.

**କଚିରିଆ ଭାଷା**—ଦେ. ବି—କଚିରିରେ ବ୍ୟବହୃତ ମିଶ୍ର ଓ ଅଶୁଦ୍ଧ ଭାଷା—The mixed and incorrect language used in courts and offices.
Kachiriā bhāshā

[ଦ୍ର—ଓଡ଼ିଶାର ରାଜକୀୟ କାର୍ଯ୍ୟାଳୟମାନଙ୍କରେ ଯେଉଁ ଓଡ଼ିଆ ଭାଷା ଲେଖାଯାଏ ସେଥିରେ ଇଂରାଜୀ, ହିନ୍ଦୀ, ଆରବୀ, ଫାରସୀ ପ୍ରଭୃତି ଭାଷାର ଅନେକ ଶବ୍ଦ ବ୍ୟବହୃତ ହୁଏ ଓ ବ୍ୟାକରଣଗତ, ଭାଷାଗତ ଓ ଅକ୍ଷରଗତ ବିଶୁଦ୍ଧତା ପ୍ରତି ଦୃଷ୍ଟି ଦିଆଯାଏ ନାହିଁ, ଏହାର କାରଣ ଏହି ଯେ କଚିରିରେ ଲେଖାପଢ଼ି କରୁଥିବା ଅଧିକାଂଶ ବ୍ୟକ୍ତି ଓଡ଼ିଆ ସାହିତ୍ୟର ଧାର ଧାରନ୍ତି ନାହିଁ ଓ କଚିରିରେ ବ୍ୟବହୃତ ଅନେକ ଯାବନିକ ଓ ଇଂରାଜୀ ଶବ୍ଦ ଓଡ଼ିଆ ଭାଷାରେ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ । ]

**କଚିରି କରିବା**—ଦେ. କ୍ରି—୧ । (କର୍ମଚାରୀ) ପକ୍ଷମାନଙ୍କୁ ଏକତ୍ର କରି ବିଚାରାଳୟ ବା କାର୍ଯ୍ୟାଳୟରେ ବସି କାର୍ଯ୍ୟ କରିବା—1. To hold court.
Kachiri karibā
काचारि करा
कचहरीजमाना

୨ । ବହୁତ ଲୋକ କଚିରିରେ ରୁଣ୍ଡ ହେବା ଭଳି ରୁଣ୍ଡ ହେବା—2. (a multitude of people) To gather as in a public court or office.

୩ । ଅନେକ ଲୋକଙ୍କୁ କଚିରିରେ ଏକତ୍ର ହେଲାପରି ରୁଣ୍ଡ କରାଇବା—3. To collect a multitude of people as in a public court or office.

**କଚିରି ଘର**—ଦେ. ବି—୧ । ଜମିଦାରମାନଙ୍କର ଖଜଣା ଅସୁଲ କରିବା କର୍ମଚାରୀମାନଙ୍କ ପାଇଁ ନିର୍ମିତ ଗୃହ—1. The cutcheri house of Zamindars for accomodating persons collecting rent.
Kachiri ghara
काचारिघर

୨ । ରାଜକୀୟ କାର୍ଯ୍ୟାଦି ଯେଉଁ ଘରେ ହୁଏ; ସାଧାରଣ କାର୍ଯ୍ୟାଳୟ—2. A public office.

**କଚିରି ଜମାଇବା**—ଦେ. କ୍ରି—କଚିରି କରିବା (ଦେଖ) Kachiri karibā ( See )
Kachiri jamāibā

**କଚିରି ଜମିବା**—ଦେ. ବି—ହାକିମ ଓ ପକ୍ଷ ଆଦି ଏକତ୍ର ହୋଇ କଚିରିର କାର୍ଯ୍ୟ ଚାଲିବା—Session or sitting of a court.
Kachiri jamibā
काचारि बसा
कचहरि जमना

**କଚିରି ପଡ଼ିବା**—ଦେ. ବି—କଚିରିକୁ କେହି ବ୍ୟକ୍ତି ଆସୁ ନଥିବା ଅବସ୍ଥା-Closing of an office or court.
Kachiri pardibā

**କଚିରିପିନ୍ଧା**—ଦେ. ବି—କଚିରିକୁ ପିନ୍ଧି ଯିବା ନିମନ୍ତେ ଅଭିପ୍ରେତ ପରିଧେୟ—Office dress; dress intended to be used on public occasions.
Kachiripindhā
काचारिपोषाक
कचहरिकापहनन

**କଚିରିପୋଷାକ**—ବୈଦେ. ବି (ଆ. କଚହରୀ + ପୋଷାକ୍ )—କଚିରିପିନ୍ଧା (ଦେଖ)—Kachiripindhā (See )
Kachiriposhāka

**କଚିରିଫେରନ୍ତା**—ଦେ. ବିଣ—୧ । କଚିରିରୁ ଫେରୁଥିବା (ଲୋକ)—1. (a person) Just back from court or office.
Kachiripherantā

୨ । କଚିରିରୁ ଫେରିବା (ବେଳ)—2. (time) Of returning from court.

**କଚିରି ବସିବା**—ଦେ. ବି—କଚିରି ଜମିବା ( ଦେଖ ) Kachiri jamibā ( See )
Kachiri basibā

**କଚିରି ବରଖାସ୍ତ**—ବୈଦେ. ବି. ( ଆ. କଚହରୀ + ବରଖାସ୍ତ )—କଚିରିର କାର୍ଯ୍ୟ ସମାପନାନ୍ତେ କଚିରି ବନ୍ଦ ହେବା—The closing of a court or office after the day's work.
Kachiri barakhāst
काचारिबरखास्त
कचहरिबरखास्त

ପାଠ ବି.ବି. ବି.ବି. କଚିରି ବରଖାସ୍ତ—ଠିକ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଚେରି ଭାଙ୍ଗିବା**—ଦେ. କ୍ରି—(କଚେରିର କାର୍ଯ୍ୟାଧ୍ୟକ୍ଷ ବା ହାକିମ) କାର୍ଯ୍ୟ
Kachiri bhāngibā ଶେଷରେ ମିସଲ ଛାଡ଼ି ଚାଲି ଯିବା—
To dismiss a court.
ଦେ. ବି—ଦୈନିକ କାର୍ଯ୍ୟ ସମାପନାନ୍ତେ କଚେରିର କାର୍ଯ୍ୟ ସ୍ଥଗିତ ହେବା—The dismissal of a court after a day's work.

**କଚେରି ଲାଗିବା**—ଦେ. ବି—କଚେରି ଜମିବା (ଦେଖ)
Kachiri lāgibā Kachiri jamibā (See)

**କଚୁ**—ସଂ. ବି. (କଚ୍ ଧାତୁ=ବାନ୍ଧିବା+କର୍ତ୍ତୃ. ଉ; ଯାହା କୋଷ୍ଠ-
Kachu ବଦ୍ଧ କରେ)—ସାରୁ; କୃଷିଜାତ କନ୍ଦବିଶେଷ—
An esculent root; Colocacia Antiquorum; Taro Colocasia.
[ ଦ୍ର—ଏହା ପିଚ୍ଛିଳ, ଗୁରୁପାକ, ମଳରୋଧକ, ବାୟୁ, ପିତ୍ତ ଓ ଆମବର୍ଦ୍ଧକ । ]

**କଚୁଆନ୍**—ବୈଦେ. (ଇଂ) ବି—କୋଚ୍‌ମାନ୍ (ଦେଖ)
Kachuān Kochmān (See)

**କଚୁଆଣୀ**—ଦେ. ବି—କୋଚୁଆଣୀ (ଦେଖ)
Kachuāni Kochuāni (See)

**କଚୁଡ଼ି**—ପ୍ରାଦେ. (ସମ୍ବଲପୁର) ବି. (ସଂ. କର୍ଚ୍ଚରୀ; କର୍ଚ୍ଚରିକା)—
Kachurdi କଚୁରି (ଦେଖ)
Kachuri (See)

**କଚୁପୋଡ଼ା**—ଦେ. ବି.—୧ । ପୋଡ଼ା ଯାଇ ସିଦ୍ଧ ହୋଇଥିବା ସାରୁ—
Kachupordā 1. Burnt Colocasia.
କଚୁପୋଡ଼ା ୨ । (ବ୍ୟଙ୍ଗ)—କୌଣସି ନଷ୍ଟ ବସ୍ତୁ ବା କର୍ମ—
2. Any spoilt thing or work.

**କଚୁରା**—ଦେ. ବି. (ସଂ. କର୍ଚ୍ଚୂର)—ଏକ ପ୍ରକାର ଗଛ; ଏହା ହଳଦି ପରି
Kachurā କନ୍ଦ ଏଥିର ବାସନା କର୍ପୂର ପରି—A kind of
ସଂ. ପର୍ଯ୍ୟାୟ herbarious root; Curcuma zedoaria
କର୍ଚ୍ଚୂର, ଶଠୀ ଦ୍ରାବିଡ଼, (Haines).
କର୍ଶ୍ୟ ଗନ୍ଧମୂଳକ, ଗନ୍ଧସାର, [ ଦ୍ର—ଏହା ରେଚକ, ଅଗ୍ନିଦୀପକ
ବେଧମୁଖ୍ୟ; ଜଟାଳ ଓ ବାତ ଏବଂ କଫନାଶକ । ଏଥିରୁ
**କଚୂର, नरकचूर** ପାଳୁଅ ତିଆରି ହୁଏ, ଏହା କୁଷ୍ଠ,
**शठी** ଅର୍ଶଃ, ବ୍ରଣ, କାସ, ଶ୍ୱାସ, ଗୁଳ୍ମ, ବାୟୁ
ମ. କଚ୍ଚୋରା ଓ କଫନାଶକ; ଏହାଦ୍ୱାରା ଗଳଗଣ୍ଡ,
ଗୁ. କଚୁରୋ ଗଣ୍ଡମାଳା ନିବାରିତ ହୁଏ । ]
ଫା. ଜରୁଂବାଦ୍
ଆ. ଏରକୁଲ୍‌କାଫୂର୍

**କଚୁରି**—ଦେ. ବି.—(ସଂ. କର୍ଚ୍ଚରୀ)—ଘୃତପକ୍ୱ ପିଷ୍ଟକବିଶେଷ—
Kachuri A sort of cake made from flour and
कचूरी pulses.
**कचौड़ी**

**କଚେଇବା**—ଦେ. କ୍ରି.—କଚାଇବା (ଦେଖ)
Kacheibā Kachāibā (See)

**କଚେବାର**—ଦେ. ବି.—୧ । ପଶାଖେଳରେ ୩ ଖଣ୍ଡି କାଠିରେ
Kachebāra ମୋଟରେ ୧୨ ପଡ଼ିବା ଅର୍ଥାତ୍ ଖଣ୍ଡିକରେ ୬;
କଚେବାର ଖଣ୍ଡିକରେ ୫ ଓ ଖଣ୍ଡିକରେ ୧ ପଡ଼ିବାର ଦାନ (ଅନ୍ୟତ୍ର ପୁଅ ବାର; ଅର୍ଥାତ୍ ୬+୫+୧=୧୨)—1. A turn of the dice resulting in number 12, comprising of 6 in one, 5 in one and 1 in one, thus totalling 12.
୨ । (ଲକ୍ଷଣାର୍ଥ) ସୌଭାଗ୍ୟୋଦୟ—2. Prosperity.

**କଚେବାର ପଡ଼ୁଛି** (ତାଙ୍କୁ)—ସେ ବନ୍ଧନମୁକ୍ତ ହୋଇ ସ୍ୱାଧୀନଭାବରେ
Kachebāra pardichhi ବିଚରଣ କରୁଛି; ତାଙ୍କୁ ବଡ଼ ସୁବିଧା ପଡ଼ୁଛି; ତାଙ୍କୁ ହସ କଉତୁକ ବା ଖେଳ କରିବାର ବେଳ ପଡ଼ୁଛି—He is freed from all restraints; he is now enjoying happiness and joy.

**କଚେରି** (ଇତ୍ୟାଦି)—ବୈଦେ. ବି. (ଆ)—କଚିରି (ଇତ୍ୟାଦି) (ଦେଖ)
Kacheri (etc.) Kachiri (etc.) (See)

**କଚୋରା**—ଦେ. ବି.—କର୍ବୂରକ (ଦେଖ)
Kachora Karbūraka (See)

**କଚୋରି**—ଦେ. ବି.—କଚୁରି (ଦେଖ)
Kachori Kachuri (See)

**କଚ୍ଛ**—ଦେ. ବି. (ସଂ. କଚ୍ଛ)—ପଶ୍ଚିମ ଭାରତର ଉପକୂଳସ୍ଥ କଚ୍ଛ ଦେଶ—
Kachcha The country of Cutch in W. India.

**କଚ୍ଛର**—ସଂ. ବିଣ—(କୁ=କୁତ୍ସିତ+ଚର ଧାତୁ=ଗମନ କରିବା+
Kachchara କର୍ତ୍ତୃ ଅ; କୁ ଠାରେ କତ୍ ଆଦେଶ)—୧ । ମଳିନ; ମଇଳା; ମଳଦୂଷିତ—1. Dirty; fouled; soiled.
୨ । ଦୁର୍ବୃତ୍ତ; ଦୁଷ୍ଟ—2. Wicked.
୩ । ଘୋଳ ଦହି—3. Churned sour milk.
[ ଦ୍ର—ସମ୍ଭବତଃ 'ଦୁଷ୍ଟ' ଅର୍ଥବାଚୀ ଓଡ଼ିଆ 'ଖଚଡ଼' ଶବ୍ଦ ଏହି ଶବ୍ଦର ଅପଭ୍ରଂଶ । ]

**କଚ୍ଚା** (ଇତ୍ୟାଦି)—ବୈଦେ. ବିଣ. (ଆ)—କଚା (ଇତ୍ୟାଦି) (ଦେଖ)
Kachchā (etc.) Kachā (etc) (See)
[ ଦ୍ର—ଏହି ଶବ୍ଦ କଚରିଆ ଲେଖାରେ ଏବଂ କଚରିଆ ଇଂରାଜୀ ଭାଷାରେ ମଧ୍ୟ ଚଳନ୍ତି—Cutcha.]

**କଚ୍ଚାବଚ୍ଚା**—ଦେ. ବି. (ଆ. କଚ୍ଚା=ଅଳ୍ପ ବୟସ୍କ+ସଂ. ବତ୍ସ; ହି. ବଚ୍ଚା;
Kachchābachchā ସହଚର)—ବହୁ ଛୋଟ ପିଲା; ଅଣ୍ଡା ବଚ୍ଚା—
কাচ্চাবাচ্চা A large number of infants.
**কচ্চা বাচ্চা, कच्चे बच्चे** (ଯଥା—ତାଙ୍କୁ ମହାପ୍ରଭୁ ଗୁଡ଼ାଏ କଚ୍ଚାବଚ୍ଚା ଦେଇଛନ୍ତି ।)

**କଚ୍ଚି**—ଦେ. ବିଣ.—କଚ୍ଛି (ଦେଖ)
Kachchi Kachchhi (See)

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ଶବ୍ଦ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଁ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଙ୍ଗ | ନ୍ହ |

**କଚ୍ଚିତ୍**—ସଂ. ଅ. (କୁ ସ୍ଥାନରେ କତ୍=ମଳ+ଚ ଧାତୁ=ଚୟନ କରିବା
Kachchit +କର୍ମ. କ୍ୱିପ୍ )—( ପ୍ରଶ୍ନାର୍ଥକ; କୌଣସି ଅଭିଳାଷ ପ୍ରକାଶସୂଚକ)—୧ । ସତେ ?—1. Is it so ?

୨ । ଅବା—2. Whether.

୩ । ସମ୍ଭବତଃ; ବୋଧ ହୁଏ—
3. Most probably; it seems.

**କଚ୍ଛେବାର**—ଦେ. ବି.—କଚେବାର (ଦେଖ)
Kachchebāra Kachebāra (See)

**କଚ୍ଛ**—ସଂ. ବି.—(କ=ଜଳ+ଛୋ ଧାତୁ=ଛେଦନ କରିବା+କର୍ତ୍ତୃ.
Kachchha ଅ)—୧ । ବୃକ୍ଷବିଶେଷ; ତୁନ ଗଛ; ଗମ୍ଭାରିସ୍ତ ଗଛ—
1. A tree.

୨ । ସମୁଦ୍ର ବା ଜଳାଶୟ ତୀରସ୍ଥ ଭୂଭାଗ—2. The country on the shore of the sea or lake.

ଜଳଧି ମଧ୍ୟେ କ୍ଷୋଭ ପାଇ, କଚ୍ଛେ ରହିଲେ ସ୍ଥିର ହୋଇ ।
ଜଗନ୍ନାଥ ଦାସ, ଭାଗବତ ।

୩ । ସମୁଦ୍ର ଉପକୂଳସ୍ଥ ଭାରତର ପଶ୍ଚିମାଞ୍ଚଳସ୍ଥ ଦେଶବିଶେଷ । (ଏହା ଗୁଜରାଟ ଓ ସିନ୍ଧୁ ପ୍ରଦେଶର ମଧ୍ୟବର୍ତ୍ତୀ ଦ୍ୱୀପ ରାଜ୍ୟ । ଏହାର ରାଜଧାନୀ ଭୁଜ । ଏହି ଦେଶ ପ୍ରାଚୀନ କାଳରେ ଉଡ଼ୁମ୍ବର ନାମରେ ଖ୍ୟାତ ଥିଲା ଓ କଚ୍ଛେଶ୍ୱର ବା କଚେଶ୍ୱର ଏହାର ରାଜଧାନୀ ଥିଲା)—
3. The country of Cutch in Western India.

୪ । ଜଳମୟ ପଙ୍କିଳ ନିମ୍ନଭୂମି—
4. Low marshy land.

୫ । ନୌକାର ପଛଭାଗ; ଡଙ୍ଗାର ପଛମଙ୍ଗ—
5. The back end of a boat.

୬ । ପର୍ବତ ମୂଳସ୍ଥ ସମତଳ ପ୍ରଦେଶ—
6. Level country or valley at the foot of a mountain.

୭ । ସମ୍ପୁଟ; ଖୋଳ—7. A round hollow case; a hollow shell-like covering.

ସଂ. ବିଣ—ଜଳପ୍ରାନ୍ତସ୍ଥିତ—Situated on the shore of water.

ଦେ. ବି ୧ । ( ସଂ. କଚ୍ଛ )—ଗୁଜରାଟର ଉତ୍ତରରେ ଓ ସିନ୍ଧୁ ପ୍ରଦେଶରେ ଦକ୍ଷିଣରେ ଥିବା ଉପସାଗର—1. The gulf of Cutch.

୨ । ( ସଂ. କଚ୍ଛପ ) କଚ୍ଛପ; କଇଁଚ—2. Tortoise.

୩ । ବିଷ୍ଣୁଙ୍କ ଦ୍ୱିତୀୟ ଅବତାର—3. The second incarnation of Bishṇu in which he upheld the universe on his back by assuming the shape of a tortoise.

୪ । ( ସଂ. କକ୍ଷ ) ସମଭାଗ ବା ଅଂଶ—4. Equal part.

୫ । ( ସଂ. କକ୍ଷ ) କକ୍ଷ; ମାପ—5. Measurement.

୬ । ତୁଳିବା; ତୁଲ; ତୁଳନା—6. Comparison.

ମାଣିକ୍ୟ ତୁଲେ କାଚକୁ ଆଣି କଲୁ କହ,
ଉକ୍ତ ସୁବର୍ଣ୍ଣର ତୁଲେ ରଙ୍ଗ ଦେଇଅଛ । ପୀତାମ୍ବର, ନୃସିଂହପୁରାଣ ।

୭ । ବଣ୍ଟନ ସମୟରେ ଜଣକ ଅଂଶରେ ପଡ଼ିଥିବା ସମ୍ପତ୍ତି; ବାଣ୍ଟ—7. Share allotted to one shareholder at partition; allotment.

ଦେ. ବିଣ—୧ । ସରି; ତୁଲ୍ୟ; ସମାନ—1. Equal.

୨ । ସମକକ୍ଷ; ସରିସା; ସଦୃଶ—2. Equivalent; similar.

୩ । ସମର୍ଥ—3. Able.

୪ । ତୁଳନୀୟ—4. Fit to be compared; comparable.

**କଚ୍ଛଟିକା**—ସଂ. ବି. ସ୍ତ୍ରୀ (କଚ୍ଛ+ଅଟିକା)—କଚ୍ଛା ( ଦେଖ )—
Kachchhaṭikā Kachchhā ( See )

**କଚ୍ଛପ**—ସଂ.ବି (କଚ୍ଛ=ଜଳଭୂମି+ପା ଧାତୁ=ପାନ କରିବା+କର୍ତ୍ତୃ.ଅ)—
Kachchhapa ୧ । କଇଁଚ; କୂର୍ମ—1. Tortoise; turtle.
(କଚ୍ଛପୀ—ସ୍ତ୍ରୀ) ୨ । ବିଷ୍ଣୁଙ୍କର ଦ୍ୱିତୀୟ ଅବତାର—
2. The tortoise incarnation of Bishṇu.

୩ । କୁବେରଙ୍କର ନିଧିବିଶେଷ—
3. A gem of God Kubera.

୪ । ମଲ୍ଲଯୁଦ୍ଧର ବନ୍ଧବିଶେଷ—
4. A pose in athletic feat.

୫ । ଘଣ୍ଟିକାରେ ହେବା ବ୍ରଣବିଶେଷ—
5. A tumour in the palate.

**କଚ୍ଛପିକା**—ସଂ. ବି. ସ୍ତ୍ରୀ—(କଚ୍ଛପ+ଇକ+ସ୍ତ୍ରୀ. ଆ; ଏହାର ଆକୃତି
Kachchhapikā କଚ୍ଛପ ପରି)—୧ । ଆଞ୍ଚୁ—1. A wart.

୨ । ବୃହତ୍ ବ୍ରଣ; ପୃଷ୍ଠବ୍ରଣ—
2. A big boil; cancer; carbuncle.

୩ । କଇଁଆ ରୋଗ—3. Abdominal tumour.

**କଚ୍ଛପୀ**—ସଂ. ବି. ସ୍ତ୍ରୀ (କଚ୍ଛପ+ସ୍ତ୍ରୀ. ଈ)—୧ । ବୀଣାବିଶେଷ—
Kachchhapī 1. A kind of harp.

୨ । ସରସ୍ୱତୀଙ୍କ ବୀଣା —2. The lute of Saraswatī, the Goddess of Learning.

୩ । କ୍ଷୁଦ୍ର କଚ୍ଛପ—3. Small tortoise.

୪ । ମାଈ କଚ୍ଛପ—4. Female turtle.

୫ । ବ୍ରଣ ରୋଗବିଶେଷ; ପୃଷ୍ଠବ୍ରଣ—5. Carbuncle.

**କଚ୍ଛରୁହା**—ସଂ. ବି. ସ୍ତ୍ରୀ ( କଚ୍ଛ=ଜଳୀୟ ଭୂମି+ରୁହ ଧାତୁ=ଆରୋ-
Kachchharuhā ହଣ କରିବା+କର୍ତ୍ତୃ+ ଅ. ସ୍ତ୍ରୀ. ଆ)—
୧ । ଦୂର୍ବାଦଳ; ଦୁବଘାସ—Creeping grass; the dooba grass.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସିଟି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କଚ୍ଛା**—ସଂ. ବି.—( କଚ୍ଛ + ଆ )—୧ । କଚ୍ଛ ( ଦେଖ )—
Kachchhā 1. Kachha ( See )
୨ । ଝିଙ୍କାରିପୋକ—2. A kind of insect; a cricket.

**କଚ୍ଛି**—ଦେ. ବିଣ.—କଚ୍ଛଦେଶୀୟ—
Kachchhi Belonging to the Cutch country,
କଚ୍ଛୀ ବି.—କଚ୍ଛଦେଶବାସୀ ବ୍ୟକ୍ତି—A Cutchee..
**କଚ୍ଛୀ**

**କଚ୍ଛିବା**—ଦେ. କ୍ରି.—କାଛୁବା (ଦେଖ)
Kachchhibā Kachhibā (See)

**କଚ୍ଛି ମଇମନ୍**—ଦେ. ବି.—କଚ୍ଛଅଧିବାସୀ ମୁସଲମାନ—
Kachchhi maiman The Cutchee Memmons.
[ଦ୍ର—ଏମାନଙ୍କ ମଧ୍ୟରେ ହିନ୍ଦୁ ଆଇନ୍ ଅନୁସାରେ ସମ୍ପତ୍ତି ବଣ୍ଟନ ହୁଏ । ପୂର୍ବେ ଏମାନେ ହିନ୍ଦୁ ଥିଲେ । ପରେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଅଛନ୍ତି; କିନ୍ତୁ ଏମାନେ ହିନ୍ଦୁ ଦାୟଭାଗ ଅନୁସାରେ ଚଳନ୍ତି । ]

**କଚ୍ଛୁ**—ସଂ. ବି. (କଷ୍ ଧାତୁ = ହିଂସା କରିବା + କର୍ତ୍ତୃ. ଉ)—କଚ୍ଛୂ (ଦେଖ)
Kachchhu Kachchhū (See)

**କଚ୍ଛୁମତୀ**—ସଂ. ବି. ସ୍ତ୍ରୀ. (କଚ୍ଛୁ = କଣ୍ଡୁ + ଉତ୍ପାଦନାର୍ଥେ ମତ୍ + ସ୍ତ୍ରୀ. ଈ; ଏହା କଚ୍ଛୁ ବା କଣ୍ଡୁ ଉତ୍ପାଦନ କରେ)—
Kachchhumatī
ଶୂକଶିମ୍ବି; ବାଇଡଙ୍କ (ଦେଖ)
A wild bean producing itching; Cowhage.

**କଚ୍ଛୁର**—ସଂ. ବିଣ. ପୁଂ.—୧ । ( କଚ୍ଛୁ = କଣ୍ଡୁରୋଗ + ଅସ୍ତ୍ୟର୍ଥରେ ର)—କାଛୁ ବା କଣ୍ଡୁରୋଗଯୁକ୍ତ—
Kachchhura
(କଚ୍ଛୁରା—ସ୍ତ୍ରୀ.) 1. Suffering from itches.
୨ । (କୁ = ପାପ + ଛୁର୍ ଧାତୁ = ରଞ୍ଜିତ କରିବା + କର୍ତ୍ତୃ. ଅ)—
ପରସ୍ତ୍ରୀଗାମୀ; ପାମର—2. Libertine; adulterer.

**କଚ୍ଛୁରା**—ସଂ. ବିଣ. ସ୍ତ୍ରୀ. (କଚ୍ଛୁ = କଣ୍ଡୁ + ର + ସ୍ତ୍ରୀ. ଆ)—
Kachchhurā କଣ୍ଡୁରୋଗଯୁକ୍ତା—Suffering from itches.
ସଂ. ବି. ସ୍ତ୍ରୀ.—୧ । ବେଶ୍ୟା—1. Harlot; whore.
୨ । ଦୁର୍ଲଭା ( ଗଛ )—
2. A kind of tree with scented leaves.

**କଚ୍ଛୂ**—ସଂ. ବି. (କଷ୍ ଧାତୁ = ହିଂସା କରିବା + କର୍ତ୍ତୃ. ଊ)—
Kachchhū କାଛୁ; କୁଣ୍ଡିଆ —Itches.

**କଚ୍ଛୋଟିକା**—ସଂ. ବି. ସ୍ତ୍ରୀ. ( କଚ୍ଛ + ଉଟିକା )—
Kachchhoṭikā କଚ୍ଛା; କାଛ; କାଛଠା—
A small loin-cloth with a tail to be tucked down the back side.

**କଚ୍ଛୋପସାଗର**—ଦେ. ବି (ନାମ) —ଗୁର୍ଜର ବମ୍ବେ ପ୍ରଦେଶାନ୍ତର୍ଗତ
Kachchhopasāgara ଉପସାଗରବିଶେଷ—Gulf of Cutch.

**କଛ**—ଦେ. ବି. ( ସଂ. କଚ୍ଛ )—କଚ୍ଛ ( ଦେଖ )
Kachha Kachchha ( See )
ଦେ. ବିଣ—କଚ୍ଛ ( ଦେଖ )
Kachchha ( See )
(୧) ସାତ୍ୟକି ବଳକୁ ତ ଭଇ ପଳାଇଛ
କି ରୂପେ ପାଣ୍ଡବେ ସୂହିବ ହୋଇ କଛ (=ସମକକ୍ଷ)
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
(୨) ବୃଦ୍ଧ ବେନି କାମିଣୀକୁ ହେବ କଛ (=ତୁଲ୍ୟଗାମୀ)
କୃଷ୍ଣସିଂହ. ମହାଭାରତ. ସଭା ।

**କଛକରିବା**—ଦେ. କ୍ରି —୧ । ବନ୍ଧୁ ସମାନ ଭାଗରେ ବାଣ୍ଟି ଦେବା—
Kachha karibā 1. To divide into several equal
ବାଁଟା shares; to partition.
**बाँटना** ୨ । ଭିନ୍ନ ଭିନ୍ନ ଅଂଶୀଦାରଙ୍କ ହିସାବରେ ପଡ଼ିଥିବା ସମ୍ପତ୍ତିକୁ ପୃଥକ୍ ପୃଥକ୍ କରି ରଖିବା—
2. To allot separate properties to separate share-holders.

**କଛରେ**—ଦେ. ଅ—ସଦୃଶ; ପରି—
Kachhare Like.
ମଙ୍ଗରାଜଙ୍କ କଛରେ ପଡ଼ଶ ଘର ଉଗ୍ରାଂଶ ଗାଏ କରିବାକୁ କେତେ ଜଣ ମିଳିବେ ?
ଫକୀରମୋହନ. ଛମାଣଆଠଗୁଣ୍ଠ ।

**କଛ ଲଗାଇବା**—ଦେ. କ୍ରି —କଛ କରିବା ( ଦେଖ )
Kchha lagāibā Kachha karibā ( See )

**କଚ୍ଛା**—ଦେ. ବି. ( ସଂ. କଚ୍ଛା = ପିନ୍ଧାଲୁଗା ଆଗପାଖ କାନି; ସଂ କକ୍ଷା = ପିନ୍ଧାଲୁଗାର ପଛପାଖ କାନି )—ବସ୍ତ୍ରର ଯେଉଁ ପ୍ରାନ୍ତ ପିନ୍ଧିବା ଲୋକର ସମ୍ମୁଖରୁ ପୁରାଇବାକୁ ଯାଇ ପଛଆଡ଼େ ଖୋସା ହୋଇଥାଏ—
Kachhā
କାଛା
**काछनी; काछ** The end of the cloth worn which is tucked in to the waistband at the back.
ପିନ୍ଧି କଛମାନଙ୍କୁ ମାଇଲେ ଅଣ୍ଟରେ—କୃଷ୍ଣସିଂହ. ମହାଭାରତ. ସଭା ।

**କଚ୍ଛାକଚ୍ଛ ହେବା**—ଦେ. କ୍ରି —କଚ୍ଛାକଚ୍ଛି ହେବା ( ଦେଖ )
Kachhākachh hebā Kachhākachhi hebā (See )

**କଚ୍ଛାକଚ୍ଛି ହେବା**—ଦେ. କ୍ରି. ( ସଂ. କକ୍ଷ )—
Kachhākachhi hebā ୧ । ( ଦୁଇ ବସ୍ତୁ ) ଠିକ୍‌ରୂପେ ବା ସର୍ବାଂଶରେ ସମାନ ହେବା—
1. ( two things ) To tally exactly with each other.
୨ । ଅନ୍ୟୋନ୍ୟ ପରିମାଣ କରାଯିବା—
2. ( two things ) To be measured by one another.
୩ । ଅନ୍ୟୋନ୍ୟ ତୁଳନା କରାଯିବା—
3. ( two things ) To be compared with each other.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ପୃ | ଉଅ | ଈ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତ |

**କଚ୍ଛକାନି**—ଦେ. ବି (ସଂ. କକ୍ଷା + କର୍ଣ୍ଣ)—ପିନ୍ଧିବା ଲୁଗାର ପଛରେ ଲୁଣ୍ଟା
Kachhākāni ହୋଇ ଖୋସା ହୋଇଥିବା ଅଂଶର ଶେଷଭାଗ —
The end of cloth tucked below the waist.

**କଚ୍ଛଗଇଁଠା**—ଦେ. ବି—କଚ୍ଛ ଗଇଁଠାଗଇଁଠି ( ଦେଖ )
Kachhāgainthā Kachhā gainthāgainthi ( See )

**କଚ୍ଛ ଗଇଁଠାଗଇଁଠି**—ଦେ. ବି—ପୂର୍ବକାଳରେ ଦୁଇ ଜଣ ଅପରାଧୀ ବ୍ୟକ୍ତି
Kachhā gainthāgainthi ପ୍ରତି ଦିଆଯିବା ଦଣ୍ଡବିଶେଷ; ଦୁଇ ଜଣ ବ୍ୟକ୍ତିଙ୍କୁ ପରସ୍ପର ବିପରୀତ ଦିଗକୁ ମୁହଁ କରି ଠିଆ କରାଇ ଦୁହିଁଙ୍କ କଚ୍ଛକୁ ଗଣ୍ଠି ପକାଇଦେଇ ଏକ ସ୍ଥାନରେ ଠିଆ କରାଇଦେବାରୂପ ଦଣ୍ଡ—A kind of punishment consisting of making two culprits stand back to back by tying the back-ends of their tucked cloths.

**କଚ୍ଛ ମାରିବା**— ଦେ. କ୍ରି—ପିନ୍ଧିବା ବସ୍ତ୍ରର ଗୋଟିଏ କାନକୁ ଜାନୁ ପାଖରୁ
Kachhā māribā ନେଇ ପୁଡ଼ା ତଳେ ଗଳାଇ ଅଣ୍ଟା ପଛରେ
କାଛାମାରା
কাছামারা ଖୋସିବା—To tuck one end of the cloth down the private parts backwards.

**କଚ୍ଛମୁଠି**—ଦେ. ବି—୧ । କଚ୍ଛର ଯେଉଁ ଅଂଶ ଅଣ୍ଟା ଓ ଗୁହ୍ୟ ଦ୍ୱାରର
Kachhāmuthi ମଝିରେ ଥାଏ—1. The part of the cloth tucked along the private parts.
୨ । ଶରୀରର ଦୁଇ ପିଚ୍ଛ ମଧ୍ୟ ଭାଗ; କଟିତଳ ଶରୀରର ମଧ୍ୟ ଭାଗ—
2. The part of the body between the hips.

**କଚ୍ଛମୁଠିରେ ଝାଡ଼ା ଫେରିବା**—ଦେ. କ୍ରି—ଅତ୍ୟନ୍ତ ଭୀତ ବା ତ୍ରସ୍ତ
Kachhāmuthire jhārdā pheribā ହେବା—
To tremble in abject fear.

**କଚ୍ଛମୁଠିରେ ପୋଖରି ବସିବା**—କଚ୍ଛମୁଠିରେ ଝାଡ଼ାଫେରିବା (ଦେଖ)
Kachhāmuthire pokhari basibā Kachhāmuthire jhārdāpheribā ( See )

**କଚ୍ଛର୍**—ପ୍ରାଦେ. (ସମ୍ବଲପୁର) ବି. ( ସଂ. କଚ୍ଛ)—୧ । ନଦୀକୂଳର ପଟୁ-
Kachhār ମିଶା ବାଲି ମାଟି—1. Sandy and silted soil on the bank of a river.
୨ । ନଦୀକୂଳର ଖାର ମାଟି; ଊଷରଭୂମି—
2. Rhe-soil; saline soil on the riverbank.

**କଚ୍ଛହଗୁରା**—ଦେ. ବିଣ. ପୁଂ—୧ । ଯେଉଁ ବ୍ୟକ୍ତି ଝାଡ଼ାର ବେଗ
Kachhāhagurā ସମ୍ଭାଳି ନ ପାରି କଚ୍ଛ ଫିଟାଉ ଫିଟାଉ
(କଚ୍ଛହଗୁରୀ—ସ୍ତ୍ରୀ) ଝାଡ଼ାଫେରି ପକାଏ—1. A person who soils his cloth in haste to ease himself.
୨ । ( ଲକ୍ଷଣାର୍ଥ—ଯେ ଡରରେ କଚ୍ଛରେ ଝାଡ଼ାଫେରେ )—
ଅତ୍ୟନ୍ତ ଡରକୁଳା—2. (figurative) Very timid.

**କଚ୍ଛି**—ଦେ. ବି—କଚ୍ଛି ( ଦେଖ )
Kachhi Kachchhi ( See )

**କଚ୍ଛିକାଚ୍ଛି ହେବା**—ଦେ. କ୍ରି—ଦୁଇଟି ପଦାର୍ଥ ଠିକ୍‌ରୂପେ ପରସ୍ପର
Kachhikāchhi hebā ସଙ୍ଗେ ମିଳିଯିବା—( two things ) To tally with each other exactly.

**କଚ୍ଛିବା**—ଦେ. କ୍ରି. ( ସଂ. କକ୍ଷ )—
Kachhibā ୧ । ତୁଲ୍ୟ କରିବା—1. To equalise.
୨ । କଷିବା—2. To measure one thing with reference to another.
୩ । ତୁଳନା କରିବା—3. To compare.
୪ । ତୁଲ୍ୟ ହେବା—4. To be equal.

**କଚ୍ଛିମ**—ପ୍ରାଦେ. ( ବାଲେଶ୍ୱର, ମେଦିନୀପୁର ଓ ସିଂହଭୂମ; ତୁଳ. ବଂ.
Kachhima କାଛିମ ) ବି—କଚିମ ( ଦେଖ )
Kachima ( See )

**କଚ୍ଛୁ**—ଦେ. ବି. ( ସଂ. କଚ୍ଛୂ )—କଚ୍ଛୂ ( ଦେଖ )
Kachhu Kachchhū ( See )

**କଚ୍ଛୁଟି**—ଦେ. ବି. ( ସଂ. କଚ୍ଛୋଟିକା )—କଚ୍ଛୋଟିକା ( ଦେଖ )
Kachhuti Kachchhotikā ( See )

**କଛେ**—ପ୍ରାଦେ. (ସମ୍ବଲପୁର) ଅ—କଛେଁ ( ଦେଖ )
Kachhe Kachhen ( See )

**କଛେଁ**—ପ୍ରା. ଦେ. (ସମ୍ବଲପୁର) ଅ—କଚ୍ଛରେ; ହିସାବରେ; ବାଣ୍ଟରେ—
Kachhen In one's share or allotment.
( ଯଥା—ମୋର କଛେଁ ପଡ଼ିଆ ଭୂମି ପଡ଼ିଲା । )

**କଜ୍ କୋଟ୍**—ବୈଦେ. ବି. (ଇଂ)—କାଜକୋଟ ( ଦେଖ )
Kaj kot Kājakota ( See )
কাজকোট
काजकोट

**କଜଲା**—ପ୍ରାଦେ. (ସମ୍ବଲପୁର) ବି. (ସଂ. କଜ୍ଜଳ)—
Kajlā ଫିକା କଳା; ଈଷତ୍ କଳା; କଳାଅଁଗିଆ—
Slightly black; light dark (colour).

**କଜ୍‌ୱେ**—ବୈଦେ. ବି. (ଇଂ)—ରାସ୍ତାରେ ପଡ଼ିବା ପାଣିନାଳରେ ପାଣି
Kajwe ପାର ହେବା ପାଇଁ ପ୍ରସ୍ତୁତ ଅସ୍ଥାୟୀ ସଡ଼କ; ବାନ୍ଧ—
Cause-way.

**କଜଲା କଜଲା ଆଖି**—ପ୍ରାଦେ. ( ସମ୍ବଲପୁର ) ବି—
Kajlā kajlā ākhi ଚଟୁଳଆଖି; ଈଷତ୍ କୃଷ୍ଣ ବା ଫିକା ଆଖି—
Light dark eye.

**କଜଳ**—ଦେ. ବି. ( ସଂ. କଜ୍ଜଳ )—
Kajala ୧ । ଅଞ୍ଜନ—1. Collyrium.
কাজল ୨ । ହାଣ୍ଡି କଳା ବା ଦୀପକଳା—
काजल 2. Lamp-black or soot.
[ ଦ୍ର—ସଂସ୍କାର ଅଛି ଯେ ପିଲାଙ୍କ ଆଖିରେ କଜଳ ଥିଲେ ଭୂତ, ପ୍ରେତ, ଡାହାଣୀ କିଛି କରି ପାରନ୍ତି ନାହିଁ । ]

> ସାଧାରଣଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଁଡ଼' ନ ମିଳିଲେ 'ଗାଣ୍ଡ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କଜଳକଳା**—ଦେ. ବି—କଜ୍ଜଳ ନିମନ୍ତେ ପ୍ରସ୍ତୁତ ହାଣ୍ଡି ବା ଦୀପ ଶିଖାର କଳା—Lamp-black or soot collected for preparing collyrium.
Kajaḻakaḻā

ବିଣ—କଜ୍ଜଳ ପରି ଘୋର କୃଷ୍ଣବର୍ଣ୍ଣ—Black; of a very dark colour.

**କଜଳଗଉରା**—ଦେ. ବି—(ସଂ. କଜ୍ଜଳ ଓ ଗୌର)—ଏକ ପ୍ରକାର ଆଖୁ; କଳା ଓ ଧଳା ଗାର୍‌ବିଶିଷ୍ଟ ଆଖୁ; କଳାର ଆଖୁ—A kind of sugar-cane.
Kajaḻagaurā
କାଜଲୀ, କାଜ୍‌ଲା

**କଜଳଗାର**—ଦେ. ବି.—ଆଖି ପ୍ରାନ୍ତରୁ କାନ ଆଡ଼କୁ ଟଣା ଯାଇଥିବା ସରୁ କଜଳର ରେଖା—A slender line of collyrium drawn from the ends of the eyes towards the ears.
Kajaḻagāra
କାଜଲ୍‌ଗାର୍

କାଣୀ ଆଖିରେ କଜଳ ଗାର—ଉକ୍ତି ।

**କଜଳ ଚୋରାଇ ନେବା** (ଆଖିରୁ)—ଦେ. କ୍ରି—୧ । ଅତି କୌଶଳ ସହକାରେ ମନୁଷ୍ୟର ଆଖି ଆଗରୁ କୌଣସି ବସ୍ତୁ ହରଣ କରିନେବା—1. To steal a thing deft-handedly from under one's very eyes.
Kajaḻa chorāi nebā

୨ । ଅତିଶୟ ଚତୁରତା ସହକାରେ କୌଣସି ବସ୍ତୁକୁ ହରଣ-ଗୃଳ କରିବା—2. To play the sharper.

**କଜଳନାଞ୍ଜି**—ଦେ. ବି(ସଂ.କଜ୍ଜଳ+ଲାଙ୍ଗୂଲ)—କଜଳଗାର (ଦେଖ)—Kajaḻagāra (See)
Kajaḻanānji

**କଜଳ ପକେଇବା**—ଦେ.କ୍ରି—ଚକ୍ଷୁର ଅଞ୍ଜନ ନିମନ୍ତେ ଦୀପଶିଖା ଉପରେ ଧାତୁ ପାତ୍ରରେ ପାଣି ରଖି ସେହି ପାତ୍ର ତଳେ କଜ୍ଜଳ ପଡ଼ିବାର ଉପାୟ କରିବା—To arrange for soot being deposited on the back of a pot of water placed over a lamp with a view to prepare collyrium.
Kajaḻa pakeibā
କାଜଲପାଡା
କାଜଲପାରୋ

**କଜଳପାତି**—ଦେ. ବି—୧ । (ସଂ. କଜ୍ଜଳ+ପାତ୍ର) କଜଳ ରଖିବାର ଧାତୁପାତ୍ର—1. A case for keeping collyrium.
Kajaḻapāti
କାଜଲଲତା, କାଜଲନେତା
କଜଲୌଟୀ

ବାଙ୍କ ମାଇପର କ ସମ୍ପତ୍ତି, ସିନ୍ଦୂର ପେଡ଼ିଆ କଜଳପାତି । ପ୍ରବଚନ ।
ସ୍ନେହ ନେଇଗଲା କଜଳପାତି । କବିକଶୋର. ନିର୍ଝରିଣୀ ।

ସଂ.ଖଞ୍ଜରୀଟ;ଖଞ୍ଜନ ୨ । ସଂ. (କଜ୍ଜଳପକ୍ଷୀ) ଲାଞ୍ଜ ଲମ୍ବ ଥିବା ଏକ-ପ୍ରକାର କୃଷ୍ଣବର୍ଣ୍ଣ ଚଢ଼େଇ; ଭୃଙ୍ଗପକ୍ଷୀ—2. A small black bird with a long tail; the black drongo; Dicrurus Ater.
ଫିଙ୍ଗା
ପତରିଂଗା, କଜଳା

[ଦ୍ର—କଜଳପାତି ଚଢ଼େଇ ଶାଖାଶ୍ରୟୀ ବର୍ଗର ଅନ୍ତର୍ଗତ । ଏହା ଲମ୍ବରେ ୧୪।୧୬ ଅଙ୍ଗୁଳ ହୁଏ; ଦେଖିବାକୁ ଚକଚକିଆ କଳା; ଏହାର ଲାଞ୍ଜ କନାକନା ହୋଇଥାଏ, ଏ ଗୋରୁ ବାଛୁରିଙ୍କ ପିଠିରେ ବସେ ଓ ତାର ବଗରେ ଉଡ଼ୁ ଉଡ଼ୁ ମଝି ମଝିରେ ଦେଣାକୁ ଫାଙ୍କୁଚାଟ କରି ରହି ଯାଉଥାଏ ।]

[କଜଳପାତି ବା କଳାପାତି ସମ୍ବନ୍ଧେ ଲୌକିକ ସଂସ୍କାର—
୧ । ଉଦ୍ଭିଆଣୀ ପିଲାଙ୍କୁ ଡାହାଣୀ ଦୃଷ୍ଟିରୁ ରକ୍ଷା କରିବାକୁ ପିଲାର ବଇଶାର ମୁଣ୍ଡ ଉପରେ ଗୋଟିଏ କଜଳପାତି ରଖା ହୋଇଥାଏ ।
୨ । ସଧବା ସ୍ତ୍ରୀଅ ଶାଶୁ ଘରକୁ ଗଲାବେଳେ ହାତରେ କଜଳ-ପାତିଟିଏ ଧରି ଯିବା ଅନୁକୂଳ କରେ । କାରଣ ଏ ଦେଶରେ କଜଳ ଘେନିବା ସଧବାର ଲକ୍ଷଣ ।]

**କଜଳପାତିଆ**—ଦେ. ବି—୧ । ଏକପ୍ରକାର ଧାନ; କଳାଚଢ଼ା ଧାନ—1. A kind of paddy with black husk.
Kajaḻapātiā

୨ । ଏକ ପ୍ରକାର କୃଷ୍ଣବର୍ଣ୍ଣ ପକ୍ଷୀ; ଭୃଙ୍ଗ ପକ୍ଷୀ—2. A small black bird; the black drongo.

ଦେ. ବିଣ— କଜ୍ଜଳପାତି ଭଳି କ୍ଷୁଦ୍ର ଓ ଲମ୍ବା—Small and long.

**କଜଳପାତିଆଦଳ**—ଦେ. ବି—ବଳ୍ଳିତଦଳ ପରି ଏକ ପ୍ରକାର ଡେଙ୍ଗା ଜଳଜ ଶାକ (ଏହାର ଫୁଲ ନୀଳବର୍ଣ୍ଣ ଓ ଆକାରରେ ନୌକା ବା କଜଳପାତି ପରି ସରୁ ଓ ଲମ୍ବ, ଫୁଲର ଡେମ୍ଫ ଲମ୍ବା)—A kind of aquatic plant; Monochoria Hastæfolia (the leaf is somewhat of the same shape as that of the tall variety of Water-Hyacinth with deep blue flowers)
Kajaḻapātiādaḻa
ନୌକାଫୁଲ

**କଜଳପାତିଆ ଭଲଲୋକ**—ଦେ. ବିଣ—୧ । ଯେଉଁ ମଧ୍ୟସ୍ଥ ଆପଣାର ସ୍ୱାର୍ଥପ୍ରତି ଦୃଷ୍ଟି ରଖି କମ୍ପା ପକ୍ଷପାତ କରି ନ୍ୟାୟ କରେ—1. A selfish or partial arbitrator.
Kajaḻapātiā bhalaloka

୨ । ଯେଉଁ ଭଲଲୋକ ଅନ୍ୟ ବ୍ୟକ୍ତିର ନିଷ୍ପତ୍ତି କରିବାକୁ ଯାଇ ନିଜର ସର୍ବନାଶ ଘଟାଏ—2. An arbitrator who comes to trouble for going to arbitrate between two parties.

[ଦ୍ର—କଥା ଅଛି—ଗୋଟିଏ ଗାଈ ସଙ୍ଗେ ଗୋଟିଏ ବଡ଼ ବୃଷ ସଙ୍ଗମ ଇଚ୍ଛା କରିବାରୁ ଗାଈଟି ବୃଷଭର ସ୍ଥୂଳାଙ୍ଗକୁ ଡରି ରାଜି ହେଲା ନାହିଁ । ବୃଷଭ ଯାଇ ଗୋଟିଏ କଜଳପାତି ଚଢ଼େଇକୁ ମଧ୍ୟସ୍ଥ (ଭଲଲୋକ) କରି ଆଣିଲା । କଜଳପାତି ଗାଈକୁ ସାହସ ଦେବାରୁ ଗାଈ ରାଜି ହେଲା । ମାତ୍ର ସଙ୍ଗମ ବେଳେ କଜଳପାତି ଗାଈ ପିଠିରେ ବସି ରହିବାରୁ ବୃଷଭର ଦେହ ଭାରରେ ପିଷ୍ଟ ହୋଇ ନିଜେ ମଲା । ଯେଉଁ ଲୋକ ମଧ୍ୟସ୍ଥତା କରିବାକୁ ଯାଇ ନିଜେ କ୍ଷତିଗ୍ରସ୍ତ ବା ନଷ୍ଟ ହୁଏ ତାକୁ 'କଜଳପାତିଆ ଭଲଲୋକ' କହନ୍ତି ।]

**କଜଳ ପାତିବା**—ଦେ. କ୍ରି—କଜଳ ପକେଇବା (ଦେଖ) Kajaḻa pakeibā (See)
Kajaḻa pātibā

**କଜଳ ବସାଇବା**—ଦେ. କ୍ରି—କଜଳ ପକେଇବା (ଦେଖ) Kajaḻa pakeibā (See)
Kajaḻa basāibā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଢ଼ | ନ୍ତ |

**କଜଳଲଞ୍ଜୀ**—ଦେ. ବ (ସଂ. କଜ୍ଜଳ+ଲାଞ୍ଛନ)—କଜଳ ଗାର (ଦେଖ)
Kajalalañji Kajala gāra (See)

**କଜଳା**—ଦେ. ବି. ( ପୁଂ. ଓ ସ୍ତ୍ରୀ )—୧ । ଏକ ଜାତୀୟ କୃଷ୍ଣ ବର୍ଣ୍ଣର
Kajalā ମାଛ; ଭାକୁର ମାଛ—1. A fish of black colour;
কাজলা; কাজলি Catla Buchanani.
कजरा ୨ । ଏକ ଜାତୀୟ ରକ୍ତ ଓ କୃଷ୍ଣବର୍ଣ୍ଣର ଆଖୁ—
2. A kind of reddish black sugarcane.
୩ । କୃଷ୍ଣବର୍ଣ୍ଣ ମସ୍ତକଯୁକ୍ତ ଏକଜାତୀୟ ଶୁଆ ପକ୍ଷୀ—
3. Slaty-headed parqueto.
ବିଣ—କଜ୍ଜଳ ରଙ୍ଗବିଶିଷ୍ଟ—Of a very dark colour; of the colour of lamp-black.

**କଜଳା ଗଣ୍ଡ**—ଦେ. ବ—(ଯେଉଁ ସ୍ଥାନର ଜଳ ଗଭୀରତା ଯୋଗୁଁ ଗାଢ଼
Kajalā gaṇḍa ନୀଳବର୍ଣ୍ଣ ଦେଖାଯାଏ) ଗଭୀର ଜଳବିଶିଷ୍ଟ ସ୍ଥାନ—
কাজলাগণ্ড Very deep expanse of water which looks deep blue owing to the depth of water.

**କଜଳା ଗହିର**—ଦେ. ବ (ସଂ. କଜ୍ଜଳ+ଗଭୀର)—କଜଳାଗଣ୍ଡ (ଦେଖ)
Kajalā gahira Kajalāgaṇḍa (See)

**କଜଳା ଗାଈ**—ଦେ. ବ—ଯେଉଁ ଗାଈର ଆଖି ଚାରି ପାଖ କଜଳ
Kajalā gāi ଲଗାଇଲା ପରି କୃଷ୍ଣବର୍ଣ୍ଣ ଦେଖାଯାଏ—
কাজলাগাই A cow having dark eye-lashes and
कजरीगाय eye-brows.

**କଜଳା ବଳଦ**—ଦେ. ବ—ଯେଉଁ ବଳଦର ଆଖି ଚାରିପାଖ କଳା—
Kajalā balada A bullock with dark eye-lashes
কাজলাবলদ and eye-brows.
कजराबैल

**କଜଳି**—ଦେ. ବିଣ. ସ୍ତ୍ରୀ—କଜଳା ( ଦେଖ )
Kajali Kajalā (See)
ଦେ. ବ. ( ସଂ. କଜ୍ଜଳୀ )—କଜ୍ଜଳୀ ( ଦେଖ )
Kajjalī (See)

**କଜଳିଆ**—ଦେ. ବିଣ(ସଂ. କଜ୍ଜଳ)—୧ । ଘୋର କୃଷ୍ଣବର୍ଣ୍ଣବିଶିଷ୍ଟ—
Kajaliā 1. Of a deep dark colour; very dark
কাজলা coloured.
कजरारा ୨ । କଜ୍ଜଳଯୁକ୍ତ; ବହୁତ କଜ୍ଜଳ ବୋଳାଯାଇଥିବା—
2. Deeply painted with collyrium.

**କଜାଇ**—ଦେ. ବ—କଜେଇ ( ଦେଖ )
Kajāi Kajei (See)

**କଜାଵା**—ବୈଦେ. ବ. (ଫା)—ଓଟ ପିଠିରେ ପଡ଼ିବା ଜିନ୍—
Kajāwā Saddle for the back of a camel.
कजावा [ ଦ୍ର—ଜିନର ଦୁଇ ପାଖେ ମନୁଷ୍ୟ ବସିବାର ବା ଜିନିଷ ରଖିବାର ଅଧାନ ଥାଏ । ]

**କଜିଆ**—ବୈଦେ. ବ. (ଅ. କଜିୟା; ଭୂଲ. ସଂ. କାର୍ଯ୍ୟ=ବିବାଦ)—
Kajiā ଝଗଡ଼ା; କଳହ; ବାଗ୍‌ଯୁଦ୍ଧ; ବିବାଦ ( ଏହା କଳି ସଙ୍ଗେ
ঝগড়া ଯୁଗ୍ମଶବ୍ଦରୂପେ ବ୍ୟବହୃତ ହୁଏ; ଯଥା, କଳିକଜିଆ)—
कजिया Wordy dispute; quarrel.
ବାଟରେ ମଲେ ହରବରଥ। କରବେ ଯେବେ କ କଜଅ ।
ରୁକ୍ମାଙ୍ଗ. ଗୀତଗୋବିନ୍ଦ ।

**କଜିଆଖୋର୍**—ବୈଦେ. ବିଣ. ପୁଂ (ଅ. କଜିଆ+ଫା. ଖୋର୍)—
Kajiākhor କଳହପ୍ରିୟ; କଳିହୁଡ଼ା—
(କଜିଆଖୋରଣୀ—ସ୍ତ୍ରୀ) Quarrelsome; contentious.
ঝগড়াটে
कजियाखोर

**କଜିଆଗୋଇ**—ଦେ. ବ. ପୁଂ ଓ ସ୍ତ୍ରୀ—କଳହପ୍ରିୟ—
Kajiāgoi Quarrelsome.

**କଜିସାଲିଆଗଣ୍ଠି**—ଦେ. (ପ୍ରାଚୀନ) ବ—ଘର ଶେଣୀରେ ଥିବା ଦାରୁଗଣ୍ଠି—
Kajisāliāgaṇṭhi The joint between two wall-
(ଜଗବନ୍ଧୁ. ପ୍ରାଚୀନ ଉତ୍କଳ) plates in a thatched house.

**କଜେଇ**—ବୈଦେ. ବ (ଫା. କଜାଇ)—ଘୋଡ଼ାର ପାଟି ମଧ୍ୟରେ ଦିଆଯିବା
Kajei ଲୁହାର କଡ଼ିଯୁକ୍ତ ଦଣ୍ଡ—Iron-bit put in the
কজাই; কাজাই mouth of a horse.
दहाना [ ଦ୍ର—ଏହାକୁ ଘୋଡ଼ାପାଟିରେ ଗଳାଇ ଦେଇ ଏହାର ଦୁଇ ମୁଣ୍ଡରେ ଥିବା ମୁଦଆରେ ଦଉଡ଼ି ଲଗାଇ ତାକୁ ଘୋଡ଼ାର କପାଳ ଉପର ବାଟେ ଘେରିବାକୁ ହୁଏ ଓ ଏହି ଦୁଇ ମୁଦଆରେ ଲଗାମ ଲଗାଇ ଚାଳକ ଲଗାମକୁ ଯେଉଁ ଆଡ଼େ ଟାଣେ ଘୋଡ଼ାର ମୁହଁ ସେହି ଆଡ଼େ ବୁଲି ଯାଏ ଓ ଘୋଡ଼ା ଚାଳକର ଆୟତ୍ତରେ ରହେ । ଏହା ଦୁଇ ପ୍ରକାର-ସାଦା କଜେଇ ଓ କଣ୍ଟା କଜେଇ । ]

**କଜ୍ଜଳ**—ସଂ. ବ. ( କୁ=କତ୍=କୁତ୍ସିତ+ଜଳ )—
Kajjala କଜ୍ୱଳ ( ଦେଖ )
Kajjwala ( See )

**କଜ୍ଜଳକୁନ୍ତଳା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; କଜ୍ଜଳ+କୁନ୍ତଳ+
Kajjalakuntalā ସ୍ତ୍ରୀ. ଆ )—
ଯେଉଁ ସ୍ତ୍ରୀର କେଶ ଘୋର କୃଷ୍ଣ ବର୍ଣ୍ଣ—
Dark-haired woman.

**କଜ୍ଜଳପତ୍ରୀ**—ସଂ. ବ. ( କଜ୍ଜଳ+ପତ୍ର=ପକ୍ଷ+ଇନ୍ )—
Kajjalapatrī ଖଞ୍ଜନ ପକ୍ଷୀ; କଜଳପାଣିଆ ଚଢ଼େଇ—
The black drongo ( bird )
କଜ୍ଜଳପତ୍ରୀର ପତ୍ର ନାଶକ । ରାଧାନାଥ. ଚନ୍ଦ୍ରଭାଗା ।

**କଜ୍ଜଳରୋଚକ**—ସଂ. ବ. (କଜ୍ଜଳ+ରୁଚ ଧାତୁ, ଣିଚ+କର୍ତ୍ତୃ. ଅକ)—
Kajjalarochaka ଦୀପାଧାର; ଦୀପରୁଖା—
Lamp-stand; candle-stick.

**କଜ୍ଜଳା**—ଦେ. ବ.—କୃଷ୍ଣ ପୃଷ୍ଠବିଶିଷ୍ଟ; ମତ୍ସ୍ୟବିଶେଷ—
Kajjalā A fish with dark skin on the back.

**କଜ୍ଜଳୀ**—ସଂ. ବ. ସ୍ତ୍ରୀ—ପାରଦ ଓ ଗନ୍ଧକର ଏକତ୍ର ପେଷଣରୁ ଉତ୍ପନ୍ନ
Kajjalī କୃଷ୍ଣବର୍ଣ୍ଣ ଦ୍ରବ୍ୟବିଶେଷ—Sulphuret of mercury; mercury sulphide.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିବା ପାଇଁ ସମପରିମାଣର ପାରଦ ଓ ଗନ୍ଧକ ଏକତ୍ର ଖଲରେ ବାଟିଲେ ପ୍ରଥମତଃ କୃଷ୍ଣବର୍ଣ୍ଣ ଧୂଳିବତ୍ ଯେଉଁ ପଦାର୍ଥ ଉତ୍ପନ୍ନ ହୁଏ ତାହାକୁ କଜ୍ଜଳୀ ବୋଲି-ଯାଏ । ଏହି କଜ୍ଜଳୀରୁ ମକରଧ୍ୱଜ ପ୍ରଭୃତି ଔଷଧମାନ ତିଆରି ହୁଏ । କଜ୍ଜଳୀରୂପେ ପରିଣତ ନ ହେଲେ ପାରଦ କୌଣସି ଔଷଧରେ ମିଶି ପାରେ ନାହିଁ । ]

**କଜ୍ଜ୍ୱଳ**—ସଂ. ବି. (କୁ=କତ୍=କୁତ୍ସିତ+ଜ୍ୱଳ=ଅଗ୍ନିଶିଖା)—
Kajjwaḻa ୧ । ଆଖିରେ ଦେବା କଳା—1. Collyrium.
୨ । କୃଷ୍ଣାଞ୍ଜନ—2. Black sulphide of mercury.
୩ । ଦୀପ କଳା—3. Lamp-black.
୪ । କାଳିମା; କୃଷ୍ଣବର୍ଣ୍ଣ—4. Black colour.
୫ । କାଳି; ମସି—5. Black ink.
୬ । ମେଘ—6. Cloud.
୭ । କଳଙ୍କ—7. Taint; stain.
୮ । (କୁ+ଜଳ)—କୁତ୍ସିତ ଜଳ—
8. Polluted water.

**କଜ୍ଜ୍ୱଳପାତି**—ଦେ. ବି.—କଜଳପାତି (ଦେଖ)
Kajjwaḻapāti Kajaḻapāti (See)
ଯେ ବସିଥିଲେ ନିଜ ଘରେ, କଜ୍ଜ୍ୱଳପାତି ସେନ କରେ ।
ଜଗନ୍ନାଥ. ଭାଗବତ ।

**କଜ୍ୱଳ** (ଇତ୍ୟାଦି)—ସଂ. ବି ଓ ବିଣ—କଜ୍ଜଳ ଇତ୍ୟାଦି (ଦେଖ)
Kajwaḻa etc. Kajjaḻa etc. (See)

**କଜ୍ୱଳା**—ଦେ. ବି. ସ୍ତ୍ରୀ.—କଜ୍ଜଳା (ଦେଖ)
Kajwaḻā Kajjaḻā (See)

**କଜ୍ୱଳୀ**—ସଂ. ବି. ସ୍ତ୍ରୀ—କଜ୍ଜଳୀ (ଦେଖ)
Kajwaḻi Kajjaḻi (See)

**କଜ୍ୟା**—ଗ୍ରା. ବୈଦେ. ବି.—କଜିଆ (ଦେଖ)
Kajyā Kajiā (See)

**କଞା**—ଦେ. ବି.—କଇଁଆ (ଦେଖ)
Kañā Kaiñā (See)

**କଞ୍ଚ** (ଧାତୁ)—ସଂ.—ବନ୍ଧନ କରିବା—
Kañcha (root) To bind.

**କଞ୍ଚ**—ଦେ. ବି.—ତାସଣ କରିବା ପରେ ତନ୍ତୀମାନେ ଯାହାଦ୍ୱାରା ସୂତା
Kañcha ଘଷନ୍ତି—A contrivance used by weavers to polish yarn.
ପ୍ରାଦେ. (ଗଡ଼ଜାତ) ବି—ବନ୍ୟବୃକ୍ଷବିଶେଷ—
A kind of wild tree.
[ ଦ୍ର—ଏହାର ପତ୍ର ଓଉ ପତ୍ର ପରି ଲମ୍ବ ଓ ଚଉଡ଼ା । ବଣୁଆ ଲୋକେ ଏହାର ପତ୍ରରେ ଭାତ ଖାଆନ୍ତି । ]

**କଞ୍ଚଟ**—ସଂ. ବି. (କଂ=ଜଳ+ଚଟ୍ ଧାତୁ=ପୃଥକ୍ କରିବା+ସଂଜ୍ଞାର୍ଥେ.
Kañchaṭa ଅ)—ଜଳଜ ଶାକବିଶେଷ; କଳମ ଶାଗ—
An aquatic edible creeper; a kind of water-weed.

**କଞ୍ଚଡ଼**—ସଂ. ବି.—କଞ୍ଚଟ (ଦେଖ)
Kañcharḍa Kañchaṭa (See)

**କଞ୍ଚଣ**—ଦେ. ବି. (ସଂ. କାଞ୍ଚନ)—୧ । ସ୍ୱନାମପ୍ରସିଦ୍ଧ ଫୁଲ ଓ ତହିଁର
Kañchaṇa ଗଛ—1. A red flower and its tree;
ସଂ. ପର୍ଯ୍ୟାୟ—କାଞ୍ଚନ; କାଞ୍ଚନାର; Bauhinia Acuminata.
ଯୁଗପତ୍ରକ, ମରକ, ଗଣ୍ଡାର, କୋବିଦାର, [ ଦ୍ର—ବର୍ଣ୍ଣଭେଦରେ ଏ
କବ୍ଦାର ଫୁଲ ତିନି ପ୍ରକାର—ଧଳା,
ମ. କାଚମ୍ବୁ କୋରକ ନାଲି ଓ ଈଷତ୍ ହଳଦିଆ; ଫୁଲ
ଗୁ. ଚମ୍ପାକାଠୀ ହେମନ୍ତରେ ଫୁଟେ, ଏହାର ପତ୍ର
ତେ. ଦେବ କାଞ୍ଚନ ଦୁଇ ଫାଳିଆ, ଏହା କ୍ରିମି, କୁଷ୍ଠ
काञ्चन ଗୁଦଭ୍ରଂଶ, ଗଣ୍ଡମାଳା ଓ ବ୍ରଣ
कचनार ନାଶକ । ]
୨ । ଏକ ଜାତୀୟ ଡେଉର ପନ୍ଦ ଥିବା କଂସା ଥାଳି—
2. A bell-metal plate with high ridges.
୩ । ଦେଶବିଶେଷ (ବିଷ୍ଣୁକେଶରୀ ପୁରାଣ)—
3. Name of a country.

**କଞ୍ଚଣଥାଳି**—ଦେ. ବି.—କଞ୍ଚଣ (୨) (ଦେଖ)
Kañchaṇathāḻi Kañchaṇa (2) (See)

**କଞ୍ଚନ**—ଦେ. ବି. (ସଂ. କାଞ୍ଚନ)—୧ । କଞ୍ଚଣ (୧) (ଦେଖ)
Kañchana 1. Kañchaṇa (1) (See)
୨ । ରାମାୟଣବର୍ଣ୍ଣିତ ମର୍କଟ ଯୂଥପତି—2. Name of a monkey-general mentioned in the Rāmāyaṇa.
ବିଶ୍ୱମଧ୍ୟରେ କଞ୍ଚନ ଭାଲୁକ ଇତ୍ୟାଦି
ବ୍ୟବସ୍ଥିତେ ପନସକୁ କରଇ ସଫଳ । ଉପେ. ବୈଦେହୀଶବିଳାସ ।

**କଞ୍ଚନଥାଳି**—ଦେ. ବି.—କଞ୍ଚଣ (୨)(ଦେଖ)
Kañchanathāḻi Kañchaṇa (2) (See)

**କଞ୍ଚନାଇ**—ଦେ. ବି.—ଏକ ପ୍ରକାର ବନ୍ୟ ତରୁ—
Kañchanāi Dalbergia Rubiginosa (tree).

**କଞ୍ଚନାର**—ସଂ. ବି—କଞ୍ଚଣ (୧) (ଦେଖ)
Kañchanāra Kañchaṇa (1) (See)

**କଞ୍ଚା**—ଦେ. ବିଣ. (ଆ. କଚ୍ଚା=ଅପକ୍ୱ)—୧ । ଅପକ୍ୱ; ପାଚି ନ ଥିବା—
Kañchā (ଯଥା, ଫଳ)—1. Unripe; raw; green.
ପାଚିଲା } ବିପରୀତ ୨ । ସଦ୍ୟ; ତଟକା ( ଯଥା, ରକ୍ତ )—
ପକ୍ୱା } 2. Fresh.
काँचा ୩ । ପାକ କରାଯାଇ ନ ଥିବା (ଯଥା, ମାଂସ)—
কাঁচা 3. Uncooked; undressed.
୪ । ଖାଣ୍ଟି; ଅମିଶ୍ର (ଯଥା, ସୁନା)—4. Pure.
ଯେ ବ୍ୟକ୍ତି ଭୂମିରୁ କଞ୍ଚା ଗଦ୍ୟ ବନ୍ଧୁ ଅଭ କଛି ବାହାରେ ନାହିଁ ।
ରାଧାନାଥ. ଦରବେଶ ।

| ୧ | ଇ | ଢ଼ | ର୍ଭ,ର୍ଭ | ଛ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଖ | ଜ | ଶ,ଷ | ଙ୍କ | ଇଯ଼ | ଢ଼ଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁୟ | ଇଅ | କ୍ଷ | ନ୍ଢ଼ |

୫ । ଅପାରଦର୍ଶୀ—5. Not proficient; not well up.
(ଯଥା—ଏ ପିଲାଟି ଗଣିତରେ କଞ୍ଚା ।)
୬ । ଶୁଖି ନ ଥିବା; ଓଦା (ଯଥା, କାଠ)—
6. Moist; not dried.
୭ । ଅଦକ୍ଷ; ଅପ୍ରବୀଣ (ଯଥା, ବୁଦ୍ଧି)—
7. Inexperienced; unskilful.
୮ । ପୋଡ଼ା ହୋଇ ନ ଥିବା (ଯଥା, ଇଟା)—
8. Unburnt; unbaked.
୯ । ଶିଥିଳ; ଢିଲା (ଯଥା, ସିଲାଇ)—9. Loose.
୧୦ । ଅସମ୍ପୂର୍ଣ୍ଣ (ଯଥା, କାମ)—
10. Imperfect; immature; not final.
୧୧ । ଅପରିଣତ (ଯଥା, ବୟସ)—11. Undeveloped.
୧୨ । ଅସିଦ୍ଧ (ଯଥା, ପରିବା)—12. Unboiled.
୧୩ । କୋମଳ; ନରମ—13. Soft; tender.
୧୪ । ଅସ୍ଥିରୀକୃତ (ଯଥା, କଥା)—14. Unsettled.
୧୫ । ଅସ୍ଥାୟୀ; ଯାହା ବହୁକାଳ ସ୍ଥାୟୀ ନୁହେ (ଯଥା, ଗାଣ୍ଠିକି)—
15. Temporary; not durable.
୧୬ । ପରିବର୍ତ୍ତନଶୀଳ—16. Changeable.

**କଞ୍ଚା ଇଟା**—ଦେ. ବି—ପୋଡ଼ା ହୋଇ ନ ଥିବା ଇଟା—Unburnt or unbaked brick.
Kañchā iṭā
କାଁଚାଈଁଟ [ଦ୍ର—ଏହିପରି କଞ୍ଚା ହାଣ୍ଡି, ମାଠିଆ, ସରା ଇତ୍ୟାଦି ହୁଏ ।]
**कच्चाईंट**

**କଞ୍ଚା ଉମର**—ବୈଦେ. ବି. (ଆ. କଚ୍ଚା+ଉମ୍ର)—୧ । ଅପରିଣତ ବୟସ—1. Unripe age; nonage; tender age.
Kañchā umara
কাঁচাউমর
**कच्चाउमर**
୨ । ବାଲ୍ୟକାଳ—2. Boyhood.

**କଞ୍ଚାକଞ୍ଚା**—ଦେ. ବିଣ. (ତୁଳ. ଗରମ୍ ଗରମ୍)—
Kañchākañchā
আধাকাঁচা
**अधकच्चा**
୧ । ଯାହା ଅଳ୍ପ ଅଳ୍ପ କଞ୍ଚା ଥାଏ; ଦରକଞ୍ଚା—
1. Unripe; half-ripened.
୨ । ଅର୍ଦ୍ଧସିଦ୍ଧ—2. Half-boiled.
୩ । ଅଳ୍ପ ଓଦା—3. Half-moist.

**କଞ୍ଚା କଥା**—ଦେ. ବି—ଅସ୍ଥିର କଥା—Unsettled talk; talk which is not final.
Kañchā kathā
কাঁচাকথা
**कच्चाबात**

**କଞ୍ଚା କାମ**—ଦେ. ବି—୧ । ଅସମ୍ପୂର୍ଣ୍ଣ କାର୍ଯ୍ୟ—
Kañchā kāma 1. Unfinished work.
কাঁচ কাজ
**कच्चाकाम**
୨ । ଯେଉଁ କାର୍ଯ୍ୟ ସୁବିବେଚନାପୂର୍ବକ ବା ଦକ୍ଷତା-ସହକାରେ କରା ଯାଇ ନାହିଁ—
2. Work which is badly done.

**କଞ୍ଚାଖାଇ**—ଦେ. ବି. ସ୍ତ୍ରୀ. (ଆ. କଚ୍ଚା+ସଂ. ଖାଦ ଧାତୁ)—
Kañchākhāi ୧ । ଦେବୀବିଶେଷ—
কাঁচাখাই 1. A Goddess who eats raw flesh.
୨ । ଡାହାଣୀବିଶେଷ—2. A class of witches eating ordure and raw flesh.
[ ଦ୍ର—ଏମାନେ ରାତିରେ ବିଷ୍ଠା ଚରନ୍ତି ଓ ଜୀବିତ ଶିଶୁ ପ୍ରଭୃତିଙ୍କୁ ଖାଇ ଯାଆନ୍ତି । ଡାହାଣୀ ଶବ୍ଦ ଲୋଡ଼ି ଦେଖ । ]
ଦେ. ବିଣ—କଞ୍ଚାସୁଆଦ; କଞ୍ଚା ବା ଅପକ୍ୱ ଅବସ୍ଥାରେ ମୁଖ-ରୋଚକ ବା ମିଷ୍ଟ (ଫଳ)—Sweet or palatable even when raw or unripe (fruit).
[ ଦ୍ର—ଏହି ବିଶେଷଣ ପ୍ରାୟ ଆମ୍ବ ପୂର୍ବେ ବ୍ୟବହୃତ ହୁଏ । ]

**କଞ୍ଚା ଖାତା**—ଦେ. ବି—କଚ୍ଚା ଖାତା ( ଦେଖ )—
Kañchā khātā Kachā khātā (See)
কাঁচাখাতা
**कच्चाखाता**

**କଞ୍ଚା ଗାଣ୍ଠିକି**—ଦେ. ବି—କଚ୍ଚା ଗାଣ୍ଠିକି (ଦେଖ)—
Kañchā gānthini Kachā ganthini ( See)

**କଞ୍ଚା ଗୋଲା**—ଦେ. ବି—ଦୁଧ ଛେନାକୁ ପାକ ନ କରି ଚପୁଡ଼ ଚିହ୍ନିରେ ଚିନି ମିଶାଇ ବାଟି ପରେ ନିଆଁରେ ଅଳ୍ପ ଗରମ କରାଯାଇ ପ୍ରସ୍ତୁତ ମିଷ୍ଟାନ୍ନ; ସନ୍ଦେଶ—A kind of sweet-meat.
Kañchā golā
কাঁচাগোলা

**କଞ୍ଚା ଟଙ୍କା**—ଦେ. ବି—୧ । ନଗଦ ଟଙ୍କା—
Kañchā ṭankā 1. Ready cash.
কাঁচা পয়সা
**कच्चा पैसा**
୨ । ଉପରି ଲାଭ—2. Extra income.

**କଞ୍ଚା ଡାଆଣୀ**—ଗ୍ରା. ବି—କଞ୍ଚା ଡାହାଣୀ ( ଦେଖ )—
Kañchā ḍāaṇī Kañchā ḍāhāṇī ( See )

**କଞ୍ଚା ଡାହାଣୀ**—ଦେ. ବି—ଅତି ଭୀଷଣ ଡାହାଣୀ; ଯେଉଁ ଡାହାଣୀ କଞ୍ଚା ମାଂସ ଓ ବିଷ୍ଠା ଖାଏ—A very frightful witch eating raw flesh and ordure.
Kañchā ḍāhāṇī
( ଡାହାଣୀ ଶବ୍ଦ ଲୋଡ଼ି ଦେଖ )

**କଞ୍ଚା ଦିହ**—ଗ୍ରା. ବି—୧ । ରୋଗରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇ ନ ଥିବା ଶରୀର—1. The body or physical system of a person who has not completely recovered from a disease.
Kañchā diha
কাঁচা গা
**कच्चाबदन**
୨ । ଅତି ଅଳ୍ପଦିନ ପୂର୍ବେ ଭଲ ହୋଇଥିବା ଦେହ—
2. The physical system of a person who has been only recently cured.
୩ । ପ୍ରସବ ହେଲାବେଳର ଅବ୍ୟବହିତ ପରେ ପ୍ରସୂତୀର ଦୁର୍ବଳ ଶରୀର (ସେବାସେବ ଓ ପଥ୍ୟାଦିର ଫଳରେ ଯାହିଁରୁ ରକ୍ତ-ଜଳାଦି ନିର୍ଗମନ ବନ୍ଦ ହୋଇ ନ ଥାଏ,—3. The physical system of a recently delivered woman.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କଞ୍ଚା ଦୁଧ**—ଦେ. ବି—୧ । ସିଝା ହୋଇ ନ ଥିବା ଦୁଧ—
Kañchā dudha 1. Unboiled milk.
কাঁচাদুধ ୨ । ଟାଟକା ଦୁଧ—2. Fresh milk.
कच्चादूध

**କଞ୍ଚା ନାଡ଼**—ଦେ. ବି—କଞ୍ଚା ଦିହ ୩ ( ଦେଖ )—
Kañchā nārda Kañchā diha 3 ( See )

**କଞ୍ଚା ନାଡ଼ା**—ଦେ. ବି—କଞ୍ଚା ଦିହ ୩ ( ଦେଖ )—
Kañchā nārdā Kañchā diha 3 (See)

**କଞ୍ଚା ନିଦ**—ଦେ.ବି (ଆ. କଚ୍ଚା + ସଂ. ନିଦ୍ରା)—୧ । ପୂର୍ଣ୍ଣମାତ୍ରାରେ ଭୋଗ ହୋଇ ନ ଥିବା ନିଦ—1. Sleep not past its period of full enjoyment; a state in which a person is awakened from sleep before time.
Kañchā nida
কাঁচাঘুম
कच्चानींद
୨ । ଛୋଟ ନିଦ—2. Light sleep.

**କଞ୍ଚାନିଦିଆ**—ଦେ. ବିଣ—ଯେ ପୂର୍ଣ୍ଣକାଳ ପର୍ଯ୍ୟନ୍ତ ଶୋଇ ନ ଥାଏ; ଯାହାର ନିଦ୍ରା ପରିପକ୍ୱ ନ ହୋଇ ଭାଙ୍ଗିଥାଏ—Getting up from half-satisfied sleep.
Kañchānidiā
( ଯଥା—ପିଲାଟା କଞ୍ଚାନିଦିଆ ହୋଇ କାନ୍ଦୁଥିଲା । )

**କଞ୍ଚା ପଇସା**—ଦେ. ବି—୧ । ସ୍ୱଳ୍ପ କଷ୍ଟରେ ପ୍ରତିଦିନ ପାଉଥିବା ଅର୍ଥ—1. Money earned daily without much exertion.
Kañchā paisā
কাঁচা পয়সা
कच्चा पैसा
୨ । ଅନାୟାସଲବ୍ଧ ଧନ—2. Easily gotten money.
୩ । ନଗଦ ଧନ—3. Cash money.

**କଞ୍ଚା ପାଣି**—ଦେ. ବି.—୧ । ଥଣ୍ଡା ପାଣି—1. Cold water.
Kañchā pāṇi ୨ । ଶୁଦ୍ଧ ପାଣି—2. Pure water.
কাঁচা জল ୩ । ଫୁଟା ହୋଇ ନ ଥିବା ପାଣି—3. Unboiled water.
कच्चा पानी

**କଞ୍ଚା ପିଲା**—ଦେ. ବି.—କଞ୍ଚା ବାଳକ (ଦେଖ)
Kañchā pilā Kañchā bāḷaka (See)

**କଞ୍ଚା ବୟସ**—ଦେ. ବି.—କଞ୍ଚା ଉମର (ଦେଖ)
Kañchā bayasa Kañchā umara (See)

**କଞ୍ଚା ବାଳକ**—ଦେ. ବି.—୧ । ଅପରିଣତ ବାଳକ—
Kañchā bāḷaka 1. Undeveloped boy.
কাঁচাছেলে ୨ । ଅପ୍ରବୀଣ ବାଳକ—
कच्चाबच्चा 2. Inexperienced boy.
୩ । ଶିଶୁ; ବାଳକ—3. A mere child.

**କଞ୍ଚା ବୁଦ୍ଧି**—ଦେ. ବି.—ବାଳକ ଓ ଯୁବକମାନଙ୍କର ଅପରିଣତ ବା ଅପରିପକ୍ୱ ବୋଧଶକ୍ତି—
Kañchā buddhi
Undeveloped intelligence of young people.

**କଞ୍ଚା ମାଂସ**—ଦେ. ବି.—୧ । ପାକ କରା ଯାଇ ନ ଥିବା ମାଂସ—
Kañchā māṁsa 1. Raw flesh; uncooked meat.
কাঁচা মাংস ୨ । ଟାଟକା ମାଂସ—2. Fresh meat.
कच्चा गोश्त

**କଞ୍ଚା ମାଟି**—ଦେ. ବି.—ଓଦା ମାଟି—
Kañchā māṭi Moist earth.

**କଞ୍ଚା ମିଛ**—ଦେ. ବିଣ.—ସମ୍ପୂର୍ଣ୍ଣରୂପେ ମିଥ୍ୟା (କଥା); ଯେଉଁ କଥାରେ ଅଣୁମାତ୍ର ସତ ନ ଥାଏ—Totally false.
Kañchā michha
ଦେ. ବି.—ସମ୍ପୂର୍ଣ୍ଣ ମିଥ୍ୟାକଥା—A black lie.

**କଞ୍ଚାର**—ସଂ. ବି. (କଂ=ଜଳକୁ+ଚର=ଶୋଷିବା+କର୍ତ୍ତୃ. ଅ)—
Kañchāra ୧ । ସୂର୍ଯ୍ୟ—1. The Sun.
୨ । ଅର୍କ ଗୁଳ୍ମ—2. A plant.

**କଞ୍ଚା ରକ୍ତ**—ଦେ. ବି—ସଦ୍ୟୋନିଃସୃତ ପ୍ରାଣୀ ରକ୍ତ—
Kañchā rakta Fresh animal-blood.

**କଞ୍ଚା ରଙ୍ଗ**—ଦେ. ବି—କଚ୍ଚା ରଙ୍ଗ (ଦେଖ)
Kañchā raṅga Kachā raṅga ( See )

**କଞ୍ଚାଳିଆ**—ଦେ. ବିଣ—କଞ୍ଚାକଞ୍ଚା ( ଦେଖ )
Kañchāḷiā Kañchākañchā ( See )
ଜାଳିବାକୁ କଞ୍ଚାଳିଆ କାଠ ନେଇ ଦେବ । ପ୍ରାଚୀ. ନଳଚରିତ୍ର ।

**କଞ୍ଚାଲେଖା**—ଦେ. ବି—୧ । ଅନଭ୍ୟସ୍ତ ବ୍ୟକ୍ତିର ହସ୍ତଲିପି ।
Kañchālekhā 1. The hand writing of a raw writer.
কাঁচালেখা
कच्चालिखा ୨ । ଅପରିଣତବୁଦ୍ଧି ବ୍ୟକ୍ତିର ରଚନା—
2. The composition of a novice.

**କଞ୍ଚାସିଝା**—ଦେ. ବି—ଅର୍ଦ୍ଧସିଦ୍ଧ ଖାଦ୍ୟ—
Kañchāsijhā Half boiled food.
ଏତେକ ଲୋକ କଞ୍ଚାସିଝାକୁ ଖାଆନ୍ତି । କୃଷ୍ଣସିଂ. ମହାଭାରତ. ସଭା ।

**କଞ୍ଚା ସିଲେଇ**—ଦେ. ବି—ଶିଥିଳ ବା ଭିନ୍ନ ସିଆଁ; ଢଗା ସିଲେଇ—
Kañchā silei Loose stitch.
কাঁচাসেলাই
कच्चासिलाई

**କଞ୍ଚାସୁଆଦ**—ଦେ. ବିଣ—ଯେଉଁ ଆମ୍ବ କଞ୍ଚାବେଳେ ସୁଦ୍ଧା ଅମ୍ଳିଆ ନ ଲାଗି ମିଠା ଲାଗେ—( mango ) Which tastes sweet when unripe.
Kañchāsuādi
কাঁচামিঠা
कच्चामीठा

**କଞ୍ଚାସୁଆଦିଆ**—ଦେ. ବିଣ—କଞ୍ଚାସୁଆଦ ( ଦେଖ )
Kañchāsuādiā Kañchāsuādi ( See )

**କଞ୍ଚାସୁନା**—ଦେ. ବି.—ଅମିଶ୍ର ସୁନା; ଖାଣ୍ଟି ସୁନା—
Kañchāsunā Pure unalloyed gold.

**କଞ୍ଚା ହାଣ୍ଡି**—ଦେ. ବି.—ଶୁଖାଯାଇ ନ ଥିବା ବା ଅପୋଡ଼ା ହାଣ୍ଡି—
Kañchā hāṇḍi Unburnt earthen pot.

**କଞ୍ଚା ହିସାବ**—ଦେ.ବି.—୧ । ଯେଉଁ ହିସାବର ଶେଷ ମୀମାଂସା ହୋଇ ନାହିଁ—1. Account which has not been finally settled.
Kañchā hisāba
কাঁচাহিসাব
कच्चाहिसाब

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ଶବ୍ଦ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଙ୍ଗ | ଡ଼ଅ | ଞ |
| ୨ | ଈ | ଊ | ଋୂ | ଲୃ | ପ୍ଲେ | ଅକାରାନ୍ତବର୍ଣ୍ଣ | ଁ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

୨ । ଅସମ୍ପୂର୍ଣ୍ଣ ହିସାବ—2. Account which has not been finally made up.

**କଞ୍ଚି**—ବୈଦେ. ବି. (ଫା. କମ୍‌ଚୀ ) (ଏହା ପରେ ସଂସ୍କୃତରେ କଞ୍ଚିକା ଓ
Kañchi କୁଞ୍ଚିକାରୂପ ଧାରଣ କରିଅଛି—ଜ୍ଞାନେନ୍ଦ୍ର ଉଦ୍ଧୃତ
চাবি ଶବ୍ଦକଳ୍ପଦ୍ରୁମ ଓ ଶବ୍ଦଚନ୍ଦ୍ରିକା)—
कुञ्जि ୧ । କୋଲପ—1. Lock.

୨ । ଚାବି; କୁଞ୍ଚି; ଚାବିକାଠି—2. Key.

ସେହି କଞ୍ଚି ସେହି ରତନ ସହିତେ,
ସୁନ୍ଦରଙ୍କୁ ବାଳା ଗଲା ଅଲକ୍ଷିତେ ।
ରାଧାନାଥ, ନନ୍ଦକେଶରୀ ।

୩ । ବାହାରୁ କବାଟଛିଦ୍ରରେ ଭିତରପଟର କିଳଣୀକୁ ଚଳାଇବା ନିମନ୍ତେ ସମକୋଣାକାରରେ ତିଆରି ହୋଇଥିବା ଲୁହାକାଠି—3. A hooked shaped iron rod for opening and closing a door from outside by thrusting it into the key hole and causing the inner bar to move.

୪ । କଞ୍ଚିକା ( ଦେଖ )
4. Kañchikā ( See )

ପ୍ରାଦେ (କେନ୍ଦ୍ରାପଡ଼ା) ୫ । ଭଜାଭଜ ଖଡ଼ିକା; ଖଇ ଭାଜିବାପାଇଁ ବ୍ୟବହୃତ ଖଡ଼ିକାମୁଠା—5. Bunch of fibrous ribs of cocoanut leaves used in shaking the grains of paddy while being fried.

[ ଦ୍ର—ଚାବିକାଠି ଅର୍ଥରେ 'କଞ୍ଚି' ଶବ୍ଦ ଫା. କମ୍‌ଚୀ=ବାଉଁଶକଣିରୁ ବାହାରିଛି; ଚାବିକାଠି ବାଉଁଶକଣି ପରି ସରୁ ଥିବାରୁ 'କଞ୍ଚି' ନାମ ଦିଆଯାଇଅଛି । ]

**କଞ୍ଚିକା**—ସଂ. ବି. ସ୍ତ୍ରୀ. ( ଫା. କମ୍‌ଚୀରୁ ଗୃହୀତ )—
Kañchikā ବାଉଁଶକଣି, ବେଣୁର ପ୍ରଶାଖା—Shoots of bamboo; bamboo-twigs.

[ ଦ୍ର—ଏହା ଫା. 'କମ୍‌ଚୀ' ରୁ ଗୃହୀତ; ପରେ ସଂସ୍କୃତ ଆକାରରେ ପରିଣତ ହୋଇଅଛି — ଜ୍ଞାନେନ୍ଦ୍ର ଉଦ୍ଧୃତ ଶବ୍ଦକଳ୍ପଦ୍ରୁମ]

**କଞ୍ଚିକାଠି**—ଦେ. ବି.— ଚାବିକାଠି—
Kañchikāṭhi Key.

**କଞ୍ଚିକିଳଣୀ**—ଦେ. ବି—କବାଟରେ ଥିବା କଳା, ଯେଉଁବାଟେ କଞ୍ଚି
Kañchikiḷaṇi ପଶେ—Latch keyhole.
চাবির ছাঁদা

କଞ୍ଚିକିଳଣୀବାଟେ ଚାହାନ୍ତି ଠାକୁରାଣୀ ।
कुञ्जीकाछेद सାରଳା ମହାଭାରତ ।

**କଞ୍ଚି ଦେବା**—ଦେ. କ୍ରି.— କୋଲପ ପକାଇବା; ଚାବିଦେବା; ଚାବି ବନ୍ଦ
Kañchi debā କରିବା—To lock up.
চাবি দেনা
ताला देना

**କଞ୍ଚି ପକାଇବା**—ଦେ. କ୍ରି.— କଞ୍ଚି ଦେବା ( ଦେଖ )
Kañchi pakāibā Kañchi debā (See)

**କଞ୍ଚୀ**—ସଂ. ବି.—କଞ୍ଚିକା ( ଦେଖ )
Kañchī Kañchikā ( See )

**କଞ୍ଚୁକ**—ସଂ. ବି.—( କଞ୍ଚ ଧାତୁ=ବନ୍ଧନ କରିବା+କରଣ. ଉକ;
Kañchuka ଯାହାଦ୍ୱାରା ଶରୀର ଆବଦ୍ଧ ଥାଏ )—

୧ । ନିର୍ମୋକ; ସାପକାତି—1. Skin of a snake; slough.

୨ । ବର୍ମ; କବଚ; ସାଞ୍ଜୁ—
2. Armour; coat of mail.

୩ । ଜାମା; କୁର୍ତ୍ତା; ସ୍ତ୍ରୀମାନଙ୍କର କାଞ୍ଚୁଲା—
3. Female jacket; bodice.

୪ । ଜାକେଟ୍—4. Short breeches.

୫ । ବସ୍ତ୍ର—5. Clothes generally.

୬ । କୁମାର ଜନ୍ମୋତ୍ସବାଦି ଉପଲକ୍ଷେ ଭୃତ୍ୟମାନେ ଗୃହସ୍ୱାମିଙ୍କ ନିକଟରୁ ପ୍ରାପ୍ତ ହେବା —6. Presents of cloths given to servants by the master on occasions of rejoicings.

୭ । ରାଜାଙ୍କ ଅନ୍ତଃପୁରାଧ୍ୟକ୍ଷ ଭୃତ୍ୟ—
7. Warder of the harem; keeper of the female apartment; chamberlain; servant in charge of the Zenana.

[ ଦ୍ର—ପୁଂସ୍ତ୍ୱହୀନ ବା ବୃଦ୍ଧ ଲୋକଙ୍କୁ ଏ କାର୍ଯ୍ୟରେ ରଖାଯାଏ । ]

**କଞ୍ଚୁକାଳୁ**—ସଂ. ବି. ( କଞ୍ଚୁକ+ଅସ୍ତି ଅର୍ଥରେ. ଆଳୁ )—
Kañchukāḷu ସର୍ପ—Snake.

ସଂ. ବିଣ. ପୁଂ. ଓ ସ୍ତ୍ରୀ—କଞ୍ଚୁକବର୍ମିଷ୍ଟ—Armoured.

**କଞ୍ଚୁକିନ**—ଦେ. ବି—କଞ୍ଚୁକୀ ( ଦେଖ )
Kañchukina Kañchukī ( See )

**କଞ୍ଚୁକୀ**—ସଂ. ବି. ପୁଂ. ( କଞ୍ଚୁକ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ. )—
Kañchukī ୧ । ଅନ୍ତଃପୁରରକ୍ଷକ; ଖାସି କରା ହୋଇଥିବା
(କଞ୍ଚୁକିନୀ—ସ୍ତ୍ରୀ) ନପୁଂସକ ଭୃତ୍ୟ—1. Overseer of female apartment; eunuch in charge of the Zenana; chamberlain.

୨ । ରାଜାଙ୍କ ଅନ୍ତଃପୁରରକ୍ଷକ ବୃଦ୍ଧ ବିପ୍ର—
2. An old Brāhmaṇa in charge of a Rājā's harem.

ଅନ୍ତଃପୁରଚରେ ବୃଦ୍ଧୋ ବିପ୍ରୋ ଗୁଣଗଣାନ୍ୱିତଃ,
ସର୍ବକାର୍ଯ୍ୟାର୍ଥକୁଶଳଃ କଞ୍ଚୁକୀତ୍ୟଭିଧୀୟତେ । ବିଶ୍ୱନାଥ, ସାହିତ୍ୟଦର୍ପଣ ।

୩ । ଦ୍ୱାରୀ; ଦ୍ୱାରପାଳକ—3. Door-keeper; warder

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ ଲେଖା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଢୁଅ' ନ ମିଳିଲେ 'ଢୁଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଖରିଂଶ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । କବଚଧାରୀ ପୁରୁଷ—4. Armoured person; man having a mail armour.

୫ । ସର୍ପ—5. Serpent.

୬ । ବିଟ; ଲମ୍ପଟ ବ୍ୟକ୍ତି—
6. A libertine; adulterer.

୭ । ଯବ—7. Barley.

୮ । ଚଣା—8. Chicken pea.

୯ । ବୁଟ—9. Oats.

୧୦ । ଖୋସା ବା ଖୋଳପାଯୁକ୍ତ ଶସ୍ୟ ( ଯଥା— ଧାନ, ଯବ, ବୁଟ, ଗହମ, ହର ଆଦି )—
10. Grains with sheaths.

୧୧ । କ୍ଷୀରକାଙ୍କୋଳ (ଗଛ) ( ଦେଖ )
11. Kshirakāṅkolā (tree) ( See )

୧୨ । ଶିରୀଷ (ଗଛ) ( ଦେଖ )
12. Śirīsha (tree) ( See )

୧୩ । ଅଗୁରୁ ଚନ୍ଦନ—13. Agalochia; aloes wood.

୧୪ । ଯୋଦ୍ଧା ( କଞ୍ଚୁକଧାରୀ ହୋଇଥିବାରୁ )—
14. A warrior.

ସଂ. ବିଣ. ପୁଂ—କଞ୍ଚୁକପରିହିତ — Armoured.

ସଂ. ବି. ସ୍ତ୍ରୀ. ( କଞ୍ଚୁକ + ସ୍ତ୍ରୀ. ଈ )—
ଅନ୍ତଃପୁରଚାରିଣୀ; ସ୍ତ୍ରୀ ଲୋକଙ୍କ ପରିଚାରିଣୀ—
Maid servant; lady's maid.

**କଞ୍ଚୁଳ**—ସଂ. ବି. (କଞ୍ଚ ଧାତୁ=ବନ୍ଧନ କରିବା + କରଣ. ଉଲ )—
Kañchuḻa କାଞ୍ଚୁଲା; ସ୍ତ୍ରୀମାନଙ୍କର ଜାକେଟ୍—
Female jacket; bodice.

**କଞ୍ଚୁଳିକା**—ସଂ. ବି ସ୍ତ୍ରୀ. ( କଞ୍ଚୁଳୀ + ସ୍ୱାର୍ଥରେ. କ + ସ୍ତ୍ରୀ. ଆ )—
Kañchuḻikā କଞ୍ଚୁଳ ( ଦେଖ )
Kañchuḻa ( See )

**କଞ୍ଚୁଳୀ**—ଦେ. ବି. ସ୍ତ୍ରୀ. ( କଞ୍ଚୁଳ + ସ୍ତ୍ରୀ. ଈ )—କଞ୍ଚୁଳ ( ଦେଖ )
Kañchuḻī Kañchuḻa ( See )

**କଞ୍ଚୁଳୀକା**—ସଂ. ବି. ସ୍ତ୍ରୀ. ( କଞ୍ଚୁଳୀ + ସ୍ୱାର୍ଥେ. କ + ସ୍ତ୍ରୀ. ଆ )—
Kañchuḻīkā କଞ୍ଚୁଳ ( ଦେଖ )
Kañchuḻa ( See )

**କଞ୍ଚେଇ**—ପ୍ରାଦେ. (ଲଇଅ) ବି. (ସଂ. କଚୁ)—କଚୁ ( ଦେଖ )
Kañchei Kachu ( See )

**କଞ୍ଚୂଳ**—ସଂ. ବି. ୧ । ( କଚ ଧାତୁ=ଦୀପ୍ତି ପାଇବା + କରଣ. ଉଲ )—
Kañchūḻa ସ୍ତ୍ରୀମାନଙ୍କର ଅଳଙ୍କାରବିଶେଷ—
1. A female ornament.

୨ । ( କଞ୍ଚ ଧାତୁ=ବନ୍ଧନ କରିବା + କରଣ. ଉଲ )—
କାଞ୍ଚୁଲା—2. Bodice.

**କଞ୍ଚୂଳକା**—ସଂ. ବି. ସ୍ତ୍ରୀ. ( କଞ୍ଚୂଳ + ସ୍ୱାର୍ଥରେ. କ + ସ୍ତ୍ରୀ. ଆ )—
Kañchūḻikā କଞ୍ଚୂଳ ( ଦେଖ )
Kañchūḻa ( See )

**କଞ୍ଚୂଳୀ**—ସଂ. ବି. ସ୍ତ୍ରୀ. ( କଞ୍ଚୂଳ + ସ୍ତ୍ରୀ. ଈ ) - କଞ୍ଚୂଳ ( ଦେଖ )
Kañchūḻī Kañchūḻa ( See )

**କଞ୍ଚୂଳୀକା**—ସଂ. ବି. ସ୍ତ୍ରୀ. ( କଞ୍ଚୂଳୀ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—
Kañchūḻikā କଞ୍ଚୂଳ ( ଦେଖ )
Kañchūḻa ( See )

**କଞ୍ଜ**—ସଂ. ବି. ( କଂ=ମୁଖ; ଜଳ; ମସ୍ତକ + ଜନ୍ ଧାତୁ=ଜାତ ହେବା + କର୍ତ୍ତୃ. ଅ )—
Kañja

୧ । ପଦ୍ମଯୋନି; ବ୍ରହ୍ମା—1. Brahmā.

୨ । ପଦ୍ମ—2. Lotus.

୩ । ଅମୃତ—3. Nectar.

୪ । କେଶ—4. Hair.

୫ । ଚନ୍ଦ୍ର—5. The moon.

କଞ୍ଜ ପ୍ରାପ୍ତ ନ କର ତୁ କଞ୍ଜ ପ୍ରାପ୍ତ କର
ବଦନକୁ ଧବଳଗମକୁ ତୁ ନ ଭର । ଭକ୍ତ. ପ୍ରେମସୁଧାନିଧି ।

ସଂ. ବିଣ—ଜଳରୁ ଉତ୍ପନ୍ନ; ଜଳଜ—Produced from water; growing in water; aquatic.

**କଞ୍ଜକ**—ସଂ. ବି. ( କଞ୍ଜ + କୈ ଧାତୁ + ଅ )—ଶାରିକା ପକ୍ଷୀ; ଶାରୀ;
Kañjaka ମଇନା—Myna bird; a talking bird resembling a magpie.

**କଞ୍ଜଜ**—ସଂ. ବି. ପୁଂ. ( କଞ୍ଜ=( ବିଷ୍ଣୁଙ୍କ ନାଭି ) ପଦ୍ମ + ଜନ୍ ଧାତୁ +
Kañjaja କର୍ତ୍ତୃ.ଅ)—ବ୍ରହ୍ମା—Brahmā ( born of the lotus-navel of Bishṇu)

**କଞ୍ଜନ** - ସଂ. ବି (କଂ=ସୁଖ + ଜନ ଧାତୁ=ଜନ୍ମ କରିବା + କର୍ତ୍ତୃ. ଅ)
Kañjana ୧ । କନ୍ଦର୍ପ; ମଦନ—1. Cupid; God of love.

୨ । ଶାରୀ; ଶାରିକାପକ୍ଷୀ; ମଦନପକ୍ଷୀ; ମଇନା—
2. Myna bird; a talking bird resembling a magpie.

**କଞ୍ଜନାଭ**—ସଂ. ବି. ପୁଂ (ବହୁବ୍ରୀହି; କଞ୍ଜ + ନାଭି)—ପଦ୍ମନାଭ; ବିଷ୍ଣୁ—
Kañjanābha A name of a Bishṇu.

**କଞ୍ଜମୁଖ**—ସଂ. ବିଣ. ପୁଂ. ( ବହୁବ୍ରୀହି; କଞ୍ଜ + ମୁଖ )—ପଦ୍ମ ପରି ସୁନ୍ଦର
Kañjamukha ମୁଖଯୁକ୍ତ—Fair-faced.
(କଞ୍ଜମୁଖୀ—ସ୍ତ୍ରୀ)

**କଞ୍ଜର**—ସଂ. ବି. ( କଞ୍ଜ=ପଦ୍ମ + ରୁ. ଧାତୁ=ଶବ୍ଦ କରିବା; ଅବସ୍ଥାନ
Kañjara କରିବା + କର୍ତ୍ତୃ. ସଂଜ୍ଞାର୍ଥେ. ଅ ଅଥବା କଂ=ଜଳ + ଜୃ. ଧାତୁ, ଣିଜନ୍ତ=ଜାର ଧାତୁ=ଜୀର୍ଣ୍ଣ କରାଇବା + କର୍ତ୍ତୃ. ଅ )—୧ । ବ୍ରହ୍ମା—1. Brahmā.

୨ । ସୂର୍ଯ୍ୟ—2. The sun.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଷ | ଞ | ଇସ୍ | ଭୁଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଵ | ନ୍ତ |

୩ । ଜଠର; ଉଦର—3. Belly.
୪ । ମୟୂର—4. Peacock.
୫ । କୁଞ୍ଜର; ହସ୍ତୀ—5. Elephant.
୬ । ଅର୍କବୃକ୍ଷ; ଅରଖଗଛ—
6. Colotropis Gigantea (plant)
୭ । ମୁନି; ଋଷି—7. Sage; anchorite.

**କଞ୍ଜଳ**—ସଂ. ବ ( କଞ୍ଜ+ଲା ଧାତୁ+ଅ )—କଞ୍ଜକ ( ଦେଖ )—
**Kanjala** Kanjaka ( See )

**କଞ୍ଜାଳି**—ଦେ. ବ—୧ । ଓଡ଼ିଶା ଗଡ଼ଜାତର ଅଧିବାସୀ କଞ୍ଜଳମାନଙ୍କର
**Kanjali** କଥିତ ଓଡ଼ିଆ ଭାଷା—1. A form of Ordia spoken by the Kanjalis in Orissa Feudatory States.
୨ । ଓଡ଼ିଶା ଗଡ଼ଜାତର ଅନାର୍ଯ୍ୟ ଜାତିବିଶେଷ—
2. A non-aryan tribe of the Orissa Feudatory State.

**କଞ୍ଜସ୍**—ଦେ. ବଣ—କଞ୍ଜୁସ୍ ( ଦେଖ )—
**Kanjas.** Kanjus ( See )

**କଞ୍ଜାର**—ସଂ. ବ—କଞ୍ଜର ( ଦେଖ )—
**Kanjara** Kanjara ( See )

**କଞ୍ଜାରି**—ସଂ. ବ (୬ଷ୍ଠୀ ତତ୍; କଞ୍ଜ=ପଦ୍ମ+ଅରି=ଶତ୍ରୁ)—ଚନ୍ଦ୍ର—
**Kanjari** Moon.

ମାର ଯୁଦ୍ଧେ ଯେ ମର ନ ପୁଣ କଞ୍ଜାରି ଜାର,
ଲେଖିଲି ଏହା ସୁମର ମର । ଉପେ. ପ୍ରେମସୁଧାନିଧି ।

**କଞ୍ଜିକା**—ସଂ. ବ. ସ୍ତ୍ରୀ. ( କଞ୍ଜ+କ+ଆ )—ଭାର୍ଗୀ; ବ୍ରାହ୍ମଣଯଷ୍ଟିକା
**Kanjika** ଗଛ—Clerodendron Serratum (plant) clerodendron sipponanthus (kirtikar)

**କଞ୍ଜୁସ୍**—ଦେ. ବଣ. ପୁଂ ଓ ସ୍ତ୍ରୀ ( ପ୍ରା. କଞ୍ଜୁସ=( କଣ+ଚୂଷ )=ଯେ
**Kanjus** ପୁଷ୍ପରୁ ମଧୁକଣା ଶୋଷେ; ମଧୁମକ୍ଷିକା; ମଧୁମକ୍ଷିକା ପରି
**କଞ୍ଜୁସ** ଲୋଭୀ) - କୃପଣ—Miserly; closefisted.
**कन्जुष्**

**କଞ୍ଜୁଶି**—ଦେ. ବଣ. ସ୍ତ୍ରୀ—କୃପଣା (ସ୍ତ୍ରୀ)—
**Kanjusi** Miserly (female)
**कञ्जुषी** ଦେ. ବ—କୃପଣତା—Miserliness.

**କଞ୍ଜୁଶିଆ**—ଦେ. ବଣ. ପୁଂ ଓ ସ୍ତ୍ରୀ—କୃପଣ—Miserly.
**Kanjusia**

**କଞ୍ଜେର**—ପ୍ରାଦେ (ସମ୍ବଲପୁର) ବ—ବୃକ୍ଷବିଶେଷ (ଏହି ଗଛର ପତ୍ରକୁ
**Kanjer** ଶାଗ କରି ଖାଆନ୍ତି)—A tree (the leaves of which are used as pot-herb)

**କଟ୍** (ଧାତୁ)—ସଂ.—୧ । ବର୍ଷଣ କରିବା—1. To shower.
**Kat** (root) ୨ । ଆଚ୍ଛାଦନ କରିବା—2. To cover.
୩ । ଗମନ କରିବା—3. To go.

**କଟ୍**—ଦେ. ଅ.—କଟକଟ (ଦେଖ)
**Kat** Katakata (See)

**କଟ୍ କଟ୍**—ଦେ. ଅ—କଟକଟ (ଦେଖ)
**Katkat** Katakata (See)

**କଟ୍‌ଗ୍ଲାସ୍**—ବୈଦେ. ବ (ଇଂ)—ନକାସୀ କାମ କରାଯିବା ମୋଟ କାଚ—
**Katglas** Cut-glass.
**कटग्लास**
**कटग्लास**

**କଟଫଳ**—ସଂ. ବ—କାଫଳ; ହିମାଳୟ ଓ ଖାସିଆ ପାହାଡ଼ରେ ଜାତ
**Katphala** ଆରଣ୍ୟ ତରୁବିଶେଷ—Myrica Sapida.
ସଂ. ପର୍ଯ୍ୟାୟ—କଟ୍‌ଫଳ, ସୋମବଲ୍କ, କୈଟର୍ଯ୍ୟ,କୁମ୍ଭିକା, ଶ୍ରୀପର୍ଣ୍ଣିକା, କୁମୁଦିକା, ଭଦ୍ରା, ଭଦ୍ରବତୀ
[ ଗୁ—ଏହାର ଛାଲ ସୁଗନ୍ଧ ଓ କଷାୟ; ଔଷଧରେ ଲାଗେ; ଏହାର ଛାଲ କଟୁ, କଷାୟ, ଉଷ୍ଣ, ବାୟୁ, କଫ, ଜ୍ୱର, ଶ୍ୱାସ, ପ୍ରମେହ, ଅର୍ଶ, କାଶ ଓ ଅରୁଚ କଫଘ୍ନ, ମୁଖଗନ୍ଧ,ରଞ୍ଜନକ ବିନାଶକ । ]
**कटछाल; कायफल**
**कायफल, काईफल**
ଫା. ଦାରୁଶିଶାନ
ଅ. ଉଦୁଲ୍‌ବର୍କ
ତେ. ପାପର ଚୁଡ଼ୁଂ
ମ. କୁମ୍ଭ୍ୟାଚଶାଲ, ଫଳ

**କଟଫଳା**—ସଂ. ବ.—କଟ୍‌ଫଳ (ଦେଖ)
**Katphala** Katphala (See)

**କଟମଟ**—ଦେ. ଅ—ରହିମହି; ତୀକ୍ଷ୍ଣ ଚାହିଁବା ପ୍ରକାରରେ—
**Katmat** Staring.
**कटमट** (ଯଥା—ସେ ମୋ ଆଡ଼କୁ କଟ୍‌ମଟ୍ କରି ଚାହିଁଛି ।)
**टकटकी**

**କଟ୍‌ମଟ୍ କରି ଚାହିଁବା**—ଦେ. କ୍ରି—ରହିମହି କରି ଚାହିଁବା—
**Katmat kari chahinba** To stare.
**कटमट करे चाओया**
**टकटकी करना; ताकना**

**କଟମଟ କରିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଦେବାକୁ କୁଣ୍ଠିତ ହେବା—
**Katmatkariba** To hesitate or to be parsimonious in giving some thing.

**କଟ୍ରି**—ପ୍ରାଦେ. (ସମ୍ବଲପୁର) ବ—(ସଂ. କଟାରି) ଛୁରି—Knife.
**Katri**

**କଟ୍‌ଲେଟ**—ବୈଦେ. ବ ( ଇଂ )—ଡେଙ୍ଗଆଦିରେ ପକ୍ୱ ହାଡ଼ମିଶା
**Katlet** ମାଂସର ତରକାରି—Cutlet.
**काटलेट**
**कटलेट**

**କଟ**—ସଂ. ବ. (କଟ୍ ଧାତୁ=ବର୍ଷଣ କରିବା; ଆଚ୍ଛାଦନ କରିବା+କର୍ତ୍ତୃ.
**Kata** ଅ)—୧ । ହସ୍ତୀର ଗଣ୍ଡଦେଶ—1. The temples of an elephant.

ସାଧାରଣଙ୍କେବେ ଅପର ପୃଷ୍ଠାରେ ସୂଚୀ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଢ଼ିଁର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ପିଚ୍ଛ; ଶ୍ରୋଣୀ; କଟିପ୍ରଦେଶ—2. Loins; hips.

୩ । କଡ଼; ଏକପ୍ରାନ୍ତ—3. Side; one end.

୪ । କ୍ରିୟାକାର; କିଙ୍କର—4. A servitor.

୫ । ନୂତନ ଛାତ୍ର—5. Neophite; newly admitted student.

୬ । ତୃଣବିଶେଷ—6. A kind of grass.

୭ । ବୃକ୍ଷବିଶେଷ—7. A kind of tree.

୮ । ତୃଣାଦି ନିର୍ମିତ ଆସନ ବା ପଟି; ମସିନା; ବାଉଁଶ ପାତଅ-ନିର୍ମିତ ଛାଞ୍ଚ ବା ଛପା—8. Straw or bamboo mat.

୯ । ବାଣ; ଶର—9. Arrow;

୧୦ । ତୃଣନିର୍ମିତ ପରଦା ବା ତାଟି—
10. A screen made of straw.

୧୧ । ତୃଣନିର୍ମିତ ରଜ୍ଜୁ—11. Rope made of grass.

୧୨ । ଶବ—12. Corpse.

୧୩ । (+କରଣ. ଅ) ଶବରଥ; କୋକେଇ—
13. A hearse; coffin.

୧୪ । ତକ୍ତା; ପଟା—14. A plank of sawn wood.

୧୫ । କାଣ୍ଡ; ସମୟ; ମିଆଦ—
15. Fixed time; time limit; fixed period.

୧୬ । (+ଭାବ. ଅ)—ଅତିଶୟ—
16. Too much; excess.

୧୭ । (+ଅଧିକରଣ. ଅ)—ଶ୍ମଶାନ—
17. Cremation ground.

୧୮ । ଅସୁରବିଶେଷ—18. Name of a demon.

ଦେ. ବି.—୧ । ଖେଳିବା କଉଡ଼ି ଏକ କଡ଼ା—
1. One piece of cowri or shell used in games.

୨ । କଟବନ୍ଧକ (ଦେଖ)—2. Katabandhaka (See)

୩ । କଟକବଲ୍ଲା (ଦେଖ) Katakabalā (See)

**କଟକ**—ସ. ବି. (କଟ=ବେଷ୍ଟନ କରିବା+କର୍ତ୍ତୃ. ଅକ)—
**Kaṭaka** ୧ । ସାନୁ; ପର୍ବତର ମଧ୍ୟଦେଶ ବା ନିତମ୍ବ—
1. A tableland midway on the mountain.

ତରଲ୍ତ ତରଙ୍କୁରେ ବହରେ ତରଙ୍କୁରେ କଟକୁ ଦେଖ କଟକରେ ।
ଭଞ୍ଜ. ବୈଦେହୀଶବିଳାସ ।

୨ । ବଳୟ; ହାତଖଡ଼ୁ—2. Wristlet; bracelet.

୩ । ଗୋଡ଼ଖଡ଼ୁ—3. An ornament for the leg.

୪ । ଚକ୍ର—4. A wheel; circle.

୫ । ନଗର; ରାଜଧାନୀ—5. Capital; royal camp.

ବ୍ୟାପ୍ତ ଦ୍ରବ୍ୟ କଟକରେ ନେଇ ବିଜ ।
ବସାଇବାସେ ରଚି ଜନକ ଠାବ ।
ଭଞ୍ଜ. ବୈଦେହୀଶବିଳାସ ।

୬ । ସୈନ୍ୟ—6. An army.

୭ । ଛାଉଣୀ; ସେନାନିବାସ; ଶିବିର—
7. A camp; barracks.

୮ । ସୈନ୍ୟରକ୍ଷିତ ରାଜଧାନୀ—8. Cantonment.

୯ । ସୈନ୍ଧବ ଲବଣ; ସାମୁଦ୍ରିକ ଲବଣ—9. Sea-salt.

୧୦ । ଗଜଦନ୍ତମଣ୍ଡନ ବଳୟ—10. A ring used as an ornament round the tusks of an elephant.

୧୧ । ନିଷ୍ଠୀବନ; ଶ୍ଳେଷ—11. Spittle.

ଦେ. ବି. ଓଡ଼ିଶାବିଭାଗ ମୋଗଲବନ୍ଦିର ଗୋଟିଏ ଜିଲ୍ଲା ଓ ସହର; ଓଡ଼ିଶାର ରାଜଧାନୀ—Cuttack the capital of Ordisa famous for its filigree works.

[ ଦ୍ର—ଏହା ଓଡ଼ିଶାର ସ୍ୱାଧୀନ ରାଜା କେଶରୀବଂଶ ଅମଳରୁ ଓଡ଼ିଶାର ରାଜଧାନୀ ହୋଇଅଛି । ନୃପକେଶରୀ ୯୮୯ ଖ୍ରୀଷ୍ଟାବ୍ଦରେ ଏ ନଗର ବସାଇଥିଲେ । କଟକ ନଗର ମହାନଦୀ ଓ କାଠଯୋଡ଼ିର ମଧ୍ୟ ତ୍ରିକୋଣସ୍ଥଳରେ ଅବସ୍ଥିତ । ତେଣୁ ଏହାର ତିନଆଡ଼ ପ୍ରାକୃତିକ ପରିଖାଦ୍ୱାରା ବେଷ୍ଟିତ । ବନ୍ୟା ଉପଦ୍ରବରୁ ଏହି ରାଜଧାନୀକୁ ରକ୍ଷା କରିବାପାଇଁ କେଶରୀବଂଶର ରାଜା ମରକତକେଶରୀ ମହାନଦୀ ଓ କାଠଯୋଡ଼ିକୂଳରେ ଯେଉଁ ସୁଦୃଢ଼ ପଥରବନ୍ଧ ନିର୍ମାଣ କରିଥିଲେ ତାହା ଏ ପର୍ଯ୍ୟନ୍ତ ରହିଅଛି । କଟକ ସୁନାରୂପାର ତାରକସି କାମ ନିମନ୍ତେ ଭାରତପ୍ରସିଦ୍ଧ । ଏଠାରେ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠାପିତ ଉତ୍କଳ-ଟ୍ୟାନେରି ( ଚମଡ଼ା-କାରଖାନା ) ଦେଶ ବିଦେଶରେ ସର୍ବତ୍ର ସୁପରିଚିତ । ମହର୍ଷି ଶିଙ୍ଗ ଓ ହାଡ-ଦାନ୍ତର ଉତ୍କୃଷ୍ଟ ଜିନିଷମାନ ଏଠାରେ ତିଆରି ହୁଏ । ଓଡ଼ିଶା ଡିଭିଜନର କମିଶନର ଓ ଜଜ୍ ଏଠାରେ କଚେରି କରନ୍ତି । ଏହା ଛଡ଼ା ଏଠାରେ ଫାଷ୍ଟ ଗ୍ରେଡ୍ କଲେଜ, ଟ୍ରେନିଂ କଲେଜ, ମେଡିକାଲ ସ୍କୁଲ, ଇଞ୍ଜିନିୟରିଂ ସ୍କୁଲ ପ୍ରଭୃତି ଅନେକଗୁଡ଼ିଏ ଶିକ୍ଷାବିଷୟକ ଅନୁଷ୍ଠାନ ଅଛି । କଟକ ଜିଲ୍ଲାର ତିନି ଗୋଟି ସବଡିଭିଜନ୍ ଅଛି । ଯଥା—କଟକ, କେନ୍ଦ୍ରାପଡ଼ା ଓ ଯାଜପୁର । କଟକ ସହରର ପ୍ରାଚୀନ ନାମ ବାରବାଟୀ କଟକ । କଟକର ବାରବାଟୀ ଦୁର୍ଗ ଗଙ୍ଗବଂଶୀୟ ଅନଙ୍ଗଭୀମ ଦେବ ତୋଳାଇଥିଲେ । ଏଥିରେ ନବତଳ ପ୍ରାସାଦ ଥିଲା, ବର୍ତ୍ତମାନ ତାହାର ଭଗ୍ନାବଶେଷ ମାତ୍ର ବିଦ୍ୟମାନ ।

ସ. ବିଣ. ( କଟ ଦ୍ୱିତ୍ୱ—ପ୍ରକାରାର୍ଥେ )—

୧ । ଅତ୍ୟନ୍ତ; ଅତିଶୟ—1. Excessive.

୨ । ସର୍ବୋତ୍କୃଷ୍ଟ—2. Excellent.

**କଟକଟ**—ସ. ବି. ( ଧ୍ୱନ୍ୟନୁକରଣ )—୧ । ମହାଦେବ—1. Siba.
**Kaṭakaṭa** ୨ । ଦଉଡ଼ି ପ୍ରଭୃତିକୁ ଖୁବ ଜୋରରେ ଟାଣିଲେ
**କଟାତ୍** ବାହାରିବା କଟ୍‌କଟ୍ ଶବ୍ଦ—
**କଟକଟ** 2. Onomato-paic sound of very tightly drawing a rope or string; snapping sound.

କଟକଟ କରଣ ଧନୁକୁ ଓଠାର । କୃଷ୍ଣସିଂହ—ମହାଭାରତ, ବନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର,ଋ | ଟ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଷ,ସ | ଙ୍କ | ଇସ୍ତୃ | ଉଅ | ଝ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ | ଯ | ସ | ଗଁ | ଇଅ | ଏ | ନୃ |

୩ । ଠକର ଠକର କରି କାଟିବା ଶବ୍ଦ—
3. Crackling sound.

୪ । ବାଉଁଶ ବା କାଠର ଖଣ୍ଡ ଭାଙ୍ଗିଯିବାର ଶବ୍ଦ—
4. Sound of breaking of wood or bamboo.

୫ । ବାଉଁଶ ଆଦିରେ ଟାଣ କରି ଦଉଡ଼ି ଗୁଡ଼ିବାର ଶବ୍ଦ—
5. Sound produced when tying a string or rope round a bamboo or wood.

୬ । କାଠ ଆସବାବର ଗଣ୍ଠି ଫୁଟିବାର ଶବ୍ଦ—
6. The sound produced by the inner joints of a wooden furniture becoming loose.

୭ । କର୍କଶ ଶବ୍ଦ—
7. Hoarse or croaking sound.

**କଟକଟ କରିବା**—ଦେ. କ୍ରି—କଟକଟ ହେବା ( ଦେଖ )
Kaṭakaṭa karibā Kaṭakaṭa hebā ( See )

**କଟକଟ ହେବା**—ଦେ. କ୍ରି—୧ । ବ୍ରଣାଦି ବିକା କରିବା ବା ଧକ୍ ଧକ୍ ହେବା—1. To ache or throb (said of boils) with a twingeing sensation.
Kaṭakaṭa hebā
**कटकट करना**
**टीसना**

୨ । ଶରୀରର କୌଣସି ଅଂଶ ଦଉଡ଼ିଦ୍ୱାରା ବନ୍ଧା ହୋଇ ଧକ୍ ଧକ୍ ହେବା—2. To ache ( due to twisting of a string round the body ).

୩ । ବିରକ୍ତ ହୋଇ ଝଟ ଝଟ ହେବା—
3. To grumble; to speak rudely as a sign of displeasure; to speak bluntly in the face of others.

୪ । ବୃଥା ଗୁଡ଼ାଏ କଥା କହିବା—4. To babble.

**କଟକଟି**—ଦେ. ବି—୧ । ଘରଚାଳର ବୁଆ ଉପରେ ବିଛାଯିବା ବତାରେ ଖୁବ୍ ଶକ୍ତ କରି ଗଣ୍ଠି ପଡ଼ିବା ନିମନ୍ତେ ବ୍ୟବହୃତ ହେବା ଏକ ଖଣ୍ଡ ବାଉଁଶକାଠି ଯୁକ୍ତ ଛୋଟ ବା ଲମ୍ବର ଫାଶ—1. A contrivance consisting of a stout bamboo-stick attached to a small rope used to twist the split-bamboos laid on the rafters of a thatched house to make the framework tight and even.
Kaṭakaṭi

[ ଦ୍ର—କାଠିକୁ ବୁଲାଇ ମୋଡ଼ିଲା ବେଳେ ଫାଶଟି କଟ କଟ ଶବ୍ଦ କରେ । ]

୨ । ଦୁଷ୍ଟ ଓଲଅ ଗାଈ ଦଉଡ଼ି ନ ପାରିବ ବୋଲି ତା ପଛ ଗୋଡ଼ଜଙ୍ଘରେ କଷାହୋଇ ବନ୍ଧାଯିବା ଦଉଡ଼ି—
2. A string tied tightly on a thigh of an unruly cow to prevent it from running away.

ପ୍ରାଦେ. (ସମ୍ବଲପୁର) ବିଣ—କୃପଣ—Miserly.
କଟକଟର ଧନ, ଗଉବର ମନ—ଢଗ ।

**କଟକଟିଆ**—ଦେ. ବିଣ.—୧ । କଟ୍ କଟ୍ ଶବ୍ଦ କରୁଥିବା—
Kaṭakaṭiā 1. Producing kaṭ kaṭ sound; making rattling sound.

୨ । ଚିଡ଼ାଳ—2. Surly; grumbling; rude; plain-spoken; blunt.

ଦେ. ବି.—ଶାଖାଶ୍ରୟୀବର୍ଗର ଲମ୍ବ ପକ୍ଷୀବିଶେଷ—
Fly-catcher (bird).

[ ଦ୍ର—ଏମାନେ ନୀଳ ଓ କୃଷ୍ଣଭେଦରେ ଦୁଇ ପ୍ରକାର । ଏମାନଙ୍କ ଦେହ ପ୍ରାୟ ଆଠ ଅଙ୍ଗୁଳ ଲମ୍ବ । ଏମାନେ ଘରଚଟିଆ ଚଢ଼େଇ ପରି । ଏମାନେ ପୋକ ଧରି ଖାଆନ୍ତି—( ନୀଳବର୍ଣ୍ଣ କଟକଟିଆ-Stoparola melanops; କଳା କଟକଟିଆଙ୍କ ଆଖି ବଡ଼, ପକ୍ଷ ଶଇରି, ପେଟ ଧଳା—Hypothymis Azurea—ଯୋଗେଶ୍ୱର । ]

**କଟକଟିଆ ନାଗ**—ଦେ. ବି. (ସଂ. କର୍କୋଟକ)—ଗଛଦେହରେ ଗୁଡ଼ାଇ ହେବାବେଳେ କଟ୍‌କଟ୍ ଶବ୍ଦ କରିବା ଏକ ପ୍ରକାର ନାଗସାପ—A kind of cobra-snake making a rattling sound while twisting round a tree.
Kaṭakaṭiā nāga

**କଟକଟିଆ ବେଙ୍ଗ**—ଦେ. ବି.—କଟ୍ କଟ୍ ଶବ୍ଦ କରିବା ଏକ ପ୍ରକାର ବେଙ୍ଗ—A kind of frog making a hoarse sound; croaking frog.
Kaṭakaṭiā beṅga

**କଟକଣା**—ଦେ. ବି. (ଫା. କଟ୍‌ବନା; ମୂଳ, ସଂ. କଷ୍ଟ ଓ କରଣ)—
Kaṭakaṇā ୧ । ସମୁଚିତ ବନ୍ଦୋବସ୍ତ ବା କାଇଦା—
**कटकना; कटकिना** 1. Strict or proper arrangement.
**कटकना; कटक्केना.** ୨ । ଅଲଙ୍ଘ୍ୟ ବା ଦୃଢ଼ ନିୟମ—
2. Fixed rule; regulation.
୩ । କଠୋର ନିୟମ; ବ୍ରତ—3. Austerity.
୪ । ଅଟକ; ଯାବତା—
4. Discipline; severity; strictness.
୫ । ନିରୂପ୍ତି; ଗଣନା; ପରିମାଣ—
5. Fixed quantity or measure; measurement.

[ ଦ୍ର—ଏହା କାଇଦା ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ । ]

**କଟକ ତଳିଆ**—ଦେ. ବିଣ.—କଟକ ସହର ଉପକଣ୍ଠରେ ବାସକରୁଥିବା—
Kaṭaka taḻiyā Living in the suburbs of the town of Cuttack.

**କଟ କବଲା**—ବୈଦେ. ବି.—( ଫା. କଟ୍‌କବାଲା )—
Kaṭa kabalā ଖାତକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଋଣ ପରିଶୋଧ କଲେ ତା ଭୂମି ତାର ହେବ, ନଚେତ୍ ଋଣଦାତା-ନିମନ୍ତେ ଅବିକ୍ରି ରହିବ ମହାଜନ କବାଲା କରି-
**कटकोबाला**
**कट कबाला**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳଲେ 'ଖାଈ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଖୋଜିବେ; 'ବଧୂ' ନ ମିଳଲେ 'ବନ୍ଧୂ' ଦେଖିବେ; 'ଅଗଁା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଥିବାର ବିବେଚିତ ହେବ—ଏହି ସର୍ତ୍ତରେ କରାଯିବା ଋଣପତ୍ର— Deed of conditional sale which becomes absolute on default of the debtor after the time-limit.

**କଟ କବାଲା**—ବୈଦେ. ବି.—କଟ କବଲା ( ଦେଖ )
Kaṭa kabālā — Kaṭa kabalā (See)

ଭଗୀଅ ଚନ୍ଦ୍ରଠାରୁ ଛମାଣ ଆଠଗୁଣ୍ଠ ଜମି କଟ କବାଲା କରି ନେଇଥିଲେ ।
ଫକୀରମୋହନ ଛମାଣଆଠଗୁଣ୍ଠ ।

**କଟକମା**—ଦେ. ବି. (ସଂ. କଟ=ମସିଣା )—ବିବାହରେ କନ୍ୟାଦାନ
Kaṭakamā ସମୟରେ କନ୍ୟାପିତା ବେଦୀ ଉପରେ ଗୁଡ଼ା ହୋଇଥିବା ଯେଉଁ ମସିଣାରେ ବସନ୍ତି । (ଶୂଦ୍ରମାନେ ମସିଣା ପରିବର୍ତ୍ତିରେ ବଡ଼ାଏ ଛଣ ଉପରେ ବସନ୍ତି)— A wound up mat on which the bride's father sits on the marriage-pulpit while giving away his daughter to the bridegroom.

[ ଦ୍ର—କଥିତ ଅଛି ଯେ, ରାମ ସୀତାଙ୍କୁ ବିବାହ କରିବା ସମୟରେ କଟକମା ନାମକ ଅସୁର ବରକନ୍ୟାଙ୍କୁ ଖାଇବା ନିମନ୍ତେ ବେଦୀରେ ପଡ଼ିଥିବାରୁ ଦଶରଥ ତାଙ୍କୁ ମାରିପକାଇ ତା ଶବ ଉପରେ ବସି ବିବାହ କାର୍ଯ୍ୟ ସମାଧା କରିଥିଲେ, ଗୁଡ଼ାହୋଇଥିବା ମସିଣା ସେହି ଶବର ଚିହ୍ନ । ]

**କଟକମ୍ପା**—ଗ୍ରା. ବି.—କଟକମା (ଦେଖ)
Kaṭakampā — Kaṭakamā (See)

**କଟକମ୍ବା**—ଗ୍ରା. ବି.—କଟକମା (ଦେଖ)
Kaṭakambā — Kaṭakamā (See)

**କଟକା**—ଦେ. ବି.—ବନ୍ୟ ଗୁଳ୍ମବିଶେଷ—
Kaṭakā — Pueraria Tuberosa.
শিমিআ; বাতরাঙ্গী
বনকুমড়া

**କଟକାଇ**—ଦେ. (ପଦ୍ୟ).ବି.— ଯୁଦ୍ଧଯାତ୍ରା କରିବା ନିମନ୍ତେ ଅନୁକୂଳ ବା
Kaṭakāi ଉଦ୍ୟମ—First starting for a fight.

ବୋଲ ବୋଲ ହେଲା ଲଙ୍କା କଟକାଇ ରିପୁ କେଉଁ ଦଳ ଶ୍ରବଣେ ।
ଉଜ୍ଜ୍ୱ. ବୈଦେହୀଶବିଳାସ ।

**କଟକାଇ କରିବା**—ଦେ. (ପ୍ରାଚୀନ ପଦ୍ୟ) କ୍ରି—କଟକାଇବା (ଦେଖ)
Kaṭakāi kariba (ମାଦଳା ପାଞ୍ଜି)
Kaṭakāibā (See)

**କଟକାଇବା**—ଦେ. ( ପ୍ରାଚୀନ ପଦ୍ୟ ) କ୍ରି. ( ସଂ. କଟକ=ଶିବିର ବା
Kaṭakāibā ସେନାନିବାସ;(ସେନା; ଭୁଲ. ହି. କଟକ=ସେନା; ଫଉଜ)—୧ । ସେନା ସହିତ କୌଣସି ସ୍ଥାନକୁ ଆକ୍ରମଣ କରିବା—1. To invade a country with an army.

ମନ୍ତ୍ରୀ ତ ଏହାର ଅସାଧ ନାହିଁ, ସ୍ୱର୍ଗେ ବା କଟକାଇ କରଇ ।
ଉଜ୍ଜ୍ୱ. ଲାବଣ୍ୟବତୀ ।

୨ । ଯୁଦ୍ଧାର୍ଥ ଯାତ୍ରା ବା ଅନୁକୂଳ କରିବା— 2. To start for the theatre of war.

**କଟକାର**—ସଂ. ବି. (କଟ=ମସିଣା + କୃ ଧାତୁ + କର୍ତ୍ତୃ. ଅ)—ବର୍ଣ୍ଣ-
Kaṭakāra ସଙ୍କର ଶୂଦ୍ର ଜାତିବିଶେଷ, (ଏମାନେ ମସିଣା ତିଆରି କରନ୍ତି ।)—A mixed caste of Śūdras.

**କଟକି**—ଦେ. ବିଣ.—୧ । କଟକବାସୀ—
Kaṭaki — 1. Residing at Cuttack.
कटकी ୨ । କଟକ ନଗରରେ ପ୍ରସ୍ତୁତ—
কটকী — 2. Made at Cuttack.
୩ । କଟକ ଜିଲ୍ଲାରେ ବ୍ୟବହୃତ—3. Used in the district of Cuttack.

**କଟକିଆ**—ଦେ. ବି. ଓ ବିଣ—କଟକି (ଦେଖ)
Kaṭakiā — Kaṭaki (See)
(କଟକିଆଣୀ—ସ୍ତ୍ରୀ) ମାଇପ ପଣକେ କାଣୀ ହେଲ, ନାଁ କଟକିଆଣୀ—ଢଗ ।

**କଟକି ସେର**—ଦେ. ବି.—୧୦୫ ତୋଳା ଓଜନର ସେର—
Kaṭaki sera A seer or weight weighing 105 Tolas.

**କଟକୀ**—ସଂ. ବି. (କଟକ=ସାନୁପ୍ରଦେଶ + ଅସ୍ତି ଅର୍ଥରେ. ଇନ୍. ୧ମା.
Kaṭakī ଏ.)—୧ । ପର୍ବତ—1. Mountain.
୨ । ହିମାଳୟର ଶାକବିଶେଷର ତିକ୍ତ କନ୍ଦ; କଟୁକା— 2. A bitter medicinal root of the Himalayas; Gentiana Kurroo.
ଦେ. ବିଣ.—କଟକି (ଦେଖ)
Kaṭaki (See)

**କଟକୋଲ**—ସଂ. ବି. ( କଟ=ନିଷ୍ଠୀବନ + କୋଲ=ଆଧାର )—
Kaṭakola ନିଷ୍ଠୀବନପାତ୍ର; ପିକଦାନ— Spittle-pot; spittoon.

**କଟଖାଦ**—ସଂ. ବି. (କଟ=ଶବ; ଅଧିକ + ଖାଦ ଧାତୁ=ଖାଇବା +
Kaṭakhāda କର୍ତ୍ତୃ. ଅ) —୧ । କାକ; କୁଆ—1. Crow.
୨ । ଶୃଗାଳ; ବିଲୁଆ—2. Jackal.
୩ । କାଚକଳଶ—3. Glass-jug.
ସଂ. ବିଣ.—ପେଟୁ; ଉଦରମ୍ଭରି—Greedy; gluttonous.

**କଟଙ୍କଟ**—ସଂ.ବି. (କଟଂ=ଶବକୁ + କଟ ଧାତୁ=ଦାହ କରିବା + କର୍ତ୍ତୃ.
Kaṭaṅkaṭa ଅ )—୧ । ଅଗ୍ନି—1. Fire.
୨ । ମହାଦେବ—2. God Mahādeba.
୩ । ଗଣେଶ—3. God of Learning.
୪ । ସ୍ୱର୍ଣ୍ଣ—4. Gold.
୫ । ଚିତ୍ରକ; ଧଳାଚିତା ଗଛ— 5. A plant which corrodes the skin and causes sores when applied to the body.

**କଟଙ୍କଟେରି**—ସଂ. ବି.—( ବୈଦ୍ୟକ )—
Kaṭaṅkaṭerī ଦାରୁହରିଦ୍ରା; ଦାରୁହଳଦ ( ଗୁଳ୍ମ ଓ କନ୍ଦ )— Cascinium Fenestratum (plant and root).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଇଅ | ଞ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ୍ଜ | ନ୍ତ |

**କଟଙ୍ଗ୍**—ପ୍ରାଦେ. ( ସମ୍ବଲପୁର ) ବି.—ବଡ଼ ବା ଉଚ୍ଚ, ଅର୍ଥାତ୍ ପୋଲା ବାଉଁଶ—Big bamboo.
Kaṭaṅg

**କଟଙ୍ଗ୍ ବାଉଁଶ**—ପ୍ରାଦେ. ( ସମ୍ବଲପୁର ) ବି.—କଟଙ୍ଗ୍ (ଦେଖ) Kaṭaṅg (See)
Kaṭaṅg bāuṅśa

**କଟତି**—ଦେ. ବି.—କଟତି ( ଦେଖ ) Katati ( See )
Katati
कटती.
काटती

**କଟପାୟା**—ସଂ. ବି.—ଜ୍ୟୋତିଷୋକ୍ତ ନକ୍ଷତ୍ରମାନଙ୍କୁ ଆକାଶରେ ଚହ୍ନିବା ନିମନ୍ତେ ରଚିତ ସଂସ୍କୃତ ଗ୍ରନ୍ଥବିଶେଷ—
Kaṭapāyā
Name of a Sanskrit treatise for finding out the positions of the asterisms.
[ ଦ୍ର—ବରାହମିହିରଙ୍କ କଟପାୟାରେ ତିନଗୋଟି ଓ କାଳିଦାସଙ୍କ କଟପାୟାରେ ଅଠେଇଶିଗୋଟି ଶ୍ଳୋକ ଅଛି । ଶ୍ଳୋକମାନଙ୍କ ସାହାଯ୍ୟରେ ସତେଇଶିଗୋଟି ନକ୍ଷତ୍ରଙ୍କ ଅଙ୍କିତ ଦ୍ୱାରା ନକ୍ଷତ୍ରମାନଙ୍କୁ ରାତିରେ ନିର୍ମଳ ଆକାଶରେ ଚହ୍ନା ଯାଇ ପାରେ ।
ଢେଙ୍କାନାଳ ଆଠଗଡ଼ ରାଜାଙ୍କ ଦେୱାନ୍ ରାମଚନ୍ଦ୍ର ବ୍ରହ୍ମାଙ୍କ ପୁଅ କବିଚନ୍ଦ୍ର ଉପାଧି ପାଇ ଆଠଗଡ଼ ରାଜା ବାଲୁକେଶ୍ୱରଙ୍କ ନାମରେ ଓଡ଼ିଆ କଟପାୟା ଗ୍ରନ୍ଥ ରଚିତା କରିଥିଲେ । ]

**କଟଫଳ**—ଦେ. ବି—କଟ୍‌ଫଳ ( ଦେଖ ) Katphaḷa ( See )
Kaṭaphaḷa

**କଟବନ୍ଧକ**—ଦେ. ବି—୧ । ଜମିର ଆୟରୁ କେତେକ ବର୍ଷ ମିଆଦରେ ଋଣର ସୁଧ ଓ ଅସଲ କ୍ରମେ କ୍ରମେ ପରିଶୋଧ ହେବ, ଏହି ସର୍ତ୍ତରେ ମହାଜନ-ହାତରେ ଭୂମି ଅବନ୍ଧ ହେବା—
Kaṭabandhaka
कटबंधक
कटबन्धक
1. Usufructuary mortgage by which the capital and the interest are fully liquidated from year to year out of the income of the mortgaged property in the course of a fixed period of time.
୨ । ଉପରୋକ୍ତ ଅବନ୍ଧପତ୍ର—
2. A kind of mortgage-bond.

**କଟଭୀ**—ସଂ. ବି. ସ୍ତ୍ରୀ—୧ । ଜ୍ୟୋତିଷ୍ମତୀ ଲତା—
Kaṭabhī 1. A phosphorescent creeper emitting light in the night; Cardiospermum Halicacabum.
बनउच्छे; लताफटकी
मालकाङ्गनी
୨ । ଫୁଟ୍‌ଫୁଟିକା ଗୁଳ୍ମ (ଗଛ)—
2. Staff-tree; Cardiospermum; Halicacabum.
ସଂ. ପର୍ଯ୍ୟାୟ—କଟଭୀ, ଜ୍ୟୋତିଷ୍ମତୀ, ଜୋତିଷ୍କା, କଙ୍ଗୁନୀ; ପାରାବତପଦୀ, ପଣ୍ୟା, ଲତା, କଙ୍ଗୁନିକା [ ଦ୍ର—ଏହା କଟୁ, ତିକ୍ତ, ସାରକ, କଫ ଓ ବାୟୁନାଶକ; ଏହା ଉଷ୍ଣବୀର୍ଯ୍ୟ, ବମନକାରକ, ତୀକ୍ଷ୍ଣ, ଏବଂ ବୁଦ୍ଧି ଓ ସ୍ମୃତି ପ୍ରଦ । ]
ଗୁ. ମାଲକାଙ୍ଗଣୀ
ମ. ମାଲକାଙ୍ଗୋଣୀ
ତେ. ବାବାଞ୍ଜି
ଫା. କାଲ୍.

**କଟମଟ**—ଦେ.ଅ ( ସଂ. କଟ ଧାତୁ=ପ୍ରକଟନ ଓ ମଟ ଧାତୁ=ଦମ୍ଭ)—
Kaṭamaṭa ୧ । ଅନୁକରଣ ଶବ୍ଦବିଶେଷ—
1. An onomatopœic sound.
୨ । ଦମ୍ଭପ୍ରକାଶ ପୂର୍ବକ ଚକ୍ଷୁ ବିସ୍ତାର କରି ଚାହିଁବା—
2. Steady gaze denoting effrontery.
ଦେ. ବିଣ—୧ । କଷ୍ଟ; ଦୁର୍ବୋଧ—
1. Difficult; abstruse.
୨ । ଗଣ୍ଠିଆ—2. Knotty.

**କଟମଟ କରି ଚାହିଁବା**—ଦେ. କ୍ରି—୧ । ଋଟମଟ କରି ଚାହିଁବା; ତୁଷ୍ଣୀଂଭାବରେ ଏକଦୃଷ୍ଟିରେ ଚାହିଁବା—
Kaṭamaṭa kari chāhiṅbā
चोखकटमटकरियाताकान 1. To stare in silence.
ताकना
୨ । ଚକ୍ଷୁ ବିସ୍ତାର କରି ଚାହିଁବା—
2. To stare with eyes wide open.
୩ । ଦମ୍ଭପ୍ରକାଶ ପୂର୍ବକ ଏକଦୃଷ୍ଟିରେ ଚାହିଁବା—
3. To gaze with effrontery.

**କଟମଟିଆ**—ଦେ. ବିଣ—୧ । ଦୁରୂହ—1. Abstruse.
Kaṭamaṭiā ୨ । ଦୁର୍ବୋଧ—2. Difficult; which can not be easily understood or solved.
किटमिटिआ; किटमिटे
गठीला
୩ । ଜଟିଳ—3. Knotty; intricate.

**କଟମସିଣା**—ଦେ. ବି ( ସଂ. କଟ )—ତୃଣ ମସିଣା— Grass-mat.
Kaṭamasiṇā
"କଟମସିଣା ଗୋଟିଏ ଅଣି ଦେବମୁନି"—ସାରଳାମହାଭାରତ ।

**କଟମ୍ବରା**—ସଂ. ବି. ସ୍ତ୍ରୀ—୧ । ଏକପ୍ରକାର ଔଷଧଗଛ; କଟୁକା; କଟୁରୋହିଣୀ; କଟୁକରୋହିଣୀ—1. A kind of medicinal plant.
Kaṭambarā
୨ । ପ୍ରସାରଣୀ; ପସାରୁଣୀଲତା—
2. A kind of creeper; Pæderia Fætida.

**କଟମ୍ଭର**—ସଂ. ବି ( ବୈଦ୍ୟକ )—୧ । ଫଣଫଣା ( ଦେଖ )—
Kaṭambhara 1. Phanaphanā ( See )
୨ । କଟଭୀ ( ଦେଖ )—2. Kaṭabhī ( See )

**କଟମ୍ଭରା**—ସଂ. ବି. ସ୍ତ୍ରୀ—୧ । କଟମ୍ବରା ( ଦେଖ )—
Kaṭambharā Kaṭambarā ( See )

**କଟରକଟର**—ଦେ. ବି ( ଧ୍ୱନ୍ୟନୁକରଣ )—୧ । ଭେକମାନଙ୍କ ଶବ୍ଦ ପରି ଶବ୍ଦ—
Kaṭarakaṭara
कटरमटर 1. Croaking noise like that of frogs.
टर्र्टर; टर्टो

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଇବତ' ନ ପାଇଲେ 'ଅଇବର୍ତ୍ତ' ଦେଖିବେ ।

୨ । କର୍କଶ ଶବ୍ଦ—2. Clattering sound.

୩ । ଗୋଳମାଳ କରିବା ଧ୍ୱନି—3. Medley of sounds; confused or mixed sound.

୪ । ଅର୍ଥହୀନ କର୍କଶ ଶବ୍ଦ—4. Harsh jargon; meaningless babble.

**କଟର ମଟର**—ଦେ. ବି—କଟରକଟର ( ଦେଖ )—
Kaṭara maṭara — Kaṭarakaṭara (See)

**କଟରା**—ଦେ. ବି ( ସଂ. କଟୋର )—୧ । ମୃଣ୍ମୟପାତ୍ରବିଶେଷ; ଖୁରି—
Kaṭarā — 1. Earthen vessel or cup.
କাটোরা; বাটী — ୨ । କଂସା ବା ପିତଳର ଗିନା—
कटोरा — 2 A cup of brass or bell-metal.

**କଟରଙ୍ଗ**—ପ୍ରାଦେ ( ଗଡ଼ଜାତ ) ବି —ଏକପ୍ରକାର ବନ୍ୟଗଛ ( ଏହାର
Kaṭarāṅga — କାଠ ଜାଳ ହୁଏ )—A tree used as fuel.

**କଟରି**—ପ୍ରାଦେ. (ବସ୍ତର) ବି.—କଟୁରି—Billhook.
Kaṭari

**କଟସାରିକା**—ସଂ. ବି (ବୈଦ୍ୟକ)—ସୈରେୟା; ଦାସକେରେଣ୍ଟା ଗୁଳ୍ମ—
Kaṭasārikā — Barlaria Crastata.

**କଟା**—ଦେ. ବି. (ସଂ. କର୍ତ୍ତନ)—୧ । କାଟିବା; ଛେଦନ; ହଣା —
Kaṭā — 1. Cutting; hacking.
কাটা
कटा

୨ । ପାଚିଲାଧାନଗଛଆଦିକୁ ଭୂମିରୁ ଛେଦନ କରିବା—2. Reaping; harvesting.

୩ । ଅଙ୍କିବା; ଅଙ୍କନ—3. Drawing.

୪ । ତୂଳାରୁ ସୂତା କାଢିବା—4. Spinning.

୫ । ଫେଡ଼ାଣ; ବାଦ୍‌ଦେବା—5. Subtracting; deducting.

୬ । (ସର୍ପ ଦ୍ୱାରା) ଦଂଶନ—6. Snake-bite.

୭ । ତାସ ଖେଳରେ ଫେଣ୍ଟା ହୋଇଥିବା ସମସ୍ତ ତାସରୁ ପୁଳାଏ କାଢ଼ିନେବା—7. Taking out a portion from a pack of cards in a card-play.

୮ । ଗାଳିମନ୍ଦଦେବା; ଅଭିସମ୍ପାତ ଦେବା—8. Cursing; imprecating; abusing.

୯ । ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧିବା ଏକପ୍ରକାର ପାତଳା-ପର ପାତଳା ଓ ଉପରେ ଦାନ୍ତୁଆ ହୋଇଥିବା ଖଡ଼ୁ—9. A kind of thin and sharpe-dged bracelet.

ପ୍ରାଦେ. (ସମ୍ବଲପୁର) ବି—ପର୍ବତାଦି ଉଚ୍ଚସ୍ଥାନରୁ ଗଡ଼ିଆସୁଥିବା ବର୍ଷାପାଣିକୁ ବନ୍ଧ ପକାଇ ଅଟକାଇ ରଖିବା ପାଇଁ କରା ଯାଇଥିବା ବଡ଼ ପୋଖରୀ—Big tank formed by restraining rain-water coming down from the hills by bandhas.

[ଦ୍ର—ଏ ଜଳାଶୟର ତିନିପାଖେ ବା ଏକପାଖେ ବନ୍ଧ ଥାଏ । ଯେଉଁ ପାଖେ ଉଚ୍ଚସ୍ଥାନରୁ ପାଣି ଗଡ଼ି ପଡ଼େ ସେ ପାଖ ମେଲାଥାଏ । ଗ୍ରାମ୍ୟ ଲୋକେ ବନ୍ଧ ଥିବା ବଡ଼ କୃତ୍ରିମ ଜଳାଶୟକୁ 'ବନ୍ଧ' ଓ କ୍ଷୁଦ୍ର 'କଟା'କୁ ମୁଣ୍ଡା କହନ୍ତି ।]

ଦେ. ବିଣ—୧ । କଟା ଯାଇଥିବା; କର୍ତ୍ତିତ—(ଯଥା—କଟା ଘାଅ)—1. Cut; severed.

୨ । କର୍ତ୍ତନଜନିତ—2. Due to cutting.

୩ । (ସଂ. କଡ଼ାର)—ପାଉଁଶିଆ—3. Of ashy colour.

**କଟାଇତ**—ଦେ. ବି—ରାଜଭୃତ୍ୟବିଶେଷ ( ଏମାନେ ପାକଶାଳାରେ
Kaṭāita — ରାଜାଙ୍କ ଶଗଡ଼ରେ ପଡ଼ିବା କାଠ ଯୋଗାନ୍ତି)—A class of servants of a king attending the cook-room.

ବେଳ ଭଣ୍ଡ ଯୋଗାଣିଆ କଟେ କଟାଇତ ।
ମହାଦେବ. ମାର୍କଣ୍ଡେୟପୁରାଣ ।

**କଟାଇବା**—ଦେ.କ୍ରି. (କାଟିବାର ଣିଜନ୍ତରୂପ); ୧ । କର୍ତ୍ତିତ କରାଇବା—
Kaṭāibā — 1. To cause to be cut.
কাটান — ୨ । ଅପଣାର ଦେୟ ଟଙ୍କା ପଇସାକୁ ପ୍ରାପ୍ୟରେ ମଜୁରା
कटाना — ନେବା ଓ ଦେବା—2. To set off or deduct from one's dues.

୩ । ବାଟରୁ ଅଡ଼େଇ ଅପର ଦିଗକୁ ଆସୁଥିବା ଗାଡ଼ି-ଆଦିକୁ ବାଟ ଛାଡ଼ି ଦେବା—3. To cause a cart or conveyance to move to one side; to make way. (ଯଥା—ଶଗଡ଼ କଟାଇବା)

୪ । (ସମୟକୁ) ଅତିବାହିତ କରିବା ବା କାଟିବା—4. To pass (time).

୫ । ମୂଲିଆ ଆଦି ଦ୍ୱାରା କ୍ଷେତ୍ରରୁ ଧାନ ଗଛ ଆଦି କର୍ତ୍ତିତ କରାଇବା—5. To cause to be reaped or harvested.

୬ । କମାଇବା—6. To decrease.

କେତେ ଲୋକେ ଅପ୍ରୀତି କଲେ ଭାଜ କର ଅଛି କଟାଇ
ଗୋପୀକୃଷ୍ଣ. ରସକଲ୍ଲୋଳ—

୭ । ( ଫୋଟକବିଧି ଆଦି ) ଡାକ୍ତରଦ୍ୱାରା ଅସ୍ତ୍ର କରାଇବା—7. To cause (tumour etc) to be operated on.

୮ । ( ରେଖା ଆଦି ) ଅଙ୍କିତ କରାଇବା—8. To cause ( lines etc ) to be drawn.

**କଟାକଟି**—ଦେ. ବି ଓ ବିଣ—( ସଂ. କର୍ତ୍ତନ. ପ୍ରା. କଟ୍ଟନ )—
Kaṭākaṭi — ୧ । କର୍ତ୍ତନ; ଛେଦନ—1. Cutting; hacking.
কাটাকাটি — ୨ । ହଣାହଣି; ପରସ୍ପର କାଟିବା—
कटाकटि; काटकूट — 2. Mutual hacking.

ପରସ୍ପରେ ପାଞ୍ଚାଳ ଭୁଲେ ଅସ୍ତ୍ର ଘେନି,
ଶୋଇଲେ କଟାକଟ ହୋଇ ରଣେ ବେନି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଈ |
| ୨ | ଈ | ଊ | ଋ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ଦୁ |

୩ । ଗାଳି ଦିଅାଦେଇ—3. Abusing each other.

ଅନ୍ଧକାର ସ୍ଥିତପାଇଁ ରବ ତହିଁ
ଏଥିଲାଗି କଥା ଏତେ କଟାକ୍ଷ । ରାଧାନାଥ- ଦରବାର ।

୪ । ଫେଡ଼ାଣ; ଅନ୍ତର କରଣ—
4. Deducting; subtraction.

୫ । ପରସ୍ପର ଉକ୍ତି ପ୍ରତ୍ୟୁକ୍ତିର ଖଣ୍ଡନ —
5. Mutual refutation.

ଲାଗିଅଛି ପରସ୍ପର କଥା କଟାକ୍ଷ । ଚନ୍ଦ୍ରାମଣି, ଲକ୍ଷ୍ମାବତ୍ୟ ।

**କଟାକ୍ଷ**—ସଂ. ବି. (କଟ=ପ୍ରାନ୍ତ+ଅକ୍ଷି=ଆଖି)—୧ । ଈଷଦ୍ଦୃଷ୍ଟି—
Kaṭāksha 1. Glance.

୨ । ବକ୍ରଦୃଷ୍ଟି; ଅପାଙ୍ଗଦୃଷ୍ଟି; ଆଡ଼ଚାହାଣି—
2. Sidelong glance.

ଅଧରେ ଦନ୍ତ ଗୃତି କଟାକ୍ଷ ବେନ ଭୋଳା । ସାରଳା. ମହାଭାରତ. ସୃଷ୍ଟି ।

୩ । କାମୁକଦୃଷ୍ଟି—3. Amorous glance.

୪ । ଅତି ଅଳ୍ପ ସମୟ; ଆଖି ପଲକ ପଡ଼ିବା କାଳ—
4. A moment; a glance.

୫ । ଈଷତ୍ କୃପାଦୃଷ୍ଟି; ସାମାନ୍ୟ ମାତ୍ର ଅନୁଗ୍ରହ—
5. A slightly favourable look; slight favour.

ଯାହାଠାରେ କଟାକ୍ଷ ଅଛଇ ତୁମ୍ଭର ।
ପଙ୍ଗୁ ହେଲେ ଲଙ୍ଘି ପାରିବ ସେ ଗିରି । କୃଷ୍ଣସିଂହ. ମହାଭାରତ. ଆଦି ।

**କଟାକ୍ଷେ**—ଦେ. କ୍ରି. ବିଣ—ତତ୍କ୍ଷଣାତ୍—At a glance.
Kaṭākshe କଟାକ୍ଷେ ଧରିବ ଯାଇଁ ଦୁଃଶାସନ ବାଳ ।
ରାଧାନାଥ. ବେଣୀସଂହାର ।

**କଟାକ୍ଷ କରିବା**—ଦେ. କ୍ରି—୧ । ବକ୍ରଦୃଷ୍ଟି କରିବା—
Kaṭāksha karibā 1. To cast sidelong glance at.
कटाक्षकरा କ୍ରୋଧରେ ବେନି ନେତ୍ର ଆରକତ କଲେ
কটাক্ষকরলা ଓଷ୍ଠପୁଟ କମ୍ପାଇ କଟାକ୍ଷି ଚାହିଁଲେ । କୃଷ୍ଣସିଂହ, ମହାଭାରତ. ଆଦି ।

୨ । ପରୋକ୍ଷ ଭାବରେ ଲକ୍ଷ୍ୟ କରିବା—
2. To refer indirectly.

୩ । ବ୍ୟଙ୍ଗ୍ୟ କରିବା—3. To satirize.

**କଟାଘଷା**—ଦେ. ବି. ( ସହଚର ଶବ୍ଦ )—ତରକାରି ନିମନ୍ତେ ପରିବା
Kaṭāghashā କାଟିବା ଓ ବେସର **ଅଦ** ବାଟିବା—Slicing of vegetables and pestling of condiments etc for curry.

**କଟାଘା**—ଦେ. ବି—୧ । ତୀକ୍ଷ୍ଣ ଅସ୍ତ୍ରଦ୍ୱାରା କାଟି ହୋଇ ଯିବାରୁ ଶରୀରରେ
Kaṭāghā ହେବା କ୍ଷତ—1. A wound caused by
কাটাঘা sharp weapons.

୨ । ସର୍ପାଘାତଜନିତ କ୍ଷତ—2. Snake-bite wound.

**କଟାଘାଆ**—ଦେ. ବି—କଟାଘା ( ଦେଖ )
Kaṭāghāa Kaṭāghā ( See )

**କଟାଘାଆରେ ଚୂନ ବୋଳିବା**—ଦେ. କ୍ରି—କଟା ଘାଆରେ ଚୂନ ଦେଲେ
Kaṭāghāare chūna boḻibā ଯେପରି ଭୟଙ୍କର ଯନ୍ତ୍ରଣା ହୁଏ ସେହିପରି ଦୁଃଖ ଉପରେ ଦୁଃଖ ଦେବା ।

[ ଯଥା—ଦୁଃଖ ବା ଶୋକରେ ଜର୍ଜରିତ କୌଣସି ବ୍ୟକ୍ତିର ମନରେ ପୁଣି କଷ୍ଟ ଜାତ କରାଇଲେ କୁହାଯାଏ ସେ ମୋ କଟା ଘାଆରେ ଚୂନ ବୋଳୁଛି । ]

**କଟାତ୍**—ଦେ. ଅ. ( ଧ୍ୱନ୍ୟନୁକରଣ )—କୌଣସି ଗୋଟିଏ ପଦାର୍ଥ ହଠାତ୍
Kaṭāt ପଡ଼ି ଯିବାର ଅନୁକରଣ ଶବ୍ଦ—
कटात, कटास A sound due to a hard thing suddenly
কটাস falling down.

କ୍ରି. ବିଣ—ହଠାତ୍—Suddenly.

**କଟାଦାଗ**—ଦେ. ବି—କଟା କ୍ଷତର ଚିହ୍ନ—
Kaṭadāga Cicatrice; Scar.
काटादाग
चकत्ता; दाग

**କଟାବଛା**—ଦେ. ବି. ( ସହଚର )—ତରକାରି ନିମନ୍ତେ ପରିବା କାଟିବା
Kaṭābachhā ଓ ଶାଗ ବାଛିବା; କାଟବାଛ—
কাটাকাটি Slicing and cleansing of vegetables
कतरब्योंत for cooking.

**କଟାବଟା**—ଦେ. ବି. (ସହଚର)—କଟାଘଷା ( ଦେଖ )
Kaṭābaṭā Kaṭāghashā ( See )

**କଟାବର୍ଣ୍ଣ**—ଦେ. ବି. (ସଂ. କଡ଼ାର+ବର୍ଣ୍ଣ)—ପିଙ୍ଗଳ ବା ପାଉଁଶିଆ ବର୍ଣ୍ଣ—
Kaṭābarṇṇa Ashy or grey colour;
কটারঙ্গ pale brown colour.
भुपारङ्ग ଦେ. ବିଣ—ପିଙ୍ଗଳ ବା ପାଉଁଶିଆ—
Grey; ash-coloured.

**କଟାଯିବା**—ଦେ. କ୍ରି. ( ସଂ. କୃତ୍ ଧାତୁ )—
Kaṭājibā କାଟିବା କ୍ରିୟାର କର୍ମବାଚ୍ୟରେ ରୂପ; କର୍ତ୍ତିତ ହେବା—
কাটাযাওয়া The form of the verb 'to cut' in the
कटायाना passive voice; to be cut.

**କଟାର**—ଦେ. ବି. (ସଂ. କଟ୍ଟାର)—କାଟିବା ଶସ୍ତ୍ରବିଶେଷ; ବଡ଼ କଟୁରି—
Kaṭāra A chopper; a billhook.
কাটারী ପଦଗାମୀ ହୋଇଣ କଟାର ଭେଦ କରେ ।
कटार ମାଦ- ପୁରାଣ ।

ସଂ. ବି. ( କଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଆର)—
୧ । କାମୁକ ବ୍ୟକ୍ତି—1. A lecher.
୨ । ନାଗରିକ ବ୍ୟକ୍ତି—2. A citizen.

**କଟାରଙ୍ଗ**—ଦେ. ବି—କଟାବର୍ଣ୍ଣ ( ଦେଖ )
Kaṭāranga Kaṭābarṇṇa ( See )

**କଟାରିକା**—ଦେ. ବି. (ସଂ. କଟ୍ଟାରିକା)—କଟାର ( ଦେଖ )
Kaṭārikā Kaṭāra ( See )

ଏକା ଶୁଣି କଟାରିକା ଧରି ସୁଦର୍ଶନ । ସାରଳା. ମହାଭାରତ. ଉଦ୍ଯୋଗ ।

ସାଧାରଣଲୋକେ ଅକ୍ଷର ସ୍ଥାନରେ ସୂଚକ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କଟାରି**—ଦେ. ବି—୧ । କଟାର (ଦେଖ)
Katāri 1. Katāra (See)
কাটারী ୨ । କଟ୍ଟାର (ଦେଖ)
**कटार** 2. Kattāri (See)
୩ । ଗୁର୍ଖାମାନଙ୍କ ବ୍ୟବହୃତ ବାଙ୍କଛୁରୀ; କୁକ୍‌ରୀ—
3. The Kukrī; bent knife used by the Gurkhas.

କଟୁଦେଶେ ବଲମ୍ବିତ କଟାରି ପିଧାନେ । ରାଧାନାଥ. ମହାଯାତ୍ରା ।

**କଟାଲ୍**—ପ୍ରାଦେ. (ସମ୍ବଲପୁର) ବି—କଟାଳ ୨ (ଦେଖ)
Kaṭāl Kaṭāḷa 2 (See)

**କଟାଳ**—ଦେ. ବି—୧ । ବଟକରା; ନିକିତିର ଏକ ପାଖରେ ଯାହାକୁ ରଖିବା ଦ୍ୱାରା ତଉଲ ହେଉଥିବା ଦ୍ରବ୍ୟର ଓଜନ ନିର୍ଣ୍ଣୟ କରାଯାଏ—
Kaṭāḷa 1. Weights.
বাটখারা
**बटखरा**
জিদ ୨ । ଅଳି; ସନିର୍ବନ୍ଧ ଅନୁରୋଧ ବା ପ୍ରାର୍ଥନା; ଜଞ୍ଜାଳପୂର୍ବକ
**तकाजा, हठ** ଉପର୍ଯ୍ୟୁପରି ପ୍ରାର୍ଥନା—
2. Persistent request; repeatedly pressing request; importunate asking; solicitations.

ହେ କାନ୍ତ କଟାଳ କରି ବଳ୍କଳରେ ହୋଏ ।
ସାରଳା ମହାଭାରତ. ବନ ।

**हठ** ୩ । କୌଣସି କାର୍ଯ୍ୟରେ ଜିଦ—3. Zid; perversity.

କରୁ ଏହି କଟାଳ, ମଣ୍ଡିତେଲ କ କାଳ,
ପଦଭଙ୍ଗ ପଦଭଲୁ ପ୍ରଥାରେ—
କବିସୂର୍ଯ୍ୟ ସଙ୍ଗୀତ ।

कड़ाई ୪ । (ସଂ. କଟାହ)—ରନ୍ଧନାର୍ଥ ତାମ୍ରଭାଣ୍ଡ; ଡେକ୍‌ଚି;
**कडाह** ବଡ଼ ହଣ୍ଡା—4. Large copper-pot for cooking; dekchi.

**କଟାଳ କରିବା**—ଦେ. କ୍ରି.—କଟାଳିବା (ଦେଖ)
Kaṭāḷa karibā Kaṭāḷibā (See).

କଟାଳ ନ କରନ୍ତି ବାଳପୁରୁଷ କମ୍ବଳ ମୂର କରିବାକୁ ବଦନେ ଦେଇ ।
କବିସୂର୍ଯ୍ୟ—ସଙ୍ଗୀତ ।

**କଟାଳଜୁଆର**—ଦେ. ବି.—(ସଂ. କରାଳ=ଉଚ୍ଚ+ହି. ଜୁଆର୍)—
Kaṭāḷajuāra ଦଶମୀଠାରୁ ପୂର୍ଣ୍ଣିମା ବା ଅମାବସ୍ୟା ପର୍ଯ୍ୟନ୍ତ ହେବା ବଡ଼ ଜୁଆର; ଉଠିଆ ଜୁଆର—High tide of
(ପଢ଼ିଆଜୁଆର—ବିପରୀତ) the lunar fortnight from the
কটাল tenth day till the end; springtide;
**ज्वारभाटा** ପୂର୍ଣ୍ଣିମା କଟାଳଜୁଆର ବେଳରେ କମଳାପ୍ରସାଦ ଘାଟ ଉଠିବ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କଟାଳି**—ଦେ. ବିଣ.—ଯେଉଁ ଲୋକ କାଟେ—(ଯଥା; - ଧାନକଟାଳି, ପରିବାକଟାଳି)
Kaṭāḷi
**कतवार** One who cuts; cutter; reaper.

**କଟାଳିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଯେ ଭାରି ଅଳି କରେ; ଅଭିଯାଚକ—
Kaṭāḷiā Persistent in request importunate.
জিদ্দী
**धरनैत**

**କଟାଳିବା**—ଦେ. କ୍ରି.—୧ । ଅଳି କରିବା; ସନିର୍ବନ୍ଧ ବା ବାରମ୍ବାର
Kaṭāḷibā ପ୍ରାର୍ଥନା କରିବା—1. To ask for anything
জিদ্ করা pressingly or repeatedly.
**हठ करना** ମନ ଜାଣିବାକୁ କଟାଳିଲ ନିଧୁବନ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

୨ । ଜିଦ କରିବା; ଜିଗର କରିବା; ଅଡ଼ି ବସିବା—
2. To insist on a thing.
୩ । (କୌଣସି ପ୍ରାଥନା ପୂରଣ ପାଇଁ)—ଅନୁରୋଧ କରିବା—
3. To request for the grant of one's desire.

କାଣ୍ଡ କୋଦଣ୍ଡ କରେ କର ଦେଇ ନଗରେ
କରେ ଇଚ୍ଛା ମନରେ କଟାଳିବାକୁ ଥରେ ସେ ।
ଦୀନକୃଷ୍ଣ. ରସକଲ୍ଲୋଳ ।

୪ । ପୀଡ଼ାଦେବା; ଉତ୍ପୀଡ଼ନ କରିବା—
4. To oppress.

ମୁଣ୍ଡ ଗଲେ ଭଣ୍ଡ ସ୍ୱାଦରେ ରାହୁ
ଚନ୍ଦ୍ର ସୂର୍ଯ୍ୟଙ୍କୁ କଟାଳଇ ସେହୁ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କଟାଶ**—ଦେ. ବି. (ସଂ. ଖଟ୍ଟାଶ=ଗନ୍ଧମାର୍ଜ୍ଜାର)—
Kaṭāśa ୧ । ବଣବିରାଡ଼ି; ବଣଭୁଆ—1. A wild cat;
খটাশ Felis Chaus.
**कटास** ୨ । ଶାଳିଆପତନୀ—2, Putorius Fœtidus; civet

[ ଦ୍ର—ଏହାର ମୁଷ୍କରୁ ପୂତିଗନ୍ଧ ନିର୍ଗତ ହୁଏ । ]

**କଟାଶଆଖିଆ**—ଦେ. ବିଣ.—ଯାହା ଆଖିର କଳାଡୋଳା କଟାଶ ଆଖି ପରି ଫିକ୍କା; ଚିଲାଆଖିଆ—
Kaṭāśaākhiā
কটাচোক Pale-eyed; bat-eyed.

**କଟାଶିଆ**—ଦେ. ବିଣ—୧ । ବଣ ବିରାଡ଼ି ଭଳି ହିଂସ୍ର ଓ କ୍ଷୁଦ୍ର ଉତ୍ପାତକ—
Kaṭāśiā 1. Fierce and malignant like wild cat.
୨ । ଫିକ୍କାରଙ୍ଗବିଶିଷ୍ଟ—2. Grey.

**କଟାସମ୍ପା**—ଦେ. ବି(ସହିତର କଟୁ+ଶାପ)—ଗାଳିମନ୍ଦ—Abusing
Kaṭāsampā and cursing; calling names malediction.
গালাগালি
**गालिमुक्कज**

**କଟାହ**—ସଂ. ବି. (କଟ=ଅତିଶୟ+ଆ=ସମ୍ୟକ୍+ହନ ଧାତୁ=ଆଘାତ କରିବା+କର୍ତ୍ତୃ. ଅ)—
Kaṭāha
୧ । କରେଇ—1. Frying pan.
୨ । ଘୃତ ତୈଳାଦି ପାକପାତ୍ର; ହଣ୍ଡା—
2. Cauldron; a boiler.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ଶ୍ରୀବ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଷ | ଙ୍କ | ଇସୃ | ଉଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ | ଖ୍ୟ | ଯ | ସ | ଗିଁୟ | ଇଅ | ଢ଼ | ନ୍ତ |

୩ । ତେଲଭୃଣୀ; ପଲମ—3. A flat pan.

୪ । କଇଞ୍ଛର ଖୋଲ ବା ଖପୁର—
4. The shell-bone of a turtle.

୫ । ମୁଣ୍ଡର ଖପୁର—5. Skull-bone.

୬ । ହାଣ୍ଡି ଖପରା—
6. A piece of baked earthen pot; potsherd.

୭ । ଦ୍ୱୀପବିଶେଷ—7. Name of an island.

୮ । ନରକବିଶେଷ—8. A part of hell where sinners are put into frying pans over a fire.

[ ଦ୍ର—ଏ ନରକରେ ପାପୀମାନଙ୍କୁ ନିଆଁ ଉପରେ ବସିଥିବା କଡ଼େଇରେ ପକାଇ ଦଣ୍ଡ ଦିଆଯାଏ । ]

୯ । ବ୍ୟଞ୍ଜନ; ତରକାରି—9. Curry.

୧୦ । ମଇଁଷିବାଛୁଆ ବା ଡାଙ୍ଗରା—1. Buffalo-calf.

୧୧ । କୂପ; ବାମ୍ଫୀ—11- A well.

**କଟା ହେବା**—ଦେ. କ୍ରି.—କଟା ଯିବା (ଦେଖ)
Kaṭā hebā Kaṭā jibā (See)

**କଟି**—ସଂ. ବି. ସ୍ତ୍ରୀ. (କଟ୍ ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ଇ)—
Kaṭi ୧ । ଅଣ୍ଟା; କମର—1. The loins.

୨ । ହସ୍ତୀର ଗଣ୍ଡସ୍ଥଳ—
2. The temples of an elephant.

ପ୍ରାଦେ. (ପୁରୀ, ଗଞ୍ଜାମ) ବି.—୩ । କଉଡ଼ି ଖେଳରେ ଗୋଟିଏ ମାତ୍ର କଉଡ଼ି ଚିତ ହୋଇ ପଡ଼ିବା ଦାନ; କଉଡ଼ି ଖେଳରେ 'ଦଶ' ସୁମାରି ଦାନ—
3. The throw resulting in one cowrie being upturned while thrown in the game with cowries.

ପ୍ରାଦେ. ବିଣ. ( ମେଦିନୀପୁର, ବାଲେଶ୍ୱର ) ( ସଂ. କନୀୟସ୍, କନିଷ୍ଠ)—୧ । କ୍ଷୁଦ୍ର; ସାନ; କ୍ଷେଟ—
1. Young; small; little.
(ଯଥା, କଟି ବାବୁ )

**କଟିକିଆ**—ଦେ. ବିଣ.—୧ । ଏକ କଉଡ଼ା ମାତ୍ରାବଶିଷ୍ଟ; କଉଡ଼ାଏ ମାତ୍ର—
Kaṭikiā 1. Consisting of or reduced to one only.
୨ । କଟକିଆ (ଦେଖ)
2. Kaṭakiā (See)

**କଟିତଟ**—ସଂ. ବି. (ଷଷ୍ଠୀ ତତ୍; କଟି+ତଟ=ଦେଶ)—୧ । ପିଚ୍ଛ—
Kaṭitaṭa 1. The hips; buttocks.

କୃଶ କଟି-ତଟେ ଲଗ୍ନ ଅସି-ଲତା ପାଶେ ତୂଣ ଶର ଧନୁ—ସ୍ୱର୍ଣ୍ଣାଦ୍ରି. ଯଶୋଦ ।

୨। କଟିତଳର ପଛଆଡ଼ର ମାଂସପିଣ୍ଡ—
2. The fleshy part below the loins.

**କଟିତଳ**—ଦେ. ବି.—କଟିଦେଶଧାର୍ଯ୍ୟ ନ୍ୟୁବ୍ଜ ଖଡ୍ଗ; କମରବନ୍ଧରେ ଝୁଲା ହେବା ବଙ୍କା ଖଣ୍ଡା—A curved sword suspended from the belt.
Kaṭitaḷa

**କଟିତ୍ର**—ସଂ. ବି.—(କଟି+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—
Kaṭitr ୧ । କଟିବସ୍ତ୍ର—1. The clothes covering the hips.

୨ । କମରବନ୍ଧ; କମରପଟି—2. Waist-belt.

୩ । କାଞ୍ଚି; ରସନା; ଅଣ୍ଟାସୂତା; ଚନ୍ଦ୍ରହାର; ଗୋଠ—
3. Waist-chain; a girdle.

**କଟିଦେଶ**—ସଂ. ବି.—କଟିତଟ (ଦେଖ)—
Kaṭideśa Kaṭitaṭa (See)

**କଟିପ୍ରୋଥ**—ସଂ. ବି. ( କଟି+ପ୍ରୋଥ ଧାତୁ=ପ୍ରଚୁର ହେବା+କର୍ତ୍ତୃ. ଅ)—କଟିତଟ (ଦେଖ)
Kaṭiprotha Kaṭitaṭa (See)

**କଟିବନ୍ଧ**—ସଂ. ବି—( କଟି+ବନ୍ଧ୍ ଧାତୁ=ବାନ୍ଧିବା+କରଣ. ଅ )—
Kaṭibandha ୧ । କମରପଟି; କମରବନ୍ଧ; ମେଖଳା—
1. Belt; zone; girdle.

୨ । ଅଣ୍ଟାସୂତା; କଟିସୂତ୍ର—
2. Waist-chain; waist-band.

୩ । ( ଭୂଗୋଳ ) ପୃଥିବୀର ଚାରିପାଖ ବେଷ୍ଟନ କରିଥିବା କଳ୍ପିତ ସମାନ୍ତରାଳ ପଟିମାନ—3. The imaginary parallel belts or strips of country round the earth having similar climatic and physical conditions; zones of the globe.
( ଯଥା—ଗ୍ରୀଷ୍ମ, ସମ ଓ ଶୀତ କଟିବନ୍ଧମାନ । )

**କଟିବନ୍ଧନ**—ସଂ. ବି—କଟିବନ୍ଧ ( ଦେଖ )—
Kaṭibandhana Kaṭibandha ( See )

**କଟିବା**—ଦେ. କ୍ରି ( କାଟିବା କ୍ରିୟାର କର୍ମବାଚ୍ୟର ଆକାର )—
Kaṭibā ୧ । (ମନୁଷ୍ୟ ଆଦି ଅନ୍ୟଦ୍ୱାରା) ହଣାହେବା; ହତହେବା—
1. To be killed.

କଟେଯାଓଣ୍ଡା ( ଯଥା—ଯୁଦ୍ଧରେ ତିନି ହଜାର ଲୋକ କଟିଲେ । )
**କଟ୍ୟାନା** ୨ । କର୍ତ୍ତିତହେବା; କଟାହେବା—2. To be cut.

ଶିରକମଳ ତାର କଟି, ପଡ଼ିଲା ମହୀ ତୁଳେ ଲୋଟି—ଜଗନ୍ନାଥ- ଭାଗବତ ।

୩ । ମଜୁରି କରାଯିବା—3. To be set off.
( ଯଥା—ମୁଁ ଦରମା ପାଇଲାବେଳେ ସାଆନ୍ତାଣୀଙ୍କଠାରୁ ପୂର୍ବରୁ ଧାର ନେଇଥିବା ଟଙ୍କା କଟିବ । )

୪ । ଗଣନା ବା ହିସାବବେଳେ ଧନ ବା ସମୟ କମତି କରାଯିବା—4. To be deducted.
( ଯଥା—ଏ ମାସରେ ତିନି ଦିନ ଗରହାଜର ଯୋଗୁଁ ତିନି ଟଙ୍କା ଦରମା କଟିଲା । )

> ସାଧାରଣ ଲୋକେ ଉପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସ୍ଥାନରେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୫ । (ସମୟ, କାଳ, ଦିନ) ଅତିବାହିତ ବା ଯାପିତ ହେବା—
5. (time) To be passed.
ଦିନଯାକ କଟଗଲା ଗୋଳଅ ପୋଳଅ—ଭିକାରୀ. ଗୀତଲହରୀ ।
୬ । (କୌଣସି ବିପଦ୍) ଆପଣା ଉପରୁ ଅପସୃତ ହେବା—
6. To be passed over.
କଟଗଲା କେତେ ଉଷ୍ମ ପୂର୍ବ ସୁକୃତରୁ—ଚନ୍ଦ୍ରାମଣି. ବଳମାବତୀ ।
୭ । କମି ହେବା—7. To be lessened.
( ଯଥା—ସିଧା ସଡ଼କରେ କଟକରୁ ଗାଁକୁ ଗଲେ ନଈକୂଳ ବାଟ ଅପେକ୍ଷା ଦୁଇ ମାଇଲ ବାଟ କଟିବ । )

**କଟିବାତ**—ସଂ. ବି—(୬ଷ୍ଠୀ ତତ୍, କଟି+ବାତ) ଅଣ୍ଠାଧରା ରୋଗ—
Kaṭibāta Lumbago (disease.)

**କଟିଯିବା**—ଦେ. କ୍ରି—କଟିବା ( ଦେଖ )—
Kaṭijibā Kaṭibā ( See )

**କଟୀ**—ସଂ. ବି. ସ୍ତ୍ରୀ (କଟ=ହସ୍ତି ଗଣ୍ଡ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Kaṭī ୧ । ହସ୍ତୀ—1. Elephant.
୨ । ପିପ୍ପଳ—2. Long pepper.
୩ । ( କଟ୍ ଧାତୁ+କର୍ମ.ଇ ) ଶ୍ରୋଣୀ; ପିଚ୍ଛ—
3. Hips; buttocks.
୪ । କଣ୍ଟି ନାମକ ଲତା—
4. A thorny creeper.
୫ । ହସ୍ତୀର ଗଣ୍ଡଦେଶ—5. Elephant's temples.

**କଟୀର**—ସଂ. ବି ( କଟ=ଗମନ କରିବା+କର୍ମ.ଈର )—୧ । ଜଘନ; ଜଙ୍ଘ—1. Thigh; lap.
Kaṭīra
୨ । କଟି; ଅଣ୍ଟା—2. Loins.
୩ । ଗିରିକନ୍ଦର—3. Cave.

**କଟୀରକ**—ସଂ. ବି. (କଟୀର+ସ୍ୱାର୍ଥ. କ)—କଟୀର ( ଦେଖ )—
Kaṭīraka Kaṭīra ( See )

**କଟୁ**—ସଂ. ବିଣ ( କଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଉ )—
Kaṭu ୧ । (ଷଡ଼୍‌ରସ ମଧ୍ୟରୁ ଏକତମ) ରାଗୁଆ—1. Pungent; hot in taste.
୨ । ତିକ୍ତ—2. Bitter
୩ । ବିସ୍ୱାଦ; ବିରସ—3. Of offensive taste; insipid.
୪ । ଅପ୍ରିୟ; କଡ଼ୁଆ; ଅପ୍ରୀତିକର—4. Disagreeable ( to taste, smell, touch, hearing or sight or to the mind; unpleasant).
୫ । କର୍କଶ—5. Harsh.
୬ । କଟୁ ଗନ୍ଧବିଶିଷ୍ଟ; ଦୁର୍ଗନ୍ଧ—
6. Of offensive smell.
୭ । ପରଶ୍ରୀକାତର— 7. Envious of another's good fortune.
୮ । ଉଗ୍ର; ଅସହ୍ୟ; ତୀବ୍ର; ପ୍ରଖର; ତୀକ୍ଷ୍ଣ; କଡ଼ା—
8. Scurrilous; sharp; unbearable.
୯ । ଅପ୍ରିୟଦର୍ଶନ; କୁତ୍ସିତ—
9. Bad; uncomely; ugly.
୧୦ । ( +କର୍ମ. ଉ)—ଅକାର୍ଯ୍ୟ; ଅକରଣୀୟ—
10. Which should not be performed; improper.
ସଂ. କ୍ରି. ବିଣ.—ତୀବ୍ରଭାବରେ—Intensely.
ମାପବନ ପଚ୍ଛନ, ନଳ୍କ ମିଶିଖ ଧନଞ୍ଜୟ ହାସକୁ କରେ କଟୁ କେଳ ।
କବିସୂର୍ଯ୍ୟ. କଶୋରଚନ୍ଦ୍ର. ସଙ୍ଗୀତ ।
ସଂ. ବି.—୧ । କଟୁ ବାକ୍ୟ—1. Harsh words.
ରୋଷରେ ମହାତ୍ମା ଯେ ଅନେକ କଟୁ ବୋଲି । ସାରଳା. ମହାଭାରତ
୨ । କଟୁ ବା ରାଗ ପଦାର୍ଥ—2. Any pungent thing.
୩ । ଆୟୁର୍ବେଦୋକ୍ତ ତ୍ରିକଟୁ; ଶୁଣ୍ଠି, ପିପ୍ପଳୀ ଓ ମରିଚ—
3. Three pungent things in the Āyurbeda viz, dry ginger, long pepper and black-pepper used in medicine.
୪ । କଟୁକୀ ବୃକ୍ଷ—4. A medicinal plant.
୫ । କଟୁତା—5. Bitterness; pungency; harshness; scurility.
୬ । (ବୈଦ୍ୟକ)—ଶ୍ରୀକର୍ପୂର—6. Camphor.

**କଟୁଆଲ୍**—ପ୍ରାଦେ. (ସମ୍ବଲପୁର) ବି.—ଗ୍ରାମ ଚଉକିଦାର
Kaṭuāl Village-watchman.

**କଟୁଆଳ**—ଦେ. ବି.—(ସଂ. କୋଟ୍ଟପାଳ)—୧ । ନଗରରକ୍ଷକ ରାଜ-
Kaṭuāḷa କର୍ମଚାରୀ; ନଗରରକ୍ଷୀ ପ୍ରହରୀ ବା ଜଗୁଆଳ—
কোতোয়াল 1. A guardsman of the town police.
**कातवाल** କଟୁଆଳ ଡକାଇଲା ଘେନ ଯାଉ ବୋଇଲା । ଜଗନ୍ନାଥ. ବଡଭାଗବତ ।
୨ । ନଗରରକ୍ଷୀ ପ୍ରହରୀମାନଙ୍କ ଅଧ୍ୟକ୍ଷ—
2. Head of the town police, corresponding to the Police Commissioner in presidency towns.
[ ଦ୍ର—କାହାଣୀରେ ରାଜା, ମନ୍ତ୍ରୀ, ସାଧବ ଓ କଟୁଆଳ ପ୍ରାୟ ଏହି ଚାରିଜଣଙ୍କ କଥା ପଡ଼େ । ରାଜା—ଶାସନକର୍ତ୍ତା, ମନ୍ତ୍ରୀ—ପରାମର୍ଶଦାତା, ସାଧବ—ଧନୀ ଓ ମହାଜନ, କଟୁଆଳ—ରାଜଧାନୀ ରକ୍ଷକ ।]
ଦେ. ବିଣ. ଅବାଧ—Unruly; disobedient.

**କଟୁଆଳି**—ଦେ. ବି.—୧ । ନଗର ମଧ୍ୟରେ ପୁଲିସଙ୍କ ରହିବା ସ୍ଥାନ;
Kaṭuāḷi ସଦରର ଥାନା—1. Town police station;
কোতোয়ালী head quarters of the town police.
**कोतवाली** ୨ । ନଗରରେ ବୁଲିବା ବା ପହରା କାମ—
2. The watching of a town.

**କଟୁଆଲି**—ଦେ. ବି.—କଟୁଆଳି (ଦେଖ)
Kaṭuāli Kaṭuāḷi (See)

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | .ନ୍ |

**କଟୁକ**—ସଂ. ବି. (କଟୁ+ସ୍ୱାର୍ଥରେ. କ)—୧ । ତ୍ରିକଟୁ (ଦେଖ)
Kaṭuka 1. Trikaṭu (See)
୨ । ସୁଗନ୍ଧ ତୃଣବିଶେଷ—
2. A sweet-smelling grass.
୩ । ପିତା ଲାଉ—3. Bitter gourd.
୪ । କଟୁରସ—4. Bitter taste.
୫ । ପୋଟଳ; ପଟୋଳ—5. A cucurbitaceous creeper and its edible fruit.
୬ । କୁଟଜ—6. A medicinal plant.
୭ । ଅର୍କ ଗୁଳ୍ମ—7. The Swallowwort; Calotropis Gigantia ( plant )
୮ । ସର୍ଷପ; ସୋରିଷ—8. Mustard seed.

**କଟୁ କଟାକ୍ଷ କରିବା**—ଦେ. କ୍ରି (ସଂ.କଟୁ+କଟାକ୍ଷ)—୧ । ତୀବ୍ର ପ୍ରତିବାଦ କରିବା—
Kaṭu kaṭāksha karibā
କଟୁ କটাক্ষকরা To oppose vehemently.
୨ । କଟୁବଚନ କହିବା ଓ ଭ୍ରୂକୁଟୀ କରିବା—
2. To speak harshly and to frown.

**କଟୁକଥା**—ସଂ. ବି—ନିଷ୍ଠୁର ବଚନ; ଗାଳିମନ୍ଦ; ଅପ୍ରିୟ ବାକ୍ୟ—
Kaṭukathā Harsh, bitter or scurrilous words.

**କଟୁକନ୍ଦ**—ସଂ. ବି. ( ବହୁବ୍ରୀହି; କଟୁ+କନ୍ଦ=ମୂଳ )—୧ । ଅଦା—
Kaṭukanda 1. Ginger.
୨ । ରସୁଣ—2. Garlic.
୩ । ଶଜନା ଗଛ—3. The Moringa tree.

**କଟୁକପାଳି**—ସଂ. ବି—କଣ୍ଟେଇକୋଳି ( ଦେଖ )
Kaṭukapāḻi Kaṇṭeikoḻi ( See )

**କଟୁକା**—ସଂ. ବି. ( କଟୁ+କ+ଆ )—
Kaṭukā (ବୈଦ୍ୟକ)ଶାକଲତାବିଶେଷର ମୂଳ; କଟୁକୀ—
কট্‌কী Black Hellebore; Picrorrihiza
কটকি; কটুকী Karroa
ମ. କୁଟକୀ
ଗୁ. କଡ଼ୁ
ତେ. କାଟକରୋହିଣୀ
ଫା. ଖବ୍‌କେସିୟାହ
ଆ. ଖବ୍‌ବକ୍ ଅସ୍‌ୱଦ୍
ସଂ. ପର୍ଯ୍ୟାୟ :—କଟୁକା, କଟ୍ୱୀ, ତିକ୍ତା, କୃଷ୍ଣଭେଦା, କଟୁମ୍ଭରା, ଅଶୋକା, ମତ୍ସ୍ୟଶକଲା, ଚକ୍ରାଙ୍ଗୀ, ଶକୁଳାଦନୀ, ମତ୍ସ୍ୟପିତ୍ତା, କାଣ୍ଡରୁହା, ରୋହିଣୀ, କଟୁରୋହିଣୀ
[ ଦ୍ର—ଏହା କଟୁ ବିପାକ, ତିକ୍ତ, ରୁକ୍ଷ ଶୀତବୀର୍ଯ୍ୟ, ଲଘୁ, ଭେଦକ, ଅଗ୍ନିଦୀପକ, ଓ ହୃଦ୍ୟ; ଏହା କଫ, ପିତ୍ତ, ଜ୍ୱର, ପ୍ରମେହ, ଶ୍ୱାସ, କାସ, ରକ୍ତଦୋଷ, ଦାହ, କୁଷ୍ଠ ଓ କୃମିରୋଗନାଶକ । ]

ସଂ. ବି. ସ୍ତ୍ରୀ. ( କଟୁକ+ସ୍ତ୍ରୀ. ଆ )—
୧ । ପାନ—1. Betel.
୨ । ଧଳା ସୋରିଷ; ସାରୁ ସୋରିଷ—
2. Rye; white mustard.
୩ । ପିତା ଲାଉ—3. Bitter gourd.

**କଟୁକାଟବ୍ୟ**—ଦେ. ବି. (ସଂ. କଟୁ+କାଟବ୍ୟ=କଟୁତା)—
Kaṭukāṭabya ଗାଳିମନ୍ଦ; କଟୁଭାଷା—
কটুকাটব্য Abusive language.

**କଟୁକୀ**—ସଂ. ବି. (କଟୁକ+ସ୍ତ୍ରୀ. ଈ)—ପ୍ରିୟଙ୍ଗୁ ଗଛ—
Kaṭukī A medicinal tree.
ଦେ. ବି.—କଟୁକା (ଦେଖ)
Kaṭukā (See)

**କଟୁକୀଟ**—ସଂ. ବି. (କଟୁ+କୀଟ)—ମଶକ; ମଶା—
Kaṭukīṭa Gnat; mosquito.

**କଟୁକୀଟକ**—ସଂ. ବି. (କଟୁକୀଟ+ସ୍ୱାର୍ଥରେ. କ)—
Kaṭukīṭaka କଟୁକୀଟ (ଦେଖ)
Kaṭukīṭa (See)

**କଟୁଗନ୍ଧା**—ସଂ. ବି. (ବହୁବ୍ରୀହି; କଟୁ+ଗନ୍ଧ+ସ୍ତ୍ରୀ. ଆ)—
Kaṭugandhā ହେଙ୍ଗୁ—Asafœtida.

**କଟୁଗ୍ରନ୍ଥି**—ସଂ. ବି. (ବହୁବ୍ରୀହି; କଟୁ+ଗ୍ରନ୍ଥି)—୧ । ଶୁଣ୍ଠୀମୂଳ—
Kaṭugranthi 1. Ginger root.
୨ । ପିପ୍ପଳୀମୂଳ—2. Root of long pepper.

**କଟୁତା**—ସଂ. ବି. (କଟୁ+ଭାବେ. ତା)—୧ । ତୀବ୍ରତା—
Kaṭutā 1. Pungency; bitterness
୨ । ଅସହ୍ୟତା; ଅପ୍ରିୟତା—
2. Scurrility; unbearableness.
୩ । ପ୍ରଖରତା—3. Keenness; acuteness.

**କଟୁତିକ୍ତ**—ସଂ. ବିଣ. ( ଦ୍ୱନ୍ଦ୍ୱ; କଟୁ+ତିକ୍ତ )—ରାଗ ଓ ପିତା—
Kaṭutikta Pungent and bitter.
ସଂ. ବି—(ବୈଦ୍ୟକ) କିରାତତିକ୍ତ; ଚରେଇତା ( ଲତା )—
Agathotes Chirayeta ( creeper ).

**କଟୁତିକ୍ତିକା**—ସଂ. ବି—ପିତାଲାଉ ( ଲତା ଓ ଫଳ )—
Kaṭutiktikā Bitter gourd; wild variety
তিতলাউ; তিতলোকী of Lagenaria Vulgaris.
କଡ଼ୁଭୋପଲେ; କିଟିତୌମ୍ବୀ
ସଂ. ପର୍ଯ୍ୟାୟ—ଇକ୍ଷ୍ୱାକୁ; ତୁମ୍ବୀ; ମହାଫଳା; କଟୁତୁମ୍ବୀ; କଟୁତିକ୍ତିକା;
ମ. କଡୁଭୋପଲା
ତେ. ଚେଦୁଅନପ
ଗୁ. କଡ଼ୱା ତୁମ୍ବଡ଼ୀ
ଫା. କୁଦୁତଲଖ୍
ଅ. କରହଲମୁର
[ ଦ୍ର—ଏହା ଶୀତବୀର୍ଯ୍ୟ, ଅରୁଚିକାରକ, ତିକ୍ତରସ ଓ କଟୁବିପାକ । ଏଥିରେ ପିତ୍ତ, କାସ, ବିଷ, ବାୟୁ ଓ ପିତ୍ତଜ୍ୱର ଦୂର ହୁଏ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଟୁତୁମ୍ବୀ**— ସଂ. ବ. (କର୍ମଧା; କଟୁ+ତୁମ୍ବୀ)—କଟୁତିକ୍ତିକା ( ଦେଖ )
Katutumbi — Katutiktikā ( See )

**କଟୁତୈଳ**— ସଂ. ବ. ( କର୍ମଧା; କଟୁ+ତୈଳ )—କଟୁସ୍ନେହ ( ଦେଖ )
Katutaila — Katusneha ( See )

**କଟୁତ୍ୱ**—ସଂ. ବ. (କଟୁ+ଭାବେ. ତ୍ୱ )—କଟୁତା ( ଦେଖ )
Katutwa — Katutā ( See )

**କଟୁପର୍ଣ୍ଣୀ**— ସଂ. ବ. (କଟୁ+ପର୍ଣ୍ଣ+ଇନ୍ ୧ମା. ୧ବ. )—
Katuparnni (ବୈଦ୍ୟକ) କଣ୍ଟାକୁସୁମ (ଦେଖ)
Kantākusuma ( See)

**କଟୁଫଳ**—ସଂ. ବ. (କର୍ମଧା; କଟୁ+ଫଳ)—ପଟୋଳ; ପୋଟଳ—
Katuphala — A cucurbitaceous plant and its edible fruit

**କଟୁବଚନ**—ସଂ.ବ. (କର୍ମଧା;କଟୁ+ବଚନ)—ଅସଦ୍‌ଧ୍ୟ ବାକ୍ୟ;ଗାଳିମନ୍ଦ—
Katubachana — Abuse; scurrility; harsh words.

**କଟୁବାକ୍**—ସଂ. ବଣ. ପୁଂ. ( ବହୁବ୍ରୀହି; କଟୁ+ବାକ୍ )—କଟୁ କଥା
Katubāk କହୁବା ( ବ୍ୟକ୍ତି )—Scurrilous; abusive, foul-mouthed.

**କଟୁବାଦୀ** - ସଂ. ବଣ. ପୁଂ. (କଟୁ+ବଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Katubādi — କଟୁବାକ୍ ( ଦେଖ )
(କଟୁବାଦିନୀ—ସ୍ତ୍ରୀ) — Katubāk ( See )

**କଟୁବୀରା**—ସଂ. ବ. ସ୍ତ୍ରୀ. (କଟୁ+ବୀର+ସ୍ତ୍ରୀ. ଆ)—ଲଙ୍କାମରିଚ—
Katubirā — Red pepper; cayenne.

**କଟୁଭଦ୍ର**—ସଂ. ବ—(ବୈଦ୍ୟକ) ଶୁଣ୍ଠି—
Katubhadra — Dry ginger.

**କଟୁଭାଷୀ**—ସଂ. ବଣ. ପୁଂ.(କଟୁ+ଭାଷ ଧାତୁ+କର୍ତ୍ତୃ.ଇନ୍;୧ମା.୧ବ)—
Katubhāshi — କଟୁବାକ୍ ( ଦେଖ )
(କଟୁଭାଷିଣୀ—ସ୍ତ୍ରୀ) — Katubāk ( See )

**କଟୁମ୍ଭରା**—ସଂ. ବ—(ବୈଦ୍ୟକ) କଟୁକା ( ଦେଖ )
Katumbharā — Katukā ( See )

**କଟୁର**—ସଂ. ବ (କଟୁ+ସଂଜ୍ଞାର୍ଥେ. ର)—ଘୋଳ ଦହି—
Katura — Churned sour milk.

**କଟୁରବ**—ସଂ. ବ. ( ବହୁବ୍ରୀହି; କଟୁ+ରବ=ଶବ୍ଦ )—
Katuraba — ମଣ୍ଡୂକ; ଭେକ; ବେଙ୍ଗ —Frog.
(କଟୁରବା—ସ୍ତ୍ରୀ) ସଂ. ବଣ. ପୁଂ. (ବହୁବ୍ରୀହି)—କର୍କଶ ଶବ୍ଦଯୁକ୍ତ—
Having a harsh sound or tone; croaking.

**କଟୁରି**—ଦେ. ବ. (ସଂ. କଟ୍ଟାର)—କଟାରି; କାଟିବା ଶସ୍ତ୍ରବିଶେଷ—
Katuri — A chopper; a bill-hook.
କାଟାରୀ
କଟାରୀ

**କଟୁରିବେଣ୍ଟ**—ଦେ. ବ (ସଂ. କଟ୍ଟାର+ବୃନ୍ତ)—କଟୁରିକୁ ବ୍ୟବହାର
Katuribenta କରିବା ବେଳେ କଟୁରିମୂଳର ଯେଉଁ ଅଂଶ ବା କାଠକୁ ଧରାଯାଏ —Wooden handle of a bill-hook.

**କଟୁରେଇବା**—ଦେ. କ୍ରି. ( ସଂ. କଟ୍ଟାରରୁ ଓଡ଼ିଆ ନାମ ଧାତୁ )—
Katureibā କଟୁରି ଦ୍ୱାରା ଟିକ ଟିକ କରି କାଟିବା—To chop.
କାଟା
কতরনো

**କଟୁରୋହିଣୀ**—ସଂ. ବ (କଟୁ+ରୋହିଣୀ=ଲତା)—କଟୁକା ( ଦେଖ )
Katurohini — Katukā ( See )

**କଟୁସ୍ନେହ**—ସଂ. ବ. ( କଟୁ+ସ୍ନେହ )—
Katusneha ୧ । ( ବହୁବ୍ରୀହି )—ସୋରିଷ—
1. Mustard seed.
୨ । ଧଳା ସୋରିଷ; ରାଇ ସୋରିଷ—
2. Rye; white mustard seed.
୩ । ( କର୍ମଧା )—ସୋରିଷ ତେଲ—3. Mustard oil.

**କଟୂକ୍ତି**— ସଂ. ବ. ( କର୍ମଧା; କଟୁ+ଉକ୍ତି )—
Katūkti — କଟୁ ବାକ୍ୟ; ଗାଳିମନ୍ଦ—
Harsh words; abuse.

**କଟୋର**—ଦେ. ବ. ( ସଂ. କୋଟର )—
Katora — ବୃକ୍ଷ କୋଟର; କୋରଡ଼; ବୃକ୍ଷ ଗହ୍ୱର—
The hollow of a tree.
ସଂ. ବ. ( କଟ୍ ଧାତୁ=ଆଚ୍ଛାଦନ କରିବା+ଓର )—
କଟୋରା ( ଦେଖ )
Katorā ( See )

**କଟୋରା**—ସଂ. ବ. ( କଟ୍ ଧାତୁ=ଆବରଣ କରିବା+କର୍ତ୍ତୃ. ଓର
Katorā +ସ୍ତ୍ରୀ. ଆ )—
୧ । କଟରା; ଧାତୁମୟ ଗିନା—
1. A metal saucer or cup.
୨ । କ୍ଷୁଦ୍ର ମୃଣ୍ମୟ ପାତ୍ର; ଗ୍ରାମକଟରା; ଖୁରି—
2. Small earthen cup.
୩ । ଅଳ୍ପ ଗଭୀର ପାତ୍ର—
3. A shallow cup. ( Apte )

**କଟୋଲ**—ସଂ. ବ. ( କଟ୍ ଧାତୁ=ଆଚ୍ଛାଦନ କରିବା+ଓଲ )—
Katola ୧ । ଚଣ୍ଡାଳ—
1. The Chandāla or sweeper caste.
୨ । କଟୁରସଯୁକ୍ତ ବସ୍ତୁ—
2. Article having a pungent taste.

**କଟୋଲ ବୀଣା**—ସଂ. ବ. ( ୬ଷ୍ଠୀ ତତ୍; କଟୋଲ+ବୀଣା )—ଯୋଗୀ-
Katola binā ମାନଙ୍କର ବଜାଇବା କେନ୍ଦରା—One-stringed musical instrument of the beggar; the beggar's harp.

**କଟ୍ଟାର**—ସଂ. ବ. ( କଟ୍ ଧାତୁ+ଭାବେ. ତ=କଟ୍ଟ; କଟ୍ଟ+ଋ ଧାତୁ=
Kattāra ଗମନ କରିବା+କର୍ତ୍ତୃ. ଅ )—୧ । କଟୁରି—
1. Bill-hook.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଡ଼ | ନୃ |

୨ । ଛୁରୀ—2. Dagger ( Apte )

**କଟ୍ଟାରିକା**—ସଂ. ବି. ( କଟ୍ଟାର + ସ୍ୱାର୍ଥେ.ର କ + ସ୍ତ୍ରୀ. ଆ )—
Kaṭṭārikā କଟ୍ଟାର ( ଦେଖ )
Kaṭṭāra ( See )

**କଟ୍ଫଳ**—ସଂ. ବି. ( କଟୁ + ଫଳ; କପାଛକ )—କଟ୍‌ଫଳ ( ଦେଖ )
Katphala Katphala ( See )

**କଟ୍ଫଳା**—ସଂ. ବି. ସ୍ତ୍ରୀ. ( କଟ୍‌ଫଳ + ସ୍ତ୍ରୀ. ଆ )—
Katphalā ୧ । ଗମ୍ଭାରିଗଛ ଓ ଫଳ—
1. Gmelina Arborea(tree and its fruit.)
୨ । ବୃହତୀ; ଭେଙ୍କ ବାଇଗଣ—2. Solanium Indicum.
୩ । ବାଇଗଣ; ବାର୍ତ୍ତାକୀ—3. Brinjal plant and its fruit; eggplant and its fruit.

**କଟ୍ୱଙ୍ଗ**—ସଂ. ବି. ( ବହୁବ୍ରୀହି; କଟୁ + ଅଙ୍ଗ )—
Katwanga ୧ । ଫଣଫଣା ( ଦେଖ )
1. Phanaphanā ( See )
୨ । ( ନାମ ) ସୂର୍ଯ୍ୟବଂଶୀୟ ରାଜାବିଶେଷ; ଦିଲୀପ—
2. Name of a king of the Solar dynasty.
(କଟ୍‌ୱଙ୍ଗୀ—ସ୍ତ୍ରୀ) ସଂ. ବିଣ. ପୁଂ—ଯାହାର ଅଙ୍ଗ କଠିନ; କଠିନାଙ୍ଗ-
Sturdy; hard-limbed.

**କଟ୍ୱମ୍ଳ**—ସଂ. ବିଣ. ( ଦ୍ୱନ୍ଦ୍ୱ, କଟୁ + ଅମ୍ଳ )—ରାଗ ଓ ଖଟା—
Katwamla Pungent and sour.

**କଟ୍ୱର**—ସଂ. ବି. ( କଟ୍ ଧାତୁ = ବର୍ଷଣ କରିବା + ସଂଜ୍ଞାର୍ଥେ. ବର )—
Katwara ୧ । ଘୋଳଦହି—1. Churned sour milk; butter milk.
୨ । ବ୍ୟଞ୍ଜନ—2. Curry.
୩ । ଦହିସର—3. Butter; cream of curd.

**କଟ୍ୱାର**—ସୁ.ବି. (କଟ୍ = ଧ୍ୱଜ + ବୃ ଧାତୁ + କର୍ତ୍ତୃ. ଅ)—କଟ୍ଟାର (ଦେଖ)
Katwāra Kaṭṭāra (See)

**କଟ୍ୱୀ**—ସଂ. ବି. (କଟୁ + ସ୍ତ୍ରୀ. ଈ) - କଟୁକା ( ଦେଖ )
Katwi Katukā ( See )

**କଠ୍ (ଧାତୁ)**—ସଂ.—ଦୁଃସ୍ଥ ହେବା—To be in grief or trouble.
Kath (root)

**କଠ୍ଲା**—ଦେ. ବି.—କଠଲା (ଦେଖ)
Kathlā Kathalā (See)

**କଠ୍ଲାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କଷ୍ଟ )—
Kathlāiba କଷ୍ଟ ପାଇ ଚୁପ ହୋଇ ରହିବା—
To keep quiet in spite of suffering hardships.

**କଠ**—ସଂ. ବି. ( କଠ୍ ଧାତୁ = ଦୁଃସ୍ଥ ହେବା + କର୍ତ୍ତୃ. ଅ )—
Katha ୧ । (ନାମ) ସାମବେଦାଧ୍ୟାୟୀ ମୁନିବିଶେଷ—
1. A sage of that name.
୨ । କଠ ମୁନିଙ୍କ ରଚିତ ଉପନିଷଦ୍—
2. An Upanishad composed by sage Katha.
୩ । କ୍ଲେଶ—3. Pain; trouble.
୪ । (+ କର୍ମ. ଅ) ଋଗ୍ବେଦ—4. The Rugbeda.

**କଠଉ**—ଦେ. ବି. ( ସଂ. କାଷ୍ଠପାଦୁକା )—ଖଡ଼ମ—
Kathau Wooden sandals.
খড়ম
খড়াউ; पाँवड़ी

**କଠଉଚିହ୍ନ**—ଦେ. ବି.—୧ । ଭୂମି ଉପରେ ପଡ଼ିଥିବା ଖଡ଼ମର ଦାଗ—
Kathauchihna 1. Trace or print left on the earth by wooden sandals.
খড়মের দাগ
খড়াউঁ কি দাগ ୨ । ନାଗ ଆଦି ସାପଙ୍କ ଫଣା ଉପରେ ଥିବା ପାଦୁକାକାର କୃଷ୍ଣବର୍ଣ୍ଣ ଚିହ୍ନ—2. Sandal or bracket shaped black mark found on the hood of the cobra and other poisonous snakes-
[ ଦ୍ର—ପୁରାଣରେ ଅଛି ଯେ ଶ୍ରୀକୃଷ୍ଣ କାଳୀୟ ନାଗକୁ ଦଳନ କଲା ବେଳେ କଠଉ ମାଡ଼ ତା ଫଣା ଉପରେ ଠିଆ ହୋଇଥିଲେ । ସେହି ଦିନୁଁ ନାଗ ଆଦି କାଳୀୟ ସର୍ପର ବଂଶଧରଙ୍କ ଫଣାରେ ଶ୍ରୀକୃଷ୍ଣଙ୍କ କଠଉଚିହ୍ନ ରହିଯାଇ ଅଛି । ]

**କଠର**—ସଂ. ବିଣ. (କଠ୍ ଧାତୁ = ଦୁଃସ୍ଥ ହେବା + କର୍ତ୍ତୃ. ଅର)—
Kathara ୧ । କଠିନ—1. Hard.
୨ । ଦୃଢ଼—2. Firm.

**କଠଲ୍**—ବୈଦେ. ବି.—( ହିନ୍ଦି; ମୂଳ. ସଂ. କଣ୍ଟକ ଫଳ)—ପଣସ—
Kathal Jack fruit
কাঁঠাল ଦକ୍ଷିଣେ କଠଲ୍ ଓଡ଼ିଶେ ଢେଲ୍—ଓଡ଼ିଆରେ ବ୍ୟବହୃତ ହୁଦ ପ୍ରବଚନ. ।
कटहल

**କଠଲ**—ପ୍ରାଦେ. (ଗଡ଼ଜାତ) ବି.—ଅମ୍ଳଲତା (ଦେଖ) -
Kathala Āmbalatā (See)

**କଠଲା**—ଦେ. ବି. ( ସଂ. କାଷ୍ଠ )—ଲୁହାବାଡ଼ ଦିଆ କାଷ୍ଠାସନ—
Kathalā (ହାତୀର ପିଠି ଉପରେ ଲୋକେ ବସିବା ପାଇଁ ଏହା
কঠলা ବନ୍ଧାହୋଇ ରଖାଯାଏ । )—A wooden frame put on elephants and used as chair.

**କଠଲାଇବା**—ପ୍ରାଦେ. (ସମ୍ବଲପୁର) କ୍ରି.—କଠ୍ଲାଇବା (ଦେଖ)
Kathalaibā Kathlaibā (See)

**କଠା**—ଦେ. ବି.—୧ । ପଣସର କ୍ଷୁଦ୍ର ଫଳ; ଢେଲ—
Kathā 1. Young fruit of jack tree.
୨ । ମଞ୍ଜି ନଡ଼ିଆ; ଚାରା ପକାଇବାଯୋଗ୍ୟ ନଡ଼ିଆ—
2. Seed cocoanut; fully developed cocoanut fit for growing seedlings.

ସାଧାରଣ ଭାବରେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥର ସ୍ଥଳରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

୩ । ଚାଉଳ ଆଦି ମାପିବାର ମାପପାତ୍ରବିଶେଷ—
3. A measure for rice etc.

୪ । ହାତ୍ର ଆଦି ଦ୍ୱାରା ଦୃଢ଼ ବେଷ୍ଟନ—
4. Firm grip; death grip.

୫ ।ବେକମୂଳରେ ହେବା ଦୁଷ୍ଟ ବ୍ରଣ—
5. A carbuncle on the nape of the neck.

ପ୍ରାଦେ. (ସମ୍ବଲପୁର) ବି.—ଧାନ ମାପିବାର ଲୁହା ମାଣ—
(=୫୦ ତୋଳା)
An iron-pot for measuring paddy.

**କଠାଉ** (ଇତ୍ୟାଦି)—ଦେ. ବି.—କଠଉ ଇତ୍ୟାଦି (ଦେଖ)
Kaṭhāu (etc.) Kaṭhau etc. (See)

ଶିରେ ଯେଉଁ ଭୂଲୁଣ୍ଠିତ ଥା କଠାଉ ରେ । ଜନସୂର୍ଯ୍ୟ- ସଙ୍ଗୀତ ।

**କଠାଉଆ ଗଣ୍ଠି**—ଦେ.ବି. (ଏହି ଗଣ୍ଠି କଠାଉ ଗୋଡ଼ ପରି କରାଯିବାରୁ)
Kaṭhāuā ganṭhi ଘରର ଦୁଇ ଶ୍ରେଣୀର ମୁଣ୍ଡରେ ଥିବା ମିଶ୍ର ଗଣ୍ଠି; ଭୁଣ୍ଡାଗଣ୍ଠି—The tenon and mortise joints made at the ends of the wall-plates of a thatched house to fit into each other.

**କଠା ପଡ଼ିଯିବା**—ଦେ. ବି.—୧ । ହାତର ମୁଠା ଦୃଢ଼ବନ୍ଧନଦ୍ୱାରା ଜାକୁଡ଼ି
Kaṭhā parḍijibā ହୋଇ ରହିଯିବା ଅବସ୍ଥା—1. Firm grip of the hands.

୨ । ଦୁଇହାତକୁ କାଉଁଚି ପରି କରି ତହିଁ ମଧ୍ୟରେ କୌଣସି ବସ୍ତୁକୁ (ଯଥା—ଅନ୍ୟ କୌଣସି ବ୍ୟକ୍ତିର ବେକ) ଚପି ଧରି ଥିବା ଅବସ୍ଥାରେ ଚପିବା ଲୋକର ମାନସିକ ଉତ୍ତେଜନା ଯୋଗୁଁ ଉକ୍ତ ବନ୍ଧନ ଦୃଢ଼ତର ହୋଇ ନ ଫିଟିବା ଅବସ୍ଥା; ଖାଙ୍କୁଳ ପଡ଼ିଯିବା—2. The rigidity of two hands while clutching a thing as in a vice, caused by a paroxysm of feelings in the holder.

**କଠିଞ୍ଜର** - ସଂ.ବି.(କଠିନ+ଜୃ ଧାତୁ=ଜୀର୍ଣ୍ଣ ହେବା+କର୍ତ୍ତୃ;ଅ ପ୍ରତ୍ୟୟ)-
Kaṭhiñjara ୧ । ତୁଳସୀ ଗଛ—
1. The Holy Basil plant.

୨ । ପଳାଶ ଗଛ—2. Butea Frondosa (tree)

**କଠିଣ** - ଗ୍ରା.ବିଣ.—(ସଂ. କଠିନର ଅଶୁଦ୍ଧ ଉଚ୍ଚାରଣ)—କଠିନ (ଦେଖ)
Kaṭhiṇa Kaṭhina (See)

**କଠିନ**—ସଂ. ବିଣ. (କଠ୍ ଧାତୁ=ଦୁଃସ୍ଥ ହେବା+କର୍ତ୍ତୃ. ଇନ.)—
Kaṭhina ୧ । କଠୋର; ନିଷ୍ଠୁର; ନିର୍ଦ୍ଦୟ—1. Cruel; hard-hearted; heartless; merciless.
କଠିନତା } —ବି
କାଠିନ୍ୟ }

୨ । ଟାଣ; ଦୃଢ଼; ଶକ୍ତ—2. Hard; firm; rigid; tough.

୩ । ଘନ—3. Solid.

୪ । ଘୋର; ଗୁରୁତର—4. Severe.

୫ । କର୍କଶ—5. Harsh; severe.

୬ । ଦୁଃସାଧ—6. Rigorous; difficult to perform.

୭ । ଦୁଃସହ; ତୀକ୍ଷ୍ଣ—
7. Sharp; unbearable; grievous.

୮ । ବିପଦଜନକ; ବିଷମ; ଭୟାନକ—
8. Grave; serious; calamitous.

୯ । ଦୁରୂହ; ଦୁର୍ବୋଧ—9. Difficult to understand.

ସଂ. ବି.—ହାଣ୍ଡି; ସ୍ଥାଲୀ—Earthen pot.

**କଠିନତା**—ସଂ. ବି ( କଠିନ+ଭାବ. ତା )—୧ । ଦୃଢ଼ତା—
Kaṭhinata 1. Hardness; rigidity.

୨ । ନିଷ୍ଠୁରତା—2. Cruelty; heartlessness.

୩ । ଦୁରୂହତା—3. Difficulty.

୪ । କଠୋରତା—4. Harshness; severity.

**କଠିନତ୍ୱ**—ସଂ. ବି ( କଠିନ+ଭାବ. ତ୍ୱ )—କଠିନତା ( ଦେଖ )—
Kaṭhinatwa Kaṭhinatā (See)

**କଠିନଦଣ୍ଡ**—ସଂ.ବି ( କର୍ମଧା; କଠିନ+ଦଣ୍ଡ )—୧ । ଶକ୍ତ ପରିଶ୍ରମ—
Kaṭhinadaṇḍa 1. Hard labour.

୨ । କଠୋର ଦଣ୍ଡ—2. Severe punishment.

**କଠିନପରିଶ୍ରମ**—ସଂ. ବି ( କର୍ମଧା; କଠିନ+ପରିଶ୍ରମ )—ଶକ୍ତ ପରିଶ୍ରମ;
Kaṭhinapariśrama ବିଶେଷ ପରିଶ୍ରମ—Hard labour.

**କଠିନପରିଶ୍ରମ ସଜା**—ଦେ. ବି ( କଚେରୀଆ ଭାଷା )—ଗୁରୁତର ଅପରାଧ
Kaṭhinapariśrama sajā ପାଇଁ ଅପରାଧୀକୁ ଦିଆଯିବା ସପରିଶ୍ରମ
कठिनपरिश्रमसाजा ଜେଲ୍ ଦଣ୍ଡ—Imprisonment with hard
कडाम हेनतसजा labour; rigorous imprisonment.

**କଠିନପୃଷ୍ଠ**—ସଂ. ବି ( ବହୁବ୍ରୀହି; କଠିନ+ପୃଷ୍ଠ ) କଚ୍ଛପ; କଇଁଛ—
Kaṭhinapṛustha Tortoise.

**କଠିନପୃଷ୍ଠକ**—ସଂ. ବି (କଠିନପୃଷ୍ଠ+ସ୍ୱାର୍ଥେ କ)—କଚ୍ଛପ; କଇଁଛ—
Kaṭhinapṛushṭhaka Turtle; tortoise.

ସଂ. ବିଣ ( ବହୁବ୍ରୀହି )—ଦୃଢ଼ ପୃଷ୍ଠଯୁକ୍ତ—
Having a hard or tough back.

**କଠିନସମୟ**—ସଂ. ବି ( କର୍ମଧା; କଠିନ+ସମୟ )—ଦୁଃସମୟ—
Kaṭhinasamaya 1. Hard time.

୨ । ବିପଦ୍‌ଜନକ ସମୟ—2. Dangerous time.

**କଠିନସମସ୍ୟା**—ସଂ. ବି ( କର୍ମଧା; କଠିନ+ସମସ୍ୟା )—ଦୁଃସାଧ୍ୟ ପ୍ରଶ୍ନ
Kaṭhinasamasyā ବା ଅବସ୍ଥା—Dilemma; a point very hard of solution.

**କଠିନହୃଦୟ**—ସଂ. ବିଣ. ପୁଂ ( ବହୁବ୍ରୀହି; କଠିନ+ହୃଦୟ )—
Kaṭhinahṛudaya ୧ । ନିଷ୍ଠୁର—1. Relentless; heartless; hard-hearted.
(କଠିନହୃଦୟା—ସ୍ତ୍ରୀ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଏ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ସ | ଗିଂ | ଇଅ | ● | ଡ଼ |

୨ । ଅଣବିଶ୍ୱାସୀ—2. Hard or dangerous to deal with.

ସଂ. ବି ( କର୍ମଧା )—ନିଷ୍ଠୁର ବା ନିର୍ଦ୍ଦୟ ମନ—Cruel or hard heart.

**କଠିନା**—ସଂ. ବି ( କଠିନ+ଆ )—୧ । ଗୁଡ଼ ଶର୍କରା—
Kaṭhinā 1. Molasses.
୨ । ପାତ୍ରବିଶେଷ—2. A kind of cup.

**କଠିନିକା**—ସଂ. ବି ( କଠିନ+ଇକ+ଆ )—୧ । ଖଡ଼ି; ଖଡ଼ି ମାଟି—
Kaṭhinikā 1. Writing chalk.
୨ । କାଠବାଡ଼ି—2. Wooden stick.

**କଠିନୀ**—ସଂ. ବି (କଠିନ+ସ୍ତ୍ରୀ. ଈ)—କଠିନିକା ( ଦେଖ )—
Kaṭhini Kaṭhinikā ( See )

**କଠିଲ୍ଲ**—ସଂ. ବି (ବୈଦ୍ୟକ)—କଲରା ଲତା ଓ ଫଳ; କାରବେଲ୍ଲ—
Kaṭhilla A bitter edible fruit and its creeper; Memordica.

**କଠିଲ୍ଲକ**—ସଂ. ବି (କଠିଲ୍ଲ+ସ୍ୱାର୍ଥେ. କ)—କଠିଲ୍ଲ ( ଦେଖ )—
Kaṭhillaka Kaṭhilla ( See )

**କଠେର**—ସଂ. ବଣ. ପୁଂ (କଠ୍ ଧାତୁ=ଦୁଃସ୍ଥ ହେବା+କର୍ତ୍ତୃ. ଏର)—
Kaṭhera କୃଚ୍ଛ୍ରଜୀବୀ; ଦରିଦ୍ର—Poor; poverty-stricken; eking out a hard existence.

**କଠୋଉ**—ଗ୍ରା. ବି—କଠଉ ( ଦେଖ )—
Kaṭhou Kaṭhau ( See )

**କଠୋର**—ସଂ. ବଣ. ( କଠ୍ ଧାତୁ=ଦୁଃସ୍ଥ ହେବା+କର୍ତ୍ତୃ. ଓର)—
Kaṭhora ୧ । କଠିନ; ଟାଣୁଆ; ଦୃଢ଼—
କଠୋରତା } ବି. 1. Hard; stiff.
କଠୋରତ୍ୱ }
୨ । ଅଲଙ୍ଘ୍ୟ; ଅଲଙ୍ଘନୀୟ—
2. Strict; which must not be infringed.
୩ । ବିଷମ—3. Severe.
୪ । କଷ୍ଟସାଧ୍ୟ; ଦୁରୂହ; ଶକ୍ତ; କଷ୍ଟକର—4. Difficult.
୫ । ନିଷ୍ଠୁର; ନିର୍ଦ୍ଦୟ—5. Cruel.
୬ । ଜରଠ; ବୃଦ୍ଧ—6. Old; decrepit.
୭ । ପୂର୍ଣ୍ଣ—7. Full; perfect.
ଦେ. ( ପ୍ରାଚୀନ ପଦ୍ୟ ) ବି.—କଷ୍ଟ; ବିଷମ ଅବସ୍ଥା—
Hard condition; trouble; the state of being cadaverous.

ଅଶ୍ୱତ୍ଥାମା ଶିରେ ଯେବେ ମୁକୁଟ ବାନ୍ଧିଲା
ବଡ଼ ଦୁଃସ୍ୱପ୍ନ ଘୋର କଠୋର ଦେଖିଲା—ସାରଳାମହାଭାରତ, ଗଦା ।

**କଠୋରତା**—ସଂ. ବି. (କଠୋର+ଭାବ. ତା)—
Kaṭhoratā ୧ । ଦୃଢ଼ତା—1. Stiffness.
୨ । ପୂର୍ଣ୍ଣତା—2. Fullness.
୩ । ଦୁରୂହତା—3. Abstruseness.
୪ । କଠିନତା—4. Hardness.
୫ । ବିଷମତା—5. Severity.

**କଠୋରତ୍ୱ**—ସଂ. ବି. (କଠୋର+ଭାବ. ତ୍ୱ)—କଠୋରତା (ଦେଖ)
Kaṭhoratwa Koṭhoratā (See)

**କଠୋଲ**—ସଂ. ବଣ. ( କଠ୍ ଧାତୁ=ଦୁଃସ୍ଥ ହେବା+କର୍ତ୍ତୃ. ଓଲ)—
Kaṭhola କଠୋର (ଦେଖ)—
Kaṭhora (See)

**କଠୌ**—ଗ୍ରା. ବି.—କଠଉ (ଦେଖ)
Kaṭhau Kaṭhau (See)

**କର୍ଦ୍ଦ** (ଧାତୁ)—ସଂ.—୧ । ଦର୍ପ କରିବା—1. To arrogate.
Kard (root) ୨ । ଖାଇବା—2. To eat.
୩ । ପୃଥକ୍ କରିବା—3. To separate.

**କର୍ଡ**—ବୈଦେ. ବି. (ଇଂ. କର୍ଡ)—୧ । ବନଶି ସୂତା; ଡୋରି—
Kard Angling line; cord.

**କଡ୍**—ବୈଦେ. ବି. ( ଇଂ. କଡ୍ )—ଏକ ଜାତୀୟ ସାମୁଦ୍ରିକ ମତ୍ସ୍ୟ—
Kad Cod (fish).

**କଡ୍ ଲିଭର୍ ଅଏଲ୍**—ବୈଦେ. ବି. ( ଇଂରାଜୀ )—ଶର୍ଦ୍ଦି ଓ କାଶ ପାଇଁ
Kad libhar ael ଡାକ୍ତରମାନଙ୍କ ଉପଦେଶରେ ବ୍ୟବହୃତ କଡ୍ ମାଛର ଯକୃତରୁ ପ୍ରସ୍ତୁତ ତେଲ—Cod liver oil.

**କର୍ଦ୍ଦଚା**—ବୈଦେ. ବି ( ବଙ୍ଗଳାରୁ ଗୃହୀତ )—
Kardchā ୧ । ପ୍ରଜା ଦେଇଥିବା ଖଜଣା ଓ ପ୍ରଜାଠାରେ ବାକି
କଡଚା ଥିବା ଖଜଣାର ହିସାବ କାଗଜ—
1. Paper containing an account of rent paid by and still due from a rayat.
୨ । ହାତଚିଠା ବହି—
2. Hand book; a rough memo book.
୩ । ଶ୍ରେଣୀବଦ୍ଧ ବିବରଣ—3. Classified detailed description.

**କର୍ଡଲାଇନ୍**—ବୈଦେ. ବି.—(ଇଂ. କର୍ଡ୍ ଲାଇନ୍=ଜ୍ୟାମିତିକ କର୍ଣ୍ଣ
Kardlāin ରେଖା)—କୌଣସି ସ୍ଥାନକୁ ଯିବା ପାଇଁ କର୍ଣ୍ଣମାର୍ଗରେ ପ୍ରସ୍ତୁତ ସଡ଼କ ବା ରେଲସ୍ତା—Chordline (road or railway).

**କର୍ଦ୍ଦ**—ସଂ. ବଣ—(କର୍ଦ୍ଦ ଧାତୁ=ଖାଇବା, ଦର୍ପ କରିବା+କର୍ମ. ଅ)—
Karda ୧ । ଭକ୍ଷ୍ୟ—1. Edible.
୨ । (+କର୍ତ୍ତୃ. ଅ) ଉନ୍ମତ୍ତ—2. Mad.
୩ । ଅଜ୍ଞ; ମୂର୍ଖ—3. Illiterate.
ସଂ. ବି.—ଭକ୍ଷଣ—Eating.

ପାଶ ଦେ. ବି.(ସଂ. କର୍ଣ୍ଣ?)—୧ । ପାର୍ଶ୍ୱ; ପାଖ—1. Side; flank.
ଆର ତେଡିଙ୍କର ଶିର ଗୋଡ଼ ମାଳେ ମାଳେ
ଏବଡ଼ ସେବଡ଼ ଗୋଡ଼ ପକାନ୍ତି ଭୂତଳେ ।
[ସାରଳାମହାଭାରତ ।

ସାଧାରଣଲୋକେ ଅପର ସୃଷ୍ଟାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ଶରୀରର ପାର୍ଶ୍ୱ—2. Side of the body.

**କଡ଼କ**—ସଂ. ବି.—(କଡ଼ ଧାତୁ=ପୃଥକ୍ କରିବା+ସଂଜ୍ଞାର୍ଥେ. ଅକ )—
Kardaka କରକଚ ଲବଣ; ସାମୁଦ୍ରିକ ଲବଣ—
A kind of salt; sea-salt.

**କଡ଼କଚ**—ଦେ. ବି.) ସଂ. କଡ଼କ)—କଡ଼କ ( ଦେଖ )
Kardakacha Kardaka (See)

**କଡ଼କଞ୍ଚା**—ପ୍ରାଦେ. (ଗଡ଼ଜାତ) ବିଣ.—ହାଣ୍ଡିରେ ଉଷୁଆଁ ଯାଉଥିବା
Kardakañchā ଧାନର ଗୋଟିଏ କଡ଼ ବା ପାଖ ନ ସିଝି କଞ୍ଚା ରହିଯିବା (ଧାନ) ।

**କଡ଼କଡ଼**—ଦେ. ଅ. (ଧ୍ୱନ୍ୟନୁକରଣ)—
Kardakarda ୧ । ଜଳମିଶ୍ରିତ ତେଲ, ଘିଅ ପ୍ରଭୃତି ସ୍ନେହମୟ ବସ୍ତୁର ନିଆଁ ଉପରେ ଫୁଟିବା ଶବ୍ଦ—
କଡ଼କଡ଼ 1. (onomatopœic) The sound of oil
कडकड bubbling over fire.

୨ । ରାଗରେ ଥରଥର; ଅତି କ୍ରୁଦ୍ଧ—
2. Trembling with anger; furious with rage.
୩ । କଟକଟ ଶବ୍ଦ—3. Snapping or crackling sound.
୪ । ଗୁଡ଼ିକଟି ଶବ୍ଦ—4. Croaking or grating sound.

**କଡ଼କା**—ଦେ. ବିଣ (ସଂ. କର୍କଶ, କଟୁ)—୧ । ଉତ୍ତପ୍ତ; ଗରମ—
Kardakā 1. Heated.
କଡ଼କା ୨ । ରାଗରେ ଜରଜର—2. Foaming with rage.
कडाका
୩ । ଶୁଖିଥିବା—3. Dried by heat.
୪ । ଉପବାସୀ—4. Fasting.
୫ । ସ୍ଫୂର୍ତ୍ତିଯୁକ୍ତ; ସତେଜ; ଚଞ୍ଚଳ—
5. Active; made brisk.

ବାହୁ ସେ ପଛେ ଫଡ଼କା ବାଜା
ଯେତେ ହୋଇଲେ ଲଡ଼କା ସିଜା ।
କଡ଼କା ରଖି କ କରିବ ଛାଁ
ମୂଳ ହେମନ୍ତ ସେ । ବ୍ରଜନାଥ—ସମରତରଙ୍ଗ ।

୬ । ଉଦ୍‌ବ୍ୟସ୍ତ; ସନ୍ତପ୍ତ—6. Troubled; tormented.
୭ । ଉପବାସାଦି ଯୋଗୁଁ ଲଘୁ ବୋଧ ହେବା ( ଶରୀର )—
7. With a feeling of briskness or lightness of the limbs due to fasting for some time; with lethargy gone.

**କଡ଼କାଇବା**—ଦେ. କ୍ରି. ( ସକର୍ମକ )—୧ । (ସଂ.କଲ୍କ) ଜଳୀୟାଂଶ ମାରି
Kardakāibā ଦେବା ଉଦ୍ଦେଶ୍ୟରେ ଘୃତ ଓ ତୈଳଆଦିକୁ ନିଆଁ
କଡ଼କାନ ଉପରେ ଫୁଟାଇବା—1. To boil oil etc over fire to free it from the watery portion.

୨ । (ସଂ. କର୍କଶ) ଚଞ୍ଚଳ ବା ସତେଜ କରାଇବ—
2. To cause one to shake off lethargy; to goad one to activity.
୩ । ଘାଆ ଆଦିରୁ ରସ ଶୁଖାଇବା—3. To heal (a sore); to cause a sore to granulate by cessation of watery discharge therefrom.
୪ । (ସଂ. କଟୁ) ଖୁବ୍ ଗୋଧିବା; ତର୍ଜନ କରିବା—
4. To scold; to give a bit of one's mind.

**କଡ଼କିବା**—ଦେ. କ୍ରି. (ଅକର୍ମକ; ଭୂଲ; ସଂ. କଟୁ କଥା )—
Kardakibā ୧ । ଘୃତ, ତୈଳାଦି କଡ଼କଡ଼ ଫୁଟିବା—
କଡ଼କା 1. (oil, ghee etc) To boil with a
कड़कना singing sound.
୨ । ରାଗରେ ଜରଜର ହେବା; ରାଗରେ ଜଳିବା—
2. To foam with rage.
୩ । ଚିଡ଼ିବା—3. To sulk.
୪ । ଘାଆରୁ ଜଳସ୍ରାବ ବନ୍ଦ ହୋଇ ଘାଆ ଶୁଖିବା—
4. To heal; to granulate (said of a sore).

**କଡ଼ଙ୍କର**—ସଂ. ବି. ( କଡ଼ ଧାତୁ=ଭକ୍ଷଣ କରିବା+ସଂଜ୍ଞାର୍ଥେ. ର; ଅଙ୍କ
Kardaṅkara ଆଗମ )—୧ । ଧାନର ଭୁଷ; ଧୂସ—
1. Chaff of paddy.
୨ । ତଷୁ; କୁଣ୍ଡା—2. Husk of rice.

**କଡ଼ଙ୍ଗର**—ସଂ.ବି. (କଡ଼=ଭକ୍ଷଣ+ଗୃ ଧାତୁ=ଗିଳିବା+କର୍ତ୍ତୃ. ଅ)—
Kardaṅgara କଡ଼ଙ୍କର ( ଦେଖ )
Kardaṅkara ( See

**କଡ଼ତଳ**—ଦେ. ବି—ଅଣେଇ ହୋଇ ଶୋଇଥିବା ବ୍ୟକ୍ତିର ଭୂମିରେ
Kardatala ଲାଗିଥିବା ପାର୍ଶ୍ୱର ନିମ୍ନଭାଗ—The place below the side lying on the ground of a sleeping man.

**କଡ଼ତା**—ଦେ. ବି—ପାସଙ୍ଗ; କୌଣସି ବସ୍ତୁକୁ ତରାଜୁରେ ବଟକରି
Kardatā ପକାଇ ଓଜନ କରିବା ପୂର୍ବରୁ ତରାଜୁ ଦଣ୍ଡକୁ ସମଭାବରେ
ପାଷାଣ ରଖିବା ନିମନ୍ତେ ଯେଉଁ ପଥର ବା ମାଟିଖଣ୍ଡମାନ ଦିଆଯାଏ-
पासङ्ग Bits of stone or clods of earth put on one of the pans of a scale to make the scale-beam perfectly horizontal before weighing a thing.

**କଡ଼ତା ଧରିବା**—ଦେ. କ୍ରି—ଧଡ଼ା ଧରିବା; ପାସଙ୍ଗ ଧରିବା—
Kardatā dharibā To make the scale-beam per-
পাষাণভাঙ্গা fectly horizontal by putting
पासङ्गधरना bits of stone or earth in the pan which is found to go up, to ensure correct weighment.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇସ୍ସ | ଉଅ | ଲ |
| ୨ | ଈ | ଊ | ରୁ | ଳୁ | ଙ୍ଗ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଈ | ଳ୍ଳ |

**କଡ଼ ନେଉଟାଇବା**—ଗ୍ରା. କ୍ରି – ୧ । କଡ଼ ଲେଉଟାଇବା ( ଦେଖ )
Karḍa neuṭāibā — 1. Karḍa leuṭāibā ( See )
୨ । ଶୋଇବା ଉଦ୍ଦେଶ୍ୟରେ ବିଛଣାରେ ପଡ଼ିବା—
2. Laying down one's body on the bed to sleep.

**କଡ଼ପକା**—ଦେ. ବି—ମସିଣା ଉପରେ କଡ଼ ତଳେ ପକାଇ ଶୋଇବା ପାଇଁ ବ୍ୟବହୃତ ଚାଦର—A bed-sheet.
Karḍapakā

**କଡ଼ ପକାଇବା**—ଦେ. କ୍ରି—ଶୋଇବା; କଡ଼ ମାଡ଼ି ଶୋଇବା—
Karḍa pakāibā — To lie down in order to sleep. ( lit. to lay one's sides on down)
( ଯଥା—କାଲି ରାତିରେ ମୁଁ ଜମାରୁ କଡ଼ ପକାଇ ନାହିଁ; ଅର୍ଥାତ୍ ଶୋଇବା ପାଇଁ ସମୟ ପାଇ ନାହିଁ । )

**କଡ଼ପଟ**—ଦେ. ବି – ଏକ ପାଖ—
Karḍapaṭa — One side.
একপাশ
ଦେ. ବିଣ—କଡ଼ପଟିଆ ( ଦେଖ )
**किनार; बगल** — Karḍapaṭiā ( See )

**କଡ଼ପଟିଆ**—ଦେ. ବିଣ—୧ । ଏକ ପାର୍ଶ୍ୱରେ ସ୍ଥିତ—
Karḍapaṭiā — 1. Situate on one side; lateral.
পাশের
୨ । ଏକ ପାଖେ ପାଖେ ଯାଉଥିବା—
**किनारेका; बगलका** — 2. Proceeding on one side only.

**କଡ଼ପଟେ**—ଦେ. କ୍ରି. ବିଣ—୧ । ଏକ ପାର୍ଶ୍ୱରେ—
Karḍapaṭe — 1. Laterally; on one side.
একপাশে
୨ । ପାର୍ଶ୍ୱ ଦେଇ—
**बगलमे** — 2. Passing by the side of.

**କଡ଼ ପଡ଼ିବା**—ଦେ. ବି – ନିଦ ଲାଗିବା—
Karḍa parḍibā — Falling asleep.

**କଡ଼ପା ପଥର**—ଦେ.ବି—ଦାକ୍ଷିଣାତ୍ୟର 'କଡ଼ପା' ନାମକ ସ୍ଥାନର ନିକଟବର୍ତ୍ତୀ ପାହାଡ଼ରେ ମିଳିବା ଏକ ପ୍ରକାର ଚକଣିଆ ପଟା ପଥର—Flat stone slabs available in Kaḍappā in South India, used as building material.
Karḍapā pathara

**କଡ଼ ପାରିବା**—ଗ୍ରା. କ୍ରି—କଡ଼ ପକାଇବା ( ଦେଖ )
Karḍa pāribā — Karḍa pakāibā ( See )
ଭୋଜନ ସ୍ନାନ ସାରି ପାରିଲେ କଡ଼ିକୁ । ସାରଳା. ମହାଭାରତ. ଦ୍ରୋଣ ।

**କଡ଼ବା**—ଦେ. ବି—କରବା ( ଦେଖ )
Karḍabā — Karabā ( See )

**କଡ଼ବାଗ**—ଦେ. ବି—କଡ଼ପଟ ( ଦେଖ )
Karḍabāga — Karḍapaṭa ( See )

**କଡ଼ବାଗିଆ**—ଦେ. ବିଣ—କଡ଼ପଟିଆ ( ଦେଖ )
Karḍabāgiā — Karḍapaṭiā ( See )

**କଡ଼ବାଗେ**—ଦେ. କ୍ରି. ବିଣ—କଡ଼ପଟେ ( ଦେଖ )
Karḍabāge — Karḍapaṭe ( See )

**କଡ଼ମଡ଼**—ଦେ. ଅ. (ଧ୍ୱନ୍ୟନୁକରଣ; ତୁଳ. ସଂ. କଡ଼ ଧାତୁ = ଭକ୍ଷଣ)—
Karḍamarḍa — ୧ । କ୍ରୋଧରେ ଦାନ୍ତ ରଗଡ଼ିବା, କ୍ରୋଧଜର୍ଜର—
**কিড়মিড়; কড়মড়** — 1. Foaming with rage; gnashing
**किचकिच** — with rage.
୨ । ଦାନ୍ତ ଘୋଷାଇବା ଶବ୍ଦ—2. Sound produced by the grinding of the teeth; gnashing of the teeth.
କଡ଼ମଡ଼ ଶବଦ ଯେ ଶୁଭେ ଦନ୍ତପାନ୍ତି । ସାରଳା. ମହାଭାରତ. ଗଦା ।
୩ । ଟାଣ ବା କଞ୍ଚା ପଦାର୍ଥକୁ ଦାନ୍ତରେ ଚୋବାଇବାର ଅନୁକରଣ ଧ୍ୱନି—3. Sound produced by chewing some hard or raw fruit or crunching.
୪ । ଗଛର ଡାଳକୁ ବଳପୂର୍ବକ ଭାଙ୍ଗି ଛିଣ୍ଡିବା ଶବ୍ଦ—
4. Snapping sound produced by breaking a branch from a tree.

**କଡ଼ମଡ଼ି**—ଦେ. ବି.—କ୍ରୋଧରେ ଦାନ୍ତ ରଗଡ଼ା; ଗର୍ଜନ ତର୍ଜନ—
Karḍamarḍi — Grinding of the teeth as a sign of
কিড়িমিড়ি — anger; extreme anger.
**किचकिचाहट**

**କଡ଼ମଡ଼ିଆ**—ଦେ. ବିଣ.—କଷ୍ଟକର; କ୍ଲିଷ୍ଟ—
Karḍamarḍiā — Difficult; intricate; knotty.

**କଡ଼ମଡ଼ିବା**—ଦେ. କ୍ରି.—(ଦାନ୍ତ)—କଡ଼ମଡ଼ କରିବା; କ୍ରୋଧରେ ଦାନ୍ତ ରଗଡ଼ିବା—To foam with rage; to
Karḍamarḍibā — grind the teeth out of extreme
কড়মড়া — anger.
**किचकिचाना**
ଦନ୍ତ କଡ଼ମଡ଼ି ସିଂହ ପଡ଼େ ଉଭମ୍ଭି,
ବୃଷ ସ୍କନ୍ଧେ, ପଡ଼ି ସେହେଁ ପିଅଇ ଶୋଣିତ । ଜଗନ୍ନାଥ. ବେଣୀସଂହାର

**କଡ଼ମା**—ଦେ. ବି. (ସଂ. କଲମ = ଧାନ୍ୟବିଶେଷ)—୧ । ଧାନ୍ୟବିଶେଷ—
Karḍamā — 1. A kind of paddy.
কড়মা — (ଏହା ଦୂବ ପରି ଲଟାଏ କିନ୍ତୁ ଦୂବ ଅପେକ୍ଷା ମୋଟା ।)
**कड़हन** ୨ । ( ସଂ. କଡ଼ମ୍ବ )—ଧାନ ଫସଲ କାଟି ନେବା ପରେ କିଆରୀରେ ଥିବା ନଡ଼ା ମୂଳରୁ ବର୍ଷା ବା ଜଳ ପ୍ରଭାବରେ ଅସମୟରେ ଗଜୁରିଥିବା ଧାନ ଗଛ ଓ କେଣ୍ଡା—
2. The paddy plants and stalks coming out of the stubbles left in the paddy-field after harvesting is over.
୩ । ଋତିଶ୍ରି ଋତୁ ଅତୀତ ହେବା ପରେ ଲାଉ କଖାରୁ ଆଦି ଲତା ଓ ବାଇଗଣ ପ୍ରଭୃତି ଗଛରେ ଫଳବା ଛୋଟ ଛୋଟ ଫଳ ବା ଗଛରୁ ବାହାରିବା ଉଙ୍କ ବା ଶଣ୍ଢା; ଅକାଳ ଫଳ—3. Pigmy fruits and shoots appearing on worn out annual creepers and plants after the fruit-bearing season is over.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତଦ୍ବିରୁ ଉପସ୍ଥିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ଦଧି ନ ପାଇଲେ 'ଦଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

(ଯଥା—କଡ଼ମା କସି, କଡ଼ମା ଡଙ୍କ, କଡ଼ମା ଷଣ୍ଢ ।)

୪ । ( ପାନବରଜଙ୍କ ଭାଷା ) ଗତ ବର୍ଷର ପୁରୁଣା ପାନଲତାର ମୁଣ୍ଡାରୁ ଯେଉଁ ଷଣ୍ଢ ବାହାରେ—
4. Tender shoots coming out from the stems of last year's betel creepers.

**କଡ଼ ମାଡ଼ିବା**—ଦେ.କି.—୧ । ଅଣେଇ ହୋଇ ଶୋଇବା; ଅଙ୍ଗର
Karda mardiba — ଗୋଟିଏ ପାଖକୁ ଭୂମିରେ ଲଗାଇବା—
পাশমাড়া — 1. To lie on one side.
**বাঙ্গলা মানা**

ଏବେ ଅଛି ସ୍ନେହେ ଭୂଲ ଦେସ ପାତ୍ର
ଶୋଇଲେ ଅହେ ମଣ୍ଡାସଙ୍କ କଡ଼ ମାଡ଼ ।
କୃଷ୍ଣସି ହ. ମହାଭାରତ. ଶାନ୍ତି ।

୨ । କୌଣସି ବ୍ୟକ୍ତିର ପାଖକୁ ଯିବା—2. To come to the side of a person.
(ଯଥା—ଆଜକାଲି ଗୁରୁ ଧନ ଦେଖି ସେ ମୋ କଡ଼ ମାଡ଼ୁ ନାହିଁ ।)

**କଡ଼ ମାଡ଼ି ଶୋଇବା**—ଦେ. କି—ଅଣେଇ ହୋଇ ଶୋଇବା—
Karda mardi soiba — To lie on one side.

**କଡ଼ ମୋଡ଼ିବା**—ଦେ. କି.—ଏକ କଡ଼ ବଦଳାଇ ଅନ୍ୟ କଡ଼ ମାଡ଼ି
Karda mordiba — ଶୋଇବା; ପାର୍ଶ୍ୱ ପରିବର୍ତ୍ତନ କରିବା—
পাশমোড়া, পার্শফিরান — To change sides while lying down on bed.
**বাগলবদ্‌লনা**

**କଡ଼ମ୍ବ**—ସଂ. ବି. ( କଡ଼ ଧାତୁ=ପୃଥକ୍ କରିବା + କର୍ମ. ଅମ୍ବ )—
Kardamba — ୧ । ଶାଗର ଖଡ଼ା; ଶାକାଦିର ଡଙ୍କ ବା ଖାଡ଼—
1. The stalk of a pot-herb.

୨ । ଅଗ୍ରଭାଗ—2. The top.

୩ । ଅଙ୍କୁର ବା ଗଜା—
3. Sprout; young shoot.

୪ । କଳିକା; କଢ଼ି—4. Bud.

୫ । କଦମ୍ବ—5. The Nuclea Kadamba (tree)

୬ । ବାଣ—6. Arrow.

ଦେ. ବି.—ବଂଶରକ୍ଷାର ଏକମାତ୍ର ଅବଲମ୍ବନସ୍ୱରୂପ ବଞ୍ଚିଥିବା ଶିଶୁ—The only surviving scion of a family.

**କଡ଼ମ୍ବା**—ଦେ. ବି. (ସଂ. କଡ଼ମ୍ବ)—୧ । କଡ଼ମା (ଦେଖ)
Kardamba — 1. Kardama (See)

୨ । କରମ୍ବା (ଦେଖ)
2. Karaba (See)

**କଡ଼ମ୍ବୀ**—ସଂ. ବି. (କଡ଼ମ୍ବ+ସ୍ତ୍ରୀ. ଈ)—କଲମ ଶାଗ—
Kardambi — An edible aquatic creeper.

**କଡ଼ରି**—ପ୍ରାଦେ. (ବିସ୍ତର) ବି. (ସଂ. କଣ୍ଟାର)—କଟୁରି—
Kardari — Bill-hook.

**କଡ଼ଲ**—ଦେ. ବି.—ବନ୍ୟ ବୃକ୍ଷବିଶେଷ—
Kardala — A kind of wild tree; Dolechandrone Falcata (Haines)

**କଡ଼ ଲେଉଟାଇବା**—ଦେ. କି—କଡ଼ ମୋଡ଼ିବା (ଦେଖ)
Karda leutaiba — Karda mordiba (See)

**କଡ଼ା**—ଦେ. ବିଣ. (ସଂ. କଟୁ)—୧ । ପ୍ରଚଣ୍ଡ; ଉଗ୍ର; ଚଞ୍ଚଳ; ରୁକ୍ଷ—
Karda — 1. Irritated; surly.
ମିଠା—ବିପରୀତ) (ଯଥା—କଡ଼ା କଥା; କଡ଼ା ମିଜାଜ୍ ।)

কড়া ୨ । ତୀକ୍ଷ୍ଣ—2. Sharp.
**কড়া** ୩ । ନିଷ୍ଠୁର; କଠୋର—
3. Hard hearted; stern; cruel.

୪ । ତୀବ୍ର ଗନ୍ଧବିଶିଷ୍ଟ—4. Of offensive smell.

୫ । କଟୁ ସ୍ୱାଦବିଶିଷ୍ଟ—5. Bitter in taste.
(ଯଥା—କଡ଼ା ଗୁଡ଼ାଖୁ ।)

୬ । ରାଗ—6. Pungent.

୭ । ଟାଆଁସା; ଶକ୍ତ; ଠାଣୁଆ—
7. Hard; strong; tough.

୮ । ଜଳହୀନ—8. Dry.

୯ । କର୍କଶ—9. Rude; rough.

୧୦ । କଠୋର ନିୟମାନୁବର୍ତ୍ତୀ—
10. Strictly observing the rules; disciplinarian; strict.

୧୧ । ଦୁଃସହ; ଅସହ୍ୟ—11. Unbearable.

୧୨ । ଚେମଡ଼ା—12. Tenacious.

ଦେ. ବି. (ସଂ. କପର୍ଦ୍ଦିକା; ପ୍ରା. କବଡ୍ଡିଆ)—
কড়া ୧ । ଏକ ସଂଖ୍ୟା; ଗଣ୍ଡାକର ଏକଚତୁର୍ଥାଂଶ—
**কৌড়ি** 1. One fourth of a Ganda; the number one.

୨ । କପର୍ଦ୍ଦକ; ଏକସଂଖ୍ୟକ କଉଡ଼ି—
2. One piece of shell-money or cowrie.

କଡ଼ା ବାଡ଼ ଚହ୍ନି ଯାଏ ନାହିଁ ଛଡ଼—ରାଧାନାଥ. ଦରବାର ।

[ ଦ୍ର—୧ କଡ଼ା = ୨ ପକ୍ଷ = ୩ କାଳ = ୪ ବେଦ = ୫ ବାଣ = ୬ ଋତୁ = ୭ ସମୁଦ୍ର = ୮ ବସୁ = ୯ ଦନ୍ତ = ୧୦ ଦିଗ = ୧୧ ରୁଦ୍ର = ୧୨ ସୂର୍ଯ୍ୟ = ୧୩ କାକ = ୧୪ ଭୁବନ = ୧୫ ତିଥି = ୧୬ କଳା = ୨୫ ତତ୍ତ୍ୱ = ୩୨ ଦାନ୍ତ = ୪୯ ପବନ = ୮୦ ଛଳ = ୨୪୦ ବିଦାଡ଼ । କଉଡ଼ି ମୁଦ୍ରାରୂପେ ଚଳୁଥିବା ବେଳେ ଏହା ସବୁ ନିମ୍ନ ମୁଦ୍ରା ଥିଲା । କଳି ହିସାବ ଧରିବାବେଳେ ଭାଗ କରିବା ପାଇଁ ଏହାକୁ ଉକ୍ତ ପ୍ରଣାଳୀରେ ବିଭାଗ କରି ହିସାବ ଛଣ୍ଡା ଯାଉଥିଲା । ]

୩ । (ସଂ. ପଟହ) ବାଦ୍ୟବିଶେଷ—3. A kind of drum.

କରେ କଡ଼ା ମର୍ଦ୍ଦଳ ସେ ସମ୍ଭ୍ରମ ଦାରୁଣ—ସାରଳା ମହାଭାରତ. ଦ୍ରୋଣ ।

কড়া ୪ । ( ସଂ. କଟକ ) ବାହାରେ ପିନ୍ଧାଯିବା ଧାତୁର ବଳୟ; ହାତ
**কড়া** କଡ଼ା—4. An armlet of metal.

୫ । ଗୋଡ଼ରେ ପିନ୍ଧାଯିବା ରୂପା ଅଳଙ୍କାର—
5. Silver anklet.

| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଞ୍ଚ | ଇଯ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଡ଼ | ନ୍ |

୬ । ( ଅ. କଡ଼ା )—କୌଣସି ପଦାର୍ଥକୁ ହାତରେ ଧର
କଡা ଉଠାଇବା ନିମନ୍ତେ ଉକ୍ତ ପଦାର୍ଥର ମୁଣ୍ଡରେ ଲାଗିଥିବା
କড়ী ବୃତ୍ତାକାର ମୁଦଅ ବା ହଡ଼ସା—
6. Ring attached to a thing ( e. g. Sauce-pan) for handling it.

୭ । ପଚାଶଟି ପାନର ସମାହାର ବା ବିଡ଼ା—7. A bundle or aggregate of 50 betel leaves.

୮ । ଆଲ୍ଲାହାବାଦ ନିକଟସ୍ଥ ନଗର—
8. A town near Allahabad.

କডা ୯ । (ସଂ. କଟକ) ବଡ଼ ମୁଦ୍ରିକା; ମୁଦଅ—9. A ring.
কড়ী

কডা, কড়াই ୧୦ । ( ସଂ. କଟାହ; ପ୍ରା. କଡ଼ାହ ) କଟାହ; ହଣ୍ଡା;
কড়াহা କରେଇ—10. Cauldron; a big Sauce-pan.

ପ୍ରାଦେ. ( ମେଦନୀପୁର ) ବି—ପୁଂସ୍ତ୍ୱହୀନ ଅଣ୍ଡିରା ମଇଁଷି; ଯେଉଁଆ; ପଣ୍ଡା – Castrated male buffalo.

**କଡ଼ାଇ** – ପ୍ରାଦେ. ବି ( ସଂ. କଟାହ; ପ୍ରା. କଡ଼ାହ; ଭୁଲ; ହି. କଡ଼ାହି;
Kardāi ବ. କଡ଼ାଇ ) – ୧ । ( ସମ୍ବଲପୁର ) ବି – କରେଇ—
1. Frying pan.

୨ । ( ମେଦନୀପୁର )—ମଇଁଷିର ଛୁଆ —
2. Young buffalo.

**କଡ଼ାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି– ଗାଡ଼ିରେ ମାଲ ବୋଝାଇ
Kardaibā କରିବା – To load articles in a cart.

**କଡ଼ାକଡ଼** – ଦେ. ବି (ସଂ. କଠୋର) – ୧ । କଠୋରତା—
Kardākard 1. Strictness, harshness.
কড়াক্ কড় ୨ । ଅତି କଠୋର ନିୟମ —
কড়াকড় 2. Strict rule or regulation.

ଦେ. ବିଣ – ୧ । ଅତ୍ୟୁଗ୍ର—1. Very hard, violent.

୨ । ଅତି କଠୋର—2. Very strict or vigilant; overstrict.

ଦେ. କ୍ରି . ବିଣ—କଠୋର ବା ତୀବ୍ରଭାବରେ —Harshly.

**କଡ଼ାକଥା**—ଦେ. ବି (ସଂ. କଟୁ+କଥା)—କଠୋର ବାକ୍ୟ—
Kardākathā Rude or harsh words.
(ମିଠାକଥା – ବିପରୀତ)
কড়াকথা
কড়ীবাত

**କଡ଼ାକର**—ଦେ. ବିଣ—୧ । ଯାହାର ମୂଲ୍ୟ ଏକ କଡ଼ା ମାତ୍ର—
Kardākara 1. Of the value of one cowrie.
এককড়ার ୨ । ଅତି ଅଳ୍ପ ମୂଲ୍ୟର—2. Of very small value;
কৌড়িকা of hardly any value.

୩ । ଅତି ସାମାନ୍ୟ – 3. Very slight.
( ଯଥା—ତା ଦେହରେ କଡ଼ାକର ବଳ ନାହିଁ । )

୪ । ତୁଚ୍ଛ; ହୀନ; ନଗଣ୍ୟ; ହେୟ—
4. Insignificant; contemptible.

୫ । ନିକୃଷ୍ଟ—5. Inferior.

**କଡ଼ାକର କରିଦେବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ସାଧାରଣଙ୍କ ସମକ୍ଷରେ
Kardākara karidebā ଅତ୍ୟନ୍ତ ତୁଚ୍ଛ ଓ ଲଜ୍ଜିତ କରାଇବା—
To lower a person before the eyes of others; to put a person to shame.

**କଡ଼ାକର କାମ** – ଦେ. ବି—୧ । ଅତି ସାମାନ୍ୟ କାର୍ଯ୍ୟ—
Kardākara kāma 1. Very slight work.
এক কড়া কড়ির কায ୨ । ଅତି ସାମାନ୍ୟ ପ୍ରୟୋଜନ—
কৌড়িকাকাম 2. Slightest use.

**କଡ଼ାକର କରାଇବା** – ଦେ. (ଇତର) କ୍ରି—କଡ଼ାକର କରିଦେବା (ଦେଖ)
Kardākara banāibā Kardākara karidebā ( See )

**କଡ଼ାକିଆ** - ଦେ. ବି ଓ ବିଣ – କଡ଼ିକିଆ ( ଦେଖ )
Kardākia Kardikia ( See )

**କଡ଼ାଗଣ୍ଡା ପଣିକିଆ**—ଦେ. ବି—ଯେଉଁ ପଣିକିଆରେ ସଂଖ୍ୟାଠାରୁ ଆରମ୍ଭ
Kardāgandā panikiā କରି କଡ଼ା, ଗଣ୍ଡା, ବୋଡ଼ି, ପଣ,
কড়ানিয়া ପଦକା ଏବଂ କାହାଣର ହିସାବ ଓ ଧାରା
ଶିଖା କରାଯାଏ—A series of mathematical tables in which the student learns by heart the various calculations of cowrie or shell-money.

**କଡ଼ାଗଣ୍ଡା ବୁଝିଦେବା**—ଦେ. କ୍ରି—୧ । କୌଣସି ଧନର ହିସାବ
Kardāgandā bujhidebā ଗଣ୍ଡାଠାରୁ କଡ଼ାପର୍ଯ୍ୟନ୍ତ ଚଳି ଚଳି
কড়াক্রান্তি বুঝেদেওয়া କରି ବୁଝିଦେବା—1. To render
কৌড়ি কৌড়ি চুকানা accounts of a monetary transaction even to the last cowrie; to render a thorough account.

୨ । ସମସ୍ତ ହିସାବ ଶେଷ କରିବା—2. To square out or finally settle an account.

୩ । ସମସ୍ତ ସମ୍ପର୍କ ତୁଟାଇ ଦେବା—
3. To sever all connections.

**କଡ଼ାଗନ୍ଧ**—ଦେ. ବି. ( ସଂ. କଟୁ ଗନ୍ଧ ) —୧ । ତୀବ୍ର ଗନ୍ଧ—
Kardāgandha 1. Strong smell.
কড়াগন্ধ ୨ । ଅତି ଦୁର୍ଗନ୍ଧ—2. Very offensive odour.
কড়ী বু

**କଡ଼ା ଗୁଡ଼ାଖୁ**—ଦେ. ବି —ଯେଉଁ ଗୁଡ଼ାଖୁର ଧୂମ ଅତି ତୀବ୍ର—
Kardā gurdākhu Smoking tobacco-mixture of
( ମିଠା ଗୁଡ଼ାଖୁ—ବିପରୀତ ) strong flavour.
কড়াতামাক
কড়ুতমাখু

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କଡ଼ା ଗୁଣ୍ଡି**—ଦେ. ବି—ଯେଉଁ ଗୁଣ୍ଡିରେ ଧୂଆଁପତ୍ରର ପରିମାଣ ବେଶି ଥାଏ—
Kardā gundi Tobacco mixture for betel in which (ସାଧା ଗୁଣ୍ଡି—ବିପରୀତ) there is a large admixture of tobacco.

**କଡ଼ାଣ**—ଦେ. ବି—ଇଟା ଓ ଚୂନଦ୍ୱାରା ଖିଲାଣ ପ୍ରସ୍ତୁତ କରିବା—
Kardāna Construction of an arch with brick and lime.

**କଡ଼ା ନିୟମ**—ଦେ. ବି—କଠୋର ନିୟମ—Hard rule.
Kardā niyama
କଡ଼ାନିୟମ
**कड़ानियम**

**କଡ଼ା ପ୍ରସାଦ**—ଦେ. ବି—ଶିଖମାନଙ୍କ ଗ୍ରନ୍ଥ ସାହେବଙ୍କୁ ନୈବେଦ୍ୟ ହୋଇ
Kardā prasāda ଭକ୍ତମାନଙ୍କ ମଧ୍ୟରେ ବଣ୍ଟାଯିବା ମୋହନଭୋଗ
**कड़ापरसाद** ଆଦି ପ୍ରସାଦ—Offering of sweetmeat offered to the Scripture and distributed amongst devotees (amongst the Sikhs)

**କଡ଼ାବିନ**—ବୈଦେ. ବି. ( ତୁର୍କୀ. କରାବିନ୍ )—ସାନ ଚୌଡ଼ା-
Kardābin ମୁହାଁ ମୋଟା ବନ୍ଧୁକ—A kind of wide
କଡ଼ାବିନ mouthed small gun.
**कड़ाबिन** ଅଶ୍ୱାପୃଷ୍ଠ ଏକପାଖରେ ତରବାରି ଖାପ,
ଅର ପାଖରେ କଡ଼ାବିନ୍ ଝୁଲୁଥାଏ । ଫକୀରମୋହନ—ଗଳ୍ପସ୍ୱଳ୍ପ ।

**କଡ଼ା ଭଜା**—ଦେ. ବି—ମାଛ, ପୁଷ୍ପ, ପରିବା ଆଦିକୁ ଘିଅ ବା ତେଲରେ
Kardā bhajā ଶୁଖିଲା ଓ ଟାଣ ହେବା ପର୍ଯ୍ୟନ୍ତ ଭାଜିବା—
କଡ଼ାଭାজা Frying of fish and vegetables they become hard.

**କଡ଼ା ମିଜାଜ୍**—ଦେ. ବି. ( ସଂ. କଟୁ + ଆ. ମିଜାଜ୍ )—ଅଳ୍ପକେ କ୍ରୁଦ୍ଧ-
Kardā mijāj ହେବା ମନ; ରୁକ୍ଷ ପ୍ରକୃତି—Fiery temper.
କଡ଼ାମিজাজ
**कड़ामिजाज**

**କଡ଼ା ମିଜାସ୍**—ଦେ. ବି—କଡ଼ା ମିଜାଜ୍ (ଦେଖ)
Kardā mijās Kardā mijāj (See)

**କଡ଼ା ମିଞ୍ଜାସ୍**—ଦେ. ବି—କଡ଼ା ମିଜାଜ୍ (ଦେଖ)
Kardā miñjās Kardā mijāj (See)

**କଡ଼ାର**—ସଂ. ବି. ( କଡ୍ ଧାତୁ + କର୍ମ. ଆର )—
Kardāra • ପିଙ୍ଗଳବର୍ଣ୍ଣ—
Reddish brown; tawny brown.
କড়ার ବୈଦେ. ବି. (ବଙ୍ଗଳା)—ପୁଟିନ୍; ବାସନ ମରାମତି ନିମନ୍ତେ
**पुटीन** ଲାଖ ଆଦିରେ ପ୍ରସ୍ତୁତ ଏକପ୍ରକାର ପୁଟିଣୀ; କରାଳ—
A compound of lac, resin etc. to repair metallic utensils; a kind of putty.
ସଂ. ବିଣ—ପିଙ୍ଗଳବର୍ଣ୍ଣ ବିଶିଷ୍ଟ—Tawny; reddish brown; yellowish; auburn.

**କଡ଼ା ହାକିମ**—ଦେ. ବି. ( ସଂ. କଟୁ + ଆ. ହାକିମ )—
Kardā hākima ଯେଉଁ ହାକିମ କଠୋର ଭାବରେ ନିୟମ ପାଳନ
କଡ଼ାহাকিম କରିବାକୁ ବାଧ୍ୟ କରନ୍ତି ଓ ନିୟମ ଲଙ୍ଘନକାରୀ
**कड़ाहाकिम** ପ୍ରତି କଠୋର ଦଣ୍ଡ ବିଧାନ କରନ୍ତି—
A very strict authority or superior; a strict disciplinarian.

**କଡ଼ି**—ଦେ. ବି. ( ସଂ. କାଣ୍ଡ )—
Kardi ୧ । କଡ଼ି କାଠ; କୋଠା କାନ୍ଥରେ ବସାଯିବା ଲମ୍ବ କାଠ,
କড়ি ଯାହା ଉପରେ ଛାତ ପଡ଼େ—1. A beam; joist.
**कड़ी** ୨ । ଦହି ଦ୍ୱାରା ପ୍ରସ୍ତୁତ ଖାଦ୍ୟବିଶେଷ—
2. A liquid curry prepared from curd or butter milk by cooking.
୩ । ( ସଂ. କଳି )—ଫୁଲର କଢ଼—
3. Bud of a flower.
୪ । ( ଆ. କଡ଼ା )—କଏଦି ଲୋକର ହାତରେ ପକାଯିବା ବେଡ଼ି; ହାତକଡ଼ି—4. Hand-cuffs put on a prisoner.
୫ । ( ବଣିଆ ଶବ୍ଦ )—କ୍ଷୁଦ୍ର ମୁଦିଆ—
5. A small metal ring.

**କଡ଼ିଆ**—ଦେ. ବି. ( ସଂ. କଳି )—
Kardiā ଗୁଦକୀଲ; ମଳଦ୍ୱାରର ଅନ୍ତଃସ୍ଥ ବଳି—
Internal piles.

**କଡ଼ିଆର**—ଦେ. ବି—କଡ଼ିଆଳ ୧ ( ଦେଖ )
Kardiāra Kardiāla 1 ( See )
କଡ଼ିଆର ନ ଥାଇ ଘୋଡ଼ା ଚଢ଼ି କରି,
ଧୂଆଁ ଧରିବାକୁ କରାଁ ଅଛ ଇଚ୍ଛା କରି । କୃଷ୍ଣସିଂ. ମହାଭାରତ. ବନ ।

**କଡ଼ିଆରି**—ଦେ. ବି. (ବଣିଆ ଶବ୍ଦ)—କଳିଆରି ( ଦେଖ )
Kardiāri Kaliāri ( See )

**କଡ଼ିଆଳ**—ଦେ. ବି. ( ସଂ. ଖଲୀନ )—
Kardiāla ୧ । ଘୋଡ଼ାର ବାଗ ବା ଲଗାମ—
କড়িয়াল, କড়িয়ালি 1. Reins.
ସାଜିଲେ ସର୍ବ ସୈନ୍ୟ, ଜନ ନିବସ ଘଲ ମେଖ ତରିତ, ଗୁରୁକାମା କଡ଼ିଆଳ ।
ବ୍ରଜନାଥ. ସମରତରଙ୍ଗ ।
୨ । କଜେଇ; ଘୋଡ଼ା ମୁହଁରେ ଲାଗିବା ବଳୟଯୁକ୍ତ ଲୌହ ଶଲାକା—2. Horse's bit.
ଦେ. ବିଣ (ସଂ. କପର୍ଦ୍ଦ )—ଧନୀ; ଆଢ଼୍ୟ; କଉଡ଼ିଆ—Rich.

**କଡ଼ିଆଳି**—ଦେ. ବି. ( ସଂ. କଟକ )—
Kardiāli ୧ । ହସ୍ତାଭରଣବିଶେଷ; ହସ୍ତବଳୟ; କଳିଆର;
କড়িয়াল, କড়িয়ালি ପଇଞ୍ଚି—1. A bracelet.
ଯେମାନଙ୍କ ମଣିବନ୍ଧରେ ଥାଲି, ଖଞ୍ଜିଲେ ତଣା ଖଞ୍ଜି କଡ଼ିଆଳ ।
କବିସୂର୍ଯ୍ୟ. ଚନ୍ଦ୍ରକଳା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଉଅ | ଡ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

୨ । (ସଂ. ଖଲୀନ)—ଲଗାମ—2. Reins.

ଅଶ୍ୱଙ୍କର କଡ଼ିଆଳ ଚହିଁ ମୋଡ଼ି କରି
କେଉଁ ଯୋଦ୍ଧା ପୁଣ ଚହିଁ ମଡ଼ାକୁ ଅବୋରି ।

ସାରଳାଂ ମହାଭାରତ- ସ୍ୱର୍ଗ ।

୩ । କଜେଇ—3. Horse's bit.

**କଡ଼ିକଡ଼ି**—ଦେ. ଅ. ( ଧ୍ୱନ୍ୟନୁକରଣ )—
Kar̤dikar̤di ନେଉଳକୁ ଡାକିବା ଶବ୍ଦ—
A sound uttered while calling a domesticated ichneumon.

**କଡ଼ିକିଆ**—ଦେ. ବିଣ. (ସଂ. କଣାକ)—୧ । ଯହିଁର ପ୍ରତ୍ୟେକର ମୂଲ୍ୟ
Kar̤dikiā ଏକ କଡ଼ା ମାତ୍ର—1. Of which the price is one cowrie each.
কডাকিয়া
काडिका ୨ । ଅତି ସ୍ୱଳ୍ପ ମୂଲ୍ୟର—2. Of very little value; valueless.
୩ । ତୁଚ୍ଛ; ହୀନ—3. Insignificant.
୪ । ଯେଉଁ କାର୍ଯ୍ୟରେ ବୋଝେ ମାଟିକୁ କଡ଼ାଏ ହିସାବରେ ମଜୁରି ଦିଆଯାଏ—
4. (work) In which the labourer is given as wages one cowrie for each basket of earth or article carried from one place to another.
ପ୍ରାଦେ. (ପୁରୀ ଓ ସମ୍ବଲପୁର) ବି.—ମଟକା (ଫଳ) (ଦେଖ)
Maṭakā (fruit) (See)

**କଡ଼ିକିଆ ମୁଆଁ**—ଦେ.ବି.—ସାନସାନ ମୁଆଁ—(ବୋଧ ହୁଏ ପୂର୍ବେ ଏହାର
Kar̤dikiā muā̃ ପ୍ରତ୍ୟେକର ମୂଲ୍ୟ ଏକ କଡ଼ା କଉଡ଼ି ଥିଲା)—
Small balls of fried paddy sweetened with molasses.

**କଡ଼ି ମଧ୍ୟମ**—ଦେ. ବି. ( ସଂ. କଟୁ+ମଧ୍ୟମ )—ସଙ୍ଗୀତର ତୀବ୍ର ସ୍ୱର-
Kar̤di madhyama ବିଶେଷ—Name of a harsh musical tone.

**କଡ଼ୁଆ**—ଦେ. ବିଣ.—(ସଂ. କଟୁକ)—
Kar̤duā ୧ । ବିଶେଷ ତିକ୍ତ; ଅତି କଟୁ ରସଯୁକ୍ତ—
কডা 1. Very bitter or pungent; rancid;
तीता; कड़ुआ disagreeable to taste.
୨ । କଡ଼ା; ଅତି କ୍ରୋଧଯୁକ୍ତ—2. Very angry.
୩ । ଦୁଃସହ—3. Unbearable.

**କଡ଼ୁଆଲ୍**—ପ୍ରାଦେ. (ସମ୍ବଲପୁର) ବି—୧ । କର୍ଣ୍ଣଧାର—
Kar̤duāl 1. Helmsman.
୨ । କେରୁଆଲ (ଦେଖ)— 2. Keruāla (See)
୩ । ଆଡ଼କାଟି (୨) (ଦେଖ)
3. Ār̤dakāṭi (2) (See)

**କଡ଼େ**—ପ୍ରାଦେ. (ଗଞ୍ଜାମ) କ୍ରି. ବିଣ—କଡ଼ବାଗରେ (ଡାହାଣ ବା ବାଆଁ)
Kar̤de କଡ଼ ମାଡ଼ି—With the right or left side touching the ground.

ପିଲାଟି କଡ଼ରେ ଥରଥର ହୋଇ ସେ ଗଛରୁ ଦୃଢ଼ ପଥର ଉପରେ ମୁଣ୍ଡକଡ଼େ ପଡ଼ି ମରି ଯାଇଅଛି ।

ଦୈନିକ ଆଶା—୨୨ । ୮ । ୨୯ ।

**କଡ଼େଇ**—ଦେ.ବି.(ସଂ. କାଟହ)—କରେଇ; ହଡାଲଗା ଧାତୁମୟ ଭେଲଭଣ୍ଡି—
Kar̤dei Frying pan.
কডাই ଦେ. କ୍ରି. ବିଣ—କଡ଼ବାଗରେ; କଡ଼ବାଗିଆ—
कड़ाहि Sideways; sidewise.
ପ୍ରାଦେ. (ସିଂହଭୂମ) ବି—ଜନ୍ମକରି ନ ଥିବା ମଇଁଷି—
A she-buffalo which has not yet calved.

**କଡ଼େଇ କଡ଼େଇ ଚାହିଁବା**—ଦେ. କ୍ରି.—ଆଡ଼ଚାହାଣି କରିବା; କଡ଼-
Kar̤dei kar̤dei chāhĩbā ବାଗରେ ଚାହିଁବା—
আড়ে তাকান To cast side-glances; to ogle.
कनखियोंसे देखना

**କଡ଼େଇବା**—ଦେ. କ୍ରି.—୧ । (ଅକର୍ମକ)—ଏକପାଖକୁ ଘୁଞ୍ଚିବା;
Kar̤deibā ପାଖେଇବା—1. To move to one side.
୨ । (ସକର୍ମକ)—ଏକ ପାଖକୁ ଘୁଞ୍ଚାଇବା—
2. To make one move to one side.
( ଯଥା—ଘୋଡ଼ାକୁ ବା ଗାଡ଼ିକୁ କଡ଼େଇ କରି ନିଅ । )

**କଡ଼େ ଶୋଇବା**—ଦେ. କ୍ରି—ଗୋଟିଏ କଡ଼ମାଡ଼ି ଶୋଇବାକୁ ଯେତିକି
Kar̤de śoibā ସମୟ ଲାଗେ ସେତିକି ସମୟ ନିଶ୍ଚିନ୍ତ ହୋଇ ଶୋଇବା—To sleep undisturbed for some length of time.

**କଢ଼**—ଦେ. ବି—୧ । କଢ଼ି ( ୧ ) ( ଦେଖ )
Kar̤ha 1. Kar̤hi ( 1 ) ( See )
কলি ୨ । ( ଖଜୁରି; ନଡ଼ିଆ ଆଦି ) ଗଛର ଅଗ୍ରଭାଗର କୋମଳ
कली ଅଂଶ, ଯହିଁରୁ ଶାଖାପ୍ରଶାଖା ବାହାରି ଥାଏ—
2. The tender tops of date-palm and cocoanut trees from which branches shoot forth.
୩ । କଢ଼ା ( ୨ ଏବଂ ୩ ) ( ଦେଖ )
3. Kar̤hā ( 2 & 3 ) ( See )
ଦେ. ବିଣ—ଅସ୍ପଷ୍ଟ; ଅପ୍ରକାଶ—Indistinct.

**କଢ଼ଇ**—ପ୍ରାଦେ. ( ବସ୍ତର ) ବି. ( ତୁଲ. ହି. କାଡ଼ାହି; କଢ଼ାଇ )—
Kar̤hai କରେଇ—Frying pan.

**କଢ଼ା**—ଦେ. ବି. (ସଂ. କଟାହ; ଏହାର ଆକୃତି କଟାହ ପରି ଥିବାରୁ)—
Kar̤hā ୧ । ବାଦ୍ୟବିଶେଷ—
1. A kind of drum.

କଢ଼ା ମୃଦଙ୍ଗ ଘୋର ସ୍ୱର—କଳାବତୀ ମହୋଦୟ ।

୨ । ( ସଂ. କଳ )—ଅଙ୍କୁର; ଗଜା—
2. Young shoots or sprouts of plants.
୩ । ଗଛର ଗଣ୍ଡି ବା ଡାଳରୁ ବାହାରିବା ଗୁଆଁ—
किल्ला 3. New shoots coming out from the trunk or branch of a tree.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଂା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । (ସଂ.କର୍ଷଣ) କାଢ଼ିବା ବା ବାହାର କରିବା ପ୍ରକ୍ରିୟା—
4. Act of bringing out.

୫ । ବାଉଁଶ ବା ଗବପତ୍ରରେ ଲାଗିଥିବା ଏକ ପ୍ରକାର ସମ୍ବାଳୁଆ ପୋକ ( ଉକ୍ତ ପତ୍ରକୁ ଗୋରୁ ଖାଇଲାବେଳେ ଯେବେ ଅକସ୍ମାତ୍ ଉକ୍ତ ପତ୍ରରେ ଥିବା କଢ଼ାକୁ ପତ୍ର ସଙ୍ଗେ ଖାଇପକାଏ ତେବେ ଗୋରୁ ପେଟ ଫୁଲାଇ ମରଯାଏ—
4. A kind of poisonous caterpillar found in bamboo and castor-seed leaves.

ଦେ.ବିଣ (ସଂ.କୃଷ୍ଟ)–ବାହାର କରାହୋଇଥିବା–Brought out.

ଗ୍ରା. ବିଣ. ସ୍ତ୍ରୀ. ( ଗାଳ )—କହ୍ଲା ( ଦେଖ )
Kahla ( See )

**କଢ଼ାଇ ଆଣିବା**—ଦେ. କ୍ରି—ବାଟ ଦେଖାଇ ଚଳାଇବା—
**Kardhai ānibā** To lead the way; to guide.
पथ देखान
**अगुवा इकरनो**

**କଢ଼ାଇନେବା**—ଦେ. କ୍ରି—ବାଟ କଢ଼ାଇବା; ବାଟ ଦେଖାଇ ଚଳାଇବା—
**Kardhāinebā** To lead on.

ବରଷେ ଯୁଝି କଢ଼ାଇ ନେଇ ରଖାଇଲେ—
ଭଞ୍ଜ—ବୈଦେହୀଶବିଳାସ ।

**କଢ଼ାଇବା**—ଦେ. କ୍ରି. (ସଂ. କର୍ଷଣ; ପ୍ରା. କଡ଼ଢଣ) ('କାଢ଼ିବା' କ୍ରିୟାର ଣିଜନ୍ତରୂପ )—
**Kardhāibā**

୧ । ସର୍ବସମକ୍ଷରେ ଦେଖାଇବା—1. To show; to exhibit.
काड़ान
कढ़ाना

କଢ଼ାଇଲ ମୋହର ଅମହତ୍ତ୍ୱ ବାସ—
କୃଷ୍ଣସିଂହ, ମହାଭାରତ. ବନ ।

୨ । ଅନ୍ୟଦ୍ୱାରା ବାହାର କରାଇବା—
2. To cause to be brought out.

ଲୋକଙ୍କ ହାତେ ତାହା କଢ଼ାଇ ପକାଇଲେ—
କୃଷ୍ଣସିଂହ, ମହାଭାରତ. ଅଦି ।

୩ । ବାଟ କଢ଼ାଇବା; ଆଗେ ଆଗେ ଚାଲି ପଛରେ ଥିବା ବ୍ୟକ୍ତିକୁ ବାଟ ଦେଖାଇବା—
3. To guide; to lead the way.

ଗୁରୁ ନଜ୍ୟଧର୍ମ ବଢ଼ାଇଲେ, ମୂଳ ଅଗେ ପଥ କଢ଼ାଇଲେ ।
ବଇନାଥ—ବଡଜଗମାୟଣ ।

୪ । ( ଦୁଃଖ; କଷ୍ଟ ) ଦୂର କରାଇବା—
4. To remove ( sorrow, pain etc ).

ପଚ୍ଛେ ପଣ୍ଡବଙ୍କର କହିବାର କଥା,
କହ କଢ଼ାଇବୁ ତାହାଙ୍କ ହୃଦ ବ୍ୟଥା । କୃଷ୍ଣସିଂହ. ମହାଭାରତ. ବନ

**କଢ଼ାକଢ଼ି**—ଦେ. ବି.—ନାନା ପ୍ରକାର ବସ୍ତୁକୁ ଭିତରୁ କାଢ଼ିବା ବା ବାହାର କରିବା କର୍ମ—
**Kardhākardhi** Act of bringing out things.
काड़ाकाड़ि

ଦେ. ବିଣ.—ପରସ୍ପର ଛଡ଼ାଇବା; ଛଡ଼ାଛଡ଼ି; ପରସ୍ପର ଦେହରୁ କାଢ଼ୁଥିବା—Mutually bringing out or extracting things from each other's body; reciprocal snatching.

ଦେହରୁ କାଣମାନ କଢ଼ାକଢ଼ି ହେଲେ । କୃଷ୍ଣସିଂହ. ମହାଭାରତ. ସ୍ତ୍ରୀ ।

**କଢ଼ାଣ**—ଦେ. ବି. (ସଂ. କର୍ଷଣ; ପ୍ରା. କଡ଼ଢଣ)—୧ । କାଢ଼ିବା କର୍ମ; ବାହାର କରିବା—1. Bringing out.
**Kardhāna**

୨ । ପ୍ରଥମ ଥର କର୍ଷଣ—2. Ploughing of a plot of land for the first time.

୩ । କଡ଼ାଣ (ଦେଖ)
3. Kardāna (See)

**କଢ଼ାଣ ମୁଣ୍ଡା**—ଦେ. ବି.—ଏକ ପ୍ରକାର ସରୁ ଲଙ୍ଗଳମୁଣ୍ଡା—
**Kardhāna mundā** A slender bladed plough for ploughing a maiden field.
[ ଦ୍ର—ଏଥିରେ ପଡ଼ିଆ ଭୂମି ପ୍ରଥମ ଓଡ଼ ଚାଷ କରା ଯାଏ । ]

**କଢ଼ାଣିଆ**—ଦେ.ବି.— ଯେ ବାଟ କଢ଼ାଇ ନଏ—A guide; conductor.
**Kardhāniā**
**अगुआ**

ପଛରେ ନଗଧରା, ଆଗମଙ୍ଗରେ ବାଟକଢ଼ାଣିଆ ଛଡ଼ା ।
ଫକୀରମୋହନ. ଚଳ୍ପୁସ୍ଥି ।

**କଢ଼ି**—ଦେ. ବି.—୧ । (ସଂ. କଳ; କଳିକା)—
**Kardhi** କଢ଼; ମୁକୁଳ—1. Bud.

ନାଗେଶ୍ୱର କଢ଼ି କାମ ହାବୋଡ଼ ବାଳେ—ଶିଶୁଶଙ୍କର. ଉଷା ଅଭିଳାଷ ।

୨ । କଢ଼ି (୨) (ଦେଖ)
2. Kardi (2) (See)

୩ । ଛୋଟ ମେଣ୍ଢୀ; ଛୁଆ ଜନ୍ମ କରି ନଥିବା ମାଈ ମେଣ୍ଢା—
3. A young ewe which has not yet given birth to young ones.

**କଢ଼ିଆ**—ପ୍ରାଦେ. (ଗଞ୍ଜାମ) ବି.—ଗୁଦ (ଦେଖ)
**Kardhiā** Guda (See)

**କଢ଼ିଆଲ**—ଦେ. ବି.—(ସଂ.ଖଲୀନ) ୧ । କଜେଇ; କଢ଼ିଆଲ—
**Kardhiāla** 1. Horse's bit.

୨ । ଲଗାମ—2. Reins.

ଘୋଡ଼ାକୁ କଢ଼ିଆଳ ହାତୀକୁ ଅଙ୍କୁଶ
ଲୋକଙ୍କୁ ରାଜଧର୍ମ କରେ ଜାଣ ବଶ । କୃଷ୍ଣସିଂହ ମହାଭାରତ. ଶାନ୍ତି ।

**କଢ଼ିଣା**—ଦେ. ବି.—ପାଣିରେ ବଢ଼ିବା ଏକ ପ୍ରକାର ସୋଲ—
**Kardhinā** A species of cork growing in water.

**କଢ଼ି ଲୋଥ**—ଦେ. ବି.—ଚାରିପାଖରେ କ୍ଷୁଦ୍ର କ୍ଷୁଦ୍ର ସୁବର୍ଣ୍ଣ କଢ଼ ଖଞ୍ଜା ହୋଇ ଥିବା ନୋଥ; ଦକ୍ଷିଣୀ ଲୋଥ—
**Kardhi lotha** A circular ring for the nose with tiny golden buds set on its circumference.

**କଢ଼ୁଆଲ୍**—ପ୍ରାଦେ. (ସମ୍ବଲପୁର) ବି.—କଡ଼ୁଆଲ୍ (ଦେଖ)
**Kardhuāl** Karduāl (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉ୍ଥ | ଘ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ଢ଼ୁ |

**କଢ଼ୁଆଳ**—ଦେ. ବି.—୧ । ଯେ ବାଟ କଢ଼ାଏ; ପଥ ପ୍ରଦର୍ଶକ—
Kardhuāla 1. Guide; conductor.

କାହିଁ କଢ଼ୁଆଳ ଦେଖାଇବ ସଖା । ରାଧାନାଥ, ଦରବାର ।

୨ । ଆଡ଼କାଟି (ଦେଖ)
2. Ārdakāṭi (See)

**କଣ୍ହା**—ପ୍ରାଦେ. (ସମ୍ବଲପୁର) ବି—କଣା; ଛିଦ୍ର—
Kaṇhā A hole.

ପ୍ରାଦେ. (ସମ୍ବଲପୁର) ବିଣ. ପୁଂ.— କଣା; ଏକ ଚକ୍ଷୁବିଶିଷ୍ଟ—
One eyed (person).

**କଣ** (ଧାତୁ)— ସଂ.—୧ । ସଂକ୍ଷେପ କରିବା—
Kaṇa (root) 1. To simplify.

୨ । ମୁଦ୍ରିତ କରିବା—2. To shut up.
୩ । ଗମନ କରିବା—3. To go.
୪ । ଶବ୍ଦ କରିବା—4. To make a sound.

**କଣ**—ସଂ. ବି. (କଣ ଧାତୁ=ସଂକ୍ଷେପ କରିବା+କର୍ମେ ଅ.)—୧ । ବସ୍ତୁର
Kaṇa ଅତ୍ୟଳ୍ପ ଅଂଶ; ଲବ; ବିନ୍ଦୁ—1. A particle.

ନଣା ଭ୍ରମଣ କର—କଢ଼କା କଣ ଚୋର, ହୋଇଯିବ କଳ୍ପାନ୍ତ କାଳ ଶବ—
କବିସୂର୍ଯ୍ୟ. କଶୋପକଣ୍ଠ ନ ଗୀତ ।

୨ । ରେଣୁ; ଗୁଣ୍ଡ—2. A grain of dust; pollen.
୩ । ଶସ୍ୟର କ୍ଷୁଦ୍ରାଂଶ ବା କଣୀ; ଖୁଦ—
3. Small particles of grain.
୪ । (ଅଗ୍ନି) ଝୁଲଙ୍ଗା—4. Spark (of fire).
୫ । (ଜଳ) ବିନ୍ଦୁ; ଟୋପା—5. Drop (of water).
୬ । ଅରଣ୍ୟଜୀରକ; ବଣଜୀରା—6. Wild cumin-seed; purple fleabane.
୭ । କ୍ଷୁଦ୍ରୀର ମକ୍ଷିକା—7. A kind of fly.
୮ । ଭଗାଂଶ—8. Fraction.

ପଦ ନଖ କୋଣ କଣକୁ, ରସବଶ ମଣି ପଣକୁ,
ସାଧ ରଣେଢର ଗୁଣକୁ ବରନ ପାରିବେ ନାହିଁ ଭଣକା ।
କବିସୂର୍ଯ୍ୟ. ସଙ୍ଗୀତ ।

୯ । ଅଣୁ—9. Atom.
୧୦ । ପିପ୍ପଳୀ—10. Long pepper. (M. W.)
୧୧ । ମାର୍ଜିତ ରତ୍ନର ଗୋଟିଏ ପାଖ—11. The facet or spark of a gem. (M. W.)

ଗ୍ରା. ବି.—୧ । (ସଂ. କୋଣ)—ଘରର କୋଣ—
1. Corner of a house.

୨ । କୋଣ—2. Corner.

ପଶ୍ଚିମ ଦିଗରେ ନଇଋତ କଣ କହି । ପ୍ରାଚୀ. ଶାସ୍ତ୍ରରକ୍ଷିଗୀତା ।

୩ । ଅନ୍ତଃପୁର—3. Harem.

ଦେ. ସର୍ବନାମ ଓ ଅବ୍ୟୟ—(ସଂ. କିମ୍)— କି; କସ; କଅଣ—
What.

**କଣକଣି**—ଦେ. ବି.— ବେଦନା (ଗୋପୀନାଥ ନନ୍ଦ) —Pain; aching.
Kaṇakaṇi

कन कने ଦେ. ବିଣ.—୧ । ଅତି ଶୀତଳ—( ଗୋପୀନାଥ ନନ୍ଦ )
1. Chilly; bitingly cold.

কোণাকোণি ୨ । କୋଣସ୍ଥିତ (ଗୋପୀନାଥ ନନ୍ଦ)—
काणाकोणी 2. Situate in a corner; belonging to a corner.

**କଣକଣିଆ**— ଦେ. ବିଣ.—କଣକଣି (ଦେଖ)
Kaṇakaṇiā Kaṇakaṇi (See)

**କଣକାଣ୍ଡ**—ଦେ. ବି. ( ସଂ. କୋଣ+କାଣ୍ଡ )— ମନ୍ଦୁଡ଼ମରି ଘର ବା
Kaṇakāṇḍa ମଣ୍ଡପର ଶେଣିବ ମୁଣ୍ଡରୁ କଣବାଗରେ ବରିବର
কোণাচি ଖୁଲର ଶେଷ କୋଣ ପର୍ଯ୍ୟନ୍ତ ଲମ୍ବିଥିବା ଶେଣି—
The corner-plate in a four-faced thatched house.

**କଣଜୀର**—ସଂ. ବି.—( କଣ=କ୍ଷୁଦ୍ର+ଜୀର )
Kaṇajira

ଧଳାଜୀରା—White cumin seed.

**କଣଜୀରା**– ଦେ. ବି—କଣଜୀର (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Kaṇajirā Kaṇajira (See)

**କଣନଖା**—ଦେ ବି. (ସଂ.କୁନଖ)— ନଖ କୋଣରେ ହେଉଥିବା ଘାଆ ରୋଗ—
Kaṇanakhā A sore in the corner of a finger; whitlow; bunion.

নোকখুনী; নখ কুনী; নখকোণী
কুনখ

**କଣପ**—ସଂ. ବି. ( କଣ=ଲୁହା ଗୁଣ୍ଡ+ପା ଧାତୁ=ପାନ କରିବା+
Kaṇapa କର୍ତ୍ତୃ. ଅ )—
ବନ୍ଧୁକ; ନଳୀ—A gun; a firearm.

**କଣପଶା**—ଗ୍ରା. ବିଣ. ପୁଂ ( ଯେ ସର୍ବଦା ଗୃହ କୋଣରେ ପଶି ଥାଏ)—
Kaṇapaśā ଲାଜକୁଳା—Shy; loving to stay in the house.

**କଣବାଗିଆ**— ଦେ. ବିଣ—୧ । ଏକ ଦୂରସ୍ଥ କୋଣରେ ଅବସ୍ଥିତ—
Kaṇabāgiā 1. Situate in a distant corner.

୨ । ଏକ କୋଣ ଆଡ଼କୁ ଗତି କରୁଥିବା—
2. Moving towards a corner.
୩ । ଯୁକ୍ତିଯୁକ୍ତତାକୁ ଅପେକ୍ଷା ନ କରି ମନ ପାଇବା ଭଳି ବୁଝିବା ଲୋକ );ଅବୁଝା—3. Eccentric.
୪ । କର୍ଣ୍ଣ ମାର୍ଗରେ ଅବସ୍ଥିତ—4. Diagonal.

**କଣବାଗେ**—ଦେ. କ୍ରି. ବିଣ—୧ । କୋଣ ଦିଗକୁ; କୋଣ ଆଡ଼କୁ—
Kaṇabāge 1. Towards a corner.

কোণাকোণী ୨ । ଏକ କୋଣରୁ ଅନ୍ୟ କୋଣକୁ; କର୍ଣ୍ଣ ମାର୍ଗରେ—
कोणाकोणी 2. Cornerwise; diagonally.

ସାଧାରଣଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କଣବାଡ଼ିଆ**—ଦେ. ବଣ—କଣବାଗିଆ ( ଦେଖ )
Kaṇabārḍiā Kaṇabāgiā ( See )

**କଣବାଡ଼େ**—ଦେ. କ୍ରି. ବଣ—କଣବାଗେ ( ଦେଖ )
Kaṇabārḍe Kaṇabāge ( See )

**କଣବାରିଆ**—ଗ୍ରା. ବଣ—କଣବାଗିଆ ( ଦେଖ )
Kaṇabāriā Kaṇabāgiā ( See )

**କଣଭ**—ସଂ. ବି. ( କଣ=ଅଗ୍ନିକଣା+ଭା. ଧାତୁ=ଦୀପ୍ତି ପାଇବା + କର୍ତ୍ତୃ. ଅ )—
Kaṇabha
୧ । ଜ୍ୟୋତିର୍ମୟ କୀଟବିଶେଷ—
1. A phosphorescent insect.
୨ । ଅଣସୋରିଷ—2. A mustard-like grain.

**କଣଭୁଆ**—ଦେ.ବି.ପୁଂ (ଗାଳି)—ଯେଉଁ ବ୍ୟକ୍ତି ସବୁବେଳେ ଘରକଣରେ
Kaṇabhuā ପଶି ରହେ, ବେଶି ବାଣ୍ଡକୁ ବାହାରେ ନାହିଁ; କଣପଶା ଲୋକ—A person always confined to his house.

**କଣଭୁକ୍**—ସଂ. ବି. ( କଣ=ଅଳ୍ପାଂଶ+ଭୁଜ୍ ଧାତୁ=ଖାଇବା+କର୍ତ୍ତୃ. କ୍ୱିପ୍ )—
Kaṇabhuk
୧ । ବୈଶେଷିକ ଦର୍ଶନର ରଚୟିତା କଣାଦ ନାମକ ଋଷି—
1. Sage Kaṇāda; the founder of the Baiśeshika system of philosophy.
୨ । ବଣିଆ; ସୁନାରି ( ଦ୍ର. ଶବ୍ଦସାଗର ) —
2. Goldsmith.

**କଣମଛ**—ଦେ. ବି—ବର୍ଷା ଋତୁରେ ଜମା ହୋଇଥିବା ପାଣି ବିଲରୁ ଶୁଖି
Kaṇamachhā ଆସିଲେ କାର୍ତ୍ତିକ ମାର୍ଗଶିର ମାସରେ ଯେଉଁ କ୍ଷେତ ମାଛମାନେ ମରନ୍ତି—Fry which die in the shallow fields after the rainy season is over as a result of the fierce rays of the sun when the waters in the fields dry up.

**କଣମାଛି**—ଦେ.ବି—ଥଟ୍ଟାରିଙ୍କ ଚୁଲା ଉପରେ କରାଯାଇଥିବା ମାଟିର ଆଚ୍ଛ—
Kaṇamāchhi An earthen roof over the oven of bell-metal workers.

[ ଦ୍ର—ଏହାଯୋଗୁଁ ଶାଳରୁ କଆଁକଣା ଉଡ଼ି ଘରର ଗୁଳକୁ ଧରି ପାରେ ନାହିଁ । ]

**କଣଲାଭ**—ସଂ. ବଣ. ( ବହୁବ୍ରୀହି; କଣ=ଶସ୍ୟ କଣା+ଲଭ ଧାତୁ= ପାଇବା+କର୍ତ୍ତୃ. ଅ )—
Kaṇalābha
ଘୋରଣା; ଚକ—Mill; grinding stone.

**କଣଶଃ**—ଦେ. ବି. ( କଣ+ବାପ୍ସାର୍ଥେ. ଶସ୍ )—
Kaṇaśaḥ ଅଳ୍ପ ଅଳ୍ପ କରି—By drops; drop by drop; particle by particle; in minute quantities.

**କଣା**—ସଂ. ବି. ( କଣ+ସ୍ତ୍ରୀ. ଆ )—କଣ ( ଦେଖ )
Kaṇā Kaṇa ( See )
(କାଣୀ—ସ୍ତ୍ରୀ) ଦେ. ବି—୧ । (ସଂ.ସଂକାର୍ଣ୍ଣ )—ରନ୍ଧ୍ର; ଛିଦ୍ର; ଜଲା—
ଛାଁଦା 1. Hole.
ଛେଦ ୨ । ପୁଂ ( ସଂ. କାଣ )—ଏକଚକ୍ଷୁହୀନ ବ୍ୟକ୍ତି—
କାନା 2. One-eyed man.
**କାନା** ଏକଅର୍ଥିଆ କଣା ତାର ନାହିଁ ବୁଝାମଣା । ଦଗ ।
କାନା ଦେ. ବଣ—୧ । ରନ୍ଧ୍ରଯୁକ୍ତ ( ପାତ୍ର )—
**କାନା** 1. (pot) Having a hole.
( ଯଥା—କଣା ହାଣ୍ଡି; କଣା ମାଠିଆ )
୨ । ଗୋଟିଏ ଚକ୍ଷୁ ନ ଥିବା; ଏକଚକ୍ଷୁହୀନ ( ପୁରୁଷ )—
2. One-eyed ( men ).

**କଣାକାଣୀ**—ପ୍ରାଦେ. ( ସମ୍ବଲପୁର ) ବି—ଚକୁଆ ଚକୋଇ; ଚକ୍ରବାକ-
Kaṇākāṇi ମିଥୁନ—A pair of Ruddy Geese.

**କଣାଘାଗର**—ପ୍ରାଦେ. (ମେଦିନୀପୁର) ବି—ମୁଣ୍ଡାଗାଗର; ଗାଗର ମାଛ—
Kaṇāghāgara A species of fish.

**କଣାଘାଘର**—ପ୍ରାଦେ. (ମେଦିନୀପୁର) ବି—କଣାଘାଗର ( ଦେଖ ) •
Kaṇāghāghara Kaṇāghāgara (See)

**କଣାଟୀନ**—ସଂ.ବି.(କଣ+ଅଟ ଧାତୁ=ଗମନ କରିବା+କର୍ତ୍ତୃ. ଈନ)—
Kaṇāṭina ଖଞ୍ଜନ ପକ୍ଷୀ; କଜଳପାତି ଚଢ଼େଇ—
The black Drongo (bird).

**କଣାଟୀର**—ସଂ. ବି. ( କଣ+ଅଟ ଧାତୁ+କର୍ତ୍ତୃ. ଈର )—
Kaṇāṭira କଣାଟୀନ ( ଦେଖ )
Kaṇāṭina ( See )

**କଣାଦ**—ସଂ. ବି. (କଣ=ଅଳ୍ପ+ଅଦ ଧାତୁ=ଖାଇବା+କର୍ତ୍ତୃ. ଅ)—
Kaṇāda ୧ । ବୈଶେଷିକ ଦର୍ଶନ ପ୍ରଣେତା ଋଷିବିଶେଷ—
1. A sage; founder of the Baiśeshika system of Hindu philosophy.
୨ । କାଶ୍ୟପ ଋଷି—2. Sage Kāśyapa.
୩ । ସ୍ୱର୍ଣ୍ଣକାର; ବଣିଆ—3. Goldsmith.
[ ଦ୍ର—ସ୍ୱର୍ଣ୍ଣକାର ବା ସୁନାରି ବଣିଆ ସୁନା ପ୍ରଭୃତି ମୂଲ୍ୟବାନ ଧାତୁର କଣା ବା କ୍ଷୁଦ୍ର ଖଣ୍ଡ ସବୁ କୌଶଳରେ ଆତ୍ମ ଆଗରୁ ଗ୍ରହଣ କରିବା ତରପ୍ରସିଦ୍ଧ; ସେଥିପାଇଁ ତାର ନାମ କଣାଦ । ]
୪ । ଚଟକପକ୍ଷୀ—4. Sparrow.
[ ଦ୍ର—ଏମାନେ ଶସ୍ୟକଣ ଖାଆନ୍ତି ବୋଲି ଏମାନଙ୍କର ଏପରି ନାମ ହୋଇଅଛି । ]
ସଂ. ବଣ. ପୁଂ—ସ୍ୱଳ୍ପଭୋଜୀ; ଅଳ୍ପାହାରୀ; ଚଢ଼େଇ ଆହାରୀ—
Abstemious; subsisting on a little food.

**କଣାବଉଦ**—ପ୍ରାଦେ. ( ସମ୍ବଲପୁର ) ବି—୧ । ମଧୁର ପାଣିରେ ରହିବା
Kaṇābauda ଏକ ପ୍ରକାର ମାଛ—1. A kind of fish living in sweet water.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
| ୨ | ଈ | ଊ | ଋ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ତ୍ର |

୨ । ଚକ୍ରବାକ ପକ୍ଷୀ—2. Ruddy Goose.

**କଣାବୋଦ୍**—ପ୍ରାଦେ. ( ସମ୍ବଲପୁର ) ବି – କଣାବଉଦ ( ଦେଖ )
Kanābod Kanābauda ( See )

**କଣାବୋଧ୍**—ପ୍ରାଦେ. ( ସମ୍ବଲପୁର ) ବି—କଣାବଉଦ ( ଦେଖ )
Kanābodh Kanābauda ( See )

**କଣାରଖ**—ଗ୍ରା. ବି. ( ସଂ. କୋଣାର୍କ )—କୋଣାର୍କ ( ଦେଖ )
Kanārakha Konārka ( See )
ଜଗନ୍ନାଥ ବଡ଼ଦେଉଳ କଣାରଖ ଭାରତ । ମଧୁସୂଦନ—ଉତ୍କଳଗାଥା ।

**କଣାସାପ**—ପ୍ରାଦେ. ( ଖଡ଼ଆଳ ) ବି—ଦୋମୁଣ୍ଡିଆ ସାପ—
Kanāsāpa A kind of small serpent; Amphisbæna.

**କଣି**—ଦେ. ବି. ( ସଂ. କଣ; କଣିକ )—୧ । ଶସ୍ୟାଦିର କ୍ଷୁଦ୍ରାଂଶ—
Kani 1. Particles of grain.
କଣା (ଯଥା—ମୁଗ କଣି; ଖୁଦ କଣି )
**କନକୀ** [ ଦ୍ର—ଚାଉଳ ମୁଗ ପ୍ରଭୃତି ଶସ୍ୟାଦି ଖାଦ୍ୟ ପାଇଁ କୁଟିବା ବା ରଗଡ଼ିବା ବେଳେ ଖାଦ୍ୟକୋଷ ସବୁ ଭାଙ୍ଗି ଯାଇ କ୍ଷୁଦ୍ର ଶସ୍ୟ ଖଣ୍ଡମାନ ରହି ଯାଏ । ପ୍ରାୟଶଃ ତାହାକୁହିଁ କଣି କୁହାଯାଏ । ]
୨ । ବାଉଁଶର କ୍ଷୁଦ୍ର ପ୍ରଶାଖା—2. A shoot or twig of bamboo.
୩ । ଚିଲିକାର ମତ୍ସ୍ୟବିଶେଷ—
3. A kind of fish in the Chilka lake.

**କଣିଅର**—ଗ୍ରା. ବି. (ସଂ. କର୍ଣ୍ଣିକାର)—କର୍ଣ୍ଣିକାର (ଦେଖ)—
Kaniara Karnnikāra (See)

**କଣିଆ**—ଦେ. ବିଣ.—୧ । (ସଂ. କଣିକା) ଯେଉଁ ଡାଲି ବା ଶସ୍ୟରେ
Kania ବହୁତ କଣି ଥାଏ—1. Full of particles (said of split grain)
୨ । (ସଂ. କୋଣ) ଏକ କୋଣଆଡ଼କୁ ଅବସ୍ଥିତ—
2. Situated towards a corner.
ପ୍ରାଦେ. ( ସିଂହଭୂମ ) ବି—ଶିଙ୍ଗି ଠାଳ ମାଛ—A kind of small fish with pointed spikes on the neck and gills.

**କଣିଆଇବା**—ଦେ. କ୍ରି.—କଣେଇବା (ଦେଖ)
Kaniāibā Kaneibā (See)

**କଣିଆଁ**—ପ୍ରାଦେ. (ମେଦିନୀପୁର) ବି.—ଏଣ୍ଡୁଲା ମାଛ—
Kaniān A species of fish.
তেচোক মাছ

**କଣିଆର**—ଗ୍ରା. ବି.—କର୍ଣ୍ଣିକାର (ଦେଖ)
Kaniāra Karnnikāra (See)

**କଣିଆରି**—ଗ୍ରା. ବି.—କର୍ଣ୍ଣିକାର (ଦେଖ)
Kaniāri Karnnikāra (See)

**କଣିକ**—ସଂ. ବି. (କଣ+ବିଦ୍ୟମାନ ଅର୍ଥରେ ଇକ)—୧ । କଣା—
Kanika 1. Particle.
୨ । ଅତି ସୂକ୍ଷ୍ମାଂଶ—2. Atom.
୩ । ମଇଦା; ଗୋଧୂମଚୂର୍ଣ୍ଣ; ଶସ୍ୟଚୂନା—
3. Flour; corn-flour.
୪ । ଶତ୍ରୁ—4. Enemy.
୫ । ନୀରାଜନ ବିଧି; ଆରତି—5. Waving of a lamp before a Deity or a respectable person as a rite of worship.

**କଣିକା**—ସଂ. ବି. ( କଣ+ସ୍ୱାର୍ଥେ. କ+ସ୍ତ୍ରୀ. ଆ )—୧ । ଏକ କଣା
Kanikā ମାତ୍ର—1. One grain only.
୨ । ଲବେ ମାତ୍ର—2. An atom.
୩ । କ୍ଷୁଦ୍ର ଅଂଶ—3. Small particle.
୪ । ଜୟନ୍ତୀ ବା ଅଗବଥୁ ଗଛ—
4. A medicinal tree.
ଦେ. ବି.—ବାଉଁଶର ପ୍ରଶାଖା; କଣି—
Small bamboo-shoot.
ପ୍ରାଦେ. (ଗଡ଼ଜାତ) ବି.—ଘର ପବନରେ ଉଡ଼ି ନ ଯିବ ବୋଲି ଯେଉଁ ବାଉଁଶ କଣି ଘର ଉପରେ ଏବଂ ଜାଫି କାଲୁଡ଼ି ଚଟ୍ଟା ଉପରେ ଦିଆ ଯାଏ—Bamboo twigs spread over thatches and trellises.

**କଣିକିଆ**—ଦେ. ବିଣ -(ସଂ. କୋଣ) - ଏକ କୋଣରେ ଅବସ୍ଥିତ—
Kanikiā Situate on one corner.

**କଣିତ** - ସଂ. ବି. — (କଣ୍ ଧାତୁ=ଶବ୍ଦ କରିବା+ଭାବ. ତ)—ରୋଦନ;
Kanita ଆର୍ତ୍ତନାଦ—Lamentation.

**କଣିନଖା**—ଦେ. ବି.—କଣନଖା (ଦେଖ)
Kaninakhā Kananakhā (See).

**କଣିଶ**—ସଂ. ବି. (କଣ=ଅଳ୍ପ+ଶ)—ଶସ୍ୟର ମଞ୍ଜରୀ; ଧାନର ଶୀଷା—
Kanisa • The ear of corn.

**କଣୀ**—ସଂ. ବି. ସ୍ତ୍ରୀ.—(କଣ ଧାତୁ=ସଙ୍କୋଚ କରିବା+ଅ+ସ୍ତ୍ରୀ. ଈ)—
Kani ୧ । ବସ୍ତୁର ଅତି କ୍ଷୁଦ୍ର ଅଂଶ—
1. Atom; small particle.
୨ । କ୍ଷୁଦ୍ରୀର ମକ୍ଷିକା—2. A kind of fly.
ଦେ. ବି.—କଣି (ଦେଖ)
Kani (See).

**କଣୀଚି**—ସଂ. ବି. (କଣ ଧାତୁ=ମୁଦ୍ରିତ କରିବା+ସଞ୍ଜ୍ଞାର୍ଥେ ଇଚ)—
Kanichi ୧ । ଗୁଞ୍ଜା; କାଇଁଚ—1. A bright-red pea-like seed contained in a pod from a creeper.
୨ । ଶବ୍ଦ—2. Sound

**କଣୀନିକା**—ସଂ. ବି.—କନୀନିକା (୧) (ଦେଖ)—
Kaninikā Kaninikā (1) (See)

**କଣୀୟାନ୍**—ସଂ. ବିଣ. ପୁଂ (କଣ=ଅଳ୍ପ+ଈୟସ୍; ୧ମା; ୧ବ)—
Kaniyān ୧ । ଅତି କ୍ଷୁଦ୍ର—1. Very small.
(କଣୀୟସୀ—ସ୍ତ୍ରୀ) ୨ । ଅତି ଶ୍ରେଷ୍ଠ—2. Atomic.
୩ । କନିଷ୍ଠ—3. Younger.

> ସାଧାରଣ ଲୋକଙ୍କ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

**କଣୁଆ**—ଦେ. ବିଣ. (ସଂ. କୋଣ)—୧ । ଏକ କୋଣରେ ଅବସ୍ଥିତ—
**Kaṇuā** 1. Situate or living in one corner.
୨ । ସାଧାରଣଙ୍କ ଚକ୍ଷୁର ଅଗୋଚରରେ ରହୁଥିବା—
2. Keeping away from ordinary gaze.

**କଣୁଆଭଣୁଆ**—ଦେ. ବି. ( ସଂ. କୋଣ + ଭଗ୍ନ)—ପଡ଼ିଆ ବା ଅନାବାଦୀ
**Kaṇuābhaṇuā** ଜମି—Fallow land; waste land.
(ଯଥା—ଅନଙ୍ଗଭୀମଦେବଙ୍କ ଅମଳରେ ରାଜ୍ୟର ମୋଟ ଜମିର ପରିମାଣ ୬୨ ଲକ୍ଷ ୨୮ ହଜାର ବାଟି ଥିଲା । ଏଥିରୁ କଣୁଆଭଣୁଆ, ନଦୀ, ପର୍ବତ ପ୍ରଭୃତି ୧୪ ଲକ୍ଷ ୮୦ ହଜାର ବାଟି ଯାଇ ଅବଶିଷ୍ଟ ୪୭ ଲକ୍ଷ ୪୮ ହଜାର ବାଟିରୁ ରାଜସ୍ୱ ଆଦାୟ ହେଉଥିଲା—ମାଦଳାପାଞ୍ଜି । )

**କଣେ**—ଦେ. ଅ.—୧ । (ପେଟର) ଏକ କୋଣ ମାତ୍ର—
**Kaṇe** 1. One corner only.
୨ । ଏକଚତୁର୍ଥାଂଶ—2. One fourth only.

**କଣେଇ କଣେଇ**—ଦେ. ଅ. (ସଂ. କୋଣ)— ୧ । ଆଡ଼ବାଙ୍କରେ—
**Kaṇei kaṇei** 1. Obliquely.
୨ । କର୍ଣ୍ଣମାର୍ଗରେ—2. Diagonally.

**କଣେଇବା**—ଦେ. କ୍ରି. (ସଂ. କୋଣ)—୧ । ନେତ୍ରକୋଣରେ ଚାହିଁବା; କଟାକ୍ଷଦୃଷ୍ଟି କରିବା—1. To cast a sidelong glance.
**Kaṇeibā**
୨ । ଏକ କୋଣକୁ ଅପସରିବା—2. To move to a side.
୩ । କର୍ଣ୍ଣମାର୍ଗରେ ଗତି କରିବା—
3. To move diagonally.
୪ । ଅଣେଇବା—4. To incline; to lean to one side.

**କଣେର**—ସଂ. ବି ପୁଂ (କଣ୍ ଧାତୁ=ଗମନ କରିବା+କର୍ତ୍ତୃ.ଏର)—
**Kaṇera** କର୍ଣ୍ଣିକାର (ଦେଖ)—
Karṇṇikāra (See)

**କଣେରା**—ସଂ. ବି. ସ୍ତ୍ରୀ. ( କଣ୍ ଧାତୁ=ଗମନ କରିବା+କର୍ତ୍ତୃ. ଏର+
**Kaṇerā** ସ୍ତ୍ରୀ.ଆ)—୧ । ବେଶ୍ୟା—1. Prostitute.
୨ । କରିଣୀ; ହସ୍ତିନୀ—2. A female elephant.

**କଣେରୁ**—ସଂ. ବି. ସ୍ତ୍ରୀ. (କଣ୍ ଧାତୁ=ଗମନ କରିବା କର୍ତ୍ତୃ.+ଏରୁ)—
**Kaṇeru** କଣେରା (ଦେଖ)
Kaṇerā (See).

**କଣ୍ଟ୍**—ପ୍ରାଦେ. (ସମ୍ବଲପୁର) ବି.—କଣ୍ଟା (ଦେଖ)—
**Kaṇt** Kaṇṭa (See).

**କଣ୍ଟ୍‌କେ କଣ୍ଟ୍**—ପ୍ରାଦେ. (ସମ୍ବଲପୁର) ବିଣ. ଓ କ୍ରି. ବିଣ.—
**Kaṇṭke kaṇṭ** ୧ । ମାପ ମୁତାବକ୍ ଠିକ୍ ସମାନ—
1. Exact to the measure.
୨ । ଠିକ୍‌ଠାକ୍; ବେଶି ନୁହେଁ ବା କମି ନୁହେଁ—2. Exactly fitting; neither more nor less.

**କଣ୍ଟ୍‌ବାଛ୍ କରିବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ମାପ ଯୋଖ କରି ହିସାବ କରିବା—1. To strike up an account after calculation.
**Kaṇṭbāchh karibā**
୨ । ଭାବି ଚିନ୍ତି ହିସାବ କରିବା—2. To calculate after much deliberation.
୩ । ଅଗ୍ରପଶ୍ଚାତ୍ ଭାବିବା—3. To deliberate.

**କଣ୍ଟ (ଧାତୁ)**—ସଂ.—ଗମନ କରିବା—
**Kaṇṭa** (root) To go.

**କଣ୍ଟ**—ଦେ. ବି.—୧ । ନିରୂପିତ ସମୟ—
**Kaṇṭa** 1. Fixed time; appointed time.
मेआद ୨ । ମିଆଦ; ସମୟର ଅବଧି—
**मियाद** 2. Time-limit.
ଅଜହୁଁ ପୂର ମାସ କଲ ମୁହିଁ କଣ୍ଟ । କୃଷ୍ଣସିଂହ. ମହାଭାରତ. ବନ ।
୩ । ନିରୂପିତ ପରିମାଣ—3. Fixed quantity.
୪ । ମାପ; ପରିମାଣ—4. Measure.
ପ୍ରାଦେ. (ଗଡ଼ଜାତ) ବି.—ଗୁଡ଼ ରଖିବାର ହଣ୍ଡା—
An earthen pot for holding molasses.

**କଣ୍ଟକ**—ସଂ. ବି. ( କଣ୍ଟ ଧାତୁ=ଗମନ କରିବା+କର୍ତ୍ତୃ.ଅକ; ଯାହା ଅନ୍ୟ ବସ୍ତୁ ମଧ୍ୟକୁ ପଶିଯାଏ)—୧ । ଗଛର କଣ୍ଟା—
**Kaṇṭaka**
1. Thorn; prickle.
୨ । ସୂଚ୍ୟଗ୍ର; ମୁନ—
2. The point of anything.
୩ । କ୍ଷୁଦ୍ର ଶତ୍ରୁ—3. Source of vexation; petty perturbing enemy.
୪ । ରୋମହର୍ଷଣ; ରୋମ ଟାଙ୍କୁରିବା—
4. Horripilation.
୫ । ଜ୍ୟୋତିଷରେ କର୍ମସ୍ଥାନ ବା କେନ୍ଦ୍ରସ୍ଥାନ—
5. The central or presiding planet in a man's horoscope.
୬ । ଦୋଷ—6. Fault; drawback.
୭ । ବେଣୁ; ବାଉଁଶ—7. Bamboo.
୮ । କଣ୍ଟାବାଉଁଶ—8. Thorny bamboo.
୯ । ମାଛ କଣ୍ଟା—9. Fish-bone.
୧୦ । ଶତ୍ରୁ—10. Enemy.
୧୧ । ବିଘ୍ନ; ବ୍ୟାଘାତ—11. Impediment.
୧୨ । ନ୍ୟାୟ ଶାସ୍ତ୍ରରେ ଦୋଷୋକ୍ତି—
12. Statement of error in Logic.
ସଂ. ବିଣ—୧ । ଘାତକର; ଅନିଷ୍ଟକର—1. Injurious.
୨ । ବିଘ୍ନକର; ବାଧାଜନକ—
2. Causing obstruction; impeding.
୩ । ବିରକ୍ତିଜନକ; କଷ୍ଟଦାୟକ—
3. Troublesome.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଙ୍କ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଥ |

୪ । ଅସୁଖକାରକ—4. Causing sickness.
୫ । କ୍ଲେଶକର—5. Painful.

**କଣ୍ଟକଦ୍ରୁମ**—ସଂ. ବି. (ମ. ପ. ଲୋ; କଣ୍ଟକ + ଦ୍ରୁମ; କଣ୍ଟକଯୁକ୍ତ ଦ୍ରୁମ)—
Kaṇṭakadruma ଶିମିଳିଭୁଲା ଗଛ; ଶାଲ୍ମଳୀ ତରୁ—
The silk-cotton tree; Bombax Malabarica.

**କଣ୍ଟକପାଳି**—ସଂ. ବି. ସ୍ତ୍ରୀ—କଣ୍ଟେଇ କୋଳି ( ଦେଖ )
Kaṇṭakapāḻi Kaṇṭei koḻi ( See )

**କଣ୍ଟକଫଳ**—ସଂ.ବି.(ବହୁବ୍ରୀହି; କଣ୍ଟକ + ଫଳ;ଫଳର ଚୋପା କଣ୍ଟାଯୁକ୍ତ)—
Kaṇṭakaphaḻa ୧ । ପଣସ—1. Jack-fruit.
୨ । ଧୁସ୍ତୁର; ଧୁତୁରା—2. Thorn-apple.
୩ । ଗୋକ୍ଷୁର; ଗୋଖରା—3. The fruit of Tribulus Terrestris.
୪ । ଗବ ଫଳ; ଏରଣ୍ଡ ଫଳ—4. The custard-seed fruit.

**କଣ୍ଟକବଲା**—ଦେ. ବି.—କଟକବଲା (ଦେଖ)
Kaṇṭakabalā Kaṭakabalā (See)

**କଣ୍ଟକବାଲା**—ଦେ. ବି—କଟକବଲା (ଦେଖ)
Kaṇṭakabālā Kaṭakabalā (See)

**କଣ୍ଟକଭୁକ୍**—ସଂ. ବି. (ଉପପଦ ସମାସ; କଣ୍ଟକ + ଭୁଜ୍ ଧାତୁ + କ୍ୱିପ୍; ଏମାନେ କଣ୍ଟା ଗଛ ଖାଉଥିବାରୁ)—ଓଟ—
Kaṇṭakabhuk Camel.

**କଣ୍ଟ କରିବା**—ଦେ. କ୍ରି.—୧ । କୌଣସି କାର୍ଯ୍ୟ ପାଇଁ ଆଗରୁ ସମୟ ନିରୂପଣ ବା ନିର୍ଦ୍ଧାରଣ କରିବା—1. To fix a time beforehand; to appoint a time.
Kaṇṭa karibā
ଦକ୍ଷିଣା ନ ଦେଇ ସେ କଣ୍ଟ କରୁ ଥାଇ । ପୀତାମ୍ବର. ନୃସିଂହପୁରାଣ ।
୨ । ବଧୂଙ୍କୁ ପିତ୍ରାଳୟରୁ ଆଣିବା ପାଇଁ କନ୍ୟାପକ୍ଷୀୟ ମୁରବୀମାନଙ୍କ ସଙ୍ଗେ ( ସ୍ୱାମୀପକ୍ଷୀୟ ଅଭିଭାବକ) ଦିନ ସ୍ଥିର କରିବା—2. ( a guardian of the husband) To fix a date for bringing the wife home in consultation with the guardian of the wife.

**କଣ୍ଟକଶର**—ସଂ. ବି. (ମ.ପ.ଲୋ; କଣ୍ଟକ + ଶର)—କଣ୍ଟାପରି ଅଙ୍କୁଶିଯୁକ୍ତ ବାଣ—Thorny arrow.
Kaṇṭakaśara
କଣ୍ଟକଶର ଭୀଷ୍ମଙ୍କୁ ବିନ୍ଧିଲା ଶିଖଣ୍ଡୀ । ସାରଳା. ମହାଭାରତ. ଦ୍ରୋଣ ।

**କଣ୍ଟକାଢ୍ୟା**—ସଂ. ବି. (୩ୟା ତତ୍; କଣ୍ଟକ = କଣ୍ଟା + ଆଢ୍ୟ = ପୂର୍ଣ୍ଣ)
Kaṇṭakāḍhyā ଶିମିଳି ଗଛ; କଣ୍ଟକ ଦ୍ରୁମ—
Silk-cotton tree.

**କଣ୍ଟକାରିକା**—ସଂ. ବି. (କଣ୍ଟକାରୀ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—ଅଙ୍କରାନ୍ତି; ଭେଙ୍ଗବାଇଗଣ—Solanum Xanthocarpum (plant).
Kaṇṭakārikā
ସଂ. ପର୍ଯ୍ୟାୟ—କଣ୍ଟକାରିକା, କଣ୍ଟକାରୀ, ଦୁଃସ୍ପର୍ଶା, କ୍ଷୁଦ୍ରା, ବ୍ୟାଘ୍ରୀ, ନିଦିଗ୍ଧିକା, କଣ୍ଟାଳିକା, କଣ୍ଟକିନୀ, ଧାବନୀ, ବୃହତୀ
[ ଦ୍ର—ବଙ୍ଗନାଦିବର୍ଗର କଣ୍ଟକଯୁକ୍ତ ଲଟାଳିଆ ଗୁଳ୍ମ । ଏହା ଭୂଇଁରେ ମାଡ଼େ, ପତ୍ର ସାନ ସାନ ବାଇଗଣ ପତ୍ର ପରି । ଏହାର ପତ୍ର ଓ ଡେମ୍ଫ କଣ୍ଟାଯୁକ୍ତ । ଏହା ସାରକ, ତିକ୍ତକଟୁରସ, ଅଗ୍ନିଦୀପକ, ଲଘୁ, ରୂକ୍ଷ, ଉଷ୍ଣବୀର୍ଯ୍ୟ ଓ ପାଚକ, ଏହା କାସ, ଶ୍ୱାସ, ଜ୍ୱର, କଫ, ବାୟୁ, ପୀନସ, ପାର୍ଶ୍ୱଶୂଳ, କୃମି ଓ ହୃଦ୍ରୋଗନିବାରକ । ]
କଂଟକାରୀ
**कुलाटलि, लघुकटाई,**
**रेङ्गनी, भटकटैया**
ତେ: ରେବଣ୍ଟୀ ମୁଲଙ୍ଗ, ବ୍ରାକୁଡ଼ଚେଟ୍ଟୁ
ତା: ନେଲ୍ଲଗୁଳ୍ଳୁ
ମ: ଭୂଇଁ ରିଙ୍ଗଣୀ

**କଣ୍ଟକାରୀ**—ସଂ. ବି. (କଣ୍ଟକ + ଋ ଧାତୁ = ଗମନ କରିବା + ସ୍ତ୍ରୀ. ଈ)—
Kaṇṭakārī କଣ୍ଟକାରିକା (ଦେଖ)
Kaṇṭakārikā (See)

**କଣ୍ଟକାଶନ**—ସଂ. ବି. (ବହୁବ୍ରୀହି; କଣ୍ଟକ + ଅଶନ = ଭୋଜନ )—
Kaṇṭakāśana କଣ୍ଟକଭୁକ୍ (ଦେଖ)
Kaṇṭakabhuk (See)

**କଣ୍ଟକିତ**—ସଂ. ବିଣ. (କଣ୍ଟକ + ସଞ୍ଜାତ ଅର୍ଥରେ. ଇତ)—
Kaṇṭakita ୧ । ରୋମାଞ୍ଚିତ—1. Horripilated; with hairs standing on end.
୨ । କଣ୍ଟକଯୁକ୍ତ—2. Thorny; prickly.

**କଣ୍ଟକିନୀ**—ସଂ. ବି. (କଣ୍ଟକ + ଅସ୍ତି ଅର୍ଥରେ. ଇନ୍ + ସ୍ତ୍ରୀ. ଈ)—
Kaṇṭakinī କଣ୍ଟକାରୀ (ଦେଖ)
Kaṇṭakārī (See)

**କଣ୍ଟକିଫଳ**—ସଂ. ବି. (କର୍ମଧା; କଣ୍ଟକ + ଇନ୍ = କଣ୍ଟକିନ୍ + ଫଳ)—
Kaṇṭakiphaḻa ୧ । କାକୁଡ଼ି—1. Cucumber.
୨ । ପଣସ—2. Jack-fruit.

**କଣ୍ଟକିବା**—ଦେ. ( ପଦ୍ୟ) କ୍ରି—( ସଂ. କଣ୍ଟକିତ )—ରୋମାଞ୍ଚିତ ହେବା; (ରୋମ) ଟାଙ୍କୁରି ଉଠିବା—To be horripilated; (the hairs) to stand on ends.
Kaṇṭakibā
କେତେବେଳେ ସ୍ୱର ଶୋହଇ ବାହାର କଣ୍ଟକେ ରୋମ ନିକର ।
ଗୋପକୃଷ୍ଣ. ରସକଲ୍ଲୋଳ ।

**କଣ୍ଟକିରା**—ପ୍ରାଦେ. ( ମେଦିନାପୁର ) ବି ( ସଂ. କଣ୍ଟକୀ )—କଣ୍ଟିଆ ମାଛ; ଧଳା ଶିଙ୍ଗିମାଛ—A species of fish with spikes near the gills and on the neck.
Kaṇṭakirā

**କଣ୍ଟକିଲ**—ସଂ. ବିଣ. ( କଣ୍ଟକ + ଅସ୍ତି ଅର୍ଥରେ. ଇଲ )—
Kaṇṭakiḻa କଣ୍ଟାଯୁକ୍ତ; କଣ୍ଟାଳିଆ—Thorny.
ସଂ. ବି—କଣ୍ଟାବାଉଁଶ—Thorny bamboo.

**କଣ୍ଟକୀ**—ସଂ. ବି. ( କଣ୍ଟକ + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ )—
Kaṇṭakī ୧ । କଣ୍ଟିଆ ମାଛ—1. A kind of small fish.
୨ । କଣ୍ଟାବାଇଗଣ; ଯେଉଁ ବାଇଗଣର ଭୃଣ୍ଟିରେ ଓ ଗଛରେ କଣ୍ଟା ଥାଏ—2. Thorny egg-plant.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ବୁଦ୍ଧଙ୍କତ; ଭଇଁଚ ଗୁଳ୍ମ—
3. Flacourtia Romontchi (a thorny plant).
୪ । ବରକୋଳି ଗଛ ଓ କୋଳି—
4. The Jujube (tree and berry).
୫ । ଖଦିର (ଗଛ)—5. Acacia Catechu (tree).
(କଣ୍ଟକିନୀ—ସ୍ତ୍ରୀ) ସଂ. ବିଣ. ପୁଂ—କଣ୍ଟକଯୁକ୍ତ—
Thorny.

**କଣ୍ଟକୁ କଣ୍ଟ**—ଦେ. ବିଣ ଓ କ୍ରି. ବିଣ—କଣ୍ଟକେକଣ୍ଟ (ଦେଖ)
Kanṭaku kanṭa — Kanṭkekanṭ (See)

**କଣ୍ଟଦଳା**—ସଂ.ବି.ସ୍ତ୍ରୀ. (ବହୁବ୍ରୀହି; କଣ୍ଟ=କଣ୍ଟକ+ଦଳ+ସ୍ତ୍ରୀ. ଆ)—
Kanṭadaḻā ୧ । କେତକୀ (ଦେଖ)
1. Ketakī (See)
୨ । କିଆ (ଦେଖ)
2. Kiā (See)

**କଣ୍ଟ ଦେବା**—ଦେ. କ୍ରି—୧ । କଣ୍ଟ କରିବା (ଦେଖ)
Kanṭa debā — 1. Kanṭa karibā (See)
୨ । କୌଣସି ପଦାର୍ଥ ବା ଧନ ଦେବା ପାଇଁ ସମୟ ନିର୍ଦ୍ଧାରଣ କରିବା—2. To fix a time-limit for payment.

**କଣ୍ଟପଳାଶ**—ପ୍ରାଦେ. (ସମ୍ବଲପୁର) ବି—କଣ୍ଟାପଳାଶ (ଦେଖ)
Kanṭapaḻāśa — Kanṭāpalāśa (See)

**କଣ୍ଟରା**—ପ୍ରାଦେ. (ସମ୍ବଲପୁର) ବି—ବେଁଏଁକୋଳି (ଦେଖ)
Kanṭarā — Beñeñkoḻi (See)

**କଣ୍ଟଳ**—ସଂ. ବି. (କଣ୍ଟ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—
Kanṭaḻa ବବୁର ଗଛ—The Acacia tree.

**କଣ୍ଟବନ୍ଧକ**—ଦେ. ବି—କଣ୍ଠବନ୍ଧକ (ଦେଖ)
Kanṭabandhaka — Kaṭabandhaka (See)

**କଣ୍ଟା**—ଦେ. ବି. (ସଂ. କଣ୍ଟକ)—୧ । ବୃକ୍ଷର ସୂଚ୍ୟଗ୍ର କଣ୍ଟକ—
Kanṭā — 1. Thorn.
काँटा ୨ । ତୀକ୍ଷ୍ଣାଗ୍ର ଲୌହକୀଳ—2. Iron-nail.
**काँटा; काँटो** ୩ । ମାଛର ଅସ୍ଥି—3. Fish-bone.
୪ । ଅସ୍ଥି କଙ୍କାଳ—4. Skeleton.
(ଯଥା—ଚିନ୍ତା କରି କରି ତାର କଣ୍ଟା ରହିଲାଣି ।)
୫ । ବହୁ ପରିମାଣବିଶିଷ୍ଟ ଶସ୍ୟାଦି ଓଜନ କରିବା ପାଇଁ ବ୍ୟବହୃତ ବଡ଼ ତୁଳାଦଣ୍ଡ—5. Big scales for weighing large quantities of grain etc.
୬ । ଶତ୍ରୁ—6. Enemy; foe.
(ଯଥା—ମତେ ପରା ସେ କଣ୍ଟା ହୋଇଛି ।)
୭ । ବିଘ୍ନ; ବ୍ୟାଘାତ—7. Impediment; obstacle.
୮ । ଘଣ୍ଟାର କଣ୍ଟା ବା ସମୟଜ୍ଞାପକ ସୂଚୀ—
8. Hands of a clock or watch.
୯ । ସ୍ତ୍ରୀ ଲୋକଙ୍କ ବାଳ ବାନ୍ଧିବାର କଣ୍ଟା—9. Hair-pin.
୧୦ । କୂଅରେ ପଡ଼ିଯାଇଥିବା ଜଳପାତ୍ରାଦିକୁ ପାଣି ମଧ୍ୟରୁ କାଢ଼ିବା ନିମନ୍ତେ ବ୍ୟବହୃତ ବକ୍ରାଗ୍ର କୂଅକଣ୍ଟା; ବିଗୁଞ୍ଜି—10. A forked contrivance for bringing up jugs etc which fall down into a well.
୧୧ । ବନଶିକଣ୍ଟା; ବନଶିର ଡୋର ଅଗରେ ଲାଗିଥିବା ବକ୍ରାଗ୍ର ଲୌହ—11. Angling hook.
ଚୁମ୍ବନ ସ୍ୱାଦ ମୁଖେ ଦେଲୁ, କଟାକ୍ଷ କଣ୍ଟା ଲଗାଇଲୁ ।
ଭୂପତି. ପ୍ରେମପଞ୍ଚାମୃତ ।
୧୨ । ସାହେବମାନେ ଖାନା ଖାଇବା ବେଳେ ବ୍ୟବହାର କରିବା ଚାରିଟି ମୁନିଆଁ ଶାଖାଯୁକ୍ତ ଧାତୁଦଣ୍ଡ—
12. Fork.
୧୩ । ପୋଷା ଶାରୀ ଓ ବଣିଙ୍କ ଗଳାରେବାହାରିବା ମାଂସକୀଳ-ରୋଗ—13. A pointed fleshy growth on the throat of domesticated Myna birds.
୧୪ । ଓଳିଆକୁ ଆଡ଼ବାଗରେ ବେଷ୍ଟନ କରିବା ପାଳଦଉଡ଼ି—14. The straw-rope entwined round an Oḻiā or straw bundle for storing grain.
୧୫ । କଣ୍ଟିବା କର୍ମ; ମାପ—
15. Act of measuring; measure.
ପ୍ରାଦେ. (ସମ୍ବଲପୁର) ବି—ତଡ଼ାଗ; ପୋଖରୀ—Tank;

**କଣ୍ଟା ଅଗାଡ଼ି**—ପ୍ରାଦେ. (ଗଡ଼ଜାତ) ବି—ଯେଉଁ ଅଗାଡ଼ି ଧାନ ମଧ୍ୟରେ
Knṭā agāṛdi କଳାକଳା ମଞ୍ଜି ଚାଉଳ ବା ଶସ ଥାଏ—
Chaff containing black kernel inside it.

**କଣ୍ଟାଆଳୁ**—ଦେ. ବି (କଣ୍ଟକ+ଆଳୁ)—କଣ୍ଟାଯୁକ୍ତ ଆଳୁବିଶେଷ; ଏକ
Kanṭāaḻu ଜାତୀୟ କନ୍ଦ—A kind of wild yam; Dioscora Globra (Haines).

**କଣ୍ଟାଇକୋଇଲି**—ପ୍ରାଦେ. (ସମ୍ବଲପୁର) ବି—
Kanṭāikoili — କଣ୍ଟେଇକୋଳି (ଦେଖ)
Kanṭeikoḻi (See)

**କଣ୍ଟାଇକୋଳି**—ଦେ. ବି—କଣ୍ଟେଇକୋଳି (ଦେଖ)
Kanṭāikoḻi — Kanṭeikoḻi (See)
ଅଗବଥୁ କଣ୍ଟାଇକୋଳି ଗଣ୍ଡସେଲା । କୃଷ୍ଣସିଂହ. ମହାଭାରତ. ବନ ।

**କଣ୍ଟାଇକୋଲି**—ପ୍ରାଦେ. (ସମ୍ବଲପୁର) ବି—
Kanṭāikoli — କଣ୍ଟେଇକୋଳି (ଦେଖ)
Kanṭeikoḻi (See)

**କଣ୍ଟାକଣ୍ଟ୍**—ଦେ. ବିଣ ଓ କ୍ରି. ବିଣ—
Kanṭākanṭ ୧ । ପରସ୍ପର ସହିତ ସର୍ବାଂଶରେ ସମାନ—
**कँटकेकँट** 1. Exactly fitting or tallying with each other.
୨ । ମାପକୁ ଠିକ୍ ସମାନ—
2. Exact to the measure.

| ୧ | ଇ | ଉ | ଋ,ଋ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ | ଯ | ସ | ଗ୍ୟ | ଇଅ | ଵ | ନ୍ |

**କଣ୍ଟାକଣ୍ଟି**—ଦେ. ବିଣ ଓ କ୍ରି. ବିଣ—କଣ୍ଟାକଣ୍ଟ ( ଦେଖ )
Kantākanti Kantākant ( See )
ଦେ. ବି—ଅନେକ ବସ୍ତୁ କଣ୍ଟିବା କର୍ମ—Act of measuring many things.

**କଣ୍ଟାକଣ୍ଟି ହେବା**—ଦେ. କ୍ରି—ଦୁଇ ବା ତତୋଧିକ ବ୍ୟକ୍ତି ପରସ୍ପର
Kantākantiheba ଉଚ୍ଚତାଦିର ସମାନତାକୁ କଳିବା—
To measure each other's height.

**କଣ୍ଟା କାଢ଼ିବା**—ଦେ. କ୍ରି—ଶରୀରର କୌଣସି ଅଂଶରେ ଗଳି ଯାଇଥିବା
Kanta kārdhibā କଣ୍ଟାକୁ ଠାଣି ବାହାର କରିବା—
କାଁଟା ବାହିରକରା To extract thorn which has
**काँटानिकालना** entered into the body.

**କଣ୍ଟ କୁଡ଼ା**—ଦେ. ବି - ବନ୍ୟ କଣ୍ଟକାଗୁଳ୍ମବିଶେଷ—A wild thorny
Kantākurda plant; Allophylus Serratus (Haines).

**କଣ୍ଟା କୁଦିବା**—ପ୍ରାଦେ. ( ଗଞ୍ଜାମ ) କ୍ରି—କଣ୍ଟା ମାଡ଼ିବା ( ଦେଖ )
Kanta kudibā Kanta mārdibā ( See )

**କଣ୍ଟାକୁସୁମ**—ଦେ. ବି. ( ସଂ. କଣ୍ଟକ+କୁସୁମ )=
Kantākusuma ୧ । ବବୁରି ଗଛ ( ଦେଖ )
ସଂ. ପର୍ଯ୍ୟାୟ—କଟୁପର୍ଣ୍ଣୀ, 1. Acacia (tree).
ସ୍ୱର୍ଣ୍ଣକ୍ଷୀରୀ, ହୈମବତୀ, ହେମକ୍ଷୀରୀ, ୨ । ଅଗସ୍ତି ଗୁଳ୍ମ—
ପ୍ରୀମାବତୀ, ହେମା, ହେମାହ୍ୱା, 2. Gamboje Thistle or
ପୀତଦୁଗ୍ଧା, କ୍ଷୀରିଣୀ Mexican poppy;
ଶିଆଳ, ଶିଆକାଁଟା, Alpinia; Argemone
ଶିଆଲକାଁଟା, ସ୍ୱର୍ଣ୍ଣକ୍ଷୀରୀ Mexicana.
**सतयानाशी, कटेरी,** [ ବୃ—ପଡ଼ିଆ ଓ ବିଲରେ
**भरबन्दपिसोला** ଖତ୍ରାଦିରେ ଉଠିଥିବା ବର୍ଷାୟୁ କଣ୍ଟକ-
ମ. କାଲ୍ଲେଧୋତ୍ରା ଗୁଳ୍ମବିଶେଷ । ଏହାର ଡେଙ୍ଗ
ତା. ବ୍ରହ୍ମଦଣ୍ଡି,ବିରଇ ଧଳା, ପତ୍ର ଅଗ୍ରୁଙ୍କ, ଦନ୍ତୁର ଓ
ତେ. ବକ୍ରଣିକେସୃ କଣ୍ଟକଯୁକ୍ତ; ଫୁଲ ଷଡ୍‌ଦଳ ଓ
ଗୁ. ଦାରୁଡ଼ି ହଳଦିଆ । ଏ ଗଛର ରସ ହଳଦିଆ;
ଫଳ କଣ୍ଟକାକୀର୍ଣ୍ଣ ବାଇଗଣ ଫଳ ପରି । ଏହାର ମଞ୍ଜି କଳାଶିରି ପରି । ଏ ମଞ୍ଜିରୁ ତେଲ ବାହାରେ । ଏ ଗୁଳ୍ମର ନିର୍ଯ୍ୟାସ ଓ ମଞ୍ଜିର ତେଲ କାଳୁରେ ଲଗାଯାଏ ।
ଏହାର ମୂଳ ( ସଂ. ଶ୍ଳୋକ ) ତିକ୍ତ, ରେଚକ, ଭେଦକ, ଉତ୍କ୍ଲେଶଜନକ ବା ବମନବେଗକାରକ । ଏହା କୃମି, କଣ୍ଡୁ, ବିଷଦୋଷ, ଅନାହ, କଫ, ରକ୍ତପିତ୍ତ ଓ କୁଷ୍ଠନାଶକ । ]

**କଣ୍ଟାଖାଇ**—ଦେ. ବି. ସ୍ତ୍ରୀ. ( ସଂ. କାତ୍ୟାୟନୀ )—
Kantākhāi ୧ । ପୁରାଣ ବର୍ଣ୍ଣିତ ଠାକୁରାଣୀ ବା ଦେବୀବିଶେଷ;
**कंटाइन** ଦୁର୍ଗା—1. A mythological Goddess.
୨ । (ଗାଳି) ଦୁଷ୍ଟା ସ୍ତ୍ରୀ; ଡାହାଣୀ—
2. ( a term of abuse ) Witch; virago.

**କଣ୍ଟା ଖୁଞ୍ଚ**—ଦେ. ବି (ସହଚର)—ଚାଲି ଯାଉଥିବା ବ୍ୟକ୍ତିର ଲୁଗାରେ
Kanta khuncha ଲାଗିବା ପାର୍ଶ୍ୱବର୍ତ୍ତୀ ବୃକ୍ଷାଦିର କଣ୍ଟା; ଯେଉଁ କଣ୍ଟା
କାଁଟାଖୋଁଚା ଲାଗି ଲୁଗା ଚିରିଯାଏ—Thorns which prick into the cloth of a person walking along thorny bushes.

**କଣ୍ଟାଖୁଣ୍ଟ**—ଦେ. (ପ୍ରାଚୀନ). ବିଣ—କଣ୍ଟକଯୁକ୍ତ ଓ ଖିଲକମୟ (ଭୂମି)—
Kantākhunta ( land ) Full of thorny pegs.
ବଡ଼ ଦେଖାଯାଏ ସେ କଣ୍ଟାଖୁଣ୍ଟ ଭୂମି । ସାରଳା. ମହାଭାରତ. ଅଦ୍ୟ ।
ଦେ. ବି—କଣ୍ଟକବତ ଖିଲ—Thorny peg.

**କଣ୍ଟା ଗଳିବା**—ଦେ. ବି—(ଚାଲିଲା ବେଳେ ଅଜାଣତରେ କଣ୍ଟା ଉପରେ
Kanta galibā ଗୋଡ଼ ବା ଅନ୍ୟ ଅଙ୍ଗ ପଡ଼ିଯିବାରୁ) ଗୋଡ଼ ବା
କାଁଟା ଭୁକା ଅନ୍ୟ ଅଙ୍ଗରେ କଣ୍ଟା ପଶିଯିବା—
**काँटा चुभना** Being pricked by a thorn; a thorn or nail entering into the foot or other limb of the way-farer.

**କଣ୍ଟାଚିରା**—ପ୍ରାଦେ. (ଗଡ଼ଜାତ) ବି—ପାକଡ଼ା ଖଇର; ଧଳା ଖଇର;
Kantāchira ଶ୍ୱେତ ଖଦିର—Uncaria Gambier;
ପାପଡ଼ୀଖୟର Acacia Ferruginia ( Haines ).
**सफेद खैर**

**କଣ୍ଟା ଛାଟିବା**—ଦେ. କ୍ରି—କୌଣସି ବାଟ ବା ଦୁଆରମୁହଁରେ କଣ୍ଟା
Kanta chhātibā ବୁଜ ବା ମାଟି ଲିପି ବାଟ ବନ୍ଦ କରି ଦେବା—
To stop an outlet by fencing it and putting mud thereon or by fencing it only.

**କଣ୍ଟା ଦେବା**—ଦେ. କ୍ରି—କଣ୍ଟା ବୁଜିବା ( ଦେଖ )
Kanta debā Kanta bujibā ( See )

**କଣ୍ଟା ଦୋହଲିବା**—ଦେ. ବି—ରୋଗ ବା ଅନଶନ ଯୋଗୁଁ ମନୁଷ୍ୟର
Kanta dohalibā କଙ୍କାଳମାତ୍ର ଅବଶିଷ୍ଟ ରହିବା—
**काँटासा होना** Being reduced to skeleton.

**କଣ୍ଟା ଧରିବା**—ଦେ. କ୍ରି—ବହୁ ପରିମାଣର ପଦାର୍ଥ ଓଜନ କରିବା
Kanta dharibā ସକାଶେ ତୁଳାଦଣ୍ଡ ବ୍ୟବହାର କରିବା—
କାଁଟାଧରା To use big scales for weighing
**काँटापकड़ना** large quantities of goods.

**କଣ୍ଟାଧୂରା**—ପ୍ରାଦେ. (ଗଡ଼ଜାତ) ବି—କଣ୍ଟେଇକୋଳି ( ଦେଖ )
Kantādhūra Kanteikoli ( See )

**କଣ୍ଟାନେଉଟିଆ**—ଦେ. ବି. ( ସଂ. କଣ୍ଟକ+ଲୁଣକ; ସଂ. ନାମ
Kantāneutiā ତଣ୍ଡୁଲୀୟ, ମାରିଷ )—କଣ୍ଟାମାରିଷ; କଣ୍ଟା-
କାଁଟାନଟେ, କାଁଟାନଟେର, କାଁଟାନଟିଆ ଲେଉଟିଆ; ଖାଣିଲେଉଟିଆ;
**काँटेमाठि, काँटेमाठवनलाह, काँटेदार** କଣ୍ଟକଯୁକ୍ତ ଶାକବିଶେଷ—
ତେ.—ପେରୁତୋଟାକୁରା The prickly Amaranth; a kind of thorny pot-herb growing wild; Amarantus Spinosus.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଶିଂ' ନ ପାଇଲେ 'ଅଂଶୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଣ୍ଟା ପକାଇବା**—ଦେ. କ୍ରି.—୧ । ଲୋକଙ୍କ ଯିବା ଆସିବା ବନ୍ଦ କରିବାଲାଗି କୌଣସି ବାଟରେ କଣ୍ଟା ସ୍ଥାପନ କରିବା, ଯେପରି କି ସେ ବାଟରେ ଯିବା ବ୍ୟକ୍ତିର ଗୋଡ଼ରେ କଣ୍ଟା ପଶିଯିବ—
Kaṇṭā pakāibā
କାଁଟାଫେଲା
**কাঁটাডালনা**
1. To lay thorns on the pathway, so that people may not use it.
୨ । ବହୁପରିମାଣର ଖାଦ୍ୟାଦି ଓଜନ କରିବା ନିମନ୍ତେ ବଡ଼ ତୁଲାଦଣ୍ଡ ସ୍ଥାପନ କରିବା—
2. To put big scales in order to weigh large quantities of goods.

**କଣ୍ଟାପଖିଆ**—ଦେ. ବି.—ଏକ ପ୍ରକାର ମୋଟା ଧାନ—
Kaṇṭāpakhiā A species of coarse paddy.

**କଣ୍ଟାପଦ୍ମ**—ଦେ. ବି.—ଏକପ୍ରକାର ପଦ୍ମ ଲତା ଓ ତାହାର ଫୁଲ—
Kaṇṭāpadma Eurvale Ferox (Haines)
মাখনা
**माखना**
ତେ. ମେଲ୍ଲୁକପଦ୍ମନ୍
[ଦ୍ର—ଏହାର ପତ୍ର ଓ ଡାଙ୍ଗ କଣ୍ଟାଳିଆ । ପୂର୍ବବଙ୍ଗ, ଆସାମ, ମଣିପୁର, ଅଯୋଧ୍ୟା ଓ କାଶ୍ମୀରର ମଧୁର ଜଳପୂର୍ଣ୍ଣ ହ୍ରଦ ବା ପୋଖରୀରେ ଏହା ଫୁଟେ । ଲୋକେ ଏହାର ମଞ୍ଜିକୁ ଭାଜି ଖାଆନ୍ତି ଓ ଔଷଧରେ ଲଗାନ୍ତି— Kirtikar.]

**କଣ୍ଟାପଳାଶ**—ଦେ. ବି. (ସଂ. କଣ୍ଟକ+ପଳାଶ)—ଏକପ୍ରକାର ବନ୍ୟ ଗୁଳ୍ମ—Cochlospermum Gossypum (Haines); Bombax Gossypium (Kirtikar)
Kaṇṭāpalāsa
রোডা, রয়না, গোলগোল
**कुम्बी, गलगल, गाबाल्**
ତେ. ଗୁଙ୍ଗୁ, କୋଙ୍ଗ, ଗୋଣ୍ଡୁଗୋଗୁ
ତା. ଟାଙ୍କୁ, କୋଙ୍ଗିଲମ୍
ସଂ. ପର୍ଯ୍ୟାୟ—ଗ୍ରୋହିତକ; ପ୍ଲୀହଶତ୍ରୁ; ସଦାପ୍ରସୂନ ।
[ଦ୍ର—ଏହା ଉତ୍ତର-ପଶ୍ଚିମ ପ୍ରଦେଶ ଓ ଓଡ଼ିଶାରେ ଜନ୍ମେ । ଏହାର ଶାଖା ପ୍ରଚୁର ଓ ଗୃହଆଡ଼କୁ ବଢ଼ିଥାଏ । ଏହା ପ୍ରତି ବର୍ଷ ପତ୍ରଝଡ଼ା ହୁଏ । ଏହାର ବକଳା ମୋଟା ଓ ଅଂଶୁମୟ; ଭିତରର ମଞ୍ଜ ନାଲି; କାଠ ଅତିଶୟ ମସଣ; ଫୁଲ ଅତି ସୁନ୍ଦର ଓ ନାଲି; ମଞ୍ଜିର ଖୋଳପା ଭିତରେ ଚକ୍କଣିଆ ରସ ଥାଏ । କଫ ଓ ମେହ ରୋଗରେ ଏହା ଔଷଧରୂପେ ବ୍ୟବହୃତ ହୁଏ ।]

**କଣ୍ଟାପାଣିଆଁ**—ଦେ. ବି. (ସହରର)—ଜୁଡ଼ାରେ ଖୋସିବା ପାଇଁ ବ୍ୟବହୃତ କଣ୍ଟା ଓ ବାଳ କୁଣ୍ଡାଇବା ପାଇଁ ବ୍ୟବହୃତ ପାନିଆଁ । (ସ୍ତ୍ରୀଲୋକମାନଙ୍କର କେଶ-ବିନ୍ୟାସରେ ବ୍ୟବହୃତ ଦର୍ପଣ ଉପକରଣ)—
Kaṇṭāpāniāṅ
কাঁটাচিরুনী
**काँटा कंघी**
Hair-pin and comb.

**କଣ୍ଟାପିରିକ**—ଦେ. ବି.—ପିରିକ (ଦେଖ)
Kaṇṭāpirika Pirika (See)

**କଣ୍ଟାପିରିକି**—ଗ୍ରା. ବି.—ପିରିକ (ଦେଖ)
Kaṇṭāpiriki Pirika (See)

**କଣ୍ଟାଫଳ**—ଗ୍ରା. ବି. (ସଂ. କଣ୍ଟକ ଫଳ) ପଣସ—
Kaṇṭāphala (ହରେକୃଷ୍ଣ ଦ୍ରବ୍ୟଗୁଣ)
Jack fruit.

**କଣ୍ଟାଫିରିକ**—ଦେ. ବି.—ପିରିକ (ଦେଖ)
Kaṇṭāphirika Pirika (See)

**କଣ୍ଟାଫିରିକି**—ଗ୍ରା. ବି.—ପିରିକ (ଦେଖ)
Kaṇṭāphiriki Pirika (See)

କଣ୍ଟାଫିରିକି, ଏତେ ଗୁଣ ବୋଲି ଜାଣିଥିଲେ କି, ବେଳେଶୁଁ ନ କହିଲୁ ଫୁଲପଞ୍ଚ କରି ଟେକି ଧରିଥିଲୁ କଣ୍ଟକ ପକେଇଲୁ—ଡଗ ।

**କଣ୍ଟାବଉଳ**—ପ୍ରାଦେ. (ଗଡ଼ଜାତ) ବି—ବନ୍ୟ ବୃକ୍ଷବିଶେଷ—
Kaṇṭābaula A kind of wild tree.
[ଦ୍ର—ଏ ଗଛ ପାଞ୍ଚ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଗଛ ଦେହରେ ଛୋଟ ଛୋଟ କଣ୍ଟା ଥାଏ । ଏହାର ପତ୍ର ଆଙ୍ଗୁଠି ପରି ସରୁ; କୋଳି ବଉଳ କୋଳି ପରି । କୋଳି ପାଚିଲେ ଲୋକେ ଏହାକୁ ଖାଆନ୍ତି ।]

**କଣ୍ଟାବବୁର**—ଦେ. ବି. (ସଂ. କଣ୍ଟକ+ବର୍ବୂର)—ବବୁର (ଗଛ) (ଦେଖ)
Kaṇṭābabura Babura (tree) (See)

**କଣ୍ଟାବବୁରି**—ଗ୍ରା. ବି.—ବବୁର (ଗଛ) (ଦେଖ)
Kaṇṭābaburi Babura (tree) (See)

**କଣ୍ଟାବଲଙ୍ଗି**—ଦେ. ବି—ଲୁଣି ବା ସାମୁଦ୍ରିକ ମତ୍ସ୍ୟବିଶେଷ—
Kaṇṭābalaṅgi A kind of sea-fish.

**କଣ୍ଟାବାଇଁଶ**—ଗ୍ରା. ବି.—କଣ୍ଟାବାଉଁଶ (ଦେଖ)
Kaṇṭābāiṅsa Kaṇṭābāuṅsa (See)

**କଣ୍ଟାବାଇଁଶି**—ଗ୍ରା. ବି.—କଣ୍ଟାବାଉଁଶ (ଦେଖ)
Kaṇṭābāiṅsi Kaṇṭābāuṅsa (See)

**କଣ୍ଟାବାଉଁଶ**—ଦେ. ବି.—(ସଂ. କଣ୍ଟକ+ବଂଶ)—
Kaṇṭābāuṅsa କଣ୍ଟକଯୁକ୍ତ ଏକ ପ୍ରକାର ବାଉଁଶ—
বেউডবাঁশ; কাঁটাবাঁশ Thorny bamboo; Bambusa Arundinacea.
**कँटबाँस**
[ଦ୍ର—ପୂର୍ବକାଳରେ ରାଜାମାନେ ଗଡ଼ର ଚାରିପାଖେ କଣ୍ଟା-ବାଉଁଶର ବଣ କରୁଥିଲେ; କଣ୍ଟା ଯୋଗୁଁ ଏ ବାଉଁଶର ବୁଦା ଦୁର୍ଭେଦ୍ୟ; ଏ ବାଉଁଶ ମଧ୍ୟ ବଙ୍କାଟଙ୍କା; ୪୦ । ୫୦ ବର୍ଷରେ ଏ ଗଛ ଫୁଲ ଧରେ ଓ ଏ ଫୁଲରୁ ଧାନ ପରି ଶସ୍ୟ ବାହାରେ । ଏ ଧାନ ଭିତରେ ଚାଉଳ ପରି ଶସ ଥାଏ । ଗରିବମାନେ ଦୁର୍ଭିକ୍ଷ-ସମୟରେ ଏ ଚାଉଳକୁ ଭାତ, ପିଠା ଓ ଯାଉ କରି ଖାଆନ୍ତି । ଚାଉଳ ଏଥିରେ ଗୁଡ଼ ମିଶାଇଲେ ଏହା ବଳ ହୁଏ । ଗୁଡ଼ମିଶା ବାଉଁଶ-ଚାଉଳର ପିଠା ଓ ଯାଉ ଖାଇ ଲୋକେ ମରିବାର ଦେଖାଅଛି । କଣ୍ଟାବାଉଁଶ ଭିତରୁ ଶ୍ୱେତବର୍ଣ୍ଣ ଚୂର୍ଣ୍ଣବତ୍ ବଂଶଲୋଚନ ବାହାରେ; କଣ୍ଟାବାଉଁଶ ଅନ୍ୟ ଜାତୀୟ ବାଉଁଶମାନଙ୍କ ପରି ପୋଲ ନୁହେ । ଏହାର ଖୋଳପା ଖୁବ୍ ମୋଟା ଓ ଟାଣ ।]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ୍ର | ଥ | ଘ |
| ୨ | ଈ | ଊ | ଚ | ଲୁ | ପ୍ର | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଂ | ଇଅ | ଙ୍ଘ | ନ୍ହ |

**କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା**—ଦେ. କ୍ରି—ପରକୁ କଳି
Kanṭā bārḍare lugā pakāi kaḻi karibā କରିବାକୁ
**উসকানো** ପ୍ରଥମେ ଉତ୍ତେଜିତ କରି ନିଜେ ବୃଥା ଉତ୍ତେଜିତ ବ୍ୟକ୍ତି ସହିତ କଳି କରିବା—To quarrel with a person after provoking him to quarrel; to pick up or provoke a quarrel.

**କଣ୍ଟା ବାଡ଼େଇବା**—ଦେ. କ୍ରି.—ଲୁହାକଣ୍ଟାକୁ ପୁନଃପୁନଃ ଆଘାତ
Kanṭā bārḍeibā କରି କୌଣସି ପଦାର୍ଥରେ ପ୍ରବେଶ କରାଇବା—
କାঁটামারা To thrust an iron-nail into a thing by
**কাঁটামারনা** hitting the nail on the head.

**କଣ୍ଟା ବୁଜିବା**—ଦେ. କ୍ରି—କଣ୍ଟାବାଡ଼ଦ୍ୱାରା କୌଣସି ସ୍ଥାନକୁ ବାଡ଼ାବନ୍ଦ
Kanṭā bujibā କରିବା—To fence up a place with
କাঁটাদেওয়া thorny twigs.
**কাঁটাবানা**

**କଣ୍ଟାବେତ**—ଦେ. ବି—(ସଂ. କଣ୍ଟକ+ବେତ୍ର)—କଣ୍ଟକଯୁକ୍ତ ବେତ୍ରଜାତିଅ
Kanṭābeta ବେତ୍ରବିଶେଷ—A species of thorny ratan; Calamus Gurmba (Haines).

**କଣ୍ଟାଭରନ୍**—ପ୍ରାଦେ. (ସମ୍ବଲପୁର) ବିଣ—ସାର୍ଥପ୍ରସୂର୍ଣ୍ଣୀ; ଯେଉଁ ବ୍ୟକ୍ତି
Kanṭābharan ବାଟରେ ଏଣେତେଣେ ବହୁତ ଅଟକି ଯାଇ ସମୟ ନଷ୍ଟ କରେ ଓ ଅସଲ କାମରେ ଡେରି କରେ—(a person) Who idles away time by lingering on the way; dilatory; procrastinating.

**କଣ୍ଟା ମଏଣ**—ଦେ. ବି. (ସଂ. କଣ୍ଟକ+ମଦନ)—ମଏଣ (ଦେଖ)
Kanṭā maeṇa Maeṇa (See)

**କଣ୍ଟାମଣ୍ଟା**—ଦେ. ବି. (ନିରର୍ଥକ ସହଚର ଦ୍ୱିରୁକ୍ତ ଶବ୍ଦ)—
Kanṭāmanṭā ୧। ଅନେକଗୁଡ଼ିଏ ମାଛର କଣ୍ଟା—1. Fish-bones.
ଉଚ୍ଛୁଣି ସାରିଛ ଇଲିଶି, କଣ୍ଟାମଣ୍ଟା କର ରଚିତ—ଚଗ।
୨। ବହୁ କଣ୍ଟକ—2. Many thorns.

**କଣ୍ଟାମାଛ**—ଦେ. ବି.—ଯେଉଁ ମାଛରେ ବହୁତ କଣ୍ଟା ଥାଏ—
Kanṭāmāchha Fish full of slender bones.
କাঁটামাছ
**কাঁটীমছলী**

**କଣ୍ଟା ମାଡ଼ିବା**—ଦେ. କ୍ରି.—ଚାଲିବାବେଳେ ତଳେ ପଡ଼ିଥିବା କଣ୍ଟା
Kanṭā mārḍibā ଉପରେ ଅଜାଣତରେ ଗୋଡ଼ ପକାଇବା (ଓ ତହିଁରେ ଗୋଡ଼ରେ କଣ୍ଟା ଗଳିଯିବା)—To tread on thorns while walking.

**କଣ୍ଟାମାରିଷ**—ଦେ. ବି.—(ସଂ. କଣ୍ଟକ+ମାରିଷ)—
Kanṭāmārisha କଣ୍ଟାନେଉଟିଆ (ଦେଖ)
Kanṭāneuṭiā (See)

**କଣ୍ଟା ରହିବା**—ଦେ. ବି—କଣ୍ଟା ଦୋହଲିବା (ଦେଖ)
Kanṭā rahibā Kanṭā dohalibā (See)

**କଣ୍ଟାଲତା**—ଦେ. ବି. (ସହଚର)—କଣ୍ଟକ ଓ ଲତା ବହୁଳ ସ୍ଥାନମାନ—
Kanṭālatā Places full of thorns and creepers.
ଦ୍ରୁମମାନେ କଣ୍ଟାଲତାରେ ଭୂଇ ମଡ଼ା
ଭୂତା ଶ୍ରମ କରୁ ନ କରୁ ଅଭ ଲୋଡ଼ା। କୃଷ୍ଣସିଂହ. ମହାଭାରତ. ବନ।

**କଣ୍ଟା ଲାଗିବା**—ଦେ. ବି—କଣ୍ଟକାକୀର୍ଣ୍ଣ ବାଟରେ ଯିବାବେଳେ ଚାଲିବା
Kanṭā lāgibā ବ୍ୟକ୍ତିର ଅଙ୍ଗରେ ବା ଲୁଗାରେ ପାର୍ଶ୍ୱବର୍ତ୍ତୀ
কাঁটালাগা କଣ୍ଟା ଭୁଷି ହୋଇଯିବା—
**काँटालगना** Being pricked by thorns.

**କଣ୍ଟାଳିଆ**—ଦେ. ବିଣ. (ସଂ. କଣ୍ଟକିଳ)—କଣ୍ଟକମୟ—
Kanṭāḻiā Prickly; thorny.
কাঁটাকাঁটা
**कँटीला**

**କଣ୍ଟାଳିକା**—ସଂ. ବି—କଣ୍ଟକାରି (ଦେଖ)
Kanṭāḻikā Kanṭakāri (See)

**କଣ୍ଟାଲେଉଟିଆ**—ଦେ. ବି—କଣ୍ଟାନେଉଟିଆ (ଦେଖ)
Kanṭāleuṭiā Kanṭāneuṭiā (See)

**କଣ୍ଟାସିଝୁ**—ଦେ. ବି. (ସଂ. କଣ୍ଟକ+ସୀହୁଣ୍ଡ)—ସିଝୁ (ଦେଖ)
Kanṭāsijhu Sijhu (See)

**काँटेवालाथुहर**

**କଣ୍ଟାସିଧ**—ଦେ. ବି—ବନ୍ୟ ଗୁଳ୍ମବିଶେଷ—
Kanṭāsidha A wild plant; Leonotis Nepetæfolia (Haines).

[ ଦ୍ର—ଏହା ୪ ଫୁଟ ଠାରୁ ୬ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ। ଏହାର ଫୁଲ ରକ୍ତବର୍ଣ୍ଣ। ଛୋଟନାଗପୁର ଓ ଅନୁଗୁଳ ଅଞ୍ଚଳର ଜଙ୍ଗଲରେ ଓ ଗ୍ରାମମାନଙ୍କ ପାଖରେ ଏହା ଜନ୍ମେ। ]

**କଣ୍ଟି**—ଦେ. ବି. (ସଂ. କୂଟ; କୂଟକ; ଭୁଲ. ସଂ. କଣ୍ଠ; ଏହା ଲଙ୍ଗଳର
Kanṭi କଣ୍ଠ ଦେଖ)—
বোঁটা ୧। ଲଙ୍ଗଳ ଉପରେ ଥିବା ହାତରେ ଧରିବା ଅଂଶ—
**खोंपा, खोंपी** 1. The handle of a plough.
ଦେଖ ଅଡ଼ି ବିଲେ ଲଙ୍ଗଳ କଣ୍ଟି ଧରି
ଦେଖ ବାହୁଲେ ପାଞ୍ଚଣ ବାଡ଼ି ଧରି। କୃଷ୍ଣସିଂହ. ମହାଭାରତ. ଶାନ୍ତି।
୨। କଣ୍ଟେଇକୋଳି (ଦେଖ)
2. Kanṭeikoḻi (See)
୩। ବଣିଆଘଣ୍ଟ (ଦେଖ)
3. Baniāghanṭ (See)
୪। କଣ୍ଟି (ଦେଖ)
4. Kanṭi (See)

**କଣ୍ଟିଅ**—ଦେ. ବି. (ସଂ. ତ୍ରିକଣ୍ଟକ)—ଗାଲ ନିକଟରେ ଓ ବେକ ଉପରେ
Kanṭiā ମୁହଁଅଁ କଣ୍ଟା ଥିବା ଏକଜାତୀୟ କ୍ଷୁଦ୍ର ମାଛ; ଖିଙ୍ଗି ମାଛ—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଶ' ନ ମିଳଲେ 'କୁଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟେଙ୍ଗରା
ଟେଙ୍ଗରା — A small fish with needle-like spikes near the gills and on the neck; Macrones Vittatus.
ତେ. ଗୋଗ୍ଗାଲ

[ ଦ୍ର—ଏ ଅକାରିଆ ଷ୍ଟେଟ ମାଛ ୪।୧୦ ଆଙ୍ଗୁଳ ଲମ୍ବ ହୁଏ; ଏହା ଦେହରେ ୫ଟା ଲମ୍ବ ଡୋରିଆ ଦାଗ ଥାଏ । ଏହାର ଦୁଇ ପାଖ ଗାଲ ତଳେ ଓ ପିଠିରେ, ଏପରୁ ୩ଟ କଣ୍ଟା ଥାଏ; ଏ କୁଦ୍ଧ ହେଲେ ଏ କଣ୍ଟାଗୁଡ଼ିକ ଉଦ୍ଧତ ହୋଇ ଉଠେ ଏବଂ ମନୁଷ୍ୟର ଦେହରେ ଭୁଷି ହୋଇଗଲେ ଦେହ ଭ୍ରାର ବନ୍ଧେ । ]

ପ୍ରାଦେ. ୧ । (ଗଡ଼ଜାତ) ବ—ଏକ ପ୍ରକାର କ୍ଷୁଦ୍ର ଲମ୍ବା ବଷାଲୁ ବିଛା—1. Small centipede.

ପ୍ରାଦେ. ୨ । (ସମ୍ବଲପୁର) ବ—ବଡ଼ କଙ୍କଡ଼ାବିଛା—2. Big scorpion.

**କଣ୍ଟିଆ କପ୍ଟା**—ପ୍ରାଦେ.(ସମ୍ବଲପୁର) ବ—ସ୍ତ୍ରୀଲୋକମାନଙ୍କର ସାଧାରଣତଃ
Kantiā kaptā ଘରେ ପିନ୍ଧିବା ମୋଟା ଖଦ—Coarse cloth ordinarily used by females as homewear.

**କଣ୍ଟିଆ ବିଛା**—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବ.—
Kantiā bichhā ୧ । କଣ୍ଟିଆ. ପ୍ରାଦେ (୧) (ଦେଖ) 1. Kantiā (1) (See)
୨ । କଣ୍ଟିଆ. ପ୍ରାଦେ (୨) (ଦେଖ) 2. Kantiā (2) (See)

**କଣ୍ଟିଆଳି**—ଦେ. ବ. ( ସଂ. କଣ୍ଟକୀ ଫଳ )—୧ । କାକୁଡ଼ି ଜାତୀୟ ଏକ
Kantiāli ପ୍ରକାର ସୁସ୍ୱାଦୁ ଫଳ—1. A kind of cucumber.
ତେ. ମୁଲୁଦୋଷକାୟ୍ୟା [ ଦ୍ର—ଏହାର କଣ୍ଟାପରି ଅଂଶୁ ଥାଏ । ହାତରେ ପୋଛି ଦେଲେ ତାହା ଭାଙ୍ଗି ଯାଏ । ଫୁଟି ବା ନାକଣା କାକୁଡ଼ିରୁ ଭେଦ ଜଣାଇବା ପାଇଁ ଏହି ଶବ୍ଦ ବ୍ୟବହୃତ ହୁଏ ।]
୨ । କଣ୍ଟିଆ (ଦେଖ) 2. Kantiā (See)

**କଣ୍ଟିକପାଳି**—ଦେ. ବ.—କଣ୍ଟେଇକୋଳି (ଦେଖ)
Kantikapāli Kanteikoli (See)

**କଣ୍ଟିକିଲା**—ଦେ. ବ.—କଣ୍ଟିକିଲି (ଦେଖ)
Kantikilā Kantikili (See)

**କଣ୍ଟିକିଲି**—ଦେ. ବ. (ସଂ. କୁଣ୍ଠ + କୀଲ)—ଲଙ୍ଗଳ ମୁଣ୍ଡାକୁ କଣ୍ଟି ସଙ୍ଗେ
Kantikili ଯୋଗ କରି ଦୃଢ଼ବଦ୍ଧ କରିବାପାଇଁ ବାଡ଼ିଆ ହୋଇଥିବା କିଲା ବା ଖିଲ—The wooden pin or peg joining the plough with the hand-piece.

**କଣ୍ଟିବା**—ଦେ. କ୍ରି.—୧ । ମାପିବା—1. To measure; to take
Kantibā the dimensions of.
ମାପକରା ୨ । କୌଣସି ଅଳଙ୍କାର, ଜାମା ବା କୁର୍ତ୍ତା ଦେହକୁ
ନାପନା ଠିକ୍‌ରୂପେ ହେଉଛି କି ନାହିଁ ଏହା ଦେଖିବା—2. To put on a coat or ornament etc to see if it fits the body.

୩ । ଝାଳ ବହିବାର ଉପକ୍ରମ ହେବା—3. To tend to sweaten; to begin to perspire.
(ଯଥା—ତା ଦେହରେ ଝାଳ କଣ୍ଟି ଆସିଲାଣି ।)

କଣ୍ଟି ହୋଇଣ କପୋଳ ଉ୍ରସନ୍ଧକ ଲୁଚ ଲୁଚ ଯାଏ ବେନ ତୋଳ ।
ଅଭିମନ୍ୟୁ. ବଦଗ୍ଧଚନ୍ତାମଣି ।

୪ । କଳିବା—4. To see if one thing exactly fits into another; to compare.

କେ ଇଚ୍ଛ ଅଣ୍ଟ ବଡ଼ ସାନ, ଭରଜ କଣ୍ଟି ଦେବା ଅଣ ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୫ । ଦଂଶିବା; କାମୁଡ଼ିବା—5. To bite.

**କଣ୍ଟିବାଡ଼ି**—ଦେ. ବ.—ଉଖୁଣୀ (ଦେଖ)
Kantibārdi Ukhuni (See)

**କଣ୍ଟିଲ**—ଦେ. ବ.—କଣ୍ଟିଲୋ (ଦେଖ)
Kantila Kantilo (See)

**କଣ୍ଟିଲିଆ**—ଦେ. ବଣ.—ଓଡ଼ିଶାର ଗଡ଼ଜାତ ଖଣ୍ଡପଡ଼ାର କଣ୍ଟିଲୋ
Kantiliā ନାମକ (ବାସନ ନିମନ୍ତେ ପ୍ରସିଦ୍ଧ) ସ୍ଥାନରେ ପ୍ରସ୍ତୁତ (ବାସନ)—( utensil ) Made in Kantilo, a village in Khandaparda State famous for its utensils.

**କଣ୍ଟିଲୋ**—ଦେ. ବ. (ନାମ)—ଓଡ଼ିଶାର ଖଣ୍ଡପଡ଼ା ଗଡ଼ଜାତର ଅନ୍ତର୍ଗତ
Kantilo ଗୋଟିଏ ବଡ଼ ଗ୍ରାମ—A big village in Khandaparda State of Ordisā.
[ ଦ୍ର—ଏଠାରେ ନୀଳମାଧବ ଠାକୁର ଅଛନ୍ତି । କଂସା ଓ ପିତଳ ବାସନ ନିମନ୍ତେ ଏ ସ୍ଥାନ ପ୍ରସିଦ୍ଧ । ]

**କଣ୍ଟୀ**—ସଂ. ବଣ. ( କଣ୍ଟ + ଇନ୍; ୧ମା. ୧ବ )—କଣ୍ଟକଯୁକ୍ତ—
Kanti Thorny ( M. W. ).
ଟିୟାରୀ; ଟେରୀ ସଂ. ବ—୧ । କୃଷ୍ଣଚୂଡ଼ାଦିବର୍ଗର ଅଳ୍ପ କଣ୍ଟକମୟ ବୃହତ୍ ବନ୍ୟ କ୍ଷୁପବିଶେଷ—
1. A wild thorny plant; Cæsalpina Dignya.
[ ଦ୍ର—ଏଥିର ପତ୍ରରେ ୫ ଠାରୁ ୯ ଯୋଡ଼ା ପର୍ଯ୍ୟନ୍ତ ପତ୍ରୀ ଥାଏ । ଫୁଲ ହଳଦିଆ, ଗୋଲ ଏବଂ କେଶରମୟ; ଏହା ବର୍ଷାଦିନେ ଫୁଟେ; ଏଥିର ଛୁଇଁ ଚେପ୍‌ଟା, ଦୃଢ଼, ମସୃଣ ଓ ୨।୩ ଅଙ୍ଗୁଳ ଲମ୍ବ । ଏହା କଷାୟ ରସ; ଛୁଇଁରେ ୨।୩ଟି ମଞ୍ଜି ଥାଏ । (ଯୋଗେଶଚନ୍ଦ୍ର) ଏଥିର ଫୁଲ ମହାଳୟାଶ୍ରାଦ୍ଧରେ ଅନ୍ୟାନ୍ୟ ଫଳମୂଳ ସଙ୍ଗେ ବଢ଼ାଯିବାପାଇଁ ଲୋଡ଼ା ହୁଏ । ]
୨ । ଖଇର ଗଛ—2. Acacia Catechu ( M. W. ).
୩ । ବୃକ୍ଷବିଶେଷ—
3. Achyranthus Aspera ( M. W. ).
୪ । କୋଇଲେଖା ଗୁଳ୍ମ—
4. Ruellia Longifolia ( M. W. ).
ଦେ. ବ—କଣ୍ଟେଇକୋଳି ( ଦେଖ )
Kanteikoli ( See )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ଦ |

**କଣ୍ଟେଇ**—ଦେ. ବ—ସାନ କଣ୍ଟିଆ ମାଛ—( କଣ୍ଟିଆ ଦେଖ )
Kanṭei A small fish with needle-like spikes near the gills and on the neck.

**କଣ୍ଟେଇକୋଳି**—ଦେ. ବ. ( ସଂ. କଣ୍ଟକ[illegible]ୀ )—
Kanṭeikoḷi କଣ୍ଟକଯୁକ୍ତ ବନ୍ୟ ଗୁଳ୍ମବିଶେଷ—The prickly Nightshade; Cæsalpina Separia.
କେଲେକଡ଼ା; କଁଟାଓଡ଼କାମାଇ
ହିନ୍ଦୁସ [ ଦ୍ର—ଏହାର କୋଳ ସାମାନ୍ୟ ଖଟା; ଫଳ ତେ. ନକ୍ଷତ୍ରଫିଁ ବରକୋଳ ପତ୍ର ପରି । ଏହା କଟୁଭିକ୍ତ ରସ, ସଂ. ପର୍ଯ୍ୟାୟ :— ଉଷ୍ଣବୀର୍ଯ୍ୟ, ରୁଚକର ଏବଂ ବାୟୁ, ପିତ୍ତ, ଶୋଥ, କାକାଦନୀ, ହଂସ୍ରା, କୁଷ୍ଠ, କଣ୍ଡୂ, ଶ୍ୱିତ୍ର, ଜ୍ୱର, ପାଳତ୍ୟ ଓ ବିଷଦୋଷ-କଣ୍ଟକପାଳୀ, ନାଶକ । ]
ଗୃଧ୍ରନଖୀ, କାଳା, ଭୁଣ୍ଡୀ

**କଣ୍ଟେଇମୁଣ୍ଡି**—ଦେ. ବ—ଏକ ପ୍ରକାର ଛୋଟ ବାଇଗଣ—
Kanṭeimuṇḍi A kind of small brinjal.
[ ଦ୍ର—ଏହାର ମୁଣ୍ଡି କଣ୍ଟାରେ ପୂର୍ଣ୍ଣ । ଏହା ବଡ଼ ସୁସ୍ୱାଦୁ । ]

**କଣ୍ଟୋଳ**—ସ. ବ. ( କଣ୍ଡ ଧାତୁ+ଉଲ )—କଣ୍ଡୋଳ ୩ ( ଦେଖ )
Kanṭola Kanḍola 3 ( See )

**କଣ୍ଟୋଳବୀଣା**—ସଂ. ବ. ( କଣ୍ଟୋଳ+ବୀଣା )—କଣ୍ଡୋଳ ୩ ( ଦେଖ)
Kanṭolabiṇā Kanḍola 3 ( See )

**କଣ୍ଟୋଳୀ**—ସଂ. ବ. ( କଣ୍ଡ ଧାତୁ+ଉଲ+ସ୍ତ୍ରୀ. ଈ )—
Kanṭoḷi କଣ୍ଡୋଳ ୩ ( ଦେଖ )
Kanḍola 3 ( See )

**କଣ୍ଟ୍ରାକ୍ଟ**—ବୈଦେ. ବ. ( ଇଂ. କଣ୍ଟ୍ରାକ୍ଟ )—୧ । ଠିକା; ଇଜରା; ନିର୍ଦ୍ଦିଷ୍ଟ ଅର୍ଥସୀମା ମଧ୍ୟରେ କୌଣସି କାର୍ଯ୍ୟ କରିବାକୁ ରାଜିହେବା ଇଯାଦି ବା ଚୁକ୍ତି—1. Contract.
Kanṭrākṭ କଣ୍ଟ୍ରାକ୍ଟ କନ୍ଟ୍ରାକ୍ଟ
୨ । ଚୁକ୍ତି; ପରସ୍ପର ସ୍ୱୀକାର—
2. Contract; mutual agreement.

**କଣ୍ଟ୍ରାକ୍ଟର**—ବୈଦେ. ବି. ( ଇଂ. କଣ୍ଟ୍ରାକ୍ଟର )—ଠିକାଦାର; ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ବ୍ୟୟ ବା ମୂଲ୍ୟରେ କୌଣସି କାମ କରିବାକୁ ଭାର ନିଏ—Contractor.
Kanṭrākṭar କଣ୍ଟ୍ରାକ୍ଟର କନ୍ଟ୍ରାକ୍ଟର

**କଣ୍ଠ**—ସଂ. ବ. (କଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଠ)—
Kanṭha ୧ । ଗଳଦେଶ; ଗଳା—1. Neck; throat.
ଗଳବାଣ ଅଧ୍ୟାନ କରିଣ କଣ୍ଠତଟେ—ସାରଳା ମହାଭାରତ ।
୨ । କଣ୍ଠଧ୍ୱନି; ଗଳାର ସ୍ୱର—2. Tone; voice.
୩ । ନିକଟ—3. Proximity; nearness.
୪ । ଅଧିକ ବୟସ୍କ ଶୁଆର ଗଳାର ଚାରିପାଖେ ଥିବା ଇନ୍ଦ୍ରଧନୁ ବର୍ଣ୍ଣର ରେଖା—
4. The rainbow-coloured line round the neck of a grown up parrot.
୫ । କୌଣସି ପଦାର୍ଥର ମୁଣ୍ଡପାଖର ସରୁଆ ଅଂଶ—
5. The narrow portion of a thing near the top (as of a bottle).
ଦେ. ବ.—ନୀଳକଣ୍ଠର ଡାକନାମ—
Name for calling Nilakanṭha.

**କଣ୍ଠଗତ**—ସ. ବିଣ. (୨ୟା ତତ୍; କଣ୍ଠ+ଗତ)—କଣ୍ଠାଗତ (ଦେଖ)
Kanṭhagata Kanṭhāgata (See)

**କଣ୍ଠଗତପ୍ରାଣ**—ସ. ବିଣ. ପୁଂ. (ବହୁବ୍ରୀହି; କଣ୍ଠଗତ+ପ୍ରାଣ=ପ୍ରାଣ-
Kanṭhagataprāṇa ବାୟୁ)—ପ୍ରାଣ କଣ୍ଠ ପର୍ଯ୍ୟନ୍ତ ଆସିଥିବା (କଣ୍ଠଗତପ୍ରାଣା—ସ୍ତ୍ରୀ) ଅବସ୍ଥାଯୁକ୍ତ (ବ୍ୟକ୍ତି); ପ୍ରାଣାନ୍ତିକ ଅବସ୍ଥା-ପ୍ରାପ୍ତ; ମୁମୂର୍ଷୁ—(one) Reduced to the last extremity; on the point of breathing one's last; near dying; on the point of death.

**କଣ୍ଠଘଣ୍ଟ**—ଦେ. ବ.—(ସ. କଣ୍ଠ+ଘଣ୍ଟା)—ଏକତ୍ର ସମବେତ ବହୁ-
Kanṭhaghanṭa ଲୋକଙ୍କର ମୁଖଧ୍ୱନି; ଜନରବ—Noise of many people in a crowd.
ଉଚ୍ଛଳିଗ ଧ୍ୱନି ପୁର୍ବସ ବାଳକ୍ରେ ବାଜ କର କଣ୍ଠଘଣ୍ଟ ।
ବ୍ରଜନାଥ. ସମରତରଙ୍ଗ ।

**କଣ୍ଠତଟ**—ସ. ବ.—(୬ଷ୍ଠୀ ତତ୍; କଣ୍ଠ+ତଟ)—
Kanṭhataṭa ବେକ ଓ କାନ୍ଧର ମଧ୍ୟବର୍ତ୍ତୀ ଅଂଶ—The part of the neck above the shoulders.

**କଣ୍ଠତରଣୀ**—ଗ୍ରା. ବ. ସ୍ତ୍ରୀ.—କଣ୍ଠତରୁଣୀ (ଦେଖ)
Kanṭhataraṇi Kanṭhataruṇi (See)

**କଣ୍ଠତରୁଣୀ**—ଦେ. ବ. ସ୍ତ୍ରୀ.—(ସ. କଣ୍ଠ+ତରୁଣୀ)—
Kanṭhataruṇi ଯୁବତୀ ହେବାର ପୂର୍ବାବସ୍ଥାରେ ଯୁବାବସ୍ଥାର ଲକ୍ଷଣପ୍ରାପ୍ତା ବାଳିକା—A girl on the verge of attaining puberty.

**କଣ୍ଠତାଲବ୍ୟ**—ସ. ବିଣ. (କଣ୍ଠ+ତାଲୁ+ଯ)—
Kanṭhatālabya ଯେଉଁ ବର୍ଣ୍ଣର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଲୁ—Palatal and gutteral ( letters).
[ ଦ୍ର—ଏ ଓ ଐ ବର୍ଣ୍ଣମାନ କଣ୍ଠତାଲବ୍ୟ । ]

**କଣ୍ଠ ଦାଶ**—ଦେ. ବି. (ନାମ)—ପ୍ରାଚୀନ ଓଡ଼ିଆ କବି—
Kanṭha dāsa An ancient Oriya poet.
[ଦ୍ର—'ନପୋଇ' ଓ 'ଛପୋଇ' ନାମକ ଦୁଇଟି ଶ୍ରୀକୃଷ୍ଣଚରିତାତ୍ମକ କ୍ଷୁଦ୍ର କାବ୍ୟ ଏହାଙ୍କ ଦ୍ୱାରା ରଚିତ—ଭାରତୀ. ଉତ୍କଳ ସାହିତ୍ୟର ଇତିହାସ । ]

**କଣ୍ଠଦେଶ**—ସ. ବି. (କଣ୍ଠ+ଦେଶ)—
Kanṭhadeśa ୧ । ଶରୀରରେ କଣ୍ଠଥିବା ଅଂଶ, ଅର୍ଥାତ୍ ମୁଣ୍ଡ ଓ ଦେହର ମଧ୍ୟବର୍ତ୍ତୀ ସ୍ଥାନ; ବେକ—
1. The portion of the body between the head and the trunk; neck.

ସାଧାରଣଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । କୌଣସି ପଦାର୍ଥର ମୁହଁ ଓ ଦେହର ମଧ୍ୟବର୍ତ୍ତୀ ସରୁଅ ଅଂଶ — (ଯଥା—ବୋତଲ ଓ ମାଠିଆର ବେକ)
2. The neck or narrow portion between the mouth and the body-proper of a bottle or pitcher.

**କଣ୍ଠନାଳୀ**—ସଂ. ବି. ( ମ. ପ. ଲୋ; କଣ୍ଠ+ନାଳୀ; କଣ୍ଠଦେଶରେ ପ୍ରବାହିତ ନାଳୀ )—ମୁଖଗହ୍ୱରରୁ ଯେଉଁ ନଳବାଟେ ଖାଦ୍ୟ ଉଦରକୁ ଯାଏ; ଗଳନଳୀ—
Kanṭhanāḷi
Gullet; larynx.

**କଣ୍ଠ ପଡ଼ିବା**—ଦେ. କ୍ରି—ଶରଦରୁ ବା ବଡ଼ଜୋରରେ ଅନେକ ସମୟ କଥା କହିବାରୁ ବା ବହୁତ ଗୀତ ଗାଇବାରୁ ଗଳାରୁ ସ୍ପଷ୍ଟ ସ୍ୱର ନ ବାହାରିବା—The falling of the voice due to cold or excessive talking or singing.
Kanṭha paṛdibā
**গলাবসা**

**କଣ୍ଠ ଫିଟିବା**—ଦେ. କ୍ରି—୧ । ଗଳାର ଅସ୍ପଷ୍ଟ ସ୍ୱର ସୁସ୍ପଷ୍ଟ ହେବା—
Kanṭha phiṭibā 1. The voice becoming distinct.
୨ । ବୟସବୃଦ୍ଧି ସଙ୍ଗେ ବାଳକର ସରୁ ସ୍ୱର ମୋଟା ବା ଉଚ୍ଚ ହେବା—
2. The voice of a boy becoming louder with the increase of years.

**କଣ୍ଠ ବସିବା**—ଦେ. କ୍ରି—କଣ୍ଠ ପଡ଼ିବା ( ଦେଖ )
Kanṭha basibā Kanṭha paṛdibā ( See )

**କଣ୍ଠ ବୁଲିବା**—ଦେ. କ୍ରି—ଅଧିକବୟସ୍କ ଶୁକପକ୍ଷୀର କଣ୍ଠ ଚାରିପାଖରେ ନୀଳରକ୍ତ ରେଖା ସ୍ପଷ୍ଟଭାବରେ ଦେଖାଯିବା—The appearing of a red and blue line round the neck of a full-grown parrot.
Kanṭha bulibā
**কাঁঠানিকলনা**
**ক'ঠফুটনা**

**କଣ୍ଠ ବୁଲିଯିବା**—ଦେ. କ୍ରି—କଣ୍ଠ ବୁଲିବା ( ଦେଖ )
Kanṭha bulijibā Kanṭha bulibā ( See )

**କଣ୍ଠଭୂଷଣ**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ଭୂଷଣ )—କଣ୍ଠରେ ପିନ୍ଧାଯିବା ଅଳଙ୍କାରବିଶେଷ; କଣ୍ଠରେ ପିନ୍ଧାଯିବା ମାଳ; ହାର—A collar for the neck; necklace; garland for the neck; an ornament worn round the neck.
Kanṭhabhūshaṇa

**କଣ୍ଠଭୂଷା**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ଭୂଷା )—କଣ୍ଠଭୂଷଣ (ଦେଖ)
Kanṭhabhūshā Kanṭhabhūshaṇa ( See )

**କଣ୍ଠମଣି**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ମଣି )—
Kanṭhamaṇi ୧ । ଗଳାରେ ପିନ୍ଧାଯିବା ରତ୍ନ—
1. A gem worn on the neck.
୨ । କଣ୍ଠହାରର ମଧ୍ୟସ୍ଥ ମଣି—
2. The central gem of a necklace.
୩ । ଘୋଡ଼ାର କଣ୍ଠପାଖେ ଥିବା ଭଉଁରୀ (ହି. ଶବ୍ଦସାଗର)—
3. A whorl at the neck of horse.

**କଣ୍ଠମାଳ**—ଦେ. ବି. ( ସଂ. କଣ୍ଠମାଳା )—କଣ୍ଠମାଳା ( ଦେଖ )
Kanṭhamāla Kanṭhamāḷā ( See )

**କଣ୍ଠମାଳା**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ମାଳା )—
Kanṭhamāḷā ୧ । ଗଳାରେ ପିନ୍ଧାଯିବା ଅଳଙ୍କାର; କଣ୍ଠି—
1. Necklace.
୨ । ଗଳାରେ ବାହାରିବା ବ୍ରଣରୋଗବିଶେଷ— ( ହି. ଶବ୍ଦସାଗର )—
2. A kind of boil on the throat.

**କଣ୍ଠରୋଧ**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ରୋଧ )—
Kanṭharodha ୧ । ଗଳାର ସ୍ୱର ଅଟକି ଯିବା—
1. The stoppage of utterance.
୨ । ଗଳା ମଧ୍ୟରେ କୌଣସି ପଦାର୍ଥ ଅଟକି ଯିବାରୁ ଶ୍ୱାସ ପ୍ରଶ୍ୱାସର ରୋଧ—2. Interruption of respiration due to the blocking up of the gullet; strangulation.
୩ । ଗଳାର ସ୍ୱର କମିଯିବା—
3. The falling of the voice.

**କଣ୍ଠଶୋଷ**—ସଂ. ବି. (୬ଷ୍ଠୀ ତତ୍; କଣ୍ଠ+ଶୋଷ)—ତୃଷା ବା ଭୟ ବା ବେଶୀ ବକିବା ଯୋଗୁଁ ଗଳା ଶୁଖିଯିବା—The drying up of the throat due to thirst or fear or excessive talking.
Kanṭhasosha

**କଣ୍ଠଶ୍ୱାସ**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ଶ୍ୱାସ )—
Kanṭhaśwāsa ୧ । କଣ୍ଠଦ୍ୱାରା ପାଟିବାଟେ ନିଶ୍ୱାସପ୍ରଶ୍ୱାସ ବହିବା—1. Breathing by the mouth through the throat.
୨ । ଅଣଗୃଣ ପବନ ବୋହୁଥିବା ପ୍ରାଣାନ୍ତକ ଅବସ୍ଥା—
2. The state of being at the last gasp.

**କଣ୍ଠସୂତ୍ର**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ସୂତ୍ର )—
Kanṭhasūtra ୧ । ଗଳାରେ ପିନ୍ଧାଯିବା ସୂତା ପରି ସରୁ ଅଳଙ୍କାର—
1. A string-like ornament worn round the neck.
୨ । ବେକର ମାଳ; ଶୂଦ୍ର ଓ ବୈଷ୍ଣବମାନେ ଗଳାରେ ପିନ୍ଧିବା କାଠର ଗୋଲ ମାଳ—
2. String of wooden beads worn on the neck by Sūdras and Baishṇabas.
୩ । ବେକ ଭୁଣ୍ଡାଇବା; ଆଲିଙ୍ଗନ—
3. An embrace round the neck.

**କଣ୍ଠସ୍ଥ**—ସଂ. ବିଣ. ( କଣ୍ଠ+ସ୍ଥା ଧାତୁ+କର୍ତ୍ତୃ. ଅ )—
Kanṭhastha ୧ । ମୁଖସ୍ଥ; ଉତ୍ତମରୂପେ ଅଭ୍ୟସ୍ତ ବା ଅଭ୍ୟସ୍ତୀକୃତ—
1. Got by heart; committed to memory.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଉପ୍ | ଉଅ | ଛ |
| ୨ | ଇ | ଉ | ଋ | ଌ | ପୈ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଢ଼ | .କୃ |

୨ । କଣ୍ଠମଧ୍ୟସ୍ଥ—2. Situate in the gullet.
୩ । କଣ୍ଠମଧ୍ୟକୁ ପ୍ରବିଷ୍ଟ—
3. Entered into the gullet.
ଦେ. ବିଣ—କଣ୍ଠ ପର୍ଯ୍ୟନ୍ତ ଲାଗିଥିବା; ବେକେ (ଜଳ)—
Neck-deep (water).
ସ୍ନାନ କଲ ଭକ୍ତ କଣ୍ଠସ୍ଥ ଜଳେ । ପ୍ରାଚୀ· ପରବେଶିକା ।

**କଣ୍ଠସ୍ଥ କରିବା**—ଦେ. କ୍ରି—ମୁଖସ୍ଥ କରିବା; ଘୋଷିବା—
Kanthastha kariba To get by heart.

**କଣ୍ଠସ୍ଥଳ**—ସଂ. ବି. (୬ଷ୍ଠୀ ତତ୍; କଣ୍ଠ+ସ୍ଥଳ)—କଣ୍ଠଦେଶ (ଦେଖ)
Kanthasthala Kanthadesa ( See )

**କଣ୍ଠହାର** – ସଂ. ବି. (୬ଷ୍ଠୀ ତତ୍; କଣ୍ଠ+ହାର)—କଣ୍ଠଭୂଷଣ (ଦେଖ)
Kanthahāra Kanthabhūshana ( See )

**କଣ୍ଠା**—ସଂ. ବି. ସ୍ତ୍ରୀ. (କଣ ଧାତୁ=ଶବ୍ଦ କରିବା+କରଣ. ଠ+ସ୍ତ୍ରୀ.ଆ)-
Kanthā ଗଳଦେଶ; ଗଳା; ତଣ୍ଟି—Throat.
ଦେ. ବି. ( ସଂ. କଣ୍ଠ )—୧ । କଣ୍ଠାଭରଣବିଶେଷ; ବେକର
कंठा ହାର—1. A kind of necklace with large beads.
गान्ठा; मढ़री ୨ । ଉପରେ ମଞ୍ଜ ଗୁଣ୍ଡୁଲ ଥିବା ରଦ୍ଦ ଧାନ; ମଞ୍ଜ ଧାନ; ଉପରେ ପ୍ରାପ୍ୟ ଶସ୍ୟ ନ ଥିବା ଧାନ—
2. Grainless paddy.
୩ । ବଡ଼ ଗୋଲାକାର କଣ୍ଠି—3. A large bead.
कांठा; कंठा ୪ । ବୟସ୍ଥ ଶୁଆପକ୍ଷୀଙ୍କ ବେକ ଚାରିପାଖେ ଦେଖାଯିବା ନାଲିନେଳ ରେଖା—4. A red and blue line appearing round the neck of grown-up parrots.
कंठा ୫ । ( ଦରଜୀଙ୍କର ଭାଷା )—କୁର୍ତ୍ତାର ବେକ ଚାରିପାଖେ ବୁଲିବା ପଟି; କାଲର୍—Collar of a coat or shirt.

**କଣ୍ଠାଗତ**—ସଂ. ବିଣ. ( ୨ୟା ତତ୍; କଣ୍ଠ+ଆଗତ )—
Kanthāgata କଣ୍ଠପର୍ଯ୍ୟନ୍ତ ଆସିଥିବା—
Come up to the throat.

**କଣ୍ଠାଗତପ୍ରାଣ** – ସଂ. ବିଣ. ପୁଂ. ( ବହୁବ୍ରୀହି; କଣ୍ଠାଗତ+ପ୍ରାଣ )—
Kanthāgataprāna କଣ୍ଠଗତପ୍ରାଣ ( ଦେଖ )
( କଣ୍ଠାଗତପ୍ରାଣା—ସ୍ତ୍ରୀ ) Kanthagataprāna ( See )

**କଣ୍ଠାଗ୍ରତ** – ଗ୍ରା ବିଣ. ( ସଂ. କଣ୍ଠାଗତ )—୧ । କଣ୍ଠାଗତ ( ଦେଖ )
Kanthāgrata 1. Kanthāgata ( See )
୨ । କଣ୍ଠାଗତପ୍ରାଣ ( ଦେଖ )
2. Kanthāgataprāna ( See )
୩ । ଅତିଶୟ ବ୍ୟସ୍ତ ବା ଅକାନ୍ତ; ବିପନ୍ନ; ବିପଦ୍‌ଗ୍ରସ୍ତ—
3. Afflicted.
୪ । ଆସନ୍ନମୃତ୍ୟୁ—4. Dying.

ଦେ. ବି—ପ୍ରାଣ କଣ୍ଠାଗତ ହେବାର ଅବସ୍ଥା; ଅତ୍ୟନ୍ତ ଅକାନ୍ତ ଅବସ୍ଥା—Distressed condition

**କଣ୍ଠାଝଡ଼ା**—ଦେ. ବି—ଖଳାରେ ଧାନବିଡ଼ା ରଖିବା ସମୟରେ ବା ଖଳାରୁ
Kanthājharda ଧାନବିଡ଼ା ବୋହିବା ବେଳେ ବିଡ଼ାରୁ ଯେଉଁ ଧାନ ମନକୁ ତଳେ ଝଡ଼ି ପଡ଼ିଥାଏ—The grains of paddy fallen from the sheaves while carried to and stored in the grain-yard.

**କଣ୍ଠାଝଡ଼ା ଧାନ**—ଦେ. ବି—କଣ୍ଠାଝଡ଼ା ( ଦେଖ )
Kanthājharda dhāna Kanthājharda ( See )

**କଣ୍ଠାଧାରୀ**—ଦେ. ବି—ବେକରେ ଗୋଟିଏମାତ୍ର ବଡ଼ ତୁଳସୀକଣ୍ଠି
Kanthādhāri ପିନ୍ଧିଥିବା ବୈଷ୍ଣବସମ୍ପ୍ରଦାୟ—A sect of Baishnabas wearing one big circular bead in a string round the neck.

**କଣ୍ଠାବରୋଧ**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ଅବରୋଧ )—
Kanthābarodha କଣ୍ଠରୋଧ ( ଦେଖ )
Kantharodha ( See )

**କଣ୍ଠାବରୋଧନ**—ସଂ. ବି (୬ଷ୍ଠୀ ତତ୍; କଣ୍ଠ+ଅବରୋଧନ)—
Kanthābarodhana କଣ୍ଠରୋଧ ( ଦେଖ )
Kantharodha ( See )

**କଣ୍ଠାଭରଣ**—ସଂ. (୬ଷ୍ଠୀ ତତ୍; କଣ୍ଠ+ଆଭରଣ)—କଣ୍ଠରେ ପିନ୍ଧା
Kanthābharana ଯିବା ଅଳଙ୍କାର; ହାର—Necklace.

**କଣ୍ଠାମାଧିଆ**—ଦେ. ବି—ଏକପ୍ରକାର ମୋଟା, ଧଳା ଓ ଗୋଲ ଧାନ—
Kanthāmādhiā A kind of coarse paddy, white and round.

**କଣ୍ଠାମାଧୁଆ**—ଦେ. ବି—କଣ୍ଠାମାଧିଆ ( ଦେଖ )
Kanthāmādhuā Kanthāmādhiā ( See )

**କଣ୍ଠାଳ**—ସଂ. ବି. ( କଣ୍ଠ+ଅଲ ଧାତୁ=ଭୂଷିତ କରିବା; ପର୍ଯ୍ୟାପ୍ତ ହେବା
Kanthāla +ଅ )—୧ । ଶୂରଣ; ଓଲୁଅ )—
1. Arum.
୨ । ଉଷ୍ଟ୍ର; ଓଟ—2. Camel.
୩ । ଯୁଦ୍ଧ –3. Fight.
୪ । ଡଙ୍ଗା; ନାହା—4. Small country-boat.
୫ । ଖନିତ୍ର; ଖଣତି —
5. A digging instrument with a long handle.

**କଣ୍ଠାସ୍ଥି**—ସଂ. ବି. ( ୬ଷ୍ଠୀ ତତ୍; କଣ୍ଠ+ଅସ୍ଥି )—କଣ୍ଠର ହାଡ଼—
Kanthāsthi Collar-bone; clavicle.

**କଣ୍ଠି**—ଦେ. ବି(ସଂ. କଣ୍ଠୀ)—୧ । ଗଳାରେ ପିନ୍ଧାଯିବା ଏକସରିଆ ହାର—
Kanthi 1. One-stringed necklace consisting of
कंठि circular beads strung together.
कंठला; कंठि ୨ । ହାରର ଗୋଲାକାର ଦାନା –
2. One of the beads strung into a necklace.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ବୈଷ୍ଣବମାନଙ୍କର ପିନ୍ଧିବା ତୁଳସୀମାଳା—
3. String of Holy Basil wood-beads worn round the neck by Baishnabas.

୪ । ଏକ ପ୍ରକାର ନାକଚଣା—4. A kind of nose-ring.

ପ୍ରାଦେ. ( ସମ୍ବଲପୁର ) ବି—ଲଙ୍ଗଳର କଣ୍ଠି—
Handle of a plough.

**କଣ୍ଠିକା**—ସଂ. ବି. ସ୍ତ୍ରୀ. (କଣ୍ଠୀ + ସ୍ୱାର୍ଥରେ. କ + ସ୍ତ୍ରୀ. ଆ )—
Kanthikā ୧ । ବେକର ଏକସରିଆ ମାଳ—
1. One-stringed necklace.

୨ । ଗାଡ଼ି ଟାଣିବା ଘୋଡ଼ାର ବେକ ଚାରି ପାଖରେ ଲାଗିଥିବା ଚମଡ଼ା ବଳୟ—2. Leather-ring put round the neck of a carriage-horse; halter.

୩ । ବୈଷ୍ଣବମାନଙ୍କର ପିନ୍ଧିବା ତୁଳସୀମାଳ—
3. A string of beads of Holy Basil wood worn by Baishnabas.

**କଣ୍ଠି ଘିନିବା**—ଗ୍ରା. କ୍ରି—କଣ୍ଠି ଘେନିବା ( ଦେଖ )
Kanthi ghinibā Kanthi ghenibā ( See )

**କଣ୍ଠି ଘେନିବା**—ଦେ. କ୍ରି—(ସଂ. କଣ୍ଠୀ + ଗ୍ରହଣ)—୧ । ବେକରେ କଣ୍ଠି
Kanthi ghenibā ପିନ୍ଧିବା—1. To put on a string of necklace.
କଣ୍ଠିଲଓ୍ୱା
कंठीलेना

୨ । ତୁଳସୀ କଣ୍ଠି ପିନ୍ଧି ବୈଷ୍ଣବ ସମ୍ପ୍ରଦାୟରେ ଭୁକ୍ତ ବା ଦୀକ୍ଷିତ ହେବା; ଗୁରୁଙ୍କଠାରୁ ବୈଷ୍ଣବଦୀକ୍ଷା ସହିତ ତୁଳସୀ କଣ୍ଠି ଗ୍ରହଣ କରିବା—
2. To wear a string of Holy Basil beads on being initiated or admitted to a Baishnaba brotherhood; to be invested with a Tulsi-bead as a sign of initiation into the Baishnaba-brotherhood.

**କଣ୍ଠିଛିଣ୍ଡା**—ଦେ. ବିଣ—୧ । ଯେଉଁ ବ୍ୟକ୍ତି ବୈଷ୍ଣବଧର୍ମ ଓ ଜାତିର ଚିହ୍ନ-
Kanthichhindā ସ୍ୱରୂପ ପିନ୍ଧିଥିବା କଣ୍ଠି ଛିଣ୍ଡାଇ ପକାଇ ଥାଏ, ଅର୍ଥାତ୍ ସେ ଜାତି ସ୍ୱୀକାର କରେ ନାହିଁ; ଅନ୍ୟ ଧର୍ମ ଗ୍ରହଣ କରିବା ହିନ୍ଦୁ—
1. One who snaps asunder his Kanthi (sign of his being a Baishnaba or Hindu) and thus proclaims himself beyond the pale of Baishnabism or Hinduism; an apostate Hindu.

୨ । ହିନ୍ଦୁ ଧର୍ମ ପ୍ରଚଳିତ ଜାତିଭେଦକୁ ସ୍ୱୀକାର କରୁ ନ ଥିବା ( ବ୍ୟକ୍ତି )—2. One who does not recognise or observe the Hindu caste-system.

**କଣ୍ଠିଡୋରି**—ଦେ. ବି—ଯେଉଁ ସୂତାରେ କଣ୍ଠି ଗୁଡ଼ିଏ ଗୁନ୍ଥା ହୋଇଥାଏ—
Kanthidora Thread stringing several beads into a string.

**କଣ୍ଠି ଦେବା**—ଦେ. କ୍ରି—( ଗୁରୁ ) କୌଣସି ବ୍ୟକ୍ତିକୁ ବୈଷ୍ଣବ-
Kanthi debā ସମ୍ପ୍ରଦାୟରେ ଦୀକ୍ଷିତ କରି ଦୀକ୍ଷିତ ବ୍ୟକ୍ତିକୁ ତୁଳସୀ-
କଣ୍ଠିଦେଓ୍ୱା କଣ୍ଠି ପ୍ରଦାନ କରିବା; ବୈଷ୍ଣବସମ୍ପ୍ରଦାୟରେ ଦୀକ୍ଷିତ
कंठीदेना କରିବା—( the preceptor ) To present or tie a string of Tulsi-beads to the neck of the disciple after initiating him as a Baishnaba; to initiate a disciple into the Baishnaba sect.

**କଣ୍ଠି ଧରିବା**—ଦେ. କ୍ରି—କଣ୍ଠି ଘେନିବା ( ଦେଖ )
Kanthi dharibā Kanthi ghenibā ( See )

**କଣ୍ଠି ନାଇବା**—ଗ୍ରା. କ୍ରି—କଣ୍ଠି ଘେନିବା ( ଦେଖ )
Kanthi nāibā Kanthi ghenibā ( See )

**କଣ୍ଠି ନେବା**—ଦେ. କ୍ରି—କଣ୍ଠି ଘେନିବା ( ଦେଖ )
Kanthi nebā Kanthi ghenibā ( See )

**କଣ୍ଠିପିନ୍ଧା**—ଦେ. ବି—କଣ୍ଠିବନ୍ଧା ( ଦେଖ )
Kanthipindhā Kanthibandhā ( See )

**କଣ୍ଠି ପିନ୍ଧିବା**—ଦେ. କ୍ରି.—କଣ୍ଠି ଘେନିବା (ଦେଖ)
Kanthi pindhibā Kanthi ghenibā (See)

**କଣ୍ଠିବନ୍ଧା**—ଦେ. ବି.—୧ । ବେକରେ ଆଭରଣସ୍ୱରୂପ କଣ୍ଠି ପିନ୍ଧିବା—
Kanthibandhā 1. Wearing of a necklace.
कंठीबांधा ୨ । ବେକରେ ବୈଷ୍ଣବଚିହ୍ନସ୍ୱରୂପ ତୁଳସୀକଣ୍ଠି ବାନ୍ଧିବା—
2. Wearing of a string of Tulsi-beads as a sign of being a Baishnaba.

ଦେ. ବିଣ—ଶ୍ରୀଚୈତନ୍ୟପ୍ରବର୍ତ୍ତିତ ବୈଷ୍ଣବସମ୍ପ୍ରଦାୟଭୁକ୍ତ ( ବେକରେ ତୁଳସୀମାଳା ବ୍ୟବହାର ଯେଉଁ ସମ୍ପ୍ରଦାୟର ବିଶେଷତ୍ୱ )—Initiated into the sect of Baishnabas started by Chaitanya.

**କଣ୍ଠି ବାନ୍ଧିବା**—ଦେ. କ୍ରି—୧ । କଣ୍ଠି ଘେନିବା ( ଦେଖ )
Kanthi bāndhibā 1. Kanthi ghenibā ( See )
୨ । କଣ୍ଠିଦେବା ( ଦେଖ )
2. Kanthidebā ( See )

**କଣ୍ଠିମାଳ**—ଦେ. ବି. (ସଂ. କଣ୍ଠୀ + ମାଳା )—ଏକସରିଆ କଣ୍ଠାଭରଣ—
Kanthimāla One-stringed necklace.
कंठहरिया

**କଣ୍ଠିମାଳା**—ଦେ. ବି—କଣ୍ଠିମାଳ ( ଦେଖ )
Kanthimālā Kanthimāla ( See )

**କଣ୍ଠିମାଳି**—ଦେ. ବି—କଣ୍ଠିମାଳ ( ଦେଖ )
Kanthimāli Kanthimāla ( See )

କାନମାଳ ମୋହମାଳ କଣ୍ଠିମାଳ ମନ୍ତ୍ର,
କମ୍ବୁକଣ୍ଠେ ଲଗାଇ ଅଛନ୍ତି ଭୂଷା ଉଦ୍ଧୃତେ । ଉପ. ସ୍ୱବଶ୍ୟବତୀ ।

| ୧ | ଙ | ଡ଼ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇଯ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଢ଼ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ | ଇଅ | ୭ | ନ୍ |

କଣ୍ଠି ଲାଇବା—ପ୍ରାଦେ. (ଯାଜପୁର; କଟକ) କ୍ରି—କଣ୍ଠି ନେଇବା (ଦେଖ)
Kanthi laiba Kanthi ghenibā (See)

କଣ୍ଠିସୂତା—ଦେ. ବି. (ସଂ. କଣ୍ଠୀ+ସୂତ୍ର) - କଣ୍ଠିଡୋର ( ଦେଖ )
Kanthisūtā Kanthidora ( See )

କଣ୍ଠିହାର—ଦେ. ବି—କଣ୍ଠିମାଳ ( ଦେଖ )
Kanthihāra Kanthimāla ( See )

କଣ୍ଠୀ—ସଂ. ବି. ( କଣ୍ଠ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ୦+ସ୍ତ୍ରୀ. ଈ )—
Kanthi ୧ । ଏକସରିଆ କଣ୍ଠାଭରଣ—
1. One-stringed beaded necklace.
୨ । ଅଶ୍ୱକଣ୍ଠବେଷ୍ଟନ ଚର୍ମନିର୍ମିତ ରଜ୍ଜୁ—
2. The halter put round the neck of a horse.
୩ । କଣ୍ଠଦେଶ; ଗଳଦେଶ; ଗଳା—3. Neck.
୪ । ବୈଷ୍ଣବମାନଙ୍କ କଣ୍ଠସ୍ଥ ତୁଳସୀକାଠର ମାଳା—
4. String of beads of Tulsi wood worn by Baishnabas.
ସଂ. ବି. ସ୍ତ୍ରୀ. ( କଣ୍ଠ+ସ୍ତ୍ରୀ. ଈ )—କଣ୍ଠିକା ( ଦେଖ )
Kanthikā ( See )
ଦେ. ବି—କଣ୍ଠି ( ଦେଖ )
Kanthi ( See )

କଣ୍ଠୀ ଦିଆଦେଇ—ଦେ. ବି—କଣ୍ଠୀ ବଦଳ ( ଦେଖ )
Kanthi diādei Kanthi badala ( See )

କଣ୍ଠୀଧାରୀ—ସଂ. ବିଣ. ( କଣ୍ଠୀ+ଧୃ ଧାତୁ+ଇନ୍; ୧ମା. ୧ବ. )—
Kanthidhāri କଣ୍ଠି ବା ମାଳ ପିନ୍ଧିଥିବା—
Wearing a necklace or a string of beads.
ସଂ. ବି—ବୈଷ୍ଣବଧର୍ମଦୀକ୍ଷିତ ସାଧୁ ବା ବୈରାଗୀ—
An initiated Baishnaba.

କଣ୍ଠୀବଦଳ—ଦେ. ବି —ବୈଷ୍ଣବ ଓ ବୈଷ୍ଣବୀଙ୍କ ମଧ୍ୟରେ ପରସ୍ପର ତୁଳସୀ-
Kanthibadala ମାଳା ବଦଳାବଦଳ ହେବାଦ୍ୱାରା କଣ୍ଠବଳ ବିବାହ—
କଣ୍ଠୀବଦଲ The custom of marriage amongst
କଣ୍ଠୀବଦଲାନା the Baishnabas, performed by the exchange of Tulsi-beads between a Baishnaba and a Baishnabi.

କଣ୍ଠୀବଦଳା—ଦେ. ବି—କଣ୍ଠୀବଦଳ ( ଦେଖ )
Kanthibadalā Kanthibadala ( See )

କଣ୍ଠୀବଦଳି—ଦେ. ବି—କଣ୍ଠୀବଦଳ ( ଦେଖ )
Kanthibadali Kanthibadala ( See )

କଣ୍ଠୀରବ—ସଂ. ବି. (ବହୁବ୍ରୀହି; କଣ୍ଠୀ=ଗଳା+ରବ=ପ୍ରଶସ୍ତ ରବ)—
Kanthiraba ୧ । ସିଂହ—1. Lion.
୨ । ହସ୍ତୀ—2. Elephant.
୩ । କପୋତ—3. Dove.
୪ । ପାରାବତ; ପାରା—4. Pigeon.

କଣ୍ଠୀରବମଧ୍ୟା—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; କଣ୍ଠୀରବ=ସିଂହ+ମଧ୍ୟ=
Kanthirabamadhyā କଟିଦେଶ)—ସିଂହକଟି ପରି ସରୁ କଟି-
ବିଶିଷ୍ଟା (ସ୍ତ୍ରୀ)—Slender-waisted (woman).

କଣ୍ଠେକାଳ—ସଂ. ବି. ପୁଂ. ( ବହୁବ୍ରୀହି; କଣ୍ଠେ=କଣ୍ଠରେ+କାଳ=
Kanthekāla ବିଷପାନ ଯୋଗୁଁ କୃଷ୍ଣବର୍ଣ୍ଣ )—କାଳକଣ୍ଠ;
ନୀଳକଣ୍ଠ; ମହାଦେବ—Mahādeba (whose throat looks black or blue owing to his having drunk poison.)

କଣ୍ଠୌଷ୍ଠ୍ୟ—ସଂ. ବିଣ. (କଣ୍ଠ+ଓଷ୍ଠ+ଯ)—କଣ୍ଠ୍ୟୌଷ୍ଠ୍ୟ (ଦେଖ)
Kanthaushthya Kanthyaushthya (See)

କଣ୍ଠ୍ୟ - ସଂ. ବିଣ. (କଣ୍ଠ+ଯ)—୧ । କଣ୍ଠସମ୍ବନ୍ଧୀୟ—1. Relating
Kanthya to the throat.
୨ । କଣ୍ଠରୁ ଉତ୍ପନ୍ନ—2. Produced from the throat.
୩ । କଣ୍ଠବାଟେ ଉଚ୍ଚାରିତ (ବର୍ଣ୍ଣ ବା ଧ୍ୱନି)—
3. Guttural; (letter or sound) uttered through the throat.
୪ । ଗଳା ବା ସ୍ୱର ପାଇଁ ଉପକାରୀ (ଯଥା—ଔଷଧ)—
4. Beneficial for the larynx (e. g. medicine).
ସଂ.ବି. ୧। ( ବ୍ୟାକରଣ )—କଣ୍ଠ ଦ୍ୱାରା ଉଚ୍ଚାରିତ ବର୍ଣ୍ଣ ( ହି. ଶବ୍ଦସାଗର) (ଯଥା—ଅ, ଆ,କ, ଖ, ଗ, ଘ, ଙ, ହ, ଃ)—
1. Guttural letters.
୨ । ଗଳାପାଇଁ ଉପକାରୀ ଔଷଧ (ହି. ଶବ୍ଦସାଗର)—
2. Medicine or article beneficial for the throat.

କଣ୍ଠ୍ୟବର୍ଣ୍ଣ—ସଂ. ବି.—ଯେଉଁ ଅକ୍ଷର କଣ୍ଠ ସାହାଯ୍ୟରେ ଉଚ୍ଚାରିତ
Kanthyabarnna ହୁଏ—Guttural letters; letters pronounced with the help of the throat.
[ ଦ୍ର—ଅ, ଆ, କ, ଖ, ଗ, ଘ, ଙ, ହ, ଃ, ଏମାନେ କଣ୍ଠ୍ୟ-ବର୍ଣ୍ଣ । ]

କଣ୍ଠ୍ୟୌଷ୍ଠ୍ୟ— ସଂ. ବିଣ. (ବ୍ୟାକରଣ). (କଣ୍ଠ୍ୟ+ଓଷ୍ଠ) —ଯେଉଁ ବର୍ଣ୍ଣର
Kanthyaushthya ଉଚ୍ଚାରଣସ୍ଥାନ କଣ୍ଠ ଓ ଓଷ୍ଠ—
(Grammar) Labioguttural (letters).
[ ଦ୍ର—ଓ, ଔ କଣ୍ଠ୍ୟୌଷ୍ଠ୍ୟ ବର୍ଣ୍ଣ । ]

କଣ୍ଡ୍ (ଧାତୁ)—ସଂ.—୧ । ବତୁଷୀକରଣ; ତୁଷ ଛଡ଼ାଇବା—
Kand (root) 1. To husk.
୨ । ରକ୍ଷା କରିବା—2. To protect; to save.
୩ । ସାଇତିବା—3. To store.

କଣ୍ଡ - ଦେ. (ପ୍ରାଚୀନ ପଦ୍ୟ) ବି ( ସଂ. କଣ୍ଡୂ )—
Kanda କୁଣ୍ଡାଇ ହେବା; କଣ୍ଡୁ—Itching sensation.
ସୁରାସୁର୍ଯ୍ୟ ବଳରେ ପଡ଼କଣ୍ଡ ଛଳରେ ।
ଚକ୍ଷୁ ହରେ ଭଜ ହେଲ । ଅରମନ୍ଦ୍ୟ. ନବଗୁପ୍ତଚନ୍ଦ୍ରାମଣି ।

କଣ୍ଡକାପୁ - ପ୍ରାଦେ. (ଗଡ଼ଜାତ, କୟୁପୁର, ଗଞ୍ଜାମ) ବି.—
Kandakāpu କଣ୍ଡାଡୋର (ଦେଖ)—Kandādorā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଖୋଜିବେ; 'ବଧୂ' ନ ମିଳଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**କଣ୍ଡନ**—ସଂ ବି. (କଣ୍ଡ୍ ଧାତୁ=ତୁଷ ଛଡ଼ାଇବା+ଭାବ. ଅନ)—
Kaṇḍana କାଣ୍ଡିବା; କୁଟା ହୋଇଥିବା ଶସ୍ୟାଦିରୁ ତୁଷ ବା ଚସୁ ସଫା କରିବା—Husking; removing the husks (from grains); threshing; cleansing a quantity of grain of the husks.

**କଣ୍ଡନୀ**—ସଂ. ବି. ସ୍ତ୍ରୀ. (କଣ୍ଡ୍ ଧାତୁ+କରଣ. ଅନ+ସ୍ତ୍ରୀ. ଈ)—
Kaṇḍanī ଢିଙ୍କି; ଶସ୍ୟ ଆଦି କାଣ୍ଡିବା ଯନ୍ତ୍ର; ଉଦୂଖଳ ମୁଷଳ—Husking jack; wooden pestle and mortar for husking rice etc.

**କଣ୍ଡରା**—ସଂ. ବି. (କଣ୍ଡ୍ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅର+ଆ; ଯାହା
Kaṇḍarā ଦେହକୁ ରକ୍ଷା କରେ)—(ବୈଦ୍ୟକ) ଶରୀରମଧ୍ୟସ୍ଥ
କଣ୍ଡରିଣୀ } ସ୍ତ୍ରୀ
କଣ୍ଡୁରିଣୀ }
ବଡ଼ ନାଡ଼ୀ—Big veins of the body.

[ଦ୍ର—ସୁଶ୍ରୁତରେ ୧୬ଟି କଣ୍ଡରା ଶରୀରରେ ଥିବାର ଲେଖା ଅଛି । ଏହି ନାଡ଼ୀମାନଙ୍କ ଦ୍ୱାରା ଅବୟବମାନଙ୍କୁ ପ୍ରସାରିତ ଓ ସଙ୍କୁଚିତ କରାଯାଏ — ହି. ଶବ୍ଦସାଗର ] ।

ଦେ. ବି. ପୁଂ.—ନୀଚ ଜାତିବିଶେଷ—
A class of untouchables; a low-castes people.

[ଦ୍ର—ମାଛ ଧରିବା, ଚଉକିଦାରି କରିବା ଏମାନଙ୍କ ବ୍ୟବସାୟ । ଏମାନେ ବାଉରିଙ୍କଠାରୁ ନୀଚ ଓ ପାଣଙ୍କଠାରୁ ଉଚ୍ଚ; ଉଚ୍ଚ ଜାତିର ହିନ୍ଦୁମାନେ ଏମାନଙ୍କୁ ସ୍ପର୍ଶ କରନ୍ତି ନାହିଁ । ]

**କଣ୍ଡା**—ଦେ. ବି. (ସଂ. କଣ୍ଡନ)—୧ । କଣ୍ଡନ (ଦେଖ)—
Kaṇḍā 1. Kaṇḍana (See)
कँाड़ा
**पछोरना**
माकू ୨ । ଲୁଗାକୁ ତନ୍ତରେ ବୁଣିବା ପାଇଁ ଭରଣୀ ସୂତା ଗୁଡ଼ିଆ
**कंडाल, डरकी** ହୋଇଥିବା କାଠି (ଯାହାକୁ ଠାଣୀସୂତାର ଫାଙ୍କରେ ଫିଙ୍ଗନ୍ତି)—2. Weaving shuttle.

ପ୍ରାଦେ. (ଗଡ଼ଜାତ)—ବି.—କନ୍ଧମାନଙ୍କ କଥିତ ଭାଷା—
The language spoken by the Kandhas in Orissa and Madras Presidency.

୪ । ଘର୍ଷଣ; ମର୍ଦ୍ଦନ—4. Rubbing.

ଦାଢ଼ି କସୁରି କଣ୍ଡାର କଲା ଗୋ ସଜନ—ପ୍ରାଚୀ. ରହସ୍ୟମଞ୍ଜରୀ ।

ପ୍ରାଦେ. (ବିଶାଖାପାଟଣା) ବି.—ମାଲଅଞ୍ଚଳବାସୀ ଓଡ଼ିଆଭାଷୀ—ଅନାର୍ଯ୍ୟ ଜାତି—A race of aborigines living in the wilds of the Vizagapatam District and Agency.

ଦେ. ବିଣ. (ସଂ. କଣ୍ଡିତ)—ତୁଷ ଆଦି ପରିଷ୍କୃତ ହୋଇଥିବା
कँाड़ा (ଶସ୍ୟ)—Husked; (grain) cleansed of husks.

**କଣ୍ଡାଇବା**—ଦେ. କ୍ରି.—୧ । କାଣ୍ଡିବାର ଣିଜନ୍ତ ରୂପ—
Kaṇḍāibā 1. Causative form of Kāṇḍibā.
कँाड़ाना
୨ । କୁଣ୍ଡାଇବା (ଦେଖ)
2. Kuṇḍāibā (See)

**କଣ୍ଡାକଣ୍ଡି**—ଦେ. ବି.—୧ । ଚାଉଳ ଅଦିରୁ ଚସୁ କାଢ଼ି ସଫା କରିବା;
Kaṇḍākaṇḍi କାଣ୍ଡିବା ଇତ୍ୟାଦି କର୍ମ—The process of husking rice etc.
कँाड़ाकाँड़ि

୨ । ଖୁବ୍ ମାଡ଼—2. A sound thrashing.

**କଣ୍ଡାକାପୁ**—ପ୍ରାଦେ. (ଗଡ଼ଜାତ, ଜୟପୁର, ଗଞ୍ଜାମ) ବି.—
Kaṇḍākāpu କଣ୍ଡାଦୋରା (ଦେଖ)
Kaṇḍādorā (See)

**କଣ୍ଡାଦୋରା**—ପ୍ରାଦେ. (ଗଡ଼ଜାତ; ଜୟପୁର; ଗଞ୍ଜାମ) ବି.—କନ୍ଧଭାଷା;
Kaṇḍādorā ଓଡ଼ିଶା ଗଡ଼ଜାତ ଓ ମାନ୍ଦ୍ରାଜ ପ୍ରଦେଶର କନ୍ଧମାନଙ୍କର କଥିତ ଭାଷା—The language spoken by the Kandhas in Orissa States and Madras.

**କଣ୍ଡି**—ଦେ. ବି.—ଏକ ପ୍ରକାର ଯାନ—
Kaṇḍi A kind of conveyance.

[ଦ୍ର—ଏହା ବାଉଁଶକଣିରେ ନିର୍ମିତ ଓ ଏହାର ଆକୃତି ବାଲ୍‌ଟି ପରି; ଉଚ୍ଚତା ପ୍ରାୟ ଏକ ଗଜ । ହରିଦ୍ୱାର ପ୍ରଭୃତି ଅଞ୍ଚଳରେ ଏହା ଦେଖାଯାଏ । ମଦନମୋହନ-ତୀର୍ଥଦର୍ଶନ. ୪ର୍ଥ ଖଣ୍ଡ ।

**କଣ୍ଡିଆ**—ଦେ. ବି.—୧ । ନଈବଢ଼ି ଛାଡ଼ି ଗଲେ ନଦୀଗର୍ଭସ୍ଥ ଯେଉଁ
Kaṇḍiā ଖାଲଯାଗାରେ ପାଣି ରହିଥାଏ—1. Small expanses of water left on the bed of a river after the subsidence of flood.

୨ । ପାଣିଧାର ଓ ବାଲି ଛଡ଼ା ନଈବନ୍ଧ ପର୍ଯ୍ୟନ୍ତ ନଦୀଗର୍ଭରେ ପଟୁ ମାଡ଼ି ଥିବା ଅତି॰ ଉର୍ବର ଜମି—2. The silted fertile portion of the river-bed excluding the sandy and watery portions.

**କଣ୍ଡୁ**—ସଂ. ବି. (କଣ୍ଡୁ ଧାତୁ+ଭାବ. ଉ)—୧ । (ନାମ) ମୁନିବିଶେଷ—
Kaṇḍu 1. A sage.

୨ । ଖୁଜୁଲି; କୁଣ୍ଡିଆ; କାଛୁ—2. Itches.

୩ । କୁଣ୍ଡେଇ ହେବା; ଗଲୁ—3. Itching sensation.

୪ । ଅଙ୍ଗବିଶେଷର ଗଲୁ; ଅଙ୍ଗ ଗଲଗଲ ହେବା—
4. Tingling sensation of any limb.

୫ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବା ନିମନ୍ତେ ଲାଳସା; ମନ ଖଜବଜ ହେବା; ମନକାଣ୍ଡୁ—5. Inordinate restlessness to do a thing (e.g. to speak, to write.)

ଦେ. ବି. (ଲକ୍ଷଣାର୍ଥ) କାମୋନ୍ମାଦ; ସଙ୍ଗମାଭିଲାଷ—
Eager wish for cohabitation; inordinate lust.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ, ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଯ,ଷ | ଙ୍କ | ଇଅ | ଉଅ | ଊ |
| ୨ | ଈ | ଊ | ଚ | ଲୃ | ସ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୠ | ନ୍ତୁ |

**କଣ୍ଡୁ ଉଠିବା**—ଦେ. କ୍ରି.—୧ । ଗଲୁ ଉଠିବା; ଶରୀରର କୌଣସି ସ୍ଥାନ
Kaṇḍu uṭhibā କୁଣ୍ଡାଇ ହେବା—1. Feeling of itching
চুলকানি ওঠা sensation.
कँडुवाना ୨ । (ଗାଳରେ ବ୍ୟବହୃତ) କାମୋନ୍ମାଦ ଉଠିବା—
2. Feeling of lust.

**କଣ୍ଡୁ କରିବା**—ଦେ. କ୍ରି.—କଣ୍ଡୁ ଉଠିବା (ଦେଖ)
Kaṇḍu karibā Kaṇḍu uṭhibā (See)

**କଣ୍ଡୁ ମରିବା**—ଦେ.କ୍ରି.—୧ ।ଉପଚାର ବା ଋଷଧ ଦ୍ୱାରା ଗଲୁ ଶାନ୍ତ
Kaṇḍu maribā ହେବା—1. Cessation of itching
চুলকানি মরে যাওয়া sensation by medicine or scratching.
कंडु मरना ୨ । ମନର ଗଲୁ ଶାନ୍ତ ହେବା—
2. Cessation or satiation of ardent desire for action.
୩ । କାମୋନ୍ମାଦ ପ୍ରଶମିତ ହେବା—
3. Satisfaction of lust.

**କଣ୍ଡୁ ମାରିବା**—ଦେ. କ୍ରି—୧ । ଉପଚାର ବା ଋଷଧ ଦ୍ୱାରା କଣ୍ଡୁକୁ
Kaṇḍu māribā ଶାନ୍ତ କରିବା—1. To satiate itching
চুলকানিমারা sensation by medicine or scratching.
कँडुमारना
୨ । ଅନ୍ୟ ବ୍ୟକ୍ତିର ମନର ଗଲୁକୁ କାର୍ଯ୍ୟ ବା ଦଣ୍ଡଦ୍ୱାରା ଥଣ୍ଡା କରିଦେବା—2. To satiate another person's ardent mental itching by action or by punishment.
୩ । କାମୋନ୍ମାଦ ସଙ୍ଗମଦ୍ୱାରା ପ୍ରଶମିତ କରିବା—
3. To satiate one's lust.

**କଣ୍ଡୁ (ଧାତୁ)**—ସଂ.—କୁଣ୍ଡାଇ ହେବା—
Kaṇḍu (root) To itch.

**କଣ୍ଡୂ**—ସଂ. ବି. (କଣ୍ଡୂ ଧାତୁ+ଭାବ. କ୍ୱିପ୍)—କଣ୍ଡୁ (ଦେଖ)
Kaṇḍū Kaṇḍu (See)

**କଣ୍ଡୂତି**—ସଂ. ବି. ( କଣ୍ଡୂ ଧାତୁ=କୁଣ୍ଡାଇ ହେବା+ଭାବ. ତି )—
Kaṇḍūti କଣ୍ଡୁ ( ଦେଖ )
Kaṇḍu ( See )

**କଣ୍ଡୂୟ (ଧାତୁ )**—ସଂ. ( କଣ୍ଡୂ+ଯ; ନାମ ଧାତୁ )—
Kaṇḍūya କୁଣ୍ଡାଇବା; ଗଲୁ ହେବା ସ୍ଥାନକୁ ଘଷିବା—
To scratch an itching part.

**କଣ୍ଡୂୟନ**—ସଂ. ବି. ( କଣ୍ଡୂୟ ନାମ ଧାତୁ+ଭାବ. ଅନ )—
Kaṇḍūyana ୧ । କୁଣ୍ଡାଇ ହେବା; କୁଣ୍ଡାଇବା; ଗଲ ଗଲ ହେବା—
1. Itching.
୨ । କୁଣ୍ଡିଆ; କାଛୁ—2. Itches.
୩ । ଗଲୁ ହେଉଥିବା ସ୍ଥାନକୁ କୁଣ୍ଡାଇବା—
3. The act of scratching.

**କଣ୍ଡୂୟମାନ**—ସଂ. ବିଣ. ପୁଂ. ( କଣ୍ଡୂୟ ନାମ ଧାତୁ+କର୍ତ୍ତୃ. ଶାନଚ୍)—
Kaṇḍūyamāna ଗଲୁ ମାରିବାକୁ ଗଲୁ ସ୍ଥାନକୁ ଘଷୁଥିବା ବା
(କଣ୍ଡୂୟମାନା—ସ୍ତ୍ରୀ) ଘଷୁଥିବା; କଣ୍ଡୂୟନକାରୀ; ଘର୍ଷଣକାରୀ—
Engaged in scratching or rubbing to satiate itching.

**କଣ୍ଡୂୟା**—ସଂ. ବି. ସ୍ତ୍ରୀ. ( କଣ୍ଡୂୟ ନାମ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Kaṇḍūyā ୧ । ଗଲୁ; କୁଣ୍ଡାଇ ହେବା—1. Itching.
୨ । ଗଲୁହେବା ସ୍ଥାନକୁ ଘଷିବା—
2. Scratching of the itching parts.

**କଣ୍ଡୂର**—ସଂ. ବି. ( କଣ୍ଡୂ+ରା ଧାତୁ=ଦାନ କରିବା+ଅ )—
Kaṇḍūra ୧ । ମାଣସାରୁ ଗଛ—
1. A kind of Taro which produces itching when handled.
୨ । ବାଇଡଙ୍କ ( ଦେଖ )
2. Bāiḍhaṅka ( See )
କହିଁ ଅବଗୁରେ ଅପଣା ଦେହରେ କଣ୍ଡୂର ଅଣି ବୋଳଲ ଗୋ ।
ଗୀତକୃଷ୍ଣ—ରସକଲ୍ଲୋଳ ।
ସଂ. ବିଣ—କଣ୍ଡୂଦାୟକ; ଯାହା ଲାଗିଲେ ଦେହ କୁଣ୍ଡାଇ ହୁଏ—
Producing itching.

**କଣ୍ଡୂରା**—ସଂ. ବି. ସ୍ତ୍ରୀ—ବାଇଡଙ୍କ ( ଦେଖ )
Kaṇḍūrā Bāiḍhaṅka ( See )
ଦେ. ବି—ବିଛୁଆତି ( ଦେଖ )
Bichhuāti ( See )
ବଦାର କୋଳିବା ଗାଛ, କସର କଣ୍ଡୂର ପତ୍ର ଉଜଡାଇ ତଥା ଲୁବଣିଏ ।
ଉତ୍ତ. ବୈଦେହୀଶବିଳାସ ।

**କଣ୍ଡୂଳ**—ସଂ. ବିଣ. ପୁଂ. (କଣ୍ଡୂ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ.ଅ)-
Kaṇḍūḷa ୧ । କଣ୍ଡୁଯୁକ୍ତ—
(କଣ୍ଡୂଳା—ସ୍ତ୍ରୀ) 1. Suffering from itching.
୨ । କୁଣ୍ଡିଆରୋଗୀ; କଣ୍ଡୁରୋଗୀ—
2. Attacked with itches.
୩ । ଗାତ୍ରକଣ୍ଡୂୟନକାରୀ—
3. Scratching one's body.

**କଣ୍ଡୂଳା**—ସଂ. ବି. ସ୍ତ୍ରୀ—ଓଲୁଅ ( ଦେଖ )
Kaṇḍūḷā Olua ( See )

**କଣ୍ଡେଇ**—ଦେ. ବି—ନଦୀର କର୍ଦ୍ଦମମୟ ଧାରମାନଙ୍କରେ ଜନ୍ମିବା
Kaṇḍei ଉଦ୍ଭିଦବିଶେଷ—Crinum Defexum ( Haines )

**କଣ୍ଡୋଇ**—ଗ୍ରା. ବି. ( ସାଧାରଣତଃ ଏହା ହାଣ୍ଡିଶବ୍ଦସଙ୍ଗେ ସହଚର-
Kaṇḍoi ରୂପେ ବ୍ୟବହୃତ ହୁଏ )—
କୁଣ୍ଡେଇ; କୁଣ୍ଡେଇ; ପାକପାତ୍ରବିଶେଷ; ହାଣ୍ଡି—
A cooking pot.
ଏକ କଣ୍ଡୋଇ ଘୋଡ଼ରେ ଭାତ ସେ ଖାଇଲେ
ଥାଳାକୁ ଅଙ୍କ ନ ସରେ ପରଶିଲେ । ସାରଳା. ମହାଭାରତ. ଅଦ ।

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କଣ୍ଡୋଳ**—ସଂ. ବି. (କଣ୍ଡ ଧାତୁ=ସାଇତିବା+ସଜ୍ଞାର୍ଥେ. ଓଳ; ଯହିଁରେ ଶସ୍ୟାଦି ସାଇତା ଯାଏ)—
Kandola
୧ । ଶସ୍ୟାଦି ରଖିବା ପାଇଁ ବାଉଁଶ ବା ବେତନିର୍ମିତ ଡୋଲି; କୋଠିମେଇ—1. A big basket for storing grains.
୨ । (+କର୍ତ୍ତୃ. ଓଳ)—ଓଟ; ଉଷ୍ଟ୍ର—2. Camel.
୩ । ଚଣ୍ଡାଳର ବୀଣା । ଯୋଗୀ ଓ ବାଉରବୈଷ୍ଣବମାନଙ୍କର ବ୍ୟବହାର କରିବା ବୀଣା; କେନ୍ଦରା—3. Beggar's lute.

**କଣ୍ଡୋଳକ**—ସଂ. ବି. ( କଣ୍ଡୋଳ+ସ୍ୱାର୍ଥେ. କ )—
Kandolaka
କଣ୍ଡୋଳ (ଦେଖ) Kandola (See)

**କଣ୍ଡୋଳବୀଣା**—ସଂ. ବି. (କଣ୍ଡୋଳ+ବୀଣା)—
Kandolabina
କଣ୍ଡୋଳ (୩) (ଦେଖ) Kandola (3) (See)

**କଣ୍ଡୋଳୀ**—ସଂ. ବି. ସ୍ତ୍ରୀ. ( କଣ୍ଡୋଳ+ସ୍ତ୍ରୀ. ଈ )—
Kandoli
କଣ୍ଡୋଳ (୩) (ଦେଖ) Kandola (3) (See)

**କଣ୍ଢାଇ**—ଦେ. ବି. (ଭୁଲ. ସଂ. ଗୁଡ଼=ଖେଳିବାର ଗୋଲି)—
Kandhai
ଶିଶୁମାନଙ୍କର କ୍ରୀଡ଼ାକରିବା ପାଇଁ କାଠଆଦିରେ ନିର୍ମିତ ପିତୁଳା; କ୍ରୀଡ଼ାପୁତ୍ତଳୀ; ଖେଳନା; ପୁଅଝିଅ—Doll; toy.
**ପୁତୁଲ**
**गुड्डा**
ବୋଲୁ ସବଣ କୁଳତ ହୋଇଲ ନଗର
ବାହାରିଲେ ସୁନ୍ଦର କଣ୍ଢାଇ ପରକାର—ଭକ୍ତ. ବୈଦେହୀଶବିଳାସ ।

**କଣ୍ଢାଇ ବିଭା**—ଦେ. ବି.—ପିଲାମାନେ କ୍ରୀଡ଼ାଛଳରେ ଦୁଇଟି ପିତୁଳାକୁ ବରକନ୍ୟାରୂପେ କଳ୍ପନା କରି ସାମାଜିକ ବିବାହବିଧି ଅନୁସାରେ ଯେଉଁ ବିବାହଉତ୍ସବ ସମ୍ପନ୍ନ କରନ୍ତି—A mock-marriage played by children by giving two dolls (belonging to two children) in marriage.
Kandhai bibha

**କଣ୍ଢିରା**—ପ୍ରାଦେ. (ବାଲେଶ୍ୱର) ବି—ଜାଳ ହେବା ଯୋଗ୍ୟ ଏକ ପ୍ରକାର ଲଟି—A kind of small creeper used for fuel.
Kandhira

**କଣ୍ଢେଇ**—ଦେ. ବି—କଣ୍ଢାଇ (ଦେଖ)
Kandhei
Kandhai (See)
ପ୍ରାଦେ. ( ପାରଳୁଦ ) ବି - ମଇର ଦୁଇ ମୁଣ୍ଡ ଫଳରେ ବଧାଯିବା ଖିଲା—The pins attached to the ends of an agricultural ladder.

**କଣ୍ୱ**—ସଂ. ବି. (କଣ ଧାତୁ=ଶବ୍ଦ କରିବା+କର୍ତ୍ତୃ. ବ)—
Kanwa
୧ । ଶକୁନ୍ତଳାଙ୍କ ପାଳକ ପିତା ମୁନିବିଶେଷ—1. A sage; the foster-father of Sakuntala.
୨ । ପାପ—2. Sin.
୩ । ତଣ୍ଡୁଳରେ ପ୍ରସ୍ତୁତ ସୁରାର ବୀଜବିଶେଷ; ବାଖର—Yeast.

**କଟ୍ଥ**—ଦେ. ବି. (ସଂ. କ୍ୱାଥ ଭୁଲ—ହି. କତ୍ଥା)—ଖଇର; ଖଦିର—Catechu.
Kat

**କଟ୍‌କଟ୍ କରିବା**—ଦେ. କ୍ରି. (ସଂ. କୁତୁ=କୌତୁକ)—ମନୁଷ୍ୟଶରୀରର ସନ୍ଧିସ୍ଥାନମାନଙ୍କରେ ଅଙ୍ଗୁଳିଦ୍ୱାରା କୁତୁ କୁତୁ କରିବା—To tickle a man by touching tender or excitable parts by fingers.
Katkat kariba
**কুতুকুতুকরা**
**गुदगुदाना**

**କଟ୍‌କଟେଇବା**—ଦେ. କ୍ରି.—କଟ୍‌କଟ୍ କରିବା (ଦେଖ)
Katkateiba
Katkat kariba (See)

**କଟୁରଣୀ**—ପ୍ରାଦେ. (ସମ୍ବଲପୁର) ବି. (ସଂ. କର୍ତ୍ତରୀ)—କତୁରୀ—Scissors.
Katrani
**কাঁচি**
**कतरनी; कैंची**

**କଟୁରମୀ**—ପ୍ରାଦେ. (ସମ୍ବଲପୁର) ବି.—କଟୁରଣୀ (ଦେଖ)
Katrani
Katrani (See)

**କଟୁରିଆ**—ପ୍ରାଦେ. (ସମ୍ବଲପୁର) ବି.—କଟୁରଣୀ (ଦେଖ)
Katria
Katrani (See)

**କଟୁରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କୃତ ଧାତୁ )—
Katriba
୧ । କତୁରିବା; କତୁରିଦ୍ୱାରା କାଟିବା—1. To clip with scissors.
୨ । ( ଶୁଆ ଆଦି ) ଫଳକୁ ଥଣ୍ଟଦ୍ୱାରା କାଟିବା—2. To cut ( a fruit ) wi the be k.

**କଟ**—ସଂ. ବି. ( କୈ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅତ )—
Kata
୧ । ନିରମଳା ( ଦେଖ ) 1. Nirimala ( See )
୨ । ରିଠା ( ଦେଖ ) ( ହି. ଶବ୍ଦସାଗର ) 2. Ritha ( See )
**কাট** ଦେ. ବି—( ସଂ. କୃତ ଧାତୁ )—ଲେଖିବାପାଇଁ ପକ୍ଷୀକଲମ
**कत** ବା କାଠିକଲମ କଟାଯିବା; ଛୁରିଦ୍ୱାରା କଲମର କାଟ—The cutting of a quill or reed pen for writing.

**କଟକ**—ସଂ. ବି. ( କଟ+ସ୍ୱାର୍ଥେ. କ )—୧ । କଟ ( ଦେଖ ) 1. Kata ( See )
Kataka
୨ । ( ବୈଦ୍ୟକ )—ବିଟ ଲବଣ—2. A kind of foetid salt.

**କଟକଲ**—ଦେ. ବି—ଏକ ପ୍ରକାର ବଡ଼ ଗିଲ—A species of Memosa Scandens.
Katakala
**গিলা** [ ଦ୍ର—ଏହି ଗିଲ ସମୁଦ୍ରରେ ଭାସି ଆସି କୂଳରେ ଲାଗେ ।
**कञ्जा** ଲୋକେ ଏହାକୁ ଅଣି ମାଟିରେ ଲିପା ହୋଇଥିବା ସ୍ଥାନକୁ ମସଣ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋଂ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଘ,ଷ | ଙ୍କ | ଇଯ଼ | ଉଅ | ଋ |
| ୨ | ଈ | ଊ | ଋୂ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଊ | ନ୍ତୃ |

କରନ୍ତି ଓ ଏହାକୁ ଧରି ସରୁଲୁଗା ଉପରେ କୌଶଳପୂର୍ବକ ଚଳାଇଲେ ଲୁଗାର ଧଡ଼ି ଓ ଦେହ ଅତି ସୁନ୍ଦରରୂପେ କୁଞ୍ଚ ହୋଇଯାଏ । ଏହିପରି କୁଞ୍ଚା ହୋଇଥିବା ଲୁଗାକୁ ଗିଲକୁଞ୍ଚା ଲୁଗା କହନ୍ତି । ଏହାର ବର୍ଣ୍ଣ ଗାଢ଼ରକ୍ତ ଓ ଏହା ଚେପ୍ଟା ଏବଂ ସାଧାରଣ-ଗିଲ୍ ଅପେକ୍ଷା ବଡ଼ । ଏହା ଏ ଦେଶରେ ଜନ୍ମେ ନାହିଁ । ]

**କଟକି**—ପ୍ରାଦେ. ( ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ) ଅ.—ପାଖକୁ; ନିକଟକୁ; Kataki ନିକଟ—Near.

**କଟଫଳ**—ସଂ. ବି. ( କଟ+ଫଳ )—କଟ ( ଦେଖ ) Kataphaḷa Kata ( See )

**କଟମ**—ସଂ. ସର୍ବନାମ ଓ ବିଣ. ( କିମ୍+ନିର୍ଦ୍ଧାରଣାର୍ଥେ; ଡମ )— Katama ଅନେକଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ବା ବସ୍ତୁ; ବହୁମଧ୍ୟରୁ କଟମା—ସ୍ତ୍ରୀ କେଉଁ—One out of many.

**କଟର୍‌ବଘା**—ପ୍ରାଦେ. ( ସମ୍ବଲପୁର ) ବି—(ସଂ. କୃତ ଧାତୁ+ବ୍ୟାଘ୍ର)— Katarbaghā କୋକମିନା; ଶିଶୁମାନଙ୍କୁ ଡରାଇବା ପାଇଁ ସ୍ତ୍ରୀଲୋକଙ୍କ ବର୍ଣ୍ଣିତ କାଳ୍ପନିକ ଜୀବ—Imaginary scarecrow with whose story females frighten children to submission.

**କଟର**—ସଂ. ସର୍ବନାମ. ବିଣ. ( କିମ୍+ନିର୍ଦ୍ଧାରଣାର୍ଥେ. ଡର )— Katara ଦୁହିଁଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ବା ବସ୍ତୁ; ଦୁଇ ମଧ୍ୟରୁ କଟରା—ସ୍ତ୍ରୀ କେଉଁ—Which of the two.

**କଟରା**—ଦେ. ବି. ( ସଂ. କର୍ତ୍ତନ ବା କନ୍ଥା; ଭୁଲ; ହି. କତରା= Katarā ଖଣ୍ଡ ଖଣ୍ଡ )—ଛିଣ୍ଡା ମସିଣା—Torn mat or ଛେଁଡ଼ାମାଦୁର; କାଁଥା bedding. କଥରୀ କଟରା ଗୋଡ଼ ହେଲେ କ ସମ ଭରିବ—ପ୍ରବଚନ ।

ସଂ. ସର୍ବନାମ ଓ ବିଣ. ସ୍ତ୍ରୀ—ଦୁଇ ସ୍ତ୍ରୀ ମଧ୍ୟରୁ କୌଣସି ଜଣେ— Which of the two women.

**କଟରା ଗଡ଼ି**—ଦେ. ବି—ଘରଛାଳର ମଥାନତଳକୁ ଲାଗିଥିବା ଗଡ଼ି— Katarā gardi The long belt of thatching next to the summit of a thatched house.

**କଟରାପୁରିଆ**—ପ୍ରାଦେ. ( କଟକ, ପୁରୀ ) ବି— Katarāpuriā ଜାହିଁଲଥା; ରେଲ-ଜାହାଜ ଆଦି ନ ଥିବା ବେଳେ ବିଦେଶରୁ ଜାହାଜ ଦ୍ୱାରା ପଣ୍ୟଦ୍ରବ୍ୟ ଓଡ଼ିଶାକୁ ଆଣି ବିକ୍ରି କରୁଥିବା ବ୍ରାହ୍ମଣ ଜାତିବିଶେଷ— A caste of Brāhmaṇas who were engaged in the trade of merchandise from Calcutta before the advent of Railway.

**କଟରାଲଗା**—ଦେ. ବି—ମନ୍ତ୍ରଯନ୍ତ୍ର ପ୍ରୟୋଗଦ୍ୱାରା ଶତ୍ରୁକୁ ଶଯ୍ୟାଗତ Kataralagā କରାଇବା—Making a person ill and confined to bed by means of black art.

ଦେ.ବିଣ—୧ । ବହୁକାଳବ୍ୟାପୀ ରୋଗ ହେତୁ ଶଯ୍ୟାଗତ— 1. Confined to bed by protracted illness.

୨ । ଶତ୍ରୁଦ୍ୱାରା ମନ୍ତ୍ରଯନ୍ତ୍ର ପ୍ରୟୋଗ ଫଳରେ ଶଯ୍ୟାରୁ ଉଠିବା ଶକ୍ତିବିହୀନ—2. Disabled from rising even from bed as a result of black magic applied by some enemy.

**କଟରାଲଗାଣ**—ଦେ. ବି—କଟରାଲଗା ( ଦେଖ ) Katarālagāṇa Katarālagā ( See )

**କଟରି**—ଦେ. ବି ( କଟରା+କ୍ଷୁଦ୍ରାର୍ଥେ. ଇ )— Katari ଛିଣ୍ଡା ମସିଣାଖଣ୍ଡ; କଟରା— କଥରୀ Torn mat.

ବି ପଇଣ ଅ ଭଲ, ବାଛ କଟରି ତଲ—ଢଗ ।

**କଟରିଆ** –ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କର୍ତ୍ତରୀ; ଏହା କତୁରୀର Katariā ଫଳା ପରି ପତଳା ଥିବାରୁ )— କତରୀ ୧ । ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧିବା ଅଳଙ୍କାର-ବିଶେଷ—1. An ornament worn by females on the hands.

୨ । କତୁରୀ—2. Scissors.

**କଟରୁଣୀ**—ଗ୍ରା. ବି. ( ସଂ. କର୍ତ୍ତରୀ )—୧ । ଛୋଟ କତୁରୀ— Katarunị 1. Small pair of scissors. କତରନୀ ୨ । କତୁରୀ—2. Scissors.

**କଟରେଇବା**—ଦେ. କ୍ରି—୧ । ଘରର ରୁଅ ଉପରେ ପରି ହୋଇଥିବା Katareibā ବତାକୁ କତା ଦ୍ୱାରା ବୁଣିକି କରିବା— 1. To bind the cleft bamboos on the rafters of a thatch with a string.

୨ । (ମାଙ୍କଡ଼ ପରି) ଦାନ୍ତ ଦ୍ୱାରା କଞ୍ଚା ନଡ଼ିଆ ଫଳରୁ କତା ଛଡ଼ାଇବା—2. To strip the rind from cocoanut with the teeth.

୩ । କତୁରୀ ଦ୍ୱାରା ପତଳା ପତଳା କରି କାଟିବା— 3. To crop with scissors.

**କଟଲ୍**—ବୈଦେ. ବି. ( ଆ. କତ୍ଲ୍ )— Katal ୧ । ମନୁଷ୍ୟ କାଟିବା; ବଧ; ହତ୍ୟା— କତଲ, কাতল କତଲ 1. Murder; the killing of a person; destruction; slaughter.

୨ । ମୁସଲମାନମାନଙ୍କ ମହରମ୍ ପର୍ବର ତୃତୀୟ ଦିବସ ଓ ରାତ୍ରି ( ମହରମ ଦେଖ )— 2. The third day of Mohorrum.

ବୈଦେ. ବିଣ. ( ଆ. କତ୍ଲ୍ )—ହତା; କଟିତ— Murdered; killed; cut to pieces; slaughtered.

**କଟଲ କରିବା**—ଦେ. କ୍ରି—ମନୁଷ୍ୟକୁ ହାଣି ଦେବା; କାଟି ଦେବା— Katala karibā o kill a person by cutting. କତଲ କରା କତଲ করনা

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୃଙ୍ଗ' ନ ମିଳିଲେ 'ଭୃଙ୍ଗ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**କଉଲ ରାତି**—ଦେ. ବି. ( ଅ. କଉଲ୍ ଓ ସଂ. ରାତ୍ରି )—
Katala rāti ମହମ୍ମଦଙ୍କ ସୈନ୍ୟମାନେ ବିପକ୍ଷମାନଙ୍କ ଦ୍ୱାରା କଉଲ
କତଲରାত ବା ହଣା ହୋଇଥିବା ରାତ୍ରି (ମହରମ ଦେଖ)—
কতলরাত The night of the third day of Mohorrum.

**କତା**—ଦେ. ବି. (ସଂ. କର୍ତ୍ତନ)—୧ । ଛୋଟ କତୁରୀ; କାତି—
Katā 1. Small billhook.
কাতান, কাটারী, কাতী ୨ । ଛୁରୀ—
কত্তা, কটারী 2. A kind of dagger.
কাতা, ছোবড়া ୩ । ନଡ଼ିଆ ଫଳର ଉପରସ୍ଥ ଚୋପା—
নারিয়লকা 3. Copra; outer rind of a cocoanut; the stringy coat of a cocoanut.
୪ । ନଡ଼ିଆ ଫଳର ଉପରସ୍ଥ ଝାଉଁଆ ଚୋପାକୁ ବାଡ଼େଇ ଚହଁରୁ ବାହାର କରାଯିବା ତନ୍ତୁ—4. Fibre made by beating copra; coir.
୫ । ନଡ଼ିଆକତାର ତନ୍ତୁରେ ନିର୍ମିତ ଦଉଡ଼ି—
5. Rope made of copra.
ଦେ. ବିଣ.—ଅତି ଶୁଷ୍କ ଓ ନୀରସ—
Very dry and juiceless.
ପ୍ରାଦେ. ( ସମ୍ବଲପୁର ) ବିଣ.—କିପରି—
What sort of.

**କତାକତା**—ଦେ. ବିଣ.—କତାଳିଆ (ଦେଖ)
Katākatā Katālia (See)

**କତା କଷାଇବା**—ଦେ. କ୍ରି—କତା କଷିବା (ଦେଖ)
Katā kashāibā Katā kashibā (See)

**କତା କଷିବା**—ଦେ. କ୍ରି—ନଡ଼ିଆଚୋପାରୁ ତନ୍ତୁ ବାହାର କରିବା
Katā kashibā ସକାଶେ ବାଡ଼େଇବା ପୂର୍ବରୁ ନରମ କରିବା
কাতা ভিজান ପାଇଁ ଚୋପାକୁ ପାଣିରେ ବତୁରାଇବା—
নরিয়লকা ছিলকা গীলা করনা To moisten copra before beating it to produce coir.

**କତା ଦଉଡ଼ା**—ଦେ. ବି.—କତାରେ ତିଆରି ଦଉଡ଼ି—
Katā daurdā Coir-rope.

**କତା ଦଉଡ଼ି**—ଦେ. ବି.—କତା ଦଉଡ଼ା—
Katā daurdi Coir-rope.

**କତା ବଳିବା**—ଦେ. ବି—ଦଉଡ଼ି ତିଆରି କରିବା ନିମନ୍ତେ କତାତନ୍ତୁକୁ
Katā balibā ହାତରେ ବଳିବା—
To twist copra into rope.

**କତା ବାଡ଼େଇବା**—ଦେ. କ୍ରି.—ନଡ଼ିଆଚୋପାରୁ ତନ୍ତୁ ବାହାର କରିବା-
Katā bārdeibā ନିମନ୍ତେ ଚୋପାକୁ କାଠପିଟଣା ଦ୍ୱାରା ପ୍ରହାର କରିବା—To beat copra into fibres.

**କତାଳିଆ**—ଦେ. ବିଣ.—କତାପରି ଚେମଡ଼ା; ଯାହା ଦାନ୍ତରେ ଛିଣ୍ଡେ
Katālia ନାହିଁ—Fibrous like copra.
रेशादार

**କତି**—ସଂ. ସର୍ବନାମ ଓ ବିଣ (କିମ୍ + ପରିମାଣାର୍ଥେ. ଅତି)—
Kati ୧ । କେତେ ଜଣ—1. How many ?
୨ । କେତେ ପରିମାଣ ?—2. How much. ?
୩ । କେତେ—3. What much?
୪ । କେତେକ—4. Some.
পাশ ଦେ. ବି.—୧ । ପାର୍ଶ୍ୱ; ପାଖ—
नजदीग 1. Side.
ଏକମାତ୍ର ଚନ୍ଦ୍ରରେଖା କତିରେ ଥାଇ । ଶିଶୁଶଙ୍କର. ଉଷାଅଭିଳାଷ ।
୨ । ନୈକଟ୍ୟ—2. Proximity; vicinity.
କାହାକୁ ଦେଇବ ମୁହଁ ଯିବ କାହା କତି ।
ମାଘପୁରାଣ ।
୩ । ( ସଂ. କୃତ ଧାତୁ=କାଟିବା )—ଦାଆ ବା କୋଡ଼ିଦ୍ୱାରା ହିଡ଼ର ପାଖମାନ କାଟିବା—
3. Scraping of the sides of the ridge of a paddy-field with spade.
ପ୍ରାଦେ. (ଯାଜପୁର) ବି—ଯେଉଁ ସ୍ଥାନର ନିକଟ ବୁଝାଏ ସେହି ସ୍ଥାନ—The place ( itself )
( ଯଥା—ଘରକତିକି ଯିବ=ଘରକୁ ଯିବ । )
ଗ୍ରା. ଅ.—୧ । ନିକଟକୁ—1. To; near.
পাশে; কাছে ୨ । ନିକଟରେ; ଠାରେ; ପାଖରେ—
नजदीग 2. Near; at.

**କତି କରିବା**—ଦେ. କ୍ରି. ( ସଂ. କର୍ତ୍ତନ )—ହିଡ଼ କତି କରିବା; ଦାଆ
Kati karibā ବା କୋଡ଼ିଦ୍ୱାରା ହିଡ଼ପାଖରୁ ମାଟି ଗୁଞ୍ଜିବା ବା କାଟିବା—To cut slices of earth from the sides of a ridge.

**କତିକି**—ଗ୍ରା. କ୍ରି. ବିଣ—୧ । ନିକଟକୁ; ପାଖକୁ—1. Near.
Katiki ଅଶୀଭକାର ସବୁରୂପେ ମୋହର ଛଡ଼ିବାକୁ ମୁଁ କତିକି—
ଭକ୍ତ. ପ୍ରେମସୁଧାନିଧି ।
୨ । କୁ; ଠାକୁ—2. To.
ଅସିଲେ ବଦାବର ତାହାଙ୍କ କତିକି—କୃଷ୍ଣସିଂହ. ମହାଭାରତ. ବନ ।

**କତିଚିତ୍**—ସଂ. ଅ. ( କତି + ଅନିଶ୍ଚୟ ଅର୍ଥରେ. ଚିତ୍ )—କେତେକ;
Katichit କତିପୟସଂଖ୍ୟକ; କେତେଗୁଡ଼ିଏ—Some.

**କତିଥ**—ସଂ. ବିଣ. ( କତି + ପ୍ରକାରାର୍ଥେ. ଥ )—କେତେ ପ୍ରକାରର—
Katitha Of some kinds; some kinds of; of how many kinds.

**କତିଧା**—ସଂ. ବିଣ. ( କତି + ପ୍ରକାରାର୍ଥେ. ଧା )—
Katidhā ୧ । କତିଥ (ଦେଖ )—1. Katitha ( See )
୨ । କେତେଥର—2. How many times (M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇପ୍ | ଉଅ | ଛ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

୩ । କେତେ ସ୍ଥାନରେ—
3. In how many places (M. W.)
୪ । ବାରମ୍ବାର; କେତେ ଥର—
4. How often (M. W.)
୫ । କେତେ ଭାଗରେ -
5. Into how many parts (M. W.)

**କତିପୟ**—ସ. ବଣ. ( କତି+ଅୟ, ଡପାଡନ )—
Katipaya କତିଚତ୍ ( ଦେଖ )—Katichit ( See )

**କତିବିଧ**—ସ. ବଣ. ( ବହୁବ୍ରୀହି; କତି+ବିଧା=ପ୍ରକାର )—
Katibidha କତିଥ ( ଦେଖ )
(କତିବିଧା—ସ୍ତ୍ରୀ) Katitha ( See )

**କତିଶଃ**—ସ. ଅ. ( କତି+ଶସ୍ )—ଥରକେ କେତେ ?—
Katiśah How many at a time ?.

**କତିସଂଖ୍ୟ**—ସ. ବଣ. ପୁଂ. ( ବହୁବ୍ରୀହି; କତି+ସଂଖ୍ୟା )—କେତେ
Katisamkhya ସଂଖ୍ୟକ—How many in number (M. W.)
( କତିସଂଖ୍ୟା—ସ୍ତ୍ରୀ )

**କତି ହାଣିବା**—ଦେ. କ୍ରି—କତି କାଟିବା; ବଢ଼ିକି ପଡ଼ିଥିବା ମାଟି ଓ
Kati hāṇibā ଘାସକୁ କାଟି ହଳର ହିଡ଼ ପରିଷ୍କାର କରିବା—
To cut the overgrowing grass and earth from the border of a ridge of a paddy-field.

**କତିହାୟନ**—ସ. ବଣ. ପୁଂ—କେତେବର୍ଷବୟସ୍କ ?—
Katihāyana How many years old ? (M.W.)
( କତିହାୟନା—ସ୍ତ୍ରୀ )

**କତୀରା**—ବୈଦେ. ବି—ଏକ ପ୍ରକାର ବନ୍ୟ ଗଛର ଅଠା—A kind of
Katirā gum used as medicine for gonerhœa.
[ ଦ୍ର—ଏହି ଶୁଖିଲା ଅଠାକୁ ପୋଟଳବଣିଆମାନେ ବିକନ୍ତି ।
ଏହା ମେହରୋଗରେ ଔଷଧରୂପେ ବ୍ୟବହୃତ ହୁଏ । ]

**କଟୁଆ**—ପ୍ରାଦେ. ( ସମ୍ବଲପୁର ) ବି. ( ସ. କୃତ ଧାତୁ )—
Katuā ୧ । ବଡ଼ ଲୁହଣ—1. A big iron-chisel.
୨ । ମାଟି କାଟିବା ନିମନ୍ତେ ବ୍ୟବହୃତ କାଠର ଯନ୍ତ୍ର; କାଟୁଆ—
2. A wooden spade used for cutting earth.

**କଟୁରା**—ଦେ. ବଣ. (ସ. କର୍ତ୍ତିତ)—୧ । ଅଗକଟା ହୋଇଥିବା—
Katurā 1. Cropped up; cut on the top.
ହାଁଟା ୨ । କଟୁରୀଦ୍ୱାରା କଟା ହୋଇଥିବା—2. Cropped
କତରାହୁଆ or cut by the scissors.
ଦେ. ବି.—(ବାଳ) କଟୁରବାକ୍ରିୟା; ଅଗ କାଟିବା କର୍ମ—
ହାଁଟା The act of cropping up (the hair).
କତରବାଇ

**କଟୁରା ଆମ୍ବୁଲ**—ଦେ. ବି.—କଞ୍ଚା ଆମ୍ବର ଖଣ ଖଣ୍ଡି ପ୍ରସ୍ତୁତ କରାଯିବା
Katurā āmbula ଅମ୍ବୁଲ—Soft slices of unripe mango scrapped and seasoned.

**କଟୁରାଇବା**—ଦେ. କ୍ରି.—କଟୁରିବା କ୍ରିୟାର ଣିଜନ୍ତ ରୂପ—
Katurāibā Causative form of Katuribā.
ଛାଁଟାନ
କତରାନା

**କଟୁରା ଗୁଆ**—ଦେ.ବି.—ଅତି ପତଳା ଲମ୍ବ ଆକାରରେ କଟା ହୋଇଥିବ
Katurā guā ଗୁଆ—Betel-nut cut into thin slender slices.

**କଟୁରା ବାଳ**—ଦେ. ବି.—୧ । କଟୁରୀଦ୍ୱାରା କଟା ହୋଇଥିବା
Katurā bāla ମସ୍ତକସ୍ଥ କେଶ—1. Hair left on the
ଛାଁଟାଚୁଲ head after cropping.
କତରା ହୁଆ ବାଲ ୨ । କଟୁରୀଦ୍ୱାରା ମୁଣ୍ଡରୁ କଟା ହୋଇ ତଳେ
ଜମା ହୋଇଥିବା କେଶଗୁଚ୍ଛ—2. Hair severed from the head by cropping.

**କଟୁରିଆ**—ପ୍ରାଦେ. (ଗଡ଼ଜାତ) ବି. ( ଭୁଲ. ସମ୍ବଲପୁର—କଡ଼ରିଆ;
Katuriā ବକ୍ରଣିଆ)—ଗହଡ଼ୁଣୀ, ଗୁଡ୍ଡୁଣୀ ଆଦି ପିତଳବାହୁ
ଉପରେ ଅର୍ଥାତ୍ କହୁଣୀପାଖରେ ପିନ୍ଧିବା ପିତଳର
ପତଳା ବଳୟ—Thin bracelet of brass worn by lowcaste females below the elbow.

**କଟୁରିବା**—ଦେ. କ୍ରି—୧ । ଅଗରୁ ପତଳା ପତଳା କରି କାଟିବା—
Katuribā 1. To cut the outstanding or upper
ଛାଁଟା portion.
କତରନା ୨ । କଟୁରୀରେ କାଟିବା—2. To crop with the
(କଟୁରାଇବା—ଣିଜନ୍ତ) scissors.
୩ । କାଟି ଦେବା; ନାଶ କରିବା—3. To destroy.

ଅହେ ବଣ୍ଡଖାସ ସେ ସଖାଙ୍କ କଟୁରି ।
ମୋର ଲଳାଟରୁ ଦେଖଇ କଟୁର । କୃଷ୍ଣସିଂହ. ମହାଭାରତ. ସଭା ।

**କଟୁରୀ**—ଦେ. ବି. (ସ. କର୍ତ୍ତରି; ଭୁଲ—ପ୍ରା. କଟ୍ଟରୀ)—
Katurī ୧ । କର୍ତ୍ତନସାଧନ ଯନ୍ତ୍ରବିଶେଷ; କଇଁଚି—
1. Scissors.

ସେ ବଡ଼ ଚଟୁରୀ, ଉଭ ଯା ଗୁଟୁରୀ କଟୁରୀ ସହିତେ ଦମ୍ଭ ।
ଉଷା. ପ୍ରେମସୁଧାନିଧି ।

୨ । ଏକ ପ୍ରକାର ବାଣ—2. A kind of arrows.

କଟୁରୀ ଜାଣିକ ଯେ ପେଷିଲ ଅଭିମନ୍ୟୁ ।
ଏକାକ୍ଷରକେ ଚ୍ଛେଦନ ସମସ୍ତଙ୍କ ଧନୁ—ସାରଳା. ମହାଭାରତ ।

୩ । ( ବଣିଆ ଶବ୍ଦ ) ସଧବାର ହାତରେ ପିନ୍ଧାଯିବା ଲୁହା,
କଂସା, ସୁନା, ରୁପା ଏବଂ ମିଶ୍ରଧାତୁରେ ତିଆରି ହେଲା
ଏକ ପ୍ରକାର ଅଳଙ୍କାର—3. A kind of bracelet made of mined metal.
୪ । (ବଣିଆଶବ୍ଦ) ପତ୍ରୀକୃତ ସ୍ୱର୍ଣ୍ଣାଦିର କର୍ତ୍ତନ ନିମନ୍ତେ ଏକ
ଜାତୀୟ କଇଁଚି—4. Scissors for cutting gold and silver leaf.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଳକତ' ନ ପାଇଲେ 'ଅଲ୍‌କତ' ଦେଖିବେ ।

**କଟୁରୀ ଚଳାଇବା**—ଦେ. କ୍ରି – କାଟି ଦେବା—
Katurī chaḻāibā To crop up; to cut.
ଚରୁରୀ ହୋଇ କୁଶାଙ୍କୀଜନ କଣ୍ଠେ କଟୁରୀ ଚଳାଇ ଯାହା—କବିସୂର୍ଯ୍ୟ ।

**କଟୁରୁଣୀ**—ଦେ. ବ—ଛୋଟ କଟୁରୀ—
Katuruṇī A small pair of scissors.
କାଁଚି
কতরনো

**କଟ୍ଟାସମ୍ବତ୍ସର**—ପ୍ରାଦେ. (ଗଞ୍ଜାମ) ବ. (ଭୁଲ. ତେ. କଟ୍ଟାସାଂବତ୍ସାରଂ)—
Kattāsambatsara ଗଞ୍ଜାମ ଓଡ଼ିଆଙ୍କର ମାର୍ଚ୍ଚମାସ ଶେଷ ସପ୍ତାହରେ ପଡ଼ିବା ଏକ ଉତ୍ସବ—A festival observed by the Oriyas of Ganjam in the last week of March.
[ ଦ୍ର—ଏ ଦିନ ଲୋକେ ପିଠା ପଣା କରି ଖାଆନ୍ତି ଏବଂ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରି ନୂତନ ବସ୍ତ୍ର ପିନ୍ଧନ୍ତି । ତେଲୁଗୁମାନଙ୍କର ଏହା ବର୍ଷର ପ୍ରଥମ ଦିନ । ]

**କତୃଣ**—ସଂ. ବ. ( କୁ+ତୃଣ; କୁ ସ୍ଥାନରେ କତ୍ ଆଦେଶ )—
Kattṛuṇa ଧନ୍ୟାଁ; ରାମକପୂର୍; ସୁଗନ୍ଧ ତୃଣବିଶେଷ—

ସଂ. ପର୍ଯ୍ୟାୟ—ରୌହିଷ, ଦେବଜଗ୍ଧ, ସୌଗନ୍ଧିକ, ଭୂତିକ, ପୌର, ଶ୍ୟାମକ, ଧୂମଗନ୍ଧିକ
A kind of scented grass; Andropogen Schoenanthes.
ରାମକର୍ପୂର
रोहिस् साधिया,
गन्धेज्घास, अगिआघास्
ତେ. କାମଂଚଗଡ୍ଡି, ଭୂସ୍ତୃଣ
ମ. ରୋହିଷ
ଫା. ଖବାଲମାମୂନ୍
ଆ. ଅଜଖର

[ ଦ୍ର—ଏହା ବୁଦା ବୁଦା ହୋଇ ଜଳ ଶୁଖି ହାତ ବଢ଼େ । ଏହାର ପତ୍ର ସୁଗନ୍ଧ । ଏହା କଷାୟ, ତିକ୍ତରସ ଓ କଟୁବିପାକ; ଏହା ହୃଦ୍ରୋଗ, କଣ୍ଠରୋଗ, ପିତ୍ତ, ରକ୍ତଦୋଷ, ଶୂଳ, କାଶ, କଫ ଓ ଜ୍ୱରନାଶକ । ବିଶେଷତଃ ଗୋରୁମାନଙ୍କର ଯାବତୀୟ ଉଦର ରୋଗର ଏହା ପ୍ରଧାନ ଔଷଧ । ]

**କତ୍ତୋୟ**—ସଂ. ବ. ( କୁ+ତୋୟ=ଜଳ; କୁ ସ୍ଥାନରେ କତ୍ ଆଦେଶ; ମନ୍ଦ ଜଳୀୟ ପଦାର୍ଥ )—
Kattoya
ମଦ୍ୟ—Wine.

**କତ୍ଥା**—ଦେ. ବ. ( ସଂ. କ୍ୱାଥ; ହି. କତ୍ଥା )—
Katthā ଖଇର—Catechu.

**କଥ୍**—ଦେ. ବ. ( ଆ. କତ୍ )—ଖଇର—
Kath Catechu.

**କଥ୍ନି**—ପ୍ରାଦେ. ( ସମ୍ବଲପୁର ) ବ—କଥନି ( ଦେଖ )
Kathni Kathani ( See )

**କଥଉଁ**—ଗ୍ରା. ଅ—୧ । କୌଣସି କଥାରୁ ଆରମ୍ଭ କରି—
Kathauṅ 1. Beginning from a matter.
୨ । କଥାବାର୍ତ୍ତା ହେଉ ହେଉ—
2. In the course of conversation.

**କଥଉଁକଥା**—ଦେ. ବ—କଥଂକଥା ( ଦେଖ )
Kathauṅkathā Kathaṁkathā ( See )

**କଥଂ**—ସଂ. ଅ. ( କିମ୍+ପ୍ରକାରାର୍ଥେ. ଥଂ )—
Kathaṁ ୧ । କି ପ୍ରକାରେ—1. How.
୨ । କିଆଁ; କାହିଁକି—2. Why.
[ ଦ୍ର—ଏ ଶବ୍ଦ ସଂସ୍କୃତରେ ପ୍ରଶ୍ନ, ନିନ୍ଦା, ସମ୍ଭ୍ରମ, ସମ୍ଭାବନା, ଘୃଣା, ଆହ୍ଲାଦ ଓ ସନ୍ଦେହସୂଚକ ସ୍ଥଳରେ ପ୍ରୟୋଗ କରାଯାଏ । ]

**କଥଂକଥା**—ଦେ. ବ. ( ସଂ. କଥ ଧାତୁ )—
Kathaṁkathā ୧ । କେବଳ କଥା ( କାର୍ଯ୍ୟ ନୁହେ )—
কথারকথা 1. Mere talk; verbosity.
୨ । କଥୋପକଥନ; ଅନ୍ୟୋନ୍ୟରେ କଥାବାର୍ତ୍ତା—
2. Mutual talking; conversation.
୩ । ବୃଥା ଗପ—3. Useless talk.
ଦେ. କ୍ରି. ବିଣ.—୧ । କଥାବାର୍ତ୍ତା ହେଉ ହେଉ—
কথায়কথায় 1. While talking or engaged in talk.
୨ । କଥାପ୍ରସଙ୍ଗରେ—2. In the course of conversation.

**କଥକ**—ସଂ. ବ. ପୁଂ. ( କଥ୍ ଧାତୁ=କହିବା+କର୍ତ୍ତୃ. ଅକ )—
Kathaka ୧ । ବକ୍ତା—1. Speaker; narrator.
୨ । କଥୋପଜୀବୀ; ଯେ ସାଧାରଣଙ୍କ ଆଗରେ ପୁରାଣକଥା ବ୍ୟାଖ୍ୟା କରନ୍ତି—
2. One who narrates or recites mythological stories in public as a profession; rhapsodist.
୩ । ନାଟକବର୍ଣ୍ଣନକର୍ତ୍ତା—3. A reader of dramas.

**କଥକତା**—ସଂ. ବ. ( କଥକ+ଭାବ. ତା )—
Kathakatā ୧ । ପୁରାଣକଥା ବ୍ୟାଖ୍ୟାକରିବାର ଜୀବିକା—
1. The profession of Paurāṇika narrator or rhapsodist.
୨ । ବାଗ୍ମିତା—2. Fluent speaking; oratory; act of speaking.

**କଥଞ୍ଚନ**—ସଂ. ଅ. ( କଥଂ+ଅନିଶ୍ଚୟ ଅର୍ଥରେ. ଚନ )—
Kathañchana କଥଞ୍ଚିତ୍ ( ଦେଖ )—Kathañchit (See)

**କଥଞ୍ଚିତ୍**—ସଂ. ଅ. ( କଥଂ+ଅନିଶ୍ଚୟ ଅର୍ଥରେ. ଚିତ୍ )—
Kathañchit ୧ । କି ପ୍ରକାରେ; କି ଉପାୟରେ—
1. How; by what means.
୨ । ଯେ କୌଣସି ଉପାୟରେ; ଯେନକେନ ପ୍ରକାରେ—
2. Any how; some how.
୩ । ଅତି କଷ୍ଟରେ—3. With much difficulty.
୪ । ଅତି ସାମାନ୍ୟ ପ୍ରକାରେ—
4. Very slightly.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଢ଼ | .ନ୍ |

**କଥନ**—ସଂ. ବି. ( କଥ୍ ଧାତୁ=କହିବା+ଭାବ. ଅନ )—
Kathana ୧ । ଉକ୍ତି—1. Speech; narration.
୨ । କହିବା—2. Act of speaking; reciting; narrating; relating (any thing).

**କଥନି**—ଦେ. ବି. ( ସଂ. କଥନୀୟ )—
Kathani ୧ । କହିବାଯୋଗ୍ୟ କଥା ବା ବିଷୟ—
କଥନୀ 1. Any thing worth saying.
୨ । ଉପକଥା; ଗଳ୍ପ—2. Story.
୩ । କଥନ; କହିବା—3. Speaking.
ଦେ. ବିଣ—କଥନୀୟ—Worthy of mention.
ପ୍ରାଦେ. ( ସମ୍ବଲପୁର ) ବି—କାହାଣୀ; ଶିଶୁଗଳ୍ପ—Folk-tale.

**କଥନୀୟ**—ସଂ. ବିଣ. ( କଥ୍ ଧାତୁ+କର୍ମ. ଅନୀୟ )—
Kathaniya ୧ । ଉଲ୍ଲେଖଯୋଗ୍ୟ; କହିବାର ଯୋଗ୍ୟ—
1. Fit to be said or mentioned.
୨ । ବକ୍ତବ୍ୟ—2. To be told or declared.
୩ । ବର୍ଣ୍ଣନୀୟ—3. Describable.

**କଥମ୍ଭାବ**—ସଂ. ବି. ( କଥଂ+ପ୍ରକାରାର୍ଥେ. ଭାବ )—କି ପ୍ରକାର—
Kathambhāba What kind.
ସଂ. ବିଣ—କଥମ୍ଭୂତ ( ଦେଖ )—Kathambhūta ( See )

**କଥମ୍ଭୂତ**—ସଂ. ବିଣ. ( କଥଂ+ଭୂତ )—
Kathambhūta ୧ । କିମ୍ଭୂତ; କି ପ୍ରକାର; କିମାକାର; କିରୂପ-ଭାବାପନ୍ନ—1. What sort of; what kind of.
୨ । ଅତି ଆଶ୍ଚର୍ଯ୍ୟଜନକ—
2. Very strange or wonderful.

**କଥୟନ୍ତି**—ସଂ. କ୍ରି. ( ବହୁବଚନାନ୍ତ; ପ୍ରାଚୀନ ପଦ୍ୟ )—ମାନ୍ୟାର୍ଥ ଓ
Kathayanti ବହୁବଚନରେ ( ସେ; ସେମାନେ ) କହନ୍ତି; କହୁଅଛନ୍ତି—(he or they) Is or are saying.
କଥୟନ୍ତି ଦାଶରଥି ଶୁଣ ହେ ସୁଗ୍ରୀବର—ଦାଣ୍ଡିରାମାୟଣ ।

**କଥା**—ସଂ. ବି. ସ୍ତ୍ରୀ. ( କଥ୍ ଧାତୁ=କହିବା+ଭାବ. ଅ+ସ୍ତ୍ରୀ. ଆ )—
Kathā ୧ । ଗଳ୍ପ; କାହାଣୀ; ଉପାଖ୍ୟାନ—1. A feigned story; a tale; fable; folk-tale.
୨ । କଥାବାର୍ତ୍ତା; ବାକ୍ୟାଳାପ—
2. Conversation; talk.
( ଯଥା—ସାନ ମୁହଁରେ ବଡ଼ କଥା ସହି ହୁଏ ନାହିଁ । )
୩ । ଉକ୍ତି—3. Speech.
୪ । ସମ୍ବାଦ; ବାର୍ତ୍ତା; ସମାଚାର—
4. Information; news; message.
୫ । ଉଚ୍ଚାରଣ—5. Utterance.
୬ । ଜିଦ୍‌ର ଜବାବ୍—6. Solemn promise; word.
୭ । ଭାଷା—7. Language; words.
୮ । ତଥ୍ୟ—8. True facts.
୯ । ବିଷୟ—9. Matter; subject.
୧୦ । ପ୍ରବାଦ; ପ୍ରବଚନ—
10. Proverb; saying; adage.
୧୧ । କିଛି ପଦାର୍ଥ; କୌଣସି ବସ୍ତୁ—
11. Something; anything.
ଚମତ୍କାର କଥା ଦେଖି, ଯେତେ କପଟ ରଖି ।
କବିସୂର୍ଯ୍ୟ. କଳୋଜଚମ୍ପୂ. ଓ. ଗୀତ ।
୧୨ । ଘଟଣା—12. Happening; event; incident.
ଅଳପ ଦିନକୁ ବହୁତ କଥା, ଜୀବନରହିବାକୁ କଲ ବଥାଡା—ଢଗ ।
୧୩ । ଉପଦେଶ—13. Advice.
୧୪ । ଅନୁରୋଧ—14. Request.
୧୫ । ଅବସ୍ଥା—15. Condition; plight.
୧୬ । ଆଦେଶ—16. Order.
୧୭ । ନିରର୍ଥକ ପ୍ରସଙ୍ଗ—
17. Meaningless or unintentional course of talk or conversation.
୧୮ । କର୍ମ; କାର୍ଯ୍ୟ—18. Act.
୧୯ । ବାକ୍ୟ—19. Sentence.
୨୦ । ପଦ—20 Word.
୨୧ । ପ୍ରସଙ୍ଗ—21. Reference.
୨୨ । ତର୍କବିତର୍କ; ଆଲୋଚନା—22. Discussion.
୨୩ । ପ୍ରସ୍ତାବ—23. Proposal.
୨୪ । ଜନରବ—24. Rumour.
୨୫ । ବିବରଣ—25. Account; description.
୨୬ । ଗୁପ୍ତ ରହସ୍ୟ—26. Secret.
୨୭ । ମୌଖିକ ଚୁକ୍ତି—27. Verbal contract.
୨୮ । ଅଙ୍ଗୀକାର—28. Promise.
୨୯ । ଜବାବ; ଚୁକ୍ତି—29. Agreement.
୩୦ । ସତ୍ୟ; ପ୍ରତିଜ୍ଞା—30. Words; resolution.
୩୧ । ଖ୍ୟାତି ବା ଅଖ୍ୟାତି—31. Fame or notoriety.
ଜନକର ଯଶ, ଯୁଗକର କଥା—ପ୍ରବଚନ ।
୩୨ । ଆଚରଣ—32. Conduct.
ଅରଜୁନ ତା ଦେଖି ବୋଇଲେ କୃଷ୍ଣକୁ
ଦେଖ ହେ କୃଷ୍ଣ ଅଶ୍ୱତ୍ଥାମାର କଥାକୁ ।
କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।

ଦେ. ବି. (ସଂ. କ୍ୱାଥ; ହି. କଥା)—ଖଇର—Catechu.

**କଥା ଆଣିବା**—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିଠାରୁ ଗୁପ୍ତ ରହସ୍ୟ ଓ
Kathā ānibā ତଥ୍ୟ ସଂଗ୍ରହ କରିବା; କୌଶଳକ୍ରମେ ଅନ୍ୟଠାରୁ
କଥାଲେଓୟା ଗୁପ୍ତ ବିଷୟ ସଂଗ୍ରହ କରିବା—
ବାତଲେଓୟା 1. To gather secrets or true facts from others.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଏକ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତି ନିକଟକୁ ସମ୍ବାଦ ଆଣିବା—
2. To carry news or message from one person to another.

୩ । କୌଣସି ବ୍ୟକ୍ତିଠାରୁ ନିର୍ଭର ବା ସ୍ଥିର ଜବାବ ଆଣିବା—
3. To enact a confession or sure promise from a person.

**କଥା ଉଠାଇବା**—ଦେ. କ୍ରି.—୧ । ପ୍ରସ୍ତାବ କରିବା—
Kathā uṭhāibā — 1. To propose.
କଥାଓଠାନ — ୨ । ଦୋଷ ପ୍ରଚାର କରିବା—
2. To spread ill of something.
୩ । କୌଣସି ଗୋଟିଏ ବିଷୟ ପ୍ରକାଶ ଓ ବ୍ୟାପ୍ତ କରିବା—
3. To give out a matter and spread it.

**କଥା ଉଠିବା**—ଦେ. କ୍ରି.—୧ । ପ୍ରସ୍ତାବିତ ହେବା—
Kathā uṭhibā — 1. Being proposed.
(କଥା ଉଠାଇବା—ଣିଜନ୍ତ) ୨ । (କୌଣସି ସମ୍ବାଦ) ପ୍ରଚରିତ
କଥା ਉਠਾ ହେବା—2. (any news) Being current.

**କଥା ଉପରେ କଥା କହିବା**—ଦେ. କ୍ରି.—୧ । ଜଣକର ବାକ୍ୟ ଶେଷ
Kathā upare kathā kahibā ନ ହେଉଣୁ କଥା କହିବା—
1. To speak before another person finishes speaking.
୨ । ଅବାଧ ଭାବରେ ଗୁରୁଜନଙ୍କୁ ଉତ୍ତର ଦେବା—
2. To give insubordinate replies or retorts to one's elders.

**କଥାଏ କଥାଏ**—ଦେ. କ୍ରି. ବିଣ.—୧ । ପ୍ରତି କଥାରେ—
Kathāe kathāe — 1. In every word.
କଥାୟ କଥାୟ — ୨ । ପ୍ରତି ବିଷୟରେ—
बात् बात में — 2. In every matter.

**କଥାକଥାକେ**—ଦେ. କ୍ରି. ବିଣ.—କଥାଏ କଥାଏ (ଦେଖ)
Kathākathāke — Kathāe kathāe (See)

**କଥା କରିବା**—ଦେ. କ୍ରି.—୧ । ଚୁକ୍ତି କରିବା; ଶେଷ ଜବାବ୍ କରିବା—
Kathā karibā — 1. To enter into a pact or
କଥାକରା — agreement.
୨ । କୌଣସି କାର୍ଯ୍ୟ କରିବା—2. To do an act.

**କଥା କହିବା**—ଦେ. କ୍ରି.—୧ ଗଳ୍ପ କରିବା—
Kathā kahibā — 1. To talk.
କଥାକହା — ୨ । ଉପାଖ୍ୟାନାଦି କହିବା—2. To narrate a
बात् करना; बातचित करना — fable or folk-tale.
୩ । ବାକ୍ୟ ଉଚ୍ଚାରଣ କରିବା—
3. To utter words; to speak.
୪ । ମୁହଁ ଫିଟାଇବା—4. To open one's mouth.

**କଥା କାଢ଼ିବା**—ଦେ. କ୍ରି.—୧ । କୌଣସି କଥା ହଠାତ୍ ପ୍ରକାଶ କରିବା—
Kathā kāṛhibā To give out something suddenly.

୨ । ଦୋଷ ବାଛିବା—2. To find fault with.

**କଥାକୁ**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. କଥକ)—ବାଚାଳ; ଗପଡ଼ି—
Kathāku — Talkative.

**କଥାକୁ ଆଣିବା**—ଦେ. କ୍ରି.—ସଙ୍ଗତ ବା ଠିକ୍ ମନେ କରିବା—
Kathāku ānibā To deem adequate or reasonable.
ମୂର୍ଖପଣେ ଲୋକେ ପାର୍ଥଙ୍କୁ ବର୍ଣ୍ଣିବାକୁ,
ବୋଲନ୍ତି ଯାହା, ତା ଅଣିବା କି କଥାକୁ ।
କୃଷ୍ଣସିଂ ମହାଭାରତ. ଦ୍ରୋଣ ।

**କଥାକୁ କଥା**—ଦେ. ବି.—୧ । କୌଣସି ବ୍ୟକ୍ତିର ପ୍ରତ୍ୟେକ କଥାରେ
Kathāku kathā ଦିଆଯିବା ଉତ୍ତର—1. Word to word; reply to every question.
୨ । କଥାପ୍ରସଙ୍ଗ; କଥୋପକଥନ—
2. Conversation; course of talk.
(ଯଥା—କଥାକୁ କଥାଏ କହି ଦେଲି ସିନା; କିନ୍ତୁ ଏ କଥା ମୋ ମନେ ନ ଥିଲା ।)
୩ । ଉପଯୁକ୍ତ ଘଟନା ଉପଲକ୍ଷରେ କରାଯିବା କାର୍ଯ୍ୟ—
3. Act done on proper or suitable occasion.
କଥାକୁ କଥାଏ, ଉଇସରକୁ ଉଜଣୀ ଗଲେ ଥିବ୍ରେ ମଥାଏ—ଢଗ ।

**କଥାକୁ କହିବା**—ଦେ. କ୍ରି—କୌଣସି ଉଦ୍ଦେଶ୍ୟ ନ ରଖି କେବଳ
Kathāku kahibā ବାଗ୍‌ବ୍ୟୟ କରିବା—To speak something only for speaking.

**କଥାକୁ ହସିବା**—ଦେ. କ୍ରି—(ଅନ୍ୟର) କହିବା ବିଷୟକୁ ଉପହାସ
Kathāku hasibā କରିବା—To mock at one's word.
ମୋ କଥାକୁ ହସିତ ଦେଲ୍ ସୁଯୋଧନ—କୃଷ୍ଣସିଂ. ମହାଭାରତ. ଉଦ୍ଯୋଗ ।

**କଥାକୁହା**—ଦେ. ବିଣ—କଥାକୁହାଳିଆ (ଦେଖ)
Kathākuhā — Kathākuhālia (See)

**କଥାକୁହାଳି**—ଦେ. ବିଣ—କଥାକୁହାଳିଆ (ଦେଖ)
Kathākuhāli — Kathākuhālia (See)

**କଥାକୁହାଳିଆ**—ଦେ. ବିଣ—୧ । ଯେ କଥା କହି ପାରେ—
Kathākuhālia — 1. One who can talk.
୨ । ଯେ କାହାଣୀ ବା ଗଳ୍ପ କହେ—2. One who narrates stories or folk-tales.
୩ । ଗପଡ଼ି; ଯେ ଏଣୁ ତେଣୁ ଗୁଡ଼ାଏ କହେ ବା ବକେ—
3. One who talks too much.
୪ । ବାଚାଳ; ବକୁଆ; ବାବଦୂକ—4. Talkative.

**କଥାକେ କଥାକେ**—ଦେ. କ୍ରି. ବିଣ—କଥାଏ କଥାଏ (ଦେଖ)
Kathāke kathāke — Kathāe kathāe (See)
কথায় কথায় । କଥାକେ କଥାକେ ଥୋକେ ଯାଉଛନ୍ତି ରୁଷି । ଯଯାତି. ମହାଯାତ୍ରା ।

**କଥା ଛିଣ୍ଡାଇବା**—ଦେ. କ୍ରି—୧ । କୌଣସି ବିଷୟରେ ଶେଷ ନିଷ୍ପତ୍ତି
Kathā chhiṇḍāibā କରିବା—1. To finally settle a matter.
୨ । ଚୁକ୍ତି କରିବା—2. To enter into a contract.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଢ |
| ୨ | ଈ | ଊ | ଚ | ଲୁ | ପ୍ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଔ | ଯ | ସ | ଗିଁ | ଇଅ | ଢ଼ | ନ୍ଦ |

**କଥା ଛିଣ୍ଡିଯିବା**—ଦେ. ବି—୧ । କୌଣସି ବିଷୟରେ ଶେଷ ନିଷ୍ପତ୍ତି ହୋଇଯିବା—1. (a matter) Being finally settled.
Kathā chhiṇḍijibā
୨ । ଚୁକ୍ତି ହୋଇଯିବା—2. The completion of a contract.

**କଥାଟିଆ**—ଦେ. ବିଣ—ବଚନସର୍ବସ୍ୱ ବ୍ୟକ୍ତି—
Kathāṭiā One who simply talks (without acting).
कथकड़

**କଥାଣି**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କଥନ; କଥାନକ ) —
Kathāṇi କଥା; କାହାଣି—Story; folktale.

**କଥାତୁଆ**—ପ୍ରାଦେ. ( ସମ୍ବଲପୁର ) ବିଣ—ବାଚାଳ; ଗପୁଡ଼ି—
Kathātuā Talkative; garrulous.

**କଥା ଦେବା**—ଦେ. କ୍ରି—ପ୍ରତିଜ୍ଞା କରିବା; ନିର୍ଭର ଜବାବ ଦେବା—
Kathā debā To give one's word; to promise solemnly.
कथादेओया
बातदेना

**କଥା ଦେହରେ ନ ଯିବା**—ଦେ. ବି—୧ । ଜଣକର ବାକ୍ୟ ଅନ୍ୟର ଅସହ୍ୟ ହେବା—1. A person's words to be unbearable to another.
Kathā dehare na jibā
୨ । ଜଣକର ଉନ୍ନତି ବା ବିଭବ ଦେଖି ଅନ୍ୟ ବ୍ୟକ୍ତିର ପରଶ୍ରୀକାତରତା ଜାତ ହେବା—2. Becoming envious at another's prosperity.

**କଥା ଧରିବା**—ଦେ. କ୍ରି—କୌଣସି ବ୍ୟକ୍ତିର କଥିତ ବାକ୍ୟ ପ୍ରତି ଆପତ୍ତି କରିବା ବା ତୀବ୍ର ସମାଲୋଚନା କରିବା—
Kathā dharibā
कथाधरा To object to or pass strong remarks against anothers words.
बात पकड़ना

ଶର୍ମିଷ୍ଠା ଅଜ୍ଞାନ ବାଳିକା ତା କଥା ଧରିବା ନୁହେ ଉଚିତ ।
ଉଦ୍ଧବଗୋର ଶର୍ମିଷ୍ଠା ।

**କଥା ଧରି ବସିବା**—ଦେ. କ୍ରି.—୧ । କଥା ଧରିବା (ଦେଖ)—
Kathā dhari basibā 1. Kathā dharibā (See)
୨ । କୌଣସି ଘଟନା ବା ବିଷୟରେ ଜାତ ହୋଇଥିବା ଭାବକୁ ବହୁକାଳ ମନରେ ରଖିବା—2. To keep in mind the impression of something and to be affected thereby.
୩ । ଜିଗର ଧରି ବସିବା—3. To be obstinate (in something).

**କଥାନିକା**—ସଂ. ବି.—କାହାଣୀ ବା ଉପନ୍ୟାସର ଏକ ଭେଦ, (ଏଥିରେ ପ୍ରଧାନ କାହାଣୀ ପାତ୍ର ପାତ୍ରୀଙ୍କ କଥୋପକଥନ ଦ୍ୱାରା ପ୍ରକାଶିତ ହୁଏ—ହି. ଶବ୍ଦସାଗର)—
Kathānikā
A kind of folktale consisting of dialogues.

**କଥା ନେବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତିଠାରୁ ଗୁପ୍ତ ବିଷୟ ବାହାର କରିବା—1. To cause a person to give out a secret.
Kathā nebā
कथालेओया
बातलेना ୨ । କୌଣସି ବ୍ୟକ୍ତିଠାରୁ କୌଣସି ସମ୍ବାଦ ଅନ୍ୟଠାକୁ ନେବା—2. To carry a message from a person.
୩ । କୌଣସି ବ୍ୟକ୍ତିଠାରୁ ସ୍ଥିର ଜବାବ ଗ୍ରହଣ କରିବା—3. To take a promise from a person.

**କଥାନ୍ତର**—ସଂ.ବି. (୬ଷ୍ଠୀ ତତ୍; କଥା + ଅନ୍ତର)—୧ । କଥାବସର—
Kathāntara 1. Opportunity for talking on a subject.
୨ । ବାକ୍ୟାନ୍ତର—2. Another word.
୩ । ଅନ୍ୟ ବିଷୟ—3. Another matter.

**କଥା ପକାଇବା**—ଦେ. କ୍ରି.—୧ । କୌଣସି ବିଷୟର ଆଲୋଚନା ଉତ୍ଥାପନ କରିବା—1. To introduce a discussion on somthing.
Kathā pakāibā
कथाफेला
बातउठाना ୨ । ଆଲୋଚନା ନିମନ୍ତେ କୌଣସି ବିଷୟ ଉପସ୍ଥାପିତ କରିବା—2. To put forth (something) for discussion.

**କଥା ପାଳିବା**—ଦେ. କ୍ରି.—୧ । ଆପଣାର ଜବାବ ରକ୍ଷାକରିବା—
Kathā pāḷibā 1. To keep one's promise.
कथा पालनकरा ୨ । ଅନ୍ୟର ଆଦେଶ ପାଳନ କରିବା—
बातपालना 2. To obey another's behests.

**କଥାପ୍ରସଙ୍ଗ**—ସଂ. ବି. (୬ଷ୍ଠୀ ତତ୍; କଥା + ପ୍ରସଙ୍ଗ = ପ୍ରସ୍ତାବ)—
Kathāprasaṅga ୧ । କଥାର ପ୍ରସ୍ତାବ ବା ଆରମ୍ଭ—1. Course of conversation.
୨ । କଥୋପକଥନ—2. Conversation.
୩ । ପ୍ରବାଦ—3. Rumour.
୪ । ଅନେକ ପ୍ରକାରର କଥାଭାଷା—4. Talk on various subjects.
୫ । ( ବହୁବ୍ରୀହି ) ବିଷବୈଦ୍ୟ—5. One who professes to cure snake-bite by Mantras.
୬ । ସାପୁଆ—6. Snake-charmer.
ସଂ. ବିଣ. (ବହୁବ୍ରୀହି)—ବାଚାଳ; ଗପୁଡ଼ି—Talkative.

**କଥାପ୍ରସଙ୍ଗରେ**—ଦେ. କ୍ରି. ବିଣ—କଥା କହୁ କହୁ; କଥା ଛଳରେ; କଥୋପକଥନକ୍ରମେ—
Kathāprasaṅgare
कथा प्रसंगे In the course of conversation; while talking.
कथाप्रसङ्गमें

**କଥା ଫିଟିବା**—ଦେ. ବି.—୧ । ମୁଖରୁ ବାକ୍ୟ ନିର୍ଗତ ହେବା—
Kathā phiṭibā 1. The coming out of words from the mouth.
कथा खुलेयाओया
बात खुलजाना ୨ । ଗୁପ୍ତରହସ୍ୟ ପ୍ରକାଶିତ ହେବା—2. Divulgence of a secret.

ସାଧାରଣ : ଯେତେବେ ଅପର ପୃଷ୍ଠାରେ ସଚିହ୍ନ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**କଥା ବଢ଼ାଇବା**—ଦେ. କ୍ରି—କୌଣସି ବିଷୟର ବାରମ୍ବାର ଆଲୋଚନା
Kathā bar̲d̲h̲aibā ବା ପୁନରାବୃତ୍ତି ଦ୍ୱାରା ତାହାକୁ ଗୁରୁତର ବା
কথা বাড়ান ଜଟିଳତର କରିବା—
**बात बढ़ाना** To complicate matters.

**କଥାବଳି**—ସଂ. ବି. ( ୬ଷ୍ଠୀ ତତ୍; କଥା + ଆବଳି )—
Kathābal̲i ଅନେକଗୁଡ଼ିଏ ଗଳ୍ପର ଏକତ୍ର ବର୍ଣ୍ଣନ; ଅନେକଗୁଡ଼ିଏ ପ୍ରସିଦ୍ଧ ଉକ୍ତିର ସଂଗ୍ରହ—
A collection of fables or sayings.

**କଥା ବଳିଯିବା**—ଦେ. କ୍ରି—କଥା ବଳେଇବା (ଦେଖ )
Kathā bal̲ijibā Kathā bal̲eibā ( See )

**କଥା ବଳେଇବା**—ଦେ. କ୍ରି—୧ । (କୌଣସି ବିଷୟ) ନିର୍ଦ୍ଦିଷ୍ଟ ସୀମା
Kathā bal̲eibā ଅତିକ୍ରମ କରିବା —1. (matters ) Going
কথাবিগড়া or proceeding too far.
**बातबिगड़ना** ୨ । ବିପନ୍ନ ଅବସ୍ଥା ଘଟିବା—
2. ( condition ) Becoming desperate or critical.
୩ । କ୍ଷମତାକୁ ଅତିକ୍ରମ କରିବା ଅବସ୍ଥା—
3. The state of being beyond one's power or control.

**କଥାବାଜି**—ଦେ.ବି—କଥା କହିବାରେ ପଟୁତା (ମାତ୍ର କାର୍ଯ୍ୟରେ ନୁହେ);
Kathābāji ବାଚାଳତା; ବକବାଜି; ମୁହଁବାଲଗି—
কথাবাজী Talkativeness; bragging.
**बकबाजी** ଭୂଇଁଯା ଭୂଇଁଯା କଥାବାଜି ଖେଳ ବୁଝିବାକୁ କଥା ଭଣ୍ଡାଇ ।
ଉପେନ୍ଦ୍ର—ଗୀତ ଲହରୀ ।

**କଥାବାର୍ତ୍ତା**—ଦେ. ବି. ( ସଂ. କଥା + ବାର୍ତ୍ତା; ସହଚର )—
Kathābārttā ୧ । କଥୋପକଥନ—1. Conversation;
কথাবার্ত্তা talking to one another.
**बातचित** ୨ । ସମ୍ଭାଷଣ; ବାକ୍ୟାଳାପ—2. Speaking terms.
୩ । ପରସ୍ପର ମନ୍ତ୍ରଣା—3. Consultation.
ସଂ. ବି—ଅନେକ ପ୍ରକାରର କଥୋପକଥନ (ହି. ଶବ୍ଦସାଗର)—
Much talk.

**କଥା ବାହାରକରିବା**—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିଠାରୁ ଗୁପ୍ତ ବିଷୟ
Kathā bāhārakaribā ପ୍ରକାଶ କରାଇବା—
কথা বাহিরকরা 1. To bring out a secret from a
**बात निकालना** person.
୨ । କୌଣସି ନୂତନ ପ୍ରସ୍ତାବ ଉପସ୍ଥାପିତ କରିବା—
2. To bring out a new proposal.

**କଥା ବାହାରିବା**—ଦେ. କ୍ରି—୧ । ମୁଖରୁ ବାକ୍ୟୋଦ୍ଗମ ହେବା—
Kathā bāhāribā 1. Words coming out of the
কথা বাহিরহওয়া mouth.
**बात निकलजाना** ୨ । ଗୁପ୍ତ ବିଷୟ ପ୍ରକାଶିତ ହେବା—
2. Divulgence of a secret.

**କଥା ଭାଙ୍ଗିବା**—ଦେ. କ୍ରି—(କୌଣସି ବ୍ୟକ୍ତିର) ଆଦେଶ ବା ଅନୁରୋଧକୁ
Kathā bhāṅgibā ରକ୍ଷା ନ କରିବା—To disregard one's
কথা ভাঁগা order or request.
**बात तोड़ना**

**କଥାଭାଷା**—ଦେ. ବି, (ସଂ. କଥ ଧାତୁ + ଭାଷ ଧାତୁ )—
Kathābhāshā କଥାବାର୍ତ୍ତା ( ଦେଖ )
Kathābārttā ( See )
ରାତି ଅଧଯାଏ ଦୁଇ ସାହୁଙ୍କ ମଧ୍ୟରେ କଥାଭାଷା ଚାଲିଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କଥା ମାଜିବା**—ଦେ. କ୍ରି—କଥା ବଢ଼ାଇବା ( ଦେଖ )
Kathā mājibā Kathā bar̲d̲h̲aibā ( See )

**କଥାମାତ୍ର**—ସଂ. ବିଣ. ( ବହୁବ୍ରୀହି; କଥା + ମାତ୍ର )—
Kathāmātra କଥାସାର ( ଦେଖ )
Kathāsāra ( See )

**କଥା ମାନିବା**—ଦେ. କ୍ରି—ଉପଦେଶ ବା ଅନୁରୋଧ ଅନୁସାରେ କାର୍ଯ୍ୟ
Kathā mānibā କରିବା; ଆଜ୍ଞା ପାଳନ କରିବା ବା ଆଦେଶ
কথামানা ମାନିବା—To obey or respect one's
**बातमानना** order or command or request.

**କଥାମାଳା**—ସଂ. ବି—କଥାବଳି ( ଦେଖ )
Kathāmāl̲ā Kathābal̲i ( See )

**କଥାମାଳିକା**—ସଂ. ବି—କଥାବଳି ( ଦେଖ )
Kathāmāl̲ikā Kathābal̲i ( See )

**କଥା ମିଳିବା**—ଦେ. କ୍ରି. ( ସଂ. କଥା + ମିଳ ଧାତୁ )—
Kathā mil̲ibā ୧ । (କୌଣସି ବିଷୟର) ତଥ୍ୟ ବା ଠିକ୍ ସମ୍ବାଦ
কথা মিলা ମିଳିବା—1. Ascertainment of true facts
**बात मिलना** or state of affairs.
୨ । ମତର ସାମଞ୍ଜସ୍ୟ ହେବା—2. Agreement between the opinions or plans of different persons.
୩ । ଜଣକ ବର୍ଣ୍ଣିତ କଥାସଙ୍ଗେ ଅନ୍ୟ ବ୍ୟକ୍ତିର କଥାର ମେଳ ବା ସାମଞ୍ଜସ୍ୟ ହେବା—3. Tallying of the stories given by different persons.
୪ । ଜଣକର ମନୋଗତ ଭାବ ସ୍ଥିରରୂପେ ବୁଝାଯିବା—
4. Ascertainment of a person's wish.

**କଥାମୁଖ**—ସଂ. ବି. ( ୬ଷ୍ଠୀ ତତ୍; କଥା + ମୁଖ )—୧ । କଥାରମ୍ଭ—
Kathāmukha 1. The beginning of a tale.
୨ । ଗ୍ରନ୍ଥର ଅବତରଣିକା; ମୁଖବନ୍ଧ—
2. Introduction to a book.
୩ । ନାଟକର ପ୍ରସ୍ତାବନା—3. Prologue.

**କଥା ମୋଟ କରିବା**—ଦେ. କ୍ରି—କଥା ବଢ଼ାଇବା ( ଦେଖ )
Kathā moṭa karibā Kathā bar̲d̲h̲aibā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ଥ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ସ | ଗିଁ | ଇଅ | ଝ | ନ୍ତୁ |

**କଥାର କଥା**—ଦେ. ବି—୧ । ହୀନକଥା; ନିକୃଷ୍ଟ ବିଷୟ—
Kathāra kathā 1. Negligi le thing; valueless matter or subject.
কথার কথা
୨ । ଯେଉଁ କଥା ବା ବିଷୟ କାର୍ଯ୍ୟରେ ପରିଣତ ହେବା ନିମନ୍ତେ ଅଭିପ୍ରେତ ନୁହେ—2. Not a thing meant to be acted upon.
୩ । ଉଲ୍ଲେଖଯୋଗ୍ୟ ବିଷୟ—3. A matter worth consideration or mentioning.
୪ । ନିରର୍ଥକ ବାକ୍ୟ—4. Meaningless words.
୫ । ବାଜେ କଥା; ଅନାବଶ୍ୟକ କଥା; ଅସାର କଥା—
5. Useless matter.

**କଥା ରଖିବା**—ଦେ. କ୍ରି—କଥା ମାନିବା; ଆଦେଶ; ଉପଦେଶ ବା
Kathā rakhibā ଅନୁରୋଧ ଅନୁସାରେ କାର୍ଯ୍ୟ କରିବା—
কথা রাখা To obey one'e order; request or
**बात रखना** commands.

**କଥାରମ୍ଭ**—ସଂ. ବି. ( ୬ଷ୍ଠୀ ତତ୍; କଥା + ଆରମ୍ଭ )—
Kathārambha ୧ । ଗଳ୍ପର ଆରମ୍ଭ—
1. Beginning of a story.
୨ । ପ୍ରସଙ୍ଗର ସୂତ୍ରପାତ—
2. Introduction of a subject.

**କଥାର ସନ୍ଧି**—ଦେ. ବି—୧ । କଥା କହିବାର ଗୁରୁତ୍ୱ ବା ଢଙ୍ଗ—
Kathāra sandhi 1. A clever mode of expression.
କଥାର ସନ୍ଧି, କୁଅ ଧାନ ଖାଏ ବୋହୂକୁ ବାନ୍ଧ—ଢଗ।
୨ । କୌଣସି ବିଷୟର ରହସ୍ୟ ବା ମର୍ମ—
2. The secret of any matter.
୩ । ଅବୋଧ ବାକ୍ୟ—
3. Incomprehensible words.

**କଥା ରହିବା**—ଦେ. ବି—୧ । ( କୌଣସି ବ୍ୟକ୍ତିର ) ଉପଦେଶ ବା
Kathā rahibā ଅନୁରୋଧ ପାଳିତ ହେବା—1. One's advice
কথাথেকে যাওয়া; or directions being followed.
কথা থাকা ୨ । ଭବିଷ୍ୟତକୁ ସୁନାମ ବା ଦୁର୍ନାମ ରହିବା—
**बात रहना** 2. Notoriety or good name being published.
( ଯଥା—କଥା ରହିଗଲା କାଳକାଳକୁ )
୩ । ଭବିଷ୍ୟତକୁ ଯଶ ରହିବା; ଚିରକାଳକୁ କୀର୍ତ୍ତି ରହିବା—
3. (one's actions) Being commemorated.
୪ । ଭବିଷ୍ୟତକୁ ଅଯଶ ରହିବା—4. Bad name surviving a person.
୫ । ଦୁଇ ଜଣଙ୍କ ମଧ୍ୟରେ ଜବାବ ସ୍ଥିର ହେବା—
5. Completion of an agreement between two persons.

**କଥାରୁ ବଳିବା**—ଦେ. କ୍ରି.—୧ । କ୍ଷମତାରୁ ବହିର୍ଭୂତ ହେବା—
Kathāru balibā 1. To be beyond one's power or
কথাথেকে বাহির হওয়া control.
**बातसे बाहर होना** ୨ । ଆଦେଶ ବା ଅନୁରୋଧ ଲଂଘନ କରିବା ବା ନ ମାନିବା—2. To disobey or transgress one's order or advice.

**କଥାରୁ ବଳେଇବା**—ଦେ. କ୍ରି.—କଥାରୁ ବଳିବା (ଦେଖ)
Kathāru baleibā Kathāru balibā (See)

**କଥାରୁ ବାହାର**—ଦେ. ବିଣ.—ଆଦେଶ ବା ଉପଦେଶ ଲଙ୍ଘନକାରୀ—
Kathāru bāhāra Disregarding an order or
কথাথেকে বাহির advice.
**बातसे बाहर** (ଯଥା—ମୁଁ ତୁମ କଥାରୁ ବାହାର ନୁହେଁ ।)

**କଥାରେ ଅଛି**—ଦେ.ଅ.—୧ । ଦେଶରେ ଗୋଟିଏ ପ୍ରବଚନ ଅଛି ଯେ—
Kahāre achhi 1. So the saying goes.
কথাএ আছে ୨ । ଜନରବ ହୁଏ ଯେ—
**एकबात है** 2. So people say.

**କଥାରେ କହନ୍ତି**—ଦେ. ଅ.—କଥାରେ ଅଛି (ଦେଖ)
Kathāre kahanti Kathāre achhi (See)

**କଥାରେ କହି**—ଗ୍ରା. ଅ.—କଥାରେ ଅଛି (ଦେଖ)
Kathāre kahi Kathāre achhi (See)

**କଥାରେ ଜିଣିବା**—ଦେ. କ୍ରି.—ଯୁକ୍ତି ବା ତର୍କରେ ପରାସ୍ତ କରିବା;
Kathāre jiṇibā ଯୁକ୍ତିରେ ଜୟୀ ହେବା—To vanquish
কথায় জিনা by reasoning or argument; to foil or
**बातमे जितना** overpower by argument; to win in a wordy duel.

**କଥାରେ ଥିବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତିର ଆଦେଶ ବା
Kathāre thibā ଉପଦେଶ ଅନୁସାରେ କାର୍ଯ୍ୟ କରିବା—
কথায় থাকা 1. To act according to one's order or
**बातमे रहना; बातमें होना** advice.
୨ । କୌଣସି ବ୍ୟକ୍ତିର ବଶବର୍ତ୍ତୀ ହେବା—
2. To be subservient to another.

**କଥାରେ ପାରିବା**—ଦେ. କ୍ରି.—କଥାରେ ଜିଣିବା (ଦେଖ)
Kathāre pāribā Kathāre jiṇibā (See)

**କଥାରେ ବହକିବା**—ଦେ. କ୍ରି.—୧ । ମାନନୀୟ ବା ଭଦ୍ରବ୍ୟକ୍ତିଙ୍କ ସଙ୍ଗେ
Kathāre bahakibā ବେଆଡ଼ା କରି କଥା କହିବା; ଅଭଦ୍ରୋଚିତ କଥା କହିବା—1. To talk irreverently or beyond the bounds of decency.
୨ । ଅଭଦ୍ରୋଚିତ ବା ଅନୁଚିତ ବ୍ୟବହାର କରିବା—
2. To deal improperly or indecently; to mete out improper treatment.

**କଥାରେ ରହିବା**—ଦେ. କ୍ରି.—କଥାରେ ଥିବା (ଦେଖ)
Kathāre rahibā Kathāre thibā (See)

ସାଧାରଣଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

**କଥାରେ ହଟିବା**—ଦେ. କ୍ରି—ଯୁକ୍ତିତର୍କରେ ପରାସ୍ତ ହେବା—
Kthāre haṭibā To be vanquished or foiled or overpowered in argument.
কথায় হটেযাওয়া
बातमें हटयाना

**କଥା ଶୁଣିବା**—ଦେ. କ୍ରି—୧। ବାକ୍ୟକୁ କାନରେ ଶୁଣିବା—
Kathā śuṇibā 1. To hear one's words.
কথা শোনা
बात सुनना
୨। ପ୍ରଶ୍ନ ବା ବାକ୍ୟକୁ ଶୁଣି ତହିଁର ଅର୍ଥ ବୁଝି ପାରିବା—
2. To understand words spoken to one; to respond to a call.
୩। ଆଦେଶ ବା ଉପଦେଶକୁ ସାଦରରେ ଗ୍ରହଣ କରିବା ବା ମାନିବା—3. To obey or respect one's orders or request.
୪। ଅନ୍ୟର ଉପଦେଶ ପ୍ରତି ମନଯୋଗୀ ହେବା—
2. To attend to another's advice.

**କଥାସଚିବ**—ସଂ. ବି. ( ୭ମୀ ତତ୍; କଥା+ସଚିବ )—ଓକିଲ; ବାରିଷ୍ଟର; ବିଚାରାଳୟରେ ପକ୍ଷସମର୍ଥକ ବ୍ୟକ୍ତି—
Kathāsachiba Counsel; barrister; pleader.

**କଥାସରିତ୍**—ସଂ. ବି—କଥାସରିତ୍ସାଗର ( ଦେଖ )
Kthāsarit Kthāsaritsāgara ( See )

**କଥାସରିତ୍ସାଗର**—ସଂ. ବି. ( ନାମ )—ସଂସ୍କୃତ ଗ୍ରନ୍ଥବିଶେଷ; କାଶ୍ମୀରାଧିପତି ଶ୍ରୀହର୍ଷଙ୍କ ଅନୁରୋଧ ଅନୁସାରେ ତାଙ୍କ ମହିଷୀଙ୍କ ଚିତ୍ତବିନୋଦନାର୍ଥ ସୋମଦେବ ଭଟ୍ଟ-କବିଙ୍କଦ୍ୱାରା ରଚିତ ସଂସ୍କୃତ ଗଳ୍ପ ବା ଉପାଖ୍ୟାନ ପୁସ୍ତକ—
Kathāsaritsāgara The title of a work of fiction or stories composed by Somadeba Bhaṭṭa at the instance of Śrīharsha, king of Kāśmira.
[ ଦ୍ର—ମୂଳଗ୍ରନ୍ଥର ନାମ 'ବୃହତ୍ କଥା'। ଏହା ପୈଶାଚୀ-ଭାଷାରେ ଲିଖିତ। ଏଥିରୁ ସାରସଂଗ୍ରହ କରି ସୋମଦେବ ଭଟ୍ଟ ଏ ଗ୍ରନ୍ଥକୁ ରଚନା କରିଥିଲେ। ]

**କଥାସରିବା**—ଦେ. ବି—୧। କଥିତ ଗଳ୍ପର ସମାପ୍ତି ହେବା—
Kathāsaribā 1. The conclusion of a story.
ମୋ କଥାଟି ସରିଲା, ଫୁଲ ଗଛଟି ମଲା—କାହାଣୀ।
୨। ସର୍ବନାଶ ଘଟିବା—
2. Happening of ruin.
( ଯଥା—ମାମଲା ମକଦମାରେ ମୋ କଥା ସରିଲା। )

**କଥାସାର**—ସଂ. ବଣ. ( ବହୁବ୍ରୀହି; କଥା+ସାର )—ବଚନସର୍ବସ୍ୱ; ଯେ ମୁହଁରେ ଲମ୍ବାଚଉଡ଼ା କଥାଗୁଡ଼ିଏ କହେ ମାତ୍ର କାର୍ଯ୍ୟରେ କିଛି ଶକ୍ତି ବା ଯୋଗ୍ୟତା ଦେଖାଇ ପାରେ ନାହିଁ—
Kathāsāra Full of verbiage; one who promises many things but performs nothing; hollow sounding; uttering high sounding words; ending in words only.

**କଥା ହେବା**—ଦେ. କ୍ରି—୧। ପରସ୍ପର ମଧ୍ୟରେ ଶେଷ ଜବାବ କରିବା; ପରସ୍ପର ମଧ୍ୟରେ ଚୁକ୍ତି ହେବା—
Kathā hebā 1. To enter into a contract or pact or understanding.
কথা হওয়া
बातचितहोना
ସେହିଁ କିଛି ପୂର୍ବେ ଥିଲେ କଥା ହୋଇ,
ସେ ସମସ୍ତରେ ମୋତେ ଦେଖାଦେଲେ ଯାଇ—କୃଷ୍ଣସିଂହ. ମହାଭାରତ. ବନ।
୨। କଥାବାର୍ତ୍ତା ହେବା—2. To talk; to converse.
ବୁଢ଼ାଗଲେ ଅନେକରସେ କଥା ହୋଇ—କୃଷ୍ଣସିଂହ. ମହାଭାରତ. ବନ।
୩। ପରାମର୍ଶ କରିବା—3. To consult.
ଶୃଗାଳ ଶୃଗାଳୀ ବେନି ହୁଅନ୍ତେ ସେ କଥା—ସାରଳା, ମହାଭାରତ।
ଦେ. ବି—(କୌଣସି ବିଷୟ) କଥାବାର୍ତ୍ତାଦ୍ୱାରା ସ୍ଥିରୀକୃତ ହେବା—
( a matter ) Being settled after a talk.

**କଥିତ**—ସଂ. ବଣ. (କଥ୍ ଧାତୁ+କର୍ମ. ତ)—
Kathita ୧। ଉକ୍ତ—1. Said; spoken of; told.
୨। ବର୍ଣ୍ଣିତ; ବିବୃତ—2. Mentioned; described.
୩। ବ୍ୟାଖ୍ୟାତ—3. Expounded; explained.
୪। ଉଚ୍ଚାରିତ—4. Uttered; pronounced.
ସଂ. ବି. ୧। (+କର୍ମ. ତ) ବିଷ୍ଣୁ—1. The God Bishṇu.
୨। (+ଭାବ. ତ)—କଥନ—2. Utterance.

**କଥିତ ଅଛି**—ଦେ.—କଥାରେ ଅଛି; ଏହି ପ୍ରବାଦ ଅଛି ଯେ; ଶୁଣାଅଛି ଯେ; କିମ୍ବଦନ୍ତୀ ଅଛି ଯେ; ଉକ୍ତ ଅଛି ଯେ—
Kathita achhi It is said; so the saying goes.

**କଥିତପଦତା**—ସଂ. ବି.—ପୁନରୁକ୍ତତା (ଦେଖ)
Kathita padatā Punaruktatā (See)

**କଥିତ ଭାଷା**—ଦେ. ବି.—୧। ଜୀବନ୍ତ ଭାଷା; ମାତୃଭାଷା; ଚଳୁଥିବା ଭାଷା—1. Living language; a vernacular.
Kathitabhashā
ମୃତ ଭାଷା } ବିପରୀତ
ଲିଖିତ ଭାଷା }
୨। ଯେଉଁ ଭାଷାରେ ଲୋକେ ସାଧାରଣତଃ କଥାବାର୍ତ୍ତା କରନ୍ତି—
2. Spoken language.

**କଥୀକୃତ**—ସଂ. ବଣ. (କଥା+ଅଭୂତ. ତଦ୍ଭାବେ ଚ୍ୱି+କୃ ଧାତୁ+କର୍ମ. ତ )—କଥାମାତ୍ରାବଶିଷ୍ଟ; କେବଳ ଗଳ୍ପରୂପରେ ଚଳୁଥିବା—
Kathīkṛuta Reduced to a tale; existing only in words or books; a mere matter of history; no longer in existence.

**କଥୁ**—ପ୍ରାଦେ. (ସମ୍ବଲପୁର) ବି.—ପାଣିକଥୁ (ଦେଖ)
Kathu Pāṇikathu (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଂ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଧ |

**କଥୁଁ**—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ. (ସଂ. କଥମ୍)—
Kathuñ ୧ । ମୁଣ୍ଡୁକୁ; ଆଦୌ—1. At all.
୨ । କଦାପି—2. Ever.

**କଥୁଁକଥା**—ଗ୍ରା. ବି.—୧ । କଥାପ୍ରସଙ୍ଗ—1. Discourse; course
Kathuñkathā of conversation; topic of conversation.
୨ । ଉଲ୍ଲେଖଯୋଗ୍ୟ ବିଷୟ—
2. Anything worth mentioning.
୩ । କଥଂକଥା (ଦେଖ)
3. Kathaṁkathā (See)

**କଥୁଁକଥା ହେବା**—ଗ୍ରା. କ୍ରି.—୧ । କଥାବାର୍ତ୍ତା ହେବା—
Kathuñkathā hebā 1. To talk or converse.
୨ । ସାଧାରଣଭାବରେ କଥାବାର୍ତ୍ତା ହେବା—
2. To have a general talk or discourse.

**କଥୁ ପିଠା**—ପ୍ରାଦେ. (ସିଂହଭୂମ) ବି.— ଗୁଣ୍ଡଲପିଠା—
Kathu piṭhā A cake made of rice-flour.

**କଥୁ ହେବା**—ପ୍ରାଦେ. ( ସମ୍ବଲପୁର ) ବି.—ଦୀର୍ଘକାଳ ଆଖିବଥା ରୋଗ
Kathu hebā ହେବା— Suffering long from eye-ache.

**କଥୋଦ୍‌ଘାତ**—ସଂ. ବି. (କଥା+ଉଦ୍‌ଘାତ)—ନାଟକର ପ୍ରସ୍ତାବନା-
Kathodghāta ବିଶେଷ—A kind of prologue.
[ଦ୍ର—ଯେଉଁ ସ୍ଥାନରେ ସୂତ୍ରଧାରର କଥା ଶୁଣି ଅଥବା ତଦୁକ୍ତ ବାକ୍ୟର ମର୍ମ ଗ୍ରହଣ କରି ପାତ୍ର ପ୍ରବିଷ୍ଟ ହୁଏ ସେଠାରେ କଥୋଦ୍‌ଘାତ ନାମକ ପ୍ରସ୍ତାବନା ହୁଏ । ଯଥା— ସୂତ୍ରଧାର—ଜଗଦୀଶ୍ୱର ଅନୁକୂଳ ହେଲେ ଦ୍ୱୀପାନ୍ତରରୁ ତମା ସାଗର ମଧ୍ୟରୁ ମଧ ଅଭିମତ ବସ୍ତୁ ଅଣାଇ ପ୍ରଦାନ କରନ୍ତି—ରତ୍ନାବଳୀ । ]

**କଥୋପକଥନ**—ସଂ. ବି. (୭ମୀ ତତ୍; କଥା+ଉପକଥନ)—
Kathopakathana ୧ । ଉକ୍ତି ପ୍ରତ୍ୟୁକ୍ତି—
1. Mutual question and answer; dialogue.
୨ । କଥାବାର୍ତ୍ତା—2. Conversation; verbal intercourse.

**କଥ୍ୟ**—ସଂ. ବିଣ. (କଥ୍ ଧାତୁ+କର୍ମ. ଯ)—କଥନୀୟ (ଦେଖ)
Kathya Kathaniya ( See)

**କଦ୍** (ଧାତୁ)—ସଂ.—୧ । ବିସ୍ତୀର୍ଣ୍ଣ ହେବା—1. To spread.
Kad (root) ୨ । ବ୍ୟାକୁଳ ହେବା—2. To be distressed.

**କଦ୍‌ଜବାବ୍**—ବୈଦେ. ବି. (ଫା.) ( କଚେରୀ ଭାଷା )—ଅଦାଲତରେ
Kadjabāb ପ୍ରତିବାଦୀ ଦେବା ଜବାବର ଖଣ୍ଡନାର୍ଥ ବାଦୀ ଦେବା
শেষ জবাব ଦ୍ୱିତୀୟ ଜବାବର (ରଦ୍‌ଜବାବର) ଉତ୍ତରରେ ପ୍ରତି-
কদ্. জবাব ବାଦୀ ଦାଖଲ୍ କରିବା ଜବାବ—
Second written statement of the defendant to meet the plaintiff's second statement.
[ଦ୍ର— ପୂର୍ବେ ଜାଜମାନଙ୍କ କଚେରି-ଅଦାଲତରେ ବାଦୀର ଦାବିର ଉତ୍ତରରେ ପ୍ରତିବାଦୀ ଜବାବ ଦେଉଥିଲା । ପ୍ରତିବାଦୀର ପ୍ରଦତ୍ତ ଉକ୍ତ ଜବାବକୁ ଖଣ୍ଡନ ବା ରଦ୍ କରିବା ପାଇଁ ବାଦୀ ରଦ୍‌ଜବାବ ଦେଉଥିଲା । ଏ 'ରଦ୍‌ଜବାବ'ର ଉତ୍ତରରେ ପ୍ରତିବାଦୀ 'କଦ୍‌ଜବାବ' ଦେଉଥିଲା ଓ ତତ୍‌ପରେ ବାଦୀ ଶେଷରେ 'ହଦ୍‌ଜବାବ' ଦେଉଥିଲା । ଏହିଠାରେ ବାଦପ୍ରତିବାଦୀଙ୍କର ଉତ୍ତରପ୍ରତ୍ୟୁତ୍ତର ଶେଷ ହେଉଥିଲା । ତତ୍‌ପରେ ମକଦ୍ଦମାର ବିଚାର ଆରମ୍ଭ ହେଉଥିଲା । ]

**କଦ**—ସଂ. ବିଣ. (କ=ସୁଖ, ଜଳ+ଦା ଧାତୁ=ଦେବା+କର୍ତ୍ତୃ.
Kada ଅ)—ସୁଖଦାୟକ—Giving happiness; pleasant.
ସଂ. ବି—ମେଘ—Cloud.

**କଦକ**—ସଂ. ବି. (କଦ=ମେଘ+କ; ଯେ ମେଘ ପରି ଛାୟା ଦିଏ)—
Kadaka ବିତାନ; ଚାନ୍ଦୁଆ —Awning; canopy.

**କଦକ୍ଷର**—ସଂ. ବି. (କର୍ମଧା; କୁ+ଅକ୍ଷର; କୁ ସ୍ଥାନରେ କଦ୍ ଆଦେଶ)—
Kadakshara କୁତ୍ସିତ ଅକ୍ଷର ବା ଲେଖା —Bad writing; clumsy writing.
ସଂ. ବିଣ. ପୁ. (ବହୁବ୍ରୀହି)— ଯାହାର ହସ୍ତାକ୍ଷର କଦର୍ଯ୍ୟ—
(କଦକ୍ଷରୀ—ସ୍ତ୍ରୀ) One who writes a bad or clumsy hand.

**କଦଗ୍ନି**—ସଂ. ବି. (କର୍ମଧା; କୁ+ଅଗ୍ନି; କୁ ସ୍ଥାନରେ କଦ୍ ଆଦେଶ)—
Kadagni ମନ୍ଦାଗ୍ନି; ଅଗ୍ନିମାନ୍ଦ୍ୟ—
Indigestion; dyspepsia.
ସଂ. ବିଣ. (ବହୁବ୍ରୀହି)—ଅଗ୍ନିମାନ୍ଦ୍ୟ ରୋଗଗ୍ରସ୍ତ—Dyspeptic.

**କଦଧ୍ୱା**—ସଂ. ବି. ( କର୍ମଧା; କୁ+ଅଧ୍ୱନ୍=ପଥ; କୁ ସ୍ଥାନରେ କଦ୍
Kadadhwā ଆଦେଶ)—୧ । କୁପଥ—1. Wrethed road.
୨ । କୁମାର୍ଗ—2. Bad way.
ସଂ. ବିଣ. ପୁଂ. (ବହୁବ୍ରୀହି)— କୁମାର୍ଗଗାମୀ—
One given to evil ways or gone astray.

**କଦନ**—ସଂ. ବି. (କଦ୍ ଧାତୁ=ବ୍ୟାକୁଳ ହେବା; ବିନାଶ କରିବା+
Kadana ଭାବ. ଅନ) —୧ । ମାରଣ—1 Killing.
୨ । ପୀଡ଼ନ—2. Oppression.
୩ । ବିନାଶ—3. Destroying.
୪ । ପାପ—4. Sin.
୫ । ଯୁଦ୍ଧ—5. Fight.
୬ । ମର୍ଦ୍ଦନ—6. Rubbing; pressing.
୭ । ଅବସାଦ—7. Langour.
୮ । କଷ୍ଟ—8. Trouble.
ମୁହଁ ଦେହେ କାହିଁ ସମ୍ବନ୍ଧ ଏ କଦନ—ଚିନ୍ତାମଣି, କଳୋଷଚତ୍ତ୍ଵ. ୫ ଗୀତ ।

**କଦନ୍ନ** – ସଂ. ବି. (କର୍ମଧା; କୁ+ଅନ୍ନ; କୁ ସ୍ଥାନରେ କଦ୍ ଆଦେଶ)—
Kadanna ୧ । କୁତ୍ସିତ ଅନ୍ନ; ଅଖାଦ୍ୟ —
1. Bad or unclean food.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ସମ୍ୟକ୍ ସିଦ୍ଧ ହୋଇ ନ ଥିବା ଅନ୍ନ—
2. Food not properly boiled.
୩ । କୁତ୍ସିତ ଲୋକ ଘରର ବା ପାକର ଅନ୍ନ—
3. Food cooked by a low-caste person.
୪ । ପରଠାରୁ ମାଗି ଆଣିବା ଅନ୍ନ—
4. Food begged of others.
ସଂ. ବଣ. ପୁଂ (ବହୁବ୍ରୀହି)—କୁତ୍ସିତ ଅନ୍ନପ୍ରିୟ —
(କଦନ୍ନା—ସ୍ତ୍ରୀ) Fond of unclean food.

**କଦପତ୍ୟ**—ସଂ.ବି. (କର୍ମଧା;କୁ+ଅପତ୍ୟ; କୁ ସ୍ଥାନରେ,କତ୍ ଆଦେଶ) —
Kadapatya ୧ । କୁପୁତ୍ର; କୁସନ୍ତାନ; କୁଳାଙ୍ଗାର ପୁତ୍ର—
1. Unworthy scion of a family.
୨ । କଦାକାର ସନ୍ତାନ—2. Deformed child.
(କଦପତ୍ୟା—ସ୍ତ୍ରୀ) ସଂ. ବଣ. ପୁଂ. (ବହୁବ୍ରୀହି )—କୁପୁତ୍ରବିଶିଷ୍ଟ—
Having a deformed or unworthy child.

**କଦବଦ**—ଦେ. ବି. (ସଂ. କଦ୍ ଧାତୁ=ବ୍ୟାକୁଳ ହେବା ସଂ. କଦ୍ଦ)—
Kadabada ୧ । କଲେଇବଲେଇ; ଯନ୍ତ୍ରଣା; ଅତ୍ୟଧିକ କ୍ଲେଶ—
हायरानी 1. Trouble; harassment; affliction, suffering.
**हैरानी**
୨ । ବେଦନା—2. Pangs.
ଦେ. ବଣ—ବେଦନାପ୍ରାପ୍ତ; କ୍ଲିଷ୍ଟ; କଲବଲ—
हैरान, हायरान Afflicted; harassed; troubled.
**हरान**

**କଦବଦଆ**—ଗ୍ରା. ବଣ—୧ । କ୍ଲିଷ୍ଟ; କଲବଲ —
Kadabadiā 1. Harassed.
**हैरान** ୨ । କଷ୍ଟପ୍ରଦ—2. Painful.

**କଦବା**—ଦେ. ଅ. ( ସଂ. କଦା ବା )—
Kadabā ୧ । କୌଣସି ସମୟରେ—
**कभी; कधार** 1. At any time.
୨ । କ୍ୱଚତ୍—2. Hardly; scarcely.
୩ । ସମ୍ଭବତଃ—3. Perchance.
୪ । କେବେ କେବେ—4. At time

**କଦବାଏ**—ଗ୍ରା. ଅ —କଦବା ( ଦେଖ )
Kadabāe Kadabā ( See )

**କଦଭ୍ୟାସ**—ସଂ. ବି. ( କର୍ମଧା; କୁ+ଅଭ୍ୟାସ; କୁ ସ୍ଥାନରେ କତ୍
Kadabhyāsa ଆଦେଶ)—ମନ୍ଦ ଅଭ୍ୟାସ—
Bad habit.

**କଦମ୍**—ବୈଦେ. ବି. ( ଆ. କଦମ୍=ପାଦ )—
Kadam ୧ । ଅଶ୍ୱର ଗତିବିଶେଷ—
कदम 1. A kind of measured trot of a trained horse.
**कदम**
କାହିଁ ଅଶ୍ୱାରୋହୀ ସେନ ଅଶ୍ୱବର, କଦମେ କୁଦାଇ ବଥଇ ତତ୍ପର ।
ରାଧାନାଥ, ନନ୍ଦିକେଶ୍ୱରୀ ।

୨ । ପଦକ୍ଷେପ; ପାଦବିସ୍ତାର; ଚାଲିଲା ବେଳେ ଦୁଇ ଗୋଡ଼ ମଧ୍ୟରେ ଥିବା ଅନ୍ତର—2. Foot-step; pace.
ଚନ୍ଦ୍ରସାଇଙ୍କୁ ଗୃହର ନ ଲାଗଇ କଦମ ଦୂର ବଳ ମହିରେ ଡମସାଇ ।
ଫକୀରମୋହନ—ଛମାଣଆଠଗୁଣ୍ଠ ।
୩ । ପାଦ—3. Foot.
୪ । ମହିମା; ମାହାତ୍ମ୍ୟ—4. Power.
୫ । କଦମ୍ବ ଗଛ ଓ ଫୁଲ—5. A species of tree and its flower; Nauclea Cadamba.
ସଂ. ବଣ—ହର୍ଷୋତ୍ଫୁଲ୍ଲ—With hairs standing on end through joy.

**କଦମଗଛ**—ଦେ. ବି—୧ । କଦମ୍ବଫୁଲପରି ଦେଖାଯିବା ବାଣବିଶେଷ—
Kadamagachha 1. A firework resembling the
कदम Kadamba flower when illuminated.
**कदम**
୨ । କଦମ୍ବ ( ଦେଖ )
2. Kadamba ( See )

**କଦମଚାଲି**—ଦେ. ବି—ଘୋଡ଼ାର କଦମ୍ ଗତି—
Kadamachāli Strutting of a trained horse.
**कदमकीचाल**

**କଦମରସୁଲ୍**—ବୈଦେ. ବି. ( ଆ. ରସୁଲ୍=ପରମେଶ୍ୱର+କଦମ୍=
Kadamarasul ପଦଚିହ୍ନ—ମହାପୁରୁଷ ମହମ୍ମଦଙ୍କ ପଦଚିହ୍ନ
कदमरसूल ଯେଉଁଠାରେ ପୂଜିତ ହୁଏ)—କଟକରେ ଥିବା
**कदमरसूल** ମୁସଲମାନମାନଙ୍କ ଉପାସନା ମନ୍ଦିର—
A Mahomedan temple of worship in the town of Cuttack.
[ ଦ୍ର—ଓଡ଼ିଶାର ସୁବାଦାର ସୁଜାଉଦ୍ଦିନ୍ ହିନ୍ଦୁ-ମୁସଲମାନଙ୍କର ପରସ୍ପର ବିଦ୍ୱେଷଭାବ ଦୂର କରିବା ମାନସରେ କଟକରେ ଏହି ମନ୍ଦିର ନିର୍ମାଣ କରାଇଥିଲେ । ସେ ସମୟରେ ହିନ୍ଦୁ ଓ ମୁସଲମାନ ଉଭୟେ ସେଠାରେ ଉପାସନା କରୁଥିଲେ । କୃପାସିନ୍ଧୁ, ଇତିହାସ]

**କଦମା**—ଦେ. ବଣ—୧ । ତରୁଣ; ଦାମୁଡ଼ି ( ମଇଁଷି )—
Kadamā 1. Young ( buffalo )
୨ । ଜଳରେ ଓଦା ହୋଇ ଫୁଲିଥିବା କଞ୍ଚା ଚୂଡ଼ା ସଙ୍ଗେ ମିଠାମିଶା ଏକ ପ୍ରକାର ଖାଦ୍ୟ—A kind of food prepared from parched paddy.

**କଦମି**—ପ୍ରାଦେ. ( ସମ୍ବଲପୁର ) ବି—ଘୋଡ଼ାର କଦମ ଚାଲି—
Kadami Measured or dancing trot of a trained horse.

**କଦମ୍ବ**—ସଂ. ବି. ( କଦ୍ ଧାତୁ=ବିସ୍ତୀର୍ଣ୍ଣ ହେବା; ବ୍ୟାକୁଳ ହେବା+
Kadamba ଅମ୍ବଚ୍, ବା କଦଂ=ବର୍ଷାକାଳକୁ+ବା ଧାତୁ=
सं. ବୋଧ କରିବା+ଅ )—୧ । ବର୍ଷାକାଳରେ ଫୁଟିବା
प्रियक; हलप्रिय ଲେମ୍ବୁ ପରି ଏକ ଜାତୀୟ ଗୋଲାକାର ଓ
**नीप; वृत्तपुष्प** ଚତୁର୍ଦ୍ଦିଗରେ,କେଶରବିଶିଷ୍ଟ ଫୁଲ ଓ ତହିଁର ଗଛ—

| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତ |

कदम A species of tree flowering in the
कद्म rainy season and its flower; Anthoce-
ଗୁ. କଦମ୍ବ phalus Cadamba ( Haines ).
ଅ. କଦମ୍ [ ଦ୍ର—ଏହା ମଧୁର, କଷାୟ– ଲବଣରସ, ଶୀତବୀର୍ଯ୍ୟ,
ମ. ରାଜକଦମ୍ବ ଗୁରୁ, ସାରକ, ବିଷ୍ଟମ୍ଭକାରକ, ରୂକ୍ଷ; ଏହା କଫ,
ତେ. କଡ଼ିମି ସ୍ତନ୍ୟ ଓ ବାୟୁଜନକ । ]
ତା. କଡ଼ମ୍ବୁ; କଦମ୍ବ

୨ । ସମୂହ—2. Collection; multitude.

କାନ୍ତା କଦମ୍ବ ହୋଇ ଏକମେଳ
କଲେ ଦର୍ଶନ ଯାଇ ନନ୍ଦବାଳ । ଦୀନକୃଷ୍ଣ- ରସକଲ୍ଲୋଳ ।

୩ । ପଙ୍କ୍ତି; ଦଳ; ପଙ୍କ୍ତି—3. Group; swarm; party.
୪ । ସର୍ଷପ; ସୋରିଷ—4. Mustard.
୫ । (ଜ୍ୟୋତିଷପରିଭାଷା). ରବିମାର୍ଗର ଉତ୍ତର ଦକ୍ଷିଣରେ ଥିବା ମେରୁବିନ୍ଦୁଦ୍ୱୟ—
5. ( Astronomy ) Poles of the ecliptic

ପୁଂ. ବି – ଦୈତ୍ୟବିଶେଷ—Name of a demon.

କଦମ୍ବ କଦମ୍ବଭଳେ କାଣିଲେ ରାମ । ଅଭିମନ୍ୟୁ-ବିଦଗ୍ଧଚିନ୍ତାମଣି ।

ଦେ. ବିଣ—ଆନନ୍ଦରେ କଦମ୍ବଫୁଲ ପରି ରୋମୋଦ୍ଗତ; ହର୍ଷୋତ୍ଫୁଲ୍ଲ— Horripilated with sudden joy.

**କଦମ୍ବକ**—ସଂ. ବି. ( କଦମ୍ବ + ସ୍ୱାର୍ଥରେ. କ )—କଦମ୍ବ ( ଦେଖ )
Kadambaka Kadam a ( See )

**କଦମ୍ବପୁଷ୍ପିକା**—ସଂ. ବି. (ବୈଦ୍ୟକ)— ମହାମୁଣ୍ଡୀ; ବଡ଼ଥାଲକୁଣ୍ଡି ଲତା—
Kadambapushpikā A creeper; Sphareanthus Indicus.
বড়থুলকুড়ি; গোরক্ষমুণ্ডী

**କଦମ୍ବମୂଳିଆ**—ଦେ. ବିଣ—(ଯେ କଦମ୍ବ ଗଛ ମୂଳରେ ବିହାର କରିବାକୁ ଭଲ ପାଆନ୍ତି )—ଶ୍ରୀକୃଷ୍ଣ—
Kadambamūlia (Loving to play at the foot of a Kadamba tree )—An epethet of Srikrushṇa.

ମଦଗଜଗମନଙ୍କୁ କଦମ୍ବମୂଳିଅଙ୍କୁ ମଙ୍ଗଳା ଦିଶାଇବୁ ।
ଅଭିମନ୍ୟୁ—ସଙ୍ଗୀତ ।

**କଦମ୍ବଯଷ୍ଟି**—ସଂ. ବି. (ଜ୍ୟୋତିଷ)—ରବିମାର୍ଗର ଉତ୍ତରଦକ୍ଷିଣକୁ ଯୋଗ କରିଥିବା କାଳ୍ପନିକ ରେଖା—
Kadambajashṭi (Astronomy) Line joining the two poles of the ecliptic.

**କଦମ୍ବା**—ଦେ. ବି.—କଦମା ( ଦେଖ )
Kadambā Kadamā ( See )

**କଦର୍**—ବୈଦେ. ବି. (ଅ.)—୧ । ଯୁଦ୍ଧାନୁକୂଳ ସ୍ଥାନ—
Kadar 1. A strategical point or position; a convenient hold.
कदर
क़द्र ୨ । ଉପାୟ—2. Plan.
୩ । କୌଶଳ—
3. Stratagem; artifice; tactics.
୪ । ସନ୍ଧି; ସୁଯୋଗ—4. Opportunity.
୫ । ରହସ୍ୟ; ଗୁପ୍ତ କାରଣ—5. Secret.
୬ । ସମ୍ମାନ; ମର୍ଯ୍ୟାଦା—6. Prestige; respect.

ପ୍ରାଦେ. (ସମ୍ବଲପୁର) ବି.—୧ । ଦୋଷ—1. Fault.
୨ । ତ୍ରୁଟି—2. Defect.
୩ । ଦୁର୍ବଳତା—3. Weakness.

**କଦର୍‌କାଦର୍**—ବୈଦେ. ବି.—ଖୋଞ୍ଚଖାଞ୍ଚ; ଛକାପଞ୍ଝା—
Kadarkādar Vigilance; strategy; tactics.
कदरकादर ବିଣ.—ଚାଳାକଚତୁର; କୁଶଳୀ—
क़द्रक़ाद्र Watchful; tactical.

**କଦର୍‌ଦାନ୍**—ବୈଦେ. ବିଣ. ( ପା. )—୧ । କାଇଲ (ଲୋକ); ଯେଉଁ ଲୋକ ଆପଣାର ଦୋଷ ବା ତ୍ରୁଟି ସ୍ୱୀକାର କରେ—
Kadardān 1. (a person) Who admits his fault.
कदरदान
क़द्रदान ୨ । ଗୁଣଗ୍ରାହୀ; ଗୁଣଗ୍ରାହକ—
2. One who appreciates merit.

ନିଅଁ କୁକୁମ କଲେ, ଚତୁର କଦରଦାନ୍ ଅଟମ୍—ଫକୀରମୋହନ- ଛମାଣଆଠଗୁଣ୍ଠ ।

**କଦର**—ସଂ. ବି.(କ = ଜଳ + ଦୃ ଧାତୁ— ବିଦାର୍ଣ୍ଣ କରିବା + କର୍ତ୍ତୃ. ଅ)—
Kadara ୧ । ଖଇରବୃକ୍ଷ ଗଛ—
1. The thorny Acacia tree.

ସଂପୂର୍ଣ୍ଣ ବନ ସବ ଅନୁଲ କଦର—କୃଷ୍ଣସିଂହ- ମହାଭାରତ, ବନ ।

୨ । ପାୟସ—2. Frumenty.
୩ । ଉପାୟ—3. Means.
୪ । ଯତ୍ନ – 4. Exertion.
୫ । ସନ୍ଧି; କୌଶଳ—5. Stratagem.
୬ । କ୍ଷୁଦ୍ର ରୋଗବିଶେଷ— 6. A petty disease.
୭ । ଶ୍ୱେତ ଖଦିର; ପଣ୍ଡରା ବା ପାଖେଇ ଖଇର—
7. Brown catechu.

**କଦର ଉଣ୍ଡିବା**—ଦେ. କ୍ରି.—ସନ୍ଧି ବା ସୁବିଧା ଖୋଜିବା—
Kadara uṇḍibā To be on the look-out for an opportune time or place; to try to find out a weak position of the enemy.

**କଦର କରିବା**—ଦେ. କ୍ରି.—କୌଶଳ ପ୍ରୟୋଗ କରିବା—
Kadara karibā To apply tactics.
कदरकरा
क़द्रकरना

**କଦରଦାର**—ବୈଦେ. ବିଣ. ( ଅ. )—କୌଶଳୀ—
Kadaradār Strategical; tactful.
कदरदार, कदरिया
क़द्रदार

**କଦରିଆ**—ଦେ. ବିଣ—କଦରଦାର ( ଦେଖ )
Kadariā Kadaradār ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଢ' ଦେଖିବେ।

**କଦର୍ଥ**— ସଂ. ବି. (କର୍ମଧା. କୁ+ଅର୍ଥ; କୁ ସ୍ଥାନରେ କତ୍ ଆଦେଶ)—
Kadartha ୧ । କୌଣସି ଶବ୍ଦର କୁତ୍ସିତ ଅର୍ଥ—
1. Misinterpretation; bad sense or meaning given to an expression.
୨ । କୁତ୍ସିତ ବା ନିନ୍ଦ୍ୟ ପ୍ରୟୋଜନ ବା ଉଦ୍ଦେଶ୍ୟ—
2. Evil intention.
ସଂ. ବିଣ. ( ବହୁବ୍ରୀହି )— ୧ । ବ୍ୟର୍ଥ—1. Ineffectual.
୨ । ନିରର୍ଥକ—
2. Without any sense or meaning.
୩ । ମନ୍ଦାର୍ଥକ—
3. Having a bad meaning or sense.
୪ । କୁତ୍ସିତଅର୍ଥକାରୀ—
4. Attaching a bad meaning or sense to an expression; misinterpreting.
ଗ୍ରା. କ୍ରି. ବିଣ (ସଂ. କଦାପି)— କଦାପି—On any account; for any consideration.
( ଯଥା— ମୁଁ ସେଠାକୁ କଦର୍ଥ ଯିବି ନାହିଁ । )

**କଦର୍ଥନ**— ସଂ. ବି. ( କୁ+ଅର୍ଥ ଧାତୁ+ଭାବ. ଅନ; କୁ ସ୍ଥାନରେ କତ୍ ଆଦେଶ )— ୧ । କୁତ୍ସିତ ଅର୍ଥକରଣ—
Kadarthana
1. Taking a word or thing in a bad sense; misjudging; misinterpretation; misunderstanding.
୨ । ଅବମାନନା—2. Insult.
୩ । ଅପବାଦ ଦେବା—3. Vilification.
୪ । ବିଡ଼ମ୍ବନା—4. Humiliation.
୫ । ନିର୍ଯାତନ; ପୀଡ଼ନ; ଉତ୍ପୀଡ଼ନ—
5. Oppression; harassment.
୬ । ଦୁର୍ଗତି; ଦୁର୍ଦ୍ଦଶା—6. Adversity.
ଦେ. ବି— କଷ୍ଟ—Trouble.

**କଦର୍ଥନା**— ସଂ. ବି. ( କଦର୍ଥନ+ସ୍ତ୍ରୀ. ଆ )— କଦର୍ଥନ ( ଦେଖ )
Kadarthanā Kadarathana ( See )

**କଦର୍ଥିତ**— ସଂ. ବିଣ. [ କୁ=କୁତ୍ସିତ+ଅର୍ଥିତ=(ଅର୍ଥ ଧାତୁ+କର୍ମ. ତ)=ଅଭ୍ୟସ୍ତ]— ୧ । କୁତ୍ସିତଅର୍ଥରେ ବୁଝାଯିବା—
Kadarthita
1. Misinterpreted.
୨ । ବିଡ଼ମ୍ବିତ—2. Humiliated; misjudged.
୩ । ଦୂଷିତ—3. Soiled; desecrated; vilified.
୪ । ନିର୍ଯାତିତ—4. Persecuted.
୫ । ପୀଡ଼ିତ—5. Oppressed; tortured.

**କଦର୍ଥିବା**— ଦେ. ( ପଦ୍ୟ ) କ୍ରି. ( ସଂ. କଦର୍ଥନ )— କଷ୍ଟ ଦେବା—
Kadarthibā To trouble; to afflict.
ଐଶ୍ୱର୍ଯ୍ୟ ଧନ ଅବା ଯେତେ; ନରେ କଦର୍ଥନ୍ତି ସମସ୍ତେ—
ଜଗନ୍ନାଥ. ଭାଗବତ ।

**କଦର୍ଥେ**— ଦେ. ( ପ୍ରାଚୀନ ପଦ୍ୟ) ଅ. ( ଅଶୁଦ୍ଧ; ସଂ. କିମର୍ଥଂ )—
Kadarthe — ୧ । କାହିଁକି—1. The reason why.
ଅଗତ କଦର୍ଥେ କଦର୍ଥେ କହି କସ ହେବ—
ଉଷା. ଜୋବ୍ରତ୍ନାସ୍ଥିଭାଷ୍ୟ ।
୨ । (ସଂ. କଦର୍ଥ୍ୟଂ) କଦର୍ଯ୍ୟ ଭାବରେ—
2. In an awkward or horrible manner.
କଦର୍ଥେ କରନ୍ତେ ଭକ୍ଷଣ; କରଇ କାଇରେ ସେବନ—
ଜଗନ୍ନାଥ. ଭାଗବତ ।

**କଦର୍ଯ୍ୟ**— ସଂ. ବିଣ. ( କୁ+ଅର୍ଯ୍ୟ=ଅଧିକାରୀ; ଶ୍ରେଷ୍ଠ )—
Kadarjya ୧ । କୁତ୍ସିତ—1. Bad; clumsy; nasty; awkward; base.
( କଦର୍ଯ୍ୟତା—ବି )
୨ । କୃପଣ; ଯେ ନିଜେ କଷ୍ଟ ପାଇ ଓ ଆପଣା ପରିବାରକୁ ଦୁଃଖ ଓ ଅଭାବରେ ପକାଇ ଧନ ସଞ୍ଚେ—
2. Miserly; niggardly.
୩ । ଲୋଭୀ—3. Covetuous.
୪ । ନୀଚ; ଜଘନ୍ୟ; କ୍ଷୁଦ୍ର—
4. Petty; abominable.
ଦେ. ବି.— ୧ । କୃପଣ ବ୍ୟକ୍ତି—1. A miser.
୨ । ବିଡ଼ମ୍ବନା; ନିର୍ଯ୍ୟାତନ—2. Humiliation.
ଦେ. ବିଣ.— କୁତ୍ସିତ; ଅପରିଷ୍କୃତ—
1. Uncleansed; dirty.
୨ । ନିର୍ଯାତିତ; ବିଡ଼ମ୍ବିତ—2. Humiliated.
୩ । ଆକ୍ରାନ୍ତ—3. Oppressed.
୪ । କଲବଲ; କ୍ଲିଷ୍ଟ; ଡହଳବିକଳ—4. Afflicted with pain; sorely troubled.
ଅସ୍ତ୍ରାକୁ କଦର୍ଯ୍ୟ କଲେ ଯେଗ ଘଟେ ଦେହେ । ପୀତାମ୍ବର. ନୃସିଂହପୁରାଣ ।

**କଦର୍ଯ୍ୟତା**— ସଂ. ବି. (କଦର୍ଯ୍ୟ+ଭାବ. ତା)— କୁତ୍ସିତତା—
Kadarjyatā Badness; awkwardness.

**କଦଳ**— ସଂ. ବି. ( କ=ବାୟୁ+ଦଳ ଧାତୁ=ଭେଦ କରିବା+କର୍ମ. ଅ)— କଦଳୀ (୧) (ଦେଖ)
Kadaḷa
Kadaḷi (1) (See)
ଦେ. ବି.— ଅସ୍ପୃଶ୍ୟ ନୀଚ ଜାତିବିଶେଷ—
Name of a low caste.

**କଦଳିଆ**— ଦେ. ବିଣ.— କଦଳୀ ପରି ଆକୃତିବିଶିଷ୍ଟ—
Kadaḷiā Having the shape of a plantain.
( ଯଥା— କଦଳିଆ ଆମ୍ବ । )

**କଦଳିଆଚମ୍ପା**— ଦେ. ବି.— ଏକ ପ୍ରକାର ମୋଟ ଧାନ—ଏହାର ଚାଉଳ ଧଳା—A kind of white-riced coarse paddy.
Kadaḷiāchampā

**କଦଳକା**— ସଂ. ବି. (କଦଳୀ+ସ୍ୱାର୍ଥରେ କ+ସ୍ତ୍ରୀ. ଆ)—
କଦଳୀ (ଦେଖ)
Kadaḷi (See)

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଓ | ଳ |

**କଦଳକାଣ୍ଡଜା ମଜ୍ଜା**—ସଂ. ବି.—କଦଳୀ ମଜ୍ଜା (ଦେଖ)
Kadalikāndajā majjā (ହରେକୃଷ୍ଣ ମିଶ୍ର—ଦ୍ରବ୍ୟଗୁଣ ।)
Kadali mañjā (See)

**କଦଳୀ**—ସଂ. ବି. ( କ=ବାୟୁ+ଦଲ୍ ଧାତୁ=ଦଳିବା+ଅ+ସ୍ତ୍ରୀ.
Kadali ଈ; ଯେ ବାୟୁକର୍ତ୍ତୃକ ଦଳିତ ହୁଏ )—
ସଂ. ପର୍ଯ୍ୟାୟ :— ୧ । ରମ୍ଭାଗଛ—1. Plantain-tree.
ବାରଣା; ମୋଚ; ୨ । ରମ୍ଭାଫଳ—2. Plantain; banana;
ଅମ୍ବୁସାରା; Musa Sapientum.
ଅଂଶୁମତ୍‌ଫଳା; ୩ । ମୃଗବିଶେଷ; ମୃଗୀବିଶେଷ—
ଦୀର୍ଘପତ୍ର; ବୃଷପୁଷ୍ପା; 3. A kind of fleet-footed deer.
ରମ୍ଭା; ସ୍ୱାଦୁଫଳା; ୪ । ପତାକା—4. Flag.
ସକୃତ୍‌ଫଳା; ୫ । ହସ୍ତୀଉପରେ ବାହୁଡ ହେବା ନିଶାଣ—
ନିଃସାରା; ବନଲକ୍ଷ୍ମୀ; 5. Flag flown on the back of an elephant.
ଭାନୁଫଳା;
ଗୁଚ୍ଛଫଳା; [ ଦ୍ର—କଞ୍ଚା ବଣ୍ଡଲକଦଳୀକୁ ରନ୍ଧନ କରି
ମୋଚକ; ସୁଫଳା; ଖିଆ ଯାଏ । ପାଚିଲା କଦଳୀର ଚୋପା ଛଡ଼ାଇ
ଚର୍ମଣ୍ୱତୀ; ଦୁଧସଙ୍ଗେ ଚକଟି ଅମୃତଭଣ୍ଡା କରି ଖିଆଯାଏ ।
ପୁରୁଷେନ୍ଦ୍ରିୟ କଦଳୀପତ୍ରକୁ ଭୂମିରେ ପକାଇ ତା ଉପରେ ଭାତ
ବାରଣବୁଷା ଖିଆଯାଏ । କଦଳୀ ମଞ୍ଜା ଓ ଭଣ୍ଡାକୁ ରନ୍ଧନ କରି
ବାରବୁଷା ଖିଆଯାଏ । କଦଳୀ ବାସୁଙ୍ଗାକୁ ପୋଡ଼ି ସେହି
ବାରଣବଲ୍ଲଭା ଖାରରେ ଧୋବାମାନେ ଲୁଗା ସଫା କରନ୍ତି ।
କେଳା; କଳା କଦଳୀ ଗଛର ଗଡ଼କୁ କାଟି ୨।୪ ଟି ଏକତ୍ର
केला; केरा; କରି ଭେଳା କରାଯାଏ । କଦଳୀ ପଟୁକାରେ ଫୁଲ
सबेज ଆଦି ଗୁନ୍ଥାଯାଏ ।
ତେ. ଅରଟିଚେଟ୍ଟୁ; କଦଳୀ ଗଛର ପୁଅକୁ ଛଡ଼ାଛଡ଼ା କରି
ବୁଲଗଚେଟ୍ଟୁ; ପୋତିବାକୁ ହୁଏ । ଗୋଟିଏ କଦଳୀ ଗଛରୁ
ଦୋଣ୍ଡଚୋଗେ; ଗୋଟିଏ ମାତ୍ର କାନ୍ଧି ବାହାରେ ଓ ଫଳ ପକ୍ୱ
ଆରଟିକାୟ୍ୟ ହେଲେ ଗଛ ମରିଯାଏ । ଏଥିପାଇଁ ପିଲାଏ ନାଆଁ
ମ. କେଲ୍; ଦିଆରେ କହନ୍ତି :—
ଘୋନକେଲ "ଜନ୍ମକରୁ ଅଇଲା ପାଚଲା ଘୋଡ଼ା,
ଗୁ. କେଲା ଏକା କାନ୍ଧେ ହୋଇଲା ବୁଢ଼ା ।"
ତା. ପାଳମ୍ଭଣିପିପସୀ ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁରରସ,
ଆ. କଲ ଶୀତବୀର୍ଯ୍ୟ, ବିଷ୍ଟମ୍ଭୀ, କଫଘ୍ନ, ଗୁରୁ, ଓ ସ୍ନିଗ୍ଧ ।
ବ୍ର. ହଗାପୀ ପାଚିଲା କଦଳୀ ମଧୁରରସ, ଶୀତବୀର୍ଯ୍ୟ, ମଧୁର-
ପା. ତଲା; ତଲମପଦ ବିପାକ, ଶୁକ୍ରବର୍ଦ୍ଧକ, ପୁଷ୍ଟିକର, ରୁଚିକର ଓ
ଫା. ମାବଜ; ମୋଜ୍ ମାଂସବର୍ଦ୍ଧକ । ]

**କଦଳୀ ଉଧି**—ଦେ. ବି—କଦଳୀ ପୁଅ; ପୁରୁଣା କଦଳୀ ଗଛର ମୂଳରୁ
Kadali udhi ଭୂଇଁ ଭେଦି ବାହାରିବା ଗଜା ଗଛ—(ଏହା କଦଳୀ
কলার তেউড় पुंकी ଗଛର ଶିଶୁ)—Seedlings or offshoots of plantain.
[ଦ୍ର—ଏହି ଉଧିମାନଙ୍କୁ ମୂଳପିଣ୍ଡରୁ କାଟି ନେଇ ଅଲଗା ପୋତାଯାଏ ।]

**କଦଳୀ ଓଧି**—ଦେ. ବି—କଦଳୀ ଉଧି (ଦେଖ)
Kadali odhi Kadali udhi (See)

**କଦଳୀ କନ୍ଦ**—ସଂ. ବି. (୬ଷ୍ଠୀ ତତ୍; କଦଳୀ+କନ୍ଦ)—କଦଳୀ ଗଛର
Kadali kanda ପିଣ୍ଡାକାର ମୂଳ—The bulb at the root of plantain-trees.
[ଦ୍ର—ଏହା ବଳକର, ଅମ୍ଳପିତ୍ତନାଶକ, ଅଗ୍ନିବର୍ଦ୍ଧକ, ଦାହନାଶକ, ମଧୁର ଓ ମୂତ୍ରକାରକ ।]

**କଦଳୀ କାଣ୍ଡ**—ସଂ. ବି. (୬ଷ୍ଠୀ ତତ୍; କଦଳୀ+କାଣ୍ଡ)—କଦଳୀ ଗଛର
Kadali kānda ଗଣ୍ଡି—The trunk of a plantain tree.
କାଟିଲେ କଦଳୀ କାଣ୍ଡ ପ୍ରାପ୍ତେ କରିବାକେ
ଅନ୍ଧକାର ମହାବୀର·········· ରାଧାନାଥ—ମହାଯାତ୍ରା ।

**କଦଳୀ କାନ୍ଦି**—ଦେ. ବି. (ସଂ. କଦଳୀ ଓ ସ୍କନ୍ଧ)—କଦଳୀ ଗଛର ଅଗରୁ
Kadali kāndi ବାହାରିଥିବା ଦଣ୍ଡରେ ସଲଗ୍ନ ବହୁ ପେଣାଯୁକ୍ତ
केलाकाघौद କଦଳୀପେଣ୍ଡା—A bunch of plantains.

**କଦଳୀ କାନ୍ଧି**—ଦେ. ବି.—କଦଳୀ କାନ୍ଦି (ଦେଖ)
Kadali kāndhi Kadali kāndi (See)

**କଦଳୀ ଚକଟା**—ଦେ. ବି.—ପାଚିଲା କଦଳୀରେ ଦୁଧ ଓ ମିଠା ମିଶାଇ;
Kadali chakatā ଚକଟି ପ୍ରସ୍ତୁତ କରିବା ପାଣିପାଣିଆ ଖାଦ୍ୟ,
ଅମୃତଭଣ୍ଡା—A gruel-like food prepared by pressing ripe plantains and mixing them with milk and sugar.

**କଦଳୀ ଚୋଚଡ଼ା**—ଦେ. ବି.—କଦଳୀ ଗଛର କଞ୍ଚା ବକଳା ବା ଚୋପା—
Kadali chochandā Green juicy bark of a plantain tree.

**କଦଳୀ ଦଣ୍ଡ**—ସଂ. ବି.—( ୬ଷ୍ଠୀ ତତ୍. କଦଳୀ+ଦଣ୍ଡ )—
Kadali danda ଫଳଥିବା କଦଳୀ ଗଛର ମଝିରେ ଥିବା
କୋମଳ ଦଣ୍ଡ; କଦଳୀ ମଞ୍ଜା—
The inmost stalk of a fruited banana tree.
[ଦ୍ର—ଏହା ତିକ୍ତକାଷା, ଅମ୍ଳ ଓ ସରତା ହୁଏ । ଏହା ଶୀତ-ବୀର୍ଯ୍ୟ, ରୁଚିଜନକ, ଅଗ୍ନିବର୍ଦ୍ଧକ, ଏବଂ ଯୌନଦୋଷ, ଅସୃଗ୍ଦର ଓ ରକ୍ତପିତ୍ତନାଶକ । ]

**କଦଳୀ ପଟ**—ଦେ. ବି. ( ସଂ. କଦଳୀ ଓ ପଟ )—କଦଳୀଗଛର ଖୋଳ
Kadali pata ବା ବକଳାରୁ ବାହାରିବା ତନ୍ତୁ—
কলাপেটো Fibrous strings got from the bark
কলার পাটুয়া of the plantain tree.
केलाका रेशा

**କଦଳୀ ପଟୁକା**—ଦେ. ବି.—କଦଳୀ ପଟ (ଦେଖ)
Kadali patuka Kadali pata (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସହିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଦଳୀ ପତ୍ର**—ଦେ. ବି.—୧ । କଦଳୀ ଗଛର ପତ୍ର—
Kada<u>l</u>i patra — 1. Leaf of a plantain tree.
केलाका पता [ଦ୍ର—ଏହା ଅତି ପ୍ରଶସ୍ତ ଓ ଚିକ୍କଣ ଥିବାରୁ ଲୋକେ ଏଥିରେ ଖାଦ୍ୟ ଦ୍ରବ୍ୟ ରଖି ଖାଆନ୍ତି । ]
୨ । (ବଣିଆ ଶବ୍ଦ) ରାଜା ବା ବଡ଼ଲୋକଙ୍କ ଘରବାରରେ ବ୍ୟବହୃତ ସୁନା ବା ରୁପାରେ ପ୍ରସ୍ତୁତ, ଗୋଡ଼ଥିବା, କଦଳୀ ପତ୍ର ଭଳି ପାତ୍ରବିଶେଷ ।

**କଦଳୀ ପାଟୁକା**—ଦେ. ବି.—କଦଳୀ ପଟ (ଦେଖ)
Kada<u>l</u>i pāṭukā — Kada<u>l</u>i paṭa (See)

**କଦଳୀ ପୁଅ**—ଦେ. ବି. (ସଂ. କଦଳୀ ଓ ପୁତ୍ର)—କଦଳୀ ଉଧି (ଦେଖ)
Kada<u>l</u>i pua — Kada<u>l</u>i udhi (See)

**କଦଳୀ ପୁଆ**—ଦେ. ବି.—କଦଳୀ ଉଧି (ଦେଖ)
Kada<u>l</u>i puā — Kada<u>l</u>i udhi (See)

**କଦଳୀ ପୁଷ୍ପ**—ସଂ. ବି. ( ୬ଷ୍ଠୀ ତତ୍ )—କଦଳୀ ଭଣ୍ଡା ମଧ୍ୟରେ ଥିବା
Kada<u>l</u>i pushpa — ଫୁଲ—Plantain-flower.
[ଦ୍ର— ଏହା ସ୍ନିଗ୍ଧ, ମଧୁର, କଷାୟ, ଗୁରୁ, ଶୀତବୀର୍ଯ୍ୟ ଓ ବାୟୁ, ପିତ୍ତ, ରକ୍ତପିତ୍ତ ଏବଂ କ୍ଷୟନାଶକ । ]

**କଦଳୀ ପେଣ୍ଡା**—ଦେ. ବି.—କଦଳୀ କାନ୍ଦି (ଦେଖ)
Kada<u>l</u>i peṇḍā — Kada<u>l</u>i kāndi (See)

**କଦଳୀ ଫାଉଡ଼ା**—ଦେ.ବି.—କଦଳୀ ଗଛର କାଣ୍ଡର ଚାରିପାଖରେ ଥିବା
Kada<u>l</u>i phāuṛḍā — ଲମ୍ବ, କଞ୍ଚା ଖୋଳପା—The juicy long
কলারখোলা; খোল — bark of plantain tree.

**କଦଳୀ ଫେଣା**—ଦେ. ବି.—କାନ୍ଦିରେ ଏକତ୍ର ଲାଗିଥିବା କଦଳୀ ଫଳର
Kada<u>l</u>i pheṇā — ପୁଞ୍ଜ—Clusters of plantains in a
केलाकाफंजा — bunch.

**କଦଳୀ ବାଞ୍ଝା**—ପ୍ରାଦେ. (ଗଞ୍ଜାମ) ବି. ସ୍ତ୍ରୀ. (ସଂ. କଦଳୀ + ବନ୍ଧ୍ୟା )—
Kada<u>l</u>i bāñjhā — କଦଳୀ ଗଛ ଗୋଟିଏ ମାତ୍ର ପେଣ୍ଡା ପକାଇଲା ପରି ଯେଉଁ ସ୍ତ୍ରୀ ଏକମାତ୍ର ସନ୍ତାନ ଜନ୍ମ କରିଥାଏ — The mother of one child only.

**କଦଳୀ ବାସୁଙ୍ଗା**—ଦେ. ବି.—କଦଳୀ ଗଛର ଶୁଖିଲା ବଲ୍କଲ ଓ ପତ୍ର—
Kada<u>l</u>i bāsuṅgā — Dried barks and leaves of
কেলার বাসনা — plantain trees
[ ଦ୍ର—ଏହାକୁ ପୋଡ଼ିଲେ ଯେଉଁ କ୍ଷାର ହୁଏ ସେଥିରେ ମଫସଲର ଧୋବାମାନେ ଲୁଗା ସଫା କରନ୍ତି । ]

**କଦଳୀ ଭଣ୍ଡା**—ଦେ. ବି.—କଦଳୀ କାନ୍ଦିର ଅଗରେ ଥିବା ପୁଷ୍ପକୋଷ—
Kada<u>l</u>i bhaṇḍā — The pod containing the plantain-
মোচা — flowers.
[ଦ୍ର—ଏହା ରାନ୍ଧି ଓ ଭଜା ହୁଏ । ]

**କଦଳୀ ମଞ୍ଜ**—ଦେ. ବି.—କଦଳୀ ଦଣ୍ଡ (ଦେଖ)
Kada<u>l</u>i mañja — Kada<u>l</u>i daṇḍa (See)

**କଦଳୀ ମଞ୍ଜା**—ଦେ. ବି.—କଦଳୀ ଦଣ୍ଡ (ଦେଖ)
Kada<u>l</u>i mañjā — Kada<u>l</u>i daṇḍa (See)
केलाकोडठल

**କଦଳୀ ମୁଣ୍ଡା**—ଦେ. ବି.—ବଡ଼ କଦଳୀ ଗଛର ମୂଳପିଣ୍ଡ—
Kada<u>l</u>i muṇḍā — The bulbuous root of the
কলারাআঁটিয়া — banana tree.

**କଦା**—ସଂ. ଅ. (କିମ୍ + କାଳାଧିକରଣ ଅର୍ଥରେ. ଦା)—
Kadā — ୧ । କେବେ; କେଉଁ ସମୟରେ – 1. When; at what time.
ସନ୍ନିଧେ ରହିଲେ କଦା ନୁହଇ ପୀରତ—ପୀତାମ୍ବର. ନୃସିଂହପୁରାଣ ।
୨ । କୌଣସି ସମୟରେ; ଆଦୌ; କେବେହେଁ—
2. At any time; at all.
ବଧିବ ପର ଧୀର କଦା ନ ମନ୍ତି—ଉପେ. ବୈଦେହୀଶବିଳାସ ।

**କଦାଇବା**—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. କର୍ଦ୍ଦମ)—
Kadāibā — ମାଟିରେ ପାଣି ମିଶାଇ ଚକଟି କାଦୁଅ କରିବା— To turn earth into clay by mixing water and kneading.

**କଦାକାର**—ସଂ. ବିଣ. (ବହୁବ୍ରୀହି; କୁ + ଆକାର; କୁ ସ୍ଥାନରେ କତ୍ ଆଦେଶ)—କୁରୂପ; କୁତ୍ସିତ; ଅସୁନ୍ଦର—
Kadākāra — Ugly; clumsy; uncouth; deformed; ill-formed.

**କଦାକାଳେ**—ଗ୍ରା. ଅ. ( ସଂ. କଦା ଓ କାଳେ )—
Kadākā<u>l</u>e — ୧ । କେବେହେଁ—1. Ever.
কোনসময়ে — ୨ । କସ୍ମିନ୍ କାଳେ; କେବେ ହେଲେ—
কখনি — 2. At any time whatever.
୩ । କଦା; କ୍ୱଚିତ୍—3. Seldom; rarely.
୪ । ବେଳେ ବେଳେ—4. Occasionally.
[ଦ୍ର—ସାଧାରଣତଃ ଏହା ନିଷେଧାର୍ଥକ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ, ଯଥା—ମୁଁ କଦାକାଳେ ସେଠାକୁ ଯିବି ନାହିଁ । ମୁଁ କଦାକାଳେ ଏହାକୁ ଦେଖି ନାହିଁ । ]

**କଦାକୃତି**—ସଂ. ବି. ( ବହୁବ୍ରୀହି; କୁ + ଆକୃତି; କୁ ସ୍ଥାନରେ କତ୍ ଆଦେଶ )—
Kadākṛuti — କଦାକାର ( ଦେଖ ) Kadākāra ( See )

**କଦାଖ୍ୟ**—ସଂ. ବି. ( କୁ + ଆଖ୍ୟା; କୁ ସ୍ଥାନରେ କତ୍ ଆଦେଶ )—
Kadākhya — ବଦନାମ୍—Evil repute.

**କଦାଚ**—ଦେ. ଅ. ( ସଂ. କଦାଚନ )—
Kadācha — ୧ । କଦାପି; କେବେହେଲେ; କେବେହେଁ, ଜମାରୁ; ଆଦୌ—1. At all.
কদাচ
कदाच — କଦାଚ ବେଗ ପଶି ନ ପାରେ ତା ଶରୀରେ । ପୀତାମ୍ବର. ନୃସିଂହପୁରାଣ ।
୨ । କଦାଚିତ୍; କେବେ; କୌଣସି ସମୟରେ—
2. At any time.
୩ । କ୍ୱଚିତ୍; କଦବା; ଖୁବ୍ କମ୍ ସମୟରେ ବା ସ୍ଥଳରେ—
3. Seldom; rarely.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଛ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ଚ |

କଦାଚନ—ସଂ. ଅ. ( କଦା+ଅନିଶ୍ଚୟାର୍ଥେ. ଚନ )—
Kadāchana କଦାଚ ( ଦେଖ )
Kadācha ( See )

କଦାଚାର—ସଂ. ବି. ( କର୍ମଧା; କୁ+ଆଚାର; କୁ ସ୍ଥାନରେ କତ ଆଦେଶ )—
Kadāchāra
(କଦାଚାରୀ—ସ୍ତ୍ରୀ) ୧ । କୁତ୍ସିତ ବା ମନ୍ଦ ପ୍ରଥା—
1. Bad custom.
୨ । ଗର୍ହିତ ଆଚରଣ; ବଦଚାଲି—
2. Bad conduct.
ସଂ. ବିଣ. ପୁଂ. ( ବହୁବ୍ରୀହି )— କଦାଚାରୀ ( ଦେଖ )
Kadāchārī ( See )

କଦାଚାରୀ—ସଂ. ବିଣ. ପୁଂ. (କଦାଚାର+ଅସ୍ତ୍ୟର୍ଥରେ. ଇନ୍, ୧ମା.୧ବ)—
Kadāchārī କଦାଚାର; ଯେଉଁ ବ୍ୟକ୍ତିର ଆଚରଣ କୁତ୍ସିତ;
(କଦାଚାରିଣୀ—ସ୍ତ୍ରୀ) ଅନାଚାରୀ; ଅସନ୍ମାର୍ଗାବଲମ୍ବୀ—
Profligate; following evil ways.

କଦାଚିତ୍—ସଂ. ଅ. (କଦା+ଅନିଶ୍ଚୟ ଅର୍ଥରେ. ଚିତ୍ )—
Kadāchit କଦାଚ ( ଦେଖ )
Kadācha ( See )

କଦାଚିତେ—ଦେ. (ପଦ୍ୟ) ଅ. (ସଂ. କଦାଚିତ୍ )—କଦାଚ ( ଦେଖ )
Kadāchite Kadācha ( See )

ନ ଗଣିବ କଦାଚିତେ—କଦମ୍ବର୍କ. କରେ ... ଗୀତ ।
ତାହାଙ୍କ ଦୋଷ ଗୁଣ ଯେତେ
ମନେ ନ ଧର କଦାଚିତେ । ଜଗନ୍ନାଥ. ଭାଗବତ ।

କଦାପି—ସଂ. ଅ. ( କଦା+ଅପି )—
Kadāpi ୧ । କେବେହେଲେ; କେବେମଧ୍ୟ —
1. At any time.
୨ । କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ—
2. At a certain fixed time.

କଦାବା—ସଂ. ଅ. (କଦା+ବା)—କଦବା ( ଦେଖ )
Kadābā Kadabā ( See )

କଦାଲ୍—ପ୍ରାଦେ. (ମେଦିନୀପୁର; ଭୁଲ. ବ. କୋଦାଲ୍ ) ବି—
Kadāl କୋଡ଼ି—Spade.

କଦାଶ୍ଚିତ—ଗ୍ରା. ଅ. ( ସଂ. କଦାଚିତ୍ )—କଦାଚ ( ଦେଖ )
Kadāśchita Kadācha ( See )

କଦି—ଗ୍ରା. ଅ. ( ସଂ. କଦା+ହି )—କଦା ( ଦେଖ )
Kadi Kadā ( See )

**कधी**

କଦିମ୍—ବୈଦେ. ବିଣ. ( ଆ. କଦୀମ୍ )—ପ୍ରାଚୀନ; ପୁରାତନ—
Kadim Ancient; old.
**कदीम** ବି. ( ଜାହାଜୀଅଙ୍କ ଭାଷା ) ଜାହାଜରେ ବୋଝ ଆଦ ଉଠାଇବା ପାଇଁ ବ୍ୟବହୃତ ଲୁହା ଛଡ଼—( nautical term ) An iron-bar used in lifting big loads in ships.

କଦିର—ଗ୍ରା. ( ଉତ୍ତର ) ବି.—କଦଳୀ ( ଦେଖ )
Kadira Kadaḻī ( See )

କଦିରିଜ—ଗ୍ରା. ବି. ଓ ବିଣ. ( ସଂ. କଦର୍ଯ୍ୟ )—କଦର୍ଯ୍ୟ ( ଦେଖ )
Kadirija Kadarjya ( See )

କଦିରିଜା—ଗ୍ରା. ବିଣ. ( ସଂ. କଦର୍ଯ୍ୟ )—୧ । କଷ୍ଟକର—
Kadirijā 1. Troublesome.
୨ । କଦର୍ଯ୍ୟ; କଦାକାର—2. Nasty.

କଦିରିଜିଆ—ଗ୍ରା. ବିଣ—କଦିରିଜା ( ଦେଖ )
Kadirijiā Kadirijā ( See )

କଦିର୍ଜି—ଗ୍ରା. ବିଣ. ( ସଂ. କଦର୍ଯ୍ୟ )—କଦର୍ଯ୍ୟ ( ଦେଖ )
Kadirja Kadarjya ( See )

କଦିର୍ଜା—ଗ୍ରା. ବିଣ. ( ସଂ. କଦର୍ଯ୍ୟ )—କଦିରିଜା ( ଦେଖ )
Kadirjā Kadirijā ( See )

କଦିର୍ଜିଆ—ଗ୍ରା. ବିଣ. ( ସଂ. କଦର୍ଯ୍ୟ )—କଦିରିଜା ( ଦେଖ )
Kadirjiā Kadirijā ( See )

କଦିଲ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କଦଳୀ )—କଦଳୀ (ଦେଖ)
Kadil Kadaḻī ( See )

କଦିଳ—ଗ୍ରା. ( ଉତ୍ତର ) ବି. ( ସଂ. କଦଳୀ )—କଦଳୀ ( ଦେଖ )
Kadiḻa Kadaḻī ( See )

କଦୁକ୍ତି—ସଂ. ବି. ( କୁ+ଉକ୍ତି; କୁ ସ୍ଥାନରେ କତ୍ ଆଦେଶ )—
**Kadukti** ୧ । କଟୂକ୍ତି—1. Harsh words.
୨ । କୁଭାଷା—2. Bad words.
୩ । ଅଶ୍ଳୀଳ ଉକ୍ତି—
3. Indecent utterances.
୪ । ଅପଭାଷା—4. Slang.

କଦୁଷ୍ଣ—ସଂ. ବି. ( କୁ=ଈଷତ୍+ଉଷ୍ଣ; କୁସ୍ଥାନରେ କତ୍ ଆଦେଶ )—
Kadushṇa ସାମାନ୍ୟ ଗରମ; ଈଷଦୁଷ୍ଣ—
Lukeworm; slightly hot; tepid,
[ଦ୍ର—ଏହି ଶବ୍ଦ ବିକଳ୍ପରେ ଅନ୍ୟ ଦୁଇ ଗୋଟି ଆକାର ମଧ୍ୟ ଧରେ; ଯଥା—କୋଷ୍ଣ; କବୋଷ୍ଣ । ]

କଦେଲ୍—ପ୍ରାଦେ. ( ସମ୍ବଲପୁର ) ବି—କଦଳୀ ( ଦେଖ )
Kadel Kadaḻī ( See )

କଦୋ—ପ୍ରାଦେ. ( ସମ୍ବଲପୁର ) ବି—କୋଦୁଅ ( ଦେଖ )
Kado Kodua ( See )

କଦ୍ବଦ୍—ଗ୍ରା. ବିଣ—କଦବଦ ( ଦେଖ )
Kadbad Kadabada ( See )

କଦ୍ବଦ—ସଂ. ବି. ପୁଂ. ( କୁ=କୁତ୍ସିତ+ବଦ ଧାତୁ=କହିବା+କର୍ତ୍ତୃ. ଅ; କୁ ସ୍ଥାନରେ କତ୍ ଆଦେଶ)—
Kadbada
( କଦ୍ବଦା—ସ୍ତ୍ରୀ ) ୧ । କୁତ୍ସିତ ବକ୍ତା; ଅଶୁଦ୍ଧ ବକ୍ତା; ମନ୍ଦ କଥକ—
1. Bad speaker; one who speaks incorrectly.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । କଟୁଭାଷୀ—2. Uttering harsh words.

୩ । ଅଶ୍ରାବ୍ୟ ଭାଷା କହିବା ( ବ୍ୟକ୍ତି )—

3. One who speaks obscene words.

୪ । ଦୁଃଶ୍ରାବ୍ୟ ଶବ୍ଦଯୁକ୍ତ—

4. With jarring or unpleasant sound.

**କଦ୍‌ବଡିଆ**—ଗ୍ରା. ବିଣ—କଦବଡିଆ ( ଦେଖ )
Kadbadiā Kadabadiā ( See )

**କଦ୍ରୁ**—ସଂ. ବି. ସ୍ତ୍ରୀ. (କମ୍ ଧାତୁ=ଇଚ୍ଛା କରିବା+କର୍ମ.ଉ; ନିପାତନ)—
Kadru ୧ । ପିଙ୍ଗଳବର୍ଣ୍ଣ—1. Tawny colour.

୨ । କଶ୍ୟପମୁନିଙ୍କର ଏକତମା ପତ୍ନୀ; ସର୍ପମାନଙ୍କ ଆଦିମାତା; ଦକ୍ଷଙ୍କ କନ୍ୟା—2. One of the wives of sage Kaśyapa; the progenetress of serpents; the daughter of Dakshya.

ବିଣ. ପିଙ୍ଗଳବର୍ଣ୍ଣବିଶିଷ୍ଟ; ଛିପିଛିପିକିଆ—
Of tawny or variegated colour.

**କଧ୍ରିବା**—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. କଦ୍ ଧାତୁ=ବ୍ୟାକୁଳ ହେବା;
Kadhribā ତୁଳ. ହି. କଦରନା=କାତର ବା ଭୀତ ହେବା )—
କର୍ମ କରିବାକୁ କୁଣ୍ଠିତ ହେବା—
To be unwilling to do or shrink from doing a work.

**କନ୍** (ଧାତୁ)—ସଂ—୧ । ପ୍ରୀତ ହେବା—
Kan (root) 1. To be pleased.

୨ । ସନ୍ତୁଷ୍ଟ ହେବା —2. To be satisfied

୩ । ଇଚ୍ଛା କରିବା—3. To wish.

୪ । ଆକାଙ୍କ୍ଷା କରିବା—4. To desire.

୫ । ଚକ୍ ଚକ୍ କରିବା; କିରଣ ଦେବା—
5. To shine.

୬ । ଖୋଜିବା—6. To seek.

**କନ୍‌ଜି**—ପ୍ରାଦେ. (ସମ୍ବଲପୁର) ବି—ଏକ ପ୍ରକାର ମାଟିର ହାଣ୍ଡି ବା କୁଣ୍ଡ—
Kanji A kind of shallow earthen pot.
[ ଦ୍ର—ଏହା ତେଲୁଣି ପରି ଚଟକା ନୁହେ କମ୍ବା ହାଣ୍ଡି ପରି ଗମ୍ଭୀର ନୁହେ । ]

**କନ୍‌ଫରେନ୍ସ**— ବୈଦେ. ବି. (ଇଂ. କନ୍‌ଫରେନ୍ସ)—ସମ୍ମିଳନୀ—
Kanpharens Conference.
कन्फरेन्स
কনফারেন্স

**କନ୍‌ଭୋକେସନ୍**—ବୈଦେ. ବି. ( ଇଂ. କନ୍‌ଭୋକେସନ୍ )—
Kanbhokesan ୧ । ଧର୍ମଯାଜକ ବା ଧର୍ମାଧ୍ୟକ୍ଷମାନଙ୍କ ସଭା—
कन्भोकेसन् 1. An ecclesiastical assembly.
কনভোকেসন ୨ । ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସଭା—
2. An academical assembly.

**କନ୍‌ଷ୍ଟିଚ୍ୟୁସନ୍**— ବୈଦେ. ବି. (ଇଂ. କନ୍‌ଷ୍ଟିଚ୍ୟୁସନ୍ )—
Kanshtichyusan ୧ । ଶରୀର ବା ଅବୟବୀ ବସ୍ତୁ—
कन्ष्टिच्युसन 1. Corporeal thing.
কনষ্টিচুযসন

୨ । ଆଇନ୍‌ସମୂହ—
2. The body of laws in a Government.

୩ । ରାଜ୍ୟ ପରିଚାଳନାର୍ଥ ବନ୍ଧା ନିୟମସମୂହ—
3. Fundamental principles for the Governance of a State.

**କନ୍‌ଷ୍ଟିଚ୍ୟୁଏନ୍ସ**— ବୈଦେ. ବି. ( ଇଂ. କନ୍‌ଷ୍ଟିଚ୍ୟୁଏନ୍ସ )—
Kanshtityuensi ୧ । ଗଠନପ୍ରକ୍ରିୟା—
1. Act of constitution.

୨ । ପ୍ରତିନିଧି ନିର୍ବାଚକ ଜନମଣ୍ଡଳୀ—
2. Body of electors.

**କନ୍‌ଷ୍ଟେବ୍‌ଲ**— ବୈଦେ. ବି. ( ଇଂ. କନ୍‌ଷ୍ଟେବ୍‌ଲ )—
Kanshtebl ପହରାବାଲା; ପୁଲିସ ସିପାହି—Constable.
कनष्टबल
কানষ্টেবিল

**କନ୍‌ସର୍ଟ**—ବୈଦେ. ବି. ( ଇଂ. କନ୍‌ସର୍ଟ )—ଏକ କାଳରେ ବହୁ ବାଦ୍ୟ
Kansart ଓ ଗାୟକଙ୍କ ଦ୍ୱାରା ସମୋଚ୍ଚାରିତ ସଙ୍ଗୀତ;
कनसार्ट ଐକତାନିକ ବାଦ୍ୟ—Concert.
কানসার্ট

**କନ୍‌ସର୍ଭାନ୍ସି**—ବୈଦେ. ବି. ( ଇଂ. କନ୍‌ସର୍ଭାନ୍ସି )—
Kansarbhānsi ମ୍ୟୁନିସିପାଲିଟିମାନଙ୍କ ଦ୍ୱାରା ସହରର ମଇଳା
कन्सर्भान्सि ସଫାଇ କର୍ମ—Conservancy.
কনসরবেন্সি

**କନ୍‌ସର୍ଭେଟିଭ୍**— ବୈଦେ. ବିଣ. ( ଇଂ. କନ୍‌ସର୍ଭେଟିଭ୍ )—
Kansarbhetibh ରକ୍ଷଣଶୀଳ; କୌଣସି ପ୍ରାଚୀନ ଆଚାର ବା
कन्सर्भेटिभ् ରୀତି ଯେ ସର୍ବଦା ରକ୍ଷା କରିବାରେ ଯତ୍ନଶୀଳ—
কনসরবেটিব Conservative.
( ଯଥା—ଇଂଲଣ୍ଡରେ କନ୍‌ସର୍ଭେଟିଭ୍ ନାମକ ଗୋଟିଏ ବିଶିଷ୍ଟ ରାଜନୀତିକ ଦଳ ଅଛି । )

**କନ୍‌ସଲ୍** — ବୈଦେ. ବି. ( ଇଂ. କନ୍‌ସଲ୍ )—
Kansal ଏକ ରାଜ୍ୟରେ ଅବସ୍ଥିତ ଅନ୍ୟ ରାଜ୍ୟର ସ୍ୱାର୍ଥ ପ୍ରତି
कन्सल् ଦୃଷ୍ଟି ରଖିବା କର୍ମଚାରୀ ବା ପ୍ରତିନିଧି—
কনসল Consul.

**କନ୍‌ସାଇନ୍‌ମେଣ୍ଟ**— ବୈଦେ. ବି. ( ଇଂ. କନ୍‌ସାଇନ୍‌ମେଣ୍ଟ )—
Kansāinment ରେଲ ଓ ଜାହାଜରେ ଥରକେ ଜଣେ ବ୍ୟକ୍ତି
कन्साइनमेंट ସ୍ଥାନାନ୍ତରକୁ ପଠାଇବା ପାଇଁ ଦେବା ମାଲ—
কনসাইনমেণ্ট Consignment.

**କନ୍‌ସାଇନର୍**—ବୈଦେ. ବି. ( ଇଂ. କନ୍‌ସାଇନର୍ )—
Kansāinar ଯେ ଅନ୍ୟ ନାମରେ କୌଣସି ବସ୍ତୁକୁ ରେଲ
कन्साइनर ଜାହାଜରେ ପ୍ରେରଣ କରେ—Consignor.
কনসাইনর

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇପ୍ସ | ଉଥ | ଧ |
| ୨ | ଈ | ଊ | ଚ | ଲୃ | ପ୍ସେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଢ଼ | ନ୍ଥ |

**କନ୍‌ସାଇନ**—ବୈଦେ. ବି. ( ଇଂ. କନ୍‌ସାଇନ )—
Kansāini ଯାହା ନାମରେ କୌଣସି ବସ୍ତୁ ରେଲ ଆଦିରେ ପ୍ରେରିତ
କନସାଇନି ହୁଏ—Consignee.
କନସାଇନି

**କନ୍** (ଧାତୁ)—ସଂ—୧ । ପ୍ରୀତ ହେବା—
Kan (root) 1. To be pleased.
୨ । ଦୀପ୍ତି ପାଇବା—
2. To shine; to be full of lustre.

**କନଉଜ**—ଦେ. ବି. ( ସଂ. କାନ୍ୟକୁବ୍ଜ )—କାନ୍ୟକୁବ୍ଜ ( ଦେଖ )
Kanauja Kānyakubja ( See )

**କନଉଜି**—ଦେ. ବିଣ—କନାଉଜି ( ଦେଖ )
Kanauji Kanāuji ( See )

**କନଉଜିଆ**—ଦେ. ବି—କନାଉଜିଆ ( ଦେଖ )
Kanaujiā Kanāujiā ( See )

**କନକ**—ସଂ. ବି. ( କନ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅକ )—
Kanaka ୧ । ସୁବର୍ଣ୍ଣ; ସୁନା—1. Gold.
୨ । ପଳାଶ ଗଛ—
2. Butea Frondosa (tree).
୩ । ନାଗେଶ୍ୱର ଗଛ—
3. The Indian Rose chestnut.
୪ । ଧାତୁରା ଗଛ—4. The Thorn-apple plant.
୫ । କାଞ୍ଚନ ଗଛ—(ଦେଖ)
5. Kañchana tree (See)
୬ । ଚମ୍ପା ଗଛ—6. The Champaka tree.
୭ । ଚମ୍ପାଫୁଲ—
7. The Champaka (yellow) flower.
ଦେ. ବି—କନକବତୀ ନାମ୍ନୀ ସ୍ତ୍ରୀର ଡାକନାମ—
A name for calling females named Kanakabatī.
ଦେ. ବିଣ—୧ । ଶ୍ରେଷ୍ଠ; ଉତ୍କୃଷ୍ଟ—1. Excellent.
୨ । ଦୀପ୍ତିଶୀଳ—2. Bright; shining.
ବାଳକା କନକକାନ୍ତ କନକ କନକ,
ବାଳକା କନକ କାନ୍ତ କନକ କନକ—ଉପେ. ବୈଦେହୀଶବିଳାସ ।

**କନକକଟକ**—ସଂ. ବି. ( ମ. ପ. ଲୋ; କନକ+କଟକ )—
Kanakakaṭaka ୧ । ସ୍ୱର୍ଣ୍ଣ କଙ୍କଣ—1. Gold bracelet.
୨ । ସ୍ୱର୍ଣ୍ଣମୟ ପୁର—2. A town of gold.
୩ । ଲଙ୍କାନଗର—
3. Lankā, the capital of Rābaṇa.
ବୋଲଇ ଏଥିର କନକକଟକ ଏଠାରୁ ହୋଇବ ଜାଣି ସେ—
ଉପେ. ବୈଦେହୀଶବିଳାସ ।

**କନକ କଦଳୀ**—ସଂ. ବି. ( ମ. ପ. ଲୋ; କନକଆଭାଯୁକ୍ତ କଦଳୀ )—
Kanaka kadalī ଏକ ପ୍ରକାର କଦଳୀ; ଚମ୍ପାକଦଳୀ—
A kind of banana.

**କନକକୁମ୍ଭ**—ସଂ. ବି. ( ମ. ପ. ଲୋ; କନକନିର୍ମିତ କୁମ୍ଭ )—ସ୍ୱର୍ଣ୍ଣ କଳଶ;
Kanakakumbha ସୁନାର ଘଟ; ଭୃଙ୍ଗାର—
Golden water-jug.

**କନକକୂଟ**—ସଂ. ବି. ( ବହୁବ୍ରୀହି; କନକ+କୂଟ=ଶୃଙ୍ଗ )—
Kanakakūṭa ୧ । ପର୍ବତବିଶେଷ—
1. Name of a mountain.
କନକକୂଟରେ ଭଇଁ ଅସୁରଇଁ—ବଷ୍ଟୁକେଶବ ପୁରାଣ ।
୨ । କୈଳାସର ଶୃଙ୍ଗବିଶେଷ—
2. A peak of the Everest.
[ ଦ୍ର—ପୌରାଣିକ କଥା ଅଛି ଯେ ପବନ ଓ ଗରୁଡ଼ର କଳିରେ ଏହି ହେମକୂଟ ବା କନକକୂଟ ଛିଡ଼ି ଉଡ଼ି ଯାଇ ସମୁଦ୍ରରେ ପଡ଼ିବାରୁ ଲଙ୍କା ବା ସିଂହଳ ଦ୍ୱୀପ ହୋଇଥିଲା । ]
୩ । ସୁମେରୁ ପର୍ବତ—
3. The mythological mountain Sumeru.

**କନକକ୍ଷାର**—ସଂ. ବି. ( କନକ+କ୍ଷାର )—ସୋହାଗା; ଟାଙ୍କଣୀ—
Kanakakshāra Borax.

**କନକଗିରି**—ସଂ. ବି. ( ମ. ପ. ଲୋ; କନକ+ଗିରି )—ସୁବର୍ଣ୍ଣପର୍ବତ;
Kanakagiri ସୁମେରୁ ପର୍ବତ—The mythological golden mountain; Sumeru.

**କନକଗୋରୀ**—ଦେ. ବିଣ. ସ୍ତ୍ରୀ. ( ସଂ. କନକ+ଗୌରୀ )—ସୁନା ପରି
Kanakagorī ଗୌରବର୍ଣ୍ଣା ( ସ୍ତ୍ରୀ )—(woman ) Of bright yellow complexion; of golden complexion.

**କନକଗୌର**—ସଂ. ବିଣ. ପୁଂ. (ଉପମିତ କର୍ମଧା. କନକ+ଗୌର)—
Kanakagaura ସୁନା ପରି ଗୋରା—Of bright-yellow or
( କନକଗୌରୀ—ସ୍ତ୍ରୀ ) golden complexion.

**କନକଚଁପା**—ପ୍ରାଦେ. ( ସମ୍ବଲପୁର ) ବି—କନକଚମ୍ପା ( ଦେଖ )
Kanakachañpā Kanakachampā ( See )

**କନକଚମ୍ପକ**—ସଂ. ( ମ. ପ. ଲୋ; କନକବର୍ଣ୍ଣବିଶିଷ୍ଟ ଚମ୍ପକ )—
Kanakachampaka ୧ । କର୍ଣ୍ଣିକାର; କନିଅର ( ଦେଖ )
1. Kaniara ( See )
୨ । କନକଚମ୍ପକ ( ଦେଖ )
2. Kanakachampaka ( See )
୩ । ସ୍ୱର୍ଣ୍ଣନିର୍ମିତ ଚମ୍ପକଫୁଲ—
3. A Champak flower made of gold.

**କନକଚମ୍ପା**—ଦେ. ବି. ( ସଂ. କନକଚମ୍ପକ )—
Kanakachampā ୧ । ଏକ ପ୍ରକାର ସୁଗନ୍ଧ ଫୁଲ ଓ ତାହାର ଗଛ—1. The name of a tree and its sweet scented flower; Pterospermum Acerifolium.
୨ । ଏକ ଜାତୀୟ ଧାନ—2. A kind of paddy.
ପ୍ରାଦେ. ( ସମ୍ବଲପୁର ) ବି.—କନିଅର ( ଦେଖ )
Kaniara ( See )

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

**କନକଦୁର୍ଗା**— ସଂ. ବି. ( ମ ପ. ଲୋ; କନକ + ଦୁର୍ଗା )—
Kanakadurgā ୧ । ସୁନାରେ ତିଆରି ଦୁର୍ଗାପ୍ରତିମା—
1. An golden image of the Goddess Durgā.
୨ । ( ଲକ୍ଷଣାର୍ଥ ) ଗୌରବର୍ଣ୍ଣା ଓ ଅତ୍ୟନ୍ତ ସୁନ୍ଦରୀ ସ୍ତ୍ରୀ—
2. ( figurative) A very beautiful woman of golden complexion.

**କନକଧାତୁରା**—ଦେ. ବି. ( ସଂ. କନକ + ଧୁସ୍ତୂର )— ପକ୍ୱା ହଳଦିଆ-
Kanakadhātura ବର୍ଣ୍ଣର ଉପର୍ଯ୍ୟୁପରି ଘନ ସ୍ତର ପ୍ରସ୍ତ ପାଙ୍ଖୁଡ଼ା ଥିବା ଧାତୁରାଫୁଲ—Yellow double-flowerd variety of Dhāturā Fastosa.

**କନକନ**—ଦେ. ଅ—୧ । ବ୍ୟାକୁଳ; ଦୁଃଖରେ ଚଞ୍ଚଳ—
Kanakana 1. Restless with grief; fidgety.
चंचल ୨ । ଅସ୍ଥିର—2. Restless.
**बेचैन** ଉଠଇ ବସଇ ସେ ହୁଅଇ କନକନ—ମହାଦେବ. ମାର୍କଣ୍ଡେୟପୁରାଣ ।
୩ । ସନ୍ଦେହରେ ଅସ୍ଥିର—
3. Restless with suspicion.
୪ । ଧକ୍‌ଧକ୍ ହେଉଥିବା—4. Smarting.
୫ । ଏଣେ ତେଣେ ଆଖି ବୁଲାଉ ଥିବା—
5. Casting hurried glances o all sides.
୬ । ଚକିତ; ଚମକୁଥିବା—6. Startled.
୭ । ତ୍ରସ୍ତ; ଭୟଭୀତ—7. Frightened.

**କନକନ ବିନ୍ଧିବା**—ଦେ. କ୍ରି.—( ଘାଆ, ବଥଆଦି ) ଧକ୍‌ଧକ୍ ହେବା—
Kanakana bindhibā To be smarting.
कनकनकरा
**ठीसमारना**

**କନକନ ହୋଇ ଚାହିଁବା**—ଦେ. କ୍ରି—ତରତର ହୋଇ ଏ ପାଖେ ସେ
Kanakana hoi chāhiṅbā ପାଖେ ଆଖି ବୁଲାଇବା; ସନ୍ଦେହ
चंचल करे चाओया ବା ବିପଦ ଆଶଙ୍କାରେ ଏଣେ ତେଣେ ଚାହିଁବା—
To turn one's eyes to all sides with restless glances due to fear or doubt.

ମୃଗ ଶମ୍ବର ବରାହ ଆଦି ଜୀବମାନେ
କନକନ ହୋଇ ଚାହାନ୍ତି ସେ ଭୟ ମନେ । ମହାଦେବ. ମାର୍କଣ୍ଡେୟପୁରାଣ ।

**କନକନ ହେବା**—ଦେ. କ୍ରି—୧ । ବ୍ୟାକୁଳ ହେବା; ଦୁଃଖରେ ଚଞ୍ଚଳ
Kanakana hebā ହେବା—1. To be restless in grief.
चंचलकरा ୨ । ସନ୍ଦେହରେ ଅସ୍ଥିର ହେବା—
**बेचैनहोना** 2. To be restless in suspicion.
୨ । ଧକ୍ ଧକ୍ ବିନ୍ଧିବା ( ଘାଆ, ବଥ ଆଦି )—
3. To smart with pain.

**କନକ ପାଗ**— ଦେ. ବି—ଦେଉଳର ଅଂଶବିଶେଷ; ଓଡ଼ିଶାର ଦେଉଳ-
Kanaka pāga ମାନଙ୍କର ବିମାନ ଅଂଶରେ ଥିବା ଛନଟି ପାଗ ମଧ୍ୟରୁ ଗୋଟିଏ ପାଗ ( 'ଦେଉଳ' ତଳେ ଟୀକା ଦେଖ )—
A part of the outside of a temple ( see notes under Deuḻa )

**କନକ ମଣ୍ଡପ**—ସଂ. ବି. ( ମ. ପ. ଲୋ; କନକ + ମଣ୍ଡପ )—
Kanaka maṇḍapa କନକମୁଣ୍ଡେଇ (ଦେଖ)
Kanakamuṇḍei (See)

**କନକମୟ**—ସଂ. ବିଣ କନକ + ବିକାରାର୍ଥେ. ମୟ )—
Kanakamaya ୧ । ସ୍ୱର୍ଣ୍ଣମୟ; ସ୍ୱର୍ଣ୍ଣନିର୍ମିତ—
1. Golden; made of gold.
୨ । ସ୍ୱର୍ଣ୍ଣାଭ—2. Of golden colour.

**କନକ ରମ୍ଭା**—ସଂ. ବି. (ମ. ପ. ଲୋ; କନକପରି ବର୍ଣ୍ଣବିଶିଷ୍ଟ ରମ୍ଭା)—
Kanaka rambhā ଚମ୍ପାକଦଳୀ—A kind of banana with a sweet smell.

**କନକରସ**—ସଂ. ବି. ( କନକ + ରସ )—ହରିତାଳ—
Kanakarasa The yellow orpiment; yellow arsenic.

**କନକରେତା**—ସଂ. ବି. (ବହୁବ୍ରୀହି; କନକ + ରେତଃ )—ଅଗ୍ନି—
Kanaketā Fire.
କନକରେତାକୁ ପତଙ୍ଗ ପାଇ । ବୀରକୃଷ୍ଣ. ରସକଲ୍ଲୋଳ ।

**କନକଶିଖରୀ**—ସଂ. ବି. ( କନକ + ଶିଖରୀ )—କନକଗିରି ( ଦେଖ )
Kanakasikhari Kanakagiri ( See )

**କନକସ୍ନାନ**— ସଂ. ବି—ରାଜାମାନେ ସିଂହାସନରେ ବସିବା ପୂର୍ବରୁ
Kanakasnāna ମନ୍ତ୍ରୋଚ୍ଚାରଣପୂର୍ବକ ଯେଉଁ ସ୍ନାନ କରନ୍ତି—
Shower-bath administered to kings on their accession to the throne.
[ ଦ୍ର—ଏହି ସ୍ନାନ କନକଘଟର ଜଳଦ୍ୱାରା ଯଥାବିଧି ସମାହିତ ହୁଏ । ]
ଦେ. ବି. ( ବ୍ୟଙ୍ଗ୍ୟ )—କନକମୁଦ୍ରାରେ ସ୍ନାନରୂପ ପୁରସ୍କାର; କୌଣସି ବ୍ୟକ୍ତି ଗୁଡ଼ିଏ ସୁନା ମୋହର ଉପହାର ପାଇବା—
( ironical ) A shower-bath of gold-coins; a present of gold coins.

**କନକ ସ୍ନାହାନ**—ଗ୍ରା. ବି—କନକସ୍ନାନ ( ଦେଖ )
Kanaka snāhāna Kanakasnāna ( See )

**କନକା**—ଦେ. ବି.—୧ । ଚିଲିକାକୂଳ ବାଲିଆ ପଟୁରେ ଜନ୍ମୁଥିବା ଏକ-
Kanakā ପ୍ରକାର ଘାସ ( ଏହାର ମୂଳରୁ ମୁଥାମୂଳ ପରି ଯେଉଁ ଶ୍ୱେତସାରମୟ ଦ୍ରବ୍ୟ ବାହାରେ ତାହାକୁ ଦୁର୍ଭିକ୍ଷରେ ଲୋକେ ଖାଇ ବଞ୍ଚନ୍ତି)—1. A kind of grass growing on the Chilka coast in Puri district and its root.
୨ । ଓଡ଼ିଶାର ଗଡ଼ଜାତ ନରସିଂହପୁର ଓ ହିନ୍ଦୋଳ ରାଜ୍ୟ-ଦ୍ୱୟରେ ଅବସ୍ଥିତ ପର୍ବତବିଶେଷ । (ଏହାର ଛବି ୨୦୩୮ ପୃଷ୍ଠା)—2. Name of a mountain in the States of Hindola and Narsingpur in Orissa.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଭୁଅ | ଢ |
| ୨ | ଇ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ଢ଼ |

୩ । କନିକା (ଦେଖ)
3. Kanikā (See)

**କନକାଈ**—ଦେ. ବ. ସ୍ତ୍ରୀ. (ସଂ. କନକ)—ଗ୍ରାମ ଦେବତା ଦୁର୍ଗାଙ୍କ ନାମ—
Kanakāi — A name of Goddess Durgā.

**କନକାକ୍ଷତ**—ଦେ. ବ.—ବ୍ରାହ୍ମଣମାନଙ୍କ ବିବାହରେ ବରଯାତ୍ରୀମାନଙ୍କୁ ସନ୍ଧ୍ୟା ପରେ ପାଦପୀଡ଼ା ନିବାରଣାର୍ଥେ ସଙ୍ଗରେ ତୁଳା ଓ ତେଲ ସଙ୍ଗେ ପାଥେୟ ସ୍ୱରୂପ ଯେଉଁ ଧନ ଦିଆଯାଏ—
Kanakākshata — The money given to gentlemen of the bride-groom's party after evening along with oil to smear the legs amongst the Brāhmanas in Orissa on the occasion of a marriage.

**କନକାଚଳ**—ସଂ. ବି. ( ମ. ଧ. ଲୋ; କନକ+ଅଚଳ )—ସୁମେରୁ ପର୍ବତ—
Kanakāchala — The Mythological mountain Sumeru in the west.

**କନକାଳୁ**—ସଂ. ବି. (ମ. ଧ. ଲୋ; କନକ+ଆଳୁ=ଜଳପାତ୍ର)—
Kanakālu — କନକକୁମ୍ଭ (ଦେଖ) Kanakakumbha (See)

**କନକାଳୁକା**—ସଂ. ବି. ( ମ. ଧ. ଲୋ; କନକ+ଆଳୁ=ଜଳପାତ୍ର+ ସ୍ୱାର୍ଥେ. କ+ସ୍ତ୍ରୀ. ଆ)—କନକକୁମ୍ଭ (ଦେଖ)
Kanakāluka — Kanakakumbha (See)

**କନକାହ୍ୱ**—ସଂ. ବି.—(ବହୁବ୍ରୀହି; କନକ+ଆହ୍ୱ=ନାମ)—
Kanakāhwa — ୧ । ଦୁଦୁରା ଗଛ ଓ ଫୁଲ—
1. The Thorn-apple plant and its flower.
୨ । ଚମ୍ପକ ବୃକ୍ଷ ଓ ଫୁଲ—
2. The Champaka tree and its flower.
୩ । କନକ ମଞ୍ଜି—3. An aperient seed.
୪ । ନାଗେଶ୍ୱର ଗଛ—
4. The Nageśwara tree.

**କନକାହ୍ୱୟ**—ସଂ. ବି. (ବହୁବ୍ରୀହି; କନକ+ଆହ୍ୱୟ=ନାମ)—
Kanakāhwaya — କନକାହ୍ୱ (ଦେଖ) Kanakāhwa (See)

**କନକେଈ**—ଦେ. ବ. ସ୍ତ୍ରୀ—କନକାଈ (ଦେଖ)
Kanakei — Kanakāi (See)

**କନଖଳ**—ସଂ. ବି. ( ନାମ )—କୁରୁକ୍ଷେତ୍ରର ଉତ୍ତରସ୍ଥ ହରଦ୍ୱାର ନିକଟବର୍ତ୍ତୀ ତୀର୍ଥବିଶେଷ—
Kanakhala — A place of pilgrimage near Haradwar to the north of Kurukshetra.

**କନଡ଼ା**—ଦେ. ବ. (ସଂ. କର୍ଣ୍ଣାଟ)—ଗୀତ ଓ ଛନ୍ଦର ସ୍ୱରବିଶେଷ—
Kanardā — A metre in Oriya music as well as in Oriya poetry.
कनाड़ा
( ସ୍ୱର ତଳେ ନୋଟ ଦେଖ )

**କନଡ଼ା ଗଡ଼ି**—ଦେ. ବ.—ଫୁଲ ଗୁନ୍ଥିବାର କୌଶଳବିଶେଷ—
Kanardā gardi — A mode or fashion of stringing flowers.

**କନଷ୍ଟବଲ୍**—ବୈଦେ. ବ. ( ଇଂ. କନ୍‌ଷ୍ଟେବ୍‌ଲ୍ )—ପୁଲିସ୍ ସିପାହି ବା ପାଇକ—Constable.
Kanashtabal
कनष्टबल
कानष्टबिल

**କନଷ୍ଟେବଲ**—ବୈଦେ. ବ. (ଇଂ କନ୍‌ଷ୍ଟେବ୍‌ଲ୍)—ପୁଲିସ୍ ସିପାହି ବା ପାଇକ—Constable.
Kanashtabala

**କନା**—ଦେ. ବ. ( ସଂ. କନ୍ଥା; କର୍ଣ୍ଣ )—୧ । ବସ୍ତ୍ରାଂଶ—
Kanā — 1. A piece of cloth.
टेना कानि — ୨ । ଛିଣ୍ଡାଲୁଗା; କନ୍ଥା—2. Rag.
बियड़ा बियड़ि — ୩ । ଘର ଶେଣୀରେ ଦୋଇଥିବା କଡ଼ିଚ—
3. Cross-bar in the beam of a house.
୪ । (ସଂ.କର୍ଣ୍ଣ)—ବୃକ୍ଷ ଶାଖା ଦୁଇ ଭାଗରେ ବିଭକ୍ତ ହୋଇଥିବା ସ୍ଥାନ—4. The V-shaped or forked part of the tree where branches fork out.
୫ । କପକନା (ଦେଖ)
5. Kapakanā (See)
ପ୍ରାଦେ. (ସମ୍ବଲପୁର) ବ—ଘରର ଖୁଣ୍ଟ—
A pillar or post of a house.

**କନାଇଁ**—ଦେ. ବ.—କହ୍ନାଇଁ (ଦେଖ)
Kanāin — Kahnāin (See)
कानाई
कन्हाइ

**କନାଉଜ**—ଦେ. ବ. (ନାମ) (ସଂ. କାନ୍ୟକୁବ୍ଜ—କାନ୍ୟକୁବ୍ଜ (ଦେଖ)
Kanāuja — Kānyakubja (See)
कनोज
कन्नौज

**କନାଉଜି**—ଦେ. ବ.—କନାଉଜଦେଶୀୟ—
Kanāuji — Of the land of Kanāuja.
कनोजी
कनौजिया

**କନାଉଜିଆ**—ଦେ. ବିଣ—କନାଉଜଦେଶୀୟ—
Kanāujiā — Of the land of Kanāuja.
कनोजी
कनौजिया

**କନାକତର**—ଦେ. ବି.—(ସହଚର ଶବ୍ଦ)—ଚିରା କନା; ଲେଙ୍ଗଡ଼ା—
Kanākatara — Rags.
नेकड़ा चोकड़ा; नेकड़ा फेकड़ा
कथरी चिथरी

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖ ୧ ଚଢ଼ିଥ ଅକ୍ଷର ଓ ମାତ୍ରା ଏବ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଁଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କନାକନା**—ଦେ. ଅ.—କେନା କେନା (ଦେଖ)
Kanākanā Kenākenā (See)

**କନାକନି**—ଦେ. ଅ. (ସଂ. କର୍ଣ୍ଣାକର୍ଣ୍ଣି)—୧ । ପରସ୍ପର କାନ ନିକଟରେ
Kanākani କାନ ଦେଇ କଥାବାର୍ତ୍ତା ହେବା—
কানাকানি 1. Talking with each other by
**काना फुसी, कनफुसक** bringing one's ear to the other's mouth.
୨ । ପରସ୍ପର ଫୁସ୍ ଫୁସ୍ ହୋଇ କଥାବାର୍ତ୍ତା ହେବା—
2. Whispering into each other's ear.

କନାକନି ହୋଇ ଯୁବତୀ । ଏକକୁ ଅନେକ କଥା ସଙ୍ଗେ ପୁଛନ୍ତି ।
ପ୍ରାଚୀ· ରହସ୍ୟମଞ୍ଜରୀ ।

**କନାକନ୍ଥଡ଼ା**—ଦେ. ବି.—କନାକତରା (ଦେଖ)
Kanākanthardā Kanākatarā (See)

**କନାକନ୍ଥା**—ଦେ. ବି.—କନାକତରା (ଦେଖ)
Kanākanthā Kanākatarā (See)

**କନାକପଟା**—ଦେ. ବି.—କନାକନ୍ଥା (ଦେଖ)
Kanākapaṭā Kanākanthā (See)

**କନାକବଟା**—ଦେ. ବି.—କନାକନ୍ଥା (ଦେଖ)
Kanākabaṭā Kanākanthā (See)

**କନାକବାଟି**—ଦେ. ବି.—କନାପଟା (ଦେଖ)
Kanākabāṭi Kanāpaṭā (See)

**କନାଛତା**—ଦେ. ବି.—କନାରେ ତିଆରି ଛତା; ମହଣା ଛତା—
Kanāchhatā An umbrella made of cloth.
কাপড়েরছাতা
**कपड़छत्ती**

**କନାଟ**—ବୈଦେ. ବିଣ.—(ତୁର୍କି—କନାତ୍=ତମ୍ବୁର ଲୁଗା-ବାଡ଼)—
Kanāṭa ବସ୍ତ୍ରନିର୍ମିତ—
কানাত Made of cloth.
**कनात** ବୈଦେ. ବି.—କନାଟବାଡ଼ (ଦେଖ)
Kanāṭabārḍa (See)

ଗାଡ଼ି ଘୋଡ଼ା ଓଟ ପାଇକି କନାଟ ତମ୍ବୁ ଶାଲ ବନାତ ।
ବ୍ରଜନାଥ· ସମରତରଙ୍ଗ ।

**କନାଟବାଡ଼**—ବୈଦେ. ବି.—୧ । ବସ୍ତ୍ରନିର୍ମିତ ପରଦା—
Kanāṭa bārḍa 1. A screen made of cloth.
কানাত ୨ । ତମ୍ବୁ ଘର ପାଖର କନା ବାଡ଼—
**कनात** 2. Screens used as walls in a tent; tent-fence.

**କନାଟି**—ବୈଦେ. ବିଣ—ବସ୍ତ୍ର ନିର୍ମିତ—
Kanāṭi Made of cloth.
ବୈଦେ. ବି—କନାଟ ( ଦେଖ )
Kanāṭa ( See )

ଦେ. ବି—୧ । କଲମାନଙ୍କ ମଧ୍ୟରେ ଥିବା ଏକ ପ୍ରକାର ଯନ୍ତ୍ର—
1. Valve.
[ ଦ୍ର—ଏହା ଏକ ପାଖର ପିଟେ । ]
୨ । ମୁଣ୍ଡରେ ଚୂଲ ଥିବା ଏକପ୍ରକାର ଗୋବରା ଚଢ଼େଇ—
2. A species of birds.

**କନାଟି ବାଡ଼**—ବୈଦେ. ବି—କନାଟ ବାଡ଼ ( ଦେଖ )
Kanāṭi bārḍa Kanāṭa bārḍa ( See )

**କନାଡ଼ି**—ଦେ. ବି—କନଶିରି ( ଦେଖ )
Kanārḍi Kaniṡiri ( See )

**କନାଦଶିଖେଳ**—ପ୍ରାଦେ. ( କେନ୍ଦ୍ରାପଡ଼ା ) ବି—
Kanādaṡikheḻa ପିଲାମାନଙ୍କର ଏକ ପ୍ରକାର ଖେଳ—
A kind of indoor game for boys and girls.

**କନା ଧଡ଼ି**—ଦେ. ବି—ଚିରା ଲୁଗାର ଧଡ଼ି—
Kanā dharḍi Borders of a torn old cloth.
ছেঁড়াকাপড়ের পাড়

**କନାପଟା**—ଦେ. ବି—କନାକତରା ( ଦେଖ )
Kanāpaṭā Kanākatarā ( See )

**କନାମୁଠି**—ଦେ. ବି—ବାଟୁଆ ଭଣ୍ଡାରୀଙ୍କର ଖୁର ଆଦି ରଖିବା କନାମୁଣି—
Kanāmuṭhi Cloth-bags used by the barbers
মুঠি, কাতা for the purpose of keeping their instruments in.

**କନାମୁଠିଆ** (ଭଣ୍ଡାରୀ)—ଦେ. ବି—ନିମ୍ନ ଶ୍ରେଣୀର ଭଣ୍ଡାରୀ ଜାତି; ଭଣ୍ଡାରୀ—
Kanāmuṭhiā (bhanḍāri) The barbers of lower rank.
[ ଦ୍ର—ଅନ୍ୟ ଉଚ୍ଚତର ଶ୍ରେଣୀର ଭଣ୍ଡାରୀଙ୍କୁ ଚମମୁଠିଆ ଭଣ୍ଡାରୀ ବୋଲାଯାଏ । ]

**କନାଲେଙ୍କଡ଼ା**—ଦେ. ବି—କନାକତରା ( ଦେଖ )
Kanāleṅkarḍā Kanākatarā ( See )

**କନାଲେଙ୍କୁଡ଼ି**—ଗ୍ରା. ବି—କନାକତରା ( ଦେଖ )
Kanāleṅkurḍi Kanākatarā ( See )

**କନାଶିରି**—ଦେ. ବି—କନଶିରି ( ଦେଖ )
Kanāṡiri Kaniṡiri ( See )

**କନି**—ପ୍ରାଦେ. (ସମ୍ବଲପୁର) ବି.—କଣି ( ଦେଖ )
Kani Kaṇi ( See )

**କନିଅର**—ଦେ. ବି. ( ସଂ. କର୍ଣ୍ଣିକାର )—କର୍ଣ୍ଣିକାର ( ଦେଖ )
Kaniara Karṇṇikāra ( See )
**करवी, कनकेफूल** ଶିବାଳସ୍ଥ ଉପବନେ କନିଅର । ରାଧାନାଥ· ଚିଲିକା ।
**पीलाकनीर** [ ଦ୍ର—ହିନ୍ଦିରେ ଏବଂ ବଙ୍ଗଳାରେ କରବୀର ଫୁଲକୁ କନେର କହନ୍ତି । ]

**କନିଅଁ**—ଗ୍ରାମ୍ୟ (ପଦ୍ୟ) ବି. ସ୍ତ୍ରୀ. ( ସଂ. କନ୍ୟା; କନ୍ୟକା )—
Kaniāñ ୧ । କୁମାରୀ; ଅବିବାହିତା ବାଳିକା—
কন্যে 1. Maid; virgin.
**कुआँरी** ସେ ସତ୍ୟଦେବଙ୍କର କନିଅଁ କାଳରେ । କୃଷ୍ଣସିଂହ· ମହାଭାରତ· ଅଦ ।

| ୧ | ଇ | ଊ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅଭ୍ୟାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇୟ | ଡ଼ୁଅ | ଞ୍ଜ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଉ | ଋୃ | ଌୢ | ଏ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ୍ଚ | ନ୍ତ |

୬ । ବର ପାଇ ପ୍ରସ୍ତାବିତା କନ୍ୟା—
2. A bride elect.

कन्या — ଆପଣ ସବୁଁଶେ କନିଅାଁ କ ପାଇଲେ ।

**धनरी, दुलहीन** — କୃଷ୍ଣସିଂହ. ମହାଭାରତ, ବନ ।

୩ । ନବବିବାହିତା ବଧୂ—3. Bride.

୪ । ପୁରୁଷର ପ୍ରଥମ ସ୍ତ୍ରୀ ମଲା ପରେ ସେ ଯାହାକୁ ବିଭା ହୁଏ; ଦ୍ୱିତୀୟ ବା ତହୁଁ ପର ଭାର୍ଯ୍ୟା—
4. The wife of a person after the death of the first wife.

୫ । ଅପ୍ରାପ୍ତବୟସ୍କା ବାଳିକା—5. Unmatured girl.

୬ । ଦୁହିତା—6. Daughter.

ଯୁଗପ୍ରାନ୍ତେ ମନକୁ କନିଅାଁ ଏ ବର
କହୁଣ ବର ହେବେ ହେବାକୁ ସଂସାର । କୃଷ୍ଣସିଂହ. ମହାଭାରତ. ବନ ।

ବିଣ. ସ୍ତ୍ରୀ—ଦ୍ୱିତୀୟ ବାର ବା ତହୁଁ ପରେ ବିବାହିତା (ଭାର୍ଯ୍ୟା)—
(wife) Married after the death of one's first wife.

• ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ.—ଭାର୍ଯ୍ୟା—Wife.

ପ୍ରାଦେ. ( ମେଦନୀପୁର ) ବି—ଏଣ୍ଡୁଲା ମାଛ—
A kind of fish.

**କନିଅାଁବଉ**—ଗ୍ରା. ବି. ସ୍ତ୍ରୀ. ( ସଂ. କନୀୟସୀ ଓ ବଧୂ )—
Kaniañbau — ପୁରୁଷର ଦ୍ୱିତୀୟ ବା ତହୁଁ ପର ବିବାହିତା ସ୍ତ୍ରୀ—
कनेबौ — The second and younger wife of a twice-married man.

**କନିଅାଁବହୁ**—ଦେ. ବି. ସ୍ତ୍ରୀ—କନିଅାଁବଉ ( ଦେଖ )
Kaniañbahu — Kaniañbau ( See )

**କନିଅାଁ ବାହା**—ଗ୍ରା. ବି—ଅପ୍ରାପ୍ତବୟସ୍କା ବାଳିକାର ବିବାହ—
Kaniañ bāhā — Marriage of a child-girl; child-marriage.

**କନିଅାଁ ବିଭା**—ଦେ. ବି—କନିଅାଁ ବାହା ( ଦେଖ )
Kaniañ bibhā — Kaniañ bāhā ( See )

**କନିଅାଁ ବିହା**—ଗ୍ରା. ବି—ଅପ୍ରାପ୍ତବୟସ୍କା ବାଳିକାର ବିବାହ—
Kaniañ bihā — Marriage of a child-girl; child-marriage.
बालिका विवाह

**କନିଅାଁ ବୋଉ**—ଦେ. ବି—କନିଅାଁବଉ ( ଦେଖ )
Kaniañbou — Kaniañ bau ( See )

**କନିଅାଁ ବୋହୁ**—ଦେ. ବି—କନିଅାଁବୋଉ ( ଦେଖ )
Kaniañbohu — Kaniañbou ( See )

**କନିଅାଁ ଭରିଯା**—ଗ୍ରା. ବି. ସ୍ତ୍ରୀ. ( ସଂ. କନୀୟସୀ ଓ ଭାର୍ଯ୍ୟା )—ପୁରୁଷର ଦ୍ୱିତୀୟ ପତ୍ନୀ ବା ତହୁଁ ପର ସ୍ତ୍ରୀ—
Kaniañ bharija
कने बउ — Wife of a man after the death of his first wife.

**କନିଅାଁ ଭାର୍ଯ୍ୟା**—ଦେ. ବି. ସ୍ତ୍ରୀ. ( କନୀୟସୀ ଓ ଭାର୍ଯ୍ୟା )—
Kaniañ bhārjyā — କନିଅାଁ ଭରିଯା ( ଦେଖ )
कनेबउ — Kaniañ bharija ( See )

**କନିଅାଁ ଭିଆ**—ପ୍ରାଦେ. ( ପୁରୀ ) ବି.—କନିଅାଁ ବାହା ( ଦେଖ )
Kaniañbhia — Kaniañ bāhā ( See )

**କନିଅାଁ ଭେଆ**—ପ୍ରାଦେ. ( ପୁରୀ ) ବି.—କନିଅାଁ ବିହା ( ଦେଖ )
Kaniañ bheā — Kaniañ bihā ( See )

**କନିଅାଁ ମା**—ଦେ. ବି. ସ୍ତ୍ରୀ. ( ସଂ. କନୀୟସୀ ଓ ମାତା )—ବିମାତା—
Kaniañmā — Step-mother.
संमा
**सौतेलीमा**

**କନିଅାଁ ମାଇପ**—ଗ୍ରା. ବି. ସ୍ତ୍ରୀ—କନିଅାଁ ଭାର୍ଯ୍ୟା ( ଦେଖ )
Kaniañ māipa — Kaniañ bhārjyā ( See )

**କନିଆର**—ଦେ. ବି—କଣିଅର ( ଦେଖ )
Kaniāra — Kaniara ( See )

**କନିଆରି**—ଦେ. ବି—କରବୀ—Herium Odorum (oleander )
Kaniāri — [ ଦ୍ର—ଏହା ତିନିପ୍ରକାର;—
ସଂ. କରବୀର; ଅଶ୍ୱଘ୍ନ; ଚଣ୍ଡକ; ଲଗୁଡ଼ — ୧. ଶ୍ୱେତପୁଷ୍ପ, ୨. ରକ୍ତପୁଷ୍ପ, ୩. ପୀତପୁଷ୍ପ — ( ଦ୍ରବ୍ୟଗୁଣ-କଳ୍ପଦ୍ରୁମ ) । ]
रक्तकरवी; श्वेतकरवी
**सफेदकरवी; लालकरवी**
ତେ. ଗନ୍ନେରୁ

**କନିଅାଁ ଶାଶୁ**—ଦେ. ବି—ସ୍ୱାମୀଙ୍କର ବା ସ୍ତ୍ରୀଙ୍କର ବିମାତା—
Kaniañsāsu — One's husband's step-mother.
संशाशुड़ी — ଯାହାକୁ ହେବ କନିଅାଁ ଶାଶୁ, ଖଣ୍ଡ ଉପରେ କ୍ଷୀର ପରଶୁ—ପ୍ରବାଦ ।

**କନିକା**—ଦେ. ବି. ( ସଂ. ମଳଦ୍ରାବୀ; ଘଣ୍ଟାବୀଜ )—୧ । ଜୟପାଳ ମଞ୍ଜି—
Kanikā — 1. Purging croton-seed Uolium Crotonio.
ସଂ. ଜୟପାଳ; କନକଫଳ, ଦନ୍ତୀବୀଜ; ଦନ୍ତୀଫଳ — [ ଦ୍ର—ଏ ମଞ୍ଜି ବିରେଚକ, ପିତ୍ତ ଓ କଫନାଶକ; ଏହା ଜୁଲାପ ରୂପେ ବ୍ୟବହୃତ ହୁଏ । ]
जयपाल
**जमालगोटा**
ମ. ଜେପାଲ
ଗୁ. ନେପାଳୋ
ଅ. ହବ୍ବୁସ୍ସଲାତୀନ
ଫା. ତୁଖ୍ମେବେଦଂ; ଜାରଖତାଇ
ତେ. ନେପାଲମୁ

୨ । ବାଲେଶ୍ୱର ଓ କଟକ ସମୁଦ୍ରଉପକୂଳସ୍ଥ ମୋଗଲବନ୍ଦିଅନ୍ତର୍ଗତ ଜମିଦାରୀବିଶେଷ—
2. An estate on the coast of Bay of Bengal (in the District of Cuttack and Balasore)

[ ଦ୍ର—ପୂର୍ବେ ଏହି ରାଜ୍ୟ ମଧ୍ୟରେ କେତେଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଥିଲା । ସମୁଦ୍ର ଉପକୂଳରୁ ଜଳଦସ୍ୟୁଦମନ ଓ ଶତ୍ରୁଆକ୍ରମଣରୁ ଦେଶ ରକ୍ଷା ଏହି ରାଜାଙ୍କର କାର୍ଯ୍ୟ ଥିଲା । ପ୍ରାୟ ୧୨୦୦ ଖ୍ରୀଷ୍ଟାବ୍ଦରେ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ-

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନିଁ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

କାଳରେ ମୟୂରଭଞ୍ଜର ଜଣେ ରାଜପୁତ୍ର ବର୍ତ୍ତମାନ ଇଲାକା କ୍ଷମୁକାରେ ରାଜତ୍ୱ ଆରମ୍ଭ କରିଥିଲେ—କୃପାସିନ୍ଧୁ. ଉତ୍କଳ ଇତିହାସ । ]

୩ । ଏକପ୍ରକାର ମୋଟା ଧାନ—
3. A species of coarse paddy.

**କଣିକାଭେଦୀ**—ଦେ. ବି. ( କବିରାଜ )—ଏକ ପ୍ରକାର ବିରେଚକ-
Kanikābhedi ଔଷଧ; ଝାଡ଼ା କରିବା ଔଷଧବିଶେଷ—
A purgative.

**କଣିକା ମଞ୍ଜି**—ଦେ. ବି—କଣିକା ୧. ( ଦେଖ )
Kanikā mañji Kanikā 1. ( See )

**କଣିଜି**—ପ୍ରାଦେ. ( ସମ୍ବଲପୁର ) ବି—ତେଲୁଣୀଠାରୁ ଗଭୀରତର ପାତ୍ର-
Kaniji ବିଶେଷ— A kind of shallow earthen pan.

**କଣିଦାଲି**—ପ୍ରାଦେ. ( ସମ୍ବଲପୁର ) ବି—(ଡାଲି ଅଦର) କଣି (ଦେଖ)
Kanidāli Kani (See)

**କଣିଶିଡ଼ା**—ପ୍ରାଦେ. ବି. (ବାଲେଶ୍ୱର ଅଞ୍ଚଳ; ଭୁଲ; ବଂ. କାନସିଡ଼େ)—
Kanisirdā କଣିଶିରି ( ଦେଖ )—Kanisiri ( See )
ଛିଅ କୋଉଁଠି ଗାଁ କଣିଶିଡ଼ା ସରି ନୁହେ—ବାଲେଶ୍ୱର-ଚଗ ।

**କଣିଶିରି**—ଦେ. ବି. ( ସଂ. କଣ୍ଠ; ଅନ୍ୟ ସଂ. ନାମ—ମହାରାଷ୍ଟ୍ରୀ ।)—
Kanisiri ଅଯତ୍ନୋତ୍ପନ୍ନ ଶାକବିଶେଷ—
କାନସିଡ଼େ Commelyna Bengalensis.
[ ଦ୍ର—ଏହା ଓଦାଳିଆ ସ୍ଥାନରେ ବର୍ଷାଦିନେ ଭୂଇଁରେ ମାଡ଼େ । ଏହା ଲଟାଳିଆ, ଗଣ୍ଠିରେଗଣ୍ଠିରେ ଚେର ହୁଏ । ପତ୍ର ଅଣ୍ଡାକାର, ପତ୍ରର ଡେମ୍ଫ ନଳ ପରି । ଫୁଲ ଶ୍ୱେତ ଓ ନେଳିଆ । ଗରିବ ଲୋକେ ଏହାକୁ ଶାଗ କରି ଖାଆନ୍ତି । ଏଥିର ଡେମ୍ଫରୁ ନିର୍ଗତ ଜଳୀୟ ରସ ଆଖିରେ ବାହାରିବା ଅଳୁଅରେ ଲଗାଇଲେ ଉକ୍ତ ବ୍ରଣ ଭଲ ହୋଇଯାଏ । ]

**କଣିଷ୍ଟବଲ**—ବୈଦେ. ବି. ( ଇଂ )—କନ୍‌ଷ୍ଟେବଲ୍ ( ଦେଖ )
Kanishṭabaḷa Kanshṭebl ( See )

**କଣିଷ୍ଠ**—ସଂ. ବିଣ. ପୁଂ. ( ଯୁବନ୍ ବା ଅଳ୍ପ+ଇଷ୍ଠ; ଯୁବନ୍ ଓ ଅଳ୍ପ
Kanishṭha ସ୍ଥାନରେ କନ୍ ଆଦେଶ; ବୟସରେ ଯୁବା ବା
( କଣିଷ୍ଠା—ସ୍ତ୍ରୀ ) ଶ୍ରେଷ୍ଠ )—୧ । ଅନୁଜ—
1. Younger; after-born ( male ).
୨ । ସମସ୍ତଙ୍କଠାରୁ ସାନ—2. Youngest.
୩ । ବୟସରେ ସାନ—3. Younger in age; junior.
୪ । ଅତି ଶିଶୁ—4. Very young.
୫ । ଅଳ୍ପ; ଅଳ୍ପତମ—5. Little; last.
୬ । ସମସ୍ତଙ୍କଠାରୁ କ୍ଷୁଦ୍ର—6. Smallest.
୭ । ଆକୃତିରେ ଶ୍ରେଷ୍ଠ—7. Dwarfish.
ସଂ. ବି—୧ । ସାନ ଭାଇ—1. Younger brother.
୨ । ସାନ ପୁଅ—2. Youngest son.
୩ । ମହାଦେବ—3. God Siba.
ଦେ. ବି—କାଣିଅଙ୍ଗୁଠି—Little finger.

ସାତ ବରଷୁଁ ସାତ, ଅର୍ଦ୍ଧଲି ନାହିଁ କର-କମଳ-କଣିଷ୍ଠକୁ ଗୋବର୍ଦ୍ଧନ—
କବିସୂର୍ଯ୍ୟ. ସଙ୍ଗୀତ ।

**କଣିଷ୍ଠାଙ୍ଗୁଳି**—ସଂ. ବି. ( କଣିଷ୍ଠା+ଅଙ୍ଗୁଳି )—କାଣି ଅଙ୍ଗୁଠି—
Kanishṭhānguḷi The little finger or toe.

**କଣୀ**—ସଂ.ବି.ସ୍ତ୍ରୀ—(କନ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ.ଅ+ସ୍ତ୍ରୀ. ଈ)—
Kanī କନ୍ୟା; ଦୁହିତା—Daughter.

**କଣୀନିକା**—ସଂ. ବି. ସ୍ତ୍ରୀ ( କନ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଈନ+
Kanīnikā ସ୍ୱାର୍ଥେ. କ+ସ୍ତ୍ରୀ. ଆ)—୧ । ଚକ୍ଷୁତାରା; କଳାଡୋଳା;
ଆଖିର ତାରକା—1. The pupil of the eye.
୨ । କଣିଷ୍ଠାଙ୍ଗୁଳି—2. The little finger or toe.
୩ । କଣିଷ୍ଠା ଭଗିନୀ—3. Younger sister.

**କଣୀୟାନ୍**—ସଂ. ବିଣ. ପୁଂ—( ଯୁବନ୍; ଅଳ୍ପ+ଅତ୍ୟନ୍ତାର୍ଥେ. ଈୟସ୍.
Kanīyān ନିପାତନ; ଯୁବନ୍ ବା ଅଳ୍ପ ସ୍ଥାନରେ କନ
(କଣୀୟସୀ—ସ୍ତ୍ରୀ) ଆଦେଶ)—୧ । କଣିଷ୍ଠ (ଭ୍ରାତା)—
1. Younger (brother)
୨ । ସର୍ବ କଣିଷ୍ଠ—2. Youngest.
୩ । ଯୁବତର—3. Younger in age.
୪ । କ୍ଷୁଦ୍ରତର—4. Smaller.
୫ । ଅତି କ୍ଷୁଦ୍ର; କ୍ଷୁଦ୍ରତମ—5. Smallest.
୬ । ଅତି ଅଳ୍ପ—6. Least.

**କଣେଇଁ କଣେଇଁ ଚାହିଁବା**—ଦେ. କ୍ରି.—
Kaneiñ kaneiñ chāhiñbā କଣକଣ ହୋଇ ଚାହିଁବା (ଦେଖ)
Kanakana hoi chāhiñbā (See)

**କଣେଇଁବଇଁଶୀ**—ଦେ. ବି.—କଣେଇବଇଁଶୀ; ଏକ ପ୍ରକାର କାଠିଆ
Kaneiñbaiñsi କଦଳୀ ( ଏହା ଲମ୍ବରେ ଏକ ଫୁଟ ପର୍ଯ୍ୟନ୍ତ
କାନାଇ ବାଁଶୀ ବଢ଼େ ଓ ବଙ୍କା)—A kind of plantain.

**କଣେକ**—ଗ୍ରା. ବି. ( ସଂ. କନକ )—କନକ; ସୁବର୍ଣ୍ଣ; ସ୍ୱର୍ଣ୍ଣ—
Kaneka Gold.

**କଣେକମୁଣ୍ଡେଇ**—ଗ୍ରା. ବି—(ସଂ. କନକମଣ୍ଡପ)—ଦେବତାଙ୍କର
Kanekamuṇḍei ଉପରେ ଗମ୍ଭୀରା ଭିତରେ ଯେଉଁ ମଣ୍ଡପ ଥାଏ (ଏହା ପ୍ରାୟ କାଠରେ ତିଆରି ହୋଇଥାଏ); କନକ-ମଣ୍ଡପ—An awning or roof of wooden planks raised over an idol.

**କଣୌଜ**—ଦେ. ବି. (ନାମ)—କାନ୍ୟକୁବ୍ଜ (ଦେଖ)
Kanauja Kānyakubja (See)

**କଣୌଜିଆ**—ଦେ. ବିଣ—କନାଉଜିଆ (ଦେଖ)
Kanaujiā Kanāujiā (See)

**କନ୍ତର୍**—ପ୍ରାଦେ. (ସମ୍ବଲପୁର), ବି—କଳନ୍ତର; ସୁଧ—
Kantar Interest.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ୍ଡ | ଜ | ଷ,ସ | କ୍ଷ | ଇସ୍ତ | ହ୍ଣ | ଭ |
| ୨ | ଈ | ଊ | ରୁ | ଲୁ | ସ୍ତେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗିଁ | ଇଅ | ଢ଼ | ନୃ |

**କନ୍ତାର**—ଗ୍ରା. ବ. (ସଂ. କାନ୍ତାର)—ଦୁର୍ଭିକ୍ଷ—
**Kantāra** Famine.

**କନ୍ତାରି**—ଦେ. ବ. (ସଂ. କାଂତାର; ତୁଳ—ପ୍ରା. କନ୍ତାର)—ଏକ ପ୍ରକାର
**Kantāri** ଆଖୁ—A kind of sugarcane.
কান্তারী [ ଦ୍ର—ଏହାର ବର୍ଣ୍ଣ ନାଲି; ଏହାର ଚୋପା ମୋଟା ଓ ରସ
कतारा; कतारी କୋମଳ; ଏହା ଅନ୍ୟ ଜାତୀୟ ଆଖୁ ଅପେକ୍ଷା ଲମ୍ବ;
ଏଥିରୁ ଭଲ ଗୁଡ଼ ହୁଏ । ଓଡ଼ିଶାରେ ଏଥିର ଚାଷ ବେଶି ହୁଏ ।]

**କନ୍ତୁ**—ସଂ. ବ. ( କମ୍ ଧାତୁ=ଇଚ୍ଛା କରିବା+କର୍ମ. ତୁ )—
**Kantu** ୧ । କନ୍ଦର୍ପ; କାମ—1. Cupid.
୨ । ଚିତ୍ତ—2. Mind.
୩ । ହୃଦୟ—3. Heart.
ସଂ. ବିଣ. ( କମ୍=ସୁଖ+ଅସ୍ତି ଅର୍ଥରେ. ତୁ )—
ସୁଖାନ୍ୱିତ—Happy.

**କନ୍ଥ** (ଧାତୁ)—ସଂ—ଶ୍ଳିଷ୍ଟ ହେବା—
**Kantha (root)** To stick; to be joined to.

**କନ୍ଥଡ଼ା**—ଦେ. ବ. ( ସଂ. କନ୍ଥା )—
**Kantharḍā** ୧ । ପୁରୁଣା ଚିରା କନା ବା ଜୀର୍ଣ୍ଣ ବସ୍ତ୍ର ଏକତ୍ର
নেকড়া, নাতা ଯୋଡ଼ି ସିଲାଇ ହୋଇ ପ୍ରସ୍ତୁତ ହୋଇଥିବା
गुदड़ा, कथरी ଶେଯ—1. Quilt made of rags sewn together.
୨ । ପୁରୁଣା ଚିରା କନାର ସମଷ୍ଟି—
2. A collection of rags.
ଦେ. ବଣ—୧ । କନ୍ଥାରେ ପରିଣତ—
1. Reduced to rags.
୨ । କନ୍ଥାନିର୍ମିତ—2. Made of rags.

**କନ୍ଥଲି**—ପ୍ରାଦେ. (ସମ୍ବଲପୁର) ବ—କନ୍ଥଡ଼ା (ଦେଖ)
**Kanthali** Kantharḍā (See)

**କନ୍ଥା**—ସଂ. ବ. ସ୍ତ୍ରୀ—(କ୍ରୁନ୍ଥ ଧାତୁ=ଶ୍ଳିଷ୍ଟ ହେବା+ଅ. ନିପାତନ;
**Kanthā** ଅଥବା କମ୍ ଧାତୁ=ଅଭିଳାଷ କରିବା+କର୍ମ. ଥନ୍)—
୧ । କନା—1. Rag.
ଚିରତ୍ର ପିନ୍ଧେ ଛିଣ୍ଡା କନ୍ଥା, ଅନ୍ନକୁ ନ ହୁଏଇ ଚନ୍ତା । ମଧୁସୂଦନ. ବର୍ଣ୍ଣବୋଧ ।
୨ । ଛିଣ୍ଡା ଲୁଗାକୁ ଏକତ୍ର ସିଲାଇ କରି କରା ଯାଇଥିବା ଶୀତ-ବସ୍ତ୍ର; ଶେଯ ବା ଆଚ୍ଛାଦନବିଶେଷ; ଗୋଦଡ଼ି—
2. A quilt or wrapper made of rags sewn or patched together.
୩ । ମାଟି କାନ୍ଥ—3. Earthen wall; mud-wall.
୪ । ତାଳି ପଡ଼ିଥିବା ଚିରା ଲୁଗା—
4. Patched torn cloth.
୫ । ବୈଷ୍ଣବମାନେ ଦେହରେ ଘୋଡ଼ି ହୋଇଥିବା ଗୋଦଡ଼ି—
5. Patched garment of anchorites.
ଜଟର ବସନ କନ୍ଥା ଗଳେ ତୀର ଦୃଢ଼ । ସାରଳା. ମହାଭାରତ ।

**କନ୍ଥାଧାରୀ ବୈଷ୍ଣବ**—ସଂ. ବ.—ଦେହରେ କନ୍ଥା ଧାରଣ କରିଥିବା
**Kanthādhāri baishṇaba** ବୈଷ୍ଣବସମ୍ପ୍ରଦାୟବିଶେଷ—
A sect of Baishṇabas who wear torn rags sewn together or patched garment.

**କନ୍ଦ** (ଧାତୁ)—ସଂ.—୧ । ଆର୍ଦ୍ର ହେବା—
**Kand (root)** 1. To be wet.
୨ । କାନ୍ଦିବା—2. To weep.

**କନ୍ଦ୍‌କନ୍ଦ୍‌ଣିଆଁ**—ପ୍ରାଦେ. (ସମ୍ବଲପୁର) ବଣ. (ସଂ. କ୍ରନ୍ଦନ)—କାନ୍ଦକାନ୍ଦ;
**Kandkandṇiāñ** କ୍ରନ୍ଦନୋଦ୍ୟତ; କାନ୍ଦୁରିମାନ୍ଦୁରି; କାନ୍ଦୁଣି-ମାନ୍ଦୁଣି—About to cry.

**କନ୍ଦ୍‌କନ୍ଦ୍‌ନିଆଁ**—ଦେ. ବଣ—କନ୍ଦ୍‌କନ୍ଦ୍‌ଣିଆଁ (ଦେଖ)
**Kandkandniāñ** Kandkandṇiāñ (See)

**କନ୍ଦ୍‌ଣା**—ପ୍ରାଦେ. (ସମ୍ବଲପୁର) ବି. ( ସଂ. କ୍ରନ୍ଦନ )—କ୍ରନ୍ଦନ; କାନ୍ଦ;
**Kandṇā** କାନ୍ଦଣା—Crying.

**କନ୍ଦ୍‌ନା**—ଦେ. ବି.—କନ୍ଦ୍‌ଣା (ଦେଖ)
**Kandnā** Kandṇā (See)

**କନ୍ଦ୍‌ମୂଳ୍**—ପ୍ରାଦେ. (ସମ୍ବଲପୁର) ବି.—କନ୍ଦମୂଳ—
**Kandmūl** Sweet potato.

**କନ୍ଦ୍‌ରା**—ପ୍ରାଦେ. ( ସମ୍ବଲପୁର ) ବିଣ—( ସଂ. କ୍ରନ୍ଦନ )—କାନ୍ଦୁରା;
**Kandrā** କ୍ରନ୍ଦନଶୀଳ—Given to crying.

**କନ୍ଦ୍‌ରୁ**—ଦେ. ବିଣ—କନ୍ଦ୍‌ରା (ଦେଖ)
**Kandru** Kandrā (See)

**କନ୍ଦ**—ସଂ. ବି. (କନ୍ଦ୍ ଧାତୁ=ଆର୍ଦ୍ର ହେବା+କର୍ମ. ଅ )—
**Kanda** ୧ । କନ୍ଦମୂଳ; ଖାଦ୍ୟମୂଳବିଶେଷ—
1. A sweet edible root-bulb.
୨ । ଗୋଲ ବା ଲମ୍ବ ମୂଳ—
2. Long or bulbuous root.
୩ । (କଂ=ଜଳ+ଦା ଧାତୁ+କର୍ତ୍ତୃ. ଅ)—ମେଘ—
3. Cloud.
୪ । ସକରକନ୍ଦ (ଦେଖ)
4. Sakarakanda (See)
୫ । ଓଲୁଅ—5. Arum.
୬ । କର୍ପୂର—6. Camphor.
୭ । ଯୋନିରୋଗବିଶେଷ; ସ୍ତ୍ରୀଲୋକମାନଙ୍କର ପଦ୍ମ ବାହାରି ପଡ଼ିବା ରୋଗ—7. Prolapsus uteria; a female disease consisting of the uterus coming out at the vagina.
୮ । ନଡ଼ିଆ ପ୍ରଭୃତି ଗଛର କଢ଼ର କୋମଳତମ ଅଂଶ—
8. Softest part of a tree of the cocoanut-species whence new branches come out.

ସାଧାରଣ ଲୋକେ ଅପର ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଳିର କଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧି' ଦେଖିବେ; 'ଅଣ୍ଟା' ନ ପାଇଲେ 'ଅଣ୍ଠା' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଦେ. ବି.—୧ । ଅସଭ୍ୟ ଅନାର୍ଯ୍ୟ ଜାତିବିଶେଷ; କନ୍ଧ ଜାତି—
କନ୍ଧୁଆ, ଦୋଙ୍ଗୋ, କନ୍ଧ 1. A non-Aryan tribe inhabiting
ଜାତି the Ganjam and Orissa-Hills.
୨ । ନବାତ; ଗୁଡ଼ବିକାର—2. Refined molasses; brown sugar.
୩ । କନ୍ଦର—3. Cave.

କୈଳାଶ ଗିରି କନ୍ଦେ ଯାଇ, ରହିଲେ ବଶୀଭୂତ ହୋଇ ।
ପ୍ରାଚୀ. କର୍ଣ୍ଣମାହାତ୍ମ୍ୟ ।

୪ । ଦୁଃଖ—4. Sorrow; grief.

ବହୁ ମନ୍ତ୍ର ମନ ସ୍ୱନ ଛନ କନ୍ଦ କହି ନୋହେ ଟାହି ବହୁ ।
ଉପେ. ବୈଦେହୀଶବିଳାସ ।

୫ । ମୂଳ; କାରଣ (ଯଥା—ଆନନ୍ଦକନ୍ଦ)—5. Root; cause.
୬ । (ଜ୍ଞାନର) ମୂଳ—6. Root (of knowledge).

ଶୁଣ ବାବୁ ନିରାକାର ବ୍ରହ୍ମଭେଦ କନ୍ଦ, ଯେଉଁରୂପେ ବହୁରୂପ ଅନାଦର କନ୍ଦ ।
ପ୍ରାଚୀ—ବ୍ରହ୍ମ-ନିରୂପଣ ଗୀତା ।

ଦେ. ବିଣ.—ଶ୍ରେଷ୍ଠ; ଉତ୍କୃଷ୍ଟ—Excellent,

ଅଶେଷ ବ୍ରହ୍ମାଣ୍ଡ ଭୂରୁହ କନ୍ଦ, ତହିଁରେ ଶଙ୍କର ପରମାନନ୍ଦ ।
ପ୍ରାଚୀ. ଉଷାଅଭିଳାଷ ।

**କନ୍ଦ ଉଖୁଡ଼ା**—ଦେ. ବି.—କନ୍ଦ ବା ନବାତରେ ପାଗ ହୋଇ ଭିଆର-
Kanda ukhurdā ହୋଇଥିବା ଉଖୁଡ଼ା—Fried rice seasoned with boiled refined molasses.

**କନ୍ଦକ**—ସଂ. ବି—କେନ୍ଦୁଲି (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Kandaka Kenduli (See)

**କନ୍ଦକୀ**—ସଂ. ବି—କନ୍ଦକ (ଦେଖ)
Kandaki Kandaka (See)

**କନ୍ଦକୋଳା**—ଦେ. ବି—କଣ୍ଟାକୁଡ଼ା (ଦେଖ)
Kandakolā Kantākurdā (See)

**କନ୍ଦଗ୍ରନ୍ଥି**—ସଂ. ବି—ଲତାକନ୍ଦବିଶେଷ; ପିଣ୍ଡାଳୁ; ପିଣ୍ଡଆଳୁ—
Kandagranthi Sweet potato; Batatas Esculatus.
ଓ. ପିଣ୍ଡ ଆଳୁ [ଦ୍ର—ଏହା ମଧୁରରସ, ଶୀତବୀର୍ଯ୍ୟ,
ଚୁବ୍‌ଡ଼ି ଆଲୁ ବୃଷ୍ୟ, ସନ୍ତର୍ପଣୀ ଓ ଗୁରୁ । ଏହା ମୂତ୍ରକୃଚ୍ଛ୍ର,
**रतालु, पिण्डालु, कान्द** ଦାହ, ଶୋଷ ଏବଂ ପ୍ରମେହନାଶକ ।]
ମ. ରତାଳ୍ଳୋଁ, ଗୋଡ଼େ ରତାଳ୍ଳୋଁ
ଗୁ. ରତାଲୁ
ତେ. ଚିରଗେଡ଼
ଜା. ଲାମ୍ପଂ ସ୍ୱୋଙ୍କଂ

**କନ୍ଦଟ**—ସଂ. ବି. (କନ୍ଦ୍ ଧାତୁ=ଆର୍ଦ୍ର ହେବା+କର୍ତ୍ତୃ. ଅଟନ୍)—
Kandata ଶ୍ୱେତ ପଦ୍ମ—White lotus.

**କନ୍ଦଡ଼ା**—ଦେ. ବିଣ. (ସଂ. କନ୍ଦର)—୧ । କନ୍ଧଡ଼ା; କନ୍ଧ (ବନ୍ୟ ଜାତି)
Kandardā ସମ୍ବନ୍ଧୀୟ—1. Relating to the Kandhas.
୨ । କନ୍ଦରସମ୍ବନ୍ଧୀୟ—2. Relating to caves.

ଦେ. ବି.—ଗିରିଗୁହା; ଗୁମ୍ଫା—Cave.

**କନ୍ଦ ପଣା**—ଦେ. ବି.—କନ୍ଦରେ ପ୍ରସ୍ତୁତ ପ୍ରପାନକ; ନବାତର ସରବତ—
Kanda panā A drink made by disolving refined
ମିଛିରିର ପାନା molasses in water.

**କନ୍ଦ ପାଗ**—ଦେ. ବି.—(କନ୍ଦ+ପାଗ) କନ୍ଦକୁ ପାଣିରେ ପକାଇ ନିଆଁରେ
Kanda pāga ପାକ କରି ସେଥିରେ ଖଇକୁ ଖଇଚ୍ଛା କନ୍ଦ ଉଖୁଡ଼ା
ମିଛିରିରପାକ ତିଆର କରିବାର ପ୍ରଣାଳୀ—Mode of seasoning fried paddy with sugar-syrup.

**କନ୍ଦମାଳ**—ଦେ. ବି.—କନ୍ଧମାନଙ୍କ ବାସସ୍ଥାନ; ଓଡ଼ିଶା ପ୍ରଦେଶର
Kandamāla ଅନୁଗୁଳ ଜିଲ୍ଲାର ଗୋଟିଏ ମହକୁମା (ଏହା ପୂର୍ବେ ବୈଦ ରାଜ୍ୟର ଅନ୍ତର୍ଗତ ଥିଲା)—The country of the Kandhas; a subdivision in the non-regulation District of Angul in Orissa the Khondmahals.

**କନ୍ଦମାଳିଆ**—ଦେ. ବି—କନ୍ଦମାଳ ଦେଶୀୟ—1. Belonging
Kandamāliā to Khondmahals.
୨ । କନ୍ଦମାଳନିବାସୀ—2. Inhabiting the Khondmahals.
୩ । କନ୍ଦମାଳ ସମ୍ବନ୍ଧୀୟ—3. Relating to the Khondmahals.

**କନ୍ଦମାହାଲ୍**—ଦେ. ବି—କନ୍ଦମାଳ ( ଦେଖ )
Kandamāhāl Kandamāla ( See )

**କନ୍ଦମୂଲ୍**—ପ୍ରାଦେ. ( ସମ୍ବଲପୁର ) ବି—କନ୍ଦମୂଳ—
Kandamūl Sweet potato.

**କନ୍ଦମୂଳ**—ସଂ. ବି—୧ । ମିଷ୍ଟ ଖାଦ୍ୟ ମୂଳବିଶେଷ—
Kandamūla 1. An edible bubluous root of sweet taste.

ରାଜ୍ୟଭାର ତେଜି କନ୍ଦମୂଳ କଲି ଗ୍ରାସ । ସାରଳା. ମହାଭାରତ ।

୨ । ଗଛଆଳୁ—A kind of tree with edible root-bulb; Manihot Utilissema.

[ ଦ୍ର—ଏହି ଗଛ ୩।୪ ହାତ ଉଚ୍ଚ ହୁଏ; ଏହାର ପତ୍ର ସିମିଳି ପତ୍ର ପରି; ଏହାର ମୂଳ ମୋଟା ଓ ଲମ୍ବ; ଏହାର ଡାଳ ଭୂଇଁରେ ଲାଗେ; ନେପାଳ-ତରାଇରେ ପାହାଡ଼ ପାଖେ ଏ ଗଛ ବହୁତ ହୁଏ । ଏହାର କାଠ ହଳଦିଆ ଓ ଅଙ୍ଗାମିକା; ଏହାର ମୂଳକୁ ଲୋକେ ପାଣିରେ ସିଝାଇ ଭକ୍ଷଣ କରି ଖାଆନ୍ତି । ହି. ଶବ୍ଦସାଗର ] ।

ଏହି ମୂଳକୁ କୁଟି ପାଣିରେ ବତୁରାଇଲେ ପାଣି ତଳେ ପାଲୁଅ ପରି ଧଳା ଗୁଣ୍ଡ ବସିଯାଏ—
Cassava; Tapioca.
ଯୋଗେଶଚନ୍ଦ୍ର । ]

**କନ୍ଦର**—ସଂ. ବି. ( କଂ = ଜଳକୁ + ଦୃ = ବିଦୀର୍ଣ୍ଣ ହେବା + କର୍ତ୍ତୃ. ଅ)—
Kandara ୧ । ପର୍ବତଗହ୍ୱର; ଦରୀ—1. Cave; ravine.
୨ । କୃତ୍ରିମ ଗୁହା—2. Artificial caves.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଝ | ଏ | ହସନ୍ତବର୍ଣ୍ଣ | ଅବ୍ୟାସିକ ଯୁକ୍ତାକ୍ଷର | ଙ | ଜ | ଷ,ସ | ଞ୍ଜ | ଉପ୍ | ଦ୍ଧ | ଢ |
| ୨ | ଈ | ଉ | ଋ | ଌ | ପ୍ରେ | ଉଚ୍ଚାରଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଚ୍ଛ | ଝ | ନ୍ତ |

୩ । ( କଂ=ଗଣ୍ଡସ୍ଥଳ+ଦୃ ଧାତୁ=ବିଦାର୍ଣ୍ଣ ହେବା+ କରଣ, ଅ )—ଅଙ୍କୁଶ; ହାତୀଅଙ୍କୁଶ—
3. The hook for driving or goading an elephant.

୪ । ଆଦ୍ରକ; ଅଦା—4. Ginger.

୫ । ଓଲୁଅ—5. Wild arum,

୬ । ଗାଜର; ଗୃଞ୍ଜନ; ରକ୍ତବର୍ଣ୍ଣ ଖାଦ୍ୟ-ମୂଳବିଶେଷ—
6. Carrot.

**କନ୍ଦରପ**—ଗ୍ରା. (ପଦ୍ୟ) ବି. ( ସଂ. କନ୍ଦର୍ପ )—କନ୍ଦର୍ପ ( ଦେଖ )
**Kandarapa** Kandarpa ( See )

**କନ୍ଦରା**—ସଂ. ବି. ( କଂ=ଜଳକୁ; ଦନ୍ତିକପୋଳକୁ+ଦୃ ଧାତୁ=ବିଦାର୍ଣ୍ଣ ହେବା+କର୍ତ୍ତୃ; କରଣ. ଅ.+ସ୍ତ୍ରୀ. ଆ )—
**Kandarā** କନ୍ଦର ( ଦେଖ )
Kandara ( See )

ଦେ. ବି—କନ୍ଧଡ଼ା ( ଦେଖ )
Kandhar̤dā ( See )

ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—କାନ୍ଦୁରା; କ୍ରନ୍ଦନଶୀଳ —
Given to crying.

ପ୍ରାଦେ. ( ସମ୍ବଲପୁର ) ବି—କନ୍ଦମୂଳ ( ଦେଖ )
Kandamūḻa ( See )

**କନ୍ଦରାଇବା**—ଦେ. କ୍ରି—ଘାଆରୁ ଲସା ଓ ପୂଜ ବହିବା—
**Kandarāibā** To fester ( said of a wound )
ଉଦଭଦେ ଓଠୀ
ଗଳନା

**କନ୍ଦରାପଡ଼ା**—ଦେ. ବି. (ସଂ. କନ୍ଦରାସୁର+ପୁର)—କେନ୍ଦ୍ରାପଡ଼ା; କଟକ
**Kandarāpar̤dā** ଜିଲ୍ଲାରେ କେନ୍ଦ୍ରାପଡ଼ାନାମକ ସବ୍‌ଡିଭିଜନ୍ କେନ୍ଦ୍ରାପାଡ଼ା ଓ ନଗର—A subdivision and town of that name ( Kendrāpar̤dā ) in the district of Cuttack.

[ ଦ୍ର—ଏହିଠାରେ ଲଳିତଗିରିବାସୀ କନ୍ଦରାସୁରକୁ ସଂହାର କରି ବଳରାମ ତାହାର କନ୍ୟା ତୁଳସୀକୁ ବିବାହ କରି ଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି । ଏହିହେତୁରୁ ଏହା ତୁଳସୀକ୍ଷେତ୍ର ବୋଲି ପ୍ରସିଦ୍ଧ । ଏଠାର ପ୍ରସିଦ୍ଧ ଦେବତା 'ବଳରାମ ଜାଉ'ଙ୍କ ତଳେ ବହୁତ ସମ୍ପତ୍ତି ଖଞ୍ଜା ଅଛି । ତାହା ପରିଚାଳନ କରିବାପାଇଁ କଟକର କଲେକ୍ଟରଙ୍କ ନିଯୁକ୍ତ ଗୋଟିଏ ଦେବୋତ୍ତର-କମିଟି ଅଛି । ପ୍ରସିଦ୍ଧ ଦାନୀ ଓ ବୈଷ୍ଣବଭକ୍ତ ସ୍ୱର୍ଗୀୟ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ବଂଶଧର ଜମିଦାରମାନେ ଏଠାରେ ବାସ କରନ୍ତି । ଏହା ଗୋବରୀ ନଦୀ କୂଳରେ ଅବସ୍ଥିତ । କଟକ ଜିଲ୍ଲାର ସବ୍‌ଡିଭିଜନ୍ ଓ ସବ୍‌ଡିଭିଜନ୍‌ର ସ୍ଥାନ ଓ ଥାନାର ମଧ୍ୟ ଏହି ନାମ । ]

**କନ୍ଦରାପାଡ଼ି**—ଗ୍ରା. ବି—କନ୍ଦରାପଡ଼ା ( ଦେଖ )
**Kandarāpār̤di** Kandarāpar̤dā ( See )

**କନ୍ଦରା ମୂଳକ**—ଦେ. ବି—କନ୍ଧନାମକ ଅରଣ୍ୟଜାତିର ଅଧ୍ୟୁଷିତ ବନ୍ୟ
**Kandarā mulaka** ଦେଶ—Jungly country inhabited by the Kandhas.

**କନ୍ଦରାଳ**—ସଂ. ବି—ପଲ୍ଲଶ ପିପ୍ପଳ; ଏକପ୍ରକାର ବନ୍ୟବୃକ୍ଷ—
**Kandarāḻa** The tulip tree; Thaspesia Papulnea.

**କନ୍ଦରାସୁର**—ଦେ. ବି. ( ସଂ. କନ୍ଦରା=ଗିରିଗହ୍ୱର )—କଟକ ଜିଲ୍ଲାର
**Kandarāsura** ଲଳିତଗିରିର କନ୍ଦରରେ ବାସ କରୁଥିବା ପୁରାଣବର୍ଣ୍ଣିତ ଅସୁରବିଶେଷ—The name of a demon inhabiting the Laḻatigiri hills in the Cuttack District.

[ ଦ୍ର—ଏହି ଅସୁରକୁ ସଂହାର କରି ବଳରାମ ଏହି ଅସୁରର କନ୍ୟା ତୁଳସୀକୁ ବିବାହ କରିଥିଲେ । ]

**କନ୍ଦରିବା**—ପ୍ରାଦେ. (ସମ୍ବଲପୁର) କ୍ରି—ବୁଲିକରି ଯିବା; କେନ୍ଦରିବା—
**Kandaribā** To go in a round-about way.

**କନ୍ଦରୀ**—ସଂ. ବି. ସ୍ତ୍ରୀ—୧ । କନ୍ଦର ( ଦେଖ )
**Kandarī** 1. Kandara ( See )

୨ । ପୁଂ. ( କନ୍ଦର+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ. )—
ପର୍ବତ—2. Mountain.

କନ୍ଦର-ସ୍ତନୀ ସୁନ୍ଦର-ପୁରନ୍ଦର କୃଶୋଦର ଦରିଦ୍ର ମୁଁ ତୁ କଥସ୍ତତମା ।
ଉପେ. ଲାବଣ୍ୟବତୀ ।

**କନ୍ଦର୍ପ**—ସଂ. ବି. (କଂ=ବ୍ରହ୍ମାଙ୍କୁ+ଦୃପ୍ ଧାତୁ=ସନ୍ଦୀପ୍ତ କରିବା+କର୍ତ୍ତୃ. ଅ, ଅଥବା କଂ=କାହାକୁ+ଦୃପ୍ ଧାତୁ=ସନ୍ଦୀପ୍ତ କରିବା+ଅ; ଯେ ସବୁ ପ୍ରାଣୀଙ୍କୁ ସନ୍ଦୀପିତ କରେ )—
**Kandarpa** ମଦନ; କାମଦେବ—Cupid; the God of Love.

ଦେ. ବି—ପୁରୁଷର ବୀର୍ଯ୍ୟ; ରେତଃ—Semen virile.

**କନ୍ଦର୍ପକୂପ**—ସଂ.ବି (୬ଷ୍ଠୀ ତତ୍; କନ୍ଦର୍ପ+କୂପ)—ଯୋନି; ସ୍ତ୍ରୀ ଜନନେନ୍ଦ୍ରିୟ—
**Kandarpa kūpa** Female organ of generation; vagina.

**କନ୍ଦର୍ପକ୍ରୀଡ଼ା**—ସଂ. ବି. (୪ର୍ଥୀ ତତ୍; କନ୍ଦର୍ପ+କ୍ରୀଡ଼ା)—
**Kandarpakrir̤dā** କାମକ୍ରୀଡ଼ା; ମୈଥୁନ; କାମକେଳି—
Coition; cohabitation; union between a male and female animal.

**କନ୍ଦର୍ପଜାଳା**—ଗ୍ରା. ବି. (ସଂ. କନ୍ଦର୍ପଜ୍ୱାଳା)—କନ୍ଦର୍ପଜ୍ୱର (ଦେଖ)
**Kandarpajāḻā** Kandarpajwara (See)

**କନ୍ଦର୍ପଜୀବ**—ସଂ. ବି. (କନ୍ଦର୍ପ+ଜୀବ ଧାତୁ=ଜୀଅଁଇବା+କରଣ. ଅ;
**Kandarpajība** ଯାହାଦ୍ୱାରା କାମବୃଦ୍ଧି ହୁଏ)—ପଣସ ଫଳ—
Jack-fruit.

**କନ୍ଦର୍ପଜ୍ୱର**—ସଂ. ବି. (ମ. ପ. ଲୋ; କନ୍ଦର୍ପ+ଜ୍ୱର,=
**Kandarpajwara** ୧ । କାମଚନ୍ତା ବା ଉଦ୍ବେଗଜନିତ ପୀଡ଼ା—
A fit of lust; a fever of love; pangs of love.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । କାମୋଦ୍ବେଗ—2. Fit of passion due to unsatisfied lust.

**କନ୍ଦର୍ପଜ୍ୱାଳା**—ସଂ. ବ.—କନ୍ଦର୍ପଜ୍ୱର (ଦେଖ)
Kandarpajwālā Kandarpajwara (See)

**କନ୍ଦର୍ପନାଶନ**—ସଂ. ବ. (୬ଷ୍ଠୀ ତତ୍; କନ୍ଦର୍ପ+ନାଶନ=ବିନାଶକାରୀ)—
Kandarpanāśana ଶିବ; ମହାଦେବ—
Siba; the destroyer of Cupid.

**କନ୍ଦର୍ପବାଣ**—ସଂ. ବ—କାମଦେବଙ୍କ ଧନୁ କାମୀଜନଙ୍କ ପ୍ରତି ପ୍ରେରିତ
Kandarpabāṇa କଳ୍ପିତ ଶର—The arrow of Cupid; shafts of the God of Love; Cupid's shafts.

[ ଦ୍ର—କନ୍ଦର୍ପର କଳ୍ପିତ ଧନୁ ପୁଷ୍ପନିର୍ମିତ ଓ ପାଞ୍ଚବାଣ ମଧ୍ୟ ପାଞ୍ଚଗୋଟି ପୁଷ୍ପ ଅଟେ । )

**କନ୍ଦର୍ପବାଧା**—ସଂ. ବ. ( ମଧ୍ୟପଦଲୋପୀ )—କନ୍ଦର୍ପଜ୍ୱର ( ଦେଖ )
Kandarpabādhā Kandarpajwara ( See )

**କନ୍ଦର୍ପମଥନ**—ସଂ. ବ. ( ୬ଷ୍ଠୀ ତତ୍; କନ୍ଦର୍ପ+ମଥନ )—
Kandarpamathana କନ୍ଦର୍ପନାଶନ ( ଦେଖ )
Kandarpanāśana ( See )

**କନ୍ଦର୍ପମୁଷଳ**—ସଂ. ବ. ( ମ. ପ. ଲୋ; କନ୍ଦର୍ପକ୍ରୀଡ଼ାରେ ବ୍ୟବହୃତ
Kandarpamushaḻa ମୁଷଳ )—
ଲିଙ୍ଗ; ପୁଂଜନନେନ୍ଦ୍ରିୟ—
Male organ of generation; penis.

**କନ୍ଦର୍ପରାଜ**—ସଂ. ବ. (ଏକ ହାତ ଉଚ୍ଚତାବିଶିଷ୍ଟ) କଣ୍ଟକଗୁଳ୍ମବିଶେଷ—
Kandarparāja A thorny medicinal plant.

[ ଦ୍ର—ଏହାର ଫୁଲ ଧଳା ଗନ୍ଧଫୁଲ ପରି, ଏହା ଔଷଧରେ ବ୍ୟବହୃତ ହୁଏ । ]

**କନ୍ଦର୍ପଶୃଙ୍ଖଳ**—ସଂ. ବ. ( ୬ଷ୍ଠୀ ତତ୍; କନ୍ଦର୍ପ+ଶୃଙ୍ଖଳ )—
Kandarpaśruṅkhaḻa ରତିବନ୍ଧବିଶେଷ—
An intertwining pose in copulation.

[ ଦ୍ର—ଏହି ବନ୍ଧର ଲକ୍ଷଣ :—
ନାରୀପଦଦ୍ୱୟଂ ସ୍ଥାପ୍ୟ କାନ୍ତସ୍ୟୋରୁଦ୍ୱୟୋପରି
କଟ୍ୟାଂ ଦୋଲୟେଦାଶୁ ବନ୍ଧଃ କନ୍ଦର୍ପଶୃଙ୍ଖଳଃ ।]

**କନ୍ଦର୍ପସନ୍ଦୀପକ**—ସଂ. ବଣ. ( ୬ଷ୍ଠୀ ତତ୍; କନ୍ଦର୍ପ+ସନ୍ଦୀପକ )—
Kandarpasandīpaka କାମବୃତ୍ତିର ଉତ୍ତେଜନକାରୀ ( ଔଷଧବିଶେଷ )—Aphrodisiac ( medicine ).

**କନ୍ଦର୍ପସନ୍ଦୀପନ**—ସଂ. ବଣ—କନ୍ଦର୍ପସନ୍ଦୀପକ ( ଦେଖ )
Kandarpasandīpana Kandarpasandīpaka (See)
ସଂ. ବ—କାମୋଦ୍ରେକ—
The feeling of the passion of lust.

**କନ୍ଦର୍ପସାର ମରିଚ୍ୟାଦି-ତୈଳ**—ସଂ. ବ—ଆୟୁର୍ବେଦୋକ୍ତ ତୈଳବିଶେଷ—
Kandarpasāra marichyādi-taila
A medicinal oil prepared under rules laid down in the Āyurbeda.

[ ଦ୍ର—ଏହା କୁଷ୍ଠ ଓ ଚର୍ମରୋଗରେ ଉପକାରୀ । ]

**କନ୍ଦର୍ପାରି**—ସଂ. ବି. ( ୬ଷ୍ଠୀ ତତ୍; କନ୍ଦର୍ପ=କାମଦେବ+ଅରି=
Kandarpāri ଶତ୍ରୁ )—ମହାଦେବ; ଶିବ—
Siba; the enemy of Cupid.

**କନ୍ଦଳ**—ସଂ. ବି. ୧ । ( କଂ=ସୁଖଂ+ଦଲ ଧାତୁ+କର୍ତ୍ତୃ. ଅ )—
Kandaḻa କଳଧ୍ୱନି—1. Noise.
୨ । ( କନ୍ଦ ଧାତୁ+କର୍ମ. ଅଲ )—
ଗଣ୍ଡଦେଶ; କପାଳ—2. Brow.
୩ । ( +ଭାବ. ଅଲ )—ଉପସର୍ଗ—3. Eclipse.
୪ । ( କମ୍=କମନୀୟ+ଦଲ=ପତ୍ର )—
ନୂତନ ଅଙ୍କୁର; ଗଜା—4. Shoot; sprout.
୫ । ( +ଅଧିକରଣ. ଅଲ )—
ବାକ୍‌ଯୁଦ୍ଧ; କଳହ; ବାଦବିବାଦ—
5. Quarrel; contention; wordy dispute.
ଗର୍ଜିଲେକ କନ୍ଦଳ ସେ ଦୁଃସହ କଥାଳ । ସାରଳାମହାଭାରତ ।
୬ । ଯୁଦ୍ଧ—6. Strife; fight; battle.
୭ । ସ୍ୱର୍ଣ୍ଣ—7. Gold.
୮ । ସମୂହ—8. Assemblage.
୯ । (କଂ=ବାୟୁକୁ+ଦଲ ଧାତୁ=ଦଳିତ ହେବା+ଅ)—
ଭୂମିକଦଳୀଗଛ; ପାଣିକେନ୍ଦୁଳ ଗୁଳ୍ମ—
9. An aquatic plant.
୧୦ । ପତାକା—10. Flag.
୧୧ । ପଦ୍ମବୀଜ—11. Seed of lotus.
୧୨ । ଶୂରଣ; ଓଲୁଅ—12. Wild arum.
୧୩ । କନ୍ଦଳୀପୁଷ୍ପ; ପାଣିକେନ୍ଦୁଳ ଫୁଲ—
13. An aquatic flower.
୧୪ । କଦଳୀ ଗଛ—14. Plantain tree.
ଦେ. ବି—୧ । ଘାଅ ଦଲ୍‌ଦଲେଇବା—
1. The festering of a sore.
୨ । କେନ୍ଦଳ (ଦେଖ) 2. Kendaḻa (See)
ପ୍ରାଦେ. (ଗଞ୍ଜାମ) ବ—ଚଣାଫଳି ( ଦେଖ )
Chaṇāphaḻi ( See )

**କନ୍ଦଳ କାଠି**—ପ୍ରାଦେ. (ଗଞ୍ଜାମ) ବ.—କେନ୍ଦଳ ( ଦେଖ )
Kandaḻa kāṭhi Kendaḻa ( See )

**କନ୍ଦଳା**—ଦେ. ବ. (ବଣିଆ ଶବ୍ଦ) (ସଂ. କନ୍ଦଳ=ସୁନା)—
Kandaḻā ସୁନା ବା ରୁପାର ଢଳା ଛଡ଼; (ଏଥିରୁ ସୁନା ଓ ରୁପାର ତାର
**କଂଦଳା** ଛିଥର ହୁଏ)—Long bits of gold or silver from which wires are drawn out.

[ ଦ୍ର—ପ୍ରଥମେ ସୁନା ବା ରୁପାକୁ ଅଉଟି ଛାଞ୍ଚରେ ଢାଳି ଲମ୍ବ କାଢ଼ି କରାଯାଏ; ସେହି ଲମ୍ବ କାଠିର ଅଗକୁ ହାତୁଡ଼ିରେ ପିଟି ସରୁ କରାଯାଏ । ତାକୁ ସରୁ ମୁହଁକୁ ଯନ୍ତ୍ରାରେ ଥିବା ଛିଦ୍ର ବାଟେ ପୁରାଇ

| ୯ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଳ | ଶ,ଷ | ଙ୍କ | ଇଯ଼ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ଷ | ଙ୍ଗ | ଇଅ | ଊ | ନ୍ତ |

କନ୍ଦଳର ଅଗ୍ରଭାଗରୁ ସଣ୍ଢ଼ଅଁସି ଦ୍ୱାରା ଟାଣି ନେଲେ ସେହି ଛିଦ୍ରବାଟେ ସରୁ ତାର ବାହାରେ । ଛିଦ୍ରର ଆକାର ଅନୁସାରେ ତାର ସରୁ ବା ମୋଟ ହୁଏ । ]

**କନ୍ଦଳିଆ**—ଦେ. ବିଣ. ପୁଂ ( ସଂ. କନ୍ଦଳ )—
Kandaliā କଳହୀ; କଳହୁଡ଼ା; କନ୍ଦଳପ୍ରିୟ—
( କନ୍ଦଳୀ; କନ୍ଦଳେଇ—ସ୍ତ୍ରୀ ) Quarrelsome ( male )
कन्दलिया
झगड़ालु

**କନ୍ଦଳିବା**—ଦେ. କ୍ରି—୧ । ଗିଲେଇବା; ଗଜୁରିବା—
Kandalibā 1. To send forth new shoots; to sprout.
गजाना
अँखुआना ୨ । ( ଲକ୍ଷଣାର୍ଥ ) ଗଛ ହେବା—2. To grow.
ମାର୍ଗେ ଯାର୍କ ଯାର୍କ ବେନ ସୁବଂଶର ପୀରତ କମେ କନ୍ଦଳ ।
ରଘୁନାଥ. ସଗାଡ ।

**କନ୍ଦଳୀ**—ସଂ. ବି. ( କନ୍ଦଳ+ସ୍ତ୍ରୀ. ଈ )—
Kandalī ୧ । ପାଣିକେନ୍ଦୁଲ ଗୁଳ୍ମ ଏବଂ ତାହାର ଫୁଲ—
काँदा, कँदुरी 1. An aquatic plant and its flower. Ottelia Alismoides.
[ ଦ୍ର—ଏହି ଗୁଳ୍ମ ପାଣି କନାରରେ ଓ ଅଳ୍ପ ପାଣି ଥିବା ସ୍ଥାନରେ ଜନ୍ମେ । ଏଥିର ନାଡ଼ରେ ପିଆଜ ବା କାଠିଆକଦଳୀ ପର ଗଣ୍ଠି ଥାଏ । ଏ ଗଣ୍ଠି ଔଷଧରେ ଲାଗେ । ଏହାର ପତ୍ର ପିଆଜପତ୍ର ଅପେକ୍ଷା ବେଶି ଚଉଡ଼ା । ବର୍ଷାଋତୁରେ ପ୍ରଥମ ଅସର ବରଷା ହେବା ପରେ ଏ ଗଛ ଉଠେ । ଏହାର ଫୁଲ ଧଳା ଧାତୁରଫୁଲ ପର ଓ ଫୁଲ ମଝିରୁ ଲମ୍ବା ଲମ୍ବା ନାଲଆ ପାଞ୍ଚ କେଶର ବାହାରେ ଓ ଏହି କେଶର ଅଗରେ ଅର୍ଦ୍ଧଚନ୍ଦ୍ରାକାର ହଳଦିଆ, କୋମଳ କେଶର ଥାଏ । ]
୨ । ପତାକା—2. Flag.
୩ । ପଦ୍ମବୀଜ—3. Seed of lotus.
୪ । ଘାସ ଗଜା—4. Tender shoots of grass.
୫ । ମୃଗୀବିଶେଷ—5. A class of deer.
ବାହାରୁ କନ୍ଦଳୀ ରକ୍ଷିଲେ କନ୍ଦଳୀ ହୋଇ ଅଟଇ ସ୍ୱରସ ।
ଉକ୍ତ. ବୈଦେହୀଶବିଳାସ ।
ଦେ. ବି—କଳକଳିଆ—Quarrel.
ଦେ. ବିଣ. ସ୍ତ୍ରୀ—କଳହୁଡ଼ୀ ( ସ୍ତ୍ରୀ )—
Quarrelsome ( woman )

**କନ୍ଦା**—ଦେ. ବି. ( ସଂ. କନ୍ଦ )—୧ । ଖାଦ୍ୟ ମୂଳ—
Kandā 1. Edible bulbuous roots.
୨ । ପଇଡ଼ର ପୂର୍ବଅବସ୍ଥାର ନଡ଼ିଆ—
2. Very raw cocoanut fruit.
୩ । ( ସଂ. ସ୍କନ୍ଧ )—
ନଡ଼ିଆ ପ୍ରଭୃତି ବୃକ୍ଷସ୍କନ୍ଧର କୋମଳ ଅଂଶ—
माथि, माथी 3. The soft parts on the top of trees of cocoanut species.
[ ଦ୍ର—ଏହା ଖାଇବାକୁ ସୁସ୍ୱାଦୁ ଓ ଘସାର ପ୍ରଭେଦ ହୁଏ । ]
୪ । ଥୋଡ଼ର ପୂର୍ବ ଅବସ୍ଥାରେ ଥିବା ଗର୍ଭସ୍ଥ ଧାନ—
4. Paddy before coming out of the ear.
୫ । ଅଙ୍ଗୁଳିଆଦି ସନ୍ଧି ସ୍ଥାନରେ ଗଛ ହେବା ଚର୍ମରୋଗବିଶେଷ; ଖଇର୍ଷ—5. Eczima.
୬ । ମାଛର ଗଚକା; ଛୋଟ ମାଛ—6. A small fish.
( ଯଥା—କନ୍ଦା ବାଲଆ = ସାନ ବାଲଆ ମାଛ । )
୭ । ( ସଂ. କ୍ରନ୍ଦନ )—କ୍ରନ୍ଦନ; କାନ୍ଦ—
काँदा 7. Lamentation; wailing; weeping.
रोना ୮ । ଚିଲିକାର ଏକ ପ୍ରକାର ମାଛ—
8. A kind of fish ( in the Chilka lake ).

**କନ୍ଦା ଆଳୁ**—ଦେ. ବି ( ସଂ. କନ୍ଦ+ଆଳୁ )—ତଳକନ୍ଦା ( ଦେଖ )
Kandā ālu Talakandā ( See )

**କନ୍ଦାଇବା**—ଦେ. କ୍ରି. ( ସଂ. କ୍ରନ୍ଦ ଧାତୁ ଣିଚ୍; କାନ୍ଦିବାର ଣିଜନ୍ତ ରୂପ )—
Kandāibā ୧ । ( ସକର୍ମକ ) କ୍ରନ୍ଦନ କରାଇବା—
(ଦୁଃଖାଇବା—କପଟାଚ) 1. To cause to weep.
काँदाना ୨ । ( ଅକର୍ମକ ) ( ସଂ. କନ୍ଦ )—ନୂତନ
रोवाना ଅଙ୍କୁରୋଦ୍ଗମ ହେବା ବା ଗଜା ହେବା—2. ( trees ) To show signs of bearing new sprouts.
୩ । ( ନଡ଼ିଆ ଗଛର ) କାନ୍ଧରୁ ନୂଆ କନ୍ଦା ହେବା—
3. To bring out or send forth new shoots or sprouts (said of cocoanut trees).

**କନ୍ଦାକଟା**—ଦେ. ବି. ( ସହଚର ଶବ୍ଦ )—କାନ୍ଦବୋବାଳ; ଅନେକ
Kandākaṭā ଲୋକଙ୍କର କ୍ରନ୍ଦନରୋଳ; ବହୁସମୟବ୍ୟାପୀ କ୍ରନ୍ଦନ—
कान्नाकाटि Wailing.
रोवाई

**କନ୍ଦାକନ୍ଦି**—ଦେ. ବି. ( ସହଚର )—କନ୍ଦାକଟା ( ଦେଖ )
Kandākandi Kandākaṭā ( See )

**କନ୍ଦାଜାଦୁ**—ଦେ. ବି—୧ । ଲସାଦେବା ଏକପ୍ରକାର ଜାଦୁ—
Kandājādu 1. Ringworm with watery discharge.
୨ । ( ସଂ. ସ୍କନ୍ଧ+ଦଦ୍ରୁ )—ଗୋରୁଙ୍କ କାନ୍ଧରେ ହେବା ଏକପ୍ରକାର ଜାଦୁ—2. Yoke-gall; a sore on the neck of cattle.

**କନ୍ଦା ବସିବା**—ଦେ. କ୍ରି—ଧାନ ଥୋଡ଼ ଦେଖାଯିବା ପୂର୍ବରୁ ଧାନ-
Kandā basibā ଗଛମୂଳର ଗର୍ଭରେ ଅଁସି ଫଳ କନ୍ଦାଅବସ୍ଥାରେ ଉପଗତ ହେବା; କନ୍ଦା ଧାନଗଛ ମୂଳରେ ଗର୍ଭସ୍ଥ ହେବା—
( ear of paddy ) To germinate at the bottom of the plant.

**କନ୍ଦାଳୁ**—ସଂ. ବି. ( କନ୍ଦ+ଆଳୁ )—ବାଘାଳୁ; ସକରକନ୍ଦ; ଗସ୍ଥାଆଳୁ—
Kandālu The cassava yam.

ସାଧାରଣ ଶବ୍ଦର ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ଶାଖା ଏବଂ ୨ ଚିହ୍ନିତ ଅକ୍ଷର ଓ ଶାଖା ସ୍ଥାନରେ ପ୍ରବେଶ ଲକ୍ଷ୍ୟ କରିବା ଉଚିତ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପୂର୍ବ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଖାଉ' ନ ମିଳିଲେ 'ଖାଉ' ଖୋଜିବେ; 'ବୃଦ୍ଧ' ନ ମିଳିଲେ 'ବୃଦ୍ଧ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କନ୍ଦି**—ଦେ. ବି. ( ସଂ. କେନ୍ଦ୍ର; ସନ୍ଧି )—୧ । ଦୁଇ ଘରର ମଧ୍ୟବର୍ତ୍ତୀ ସଙ୍କୀର୍ଣ୍ଣ ସ୍ଥାନ—1. Narrow space between two houses; creek.
Kandi
ସନ୍ଧି

୨ । ସଙ୍କୀର୍ଣ୍ଣ ରାସ୍ତା; ଗଳି—2. Narrow passage; lane.

୩ । ସନ୍ଧି; ଫାଙ୍କ—3. Chink.

୪ । ବାଡ଼ ମୂଳରେ ଅଡ଼ାଇ ହୋଇ ଯାଇଥିବା ମାଟିର ଗଦା—4. A heap of earth pushed to the foot of a hedge.

ଦେ. ବିଣ—ମୂକ—Dumb.

କନ୍ଦିବେଢ଼ା ପ୍ରାୟେ ଦଶେ ନୁହେ କନ୍ଦି ବେଢ଼ା ।
ପ୍ରାଚୀ: ବ୍ରହ୍ମବୈବର୍ତ୍ତଗୀତା ।

**କନ୍ଦିକନ୍ଦି**—ଦେ. ବି—ପ୍ରତ୍ୟେକ ଗୁପ୍ତ ସ୍ଥାନ—Every conceivable creek and corner.
Kandikandi
ଅଲ୍ଲିଗଲ୍ଲି
ଅଲିଗଲି

**କନ୍ଦିବା**—ଦେ. କ୍ରି. ( ସଂ. ସ୍କନ୍ଦ )—( ଗଛ ) କନ୍ଦା ପକାଇବା ବା ବାଢ଼ିବା; ( ନଡ଼ିଆ ଗଛର ) ଅଗରୁ ନୂଆ କନ୍ଦା ବାହାରିବା—To show signs of new shoots coming out at the top of a fruit-bearing tree ( e.g. cocoanut ).
Kandibā
ଗଜାନ
ଫଁସୁଆନା

**କନ୍ଦିବିକନ୍ଦି**—ଦେ. ବି—କନ୍ଦିକନ୍ଦି ( ଦେଖ )
Kandibikandi Kandikandi ( See )

କନ୍ଦିବିକନ୍ଦି ଖୋଜ ଗାଁର ବନଦେଶ । ସାରଳା ମହାଭାରତ ।

**କନ୍ଦିରି**—ପ୍ରାଦେ. ( ବସ୍ତର ) ବି (ଚୁଲି. ହୁ. ଧୁଁଆଗୁଣ୍ଠ)—ଲଣ୍ଠନକାଚ—The chimney-glass of a lantern.
Kandiri

**କନ୍ଦିଲି**—ପ୍ରାଦେ. ( ବସ୍ତର ) ବି—କନ୍ଦିରି ( ଦେଖ )
Kandili Kandiri ( See )

**କନ୍ଦୀ**—ସଂ. ବି. ( କନ୍ଦ+ଇନ୍; ୧ମା. ୧ବ )—ଓଲୁଅ—Arum.
Kandī

**କନ୍ଦୁ**—ସଂ. ବି. ( ସ୍କନ୍ଦ ଧାତୁ=ଗମନ କରିବା+ଅଧିକରଣ ଉ; ନିପାତନ )—୧ । ମଦ ରାନ୍ଧିବା ପାତ୍ରବିଶେଷ—1. A pot for distilling spirits of wine; a boiler for wine.
Kandu

୨ । କରେଇ—2. Sauce-pan.

୩ । ଲୌହମୟ ଭର୍ଜନପାତ୍ର; ଭାଉଆ—3. Frying pan.

**କନ୍ଦୁକ**—ସଂ. ବି. ( କନ୍ଦ ଧାତୁ=ବେଦନ କରିବା+କର୍ତ୍ତୃ. ଉକ )—୧ । ଖେଳିବାର ଗୋଲକ; ବଲ୍; ଫେଣ୍ଡୁ—1. Play-ball.
Kanduka

ବାଣିଜ୍ୟ ଦ୍ୱାରା ପଦକ କୁଡଉ ସୁନାସ ଟେକି
ବାଳା କ୍ଷିତରେ କନ୍ଦୁକ-ଭୂତ ଫେଳାଇ । ଉଷ. ବୈଦେହୀଶବିଳାସ ।

୨ । ତକିଆ—2. A pillow.

୩ । ତେରଅକ୍ଷରିଆ ସଂସ୍କୃତଛନ୍ଦୋବିଶେଷ—3. A Sanskrit metre of thirteen letters.

୪ । କ୍ରୀଡ଼ନକ; କ୍ରୀଡ଼ାବସ୍ତୁ—4. A play-thing.

**କନ୍ଦୂ**—ସଂ. ବି—କନ୍ଦୁ ( ଦେଖ )
Kandū Kandu ( See )

**କନ୍ଦୂକ**—ସଂ. ବି—କନ୍ଦୁକ ( ଦେଖ )
Kandūka Kanduka ( See )

**କନ୍ଦୂକକ୍ରୀଡ଼ା**—ସଂ. ବି. ( ଷଷ୍ଠୀ ତତ୍; କନ୍ଦୁକ+କ୍ରୀଡ଼ା )—ଫେଣ୍ଡୁ ଦ୍ୱାରା ଖେଳ—A play with balls.
Kandūkakrirdā

କନ୍ଦୁକ କ୍ରୀଡ଼ାରେ ସୁରଙ୍ଗଧ୍ୱଜ ରତ ଏ ସ୍ଥଳେ । ଋଷ୍ଟାକାଥ. ଚନ୍ଦ୍ରଭାଗା ।

**କନ୍ଦେଇବା**—ଦେ. କ୍ରି—କନ୍ଦାଇବା ( ଦେଖ )
Kandeibā Kandāibā ( See )

**କନ୍ଧ**—ଦେ. ବି—୧ । ଜଙ୍ଗଲିଆ ଜାତିବିଶେଷ—1. The Khonds; a wild tribe inhabiting the States of Ordisā.
Kandha

[ବ୍ର—ଅନାର୍ଯ୍ୟଭାଷାରେ ଏହାର ଅର୍ଥ ପାହାଡ଼ରେ ବାସ କରିବା ବ୍ୟକ୍ତି—A mountaineer. ବିଶାଖାପାଟଣା ଜିଲ୍ଲା ଓ ମାଲ, ଗଞ୍ଜାମ ମାଲର ପ୍ରାନ୍ତ, ଅନୁଗୁଳ, ଜୟପୁର, ଘୁମୁସର, ଦଶପଲ୍ଲା, ବୋଦ, କଳାହାଣ୍ଡି ଓ ନୂଆଗଡ଼ରେ ଏମାନେ ବାସ କରନ୍ତି । ୧୯୨୦ ସାଲ ସେନସସ୍‌ରେ ମାନ୍ଦ୍ରାଜ ଓ ବିହାର-ଓଡ଼ିଶା ଗଡ଼ଜାତରେ ଏମାନଙ୍କ ସଂଖ୍ୟା ଛଅ ଲକ୍ଷ ଥିଲା । ଏଥିମଧ୍ୟରୁ ପ୍ରାୟ ପାଞ୍ଚ ଲକ୍ଷ ହିନ୍ଦୁଧର୍ମ ଅବଲମ୍ବନ କରି କଥାରେ ଓ ଦଲିଲରେ ଓଡ଼ିଆ-ଭାଷା ବ୍ୟବହାର କରନ୍ତି ଏବଂ ଓଡ଼ିଆଙ୍କୁ ପୁରୋହିତ କରନ୍ତି । ଏମାନେ ମାଙ୍କଡ଼ିଆ, ଲଙ୍ଗୁଳି, ଶିଥିଳ, ଢାକ ଓ ଦେଶୁଆ—ଏହି ପାଞ୍ଚ ଶ୍ରେଣୀରେ ବିଭକ୍ତ । ]

୨ । ଗ୍ରୀବା; କାନ୍ଧ; ସ୍କନ୍ଧଦେଶ—2. The shoulders.
କାଁଧ
କନ୍ଧା

ନିକଟ ହେଲାଣି ସେ ସ୍ଥାନ, କନ୍ଧରେ ବସ ଗୋ ବହିଲ ।
ଭୂପତି—ପ୍ରେମପଞ୍ଚାମୃତ ।

**କନ୍ଧ କରିବା**—ଦେ. କ୍ରି—କୌଣସି ମନୁଷ୍ୟ ବା ଶିଶୁକୁ କାନ୍ଧରେ ବସାଇ ବହନ କରିବା; କାନ୍ଧେଇବା—To carry a man or infant on ones' shoulders.
Kandha karibā
କାଁଧେ କରା

**କନ୍ଧଡ଼ା**—ଦେ. ବିଣ—କନ୍ଧମାନଙ୍କଦ୍ୱାରା ଅଧ୍ୟୁଷିତ ( ଦେଶ )—
Kandhardā (country) Inhabited by the Khonds.

**କନ୍ଧଡ଼ା ପଲି**—ଦେ. ବି—କନ୍ଧର ପଲ୍ଲ ( ଦେଖ )
Kandhardā pali Kandharā pali ( See)

**କନ୍ଧଡ଼ା ମୁଲକ**—ଦେ. ବି—କନ୍ଧମାନଙ୍କ ଦେଶ—The country of the Khonds.
Kandhardā mulaka

**କନ୍ଧପଲ୍ଲି**—ଦେ. ବି—କନ୍ଧମାନଙ୍କର କ୍ଷୁଦ୍ର ଗ୍ରାମ—Hamlet inhabited by a few Khonds ( a wild tribe )
Kandhapalli

**କନ୍ଧ ବୁଝାମଣା**—ଦେ. ବି—ଅନ୍ଧବୁଝାମଣା; ଅନ୍ଧବିଚାର; ଅବିଚାର—Injustice; want of justice.
Kndha bujhāmaṇā

ଅନ୍ଧଦେଶରେ କନ୍ଧ ବୁଝାମଣା—ତଗ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଶ୍ଵ | ଉଅ | ଢ |
| ୨ | ଇ | ଉ | ଚ | ଲୁ | ପ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ଵାର ବା ଚନ୍ଦ୍ରବନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**କନ୍ଧବେତରା**—ପ୍ରାଦେ. (ଗଡ଼ଜାତ) ବି.—କନ୍ଧମାନେ ଘରରୁଅ ଉପରେ
Kandhabetarā ପକାଯିବା ପାଇଁ ଯେପରି ଚଲେଇ ବୁଣନ୍ତି ସେହିପରି ଛଦାହେବା ବତାମାନ (ଏହା ଖୁବ ମଜବୁତ ହୁଏ)—Split bamboos woven very strongly over the bamboo frame of a thatch.

**କନ୍ଧଭାଷା**—ଦେ. ବି—ଅନାର୍ଯ୍ୟ କନ୍ଧମାନଙ୍କ କଥିତଭାଷା—
Kandhabhāshā The language spoken by the Khonds.

[ ଦ୍ର—କନ୍ଧମାଳ, ଅନୁଗୁଳ, ପାଟଣା, କଳାହାଣ୍ଡି, ଘୁମୁସର ଓ ବିଶାଖାପାଟଣାବାସୀ ପାଞ୍ଚ ଲକ୍ଷ କନ୍ଧ ଏହି ଭାଷାରେ କଥାବାର୍ତ୍ତା କରନ୍ତି। ଏହି କନ୍ଧଭାଷା କନ୍ଧ, କୁଇ, କୋଣ୍ଡ, କୋଣ୍ଡଦୋରା, କୋଣ୍ଡକାପୁ, କୋଟୁ ଓ ଦୋରା ପ୍ରଭୃତି ବିଭିନ୍ନ ନାମରେ ଅଭିହିତ ହୁଏ। ଏହା ଦ୍ରାବିଡ଼ୀୟ ଶାଖାର ଅନ୍ତର୍ଗତ। ଏହା କେବଳ କଥିତ ଭାଷାରୂପେ ଚଳୁଥିଲା ଏବଂ ଏ ଭାଷାରେ ପୁସ୍ତକାଦି ପ୍ରଣୀତ ହୋଇ ନ ଥିଲା। ଏବେ ପାଦ୍ରୀମାନେ ଇଂରାଜୀ ଅକ୍ଷର ସାହାଯ୍ୟରେ ଏ ଭାଷାରେ ପୁସ୍ତକମାନ ରଚନା କରୁଅଛନ୍ତି। ]

**କନ୍ଧମାଳ**—ଦେ. ବି—କନ୍ଦମାଳ (ଦେଖ)
Kandhamāla Kandamāla See)

**କନ୍ଧମାଳିଆ**—ଦେ. ବିଣ—କନ୍ଧମାଳ ଅଞ୍ଚଳସମ୍ବନ୍ଧୀୟ—
Kandhamāliā Belonging to the Khondmahals.

**କନ୍ଧମାହାଲ୍**—ଦେ. ବି—କନ୍ଦମାଳ (ଦେଖ)
Kandhamāhāl Kandamāla See)

**କନ୍ଧର**—ସଂ. ବି. (କଂ=ମସ୍ତକକୁ+ଧୃ ଧାତୁ=ଧରିବା+କର୍ତ୍ତୃ. ଅ)—
Kandhara ୧। ଗ୍ରୀବା; କାନ୍ଧ—1. Shoulder.
୨। ବେକ—2. Neck.
୩। ମେଘ—3. Cloud.
୪। ଲେଉଟିଆ ଶାଗ—4. A pot-herb.
୫। ମୁଥା—5. Root of Dūba-grass.

**କନ୍ଧରା**—ସଂ. ବି. (କନ୍ଧର+ଆ)—କନ୍ଧର (ଦେଖ)
Kandharā Kandhara (See)

ଦେ. ବିଣ—କନ୍ଧ ଆଦି ବନ୍ୟଜାତିଙ୍କଦ୍ୱାରା ଅଧ୍ୟୁଷିତ—
Inhabited by wild tribes (e. g. Khonds.)

ଦେ. ବି—କନ୍ଧ, ଶବରଆଦି ବଣୁଆଜାତି—
Wild tribes (e. g. Kandhas, Śabaras.)

**କନ୍ଧରାଗାଁ**—ଦେ. ବି—କନ୍ଧ, ଶବର ଆଦିଙ୍କ ଅଧ୍ୟୁଷିତ କ୍ଷୁଦ୍ର ଗ୍ରାମ—
Kandharāgāñ Small hamlet of wild tribes (e. g. Kandhas, Śabaras.)

**କନ୍ଧରାପଡ଼ା**—ପ୍ରାଦେ. (ଢେଙ୍କାନାଳ) ବି—କନ୍ଦରାପଡ଼ା (ଦେଖ)
Kandharāparḍā Kandarāparḍā (See)

**କନ୍ଧରାପଲି**—ଦେ. ବି—କନ୍ଧରାଗାଁ (ଦେଖ)
Kandharāpali Kandharāgāñ (See)

**କନ୍ଧରାପାଡ଼ି**—ଗ୍ରା. ବି—କନ୍ଦରାପଡ଼ା (ଦେଖ)
Kandharāpārḍi Kandarāparḍā (See)

**କନ୍ଧରିଆ**—ପ୍ରାଦେ. (ସମ୍ବଲପୁର) ବିଣ.—(କନ୍ଧ ପରି ଆଚରଣକାରୀ)—
Kandhariā ବର୍ବର; ଅସଭ୍ୟ—Barbarious; rude.

**କନ୍ଧା**—ପ୍ରାଦେ. (ଭୁଞ୍ଜଙ୍ଗ; ଢେଙ୍କାନାଳ) ବି—ପ୍ରାନ୍ତର—
Kandhā Prairie; a wide waste.

**କନ୍ଧାନ୍**—ପ୍ରାଦେ. (ସମ୍ବଲପୁର) ବି (ଭୁଲ. କୋଣ୍ଡାନ୍)—କନ୍ଧମାନଙ୍କ
Kandhān ମୁଲକ—The country of the Khonds.

**କନ୍ଧି**—ସଂ. ବି. (କଂ=ମସ୍ତକକୁ, ଜଳକୁ+ଧା ଧାତୁ=ଧାରଣ
Kandhi କରିବା+କର୍ତ୍ତୃ. ଇ)—
୧। ଗ୍ରୀବା; ସ୍କନ୍ଧ—1. Shoulder.
୨। ସମୁଦ୍ର—2. Ocean; the sea.

ଦେ. ବି—୧। କନ୍ଦ; ଅପ୍ରଶସ୍ତ ସନ୍ଧିସ୍ଥଳ—
ସନ୍ଧି 1. Narrow space.
୨। ସନ୍ଧ—2. Chink; narrow opening.
୩। କ୍ଷୁଦ୍ର ଗଳି—3. Narrow lane.
୪। ଓଡ଼ିଶାର ଗଡ଼ଜାତବାସୀ କନ୍ଧମାନଙ୍କ କଥିତଭାଷା—
4. The langauge of the Khonds in the Orissa States.

**କନ୍ଧିଆଣୀ**—ଦେ. ବି. ସ୍ତ୍ରୀ—କନ୍ଧୁଣୀ (ଦେଖ)
Kandhiāṇi Kandhuṇi (See)

**କନ୍ଧୁଆ**—ଗ୍ରା. ବିଣ. (ସଂ. ସ୍କନ୍ଧ)—କାନ୍ଧ ଉପରେ ବସାଇ ବୁହା ହେବା
Kandhua (ଶିଶୁଆଦି)—(children) Carried astride on the shoulders.

ଦେ. ବି.—ଶିଶୁଆଦିଙ୍କୁ କାନ୍ଧରେ ବସାଇବା—
Carrying a child astride on the shoulders.

**କନ୍ଧୁଆ କରିବା**—ଗ୍ରା. କ୍ରି—ଶିଶୁ ଆଦିକୁ କାନ୍ଧରେ ବସାଇ ବହନ କରିବା;
Kandhua karibā କାନ୍ଧେଇ କରି ବୋହିବା; କାନ୍ଧେଇବା—
कांधेकरा To carry a child or young person by
कन्धे पर चढ़ाना making him ride on one's shoulders.

**କନ୍ଧୁଆ ହେବା**—ଗ୍ରା. କ୍ରି.—ଅନ୍ୟ ବ୍ୟକ୍ତିର କାନ୍ଧରେ ଚଢ଼ି ବାହିତ
Kandhua hebā ହେବା—To be carried as tried on
कांधेयाओ another man's shoulders.
कन्धे पर चढ़ना

**କନ୍ଧୁଣୀ**—ଦେ. ବି. ସ୍ତ୍ରୀ.—କନ୍ଧଜାତୀୟା ସ୍ତ୍ରୀ—
Kandhuṇi A Khond-woman.

ତାହାକୁ ଶୁଣି ହସ୍ତ କନ୍ଧୁଣୀକି ଧରି—କୃଷ୍ଣସିଂ. ମହାଭାରତ. ଆଦି।

**କନ୍ୟ**—ସଂ. ବି. (କନ୍ ଧାତୁ=ପ୍ରୀତ ହେବା+କରଣ. ଯ)—
Kanya ୧। କନ୍ୟାରାଶି—1. One of the 12 solar mansions; the sign Virgo.

ସାଧାରଣରେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଭଲ ଜଣାଯାଏ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ଶ୍ରାବଣମାସର ପରବର୍ତ୍ତୀ ସୌରମାନ ମାସ; ଏହା ଚାନ୍ଦ୍ରମାନ ଆଶ୍ୱିନ ମାସ ସଙ୍ଗେ ପ୍ରାୟ ସମାନ—2. The solar month corresponding to lunar Āświna (September–October.)

ବର ଘରସ୍ତେ ନବ କନ୍ୟାରାଶିରେ ବଢ଼ାଇ ଗୋତ୍ର ପ୍ରବର—ଭକ୍ତ. ବୈଦେହୀଶବିଳାସ ।

**କନୀୟକ**—ସଂ. ବିଣ. (କନ ଧାତୁ + ଯ + କ) – କ୍ଷୁଦ୍ରତମ—
Kanyaka — Smallest (M. W.)
(କନୀୟକା— ସ୍ତ୍ରୀ)

**କନୀୟକା**—ସଂ. ବି. ସ୍ତ୍ରୀ. (କନ୍ୟା + ସ୍ୱାର୍ଥେ କ + ଅ)—
Kanyakā ୧ । କନ୍ୟା; ପୁତ୍ରୀ; ଝିଅ—1. Daughter

୨ । କୁମାରୀ; ଅବିବାହିତା ବାଳିକା—
2. Virgin; maiden; unmarried girl.

୩ । ନବବିବାହିତା ବାଳିକା—3. Bride recently, married.

୪ । ବାଳିକା—4. Girl.

୫ । ଦଶବର୍ଷବୟସ୍କା ଅବିବାହିତା କୁମାରୀ—
5. Unmarried girl aged ten years; a girl in her 10th year.

[ଦ୍ର—କନ୍ୟକା ସମ୍ବନ୍ଧେ ସ୍ମୃତିବଚନ—
ଅଷ୍ଟବର୍ଷା ଭବେଦ୍ ଗୌରୀ, ନବବର୍ଷା ତ ରୋହିଣୀ
ଦଶମେ କନ୍ୟକା ପ୍ରୋକ୍ତା ଅତଊର୍ଦ୍ଧ୍ୱଂ ରଜସ୍ୱଳା—ଶବ୍ଦକଳ୍ପଦ୍ରୁମ ।]

୬ । କୁମାରିକାଅନ୍ତରୀପ ଓ ତନ୍ନିକଟବର୍ତ୍ତୀ ଦେଶ—
6. Cape Comorin and the neighbouring country.

କର୍ଣ୍ଣାଟ ମଗଧ ପୁଣ କନ୍ୟକାର ଏଳା—ଶାଳକଣ୍ଠ. ଭ୍ରମରଗୀତା. ୪ର୍ଥ ସର୍ଗ ।

୭ । ଅଲଙ୍କାରଶାସ୍ତ୍ରରେ ନାୟିକାବିଶେଷ—
7. A class of heroines in dramas.

୮ । କନ୍ୟା ରାଶି—
8. One of the solar mansions in Hindu astronomy; the Virgo.

ଦେ. ବି. ( ସଂ. କାନ୍ୟକୁବ୍ଜ) – ଦେଶବିଶେଷ; କନ୍ୟକୁବ୍ଜ—
Name of a country.

କୋଶଳଦେଶରୁ କ୍ଷମ ଥାଇଲୁ ବାହାରି,
କନ୍ୟକା ଦେଶେ ପ୍ରବେଶ ହୋଇଲେକ ଯାଇଁ । ସାରଳା ମହାଭାରତ ।

**କନ୍ୟକାଚ୍ଛଲ**—ସଂ. ବି. (କନ୍ୟକା+ଛଲ ଧାତୁ + ଭାବ. ଅ)—
Kanyakāchhala ଅବିବାହିତା ବାଳିକାକୁ ଫୁସୁଲାଇ କରି ଘରୁ ବାହାର କରି ନେବା—Seduction; beguiling of a maiden from her home (M. W.)

**କନ୍ୟକାଜାତ**—ସଂ. ବିଣ. ପୁଂ. (୫ମୀ ତତ୍; କନ୍ୟକା + ଜାତ)—
Kanyakājāta ୧ । ଅବିବାହିତା କନ୍ୟାର ଗର୍ଭସମ୍ଭୂତ (ସନ୍ତାନ);
(କନ୍ୟକାଜାତା— ସ୍ତ୍ରୀ) କାନୀନ—1. (a son) Born of an unmarried girl; born of a girl before her marriage.

[ଦ୍ର—ବ୍ୟାସ ଓ କର୍ଣ୍ଣ ପ୍ରଭୃତି କନ୍ୟକାଜାତ ସନ୍ତାନ ଥିଲେ ।]

୨ । କୁମାରିକାଅନ୍ତରୀପ ନିକଟବର୍ତ୍ତୀ ଦେଶରେ ଉତ୍ପନ୍ନ—
1. Produced or made in the country near Cape Comorin.

**କନ୍ୟକାସ୍ତମ୍ଭ**—ସଂ. ବି. (ଶିଳ୍ପକଳାରେ ବ୍ୟବହୃତ ଶବ୍ଦ)—
Kanyakāstambha ଦେଉଳ, ମଣ୍ଡପ ପ୍ରଭୃତିରେ ଖମ୍ବ, ସ୍ତ୍ରୀ ମୂର୍ତ୍ତିପରି ନିର୍ମିତ କାଠ ବା ପଥରର ଖମ୍ବ ( ଏହା ଦେଉଳ ଓ ମଣ୍ଡପରେ ଲାଗିଥାଏ)—
A pillar sculptured in the shape of a woman and used in temples.

**କନ୍ୟକୁବ୍ଜ**—ସଂ.ବି. (ନାମ)—(କନ୍ୟା + କୁବ୍ଜ; ଏଠାର ରାଜା କୁଶନାଭଙ୍କ
Kanyakubja ଶତକନ୍ୟାଙ୍କୁ ବାୟୁଦେବ ସହବାସ କରିବାକୁ ଇଚ୍ଛା କରନ୍ତେ ସେମାନେ ଏ ପ୍ରସ୍ତାବରେ ସ୍ୱୀକୃତ ନ ହେବାରୁ ବାୟୁଙ୍କ ଅଭିଶାପରେ ଶତକନ୍ୟା କୁବ୍ଜା ହୋଇ ଯାଇଥିବାରୁ ଏହି ନାମ – ରାମାୟଣ ଆଦିକାଣ୍ଡ ୩୨)—ଗଙ୍ଗାନଦୀର ଉପନଦୀ କାଲୀ ନଦୀ କୂଳରେ ଅବସ୍ଥିତ ଉତ୍ତରପଶ୍ଚିମଭାରତର ପ୍ରାଚୀନ ନଗରୀ (ଆଧୁନିକ ଫରକ୍କାବାଦ ଜିଲ୍ଲା)—
Name of an ancient city of great note in N. W. India (the modern district of Farrukhabad) (M. W.)

**କନ୍ୟର**—ଗ୍ରା. ବି. (ସଂ. କର୍ଣ୍ଣିକାର)—କନିଅର (ଦେଖ)
Kanyara — Kaniara (See)

**କନ୍ୟସଂକ୍ରାନ୍ତି**—ସଂ. ବି.—କନ୍ୟାମାସର ପ୍ରଥମ ଦିନ—
Kanyasamkrānti — The first day of the solar month of Kanya.

**କନ୍ୟା**—ସଂ. ବି. ସ୍ତ୍ରୀ—(କନ୍ ଧାତୁ = ଅଭିଳାଷ କରିବା + କର୍ମ. ଯ + ସ୍ତ୍ରୀ.
Kanyā ଆ; ଯାହାକୁ ବିବାହାର୍ଥ ଅଭିଳାଷ କରାଯାଏ; କମ୍ୟା କମ୍ ଧାତୁ = ବାଞ୍ଛିବା + କର୍ତ୍ତୃ. ଯ + ଅ; ଯେ ବର ବାଞ୍ଛେ)—
୧ । ତନୟା, ଆତ୍ମଜା; ଝିଅ; ଦୁହିତା—1. Daughter.

ଏମନ୍ତେ ତାର ପାଖ ସୁତ ଦେଖି କନ୍ୟାର ମଧ୍ୟେ ଜାତ । ଜଗନ୍ନାଥ. ଭାଗବତ ।

୨ । ଦଶବର୍ଷବୟସ୍କା ଅବିବାହିତା ବାଳିକା—
2. A maiden in her 10th. year.

୩ । ଅବିବାହିତା ବାଳିକା—3. Virgin; maiden.

୪ । ନବବିବାହିତା ବାଳିକା—4. Bride.

୫ । ବିବାହାର୍ଥ ମନୋନୀତା କନ୍ୟା—5. Bride-elect.

୬ । (ବୈଦ୍ୟକ) ଘୃତକୁମାରୀ; ଗିଲୁଅଁରି ଗଛ—
6. Aloe Indica.

୭ । (ବୈଦ୍ୟକ)– ବନ୍ଧ୍ୟା କର୍କୋଟକୀ; ଅସାଢ଼ୁଆ—
7. Memordica Disicicamele.

| ୧ | ଇ | ଉ | ଋ,ଊ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଯ୍ୟ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଊ | ନ୍ନ |

୮ । ଦୁଇ ଚରଣ ଓ ପ୍ରତି ଚରଣ ଚାରି ଅକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—
8. A Sanskrit metre having two feet of four letters each.

୯ । କନ୍ୟାରାଶି; ଜ୍ୟୋତିଷଶାସ୍ତ୍ରୋକ୍ତ ଷଷ୍ଠ ରାଶି—
9. The sixth solar mansion of Hindu astronomy; the sign of Virgo.

ଦେ. ବି.—କନିଆଁ (ଦେଖ)
Kaniā̃ (See)

**କନ୍ୟାଉଜ**—ଦେ. ବି. (ସଂ. କନ୍ୟକୁବ୍ଜ)—କନ୍ୟକୁବ୍ଜ (ଦେଖ)
Kanyāuja Kanyakubja (See)

କନ୍ୟାଉଜ କନ୍ୟା ଉଜ ଭୂଷା କରଇ । ଉତ୍କ. ପ୍ରେମସୁଧାନିଧି ।

**କନ୍ୟା କରିବା**—ଦେ. କ୍ରି.—କୌଣସି ବିବାହଯୋଗ୍ୟ ବରପାତ୍ର
Kanyā kariba ନିମନ୍ତେ କନ୍ୟା ନିର୍ବାଚନ କରିବା—
ପାତ୍ରୀ ସ୍ଥିରକରା To select or propose a bride for a marriageable male.

**କନ୍ୟାକର୍ତ୍ତ୍ରୀ**—ସଂ. ବି. (୬ଷ୍ଠୀ ତତ୍; କନ୍ୟା+କର୍ତ୍ତ୍ରୀ)—୧ । ବିବାହରେ
Kanyākarttā କନ୍ୟା ପକ୍ଷର ଅଭିଭାବକ; ଯେ କନ୍ୟାକୁ ବର ହାତରେ ସମ୍ପ୍ରଦାନ କରନ୍ତି—The guardian of a bride who gives away the girl in marriage.

**କନ୍ୟାକାଳ**—ସଂ. ବି. (ଷଷ୍ଠୀ ତତ୍; କନ୍ୟା+କାଳ)—ବାଳିକାର
Kanyākāla ଅବିବାହିତ ରହିଥିବାର ସମୟ—1. The time or period of virginity.

୨ । ଅବିବାହିତା କନ୍ୟାର ଦଶମ ବର୍ଷ—
2. The tenth year of the age of a virgin.

**କନ୍ୟାକୁବ୍ଜ**—ସଂ. ବି. (ନାମ)—କନ୍ୟକୁବ୍ଜ (ଦେଖ)
Kanyākubja Kanyakubja (See)

**କନ୍ୟାକୁମାରୀ**—ସଂ. ବି.—୧ । କୁମାରିକାଅନ୍ତରୀପ—
Kanyākumāri 1. Cape Comorin.

୨ । କୁମାରିକାଅନ୍ତରୀପରେ ପୂଜିତ ଦେବୀବିଶେଷ—
2. A Goddess worshipped in the Cape of Comorin.

**କନ୍ୟାଗତ**—ସଂ. ବିଣ. (୭ମୀ ତତ୍; କନ୍ୟା+ଗତ)—୧ । କନ୍ୟାଠାରେ
Kanyāgata ଦୃଷ୍ଟ ବା ଜାତ; କନ୍ୟାର ଅଧିକୃତ—
1. Inherent in or belonging to a virgin or maiden.

୨ । କନ୍ୟାରାଶିରେ ଅବସ୍ଥିତ (ଗ୍ରହ)—
2. (a planet) While in the sign of Virgo.

**କନ୍ୟାଗ୍ରହଣ**—ସଂ. ବି. (୬ଷ୍ଠୀ ତତ୍; କନ୍ୟା+ଗ୍ରହଣ)—
Kanyāgrahaṇa କନ୍ୟାକୁ ବିବାହ କରିବା—
Taking a girl to wife.

**କନ୍ୟାଟ**—ସଂ. ବି. (କନ୍ୟା+ଅଟ୍ ଧାତୁ = ଗମନକରିବା+ଭାବ. ଅ)—
Kanyāṭa ୧ । କନାଟିବାଡ଼ (ଦେଖ)
1. Kanāṭibāṛda (See)

କରିଥର ମୂଳେ ଥିଲା କନ୍ୟାଟ, ସେ ଜଗତୀ ଫୁଲ୍ଲଆବ କୁଞ୍ଜ ନାଟ ।
ବଇଦେହୀଶ- ବିଳାସ ।

୨ । ନାରୀମାନଙ୍କର ବାସଭବନ; ଅନ୍ତଃପୁର—
2. Female apartments.

ସଂ.ବିଣ.ପୁଂ.—ଯେଉଁ ବ୍ୟକ୍ତି କନ୍ୟାମାନଙ୍କ ପଛରେ ଗୋଡ଼ାଏ—
Following after young girls (M. W.)

**କନ୍ୟାଦାତା**—ସଂ. ବି. ପୁଂ. (କନ୍ୟା+ଦାତୃ; ୧ମା. ୧ବ.—ଯେ
Kanyādātā କନ୍ୟାକୁ ବରହାତରେ ସମର୍ପଣ କରନ୍ତି)
(ସ୍ୱାମଶଙ୍କର. ମନୁ ୬।୨୭)

୧ । କନ୍ୟାର ପିତା—1. Father of a girl.

୨ । କନ୍ୟାକର୍ତ୍ତ୍ରୀ (ଦେଖ)
2. Kanyākarttā (See)

**କନ୍ୟାଦାନ**—ସଂ. ବି. (୬ଷ୍ଠୀ ତତ୍; କନ୍ୟା+ଦାନ)—
Kanyādāna ୧ । ବିବାହବେଳରେ କନ୍ୟାକର୍ତ୍ତାଙ୍କର କନ୍ୟାକୁ ବର ହାତରେ ସମର୍ପଣକରଣରୂପ କର୍ମ—(ସ୍ୱାମଶଙ୍କର-ମନୁ ୩।୩୫)—
1. Giving a girl away in marriage.

୨ । (କନ୍ୟା+ଆଦାନ)—କନ୍ୟାଦାତାଙ୍କଠାରୁ ବିବାହ ପାଇଁ କନ୍ୟାର ଗ୍ରହଣ—Receiving a girl in marriage (M. W).

**କନ୍ୟାଦାୟ**—ସଂ. ବି. (ମ. ପ. ଲୋ; କନ୍ୟା+ଦାୟ) କନ୍ୟା ଅଭିଭାବକ
Kanyādāya ହୋଇ ଘରେ ରହିବାଯୋଗୁଁ ପିତାମାତାଙ୍କର କଷ୍ଟ
କଣ୍ଯାଦାୟ ବା ସଙ୍କଟ—The difficulty or burden of having a marriageable daughter still unmarried.

**କନ୍ୟାଦୂଷକ**—ସଂ. ବି. ପୁଂ. (୬ଷ୍ଠୀ ତତ୍; କନ୍ୟା+ଦୂଷକ)—୧ । ଯେଉଁ
Kanyādūshaka ପୁରୁଷ ଅବିବାହିତା ବାଳିକାକୁ ରମଣ କରେ—
1. Violator of a virgin.

୨ । ଯେ କୁମାରୀର ଅପବାଦ ରଟାଏ—2. The calumniator of a virgin (M. W.)

**କନ୍ୟାଦୂଷଣ**—ସଂ. ବି. (୬ଷ୍ଠୀ ତତ୍; କନ୍ୟା+ଦୂଷଣ)—
Kanyādūshaṇa ୧ । ଅବିବାହିତା କନ୍ୟାକୁ ବଳାତ୍କାର ରମଣ—
1. Violation of a maiden; defilement of a virgin.

୨ । କୁମାରୀର ଅପବାଦ ରଟନା କରିବା—Calumniation of a maiden.

**କନ୍ୟାଦେଖା**—ଦେ. ବି.—କୌଣସି ବିବାହଯୋଗ୍ୟ ପାତ୍ର ପାଇଁ କନ୍ୟା
Kanyādekhā ଅନ୍ୱେଷଣ କରିବା—Looking for a bride for a man.
କନ୍ୟେଦେଖା

ତାଙ୍କୁ ସାଇ କନ୍ୟା ଦେଖା ବାଇଲେ ଏକା ଦୂର କଥା କହିଲା ନାୟକ—ରମ ।

> ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠି ଯଥାକ୍ରମେ ଚିହ୍ନିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କନ୍ୟାଧନ**—ସଂ. ବି. (୬ଷ୍ଠୀ ତତ୍; କନ୍ୟା + ଧନ)—କନ୍ୟାର ସମ୍ପତ୍ତି;—
**Kanyādhana** A girl's property, portion or dowry (M. W).
[ଦ୍ର—କନ୍ୟା ଅବିବାହିତା ହୋଇ ମୃତା ହେଲେ ତା ଧନ ତା ଭାଇ ପାଇବ — ହିନ୍ଦୁ ସ୍ମୃତି]

**କନ୍ୟାପକ୍ଷ**—ସଂ. ବି. (୬ଷ୍ଠୀ ତତ୍; କନ୍ୟା + ପକ୍ଷ) ବିବାହଉତ୍ସବରେ ଯୋଗ ଦେଇଥିବା କନ୍ୟାପକ୍ଷର ବାନ୍ଧବଗଣ —
**Kanyāpaksha** The relatives of the bride who attend a marriage ceremony.

**କନ୍ୟା ପଡ଼ିବା**—ଦେ.ବି.—କୌଣସି ବିବାହଯୋଗ୍ୟ ପାତ୍ରର ବିବାହପାଇଁ କନ୍ୟା ସ୍ଥିର କରିବାର ପ୍ରସ୍ତାବ ପଡ଼ିବା—
**Kanyā pardibā**
বিবাহের কথা পড়া The mooting of a proposal for the selection of a bride-elect.

**କନ୍ୟାପାତ୍ର**—ଦେ. ବି. ସ୍ତ୍ରୀ.—ବିବାହାର୍ଥ ପ୍ରସ୍ତାବିତ ବା ସ୍ଥିରୀକୃତ କନ୍ୟା—
**Kanyāpātra** Bride-elect.
কন্যা
**दुलहीन**

**କନ୍ୟାପାତ୍ରୀ**—ଦେ. ବି. ସ୍ତ୍ରୀ (ସଂ.କନ୍ୟା + ପାତ୍ର)— କନ୍ୟାପାତ୍ର (ଦେଖ)—
**Kanyāpātri** Kanyāpātra (See)

**କନ୍ୟାପ୍ରଦାନ** — ସଂ. ବି.— କନ୍ୟାଦାନ ୧ । (ଦେଖ)
**Kanyāpradāna** Kanyādāna 1. (See)

**କନ୍ୟାବୋଉ**— ଦେ. ବି. ସ୍ତ୍ରୀ—ବିମାତା; କନ୍ୟାମା; କନିଅାଁ ମା—
**Kanyābou** Step-mother.
কনেবউ
**सौतेली माँ**

**କନ୍ୟାବୋଝ**— ଦେ. ବି—କନ୍ୟାଦାୟ ( ଦେଖ )
**Kanyābojha** Kanyādāya ( See )

**କନ୍ୟାବ୍ରତସ୍ଥା**—ସଂ. ବି. ସ୍ତ୍ରୀ. ( କନ୍ୟା + ବ୍ରତ + ସ୍ଥା ଧାତୁ + କର୍ତ୍ତୃ. ଅ + ଆ )—ଋତୁମତୀ ସ୍ତ୍ରୀ—
**Kanyābratasthā** A woman in her monthly state ( M. W. )

**କନ୍ୟା ଭାରିଯା**— ଦେ. ବି. ସ୍ତ୍ରୀ— କନିଅାଁ ଭାରିଯା ( ଦେଖ )
**Kanyā bhārijā** Kaniāṅ bhārijā ( See )

**କନ୍ୟା ମାଆ**—ଦେ. ବି. ସ୍ତ୍ରୀ— କନିଅାଁ ମା ( ଦେଖ )
**Kanyā māā** • Kaniāṅ mā ( See )

**କନ୍ୟାର**— ଗ୍ରା. ବି — କନିଅର ( ଦେଖ )
**Kanyāra** Kaniara ( See )

**କନ୍ୟା ଲାଗିବା**—ଦେ. ବି — କନ୍ୟା ପଡ଼ିବା ( ଦେଖ )
**Kanyā lāgibā** Kanyā pardibā ( See )

**କନ୍ୟା ଶାଶୁ**—ଦେ. ବି ସ୍ତ୍ରୀ— ନିଜର ସ୍ୱାମୀ ବା ସ୍ତ୍ରୀଙ୍କ ବିମାତା—
**Kanyā śāśu** Step mother-in-law.
সৎশাশুড়ী
**सौतेलीसास**

**କନ୍ୟାଶୁଳ୍କ** — ସଂ. ବି. (ମ. ପ. ଲୋ; କନ୍ୟା + ଶୁଳ୍କ)—କନ୍ୟାପିତା ବରଠାରୁ କନ୍ୟାର ମୂଲ୍ୟସ୍ୱରୂପ ଗ୍ରହଣ କରିବା ଧନ—
**Kanyāśulka** The purchase-money taken by the bride's father from the bridegroom for giving him a daughter in marriage.

**କନ୍ୟାସନ୍ଧିକାଳ**—ସଂ. ବି—ବାଳିକାର ବୟଃପ୍ରାପ୍ତିର ଠିକ୍ ପୂର୍ବକାଳ—
**Kanyāsandhikāḷa** The time of a girl just before she attains puberty.
କନ୍ୟାସନ୍ଧିକାଳେ ହରେ କୃଷ୍ଣ ଅପନରେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କନ୍ୟାସମ୍ପ୍ରଦାନ**— ସଂ. ବି. ( ୬ଷ୍ଠୀ ତତ୍; କନ୍ୟା + ସମ୍ପ୍ରଦାନ )—
**Kanyāsampradāna** ବିବାହବେଦୀରେ କନ୍ୟାକର୍ତ୍ତା କନ୍ୟାକୁ ବର ହାତରେ ସମର୍ପଣକରଣରୂପ କର୍ମ—
Giving a girl away in marriage.

**କନ୍ୟାସମର୍ପଣ**—ସଂ. ବି—କନ୍ୟାସମ୍ପ୍ରଦାନ ( ଦେଖ )
**Kanyāsamarpaṇa** Kanyāsampradāna ( See )

**କନ୍ୟାସୁନା**—ଦେ. ବି—୧ । ( ରୂପକ ) ବରକୁ ସଂକଳ୍ପପୂର୍ବକ ଦିଆଯିବା କନ୍ୟା; କନ୍ୟାରତ୍ନ—1. A bride (compared to gold).
**Kanyāsunā**
কন্যারত্ন
୨ । ( ୪ର୍ଥୀ ତତ୍ ) କନ୍ୟାଶୁଳ୍କ ( ଦେଖ )
2. Kanyāśulka ( See )

**କନ୍ୟାସ୍ତମ୍ଭ**—ସଂ. ବି—କନ୍ୟକାସ୍ତମ୍ଭ ( ଦେଖ )
**Kanyāstambha** Kanyakāstambha ( See )
କଦମ୍ବ ତଳରେ ଯାଇଁ ହେଲେ ଭଙ୍ଗ
କନ୍ୟାସ୍ତମ୍ଭ ପ୍ରାୟେ ସମସ୍ତେ ହରିଣ ଜଂଘ କନକକାନ୍ତି ପ୍ରଭା ।
ଦୀନକୃଷ୍ଣ. ରସକଲ୍ଲୋଳ ।

**କହ୍ନାଇଁ**—ଦେ. ବି. ( ସଂ. କୃଷ୍ଣ; ପ୍ରା. କାହ୍ନ )—କହ୍ନାଇ; ଶ୍ରୀକୃଷ୍ଣ—
**Kanhāiṅ** Śrikṛushṇa.
কানাই ଏ ବାର ଭେଟାଅ କହ୍ନାଇ । ଭୂପତି. ପ୍ରେମପଞ୍ଚାମୃତ ।

**କପ୍**—ବୈଦେ. ବି. (ଇଂ) — ୧ । ପିଆଲା; ଗିନା—1. Cup.
**Kap** ୨ । କ୍ରିକେଟ ଓ ଫୁଟବଲ ମ୍ୟାଚ୍‌ରେ ଜିତିବା ଦଳକୁ ସମ୍ମାନାର୍ଥ ଉପହାର ଦିଆଯିବା ପାତ୍ର—
কপ্; পেয়ালা
**कप; प्याला** 2. Cup presented to a winning team.

**କପ୍ କପ୍**— ଦେ. ଅ—୧ । ବଥ ଓ ଘାଆ ପ୍ରଭୃତି ବଥାଇବା—
**Kap kap** 1. Aching or pangs of a boil or sore.
টনটন ୨ । ଶରୀର ବିନ୍ଧା ବା ବ୍ୟଥା ହେବା —
**टीसना** 2. Aching of the body.
୩ । ଦୃଢ଼ ବନ୍ଧନାଦି ଜନିତ ପୀଡ଼ା—
3. Aching or throbbing due to tight binding.

**କପ୍‌ଟା** — ପ୍ରାଦେ. ( ସମ୍ବଲପୁର ) ବି. (ସଂ. କର୍ପଟ = ଛିଣ୍ଡା କନା )—
**Kaptā** କପଟା; ସ୍ତ୍ରୀମାନେ ପିନ୍ଧିବା ଛୋଟ ଲୁଗା ବା ଖଣ୍ଡ—
A small cloth worn by women.

**କପ୍‌ଟି**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କର୍ପଟ = ଛିଣ୍ଡା କନା; ତୁଳ. ତା. କପ୍ପଟ = ଛୋଟ ଲୁଗା )— ଛୋଟ କପ୍‌ଟା ବା ଲୁଗା—
**Kapṭi** Small cloth.

| ୧ | ଇ | ଉ | ର୍‌,ର୍‌ | ୪ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଚ | ନ୍ଥ |

**କପ୍ତାନ୍**— ବୈଦେ. ବ. ( ଇଂ. କାପ୍ଟେନ୍ )—
Kaptān ୧ । ଜାହାଜର ଚାଳକ—
काप्तान् 1. Captain of a ship.
**कपतान** ୨ । ସୈନ୍ୟଦଳର ଅଧିନାୟକ—
2. Captain of an army.

**କପ୍ଟୁଲ**—ପ୍ରାଦେ. (ମେଦନୀପୁର) ବ— କବ୍ତି ( ଦେଖ )
Kaptul Kabti ( See )

**କପ୍ନି**—ଗ୍ରା. ବ. ( ସଂ. ( କୌପୀନ )—କୌପୁନି ( ଦେଖ )
Kapni Kaupuni ( See )

**କପ୍‌ସେଇ ଯିବା**— ପ୍ରାଦେ. ( ସମ୍ବଲପୁର ) କ୍ରି —
Kapsei jibā ମାଡ଼ ଖାଇ କାବୁ ହୋଇଯିବା—
To shrink in fear after a beating.

**କପକନା**— ଦେ. ବ— କ୍ଷେତକୁ ପାଣି ବୁହାଇବା ନିମନ୍ତେ ଟେଣ୍ଡାର ବା
Kapakanā ଯନ୍ତାର ଅଲସିକୁ ଯେଉଁ ଦୋକନା ଖୁଣ୍ଟ ଉପରେ
ରହେ— The forked pillar or pillars supporting the hollowed cocoanut trunk which conveys water baled for irrigating fields.

**କପଟ** – ସଂ. ବ. (କ=ବ୍ରହ୍ମା+ପଟ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ.
Kapaṭa ଅ)—୧ । ଛଦ୍ମ—1. Disguise.
୨ । ଛଳ—2. Pretence.
୩ । ଶଠତା—3. Deception.
୪ । ବଞ୍ଚନା —4. Fraud.
୫ । ମାୟା—5. Illusion.
୬ । ଅନ୍ତର୍ଗତଭାବର ଗୋପନ—6. Hypocricy.
ସଂ. ବିଣ—୧ । ମାୟାବୀ —1. Crafty; illusive.
୨ । ଶଠ; ବଞ୍ଚନାକାରୀ —2. Fraudulent.
ଦେ. ବ— ଦନୁଦେବୀଙ୍କ ପୁତ୍ରର ନାମ (ହରିବଂଶ ପୁରାଣ)—
The name of the son of Danu.

**କପଟ କରିବା**— ଦେ. କ୍ରି— ଶଠତା ଆଚରଣ କରିବା —
Kapaṭa karibā To feign; to practise hypocricy or
कपटकरा deceit; to pretend.
**कपटकरना**

**କପଟତପସ୍ୱୀ**— ସଂ. ବ. ପୁଂ—ଭଣ୍ଡତପସ୍ୱୀ; ବକବୃତ୍ତିବେଶମ; ଛଳତପସ୍ୱୀ;
Kapaṭatapaswī ଯେ ତପସ୍ୱୀ ବୋଲି ଦେଖାଇ ହୁଏ—
(କପଟତପସ୍ୱିନୀ—ସ୍ତ୍ରୀ) A pretended ascetic;
a religious imposter.

**କପଟତା**— ସଂ. ବ. ( କପଟ+ଭାବ. ତା )—
Kapaṭatā ୧ । କାପଟ୍ୟ —1. Deceitfulness.
୨ । ଛଳ—2. Pretence.
୩ । ଶଠତା—3. Deception; rougery.

**କପଟପଶା** – ଦେ. ବି— କପଟପାଶା ( ଦେଖ )
Kapaṭapaśā Kapaṭapāśā ( See )

**କପଟପାଶା**—ଦେ. ବି— ୧ । ଯୁଧିଷ୍ଠିରଙ୍କ ସଙ୍ଗେ ଦୁର୍ଯ୍ୟୋଧନ ଖେଳିଥିବା
Kapaṭapāśā ଛଳ ଦ୍ୟୂତକ୍ରୀଡ଼ା—1. The unfair
कपटपाशा game of dice which Durjyodhana
**कपटपाँसा** played with guileless Judhishṭhira and which led to the Mahābhārata great war.

କପଟପଶାର ଅତ ଦେବ ପ୍ରତିଫଳ । ଲୋକନାଥ ।

୨ । ଭୀମାଧୀବର ରଚିତ କୁରୁପାଣ୍ଡବଙ୍କର ଛଳ ଦ୍ୟୂତକ୍ରୀଡ଼ା
ବର୍ଣ୍ଣନାଯୁକ୍ତ ଓଡ଼ିଆ ପଦ୍ୟଗ୍ରନ୍ଥ—
2. Name of an Orḍia poem composed by Bhīmādhībara.

**କପଟବେଶ**— ସଂ. ବି—ନିଜର ପ୍ରକୃତ ରୂପକୁ ଗୋପନ କରି ଛଳରୂପ
Kapaṭabeśa ଧାରଣ; ଛଦ୍ମବେଶ—A disguise; a
(କପଟବେଶା - ସ୍ତ୍ରୀ) mask; false dress.
ସଂ. ବିଣ. ପୁ.— କପଟବେଶୀ ( ଦେଖ )
Kapaṭabeśī ( See )

**କପଟବେଶଧାରୀ** – ସଂ. ବଣ. ପୁଂ—କପଟବେଶୀ ( ଦେଖ )
Kapaṭabeśadhārī Kapaṭabeśī ( See )
( କପଟବେଶଧାରିଣୀ – ସ୍ତ୍ରୀ )

**କପଟବେଶୀ**— ସଂ. ବଣ. ପୁଂ. ( କପଟବେଶ+ଅସ୍ତି ଅର୍ଥରେ ଇନ୍;
Kapaṭabeśī ୧ମା. ୧ବ.)—
( କପଟବେଶିନୀ—ସ୍ତ୍ରୀ ) ୧ । ଛଦ୍ମବେଶୀ—1. In disguise; incognito.
୨ । ବହୁରୂପୀ — 2. Masked.

**କପଟଲେଖ୍ୟ**—ସଂ. ବ. ( ମ. ପ. ଲୋ; କପଟି+ଲେଖ୍ୟ ) - ଯେଉ
Kapaṭalekhya ଦଲିଲରେ ଲେଖକ ଅନ୍ୟର ଲେଖାକୁ ଅନୁକରଣ
କରି ଲେଖିଥାଏ; ଜାଲ୍ ଦଲିଲ—A forged document; a document with feigned handwriting.

**କପଟସନ୍ନ୍ୟାସୀ**— ଦେ. ବ. ପୁଂ—କପଟତପସ୍ୱୀ ( ଦେଖ )
Kapaṭasannyāsī Kapaṭatapaswī ( See )
( କପଟସନ୍ନ୍ୟାସିନୀ—ସ୍ତ୍ରୀ )

**କପଟିଆ** – ଦେ. ବଣ. ( ସଂ. କପଟୀ )—୧ । କପଟୀ ( ବ୍ୟକ୍ତି )—
Kapaṭiā 1. Deceitful.
कपटी ୨ । କପଟତାଯୁକ୍ତ ( କାର୍ଯ୍ୟ ବା କଥା )—
**कपटो** 2. Crafty.

**କପଟିବା**— ଦେ. କ୍ରି. ( ପଦ୍ୟ ) ( ସଂ. କପଟୀ )— ଛଳ କରିବା —
Kapaṭibā To deceive.

ଜମ୍ବୁ ବଣିକ କପଟଲ ମୁଗର; ଶୂର୍ପ କି ବଣିମ ସୁତ୍ର ସୁତ୍ରଧାସ ।
ପ୍ର.ଚା. ଉପବାଡ଼ର ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କପଟୀ**—ସଂ. ବିଣ. ପୁଂ. ( କପଟ=ଶଠତା+ଅଛି ଅର୍ଥରେ ଇନ୍; ୧ମା. ୧ବ. )—
Kapaṭi
୧ । ଶଠ—1. Fraudulent; cheat; deceitful.
୨ । ଧୂର୍ତ୍ତ—2. Insidious; roguish.
୩ । ଅନ୍ତର୍ଭାବ ଗୋପନକାରୀ—3. Hypocritical.

**କପଡ଼୍ଛାଣ୍**—ପ୍ରାଦେ. ( ସମ୍ବଲପୁର ) ବି ଓ ବିଣ—କପଡ଼ାଛଣା (ଦେଖ)
Kapar̤dchhāṇ Kapar̤dāchhaṇā ( See )

**କପଡ଼ା**—ଦେ. ବି. (ସଂ. କର୍ପଟ; କାର୍ପାସପଟ; ପା. କପ୍ପଟ)—ଲୁଗା; ବସ୍ତ୍ର—
Kapar̤dā Cloth.
କାପଡ଼ ଶିରରେ କପଡ଼ା ଖଣ୍ଡେ ବାନ୍ଧି ନୃପବର—ମହାଦେବ. ମାର୍କଣ୍ଡେୟପୁରାଣ ।
कपड़ा

**କପଡ଼ାଛଣା**—ଦେ. ବି—କନାରେ ଛଣା ହୋଇଥିବା ଗୁଣ୍ଡ ପଦାର୍ଥ—
Kapar̤dāchhaṇā Any powder strained through
কাপড়েছঁাকা a piece of cloth.
कपड़छन; ଦେ. ବିଣ—କନାରେ ଛଣା ହୋଇଥିବା—
कपड़छान Strained through a piece of cloth.

**କପଡ଼ାଛତା**—ଦେ. ବି—ବସ୍ତ୍ର ନିର୍ମିତ ଛତା; କନାଛତା—
Kapar̤dāchhatā Umbrella covered with cloth.
কাপড়েরছাতা

**କପଡ଼ାଛାଅଣ୍**—ଦେ. ବି. ଓ ବିଣ—କପଡ଼ାଛଣା ( ଦେଖ )
Kapar̤dāchhāāṇ Kapar̤dāchhaṇā ( See )

**କପଡ଼ାଛାଅଣ**—ଗ୍ରା. ବି. ଓ ବିଣ—କପଡ଼ାଛଣା ( ଦେଖ )
Kapar̤dāchhāāṇa Kapar̤dāchhaṇā ( See )

**କପଡ଼ାଛାଅଣି**—ଗ୍ରା. ବି. ଓ ବିଣ—କପଡ଼ାଛଣା ( ଦେଖ )
Kapar̤dāchhāāṇi Kapar̤dāchhaṇā ( See )

**କପଡ଼ାଛାଣି**—ଦେ. ବି. ଓ ବିଣ—କପଡ଼ାଛଣା ( ଦେଖ )
Kapar̤dāchhāṇi Kapar̤dāchhaṇā ( See )

**କପଡ଼ାଛୁଅଣି**—ଗ୍ରା. ବି. ଓ ବିଣ—କପଡ଼ାଛଣା ( ଦେଖ )
Kapar̤dāchhuāṇi Kapar̤dāchhaṇā ( See )

**କପଡ଼ାଲତା**—ପ୍ରାଦେ. ( ସମ୍ବଲପୁର ) ବି. ( ସହଚର ଶବ୍ଦ )—
Kapar̤dālatā ଲୁଗାପଟା—Clothes.

**କପତା**—ଦେ. ବି. ( ସଂ. କପୋତ )—କପୋତ—
Kapatā A dove.
ঘুঘু
पँडुकी; कुमरी

**କପର୍ଦ୍ଦ**—ସଂ. ବି. ( କ=ଗଙ୍ଗା; ଜଳ; ମୁଖ+ପୃ ଧାତୁ=ପାଳନ କରିବା
Kapardda +କର୍ତ୍ତୃ. ଦ )—୧ । ଶିବଜଟା—
1. The matted hair-locks of the God Ṡiba.
୨ । କଉଡ଼ି—2. A Kaur̤di or small shell used in currency.

**କପର୍ଦ୍ଦକ**—ସଂ. ବି. ( କପର୍ଦ୍ଦ+ସ୍ୱାର୍ଥେ. କ )—କପର୍ଦ୍ଦ ( ଦେଖ )
Kaparddaka Kapardda ( See )

**କପର୍ଦ୍ଦକଶୂନ୍ୟ**—ସଂ. ବିଣ. ( ୩ୟା ତତ୍; କପର୍ଦ୍ଦକ+ଶୂନ୍ୟ )—ନିଃସ୍ୱ;
Kaparddakaṡūnya ଅତି ଗରିବ—Penniless; very poor.

**କପର୍ଦ୍ଦିଯାନ**—ସଂ. ବି. ( ୬ଷ୍ଠୀ ତତ; କପର୍ଦ୍ଦିନ୍+ଯାନ )—ବୃଷଭ—
Kaparddijāna Bull.
କପର୍ଦ୍ଦିଯାନମାନ ହେଲେ ମତ୍ତ—ଶୀଳକୃଷ୍ଣ. ରସକଲ୍ଲୋଳ ।

**କପର୍ଦ୍ଦୀ**—ସଂ. ବି. ପୁଂ. ( କପର୍ଦ୍ଦ=ଶିବଜଟା+ଅଛି ଅର୍ଥରେ ଇନ୍; ୧ମା.
Kaparddi ୧ବ. )—
(କପର୍ଦ୍ଦିନୀ—ସ୍ତ୍ରୀ) ମହାଦେବ—God Ṡiba.
ସଂ. ବିଣ. ପୁଂ—ଜଟାଯୁକ୍ତ; ଯାହାର ଜଟା ଅଛି—
Having matted hair.

**କପଲାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ପାଗୁଲାଇବା—
Kapaḻāibā To ruminate; to chew the cud.

**କପଲାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—କପଲାଇବା ( ଦେଖ )
Kapalāibā Kapaḻāibā ( See )

**କପା**—ଦେ. ବି. ( ସଂ. କାର୍ପାସ )—୧ । ତୂଳା—1. Cotton.
Kapā ୨ । ତୂଳା ଉତ୍ପାଦକ ଗଛ—2. Cotton tree.
ସଂ. ନାମ—କାର୍ପାସ; କାର୍ପାସୀ; ସୂତ୍ରପୁଷ୍ପା; ପଟଦ
কাপাস
कपास; कापास; रूई; बिनौला
ମ. କାପୁସ୍
ତା. ପରୁତ୍ତି
ତେ. ପ୍ରତ୍ତି; ପାଇଡ଼ିପ୍ରତ୍ତି
[ଦ୍ର—ଏହା କୃଷିଜାତ ଗୁଳ୍ମ ଓ ତହିଁର ଫଳକୋଷ ମଧ୍ୟସ୍ଥ ସୂକ୍ଷ୍ମ ତନ୍ତୁମୟ ବସ୍ତୁ । ଏହା ଅନେକ ପ୍ରକାର; ଏଥିର ଗଛ ବଡ଼ ଓ ସାନ ହୁଏ । ଏହାର ଫଳକୋଷ ବା ବକଡ଼ା ଫାଟି ଗଲେ ତହିଁ ମଧ୍ୟରୁ ଫୁଲୁକା ଫୁଲୁକା ସୂକ୍ଷ୍ମତନ୍ତୁଯୁକ୍ତ ଧଳା ପଦାର୍ଥ ବାହାରେ । ଏହାକୁ କପା କହନ୍ତି ଓ ତହିଁ ମଧ୍ୟରେ କଳା ମଞ୍ଜି ଥାଏ । ଏକଜାତୀୟ କପା ଗଛ ଉଚ୍ଚରେ ପାଞ୍ଚ ଛଅ ହାତ ବଢ଼େ ଓ ବହୁବର୍ଷ ଯାଏ ବଞ୍ଚେ । ଅନ୍ୟ ଜାତୀୟ କପା ଗଛ ଉଚ୍ଚରେ ତିନି ଚାରି ହାତ ବଢ଼େ ଓ ଏହା ବର୍ଷଜୀବୀ । ]
୩ । ଖେତକୁ ପାଣି ବୁହାଇବା ନିମନ୍ତେ ଟେଣ୍ଡା ବା ଯନ୍ତ୍ରାର ଅଲଣିର ବା ବାହାଲ ଯେଉଁ ଦୋକନା ଖୁଣ୍ଟ ଉପରେ ରହେ; କପକନା—3. The forked pillar or pillars supporting the hollow cocoanut trunk while irrigating fields.
୪ । ସମୟେ ସମୟେ ନଖରେ ଦେଖାଯିବା ଟିପ୍‌ଟିପ୍ ଧଳା ଚିହ୍ନ—4. White spots found on finger-nails.
[ଦ୍ର—ଯେଉଁ ଲୋକର ନଖରେ ଏପରି କପା ଫୁଟିବାର ଦେଖାଯାଏ, ଲୋକେ କହନ୍ତି ଯେ, ସେ ବ୍ୟକ୍ତି ଶୀଘ୍ର ନୂଆ ଲୁଗା ପିନ୍ଧିବ ଅର୍ଥାତ୍ ତାହାର ବ୍ରତ ବିବାହ ଆଦି ଉତ୍ସବ ହେବ ।]

**କପାକପୂର ଏକା ଭାଉ** (ପ୍ରବାଦ)—ଦେ. ବାକ୍ୟ—ଯେଉଁ ସ୍ଥଳରେ
Kapā kapūra ekā bhāu ସ୍ୱଳ୍ପମୂଲ୍ୟ ଓ ବହୁମୂଲ୍ୟ ପଦାର୍ଥ ପ୍ରତି
मुड़ी मिछिरिर एकदर ସମାନ ବ୍ୟବହାର ବା ବିଗ୍ଭର କରାଯାଏ—A saying applied to cases

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଷ | ଙ୍କ | ଇଯ୍ | ଢ଼ଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନୃ |

where things of high and low value are equally regarded and treated.

**କପାଖାଇ**—ଦେ. ବି.—ଯେଉଁ ଖାଇ ବା ଯନ୍ତ୍ର ଦ୍ୱାରା ମଞ୍ଜିଯୁକ୍ତ କପାଫୁଟରୁ ମଞ୍ଜି ଅଲଗା କରାଯାଏ—
Kapākhāi
চরখা, তুলোবাছ A machine by which the seed is
आटनी; औटनी separated from cotton.

**କପାଟ**—ସଂ. ବି. (କ=ବାୟୁ+ପଟ ଧାତୁ ଣିଚ୍=ପାଟ ଧାତୁ=ଗମନ କରିବା; ପାଇବା+କର୍ତ୍ତୃ. ଅ)—
Kapāṭa
୧ । କବାଟ—1. Door.
୨ । ଦ୍ୱାରର ଆବରଣପଟ—2. Door-leaf.

**କପାଟଘ୍ନ**—ସଂ. ବି. (କପାଟ+ହନ୍ ଧାତୁ=ଆଘାତ କରିବା+କର୍ତ୍ତୃ.ଅ)—
Kapāṭaghna କବାଟ ଭାଙ୍ଗି ଘରେ ପଶିବା ଚୋର—
A thief; a house-breaker.

**କପାଟସନ୍ଧି**—ସଂ. ବି. (୬ଷ୍ଠୀ ତତ୍, କପାଟ+ସନ୍ଧି)—
Kapāṭasandhi ଚଉକାଠ ଓ କବାଟମଧ୍ୟସ୍ଥ ସନ୍ଧି ବା ଫାଙ୍କ—
The space between the door-leaf and the door-frame.

**କପାତୂଳା**—ଦେ. ବି. (କାର୍ପାସ+ତୂଳ) କପା ଗଛରୁ ବାହାରିବା ତୂଳା—
Kapatūḻā Cotton from the Cotton-tree
কাপাসতুলা
कपासकोर
[ ଦ୍ର—ଶିମିଳ ଓ ଅରଖ ଗଛରେ ଫୁଟିବା ଫଳ-କୋଷରୁ ମଧ୍ୟ ତୂଳା ବାହାରେ । ]

**କପାଫୁଟ**—ଦେ. ବି.— କପାବକଡ଼ା ମଧ୍ୟରେ ଥିବା ମଞ୍ଜିଯୁକ୍ତ କପା—
Kapāphuṭa The cotton and seed inside the pod.
লোরমুড়ী

**କପାବକଡ଼ା**—ଦେ. ବି.—୧ । ମଞ୍ଜିଯୁକ୍ତ କପା ଥିବା ଖୋଳ—
Kapābakarḏā 1. Pods of cotton.
ঢেঁড় ୨ । କପାର ଅଫୁଟା ଫଳ—
কাপাসের শুঁটী 2. Raw cotton-pods.

**କପାଲ**—ପ୍ରାଦେ. (ସମ୍ବଲପୁର) ବି. (ସଂ. କପାଳ)—କପାଳ (ଦେଖ)
Kapāla Kapāḻa (See)

**କପାଳ**—ସଂ. ବି. (କ=ମସ୍ତକ+ପାଳ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—୧ । ମୁଣ୍ଡର ଖପୁରି—
Kapāḻa 1. Skull; cranium.
୨ । ଲଲାଟ; ଭାଲ—2. Brow; forehead.
ଅର୍ଜୁନର କପାଳୁ କିପଣ ଝାଳ ଗଳେ—ସାରଳା. ମହାଭାରତ ।
୩ । ଅଦୃଷ୍ଟ; ଭାଗ୍ୟ—3. Destiny; luck; fate.
(୧) ବଳଦ କପାଳକୁ ଶିକା ଛିଣ୍ଡିବା କାହିଁ—ଢଗ ।
(୨) କପାଳେ କ ଥିଲେ ଭୂପାଳେ କ କରନ୍ତି—ଢଗ ।
୪ । କଳସର ନିମ୍ନାର୍ଦ୍ଧ—
4. The lower half of a water-jug.
୫ । ବଡ଼ ଖପରା—
5. A large broken piece of earthenware.
୬ । ଭିକ୍ଷାପାତ୍ର—6. Beggar's bowl.
୭ । ଡିମ୍ବର ଖୋଳ; ଅଣ୍ଡକପାଳ—
7. The shell of an egg.
୮ । ସମୂହ—8. Collection.
୯ । କୁଷ୍ଠରୋଗବିଶେଷ—9. A kind of leprosy.

**କପାଳଜୋର**—ଦେ. ବି.—୧ । ସୌଭାଗ୍ୟ—1. Good fortune.
Kapāḻajora ୨ । ଭାଗ୍ୟ ପ୍ରସନ୍ନ ହେବା—
কপালজোর 2. Smiling of fortune.

**କପାଳ ପଡ଼ିବା**—ଦେ. ବି.—ସୌଭାଗ୍ୟ ଉଦୟ ହେବା—
Kapāḻa parḏibā Rise of fortune.
কপালজোর পড়া

**କପାଳପାଟି**—ଦେ. ବି. (ସଂ. କପାଳ+ପଟ୍ଟ)—ଭାଲପଟ୍ଟ—
Kapāḻapāṭi Forehead.
কপাল ରଥ କରି ଦୁଃଶାସନକୁ ସାତ୍ୟକି, ଘନ ବାଣ ବାଜିଲେ କପାଳପାଟକେ ।
लिलार କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**କପାଳଫଟା**—ଦେ. ବିଣ. ପୁଂ.—୧ । ହତଭାଗ୍ୟ—
Kapāḻaphaṭā 1. Unfortunate.
କପାଳଫଟେଇ } ସ୍ତ୍ରୀ ୨ । କର୍ମହୀନ—2. Unlucky.
କପାଳଫାଟୀ } ସ୍ତ୍ରୀ ୩ । ହତଭାଗ୍ୟ କରିବାକୁ ସମର୍ଥ (ଯଥା—କପାଳଫଟା କଥା ବା ଘଟଣା ।)
କପାଳଫାଟେଇ } ସ୍ତ୍ରୀ
কপালফাটা, পোড়াকপালিয়া 3. Capable of making
अभागा one unfortunate.

**କପାଳ ଫାଟିବା**—ଦେ. ବି.—୧ । ଦୁର୍ଦ୍ଦଶା ଘଟିବା—
Kapāḻa phāṭibā 1. The happening of misfortune
কপালফাটা ୨ । ଦୁରଦୃଷ୍ଟ—
शामत होना 2. Misfortune; bad luck.

**କପାଳବନ୍ତ**—ଦେ. ବିଣ. ପୁଂ. (ସଂ. କପାଳ+ବତ୍)—ଭାଗ୍ୟବାନ୍—
Kapāḻabanta Fortunate.
କପାଳବନ୍ତୀ } ସ୍ତ୍ରୀ
କପାଳବନ୍ତି } ସ୍ତ୍ରୀ
কপালবন্ত
भाग्यवन्त

**କପାଳଭାତି**—ସଂ. ବି. (୬ଷ୍ଠୀ ତତ୍; କପାଳ+ଭାତି)—ଅଙ୍ଗୁଠିଦ୍ୱାରା କପାଳକୁ ଘଷିବାରୂପ ଯୋଗସାଧନର ଅନ୍ତର୍ଗତ ପ୍ରକ୍ରିୟାବିଶେଷ—
Kapāḻabhāti
A process of rubbing of the brow practised by persons practising Joga.

**କପାଳଭୃତ୍**—ସଂ.ବିଣ.ପୁଂ—(କପାଳ+ଭୃ ଧାତୁ=ଧରିବା+କର୍ତ୍ତୃ.କ୍ୱିପ୍)
Kapāḻabhṛut —ନରକପାଳଧାରୀ—Holding a skull.
ସଂ. ବି.—୧ । ଭିକ୍ଷୁକ—1. Beggar.
୨ । ଶିବ—2. God Śiba.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କପାଳମାଳୀ**— ସଂ. ବିଣ. ପୁଂ.—(କପାଳମାଳା + ଅସ୍ତ୍ୟର୍ଥରେ ଇନ୍; ୧ମା. ୧ ବ.)—କପାଳଭୃତ୍ (ଦେଖ)
Kapāḻamāḻi Kapāḻabhṛut (See)
(କପାଳମାଳିନୀ—ସ୍ତ୍ରୀ)

**କପାଳମୋଚନ**— ସଂ. ବି.—୧ । ହିନ୍ଦୁମାନଙ୍କର ତୀର୍ଥବିଶେଷ—
Kapāḻamochana 1. A place of Hindu-pilgrimage.
କପାଳମୋଚନ ତୀର୍ଥର ଏହୁ ଗୁଣ । କୃଷ୍ଣସିଂହ. ମହାଭାରତ. ବନ ।
୨ । ମହାଦେବ ମୂର୍ତ୍ତିବିଶେଷ— 2. An image of Śiba.

**କପାଳଯନ୍ତ୍ର**—ସଂ. ବି.—ଘଟିଯନ୍ତ୍ର (ଦେଖ)
Kapāḻajantra Ghaṭijantra (See)

**କପାଳରେ କର ମାରିବା**—ଦେ. କ୍ରି.—୧ । ଅତ୍ୟନ୍ତ ଦୁଃଖିତ ହୋଇ ମୁଣ୍ଡରେ ହାତକୁ ବାଡ଼େଇବା—
Kapāḻare kara māribā
**কপালে হাত মারা, কপাল চাপড়ান** 1. To strike one's palms on the forehead as a sign of grief.
ସୂର୍ଯ୍ୟ ଅର୍ଜୁନଙ୍କର କର ଶରୀରର, କର ଦେଖି କପାଳେ ମାରୁ କରୁ କର । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୨ । କର୍ମ ଆଦର ଦୁଃଖ ସହିବା—
2. To bow one's head to one's lot.

**କପାଳରେ ଲେଖା**—ଦେ. ବିଣ. ( ସଂ. କପାଳ + ଲିଖିତ ) (କୌଣସି ବ୍ୟକ୍ତିର) ଭାଗ୍ୟରେ ବିଧାତାଦ୍ୱାରା ପୂର୍ବରୁ ନିର୍ଦ୍ଦିଷ୍ଟ (ବିଷୟ)—
Kapāḻare lekhā
**কপালে লেখা**
Preordained (thing).
(ଯଥା—ଦୁଃଖ ପାଇବା ତ ମୋ କପାଳରେ ଲେଖା ଅଛି, ଆଉ କାହାକୁ ଦୋଷ ଦେବି ?)

**କପାଳଲିଖନ**—ସଂ. ବି.—( ୭ମୀ ତତ୍; କପାଳ + ଲିଖନ )—ଅଦୃଷ୍ଟ-ଲେଖନ; ଯାହା ଭୋଗ କରିବାକୁ ମନୁଷ୍ୟର କପାଳରେ ବିଧାତା ଲେଖିଥାଏ—
Kapāḻalikhana
Preordinance of God.
[ଦ୍ର— ମନୁଷ୍ୟର ଜନ୍ମ ହେବା ପୂର୍ବରୁ ତାହାର କପାଳରେ ବିଧାତା ତାର ଇହକାଳର ଭୋଗାଭୋଗ ମନୁଷ୍ୟର ଅବୋଧ ଲିପିରେ ଲେଖି ଥାଆନ୍ତି । ତଦନୁସାରେ ସେ ସଂସାରରେ ସୁଖ-ଦୁଃଖାଦି ଭୋଗ କରେ ବୋଲି ପୁରାଣମାନଙ୍କରେ କଥିତ ଅଛି ।]

**କପାଳଲିପି**— ସଂ. ବି ( ୭ମୀ ତତ୍; କପାଳ + ଲିପି )—
Kapāḻalipi କପାଳଲିଖନ ( ଦେଖ )
Kapāḻalikhana ( See )

**କପାଳ ଲେଉଟିବା**—ଦେ. କ୍ରି—ଭାଗ୍ୟ ଫେରିବା—
Kapāḻa leuṭibā The dawning of good fortune.
**কপাল ফিরা**
**কপাল খোলনা**

**କପାଳଲେଖନ**— ସଂ. ବି— କପାଳଲିଖନ ( ଦେଖ )
Kapāḻalekhana Kapāḻalikhana ( See )

**କପାଳଲେଖା**—ଦେ. ବି ( ସଂ. କପାଳଲେଖନ )—କପାଳଲିଖନ (ଦେଖ)
Kapāḻalekhā Kapāḻalikhana ( See )
**কপাললেখন**
**কপালরেখা**

**କପାଳହୀନ**—ସଂ. ବିଣ. ପୁଂ. ( ବହୁବ୍ରୀହି; କପାଳ + ହୀନ )—
Kapāḻahīna ହତଭାଗ୍ୟ—Unfortunate; luckless.
(କପାଳହୀନା—ସ୍ତ୍ରୀ)

**କପାଳିଆ**—ଦେ. ବିଣ. ପୁଂ. (ସଂ. କପାଳ)—୧ । ଭାଗ୍ୟବାନ୍; ଅଦୃଷ୍ଟବନ୍ତ—
Kapāḻiā 1. Fortunate; lucky.
କପାଳୀ
କପାଳେଇ
କପାଳୋଇ } ୨ । କପାଳ ବା ଭାଲଯୁକ୍ତ—
2. Having a brow; browed.
**কপালে**
**ভাগ্যবান**
[ ଦ୍ର—ଏହା ଅନ୍ୟ ବିଶେଷଣ ଶବ୍ଦଯୁକ୍ତ ହୋଇ ବ୍ୟବହୃତ ହୁଏ, ଯଥା ହୀନକପାଳିଆ, ଉଚ୍ଚକପାଳିଆ । ]

**କପାଳିକା**—ସଂ. ବି. ସ୍ତ୍ରୀ. ( କପାଳ + କ୍ଷୁଦ୍ରାର୍ଥେ. ଇକ + ସ୍ତ୍ରୀ. ଆ )—
Kapāḻikā ୧ । ଖପର—1. Potsherd. (Apte)
୨ । କ୍ଷୁଦ୍ର କପାଳ— 2. Small brow.
୩ । ଦାନ୍ତ ଉପରେ ଥିବା ଶୁକ୍ଳ ଆବରଣ—
3. Tartar of the teeth. (Apte)
୪ । ଦନ୍ତରୋଗବିଶେଷ—A tooth-disease.

**କପାଳିନୀ**—ସଂ ବି. ସ୍ତ୍ରୀ. (କପାଳ + ଇନ୍; ସ୍ତ୍ରୀ. ଈ; କପାଳୀର ସ୍ତ୍ରୀଲିଙ୍ଗ)—
Kapāḻinī ଦୁର୍ଗା—Durgā; (feminine of Kapāḻi).

**କପାଳିବା**—ପ୍ରାଦେ. (ସମ୍ବଲପୁର) କ୍ରି—କପଳାଇବା ( ଦେଖ )
Kapāḻibā Kapaḻāibā ( See )

**କପାଲିବା**—ପ୍ରାଦେ. (ସମ୍ବଲପୁର) କ୍ରି—କପଳାଇବା ( ଦେଖ )
Kapālibā Kapaḻāibā ( See )

**କପାଳୀ**—ସଂ. ବି. ପୁଂ. ( କପାଳ + ଇନ୍ )—ଶିବ—
Kapāḻi Śiva.
ଦେ. ବି. ସ୍ତ୍ରୀ. ( ସଂ. କପାଳିନୀ )—ଦୁର୍ଗା ଠାକୁରାଣୀ—
Goddess Durgā.
( ଯଥା—ଭୁବନେଶ୍ୱର ବୋଇତାଳ ଦେଉଳରେ କପାଳୀ ଠାକୁରାଣୀ ଅଛନ୍ତି । )
ଦେ. ବିଣ. ସ୍ତ୍ରୀ—କପାଳିଆର ସ୍ତ୍ରୀଲିଙ୍ଗ—
Feminine of Kapāḻiā.
ପ୍ରାଦେ. (ଗଞ୍ଜାମ) ବି—ଦୁଆରବନ୍ଧର ଉପର ଫଳ—
The upper piece of wood in a door-frame.

**କପାଳେ ନ ଥିଲେ ଭୂପାଳେ ନ ଦିଅନ୍ତି**—( ପ୍ରବଚନ )—
Kapāḻe na thile bhūpāḻe na dianti
ଯେବେ ଭୋଗ କରିବାକୁ ଆପଣା କର୍ମରେ ନ ଥାଏ ତାହା-ହେଲେ ରାଜା ଦେଲେ ମଧ୍ୟ ତାହା ଭୋଗ ହୋଇ ପାରେ ନାହିଁ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହ୍ରସ୍ୱବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | କ୍ଷ | ଇଅ | ଉଅ | ଢ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

A saying which means "Kings cannot give you anything unless you are preordained to get it."

**କପାଳେଶ୍ୱର**—ସଂ. ବ. ପୁଂ—ଶିବଲିଙ୍ଗବିଶେଷ—
Kapāleswara An image of Śiba.
(କପାଳେଶ୍ୱରୀ—ସ୍ତ୍ରୀ)

**କପାସିଆ**—ଦେ. ବ. ( ସଂ. କାର୍ପାସ )—
Kapāsiā ୧ । ଘର ଘର ବୁଲି କରି କପା କିଣୁଥିବା ଲୋକ—
1. One who visits houses for purchasing cotton.
୨ । ଲୁଗା—2. Cloth.
୩ । କପାନିର୍ମିତ ବସ୍ତୁ—
3. A thing made of cotton.
୩ । ଧୂଆଁପତ୍ର ବିକି କରୁଥିବା ଶୂଦ୍ର ଜାତି—
3. A Śudra caste dealing in tobacco.
୫ । ନାଲିଗୁଡ଼, ଓ ନାଲିମାଠ ପତ୍ରହୀନଡ଼ା ଦେଉଥିବା ତରୁବିଶେଷ—5. A kind of tree.
କାପାସୀ [ ଦ୍ର—ଏହା ହିମାଳୟ ପ୍ରଦେଶ, ପଶ୍ଚିମ
**पोला, पुला, पोटारि** ଘାଟ ପର୍ବତମାଳା ଓ ବ୍ରହ୍ମଦେଶରେ ଜନ୍ମେ ।
ତେ. ପୋଲି; ପଟ୍ଟା;ପାଣ୍ଡିକ ଘାଆ ଅବଦରେ ଏ ବୃକ୍ଷର ପତ୍ର ପଡ଼ ପକାଯାଏ ।
କୋଙ୍କ. ପଠାଭାମଣ କାର୍ତ୍ତିକାର । ]
୬ । ଏକ ପ୍ରକାର ମଧୁରନାସ୍ୱ ପକ୍ଷୀ—6. Minivet (bird).

**କପାସିଆଁ**—ଦେ. ବି. ( କପା ଭୂଲାରେ ତିଆର ହୋଇଥିବାରୁ )—
Kapāsiān ଲୁଗା—Cloth.
କପାସିଆଁ ଛମାସିଆ—ଢଗ ।

**କପି**—ସଂ. ବି. ( କପ୍ ଧାତୁ=କମ୍ପିବା+କର୍ତ୍ତୃ. ଇ )—
Kapi ୧ । ବାନର; ମାଙ୍କଡ଼—1. Ape; monkey.
୨ । ବିଷ୍ଣୁ—2. Bishnu.
୩ । ଗନ୍ଧର୍ବବିଶେଷ—
3. The name of a Gandharba.
୪ । ବରାହ—4. Boar.
୫ । କପିଳବର୍ଣ୍ଣ; ପିଙ୍ଗଳବର୍ଣ୍ଣ—
5. Tawny or brown colour.
୬ । ( ବୈଦ୍ୟକ ) ଶିହ୍ଲକ; ଶିଳାରସ—
6. Liquid amber.
୬ । ଅଁଳା ( ଦେଖ )
6. Aanlā ( See )
୮ । ରକ୍ତ ଚନ୍ଦନ—
8. The red sandal; Pterocarpus Santaninus.
ବୈଦେ. ବି. (ଇଂ. କପୀ)—୧ । ନକଲ; ଅବିକଳ ପ୍ରତିଲିପି—
**कपि; कापि** 1. Copy.
**कापी** ୨ । ପୁସ୍ତକର ସଂଖ୍ୟା—2. One copy of a book.
୩ । ଛାପା କମ୍ପୋଜ୍ ଛାପାଖାନାକୁ ଦିଆଯିବା ପାଣ୍ଡୁଲିପି—
3. Manuscript given to the press.
ଦେ. ବ.—କପିକଳ (ଦେଖ)
Kapikala (See)
ପ୍ରାଦେ. (ବାଲେଶ୍ୱର, ମେଦିନୀପୁର—ଭୁଲ. ବି. କପି)—
କୋବି—Cabbage.

**କପିକଚ୍ଛୁ**—ସଂ. ବ. ( ବୈଦ୍ୟକ )—ବାଇଡଙ୍କ—
Kapikachchhu Cowhage.

**କପି କରିବା**—ଦେ. କି. ( ଇଂ. କପୀ+ଓ. କରିବା )—
Kapi karibā ୧ । ଅବିକଳ ନକଲ କରିବା—1. To copy.
**कपि करा** ୨ । ଉତାରିବା—2. To transcribe.
**नकल करना** ୩ । ଅନୁକରଣ କରିବା—3. To imitate.
୪ । ପରୀକ୍ଷା ସମୟରେ ଗୁପ୍ତଭାବରେ ଅନ୍ୟ ଛାତ୍ରର ଉତ୍ତରକୁ କମ୍ବା ପୁସ୍ତକକୁ ଦେଖି ନକଲ କରି ଉତ୍ତର ଲେଖିବା—
4. To write answers at examinations by using unfair means.

**କପିକଳ**—ଦେ. ବ (ସଂ. କମ୍ପ ଧାତୁ)—ଭାରୀ ଜିନିଷ ଉଚ୍ଚ ଉପରକୁ
Kapikaḷa ଉଠାଇବାପାଇଁ ଚକରେ ଦଉଡ଼ି ଲାଗିଥିବା ଯନ୍ତ୍ର;
**कपिकल** ଗଗଡ଼ି—A pulley; a crane.
**चरखी**

**କପି କାଗଜ**—ଦେ. ବ. ( ଇଂ. କପୀ+ଫା. କାଗଜ )—ଯେଉଁ ମୋଟା
Kapi kāgaja କାଗଜରେ ସରକାରୀ ଅଫିସରୁ ନକଲ ଦିଆଯାଏ—Folio paper.
**कपि कागज**

**କପିକେତନ**—ସଂ. ବ—କପିଧ୍ୱଜ ( ଦେଖ )
Kapiketana Kapidhwaja ( See )

**କପିଙ୍ଗ୍ ଇଙ୍କ୍**—ବୈଦେ.ବ. ( ଇଂ. କପୀଙ୍ଗ୍ ଇଙ୍କ୍ )—କପିଙ୍ଗପ୍ରେସ୍‌ଦ୍ୱାରା
Kaping ink ନକଲ ଉତାରିବା ପାଇଁ ବ୍ୟବହୃତ କାଳି—
**कपिंग इंक** Copying ink.

**କପିଙ୍ଗ୍ କାଳି**—ବୈଦେ. ବ. ( ଇଂ. କପୀଙ୍ଗ୍+ସଂ. କାଳି)—
Kaping kāḷi କପିଙ୍ଗ୍ ଇଙ୍କ୍ ( ଦେଖ )
Kaping ink ( See )

**କପିଙ୍ଗ୍ କ୍ଲଥ୍**—ବୈଦେ. ବ. ( ଇଂ. କପୀଙ୍ଗ୍ କ୍ଲଥ୍ )—
Kaping klath ନକସା ଉପରେ ପକାଇ ନକଲ ଉଠାଇବା
**कपिंग क्लथ** ପାଇଁ ବ୍ୟବହୃତ ମହମଲଗା କନା—
**कापिङ्ग कपड़ा** Copying cloth.

**କପିଙ୍ଗ୍ ପେନ୍ସିଲ୍**—ବୈଦେ. ବ. ( ଇଂ. କପୀଙ୍ଗ୍ ପେନ୍ସିଲ୍ )—
Kaping pencil ଯେଉଁ ପେନ୍ସିଲ୍‌ରେ ଲଣ୍ଡିଏ କାଗଜ ଉପରେ
**कपिङ्ग पेन्सिल** ଲେଖିଲେ କାର୍ବନ୍ ପେପର୍ ସାହାଯ୍ୟରେ ତହିଁର
**कापिङ्ग पेंसिल** ତଳେ ଥିବା ଅନ୍ୟ ପ୍ରସ୍ତ କାଗଜରେ ନକଲ
ଉଠେ—Copying pencil.

ସାଧାରଣ ସ୍ଥେଳେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ସେ ସ୍ଥାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' କ ମିଳିଲେ 'ଗାଈ' ଖୋଜିବେ; 'କୂଅ' କ ମିଳିଲେ 'କୂଅ' ଖୋଜିବେ; 'ବଧୂ' କ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' କ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' କ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କପିଙ୍ଗ୍ ପେପର** – ବୈଦେ. ବି. ( ଇଂ. କପୀଙ୍ଗ୍ ପେପର୍ ) — Kaping paper, କପିଙ୍ଗ ପେପର — ନକଲ ଉଠାଇବାପାଇଁ ବ୍ୟବହୃତ ମହମଜାମା କାଗଜ—Copying paper.

**କପିଙ୍ଗ୍ ପ୍ରେସ୍**—ବୈଦେ. ବି. ( ଇଂ. କପୀଙ୍ଗ୍ ପ୍ରେସ୍ )— Kaping pres, କପିଙ୍ଗ ପ୍ରେସ, କାପିଙ୍ଗ୍ ପ୍ରେସ୍ — ଯେଉଁ ଯନ୍ତ୍ର ସାହାଯ୍ୟରେ କପୀଙ୍ଗ୍ ଇଙ୍କ୍‌ରେ ଲେଖାଥିବା କାଗଜରୁ ନକଲ ଉଠାଯାଏ— Copying press.

**କପିଚୂତ**—ସଂ. ବି. ( ବୈଦ୍ୟକ )—୧ । ଫାରସା ୨ ( ଦେଖ ) Kapichūta — 1. Phārasā 2 ( See )
୨ । ପାରିଶ ( ଦେଖ ) 2. Pārisa ( See )

**କପିଞ୍ଜଳ**—ସଂ. ବି. ( କ + ପିଜ୍ ଧାତୁ = ବଧ କରିବା; ପ୍ରାପ୍ତି ପାଇବା + କର୍ତ୍ତୃ. ଅଳ )—୧ । ଗୁଡ଼କ ପକ୍ଷୀ ( ଦେଖ ) Kapiñjaḷa — 1. Coccyster bird ( Genus, Coculus)
୨ । ଗୌରବର୍ଣ୍ଣ ଚଟିଆ ପକ୍ଷୀ—2. Brown swallow.
୩ । (ନାମ) ମୁନିବିଶେଷ—3. A sage.

**କପିତନ୍ଦୁକ**—ସଂ. ବି—ମାକଡ଼କେନ୍ଦୁ (ଦେଖ ) (ହରେକୃଷ୍ଣ. ଦ୍ରବ୍ୟଗୁଣ) Kapitinduka — Mākarḍa kendu ( See )

**କପିତୈଳ**—ସଂ. ବି. ( ବୈଦ୍ୟକ —ଶିହ୍ଲକ; ଶିଳାରସ— Kapitaila — Liquid amber.

**କପିତ୍ଥ** – ସଂ. ବି. (କପି + ସ୍ଥା ଧାତୁ + କର୍ତ୍ତୃ. ଅ; ଏ ଗଛରେ ମାକଡ଼ମାନେ ରହୁଥିବାରୁ )—କଇଥ ଗଛ ଓ ଫଳ— Kapittha — The wood-apple; the elephant-apple; Ferona Elephantinum.
ସଂ. କପିତ୍ଥ, କବିତ୍ଥ, ଦଧିତ୍ଥ, ପୁଷ୍ପଫଳ, କପିପ୍ରିୟ, ଦଧିଫଳ • ଓ. କଇଥ; କଏଥା; କଏଥ୍‌ବେଲ; କଂବେଲ; କୟଥା; କୈଥ; ମ. କବଠ; ତେ. ଏଲଗକାୟା, ବେଲଗଚେଟ୍ଟୁ; ଅ. କାଥ୍‌ବେଲ; ଗୁ. କୋଣ୍ଠ, କାଠ୍, କୋଠବଡ଼ୁ
[ ଦ୍ର—ନାରଙ୍ଗାଦିବର୍ଗର ବଡ଼ ଅରଣ୍ୟତରୁ । ଏ ଗଛର ଶାଖାରେ କଣ୍ଟା ଥାଏ, ପତ୍ର ଗୋଲ ଓ ଛୋଟ । ଫଳ ପାଚିଲେ ଖଟାମିଠା ଲାଗେ । ଏହାର ମଞ୍ଜି ଛୋଟ । ପାଚିଲା ଫଳର ଶସକୁ ଲୋକେ ଚଟଣି କରି ଖାଆନ୍ତି । କଞ୍ଚା ଫଳକୁ ପୋଡ଼ି କରି ମଧ ଚଟଣି କରାଯାଏ । ଫଳ ବେଲ ପରି ଗୋଲ ଓ ଦୃଢ଼ ଆବରଣ-ବିଶିଷ୍ଟ । ଏହା ଧାରକ, କଷାୟ ଓ ଲଘୁ । ଏ ଗଛର ଅଠାରେ ପଇତା ଓ ସୂତା ମାଜି ସଫା କରାଯାଏ । ପାଚିଲା ଫଳ ପିପାସା, ହିକ୍କା, ବାୟୁ ଓ ପିତ୍ତନାଶକ, କଣ୍ଠଶୋଧକ, ଧାରକ ଏବଂ ଦୁଷ୍ପାଚ୍ୟ ।
ପ୍ରବାଦ ଅଛି ଯେ ହାତୀ କଇଥଫଳକୁ ଗିଳି ଦେଲେ ତା ପେଟରେ ତହିଁର ଶସ ଓ ମଞ୍ଜିଗୋଟି ମିଳାଇ ଯାଏ ଓ ଖୋଳ ବାହାରେ ଏଥିପାଇଁ ଫଳକୁ କାହାରେ (ସଂ ଗଜଭୁକ୍ତ କପିତ୍ଥବତ୍), କିନ୍ତୁ ଏ ପ୍ରବାଦ ଠିକ୍ ନୁହେ । ]

**କପି ଧରିବା**—ଦେ. କ୍ରି—ପରୀକ୍ଷା ସମୟରେ ଅନ୍ୟାୟରୂପେ ପରର ଲେଖାରୁ ନକଲ କରୁଥିବା ଛାତ୍ରର ଅପରାଧକୁ ସାକ୍ଷାତ୍ ପ୍ରମାଣଦ୍ୱାରା ଧରିବା—To catch or detect an examinee using unfair means. Kapidharibā, କପିଧରା

**କପିଧ୍ୱଜ**—ସଂ. ବି. ( ବହୁବ୍ରୀହି; କପି + ଧ୍ୱଜା = ଚିହ୍ନ )— Kapidhwaja — ୧ । ଅର୍ଜୁନ—1. Arjuna.
୨ । ଅର୍ଜୁନଙ୍କ ରଥ—( ଏଥିର ପତାକାରେ କପିର ମୂର୍ତ୍ତି ଥିବାରୁ)—2. Arjuna's car, having a flag with the figure of a monkey on it.
କପିଧ୍ୱଜେ ବସେ କଲେ ସଙ୍ଗେ ଚକ୍ରପାଣି—ରାଧାନାଥ ।
୩ । ଅର୍ଜୁନଙ୍କ ରଥର ପତାକା— 3. The flag of Arjuna's car.

**କପିପିପ୍ପଳୀ**—ସଂ. ବି—୧ । ରକ୍ତାପାମାର୍ଗ— Kapipippaḷi — 1. The red veriety of Acheranthus Aspera (plant).
୨ । ସୂର୍ଯ୍ୟମୁଖୀ ( ଦେଖ ) 2. Sūrjyamukhi ( See )

**କପିପ୍ରିୟ**—ସଂ. ବି. ( ୬ଷ୍ଠୀ ତତ୍; କପି+ପ୍ରିୟ )— Kapipriya — ୧ । କଇଥ ଗଛ—1. The wood-apple tree.
୨ । ଆମଡ଼ା ଗଛ— 2. Hog-plum (tree).

**କପିବଲ୍ଲୀ**—ସଂ. ବି. ( କପି + ବଲ୍ଲୀ = ଲତା; ଏହାର ଲତା କପିଲୋମ ପରି ଲୋମରେ ଆବୃତ ଥିବାରୁ )— Kapiballi — ଗଜପିପ୍ପଳୀ (ଦେଖ )—Gajapippaḷi ( See )

**କପିବୁକ୍**— ବୈଦେ. ବି. (ଇଂ କପୀ + ବୁକ୍)—ହସ୍ତାକ୍ଷର କମନୀୟ କରିବା ପାଇଁ ପୃଷ୍ଠାର ପ୍ରଥମଧାଡ଼ିରେ ଆଦର୍ଶସ୍ୱରୂପ ଛପା ହୋଇଥିବା ଅକ୍ଷରଥିବା ପୁସ୍ତକ—Copy-book. Kapibuk, କପିବୁକ, କାପିବୁକ

**କପିମୁଖ୍ୟ**—ସଂ. ବି. ( ୭ମୀ ତତ୍; କପି + ମୁଖ୍ୟ = ଶ୍ରେଷ୍ଠ )— Kapimukhya — ଶ୍ରେଷ୍ଠ ମର୍କଟ—Chief monkey.
ବସିଥିଲେ ତହିଁ କପିମୁଖ୍ୟେ ବେଗେ ଉଠାନ୍ତି ଧାଇଁ ତା ଦଣ୍ଡେ;
ଉପ. ବୈଦେହୀଶବିଳାସ ।

**କପିରାଇଟ୍**—ବୈଦେ. ବି. (ଇଂ. କପୀରାଇଟ୍)—ପୁସ୍ତକ ଛାପି ବିକ୍ରି କରି ତହିଁର ଉପସ୍ୱତ୍ୱ ଭୋଗ କରିବାପାଇଁ ଗ୍ରନ୍ଥକାରଙ୍କର ଥିବା ଅନନ୍ୟସାଧାରଣ ସ୍ୱତ୍ୱ— Copy-right. Kapirāit, କପିରାଇଟ, କାପୀରାଇଟ
[ଦ୍ର—ବର୍ତ୍ତମାନ ପ୍ରଚଳିତ ଆଇନ୍ ଅନୁସାରେ ଗ୍ରନ୍ଥକାର ବଞ୍ଚିଥିବା ପର୍ଯ୍ୟନ୍ତ ଓ ତାଙ୍କ ମରିବାର ପଚାଶବର୍ଷ ଯାଏ ତାଙ୍କ ଗ୍ରନ୍ଥକୁ ତାଙ୍କର ବିନା ଲିଖିତଅନୁମତିରେ କେହି ଛାପି ପାରିବେ ନାହିଁ । ସେ ଓ ତାଙ୍କର ଉତ୍ତରାଧିକାରୀମାନେ ଉକ୍ତ ପୁସ୍ତକର ଲାଭ ପାଇବାରେ ହକ୍‌ଦାର; ତାଙ୍କର ବିନା ଅନୁମତିରେ ସେ ପୁସ୍ତକକୁ ଛାପିବା ବ୍ୟକ୍ତି

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ | ନ୍ତ |

ତାଙ୍କୁ କ୍ଷତିପୂରଣ ଦେବାକୁ ବାଧ୍ୟ । କପିରାଇଟ୍‌ସମ୍ବନ୍ଧୀୟ ମକଦ୍ଦମା ଜିଲ୍ଲା ଜଜ୍‌କୋର୍ଟ୍ କିମ୍ବା ହାଇକୋର୍ଟ୍‌ରେ ଦାଏର୍ ହୁଏ । ]

**କପିରାଜ**—ସ. ବି. (୬ଷ୍ଠୀ ତତ୍. କପି+ରାଜା)—କପୀନ୍ଦ୍ର (ଦେଖ)
Kapirāja — Kapīndra (See)

**କପିଳ**—ସ. ବଣ. (କମ୍ ଧାତୁ=ବାଞ୍ଛା କରିବା+କର୍ତ୍ତୃ. ଇଲ; କିମ୍ବା
Kapila — କପି+ଅସ୍ତ୍ୟର୍ଥେ. ଲ )—
୧ । ପିଙ୍ଗଳ—1. Tawny; brown.
୨ । ପୀତାଭ କୃଷ୍ଣ—2. Yellowish black.
ସ. ବି.—୧ । ପିଙ୍ଗଳବର୍ଣ୍ଣ—
1. Tawny colour.
୨ । ସଗରପୁତ୍ରମାନଙ୍କୁ ଶାପଦ୍ୱାରା ଦଗ୍ଧ କରିଥିବା ମୁନି—
2. Name of a sage.
[ଦ୍ର—ରାମାୟଣରେ କପିଳ ଅଗ୍ନ୍ୟବତାର ବୋଲି ପ୍ରସିଦ୍ଧ । ]
୩ । ସାଂଖ୍ୟଦର୍ଶନ-ପ୍ରଣେତା ମୁନିବିଶେଷ—
3. A sage who founded the Sāmkhya system of Hindu Philosophy.
୪ । ସ୍ମୃତିଶାସ୍ତ୍ର-ପ୍ରଣେତା ମୁନିବିଶେଷ—
4. Name of the compiler of a Hindu Code.
୫ । ନାଗବିଶେଷ—5. A fabulous serpent.
୬ । ନଗରୀବିଶେଷ; କପିଳବାସ୍ତୁ—
6. A town, the birth-place of Buddha.
୭ । ମେରୁର ପଶ୍ଚିମସ୍ଥ ପର୍ବତବିଶେଷ—
7. Name of a fabulous mountain.
୮ । ଦୈତ୍ୟବିଶେଷ—8. A demon.
୯ । ବିଷ୍ଣୁ—9. Bishnu.
୧୦ । ଅଗ୍ନି—10. Fire.
୧୧ । କୁକ୍କୁର—11. Dog.
୧୨ । ମୁନିବିଶେଷ; ବ୍ରହ୍ମାଙ୍କର ପୁତ୍ର—
12. Name of a sage.

**କପିଳଦ୍ୟୁତି**—ସ.ବି. (କପିଳ+ଦ୍ୟୁତି)—୧ । (କର୍ମଧା) ପିଙ୍ଗଳବର୍ଣ୍ଣ—
Kapiladyuti — 1. Tawny colour.
୨ । (ବହୁବ୍ରୀହି) ସୂର୍ଯ୍ୟ—2. The Sun.

**କପିଳ ଦ୍ରାକ୍ଷା**—ସ. ବି.—କିସ୍‌ମିସ୍—
Kapila drākshā — Raisin.

**କପିଳଦ୍ରୁମ**—ସ. ବି.—କାଶୀ ନାମକ ସୁଗନ୍ଧ କାଷ୍ଠ ବୃକ୍ଷ—
Kapiladruma — A tree with scented wood.

**କପିଳବାସ୍ତୁ**—ଦେ. ବି.—ବୁଦ୍ଧଦେବଙ୍କ ଜନ୍ମସ୍ଥାନ; ରାଜା ଶୁଦ୍ଧୋଦନଙ୍କ
Kapilabāstu — ରାଜଧାନୀ—The capital of Suddhodana, father of Buddha and the birth-place of Buddha.

[ ଦ୍ର—ଏହା ଶ୍ରାବସ୍ତୀଠାରୁ ୮୦୦ ଲି ବା ୪୦୦ ମାଇଲ୍ ବୋଲି ଚୀନପରିବ୍ରାଜକମାନେ ଲେଖି ଯାଇଅଛନ୍ତି । ନେପାଳର ତରାଇ ପ୍ରଦେଶରେ ଶ୍ରାବସ୍ତୀ ଠାରୁ ୯୮ ମାଇଲ୍ । ଏହା କାଶୀର ୫୦ କୋଶ ଉତ୍ତରରେ ଓ ନେପାଳର ଦକ୍ଷିଣରେ ଥିବାର ଅନୁମିତ । ]

**କପିଳମୁନି**—ସ. ବି.—୧ । କୋପଦୃଷ୍ଟିରେ ସଗରପୁତ୍ରଙ୍କୁ ଭସ୍ମୀଭୂତ
Kapilamuni — କରିଥିବା ମୁନି—
1. Name of a sage who destroyed the sons of Sagara by his angry look.
୨ । ସାଂଖ୍ୟଦର୍ଶନ-ପ୍ରଣେତା ମୁନି—
2. Name of the author of the Sāmkhya system of Hindu Philosophy.
[ ଦ୍ର—ପ୍ରଥମ କପିଳଙ୍କ ଆଶ୍ରମ ଗଙ୍ଗାସାଗର ସଙ୍ଗମରେ ଗୋଟିଏ ଟାପୁରେ ଥିଲା ବୋଲି ଲୋକେ ନିର୍ଦ୍ଦେଶ କରନ୍ତି । ଏ ଦେବହୂତିଙ୍କ ଗର୍ଭରେ କର୍ଦ୍ଦମ ପ୍ରଜାପତିଙ୍କ ଔରସରେ ଜନ୍ମିଥିଲେ ଓ ବାଲ୍ୟକାଳରୁ ବିଶେଷ ଜ୍ଞାନୀ ଥିଲେ । ପୁରାଣରେ କଥିତ ଅଛି ଯେ ସଗରରାଜାଙ୍କ ପୁତ୍ରମାନେ ସଜ୍ଞାଶ୍ୱ ଖୋଜିବାକୁ ଯାଇ ଏହାଙ୍କ ଆଶ୍ରମରେ ପଶି, ସେଠାରେ ଅଶ୍ୱକୁ ଦେଖି ଏହାଙ୍କୁ ମିଥ୍ୟାରେ ଅଶ୍ୱାପହାରକ ବୋଲି ଦୋଷ ଦେବାରୁ ଏ ରୁଷ୍ଟ ହୋଇ ଅଭିଶାପ ଦେଲେ ଓ ଉକ୍ତ ଅଭିଶାପ ଫଳରେ ସଗରଙ୍କର ଷାଠିଏ ହଜାର ପୁତ୍ର ଭସ୍ମୀଭୂତ ହେଲେ । ସାଂଖ୍ୟକାର କପିଳମୁନି ଓ ସଗରପୁତ୍ରଙ୍କୁ ଧ୍ୱଂସ କରିଥିବା କପିଳ ମୁନି ଏକ ବ୍ୟକ୍ତି ନୁହନ୍ତି । ଏମାନେ ଏକ ନାମର ଦୁଇ ଜଣ ଭିନ୍ନ ମୁନି ।
ଭାଗବତ ମତରେ ଏ ବିଷ୍ଣୁଙ୍କର ପଞ୍ଚମ ଅବତାର ।]

**କପିଳ ଶିଂଶପା**—ସ. ବି.—ଯେଉଁ ଶିଶୁଗଛର କାଠ ଓ ଫୁଲ କପିଳବର୍ଣ୍ଣ—
Kapila śimsapā — Tawny Sissoo tree.

**କପିଳ ସ୍ମୃତି**—ସ. ବି.—କପିଳମୁନି ପ୍ରଣୀତ ସ୍ମୃତିଶାସ୍ତ୍ର—
Kapila smruti — The Hindu Code of Kapila.

**କପିଳା**—ସ. ବି. (କପିଳ+ଅସ୍ତ୍ୟର୍ଥରେ. ଅ+ସ୍ତ୍ରୀ. ଆ)—୧ । ପୂର୍ବ-
Kapilā — ଦକ୍ଷିଣ କୋଣର ଦିକ୍-ହସ୍ତୀ ପୁଣ୍ଡରୀକର ସ୍ତ୍ରୀ; ଦିକ୍-ହସ୍ତିନୀବିଶେଷ—1. One of the she-elephants guarding the S. W. point of the compass.
୨ । କପିଳଶିଂଶପା; ଶିଂଶପାବୃକ୍ଷ—2. The tawny Blackwood or Sissoo tree.
୩ । କାମଧେନୁ—3. The cow celebrated in the Purānas who was said to give anything desired of her.
୪ । ପାଣ୍ଡୁରବର୍ଣ୍ଣର ଧେନୁ—4. A brown cow.
୫ । (ବୈଦ୍ୟକ) ରେଣୁକା ନାମକ ସୁଗନ୍ଧ ଦ୍ରବ୍ୟ—
5. Piper Aurantiacum.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୬ । ରାଜପିତ୍ତଳ; ପିଙ୍ଗଳ ପିତ୍ତଳ—
6. A tawny variety of brass.

୭ । ନିର୍ବିଷ ଜଳୌକା; ଜୋକ—
7. Non-venomous leech.

୮ । ନଦୀବିଶେଷ—8. Name of a river.

୯ । ଦକ୍ଷଙ୍କ କନ୍ୟା—
9. The daughter of Daksha.

ଦେ. ବି. ପୁ.—କପିଳର ଡାକ ନାମ—
Name for calling Kapila.

ସଂ. ବିଣ. ସ୍ତ୍ରୀ.—କପିଳର ସ୍ତ୍ରୀଲିଙ୍ଗ—
Feminine of Kapila.

ଦେ. ବିଣ.—କପିଳବର୍ଣ୍ଣବିଶିଷ୍ଟ—Brown.

ଦେ. ବି.—ଶୁଦ୍ରକପିଳା; ଶୂଦ୍ର ଜାତିବିଶେଷ—
A class of Śūdras.

**କପିଳାଇବା**—ପ୍ରାଦେ. (ସମ୍ବଲପୁର) କ୍ରି.—କପଳାଇବା (ଦେଖ)
Kapilāibā Kapalāibā (See)

**କପିଳା ଗାଇ**—ଦେ. ବି. (ସଂ. କପିଳା ଗାଭୀ)—୧ । ଚମରୀ ଗୌ—
Kapilā gāi 1. Yak.

୨ । କାମଧେନୁ—2. The cow celebrated in the Purāṇas as the giver of all desirable things asked of her.

୩ । ପାଣ୍ଡୁରବର୍ଣ୍ଣବିଶିଷ୍ଟ ଗାଈ; କୋଇଲା ଗାଈ—
କପିଲା গাই 3. A brown cow.

ପତଙ୍ଗବତ୍ ଯେ କପିଳା ଗାଈ ବଧ, ବ୍ରହ୍ମହତ୍ୟା ଧ୍ୱଂସକ କରନ୍ତି ସେ ସ୍ୱସ୍ତି ।
—କୃଷ୍ଣସିଂହ, ମହାଭାରତ. ଶାନ୍ତି ।

**କପିଳାଶ୍ୱ**—ସଂ. ବି.—୧ । (କର୍ମଧା; କପିଳ + ଅଶ୍ୱ)—ପିଙ୍ଗଳବର୍ଣ୍ଣର
Kapilāśwa ଘୋଡ଼ା—1. A brown horse.

୨ । (ବହୁବ୍ରୀହି; କପିଳବର୍ଣ୍ଣ ଅଶ୍ୱ ଯାହାର) ଇନ୍ଦ୍ର—
2. Indra.

୩ । (ନାମ) ସୂର୍ଯ୍ୟବଂଶୀୟ ରାଜା କୁବଳୟାଶ୍ୱଙ୍କ ପୁତ୍ର—
3. Name of a king of the Solar dynasty.

**କପିଳାସ**—ଦେ. ବି. (ସଂ. କୈଳାସ)—୧ । ମହାଦେବଙ୍କ ନିବାସ ସ୍ଥାନ
Kapilāsa କୈଳାସ ପର୍ବତ—1. The name of a peak
কপিলাস of the Himalayas, said to be the abode of Lord Śiba.

ବ୍ରହ୍ମାବିଷ୍ଣୁ ମୋ ନିବାସ, ଶଙ୍କରଙ୍କ କପିଳାସ । ଜଗନ୍ନାଥ. ଭାଗବତ ।

୨ । ଓଡ଼ିଶା ଢେଙ୍କାନାଳରାଜ୍ୟସ୍ଥ ପର୍ବତବିଶେଷ—
2. A mountain in the Dhenkānāla State of Orissa.

ଅନୁସରନ୍ତି କପିଳାସେ ରହ୍ନି ତହିଁ ଅସିଥିବ ଧାଇଁ । ଜଗନ୍ନାଥ. ପାଦଜ ।

[ ଦ୍ର—ଏଠାରେ ଜାଗରଯାତ୍ରା ଦିନ ଖୁବ୍ ଉତ୍ସବ ହୁଏ ଓ ବହୁସଂଖ୍ୟ ଲୋକ ଏକତ୍ର ହୁଅନ୍ତି । ଏଠାରେ ମହାଦେବ ଅଛନ୍ତି । ନାଥ ଯୋଗୀମାନେ ଶିବରାତ୍ରି ଦିନ ଏହି ଦେଉଳର ଦ୍ୱାର ରକ୍ଷା କରନ୍ତି । ଏଠାରେ ଢେଙ୍କାନାଳ ରାଜାଙ୍କର ଗୋଟିଏ ସୁନ୍ଦର ବଙ୍ଗଳା ଅଛି । ଏହା ସ୍ୱାସ୍ଥ୍ୟକର ସ୍ଥାନ ବୋଲି କଥିତ । ଏ ପର୍ବତର ଝରଣାଜଳ ସ୍ୱାସ୍ଥ୍ୟପ୍ରଦ ବୋଲି ପ୍ରସିଦ୍ଧି ଅଛି । ]

**କପିଳାସିଆ**—ଦେ. ବିଣ.—୧ । କପିଳାସସମ୍ବନ୍ଧୀୟ—
Kapilāsiā 1. Pertaining to the Kapilāsa hills.

୨ । (କଟକ ଜିଲ୍ଲା) କପିଳାସ ପର୍ବତ ଥିବା ଅଞ୍ଚଳ ବା କଟକର ଉତ୍ତର ପଶ୍ଚିମ ଦିଗରେ ଦେଖା ଯାଉଥିବା (ବିଜୁଳି)—
2. (lightning) Appearing in the direction of the Kapilāsa hills.

**କପିଳାସିଆ ଛତା**—ଦେ. ବି.—ଢେଙ୍କାନାଳରେ ପ୍ରସ୍ତୁତ ଏକ ପ୍ରକାର
Kapilāsiā chhatā ଚକ୍ରିତ ତାଳପତ୍ର ଛତା—A kind of palmleaf umbrella prepared in the Dhenkānāla State.

**କପିଳାସିଆ ବିଜୁଳି**—ପ୍ରାଦେ. (କଟକଜିଲ୍ଲା) ବି—ଉତ୍ତର ପଶ୍ଚିମ ଅଞ୍ଚଳରେ
Kapilāsiā bijuli ମାରୁଥିବା ବିଜୁଳି—Lightning-flashes appearing in the north-west.

[ ଦ୍ର—ଏ ବିଜୁଳି ଶୀଘ୍ର ବର୍ଷା ହେବାର ସୂଚକ । ]

**କପିଳାସିଆ ମେଘ**—ପ୍ରାଦେ. ( କଟକଜିଲ୍ଲା ) ବି.—କପିଳାସ ପର୍ବତ
Kapilāsiā megha ଦିଗରୁ ଅର୍ଥାତ୍ ଉତ୍ତରପଶ୍ଚିମରୁ ଉଠାଉଥିବା ମେଘ; ( କପିଳାସିଆ ମେଘ ଶୀଘ୍ର ବର୍ଷା ହେବାର ସୂଚକ )—
Clouds rising from the north-west.

**କପିଳିଶୋର**—ଗ୍ରା. ବି. (ନାମ) (କପିଳେଶ୍ୱରର ଅଶୁଦ୍ଧ ଉଚ୍ଚାରଣ)—
Kapilisora କପିଳେଶ୍ୱର ( ଦେଖ )
Kapileśwara ( See )

**କପିଳେନ୍ଦ୍ର ଦେବ**—ଦେ. ବି. (ନାମ)—ଓଡ଼ିଶାରେ ସୂର୍ଯ୍ୟବଂଶୀୟ ଜନୈକ
Kapilendra deba କ୍ଷତ୍ରିୟ ରାଜା (ଖ୍ରୀ ୧୪୩୫—ଖ୍ରୀ ୧୪୬୫)—
Name of a king of ancient Orissa.

[ ଦ୍ର—ଗଙ୍ଗବଂଶର ଶେଷ ରାଜାଙ୍କର ପୁତ୍ର ନ ଥିବାରୁ ସେ ଗୋଟିଏ ବ୍ରାହ୍ମଣ ଘରେ ପାଳିତ କ୍ଷତ୍ରିୟ ବାଳକ କପିଳେନ୍ଦ୍ରଙ୍କୁ ଜଗନ୍ନାଥମନ୍ଦିରରେ ଦେଖି ଏବଂ ତାଙ୍କଠାରେ କେତେକ ରାଜଲକ୍ଷଣ ଲକ୍ଷ୍ୟ କରି ତାଙ୍କୁ ସାଙ୍ଗରେ ନେଇ 'କପିଳେନ୍ଦ୍ର ସାମନ୍ତରାୟ' ନାମ ଦେଇ ମନ୍ତ୍ରୀ କଲେ ଓ ମରିବା ପୂର୍ବରୁ ତାଙ୍କୁ ଉତ୍ତରାଧିକାରୀ ମନୋନୀତ କଲେ । ରାଜାଙ୍କ ମୃତ୍ୟୁ ପରେ ମନ୍ତ୍ରିସଭାର ନିର୍ବାଚନକ୍ରମେ କପିଳେନ୍ଦ୍ର ରାଜା ହେଲେ । ଏ ଅତ୍ୟନ୍ତ ବୀର, ସାହସୀ, ଯୁଦ୍ଧପ୍ରିୟ ଓ ରାଷ୍ଟ୍ରନୀତିରେ ବିଚକ୍ଷଣ ଥିଲେ । ଏହାଙ୍କଠାରୁ ଆରମ୍ଭ କରି ଓଡ଼ିଶାର ସିଂହାସନରେ ସୂର୍ଯ୍ୟବଂଶୀୟ ରାଜାମାନେ ୧୦୦ ବର୍ଷ (ଖ୍ରୀ୧୪୩୫—ଖ୍ରୀ ୧୫୩୪) ରାଜତ୍ୱ କଲେ । ଏହାଙ୍କ ରାଜତ୍ୱ କାଳରୁ ( ୧୩୫୭ ଶକାବ୍ଦରୁ ) ଗୋଟିଏ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇସ୍ତ୍ର | ଉଅ | ଢ |
| ୨ | ଈ | ଊ | ଚ | ଌ | ସ୍ପ | ଅକାରାନ୍ତବର୍ଣ୍ଣ | ଅନୁସ୍ଵାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଷ | ନ୍ତ୍ର |

ସ୍ଵତନ୍ତ୍ର ଅବ୍ଦ ( କପିଳେନ୍ଦ୍ରାବ୍ଦ ) ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଓଡ଼ିଶାରେ ଚାଲିଅଛି ।

ଦେଶରେ ଶାନ୍ତିରକ୍ଷା, ବୈଦେଶିକ ଶତ୍ରୁ ନିବାରଣ ଓ ଅନ୍ୟ ଦେଶ ଅଧିକାର କପିଳେନ୍ଦ୍ରଙ୍କ ରାଜତ୍ଵର ପ୍ରଧାନ ଘଟଣା । ଖେମଣ୍ଡି, ଆଳି, କନିକା ଓ କୁଜଙ୍ଗର ସାମନ୍ତରାଜାମାନେ ବିଦ୍ରୋହୀ ହେବାରୁ କପିଳେନ୍ଦ୍ର ସେମାନଙ୍କୁ ଦମନ କରିବାପରେ ଓଡ଼ିଶାକୁ ଆକ୍ରମଣ କରୁଥିବା ବଙ୍ଗ ସୁଲତାନ ନାସିରୁଦ୍ଦିନ୍ ମହମ୍ମଦଙ୍କ ସୈନ୍ୟମାନଙ୍କୁ ପରାସ୍ତ କରି ଦାକ୍ଷିଣାତ୍ୟ ଜୟ କରିବା ପାଇଁ ଅଗ୍ରସର ହୋଇଥିଲେ; ଏବଂ କ୍ରମଶଃ ନେଲୋର, ଉଦୟଗିରି, ଚନ୍ଦ୍ରଗିରି ଓ କାବେରୀ ନଦୀକୂଳସ୍ଥ କେରଳ ରାଜ୍ୟ ଜୟ କଲେ । ତତ୍ପରେ ସେ ବିଜୟନଗର ରାଜ୍ୟ ମଧ୍ୟ ଅଧିକାର କଲେ ଓ ବାହାମନୀ ରାଜ୍ୟ ସଙ୍ଗେ ସନ୍ଧି ସ୍ଥାପନ କଲେ । ଏହିପରି ରାଜ୍ୟ ପରେ ରାଜ୍ୟ ଅଧିକାର କରି କପିଳେନ୍ଦ୍ର ସେତୁବନ୍ଧ ରାମେଶ୍ଵର ପର୍ଯ୍ୟନ୍ତ ଉତ୍କଳଶକ୍ତିର ଜୟପତାକା ଉଡ଼ାଇଥିଲେ । ଯୁଦ୍ଧବିଜୟ କରି ରାଜ୍ୟକୁ ଫେରି ଆସିବା ସମୟରେ କପିଳେନ୍ଦ୍ର କୃଷ୍ଣାନଦୀ କୂଳରେ ଦେହତ୍ୟାଗ କରିଥିଲେ । ସେ ପୁରୀ ଜିଲ୍ଲାର ତୁଳସୀପୁର, କପିଳେଶ୍ଵରପୁର ଓ ଦାମୋଦରପୁର ଶାସନମାନ ବସାଇଥିଲେ । ତାଙ୍କ ମନ୍ତ୍ରୀ ଗୋପୀନାଥ କଟକ ଜିଲ୍ଲାରେ ଗୋପୀନାଥପୁର ଶାସନ ବସାଇଥିଲେ । କପିଳେନ୍ଦ୍ର ବ୍ରାହ୍ମଣମାନଙ୍କୁ ଚୌକିଦାରୀ କରରୁ ମୁକ୍ତି ଦେଇଥିଲେ ଓ ପ୍ରଜାମାନଙ୍କୁ ବିନାଶୁଳ୍କରେ ଲୁଣ ଓ କଉଡ଼ି ଆମଦାନି କରିବାକୁ ଅଧିକାର ଦେଇଥିଲେ ଏବଂ ଗ୍ରାମର ଗୋଚର ଭୂମିମାନ କେବଳ ଗୋଚାରଣ ନିମନ୍ତେ ପଡ଼ିଆ ରଖିବା ପାଇଁ କଠୋର ଆଦେଶ ପ୍ରଚାର କରିଥିଲେ ।

ବର୍ତ୍ତମାନ ଗୁଣ୍ଟୁରୁ, କୃଷ୍ଣା ଓ ନେଲୋର ଜିଲ୍ଲାମାନଙ୍କରେ ତାଙ୍କର ଖୋଦିତ ଲିପି ମିଳୁଅଛି । କପିଳେନ୍ଦ୍ରଙ୍କୁ ଉତ୍କଳର ଦ୍ଵିତୀୟ ଖାରବେଳ ବୋଲାଯାଇପାରେ । ତାହାଙ୍କର ରାଜତ୍ଵକାଳରେ ଝଙ୍କଡ଼ର ଶୂଦ୍ରମୁନି କବି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରିଥିଲେ— କୃପାସିନ୍ଧୁ ଇତିହାସ । ]

**କପିଳେଶ**—ଦେ. ବି.—ଭୁବନେଶ୍ଵରଠାରୁ ଏକ ମାଇଲ ଦକ୍ଷିଣପୂର୍ବ
**Kapiḷeśa** ଏକ ଗ୍ରାମରେ ବିରାଜିତ ଶିବଲିଙ୍ଗ (ଏହାଙ୍କର ମାଳଜାତୀୟ ଶୂଦ୍ର ସେବକମାନେ ମଲ୍ଲିଆ ଉପାଧିଧାରୀ )—
Siba-linga situate near Bhubaneswar in the Puri District.

**କପିଳେଶ୍ଵର**—ଦେ. ବି.—୧ । କପିଳେଶ (ଦେଖ)—
**Kapiḷeśwara** 1. Kapiḷeśa (See)
୨ । କପିଳେଶ ଠାକୁର ଥିବା ଭୁବନେଶ୍ଵର ନିକଟସ୍ଥ ଏକ ଗ୍ରାମ—
2. A village near Bhubaneswar.

**କପିଳେଶ୍ଵର ଦେବ**—ଦେ. ବି.—୧ । କପିଳେଶ (ଦେଖ)
**Kapiḷeśwara deba** 1. Kapiḷeśa (See)
୨ । କପିଳେନ୍ଦ୍ର ଦେବ (ଦେଖ)
2. Kapiḷendra deba (See)

**କପିଶ**—ସଂ. ବି. (କପି + ଅସ୍ଥ ଅର୍ଥରେ ଶ; କପି ଅର୍ଥାତ୍ ମାଙ୍କଡ଼ର ବର୍ଣ୍ଣ) —
**Kapiśa** ନୀଳପୀତ ମିଶ୍ରିତ ବର୍ଣ୍ଣ — Brown colour.
ସଂ. ବିଣ.—ମାଙ୍କଡ଼ବର୍ଣ୍ଣଯୁକ୍ତ; ପାଉଁଶିଆ ବର୍ଣ୍ଣବିଶିଷ୍ଟ—
Brown; ashy.

**କପିଶା**—ସଂ. ବି. ସ୍ତ୍ରୀ (କପିଶ + ସ୍ତ୍ରୀ. ଆ)—
**Kapiśā** ୧ । ମଦ୍ୟବିଶେଷ—1. The name of a wine.
୨ । ନଦୀବିଶେଷ —2. The name of a river.
୩ । ସୁବର୍ଣ୍ଣରେଖା ନଦୀ—3. The river Subarṇṇa-rekhā.

ଯାମ୍ୟେ ଯାର ଋଷିକୁଲ୍ୟା, କପିଶା ଉତ୍ତରେ ।
ରାଧାନାଥ. ମହାଯାତ୍ରା ।

୪ । ମେଦିନୀପୁରର ଦକ୍ଷିଣରେ ଥିବା କଂସାଇ ନଦୀ—
4. The Cossai river in Midnapur.
[ ଦ୍ର—ଏ ନଦୀକୁ ପାରି ହୋଇ ରଘୁ ଉତ୍କଳ ଦେଶକୁ ଯାଇଥିଲେ । ]
୫ । ମାଧବୀ ଲତା—5. The name of a flowering creeper.
୬ । ପିଶାଚମାତା—6. The mother of the Demons.

**କପିଶୀ**—ସଂ. ବି. (କପିଶ + ଈ)— ମଦ୍ୟ; ମଦ; ମଦିରା—
**Kapiśī** Wine; spirits.

**କପିଶୀର୍ଷ**—ସଂ. ବି. (ବହୁବ୍ରୀହି; କପି = ମାଙ୍କଡ଼ + ଶୀର୍ଷ = ଉପରିଭାଗ;
**Kapiśīrsha** କପି ଯାହା ଉପରେ ବସନ୍ତି)—ପାଚେରୀର ଉପରିଭାଗ; ପ୍ରାକାରାଗ୍ର—The top of a compound wall.

**କପୀତକ**—ସଂ. ବି. (କପି + ତକ)—ଦାରୁହରିଦ୍ରା—
**Kapītaka** Cascinium Fenestratum.

**କପୀତନ**—ସଂ. ବି. (କପି + ତନ୍ ଧାତୁ = ବିସ୍ତାର କରିବା + ଅ; ଯେ କପିମାନଙ୍କୁ ଆଶ୍ରୟ ଦିଏ ।)—୧ । ପାରିଶ; ପାରସକୋଳି
**Kapītana** ଓ ଗଛ—1. The Tulip tree and berry.
୨ । ଆମ୍ବଡ଼ା ଗଛ—2. Hog-plum tree.
୩ । ପସାରୁଣୀ ଲତା (ଦେଖ)
3. Pasāruṇī (creeper) (See)
୪ । ଗଜପିପ୍ପଳୀ; ଏକ ପ୍ରକାର ପିପ୍ପଳୀ—
4. A kind of pepper.
୫ । ଶିରୀଷ ଗଛ—5. Acacia Lebbec (tree)

**କପୀନ୍ଦ୍ର**—ସଂ. ବି.—(୭ମୀ ତତ୍; କପି + ଇନ୍ଦ୍ର = ଶ୍ରେଷ୍ଠ)—
**Kapīndra** ୧ । ମାଙ୍କଡ଼ମାନଙ୍କ ରାଜା; କପିଶ୍ରେଷ୍ଠ—
1. King of monkeys; the chief amongst monkeys.
୨ । ହନୁମାନ୍—2. Hanumān; the devotee of Śrirāma.
୩ । ସୁଗ୍ରୀବ—3. Sugrība.
୪ । ବାଳୀ—4. Bāḷī.

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

**କପୀଷ୍ଟ୍**—ବୈଦେ. ବି. ( ଇଂ. କପୀଇଷ୍ଟ )—ନକଲ୍‌ନବିସ୍; ଯେ ଅସଲ
Kapisht କାଗଜରୁ ନକଲ କରିଥାଏ—A copyist.

**କପୁତ**—ପ୍ରାଦେ. (ସମ୍ବଲପୁର) ବି. (ସଂ. କୁପୁତ୍ର; ତୁଳ. ହି. କପୂତ୍ )—
Kaput ୧ । କୁପୁତ୍ର; କୁଳାଙ୍ଗାର—1. An unworthy scion of a family.
୨ । ଅସାର ମଞ୍ଜି—
2. Unsubstantial seed; bad seed.

**କପୁତା**—ପ୍ରାଦେ ( ସମ୍ବଲପୁର ) ବି—କପୁତ୍ ( ଦେଖ )—
Kaputā Kaput ( See )

**କପୁର୍‌ଛାଣ୍**—ପ୍ରାଦେ ( ସମ୍ବଲପୁର ) ବି—କପଡ଼ାଛାଣ ( ଦେଖ )—
Kapurchhān Kapardāchhāna ( See )

**କପୁଷ୍ଟିକା**—ସଂ. ବି (କ=ମସ୍ତକ+ପୁଷ୍ଟ+କ+ଆ )—ମସ୍ତକର
Kapushtikā ଉଭୟ ପାର୍ଶ୍ୱସ୍ଥ କେଶସମୂହ—
The hair on both sides of the head.

**କପୂୟ**—ସଂ. ବିଣ ( କ=କୁତ୍ସିତ+ପୂୟ ଧାତୁ=ଦୁର୍ଗନ୍ଧ ହେବା+କର୍ତ୍ତୃ.
Kapūya ଅ )—୧ । କୁତ୍ସିତ—Ugly.
୨ । ନିନ୍ଦ୍ୟ—2. Blameworthy.

**କପୂର**—ଦେ. ବି. ( ସଂ. କର୍ପୂର )—କର୍ପୂର; ଘନସାର—
Kapūra Camphor; Cinnamomum Camphora.

ସଂ. ପର୍ଯ୍ୟାୟ:—କର୍ପୂର, ସିତାଭ୍ର, ହିମବାଲୁକା, ଘନସାର, ଚନ୍ଦ୍ର ଓ ହିମବାଚକ ସମସ୍ତ ଶବ୍ଦ
କର୍ପୂର; କର୍ପୂର
ଆ. କାଫୂର, କାଫୂର
କପୂର
ମ. କାପୂର
ଗୁ. କପୂର
ତେ. କର୍ପୂରମ୍
ପା. କାପୁର

[ଦ୍ର—ଜାପାନ, ଚୀନ ଓ ଫର୍ମୋଜା ଦ୍ୱୀପସ୍ଥ ଚିରଶ୍ୟାମଳ ବୃକ୍ଷବିଶେଷର ଶୁକ୍ଳବର୍ଣ୍ଣ ଶୁଷ୍କରସ । ଏ ଗଛର କାଠକୁ ନିଆଁରେ ସିଝାଇ କପୂର ବାହାର କରାଯାଏ। ଏହା ସାଧାରଣ କପୂର ଅଟେ । ଭାରତର ଉତ୍ତର, ଦକ୍ଷିଣ, ବ୍ରହ୍ମ ଓ ଶ୍ୟାମ ଦେଶରେ ଏ ବୃକ୍ଷର କୃଷି କରା ଯାଉଅଛି ।
ଆଉ ଏକଜାତୀୟ ( Dyrobalanus Aromatica) ବୋର୍ଣ୍ଣିଓ ଓ ସୁମାତ୍ରାଦ୍ୱୀପର ବୃକ୍ଷର କାଣ୍ଡରେ ସଞ୍ଚିତ ରସରୁ ମଧ କର୍ପୂର ଜନ୍ମେ । ଏହା ଭୀମସେନୀ କପୂର । ବାଷ୍ପୀକୃତ ଓ ଶୋଧିତ କପୂରକୁ ଶୀକର୍ପୂର ବୋଲାଯାଏ । କପୂରର ଗନ୍ଧ ମଧୁର ଓ ଏହା ଔଷଧରେ ଲାଗେ । ଏହା ପକ୍ୱ ଓ ଅପକ୍ୱ ଭେଦରେ ଦୁଇ ପ୍ରକାର । ପକ୍ୱ କର୍ପୂର ଅପେକ୍ଷା ଅପକ୍ୱ କର୍ପୂର ଗୁଣକର । କର୍ପୂର ଶୀତବୀର୍ଯ୍ୟ, ଶୁକ୍ରବର୍ଦ୍ଧକ, ଚକ୍ଷୁର ହିତକର, ଲଘୁ, ସୁଗନ୍ଧ, ମଧୁରତିକ୍ତ, ନିଦ୍ରାଜନକ, ଧର୍ମବର୍ଦ୍ଧକ ଓ କାମଶାନ୍ତିକର । ଏହା କଫ, ପିତ୍ତ, ବିଷଦୃଷ୍ଟି, ଦାହ, ପିପାସା, ମୁଖର ବିରସତା, ମେଦୋଦୋଷ, ଦୌର୍ଗନ୍ଧ୍ୟ, ଆକ୍ଷେପ, ବେଦନା ଓ ଶୁକ୍ରମେହନାଶକ । ନୂତନ କର୍ପୂର ସ୍ନିଗ୍ଧ, ତିକ୍ତରସ, ଉଷ୍ଣବୀର୍ଯ୍ୟ ଓ ଦାହଜନକ । ପୁରାତନ କର୍ପୂର ଦାହ ଓ ଶୋଷବିନାଶକ ।]

( ଯଥା—କପୂର ଗଲାଣି କନା (ଖଣ୍ଡିକ) ଅଛି—ପ୍ରବଚନ ।
ଏ ପ୍ରବଚନର ଅର୍ଥ—ଯେଉଁ ବଂଶରେ ପୂର୍ବ-ବିଭବ ଲୋପ ପାଇଅଛି, କିନ୍ତୁ ପୂର୍ବଗୌରବ ଅକ୍ଷୁଣ୍ଣ ରହିଅଛି । )

**କପୂର ଅରକ**—ଗ୍ରା. ବି—କର୍ପୂରରୁ ରାସାୟନିକ ଉପାୟରେ ପ୍ରସ୍ତୁତ
Kapūra araka ଅରକ—Spirit of camphor.
କର୍ପୂରେର ଆରକ
କପୂରକା ଅର୍ଖ
[ ଦ୍ର—ଏହା ଅତିସାର, ଗ୍ରହଣୀ ଓ ଓଲାଉଠା ରୋଗରେ ଉପକାରୀ । ]
ତେ. କର୍ପୂରତୈଲମ୍

**କପୂର ଅର୍କ**—ଦେ. ବି—କପୂର ଅରକ ( ଦେଖ )
Kapūra arka Kapūra araka ( See )

**କପୂର ଆଳତି**—ଦେ. ବି. ( ସଂ. କର୍ପୂର+ଆରାତ୍ରିକ )—
Kapūra ālati କପୂର ଜାଳି ସେହି ଆଲୋକରେ ଦେବତାଙ୍କ
ତେ. କର୍ପୂରଆରତି ଆଗରେ କରାଯିବା ଆରତି—
Ceremonial waving of a lighted bit of camphor before a Deity.

**କପୂର କାନ୍ତି**—ଦେ. ବି—୧ । ଏକପ୍ରକାର କର୍ପୂର ସୁଗନ୍ଧଯୁକ୍ତ ପାନ—
Kapūra kānti 1. A species of camphor-scented betel leaf.
କର୍ପୂର କାନ୍ତି
[ ଦ୍ର—ଏ ପାନ ବଙ୍ଗଦେଶରେ ଜନ୍ମେ; ଏଥିରେ ଈଷତ୍ କପୂରଗନ୍ଧ ଅଛି । ]
୨ । ଏକ ପ୍ରକାର ଧାନ—2. A kind of paddy.
[ ଦ୍ର—ଏଥିର ଧାନ ସରୁ ଓ ଚାଉଳ ସୁଗନ୍ଧ ଓ ସ୍ୱାଦୁ ଅଟେ । ]

**କପୂର ଚୂରିବା**—ଦେ. କ୍ରି. ( ଲକ୍ଷଣାର୍ଥ )—ଖୁବ୍ ସୁଖସ୍ୱାଚ୍ଛନ୍ଦ୍ୟ ଉପଭୋଗ
Kapūra chūribā କରିବା—To enjoy peace and happiness.
ଭଲ ଗୁଣ କଲେ କପୂର ଚୂରିବୁ । କୁନ୍ତଳାକୁମାରୀ ରାଧାକୃଷ୍ଣ ।

**କପୂରଦାନା**—ଦେ. ବି. ( ସଂ. କର୍ପୂର ଓ ଆ. ଦାନା )—
Kapūradānā କପୂର ପରି ବାସିବା ଏକ ପ୍ରକାର ମସଲା—
କର୍ପୂରଦାନା A kind of spice.
ତେ. ଯାଲକ୍କିଗିଞ୍ଜଲୁ [ ଦ୍ର—ଏ ଦାନା ଗୁଡ଼ିକ ଗୁଜରାଟି ବା ଅଲାଇଚର ଦାନା ପରି । ଏହା ଉଷ୍ଣବୀର୍ଯ୍ୟ । ]

**କପୂରନଳି**—ଦେ. ବି. ( ସଂ. କର୍ପୂର+ନାଳିକା )—
Kapūranali ୧ । ମିଷ୍ଟାନ୍ନବିଶେଷ —
କର୍ପୂରନାଳି 1. A kind of sweetmeat.
[ ଦ୍ର—ଏହା ଲବଙ୍ଗ, ମରିଚ, କପୂର ଓ ଚିନିମିଶା ପୁରଦିଆ ମଇଦାର ପିଠା । ]
୨ । ଏକ ପ୍ରକାର ସୁବାସିତ ଆମ୍ବ—2. A species of mango.
୩ । ଏକ ପ୍ରକାର ବାହୁର ଅଳଙ୍କାର; ବାହୁଭୂଷଣ—
3. A kind of armlet.

**କପୂରନଳିଆ**—ଦେ. ବି—ଏକପ୍ରକାର ବାହୁର ଅଳଙ୍କାର; ବାହୁ-
Kapūranaliā ଭୂଷଣ—A kind of armlet.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ୭ | ଂନ୍ତ |

**କପୂରବାଳିଆ**—ଦେ. ବି—କପୂରନଳିଆ ( ଦେଖ )
Kapūrabālia Kapūranalia ( See )

**କପୂରବାସ**—ଦେ. ବ. (ସଂ. କର୍ପୂର+ବାସ)—୧ । ଖାଦ୍ୟାଦିରେ ମିଶ୍ରିତ
Kapūrabāsa ସୁବାସିତ କର୍ପୂର—
1. Camphor mixed with food etc.

ଘଇ କଏ ନବ ଅସ । ସକଳେ ପକ୍ଷନ୍ତି କପୂରବାସ, ଗାଉଲେ ଗନ୍ଧବ ବାଣ । ଶିଶୁଶୀତ ।

୨ । କପୂରର ଗନ୍ଧ—2. Scent of camphor.

ଦେ. ବଣ.—କପୂର ପରି ବାସ୍ନାଥିବା——Smelling like camphor; having the smell of camphor

**କପୂରମାଳା**—ଦେ. ବ. (ସଂ. କର୍ପୂର ମାଳା)—କପୂରମାଳୀ (ଦେଖ)
Kapūramālā Kapūramāli (See)

**କପୂରମାଳିଆ**—ଦେ. ବି. ( ବଣିଆଙ୍କ ଶବ୍ଦ )—ସୁନା ବା ରୁପାର
Kapūramālia ତାରରେ ବୁଣା ଗାଣ୍ଠିକ ପରି ହାତର ବାହୁର
ଅଳଙ୍କାରବିଶେଷ—A kind of armlet woven with wire.

ଦେ. ବଣ—ଯେଉଁମାନେ କପୂରମାଳୀ ପିନ୍ଧିଥାଆନ୍ତି; କର୍ପୂରମାଳାଧାରୀ—
( persons ) Wearing garlands of camphor-balls.

ସଭାରେ ବସନ୍ତି ଯେତେ କପୂରମାଳିଆ;
ସମସ୍ତଙ୍କ ଗାଣ୍ଠିମାନ ଯେସନ ଓଠଆ—କୃଷ୍ଣସିଂହ. ମହାଭାରତ ।

**କପୂରମାଳୀ**—ଦେ. ବ. ( ସଂ. କର୍ପୂରମାଳା )—କର୍ପୂର ବା ସ୍ୱର୍ଣ୍ଣରର
Kapūramāli ଗୁଳରେ ତିଆରି ହୋଇଥିବା ଏକ ପ୍ରକାର ମାଳୀ—
କପূরেরমালা A garland made of of balls
**কপূরকীমালা** of camphor.

[ ଦ୍ର—ଏହା ସୁବାସିତ ଓ ନାନାରଙ୍ଗଯୁକ୍ତ ହୋଇଥାଏ; ପୁଷ୍ପ ସହରରେ ଏହା ମିଳିବ । ]

**କପୂର**—ଦେ. ବ. ( ସଂ. କର୍ପୂରହରିଦ୍ରା )—୧ । ହଳଦ ପରି ଏକ
Kapūrā ପ୍ରକାର ମୂଳ; ଅମ୍ବହଳିଆ ଗନ୍ଧ; ଶ୍ୱେତପୁଷ୍ପ—
ଆମାଦା 1. A kind of tuber like turmeric.
**ଆମହଲଦୀ** ୨ । ଜଳାଭୂମିରେ ଜାତ କର୍ପୂରଗନ୍ଧବିଶିଷ୍ଟ ଲତାଜାତ
କର୍ପୂର ଶାକବିଶେଷ—
2. Limnophila Gratioloides a herb.

[ ଦ୍ର—ଏହାର ପତ୍ର ଗୁଚ୍ଛାକାର ଓ ବନ୍ଧୁରୂପ ପତ୍ରାକାର; ଫୁଲ ଧଳା, ନାଲିଟିପିଟିପିଆ, ପଞ୍ଚଦଳବିଶିଷ୍ଟ ଏବଂ ଓଷ୍ଠାକାର; କେଶର ଗୁଡ଼ିଗୋଟି ମଧ୍ୟରୁ ଦୁଇଟି ସାନ ଓ ଦୁଇଟି ଲମ୍ବା; ଫଳ ବର୍ତ୍ତୁଳ ଓ ଦ୍ୱିକୋଷ; ବର୍ଷାକାଳରେ ଫୁଲ ଫୁଟେ—ଯୋଗେଶଚନ୍ଦ୍ର । ]

୩ । ଜଳାଭୂମିରେ ଜନ୍ମିବା ଆଉ ଏକ ପ୍ରକାର ଶାକ—
3. Limnophila Roxburghii.

କାଲକପুর [ ଦ୍ର—ଏହାର ପତ୍ର ପରସ୍ପର ଅଭିମୁଖ ହୋଇ ଦୁଇଟି ଲେଖାଏଁ ଗୋଟିଏ ଡେଙ୍ଗାରେ ଧରେ । ଫଳର ଶିରା ସ୍ପଷ୍ଟ; ଏଥିର କ୍ଷୁଦ୍ର କୃଷ୍ଣାଭ ଫୁଲ ଏକାଠିକି ଅନେକଗୁଡ଼ିଏ ଫୁଟେ; ଫୁଲର ରଙ୍ଗ ବାଇଗଣିଆ । ଏ ଶାକ ଦେଖିବାକୁ ବ୍ରାହ୍ମୀ ଶାଗ ପରି—ଯୋଗେଶଚନ୍ଦ୍ର । ]

**କପୋତ୍**—ପ୍ରାଦେ. ( ସମ୍ବଲପୁର ) ବ—କପୁତ୍ ( ଦେଖ )
Kapot Kaput ( See )

**କପୋତ**—ସଂ. ବ. ପୁଂ. (କ=ବାୟୁ+ପୋତ=ନୌକା; ଯେ ବାୟୁରେ
Kapota ନୌକା ପରି ଗତି କରେ )—
(କପୋତୀ—ସ୍ତ୍ରୀ) ୧ । ପାରାବତ; ପାରାପକ୍ଷୀ, କବୁତର—
1. Pigeon.

୨ । ଡାଉକା ପକ୍ଷୀ—2. Dove.

କପୋତ ପ୍ରତିବା କରେ ତଥର ଶୁଣିବ—ଗୋଲକ. ଉଦ୍ଧବଗୀତା ।

୩ । ପକ୍ଷୀ—3. Bird.

**କପୋତକ**—ସଂ. ବ. ପୁଂ. ( କପୋତ+ସ୍ୱାର୍ଥେ. କ )—
Kapotaka ୧ । କପୋତ ( ଦେଖ )
(କପୋତିକା—ସ୍ତ୍ରୀ) 1. Kapota ( See ).

୨ । କ୍ଷୁଦ୍ର ପକ୍ଷୀ—2. Small or tiny bird.

୩ । ( ବୈଦ୍ୟକ ) ସୌବୀରାଞ୍ଜନ—
3. Sulphuret of antimony.

**କପୋତଚରଣ**—ସଂ. ବ. ( ବୈଦ୍ୟକ )—୧ । ନଳୀନାମକ ଗନ୍ଧଦ୍ରବ୍ୟ—
Kapotacharana 1. A kind of perfume.

୨ । ନାଳିକା ନାମକ ସୁଗନ୍ଧ ଦ୍ରବ୍ୟ—
2. A kind of perfume.

**କପୋତପାଳିକା**—ସଂ. ବ. ସ୍ତ୍ରୀ. ( କପୋତ+ପାଳ ଧାତୁ=ରକ୍ଷା
Kapotapālikā କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଆ. )—
୧ । ବିଟଙ୍କ; ପାରା ରଖିବା କୋଠରି; ପାରାଘର—
1. Pigeon-hole; dove-cot.

୨ । ପକ୍ଷିଶାଳା; ଚଢ଼େଇଶାଳା—
2. Aviary; a bird-house.

**କପୋତପାଳୀ**—ସଂ. ବ. ସ୍ତ୍ରୀ. ( କପୋତ+ପାଳ ଧାତୁ=ରକ୍ଷା କରିବା
Kapotapāli +କର୍ତ୍ତୃ. ଅ+ସ୍ତ୍ରୀ.ଈ)—କପୋତପାଳିକା (ଦେଖ)
Kapotapālikā ( See )

**କପୋତବଙ୍କା**—ସଂ. ବ. (ବୈଦ୍ୟକ )—୧ । ଥାଲକୁଣି (ଦେଖ)
Kapotabankā 1. Thālakuni (See)

୨ । ବ୍ରାହ୍ମୀ ଶାକ (ଦେଖ)
2. Brāhmi śāka (See)

**କପୋତବୃତ୍ତି**—ସଂ. ବ. ( ୬ଷ୍ଠୀ ତତ୍ )—ସଞ୍ଚୟହୀନ ଜୀବିକା; ଭବିଷ୍ୟତ
Kapotabrutti ପାଇଁ ଖାଦ୍ୟ ସଞ୍ଚୟ ନ କରି ପ୍ରତିଦିନ ଯାହା ମିଳେ
ତାହା ଖାଇବାର ସ୍ୱଭାବ—
The way of one living from hand to mouth on what one gets or picks up from day to day.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜନ୍ତେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚହ୍ନିର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—କପୋତମାନେ ଯେଉଁ ଦିନ ଯାହା ପାଆନ୍ତି ସେଦିନ ତାହା ଖାଆନ୍ତି, ପରଦିନ ପାଇଁ ସଞ୍ଚୟ କରନ୍ତି ନାହିଁ । ]

ସଂ. ବିଣ. ପୁଂ ଓ ସ୍ତ୍ରୀ ( ବହୁବ୍ରୀହି )—ଆକାଶବୃତ୍ତି; ଭବିଷ୍ୟତକୁ ସଞ୍ଚୟ କରିବା ପ୍ରବୃତ୍ତି ନ ରଖି ଯେଉଁ ଦିନ ଯାହା ମିଳିବ ତାହା ଖାଇ ବଞ୍ଚୁଥିବା ( ବ୍ୟକ୍ତି )—( a person ) Living from hand to mouth without making provision for the next day.

**କପୋତା**—ଗ୍ରା. (ପ୍ରାଚୀନ ପଦ୍ୟ) ବି. ( ସଂ. କପୋତ )—
Kapotā କପୋତ; କାପତା—Dove.

ସେ ବୃକ୍ଷେ କପୋତା କପୋତୀ, କ୍ରୀଡ଼ା କରନ୍ତି ଚହିଁ ନିତି । ପ୍ରାଚୀ. ନର୍ସିଂହମାହାତ୍ମ୍ୟ ।

**କପୋତାଞ୍ଜନ**—ସଂ. ବି. ( ବୈଦ୍ୟକ )—ସୌବୀରାଞ୍ଜନ—
Kapotānjana Sulphuret of antimony.

**କପୋତାରି**—ସଂ. ବି. ( ୬ଷ୍ଠୀ ତତ୍; କପୋତ + ଅରି )—
Kapotāri ଶ୍ୟେନ; ଛଞ୍ଚାଣ ପକ୍ଷୀ—Hawk; a falcon.

**କପୋତିକା**—ସଂ. ବି. ସ୍ତ୍ରୀ. ( କପୋତ + କ + ସ୍ତ୍ରୀ. ଆ )—
Kapotikā 'କପୋତକ'ର ସ୍ତ୍ରୀଲିଙ୍ଗ—
Feminine of Kapotaka.

**କପୋତୀ**—ସଂ. ବି. ସ୍ତ୍ରୀ. ( କପୋତ+ସ୍ତ୍ରୀ. ଈ )—
Kapotī କପୋତର ସ୍ତ୍ରୀଲିଙ୍ଗ; ମାଈ କାପତା—Feminine of Kapota; a female dove.

**କପୋତେଶ୍ୱର**—ସଂ. ବି. ପୁଂ. ( ୬ଷ୍ଠୀ ତତ୍ )—ଶିବ; ମହାଦେବ—
Kapoteśwara Śiba.

ଦେ. ବି—ପୁରୀ ନଗରର ପଶ୍ଚିମରେ କିଛି ଦୂରରେ ଥିବା ଶିବ-ମୂର୍ତ୍ତିଙ୍କ ନାମ—Name of an idol of Śiba to the west of the town of Puri.

କପୋତେଶ୍ୱର ଶିବ ଅଛି, ନିକଟେ ପୁଣି ଗଙ୍ଗାଞ୍ଜଳ । ଭୂପତି. ପ୍ରେମପଞ୍ଚାମୃତ ।

[ ଦ୍ର—କପୋତେଶ୍ୱର ମନ୍ଦିର ପୁରୀନଗରର ୩ କୋଶ ଦୂରରେ ଭାର୍ଗବୀ ନଦୀ କୂଳରେ ଅବସ୍ଥିତ । ଶ୍ରୀ ଚୈତନ୍ୟ ମହାପ୍ରଭୁ ପୁରୁଷୋତ୍ତମ ଯାତ୍ରା କରିବା ସମୟରେ ଏଠାକୁ ଆସିଥିଲେ । ଏଠାରେ ଧୂର୍ଜ୍ଜଟି କଠୋର ତପସ୍ୟା କରି କପୋତ ସଦୃଶ କ୍ଷୀଣକାୟ ହୋଇ ଯାଇଥିବାରୁ ଏହାଙ୍କର ଏପରି ନାମ ହୋଇଅଛି—
ମଦନମୋହନ-ତୀର୍ଥଦର୍ଶନ । ]

**କପୋଳ**—ସଂ. ବି ( କ=ମୁଖ + ପୋଲ୍ ଧାତୁ=ବୃହତ୍ ହେବା + କର୍ତ୍ତୃ. ଅ )—ଗଣ୍ଡଦେଶ; ଗାଲ—The cheek.
Kapoḻa

**କପୋଳକଳ୍ପନା**—ସଂ. ବି. ସ୍ତ୍ରୀ ( କପୋଳ + କଳ୍ପନା; ଗାଲରେ ହାତ ଦେଇ ମନୁଷ୍ୟ ମନେ ମନେ ଯେଉଁ ପାଞ୍ଚମାନ କରେ )—୧ । ଅବାସ୍ତବ ରଚନା —
Kapoḻakaḻpanā
1. An imaginary story.
୨ । ଗାଲଗଳ୍ପ—2. A canard.
୩ । ଅସାର ପ୍ରଳାପ—3. Meaningless talk; ravings.

**କପୋଳକଳ୍ପିତ**—ସଂ. ବିଣ ( ୩ୟା ତତ୍; କପୋଳ + କଳ୍ପିତ ) ଯାହାର ଅସ୍ତିତ୍ୱ ନାହିଁ କେବଳ କଳ୍ପନାଦ୍ୱାରା ଯାହା ବର୍ଣ୍ଣିତ; ମନଗଢ଼ା ( କଥା )—Invented; fabricated; got up (story).
Kapoḻakaḻpita

**କପୋଳରାଗ**—ସଂ.ବି (୬ଷ୍ଠୀ ତତ୍; କପୋଳ + ରାଗ) ଗଣ୍ଡଦେଶର ରକ୍ତିମା—
Kapoḻarāga The rosy flush in a healthy cheek.

**କପ୍ତାନ୍**—ବୈଦେ. ବି ( ଇଂ. କାପ୍‌ଟେନ୍ )—କପ୍‌ତାନ୍ ( ଦେଖ )—
Kaptān Kaptān ( See
काप्तान
कप्तान
ତେ. ସାରଙ୍ଗ

**କପ୍ତିପଦା**—ଦେ. ବି ( ନାମ )—ଓଡ଼ିଶାର ମୟୂରଭଞ୍ଜ ରାଜ୍ୟ ଅନ୍ତର୍ଗତ
Kaptipadā ଗୋଟିଏ କ୍ଷୁଦ୍ର ସାମନ୍ତ ରାଜ୍ୟ—A small estate in the Feudatory State of Mayūrabhañja in Orissa.

[ ଦ୍ର—ପୂର୍ବେ ଏହା ବିସ୍ତୃତ ରାଜ୍ୟ ଥିଲା ବୋଲି କଥିତ ଅଛି । ]

**କଫ୍**—ବୈଦେ. ବି (ଇଂ. କଫ୍)—କାମିଜର ଅସ୍ତିନ୍ ବା ହାତର ଶେଷରେ ଥିବା ଖୋଲା ଅଂଶ ( ଯାହା ବୋତାମଦ୍ୱାରା ଖୋଲାଯାଏ ଓ ମୁଦା ହୁଏ )—Cuff of a shirt.
Kaph
काफ़
कफ
ତେ. କଫ୍

**କଫ**—ସଂ. ବି. (କ=ଜଳ + ଫଲ୍ ଧାତୁ=ନିଷ୍ପନ୍ନ ହେବା + କର୍ତ୍ତୃ. ଅ)—
Kapha ୧ । ଶ୍ଳେଷ୍ମା; ଶରୀରସ୍ଥ ତାଳୁଆ ଧାତୁବିଶେଷ—
1. Phlegm; one of the three humours of the body.
୨ । ଶର୍ଦ୍ଦି—2. Cold; catarrh.
୩ । ଶର୍ଦ୍ଦି ଯୋଗୁଁ ଉତ୍ପନ୍ନ ଗାଢ଼ ଶ୍ଳେଷ୍ମା—
3. Spittle or mucus due to cold.

**କଫକଟୁରୀ**—ପ୍ରାଦେ. (ଗଞ୍ଜାମ) ବି.— ଅକରକରା (ଦେଖ)
Kaphakaturī Akarakarā (See)

**କଫକଫିଆ**—ଦେ. ବିଣ. (ସଂ. କଫୀ)—ଯାହାର ଶରୀର ସର୍ବଦା କଫଯୁକ୍ତ;
Kaphakaphiā କଫ ଧାତୁ ପ୍ରଧାନ ( ବ୍ୟକ୍ତି )—Habitually subject to cold; phlegamtic.
(କଫକଫେଇ—ସ୍ତ୍ରୀ)

**କଫକର**—ସଂ. ବିଣ. (କଫ + କୃ ଧାତୁ. + କର୍ତ୍ତୃ.ଅ)—ଶରୀରର ଶ୍ଳେଷ୍ମା-
Kaphakara ବର୍ଦ୍ଧକ —Producing or tending to increase in the phlegm system.

**କଫ କରିବା**—ଦେ. ବି.— ଶ୍ଳେଷ୍ମା ପ୍ରକୁପିତ ହେବା; ଶ୍ଳେଷ୍ମାର ଆକ୍ରମଣ—
Kapha karibā ( ଯଥା— ମୋତେ କଫ କରୁଛି । )
कफ़ धरना An attack of cold; catching of cold.
कफ पकड़ना

| ୧ | ଉ | ଢ଼ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଞ୍ଚ | ଇଯ଼ | ଡ଼ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଊ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

**କଫ କାଟିବା**—ଦେ. କ୍ରି.—ସର୍ଦ୍ଦିର ପ୍ରତିଷେଧକ ହେବା; ସର୍ଦ୍ଦି କମାଇବା—
Kapha kāṭibā — To act as a remedy for cold.
( ଯଥା—ଏ ଔଷଧ କଫ କାଟିବ । )

**କଫକୂର୍ଚ୍ଚିକା**—ସଂ. ବି. ସ୍ତ୍ରୀ. ( କଫ + କୂର୍ଚ୍ଚିକା = ପାଣିଫାଟିଯିବା ଦୁଗ୍ଧ-ପରି ଦେଖାଯିବା କଫ)—୧ । ଖଙ୍କାର—
Kaphakūrchchikā
1. Spittle or mucus coming out of the mouth on account of cold.
୨ । ସିଙ୍ଘାଣି; ନାସାନିର୍ଗତ ଶ୍ଳେଷ୍ମା—
2. The mucus coming out of the nostrils on account of cold.

**କଫଘ୍ନ**—ସଂ. ବିଣ. (କଫ + ହନ୍ ଧାତୁ = ନାଶ କରିବା + କର୍ତ୍ତୃ. ଅ )—
Kaphaghna — ଶ୍ଳେଷ୍ମାନାଶକ—Curing cold or phlegm; antiphlegmatic.

**କଫ ଛିଣ୍ଡିବା**—ଦେ. କ୍ରି—କଫ ପାଚି ଯାଇ କାଶରେ ଖଣ୍ଡ ଖଣ୍ଡ ହୋଇ ଛାଡ଼ିବା (ଏହା କଫରୋଗ ଭଲହୋଇ ଆସିବାର ଏକ ଲକ୍ଷଣ )—The coming out in large quantities of spittle on the subsidence of cold.
Kapha chhiṇḍibā
कफपड़ा
कफगिरना

**କଫଜ**—ସଂ. ବିଣ. ( କଫ + ଜନ୍ ଧାତୁ + କର୍ତ୍ତୃ. ଅ )—
Kaphaja — ସର୍ଦ୍ଦିରୁ ଉତ୍ପନ୍ନ—Arising from or due to cold or phlegm.

**କଫଣି**—ସଂ. ବି. (କ = ସୁଖ + ଫଣ ଧାତୁ = ଗମନ କରିବା + କର୍ତ୍ତୃ. ଇ)—
Kaphaṇi — କଫୋଣି; କହୁଣି—Elbow.

**କଫ ଧରିବା**—ଦେ. କ୍ରି—କଫ କରିବା (ଦେଖ)
Kapha dharibā — Kapha karibā (See)
( ଯଥା—ମୋତେ କଫ ଧରୁଛି । )

**କଫନିଃସରଣ**—ସଂ. ବି. ( ୬ଷ୍ଠୀ ତତ୍; କଫ + ନିଃସରଣ )—
Kaphaniḥsaraṇa — ଅନ୍ତଃସ୍ଥ ଶ୍ଳେଷ୍ମା ପାଟିବାଟେ ବାହାରକୁ ବହିର୍ଗତ ହେବା—Expectoration.

**କଫନିଃସାରକ**—ସଂ. ବିଣ. ( ୬ଷ୍ଠୀ ତତ୍; କଫ + ନିଃସାରକ )—
Kaphaniḥsāraka — ଯେଉଁ ଔଷଧ ସେବନ କଲେ ଅନ୍ତଃସ୍ଥ ଶ୍ଳେଷ୍ମା ବାହାରି ପଡ଼େ—Expectorant (article)

**କଫ ପଡ଼ିବା**—ଦେ. କ୍ରି—କଫ ଛିଣ୍ଡିବା ( ଦେଖ )
Kapha paṛibā — Kapha chhiṇḍibā ( See )

**କଫବର୍ଦ୍ଧକ**—ସଂ. ବିଣ—କଫକର ( ଦେଖ )
Kaphabarddhaka — Kaphakara ( See )

**କଫ ବସିବା**—ଦେ. କ୍ରି—କଣ୍ଠରେ ଶ୍ଳେଷ୍ମା ଶୁଖିଯିବା—
Kapha basibā — The drying up of the phlegm in the throat.
कफबसा

**କଫରୁଦ୍ଧ**—ସଂ. ବିଣ. ( ୩ୟା ତତ୍; କଫ + ରୁଦ୍ଧ )—
Kapharuddha — ଗଳାରେ କଫ ଜମା ହୋଇ ଯିବାରୁ ଯାହାର ନିଃଶ୍ୱାସ ରୁଦ୍ଧ ହୋଇଯାଏ—
(a person) Asphyxated on account of the respiratory canal being blocked up by phlegm.
ଦେ. ବି—କଫରୋଧ (ଦେଖ)
Kapharodha ( See )

**କଫ ରୁନ୍ଧିବା**—ଦେ. କ୍ରି—ସର୍ଦ୍ଦିରେ ନାକ ବନ୍ଦ ହୋଇଯିବା; କଫ ରୋଗରେ ନିଃଶ୍ୱାସମାର୍ଗ ବନ୍ଦ ହୋଇ ଆସିବା—
Kapha rundhibā
(the respiratory canal) Being chocked up by phlegm; asphyxation by phlegm.
( ଯଥା—ତାକୁ କଫ ରୁନ୍ଧୁଛି । )

**କଫରୋଧ**—ସଂ. ବି. ( ୩ୟା ତତ୍; କଫ + ରୋଧ )—
Kapharodha — କଫଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସର ରୋଧ—
The blocking up of respiration by phlegm.

**କଫ ହେବା**—ଦେ. କ୍ରି—କଫ କରିବା ( ଦେଖ )
Kapha hebā — Kapha karibā ( See )
( ଯଥା—ମୋତେ ବା ମୋର କଫ ହୋଇଛି । )

**କଫି**—ବୈଦେ. ବି. ( ଇଂ. କଫି )—କଫୀ ( ଦେଖ )
Kaphi — Kaphī ( See )
काफि
काफि
ତେ. କାଫି

**କଫିନ୍**—ବୈଦେ. ବି. ( ଇଂ. କଫିନ୍ )—
Kaphin — ପୋତା ହେବା ପୂର୍ବେ ମୁର୍ଦ୍ଦାରକୁ ଯେଉଁ ବାକ୍ସରେ ରଖନ୍ତି; ମୁର୍ଦ୍ଦାରକୁ ଯେଉଁ ବାକ୍ସରେ ପୂରାଇ ପୋତନ୍ତି—Coffin.
कफन
कफन, कफनी

**କଫୀ**—ସଂ. ବିଣ. ପୁଂ. (କଫ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Kaphī — ୧ । କଫଯୁକ୍ତ—1. Attacked with cold.
(କଫିନୀ—ସ୍ତ୍ରୀ) ୨ । ଶ୍ଳେଷ୍ମାଧିକ ଶରୀରବିଶିଷ୍ଟ—
2. Habitually subject to cold; phlegmatic.
ସଂ. ବି—ହସ୍ତୀ; ଗଜ—Elephant.
ବୈଦେ. ବି. ( ଇଂ. କଫି; ତୁର୍କୀ ଶବ୍ଦରୁ ଇଂରାଜୀରେ ବ୍ୟବହୃତ; ଅ. କାହ୍ୱା)—ଏକପ୍ରକାର ଫଳ-ମଞ୍ଜି; (ଏହାର ଗୁଣ୍ଡକୁ ଗରମ ପାଣିରେ ପକାଇ ଚାହା ପରି ଖାଇବାକୁ ହୁଏ)—Coffee.
काफी
काफ़ी
[ ଦ୍ର—ଏହା ଅଫ୍ରିକା ଦେଶର ଅଙ୍କୁରାଦ ବର୍ଗର ଗୁଳ୍ମବିଶେଷ ( Coffea Arabica ); ଏହାର ଫଳକୋଷସ୍ଥ ମଞ୍ଜିକୁ ଭାଜି ଚୂର୍ଣ୍ଣ ଫୁଟନ୍ତା ପାଣିରେ ପକାଇ, ସେ ପାଣିକୁ ଛାଣି ଗରମଗରମ କରି ଖାଇଲେ ଚାହା ଖାଇଲା ପରି ଦେହର ସ୍ଫୂର୍ତ୍ତି ଜନ୍ମେ । ବର୍ତ୍ତମାନ ଦକ୍ଷିଣଭାରତ ଓ ସିଂହଳରେ କଫୀର ଚାଷ ହେଉଅଛି । ]

**କଫୁଆ**—ଦେ. ବିଣ. ପୁଂ. ( ସଂ. କଫୀ )—ଶ୍ଳେଷ୍ମା ରୋଗଗ୍ରସ୍ତ—
Kaphuā — Of a phlegmatic constitution.
(କଫୋଇ; କଫେଇ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଭଲ ବୁଝନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ପାଠକମାନେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

**କଫୋଣି**—ସଂ. ବି. (କ=ମୁଖ+ଫଣ୍=ଗମନ କରିବା+କର୍ତ୍ତୃ. ଇ)—
Kaphoṇi  କହୁଣୀ; ବାହୁର ମଧ୍ୟସ୍ଥ ଗ୍ରନ୍ଥି—The Elbow.

**କବ୍ ( ଧାତୁ )**—ସଂ.—ପଦ୍ୟ ରଚନା କରିବା—
Kab ( root )  To compose a poem.

**କବ୍‌କବ୍**—ଦେ. ଅ (ଧ୍ୱନ୍ୟନୁକରଣ)—କବର୍ କବର୍ ( ଦେଖ )
Kabkab  Kabar kabar ( See )

**କବ୍‌ଜା**—ବୈଦେ. ବି. ( ଆରବୀ )—୧ । କବାଟକୁ ଦୁଆରବନ୍ଧରେ
Kabjā  ଝୁଲାଇବା ପାଇଁ ବ୍ୟବହୃତ ଦୁଇଫାଳିଆ ଧାତୁପତ୍ର—
କଜ୍ଞା  1. The hinges of a door.
**कबजा**  ୨ । ହାତର ଗଣ୍ଠି; କରଟ—2. The Wrist.
୩ । ମନୁଷ୍ୟ ଶରୀରସ୍ଥ ଦୁଇଅସ୍ଥିସଂଯୋଜକ ଚକଡ଼; ଗଣ୍ଠି—
3. The bone-joints.

**କବ୍‌ଜି**—ବୈଦେ. ବି—କବ୍‌ଜା ( ଦେଖ )
Kabji  Kabjā ( See )

**କବ୍‌ଜିବା**—ଦେ. କ୍ରି—କବ୍‌ଜାରେ ଧରିବା ଭଳି ଯାକୁଡ଼ି ଧରିବା—
Kabjibā  To hold with a grip.

**କବ୍‌ତି**—ପ୍ରାଦେ. (ମେଦିନୀପୁର) ବି. (ସଂ. କପୋତ)—କପୋତ (ଦେଖ)
Kabti  Kapota ( See )

**କବ୍‌ରା**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କର୍ବୁର )—
Kabrā  ଦୁଇ ବା ତତୋଽଧିକ ବର୍ଣ୍ଣ ମିଶ୍ରିତ (ଗାଈ )—
Multicoloured (cow ).

**କବକ**—ସଂ.ବି. ( କୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅକ )—ଛତ୍ରାକ;
Kabaka  ଛତୁ—Mushroom.

**କବକବ**—ଦେ. ଅ (ଧ୍ୱନ୍ୟନୁକରଣ)—କବର୍ କବର୍ ( ଦେଖ )
Kaba kaba  Kabar kabar ( See )

**କବଚ**—ସଂ. ବି. ( କୁ=ଶବ୍ଦ କରିବା+କର୍ତ୍ତୃ. ଅଚ )—୧ । ସାଞ୍ଜୁ—
Kabacha  1. Armour; mail.
୨ । ସ୍ତବକାରୀର ଅଙ୍ଗରକ୍ଷା ହେବା ଉଦ୍ଦେଶ୍ୟରେ ଦେବତାଙ୍କ ଆଗେ ବୋଲାଯିବା ସ୍ତୋତ୍ର—2. A hymn which is recited to protect the devotee from harm.
୩ । ଶରୀର ରକ୍ଷା କରିବା ନିମନ୍ତେ ବ୍ୟବହୃତ ତେଉଁରିଆ—
3. A charm; an amulet; talisman.
୪ । ନାଗରା ବାଦ୍ୟ—4. A kettledrum.
୫ । ଗର୍ଦ୍ଦଭାଣ୍ଡ ବୃକ୍ଷ; ପ୍ଲକ୍ଷ—5. A tree.
୬ । ଗଛର ଛାଲ ( ହି. ଶବ୍ଦସାଗର )—6. Bark.

**'କ' 'ବ' 'ଚ' କରି ପଢ଼ିବା**—ଦେ. କ୍ରି—ଅସଲଗ୍ନ ଭାବରେ ପଢ଼ିବା—
'Ka' 'ba' 'cha' kari pardhibā  To read incoherently.

**କବଚପତ୍ର**—ସଂ. ବି—ଭୂର୍ଜପତ୍ର ( ହି. ଶବ୍ଦସାଗର )—
Kabachapatra  The bark of Birch tree.

**କବଚିବା**—ଦେ. କ୍ରି. (ପଦ୍ୟ) (ସଂ. କବଚ)—ମନ୍ତ୍ରଯନ୍ତ୍ରାଦିଦ୍ୱାରା ଦେହକୁ
Kabachibā  କୀଳିବା ବା ସୁରକ୍ଷିତ କରିବା—

ବଗ୍ରହ ଏମନ୍ତ କବଚିବ ଯେହୁ ଯନ୍ତ୍ରେ ଭୂର୍ଜପତ୍ରେ ଲେଖି—
ଭଞ୍ଜ. ବୈଦେହୀଶବିଳାସ ।

**କବଜ୍**—ବୈଦେ. ବି. ( ଅ. କବ୍‌ଜ୍=ରସିଦ୍ ଗ୍ରହଣ; ଅଟକ)—
Kabaj  ୧ । ଅଟକ; ଅଟକା; ରୋଧ—
1. Restraint; stoppage.
( ଯଥା—ଝାଡ଼ାକବଜ୍=କୋଷ୍ଠବଦ୍ଧତା )
୨ । ଅକ୍ତିଆର—2. Control; authority.
୩ । ରସିଦ—3. Receipt.
୪ । ମୁସଲମାନ ବାଦସାହାଙ୍କ ଅମଲର ଏକରୀତି, ଯହିଁରେ ସୈନିକମାନେ ତାଙ୍କର ଦରମା ଜମିଦାରଙ୍କଠାରୁ ଅସୁଲ କରିବା ପାଇଁ ରାଜାଜ୍ଞା ପାଉଥିଲେ—
4. A system under the rule of Mahomedan Emperors by which soldiers were authorised to realize their pay direct from Zamindars.

**କବଜି**—ବୈଦେ. ବି—କବ୍‌ଜି ( ଦେଖ )
Kabaji  Kabji ( See )

**କବଜି ଧରିବା**—ଦେ. କ୍ରି—ଜୋର କରି ଧରିବା; ଅଣ୍ଟି ଧରିବା—
Kabaji dharibā  To hold with a firm grip.

**କବଜିବା**—ଦେ. କ୍ରି—୧ । ଜୋର କରି ଧରିବା; ଯାକୁଡ଼ି ଧରିବା—
Kabajibā  1. To hold with a firm grip.
୨ । ଅଟକାଇବା; ବନ୍ଦ କରିବା—
2. To stop; to restrain.

**କବଟ ( ଇତ୍ୟାଦି )**—ଗ୍ରା. ବି. (ସଂ. କବାଟ)—କବାଟ ଇତ୍ୟାଦି (ଦେଖ)
Kabaṭa ( etc )  Kabāṭa etc ( See )

**କବଟା**—ଦେ. ବି. ( ସଂ. କାର୍ପାସପଟ; ତୁଳ. ପାଲି. କପ୍ପଟ)—
Kabaṭā  ୧ । ଛିଣ୍ଡାଲୁଗା; କନ୍ଥା—1. Rag.
कापड़  ୨ । ସ୍ତ୍ରୀମାନଙ୍କ ପରିଧେୟ ଛୋଟ ଖଣ୍ଡ—
**कपड़ा**  2. A small cloth for females.
୩ । ବସ୍ତ୍ରଖଣ୍ଡ—3. Strip of cloth.

**କବଟିବା**—ଦେ. କ୍ରି. ( ସଂ. କବାଟ; କବାଟଦ୍ୱାରା ଯିବା ଆସିବା
Kabaṭibā  ଅଟକିବାରୁ )—
୧ । କୌଣସି ସ୍ଥାନରେ ଅଟକିବା—
1. To be detained at a place.
୨ । ଲାଗି ରହିବା—2. To stick at a place.

**କବଟି ରହିବା**—ଦେ. କ୍ରି—କବଟିବା ( ଦେଖ )
Kabaṭi rahibā  Kabaṭibā ( See )

**କବନ**—ସଂ. ବି. ( କବ୍ ଧାତୁ=ରଚନା କରିବା+ଭାବ. ଅନ )—
Kabana  ୧ । ରଚନା—1. Poetical composition.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ୍ଞ | କ୍ଷ | ଙ୍କ | ତ୍ସ | ତ୍ଥ | ନ୍ତ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଥ | କ | ନ୍ତ |

୨ । କବିତା—2. Poem.

କବ ଉବ ସପ୍ତସ୍ୱ ରଚଲେ କବନରେ—
କବସୁଧା ରତ୍ନାକରଚମ୍ପୂ, ଭଞ୍ଜ ।

**କବନ୍ଧ**—ସଂ. ବି. ( କ=ମସ୍ତକ; ଜଳ+ବଧ୍ ଧାତୁ=ବଧ କର୍ମବା
Kabandha ଙ୍ଗ୍ମା ବନ୍ଧ ଧାତୁ=ବନ୍ଧାଇବା+ସ୍ୱାର୍ଥେ. ଅ )—

୧ । ଅଙ୍ଗ ଚାଳନାରେ ସମର୍ଥ ମସ୍ତକହୀନ ଦେହ—
1. Headless trunk which is still capable of moving the limbs.

ରକ୍ତ ମାଂସ କର୍ଦ୍ଦମରେ ନାଚନ୍ତି କବନ୍ଧ—ସାରଳା. ମହାଭାରତ

[ ଦ୍ର—ଯୁଦ୍ଧଭୂମିରେ ଯୁଦ୍ଧକର୍ମରେ ବ୍ୟାପୃତ ବ୍ୟକ୍ତିର ମସ୍ତକ ଶତ୍ରୁର ଶସ୍ତ୍ରାଘାତରେ ଛିନ୍ନ ହେଲା ପରେ କେତେକ୍ଷଣ ପର୍ଯ୍ୟନ୍ତ ଛିନ୍ନ ମସ୍ତକହୀନ ଶରୀର ପୂର୍ବ ପରି ଅଙ୍ଗଚାଳନା କରିବାର ଦେଖାଯାଏ । ଏହିପରି ବଳି ଦିଆଯିବା ପଶୁର ମସ୍ତକ ଛିନ୍ନ ହେଲା ପରେ ପଶୁର ଧଡ଼ କିଛିକ୍ଷଣ ପର୍ଯ୍ୟନ୍ତ ହଲଚଲ ହେବାର ମଧ୍ୟ ଦେଖାଯାଏ । ]

୨ । ଯେଉଁ ଦେହରୁ ମସ୍ତକ ପୃଥକ୍ କରାଯାଇଅଛି—
2. Decapitated trunk.

କବନ୍ଧବନ୍ଧୁର ପଥେ ସ୍ୱସୁକ ସଙ୍କେତେ
ଅସିଲେ ସୈନିକ ତମ୍ଭ ମନୋରଥରଥେ—ପ୍ରଧାନାଥ. ମହାଯାତ୍ରା ।

୩ । ( ଜ୍ୟୋତିଷ ) ରାହୁ—3. (Hindu astronomy) The ascending Node; The Dragon's head
(ଯଥା—ପୁରାଣ ମତରେ କେତୁ ମସ୍ତକହୀନ କବନ୍ଧ ଅଟେ । ଏହାର ମସ୍ତକାଂଶ ରାହୁ ଅଟେ । )

୪ । ଧୂମକେତୁ—4. A comet.

୫ । ଜନସ୍ଥାନବାସୀ ମସ୍ତକହୀନ ରାକ୍ଷସବିଶେଷ—
5. A headless demon who was killed by Rāmachandra.

[ ଦ୍ର—ଏ ରାକ୍ଷସଦେହଙ୍କ ପୁତ୍ର ଥିଲା; ଇନ୍ଦ୍ର ଏହାକୁ ବଜ୍ର ମାରିବାରୁ ଏହାର ମୁଣ୍ଡଟି ପେଟ ମଧ୍ୟରେ ପଶି ଯାଇଥିଲା । ଏ ପୂର୍ବଜନ୍ମରେ ବିଶ୍ୱାବସୁ ନାମକ ଗନ୍ଧର୍ବ ଥିଲା । ଦଣ୍ଡକାରଣ୍ୟରେ ରାମଚନ୍ଦ୍ରଙ୍କ ସଙ୍ଗେ ଏହାର ଯୁଦ୍ଧ ହେବାରୁ ରାମଚନ୍ଦ୍ର ଏହାର ହାତକୁ କାଟି ଏହାକୁ ଭୂଇଁରେ ଗାଡ଼ିଥିଲେ ପୋତି ପକାଇଥିଲେ । ]

୬ । ଜଳ—6. Water.

୭ । ମୁଖ—7. Mouth.

୮ । ଉଦର—8. Belly.

୯ । ଶିବଙ୍କ ଅବତାରବିଶେଷ, ରୁଦ୍ର—
9. Rudra, an incarnation of God Siba.

୧୦ । ଗନ୍ଧର୍ବବିଶେଷ (ହି. ଶବ୍ଦସାଗର)—
10. Name of a Gandharba.

୧୧ । ଋଷିବିଶେଷ (ହି. ଶବ୍ଦସାଗର)—
11. Name of a sage.

**କବୟୀ**—ସଂ. ବି ( କ=ଜଳ+ବୟ୍ ଧାତୁ=ଗମନ କରିବା+କର୍ତ୍ତୃ.
Kabayi ଈନ୍; ୧ମା. ୧ବ)—କଉମାଛ—A kind of fish; anabas.

**କବର୍ କବର୍**—ଦେ. ଅ (ଧ୍ୱନ୍ୟନୁକରଣ)—୧ । କଇଁ, ଗଡ଼ିଶା ଆଦିଙ୍କ
Kabar kabar ସାନମାଛ ପାଣିରେ ଦାଉଡ଼େଇଁ ହୋଇ ଖେଳିବାର
କବକବ ଧ୍ୱନି—2. Sound of small fishes frisking and playing in water.

୨ । ବକର୍ ବକର୍; ବହୁସମୟ ପାଟି କରି ଗପିବା; ବାଜୁରୁ-ବାଜୁରୁ—2. Talking aloud for a length of time.

**କବର୍ କାବର୍**—ଦେ. ଅ—କବର୍ କବର୍ ( ଦେଖ )—
Kabar kābar Kabar kabar ( See )

**କବର**—ସଂ. ବିଣ (କୁ=ଶବ୍ଦ କରିବା+କର୍ତ୍ତୃ. ଅର୍)—
Kabara ୧ । ପାଠକ—1. Reading.

୨ । ବିଚିତ୍ର ବର୍ଣ୍ଣବିଶିଷ୍ଟ; କବ୍ବୁରବର୍ଣ୍ଣ—
2. Of veriegated colour; rainbow-coloured.

୩ । ସମ୍ପୃକ୍ତ—3. Connected.

୪ । ଖଚିତ—4. Ornamented.

ସଂ. ବି (କ=ମସ୍ତକ+ବୃ ଧାତୁ=ଆଚ୍ଛାଦନ କରିବା+ଅ)—
୧ । କେଶବିନ୍ୟାସ—1. Tying of the hair in to a knot; arranging the hair.

୨ । କେଶପାଶ—2. A mass of hair.

୩ । ଲବଣ—3. Salt.

୪ । ଅମ୍ଳ—4. Acid.

୫ । ପତ୍ରନିର୍ମିତ ମସ୍ତକାବରଣ; ଟୋପର—
5. A covering for the head, made of leaves of trees.

୬ । ଗୁଚ୍ଛ; ଗୋଛା ( ହି. ଶବ୍ଦସାଗର )—6. Cluster.

ବୈଦେ. ବି (ଅ. କବ୍ର)—୧ । ମୃତ ବ୍ୟକ୍ତିର ଶରୀରକୁ ସମାଧି ଦେବା ବା ଶବ ପୋତିବା ଗର୍ତ୍ତ—1. Grave.

କବର ୨ । ମୁର୍ଦ୍ଦାର ସମାଧି ଦିଆଯିବା ଚବୁତରା—
କାବର, କବର 2. A pulpit within which a dead body is interred.

୩ । ମୃତ ଶରୀରକୁ ଭୂମିରେ ପୋତିବା—
3. Interment of a dead body.

[ ଦ୍ର—ମୁସଲମାନ୍, ଖ୍ରୀଷ୍ଟିଆନ୍ ଓ ଖ୍ରୀଷ୍ଟିଆନ୍ମାନେ ଶବକୁ ଚିତାମାନଙ୍କ ପରି ଦାହ ନ କରି ଭୂମିରେ ପୋତନ୍ତି ବା କବର ଦିଅନ୍ତି । ]

**କବର କାବର**—ଦେ. ଅ. (ଧ୍ୱନ୍ୟନୁକରଣ)—
Kabara kābara ୧ । କବର୍ କବର୍ (ଦେଖ)
Kabar kabar (See)

୨ । ବକ୍‌ବକ୍ (ଦେଖ)
2. Bakbak (See)

ସାଧାରଣ ଭାବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

ଉତ୍ତର ପ୍ରାନ୍ତରେ ମାଇକଲଅଗୁଲ୍ଲାଙ୍କର କବରକାବର ପାଶ୍ଚ— ପଦାରମୋହନ ଗବୃତ୍ତକ ।

**କବରଖାନା**—ବୈଦେ. ବି. ( ଅ. କବ୍ର+ଫା. ଖାନା )—
Kabarakhānā ସମାଧିକ୍ଷେତ୍ର; ଶବ ପୋତିବାର ନିର୍ଦ୍ଦିଷ୍ଟ ସ୍ଥାନ— A burial ground; graveyard.

**କବର ଦେବା**—ଦେ. କ୍ରି—ମୃତ ବ୍ୟକ୍ତିର ଶବକୁ ପୋତିବା—
Kabara debā To inter; to lay in the grave, to bury a dead body.

**କବରସ୍ଥାନ**—ବୈଦେ. ବି. ( ଫା. କବ୍ରିସ୍ତାନ )—
Kabarasthāna କବରଖାନା ( ଦେଖ ) Kabarakhānā ( See )

**କବରା**—ଦେ. ବି—ଚିଲିକା ବା ଓଡ଼ିଶାର ନଦୀମୁହାଣରେ ମିଳିବା ଏକ-
Kabarā ପ୍ରକାର ମାଛ—A species of sea-fish.
ପ୍ରାଦେ. ( ସମ୍ବଲପୁର ) ବିଣ. (ସଂ. କର୍ବୁର; ପ୍ରା. କବ୍ବୁର; ତୁଳ. ହି. କବରା )—ଛିପଛିପିଆ; କର୍ବୁର; ବହୁବର୍ଣ୍ଣବିଶିଷ୍ଟ; ଧଳା ରଙ୍ଗ ଉପରେ କଳା, ନାଲି, ହଳଦିଆ ଆଦି ଦାଗ ପଡ଼ିଥିବା; ବିବିରଙ୍ଗୀ—Of variegate colour.
ସଂ. ବି. ( କୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ )—
ବବରୀ; ଦୁଲଭା ଗୁଳ୍ମ ( ଦେଖ )
Dulabhā plant ( See )

**କବରୀ**—ସଂ. ବି. ( କବର+ସ୍ତ୍ରୀ. ଈ )—
Kabarī ୧ । କେଶବିନ୍ୟାସ; ଜୁଡ଼ା; ଖୋସା—
1. An artistic dressing of the hair; a chignon; a knot of hair.
୨ । ବର୍ବରୀ; ଦୁଲଭା ( ଦେଖ )—
2. Dulabhā ( See )

**କବରୀବନ୍ଧନ**—ସଂ. ବି. ( ୬ଷ୍ଠୀ ତତ୍; କବରୀ+ବନ୍ଧନ )—
Kabarībandhana ୧ । ଜୁଡ଼ା ବାନ୍ଧିବା—
1. The dressing of the hair into a knot.
୨ । ବନ୍ଧାବାଳ—2. Tied hair.
୩ । ଜୁଡ଼ା—3. Chignon; the hair of the head tied into a knot.

**କବର୍ଗ**—ସଂ. ବି. (ବ୍ୟାକରଣ)—କ,ଖ,ଗ,ଘ,ଙ ଏହି ପାଞ୍ଚଗୋଟି ବର୍ଣ୍ଣ—
Ka-barga The group of the first five consonants ka, kha, ga, gha and ṅa.

**କବଳ**—ସଂ. ବି. (କ=ଜଳ+ବଲ୍ ଧାତୁ=ବଳବାନ୍ ହେବା+କରଣ.
Kabaḷa ଅ)—୧ । ଗ୍ରାସ; ମୁହଁରେ ଥରକେ ଭରିବା ଭୋଜନ—
1. A morsel; a mouthful of food.
୨ । ଗିଳିବା—2. Devouring; eating.
୩ । ବାଲିଆ ମାଛ—3. A large scaleless fish.
୪ । କର୍ଷ; କରକ୍ଷି (ଓଜନ) (ହି. ଶବ୍ଦସାଗର)—
4 A unit of weight.
୫ । ଥରକେ ପାଟିରେ ସମାଇବା ପାଣି; କଲେ ପାଣି (ହି. ଶବ୍ଦସାଗର)—5. A mouthful of water.

**କବଳ କରିବା**—ଦେ. କ୍ରି.—୧ । ଗ୍ରାସ କରିବା; ଖାଇବା—
Kabaḷa karibā 1. To eat.
কবল করা রঘাল গহল শাখারে খেন, কবল করুচা দম বলাপ, কাব কবলকরো ... । ...
୨ । ଗିଳି ଦେବା—2. To devour.

**କବଳିତ** ( ଇତ୍ୟାଦି )—ବୈଦେ. ବି.—କବୁଲତ୍ (ଇତ୍ୟାଦି) (ଦେଖ)
Kabalata (etc) Kabulat (etc) (See)

**କବଲତି**—ବୈଦେ. ବି.—କବୁଲତ୍ (ଦେଖ)
Kabalati Kabulat (See)
ବିଣ.—ପଟ୍ଟା ନିଆ ଯାଇଥିବା—Taken on lease.

**କବଳା**—ଦେ. ବି—କବରା ( ଦେଖ )
Kabaḷā Kabarā ( See )
ଦେ. (ପଦ୍ୟ) ବିଣ. —( ସଂ. କବଳକାରିଣୀ )—
୧ । ଗ୍ରାସକାରିଣୀ—1. Devouring.
୨ । ବିନାଶକାରୀ—2. Destroying.
ବଳାର ସୁଖକୁ ହେବ କବଳା । ଉତ୍ତ. ବୈଦେହୀଶବିଳାସ ।

**କବଲା**—ବୈଦେ. ବି. ( ଅ. କବାଲା )—ଭୂମିଆଦିର ବିକ୍ରୟପତ୍ର;
Kabalā କବାଲା—Deed of sale; sale-deed.
কবালা
কবালা

**କବଲାଇବା**—ଦେ. କ୍ରି—କବଲେଇବା ( ଦେଖ )
Kabalāibā Kabaleibā ( See )

**କବଲା କରାଇବା**—ଦେ. କ୍ରି—ଅପଣା ନାମରେ ଅନ୍ୟ ବ୍ୟକ୍ତିଠାରୁ
Kabalā karāibā କବଲା ଲେଖାଇ ନେବା—
কাবলা করান To have a deed of sale executed by
কবালা করানা another person in one's favour.

**କବଲା କରିବା**—ଦେ. କ୍ରି—କବଲାଦ୍ୱାରା ଖରିଦ କରିବା—
Kabalā karibā To purchase land by a deed of sale.
কবালাকরা
কবালা করনা

**କବଲା କରିଦେବା**—ଦେ. କ୍ରି—କବାଲାଦ୍ୱାରା ଜମି ବିକି କରିବା—
Kabalā karidebā To sell land by a deed of sale.
কবালা করেদেওয়া
কবালা করদেনা

**କବଲା ସମ୍ପାଦନ**—ଦେ. ( ତଦ୍ଭବ ) ବି.—ଭୂମି ବିକି କରିବା ପାଇଁ
Kabala sampādana କବଲାରେ ସ୍ୱାକ୍ଷରକରଣ—
Execution of a sale-deed.

**କବଳିଆ**—ଦେ. ବିଣ. ପୁଂ ( ସଂ. କବଳକାରୀ )—
Kabaḷiā ୧ । ଗ୍ରାସକାରୀ; କବଳକାରୀ—1. Devouring.
ପିଣ୍ଡିବନ୍ଦୁ ପୂରକା ପ୍ରାଣ କବଳିଆ—କବିସୂର୍ଯ୍ୟ. ବଳୀତ ।

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଋଗ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | .ନ୍ତ |

୨ । ନାଶକାରୀ—2. Destroying.

**କବଳିକା**—ସଂ. ବି. ( କବଳ + ସମ୍ବନ୍ଧାର୍ଥେ. କ + ସ୍ତ୍ରୀ. ଆ. )—
Kabaḻikā ୧ । ଘାଆରେ କନାଦ୍ୱାରା ଲଗାଯିବା ଔଷଧ; ପୁଲ୍‌ଟିସ୍—1. Poultice; medicine applied to a sore by means of a rag.
୨ । ଘାଉ ଉପରେ ବନ୍ଧାଯିବା ପଟି—2. A piece of cloth tied over a sore or wound; a bandage.

**କବଳିତ**—ସଂ. ବିଣ. ( କବଳ ଶବ୍ଦରୁ କବଳ ନାମ ଧାତୁ = ଗ୍ରାସ କରିବା + କର୍ମ. ତ )—୧ । ଭକ୍ଷିତ—1. Eaten.
Kabaḻita
୨ । ଯାହା ଗ୍ରାସ କରାଯାଇ ଅଛି; ଗ୍ରସ୍ତ; କୃତଗ୍ରାସ—2. Devoured; swallowed up.
୩ । ବ୍ୟାପ୍ତ—3. Filled; pervaded.

**କବଲେଇବା**—ଦେ. କ୍ରି. ( ଆ. କବୁଲ = ସ୍ୱୀକାର )—
Kabaleibā ୧ । ଧମକେଇବା—1. To threaten.
কবুলান ୨ । ବାଧକରି ସ୍ୱୀକାର କରାଇ ନେବା—2. To make or
**কবুলবানা** force a person to admit or agree to a thing.
୩ । କୌଣସି କଥା କୌଶଳରେ କୁହାଇ ନେବା—3. Very skilfully to make a person speak out something.
୪ । ପ୍ରବର୍ତ୍ତାଇବା—4. To induce.

**କବାଇବା**—ଦେ. କ୍ରି. ( ପ୍ରାଚୀନ ପଦ୍ୟ ) ( ସଂ. କବଚ )—
Kabāibā କବଚ ବା ସାଞ୍ଜୁକୁ ତେଲ ଆଦିଦ୍ୱାରା ମାଜି ଉଜ୍ଜ୍ୱଳ କରିବା—To burnish armour by applying oil etc.

କବଚ କବାଇ ଘଗଙ୍କାର ଟୋପି ବକତର ଏହୁପ୍ରକାର ।
ଉପେନ୍ଦ୍ରଭଞ୍ଜ- ସୁବର୍ଣ୍ଣରେଖା ।

**କବାଚ୍**—ବୈଦେ. ବି. ( ଆ. କବାୟଦ୍ = ନିୟମ; ବ୍ୟବସ୍ଥା )—
Kabāch ୧ । ସିପାହିମାନଙ୍କର ବ୍ୟାୟାମ ବା କ୍ରୀଡ଼ାକୌଶଳ
কবাজ ପ୍ରଦର୍ଶନ—1. Manœuvre; mock fight.
**কবায়দ্** ୨ । ସେନାମାନଙ୍କ ତାଲିମ୍; ଯୁଦ୍ଧବିଦ୍ୟା ଶିକ୍ଷା—2. Military drill.
୩ । ଯୁଦ୍ଧ କରିବାର ନିୟମ—3. Rules for fighting.
ପ୍ରାଦେ. ( ସମ୍ବଲପୁର ) ବି—କୁସ୍ତି; କସରତ୍; ବ୍ୟାୟାମ—Athletic feats.

**କବାଜ୍**—ବୈଦେ. ବି. ଆ—କବାଚ୍ ( ଦେଖ )
Kabāj Kabāch ( See )

**କବାଟ**—ସଂ. ବି. ( କ + ପାଟ ଧାତୁ = ପାଇବା + କର୍ତ୍ତୃ. ଅ; ପ ସ୍ଥାନରେ ବ ଆଦେଶ )—କପାଟ—Door-leaf.
Kabāṭa

ଲୁଦ୍ରେ ପଶିବା ପାଇଁ ସେ ଦୃଷ୍ଟମା ଦୁଇଟି ଖୋଲେ କବାଟ ।
ରାଧାନାଥ—ପାର୍ବତୀ ।

ଦେ. ବି.—ଡମମାନଙ୍କ ବଂଶୋପାଧିବିଶେଷ—A family-title amongst the Doms.

**କବାଟ ଆଉଜାଇବା**—ଦେ. କ୍ରି—ମେଲାଥିବା କବାଟକୁ ଅଂଶତଃ ବନ୍ଦ
Kabāṭa āujāibā କରିବା—To shut the door partly.
কপাট বন্দকরা
**কিবাড় চপকানা**

**କବାଟକଣ**—ଦେ. ବି. ( ସଂ. କବାଟ + କୋଣ )—୧ । କବାଟ
Kabāṭakaṇa ମେଲାକରି ଦେଲେ କବାଟ ଓ କାନ୍ଥ ମଧ୍ୟରେ
কপাটের কোনা ରହୁଥିବା ବ୍ୟବଧାନ ବା କୋଣ—1. The
**কিবাড়কা কোনা** corner or angular space between the door, when opened, and the wall.
୨ । ( ଲକ୍ଷଣାର୍ଥ ) ଗୃହ ମଧ୍ୟସ୍ଥ ଗୁପ୍ତ ସ୍ଥାନ—2. A place of concealment in a room.
୩ । ( ଲକ୍ଷଣାର୍ଥ ) ଅନ୍ତଃପୁର—3. Harem; female apartments.

**କବାଟ କିଳିବା**—ଦେ. କ୍ରି. ( ସଂ. କବାଟ + କୀଲ )—ମେଲାଥିବା
Kabāṭa kiḻibā କବାଟକୁ ବନ୍ଦ କରିବା; ଦ୍ୱାର ରୁଦ୍ଧ କରିବା—
কপাট দেওয়া To bar the door.
**কিবাড় বংদকরনা**

**କବାଟକୁଣ**—ଗ୍ରା. ବି—କବାଟକଣ ( ଦେଖ )
Kabāṭakuṇa Kabāṭakaṇa ( See )

**କବାଟକୁଣିଆଁ**—ଗ୍ରା. ବିଣ—୧ । ଯେଉଁ ବ୍ୟକ୍ତି ଭୟ ବା ଲଜ୍ଜାରେ
Kabāṭakuṇiāñ ଘର ଭିତରେ ଲୁଚି ରହେ—1. (a person) concealing himself inside the house through fear or shame.
୨ । ଗୋପନୀୟ (ବିଷୟ)—2. Underhand (matter).
୩ । ଗୁପ୍ତମନ୍ତ୍ରଣା ଦ୍ୱାରା ସ୍ଥିରୀକୃତ—3. Settled by secret consultation.

**କବାଟକୋଣ**—ସଂ. ବି. ( କବାଟ + କୋଣ )—କବାଟକଣ ( ଦେଖ )
Kabāṭakoṇa Kabāṭakaṇa ( See )

**କବାଟକୋଣିଆଁ**—ଦେ. ବିଣ—କବାଟକୁଣିଆଁ ( ଦେଖ )
Kabāṭakoṇiāñ Kabāṭakuṇiāñ (See)

**କବାଟ ଦେବା**—ଦେ. କ୍ରି—କବାଟ କିଳିବା ( ଦେଖ )
Kabāṭa debā Kabāṭa kiḻibā ( See )

**କବାଟ ପକାଇବା**—ଦେ. କ୍ରି—୧ । କବାଟ କିଳିବା ( ଦେଖ )
Kabāṭa pakāibā 1. Kabāṭa kiḻibā ( See )
୨ । ( ଲକ୍ଷଣାର୍ଥ ) ଅନ୍ୟ ବ୍ୟକ୍ତିକୁ ଘରକୁ ଆସିବାକୁ ନ ଦେବା—2. Not to let a person come to one's house.

**କବାଟପଟା**—ଦେ. ବି. ( ସଂ. କବାଟ + ପଟ୍ଟା )—ଯେଉଁ ପଟାମାନଙ୍କ
Kabāṭapaṭā ସଂଯୋଗରେ କବାଟ ତିଆରି ହୋଇଥାଏ—Door-planks.

ସାଧାରଣ ସେକ୍ଟେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳନ୍ତି ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କବାଟ ପଡ଼ିବା**—ଦେ. ବି—ଦ୍ୱାର ବନ୍ଦ ହୋଇଯିବା—
Kabāṭa pardibā — The shutting up of a door.
**কবাট বন্ধ** ସୁଖ କଣ ସେବକୁ ସ୍ୱର୍ଗଦ୍ୱାର ବାଟ।
**किवाड़बंद** ଫିଟିଥାଏ ଘା ପାଇଁ ନ ପଡ଼ି କବାଟ—
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**କବାଟପରିଚ୍ଛା**—ଦେ. ବି—ଦେଉଳର ଦୁଆରବନ୍ଧରେ କବାଟ ଲଗା-
Kabāṭaparichhā ଯିବା ପାଇଁ ରଖାଯିବା ଖୋଲା ଯାଗା ଉପରେ
**द्वारपिण्डी** ଯେଉଁ ଲମ୍ବା ପଥର ପଡ଼େ; ପାଟପଥର—
**चौखट** Stone-lintel; the long slab of stone set above the opening in the wall intended for the door.

**କବାଟ ପେଲାଇବା**—ଗ୍ରା. କ୍ରି—୧ । କବାଟ ଆଉଜାଇବା—
Kabāṭa pelāibā — 1. To shut the door partly.
୨ । ଘରଆଡ଼ୁ ବନ୍ଦ କରାଯାଇଥିବା କବାଟକୁ ବାହାରୁ ଠେଲି ମେଲା କରିବା—
2. To push a shut door for opening it.
ରଥଦ୍ୱାରେ ପଶିବ ସେ କବାଟ ପେଲଇ—କୃଷ୍ଣସିଂହ. ମହାଭାରତ ।

**କବାଟ ପେଲିବା**—ଗ୍ରା. କ୍ରି—କବାଟ ପେଲାଇବା ( ଦେଖ )
Kabāṭa pelibā — Kabāṭa pelāibā ( See )

**କବାଟ ବନ୍ଦ କରିବା**—ଦେ. କ୍ରି—କବାଟ କିଳିବା ( ଦେଖ )
Kabāṭa banda karibā — Kabāṭa kiḷibā ( See )

**କବାଟ ଲଗାଇବା**—ଦେ. କ୍ରି—୧ । କବାଟ ବନ୍ଦ କରିବା—
Kabāṭa lagāibā — 1. To shut the door.
୨ । ଚଉକାଠରେ କବାଟ ସଂଲଗ୍ନ କରିବା; ଦ୍ୱାର ବସାଇବା—
2. To fit the door-leaf to the door-frame.

**କବାଟୀ**—ସ. ବି. ( କବାଟ + ସ୍ତ୍ରୀ. ଈ )—କବାଟ; ଦୁଆର—
Kabāṭi — Door-leaf.
ଫିଟାଇ କବାଟ ପେଲି ଚନ୍ଦନ ଖଦକବାଟୀ—ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।
ଦେ. ବି—୧ । ଛୋଟ କବାଟ—1. Small door.
୨ । କଳ ଆଦିର ଛିଦ୍ରର ମୁହଁରେ ଏକଆଡ଼କୁ ଖୋଲା ହୋଇ ଯିବାଭଳି ଖଞ୍ଜା ଯାଇଥିବା ଧାତୁ ବା କାଠର ଛୋଟ ଚକତି—2. A valve; safety-valve.

**କବାଡ଼ି**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସ. କର୍ପଟ=କନ୍ଥା; ତୁଳ. ହି. କବାଡ଼ୀୟା=ଭୁଚ୍ଛ ବ୍ୟବସାୟ କରିବା ବ୍ୟକ୍ତି; ମନ୍ଦ; ଛୋଟ )—ଓଲୁ; ନିର୍ବୁଦ୍ଧିଆ—Foolish; idiotic.
Kabārḍi

**କବାଡ଼ିଆ**—ପ୍ରାଦେ. (ଭଞ୍ଜଭୂମି) ବି. ( ତୁଳ. ହି. କବାଡ଼ୀ=ତୁଚ୍ଛ ବ୍ୟବସାୟ କରିବା ବ୍ୟକ୍ତି; ତୁଚ୍ଛ; ନୀଚ )—
Kabārḍiā
୧ । ଚାକର—1. Servant.
୨ । ଦାସ—2. Slave.
ଦେ. ବିଣ. ପୁଂ—ଓଲୁ; ନିର୍ବୁଦ୍ଧିଆ—Foolish; idiotic.
( କବାଡ଼ୀ—ସ୍ତ୍ରୀ )

**କବାବ୍**—ବୈଦେ. ବି. ( ଅ. କବାବ୍ )—ଲୁହାର ଖଡ଼ିକା ବା ସିକରେ
Kabāb ଗୁନ୍ଥି ଦହକ ନିଆଁ ଉପରେ ଧରି ସିଦ୍ଧ କରଥିବା ବା
**কাবাব** ଭାଜିଥିବା ମାଂସଖଣ୍ଡ—Roasted meat; roast.
**कबाब**

[ଦ୍ର—ମାଂସକୁ ଟୁକୁଡ଼ା ଟୁକୁଡ଼ା କରି କାଟି ବା କୁଟିକରି ତାକୁ ବେସନ ସଙ୍ଗେ ଗୋଳାଇ ସେଥିରେ ମସଲା ଓ ଲୁଣ ଗୋଳି, ଉକ୍ତ ପୁଳା-ମାଂସକୁ ଲୁହାସିକରେ ଫୋଡ଼ି ତହିଁ ଉପରେ ଘିଅ ବୋଳି ଦହକ କୋଇଲାର ଅଞ୍ଚରେ ଉକ୍ତ ଲୁହସିକକୁ ଦେଖାଇ ମାଂସ ସିଝିଯିବା ପର୍ଯ୍ୟନ୍ତ ବୁଲାଇବାକୁ ହୁଏ । ମାଂସ ସିଝିଗଲେ ତାହା କବାବ୍ ହୁଏ ।]

ଦେ. ବିଣ.—ଦହକ ନିଆଁ ଉପରେ ଲୁହା ଖଡ଼ିକାରେ ଭଜା ହୋଇଥିବା (ମାଂସ)—Roasted (meat).

**କବାବ୍‌ଚିଣି**—ଗ୍ରା. ବି.—କବାବ୍‌ଚିନି (ଦେଖ)
Kabābchiṇi — Kabābchini (See)

**କବାବ୍‌ଚିନି**—ଦେ. ବି. (ଅ. କବାବାହ୍ + ହି. ଚିନି) ଶୀତଳଚିନି; ଏକ-
Kabābchini ଜାତୀୟ ମରିଚ ଆକୃତିର ଫଳ୍ପା ମସଲା—Cubeb.
(ସ. ସୁରଭିପ୍ରିୟ; ବୃତ୍ତଫଳ; ସୁଗନ୍ଧମରିଚ; କଙ୍କୋଳକ) — Piper Cubeba; the seeds of the Piper Cubeba; Cubeba Officinalis.
**কাবাবচিনি**
ଅ. କବାବାହ୍; ହୁବୁଲ୍‌ଉରୁସ୍ [ଦ୍ର—ଏହା ତାମ୍ବୂଳାଦିବର୍ଗର ଲତା ଓ
ତେ. କାବାକଚିନି ତହିଁର ଶୁଖିଲା ଫଳ; ଏହାର ଆକାର ଗୋଲ-
ମ. କଂକୋଲ; କାପୁରଚିନି ମରିଚ ପରି କିନ୍ତୁ ଫମ୍ପା ଓ ତେମ୍ପଲଗା ।
ଫା. କବାବକ୍ ଏହା ଯାଭା ଓ ମଲକ୍କା ଦ୍ୱୀପର ବୃକ୍ଷ ।
**शीतलचिनि; कबाबचिनि;** ଦକ୍ଷିଣ ଓ ପଶ୍ଚିମ ଭାରତବର୍ଷରେ ସ୍ଥାନେ
**चीनिकबाब** ସ୍ଥାନେ ଏହାର ଗଛ ହୁଏ । ଏହାର ଫଳରେ ଗୋଟିଏ ଲେଞ୍ଜାଁ ନାଡ଼ ଥାଏ; ଏହା ବାତପ୍ରଶମକ, କଫନିଃସାରକ, ଅଗ୍ନେୟ ଓ ମୂତ୍ରବର୍ଦ୍ଧକ । ଏହା ଔପସର୍ଗିକ ମେହ, ଶୁକ୍ରମେହ, ଶ୍ୱେତପ୍ରଦର, ଅର୍ଶ ଓ ମୂତ୍ରକୃଚ୍ଛ୍ରରେ ଉପକାରୀ ।]

**କବାବ୍‌ଚେଣି**—ଗ୍ରା. ବି.—କବାବ୍‌ଚିନି (ଦେଖ)
Kabābcheṇi — Kabābchini (See)

**କବାବ୍‌ଚେନି**—ଗ୍ରା. ବି.—କବାବ୍‌ଚିନି (ଦେଖ)
Kabābcheni — Kabābchini (See)

**କବାର**—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. କବାର)—୧ । କର୍ମ; କାର୍ଯ୍ୟ—
Kabār — 1. Work.
୨ । କାରବାର; ବେପାର—2. Trade; transactions.

**କବାରି**—ପ୍ରାଦେ. (ଗଡ଼ଜାତ) ବି.—ଯେଉଁ ବ୍ୟକ୍ତି ଜଙ୍ଗଲରୁ ଗଛ କାଟି
Kabāri ଅଙ୍ଗାର ତିଆରି କରେ—One who prepares charcoal from wood brought from the woods.

**କବାଲା (ଇତ୍ୟାଦି)**—ବୈଦେ. ବି. ( ଅ. )—କବଲା ଇତ୍ୟାଦି (ଦେଖ)
Kabālā etc. — Kabalā etc. (See)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ଯ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଓ | ନ୍ |

**କବି**—ସଂ. ବି. ପୁଂ ଓ ସ୍ତ୍ରୀ. (କବ୍ ଧାତୁ=ସ୍ତୁତି କରିବା+କର୍ତ୍ତୃ. ଇ କିମ୍ବା
**Kabi** କୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇ)—୧ । କାବ୍ୟରଚକ;
(କବୀ—ସ୍ତ୍ରୀ) ପଦ୍ୟରଚକ—
1. Composer of epic; poet; bard.
୨ । ଭବିଷ୍ୟଦ୍ରଷ୍ଟା ବ୍ୟକ୍ତି—2. Prophet; seer.
୩ । ବିଦ୍ୱାନ୍; ପଣ୍ଡିତ—3. Man of learning.
୪ । ସୂର୍ଯ୍ୟ—4. The sun.
୫ । ପେଚକ (ହି. ଶବ୍ଦସାଗର)—5. Owl.
୬ । ଶୁକ୍ରାଚାର୍ଯ୍ୟ; ଶୁକ୍ରଗ୍ରହ—
6. The regent of the Gods; the planet Venus.
୭ । ବ୍ରହ୍ମା—7. Brahmā.
୮ । ଗୀତ ରଚୟିତା—8. A composer of songs.
୯ । (ନାମ) ରାଘବପାଣ୍ଡବୀୟ ସଂସ୍କୃତ କାବ୍ୟର ରଚୟିତାଙ୍କ ନାମ—
9. Name of the author of the poem Rāghabapāṇḍabiya.
୧୦ । ବାଲ୍ମୀକି—10. Sage Bālmiki.
୧୧ । କଳିଆର; ଲଗାମ୍—
11. Bridle of a horse; reins.
ଦେ. ବି.—ଗଉଡ଼ଙ୍କ ବଂଶୋପାଧିବିଶେଷ —
A family-title of cowherds.
ପ୍ରାଦେ. (ସିଂହଭୂମ) ବି.—ବ୍ରାହ୍ମଣଙ୍କ ବଂଶୋପାଧିବିଶେଷ—
A family-title of Brahmans.
ସଂ. ବିଣ—୧ । ସର୍ବଜ୍ଞ—1. Omniscient.
୨ । ଭବିଷ୍ୟଦ୍ରଷ୍ଟା—2. Gifted with insight.
୩ । ଚିନ୍ତାଶୀଳ—3. Thoughtful.
୪ । ଜ୍ଞାନବାନ୍—4. Wise.
୫ । ଦୀର୍ଘଦର୍ଶୀ—5. Prudent. ( M. W. )
୬ । ପ୍ରଶଂସ୍ୟ—6. Praiseworthy.
୭ । ଚତୁର—7. Cunning. ( M. W. )
୮ । ପାରଗ—8. Skilful. ( M. W. )
ବୈଦେ. (ଆ) ଅ—କବ୍ଭି ( ଦେଖ )
Kabbhi ( See )

**କବିକ**—ସଂ. ବି. ( କବି+ସ୍ୱାର୍ଥେ. କ )—୧ । ଘୋଡ଼ାର ଲଗାମ—
**Kabika** 1. The reins or bridle of a horse.
(କବିକା—ସ୍ତ୍ରୀ) ୨ । କଉ ମାଛ—
2. A kind of fish; Anabas.
୩ । ପୁଷ୍ପବିଶେଷ—3. Name of a flower.
୪ । ମଲକ୍କା ଜାମ୍ବୁଳ; ମଲକ୍କା ଦ୍ୱୀପଜାତ ଜାତ ବୃକ୍ଷ ଓ ତହିଁର ଗୋଲ୍ପଦାମୂ ପର ଫଳ – (ହି. ଶବ୍ଦସାଗର)
4. A kind of edible plummet-like berry and its tree.

**କବିକା**—ସଂ. ବି. (କବିକ+ଆ)—୧ । ଲଗାମ—
**Kabikā** 1. Reins; bridle.
୨ । କଉମାଛ—2. Anabas ( fish ).
୩ । କିଆ ( ଫୁଲ ଓ ଗଛ )—
3. Screwpine ( tree and flower ).

**କବିଗୁରୁ**—ସଂ. ବି. ( ୬ଷ୍ଠୀ ତତ୍; କବି+ଗୁରୁ )—
**Kabiguru** ୧ । ସଂସ୍କୃତ ଭାଷାର ଆଦିକବି ବାଲ୍ମୀକି ଋଷି—
1. Sage Bālmiki who is said to have been the first man to utter a couplet of sloka.
୨ । ଶ୍ରେଷ୍ଠ କବି—
2. A prominent or chief poet.

**କବିଚନ୍ଦ୍ର**—ସଂ. ବି. (୭ମୀ ତତ୍; ସମାସ; କବି+ଚନ୍ଦ୍ର)—କବିଶ୍ରେଷ୍ଠ—
**Kabichandra** A prominent poet.

**କବିଚନ୍ଦ୍ର ନାରାୟଣ ଶର୍ମା**—ଦେ. ବି. (ନାମ)—ଅଷ୍ଟମ ଶତାବ୍ଦୀର ଜଣୈକ
**Kabichandra Nārāyaṇa Śarmā** କବି—
Name of an Oriya poet of the eighth century.
[ ଦ୍ର—'ଏକାମ୍ରଚନ୍ଦ୍ରିକା' ଗ୍ରନ୍ଥପ୍ରଣେତା—
ଜଗବନ୍ଧୁ, ପ୍ରାଚୀନଉତ୍କଳ । ]

**କବିଚନ୍ଦ୍ର ରଘୁନାଥ ପରୀକ୍ଷା**—ଦେ. ବି. (ନାମ)—ଜଣେ ଓଡ଼ିଆ ପ୍ରାଚୀନ
**Kabichandra raghunātha parikshā** କବି; [ ଏହାଙ୍କ ବାସସ୍ଥାନ ଗଞ୍ଜାମ ଜିଲ୍ଲା ପାରଳାଖେମଣ୍ଡିରେ । 'ଗୋପୀନାଥ-ବଲ୍ଲଭ' ନାମକ ନାଟକ ଏହାଙ୍କ ଦ୍ୱାରା ରଚିତ—
ନାରଣୀଚରଣ ଉତ୍କଳ ସାହିତ୍ୟର ଇତିହାସ ।]
Name of the author of an Oriya drama 'Gopinātha Ballabha.'

**କବିଚାତୁରୀ**—ସଂ. ବି. ( ୬ଷ୍ଠୀ ତତ୍; କବି+ଚାତୁରୀ )—
**Kabichāturi** କବିଙ୍କର ଚତୁରପଣ—Poet's skill.

**କବିଜା**—ବୈଦେ. ବି. (ଆ. କବ୍‌ଜା)—କବ୍ଜା (ଦେଖ)
**Kabijā** Kabjā ( See )

**କବିଜ୍ୟେଷ୍ଠ**—ସଂ. ବି. ( ୭ମୀ ତତ୍; କବି+ଜ୍ୟେଷ୍ଠ )—
**Kabijyeshṭha** କବିଗୁରୁ ( ଦେଖ )
Kabiguru ( See )

**କବିତ**—ଗ୍ରା. ବି. ( ସଂ. କବିତ୍ୱ )—୧ । ଗୀତ—1. Song.
**Kabita** ୨ । କବିତା—2. Verse; rhyme
कवित

**କବିତା**—ସଂ. ବି. ସ୍ତ୍ରୀ. ( ସଂ. କବି+ଭାବ. ତା )—
**Kabitā** ୧ । କବିତ୍ୱ; କବିକୃତ—1. The faculty of composing poems; poet's genius.
୨ । ପଦ୍ୟ—2. Verse; poetry; poem.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥରେ ତାହା ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଗ୍ରା. (ପଦ୍ୟ) ବି—କବି—Poem.

କବିତା ହୃଦେ କରି ବାସ, ସୁବର୍ଣ୍ଣ କରଇ ପ୍ରକାଶ ।
ପ୍ରାଚୀ- ନିର୍ଗୁଣମାହାତ୍ମ୍ୟ ।

**କବିତ୍ଥ**—ସଂ. ବି. ( କପି+ସ୍ଥା ଧାତୁ+କର୍ତ୍ତୃ. ଅ; ନିପାତନ )—
Kabittha ୧ । କପିତ୍ଥ;କଇଥ—1. Wood-apple.

**କବିତ୍ୱ**— ସଂ. ବି. (କବି+ଭାବ.ତ୍ୱ)—କବିପଣ; କବିତା ରଚନା କରିବାର
Kabitwa ସାମର୍ଥ୍ୟ—Capacity for composing poems.

ଦେ. ବି ( ପ୍ରାଚୀନ ପଦ୍ୟ ) ( ସଂ. କବିତା )—କବିତା ରଚନା; ପଦ୍ୟରେ ରଚନା—Poetical composition; versification.

ବ୍ରହ୍ମକୁ କବିତ୍ୱ କଲେ ଅସି ମହାମୁନି—ସାରଳା. ମହାଭାରତ. ଅଡ ।

**କବିୟ**—ସଂ. ବି. (କୁ ଧାତୁ=ଶବ୍ଦ କରିବା+କର୍ତ୍ତୃ.ଇୟ)—କବିକ (ଦେଖ)
Kabiya Kabika ( See )

**କବିରବି**—ସଂ. ବି (୭ମୀ ତତ୍; କବି+ରବି=ସୂର୍ଯ୍ୟ )—କବିଶ୍ରେଷ୍ଠ—
Kabirabi A great poet.

ଦେ. ବି—ଓଡ଼ିଶାର ପ୍ରଖ୍ୟାତନାମା କବିସୂର୍ଯ୍ୟ ବଳଦେବ ରଥଙ୍କ ନାମ—A name of the Oriya poet Kabisūrjya Baladeba Ratha.

**କବିରାଜ**—ସଂ. ବି ( ୭ମୀ ତତ୍; କବି+ରାଜା)—୧ । ଶ୍ରେଷ୍ଠ କବି—
Kabirāja 1. Eminent poet.

୨ । ବୈଦ୍ୟ; ଆୟୁର୍ବେଦୀୟ ଚିକିତ୍ସକ; ଆୟୁର୍ବେଦିକ ପଣ୍ଡିତ—2. A physician; a man practising and versed in the Indian or the Ayurvedic system of medicine.

୩ । ଭାଟ ( ହି. ଶବ୍ଦସାଗର )—3. Bard.

**କବିରାଜି**—ଦେ. ବି—୧ । ବୈଦ୍ୟବୃତ୍ତି—1. The profession of
Kabirāji a physician.

कविराजी ୨ । ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତି—
हकीमी 2. The Hindu medical system.

ଦେ. ବିଣ—କବିରାଜଙ୍କ ସମ୍ବନ୍ଧୀୟ (ଔଷଧ ବା ରୋଗଚର୍ଯ୍ୟା—( medicine or treatment ) Relating to the Indian system of medicine.

**କବିଲା**—ଦେ. ବି—୧ । ପରିବାର—
Kabilā 1. Family.

୨ । ଭାର୍ଯ୍ୟା—2. Wife.

[ ଦ୍ର—ଏହା ପିଲା ଶବ୍ଦ ପରେ ସହଚର ଶବ୍ଦରୂପେ ବ୍ୟବହୃତ ହୁଏ । ଯଥା— ତାଙ୍କ ପିଲାକବିଲା ବର୍ତ୍ତମାନ ପୁରୀରେ ଅଛନ୍ତି । ]

**କବିଶ୍ରେଷ୍ଠ**—ସଂ. ବି. (୭ମୀ ତତ୍; କବି+ଶ୍ରେଷ୍ଠ)—କବିଗୁରୁ (ଦେଖ)—
Kabiśreshṭha Kabiguru ( See )

**କବିସମୟପ୍ରସିଦ୍ଧି**—ସଂ., ବି—କବିକଳ୍ପିତ କେତେଗୁଡ଼ିଏ ସତ୍ୟ ବା
Kabisamayaprasiddhi ପ୍ରତିଜ୍ଞା—Some propositions accepted as true for poetics licence.

[ ଦ୍ର—ଭିନ୍ନ ଭିନ୍ନ ସାହିତ୍ୟ ପାଠ କଲେ ଜଣାଯାଏ ଯେ ବର୍ଣ୍ଣନାର ସୁବିଧା ପାଇଁ ମହାକବିମାନେ ମଧ୍ୟ ସ୍ୱତଃସିଦ୍ଧରୂପେ କେତେଗୁଡ଼ିଏ କଥା ଗ୍ରହଣ କରିଥାଆନ୍ତି । ସେଗୁଡ଼ିକ ସମ୍ପୂର୍ଣ୍ଣରୂପେ ପ୍ରାକୃତ ନୁହେଁ, ତଥାପି ତଦ୍ୱାରା ଯେ ପ୍ରକୃତ ସତ୍ୟର ଅପଲାପ ହୁଏ ନାହିଁ ଏହା ନିଃସନ୍ଦେହରୂପେ କୁହାଯାଇ ପାରେ । ଏହିସବୁ ସତ୍ୟକୁ କବିସମୟପ୍ରସିଦ୍ଧି ନାମରେ ଅଭିହିତ କରାଯାଏ । କଳ୍ପିତ ହେଲେ ହେଁ ଏଗୁଡ଼ିକ କବିତାରେ ଦୋଷରୂପେ ପରିଗଣନୀୟ ନୁହେଁ, ବରଂ ଏଗୁଡ଼ିକର ପ୍ରୟୋଗ ପଣ୍ଡିତମାନେ ଗୁଣସମ୍ପନ୍ନ ବୋଲି ମନେ କରନ୍ତି । ଯଥା—ପାପରେ ଓ ଆକାଶରେ ମଳିନତା, କୀର୍ତ୍ତି ଓ ହସରେ ଧବଳତା ଇତ୍ୟାଦି—ଲୁଳମଣି. ଅଳଙ୍କାରତରଙ୍ଗିଣୀ । ]

**କବିସୂର୍ଯ୍ୟ**—ସଂ. ବି. (୭ମୀ ତତ୍; କବି+ସୂର୍ଯ୍ୟ )—୧ । ଶ୍ରେଷ୍ଠ କବି—
Kabisūrjya 1. An eminent poet.

ଦେ. ବି. ( ଉପାଧି )—ଏହା ବଡ଼ ବଡ଼ କବିମାନଙ୍କର ଉପାଧି । ଏହା ବଳଦେବ ରଥଙ୍କୁ ବେଶୀ ପରିମାଣରେ ଓ ମୁଖ୍ୟଭାବରେ ବୁଝାଏ ଓ ଯୋଗରୂଢ଼ ଶବ୍ଦ ପରି ବ୍ୟବହୃତ । କବିସୂର୍ଯ୍ୟ ବଳଦେବ ରଥଙ୍କର ରାଜଦତ୍ତ ଉପାଧି—A title given to the Oriya poet Kabisūrjya Baladeba Ratha..

ତାଙ୍କ କଣ୍ଠୁ କବିସୂର୍ଯ୍ୟଗୀତାମୃତ, ତୁରୁ ବହୁ ଅଣେ ଚଳିବା ମାରୁତ—
ରାଧାନାଥ. ଚିଲିକା ।

ସଂ. ବି. ସ୍ତ୍ରୀ. —(କବିର ସ୍ତ୍ରୀ ଲିଙ୍ଗ)—ସ୍ତ୍ରୀ କବି—A poetess.

[ ଦ୍ର—ଜନ୍ମ ୧୭୮୯—ମୃତ୍ୟୁ ୧୮୪୫ । ଓଡ଼ିଶା ଗଜପତି ବଂଶର ରାଜଗୁରୁଙ୍କ ପୂର୍ବପୁରୁଷଙ୍କ ନାମ ବଳଭଦ୍ର ରଥ ବାଜପେୟୀ । ବଳଭଦ୍ରଙ୍କ ପ୍ରଥମ ସ୍ତ୍ରୀଙ୍କର ୨ୟ ପୁତ୍ର ପୁରୀ ବ୍ରାହ୍ମଣଶାସନମାନଙ୍କର ପାର୍ବତୀପୁରିଆ ଓ ଦକ୍ଷିଣସାହିଆ ଦୁଇ ରଥ ବଂଶର ପ୍ରତିଷ୍ଠାତା । ୨ୟ ସ୍ତ୍ରୀଙ୍କ ପ୍ରଥମ ପୁତ୍ର ଲୁଳମଣି ରଥ ଗଞ୍ଜାମର ମଣିପୁରିଆ ରଥବଂଶର ଆଦିପୁରୁଷ । ଏ ୭୦ ବର୍ଷ ବୟସରେ ତୀର୍ଥାଟନ କରିବାକୁ ବାହାରି ୨ୟ ବିବାହ କରନ୍ତେ ଏହାଙ୍କର ପ୍ରଥମ ଦୁଇ ପୁତ୍ର ଏହାଙ୍କର ପଳାସଦାହ କରି ଶୁଦ୍ଧିକ୍ରିୟା କରିଗଲେ । ଲୁଳମଣିଙ୍କ ଦ୍ୱିତୀୟ ବିବାହସଂଭୂତ ବଂଶଧରମାନେ ପ୍ରଥମେ ମଣିପୁର ଶାସନରେ ଥିଲେ, ପରେ ସେଠାରୁ ଆସି ବଡ଼ଖେମୁଣ୍ଡିରେ ରହିଲେ । କବିସୂର୍ଯ୍ୟ ବଳଦେବଙ୍କ ପିତା ଉଜ୍ଜ୍ୱଳ ରଥେ ଲୁଳମଣିଙ୍କ ପୁତ୍ର; ଏ ବଡ଼ଖେମୁଣ୍ଡିର ରାଜସଭାପଣ୍ଡିତ ଥିଲେ । ଏ ଦୁଇଖଣ୍ଡି ଚମ୍ପୂ ଲେଖିଥିଲେ । ଏ ଆଠଗଡ଼ର ସିଦ୍ଧତାନ୍ତ୍ରିକ ତ୍ରିପୁରାରିଙ୍କ କନ୍ୟାକୁ ବିବାହ କରିଥିଲେ । ତାଙ୍କର ପୁତ୍ର ମୃତଦାର ଓ କନ୍ୟା ବିଧବା ହେଲା ପରେ ବୃଦ୍ଧବୟସରେ ବଳଦେବ ଜନ୍ମଗ୍ରହଣ କଲେ । ୧୦ମ ବର୍ଷରେ ମାତୃବିୟୋଗ ହେବାରୁ ବଳଦେବ ଆଠଗଡ଼ରେ ଅଜାଘରେ ବଢିଲେ । ଅଧିକ ବୟସ୍କ ହେବାରୁ ସେ ବଡ଼ଖେମୁଣ୍ଡିକୁ ଫେରିଗଲେ । କିଛିଦିନ ପରେ ସେ ଜଳନ୍ତର ରାଜ୍ୟକୁ ଆସି ସେଠାରେ ରହିଲେ । ସେ ପୁରୀ ବାଲିସାହିର ଜଣେ ବ୍ରାହ୍ମଣଙ୍କ କନ୍ୟାକୁ ବିବାହ କରିଥିଲେ । ସେ ଜଳନ୍ତରର

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଯ୍ସ | ଉଅ | ଘ |
| ୬ | ଈ | ଊ | ଚ | ଲୂ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ | ଇଅ | ● | ନ୍ତୁ |

ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ ଗୀତ ରଚନା କରି ପ୍ରଥମେ ଭଣିତା କରନ୍ତେ ରାଜା ତାହାଙ୍କୁ କବିସୂର୍ଯ୍ୟ ଉପାଧି ଦେଇଥିଲେ । ପରେ ପୁରୀର ରାଜା ମୁକୁନ୍ଦଦେବ (ଖ୍ରୀ. ୧୭୯୮-୧୮୧୭) ତାଙ୍କୁ ପୁନଶ୍ଚ ସେ ଉପାଧି ଦେଲେ । କବିସୂର୍ଯ୍ୟଙ୍କ ସଙ୍ଗୀତମାନ କଲ୍ଲିକୋଟ, ଗଞ୍ଜାମର ଆଠଗଡ଼, ପୁରୀ ଓ ପାରଳାଖେମୁଣ୍ଡି ରାଜାମାନଙ୍କ ନାମରେ ଭଣିତା ହୋଇଅଛି । ସଙ୍ଗୀତ, ଚଉପଦୀ, ଭୂମ୍ପାଗୀତ, କଣାଣ, କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଓ ରତ୍ନାକର ଚମ୍ପୂ ଏହାଙ୍କ କୃତ କବିତା ମଧ୍ୟରେ ପ୍ରଧାନ ।

କୋଦଳା ଆଠଗଡ଼ରେ ଦଶ ବର୍ଷ କଟାଇ ସେ ପାରଳାର ଅପ୍ରାପ୍ତବୟସ୍କ ରାଜା ଜଗନ୍ନାଥ ଗଜପତିନାରାୟଣଦେବଙ୍କ ଗୃହଶିକ୍ଷକ ଓ ଅଭିଭାବକରୂପେ ଗଞ୍ଜାମର କଲେକ୍ଟରଙ୍କ ଦ୍ୱାରା ନିଯୁକ୍ତ ହେଲେ । ପରେ ସେ ଆଠଗଡ଼ ରାଜାଙ୍କଠାରୁ ବୃତ୍ତି ପାଇଲେ ଏବଂ ପୁରୀରେ ଚାରି ମାସ ରହି ଆଠଗଡ଼ ଗଲେ । ପୁଣି ଗଞ୍ଜାମର କଲେକ୍ଟର ତାହାଙ୍କୁ ମନ୍ଥୁରୀ ରାଜ୍ୟର ମାନେଜର ମନୋନୀତ କଲେ । ସେ ଗଞ୍ଜାମ ବ୍ରହ୍ମପୁର ସହରରେ ବାଲାଜୀପେଣ୍ଠରେ ରହୁଥିଲେ । ମନ୍ଥୁରୀର ରାଣୀଙ୍କ ସହିତ ତାହାଙ୍କର ମନୋମାଳିନ୍ୟ ଘଟିବାରୁ ସେ ମାନେଜର ପଦ ଇସ୍ତଫା ଦେଲେ, ମାତ୍ର ବ୍ରହ୍ମପୁର ତ୍ୟାଗ ନ କରି ସେଠାରେ ସ୍ଥାୟୀଭାବରେ ରହିବାର ବ୍ୟବସ୍ଥା କଲେ । ଆଠଗଡ଼ ରାଜା ପୁଣି ତାଙ୍କୁ ଡକାଇ ଆଣି ନିଜ ରାଜ୍ୟରେ ରଖାଇଲେ, ମାତ୍ର କବିସୂର୍ଯ୍ୟଙ୍କୁ ବସନ୍ତ ରୋଗ ହେବାରୁ ରାଜା ତାହାଙ୍କୁ ପୁଣି ବ୍ରହ୍ମପୁର ପଠାଇ ଦେଲେ । ସେ ସେଠାରେ ଅଷ୍ଟସପ୍ତତିବର୍ଷ ବୟସ ଦିନ ଦେହତ୍ୟାଗ କଲେ । ତାଙ୍କ ପୁଅଙ୍କ ନାମ ବଇଦନାଥ । ]

**କବି ହରିକୃଷ୍ଣ**—ଦେ. ବି. (ନାମ)—ଜଣେ ଓଡ଼ିଆ କବି; [ ଏ ଜାତିରେ Kabi Harikrushna ଚିତ୍ରକର ଥିଲେ । ଏହାଙ୍କ ବାସସ୍ଥାନ ଗଞ୍ଜାମ ଜିଲ୍ଲା ପାରଳାଖେମୁଣ୍ଡି । 'ଏକାଦଶୀ ମାହାତ୍ମ୍ୟ' ଓ 'ଗୋପୀନାଥ କଣାଣ ଏହାଙ୍କ ଦ୍ୱାରା ରଚିତ । ତାରିଣୀ-ଉ. ସା. ଇତିହାସ]—Name of an Oriya poet.

**କବୀ**—ସଂ. ବି. (କୁ=ଶବ୍ଦ କରିବା+ଇ)—ଲଗାମ—
Kabī — The reins of a horse.
ସଂ. ବି. ସ୍ତ୍ରୀ (କବିର ସ୍ତ୍ରୀଲିଙ୍ଗ)—ସ୍ତ୍ରୀକବି—A poetess

**କବୀନ**—ସଂ. ବି. ( କବି+ଇନ=ସୂର୍ଯ୍ୟ )—
Kabīna — କବିସୂର୍ଯ୍ୟ ( ଦେଖ )
Kabisūrjya ( See )

**କବୀର**—ଦେ. ବି. ( ନାମ )—ରାମାନନ୍ଦଙ୍କର ଜଣେ ପ୍ରଧାନ ଶିଷ୍ୟ ଓ
Kabīra ଧର୍ମପ୍ରଚାରକ—Name of a religious reformer of N. India.

[ ଦ୍ର—ସେ ପ୍ରଥମେ ମୁସଲମାନ ଥିଲେ; ପରେ ସକଳ ଧର୍ମର ମୂଳ ଏକ, ରାମ ଓ ରହିମ୍ ଏକ ଓ ଏକ ଭଗବାନ୍ ସର୍ବତ୍ର ବିଦ୍ୟମାନ ଏହି ଦୃଢ଼ବିଶ୍ୱାସ ତାହାଙ୍କ ମନରେ ଜନ୍ମିଲା ଏବଂ ଏହାହିଁ ତାଙ୍କ ପ୍ରଚାରିତ ଧର୍ମର ମୂଳମନ୍ତ୍ର ହେଲା । ହିନ୍ଦୁ ମୁସଲମାନ ତାଙ୍କୁ ସମଭାବରେ ଆଦର କରୁଥିଲେ ଏବଂ ଉଭୟେ ମିଳି ତାଙ୍କ ଶବର ଯଥାବିଧି ସତ୍କାର କରିଥିଲେ । କବୀରମଠ ଅଦ୍ୟାପି ପୁରୀରେ ଅଛି । ଯାତ୍ରିମାନେ ଏ ମଠରୁ ତୋରାଣୀ ଟିକିଏ ପିଇ ନିଜନିଜକୁ ଧନ୍ୟ ମନେ କରନ୍ତି । ଏହି ସାମ୍ୟମୈତ୍ରୀ ଧର୍ମପ୍ରଚାରକ ଚତୁର୍ଦ୍ଦଶ ଶତାବ୍ଦୀରେ ଜୀବିତ ଥିଲେ । ( ଜଗବନ୍ଧୁ, ପ୍ରାଚୀନ ଉତ୍କଳ ) ]

**କବୀରପନ୍ଥୀ**—ଦେ. ବି—କବୀରଙ୍କ ପ୍ରବର୍ତ୍ତିତ ହିନ୍ଦୁଧର୍ମାବଲମ୍ବୀ ବୈଷ୍ଣବ-
Kabīrapanthī ସମ୍ପ୍ରଦାୟବିଶେଷ—The followers of
କବିରପন্থী the sect of Kabīra.
[illegible]

**କବୁତର**—ବୈଦେ. ବି. (ଫା. କବୂତର୍; ତୁଲ; ସଂ. କପୋତ)—
Kabutara ପାରା—A pigeon.
কবুতর
कबूतर

**କବୁତରଚୋଟ୍ଟା**—ଦେ. ବିଣ. (ଗାଳିବିଶେଷ)—ଅତି ଚୋଟ୍ଟା—
Kabutarachoṭṭhā Very wicked; very mean.

**କବୁତରବାଜ୍**—ବୈଦେ. ବିଣ. (ଫା)—ପାରା ରଖିବାରେ ଓ ଉଡ଼ାଇ-
Kabutarabāj ବାରେ ଖେଳାସ୍ୱରୂପେ ସଉକୀ—One used to
কবুতরবাজ bringing up and training pigeons
कबूतरबाज for sport.

**କବୁଲ୍**—ବୈଦେ. ବି. ( ଅ. କବୂଲ୍ )—
Kabul ୧ । ଅଙ୍ଗୀକାର; ସମ୍ମତି; ସ୍ୱୀକାର—1. Agreement;
কবুল consent; admission; acknowledgement.
कबूल ୨ । ମଞ୍ଜୁରୀ—2. Granting.

**କବୁଲ୍ କରିବା**—ଦେ. କ୍ରି—୧ । ଅଙ୍ଗୀକାର କରିବା—
Kabul karibā 1. To make a confession.
কবুলা ୨ । ମଞ୍ଜୁର କରିବା—2. To grant.
कबूलना

**କବୁଲ୍‌ଜବାବ୍**—ବୈଦେ. ବି. (ଅ) (କଚେରୀ)—ବାଦୀର ଦାବୀ ଠିକ୍
Kabuljabāb ଅଟେ ବୋଲି ପ୍ରତିବାଦୀ ଅଦାଲତରେ ଦାଖଲ
কবুলজবাব করିବା ଉତ୍ତରପତ୍ର—Written statement
कबूलजबाब filed by a defendant admitting plaintiff's claim.

**କବୁଲ୍‌ଜମା**—ବୈଦେ. ବି. ( ଅ. କବୂଲ୍+ଜମା )—
Kabuljamā ପ୍ରଜାର ଅଙ୍ଗୀକୃତ କର—
কবুলজমা Rent agreed to or admitted by a tenant.
कबूलजमा

**କବୁଲ୍‌ଡିଗ୍ରୀ**—ବୈଦେ. ବି. ( ଅ. କବୂଲ୍+ଇଂ. ଡିଗ୍ରୀ )—
Kabuldigrī ପ୍ରତିବାଦୀର ସ୍ୱୀକାର ଅନୁସାରେ ବାଦୀକୁ ମିଳିବା ଡିଗ୍ରୀ-
কবুলডিক্রী A decree awarded to plaintiff on
कबूलडिग्री defendant's admission.

ସାଧାରଣ ଲୋକେ ଉପର ପୃଷ୍ଠାରେ ସୂଚିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅନ୍ତର୍ଗତ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; କିଛି ନ ପାଇଲେ 'କିଛୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**କବୁଲନାମା**—ବୈଦେ. ବି. ( ଆ. କବୁଲ୍ + ଫା. ନାମାହ୍ )—
Kabulnāmā ୧ । ଅଙ୍ଗୀକାରପତ୍ର—
କବୁଲନାମା 1. Deed of agreement.
कबूलनामा ୨ । ସ୍ୱୀକାରପତ୍ର—
1. Deed of consent or admission.

**କବୁଲତ୍**—ବୈଦେ. ବି. ( ଆ. କବୂଲିୟତ୍ )—୧ । ରଇତ୍ରୁ ବର୍ଷକୁ
Kabulat ବନ୍ଧାଳ ହାର ଖଜଣା ଦେବା ପାଇଁ ଜମିଦାରଙ୍କୁ ରଇତ
କବୁଲିୟତ ଲେଖି ଦେବା ଅଙ୍ଗୀକାରପତ୍ର—1. A counter-
कबुलियत lease or agreement to pay rent executed by the tenant in return for the lease granted to him by the landlord.
[ ଦ୍ର—ଜମିଦାର ରଇତକୁ ପଟ୍ଟା ଲେଖିଦିଏ ଓ ଏଥିର ବଦଳରେ ରଇତ ଜମିଦାରଙ୍କୁ କବୁଲତ୍ ଲେଖି ଦିଏ । ]
୨ । କୌଣସି ଦାବିକୃତ ବିଷୟର ସ୍ୱୀକାର—
2. Acknowledgement of a claim.

**କବୁଲତ୍ କରିବା**—ଦେ. କ୍ରି—(ରଇତ) ଜମିଦାରଠାରୁ ଜମି ପଟ୍ଟା ନେଇ
Kabulat karibā ଜମିଦାରଙ୍କୁ ଖଜଣା ଦେବାପାଇଁ ସ୍ୱୀକାରପତ୍ର
କବୁଲିୟତ କରା ଲେଖିଦେବା—( a tenant ) To execute
कबूलियतकरना an agreement to pay rent to the landlord.

**କବୁଲତ୍ ଦେବା**—ଦେ. କ୍ରି—ରଇତକୁ ଭୂମିଅର୍ଥ ପଟ୍ଟା ଦେବା—
Kabulat debā To grant a lease.
କବୁଲିୟତ ଦେଓୟା
कबूलियत देना

**କବୁଲତ୍ ନେବା**—ଦେ. କ୍ରି—କବୁଲତ୍ କରିବା ( ଦେଖ )
Kabulat nebā Kabulat karibā ( See )

**କବୁଲତି**—ଦେ. ବି—କବୁଲତ୍ ( ଦେଖ )
Kabulati Kabulat ( See )
ଦେ. ବିଣ—କବୁଲତ୍ ଦିଆଯାଇଥିବା ( ଜମି )—
( land ) Leased out to a tenant.

**କବୁଲାଇବା**—ଦେ. କ୍ରି—କବଲେଇବା ( ଦେଖ )
Kabulāibā Kabaleibā ( See )

**କବୁଲିୟତ୍**—ଦେ. ବି—କବୁଲତ୍ ( ଦେଖ )
Kabuliyat Kabulat ( See )

**କବୁଲିୟତ୍** (ଇତ୍ୟାଦି)—ବୈଦେ. ବି. ( ଆ. କବୂଲିୟତ୍ )—
Kabuliyat (etc) କବୁଲତ୍ ୧ ( ଦେଖ )
Kabulat 1 ( See )

**କବୁଲିୟତି**—ଦେ. ବି ଓ ବିଣ—କବୁଲତି ( ଦେଖ )
Kabuliyati Kabulati ( See )

**କବୁଲେଇବା**—ଦେ. କ୍ରି—କବଲେଇବା ( ଦେଖ )
Kabuleibā Kabaleibā ( See )

**କବେଇ**—ଦେ. ବି. ( ସଂ. କବକା )—ମତ୍ସ୍ୟବିଶେଷ; କଉଁଫାସିଆ—
Kabei A kind of freshwater-fish.

**କବେରୀ**—ଗ୍ରା. (ପଦ୍ୟ) ବି. (ସଂ. କବରୀ )—୧ । କେଶବିନ୍ୟାସ; ଜୁଡ଼ା—
Kaberi 1. Chignon.
୨ । କେଶ; ମୁଣ୍ଡ ବାଳ—3, Hair of the head.
କବେରୀ ଘର ଫିଟି ଗଲେ
ଖସି ପଡ଼ଇ ଫୁଲମାଳେ । ଜଗନ୍ନାଥ. ଭାଗବତ ।

**କବୋଷ୍ଣ**—ସଂ. ବିଣ. ( କର୍ମଧା; କୁ=ଈଷତ୍ + ଉଷ୍ଣ; କୁ ସ୍ଥାନରେ କବ
Kaboshṇa ଆଦେଶ )—କଦୁଷ୍ଣ ( ଦେଖ )
Kadushṇa ( See )

**କବ୍ଜ**—ବୈଦେ. ବି—କବଜ ( ଦେଖ )
Kabj Kabaj ( See )

**କବ୍ଜା**—ବୈଦେ. ବି—କବ୍ଜା ( ଦେଖ )
Kabjā Kabjā ( See )

**କବ୍ଜି**—ଦେ. ବି—କବ୍ଜ ( ଦେଖ )
Kabji Kabji ( See )

**କବ୍ଭୁ**—ବୈଦେ. ଅ, ( ଆ. କଭ୍ଭୁ )—କେବେହେଁ; କଦାପି—
Kabbhi At all; ever.
কবু; কভু
कबभी

**କବ୍ୟ**—ସଂ. ବି. ( କୁ=ଶବ୍ଦ କରିବା + କର୍ମ. ଯ )—
Kabya ପିତୃଲୋକଙ୍କୁ ଦେୟ ଖାଦ୍ୟଦ୍ରବ୍ୟ; ପିଣ୍ଡ—
An oblation or food-offering to one's deceased ancestors.
୨ । ପିତୃଲୋକ ବିଶେଷ—2. A class of manes.

**କବ୍ୟବାଳ**—ସଂ. ବି—୧ । ଅଗ୍ନି—1. Fire.
Kabyabāla ୨ । ପିତୃଲୋକବିଶେଷ—
2. A class of dead ancestors.

**କବ୍ୟବାହ**—ସଂ. ବି. ( କବ୍ୟ + ବହ୍ ଧାତୁ + କର୍ତ୍ତୃ. ଅ; ଯେ କବ୍ୟକୁ
Kabyabāha ଦେବତାଙ୍କ ନିକଟକୁ ବହନ କରନ୍ତି)—ଅଗ୍ନି—
Fire (which is supposed to carry the offerings of ghee to the Deities.)

**କବ୍ୟବାହନ**—ସଂ. ବି. (ବହୁବ୍ରୀହି; କବ୍ୟ + ବାହନ)—
Kabyabāhana କବ୍ୟବାହ ( ଦେଖ )
Kabyabāha ( See )

**କବ୍ରା**—ଦେ. ବିଣ—କବ୍ରା ( ଦେଖ )—
Kabrā Kabrā ( See )

**କମ୍** ( ଧାତୁ )—ସଂ—୧ । ଇଚ୍ଛା କରିବା—1. To wish.
Kam (root) ୨ । ଲାଳାୟିତ ହେବା—2. To hanker after.
୩ । ସଙ୍ଗମ କରିବା—3. To have intercourse with ( Apte ).
୪ । ସ୍ନେହ କରିବା; ଦେଖିପାରିବା—
4. To love ( Apte).

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଗ୍ | ଉଣ୍ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ | ଯ | ସ | ଙ୍ଗ | ଘ | ଢ | ଋ |

କମ୍—ବୈଦେ. ଵଣ. ( ଅ. କମ୍ )—
Kam ୧ । ଅଳ୍ପ; ସାମାନ୍ୟ—1. Little; slight.
कम ୨ । ଅଭାବଯୁକ୍ତ—2. Deficient.
কম ୩ । ଅଳ୍ପତର—3. Less.
୪ । ଊଣା; ଅପ୍ରଚୁର—4. Inadequate.
କି. ଵଣ—ଅଳ୍ପମାତ୍ରାରେ; ସାମାନ୍ୟରେ—
Little; slightly.

କମ୍‌କମ୍—ଦେ. ଵଣ—୧ । ଦୁଷ୍ଟ; ବଗୁଲିଆ; ଖେଚଡ଼ା—
Kamkam 1. Wicked; naughty.
୨ । ଅସ୍ଥିର—2. Restless.
୩ । ଲାଳାୟିତ—3. Hankering.
୪ । ଉତ୍କଣ୍ଠିତ—4. Anxious; eager.

କମ୍‌କମ୍ ହେବା—ଦେ. କ୍ରି—୧ । ଦୁଷ୍ଟାମି କରିବାକୁ ମୁହେଁଇ ହେବା—
Kamkam hebā 1. To tend to be restive.
୨ । ଭଙ୍ଗୀ ଦ୍ୱାରା କାମଚେଷ୍ଟା ପ୍ରକାଶ କରିବା—
2. To give vent to amorous feelings by outward expressions.
୩ । କୌଣସି ବସ୍ତୁ ପାଇବାପାଇଁ ଲାଳାୟିତ ବା ଉତ୍କଣ୍ଠିତ ହେବା—3. To hanker after a thing.

କମ୍‌ଜୋର୍—ବୈଦେ. ଵଣ ( ଫା. କମ୍‌ଜୋର୍ )—ଦୁର୍ବଳ—
Kamjor Weak; debilitated.
কমজোর
कमज़ोर

କମ୍‌ଜୋରି—ଦେ. ବି. (ଫା. କମ୍‌ଜୋରୀ)—ବଳହୀନତା; ଦୁର୍ବଳତା—
Kamjori Weakness; debility.
কমজোরী
कमज़ोरि

କମ୍‌ବକ୍ତ୍—ଦେ. ଵଣ. ( ଅ. କମ୍‌ବଖ୍ତ୍=ଭାଗ୍ୟହୀନ; ଅଭାଗା )—
Kambakt ୧ । ହତଭାଗ୍ୟ—1. Unlucky; unfortunate.
কমবক্ত ୨ । ଦୁଷ୍ଟ; ଖେଚଡ଼ା—
कमबख़्त 2. Naughty; wicked.
ମିଆଁ କହିଲେ—ବେକୁବ୍ ! କମ୍‌ବକ୍ତ ! ନାଲାଏକ !
ଫକୀରମୋହନ, ଛମାଣଆଠଗୁଣ୍ଠ ।
୩ । ଯେ ଗୁମାନ ବାଉଁଶ କରେ—3. Braggart.

କମ୍‌ବକ୍ତା—ବୈଦେ. (ଅ) ଵଣ—କମ୍‌ବକ୍ତ୍ ( ଦେଖ )
Kambaktā Kambakt ( See )

କମ୍‌ବକ୍ତି—ବୈଦେ. (ଅ) ବି. ( ଅ. କମ୍‌ବଖ୍ତୀ )—ଭାଗ୍ୟହୀନତା; ଦୁର୍ଭାଗ୍ୟ—Ill luck; misfortune.
Kambakti
কমবক্তী
कमबख़्ती

କମ୍‌ରା—ବୈଦେ. ପ୍ରାଦେ. ( ସମ୍ବଲପୁର ) ବି. (ପର୍ତ୍ତୁଗୀଜ୍ କାମାରା)—
Kamrā କାମରା; ପ୍ରକୋଷ୍ଠ; କୋଠରି—Room.

କମ୍‌ରେକମ୍—ଦେ. ଅ—ଅନ୍ତତଃ ଅଳ୍ପରେ; ଛୋଟରେ—
Kamrekam At the least.
कमसेकम

କମ୍‌ଶଲ୍—ବୈଦେ. ( ଅ ) ଵଣ—କମଶଲ୍ ( ଦେଖ )
Kamśal Kamaśal ( See )

କମ୍‌ସେକମ୍—ପ୍ରାଦେ ( ସମ୍ବଲପୁର ) କି. ଵଣ (ତୁଳ. ହି. କମ୍‌ସେକମ୍)
Kamsekam —କମ୍‌ରେକମ୍ (ଦେଖ)—
Kamrekam ( See )

କମ୍‌ହେବା—ଦେ. କ୍ରି—୧ । ଅଳ୍ପହେବା—
Kamhebā 1. To become less; to lessen.
কমহওয়া ୨ । ଅନାଟନ ବା ନିଅଣ୍ଟ ହେବା—
कमहोना 2. To fall short.
୩ । (ରୋଗ ଆଦି) ଉପଶମ ହେବା; ଊଣା ହେବା—
3. (a disease) To abate; to be alleviated.

କମ—ଦେ. ବି ( ସଂ. କର୍ମ )—୧ । କାରୁକାର୍ଯ୍ୟ; ସୂକ୍ଷ୍ମ ଶିଳ୍ପ—
Kama 1. Ornamental work; fretwork.
कारिगरी ଅମରାବତୀ ଭାବ କୋଟିହେ ସମ, ଦଶକର୍ମୀରେ ସେ ଲଳିତ କମ ।
नकासीकाम ଯାତୀ, ଉଷାଭିଳାଷ—ଶିଶୁଶଙ୍କର ।
୨ । କାରୁକାର୍ଯ୍ୟବିଶିଷ୍ଟ ହସ୍ତର ଅଳଙ୍କାରବିଶେଷ—
2. A kind of artistic bracelet or wristlet.
କମ ଆଦି ଶଙ୍ଖବାଣ୍ଡି ହସ୍ତରେ ଶୋଭୁଏ—ଉପେ. ଲାବଣ୍ୟବତୀ ।
୩ । ଅଳଙ୍କାର—3. Ornament.
୪ । ବାଦ୍ୟବିଶେଷ—4. A kind of drum.
୫ । (ଥଠାରଙ୍କ ଭାଷା) ଥଠାରଙ୍କ ଗଢ଼ା ନୂଆ ଜିନିଷ—
5. New utensils made by bellmetal-workers or braziers.
ଦେ. ଵଣ—୧ କାରୁକାର୍ଯ୍ୟବିଶିଷ୍ଟ—1. Artistic.
ଚଉଦେ ଜାନା କମ ମଣ୍ଡିଛି ଶବିତ ପରକୁ । ଭକ୍ତଦାସ. ମଥୁରାମଙ୍ଗଳ ।
୨ । କମନୀୟ; ସୁନ୍ଦର—2. Beautiful.
୩ । କମ୍ (ଦେଖ)—3. Kam (See)
ଦେ. କି. ଵଣ—କମ୍ ( ଦେଖ )—
Kam ( See )

କମଇ—ଦେ. ବି. (ସଂ. କର୍ମ)—ଉପାର୍ଜନ; ଅର୍ଜନ—
Kamāi Earning.
কামাই ଦେ. କ୍ରି. ( କମିବା କ୍ରିୟାର ବର୍ତ୍ତମାନ କାଳ ଅନ୍ୟ ପୁଂ.
कमाई ଏ.ବ.)—କମିଯାଏ—To become less.

କମକମ (ଇତ୍ୟାଦି)—ଦେ. ଵଣ—୧ । କମ୍‌କମ୍ ଇତ୍ୟାଦି (ଦେଖ)—
Kamakama (etc.) Kamkam etc. (See)
୨ । ବହୁ କାରୁକାର୍ଯ୍ୟବିଶିଷ୍ଟ—2. Artistic.

କମଣ୍ଡା—ବୈଦେ. ବି (ଫା. କମାନ୍‌ଚ୍)—ବଢ଼େଇଙ୍କର ଧନୁଆକାର ଯନ୍ତ୍ର;
Kamañchā ଯହିଁରେ ବର୍ମା ଖୋଳିଥିବା ଦଉଡ଼ିରେ ଭଅଁରିକୁ
কামানচা ଘୁରାନ୍ତି—A carpenter's bow-shaped instrument used in turning a drill.

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗଣ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

**କମଠ**—ସଂ. ବି ( କମ୍ ଧାତୁ=ଇଚ୍ଛା କରିବା + କର୍ମ. ଅଠ )—
Kamaṭha ୧ । କୂର୍ମ; କଚ୍ଛପ; କଇଁଛ—1. Tortoise.
(କମଠୀ—ସ୍ତ୍ରୀ) ୨ । କମଣ୍ଡଳୁ; ସନ୍ନ୍ୟାସୀମାନଙ୍କର ଜଳପାତ୍ରବିଶେଷ— 2. Water-jar used by ascetics.
୩ । ବାଉଁଶ—3. Bamboo.
୪ । ଝିଙ୍କ—4. A porcupine.
୫ । ଶଲ୍ଲକୀବୃକ୍ଷ—5. Boswellia Thurifera tree.
୬ । ଚମଡ଼ାଛାଉଣି ବାଦ୍ୟବିଶେଷ (ହି. ଶବ୍ଦସାଗର)— 6. A kind of leather-bound musical instrument.

**କମଠଗତି**—ସଂ. ବି (୬ଷ୍ଠୀ ତତ୍; କମଠ + ଗତି)—୧ । କଚ୍ଛପର ଗମନ—
Kamaṭhagati 1. The movement of a tortoise.
୨ । ଧୀରମନ୍ଥର ଗତି—2. Very slow motion.
ସଂ. ବିଣ. ପୁଂ. ଓ ସ୍ତ୍ରୀ ( ବହୁବ୍ରୀହି )—ମନ୍ଥରଗତିବିଶିଷ୍ଟ— Having the speed of a tortoise; having a very slow motion.

ଅର୍ଦ୍ଧ ନମୀଳିତ ନେତ୍ରେ ଅସ୍ଥିର ମତେ,
ଅଳସେ କମଠଗତେ, ଭୁଇଁ ନ ଲୁଚେ—ମହାଯାତ୍ରା ।

**କମଠୀ**—ସଂ. ବି. ସ୍ତ୍ରୀ (କମଠ + ସ୍ତ୍ରୀ. ଈ)—ମାଈ କଇଁଛ—
Kamaṭhī A she-tortoise.

**କମଣ**—ଦେ. ବି. ( ସଂ. କର୍ମ )—୧ । ପୁନଃପୁନଃ କୃଷ ବା ହଳ
Kamaṇa କରିବା—1. Repeated ploughing of a field.
चाष
काश्तकारी ୨ । କୃଷିକର୍ମ— 2. Ploughing; agriculture.
ଦେ. ବିଣ.—ଉତ୍ତମରୂପେ ପୁନଃପୁନଃ କୃଷ ହୋଇଥିବା (ଭୂମି)— Thoroughly cultivated or broken (land).

**କମଣକରିବା**—ଦେ. କ୍ରି—ଉପର୍ଯ୍ୟୁପରି କୃଷ କରିବା—
Kamaṇa karibā To cultivate or plough thoroughly.
चाषकरा, चषा
जोतना

**କମଣା**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ଫା. କମୀନା=ନୀଚ; ଇତର
Kamaṇā ଲୋକ )—୧ । ପାଜି; ଦୁଷ୍ଟ— 1. Wicked; wanton.
कमना
कमीना ୨ । ନୀଚପ୍ରକୃତିକ; ହୀନବୁଦ୍ଧି— 2. Mean; low-minded.

**କମଣ୍ଡଳ**—ଦେ. ବି. (ପଦ୍ୟ) (ସଂ. କମଣ୍ଡଳୁ)—ଜଳପାତ୍ର—
Kamaṇḍala A water-jar.

ଦଣ୍ଡାମ କରେ ଯାଇଁ ବ୍ରହ୍ମାର କମଣ୍ଡଳେ—ମହାଦେବ. ମାର୍କଣ୍ଡେୟ ପୁରାଣ ।

**କମଣ୍ଡଳୁ**—ସଂ. ବି. (କ=ବ୍ରହ୍ମା; ଜଳ + ମଣ୍ଡ ଧାତୁ=ଭୂଷଣ କରିବା +
Kamaṇḍalu ଲା ଧାତୁ=ଦାନ କରିବା + କର୍ତ୍ତୃ. ଉ)—
୧ । ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କର ମୃଣ୍ମୟ ବା କାଷ୍ଠମୟ ଜଳପାତ୍ର ( ଏହା ଡାଲ ପରି ଜଳ ମୁହଁ ଚଉଡ଼ା ଓ ମୁହଁ ଉପରେ ହାତରେ ଧରିବାପାଇଁ ଗୋଟିଏ ଅର୍ଦ୍ଧଚନ୍ଦ୍ରାକୃତି ମୁଢ଼ିଆ ଥାଏ)—An earthen or wooden ewer used by ascetics, having a semicircular handle on the top (like a bucket)

**କମତି**—ଦେ. ବି. (ଆ. କମ୍‌ତି)—ନ୍ୟୂନତା; ଅଳ୍ପତା—
Kamati Smallness; inadequacy.
कमि ଦେ. ବିଣ.—କମ୍ (ଦେଖ)
कमति Kam ( See )

**କମନ୍**—ବୈଦେ. ବିଣ. ( ଇଂ. କମ୍ମନ୍ )—ସାଧାରଣ—
Kaman Common.
कमन
कमन

**କମନ୍ ମାନେଜର୍**—ବୈଦେ. ବି. (ଇଂ. କମ୍ମନ୍ ମାନେଜର୍)—
Kaman mānejar ଅନେକ ଅଂଶୀଦାର ଥିବା ଜମିଦାରୀ ବୁଝିବା
कमनम्यानेजर ପାଇଁ ଜଜ୍ ସାହେବଙ୍କ ଦ୍ୱାରା ନିଯୁକ୍ତ ମାନେଜର୍—
कमनमेनेजर Common Manager.

**କମନ୍ ମାନେଜରୀ**—ଦେ. ବି. (ଇଂ. କମ୍ମନ୍ ମାନେଜର୍)—
Kaman mānejāri କମନ୍ ମାନେଜର୍‌ଙ୍କ ପଦ ବା କର୍ମ—
कमनम्यानेजरी Post or work of a Common
कमनमेनेजरी Manager.

**କମନ୍ ରୁମ୍**—ବୈଦେ. ବି. ( ଇଂ. କମ୍ମନ୍‌ରୁମ୍ )—ସ୍କୁଲ ବା
Kaman rum ବୋର୍ଡିଂ ପ୍ରଭୃତିରେ ଅବସରବେଳେ ଶିକ୍ଷକ ବା
कमनरूम ଛାତ୍ରମାନଙ୍କର ଏକତ୍ର ବସି ଗଳ୍ପାଦି କରିବା ପାଇଁ ନିର୍ଦ୍ଦିଷ୍ଟ
कमनरूम କୋଠରି—Common room.

**କମନ**—ସଂ. ବିଣ. ପୁଂ. (କମ୍ ଧାତୁ=ବାଞ୍ଛା କରିବା + କର୍ତ୍ତୃ. ଅନ)—
Kamana ୧ । କାମୁକ—1. Lascivious; lustful.
୨ । ଲମ୍ପଟ—2. Lecherous; dissolute.
୩ । ( + କର୍ମ. ଅନ)—ସୁନ୍ଦର; ରମଣୀୟ— 3. Beautiful; decent; fair; comely.
ସଂ ବି.—୧ । ବ୍ରହ୍ମା—1. Brahmā.
୨ । କାମଦେବ—2. The God Cupid.
୩ । ଅଶୋକ ବୃକ୍ଷ—3. Jonesia Asoka tree.

**କମନୀୟ**—ସଂ. ବିଣ. (କମ୍ ଧାତୁ=ଇଚ୍ଛା କରିବା + କର୍ମ. ଅନୀୟ; ଯାହାକୁ
Kamanīya ଲଭିବାକୁ ମନୁଷ୍ୟ ସ୍ପୃହା କରେ )—୧ । ସୁନ୍ଦର;
( କମନୀୟା—ସ୍ତ୍ରୀ ) ମନୋହର—1. Pleasing; beautiful lovely; charming.
୨ । ଅଭିଲଷଣୀୟ—2. Desirable.
୩ । ସ୍ପୃହଣୀୟ—3. Coveted.

**କମନ୍ଧ**—ସଂ. ବି. (କମ ଧାତୁ=ଇଚ୍ଛା କରିବା + କର୍ମ. ଅନ୍ଧ)—୧ । ଜଳ
Kamandha —1. Water.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଣ,ଷ | ଙ୍କ | ଇଅ | ଉଅ | ଥ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଡ଼ | ଢ଼ |

୨ । କବନ୍ଧ—2. Headless human trunk.

**କମନ୍ସ୍**—ବୈଦେ. ବି. ( ଇଂ. କମନ୍ସ୍ )—୧ ସର୍ବସାଧାରଣ—
Kamans 1. The public.
୨ । ଇତର ସାଧାରଣ—2. The people; the mass.

**କମନ୍ସ୍ ସଭା**—ଦେ. ବି (ଇଂ. କମନ୍ସ୍ + ସଂ. ସଭା) ବିଲାତ ପାର୍ଲିଆମେଣ୍ଟର
Kamanssabhā ଯେଉଁ ବିଭାଗରେ ଜନସାଧାରଣଙ୍କ ପ୍ରତିନିଧି-
কমন্সসভা ମାନେ ବସନ୍ତି—The House of
कमन्ससभा Commons.

**କମର୍ଖା**—ପ୍ରାଦେ. (ବସ୍ତର) ବି.—ଟଭା; ଲେମ୍ବୁ—
Kamarkhā Citron.

**କମର୍ଦିୱାଲ**—ବୈଦେ. ବି. (ଅ. କମର୍ ଦୋଆଲ୍)—କମରପଟ୍ଟ—
Kamardiwāl Girdle; belt.
কোমরদেবাল
कमरदेवाल

**କମର୍ଦିୱାଲି**—ବୈଦେ. ବି.—କମର୍ଦିୱାଲ୍ (ଦେଖ)
Kamardiwāli Kamardiwāl (See)

**କମର**—ଦେ. ବି. (ଫା. କମର୍)—୧ । ଅଣ୍ଟା; କଟି—
Kamara 1. The loins; waist.
কোমর ୨ । ଅଣ୍ଟାରେ ବାନ୍ଧିବା ପଟ୍ଟ; କମରପଟ୍ଟ—
कमर 2. Waist-belt.

ବଳାପହ୍ନମଣିଝଲକୁଲରେ କଳାପ କମର ବାନ୍ଧ । କବିସୂର୍ଯ୍ୟ, ସଙ୍ଗୀତ ।

ସଂ. ବିଣ. ପୁଂ. (କମ୍=ଇଚ୍ଛା କରିବା + କର୍ତ୍ତୃ. ଅର)—
୧ । କାମୁକ—1. Lascivious; lustful.
୨ । ଅଭିଳାଷୀ—2. Desirous (Apte)

**କମରକସ୍**—ବୈଦେ. ବି.—୧ । ( ଅ. କମର୍କଶ୍ )—କମରବନ୍ଦ୍—
Kamarakas 1. Belt.
কোমরকস ୨ । ( ଫା. କମରକଶ୍ )—ପଳାଶଗଛର ଗଣ୍ଡିରୁ ମନଇ
कमरकस ବାହାରିବା ଅଠାଳିଆ ନିର୍ଯ୍ୟାସ (ଏହା ପୁଷ୍ଟିକର ଔଷଧ)—
2. Gum exuded from Butea Frondosa.

**କମରକସା**—ବୈଦେ. ବି.—କମରକସ୍ ୧ (ଦେଖ)
Kamarakasā Kamarakas. 1. (See)

**କମର କସିବା**—ଦେ. କ୍ରି—କୌଣସି ବଳସାଧ୍ୟ କାର୍ଯ୍ୟ ନିମନ୍ତେ ଅଣ୍ଟା
Kamara kasibā ଭିଡ଼ିବା ବା ପ୍ରସ୍ତୁତ ହେବା—To gird up
কোমর কসা one's loins to do a difficult task; to be
कमर कसना prepared for hard work.

**କମରକୋଟ୍**—ଦେ. ବି. ( ଫା. କମର୍ + ସଂ. କୂଟ )—ଦୁର୍ଗ ବା ନଗର
Kamarakot ଚାରିପାଖେ ବେଢ଼ି ଥିବା ଅଣ୍ଟାଏ ଉଚ୍ଚର ପ୍ରାଚୀର
कमरकोट (ଏଥିରେ ମଝିରେ ମଝିରେ ଛିଦ୍ର ଥାଏ)(ହି.ଶବ୍ଦସାଗର)—
Rampart; a low wall round a fort or town.

**କମରକୋଠା**—ଦେ. ବି. ( ଫା. କମର୍ + ସଂ. କୋଷ୍ଠ )—କୋଠାର
Kamarakoṭhā ଯେଉଁ କଡ଼ କାନ୍ଥର ବାହାରକୁ ବାହାରି ଥାଏ—
कमरकोठा The end of a beam protruding beyond a wall.

**କମରଦେୱାଲ୍**—ବୈଦେ. ବି.—କମର୍ଦିୱାଲ୍ (ଦେଖ)
Kamaradewāl Kamardiwāl (See)

**କମରପଟା**—ଦେ. ବି. (ଅ. କମର୍ + ସଂ. ପଟ୍ଟ)—୧ । ଅଣ୍ଟାରେ ବେଢ଼ାଇ
Kamarapaṭā ବାନ୍ଧିବା ବସ୍ତ୍ର ବା ପଟ୍ଟ—A girdle; belt.
কোমরপাটি ୨ । ଅଣ୍ଟାରେ ଲୁଗା ଉପରେ ଲଗାଇବା ସୁନା ବା ରୂପାରେ
कमरपटी ତିଆରି ଅଳଙ୍କାର; ଓଡ଼ିଆଣୀ—2. A broad golden or silver girdle worn by females as belt over cloth.
୩ । ଅଣ୍ଟାରେ ପିନ୍ଧା ଯିବା ଅଳଙ୍କାରବିଶେଷ—
3. A kind of ornament for the waist.

**କମରପଟି**—ଦେ. ବି—କମରପଟା ( ଦେଖ )—
Kamarapaṭi Kamarapaṭā ( See )

**କମରବନ୍ଦ୍**—ବୈଦେ. ବି. (ଫା. କମର୍ବନ୍ଦ୍)—କମରପଟା ( ଦେଖ )
Kamaraband Kamarapaṭā ( See )
কোমরবন্দ
कमरबन्द

**କମରବନ୍ଦି**—ବୈଦେ. ବି. (ଫା)—୧ । କୌଣସି କାର୍ଯ୍ୟ କରିବାକୁ ଅଣ୍ଟା
Kamarabandi ଭିଡ଼ିବା—1. Girding up the loins.
কোমরবন্দি ୨ । କାମ କରିବାକୁ ପ୍ରସ୍ତୁତ ହେବା—
कमरबन्दी 2. Being prepared for work.
୩ । ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବା—
3. Being prepared for fight.

**କମର ବାନ୍ଧିବା**—ଦେ. କ୍ରି—କମର କସିବା ( ଦେଖ )
Kamara bāndhibā Kamara kasibā ( See )
কোমরবাঁধা
कमरबाँधना

**କମର ଭିଡ଼ିବା**—ଦେ. କ୍ରି—କମର କସିବା ( ଦେଖ )
Kamara bhirdibā Kamara kasibā ( See )

**କମରା**—ଦେ. ବି—ଘରର ଉପରସ୍ଥ ଶ୍ରେଣୀର ଆଧାର—
Kamarā (ଗୋପୀନାଥ ନନ୍ଦ )
A support or the highest wall-plate of a thatched house.

কামরা ବୈଦେ. ବି. ୧ । ( ପର୍ତ୍ତୁଗୀଜ୍. କାମାରା )—କୋଠରି—
कमरा 1. Room.
୨ । (ଇଂ. କାମେରା) କାମେରା; ଫଟୋଗ୍ରାଫ୍ ନେବାରେ ବ୍ୟବହୃତ ଚମଡ଼ାବନ୍ଧା କାଠ ବାକସ—
2. Photographer's camera.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କମରି**—ବୈଦେ. ବି (ଫା)—୧ । ଅଣ୍ଟାଧରା ବେମାରି—
Kamari 1. Lumbago.
କୋମରି ୨ । ଅଣ୍ଟାଦରଜ ରୋଗ—
**कमरी** 2. Pain in the loins.
ଦେ. ଭିଣ—୧ । ଯାହାର ଅଣ୍ଟା ଦରଜଗମ୍ ହୋଇଅଛି ବା ଯାହାର ଅଣ୍ଟାର ହାଡ଼ ଭାଙ୍ଗି ଯାଇଅଛି (ଘୋଡ଼ା)—
1. (horse) Attacked with lumbago or suffering from sprain in the loins.
୨ । ପିଠିରେ କମ୍‌ଜୋର୍ ଥିବା ଘୋଡ଼ା [ ଏ ଘୋଡ଼ା ବହୁତ ସମୟ ପିଠିରେ ବୋଝ ବା ସବାରକୁ ବୁହାଇ ପାରେ ନାହିଁ ଏବଂ ଥରକୁ ଥର ପିଠିକୁ କମ୍ପାଏ । ଏପରି ଘୋଡ଼ା ଅଏସା ବୋଲି ଧରା ଯାଆନ୍ତି । ହି. ଶବ୍ଦସାଗର ]
2. A horse with a weak back.
୩ । ଛୋଟ ଫତେଇ (ଏହା ଅଣ୍ଟା ପର୍ଯ୍ୟନ୍ତ ଲମ୍ବି ଥାଏ)—
3. Waist-coat; jacket.

**କମଳ**—ସଂ. ବି. ୧ । (କମ୍=ଜଳକୁ+ଅକ୍ ଧାତୁ=ଭୂଷିତ କରିବା+କର୍ତ୍ତୃ. ଅଲ)—
Kamala
୧ । ପଦ୍ମ—1. Lotus.
୨ । (କମ୍ ଧାତୁ=ଇଚ୍ଛା କରିବା+କର୍ମ. ଅଲ)—
ଜଳ—2. Water.
ସମସ୍ତଙ୍କର ନେତ୍ରକମଳରେ କମଳ । କୃଷ୍ଣସିଂହ. ମହାଭାରତ. ବନ ।
୩ । ତାମ୍ର; ତମ୍ବା—3. Copper.
୪ । ଔଷଧ—4. Medicine.
୫ । ମୃଗବିଶେଷ—5. Name of a class of deer.
ବାଞ୍ଛି ଦୃଷ୍ଟି କମଳ ବଦନରେ କମଳ । ଉପେ. ବୈଦେହୀଶବିଳାସ ।
୬ । ବ୍ୟୋମ; ଆକାଶ—6. Sky.
୭ । ସାରସପକ୍ଷୀ—7. Indian crane.
୮ । ସତର ଅକ୍ଷରଯୁକ୍ତ ତାଳବିଶେଷ—
8. A musical measure with 17 letters or syllables.
୯ । କାଉଙ୍ଗଫଳ—9. Sweet orange.
୧୦ । ଗୋରୁର ଗଳକମ୍ବଳ—10. Dewlap of a cow.
୧୧ । ଆଖିଡୋଳା ( ହି. ଶବ୍ଦସାଗର )—11. Eye-ball.
୧୨ । ଗର୍ଭାଶୟର ଅଗ୍ରଭାଗ ବା ମୁହଁ ( ହି. ଶବ୍ଦସାଗର )—
12. The top or mouth of the ovary.
ଗ୍ରା. ବି. ( ସଂ. କମ୍ବଳ )—କମ୍ବଳ—Blanket.
**कम्बल** କମଳ ଯାକରି ବାଳ—ଚଇ ।
**कम्मल**

**କମଳକାଠ**—ଦେ. ବି—ପଦ୍ମକାଠ ( ଦେଖ )
Kamalakātha Padmakātha ( See )
ଚନ୍ଦନ ଅଗର କମଳକାଠରେ ଅନଳ ଲଗାଇ—ବିଶ୍ୱନାଥ. ବିଚିତ୍ରରାମାୟଣ ।

**କମଳଘଣ୍ଟା**—ଦେ. ବି—ପଦ୍ମଫୁଲର ବୀଜକୋଷ—
Kamalaghatā The seed-pod of lotus.
पद्मबीज [ ଦ୍ର—ଏହା ପରିପକ୍ୱ ହେଲେ ଏଥିରେ ଥିବା କଅଁଳ
**कमलगट्टा** ମଞ୍ଜି ବା ମଞ୍ଜି ଉପରର ଶସକୁ ଲୋକେ କଞ୍ଚା ବା ଭାଜି କରି ଖାଆନ୍ତି । ]

**କମଳଘଟ୍ଟା**—ଦେ. ବି—କମଳଘଣ୍ଟା ( ଦେଖ )
Kamalaghattā Kamalaghatā ( See )

**କମଳଜ**—ସଂ. ବି—୧ । ( କମଳ=ଜଳ+ଜନ୍ ଧାତୁ=ଜାତ ହେବା +କର୍ତ୍ତୃ. ଅ )—ପଦ୍ମ—1. Lotus.
Kamalaja
କମଳପାଦେ ଲେଖିବି ପତ୍ରାବଳୀ—ଉପେ. ପ୍ରେମସୁଧାନିଧି ।
୨ । ( କମଳ=ପଦ୍ମ+ଜନ୍ ଧାତୁ+କର୍ତ୍ତୃ. ଅ)—ବ୍ରହ୍ମା—
2. Brahmā; the Creator.
୩ । ରୋହିଣୀ ନକ୍ଷତ୍ର—
3. The fourth asterism; Aldeberan.
ସଂ. ବିଣ—କମଳରୁ ଉତ୍ପନ୍ନ ( ପଦ୍ମଜାତ ମଧୁ ପ୍ରଭୃତି )—
Produced from lotus.

**କମଳଣୀ**—ଗ୍ରା. ବି. ସ୍ତ୍ରୀ. ( ସଂ. କମଳା; ଭୁଲ. ସଂ. କମଳିନୀ )—ଲକ୍ଷ୍ମୀ;
Kamalani କମଳା—The Goddess of Wealth.

**କମଳପଟା**—ପ୍ରାଦେ. ବି. ( ପଦ୍ୟ )—ଗୁହାଣି ( ଦେଖ )
Kamalapatā Guhāni ( See )

**କମଳଯାକରି ବାଳ୍**—ଦେ. ପ୍ରବଚନ—କମ୍ବଳ ଲୋମନିର୍ମିତ ଥିବାରୁ
Kamalajākai bāl ଏହା ଲୋମମୟ ଅଟେ; ଏପରି ସ୍ଥଳରେ ସେଥିରୁ ଲୋମ ବାଛିବା ବା ପୃଥକ୍ କରିବା ବାତୁଳତା ମାତ୍ର । ସେହିପରି ଯାହା ଅସଂଖ୍ୟ ଦୋଷରେ ପୂର୍ଣ୍ଣ ସେଥିରୁ ଗୋଟିଏ ଦୋଷ ବାଛିବା ବାତୁଳତା ମାତ୍ର । ବହୁଦୋଷ ବା ତ୍ରୁଟିଯୁକ୍ତ ବିଷୟ ବା ବ୍ୟକ୍ତି ପ୍ରତି ଏ ଉକ୍ତିର ପ୍ରୟୋଗ ହୁଏ—A saying applied to a case where innumerable mistakes abound.

**କମଳଯୋନି**—ସଂ. ବି. ( ବହୁବ୍ରୀହି; କମଳ+ଯୋନି=ଜନ୍ମସ୍ଥାନ;
Kamalajoni ଏ ବିଷ୍ଣୁଙ୍କ ନାଭିଜାତ କମଳରୁ ଜନ୍ମିଥିବାରୁ )—
ବ୍ରହ୍ମା—Brahmā.

**କମଳରୁ ବାଳ ବାଛିବା**—ଦେ. ନ୍ୟାୟ—କେଶ ବା ଲୋମମୟ
Kamalaru bāla bāchhibā କମ୍ବଳରୁ ଗୋଟିଏ ଲୋମ ବାଛିବା ଭଳି ଦୋଷମୟ ବସ୍ତୁ ବା ବ୍ୟକ୍ତିର ଗୋଟିଏ ଦୋଷ ପୃଥକ୍ କରି ଦେଖାଇବା—To find out one out of hundreds of mistakes and faults abounding in a thing or person.

**କମଳଶିରା**—ଦେ. ବି—୧ । ଗଳକମ୍ବଳ—
Kamalasirā 1. Dewlap.
୨ । ପଦ୍ମନାଡ଼ର ଅଂଶୁମୟ ଚୋପା—
2. The fibrous bark of the lotus stalk.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଙ୍କ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଙ୍ଗ | ନ୍‌ |

୩ । ମାଟିବନ୍ଧର ଢାଲୁରୁ ବର୍ଷାପାଣି ବୋହିଯାଇ ବନ୍ଧର ମାଟି ଧୋଇ ହୋଇ ନ ଯିବା ଉଦ୍ଦେଶ୍ୟରେ ବନ୍ଧଢାଲୁର ଦୁଇ କଡ଼ାରେ ବସ୍ତ ହୋଇଥିବା ଚେକାଛଅଣିର ରେଖା—3. A line of turf laid on both sides of an earthen bank to prevent rain-water from flowing down the top and thus damaging the earthwork.

**କମଳଷଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍; କମଳ=ପଦ୍ମ+ଷଣ୍ଡ=ସମୂହ )—
Kamalashanda ପଦ୍ମସମୂହ—A cluster of lotuses.

**କମଳା**—ସଂ. ବି. ସ୍ତ୍ରୀ. ( କମଳ+ଅସ୍ତି ଅର୍ଥରେ. ଅ+ସ୍ତ୍ରୀ. ଆ )—
Kamalā ୧ । ଲକ୍ଷ୍ମୀ—1. Lakshmī; the Goddess of Fortune.

କମଳ ବରନ ବନ୍ଧୁ କମଳା ହୋଇଲେ—ମହାଦେବ. ମାର୍କଣ୍ଡେୟପୁରାଣ ।

୨ । ବରସ୍ତ୍ରୀ—2. A beautiful and slender woman, classed as excellent in erotic science.

୩ । ( ନାମ ) ପ୍ରହ୍ଲାଦଙ୍କ ଜନନୀ—
3. The mother of Prahlāda.

୪ । ( ନାମ ) ନଦୀବିଶେଷ—4. Name of a river.

[ ଦ୍ର—ଏ ନଦୀ ତ୍ରିହୁତ ଜିଲ୍ଲାରେ । ଦରଭଙ୍ଗା ସହର ଏହି ନଦୀ ଉପରେ । ]

୫ । କମଳାଲେମ୍ବୁ—5. Orange; sweet orange; Citrus Aurantium.

[ ଦ୍ର—ପାଚିଲା କମଳାଲେମ୍ବୁ ସୁଗନ୍ଧ, ମଧୁରାମ୍ଳ, ଗୁରୁପାକ, ଉଷ୍ଣବୀର୍ଯ୍ୟ, ରୁଚିକାରକ ଓ ବଳବର୍ଦ୍ଧକ; ଏହା ଆମ, ଶୂଳ, ବାୟୁ ଓ କୃମିରୋଗ ନିବାରକ । ]

ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
A name given to females.

**କମଳାଗୁଣ୍ଡି**—ଦେ. ବି ( ସଂ. କାମ୍ପିଲ୍ଲ, କାମ୍ପିଲ୍ୟ; କପିଲା )—ସ୍ନୁହିକାଦି
Kamalāgundi ବର୍ଗର ଶ୍ରେଷ୍ଠ ଅରଣ୍ୟ ତରୁର ଫଳର ପୃଷ୍ଠଜାତ ନାଲି ଗୁଣ୍ଡା—Kamila; Mellotus Phillippinensis

କମଳାଗୁଁଡ଼ି
କମିଲା, କମ୍ବିଲା,
କବିଲା, କମେଲା
କମුଦ, ଯାଚିରୋହିଣୀ
ଗୁ. କପିଲୋ
ଫା. କମୀଲସ୍ପୁ
ଆ. କନ୍ବୀର୍
ମ. କମିଲା, କପିଲା
ସଂ. ପର୍ଯ୍ୟାୟଃ—କାମ୍ପିଲ୍ଲ, କାମ୍ପିଲ୍ୟ, କର୍କଶ, ଚନ୍ଦ୍ର, ରକ୍ତାଙ୍ଗ, ରୋଚନ, କମ୍ପିଲ୍ଲକ, କପିଲା, ରେଚନକ, ମଧୁକ ।

[ ଦ୍ର—ଏହି ଗୁଣ୍ଡଦ୍ୱାରା ପାଟ ଉପର ଆଦି ରଙ୍ଗ କରାଯାଏ; ବୈଦ୍ୟଶାସ୍ତ୍ର ଅନୁସାରେ ଏହା କଟୁରସ, ଲଘୁ, ରେଚକ, ଉଷ୍ଣବୀର୍ଯ୍ୟ; କଫ, ପିତ୍ତ, ରକ୍ତଦୁଷ୍ଟି, କୃମି, ଗୁଲ୍ମ, ଉଦରରୋଗ, ବ୍ରଣ, ମେହ, ଆନାହ, ବିଷ ଓ ଅଶ୍ମରୀ ରୋଗରେ ଉପକାରୀ । ବଙ୍ଗଦେଶ ଛଡ଼ା ଭାରତବର୍ଷର ଅନ୍ୟ ଅଞ୍ଚଳମାନଙ୍କରେ ଏ ଗଛ ଜନ୍ମେ । ]

**କମଳାନେମ୍ବୁ**—ଦେ. ବି ( ସଂ. କମଳାନିମ୍ବୁ )—ନାଗରଙ୍ଗ ଜାତୀୟ ମଧୁରାମ୍ଳ-
Kamalānembu ରସ ଫଳ; ଶିଥିଳତ୍ୱକ୍ ମିଷ୍ଟାମ୍ଳ ନାରଙ୍ଗ—
କମଲାନେବୁ Orange; Citrus Aurantium.
সন্তরা [ ଦ୍ର—ଏହା ପାଚିଲେ ନାଲିମିଶା ହଳଦିଆ ଦେଖାଯାଏ; ଏହାର ରସ ଶ୍ରାନ୍ତି, ତୃଷା, ରକ୍ତଦୋଷ, ଅରୁଚି, ବମନ, ପିତ୍ତ, କଫ ଓ ବିଷନାଶକ; ଏହା ବଳକାରକ ଓ ପୁଷ୍ଟିଜନକ । ଏହାର ଗଛ କଣ୍ଟକମୟ ଓ ପତ୍ର ସୁବାସିତ । ଗଞ୍ଜାମର ସୁରଙ୍ଗି ତଥା ଉଦ୍ୟାନଖଣ୍ଡ, ଆସାମର ସିଲେଟ୍ (ଶ୍ରୀହଟ୍ଟ) ଓ ମଧ୍ୟପ୍ରଦେଶର ନାଗପୁରରେ ମିଠା କମଳା ମିଳେ; ଖଣ୍ଡପଡ଼ା ଆଦି କେତେକ ଗଡ଼ଜାତରେ ଏ ଗଛର କୃଷି ହୋଇ ତହିଁରେ ମିଠା କମଳା ଫଳିବାର ଦେଖାଯାଏ । ]

**କମଳାପତି**—ସଂ. ବି. ପୁଂ (୬ଷ୍ଠୀ ତତ୍; କମଳା+ପତି)—ବିଷ୍ଣୁ; ନାରାୟଣ—
Kamalāpati A name of Bishnu.

**କମଳାବିହାରୀ**—ସଂ. ବି. ପୁଂ ( କମଳା+ବିହାରୀ )—ଲକ୍ଷ୍ମୀପତି; ଶ୍ରୀକୃଷ୍ଣ;
Kamalābihārī ବିଷ୍ଣୁ—An epithet of Bishnu.

ସାକ୍ଷାତେ ଜନ୍ମିଛନ୍ତି କମଳାବିହାରୀ—କୃଷ୍ଣସିଂହ. ମହାଭାରତ, ସଭା ।

**କମଳାଲେମ୍ବୁ**—ଦେ. ବି—କମଳାନେମ୍ବୁ ( ଦେଖ )—
Kamalālembu Kamalānembu (See)

**କମଳାସନ**—ସଂ. ବି (କମଳ+ଆସନ; ବହୁବ୍ରୀହି) ପଦ୍ମାସନ (ଦେଖ)—
Kamalāsana Padmāsana (See)

**କମଳି**—ଗ୍ରା. ବି. ସ୍ତ୍ରୀ (ସଂ. କମଳା)—୧ । ଲକ୍ଷ୍ମୀ—
Kamali Lakshmī.

୨ । କମଳାର ଡାକ ନାମ—
2. Name for calling a woman named Kamalā.

[ ଦ୍ର—କମ୍ବଳ ଅର୍ଥରେ 'କମଳ' ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ କିନ୍ତୁ 'ଅମଳ କମଳ' ଶବ୍ଦରେ 'କମଳି'ର ବ୍ୟବହାର 'କମ୍ବଳ' ଅର୍ଥରେ ହୁଏ । ]

**କମଳଣୀ**—ଦେ. ବି. ସ୍ତ୍ରୀ (ସଂ. କମଳା) କମଳଣୀ (ଦେଖ)—
Kamalini Kamalanī ( See )

**କମଳିନୀ**—ସଂ. ବି. ସ୍ତ୍ରୀ ( କମଳ+ଇନ୍; ସ୍ତ୍ରୀ. ଈ )—
Kamalinī ୧ । ସୁଲକ୍ଷଣା ସ୍ତ୍ରୀ; ପଦ୍ମିନୀ—1. A very beautiful and slender woman belonging to the first class according to erotic science.

୨ । ପଦ୍ମ—2. Lotus.

୩ । ପଦ୍ମିନୀ; ପୁଷ୍ପଯୁକ୍ତ ପଦ୍ମଲତା—
3. The lotus plant with its flower.

୪ । ଲକ୍ଷ୍ମୀ—4. Lakshmī; the Goddess of Fortune.

ବିଷ୍ଣୁଙ୍କ ବକ୍ଷସ୍ଥ ପୁଣି ନାମ କମଳିନୀ—ବିଷ୍ଣୁକେଶରୀପୁରାଣ ।

୫ । ପଦ୍ମପୁଷ୍ପପୂର୍ଣ୍ଣ ପୁଷ୍କରିଣୀ—
5. A tank full of lotuses.

୬ । ପଦ୍ମବନ—6. An assemblage of lotus plants with flowers.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କମଳୋତ୍ତର**—ସଂ. ବି. ( କମଳ=ପଦ୍ମ+ଉତ୍ତର=ଉତ୍କୃଷ୍ଟ )—
Kamalottara ୧ । କୁସୁମ ଫୁଲ; ଶେଣ୍ଡ୍ର ଫୁଲ—
1. A yellow flower; safflower.
୨ । କୁସୁମା ରଙ୍ଗ—2. A yellow dye prepared from dried safflowers.

**କମଶଲ୍**—ବୈଦେ. ବିଣ. ( ଅ. କମ୍‌ସଲ୍=ବେଜନ୍ମା )—
Kamaśal ୧ । ନିକୃଷ୍ଟ—1. Inferior.
(ଅସଲ୍—ବିପରୀତ) ୨ । ବେଜନ୍ମା—2. Of low birth.
୩ । ସଙ୍କର—3. Of mixed birth.
୪ । ଜାରଜ—4. Bastard.

**କମସନ**—ଗ୍ରା. ବୈଦେ. ବି. (ଇଂ. କମିସ୍‌ସନର୍)—କମିସନର୍ (ଦେଖ )
Kamasana Kamisanar ( See )

**କମସନି**—ଗ୍ରା. ବୈଦେ. ବି. (ଇଂ. କମିସ୍‌ସନ୍)—୧ । କମିସନ୍ ( ଦେଖ )
Kamasani 1. Kamisan ( See )
୨ । କମିସନର ସାହେବଙ୍କ କଚେରି—
2. The office of the Commissioner.

**କମା**—ଦେ. ବି.—୧ । ( ଅ. କମ୍ ) କମିବା—
Kamā 1. Abating; decreasing; lessening.
कमा ୨ । ( ସଂ. କର୍ମ ) ରୋଜଗାର; ଅର୍ଜନ—
**घटा** 2. Earning; income.
कामाई ୩ । ( ତେଲଗୁ ) ଅନ୍ଧ୍ର ବା ଦ୍ରାବିଡ଼ ବ୍ରାହ୍ମଣ—
**कमाई** 3. Dravidian or Telugu Brahman.
कमाबाम्हन [ ଦ୍ର— କମାମାନଙ୍କର ସାମାଜିକ ନିୟମମାନ
**कमा बामहन** ( ବିଶେଷତଃ ସ୍ତ୍ରୀମାନଙ୍କ ସମ୍ବନ୍ଧେ ) ଭାରି କଡ଼ା; ଯଥା—ଦେଢ଼ଶୁର ଯେଉଁ ପୋଖରୀରେ ସ୍ନାନ କରିବ ସେ ପୋଖରୀରେ ଭାଇବୋହୂ ସ୍ନାନ କରିବ ନାହିଁ; ସ୍ତ୍ରୀମାନେ ରଜସ୍ୱଳା ହେବା ସମୟରେ କେହି ତାଙ୍କ ମୁଖ ଦର୍ଶନ କରିବେ ନାହିଁ ଓ ସେହି ସମୟରେ ସେମାନେ ଘର ମଧ୍ୟରୁ ବାହାରି ଯାଇ ନିର୍ଜନ ସ୍ଥାନରେ ରହିବେ ଏବଂ ଶୁଦ୍ଧସ୍ନାନ କରିବା ପରେ ଘର ମଧ୍ୟକୁ ଆସିବେ । ଅପରନ୍ତୁ ଉତ୍କଳୀୟ ହିନ୍ଦୁସମାଜର ସ୍ତ୍ରୀମାନଙ୍କର ଅବରୋଧପ୍ରଥା କମାମାନଙ୍କ ମଧ୍ୟରେ ନାହିଁ । କମା ବ୍ରାହ୍ମଣମାନେ ଉତ୍କଳୀୟ ବ୍ରାହ୍ମଣ ସମାଜଦୃଷ୍ଟିରେ ଅତ୍ୟଧିକ ବାହ୍ୟନିଷ୍ଠାପ୍ରିୟ । କମା ବ୍ରାହ୍ମଣଙ୍କର ଏହି ଅତିରିକ୍ତ ନିଷ୍ଠାପରତାକୁ ବ୍ୟଙ୍ଗ୍ୟ କରି ଆମଦେଶରେ ନାନାପ୍ରକାର ଢଗ ଚଳେ; କମାବାହ୍ମୁଣୀ ଢଗ ଦେଖ ) ]
ବୈଦେ. ବି (ଇଂ. କମ୍ମା )—ସାହିତ୍ୟ ରଚନା (ପଦ୍ୟ ଓ ଗଦ୍ୟ)ରେ ସ୍ୱଳ୍ପ ବିଶ୍ରାମସ୍ଥଳର ଚିହ୍ନ ( , )—A comma ( , )

**କମାଇ**—ବୈଦେ. ବି. ( ଅ )—୧ । କମିଯିବା—1. Lessening.
Kamāi ୨ । କାର୍ଯ୍ୟରୁ ଗରହାଜର ବା ଅନୁପସ୍ଥିତି—
कामाई 2. Absence from duty or work.
**घटती** ଦେ. ବି. ( ସଂ. କର୍ମ )—ରୋଜଗାର; ଅର୍ଜନ—
Earning.

ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କର୍ମ )—କୃଷିକର୍ମ—
Agriculture.

**କମାଇ ଆଣିବା**—ଦେ. କ୍ରି—୧ । ଅନ୍ୟସ୍ଥାନରୁ ଧନାଦି ଅର୍ଜନ କରି
Kamāi āṇibā ନିଜଘରକୁ ଆଣିବା—
1. To bring one's earnings home.
୨ । କ୍ରମଶଃ ଅଳ୍ପ କରିବା—2. To gradually lessen.

**କମାଇ ଦେବା**—ପ୍ରାଦେ. ( ସିଂହଭୂମ ) କ୍ରି.—ନଖବାଳ ଆଦି ଛେଦନ
Kamāi debā କରିବା—To pare the nails and shave.
कामिए देओआ
**छाँटदेना**
कमिए देओआ ଦେ. କ୍ରି. ( ଅ. କମ୍ )—ଅଳ୍ପ କରିଦେବା—
**घटाना** To lessen.

**କମାଇବା**—ଦେ. କ୍ରି. ( ଅ. କମ୍.)—୧ । ଅଳ୍ପ କରିବା; ଊଣା
Kamāibā କରିବା; ହ୍ରାସ କରିବା; କମ୍ କରିବା—
कमान To lessen; to diminish; to reduce; to decrease; to retrench.
**कम करना**
कमान ୨ । ( ସଂ. କର୍ମ )—ଅର୍ଜନ କରିବା—2. To earn.
**कमवान-** ମୁଁ କେବଳ ମୋ ନାମ ଲେଖି ଜାଣେ, ଏବେ ଦୌଲତ କମାଇଲି । ଫକୀରମୋହନ- ଛମାଣଅଠଗୁଣ୍ଠ ।
୩ । ପାଇଖାନା ସଫା କରିବା—
3. To cleanse a latrine.
ପ୍ରାଦେ. (ସିଂହଭୂମ) କ୍ରି—ନଖ ଓ କେଶାଦି ଛେଦନ କରିବା—
To shave the hair and clip the nails.
ପ୍ରାଦେ. ( ସମ୍ବଲପୁର ) କ୍ରି—ପରିଶ୍ରମପୂର୍ବକ ଜମିକୁ ଚାଷ ବା ଆବାଦ କରିବା—To cultivate a land with much pain.

**କମାଇହେବା**—ପ୍ରାଦେ. (ସିଂହଭୂମ) କ୍ରି.—କ୍ଷୌର ହେବା—
Kamāihebā To shave.

**କମାଣ**—ବୈଦେ. ବି. ( ଫା. କମାନ୍; ଭୁଲ. ସଂ. କାର୍ମୁକ )—୧ । ଧନୁ—
Kamāṇa 1. Bow.
ବାମ କରେ କମାଣ ଧରିଣ କୋପେ ଉଠି । ସାରଳା ମହାଭାରତ ।
୨ । ତୋପ—2. Cannon.
ଦେ. ବି. ( ସଂ. କର୍ମ )—ଫୁଲଗଛ ପ୍ରଭୃତିରୁ ଅଳଆ ସଫା କରି ଗଛମାନଙ୍କୁ ସତେଜ କରିବା—Trimming plants and making them look spry.
ପ୍ରାଦେ. (ସମ୍ବଲପୁର) ବି—ଖିଲାଣ—Arch.

**କମାଣି**—ଦେ. ବି. ( ସଂ. କର୍ମ )—ନଖ କାଟି ଅଳତା ଆଦି ଦେଇ ହସ୍ତ-
Kamāṇi ପଦାଦିକୁ ଶୋଭାଯୁକ୍ତ ବା ଶୁଭ୍ର କରିବା—
कामान Trimming and painting the fingers and toes.
**छाँटना**
ବୈଦେ. ବି.—(ଫା. କମାନ୍; ଭୁଲ. ସଂ. କାର୍ମୁକ)—
कामानि ୧ । ବେହେଲା ବଜାଇବାର ଧନୁକାକାର ଫଳା—
**कमानी** 1. The bow of a violin.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁୟ | ଇଅ | ଞ | ନ୍ଦ |

୨ । ବନ୍ଧୁକର ନଳ ଆଦିରେ ବସିବା ଲୁହାର ମୁଦିଆ—
2. Iron ring.

୩ । ବଢ଼େଇଙ୍କ ଭଅଁରକୁ ଚଳାଇବା ପାଇଁ ବ୍ୟବହୃତ ଧନୁକାକାର ଫଳା—3. Bow used in turning a carpenter's drill.

୪ । ରେଳଗାଡ଼ି, ବଗିଗାଡ଼ି ଓ ମଟରଗାଡ଼ିର ଅକ୍ଷ ଉପରେ ସଂଲଗ୍ନ ଧନୁକାକାର ପତଳା ଦୁଇଫାଳିଆ ଲୁହାର କଳ— 4. The metal springs set over the axle of carriages and motor cars.

[ ଦ୍ର—ଶଗଡ଼ ଆଦିରେ କମାଣି ନ ଥିବାରୁ ବନ୍ଧୁର ପଥରେ ଶଗଡ଼ ଚାଲୁଥିଲାବେଳେ ଶଗଡ଼ରେ ବସିଥିବା ଲୋକ ଧକଚକ ହେଲା-ବେଳେ ତାକୁ ବାଧି ଯାଏ; କିନ୍ତୁ ଯେଉଁ ଗାଡ଼ିରେ କମାଣି ଲାଗି ଥାଏ ସେ ଗାଡ଼ି ବନ୍ଧୁର ପଥରେ ଚାଲୁଥିଲା ବେଳେ କମାଣି ଲଚକିବାରୁ ଆରୋହୀ ଦୋଲି ଖେଳିଲା ଭଳି ଆରାମ ବୋଧ କରେ; ବେଶି ବୋଝ ଲଦାହେଲେ କମାଣି ଦବି ଯାଏ, ପୁଣି ଭାର କମାଇ ଦେଲେ କମାଣି ପୂର୍ବ ଅବସ୍ଥା ପ୍ରାପ୍ତ ହୁଏ । ]

୫ । କଳଘଣ୍ଟା ଓ ଘଡ଼ି ଆଦିରେ ଲାଗିଥିବା କୁଣ୍ଡଳୀକୃତ ପତଳା ଧାତୁମୟ ଲମ୍ବ ପାତିଆ—5. Metal spring of a clock or watch.

ପ୍ରାଦେ. (ସମ୍ବଲପୁର) ବି.—କୃଷିକର୍ମ—Agriculture.

**କମାଣିଧମାଣି**—ପ୍ରାଦେ. (ସମ୍ବଲପୁର) ବି.—(ସହଚର ଶବ୍ଦ; ତୁଳ. ହି.
Kamāṇidhamāṇi କମାନାଧମାନା) —୧ । କୃଷିକାର୍ଯ୍ୟରେ କରାଯିବା ବହୁ ପରିଶ୍ରମ—1. Much labour devoted to agriculture.

୨ । ଧନ ଅର୍ଜନାର୍ଥ କରାଯିବା ନାନାଦି ଉଦ୍ୟମ—
2. Various efforts to earn money.

**କମାଣିବା**—ଦେ. କ୍ରି.—୧ । ଘଷାଘଷି କରି ନଖ ଆଦି ଶୁଦ୍ଧ କରିବା—
Kamāṇibā 1. To trim the finger-nails etc.

୨ । କାଣ୍ଟଛାଣ୍ଟ କରି ଗଛକୁ ସୁନ୍ଦର କରିବା—
2. To trim plants.

**କମାଣୀ**—ଦେ. ବି. ସ୍ତ୍ରୀ.—କମା ବ୍ରାହ୍ମଣୀ—
Kamāṇi A Telugu or Tamil Brahman woman.

**କମାଣ୍ଡର୍**—ବୈଦେ ବି. ( ଇଂ. କମ୍ୟାଣ୍ଡର୍ )—ସୈନ୍ୟାଧ୍ୟକ୍ଷ—
Kamāṇḍar Commander; commandant.
কমাণ্ডর
कमाण्डर

**କମାଣ୍ଡର୍ ଇନ୍ ଚିଫ୍**—ବୈଦେ. ବି. ( ଇଂ. କମ୍ୟାଣ୍ଡର୍-ଇନ୍-ଚୀଫ୍ )—
Kamāṇḍar in chiph ପ୍ରଧାନ ସେନାପତି—
কমাণ্ডর ইন চিফ Commander-in-chief.
कमान्डर इन चिफ

**କମାନ୍**—ବୈଦେ. ବି. ( ଇଂ. କମ୍ୟାଣ୍ଡ୍ =ହୁକୁମ; ଆଦେଶ )—
Kamān ୧ । ଉପରସ୍ଥ କର୍ମଚାରୀଙ୍କ ଆଦେଶ ଅନୁସାରେ ପୁଲିସ ସିପାହିଙ୍କର ରାଜକାର୍ଯ୍ୟ ଉପଲକ୍ଷରେ ସ୍ଥାନାନ୍ତରକୁ
कमान ଗମନ—1. Engagement of Police-force on duty abroad under the order of a higher officer.

୨ । ରାଜକର୍ମଚାରୀଙ୍କ କର୍ତ୍ତବ୍ୟ କର୍ମ—
2. Duty of a public servant.

ପ୍ରାଦେ. ( ଗଞ୍ଜାମ ) ବି—ସରକାରୀ କର୍ମ ଉପଲକ୍ଷରେ କର୍ମଚାରୀଙ୍କ ଗସ୍ତ—Official tour.

**କମାନ୍ ସାଟିଫିକଟ୍**—ବୈଦେ. ବି. ( ଇଂ. କମ୍ୟାଣ୍ଡ ସର୍ଟିଫିକେଟ୍ )—
Kamān sāṭiphikaṭ କନଷ୍ଟବଲ୍ ଆଦି ସରକାରୀ କାର୍ଯ୍ୟରେ
কমান সাটিফিকেট ସ୍ଥାନାନ୍ତରକୁ ପ୍ରେରିତ ହେବା ସମୟରେ
कमान साटिफिकट ଉପରସ୍ଥ କର୍ମଚାରୀ ତାଙ୍କୁ ଯେଉଁ ଆଦେଶ-ପତ୍ର ଦିଅନ୍ତି—Command-certificate given to a police-constable while going abroad on duty.

**କମାନ**—ପ୍ରାଦେ. ( ମେଦିନୀପୁର; ତୁଳ-ବଂ-କାମାନ ) ବି.—ଶ୍ରାଦ୍ଧବାସର;
Kamāna ଶୁଦ୍ଧିକ୍ରିୟାରେ କ୍ଷୌର କର୍ମ—Purificatory
কামান shaving in funerals.

**କମାବାହ୍ମୁଣ**—ଗ୍ରା. ବି. ପୁଂ—କମାଜାତୀୟ ବ୍ରାହ୍ମଣ; ଅନ୍ଧ୍ର ବା ତାମିଲ
Kamābāhmuṇa ବ୍ରାହ୍ମଣ—A Telugu or Tamil
কমাবামুন Brahman.

**କମାବାହ୍ମୁଣୀ**—ଗ୍ରା. ବି. ସ୍ତ୍ରୀ—'କମାବାହ୍ମୁଣ'ର ସ୍ତ୍ରୀଲିଙ୍ଗ—
Kamābāhmuṇi Feminine of Kamā-
কামাবামনী bāhmuṇa.

କମାବାହ୍ମୁଣୀ ଲୋ କମାବାହ୍ମୁଣୀ ! ରାନ୍ଧି ଖାଇବୁ କାହିଁ ?
କୁମ୍ଭାର ତେଢ଼ପୋ ହାଣ୍ଡି ଗଢ଼ିଛି, ଛେପ ଲଗାଇ—ଢଗ ।

**କମାୟଣ**—ଦେ. (ପ୍ରାଚୀନ ପଦ୍ୟ) ବି—କମାଣ ( ଦେଖ )—
Kamāyaṇa Kamāṇa (See)

**କମାର**—ଦେ. ବି. ପୁଂ.(ସଂ.କର୍ମକାର)—ଲୁହାକାମ କରିବା କାରିଗର—
Kamāra Blacksmith.
কামার ପ୍ରାଦେ. ୧ । ( ବାଙ୍କି ) ବି—ଏକଜାତୀୟ କେଉଟ; ମାଛୁଆ
लोहार କମାର—1. A-caste of fishermen.

୨ । (ମୟୂରଭଞ୍ଜ) ବି—ଅନାର୍ଯ୍ୟ ଜାତିବିଶେଷ —
( କମାରୁଣୀ—ସ୍ତ୍ରୀ ) 2. A class of non-Aryans.

**କମାରଠାର**—ଦେ. ବି. ମୟୂରଭଞ୍ଜର କମାରମାନଙ୍କର କଥିତ ଭାଷା—
Kamāraṭhāra The spoken language of the Kamāras in Mayurbhanj.

**କମାରଶାଳ**—ଦେ. ବି (ସଂ. କର୍ମକାର+ଶାଳା) କମାରର କର୍ମସ୍ଥାନ—
Kamāraśāla Smithy; blacksmith's
কামারশাল workshop.
क [illegible]खाना

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କମାରୁଣୀ**—ଦେ. ବି—'କମାର'ର ସ୍ତ୍ରୀଲିଙ୍ଗ—
Kamāruṇī — Feminine of Kamāra.
কামারনী
कमारिन

**କମାଲ୍**—ବୈଦେ. ବି ( ନାମ ) (ଅ. କମାଲ୍=ନିପୁଣତା, ପୂର୍ଣ୍ଣତା)—
Kamāl ୧ । ଆଧୁନିକ ତୁରସ୍କର ରାଜନୀତିକ ନେତା (ଏ ତୁରସ୍କରେ ପ୍ରଜାତନ୍ତ୍ରର ପ୍ରତିଷ୍ଠାତା ଅଟନ୍ତି); କମାଲ୍‌ପାଶା—
1. Name of the leader and maker of modern Turkey; Kamal Pasha.
୨ । କବୀରଙ୍କ ପୁଅଙ୍କ ନାମ; (ଏ ମଧ୍ୟ ଜଣେ ସାଧୁ ଥିଲେ)—
2. Name of the son of Kabir.
[ ଦ୍ର—କମାଲ୍ ମଧ୍ୟ କବୀରଙ୍କ ପରି ଜଣେ ସାଧୁପୁରୁଷ ଥିଲେ । କଥିତ ଅଛି ଯେ କବୀର୍ ଯେଉଁ ଉପଦେଶବଚନମାନ କହୁଥିଲେ କମାଲ୍ ତାହାଁର ବିପରୀତ ବଚନ କହୁଥିଲେ । କବୀର୍ କହିଛନ୍ତି "ମନ୍‌କା କହ୍‌ନା ମାନିଏ, ମନ୍ ହୈ ପକ୍କାମୀତ୍ ।" କମାଲ୍ କହିଛନ୍ତି "ମନ୍‌କା କହା ନ ମାନିୟେ, ମନ୍ ହୈ ପକ୍କାଶତ୍ରୁ"— ହିନ୍ଦି. ଶବ୍ଦସାଗର । ]

**କମାଲକରଣ**—ପ୍ରାଦେ. ( ଗଞ୍ଜାମ ଓ ବିଶାଖାପଟ୍ଟଣା ) ବି—ବହୁକାଳରୁ
Kamālikaraṇa ଗଞ୍ଜାମ ଓ ବିଶାଖାପଟ୍ଟଣାର ସ୍ଥାୟୀ ଅଧିବାସୀ ଓଡ଼ିଆ କରଣ ଜାତି (ଏମାନେ ମାତୃଭାଷା ଭୁଲି ଗଲେଣି ଓ ଅନେକ ତେଲିଙ୍ଗୀୟ ରୀତିନୀତି ଓ ସାମାଜିକ ପ୍ରଥା ଅବଲମ୍ବନ କଲେଣି )—A caste of long domiciled Oriya Karans in Ganjam and Vizagapatam districts.

**କମାଶାସନ**—ଦେ. ବି. ( ନାମ )—୧ । ପୁରୀର ପଶ୍ଚିମକୁ ପ୍ରାୟ ୫ ମାଇଲ
Kamāśāsana ଦୂରରେ ଥିବା ଓଡ଼ିଆ ବ୍ରାହ୍ମଣଶାସନବିଶେଷ—
1. Name of a Brahman settlement in Puri district.
[ ଦ୍ର—ସମ୍ଭବତଃ ପ୍ରଥମେ ଏ ଗ୍ରାମ କମାବ୍ରାହ୍ମଣଙ୍କୁ ଦାନ କରି ଯାଇଥିଲା । ପରେ ସେମାନେ ଓଡ଼ିଆ ପାଲଟି ଗଲେ କିମ୍ବା ପରେ ଓଡ଼ିଆ ବ୍ରାହ୍ମଣମାନେ ଏଠାରେ ବସତି କରି ରହିଗଲେ । ]
୨ । କମାବ୍ରାହ୍ମଣମାନେ ବସତି କରିଥିବା ଗ୍ରାମ—
2. A village settled by Telugu Brahmans.

**କମାଶି**—ପ୍ରାଦେ. ( ଗଡ଼ଜାତ ) ବି. ( ସଂ. କର୍ମ )—
Kamāśi ୧ । ଚାଷ କରିବା; କୃଷିକର୍ମ—
1. Cultivation; agriculture.
୨ । ଚାଷୀ; କୃଷକ—2. Cultivator.

**କମି**—ବୈଦେ. ବି. ( ଫା. କମ୍ )—ଅଳ୍ପତା—
Kami — A little; deficiency.
କମି ବୈ. ଦେ. ବିଣ—ଅଳ୍ପ; ନ୍ୟୂନ—
कमती — Little; deficient.

**କମିଅାଁ**—ପ୍ରାଦେ. (ସିଂହଭୂମ) ବି. ପୁଂ. (ସଂ. କର୍ମ; ଭୁଲ) କ୍ରି. କମ୍ହା—
Kamiān̐ — କାମିଆ ( ଦେଖ )
(କମିଅାଣୀ—ସ୍ତ୍ରୀ) — Kāmiā ( See )

**କମିଆସିବା**—ଦେ. କ୍ରି—୧ । କ୍ରମଶଃ କମିବା—
Kamiāsibā — 1. To abate slowly.
কমেআসা — ୨ । କମିବାକୁ ଆରମ୍ଭ କରିବା—
घटताजाना — 2. To begin to abate.

**କମିଜ୍**—ବୈଦେ. ବି. ( ଅ. କମିଜ୍; ଫ୍ରେଞ୍ଚ୍. ଚେମିଜ୍; ପର୍ତ୍ତୁଗୀଜ୍. କମିଜା )—
Kamij
কামিজ — କୁର୍ତ୍ତାବିଶେଷ—Shirt.
कमीज — [ ଦ୍ର—ଏହାର ଦେହ ଠିକ୍ ଓ ହାତରେ କଫ୍ ବା ଗୁଡ଼ା ଥାଏ; ଏହାର ଛାତିପାଖ ଅଧପର୍ଯ୍ୟନ୍ତ ମେଲା ଥାଏ । କମିଜର ଗଳାରେ ଓ ଛାତିରେ ବୋତାମ ଲାଗି ଥାଏ; ଏହା ସାହେବମାନଙ୍କଠାରୁ ଦେଖାଦେଖି ଆମ ଦେଶରେ ଚଳିଅଛି । କମିଜ୍ ଉପରେ କୋଟ୍ ପିନ୍ଧା ଯାଏ । ]

**କମିଜି**—ଗ୍ରା. ବୈଦେ. ବି—କମିଜ୍ ( ଦେଖ )
Kamiji — Kamij ( See )

**କମିଟ୍ କରିବା**—ବୈଦେ. କ୍ରି (ଇଂ. କମ୍ମିଟ୍)—ଦଉରାସୁପର୍ଦ୍ଦ କରିବା—
Kamiṭ karibā — To commit a criminal case to
কমিটকরা — the session court for trial.
कमिटकरना

**କମିଟ୍‌ମେଣ୍ଟ୍**—ବୈଦେ. ବି. ( ଇଂ. କମ୍ମିଟ୍‌ମେଣ୍ଟ୍ )—
Kamiṭmenṭ ଗୁରୁତର ଅପରାଧଘଟିତ ମକଦ୍ଦମାର ଦଉରାକୁ
কমিটমেন্ট — ପ୍ରେରଣ; ଦଉରାସୁପର୍ଦ୍ଦ—Commitment of
कमिटमेंट — a criminal case to the session court for trial.
[ ଦ୍ର—ସାଧାରଣ ଅପରାଧମାନ ମାଜିଷ୍ଟ୍ରେଟ୍‌ମାନେ ବିଚାର କରି ଅପରାଧୀର ଦଣ୍ଡବିଧାନ କରନ୍ତି; କିନ୍ତୁ ନରହତ୍ୟା, ପାଶବପ୍ରବୃତ୍ତି-ଚରିତାର୍ଥକରଣ ଆଦି କେତେ ଗୁରୁତର ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗୁରୁତର ଦଣ୍ଡ ଦିଆଯାଏ ଓ ଉକ୍ତ ଅପରାଧମାନ ସେସନ୍ ଜଜଙ୍କ ବିଚାରଯୋଗ୍ୟ ଥିବାରୁ ମାଜିଷ୍ଟ୍ରେଟ୍‌ମାନେ ଉକ୍ତ ଅପରାଧମାନଙ୍କ ସମ୍ବନ୍ଧେ ପ୍ରାଥମିକ ତଦନ୍ତ କରି ଉକ୍ତ ମକଦ୍ଦମାମାନ ବିଚାର ପାଇଁ ସେସନ୍ କୋର୍ଟ୍‌କୁ କମିଟ୍ କରନ୍ତି । ]

**କମିଟି**—ବୈଦେ. ବି. ( ଇଂ. କମ୍ମିଟି )—
Kamiṭi ୧ । ସଭାର କାର୍ଯ୍ୟନିର୍ବାହକ ସମିତି—
কমিটী — 1. Working committe of an association;
कमेटी — Board.
୨ । କୌଣସି ବିଚାର, ପରାମର୍ଶ, କର୍ମପରିଚାଳନ ବା ସିଦ୍ଧାନ୍ତ ଉଦ୍ଦେଶ୍ୟରେ କେତେକ ଲୋକଙ୍କର ଏକତ୍ର ବୈଠକ—
2. A sitting of some selected persons for deliberating on certain specified matters.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ୠ | ୡ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁୟ | ଇଅ | ଡ଼ | ନ୍ହ |

**କମିଟି ବସିବା**—ଦେ. ବ—କମିଟିର ଅଧିବେଶନ ହେବା—
Kamiṭi basibā The holding of a session of a committee.
କମିଟି বসা
कमेटी बपठना

**କମିଣା**—ବୈଦେ. ବଣ. (ଫା. କମୀନା)—କମଣା ( ଦେଖ )
Kamiṇā Kamaṇā ( See )

**କମିନା**—ବୈଦେ. ବଣ. (ଫା)—କମଣା ( ଦେଖ )
Kaminā Kamaṇā ( See )
( ଯଥା—କମିନା ଗାଈ; କମିନା ଘୋଡ଼ା; କମିନା ଟୋକା; ଦୁଷ୍ଟ ପିଲାକୁ ଲୋକେ କୌତୁକରେ କମିନା ଟୋକା ବୋଲି ମଧ କହନ୍ତି । )

**କମିବା**—ଦେ. କ୍ରି. ( ଅ. କମ୍ )—ନ୍ୟୂନ ହେବା; ଊଣା ହେବା—
Kamibā To abate; to lessen; to decrease; to be deficient.
(କମାଇବା—ଣିଜନ୍ତରୂପ)
কমা
घटना; कमना

**କମିସନ୍**—ବୈଦେ. ବ. ( ଇଂ. କମିସନ୍ )—୧ । କାର୍ଯ୍ୟଭାର ଗ୍ରହଣ କରିଥିବା ବ୍ୟକ୍ତିର ପ୍ରାପ୍ୟ ବା ପାରିଶ୍ରମିକ—
Kamisan 1. Commission or fees paid to an agent.
কমিসন
कमीसन
୨ । ଦଲାଲର ପ୍ରାପ୍ୟ ନିର୍ଦ୍ଦିଷ୍ଟ ଧନ—2. Broker's commission or percentage.
୩ । ରାଜାଦେଶରେ କୌଣସି ନିର୍ଦ୍ଦିଷ୍ଟ ବିଷୟ ତଦନ୍ତ କରି ରିପୋର୍ଟ୍ କରିବା ପାଇଁ ନିଯୁକ୍ତ ବିଶେଷଜ୍ଞ ବ୍ୟକ୍ତିମାନଙ୍କ ପଞ୍ଚାୟତ—3. A board of persons engaged by the Government to inquire into certain matters; a commission of inquiry.

**କମିସନ୍ ଏଜେଣ୍ଟ**—ବୈଦେ. ବ. (ଇଂ. କମିସନ୍ ଏଜେଣ୍ଟ)—ଦଲାଲ—
Kamison ejenṭ Commission agent; broker.
কমিসন এজেণ্ট
कमीशन एजन्ट

**କମିସନର୍**—ବୈଦେ. ବ. ( ଇଂ. କମିସନର୍ )—ରାଜକୀୟ ବିଭାଗର ଉପରସ୍ଥ ଶାସନକର୍ତ୍ତା—Commissioner; the administrative head of a Division.
Kamisanar
কমিশ্নর
कमीशनर

**କମିସନରୀ**—ବୈଦେ. ବ. ( ଇଂ. କମିସନର୍ )—କମିସନର୍ ସାହେବଙ୍କ ଅଫିସ୍—The office of a Commissioner.
Kamisanari

**କମିସନି**—ଗ୍ରା. ବୈଦେ. ବ. ( ଇଂ. କମିସନର୍ )—
Kamisani ୧ । କମିସନର୍ ସାହେବଙ୍କ କଚେରୀ—
1. The court of a Commissioner.
୨ । ( ଇଂ. କମିସନ୍ )—କମିସନ୍ ୧।୨ ( ଦେଖ )
2. Kamisan 1-2 ( See )

**କମେଇ**—ଦେ. ବ—କମାଇ ( ଦେଖ )
Kamei Kamāi ( See )
ପ୍ରାଦେ. (ବାଲେଶ୍ୱର) ବଂ. (ତୁଲ. ବଂ. କାମାଇ)—
୧ । କାର୍ଯ୍ୟରୁ ଅବସରଗ୍ରହଣ; ଛୁଟି; ଅବକାଶ—
1. Leave from work.
୨ । କାର୍ଯ୍ୟରୁ ଅନୁପସ୍ଥିତି; ଗରହାଜିରୀ—
2. Absence from work or duty.

**କମେଜ୍**—ପ୍ରାଦେ. (ଗଞ୍ଜାମ) ବୈଦେ. ବ—କମିଜ୍ ( ଦେଖ )
Kamej Kamij ( See )

**କମେଟି**—ଗ୍ରା. ବୈଦେ. (ଇଂ. କମିଟି)—କମିଟି ( ଦେଖ )
Kameṭi Kamiṭi ( See )
কমেটি
कमेटी
( ଯଥା—ସାକ୍ଷିଗୋପାଳ ଟେମ୍ପଲ୍ କମେଟି )

**କମେଡି**—ବୈଦେ. ବ.(ଇଂ. କମେଡୀ)—ପରିଣାମରେ ପ୍ରୀତିପ୍ରଦ ନାଟକ; ମିଳନାନ୍ତକ ନାଟକ—Comedy.
Kamedi
(ଟ୍ରାଜେଡି—ବିପରୀତ)
কমেডি
कमेडि
[ ଦ୍ର—କମେଡିରେ ହାସ୍ୟରସ ପ୍ରଧାନ ରସ ଓ ଏଥିରେ ବିଚ୍ଛେଦ, ମୃତ୍ୟୁ, ଦୁଃଖ ଆଦିର ବର୍ଣ୍ଣନ ନ ଥାଏ । ]

**କମୋଡ୍**—ବୈଦେ. ବ. ( ଇଂ. କମୋଡ୍ )—ସାହେବ ଓ ସାହେବ ଚଳିଆ ବାବୁମାନେ ଝାଡ଼ାଫେରିବା ପାଇଁ ବ୍ୟବହୃତ ମଳାଧାରଯୁକ୍ତ ବାକ୍ସ—Commode.
Kamoḍ
কমোড
कमोड

**କମ୍ପ୍** ( ଧାତୁ )—ସ—କମ୍ପିତ ହେବା; ଥରିବା—
Kamp ( root ) To tremble; to shake.

**କମ୍ପ**—ସ. ବ. ( କମ୍ପ୍ ଧାତୁ + ଭାବ. ଅ )—
Kampa ୧ । ଥରି; ଥରିବା; ଥୁରୁଥୁରୁ ହେବା—
1. Tremor; trembling; quivering; shivering; shaking.
୨ । ହଲିବା, ଦୋହଲିବା—2. Oscillating.
୩ । ଆନ୍ଦୋଳନ—2. Vibration; agitation.
୪ । ଶୃଙ୍ଗାରର ସାତ୍ତ୍ୱିକଭାବ ମଧ୍ୟରୁ ଏକତମ ( ଏଥିରେ କାମାର୍ତ୍ତ ବ୍ୟକ୍ତିର ଦେହ ମୁହୁର୍ମୁହୁଃ କମ୍ପେ )—
4. One of the signs of a love-sick person; viz. shadder.
୫ । ( ଶିଳ୍ପଶାସ୍ତ୍ର ) ମନ୍ଦିର ବା ସ୍ତମ୍ଭର ଭିତରେ ବା ଉପରେ କାରୁକାର୍ଯ୍ୟଯୁକ୍ତ କରମଙ୍ଗିଆ କାମ (ହି. ଶବ୍ଦସାଗର)—
5. (architecture) Waves of fretwork in a temple or pillar.

**କମ୍ପଇ**—ପ୍ରାଦେ. ( ବସ୍ତର ) ବ. (ଫ. କମୀ)—ଉପାର୍ଜନ; ଅର୍ଜନ—
Kampai Earning.
ଦେ. କ୍ରି. ( କମ୍ପିବା କ୍ରିୟାର ବର୍ତ୍ତମାନ କାଳ ତୃତୀୟ ପୁରୁଷ ଏକବଚନ )—କମ୍ପିତ ହୁଏ—Trembles.

**କମ୍ପକମ୍ପା**—ଦେ. ବ. ( ସ. କମ୍ପ୍ ଧାତୁ )—
Kampakampā ୧ । ଏକଜାତୀୟ ବୁଢ଼ିଆଣୀ—
1. A kind of spider with very long slender legs; Pholcus Phalangioides.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଲଟ୍ଟିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍‌' ଦେଖିବେ

[ ଦ୍ର—ଏମାନଙ୍କର ଗୋଡ଼ ଲମ୍ବା ଓ ସରୁ, ଏମାନେ ସର୍ବଦା କମ୍ପୁଥିବାରୁ ଏମାନଙ୍କର ଏପରି ନାମ ହୋଇଅଛି । ]

୧ । ଦେ. ବିଣ. ପୁଂ—ଥରଥରୁଆ ( ବ୍ୟକ୍ତି); ଯେ ସର୍ବଦା ଥରୁଥାଏ—
1. Trembling; tremulous. ( person )

कंपकंपा ୨ । ( ଯେ ଡରରେ ଥରେ ) ଭୀରୁ; ଡରୁଆ—
କମ୍ପକମ୍ପୀ } ସ୍ତ୍ରୀ. 2. Timid; timorous.
କମ୍ପକମ୍ପେଇ }

**କମ୍ପକମ୍ପି**—ଦେ. ବି. ( ସଂ. କମ୍ପ ଧାତୁ )—
Kampakampi ଉପର୍ଯ୍ୟୁପରି କମ୍ପନ—
कंपकंपी Shivering.

**କମ୍ପକମ୍ପିଆ**—ଦେ. ବି ଓ ବିଣ—କମ୍ପକମ୍ପା ( ଦେଖ )
Kampakampiā Kampakampā ( See )

**କମ୍ପଜର**—ଦେ. ବି. (ସଂ. କମ୍ପଜ୍ୱର )—ସର୍ବାଙ୍ଗର କମ୍ପ ସହିତ ଆକ୍ରମଣ
Kampajara କରିବା ଜ୍ୱର—The ague; intermittent
কম্পজ্বর fever.
कंपज्वर; जूड़ी

**କମ୍ପଜ୍ୱର**—ସଂ. ବି. (ମ.ପ.ଲେ; କମ୍ପସଂଯୁକ୍ତ ଜ୍ୱର)—କମ୍ପଜର (ଦେଖ)
Kampajwara Kampajara ( See )

**କମ୍ପନ**—ସଂ. ବି. ( କମ୍ପ୍‌ ଧାତୁ + ଭାବ. ଅନ )—କମ୍ପ; ହଲିବା; ଥରିବା;
Kampana ଇତସ୍ତତଃ ସଞ୍ଚାଳନ—Shivering; trembling; tremor; quake; agitation.

ସଂ. ବିଣ — ୧ । ( + କର୍ତ୍ତୃ. ଅନ ) କମ୍ପଯୁକ୍ତ—
1. Shivering; trembling.
୨ । ( କମ୍ପ୍‌ ଧାତୁ. ଣିଜନ୍ତ କମ୍ପି ଧାତୁ + କର୍ତ୍ତୃ. ଅନ )—
କମ୍ପଉତ୍ପାଦକ—2. Producing shivering.

**କମ୍ପନୀୟ**—ସଂ. ବିଣ. ( କମ୍ପ୍‌ ଧାତୁ + କର୍ମ. ଅନୀୟ )—କମ୍ପିତ
Kampanīya ହେବାର ଯୋଗ୍ୟ—Capable of being shaken.

**କମ୍ପମାନ**—ସଂ. ବିଣ. [ କମ୍ପ୍‌ ଧାତୁ + କର୍ତ୍ତୃ. ଅନ ( ଶାନଚ୍‌ ) ]—
Kampamāna ୧ । କମ୍ପୁଥିବା; ଥରୁଥିବା—
(କମ୍ପମାନା—ସ୍ତ୍ରୀ) 1. Trembling; quaking; shivering; vibrating.
୨ । ଇତସ୍ତତଃ ସଞ୍ଚାଳିତ—
2. Waving; moving to and fro.
୩ । ରାଗରେ ବା ଭୟରେ କମ୍ପିତ—
3. Trembling with anger or fear,

ଏପରି କହନ୍ତେ ସେ ନଷ୍ଟୁର ବଚନ;
ଭୟରେ ସେ ଯୁବତୀ ହୋଇ କମ୍ପମାନ—
କୃଷ୍ଣସିଂ. ମହାଭାରତ. ଅଦି ।

**କମ୍ପର୍‌**—ପ୍ରାଦେ. (ସମ୍ବଲପୁର) ବି—ମଇ (ଦେଖ)
Kampar Mai (See)

**କମ୍ପଲ୍‌ସରି**—ବୈଦେ. ବିଣ. (ଇଂ)—୧ । ଯାହା କରିବାକୁ ମନୁଷ୍ୟକୁ
Kampalsarī ବାଧ କରାଯାଏ; ବାଧତାମୂଳକ—
কম্পল্‌সরী 1. Compulsory; forcible.
कम्पलसरी ୨ । ଯେଉଁ ବିଷୟ ପଢ଼ିବାକୁ ଛାତ୍ର ବାଧ—
2. Compulsory (subject).

[ ଦ୍ର—ଏହି ଇଂ. ଶବ୍ଦ ପରେ ଇଂ. ସବ୍‌ଜେକ୍ଟ୍‌ ( ଛାତ୍ରଙ୍କ ଅଧୀତ ବିଷୟ) ଶବ୍ଦ ଯୋଗ ହୋଇ ବ୍ୟବହୃତ ହୁଏ । ]

**କମ୍ପା**—ଦେ. ବି. (ସଂ. କମ୍ପନ )—କମ୍ପନ—
Kampā Shivering.
কাঁপা ଦେ. ବିଣ.—ଥରଥରୁଆ; ଥରୁଥିବା—
कपकपी Shivering; quaking; trembling.

**କମ୍ପାଇବା**—ଦେ. କ୍ରି.—(ସଂ. କମ୍ପ୍‌ ଧାତୁ; କମ୍ପିବାର ଣିଜନ୍ତ ରୂପ)—
Kampāibā ୧ । କମ୍ପ ଜାତକରାଇବା; ଥରାଇବା—
কাঁপান 1. To cause to tremble; to cause
कँपाना vibration.

ଚଉକ କମ୍ପାଇ ହୋଇ ବଢ଼ିଲ
ତରଙ୍ଗ ଚରଣନଖେ ଭୂଇଁଲ—କବିସୂର୍ଯ୍ୟ. କବିତାକଲ୍ଲୋଳ ।

୨ । ପ୍ରତିଧ୍ୱନିତ କରିବା—
2. To cause to resound or reverberate.
୩ । ହୃତ୍‌କମ୍ପ ଉପସ୍ଥିତ କରିବା—3. To cause heart-quake; to cause throbbing of the heart.
୪ । ଭୂମିର କମ୍ପ ଉପସ୍ଥିତ କରାଇବା—
4. To cause the earth to shake or vibrate.

ସୈନ୍ୟ ଯିବା ଗାଢ଼େ ମେଦିନୀ କମ୍ପାଇଲେ—କୃଷ୍ଣସିଂ. ମହାଭାରତ. ସଭା ।

୫ । (କୌଣସି ବିସ୍ମୟଜନକ କାର୍ଯ୍ୟ କରି) କୌଣସି ଲୋକର ମନରେ ଚମତ୍କୃତା ଜନ୍ମାଇ ଦେବା—
5. To create an impression on the mind of a person by accomplishing a wonder.

**କମ୍ପାଇ**—ଦେ. ବି. ସ୍ତ୍ରୀ. (ସଂ. କମ୍ପ୍‌ ଧାତୁ)—ଠାକୁରାଣୀବିଶେଷ—
Kampāi The name of a village Goddess.

**କମ୍ପାଉଣ୍ଡ**—ବୈଦେ. (ଇଂ) ବି—୧ । ହତା; ଅଗଣା; ଘେରଦ୍‌—
Kampāuṇḍ 1. Compound.
কম্পাউণ্ড ୨ । ( ବିଜ୍ଞାନ ଓ ରସାୟନ )—ବହୁଦ୍ରବ୍ୟର ମିଶ୍ରଣଜନିତ
कम्पाउण्ड ଦ୍ରବ୍ୟ—2. (physics and chemistry) Compound.

**କମ୍ପାଉଣ୍ଡ ଇଣ୍ଟରେଷ୍ଟ**—ବୈଦେ. (ଇଂ) ବି—ଚକ୍ରବୃଦ୍ଧି ସୁଧ—
Kampāuṇḍ intaresht Compound interest.
কম্পাউণ্ড ইণ্টরেষ্ট
कम्पाउण्ड इण्टरेष्ट

**କମ୍ପାଉଣ୍ଡ ଫ୍ରାକ୍‌ଚର୍‌**—ବୈଦେ. ( ଇଂ ) ବି—(ଡାକ୍ତରୀ ) ଦେହର ହାଡ଼
Kampāuṇḍ phrākchar ଏକାଧିକ ସ୍ଥାନରେ ଭାଙ୍ଗି ଯିବା—
কম্পাউণ্ড ফ্রাকচর (surgery) Compound fracture.
कम्पाउण्ड फ्राक्चर

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଜ୍ଞ | ଇଅ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଦ |

**କମ୍ପାଉଣ୍ଡର**—ବୈଦେ. (ଇଂ) ବ—ଡାକ୍ତରଙ୍କ ସାହାଯ୍ୟକାରୀ ବ୍ୟକ୍ତି—
Kampāuṇḍar
କম্পাউণ্ডর
कंपौंडर
Compounder.

**କମ୍ପାଉଣ୍ଡରି**—ଦେ. ବ. (ଇଂ. କମ୍ପାଉଣ୍ଡର+ଅ. ପ୍ରତ୍ୟୟ ଇ)—
Kampāuṇḍari
কম্পাউণ্ডরী
कंपौंडरी
୧ । କମ୍ପାଉଣ୍ଡରଙ୍କ କାର୍ଯ୍ୟ—1. The office or work or a compounder.
୨ । କମ୍ପାଉଣ୍ଡର ହେବାଲାଗି ଆବଶ୍ୟକ ଜ୍ଞାନ—2. Necessary knowledge required for acting as a compounder.

**କମ୍ପାନି**—ବୈଦେ. (ଇଂ) ବ. (ଇଂ. କମ୍ପାନି)—
Kampāni
কম্পানী
कंपनी
୧ । ବାଣିଜ୍ୟାର୍ଥ ଗଠିତ ସଙ୍ଘ—1. A mercantile company.
୨ । ଇଷ୍ଟ ଇଣ୍ଡିଆ କମ୍ପାନି—2. East India Company.

**କମ୍ପାନି କାଗଜ**—ବୈଦେ. ବ.—(ଇଂ. କମ୍ପାନି+ଅ. କାଗଜ୍)—
Kampāni kāgaja
কম্পানিকাগজ
कंपनीकागज
ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ପ୍ରବର୍ତ୍ତିତ ପ୍ରମିସେରୀ ନୋଟ୍—Government promissory notes.

**କମ୍ପାନି ଟଙ୍କା**—ଦେ. ବ.—(ଇଂ. କମ୍ପାନି+ସଂ. ଟଙ୍କ) ଇଷ୍ଟ ଇଣ୍ଡିଆ
Kampāni ṭankā
কম্পানি টাকা
कुंपानी सिका
କମ୍ପାନୀଙ୍କଦ୍ୱାରା ଭାରତରେ ପ୍ରଚଳିତ ରୌପ୍ୟ-ମୁଦ୍ରା—Silver rupee promulgated in India by the East India Company.

**କମ୍ପାନି ବାହାଦୁର**—ବୈଦେ. (ଇଂ. କମ୍ପାନି ଓ. ଫା. ବହାଦୁର) ବ.—
Kampāni bāhādur
কম্পানি বাহাদুর
कुम्पानि बहादुर
ଭାରତକୁ ଅଧିକାର କରିଥିବା ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କର ଭାରତରେ ଡାକ ନାମ—Popular name of the East ndia Company (in India).

**କମ୍ପାନ୍ୱିତ**—ସଂ. ବଣ. ପୁଂ (କମ୍ପା ଦ୍ୱାରା; କମ୍ପ+ଅନ୍ୱିତ)—କମ୍ପଯୁକ୍ତ—
Kampānwita
(କମ୍ପାନ୍ୱିତା—ସ୍ତ୍ରୀ)
Attended with trembling; attacked with tremor; shivering.

**କମ୍ପାସ୍**—ବୈଦେ. ବ. (ଇଂ. କମ୍ପାସ୍)—ନକସା ମାପ କରିବାର ଦ୍ୱିବାହୁ-
Kampās
বিশিষ্ଟ ତୀକ୍ଷ୍ଣାଗ୍ର ଯନ୍ତ୍ର—A pair of compasses.
কম্পাস
कुंपास्
ବୈଦେ. (ଇଂ) ବ—ଜାହାଜଆଙ୍କ ଦିଗ୍‌ଦର୍ଶନ ଯନ୍ତ୍ର—Mariner's compass.

**କମ୍ପି କରିବା (ଡାକୁ)**—ପ୍ରାଦେ. (ସମ୍ବଲପୁର) ବ—ଅଜୀର୍ଣ୍ଣତାରେ ଦେହ
Kampi kariba
ଥରିବା—Trembling due to indigestion.

**କମ୍ପିତ**—ସଂ. ବଣ.—(କମ୍ପ୍ ଧାତୁ+କର୍ତ୍ତୃ. ତ)—୧ । କମ୍ପଯୁକ୍ତ—
Kampita
1. Trembling; shivering.
୨ । ଆନ୍ଦୋଳିତ—2. Moving to and fro
୩ । (+କର୍ମ. ତ)—ଚାଳିତ—3. Caused to move to and fro.
୪ । ଭୀତ; ଭୟଭୀତ—4. Shaking with fear; frightened with terror; terrified.
ସଂ. ବ. (+ଭାବ. ତ)—ଚାଳନ; କମ୍ପନ—Tremor; vibration.

**କମ୍ପିବା**—ଦେ.କ୍ରି. (ସଂ. କମ୍ପ ଧାତୁ)—୧ । କମ୍ପିତ ହେବା; ଥରିବା—
Kampibā
কাঁপা
कांपना
(କମ୍ପାଇବା—ଣିଜନ୍ତ ରୂପ)
1. To shake; to tremble.
ନଡ଼ଗେଶ ତଳୁଁ ପୃଥ୍ୱୀ ଦୁଲୁକ କମ୍ପଇ । ସ ରଳା. ମହାଭାରତ, ଉଦ୍ୟୋଗ.
୨ । ରାଗ ବା ଭୟରେ ଅସ୍ଥିର ହେବା—2. To be agitated or restless with rage or fear.
୩ । ରାଗରେ ଥରିବା—3. To tremble with rage.

**କମ୍ପୁ**—ବୈଦେ. ବ. (ଇଂ. କାମ୍ପ୍)—୧ । ତମ୍ବୁ; ବାହୁଟି—
Kampu
কম্পু
कम्पु
1. Tent.
୨ । ସେନାନିବାସ; ଛାଉଣି; ପଲଟଣଙ୍କ ରହିବା ଡେରା—2. Camp; cantonment; barracks for soldiers.

**କମ୍ପେଅର୍**—ବୈଦେ. ବ. (ଇଂ)—ତୁଳନା; ମୁକାବିଲା—
Kampeār
কম্পেয়ার
कम्पेयार
Act of comparing.

**କମ୍ପେଅରର୍**—ବୈଦେ. ବ. (ଇଂ)—ଯେଉଁ ବ୍ୟକ୍ତି ନକଲ ହୋଇଥିବା
Kampeārar
কম্পেয়ারর
कम्पेयारर
ଦଲିଲକୁ ଅସଲ ଦଲିଲ ସଙ୍ଗେ ମୁକାବିଲା କରେ—A comparer of copied documents with the original ones.

**କମ୍ପେଅରିଙ୍ଗ୍ କ୍ଲର୍କ**—ବୈଦେ. ବ. (ଇଂ)—ଅସଲ ଦଲିଲ ସଙ୍ଗେ ନକଲ
Kampeāring klark
ହୋଇଥିବା ଦଲିଲକୁ ମୁକାବିଲା କରିବା ପାଇଁ ନିଯୁକ୍ତ କିରାଣି—A comparing clerk.

**କମ୍ପୋଜ୍**—ବୈଦେ.ବ. (ଇଂ. କମ୍ପୋଜ୍)—ଛାପାଖାନାରେ ସିସା ଟାଇପମାନ
Kampoj
কম্পোজ
कंपोज
ସଜ୍ଜିତ କରି ଅକ୍ଷର ଯୋଡ଼ିବା କର୍ମ—Composing (in printing).

**କମ୍ପୋଜ୍ କରିବା**—ଦେ. କ୍ରି—କୌଣସି ଲେଖାକୁ ଛାପିବା ପାଇଁ ଅକ୍ଷର-
Kampoj kariba
কম্পোজ করা
कंपोज करना
ବିନ୍ୟାସ କରି ଟାଇପ୍ ଯୋଡ଼ିବା—To compose or set types in a block for printing.

**କମ୍ପୋଜିଟର୍**—ବୈଦେ. ବ. (ଇଂ)—ମୁଦ୍ରାଯନ୍ତ୍ରର ଯେଉଁ କର୍ମଚାରୀ
Kampojitar
কম্পোজিটার
कंपोजिटर
ଛାପା ନିମନ୍ତେ ଅକ୍ଷରବିନ୍ୟାସ କରି ଟାଇପ୍ ଯୋଡ଼ନ୍ତି—The compositor of a printing press.

**କମ୍ପୋଜିସନ୍**—ବୈଦେ. (ଇଂ) ବ—ପ୍ରବନ୍ଧାଦି ରଚନା; ରଚନା—
Kampojisan
কম্পোজিসন
कंपोजिसन
Composition.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ତାହା ନ ମିଳିବ ତେବେ ସେହି ଶବ୍ଦ ପାଠ ସ୍ଥାନରେ ଚିହ୍ନିତ ଅକ୍ଷର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କମ୍ପ୍ର**—ସଂ. ବଣ. ( କମ୍ପ୍ ଧାତୁ + କର୍ତ୍ତୃ. ର )—୧ । କମ୍ପିତ; ଚଳିତ—
**Kampra** 1. Trembling; moving.
୨ । ଭୀତ—2. Terrified.

**କମ୍ପ**—ଗ୍ରା. ବ. ( ସଂ. କଫ )—୧ । କଫ—
**Kampha** 1. Catarrh.
୨ । ସର୍ଦ୍ଦି ଓ କାଶ—2. Cold and cough.
୩ । ଶ୍ଳେଷ୍ମା—3. Phlegm; rheum.

**କମ୍ପଟ୍**—ବୈଦେ. ବ. ( ଇଂ. କମ୍ଫର୍ଟର୍ )—ପଶମର ମସ୍ତକ ବା
**Kamphaṭa** ଗଳାବେଷ୍ଟନୀ—A comforter; a knit
**कम्फटर** woollen tippet, long and narrow, for
**कमफट** tying round the head or neck.

**କମ୍ପଟର୍**—ବୈଦେ. (ଇଂ) ବ. (ଇଂ. କମ୍ଫର୍ଟର୍)—କମ୍ପଟ୍ (ଦେଖ)
**Kamphaṭar** Kamphaṭ ( See )

**କମ୍ବ୍** (ଧାତୁ)— ସ—ଗମନ କରିବା; ଗତି କରିବା—
**Kamba** (root) To move; to go.

**କମ୍ବଳ**—ସ. ବ. (କମ୍ବ୍ ଧାତୁ=ଇଚ୍ଛା କରିବା + କର୍ମ. କଲ; କ ସ୍ଥାନରେ
**Kambaḻa** ବ )—୧ । ମେଷାଦିଲୋମନିର୍ମିତ ବସ୍ତ୍ରବିଶେଷ—
1. Blanket; a rug.
୨ । ( + କର୍ତ୍ତୃ. କଲ )—ନାଗ ବିଶେଷ—
2. Name of a class of Hindu mythological serpents.
୩ । ଉତ୍ତରୀୟ—3. A sheet.
୪ । ଊର୍ଣ୍ଣାବସ୍ତ୍ର; ପ୍ରାବାର; ଶୀତବସ୍ତ୍ର—
4. Woollen wrapper.
୫ । କୃମି—5. Worm.
୬ । ଗୋରୁଙ୍କ ଗଳକମ୍ବଳ; ଗୋରୁଙ୍କ ଗଳା ତଳେ ଓହଳି ଥିବା ଚର୍ମ—6. The dewlap of cattle.
୭ । ମୃଗବିଶେଷ—7. A class of deer.
୮ । ଜଳ—8. Water.

**କମ୍ବଳା**—ଗ୍ରା. ବ. ( ସ. କମଳା )—କମଳା ( ଦେଖ )
**Kambaḻā** Kamaḻā ( See )

**କମ୍ବଳିବାହ୍ୟକ**—ସ. ବ. ( କମ୍ବଳିନ୍ + ବହ ଧାତୁ + କର୍ମ. ଯ + ସ୍ୱାର୍ଥେ. କ; କମ୍ବଳି ବା ବଳଦଙ୍କଦ୍ୱାରା
**Kambaḻibāhyaka** ବୁହା ହେବା )—ବଳଦଗାଡ଼ି; ବୃଷ ଦ୍ୱାରା ଟଣା ହେବା ଶଗଡ଼—Cart drawn by bullocks or bulls; bullock-cart.

**କମ୍ବଳି**—ସ. ବ. ପୁଂ. (କମ୍ବଳ=ଗଳକମ୍ବଳ + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ. )—
**Kambaḻi**
(କମ୍ବଳିନୀ—ସ୍ତ୍ରୀ) ୧ । ବୃଷଭ; ଷଣ୍ଢ—1. Bull.
୨ । ବଳଦ—2. Bullock.
ସ. ବଣ. ପୁଂ—୧ । କମ୍ବଳବିଶିଷ୍ଟ—
1. Having a blanket.
୨ । କମ୍ବଳ ପରିହିତ—2. Wearing a blanket.
ଗ୍ରା. ବି. ସ୍ତ୍ରୀ—କମଳାର ଡାକନାମ—A name for calling a woman named Kamaḻā.

**କମ୍ବି**—ସ. ବ. ସ୍ତ୍ରୀ. ( କମ୍ବ୍ ଧାତୁ=ଇଚ୍ଛା କରିବା + ସଂଜ୍ଞାର୍ଥେ. ଇ )—
**Kambi** ୧ । ଦର୍ବୀ; ଡଙ୍କୁଲି; ଚାଟୁ; ଡାଲିଚାଟୁ—1. Ladle.
୨ । ବାଉଁଶର ପର୍ବ—2. The part or section of a bamboo between two joints.

**କମ୍ବିକା**—ସ. ବ. (କମ୍ବ୍ ଧାତୁ=ଗତି କରିବା + ସଂଜ୍ଞାର୍ଥେ. ଇକ + ଆ)—
**Kambikā** ସଙ୍ଗୀତରେ ତାଳ ଦେବା ପାଇଁ ପ୍ରାଚୀନ କାଳରେ ବ୍ୟବହୃତ ବାଦ୍ୟବିଶେଷ ( ଦ୍ର. ଶବ୍ଦସାଗର )—A kind of cymbals or castanets used in ancient times to keep time in music.

**କମ୍ବୀ**—ସ. ବ. ସ୍ତ୍ରୀ ( କମ୍ବ୍ ଧାତୁ + ସଂଜ୍ଞାର୍ଥେ. ଈ )— କମ୍ବି ( ଦେଖ )—
**Kambī** Kambi ( See )

**କମ୍ବୁ**—ସ. ବ. ( କମ୍ବ୍ ଧାତୁ=ଗମନ କରିବା + କର୍ତ୍ତୃ. ଉ )—
**Kambu** ୧ । ଶଙ୍ଖ—1. Conch.
୨ । ( କମ୍ବ୍ ଧାତୁ + କର୍ତ୍ତୃ. ଉ ) ଶଙ୍ଖା; ଶଙ୍ଖନିର୍ମିତ ବଳୟ—
2. Bracelet; a wristlet of conch-shell.
୩ । ଅଙ୍ଗୁରୀୟ—3. Fingir-ring.
୪ । ଗଜ; ହାତୀ—4. Elephant.
୫ । ଶମ୍ବୁକ; ଶାମୁକ—5. Shell.
୬ । କର୍ବୁର ବର୍ଣ୍ଣ—6. Rainbow-colour.
୭ । ଗଳଦେଶ; ଗ୍ରୀବା—7. Neck.
୮ । ଫମ୍ପା ହାଡ଼—8. Hollow bone.
୯ । ଚୋର—9. A thief; a plunderer.
ବେ. ବଣ—ନାନାବର୍ଣ୍ଣ ଚିତ୍ରିତ; କର୍ବୁର—Multicoloured.

**କମ୍ବୁକ**—ସ. ବ. ( ବୈଦ୍ୟକ )—ଅଶ୍ୱଗନ୍ଧା ( ଦେଖ )
**Kambuka** ( ହରେକୃଷ୍ଣ ଦ୍ରବ୍ୟଗୁଣ )—
Aśwagandhā ( See )

**କମ୍ବୁକଣ୍ଠ**—ସ. ବ. ୧ । ( ଉପମିତ ସମାସ; କମ୍ବୁ ପରି କଣ୍ଠ )—
**Kambukaṇṭha** ଶଙ୍ଖ ପରି ରେଖାତ୍ରୟଯୁକ୍ତ ଗଳଦେଶ—
( କମ୍ବୁକଣ୍ଠୀ—ସ୍ତ୍ରୀ ) 1. A neck bearing horizontal lines like those of a conch shell.
୨ । କଚ୍ଛପବିଶେଷ—2. A species of tortoise.
ସ. ବଣ. ପୁଂ. ( ବହୁବ୍ରୀହି )—ଶଙ୍ଖ ପରି ରେଖାତ୍ରୟଯୁକ୍ତ ଗଳଦେଶବିଶିଷ୍ଟ ( ପୁରୁଷ )—
( a man ) Having the neck marked with horizontal lines like a conch.

**କମ୍ବୁଗ୍ରୀବ**—ସ. ବଣ. ପୁଂ. ( ବହୁବ୍ରୀହି ସମାସ; କମ୍ବୁ + ଗ୍ରୀବା )—
**Kambugrība** କମ୍ବୁକଣ୍ଠ ( ଦେଖ )
( କମ୍ବୁଗ୍ରୀବା—ସ୍ତ୍ରୀ ) Kambukaṇṭha ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗଁ | ଇଅ | ଞ | ନ୍ |

**କମ୍ବୁପୁର**—ସଂ. ବି. ( କମ୍ବୁ=ଶଙ୍ଖ+ପୁର=ନଗର )—ଶଙ୍ଖକ୍ଷେତ୍ର;
Kambupura ପୁରୀଧାମ—A name of town Puri, a sacred place of the Hindus.
ପୁରୁଷୋତ୍ତମ କମ୍ବୁପୁର କହ ସେ—ଭକ୍ତ. ବୈଷ୍ଣବଗ୍ରନ୍ଥାବଳୀ ।

**କମ୍ବୋଜ**—ସଂ. ବି. ( କମ୍ବ ଧାତୁ=ଗମନ କରିବା+କର୍ତ୍ତୃ. ଓଜ )—
Kamboja ୧ । ଶଙ୍ଖବିଶେଷ—1. A kind of conch.
୨ । ଭାରତର ପଶ୍ଚିମସ୍ଥ ଦେଶବିଶେଷ—
2. A country in western India.
୩ । ହସ୍ତୀବିଶେଷ—
3. A species of elephant.

**କମ୍ୟୁନିକ୍**—ବୈଦେ. ( ଇଂ ) ବି. ( ଇଂ. କମ୍ୟୁନିକ୍ )—ରାଜାଦେଶ-
Kamyunik ପ୍ରଚାରପତ୍ର—A communique.

**କମ୍ୟୁନିଷ୍ଟ୍**—ବୈଦେ. ( ଇଂ ) ବି. ( ଇଂ. କମ୍ୟୁନିଷ୍ଟ୍ )—
Kamyunisht ରାଜନୀତିରେ ସାମ୍ୟବାଦ ନୀତି ବା ମତର ଅବଲମ୍ବୀ
कम्युनिष्ट ବ୍ୟକ୍ତି—A communist.
[illegible]

**କମ୍ର**—ସଂ. ବିଣ. ( କମ୍=ଇଚ୍ଛା କରିବା+କର୍ତ୍ତୃ. ର )—
Kamra ୧ । ଅଭିଳାଷୀ—1. Desirous.
(କମ୍ରା—ସ୍ତ୍ରୀ) ୨ । କାମୁକ; କାମଲାଳସାଯୁକ୍ତ—
2. Libidinous; lustful; licentious.
୩ । (+କର୍ମ. ର) କମନୀୟ; ମନୋହର—
3. Charming; beautiful.

**କମ୍ରି**—ବୈଦେ. ବିଣ ଓ ବି—କମରି ( ଦେଖ )
Kamri Kamari ( See )

**କୟବାର**—ଦେ. ବି—କଏବାର ( ଦେଖ )
Kayabāra Kaebāra ( See )
ଭାଃପଣସୁ କୟବାର କରିଲୁ ସକଳ ବଗରେ ଭେକ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**କୟର**—ପ୍ରାଦେ. (ଗଡ଼ଜାତ) ବି. (ସଂ. କତକ)—ନିର୍ମଳୀ ଫଳ—
Kayara The clearing nut.

**କୟା**—ପ୍ରାଦେ. (ସମ୍ବଲପୁର) ବି. (ସଂ. କତକ)—ନିର୍ମଳୀ ଫଳ—
Kayā The clearing nut.

**କୟାଁ**—ଦେ. ବି—କଇଁଆଁ ( ଦେଖ )
Kayāṅ Kaiṅāṅ ( See )

**କୟାଁ ଗଛ**—ଦେ. ବି—ତେନ୍ତୁଳି ଗଛ—Tamarind tree.
Kayāṅ gachha

**କୟାଁସଡ଼ା**—ପ୍ରାଦେ. ( ଗଡ଼ଜାତ ) ବି—ପାଚିଲା ତେନ୍ତୁଳିକୁ ପାଣିରେ
Kayāṅsaṛdā ଚକଟି ସେଥିରୁ ମଞ୍ଜି, ପାରୁ ଓ ଶୋଲ ମାନ ବାହାର କରି ପକାଇ ସେହି କାଦୁଅ ରସକୁ ଲୁଣ ଓ ଡାଲି ଆଦିର ପିଠିରେ ଲେପି ଖରାରେ ଶୁଖାଇ ତିଆରିବା ଆଚାର—A pickle made by laying up successive layers of gruel made from ripe tamarind pulp.

**କୟାଧୁ**—ସଂ. ବି. (ନାମ)—ହିରଣ୍ୟକଶିପୁଙ୍କ ସ୍ତ୍ରୀ ଓ ପ୍ରହ୍ଲାଦଙ୍କ ମାତା—
Kayādhu Name of the wife of Hiraṇyakaśipu.

**କୟାମତ୍**—ବୈଦେ. (ଆ) ବି—ମୁସଲମାନ୍, ଯିହୁଦୀ ଓ ଖ୍ରୀଷ୍ଟିୟାନ୍‌ମାନଙ୍କ
Kayāmat ଧର୍ମମତରେ ସୃଷ୍ଟିର ଶେଷ ଦିନ, ଯେଉଁ ଦିନ
कयामत ପ୍ରତ୍ୟେକ ମୃତବ୍ୟକ୍ତି ଜୀଇଁଉଠି ଈଶ୍ୱରଙ୍କ ସମ୍ମୁଖରେ
कयामत ଠିଆ ହେବେ ଓ ତାଙ୍କର ଇହଜନ୍ମକୃତ ପାପପୁଣ୍ୟର ବିଚାର ଈଶ୍ୱର କରିବେ—The last Day of Judgment.

**କୟାଳ**—ଦେ. ବି—୧ । ପଣ୍ୟ ଦ୍ରବ୍ୟ ଓଜନ କରିବା ବ୍ୟକ୍ତି—
Kayāḷa 1. A weighman.
दण्डीदार ୨ । ଦଣ୍ଡିଦାର—2. A person who weighs
दंडीदार wares at a mart.
ସରକାରନିଯୁକ୍ତ କୟାଳ ଲୁଣ ଓଜନ କରେ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କୟାଳି**—ଦେ. ବି—ପାଉସେର; ପଣ୍ୟଦ୍ରବ୍ୟ ଓଜନ କରିବା ବ୍ୟକ୍ତିର
Kayāḷi ପାରିଶ୍ରମିକ; କମିସନ୍—Fees or commission paid to a weighman.

**କୟାସ୍**—ବୈଦେ. (ଆ) ବି—ଅନୁମାନ; ଅଟକଳ—
Kayās Guess; estimate.
कयास

**କୟେବାର**—ଦେ. ବି—କଏବାର ( ଦେଖ )
Kayebāra Kaebāra ( See )
(୧) କଟ ଭାଟମାନେ ଜ କରନ୍ତୁ କୟେବାର । ପ୍ରାଚୀ. ଶିଶୁଶଙ୍କର. ଉଷାଅଭିଳାଷ ।
(୨) ତାଙ୍କୁହିଁ କୟେବାର ମଣିମା, ମଣିମା । ସାରଳା. ମହାଭାରତ ।

**କର୍ଚ୍ଚାଲି**—ପ୍ରାଦେ. ( ସମ୍ବଲପୁର ) ବି—ଲଙ୍ଗଳ ଲୁହାକୁ ଟାଣ କରି
Karchāli ବସାଇବା ପାଇଁ ଲଙ୍ଗଳ ମୁଣ୍ଡାରେ ମରାଯିବା ଲୁହାଖିଲ—Pins or nails attached to the plough-blade to tighten the ploughshare.

**କର୍ଚେଲ୍**—ପ୍ରାଦେ. (ସମ୍ବଲପୁର) ବି—କର୍ଚ୍ଚାଲି ( ଦେଖ )
Karchel Karchāli ( See )

**କର୍ଦନ୍**—ପ୍ରାଦେ (ସମ୍ବଲପୁର) ବି (ସଂ. କର୍ଦନ)—ପରିଶ୍ରମ—
Kardan Labour.

**କର୍ନି**—ପ୍ରାଦେ. ୧ । (ସମ୍ବଲପୁର) ବି—କର୍ଣ୍ଣି ( ଦେଖ )—
Karni 1. Karṇṇi ( See )
୨ । (ମେଦିନୀପୁର) ବି—ମାଟି ଖୋଳିବାର ଖୁରୁପି—
2. An earth-digging scraper.
୩ । (ମେଦିନୀପୁର) ବି.—କର୍ଣ୍ଣି ( ଦେଖ )—3. Karṇṇi (See)

**କର୍ବା**—ପ୍ରାଦେ (ସମ୍ବଲପୁର) କ୍ରି (କୃ. ଧାତୁ)—କରିବା (ଦେଖ)—
Karbā Karibā (See)

**କର୍ମଶ**—ଗ୍ରା. (ଇତର) ଅ (ସଂ. କ୍ରମଶଃ)—କ୍ରମଶଃ; କ୍ରମେ କ୍ରମେ—
Karmaśa Gradually; by degrees.

**କର୍ମଶେ**—ଗ୍ରା. (ଇତର) ଅ—କର୍ମଶ ( ଦେଖ )—
Karmaśe Karmaśa ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କରମା**—ପ୍ରାଦେ. (ସମ୍ବଲପୁର) ବି—କରମା ( ଦେଖ )—
Karmā — Karamā ( See )

**କରମି**—ପ୍ରାଦେ (ସମ୍ବଲପୁର), ବି. (ସଂ. କର୍ମୀ)—କାର୍ଯ୍ୟକୁଶଳତାବ୍ୟଞ୍ଜକ
Karmi — ଉପାଧିବିଶେଷ—A title indicating diligence.

**କରମେକରମେ**—ଗ୍ରା. (ଇତର) ଅ (ସଂ. କ୍ରମେ)—କ୍ରମେ କ୍ରମେ; କ୍ରମଶଃ—
Karmekarme — Gradually; by degrees.

**କରଲା**—ପ୍ରାଦେ. ( ସିଂହଭୂମ ଓ ସମ୍ବଲପୁର ;ଭୁଲ; ହି. କରେଲା ) ବି.
Karlā — (ସଂ. କାରବେଲ୍ଲ) କଲରା—(ଫଳ ଓ ଲତା) (ଦେଖ)
Kalarā (fruit and creeper) (See)

**କରଶି**—ପ୍ରାଦେ. (ସମ୍ବଲପୁର) ବି—କର୍ଶି ( ଦେଖ )—
Karśi — Karśi ( See )

**କର**—ସଂ. ବି (କୃ ଧାତୁ = କରିବା + କର୍ମ. ଅ; କୃ = କ୍ଷେପ କରିବା + କର୍ମ. ଅ)—୧ । କିରଣ—1. Ray of light.
Kara
୨ । କରକା; କୁଆପଥର—2. Hailstone.
୩ । ରାଜସ୍ୱ; ଖଜଣା—3. Revenue; rent.
୪ । ଶୁଳ୍କ—4. Tax; cess.
୫ । ହସ୍ତ—5. Hand.
୬ । ହସ୍ତିଶୁଣ୍ଢ—6. Elephant's trunk.
୭ । ବ୍ରାହ୍ମଣମାନଙ୍କର ବଂଶୋପାଧିବିଶେଷ—
7. A family-title of Brahmans.
୮ । ( କୃ ଧାତୁ = କରିବା + କର୍ତ୍ତୃ. ଅ ) କର୍ତ୍ତା—
8. Doer.
(କରୀ—ସ୍ତ୍ରୀ) ୯ । ( ଉପପଦର ପରେ ଥିଲେ )—କାରକ; ଜନକ (ଯଥା—ଭୟଙ୍କର, ଅର୍ଥକର, ବଳକର, ଲଜ୍ଜାକର)—
9. A suffix denoting 'doing, producing and resulting in, and having the same meaning as the 'er' suffix in English.
ଗ୍ରା. (ଇତର) ବି (ତୁଳନାକର ଘରବାଡ଼ି ସ୍ଥଳରେ ଘରବାର; ତୁଳ. ହି. କରବଟ୍)—୧ । ପାର୍ଶ୍ୱ; କଡ଼—
1. Side; flank
ଯଥା—('କଡ଼' ସଙ୍ଗେ ବ୍ୟବହୃତ ଦେଶଜ ଶବ୍ଦମାନ 'କର' ସଙ୍ଗେ ଇତରଲୋକଙ୍କଦ୍ୱାରା ବ୍ୟବହୃତ ହୁଏ, ଯଥା—କରୁପଟ; କରବାଗ ।]
ଦେ. ବି—୧ । ବଙ୍ଗଦେଶର ତାମ୍ବୁଲୀ ଜାତିର ବଂଶୋପାଧିବିଶେଷ—1. A family-title amongst the betel-farmers and betel sellers in Bengal.
୨ । ଖ୍ରୀଷ୍ଟ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଉତ୍କଳରେ ରାଜତ୍ୱ କରୁଥିବା ରାଜବଂଶ—2. A dynasty of kings reigning in Orissa in the 7th and 8th centuries A. D.
[ ଦ—ଏହି ବଂଶୀୟ ରାଜାମାନେ ମହାଯାନ ବୌଦ୍ଧ ଥିଲେ । ଏହି ବଂଶର ଜଣେ ରାଜା ଶୁଭକର କେଶରୀ ଚୀନ୍ ସମ୍ରାଟଙ୍କ ନିକଟକୁ 'ଗୁହ୍ୟାବତଂସକ ସୂତ୍ର' ନାମରେ ଗୋଟିଏ ବୌଦ୍ଧଗ୍ରନ୍ଥ ଉପଢୌକନସ୍ୱରୂପ ପଠାଇଥିଲେ । ]
ଦେ. କ୍ରି—କରିବା କ୍ରିୟାର ମଧ୍ୟମପୁରୁଷ ଏକ ଓ ବହୁବଚନ ସାଧ୍ୟ-ପ୍ରବୃତ୍ତ ବର୍ତ୍ତମାନ ଓ ଅନୁଜ୍ଞାରେ ରୂପ—The form of the verb to do in present tense, and imperative mood in the second person singular and plural.

**କରକ**—ସଂ. ବି. ( କୃ ଧାତୁ = ବଧ କରିବା + କର୍ତ୍ତୃ. ଅକ)—
Karaka — ୧ । ଦାଡ଼ିମ୍ବ ବୃକ୍ଷ; ଡାଳିମ୍ବ ଗଛ ଓ ଫଳ—
1. Pomegranate tree and fruit.
ବୈଦ୍ୟକ ସୁରସାରସା କରକର ବୀଜ । ଇତି. ବୈଦ୍ୟେଶ୍ୱରବିଳାସ, ୧୧୭
୨ । ପକ୍ଷୀବିଶେଷ—2. Name of a bird (M. W.)
୩ । ଖଡ଼ିଭରେ ତିଆରି ପାତ୍ରବିଶେଷ—
3. A cocoanut-shell hollowed to form a cup.
୪ । କମଣ୍ଡଳୁ—4. An ascetic's water vessel.
୫ । କରଞ୍ଜଗଛ—5. Pongamia Glabra (tree.)
୬ । କୋବିଦାର ଗଛ—6. Bauhinia Variegata
୭ । କରବୀର ବୃକ୍ଷ—7. Nerium Odorum (tree).
୮ । ବକୁଳ ବୃକ୍ଷ; ବଉଳ ଗଛ—
8. Mimusops Elengi (tree).
୯ । ଖଡ଼େଇ—A cocoanut shell.
୧୦ । ଛତୁ—1. Fungus; mushroom (M. W.)
୧୧ । ପଳାଶଗଛ—11. Betea Frondosa (tree) (M. W.)
୧୨ । (କର + ସ୍ୱାର୍ଥେ. କ)—ରାଜସ୍ୱ—12. Tax.

**କରକଚ**—ଦେ. ବି. (ସଂ. କଡ଼କ)—ଏକ ପ୍ରକାର ସମୁଦ୍ର-ଲବଣ—
Karakacha — A kind of sea-salt.
करकच [ ଦ୍ର—ଲୁଣ ଦୁଇ ପ୍ରକାର ପ୍ରଣାଳୀରେ ତିଆରି ହୁଏ; ସେହି
करकच ଦୁଇ ପ୍ରକାର ଲୁଣର ନାମ କରକଚ ଓ ପଙ୍ଗା । ସମୁଦ୍ର କୂଳର ଜମିରେ କିଆରି କରି ସେଥିରେ ସମୁଦ୍ର ପାଣି ମଡ଼ା ପାଣିକୁ ପବନ ଓ ଖରାରେ ଶୁଖାଇବା ପରେ ଭୂମିରୁ ଯାହା କରି ଯେଉଁ ଲୁଣ କରାଯାଏ ତାକୁ କରକଚ ଲୁଣ ଓ ସମୁଦ୍ରପାଣିକୁ ଜାଳ ଦେଲେ ଯେଉଁ ଲୁଣ ହାଣ୍ଡିତଳେ ବସିଯାଏ ତାକୁ ପଙ୍ଗା ଲୁଣ କହନ୍ତି । ]
ଗ୍ରା. ବିଣ. ( ସଂ. କର୍କଶ)—କର୍କଶ—Rough.

**କରକଚ୍ଚା**—ଦେ. ବି. (ସଂ. କର୍କର)—ଚୂନ ମିଶ୍ରିତ ଗୋଡ଼ି; ପଥର ଗୋଡ଼ି;
Karakachā — କଙ୍କର—Concrete; rubble.
कँकर, करकच [ଦ୍ର—ଏହା କୋଠାର ଛାତ ଓ ମେଜିଆରେ ବାଡ଼ିଆ
सुरखुरापत्थर ଯାଏ ।]

ଚେଉଳ ଚନ୍ଦାର ଯେ ଅଧେ କରକଚ୍ଚ ପରେ ଖୁନ୍ଦ ଯେ ତେଜ ।
ପ୍ରାଚୀ· ଦ୍ୱାରକା· ପରଚେଗାଟୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇସ୍ଥ | ଉଅ | ଢ |
| ୨ | ଈ | ଊ | ଚ | ଲୁ | ସ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ◉ | ନ୍ଥ |

**କରକଚି**— ଦେ. ବିଣ.—୧ । କୋମଳ (ଗୋପୀନାଥ ନନ୍ଦ)—
Karakachi 1. Soft.
୨ । ଅପକ୍ୱ (ଗୋପୀନାଥ ନନ୍ଦ)—2. Unripe.
୩ । ଅପୁଷ୍ଟ (ଗୋପୀନାଥ ନନ୍ଦ)—3. Undeveloped.

**କରକଚିଆ**—ଦେ. ବିଣ—କରକଚ୍ ବା ପଥରଗୋଡ଼ ପରି ଟାଣୁଆ ଓ
Karakachiā ଦରସିଝା; ଅର୍ଦ୍ଧସିଦ୍ଧ; କଇଥା—
Half-boiled and hard.

**କରକଚ୍ଛପିକ**—ସଂ. ବି. (କର+କଚ୍ଛପ+ଇକ)—ଉଭୟହସ୍ତଦ୍ୱାରା କଚ୍ଛପାକାର ମୁଦ୍ରାବିଶେଷ; କୂର୍ମ ମୁଦ୍ରା—
Karakachchhapika
(କରକଚ୍ଛପିକା—ସ୍ତ୍ରୀ) A Tantric pose of the two palms of the hands held together like the back of a tortoise.

**କରକଟ**—ଗ୍ରା. ବି. (ସଂ. କର୍କଟ)—୧ । କର୍କଟ; କଙ୍କଡ଼ା—
Karakaṭa 1. Crab.
୨ । ଚାନ୍ଦ୍ର ଶ୍ରାବଣ ମାସ; ସୌର କକଡ଼ା ମାସ—
2. The month of Srābaṇa.

କରକଟ ସରକଟ, କିଛି ଶୁଖାଏ କାଳେ, ବାଳେ କାଳ୍ ।
ବନ୍ଦ୍ ବନ୍ଦ୍ କାଳେ ବରଷିଲେ କାହିଁ ରହିବ ଧାନ । କୃଷିବଚନ ।

**କରକଟିଆ**—ଦେ. ବିଣ.—ମର୍କଟିଆ; ବାମନରୂପୀ—
Karakaṭiā Stunted; dwarfed in growth.
मरकुटे
ठिङ्गना

**କରକଣ୍ଟକ**—ସଂ. ବି (୬ଷ୍ଠୀ ତତ୍; କର+କଣ୍ଟକ)—ହାତର ନଖ—
Karakanṭaka Finger nail of the hand.

**କରକବହ**—ଦେ. ବି. (କରକ=କମଣ୍ଡଳୁ+ବହ ଧାତୁ+କର୍ତ୍ତୃ. ଅ)—
Karakabaha ଯୋଗୀ—A sage; anchoriete.
କାନିମା କରକବହ ଭଣା ନ ଜାଣଇ ରସେ ରସନା । ଭକ୍ତ. ପ୍ରେମସୁଧାନିଧି ।

**କରକବୀଜ**—ସଂ. ବି. (୬ଷ୍ଠୀ ତତ୍; କରକ+ବୀଜ) ଡାଳିମ୍ବ ମଞ୍ଜି—
Karakabija Pomegranate seed.

**କରକର**—ଦେ. (ଧ୍ୱନ୍ୟନୁକରଣ ଭୂଇ. ସଙ୍କଳନ) ଅ.-ଉଚ୍ଚ ହାସ୍ୟ; ଉଚ୍ଚ-
Karakara ସ୍ୱରେ ହସିବା-Loud laughter; horse-laugh.
कल कल କରକର ହୋଇ ଗୋପୀ ହସନ୍ତି । ଜାନକୃଷ୍ଣ. ରସକଲ୍ଲୋଳ ।
कह कह ଦେ. ବିଣ—୧ । ଉଚ୍ଚହାସ୍ୟଯୁକ୍ତ; ହସହସ—
1. Laughing; loudly.
किरकिर ୨ । ( ସଂ. କର୍କର=ଗୋଡ଼ )—ଚୋବାଇବାକୁ କର୍କଶ
किरकिरा ବାଲିଯୁକ୍ତ (ଖାଦ୍ୟ ପଦାର୍ଥ )—2. Grating to the teeth while eaten; having sand mixed in it.

**କରକଶ**—ଗ୍ରାମ୍ୟ. (ପଦ୍ୟ) ବିଣ. (ସଂ. କର୍କଶ)—କର୍କଶ (ଦେଖ)
Karakaśa Karkaśa ( See )
ରୂକ୍ଷ ସଦୟ ମାନସ କୁଳଶରୁ କରକଶ—କବିସୂର୍ଯ୍ୟ. ସଙ୍ଗୀତ ।

**କରକା**—ସଂ. ବି. ସ୍ତ୍ରୀ. ( କରକ+ସ୍ତ୍ରୀ. ଆ )—ଭୁଆପଥର—
Karakā Hailstone.

**କରକାପାତ**—ସଂ. ବି. (୬ଷ୍ଠୀ ତତ୍; କରକା+ପାତ )—
Karakāpāta ଭୁଆପଥର ବୃଷ୍ଟି—
Hail; a shower of hailstones.

**କରକି**—ଦେ. ବି. ( ସଂ. କରକ )—ଡାଳିମ୍ବ ଫଳ—
Karakī Pomegranate ( fruit )
କେଉଁ ଗୋପୀ ଦେଖି କରକୀ ଉରଜ ବୋଲଇ ସଖି ଦେଖ ଦେଖ ।
ଜାନକୃଷ୍ଣ. ରସକଲ୍ଲୋଳ ।

**କରକୋରକ**—ସଂ. ବିଣ. (ରୂପକ କର୍ମଧା; କର+କୋରକ)—
Kara koraka କେରକଣ୍ଠ; ଯୁଡ଼କର; ଯୋଡ଼ହସ୍ତ—
ବସିଥ ବସୁଧେଶ୍ୱର ଧୀର ଗିର ବଧିର କରକୋରକେ ଘଟେ ସେ ।
ଉପେ. ବୈଦେହୀଶବିଳାସ ।
With folded hands.

**କରକୋଷ**—ସଂ. ବି. (ରୂପକ କର୍ମଧା; କର+କୋଷ)—ହାତର ପୋସ—
Karakosha The hollow of the hand.

**କରକୋଷ୍ଠୀ**—ସଂ. ବି—( ୬ଷ୍ଠୀ ତତ୍; କର+କୋଷ୍ଠୀ ) କରତଳସ୍ଥ
Karakoshṭhi ରେଖାସମୂହ, ଯହିଁରୁ ମନୁଷ୍ୟର ଭାଗ୍ୟ ଗଣନା କରାଯାଏ—The lines on the palm of the hand from which a man's lot can be cast and his future foretold.

**କରକୋଷ୍ଠୀ ବିଦ୍ୟା**—ସଂ. ବି. (ମ. ପ. ଲୋ. କର୍ମଧା; କରକୋଷ୍ଠୀସମ୍ବନ୍ଧୀୟ
Karakoshṭhi bidyā ବିଦ୍ୟା)—କରକୋଷ୍ଠୀ ଦେଖି ମନୁଷ୍ୟ ଜୀବନର ଘଟଣା ନିର୍ଣ୍ଣୟ କରିବାରୂପ ବିଦ୍ୟା; ସାମୁଦ୍ରିକ ଶାସ୍ତ୍ର—
Palmistry.

**କରଗତ**—ସଂ. ବିଣ. ( ୨ୟା ତତ୍; କର+ଗତ )—
Karagata ୧ । ହସ୍ତଗତ; ହାତକୁ ଆସିଥିବା—
(କରଗତା—ସ୍ତ୍ରୀ) 1. Come to the hand.
୨ । ପ୍ରାପ୍ତ—2. Received; obtained; attained.
୩ । ଅଧିକାରକୁ ଅଣା ଯାଇଥିବା; ଆୟତ୍ତ; ବଶୀଭୂତ—
3. Brought under control; suborned.
୪ । ପରାଜିତ—4. Subdued.

**କରଗା**—ବୈଦେ. ବି. ( ଫା. କାରଗାହ୍ )—
Karagā ତନ୍ତୀମାନଙ୍କ ତନ୍ତ ତଳେ ଥିବା ଖାଲ—
करगह The low hole below the weaver's loom.
[ ଦ୍ର—ତନ୍ତରେ ଲୁଗା ବୁଣିଲାବେଳେ ତନ୍ତୀ ଏ ଖାଲ ମଧ୍ୟକୁ ଗୋଡ଼ ଲମ୍ବାଇ କରି ବସେ । ]

**କରଗ୍ରହ**—ସଂ. ବି. ( ବହୁବ୍ରୀହି; କର+ଗ୍ରହ )—
Karagraha ୧ । ପାଣିଗ୍ରହଣ; ବିବାହ—1. Marriage.
୨ । ପ୍ରଜାଙ୍କ ନିକଟରୁ ରାଜସ୍ୱ ନେବା—
2. Collection of rent from tenants.
୩ । ହସ୍ତଧାରଣ—3. Holding by the hand.

**କରଗ୍ରାହ**—ସଂ. ବିଣ. ପୁଂ. ( କର+ଗ୍ରହ୍ ଧାତୁ+କର୍ତ୍ତୃ ଅ )—
Karagrāha ଯେ କର ଗ୍ରହଣ କରେ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠି ଯଥାକ୍ରମେ ଚିହ୍ନର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

Collecting revenue.

ସଂ. ବି — ୧ । (ପାଣିଗ୍ରହଣକାରୀ)—ଭର୍ତ୍ତା; ପତି; ସ୍ୱାମୀ—
1. Husband (who receives the hand of the bride in marriage.)

୨ । ରାଜସ୍ୱ ଆଦାୟ କରିବା ବ୍ୟକ୍ତି—
2. Collector of revenue; tax-collector.

**କରଗ୍ରାହକ**—ସଂ. ବିଣ. ପୁଂ. ( କର + ଗ୍ରହ୍ ଧାତୁ + କର୍ତ୍ତୃ. ଅକ )—
Karagrāhaka କରଗ୍ରାହ ( ଦେଖ ) Karagrāha ( See )

**କରଗ୍ରାହୀ**—ସଂ. ବିଣ. ପୁଂ. ( କର + ଗ୍ରହ୍ ଧାତୁ + କର୍ତ୍ତୃ. ଇନ୍; ୧ମା.
Karagrāhī ୧ବ)—କରଗ୍ରାହ (ଦେଖ)—Karagrāha (See)

**କରଘର୍ଷଣ** – ସଂ. ବି. ( କର + ଘୃଷ୍ ଧାତୁ = ଘଷିବା + କର୍ମ. ଅନ )—
Karagharshaṇa ୧ । ( ବହୁବ୍ରୀହି ) ଦଧିମନ୍ଥନଦଣ୍ଡ; ଖୁଆ—
1. Churning rod.

୨ । ( ୬ଷ୍ଠୀ ତତ୍ ) —ହାତ ଘଷିବା—
2. Rubbing of the hands.

**କରଙ୍କ**—ସଂ. ବି. ( କୃ ବା କୃ ଧାତୁ + ଅଧିକରଣ. ଅଙ୍କ )—
Karaṅka ୧ । କମଣ୍ଡଳୁ—1. An ascetic's water-pot.

୨ । ନଡ଼ିଆ ଖପ୍ପର—
2. The shell of a cocoanut.

୩ । ଶରୀରାସ୍ଥି; କଙ୍କାଳ—3. Skeleton.

୪ । ମୁଣ୍ଡର ଖୋଲପା—4. Skull.

୫ । ଭିକ୍ଷାପାତ୍ର—5. A beggar's bowl.

୬ । କ୍ଷୁଦ୍ର ପେଡ଼ି—6. A small box.

୭ । ଡବା—7. A small pot.

୮ । ଖପରା—
8. Portion of a broken earthen pot; potsherd.

୯ । ଇକ୍ଷୁବିଶେଷ—
9. Name of a kind of sugarcane.

୧୦ । ପାତ୍ରବିଶେଷ—10 A kind of pot.

୧୧ । ଛେପ ପକାଇବାର ପାତ୍ର; ପିକଦାନ—
11. A spittle-pot; spittoon.

**କରଙ୍କବାହୀ**—ସଂ. ବିଣ. ପୁଂ. ( କରଙ୍କ ବହ୍ + ଧାତୁ + କର୍ତ୍ତୃ. ଇନ୍;
Karaṅkabāhī ୧ମା. ୧ବ )— ରାଜାଙ୍କ ସଙ୍ଗେ ତାମ୍ବୁଲପାତ୍ର ବା
(କରଙ୍କବାହିନୀ—ସ୍ତ୍ରୀ) ପିକଦାନ ଧରି ଯାଉଥିବା ( ଭୃତ୍ୟ )—
(the servant) Carrying the betel-pot or spittoon with kings.

**କରଙ୍କିବା**—ଦେ. କ୍ରି – ପନିକିଦ୍ୱାରା ଖଣ୍ଡ ଖଣ୍ଡ କରି କାଟିବା—
Karaṅkibā To cut into pieces.

**କରଙ୍ଗ**—ଦେ. ବି. ( ସଂ. କରଙ୍କ )—୧ । ଜଳପାତ୍ରବିଶେଷ—
Karaṅga 1. A kind of water-pot.

୨ । ନଡ଼ିଆ ଖପ୍ପର—2. The shell of cocoanut cut open in two halves.

**କରଚା**—ବୈଦେ. ବି. ( ଆ. କର୍‌ଚା )
Karachā ୧ । (ଜମିଦାର ସିରସ୍ତା) ଖଜଣା ଜମାବନ୍ଦିର ତାଲିକା—
কড়চা 1. A written assessment-list of tenants.
**करचा**

୨ । ଡାଇରି; ଦୈନିକଲିପି—2. Diary.

୩ । ଶ୍ରେଣୀବଦ୍ଧ ହୋଇ ଲିଖିତ ବିବରଣ—
3. A detailed statement.

[ ଦ୍ର—ଏ ଶବ୍ଦ ଚୈତନ୍ୟଚରିତାମୃତଗ୍ରନ୍ଥରେ ସଂସ୍କୃତ ଶବ୍ଦରୂପେ ବ୍ୟବହୃତ ହୋଇଅଛି । ]

**କରଚୁଲି**—ଦେ. ବି. ( ସଂ. କର + ଚୁଲ ଧାତୁ; ଯାହା କରଦ୍ୱାରା
Karachuli ଚୁଲିତ ହୁଏ )—A metal ladle with a
করচালি handle; a big spoonlike thing made
**करछुली; कलछी** of metal for stirring boiling matter and for serving food.

କରକରେ ଭୃଙ୍ଗ ଅନ୍ନ କରେ କରଚୁଲି—ସାରଳା. ମହାଭାରତ ।

**କରଛଡ଼ା**—ଦେ. ବିଣ—୧ । ଏକପାଖିଆ—
Karachharḏā 1. Situate on one side.
পাশছাড়া ୨ । ଏକୁଟିଆ—
**अलग** 2. Isolated.

୩ । ପାଖଛଡ଼ା; ପାଖରୁ ଅଲଗା—3. Separated from the side; keeping aloof.

**କରଛଡ଼ା କରିବା**—ଦେ. କ୍ରି—୧ । (ପିଲାକୁ) ପାଖରୁ ଅଲଗା କରିବା—
Karachharḏā karibā 1. To keep away (a child)
পাশছাড়াকরা from one's side.
**अलग करना** ୨ । କୌଣସି କାର୍ଯ୍ୟର ଧୁରୀ ଦାୟିତ୍ୱ ନ ନେଇ କାର୍ଯ୍ୟରେ ହେଳା କରିବା—To neglect a work by shirking the responsibility from one's self.

**କରଛଡ଼ା ଦେବା**—ଦେ. କ୍ରି—କୌଣସି କାର୍ଯ୍ୟରୁ ଖଞ୍ଜଖାଞ୍ଜରେ ଅଲଗା
Karachharḏā debā ରହିବା—To keep oneself at a
পাশছাড়াহওয়া distance from a thing; to keep
**अलगहोना** one's self aloof tactfully.

**କରଛାଡ଼ିଆ**—ଗ୍ରା. ବିଣ—କରଛଡ଼ା ( ଦେଖ )—
Karachhārḏiā Karachharḏā ( See )

**କରଛି**—ପ୍ରାଦେ (ବାଲେଶ୍ୱର) ବି (ସଂ. କର୍ଷ)—କରଷି; କଉଷି; ସେରର
Karachhi ୵୲ ଓଜନ; ଏକତୋଲା—A standard of weight; one tola.

**କରଜ**—ସଂ. ବି —୧ । (କର + ଜନ ଧାତୁ = ଜନ୍ମିବା + କର୍ତ୍ତୃ. ଅ)—
Karaja ନଖ—1. Finger-nail.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ଽ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଅ | ଉଅ | ଢ଼ |
| ୵ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ନ୍ତ |

୨ । (କ=ଜଳ+ରଞ୍ଜି ଧାତୁ+କର୍ତ୍ତୃ. ଅ; ଏହା ପାଣି ପାଖେ ଉଠିବାରୁ )—୨ । କରଞ୍ଜଗଛ—
2. A tree; Pongamia Indica.
୩ । ବ୍ୟାଘ୍ରନଖ ନାମକ ସୁଗନ୍ଧ ଦ୍ରବ୍ୟ—
3. A scented herb.

ବିଣ—୧ । ହସ୍ତଜାତ—1. Born of the hand.
୨ । କିରଣଜାତ—2. Born of the rays.
ବଳକର ଶ୍ରମ ଲକ୍ଷଣ କରଜ ପ୍ରଭ ଅସହ ପ୍ରକଟ—ଭଞ୍ଜ. ବୈଦେହୀଶବିଳାସ ।

କର୍ଜ ବୈଦେ. ବି (ଆ. କର୍ଜ୍)—ଋଣ—Loan; debt.
कर्ज

**କରଜ କରିବା**—ଦେ. କ୍ରି—ଋଣ କରିବା—
Karaja kariba To enter into loan; to borrow.
कर्जकरा
कर्ज करना

**କରଜଖାତା**—ଦେ. ବି—(ଆ. କର୍ଜ୍+ହି. ଖାତା)—ଯେଉଁ ଖାତାରେ ଋଣର ବିବରଣ ଲେଖା ଥାଏ—A register in which particulars of loan–transactions are entered.
Karajakhata
कर्जखाता
कर्ज खाता

**କରଜଦାମ୍**—ଦେ. ବି (ଅନର୍ଥକ ଦ୍ୱିତ୍ୱ ସହଚର)—ଉଧାରଧାର; ସବୁ ପ୍ରକାରର ଋଣ—Amount of loans of all kinds due from a man, including loans, debts, mortgage, pledge, pawn etc; debt and loan.
Karajadam
कर्जदाम
कर्ज दाम

**କରଜଦାମ୍ କରିବା**—ଦେ. କ୍ରି—୧ । ଉଧାରଧାର କରିବା—
Karajadam kariba 1. To borrow.
कर्जदाम करा
कर्ज दाम करना
କରଜଦାମ କରି ହଜାର ହଜାର ଟଙ୍କା ଖରଚରେ ଡାକ୍ତରଖାନା ବସାଇବାକୁ ନାହିଁ—ଫକୀରମୋହନ. ଉତ୍କଳଭ୍ରମଣ ।
୨ । କାଲବାକି କରିବା—
2. To take things on credit.

**କରଜଦାର୍**—ବୈଦେ. ବିଣ (ଫା. କର୍ଜ୍‌ଦାର୍)—ଋଣଗ୍ରସ୍ତ; ଋଣୀ; ଦେଣାଦାର୍—Indebted; involved in debts.
Karajadar
कर्जदार
कर्ज दार
ବୈଦେ. ବି—ଅଧମର୍ଣ୍ଣ; ଖାତକ—Debtor.

**କରଜଦାରି**—ବୈଦେ. ବି. (ଫା. କର୍ଜ୍‌ଦାରି)—ଋଣଗ୍ରସ୍ତତା—
Karajadari Indebtedness; state of being involved in debts.
कर्जदारि
कर्जदारी

**କରଜଦାରିଆ**—ବୈଦେ. ବିଣ. (ଆ. କର୍ଜଦାର୍)—
Karajadaria କରଜଦାର୍ (ଦେଖ)
Karajadar (See)

**କରଜ ଦେବା**—ଦେ. କ୍ରି—ଖାତକକୁ ଋଣ ଦେବା—
Karajadeba To advance a loan to a debtor.
कर्जदेओया
कर्जदेना

**କରଜ ନେବା**—ଦେ. କ୍ରି—କରଜ କରିବା; ମହାଜନଠାରୁ ଋଣ ଗ୍ରହଣ କରିବା—To enter into loan; to borrow.
Karaja neba
कर्जलओया
कर्जलेना

**କରଜବାରଜ**—ଦେ. ବି. (ଅନର୍ଥକ ଦ୍ୱିତ୍ୱ ସହଚର ଶବ୍ଦ)—
Karajabaraja କରଜଦାମ୍ (ଦେଖ)
Karajadam (See)

**କରଜଲଗିବା**—ଦେ. କ୍ରି—(ଧନ ବା ଧାନ) ଋଣରେ ବ୍ୟୟିତ ହେବା; ସୁଧରେ ଖଟାଯିବା—(money or paddy)
Karaja lagiba
कर्जलागा To be invested in loan.
कर्जालगना (ଯଥା—ସାଆନ୍ତଙ୍କର ହଜାରେ ଟଙ୍କା କରଜ ଲଗିଛି ।)

**କରଜା**(ଇତ୍ୟାଦି)—ବୈଦେ. ବି. (ଆ. କର୍ଜ୍, କର୍ଜା)—ଦେଣା; ଋଣ; କରଜ. ବୈଦେ ଇତ୍ୟାଦି (ଦେଖ)
Karaja (etc)
कर्जा Loan; karaja etc. (See)
ବିଣ—୧ । କରଜ ଦିଆ ଯାଇଥିବା—
(ଯଥା—କରଜା ଧାନ ବା ଟଙ୍କା ।)
कर्जा 1. Money (etc) invested on loan.
୨ । ଋଣସମ୍ବନ୍ଧୀୟ (ଯଥା—କରଜା, ଖାତା)—
2. Relating to loan transactions.

**କରଜି**—ଦେ. ବିଣ—ଋଣଗ୍ରସ୍ତ—
Karaji Indebted; heavily involved in debts.
कर्जदार
कर्जदार

**କରଜିଆ**—ଦେ. ବିଣ—କରଜି (ଦେଖ)
Karajia Karaji (See)

**କରଜୋଡ଼**—ଦେ. ବି. (ସଂ. କର+ଯୋଗ)—ବଦ୍ଧାଞ୍ଜଳି—
Karajorda Folded hands.
ଦେ. ବିଣ—କୃତାଞ୍ଜଳି—With the palms of the hands joined together.

**କରଞ୍ଜ**—ସଂ. ବି—୧ । (କ=ଜଳ+ରଞ୍ଜ୍‌ଧାତୁ=ଶୋଭିତ କରିବା+କର୍ତ୍ତୃ ଅ; ଏ ଗଛ ଜଳ ନିକଟରେ ଓ ନିମ୍ନଭୂମିରେ ଉଠେ)—ଏକ ଜାତୀୟ ଗଛ ଓ ତାହାର ଶିମ୍ବଫଳ ସ୍ନେହଯୁକ୍ତ ଫଳ—
Karanja
करञ्जा
किरामाल;
करञ्ज 1. Almus Integrifolia (tree); Pongamia Indica; Pongamia Glabra.
[ ଦ୍ର—ଏହାର ଫଳରେ ଗୋଟିଏ ମାତ୍ର ଚେପ୍ଟା ମଞ୍ଜି ଥାଏ । ଏ ମଞ୍ଜିରୁ ତେଲ ହୁଏ । ଏ ତେଲ ଜାଳିବାରେ ଓ ଚର୍ମରୋଗରେ ବ୍ୟବହୃତ ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ

ସାଧାରଣଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ତେ. କାନୁଗା; ମ. କରଞ୍ଜ; ଗୁ. କରଞ୍ଜ; ଫ. ପର୍ଯ୍ୟାୟ: ନକ୍ତମାଲ; କରଞ୍ଜ; କରଜ; ଚିରବିଲ୍ୱ; କରଞ୍ଜକ । କରଞ୍ଜ ଯୋନିବ୍ୟାପତ୍, କୁଷ୍ଠ, ଉଦାବର୍ତ୍ତ, ଗୁଳ୍ମ, ଅର୍ଶ, ବ୍ରଣ, କୃମି ଓ କଫନାଶକ; କରଞ୍ଜପତ୍ର କଫ, ବାୟୁ, ଅର୍ଶ, କୃମି ଓ ଶୋଥରୋଗରେ ହିତକର । ଏହା ଭେଦକ, କଟୁବିପାକ, ଉଷ୍ଣବୀର୍ଯ୍ୟ, ପିତ୍ତବର୍ଦ୍ଧକ ଓ ଲଘୁ । ଏହି କରଞ୍ଜର ଅନ୍ୟ ଏକ ପ୍ରକାର ଲଟାଣିଆ ଗଛକୁ ଗିଲ ବା ଲଟାକରଞ୍ଜ ( ସଂ. କଣ୍ଟକିକରଞ୍ଜ; ବ. ନାଟା-କରଞ୍ଜା ) ଓ ଆଉ ଏକ ପ୍ରକାର ଗଛକୁ ବରପୋଲ ( ସଂ. ପୂତିକରଞ୍ଜ ) କହନ୍ତି । ]

୨ । କରଣ୍ଡା ( ଦେଖ )
2. Karandā ( See )

**କରଞ୍ଜକ**—ସଂ. ବି. ( କରଞ୍ଜ + ସ୍ୱାର୍ଥେ. କ )—କରଞ୍ଜ ( ଦେଖ )
Karañjaka Karañja ( See )

**କରଞ୍ଜନିଲୟା**—ସଂ. ବି. ସ୍ତ୍ରୀ—ବୃକ୍ଷମାନଙ୍କ ପୁରାଣୋକ୍ତ ମାତା—
Karañjanilayā The mythological mother of all trees.

ବୃକ୍ଷଙ୍କର ମାତା ସେ କରଞ୍ଜନିଲୟା
ଲୋକେ ବର ଦେଲେ ସେ ଏକା କରି ଦୟା ।
କୃଷ୍ଣସିଂହ ମହାଭାରତ. ବନ ।

**କରଟ**—ସଂ. ବି. ( କ = ଜଳକୁ + ରଟ୍ ଧାତୁ = ଘୋଷଣା କରିବା + କର୍ତ୍ତୃ. ଅ )—୧ । କାକ; କୁଆ—1. Crow.
Karaṭa
୨ । ହସ୍ତିର ଗଣ୍ଡଦେଶ; ଗଜକୁମ୍ଭ—
2. The temple of an elephant.
୩ । କୁସୁମ୍ଭ; କୁସୁମ ଗଛ—3. Safflower plant.
୪ । କୁସୁମ ଫୁଲ; ଗେଣ୍ଡୁ ଫୁଲ—4. Safflower.
୫ । ବାଦ୍ୟଯନ୍ତ୍ରବିଶେଷ—5. A kind of drum.
୬ । (ନାମ) ପଞ୍ଚତନ୍ତ୍ରୋକ୍ତ ଶୃଗାଳବିଶେଷ—
6. Name of a jackal infolktales.
୭ । ମୃତବ୍ୟକ୍ତିର ଏକାଦଶାହ ଶ୍ରାଦ୍ଧ—
7. The funeral Śrāddha performed on the 11th day of death.
୮ । ପାଣିକୁଆ—8. Cormorant (bird)
୯ । ନିନ୍ଦ୍ୟ ବ୍ରାହ୍ମଣ—9. A bad Brāhmaṇa.
୧୦ । ନାସ୍ତିକ ବ୍ୟକ୍ତି—
10. An atheist; an unbeliever.
୧୧ । ବେଦନିନ୍ଦକ ବ୍ୟକ୍ତି—11. An impugner of the doctrines of the Bedas ( M. W. )
ସଂ. ବିଣ—୧ । ନାସ୍ତିକ—1. Atheistic.
୨ । କଳାମିଶା ନାଲିଆ—2. Dark red (M. W.)
୩ । ନିନ୍ଦ୍ୟଜୀବୀ ( ବ୍ୟକ୍ତି )—3. (person) Following a degraded profession.

**କରଟକ**—ସଂ. ବି. ( କରଟ + ସ୍ୱାର୍ଥେ. କ )—କରଟ ( ଦେଖ )
Karaṭaka Karaṭa ( See )

**କରଟା**—ସଂ. ବି. ସ୍ତ୍ରୀ. ( କରଟ + ସ୍ତ୍ରୀ. ଆ )—ଦୁଃଖଦୋହ୍ୟା ଗାଭୀ; ଯେଉଁ ଗାଈକୁ ଅତି କଷ୍ଟରେ ଦୁହଁ ହୁଏ—
Karaṭā A cow very difficult to be milked.
ଦେ. ବି. (ସଂ. କରଟ)—୧ । ମୃତବ୍ୟକ୍ତିର ଏକାଦଶାହ ଶ୍ରାଦ୍ଧ—
1. The funeral Śrāddha performed on the 11th day of death.
୨ । ଶ୍ରେଷ୍ଠ କରଅ—2. A very small narrow cloth.
୩ । ଘୃତ ତୈଳ ଆଦି କୌଣସି ତରଳୀୟ ଦ୍ରବ୍ୟକୁ ତରାଜୁରେ ଓଜନ କରିବା ସମୟରେ ଶୂନ୍ୟ ଭାଣ୍ଡର ଓଜନ ଜାଣିବା ପାଇଁ ବ୍ୟବହୃତ ମାଟି ବା ପଥରଖଣ୍ଡ—
କରତା; କଡ଼ତା
କରଦା ପାସଙ୍ଗ
3. Bits of stone or earth put in the scale pan for ascertaining the actual weight of the empty pot or receptacle in which ghee, oil or any other liquid articles are about to be weighed.
୪ । ପାସଙ୍ଗ; ତରାଜୁ ହାଲୁକା ପାଖର ପଲାରେ ଯୋଗ କରାଯିବା ମାଟି ବା ପଥର ଖଣ୍ଡ—
4. Weight added to the lighter pan of a scale to make the beam horizontal before weighment.
[ଦ୍ର—ତରାଜୁର ଦୁଇ ପାଖର ପଲା ଉଚ୍ଚନୀଚ ଥିଲେ ତରାଜୁର ଦଣ୍ଡି ଭୂମିର ସମାନ୍ତର ହୋଇ ରହେ ନାହିଁ; ଉକ୍ତ ଦଣ୍ଡି ସମାନ୍ତର ନ ରହିଲେ କୌଣସି ଦ୍ରବ୍ୟର ଠିକ୍ ଓଜନ ଜଣାପଡ଼େ ନାହିଁ; ଏଥିପାଇଁ ଉକ୍ତ ତରାଜୁ ଦ୍ୱାରା କୌଣସି ପଣ୍ୟଦ୍ରବ୍ୟ ଓଜନ କରିବା ପୂର୍ବରୁ ହାଲୁକା ପାଖର ପଲାରେ ମାଟି ବା ପଥରଖଣ୍ଡମାନ ଯୋଗ କରାଯାଇ ଦଣ୍ଡିକୁ ଭୂମିର ସମାନ୍ତରାଳ କରାଯାଏ । ]

**କରଟା ଧରିବା**—ଦେ. କ୍ରି.—ଧଡ଼ା ଧରିବା; ପାସଙ୍ଗ ପକାଇବା—
Karaṭā dharibā To restore equipoise to the beam of a scale by putting pieces of earth or stone before weighing an article.
କଡ଼ତା ଧରା
पासंग धरना

**କରଟିକା**—ସଂ. ବି. ସ୍ତ୍ରୀ.(କରଟ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—
Karaṭikā କାକୀ; ମାଈ କୁଆ—A she-crow.

**କରଟୀ**—ସଂ. ବି. ୧ । (କରଟ = ଗଜଗଣ୍ଡ + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ.)—ହସ୍ତୀ—1. Elephant.
Karaṭī
୨ । (କରଟ + ସ୍ତ୍ରୀ. ଈ)— ମାଈ କୁଆ—2. A she-crow.

**କରଟୁ**—ସଂ. ବି. ( କୁ = କୁତ୍ସିତ + ରଟ ଧାତୁ = ଶବ୍ଦ କରିବା + କର୍ତ୍ତୃ. ଉ; କୁ ସ୍ଥାନରେ କ ଆଦେଶ)—ଜଳଚର ପକ୍ଷୀବିଶେଷ; ଗେଣ୍ଡାଳିଆ ପକ୍ଷୀ—The Openbill ( a wading bird); the Numidian Crane.
Karaṭu

**କରଡ଼ା**—ଦେ. ବି. ( ସଂ. କାରବେଲ୍ଲ )—୧ । ଲତାବିଶେଷ; କଲରା ଫଳ ଓ ଲତା—1. Memordica Charantia (creeper and fruits)
Karaṛā
करेला

| ୧ | ଇ | ଉ | ର୍,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇଯ୍ଯ | ଡ୍ଅ | ଝ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍ଦ୍ର |

୨ । ଏକ ପ୍ରକାର ଜଙ୍ଗଲର ଗଛ—
2. Cleistanthus Collinus (a wild tree).
**गरारि; गर् रार; करला** [ଦ୍ର—ଏଥିର ବକଳା ନାନା କାମରେ ଲାଗେ; ଏହା ଗଡ଼ଜାତ ଓ ସମ୍ବଲପୁର ଅଞ୍ଚଳ ଜଙ୍ଗଲମାନଙ୍କରେ ଜନ୍ମେ । ]
କୋଚଲ; ପିଅଶାଳ କରଡ଼ା ଅମ୍ବଡ଼ା—କୃଷ୍ଣର୍ଷି ହ. ମହାଭାରତ. ବନ ।
୩ । ମୁଗ ବିରି ଆଦିର ଛୁଇଁର ଚୋପା—
3. Empty pods of cereals.
ଗ୍ରା. ବିଣ. ( ସଂ. କର୍କଶ )—
୧ । ଦୃଢ଼; ଟାଣୁଆ; ଟାଆଁସା — 1. Hard; tough.
୨ । କଷ୍ଟସହିଷ୍ଣୁ—2. Inured to rough use.
୩ । କଡ଼ା; ରାଗୀ; କଠୋର ନିୟମପ୍ରବର୍ତ୍ତକ—
3. Strict; overstrict.
୪ । କାର୍ଯ୍ୟକ୍ଷମ; ଚଞ୍ଚଳଆ—4. Active; fit for work.

**କରଡ଼ାପଚରଆ** (ଇତ୍ୟାଦି) —ପ୍ରାଦେ. (ଗଞ୍ଜାମ) ବି—
Karar̤ăpataria (etc) କଲରାପଚରଆ ଇତ୍ୟାଦି (ଦେଖ) Kalarăpataria etc. (See)

**କରଡ଼ି**—ଦେ. ବି. (ସଂ. କରୀର; ଭୁଲ. ପାଲି. କଲର)—
Karar̤i ୧ । ବାଉଁଶଗଜା; ବଂଶାଙ୍କୁର—
**बाँसकानयाकल्ला** 1. Tender shoots of bamboo.
୨ । ଜଠରାଗ୍ନି—2. The fire supposed to exist in the human stomach which digests the food.
( ଯଥା—ମୋ କରଡ଼ି ଜଳିଲାଣି । )
୩ । ବିରି; କୋଲଥ ଆଦି ଶସ୍ୟର ଛୁଇଁରୁ ଶସ କାଢ଼ି ନେଲାରୁ ଯେଉଁ ଚୋପା ଆଦି ରହେ—3. The empty pods of cereals after the grains are extracted from them.
୪ । ଆମ୍ବଗଛରୁ ମନକୁ ଝଡ଼ିବା ଗଛପାଚିଲା ଆମ୍ବ—
4. Fully ripe mango fruits falling down to the ground of their own accord.
(ଯଥା—ଆମ ବାଡ଼ିଆଡ଼ ଆମ୍ବ ଗଛରୁ କରଡ଼ି ତ ଖସି ନାହିଁ, ବର୍ତ୍ତମାନ ଆମ୍ବ ପରେଇବା କିଆଁ ? )
ପ୍ରାଦେ. ( ସମ୍ବଲପୁର ) ବି—ବାଉଁଶ ଗଜାରୁ ପ୍ରସ୍ତୁତ ଖାଦ୍ୟ ବା ତିଅଣ—A sort of food or curry prepared from tender shoots of bamboo.

**କରଡ଼ି ଗଜା**—ଦେ. ବି—ଗଜା ବାଉଁଶ—
Karar̤i gajă Tender shoots of bamboo.
বাঁশের কোঁড়ক
**बाँसका कल्ला**

**କରଡ଼ି ଜଳିବା**—ଦେ. ବି—ଅତିଶୟ କ୍ଷୁଧା ଦେଖାଇବା—
Karar̤i jalibă Feeling of being very hungry.
**कोढ़ि जलना**

**କରଣ**—ସଂ. ବି. ୧ । ( କୃ ଧାତୁ=କରିବା + କର୍ମ. ଅନ )—
Karaṇa କାର୍ଯ୍ୟ—1. Action; act. (Apte)
୨ । (+କରଣ. ଅନ) (ବ୍ୟାକରଣ) ଯାହା ଦ୍ୱାରା କୌଣସି କ୍ରିୟା ଅନୁଷ୍ଠିତ ହୁଏ; କାରକବିଶେଷ—
2. (Grammar) The instrumental case.
୩ । କାର୍ଯ୍ୟସାଧନବିଶେଷ—3. Instrument by which any work is performed,
୪ । ଉପାୟ; କାରଣ—4. Means to an end.
୫ । କ୍ଷେତ୍ର; ସ୍ଥାନ—5. Place.
୬ । ଗାତ୍ର; ଶରୀର—6. Body.
୭ । ଇନ୍ଦ୍ରିୟ—7. Organ of sense or action.
୮ । ଜ୍ୟୋତିଷୋକ୍ତ ଏଗାର ପ୍ରକାର କାଳବିଭାଗ ମଧ୍ୟରୁ ଏକତମ-
8. One of the eleven divisions of the time of the day according to Hindu astrology
୯ । (+କର୍ତ୍ତୃ. ଅନ) ଶୂଦ୍ରାଗର୍ଭଜାତ ବୈଶ୍ୟପୁତ୍ର; ଶୂଦ୍ରଜାତି-ବିଶେଷ; କାୟସ୍ଥ—9. A caste born of a Śūdra mother and Baiśya father.
୧୦ । ହସ୍ତ ଦ୍ୱାରା ଲେପନ—
10. Anointing by the hand.
୧୧ । ନୃତ୍ୟ ଗୀତରେ କରଦ୍ୱାରା ଅଭିନୟ; ଅବଲମ୍ବ—
11. Manual representation of a song in dancing.
୧୨ । ବାନର—12. Monkey.
୧୩ । (+ଭାବ. ଅନ) ଅନୁଷ୍ଠାନ କରିବା; ସମ୍ପାଦନ—
13. Producing; doing; accomplishing; effecting (Apte)
୧୪ । ବ୍ୟବସାୟ; ବେପାର —
14. Business; trade ( Apte )
୧୫ । ( ଆଇନ୍ ) ଦଲିଲ—
15. (law) Documentary proof ( Apte )
୧୬ । ପରଂବ୍ରହ୍ମ—16. The Supreme Being (Apte)
୧୭ । ଉଚ୍ଚାରଣ—17. Pronunciation (Apte)
୧୮ । ଲେଖା ବ୍ୟବସାୟଜୀବୀ ବ୍ୟକ୍ତି—
18. A professional writer.
୧୯ । ସିଦ୍ଧହସ୍ତ ଲେଖକ—19. An expert writer.
ଲେଖୁ ଲେଖୁ କରଣ, ହୁଗୁ ହୁଗୁ ମଡଣ । ଢଗ ।
୨୦ । ଲେଖକ; ମୋହୋରର; କିରାନି—
20. A clerk; scribe; moharrir.
ଦେ. ବି.—୧ । ଉତ୍କଳର ଲେଖା ବ୍ୟବସାୟୀ କାୟସ୍ଥ ଜାତି—
1. A caste of kăyasthas of Orissa.
[ ଦ୍ର—ପୂର୍ବେ ପତିତ କ୍ଷତ୍ରିୟର ସନ୍ତାନ ( ମନୁ. ୧୦।୨୨ ), ଶୂଦ୍ରାଗର୍ଭଜାତ ବୈଶ୍ୟ ସନ୍ତାନ ( ଯାଜ୍ଞବଲ୍କ୍ୟ ୧।୯୨ ), ବୈଶ୍ୟା-

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଗର୍ଭଜାତ କ୍ଷତ୍ରିୟ ସନ୍ତାନ ( ମହାଭାରତ. ୧।୨୪୪୬ ) ଙ୍କୁ କରଣ ନାମରେ ଡକା ଯାଉଥିଲା (M. W.) । ଏମାନଙ୍କ ବ୍ୟବସାୟ ଲେଖାପଢ଼ି । ଓଡ଼ିଶାରେ କରଣ ଓ ବୈଶ୍ୟକରଣ ନାମରେ ଦୁଇ ପ୍ରକାର କରଣ ଜାତି ଅଛନ୍ତି । ଶିଷ୍ଟ ଓ କୁମାଳ ପ୍ରଭୃତି କରଣ ନାମରେ ଅଭିହିତ; ବୈଶ୍ୟକରଣମାନେ ପ୍ରକୃତରେ କରଣ ନୁହନ୍ତି । କରଣମାନଙ୍କର କ୍ଷତ୍ରିୟରୀତିରେ ଯୁବତୀ ସଙ୍ଗେ ରାକ୍ଷସପଦ୍ଧତିରେ ବିବାହ ହୁଏ, ଅର୍ଥାତ୍ ବର କନ୍ୟାକୁ ଜିଣି ଆଣିବାର ଅଭିନୟରେ ବିବାହବିଧି ସମ୍ପାଦିତ ହୁଏ । ବୈଶ୍ୟକରଣମାନଙ୍କର ବାଳିକା ସଙ୍ଗେ ବ୍ରାହ୍ମ ବା ପ୍ରାଜାପତ୍ୟ ରୀତିରେ ବିବାହ ହୁଏ । ଏହି ବୈଶ୍ୟକରଣ-ମାନେ ଆଦିମ କରଣ, ଶୂଦ୍ରା ଓ ବୈଶ୍ୟସଂଭୂତ ଅସବର୍ଣ୍ଣ ଜାତିର ବଂଶଧର । ଏହିମାନେ ପ୍ରଥମେ କରଣ କାର୍ଯ୍ୟ କରୁଥିବା ଅନୁମିତ ହୁଏ । ତା ପରେ ଯେ ଲେଖାପଢ଼ି କାର୍ଯ୍ୟ କଲା, ସେ କରଣ ବୋଲି ପରିଚିତ ହୋଇ ରାଜାଙ୍କ ପାଖେ ବଡ଼ ପଦ ପାଇଥିବାରୁ କରଣ କ୍ରମେ କ୍ରମେ ବଡ଼ ଜାତି ବୋଲି ପରିଚିତ ହେଲେ । କ୍ରମେ ରାଜାଙ୍କ ଭାଇଅ ଓ ସାମନ୍ତମାନେ ମଧ୍ୟ ବିବାହାଦି ସଂପର୍କରେ ଏମାନଙ୍କ ସଙ୍ଗେ ମିଶିଲେ । ଏହିପରି କାଳକ୍ରମେ ଏକ ପ୍ରତିପତ୍ତିଶାଳୀ ମିଶ୍ରଜାତିର ସୃଷ୍ଟି ହେଲା ଏବଂ ଏହି ସମସ୍ତେ କରଣ ଜାତୀୟ ବୋଲି ପରିଚିତ ହେଲେ ଓ ମହାନ୍ତି ଅର୍ଥାତ୍ ଅତିମହତ୍ ଉପାଧିରେ ଭୂଷିତ ହେଲେ । କରଣ ଜାତିରେ ସବୁ ଜାତିକୁ ମିଶାଇ ନେବାର ଏହି ରୀତି ଏବେ ମଧ୍ୟ ଲୋପ ପାଇନାହିଁ । ସେଥିପାଇଁ ପ୍ରବଚନ ଅଛି— "ଚଷା ବଢ଼ିଲେ ମାହାନ୍ତି" । ଶୂଦ୍ରମୁନି ସାରଳାଦାସଙ୍କ ବଂଶଧରମାନେ ମଧ୍ୟ ଏବେ କରଣ ଗୋଷ୍ଠୀରେ ଚଳନ୍ତି । ଏହିପରି ଅନେକ ଉଦାହରଣ ଅନୁସନ୍ଧାନ ଦ୍ୱାରା ପ୍ରମାଣିତ କରାଯାଇପାରେ । Risley ସାହେବଙ୍କ Castes and Tribes of Orissa (Vol I. P. 426. ) ଗ୍ରନ୍ଥରେ କରଣମାନେ କାୟସ୍ଥଙ୍କ ଶ୍ରେଣୀବିଶେଷ ଓ କାୟସ୍ଥମାନେ ଚିତ୍ରଗୁପ୍ତଙ୍କ ବଂଶଧର ଓ କ୍ଷତ୍ରିୟ ଥିବାର ପୁରାଣାଦିରେ ବର୍ଣ୍ଣିତ ଅଛି ବୋଲି ଲେଖାଅଛି ।

ଓଡ଼ିଶାର କରଣମାନେ ଗୋତ୍ର ଅନୁସାରେ ପ୍ରଧାନତଃ ଚାରି ପ୍ରକାର—୧. କୃଷ୍ଣାତ୍ରେୟ; ୨. ସଂଖ୍ୟାୟନ; ୩. ଭାରଦ୍ୱାଜ; ୪. ନାଗସ ( ହଣ୍ଟର୍—ଓଡ଼ିଶା । )

ପାଟଣା ହାଇକୋର୍ଟ ୧୯୨୭ ସାଲରେ ( I. L. R. 1926. Patna, page 45. ) ନାନା ପୁରାଣ ଓ ଶାସ୍ତ୍ର ଆଲୋଚନା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ଯେ କାୟସ୍ଥମାନେ କ୍ଷତ୍ରିୟ ଅଟନ୍ତି ଓ ରାୟରେ ଲେଖା ଅଛି ଯେ, ଚିତ୍ରଗୁପ୍ତଙ୍କର ବାର ପୁଅଙ୍କ ମଧ୍ୟରୁ ଅରୁଣଙ୍କଠାରୁ କରଣମାନେ ଉତ୍ପନ୍ନ ଏବଂ ଏମାନେ ପ୍ରଥମେ ନର୍ମଦାତଟସ୍ଥ କର୍ଣ୍ଣାଟ ଅଞ୍ଚଳରୁ ଆସିଥିଲେ । ]

୨। ରାଜା ବା ଦେବତାଙ୍କ ହିସାବ ଲେଖିବା କର୍ମଚାରୀ—
2. An accountant of a Rājā or of a Deity.

ପ୍ରାଦେ. ( ଗଞ୍ଜାମ ) ବି. ( ତୁଳ; ତେ. କରଣମ୍=ଗ୍ରାମର ରାଜକୀୟ ହିସାବଲେଖକ କର୍ମଚାରୀ )—ଗ୍ରାମର ହିସାବ ଲେଖିବା କର୍ମଚାରୀ—A village accountant under the Government in Ganjam.

**କରଣମ୍**—ପ୍ରାଦେ. ( ଗଞ୍ଜାମ ) ବି. ( ସଂ. କରଣ; ତେ. କରଣମ୍ )—
Karaṇam ଗ୍ରାମର ରାଜକୀୟ ହିସାବ ଲେଖକ—A village accountant under the Government.

**କରଣ ମର୍ଯ୍ୟାଦା**—ଦେ. ବି—୧ । ଉତ୍କଳୀୟ କରଣ ସମାଜରେ ପ୍ରଚଳିତ
Karaṇa marjyādā ସାମାଜିକ ଆଡ଼ମ୍ବର ଓ ରୀତି—
1. Grandeur and usages obtaining in the Karaṇa society of Orissa.
୨ । ( ଲକ୍ଷଣାର୍ଥ ) ସାଡ଼ମ୍ବର ରୀତି—
2. ( figurative ) Outward grandeur ( generally ).

**କରଣ ସାଆନ୍ତ**—ଦେ. ବି—୧ । କରଣଜାତୀୟ ବିଶିଷ୍ଟ ବ୍ୟକ୍ତି—
Karaṇa sāānta 1. A nobleman of the Karaṇa caste.
୨ । ବର ସଙ୍ଗେ ବରଯାତ୍ରୀରୂପେ ଆଗତ ବରଙ୍କ ବନ୍ଧୁ-ବାନ୍ଧବ ବିଶିଷ୍ଟ କରଣ ବ୍ୟକ୍ତି—
2. A noted relative of a bridegroom of the Karaṇa caste who accompanies the bridegroom to the marriage.

**କରଣି**—ସଂ. ବି. ( କୃ ଧାତୁ+ଭାବ. ଅନ+ଇ )—
Karaṇi ୧ । କରଣ; କରିବା—
1. Doing; effecting ( M. W. )
୨ । ଘଟନ—2. Causing ( M. W. )

ଦେ. ବି. (ସଂ. କରଣ)—୧ । ମହିମା; ଶକ୍ତି; କ୍ଷମତା; କୃତିତ୍ୱ—
**करनी** 1. Authority; power; might.
ବଳ କରିବା କରଣି ତାର ନାହିଁ ପଡ଼େ ତତ୍ପର କରିରେ ଯେବେ ।
ଭଞ୍ଜ. ବୈଦେହୀଶବିଳାସ ।
୨ । କରିବା କାର୍ଯ୍ୟ—2. Work.
ଦେବେ ହେଲେ ଶକ୍ତି ନାହିଁ ଓଲଟାଇ ଦେବାକୁ ବିଧି-କରଣି ।
ରାଧାନାଥ. ଯୟାତି ।
୩ । ବୃକ୍ଷବିଶେଷ; କରଞ୍ଜ—3. Pongamia Glabra.
୪ । ଓଡ଼ିଆରେ ଏକଜାତୀୟ ଜଟିଳ ବା ଛଟା ଲେଖା; କରଣଙ୍କ ବ୍ୟବହୃତ ଅକ୍ଷର—4. A kind of abstruse script in Oriya writing ( used by Karaṇas especially ).
**कर्णिक** ୫ । (ସଂ.କର୍ଣ୍ଣି; ଏହା କର୍ଣ୍ଣ ପରି ଆକୃତିବିଶିଷ୍ଟ)—ରାଜମିସ୍ତ୍ରୀମାନେ
**कनी, करनी** ବ୍ୟବହାର କରିବା ଲୁହା ହତିଆର ( ଏହାଦ୍ୱାରା ଚୂନ ମସଲା ଆଦି କାନ୍ଥରେ ବୋଳି ପାଲିସ୍ କରାଯାଏ )—
5. Mason's trowel.
୬ । ଶିଳ୍ପ—6. Art.

ଦେ. ବି—କରଣମାନଙ୍କଦ୍ୱାରା ବ୍ୟବହୃତ—
Used by the Karaṇas of Orissa.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ୠ,ଋ | ଌ | ଏ | ହସନ୍ତ ବର୍ଣ୍ଣ | * ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଡ଼ଅ | ଢ଼ |
| ୨ | ଈ | ଊ | ଋ | ଲୃ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ |

**କରଣି ଅକ୍ଷର**—ଦେ. ବି—ତାଳପତ୍ରରେ ଲେଖନଦ୍ୱାରା ଲେଖିବା ପରିଶ୍ରମକୁ
Karaṇi akshara ଲାଘବ କରିବା ନିମନ୍ତେ ବ୍ୟବହୃତ କେତେକ ଛିଟା ଅକ୍ଷର ଓ ସାଙ୍କେତିକ ଚିହ୍ନ—A running script in Oriya and abbreviations used by the Karaṇas to save trouble in writing.
[ ଦ୍ର—କରଣି ଅକ୍ଷରମାନ 'ଛିଟା ଅକ୍ଷର' ତଳେ ଦେଖାଇ ଦିଆ ଯାଇଅଛି । ]

**କରଣିଆଁ**—ଦେ. ବିଣ—୧ । କରଣ ଜାତି ବା ସମାଜସମ୍ବନ୍ଧୀୟ—
Karaṇiāñ 1. Relating to Karaṇa caste or society.
( ଯଥା—କରଣିଆଁ ଛପ, କରଣିଆଁ ଲେଖା )
୨ । କରଣ ସମାଜରେ ପ୍ରଚଳିତ—2. In vogue in the Karaṇa Society of Orissa.

**କରଣି କାଟୁ କରିବା**—ଦେ. ବି—(ଅମୁକର) କ୍ଷମତା ବା ମହିମା ଅପ୍ରତିହତ
Karaṇi kāṭu karibā ରୂପେ ସଫଳ ହେବା—One's authority being felt; the ascendancy of a person's influence.
(•ଯଥା—ଆଜିକାଲି ବଙ୍ଗଳାଦଳକରି ବିଷୟରେ ଆମ ସବ୍‌ଡିଭିଜନ୍ ସାହେବଙ୍କ କରଣି ଭାରି କାଟୁ କରୁଛି । )

**କରଣି ନବଜ**—ଦେ. ବି—ସାଧାରଣତଃ କରଣମାନେ ବ୍ୟବହାର
Karaṇi nabaja କରୁଥିବା ଅଶୁଦ୍ଧ ଶବ୍ଦ ଓ ଭାଷା; କଚେରିଆ ଭାଷା—Generally incorrect language and words used by the common Oriya writers.
[ ଦ୍ର—ଏ ଭାଷା ଓ ଶବ୍ଦମାନ କଚେରିରେ, ମହାଜନ ଓ ଜମିଦାର ସିରସ୍ତାରେ ଓ ଦଲିଲରେ ବ୍ୟବହୃତ ହୁଏ; ଏ ଲେଖାରେ ଶ, ଷ, ସ; ଇ, ଈ; ଉ, ଊ; ରି, ରୁ; ଜ, ଯ; ବ ଫଳା, ଯ ଫଳାର ପ୍ରଭେଦ ନ ଥାଏ ଏବଂ ବ୍ୟାକରଣ ଓ ବର୍ଣ୍ଣଶୁଦ୍ଧି ପ୍ରତି ଦୃଷ୍ଟି ନ ଥାଏ ଓ ଅନେକ କଥା ସଂକ୍ଷିପ୍ତ ଠାଉରେ ଲେଖା ହୁଏ ଓ ଅନେକ ବିଦେଶୀ ଶବ୍ଦ ଓ ନବଜ ଥାଏ । ]

**କରଣି ଲେଖା**—ଦେ. ବି. (ସାଧାରଣତଃ ଓଡ଼ିଶାରେ କରଣମାନେ ଏପରି
Karaṇi lekha ଲେଖୁଥିବାରୁ )—ଛିଟା ବା ଟେଣା ଲେଖା, ଯେଉଁ ଲେଖା ସହଜରେ ପଢ଼ି ହୁଏ ନାହିଁ—A flowing script which is very difficult to decipher.

**କରଣୀ**—ସଂ. ବି. (କୃ ଧାତୁ+ଅନ+ସ୍ତ୍ରୀ. ଈ)—୧ । (ଗଣିତ) ଯେଉଁ
Karaṇi ରାଶିର ମୂଳ ( ଯଥା—ବର୍ଗମୂଳ, ଘନମୂଳ ) ପୂର୍ଣ୍ଣସଂଖ୍ୟାରେ ବାହାର କରି ହୁଏ ନାହିଁ ( ଯଥା—୩, ୫, ୭ )—1. ( Arithmetic ) Surd or irrational number; a number of which the root can uot be extracted in a whole number; surdroot.
୨ । କରଣି ( ଦେଖ )
2. Karaṇi ( See )

ତନ ମହାପାତ ଏକ କରଣୀରେ
ଅବ୍ଧୁତ ସ ଧନା ତୋର ଧରଣୀରେ । ଜ୍ଞାନାନାଥ, ବକ୍ରଦେଶସ୍ଥ ।

୩ । ବର୍ଗକ୍ଷେତ୍ରର ଏକ ବାହୁ—
3. One side of a square ( M. W. )

**କରଣୀ ଚିହ୍ନ**—ସଂ. ବି. ( ଗଣିତ )—ରାଶିର ମୂଳ ଜ୍ଞାପକ ଚିହ୍ନ; √—
Karaṇi chihna ( Arithmetic ) The sign of root; √.
( ଯଥା—√ ୧୬=୪; √୨୭=୩)

**କରଣୀୟ**—ସଂ. ବିଣ. ( କୃ ଧାତୁ+କର୍ମ. ଅନୀୟ )—୧ । କରିବାର
Karaṇiya ଯୋଗ୍ୟ; କର୍ତ୍ତବ୍ୟ—1. Fit to be done; practicable; necessary.
୨ । ଯାହା କରାଯିବା ଉଚିତ—
2. Proper to be done.

**କରଣ୍ଡ**—ସଂ. ବି ( କୃ ଧାତୁ+ସଂଜ୍ଞାର୍ଥେ. ଅଣ୍ଡ )—୧ । ବେତ ବା
Karaṇḍa ବାଉଁଶର ପେଟରା; ପେଡ଼ି—1. A basket of bamboo or wicker work with lid.
୨ । ଥଳି—2. Bag; pouch.
୩ । ମଧୁଚକ୍ର; ମହୁଫେଣା—3. Bee hive.
୪ । ଖଡ୍ଗ—4. Sword.
୫ । ଜଳଚର ପକ୍ଷୀବିଶେଷ; କାରଣ୍ଡବ—
5. An aquatic bird; a sort of duck.
୬ । ଶୈବାଳବିଶେଷ—6. A kind of moss.
୭ । ଭାଣ୍ଡ ବା ପାତ୍ର; ପେଡ଼ା—
7. A closed receptacle.

**କରଣ୍ଡକ**—ସଂ. ବି ( କରଣ୍ଡ+ସ୍ୱାର୍ଥେ. କ )—କରଣ୍ଡ ( ଦେଖ )—
Karaṇḍaka Karaṇḍa ( See )

**କରଣ୍ଡା**—ସଂ. ବି ( କରଣ୍ଡ+ଆ )—ଯକୃତରୋଗ—
Karaṇḍā A liver disease.

**କରଣ୍ଡିଆମୂଷା**—ଦେ. ବି—ଗାଉଆମୂଷା ( ଦେଖ )—
Karaṇḍiāmūshā Gātuāmūshā ( See )

**କରଣ୍ଡିକ**—ସଂ. ବି ( କରଣ୍ଡ=ଥଳି+ସମ୍ବନ୍ଧାର୍ଥେ. ଇକ )—ଯେଉଁ
Karaṇḍika ଜନ୍ତୁଙ୍କ ଗର୍ଭରେ ସନ୍ତାନଙ୍କୁ ଶିଶୁ ଅବସ୍ଥାରେ ବହନ କରିବା ନିମନ୍ତେ ଚର୍ମମୟ କରଣ୍ଡ ବା ଥଳିପରି ଗୋଟିଏ ଖୋଲମୁହଁ ଆବରଣ ଥାଏ; ଦ୍ୱିଗର୍ଭ ଜନ୍ତୁ—Marsupial animals; animals having a pouch under the belly for carrying the immature young ones.

**କରଣ୍ଡୀ**—ସଂ. ବି—( କରଣ୍ଡ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ.
Karaṇḍi ଏ ମାଛଙ୍କ କଣ୍ଠ ଓ ପେଟ ମଧ୍ୟରେ ଗୋଟିଏ ଥଳି ବା ବଟୁଆ ଆକୃତିର ଫୁଲା ଦେଖାଯାଏ ) କେରଣ୍ଡୀମାଛ—
Barbus chola; a kind of fish.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ଉକ୍ତିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଣ୍ଟା' ନ ପାଇଲେ 'ଅଣ୍ଠା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କରତ**—ଦେ. ବି (ସଂ. କରପତ୍ର)—୧ । କାଠକୁ ଚିର ପଟା କରିବାପାଇଁ ବ୍ୟବହୃତ ଗାଣ୍ଟିଦନ୍ତ ଶସ୍ତ୍ର; ଦନ୍ତୁର ଧାତୁପତ୍ରବିଶିଷ୍ଟ ଶସ୍ତ୍ର—1. Saw.
Karata
করাত
**करौंत**

ପରତେ ନାହିଁ ମୋର କରତେ ମଦନର ବସି ପାଦେ କ
ବରତ କ ଗୋ—କବିସୂର୍ଯ୍ୟ, ସଙ୍ଗୀତ ।

[ ଦ୍ର—କାଠ କରତ ଦୁଇ ପ୍ରକାର—୧ । ହତା କରତ—ଏହା ଶ୍ରେଷ୍ଠ ଏବଂ ଏହାକୁ ଜଣେ ଲୋକ ଧରି କାଠରେ ଲଗାଇ କାଠ ଚିରେ; ୨ । ଠେଲା କରତ—ଏହା ବଡ଼; ଏହାକୁ ଦୁଇ ଜଣ ଦୁଇ ପାଖରୁ ଧରି ଓଟାଇ କାଠ ଚିରନ୍ତି । ]

୨ । (ବଣିଆଶବ୍ଦ) ସୁନା ବା ରୁପା କାଟିବାର କରତ—
2. Goldsmith's tenon-saw for cutting metal.

**କରତଃ**—ଦେ.ଅ (କୃ ଧାତୁରେ ତସ୍ ପ୍ରତ୍ୟୟ; ଅଶୁଦ୍ଧ ପ୍ରୟୋଗ ବଙ୍ଗଳାରୁ ଅନୁକୃତ)—୧ । କରୁ କରୁ; କରିବା ଅବସ୍ଥାରେ—
Karataḥ
করতঃ
1. While doing; in the act of doing.
୨ । କରି—2. Doing.
୩ । କରସାରି—3. Having done.
(ଯଥା—ସେ ତାଙ୍କର ଦୁର୍ନାମ କରତଃ ସ୍ଥାନ ତ୍ୟାଗ କଲେ ।)

**କରତଗୁଣ୍ଡ**—ଦେ.—ବି (ସଂ. କରପତ୍ର+ଗୁଣ୍ଡକ)—କାଠ କରତିଲେ ଯେଉଁ କାଠଗୁଣ୍ଡ ତଳେ ଝଡ଼ିପଡ଼େ—Sawdust.
Karataguṇḍa
করাতগুঁড়া
**लकड़ीकाबुरादा**

**କରତନ**—ଗ୍ରା (ପଦ୍ୟ) ବି. (ସଂ. କର୍ତ୍ତନ)—କର୍ତ୍ତନ ( ଦେଖ )—
Karatana — Karttana ( See )

ରଣରଣ ଯଣ ଉଜ୍ଜ୍ୱଳ ରସ, କରତନ ମନ ମତ ଅଳସ ।
ଉଜ୍ଜ. ପ୍ରେମସୁଧାନିଧି ।

**କରତପ**—ଗ୍ରା. ବି (ସଂ. କର୍ତ୍ତବ୍ୟ)—ଶକ୍ତି; କ୍ଷମତା—
Karatapa — Power; capacity.

**କରତବ**—ଗ୍ରା. ବି—କରତପ ( ଦେଖ )—
Karataba — Karatapa ( See )

**କରତବ୍ୟ**—ଗ୍ରା. ବି—କରତପ ( ଦେଖ )—
Karatabya — Karatapa ( See )

ଗ୍ରା. ( ପଦ୍ୟ ) ବିଣ ( ସଂ. କର୍ତ୍ତବ୍ୟ )—କର୍ତ୍ତବ୍ୟ; କରିବା ଉଚିତ—Proper to be done.

ସେହିପ୍ରକାରେ କରତବ୍ୟ, ଏ ଦେହ ଯେବେ ସୁଖ ହେବ ।
ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

**କରତଳ**—ସଂ. ବି. ( ୬ଷ୍ଠୀ ତତ୍; କର+ତଳ )—
Karataḻa
୧ । ହାତର ଲେଉଟ ପାଖ—
1. Palm of the hand.
(କରପୃଷ୍ଠ—ବିପରୀତ) ୨ । ଅଧୀନତା—2. Subjection.
ଗ୍ରା. (ଇତର) ବି.—କଚ୍ଛତଳ—
The place below one's sides.

**କରତଳଗତ**—ସଂ. ବିଣ. (୬ଷ୍ଠୀ ତତ୍; ୨ୟା ତତ୍; କର+ତଳ+ଗତ)—
Karataḻagata
୧ । କରଗତ; ହାତକୁ ଆସିଥିବା; ହାତରେ ସ୍ଥାପିତ—
1. Placed in one's hand.
୨ । ଦଖଲରେ ବା ଅଧିକାରରେ ଥିବା—
2. In one's possession.
୩ । ଆପଣାର ଆୟତ୍ତ; ଅଧୀନ—
3. Under one's control.

**କରତଳିଆ**—ଦେ. ବିଣ. (ସଂ. କରତଳୀୟ)—ଆୟତ୍ତ; ଅଧୀନ—
Karataḻiā — Under one's control or authority.

**କରତା**—ଗ୍ରା. (ପଦ୍ୟ) ବି. (ସଂ. କର୍ତ୍ତା)—
Karatā
୧ । କର୍ତ୍ତା; ସ୍ରଷ୍ଟା—1. Creator.

ଅଶେଷ ଅନ୍ତର୍ଯାମୀ ସେ ବ୍ରହ୍ମାଣ୍ଡ କରତା । ବିଷ୍ଣୁକେଶରୀପୁରାଣ ।

୨ । ରକ୍ଷକ—2. Protector.

ସେହି ସବୁ ଜନଙ୍କର ହରତା କରତା । ବିଷ୍ଣୁକେଶରୀପୁରାଣ ।

୩ । ଗୃହର ମାଲିକ—3. Head, chief person or master of the house.

ଦେ. ବି. ( ସଂ. କୃତ୍ ଧାତୁ=କର୍ତ୍ତନ କରିବା )—
୧ । କରତିବା କର୍ମ—1. Act of sawing.
୨ । ପାସଙ୍ଗ ( ଦେଖ )
2. Pāsaṅga ( See )
ଗ୍ରା (ପଦ୍ୟ) ବିଣ.—୧ । ( ସଂ. କର୍ତ୍ତା )କର୍ତ୍ତା ( ଦେଖ )
( ହରତା—ବିପରୀତ )—1. Karttā ( See )

ବଳେମ ଲୋମ ବର୍ଣ୍ଣ ସୋମ ପ୍ରକାମ ଦରକ କରତା ତାରକ ।
ଉଜ୍ଜ. ବୈଦେହୀଶବିଳାସ

୨ । ( ସଂ. କର୍ତ୍ତିତ )—
କରତ ଦ୍ୱାରା ଫଡ଼ା ହୋଇଥିବା ( କାଠ ଆଦି )—
2. Sawn ( wood etc. ).

**କରତାଇବା**—ଦେ. କ୍ରି. ୧ । ( ଅଣିଜନ୍ତ ଅର୍ଥରେ ଣିଜନ୍ତ ପ୍ରୟୋଗ )—
Karatāibā
করাত করান
କରତିବା; କର୍ତ୍ତନ କରିବା—
1. To saw; to cut.

ଶର କର କର କରତାଇଲେ ପ୍ରତ୍ୟକ୍ଷେ ଦକ୍ଷକୁମାରୀ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । (କରତିବା କ୍ରିୟାର ପ୍ରୟୋଜକରୂପ) କର୍ତ୍ତନ କରାଇବା—
2. To cause to be cut or sawn.
( ଯଥା—ସେ ପଇସା ଦେଇ କାଠଟି କରତାଇଲେ । )

**କର ତାଡ଼ିବା**—ଦେ. କ୍ରି—ଶୋକ ବା ଅନୁତାପ ଯୋଗୁଁ କରଦ୍ୱାରା ନିଜର ବକ୍ଷସ୍ଥଳ ଓ କପାଳ ଆଦି ଆଘାତ କରିବା—
Kara tārḍibā
হাতমারা
**हाथमारना**
To strike one's palm on the head or breast in an agony of grief or repentance.

କଳପୃଷ୍ଠ, କଳପୃଷ୍ଠ, ଏବେ ଉରେ କର ତାଡ଼ ରେ । କବିସୂର୍ଯ୍ୟ, ସଙ୍ଗୀତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ୟ |
| ୨ | ଈ | ଊ | ରୁ | ଳୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଷ୍ଟ | ଞ୍ଜ | •ନ୍ତ |

**କରତାଳ**—ସଂ. ବି. ( ୬ଷ୍ଠୀ ତତ୍; କର + ତାଳ )—
Karatā̱la ୧ । ଦୁଇ କରର ପରସ୍ପର ଅଭିଘାତ; ହାତତାଳି—
1. Clapping of the hands; clap.
୨ । କାଠ ବା କଂସା ନିର୍ମିତ ବାଦ୍ୟଯନ୍ତ୍ରବିଶେଷ, ଯାହାର ଦୁଇ ଫାଳକୁ ଦୁଇ ବା ଏକ ହାତରେ ଧରି ଆଘାତ କରାଯାଏ—2. A pair of cymbals made of bellmetal or wood for beating to tune; castanets.
ବଜାଇ ଜେମନ୍ତ ତାଳ, କରତାଳ ଝୁଡୁହଳ, ନାଚନ୍ତି ଛନ୍ଦବୁଲନ,
ଗୋପ ନଗର କିହଳ । ପଦ୍ମନାଭଦେବ. ସଙ୍ଗୀତ ।

**କରତାଳିକା**—ସଂ. ବି. ( କର + ତାଳ + କ + ସ୍ତ୍ରୀ. ଆ )—
Karatā̱likā କରତାଳ ( ଦେଖ )
Karatā̱li ( See )

**କରତାଳି ଦେବା**—ଦେ. କ୍ରି—୧ । ହାତତାଳି ଦ୍ୱାରା ଉପହାସ ବା
Karatā̱li debā ଅଟ୍ଟା କରିବା—
1. To clap the hands in derision.
ଦେଲେ ପିଲାମାନେ ଆଗୁଣ ଅନେକେ କରତାଳ ହସି ହସି ।
ନନ୍ଦକିଶୋର. ନିର୍ଝରିଣୀ ।
হাততালী দেওয়া ୨ । ଦୁଇ ହାତରେ ତାଳ ମାରିବା—
हाथतालीबजाना 2. To clap the hands.
୩ । ସଭାରେ ବକ୍ତାଙ୍କ ବକ୍ତୃତାର ଅଂଶବିଶେଷକୁ ହାତତାଳିଦ୍ୱାରା ବାହାବା କରିବା—3. To applaud portions of a speech with the clap of hands.

**କରତାଳି**—ସଂ. ବି. ( କର + ତାଳ + ସ୍ତ୍ରୀ. ଈ )—
Karatā̱li ହାତତାଳି—Clapping of the hands.
ଦେ. ବି. (ସଂ. କରତାଳ)—କରତାଳ ୨ ( ଦେଖ )
Karatā̱la 2 ( See )

**କରତ**—ଦେ. ବି. ( ସଂ. କରପତ୍ରଧାରୀ )—
Karati ଯେଉଁ ଲୋକ କରତ ଦ୍ୱାରା କାଠ ଚିରେ—
করাতী A sawyer.
आराकस, करौंत

**କରତିଆ**—ଦେ. ବି—କରତି ( ଦେଖ )
Karatiā Karati ( See )

**କରତିଫାଶ**—ପ୍ରାଦେ. (ସମ୍ବଲପୁର) ବି—ଏକ ପ୍ରକାର ଫାଶ—
Karatiphāsa A kind of knot; clove-hitch knot; granny knot.

**କରତିବା**—ଦେ. କ୍ରି. ( ସଂ. କୃତ୍ ଧାତୁ )—
Karatibā ୧ । କରତ ଦ୍ୱାରା କାଟିବା—
করতা 1. To saw.
आरेसे चीरना ୨ । କରତ ଭଳି କାଟି ପକାଇବା—
2. To lacerate as by a saw..
୩ । ( ଲକ୍ଷଣାର୍ଥ ) କରତରେ କାଟିଲା ପରି ଅତ୍ୟନ୍ତ କଷ୍ଟ ଦେବା—3. (figurative) To cause great suffering.
ମର୍ମ କରତୁଛ ଚରିତ—ମଧୁସୂଦନ. ଉତ୍ତରରାମଚରିତ ।

**କରତି ହେବା**—ଦେ. କ୍ରି—୧ । କରତଦ୍ୱାରା କାଟି ହେବା—
Karati hebā 1. To be sawn.
( ଯଥା—ଏ ଠାଣ କାଠ କରତି ହେଉ ନାହିଁ । )
कटना ୨ । ( ଲକ୍ଷଣାର୍ଥ ) ଅତ୍ୟନ୍ତ କଷ୍ଟ ପାଇବା—
2. (figurative) To suffer much.
(ଯଥା—ଏ କଥା ଶୁଣି ମୋ ହୃଦୟ କରତି ହେଉଛି । )

**କରତୁତ**—ଗ୍ରା. ବି—୧ । ( ସଂ. କର୍ତ୍ତୃତ୍ୱ )—କର୍ତ୍ତୃତ୍ୱ; ଅଧିକାର—
Karatuta 1. Mastery; influence.
কতাতি ୨ । ( ସଂ. କୃତିତ୍ୱ )—କୃତିତ୍ୱ—2. Skill.
करतूत

**କରତୋୟା**—ସଂ. ବି. ସ୍ତ୍ରୀ. ( ନାମ ) ( କର=ହସ୍ତ + ତୋୟ=
Karatoyā ଜଳ + ସ୍ତ୍ରୀ. ଆ )—ଉତ୍ତରବଙ୍ଗର ନଦୀବିଶେଷ—
A river in north Bengal.
[ ଦ୍ର—ଗୌରୀଙ୍କ ବିବାହରେ ହିମାଳୟ କନ୍ୟାଦାନ କରିବା ସମୟରେ ମହାଦେବଙ୍କ ହାତରେ ଦେବା ଜଳରୁ ଏହି ନଦୀ ଉତ୍ପନ୍ନ ହୋଇଥିବା ପୁରାଣରେ ଉଲ୍ଲେଖ ଅଛି । ପୁଷ ମାସରେ ଏ ନଦୀରେ ବଙ୍ଗଦେଶର ବଗୁଡ଼ା ନଗରର ସାତ ମାଇଲ ଉତ୍ତରରେ ମହାସ୍ଥାନଗଡ଼ ନାମକ ସ୍ଥାନରେ ସ୍ନାନଯୋଗ ପଡ଼େ; ଏ ନଦୀ ଜଲପାଇଗୁଡ଼ିର ଜଙ୍ଗଲରୁ ବାହାରି ରଙ୍ଗପୁର ବାଟେ ଯାଇ ହାଲହାଲିଆ ଓ ଅତ୍ରାଇ ନଦୀରେ ମିଳିଛି । ବର୍ଷାକାଳରେ ମଧ୍ୟ ଏ ନଦୀର ଜଳ ପବିତ୍ର ଥିବାର ଶାସ୍ତ୍ରରେ କିଥିଛି । ଏହାର ଅନ୍ୟ ନାମ ସଦାନୀରା । ମିଥୁନ ସଂକ୍ରାନ୍ତିଠାରୁ ୩ ଦିନ ସବୁ ନଦୀ ରଜସ୍ୱଳା ହେବାରୁ ସ୍ନାନର ଅଯୋଗ୍ୟା ହୁଅନ୍ତି; କିନ୍ତୁ ମହାଦେବଙ୍କ ବର ପ୍ରଭାବରୁ ଏ ନଦୀ ସେ ସମୟରେ ମଧ୍ୟ ପବିତ୍ର ରହିବାର ପୁରାଣରେ ଅଛି । ]

**କରଦ**—ସଂ. ବିଣ. (କର + ଦା + କର୍ତ୍ତୃ. ଅ)—୧ । ଯେ କର ଦିଏ—
Karada 1. Paying rent; rentpaying.
୨ । ଯେଉଁ ସାମନ୍ତରାଜା ସମ୍ରାଟଙ୍କୁ ରାଜସ୍ୱ ଦିଅନ୍ତି—
2. Tributary ( chief ).

**କରଦନ**—ଦେ. (ପଦ୍ୟ) ବି (ସଂ. କର୍ଦ୍ଦନ)—କର୍ଦ୍ଦନ ( ଦେଖ )
Karadana Karddana ( See )
ଖାମ ସେହିରୂପେ କୁରୁଙ୍କ କରଦନ;
କଲେ ଏକା ହୋଇ ଦକ୍ଷଣ ମାରଗଣ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**କରଦମ**—ଦେ. ( ପଦ୍ୟ ) ବି. ( ସଂ. କର୍ଦ୍ଦମ )—କର୍ଦ୍ଦମ; କାଦୁଅ—
Karadama Clay.

**କରଦ ମାହାଲ୍**—ଦେ. ବି (ସଂ. କରଦ + ଫା. ମାହାଲ୍)—
Karada māhāl କରଦରାଜ୍ୟ (ଦେଖ)—
Karada rājya ( See )

**କରଦ ରାଜା**—ସଂ. ବି—ଯେଉଁ ରାଜା ସମ୍ରାଟଙ୍କୁ କର ଦିଅନ୍ତି—
Karada rājā A tributary chief; a chief paying tribute to the emperor or king.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କରଦ ରାଜ୍ୟ**—ସଂ. ବି—ଯେଉଁ ରାଜ୍ୟର ରାଜା ଚକ୍ରବର୍ତ୍ତୀ ବା ସମ୍ରାଟଙ୍କୁ କର ଦିଅନ୍ତି—A tributary state; a subordinate state paying tribute to the emperor.
Karada rājya

**କରଦାତା**—ସଂ. ବିଣ. ପୁଂ ( କର+ଦାତା )—କରଦ ( ଦେଖ )—Karada ( See )
Karadātā

**କରଦାୟୀ**—ସଂ. ବିଣ ପୁଂ ( କର+ଦାୟୀ )—କରଦ ( ଦେଖ )—Karada ( See )
Karadāyī

**କର ଦେବା**—ଦେ. କ୍ରି—୧ । ହାତରେ ଛୁଇଁବା; ହାତ ଲଗାଇବା—1. To touch; to touch with the hands.
Kara debā
ହାତଦେଓଯା
**हातदेना**

ଗୋପୀଏ ଛଦେ କର ଦେଲେ;
ବଳେହେଁ ଭେଳିଛ ବୋଇଲେ—ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୨ । କୌଣସି କାର୍ଯ୍ୟ ପାଇଁ ଦୃଢ଼ ଜବାବ କରିବା—2. To give one's word to do a thing.

**କରଧନି**—ଦେ. ବି. ( ଆ. କମର୍=ଅଣ୍ଟା; ଓ. କର; କଡ଼=ପାର୍ଶ୍ୱ ସଂ. କଟୀ+ଆଧାନ )—ଅଣ୍ଟାରେ ପିନ୍ଧିବା କାର୍ପାସ ବା ଧାତୁମୟ ସୂତା—A string of cotton or metal worn round the waist.
Karadhani
ঘুনসি
**करधनी**

**କର ଧରିବା**—ଦେ. ( ପଦ୍ୟ ) କ୍ରି—ପାଣିଗ୍ରହଣ କରିବା; ବିବାହ କରିବା; ବରି ହେବା—To marry.
Kara dharibā
কর ধরা
**कर गहना**

ମୋର କର ଧରି ତୋର କରମେ ବଇଷ୍ଣି,
ଲେଖିଥିଲ ଏହା ଯେ ହୃଷ୍ଟ ପରମେଷ୍ଠୀ—
କୃଷ୍ଣସିଂହ. ମହାଭାରତ, ବନ ।

**କରଧୁନି**—ଦେ. ବି—କରଧନି ( ଦେଖ )—Karadhani ( See )
Karadhuni

**କରନ୍ଦା**—ଦେ. ବି. ( ସଂ. କରମର୍ଦ୍ଦକ; କାରମନ୍ଦ; ପ୍ରା. କରମଦ )—
Karandā

୧ । ଏକ ପ୍ରକାର ଖଟା କୋଳି ଗଛ—1. A kind of plum tree with sour plums; Carissa Carandas ( Haines ).

ସଂ. ପର୍ଯ୍ୟାୟ – କରମର୍ଦ୍ଦ; କରମର୍ଦ୍ଦକ; କରାମ୍ଳ; କରାଂବୁକ; ବୋଲ; ଜାତିପୁଷ୍ପ; କାରମନ୍ଦ
কুরুমিআ; করম্চা; বইঞ্চি তাইর্; পাণিয়ামলা
**करौन्दा; गरिन्ना; करौना; तिमूखिआ; गाठो**
ତେ. ବାକୁ

[ଦ୍ର—ଏହା ଭଗନ୍ଧବର୍ଗର କ୍ଷୀରୀ ବହୁ ଶାଖାଯୁକ୍ତ କଣ୍ଟକମୟ କ୍ଷୁପ; ଫୁଲ ଯୁଈଫୁଲ ପରି ଈଷତ୍ ସୁଗନ୍ଧଯୁକ୍ତ ଓ ଫଳ ବଉଳଫଳ ପରି ଓ ଅମ୍ଳସ୍ୱାଦ । ଏହାର ଫଳକୁ ଆମ୍ବିଲ କରନ୍ତି । ଏ ଗଛ ବର୍ଷାଦିନେ ଫଳେ; ପଞ୍ଜାବରେ ଏ ଗଛରୁ ଲକ୍ଷ ବାହାରେ । କଞ୍ଚା ଫଳ ଖଟାମିଶା ମିଠା ଓ ମଳରୋଧକ । ପାଚିଲା ଫଳ ଦେଖିବାକୁ ସଫେଦ୍ ଓ ଗୋଲାପୀ । ଏହା ଶୀତଳ, ପିତ୍ତନାଶକ ଓ ରକ୍ତ-ଶୋଧକ । ଏହାର ଚେର ସଙ୍ଗେ କର୍ପୂର ଓ କାଗଜିରସ ବାଟି କାଛୁରେ ଲଗାଇଲେ ଉପକାର ହୁଏ । ଦକ୍ଷିଣ ଦେଶରେ ଏଥିର କାଠରୁ ପାନିଆ ଓ ଅଣକ କରାଯାଏ—
ହି. ଶବ୍ଦସାଗର । ]

୨ । ଓଡ଼ିଶା ଗଡ଼ଜାତର ଜଙ୍ଗଲରେ ଜନ୍ମିବା ଏକ ପ୍ରକାର ଝାଙ୍ଗୁଆ ଲତା ଓ କୋଳି; କେରେଣ୍ଡା ଲତା—2. Caresa Intermis ( a very stout woody climber; Haines).

[ ଦ୍ର—ଏଥିର କୋଳି ପ୍ରଥମୋକ୍ତ କରନ୍ଦା କୋଳି ପରି ଖଟା-ମିଠା କିନ୍ତୁ କରନ୍ଦା କୋଳିଠାରୁ ଶ୍ରେଷ୍ଠ । ]

**କରନ୍ଦାଳି**—ପ୍ରାଦେ. ( ସିଂହଭୂମ ଓ ଗଡ଼ଜାତ ) ବି—ଡେଙ୍ଗା ଓ ସୁନ୍ଦର ବନ୍ୟ ବୃକ୍ଷବିଶେଷ—Amoora Spectabilis tree ( Haines )
Karandāḷi

**କରନ୍ୟାସ**—ସଂ. ବି. ( କର+ନ୍ୟାସ )—
Karanyāsa

୧ । ( ୭ମୀ ତତ୍ ) ଜପ କରିବା ପୂର୍ବରୁ ଜପମନ୍ତ୍ରର ଅଂଶମାନଙ୍କୁ ଭିନ୍ନ ଭିନ୍ନ କରାଙ୍ଗୁଳିରେ କଳ୍ପନା ଦ୍ୱାରା ସ୍ଥାପନ କରିବା ବିଧି; ମନ୍ତ୍ର ପାଠ କରି ଆଙ୍ଗୁଠିର ପବରେ ଅଙ୍ଗୁଷ୍ଠାଗ୍ରର ଅର୍ପଣ—1. A ritual used during worship in which different portions of a formula are imagined to be laid on different fingers of the hand.

୨ । (୭ମୀ ତତ୍) କୌଣସି ବସ୍ତୁରେ ହସ୍ତବିନ୍ୟାସ; ହସ୍ତାର୍ପଣ—2. The laying of the hands on some object.

**କରପଇଠ**—ଦେ. ବି. (ସଂ. କରପୃଷ୍ଠ)—ହାତର ଭରା—The pressure of one's palm.
Karapaiṭha

ବୋଲଇ ମୁଁ ବରବରନାପ୍ରବର ଭୋ କରପଇଠଧୀରରେ ।
କବିସୂର୍ଯ୍ୟ. ସଙ୍ଗୀତ ।

**କରପଇଠି**—ଦେ. ବି—୧ । କରପଇଠ ( ଦେଖ )—1. Karapaiṭha ( See )
Karapaiṭhi

ପାବଚ୍ଛେ ପାବଚ୍ଛେ ମଣ୍ଡିମଣ୍ଡନା ଓଳ୍ଲାଇ
କରପଇଠି ବମ୍ଫୋଷ୍ଠୀ ସଖୀକରେ ଦେଇ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । କରପୃଷ୍ଠ; ଲେଉଟର ଅପର ପାଖ; ହାତ ପାପୁଲି—2. The back of the palm.

**କରପକ୍ଷ**—ସଂ. ବିଣ. ( ବହୁବ୍ରୀହି; କର ଅଟେ ପକ୍ଷ ଯାହାର )—ଯେଉଁ ଜୀବର ହାତ ପକ୍ଷ ସ୍ୱରୂପ ବ୍ୟବହୃତ ହୁଏ ( ଯଥା—ବାଦୁଡ଼ି; ଚେମିଣି । )—Hand-winged; Cheiropterous ( animals )
Karapaksha

ସଂ. ବି—୧ । ବାଦୁଡ଼ି—1. Bat; the Cheiroptera.

୨ । ଚେମିଣି ଚଢ଼େଇ—2. The house-bat.

**କରପଟ୍ଟ**—ଗ୍ରା. (ଇତର) ବି. ( ସଂ. କର୍ପଟ )—୧ । ବସ୍ତ୍ରଖଣ୍ଡ—1. A piece of cloth.
Karapaṭa

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଉଅ | ଘ୍ନ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନୃ |

୨। ଛିଣ୍ଡା କନା—2. Rags.

୩। କୌପୀନ—3. A strip of cloth covering only the private parts of the body.

ଗ୍ରା. (ଇତର) କ୍ରି. ବିଣ—କଡ଼ ବାଗରେ—
Sideways; sidewise.

**କରପଟି**—ଗ୍ରା. ବି—କରପଟ୍ଟ ( ଦେଖ )
Karapaṭi — Karapaṭa ( See )

**କରପଟିଆ**—ଗ୍ରା. (ଇତର) ବିଣ—ପାର୍ଶ୍ୱରେ ଅବସ୍ଥିତ; କଡ଼ପଟିଆ—
Karapaṭiā — Situate or placed on one side.

**କରପତର**—ଗ୍ରା. (ପଦ୍ୟ) ବି. ( ସଂ. କରପତ୍ର )—
Karapatara — କରପତ୍ର ( ଦେଖ )
Karapatra ( See )

ଥାଇ ଅବା ନଳେ ଭଗ୍ୟଲକ୍ଷ୍ମୀ ତାଙ୍କୁ ଯୋଡ଼ନ୍ତି କରପତର।
ରାଧାନାଥ. ଯଯାତି।

**କରପତ୍ର**—ସଂ. ବି. ( କର+ପତ୍ର )—
Karapatra ୧। (ହାତ ପରି ଚଉଡ଼ା ଓ ପତ୍ର ପରି ପତଳା) କରତ—1. Saw.

୨। ( ପତ୍ର ଆକାରରେ କରି ଯାଇଥିବା କର )—
ଖୋଲାଥିବା କରତଳ—2. The open palm of the hand.

୩। ଜଳକ୍ରୀଡ଼ା; ସନ୍ତରଣ—
3. Gamboling in water (M. W.); swimming.

ଦେ. ବି—ସମ୍ମାନାର୍ଥ ଯୋଡ଼ା ଯାଇଥିବା ଦୁଇ ହାତର କରତଳ-
The two palms joined together by way of respect.

ଯାଏ ପତ୍ର ଭଳି କରପତ୍ର ଯୋଡ଼ି ମାଥେ।
ଦ୍ୱାବୀ. ବ୍ରହ୍ମନିରୂପଣଗୀତା।

ଦେ. ବିଣ—ଭୟ ବା ସମ୍ମାନରେ ଦୁଇ ହାତକୁ ଯୋଡ଼ିଥିବା (ବ୍ୟକ୍ତି)-
With the two palms joined together in respect or fear.

**କରପତ୍ର ଯୋଡ଼ିବା**—ଦେ. କ୍ରି—୧। ଦୁଇ ହାତ ଯୋଡ଼ି ନମସ୍କାର
Karapatra joṛibā କରିବା—1. To make obeisance by joining the two palms.

୨। ଦୁଇ କରତଳ ଯୋଡ଼ି ପ୍ରାର୍ଥନା କରିବା—
2. To pray by joining the two palms.

କରପତ୍ର ଯୋଡ଼ି ବିଜୟ ବାହୁଡ଼ା ଯାଚ ରଣଲକ୍ଷ୍ମୀ ପଦେ।
ରାଧାନାଥ. ମହାଯାତ୍ରା।

୩। ( ଲକ୍ଷଣାର୍ଥ ) ଭୟରେ ବା ସମ୍ମାନରେ ଦୁଇ କରତଳକୁ ସିଧା କରି ଯୋଡ଼ି ନମସ୍କାର କରିବା ଭଳି କରିବା—
3. To fold both palms in a posture of supplication in fear or in awe.

୪। ( ଲକ୍ଷଣାର୍ଥ ) ଆଜ୍ଞାବର୍ତ୍ତୀ ହୋଇ ରହିବା—
4. (figurative) To be in a position of slavish obedience or supplication ( indicating fear or servility ).

**କରପଲ୍ଲବ**—ସଂ. ବି. ( ଉପମିତ କର୍ମଧା; କର+ପଲ୍ଲବ; ପଲ୍ଲବ ସଦୃଶ
Karapallaba କର )—୧। ପାଞ୍ଚ ଆଙ୍ଗୁଠି ସନ୍ଧିଶୂନ୍ୟ ହୋଇ ସରଳ ଭାବରେ ପତ୍ର ପରି ବିସ୍ତୃତ ହୋଇଥିବା କରତଳ-
1. The palm extended plainly with all the five fingers adhering to each other.

୨। ନବପଲ୍ଲବ ପରି ଶୋଭାଯୁକ୍ତ, କୋମଳ ଓ ରକ୍ତାଭ କରତଳ—2. Reddish and soft palms (compared to new red and tender leaves).

୩। (୬ଷ୍ଠୀ ତତ୍) ଅଙ୍ଗୁଳି; ହାତ ଆଙ୍ଗୁଠି—
3. Finger of the hand.

ଦେ. ବି—ଜଗନ୍ନାଥ ମହାପ୍ରଭୁଙ୍କ ହାତଅଗରେ ହିଅଯିବା ଚେପଟା ଓ ଗୋଲ ପତ୍ରାକାରରେ ଗ୍ରଥିତ ପୁଷ୍ପମଣ୍ଡଳ—
A thin nosegay in the shape of a circular leaf put on the arms of the idol Jagannātha at Puri.

**କରପଲ୍ଲବୀ**—ସଂ. ବି. (କରପଲ୍ଲବ+ଈ)—ଅଙ୍ଗୁଳିଦ୍ୱାରା ଠାର; ଆଙ୍ଗୁଠିର
Karapallabī ଭିନ୍ନଭିନ୍ନ ସଙ୍କେତଦ୍ୱାରା ଭିନ୍ନଭିନ୍ନ ଅକ୍ଷର ପ୍ରକାଶ-ପୂର୍ବକ ପରସ୍ପର ମନୋଭାବ ଆଦାନପ୍ରଦାନ ରୀତି ( ହି. ଶବ୍ଦସାଗର)--Exchange of thoughts between two persons by various signs made by the fingers; manual signs.

[ ଦ୍ର—ଏଥିର ସୂତ୍ର:—ଅହି ( ଅ=ଅ ଆଦି ସ୍ୱରବର୍ଣ୍ଣ ), କଳଶ (କଳଶ=କ ବର୍ଗ), ଚକ୍ର (ଚକ୍ର=ଚ ବର୍ଗ), ଟଙ୍କାର (ଟଙ୍କାର=ଟ ବର୍ଗ ), ତରୁ ( ତରୁ=ତ ବର୍ଗ ), ପବନ (ପବନ=ପ ବର୍ଗ), ଯବ (ଯବ=ଯ. ର. ଲ), ଶଶୀ (ଶଶୀ=ଶ. ଷ. ସ. ହ) ପରିମାଣ। ଆଙ୍ଗୁଠି ଦେଖାଇ ବର୍ଣ୍ଣ କରିବ ବଖାଣ। ଯଥା—ଖ ଅକ୍ଷର ପାଇଁ 'କଳଶ'ର ଠାର ଦେଖାଇ କ ବର୍ଗର ଦ୍ୱିତୀୟ ଅକ୍ଷର ପାଇଁ ଦୁଇଟି ଆଙ୍ଗୁଠି ଦେଖାଇବ; 'ଇ' ପାଇଁ ଅହି ବା ସାପର ଠାର ଦେଖାଇ ତୃତୀୟ ସ୍ୱର ପାଇଁ ତିନି ଗୋଟି ଆଙ୍ଗୁଠି ଦେଖାଇବ। ]

**କରପାତ୍ର**—ସଂ. ବି. ( ରୂପକ କର୍ମଧାରୟ; କର+ପାତ୍ର )—
Karapātra ପାତ୍ରୀକୃତ କରତଳ; ହସ୍ତସମ୍ପୁଟ; ଅଞ୍ଜଳି—
Hands joined and formed into a cup to hold things or water; the hollow made by folded hands.

ସଂ. ବିଣ. ପୁଂ. ( ବହୁବ୍ରୀହି )—ଯେଉଁ ବ୍ୟକ୍ତିର ହସ୍ତପୁଟ ଛଡ଼ା
(କରପାତ୍ରା—ସ୍ତ୍ରୀ) ଅନ୍ୟ ଭୋଜନପାତ୍ର ନାହିଁ; ପାଣିପାତ୍ର—
( a person ) Having no other utensil than his folded palms to hold eatables or drinking water.

ସାଧାରଣ ଲେକେ ଅପର ପୃଷ୍ଠାରେ ସୂଚିତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ସେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳଲେ 'ଭୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କରପାଳ**—ସଂ. ବି. ( କର + ପାଳ ଧାତୁ + କରଣ. ଅ )—
Karapāla ୧ । ଖଡ୍ଗ; ଖଣ୍ଡା—1. Sword.
୨ । ହସ୍ତଯଷ୍ଟି; ହାତବାଡ଼—2. A walking stick.
୩ । ହାତର ନଖ—3. Finger-nails of the hand.

**କରପାଳିକା**—ସଂ. ବି. ( କରପାଳୀ + ସ୍ୱାର୍ଥେ କ + ସ୍ତ୍ରୀ. ଆ )—
Karapālikā କରପାଳୀ ( ଦେଖ )
Karapālī ( See )

**କରପାଳୀ**—ସଂ. ବି. (କରପାଳ + ସ୍ତ୍ରୀ. ଈ. କ୍ଷୁଦ୍ରାର୍ଥେ )—୧ । କ୍ଷୁଦ୍ର ଖଡ୍ଗ—
Karapālī 1. A scimitar; a small sword.
୨ । ଛେଣ୍ଡସ; ଛୁରି—2. Dagger.
୩ । କ୍ଷୁଦ୍ର ଗଦାକାର ଦଣ୍ଡ; ମୁଦ୍ଗର—3. Mace; mallet.

**କରପୀଡ଼ନ**—ସଂ. ବି. ( ୬ଷ୍ଠୀ ତତ୍; କର + ପୀଡ଼ନ )—
Karapīrdana ୧ । ଦୁଇ ବ୍ୟକ୍ତିଙ୍କର ପରସ୍ପର କରମର୍ଦ୍ଦନ—
1. The pressing together of two people's hands; shaking hands.
୨ । ( ବହୁବ୍ରୀହି ) ବିବାହ; ପାଣିଗ୍ରହଣ—
2. Marriage ceremony.

**କରପୀଡ଼ା**—ସଂ. ବି. ( ୬ଷ୍ଠୀ ତତ୍; କର + ପୀଡ଼ା )—
Karapīrdā ୧ । ଅତିରିକ୍ତ ରାଜସ୍ୱ ଦେବା ଯୋଗୁଁ ପ୍ରଜାମାନଙ୍କର ଅନୁଭୂତ କଷ୍ଟ—1. The difficulty felt by the subjects or tenants owing to excessive taxation.
୨ । ପ୍ରଜାମାନଙ୍କ ଉପରେ ଅତିରିକ୍ତ କର ବା ଖଜଣା ବସିବା—
2. Excessive taxation of the subjects.

**କରପୁଟ**—ସଂ. ବି. ( କର + ପୁଟ = ପାତ୍ର )—କରପାତ୍ର ( ଦେଖ )
Karaputa Karapātra ( See )

**କରପ୍ରଦ**—ସଂ. ବିଣ. ପୁଂ. ( କର + ପ୍ର + ଦା ଧାତୁ + କର୍ତ୍ତୃ. ଅ )—
Karaprada କରଦାନକାରୀ—Paying tribute or
(କରପ୍ରଦା—ସ୍ତ୍ରୀ ) revenue or tax; rent-paying.

**କରବରି**—ପ୍ରାଦେ. ( ସିଂହଭୂମ ) ବି—କରବି ( ଦେଖ )
Karabari Karabi ( See )

**କରବଲା**—ବୈଦେ. ବି. ( ଆ. କର୍‌ବଲା )—ଅଲିଙ୍କ ପୁତ୍ର ଓ ହଜରତ୍
Karabalā ମହମ୍ମଦଙ୍କ ନାତି ହୁସେନ୍ ଯେଉଁ ସ୍ଥାନରେ ହତ ଓ
କରବାଲା ସମାଧିସ୍ଥ ହୋଇଥିଲେ—1. The place where
କରବଲା Ali's son and Mahammad's grandson Hussain was killed and buried.
[ ଦ୍ର—ଏହା ବାଗ୍‌ଦାଦ୍‌ଠାରୁ ଅଳ୍ପ ଦୂରରେ ଅବସ୍ଥିତ । ମହମ୍ମଦଙ୍କ ନାତି ହୁସେନ୍ ଏବଂ ତାଙ୍କ ସଙ୍ଗେ ୭୨ ଜଣ ଧର୍ମବୀର ଯୁଦ୍ଧରେ ନିହତ ହୋଇଥିଲେ । ତାଙ୍କର କବର ଉପରେ ହୁସେନଙ୍କ ସାବତ ଭାଇ ଅବାସଙ୍କ ନିର୍ମିତ ସ୍ୱର୍ଣ୍ଣାବୃତ ସମାଧି ଅଛି । ]
୨ । ମହରମ୍ ପର୍ବର ଯେଉଁ ଦିନ ମୁସଲମାନ୍‌ମାନେ ତାଜିଆକୁ ନେଇ ଜଳରେ ପକାନ୍ତି ବା ଦଫନ୍ କରନ୍ତି—
2. The last day of Maharram when the Tajia is thrown into the water.

**କରବଶ**—ଦେ. ବିଣ. (୭ମୀ ତତ୍; କର + ବଶ)—କରସ୍ଥିତ; କରାୟତ୍ତ—
Karabaśa Placed in the hand.
ସେ ଅଳେ ତାହା କରବଶ ମଲଲେ
ତେବେ ବୋଲିବେ ସ୍ୱର୍ଗେ ବସ ସଲାଳେ । ଭଞ୍ଜ- ପ୍ରେମସୁଧାନିଧି ।

**କରବଲ୍ଲା**—ବୈଦେ. ବି (ଆ.)—କରବଲା ( ଦେଖ )—
Karaballā Karabalā ( See )

**କରବା**—ଦେ. ବି ( ସଂ. କାରବୀ )—ବନ୍ୟ ଖାଦ୍ୟମୂଳ ବିଶେଷ; ବଣ
Karabā ଆଳୁ—A wild edible root; wild yam;
କାଁଟାଆଳୁ Dioscora Pentaphylla (Haines).
अरुआ

**କରବାଗରେ**—ଗ୍ରା. ( ଇତର ) କ୍ରି. ବିଣ—ପାର୍ଶ୍ୱକ୍ରମେ; ଅଣେଇବା
Karabāgare ପ୍ରକାରରେ—Sidewise; flankwise.

**କରବାଗେ**—ଗ୍ରା. (ଇତର) କ୍ରି. ବିଣ—କରବାଗରେ ( ଦେଖ )—
Karabāge Karabāgare (See)

**କରବାଡ଼**—ଦେ. ବି ( ସଂ. କର୍ବଟ )—ବଡ଼ ଗ୍ରାମ ନିକଟସ୍ଥ କ୍ଷୁଦ୍ର ଗ୍ରାମ;
Karabārda ପଡ଼ା—Small village attached to or contiguous to a larger village.
[ ଦ୍ର—ରାଜାଙ୍କ ପ୍ରତିଷ୍ଠିତ ଗ୍ରାମକୁ ଶାସନ ଓ ଅନ୍ୟମାନେ (ଯଥା, ରାଣୀ, ମନ୍ତ୍ରୀ ପ୍ରଭୃତି) ବସାଇଥିବା ଗ୍ରାମକୁ ପୃଥକ୍ ଭାବରେ କରବାଡ଼ କହନ୍ତି । କରବାଡ଼ର ପ୍ରତିଷ୍ଠା ଶାସନରୁ ଊଣା । ]
ଗ୍ରା. ( ଇତର ବ୍ୟବହୃତ ) ବି.—୧ । ଏକପାର୍ଶ୍ୱରେ ଅବସ୍ଥିତି—
1. Position of being situate on one side.
୨ । (ସଂ. କରବାଲ)—ଖଡ୍ଗ—2. Sword.
ମାଇଲଙ୍କ କେହିକୁ ନ ଦଶିଲ କହ- ଉପ୍ରରେ କରବାଡ଼ ଦେଲେ ସେ ମୁରୁଚ୍ଛ—
କୃଷ୍ଣସିଂହ. ମହାଭାରତ, ବନ ।

**କରବାଡ଼ିଆ**—ଗ୍ରା. (ଇତର) ବିଣ—୧ । ଏକପାଖିଆ—
Karabārdiā 1. Situate on one side.
୨ । ଅନ୍ୟ ସମସ୍ତଙ୍କଠାରୁ ବଛିକି; ଏକାଞ୍ଚିଆ—
2. Isolated from all others.
୩ । ଜାତିରେ ଏକଘରିଆ; ସମାଜଚ୍ୟୁତ—
3. Excommunicated; ostracised.
ଦେ. ବିଣ—କରବାଡ଼ର ଅଧିବାସୀ (ବ୍ରାହ୍ମଣ)—
(a Brahman) Inhabiting a Karabārda.

**କରବାଳ**—ସଂ. ବି ( କର + ବାଳ ଧାତୁ + କରଣ. ଅ )—
Karabāla ୧ । କରପାଳ; ଖଡ୍ଗ; ଖଣ୍ଡା—1. Sword.
୨ । ହାତର ନଖ—2. Finger-nails of the hand.

**କରବାଳପୁତ୍ରୀ**—ସଂ.ବି.(୬ଷ୍ଠୀ ତତ୍; କରବାଳ + ପୁତ୍ରୀ; କ୍ଷୁଦ୍ର କରବାଳ)—
Karabālaputrī ଛୁରୀ—Knife.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇପ୍ସୃ | ଉଅ | ଘ |
| ୨ | ଈ | ଊ | ଚ | ଲୁ | ପ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

କରବାଳପ୍ରଣୀ ପ୍ରାପ୍ୟ କରରେ ଧାଉଛି ଧାଏ—ଆନନ୍ଦକୃଷ୍ଣ· ରସକଲ୍ଲୋଳ ।

**କରବାଲ୍ଲ**—ବୈଦେ. ବି ( ଅ. )—କରବଲ୍ଲ ( ଦେଖ )—
Karabālā — Karabalā ( See )

**କରବାଲିକା**—ସଂ. ବି ( କରବାଲ + ସ୍ୱାର୍ଥେ. କ + ଆ ) କରପାଲିକା
Karabālikā (ଦେଖ)—Karapālikā ( See )

**କରବାଲୀ**—ସଂ. ବି ( କରବାଲ + ସ୍ତ୍ରୀ. ଈ )—କରପାଲୀ ( ଦେଖ )—
Karabālī — Karapālī ( See )

**କରବାଲ୍ଲା**—ବୈଦେ. ବି (ଅ.)—କରବଲ୍ଲା ( ଦେଖ )—
Karaballā — Karabalā ( See )

**କରବୀ**—ସଂ. ବି (କର=ମୂଳ+ବୀ=ଯେ ବ୍ୟାପେ; ଯେ ମୂଳଦ୍ୱାରା ଭୂମିରେ
Karabī ବ୍ୟାପେ)—ବନ୍ୟ ଓ ଉଦ୍ୟାନଜାତ ଗୁଳ୍ମ ଓ ତହିଁର
କନେର, করবী ଫୁଲ—White or pink sweet-
(श्वेत, लाल) करवी, कनेर scented Oleander; Nerium
कानेल्, केवार्, कानार Odorum; Apocynacæ.
ତା. ଅଲରି [ ଦ୍ର—ଏହାର ଫୁଲ ଡେମ୍ଫରେ ପେନ୍ଥା-
ଅ. ଉଫ୍ଲି ପେନ୍ଥା ହୋଇ ଧରେ; ଫୁଲ ବହୁଦଳ ।
ପା. ଖର୍‌ଜହ୍ରହ୍ ସାଧାରଣତଃ ନାଲି ଓ ଧଳା ଫୁଲ ଭେଦରେ
ସଂ. ପର୍ଯ୍ୟାୟ—ଅଶ୍ୱମାରକ, ଦୁଇ ପ୍ରକାରର ଉଦ୍ୟାନଜାତ ଗଛ ଅଛି ।
ଅଶ୍ୱଘ୍ନ, ଚଣ୍ଡକ, ଲଗୁଡ଼, କନ୍ଧଅରର ଫଳ ହୁଏ ନାହିଁ କରବୀର
କରବୀ, କରବୀର ହୁଇଁ ହୁଏ । ଏ ବୃକ୍ଷର ଛେଲି ଓ ମୂଳ
ବିଷାକ୍ତ । ପଶ୍ଚିମ ଓ ଦକ୍ଷିଣ ଭାରତରେ ଏହା ଜୀବ ଓ ଭୁଣନାଶକ
ବିଷରୂପେ ବ୍ୟବହୃତ ହୁଏ । ଏଥିରେ ନେରିଓଡୋରିନ୍
(Neriodorin) ନାମକ ତୀବ୍ର ବିଷ ଅଛି । ବୈଦ୍ୟଶାସ୍ତ୍ର ମତରେ
ଶ୍ୱେତ, ରକ୍ତ, ପୀତ, କୃଷ୍ଣ ଓ ପାଟଳବର୍ଣ୍ଣ ପୁଷ୍ପଭେଦରେ କରବୀ
ପାଞ୍ଚ ପ୍ରକାର; ଶ୍ୱେତ, ପୀତ ଓ କୃଷ୍ଣ କରବୀ କଟୁରସ ଓ କୁଷ୍ଠ, ବ୍ରଣ,
ବିସ୍ଫୋଟକ ଓ କଣ୍ଡୁରୋଗର ଶାନ୍ତିକାରକ । ପାଟଳ କରବୀ ଶିରୋ-
ବେଦନା, କଫ ଓ ବାୟୁନିବାରକ—ପ୍ରକୃତିବାଦ । ]

**କରବୀଅଛେ**—ପ୍ରାଦେ. (ଉତ୍ତରଭାଷା) କ୍ରି—(ମୁଁ) କରୁଅଛି—
Karabīache — (I) Am doing.

**କରବୀର**—ସଂ. ବି ( କର + ବୀର୍ ଧାତୁ = ଶୌର୍ଯ୍ୟ ପ୍ରକାଶ କରିବା +
Karabīra ଅ )—୧ । କରବୀ (ଦେଖ)—1 Karabī (See)

ଗଉରୁ କରବୀର କୁସୁମ ଭଳ, ଫେଇ ଯୋପାଡ଼ି ଦେଇ ଗନ୍ଧଗଳୀ—
ଉପେନ୍ଦ୍ରଭଞ୍ଜ· ସଙ୍ଗୀତ ।

୨ । ଖଡ୍ଗ—2. Sword.
୩ । ନାଗବିଶେଷ—3. Name of a mythological serpent.
୪ । ଦୈତ୍ୟବିଶେଷ—4. Name of a demon.
[ ଦ୍ର—ଏ ଖର ରାକ୍ଷସର ଜଣେ ସେନାପତି ଥିଲା ଓ ରାମଚନ୍ଦ୍ରଙ୍କଦ୍ୱାରା ହତ ହୋଇଥିଲା ।]
୫ । ଶ୍ମଶାନ—5. Cremation ground.
୬ । ଦେଶବିଶେଷ—6. Name of a country.
୭ । ତୀର୍ଥବିଶେଷ—
7. Name of a place of pilgrimage.

**କରବୀରୀ**—ସଂ. ବି ( କରବୀର + ସ୍ତ୍ରୀ. ଈ )—୧ । ଅଦିତି; ଦେବମାତା—
Karabīri 1. A name of Aditi, the mother of the Gods.
୨ । ଉତ୍ତମ ଗାଈ; ସୁଧାର ଗାଈ—
2. A good cow; a meek cow.
୩ । ଏକପୁତ୍ରା ସ୍ତ୍ରୀ—3. A woman having one son only.
୪ । ପୁତ୍ରବତୀ ସ୍ତ୍ରୀ—4. Mother of male children only.

**କରଭ**—ସଂ. ବି. ପୁଂ—୧ । ( କୃ ଧାତୁ + ସଂଜ୍ଞାର୍ଥେ ଅଭ, ଅଥବା କର +
Karabha ଭା ଧାତୁ + କର୍ତ୍ତୃ. ଅ; )—ମଣିବନ୍ଧଠାରୁ କନିଷ୍ଠାଙ୍ଗୁଳି ମୂଳ ପର୍ଯ୍ୟନ୍ତ ହସ୍ତର ବହିର୍ଭାଗ—1. The part of the hand between the wrist and the end of the little finger; metacarpus.
୨ । ( କୃ ଧାତୁ ବିସ୍ତୀର୍ଣ୍ଣ ହେବା + କର୍ମ· ଅଭ )—ଶିଶୁହସ୍ତୀ; ହାତୀଛୁଆ—2. The young of an elephant.
୩ । ଉଷ୍ଟ୍ରଶାବକ—3. The young of a camel.
୪ । ଉଷ୍ଟ୍ର—4. Camel.
୫ । ଅଶ୍ୱତର—5. Mule.
୬ । ହାତୀଶୁଣ୍ଢ—6. The trunk of an elephant. ( M. W. )

**କରଭୀ**—ସଂ. ବି. ସ୍ତ୍ରୀ ( କରଭ + ସ୍ତ୍ରୀ. ଈ )—୧ । ମାଈ ହାତୀଛୁଆ—
Karabhī 1. The female young of an elephant.
୨ । ମାଈ ଓଟଛୁଆ—2. Young female camel.
୩ । ମାଈ ଓଟ—3. A she-camel.
ସଂ. ବି. ପୁଂ (କରଭ=ଶୁଣ୍ଢ + ଅଛି ଅର୍ଥରେ ଇନ୍; ୧ମା ୧ବ)—
ହସ୍ତୀ—Elephant.

**କରଭୂ**—ସଂ. ବି. ( କର + ଭୂ ଧାତୁ + କର୍ତ୍ତୃ. କ୍ୱିପ୍; ଯାହା ହାତରୁ
Karabhū ଜନ୍ମେ)—ନଖ—Finger-nail (of the hand.)

**କରଭୂଷଣ**—ସଂ. ବି. ( ୬ଷ୍ଠୀ ତତ୍; କର + ଭୂଷଣ)—କଙ୍କଣ; ବଳୟ;
Karabhūshaṇa ହାତଗଡ଼ୁ—Bracelet; wristlet.

**କରଭୋରୁ**—ସଂ. ବିଣ. ସ୍ତ୍ରୀ—(ଉପମିତ ବହୁବ୍ରୀହି; କରଭ + ଊରୁ)—
Karabhoru ହାତୀଛୁଆର ଶୁଣ୍ଢ ଭଳି ଊରୁବିଶିଷ୍ଟା (ସ୍ତ୍ରୀ)—
( woman ) With well developed and comely thighs like the trunk of a young elephant.

ମୋତେ ଭୁଲା କର କରଭୋରୁ ମୁଁ ହସର ଚରିତ୍ର ଦେଖ ଯେତେ ଧରିବ ହେ
ଭକ୍ତ· ପ୍ରେମସୁଧାନିଧି

ସାଧାରଣତଃ ଏ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗନା' ନ ପାଇଲେ 'ଅଙ୍ଗ୍ନା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କରମ**—ଗ୍ରାମ୍ୟ (ପଦ୍ୟ) ବି. (ସଂ. କର୍ମ)—୧ । କର୍ମ; କାର୍ଯ୍ୟ—
Karama 1. Work; action.
करम ୨ । କ୍ରିୟାକାଣ୍ଡ; ଶାସ୍ତ୍ରୋକ୍ତ ଅନୁଷ୍ଠାନ—
करमात 2. Rituals; prescribed ceremonials.
ଦ୍ୱାଦଶ କରମ ଯାର ସେ ମଦନାବତୀ । ପାଠାନ୍ତର. ବୃନ୍ଦହୁମ୍ବଣ ।
୩ । କପାଳ; ଭାଗ୍ୟ—3. Luck; fortune.
ପରମପଦକୀ ଲଭିଲେହେଁ ଯେବେ କରମରେ ଅଛି ଦୁଃଖ । କବିସୂର୍ଯ୍ୟ ସଙ୍ଗୀତ.

**କରମଙ୍ଗା**—ଦେ. ବି.—(ସଂ. କର୍ମରଙ୍ଗ)—ପାଞ୍ଚପାଖୁଡ଼ାଯୁକ୍ତ ଖଟା ଫଳ
Karamaṅgā ଓ ଗଛ—Gooseberry; Carambola;
ସଂ. ପର୍ଯ୍ୟାୟ— Chinese gooseberry (tree and fruit);
ଧାତ୍ରୀଫଳ, ଶୁକପ୍ରିୟ, Averrhoa Carambola.
କର୍ମରଙ୍ଗ, ଶିରାଲ, ବୃହଦମ୍ଳ [ଦ୍ର—ଏହା ଉଦ୍ୟାନ ଓ ବନଜାତ
ରୁଜାକର, କର୍ମର, କର୍ମରକ ତରୁ; ଏହାର ଫଳ ପଞ୍ଚଶିରାଳ, ଏହା
कामरक, कामरांगा ଶରତ୍‌କାଳରେ ଓ ପୁନର୍ବାର ଶୀତକାଳରେ
करमल, खामरक, ଫଳେ । ଚୀନଦେଶୀୟ କରମଙ୍ଗା ଦେଶୀ
कामरांगा, कमरख କରମଙ୍ଗା ଠାରୁ ଛୋଟ, କିନ୍ତୁ ବେଶି ମିଠା;
ଗୁ. କମରକ, କାମରଖ୍ ା କରମଙ୍ଗା ଫଳ ଅମ୍ଳ ଓ ଆମ୍ଳିଲ ଗୁଣ
ମ. କାମରକା, ଥାଏ । କରମଙ୍ଗା ଫଳର ଖଟା ରସଦ୍ୱାରା
କର୍ମବାରେ ଲୁହାର କଳଙ୍କି ଦାଗ ସଫା ହୁଏ । ବୈଦ୍ୟ-
ତା. ତାମରଟ୍ଟୈ, ଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ, ଧାରକ,
ତାମରଟ୍ଟୈମକାୟ୍ ା କଫ ଓ ବାୟୁନାଶକ । ]
ତେ. କରମଙ୍ଗା, ତାମରତକାୟା, ମୋରଟ କାୟା ।

**କରମଙ୍ଗିଆ**—ଦେ. ବିଣ.—କରମଙ୍ଗା ଫଳପରି ଶିରାବିଶିଷ୍ଟ ଓ ସୁଦୃଶ୍ୟ—
Karamaṅgiā Having ridges like the Carambola fruit.
(ଯଥା—କରମଙ୍ଗିଆ କଣ୍ଠି ।)

**କରମଣି**—ସଂ. ବି. (ମଧ୍ୟପଦଲୋପୀ; କର+ମଣି)—କରସ୍ଥିତ ମଣି ବା
Karamaṇi ରତ୍ନ—A gem got in one's hands; a gem which is in one's possession.
ପର ମଣିତ ରମଣି ଦେଲୁ କରମଣି ଗଢ଼ିରେ । କବିସୂର୍ଯ୍ୟ. ସଙ୍ଗୀତ
ଗ୍ରା. ବି. (ସଂ. କର୍ମ) କର୍ମକର୍ମୀଣି; କର୍ମ; ବୈଦିକ କ୍ରିୟାକାଣ୍ଡ—
Vedic rituals.

**କରମଣିଆଁ**—ଦେ. ବିଣ. ପୁଂ.—ଶାସ୍ତ୍ରୋକ୍ତ କ୍ରିୟାକାଣ୍ଡରେ ଅଭିଜ୍ଞ—
Karamaṇiāṅ Well versed in the prescribed rituals.
ଦେ. ବି. ପୁଂ.—କୌଣସି ନିତ୍ୟନୈମିତ୍ତିକ ଅନୁଷ୍ଠାନରେ କ୍ରିୟାକାଣ୍ଡର ଅନୁଷ୍ଠାନକର୍ତ୍ତା ବା ପୁରୋହିତ—
The performer or officiating priest at the rituals in a religious ceremony.

**କରମଣ୍ଡଳ ଉପକୂଳ**—ଦେ. ବି. ( ନାମ ) ଭାରତର ପୂର୍ବବର୍ତ୍ତୀ
Karamaṇḍala ବଙ୍ଗୋପସାଗରର ଉପକୂଳବର୍ତ୍ତୀ ଭୂଭାଗ—
upakūla The Coromandel coast of India.
[ଦ୍ର—ପଶ୍ଚିମ ବା ଆରବ ସମୁଦ୍ରର ଉପକୂଳକୁ ମାଲବାର ଉପକୂଳ କହନ୍ତି । ]

**କରମଦଶା**—ଗ୍ରା. ବି. (ସଂ. କର୍ମ ଓ ଦଶା)—ଦୁର୍ଭାଗ୍ୟ—
Karamadaśā Bad luck; misfortune.

**କରମର୍ଦ୍ଦ**—ସଂ. ବି. (କର+ମୃଦ ଧାତୁ=ମର୍ଦ୍ଦନ କରିବା+କରଣ.
Karamardda ଅ)—୧ । କରଞ୍ଜ ଗଛ ଓ ଫଳ—
1. The Pongamia Glabra tree and its fruit.
୨ । କରଦ୍ୱାରା ମର୍ଦ୍ଦନ—2. Hand-shaking; the pressing of hands; the shaking of hands.
୩ । କରନ୍ଦାକୋଳି ଓ ଗଛ—
3. Carissa Carandas (berry and tree)(M.W.)

**କରମର୍ଦ୍ଦକ**—ସଂ. ବି. (କରମର୍ଦ୍ଦ+କ)—୧ । କରନ୍ଦା (ଦେଖ)
Karamarddaka 1. Karandā (See)
୨ । ଅଁଳା (ଦେଖ) (ହି. ଶବ୍ଦସାଗର)
2. Aaṅlā (See)

**କରମର୍ଦ୍ଦନ**—ସଂ. ବି. (୬ଷ୍ଠୀ ତତ୍; କର+ମର୍ଦ୍ଦନ)—ମିଳିତ ବନ୍ଧୁ-
Karamarddana ଦ୍ୱୟଙ୍କର ପରସ୍ପର ହସ୍ତମର୍ଦ୍ଦନ—
Pressing or shaking of hands by two friends meeting together.

**କରମା**—ପ୍ରାଦେ. (ସମ୍ବଲପୁର) ବି.—ଅନାର୍ଯ୍ୟମାନଙ୍କ ମଧ୍ୟରେ ପ୍ରଚଳିତ
Karamā ନାଚ ଓ ଯାତ୍ରାବିଶେଷ—A dancing festival amongst non-Aryans.
ଦେ. ବି—କର୍ଦ୍ଦମା (୩) (ଦେଖ)—Kardamā (3) (See)

**କରମାଣି**—ଗ୍ରା. ବି—କରମଣି ( ଦେ. ବି ) ( ଦେଖ )—
Karamāṇi Karmaṇi (See)
ବିଣ—କରମଣିଆଁ ( ଦେଖ )—
Karamaṇiāṅ (See)

**କରମାଣିଆଁ**—ଗ୍ରା. ବିଣ—କରମଣିଆ ( ଦେଖ )—
Karamāṇiāṅ Karamaṇiāṅ (See

**କରମାଳା**—ସଂ. ବି (କର+ମାଳା; ମଧ୍ୟପଦଲୋପୀ)—୧ । ଜପମାଳା—
Karamālā 1. String of beads; rosary.
୨ । ( ମାଳାରୂପେ ବ୍ୟବହୃତ କର ) ଜପସଂଖ୍ୟାନିରୂପକ କରାଙ୍ଗୁଳିର ପବ—2. The finger-joints doing duties for a rosary during the chanting of mystic formulae.
[ ଦ୍ର—ଶକ୍ତିଉପାସକମାନେ ଅନାମିକାର ମଧ୍ୟମ ପର୍ବରୁ ଆରମ୍ଭ କରି ମୂଳପର୍ବ, କନିଷ୍ଠାର ମୂଳ, ମଧ୍ୟ ଓ ଅଗ୍ର, ପରେ ଅନାମିକାର ଅଗ୍ର, ପରେ ମଧ୍ୟମାର ଅଗ୍ର, ଏବଂ ତର୍ଜନୀର ଅଗ୍ର, ମଧ୍ୟ ଓ ମୂଳ ଏହି ଦଶ ପର୍ବରେ ଦଶ ସଂଖ୍ୟକ ଜପ କରନ୍ତି । ମତାନ୍ତରରେ ମଧ୍ୟମାର ଅଗ୍ରଠାରୁ ମଧ୍ୟମାର ମଧ୍ୟ ଓ ମୂଳକୁ ଯାଇ ସେଠାରୁ ତର୍ଜନୀର ମୂଳଠାରେ ଦଶସଂଖ୍ୟକ ଜପ ଶେଷ କରନ୍ତି । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଘ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଥ |

**କରମୂଲ**—ଦେ. ବ ( ସଂ. କୃ ଧାତୁ + ମୂଲ୍ୟ )—ଅଳଙ୍କାର ଓ ବାସନ
Karamūla ଆଦ ଗଢ଼ିବା ନିମନ୍ତେ କାରିଗରଙ୍କୁ ଦିଆଯିବା ମଜୁରି;
बानी ବାଣ—Wages paid to a labourer for
कन्दा preparing ornament, utensil, cloth etc.
[ ଦ୍ର—ସାଧାରଣତଃ କଂସା ବା ପିତଳବାସନ ବଦଳାଇଲେ ନୂଆ ବାସନର ଓଜନରେ ପୁରୁଣା ବାସନ ଦିଆଯିବା ପରେ କରମୂଲ ଧନ ଅଧିକା ଦିଆଯାଏ । ସେହିଠାରେ ଏ ଶବ୍ଦର ପ୍ରୟୋଗ ହୁଏ । ]

**କରମ୍ବ**—ସଂ. ବ ( କୃ ଧାତୁ = କରିବା + ସଂଜ୍ଞାର୍ଥେ. ଅମ୍ବ; କ = ଜଳ + ରମ୍ବ ଧାତୁ = ଶବ୍ଦ କରିବା; ପ୍ରେରଣ କରିବା + କର୍ତ୍ତୃ. ଅ)—ମିଶ୍ରଣ—The mixing together of things.
Karamba
ସଂ. ବିଣ—ମିଶ୍ରିତ—Mixed.

**କରମ୍ବିତ**—ସଂ. ବିଣ ( କରମ୍ବ + ସମ୍ବନ୍ଧାର୍ଥେ. ଇତ )—୧ । ମିଳିତ; ଏକତ୍ର—1. Gathered together; mixed together.
Karambita

କରମ୍ବିତ ହୋଇକରି ଗୋପେ ମିଳି;
କହିଭୁଳେ ଅଧୁଙ୍କ କ ଦେଲେ ଜାଣି—ଦୀନକୃଷ୍ଣ. ରସକଲ୍ଲୋଳ ।

୨ । ମିଶ୍ରିତ—2. Intermingled; blended.
୩ । ଖଚିତ; ସୁନାଉପରେ ଜଡ଼ାଉ ହୋଇଥିବା (ରତ୍ନାଦି)—3. Inlaid; (gems) set over gold.

**କରମ୍ଭ**—ସଂ. ବ ( କ = ଜଳ + ରମ୍ଭ ଧାତୁ = ପ୍ରେରଣ କରିବା + କର୍ମ. ଅ )—ଦଧିମିଶ୍ରିତ ଶକ୍ତୁ; ଦହିଗୋଳିଆ ଛତୁ—Corn-flour mixed with churned curd.
Karambha

**କରମ୍ଭକ**—ସଂ. ବ ( କରମ୍ଭ + ସ୍ୱାର୍ଥେ. କ )—କରମ୍ଭ ( ଦେଖ )—
Karambhaka Karambha ( See )

**କରଯୋଡ଼**—ଦେ. ବ. ( ସଂ. କର + ଯୁଜ ଧାତୁ )—ଯୋଡ଼ହାତ; ଯୁକ୍ତକର—Folded hands; folded palms.
Karajorda
करयोड़
हातयोड़

**କର ଯୋଡ଼ିବା**—ଦେ. କ୍ରି ( ସଂ. କର + ଯୁଜ ଧାତୁ )—୧ । ନମସ୍କାର କରିବା—1. To bow down; to salute.
Kara jordibā
करजूड़ा ଦେବ ପ୍ରସାଦ ମତ, ଜନମିବାରୁ ନତ
हातयोडला କଲ୍କି ଦେଖି କର ଯୋଡ଼ିଲ ରେ—କବିସୂର୍ଯ୍ୟ. ସଙ୍ଗୀତ ।

୨ । ଦୁଇ ହାତ ମିଳିତ କରିବା—
2. To fold both the hands.

**କରର**—ସଂ. ବ—ଗିଲ ( ଦେଖ ) ( ହରେକୃଷ୍ଣ. ଦ୍ରବ୍ୟଗୁଣ )—
Karara Gila ( See )

**କରରୁହ**—ସଂ. ବ ( ଉପପଦ ତତ୍; କର + ରୁହ ଧାତୁ = ଜନ୍ମିବା + କର୍ତ୍ତୃ. ଅ)—୧ । ନଖ—1. Finger-nail; claw.
Kararuha
୨ । ଅଙ୍ଗୁଳି—2. Finger.
୩ । କରବାଳ—3. Sword.

**କରଲା**—ପ୍ରାଦେ ( ସିଂହଭୂମ ) ବ ( ଭୁଲ. ହି. କରେଲା )—
Karalā କଲରା (ଦେଖ)—Kalarā ( See )

**କରଶାଖା**—ସଂ. ବ ( ୬ଷ୍ଠୀ ତତ୍; କର + ଶାଖା ) ଅଙ୍ଗୁଳି; ଆଙ୍ଗୁଠି—
Karaśākhā Finger.

**କରଶୀକର**—ସଂ. ବ ( ମଧ୍ୟପଦଲୋପୀ; କର + ଶୀକର; କରରୁ ଜାତ ଶୀକର )—ହାତୀଶୁଣ୍ଢରୁ ବାହାରିବା ଜଳ—The particles of water sprinkled by the elephant through its trunk.
Karaśīkara

**କରଷଣ**—ଗ୍ରାମ୍ୟ. ( ପଦ୍ୟ ) ବ. ( ସଂ. କର୍ଷଣ )—
Karashaṇa କର୍ଷଣ ( ଦେଖ )
Karshaṇa ( See )

କର୍ଦ୍ଦୋଷୀ ପ୍ରାଣୀଙ୍କ ମାରଣେ
ପର ରମଣୀ କରଷଣେ । ଜଗନ୍ନାଥ. ଭାଗବତ ।

**କରଷଣା**—ଦେ. ବ—ବୃକ୍ଷବିଶେଷ—
Karashaṇā Celastrus Paniculata ( tree )
करषणा
मालकड्नी

**କରଷଣିଆ**—ଦେ. ବ—କର୍ଷଣିଆ ( ଦେଖ )
Karashaṇiā Karshaṇiā ( See )

**କରଷି**—ଦେ. ବ. ( ସଂ. କର୍ଷ )—ଦେଢ଼ ବା ଏକ ତୋଳା ଓଜନ—
Karashi One and half or one tola weight.
[ ଦ୍ର—୪ କରଷି = ୧ ପଲ; ୬ ବା ୪ ତୋଳା = ୧ ପଲ । ]

**କରଷିବା**—ଦେ. (ପଦ୍ୟ) କ୍ରି. (ସଂ. କର୍ଷଣ)—୧ । ଝିଙ୍କିବା; ଟାଣିବା—
Karashibā 1. To draw tightly; to pull.
करषना ବାମ କରେ କରଷି ଧରଣ ମୋର ବାଳ । ସ୍ୱଧାନ.ଥ. ବେଣୀସଂହାର ।

୨ । ଚଷିବା; କୃଷ କରିବା—2. To plough.

ହସ୍ତେ ସେ ତାର ଯଜ୍ଞକାଳେ
ମହୀ କରଷିଲେ ଲଙ୍ଗଳେ । ଜଗନ୍ନାଥ. ଭାଗବତ ।

**କରସି**—ଦେ. (ପ୍ରାଚୀନ ସାହିତ୍ୟ) କ୍ରି.—(ତୁମ୍ଭେ) କର (ଅନୁଜ୍ଞାବୋଧକ)—
Karasi (you) Do ( Imperative mood).
ଏଥିକୁ କାରଣ ଏବେ କରସି ଗୋ ମତେ । ମହାଦେବ. ମାର୍କଣ୍ଡେୟପୁରାଣ ।

**କରସୂତା**—ଦେ. ବ. (ସଂ. କର + ସୂତ୍ର)—୧ । କରଧନି ( ଦେଖ )
Karasūtā 1. Karadhani ( See )
सूनसी ୨ । ବିବାହାଦି ମାଙ୍ଗଳିକ କାର୍ଯ୍ୟରେ କରରେ ବନ୍ଧାହେବା
करधनी ସୂତା; ମଙ୍ଗଳସୂତ୍ର—2. The thread tied in the hands on ceremonial occasions.

**କରସ୍ପର୍ଶନ**—ସଂ. ବ. (୬ଷ୍ଠୀ ତତ୍; କର + ସ୍ପର୍ଶନ)—ନୃତ୍ୟରେ ଉତ୍ପ୍ଲୁତ କରଣର ୩୬ ଭେଦରୁ ଏକତମ; ନାଟୁଆମାନେ ଖେଳିବା ଏକ ପ୍ରକାରର ବନ୍ଧ ( ଏଥିରେ ବେକକୁ ତଳକୁ କରି ଗୋଡ଼କୁ ପଛଆଡ଼ ବାଟେ ବୁଲାଇ ମୁଣ୍ଡ ଉପରକୁ ଆଣି କୁକ୍କୁଟାସନ ରଚନା କରି ଦୁଇ ହାତକୁ ଓଲଟାଇବାକୁ ହୁଏ ।—ହି. ଶବ୍ଦସାଗର )—
Karasparśana
A kind of athletic pose in the shape of a cock.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**କରହାଟ**—ସଂ. ବି. (କରହ=ପଦ୍ମ+ଅଟଧାତୁ=ଗମନ କରିବା+କର୍ତ୍ତୃ. Karahāṭa ଅ; କିମ୍ବା କର=ହସ୍ତ+ହଟ୍ ଧାତୁ=ଦୀପ୍ତି ପାଇବା+ ଅଧିକରଣ. ଅ )—୧ । ପଦ୍ମ ପ୍ରଭୃତିର ମୂଳ—
1. The root of lotus
୨ । ମଦନ ବୃକ୍ଷ (ଦେଖ)—2. Madana (tree) (See)
୩ । ଦେଶବିଶେଷ ( ମହାରାଷ୍ଟ୍ର ରାଜ୍ୟର ଅନ୍ତର୍ଗତ )—
3. A country in Western India.
୪ । କରହାଟ ଦେଶୀୟ ବ୍ରାହ୍ମଣ—
4. A Brāhmaṇa living in Karahāṭa country.

**କରା**—ପ୍ରାଦେ. ବିଣ. (ଅନ୍ୟ ଶବ୍ଦ ସହିତ ବ୍ୟବହୃତ)—
Karā (ସଂ. କୃ ଧାତୁ) କରିବା—Doing.
କାଳନ୍ଦୀ-କେଳି-କରା ଜଗତ ଜୀବନ । କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।
ପ୍ରାଦେ. ବି.—୧ । ( ଗଞ୍ଜାମ )—କୋଚିଲା ( ଦେଖ )
1. Kochilā ( See )
୨ । ( ସମ୍ବଲପୁର ) (ସଂ. କରକା) କରକା; କୁଆପଥର—
2. Hail stone.
୩ । (ମେଦିନୀପୁର) ମେଦିନୀପୁର ଅଞ୍ଚଳର ଅନାର୍ଯ୍ୟ ଜାତିବିଶେଷ—
3. A class of aborigines in Midnapur.
୪ । (ଗଡ଼ଜାତ) କରାଖିଆ ( ଦେଖ )
4. Karākhiā ( See )
ଦେ. କ୍ରି. (ବଙ୍ଗଳା ପ୍ରୟୋଗ)—କରିବା—Doing.

**କରାଇ**—ଦେ. ବି. ( ସଂ. କଟାହ; ପ୍ରା. କଡ଼ାହ )—
Karāi ଧାତୁନିର୍ମିତ ପାକପାତ୍ର; କରେଇ—
କଡ଼ାଇ Frying pan.
**কড়াহি** ପ୍ରାଦେ. (ବାଲେଶ୍ୱର) ବି—କୋଡ଼ମେଇ ( ଦେଖ )
Kordamei ( See )

**କରାଇବା**—ଦେ. କ୍ରି. ( ସଂ. କୃ ଧାତୁ ଣିଜନ୍ତ. କାର ଧାତୁ )—
Karāibā କରିବା କ୍ରିୟାର ଣିଜନ୍ତ ରୂପ—
করান The causative form of Karibā.
**করানো; করবানা**

**କରାକରି ହେବା**—ଦେ. କ୍ରି—ଅନ୍ୟୋନ୍ୟ ସମ୍ପାଦନ କରିବା—
Karākari hebā To mutually perform.
କ୍ଷମା କରାକରି ହୋଇଲେ ଦୋଷ ନାହିଁ—କୃଷ୍ଣସିଂହ. ମହାଭାରତ. ବନ ।

**କରାଖାଇ**—ଦେ. ବି—କରାଖିଆ ( ଦେଖ )
Karākhāi Karākhiā ( See )

**କରାଖିଆ**—ପ୍ରାଦେ. ( ଗଡ଼ଜାତ ) ବି—କୋଚିଲାଖାଇ ( ଦେଖ )
Karākhiā Kochilākhāi ( See )

**କରାଘାତ**—ସଂ. ପୁଂ. (ଷଷ୍ଠୀ ତତ୍; କର+ଆଘାତ)—କରଦ୍ୱାରା ତାଡ଼ନ—
Karāghāta Blow or slap with the hand.

**କରାଚୀ**—ଦେ. ବି. (ନାମ)—ଭାରତର ପଶ୍ଚିମ ଉପକୂଳର ପ୍ରଧାନ ବନ୍ଦର
Karāchī ଓ ନଗର—Name of a city and a harbour in West India.
[ ଦ୍ର—ଏହା ସିନ୍ଧୁନଦର ଉତ୍ତର କୂଳରେ ଅବସ୍ଥିତ । ]

**କରାଟ୍**—ବୈଦେ. ବି. ( ଇଂ. କାରାଟ୍; ଆ. କ୍ୱୀରାତ୍ )—
Karāṭ ୧ । ଭଲ ସୁନାକୁ ଖାଦ୍‌ମିଶା ସୁନା ସଙ୍ଗେ ତୁଳନା କରିବା
ক্যারাট ପାଇଁ ବ୍ୟବହୃତ ପରମାଣବିଶେଷ—
1. A standard of purity of gold.
[ ଦ୍ର—ଭଲ ସୁନାକୁ ଚବିଶ କରାଟ୍ ସୁନା କୁହାଯାଏ । ତେଣୁ ସୁନାରେ ଯେତେ ପରିମାଣରେ ଅନ୍ୟ ଧାତୁ ମିଶିଥାଏ ତାକୁ ଚବିଶ ଅନୁପାତରେ ବାଦ୍ ଦେଇ ବାକି ଯେତେ ଭଲ ସୁନା ରହେ ତାକୁ ସେହି ପରିମାଣରେ ଏତେ କରାଟ୍ ସୁନା ବୋଲି କୁହାଯାଏ । ଯଥା—ଅଠର କରାଟ୍ ସୁନାର ଅର୍ଥ ଯେଉଁ ସୁନାରେ ଅଠର ଭାଗ ଭଲ ସୁନା ଓ ଛଅ ଭାଗ ଅନ୍ୟ ଧାତୁ ତେଲ ମିଶିଛି । ]
୨ । ମଣିରତ୍ନାଦି ଓଜନ କରିବାର ପରିମାଣବିଶେଷ; ଏକରତି—
2. A standard of weight for precious stones; carat.
[ଦ୍ର—୧ କରାଟ୍=୩½ ଗ୍ରେନ୍ । ]

**କରାଟ**—ଦେ. ବି. ( ସଂ. କରଣ୍ଡ )—
Karāṭa ୧ । ଧାତୁନିର୍ମିତ କ୍ଷୁଦ୍ର ସମ୍ପୁଟକ ବା ଡବା—
1. A small closed metal box to keep tiny things in (generally tied in the waist-cloth by females of Orissa.)
[ ଦ୍ର—ସ୍ତ୍ରୀମାନେ ଏଥିରେ ଛୋଟ ଛୋଟ ଜିନିଷ ବା ପଇସା ରଖି ଅଣ୍ଟାରେ ମାରନ୍ତି । ]
କରାଟରେ ହେଙ୍ଗୁ ପଶିବ ! ମାଁ, ମହମହ ହୋଇ ବାସିବ !—ଢଗ ।
୨ । କୁଣ୍ଡ—2. Tub.
ସୁବର୍ଣ୍ଣ କରାଟରେ ଆଚମନ-ଅମ୍ବୁ—ପୀତାମ୍ବର. ନୃସିଂହପୁରାଣ ।
୩ । କାଠଚମ୍ପା ( ଦେଖ )
3. Kāṭhachampā ( See )

**କରାଟି**—ଦେ. ବି. ( ବଣିଆ ଶବ୍ଦ )—ଗୋଲାକାର କଙ୍କଣ ବା ପାହୁଡ଼
Karāṭi କଟା ହୋଇ ଦୁଇ ଫାଳ ହେଲା ପରେ ପୁଣି ଯୋକ୍ତ ଦୁଇ ଫାଳକୁ ପିନ୍ଧିବାର ସୁବଧା ଲାଗି ଭିତରେ ଦିଆଯିବା ସୁନା ବା ରୁପାର ଲମ୍ବା ପାତିଆ—
A narrow leaf of gold or silver put inside the halves of anklets.

**କରାଟିଆ ଗନ୍ଧ**—ଦେ. ବି—କୌଣସି ପଦାର୍ଥ ବହୁକାଳ କରାଟରେ
Karāṭiā gandha ରହିଗଲେ ତହିଁରୁ ବାହାରିବା ଉଦ୍ଭିଣିଆ ଗନ୍ଧ ପଚା ଗନ୍ଧ—A bad smell due to a thing being long kept in a closed pot.

**କରାଡ଼**—ଦେ. ବି—ବନ୍ୟ ବୃକ୍ଷବିଶେଷ—
Karārḍa A kind of wild tree.

**କରାଣ୍ଡି**—ଦେ. ବି—୧ । ପୁସ୍ତକର ଏକ ଖଣ୍ଡ—
Karāṇḍi 1. One volume of a book.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଦ୍ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ | ଯ | ସ | ଗଁ | ଇଅ | ଡ଼ | ନ |

୨ । (ସ. କରଣ୍ଡ) କେରାଣ୍ଡି ( ଦେଖ )
2. Kerāndi ( See ).

**କରଣ୍ଡି ଆଳୁ**—ପ୍ରାଦେ. ( ଗଡ଼ଜାତ ) ବି.—କଙ୍କରମୟ ଜଙ୍ଗଲ ପ୍ରଦେଶରେ ହେବା ଖାଦ୍ୟମୂଳବିଶେଷ—
Karāndi ālu — Dioscora Belophylla.

**କରାତ**—ଦେ. ବି. ( ବଣିଆ ଶବ୍ଦ; ଭୁଲ. ବ. କରାତ )—କରତ—
Karāta — Goldsmith's saw.

**କରାମତ୍**—ବୈଦେ. ବି. ( ଆ. କରାମତ୍=ଅଦ୍ଭୁତ ବ୍ୟାପାର )—
Karāmat ୧ । ଶୌର୍ଯ୍ୟ—1. Valiance.
করামত ୨ । ପରାକ୍ରମ; ଶକ୍ତି; ସାମର୍ଥ୍ୟ—
करामत 2. Power; might.
୩ । ଶକ୍ତି ପ୍ରକାଶ—
3. Exhibition of one's power.
୪ । ଅଦ୍ଭୁତ କ୍ଷମତା ପ୍ରଦର୍ଶନ—
4. Exhibition of extraordinary power.

**କରାମତ୍ ଜାରି କରିବା**—ଦେ. କ୍ରି—ଆପଣାର ଅସାଧାରଣ ଶକ୍ତି ଜନସାଧାରଣରେ ପ୍ରକାଶ କରିବା—
Karāmat jāri kariba — To publish one's valiance or wonderful power.
করামত জাহির করা
करामत ज़ाहिर करना

**କରାମତ୍ ଜାହିର୍ କରିବା**—ଦେ. କ୍ରି—କରାମତ୍ ଜାରି କରିବା (ଦେଖ)
Karāmat jāhir kariba — Karāmat jāri kariba ( See )

**କରାମତି**—ବୈଦେ. ବି. (ଆ)—କରାମତ୍ ( ଦେଖ )
Karāmati — Karāmat ( See )

**କରାମତିଆ**—ଦେ. ବି—୧ । ବଳଶାଳୀ; ପରାକ୍ରମୀ—
Karāmatia 1. Strong; valiant; invincible.
୨ । ଅଦ୍ଭୁତ କ୍ଷମତା ପ୍ରଦର୍ଶନକାରୀ —
2. Exhibiting extraordinary powers.

**କରାର୍**—ବୈଦେ. ବି. (ଆ. କରାର୍=ଅଙ୍ଗୀକାର)—
Karār ୧ । ସ୍ୱୀକାର—1. Agreement; admission.
করার ୨ । ଅଙ୍ଗୀକାର—
करार 2. Promise; engagement.
୩ । କଥିତ ମିଆଦ—
3. Promised time-limit.
୪ । ଚୁକ୍ତି—4. Contract.
୫ । ଆଶା—5. Hope.
ଦଗଧ ଅଛ ତୁ ଦେବା କରାରକୁ ସିନାରେ । ବଳଦୁର୍ଦ୍ଧ. ସଙ୍ଗୀତ ।

**କରାର୍ କରିବା**—ଦେ. କ୍ରି—୧ । ସ୍ୱୀକାର କରିବା—
Karār kariba 1. To acknowledge; to agree; to admit.
করার করা
करार करना ୨ । ଚୁକ୍ତି କରିବା—2. To contract.

**କରାର୍‌ନାମା**—ବୈଦେ. ବି—(ଫା. କରାର୍‌ନାମାହ୍)—୧ । ଅଙ୍ଗୀକାରପତ୍ର—1. Deed of agreement.
Karārnāma
করারনামা ୨ । ଚୁକ୍ତିପତ୍ର—
करारनामा 2. Deed of contract.

**କରାର୍‌ବନ୍ଦ**—ଦେ. ବିଣ. (ଆ. କରାର୍+ଫ.ବନ୍ଦ)—ପ୍ରତିଜ୍ଞାଦ୍ୱାରା ଆବଦ୍ଧ-
Karārband — Bound by a promise or contract.

**କରାର୍‌ବନ୍ତ**—ଦେ. ବିଣ. (ଆ. କରାର୍ ଓ ଫ. ବନ୍ତ୍ ପ୍ରତ୍ୟୟର ଦେ. ଆକାର)—ଯେ ଅଙ୍ଗୀକାର ପାଳନ କରେ—
Karārbanta — One who sticks to his promise.

**କରାର୍‌ମିଆଦ୍**—ବୈଦେ. ବି. ( କଚେରିଆ ) (ଆ. କରାର୍+ମିୟାଦ୍)—
Karārmiād ୧ । ଋଣ ଟଙ୍କା ପରିଶୋଧ କରିବା ନିମନ୍ତେ
করারমেয়াদ ଦେଣ୍ଦାର ତମସୁକରେ ଯେଉଁ ସମୟ ଧାର୍ଯ୍ୟ କରି
करारमियाद लेखि ଦେଇ ଥାଏ—1. The time-limit fixed in a bond by which the debtor promises to pay off the debt.
୨ । ଚୁକ୍ତିର ସର୍ତ୍ତରେ ନିର୍ଦ୍ଦିଷ୍ଟ ସମୟର ସୀମା—
2. The time-limit for the performance of a contract.

**କରାରୀ**—ଦେ. ବି. (ଆ. କରାର୍)—ସ୍ୱୀକାର—
Karāri — Acknowledgement.
করারী ବୈଦେ. ବିଣ. (ଆ)—ସ୍ୱୀକାର କରା ଯାଇଥିବା—
करारी 1. Admitted; promised.
୨ । ସ୍ୱୀକାର କରୁଥିବା—2. Admitting; acknowledging; making a confession.

**କରାରୀ ଆସାମୀ**—ବୈଦେ. (କଚେରିଆ) ବି. (ଆ. କରାରୀ+ଆସାମୀ)—
Karāri āsāmi ଅଦାଲତରେ ଦାବି ବା ଅପରାଧ ସ୍ୱୀକାର କରିବା
করারী আসামি ବ୍ୟକ୍ତି—A confessing accused or
करारी आसामी defendant.

**କରାରୀ ମୁଦାଲା**—ବୈଦେ. (ଆ) ବି.—କରାରୀ ଆସାମୀ (ଦେଖ)
Karāri mudālā — Karāri āsāmi (See)

**କରାରୋଟ**—ସ. ବି. (କର=ହସ୍ତ+ଆ+ରୁଟ୍ ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ. ଅ )—ଅଙ୍ଗୁରୀୟ; ମୁଦି—
Karārota — Finger-ring.

**କରାଲ୍**—ବୈଦେ. ପ୍ରାଦେ. ( ସମ୍ବଲପୁର ) ବି. (ଆ. କରାର୍)—
Karāl — କରାର୍ (ଦେଖ)
Karār (See)

**କରାଳ**—ସ. ବି. (କର=ହସ୍ତ+ଅଲ୍ ଧାତୁ=ପାରଗ ହେବା+କର୍ତ୍ତୃ. ଅ)—୧ । ଜନକବଂଶୀୟ ରାଜାବିଶେଷ—
Karāla 1. Name of a king of the family of Janaka.
୨ । ରାବଣର ଅନୁଚର ରାକ୍ଷସବିଶେଷ—
2. Name of a demon attendant of Rābana.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥ କୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ, 'ଅଙ୍ଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

୩ । ଝୁଣା—3. Resin.

୪ । ତୈଳବିଶେଷ; ଭୁଆ; ସର୍ଜ୍ଜରସ ତୈଳ; ଶାଳଗଛରୁ ବାହାରିବା ତେଲ; ଗର୍ଜ୍ଜନ ତୈଳ—4. A strong scented oil extracted from the Saltree.

୫ । କଳାତୁଳସୀ—5. The black Holy Basil; Ocymunm Sanctum.

୬ । କୁନ୍ଦଫୁଲ—6. Jasminum Pubescens; a kind of white scentless flower.

(ଯଥା—ଏହା ପ୍ରାୟ ଗନ୍ଧହୀନ ।)

ସଂ. ବିଣ.—୧ । ଭୟାନକ—1. Dreadful; terrible; formidable.
(କରାଳା, କରାଳୀ—ସ୍ତ୍ରୀ)

୨ । ଅତି ଉଚ୍ଚ—2. Very high.

୩ । ଖୁବ୍ ବଡ଼—3. Very big; prominent.

୪ । ମହତ୍—4. Great.

୫ । ଦନ୍ତୁର; ଦାନ୍ତୁରା—5. Having large projecting teeth.

୬ । ବ୍ୟାପ୍ତ—6. Extensive.

ଦେ. ବି.—୧ । ପଥର ବା କାଚ ଆଦି ଯୋଡ଼ିବା ପାଇଁ ଝୁଣାରେ ତିଆରି ଏକଜାତୀୟ ଅଠା—1. A kind of gum to mend broken glass or stone.

ଜଳ ମନ୍ଥଣେ କି କରାଳ । ଯାହୁଁ ଶକ୍ତିଲ ଏତେ ବାଳ—
ରାମ ଦାସ. ଦାର୍ଢ୍ୟଭକ୍ତି ।

୨ । ରାଳ; ବଗିରାଳ; ଆଲ୍‌କାତରା—
2. Coaltar; tar; pitch.

ଗ୍ରା. ବୈଦେ. ବି. (ଆ. କରାର)—କରାର; ଅଙ୍ଗୀକାର; ସ୍ୱୀକାର-
Acknowledgement; admission.

**କରାଲ କରିବା**—ଗ୍ରା. ବୈଦେ. କ୍ରି.—(ଆ. କରାର)—୧ । ଅଙ୍ଗୀକାର
Karā̱la karibā କରିବା—1. To promise.

୨ । ସ୍ୱୀକାର କରିବା—
2. To agree; to acknowledge.

୩ । ନିର୍ଦ୍ଦିଷ୍ଟ ସମୟରେ କୌଣସି କାର୍ଯ୍ୟ କରିବା ନିମନ୍ତେ ପ୍ରତିଜ୍ଞା କରିବା—3. To promise to perform an act by a certain time.

**କରାଲନାମା**—ଗ୍ରା. ବୈଦେ. ବି.—କରାରନାମା (ଦେଖ)
Karā̱lanāmā. Karārnāmā (See)

**କରାଲବଦନ**—ସଂ. ବିଣ. ପୁଂ. (ବହୁବ୍ରୀହି; କରାଳ+ବଦନ;) ଭୟାନକ
Karā̱labadana ମୁଖବିଶିଷ୍ଟ;—Hideous; terrific; frightful.
(କରାଲବଦନା—ସ୍ତ୍ରୀ)

**କରାଲବଦନା**—ସଂ. ବିଣ. ସ୍ତ୍ରୀ—କରାଲବଦନର ସ୍ତ୍ରୀଲିଙ୍ଗ—
Karā̱labadanā Feminine of karā̱labadana.

ସଂ. ବି. ସ୍ତ୍ରୀ—ଦୁର୍ଗା; କାଳୀ—
Name of the Goddess Kā̱lī.

**କରାଲା**—ସଂ. ବି. ସ୍ତ୍ରୀ. ( କରାଲ+ସ୍ତ୍ରୀ. ଆ )—
Karā̱lā ୧ । ଚେମଡ଼ି ଲଇ; ଶୁକ୍ଳଶାରିବା—1. A kind of tenacious herbarious creeper; Hemidesmus Indicus.

୨ । ଚଣ୍ଡୀ; କାଳୀ—
2. Name of the Goddess Chaṇḍī or Kā̱lī.

**କରାଲି**—ପ୍ରାଦେ. ( ସମ୍ବଲପୁର ) ବି—ଉକୁଣୀ—
Karā̱li Louse.

**କରାଲି**—ପ୍ରାଦେ. ( ସମ୍ବଲପୁର ) ବି—ଅମଳ ସମୟରେ ଧାନକୁ କୁଟା ବା ନଡ଼ାରୁ ଝାଡ଼ିବା କର୍ମ—The operation of
Karāli separating the paddy grain from the straw during the treading of the sheaves.

**କରାଲୀ**—ସଂ. ବି. ସ୍ତ୍ରୀ—କରାଲା ( ଦେଖ )
Karā̱lī Karā̱lā ( See )

**କରାସ୍ଫୋଟ**—ସଂ. ବି. ( ତୃତୀୟା ତତ୍; କର+ଆସ୍ଫୋଟ )—(ମଲ୍ଲମାନେ)
Karāsphoṭa ବାହାରେ ବା ଜଙ୍ଘରେ ହାତଦ୍ୱାରା ଫୁଟୁକି ମାରିବା—
Patting on the arms and thighs with the palms, preparatory to an athletic performance.

**କରାସ୍ଫୋଟନ**—ସଂ. ବି. ( ତୃତୀୟା ତତ୍; କର+ ଆସ୍ଫୋଟନ )—
Karāsphoṭana କରାସ୍ଫୋଟ ( ଦେଖ )
Karāsphoṭa ( See )

**କରି**—ଦେ. କ୍ରି. ( ସଂ. କୃ ଧାତୁ. କରିବା କ୍ରିୟାର ଅସମାପିକାରୂପ )—
Kari ୧ । କୌଣସି ଅସମାପିକାକ୍ରିୟା ସଙ୍ଗେ 'କରି' ଶବ୍ଦ ଯୁକ୍ତ
**କରେ** ହେଲେ ସେହି କ୍ରିୟାର ଧାରାବାହିକତା ବୁଝାଏ—
**କଟ; କଟକେ** 1. While doing ( an act ).

( ଯଥା—ମୁଁ ବସି କରି ଲେଖେଁ । )

୨ । କୌଣସି କ୍ରିୟାର ସମାପନାନ୍ତ; କୌଣସି କ୍ରିୟାକୁ ସମାପନ କରି ବା ସାରି—2 After finishing an act.

( ଯଥା—ମୁଁ ପଢ଼ି କରି ଖାଇବି=ମୁଁ ପଢ଼ି ସାରିବା ପରେ ଖାଇବି । )

୩ । ବିଶେଷ୍ୟ ପରେ 'ପୂର୍ବକ', 'ସହିତ' ଓ 'ସହକାରେ' ଅର୍ଥରେ ବ୍ୟବହୃତ—3. With.

( ଯଥା—ମୁଁ ବଳ ପ୍ରକାଶ କରି ଘରେ ପଶିବି=ମୁଁ ବଳପ୍ରକାଶପୂର୍ବକ ଘରେ ପଶିବି; ମୁଁ ଦମ୍ଭ କରି ଏ କଥା କହି ପାରେଁ=ମୁଁ ଦମ୍ଭ ସହକାରେ ଏ କଥା କହି ପାରେଁ । )

୪ । ( ବିଶେଷଣ ବା ଅବ୍ୟୟ ସଙ୍ଗେ ଯୁକ୍ତ ହୋଇ) 'ଭାବରେ' 'ରୂପେ' ବା 'ପ୍ରକାରେ'—
4. In this wise; in such a manner.

କେମନ୍ତେ ମୁଁ ଏତେ ସହ କରି—ବଳରାମ ଦାସ. ବତ୍ତ୍ୟା, ଚଣ୍ଡୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଋଷ୍ଣ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ଂନ୍ତ |

( ଯଥା—ମୁଁ ଅନ୍ଧାରୁଅ କର ତାଙ୍କୁ ଧରପକେଇଲି = ମୁଁ ଅନ୍ଧାରୁଅଭାବରେ ତାଙ୍କୁ ଧରପକାଇଲି । )

୫ । ଅସମାପିକାକ୍ରିୟା ସଙ୍ଗେ ଅଲଙ୍କାରଭାବରେ ଯୁକ୍ତ ହୋଇ ସେହି କ୍ରିୟାକୁ ଚମତ୍କାର କରେ—
5. Redundantly used after the present participle of a verb.

ମୁଣ୍ଡ ଲଚି ଦେଖି କର ସର୍ବେ ମୁକ୍ତ ହେଲୁ—ପୀତାମ୍ବର, ନୃସିଂହପୁରାଣ ।
ନୋହିଲେ ମୁଁ ତୁମ୍ଭଙ୍କୁ ଅସି କର ମାଶ,
ଦେଖାଉ ନାହିଁ ଅହେ ଜାଣ ନରଶିଶ—କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

[ ଦ୍ର – ବଙ୍ଗଳାରେ କ୍ରିୟାର ଅସମାପିକାରୂପ ପରେ ଏହି 'କର'ର ଅକାର 'କରେ'ର ଏହିପରି ବ୍ୟବହାର ନାହିଁ; କିନ୍ତୁ ଏ ଦେଶର ଉପନିବେଶୀ ବଙ୍ଗାଳିମାନେ ଓଡ଼ିଆଭାଷାର ଏହି 'କରକୁ' 'କରେ' ବା 'କେରେ' ରୂପେ ବ୍ୟବହାର କରୁଥିବାରୁ ଓଡ଼ିଶାର ସ୍ଥାୟୀ ଅଧିବାସୀ ବଙ୍ଗାଳିଙ୍କୁ ଖାଣ୍ଟିବଙ୍ଗାଳିମାନେ ବଦ୍ରୂପରେ'କେରା' ବୋଲି ଡାକନ୍ତି । ]

ଦେ. ଅ—୧ । ରୂପେ; ସ୍ୱରୂପେ—1. As.

ପରେନ୍ଦ୍ରଙ୍କ ସ୍ୱରୂପ ଯେ ଜଗତ ନଗ୍ରକାର,
ତାହାଙ୍କୁ ପାଳନ୍ତି ସୁଖ କର ବସ୍ତ୍ରବର—ପୀତାମ୍ବର, ନୃସିଂହପୁରାଣ ।

୨ । (କି)ପରି; (କେଉଁ) ପ୍ରକାରେ—
2. In (what) manner.

ତୁମ୍ଭେ ଘର ବସ୍ତ୍ର ବୋଲେ ଆସିବେ କି କର । ପୀତାମ୍ବର, ନୃସିଂହପୁରାଣ ।

୩ । ପରି—3. Like.

(ଯଥା—ମତେ ତୁ କଅଣ ଗୃହଶାଳିଆ ଅବଧାନ କର ପାଇଛୁ ।)

୪ । ଦ୍ୱାରା—4. With.

ଶାଳଗିଳରେ କର ଶାରଙ୍ଗ ଅସ୍ତ୍ରମ ର ଘା କରୁଁ ନେଲେ ଧନୁବାଣ ସେ ।
ବିଶ୍ୱନାଥ, ବିଚିତ୍ର ରାମାୟଣ ।

୫ । ( ସଂଖ୍ୟାବାଚକ ଦ୍ୱିରୁକ୍ତ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ) ଥରକେ (ଏତେ) ସଂଖ୍ୟାରେ—
5. In number; (so many) at a time.

ଲକ୍ଷ ଲକ୍ଷ କର ଦୁହେଁ ବନ୍ଧୁ ଛନ୍ତି ଶର । ପୀତାମ୍ବର, ନୃସିଂହପୁରାଣ ।

୬ । ଲେଖାଏଁ; ହାରରେ—6. At the rate of.

(ଯଥା—ମତେ ସରକାରରୁ ମାସକୁ ଚାରି ଟଙ୍କା କରି ଦରମା ମିଳେ ।)

ବୈଦେ. ବି. (ଇଂ. କରି)—୧ । ତିଅଣ—1. Curry.
କାରୀ ୨ । ମାଂସ ତରକାରୀ—2. Curry of meat.
କରୀ

**କରିଅ**—ଦେ. ବି—୧ । ଛୋଟ ଗାମୁଛା—1. Small napkin.
Kariā ୨ । ଅତି ଛୋଟ ଲୁଗା; ଛୋଟ ଖଣ୍ଡ; କମ୍ ଓସାର ଓ କମ୍ ଲମ୍ବା ଓ ଅତି ପତଳା ଲୁଗା—
2. Very small and thin piece of cloth.

ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ସତ୍ୟକ୍ରିୟା—ଭୁଲ. ପ୍ରା. ସଚ୍ଚକିରିଅ )—କିରିଆ; ଶପଥ—Oath.

**କରି ଆସେ**—ଦେ. କ୍ରି.—( ଅମୁକ କାର୍ଯ୍ୟ ଅମୁକଙ୍କୁ ) ଜଣାଅଛି ।
Kari āse Is known (to so and so).
**କରେଆସେ** (ଯଥା—ମୋତେ ଚାକ୍ରି କରି ଆସେ = ମୋତେ ଚାକ୍ରି କର୍ମ ଜଣା ଅଛି । )

ପ୍ରାଦେ. (ଗଞ୍ଜାମ) କ୍ରି—(ଅମୁକ କାର୍ଯ୍ୟ) କରିବା ଉଚିତ—
Ought to do (such an act)
( ଯଥା—ତାଙ୍କେ ଏକଥା କରି ଆସେ = ସେ ଏକଥା କରିବା ଉଚିତ । )

**କରିକର**—ସଂ. ବି. ( ୬ଷ୍ଠୀ ତତ୍; କରିନ୍ + କର )—ହାତୀଶୁଣ୍ଢ—
Karikara Elephant's trunk.

**କରିକୁମ୍ଭ**—ସଂ. ବି. ( ୬ଷ୍ଠୀ ତତ୍; କରିନ୍ + କୁମ୍ଭ )—ହାତୀର କପାଳ
Karikumbha ଉପରେ ଦୁଇପାଖରେ ଥିବା ମାଠିଆ ଭଳି ବର୍ତ୍ତୁଳ ମାଂସପିଣ୍ଡ—The frontal globes on both sides of the brow of an elephant.

**କରିଗତି**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଉପମିତ ବହୁବ୍ରୀହି; କରିନ୍ + ଗତି)—
Karigati ହାତୀ ପରି ଧୀରେ ଧୀରେ ଚାଲୁଥିବା—Walking majestically and slowly like the elephant.

କରିଗତି କ କର ଗତି ବସିଲୁ ଧୀରେ । ଭକ୍ତ. ପ୍ରେମସୁଧାନିଧି ।

**କରିଜ**—ସଂ. ବି. ପୁଂ. (କରିନ୍ + ଜନ୍ ଧାତୁ + କର୍ତ୍ତୃ. ଅ)—ହାତୀଛୁଆ—
Karija The young of an elephant.
(କରିଜା—ସ୍ତ୍ରୀ)

**କରିତ୍ରାସ**—ସଂ. ବି. ( ବହୁବ୍ରୀହି; କରିନ୍ + ତ୍ରାସ; ହାତୀ ଯାହାଠାରୁ
Karitrāsa ଭୟ ପାଏ )—ସିଂହ—Lion.

**କରିଦଣ୍ଡା**—ଦେ. ବି. ( ସଂ. କରୀ + ଦଣ୍ଡ )—କରଶୁଣ୍ଢ—
Karidaṇḍā Elephant's trunk.

ଦେଇଲେ କରିଦଣ୍ଡା ଯାଙ୍କ କରଯାକ । କୃଷ୍ଣସିଂହ, ମହାଭାରତ. ବିରାଟ ।

**କରିଦନ୍ତ**—ସଂ. ବି. ( ୬ଷ୍ଠୀ ତତ୍; କରିନ୍ + ଦନ୍ତ)—ହାତୀଦାନ୍ତ—
Karidanta Tusk of an elephant; ivory.

**କରିପ**—ସଂ. ବି. ପୁଂ.—(କରିନ୍ + ପା ଧାତୁ = ପାଳନ କରିବା + କର୍ତ୍ତୃ.
Karipa ଅ)—ହସ୍ତୀପାଳକ; ହସ୍ତୀପକ; ମାହୁନ୍ତ—The keeper of an elephant; the mahoot.

**କରିବନ୍ଧ**—ସଂ. ବି. ( କରିନ୍ + ବନ୍ଧ; ଯାହାଦ୍ୱାରା କରୀ ବନ୍ଧାଯାଏ)—
Karibandha ହସ୍ତିବନ୍ଧନ ସ୍ତମ୍ଭ; ଆଳାନ—The post to which an elephant is tied.

**କରିବର**—ସଂ. ବି.—( ୭ମୀ ତତ୍; କରିନ୍ + ବର )—ହସ୍ତୀଶ୍ରେଷ୍ଠ;
Karibara ଉତ୍କୃଷ୍ଟ ହାତୀ—An excellent elephant.

ଗ୍ରା. ବି. (ସଂ. କରବୀର)—କରବୀ (ଦେଖ)
Karabī (See)

**କରିବା**—ଦେ. କ୍ରି. (ସଂ. କୃ ଧାତୁ)—୧ । [ ଏହା ସାଧାରଣତଃ ବିଶେଷ୍ୟ
Karibā ବା ବିଶେଷଣ ପଦ ସଙ୍ଗେ ଯୁକ୍ତ ହୋଇ ସେହି ବିଶେଷ୍ୟ
କରିବା ବା ବିଶେଷଣବାଚକ କ୍ରିୟାରେ ପରିଣତ ହୁଏ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ଧ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କରଣ** (ଯଥା—ଭୋଜନ କରିବା, ରୋଦନ କରିବା; ମୁକ୍ତ କରିବା; ଆନନ୍ଦିତ କରିବା । )

କୌଣସି କ୍ରିୟାରେ ନିଯୁକ୍ତ ହେବା ବା ସମ୍ପାଦନ କରିବା—1. To do a work; to be engaged in an act.

୨ । ଗଢ଼ିବା; ନିର୍ମାଣ କରିବା; ସୃଷ୍ଟି କରିବା; ତୋଳାଇବା— 2. Te make; to build; to create; to manufacture.

(ଯଥା—ଦେଉଳ କରିବା; ପଲଙ୍କ କରିବା । )

୩ । ମନରେ ( ଦୁଃଖ; ଆନନ୍ଦ; ଅଭିମାନାଦି ) ବୋଧକରିବା ବା ଭାବପୋଷଣ କରିବା—3. To entertain some feeling in the mind (e. g. pleasure grief) to feel.

୪ । ( ରୋଗ; କ୍ଷୁଧା; ତୃଷା ଆଦି )—
କୌଣସି ବ୍ୟକ୍ତିଙ୍କୁ ଅଭିଭୂତ କରିବା; ଅନୁଭୂତ ହେବା—
4. To be felt; to affect ( a person ).

ଗର୍ବସ୍ତ ଅଭୂତ କାହିଁକି କରୁଛ । କବିସୂର୍ଯ୍ୟ. କିଶୋରୀଚନ୍ଦ୍ରାନନ୍ଦ ଗୀତ ।

୫ । ବୋଲି ବିଚାର କରିବା; ରୂପେ ବ୍ୟବହାର କରିବା—
5. To think as; to treat as.

ଗୁରୁ ବଚନ ପ୍ରାପ୍ତ କରି ହୃଦେ ରଖିବ ଦୃଢେ ଧରି ।
ଭୂପତି. ପ୍ରେମପଞ୍ଚାମୃତ ।

୬ । ରାନ୍ଧିବା; (ଖାଦ୍ୟାଦି) ପ୍ରସ୍ତୁତ କରିବା—
6. To cook; to prepare.

( ଯଥା—ସେ ମୋ ପାଇଁ ଭାତ କଲା, ସାତ ଭିଅଣ ଆଠ ଭଜା କଲା, ମତେ ଖାଇବାକୁ ଡାକିଲା । )

୭ । କୌଣସି କାର୍ଯ୍ୟ କରିବାକୁ ମନରେ ସ୍ଥିର କରିବା; ସଙ୍କଳ୍ପ କରିବା—
7. To resolve on; to determine to do.

ବନ୍ଧ୍ୟେ ଥିଲା ସେନା ବମନା ଅଙ୍ଗଦ ପ୍ରାଣ ବିସର୍ଜିବା କଲା ଯେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

୮ । କୌଣସି ଉଦ୍ଦେଶ୍ୟ ପାଇଁ ( ଯଥା—ଅର୍ଥୋପାର୍ଜନ ନିମନ୍ତେ ) ( ସ୍ଥାନାନ୍ତରକୁ ) ଯାତ୍ରା କରିବା—
8. To start for some place on a particular mission.

( ଯଥା—ତୀର୍ଥ କରିବା; ବିଦେଶ କରିବା । )

କାଳଯବନେ ବିଦେଶ କରିବାକୁ ଆଜ୍ଞା ଦେଲେ ନରେଶ୍ୱର ।
ଉପେନ୍ଦ୍ର. ପ୍ରେମସୁଧାନିଧି ।

୯ । ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ କୌଣସି ଦେବାଙ୍କ ଆଗେ ପୂଜା ବା ସ୍ତୁତି ପାଠ କରିବା; ପୂଜାଦି ଅନୁଷ୍ଠାନ କରିବା—
9. To perform some ceremonial rites.

କରେ ସଉଳ ଚଣ୍ଡୀ କବଚ । ଉପେନ୍ଦ୍ର. ପ୍ରେମସୁଧାନିଧି ।

୧୦ । କୌଣସି ବ୍ୟକ୍ତି ବା ବସ୍ତୁକୁ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ କରାଇବା ବା ପହଞ୍ଚାଇବା—10. To carry a person to a certain limit or distance.

(ଯଥା—କର୍ମୀର ଛେଳିକି ନେଇ ମହି ନଈରେ କଲାଣି ।)

ଏହୁକ୍ଷଣି ରଥ ଭୀଷ୍ମଙ୍କ ରଥ ପାଶେ,
କରିବ ନେଇ ତାଙ୍କୁ ଛାଡ଼ ଯମ ପାଶେ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

୧୧ । ଆଜ୍ଞା, ଆଦେଶ ବା ଉପଦେଶ ଅନୁଯାୟୀ କାର୍ଯ୍ୟ କରିବା—11. To act according to some order or advice.

ରାମ ତାହାର ବଚନ କଲେ; ତାର କହିବା ମାର୍ଗରେ ଗଲେ ।
ଜଗନ୍ନାଥ. ବିଚିତ୍ରରାମାୟଣ ।

୧୨ । (କୌଣସି କର୍ମ ସାଧନ ପାଇଁ କୌଣସି ବ୍ୟକ୍ତିଙ୍କୁ) ନିଯୁକ୍ତ କରିବା—
12. To engage some person for some work.

ବଶିଷ୍ଠ ଭଜି ଯଜ୍ଞେ ଗଲେ, ଅନ୍ୟ ବ୍ରାହ୍ମଣେ ନିମି କଲେ । ଜଗନ୍ନାଥ. ଭାଗବତ ।

୧୩ । ଜାତ କରାଇବା; ଉତ୍ପାଦନ କରିବା; ଘଟିବାର କାରଣ ହେବା—13. To cause to happen.

ଯାହା ପାଇଁ ଶିବ ପୂଜୁ ଥାଇ, ତାହାଙ୍କ ପ୍ରିୟାଙ୍କୁ ଭଜୁଥାଇ ।
ତାଙ୍କ ଦୁଃଖ କରି ସୁଖମୂଳ ଦେଲୁ ତ ଉପାନ୍ତରେ । କବିସୂର୍ଯ୍ୟ. ସଙ୍ଗୀତ ।

୧୪ । ନିର୍ଭର ଜବାବ ଦେବା; କଥା ଛିଣ୍ଡାଇବା; ଚୁକ୍ତି କରିବା—14. To give word; to contract.

( ଯଥା—ମୁଁ ନଡ଼ିଆ ଛେଲିକୁ ମହାଜନ ସାଙ୍ଗେ ତିନି ଟଙ୍କା କରିଛି । )

୧୫ । ଯାନବାହନାଦି ନିଯୁକ୍ତ କରିବା—
15. To engage as a conveyance or carrier.

( ଯଥା—ମୁଁ କୁଲି କରି ଷ୍ଟେସନରୁ ଆସିଲି, କିନ୍ତୁ ବାବୁମାନେ ବଗିଗାଡ଼ି କରି ଆସିଲେ । )

୧୬ । କର୍ମକର୍ତ୍ତା ରୂପେ କୌଣସି ବାଳକ ବା ବାଳିକାର ବ୍ରତ ବା ବିବାହାଦି କର୍ମ ସମ୍ପାଦନ କରିବା—
16. To bring about the performance of some rites or sacred ceremonies in respect of a boy or girl.

( ଯଥା—ସେ ପୋଷିଆ ପୁଅକୁ ବଡୁ (ବ୍ରତ) କଲା, କିନ୍ତୁ ମରି ଯିବାରୁ ତାକୁ ଭଅ (ବିବାହ) କରି ପାରିଲା ନାହିଁ । )

୧୭ । (ଅମୁକ) ରୂପେ ବରଣ ବା ପ୍ରତିଷ୍ଠିତ ବା ଗ୍ରହଣ କରିବା—
17. To accept a person as; to s t up or establish a person as; to adopt.

( ଯଥା—ସେ ମୋତେ ଏ ମକଦ୍ଦମାରେ ମୁକାବିଲା ମୁହାଲା କରିଛି; ମୋର ଔରସ ସନ୍ତାନ ନ ଥିବାରୁ ମୁଁ ଗୋଟିଏ ପୋଷିଆ ପୁଅ କରିଛି । )

ତୁ ଫେଙ୍ଗିଦ ହୋଇଛୁ ଯାହାକୁ
ସେ ଉଇଠା କରିଛି ତାହାକୁ—ଢଗ ।

୧୮ । (ଘର) କରି ରହିବା; ବାସ କରିବା—
18. To live after setting up ( a house ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟୁ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | • ନ୍ତୁ |

ସଂସାର ଭିତରେ ଘର କରୁଥିଲେ ପଥର ପଡ଼ିଲେ ସହି—ଚଗ ।

୧୯ । ପାଗରେ ପରିଣତ ହେବା—
19. To turn into such or such weather.
( ଯଥା—ଆଜ ଖରା କୁହୁଡ଼ି କରୁଛି; ଆଜ କୋହୋଲି ବା ମେଘୁଆ କରୁଛି । )

୨୦ । ରଚନା କରିବା—20. To compose.
( ଯଥା—ଗୀତ କରିବା; ବହି କରିବା । )

ଗ୍ରା. (ଇତର) କ୍ରି—ସହବାସ କରିବା; ସଙ୍ଗମ କରିବା—
To cohabit.

**କରିମଙ୍ଗ**—ଦେ. ବି—ଡଙ୍ଗାର ପଛ ମଙ୍ଗ—The stern of a
Karimaṅga country boat.
[ ଦ୍ର—ଏହି ମଙ୍ଗରେ ଠିଆ ହୋଇ ମାଝି ମଙ୍ଗଧରି ବା କାତ-ଦ୍ୱାରା ଡଙ୍ଗାକୁ 'କରି' ବା ପାର୍ଶ୍ୱକୁ ବୁଲାଇ ପାରେ ବୋଲି ଏହି ନାମ ହୋଇଅଛି । ]

**କରିମର୍ଦ୍ଦ**—ସଂ. ବି. ( ଉପପଦ ସମାସ; କରିନ୍+ମୃଦ୍ ଧାତୁ=ଦଳିବା+
Karimarddа କର୍ତ୍ତୃ. ଅ; ଯେ ହସ୍ତୀକୁ ମର୍ଦ୍ଦନ କରେ )—
ସିଂହ—Lion.

କରିମର୍ଦ୍ଦ ପ୍ରାୟେ କରି ଅସ୍ତ୍ର କାୟେ କରିବ ସୁଖ ସଦନ, ହେ ମୋହନ ।
ଗୋପାଳକୃଷ୍ଣ. ଉତ୍ସବକଲ୍ଲୋଳ ।

**କରିମୁଖ**—ସଂ. ବି. ( ୬ଷ୍ଠୀ ତତ୍; କରିନ୍+ମୁଖ )—
Karimukha ୧ । ହାତୀର ମୁହଁ—
1. The head of an elephant.
୨ । ( ବହୁବ୍ରୀହି ) ଗଣେଶ—2. God Gaṇeśa, the elephant-headed Deity.

**କରିର**—ସଂ. ବି. ( କୃ=ବିକ୍ଷେପ କରିବା+ସଂଜ୍ଞାର୍ଥେ. ଇରନ୍ )—
Karira ୧ । ବାଉଁଶ ଗଜା; କରଡ଼ୀ—
1. Bamboo shoots or sprouts.
୨ । କଣ୍ଟାଳିଆ ଗୁଳ୍ମବିଶେଷ; କଣ୍ଟେଇ କୋଳି—
2. Name of a tree; Capparis, Spinosa.
୩ । ଘଟ—3. An earthen jar.

**କରିରା**—ସଂ. ବି. ସ୍ତ୍ରୀ. ( କରିର+ସ୍ତ୍ରୀ. ଆ )—
Karirā ୧ । ହାତୀଦାନ୍ତର ମୂଳ—1. The root of an elephant's tusk.
୨ । ଝିଣ୍ଟି ଝିଣ୍ଟିକା—
2. A cricket; a small grasshopper. (Apte)

**କରିରୀ**—ସଂ. ବି. ( କରିର+ସ୍ତ୍ରୀ. ଈ )—କରିରା ( ଦେଖ )
Karirī Karirā ( See )

**କରିଶୁଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍; କରିନ୍+ଶୁଣ୍ଡ )—
Kariśuṇḍa କରିକର ( ଦେଖ )
Karikara ( See )

**କରିଷ**—ଦେ. ବି. ( ସଂ. କର୍ଷ )—କରିଷି ( ଦେଖ )
Karisha Karashi ( See )

**କରିଷି**—ଦେ. ବି—କରଷି ( ଦେଖ )
Karishi Karashi ( See )

**କରିଷେ**—ଦେ. କ୍ରି. ବିଣ. ( ସଂ. କର୍ଷ; ଏକ କର୍ଷ ମାତ୍ର )—
Karishe ସାମାନ୍ୟ ମାତ୍ର—Slightly.
[ ଦ୍ର—ତୁଳନା କର, ଏହିପରି ଅର୍ଥରେ ବ୍ୟବହାର—ତିଳେ; ମଶାଏ; ରତିଏ; ଯାକେ । ]

କରିଷେ ସଞ୍ଚରିବା ନ ସହିବ
କରି ଶବଦେ ଯେବେ ଅରୋହିବ । କବିସୂର୍ଯ୍ୟ. କବିତା ।

ଦେ. ବିଣ—ଏକ କର୍ଷ ପରିମିତ—
Of one Karsha in weight.

**କରିଷ୍ୟମାଣ**—ସଂ. ବିଣ. ପୁଂ ( କୃ+କର୍ତ୍ତୃ. ସ୍ୟମାନ; ଭବିଷ୍ୟତ
Karishyamāṇa ଅର୍ଥରେ )—
(କରିଷ୍ୟମାଣୀ—ସ୍ତ୍ରୀ) ଭବିଷ୍ୟତରେ ଯେ କରିବେ—
Sure to do a certain act in future; who will be doing some act.

**କରୀ**—ସଂ. ବି. ପୁଂ. ( ସଂ. କରିନ୍ ଶବ୍ଦ; କର=ଶୁଣ୍ଢ+କର୍ତ୍ତୃ. ଇନ୍;
Karī ୧ମା. ୧ବ )—
(କରିଣୀ—ସ୍ତ୍ରୀ) ହସ୍ତୀ; ହାତୀ—Elephant.

**କରୀନ୍ଦ୍ର**—ସଂ. ବି. ( ୭ମୀ ତତ୍; କରିନ୍+ଇନ୍ଦ୍ର )—
Karīndra ୧ । ବଡ଼ ହାତୀ—
1. A big elephant.

କରୀନ୍ଦ୍ର ଦନ୍ତ ପଲଙ୍କ ଛେଜ ସ୍ରଭୁ ନରେନ୍ଦ୍ର ଗୃହେ ଗମନ ।
ଚନ୍ଦ୍ରକଳାପାଠ ଗୀତ ।

୨ । ହାତୀ ପଲର ନେତା ହାତୀ—
2. The leader of a herd of elephants.
୩ । ଦନ୍ତା ହାତୀ—3. A tusker.

**କରୀର**—ସଂ. ବି. ( କୃ ଧାତୁ=ବିକ୍ଷେପ କରିବା+ସଂଜ୍ଞାର୍ଥେ. ଈରନ )—
Karīra ୧ । କରିର ( ଦେଖ )
करेल; कलुकेरा 1. Karira ( See )
**करीर; करील** ୨ । ଏକପ୍ରକାର ବଡ଼ ପତ୍ରହୀନ କଣ୍ଟାଗଛ—
ଗୁ. କେର 2. The Caper bush; Capparis
ମ. କେରା; କରୀଲ୍ Aphylla.
[ ଦ୍ର—ଏ ଗଛ ମରୁଭୂମି, କଙ୍କରମୟ ଓ ବାଲିଆ ଭୂମିରେ ଜନ୍ମେ, ଏହା ଓଟମାନଙ୍କ ଖାଦ୍ୟ । ଏହାର ଫଳ; ଚେର ଓ ଛେଲି କାଛୁ, କୁଣ୍ଡିଆ, ବାତ, ବ୍ରଣ, ଦାନ୍ତଧରା ପ୍ରଭୃତି ରୋଗର ଔଷଧ ।
( Kirtikar ) ]
[ ଦ୍ର—ଏ ଗଛରେ ପତ୍ର ହୁଏ ନାହିଁ, କେବଳ ଗାଢ଼ା ହଳଦିଆ ରଙ୍ଗର ଗୁଡ଼ିଏ କଅଁଳ କଢ଼ା ହୁଏ । ରାଜପୁତାନା ଓ ବୃନ୍ଦାବନରେ ଏ ଗଛରେ ଗୋଲାପୀ ରଙ୍ଗର ଫୁଲ ଧରେ । ଫୁଲ ଝଡ଼ିଯିବା ପରେ ଗଛରେ ଗୋଲ ଗୋଲ ଫଳ ଧରେ । ଏ ଫଳ କଷାଳିଆ ଓ ଏହା ଆଚାର କରାଯାଏ । ଏ ଗଛର ମଞ୍ଜକାଠ ହାଲୁକା ଓ ମଜଭୁତ୍ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଏ ଗଛର ଗ୍ରନ୍ଥିରୁ ବାହାରିବା ଡାଳୁରେ ଦନ୍ତ ବଳାଯାଏ । ବୈଦ୍ୟ-ଶାସ୍ତ୍ର ଅନୁସାରେ ଏଥିର ଫଳ ଗରମ, ରୁକ୍ଷ, ସ୍ୱେଦୋତ୍ପାଦକ ଅଟେ; କଫ, ଶ୍ୱାସ, ବାତ, ଶୂଳ, ଲୁଣ୍ଠିଆ, କାଶ ଓ ଆମ ଦୂର କରେ ।
( ହି. ଶବ୍ଦସାଗର ) ]

**କରୀରକ**—ସଂ. ବି. (କୃ ଧାତୁ = ବିକ୍ଷେପ କରିବା + ସ୍ୱାର୍ଥ ଈର + କ)—
Karīraka ଯୁଦ୍ଧ—Battle; fight ( Apte )

**କରୀରା**—ସଂ. ବି. ସ୍ତ୍ରୀ. ( କରୀର + ଆ )—କରିରା ( ଦେଖ )
Karīrā Karirā ( See )

**କରୀରୀ**—ସଂ. ବି. ସ୍ତ୍ରୀ. (କରୀର + ଈ)—କରିରୀ ( ଦେଖ )
Karīrī Karirī ( See )

**କରୀଷ**—ସଂ. ବି. ( କୃ ଧାତୁ = ବିକ୍ଷେପ କରିବା + କର୍ମ. ଈଷନ୍ )—
Karīsha ଶୁଖିଲା ଗୋବର; ଘସି—
Dry cowdung; cowdung cakes.

**କରୀଷଂକଷା**—ସଂ. ବି. ( କରୀଷଂ = ଘସିକୁ + କଷ ଧାତୁ + ଅ + ଆ; Karīshaṁkashā ଯେଉଁ ବତାସ ଭୂମିରୁ ଘସିକୁ ସୁଦ୍ଧା ଉଡ଼ାଇ ନିଏ )—ଝଡ଼; ତୋଫାନ—
A strong wind; gale ( Apte )

**କରୀଷାଗ୍ନି**—ସଂ. ବି. ( ମ. ପ. ଲୋ; କରୀଷ ଦ୍ୱାରା ଜ୍ୱାଳିତ ଅଗ୍ନି )—
Karīshāgni ଘସିନିଆଁ—Fire of cowdung-cakes.

**କରୁଆ**—ଦେ. ବି—୧ । କ୍ଷୁଦ୍ର ଥାଳିଆ; ରେକାବି—
Karuā 1. A small metal plate.
୨ । ଏକ ପ୍ରକାର ଗୃହ—2. A kind of specially contrived house; a granary.
[ ଦ୍ର—ଏଥିରେ ଶସ୍ୟାଦି ସଞ୍ଚିତ ହୁଏ, ବଙ୍ଗଦେଶରେ 'କରୁଇ' ]
ପ୍ରାଦେ. ( ସମ୍ବଲପୁର ) ବି—ଅସଭ୍ୟ ବନ୍ୟ ଜାତିବିଶେଷ—
Name of a wild tribe.
ଗ୍ରା. ( ଇତର ) ବିଣ—କଡ଼ପଟିଆ; ଏକ ପାଖିଆ—
Leaning to a side.

**କରୁଗେଟେଡ୍**—ବୈଦେ. ବିଣ. ( ଇଂ. କର୍‌ରୁଗେଟେଡ୍ )—
Karugeṭeḍ କୁଞ୍ଚିକୁଞ୍ଚି ହୋଇଥିବା; ତରଙ୍ଗ ପରି ଉପରକୁ ଓ ତଳକୁ
करूगेटेड् ଭଙ୍ଗା ହୋଇଥିବା—Contracted into wrinkles
করুগেটেড্ or folds; bent into wavelike folds.
[ ଦ୍ର—ଲୁହା ବା ଟିଣର ପତ୍ରକୁ କଳଦ୍ୱାରା କରୁଗେଟେଡ୍ କରି ତାହା ଘର ଆଦିରେ ଲଗାଇ ଦିଆଯାଏ । ]

**କରୁଣ**—ସଂ. ବି. ( କୃ ଧାତୁ = ବିକ୍ଷେପ କରିବା + କରଣ. ଉନ )—
Karuṇa ୧ । ସାହିତ୍ୟରେ ଦୟାଭାବ ପୂର୍ଣ୍ଣ ରସବିଶେଷ; ଯାହାଦ୍ୱାରା ମନରେ ଦୟା ବା କରୁଣା ଉଦ୍ରେକ ହୁଏ । ( 'ରସ' ତଳେ ନୋଟ ଦେଖ )—
1. ( Rhetoric ) Pathos; the pathetic sentiment in literature.
୨ । ଅନୁକମ୍ପା; ଅନ୍ୟର ଦୁଃଖ ଦେଖିଲେ ମନରେ ଉଦିତ ହେବା ଦୟାଭାବ—2. Pity.
୩ । ବୃକ୍ଷବିଶେଷ; ଏକ ପ୍ରକାର ଲେମ୍ବୁ ଗଛ ଓ ଫଳ—
3. Name of a lemon tree and its sour fruit.
୪ । ବୁଦ୍ଧବିଶେଷ ( ହି. ଶବ୍ଦସାଗର )—
4. Name of an incarnation of the Buddha.
୫ । ପରମେଶ୍ୱର ( ହି. ଶବ୍ଦସାଗର )—5. God.
୬ । କାଳିକାପୁରାଣୋକ୍ତ ତୀର୍ଥବିଶେଷ—( ହି. ଶବ୍ଦସାଗର )—
6. Name of a sacred place mentioned in the Kālikā Purāṇa.
ସଂ. ବିଣ. ( + କର୍ମ. ଉନ )—୧ । ଦୟାଳୁ—
1. Kind; merciful.
୨ । ପର ଦୁଃଖରେ କାତର—2. Compassionate.
୩ । କୋମଳହୃଦୟ; କରୁଣାର୍ଦ୍ର—
3. Tender-hearted.
୪ । ଯାହା ହୃଦୟରେ ଦୟାର ଉଦ୍ରେକ କରେ; କରୁଣା-ଜନକ—4. Pathetic; doleful; piteous; pitiable; plaintive.
ଅପଣା ଅଙ୍କବାଦ ଭ୍ରାତୃ ଗୁରୁଙ୍କର
କରୁଣ ଗିର ଶୁଣି ବିକଳ ଯୁଧିଷ୍ଠିର—କୃଷ୍ଣସିଂହ. ମହାଭାରତ. ଅଦି ।

**କରୁଣରସ**—ସଂ. ବି. (କର୍ମଧା; କରୁଣ + ରସ)—୧ । ଯେଉଁ ବିଷୟ ଶୁଣିଲେ
Karuṇarasa ବା ଦେଖିଲେ ବା ପଢ଼ିଲେ ମନରେ ଦୟାଭାବ ବା କରୁଣାର ଉଦୟ ହୁଏ । (ରସ ତଳେ ନୋଟ୍ ଦେଖ)—
1. Pathos in rhetoric; pathetic sentiment in literature.
[ ଦ୍ର—ଅନ୍ୟର ଦୁଃଖ ବା କଷ୍ଟ ଅବଗତ ହୋଇ ଯେଉଁ ମନୋବିକାର ବା ସହାନୁଭୂତି ଜନ୍ମେ ତାହା କରୁଣରସ । ଆପଣାର ପ୍ରିୟ ବନ୍ଧୁ ବା ଇଷ୍ଟ ମିତ୍ରର ବିୟୋଗରେ ଉତ୍ପନ୍ନ ହେବା ମନୋଭାବ ମଧ୍ୟ କରୁଣରସ । ଏହା କାବ୍ୟର ନବରସ ମଧ୍ୟରୁ ଏକତମ; ବନ୍ଧୁ ବା ଇଷ୍ଟ ମିତ୍ରର ବିୟୋଗ ଏ ରସର ଆଲମ୍ବନଭାବ ଅଟେ; ମୃତ୍ୟୁ, ଦାହ, ବିଚ୍ଛେଦୀ ବ୍ୟକ୍ତି ବା କୌଣସି କ୍ଲିଷ୍ଟ ବ୍ୟକ୍ତିର ଦର୍ଶନ ବା ବିଷୟ ଶ୍ରବଣ ବା ପାଠ ଏ ରସର ଉଦ୍ଦୀପନ ଭାବ ଅଟେ; ଭାଗ୍ୟକୁ ନିନ୍ଦା, ଦୀର୍ଘ ଓ ଧୀରଶ୍ୱାସ, କ୍ରନ୍ଦନ, କରତାଡ଼ନ, ଅଙ୍ଗତାଡ଼ନ ଆଦି ଏ ରସର ଅନୁଭାବ ଅଟେ । ବରୁଣ ଏହି ରସର ଅଧିଷ୍ଠାତା—ହି. ଶବ୍ଦସାଗର । ]
୨ । ଆପଣାର ପ୍ରିୟ ବ୍ୟକ୍ତି ବା ଇଷ୍ଟ ବନ୍ଧୁର ବିଚ୍ଛେଦ ଓ ମୃତ୍ୟୁ ଆଦି ଯୋଗୁଁ ମନରେ ଜନ୍ମିବା ବିକାର—
2 Pathetic feeling excited by separation from or death of one's beloved person.

**କରୁଣସ୍ୱର**—ସଂ. ବି (କର୍ମଧା; କରୁଣ + ସ୍ୱର)—୧ । ଯେଉଁ ସ୍ୱରକୁ
Karuṇaswara ଶୁଣିଲେ ଶୁଣିବା ଲୋକର ମନରେ ଦୟାର ଉଦ୍ରେକ ହୁଏ—1. Pathetic or plaintive tone.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ୟ | ଥ | ଞ |
| ୨ | ଈ | ଊ | ଋୃ | ଌୢ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଢ଼ | ଂ |

୨ । କ୍ଲିଷ୍ଟବ୍ୟକ୍ତିର ସ୍ୱର—
2. The plaintive cry of an afflicted person.

**କରୁଣା**— ସଂ. ବି. ( କରୁଣ + ସ୍ତ୍ରୀ. ଆ )—୧ । ଦୟା; କୃପା—
Karuṇā 1. Kindness; mercy.
୨ । ଅନୁକମ୍ପା—
2. Pity; tenderness; compassion.
ଦେ. ବି.—୧ । (ସଂ. କରୁଣ)—ଲେମ୍ବୁଜାତୀୟ ଗଛକୁ ବୃକ୍ଷ ଓ ତାହାଁର ଅମ୍ଳ ଫଳ—
କରୁନା
କରନା 1. Lemon; Citrus Medica-variety Limonum (tree and its fruit)
ଅନ୍ୟ ସଂ. ନାମ
ଜମ୍ବୀର; ଦନ୍ତଶଠ ଜମ୍ବୀଳ, କରୁଣା, ନାରଙ୍ଗ, ଗୁଅ—ପ୍ରାଚୀ. ପ୍ରଭାପ. ଗଣିବେଣା ।
[ଦ୍ର—ଏ ଫଳର ରସ ଅମ୍ଳମଧୁର ଓ ଉଷ୍ଣ; ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବାତ, ଆମଦୋଷ ଓ ମେଦୋରୋଗନାଶକ, ଏହା ଅଗ୍ନି ଓ ପିତ୍ତବୃଦ୍ଧିକର—(ଦ୍ରବ୍ୟଗୁଣ କଳ୍ପଦ୍ରୁମ) । ଏ ଲେମ୍ବୁ ଅଣ୍ଡାକାର, ଭାରି ଖଟ୍ଟା ଓ ଏଥିର ଛାଲ ମୋଟା; ବଙ୍ଗଳାରେ ଏହାକୁ ଗୋଡ଼ା ଲେମ୍ବୁ କହନ୍ତି—(ଯୋଗେଶଚନ୍ଦ୍ର) । ଏହା ଲମ୍ବାଅଣିଆ ବଡ଼ ଲେମ୍ବୁ, ଏହାକୁ ପାତାଡ଼ୀ ଲେମ୍ବୁ କହନ୍ତି; ବୈଦ୍ୟକ ଅନୁସାରେ ଏହା କଫ ଓ ବାୟୁନାଶକ ଏବଂ ପିତ୍ତବର୍ଦ୍ଧକ—(ହି. ଶବ୍ଦସାଗର) ।
୨ । ବାସନ୍ତୀପୁଷ୍ପବିଶେଷ—
2. A kind of flower of the spring season.
ବାରେହାବାଡ଼ କରୁଣା କୋକନଦ ଭୁଛୁଟକ ମୁଚକୁନ୍ଦ—ପ୍ରାଚୀ. ରହସ୍ୟମଞ୍ଜରୀ ।
୩ । କରୁଣାକରର ଡାକ ନାମ—
3. Name for calling a person named Karuṇākara.
ଅରେ କରୁଣା ! ନୂଆ ଦେଖି ପାସୋରିଲୁ ପୁରୁଣା—ଢଗ ।

**କରୁଣାକର**—ସଂ.ବି. (୬ଷ୍ଠୀ ତତ୍ ; କରୁଣା + ଆକର)—
Karuṇākara ଦୟାସାଗର—Source of kindness; fountain-head of mercy.
ସଂ. ବିଣ.—କରୁଣାପୂର୍ଣ୍ଣ; ଦୟାମୟ—Full of pity; full of the milk of tenderness.
ଦେ. ବି. ପୁଂ.—ଲୋକଙ୍କ ନାମ—Name given to males.

**କରୁଣାତ୍ମକ**— ସଂ. ବିଣ. (ବହୁବ୍ରୀହି; କରୁଣା+ଆତ୍ମନ୍ + କ)—
Karuṇātmaka ୧ । କରୁଣ ରସ ଉଦ୍ରେକକାରୀ—
1. Exciting pity.
୨ । ସଦୟ—2. Kind hearted; compassionate.

**କରୁଣାନିଦାନ**—ସଂ. ବି. ( ୬ଷ୍ଠୀ ତତ୍ ; କରୁଣା + ନିଦାନ = କାରଣ, ମୂଳ )—୧ । ଅତ୍ୟନ୍ତ ଦୟାଳୁ ବ୍ୟକ୍ତି;
Karuṇanidāna
ଦୟାସାଗର—1. A very compassionate person; a very merciful person.
୨ । ପରମେଶ୍ୱର—2. A name of God.
ସଂ. ବିଣ.—ଅତ୍ୟନ୍ତ ଦୟାଳୁ—Very merciful.

**କରୁଣାନିଧାନ**—ସଂ. ବି. ଓ ବିଣ. ( ୬ଷ୍ଠୀ ତତ୍; କରୁଣା + ନିଧାନ = ସ୍ଥାନ, ଭଣ୍ଡାର)—କରୁଣାନିଦାନ (ଦେଖ)
Karuṇānidhāna Karuṇānidāna (See)

**କରୁଣାନିଧି** ସଂ. ବି. ଓ ବିଣ. ( ୬ଷ୍ଠୀ ତତ୍; କରୁଣା + ନିଧି = ସ୍ଥାନ, ଭଣ୍ଡାର)—କରୁଣାନିଦାନ (ଦେଖ)
Karuṇānidhi Karuṇānidāna (See)
ଦେ. ବି. ପୁଂ.—ପୁରୁଷଙ୍କ ନାମ—Name given to males.

**କରୁଣାମୟ** – ସଂ. ବିଣ. ପୁଂ. (କରୁଣା + ଅଛି ଅର୍ଥରେ. ମୟ)—
Karuṇāmaya ଦୟାମୟ; ଦୟାପୂର୍ଣ୍ଣ—
( କରୁଣାମୟୀ—ସ୍ତ୍ରୀ ) All-merciful; full of compassion.

**କରୁଣାର୍ଦ୍ର**—ସଂ. ବିଣ (୩ୟା ତତ୍; କରୁଣା + ଆର୍ଦ୍ର )—
Karuṇārdra ଦୟାର୍ଦ୍ର; ଦୟାଦ୍ୱାରା ତରଳିତ—
Melted or moistened with kindness; compassionate.

**କରୁଣାର୍ଦ୍ରଚିତ୍ତ**—ସଂ. ବିଣ. ପୁଂ ( ବହୁବ୍ରୀହି; କରୁଣାର୍ଦ୍ର + ଚିତ୍ତ ) ଯାହାର
Karuṇārdrachitta ଚିତ୍ତ ଦୟାଦ୍ୱାରା ତରଳିତ ହୁଏ—
(କରୁଣାର୍ଦ୍ରଚିତ୍ତା—ସ୍ତ୍ରୀ Tender-hearted.
ସଂ. ବି (କର୍ମଧା;) ଦୟାଦ୍ୱାରା ତରଳିତ ହୃଦୟ—
Heart melted with pity.

**କରେଇ**—ଦେ. ବି (ସଂ. କଟାହ)—୧ । କରାଇ (ଦେଖ)—
Karei Karāi (See)
୨ । ନୌକା ବା ବୋଟ ମଧ୍ୟରୁ ଫାଟ ବାଟେ ପଶି ଜମିଥିବା ପାଣିକୁ ଯେଉଁ ପାତ୍ରରେ ନାଉରିମାନେ ଫିଙ୍ଗି ଦିଅନ୍ତି—2. The cup by which boatmen throw away the water accumulating at the bottom of the boat.
[ଦ୍ର—ଏଥିରେ ବେଣ୍ଟ ଲାଗିଲେ ଏହାକୁ ବେଣ୍ଟୁଳ କୁହାଯାଏ ।]
ଗ୍ରା. କି. ବିଣ—କଡ଼େଇ (ଦେଖ)—Kaṛei (See)
ଗ୍ରା. (ଇତର) ବି. (ଛୋଟ ଜାତିଙ୍କର ଳ ସ୍ଥାନରେ ର ଉଚ୍ଚାରଣ ଜନିତ ବ୍ୟବହାର) କଳେଇ ( ଦେଖ )—
Kaḷei (See)

**କରେଇବା**—ଦେ. କି ( କୃ ଧାତୁର ଣିଜନ୍ତ ରୂପ 'କରାଇବା'ର କଥିତ
Kareibā ଆକାର; ତୁଳନୀୟ—ଭଙ୍ଗାଇବା, ଭଙ୍ଗେଇବା; ମରାଇବା,
କରାନ ମରେଇବା)—କରାଇବା ( ଦେଖ )—
କରାନା To cause to be done.
ପାଶଫିରାନ ଗ୍ରା. (ଇତର) କି—କଡ଼େଇବା; କଡ଼ବାଗରେ ଗତି
କରବଟହୋନା କରିବା—To move sidewise; to make a sidelong motion.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

କରେଇ ହେବା—ଗ୍ରା. (ଇତର) କ୍ରି—୧ । ଏକପାଖକୁ ପାଖରେଇବା—
Karei hebā 1. To move to one side.
पाशफिरान ୨ । କଡ଼ବାଗରେ ଅଉଁଜିବା—
করবটলেনা 2. To lean sideways.
୩ । ପାର୍ଶ୍ୱ ପରିବର୍ତ୍ତନ କରିବା—
3. To turn on the side.

କରେଟୁ—ସଂ. ବି (କୁ=କୁତ୍ସିତ+ରେଟ୍ ଧାତୁ=ଶବ୍ଦ କରିବା+ଉ; କିମ୍ବା କ=ଜଳ+ରେଟ୍ ଧାତୁ=ଶବ୍ଦ କରିବା+ଉ)—
Kareṭu କରଟୁ; ଏକଜାତୀୟ ଜଳଚର ପକ୍ଷୀ; ଗେଣ୍ଡାଳିଆ ପକ୍ଷୀ—
An aquatic openbill bird; Numidian crane.

କରେଣ—ଦେ. (ପଦ୍ୟ; ପ୍ରାଚୀନ ପ୍ରୟୋଗ) ଅ. (ସଂ=କର ଶବ୍ଦର ତୃତୀୟା
Kareṇa ଏକବଚନ;) କରଦ୍ୱାରା—By the hand.
କରେଣ ଶଙ୍ଖ ଚକ୍ରଧାରୀ—କମଳଲୋଚନ. ଚଉତିଶା ।

କରେଣୁ—ସଂ. ବି (କୃ ଧାତୁ=କରିବା+କର୍ତ୍ତୃ. ଏନୁ)—୧ । (ପୁଂ) ହସ୍ତୀ—
Kareṇu 1. Male elephant.
୨ । (ସ୍ତ୍ରୀ) ହସ୍ତିନୀ—2. Female elephant.
୩ । କନିଅର (ଗଛ) (ଦେଖ)—
3. Kaniara (tree) (See).
ଦୀନ; ଶୋକାର୍ତ୍ତ—Overcome with grief; afflicted; miserable.

କରେଣୁକ—ସଂ. ବି (କରେଣୁ+ସ୍ୱାର୍ଥ. କ)—୧ । କନିଅର ଫଳ—
Kareṇuka 1. The fruit or berry of Kaniara tree.
୨ । ହସ୍ତୀ—2. Elephant.

କରେଣୁକା—ସଂ. ବି. ସ୍ତ୍ରୀ (କରେଣୁ+ସ୍ୱାର୍ଥେ.କ+ସ୍ତ୍ରୀ. ଆ)—
Kareṇukā ହସ୍ତିନୀ—Female elephant.

କରେଣୁସୁତ—ସଂ. ବି—ହସ୍ତିଚିକିତ୍ସାସମ୍ବଳିତ ପାଲକାବ୍ୟର ନାମ—
Kareṇusuta Name of a Sanscrit work on the treatment etc of elephants.

କରେନ୍ସି—ବୈଦେ. ବି. (ଇଂ.କରେନ୍ସୀ) ଦେଶରେ କ୍ରୟବିକ୍ରୟାଦିରେ
Karensi ମୁଦ୍ରା ବ୍ୟବହାର—Currency of a country.

କରେନ୍ସିନୋଟ୍—ବୈଦେ. ବି—(ଇଂ.କରେନ୍ସୀ ନୋଟ୍)—ସରକାରଙ୍କ
Karensi noṭ ପ୍ରବର୍ତ୍ତିତ କାଗଜ ମୁଦ୍ରା—Currency note.
कारेन्सीनोट्
কৰেন্সীনোট

କରୋଇ ଯିବା—ପ୍ରାଦେ. (ସମ୍ବଲପୁର) କ୍ରି—ପିଟେଇ ଯିବା (ଦେଖ)
Karoi jibā Pitei jibā (See)

କରୋଟ—ଦେ. ବି.—(ସଂ. କରବର୍ତ୍ତି. ପ୍ରା. କରପଟ୍ଟ) କଡ଼; ପାର୍ଶ୍ୱ—
Karoṭa Side; flank.
पाश
কৰেট

କରୋଟି—ସଂ.ନ. (କ=ମସ୍ତକ+ରୁଟ ଧାତୁ=ରକ୍ଷା କରିବା+କର୍ତ୍ତୃ.ଅ)—
Karoṭi ୧ । ମୁଣ୍ଡର ଖପୁରି—1. Skull.
୨ । ମସ୍ତକର ଅସ୍ଥିସମୂହ—
2. The bones of the head.

କରୋଟି—ସଂ. ବି. (କରୋଟ+ଇ)—କରୋଟ (ଦେଖ)
Karoṭi Karoṭa (See)

କରୋଟିକା—ସଂ. ବି. (କରୋଟ+ସ୍ୱାର୍ଥେ. କ+ସ୍ତ୍ରୀ.ଆ)—
Karoṭikā କରୋଟ (ଦେଖ)
Karoṭa (See)

କରୋଟୀ—ସଂ. ବି. ସ୍ତ୍ରୀ.—(କରୋଟ+ସ୍ତ୍ରୀ. ଈ)—କରୋଟ (ଦେଖ)
Karoṭī Karoṭa (See).

କରୋନର୍—ବୈଦେ. ବି. (ଇଂ. କରୋନର୍)—ଅପମୃତ୍ୟୁରେ ମରିଥିବା
Karonar ବ୍ୟକ୍ତିମାନଙ୍କ ମୃତଦେହକୁ ଯାଞ୍ଚ କରି ମୃତ୍ୟୁର କାରଣ
करोनर ସମ୍ବନ୍ଧେ ପ୍ରମାଣ ଗ୍ରହଣ କରି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ୍ କରିବା
করোনর ପାଇଁ ନିଯୁକ୍ତ ସରକାରୀ କର୍ମଚାରୀ—A Coroner.
[ଦ୍ର—କରୋନର୍‌ଙ୍କ ତଦନ୍ତକୁ ଇନ୍‌କ୍ୱେଷ୍ଟ୍ (Inquest) ବୋଲି ଯାଏ ଓ ତାଙ୍କ ରିପୋର୍ଟ୍‌କୁ ଇନ୍‌କ୍ୱେଷ୍ଟ୍ ରିପୋର୍ଟ୍ (Inquest report) ବୋଲାଯାଏ । ]

କରୋନେସନ୍—ବୈଦେ. ବି. (ଇଂ)—ରାଜାଙ୍କର ଅଭିଷେକ—
Karonesan Coronation.
करोनेसन
করোনেসন

କର୍କ୍—ବୈଦେ. ବି. (ଇଂ)—୧ । ବୋତଲର ଠିପି—
Kark 1. The cork of a bottle.
काक ୨ । ଏକ ଜାତୀୟ ବୃକ୍ଷ; ଯାହା ଛେଲିରୁ ବୋତଲର ଠିପି
কাগ ତିଆରି ହୁଏ—2. The Indian Cork tree; Millingtonia Hortensis; Quercus Suber.
[ ଦ୍ର—ଏହା ପାଟଳାଦିବର୍ଗର ଅରଣ୍ୟ ତରୁ । ଏହାର ଫୁଲ ଧଳା ଓ ବଡ଼ ଡେମ୍ଫଯୁକ୍ତ ଓ ସୁଗନ୍ଧ । ଏହା ଶୀତଦିନେ ଫୁଟେ; ତୁଇଁ ଲମ୍ବ ଓ ମଞ୍ଜିରେ ପକ୍ଷ ଅଛି । ଏ ଗଛର ଛାଲ ମୋଟା, କୋମଳ ଓ ସ୍ଥିତିସ୍ଥାପକ ଥିବାରୁ ଏଥିରେ ବୋତଲର ଠିପି କରାଯାଏ । ଗଛଗୁଡ଼ିକ ଦେଖିବାକୁ ସୁନ୍ଦର ଥିବାରୁ ସଡ଼କର ଦୁଇ ପାଖରେ ଏ ଗଛମାନ ଲଗାଯାଏ । ସୋଲ ନରମ ଥିବାରୁ ଲସି ଯାଏ, କିନ୍ତୁ କର୍କ୍ ସୋଲଠାରୁ ଟାଣୁଆ ଓ ସହଜରେ ଦବିଯାଏ ନାହିଁ । ]

କର୍କ (ଧାତୁ)—ସଂ.—ହାସ୍ୟକରିବା—
Karka (root) To laugh.

କର୍କ—ସଂ. ବିଣ. (କୃ ଧାତୁ+କ)—୧ । ଶ୍ୱେତ—
Karka 1. White.
୨ । ଶ୍ରେଷ୍ଠ—2. Excellent.
(କର୍କା—ସ୍ତ୍ରୀ) ୩ । ଉତ୍ତମ—3. Good.
ସଂ. ବି.—୧ । ଶ୍ୱେତାଶ୍ୱ; ଧଳାଘୋଡ଼ା—
1. A white horse.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ ଚ | | ଌୢ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଋ |

୨ । ଦର୍ପଣ—2. Mirror.
୩ । ତିଳ; ଖସା; ରାଶି—
3. Sesamum; sesame-seed.
୪ । ଜଳ—4. Water.
୫ । ଅଗ୍ନି—5. Fire.
୬ । କଙ୍କଡ଼ା—6. Crab.
୭ । ସୌନ୍ଦର୍ଯ୍ୟ—7. Beauty.
୮ । କଣ୍ଟକ—8. Thorn; prick.
୯ । କର୍କଟ ରାଶି—9. The 4th. solar mansion; the Cancer; a sign of the zodiac.
୧୦ । ଜଳଘଟ—10. A water jar.
୧୧ । କ୍ଷୁଦ୍ର କଳଶ; ଠେକ—11. A small jar.
୧୨ । କର୍କଟି; କାକୁଡ଼ି (ଲତାଫଳ)—12. Cucumber.
୧୩ । କଙ୍କେଇ—13. A younger brother of the father. (M. W.)

**କର୍କଚର୍ଭିଟା**—ସ. ବି.—( କର୍ମଧାରୟ; କର୍କ=ଶୁକ୍ଳ+ଚର୍ଭିଟା)—ଫୁଟି-
**Karkachirbhitā** କାକୁଡ଼ି; ଏକଜାତୀୟ ଧଳା ଫୁଟି (ପାଚିଲେ ଫାଟି ଯାଏ)—A species of white melon or cucumber which bursts when ripe.

**କର୍କଟ**—ସ. ବି. ( କର୍କ ଧାତୁ=ହାସ୍ୟ କରିବା+କର୍ତ୍ତୃ. ଅଟ)—
**Karkaṭa** ୧ । ପୁଂ. କଙ୍କଡ଼ା—1. Male crab.
(କର୍କଟୀ—ସ୍ତ୍ରୀ) ୨ । କର୍କଟରାଶି—
2. The Cancer; a sign of the zodiac.
୪ । କକଡ଼ା ବା ଶ୍ରାବଣ ମାସ—
4. The solar month of **Śrābaṇa**.
୫ । ଏକଜାତୀୟ କର୍କଶ ଶବ୍ଦକାରୀ ଜଳଚର ପକ୍ଷୀ; ଗେଣ୍ଡାଳିଆ ପକ୍ଷୀ—4. The Numidian crane; Demoiselle; Hypothymis Azurra.
[ଦ୍ର—ଏହା ଦେଖିବାକୁ ସୁନ୍ଦର କିନ୍ତୁ ଏହାର ସ୍ୱର ବଡ଼ କର୍କଶ ।]
୫ । ଧଳାଫୁଟି ଓ ତହିଁର ଲତା—5. The white melon creeper and its fruit.
୬ । ପଦ୍ମକନ୍ଦ; ପଦ୍ମମୂଳ—6. The root of the lotus plant.
ଦେ. ବି.—( ସ. କର୍କୋଟକ) କର୍କୋଟକ ( ଦେଖ )
Karkoṭaka (See).
ଶ୍ୱେତ ନାଗ ଯେ, କର୍କଟ ସଙ୍ଗାଇ ଶ୍ୱେତକ ପ୍ରଳମ୍ବ ତେବେ ସେ ହୋଇ ।
ପ୍ରାଚୀ. ପରିବେଶୀତା ।
୭ । ତରାଜୁକାଠିର ବକ୍ରାଗ୍ର—( ଯହିଁରୁ ପଲ୍ଲାର ଦଉଡ଼ି ଝୁଲାଯାଏ)—7. The curved end of the beam of a balance from which the strings supporting the scalepan are suspended. (M. W.)

୮ । ଏକପ୍ରକାର ଜ୍ୱରରୋଗ—
8. A kind of fever (M. W.)
୯ । ରତିବନ୍ଧବିଶେଷ—
9. A kind of coitus (M. W.)
୧୦ । ( ବୈଦ୍ୟକ ) ଅସାଧ୍ୟ ବ୍ରଣବିଶେଷ—10. Cancer.
୧୧ । କାକୁଡ଼ି—11. Cucumber; Cucumis Utilissimus (M. W.)
୧୧ । କରମୁଦ୍ରାବିଶେଷ—11. A particular pose of the hand (M. W.)

**କର୍କଟକ**—ସ. ବି. (କର୍କଟ+ସ୍ୱାର୍ଥେ. କ)—୧ । କର୍କଟ (ଦେଖ)
Karkaṭaka 1. Karkaṭa (See).
୨ । ଶୁଶ୍ରୁତଲିଖିତ ଅସ୍ଥିଭଙ୍ଗବିଶେଷ—
2. A particular fracture of the bone.

**କର୍କଟକାସ୍ଥି**—ସ. ବି. ( ୬ଷ୍ଠୀ ତତ୍; କର୍କଟକ+ଅସ୍ଥି )—କଙ୍କଡ଼ାର
Karkaṭakāsthi ଖୋଳ ( ଶୁଶ୍ରୁତ )—The shell or crust of a crab.

**କର୍କଟକ୍ରାନ୍ତି**—ସ. ବି. ( ଭୂଗୋଳ ପରିଭାଷା; ଜ୍ୟୋତିଷ )—
Karkaṭakrānti ବିଷୁବରେଖାର ୨୩ ଡିଗ୍ରି ଉତ୍ତରରେ ପୃଥିବୀକୁ ବେଢ଼ିଥିବା କାଳ୍ପନିକ ରେଖା—
(Geography, astronomy) The Tropic of Cancer.
[ ଦ୍ର – ବିଷୁବରେଖାର ଦକ୍ଷିଣରେ ଥିବା କ୍ରାନ୍ତିକୁ ମକରକ୍ରାନ୍ତି ବୋଲାଯାଏ । ଏହି ଦୁଇ କ୍ରାନ୍ତିମଧ୍ୟରେ ଥିବା କଟିବନ୍ଧକୁ ଗ୍ରୀଷ୍ମ କଟିବନ୍ଧ କହନ୍ତି । ସୂର୍ଯ୍ୟଙ୍କ ଗତିପଥ ଏହି ଉଭୟ କ୍ରାନ୍ତି ମଧ୍ୟରେ ଅବସ୍ଥିତ । ]

**କର୍କଟଶୃଙ୍ଗ**—ସ. ବି. ( ୬ଷ୍ଠୀ ତତ୍; କର୍କଟ+ଶୃଙ୍ଗ )—
**Karkaṭaśruṅga** କଙ୍କଡ଼ାର ବଡ଼ ଗୋଡ଼ ବା ପଞ୍ଝା—
The claws of a crab.

**କର୍କଟଶୃଙ୍ଗୀ**—ସ. ବି—କକଡ଼ାଶୃଙ୍ଗୀ ( ଦେଖ )
Karkaṭaśruṅgi Kaka**rḍā**śruṅgi ( See )

**କର୍କଟି**—ସ. ବି—(କର୍କଟ+ଇ)—କାକୁଡ଼ି—
Karkaṭi Cucumber.

**କର୍କଟିକା**—ସ. ବି. ସ୍ତ୍ରୀ. ( କର୍କଟ+କ+ସ୍ତ୍ରୀ. ଆ )—
Karkaṭikā କର୍କଟୀ ( ଦେଖ )
Karkaṭī ( See )

**କର୍କଟୀ**—ସ. ବି. ସ୍ତ୍ରୀ. ( କର୍କଟ+ସ୍ତ୍ରୀ. ଈ )—
Karkaṭī ୧ । ମାଈ କଙ୍କଡ଼ା—1. Female crab.
୨ । କାକୁଡ଼ି ଫଳ—
2. Cucumber; Cucumis Utilissimus.
୩ । କଳସି; ଘଡ଼ି; ଲୋଟା; ଗାଲ—
3. A small water jar or jug.

ସାଧାରଣରେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣ' ନ ପାଇଲେ 'ଅଙ୍ଗଣ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୪ । ସର୍ପୀବିଶେଷ; କଟକଟିଆ ନାଗୁଣୀ—
4. A kind of female serpent emitting a rattling sound.

**କର୍କଟୀ ଲଟୀ**—ଦେ. ବି (ସଂ. କର୍କଟୀ + ଲତା)—କାକୁଡ଼ି ଲତା—
Karkaṭi laṭi — Cucumber creeper.
ବଢ଼ାଇ ଦେଲ ଗୃହରେ ବଡ଼ନ ତରୁ ମୂଳେ କର୍କଟୀ ଲଟୀ ଛଇଲୁ ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

**କର୍କଟୁ**—ସଂ. ବି. ( କର୍କ ଧାତୁ + ସଂଜ୍ଞାର୍ଥେ. ଅଟୁ )—
Karkaṭu — ଗେଣ୍ଡାଳିଆ ପକ୍ଷୀ; କରଟୁ—
The Numidian crane ( M. W. )

**କର୍କନ୍ଧୁ**—ସଂ. ବି. ( କର୍କ=କଣ୍ଟକ + ଧା ଧାତୁ=ଧାରଣ କରିବା + କର୍ତ୍ତୃ. ଉ )—
Karkandhu
୧ । ବରକୋଳି; ବଦରୀ ( କୋଳି )—
1. The Jujube plum.
୨ । ବରକୋଳି ଗଛ—
2. The jujube tree; Zizyphus Jujuba..
୩ । ପାଣି ନ ଥିବା କୂଅ; ଶୁଖିଲା କୂଅ—
3. A well without water; a dried up well ( M. W. )
୪ । ଦଶ ଦିନର ଭ୍ରୂଣ—4. A fœtus which is ten days old ( M. W. )

**କର୍କନ୍ଧୂ**—ସଂ. ବି (କର୍କ + ଧା ଧାତୁ + କର୍ତ୍ତୃ. ଊ)—କର୍କନ୍ଧୁ ( ଦେଖ )
Karkandhū — Karkandhu ( See )

**କର୍କପ୍ରଭା**—ସଂ. ବି. ( କର୍କ=ଅଗ୍ନି + ପ୍ରଭା )—
Karkaprabhā
୧ । ଅଗ୍ନିର ତେଜ—
1. The ray or lustre of fire.
୨ । କର୍କଡ଼ା ମାସ—
2. The solar month of Kakarḍā.
ବହେ କର୍କପ୍ରଭା ସହି ଗତ କନ୍ୟା ଗତ ରହି ତୁଳ ଅଳ ସରସରେ ଭ୍ରମେ ସେ ।
ଭକ୍ତ. ବୈଦେହୀଶବିଳାସ ।

**କର୍କର୍**—ଦେ. ଅ. (ଧ୍ୱନ୍ୟନୁକରଣ)— କରକର ( ଦେଖ )
Karkar — Karakara ( See )

**କର୍କର**—ସଂ. ବି. ( କର୍କ=ସୌନ୍ଦର୍ଯ୍ୟ + ରା ଧାତୁ = ଗ୍ରହଣ କରିବା + କର୍ତ୍ତୃ. ଅ; ଯାହା ସମ୍ମୁଖରେ ଥିବା ବସ୍ତୁର ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରେ )—
Karkara
୧ । ଦର୍ପଣ—1. Mirror.
୨ । ଗୋଡ଼ି; ବାଲିଗରଡ଼ା—2. Gravel.
୩ । ମୁଦ୍ଗର—3. Dum-bell; mallet.
୪ । ହାଡ଼—4. A bone ( M. W. )
୫ । ମହାଭାରତୋକ୍ତ ନାଗବିଶେଷ —
5. Name of a mythological serpent.
୬ । ଗେଙ୍ଗୁଟି—6. Limestone-nodule.
୭ । ଖର୍ଜୁରବିଶେଷ—
7. A species of date ( M. W. )
ସଂ. ବିଣ. ( କର୍କ=ସୌନ୍ଦର୍ଯ୍ୟ + ରା. ଧାତୁ + କର୍ତ୍ତୃ. ଅ )—
୧ । କର୍କଶ—1. Rasping; harsh.
୨ । ଦୃଢ଼; କଠିନ—2. Hard; firm.

**କର୍କରାଟୁ**—ସଂ. ବି. ( କର୍କର = କର୍କଶ + ରଟ୍ ଧାତୁ = ଶବ୍ଦ କରିବା + କର୍ତ୍ତୃ. ଉ )—
Karkarāṭu
୧ । କରଟୁ; କରେଟୁ; କର୍କଶ ଶବ୍ଦକାରୀ ଏକ ପ୍ରକାର ଜଳଚର ପକ୍ଷୀ; ଗେଣ୍ଡାଳିଆ ପକ୍ଷୀ—
1. The Numidian crane.
୨ । ବାଙ୍କଚାହାଣି; ଆଡ଼ଚାହାଣି; କଟାକ୍ଷ—
2. A glance; sidelook ( M. W. )

**କର୍କରାଟୁକ**—ସଂ. ବି—କର୍କରାଟୁ ( ଦେଖ )
Karkarāṭuka — Karkarāṭu ( See )

**କର୍କରାନ୍ଧକ**—ସଂ. ବି. ( କର୍କର + ଅନ୍ଧକ )—ଲଣ୍ଡାକୂଅ; ଅମୁଦାକୂଅ—
Karkarāndhaka — A blind well ( of which the mouth is overgrown with grass etc. so as to be hidden ( M W. )

**କର୍କରୀ**—ସଂ. ବି. ( କର୍କର + ଈ )—୧ । ଜଳପାତ୍ର; ଘଟୀ—
Karkarī — 1. Water-jar; pitcher.
୨ । ନଳ ଲାଗିଥିବା ଜଳପାତ୍ର; ଗଡ଼ୁ; ଝୁମ୍ପା—
2. A water jar with a spout to pour water.

**କର୍କରେଟ**—ସଂ.ବି. (କର୍କର=କଠିନ + ଇଟ ଧାତୁ=ଗମନ କରିବା + ଅ)
Karkareṭa —ଗଳହସ୍ତ; ଉଞ୍ଚିଆ—Pushing the neck with the palm of the hand; collaring a person.

**କର୍କରେଟୁ**—ସଂ.ବି. (କର୍କର=କର୍କଶ + ରେଟ୍ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଉ)—କର୍କରାଟୁ (ଦେଖ)
Karkareṭu — Karkarāṭu (See)

**କର୍କରେଡ଼ୁ**—ସଂ. ବି. ( କର୍କର + ରେଟ ଧାତୁ + କର୍ତ୍ତୃ. ଉ )—
Karkareṛdu — କର୍କରାଟୁ (ଦେଖ)
Karkarāṭu (See)

**କର୍କଶ**—ସଂ. ବି. ( କର୍କ ଧାତୁ=ହାସ୍ୟ କରିବା + ସଂଜ୍ଞାର୍ଥେ. ଶ )—
Karkaśa
୧ । କରଞ୍ଜ ଗଛ—
1. Pongamia Indica ( tree ).
୨ । ଆଖୁ; ଇକ୍ଷୁ—2. Sugarcane.
୩ । କାସମର୍ଦ୍ଦ; କାଶିନ୍ଦ ଗଛ ( ଦେଖ )—
3. Kāśindi tree (See)
୪ । କାମ୍ପିଲ୍ଲ ( ଦେଖ )—
4. Kāmpilya (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଅ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ● | ହ୍ମ |

୫ । ଖଡ୍ଗ—5. Sword.

୬ । ଅଚିକ୍କଣତା—6. Roughness.

ସଂ. ବିଣ. ( କର୍କ ଧାତୁ—ହାସ୍ୟ କରିବା + ଶ )—

୧ । ଦୃଢ଼; କଠିନ; କଠୋର—

1. Harsh; hard.

କର୍କଶ ନୋହିବା ଭାରତରେ—କର୍ମପୁର୍ଯ୍ୟ, କନଶାସ୍ତ୍ରମ୍, କ ଶୀଘ ।

୨ । ଖରସ୍ପର୍ଶ; ଅମସୃଣ; ଅଚିକ୍କଣ—

2. Rough; uneven.

୩ । ସାହସିକ—3. Courageous.

୪ । ବିବେକହୀନ—4 Unconscientious; unscrupulous.

୫ । କଠୋରହୃଦୟ; କ୍ରୂର; ନିର୍ଦ୍ଦୟ; ନିଷ୍ଠୁର—

5. Cruel; unfeeling; inhuman; hard-hearted.

୬ । ଶ୍ରୁତିକଟୁ—6. Shrill; rude; rasping; grating.

୭ । କଟୁ; ପରୁଷ—7. Unpleasant.

୮ । କୃପଣ—8. Miserly.

ଦେ. ବିଣ.—ଜ୍ୱର ହେବା ପୂର୍ବରୁ ମୋଡ଼ି ଭଡ଼ି ହେବା (ଦେହ); ଜ୍ୱର ପୂର୍ବରୁ ବେଦନା ଅନୁଭବ କରିବା (ଦେହ)—(body) With a feeling of sickness before an attack of fever.

(ଯଥା—ମୋ ଦେହଟା ଖାଲି କର୍କଶ ହେଉଛି, ସମ୍ଭବତଃ ରାତିକି ଜର ହେବ । )

**କର୍କଶିଆ**—ଦେ. ବିଣ. (ସଂ. କର୍କଶ)—୧ । ଜ୍ୱରାକ୍ରାନ୍ତ ହେବାର ପୂର୍ବ ଅବସ୍ଥାଜନିତ ବ୍ୟଥା ଅନୁଭବ କରୁଥିବା (ଶରୀର)—
Karkaśiā
1. Feeling feverish.

୨ । କର୍କଶ—2. Hard; harsh.

୩ । ଦୃଢ଼—3. Firm; tight.

**କର୍କୋଟ**—ସଂ. ବି. ( କର୍କ ଧାତୁ=ହସିବା + କର୍ତ୍ତୃ. ଓଟ )—କର୍କୋଟକ (ଦେଖ)
Karkoṭā
Karkoṭaka (See)

**କର୍କୋଟକ**—ସଂ. ବି. ( କର୍କୋଟ + ସ୍ୱାର୍ଥେ. କ )—
Karkoṭaka ୧ । କଟକଟିଆ ନାଗ—

1. A kind of Indian snake emitting a rattling sound.

୨ । ପୁରାଣୋକ୍ତ ଅଷ୍ଟନାଗ ମଧ୍ୟରୁ ଏକତମ—

2. Name of mythological serpent.

[ ଦ୍ର—ଏହାର ନାମ ସ୍ମରଣ କଲେ କଳିକାଳର ପାପ ନାଶ ହୁଏ । 'ନଳଚରିତ'ରେ ଅଛି ଯେ ଏହି ନାଗ କଳି ସଙ୍ଗେ ନଳମହାରାଜାଙ୍କ ଦେହରେ ପ୍ରବେଶ କରି ତାଙ୍କୁ ବିରୂପ କରିଥିଲା । ]

୩ । ବେଲଗଛ—3. The Bel tree; Marmelos (tree.)

୪ । ଆଖୁ—4. Sugarcane.

୫ । କାଙ୍କଡ଼—5. The edible fruit of a creeper; Memordica Cockinchinensis.

୬ । ଫୁଟିକାକୁଡ଼ୀ ଲତା—6. The melon creeper.

**କର୍ଚ୍ଚୁଲି**—ଦେ. ବି—କରଚୁଲି ( ଦେଖ )—
Karchuli
Karachuli ( See )

**କର୍ଚ୍ଚ** (ଧାତୁ)—ସଂ.—ଦୁଃଖ ଦେବା—
Karchcha (root) To afflict.

**କର୍ଚ୍ଚର**—ସଂ. ବି (କଚ୍=ରଙ୍ଗ କରିବା + କରଣ ଅର; ଯାହାଦ୍ୱାରା ପଦାର୍ଥକୁ ରଙ୍ଗ କରାଯାଏ) ହରିତାଳ—
Karchchara
Yellow orpiment.

**କର୍ଚ୍ଚରିକା**—ସଂ. ବି ( କର୍ଚ୍ଚର + ଇକ + ସ୍ତ୍ରୀ. ଆ; ସମ୍ଭବତଃ ଏହାର ବର୍ଣ୍ଣ ହରିତାଳ ପରି ଥିବାରୁ )—ପୁରଦିଆ ଘୃତପକ୍ୱ ପିଷ୍ଟକବିଶେଷ; କଚୁରି—A kind of vegetable sandwich cake fried in ghee.
Karchcharikā

**କର୍ଚ୍ଚରୀ**—ସଂ. ବି ( କର୍ଚ୍ଚର + ସ୍ତ୍ରୀ. ଈ )—କର୍ଚ୍ଚରିକା ( ଦେଖ )—
Karchcharī
Karchcharikā (See)

**କର୍ଚ୍ଚୂର**—ସଂ. ବି ( କର୍ଚ୍ଚ ଧାତୁ=ଦୁଃଖ ଦେବା + କର୍ମ. ଊର )—
Karchchūra ୧ । ସ୍ୱର୍ଣ୍ଣ—1. Gold.

୨ । ହରିତାଳ—2. Yellow orpiment.

୩ । ଗନ୍ଧସାର; ଚନ୍ଦନ—3. The sandal wood.

ସଂ. ବିଣ—ବିଚିତ୍ର ବର୍ଣ୍ଣବିଶିଷ୍ଟ; କର୍ବୁର—Rainbow-coloured; multicoloured.

**କର୍ଚ୍ଛି**—ପ୍ରାଦେ. ( ବାଲେଶ୍ୱର ) ବି ( ସଂ. କର୍ଷି )—କରଛି (ଦେଖ)—
Karchchhi
Karachhi ( See )

**କର୍ଜ** (ଇତ୍ୟାଦି)—ବୈଦେ. ବି. (ଆ)—କରଜ ଇତ୍ୟାଦି ( ଦେଖ )—
Karja (etc.)
Karaja etc. ( See )

**କର୍ଜନ୍** (ଲର୍ଡ଼)—ବିଦେ. ( ଇଂ ) ବି. ( ନାମ )—ଭାରତର ବଡ଼ଲାଟ ( ୧୮୯୯-୧୯୦୫ )—George Nathaniel first Baron Curzon of Kedlest on a Viceroy of India.
Karjan

[ ଦ୍ର—ଏହାଙ୍କ ଜନ୍ମ ୧୮୫୯; ଏ ବିଲାତରେ ଯଥାକ୍ରମେ ଲର୍ଡ୍ ସାଲିସ୍‌ବରୀଙ୍କ ପ୍ରାଇଭେଟ୍ ସେକ୍ରେଟେରୀ, ଭାରତର ଅଣ୍ଡର-ସେକ୍ରେଟେରୀ, ପରରାଷ୍ଟ୍ର ବିଭାଗର ଅଣ୍ଡର ସେକ୍ରେଟେରୀ, ପାର୍ଲିଆମେଣ୍ଟର ସଦସ୍ୟ ହୋଇଥିଲେ । ଏ ଅତି ପ୍ରତିଭାଶାଳୀ ରାଜନୀତିଜ୍ଞ ଥିଲେ । ଏ ମଧ୍ୟଆସିଆ, ପାରସ୍ୟ, ଆଫଗାନିସ୍ଥାନ, ଶ୍ୟାମ, କୋରିଆ ଆଦି ଭ୍ରମଣକରି କେତେକ ଭ୍ରମଣବୃତ୍ତାନ୍ତ ସମ୍ବଳିତ ଗ୍ରନ୍ଥ ରଚନା କରିଥିଲେ । ଏହାଙ୍କ ଅମଳରେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଗଠିତ ହୋଇଥିଲା ଓ ସମ୍ରାଟ ଏଡ଼ୱାର୍ଡ଼ଙ୍କ ଅଭିଷେକ ଉପଲକ୍ଷରେ ୧୯୦୨-୩ରେ ଦିଲ୍ଲୀଠାରେ ମହା ସମାରୋହ ସହିତ ଉତ୍ସବ ହୋଇଥିଲା । କଲିକତାରେ ଭିକ୍ଟୋରିଆ ମେମୋ-

ଋଅଲ୍ ହଲ୍ ନିର୍ମାଣାର୍ଥ ଏ ଧନ ସଂଗ୍ରହ କରିଥିଲେ । ଏହାଙ୍କ ପରେ ଉକ୍ତ ସ୍ମୃତିମନ୍ଦିର ନିର୍ମିତ ହେଲା । ଏହାଙ୍କ ଅମଳରେ ତିବ୍ବତକୁ ଅଭିଯାନ କରା ଯାଇ ତିବ୍ବତ ସଙ୍ଗେ ଭାରତ ସରକାରଙ୍କର ସନ୍ଧି ହୋଇଥିଲା । ଏ ଭାରତର ଲୁପ୍ତପ୍ରାୟ ପ୍ରାଚୀନ କୀର୍ତ୍ତିମାନ ସଂରକ୍ଷଣାର୍ଥ ଆଇନ୍ କରିଥିଲେ । ଏ ୧୯୦୪ରେ ୮ମାସ ଛୁଟି ନେଇ ବିଲାତ ଯାଇଥିଲେ ଓ ଫେରି ଆସି ୧୯୦୫ ପର୍ଯ୍ୟନ୍ତ ପୁଣି ବଡ଼ଲାଟ ହେଲେ । ଏହାଙ୍କ ଅମଳରେ ବଙ୍ଗ ପ୍ରଦେଶକୁ ୨ଟି ପ୍ରଦେଶରେ ବିଭକ୍ତ କରା ଯାଇଥିଲା ଓ ବିହାର-ଓଡ଼ିଶା ନାମକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଲା । ବିଲାତକୁ ଫେରିଯାଇ ସେ ପାର୍ଲିଆମେଣ୍ଟର ହାଉସ୍ ଅଫ୍ ଲର୍ଡ୍‌ସ୍‌ରେ ସଭ୍ୟରୂପେ ଭୁକ୍ତ ହୋଇଥିଲେ; ମୃତ୍ୟୁ—୧୯୨୯ ।]

**କର୍ତ୍ତା**—ଗ୍ରା. ବି—କରତା ( ଦେଖ )
Karta Karata ( See )

**କର୍ଡ଼**—ବୈଦେ. ବି. ( ଇଂ )—କର୍ଣ୍ଣରେଖା; ସମକୋଣୀ ତ୍ରିଭୁଜର
Kard ସମକୋଣର ସମ୍ମୁଖୀନ ବାହୁ—
The chord of a rightangled triangle.

**କର୍ଡ଼ଲାଇନ୍**—ବୈଦେ. ବି. ( ଇଂ )—ଯେଉଁ ରେଲଲାଇନ୍ ସିଧାଭାବରେ
Kard lāin ଡେର୍ଚ୍ଛା ହୋଇ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାଏ—
Chordline of Railway.

**କର୍ଡ଼ା**— ଦେ. ବିଣ—କରଡ଼ା ( ଦେଖ )
Karrda Kararda ( See )

**କର୍ଡ଼ି**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କରୀର )—କରଡ଼ି; ବାଉଁଶ
Kardi କରଡ଼ି—The young shoots of a bamboo tree.

**କର୍ଣ୍ଣ**—ସଂ. ବି. ( କର୍ଣ୍ଣ ଧାତୁ = ଶୁଣିବା + କରଣ. ଅ )—୧ । କାନ—
Karnna 1. Ear.

୨ । ସମକୋଣ ତ୍ରିଭୁଜର ଡେର୍ଚ୍ଛା ରେଖା—
2. The hypotenuse of a right-angled triangle.

୩ । (କୃ ଧାତୁ + କର୍ତ୍ତୃ. ନ; ନାମ)—କୁନ୍ତୀଙ୍କର ଅବିବାହିତ ଅବସ୍ଥାରେ ସୂର୍ଯ୍ୟଙ୍କ ଔରସ ଜାତ କାନୀନ ପୁତ୍ର—
3. Name of a king of Angadesa; the son of Kunti by the Sun–God when she was a maiden.

[ ଦ୍ର—ଏ ସୂର୍ଯ୍ୟଙ୍କ ଔରସ ଜାତ କୁମାରୀ କୁନ୍ତୀଙ୍କ କାନୀନ ପୁତ୍ର ଥିଲେ । ଲୋକଲଜ୍ଜାଭୟରେ କୁନ୍ତୀ ଏ ଶିଶୁକୁ ଗୋଟିଏ ପେଡ଼ିରେ ପୂରାଇ ନଦୀରେ ଭସାଇ ଦେଲେ । ଉକ୍ତ ପେଡ଼ିକୁ ସୂତ ନାମକ ସାରଥି ପାଇ ସେ ପିଲାକୁ ଆପଣା ସ୍ତ୍ରୀ ରାଧାଙ୍କଦ୍ୱାରା ପାଳିଲେ । ଏଥିଯୋଗୁଁ କର୍ଣ୍ଣଙ୍କୁ ସୂତପୁତ୍ର ଓ ରାଧେୟ ବୋଲି ଯାଉଥିଲା । ଏ ବାଲ୍ୟକାଳରେ ଦ୍ରୋଣାଚାର୍ଯ୍ୟଙ୍କଠାରୁ କୌରବ ଓ ପାଣ୍ଡବଙ୍କ ସହିତ ଅସ୍ତ୍ରଚାଳନବିଦ୍ୟା ଶିକ୍ଷା କଲେ । ଏହାଙ୍କର ଅର୍ଜୁନଙ୍କ ପରି ଅସ୍ତ୍ରକୌଶଳ ଦେଖି କୌରବମାନେ ଏହାଙ୍କୁ ମିତ୍ରରୂପେ ଗ୍ରହଣ କଲେ ଓ ଦୁର୍ଯ୍ୟୋଧନ ଏହାଙ୍କୁ ଅଙ୍ଗ ଦେଶର ରାଜା କରିଥିଲେ । ଏ ପରଶୁରାମଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଏ ଜରାସନ୍ଧ ସଙ୍ଗେ ଯୁଦ୍ଧ କରି ଜୟଲାଭ କରିଥିଲେ, କିନ୍ତୁ ଗନ୍ଧର୍ବଙ୍କ ସହ ଯୁଦ୍ଧ କରି ପରାଜିତ ହୋଇଥିଲେ । ଏହାଙ୍କ ଦାତାପଣ ପୁରାଣ ଓ ଲୋକପ୍ରସିଦ୍ଧ । ଏ ସତ୍ୟପାଳନ କରି ଆପଣାର ଏକମାତ୍ର ପୁତ୍ରକୁ ସ୍ୱହସ୍ତରେ ହାଣି ତା ମାଂସ ରାନ୍ଧି ବ୍ରାହ୍ମଣଙ୍କୁ ଭୋଜନ ଦେଇଥିଲେ ଓ ବ୍ରାହ୍ମଣବେଶଧାରୀ ବିଷ୍ଣୁଙ୍କ ବଳରେ ମୃତ ପୁତ୍ର ଜୀବିତ ହେଲା । ଏ ଅର୍ଜୁନଙ୍କର ବିଦ୍ୱେଷୀ ଥିଲେ । ମହାଭାରତ ଯୁଦ୍ଧର ସପ୍ତଦଶ ଦିବସରେ ଏ ଅର୍ଜୁନଙ୍କଦ୍ୱାରା ନିହତ ହୋଇଥିଲେ; ଏହାଙ୍କର ଅନ୍ୟ ନାମ ଦାତାକର୍ଣ୍ଣ; କିନ୍ତୁ କେହି କେହି ଦାତାକର୍ଣ୍ଣଙ୍କୁ ଏ କର୍ଣ୍ଣଙ୍କଠାରୁ ପୃଥକ୍ ବୋଲି କହନ୍ତି । ]

୩ । ( କର୍ଣ୍ଣ ଧାତୁ + କର୍ତ୍ତୃ. ଅ )—ନୌକାର ଅହୁଲା—
3. The rudder of a vessel.

୪ । ନୌକାର ମଙ୍ଗଧରା ନାମକ ଦଣ୍ଡ—4. The helm.

୫ । ( କୃ ଧାତୁ = ବିକ୍ଷେପ କରିବା + କର୍ମ. ନ )—ଯେଉଁ ସରଳରେଖାଦ୍ୱାରା ସମଚତୁର୍ଭୁଜର ଦୁଇ ସମ୍ମୁଖସ୍ଥ କୋଣ ସଂଯୁକ୍ତ ହୁଏ — 5. Diagonal.

ଦେ. ବି. ପୁଂ—୧ । ଲୋକଙ୍କ ନାମ
1. Name of males.

୨ । (ନାମ) କବିକର୍ଣ୍ଣ; କର୍ଣ୍ଣ ନାମକ ଜଣେ ବଙ୍ଗୀୟ କବି—
2. Name of a Bengalee poet.

( ଯଥା— ଏହାଙ୍କ ରଚିତ ବଙ୍ଗଳା ଭାଷାର ସତ୍ୟନାରାୟଣପାଲାର ଗୀତ ଓଡ଼ିଶାରେ ଅବିଧ ବୋଲାଯାଏ । )

**କର୍ଣ୍ଣଉଡ଼ି**—ଦେ. ବି—ଗଉଡ଼ମାନଙ୍କର ଦୋଳ ପୂର୍ଣ୍ଣିମା ଉତ୍ସବରେ ନାଉଡ଼ି
Karnnaurdi ଖେଳରେ ବ୍ୟବହୃତ ଏକ ପ୍ରକାର ଲମ୍ବ ବାଡ଼ି—
A long stick used by cowherds in stick-play.

**କର୍ଣ୍ଣକଣ୍ଡୁ**—ସଂ. ବି. ( କର୍ଣ୍ଣ + କଣ୍ଡୁ )—
Karnnakandu ୧ । କାନ ଭିତରେ କୁଣ୍ଡାଇ ହେବା—
1. Itching of the ear.

୨ । (ଲକ୍ଷଣାର୍ଥ) ପରନିନ୍ଦା ଶୁଣିବାର ଇଚ୍ଛା—
2. A desire to hear gossip against others.

**କର୍ଣ୍ଣକୀଟ** – ସଂ. ବି. ( ମ ପ. ଲୋ; କର୍ଣ୍ଣ ଆକ୍ରମଣକାରୀ କୀଟ )—
Karnnakita କୀଟବିଶେଷ; କାନକୋଠିଲା—
An ear–boring insect.

**କର୍ଣ୍ଣକୁହର** – ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ + କୁହର )—
Karnnakuhara କାନ ଭିତରେ ଥିବା ଛିଦ୍ର ବା ଗର୍ତ୍ତ—
The ear-hole; the auditory passage; cavity of the ear.

**କର୍ଣ୍ଣକୂଟ**—ସଂ. ବି— ସନ୍ନିପାତଜନିତ ଗାଲୁଆ ରୋଗ—
Karnnakūta A disease with painful swelling of of the neck and root of the ear; the mumps; the swelling of the parotid glands.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଝ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ୍ଚ | ନ୍ତ |

[ ଦ୍ର—ଏଥିରେ କାନମୁଣ୍ଡା ଓ ବେକ ଅଦ୍ଧ ଫୁଲି ଯାଏ । ଏ ରୋଗ ସମସ୍ତ ସମୟରେ ମାରାତ୍ମକ ହୁଏ । ]

**କର୍ଣ୍ଣକୂପ**—ସଂ. ବି ( ୬ଷ୍ଠୀ ତତ୍; କର୍ଣ୍ଣ+କୂପ )—କର୍ଣ୍ଣକୁହର ( ଦେଖ )
Karnnakūpa — Karnnakuhara ( See )

**କର୍ଣ୍ଣକୋଠ**—ଦେ. ବି. ( ସଂ. କର୍ଣ୍ଣକୂଟ )—କର୍ଣ୍ଣକୂଟ ( ଦେଖ )
Karnnakota — Karnnakūta ( See )

**କର୍ଣ୍ଣଗତ**—ସଂ. ବିଣ. ( ୨ୟା ତତ୍; କର୍ଣ୍ଣ+ଗତ )—
Karnnagata — ଶୁଣାଯିବା; କର୍ଣ୍ଣଗୋଚର—
Heard; reaching the ears.

**କର୍ଣ୍ଣଗତ କରିବା**—ଦେ. କ୍ରି—୧ । ଶୁଣିବା—
Karnnagata kariba — 1. To hear.

କଥିତ ହେଉଥିଲେ ଏ ମହାଭାରତ
ଯେଉଁ ଲୋକ ଏହା କରଇ କର୍ଣ୍ଣଗତ । କୃଷ୍ଣସିଂହ. ମହାଭାରତ. ଆଦ ।

୨ । ଶୁଣାଇବା; କର୍ଣ୍ଣଗୋଚର କରିବା; କହିବା—
2. To inform; to bring to the ears of.

**କର୍ଣ୍ଣଗୂଥ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଗୂଥ=ବିଷ୍ଠା; ମଳ )—
Karnnagūtha — କର୍ଣ୍ଣମଳ ( ଦେଖ )
Karnnamala ( See )

**କର୍ଣ୍ଣଗୋଚର**—ସଂ. ବିଣ. ( ୬ଷ୍ଠୀ ତତ୍; କର୍ଣ୍ଣ+ଗୋଚର )—
Karnnagochara — ୧ । ଯାହା ଶୁଣାଯାଇ ପାରେ; କର୍ଣ୍ଣର ଅଧିକାରବର୍ତ୍ତୀ—1. Within hearing.

୨ । ଶ୍ରବଣଯୋଗ୍ୟ; ଶ୍ରୁତିଗୋଚର—
2. Perceptible to the ear; audible.

୩ । ଶୁଣାଯିବା ( ବିଷୟ )—
3. Coming to one's knowledge through the ears; reaching the ears.

**କର୍ଣ୍ଣଛିଦ୍ର**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଛିଦ୍ର; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ )—
Karnnachchhidra — କର୍ଣ୍ଣକୁହର ( ଦେଖ )
Karnnakuhara ( See )

**କର୍ଣ୍ଣଜଳୌକା**—ସଂ. ବି. (୬ଷ୍ଠୀ ତତ୍; କର୍ଣ୍ଣ+ଜଳୌକସ୍; ୧ମା. ୧ବ)—
Karnnajalaukā — କାନକୋଠଲୀ—
An ear-boring insect.

**କର୍ଣ୍ଣଦେଶ**—ସଂ. ବି. ( ରୂପକ; କର୍ଣ୍ଣ+ଦେଶ ) କର୍ଣ୍ଣ; କାନ —
Karnnadesa — The ear.

ଗୁରୁଙ୍କର ବାଣୀ ସେ କର୍ଣ୍ଣଦେଶେ ଶୁଣି । କୃଷ୍ଣସିଂହ. ମହାଭାରତ. ଆଦ ।

**କର୍ଣ୍ଣଧାର**—ସଂ. ବି. (କର୍ଣ୍ଣ+ଧୃ ଧାତୁ+କର୍ତ୍ତୃ. ଅ; ନୌକାର କର୍ଣ୍ଣକୁ ଯେ ଧରେ )—
Karnnadhāra

୧ । ମାଝି; ନାବିକ—1. Boatman.

୨ । ମଙ୍ଗଧରା—2. Helmsman.

୩ । ଅଗ୍ରଗନ୍ତାଧର ବ୍ୟକ୍ତି—3. Steersman.

**କର୍ଣ୍ଣପଟହ**—ସଂ. ବି. ( ରୂପକ; କର୍ଣ୍ଣ+ପଟହ )—
Karnnapataha — କାନ ଭିତରେ ଥିବା ଯେଉଁ ପତଳା ଚମ-ପରଦାରେ ବାହାରରୁ ଯିବା ଧ୍ୱନି ବାଜଲେ ଶୁଭେ—
The ear-drum.

**କର୍ଣ୍ଣପାତ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ପାତ )—
Karnnapāta — ୧ । କାନ ଦେଇ ଶୁଣିବା—
1. Hearing of a thing.

୨ । କଥିତ ବିଷୟ ପ୍ରତି ମନୋଯୋଗ—
2. Attention to a matter spoken.

**କର୍ଣ୍ଣପାତ କରିବା**—ଦେ. କ୍ରି—୧ । ଶୁଣିବା—
Karnnapāta kariba — 1. To hear; to listen to.

୨ । ଖାତିର କରିବା—2. To pay heed to.

**କର୍ଣ୍ଣପିଶାଚ**—ଦେ. ବି (ସଂ. କର୍ଣ୍ଣପିଶାଚୀ —କର୍ଣ୍ଣପିଶାଚୀ (ଦେଖ )
Karnnapisācha — Karnnapisāchī ( See )

**କର୍ଣ୍ଣପିଶାଚୀ**—ସଂ. ବି. ସ୍ତ୍ରୀ—୧ । ତନ୍ତ୍ରୋକ୍ତ ଦେବୀବିଶେଷ; ଯାହାଙ୍କ ସାଧନା କଲେ ମନୁଷ୍ୟ ସର୍ବଜ୍ଞ ହୁଏ—
Karnnapisāchī
1. A Goddess who grants the boon of omniscience to her devotee.

୨ । ଦେବୀସାଧନା ଦ୍ୱାରା ସର୍ବଜ୍ଞ ହେବାପାଇଁ ଅଭ୍ୟାସ କରାଯିବା ବିଦ୍ୟା—
2. The esoteric art of practising omniscience.

**କର୍ଣ୍ଣପୂଜ**—ସଂ. ବି. (ମ. ପ. ଲୋ; କର୍ଣ୍ଣଜାତ ପୂଜ)—ରୋଗ ଯୋଗୁଁ କାନରୁ ବୋହିବା ପୂଜ—The pus discharged from the ear owing to Otorrhea.
Karnnapūja

**କର୍ଣ୍ଣପୂୟ**—ସଂ. ବି—କର୍ଣ୍ଣପୂଜ ( ଦେଖ )
Karnnapūya — Karnnapūja ( See )

**କର୍ଣ୍ଣପୂର**—ସଂ. ବି. ( କର୍ଣ୍ଣ+ପୂର୍ ଧାତୁ+କର୍ତ୍ତୃ. ଅ )—
Karnnapūra — ୧ । କର୍ଣ୍ଣଭୂଷଣ; କାପ—
1. An ear-ornament.

୨ । ନୀଳପଦ୍ମ; ନୀଳକଇଁ—2. The blue water-lily.

୩ । ଅଶୋକ ବୃକ୍ଷ—
3. Saraca Indica ( tree ).

୪ । ଶିରୀଷ ଗଛ—4. A tree; Albizza Lebbec.

୫ । ଜନୈକ ବୈଷ୍ଣବ ଗ୍ରନ୍ଥକାର—
5 An author of Baishnaba works.

**କର୍ଣ୍ଣପ୍ରୟାଗ**—ସଂ. ବି. ( ନାମ )—ତୀର୍ଥବିଶେଷ—
Karnnaprayāga — A place of pilgrimage.

[ ଦ୍ର—ଏହା ବଦରୀଧାମରୁ ୬୨ ମାଇଲ ଦୂରରେ ଅବସ୍ଥିତ । ମହାଭାରତବର୍ଣ୍ଣିତ କର୍ଣ୍ଣବୀର ଏହିଠାରେ ଯଜ୍ଞ କରିଥିଲେ । ଏଥିରେ ସୂର୍ଯ୍ୟନାରାୟଣ ସନ୍ତୁଷ୍ଟ ହୋଇ ତାହାଙ୍କୁ ଅଶୀର୍ବାଦ ଦାନ କରିଥିଲେ । ମଦନମୋହନ. ତୀର୍ଥଦର୍ଶକ—୪ଥ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କର୍ଣ୍ଣଫଳ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଫଳ )—୧ । କାନର ତଳସ୍ଥ
Karnnaphala ମାଂସଳ ଅଂଶ—1. Lobe of the ear.
୨ । ମତ୍ସ୍ୟବିଶେଷ—
2. Ophecephalus kurraway. (fish) (M.W.)

**କର୍ଣ୍ଣଫଳକ**—ସଂ. ବି. (୬ଷ୍ଠୀ ତତ୍; କର୍ଣ୍ଣ+ଫଳକ)—କର୍ଣ୍ଣଫଳ (ଦେଖ)
Karnnaphalaka Karnnaphala ( See )

**କର୍ଣ୍ଣଫଳୀ**—ସଂ. ବି—କର୍ଣ୍ଣଫଳ ( ଦେଖ )
Karnnaphali Karnnaphala ( See )

**କର୍ଣ୍ଣଫୁଲ**—ଦେ. ବି. (ସଂ. କର୍ଣ୍ଣ+ପୁଷ୍ପ )—କାନଫୁଲ; କାନରେ ପିନ୍ଧାଯିବା
Karnnaphula ଫୁଲ ଆକାରର ଅଳଙ୍କାରବିଶେଷ—
An ear-ornament.

**କର୍ଣ୍ଣଫୁଲି**—ଦେ. ବି—କର୍ଣ୍ଣଫୁଲ ( ଦେଖ )
Karnnaphuli Karnnaphula ( See )

**କର୍ଣ୍ଣବିବର**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ବିବର )—
Karnnabibara କର୍ଣ୍ଣକୁହର ( ଦେଖ )
Karnnakuhara ( See )

**କର୍ଣ୍ଣବେଧ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ବେଧ )—ହିନ୍ଦୁ ବାଳକର
Karnnabedha କାନଫୋଡ଼ା ନାମକ ସଂସ୍କାରବିଶେଷ ( ଏହା ଦ୍ୱିଜାତିର ଦଶଗୋଟି ସଂସ୍କାର ମଧ୍ୟରୁ ଏକତମ )—
The ear-boring ceremony of a Hindu child; boring of the lobes of the ear.

**କର୍ଣ୍ଣବେଷ୍ଟକ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ବେଷ୍ଟକ )—କର୍ଣ୍ଣଭୂଷଣ;
Karnnabeshtaka କେୟୂର; କୁଣ୍ଡଳ—An ear-ornament.

**କର୍ଣ୍ଣବେଷ୍ଟନ**—ସଂ. ବି—କର୍ଣ୍ଣବେଷ୍ଟକ ( ଦେଖ )
Karnnabeshtana Karnnabeshtaka ( See )

**କର୍ଣ୍ଣଭୂଷଣ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଭୂଷଣ )—କାନରେ ପିନ୍ଧା
Karnnabhūshana ଯିବା ଅଳଙ୍କାର—Ear-ornament.

**କର୍ଣ୍ଣଭୂଷା**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଭୂଷା)—କର୍ଣ୍ଣଭୂଷଣ (ଦେଖ)
Karnnabhūshā Karnnabhūshana ( See )

**କର୍ଣ୍ଣମଳ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ମଳ )—କାନଗୁହ—The
Karnnamala secretion or wax of the ear.

**କର୍ଣ୍ଣମୁଣ୍ଡା**—ଦେ. ବି. (ସଂ. କର୍ଣ୍ଣ+ମୂଳ) କର୍ଣ୍ଣମୂଳ ( ଦେଖ )
Karnnamundā Karnnamūla ( See )

**କର୍ଣ୍ଣମୂଳ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ମୂଳ )—କାନମୁଣ୍ଡା; କର୍ଣ୍ଣର
Karnnamūla ମୂଳଦେଶ—The root of the ear; the part of the face between the ear and the cheek.

**କର୍ଣ୍ଣରନ୍ଧ୍ର**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ରନ୍ଧ୍ର )—କର୍ଣ୍ଣକୁହର (ଦେଖ)
Karnnarandhra Karnnakuhara ( See )

**କର୍ଣ୍ଣରାଜ**—ଦେ. ବି—୧ । କାନକଟୁଲି ( ଦେଖ )
Karnnarāja 1. Kānakatuli ( See )
୨ । ଅଙ୍ଗ ଦେଶର ରାଜା କୁନ୍ତୀପୁତ୍ର କର୍ଣ୍ଣ—
2. Karnna, the king of Anga country.

**କର୍ଣ୍ଣରେ ପଡ଼ିବା**—ଦେ. କ୍ରି—କର୍ଣ୍ଣଗୋଚର ହେବା; ଶୁଣାଯିବା—
Karnnare pardibā To come to one's knowledge through the ears; to reach the ears.
( ଯଥା—ମୋ ଗୁହାରି ପ୍ରଭୁଙ୍କ କର୍ଣ୍ଣରେ ପଡ଼ିଲା ନାହିଁ । )

**କର୍ଣ୍ଣଲ୍**—ବୈଦେ. ବି—କର୍ଣ୍ଣେଲ୍ ( ଦେଖ )
Karnnal Karnnel ( See )

**କର୍ଣ୍ଣଶଷ୍କୁଲୀ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଶଷ୍କୁଲୀ=ପଢଲା ଚକୁଳି
Karnnaśashkuli ପରି ଅଂଶ )—କାନର ବାହାର ପାଖର ପାତ୍ରାକୃତି ଗହ୍ୱର—The outer cartilaginous depression of the ear.

**କର୍ଣ୍ଣଶୂଳ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣ+ଶୂଳ )—କାନବିନ୍ଧା ରୋଗ—
Karnnaśūla Ear-ache; Otalgia.
ସଂ. ବିଣ. (ଲକ୍ଷଣାର୍ଥ)—କର୍ଣ୍ଣକଟୁ; ଶୁଣିବାକୁ ଅପ୍ରୀତିକର—
Unpleasant to the ear.
କର୍ଣ୍ଣଶୂଳ ମଣିବ ମୋ ଯେ ସ୍ତୁତ—ରାଧାନାଥ, ମହାଯାତ୍ରା ।

**କର୍ଣ୍ଣସ୍ରାବ**—ସଂ. ବି ( ୬ଷ୍ଠୀ ତତ୍; କର୍ଣ୍ଣ+ସ୍ରାବ )—କାନରୁ ପୂଯ ବହିବା
Karnnasrāba ରୋଗ; କାନପଚା ରୋଗ—Otorrhea.

**କର୍ଣ୍ଣାକର୍ଣ୍ଣି**—ସଂ. ବି. ( ବ୍ୟତିହାର ବହୁବ୍ରୀହି; କର୍ଣ୍ଣ+କର୍ଣ୍ଣ )—ପରସ୍ପର
Karnnākarnni କର୍ଣ୍ଣରେ କୁହା କୋହି ହେବା ଗୁପ୍ତ ମନ୍ତ୍ରଣା; କାନାକାନି; ରହସ୍ୟ କଥାଭାଷା; ପରସ୍ପର ଫୁସ୍‌ଫୁସ୍ ହେବା—
A whispering together.
ସଂ. ଅ.—ଜଣକ କାନରେ ଅନ୍ୟ ଜଣେ କହିବାଦ୍ୱାରା ଏକ କାନରୁ ଅନ୍ୟ କାନ ହେବା ପ୍ରକାରେ—
Passed in whispers from ear to ear.

**କର୍ଣ୍ଣାକର୍ଣ୍ଣିକ**—ସଂ. ବି—କର୍ଣ୍ଣାକର୍ଣ୍ଣି ( ଦେଖ )—
Karnnākarnnika Karnnākarnni ( See )

**କର୍ଣ୍ଣାକର୍ଣ୍ଣିକା**—ସଂ. ବି—କର୍ଣ୍ଣାକର୍ଣ୍ଣି ( ଦେଖ )—
Karnnākarnnikā Karnnākarnni (See)

**କର୍ଣ୍ଣାଞ୍ଚଳ**—ସଂ. ବି (ରୂପକ; କର୍ଣ୍ଣ+ଅଞ୍ଚଳ)—କର୍ଣ୍ଣଦେଶ; କାନ—
Karnnānchala The ear.
ମୁକୁଟ କୁଣ୍ଡଳେ ଶୋଭାପାଏ କର୍ଣ୍ଣାଞ୍ଚଳ—ବଷ୍ଠୁ, କେଶବସ୍ତୁରଣ ।

**କର୍ଣ୍ଣାଟ**—ସଂ. ବି ( କର୍ଣ୍ଣ+ଅଟ ଧାତୁ+କର୍ତ୍ତୃ. ଅ )—ଦ୍ରାବିଡ଼ର ଉତ୍ତର-
Karnnāta ପଶ୍ଚିମସ୍ଥ ପ୍ରସିଦ୍ଧ ଦେଶ; ଦକ୍ଷିଣ ଭାରତର ପୂର୍ବ ଉପକୂଳସ୍ଥ ଦେଶବିଶେଷ—The Karnatak country in South India; the Karnatics.
[ ଦ୍ର—ଦକ୍ଷିଣ ଭାରତର ପୂର୍ବ ଉପକୂଳକୁ କର୍ଣ୍ଣାଟ ବା କରମଣ୍ଡଳ ଉପକୂଳ ବୋଲାଯାଏ । ଏହି ଉପକୂଳରେ ମାନ୍ଦ୍ରାଜ ଅବସ୍ଥିତ । ପଶ୍ଚିମ ଉପକୂଳକୁ ମାଲବାର ଉପକୂଳ ବୋଲାଯାଏ । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

**କର୍ଣ୍ଣାଟିକ**—ସଂ. ବଣ. (କର୍ଣ୍ଣାଟ + ସମ୍ବନ୍ଧାର୍ଥେ. ଇକ)—କର୍ଣ୍ଣାଟସମ୍ବନ୍ଧୀୟ—
Karṇṇāṭika Relating to the Karnataka country.

**କର୍ଣ୍ଣାଟିକା**—ଦେ. ବି.—କର୍ଣ୍ଣାଟ ଦେଶବାସୀ—
Karṇṇāṭikā A resident of the Karnatics.

କର୍ଣ୍ଣାଟକାଙ୍କ କାଟକା ଲାଗିଲା ନାହିଁ—ଭକ୍ତ. ପ୍ରେମସୁଧାନିଧି ।

**କର୍ଣ୍ଣାଟୀ**—ସଂ. ବି. ( କର୍ଣ୍ଣାଟ + ସ୍ତ୍ରୀ. ଈ )—୧ । କର୍ଣ୍ଣାଟଦେଶୀୟା ସ୍ତ୍ରୀ—
Karṇṇāṭi 1. A woman of the Karnatic country.

୨ । କାବ୍ୟଶାସ୍ତ୍ରର ରୀତିବିଶେଷ—
2. Name of a kind of literary style.

୩ । ରାଗିଣୀବିଶେଷ; କାନଡ଼ା ରାଗ—
3. Name of a musical strain.

୪ । କର୍ଣ୍ଣାଟ ରାଜମହିଷୀ—
4. The queen of the kingdom of Karṇṇāṭa.

**କର୍ଣ୍ଣାଟୀୟ**—ସଂ. ବଣ.(କର୍ଣ୍ଣାଟ + ସମ୍ବନ୍ଧାର୍ଥେ. ଈୟ)--କର୍ଣ୍ଣାଟକ (ଦେଖ)—
Karṇṇāṭiya Karṇṇāṭika (see)

**କର୍ଣ୍ଣାବଳି**—ପ୍ରାଦେ. ବି.—୧ । ( ଗଡ଼ଜାତ )—ଶିଶୁମାନଙ୍କର କର୍ଣ୍ଣବେଧ; କାନଫୋଡ଼ା—
Karṇṇābaḷi 1. The ear-boring ceremony.

୨ । (ଗଞ୍ଜାମ)—କୁମୁଟିମାନଙ୍କର ଉତ୍ସବବିଶେଷ—
2. A festival in vogue among the Kumuti caste.

**କର୍ଣ୍ଣାମଗିରି**—ଦେ. ବି. (ନାମ)—ଜଣେ ଓଡ଼ିଆ କବି—
Karṇṇāmagiri A poet.

[ ଦ୍ର—ଏ କବି ବୈଷ୍ଣବ ଥିଲେ, 'ଭକ୍ତିରସାମୃତ' ନାମକ ଗ୍ରନ୍ଥ, ଏହାଙ୍କ ଦ୍ୱାରା ରଚିତ ।

ଭାରଣୀ. ମହାଭାରତ. ଉତ୍କଳସାହିତ୍ୟ. ଇତିହାସ । ]

**କର୍ଣ୍ଣାଳ**—ଦେ. ବି.—କାହାଳୀ—
Karṇṇāḷa Trumpet.

ମଧୁରୀ, କର୍ଣ୍ଣାଳ, ଭେରୀ ବାଦ୍ୟକମାନ—ଉକ୍ତ. କୋଷ୍ଠବ୍ରହ୍ମାଣ୍ଡସ୍ୱରୂପ ।

**କର୍ଣ୍ଣି**—ସଂ. ବି. (କର୍ଣ୍ଣ + ଇ)—କର୍ଣ୍ଣିକ ( ଦେଖ )
Karṇṇi Karṇṇika ( See )

**କର୍ଣ୍ଣିକ**—ସଂ. ବି. ( କର୍ଣ୍ଣ + ଇକ; ଏହା ପଶୁର କାନ ପରି ଦେଖାଯିବାରୁ ) ରାଜମିସ୍ତ୍ରୀର କରଣୀ; କହଲ—
Karṇṇika Mason's trowel.

**କର୍ଣ୍ଣିକା**—ସଂ. ବି. ସ୍ତ୍ରୀ. (କର୍ଣ୍ଣ + ଇକ + ସ୍ତ୍ରୀ. ଆ)—୧ । କର୍ଣ୍ଣଭୂଷଣ—
Karṇṇikā 1. An ear-ring; an ornament for the ear.

୨ । ହସ୍ତୀଶୁଣ୍ଡାଗ୍ରବର୍ତ୍ତୀ ଅଙ୍ଗୁଳି ଆକାର ଅଂଶ—
2. The end of the elephant's trunk serving the purpose of the fingers of the human hand.

୩ । ପଦ୍ମଫୁଲ ମଧ୍ୟସ୍ଥ ବୀଜକୋଷ—
3. The seed-capsule or pericarp inside the lotus flower.

ଷୋଡ଼ଶେ ଅଷ୍ଟ ଷଷ୍ଟ ଦଳ କର୍ଣ୍ଣିକା କେଶର ଅମୂଲ୍ୟ—ଭୂପତି. ପ୍ରେମପଞ୍ଚାମୃତ ।

୪ । ଲେଖନୀ—4. Pen.

୫ । ହାତର ମଧ୍ୟମାଙ୍ଗୁଳି—
5. The middle finger of the hand.

୬ । କୁଟ୍ଟିନୀ—6. A go-between; a procuress.

୭ । ଅଗ୍ନିମନ୍ଥ ବା ଗଣିଆରି ଗଛ; ଅଗବଥୁ ଗଛ—
7. Premna Integrifolia ( tree ).

**କର୍ଣ୍ଣିକାଚଳ**—ସଂ. ବି. (କର୍ଣ୍ଣିକା + ଅଚଳ)—ସୁମେରୁ ପର୍ବତ—
Karṇṇikāchaḷa The Sumeru mountains.

**କର୍ଣ୍ଣିକାର**—ସଂ. ବି.(କର୍ଣ୍ଣିକା = କର୍ଣ୍ଣଭୂଷଣ + ଋ ଧାତୁ = ଗମନ କରିବା + କର୍ତ୍ତୃ. ଅ)—୧ । ଆରଗ୍ୱଧ; ସୁନାରୀ ଗଛ ଓ ଫୁଲ—
Karṇṇikāra 1. Cassia (tree and flower).

୨ । ଦ୍ରୁମୋତ୍ପଳ; ପରିବ୍ୟାଧ; ଗେଣ୍ଡୁଫୁଲ—
2. Marigold (flower).

करवी, कलकेफूल, चिनेकरवी ୩ । କନିଅର ଫୁଲ ଓ ଗଛ—
पीलाकनीर 3. Yellow or bastard oleander; Thevetia Nerifolia; Cerebra Thevetia.
ତା. ପଚ୍ଚାଇଅଲ୍ଲାରୀ
ତେ. ଗନ୍ନେରୁଚେଟୁ

[ ଦ୍ର—ଏ ଗଛର ଫୁଲ ତୋଫା ହଳଦିଆ ଓ ସୁଗନ୍ଧହୀନ ଏବଂ ଆକାରରେ ଘଣ୍ଟେଇ ଚିଲମ ପରି । କନିଅର ଗଛ ଆମେରିକା ଦ୍ୱୀପପୁଞ୍ଜର କିନ୍ତୁ ଭାରତକୁ ଆସି ବନ୍ୟ ହୋଇଅଛି; ଏହାର ଫଳ ଗୋଟାଳିଆ ଓ ତହିଁ ମଧ୍ୟରେ ଚେପ୍ଟା ମଞ୍ଜି ଥାଏ; ଏ ମଞ୍ଜିକୁ ଗୁଡ଼ ସଙ୍ଗେ ବାଟି ଖାଇଲେ ତାହା ପ୍ରାଣନାଶକ ବିଷ ହୁଏ । ଏ ଦେଶର ସ୍ତ୍ରୀମାନେ ଏହାକୁ ଖାଇ ଆତ୍ମହତ୍ୟା କରନ୍ତି ଓ ଏହା ମଧ୍ୟ ଭ୍ରୂଣହତ୍ୟାରେ ବ୍ୟବହୃତ ହୁଏ । ଏହି ମଞ୍ଜିରେ ଥେଭେଟିନ୍ ( Thevetin ) ନାମକ ବିଷ ଅଛି । ବଙ୍ଗଳାରେ କେହି କେହି କର୍ଣ୍ଣିକାରକୁ କରବୀ କହନ୍ତି; କିନ୍ତୁ ସଂସ୍କୃତ କରବୀ ନାଲି ଓ ଧଳା ଭେଦରେ ଦ୍ୱିବିଧ । କରବୀର ଥୋପା ଥୋପା ଫୁଲ ହୁଏ । କରବୀ ଫୁଲର ମୃଦୁ ଗନ୍ଧ ଅଛି, ମାତ୍ର କର୍ଣ୍ଣିକାର ଫୁଲ ନିର୍ଗନ୍ଧ । କାଳିଦାସ କୁମାରସମ୍ଭବରେ ଲେଖିଅଛନ୍ତି— "ବର୍ଣ୍ଣପ୍ରକର୍ଷେ ସତି କର୍ଣ୍ଣିକାରଂ, ଦୁନୋତି ନିର୍ଗନ୍ଧତୟା ସ୍ମ ଚେତଃ ।" କନିଅର ମଞ୍ଜି ଉଗ୍ରବିଷ, କରବୀର ମୂଳ ଓ ଛାଲ ଉଗ୍ରବିଷ; କରବୀ ଗଛରେ ଛୁଇଁ ଧରେ; ମାତ୍ର କନିଅର ଗଛରେ ଗୋଲ ଫଳ ଧରେ । ]

**କର୍ଣ୍ଣିସ୍**—ବୈଦେ. ବି.(ଇଂ କର୍ଣ୍ଣିସ୍)--କାନୁସ୍; ପଥର ବା ଇଟା କାନ୍ଥ ବା ସ୍ତମ୍ଭର ଅଗ ପାଖରେ ବା ବେକରେ ପଦାକୁ ବାହାରିଥିବା ଅଂଶ—
Karṇṇis Cornice.
कानुस
कानुस

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କର୍ଣ୍ଣୀ**—ସଂ. ବିଣ. ପୁଂ. ( କର୍ଣ୍ଣ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ )—
Karṇṇi ୧ । କର୍ଣ୍ଣବିଶିଷ୍ଟ—1. Having ears.
୨ । ଲମ୍ବକର୍ଣ୍ଣଯୁକ୍ତ—2. Long-eared.
( କର୍ଣ୍ଣିନୀ—ସ୍ତ୍ରୀ ) ୩ । କର୍ଣ୍ଣସମ୍ବନ୍ଧୀୟ—3. Relating to the ear.
୪ । କୁଟିଳାବୟବଯୁକ୍ତ ଶରବିଶେଷ—
4. A kind of arrow.
୫ । ସପ୍ତବର୍ଷ ପର୍ବତ ଅନ୍ତର୍ଗତ ପର୍ବତବିଶେଷ—
5. Name of a mythological mountain.
୬ । ବେକର କାନ ପାଖ ଅଂଶ—
6. The part of the neck near the ear.
ସଂ. ବି. ( ଏହାର ଲମ୍ବ କର୍ଣ୍ଣ ଥିବାରୁ )—ଗଧ—
The Ass.

**କର୍ଣ୍ଣୀରଥ**—ସଂ. ବି. ( କର୍ଣ୍ଣୀ=କର୍ଣ୍ଣୈକଦେଶ + ରଥ=ଯାନ )—
Karṇṇiratha ୧ । ସ୍କନ୍ଧବାହ୍ୟ ଯାନ; ପାଲିଙ୍କି—
1. A conveyance borne on the shoulders; sedan-chair.
୨ । ସ୍ତ୍ରୀଲୋକ ଗମନାର୍ଥ ବସ୍ତ୍ରାଚ୍ଛାଦିତ କ୍ଷୁଦ୍ର ଗାଡ଼ି ବା ଡୋଲି—
2. A small covered car or sedan for carrying ladies.

**କର୍ଣ୍ଣୀସୁତ**—ସଂ. ବି. ( ୬ଷ୍ଠୀ ତତ୍; କର୍ଣ୍ଣୀ + ସୁତ )—
Karṇṇisuta ୧ । ମଥୁରାର ରାଜା କଂସାସୁର—
1. Kaṁsa, the king of Mathurā.
୨ । ଚୋର—2. Thief.
୩ । ଚୌର୍ଯ୍ୟଶାସ୍ତ୍ରପ୍ରବର୍ତ୍ତକ—3. Name of the person who introduced stealing as an art.

**କର୍ଣ୍ଣେଜପ**—ସଂ. ବିଣ. ( ଅଲୁକ୍ ସମାସ; କର୍ଣ୍ଣେ=କାନରେ + ଜପ ଧାତୁ
Karṇṇejapa =ପୁନଃ ପୁନଃ ଉଚ୍ଚାରଣ କରିବା + କର୍ତ୍ତୃ. ଅ)—
୧ । କାନଭଙ୍ଗା; ଖଚୁଆ; ଲୁପ୍ତମର୍ମଦାତା—
1. Traducer; whisperer; informer; back-biter; talebearer.
୨ । ଗୋଇନ୍ଦା—2. A detective.

**କର୍ଣ୍ଣେଲ୍**—ବୈଦେ. ବି. ( ଇଂ. ରେ 'କର୍ଣ୍ଣେନେଲ୍' ରୂପେ ଲିଖିତ ଓ
Karṇṇel କର୍ଣ୍ଣେଲ୍‌ରୂପେ ଉଚ୍ଚାରିତ ଶବ୍ଦ)—ସିପାହିମାନଙ୍କ ସର୍ଦ୍ଦାର—
A colonel.

**କର୍ଣ୍ଣୋତ୍ପଳ**—ସଂ. ବି. ( କର୍ଣ୍ଣ + ଉତ୍ପଳ )—ଉତ୍ପଳ ସଦୃଶ କର୍ଣ୍ଣଭୂଷଣ—
Karṇṇotpaḷa An ornament for the ear resembling the lotus.
ଶ୍ୱେ ଚାମରଭାମା-କର୍ଣ୍ଣ୍ଣ ବେଗେ ପଡ଼େ ଝଡ଼ି କର୍ଣ୍ଣୋତ୍ପଳ ।
ରାଧାନାଥ—ମହାଯାତ୍ରା ।

**କର୍ତ୍ତ**—ଗ୍ରା. ବି. ( ସଂ. କରପତ୍ର )—କରତ—A saw.
Kartta ବସାଇ ଖଣେ କର୍ତ୍ତ ପ୍ରମାଣେ ବଣ ବଧର ଧାରା ।
ଭଞ୍ଜ—ବୈଦେହୀଶବିଳାସ ।

**କର୍ତ୍ତନ**—ସଂ. ବି. ( କୃତ ଧାତୁ=ଛେଦନ କରିବା + ଭାବ. ଅନ )—
Karttana ୧ । ଛେଦନ—1. Cutting.
୨ । କାଟିବା—2. Chopping; clipping.
୩ । ସୂତା କାଟିବା—3. The spinning of thread.
୪ । ଗାର କଟା ହେବା; ଗାର କାଟିବା—
4. Scoring; drawing of a line.

**କର୍ତ୍ତନଶର**—ସଂ. ବି. ( କର୍ତ୍ତନ + ଶର )—କର୍ତ୍ତରୀ ଆକାରର ଶର;
Kartanaśara କଇଞ୍ଚିବାଣ—A kind of arrow.
ବକର୍ତ୍ତନ କର୍ତ୍ତନଶରେ ନାକ ମାର୍ଗଣ ନାକରେ ତେବେତତ୍ତ ଥୋଇ ।
ଭଞ୍ଜ—ବୈଦେହୀଶବିଳାସ ।

**କର୍ତ୍ତନୀ**—ସଂ. ବି. ସ୍ତ୍ରୀ. ( କୃତ ଧାତୁ=ଛେଦନ କରିବା + କରଣ ଅନ +
Karttaṇi ସ୍ତ୍ରୀ. ଈ )—୧ । କଇଞ୍ଚି—
1. A pair of scissors.
୨ । କାଟିବା ଯନ୍ତ୍ର—2. A cutting instrument.

**କର୍ତ୍ତବ୍ୟ**—ସଂ. ବିଣ. (କୃ ଧାତୁ + କର୍ମ. ତବ୍ୟ )—
Karttabya କରଣୀୟ; କରିବା ଯୋଗ୍ୟ; ଉଚିତ; ବିଧେୟ—
To be done or performed; fit to be done; proper; necessary.
ସଂ. ବି.—ଅବଶ୍ୟ କରଣୀୟ କାର୍ଯ୍ୟ—Duty.
ଦେ. ବି.—ଶକ୍ତି; ସାମର୍ଥ୍ୟ—Power; capacity.

**କର୍ତ୍ତବ୍ୟତା**—ସଂ. ବି. ( କର୍ତ୍ତବ୍ୟ + ଭାବେ. ତା )—
Karttabyatā କରଣୀୟତା; ଔଚିତ୍ୟ—Propriety.

**କର୍ତ୍ତବ୍ୟତାବିମୂଢ଼**—ସଂ. ବିଣ. ପୁଂ.—କର୍ତ୍ତବ୍ୟବିମୂଢ଼ ( ଦେଖ )
Karttabyatābimūṛha Karttabyabimūṛha (See).
(କର୍ତ୍ତବ୍ୟତାବିମୂଢ଼ା—ସ୍ତ୍ରୀ)

**କର୍ତ୍ତବ୍ୟବିମୂଢ଼**—ସଂ. ବିଣ. ପୁଂ. ( ୭ମୀ ତତ୍; କର୍ତ୍ତବ୍ୟ + ବିମୂଢ଼ )—
Karttabyabimūṛha କର୍ତ୍ତବ୍ୟଜ୍ଞାନଶୂନ୍ୟ; କିଂକର୍ତ୍ତବ୍ୟବିମୂଢ଼;
(କର୍ତ୍ତବ୍ୟବିମୂଢ଼ା—ସ୍ତ୍ରୀ ) ଯେଉଁ ବ୍ୟକ୍ତି କଅଣ କରିବ ତାହା ସ୍ଥିର କରି ନ ପାରେ—Hopelessly confounded; not knowing what to do.

**କର୍ତ୍ତରିକା**—ସଂ. ବି. ସ୍ତ୍ରୀ. (କର୍ତ୍ତରୀ + ସ୍ୱାର୍ଥେ. କ; ସ୍ତ୍ରୀ. ଆ)—
Karttarikā କର୍ତ୍ତରୀ (ଦେଖ)
Karttari (See)

**କର୍ତ୍ତରୀ**—ସଂ. ବି. ସ୍ତ୍ରୀ. ( କୃତ୍ ଧାତୁ=କାଟିବା + କରଣ. ଅର + ସ୍ତ୍ରୀ.
Karttari ଈ)—୧ । କଇଞ୍ଚି—1. A pair of scissors.
୨ । କଟାରି—2. Bill-hook.
୩ । ଗୁଆକାତି—3. Nut-cracker.
୪ । ଛୁରି—4. Knife.
୫ । (+କର୍ମ. ଅର)—ବାଣର ପୁଙ୍ଖ—
5. The tail of an arrow.
୬ । ବଣିଆଙ୍କ କଇଞ୍ଚି ପତ୍ରୀକୃତ—
6. Goldsmith's scissors.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋୂ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍ତୁ |

**କର୍ତ୍ତା**—ସଂ. ବି. ପୁଂ. (କୃ ଧାତୁ+କର୍ତ୍ତୃ. ତୃ; କର୍ତ୍ତୃ ଶବ୍ଦ ୧ମା. ୧ବ.)—
Karttā ୧ । ( ବ୍ୟାକରଣ ) କାରକବିଶେଷ; ଯେ କୌଣସି କର୍ମ (କର୍ତ୍ତ୍ରୀ—ସ୍ତ୍ରୀ) ସମ୍ପାଦନ କରେ ବା କରାଏ—( Grammar ) The nominative case.

୨ । ସୃଷ୍ଟିକାରକ; ସର୍ଜନାକାରୀ—2. Creator.

୩ । କର୍ମ କରିବା ବ୍ୟକ୍ତି; କାର୍ଯ୍ୟକାରକ—3. Doer of a work; performer.

୪ । କାର୍ଯ୍ୟାଧ୍ୟକ୍ଷ; କାମ ତଦାରଖିବା ବ୍ୟକ୍ତି—4. Agent; superintendent; supervisor.

୫ । ପ୍ରଭୁ; ମୁଖ୍ୟବ୍ୟକ୍ତି; ଅଧ୍ୟକ୍ଷ; ମାଲିକ—5. Master; headman; chief; principal.

୬ । ଗ୍ରନ୍ଥକାର; ରଚକ—6. Author; writer; composer.

୭ । ନିର୍ମାତା; ପ୍ରସ୍ତୁତକାରୀ; ତିଆରି କରିବାଲୋକ—7. Maker; manufacturer.

୮ । ଗୃହସ୍ୱାମୀ; ପରିବାରର ମୁଖ୍ୟବ୍ୟକ୍ତି—8. The master of the house; head of the family.

୯ । କୌଣସି ନିତ୍ୟ ନୈମିତ୍ତିକ ଅନୁଷ୍ଠାନରେ କ୍ରିୟା କର୍ତ୍ତା ବା ଯଜମାନ—9. One who performs the rituals in a ceremony as the principal.

ଦେ. ବି.—୧ । କନ୍ୟାକର୍ତ୍ତା; ବିବାହବେଦିରେ ଯେଉଁ ବ୍ୟକ୍ତି କନ୍ୟାକୁ ବରର ହାତରେ ପ୍ରଦାନ କରନ୍ତି—1. Bride's guardian; the person who gives away a girl in marriage.

୨ । ବରକର୍ତ୍ତା; ବିବାହରେ ବରପକ୍ଷର ଅଭିଭାବକ—2. Bridegroom's guardian.

୩ । (କଚେରିଆ) କାରବାର ବା ମକଦ୍ଦମା ଆଦିରେ କାର୍‌ପରଦାଜଙ୍କ ଅସଲ ମାଲିକ—3. An agent's principal in a business.

ପ୍ରାଦେ. (ସମ୍ବଲପୁର) ବି.—ଗୁଡ଼ ପାଗ ହେଲେ ତାକୁ 'ଢୋଲି' ବା ଖଣ୍ଡଖଣ୍ଡ କରିବା ପାଇଁ ଯେଉଁ ମାଟିର ବଡ଼ ଚଟକା ଥାଳିରେ ଢାଳନ୍ତି—A big and shallow earthen pan into which boiled molasses are poured for preparing 'Doli' or lumps.

[ଦ୍ର—ଏହି ଶବ୍ଦ ସଙ୍ଗେ ବ୍ୟବହୃତ ଶବ୍ଦ—ବରକର୍ତ୍ତା; କନ୍ୟାକର୍ତ୍ତା; ଋଣକର୍ତ୍ତା; ଗୃହକର୍ତ୍ତା; ଗ୍ରନ୍ଥକର୍ତ୍ତା ଇତ୍ୟାଦି ।]

**କର୍ତ୍ତାଳ**—ଗ୍ରା. ବି. (ସଂ. କରତାଳ)—କରତାଳ (ଦେଖ)
Karttāla Karatāla (See)

... ଗୋଲ ଯେ କର୍ତ୍ତାଳ ଟିଙ୍ଗ ବେଣୁ ଯେ କରଣି । ପ୍ରାଚୀ. ଶ୍ରୀକୃଷ୍ଣଭକ୍ତିଲୀଳା ।

**କର୍ତ୍ତି**—ଗ୍ରା. ବି.—କରତି (ଦେଖ)
Kartti Karati (See)

**କର୍ତ୍ତିତ**—ସଂ. ବିଣ. (କୃତ୍ ଧାତୁ=କାଟିବା+କର୍ମ. ତ)—୧ । ଛେଦିତ; ଯାହା
Karttita କଟା ଯାଇ ଅଛି; ଛିନ୍ନ—1. Cut.

୨ । ବାଦ ଦିଆଯାଇଥିବା—2. Deducted.

**କର୍ତ୍ତୁକାମ**—ସଂ. ବିଣ. (ବହୁବ୍ରୀହି; କର୍ତ୍ତୁଂ=କରିବାକୁ+କାମ; ସମାସରେ
Kartrukāma ଅନୁସ୍ୱାରର ଲୋପ; ତୁଳ. ଗନ୍ତୁକାମ)—(କୌଣସି କର୍ମ) କରିବାକୁ ଇଚ୍ଛୁକ; ତତ୍ପର—Willing to do a work; bent upon doing a work; ready to do a work.

**କର୍ତ୍ତୃକ**—ସଂ. ଅ.—(ବହୁବ୍ରୀହି ସମାସରେ ଅନ୍ୟ ପୂର୍ବ ସଙ୍ଗେ ଯୁକ୍ତ ହେଲେ
Karttṛuka 'କର୍ତ୍ତୃ' ଶବ୍ଦ ପରେ 'କ' ଆଗମ ହୁଏ)—ତୃତୀୟା ବିଭକ୍ତିର ଚିହ୍ନ; ଦ୍ୱାରା—By; with the help of; with; through; by means of.

( ଯଥା—ମତ୍କର୍ତ୍ତୃକ; ତତ୍କର୍ତ୍ତୃକ; ରାମକର୍ତ୍ତୃକ )

**କର୍ତ୍ତୃକା**—ସଂ. ବି. ସ୍ତ୍ରୀ.—(କୃତ୍ ଧାତୁ=ଛେଦନ କରିବା+କର୍ତ୍ତୃ. ତୃ+
Karttṛukā କ+ସ୍ତ୍ରୀ. ଆ)—କ୍ଷୁଦ୍ର ଖଣ୍ଡା—Scimitar; small sword.

**କର୍ତ୍ତୃକାରକ**—ସଂ. ବି. —(ବ୍ୟାକରଣ) ପ୍ରଥମାବିଭକ୍ତିର କାରକବିଶେଷ;
Karttṛukāraka ଯେଉଁ କାରକ କ୍ରିୟା ସମ୍ପାଦନ କରେ—(grammar) The nominative case.

**କର୍ତ୍ତୃତ୍ୱ**—ସଂ. ବି. (କର୍ତ୍ତୃ.+ଭାବ. ତ୍ୱ)—୧ । ଅଧିକାର; ପ୍ରଭୁତ୍ୱ; କ୍ଷମତା—
Karttṛutwa 1. Supremacy; paramountcy; lordship; mastery; authority.

୨ । କାରକତ୍ୱ; ସାଧକତ୍ୱ—2. The state of being the doer of a thing.

୩ । ତଦାରଖ; ପରିଦର୍ଶନ; କାର୍ଯ୍ୟର ତତ୍ତ୍ୱ ନେବା—3. Supervision.

୪ । କର୍ମ ପରିଚାଳନ—4. Management.

**କର୍ତ୍ତୃତ୍ୱାଧୀନ**—ସଂ. ବିଣ. ( ୬ଷ୍ଠୀ ତତ୍ )—
Karttṛutwādhina ୧ । କୌଣସି ବ୍ୟକ୍ତିର ଅଧିକାରର ବଶବର୍ତ୍ତୀ; ଆୟତ୍ତ—1. Under the control of.

୨ । ପରିଚାଳନାର ଅଧୀନ—2. Under the management of.

୩ । କୌଣସି ବ୍ୟକ୍ତିର ତଦାରଖର ଅଧୀନ—3. Under the supervision of.

**କର୍ତ୍ତୃପଦ**—ସଂ. ବି.—( ବ୍ୟାକରଣ ) କର୍ତ୍ତା—
Karttṛupada The nominative.

**କର୍ତ୍ତୃବାଚ୍ୟ**—ସଂ. ବି. ( ବହୁବ୍ରୀହି; କର୍ତ୍ତୃ+ବାଚ୍ୟ; କର୍ତ୍ତା ହୋଇଥାଏ
Karttṛubāchya ବାଚ୍ୟ ଯହିଁରେ )—( ବ୍ୟାକରଣ )—ଯେଉଁ ବାଚ୍ୟରେ କର୍ତ୍ତା ପ୍ରକାଶିତ ବା ଉକ୍ତ ଥାଏ ଏବଂ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କର୍ତ୍ତାଠାରେ ପ୍ରଥମା ବିଭକ୍ତି ଏବଂ କର୍ମଠାରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ କ୍ରିୟା କର୍ତ୍ତାର ଅନୁଗାମୀ ହୁଏ— (grammar) The active voice.
( ଯଥା—ମନା ଭାତ ଖାଉଅଛି । )

**କର୍ଦ୍ଦ** ( ଧାତୁ )—ସଂ.—କୁତ୍ସିତ ଶବ୍ଦ କରିବା—
Kardda (root) To make a nasty sound.

**କର୍ଦ୍ଦ**—ସଂ. ବି. ( କର୍ଦ୍ଦ ଧାତୁ=କୁତ୍ସିତ ଶବ୍ଦ କରିବା+କର୍ତ୍ତୃ. ଅ )—
Kardda ୧ । କାଦୁଅ—1. Mud; clay.
୨ । ପଙ୍କ—2. Mire.
୩ । ମଇଳା—3. Filth; dirt; impurity.
୪ । ପାପ—4. Sin.
୫ । ମାଂସ—5. Flesh; meat.
୬ । ତଳତଳିଆ ମଇଳା; କାଣ୍ଡି—
6. Dregs; sediment.

**କର୍ଦ୍ଦନ**—ସଂ. ବି.—( କର୍ଦ୍ଦ ଧାତୁ+କୁତ୍ସିତ ଶବ୍ଦ କରିବା+ଭାବ.ଅନ )
Karddana ୧ । ପେଟ ଭାଙ୍ଗିବା; ଉଦରର ଶବ୍ଦ; ପେଟ ଭିତରେ ଗଡ଼ଗଡ଼ ଶବ୍ଦ—1. Sound inside the belly.
୨ । କୁତ୍ସିତରବ—2. Repulsive sound.
୩ । ଶିଶୁର ଶବ୍ଦ—3. Babblings of a child.
୪ । (+କର୍ତ୍ତୃ. ଅନ ) କୁଆ—4. Crow.
ଦେ. ବି.—୧ । ଦହଗଞ୍ଜ; କଷ୍ଟ—
1. Harassment; trouble.
୨ । ପୀଡ଼ା—2. Oppression.

କେତେବେଳେ ଦଶନବାସେ ଚନ୍ଦ୍ରଦାନ,
କେତେବେଳେ କର୍ଦ୍ଦନ କମ ହୋଏ ଜନନ ସେ । ରାଜକୃଷ୍ଣ- ରସକଲ୍ଲୋଳ ।

**କର୍ଦ୍ଦନା**—ଦେ. ବି.—(ସଂ. କର୍ଦ୍ଦନ)—କର୍ଦ୍ଦନ (ଦେଖ)
Karddanā Karddana (See)

**କର୍ଦ୍ଦମ**—ସଂ. ବି. (କର୍ଦ୍ଦ ଧାତୁ=କୁତ୍ସିତ ଶବ୍ଦ କରିବା+କର୍ତ୍ତୃ. ଅମ )—
Karddama ୧ । କର୍ଦ୍ଦ (ଦେଖ)
1. Kardda (See
୨ । (ନାମ) କପିଳଋଷିଙ୍କ ପିତା—
2. The father of sage Kapila.
୩ । ଛାୟା—3. Shade; shadow.

**କର୍ଦ୍ଦମମୟ**—ସଂ. ବିଣ.—( କର୍ଦ୍ଦମ+ପ୍ରାଚୁର୍ଯ୍ୟ ଓ ବିକାରାର୍ଥେ. ମୟ )—
Karddamamaya ୧ । କର୍ଦ୍ଦମପୂର୍ଣ୍ଣ—
1. Full of mud; clayey; muddy;
୨ । କର୍ଦ୍ଦମର ବିକାର; କର୍ଦ୍ଦମରେ ପ୍ରସ୍ତୁତ—
2. Made of clay.
୩ । ପଙ୍କୁଆ—4. Miry.
୪ । ମଇଳାପୂର୍ଣ୍ଣ—4. Dirty; filthy.

**କର୍ଦ୍ଦମାକ୍ତ**—ସଂ. ବିଣ. ( ୩ୟା ତତ୍; କର୍ଦ୍ଦମ+ଅକ୍ତ=ମିଶ୍ରିତ; ଲିପ୍ତ)—
Karddamākta ୧ । କାଦୁଅ ବୋଳା ହୋଇଥିବା—
1. Besmeared with mud.
୨ । କର୍ଦ୍ଦମ ମିଶ୍ରିତ; କାଦୁଅ—
2. Mixed with mud; muddy.

**କର୍ଦ୍ଦମାଟକ**—ସଂ. ବିଣ. ( କର୍ଦ୍ଦମ=ମଇଳା+ଅଟ୍ ଧାତୁ=ଯିବା+ଅଧିକରଣେ. ଅକ )—
Karddamāṭaka
ବିଷ୍ଠାଦି ଯେଉଁ ସ୍ଥାନରେ ପକାନ୍ତି; ଖତଗଦା—
Dunghill; a place for heaping nightsoil.

**କର୍ଦ୍ଦମିତ**—ସଂ. ବିଣ. କର୍ଦ୍ଦମ+ସଞ୍ଜାତ ଅର୍ଥରେ. ଇତ )—
Karddamita ପଙ୍କିଳ; କର୍ଦ୍ଦମଯୁକ୍ତ—
Muddy; full of mud.

**କର୍ପଟ**—ସଂ. ବି. ( କୃପ୍ ଧାତୁ=ପାରଗ ହେବା+କର୍ମ. ଅଟ )—
Karpaṭa ୧ । ଜୀର୍ଣ୍ଣଶୀର୍ଣ୍ଣ ବସ୍ତ୍ର; ଛିଣ୍ଡା ଲୁଗା—
1. Rags; old and patched-up garment.
୨ । ରାତିପିନ୍ଧା ଖଣ୍ଡେ କରିଆ—
2. A small loin-cloth used as underwear for the night; small cloth used for night-dressing.
୩ । କୌପୀନ—
3. A strip of rag tucked round the private parts (from the navel down and tucked backwards).
୪ । ପାଇକଚ୍ଛା; କାଛୁଆ—
4. A strip of cloth sewn for use as underwear and by athletes.
୫ । ଗାମୁଛା; ରୁମାଲ—5. Napkin; handkerchief.
୬ । (ନାମ) ପର୍ବତ ବିଶେଷ—
6. Name of a mountain.

**କର୍ପଟଧାରୀ**—ସଂ. ବି. ପୁଂ. (କର୍ପଟ+ଧୃ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—
Karpaṭadhārī କୌପୀନଧାରୀ ବୈରାଗୀ—A religious mendicant wearing a strip of rag to conceal nudity.
ସଂ. ବିଣ. ପୁଂ—ଛିଣ୍ଡାକନା ପିନ୍ଧିଥିବା—
(କର୍ପଟଧାରିଣୀ—ସ୍ତ୍ରୀ) Wearing rags.

**କର୍ପଟି**—ସଂ. ବି. ( କର୍ପଟ+ଇ )—କର୍ପଟ ( ଦେଖ )
Karpaṭi Karpaṭa ( See )

**କର୍ପଟିକ**—ସଂ. ବି. ଓ ବିଣ. ( କର୍ପଟ+ଇକ )—
Karpaṭika କର୍ପଟଧାରୀ ( ଦେଖ )
Karpaṭadhārī ( See )

**କର୍ପଟିକା**—ସଂ. ବି. ( କର୍ପଟୀ+ସ୍ୱାର୍ଥେ. କ+ସ୍ତ୍ରୀ.ଆ )—କର୍ପଟ (ଦେଖ)
Karpaṭikā Karpaṭa ( See )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୃ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଢ଼ | •ନ୍ତ |

କର୍ପଟି ଭିଡ଼ିବା—ଦେ. କ୍ରି—କୌପୁନ ମାରିବା—To wear a strip
Karpaṭi bhirḏiba of rag tucked down from the navel to the back round the private parts.

କର୍ପଟି ମାରିବା—ଦେ. କ୍ରି—କର୍ପଟି ଭିଡ଼ିବା ( ଦେଖ )
Karpaṭi māriba Karpaṭi bhirḏibā ( See )
कपनीमार
कपनी मारना

କର୍ପଟୀ—ସଂ. ବି. (କର୍ପଟ+ସ୍ତ୍ରୀ. ଈ)—କର୍ପଟ ( ଦେଖ )—
Karpaṭī Karpaṭa ( See )
ସଂ. ବିଣ. ପୁଂ. ( କର୍ପଟ+ଇନ୍; ୧ମା. ୧ବ )—
(କର୍ପଟିନୀ—ସ୍ତ୍ରୀ) କର୍ପଟଧାରୀ (ଦେଖ)—
Karpaṭadhārī (See)

କର୍ପର—ସଂ. ବି ( କୃପ ଧାତୁ=ପାରଗ ହେବା+କର୍ତ୍ତୃ. ଅର; )—
Karpara ୧ । ମୁଣ୍ଡର ଖପୁରି—1. Skull; the cranium.
୨ । ମାଟିପାତ୍ରର ଭଙ୍ଗା ଖଣ୍ଡ; ଖପରା—
2. A broken bit of earthenware; potsherd.
୩ । ( ସାଧାରଣତଃ ) ପାତ୍ର—
3. A pot or vessel (in general).
୪ । ଧାତୁ କଡ଼ାହି; କରେଇ; ହଣ୍ଡା—
4. Cauldron; saucepan.
୫ । ଏକ ପ୍ରକାର ଖଡ୍ଗ; ଖପରକାତି—
5. A bill-hook; scimitar.
୬ । କୂର୍ମର ପୃଷ୍ଠାସ୍ଥି; କଇଁଛର ଖୋଲପା—
6. Tortoise-shell.

କର୍ପାସ—ସଂ. ବି (କୃ ଧାତୁ+କର୍ମ. ସଜ୍ଞାର୍ଥେ. ପାସ)—କପାତୁଳା—
Karpāsa Cotton.

କର୍ପାସୀ—ସଂ. ବି ( କର୍ପାସ+ସ୍ତ୍ରୀ. ଈ)—କପାଗଛ—
Karpāsi The cotton tree.

କର୍ପୂର—ସଂ. ବି ( କୃପ ଧାତୁ=ପାରଗ ହେବା+କରଣ. ଊର; )—
Karpūra କପୂର ( ଦେଖ )—
Kapūra (See

କର୍ପୂରକ—ସଂ. ବି. ( କର୍ପୂର+କ; ଏଥିରେ କର୍ପୂରର ଗନ୍ଧ ଥିବାରୁ)
Karpūraka ଗନ୍ଧଶୁଣ୍ଠି—Zedoary.

କର୍ପୂରକାନ୍ତି—ସଂ. ବି—ଦୁଲଭା ଗଛ ଓ ପତ୍ର ( ଦେଖ )—
Karpūrakānti Dulabhā ( See )
ଦେ. ବି—କପୂରକାନ୍ତି ପାନ ( ଦେଖ )—
Kapūrakānti pāna ( See )

କର୍ପୂରନାଳିକା—ସଂ. ବି.—ମିଷ୍ଟାନ୍ନବିଶେଷ—
Karpūranāḻikā A kind of food (Apte)

କର୍ପୂରମଣି—ସଂ. ବି.—୧ । ଶୁକ୍ଳ ମଣିବିଶେଷ—
Karpūramaṇi 1. A kind of white gem.
୨ । ଔଷଧରେ ବ୍ୟବହୃତ ଶୁକ୍ଳ ଖନିଜଦ୍ରବ୍ୟବିଶେଷ—
2. A white mineral used in medicine.

କର୍ପୂରରସ—ସଂ.ବି.(ମ.ପ.ଲୋ; କର୍ପୂରବର୍ଣ୍ଣବିଶିଷ୍ଟ ରସ)--ପାରଦ; ପାରା—
Karpūrarasa Mercury.

କର୍ପୂରାରିଷ୍ଟ—ସଂ. ବି. (ମ. ପ. ଲୋ; କର୍ପୂରମିଶ୍ରିତ ଅରିଷ୍ଟ; କର୍ପୂର+
Karpūrārishṭa ଅରିଷ୍ଟ )—କର୍ପୂର ଓ ସୁରାସାରର ମିଶ୍ରିତ ଔଷଧ—Spirit of camphor used as a medicine in Asiatic cholera.
[ ଦ୍ର—ଏହା ଓଲାଉଠାର ଔଷଧ; କର୍ପୂର ପାଣିରେ ମିଳାଏ ନାହିଁ; କିନ୍ତୁ ଏହା ସୁରାସାରରେ ମିଳେଇଯାଏ । ]

କର୍ପୂରାସବ—ସଂ. ବି. (ମ. ପ. ଲୋ; କର୍ପୂର+ଆସବ=ଅରିଷ୍ଟ)—
Karpūrāsaba କର୍ପୂରାରିଷ୍ଟ (ଦେଖ)
Karpūrārishṭa (Seea

କର୍ପୂରୀ—ଦେ. ବି.—ଦେଉଳର ଅଂଶବିଶେଷ (ଦେଉଳ ତଳେ ନୋଟ୍
Karpūrī ଦେଖ)—A part of a temple (See notes under 'Deuḻa')

କର୍ପୋରାଲ୍—ବୈଦେ. ବି. (ଇଂ)—ସୈନିକ ଦଳପତିର ଉପାଧିବିଶେଷ—
Karporāl A Corporal.
कर्पोराल
कर्पोरैल

କର୍ପୋରେସନ୍—ବୈଦେ. ବି. (ଇଂ)—୧ । ଆଇନ ଅନୁସାରେ ଗଠିତ
Karporesan ସମ୍ପ୍ରଦାୟ ବା ସମିତିବିଶେଷ—
कर्पोरेसन 1. Corporation)
कारपोरेसन
୨ । ରେଙ୍ଗୁନ୍, କଲିକତା ଆଦି ବଡ଼ବଡ଼ ସହରର ମିଉନିସିପାଲିଟି—2. Municipalities of big towns (e.g. Calcutta, Rangoon.)

କର୍ଫର—ସଂ. ବି—ଦର୍ପଣ –
Karphara Mirror (Apte).

କର୍ଫ୍ୟୁ—ବୈଦେ. ବି ( ଇଂ. କର୍ଫିଉ )—ବିଶେଷ ବିପଦ ଆଶଙ୍କାରେ
Karphyu ରାତି ୯ଘଣ୍ଟା ପରେ ନଗରବାସୀ ସମସ୍ତଙ୍କ ଘରୁ
कर्फ्यू ଆଲୋକ ଲିଭାଇବା ପାଇଁ ରାଜକୀୟ ଆଦେଶ
कारफ़िज् ପ୍ରଚାରକ ଘଣ୍ଟା—The curfew bell.

କର୍ଫ୍ୟୁ ଅର୍ଡର୍—ବୈଦେ. ବି (ଇଂ. କର୍ଫିଉ+ଅର୍ଡର୍.)—ରାତି ନଅଟା
Karphyu arḏar ପରେ ନଗରବାସୀ ସମସ୍ତଙ୍କ ଘରୁ ଆଲୋକ ଲିଭାଇବା ପାଇଁ ନଗରବାସୀମାନଙ୍କ ପ୍ରତି ପ୍ରଚାରିତ ରାଜକୀୟ ଆଦେଶ —Curfew-order.

କର୍ବ ( ଧାତୁ )—ସ—ଗତି କରିବା—
Karba (root) To move; to go.

କର୍ବର—ସଂ. ବି (କୃ ଧାତୁ=ବଧ କରିବା+କର୍ତ୍ତୃ. ବର)—୧ । ବ୍ୟାଘ୍ର—
Karbara 1. Tiger.
୨ । ନରଖାଦକ ରାକ୍ଷସ—2. Man-eating demon.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'ଦେଖିବେ।

**କର୍ବୀର**—ଗ୍ରା. ବ (ପ୍ରାଚୀନ ପଦ୍ୟ)—କରବୀ ( ଦେଖ )—
Karbira Karabi ( See )

ଭ୍ରମ କର୍ବୀର କୁସୁମକୁ ମିଶି ନାଗେଶ୍ୱର ପଦ୍ମେଣ୍ଣା—ଭୂପତି. ପ୍ରେମପଞ୍ଚାମୃତ ।

**କର୍ବୁର**—ସଂ. ବଣ ( କର୍ବ ଧାତୁ=ଗମନ କରିବା+କର୍ମ. ଉର )—
Karbura ୧ । କପୋତ ପରି ଧଳା ଓ ମାଟିଆ—
(କର୍ବୁରା—ସ୍ତ୍ରୀ) 1. Whitish and grey; like the colour of a dove.

୨ । ଚିତ୍ରିତ; ବିଚିତ୍ର ବର୍ଣ୍ଣବିଶିଷ୍ଟ; ଏକାଧିକ ବର୍ଣ୍ଣମିଶ୍ରିତ; ଛପଛପିକିଆ—2. Variegated; multicoloured; rainbow-coloured.

୩ । ଚୋପିଚୋପି ଚିତ୍ରିତ; ଚିଲଚିତ୍ରୁଳିଆ—
3. Spotted; chequered; mottled.

ସଂ. ବ—୧ । ଚିତ୍ରବର୍ଣ୍ଣ—1. Variegated colour.

୨ । ସ୍ୱର୍ଣ୍ଣ—2. Gold.

୩ । ଜଳ—3. Water.

୪ । ପାପ—4. Sin.

୫ । ରାକ୍ଷସ—5. Demon; imp; goblin; an evil spirit.

୬ । (ନାମ) ଦୈତ୍ୟବିଶେଷ—
6. The name of a demon.

୭ । ବବୁରୀ; ଦୁଲଭ୍ରୀ ଗୁଳ୍ମ—
7. The Ocimum Gratissimum (plant)

୮ । ପାପାତ୍ମା—8. A sinner.

୯ । ଧାତୁରା ଗୁଳ୍ମ—9. The thorn-apple plant.

**କର୍ବୂର**—ସଂ. ବ ଓ ବଣ (କର୍ବ ଧାତୁ+କର୍ମ. ଊର)— କର୍ବୁର (ଦେଖ)—
Karbūra Karbura (See)

**କର୍ବୂରକ**—ସଂ. ବ—ଶୁଣ୍ଠୀଶୁଣ୍ଠି ( ହରେକୃଷ୍ଣ ମିଶ୍ରଙ୍କ 'ଦ୍ରବ୍ୟଗୁଣ' )—
Karbūraka Zedoary.

**କର୍ମ**—ସଂ. ବ ( କୃ ଧାତୁ+କର୍ମ. ମନ୍; କର୍ମନ୍ ଶବ୍ଦ ୧ମା. ୧ବ )—
Karma ୧ । କାର୍ଯ୍ୟ; କ୍ରିୟା—1. An act; work; action; deed; function.

୨ । ଅଦୃଷ୍ଟ; ଭାଗ୍ୟ—2. Fate; luck; fortune.

୩ । ( ବ୍ୟାକରଣ ) କାରକବିଶେଷ; ଯାହା ପ୍ରତି କୌଣସି ସକର୍ମକ କ୍ରିୟା ପ୍ରଯୁକ୍ତ ହୁଏ; ଦ୍ୱିତୀୟା ବିଭକ୍ତିର କାରକ—
3. (Grammar) The objective case.

୪ । କାର୍ଯ୍ୟସ୍ଥାନ; ପଦବୀ—4. An office; a post.

୫ । ବ୍ୟବସାୟ; ବୃତ୍ତି—5. Occupation; a calling; business.

୬ । କର୍ତ୍ତବ୍ୟ କାର୍ଯ୍ୟ—6. Duty.

୭ । ( ବ୍ୟାକରଣ ) ସକର୍ମକ କ୍ରିୟାର ସାଧାରଣ ବିଷୟ; କର୍ତ୍ତା ଯାହା ପ୍ରତି କୌଣସି କ୍ରିୟା ସାଧନ କରେ—
7. (Grammar) The object of a transitive verb.

୮ । ସାଂସାରିକ ଧର୍ମ; ସାଂସାରିକ କାର୍ଯ୍ୟ—
8. Worldly duties and affairs.

୯ । ନିତ୍ୟ ବା ନୈମିତ୍ତିକ ଶାସ୍ତ୍ରୋକ୍ତ ଅନୁଷ୍ଠାନ—
9. A prescribed rite or ceremony.

ଏବେ ପାଷଣ୍ଡ ଷୋଡ଼ଶୋତ୍ତର କର୍ମ କଲା,
ଶୁକ୍ଳଙ୍କୁ ଡକାଇ କର କର୍ମରେ ବସିଲା—ପୀତାମ୍ବର. ବୃହତ୍ ହରିବଂଶ ।

୧୦ । ଧର୍ମକ୍ରିୟା—10. Religious performance or observance; religious rite.

୧୧ । (ଦର୍ଶନ) ନିଜକୃତ ପାପ ପୁଣ୍ୟାଦି କ୍ରିୟା—
11. ( Philosophy ) One's own actions, sinful or meritorious.

୧୨ । ଚାକିରି—12. Service; appointment; employment.

୧୩ । ପ୍ରୟୋଜନୀୟତା—13. Use; utility; necessity.

୧୪ । କାର୍ଯ୍ୟ କରିବାର ଅବସ୍ଥା—14. Activity.

୧୫ । କାମ; କାରିଗରି—
15. Artistic work; work of art.

**କର୍ମଅବଳ**—ଦେ. ବ (ସଂ. କର୍ମ+ଅବଳ)—ଦୁର୍ଭାଗ୍ୟ—.
Karmaabala Ill-luck; misfortune.

ଏବେ ସେହୁ କାରଣର ମୋ କର୍ମ ଅବଳେ,
କୁରୁକ୍ଷେତ୍ରେ ଶରଶଯ୍ୟା କଲେ ଯୁଦ୍ଧକାଳେ । ସାରଳା. ମହାଭାରତ ।

**କର୍ମଆଦରଣା**—ଦେ. ବ—ନିଜର ଭାଗ୍ୟରେ ଯାହା ଘଟିଛି ତାହାକୁ
Karmaādaraṇā ନତମସ୍ତକରେ ଗ୍ରହଣ କରିବା—
Yielding to one's fate.

**କର୍ମ ଆଦରିବା**—ଦେ. କ୍ରି—ଅଦୃଷ୍ଟ ଉପରେ ନିର୍ଭର କରିବା; ନିଜର
Karma ādaribā ଭାଗ୍ୟରେ ଯାହା ଘଟିଛି ବା ଘଟିବ ତାହା ନତମସ୍ତକରେ ଗ୍ରହଣ କରିବା—To yield to one's fate.

କର୍ମ ଆଦର ସଦେ ଦୁଃଖ, ବେବେହେଁ ନ ହୁଏ ବିମୁଖ—ଜଗନ୍ନାଥ. ଭାଗବତ ।

**କର୍ମକର**—ସଂ. ବି. ପୁଂ. ( କର୍ମ+କୃ ଧାତୁ+କର୍ତ୍ତୃ. ଅ )—
Karmakara ୧ । ବେତନଗ୍ରାହୀ ଭୃତ୍ୟ ବା ଚାକର—
1. A salaried servant.

୨ । କାରିଗର—2. An artisan.

୩ । କମାର; ଲୌହକାର—
3. Blacksmith

୪ । ମୂଲିଆ; ମଜୁରିଆ—
4. A working man; a hired labourer.

**କର୍ମକର୍ତ୍ତା**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କର୍ମ+କର୍ତ୍ତା )—
Karmakarttā ୧ । କୌଣସି କାର୍ଯ୍ୟର ସମ୍ପାଦନକାରୀ—
1. The agent or doer of a work.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ଚ | ଲୃ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ଥ |

୨ । ନିତ୍ୟ ବା ନୈମିତ୍ତିକ ଅନୁଷ୍ଠାନ କରିବାର କର୍ତ୍ତା—
2. The performer of a religious ceremony.

୩ । (ବ୍ୟାକରଣ) ବାଚ୍ୟବିଶେଷ; ଯେଉଁଠାରେ କର୍ମକାରକ କର୍ତ୍ତୃକାରକରୂପେ ବ୍ୟବହୃତ ହୁଏ—
3. ( grammar ) Name of a grammatical voice where the object is used in construction as a nominative.

**କର୍ମକର୍ତ୍ତୃବାଚ୍ୟ**—ସଂ. ବି. (ବ୍ୟାକରଣ) ବାଚ୍ୟବିଶେଷ; ଯେଉଁ ସ୍ଥଳରେ
Karmakarttṛubāchya କର୍ମ କର୍ତ୍ତା ପରି କ୍ରିୟା ସମ୍ପନ୍ନ କରେ—
(grammar) The middle voice.

[ ଦ୍ର—"କାଠଟା କଟିଲା" ଏ ବାକ୍ୟରେ କର୍ମସ୍ଥାନୀୟ ପଦ 'କାଠ' କର୍ତ୍ତୃପଦରୂପେ ବ୍ୟବହୃତ ହୋଇ ସ୍ୱୟଂ କଟଗଲା କ୍ରିୟା ସମ୍ପନ୍ନ କରୁଅଛି । ସେହିପରି "ରାମଙ୍କୁ ସଂସାର ଅନ୍ଧାର ଦିଶୁଛି" ଏ ବାକ୍ୟରେ ରାମ କର୍ତ୍ତା, ସଂସାର କର୍ମ; ମାତ୍ର କର୍ମପଦ ସଂସାର 'ଦିଶୁଛି' କ୍ରିୟା ପଦର କର୍ତ୍ତା ପରି ବ୍ୟବହୃତ ହୋଇ କାର୍ଯ୍ୟ ସାଧନ କରୁଅଛି । ଏହି ବାଚ୍ୟର ସଂସ୍କୃତ ବ୍ୟାକରଣସିଦ୍ଧ ଶ୍ଳୋକ—

କ୍ରିୟମାଣନ୍ତୁ ଯତ୍କର୍ମ ସ୍ୱୟମେବ ପ୍ରସିଧ୍ୟତି,
ସୁକରୈଃ ସ୍ୱୈର୍ଗୁଣୈଃ କର୍ତ୍ତୁଃ କର୍ମକର୍ତ୍ତେତି ତଦ୍ ବିଦୁଃ ।

**କର୍ମକର୍ମାଣି**—ଦେ. ବି. ( ସଂ. କର୍ମନ୍+କର୍ମନ୍ ଶବ୍ଦର ବହୁବଚନ କର୍ମାଣି )—
Karmakarmāṇi
ବୈଦିକ ପଦ୍ଧତିରେ ନିତ୍ୟନୈମିତ୍ତିକ କର୍ମମାନଙ୍କର ଅନୁଷ୍ଠାନ-
The various rites laid down in the Beda relating to domestic and social ceremonials.

**କର୍ମକାଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+କାଣ୍ଡ=ସମୂହ )—
Karmakāṇḍa ୧ । ସଦାଚାର; ହିନ୍ଦୁଶାସ୍ତ୍ର ଓ ବେଦୋକ୍ତ ଧର୍ମକର୍ମାନୁଷ୍ଠାନ; ନିତ୍ୟନୈମିତ୍ତିକ କ୍ରିୟାକଳାପ—
1. The body of religious ceremonies prescribed by the Hindu Śastras or established by custom.

୨ । (ବହୁବ୍ରୀହି) ନିତ୍ୟ ଓ ନୈମିତ୍ତିକ କ୍ରିୟାକଳାପ ସମ୍ବନ୍ଧେ ଉଲ୍ଲେଖ ଥିବା ବେଦର ଅଂଶ—
2. The part of the Beda which relates to ceremonial acts and sacrificial rites (as opposed to Jñānakāṇḍa which deals with abstract knowledge of the Infinite).

୩ । ଜୈମିନିଙ୍କ ପୂର୍ବମୀମାଂସା ବା ଦର୍ଶନ ଶାସ୍ତ୍ର ଗ୍ରନ୍ଥ—
3, Name of a work on indu Philosophy by Jaimini.

**କର୍ମକାର**—ସଂ. ବି. ( କର୍ମ+କୃ ଧାତୁ+କର୍ତ୍ତୃ. ଅ )—
Karmakāra ୧ । କମାର—1. Blacksmith.
୨ । ବୃଷ—2. Bull.
ସଂ. ବିଣ—୧ । ଯେ କର୍ମ କରେ—
1. Performing or doing.
୨ । ଯେ ବେତନ ନେଇ କର୍ମ କରେ—
2. Serving on a salary.

**କର୍ମକାରକ**—ସଂ. ବି—୧ । ( ବ୍ୟାକରଣ ) କାରକବିଶେଷ;
Karmakāraka ଦ୍ୱିତୀୟା ବିଭକ୍ତିର କାରକ—
1. (grammar) The objective case.
୨ । କାର୍ଯ୍ୟ କରିବା ବ୍ୟକ୍ତି—
2. Doer of a work.
୩ । ଗୁମାସ୍ତା; କାର୍‌ପର୍‌ଦାଜ୍—3. An agent.

**କର୍ମକାରୀ**—ସଂ. ବି. ପୁଂ. ( କର୍ମ+କୃ+କର୍ତ୍ତୃ. ଇନ୍; ୧ମା. ୧ବ )—
Karmakārī ଯେ କର୍ମ କରେ; କାମ କରିବା (ବ୍ୟକ୍ତି)—
(କର୍ମକାରିଣୀ—ସ୍ତ୍ରୀ) Doing or performing some work.

**କର୍ମକୀଳକ**—ସଂ. ବି. (ଉପପଦ ସମାସ ବା ବହୁବ୍ରୀହି; କର୍ମ+କୀଳକ)—
Karmakīlaka ରଜକ; ଧୋବା—
Washerman; laundryman.

**କର୍ମକୁଶଳ**—ସଂ. ବିଣ. ପୁଂ ( ୭ମୀ ତତ୍; କର୍ମ+କୁଶଳ )—
Karmakuśala କର୍ମଠ, ଚତୁର—Skilled in any business;
(କର୍ମକୁଶଳା—ସ୍ତ୍ରୀ) clever at any kind of work.

**କର୍ମକୋଢ଼ି**—ସଂ. ବିଣ. ପୁଂ ଓ ସ୍ତ୍ରୀ—କାମ କରିବାରେ ଭାରି ଅଳସୁଆ
Karmakoṛhi ଓ ଅକର୍ମଣ୍ୟ—A slow-coach; an idler.
କୁଢ଼େ
ଆଲସୀ

**କର୍ମକ୍ଲାନ୍ତ**—ସଂ. ବିଣ. ପୁଂ. ( ୩ୟା ତତ୍; କର୍ମ+କ୍ଲାନ୍ତ )—
Karmaklānta କାମ କରିବା ଦ୍ୱାରା ଅବସାଦପ୍ରାପ୍ତ; କାର୍ଯ୍ୟ
(କର୍ମକ୍ଲାନ୍ତା—ସ୍ତ୍ରୀ) କରି ଥକି ଯାଇଥିବା ( ବ୍ୟକ୍ତି )—
( a person ) Done up by excessive work; tired with work.

**କର୍ମକ୍ଷମ**—ସଂ. ବି. ପୁଂ (୭ମୀ ତତ୍; କର୍ମ+କ୍ଷମ )—
Karmakshama କାର୍ଯ୍ୟ କରିବାକୁ କ୍ଷମତାବାନ୍; ପାରଗ—
(କର୍ମକ୍ଷମା—ସ୍ତ୍ରୀ) Competent or able to do a work; fit for active work.

**କର୍ମକ୍ଷେତ୍ର**—ସଂ. ବି. (୬ଷ୍ଠୀ ତତ୍; କର୍ମ+କ୍ଷେତ୍ର)—୧ । କାର୍ଯ୍ୟ କରିବାର
Karmakshetra ସ୍ଥାନ; ଯେଉଁଠାରେ ମନୁଷ୍ୟ ନିଜର କର୍ମ କରେ—
1. One's sphere of action; field of action; place of labour.
୨ । ଭାରତବର୍ଷର ନାମ—2. The land of religious acts; India.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜୁଥିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—ଏଠାରେ ମନୁଷ୍ୟ ଯେଉଁ ଉଦ୍ଦେଶ୍ୟରେ କର୍ମ କରେ ତହିଁରେ ସିଦ୍ଧି ଲାଭ କରିବାକୁ ସମର୍ଥ ହୁଏ ବୋଲି ଶାସ୍ତ୍ରବଚନ ଥିବାରୁ ଏହି ନାମ । ]

**କର୍ମ ଖାଲି**—ଦେ. ବି. ( ସଂ. କର୍ମ+ଆ. ଖାଲି )—କର୍ମଚାରୀ ଅଭାବରୁ
Karmakhāli କୌଣସି ଚାକିରି ବା ପଦ ଶୂନ୍ୟ ହେବା—
**कर्मखालि** A vacancy in any post.
**कामखालि**

**କର୍ମଙ୍ଗା**—ଗ୍ରା. (ପଦ୍ୟ) ବି. (ସଂ. କର୍ମରଙ୍ଗ )—କରମଙ୍ଗା ( ଦେଖ )
Karmaṅgā Karamaṅgā ( See )
ହେଲ ଲେମ୍ବୁ କର୍ମଙ୍ଗା କାଗଜି । ପ୍ରାଚୀ. ପ୍ରତାପ. ଶଶିସେଣା ।

**କର୍ମଚାରୀ**—ସଂ. ବି. ପୁଂ. ( କର୍ମନ୍+ଚର ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ. )—୧ । ବେତନ ଗ୍ରହଣ ପୂର୍ବକ ଯେ ଅନ୍ୟର
Karmachāri
(କର୍ମଚାରିଣୀ—ସ୍ତ୍ରୀ) କାର୍ଯ୍ୟ କରେ—1. Salaried servant.
୨ । କାର୍ଯ୍ୟର ଭାରପ୍ରାପ୍ତ ବ୍ୟକ୍ତି—2. Officer; official.
୩ । ଗୁମାସ୍ତା; କାର୍‌ପର୍‌ଦାଜ—3. An agent.

**କର୍ମଚ୍ୟୁତ**—ସଂ. ବି. ( ୫ମୀ ତତ୍; କର୍ମନ୍+ଚ୍ୟୁତ )—
Karmachyuta କର୍ମରୁ ବହିଷ୍କୃତ ବା ରହିତ—
Dismissed; cashiered; discharged from an office.

**କର୍ମଚ୍ୟୁତି**—ସଂ. ବି. ( ୫ମୀ ତତ୍; କର୍ମନ୍+ଚ୍ୟୁତି )—
Karmachyuti କର୍ମରୁ ରହିତ ହେବା ଅବସ୍ଥା—
(କର୍ମଚ୍ୟୁତ—ବିଣ) Dismissal; cessation of service; discharge from an office.

**କର୍ମଜ**—ସଂ. ବିଣ. ( କର୍ମନ୍+ଜନ ଧାତୁ+କର୍ତ୍ତୃ. ଅ )—
Karmaja ୧ । କର୍ମରୁ ଜାତ; କର୍ମଜନିତ—1. Resulting from or caused by one's acts or action.
୨ । ଭାଗ୍ୟଜନିତ—2. Due to one's luck.
ସଂ. ବି—୧ । କଳିଯୁଗ—1. The age of Kaḷi.
୨ । ବରଗଛ—2. The Banian tree.

**କର୍ମଜ୍ଞ**—ସଂ. ବିଣ. ପୁଂ. ( କର୍ମନ୍+ଜ୍ଞା ଧାତୁ+କର୍ତ୍ତୃ. ଅ )—
Karmajña ଧର୍ମକର୍ମ ବା କର୍ମକାଣ୍ଡ ବିଷୟରେ ଅଭିଜ୍ଞ—
(କର୍ମଜ୍ଞା—ସ୍ତ୍ରୀ) Acquainted with or versed in religious rites.

**କର୍ମଟାଣ**—ଦେ. ବି—ସୌଭାଗ୍ୟ—Good luck.
Karmaṭāṇa

**କର୍ମଟାଣୁଆ**—ଦେ. ବିଣ—ଯେଉଁ ବ୍ୟକ୍ତିପ୍ରତି ଭାଗ୍ୟ ସୁପ୍ରସନ୍ନ; ଭାଗ୍ୟବାନ୍—
Karmaṭāṇuā Fortunate ( person )

**କର୍ମଠ**—ସଂ. ବିଣ. ପୁଂ. ( କର୍ମନ୍+କୁଶଳାର୍ଥେ. ଠ )—
Karmaṭha ୧ । କର୍ମକୁଶଳ; କର୍ମକ୍ଷମ; ପାରଗ—
(କର୍ମଠା—ସ୍ତ୍ରୀ) 1. Capable of work; competent; fit to do a work; skilful.
୨ । ଚତୁର—2. Clever.
୩ । ପରିଶ୍ରମୀ—3. Industrious; active.

**କର୍ମଣି**—ଦେ. ବି ଓ ବିଣ—କରମଣିଆଁ ( ଦେଖ )
Karmaṇi Karamaṇiāṅ ( See )

**କର୍ମଣିଆଁ**—ଦେ. ବି ଓ ବିଣ—କରମଣିଆଁ ( ଦେଖ )
Karmaṇiāṅ Karamaṇiāṅ ( See )

**କର୍ମଣ୍ୟ**—ସଂ. ବିଣ. ପୁଂ. ( କର୍ମନ୍+ଯୋଗ୍ୟାର୍ଥେ. ଯ )—
Karmaṇya ୧ । କର୍ମଯୋଗ୍ୟ—1. Useful.
(କର୍ମଣ୍ୟା—ସ୍ତ୍ରୀ) ୨ । ଯାହା କୌଣସି କର୍ମରେ ଲାଗେ; କାମିକା—
(କର୍ମଣ୍ୟତା—ବି) 2. Serviceable.
୩ । ବେଦୋକ୍ତ କର୍ମକାଣ୍ଡରେ ପ୍ରବୃତ୍ତ ବ୍ୟକ୍ତି—
3. Engaged in the observance of Vedic rituals.
୪ । କର୍ମକ୍ଷମ; ପାରଗ—4. Competent.
୫ । କର୍ମଦକ୍ଷ; ଚତୁର—5. Skilful; clever.

**କର୍ମଣ୍ୟଭୁକ୍**—ସଂ. ବି. ( କର୍ମଣ୍ୟ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; କର୍ମଣ୍ୟ-
Karmaṇyabhuk ଭୁଜ୍ ଶବ୍ଦ ୧ମା. ୧ବ )—ବେତନ ଗ୍ରହଣ-ପୂର୍ବକ ଯେ କାର୍ଯ୍ୟ କରେ—Salaried servant; paid officer.

**କର୍ମଣ୍ୟା**—ସଂ. ବି. ( କର୍ମଣ୍ୟ+ଆ )—୧ । ବେତନ—
Karmaṇyā 1. Salary.
୨ । ମଜୁରି—2. Wages; hire.
ସଂ. ବିଣ. ସ୍ତ୍ରୀ—କର୍ମଣ୍ୟର ସ୍ତ୍ରୀଲିଙ୍ଗ—
Feminine of Karmaṇya.

**କର୍ମତ୍ୟାଗ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ତ୍ୟାଗ )—
Karmatyāga ୧ । ଚାକିରି ଛାଡ଼ିବା; ଚାକିରିରୁ ଅବସର ନେବା—
1. Retirement from service.
୩ । ବୈଦିକ କର୍ମବିଧି ପରିତ୍ୟାଗ—3. Abandonment of the ceremonial acts prescribed in the Beda.
୪ । ସାଂସାରିକ କ୍ରିୟା ତ୍ୟାଗ କରିବା—
4. Renunciation of worldly duties.

**କର୍ମଦାତା**—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; କର୍ମନ୍+ଦାତୃନ୍; ୧ମା. ୧ବ)—
Karmadātā ଯେ ଅକର୍ମୀ ବା ହତଭାଗ୍ୟ ଲୋକର ସୌଭାଗ୍ୟୋଦୟ
(କର୍ମଦାତ୍ରୀ—ସ୍ତ୍ରୀ) କରନ୍ତି—Bestowing good luck on the unlucky.
ଅଟନ୍ତି ଅକର୍ମି କର୍ମଦାତା ଜଗନ୍ନାଥ । ପୀତାମ୍ବର. ନୃସିଂହପୁରାଣ ।

**କର୍ମଦେବୀ**—ଦେ. ବି. ( ନାମ )—ଇତିହାସପ୍ରସିଦ୍ଧ ଚିତୋରର ରାଜା
Karma Debi ସମରସିଂହଙ୍କର ଜଣେ ରାଣୀ—
The name of a queen of Chitor.
[ ଦ୍ର—ଥାନେଶ୍ୱର ଯୁଦ୍ଧ (୧୧୯୩ ଖ୍ରୀ) ରେ ସମରସିଂହ ସ୍ୱୀୟ ଶ୍ୟାଳକ ପୃଥ୍ୱୀରାଜଙ୍କ ସଙ୍ଗେ ରଣକ୍ଷେତ୍ରରେ ନିହତ ହେଲେ । ଏଥି

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଜ | ଷ,ଷ | ଙ୍କ | ଇଯ଼ | ଉଅ | ଦ୍ଧ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ଁନ୍ତ |

ପରେ ମହମ୍ମଦ ଘୋରୀ ତାଙ୍କ ସେନାପତି କୁତବ୍‌ଉଦ୍ଦିନଙ୍କୁ ମୋଗଲ ରାଜ୍ୟ ଅଧିକାର କରିବାକୁ ପଠାଇଲେ । ଏହି ସମୟରେ କର୍ମଦେବୀ ପୁରୁଷ ବେଶରେ ଯୁଦ୍ଧସଜ୍ଜା କରି ରାଜପୁତ ସେନାର ସେନାପତିତ୍ୱ ଗ୍ରହଣ କରି କୁତବ୍‌ଉଦ୍ଦୀନଙ୍କୁ ପରାସ୍ତ କଲେ ଓ ତାଙ୍କୁ ସ୍ୱୀୟ ରାଜ୍ୟରୁ ତଡ଼ିଦେଲେ—ସୁବଳଚନ୍ଦ୍ର । ]

**କର୍ମଦୋଷ**—ସଂ. ବି. (୬ଷ୍ଠୀ ତତ୍; କର୍ମନ୍ + ଦୋଷ)—

Karmadosha ୧ । କାର୍ଯ୍ୟ କରିବାରେ ତ୍ରୁଟି ବା ଭ୍ରାନ୍ତି—

1. An error or blunder in the performance of a work.

୨ । ଆପଣା କୃତ କାର୍ଯ୍ୟର ମନ୍ଦ ଫଳ—

2. Evil consequences of one's own act.

୩ । ଭାଗ୍ୟଦୋଷ; ଭାଗ୍ୟବିପର୍ଯ୍ୟୟ —

3. Bad luck; ill fate; irony of fate.

୪ । ପୂର୍ବଜନ୍ମକୃତ ପାପ—

4. Sins committed in previous existence.

**କର୍ମଧାରୟ**—ସଂ. ବି. (କର୍ମନ୍ + ଧୃ ଧାତୁ = ଧରିବା + କର୍ତ୍ତୃ. ଅ)—

Karmadhāraya (ବ୍ୟାକରଣ) ସମାସବିଶେଷ; ସମାନ ସମାନ ବିଭକ୍ତିଯୁକ୍ତ ବିଶେଷଣ ଓ ବିଶେଷ୍ୟ ପଦ ଘଟିତ ସମାସ; ( ଯଥା—ଶୁକ୍ଳବସ୍ତ୍ର; ନୀଳଧନ୍ଦି; ଉତ୍ପଳିନୀ )—

( grammar ) A compound formed of an adjective and a noun qualified by it.

[ ଦ୍ର—ଯେଉଁ କର୍ମଧାରୟ ସମାସରେ ବାକ୍ୟର ମଧ୍ୟପଦଟି ଲୁପ୍ତ ହୋଇ ଆଦ୍ୟ ଓ ଶେଷ ପଦର ମିଳନରେ ସମସ୍ତ ପଦ ଗଠିତ ହୁଏ ତାକୁ ମଧ୍ୟପଦଲୋପୀ କର୍ମଧାରୟ ବୋଲାଯାଏ; ଯଥା—ଘୃତମିଶ୍ରିତ ଅନ୍ନ = ଘୃତାନ୍ନ; ଛାୟାପ୍ରଧାନ ତରୁ = ଛାୟାତରୁ । ଯେଉଁଠାରେ ରୂପକ, ସଦୃଶ ତୁଲ୍ୟ ଆଦି ମଧ୍ୟପଦ ଲୁପ୍ତ ହୁଏ ତାକୁ ରୂପକ-କର୍ମଧାରୟ ବୋଲାଯାଏ । ଯଥା—ଚନ୍ଦ୍ର ସଦୃଶ ମୁଖ = ଚନ୍ଦ୍ରମୁଖ; ପଦ୍ମ ତୁଲ୍ୟ ହସ୍ତ = ପଦ୍ମହସ୍ତ; ଶାଖାରୂପକ ହସ୍ତ = ଶାଖା ହସ୍ତ । ଯେଉଁଠାରେ ଉପମାନ ଶବ୍ଦ ଉପମେୟ ଶବ୍ଦର ପରେ ରହେ ତାକୁ ଉପମିତ କର୍ମଧାରୟ ବୋଲାଯାଏ । ଯଥା—ଚନ୍ଦ୍ର ପରି ଉପମେୟ ମୁଖ = ମୁଖଚନ୍ଦ୍ର; ପଦ୍ମ ସଙ୍ଗେ ଉପମେୟ ହସ୍ତ = ହସ୍ତପଦ୍ମ । ]

**କର୍ମଧ୍ୱଂସ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ + ଧ୍ୱଂସ )—

Karmadhwamsa ୧ । ଧର୍ମକର୍ମର ଫଳନାଶ—

I. Loss of the fruit arising from one's religious acts.

୨ । କୌଣସି କାର୍ଯ୍ୟର ବିନାଶ—

2. Destruction of any work.

୩ । ଭଗ୍ନୋତ୍ସାହତା; ଉତ୍ସାହଭଙ୍ଗ—

3. Disappointment.

**କର୍ମନାଶ**—ସଂ. ବି.—କର୍ମଧ୍ୱଂସ (ଦେଖ)

Karmanāsa Karmadhwamsa (See)

ଦେ. ବି. (ନାମ) ବ୍ରହ୍ମାଙ୍କ ପୁତ୍ରବିଶେଷ——

The name of a son of Brahmā.

କର୍ମନାଶ ବୋଲିକରି ବ୍ରହ୍ମାଙ୍କ କୁମର—ମହାଦେବ. ମାର୍କଣ୍ଡେୟପୁରାଣ ।

**କର୍ମନାଶା**—ସଂ. ବି. ସ୍ତ୍ରୀ. (କର୍ମନାଶ + ସ୍ତ୍ରୀ. ଆ)—

Karmanāsā ୧ । ବିହାର ଓ କାଶୀମଧ୍ୟସ୍ଥ ନଦୀବିଶେଷ—

1. The name of a river flowing between Bihar and Benares.

ଅସତ୍ର ଖଣ୍ଡିଦ୍ୟ କର୍ମନାଶା-ପାରବାସୀ—ରାଧାନାଥ. ମହାଯାତ୍ରା ।

[ ଦ୍ର—ଏ ନଦୀ ଚୌସାର ନିକଟରେ ଗଙ୍ଗାରେ ମିଶି ଅଛି । ପ୍ରବାଦ ଅଛି ଯେ ଏ ନଦୀ ଅତି ଅପବିତ୍ର; ଏହାର ଜଳ ସ୍ପର୍ଶ କଲେ ସମସ୍ତ ପୁଣ୍ୟକର୍ମ ବିନଷ୍ଟ ହୁଏ; ପରନ୍ତୁ ଭବିଷ୍ୟପୁରାଣର ବ୍ରହ୍ମଖଣ୍ଡରେ ଏ ନଦୀ ଗଙ୍ଗା ପରି ପବିତ୍ର ଥିବାର ବର୍ଣ୍ଣିତ ହୋଇଅଛି । ଉକ୍ତ ପୁରାଣ ମତରେ ଏ ନଦୀକୂଳରେ ତାଡ଼ିକା ରାକ୍ଷସୀର ବନ ଥିଲା—ସୁବଳଚନ୍ଦ୍ର । ]

୨ । ପୂର୍ବବଙ୍ଗରେ ପ୍ରବାହିତ ଗଙ୍ଗାନଦୀର ଗୋଟିଏ ଶାଖାନଦୀ ( ସୁବଳଚନ୍ଦ୍ର )—

2. Name of a branch of the Ganges flowing in East Bengal.

ସଂ. ବିଣ.—ଯେ ପୁଣ୍ୟକର୍ମ ନାଶ କରେ—

Destroying the fruit of one's religious merit.

**କର୍ମନିଷ୍ଠ**—ସଂ. ବିଣ. ପୁଂ. (ବହୁବ୍ରୀହି; କର୍ମ + ନିଷ୍ଠା )—

Karmanishtha ୧ । କର୍ମରେ ନିଷ୍ଠାପର ଭାବରେ ପ୍ରବୃତ୍ତ (ବ୍ୟକ୍ତି)—1. Engaged with devotion in active duties.

(କର୍ମନିଷ୍ଠା—ସ୍ତ୍ରୀ) ୨ । କର୍ମଣ୍ୟ; ବେଦୋକ୍ତ କର୍ମକାଣ୍ଡରେ ପ୍ରବୃତ୍ତ—

2. Engaged in duly performing the Vedic rites and ceremonies.

୩ । କୌଣସି କାର୍ଯ୍ୟରେ ବ୍ରତୀ—

3. Tenaciously pursuing a course of action.

**କର୍ମନ୍ଦୀ**—ସଂ. ବି. ପୁଂ. ( କର୍ମନ୍ + ଅନ୍ଦ ଧାତୁ = ବନ୍ଧନ କରିବା + କର୍ତ୍ତୃ. ଇନ୍; ୧ମା. ୧ବ )—

Karmandi

୧ । ଭିକ୍ଷୁକ; ଭିକ୍ଷୁ—

1. A mendicant; anchorite.

୨ । ଭିକ୍ଷୁବ୍ରତଧାରୀ ଚତୁର୍ଥାଶ୍ରମୀ ବ୍ୟକ୍ତି—

2. A person who has adopted the fourth stage of the life of a Hindu; an ascetic; an itinerant ascetic.

**କର୍ମଫଳ**—ସଂ. ବି. (୬ଷ୍ଠୀ ତତ୍; କର୍ମ + ଫଳ)—

Karmaphala ୧ । ଜନ୍ମର କର୍ମର ବା ଅଦୃଷ୍ଟର ଫଳ —

1. The fruit of one's fate.

ସାଧାରଣଙ୍କେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ପୂର୍ବଜନ୍ମାର୍ଜିତ କର୍ମର ଫଳ, ସୁଖ ବା ଦୁଃଖ—
2. The fruit of one's own actions done in previous existence; e. g. happiness or misery.

୩ । ଇହଜନ୍ମରେ କରିବା କାର୍ଯ୍ୟର ଫଳ, ଯାହା ମନୁଷ୍ୟ ପରଜନ୍ମରେ ଭୋଗ କରିବ—
3. The fruit or consequence of one's own actions in this life, which he will reap hereafter.

**କର୍ମଫଳତ୍ୟାଗ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ଫଳ+ତ୍ୟାଗ )—
Karmaphalatyāga ନିଜ କର୍ମର ଫଳଲାଭ ପ୍ରତି ଆଶା ତ୍ୟାଗ—
Renunciation of the hope of getting any return for works done by a man; renunciation of the desire for reward for one's actions.

**କର୍ମ ଫାଟିବା**—ଦେ. କ୍ରି—କପାଳ ଫାଟିବା ( ଦେଖ )
Karma phāṭibā Kapāla phāṭibā ( See )

**କର୍ମବନ୍ତ**—ଗ୍ରା. ବିଣ. ( ସଂ. କର୍ମନ୍+ବତ୍ ପ୍ରତ୍ୟୟ )—ଭାଗ୍ୟବାନ୍—
Karmabanta Fortunate; lucky.
ତୁହେଁ ଭବନ୍ତ ସେ କର୍ମବନ୍ତ ମଧ୍ୟେ ସାର—ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କର୍ମବନ୍ଧ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ବନ୍ଧ )—ସାଂସାରିକ କ୍ରିୟାରୂପ
Karmabandha ପାଶଦ୍ୱାରା ଆତ୍ମାର ବନ୍ଧନ—Bondage of worldly action; worldly tie or attachment; confinement of the soul in worldly ties.
କଟାକ୍ଷ ମାତ୍ରକେ ଗୋବିନ୍ଦ କାଟେ ଅଶେଷ କର୍ମବନ୍ଧ—
ଭୂପତି. ପ୍ରେମପଞ୍ଚାମୃତ ।
ଦେ. ବି—କର୍ମର ଅନୁରୋଧ ବା ନିର୍ବନ୍ଧ—
Pressure of work; exigency of work.

**କର୍ମବନ୍ଧନ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ବନ୍ଧନ )—
Karmabandhana କର୍ମବନ୍ଧ ( ଦେଖ )
Karmabandha ( See )

**କର୍ମବଶ**—ଦେ. ବି. ( ୬ଷ୍ଠୀ ତତ୍;କର୍ମ+ବଶ )—କର୍ମାନୁରୋଧ—
Karmabaśa Exigency of work.
( କର୍ମବଶା—ସ୍ତ୍ରୀ ) ଦେ. ବିଣ. ପୁଂ—କର୍ମର ଅଧୀନ; ଭାଗ୍ୟ ଅନୁସାରେ ଯାହାକୁ ଚଳିବାକୁ ହୁଏ—(a person ) Dependent on fate.

**କର୍ମବଶତଃ**—ସଂ. ଅ. ( କର୍ମବଶ+ସପ୍ତମୀ ବିଭକ୍ତି ଅର୍ଥରେ. ତସ୍ )—
Karmabaśataḥ କର୍ମର ଅନୁରୋଧରେ—
Owing to pressure of work.

**କର୍ମବଶରୁ**—ଦେ. ଅ—କର୍ମବଶତଃ ( ଦେଖ )
Karmabaśaru Karmabaśataḥ ( See )
କର୍ମବଶେ

**କର୍ମବାଚ୍ୟ**—ସଂ. ବି. ( ବ୍ୟାକରଣ )—ଯେଉଁ ବାକ୍ୟରେ କର୍ମପଦର
Karmabāchya ପ୍ରାଧାନ୍ୟ ଥିବାରୁ ତହିଁରେ ୧ମା ବିଭକ୍ତି ହୁଏ ( ଯଥା—ଧୋବାଦ୍ୱାରା କାଠ ଚିରା ହେଉଅଛି—ଏହା କର୍ମବାଚ୍ୟର ବାକ୍ୟ )—( grammar ) The passive voice.

**କର୍ମବାମ**—ଦେ. ବି. ( ସଂ. କର୍ମନ୍+ବାମ )—ମନ୍ଦଭାଗ୍ୟ; ଦୁର୍ଭାଗ୍ୟ—
Karmabāma Misfortune; bad luck.
କର୍ମବାମବେଳକୁ ବିଧାତାଅବଳକୁ ବିଷ ହୁଅନ୍ତେ ସୁଧାରସ ।
ଦୀନକୃଷ୍ଣ. ରସକଲ୍ଲୋଳ ।

**କର୍ମବିଧି**—ସଂ. ବି. ( ୬ଷ୍ଠୀ ତତ୍; କର୍ମନ୍+ବିଧି )—କାର୍ଯ୍ୟ କରିବାର
Karmabidhi ନିୟମ ବା ଶୃଙ୍ଖଳା—Rule of action.

**କର୍ମବିପର୍ଯ୍ୟୟ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ବିପର୍ଯ୍ୟୟ )—
Karmabiparjyaya ୧ । କର୍ମର ବୈପରୀତ୍ୟ; ଜଣକର କାର୍ଯ୍ୟ ଅନ୍ୟ ଜଣେ କରିବା—1. The subversion of office or functions.
୨ । ଭାଗ୍ୟବିପର୍ଯ୍ୟୟ—2. Irony of fate.

**କର୍ମବିପାକ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ବିପାକ )—
୧ । ନିଜକୃତ କର୍ମର ପରିଣାମ—
Karmabipāka 1. The future unavoidable consequence of one's own actions.
୨ । ନିଜ କର୍ମର ବିସଦୃଶ ଫଳ—
2. Contrary results arising from one's act; irony of fate.
୩ । କର୍ମବାମ; ଦୁର୍ଭାଗ୍ୟ—3. Bad luck.

**କର୍ମବୀର**—ସଂ. ବିଣ. ପୁଂ. ( ୭ମୀ ତତ୍; କର୍ମ+ବୀର )—ଯାହାର
Karmabīra ଜୀବନ କର୍ମମୟ—Having a life of action.

**କର୍ମବ୍ୟଙ୍ଗ**—ଦେ. ବି. ( ସଂ. କର୍ମ+ବ୍ୟଙ୍ଗ )—କାର୍ଯ୍ୟନାଶକାରୀ—
Karmabyaṅga Destroying the effectiveness of one's acts.
କର୍ମବ୍ୟଙ୍ଗ କୃତହା ପୁରୁଷ ପରସ୍ୱେ,
ସେ ଅଶନ ହେଉ ହେ ଜାଣ ନରସ୍ୱେ—କୃଷ୍ଣସିଂହ. ମହାଭାରତ, ଦ୍ରୋଣ

**କର୍ମବ୍ୟତିହାର**—ସଂ. ବି. (୬ଷ୍ଠୀ ତତ୍; କର୍ମନ୍+ବ୍ୟତିହାର)—
Karmabyatihāra ପରସ୍ପର ଏକଜାତୀୟ କର୍ମକରଣ—
The mutual doing of similar acts.
[ଦ୍ର—ଏ ଶବ୍ଦର ଅନ୍ୟ ରୂପ କର୍ମବ୍ୟତୀହାର; ଏହା ବ୍ୟାକରଣରେ ଗୋଟିଏ ପ୍ରସିଦ୍ଧ ଶବ୍ଦ; ଲକ୍ଷ୍ମୀ ବିଷ୍ଣୁଙ୍କୁ ଓ ବିଷ୍ଣୁ ଲକ୍ଷ୍ମୀଙ୍କୁ ଆଲିଙ୍ଗନ, ଦର୍ଶନ, ସ୍ପର୍ଶନ ଓ ଚୁମ୍ବନ କରୁଅଛନ୍ତି; ଏସ୍ଥଳରେ ଉଲ୍ଲିଖିତ ଆଲିଙ୍ଗନ, ଦର୍ଶନ, ସ୍ପର୍ଶନ ଓ ଚୁମ୍ବନ କର୍ମମାନଙ୍କର ବ୍ୟତିହାର ହେଲା—
ସୁବଳଚନ୍ଦ୍ର । ]

**କର୍ମଭୂମି**—ସଂ. ବି. (୬ଷ୍ଠୀ ତତ୍; କର୍ମ+ଭୂମି )—୧ । କର୍ମକ୍ଷେତ୍ର—
Karmabhūmi 1. The field of action; sphere of action.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହ୍ରସ୍ୱାନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ୍ର,ଷ | ଙ୍କ | ଲ୍ୟ | ତ୍ଥ | ନ୍ତ |
| ୨ | ଇ | ଉ | ଋ | ଌ | ଏ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଗଁ | ଇଅ | ଢ଼ | ନ୍ତ |

୨ । ଧର୍ମକର୍ମ କରିବାର ପ୍ରସିଦ୍ଧ ସ୍ଥାନ; ଆର୍ଯ୍ୟାବର୍ତ୍ତ—
2. The northern half of India, considered as the land of religious rites.

୩ । ଧର୍ମକର୍ମର ସ୍ଥଳ, ଭାରତବର୍ଷ—
3. ndia, the holy land.

୪ । କୃଷ୍ଟଭୂମି—4. Cultivated field.

**କର୍ମଭୋଗ**—ଦେ. ବି. (୬ଷ୍ଠୀ ତତ୍; କର୍ମ+ଭୋଗ)—୧ । କୃତକୃତ ପୂର୍ବ-
Karmabhoga କର୍ମର ସୁଖଦୁଃଖମୟ ଫଳଭୋଗ—1. The enjoyment of happiness or suffering due to one's past actions.

୨ । ଅକର୍ମ ଓ କୁକର୍ମର ଫଳଭୋଗ—2. Taking or receiving the consequences of one's evil conduct.

**କର୍ମମୟି**—ଗ୍ରା. (ପଦ୍ୟ) ବିଣ.—(ସଂ. କର୍ମମୟ)—କର୍ମମୟ—
Karmamayi Active; full of action

• ବଧାତା ନାମ ସେ ବୋଲଇ, ଯାର ଶରୀର କର୍ମମୟି ।
ଜଗନ୍ନାଥ. ଭବବତ ।

**କର୍ମମୂଳ**—ସଂ. ବି. (ବହୁବ୍ରୀହି; କମ୍ବା ୬ଷ୍ଠୀ ତତ୍; କର୍ମନ୍+ମୂଳ; ଏହା
Karmamūla ବୈଦିକ କର୍ମାନୁଷ୍ଠାନରେ ଲୋଡ଼ା ହେଉଥିବାରୁ)
କୁଶ—The Kusa grass.

ସଂ. ବିଣ.—କର୍ମ ଯହିଁର ମୂଳ; କର୍ମମୂଳକ—
Based on action.

**କର୍ମଯୁଗ**—ସଂ. ବି. (୬ଷ୍ଠୀ ତତ୍; କର୍ମନ୍+ଯୁଗ)—୧ । କଳିଯୁଗ—
Karmajuga 1. The Kali age; the present Iron age.

୨ । କର୍ମ କରିବାର ଯୁଗ—
2. The age of action or activity.

**କର୍ମଯୋଗ**—ସଂ. ବି. (୭ମୀ ତତ୍; କର୍ମନ୍+ଯୋଗ)—୧ । ଧର୍ମସାଧନାର୍ଥ
Karmajoga ସାଂସାରିକ କାର୍ଯ୍ୟନିର୍ବାହ—1. The performance of worldly functions considered as religious duties.

୨ । ବେଦବିହିତ କର୍ମସାଧନରେ କୌଶଳ—
2. Skill in the performance of Vedic rites.

୩ । ଚିତ୍ତଶୁଦ୍ଧିଜନକ ବୈଦିକ କର୍ମ—3. Vedic rites performed for purification of the mind.

୪ । କର୍ମରୂପ ଯୋଗ ସାଧନ, ଅର୍ଥାତ୍ ଈଶ୍ୱରପ୍ରାପ୍ତି ଉଦ୍ଦେଶ୍ୟରେ କର୍ମାବଲମ୍ବନ—4. Doing acts for the attainment of Divine bliss.

୫ । କାର୍ଯ୍ୟରେ ଲାଗିବା—5. Active exertion.

୬ । ପରିଶ୍ରମ—6. Industry.

୭ । ଅଦୃଷ୍ଟ; କପାଳ—7. Fortune; luck.

[ଦ୍ର—ଭଗବଦ୍‌ଗୀତାର ୩ୟ ଅଧ୍ୟାୟରେ ଭଗବାନ୍ ଅର୍ଜୁନଙ୍କୁ କର୍ମଯୋଗ ସମ୍ବନ୍ଧେ ଉପଦେଶ ଦେଇ ଅଛନ୍ତି । ତାହାର ମର୍ମ ଏହି କି, ମନୁଷ୍ୟ ସଂସାରରେ କର୍ମ ନ କଲେ ଶରୀରଯାତ୍ରା ନିର୍ବାହ କରି ନ ପାରେ । କିନ୍ତୁ ମୁକ୍ତସଙ୍ଗ, ନିଷ୍କାମ ଓ ଅଫଳାକାଂକ୍ଷୀ ହୋଇ ସମସ୍ତ କର୍ମକୁ ଭଗବାନଙ୍କଠାରେ ଅର୍ପଣ କରି କର୍ତ୍ତବ୍ୟସାଧନ ଓ ଲୋକଶିକ୍ଷାର୍ଥ କର୍ମ କରିବ ଏବଂ ଇନ୍ଦ୍ରିୟମାନଙ୍କୁ ସଂଯତ କରି କାମ-କ୍ରୋଧାଦି ରିପୁମାନଙ୍କୁ ଦମନ କରିବ । କର୍ମଯୋଗ ଦ୍ୱିବିଧ,—ସକାମ ଓ ନିଷ୍କାମ; ନିଷ୍କାମ କର୍ମ ଆତ୍ମଜ୍ଞାନର କାରଣ ଓ ସକାମ କର୍ମ ବିଷୟ-ଭୋଗର କାରଣ; କିନ୍ତୁ ସଂସାରରେ ପ୍ରତ୍ୟେକ ଲୋକଙ୍କୁ ପ୍ରଥମେ କାମନାଯୁକ୍ତ ହୋଇ ଦେବଦେବୀଙ୍କର ଅର୍ଚ୍ଚନା କରିବାକୁ ପଡ଼େ; ଏହିପରି କର୍ମଯୋଗରେ ଚିତ୍ତଶୁଦ୍ଧି ହେଲେ ଆଉ କାମନା ରହେ ନାହିଁ । ତା ପରେ ମାନବ ଆତ୍ମଜ୍ଞାନର ସାଧକ ନିଷ୍କାମ କର୍ମଯୋଗରେ ପ୍ରବୃତ୍ତ ହୁଏ ଏବଂ କ୍ରମେ ସେହି ପଥରେ ଜ୍ଞାନଲାଭ କରି ଜ୍ଞାନ-ବଳରେ ବ୍ରହ୍ମସାକ୍ଷାତ୍କାର ପର୍ଯ୍ୟନ୍ତ ଲାଭ କରି ପାରେ । ଏଥିପାଇଁ ଆର୍ଯ୍ୟଧର୍ମଶାସ୍ତ୍ରରେ କର୍ମଯୋଗର ପ୍ରାଧାନ୍ୟ ବର୍ଣ୍ଣିତ ହୋଇଅଛି ।]

**କର୍ମଯୋଗୀ**—ସଂ. ବିଣ. ପୁଂ. (କର୍ମଯୋଗ+ଅସ୍ତି ଅର୍ଥରେ. ଇନ୍,
Karmajogi ୧ମା. ୧ବ.)—୧ । ବୈଦିକ କର୍ମାଚରଣରେ ନିଯୁକ୍ତ; ଈଶ୍ୱରପ୍ରାପ୍ତି ନିମିତ୍ତ ଧ୍ୟାନଧାରଣାଦି ତପସ୍ୟାରେ ପ୍ରବୃତ୍ତ—
1. Engaged in works of devotion for spiritual ends.

୨ । କାର୍ଯ୍ୟକୁଶଳ; କର୍ମଠ—2. Active.

**କର୍ମରଙ୍ଗ**—ସଂ. ବି.—କରମଙ୍ଗା ଗଛ ଓ ଫଳ—A tree and its
Karmaranga acid fruit; Averrhoea Carambola.

**କର୍ମଶାଳା**—ସଂ. ବି. (୬ଷ୍ଠୀ ତତ୍; କର୍ମନ୍+ଶାଳା)—୧ । କାର୍ଯ୍ୟାଳୟ;
Karmaśālā କାରଖାନା—1. Workshop; office; factory.

୨ । କମାରଶାଳ—2. Smithy.

**କର୍ମଶୀଳ**—ସଂ. ବିଣ. ପୁଂ.—(ବହୁବ୍ରୀହି; କର୍ମନ୍+ଶୀଳ=ସ୍ୱଭାବ)—
Karmaśīla ପରିଶ୍ରମୀ; ଯତ୍ନଶୀଳ; କର୍ମ କରିବାରେ ଅଭ୍ୟସ୍ତ—
(କର୍ମଶୀଳା—ସ୍ତ୍ରୀ) Laborious; assiduous; diligent.

**କର୍ମଶୂର**—ସଂ. ବିଣ. ପୁଂ. (୭ମୀ ତତ୍; କର୍ମନ୍+ଶୂର=ବୀର)—
Karmaśūra ୧ । କର୍ମଠ; କାର୍ଯ୍ୟଦକ୍ଷ—1. Performing work assiduously or carefully.

୨ । ପୁରାତନ କର୍ମୀ—2. Veteran in work.

**କର୍ମଶୌଚ**—ସଂ. ବି. (୭ମୀ ତତ୍; କର୍ମନ୍+ଶୌଚ)—
Karmaśaucha ୧ । ଅଧ୍ୟବସାୟ—1. Perseverance.

୨ । କର୍ମରେ ନିର୍ଦ୍ଦୋଷତା—
2. Flawlessness in a work.

**କର୍ମସଚିବ**—ସଂ. ବି. (୭ମୀ ତତ୍; କର୍ମନ୍+ସଚିବ)—
Karmasachiba ୧ । କର୍ମନିର୍ବାହ ବିଷୟରେ ସହାୟକ ବା ମନ୍ତ୍ରୀ—
1. A minister.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳେ ତେବେ ସେହି ଶବ୍ଦ ପାଠ ଯଥାସ୍ଥଳେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସହକାରୀ—2. An assistant.

୩ । ରାଜକାର୍ଯ୍ୟ ଓ ଶାସନ କାର୍ଯ୍ୟର ଭାରପ୍ରାପ୍ତ କର୍ମଚାରୀ—
3. Executive officer.

୪ । ରାଜ୍ୟର ଶାସନବିଭାଗର ମନ୍ତ୍ରୀ—
4. Secretary of State.

**କର୍ମସନ୍ନ୍ୟାସ**—ସଂ. ବି. (୬ଷ୍ଠୀ ତତ୍; କର୍ମନ୍+ସନ୍ନ୍ୟାସ)—
Karmasannyāsa ୧ । କର୍ମତ୍ୟାଗ—
1. Giving up of work.
୨ । କର୍ମଫଳ ତ୍ୟାଗ—2. Renunciation of the hope for the results of one's acts.

**କର୍ମସନ୍ନ୍ୟାସୀ**—ସଂ. ବିଣ. ପୁଂ (କର୍ମସନ୍ନ୍ୟାସ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ.)—୧ । କର୍ମତ୍ୟାଗୀ; ଫଳକାମନାରହିତ
Karmasannyāsi
ହୋଇ ଯେ ନିତ୍ୟନୈମିତ୍ତିକ ସକଳ କର୍ମ ତ୍ୟାଗ କରେ—
1. Following worldly pursuits without hankering after the results.

**କର୍ମ ସଲଖ**—ଦେ. ବି—କର୍ମଠାଣ; ସୌଭାଗ୍ୟ—
Karma salakha The favour of fortune; good luck.

**କର୍ମସାକ୍ଷୀ**—ସଂ. ବି. ପୁଂ. (କର୍ମନ୍+ସାକ୍ଷିନ୍ ୧ମା. ୧ବ.)—୧ । ଯେଉଁ
Karmasākshi ସାକ୍ଷୀ କୌଣସି କର୍ମକୁ ନିଜେ ଦେଖିଥାଏ—
(କର୍ମସାକ୍ଷିଣୀ—ସ୍ତ୍ରୀ) 1. An eye-witness of an occurrence.
୨ । ଯେଉଁ ଦେବତାମାନେ ମନୁଷ୍ୟର ପାପ ଓ ପୁଣ୍ୟ କର୍ମମାନ ଦେଖନ୍ତି—2. The Deities who witness the good and bad actions of men.
[ ଦ୍ର—ସୂର୍ଯ୍ୟଃ ସୋମୋ ଯମଃ କାଲୋ ମହାଭୂତାନି ପଞ୍ଚ ଚ, ଏତେ ଶୁଭାଶୁଭସ୍ୟେହ କର୍ମଣୋ ନବ ସାକ୍ଷିଣଃ; ସୂର୍ଯ୍ୟ, ଚନ୍ଦ୍ର, ଯମ, କାଳ, ପଞ୍ଚମହାଭୂତ ଏମାନେ ଶାସ୍ତ୍ର ଅନୁସାରେ କର୍ମସାକ୍ଷୀ ରୂପେ କଳ୍ପିତ ।]

**କର୍ମସାଧନ**—ସଂ. ବି (୬ଷ୍ଠୀ ତତ୍; କର୍ମନ୍+ସାଧନ)—୧ । ଯାହାଦ୍ୱାରା
Karmasādhana କର୍ମ ସାଧିତ ହୁଏ—1. The means of accomplishing an act.
୨ । ଯନ୍ତ୍ର; ହାତହତିଆର—2. Implements.
୩ । କର୍ମସମାପ୍ତି—
3. The accomplishment o a work.

**କର୍ମସିଦ୍ଧି**—ସଂ. ବି (୬ଷ୍ଠୀ ତତ୍; କର୍ମନ୍+ସିଦ୍ଧି)—୧ । କାର୍ଯ୍ୟରେ
Karmasiddhi ସଫଳତା—1. Success in any undertaking.
୨ । କାର୍ଯ୍ୟର ସମାପ୍ତି—2. Accomplishment of an act or business.

**କର୍ମସଂନ୍ୟାସ**—ସଂ. ବି—କର୍ମସନ୍ନ୍ୟାସ ( ଦେଖ )—
Karmasaṁnyāsa Karmasannyāsa (See)

**କର୍ମସଂନ୍ୟାସୀ**—ସଂ. ବିଣ—କର୍ମସନ୍ନ୍ୟାସୀ ( ଦେଖ )—
Karmasaṁnyāsi Karmasannyāsi (See)

**କର୍ମାଙ୍ଗ**—ସଂ. ବି (୬ଷ୍ଠୀ ତତ୍; କର୍ମ+ଅଙ୍ଗ)—ଶାସ୍ତ୍ରନିର୍ଦ୍ଦିଷ୍ଟ କର୍ମର
Karmāṅga ଅଙ୍ଗ—Part of a ritual.

**କର୍ମାଣି**—ସଂ. ବି ( ସଂ. କର୍ମନ୍ ଶବ୍ଦ; ୧ମା ଓ ୨ୟା ବହୁବଚନ )—
Karmāṇi ୧ । କର୍ମମାନ; କର୍ମ ସମୂହ—1. Acts; actions.
୨ । ବେଦୋକ୍ତ କର୍ମମାନ—2. Vedic rites.

ଗନିବ କର୍ମାଣି ନମନ୍ତ୍ରେ—କାର୍ତ୍ତିକମାହାତ୍ମ୍ୟ ।

[ ଦ୍ର—ସାଧାରଣତଃ ଏହା କର୍ମ ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ, ଯଥା—କର୍ମକର୍ମାଣି । ]
ଦେ. ବିଣ—କର୍ମଣି ( ଦେଖ )—Karmaṇi ( See )

**କର୍ମାଣିଆଁ**—ଦେ. ବିଣ—କର୍ମଣି ( ଦେଖ )—
Karmāṇiān̄ Karmaṇi ( See )

**କର୍ମାତ୍ମ**—ସଂ. ବିଣ. (ବହୁବ୍ରୀହି; କର୍ମ+ଆତ୍ମନ୍; ୧ମା. ୧ବ)—
Karmātma ୧ । କର୍ମ କରିବାରେ ଅଭ୍ୟସ୍ତ—
1. One whose character is action.
୨ । କର୍ମରେ ତତ୍ପର—2. Active.
୩ । କର୍ମସାଧନରେ ଦୃଢ଼ନୀତିର ବଶବର୍ତ୍ତୀ—
3. Following fixed principles of action.

**କର୍ମାଧି**—ଦେ. ( ପ୍ରାଚୀନପଦ୍ୟ ) ବିଣ—କର୍ମବିଷୟକ; କର୍ମମୟ—
Karmādhi Consisting of actions.

କର୍ମାଧି ପଥରେ ସର୍ବେ ଅନୁଯାତ ହେଲେ,
ଅଲେଖ ପୁରୁଷ ସ୍ୱାମୀ ନିର୍ବେଦେ ରହିଲେ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**କର୍ମାଧ୍ୟକ୍ଷ**—ସଂ. ବି (୬ଷ୍ଠୀ ତତ୍; କର୍ମ+ଅଧ୍ୟକ୍ଷ)—କୌଣସି ଅନୁଷ୍ଠାନର
Karmādhyaksha ପ୍ରଧାନ ଭାରପ୍ରାପ୍ତ ବ୍ୟକ୍ତି—
Superintendent; supervisor.

**କର୍ମାନୁବନ୍ଧ**—ସଂ. ବି. (୬ଷ୍ଠୀ ତତ୍; କର୍ମ+ଅନୁବନ୍ଧ)—୧ । କର୍ମସଙ୍ଗେ
Karmānubandha ସମ୍ପର୍କ; କର୍ମାନୁବର୍ତ୍ତିତା—1. Connection
(କର୍ମାନୁବନ୍ଧୀ—ବିଣ) with or dependance upon acts.
୨ । କର୍ମବନ୍ଧ (ଦେଖ)
2. Karmabandha (See)

**କର୍ମାନୁରୂପ**—ସଂ. ବିଣ. ( ୬ଷ୍ଠୀ ତତ୍; କର୍ମ+ଅନୁରୂପ )—
Karmānurūpa ୧ । କର୍ମୋପଯୋଗୀ; କର୍ମସଦୃଶ—
1. According to action; corresponding to acts.
୨ । ପୂର୍ବ ଜନ୍ମ କୃତ କର୍ମର ଅନୁରୂପ—
2. According to acts done by a person in his previous existence.
୩ । କର୍ତ୍ତବ୍ୟ କର୍ମର ଉପଯୋଗୀ—
3. According to duty.
୪ । ଭାଗ୍ୟର ଅନୁସାରେ ଘଟିବା—
4. Taking place according to fate.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଉ |
| ୬ | ଈ | ଭ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁୟ | ଇଅ | ଊ | ଂନ୍ |

**କର୍ମାନୁଷ୍ଠାନ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ଅନୁଷ୍ଠାନ )—
Karmānushṭhāna ୧ । କର୍ତ୍ତବ୍ୟ କାର୍ଯ୍ୟରେ ଅଗ୍ରସର ହେବା— (କର୍ମାନୁଷ୍ଠାୟୀ—ବିଣ.) 1. Practising or starting in one's duties.
୨ । କର୍ମକରଣ—2. Performance of an act.
୩ । ବୈଦିକ କ୍ରିୟା—3. Vedic rites or ceremonies.

**କର୍ମାନ୍ତ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ଅନ୍ତ )—
Karmānta ୧ । କାର୍ଯ୍ୟଶେଷ; କାର୍ଯ୍ୟସମାପ୍ତି—
1. The end of any task or act.
୨ । କାର୍ଯ୍ୟର ଶେଷଫଳ—2. The ultimate result of an action.

**କର୍ମାନ୍ତର**—୧ । ସଂ.ବି. (ନିତ୍ୟସମାସ; ଅନ୍ୟତ୍+କର୍ମ)—ଅନ୍ୟ କର୍ମ—
Karmāntara Another act.
୨ । ( ୭ମୀ ତତ୍; କର୍ମ+ଅନ୍ତର )—ଧର୍ମକର୍ମ ମଧ୍ୟରେ ବ୍ୟବଧାନ—2. The interval between religious actions (M. W.)

**କର୍ମାର**—ସଂ. ବି. ପୁଂ. (କର୍ମନ୍+ଋ ଧାତୁ=ଗମନ କରିବା+କର୍ତ୍ତୃ.ଅ)-
Karmāra ୧ । କାରିଗର—1. Artificer; artisan.
୨ । ଲୌହକାର; କମାର—2. Blacksmith.
୩ । ( +କରଣ. ଅ ) ଏକ ପ୍ରକାର ବାଉଁଶ—
3. A species of Bamboo.
୪ । କରମଙ୍ଗା (ଗଛ ଓ ଫଳ)—4. The Carambola (tree and fruit).

**କର୍ମାରମ୍ଭ**—ସଂ. ବି. ( ୬ଷ୍ଠୀ ତତ୍; କର୍ମ+ଆରମ୍ଭ )—
Karmārambha ୧ । କୌଣସି କାର୍ଯ୍ୟର ଆରମ୍ଭ—
1. Commencement of any act.
୨ । କୌଣସି ଧର୍ମାନୁଷ୍ଠାନର ଆରମ୍ଭ—
2. Commencement of a ceremony or ritual.

**କର୍ମାର୍ହ**—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; କର୍ମ+ଅର୍ହ )—୧ । କାମିକା—
Karmārha 1. Useful.
(କର୍ମାର୍ହା—ସ୍ତ୍ରୀ) ୨ । କର୍ମ କରିବାକୁ ସମର୍ଥ; କର୍ମଠ—
2. Fit for work.
୩ । କର୍ମ କରିବାର ଉପଯୁକ୍ତ ବା ଯୋଗ୍ୟ (କାଳ ପ୍ରଭୃତି)—
3. Proper ( time ) for an act.

**କର୍ମାଲି**—ଦେ. ବି—ଏକ ପ୍ରକାର ସାନ୍ତାଳୀ ଭାଷା—A form of the
Karmāli Sāntāḷi language.

**କର୍ମିଷ୍ଠ**—ସଂ. ବିଣ. ପୁଂ. ( କର୍ମନ୍+ଅତ୍ୟନ୍ତ ପାରଗ ଅର୍ଥରେ ଇଷ୍ଠ )—
Karmishṭha ୧ । ପରିଶ୍ରମୀ—1. Industrious; diligent.
(କର୍ମିଷ୍ଠା—ସ୍ତ୍ରୀ) ୨ । କର୍ମଠ; କର୍ମକୁଶଳ—2. Active; fit for work.
୩ । କୌଶଳୀ—3. Skilful.
୪ । କର୍ମପ୍ରିୟ—4. Eager to do a work.
୫ । ବୈଦିକ କ୍ରିୟାରତ—5. Engaged in observing duly the Vedic rites and ceremonies.

**କର୍ମୀ**—ସଂ. ବିଣ. ପୁଂ. ( କର୍ମନ୍+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ )—
Karmī ୧ । କର୍ମନିରତ—1. Busy; active.
(କର୍ମିଣୀ—ସ୍ତ୍ରୀ) ୨ । କର୍ମକ୍ଷମ; କାର୍ଯ୍ୟଦକ୍ଷ—2. Fit; skilful.
ସଂ. ବି—୧ । କର୍ମ କରିବା ବ୍ୟକ୍ତି—
1. One who performs a rite or an act.
୨ । କର୍ମକାର—2. A man of action.
୩ । ମୂଲିଆ—3. A labourer; workman ( M.W.)

**କର୍ମେନ୍ଦୀ**—ସଂ. ବି. ( କର୍ମନ୍+ଅନ୍ଦ ଧାତୁ+ଇନ୍; ୧ମା. ୧ବ )—
Karmendī କର୍ମନ୍ଦୀ ( ଦେଖ )
Karmandī ( See )

**କର୍ମେନ୍ଦ୍ରିୟ**—ସଂ. ବି. ( ୬ଷ୍ଠୀ ତତ୍; କର୍ମନ୍+ଇନ୍ଦ୍ରିୟ )—ସାଂସାରିକ
Karmendriya କାର୍ଯ୍ୟ ନିର୍ବାହ ନିମନ୍ତେ ଆବଶ୍ୟକ ପାଞ୍ଚଗୋଟି ଇନ୍ଦ୍ରିୟ; (ଯଥା—ବାକ୍, ପାଣି, ପାଦ, ପାୟୁ, ଉପସ୍ଥ)—
An organ of action.

**କର୍ମୋଦାର**—ସଂ. ବି. (କର୍ମଧା, ପରନିପାତ; ଉଦାର+କର୍ମ)—
Karmodāra ୧ । ସାହସିକ ବା ସତ୍କର୍ମ—
1. An honorable or valiant act. (M.W.)
୨ । ଉଦାରତା—2. Magnanimity (M. W.)
୩ । ଶକ୍ତି—3. Prowess (M. W.)

**କର୍ଲା**—ପ୍ରାଦେ.(ସମ୍ବଲପୁର; ଭୁଲ. ହି. କରେଲା) ବି—୧ । କଲରା (ଦେଖ)
Karlā 1. Kalarā ( See )
୨ । ଏକ ପ୍ରକାର ଜଙ୍ଗଲି ଗଛ—
2. A species of wild tree.
[ ଦ୍ର—ଏହାର ପତ୍ର ଅଣ୍ଡାକାର (ଲମ୍ବ ୩ଇଞ୍ଚ × ଚଉଡ଼ା ୨ଇଞ୍ଚ); ଗଛ ଗୁଡ଼ିକ ପାଞ୍ଚ ହାତରୁ ବେଶୀ ବଢ଼େ ନାହିଁ । ଲୋକେ ଏହା ଡାଳକୁ କାଟି ନେଇ ବାଡ଼ରେ ଯୋଡ଼ନ୍ତି ଏବଂ ବଡ଼ ଡାଳକୁ ଘରେ ରୁଅ କରି ପକାନ୍ତି । ଏହାର ଚେର ବସାନ୍ତି । ]

**କର୍ଶିତ**—ସଂ. ବିଣ. (କୃଶ୍ ଧାତୁର ଣିଜନ୍ତ=କର୍ଶି ଧାତୁ=କ୍ଷୀଣ କରାଇବା
Karśita +କର୍ମ. ତ )—କୃଶୀକୃତ; ଦୁର୍ବଳୀକୃତ—
Enfeebled; weakened; reduced.

**କର୍ଷ**—ସଂ. ବି. ( କୃଷ ଧାତୁ=ଚଷିବା+ଭାବ. ଅ )—
Karsha ୧ । କର୍ଷଣ—1. Cultivation.
୨ । ( +କର୍ମ. ଅ ) ଏକ ତୋଲା ଓଜନ; ଚୁଟପଲ; କରଷି; ବାଲେଶ୍ୱରୀ ସେରର ୮୦ ଅଂଶ—2. A unit of weight; one tola.
୩ । ବାହାଡ଼ା ଗଛ—
3. The Beleric myrobolan ( tree ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ଟାଣିବା—4. Drawing; pulling.

**କର୍ଷକ**—ସଂ. ବି. ( କୃଷ ଧାତୁ + କର୍ତ୍ତୃ. ଅକ )—୧ । କୃଷକ; ଚାଷୀ—
Karshaka 1. Ploughman; cultivator.

୨ । ନଖଦ୍ୱାରା ଭୂମି ଖୋଳି ଆହାର ଅନ୍ୱେଷଣ କରିବା ପକ୍ଷୀ ( ଯଥା—କୁକ୍କୁଟ )—2. Birds which seek food from the earth by scratching it with their talons (e.g. cock); scraping bird.

୩ । ଏକ କରଷ ପରିମାଣ; ସେରର $\frac{1}{80}$;—
3. A standard of weight, equal to one Tola; $\frac{1}{80}$ of a Seer.

ସଂ. ବିଣ. ପୁଂ—୧ । ଆକର୍ଷଣକାରୀ—
1. Attracting; pulling.

( କର୍ଷିକା—ସ୍ତ୍ରୀ ) ୨ । ଚାଷ କରୁଥିବା—
2. Ploughing.

**କର୍ଷଣ**—ସଂ. ବି. (କୃଷ ଧାତୁ = ଟାଣିବା, ଚଷିବା + ଭାବ. ଅନ)—
Karshaṇa ୧ । ଚାଷ କାମ—1. Agriculture; farming.

୨ । ଚାଷ କରିବା; ହଳ କରିବା—2. Ploughing.

୩ । ଓଟାରିବା; ଟାଣିବା—3. Attracting; pulling.

୪ । ତଡ଼ିଦେବା; ବହିଷ୍କରଣ—
4. Driving out; expulsion.

୫ । ଆଣିବା—5. Bringing.

ଦେ. ବି.—୧ । ଧର୍ଷଣ—1. Insult; outrage.

୨ । ବିନାଶ—2. Destruction.

**କର୍ଷଣିଆ**—ଦେ. ବି. (ସଂ. କର୍ଷଣ + ଓ. ପ୍ରତ୍ୟୟ ଇଆ)—କୃଷକ—
Karshaṇiā Farmer; cultivator.

**କର୍ଷଣୀୟ**—ସଂ. ବିଣ. (କୃଷ ଧାତୁ + କର୍ମ. ଅନୀୟ)—
Karshaṇiya ୧ । ଚାଷ ହେବାର ଉପଯୁକ୍ତ—
1. Cultivable; arable.

୨ । ଆକର୍ଷଣୀୟ; ଟଣାହେବାର ଯୋଗ୍ୟ—
2. To be drawn or pulled.

**କର୍ଷାପଣ**—ସଂ. ବି. (କର୍ଷ + ଆପଣ)—କାହାଣ; ଷୋଳ ପଣ; ୧୬୦
Karshāpaṇa କଡ଼ା କଉଡ଼ି ( ମୁଦ୍ରାରୂପେ ଏହା ପୂର୍ବକାଳରେ ପ୍ରଚଳିତ କଉଡ଼ିର ସଂଖ୍ୟାସୂଚକ ପରିମାଣବିଶେଷ)—
16 annas; one Kahāṇa.

**କର୍ଷି**—ଦେ. ବି—( ସଂ. କର୍ଷ )—କର୍ଷ ୨ ( ଦେଖ )—
Karshi Karsha 2 ( See )

**କର୍ଷିତ**—ସଂ. ବିଣ ( କୃଷ ଧାତୁ, ଣିଚ + କ୍ତ ମ. ତ )—
Karshita ୧ । ଚାଷ କରା ଯାଇଥିବା; କୃଷ୍ଟ—
1. Cultivated; ploughed.

୨ । ଟଣା ହୋଇଥିବା—2. Drawn; pulled.

**କର୍ଷୂ**—ସଂ. ବି. ( କୃଷ ଧାତୁ + କର୍ମ. ଊ )—୧ । ଘସି ନିଆଁ—
Karshū 1. Fire of dried cowdung.

୨ । କୁଲ୍ୟା; କୃତ୍ରିମ ନାଳ—2. Artificial canal.

୩ । ଜୀବିକା—3. Livelihood.

୪ । ( + ଭାବ. ଊ ) କୃଷି—4. Cultivation.

୫ । କ୍ଷେତ୍ରରେ ହଳର ଗାର—5. A furrow.

୬ । ଇଷ୍ଟିଖାଲ; ଶ୍ରାଦ୍ଧବେଳେ ପିଣ୍ଡଦାନ ଉଦ୍ଦେଶ୍ୟରେ କରାଯିବା କୃତ୍ରିମ ଖାତ—6. A canal dug for offering rice-cakes to the manes.

**କର୍ହି**—ସଂ. ଅ (କିଂ + କାଳାର୍ଥେ ହି )—କୌଣସି ସମୟରେ; କେବେ—
Karhi When.

**କର୍ହିଚିତ୍**—ସଂ. ଅ ( କର୍ହି + ଅନିର୍ଦ୍ଦିଷ୍ଟ କାର୍ଥେ ଚିତ୍ )—୧ । କେବେ
Karhichit ହେଲେ; କୌଣସି କାଳରେ ସୁଦ୍ଧା—1. At any time whatever; whenever.

୨ । କୌଣସି ସମୟରେ—2 At any time.

**କଲ୍**—ପ୍ରାଦେ. (ସମ୍ବଲପୁର) ବି—୧ । କଳ; ଯନ୍ତ୍ର—
Kal 1. Machine; engine.

୨ । ଚକି—2. Grinding mill.

୩ । କୌଶଳ—3. Artifice; stratagem.

୪ । କପଟ—4. Fraud; deception; hypocrisy.

ବୈଦେ. ବି (ଇଂ. କଲ୍ )—୧ । ମକ୍ଲୁ ଦେଖିବାକୁ ଡାକ୍ତରଙ୍କୁ ଡାକରା—1. A call given to a doctor to visit a patient.

୨ । କୋର୍ଟରେ ମୋକଦ୍ଦମା ଚଳାଇବା ପାଇଁ ପକ୍ଷକୁ ଡାକରା—
2. A call to a party in a case.

୩ । ମକଦ୍ଦମା ଚଳାଇବା ପାଇଁ ପକ୍ଷ ତରଫରୁ ଓକିଲଙ୍କୁ ନିମନ୍ତ୍ରଣ—3. A call given by a client to a legal practitioner to conduct a case.

**କଲକତି**—ଦେ. ବିଣ—କଲିକତାର; କଲିକତାସମ୍ବନ୍ଧୀୟ; କଲିକତା
Kalkati ନିର୍ମିତ—Relating to or made in Calcutta.

**କଲ୍‌କଲ୍**—ଦେ. ଅ—କଳକଳ ( ଦେଖ )—
Kalkal Kalakala ( See )

**କଲ୍କା**—ପ୍ରାଦେ ( ବାଲେଶ୍ୱର; ମେଦିନୀପୁର ) ବି (ସଂ. କଲକା; ଭୁଲ ବି. କଲକେ )—ଗୁଡ଼ାଖୁ ଖାଇବାର ଚିଲମ୍—
Kalkā The mouth-piece or firepan of a hubble-bubble.

**କଲ୍କି**—ବୈଦେ. ବି ( ତୁର୍କୀ. କଲ୍‌ଗୀ )—ପାଗ ଉପରେ ଶିରପେଚରେ
Kalki ପିନ୍ଧା ଯିବା ସୁନା ଓ ରତ୍ନ ଲଗିଥିବା ପକ୍ଷୀଙ୍କର ସୁନ୍ଦର ପର—
कलकी Bird's feather set with gems for being
कलगी worn over crowns and turbans by kings and nobles.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ରୃ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯୃ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | •ନ୍ତୁ |

**କଲ୍ଭଟ୍**—ବୈଦେ. ବ ( ଇ. କଲ୍ଭଟ )—ସାନ ପୋଲ୍—
Kalbhaṭ Culvert.
କଲ୍ଭଟ୍
पुलिया

**କଲ୍ମା**—ବୈଦେ. (ଆରବୀ; କଲ୍ମା ର ଆକ୍ଷରିକ ଅର୍ଥ—ବାକ୍ୟ) ବ—
Kalmā ମୁସଲ୍ମାନ୍ମାନଙ୍କ ଧର୍ମଶାସ୍ତ୍ର କୋରାନ୍‌ର ଯେଉଁ ଅଂଶରେ
କଲମା ଈଶ୍ୱର ଏକ ବୋଲି ପ୍ରତିପାଦିତ ହୋଇଅଛି—
**कलमा** That part of the Koran which proclaims that there is only one God.

[ଦ୍ର—ଏହା ମୁସଲ୍ମାନ୍ ଧର୍ମର ମୂଳମନ୍ତ୍ର ବା ଇଷ୍ଟ ବାକ୍ୟ । ପ୍ରତ୍ୟେକ ମୁସଲ୍ମାନ୍ ଉପାସନା ବେଳେ ଏହା ବୋଲନ୍ତି; ଏହା "ଲା ଇଲାହ୍ ଇଲ୍ଲିଲ୍ଲାହ୍, ମହମ୍ମଦୁର୍ ରସୁଲିଲ୍ଲାହ୍"=ଈଶ୍ୱର ଏକ, ମହମ୍ମଦ୍ ତାଙ୍କର ଦୂତ । ଅନ୍ୟ ଧର୍ମାବଲମ୍ବୀ ବ୍ୟକ୍ତିମାନେ ମୁସଲ୍ମାନ୍ ଧର୍ମ ଗ୍ରହଣ କଲେ ପ୍ରଥମେ କଲ୍ମା ଉଚ୍ଚାରଣ କରନ୍ତି । ]

**କଲ୍ମା ପଢ଼ାଇବା**—ଦେ. କ୍ରି—ଅନ୍ୟଜାତୀୟ ବ୍ୟକ୍ତିକୁ ମୁସଲ୍ମାନ୍
Kalmā parḍhāibā ଧର୍ମରେ ଦୀକ୍ଷିତ କରାଇବା—
कलमा पढ़ान To convert a non-Muslim into
**कलमा पढ़ाना** Mahomedanism.

**କଲ୍ମା ପଢ଼ିବା**—ଦେ. କ୍ରି—୧ । ମୁସଲ୍ମାନ୍ମାନେ ପୂଜା ବା ପାତିଆ
Kalmā parḍhibā କରିବା ସମୟରେ କୋରାନ୍‌ର କଲ୍ମା ଅଂଶକୁ
କଲମା ପଢ଼ା ମୁହଁରେ ବୋଲି ଉପାସନା କରିବା—
**कलमा पढ़ना** 1. (a Muslim) To recite the Kalmā portion of the Koran while worshipping.
୨ । ଅନ୍ୟଜାତୀୟ ବ୍ୟକ୍ତି ମୁସଲ୍ମାନ୍ ଧର୍ମରେ ଦୀକ୍ଷିତ ହେବା—
2. (a non-Muslim) To be converted to Mahomedanism.

**କଲ୍ଶା**—ପ୍ରାଦେ. (ବସ୍ତର) ବ—ବାଉଁଶା ( ଦେଖ )
Kalśā Bāuṅśā ( See )

**କଲ (ଧାତୁ)**—ସଂ—୧ । ଧ୍ୱନି କରିବା; ରବ କରିବା—
Kaḷa (root) 1. To utter a sound.
୨ । ଗମନ କରିବା—2. To move; to go.
୩ । ଗଣନା କରିବା—3. To count.

**କଳ**—ସଂ. ବ. ( କଳ ଧାତୁ=ଶବ୍ଦ କରିବା; ଗଣିବା+ଭାବ. ଅ )—
Kaḷa ୧ । ଅବ୍ୟକ୍ତ ମଧୁର ଧ୍ୱନି—
1. Low musical sound.
୨ । ଧୀର ଅବ୍ୟକ୍ତ ଶବ୍ଦ—
2. Low soft note.
୩ । ଭ୍ରମରାଦିର ଗୁଣୁଗୁଣୁ ଶବ୍ଦ—
3. Humming; buzzing sound.
୪ । ଜଳସ୍ରୋତର ଅବ୍ୟକ୍ତ ମଧୁର ଧ୍ୱନି—
4. Slightly audible musical sound of flowing water.
୫ । ଶାଳ ବୃକ୍ଷ; ଶାଳୁଆ ଗଛ—
5. The Sāḷa tree; Shorea Robusta.
୬ । ଶୁକ୍ର—6. Semen virile.
୭ । ଅଙ୍କୁର; ଗଜା—
7. Tender shoots of plants; sprout.
୮ । ( +କର୍ମ. ଅ )—ଅଜୀର୍ଣ୍ଣ—8. Indigestion.

ଦେ. ବ. ( ସଂ. କଳା )—୧ । ଯନ୍ତ୍ର—
1. Machine; engine.
କल ୨ । କୌଶଳ—2. Tactics; stratagem.
**कल** କ ମଣ୍ଡିବୁ ସିନା ମୋର ବକ୍ଷସ୍ଥଳ, ହୃଦପୃଷ୍ଠୁ ସିନ୍ଧୁ କର କେଉଁ କଳ ।
କବିସୂର୍ଯ୍ୟ. ସଙ୍ଗୀତ ।
୩ । ( ସଂ. କବଳ )—
ଗ୍ରାସ; ଥରେ ପାଟିରେ ଯେତିକି ଖାଦ୍ୟ ବା ଜଳ ସମ୍ଭାଏ—
3. A mouthful of food or water.
କଳେ ଖାଅରେ ଲୁମରେ ଆସି କର । ଗୀନକୃଷ୍ଣ. ରସକଲ୍ଲୋଳ ।
୪ । ଦାନ୍ତ ଓ ଗାଲ ମଧ୍ୟରେ ଥିବା ଗହ୍ୱରଦ୍ୱୟ; ମୁଖଗହ୍ୱରର ଏକ ପାଖ—4. The cavity between the jaw and the cheek.
କହୁଲେ କଳୁ ହର କାଢ଼ି କର ଯୋଡ଼ି ।
କୃଷ୍ଣସିଂହ. ମହାଭାରତ. ବନ ।
୫ । ସୁବିଧା; କବର; ଖଞ୍ଜ—5. Hold; convenience.
୬ । କୌଣସି ଯନ୍ତ୍ର ମଧ୍ୟରେ ଥିବା ଉକ୍ତ ଯନ୍ତ୍ରର ପ୍ରଧାନ କାର୍ଯ୍ୟକାରୀ ଅଂଶ—6. Material and working part of a machine.
୭ । ବଶ୍ୟତା; ଅଧୀନତା—7. Control.
ଏହା ଜାଣି ସିନା ମୁଁ କହୁଛି ତୁମ୍ଭକୁ
ଦଣ୍ଡ ଦିନା ନ ଆସନ୍ତି କେହି କଳକୁ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୮ । ସୁଯୋଗ—8. Opportunity.
ସେହି ସକାଶୁଁ ତୁମ୍ଭ ନନ୍ଦନ ଦୁର୍ବଳ ହେଲେ ସବୁ ରଥୀ କହଲେ ପାଇ କଳ ।
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୯ । ଯନ୍ତା—9. Trap.
୧୦ । କାମୁଡ଼ିବାର ଥର ବା ପୁଳା—10. A bite.
ବୋଲେ ଶିବରାମ ପୁଅ ନ ଥିଲେ ମୁଁ କାମୁଡ଼ି ଥାଆନ୍ତି କଳେ ।
ହାସ୍ୟତରଙ୍ଗ ।

**କଲକ୍ଟର୍**—ଗ୍ରା. ବୈଦେ. ବ. ( ଇଂ. କଲେକ୍ଟର୍ )—
Kalakṭar କଲେକ୍ଟର୍ ( ଦେଖ )
Kalekṭar ( See )

**କଳକଣ୍ଠ**—ସଂ. ବ. ( ବହୁବ୍ରୀହି; କଳ=ମଧୁର ଧ୍ୱନି+କଣ୍ଠ=ଗଳା )—
Kaḷakaṇṭha ୧ । କୋକିଳ—1. Cuckoo.
୨ । ହଂସ—2. Swan.
୩ । ପାରା—3. Pigeon.
୪ । ମୟୂର—4. Peacock.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍‌' ଦେଖିବେ ।

ବାସିତା ସୀତାଙ୍କୁ ଯେନ ତ୍ରିକାଳ ବର୍ଣ୍ଣନ
ଦଇବତ ବଦନ୍ତରେ କଲକଣ୍ଠ ସ୍ୱନ । ଉପେ. ବୈଦେହୀଶବିଳାସ ।

ସଂ. ବିଣ. ପୁଂ—ଯାହାର କଣ୍ଠଧ୍ୱନି ମଧୁର; ମିଷ୍ଟ ସ୍ୱରଯୁକ୍ତ—
(କଲକଣ୍ଠୀ—ସ୍ତ୍ରୀ) Having a sweet tone; having a soft low voice.

**କଲକତା**—ଗ୍ରା. ବି—କଲିକତା ( ଦେଖ )
Kalakatā Kalikatā ( See )

**କଲକଦର**—ଦେ. ବି. ( ସହଚର; ସଂ. କଳା + ଆ. କଦର୍ )—
Kaḻakadara ସୁବିଧା; ସୁଯୋଗ—Opportunity.

**କଲକବିଜା**—ଦେ. ବି. ( ସହଚର )—୧ । କଳ ବା ଯନ୍ତ୍ରାଦି—
Kaḻakabijā 1. Machinery.
কলকব্জা ୨ । କୌଣସି କଳର ଅଭ୍ୟନ୍ତରୀଣ ଅଂଶସମୂହ—
कलपुर्जा 2. Inner mechanism of a machine.

**କଲକଲ**—ସଂ. ବି. (ଧ୍ୱନ୍ୟର୍ଥକ; ତୁଳ. ସଂ. କଳ = ଅବ୍ୟକ୍ତ ମଧୁରଧ୍ୱନି)—
Kaḻakaḻa ୧ । ଅବ୍ୟକ୍ତ ମଧୁର ସ୍ୱର—
1. Low sweet tone; murmur.

କଳକଣ୍ଠ କଲକଲକୁ ଶୁଣିଲେ ପ୍ରକାଶେ ପ୍ରିୟ ମନୋରମ ।
ଉପେ. ପ୍ରେମସୁଧାନିଧି ।

୨ । ଦୂରରୁ ଶ୍ରୁତ ଅସ୍ପୁଟ ଗମ୍ଭୀର ଶବ୍ଦ—
2. Low grave noise heard from a distance.

୩ । ଜଳସ୍ରୋତର ଶବ୍ଦ—3. Rippling or gurgling sound produced by water flowing on a rugged surface.

କଲକଲ ତଳତଳ ସରିତ ଜୀବନ । ରାଧାନାଥ. ନିର୍ଝରିଣୀ ।

୪ । ଜନତାର କୋଳାହଳ; ଗୋଲମାଳ—4. Noise; outcry of a crowd.

୫ । ଶାଳ ନିର୍ଯ୍ୟାସ—5. The oily substance exuded from the Śāḻa tree.

ଦେ.ଅ—୧ । ପାଟିରେ ପାଣି ଭର୍ତ୍ତି କରି କୁଳୁକୁଳୁଆ କରିବା ଶବ୍ଦ—
1. The sound of gargling.

୨ । ପେଟରେ ଅଜୀର୍ଣ୍ଣ ଦୋଷ ଯୋଗୁଁ ପେଟ ଫୁଟିବା ଶବ୍ଦ—
2. Sound inside the stomach due to indigestion.

୩ । କ୍ଷୁଧାଯୋଗୁଁ ପେଟ ମଧ୍ୟରେ ହେବା କଅଁକଅଁ ଶବ୍ଦ—
3. Sound inside the stomach due to extreme hunger.

୪ । ( ସଂ. କବଳ ) ଗର୍ଭାବସ୍ଥାରେ ଗର୍ଭିଣୀର ବହୁଥର ପାଟିରେ ଛେପ ଜନ୍ମିବା—4. Excessive salivation a pregnant woman.

( ଯଥା—ତା ପାଟିରେ ଛେପ କଲକଲ ହେଉଛି; ସେ କଲକଲ କରି କେତେ ଛେପ କାଢ଼ୁଛି । )

**କଲକଲ**—ଦେ. ଅ. ( ଧ୍ୱନ୍ୟର୍ଥକ )—ଛୋଟ ମାଛ ଅଳ୍ପ ପାଣିରେ ବା
Kalakala ସଙ୍କୀର୍ଣ୍ଣ ସ୍ଥାନରେ ଏଣେତେଣେ ପଳାଇବାକୁ ଚେଷ୍ଟା କରିବାର ଶବ୍ଦ—Sound of small fishes struggling to escape in shallow or narrow water.

ଦେ. ବିଣ—ଅସ୍ଥିର; ଚଞ୍ଚଳ; କନକନ—Restless.

**କଲକଲା**—ଦେ. ବି—(ନାମ) କଟକ ଜିଲ୍ଲାର କ୍ଷୁଦ୍ର ରାଜ୍ୟବିଶେଷ—
Kaḻakaḻā Name of a small estate in the district of Cuttack.

ଦେ. ବିଣ—୧ । କଲକଲ ଶବ୍ଦ କରୁଥିବା—
1. Making a rippling or gurgling sound (as of a liquid flowing on a rugged surface ).

୨ । କୋଳାହଳ ଶବ୍ଦ କରୁଥିବା—
2. Making a brawling noise.

**କଲକଲାଇବା**—ଦେ. କ୍ରି. (ପଦ୍ୟ) ( ସଂ. କଲକଲାୟମାନ )—
Kaḻakaḻāibā ୧ । କଲକଲଧ୍ୱନି କରିବା—
কলকলান্ 1. To produce a gurgling sound.
कलकाना ୨ । ଚିତ୍କାର କରିବା; ଚିଲ୍ଲାଇବା—
2. To raise a loud noise or outcry.

୩ । ପାତ୍ରାଦି ଧୌତ କରିବା (ଗୋପୀନାଥ ନନ୍ଦ)—
3. To wash utensils.

**କଲକଲାୟମାନ**—ସଂ. ବିଣ. ( କଲକଲ + କର୍ତ୍ତୃ. ମାନ )—
Kaḻakaḻāyamāna ୧ । କଲକଲ ଶବ୍ଦ କରୁଥିବା—
1. Making a gurgling noise.

୨ । କୋଳାହଳ ଧ୍ୱନି କରୁଥିବା—
2. Producing a confused noise.

**କଲକଲିଆ**—ଦେ. ବିଣ—କିଲିକାଲିଆ ( ଦେଖ )
Kalakaliā Kilikāliā ( See )

**କଲକଲିବା**—ଦେ. କ୍ରି. (ପଦ୍ୟ) ( ସଂ. କଲକଲାୟମାନ )—
Kaḻakaḻibā କଲକଲ ଶବ୍ଦ କରିବା—To produce a
কলকলা gurgling sound (used in poetry).
कलकाना ନଦୀ କଲକଲେ ପୁଣି ପକ୍ଷ ମରମରେ । ମଧୁସୂଦନ—କବିତାବଳୀ ।

**କଲକାମ**—ଦେ. ବି (ସଂ. କଳା+କର୍ମ)—୧ । ଯନ୍ତ୍ରଦ୍ୱାରା ପ୍ରସ୍ତୁତ କର୍ମ—
Kaḻakāma 1. Work turned out by a machine.
কলেরকাজ ୨ । କାରଖାନାରେ କାମ କରିବା—
कलकाकाम 2. Working in a factory.

**କଲକାରଖାନା**—ଦେ. ବି—ଯେଉଁ କାରଖାନାରେ କଳଦ୍ୱାରା କାମ
Kaḻakārakhānā ହୁଏ—Machinery workshop;
কলকারখানা factory.
कलकारखाना

**କଲକି**—ଦେ. ବି. (ପଦ୍ୟ) (ସଂ. କଲ୍କୀ)—କଲ୍କୀ ( ଦେଖ )
Kaḻaki Kaḻki ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଯ | ଢ଼ଅ | ଛ୍ର |
| ୬ | ଈ | ଊ | ରୁ | ଳୁ | ଘ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଜ୍ଞ | ନ୍ତୁ |

କଳଙ୍କ ଅବତାର ଯେବେ
ସକଳ ଧର୍ମରକ୍ଷା ତେବେ । ଜଗନ୍ନାଥ. ଭାଗବତ ।

ବୈଦେ. ବ. ( ଭୁର୍କୀ )—କଲ୍କି ( ଦେଖ )
Kalki ( See )

**କଲଗାଡ଼**—ଦେ. ବ—୧ । ରେଲଗାଡ଼ି—
Kalagārdi 1. Railway engine; steam-engine.
୨ । ଯେଉଁ ଗାଡ଼ି ଯନ୍ତ୍ରଦ୍ୱାରା ଚଳେ; ମୋଟରଗାଡ଼ି—
2. Carriage propelled by machine; motor car.

**କଲଗି**—ବୈଦେ. ବ. ( ଭୁର୍କୀ )—କଲ୍କି ( ଦେଖ )
Kalagi Kalki ( See )

**କଲଘୋଡ଼ା**—ଦେ. ବ—ଭିତରେ ଥିବା କୌଶଳଦ୍ୱାରା ପରିଚାଳିତ ବଡ଼-
Kalaghordā ବଡ଼ କାଗଜ କମ୍ବା ଲୁଗାରେ ତିଆରି ଘୋଡ଼ା—
କଲେରଘୋଡ଼ା Huge representation or image of horse
**କଲକାଘୋଡ଼ା** made with paper, cloth etc. moved by a man working it from within.
[ ଦ୍ର—ଶୋଭାଯାତ୍ରା ଆଦିରେ କଲଘୋଡ଼ା, କଲହାତୀ, କଲ ଅସୁର, କଲ ଅସୁରୁଣୀ ଆଦି ବାହାରନ୍ତି ଓ ତାହା ଦେଖିବାକୁ ଅନେକ ଲୋକ ରୁଣ୍ଡ ହୁଅନ୍ତି । ]

**କଲଘୋଷ**—ସଂ. ବ. ( କଲ+ଘୁଷ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ;
Kalaghosha କମ୍ବା ବହୁବ୍ରୀହି; କଲ ମଧୁର ଅଛି ଘୋଷ ଯାହାର)
—କୋକିଳ—Cuckoo.

**କଲଙ୍କ**—ସଂ. ବ. ( କ=ବ୍ରହ୍ମା; ସୁଖ+ଲଙ୍କ ଧାତୁ=ମିଳନ କରିବା
Kalanka +କର୍ତ୍ତୃ. ଅ; କମ୍ବା କଲ ଧାତୁ=କଳନା କରିବା
+କର୍ମ. ଅଙ୍କ )—୧ । ଚିହ୍ନ; ଦାଗ—
1. A spot or mark.
୨ । ଦୁର୍ଗୁଣ; ଦୋଷ—2. Blemish; defect.
୩ । ଧାତୁପାତ୍ରାଦିର କାଳକ୍ରମଜନିତ ମଳିନତା—
3. A stain on metal.
୪ । ଦୁର୍ନାମ; ଅଖ୍ୟାତି; ଅପଯଶ—
4. Scandal; stigma.
୫ । ବାୟୁର ରାସାୟନିକ ପ୍ରକ୍ରିୟାଦ୍ୱାରା ଧାତୁ ଉପରେ ଜନ୍ମିବା ମଳ; କଳଙ୍କି—
5. Rust on metals due to chemical action of the air.

**କଲଙ୍କଭଞ୍ଜନ**—ସଂ. ବ. ( ୬ଷ୍ଠୀ ତତ୍; କଲଙ୍କ+ଭଞ୍ଜନ )—
Kalankabhañjana ୧ । କୌଣସି ବ୍ୟକ୍ତିଙ୍କୁ ଅପବାଦଜନିତ ଦୋଷରୁ ମୁକ୍ତ କରିବା—
1. Freeing a man from guilt or stain; removing the stain from a man.
୨ । ପ୍ରମାଣ ଆଦି ଦେଇ ସ୍ୱୟଂ ଅପବାଦରୁ ମୁକ୍ତ ହେବା—
2. Freeing one s self from blame by explanation or proof.

**କଲଙ୍କଷ**—ସଂ. ବ. ( କଲଂ=କଲରବକୁ+କଷ ଧାତୁ=ଶବ୍ଦ କରିବା
Kalankasha +କର୍ତ୍ତୃ. ଅ )—ସିଂହ—Lion.

**କଲଙ୍କଷା**—ସଂ. ବ. ସ୍ତ୍ରୀ. ( କଲଙ୍କଷ+ସ୍ତ୍ରୀ. ଆ )—ହାତତାଳି—
Kalankashā Clapping of hand.

**କଲଙ୍କା**—ଗ୍ରା. ବିଣ. ( ସଂ. କଲଙ୍କୀ )—କଲଙ୍କୀ ( ଦେଖ )
Kalankā Kalanki ( See )

**କଲଙ୍କି**—ଦେ. ବ. ( ସଂ. କଲଙ୍କ )—ଧାତୁର ମଳ—
Kalanki Rust on metals.
ବଜ୍ରପାଷ ଅଲଙ୍କାରରୂପ ଫରୁ କଲଙ୍କି ଆସିଲା ପଣ୍ଡ ।
ଉପେ. ବୈଦେହୀଶବିଳାସ ।

ଗ୍ରା. ବ. ( ସଂ. କଲ୍କୀ )—ବିଷ୍ଣୁଙ୍କର ଦଶମ ବା କଲ୍କୀଅବତାର—
The 10th incarnation of Bishnu to fight out sin in the Kali age
କଳି ହେବରୁ କଲଙ୍କି ଅବତାର—ପ୍ରାଚୀ. ଭାଗବତ ।

**କଲଙ୍କିତ**—ସଂ. ବିଣ. ( କଲଙ୍କ+ସଞ୍ଜାତ ଅର୍ଥରେ+ଇତ )—
Kalankita ୧ । କଲଙ୍କଯୁକ୍ତ; ଅପଯଶୋଭାଗୀ—
1. Stigmatised; disgraced.
୨ । ଦାଗଲଗା—2. Spotted; stained; soiled.
୩ । ଅପବର୍ଣ୍ଣୀକୃତ—3. Defiled.
୪ । ଅପବାଦଗ୍ରସ୍ତ—4. Defamed; scandalized.
୫ । ମଳଯୁକ୍ତ (ଧାତୁ)—5. Rusted (metal).
୬ । ପାପଯୁକ୍ତ—6. Sinful.

**କଲଙ୍କୀ**—ସଂ. ବିଣ. ପୁଂ. ( କଲଙ୍କ+ଅସ୍ତ୍ୟର୍ଥରେ. ଇନ୍; ୧ମା.
Kalanki ୧ବ. )—କଲଙ୍କିତ ( ଦେଖ )
( କଲଙ୍କିନୀ—ସ୍ତ୍ରୀ ) Kalankita ( See )

**କଲଙ୍କୁଣୀ**—ଗ୍ରା. ବିଣ. ସ୍ତ୍ରୀ. ( ସଂ. କଲଙ୍କିନୀ )—
Kalankuni ୧ । କଲଙ୍କଯୁକ୍ତା ( ସ୍ତ୍ରୀ )—
1. Disreputable; ( woman ) of ill repute.
ଏଡ଼େ ବଡ଼କୁଳେ ଜନ୍ମ ଲଭି ଭୁଲି ହେଲୁ ପୁଣି କଲଙ୍କୁଣୀ—
ରାଧାନାଥ. ପାର୍ବତୀ ।

**କଲଙ୍କୁର**—ସଂ. ବ. ( କଲଂ=କଲନାଦକୁ+କୁର ଧାତୁ=ଗର୍ଜନ
Kalankura କରିବା+କର୍ତ୍ତୃ. ଅ )—ଜଳାବର୍ତ୍ତ; ଜଳଭଉଁରି—
Eddy; whirlpool.

**କଲଚି**—ପ୍ରାଦେ. ( ଗଡ଼ଜାତ ) ବ—୧ । ଧାନକୁଟା ହେଲାବେଳେ
Kalachi ଗୋଟାଚାଉଳ ନ ବାହାରି ଗୁଣ୍ଡ ହୋଇଯିବା ଅବସ୍ଥା—
1. The state of rice becoming powdered instead of coming out whole after husking.
୨ । କୁଲୁଚି ( ଦେଖ )—2. Kuluchi ( See )

**କଲଚୁଲ୍ଲି**—ଦେ. ବ—କେରାସିନ ତେଲ, ପେଟ୍ରୋଲ୍, ବାଷ୍ପ, ବିଦ୍ୟୁତ
Kalachuli ଆଦିଦ୍ୱାରା ଜଳୁଥିବା ଜାଲ ଭାତ ଆଦି ରାନ୍ଧିବା ଚୁଲ୍ଲି—
କଲେରଚୁଲ୍ହା Cooking machine; cooker; stove.
**कलकीचूल्हा**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲବଢ଼' ଦେଖିବେ ।

**କଲଜକା**—ଦେ. ବିଣ—ଯେଉଁ ପାନ ବା ଗୁଆକୁ କୌଣସି ବ୍ୟକ୍ତି
Klajakā କଲରେ କିଛିକ୍ଷଣ ଯାକି ଥାଏ; ପାକୁଡ଼ା ( ପାନ ବା ଗୁଆ )—Betel or nut which has been kept in the mouth for some time.

ନ ଖାଇବୁ ବାବୁ ତୁ ରେ କଲଜକା ଗୁଆ,
ପ୍ରତ୍ୟର୍ପଣରେ ହେବୁ ମାଇପିଙ୍କୁଆ । ସ୍ତ୍ରୀ ସମାଜରେ ପ୍ରଚଳିତ ଗୀତ ।

[ ଦ୍ର—ରସିକରସିକାଙ୍କର ପରସ୍ପର କଲଜକା ପାନ ମୁଖଦ୍ୱାରା ଦିଆଦେଇ କରିବା ରସିକସମାଜରେ ପ୍ରେମର ଗୋଟିଏ ଚିହ୍ନ । କେତେକ ସ୍ଥଳରେ ବିବାହ ପୂର୍ବରୁ କନ୍ୟାର କଲଜକା ଗୁଆକୁ କନ୍ୟାପକ୍ଷୀୟ ସ୍ତ୍ରୀମାନେ ଭାଙ୍ଗି ପାନ ସଙ୍ଗେ ବରକୁ ଅଜ୍ଞାତରେ ଖାଇବାକୁ ଦିଅନ୍ତି ଓ ଏତଦ୍ୱାରା ଆଜୀବନ ପତି ପତ୍ନୀର ବଶ ହେବ ବୋଲି ଆଶା କରନ୍ତି । ]

**କଲଜଲ**—ଦେ.ବି—ବଡ଼ବଡ଼ ସହରରେ କଲ ବା ନଳଦ୍ୱାରା ଗୃହସ୍ଥମାନଙ୍କର ଘରକୁ ଅଣାଯିବା ପରିଷ୍କୃତ ଜଳ—Filtered water conveyed to the house by means of pipes in big towns.
Kalajala
କଲେରଜଲ
**कलकीपानी**

**କଲଜା**—ଗ୍ରା. ବି—କଲିଜା ( ଦେଖ )—
Kalajā Kalijā ( See )

**କଲଜାହାଜ**—ଦେ. ବି—ଯନ୍ତ୍ର ଚାଳିତ ପୋତ—A ship propelled by engine.
Kalajāhāja
କଲେରଜାହାଜ
**कलकाजहाज**

**କଲଞ୍ଜ**—ସଂ. ବି (କ+ଲଜ୍ ଧାତୁ=ଲଜ୍ଜିବା+କର୍ତ୍ତୃ. ଅ)—
Kalañja ୧ । ଧୂଆଁପତ୍ର; ତମାଖୁ—1. Tobacco.
୨ । ବିଷାକ୍ତବାଣ ବିଦ୍ଧ ବନ୍ୟଜନ୍ତୁ—2. An animal struck with a poisoned arrow.
୩ । ବେତ ଲତା—3. Calamus Rotang (creeper).
୪ । ବିଷାକ୍ତବାଣ ବିଦ୍ଧ ଜନ୍ତୁର ମାଂସ—4. Meat of an animal struck with a poisonous weapon.

**କଲଣ**—ଗ୍ରା. ପଦ୍ୟ. ବି—କଲନ ( ଦେଖ )—
Kalaṇa Kalana ( See )
ଗ୍ରା. ବିଣ—୧ । ବଶୀଭୂତ—1. Subjugated; brought under control.
( ଯଥା—ବଶୀଭୂତ ହେବା ପକ୍ଷର ବଶକାରୀଦ୍ୱାରା ବଳ କଳିତ ହେବାରୁ ଏ ଅର୍ଥ । )
ରାମଚନ୍ଦ୍ର ବଳେ ପୃଥ୍ୱୀ ହୋଇଲା କଲଣ—ଗୁରୁଭକ୍ତିଗୀତା ।

**କଲଣା**—ଦେ. ବି (ସଂ. କଲନା)—୧ । ଗଣନା; ଇୟତ୍ତା—
Kalaṇā 1. Calculation; counting.
ପଞ୍ଚବଂଶ ସେନା ଏଥି, ଏହାଙ୍କ ସଙ୍ଗେ କୋଟି କୋଟି କପି ହେ,
କଲଣା ହେବାକୁ ନାହିଁ । ବିଶ୍ୱନାଥ. ବିଚିତ୍ରରାମାୟଣ ।
୨ । ଭୁଡ—2. Estimate.

**କଲତ୍ର**—ସଂ. ବି (କଲ=କ୍ଷୀଣ+ତ୍ରୈ ଧାତୁ=ତ୍ରାଣକରିବା+କର୍ତ୍ତୃ. ଅ)—
Kalatra ୧ । ପତ୍ନୀ—1. Married wife.
୨ । ନିତମ୍ବଦେଶ; ସ୍ଫିକ୍ ଓ କଟିଦେଶ—
2. The hip and loins.
୩ । ଦୁର୍ଗ—3. Castle; citadel.
୪ । ପୁନର୍ବସୁ ନକ୍ଷତ୍ର—
4. The 7th lunar mansion (Apte)

**କଲଦାନ୍ତ**—ଦେ.ବି. (ସଂ.କବଳ+ଦନ୍ତ)—ପାଟିର କଡ଼ରେ ଥିବା ଦାନ୍ତ;
Kaladānta ଚକଦାନ୍ତ—Molar teeth; grinding teeth; the molars; the grinders.
କସେରଦାଁତ
ডাড়

**କଲଧଉତ**—ଦେ. (ପଦ୍ୟ) ବି. (ସଂ.=କଲଧୌତ)—ସୁନା—
Kaladhauta Gold.
କଲଧଉତ ଲତା ବାଟେ ଯେସନ୍ତେ · କାମିନୀଙ୍କ ଗମନ ଅଙ୍ଗ ତେସନ୍ତେ ।
ସାନକୃଷ୍ଣ. ରସକଲ୍ଲୋଳ ।

**କଲଧୂତ**—ସଂ. ବି. (କଲ+ଧୂତ)—୧ । ସୁନା; ସ୍ୱର୍ଣ୍ଣ—
Kaladhūta 1. Gold.
୨ । ରୁପା—2. Silver.
୩ । ଅବ୍ୟକ୍ତ ମଧୁର ଧ୍ୱନି—
3. Low indistinct noise.

**କଲଧୌତ**—ସଂ. ବି. (କଲ+ଧୌତ)—କଲଧୂତ (ଦେଖ)
Kaladhauta Kaladhūta (See)

**କଲଧୌତ ଲିପି**—ଦେ. ବି.—ହସ୍ତଲିଖିତ ଚିତ୍ରିତ ପୁସ୍ତକରେ ସୁନାଲି
Kaladhauta lipi କାଳିରେ ଲେଖା ଅକ୍ଷର—Characters written in golden ink in illuminated manuscripts.

**କଲଧ୍ୱନି**—ସଂ. ବି.—୧ । (ମଧ୍ୟପଦଲୋପୀ; କଲ+ଧ୍ୱନି; କଲଯୁକ୍ତ ଧ୍ୱନି)-
Kaladhwani ଅବ୍ୟକ୍ତ ମଧୁର ଧ୍ୱନି—
Low indistinct sweet note.
୨ । (ବହୁବ୍ରୀହି)—କପୋତ—Turtle-dove.
୩ । ପିକ—3. Cuckoo.
୪ । ମୟୂର—4. Peacock.

**କଲନ**—ସଂ. ବି. (କଲ ଧାତୁ+ଭାବ. ଅନ)—୧ । ଗଣନ—
Kalana 1. Calculation; estimation; reckoning.
୨ । ଧାରଣ—2. Holding.
୩ । ମାପିବା—3. Measurement.
୪ । ପରିଧାନ—4. Wearing apparel.
୫ । ଗ୍ରହଣ—5. Acceptance.
୬ । ଦର୍ଶନ—6. Seeing.
୭ । ଅନୁମାନ—7. Guess; supposition.
୮ । ଜ୍ଞାନ—8. Knowledge.
୯ । ଖାଇବା; ଗ୍ରାସ—9. Feeding; eating.
୧୦ । ଲଂଘନ—10. Crossing; overcoming.
୧୧ । ଚିହ୍ନ—11. Sign.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଢ଼ | ଂନ୍ତ |

୧୨ । ଦୋଷ—12. Fault.

୧୩ । ଶବ୍ଦାୟମାନ ହେବା—13. Resounding; sounding.

୧୪ । ସ୍ତ୍ରୀ ଗର୍ଭରେ ମିଶ୍ରିତ ରଜୋବୀର୍ଯ୍ୟ—
14. The male and female semens mixed together in the womb.

୧୫ । ବେତଲତା—15. The Ratan; cane creeper.

୧୬ । ବଶୀଭୂତତ୍ୱ; ବଶତା—
16. Subjugation; subordination.

୧୭ । ତୁଳନା—17. Comparison.

୧୮ । ଅବଧାରଣା; ଧାରଣା—18. Realisation; comprehension; ascertainment.

୧୯ । ଆଚରଣ (ସ୍ମୃ. ଶବ୍ଦସାଗର)—19. Conduct.

୨୦ । ଘଟଣା; ଘଟାଇବା—
20. Causing; effecting. (M. W.)

୨୧ । ଅବ୍ୟକ୍ତ ମଧୁର ଧ୍ୱନି କରିବା—21. Murmuring.

୨୨ । ଇତସ୍ତତଃ ସଞ୍ଚାଳନ—22. Moving to and fro.

**କଳନା**—ସଂ. ବି. (କଳନ + ଆ)—କଳନ (ଦେଖ)
Kalanā — Kalana (See)

**କଳନା କରିବା**—ଦେ. କ୍ରି—( ସଂ. କଳନା )—୧ । କଳିବା;
Kalanā karibā — ଅବଧାରଣ କରିବା; ମନରେ ଧାରଣା କରିବା—
कलना करा — 1 To comprehend; to ascertain; to form an idea.
কলনাকরনা

କାଲି ଯା ଦୂରରୁ ସଖି, କଳନା କଲି ମୋ ଆଖି ।
କବିସୂର୍ଯ୍ୟ. କଶୋରଚମ୍ପୂ ।

୨ । ଅନୁମାନ ଦ୍ୱାରା ସ୍ଥିର କରିବା—
2. To estimate; to ascertain by guess.

୩ । ମାପିବା—
3. To measure; to fathom.

**କଳନାଦ**—ସଂ. ବି. (ମ. ପ. ଲୋ; କଳ + ନାଦ) ମଧୁର ରବ—
Kalanāda — Sweet sound.

**କଳନାଦୀ**—ସଂ. ବିଣ. ପୁଂ. (କଳନାଦ + ଅସ୍ତ୍ୟର୍ଥରେ. ଇନ୍; ୧ମା. ୧ବ)—
Kalanādi — ମଧୁରରବକାରୀ—
( କଳନାଦିନୀ—ସ୍ତ୍ରୀ) — Emitting a sweet sound.

**କଳନା ପଡ଼ିବା**—ଦେ. କ୍ରି—ଚିହ୍ନା ପଡ଼ିବା; ଜଣା ପଡ଼ିବା—
Kalanā pardibā — To be known.

ଲଳନା ରତନ କଳନା ନ ପଡ଼ି କଳା ନାଗବଲ୍ଲୀ ଗେଲେ ମାଗୁ ।
କବିସୂର୍ଯ୍ୟ. ସଙ୍ଗୀତ ।

**କଳନ୍ତର**—ଦେ. ବି. ( ସଂ. କଳାନ୍ତର )—
Kalāntara — ଋଣ ଦିଆଯିବା ଧନ ଉପରେ ହେବା ସୁଧ; କୁସୀଦ—
सूद — Interest on money lent.
সুদ, ব্যাজ

ବୃଦ୍ଧି କଳନ୍ତର ହୋଇ ପ୍ରବର୍ତ୍ତି ।
ଭଞ୍ଜ. ବୈଦେହୀଶବିଳାସ ।

**କଳନ୍ଦର**—ବୈଦେ. ବି. ( ଆ. କଲନ୍ଦର୍ )—୧ । ଏକ ଶ୍ରେଣୀସ୍ଥ
Kalandar — ମୁସଲ୍‌ମାନ୍ ଫକୀର ବା ସନ୍ନ୍ୟାସୀ; ମୁଣ୍ଡିତମସ୍ତକ
কালন্দর — ମୁସଲ୍‌ମାନ୍ ସନ୍ନ୍ୟାସୀ; ପୀର—
कलंदर — 1. A Mahomedan ascetic.

୨ । ବର୍ଣ୍ଣସଙ୍କର ଜାତିବିଶେଷ—
2. Name of a halfblood people.

୩ । ସର୍ବସ୍ୱ ଦାନକାରୀ ବ୍ୟକ୍ତି—
3. A person who has given away every thing he has.

**କଳପ**—ବୈଦେ. ବି. (ଆ. କଲଫ୍ = ମଣ୍ଡ; ତୁଲ. ସଂ. କଳ୍ପ = ରଚନା)-
Kalapa — ୧ । ଧୋବାମାନେ ଲୁଗାରେ ଯେଉଁ ମଣ୍ଡ ଦିଅନ୍ତି—
कलप — 1. Starch or paste laid by washermen on washed clothes.
কলফ

[ ଦ୍ର—ଧୋବାମାନେ ଲୁଗା କାଚସାର ଭାତ ବା ଆରାରୁଟର ଖୁବ୍ ପତଳା ମଣ୍ଡକୁ ଲୁଗା ଉପରେ ବୋଳ ଦିଅନ୍ତି । ଏପରି କଲେ ଲୁଗାର ଉପର ଚକ୍କଣ ଓ ଟାଣୁଆ ହୁଏ । ଏହି ମଣ୍ଡରେ ନେଳ ମିଶାଇ ଧୋବାମାନେ ଲୁଗାକୁ ନେଳଆ କରନ୍ତି; ନେଳଆ ଲୁଗାରେ ସହଜରେ ମଳ ଧରି ପଡ଼େ ନାହିଁ । ]

୨ । ପାଚିଲା ବାଳକୁ କଳା କରିବା ପାଇଁ ତହିଁରେ ବୋଳାଯିବା ରଙ୍ଗବିଶେଷ—2. A paint for making grey hair turn black.

ଦେ. (ପ୍ରାଚୀନ ପଦ୍ୟ) ବି—୧ । ( ସଂ. କଳାପ )—ସମୂହ—
1. Collection.

ବଳ ସାଜିଲ ମେଘ କଳପେ । ଭଞ୍ଜ. ବୈଦେହୀଶବିଳାସ ।

୨ । ( ସଂ. କଳ୍ପ )—ବହୁଯୁଗ; କଳ୍ପ—
2 Indifinite age; an age.

ବ୍ରହ୍ମାଙ୍କ ଦିନକୁ ତ କଳପ ବୋଲନ୍ତି । କୃଷ୍ଣସିଂହ. ମହାଭାରତ, ସଭା ।

୩ । ( ଯାହାଦ୍ୱାରା ମନୁଷ୍ୟ କଳ୍ପଜୀବୀ ହୁଏ ) ଅଜର ଅମର ହେବାର ଔଷଧ ବା ବୁଟୀ—3. A herb used for making people invulnerable against old age and death.

ହର ବୋଇଲେ ତୁ କଳପ କର
ଖାଇଲେ ହୋଇବୁ ଅଜରାମର । ପ୍ରାଚୀ. ପରକେଶୀତା ।

**କଳପଣା (ଇତ୍ୟାଦି)**—ଗ୍ରା. ବି—କଳ୍ପଣା ଇତ୍ୟାଦି ( ଦେଖ )
Kalapaṇā (etc) — Kalpaṇā (etc) ( See )

**କଳପତରୁ**—ଗ୍ରା. (ପଦ୍ୟ) ବି. (ସଂ. କଳ୍ପତରୁ)—କଳ୍ପତରୁ ( ଦେଖ )
Kalapataru — Kalpataru ( See )

କାମନା କଳପତରୁ ଚିନ୍ତାମଣି ନାମ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କଳପନା**—ଗ୍ରା. (ପଦ୍ୟ) ବି (ସଂ. କଳ୍ପନା)—କଳ୍ପନା ( ଦେଖ ).
Kalapanā — Kalpanā ( See )

ଦଶ ଚତୁର ଲପନ କଳପନା ଜାଣ । ଭଞ୍ଜ ବୈଦେହୀଶବିଳାସ ।

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବଟ' ନ ପାଇଲେ ଅଲ୍‌ବଟ୍ ଦେଖିବେ ।

**କଲପବଟ**—ଗ୍ରା. (ପଦ୍ୟ) ବି. (ସଂ. କଳ୍ପବଟ)—କଳ୍ପବଟ ( ଦେଖ )
Kalapabata — Kalpabata ( See )

କଲପବଟ ମୂଳେ ବସି
ବୈଷ୍ଣବଗୋଷ୍ଠୀ ମଧ୍ୟେ ମିଶି । ଭୂପତି. ପ୍ରେମପଞ୍ଚାମୃତ ।

**କଲପ ମହୀରୁହ**—ଦେ. (ପଦ୍ୟ) ବି. ( ସଂ. କଳ୍ପ + ମହୀରୁହ )—
Kalapa mahiruha — କଳ୍ପବୃକ୍ଷ ( ଦେଖ )
Kalpabruksha ( See )

କଲପ ମହୀରୁହ ନିକଟେ । ପ୍ରାଚୀ. ରହସ୍ୟମଞ୍ଜରୀ ।

**କଲପା**—ଦେ. ବି—କଲପା ଚେଙ୍ଗା ( ଦେଖ )
Kalapa — Kalapa chenga ( See )

**କଲପା ଚେଙ୍ଗ**—ଦେ. ବି—କଲପା ଚେଙ୍ଗା ( ଦେଖ )
Kalapa chenga — Kalapa chenga ( See )

**କଲପା ଚେଙ୍ଗା**—ଦେ. ବି—ଏକଜାତୀୟ ମାଛ—A kind of fish;
Kalapa chenga — Oppisee Phalassp.
[ ଦ୍ର—ଏ ମାଛର ମୁଣ୍ଡ ସାପମୁଣ୍ଡପରି । ]

**କଲ ପାଣି**—ଦେ. ବି.—କଲ ଜଳ (ଦେଖ)
Kala pani — Kalajala (See)

**କଲପିତ**—ଗ୍ରା. (ପଦ୍ୟ) ବିଣ. (ସଂ. କଳ୍ପିତ)—କଳ୍ପିତ (ଦେଖ)
Kalapita — Kalpita (See)

ପୁନି କଲପିତ ତୁମ୍ଭେ ଯେ ପାଞ୍ଚ ଭାଇ—କୃଷ୍ଣସିଂହ. ମହାଭାରତ. ବନ ।

**କଲପିବା**—ଗ୍ରା. (ପଦ୍ୟ) କ୍ରି. (ସଂ. କଳ୍ପ ଧାତୁ)—କଳ୍ପିବା (ଦେଖ)
Kalapiba — Kalpiba (See)

ଅବା ତା ପଥେ ଯିବା ଜାଣ କଲପିଥିବା—ତା ପଛେ ଯେତେ ପଙ୍ଗୁଚିତ୍ତ ରେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କଲବର୍ଗ**—ଦେ. ବି. (ନାମ)—ହାଇଦରାବାଦ୍ ନିକଟସ୍ଥ ପ୍ରାଚୀନ ରାଜ୍ୟ-
Kalabarga — ବିଶେଷ—Name of an ancient kingdom in South India.
[ ଦ୍ର—ଉତ୍କଳର ସ୍ୱାଧୀନ ରାଜା ପ୍ରତାପରୁଦ୍ର ଦେବ ଏ ରାଜ୍ୟ ଜୟ କରି 'କଲବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।
ଜଗବନ୍ଧୁ—ପ୍ରାଚୀନ ଉତ୍କଳ । ]

**କଲବଲ**—ଦେ. ବି. ( ଧ୍ୱନ୍ୟନୁକରଣ; ତୁଳ—ହି. କଲମଲାନା = ବାପଦରେ ପଡ଼ି ଅସ୍ଥିର ହେବା)—
Kalabala
ହାୟରାନୀ
हैरानी
୧ । ଦୁଃଖ—1. Affliction.
୨ । ଆର୍ତ୍ତି; ପୀଡ଼ା—2. Ailing; agony.
୩ । ଯନ୍ତ୍ରଣା—3. Acute pain; pang.

ମୃତ୍ୟୁ କଲବଲେ ଶ୍ୱାସ ମୂର୍ଚ୍ଛିନ୍ତ ଘଡ଼—ପ୍ରଧାନାଥ. ଉଷାଭବଯୋଗ ।

ଦେ. ବିଣ.—୧ । ଆର୍ତ୍ତ—1. Ailing; pained; agonised.
ହାୟରାନ
हैरान
୨ । ପୀଡ଼ିତ; ଅସ୍ତବ୍ୟସ୍ତ—2. Troubled; distressed.

କଲବଲ ହୋଇପଡ଼ି, ହୋଇଯାଉଛି ନଷ୍ଟ, ସବେଶ ଅଙ୍ଗ ଉପରରେ ।
ଉଦୟ୍ସୂର୍ଯ୍ୟ. ସନ୍ତୋଷ ଚମ୍ପୂ ।

୩ । ବ୍ୟାକୁଳ—3. Disconcerted.

ସାନୁଷ ଦେହରେ ତ ନାହିଁ କିଛି ବଳ
ଏଣୁ ବ୍ୟାକୁଳ ହୋଇ ସେ କଲବଲ—କୃଷ୍ଣସିଂହ. ମହାଭାରତ. ବନ

୪ । ଦୁଃଖଦାୟକ—4. Afflicting; harrowing; agonising.
୫ । କ୍ଳିଷ୍ଟ; ଦନ୍ଦଗନ୍ଧ—5. Afflicted.

ମୋ ବଂଶ ସକାଶୁଁ ସେ ହେବ କଲବଲ—କୃଷ୍ଣସିଂହ. ମହାଭାରତ. ବନ ।

**କଲବଲ କରିବା**—ଦେ. କ୍ରି.—ଦୁଃଖ ଦେବା; ପୀଡ଼ାଦେବା; ହଇରାଣ
Kalabala kariba — କରିବା; ଦନ୍ଦଗନ୍ଧ କରିବା—
ହାୟରାନକରା
हैरानकरना
To afflict; to inflict pain; to put into trouble or hardship; to give pangs.

**କଲବଲକୌଶଳ**—ଦେ. ବି.—କୌଣସି ଉଦ୍ଦେଶ୍ୟ ସାଧନ କରିବା
Kalabalakausala — ନିମନ୍ତେ ପ୍ରୟୋଜନୀୟ ସର୍ବପ୍ରକାର ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଉପାୟ—
କଲବଲକୌଶল
कलबलकौशल
All conceivable means, fair or foul for bringing about a thing.

**କଲବଲ ହେବା**—ଦେ. କ୍ରି.—ଦୁଃଖ ପାଇବା; ତୀବ୍ର ଯନ୍ତ୍ରଣା ଭୋଗ-
Kalabala heba — କରିବା—To be sorely afflicted; to be distressed.
ହାୟରାନ ହওয়া
हैरानहोना, कलमलाना, कुलबुलाना

**କଲବଲିଆ**—ଦେ. ବିଣ.—କଲବଲ (ଦେଖ)
Kalabalia — Kalabala (See)

**କଲବଶ**—ଦେ. ବିଣ.—ଯନ୍ତ୍ରଚାଳିତ—
Kalabasa — Worked by machinery.

ବଶ୍ୟକର୍ମିକୃତ କୃତ୍ରିମ ପୁତ୍ତଳିକ କଲବଶ—ଉପେ. ବୈଦେହୀଶବିଳାସ ।

**କଲବିଙ୍କ**—ସଂ. ବି. (କଲ=ମଧୁର ଧ୍ୱନି + ବଙ୍କ ଧାତୁ=ଗମନ କରିବା
Kalabinka — + କର୍ତ୍ତୃ. ଅ )—୧ । ଚଟକ; ଘରଚଟିଆ ପକ୍ଷୀ—
(କଲବିଙ୍କୀ—ସ୍ତ୍ରୀ) — 1. Sparrow.
୨ । କୁଟଜ ଲତା—2. Holarrhena Antidysenterica; Echites; a medicinal creeper.
୩ । ପିତାକୋରୁଆ (ଦେଖ) — 3. Pitakorua (See)
୪ । କଳଙ୍କ—4. Taint.
୫ । ଦାଗ—5. Mark.
୬ । ଶ୍ୱେତ ଚାମର—6. A white chowrie or hair-fan.

**କଲବୀର**—ଦେ. ବି.—ଏକ ଜାତୀୟ ଗୁଳ୍ମ—
Kalabira — Name of a plant.

**କଳଭ**—ସଂ. ବି. (କଲ=ଧ୍ୱନି କରିବା + ସ୍ୱାର୍ଥେ. ଅଭ; ଜମ୍ଭା ଭର+
Kalabha — ଭୃ ଧାତୁ + କର୍ତ୍ତୃ. ଅ)—୧ । କରଭ; ୩୦ ବର୍ଷ ବୟସ୍କ ହସ୍ତିଶାବକ—1. A young elephant aged 30 years.

| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତୃ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଚ | ଲୁ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗିଁ୍ୟ | ଇଅ | ଢ଼ | ନ୍ତ |

୨ । ଉଷ୍ଟ୍ରଶାବକ—
2. A young camel.
୩ । ଧାତୁର ଗଛ—3. The Thorn-apple plant.

**କଳଭାଷୀ**—ସଂ.ବିଣ.ପୁଂ.(କଳ + ଭାଷ୍ ଧାତୁ + କର୍ତ୍ତୃ. ଇନ୍;୧ମା.୧ବ.)—
Kaḻabhāshi ମଧୁରଭାଷୀ—Sweet-speaking.
(କଳଭାଷିଣୀ – ସ୍ତ୍ରୀ) ଦେ. ବିଣ. ସ୍ତ୍ରୀ (ସଂ.କଳଭାଷିଣୀ-ମଧୁରବଚନ) କହୁବା (ସ୍ତ୍ରୀ)—Sweet-speaking (woman).
ଆରେ କଳଭାଷି, କୁଶୋଦରି କମଳାସ୍ୟ ମୃଗେକ୍ଷଣୀ ।
କବିସୂର୍ଯ୍ୟ. ରତ୍ନାକରଚନ୍ଦ୍ର ।

**କଲମ୍**—ବୈଦେ. ବି. (ଇଂ)—**ଛପା ପୁସ୍ତକ ବା ଲେଖାର ସ୍ତମ୍ଭ**—
Kalam A column in print or writing.
कालम ଦେ. ବି—**କଲମ** ( ଦେଖ )
**कालम** Kalama ( See )

**କଳମ**—ସଂ. ବି. ( **କଲ ଧାତୁ + କର୍ମ.** ଅମ )—
Kaḻama ୧ । **ହେମନ୍ତ** ଧାନ୍ୟ; ଶାରଦ ଧାନ୍ୟ—
**1. Winter** paddy.
୨ । (**+ କର୍ତ୍ତୃ. ଅମ୍**)—ଚୋର—2. Thief.
୩ । ଧୂର୍ତ୍ତ ବ୍ୟକ୍ତି; **ଠକ**—3. A cheat.
ଦେ. ବି. ୧ । ( ସଂ. **କଲମ୍**, କଲମ୍ବୀ)—
ସଂ. ପର୍ଯ୍ୟାୟ—କଲମ୍ବ, **କଲମ୍ବୀ**, ଶତପର୍ବା, କଲମ୍ବିକା
कलमिशाग, कलमशाग
**करमि, करेम्तु, कलमि**
ତେ. ଲୁଡକୁର
ତା. କୋଇଲାଙ୍ଗ
ଜଳଜାତ ଖାଦ୍ୟ ଶାକଲତାବିଶେଷ—
1. An aquatic creeper cooked for food; Ipomœa Reptans; Ipomœa aquatica.
[ ଦ୍ର—ଏହା ପାଣିକୂଳରେ **ଗଜେ**; ମାତ୍ର ଏଥିର ଡେର ପାଣି ଉପରେ ଭାସେ । ]
कलम ୨ । (ସଂ. କଲମ୍, କଡ଼ମ୍) ଏକ ଜାତୀୟ ଲତା; ଯାହାଁର
**नरकट** କାଣ୍ଡ ଖଣ୍ଡ କଲମ ସ୍ୱରୂପ ବ୍ୟବହୃତ ହୁଏ—
1. A kind of firm-stemmed reed from the stems of which pens are made; Phragmites Communis.

**କଲମ**—ଦେ. ବି. ( ସଂ. କଲମ; କାହାର କାହାର ମତରେ ଆରବୀ
Kalama କଲମ୍ ଶବ୍ଦରୁ ଆସିଛି ମାତ୍ର ସଂସ୍କୃତରେ ଏହାର
कलम ବ୍ୟବହାର ଦେଖାଯାଏ; ଆଧୁନିକ ସଂସ୍କୃତ କୋଷ
**कलम** ମାନଙ୍କରେ (ଯଥା ହେମଚନ୍ଦ୍ର, ମେଦିନୀ, ଜଟାଧର, ତ୍ରିକାଣ୍ଡ) ଲେଖନୀ ଅର୍ଥରେ କଲମ ଶବ୍ଦ ଅଛି, କିନ୍ତୁ ଅମରକୋଷରେ ଏ ଅର୍ଥ ନାହିଁ । ତୁଳ. ଆ. କଲମ୍; ତେ. କଲମୁ; ଗ୍ରୀକ୍. କଲମ; ଲଟିନ. କଲମସ୍ )—
୧ । କାଳିରେ ଲେଖିବାର ଲେଖନୀ—
**1. Pen; reed pen.**
୨ । ବଣିଆର ଲମ୍ବ ମୁନିଆ କଲମ ପରି ଯନ୍ତ୍ରବିଶେଷ—
2. A penlike instrument used by goldsmiths for chased work and embossing.
[ ଦ୍ର—ଏ ହତିଆର ଦ୍ୱାରା ବଣିଆମାନେ ସୁନା ରୂପା ଉପରେ ନକାସୀ କାମ ଖୋଦନ କରନ୍ତି । ]
୩ । ପ୍ରାଚୀନ ବୃକ୍ଷର ଶାଖାରେ ବୈଜ୍ଞାନିକ ଉପାୟ ଦ୍ୱାରା ଚେର ଉତ୍ପାଦନ କରାଇବା ପରେ ତାକୁ ଅସଲ ଗଛରୁ ପୃଥକ୍ କରି ଆଣି ସ୍ୱତନ୍ତ୍ର ବୃକ୍ଷ କରାଯିବା ଡାଳ; ନୂଆ ଗଛ କରିବା ଉଦ୍ଦେଶ୍ୟରେ ପୁରୁଣା ଗଛରୁ ଚେର ଉତ୍ପାଦନ କରି ହୋଇ କଟାଯିବା ଡାଳ—
3. A graft.
୪ । ଲବଣ ପ୍ରଭୃତି ପଦାର୍ଥର ଆକୃତିବିଶିଷ୍ଟ ଲମ୍ବ ଦାନା—
4. Crystal ( e.g. of salt ).
୫ । କାଚ ଝାଡ଼ ପ୍ରଭୃତିରେ ଲଟକି ଥିବା ତ୍ରିକୋଣ କାଚଖଣ୍ଡ—5. Prismatic pieces of glass suspended from chandeliers; prism.

**କଲମଉଡ଼ା**—ଦେ. ବି—କଲମୋହର ( ଦେଖ )
Kaḻamaurda Kaḻamohara ( See )

**କଲମ କରିବା**—ଦେ. କ୍ରି—ପୁରୁଣା ଗଛରୁ ଡାଳ କାଟି ସେହି ଡାଳରୁ
Kalama kariba ନୂଆ ଗଛ ଜନ୍ମାଇବା—To cut a graft
कलम करा from a parent-tree.
**कलम करना**

**କଲମ କାଠି**—ପ୍ରାଦେ. (ସିଂହଭୂମ) ବି—ଏକ ପ୍ରକାର ଧାନ—
Kalama kāṭhi A species of paddy.

**କଲମ ଚଲାଇବା**—ଦେ. କ୍ରି—୧ । ଲେଖିବା—
Kalama chaḻāibā 1. To write; to wield the pen.
कलमचालान ୨ । ଅନ୍ୟର ଲେଖା ଉପରେ କଲମଦ୍ୱାରା ଗାର କାଟି
**कलम चलाना** ଦେବା—2. To score through a writing.

**କଲମଚାରା**—ଦେ. ବି – ସ୍ୱତନ୍ତ୍ର ଗଛ କରିବା ନିମନ୍ତେ ଅସଲ ଗଛରୁ କଟା
Kalamachārā ହୋଇ ପ୍ରସ୍ତୁତ ହୋଇଥିବା ନୂତନ ଗଛ—
कलमीचारा New graft taken from a parent-tree.
**कलमी पौदा**

**କଲମ ଚାଳିବା**—ଦେ. କ୍ରି—କଲମ ଚଲାଇବା ( ଦେଖ )—
Kalama chāḻibā Kalamachaḻāibā ( See )

**କଲମଜାରି**—ବୈଦେ. ବି (ପା. କଲମ୍‌ଜାରୀ)—ବହୁ ଲୋକଙ୍କ ଉପରେ
Kalamajāri ପ୍ରଭୁତ୍ୱ ବା ଅଧିକାର—Mastery over many persons.
कलमजारी
**कलमजारी**

**କଲମଜୋର୍**—ବୈଦେ. ବି. ( ଆ. କଲମ୍‌ଜୋର୍ )—
Kalamajor ୧ । ଲେଖିବାର କ୍ଷମତା—
कलमेरजोर **1.** Penmanship.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**कलमजोर** ୨ । ଲେଖିବାଦ୍ୱାରା କାର୍ଯ୍ୟ ଚଳାଇବାର ଶକ୍ତି— 2. The might of the pen.

୩ । ଲେଖାଲେଖି କରି କୌଣସି କାର୍ଯ୍ୟ ବା ପ୍ରସ୍ତାବକୁ ଉପରସ୍ଥ ହାକିମମାନଙ୍କଠାରୁ ମଞ୍ଜୁର କରାଇ ଆଣିବାର କ୍ଷମତା—3. The capacity of man to obtain from the authorities what he wants by means of forceful writing; success in penmanship.

ବୈଦେ. ବିଣ—ଯାହାର ଖୁବ୍ ଲେଖିବାର କ୍ଷମତା ଅଛି— Wielding a powerful pen.

**କଲମଜୋରି**—ବୈଦେ. ବି ଓ ବିଣ—କଲମଜୋର୍ ( ଦେଖ )—
Kalamajori    Kalamajor (See)

**କଲମଠାଣ**—ଦେ. ବି. ଓ ବିଣ—ଲେଖନଠାଣ ( ଦେଖ )—
Kalamaṭāṇ    Lekhanaṭāṇ ( See )

**କଲମତରାସ**—ବୈଦେ. ବି—କଲମତ୍ରାସ ( ଦେଖ )—
Kalamatarāsa    Kalamatrāsa ( See )

**କଲମ ତଳେ ରହିବା**—ଦେ. କ୍ରି—ଅନ୍ୟର ଅଧିକାର ଅଧୀନରେ କାର୍ଯ୍ୟ କରିବା—To serve under the authority of another's pen; to serve under another.
Kalama taḷe rahibā

**କଲମ ତାଜା ରହିବା**—ଦେ. ବି—କଲମ ବଜାୟ ରହିବା (ଦେଖ)—
Kalama tājā rahibā    Kalama bajāy rahibā (See)

**କଲମତ୍ତ**—ସ. ବିଣ (କଲ+ମତ୍ତ)—୧ । ମଦମତ୍ତ—
Kaḷamatta    1. Intoxicated; infuriated.

୨ । ମତୁଆଲ—2. Drunk.

୩ । ମତ୍ତ—3. Maddened.

**କଲମତ୍ରାସ**—ବୈଦେ. ( ଆ. କଲମତରାଶ୍ ) ବି—କଲମ କାଟିବାର ଛୁରୀ—
Kalamatrās    Pen-knife.
কলমতরাশ
**कलमतराश**

**କଲମଦାନ୍**—ବୈଦେ. ବି ( ଆ. କଲମ୍‌ଦାନ୍; ତୁଳ. ଅତର୍‌ଦାନ୍, ପାଉଁଦାନ୍)—କଲମ ରଖିବାର ପାତ୍ର ବା ଆଧାର—
Kalamadān    Pen stand; a box to keep pens in; a pen-case.
কলমদান
**कलमदान**

**କଲମଦାନି**—ବୈଦେ. ବି (ଆ)—କଲମଦାନ୍ ( ଦେଖ )—
Kalamadāni    Kalamadān (See)

**କଲମପେଶା**—ବୈଦେ. ବି (ଆ)—ଲେଖକ ବୃତ୍ତି—
Kalamapeśā    The profession of a clerk or writer.

**କଲମ ବଜାୟ ରହିବା**—ଦେ. ବି—(ଆଶୀର୍ବାଦାର୍ଥକ)—ହାକିମ କାର୍ଯ୍ୟ ଓ ଅଧିକାର ଚିରକାଳ ଅକ୍ଷୁଣ୍ଣ ରହିବା (ଯଥା—ବାବୁ ! ଆପଣଙ୍କର କଲମ ବଜାୟ ରହୁ ! )—( Used in blessing ) Penmanship or power with the pen or position or power to continue for ever.
Kalama bajāy rahibā
কলম বজায়থাকা
**कलम बजा रहना**

**କଲମବନ୍ତ**—ଦେ. ବିଣ—କଲମବାଜ୍ ( ଦେଖ )—
Kalamabanta    Kalamabāj (See)

**କଲମବନ୍ଦ**—ବୈଦେ. (ଫା) ବି (କଚେରୀ ଭାଷା)—କୌଣସି ମୌଖିକ ବିଷୟକୁ ଲେଖି ପକାଇବା; ଲିପିବଦ୍ଧ କରିବା—
Kalamaband    Reducing an oral statement into writing.
কলমবন্দ
**कलमबन्द**

ମନୁଷୀ ଚକ୍ରଧର ଦାସ ବଡ଼ା ଭାହାଣ ଦେଶରେ ବସି
ଶ୍ରେଜନା ଭାଇଙ୍କ କଲମବନ୍ଦ କରୁଥିବା ହାଲଚ—ଫକୀରମୋହନ. ଛମାଣଆଠଗୁଣ୍ଠ ।

ବିଣ.—(ମୌଖିକ କଥା) ଲେଖା ହେବା; ଲିପିବଦ୍ଧ— (oral statement) Reduced to writing.

**କଲମବନ୍ଦ କରିବା**—ଦେ. କ୍ରି—କୌଣସି ଯବାନ୍‌ବନ୍ଦି ବା ମୌଖିକ କଥାକୁ ଲେଖି ପକାଇବା—
Kalamaband karibā    To reduce an oral statement into writing.
কলমবন্দকরা
**कलमबन्द करना**

[ ଦ୍ର—ଓଡ଼ିଶାରେ ମୋଗଲ ଅମଳର ଓ ପ୍ରଥମେ ପ୍ରଥମେ ଇଂରାଜମାନେ ଓଡ଼ିଶାକୁ ଅଧିକାର କରିବା ସମୟର ଦଲିଲମାନଙ୍କରେ ( ଯଥା ୧୮୪୨ ସାଲର ସେଟ୍‌ଲ୍‌ମେଣ୍ଟ ରୋବକାରୀମାନଙ୍କରେ ) ଏ ଶବ୍ଦର ବ୍ୟବହାର ଦେଖାଯାଏ; ଯଥା—'ମୁଦାଲାର ଇସ୍ତିଫିସାର କଲମବନ୍ଦ କରାଗଲା । ]

**କଲମବାଜ୍**—ବୈଦେ. ( ଫା. ) ବିଣ—୧ । ଲେଖିବାରେ ପଟୁ—
Kalamabāj    1. Expert in penmanship.
কলমবাজ
**कलमबाज**

୨ । କଲମଜୋର୍ ଥିବା ( ବ୍ୟକ୍ତି )— 2. Wielding power by means of the pen; powerful with the pen.

୩ । ସର୍ବଦା ଲେଖିବାରେ ନିଯୁକ୍ତ— 3. Always engaged in writing.

**କଲମ ମାରିବା**—ଦେ. କ୍ରି—୧ । କଲମରେ ସାମାନ୍ୟ କିଛି ଲେଖିଦେବା—
Kalama māribā    1. To scratch a line by the pen.
কলমমারা
**कलममारना**

୨ । କଲମଦ୍ୱାରା ଲେଖା ହୋଇଥିବା ବିଷୟକୁ କାଟିଦେବା—2. To score through a writing with the pen.

**କଲମଲତା**—ଦେ.ବି (ସ. କଲମ୍+ଲତା)—କଲମ. ଦେ.୧୨ (ଦେଖ)
Kaḷamalatā    Kaḷama 1. 2. ( See )

**କଲମଶାଗ**—ଦେ. ବି(ସ. କଲମ୍+ଶାକ)—କଲମ. ଦେ.୧. (ଦେଖ)
Kaḷamaśāga    Kaḷama 1. ( See )

**କଲମଷ**—ଗ୍ରା. ( ପଦ୍ୟ ) ବି. ( ସ. କଲ୍ମଷ )—
Kaḷamasha    ୧ । ମଇଳା—1. Dirt.
কলমষ    ୨ । ଦୁଷ୍କୃତ—2 Bad act.
**कलमष**    ୩ । ପାପ—3. Sin.

କଲମଷ ବାରଣ ବାରଣ ଅଙ୍କୁଶ । ବାନକୃଷ୍ଣ- ଉପକଣ୍ଠୋଳ ।

| ୧ | ଇ | ଉ | ର,ଋ | ଡ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ଂନ୍ତ |

୪ । ଦୋଷ—4. Fault; defect.
୫ । କଲଙ୍କ—5. Stain.
ଦେ. ବଣ—୧ । ମଇଳା; ଅସନା—1. Dirty; foul.
୨ । ପାପୀ—2. Sinful.

**କଲମା**—ବୈଦେ. ( ଆରବୀ ) ବ—କଲ୍‌ମା ( ଦେଖ )
Kalamā — Kalmā ( See )
ଦେ. ବ. ( ସଂ. କଲମ; ଏହା କଲମ ପରି ସରୁ ଥିବାରୁ )—କଳା ବା ଅଗକୁ ବଙ୍କା କରି ଦୁଇ କାନର ପାଖ ଗାଲରେ ସଜ୍ଜିତ ସ୍ତ୍ରୀମାନଙ୍କ ଚୂର୍ଣ୍ଣକୁନ୍ତଳ—Rings of hair done into curves by ladies on the cheeks by the side of the ears.
ଗଣ୍ଡଯୁଗ ଚୁମ୍ବି ଭଲ ମାନସ ସେ କଲମା ଯୁଗଳୀ ଶିଖା ।
କବିସୂର୍ଯ୍ୟ. ଚନ୍ଦ୍ରକଳା ।
ଦେ. ବଣ—୧ । କଳା ବା ଅଗକୁ ବଙ୍କା କରି ସଜା ଯାଇଥିବା ( କାନ ପାଖର ଚୂର୍ଣ୍ଣକୁନ୍ତଳ )—
1. ( hair ) Arranged like a hook below the temples.
ଗଣ୍ଡ ଆଦରଶେ ଶଙ୍ଖ ପ୍ରାଣୀ ପାଶେ କଲମା କୁନ୍ତଳ ହୁଅଇ ।
କବିସୂର୍ଯ୍ୟ. ଚନ୍ଦ୍ରକଳା ।
୨ । କଲମ କରାଯାଇଥିବା (ଗଛ)—
2. ( tree ) Grafted; produced by the process of grafting.

**କଲମି**—ଦେ. ବ. ( ସଂ. କଲମ୍ )—କଲମ ( ଦେଖ )
Kalami — Kalama ( See )

**କଲମି**—ବୈଦେ. ବଣ. ( ଆ. କଲ୍‌ମୀ )—୧ । ଗଛରୁ କଲମ କରିବା ପ୍ରଣାଳୀଦ୍ୱାରା ସମ୍ପାଦିତ (ଗଛ)—1. (tree) Grafted; produced by the process of grafting.
Kalami
कलमी
**কলমী**
୨ । କଲମ ହୋଇଥିବା ଗଛରୁ ଉତ୍ପନ୍ନ ( ଫଳ )—
2. (fruits) Produced from grafted plants.
୩ । କଲମ ଆକୃତିବିଶିଷ୍ଟ—
3. Shaped like a pen; pen-shaped.
୪ । ଦାନାଦାର୍—4. Crystallised.
୫ । ଲିପିବଦ୍ଧ—5. Reduced to writing.
(ଯଥା—କଲମି ଇଜାହାର୍)

**କଲମି ଆମ୍ବ**—ଦେ. ବ. ( ଆ. କଲ୍‌ମୀ+ସଂ. ଆମ୍ର )—
Kalami āmba ୧ । କଲମ କରାଯାଇଥିବା ଆମ୍ବଗଛ—
कलमिआम 1. Mango graft.
**কলমি আঁব** ୨ । କଲମି ଗଛରେ ଫଳିବା ଆମ୍ବ—
2. Mango fruit from grafted tree.

**କଲମି ଇଜାହାର୍**—ବୈଦେ. ବ. ( ଆ. କଲ୍‌ମୀ+ ଇଜ୍‌ହାର୍ )—
Kalami ijāhār ( କଚେରୀଆ ଶବ୍ଦ )—ମାଜିଷ୍ଟ୍ରେଟଙ୍କ କୋର୍ଟରେ
कलमी एजहार ମୁଦେଇ ଫରିଆଦୀର ଦରଖାସ୍ତ ଦାଖଲ କରିବା ପରେ
**কলমি ইজাহার** ତାହାଠାରୁ ଯେଉଁ ହଲ୍‌ଫାନ୍ ଜବାନ୍‌ବନ୍ଦି ଗ୍ରହଣ କରି ମାଜିଷ୍ଟ୍ରେଟ୍ ସେ ଦରଖାସ୍ତ ପଛରେ ତାହା ଲିପିବଦ୍ଧ କରି ସେଥିରେ ତାହାର ଦସ୍ତଖତ ନିଅନ୍ତି—A preliminary statement made on oath by the complainant and recorded by the magistrate immediately on the filing of a petition of complaint.

**କଲମିଚୁରା**—ଦେ. ବ(ଆ. କଲ୍‌ମୀ+ବ. ଚୁରା)—କଲମଚୁରା (ଦେଖ)—
Kalamichārā — Kalamachārā (See)

**କଲମିଡୋଲ୍**—ଦେ. ବ ( ଜାହାଜିଆ ଭାଷା )—ଜାହାଜରେ ବ୍ୟବହୃତ ଲମ୍ବା ପାଲବିଶେଷ—A kind of narrow and long sail used in ships.
Kalamidol
कलमीपाल
**কলমীডোল** ପଛକୁ କଲମିଡୋଲ ଅଉ ବରଗାମାନ ଟେକ ବେଗ
ଗେଡ଼ ଗୁଡ଼ାଇ ଠିକ କରି ଉଣି ଦେଉଅଛନ୍ତି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କଲମିଶାଗ**—ଦେ. ବ—କଲମ ଶାଗ ( ଦେଖ )—
Kalamiśāga — Kalama śāga ( See )

**କଲମି ସୋରା**—ବୈଦେ. ବ. ( ଆ. କଲ୍‌ମୀ+ଫା. ଶୋରା )—
Kalami sorā ୧ । ଦାନାଯୁକ୍ତ ଲବଣ ଜାତୀୟ ପଟାସିଅମ୍—
कलमी सोरा 1. Name of a crystallised salt;
**কলমী সোরা** Potassium Iodide.
୨ । ପରିଷ୍କୃତ ଦାନା ବାନ୍ଧିଥିବା ଯବକ୍ଷାର—
2. Crystallised Nitre or Saltpetre.

**କଲମୁଆଁ**—ଦେ. ବ—ଏକ ପ୍ରକାର ଧାନ—
Kalamuañ — Name of a kind of paddy.

**କଲମୁଷ**—ଗ୍ରା. ବ ଓ ବଣ—କଲମଷ ( ଦେଖ )
Kalamusha — Kalamasha ( See )

**କଲମୋହର**—ଦେ. ବ: ( ସଂ. କଳା+ଫା. ମୁହର୍ )—
Kalamohara ନୂତନ ଛାଞ୍ଚରେ ତିଆରି ହୋଇଥିବା ପୁରାତନ
कलेर मोहर ମୋହର ପରି ଦେଖାଯିବା ସ୍ୱର୍ଣ୍ଣମୁଦ୍ରା ।—
**কলদার মুহর** Imitation gold-mohur prepared with the help of a machine to resemble genuine old gold coin.

**କଲମ୍ବ**—ସଂ. ବ. ( କଡ଼ ଧାତୁ=ଭକ୍ଷଣ କରିବା+କର୍ତ୍ତୃ. ଅମ୍ବ )—
Kalamba ୧ । ବାଣ; ଶର=1. Arrow.
ଟାଣେ ବକ୍ଷେ ଶମ୍ବ ସଦୃଶ କଲମ୍ବ । କବିସୂର୍ଯ୍ୟ. ଲଶୋବୀରମ୍ଭ. ୫ ଗୀତ ।
୨ । ଶାଗର ଡେମ୍ଫ ବା ଡାଙ୍ଗ—
2. The stalk of a pot-herb.
୩ । କଲମ ଦେ. ୧ ( ଦେଖ )
3. Kalama 1 ( See )
୪ । କଦମ୍ବ ଗଛ—4. Anthocephalus Cadamba ( tree )

**କଲମ୍ବସ୍**—ବୈଦେ. ବ. (ନାମ)—ଆମେରିକା ଆବିଷ୍କାର କରିଥିବା ପ୍ରସିଦ୍ଧ ସ୍ପେନ୍‌ଦେଶୀୟ ନାବିକ—Columbus, the discoverer of America.
Kalambas

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଦୃଷ୍ଟାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—ଏହାଙ୍କର ଆମେରିକା ଆବିଷ୍କାରର କାଳ କୌଣସି କୌଣସି ଐତିହାସିକ ୧୪୯୨ ଓ କେହି କେହି ବା ୧୪୬୪ ଖ୍ରୀଷ୍ଟାବ୍ଦ ବୋଲି ପ୍ରମାଣ କରିଅଛନ୍ତି । ]

**କଲମ୍ବିକା**—ସଂ. ବି. ସ୍ତ୍ରୀ. ( କ=ମସ୍ତକ; ଜଳ+ଲମ୍ବ ଧାତୁ=ବିଶ୍ରାମ କରିବା+ଅଧିକରଣ. ଅ;+କ+ସ୍ତ୍ରୀ. ଆ )—
Ka͟lambikā
୧ । କଲମ ଶାଗ—
1. An aquatic plant used in cooking.
୨ । ଗ୍ରୀବାର ପଛପଟେ ଥିବା ନାଡ଼ୀ—
2. The vein behind the neck.

**କଲମ୍ବୀ**—ସଂ. ବି. ସ୍ତ୍ରୀ.(କ+ଲମ୍ବ ଧାତୁ+ଅ+ସ୍ତ୍ରୀ. ଈ)--କଲମ୍ବିକା (ଦେଖ)
Ka͟lambi — Ka͟lambikā (See)

**କଲର୍**—ବୈଦେ. ( ଇଂ ) ବି—୧ । (ଇଂ. କଲର୍) ରଙ୍ଗ; ବର୍ଣ୍ଣ—
Kalar
1, Colour.
୨ । ( ଇଂ. କଲାର୍ )—ବେକରେ ବନ୍ଧାଯିବା ଚମଡ଼ା ବା କନାର ପଟି—2. Collar.

**କଲର୍ କଲର୍**—ଦେ. ବିଣ. ଓ ଅବ୍ୟୟ. ( ଧ୍ୱନ୍ୟନୁକରଣ )—
Kalar kalar
କଲକଲ ( ଦେଖ )
Kalakala ( See )

**କଲରବ**—ସଂ. ବି—୧ । ( ମ. ପ. ଲୋ; କଳ=ମଧୁରାସ୍ଫୁଟଧ୍ୱନିଯୁକ୍ତ ରବ )—କଲକଲ ଧ୍ୱନି—
Ka͟laraba
1. Gurgling sound.
୨ । ମଧୁର ଅସ୍ଫୁଟ ଧ୍ୱନି—2. Low sweet note.
୩ । ( ପାରା, କପୋତଆଦି ) ପକ୍ଷୀମାନଙ୍କ ମଧୁର ଶବ୍ଦ—
3. Cooing or twittering of birds (pigeon, dove etc ).
୪ । (ବହୁବ୍ରୀହି) ପାରାବତ—4. Pigeon.
୫ । କପୋତ—5. Dove.
୬ । କୋକିଳ—6. Cuckoo.

**କଲରା**—ଦେ. ବି. (ସଂ. କାରବେଲ୍ଲ)—୧ । କୃଷିଜାତ ଲତା ଓ ତହିଁର ତିକ୍ତ ଖାଦ୍ୟଫଳ—1. A creeper producing edible bitter fruits; Hairy Memordica; Memordica Charantia.
Kalarā
ସଂ. ପର୍ଯ୍ୟାୟ— କାରବେଲ୍ଲ, କଠିଲ୍ଲ, ଚିତ୍ରପତ୍ର, ପୀତପୁଷ୍ପ
କରଲା; ଉଛେ
**करेली; करेला**
ତେ: କାକରଚେଟ୍ଟୁ, କରଲ୍ଲା
ଫା. କରେଲାହ୍
[ ଦ୍ର—ଏହା କୁଷ୍ମାଣ୍ଡାଦି ବର୍ଗର ପ୍ରଜାତି, ଏଥିର ଫୁଲ ହଳଦିଆ ଓ ଛୋଟଛୋଟ; ଏଥିର ଫଳ ତିକ୍ତ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶୀତବୀର୍ଯ୍ୟ, ଭେଦକ, ଲଘୁ ଓ ତିକ୍ତରସ; ଏହା ଜ୍ୱର, ପିତ୍ତ, କଫ, ରକ୍ତପାଣ୍ଡୁ, ମେହ ଓ କୃମିନାଶକ; ଏହାର ପତ୍ରକୁ ଛେଚି କାମୁଡ଼ା ଘାଆ ଆଦିରେ ଲଗାଇଲେ ଉପକାର ହୁଏ । ଏକ ପ୍ରକାର ବଡ଼ କଲରାକୁ ସଲରା କହନ୍ତି । ଛୋଟ ଗୋଲ କଲରାକୁ ଚୁଟି କଲରା (ସଂ. କାରବେଲ୍ଲୀ) କହନ୍ତି । ବଡ଼ କଲରା ଠାରୁ ଛୋଟ କଲରା ଅଧିକତର ଲଘୁପାକ ଓ ଅଗ୍ନିଦୀପକ । ]
୨ । ଏକ ପ୍ରକାର କୃଷ୍ଣଜୀରା—(ହରେକୃଷ୍ଣ ମିଶ୍ର. ଦ୍ରବ୍ୟଗୁଣ ।)
2. A kind of black cumin-seed.

**କଲେରା** ବୈଦେ. (ଇଂ) ବି. (ଇଂ. କଲେରା)—ହଇଜା; ବିସୂଚିକା—
**हैजा**
Cholera.

**କଲରାପତୁରିଆ**—ଗ୍ରା. ବି. ଓ ବିଣ—କଲରାପତ୍ରିଆ (ଦେଖ)
Kalarāpaturiā — Kalarāpatriā (See)

**କଲରାପତ୍ରିଆ**—ଦେ. ବି. (ସଂ. କାରବେଲ୍ଲ+ପତ୍ର)—ଚିତାବାଘ—
Kalarāpatriā
Leopard; Felis Pardus.
( ଦ୍ର—ଏ ବାଘର ଦେହରେ କଲରାପତ୍ର ଆକୃତିର ମନ୍ଦାମନ୍ଦା କଳା ଛିପାଛିପା ଦାଗ ଥାଏ । )
ଦେ. ବିଣ.—କଲରା ପତ୍ର ପରି ଚିହ୍ନଯୁକ୍ତ—Having spots resembling the leaves of the Memordica creeper.

**କଲରେଇ ଫୁଲ**—ଗ୍ରା. ବି. (କାହାଣୀରେ ବ୍ୟବହୃତ ଆଦର୍ଶାର୍ଥକ ପ୍ରୟୋଗ; ଭୁଲ. କଲୁରବେଣ୍ଟ)—କଲରାଫୁଲ—
Kalarei phula
The flower of Memordica.

**କଲଳ**—ସଂ.ବି. (କଲ ଧାତୁ=ଗଣନା କରିବା+କର୍ମ.ଅଲ)—୧ । ଜରାୟୁ—
Kala͟la
1. Womb; uterus.
୨ । ଭ୍ରୂଣ—2. The embryo in the womb.

**କଲଶ**—ସଂ. ବି.—କଲସ (ଦେଖ)
Ka͟laśa — Ka͟lasa (See)

**କଲଶ**—ସଂ. ବି.—କଲସ (ଦେଖ)
Kalaśa — Ka͟lasa (See)

**କଲଶ ଢାଳିବା**—ଦେ. କ୍ରି.—ସ୍ନାନାର୍ଥ ଅନ୍ୟ ବ୍ୟକ୍ତି ଉପରେ କଲଶରୁ ଜଳ ଅଜାଡ଼ିବା—To pour out water over a person from a pitcher.
Ka͟laśa ḍhālibā
कलश ढाला
**लसढालना**
[ ଦ୍ର—ପ୍ରକୃତରେ କଲଶ ଢଳା ଯାଏ ନାହିଁ; କଲଶରୁ ପାଣି ଢଳା ଯାଏ । ]

**କଲଶ ବସାଇବା**—ଦେ. କ୍ରି—୧ । ବୈଦିକ କ୍ରିୟା ବା ମାଙ୍ଗଳିକ ଅନୁଷ୍ଠାନରେ ସର୍ବାଦୌ ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା—1. To set up a pitcher filled with water on starting festive or ceremonious rituals.
Ka͟laśa basāibā
कलशबसान
**कलसधरना**
୨ । ମାଙ୍ଗଳିକ ଉତ୍ସବରେ ଗୃହ ସମ୍ମୁଖରେ ବା ଦାଣ୍ଡଦ୍ୱାରର ଦୁଇ ପାଖରେ ଶୁଭସୂଚକ ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା—
2. To place pitchers filled with water in front of the door on festive occasions.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

**କଲଶ ଭାଙ୍ଗିବା**—ଦେ. କ୍ରି—୧ । କଲଶକୁ ତଳେ ପକାଇ ଚୂନା କରି
Kal̲aśa bhāṅgibā ଦେବା—1. To shatter a pitcher to pieces by throwing it down.

୨ । (ମାଇପେ କାନ୍ଥ ବା କବାଟରେ ଚିତ୍ର ଲେଖିବାବେଳେ) କଲଶ ଆକାରବିଶିଷ୍ଟ ପୂର୍ଣ୍ଣକୁମ୍ଭର ଚିତ୍ର ଅଙ୍କନ କରିବା—2. To draw the picture of a pitcher on doors and walls.

**କଲଶା**—ଦେ. ବି—୧ । ପରସ୍ପର ସହିତ ଯୋଡ଼ି ଲଗାଯିବା ଦୁଇ ପଟାର
Kal̲aśā ଦାଢ଼ରେ ଲମ୍ବ ହୋଇ ହିତଆରରେ ଖୋଳାଯିବା ଖାଲ—
**କଲାସୀ** 2. Long grooves cut on the edge of two planks intended to fit into each other tightly.

୨ । ଯୋଡ଼ା ହେବା ପଟାମାନଙ୍କୁ ନିରୁଜ୍ କରି ଯୋଡ଼ିବା ନିମନ୍ତେ ଦୁଇପାଲର ବିପରୀତ ଦାଢ଼କୁ କଲଶିବା ପାଇଁ ବଢ଼େଇଙ୍କ ଦ୍ୱାରା ବ୍ୟବହୃତ ଛୋଟ ନିହାଣ; ଡାଗୀ—2. A small chisel used by carpenters to make grooves on the edge of planks intended to fit into each other tightly.

୩ । ସଙ୍ଗୀତର ରାଗବିଶେଷ—3. Name of a musical strain.

ଦେଶଭିଷା କଲଶା ବାଣୀରେ କଲି ଗୀତ—ପ୍ରାଚୀ ଶିବସ୍ୱରୋଦୟ ।

[ ଦ୍ର—ଏଥିର ପ୍ରତ୍ୟେକ ପାଦରେ ୧୪ ଅକ୍ଷର ଥାଏ; ୮ମ ଅକ୍ଷର ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ]

**କଲଶାଇବା**—ଦେ. କ୍ରି—(ବଢ଼େଇମାନେ) ଦୁଇଖଣ୍ଡି ପଟାକୁ ଯୋଡ଼ିଲା
Kal̲aśāibā ବେଳେ ତହିଁର ଯୋଡ଼ଫାଙ୍କକୁ ନିରୁଜ୍ କରିବା ମାନସରେ ଛୋଟ ନିହାଣ ଦ୍ୱାରା ଏକ ପଟାର
**କଲାସୀକରନା** ଉପରପାଖ ଦାଢ଼ରୁ ଅଧେ ଚାଞ୍ଛି ଆଉ ପଟାର ତଳଦାଢ଼ ଅଧେ ଚାଞ୍ଛି ଦୁଇ ପଟାର ଚଞ୍ଛା ଅଂଶ ଦ୍ୱୟକୁ ଉପରତଳ କରି ଚଢ଼ାଇ ଦେବା—
To cause two wooden planks to fit into each other tightly by making half-grooves in both.

**କଲଶି**—ପ୍ରାଦେ. (ମେଦିନୀପୁର) ବି. (ସଂ. କଲଶୀ; ଭୁଲ; ବଂ. କଲ୍ସି)—
Kal̲aśi କଲଶ ୧ ( ଦେଖ )
Kal̲aśa 1 ( See )

**କଲଶିବା**—ଦେ. କ୍ରି—କଲଶାଇବା ( ଦେଖ )
Kal̲aśibā Kal̲aśāibā ( See )

**କଲଶୀ**—ସଂ. ବି. (କଲଶ + କ୍ଷୁଦ୍ରାର୍ଥରେ ଈ)—ଛୋଟ କଲଶ—
Kal̲aśī A small pitcher.

**କଲଶୋଦଧି**—ସଂ. ବି. (କଲଶ + ଉଦଧି)—ସମୁଦ୍ର—
Kal̲aśodadhi The sea.

**କଲସ**—ସଂ. ବି. ( କ = ଜଳ + ବସ୍ ଧାତୁ = କ୍ରୀଡ଼ା କରିବା +
Kal̲asa ଅଧିକରଣ. ଅ )—

୧ । ଜଳପାତ୍ର; ଘଡ଼ା; ମାଠିଆ; କୁମ୍ଭ—
1. Water-jar; a narrow mouthed waterpot.

[ ଦ୍ର—ତନ୍ତ୍ର ଅନୁସାରେ କଲସର ବ୍ୟାସ ୫୦ ଅଙ୍ଗୁଳ, ଉଚ୍ଚ ୧୬ ଅଙ୍ଗୁଳ ଓ ମୁହଁ ୮ ଅଙ୍ଗୁଳ ହେବା ଉଚିତ ।
ହିନ୍ଦି ଶବ୍ଦସାଗର । ]

୨ । ଦେଉଳର ଗମ୍ବୁଜ ଉପରେ ସ୍ଥାପିତ କୁମ୍ଭାକାର ଅଳଙ୍କାର—
2. A cupola; an ornamental jar set up on the top of the dome of a temple or buillding.

୩ । ମାଙ୍ଗଳିକ କାର୍ଯ୍ୟରେ ସର୍ବାରମ୍ଭରେ ସ୍ଥାପିତ ହୋଇ ପୂଜା ହେବା ପୂର୍ଣ୍ଣ କୁମ୍ଭ—3. A water-jar filled up with water and set up in ceremonies and worshipped first.

୪ । ଦ୍ରୋଣ ବା ୮ ସେର ପରିମାଣ (ହି. ଶବ୍ଦସାଗର)—
4. A unit of measure equal to 8 Seers.

୫ । (ନାମ) ୧୫୮ ଶକାବ୍ଦରେ କାଶ୍ମୀରରେ ରାଜତ୍ୱ କରୁଥିବା ଜଣେ ଅତ୍ୟାଚାରୀ ଓ ପାପୀ ରାଜା—
5. Name of a king of Kashmere.

[ ଦ୍ର—ଏ ଆପଣା ପିତାଙ୍କ ଉପରେ ମଧ୍ୟ ଅତ୍ୟନ୍ତ ଅତ୍ୟାଚାର କରିଥିଲେ ଏବଂ ଆପଣା ଭଗିନୀଙ୍କର ସତୀତ୍ୱ ନଷ୍ଟ କରିବାକୁ କୁଣ୍ଠିତ ହୋଇ ନ ଥିଲେ । ମନ୍ତ୍ରୀମାନେ ଏହାଙ୍କୁ ସିଂହାସନଚ୍ୟୁତ କରି ଏହାଙ୍କ ପିତାଙ୍କୁ ସିଂହାସନରେ ବସାଇ ଥିଲେ । ହି. ଶବ୍ଦସାଗର ]

୬ । କୋହଳ ମୁନିଙ୍କ ମତରେ ନୃତ୍ୟର ପ୍ରକାରଭେଦ (ହି. ଶବ୍ଦସାଗର)—6. A kind of dancing.

ଦେ. ବି. (ବଣିଆ ଶବ୍ଦ) ସୁନା ରୁପାରେ ତିଆରି ଜଳପାତ୍ରବିଶେଷ—
A water-vessel made of gold or other metal.

**କଲସ**—ସଂ. ବି—କଲସ ( ଦେଖ )
Kalasa Kal̲asa ( See )

**କଲସ ଥାପିବା**—ଦେ. କ୍ରି—କଲଶ ବସାଇବା ( ଦେଖ )
Kal̲asa thāpibā Kal̲aśa basāibā ( See )

**କଲସାର୍ଣ୍ଣବ**—ସଂ. ବି—ସମୁଦ୍ର—
Kal̲asārṇṇaba The sea.

**କଲସୀ**—ସଂ. ବି. ( କଲସ + କ୍ଷୁଦ୍ରାର୍ଥରେ ଈ)—କ୍ଷୁଦ୍ର କଲସ—
Kal̲asī A small pitcher.

**କଲସ୍ୱର**—ସଂ. ବି. (ମ. ପ. ଲୋ; କଲ + ସ୍ୱର; କଲ ଯୁକ୍ତ ସ୍ୱର)—
Kal̲aswara ଅବ୍ୟକ୍ତ ମଧୁର ଶବ୍ଦ—
Low musical note.

**କଲହ**—ସଂ. ବି. ( କଲ = ଅବ୍ୟକ୍ତ ମଧୁର ଶବ୍ଦ + ହନ୍ ଧାତୁ = 
Kal̲aha ନାଶ କରିବା + କର୍ତ୍ତୃ. ଅ )—୧ । ବିବାଦ—
1. Dispute; contention.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜୁଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗଁଧା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । କଳି; ଝଗଡ଼ା—2. Quarrel.
୩ । ଯୁଦ୍ଧ—3. Fight; strife.
୪ । ଖଡ୍ଗକୋଷ—4. Sheath of a sword.
୫ । ପଥ—5. Road; way; path.
୬ । ଶଠତା; ଭଣ୍ଡତା—6. Cheating; fraud.

**କଲହକାରୀ**—ସଂ.ବିଣ.ପୁଂ (କଲହ + କୃ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ.) Kalahakārī —କଳିହୁଡ଼ା; କଳହିଆ; ଯେ କଳି କରେ—(କଲହକାରିଣୀ—ସ୍ତ୍ରୀ) Quarrelsome; querulous; fractious.

**କଲହପ୍ରିୟ**—ସଂ. ବିଣ. ପୁଂ ( ବହୁବ୍ରୀହି )—କଲହକାରୀ ( ଦେଖ ) Kalahapriya Kalahakārī ( See ) (କଲହପ୍ରିୟା—ସ୍ତ୍ରୀ)

**କଲହ ଲଗାଇବା**—ଦେ. କ୍ରି—ପ୍ରଥମରୁ କଳି କରିବା; କଲହର ସୂତ୍ରପାତ Kalaha lagāibā କରିବା—To pick up a quarrel; to provoke a quarrel.
ଝଗଡ଼ାଲାଗାନ
ଲଗାଡ଼ନା

**କଲହଂସ**—ସଂ. ବି. ( ମ. ପ. ଲୋ; କଲ=ମଧୁର ଶବ୍ଦ+ହଂସ; କଳ Kalahaṁsa କରୁଥିବା ହଂସ )—
୧ । ରାଜହଂସ—
1. Drake; gander; swan.
୨ । ବ୍ରାହ୍ମଣ—2. A Brāhmaṇa.
୩ । ଉତ୍ତମ ରାଜା—3. A good king.
୪ । ବ୍ରହ୍ମ; ପରମାତ୍ମା—
4. The Brahma; the Divine Soul.
୫ । ସଙ୍କର ରାଗିଣୀବିଶେଷ—
5. Name of a mixed musical strain.
୬ । ପ୍ରତ୍ୟେକ ଚରଣରେ ୧୨ ଓ ମତାନ୍ତରେ ୧୩ ଅକ୍ଷର-ବିଶିଷ୍ଟ ବୃତ୍ତବିଶେଷ—
6. Name of a metre with 12 or 13 syllables to a foot.

**କଲହଂସକେଦାର**—ଦେ. ବି—ଓଡ଼ିଆ ରାଗ ବା ଛନ୍ଦବିଶେଷ—Kalahaṁsakedāra The name of a rhyme in Oriya.
[ ଦ୍ର—ଏଥିରେ ପ୍ରତ୍ୟେକ ପାଦ ଓ ପ୍ରତ୍ୟେକ ପାଦରେ ବାରହି ଲେଖାଏଁ ଅକ୍ଷର ଥାଏ । ଦ୍ୱିତୀୟ ଓ ଚତୁର୍ଥ ପାଦ ବୋଲି ସାରି 'ଯେ' ଧ୍ୱନି ଲଗାଇବାକୁ ହୁଏ, ଏଥିର ସପ୍ତମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଗାଇଲା ବେଳେ ୪ର୍ଥ ପାଦ ଶେଷରେ 'ଯେ' ଲଗାଇ ବୋଲି ସାରି ପୁଣି ୩ୟ ପାଦକୁ ବିନା 'ଯେ'ରେ ଆବୃତ୍ତି କରାଯାଏ । ]
ଯଥା—ଶୁକ ସାରସେ ବେନି ସୁଗରୁଚିର
କାରଣୀର ନିର୍ଜିତ ହିଁରୁକି ବାର ଯେ
ଶୁକ କହୁ ବାରତା ସ୍ୱରୂପ ସ୍ୱର
ସାରୀ ଅଗ୍ରତେ ମୃଦୁଲେହି କରି ଯେ—
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କଲହାନ୍ତ**—ଦେ. ବିଣ (ସଂ. କଲହାନ୍ତରିତା —କଲହାନ୍ତରିତା ( ଦେଖ ) Kalahānta Kalahāntaritā ( See )
କଲହାନ୍ତ ଭାବ ଭାର ଦେଖିଲେକ ସଖୀ ।
ଆଗେ ରହି କହେ ଦୂତୀ ଶୁଣ କେମନ୍ତ ଗୋ—ପ୍ରାଚୀ. ଉପବାହିଁ ।

**କଲହାନ୍ତରିତା**—ସଂ. ବିଣ. ସ୍ତ୍ରୀ. ( କଲହ + ଅନ୍ତର + ଇତ + ଆ )—Kalahāntaritā ନାଟ୍ୟଶାସ୍ତ୍ରୋକ୍ତ ନାୟିକାବିଶେଷ; ନାୟକ ବା ସ୍ୱାମୀ ସହିତ କଲହ କରି ପରେ ଅନୁତପ୍ତା (ନାୟିକା)—A class of heroines in dramatic works; ( a woman ) regretting afterwards after having quarrelled with her husband or sweet-heart.
ପାଷ୍ଟଭାପ ହେଲା ମୋର, ଏବେ କଲହାନ୍ତରିତା ନାମ ଧରକାର ।
ଉପେ. ପ୍ରେମସୁଧାନିଧି ।

**କଳା**—ସଂ. ବି. ସ୍ତ୍ରୀ. (କଳ ଧାତୁ=ଶବ୍ଦ କରିବା + କର୍ମ. ଅ + ସ୍ତ୍ରୀ.ଆ)—Kalā ୧ । ଅଂଶ—1. Part; portion.
( କଳା ଯେ ବହଇ ଷୋଡ଼ଶ, ଅନାଦି ପରମପୁରୁଷ । )
ଜଗନ୍ନାଥ. ମହାଭାରତ ।
୨ । ଚନ୍ଦ୍ରଙ୍କର ଷୋଡ଼ଶ ଭାଗରୁ ଏକଭାଗ; ଚନ୍ଦ୍ରକଳା—
2. A digi or $\frac{1}{16}$ part of the moon's disc; a phase of the moon.
[ ଦ୍ର—ପୁରାଣରେ ଲେଖା ଅଛି ଯେ ଚନ୍ଦ୍ରଙ୍କଠାରେ ଅମୃତ ଅଛି; ଦେବତାମାନେ କୃଷ୍ଣପକ୍ଷରେ ପ୍ରତିଦିନ ଚନ୍ଦ୍ରଙ୍କଠାରୁ ଗୋଟିଏ ଗୋଟିଏ କଳା ଅମୃତ ପାନ କରିବାରୁ ଚନ୍ଦ୍ରଙ୍କର କଳା କ୍ଷୟ ହୁଏ । ଶେଷକଳାକୁ ଅମାବାସ୍ୟା ଦିନ ଜଳ ଓ ଔଷଧିମାନେ ପାନ କରନ୍ତି; ଜଳ ଓ ଔଷଧିକୁ ପଶୁମାନେ ପାନ କରି ଦୁଧ ଦିଅନ୍ତି; ଦୁଧରୁ ଘିଅ ହୁଏ; ଏହି ଘିଅ ପୁଣି ଆହୁତିରୂପେ ଚନ୍ଦ୍ରଙ୍କଠାରେ ପ୍ରବେଶ କରିବାରୁ କ୍ରେ ପୁଣି ଶୁକ୍ଳପକ୍ଷରେ କଳାଏ ଲେଖାଏଁ ବଢ଼ନ୍ତି । ଚନ୍ଦ୍ରଙ୍କର ନିମ୍ନଲିଖିତ କଳାମାନଙ୍କୁ ନିମ୍ନଲିଖିତ ଦେବତାମାନେ କୃଷ୍ଣପ୍ରତିପଦ-ଠାରୁ ଆରମ୍ଭ କରି ଖାଆନ୍ତି । ଯଥା— ୧ । ଅମୃତା—ଅଗ୍ନି; ୨ । ମାନଦା—ସୂର୍ଯ୍ୟ; ୩ । ପୂଷା—ବିଶ୍ୱେଦେବା; ୪ । ପୁଷ୍ଟି—ବରୁଣ; ୫ । ତୁଷ୍ଟି—ବଷଟ୍‌କାର; ୬ । ରତି—ଇନ୍ଦ୍ର; ୭ ଧୃତି—ଦେବର୍ଷିଗଣ; ୮ । ଶଶନୀ—ଅଜ ଏକପାତ୍; ୯ । ଚନ୍ଦ୍ରିକା—ଯମ; ୧୦ । କାନ୍ତି—ବାୟୁ; ୧୧ । ଜ୍ୟୋତ୍ସ୍ନା—ଉମା; ୧୨ । ଶ୍ରୀ—ପିତୃଗଣ; ୧୩ । ପ୍ରୀତି—କୁବେର; ୧୪ । ଅଙ୍ଗଦା—ପଶୁପତି; ୧୫ । ପୂର୍ଣ୍ଣା—ପ୍ରଜାପତି; ୧୬ । ପୂର୍ଣ୍ଣାମୃତା—ଜଳ ଓ ଔଷଧିଗଣ—
ହି. ଶବ୍ଦସାଗର । ]
୩ । ଗୀତ ବାଦ୍ୟ ଆଦି ୬୪ଟି ଶିଳ୍ପବିଦ୍ୟା—
3. The elegant arts; the fine arts, which are 64 in number; dancing etc.
[ଦ୍ର—ସ୍ତ୍ରୀମାନେ ଏ କଳାମାନ ଉତ୍ତମରୂପେ ଜାଣିବା ଉଚିତ । କାମଶାସ୍ତ୍ର ଅନୁସାରେ ୬୪ କଳାର ନାମ:—୧ । ଗୀତ; ୨ । ବାଦ୍ୟ; ୩ । ନୃତ୍ୟ; ୪ । ନାଟକାଭିନୟ; ୫ । ଆଲେଖ୍ୟ ବା ଚିତ୍ରଣ;

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନୃ |

୬ । ବିଶେଷକଚ୍ଛେଦ ବା ଚିତ୍ରାଲେଖା; ୭ । ଚାଉଳ ଓ ଫୁଲରେ ଚିତ୍ର-ରଚନା; ୮ । ପୁଷ୍ପାସ୍ତରଣ; ୯ । ଦଶନବସନାଙ୍ଗରାଗ; ୧୦ । ମଣି-ଭୂମିକା; ୧୧ । ଶଯ୍ୟାରଚନା; ୧୨ । ଉଦକବାଦ୍ୟ (ଜଳତରଙ୍ଗ ବାଦ୍ୟ); ୧୩ । ଉଦକଘାତ (ସୁବାସିତ ଜଳସେଚନ); ୧୪ । ଚିତ୍ର-ଯୋଗ(ବୃଦ୍ଧ,ଯୁବକ ଆଦିଙ୍କ ଅବସ୍ଥା ପରିବର୍ତ୍ତନ କରିବା);୧୫ । ମାଲ୍ୟ-ଗ୍ରଥନ;୧୬ । କେଶଶେଖରାପୀଡ଼ଯୋଜନ (ମୁଣ୍ଡରେ ଫୁଲ ସଜାଇବା); ୧୭ । ନେପଥ୍ୟଯୋଗ ( ଦେଶକାଳପାତ୍ରାନୁସାରେ ବସ୍ତ୍ରଭୂଷଣାଦି ପରିଧାନ); ୧୮ । କର୍ଣ୍ଣପତ୍ରଭଙ୍ଗ ( କାନକୁ ବେଶଦ୍ୱାରା ଶୋଭିତ କରିବା); ୧୯ । ସୁଗନ୍ଧଯୋଜନ; ୨୦ । ଭୂଷଣ; ୨୧ । ଇନ୍ଦ୍ରଜାଲ; ୨୨ । କୌଚୁମାରଯୋଗ (ଅସୁନ୍ଦରକୁ ସୁନ୍ଦର କରିବା); ୨୩ । ହସ୍ତ-ଲାଘବ; ୨୪ । ନାନା ପ୍ରକାରର ଶାକବ୍ୟଞ୍ଜନାଦି ପ୍ରସ୍ତୁତକରଣ; ୨୫ । ପ୍ରପାନକ ପ୍ରସ୍ତୁତକରଣ; ୨୬ । ସୂଚୀକର୍ମ ( ଲୁଗାରେ ନାନା ପ୍ରକାର କାରିଗରି ); ୨୭ । ସୂତ୍ରକର୍ମ; ୨୮ । ପ୍ରହେଳିକା; ୨୯ । ପ୍ରତିମାଳା ବା ଶ୍ଳୋକାନ୍ତ ଆବୃତ୍ତି; ୩୦ । ଦୁର୍ବାଚକଯୋଗ-(କଠିନ ଶବ୍ଦ ବା ବାକ୍ୟର ତାତ୍ପର୍ଯ୍ୟ ବାହାର କରିବା ); ୩୧ । ପୁସ୍ତକ-ବାଚନ; ୩୨ । ନାଟକାଖ୍ୟାୟିକାଦର୍ଶନ; ୩୩ । କାବ୍ୟସମସ୍ୟା-ପୂର୍ତ୍ତି; ୩୪ । ବେତରେ ପଟ୍ଟି ଓ ଖଟରେ ନେବାର୍ ଆଦି ବୁଣିବା; ୩୫ । ତର୍କକର୍ମ; ୩୬ । ବଢ଼େଇକାମ; ୩୭ । ଗୃହନିର୍ମାଣ; ୩୮ । ଧାତୁ ଓ ରତ୍ନପରୀକ୍ଷା; ୩୯ । ଧାତୁବାଦ ( ମିଶ୍ରିତଧାତୁରୁ ଅସଲ ଧାତୁ ପୃଥକ୍ କରିବା ); ୪୦ । ମଣିରାଗଜ୍ଞାନ; ୪୧ । ଖଣିବିଦ୍ୟା; ୪୨ । ବୃକ୍ଷାୟୁର୍ବେଦଯୋଗ; ୪୩ । ମେଷକୁକ୍କୁଟଲାବକଯୁଦ୍ଧବିଧି; ୪୪ । ଶୁକସାରିକାପ୍ରଲାପନ; ୪୫ । ଉତ୍ସାଦନ ବା ସୁଗନ୍ଧ ଲେପନ; ୪୬ । କେଶମାର୍ଜନକୌଶଳ; ୪୭ । ଅକ୍ଷରମୁଷ୍ଟିକାକଥନ; ୪୮ । ମ୍ଲେଚ୍ଛଭାଷାଜ୍ଞାନ; ୪୯ । ଦେଶଭାଷାଜ୍ଞାନ; ୫୦ । ଦୈବି-ଘଟନାରୁ ଭବିଷ୍ୟତ୍ ବିଷୟ ଜାଣିବା; ୫୧ । ଯନ୍ତ୍ରନିର୍ମାଣ; ୫୨ । ଧାରଣ ମାତୃକା; ୫୩ । ଅନ୍ୟର ପଢ଼ିବା ଦେଖି ସେହିପରି ପଢ଼ିଯିବା; ୫୪ । ଅନ୍ୟର ମନ ଅନୁସାରେ କବିତା ରଚନା; ୫୫ । କ୍ରିୟାବିକଳ୍ପ; ୫୬ । ଛଳିତକଯୋଗ; ୫୭ । ଅଭିଧାନକୋଷଛନ୍ଦୋଜ୍ଞାନ; ୫୮ । ବସ୍ତ୍ରଗୋପନ; ୫୯ । ବାଲକ୍ରୀଡ଼ାକର୍ମ; ୬୦ । ଦ୍ୟୂତକ୍ରୀଡ଼ା; ୬୧ । ବିନୟ ଓ ଶିଷ୍ଟାଚାରଜ୍ଞାନ; ୬୨ । ପଶା ଆଦି କ୍ରୀଡ଼ା; ୬୩ । ବୈଜୟିକୀବିଦ୍ୟାଜ୍ଞାନ; ୬୪ । ବୈତାଳିକୀ ବିଦ୍ୟାଜ୍ଞାନ—ହି. ଶବ୍ଦସାଗର । ]

୪ । ଅତି ଅଳ୍ପ ସମୟ; ପ୍ରାୟ ୮ ସେକେଣ୍ଡ; ୩୦ କାଷ୍ଠା — 4. A minute division of time; about 8 seconds.

> କୁସୁମ ଚୁମ୍ବି ମଧୁକର ଉଡ଼ଇ
> କଳା ମାତ୍ରକେ ଆନ ଫୁଲ ଲୋଡ଼ଇ—ଦୀନକୃଷ୍ଣ.ରସକଲ୍ଲୋଳ ।

୫ । (ଗଣିତ) ଏକ କଉଡ଼ାର ୧୬ ଭାଗରୁ ୧ ଭାଗ — $\frac{1}{16}$ part of a cowri(shell-money).

୬ । (ଜ୍ୟୋତିଷ) ରାଶିର ୧୮୦ ଭାଗରୁ ଭାଗେ— 6. (Astronomy) The 180 th part of the Zodiacal sign;ten minutes of a degree.

୭ । ସୁଧ; କଳାନ୍ତର—7. Interest.

୮ । ଚିହ୍ନ—8. Mark.

୯ । କଳନ—9. Estimating; calculating; calculation.

୧୦ । ଜ୍ୟୋତି; ତେଜ—10. Brilliance.

୧୧ । କପଟ; ଛଳ—11. Stratagem.

୧୨ । ବିଭୂତି; ଐଶ୍ୱର୍ଯ୍ୟ— 12. Glory; majesty; wealth.

୧୩ । ସାମର୍ଥ୍ୟ—13. Power.

୧୪ । ଶୌର୍ଯ୍ୟାଦି ଗୁଣ — 14. Good manly qualities.

୧୫ । ନୌକା—Boat.

୧୬ । ସଂଖ୍ୟା—16. Number.

୧୭ । ସ୍ତ୍ରୀରଜଃ—17. The menstrual flux; the generative fluid in woman.

୧୮ । ବିଭୀଷଣଙ୍କ ଜ୍ୟେଷ୍ଠା କନ୍ୟା— 18. The eldest daughter of Bibhīshaṇa.

୧୯ । ମରୀଚି ଋଷିଙ୍କ ପତ୍ନୀ— 19. The wife of sage Marīchi.

୨୦ । ଜଗତରେ ଯେଉଁ ସତ୍ୟ ଓ ସୌନ୍ଦର୍ଯ୍ୟ ନିହିତ ଥାଇ ମଧ୍ୟ ସାଧାରଣ ଦୃଷ୍ଟିରେ ଅଗୋଚର ରହିଅଛି, ତାହାକୁ ନିଜର କଳ୍ପନାଶକ୍ତିରେ ତାଳ ଜଗତ୍ ସମକ୍ଷରେ ପ୍ରକାଶ କରିବାର ଶକ୍ତି— 20. The art of expressing hidden beauties and truths of Nature.

୨୧ । ସୂର୍ଯ୍ୟଙ୍କ ତେଜର ବାରଗୋଟି ଭାଗ ବା ଅଂଶ— 21. One of the twelve parts of the sun's rays.

[ ଦ୍ର—୧୨ ସଂକ୍ରାନ୍ତି ବିଶ୍ୱରରେ ସୂର୍ଯ୍ୟଙ୍କର ୧୨ ନାମ ଅଛି; ଏହି ୧୨ଟି ସୂର୍ଯ୍ୟଙ୍କର ତେଜକୁ କଳା କହନ୍ତି—୧ । ବିବସ୍ୱାନ୍‌ଙ୍କ କଳା ତପିନୀ; ୨ । ଅର୍ଯ୍ୟମା—ତାପିନୀ; ୩ । ପୂଷା—ଧୂମ୍ରା; ୪ । ତ୍ୱଷ୍ଟା — ମରୀଚି; ୫ । ସବିତା— ଜ୍ୱାଳିନୀ; ୬ । ଭଗ — ରୁଚି; ୭ । ଧାତା— ସୁଷୁମ୍ଣା; ୮ । ବିଧାତା— ଭୋଗଦା; ୯ । ବରୁଣ—ବିଶ୍ୱା; ୧୦ । ମିତ୍ର—ବୋଧିନୀ; ୧୧ । ଶୁକ୍ର—ଧାରିଣୀ; ୧୨ । ଉରୁକ୍ରମ— କ୍ଷମା—ହି. ଶବ୍ଦସାଗର । ]

୨୨ । ଅଗ୍ନିମଣ୍ଡଳର ୧୦ ଭାଗରୁ ଏକ ଭାଗ— 22. One of the ten parts of fire.

(ଯଥା—୧ । ଧୂମ୍ରା; ୨ । ଅର୍ଚ୍ଚି; ୩ । ଉଷ୍ମା; ୪ । ଜ୍ୱଳନୀ; ୫ । ଜ୍ୱାଳିନୀ; ୬ । ବିସ୍ଫୁଲିଙ୍ଗିନୀ; ୭ । ଶ୍ରୀ; ୮ । ସୁରୂପା; ୯ କପିଲା; ୧୦ । ହବ୍ୟକବ୍ୟବାହ । )

୨୩ । ଚିକିତ୍ସାଶାସ୍ତ୍ର ଅନୁସାରେ ଶରୀରସ୍ଥ ସାତ ଧାତୁ ମଧ୍ୟରୁ ଏକ—23. One of the component elements of the body.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁ ର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳବତ' ନ ପାଇଲେ 'ଅଳବତ୍' ଦେଖିବେ ।

(ଯଥା—ରକ୍ତ, ମେଦ, ମାଂସ, କଫ, ମୂତ୍ର, ପିତ୍ତ, ବୀର୍ଯ୍ୟ । )

୨୪ । କୌଶଳ—24. Skill.

୨୫ । ଜିହ୍ୱା ( ହି. ଶବ୍ଦସାଗର )—
25. Tongue.

୨୬ । ବର୍ଣ୍ଣ; ଅକ୍ଷର ( ହି. ଶବ୍ଦସାଗର )—
26. Letter.

୨୭ । ଯନ୍ତ୍ର ( ହି. ଶବ୍ଦସାଗର )—
27. Machinery.

ଦେ. ବି. (ସଂ. କାଲ)—୧ । କୃଷ୍ଣବର୍ଣ୍ଣ—
Black colour; dark colour.

କୃତ ଅଙ୍ଗ ଯାହା ଦଶିଲ୍ କଲାମୟେ,
ହର ଶିରେ କଜ୍ଜ୍ୱଲ ମର୍ଣ୍ଣିଲ ପରାୟେ—କୃଷ୍ଣସିଂହ. ମହାଭାରତ-ଅଦ ।

କାଲ, କାଲା ୨ । ଦୀପକଳା—
କାଲା Lamp-black.

୩ । କାଳି; ମସୀ—3. Ink.

୪ । କୃଷ୍ଣାଞ୍ଜନ; କଜ୍ଜଳ; ଆଖିରେ ଦେବାବା କଳା—
4. Collyrium.

୫ । କଳଙ୍କ—5. Taint; scandal.

୬ । କଳାରଙ୍ଗ—6. Black paint.

୭ । କଳାଦାଗ—7. Black spot.

ପ୍ରାଦେ. (ମେଦିନୀ) ବି. ( ତୁଳ. ବ. କଲା )—
୧ । କଦଳୀ—1. Plantain.
୨ । ଅଲକ୍ତ—2. House-black.

ଦେ. ବିଣ.— କୃଷ୍ଣବର୍ଣ୍ଣବିଶିଷ୍ଟ—
Of black colour; dark lack.

**କଲା**—ଦେ. ବିଣ.— ୧ । କୃତ; କରିଥିବା ( କର୍ମ )—
Kalā 1. Done; performed.

ଆପଣାର କଲା କର୍ମ ପରକୁ ଯେ ଦିଏ—ପୀତାମ୍ବର. ନୃସିଂହପୁରାଣ ।

୨ । କରିବା; କରିଥିବା (ବ୍ୟକ୍ତି)—
2. Doer; one who has done.

କଲୁବଲ ପିତାଙ୍କୁ ତୁ ମାରିଲୁ ବଇର—ମହାଦେବ. ମାର୍କଣ୍ଡେୟପୁରାଣ ।

ପ୍ରାଦେ. (ସମ୍ବଲ) ବିଣ.—କଳା; କୃଷ୍ଣବର୍ଣ୍ଣ—Black.

ଦେ. କ୍ରି. (ସଂ. କୃ ଧାତୁ; କରିବା କ୍ରିୟାର ଅତୀତକାଳ ଅସମ୍ମାନ ଅର୍ଥରେ ତୃତୀୟ ପୁରୁଷ ୧ ବଚନ ଅତୀତକାଳର ରୂପ )
ଦେ—(ସେ) କଲା—(He) Did.

**କଲାଇ**—ଦେ. ବି—କିଆରିରୁ କଟା ହୋଇ ବନ୍ଧା ହୋଇଥିବା ଧାନ-
Kalāi ବିଡ଼ା;ଧାନବିଡ଼ା—A sheaf of harvested paddy-
ଆଟୀ; ହାଲା plants.
ଗଣ୍ଡା; ପୁଳା

**କଲାଇ**—ବୈଦେ ( ଆରବୀ କଲଇ.=ସୀସାଧାତୁ ) ବି.—ତମ୍ବାପାତ୍ର
Kalāi ଉପରେ ଟିଣ ତରଳାଇ ଲଗାଇବା—The tinning of
କଳେଇ copper vessels with a layer of molten tin.
କଳାଇ

[ ଦ୍ର—କଲାଇ ଦିଆହୋଇଥିବା ତମ୍ବାପାତ୍ରରେ ଖଟା ଆଦି ଖାଦ୍ୟ ଉତ୍କେଇ ଯାଏ ନାହିଁ ଓ ଶୀଘ୍ର କଳଙ୍କି ପଡ଼େ ନାହିଁ । ]

**କଲା ଇନ୍ଦୀବର**—ଦେ. ବି (ସଂ. କାଲ ଓ ଇନ୍ଦୀବର)—ଗାଢ଼ନୀଳବର୍ଣ୍ଣର
Kalā indībara କଇଁଫୁଲ—Deep-blue lotus.

କାଲି ଯା ଦୂରରୁ ଦେଖି, କଲନା କଲ ମୋ ଆଖି, କଲା ଇନ୍ଦୀବର ଅରତରେ ।
କବିସୂର୍ଯ୍ୟ. ବଳୋଗୋବିନ୍ଦ ।

**କଲାଇ**—ଦେ. ବି. ସ୍ତ୍ରୀ (ସଂ. କାଳୀ )—ଗ୍ରାମଦେବୀବିଶେଷ—
Kalāi Name of a popular Goddess.

**କଲାଏତ୍**—ପ୍ରାଦେ. ( ସମ୍ବଲପୁର ) ବି ( ସଂ. କାଲ+ଚିତ୍ରସର୍ପ )—ବଡ଼
Kalāet କଳାଚିତ୍ର ସାପ—A kind of black snake.

**କଲାକଟ୍‌କଟ୍**—ଦେ. ବିଣ—ଘୋର କୃଷ୍ଣବର୍ଣ୍ଣବିଶିଷ୍ଟ—
Kalākatkat Very black.
କାଲକୁଟେ; କାଲକୁଚକୁଚିୟା
କାଲାକଲୁଟା

**କଲାକନା**—ଦେ. ବି—ଯେଉଁ ଛିଣ୍ଡା କନାରେ ମାଟିର ପାକଖାଦ୍ୟ ପ୍ରଭୃତି
Kalākanā ଘସାମଜା ହୋଇ ଧୁଆ ହୁଏ—The rags with which earthen cooking pots are brushed and washed.

**କଲାକନା ବୁଲେଇଦେବା**—ଦେ. କ୍ରି—(ଲକ୍ଷଣାର୍ଥ) ଗୃହରୁ ଟଙ୍କାଠାରୁ
Kalākanā buleidebā କଣିକ ପର୍ଯ୍ୟନ୍ତ ସବୁ ପଦାର୍ଥ ଚୋରି କରିନେବା; ଗୃହରୁ ସର୍ବସ୍ୱ ହରଣ କରିବା—To take away or steal every article from a house.

**କଲାକର**—ସଂ.ବି. (୬ଷ୍ଠୀ ତତ୍ କଲା=ଚନ୍ଦ୍ରଙ୍କ କଲା+ଆକର=ସ୍ଥାନ;
Kalākara ଆଧାର)—ଚନ୍ଦ୍ର—Moon (having phases).

କ ମୋହନ ଲୀଳା ଧର କୋଟି କଲାକର ଜିଣି ପୂରିଛି ସେ ଶ୍ୟାମ ମୂରତିରେ ।
କବିସୂର୍ଯ୍ୟ. ବଳୋଗୋବିନ୍ଦ ।

**କଲାକହ୍ନା**—ଦେ. ବି.—କଲାକାହ୍ନୁ (ଦେଖ)
Kalākahnā Kalākāhnu (See)

**କଲାକହ୍ନେଇ**—ଦେ. ବି.—କଲାକାହ୍ନୁ (ଦେଖ)
Kalākahnei Kalakāhnu (See)

**କଲାକାଠ**—ଦେ. ବିଣ.—୧ । ଅତି କୃଷ୍ଣବର୍ଣ୍ଣ—
Kalākāth 1. Very black.

୨ । ବିବର୍ଣ୍ଣ—2. Pale.

( ଯଥା, ମୁଁ ଚୋରକୁ ହାତେ ହାତେ ଧରି ପକାଇ ତାକୁ ଧମକାଇବାରୁ ତା ମୁହଁ କଲାକାଠ ପଡ଼ିଗଲା )—
ସୂର୍ଯ୍ୟତାପ ବା ଖରାରେ ଅନେକ ସମୟ ବୁଲାବୁଲି କରିବା ଯୋଗୁଁ ଯାହାର ଶରୀରର ବର୍ଣ୍ଣ କଳା ପଡ଼ିଯାଇ ଥାଏ—(a person) Whose body has become tan or brown by frequent exposure to the sun.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଉ୍ଥ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗିଁ | ଇଅ | ଙ୍ | ଂକ୍ର |

( ଯଥା—ଗୋରାଲୋକେ ଭାରତ ବର୍ଷରେ ୨୦ ବର୍ଷ ରହି ବିଲାତକୁ ଫେରିଲା ବେଳକୁ କଳାକାଠ ହୋଇ ଯାଇ ଥାଆନ୍ତି ।)

**କଳାକାଣୀ**—ଦେ.ବିଣ. ସ୍ତ୍ରୀ.—(ସ୍ତ୍ରୀଲୋକଙ୍କ ପ୍ରତି ପ୍ରଯୁକ୍ତ ଗାଳିବିଶେଷ)—
Kaḻākāni କୁତ୍ସିତା (ସ୍ତ୍ରୀ)—(a term of abuse applied
କାଲମୁଖି to females) Abominable (woman).

**କଳାକାର୍ତ୍ତିକା**—ଦେ. ବି.—ଏକଜାତୀୟ ଶାରଦ ଧାନ—
Kaḻākārttikā A kind of winter-paddy.
ପ୍ରାଦେ. (ଗଡ଼ଜାତ) ବି.—ଅସନ (କାଠ) (ଦେଖ)
Asana (wood) (See)

**କଳାକାଶୁନ୍ଦି**—ଦେ. ବି. ( ସଂ. କାଶମର୍ଦ୍ଦ )—କାଶମର୍ଦ୍ଦ ( ହରେକୃଷ୍ଣ
Kaḻākāśundi ଦ୍ରବ୍ୟଗୁଣ ) (ଦେଖ)
Kāśamardda (See)

**କଳାକାହ୍ନୁ**—ଦେ. ବି. (ସଂ. କାଳ=କଳା+ସଂ. କୃଷ୍ଣ=ପ୍ରା. କାହ୍ନୁ;
Kaḻākāhnu ଏହାଙ୍କ ଦେହ ଶ୍ୟାମଳ ଥିବାରୁ) ଶ୍ରୀକୃଷ୍ଣଙ୍କ ନାମ—
1. A name of Śrikṛushṇa (on account of his dark complexion).
୨ । ଏକ ଜାତୀୟ ଶାରଦ ଧାନ—
2. A kind of winter-paddy.

**କଳାକୁ ଧଳା କରିବା**—ଦେ. ପ୍ରବଚନ—(ଲକ୍ଷଣାର୍ଥ) କୌଣସି ବିଷୟକୁ
Kaḻāku dhaḻā kariba ଉଲ୍ଟାଭାବରେ ବା ବିପରୀତ ଥିବାର ପ୍ରମାଣିତ କରିବା—( figurative ) To prove a thing to be the exact opposite by manipulating evidence.

**କଳାକୁଶଳ**—ସଂ. ବିଣ. ପୁଂ. ( ୭ମୀ ତତ୍; କଳା=କଳାବିଦ୍ୟା+
Kaḻākuśaḻa କୁଶଳ)—ନୃତ୍ୟ ଗୀତାଦି କଳାବିଦ୍ୟାରେ ନିପୁଣ
(କଳାକୁଶଳା—ସ୍ତ୍ରୀ) —Versed in the fine arts; skilled in the elegant arts.

**କଳାକେଚେଣ୍ଡି**—ପ୍ରାଦେ. ( ବାଲେଶ୍ୱର ) ବି—( ଏହାର ବର୍ଣ୍ଣ କଳା
Kaḻākechendi ଥିବାରୁ; ସଂ. କାଳ+କଞ୍ଚୁଲକ ) ଗଉଡ଼ୁଣୀ
ପୋକ—A milliped (black crawling insect).

**କଳାକୋତରା**—ଦେ. ବିଣ. ପୁଂ—କୃଷ୍ଣବର୍ଣ୍ଣ ଓ ଅପରିଷ୍କୃତ ( ପୁରୁଷ ବା
Kaḻākotarā ବସ୍ତୁ )—Dark and dirty ( person or
(କାଳୀକୋତରୀ—ସ୍ତ୍ରୀ) thing.
ଦେ. ବି—କୃଷ୍ଣବର୍ଣ୍ଣର ମଇଳା—Black dirt.

**କଳାକୌଶଳ**—ସଂ. ବି. ( ୭ମୀ ତତ୍; କଳା+କୌଶଳ )—
Kaḻākauśaḻa ନୃତ୍ୟଗୀତାଦି କଳାବିଦ୍ୟାରେ ନୈପୁଣ୍ୟ—
Skill in the elegant arts.

**କଳା ଖୁରଣ୍ଟି**—ପ୍ରାଦେ. ( ପୁରୀ;ଚିଲିକା ଅଞ୍ଚଳ )—ଏକପ୍ରକାର ଚିଲିକା-
Kaḻā khuranṭi ମାଛ—A kind of fish found in the Chilka lake in the Puri district.

[ ଦ୍ର—ଏହା ଦାର୍ଘରେ ଏକ ହାତ ପର୍ଯ୍ୟନ୍ତ ବଢ଼େ; ଏହା କାଉ-ଯୁକ୍ତ ଓ ଏହାର ପିଠି କଳା । ]

**କଳାଗ୍ରତ**—ପ୍ରାଦେ. ( ଜୟପୁର ) ବି. ( ସଂ. କୋଲାଗ୍ରତ )—
Kaḻāgrata ଆଲିଙ୍ଗନ—Embrace.

**କଳା ଘେନିବା**—ଦେ. କ୍ରି. (ସଂ. କାଳ+ଗ୍ରହଣ )—
Kaḻā ghenibā ଆଖିରେ ଅଞ୍ଜନ ବା କଜ୍ଜ୍ୱଳ ଲଗାଇବା—
To paint collyrium on the eyelids.

**କଳାଚାନ୍ଦ**—ଦେ. ବି. ( ସଂ. କାଳ+ଚନ୍ଦ୍ରମା; ଚନ୍ଦ୍ରପରି ଆହ୍ଲାଦକ ଓ
Kaḻāchānda କୃଷ୍ଣବର୍ଣ୍ଣ )—ଶ୍ରୀକୃଷ୍ଣଙ୍କ ନାମ—
କଲାଚାନ୍ଦ A name of Śrikṛushṇa.
**कालाचाँद** କେତେ କହିବୁକି କଳାଚାନ୍ଦ ଲୋ । ବଳଦୁର୍ଯ୍ୟ. ସଙ୍ଗୀତ ।

**କଳାଚିତି**—ଦେ. ବି. ( ସଂ. କାଳ+ଚିହ୍ନ )—୧ । ପାଣିକସ ହେଉଥିବା
Kaḻāchiti ଅବସ୍ଥାରେ ଗାମୁଛାରେ ଦେଖାଯିବା କୃଷ୍ଣବର୍ଣ୍ଣର ମକାମକା
(ଧଳାଚିତି—ବିପରୀତ) ଦାଗ—1. Black spots and patches appearing on napkins while being seasoned in water.
[ ଦ୍ର—ଗାମୁଛାକୁ ପଚାଇବା ପାଇଁ ପାଣି, ଚୋଡ଼ାଣି, ସପୁରରସ, ପଇଡ଼ ପାଣି, ସୋରିଷ ତେଲ ଆଦି ଉପଯୁକ୍ତ ସମୟ ଭିତ୍ତି ବ୍ୟବହାର କରିବାକୁ ହୁଏ । ଯାଗଯୋଗର କିଛି ବ୍ୟତିକ୍ରମ ଘଟିଲେ ( ଯଥା—ଗାମୁଛାରେ କଡ଼ୁଆ ତେଲ ଲାଗିଗଲେ ) ଉକ୍ତ ପାଣିକସ ହେଉଥିବା ଗାମୁଛାରେ ମକାମକା କଳା ଓ ଧଳା ଦାଗ ଦେଖାଯାଏ । ]
୨ । ଏକପ୍ରକାର ଚିତି ସାପ—
2. A kind of snake.

**କଳାଜଟି ଲଇ**—ଦେ. ବି—ଏକ ପ୍ରକାର ବନ୍ୟ ଲତା—
Kaḻājaṭi lai Tiliacora Acuminata (wild creeper).
ତେଲିଆକୋରୁ

**କଳାଜମି**—ଦେ.ବି (ସଂ. କାଳ+ଆ. ଜମିନ୍)୧ । ମୁଗ, ଧାନ, ନଳିତା ଓ
Kaḻājami ଗହ ଆଦି ସବୁପ୍ରକାରଫସଲ ହେବାର ଉପଯୁକ୍ତ ଜମି—
1. Soil fit for paddy and cereals.
୨ । ଯେଉଁ ଜମିରେ ଘର, ବାଡ଼ି ପ୍ରଭୃତି ଥାଏ—
2. Homestead land.

**କଳାଜର**—ଦେ. ବି—କାଳାଜର ( ଦେଖ )
Kaḻājara Kālājara ( See )

**କଳାଜାଇ**—ଦେ. ବି. ( ସଂ. ନାମ ତିଳକାଳକ )—କୌଣସି କୌଣସି
Kaḻājāi ମନୁଷ୍ୟଙ୍କ ଶରୀରରେ ଜନ୍ମକାଳରୁ ଦେଖାଯିବା କୃଷ୍ଣବର୍ଣ୍ଣ
କାଲତିଲ ତିଳାକୃତି ଦାଗ—Black mole appearing on
**कालातिल** certain parts of the body of some people; mother's mark; black stigma.

**କଳାଜାଇ ମଣ୍ଡା**—ଦେ. ବି—ଶରୀରସ୍ଥ ବିସ୍ତୃତ କୃଷ୍ଣବର୍ଣ୍ଣ ଦାଗ; ଦେହରେ
Kaḻājāi maṇḍā ଜନ୍ମରୁ ଥିବା ଚେକାଚେକା କଳା ଦାଗ—
Patches of black mole on the body of some people.

| |
|---|
| ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ଉପରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲବତ୍' ଦେଖିବେ । |

**କଳାଜୀର୍‌**—ଦେ. ବି. ( ସଂ. କାଳ + ଜୀରକ )—
Kalajira ୧ । କ୍ଷୁଦ୍ର ତ୍ରିକୋଣ ମସଲାବିଶେଷ—
ସଂ. ପର୍ଯ୍ୟାୟ—କୃଷ୍ଣଜୀର, ସୁଗନ୍ଧ, ଉଦ୍ଗାରଶୋଧନ 1. Black Cumin seed; Nigella Sativa.
ଛୋଟ କାଲଜୀରା
**କାଲାଜୀରा, मङ्गरैल**
ତେ. ନଲ୍ଲଜିଲ୍ଲକର୍ରା
ମ. କାଲେଜୀରେଂ
ଆ. କମୁନ ଇଜମାମୀ
[ ଦ୍ର—ଏହା ବର୍ଷାଯୁଃ ଶାକବିଶେଷର ମଞ୍ଜି; ଏହାର ନାମ କଳାଜୀର ହେଲେହେଁ ଏହାର ଆକାର ଜୀର ପରି ନୁହେଁ; ଶର୍ଦ୍ଦି ଧରିଲେ ଏହାକୁ କନାରେ ପୁଡ଼ା ବାନ୍ଧି ଶୁଙ୍ଘିଲେ ନାକରୁ ପାଣି ବୋହି ଶର୍ଦ୍ଦି କମିଯାଏ । ଏ ହାଣ୍ଡି-ଫୁଟା ଓ ଗୁଣ୍ଡି ମସଲା ରୂପେ ବ୍ୟବହୃତ ହୁଏ । ଏହା ଚକ୍ଷୁର ହିତକର, ରୁଚିଜନକ, ଉଷ୍ଣବୀର୍ଯ୍ୟ, ସୁଗନ୍ଧ, ମଳସଂଗ୍ରାହକ, କଟୁରସ, ରୁକ୍ଷ, ଅଗ୍ନିଦୀପକ ଓ କଫଘ୍ନ । ଜୀର୍ଣ୍ଣଜ୍ୱର, ଶୋଥ, ଶିରୋରୋଗ ଓ କୁଷ୍ଠ ରୋଗରେ ଏହା ପ୍ରୟୋଗ କରାଯାଏ । ]
ସଂ. ପର୍ଯ୍ୟାୟ—କାରବୀ, ଉପକୁଞ୍ଚିକା, ଉପକୁଞ୍ଚୀ, କାଳାଜାଜୀ, ସୁଷବୀ, କାଳିକା, ଉପକାଳିକା, ପୃଥ୍ୱୀକା, ପୃଥୁ, ପୃଥ୍ୱୀ, କୃଷ୍ଣା, କୁଞ୍ଚୀ, ବୃହଦ୍ଧୀରକ ୨ । ଜୀର ପରି ଆକୃତିବିଶିଷ୍ଟ କଳା ମସଲାବିଶେଷ— 2. Black caraway; Carum Bulbocaltanum
ବଡ଼ କାଲାଜୀରା, ସାଜୀରା
**स्याहजीरा, पर्वतजीरा, मीठाजीरा**
ତେ. ନଲ୍ଲଜୀର
ମ. ସହାଜୀରେ
ଗୁ. ଶାଜୀରୁ
ଫା. ଜୀରେସ୍ୟାହ
[ ଦ୍ର—ଏଥିର ଫଳ ପାନମହୁରୀ ଆକୃତିବିଶିଷ୍ଟ ଓ ସାଧାରଣ ଜୀରଠାରୁ ବଡ଼; ଏହା ଧନ୍ୟାଦି ବର୍ଗର ଶାକବିଶେଷ । କାଶ୍ମୀର ଓ ଆଫଗାନିସ୍ଥାନରେ ଏ ଗଛ ବନ୍ୟ ଅବସ୍ଥାରେ ଦେଖାଯାଏ; ଏଥିର ବୀଜ କଟୁତିକ୍ତରସ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପକ, ବଳକର ଓ ଗର୍ଭାଶୟ ବିଶୋଧକ; ଏହା ଅଜୀର୍ଣ୍ଣ, ବାତଜ ଉଦରାଧ୍ମାନ, ଗୁଳ୍ମ, ରକ୍ତପିତ୍ତ, କୃମି, କଫ, ପିତ୍ତ, ଆମଦୋଷ, ବାତ ଓ ଶୂଳରୋଗନିବାରକ । ]

**କଳାଜୀରି**—ଦେ. ବି. ( ସଂ. କାଳ + ଜୀରକ; ଏହାର ଆକୃତି ଜୀର ପରି ଓ ବର୍ଣ୍ଣ କଳା ଥିବାରୁ )—
Kalajiri
କାଲଜୀରେ ଧାନ ଏକ ପ୍ରକାର କୃଷ୍ଣବର୍ଣ୍ଣ ସୁବାସିତ ସରୁ ଶାରଦ ଧାନ—
**कालाजीरा** Name of a scented fine winter-paddy of black colour.

**କଳାଝିମିରି ଶାଢ଼ୀ**—ଦେ. ବି—ପତଳା କଳା ସୁତାର ଏକ ପ୍ରକାର ଶାଢ଼ୀ—
Kalajhimiri sardhi A kind of thin cloth of black colour worn by women.

**କଳାଝୁଣା**—ଦେ. ବି—ଏକ ପ୍ରକାର ବନ୍ୟ ବୃକ୍ଷ—
Kalajhuna A wild tree; Shorea Tumbaggaia.
**କାଲୁଡୁମର** ( Kirtikar )
**कालाडुमर** [ ଦ୍ର— ପଶ୍ଚିମଭାରତ ଓ ମହୀଶୂରରେ ଏହା ପ୍ରଚୁର ଜନ୍ମେ । ଏହାର ଖୀରରୁ ଅଠା ହୁଏ; କାଠ ସରଳ ଓ ସାଉଁଳିଆ ଏବଂ ଶାଳୁଆ କାଠଠାରୁ ଶକ୍ତ । ଏହାର ପତ୍ର ଅଣ୍ଡାକାର । ଏହାର ଅଠା କେତେକ ରୋଗରେ ମଲମ ରୂପେ ବ୍ୟବହୃତ ହୁଏ । ]
ଗୁ. କାଲୋଡ଼ାମାର
ତା. କାଗ୍‌ପୁଡ଼ାମର
ତେ. ନାଲ୍ଲାଡ଼ାମର୍;
ନଲ୍ଲାସୋଜାନ୍

**କଳାତୁଳସୀ**—ଦେ. ବି. ( ସଂ. କାଳ + ତୁଳସୀ )—କୃଷ୍ଣଦଳବିଶିଷ୍ଟ
Kalatulasi ତୁଳସୀ ବୃକ୍ଷ ଓ ତାହାର ଦଳ ବା ପତ୍ର ( ତୁଳସୀ ଦେଖ )—Holy Basil with black leaves; Ocymum Sanctum.
ସଂ. ପର୍ଯ୍ୟାୟ—ଅର୍ଜକ; କୃଷ୍ଣତୁଳସୀ; ମଞ୍ଜକ; ଭୂରଭୀ; ତୁଲକ; ଦବ୍ୟା; କୃଷ୍ଣମୂଳ
ତୁଳସୀ; କାଲତୁଲସୀ
**कालातुलसी; तुलसीबरवाडा; बरवाडा**
ତେ. ତୁଲସୀ; ଗଗେଗରଚେଟ୍ଟୁ
ଗୁ. ତୁଲସୀ
ମ. ତୁଲସୀ, ତୁଲସ
ଫା. ରେହାନ୍
ଆ. ରିଲ୍‌ସୀବଦ୍‌ରୁଜ୍
[ ଦ୍ର—ଏ ଗୁଳ୍ମକୁ ହିନ୍ଦୁମାନେ ବଗିଚାରେ ଓ ତୁଳସୀଚଉରାରେ ଲଗାନ୍ତି । ଏଥିର ପତ୍ରରେ ବିଷ୍ଣୁଙ୍କର ପୂଜା ହୁଏ । ଏହାର ଫୁଲ ଅରକ୍ତ, ଡାଙ୍ଗ କୃଷ୍ଣରକ୍ତ ଓ ପତ୍ର ସୁଗନ୍ଧ । ଏଥିର ଫୁଲମାନ ଗୋଟିଏ ଡାଙ୍ଗରେ ଲାଗିଥାଏ, ଫୁଲଲଗା ବୃନ୍ତକୁ ଜଠା କହନ୍ତି । ଏଥିର ପତ୍ର ମଧ୍ୟ ଔଷଧରେ ଲାଗେ । ଧଳା ତୁଳସୀର ପତ୍ର, ଡାଙ୍ଗ ଓ ଫୁଲ ସାଗୁଆବର୍ଣ୍ଣ । ]

**କଳାଦ**—ସଂ. ବି. ( କଳା = ଅଂଶ + ଅଦ୍ ଧାତୁ = ଗ୍ରହଣ କରିବା + କର୍ତ୍ତୃ. ଅ )—ସ୍ୱର୍ଣ୍ଣକାର; ସୁନାରି ବଣିଆ—
Kalada Goldsmith; silversmith.

**କଳାଦାନା**—ଦେ. ବି—ଔଷଧରେ ବ୍ୟବହୃତ ଏକପ୍ରକାର କଳା ବୀଜ—
Kaladana Pharbitis Nil; the seeds of the creeper Ipomœa Hederacea.
ସଂ. ପର୍ଯ୍ୟାୟ—ଶ୍ୟାମଳବୀଜ, ଶ୍ୟାମବୀଜ; ସୁମେଚକ
କାଲାଦାନା
**कालादाना**
ଆ. ହବ୍ବୁଲ୍‌ନିଲ୍
[ ଦ୍ର—ଏହା ରେଚକ ଏବଂ ଶୋଥ, ଉଦରୀ, ଜ୍ୱର, ମଳବଦ୍ଧତା, ଶିରୋରୋଗ, ଉଦାବର୍ତ୍ତ ଓ ଆନାହ ରୋଗରେ ହିତକର; ଏ ଲତା ନୀଳ କଳମ୍ବୀ ଆଦି ବର୍ଗର ବର୍ଷାଯୁଃ ଶାକ । ଏହାର କାଣ୍ଡ ଲୋମଶ, ଏହାର ଫୁଲ ଝଡ଼ି ପଡ଼ିଲେ ତହିଁର ଭିତ୍ତିରୁ କଳାକଳା ଦାନା ବାହାରେ । ଏ ଲତାର ଅଠା ମଧ୍ୟ ଔଷଧରେ ଲାଗେ । ]

**କଳାଧର**—ସଂ. ବି. ( ଉପପଦସମାସ; କଳା + ଧର )—
Kaladhara କଳାକର (ଦେଖ )—Kalakara ( See )

**କଳାଧାତୁରା**—ଦେ. ବି. ( ସଂ. କାଳ + ଧୂସ୍ତୂର )—ବାଇଗଣୀ ରଙ୍ଗର
Kaladhatura ଫୁଲ ଓ କଳା ଡେମ୍ଫବିଶିଷ୍ଟ ଧାତୁରା ଗୁଳ୍ମ
**कालधुतुरा** (ଧାତୁରା ଦେଖ)—The violet-flowered variety
**कालाधतूरा** of Thorn-apple plant; Datura Fastuasa.

**କଳାଧାର**—ସଂ. ବି. (ଷଷ୍ଠୀ ତତ୍; କଳା + ଆଧାର)—କଳାକର (ଦେଖ)
Kaladhara Kalakara ( See )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଖ୍ୟ | ଇଅ | ଔ | ନ୍ହ |

**କଲା ନାଇବା**—ଗ୍ରା. ( ଇତର ) କ୍ରି—କଲା ଘେନିବା ( ଦେଖ )
Kala naiba — Kala ghenibā ( See )

**କଲାନାଗ**—ଦେ. ବି. ପୁଂ. ( ସଂ. କାଳନାଗ )—
Kalānāga ୧ । କାଳସ୍ୱ ସର୍ପ; ଅଭିଗ୍ରବିଷଧର କୃଷ୍ଣବର୍ଣ୍ଣ ସର୍ପବିଶେଷ—1. A very poisonous cobra of dark colour.
**କାଳନାଗ**
**କାଲାନାଗ**
(କଲାନାଗୁଣୀ—ସ୍ତ୍ରୀ)

ଫଳକାର ନୋହି କଲାନାଗଙ୍କୁ ଗୁଳନ୍ତୁ ରେ
କବିସୂର୍ଯ୍ୟ—ଯଶୋଧରଚନ୍ଦ୍ରୋଦୟଚମ୍ପୂ ସଙ୍ଗୀତ ।

୨ । ( ଲକ୍ଷଣାର୍ଥ ) ଅତି କ୍ରୋଧୀ ବ୍ୟକ୍ତି—
2. ( figurative ) A very furious person.

୩ । ( ଲକ୍ଷଣାର୍ଥ ) ମୁଖର ବ୍ୟକ୍ତି—
3. ( figurative ) A very foul-tongued person.

୪ । ( ଲକ୍ଷଣାର୍ଥ ) ଖଳ ବ୍ୟକ୍ତି; ଦୁର୍ଜନ—
4. ( figurative ) A wicked person.

**କଲାନାଗବଲ୍ଲୀ**—ଦେ. ବି. ( ସଂ. କଳଙ୍କ ?+ନାଗବଲ୍ଲୀ )—କଳଙ୍କ ପାନ; ପାନ୍ଥକଢ଼ା ପାନ; ପାନ୍ଥରେ ଥିବା ଉଚ୍ଛିଷ୍ଟ ତାମ୍ବୁଳ—Betel which has been partly chewed by a person.
Kalānāgaballi

ଭୃଙ୍ଗମୋହନ କରନ୍ତି ସୁଖ ସଖି ଡକାଇଛ ସଙ୍ଗୁ ଲଙ୍ଘୁ
ଲଳନା ରଚନ କଳଙ୍କ ନ ପଡ଼େ କଲାନାଗବଲ୍ଲୀ ଗେଲେ ମାସୁ ।
କବିସୂର୍ଯ୍ୟ—ସଙ୍ଗୀତ ।

**କଲାନାଥ**—ସଂ. ବି. ( ୬ଷ୍ଠୀ ତତ୍; କଲା+ନାଥ )—କଲାକର (ଦେଖ)
Kalānātha — Kalākara ( See )

**କଲାନିଧି**—ସଂ. ବି (୬ଷ୍ଠୀ ତତ୍; କଲା+ନିଧି)—କଲାକର (ଦେଖ)—
Kalānidhi — Kalākara (See)

**କଲାନିଧିବହନ**—ସଂ. ବି (ଉପପଦ ସମାସ; କଲାନିଧିଙ୍କୁ ମସ୍ତକରେ ବହନ କରେ ଯେ)—ଶିବ; ମହାଦେବ—Siba.
Kalānidhibahana

**କଲାନିଧିବହନବଲାପହ**—ସଂ. ବି (ଉପପଦ ଓ ୬ଷ୍ଠୀ ତତ୍; କଲାନିଧି +ବହନ+ବଲାପହ )—(ଶିବଶତ୍ରୁ) ମଦନ; କାମଦେବ—Cupid.
Kalānidhibahanabalāpaha

କଲାନିଧି ବହନ ବଲାପହ ବଦନ ପଳାଇ ଅନରେ । କବିସୂର୍ଯ୍ୟ—ସଙ୍ଗୀତ ।

**କଲାନ୍ତ**—ଗ୍ରା. ( ପ୍ରାଚୀନ ପଦ୍ୟ ) ବିଣ—କ୍ଲାନ୍ତ; ହାଲିଆ—
Kalānta — Tired; fatigued.

କାନ୍ତ କଲାନ୍ତ ନ ଅବା ଯେଣୁ
ପଥେପଥେ ମିଳଗଲେ ତେଣୁ । ପ୍ରାଚୀ· ରସବାରିଧି ।

**କଲାନ୍ତର**—ସଂ. ବି. ( କଲା+ଅନ୍ତର )—ସୁଧ; କଳନ୍ତର—
Kalāntara — Interest on money lent.

**କଲାପ**—ସଂ. ବି. (କଲା=ଶୋଭା+ଆପ୍ ଧାତୁ=ପାଇବା+କର୍ତ୍ତୃ. ଅ)
Kalāpa —୧ । ମେଖଳା; କାଞ୍ଚୀ; ତେଲଙ୍ଗୀ ସ୍ତ୍ରୀଲୋକମାନେ ଅଣ୍ଟାରେ ପିନ୍ଧିବା ଘୁଙ୍ଗୁରଲଗା ପଟି; ଓଡ଼ିଆଣୀ—
1. A tinkling zone; a band of small bells worn by Telugu women round the waist.

୨ । ମୟୂରପୁଚ୍ଛ—2. Peacock's tail.

୩ । ସମୂହ; ରାଶି—3. Assemblage; collection; mass; multitude.

୪ । ଗୋଛା; ବିଡ଼ା—4. Bundle.

୫ । ତୂଣୀର; ଶରମୁଣା—5. Quiver.

୬ । ଶର; ବାଣ—6. Arrow.

୭ । ଚନ୍ଦ୍ର—7. The moon.

୮ । ରସିକ ବା ଚତୁର ବ୍ୟକ୍ତି—
8. A clever man; a gallant.

୯ । ଧନୁ—9. Bow.

୧୦ । ଅର୍ଦ୍ଧଚନ୍ଦ୍ରାକାର ଅସ୍ତ୍ରବିଶେଷ—
10. A crescent-shaped offensive weapon.

୧୧ । ସଂସ୍କୃତ ବ୍ୟାକରଣ ଗ୍ରନ୍ଥବିଶେଷ—
11. Title of a well known Sanskrit grammar.

୧୨ । ଗ୍ରାମବିଶେଷ—12. Name of a village.

୧୩ । ଭୂଷଣ; ଅଳଙ୍କାର—13. Ornament.

ଦେବଶାପରୋଷ୍ଟ ଦାମ୍ପିଣୀ ଭୁ ମୋର ଅନ୍ତର ଶିରକଲାପ ।
ଭକ୍ତ· ପ୍ରେମସୁଧାନିଧି ।

**କଲାପକ**—ସଂ. ବି. (କଲାପ+ସ୍ୱାର୍ଥେ. କ)—୧ । ମିଳିତ ଗୁଚ୍ଛଗୋଷ୍ଠ ଶ୍ଳୋକ—1. A series of four stanzas of ślokas continuing one sense.
Kalāpaka

୨ । ହସ୍ତିକଣ୍ଠବନ୍ଧନ ରଜ୍ଜୁ—2. A rope tied round the neck of an elephant.

୩ । ସମୂହ—
3. Collection; assemblage; multitude.

୪ । ରତ୍ନମାଳା—4. A string of pearls.

୫ । କଲାପ (ଦେଖ)
5. Kalāpa (See)

**କଲାପଖିଆ**—ଦେ. ବି. ( ସଂ. କାଳ+ପକ୍ଷ )—
Kalāpakhiā — ଏକ ପ୍ରକାର ବଡ଼ ଶାରଦ ଧାନ—
A species of coarse winter-paddy.

**କଲାପଟା**—ଦେ. ବି. ( ସଂ. କାଳ+ପଟ୍ଟ )—
Kalāpaṭā — ସ୍କୁଲମାନଙ୍କରେ ଅଙ୍କ ଆଦି ଲେଖି ଛାତ୍ରମାନଙ୍କୁ ବୁଝାଇବା ପାଇଁ ବ୍ୟବହୃତ କଳାରଙ୍ଗ ବୋଳା ହୋଇଥିବା ପଟା; ବ୍ଲାକ୍‌ବୋର୍ଡ—
Black-board.
**କାଳବୋର୍ଡ**
**କାଳୀପଟରୀ;**
**କାଲାତଖତା**

**କଲାପର୍ବତ**—ଦେ. ବି—୧ । କଲାପାହାଡ଼ ( ଦେଖ )
Kalāparbata — 1. Kalāpahārda (See)

ସେ ବର୍ମ କହୁଛନ୍ତି ସତ୍ତ୍ୱ, କଲାପର୍ବତ ନାମ ବହୁ ।
ଉପେନ୍ଦ୍ର—ପ୍ରେମପାରାମୃତ ।

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ନୀଳାଚଳ; ଶ୍ରୀକ୍ଷେତ୍ର; ପୁରୁଷୋତ୍ତମ କ୍ଷେତ୍ର—
2. A name of the sacred place of Puri.
କଳାପଙ୍କତ ନାୟକ ନଡ୍ୟକୃତ୍ୟରେ ପରବେଶ । ବାନକୃଷ୍ଣ. ରସକଲ୍ଲୋଳ ।

**କଳାପାଣି**— ଦେ. ବି. ( ହି. କାଲ + ପାନୀସ୍ଥ ) —୧ । କୃଷ୍ଣବର୍ଣ୍ଣ ଜଳୀୟ
Kal̲āpāṇi ପଦାର୍ଥ—1. Black liquid.
कालापानि ଛି ! ଛି ! ଛି ! ଖାଇବ କି ହୁଁଲେ କଳାପାଣି ପର ଦଶେ ।
**कालापानी** ଏ କଳାପାଣିକୁ ମୁଁ ଦେଏ ପକ୍କାଲେ ଚଉଦଭୁବନ ଦଶେ ।
ଡାକ୍ତପିଆ ଘୁମୁରା ଗୀତ ।
୨ । ଉପକୂଳଠାରୁ ଦୂରରେ ଥିବା ସମୁଦ୍ରର ଗଭୀର ଅଂଶ; ମଝିଦରିଆ ( ଏହା ଗଭୀରତା ଯୋଗୁଁ କଳା ଦେଖାଯିବାରୁ )—2. Deep ocean; mid-ocean.
୩ । ଆଣ୍ଡାମାନ୍, ନିକୋବର ଆଦି ଦ୍ୱୀପପୁଞ୍ଜ—
3. The Andamans (archipelago).
[ ଦ୍ର—ଆଣ୍ଡାମାନ୍ ଦ୍ୱୀପପୁଞ୍ଜର ଚାରିପାଖେ ଥିବା ଜଳ ଅତି ଗଭୀର ଥିବାରୁ ପାଣି କଳା ଦେଖାଯାଏ; ଏଥିପାଇଁ ଏହି ନାମ । ]
୪ । ଗୁରୁତର ଅପରାଧୀଙ୍କ ପ୍ରତି ପ୍ରଦତ୍ତ ଆଣ୍ଡାମାନ୍‌କୁ ପଠାଯିବାରୂପ ଦ୍ୱୀପାନ୍ତର ଦଣ୍ଡ—4. Exile or transportation to the Andamans (awarded as a punishment in India.
[ ଦ୍ର—ଇଂରାଜଙ୍କର ଭାରତବର୍ଷ ଅଧିକାର କରିବା କାଳରୁ ଦ୍ୱୀପାନ୍ତରଦଣ୍ଡରେ ଦଣ୍ଡିତ ଅପରାଧୀଙ୍କୁ ଆଣ୍ଡାମାନ୍‌କୁ ପଠାଯାଏ । ]

**କଳାପାଣିପାର୍**— ଦେ. ବି— ଦ୍ୱୀପାନ୍ତର ଦଣ୍ଡ—
Kal̲āpāṇipār Transportation as a punishment to a criminal.
कालापानिपार
**कालापानीपार** ଦେ. ବିଣ— ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ—
Transported; exiled.

**କଳାପାତି**— ଦେ. ବି (ସଂ. କାଳ + ପାତ୍ର)—୧ । କଜଳପାତି ଚଢ଼େଇ—
Kal̲āpāti 1. A species of black bird; the black Drongo.
୨ । କଜ୍ଜଳ ବା ନେତ୍ରାଞ୍ଜନ ରଖିବାର ଆଧାର; କଜଳପାତି—
2. A receptacle for storing collyrium.
ଦେଦେ. ବି ( ପର୍ତ୍ତୁଗୀଜ୍. କଲଫେଟରୁ—ହି. ଶବ୍ଦସାଗର)—
कालापाति ଜାହାଜ ବା ନୌକାର ପଟାମାନଙ୍କ ସନ୍ଧିରେ ବା
**कलापटी** ଫାଟରେ ପିଚୁ ବା ପୁଟିନ୍ ବା ତରଳା ଝୁଣା ବା ଅସ୍ତା ନାଡ଼େଇ ଫାଟ ବନ୍ଦ କରିବା କର୍ମ—Caulking; stopping up the seams of ships and boats.

**କଳାପାହାଡ଼**— ଦେ. ବି (ନାମ)— ବଙ୍ଗ ସୁଲତାନଙ୍କ ସେନାପତି—
Kal̲āpāhāṛḍa
कालापाहाड़ [ ଦ୍ର—ଏ ଜନ୍ମତଃ ହିନ୍ଦୁ ଥିଲେ । ପରେ ବଙ୍ଗ
**कालापहाड** ନବାବଙ୍କ କନ୍ୟାର ପ୍ରେମରେ ପଡ଼ି ମୁସଲମାନ ଧର୍ମରେ ଦୀକ୍ଷିତ ହେଲେ, ତତ୍ପରେ ହିନ୍ଦୁଧର୍ମ ଓ ଦେବଦେବୀଙ୍କର ଅବମାନନା କରିବା ଏହାଙ୍କ ଜୀବନର ବ୍ରତ ହେଲା । ବଙ୍ଗ ନବାବ ( ଦାଉଦ୍ ) ଉତ୍କଳରେ ଅନ୍ତର୍ବିବାଦର ସୁଯୋଗ ପାଇ ଉତ୍କଳ ଅଧିକାର କରିବା ସକାଶେ ଏହାଙ୍କୁ ପଠାଇଥିଲେ । ଏ ୧୫୬୮ ଖ୍ରୀଷ୍ଟାବ୍ଦରେ ଯାଜପୁର ଅବରୋଧ କରି ତାହା ଅଧିକାର କଲେ । ସେଠାରୁ କଟକ ଆସି ବାରବାଟୀ ଦୁର୍ଗ ଅବରୋଧ କଲେ । ତାହା ଅଧିକାର କରି ସାରି ଉତ୍କଳବିଜୟ ସଂପୂର୍ଣ୍ଣ କରିବା ସକାଶେ ଏ ଭୁବନେଶ୍ୱର ଓ ପୁରୀ ଆକ୍ରମଣ କଲେ ଓ ଭୁବନେଶ୍ୱରରେ ବହୁ ମନ୍ଦିର ଓ ପ୍ରତିମୂର୍ତ୍ତି ଭାଙ୍ଗି ଦେଲେ । ପୁରୀର ପଣ୍ଡାମାନେ ଏହାଙ୍କ ପାଶବିକ ଅତ୍ୟାଚାରର ସଂବାଦ ପାଇ ଶ୍ରୀଜଗନ୍ନାଥଦେବଙ୍କୁ ଚିଲିକା ମଧ୍ୟସ୍ଥ ପାରିକୁଦରେ ଲୁଚାଇ ରଖିଲେ । କଳାପାହାଡ଼ ପୁରୀରେ ବହୁବିଧ ଅତ୍ୟାଚାର କରି ସାରି ଜଗନ୍ନାଥଙ୍କ ଅନ୍ୱେଷଣରେ ଗଲେ । ସେ କୌଣସିମତେ ଶ୍ରୀବିଗ୍ରହଙ୍କୁ ପାଇ ମହା ଉଲ୍ଲାସରେ ତାହାଙ୍କୁ ଗଙ୍ଗାକୂଳକୁ ନେଇ ସେଠାରେ ଜ୍ୱଳନ୍ତ ଚିତାରେ ନିକ୍ଷେପ କଲେ । ଏତିକରେ ଶାନ୍ତ ନ ହୋଇ କଳାପାହାଡ଼ ପୁଣି କୋଣାର୍କ ଯାତ୍ରା କରି ମନ୍ଦିରର ଦେବଦେବୀ ଓ ରାମଚଣ୍ଡୀ ମନ୍ଦିର ପ୍ରଭୃତି ଭାଙ୍ଗି ଛାରଖାର କରି ଦେଇଥିଲେ । ଏ ଉତ୍କଳର ଯେ ଅନିଷ୍ଟ ସାଧନ କରିଅଛନ୍ତି ତାହା କାଳେ କାଳେ ପୂରଣ ହୋଇ ପାରିବ ନାହିଁ । କଳାପାହାଡ଼ଙ୍କ ବିଷୟ ଓଡ଼ିଶାର ଜନମୁଖରେ ଏପର୍ଯ୍ୟନ୍ତ ପ୍ରବାଦରୂପେ ରହିଅଛି— ଅଇଲା କଳାପାହଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳରେ ହେଡ଼ା ପରଶିଲେ ମୁକୁନ୍ଦଦେବଙ୍କ ରାଣୀ । ସେ ସମୟରେ ମୁକୁନ୍ଦଦେବ ନାମରେ ଜଣେ ରାଜା ଓଡ଼ିଶାରେ ରାଜପଣ କରୁଥିଲେ । ଏ ମଧ ବଙ୍ଗଦେଶର ଅନେକ ଦେବମନ୍ଦିର ଓ ଦେବଦେବୀଙ୍କୁ ନଷ୍ଟ କରିଥିଲେ । କୃପାସିନ୍ଧୁ-ଇତିହାସ । ]

**କଳାପାହାଡ଼ିଆସଂସ୍କାର**—( କଳାପାହଡ଼ ମନ୍ଦିର ଦେବଦେବୀଙ୍କୁ ଭାଙ୍ଗି
Kal̲āpāhāṛḍiāsmskāra ପକାଇ ଥିବାର ଭାବକୁ ଲକ୍ଷ୍ୟ କରି)
कालापाहाड़ीसंस्कार କୌଣସି ଉଗ୍ର ସଂସ୍କାର; ପୁରାତନ ରୀତିନୀତିକୁ ସମ୍ପୂର୍ଣ୍ଣରୂପେ ଭାଙ୍ଗି ଯେଉଁ ସମାଜ ସଂସ୍କାର କରାଯାଏ—
Any drastic reform.

**କଳାପିଠିଆ**— ଦେ. ବି— କଳାବେଠିଆ ( ଦେଖ ) —
Kal̲āpiṭhiā Kal̲ābeṭhiā (See)

**କଳାପୀ**— ସଂ. ବିଣ. ପୁଂ (କଳାପ + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ)—
Kal̲āpī ୧ । ମାୟାବୀ—1. Illusive; deceptive.
(କଳାପିନୀ—ସ୍ତ୍ରୀ) ୨ । କପଟୀ—2. Hypocritical.
୩ । ଷଡ଼ଯନ୍ତ୍ରକାରୀ—
3. Plotting; hatching plots.
ସଂ. ବି. ପୁଂ—୧ । ମୟୂର—1. Peacock.
୨ । ( କଲ = ମଧୁରଧ୍ୱନି + ଆପ ଧାତୁ = ପାଇବା + କର୍ତ୍ତୃ. ଇନ୍; ୧ମା. ୧ବ.)—କୋକିଳ—2. Cuckoo.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ଈ୍ୟ | ଡ଼ଥ | ଢ |
| ୨ | ଈ | ଊ | ଚ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ୍ | ସ | ଗ୍ୟ | ଇଥ | ଢ଼ | ନ୍ତ |

**କଳାବଇଁଶି**—ଦେ. ବ—କଳାବାଇଁଶି ( ଦେଖ )—
Kalabainsi — Kalabainsi ( See )

**କଳାବଙ୍ଗଳା**—ଦେ. ବ. ( ପାନବରଜୀଙ୍କ ଭାଷା )—ଏକ ଜାତୀୟ ଗାଢ଼-
Kalabangala — ସବୁଜ ବର୍ଣ୍ଣର ପାନ—
A kind of deep-green betel-leaf.
[ ଦ୍ର—ଏ ପାନର ବର୍ଣ୍ଣ ଗାଢ଼ ସବୁଜ । ଏଥିର ମଝିରେ ଛିପିଛିପି ଧଳା ଦାଗ ଥାଏ । ସମ୍ଭବତଃ ଏ ପାନ ବଙ୍ଗଦେଶରୁ ଓଡ଼ିଶାରେ ପ୍ରବର୍ତ୍ତିତ ହୋଇଥିଲା । ]

**କଳାବଣି**—ଦେ. ବ—ବୃକ୍ଷବିଶେଷ—A kind of tree; Avicennia
Kalabani — Officinalis (Haines).
[ ଦ୍ର—ଏ ଗଛ ବଣ୍ଟା, ଏହାର ଫୁଲ ହଳଦିଆ ଓ ଫଳ ଗାଢ଼-ନୀଳ । ମହାନଦୀମୁହାଣର ତ୍ରିକୋଣଭୂମି ଉପରେ ଓ ସନ୍ନିକଟସ୍ଥ ସ୍ଥାନମାନଙ୍କରେ ଏହା ଜନ୍ମେ । ]

**କଳାବତୀ**—ସଂ. ବିଣ. ସ୍ତ୍ରୀ. ( କଳାବତ୍+ସ୍ତ୍ରୀ. ଈ )—
Kalabati — ୧ । କଳାବିଦ୍ୟାରେ କୁଶଳା ( ସ୍ତ୍ରୀ )—
1. ( a female ) Versed in the fine arts.
ସୁକୁମାର କଳା ସଙ୍ଗେ ଶସ୍ତ୍ରବିଦ୍ୟା ଶିଖିଥିଲା କଳାବତୀ ।
ରାଧାନାଥ, ଯଯାତି ।
୨ । ରସିକା; ଛଇଳୀ—
2. Jovial; amorous; witty (female).
୩ । ତୁମ୍ବୁରୁ ଗନ୍ଧର୍ବଙ୍କ ବୀଣା—
3. Name of the harp of Tumburu Gandharba.
୪ । ଲକ୍ଷଣଯୁକ୍ତା (ସ୍ତ୍ରୀ); ସୁଲକ୍ଷଣା—
4. Very graceful or charming ( woman ).
୫ । ( ନାମ ) କାନ୍ୟକୁବ୍ଜ ରାଜକନ୍ୟା ରାଜା ବୃଷଭାନୁଙ୍କ ପତ୍ନୀ ( ଏହାଙ୍କ ଗର୍ଭରେ ରାଧିକା ଜନ୍ମ ଗ୍ରହଣ କରିଥିଲେ )—
5. Name of the wife of king Brushabhanu and mother of Radhika.
ଦେ. ବ. ସ୍ତ୍ରୀ—୧ । ବେଶ୍ୟା—1. A prostitute.
୨ । ନର୍ତ୍ତକୀ—2. A dancing girl.
( ଅର୍ବାଚୀନ—'ମାଷ୍ଟରବାବୁ' ନାଟକ । )
୩ । ନୀଳଶାଢ଼ୀ—3. Blue cloth for female wear.
୪ । ଜଣେ ଅପ୍ସରା (ନାମ)—
4. Name of a heavenly nymph.
ବାସବଙ୍ଗୀରେ ଅଇଲକ; ବଚନ କଳାବତୀ ଯେଉଁ ।
ଭକ୍ତ—ବୈଦେହୀଶବିଳାସ ।

**କଳାବତୁ**—ବୈଦେ. ବ. ( ତୁର୍କୀ. କଲାବତୂନ୍; ସଂ. କଳା+ବୃତ୍ତ; କଳଦ୍ୱାସ ଗୁଡ଼ିଆ ହୋଇଥିବାରୁ )—ରେଶମ ସୂତା ସହିତ କଳଦ୍ୱାରା ଗୁଡ଼ିଆ ହୋଇଥିବା ସୁନା ରୁପାର ଖୁବ୍ ବାରିକ୍ ସୂତା—Silken thread twisted along with very slender gold or silver threads by machine.
Kalabatu
କଳାବତୁ
କଲାବତ୍ତୂ

**କଳାବଦାଲିଆ**—ପ୍ରାଦେ. (ଗଡ଼ଜାତ) ବ—ଦୁରେଇ କୋଲି (ଦେଖ)
Kalabadalia — Durei koli ( See )

**କଳାବନ୍ତ**—ଦେ. ବିଣ. ପୁଂ. ( ସଂ କଳାବତ୍; ତୁଳ. ହି. କାଲୱାନ୍ତ =ସଙ୍ଗୀତ ବିଦ୍ୟାରେ ନିପୁଣ ବ୍ୟକ୍ତି )—
Kalabanta
କଳାବନ୍ତ — ୧ । କଳାବିଦ୍ୟାକୁଶଳ—
କଲାବନ୍ତ — 1. Versed or cultured in the elegant arts.
୨ । ରସିକ—2. Gallant; witty; amorous.
୩ । ଶ୍ରୀମାନ୍; ଶ୍ରୀବନ୍ତ—
3. Fortunate; lucky.
୪ । ବିଶେଷ ଶୁଭ ଲକ୍ଷଣଯୁକ୍ତ—
4. Beautiful; having auspicious signs on the body.
୫ । ସଙ୍ଗୀତକୁଶଳ—5. Expert in music.
୬ । ଶିଳ୍ପନିପୁଣ—
6. Artistic; skilled in any art.

**କଳବାଇଁଶି**—ଦେ.ବ (ସଂ. କୁଳଶ ମତ୍ସ୍ୟ; କିମ୍ବା ସଂ. କାଳ+ବାୟସ= ମତ୍ସ୍ୟବିଶେଷ)—
Kalabainsi
କାଲବଶି, କାଲବସୁ, — ରୋହି ମାଛଠାରୁ ଛୋଟ ଓ କୃଷ୍ଣବର୍ଣ୍ଣ ଜାତି-
କାଲବୋସ — ବିଶିଷ୍ଟ ମାଛବିଶେଷ—
କୁଳିଶ — A kind of fish; a kind of fresh-water carp; Lubeo Calbasu; Pomotis.
[ ଦ୍ର—ଏ ମାଛର ପଶି କଳା; ରୋହି ମାଛର ପଶି ନାଲି; ଏ ମାଛର ଓଠରେ ଦୁଇଟି ବଡ଼ ଓ ଦୁଇଟି ସାନ ନିଶ ଥାଏ । ଏ ମାଛ ଏକ ହାତ ପର୍ଯ୍ୟନ୍ତ ବଢ଼େ । ]

**କଳାବାନ୍**—ସଂ. ବିଣ. ପୁଂ. (କଳା+ଅଛି ଅର୍ଥରେ ବତ୍; ୧ମା.୧ବ)—
Kalaban — ୧ । କଳାବନ୍ତ ( ଦେଖ )
(କଳାବତୀ—ସ୍ତ୍ରୀ) 1. Kalabanta ( See )
ସଂ. ବ—ଚନ୍ଦ୍ର—The moon.

**କଳାବାହୁଟିଆ**—ଦେ. ବ. (ସଂ. କାଳ+ବାହାଟ=ମୃଗ; ତୁଳ. ପ୍ରାଚୀନ ବଙ୍ଗଳା ବାହୁଟିଆ )—
Kalabahutia
ବାଉଁଟା — କୃଷ୍ଣସାର ମୃଗ; ଏହାର ପିଠି କଳା ଏବଂ କଡ଼
କାଲାହିରନ୍, — ଓ ପେଟ ଧଳା; ଅଣ୍ଡିରା ହରିଣର ଶିଙ୍ଗ ଥାଏ ମାଈ
କରସାୟନ — ମାଈ ହରିଣର ଶିଙ୍ଗ ନ ଥାଏ—
The black deer; the black antelope.

**କଳାବିକ**—ସଂ. ବ. (କଳ=ମଧୁର ଧ୍ୱନି+ଅବ ଧାତୁ=ବହନ କରିବା+ କର୍ତ୍ତୃ. ଇକ୍)—କୁକୁଟ—Cock.
Kalabika

**କଳାବିଟ୍‌ବିଟ୍‌**—ପ୍ରାଦେ. ( ସମ୍ବଲପୁର ) ବିଣ—
Kalabitbit — ଘୋର କୃଷ୍ଣବର୍ଣ୍ଣ; କଳା କଟକଟ; ଚିପଣ୍ଡ କଳା—
Very black; deep black.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କଳାବତି ନଇ**—ଦେ. ବି—ଖୋରଧା ଅଞ୍ଚଳର ଜଙ୍ଗଲରେ ଜାତ ଲତାବିଶେଷ; କାକମାରି—A wild creeper; Anamirta Cocculus ( Haines )
Kaḻābiti nai
କାକମାରି
**काकमारि**
[ ଦ୍ର—ଏଥିର ଫଳରୁ ଚନ୍ଦ୍ରମସ୍ୟ ଲଇ ବାହାରେ । ]

**କଳାବୁଆ**—ଦେ. ବି. ( ସଂ. କାଳ + ବୋ ଧାତୁ = ବୁଣିବା; ବପନ କରିବା )—
Kaḻābuā
ବେଉଷଣ ହେବା ପରେ ସତେଜ କୃଷ୍ଣବର୍ଣ୍ଣ ଦେଖାଯିବା ୭।୮ ଅଙ୍ଗୁଳ ଉଚ୍ଚ ଧାନ ଗଛ—
Sown paddy plants looking healthy and black after puddling.

**କଳାବୁକୁ**—ଦେ. ବି. ( ସଂ. କାଲେୟକ )—
Kaḻābuku
୧ । କଲିଜା ( ଦେଖ )
1. Kalijā ( See )
୨ । ( ଲକ୍ଷଣାର୍ଥ ) ଅତି ପ୍ରିୟ ବ୍ୟକ୍ତି—
2. A beloved person.
ଛତେ ଲଗାଇ ବୋଇଲେ ରୁ ମୋ କଳାବୁକୁ । ସାରଳା. ମହାଭାରତ ।

**କଳା ବୁଢ଼ିଆଣୀ**—ପ୍ରାଦେ. (ଗଡ଼ଜାତ) ବି—ପକ୍ଷୀବିଶେଷ—
Kaḻā buṛhiāṇi
A kind of bird.
[ ଦ୍ର—ଏ ପକ୍ଷୀ କଳା ରଙ୍ଗର ଶାଗୁଣା ପରି । ଏ ପର୍ବତ ଉପରେ ବହୁ ଉଚ୍ଚ ଗଛରେ ବସା ବାନ୍ଧି ପିଲା କରେ । ଏ ପକ୍ଷୀ ଦେଢ଼ ଫୁଟ ଉଚ୍ଚ । ଏହାର ବେକ ଲମ୍ବ ଏବଂ ଗୋଡ଼ ମୋଟ ଓ ଡେଙ୍ଗା ।
ପ୍ରବାଦ ଅଛି ଯେ ସ୍ୱଚ୍ଛ ଅଧରେ କଳା ବୁଢ଼ିଆଣୀ ବସା ବାନ୍ଧିଥିବା ଗଛ ମୂଳରୁ ଟିକିଏ ମାଟି ଆଣିଲା ବେଳେ ଯେବେ ସେ ପକ୍ଷୀ ନ ବୋବାଏ ତେବେ ସେହି ମାଟିକୁ ଢେଙ୍କିରିଆରେ ପୁରାଇ ପିନ୍ଧିଲେ ଗ୍ରେପ୍ କରିବାକୁ ଯିବା ବ୍ୟକ୍ତିଙ୍କୁ କେହି ଧରି ପାରନ୍ତି ନାହିଁ । ]

**କଳାବୁଲିଯିବା**—ଦେ. ବି—୧ । ବୁଣା ହୋଇଥିବା ଧାନଗଛମାନ ବେଉଷଣ ପରେ ଚକ୍‌କଣ କୃଷ୍ଣବର୍ଣ୍ଣ ଦେଖାଯିବା—
Kaḻā bulijibā
1. The black and glossy appearance of paddy plants some days after puddling.
୨ । ଶୁଆଙ୍କ ବୟସ ବେଶୀ ହେବା ସଙ୍ଗେ ସଙ୍ଗେ କୃଷ୍ଣବର୍ଣ୍ଣ ରେଖା କଣ୍ଠରେ ଗ୍ରୀବାପାଖରେ ପ୍ରକାଶ ପାଇବା—
2. The appearance of a black line round the neck of full grown parrots.

**କଳାବେଠିଆ**—ପ୍ରାଦେ. (ପୁରୀ) ବି. ( ସଂ. କାଳ + ପୃଷ୍ଠ; ଏମାନେ କୃଷ୍ଣବର୍ଣ୍ଣ ଥିବାରୁ ଓ ଏମାନେ ଅନାବୃତ ଦେହରେ ରଥଟାଣିବା ବେଳେ ଏମାନଙ୍କର କଳାପିଠି ଦେଖାଯାଉଥିବାରୁ ଏହି ନାମ )—ପୁରୀ ଜଗନ୍ନାଥଙ୍କ ରଥ ଟାଣିବା ନିମନ୍ତେ ନିଯୁକ୍ତ ପୁରୀରେ ବହୁକାଳରୁ ରହିଥିବା ଶବର ଜାତିବିଶେଷ—A caste of Sabaras who have long settled in Puri and who are employed in dragging the cars during the Car festival.
Kaḻābeṭhiā

**କଳାବୋଇତ**—ଦେ. ବି—୧ । କୃଷ୍ଣବର୍ଣ୍ଣ ପଟ୍ଟବସ୍ତ୍ର—
Kaḻāboita
1. A silk cloth of black colour.
ହିଅକୁ ପିନ୍ଧାଏ କଳାବୋଇତ, ଛଡ଼େତ ନଡ଼ଛ ଭୂତ ।
ଖୋରେବାସୀ. ଶିଶୁଗୀତ ।
୨ । କୃଷ୍ଣବର୍ଣ୍ଣ ମୋଟା ସୂତା-ଲୁଗା—
2. A coarse black linen cloth.

**କଳାଭୃତ୍**—ସଂ. ବି. ( କଳା + ଭୃ ଧାତୁ = ପୋଷଣ କରିବା + କର୍ତ୍ତୃ. କ୍ୱିପ୍ )—୧ । ଚନ୍ଦ୍ର—1. The moon.
Kaḻābhṛut
୨ । ଶିଳ୍ପୀ—2. An artisan.
୩ । ( ଏ ମସ୍ତକରେ ଚନ୍ଦ୍ରକଳା ଧାରଣ କରିବାରୁ ) ଶିବ—
3. A name of Śiba.

**କଳାମଇ**—ଦେ. ବି—ବେଉଷଣ ପରେ ନୂଆଁରେ ମାରି ଧାନଗଛ ସବୁ କଳାବର୍ଣ୍ଣ ହେବା ଉତ୍ତାରୁ ତାହା ଉପରେ ଚଲାଇ ଦିଆଯିବା ମଇ—A ladder drawn over the paddy-plants after they are refreshed by puddling.
Kaḻāmai

**କଳାମାଣିକ**—ଦେ. ବି. (ସଂ. କାଳ + ମାଣିକ)—୧ । କୃଷ୍ଣ—
Kaḻāmāṇika
1. Śrikrushṇa
କାଲାମାନିক
୨ । ଯଶୋଦାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ବାତ୍ସଲ୍ୟ ସମ୍ବୋଧନ—One of the names by which Jaśodā was fondling Śrikrushṇa.
**কালামানিক**
ନୀଳମଣି ଭୂ ମୋ ଦରିଦ୍ରଧନ ।
ଅଜଳଇଲି ବାହୁରେ ସ୍ତନ୍ୟରସ୍ତ୍ରାବ । କଳାମାଣିକରେ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
[ ଦ୍ର—ମାଣିକ ଶୁକ୍ଳ ଓ ଉଜ୍ଜ୍ୱଳ, କିନ୍ତୁ ଶ୍ରୀକୃଷ୍ଣଙ୍କ ବର୍ଣ୍ଣ କଳା ଥିବାରୁ ତାଙ୍କୁ ବାତ୍ସଲ୍ୟରେ ଏ ସମ୍ବୋଧନ କରା ଯାଇଅଛି; ପ୍ରିୟ ଶିଶୁ ପ୍ରତି ବାତ୍ସଲ୍ୟ ସମ୍ବୋଧନରେ ଏ ଶବ୍ଦ ପ୍ରଯୁଜ୍ୟ ହୁଏ । ]
ପ୍ରାଦେ. (ଗଞ୍ଜାମ) ବି. (ବୈଦ୍ୟକ)—କ୍ଷୀରସମୁଦ୍ର ଗୁଳ୍ମ (ଦେଖ)
Kshirasamudra plant (See)

**କଳାମୁଗ**—ଦେ. ବି.—ଏକପ୍ରକାର ସୁସ୍ୱାଦୁ କୃଷ୍ଣବର୍ଣ୍ଣ ମୁଗ—
Kaḻāmuga
A kind of black pulse; Phaseolus Grandis. (Haine)
କାଳମୁଗ
**কালামুগ**

**କଳାମେଘୀ**—ଦେ. ବି—କଳାମେଘ ପରି ବର୍ଣ୍ଣବିଶିଷ୍ଟ ଏକପ୍ରକାର ଶାଢ଼ୀ—
Kaḻāmeghi
A cloth of the colour of dark clouds; worn by females.
ଦେ. ବିଣ.—କଳାମେଘର ବର୍ଣ୍ଣବିଶିଷ୍ଟ—
Of the colour of black cloud.

**କଲାୟ**—ସଂ. ବି. (କ = ବାୟୁ + ଲା = ଗ୍ରହଣ କରିବା + କର୍ତ୍ତୃ. ଯ)—
Kalāya
ମଟର ଜାତୀୟ ନାନାପ୍ରକାରର ଶସ୍ୟ—A name applied to several kinds of leguminous seeds or pulse like pea.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ରୃ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଉପୃ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଝ | ଂନ୍ତ |

[ ଦ୍ର—ଏହା ଭାଲ ହୁଏ । ବଙ୍ଗଳାରେ ଏହାକୁ କଡ଼ାଇଭାଲ୍ କହନ୍ତି । ]

୨ । ମଟର—2. Peas.

୩ । ବଡ଼ଚଣା ( ହରେକୃଷ୍ଣ ଦ୍ରବ୍ୟଗୁଣ )—
3. A large variety of oats.

**କଲ୍ଲର୍**—ବୈଦେ.—ବି.(ଇଂ. କଲାର୍)—ବେକରେ ବେଢ଼ାଯିବା ପଟ୍ଟି—
Kalār Collar.

**କଲାରଙ୍ଗ**—ଦେ. ବି. (ସଂ. କାଳ+ରଞ୍ଜଧାତୁ)—କୃଷ୍ଣବର୍ଣ୍ଣ—
Kaḻāraṅga Black colour.
কালরং ସଂ. ବି.—କାମକ୍ରୀଡ଼ା—
**कालारंग** Lusty pleasure; lustful sports.

**କଲାରଥାଟ**—ଦେ. ବି. (ସଂ. କାଳ ଓ ରାଜନ୍; ଜଗନ୍ନାଥଙ୍କ ମୂର୍ତ୍ତି କଳା ଥିବାରୁ )—ଶ୍ରୀ ଜଗନ୍ନାଥ ମହାପ୍ରଭୁ—
Kaḻārāāṭa The Deity Jagannātha.

**କଲାରଥାଟ ଘର**—ଦେ. ବି.—ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ଓ ଜଗମୋହନ ମଧ୍ୟବର୍ତ୍ତୀ ସ୍ଥାନ—The roofed
Kaḻārāāṭa ghara space or portico between the main temple and the adjoining temple of Jagannātha.

**କଲାରଥାଟ ଦ୍ୱାର**—ଦେ. ବି.—୧ । ପୁରୀର ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବାର କବାଟ—
Kaḻārāāṭa dwāra 1. The door leading into the main temple at Puri.

୨ । ବିଷ୍ଣୁମନ୍ଦିର ମଧ୍ୟକୁ ପ୍ରବେଶ କରିବାର ଶେଷ ଦ୍ୱାର—
2. The door nearest to the image of Bishṇu in a temple.

**କଲାରଇଟ** (ଇତ୍ୟାଦି)—ଦେ. ବି.—କଲାରଥାଟ ଇତ୍ୟାଦି (ଦେଖ)
Kaḻārāiṭa (etc) Kaḻārāāṭa etc. (See)

**କଲାରଏଟ** (ଇତ୍ୟାଦି)—ଦେ. ବି.—କଲାରଥାଟ ଇତ୍ୟାଦି (ଦେଖ)
Kaḻārāeṭa (etc Kaḻārāāṭa etc. (See)

**କଲାରାଟ** (ଇତ୍ୟାଦି)—ଦେ. ବି—କଲାରଥାଟ ଇତ୍ୟାଦି ( ଦେଖ )—
Kaḻārāṭa (etc) Kaḻārāāṭa etc. (See)

**କଲାରହାଟ** (ଇତ୍ୟାଦି)—ଦେ. ବି— କଲାରଥାଟ ଇତ୍ୟାଦି (ଦେଖ)—
Kaḻārāhāṭa (etc) Kaḻārāāṭa etc (See)

**କଲା ଲାଇବା**—ଗ୍ରା. (ଇତର) କ୍ରି—କଲା ଘେନିବା (ଦେଖ)—
Kaḻā lāibā Kaḻā ghenibā (See)

**କଲାଲାପ**—ସଂ. ବି—୧ । ( କର୍ମଧା; କଳ+ଆଲାପ ) ମଧୁରାଲାପ—
Kaḻāḻāpa 1. Sweet words.

୨ । ମଧୁର ଅବ୍ୟକ୍ତ ଧ୍ୱନି—
2. Sweet inarticulate sound.

୩ । ( ବହୁବ୍ରୀହି ) ଭ୍ରମର—3. The large black bee; the droning bee.

**କଲାଲୁଣ**—ଦେ. ବି. ( ସଂ. କାଳ+ଲବଣ )—ଏକପ୍ରକାର କୃଷ୍ଣବର୍ଣ୍ଣ ଖନିଜ ଲବଣ—Black salt.
Kaḻāluṇa
কালনুন [ ଦ୍ର—ଏହା ପଞ୍ଚଲବଣ ମଧ୍ୟରୁ ଏକତମ । ]
**कालानमक**
ସଂ. ପର୍ଯ୍ୟାୟ :—ନୀଳ; କାଚୋଦ୍ଭବ;
କାଚସୌବଳ; କୃଷ୍ଣଲବଣ

**କଲାଶିରା**—ଦେ. ବି. ( ସଂ. କାଳ+ଶିରା )—ପ୍ରହାର ବା ଗୁପ ଯୋଗୁଁ ବନ୍ଦ ବା ବାଧାପ୍ରାପ୍ତ ହେବା ହେତୁରୁ ଶିରାର କୃଷ୍ଣବର୍ଣ୍ଣ ପ୍ରାପ୍ତି—A bruise.
Kaḻāśirā
কাল শিরা

**କଲାହାଣ୍ଡି**—ଦେ. ବି—୧ । ପାକାଦି କାର୍ଯ୍ୟରେ ଯେଉଁ ହାଣ୍ଡିକୁ ଚୂଲି ଉପରେ ବସାଇଥିବା ଯୋଗୁଁ ତାହାର ପିଠିରେ କଳାର ସ୍ତର ପଡ଼ିଥାଏ—1. A cooking pot on which a layer of soot has set owing to its having been set over fire.
Kaḻāhāṇḍi
কালাহাঁড়ি

୨ । ଓଡ଼ିଶାର ପ୍ରଥମ ଶ୍ରେଣୀର ଗଡ଼ଜାତବିଶେଷ—
2. Name of a feudatory state of the 1st group in Orissa.

[ ଦ୍ର—ଏହା ପୂର୍ବେ ମଧ୍ୟପ୍ରଦେଶର ଛତିଶ ଗଡ଼ଜାତ ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ୧୯୦୫ ସାଲରୁ ଏହା ଓଡ଼ିଶାର ଗଡ଼ଜାତ ଅନ୍ତର୍ଭୁକ୍ତ ହୋଇ ଗଡ଼ଜାତମାନଙ୍କର ପ୍ରଥମ ପୁଞ୍ଜରେ ପାଟନା, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ସଙ୍ଗେ ଶ୍ରେଣୀବଦ୍ଧ କରାଯାଇଅଛି । ଏହି ରାଜ୍ୟ ଗଞ୍ଜାମର ପଶ୍ଚିମରେ ଓ ପାଟଣା ରାଜ୍ୟର ପୂର୍ବରେ ଅବସ୍ଥିତ । ପୂର୍ବେ ଏହା ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଥିଲା । କଳିଙ୍ଗର ଗଙ୍ଗବଂଶୀୟ କେହି ରାଜା ଏ ରାଜ୍ୟ ଜୟ କରି ସେଠାରେ ରାଜତ୍ୱ କରିଥିଲେ । ଗଙ୍ଗବଂଶର ରାଜାମାନେ ଏ ରାଜ୍ୟରେ ୧୦୦୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରି ଶେଷ ରାଜା ଅପୁତ୍ରକ ହେବାରୁ ଉତ୍ତରାଞ୍ଚଳବାସୀ ଜଣେ ରାଜପୁତ୍ରଙ୍କୁ ଘରଜୋଇଁଆ କରି ରଖିଥିଲେ ଓ ସେ ଏଠାର ରାଜା ହେଲେ । କଲାହାଣ୍ଡି ଅଧୀନରେ ୧୮ଜଣ ସାମନ୍ତରାଜା ଥିଲେ । ଲୁପାସିକ୍—ଇତିହାସ । ]

୩ । ଓଡ଼ିଶାର ଗଡ଼ଜାତ କଲାହାଣ୍ଡିରେ କଥିତ ଓଡ଼ିଆଭାଷା—
3. The form of Oriya language spoken in the Kaḻāhāṇḍi feudatory state.

**କଲାହାଣ୍ଡିଆ ମେଘ**—ଦେ. ବି—କଲାହାଣ୍ଡିପରି ଘୋର କୃଷ୍ଣବର୍ଣ୍ଣ ମେଘ—
Kaḻāhāṇḍiā megha Very black cloud which brings a heavy shower of rain with it.
**कालीघटा**
[ ଦ୍ର—ଏ ମେଘ ଉତ୍ତରପଶ୍ଚିମରୁ ଉଠି ଅତିରାତ୍ର ଖୁବ୍ ବୃଷ୍ଟି କରେ । ]

**କଲାହାଣ୍ଡିଆ ତାଳ**—ଦେ. ବି—ପାଚିଗଲେ ଘୋର କୃଷ୍ଣବର୍ଣ୍ଣ ଦେଖାଯିବା ବଡ଼ ତାଳ ଫଳବିଶେଷ—
Kaḻāhāṇḍiā tāḻa A sort of very black and big palm fruit.

ସାଧାରଣ: ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**କଳି**—ସଂ. ବି. ( କଲ ଧାତୁ=ଗମନ କରିବା=କର୍ତ୍ତୃ. ଇ )—
Kali ୧। କଳିଯୁଗ; କଳିକାଳ; ହିନ୍ଦୁ ପୁରାଣ ମତରେ ସୃଷ୍ଟିର ୪ର୍ଥ ଯୁଗ ( ଯୁଗ ଦେଖ )—1. The 4th age of the world according to the Hindu mythology; the present age of vice (see Juga).

କଳିକାଳ ଛୁଅଇଲେ ତହିଁର ପାଳିଃ।
ସାରଳା• ମହାଭାରତ• ଉଦ୍‌ଯୋଗ।

୨। ଦ୍ୱେଷ; ଶତ୍ରୁତା; ଅଦାଉତି—2. Enmity; grudge.
୩। କଳହ—3. Quarrel.
୪। ଯୁଦ୍ଧ—4. Fight; strife.
୫। ଶୂର—5. Warrior; a hero.
୬। ପୁଷ୍ପକୋରକ; କଳିକା; କଢ଼; କଢ଼ି—
6. An unblown flower; a bud.
୭। ମଞ୍ଜରୀ; ଗଜା; ନବପଲ୍ଲବିତ କୋମଳ ପତ୍ର—
7. Tender shoots; new tender leaves.
୮। ବାହାଡ଼ା (ଗଛ ଓ ଫୋଳ)—
8. Belleric myrobalan (tree and berry).
୯। ଦେବତାରୂପେ କଳ୍ପିତ କଳହାଦ—9. Strife; discord; quarrel and contention personified.

[ ଦ୍ର—ଭବିଷ୍ୟ ପୁରାଣମତରେ ଏହାଙ୍କର ପିତା 'କ୍ରୋଧ', ମାତା 'ହିଂସା', ଭଗ୍ନୀ 'ଦୁରୁକ୍ତି', ପୁତ୍ରଦ୍ୱୟ 'ଭୟ' ଓ 'ମୃତ୍ୟୁ'। ]
ଦେ. ବି—ଗଳା; ଗଳଦେଶ—Neck.

**କଳି**—ଦେ. ବି—୧। ( ଅ. କଲଇ=ଲେପନ; ଏହା କାନ୍ଥରେ ଲିପା ହେବାରୁ )—କଳିଚୂନ; ସିପଚୂନ—1. Slaked shell-lime; quicklime.
Kali
कलिचून
चूनेकिबरी
कली
कली

୨। ( ସଂ. କଳ=କୋମଳପତ୍ର; ଏହାର ଆକାର କୋମଳପତ୍ର ପରି )—କୁର୍ତ୍ତାର କାଖ ଓ ପକେଟ ପାଖରେ ଦିଆଯିବା ତ୍ରିକୋଣ ବା ଚତୁଷ୍କୋଣବିଶିଷ୍ଟ ପୃଥକ୍ ବସ୍ତ୍ରଖଣ୍ଡ—2. Rhombus or triangle-shaped bit of cloth sewn to the corners of coats.
୩। ( ସଂ. କଳ=ମଞ୍ଜରୀ ) ଗଞ୍ଜେଇ ଗଛର ଗଜା ବା ଶୁଷ୍କ-ମଞ୍ଜରୀ—3. The tender dried shoots of Cannabis Indica or Indian hemp.
୪। ନବମଞ୍ଜରୀ; ଗଜା—4. Tender shoots.
୫। କଳିକା; କଢ଼—5. Bud.

ଫୁଟିବ ଫୁଲ-କଳି ଫୁଲ କାନନେ। ରାଧାନାଥ—ମେଘଦୂତ।

୬। ଚନ୍ଦନ, କଳା, ସିନ୍ଦୁର, କସ୍ତୁରୀ ଆଦିର ସୂକ୍ଷ୍ମାଗ୍ର ଚିତା ବା ତିଳକବିଶେଷ—6. A sandal-paste mark on the brow tapering to a point.

ଅଳିକ ଜନକ ନାସା ମୃଗ ମଦ କଳିଃ।
କବିସୂର୍ଯ୍ୟ• ସଙ୍ଗୀତ।

୭। କ୍ରମଶଃ ସରୁ ହୋଇ ସୂଚ୍ୟଗ୍ର ହେବା ବସ୍ତୁ—
7. Things generally tapering to a point.
୮। କେଶଭଙ୍ଗୀବିଶେଷ—
8. A coiffure arranged by making tapering locks.
୯। କଥାରେ ଲଗାଇବା ଉପକଥା—
9. Addition to an original oral statement.
୧୦। କଥାର ଭଙ୍ଗୀ ବା ଛଳ; ଶ୍ଳେଷାର୍ଥଯୁକ୍ତ କଥା—
10. Witty talk; pun.

**କଳିଆ**—ଦେ. ବିଣ. ପୁଂ. ( ସଂ. କଳି )—
Kalia — କଳହୀ; କଳିହୁଡ଼ା; କଳହପ୍ରିୟ—
झगड़ाटे — Quarrelsome.
झगडालू — ଯମ ଦୂତେ ଗୋଟି ଗୋଟି ନପଃ କଳିଆ।
(କଳେଇ—ସ୍ତ୍ରୀ) — ଉପେନ୍ଦ୍ର. ଗୀତଲହରୀ।

**କଲିଆ**—ଦେ. ବିଣ—କଳିଯୁକ୍ତ; କ୍ରମଶଃ ସୂକ୍ଷ୍ମ ହୋଇ ତଳକୁ ଝୁଲିଥିବା—
Kalia — With parts hanging down and tapering to a point.
कलिवाला
ପ୍ରାଦେ. ( ସମ୍ବଲପୁର ) ବିଣ—
କାଳିଆ; କୃଷ୍ଣବର୍ଣ୍ଣବିଶିଷ୍ଟ—
Of black colour.

**କଲିଆ ଆଳୁ**—ଦେ. ବି—ବନ୍ୟ ଆଳୁବିଶେଷ—
Kalia alu — A kind of wild yam.

**କଲିଆ ଟର୍‌ଟର୍**—ପ୍ରାଦେ. ( ସମ୍ବଲପୁର )—
Kalia tartar — ନିପଟ କଳା; ଘୋର କୃଷ୍ଣବର୍ଣ୍ଣବିଶିଷ୍ଟ; କଳା-କଟ କଟ—Very black.

ବଣୁ ଥାଇସି କଲିଆ ଟର୍‌ଟର୍, ପିନ୍ଧି ଥାଇସି ହଳଦିଆ ଗରଗର୍—ଗୀତ।

**କଲିଆଣ**—ଗ୍ରା. (ଇତର) ବି. ( ସଂ. କଲ୍ୟାଣ )—
Kaliana ୧। କଲ୍ୟାଣ; ମଙ୍ଗଳକାମନା—
1. Benediction.
୨। ଆଶୀର୍ବାଦ—2. Blessing.

**କଲିଆ ବଟ୍‌ବଟ୍**—ପ୍ରାଦେ. ( ସମ୍ବଲପୁର ) ବିଣ—
Kalia batbat — କଲିଆ ଟର୍‌ଟର୍ ( ଦେଖ )
Kalia tartar ( See )

**କଲିଆର**—ଦେ. ବି—ଘୋଡ଼ାର ଲଗାମ କଡ଼ିଆଳ (ଦେଖ)
Kaliara — Bridle; reins.

**କଳିଆରି**—ଦେ. ବି. (ସଂ. କଳି; ଏହା ଉପରେ କଳିକାସଦୃଶ କାରୁକାର୍ଯ୍ୟ ହୋଇଥିବାରୁ )—
Kaliari
ହାତ ଖଡ଼ୁ ବା ବଳୟବିଶେଷ—କଡ଼ିଆଳ (ଦେଖ)
A kind of bracelet.

[ ଦ୍ର—ଏହାର ଗୋଟିଏ ପାଖ ମୋଟ ଓ ଗୋଟିଏ ପାଖ ସରୁ। ]

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଇଅ | ଙ୍କ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଙ୍ଗ | ନ୍ |

**କଳିଆରି**—ଦେ. ବି—କଳିଆରି ( ଦେଖ )
Kaliāri Kaḻiāri ( See )

**କଳିକଜିଆ**—ଦେ. ବି. (ସଦରର)—ବିଶେଷ କଳି—
Kaḻi kajiā Quarrelling.

**କଳିକତରା**—ଦେ. ବି ୧ । ମାଟିରେ ଗାତ କରି ପଙ୍କ ଉପରେ ରହୁଥିବା କ୍ଷୁଦ୍ର ପକ୍ଷଯୁକ୍ତ ଏକ ଜାତୀୟ ପୋକ—
Kaḻikatarā
ଉଚ୍ଚିଚିମିଡ଼ା, ଉଚ୍ଚିଙ୍ଗଡ଼ା 1. An insect which bores into
ଫଡିଙ୍ଗା the ground; Mole cricket; Gryllotalpa Vulgaris.

କଳିକତରା ଙ୍କଃ ପଙ୍କେ, ନର୍ମଳ ରହେ ଅଙ୍କଳଙ୍କେ ।
ଭୂପତି. ପ୍ରେମପଞ୍ଚାମୃତ ।

[ ଦ୍ର—ଲୋକ ବିଶ୍ୱାସ ଯେ ସକାଳୁ ଉଠି କଳିକତରା ପୋକକୁ ଗୃହିଁବା ବ୍ୟକ୍ତିର ସେହି ଦିନ ମଧ୍ୟରେ କାହା ସଙ୍ଗେ ହେଲେ କଳି ଲାଗେ । ]

୨ । ପୁଂ—କଳିହପ୍ରିୟ ବ୍ୟକ୍ତି; କଳିହୁଡ଼ା ବ୍ୟକ୍ତି—
(କଳିକତରୀ—ସ୍ତ୍ରୀ) 2. Quarrelsome person.
ଦେ. ବିଣ. ପୁଂ—୧ । କଳିହୁଡ଼ା (ବ୍ୟକ୍ତି); କଳିହା—
1. Quarrelsome (person)
୨ । କଳହ ଉତ୍ପାଦକ (ବ୍ୟକ୍ତି)—
2. Bringing about a quarrel.

**କଳିକତରୀ**—ଦେ. ବି ଓ ବିଣ. ସ୍ତ୍ରୀ—କଳିକତରାର ସ୍ତ୍ରୀଲିଙ୍ଗ—
Kaḻikatarī Feminine of Kaḻikatarā ( See )

**କଳିକତା**—ଦେ. ବି. ( ନାମ )—ହୁଗୁଳୀନଦୀ ତୀରସ୍ଥ ବଙ୍ଗପ୍ରଦେଶର ଆଧୁନିକ ରାଜଧାନୀ—Calcutta.
Kalikatā
କଲିକାତା [ ଦ୍ର—ଏହା ପୂର୍ବେ ଗୋଟିଏ କ୍ଷୁଦ୍ର ଗ୍ରାମ ଥିଲା ।
କଲକତ୍ତା ଇଷ୍ଟ ଇଣ୍ଡିଆ କୋମ୍ପାନି ମୋଗଲ ବାଦସାହାଙ୍କ ଅଧୀନ ବଙ୍ଗନବାବଙ୍କଠାରୁ ଏ ସ୍ଥାନ ପଟ୍ଟା ନେଇ ବାଣିଜ୍ୟାର୍ଥ ଏଠାରେ ଗୋଟିଏ କୋଠି ସ୍ଥାପନ କରିଥିଲେ; ପରେ ଏଠାରେ ଗୋଟିଏ ଦୁର୍ଗ (ଫୋର୍ଟ୍ ଉଇଲିୟମ୍) ନିର୍ମାଣ କରି କ୍ରମଶଃ ବଙ୍ଗର ନବାବଙ୍କଠାରୁ ଏହା ଅଧିକାର କରି ରାଜ୍ୟବିସ୍ତାର କଲେ । କଳିକତାର କାଳୀଠାକୁରାଣୀ ଭାରତପ୍ରସିଦ୍ଧ । ଏହା ପୂର୍ବେ ଇଂରାଜଶାସିତ ଭାରତବର୍ଷର ରାଜଧାନୀ ଥିଲା; ବର୍ତ୍ତମାନ ୧୯୧୧ ଠାରୁ ଦିଲ୍ଲୀ ଭାରତର ରାଜଧାନୀ ହୋଇଅଛି । ]

**କଳିକତି**—ଦେ. ବିଣ—୧ । କଳିକତାସମ୍ବନ୍ଧୀୟ—
Kalikati 1. Relating to Calcutta.
କଲିକାତାର ୨ । କଳିକତାରୁ ଆନୀତ—
କଲକତ୍ତୀ 2. Brought from Calcutta.
୩ । କଳିକତାରେ ନିର୍ମିତ—
3. Made in Calcutta.

**କଳିକତିଆ**—ଦେ. ବିଣ—୧ । କଳିକତି ( ଦେଖ )
Kalikatiā 1. Kalikati ( See ).
କଲିକାତାର ୨ । କଳିକତାବାସୀ—
କଲକତ୍ତାୱାଲା 2. Inhabiting Calcutta.
୩ । କଳିକତାରୁ ଆଗତ ( ବ୍ୟକ୍ତି )—
3. Hailing from Calcutta.
୪ । କଳିକତାରୁ ଯାତାୟାତ କରୁଥିବା ( ବ୍ୟକ୍ତି )—
4. Frequently visiting Calcutta.

**କଳିକତି ଡାଲି**—ଦେ. ବି—ବିଲାତି ଡାଲି ( ଦେଖ )
Kalikati daḻa Bilāti daḻa ( See ).
[ ଦ୍ର—ଏହା କେତେ ବର୍ଷ ପୂର୍ବେ ପ୍ରଥମେ କଳିକତାପ୍ରବାସୀ ଓଡ଼ିଆମାନଙ୍କଦ୍ୱାରା ଏ ଦେଶକୁ ଅଣାଯାଇ ଥିବାରୁ ଏହି ନାମ ହୋଇଅଛି । )

**କଳି କରିବାକୁ ମଞ୍ଜି ପୋତିବା**—ଦେ. କ୍ରି—କଳହର ସୂତ୍ରପାତ କରିବା—
Kaḻi karibāku manji potibā To sow the seeds of quarrel.

**କଳିକଳୁଷ**—ସଂ. ବି. (୬ଷ୍ଠୀ ତତ୍; କଳି+କଳୁଷ)—କଳିଯୁଗର ପାପ—
Kaḻikaḻusha The sin of the Kaḻi Age.

**କଳିକଲ୍ମଷ**—ସଂ. ବି. ( ୬ଷ୍ଠୀ ତତ୍; କଳି+କଲ୍ମଷ )—
Kaḻikaḻmasha କଳିକଳୁଷ ( ଦେଖ )
Kaḻikaḻusha ( See )

**କଳିକା**—ସଂ. ବି. (କଳି+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—୧ । କଢ଼; କଢ଼ି—
Kaḻikā 1. A bud.

ଚୋରି ଗୋଲକ ପତ୍ରତଳେ,
କଳିକା ଅଛହିଁ ଗହଳେ—ଭୂପତି. ପ୍ରେମପଞ୍ଚାମୃତ ।

୨ । ନବମଞ୍ଜରୀ—2. A tender shoot.
୩ । କନିଅର ଫୁଲ—
3. Thevetia nerifloria ( flower ).
୪ । ବୀଣାରର ତଳଦେଶ—
4. The base or bottom of a lute.
୫ । ପଦସନ୍ଧିଭିଯୁକ୍ତ ରଚନାବିଶେଷ—
5. A kind of composition.

**କଳିକା**—ଦେ. ବି. ( ବଙ୍ଗଳା ଭାଷାରୁ ଅନୁକୃତ )—ହୁକା ଉପରେ ଗୁଡ଼ାଖୁ ରହିବା ଆଧାର; ହୁକାର ଚିଲମ; ଗୁଡ଼ାଖୁଚିଲମ—
Kalikā
କଲକା; କଲକେ The funnel or cup of a hubble-bubble
ଚିଲମ which holds the tobacco-mixture while being smoked.

[ ଦ୍ର—ବଙ୍ଗଳାରେ କନିଅର ଫୁଲକୁ କଲକାଫୁଲ ବୋଲାଯାଏ । ଚିଲମର ଆକୃତି କନିଅର ଫୁଲ ପରି ଥିବାରୁ ଚିଲମକୁ ବଙ୍ଗଳାରେ 'କଲକା' ବୋଲାଯାଏ । ହୁକାଦ୍ୱାରା ଗୁଡ଼ାଖୁ ବ୍ୟବହାର ବଙ୍ଗଦେଶରୁ ଆସିବା ସଙ୍ଗେ ସଙ୍ଗେ ଚିଲମର ଏହି ନାମଟି ମଧ୍ୟ ବଙ୍ଗଳାରୁ ଆସିଅଛି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କଳି କାଢ଼ିବା**—ଦେ. କ୍ରି—କଥା କହିବା ସମୟରେ ନାନାପ୍ରକାର ବ୍ୟଙ୍ଗ-ବାକ୍ୟ ଓ ଟୀକା ପ୍ରୟୋଗପୂର୍ବକ କଥାକୁ ବଢ଼ାଇବା—To lengthen a speech by witticisms and commentaries.
Kali kā<u>rdh</u>ibā
কলিবেরকরা
**কলীনিকালনা**

**କଳିକାଣ୍ଡୁଆ**—ଦେ. ବିଣ. ପୁଂ. ( ଗାଳିରେ ବ୍ୟବହୃତ; ସଂ. କଳି + କଣ୍ଡୂ )—ଅତ୍ୟନ୍ତ କଳିହୁଡ଼ା—Very quarrelsome.
Ka<u>l</u>ikāṇḍuā
ঝগড়াটিআ
**ঝগড়ালু**
କଳିକାଣ୍ଡେଇ }
କଳିକାଣ୍ଡୋଇ } ସ୍ତ୍ରୀ

**କଳିକାତର**—ଗ୍ରା. ବି—କଳିକତରା ( ଦେଖ )
Ka<u>l</u>ikātarā — Ka<u>l</u>ikatarā ( See )

**କଳିକାଳ**—ସଂ. ବି—କଳିଯୁଗ ( ଦେଖ )
Ka<u>l</u>ikā<u>l</u>a — Ka<u>l</u>ijuga ( See )

**କଳିକାଳିଆ**—ଦେ. ବିଣ—୧ । କଳିଯୁଗସମ୍ବନ୍ଧୀୟ—1. Relating to the 4th age of the creation.
Ka<u>l</u>ikā<u>l</u>iā
কলিযুগের
**কলিযুগী**
୨ । ଆଧୁନିକ—2. Modern.
( ଯଥା—ଏ କଳିକାଳିଆ ପିଲାଏ ଗୁରୁଜନଙ୍କୁ ମାନନ୍ତି କରୁ ନାହାନ୍ତି । )

**କଳିକ ବାନା ବାନ୍ଧିବା**—ଦେ. କ୍ରି.—( ଯେ କୌଣସି ସମୟରେ, ଯେ କୌଣସି ଘଟଣାରେ ) କଳହ କରିବା ପାଇଁ ପ୍ରସ୍ତୁତ ହେବା—To be ready to pick up a quarrel on some justification or other.
Ka<u>l</u>iki bānā bāndhibā

**କଳିକୋତରା**—ଦେ. ବି. ଓ ବିଣ.—କଳିକତରା (ଦେଖ)
Ka<u>l</u>ikotarā — Ka<u>l</u>ikatarā (See)

**କଳିକୋତରୀ**—ଦେ. ବି. ଓ ବିଣ. ସ୍ତ୍ରୀ.—କଳିକତରୀ (ଦେଖ)
Ka<u>l</u>ikotarī — Ka<u>l</u>ikatarī (See)
ଶଳାର କଳିକୋତରୀ ଗୁଣ, ଅମାନିଆ କଥା ତ ଅଗରୁ ଜଣା ଅଛି ।
ପୀତାମ୍ବର- କାନ୍ତର ବାବୁ ।

**କଳିଖୁଣ୍ଟିଆ ବେହେରା**—ଦେ.ବି. ( ନାମ )—କଳହପ୍ରିୟ ମୁନି ନାରଦଙ୍କ ପୁଅ—Name of a son of Sage Nārada.
Ka<u>l</u>ikhuṇṭiā beherā

**କଳିଗୋଳ**—ଦେ. ବି.(ସହଚର) (ସଂ. କଳହପା. ଗୁଲ୍ଲ)—୧ । ଉଚ୍ଚରବ କଳହ—1. Loud quarrel; strife.
Ka<u>l</u>igo<u>l</u>a
କି କୁଅନ୍ତି ଏହି କଳିଗୋଳ ଘୋର—ସୁଧାକାଥ- ଜନକେଶ୍ବର ।
ঝগড়াঝাটি ୨ । ଅନେକ ଲୋକଙ୍କ ମଧ୍ୟରେ ହେବା କଳି ଓ ଚିତ୍କାର ଗୋଓଳାଆ—2. A quarrel amongst a crowd; brawl; boisterous quarrel.
**ঝগড়াবখেড়া**

**କଳିଙ୍ଗ**—ସଂ. ବି. ( କଳି + ଗମ୍ + କର୍ତ୍ତୃ. ଅ )—
Ka<u>l</u>iṅga
୧ । ଭାରତର ପ୍ରାଚୀନ ଦେଶବିଶେଷ—ବୈତରଣୀ ନଦୀଠାରୁ ଦକ୍ଷିଣକୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ପ୍ରାଚୀନ ରାଜ୍ୟ—1. Name of an ancient kingdom in the East Coromandel coast extending from the river Ba<u>i</u>taraṇī to the Godābarī river.

[ ଦ୍ର—ଉତ୍କଳ କଳିଙ୍ଗ ରାଜ୍ୟର ଅନ୍ତର୍ଗତ ଥିବା ଓ କଳିଙ୍ଗ ରାଜାଙ୍କର ଅନେକ ହାତୀ ଥିବା ମହାଭାରତରୁ ଜଣାପଡ଼େ । ମହାଭାରତର ଆଦିପର୍ବରେ ଅଛି ଯେ ଦୀର୍ଘତମା ଋଷିଙ୍କ ଔରସରେ ବଳୀଙ୍କର ସ୍ତ୍ରୀ ସୁଦେଷ୍ଣାଙ୍କ ଗର୍ଭରୁ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ଏହି ୫ ପୁଅ ଜନ୍ମି ୫ଟି ପ୍ରଦେଶରେ ରାଜା ହୋଇଥିଲେ ଓ ସେମାନଙ୍କ ନାମାନୁସାରେ ଏ ରାଜ୍ୟମାନଙ୍କ ନାମକରଣ ହୋଇଥିଲା । ପୁରାଣମାନଙ୍କରେ ଅଙ୍ଗ, ବଙ୍ଗ ଓ କଳିଙ୍ଗ ରାଜ୍ୟ ଏକସଙ୍ଗେ ବର୍ଣ୍ଣିତ ହୋଇଅଛି । ଅନୁମାନ କରାଯାଏ ଯେ ଏ ରାଜ୍ୟମାନ ପରସ୍ପର ଲଗାଲଗି ଥିଲା । ପୁରାଣମାନଙ୍କରେ କଳିଙ୍ଗ ରାଜ୍ୟରେ ବୈତରଣୀ ନଦୀ ଥିବାର ଦେଖାଯାଏ । ଖାରବେଳଙ୍କ ଶିଳାଲିପିରୁ କଳିଙ୍ଗ ଗଙ୍ଗାର ଦକ୍ଷିଣରେ ଥିବା ଅନୁମିତ ହୁଏ । କେହି କେହି ଅନୁମାନ କରନ୍ତି ଯେ ଆଧୁନିକ ଓଡ଼ିଶାର ଉପକୂଳବର୍ତ୍ତୀ ପୁରୀ, କଟକ ଓ ବାଲେଶ୍ବର ଜିଲ୍ଲା ପ୍ରାଚୀନକାଳରେ କଳିଙ୍ଗ ନାମରେ ଅଭିହିତ ହେଉଥିଲା । କାଳିଦାସଙ୍କ ରଘୁବଂଶରେ ଦେଖାଯାଏ ଯେ ରଘୁଙ୍କ ସୈନ୍ୟମାନେ କପିଶା (ମେଦିନୀପୁରର କଂସାଇ ନଦୀ) ପାର ହେବା ପରେ ଉତ୍କଳୀୟମାନେ ସେମାନଙ୍କୁ କଳିଙ୍ଗ ଆଡ଼କୁ ବାଟ ଦେଖାଇ ଦେଇଥିଲେ ଓ ରଘୁଙ୍କ ସୈନ୍ୟମାନେ ଗଞ୍ଜାମର ମହେନ୍ଦ୍ର ପର୍ବତ ନିକଟରେ କଳିଙ୍ଗ ରାଜାଙ୍କ ସଙ୍ଗେ ଯୁଦ୍ଧ କରିଥିଲେ । ଯଯାତିଙ୍କ ଶାସନପତ୍ରରୁ ଜଣାଯାଏ ଯେ କଳିଙ୍ଗ ରାଜ୍ୟ ଉତ୍କଳ, କୋଙ୍ଗଦ ଓ କଳିଙ୍ଗ ଏହି ୩ଟି ରାଜ୍ୟ ନେଇ ଗଢ଼ା ଯାଇଥିଲା ଓ ଏହାକୁ ତ୍ରିକଳିଙ୍ଗ କୁହାଯାଉଥିଲା ଏବଂ ଯଯାତିଙ୍କ ପୂର୍ବପୁରୁଷମାନଙ୍କ ଉପାଧି ତ୍ରିକଳିଙ୍ଗାଧିପତି ଥିଲା ।

ବିନାୟକ ମିଶ୍ର—ଓଡ଼ିଆ ଭାଷାର ଇତିହାସ ।

ଖ୍ରୀଷ୍ଟପୂର୍ବ ୨ୟ ବା ୩ୟ ଶତାବ୍ଦୀଠାରୁ କଳିଙ୍ଗବାସୀମାନେ ପାରସ୍ୟ, ଚୀନ, ତିବ୍ବତ, ବ୍ରହ୍ମ, ଆସାମ, ଶ୍ୟାମ, ଯାବା, ବାଲି ଓ ଇଣ୍ଡୋନେସିଆ (ପୂର୍ବଭାରତୀୟ ଦ୍ବୀପପୁଞ୍ଜ) ଆଦିରେ ବସତି ସ୍ଥାପନ କରି ସେଠାରେ କଳିଙ୍ଗ ସଭ୍ୟତା ଓ ଶିଳ୍ପ ବିସ୍ତାର କରିଥିବାର ପ୍ରମାଣ ତତ୍ତତ୍ ଦେଶର ଭଗ୍ନାବଶେଷ, ପ୍ରସ୍ତରଖୋଦିତ ମୂର୍ତ୍ତି ଓ ମନ୍ଦିରମାନଙ୍କରୁ ବର୍ତ୍ତମାନ ମିଳୁଅଛି । ଗୋଦାବରୀ ନଦୀର ଉତ୍ପତ୍ତି ସ୍ଥାନ ଅଞ୍ଚଳରେ ମଧ୍ୟ କଳିଙ୍ଗ ଶିଳ୍ପର ଭଗ୍ନାବଶେଷ ଦେଖାଯାଏ । ରାମାୟଣ, ମହାଭାରତର ଘଟଣାମାନ, ଶିବ, ବ୍ରହ୍ମା, ଦୁର୍ଗା, ବିଷ୍ଣୁ ଓ ଗଣେଶ ମୂର୍ତ୍ତିମାନ କଳିଙ୍ଗଶିଳ୍ପପ୍ରସୂତ ପ୍ରାଚୀନ ମନ୍ଦିରମାନଙ୍କ ଭଗ୍ନାବଶେଷରେ ଦେଖାଯାଏ । ଯେଉଁ ସମୟରେ ଭୁବନେଶ୍ବର ଓ କୋଣାର୍କ ମନ୍ଦିରମାନ ତିଆରି ହୋଇଥିଲା ସେହି ସମୟରେ ଯାବା, ବାଲି ଆଦି ଦ୍ବୀପରେ କଳିଙ୍ଗଶିଳ୍ପମାନ ଖୋଦିତ ହେବାର ଅନୁମିତ ହୁଏ—ଜଗବନ୍ଧୁ. ପ୍ରାଚୀନଉତ୍କଳ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ନ୍ତ |

୨ । ପ୍ରାଚୀନ କଳଙ୍ଗ ରାଜ୍ୟର ରାଜଧାନୀ—
2. The capital of the ancient kingdom of Kaḻiṅga.

[ ଦ୍ର—ହୁଏନସାଙ୍କ ମତରେ କଳଙ୍ଗ ଗଞ୍ଜାମଠାରୁ ୨୦୦ ବା ୩୦୦ ମାଇଲ ଦୂରରେ ଅବସ୍ଥିତ । ଶ୍ରୀକାକୋଲ ବା ଚିକାକୋଲ କଳଙ୍ଗର ରାଜଧାନୀ ଥିଲା । ହରିବଂଶରୁ ଜଣାଯାଏ ଯେ କଳଙ୍ଗ ତାମ୍ରଲିପ୍ତ ନିକଟରେ ଥିଲା । ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ]

୩ । କଳଙ୍ଗ ଦେଶୀୟ ଲୋକ—
3. The people of Kaḻiṅga country.

୪ । କଳଙ୍ଗ ରାଜ୍ୟର ସ୍ଥାପୟିତା; ଦୀର୍ଘତମା ଓ ସୁଦେଷ୍ଣାଙ୍କ ପୁତ୍ର; ବଳ—4. The founder of the kingdom of Kaḻiṅga.

୫ । କଳଙ୍ଗ ଦେଶର ରାଜା—
5. The king of the ancient kingdom of Kaḻiṅga.

୬ । ମସ୍ତକଚୂଡ଼ ପକ୍ଷୀ; ମୁନିଆ ଚଢ଼େଇ—6. A small bird; Munia; Forktailed Shrike (M. W.) Uroloncha Malabarica.

୭ । କୁଟଜ; ପିତାକୋରୁଆଲତା, ଗିରିମଲ୍ଲିକା—
7. A creeper; Wrightia Antidysenterica.

୮ । ପୂତିକରଞ୍ଜ ଗଛ; କଣ୍ଟକରଞ୍ଜ ବା ବଉପୋଲଗଛ; ଗିଲି ଗଛ—8. Caesalpania bonducella (tree)

୯ । ଶିରୀଷ ଗଛ—9. A tree; Acacia Sirissa.

୧୦ । ପ୍ଲକ୍ଷ ଗଛ—
10. The waved leafed fig tree.

ସଂ. ବଣ. ପୁଂ—ଚତୁର—Clever; cunning (M. W.)

ପ୍ରାଦେ. (ଗଞ୍ଜାମ) ବି (ନାମ)—କୃଷିଜୀବୀ ଜାତିବିଶେଷ—
A caste of cultivators.

[ ଦ୍ର—କନ୍ଧଭାଷାରେ 'କୁଲଙ୍ଗ' ଶବ୍ଦର ଅର୍ଥ ଧାନ, ତେଣୁ ଯେଉଁମାନେ କୃଷି କରି ଧାନ ଫସଲ ଆବାଦ କରନ୍ତି ସେମାନଙ୍କୁ 'କଳଙ୍ଗ' କହନ୍ତି । ]

**କଳଙ୍ଗା**—ଦେ. ବି ( ସଂ. କଳଙ୍ଗ )—୧ । ଦାକ୍ଷିଣାତ୍ୟରୁ ଏ ଦେଶକୁ ଅଣାଯିବା ଏକପ୍ରକାର ବଡ଼ ବଳଦ—
**Kaḻiṅgā**
1. A breed of big bullocks imported from the Deccan.

୨ । ଦକ୍ଷିଣଦେଶରୁ ଆନୀତ ଏକପ୍ରକାର ବଡ଼ ଗାଈ—
2. A breed of big cows imported from the Deccan.

ସଂ. ବି. ସ୍ତ୍ରୀ—୧ । ନିତମ୍ବିନୀ ସ୍ତ୍ରୀ; ସୁନ୍ଦରୀ ସ୍ତ୍ରୀ—
1. A woman with beautiful tight and round hips; a beautiful woman (M.W.)

୨ । ତ୍ରିବୃତ୍; ଦନ୍ତୀଲତା—
2. A creeper; Opomea Turpethum.

ଦେ. ବଣ—୧ । କଳଙ୍ଗ ଦେଶ ଜାତ—
1. Pertaining to the Kaḻiṅga country.

୨ । ଦେଶୀ ବାଛୁରୀ ଅପେକ୍ଷା ବଡ଼ ଓ ପୁଷ୍ଟ (ବାଛୁରୀ)—
2. (calf) Bigger than country-calves.
(ଯଥା—ଏ ବର୍ଷ ଆମ ଗାଈ ଗୋଟିଏ କଳଙ୍ଗା ବାଛୁରୀ ପକେଇଛି । ]

**କଳିଚା**—ଦେ. ବି—ଏକପ୍ରକାର ବନ୍ୟ ବଡ଼ କାଠ ଗଛ—
**Kaḻichā** A wild timber tree; Diospyrus Sylvatica (Haines)
[ ଦ୍ର—ଏହା ୬୦ ଫୁଟ ଉଚ୍ଚ ହୁଏ; ଏ ଗଛ ସିଂହଭୂମ, ସାନ୍ତାଳ-ପରଗଣା, ଅନୁଗୁଳ, ସମ୍ବଲପୁର ଓ ଓଡ଼ିଶାରେ ପାହାଡ଼ ଓ ନଈକୂଳରେ ଜନ୍ମେ । ଏହାର ଫୁଲ ଧଳା ଓ ଫଳ କୋଳ ପରି । ]

**କଲିଚା**—ଦେ. ବି—କଳିଚା (ଦେଖ)—
**Kalichā** Kaḻichā (See)

**କଲିଚୂନ**—ଦେ. ବି— ସିପ ପୋଡ଼ା ହୋଇ ତହିଁରୁ ଉତ୍ପନ୍ନ ଏକପ୍ରକାର ଖୁବ୍ ଧଳା ଚୂନ—Slaked lime; shell-lime; fine white lime.
**Kalichūna**
**कलिचून**
**चूना; सफेदि** (ଏହା ଘରର କାନ୍ଥ ସଫେଦ କରିବାରେ ଲାଗେ)

**କଳିଜା**—ବି. ( ସଂ. କାଲେୟ=ଯକୃତ୍ )—୧ । ହୃଦୟ ନିକଟସ୍ଥ ବାମ ପାଖରେ ଥିବା କୋମଳ ମାଂସପିଣ୍ଡବିଶେଷ; କଲାକୁଲୁ—
**Kalijā**
**कलिजा; कलेजा** 1. Liver.
**कलेजा** ୨ । ମନୁଷ୍ୟର ହୃତ୍ପିଣ୍ଡ—2. Human heart.

୩ । ମର୍ମସ୍ଥାନ—
3. Most vital or vulnerable part of the body.

୪ । (ଲକ୍ଷଣାର୍ଥ) ମନ—4. (figurative) Mind.

୫ । (ଲକ୍ଷଣାର୍ଥ) ସାହସ—
5. (figurative) Courage; spirit.

**କଳିଜା କରତିବା**—ଦେ. କ୍ରି.—( ଲକ୍ଷଣାର୍ଥ ) ମନରେ କଷ୍ଟ ଦେବା; ହୃଦୟରେ ପୀଡ଼ା ଦେବା—To affect or give pain to the mind.
**Kalijā karatibā**
**कलेजा छेदना**

**କଳିଜା କରତ ହେବା**—ଦେ. ବି.—( ଲକ୍ଷଣାର୍ଥ ) ହୃଦୟରେ ବେଦନା ଅନୁଭୂତ ହେବା—Feeling of great mental pain.
**Kalijā karati hebā**
**कलेजाछिदना**

**କଳିଜା କାଟିବା**—ଦେ. କ୍ରି.—କଳିଜା କରତିବା (ଦେଖ)
**Kalijā kāṭibā** Kalijā karatibā (See)

**କଳିଜା ଥଣ୍ଡା ହେବା**—ଦେ. ବି.—( ଲକ୍ଷଣାର୍ଥ )—( ଅଭିଲଷିତ ବସ୍ତୁ ଲାଭରେ) ମନ ସନ୍ତୁଷ୍ଟ ହେବା—
**Kalijā thaṇḍā hebā**
**कलेजा ठंडा होना** Being content or satisfied (on getting one's wish fulfilled.)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କଳିଜା ଥରିବା**—ଦେ. କ୍ରି.—ହୃଦୟ ଧଡ଼ଧଡ଼ ହେବା; ଛାତି ଥରିବା;
Kalija thariba ଭୟରେ ଅସ୍ଥିର ହୋଇ କାତର ହେବା—
**कलेजा काँपना** Palpitation of the heart due to sudden fright; trembling with fear.

**କଳିଜା ପାଣି ହୋଇଯିବା**—ଦେ. କ୍ରି.—( ଲକ୍ଷଣାର୍ଥ ) ଦମ୍ଭ ଭାଙ୍ଗିଯିବା;
Kalija pani hoijiba ଭୟଗ୍ରସ୍ତ ହେବା—Being cowed
**कलेजा उड़ना** down with fear; shrinking with fear.

**କଳିଜା ଫାଟିଯିବା**—ଦେ. କ୍ରି.—ଦମ୍ ଫାଟି ମରିଯିବା—
Kalija phatijiba Dying of heart disease.

**କଳିଞ୍ଜ**—ଦେ. ବି.—ପଟି; ତୃଣନିର୍ମିତ ଆସ୍ତରଣ ବା ପରଦା—
Kalinja Mat; screen of reeds.

**କଳିତ**—ସଂ. ବିଣ.—(କଲ୍ ଧାତୁ + କର୍ମ. ତ)—୧ । ଜ୍ଞାତ—
Kalita 1. Known; understood.
୨ । ଧୃତ—2. Held; taken.
କାମ କରେ କଳିତ କଲା ଧନୁ ଭ୍ରୂରତ । ଗୋପୀକୃଷ୍ଣ. ରସକଲ୍ଲୋଳ ।
୩ । ପ୍ରାପ୍ତ—3. Gained; acquired.
୪ । ଉପାର୍ଜିତ—4. Earned.
୫ । ଗଣିତ—5. Numbered; counted.
୬ । ପୃଥକ୍ କୃତ—6. Separated.
୭ । ବିଚାରିତ—7. Considered.
୮ । ବଦ୍ଧ—8. Bound.
୯ । ଉକ୍ତ; କଥିତ—9. Spoken; said.
୧୦ । ଗୃହୀତ—10. Taken.
୧୧ । ଦୃଷ୍ଟ—11. Seen.
୧୨ । ହୃଷ୍ଟ—12. Delighted.
୧୩ । ଆଶ୍ରିତ—13. Dependent.
୧୪ । ଅନୁଗତ—14. Subservient.
୧୫ । ସୁନ୍ଦର; ମନୋହର—15. Graceful.
କଳିତ କୋମଳ ବାହୁଲତାର ତା ପାଣି ।
ପ୍ରାଚୀ. ଶିଶୁଶଙ୍କର—ଉଷା ଅଭିଳାଷ ।

**କଳିତକରାର**—ଦେ. ବି.—(ସହରର; ସଂ. କଳ + ଆ. ତକ୍‌ରାର)—
Kalitakarar ବିଶେଷ କଳିକଜିଆ—
**झगड़ा झाँटी** Wordy fight; quarrel.
**झगड़ाबखेड़ा**

**କଳିତକରାଳ**—ଗ୍ରା. ବି.—କଳିତକରାର (ଦେଖ)
Kalitakarala Kalitakarara (See)

**କଳିତତରା**—ଗ୍ରା. ବି.—କଳିକତରା (ଦେଖ)
Kalitatara Kalikatara (See).
କଳିତତରାକୁ ସେହିକ୍ଷେ ବେଢ଼ିଲ ଗିରୁ ଭ୍ରି । ମହାଦେବ. ମାର୍କଣ୍ଡେୟପୁରାଣ ।

**କଲିଦୁନ୍ଦୁରି**—ପ୍ରାଦେ. (ପୁରୀ, ଖୋର୍ଦ୍ଧା) ବି. (ସହରର;) ସଂ. କଳି + Kalidunduri ଦ୍ୱନ୍ଦ୍ୱ)—କଳିକଜିଆ—Quarrel.
(ଭୁକ୍ତଳାଲୁମାସ୍ତ କଥାରୁଣୀ ।)

**କଳିଦ୍ରୁମ**—ସଂ. ବି.—ବହେଡ଼ା ବା ବାହାଡ଼ା ଗଛ—
Kalidruma The Beleric myrobalan (tree).
[ ଦ୍ର—ନଳ ରାଜାଙ୍କ ଛିଦ୍ରାନ୍ୱେଷଣ କରିବା ନିମନ୍ତେ ଶରୀରଧାରୀ କଳି ଏହି ବୃକ୍ଷରେ ଆଶ୍ରୟ ଗ୍ରହଣ କରିଥିଲେ । ]

**କଳି ଧରିବା**—ଦେ. କ୍ରି. ( ସଂ. କବଳ + ଧୃ ଧାତୁ )—ରୋଗବେଳେ
Kali dhariba ଗୋରୁଙ୍କୁ ଔଷଧ ଖୁଆଇବା ପାଇଁ ସେମାନଙ୍କ ପାଟି ଭିତରେ ହାତ ପୂରାଇ ପାଟି ମେଲାକରି ଧରିବା— To hold the mouth of a cow or bullock after opening it for administering doses of medicine.
[ ଦ୍ର—ରୋଗାକ୍ରାନ୍ତ ଗୋରୁଙ୍କୁ ଔଷଧ ଖୁଆଇବା ପାଇଁ ତାକୁ ଭୂଇଁରେ ପକାଇଦେଇ ଲୋକେ ମାଡ଼ିବସନ୍ତି । ଜଣେ ଲୋକ ଦୁଇ ହାତରେ ତା ଶିଂଘକୁ ମାଡ଼ିବସେ; ଆଉ ଜଣେ ଲୋକ ଗୋରୁର ପାଟି ଭିତରେ ହାତ ପୂରାଇ ପାଟିକୁ ମେଲା କରି ଧରେ । ତାପରେ ଗୋରୁର ପାଟିରେ ଗୋଟିଏ ସରୁଆ ବାଉଁଶନଳି ସାହାଯ୍ୟରେ ଔଷଧ ଢାଳ ଦିଆଯାଏ । ]

**କଲିଧୋକଡ଼ି**—ଗ୍ରା. ବି.—କଲିମୁଣ୍ଡି (ଦେଖ)
Kalidhokardi Kalimundi (See)
ବାଣୀ କଲିଧୋକଡ଼ି ହସ୍ତେ ନାଇଦ ସେନ—ସାରଳା ମହାଭାରତ. କର୍ଣ୍ଣ ।

**କଲିନ୍ଦ**—ସଂ. ବି. (କଲ + ଦା ଧାତୁ + କର୍ତ୍ତୃ. ଅ)—୧ । ସୂର୍ଯ୍ୟ—
Kalinda 1. The sun.
୨ । ପର୍ବତବିଶେଷ—
2. Name of a mountain.
[ ଦ୍ର—ଏହି ପର୍ବତରୁ ଯମୁନା ନଦୀର ଉତ୍ପତ୍ତି ହୋଇଥିବାର କଥିତ । ]
ବହୁଳପ୍ରାପ୍ୟେ କଳିନ୍ଦ ପର୍ବତୁ ବାହାରି
ବକ୍ଷସ୍ଥଳେ ପଡ଼େ ଅଶ୍ରୁ ଗଳେ କାଢ଼ କାଢ଼—ଉପେ. ବୈଦେହୀଶବିଳାସ ।
୩ । ବାହାଡ଼ା ଗଛ—
3. The Beleric Myrabolaing (tree).
ଦେ. ବିଣ.—ଉର୍ବର—Fertile.
ଏକଚକଥି ପଦର ମାଣ ମହାଲ ଜମି ଭାର କଳିନ୍ଦ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କଲିନ୍ଦକନ୍ୟା**—ସଂ. ବି. ସ୍ତ୍ରୀ. (ଷଷ୍ଠୀ ତତ୍; କଲିନ୍ଦ + କନ୍ୟା; ଏହା କଲିନ୍ଦ
Kalindakanya ପର୍ବତରୁ ବାହାରିଥିବାରୁ)—ଯମୁନା ନଦୀ—
The Jamuna river.

**କଲିନ୍ଦଜା**—ସଂ. ବି. ସ୍ତ୍ରୀ. ( କଲିନ୍ଦ + ଜନ୍ ଧାତୁ = ଜନ୍ମିବା + କର୍ତ୍ତୃ. ଅ
Kalindaja + ସ୍ତ୍ରୀ. ଆ)—କଲିନ୍ଦକନ୍ୟା; ଯମୁନା ନଦୀ—
The Jamuna river.

**କଲିନ୍ଦନନ୍ଦିନୀ**—ବି. ସ୍ତ୍ରୀ.—କଲିନ୍ଦଜା (ଦେଖ)
Kalindanandini Kalindaja (See)
କଲିନ୍ଦନନ୍ଦିନୀ ତଟ ନିକୁଞ୍ଜରେ ମାଧବ କରେ ସଲ୍ଲାପ—ପ୍ରାଚୀ. ରସବାରିଧି ।

**କଲିନ୍ଦର**—ପ୍ରାଦେ. (ସିଂହଭୂମି) ବି.—ତରଭୁଜ—
Kalindar Watermelon

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇୟ | ଉଅ | ଷ |
| ୬ | ଈ | ଊ | ଋ | ଲୃ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଓ | ତୃ |

**କଳିପ୍ରିୟ**—ସଂ. ବିଣ. (ବହୁବ୍ରୀହି; କଳି ଅଟେ ପ୍ରିୟ ଯାହାର)—
Kalipriya କଳହପ୍ରିୟ—Quarrelsome.
ସଂ. ବି.—୧ । ନାରଦମୁନିଙ୍କର ନାମ—
1. A name of Sage Nārada.
[ ଦ୍ର—ପ୍ରବାଦ ଅଛି ଯେ ନାରଦ ଋଷି ସବୁ କଥାକୁ ଶ୍ଳେଷ ଓ ଦ୍ୱିଅର୍ଥଯୁକ୍ତ କରି କହି ଦେବତା ଓ ରାଜା ଆଦିଙ୍କ ମଧ୍ୟରେ କଳି ଲଗାଉଥିଲେ । ]
୨ । ବାନର—2. Monkey; ape.

**କଳିବର୍ଜ୍ୟ**—ସଂ. ବିଣ. ( ୭ମୀ ତତ୍; କଳି+ବର୍ଜ୍ୟ )—
Kalibarjya ଶାସ୍ତ୍ର ଅନୁସାରେ କଳିଯୁଗରେ ଯେଉଁସବୁ କର୍ମ ବର୍ଜନୀୟ ବା କରିବା ଉଚିତ ନୁହେ—
( acts ) Prohibited to be done in the Kali Age according to the Hindu Codes.
[ ଦ୍ର—ଗୋମେଧ, ଅଶ୍ୱମେଧ, ଦେବର ଦ୍ୱାରା ନିଯୋଗ ବିଧିରେ ପୁତ୍ରୋତ୍ପାଦନ, ଶ୍ରାଦ୍ଧରେ ପଶୁମାଂସ ଦ୍ୱାରା ପିଣ୍ଡଦାନ, ସମୁଦ୍ରଯାତ୍ରା ସ୍ୱୀକାର, ସନ୍ନ୍ୟାସ ଆଦି କଳିଯୁଗରେ କରଣୀୟ ନୁହେ । ]

**କଳିବା**—ଦେ. କ୍ରି. (ସଂ. କଳ ଧାତୁ=ଗଣନା କରିବା)—
Kaliba ୧ । କଳନା କରିବା; ଗଣନା କରିବା; ଇୟତ୍ତା କରିବା—
କଲନାକରା 1. To count; to calculate.
আটকলনা ୨ । ମାପିବା; କଳିବା—
2. To measure; to fathom.
ଏକ ପରେ ଏକ ଶିଖା ଭୋଟ କଳନ୍ତି କି ଗଗନର ସୀମା—ରାଧାନାଥ. ମହାଯାତ୍ରା ।
୩ । ଚରମାନ ଦ୍ୱାରା ଦେଶର ଓ ଶତ୍ରୁ ସୈନ୍ୟମାନଙ୍କର ଅବସ୍ଥା ଠିକଣା କରିବା; ଭଣ୍ଡିବା—3. To reconnoitre.
୪ । ଗଭୀରତା ଆଦି ସ୍ଥିର କରିବାପାଇଁ ଅଙ୍ଗାଦି ଦ୍ୱାରା ଦରାଣ୍ଡିବା—4. To feel; to sound.
୫ । କଳି କରିବା—5. To quarrel.
୬ । ମାତିଉଠିବା; ପ୍ରବଳ ହେବା—
6. To rise up; to be infatuated.
କୀଚକ ବଧ ଶୁଣିଣ କଳିଲେ ବଇରି—ସାରଳା. ମହାଭାରତ ।
୭ । ପରୀକ୍ଷା କରିବା; ବାଛିବା—
7. To test; to examine.
ମାର ପାଗ ମଲ୍ଲାବଳି ଗଜ କଳିବାକୁ—କବିସୂର୍ଯ୍ୟ. ସଙ୍ଗୀତ ।
୮ । ଅନୁମାନରେ ଜାଣିବା; ଠଉରେଇବା—
8. To guess.
କାହିଁ ଅସୁଅଛି ସେ କଳନ୍ତିନ କେହି ନ ପାରିଲେ ଭଳି—ରାଧାନାଥ. ପାର୍ବତୀ ।
୯ । ଅନୁମାନ ଦ୍ୱାରା ସିଦ୍ଧାନ୍ତ କରିବା; ଅଟକଳ କରିବା—
9. To estimate; to ascertain by guess.
ହେଠେ ପୂର୍ବ ଅଭିଳାଷ, ହେବାରୁ ମୁଁ ପୂର୍ଣ୍ଣ ତୋଷ, କଳିଲି ସୁମୁଖୀ କଳସ ରେ ।
—କବିସୂର୍ଯ୍ୟ. ସଙ୍ଗୀତ ।

**କଳିମଞ୍ଜ**—ଗ୍ରା. ବି. ( ସଂ. କଦଳୀ+ମଜ୍ଜା )—ମଜ୍ଜା; କଦଳୀ ଗଛ
Kalimanja ମଧ୍ୟସ୍ଥ ଶୁକ୍ଳ କୋମଳ କାଣ୍ଡ—The kernel-
ଥୋଡ଼ stalk inside the trunk of a plantain tree.
থোর [ ଦ୍ର—ଏହାକୁ ତରକାରୀ ଓ ରାଇତା କରି ଖିଆଯାଏ; ଏହା ଶୂଳ ରୋଗ ଓ ମୂତ୍ରକୃଚ୍ଛ୍ରରେ ଔଷଧରୂପେ ବ୍ୟବହୃତ ହୁଏ । ]

**କଳିମଞ୍ଜା**—ଦେ. ବି—କଳିମଞ୍ଜ ( ଦେଖ )
Kalimanja Kalimanja ( See )

**କଳିମଞ୍ଜି**—ଦେ.ବି. (ସଂ. କଳି+ମଜ୍ଜା)—୧ । କଳହର ଅସଲ କାରଣ—
Kalimanji 1. The root cause of a quarrel; the matter at issue.
୨ । କଳହ ଉତ୍ପାଦକ ବିଷୟ—
2. The seed of dissension.

**କଳିମୁଣି**—ଦେ. ବି—୧ । ନାରଦଙ୍କ କଳିବଟୁଆ—
Kalimuni 1. The proverbial wallet carried by sage Narada and said to contain the seeds of contention.
[ ଦ୍ର—ଲୋକେ ବିଶ୍ୱାସ କରନ୍ତି ଯେ ନାରଦମୁନି ଯେଉଁଠାକୁ ଯାଉଥିଲେ ସେଠାରେ ତାଙ୍କ ସାଙ୍ଗେ ସାଙ୍ଗେ ଥିବା ମୁଣିଟିକୁ ଝାଡ଼ି ଦେଉଥିଲେ ଏବଂ ସେଠାରେ ନିଶ୍ଚୟ କଳି ଲାଗୁଥିଲା । ]
୨ । କଳହପ୍ରିୟ ବ୍ୟକ୍ତି—2. A quarrelsome person.

**କଳି ମୋଡ଼ିବା**—ଦେ. କ୍ରି—କଳି ଧରିବା ( ଦେଖ )
Kali mordiba Kali dhariba ( See )

**କଳିୟର**—ଦେ. ବି—କଳିଆରି ( ଦେଖ )
Kaliyara Kaliari ( See )

**କଳିୟାର**—ଦେ. ବି—୧ । ଲଗାମ—1. Bridle; reins of a
Kaliyara horse.
୨ । ଘୋଡ଼ାର କଡ଼ିଆଳି—2. Horse's bit.

**କଳିଯୁଗ**—ସଂ. ବି—ହିନ୍ଦୁପୁରାଣ ମତରେ ସୃଷ୍ଟିର ଚତୁର୍ଥ ବା ଶେଷ ଯୁଗ
Kalijuga ( ଯୁଗ ତଳେ ନୋଟ ଦେଖ )
The 4th age of the creation according to the Hindu mythology (See notes under Juga ).

**କଳିଯୁଗିଆ**—ଦେ. ବିଣ—କଳିଯୁଗସମ୍ବନ୍ଧୀୟ—
Kalijugia Relating to the Kali Age.
কলিযুগের 'ହଦ୍, ହଦ୍, ହୁରରେ' ଗାଥରେ କଳିଯୁଗିଆ ଗୁଣ !'
কলিযুগী —ମଧୁସୂଦନ. ବ୍ୟଙ୍ଗକବିତା ।

**କଳିଳ**—ସଂ. ବିଣ. (କଳ ଧାତୁ+କର୍ମ. ଇଲ)—୧ । ଗହନ; ନିବିଡ଼—
Kalila 1. Dense.
୨ । ଯାହା ଭିତରେ ସହଜରେ ପ୍ରବେଶ କରି ହୁଏ ନାହିଁ; ଦୁର୍ଭେଦ୍ୟ—2. Impenetrable.
୩ । ମିଶ୍ରିତ—3. Mixed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଧ' ନ ପାଇଲେ 'ଅଲବଧ୍' ଦେଖିବେ ।

**କଲି ଲଗାଇବା**—ଦେ. କ୍ରି—କଲି କାଢ଼ିବା ( ଦେଖ )
Kali lagāibā Kali kārdhibā ( See )

**କଳିଷଠା**—ଦେ. ବିଣ—କଳିକାଳରେ ସାଧାରଣତଃ ମନୁଷ୍ୟର ଜୀବିତ କାଲ; ଷାଠିଏ ବରଷ—Sixty years; being the age-limit of a human being in the Kali Age.
Kalishathā

**କଳିହା**—ଦେ. ବିଣ. ପୁଂ. (ସଂ. କଳହପ୍ରିୟ)—କଳିହୁଡ଼ା; କଳହପ୍ରିୟ—Quarrelsome.
Kalihā
( କଳେହୀ—ସ୍ତ୍ରୀ )

**କଳିହୁଡ଼ା**—ଦେ. ବିଣ. ପୁଂ. ( ସଂ. କଳହ )—କଳହପ୍ରିୟ—Quarrelsome; brawling.
Kalihurdā
(କଳିହୁଡ଼ୀ—ସ୍ତ୍ରୀ) ବୟସ ଥିବା ବେଳେ ଅଳ୍ପ ଅଳ୍ପ ବଡ଼ କଳିହୁଡ଼ୀ ଥିଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କଳିହୁରା**—ଦେ. ବିଣ. ପୁଂ—କଳିହୁଡ଼ା ( ଦେଖ )
Kalihurā Kalihurdā ( See )
(କଳିହୁରୀ—ସ୍ତ୍ରୀ)

**କଳୀ**—ସଂ. ବି. (କଲ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ ଈ )—କଳିକା (ଦେଖ)
Kalī Kalikā (See)
ସଂ. ବି—କଳି ( ଦେଖ )
Kali ( See )

**କଲୀ**—ଦେ. ବି—୧ । କଲି ( ଦେଖ )—
Kalī 1. Kali (See)
୨ । (ସଂ. କଲି, ଏହା କଲି ବା କଢ଼ିପରି ସରୁ ଓ ଲମ୍ବ ଥିବାରୁ) ଅତି ଛୋଟ ଓ ସରୁ ନଡ଼ିଆ—2. Very small and slender cocoanut.
[ ଦ୍ର—ଏ ନଡ଼ିଆ ଲମ୍ବରେ ୨।୩ଇଞ୍ଚ ଓ ଏଥିର ବ୍ୟାସ ଏକ ଇଞ୍ଚ ବା ଅଧ ଇଞ୍ଚ ହୁଏ । ଏ ନଡ଼ିଆକୁ ଲୋକେ ନାସଦାନ ଓ ବୈଦ୍ୟମାନେ ବଟିକା ଓ ଚୂର୍ଣ୍ଣଆଦି ରଖି ବା ଦାନରୂପେ ବ୍ୟବହାର କରନ୍ତି । ]

**କଲୁ**—ପ୍ରାଦେ (ମେଦିନୀପୁର, ତୁଲ. ବଂ. କଲୁ, କୋଲୁ) ବି—ତେଲି—
Kalu Oil man by caste.

**କଳୁଆ**—ଦେ. ବିଣ ( ସଂ. କଲାବାନ୍ )—୧ । କୌଶଳୀ; ଦାଉଁପେଁଚିଆଲା—1. Artful; tactful.
Kaluā
୨ । ଯନ୍ତ୍ରଚାଳନରେ ଦକ୍ଷ—2. Mechanic; skilled in controlling machinery.
୩ । ଯେ ସୁବିଧା ଦେଖି କାମ କରେ—
3. Opportunist.

**କଲୁଆ**—ପ୍ରାଦେ. ( ସମ୍ବଲପୁର ଇତ୍ୟାଦି ବ୍ୟବହୃତ ଶବ୍ଦ )ବି—ଏକପ୍ରକାର ଭୁଆ—A kind of crow.
Kaluā

**କଲୁରି**—ଗ୍ରା. ବି ( ସଂ—କାରବେଲ୍ଲ; କଲରାର ସ୍ନେହସୂଚକ ନାମ; କାହାଣୀରେ ବ୍ୟବହୃତ )—କଲରା—A name for fondly calling kalarā memordica.
Kaluri

**କଲୁରିଗଛ**—ଗ୍ରା. ବି (ସ୍ନେହସୂଚକ ପ୍ରୟୋଗ; କାହାଣୀରେ ବ୍ୟବହୃତ)—
Kalurigachha କଲରା ଲତାର ସ୍ନେହସୂଚକ ନାମ—
A fond name for calling the memordica.

**କଲୁରିଗଛି**—ଗ୍ରା. ବି ( ସ୍ନେହସୂଚକ ପ୍ରୟୋଗ;କାହାଣୀରେ ବ୍ୟବହୃତ )—
Kalurigachhi କଲୁରିଗଛ (ଦେଖ)—
Kalurigachha (See)
ବୋଉଲୋ ମୋ କଲୁରିଗଛ, କଲୁରି ଅଲେ ମୋ ଉଷଣ ଅଛ—ଶିଶୁବଚନ. ତଗ ।

**କଲୁରିବେଣ୍ଟ**—ଗ୍ରା. ବି (ସ୍ନେହସୂଚକ ପ୍ରୟୋଗ; କାହାଣୀରେ ବ୍ୟବହୃତ)—
Kaluribenta ୧ । କଲରା ଫଳ—1. The hairy memordica fruit.
୨ । କଲରା ଫଳର ଡେମ୍ଫ—2. The stalk of the memordica fruit.

**କଳୁଷ**—ସଂ. ବି (କଲ ଧାତୁ+କର୍ତ୍ତୃ. ଉଷନ୍)—୧ । ପାପ—
Kalusha 1. Sin; guilt.
୨ । ମଳିନତା—2. Turbidity.
୩ । ମଇଲା; ମଳ—3. Dirt; impurity.
୪ । ଅପବିତ୍ରୀକୃତ ଅବସ୍ଥା—4. Defilement.
ସଂ. ବିଣ—୧ । ଆବିଳ; ଗୋଳିଆ; ପଙ୍କିଳ—
1. Turbid; muddy.
୨ । ମଳିନ—2. Dirty; foul.
୩ । କଷାୟିତ; ଆରକ୍ତ—3. Discoloured; reddened.
୪ । ଅସମର୍ଥ—4. Unable.
୫ । ଦୁଃଖିତ—5. Grieved.
୬ । ଗର୍ହିତ—6. Wicked.
୭ । ପାପୀ—7. Sinful.
୮ । କ୍ଷୁବ୍ଧ—8. Afflicted; agitated.

**କଳୁଷନାଶନ**—ସଂ. ବିଣ. ପୁଂ ( କଳୁଷ+ନାଶି ଧାତୁ=ବିନାଶ କରିବା +କର୍ତ୍ତୃ. ଅନ )—
Kalushanāśana
(କଳୁଷନାଶନୀ—ସ୍ତ୍ରୀ) ପାପନାଶକ ( ପରମେଶ୍ୱର )—
One who makes sins vanish; eradicating sins.
ସଂ. ବି. ପୁଂ—ପରମେଶ୍ୱର—An epithet of God.

**କଳୁଷନାଶୀ**—ସଂ. ବିଣ. ପୁଂ—କଳୁଷନାଶନ ( ଦେଖ )
Kalushanāśi Kalushanāśana ( See )
(କଳୁଷନାଶିନୀ—ସ୍ତ୍ରୀ)

**କଳୁଷିତ**—ସଂ. ବିଣ. ( କଳୁଷ+ସଞ୍ଜାତ ଅର୍ଥେ ଇତ )—
Kalushita ୧ । ମଳିନ; ମଇଲା—
1. Dirty; foul.
୨ । ମଇଲା ହୋଇଥିବା—2. Befouled.
୩ । ପଙ୍କିଳ—3. Muddy.
୪ । ଗୋଳିଆ—4. Turbid.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | କ୍ଷ | ଇସ୍ପ | ଛ୍ଅ | ଢ |
| ୨ | ଈ | ଉ | ଚ | ଲୃ | ସ୍ତ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ବ | ନ୍ଦୁ |

୫ । ଅପବିତ୍ର—5. Impure.
୬ । ଆରକ୍ତ; କଷାୟିତ—
6. Discoloured; reddened.
୭ । ଅପବର୍ଣ୍ଣୀକୃତ—7. Defiled; tainted.
୮ । ପାପଗ୍ରସ୍ତ—8. Beset with sin.

**କଲେଇ**—ଦେ. ବି—କଲାଇ ( ଦେଖ )
Kaḷei — Kaḷāi ( See )
ଖଳା ଅଗଣାରେ କଲେଇ ଗଦାନ ଅମୋଦ ସଙ୍ଗରେ ମିଶି ।
ବଧାନାଥ. ପାବଗ ।
ଦେ. ବଣ. ସ୍ତ୍ରୀ—କଳହପ୍ରିୟା ( ସ୍ତ୍ରୀ )—
(କଳଥା—ପୁଂ ) Quarrelsome ( woman )
ପ୍ରାଦେ. ( ଗଡ଼ଜାତ ) ବି—ଝଡ଼ିପୋକ—
Ants with their wings developed in the rainy season.

**କଲେଇ**—ଦେ. ବି—କଲାଇ ( ଦେଖ )
Kalei — Kalāi ( See )

**କଲେଇଚୁଣୀ**—ଦେ. ବଣ. ସ୍ତ୍ରୀ. ( ଗାଳରେ ବ୍ୟବହୃତ )—
Kaḷeichuṇi — କଳହୁଡ଼ୀ ( ସ୍ତ୍ରୀ )—
Quarrelsome ( woman )
ପ୍ରାଦେ. ( ଗଡ଼ଜାତ ) ବଣ. ସ୍ତ୍ରୀ—ଦୁଷ୍ଟପୀ ( ସ୍ତ୍ରୀ )—
Adulteress; unchaste.

**କଲେଇ ପୋକ**—ପ୍ରାଦେ. (ସିଂହଭୂମ) ବି—ଝଡ଼ିପୋକ—
Kaḷei poka — Winged ants.

**କଲେଇବଲେଇ**—ଦେ. ବି ଓ ବଣ—କଲବଲ ( ଦେଖ )
Kaleibalei — Kalabala ( See )

**କଲେଇ ମାଣ୍ଡିଆ**—ଦେ. ବି—ଏକ ଜାତୀୟ ମାଣ୍ଡିଆ—
Kaḷei māṇḍiā — A kind of small round grain grown in autumn.
ମାଣ୍ଡିଆ ତଳେ ନୋଟ୍ ( ଦେଖ )
Notes under Māṇḍiā ( See )

**କଲେଇସୁଣୀ**—ଦେ. ବଣ. ସ୍ତ୍ରୀ—କଲେଇଚୁଣୀ ( ଦେଖ )
Kaḷeisuṇi — Kaḷeichuṇi ( See )

**କଲେକ୍ଟର**—ବୈଦେ. ( ଇଂ କଲେକ୍ଟର୍ ) ବି—
Kalekṭar — ୧ । ଜିଲ୍ଲାର ଶାସନ ବିଭାଗର ପ୍ରଧାନ ରାଜକର୍ମଚାରୀ—
କାଲେକ୍ଟର — 1. Collector; the executive head of
କଲକ୍ଟର — a district.
୨ । ରାଜସ୍ୱ ଆଦାୟକାରୀ କର୍ମଚାରୀ—
2. A collector of rent.
[ ଦ୍ର—ଏହି ଇଂରାଜୀ ଶବ୍ଦ ସଙ୍ଗେ ଅନ୍ୟ ଇଂରାଜୀ ଶବ୍ଦଯୁକ୍ତ ଶବ୍ଦମାନ ଭାଷାରେ ବିକୃତ ଓ ଅବିକୃତ ହୋଇ ଚଳେ । ଯଥା—ଡେପୁଟି କଲେକ୍ଟର; ଠାକୁ କଲେକ୍ଟର; ସବ୍‌କଲେକ୍ଟର; ସବ୍‌ଡେପୁଟି କଲେକ୍ଟର । ]

**କଲେକ୍ଟରି**—ଦେ. ବି. ( ଇଂ. କଲେକ୍ଟରେଟ୍ )—
Kalekṭari — ୧ । ଜିଲ୍ଲାର ଶାସନକର୍ତ୍ତାଙ୍କ କାର୍ଯ୍ୟାଳୟ—
କାଲେକ୍ଟରୀ — 1. Collectorate; the office or court of
କଲକ୍ଟରୀ — the Collector.
୨ । ରାଜସ୍ୱ ସମ୍ବନ୍ଧୀୟ ମକଦମା ବିଚାର ହେବା କଚେରି—
2. Revenue court.

**କଲେକଲେ**—ପ୍ରାଦେ. ( ସମ୍ବଲପୁର ) କ୍ରି. ବଣ—ଧୀରେ ଧୀରେ ( କଥା କହିବା)—Slowly ( to speak ).
Kalekale

**କଲେଜ୍**—ବୈଦେ. ( ଇଂ. କଲେଜ୍ ) ବି—ବିଶ୍ୱବିଦ୍ୟାଳୟର ଉଚ୍ଚତମ
Kalej — ବିଦ୍ୟାଳୟ—College.
କାଲେଜ
କାଲୀଜ

**କଲେଜା**—ପ୍ରାଦେ. ( ସମ୍ବଲପୁର; ଭୁଲ. ହି. କଲେଜା ) ବି—
Kalejā — କଲିଜା ( ଦେଖ )—Kalijā ( See )

**କଲେଟର**—ଗ୍ରା. ବୈଦେ. ଇଂ. ବି—କଲେକ୍ଟର ( ଦେଖ )
Kaleṭara — Kalekṭar ( See )

**କଲେଟରି**—ଗ୍ରା. ବୈଦେ. ଇଂ. ବି—କଲେକ୍ଟରି ( ଦେଖ )
Kaleṭari — Kalekṭari ( See )

**କଲେବର**—ସଂ. ବି. ( କଲେ=ଶରୀରରେ; ଶୁକ୍ରରେ + ବର=ଶ୍ରେଷ୍ଠ;
Kaḷebara — ଅଥବା କଲ ଧାତୁ=ଆଦର କରିବା+କର୍ମ. ଏବର୍; ଯାହାକୁ ଆଦର କରାଯାଏ )—
୧ । ଦେହ; ଶରୀର; ଗାତ୍ର—1. Body.
୨ । ଆକୃତି; ଆକାର—
2. Size; dimension; bulk.
୩ । ଦେବତାଙ୍କ ବିଗ୍ରହ—
3. The image of a Deity.
[ ଦ୍ର—ବାର ବର୍ଷରେ ଥରେ ପୁରୀ ଜଗନ୍ନାଥଙ୍କ କଲେବର ବଦଳା ଯାଇ ନବକଳେବର ହୁଏ । ]

**କଲେ ବଲେ କୌଶଲେ**—ଦେ. କ୍ରି. ବଣ (ସଂ. କଳ, ବଳ, କୌଶଳ)—
Kaḷe baḷe kauśaḷe — ଯେ କୌଣସି ଉପାୟରେ—At any
କଲେ ବଲେ କୌଶଲେ — cost; any how; by any
କଲ ବଲ କୌଶଲସେ — means fair or foul.

**କଲେରା**—ବୈଦେ. ( ଇଂ. ) ବି - ଝାଡ଼ାବାନ୍ତି; ଓଲାଉଠା; ବିସୂଚିକା—
Kalerā — Cholera.
କଲେରା [ ଦ୍ର—ଏହା ଭାରତର ପ୍ରାଚୀନ ରୋଗ ନୁହେଁ । ଏହା
हैजा ପ୍ରାୟ ୪୦୦।୫୦୦ ବର୍ଷ ତଳେ ଭାରତରେ ପ୍ରଥମେ ଦେଖା ଯାଏ । ଏ ରୋଗ ପ୍ରଥମେ କାଲିକଟରେ ଖ୍ରୀ. ୧୫୦୫ ରେ, ଗୋଆ ଆଦି ସ୍ଥାନରେ ଖ୍ରୀ. ୧୫୪୩-୧୫୮୯ ରେ, କଟକଅଞ୍ଚଳରେ ଖ୍ରୀ. ୧୬୨୯ରେ, ମାଡ୍ରାଜରେ ଖ୍ରୀ. ୧୭୮୨ରେ, କରମଣ୍ଡଳ ଉପକୂଳରେ ଖ୍ରୀ.୧୭୬୭ ରେ, ପଞ୍ଜାବ ଓ ବଙ୍ଗରେ ଖ୍ରୀ. ୧୮୧୧-୧୮୧୭ ରେ, ରୁଷିଆରେ ଖ୍ରୀ. ୧୮୨୩ ରେ, ଗ୍ରେଟ୍ ବ୍ରିଟେନରେ ୧୮୩୧ ରେ,

ଉତ୍ତର ଆମେରିକାରେ ଖ୍ରୀ. ୧୮୩୨ ରେ ଦେଖା ଦେଇ ତିନ୍ଦରେ ପୃଥିବୀ ତମାମ୍ ବ୍ୟାପିଲା । କଲେରା ରୋଗୀର ମଳ ଓ ବାନ୍ତି ବିଷାକ୍ତ, ଏହା ଏକ ଦିନ ପରେ ବିଷାକ୍ତ ହୋଇ ପାଞ୍ଚ ଦିନ ପର୍ଯ୍ୟନ୍ତ ରହେ; ପାଞ୍ଚ ଦିନ ପରେ ଏହା ବିଷହୀନ ହୁଏ । ଏହାର ଜୀବାଣୁ ପାଣିରେ ମିଶି ପେଟକୁ ଗଲେ ଏହା ଅନ୍ୟବ୍ୟକ୍ତିକୁ ଆକ୍ରମଣ କରେ ।

ରୋଗର ଲକ୍ଷଣ—ପଖାଳ ଭାତର ତୋରାଣି ବା ପାଣିକଖାରୁରୁ ବୋହିବା ପାଣି ପରି ଝାଡ଼ା ଓ ବାନ୍ତିର ବର୍ଣ୍ଣ ହୁଏ; ହାତଗୋଡ଼ର ଶକ୍ତି ବନ୍ଦ ହୋଇଯାଏ ଓ ଖୋଲାହିବା ( ଖିଲ୍ଲମରି ) ହୁଏ । ରୋଗୀର ପରସ୍ରା ବନ୍ଦ ହୋଇଯାଏ । ରୋଗୀର ହିମାଙ୍ଗ, ଶୀତଳ ଘର୍ମ, ସନ୍ନିପାତ ( collapse ), ଦେହର ଆଭ୍ୟନ୍ତରିକ ଜ୍ୱାଳା, ପିପାସା ଓ ସ୍ୱରଭଙ୍ଗ ଲକ୍ଷିତ ହୁଏ; ଚକ୍ଷୁ କୋଟରଗତ, ହସ୍ତ ପଦ ଚର୍ମ କୁଞ୍ଚିତ ଓ ନୀଳବର୍ଣ୍ଣ ଦେଖାଯାଏ—ଚନ୍ଦ୍ରଶେଖରବାଲା—ବୃହତ୍ ଔଷଧ ସଂହିତା ବଙ୍ଗଳା ଗ୍ରନ୍ଥ । ]

**କଲେଶ**—ପ୍ରାଦେ. ( ବସ୍ତ୍ର; ଭୁଲ. ହି. କଲେସ ) ବି—କ୍ଲେଶ—
Kaleśa Difficulty.

**କଲୈ**—ଗ୍ରା. ବି.—କଲେଇ (ଦେଖ)
Ka<u>lai</u> Ka<u>l</u>ei (See)

**କଲୋନି**—ବୈଦେ. (ଇଂ. କଲୋନି) ବି.—ଉପନିବେଶ—
Kaloni Colony.
**କଲୋନୀ**
**କଲୋନୀ**

**କଲ୍କ**—ସଂ. ବି. (କଲ ଧାତୁ=ଗମନ କରିବା + କର୍ମ. କ)—୧ । ଖଳ—
Ka<u>l</u>ka 1. Kneaded flour.
୨ । କାନ ଗଇ; କର୍ଣ୍ଣମଳ—
2. Wax of the ear.
୩ । ଛିଡଅ; ଦନ୍ତ ମଳ—
3. The tartar of the teeth.
୪ । ମଳ; ବିଷ୍ଠା—4. Filth; dirt; nightsoil.
୫ । ଶିଠା—5. Sediment; dregs.
୬ । ଘୃତ ତୈଳାଦିର ଶେଷ; କାଣ୍ଡି—6. The refuse or deposit of any fluid (e. g. oil) left in a pot.
୭ । ପ୍ରତାରଣା—7. Cheating; deceit.
୮ । ଦମ୍ଭ; ଧୈର୍ଯ୍ୟ—8. Patience.
୯ । ଅହଂକାର—9. Pride; arrogance.
୧୦ । ମାଛ ପ୍ରଭୃତିର କାତି—
10. The scales of fish.
୧୧ । ଶିଳାପିଷ୍ଟ ଔଷଧ—
11. Pestled ingredients for medicine.
୧୨ । ବିଭୀତକ ବୃକ୍ଷ—
12. The Beleric Myrobalan tree.
୧୩ । ପାପ—13. Sin.
୧୪ । ଚୂର୍ଣ୍ଣ; ଚୂନା—14. Powder.
୧୫ । ଉଦ୍ଭିଦରୂପେ ପେଷା ଯାଇଥିବା ଅବଲେହ—
15. A paste.
୧୬ । ତୁରୁଷ୍କ ନାମକ ଗନ୍ଧ ଦ୍ରବ୍ୟ; ଲୋବାନ୍—
16. A scented article; Olibanum.
ସଂ. ବିଣ.—୧ । ପାପିଷ୍ଠ; ପାପାଶୟ—1. Sinful.
୨ । ପ୍ରତାରକ—
2. Deceitful; cheating; fraudulent.
୩ । ଦଗାବାଜ୍; ଅବିଶ୍ୱାସୀ—
3. Faithless; treacherous.

**କଲ୍କନ**—ସଂ. ବି. (କଲ୍କ + ଭାବ. ବା ସ୍ୱାର୍ଥ. ଅନ)—୧ । ଶଠତା—
Ka<u>l</u>kana 1. Deceit.
୨ । ମିଥ୍ୟା—2. Falsehood.
୩ । ଦଗାବାଜି; ଡାକ୍ତିକତା—3. Treachery.
୪ । (+ କର୍ମ. ଅନ)—କ୍ୱାଥ—4. Decoction.

**କଲ୍କା**—ବୈଦେ. (ଫା.) ବି—୧ । କୃତ୍ରିମ ଅସ୍ଥାୟୀ ପ୍ରତିମାର ଶିଳଅ
Kalkā ଉପରେ ଦିଆଯିବା ଚକଚକିଆ ରଙ୍ଗଦାର ବନ୍ଦ କଳସ—
1. A piece of tinsel representing an upturned jar which adorns the arch over an image.
୨ । ଶାଲର କୋଣରେ କରା ଯାଇଥିବା ଆମ୍ବୁଆ ସୂଚୀକର୍ମର ଚିତ୍ର—2. Ornamental needle-work representing a mango in the corner of a piece of shawl.

**କଲ୍କି**—ସଂ. ବି (କଲ ଧାତୁ=ଗମନ କରିବା + କି)—କଲ୍କୀ (ଦେଖ)—
Ka<u>l</u>ki Ka<u>l</u>kī (See)

**କଲ୍କିପୁରାଣ**—ସଂ. ବି—ପୁରାଣବିଶେଷ—
Ka<u>l</u>kipurāṇa Name of a Hindu mythological book.
[ ଦ୍ର—ଏହା ଅନୁ-ଭାଗବତ ନାମରେ ପ୍ରସିଦ୍ଧ; ଏଥିରେ କଲ୍କୀ-ଦେବଙ୍କର ବିବରଣ ବର୍ଣ୍ଣିତ ଅଛି । ]

**କଲ୍କୀ**—ସଂ. ବି. ( କଲ୍କ + ଇନ୍; ୧ମା ୧ବ )—ବିଷ୍ଣୁଙ୍କର କଳିଯୁଗର
Ka<u>l</u>kī ଶେଷାବତାର—The 10th and last incarnation of Bishnu in the Ka<u>l</u>i Age in which He will deliver the world from sin by destroying the wicked with his sword, riding on a horse.
[ ଦ୍ର—ଏହି ଅବତାରରେ ବିଷ୍ଣୁ ଘୋଡ଼ାରେ ଚଢ଼ି ଖଣ୍ଡାଦ୍ୱାରା ଦୁଷ୍ଟମାନଙ୍କୁ ସଂହାର କରି ପୃଥିବୀକୁ ପାପରୁ ଉଦ୍ଧାର କରିବେ ବୋଲି କଲ୍କିପୁରାଣରେ ଲେଖାଅଛି । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଚ୍ୟ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ହ୍ୟଅ | ଙ୍ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ଙ୍ |

**କଲ୍ଗା**—ବୈଦେ. (ଫା) ବି—କଲ୍ଗୀ ( ଦେଖ )
Kalgā — Kalgī ( See )

**କଲ୍ଗୀ**—ବୈଦେ. (ଫା) ବି—ପଗଡ଼ିର ସମ୍ମୁଖରେ ଥିବା ରତ୍ନଖଚିତ ଭୂଷଣ—
Kalgī — The tiara or ornamented plate attached to the Indian headdress in front.

**କଳ୍ପ୍ (ଧାତୁ)**—ସଂ—୧ । ରଚନା କରିବା—1. To compose.
Kalp (root) — ୨ । ବେଶ କରିବା; ସଜ୍ଜିତ କରିବା— 2. To equip; to furnish.

**କଳ୍ପ**—ସଂ. ବି. ( କ୍ଳୃପ ଧାତୁ=ପାରଗ ହେବା+କର୍ମ. ଅ )—
Kalpa — ୧ । ପୁରାଣମତେ ବ୍ରହ୍ମାଙ୍କର ଏକଦିନ ବା ଏକ ରାତିର ସମୟ; ୪୩୨୦୦୦୦,୦୦୦ ମାନୁଷ ବତ୍ସର; ଚାରିଶହ ବତିଶିକୋଟି ବରଷ କାଳ—1. A cosmic period; a day and night of Brahmā, corresponding to a period of 43 billions and 2o millions of mortal years.

ସହସ୍ର ଯୁଗ କାଳ ଯେତେ; କଳ୍ପ ବୋଲାଇ ଏ ଜଗତେ ।
ଜଗନ୍ନାଥ- ଭାଗବତ ।

[ ଦ୍ର—ବର୍ତ୍ତମାନ ପୃଥିବୀର ବୟସ ଶ୍ୱେତବାରାହ କଳ୍ପାବ୍ଦ ୧୯୭ କୋଟି ୨୯ ଲକ୍ଷ ୪୯ ହଜାର ୨୯ ବର୍ଷ ଅଟେ । ବ୍ରହ୍ମାଙ୍କର ଗୋଟିଏ କଳ୍ପ ନିଦ୍ରା ହୁଏ ଏବଂ ବ୍ରହ୍ମାଙ୍କ ନିଦ୍ରାଭଙ୍ଗ ହେଲେ ଗୋଟିଏ କଳ୍ପ ତାଙ୍କର ଦିନ ହୁଏ । ]

୨ । ପ୍ରଳୟ—2. End or dissolution of the creation after every Kalpa; the all-destroying deluge according to Hindu mythology.

୩ । ଧର୍ମସାଧନ ନିୟମ ବା ବିଧି—
3. Sacred precept or rule.

ଉତ୍ତମ କଳ୍ପେ ସୁସମ୍ବାଦ, କରାଇ ଶତ ଅଶ୍ୱମେଧ । ଜଗନ୍ନାଥ. ଭାଗବତ ।

୪ । ବୈଦିକ କର୍ମକାଣ୍ଡ ବିଷୟକ ନିୟମଚୟ—
4. A body of Vedic rules; Vedic rites.

୫ । ଅଭାବ ପକ୍ଷେ କର୍ତ୍ତବ୍ୟ ବିଧି; ବିକଳ୍ପ—
5. A prescribed alternative for a precept.

୬ । ଯାଗକ୍ରିୟା ଉପଦେଶକ ଓ କର୍ମକାଣ୍ଡ ବିଷୟକ ବେଦାଙ୍ଗ ଗ୍ରନ୍ଥବିଶେଷ—6. Name of one of the six Bedāngas treating of ceremonials or sacred rites.

[ ଦ୍ର—ବେଦର ୬ଗୋଟି ଅଙ୍ଗରୁ ଏହା ଏକତମ । ]

୭ । ଅଭିପ୍ରାୟ; ଇଚ୍ଛା—7. Intention; wish.

ଧ୍ୟାନେ ଚିନ୍ତିବ ବିଶ୍ୱରୂପେ; ପୂଜା କରିବ ମୋକ୍ଷକଳ୍ପେ । ଜଗନ୍ନାଥ. ଭାଗବତ ।

୮ । ( +କର୍ତ୍ତୃ. ଅ ) କଳ୍ପବୃକ୍ଷ; କଳ୍ପବଟ—
8. The legendary Banyan tree which survives a Kalpa of 43billions of years.

୯ । ୪ ଥର ମାଳାଜପ; ୪ ଥର ୧୦୮ ଟି ପ୍ରଭୁ ନାମ ମାଳା ଦ୍ୱାରା ଜପ —9. Telling of the Deity's name 4 × 108 times with the beads.

୧୦ । ସଂକଳ୍ପ; ପ୍ରତିଜ୍ଞା —10. Determination; resolve.

୧୧ । ( ସଂ. ପ୍ରତ୍ୟୟ ) ବିଶେଷ୍ୟ ବିଶେଷଣ ପରେ ଏହି ପ୍ରତ୍ୟୟ ଯୁକ୍ତହେଲେ ଈଷଦୂନ ଓ ତୁଲ୍ୟାର୍ଥ ବୁଝାଏ; ପ୍ରାୟ ସମାନ—
11. A suffix implying similarity ( but with a degree of inferiority ) when added to a noun or adjective.

( ଯଥା—ପିତୃକଳ୍ପ, ମୃତକଳ୍ପ, କବିକଳ୍ପ ଓ ଗୁରୁକଳ୍ପ । )

ଦେ. ବି—କଳ୍ପନା—Contemplation.

ଅକଳ୍ପଣା ନିହନ୍ତି ଯେ ଅଛି ତାଙ୍କ କଳ୍ପ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଦେ. ବିଣ—ଅସୀମ; ଅନନ୍ତ—Illimitable.

ସେ ମାଳ କଳ୍ପ ଶକ୍ତି ଧରି, ଅନେକ ମାଳ ଚିହ୍ନ କରି ।
ଭୂପତି. ପ୍ରେମପଞ୍ଚାମୃତ ।

**କଳ୍ପ ଆୟୁଷ**—ଦେ. ବିଣ. ( ପଦ୍ୟ ) ( ସଂ. କଳ୍ପାୟୁଃ )—
Kalpa āyusha — କଳ୍ପାୟୁଃ; ଯେ ଏକ କଳ୍ପ ବଞ୍ଚନ୍ତି—

କଳ୍ପ ଆୟୁଷ ସିଦ୍ଧ ଗଣେ, ଯହିଁ ରମନ୍ତି ଅନୁକ୍ଷଣେ—ଜଗନ୍ନାଥ. ଭାଗବତ ।

**କଳ୍ପକ**—ସଂ. ବି. ( କ୍ଳୃପ ଧାତୁ=ଛେଦନ କରିବା; ପାରଗ ହେବା+କର୍ତ୍ତୃ. ଅକ )—
Kalpaka

୧ । ଭଣ୍ଡାରି ( ଶବ୍ଦମାଳା)—1. Barber.

୨ । କର୍ଚ୍ଚୂର; କଚୁରି ( ଭାବ ପ୍ରକାଶ )—
2. A kind of cake.

ସଂ. ବିଣ. ପୁଂ—୧ । କଳ୍ପନାକାରୀ—1. Imagining.

ଶୁଣ ହେ କଳ୍ପକ ଜନେ ଏ ଚରିତ ରସି ।
(କଳ୍ପିକା—ସ୍ତ୍ରୀ) — ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଛେଦନକାରୀ—2. Cutting.

୩ । ରଚକ—2. Composing.

୪ । ଆରୋପକ—4. Attributing.

**କଳ୍ପଣା (ଇତ୍ୟାଦି)**—ଗ୍ରା. ବି. ( ସଂ. କଳ୍ପନା )—
Kalpanā (etc) — ୧ । କଳ୍ପନା ଇତ୍ୟାଦି ( ଦେଖ ) 1. Kalpanā etc. ( See )

ଜନ୍ମ ତ ଗଲଣି ଭଜିବାର ଅଣୁ ତା କଳ୍ପ-କଳ୍ପଣା । ଯଦୁନାଥ. ଜଣା ।

୨ । ( ସଂ. କର୍ପଣ୍ୟ )—କଳ୍ପନା ( ଦେଖ )
2. Kalpanā ( See )

**କଳ୍ପତରୁ**—ସଂ. ବି. ( ମ. ପ. ଲୋ; କଳ୍ପ=ଅଭିପ୍ରାୟ+ତରୁ )—
Kalpataru — କଳ୍ପବଟ ୧ ( ଦେଖ ) Kalpabaṭa 1 ( See )

ଦେ. ବି. ପୁଂ—ପୁରୁଷଙ୍କ ନାମ—
A name given to males.

**କଳ୍ପତରୁ ଦାନ**—ସଂ. ବି—ଦାନସାଗରୋକ୍ତ ମହାଦାନବିଶେଷ—
Kalpataru dāna — A kind of gift to Brahmans laid down in Dāna Sāgara.

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗ୍ଯା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

[ ଦ୍ର—ଏଥିରେ ସୁବର୍ଣ୍ଣ ନିର୍ମିତ ବୃଷ ଦକ୍ଷିଣା ସହିତ ବ୍ରାହ୍ମଣଙ୍କୁ ଦାନ କରାଯାଏ । ]

**କଳ୍ପଦାହ**—ସଂ. ବି—ରଜ ସଂକ୍ରାନ୍ତି ବା ଭୂଇଁଦାହଣ—
Kal̲padāha The Saṁkrānti of the month of Āshārḏha.
[ ଦ୍ର—ଏ ସମୟରେ ଆନ୍ତର୍ଭୌମିକ ଦାହ ହେବା ଯୋଗୁଁ ସମ୍ଭବତଃ ହିନ୍ଦୁ ଶାସ୍ତ୍ର ଅନୁସାରେ ଭୂମି ଖନନାଦି ନିଷିଦ୍ଧ । ]

**କଳ୍ପଦ୍ରୁମ**—ସଂ. ବି—କଳ୍ପବଟ ( ଦେଖ )
Kal̲padruma Kal̲pabaṭa ( See )

**କଳ୍ପନ**—ସଂ. ବି. ( କୃପ ଧାତୁ + ଭାବ. ଅନ )—
Kal̲pana ୧ । ମିଥ୍ୟା ରଚନା—
( କଳ୍ପିତ—ବିଣ ) 1. Contrivance; fabrication.
୨ । ମିଥ୍ୟାକଳଙ୍କାରୋପ—2. False impntation.
୩ । ଉଦ୍ଭାବନ—3. Scheme; design; invention.
୪ । ନବନବୋଦ୍ଭାବନ ଶକ୍ତି—
4. Power of invention.
୫ । ସମ୍ଭାବନା; ମନରୁ କୌଣସି କଥା ଗଢ଼ିବା—
5. Imagination; fancy.
୬ । ସଂକଳ୍ପ; ନିର୍ଦ୍ଧାରଣ—
6. Contemplation; resolve.
୭ । ମାନସ; ମନର ଭାବ—7. Conception.
୮ । ନ୍ୟାୟଶାସ୍ତ୍ର; ଅନୁମାନ—
8. (logic) Induction; inferenee; fancy.
୯ । ମନନ—9. Recollection.
୧୦ । ସାମର୍ଥ୍ୟ—10. Power; capacity.
୧୧ । ପର୍ଯ୍ୟାପ୍ତି—11. Sufficience.
୧୨ । (କୃପ ଧାତୁ + ଭାବ ଅନ)—ଛେଦନ(କ୍ରିକାଣ୍ଡ ଶେଷ)—
12. Cutting.
୧୩ । ( କୃପ ଧାତୁ + କର୍ମ. ଅନ ) ନାୟକାରୋହଣାର୍ଥ ଗଜ-ସଜ୍ଜୀକରଣ—
13. Fitting or equipping of an elephant for a ride.

**କଳ୍ପନା**—ସଂ. ବି. ( କଳ୍ପନ + ଆ )—୧ । କଳ୍ପନ ( ଦେଖ )
Kal̲panā 1. Kal̲pana ( See )
( କଳ୍ପିତ—ବିଣ ) ୨ । ରଚନା ( ଅମରକୋଷ )—
2. Composition.
( ଯଥା—ପ୍ରବନ୍ଧ କଳ୍ପନା । )
ଦେ. ବି. ( ସଂ. କାର୍ପଣ୍ୟ )—୧ । ମନର ଅସନ୍ତୋଷ—
1. Dissatisfaction.
୨ । କୌଣସି ପଦାର୍ଥ ଦାନ କରିବା ସମୟରେ ମନର ଅସ୍ୱଚ୍ଛତା—
2. Want of frankness or sincerity while giving away a thing.
୩ । ବାସନା; କାମନା—3. Desire.

ଅନ୍ୟ କଳ୍ପନା ନାହିଁ ମୋତ, ଯାର ପ୍ରସନ୍ନେ ଭବୁଁ ପାର ।
ଜଗନ୍ନାଥ. ଭାଗବତ ।

**କଳ୍ପନା କରିବା**—ଗ୍ରା. କ୍ରି. ( ସଂ. କାର୍ପଣ୍ୟ )—
Kal̲panā karibā ୧ । ଆନ୍ତରିକ ଅସନ୍ତୋଷ ହେବା—
**কল্পনাকরা** 1. To be dissatisfied at heart.
**कल्पना करना** ୨ । କୌଣସି ଅଲଭ୍ୟ ବସ୍ତୁକୁ ଲାଭ କରିବା ନିମନ୍ତେ ହୃଦୟରେ ଇଚ୍ଛା ପୋଷଣ କରିବା—
2. To inwardly hanker after an unattainable thing.
୩ । କୌଣସି ପଦାର୍ଥ ଦାନ କରିବା ସମୟରେ ମନରେ ଅସ୍ୱଚ୍ଛତା ରଖିବା—
3. Not to be inwardly frank while giving away a thing.
ଦେ. କ୍ରି. ( ସଂ. କଳ୍ପନା ) ୧ । ଅନୁମାନ କରିବା—
1. To imagine.
୨ । ମନରେ ସଂକଳ୍ପ କରିବା—2. To conceive.
୩ । ମିଥ୍ୟାରେ ରଚନା କରିବା—3. To contrive.
୪ । ଉପାୟ ସ୍ଥିର କରିବା – 4. To plan.
୫ । ଅବାସ୍ତବ ପଦାର୍ଥକୁ ବାସ୍ତବ ବୋଲି ଭାବନା କରିବା—
5. To take an imaginary thing to exist.

**କଳ୍ପନା କୁସୁମ**—ସଂ. ବି. ( ମ. ପ. ଲୋ; କଳ୍ପନାଦ୍ୱାରା ଅନୁମିତ କୁସୁମ
Kal̲panā kusuma କିମ୍ବା କଳ୍ପନାରୁ ପ୍ରସୂତ କୁସୁମ )—
କଳ୍ପନାଦ୍ୱାରା ଅନୁମିତ ପଦାର୍ଥ; ଆକାଶକୁସୁମ; ଅବାସ୍ତବ ବିଷୟ—A flower of the skies; a freak of fancy; a castle in the air; imaginary thing; a thing having no actual existence.

**କଳ୍ପନାକେଳି**—ସଂ. ବି. ( ୬ଷ୍ଠୀ ତତ୍; କଳ୍ପନା + କେଳି )—ଅବାସ୍ତବ
Kal̲panākel̲i ବିଷୟରେ କ୍ରୀଡ଼ା; କଳ୍ପନାର ଖେଳନା—
A freak of fancy; a play of imagination.

**କଳ୍ପନାକ୍ରୀଡ଼ା**—ସଂ. ବି.—କଳ୍ପନାକେଳି ( ଦେଖ )
Kal̲panākrīṟḏā Kal̲panākel̲i ( See )

**କଳ୍ପନାପ୍ରସୂତ**—ସଂ. ବିଣ. ( ୫ମୀ ତତ୍, କଳ୍ପନା + ପ୍ରସୂତ )—
Kal̲panā prasūta ୧ । କାଳ୍ପନିକ; ଆନୁମାନିକ; ଅବାସ୍ତବ—
1. Fictitious; imaginary; resulting from fancy; having no existence in fact; born of fancy.
୨ । କଳ୍ପନା ବା ଇଚ୍ଛା କରିବାମାତ୍ରେ ଜାତ; ମାନସସମ୍ଭୂତ—
2. Born according to one's desire; miraculously born without conception in the mother's womb.

**କଳ୍ପନାଫଳ**—ଦେ. ବି.—୧ । କଳ୍ପନାରୂପ ଫଳ—
Kal̲panāphal̲a 1. Fancy compared to a fruit.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଋଁ | ଉଅ | ଙ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ତ |

୨ । କଳ୍ପନା ଶକ୍ତି ଚାଳନ ଜନିତ ବସ୍ତୁ—
2. The result of exercising one's power of imagination.

ଦେ. ବିଣ.—କଳ୍ପନାନୁରୂପ ଫଳଦାନକାରୀ (ବୃକ୍ଷାଦି)—
( trees ) Giving fruits according to one's desires.

କଳ୍ପନା-ଫଳ ତରୁଗଣେ,
କଳ୍ପ ଅଛାବ ଫଳମାନେ—ଭୂପତି. ପ୍ରେମପଞ୍ଚାମୃତ ।

**କଳ୍ପନାରାଜ୍ୟ**—ସଂ. ବି. (୬ଷ୍ଠୀ ତତ୍ ବା ରୂପକ; କଳ୍ପନା + ରାଜ୍ୟ)—
**Kalpanārājya** କଳ୍ପନାବକାଶ; କଳ୍ପନାର ବିଷୟ ବସ୍ତୁ—
Domain of fancy; fiction.

**କଳ୍ପନାଶକ୍ତି**—ସଂ. ବି.(୬ଷ୍ଠୀ ତତ୍; କଳ୍ପନା + ଶକ୍ତି)—
**Kalpanāśakti** ୧ । ନବନବୋଦ୍ଭାବନ ଶକ୍ତି—
1. Inventive genius.
୨ । ଅନୁମାନ କରିବାର କ୍ଷମତା—
2. Power of imagination.

**କଳ୍ପନାସମ୍ଭୂତ**—ସଂ. ବିଣ. (୫ମୀ ତତ୍; କଳ୍ପନା + ସମ୍ଭୂତ)—
**Kalpanāsaṁbhūta** କଳ୍ପନାପ୍ରସୂତ (ଦେଖ)
Kalpanāprasūta (See)

**କଳ୍ପନା ହେବା**—ଗ୍ରା. କ୍ରି. ( ସଂ. କାର୍ପଣ୍ୟ )—
**Kalpanā hebā** ୧ । ମନେ ମନେ ଅସନ୍ତୁଷ୍ଟ ହେବା—
1. To be dissatisfied at heart.
୨ । କୌଣସି ପଦାର୍ଥ ଦାନ କରି ମନରେ କ୍ଷୁଣ୍ଣ ବୋଧ କରିବା—2. To be dissatisfied after giving away a thing.

**କଳ୍ପନୀ**—ସଂ. ସ୍ତ୍ରୀ. ( କୃପ ଧାତୁ + କରଣ ଅନ + ସ୍ତ୍ରୀ. ଈ )—
**Kalpanī** କର୍ତ୍ତରୀ; କତୁରି ( ହେମଚନ୍ଦ୍ର )—Scissors.

**କଳ୍ପପାଦପ**—ସଂ. ବି.—କଳ୍ପତରୁ (ଦେଖ)
**Kalpapādapa** Kalpataru (See)

**କଳ୍ପବଟ**—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; କଳ୍ପସ୍ଥାୟୀ ବଟ)—
**Kalpabaṭa** ୧ । ଇନ୍ଦ୍ରଙ୍କ ନନ୍ଦନକାନନସ୍ଥ ଅଭୀଷ୍ଟଫଳଦ ବଟ-ବୃକ୍ଷ—1. The Banyan tree of plenty in the garden of Indra, which showers anything an applicant desires when approaching it; a mythological tree of Indra's paradise supposed to grant all desires.
୨ । କଳ୍ପାନ୍ତସ୍ଥାୟୀ ବଟ ବୃକ୍ଷ—
2. The deluge-surviving Banyan tree, sitting on which Visnu begins creation anew.

[ ଦ୍ର—ପୁରାଣ ମତରେ ମହାପ୍ରଳୟରେ ସମସ୍ତ ଜଗତର ଧ୍ୱଂସ ହେଲେ କେବଳମାତ୍ର ଏହି ବୃକ୍ଷ ବଞ୍ଚିରହେ ଓ ଏହା ଉପରେ ବସି ବିଷ୍ଣୁ ପୁନର୍ବାର ସୃଷ୍ଟି ଆରମ୍ଭ କରନ୍ତି । ]
୩ । (ଲକ୍ଷଣାର୍ଥ) ମହାଦାତା ବ୍ୟକ୍ତି—
3. (figurative) A man of great liberality and munificence.

**କଳ୍ପବୃକ୍ଷ**—ସଂ. ବି.—କଳ୍ପବଟ (ଦେଖ)
**Kalpabr̥uksha** Kalpabaṭa (See)

**କଳ୍ପଲତା**—ସଂ. ବି—କଳ୍ପବଟ ( ଦେଖ )—
**Kalpalatā** Kalpabaṭa ( See )
ଦେ. ବି—ବ୍ରହ୍ମାଙ୍କ ମୁଖରୁ ଜାତ ଅପ୍ସରାବିଶେଷ—
A name of a legendary nymph.

**କଳ୍ପସୂତ୍ର**—ସଂ. ବି ( କଳ୍ପ = ବେଦୋକ୍ତ ବିଧି + ସୂତ୍ର )—ବୈଦିକ ବିଧି
**Kalpasūtra** ଲିପିବଦ୍ଧ ହୋଇଥିବା ଗ୍ରନ୍ଥ ବା ବ୍ୟବସ୍ଥା ଶାସ୍ତ୍ର—
A manual of rituals; a manual of Vedic rules; a book laying down rules of conduct.

**କଳ୍ପାନ୍ତ**—ସଂ. ବି ( ୬ଷ୍ଠୀ ତତ୍; କଳ୍ପ + ଅନ୍ତ )—୧ । କଳ୍ପକାଳର
**Kalpānta** ଅବସାନ; ଯୁଗାନ୍ତ—1. The end of time; end of a Kalpa.

ନଶାରମଣ କର, କଳକାକଣ ଘୋର, ହୋଇଯିବ କଳ୍ପାନ୍ତ କାଳ ଶବ—
କବିସୂର୍ଯ୍ୟ. କଣୋରାଚମ୍ପୂ. ନ. ଗୀତ ।

**କଳ୍ପାନ୍ତଜୀବୀ**—ସଂ. ବିଣ. ପୁଂ ( କଳ୍ପାନ୍ତ + ଜୀବିନ୍; ୧ମା. ୧ବ )—
**Kalpāntajībī** କଳ୍ପାନ୍ତସ୍ଥାୟୀ ( ଦେଖ )—
(କଳ୍ପାନ୍ତଜୀବିନୀ—ସ୍ତ୍ରୀ) Kalpāntasthāyī (See)

**କଳ୍ପାନ୍ତର**—ସଂ. ବି (କର୍ମଧା; ଅନ୍ୟ + କଳ୍ପ)—୧ । ଅନ୍ୟ କଳ୍ପ—
**Kalpāntara** 1. Another Kalpa or age of the earth's existence.
୨ । ଅନ୍ୟ ବିଧି—2. Another or an alternative precept.

**କଳ୍ପାନ୍ତସ୍ଥାୟୀ**—ସଂ. ବିଣ. ପୁଂ (କଳ୍ପାନ୍ତ + ସ୍ଥାୟିନ୍; ୧ମା. ୧ବ)—
**Kalpāntasthāyī** ୧ । ଚିରସ୍ଥାୟୀ; ଅମର; ଅବିନାଶୀ—
(କଳ୍ପାନ୍ତସ୍ଥାୟିନୀ—ସ୍ତ୍ରୀ) 1. Permanent; indestructible; living for ever.
୨ । କଳ୍ପକାଳର ଶେଷ ପର୍ଯ୍ୟନ୍ତ ଯେ ରହେ ବା ବଞ୍ଚେ—
2. That which lives to the end of a Kalpa; enduring till the end of time.

**କଳ୍ପିତ**—ସଂ. ବିଣ (କୃପ ଧାତୁ ଣିଜନ୍ତ = କଳ୍ପି ଧାତୁ + କର୍ମ. ତ)—
**Kalpita** ୧ । ରଚିତ—1. Arranged; composed.
୨ । ଉଦ୍ଭାବିତ—2. Contrived; imagined; fancied; invented; conceived.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚଛିତ ଅକ୍ଷର ଓ ମାତ୍ରା ଏବଂ ୨ ଚଛିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଛିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଛିଁର ବଦଳରେ ୨ ବା ୧ ଚଛିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଢ' ଖୋଜିବେ; 'କ୍ଷୁଧ' ନ ମିଳିଲେ 'କ୍ଷୁଧା' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । କଳ୍ପନା ସମ୍ଭୂତ; ଆନୁମାନିକ; ଅବାସ୍ତବ—
3. Imaginary; fictitious.

୪ । ସମ୍ପାଦିତ — . Accomplished; done; made.

୫ । ସଜ୍ଜିତ—5. Fitted; equipped; arranged; fashioned.

୬ । ଦତ୍ତ—6. Given away.

୭ । ଆରୋପିତ—7. Put on; fixed on; manipulated.

୮ । ନିଶ୍ଚିତ; ଅବଧାରିତ—
8. Ascertained; settled; arrived at.

ସଂ. ବି—ଆରୋହଣାର୍ଥ ସଜ୍ଜିତ ହସ୍ତୀ—
Fully equipped elephant.

**କଳ୍ପିବା**— ଦେ. କ୍ରି. (ପଦ୍ୟ) (ସଂ. କଳ୍ପ ଧାତୁ)—୧ । ରଚନା କରିବା—
Kalpibā 1. To arrange; to compose.
କର୍ମ୍ମ ୨ । ଅନୁମାନ ବା କଳ୍ପନାଦ୍ୱାରା ପ୍ରତିଷ୍ଠା କରିବା—
କଳପ 2. To set up a thing by imagination; to devise.

୩ । କଳ୍ପନା କରିବ (ଦେଖ)
3. Kalpanā karibā (See)

୪ । ଆକାଂକ୍ଷା କରିବା—4. To desire; to wish.
ମୋହ ନିମିତ୍ତେ ରକ୍ଷା ଅଲ୍ପ, ବହୁତ କଳ୍ପେ ଭାବ ମନ । ଜଗନ୍ନାଥ. ଭାଗବତ ।

୫ । ନିର୍ମାଣ କରିବା—5, To build; to construct.
ବାର ମଧ୍ୟେ ପୁର ସୁର ଶିଳ୍ପୀ ସେ,
ବାରହିତ ଲକ୍ଷ କର କଳ୍ପେ ଯେ । ଭଞ୍ଜ. ବୈଦେହୀଶବିଳାସ ।

୬ । ତୁଳନା କରିବା—6. To compare.
ଏଣୁ କଳ୍ପନ୍ତି ସ୍ଥାଯୁଜନ, ମଳସ୍ୱେ ସେସବେ ଚନ୍ଦନ । ଜଗନ୍ନାଥ. ଭାଗବତ ।

୭ । ମନରେ ସ୍ଥିର କରିବା—
7. To settle; to resolve.
କୃଷ୍ଣ ବଶ୍ୟେ ଦୃଢ ମନ, କଳ୍ପିଲ ଉତ୍ତର ନନ୍ଦନ । ଜଗନ୍ନାଥ. ଭାଗବତ ।

୮ । ଜନ୍ମ କରିବା; ସନ୍ତାନ ଉତ୍ପାଦନ କରିବା—
3. To beget.
ତାହାଙ୍କ ଗର୍ଭେ ଋଷିଗଣ, କଳ୍ପିବେ ବହୁତ ସନ୍ତାନ । ଜଗନ୍ନାଥ. ଭାଗବତ ।

୯ । ଚିନ୍ତା କରିବା—9. To think.
ଏମନ୍ତ ଚିତ୍ତେ କଳ୍ପ ତୁହି, ଶୁଣ କହଇ ତାହା ମୁହିଁ । ଜଗନ୍ନାଥ. ଭାଗବତ ।

**କଳ୍ପୀ**—ସଂ. ବି. (କଳ୍ପ ଧାତୁ କର୍ତ୍ତୃ. ଇନ୍; ୧ମା. ୧ବ.)—୧ । ରଚକ—
Kalpī 1. Composer; maker.
(କଳ୍ପିନୀ—ସ୍ତ୍ରୀ) ୨ । ବେଶକାରୀ—
2. One who furnishes; decorating.

୩ । (କ୍ଷୌରକର୍ମାଦିଦ୍ୱାରା ବେଶ କରିବାରୁ) ଭଣ୍ଡାରୀ—
3. Barber.

ସଂ. ବିଣ.—୧ । ଆରୋପଣକାରୀ—1. Designing.
୨ । ଉଦ୍ଭାବନକାରୀ—2. Contriving.

**କଲ୍ମଷ**—ସଂ. ବି. (କଲ+ମଷ ଧାତୁ=ଦାନ କରିବା+କର୍ତ୍ତୃ. ଅ; ଅଥବା
Kalmasha କର୍ମ+ସୋ ଧାତୁ=ନାଶ କରିବା+କର୍ତ୍ତୃ. ଅ; ଯାହା ପୁଣ୍ୟକର୍ମକୁ ନାଶ କରେ)—୧ । କଲୁଷ; ପାପ—
1. Sin; guilt.

୨ । କାଣ୍ଟି—2. Dregs; sediment (M. W)

୩ । ନରକର ଅଂଶବିଶେଷ—
3. A division of Hell.

୪ । ପାପଚିନ୍ତା—4. Sinful thoughts.

୫ । ମଇଳା - 5. Dirt; filth.

୬ । କଳଙ୍କ—6. Taint; stain.

୭ । ଦୋଷ—7. Fault; defect.

୮ । କବଜିର ତଳେ ଥିବା ହାତର ଅଂଶ—
8. The part of the hand below the wrist (M.W

ସଂ. ବିଣ—୧ । ମଳିନ—1. Dirty.
୨ । ପାପୀ—2. Sinful.
୩ । କଳଙ୍କିତ—3. Tainted; stained.
୪ । ଦୁଷ୍ଟ; ଖଳ—4. Wicked.

ଦେ. ବି—ସାମାନ୍ୟ ଦୋଷ—
Slight fault; blemish.
(ଯଥା—ମୋ ରୋଗ ସମ୍ପୂର୍ଣ୍ଣ ଭଲ ହୋଇ ନାହିଁ, ଟିକିଏ କଲ୍ମଷ ରହି ଯାଇଅଛି ।).

**କଲ୍ମା** (ଇତ୍ୟାଦି)—ବୈଦେ. (ଆରବୀ) ବି—କଲ୍‌ମା ଇତ୍ୟାଦି (ଦେଖ)
Kalmā (etc) Kalmā, etc (See)

**କଲ୍ମାଷ**—ସଂ. ବି. (କଲ+ମଷ ଧାତୁ=ଦାନ କରିବା+କର୍ତ୍ତୃ. ଅ;
Kalmāsha ଯେ ଅନ୍ୟ ବର୍ଣ୍ଣକୁ ନଷ୍ଟ କରେ)—
୧ । ବିଚିତ୍ର ବର୍ଣ୍ଣ—1. Variegated colour.

୨ । ଶ୍ୱେତ କୃଷ୍ଣ ମିଶ୍ରିତ ବର୍ଣ୍ଣ—
2. Brown colour; white and black colour.

୩ । କୃଷ୍ଣବର୍ଣ୍ଣ—3. Black colour.

୪ । ରାକ୍ଷସ—4. Demon; goblin.

୫ । ଦୈତ୍ୟବିଶେଷ—
5. Name of a demon.

୬ । ନାଗବିଶେଷ—
6. Name of a mythological serpent.

୭ । ଅଗ୍ନିବିଶେଷ—
7. Name of a sacrificial fire.

୮ । ସୂର୍ଯ୍ୟଙ୍କ ଅନୁଚରବିଶେଷ; ଯମ—
8. Name of an attendant of the Sun-god, identified to be Jama.

୯ । ହରିଣବିଶେଷ—9. A kind of deer (M. W.)

୧୦ । ପୂର୍ବଜନ୍ମରେ ଶାକ୍ୟମୁନିଙ୍କ ନାମ—
10. Name of Śākyamuni in a former birth.

| ୧ | ଇ | ଉ | ର,ଋ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

ସଂ. ବିଣ—୧ । କର୍ବୁର; ବିଚିତ୍ରବର୍ଣ୍ଣବିଶିଷ୍ଟ—
1. Variegated; black and white; multi-coloured.
୨ । ଛିଟଛିଟିଆ; ଟୋପିଟୋପିକିଆ—2. Spotted.

**କଲ୍ମାଷକଣ୍ଠ**—ସଂ. ବି. ପୁଂ. ( ବହୁବ୍ରୀହି; କଲ୍ମାଷ=କୃଷ୍ଣବର୍ଣ୍ଣବିଶିଷ୍ଟ+କଣ୍ଠ )—ନୀଳକଣ୍ଠ; ଶିବ—
Kalmāshakaṇṭha
A name of Śiba.
[ ଦ୍ର—ସମୁଦ୍ରମନ୍ଥନକାଳରେ ବିଷପାନ କରିଥିବାରୁ ଏହାଙ୍କର କଣ୍ଠ ନୀଳବର୍ଣ୍ଣ ହୋଇଥିଲା, ତେଣୁ ଶିବଙ୍କର ଏହି ନାମ । ]

**କଲ୍ମାଷପାଦ**—ସଂ. ବି. ପୁଂ. ( ନାମ )—ରାଜା ସୌଦାସ—
Kalmāshapāda
A name of king Saudāsa.
[ ଦ୍ର—ବଶିଷ୍ଠପୁତ୍ର ଶକ୍ତିଙ୍କ ଅଭିଶାପରେ ଏ ରାକ୍ଷସତ୍ୱ ପ୍ରାପ୍ତ ହୋଇଥିଲେ, ଏ କଲ୍ମାଷୀନଦୀତୀରବାସୀ ଭୃଗୁଙ୍କ ଶିଷ୍ୟ ଥିଲେ; ଏ ଇକ୍ଷ୍ୱାକୁଙ୍କ ବଂଶଧର । ]

**କଲ୍ମାଷୀ**—ସଂ. ବି. ସ୍ତ୍ରୀ. ( କଲ୍ମାଷ+ସ୍ତ୍ରୀ. ଈ )—
Kalmāshi
୧ । ଯମଦଗ୍ନିଙ୍କ ଛିଟିଆ କାମଧେନୁ—
1. The speckled cow of sage Jamadagni which granted all desires ( M. W. )
୨ । ନଦୀବିଶେଷ; ଯମୁନା ନଦୀ—
2. Name of a river; the Jamunā.

**କଲ୍ୟ**—ସଂ. ବି. ( କଲ ଧାତୁ=ଗଣନା କରିବା+କର୍ମ. ଯ )—
Kalya
୧ । ପ୍ରଭାତ; ପ୍ରାତଃକାଳ—
1. Daybreak; morning; early morning; dawn; morrow.
୨ । ସ୍ୱାସ୍ଥ୍ୟ—2. Health ( M. W. )
୩ । ଗତ କାଲି; ଗତ ଦିନ—
3. Last or previous day; yesterday.
୪ । ଆଗାମୀ କାଲି; ଆଗାମୀ ଦିନ—
4. Next or coming day; to-morrow.
୫ । ସୁସମ୍ବାଦ—5. Good news.
୬ । କଲ୍ୟାଣ; ଆଶୀର୍ବାଦ—
6. Benediction; blessing.
୭ । ମଧୁ; ମଦ୍ୟ—7. Honey; mead.
୮ । ମଦ୍ୟ—8. Spirituous liquor.
ସଂ. ବିଣ. ପୁଂ. (କଲା+ଯ)—୧ । ସଜ୍ଜିତ; ପ୍ରସ୍ତୁତ—
( କଲ୍ୟା—ସ୍ତ୍ରୀ ) 1. Arranged; equipped; fitted; furnished; ready for action or use.
୨ । ନୀରୋଗ; ସୁସ୍ଥ—
2. Healthy; sound; hale and hearty.
୩ । ଦକ୍ଷ; ଚତୁର—3. Clever; expert.
୪ । ସମର୍ଥ—4. Competent.
୫ । ଅତ୍ୟୁତ୍ତମ—5. Excellent.
୬ । କଲ୍ୟାଣକର—6. Benedictory; propitious.
୭ । ପୂତ; ପବିତ୍ର—7. Hallowed; sanctified.
୮ । କାଲ; ବଧିର; ବହିରା—8. Deaf.
୯ । ବାକ୍ ଓ ଶ୍ରବଣଶକ୍ତିବିରହିତ; କାଲ ଓ ବୋବା—
9. Deaf and dumb.
ଦେ. ଅ. ( ସଂ. କଲ୍ୟମ୍ )—୧ । ସକାଳେ—
1. At daybreak.
୨ । ଆଗାମୀ କାଲି—2. Tomorrow.

**କଲ୍ୟଜଗ୍ଧି**—ସଂ. ବି.—ପ୍ରାତରାଶ; ସକାଳ ଭୋଜନ—
Kalyajagdhi
Morning meal; breakfast (M. W.)

**କଲ୍ୟପାଳ**—ସଂ. ବି. (କଲ୍ୟ=ମଦ୍ୟ+ପାଳ; ତୁଳ. ହି. କଲୁଆର)—
Kalyapāla
ଶୁଣ୍ଡି—Distiller and seller of spirituous liquor (M. W.)

**କଲ୍ୟବର୍ତ୍ତ**—ସଂ. ବି. (କଲ୍ୟ+ବୃତ ଧାତୁ=ବର୍ତ୍ତମାନଥିବା+କର୍ତ୍ତୃ. ଅ)—
Kalyabartta
୧ । ସକାଳ ଭୋଜନ—
1. Breakfast ( M. W. )
୨ । ଜଳଖିଆ—2. Light meal.
୩ । ସାମାନ୍ୟ ବିଷୟ—3. A trifle.

**କଲ୍ୟା**—ସଂ. ବି. (କଲ୍ୟ+ଆ)—୧ । ମଦ୍ୟ—
Kalyā
1. Spirituous liquor (M. W.)
୨ । ପ୍ରଶଂସା—2. Praise; eulogy (M. W.)
୩ । ଅଁଳା—3. Embellic myrobalan (M. W.)

**କଲ୍ୟାଣ**—ସଂ. ବି. (କଲ୍ୟ=ସୁସ୍ଥ+ଅଣ୍ ଧାତୁ=ହେବା, ଶବ୍ଦ କରିବା+କର୍ମ. ଅ)—୧ । ମଙ୍ଗଳ; ଶୁଭ; ହିତ—
Kalyāṇa
1. Welfare; bliss.
୨ । ସୌଭାଗ୍ୟ—2. Good fortune.
୩ । ସୁଖ—3. Happiness.
୪ । ସ୍ୱର୍ଣ୍ଣ—4. Gold.
୫ । ସମୃଦ୍ଧି—5. Prosperity; affluence.
୬ । ରାଗିଣୀବିଶେଷ—
6. Name of an air in Hindu music.
୭ । ଉପକାର—7. Benefit; good offices.
ସଂ. ବିଣ.—୧ । ଶୁଭଦ; ମଙ୍ଗଳକର; ଶୁଭକର—
1. Propitious; auspicious.
(କଲ୍ୟାଣୀ—ସ୍ତ୍ରୀ) ୨ । ସୁସ୍ଥ—2. Well-off.
୩ । ସୁଖୀ—3. Happy.
୪ । ସାଧୁ—4. Good; honest.
୫ । ସମୃଦ୍ଧିମନ୍ତ—5. Prosperous.
୬ । ସୌଭାଗ୍ୟବାନ୍—6. Lucky; fortunate.
୭ । ଉପକାରଜନକ—7. Beneficial.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଦେ. ବି.—୧ । ଶୁଭବାଞ୍ଛା; ହିତକାମନା— 1. Benediction; good wishes.
୨ । ଆଶୀର୍ବାଦ—2. Blessing.
୩ । ବୃଦ୍ଧ ବା ଉଚ୍ଚଜାତୀୟ ବ୍ୟକ୍ତି ନମସ୍କାର କରିବା ଯୁବକ ବା ନିମ୍ନଜାତୀୟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଉଚ୍ଚାରଣ କରିବା ଆଶୀର୍ବଚନ—3. A word of blessing uttered by a man of higher caste or older age to a man of lower grade while the latter makes obeisance to the former when they meet.
[ ଦ୍ର—ଏ ଆଶୀର୍ବଚନର ଅର୍ଥ—ତୁମ୍ଭର କଲ୍ୟାଣ ହେଉ—May you prosper. ]

**କଲ୍ୟାଣକର**—ସଂ. ବିଣ ( କଲ୍ୟାଣ + କୃ ଧାତୁ + କର୍ତ୍ତୃ. ଅ )—
Kalyāṇakara ୧ । ମଙ୍ଗଳକର—1. Calculated to do good; beneficial.
୨ । ମଙ୍ଗଳସୂଚକ—2. Auspicious; propitious.

**କଲ୍ୟାଣ କରିବା**—ଦେ. କ୍ରି—୧ । ଆଶୀର୍ବାଦ କରିବା—
Kalyāṇa karibā 1. To bless.
কল্যাণকরা ୨ । ଆଶୀର୍ବଚନ ଉଚ୍ଚାରଣ କରିବା—
कल्याणकरना 2. To utter benediction; to pronounce a blessing while meeting an inferior.

**କଲ୍ୟାଣକୃତ୍**—ସଂ. ବିଣ ( କଲ୍ୟାଣ + କୃ ଧାତୁ + କର୍ତ୍ତୃ. କ୍ୱିପ୍ )—
Kalyāṇakṛut ୧ । ଶାସ୍ତ୍ରବିହିତ କାର୍ଯ୍ୟକାରୀ—1. Following the precepts enjoined in the scriptures.
୨ । ଶୁଭକର୍ମର ଅନୁଷ୍ଠାନକାରୀ—
2. Performing beneficial acts.

**କଲ୍ୟାଣଚନ୍ଦ୍ର**—ସଂ. ବି—(କର୍ମଧା; କଲ୍ୟାଣ + ଚନ୍ଦ୍ର)—(ଫଳିତ ଜ୍ୟୋତିଷ)
Kalyāṇachandra ଜନ୍ମରାଶି ଅନୁସାରେ ତିଥିବିଶେଷରେ ମନୁଷ୍ୟଙ୍କୁ ପଡ଼ିବା ଶୁଭ ଚନ୍ଦ୍ର—( Hindu Astrology ) Auspicious position of the moon in respect of a person on certain lunar days.
[ ଦ୍ର—କୃଷ୍ଣପକ୍ଷରେ ଚତୁର୍ଥ ଓ ଦ୍ୱାଦଶ ଚନ୍ଦ୍ର, ଏବଂ ଶୁକ୍ଳପକ୍ଷରେ ଦ୍ୱିତୀୟ, ପଞ୍ଚମ ଓ ନବମ ଚନ୍ଦ୍ର କଲ୍ୟାଣ ଚନ୍ଦ୍ର ଅଟେ । ଯେଉଁ ତିଥିରେ କଲ୍ୟାଣ ଚନ୍ଦ୍ର ହୁଏ ସେ ତିଥିରେ ଉକ୍ତ ବ୍ୟକ୍ତିର ମଙ୍ଗଳ ବା ଶୁଭ ଘଟେ । ]

**କଲ୍ୟାଣପ୍ରଦ**—ସଂ. ବିଣ. ପୁଂ. (କଲ୍ୟାଣ + ପ୍ର + ଦା ଧାତୁ + କର୍ତ୍ତୃ. ଅ)—
Kalyāṇaprada ୧ । ସୁଖପ୍ରଦ; ଶୁଭକର; ମଙ୍ଗଳକର—
(କଲ୍ୟାଣପ୍ରଦା—ସ୍ତ୍ରୀ) 1. Auspicious; beneficial; propitious.
୨ । ସମୃଦ୍ଧିଜନକ—2. Tending to bring prosperity.

**କଲ୍ୟାଣମୟ**—ସଂ. ବିଣ. ପୁଂ ( କଲ୍ୟାଣ + ପ୍ରାଚୁର୍ଯ୍ୟାର୍ଥେ ମୟ )—
Kalyāṇamaya ୧ । ମଙ୍ଗଳମୟ; ଶୁଭପୂର୍ଣ୍ଣ—1. Full of bliss.
(କଲ୍ୟାଣମୟୀ—ସ୍ତ୍ରୀ) ୨ । ଶୁଭକର—2. Beneficial.
୩ । ସୌଭାଗ୍ୟଶାଳୀ—3. Lucky; fortunate.

**କଲ୍ୟାଣାସ୍ପଦ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; କଲ୍ୟାଣ + ଆସ୍ପଦ )—
Kalyāṇāspada ୧ । କଲ୍ୟାଣ ପାଇବାର ଯୋଗ୍ୟ—
(କଲ୍ୟାଣାସ୍ପଦା—ସ୍ତ୍ରୀ) 1. Deserving bliss or blessing.
୨ । ଯାହାଙ୍କୁ କଲ୍ୟାଣ କରାଯାଏ—2. Blessed.

**କଲ୍ୟାଣୀ**—ସଂ. ବି. ସ୍ତ୍ରୀ (କଲ୍ୟାଣ + ସ୍ତ୍ରୀ. ଈ)—୧ । ମାଈବାଛୁରି; ଟିକି—
Kalyāṇi 1. A she-calf; a young cow.
୨ । ରାଗବିଶେଷ—2 Name of a musical air.
ସଂ. ବିଣ. ସ୍ତ୍ରୀ—୧ । କଲ୍ୟାଣପ୍ରଦା; ଶୁଭ ଆନୟନକାରିଣୀ—
1. One (female) which brings prosperity.
୨ । ଶୁଭଯୁକ୍ତା—2. Propitious; blissful.

**କଲ୍ୟାଣୀୟ**—ସଂ. ବିଣ ( କଲ୍ୟାଣ + ଯୋଗ୍ୟ ବା ଅର୍ହ ଅର୍ଥରେ ଛୀୟ )—
Kalyāṇiya କଲ୍ୟାଣାସ୍ପଦ ( ଦେଖ )—Kalyāṇāspada (See).

**କଲ୍ଲ** (ଧାତୁ)—ସଂ—୧ । ଅବ୍ୟକ୍ତ ଧ୍ୱନି କରିବା—
Kalla (root) 1. To emit an inarticulate sound.
୨ । ମୁକା ହେବା; କଥା ନ କହିବା—
2. To be mute (M. W.)

**କଲ୍ଲ**—ସଂ. ବିଣ. ପୁଂ (କଲ୍ଲ ଧାତୁ + କର୍ତ୍ତୃ. ଅ)—
Kalla କାଲ; ବଧିର—Deaf
(କଲ୍ଲା—ସ୍ତ୍ରୀ)
(କଲ୍ଲତା—ବି)

**କଲ୍ଲମୂକ**—ସଂ. ବିଣ. ପୁଂ. ( ଦ୍ୱନ୍ଦ୍ୱ; କଲ୍ଲ + ମୂକ )—
Kallamūka ବଧିର ଓ ମୂକ; କାଲ ଓ ମୁକା—
(କଲ୍ଲମୂକା—ସ୍ତ୍ରୀ) Deaf and dumb.

**କଲ୍ଲା**—ପ୍ରାଦେ. ( ମେଦିନୀପୁର; ତୁଳ. ବଙ୍ଗଳା, କଲ୍ଲ କରି ମନ୍ଦାର୍ଥକ —
Kallā =ବାହାନା କରିବା )—ଅଳ; ବାହାନା—
Pretext; feigning.

**କଲ୍ଲି**—ସଂ. ଅ—ଆଗାମୀ କାଲି—
Kalli Tomorrow (M. W.)

**କଲ୍ଲୁ**—ପ୍ରାଦେ. ( ମେଦିନୀପୁର; ତୁଳ. ବ. କଲୁ=ତେଲି ) ବି—
Kallu ତେଲି—Oil man.

**କଲ୍ଲୋଳ**—ସଂ. ବି (କଲ୍ଲ ଧାତୁ = ଅବ୍ୟକ୍ତ ଶବ୍ଦ କରିବା + କର୍ତ୍ତୃ. ଓଲ)—
Kallola ୧ । ମହାତରଙ୍ଗ; ଢେଉ—
1. Billow; high wave.
କଲ୍ଲୋଳେ ହେଉଛି ଅଡୋଳ । ମହାଦେବ· ମାର୍କଣ୍ଡେୟ ପୁରାଣ ।
୨ । ସମୁଦ୍ର ତରଙ୍ଗଜନିତ ଗର୍ଜନ—
2. The roaring of the sea ( due to waves).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରଯୁକ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

୩ । ଆନନ୍ଦ; ହର୍ଷ—3. Joy; pleasure; delight.

୪ । ଶତ୍ରୁ—4. An enemy.

୫ । ଖେଳକୁଦ; କୁଦାକୁଦି; ଖେଳରେ ଦଉଡ଼ାଦଉଡ଼ି—5. Gambol; recreation (M. W.)

ସଂ. ବିଣ—ଶତ୍ରୁଭାବାପନ୍ନ—Hostile; inimical.

ଦେ. ବି—୧ । ଆନନ୍ଦ ଧ୍ୱନି—1. Exclamation of joy or delight.

୨ । କୋଳାହଳ—2. Noise; brawling noise; tumult.

ଦେ. ବିଣ—୧ । ଆନନ୍ଦୋତ୍‌ଫୁଲ୍ଲ; ହର୍ଷୋତ୍‌ଫୁଲ୍ଲ; ହର୍ଷଗଦ୍‌ଗଦ—1. Overjoyed; delighted; dancing with joy; elated with joy.

୨ । କୋଳାହଳମୟ—2. Resounding with brawling sound; filled with reverberating sound; tumultuous.

**କଲ୍ଲୋଳମୟ**—ସଂ. ବିଣ. (କଲ୍ଲୋଳ+ଯୁକ୍ତାର୍ଥେ. ମୟ)—କଲ୍ଲୋଳିତ (ଦେଖ)
Kallolamaya — Kallolita (See)

**କଲ୍ଲୋଳିତ**—ସଂ. ବିଣ. (କଲ୍ଲୋଳ+ସଞ୍ଜାତାର୍ଥେ. ଇତ)—
Kallolita ୧ । ତରଙ୍ଗାୟିତ—1. Billowy.

୨ । ତରଙ୍ଗଦ୍ୱାରା ଆଲୋଡ଼ିତ—2. Full of waves; agitated.

**କଲ୍ଲୋଳିନୀ**—ସଂ.ବି.ସ୍ତ୍ରୀ. (କଲ୍ଲୋଳ+ଅସ୍ତି ଅର୍ଥରେ. ଇନ୍+ସ୍ତ୍ରୀ. ଈ)—
Kallolini ୧ । ନଦୀ—1. River.

୨ । ତରଙ୍ଗଯୁକ୍ତ ନଦୀ—2. A surging stream (M. W.)

**କଲ୍ଲୋଳିବା**—ଦେ. କ୍ରି. (ପଦ୍ୟ) (ଲକ୍ଷଣାର୍ଥ)—
Kallolibā ୧ । ହର୍ଷ ବା ଆନନ୍ଦରେ ଉତ୍‌ଫୁଲ୍ଲ ବା ଗଦ୍‌ଗଦ ହେବା—1. To be overjoyed; to be elated.

୨ । ହର୍ଷକୋଳାହଳରେ ପ୍ରତିଧ୍ୱନିତ ହେବା—2. To resound or reverberate with sounds of joy.

ଆନନ୍ଦେ ସେ ରୂପେ କଲ୍ଲୋଳିଲା ନନ୍ଦ-ବ୍ରଜ-ନଗର । ରଘୁନାଥ. ଉଷା ।

୩ । ଆନନ୍ଦରେ ନାଚିବା—3. To dance with joy.

୪ । ଆନନ୍ଦରେ କୋଳାହଳ କରିବା—4. To raise a cry of joy.

**କଲ୍ହା**—ଦେ. ବି ଓ ବିଣ—କହ୍ଲା (ଦେଖ)
Kalhā — Kahlā (See)

**କଲ୍ହାର**—ସଂ. ବି.—କହ୍ଲାର; ଧଳା କଇଁ—
Kalhāra — White water-lily.

**କଲ୍ହିଆ**—ଦେ. ବିଣ. ପୁଂ.—(ସଂ. କଳହ)—କଳହୁଡ଼ା; କଳହପ୍ରିୟ—
Kalhiā — Quarrelsome.
(କଲ୍ହେଇ—ସ୍ତ୍ରୀ)

**କଶ୍** (ଧାତୁ)—ସଂ.—୧ । ଗମନ କରିବା—
Kaś (root) — 1. To go.

୨ । ବଧ କରିବା—2. To kill.

୩ । ଶବ୍ଦ କରିବା—3. To sound.

୪ । ଆଘାତ କରିବା—4. To strike.

୫ । ଦଣ୍ଡ ଦେବା—5. To punish.

**କଶ୍**—ବୈଦେ. (ଫା) ବିଣ (ଫା. କଶ୍; ତୁଳ. ସଂ=କର୍କଶ)—ଉଚ୍ଚ ହୋଇ ଚପି ହୋଇ ଦେହରେ ବସିଥିବା; ଶ୍ରେଷ୍ଠ; ଦୃଢ଼—
Kas
कस — Tight· tightly fitting.
(ଢିଲା—ବିପରୀତ) (ଯଥା—ଏ କୋଟା ମୋ ଗୋଡ଼କୁ ଖୁବ୍ କଶ୍ ହେଉଛି; ଏ ଚୁଡ଼ୀ ସାଆନ୍ତାଣୀଙ୍କ ହାତକୁ ଖୁବ୍ କଶ୍ ହେଲା ।)

**କଶ୍‌କଶ୍**—ଦେ. ଅ.—ରୋଗ ଆକ୍ରମଣ କରିବା ପୂର୍ବରୁ ବ୍ୟଥାଯୁକ୍ତ ବା ବ୍ୟାକୁଳ
Kaśkaś (ଶରୀର)—(body of a person) Feeling
कस्मस् languid before the attack of a disease.
कसमस; मान्दा

[ ଦ୍ର—ଜ୍ୱର ଆଦି ଆକ୍ରମଣ କରିବା ପୂର୍ବରୁ ଦେହ ଉଡ଼ମୋଡ଼ ହୁଏ ଓ ଆଲସ୍ୟ ବୋଧ ହୁଏ; ଏହାକୁ ଦେହ କଶ୍‌କଶ୍ ହେବା କହନ୍ତି । ]

**କଶ୍‌ମଶ୍**—ଦେ. ଅ.—କଶ୍‌କଶ୍ (ଦେଖ)
Kaśmaś — Kaśkaś (See)

**କଶ**—ସଂ. ବି. (କଶ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯେ କମ୍ପକୁ
Kaśa ଗମନ କରେ)—୧ । ଜଳ—1. Water.

୨ । ଚାବୁକ; କୋରଡ଼ା—2. Whip; thong (M. W.)

**କଶା**—ସଂ. ବି.—(କଶ୍ ଧାତୁ=ବଧ କରିବା+କରଣ. ଅ+ସ୍ତ୍ରୀ. ଆ)-
Kaśā ୧ । ଚାବୁକ; କୋରଡ଼ା—1. Whip; thong.

୨ । ଲଗାମ—2. The rein of a horse; bridle.

୩ । ଦଉଡ଼ି; ସୁତୁଲି—3. String; rope (M. W.)

୪ । ଚାବୁକ ମାଡ଼—4. Whipping; flogging (M. W.)

୫ । ମୁହଁ; ପାଟି—5. Face; mouth (M. W.)

୬ । ଗୁଣ—6. Quality. (M. W.)

ଦେ. ବି.—କଷା (ଦେଖ)
Kashā (See)

**କଶାଇ**—ଦେ. ବି—(ସଂ. କଂଶିକା)—ମେଦିନୀପୁରର ନଦୀବିଶେଷ; କଂସାଇ
Kaśāi ନଦୀ—The Kamsāi river in
कसाई Midnapur.
(ଯଥା—ଏହା ପୁରୁଲିଆ ଅଞ୍ଚଳରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି । ଏହା କୂଳରେ ମେଦିନୀପୁର ନଗର ଅବସ୍ଥିତ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅକ୍ଷୌ' ନ ପାଇଲେ 'ଅକ୍ଷୌ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

**କଶାଘାତ**—ସଂ. ବି. (ଷଷ୍ଠୀ ତତ୍; କଶା+ଆଘାତ) ଚାବୁକ ମାଡ଼—
Kaśāghāta Flogging; whipping; a cut with the whip.

କାଣିଗ୍ଲ ଚୋରର କଶାଘାତେ ଶିକ୍ଷି
ଦେବ ନ ଡରଇ କର-ଲୁଣ୍ଠି କି । ଗ୍ରାମାଥ ଚଉତିଶା ।

**କଶାନିପାତ**—ସଂ. ବି. ( ଷଷ୍ଠୀ ତତ୍; କଶା+ନିପାତ )—
Kaśānipāta ଚାବୁକଦ୍ୱାରା ପ୍ରହାର—
Blow or stroke with a whip ( M. W. )

**କଶାର୍ହ**—ସଂ. ବିଣ ( କଶା+ଅର୍ହ ଧାତୁ=ଯୋଗ୍ୟ ହେବା+କର୍ତ୍ତୃ. ଅ )—ଚାବୁକମାଡ଼ ଖାଇବାର ଉପଯୁକ୍ତ; କଶାଘାତ-ଯୋଗ୍ୟ—Fit to be whipped; deserving a whipping.
Kaśārha

**କଶିପୁ**—ସଂ. ବି (କଶ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ପୁ; ନିପାତନ)—
Kaśipu ୧ । ଖୋରାକପୋଷାକ; ଅନ୍ନବସ୍ତ୍ର; ଗ୍ରାସାଚ୍ଛାଦନ—
1. Food and raiment; maintenance.
୨ । ଶଯ୍ୟା—2. Bed; bedding.
୩ । ଆସନ—3. A seat; stool.
୪ । ଗଦି—4. Cushion; mattress ( M. W. )
୫ । ମୁକୁରି; ମସିଣା—5. Mat ( M. W. )
୬ । ତକିଆ—6. Pillow ( M. W. )
୭ । ଖଟ—7. Couch ( M. W. )
୮ । ଖାଦ୍ୟ—8. Food (M. W. )
୯ । ପରିଚ୍ଛଦ; ପୋଷାକ—9. Clothing (M. W. )

**କଶେରୁ**—ସଂ. ବି. ( କ=ଜଳ; ବାୟୁ+ଶୃ ଧାତୁ=ହିଂସା କରିବା+କର୍ତ୍ତୃ. ଉ )—୧ । ପୃଷ୍ଠାସ୍ଥି; ମେରୁହାଡ଼; ମେରୁଦଣ୍ଡ—
Kaśeru
1. Backbone; vertebra.
୨ । କେଶୁରନାମକ ତୃଣବିଶେଷ—
2. A kind of grass; Scirpus Kysoor.
[ ଦ୍ର—ଏହା ମୁସ୍ତାଦି ବର୍ଗର ତୃଣବିଶେଷ; ବଡ଼ ଡାଙ୍ଗ ପରି ଗୁଳ୍ମ । ଏହାର ପତ୍ର ଗଛର ମୂଳରେ ଥାଏ । ଏହା ବର୍ଷାଦିନେ ଭୂଇଁରୁ ଗଜା ମାରେ । ଏହାର ମୂଳ ତଳେ ଯେଉଁ ଗୋଲକ ବା କନ୍ଦ ଥାଏ ତାକୁ ଲୋକେ ଖାଆନ୍ତି । କେହି କେହି ଏହାକୁ କୈବର୍ତ୍ତି ମୁସ୍ତକ ( କେଉଟିଆ ମୁଥା ) କହନ୍ତି । ]
୩ । ଜମ୍ବୁଦ୍ୱୀପ (ପ୍ରାଚୀନ ଭାରତବର୍ଷ)ର ନଅ ଭାଗର ଏକତମ—
3. One of the nine divisions of ancient India.

**କଶେରୁକ**—ସଂ. ବିଣ. ( କଶେରୁ+କ )—ମେରୁଦଣ୍ଡବିଶିଷ୍ଟ ( ପ୍ରାଣୀ)
Kaśeruka Vertebrate ( animal ).
ସଂ. ବି—କଶେରୁ ୨ ( ଦେଖ )
Kaśeru 2 ( See )

**କଶ୍ଚନ**—ସଂ. ସର୍ବ. ପୁଂ. ( କଃ+ଚନ )—୧ । ଯେ କେହି (ବ୍ୟକ୍ତି )—
Kaśchana 1. Any person ( male ).
(କାଚନ—ସ୍ତ୍ରୀ) ୨ । କୌଣସି ( ବ୍ୟକ୍ତି )—
(କିଞ୍ଚନ—କ୍ଳୀବ) 2. Some one ( male )

**କଶ୍ଚିତ୍**—ସଂ. ସର୍ବ. ପୁଂ. ( କଃ+ଚିତ୍ )—କଶ୍ଚନ ( ଦେଖ )—
Kaśchit Kaśchana ( See )
(କାଚିତ୍—ସ୍ତ୍ରୀ)
(କିଞ୍ଚିତ୍—କ୍ଳୀବ)

**କଶ୍ମଳ**—ସଂ. ବି. ( କଶ୍ ଧାତୁ=ଆଘାତ କରିବା+କର୍ତ୍ତୃ. ମଲ)—
Kaśmala ୧ । ମୂର୍ଚ୍ଛା; ମୋହ—1. Fainting; swoon.
୨ । ଅବସାଦ—2. Stupefaction; fainthearted-ness; depression of spirits.
୩ । ନିରାଶା—3. Despair.
୪ । କିଂକର୍ତ୍ତବ୍ୟବିମୂଢ଼ତା; ଘାବରା; ଛନକା—
4. Consternation; bewilderment.
୫ । ଦୁରାଚାର; ବ୍ୟସନ—
5. Wantonness; wickedness.
୬ । ପାପ—6. Sin.
୭ । ଭୀରୁତା—7. Timidity; pusillanimity.
୮ । ଅପବିତ୍ରତା—8. Impurity.
ସଂ. ବିଣ. ପୁଂ.—୧ । ପାପୀ—
(କଶ୍ମଳା—ସ୍ତ୍ରୀ) 1. Sinful; sinning.
୨ । କୁତ୍ସିତ—2. Ugly.
୩ । ମଳିନ; ମଇଳା—3. Dirty; foul.
୪ । ଅପବିତ୍ର—4. Impure.
୫ । ଭୀରୁ—5. Timid; pusillanimous.
୬ । ଅବସାଦଗ୍ରସ୍ତ—6. Stupefied; dejected.

**କଶ୍ମୀର**—ସଂ. ବି.—କାଶ୍ମୀର ଦେଶ—
Kaśmīra Kashmere country.

**କଶ୍ମୀରଜ**—ସଂ. ବି. ( କଶ୍ମୀର+ଜନ୍ ଧାତୁ+କର୍ତ୍ତୃ. ଅ; ଏ କାଶ୍ମୀର ଦେଶରେ ଜନ୍ମେ )—ଜାଫ୍ରାନ୍—Saffron.
Kaśmīraja
ସଂ. ବିଣ.—କାଶ୍ମୀରଦେଶଜାତ—
Produced in Kashmere.

**କଶ୍ମୀରଜନ୍ମା**—ସଂ. ବି. ( ବହୁବ୍ରୀହି; କଶ୍ମୀର+ଜନ୍ମନ୍; ୧ମା. ୧ବ; ଏହା କାଶ୍ମୀର ଦେଶରେ ଜନ୍ମିବାରୁ )—କୁଙ୍କୁମ; ଜାଫ୍ରାନ୍—Saffron.
Kaśmīrajanmā

**କଶ୍ୟ**—ସଂ. ବି. (କଶ୍ ଧାତୁ=ଆଘାତ କରିବା+କର୍ମ. ଯ)—
Kaśya ୧ । ଘୋଡ଼ାର କଟିପାର୍ଶ୍ୱଦେଶ—1. The flanks of a horse.
୨ । ମଦ୍ୟବିଶେଷ—2. Name of a spirituous liquor.
ସଂ. ବି. ପୁଂ—( କଶ୍ ଧାତୁ+କର୍ମ. ଯ )—କଶାର୍ହ; ଚାବୁକ
(କଶ୍ୟା—ସ୍ତ୍ରୀ) ଖାଇବା ଯୋଗ୍ୟ—Deserving the whip.

| ୧ | ଇଁ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଙ୍‌ | ନ୍ତ |

**କଶ୍ୟପ**—ସଂ. ବି. (କଶ୍ୟ=ମଦ୍ୟ+ପା ଧାତୁ=ପିଇବା+କର୍ତ୍ତୃ. ଅ)—
Kaśyapa ୧ । ମୁନିବିଶେଷ—1. Name of a mythical sage.

କଶ୍ୟପ ବୋଇଲେ ମୁଁ କାଶ ଫୁଲ ବର୍ଣ୍ଣ, ହେବାରୁ କଶ୍ୟପଟି ମୋର ନାମ ଘେନ ।
କୃଷ୍ଣସିଂହ· ମହାଭାରତ· ଅନୁଶାସନ ପର୍ବ ।

[ ବି—ଏ ମରୀଚଙ୍କ ପୁତ୍ର ଥିଲେ । ଏ ଅଦିତିଙ୍କୁ ଓ ଦକ୍ଷପ୍ରଜାପତିଙ୍କର ଅନ୍ୟ ୧୨ ଟି କନ୍ୟାଙ୍କୁ ବିବାହ କରିଥିଲେ । ଅଦିତିଙ୍କ ଗର୍ଭରେ ଏହାଙ୍କ ଠାରୁ ଆଦିତ୍ୟ, ବିବସ୍ୱାନ୍ ଓ ବାମନ ଜନ୍ମିଥିଲେ, ଓ ଅନ୍ୟ ୧୨ ଜଣ ପତ୍ନୀଙ୍କ ଗର୍ଭରୁ ଦୈତ୍ୟ, ନାଗ, ସରୀସୃପ, ପକ୍ଷୀ ଓ ଅନ୍ୟ ଜୀବମାନେ ଜନ୍ମିଲେ । ଏ ସପ୍ତର୍ଷି ମଧ୍ୟରେ ଏକତମ, ଏ ପରଶୁରାମ ଓ ରାମଚନ୍ଦ୍ରଙ୍କ ପୁରୋହିତ ଥିଲେ ଓ ଋଗ୍ବେଦର କେତେଗୁଡ଼ିଏ ସୂକ୍ତ ରଚନା କରିଥିଲେ । ଏ ମଧ୍ୟ ଗୋଟିଏ ସଂହିତା ବା ସ୍ମୃତିଶାସ୍ତ୍ରର ପ୍ରଣେତା ଥିଲେ । ]

୨ । ମୃଗବିଶେଷ—2 A kind of deer.
୩ । ମତ୍ସ୍ୟବିଶେଷ—3. A sort of fish.
୪ । କର୍କଟ ରାଶି; ( ତୁଳ. ଫା. କସପ୍=କର୍କଟ ରାଶି )—
4. The censtellation Cancer.
ଦେ. ବି.—ହିରଣ୍ୟକଶିପୁ—Name a demon, father of Prahlāda.

ଜମ୍ବୁ କଶ୍ୟପ ହଦାରେ ଜରସିଂହ,
ଯେସନ୍ତେ କମଳ ମଧ୍ୟରେ ଚନ୍ଦ୍ର ଭୃଙ୍ଗ । ପ୍ରାଚୀ. ରସବାରିଧି ।

**କଷ୍ (ଧାତୁ)**—ସଂ.—୧ । ଘଷିବା—1. To rub.
Kash (root) ୨ । ଚାଞ୍ଛିବା—2. To scratch.
୩ । ଛେଲିବା—3. To scrape.
୪ । କୁଣ୍ଡେଇ ହେବା—4. To itch.
୫ । କଷଟିପଥରରେ ଘଷି ପରୀକ୍ଷା କରିବା—
5. To rub with a touchstone; to test.
୬ । ଆଘାତ କରିବା—6. To hurt.
୭ । ବଧ କରିବା—7. To kill; to destroy.

**କଷ୍ଣା**—ପ୍ରାଦେ. (ସମ୍ବଲପୁର) ବି. (ସଂ. କର୍ଷଣ)—ଲଙ୍ଗଳଲୁହା—
Kashṇā Plough-iron; ploughshare.

**କଷ୍ନା**—ପ୍ରାଦେ. (ସମ୍ବଲପୁର) ବି—କଷ୍ଣା (ଦେଖ)
Kashnā Kashṇā (See)

**କଷ୍କାଷ୍**—ଦେ. ବି ଓ ବିଣ—କଷାକଷି (ଦେଖ)
Kashkāsh Kashākashi (See)

**କଷ**—ସଂ. ବି. ( କଷ୍ ଧାତୁ=ପରୀକ୍ଷା କରିବା+ଅଧିକରଣେ. ଅ )—
Kasha ୧ । କଷ୍ଟିପଥର—1. Touchstone; gold-testing stone.
୨ । ମୂଲ୍ୟ ନିରୂପଣାର୍ଥକ ପରୀକ୍ଷା—2. Testing of a thing to ascertain its value; assay.

ଶୁଣି କଷ ତା ବହନ୍ତି, ହେମ ଅଙ୍ଗୀ ବୋଲି ମୋତେ ସମସ୍ତେ କହନ୍ତି ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ

୩ । ଘଷିବା—3. Rubbing.
୪ । ଚାଞ୍ଛିବା—4. Scraping.
ଦେ. ବି—୧ । ବଳା ହୋଇ ପ୍ରସ୍ତୁତ ହୋଇଥିବା ରଜ୍ଜୁ; କଷଦଉଡ଼ି—1. A tightly twisted rope.
୨ । ଈଷତ୍ ନାଳୁଆ ପାଣି ବା ରସ—2. Gum; juice.
୩ । କଷାୟ ରସ—3. Astringent juice.
୪ । ବର୍ଣ୍ଣବିଶିଷ୍ଟ ଦାଗ—4. Coloured taint.
୫ । ରଙ୍ଗ; ବର୍ଣ୍ଣ—5. Colour; dye.

**କଷ କରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କଷାୟ )—
Kasha karibā ବସ୍ତ୍ରାଦିକୁ ରଙ୍ଗାଇବା; ରଙ୍ଗମଡ଼ାଇବା; କଷାଇବା—To dye ( cloth etc ).

**କଷକୁ ଆସିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—୧ । ଫଳପ୍ରଦ ହେବା—
Kashaku āsibā 1. To bear fruit.
୨ । ଲାଭଜନକ ହେବା—2 To be profitable.

**କଷଟ୍**—ପ୍ରାଦେ. ( ସମ୍ବଲପୁର ) ବି—(ସଂ. କଷ୍ଟ)—କଷ୍ଟ—
Kashat Difficulty; trouble.

**କଷଟ**—ଦେ. ବି—କଷୋଟ ( ଦେଖ )
Kashaṭa Kashoṭa ( See )

**କଷଟି**—ବୈଦେ. ବି. ( ସଂ. କଷପଟ୍ଟିକ; କଷ୍ଟି )—କଷ୍ଟିପଥର—
Kashaṭi Touchstone.

ଯେସନେ କାଞ୍ଚନ ଦହନ କରନ୍ତି କଷଟିରେ କଷାଇଲେ ।
ବିଶ୍ୱନାଥ, ବିଚିତ୍ରରାମାୟଣ ।

ଦେ. ବିଣ—କଷଟିଆ ( ଦେଖ )
Kashaṭiā ( See )

**କଷଟିଆ**—ଦେ. ବିଣ. ( ସଂ. କଷାୟ )—୧ । ସାମାନ୍ୟ କଷା; ଈଷତ କଷାୟ—
Kashaṭiā 1. Slightly astringent in taste.
୨ । ନାଳୁଆ—2. Slimy; gummy.
कषाटिया ୩ । କୃପଣ—3. Niggardly; miserly.
कसाला ୪ । ( ସଂ. କଷ୍ଟୀ ) କଷ୍ଟଭୋଗୀ; କଷ୍ଟଭୋଗରେ ଅଭ୍ୟସ୍ତ—
4. Suffering hardship; habituated to endure troubles.
୫ । ଈଷତ୍ ରକ୍ତାଭ—5. Reddish.
୬ । କଷାୟ ସ୍ୱାଦ ବିଶିଷ୍ଟ—6. Astringent in taste.

**କଷଣ**—ସଂ. ବି. ( କଷ୍ ଧାତୁ=ଆଘାତ କରିବା+ଭାବ. ଅନ )—
Kashaṇa ୧ । କ୍ଲେଶ; ବ୍ୟଥା; କଷ୍ଟ—1. Pain; trouble.

ତପ କଷଣେ ମୋର ଦେହ ଅଛନ୍ତି କ୍ଷୀଣ ଥିବ ହୋଇ ।
ଭୂପତି, ପ୍ରେମପଞ୍ଚାମୃତ ।

୨ । ଛାପ; ଚିହ୍ନ—2. Mark; trace; stain.
୩ । ଘର୍ଷଣ—3. Rubbing.
୪ । କଣ୍ଡୂୟନ—4. Scratching.
୫ । କଷିବା; ସୁନାକୁ କଷ୍ଟିପଥରରେ ଘଷି ପରୀକ୍ଷା କରିବା—
5. Testing of gold with a touchstone.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଶିଆ' ନ ପାଇଲେ 'ଅଁଶିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୬ । ( + କର୍ତ୍ତୃ. ଅନ )— ଅପକ୍ୱ—
6. Unripe; immature.

୭ । ଦୁଃଖ ଆଦିକୁ ସହିଯିବା; ଆଦରିବା—
7. Adapting one's self to ( M. W. )

ପ୍ରାଦେ. ( ସମ୍ବଲପୁର ) ବି—କାୟିକ ପରିଶ୍ରମ—
Bodily labour.

ଦେ. ବି—୧ । ( ସଂ. କଷାୟ )—ଚମଡ଼ାକୁ ମସଲା ଦେଇ କାର୍ଯ୍ୟୋପଯୁକ୍ତ କରିବା ପ୍ରକ୍ରିୟା—1. Tanning (Grundy).
୨ । ପରଖ—2. Testing (Rev. Grundy)

**କଷଣୀ**—ଦେ. ବି. ( ସଂ. କର୍ଷଣୀ )—
Kashaṇi ୧ । ଗୋଡ଼ ଅଙ୍ଗୁଠିରେ ଭିରିବା ଛୋଟ ମୁଦି; ଅଗୁଆ; ମୁଦିଆ—
**କସଣୀ** 1. A small narrow ring for the small toes of women.

୨ । ଧନୁର୍ଗୁଣ ଆକର୍ଷଣ କରିବା ନିମନ୍ତେ ଅଙ୍ଗୁଠିରେ ପିନ୍ଧିବା ମୁଦିଆ—2. A ring used by archers to protect the fingers from injury while drawing the bow.

୩ । କଷିବା; ଟାଣିବା—
3. The act of drawing tightly.
ଅଳୀ ଅବଳୀ ପୁଣ ପୁଣ ହିଙ୍କାରି ତାକ କଷଣ ଟଙ୍କାର । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୪ । ପିନ୍ଧାଲୁଗାର ଯେଉଁ ଅଂଶ ଅଣ୍ଟାର ଡାହାଣ ପାଖରେ ଟେଳକାନ ଭଳି ଓଟରି ହୋଇ ବାହାରି ଥାଏ—
4. An ear-like portion of the loin-cloth which protrudes from the waist.
[ ଦ୍ର—ପିନ୍ଧାଲୁଗାର ଯେଉଁ ଅଂଶ ପିନ୍ଧିବା ଲୋକର ଅଣ୍ଟାର ବାଆଁ ପାଖେ ଖୋସା ଯାଏ ତାକୁ ଖୋସଣୀ ଓ ଡାହାଣ ପାଖେ ଯାହା କାନ ପରି ବାହାରି ଥାଏ ତାକୁ କଷଣୀ କହନ୍ତି । ]

୫ । କଷ ଦଉଡ଼ି—5. A string.

**କଷ ଦଉଡ଼ି**—ଦେ. ବି. ( ସଂ. କଷ=ରଜ୍ଜୁ )—
Kasha daurḍi ଦୃଢ଼ରୂପେ ବଳା ହୋଇଥିବା ଦଉଡ଼ି—
**କସଣୀ** A strongly twisted rope.

**କଷଦାନ୍ତ**—ଦେ. ବି—କଲଦାନ୍ତ—
Kashadānta Molar teeth.

**କଷା**—ସଂ. ବି—କଶା ( ଦେଖ )
Kashā Kaśā ( See )

**କଷା** —ଦେ. ବି. ( ସଂ. କର୍ଷଣ; ପ୍ରା. କଷଣ )—
**କସଣା** ୧ । ଗଣିତସମସ୍ୟାର ସମାଧାନ—
1. Working of a mathematical sum.
୨ । ବେତ୍ରାଘାତ; ମାଡ଼—
2. Whipping; scourging.

୩ । ଯାନବାହନ ଆଦି ସଜ୍ଜୀକରଣ; କଷିବା—
3. Equipment of a beast or conveyance for use.

୪ । ଟାଣ; ଟାଣିବା; ଦୃଢ଼ ବନ୍ଧନ—
4. Tightening.

୫ । ପାଣିରେ ଭିଜାଇବା; ବତୁରାଇବା—
5. Moistening; seasoning of a tough thing by immersing it in water.

୬ । କଷିବା କର୍ମ; କଷିବା ( ଦେଖ )
6. The act of Kashibā ( See )

ପ୍ରାଦେ. ( ବାଲେଶ୍ୱର ଓ ମେଦିନୀପୁର ) ବି—ଆମକୋଇଲି—
The astringent kernel of mango-stone.

ଦେ. ବିଣ—୧ । ସଜ ହୋଇଥିବା; ସଜ୍ଜିତ—
1. Equipped; fitted.
ଘୋଡ଼ାଏ ଶୁଦ୍ଧ ବଡ଼ ଦନ୍ତା ହାତୀ ଉପରେ ଅମାରି କଷା । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ସାଧିତ ହୋଇଥିବା ( ଗାଣିତିକ ସମସ୍ୟାଦି )—
2. Worked out ( mathematical sum ).

୩ । କଷାୟ ସ୍ୱାଦଯୁକ୍ତ—
3. Of astringent taste.
ଅମୃତଏ ଖାଇଁ ଖାଇଁ କୋଇଲିଏ କଷା । ଶିଶୁଗୀତ ।

୪ । ରଞ୍ଜିତ—4. Dyed; coloured.

୫ । ( ସଂ. କଷାୟ )—ଗେରୁଆ; ଈଷତ୍ ଲାଲ୍ ରଙ୍ଗ—
5. Reddish.
ଶିରେ ଜଟା ବାନ୍ଧ କଷା ବସ୍ତ୍ର ପିନ୍ଧ କ କେ ଧନୁ ଧର ବାମ ହେ । ଦୀନନାଥ. ବଚନସମାପୂର୍ଣ ।

୭ । ମୁଦ୍ରିତ ( ଚକ୍ଷୁ )—7. Shut ( eye ).
( ଯଥା—କାଲି ରାତିସାରା ମୋ ଆଖି କଷା ହୋଇ ନାହିଁ )

୮ । ବ୍ୟୟକୁଣ୍ଠ; କୃପଣ—8. Miserly.

୯ । ଦୃଢ଼ରୂପେ ବନ୍ଧା ହୋଇଥିବା—9. Tied tightly.

୧୦ । ମସଲା ବା ପୁଟଦ୍ୱାରା ନରମ ଓ କାର୍ଯ୍ୟୋପଯୁକ୍ତ କରାଯାଇଥିବା ( ଚମଡ଼ା )—
10. Tanned ( hide ).

**କଷାଇବା**—ଦେ. କ୍ରି—୧ । କଷିବା ( ଦେଖ ) କ୍ରିୟାର ଣିଜନ୍ତରୂପ—
Kashaibā
1. Causative of Kashibā ( See ).

୨ । ବସ୍ତ୍ରକୁ ନାଲିରଙ୍ଗ କରିବା—
2. To dye a cloth red.

୩ । ଚମଡ଼ାକୁ ମସଲା ଦେଇ ନରମ ଓ କର୍ମଯୋଗ୍ୟ କରିବା—
3. To tan a hide.

**କଷାକଷି**—ଦେ. ବି—୧ । ଘୋଡ଼ା ଆଦିକୁ ସଜ୍ଜିତ କରିବା କର୍ମମାନ—
Kashākashi 1. Equipping of horses etc.
କଷାକଷି ୨ । ଦରଦାମରେ ଧସ୍ତାମସ୍ତି ହେବା—
**କସାକସି** 2. Haggling and higgling; bargaining.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ୟ | ଢ଼ଥ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଚ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଡ଼ | •ନ୍ତ |

୩ । ଟଣାଓଟରା; ଟଣାଟଣି; ଉଡ଼ାଉଡ଼ି—
3. Pulling; tugging.

୪ । ନଅଣ୍ଟ ହେବା; ଅନାଟନ—
4. Not being enough; insufficiency.

୫ । କଷ୍ଟରେ ଚଳବା—
5. Going on with difficulty.

୬ । କୃପଣତା; ବ୍ୟୟକୁଣ୍ଠତା—
6. Miserliness; niggardliness.

୭ । ପରୀକ୍ଷା; ରତ୍ନ ଓ ଧାତୁ ଆଦିର କଷଟିଦ୍ୱାରା ପରଖ—
7. Examination; testing of metal and gems.

୮ । ପରସ୍ପର ବଳ ପରଖାପରଖି—
8. Mutual testing of strength.

ଦେ. ବିଣ—ଅନ୍ୟୋଽନ୍ୟର ବଳ ପରୀକ୍ଷାକାରୀ; ବଳ କଷାକଷି—
Testing each other's strength.

ସେ କାଳେ ଗୁରୁ ଶିଷ୍ୟ ହୋଇ ମିଶାମିଶି,
ହେଲେ ଶରମୁଖ ଦେହରେ କଷାକଷି—କୃଷ୍ଣସିଂହ. ମହାଭାରତ. ବନ ।

**କଷାକୁଷି**—ଦେ. ବି. ଓ ବିଣ—କଷାକଷି ( ଦେଖ )
Kashākushi — Kashākashi ( See )

ନକୁସେନ ନକୁଳ ହୋଇ ମିଶାମିଶି,
ହୋଇଲେ ସେ ମାର୍ଗଣମୁଖେ କଷାକୁଷି—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**କଷାଘାତ**—ସଂ. ବି—କଶାଘାତ ( ଦେଖ )
Kashāghāta — Kaśāghāta ( See )

**କଷାଟିଆ**—ଦେ. ବିଣ—କଷାଳିଆ ( ଦେଖ )
Kashāṭiā — Kashāḻiā See )

**କଷାଫଳ**—ଦେ. ବି. ( ସଂ. କଷାୟ + ଫଳ )—କଷାୟରସଯୁକ୍ତ ଫଳ—
Kashāphaḻa — Astringent fruit.
कषाफल
**कसैलाफल**

**କଷାବାସ**—ଦେ. ବି. ( ସଂ. କଷାୟ+ବାସଃ )—ଗେରୁ ଆଦିଦ୍ୱାରା
Kashābāsa — ରଞ୍ଜିତ ବସ୍ତ୍ର—Cloth dyed with red ochre.
कषावास — ପିନ୍ଧିଲେ କଷାବାସ ସାବଜୀ ସୁନ୍ଦରୀ—କୃଷ୍ଣସିଂହ. ମହାଭାରତ. ବନ ।
**कषाकपड़ा**

**କଷାୟ**—ସଂ. ବି. ( କଷ୍ ଧାତୁ=ହିଂସା କରିବା+କର୍ତ୍ତୃ. ଆୟ )—
Kashāya — ୧ । କଷାରସ—
1. Astringent flavour or taste.

୨ । ରସ; କ୍ୱାଥ—2. Decoction; extract.

[ ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ କଷାୟ ପାଞ୍ଚ ପ୍ରକାର, ଯଥା—ସ୍ୱରସ, କଳ୍କ, କ୍ୱାଥ, ଶୀତକଷାୟ ଓ ଫାଣ୍ଟ । ଔଷଧ ଏକ ଭାଗ ସଙ୍ଗେ ଆଠ ବା ଷୋଳ ଭାଗ ଜଳ ମିଶାଇ ନିଆଁରେ ବସାଇ ଏକଚତୁର୍ଥାଂଶ ଜଳ ଥାଉଁ ଥାଉଁ ନିଆଁରୁ ଓହ୍ଲାଇଲେ ତାହା କଷାୟ ହୁଏ । ]

୩ । ସୁଗନ୍ଧ ଲେପନ ଦ୍ରବ୍ୟ—
3. Fragrant ointment.

୪ । ନିର୍ଯ୍ୟାସ; ଗଛରୁ ନିର୍ଗତ ରସ—
4. Gummy juice; gum.

୫ । ସୌରଭ—5. Flavour; scent.

୬ । ବିଲେପନ; ଅଙ୍ଗରାଗ—
6. Paste; ointment.

୭ । ଶ୍ୟୋନାକ; ଫଣଫଣା ଗଛ—
7. Bignonia Indica (plant)

୮ । କଳିଯୁଗ—8. The Kaḻi age.

୯ । ରକ୍ତ ପିତ୍ତ ମିଶ୍ରିତ ବର୍ଣ୍ଣ—
9. Yellowish red tint; brown colour.

ସଂ. ବିଣ.—୧ । ରକ୍ତ ପୀତ ବର୍ଣ୍ଣ ମିଶ୍ରିତ—
1. Reddish yellow; tawny; brown.

୨ । ରଞ୍ଜିତ—2. Coloured; stained; dyed.

୩ । ଲୋହିତ—3. Red.

୪ । ଈଷତ୍ ଲାଲ—4. Reddish.

୫ । ସୁଶ୍ରାବ୍ୟ—
5. Sweet to hear; melodious; dulcet.

୬ । ସୁରଭି—
6. Sweet scented; fragrant; sweet flavoured.

୭ । ଅପଟୁ—7. Inefficient.

୮ । କଷା ଆସ୍ୱାଦବିଶିଷ୍ଟ—
8. Of astringent taste.

**କଷାୟିତ**—ସଂ. ବିଣ. (କଷାୟ+ଯୁକ୍ତାର୍ଥେ ଇତ)—
Kashāyita — ୧ । ରଞ୍ଜିତ; ବିଲେପିତ—
1. Coloured; tinged; stained.

୨ । ଲୋହିତବର୍ଣ୍ଣରଞ୍ଜିତ—
2. Redcoloured; reddened; dyed red.

୩ । ରକ୍ତ ପୀତବର୍ଣ୍ଣମିଶ୍ରିତ—
3. Reddish yellow.

**କଷାଳିଆ**—ଦେ. ବିଣ.—୧ । ଅଳ୍ପ କଷା; ଈଷତ୍ କଷାୟ ସ୍ୱାଦଯୁକ୍ତ—
Kashāḻiā — 1. Slightly astringent in taste.
कषाटिया — ୨ । ସାମାନ୍ୟ ରଞ୍ଜିତ—
**कसला** — 2. Slightly coloured; light-coloured.

**କଷି**—ସଂ. ବିଣ. (କଷ୍ ଧାତୁ=ହିଂସା କରିବା+ଇ)—ହିଂସ୍ରକ—
Kashi — Malignant; malicious.
कचि; कषी — ଦେ. ବି. (ସଂ. କଷାୟ; ସଂ. କଷନ=ଅପକ୍ୱ)—
**ठिकारा** — ୧ । ଛୋଟ କଞ୍ଚା ଫଳ—
1. Small or unmatured fruit; undeveloped fruit.

କହୁ କହୁଁ ଚୂତ ବୃକ୍ଷେ ଧରିଗଲେ କଷି—ପ୍ରାଚୀ. ରହସ୍ୟମଞ୍ଜରୀ ।

ସାଧାରଣଲୋକେ ଅପର ପୃଷ୍ଠାରେ ସତତ ୧ ଚଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ ' ଦେଖିବେ; 'ଅଗଂ'-ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଖାଜ, କାଜ, କାଶି, ଗଣ୍ଡକି** ୨ । ଓଡ଼ିଶା ଗଡ଼ଜାତର ଏକ ପ୍ରକାର ଜଙ୍ଗଲ କାଠ ଗଛ—2. A species of wild tree; Brindelia Retusa.

[ ଦ୍ର—ଏହାର ଗଣ୍ଡିର ଗୋଲେଇ ୩ଫୁଟ ଠାରୁ ୮ଫୁଟ ପର୍ଯ୍ୟନ୍ତ; ଏ ଗଛ ଅତି ଡେଙ୍ଗା ନୁହେ ମାତ୍ର କାଠ ଅତି ଶକ୍ତ ଓ ଘର ତୋଳାରେ ଏ କାଠ ବ୍ୟବହୃତ ହୁଏ । ]

୩ । କଉଡ଼ି ଖେଳରେ ଗୋଟିଏ କଉଡ଼ି ଚିତ ହୋଇ ପଡ଼ିବାର ଦାନ; ଏପରି ଦାନ ପଡ଼ିଲେ '୧' ସଂଖ୍ୟା ଗଣା ହୁଏ । ( କଉଡ଼ି ଖେଳ ତଳେ ନୋଟ୍ ଦେଖ )— 3. The state of one cowrie-shell falling breast upwards in the indoor game of cowries. This denotes 'one' mark only.

ପ୍ରାଦେ. (ସମ୍ବଲପୁର) ବୈଦେ. ବି. (ଅ. ଖସ୍ସି)—ଖସି; ଖାସୀ—Castrated goat or sheep.

ଦେ. ବିଣ—୧ । ଛୋଟ ଓ ଅପୁଷ୍ଟ (ଫଳ)—

**କଚି** 1. Raw or young (fruit).

୨ । କ୍ଷୁଦ୍ର; ଛୋଟ—2. Small; little.

୩ । ଅଳ୍ପ ବୟସ୍କ—3. Young.

( ଯଥା—କଷି ଭୁଆସୁଣୀ । )

୪ । ସାମାନ୍ୟ—4. Slight.

ଦେ. କ୍ରି. ବିଣ—ସାମାନ୍ୟରେ; ଈଷତ୍—Slightly.

( ଯଥା—କଷିଗୋଦର; କଷିଲୁରୁଣ୍ଡା । )

**କଷିତ**—ସଂ. ବିଣ ( କଷ୍ ଧାତୁ=ପରୀକ୍ଷା କରିବା + କର୍ମ. ତ )—

Kashita ୧ । କଷଟିରେ ପରୀକ୍ଷିତ (ସୁନା)—

1. (gold) Tested with touchstone.

୨ । ଆଘାତପ୍ରାପ୍ତ—2. Hurt.

**କଷିବା**—ଦେ. କ୍ରି (ସଂ. କର୍ଷଣ; ତୁଲ. ଫା. କଶ୍=ଟାଣିବା; ଆକର୍ଷଣ)—

Kashibā ୧ । ଗଣିତ ସମସ୍ୟା ସମାଧାନ କରିବା; ଅଙ୍କ କଷିବା—

**କସା** 1. To work out a mathematical sum

**କସନା** or problem.

(କଷାଇବା—ଣିଜନ୍ତ) ୨ । ଚାବୁକରେ ମାରିବା—

2. To whip.

୩ । ପ୍ରହାର କରିବା—3. To strike or beat;

(ଯଥା—ତାକୁ ହାକିମ ୩ ବେତ କଷିଲେ । )

୪ । ଦୃଢ଼କରି ବାନ୍ଧିବା—

4. To bind up tightly.

୫ । ସାଞ୍ଜୁ, ଶସ୍ତ୍ର ଓ ଭୂଷଣଆଦିଦ୍ୱାରା ନିଜକୁ ସଜ୍ଜିତ କରିବା—

5. To equip one's self with arms etc.

ଶସ୍ତ୍ର କଷି ଯେତେ ବୀରକୁ ଡାକିଲେ—କୃଷ୍ଣସିଂ. ମହାଭାରତ. ବନ ।

୬ । ଅଶ୍ୱଆଦିକୁ ବ୍ୟବହାରାର୍ଥ ସଜ୍ଜିତ କରିବା—

6. To equip horse etc. for use.

୭ । କଞ୍ଚା ପରିବା, ମାଛ ଓ ମାଂସଆଦିକୁ ତରକାରି କରିବା ପୂର୍ବରୁ ଘିଅରେ ବା ତେଲରେ ସିଝାଇବା— 7. To fry green vegetable, fish or meat before preparing curry.

୮ । ଟାଣ ପଦାର୍ଥକୁ ନରମ କରିବାପାଇଁ ଜଳରେ ବୁଡ଼ାଇ ରଖିବା—(ଯଥା—ବେତ ଲଇ କଷିବା)—

8. To keep a tough thing immersed in water for some time to soften it.

୯ । କଷିବା; ଫଳରେ ପରୀକ୍ଷା କରିବା—

9. To test by actual experiment.

ଘୋଷ ଯାକ ତୃତରେ ମୋ ସଙ୍ଗମ ଛଳରେ ଅଛୁ କି ନାହିଁ ତ କଷିଲରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୧୦ । କଷଟି ପଥରରେ ଘଷି ସୁନାକୁ ପରୀକ୍ଷା କରିବା; ସୁନା ପରଖିବା—10. To test the genuineness of gold by rubbing it on touchstone.

ବର୍ଣ୍ଣ ଗିଲେ ତାହା ତନୁ ସୁବର୍ଣ୍ଣ କଷିବ—ଉପେ. ବୈଦେହୀଶବିଳାସ ।

୧୧ । ( ଲକ୍ଷଣାର୍ଥ ) ପରୀକ୍ଷା କରିବା; ପରଖିବା—

11. (figurative) To test.

ତୋ ସେକ ତମାଳ ଶ୍ୟାମ ମୋ ମରକ କଷିଲରେ—
କବିସୂର୍ଯ୍ୟ. କଳୋପରତମ୍ଭ. ଭ. ଗୀତ ।

୧୨ । ଟାଣିବା; ଓଟାରିବା—

12. To draw tightly; to pull.

୧୩ । ଖେଳି ଦେବା; କମ୍ କରିଦେବା; ଅଳ୍ପ ଅଳ୍ପ ଦେବା—

13. To deal out a thing in a niggardly manner; to lessen the quantity; to sparingly give a thing.

୧୪ । ଘର୍ଷଣ କରିବା; ଘଷିବା—

14. To rub.

ପ୍ରାଣ ନେବାକୁ ମୋର ବାଣ ମୀନରଥର ଶାଣରେ ନିରନ୍ତର କଷିଲରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୧୫ । ଚପାଇବା; କଷାଇବା—

15. To cause to be grasped or pressed.

ତୋ ଭୁଜ ତ କରକଶ; ସବୁ ସୁମାକ ଅଛ କେତେହେଁ ବେଳକୁ,
ଥରେ ମୋହୋ କରେ କଷ ।
କବିସୂର୍ଯ୍ୟ ।

୧୬ । କଷ୍ଟଦେବା; ଗଞ୍ଜିବା; ଅତ୍ୟାଚାର କରିବା—

16. To inflict pain; to oppress.

ଯେବେ ପୃଥିବୀରେ ଦୁଷ୍ଟ ହୋନ୍ତି, ଦେବତା ବ୍ରାହ୍ମଣ କଷନ୍ତି ।
ପ୍ରାଚୀ, ଯଶୋବନ୍ତ—ପ୍ରେମଭକ୍ତି-ବ୍ରହ୍ମଗୀତା ।

୧୭ । ( ଖଡ୍ଗାଦି ) ଝମକାଇବା; କମ୍ପାଇବା—

17. To brandish (sword etc.)

ବଉଶବଣ ସୁକମୁଖ ଗ୍ରହାନ୍ତେ ବୋଇଲ କୃପାଣ କଷି ।
ଉପେ. ବୈଦେହୀଶବିଳାସ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଥ | ଢ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଗ୍ୟ | ଇଅ | ୠ | • ନ୍ନ |

୧୮ । ଯୁଦ୍ଧାର୍ଥ ସୈନ୍ୟାଦ ସଜ୍ଜିତ କରିବା—
18. To equip an army for fighting.

ଫଉଜ କଷିଲେ କୋପେ ସେ, ମଞ୍ଜୁ ଭଇଯୁଷ ସଙ୍ଗତେ ବଗୁର
ବାହାର ହୋଇଲେ ଅପେ ।
ବ୍ରଜନାଥ. ସମରତରଙ୍ଗ ।

ପ୍ରାଦେ. (ସମ୍ବଲପୁର) କ୍ରି—୧ । ଖୁବ୍ ଶାରୀରିକ ପରିଶ୍ରମ କରିବା—
1. To labour hard.
୨ । ବିଶେଷ ପରିଶ୍ରମସହ ଭୂମି ଚାଷ କରିବା—
2. To till the land with great labour.

**କଷିଲା**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କର୍ଷଣ )—
Kashilā ୧ । ପରିଶ୍ରମୀ—1. Laborious.
୨ । କୃଷିକାର୍ଯ୍ୟରେ ପରିଶ୍ରମୀ ଓ ଦକ୍ଷ—
2. Skilful and laborious in agriculture.

**କଷୁଆ**—ଦେ. ବିଣ. (ସଂ. କଷାୟ) ୧ । ଈଷତ୍ କଷାୟ ସ୍ୱାଦବିଶିଷ୍ଟ—
Kashuā 1. Slightly astringent in flavour or taste.
কষাটিয়া
**কসঁলা** ୨ । ଅଠାଳିଆ—2. Gummy.
୩ । ରସଯୁକ୍ତ—3. Juicy.

**କଷୁଣୀ**—ଦେ.ବି. (ସଂ. କର୍ଷଣୀ)—୧ । ଯୋଦ୍ଧାମାନେ ଯୁଦ୍ଧ କଲାବେଳେ
Kashuṇi ଅଙ୍ଗୁଳିକୁ ଆଘାତରୁ ଘୋଡ଼ାଇରଖିବା ପାଇଁ ଅଙ୍ଗୁଳିରେ ଲଗାଇବା ଚମଡ଼ା ଦସ୍ତାନା; କଷଣୀ—
1. A leathern glove used to protect the fingers of a warrior from hurt.

ବୁଢ଼ ଅଙ୍ଗୁଠିରେ କଷୁଣୀ ଲଗାଇଲେ ।
କୃଷ୍ଣସିଂହ ମହାଭାରତ. ବନ ।

୨ । ଧନୁର ଗୁଣ ଆକର୍ଷଣ କରିବାପାଇଁ ଅଙ୍ଗୁଳିରେ ଲଗାଇବା ମୁଦିଆ—
2. A ring worn by archers on the finger to draw the bow.

ସେ ବାମା ନାସାରେ ବସିଲେ ନଥ; ଭୁଣୀର ଉପରେ ସ୍ୱକର କଷୁଣୀ
ଥୋଇଥିବ ମନମଥ ।
ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କଷୋଟ୍**—ଦେ. ବି.—୧ । ଅଳ୍ପତା—1. Scantiness.
Kashoṭ ୨ । ଗଣନା; ହିସାବ—2. Calculation.
୩ । ନ ଅଣ୍ଟିବା ଅବସ୍ଥା; ଅନାଟନ—
3. Deficiency; want.
ଦେ. ବିଣ.—୧ । ଅଳ୍ପ—1. Scanty.
୨ । କୃପଣ—2. Miserly; niggardly.
୩ । ହିସାବ ହୋଇଥିବା—3. Calculated.

**କଷୋଟି**—ଦେ. ବି ଓ ବିଣ—କଷଟି ( ଦେଖ )
Kashoṭi Kashaṭi ( See )

**କଷୋଟିଆ**—ଦେ. ବିଣ—କଷଟିଆ ( ଦେଖ )
Kashoṭia Kashaṭiā ( See )

**କଷ୍ଟ**—ସଂ. ବି. (କଷ୍ ଧାତୁ=ହିଂସା କରିବା+ଭାବ. ତ)—
Kashṭa ୧ । ( ଶାରୀରିକ, ମାନସିକ ) ଯନ୍ତ୍ରଣା; କ୍ଲେଶ—
1. Pain; uneasiness.
୨ । ଦୁଃଖ—2. Sorrow; trouble; difficulty; misery; hardship.
୩ । ଅତି ଦୁଃଖ—3. Extreme pain; affliction.
୪ । ଅମଙ୍ଗଳ—4. Evil.
୫ । ପରିଶ୍ରମ—5. Labour; exertion.
୬ । ପ୍ରସବ ବେଦନା—6. Labour-pains; pangs of child-birth.
ସଂ. ବିଣ. (+କର୍ତ୍ତୃ. ତ)—୧ । କ୍ଲିଷ୍ଟ—1. Afflicted; suffering.
୨ । କଷ୍ଟପ୍ରଦ; ଦୁଃଖଜନକ; ଦୁଃଖପ୍ରଦ—2. Sorrowful; grievous.
୩ । ଗହନ; ଦୁଃସାଧ—3. Difficult.
୪ । କଦର୍ଯ୍ୟ; କୁତ୍ସିତ—4. Wretched; bad; nasty.
୫ । ନୀଚ; ହୀନ—5. Low; mean.
୬ । କଠୋର—6. Severe.

**କଷ୍ଟକର**—ସଂ. ବିଣ. (କଷ୍ଟ+କୃ ଧାତୁ+କର୍ତ୍ତୃ. ଅ)—ଦୁଃଖଜନକ—
Kashṭakara Causing trouble.

**କଷ୍ଟ କରିବା**—ଦେ. କ୍ରି. (ସଂ. କଷ୍ଟ) ପରିଶ୍ରମ କରିବା; ଦୁଃଖ ସହିବା—
Kashṭa karibā To labour hard; to take pains; to toil.
কষ্টকরা
**কষ্টকরনা**

**କଷ୍ଟକଳ୍ପନା**—ସଂ. ବି. (କର୍ମଧା; କଷ୍ଟ+କଳ୍ପନା )—ବହୁ ଆୟାସସାଧ୍ୟ
Kashṭakalpanā କଳ୍ପନା—A forced idea; a laboured conceit; strained imagination.

**କଷ୍ଟକଳ୍ପିତ**—ସଂ. ବିଣ. (୩ୟା ତତ୍; କଷ୍ଟ+କଳ୍ପିତ)—ବହୁ ଆୟାସରେ
Kashṭakalpita କଳ୍ପିତ—Farfetched.

**କଷ୍ଟକଷ୍ଟେ**—ଦେ. କ୍ରି. ବିଣ—କଷ୍ଟମଷ୍ଟେ (ଦେଖ)
Kashṭakashṭe Kashṭamashṭe (See)

ବସ୍ତ୍ର ବାନ୍ଧ ବାଳୁମାନଙ୍କେ ଉଡ଼ାଇଲେ
କଷ୍ଟକଷ୍ଟେ ଯୁଦ୍ଧଦାଣ୍ଡରେ ଛଡ଼ା ହେଲେ ।—କୃଷ୍ଣସିଂହ ମହାଭାରତ. ସ୍ତ୍ରୀ ।

**କଷ୍ଟକାରକ**—ସଂ. ବି. (୬ଷ୍ଠୀ ତତ୍; କଷ୍ଟ=କ୍ଲେଶ+କାରକ=କର୍ତ୍ତା; କାରଣ)—ସଂସାର—The world.
Kashṭakāraka
ସଂ. ବିଣ.—ଦୁଃଖଜନକ—Causing hardship.

**କଷ୍ଟଜୀବୀ**—ସଂ. ବିଣ. (କଷ୍ଟ+ଜୀବ୍ ଧାତୁ=ଜୀଇଁବା+କର୍ତ୍ତୃ. ଇନ୍
Kashṭajibi ୧ମା. ୧ବ )—୧ । ଯେ କଷ୍ଟରେ ଜୀବିକା
(କଷ୍ଟଜୀବିନୀ—ସ୍ତ୍ରୀ) ନିର୍ବାହ କରେ—1. Earning livelihood with great difficulty; earning a scanty livelihood.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଲ୍ଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲ୍ଲିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଲ୍ଲିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଲ୍ଲିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨ । ଯେ ଅନେକ କଷ୍ଟ ଭୋଗକରି ବଞ୍ଚିଥାଏ—2. Living with great suffering.

**କଷ୍ଟ ଦେବା**—ଦେ.କ୍ରି. (ସଂ. କଷ୍ଟ + ଦା ଧାତୁ) ଅନ୍ୟକୁ ଦୁଃଖ ଦେବା—
Kashṭa debā To give trouble; to distress; to afflict; to harass; to oppress.
কষ্ট দেওয়া
**कष्टदेना**

**କଷ୍ଟ ପଡ଼ିବା**—ପ୍ରାଦେ. (ଗଞ୍ଜାମ) କ୍ରି.—୧ । କଷ୍ଟ ସ୍ୱୀକାର କରିବା—
Kashṭa parḏiba 1. To take trouble.

ଏରୂପେ ନାନା କଷ୍ଟ ପଡ଼ି କରି ଜନ
ଅରଜୁଛନ୍ତି ମର୍ତ୍ତ୍ୟଲୋକରେଟି ଧନ । କୃଷ୍ଣସିଂହ. ମହାଭାରତ ବନ ।

୨ । କଷ୍ଟଭୋଗ କରିବା;କଷ୍ଟ ପାଇବା—2. To suffer.

**କଷ୍ଟ ପାଇବା**—ଦେ.କ୍ରି.(ସଂ.କଷ୍ଟ + ପ୍ର + ଆପ ଧାତୁ)—୧ । ଦୁଃଖଭୋଗ କରିବା—To suffer; to be distressed.
Kashṭa pāiba
কষ্ট পাওয়া
୨ । ପ୍ରସବବେଦନା ଅନୁଭବ କରିବା, ଶୂଳ ଖାଇବା—2. To undergo labour-pains.
**कष्टपाना**

**କଷ୍ଟଫେଡ଼ା**—ଦେ. ବି—ମଧୁରନିନାଦୀ ବନ୍ୟପକ୍ଷିବିଶେଷ—
Kashṭapherḏa A sweet warbling bird; the Indian cuckoo; Cuculus Micropterus.
বউকথাকও

ଶୁଣୁଛନ୍ତି ଅସ୍ତକାଳେ କଷ୍ଟଫେଡ଼ା ଶୁଅ,
ନଦୀକୂଳବନ୍ଧୁ, ଶ୍ୟାମା, ସାରି. ଡଷାପୁଏ—ରାଧାନାଥ. ମହାଯାତ୍ରା ।

[ ଦ୍ର—କବିବର ରାଧାନାଥ ମହାଯାତ୍ରାର ୩ୟ ସର୍ଗରେ ସାତକୋଶିଆ ଗଣ୍ଡର ବର୍ଣ୍ଣନାରେ ଏହି ପକ୍ଷୀର ନାମ ଉଲ୍ଲେଖ କରିଅଛନ୍ତି ଓ ତହିଁର ପାଦଟୀକାରେ ଏ ପକ୍ଷୀ ବଙ୍ଗଳାରେ 'ବଉକଥାକଓ' ନାମକ ପକ୍ଷୀ ଥିବାର ଲେଖିଅଛନ୍ତି । 'ବଉକଥାକଓ' ଶାଖାଶ୍ରୟୀବର୍ଗର ୧୬।୧୭ ଆଙ୍ଗୁଳ ଦୀର୍ଘ ପାଂଶୁବର୍ଣ୍ଣ ପକ୍ଷୀ, ଏହା କୋକିଳ ପରି ପରଭୃତ । ଏହାର ଗୋଡ଼ରେ ପର ଅଛି, ମୁଣ୍ଡରେ ଶିଖା ନାହିଁ; ପକ୍ଷ ଅପେକ୍ଷା ପୁଚ୍ଛ ଶ୍ରେଷ୍ଠ—
( ଯୋଗେଶଚନ୍ଦ୍ର ) ]

**କଷ୍ଟ ଫେଡ଼ିବା**—ଦେ. କ୍ରି. ( ସଂ. କଷ୍ଟ + ଫେଟ ଧାତୁ )—ଅନ୍ୟର ଦୁଃଖକୁ ମୋଚନ କରିବା—
Kashṭa pherḏibā To relieve a person's distress.
কষ্ট ফেড়া
**कष्ट फेंड़ना**

**କଷ୍ଟମଷ୍ଟେ**—ଦେ. କ୍ରି. ବିଣ. ( ଅନର୍ଥକ ଦ୍ୱିତୀୟ ଅଂଶର ପ୍ରୟୋଗ )—
Kashṭamashṭe ୧ । ଅତି କଷ୍ଟରେ; ଅତି ଆୟାସସହକାରେ—1. With much difficulty.
কষ্টেমষ্টে
୨ । ଯେ କୌଣସିମତେ; ଯେନକେନ ପ୍ରକାରେ—
2. Anyhow.

**କଷ୍ଟଯୋନି**—ସଂ. ବି. ( କର୍ମଧା; କଷ୍ଟ + ଯୋନି )—ନୀଚ ଯୋନି; ନୀଚ ଜନ୍ମ—A mean or low birth.
Kashṭajoni

ପଶୁମାର୍ଗଗ୍ରସ୍ତ ଅଧର୍ମିରୂପ ମୂଢ଼େ,
କଷ୍ଟଯୋନିକି ପାଇ ମହାଦୁଃଖେ ପଡ଼େ—କୃଷ୍ଣସିଂହ. ମହାଭାରତ. ବନ ।

**କଷ୍ଟଶ୍ରିତ**—ସଂ. ବିଣ. ପୁଂ. ( ୨ୟା ତତ୍; କଷ୍ଟ + ଶ୍ରିତ )—
Kashṭaśrita ୧ । କଠୋର ବ୍ରତ ଧାରଣ କରିଥିବା—
1. Practising a very severe austerity or vow.
୨ । କଷ୍ଟ ଭୋଗ କରିଥିବା—
2. One who has suffered much.

**କଷ୍ଟସହ**—ସଂ. ବିଣ. ପୁଂ. ( କଷ୍ଟ + ସହ ଧାତୁ + କର୍ତ୍ତୃ. ଅ )—
Kashṭasaha ୧ । କ୍ଳେଶ ସହିଷ୍ଣୁ; କ୍ଳେଶ ସହିବାରେ ଅଭ୍ୟସ୍ତ—
(କଷ୍ଟସହା—ସ୍ତ୍ରୀ) 1. Enduring hardship; inured to hardship.
୨ । ଧୈର୍ଯ୍ୟଶୀଳ—2. Patient.
୩ । ପରିଶ୍ରମ ସହିତ କାର୍ଯ୍ୟ କରିବାରେ ଅଭ୍ୟସ୍ତ—
3. Painstaking.

**କଷ୍ଟ ସହିବା**—ଦେ. କ୍ରି—ଦୁଃଖ ସହ୍ୟ କରିବା—
Kashṭa sahibā To bear pain; to suffer.
কষ্ট সহা
**कष्टसहना**

**କଷ୍ଟସହିଷ୍ଣୁ**—ସଂ. ବିଣ— କଷ୍ଟସହ ( ଦେଖ )
Kashṭasahishṇu Kashṭasaha ( See )

**କଷ୍ଟସାଧ୍ୟ**—ସଂ. ବିଣ. ( ୩ୟା ତତ; କଷ୍ଟ + ସାଧ୍ୟ )—
Kashṭasādhya ଦୁଃସାଧ୍ୟ; କୃଚ୍ଛ୍ର ସାଧ୍ୟ—
Difficult of accomplishment; to be accomplished with difficulty.

**କଷ୍ଟସୃଷ୍ଟେ**—ଦେ. କ୍ରି. ବିଣ. ( ଅନର୍ଥକ ଶେଷ ପଦ )—
Kashṭasṛushṭe କଷ୍ଟମଷ୍ଟେ ( ଦେଖ )
কষ্টেসৃষ্টে Kashṭamashṭe ( See )

**କଷ୍ଟାକଷ୍ଟେ**—ଦେ. କ୍ରି. ବିଣ—କଷ୍ଟମଷ୍ଟେ ( ଦେଖ )
Kashṭākashṭe Kashṭamashṭe ( See )

**କଷ୍ଟାର୍ଜିତ**—ସଂ. ବିଣ ( ୩ୟା ତତ୍; କଷ୍ଟ + ଅର୍ଜିତ )—୧ । ଦୁଃଖଲବ୍ଧ; ବହୁ କଷ୍ଟରେ ପ୍ରାପ୍ତ—1. Hard-earned; got with great difficulty.
Kashṭārjita
୨ । ଆପଣାକୁ ବା ଅନ୍ୟକୁ କଷ୍ଟ ଦେଇ ଲବ୍ଧ ହୋଇଥିବା—
2. Bad-earned; evil-earned; ill-begotten.

**କଷ୍ଟାର୍ଥତା**—ସଂ. ବି—ଅର୍ଥଦୋଷବିଶେଷ—
Kashṭārthatā A defect in composition where it is difficult to comprehend the author's meaning.

( ଯେଉଁ ସ୍ଥଳରେ କବିର ଉଦ୍ଦେଶ୍ୟ ବୁଝିବା କଷ୍ଟସାଧ୍ୟ ହୁଏ । ଯଥା—

ଯମୁନା ବାହୁକା ତଟରୁହବଳୀ ଅବଳୀ ବନାଇବାର ରେ,
ଯଶ ରଖି କାନ୍ଦାପଟଳକୁ ଭୂଷା କରଇଛନ୍ତି ନବାର ରେ ।
କବିସୂର୍ଯ୍ୟ. ବଗୋପାଳଚମ୍ପୂ. ୨ ଗୀତ ।)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଜ୍ଞ | ଇୟ | ଉଅ | ଯ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ |

**କଷ୍ଟି**—ସଂ. ବି ( କଷ ଧାତୁ + ଭାବ. ତି)—
Kashṭi ୧ । (ସୁନା ପ୍ରଭୃତି) କଷିବା; ପରୀକ୍ଷା କରିବା—
1. Testive of gold.
୨ । (+ ଅଧିକରଣ. ତି ) ସୁନା ପରୀକ୍ଷା କରିବାର ପଥର—
2. Touchstone.
[ ଦ୍ର—ଏ ପଥର ଉପରେ ସୁନାର ଗାର ପକାଇଲେ ସେହି ଗାରର ବର୍ଣ୍ଣରୁ ସୁନାର ପ୍ରକାର ଅନୁମିତ ହୁଏ । ]

**କଷ୍ଟିକ୍**—ବୈଦେ. ( ଇଂ ) ବି—ଦେହକୁ ପୋଡ଼ିଦେବା ଏକ ପ୍ରକାର
Kashṭik ରାସାୟନିକ ବସ୍ତୁ—Caustic.
कष्टिक
**कषटिक**

**କଷ୍ଟିପଥର**—ଦେ. ବି (ସଂ. କଷ୍ଟି ଓ ପ୍ରସ୍ତର)—କଷ୍ଟି (ଦେଖ)—
Kashṭipathara Kashṭi (See)
कष्टिपाथर
**कषाटपथर**

**କଷ୍ଟୀ**—ସଂ. ବିଣ. ପୁଂ.—( କଷ୍ଟ + ଅସ୍ତି ଅର୍ଥରେ. ଇନ୍; ୧ମା.୧ବ.)—
Kashṭi ୧ । କଷ୍ଟ ଭୋଗ କରିଥିବା—1. Having undergone great hardship.
(କଷ୍ଟିନୀ—ସ୍ତ୍ରୀ)
୨ । ଦୁଃଖଭୋଗକାରୀ—
2. Suffering much hardship.
ଦେ. ବିଣ. ସ୍ତ୍ରୀ—କଷ୍ଟଭୋଗକାରିଣୀ ସ୍ତ୍ରୀ—
(woman) Undergoing much suffering.
ମୋର କର ଧର ଅରେ କଷ୍ଟିନି,
ହୋଇଲୁ ଏ ବନକୁ ଆସି ଏଡ଼େ କଷ୍ଟୀ । କୃଷ୍ଣସିଂହ- ମହାଭାରତ. ବନ ।

**କଷ୍ଟେମଷ୍ଟେ**—ଦେ. କ୍ରି . ବିଣ (ନିରର୍ଥକ ଶେଷ ପଦ)—
Kashṭemashṭe କଷ୍ଟମଷ୍ଟେ (ଦେଖ )
कष्टेमष्टे Kashṭamashṭe (See)
ଏହିରୂପେ ବଇର କରିଣ ସେ ମଣ,
କଷ୍ଟେମଷ୍ଟେ ବସିଲେ ଘୋଡ଼ାରେ ନୃପତି । କୃଷ୍ଣସିଂହ- ମହାଭାରତ- ବନ ।

**କଷ୍ଟେସୃଷ୍ଟେ**—ଦେ. କ୍ରି . ବିଣ—(ନିରର୍ଥକ ଶେଷ ପଦ)—
Kashṭesṛushṭe କଷ୍ଟେମଷ୍ଟେ (ଦେଖ)
कष्टेस्रष्टे Kashṭemashṭe (See)
ସଂହିତାର ଯାଏ କଷ୍ଟେସୃଷ୍ଟେ ସିଦ୍ଧ ହୋଇ । ସ୍ୱର୍ଣ୍ଣାଦ୍ରି. ଭଜନବଳି ।

**କସ୍କସ୍**—ଦେ. ବିଣ—କଶ୍‌କଶ୍ (ଦେଖ)
Kaskas Kaśkaś (See)

**କସ୍‌କଶି ଜରି**—ଦେ. ବି.—ମଲାଙ୍ଗବିଶେଷ—A kind of parasite
Kaskasi jari plant; Fecus Parasaticus. (Haines)
[ଦ୍ର—ଏହା ଅନ୍ୟ ବୃକ୍ଷରେ ଜନ୍ମେ ଏବଂ ତାହାର ରସ ଗ୍ରହଣ କରି ବର୍ଦ୍ଧିତ ହୁଏ । ]

**କସ୍‌ମସ୍**—ଦେ. ବିଣ.—କଶ୍‌କଶ୍ (ଦେଖ)
Kasmas Kaśkaś (See)

**କସ୍ରୁ**—ପ୍ରାଦେ. (ସମ୍ବଲପୁର) ବି.—କସୁରୁ (ଦେଖ)
Kasru Kasuru (See)

**କସ୍ରୁକନ୍ଦା**—ପ୍ରାଦେ. (ସମ୍ବଲପୁର) ବି.—କସୁରୁକନ୍ଦା (ଦେଖ)
Kasrukandā Kasurukanda (See)

**କସଆଳୁ**—ଦେ. ବି.—ବନ୍ୟ ଖାଦ୍ୟ ଆଳୁବିଶେଷ—
Kasaālu A kind of wild yam; Cassava.

**କସନ**—ସଂ. ବି.—କାଶମର୍ଦ୍ଦ (ଦେଖ)
Kasana Kāśamardda (See)

**କସପାଣି**—ଦେ. ବି. ( ସଂ. କଷାୟ + ପାନୀୟ )—
Kasapāṇi ୧ । ଗଛ ଆଦିରୁ ବୋହିବା ଅଠାଳିଆ ରସ—
1. Gummy juice.
୨ । ରକ୍ତାଭ ରସ—2. Reddish liquid.

**କସପିଆ**—ଦେ. ବିଣ. ପୁଂ. (ଆ. କସ୍‌ବ)—ବେଶ୍ୟାସକ୍ତ—
Kasapiā Addicted to prostitutes.

**କସପି କରିବା**—ଦେ. କ୍ରି.—ବେଶ୍ୟା ଯୁବତୀ ରଜସ୍ୱଳା ହୋଇ ବେଶ୍ୟାବୃତ୍ତି ଆରମ୍ଭ କରିବାର ପ୍ରଥମ ରଜନୀରେ ବେଶି ପଇସା ଦେଇ ତାକୁ ଉପଭୋଗ କରିବା—
Kasapi karibā
To enjoy a prostitute on the 1st night of her entering into the profession after attaining puberty, by paying a fancy fee for such a privilege.

**କସପିଗିରି**—ବୈଦେ. ବି. (ଆ. କସବଗିରୀ)—ବେଶ୍ୟାବୃତ୍ତି—
Kasapigiri Prostitution.

**କସପିଛୁଆ**—ଦେ. ବି. (ଗାଳି)—୧ । ବେଶ୍ୟାପୁତ୍ର—
Kasapichhuā 1. Whoreson.
୨ । ଜାରଜ ବ୍ୟକ୍ତି—2. Bastard.

**କସପିବାଜ୍**—ବୈଦେ. ବିଣ. ( ଆ. କସ୍‌ବବାଜ୍ )—
Kasapibāj ବେଶ୍ୟାସକ୍ତ ( ବ୍ୟକ୍ତି )—Addicted to whores; debauched; fornicator.

**କସପୀ**—ବୈଦେ. ବି. ( ଆ. କସ୍‌ବନ୍; କସବୀ)—୧ । ଦାସୀ; ବେଶ୍ୟା;
Kasapi ଖାନ୍‌ଗୀ—1. Whore; prostitute.
कसबी ୨ । ନର୍ତ୍ତକୀ—2. Dancing girl.
**कसबी** ୩ । କୁଳଟା; ବ୍ୟଭିଚାରିଣୀ ସ୍ତ୍ରୀ; ବେଧୋଇ; ନଷ୍ଟା ସ୍ତ୍ରୀ—
3. Adulteress.
ଦେ. ବିଣ—କୃପଣ; କୋଚଟ୍—Miserly.

**କସପୀ ନଚ୍ଚାଇବା**—ଦେ. କ୍ରି.—୧ । (ଲକ୍ଷଣାର୍ଥ) ଅତି ଅଳାଜୁକ ହେବା;
Kasapi nachāibā ଅତି ନିର୍ଲଜ ହୋଇ ପ୍ରକାଶ୍ୟରେ ଅନୈତିକ କାର୍ଯ୍ୟ କରିବା—1.To become too shameless a sensualist and depraved.
୨ । ନର୍ତ୍ତକୀଙ୍କ ନୃତ୍ୟ ସମୟରେ ବାଦ୍ୟ ବଜାଇବା—
2. To play music in accompaniment to the dancing of prostitutes or dancing girls.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଇଁଷା' ନ ପାଇଲେ 'ଅଁଷ' ଦେଖିବେ; 'ଅଲବଳ' ନ ପାଇଲେ 'ଅଲବଳ' ଦେଖିବେ

**କସବ୍**—ବୈଦେ. ( ଆ ) ବି—ବ୍ୟବସାୟ; ପେଶା—
Kasab Profession; trade; livelihood.

**କସବା**—ବୈଦେ. ( ଆ ) ବି. (ଆ. କସ୍‌ବା)—ବଡ଼ଗ୍ରାମ; ବଡ଼ବସ୍ତି—
Kasaba A big village.
कसबा
**कसबा**

**କସବିଆ**—ଦେ. ବିଣ. ପୁଂ—କସପିଆ ( ଦେଖ )
Kasabiā Kasapiā ( See )

**କସବୀ** (ଇତ୍ୟାଦି)—ବୈଦେ. (ଆ) ବି—କସପୀ ଇତ୍ୟାଦି ( ଦେଖ )
Kasabī (etc) Kasapī etc ( See )

**କସମ୍**—ବୈଦେ. (ଆରବୀ) ବି.—ସ୍ୱଣ; ଶପଥ—
Kasam Oath.
कसम
**कसम**

**କସମ୍ ଖାଇବା**—ଦେ. କ୍ରି.—ନିଜେ ସ୍ୱଣ ପକାଇବା; ଶପଥ କରିବା—
Kasam khāibā To swear; to take oath.
कसम खाओग़ा
**कसम खाना**

**କସମସ**—ଦେ. ବିଣ.—କସ୍‌ମସ୍ (ଦେଖ)
Kasamasa Kasmas (See)

**କସମସିଆ**—ଦେ. ବିଣ.—କସ୍‌ମସ୍ (ଦେଖ)
Kasamasiā Kasmas (See)

**କସର୍**—ବୈଦେ. ବି. (ଆ. କସର୍)—କସୁର୍ ଇତ୍ୟାଦି (ଦେଖ)
Kasar etc. Kasur etc. (See)

**କସରତ୍**—ବୈଦେ. ବି. (ଆ. କସ୍‌ରତ୍)—୧ । ମଲ୍ଲକ୍ରୀଡ଼ା; ବ୍ୟାୟାମ; Kasarat ଭୁକ୍ତି—1. Athletic feat; gymnastics.
कसरत ୨ । ଚେଷ୍ଟା—2. Endeavour.
**कसरत** ୩ । ପରିଶ୍ରମ—3. Labour; physical exertion.

**କସରତିଆ**—ବୈଦେ. ବିଣ. (ଆ. କସ୍‌ରତୀ)—ବ୍ୟାୟାମଶୀଳ—
Kasaratiā Practising gymnastics.
कसरति
**कसरती**

**କସରା**—ଦେ. ବି.—ଏକଜାତୀୟ ଚଢ଼େଇ—
Kasarā Name of a bird.
ଶବର ଭୂମିରେ ଯେ କସରା ପାଳିଥିଲେ,
ନାନା ବର୍ଣ୍ଣରେ ଜୀବ ଅଛନ୍ତି ଚହି ପୂର । ପୀତାମ୍ବର. ନୃସିଂହପୁରାଣ ।

ଦେ. ବିଣ—( ସଂ. କପିଳ )—କଦର୍ଯ୍ୟ ବର୍ଣ୍ଣ; ଧଳା ଓ ନାଲି
भूरा ରଙ୍ଗବର୍ଣ୍ଣିଷ୍ଟ—Brown; reddish white.
**भूरा**
ମୁଁ କସରା ବଳଦଟା କଣି ମୁଠାଏ ଟଙ୍କା ପାଣିରେ ପକାଇ ଦେଇଛି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**କସଲତ୍**—ଗ୍ରା. ବୈଦେ. ବି. (ଆ)—କସରତ୍ (ଦେଖ)
Kasalat Kasarat (See)

**କସା**—ସଂ. ବି.—କଶା (ଦେଖ)
Kasā Kaśā (See)
ଦେ. ବି. ଓ ବିଣ—କଷା (ଦେଖ)
Kashā (See)

**କସାଇ**—ବୈଦେ. ବି. (ଆ. କସ୍ସାବ୍)—କଂସାଇ (ଦେଖ)
Kasāi Kaṁsāi (See)
कसाई
**कसाइ**

**କସାଇଖାନା**—ଦେ. ବି. (ଫା.କସ୍ସାବଖାନା)—ଖାଦ୍ୟାର୍ଥ ପଶୁହତ୍ୟା କରି-
Kasāikhānā ବାର ସ୍ଥାନ—Shambles; slaughter house.
कसाईखाना
**कसाइखाना**

**କସାଇବା**—ଦେ. କ୍ରି.—କସିବା କ୍ରିୟାର ଣିଜନ୍ତରୂପ; କଷିବା (ଦେଖ)
Kasāibā Causative of kashibā (See)
कसान
**कसवाना**

**କସାକସ୍**—ଦେ. ବିଣ—୧ । ଦେହକୁ ଖୁବ୍ ଟେସ୍ଟ ହେଉଥିବା
Kasākas (ପୋଷାକ ଆଦି)—1. Very tightly fitting (dress)
कसाकस
**कसाकस**
୨ । ନଅଣ୍ଟ—2. Insufficient; deficient.
ଦେ. ବି.—୧ । ନଅଣ୍ଟ ଅବସ୍ଥା—1. State of want.
୨ । କୃପଣତା; ବ୍ୟୟକୁଣ୍ଠତା—
2. Niggardliness.

**କସାକସି**—ଦେ. ବି.—୧ । ଅନ୍ୟୋନ୍ୟରେ ବଳ ଆଦିର ପରୀକ୍ଷା—
Kasākasi 1. Mutual testing of strength.
कसाकसि ଭବ ଭଜ ଏ କସାକସି, ହାବ ନସ୍ୟକ ମିଶାମିଶି—
**कसाकसि** ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ନାନାପ୍ରକାର ସଜ୍ଜୀକରଣ କର୍ମ—
2. Various operations of equipping.
( ଯଥା—ରଜା ବିଜେ କରିବେ ବୋଲି ହାତୀ ଘୋଡ଼ା କସାକସି ଲାଗିଲା । )
୩ । ( ବହୁବଚନ ) କଷିବା କର୍ମମାନ; କଶିବା ( ଦେଖ )
3. ( plural ) Many acts of Kaśibā ( See )
୪ । ଅନାଟନ; ନଅଣ୍ଟ ଅବସ୍ଥା; ଅଭାବ—
4. Deficiency; want.
୫ । ବ୍ୟୟସଙ୍କୋଚ—5. Retrenchment.
ଦେ. ବିଣ—୧ । ଟଣାଟଣି—1. Mutually tugging.
୨ । ପରସ୍ପର ଘଷାଘଷି—2. Mutually rubbing.
ସେ କାଳେ ଗୁରୁଶିଷ୍ୟ ହୋଇ ମିଶାମିଶି,
ହେଲେ ଶରମୂଳକୁ ଦେହରେ କସାକସି —
କୃଷ୍ଣସିଂହ. ମହାଭାରତ. ବନ୍ତ ।

**କସାଘାତ**—ସଂ. ବି (କଶା ଇତ୍; କସା+ଆଘାତ)—କଶାଘାତ ( ଦେଖ )
Kasāghāta Kaśāghāta ( See )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | .ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ବ |

**କସି**—ଦେ. ବ.—କଷି (ଦେଖ)
Kasi — Kashi (See)

**କସିଆ**—ଦେ. ବ. ( ଶିଶୁବଚନ; ଓ. କଶି =କ୍ଷୁଦ୍ର )—ପୁଂଲିଙ୍ଗ;
Kasiā — ପୁଂଜନନେନ୍ଦ୍ରିୟ—Penis.
ପ୍ରାଦେ. ( ସମ୍ବଲପୁର ) ବଣ.—କଷିଲ୍ଲ ( ଦେଖ )
Kashilā ( See )

**କସିକାମୋଦ**—ଦେ. ବ—ଏକ ପ୍ରକାର କ୍ଷୁଦ୍ର ଧାନ—
Kasikāmoda — A species of small paddy.

**କସିଇଣ୍ଡୁରି**—ଦେ. ବ—ଛୋଟ ଛୋଟ ଇଣ୍ଡୁରି ପିଠା—
Kasiinduri — A small steamboiled cake.

**କସିକାସି ହେବା**—ଦେ. କ୍ରି—୧ । କୃପଣ ହେବା—
Kasikāsi hebā — 1. To be niggardly.
୨ । କୁଣ୍ଠିତ ହେବା—2. To hesitate.
୩ । କୌଣସି ଶ୍ରମସାଧ୍ୟ କର୍ମ ପାଇଁ ଲୁଗାପଟା ଭିଡ଼ି ପ୍ରସ୍ତୁତ ହେବା—3. To be ready or equipped for some onerous work.

**କସିକୁରୁଣ୍ଡା**—ଦେ. ବଣ. ପୁଂ—ଛୋଟ କୁରୁଣ୍ଡଯୁକ୍ତ ( ବ୍ୟକ୍ତି ); ଯେଉଁ
Kasikurundā — କୁରୁଣ୍ଡରୋଗୀର ଅଣ୍ଡକୋଷ ଅତି ବଡ଼ ହୋଇ ନ ଥାଏ—A person having a small hydrocele.

**କସିଗୋଦର**—ଦେ. ବ—ବାତଜର ଯୋଗୁଁ ଗୋଡ଼ ବା ହାତର ସାମାନ୍ୟ
Kasigodara — ଫୁଲା—A slightly swollen elephantiasis.

**କସିଗୋଦରା**—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତିର ଗୋଡ଼ ବା ହାତ
Kasigodarā — ଅଳ୍ପମାତ୍ରାରେ ଗୋଦର ହୋଇଥାଏ—
( କସିଗୋଦରୀ—ସ୍ତ୍ରୀ ) A person having his leg or hand slightly swollen with elephantiasis.

**କସିଦା**—ଦେ. ବ. ( ଫ. କସାୟ )—
Kasidā — କଢ଼; କଢ଼ି—Bud.
কসিদা ବୈଦେ. ( ପା. ) ବ.—ବେଲବୁଟା; ଲୁଗା ଉପରେ
কসিদা ଛୁଞ୍ଚିଦ୍ୱାରା ସୂତାରେ କରା ଯାଇଥିବା ଫୁଲ; କଢ଼ି ଓ ବୁଟା ଆଦିର କାମ—Needle-work made on a cloth.

କଇବୃତା କଞ୍ଜ କସିଦା ପତ୍ର,
ଲୁଗ୍ମା ଉଙ୍ଗେ ଯାଉଥିବ କଢ଼—କବିସୂର୍ଯ୍ୟ. ଚନ୍ଦ୍ରକଳା ।

**କସିପାଞ୍ଚ**— ଦେ. ବ—ଏକ ପ୍ରକାର କଉଡ଼ି ଖେଳ—
Kasipānchi — A kind of game with cowries.
[ ଦ୍ର—ଏ ଖେଳରେ ଦୁଇ ଜଣ ଖେଳାଳି ପାଞ୍ଚ କଟି କଉଡ଼ି ନେଇ ଖେଳନ୍ତି । ଏଥିର ଦାନ—ଗୋଟିଏ କଉଡ଼ି ଚିତ ହୋଇ ପଡ଼ିଲେ କସି, ଦୁଇଟିରେ ଦୁଗା, ତିନୋଟିରେ ତିନ, ଚାରୋଟିରେ ଚାର ଏବଂ ପାଞ୍ଚୋଟିରେ ପାଞ୍ଚ ବା ପାଞ୍ଜି ହୁଏ । କଉଡ଼ି ଖେଳ ତଳେ ନୋଟ୍ ଦେଖ । ]

**କସିପାଞ୍ଜି**—ଦେ. ବ—କସିପାଞ୍ଚ ( ଦେଖ )
Kasipānji — Kasipānchi ( See )

**କସିପୀ**—ଗ୍ରା. ବୈଦେ (ଅ) ବ—କସପୀ ( ଦେଖ )
Kasipī — Kasapī (See)

**କସିପୁ**—ସଂ. ବ—କଶିପୁ ( ଦେଖ )
Kasipu — Kaśipu (See)

**କସିପେଣ୍ଡୁରୀ**—ଦେ. ବଣ. ସ୍ତ୍ରୀ—କ୍ଷୁଦ୍ର ପଦ୍ମରୋଗବିଶିଷ୍ଟା ( ସ୍ତ୍ରୀ )—
Kasipendurī — A woman with a small prolapse of the uterus.

**କସିବା**—ଦେ. କ୍ରି—କଷିବା ( ଦେଖ )—
Kasibā — Kashibā ( See )

**କସିବୀ**—ଗ୍ରା. ବୈଦେ. (ଅ) ବ—କସପୀ (ଦେଖ)—
Kasibī — Kasapī ( See )

**କସିଭୁଅସୁଣୀ**—ଦେ. ବ. ସ୍ତ୍ରୀ—ଯୁବତୀ କୁଳବଧୂ—
Kasibhuāsunī — A young housewife.

**କସୁର୍**—ଦେ. ବ (ଆ. କସର୍ )—୧ । ତ୍ରୁଟି—
Kasur — 1. Shortcomings; defects.
কসুর ୨ । ଦୋଷ—2. Flaw; fault.
কসর, কসুর ୩ । (ଆ.କସୁର୍) ଅପରାଧ—3. Crime; offence.
୪ । ସାମାନ୍ୟ ଦୋଷ—4. A little flaw or blemish.
୫ । ଉହୁସିବା ସାମାନ୍ୟ ଦୋଷ—5. A little outstanding fault.
୬ । ନ୍ୟୂନତା—6. Deficiency.

**କସୁର୍ ମାଫ୍ କରିବା**—ଦେ. କ୍ରି—ତ୍ରୁଟି ମାର୍ଜନା କରିବା—
Kasur māph karibā — To excuse one's fault.
কসুর মাফকরা
কসুরমোফকরনা

**କସୁର୍ ମାଫ୍ ଦେବା**—ଦେ. କ୍ରି—କସୁର୍ ମାଫ କରିବା ( ଦେଖ )—
Kasur maph debā — Kasur māph karibā ( See )

**କସୁରୁ**—ପ୍ରାଦେ. ( ସମ୍ବଲପୁର ) ବ ( ସଂ. କଶେରୁ )—କେଶୁରଜାଣ ଓ ତାହାଁର ଖାଦ୍ୟମୂଳ—Edible bul of the
Kasuru — Keśura root.

**କସୁରୁକନ୍ଦା**—ପ୍ରାଦେ. (ସମ୍ବଲପୁର) ବ. (ସଂ. କଶେରୁ+କନ୍ଦ)—
Kasurukandā — କସୁରୁ (ଦେଖ)—
Kasuru (See)

**କସେଇ** (ଇତ୍ୟାଦି)—ବୈଦେ. ବ—କଂସାଇ ଇତ୍ୟାଦି (ଦେଖ)—
Kasei (etc) — Kamsāi etc (See)

**କସେରୁ**—ସଂ. ବ.—କଶେରୁ (ଦେଖ)—
Kaseru — Kaśeru (See)

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳବ ତେବେ ସେହି ଶବ୍ଦ ପାଠ ସ୍ଥାନରେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**କସେରୁକ**—ସଂ. ବି—୧। କସେରୁକ (ଦେଖ)—
Kaseruka 1. Kaśeruka (See)
୨। ନାଗରମୁଥା—2. Cyprus Rotundus (root bulb).

**କସେଲା**—ପ୍ରାଦେ. (ବସ୍ତର) ବି—ଡାଲ—
Kaselā Water pot.

**କସୋର୍** (ଇତ୍ୟାଦି)—ବୈଦେ. ବି—କସୁର୍ ଇତ୍ୟାଦି (ଦେଖ)—
Kasor (etc) Kasur etc. (See)

**କସୋର୍ ନଡ଼ିଆ**—ଦେ. ବି (ଆ. କସର୍+ନାରିକେଲ)—ସମ୍ପୂର୍ଣ୍ଣରୂପେ
Kasor nar̤diā ପକ୍ୱ ହୋଇ ନ ଥିବା ନଡ଼ିଆ—
The cocoanut which is not fully ripe.

**କସ୍ତ**—ବୈଦେ. ଫା. ବି (ଫା. କୁଶ୍‌ତ୍ତି)—କୁସ୍ତି—
Kasta Athletic exercise or practice.

**କସ୍ତା**—ଦେ. ବି (ସଂ. କଷାୟ)—୧। ନାଲ୍ ସୂତା—
Kastā 1. Red cotton-thread.
୨। ରଞ୍ଜିତ ସୂତ୍ର; ରଙ୍ଗିନ୍ ସୂତା—
2. Coloured cotton thread.
୩। ରଙ୍ଗିନ୍ ବା ନାଲ ସୂତାର ଲୁଗା—
3. Red coloured cotton-cloth.

**କସ୍ତାକସ୍ତି**—ଦେ. ବି. (ଆ. କୁସ୍‌ତି)—୧। କୁସ୍ତାକୁସ୍ତି (ଦେଖ)
Kastākasti 1. Kustākusti (See)
୨। (ସଂ. କଷ୍ଟ) ଅତିଶୟ କଷ୍ଟ—
2. Much difficulty.
ଏତେବେଳୁ ନାଅ ମେଲିଦେଲେ କସ୍ତାକସ୍ତିରେ ନାଅ ପହଞ୍ଚିବ।
ଫକୀରମୋହନ. ଗଳ୍ପସ୍ୱଳ୍ପ।

**କସ୍ତୁରା**—ଦେ. ବି. ( ସଂ. କସ୍ତୁରୀ )—
Kasturā ୧। ଏକ ଜାତୀୟ କସ୍ତୁରୀଗନ୍ଧଯୁକ୍ତ ଶାକ ଗୁଳ୍ମ ଓ ତହିଁର
कस्तूरा ମଞ୍ଜି—1. A plant and its musk-
कस्तुरा scented seed.
୨। ଏକ ଜାତୀୟ ଶାମୁକା—
2. A species of oyster.
ଦେ. ବିଣ.—୧। କସ୍ତୁରୀଗନ୍ଧବିଶିଷ୍ଟ—
1. Musk scented.
୨। ଯାହାଠାରୁ କସ୍ତୁରୀ ବାହାରେ ( ମୃଗ )—
2. (deer) From which musk is got; musk-deer.

**କସ୍ତୁରା ହଳଦି**—ଦେ. ବି. (ସଂ. କସ୍ତୁରୀ+ହରିଦ୍ରା)—
Kasturā haladi ଏକପ୍ରକାର ସୁଗନ୍ଧ ମୂଳ—
A sweet-scented root.

**କସ୍ତୁରିକା**—ସଂ. ବି. ସ୍ତ୍ରୀ.—କସ୍ତୂରୀ (ଦେଖ)
Kasturikā Kastūrī (See)

**କସ୍ତୁରୀ**—ସଂ. ବି.—କସ୍ତୂରୀ (ଦେଖ)
Kasturī Kastūrī (See)

**କସ୍ତୁରୀମୃଗ**—ସଂ. ବି.—କସ୍ତୂରୀମୃଗ (ଦେଖ)
Kasturīmr̥uga Kastūrīmr̥uga (See)

**କସ୍ତୂରିକା**—ସଂ. ବି. ସ୍ତ୍ରୀ.—କସ୍ତୂରୀ (ଦେଖ)
Kastūrikā Kastūrī (See)

**କସ୍ତୂରୀ**—ସଂ. ବି. ( କସ୍=ଗମନ କରିବା+କର୍ତ୍ତୃ. ଊରୀ; ଯାହାର ଗନ୍ଧ
Kastūrī ଦୂରକୁ ଗମନ କରେ )—ମୃଗନାଭି—
कस्तूरि Musk.
कस्तुरि [ ଦ୍ର— କାମରୂପୀ, ନୈପାଳୀ ଓ କାଶ୍ମୀରୀ
ମ. କସ୍ତୁରୀ ଭେଦରେ କସ୍ତୂରୀ ୩ ପ୍ରକାର। କାମରୂପ
ଫା. ମୁସ୍କ କୃଷ୍ଣବର୍ଣ୍ଣ, ନୈପାଳୀ ନୀଳ ଓ କାଶ୍ମୀରୀ
ଆ. ମିସ୍କ କପିଳ। କାମରୂପୀ ଶ୍ରେଷ୍ଠ, ନୈପାଳୀ ମଧ୍ୟମ
ତେ. କାସ୍ତୁରୀ, କସ୍ତୁରୀପିଲ୍ଲି ଓ କାଶ୍ମୀରୀ ନିକୃଷ୍ଟ। କସ୍ତୁରୀ କ୍ଷୁଦ୍ର କ୍ଷୁଦ୍ର
ସଂ. ପର୍ଯ୍ୟାୟ—ମୃଗନାଭି, ଦାନାବିଶିଷ୍ଟ ଓ ତୀବ୍ର ସୁଗନ୍ଧଯୁକ୍ତ। ଏହା
ମୃଗମଦ, କସ୍ତୁରୀ, କସ୍ତୂରୀ, କଟୁତିକ୍ତ, କ୍ଷାରଯୁକ୍ତ, ଉଷ୍ଣବୀର୍ଯ୍ୟ, ଶୁକ୍ର-
ସହସ୍ରଭିତ୍, ବେଧମୁଖ୍ୟା ବର୍ଦ୍ଧକ ଓ ଗୁରୁ, କାମୋଦ୍ଦୀପକ, ଆକ୍ଷେପ-
ନାଶକ, ସ୍ୱେଦଜନକ, ବଳକାରକ ଓ କିଞ୍ଚିତ୍ ମାଦକ। ଏହା କଫ, ବାୟୁ, ବିଷଦୋଷ, ବମି, ଶୀତ, ଦୁର୍ଗନ୍ଧ ଓ ଶୋଷନାଶକ। ଯେଉଁ କସ୍ତୁରୀ ନିଜ ଗନ୍ଧରେ କେତକୀ ଫୁଲର ଗନ୍ଧକୁ ନଷ୍ଟ କରେ, ଅଗ୍ନିରେ ପଡ଼ିଲେ ଯହିଁରୁ ଚମଡ଼ାପୋଡ଼ାର ଗନ୍ଧ ବାହାରେ ତାହା ଉତ୍କୃଷ୍ଟ। କସ୍ତୁରୀ ୫ ପ୍ରକାର—୧। ଖରିକା—ଧୂଳି ପରି ଦାନାବିଶିଷ୍ଟ। ୨। ତିଳକା—ଖସା ପରି ଦାନାବିଶିଷ୍ଟ। ୩। କୁଲତ୍ଥିକା—କୋଳଥ ପରି ଦାନାବିଶିଷ୍ଟ। ୪। ପିଣ୍ଡିକା—ଖଣ୍ଡ ଖଣ୍ଡ। ୫। ନାୟିକା—ପିଣ୍ଡିକାଠାରୁ ବଡ଼—କବିରାଜ ହରେକୃଷ୍ଣ ମିଶ୍ର—ଦ୍ରବ୍ୟଗୁଣ।]

**କସ୍ତୂରୀମୃଗ**—ସଂ. ବି. (ମଧ୍ୟପଦଲୋପୀ; କସ୍ତୂରୀଯୁକ୍ତ ମୃଗ )—
Kastūrīmr̥uga ଯେଉଁ ମୃଗର ନାଭିରୁ ମୃଗନାଭି ବା କସ୍ତୂରୀ ବାହାରେ—Musk-deer.
[ ଦ୍ର—କସ୍ତୂରୀମୃଗ ହିମାଳୟର ୮ ହଜାରଠାରୁ ୧୨ ହଜାର ଫୁଟ ଉଚ୍ଚ ପାର୍ବତ୍ୟ ପ୍ରଦେଶରେ ତିବ୍ବତ, ମଧ୍ୟଆସିଆ, ସାଇବେରିଆ ଆଦି ଶୀତପ୍ରଧାନ ଉଚ୍ଚ ପାର୍ବତ୍ୟ ଦେଶରେ ବିଚରଣ କରେ। ଏ ମୃଗ ଖୁବ୍ କୁଦା ମାରି ପାରେ ଏବଂ ଖୁବ ଦ୍ରୁତଗାମୀ। ଏ ଦେଖିବାକୁ କୁକୁର ପରି ଓ ଗଢ଼ିରେ। ଅଣ୍ଡିରା ମୃଗର ନାଭି ପାଖରେ ଗୋଟିଏ ଗୋଟାଳିଆ ଚମ ମୁଣା ଥାଏ। ଶିକାରୀମାନେ ଏ ମୃଗକୁ ମାରି ଏହାର ନାଭି ପାଖରୁ କସ୍ତୂରୀ ଥିବା ମୁଣିଟି କାଟି ଆଣନ୍ତି। ମୁଣି କୁକୁଡ଼ା ଅଣ୍ଡାର ଆକୃତିବିଶିଷ୍ଟ। ଏ ମୃଗ ମାଘ ମାସରେ ଯୋଡ଼ି ଖାଆନ୍ତି। ସେହି ଋତୁରେ ଅଣ୍ଡିରା ମୃଗର ନାଭିସଂଲଗ୍ନ ମୁଣାରେ ବେଶି ପରିମାଣରେ କସ୍ତୂରୀ ଥାଏ। ହି. ଶବ୍ଦସାଗର। ]

**କସ୍ୱର**—ସଂ. ବିଣ ( କସ୍=ଗମନ କରିବା+କର୍ତ୍ତୃ. ବର )—
Kaswara ୧। ଗମନଶୀଳ—
1. Having motion; moving.
୨। ହିଂସକ—2. Envious.

| ୧ | ର୍ | ଡ | ର୍,ର୍ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ର | ଉ | ରୁ | ଲୁ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଞ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

**କସ୍ମଳ**—ସଂ. ବ ଓ ବଣ — କଶ୍ମଳ ( ଦେଖ )
Kasmala Kaśmala ( See )

**କସ୍ମାତ**—ଗ୍ରା. ବ (ସଂ.କସ୍ମାତ୍ =କାହାଠାରୁ;ଅକସ୍ମାତ୍ )—ବିପଦ;ବିପ୍ପ—
Kasmāta Danger.
ସୂର୍ଯ୍ୟ ସ୍ୱରେ ଯାତ୍ରା କଲେ କସ୍ମାତ ଘଟଇ । ଶିବସ୍ୱରୋଦୟ ।

**କସ୍ମିନ୍କାଳେ**—ଦେ. କ୍ରି . ବଣ. (ସଂସ୍କୃତ ଶବ୍ଦ ଓଡ଼ିଆରେ ବ୍ୟବହୃତ)—
Kasminkāle କେବେ ହେଲେ; କୌଣସି ସମୟରେ—
କସ୍ମିନକାଲେ At whatever time; at any time.
କର୍ମୀ

**କସ୍ୟ**—ସଂ. ସର୍ବନାମ ( କିମ୍ ଶବ୍ଦ ୬ଷ୍ଠୀ ୧ବ )—
Kasya କାହାର—Whose.
କସ୍ଯ ଦେ. ( କଚେରୀଆ ) ଅ—
ଦଲିଲର ଶିରୋନାମାରେ ଲେଖା ହେବା ନିରର୍ଥକ ଶବ୍ଦ—
A meaningless word used in the heading of a deed.
[ ଦ୍ର—ପୂର୍ବେ ଦଲିଲ ସମ୍ପାଦନ ବେଳେ ପ୍ରଶ୍ନର ଉତ୍ତର କସ୍ୟ ସାଙ୍କୁଶଳ । ପ୍ରଶ୍ନ—ଏ ଦଲିଲ୍ କସ୍ୟ ? ଉତ୍ତର—ଏ ଦଲିଲ ଗୋପାଳସ୍ୟ ( ଗୋପାଳର ) । ତାହାଁର ନିଦର୍ଶନ ସ୍ୱରୂପ ଆଜକାଲେ ଦଲିଲରେ ପକ୍ଷମାନଙ୍କ ନାମ ଲେଖି ସାର ଦଲିଲର ଅସଲ ଲେଖା ଆରମ୍ଭ କରିବା ପୂର୍ବରୁ ଶିରୋନାମାରେ 'କସ୍ୟ ଠ ୫୯ ର ଋଣପତ୍ରମିଦଂ କାର୍ଯ୍ୟଞ୍ଚାଗେ' ଘଟ୍ ଚଳ ଆସୁଅଛି । ଏପରି ସ୍ଥଳରେ ଏହି 'କସ୍ୟ' ର ବ୍ୟବହାର ନିରର୍ଥକ ଓ ଅନାବଶ୍ୟକ । ]

**କହ** (ଧାତୁ)—ଓଡ଼ିଆ ( ସଂ. କଥ )—
Kaha (root) ୧ । କହିବା—1. To speak.
୨ । ଅନୁରୋଧ କରିବା—2. To request.
୩ । ବାକ୍ୟ ଉଚ୍ଚାରଣ କରିବା —
3. To utter words.
୪ । ପ୍ରକାଶ କରିବା—4. To express.
( ଯଥା—ତା ଚେହେରା ତ ତା ମନର ଭାବକୁ କହି ଦେଉଛି ।)

**କହ**—ପ୍ରାଦେ. (ସମ୍ବଲପୁର) ବ ( ତୁଳନା କର ଅର୍ଜୁନ ଗଛର ହିନ୍ଦି
Kaha ନାମ କୋହ, କୌହ )—
ଅର୍ଜୁନ ଗଛ—Arjuna tree.
[ଶିଶୁଙ୍କ ପ୍ରଶ୍ନ—କାଏଦ୍ ତରିତରି କଏ ଗଛ କହ ?
( ନଦୀ କୂଳରେ କ ଗଛ ଅଛି କହ । )
ଉତ୍ତର—କହ ( ଅର୍ଜୁନ ଗଛ ) ]

**କହିଁଲିବା**—ଗ୍ରା. କ୍ରି—କଅଁଳିବା ( ଦେଖ )
Kahaṅlibā Kaaṅlibā ( See )

**କହକହ**—ଦେ. ଅ. (ଧ୍ୱନ୍ୟନୁକରଣ; ତୁଳ. ହି. କହକହା=ଅଟ୍ଟହାସ)—
Kahakaha ଲୋକଗହଳର ଶବ୍ଦ; ଗହଗହ ଶବ୍ଦ—
Brawling noise; noise made when a multitude of people assemble at one place and talk.
କହକହ ନାଦ କହ ବେଳେ ଦାନବ । ଗୀତାମୃତ. ବୃନ୍ଦାବନ ଭୂଷଣ ।

**କହଣ**—ଗ୍ରା. ( ପ୍ରାଚୀନ ପଦ୍ୟ ) ବ. ( ସଂ. କଥନ; ପ୍ରା. କହଣ )—
Kahaṇa ୧ । କଥା; ବଚନ—1. Words.
କହନ ୨ । ବିଷୟ; କଥିତ ବିଷୟ—
କହନ 2. Subject; subject-matter of a talk.
୩ । କହିବା; କଥନ—3. Talking; act of speaking.

**କହଣା**—ଗ୍ରା. ( ପ୍ରାଚୀନ ପଦ୍ୟ ) ବ—୧ । କହଣ ( ଦେଖ )
Kahaṇā 1. Kahaṇa ( See )
୨ । କଥା; କିମ୍ବଦନ୍ତୀ—2. Narrative.
ସତ୍ୟ କଲେ ତୋତେ ମାଗିବୁଁ ସିନା ଦକ୍ଷିଣା
ଯୁଗେ ଯୁଗେ ଥିବ ତୋହର ଯେ କହଣା । ସାରଳା. ମହାଭାରତ ।

**କହଣା ନ ଯିବା**—ଗ୍ରା. ( ପ୍ରାଚୀନ ପଦ୍ୟ ) କ୍ରି—ବାକ୍ୟଦ୍ୱାରା ପ୍ରକାଶିତ
Kahaṇā na jibā ହୋଇ ନ ପାରିବା—Not to be expressible by words; to be unspeakable.
ସ୍ୱକଷ୍ଟ, ଶୋକ ତା କହଣା ନ ଯାଇ । ପ୍ରାଚୀ. ପ୍ରତାପ. ଶଶିସେଣା ।

**କହଣିଆ**—ଗ୍ରା. ବଣ—କହୁଣିଆ ( ଦେଖ )
Kahaṇiā Kahuṇiā ( See )

**କହର୍**—ପ୍ରାଦେ. ( ସମ୍ବଲପୁର ) ବ—ସୁବାସ; ସୁଗନ୍ଧ—
Kahar Sweet scent; fragrance.

**କହରା**—ଦେ. ବଣ. ପୁଂ. (ସଂ. କପିଳ)—ପିଙ୍ଗଳବର୍ଣ୍ଣବିଶିଷ୍ଟ; କପିଳ—
Kaharā Reddish white; brown; grey.
(କହରୀ—ସ୍ତ୍ରୀ)

**କହରିବା**—ପ୍ରାଦେ. (ସମ୍ବଲପୁର) କ୍ରି—ବାସିବା; ସୁବାସିତ ହେବା—
Kaharibā To emit fragrance.

**କହଲ୍**—ପ୍ରାଦେ. ( ସମ୍ବଲପୁର ) ବଣ. ( ସଂ. କୋମଳ )—
Kahal କୋମଳ; ନରମ—Soft.

**କହଲ**—ଦେ. ବ. ( ତୁଳ. ହି. କହଲ୍=ପବନ ବନ୍ଦ ହେବା ସମୟରେ
Kahala ଅନୁଭୂତ ଅସହ୍ୟ ଗ୍ରୀଷ୍ମ; ଗହଳ )—
କୋହୋଲା ( ଦେଖ )
Koholā ( See )
ଦେ. ବଣ—କୁହୁଡ଼ି ବା ଅଳ୍ପବୃଷ୍ଟିଜନିତ ଶୀତଳତା—
Chill due to fog or rain.

**କହଲ ସିଂହ**—ଦେ. ବ —କ୍ଷତ୍ରିୟଙ୍କ ଉପାଧିବିଶେଷ—
Kahala simha A title of the Kshatriyas.

**କହଲିଆ**—ଦେ. ବଣ—କହଲଯୁକ୍ତ ( ପାଗ )—
Kahaliā Chilly ( weather ).

**କହଲିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କଲ ) ( ମୟୂର )—
Kahalibā ଧ୍ୱନି ବା ସ୍ୱର କରିବା—
To crow ( said of a peacock ).

**କହଲେଇବା**—ଦେ. କ୍ରି. ( ପବନ ବହିବାଦ୍ୱାରା )—ଥଣ୍ଡା ଅଣିବା;
Kahaleibā ଶୀତଳତା ଅନୟନ କରିବା—To render chill.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧାଂଶ' ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଧ' ନ ପାଇଲେ 'ଅଲବଧି' ଦେଖିବେ ।

**କହା**—ଦେ. ବି ଓ ବିଣ—କୁହା ( ଦେଖ )
Kahā Kuhā ( See )
କথা
**कहा**

**କହାଇବା**—ଦେ. କ୍ରି—କହିବାର ଣିଜନ୍ତରୂପ; କୁହାଇବା—
Kahāeba To cause to be said.
বলান
**कहाना; कहवाना; कहलाना**

**କହାଯିବା**—ଦେ. କ୍ରି. ( କହିବାର କର୍ମବାଚ୍ୟରେ ରୂପ )—
Kahājibā ବୋଲାଯିବା; କୁହାଯିବା; କଥିତ ହେବା—To be spoken.
বলাযাওয়া
**कहाजाना** [ଦ୍ର—ଓଡ଼ିଆରେ କର୍ତ୍ତୃବାଚ୍ୟରେ 'କହିବା' ଓ କର୍ମବାଚ୍ୟରେ 'କୁହାଯିବା' ବ୍ୟବହୃତ ହୁଏ; କିନ୍ତୁ କେତେକ ଆଧୁନିକ ସାହିତ୍ୟିକ 'କୁହାଯାଏ', 'କୁହାକୋହି' ଓ 'କୁହାବୋଲି' ସ୍ଥଳରେ 'କହାଯାଏ', 'କହାକହି' ଓ 'କହାବୋଲି' ବ୍ୟବହାର କରନ୍ତି କିନ୍ତୁ ଓଡ଼ିଆରେ 'କୁହା' ଶବ୍ଦର ବିସ୍ତୃତ ବ୍ୟବହାର ଅଛି । ]

**କହାରି**—ପ୍ରାଦେ. (ଉତ୍ତରଭାଷା) ସର୍ବନାମ—କାହାର; କାହାରି—
Kahāri Whose.

**କହାହେବା**—ଦେ. କ୍ରି.—କହାଯିବା ( ଦେଖ )
Kahāhebā Kahājibā ( See )

**କହିଆ**—ଦେ. ବିଣ.—(ସଂ. କଥକ) ୧ । ବାଚାଳ; କୁହାଳିଆ; ଯେ
Kahiā ଅଗବଢ଼ି କଥା କହେ—1. Talkative; boastful.
কহিয়ে ୨ । ବାକ୍‌ପଟୁ; ପ୍ରଗଲ୍‌ଭ—
**कहता, कहवैया** Eloquent.

**କହିଉଠିବା**—ଦେ. କ୍ରି.—ହଠାତ କହିବା—
Kahiuṭhibā To speak out; to get up and speak.
বলেউঠা
**कहउठना**

**କହିଦେବା**—ଦେ. କ୍ରି.—୧ । ସ୍ପଷ୍ଟରୂପେ ପ୍ରକାଶ କରିବା; ପ୍ରକଟିତ
Kahidebā କରିବା—1. To speak out; to divulge;
বলেদেওয়া to give out; to publish.
**कहदेना** ୨ । ପ୍ରମାଣିତ କରିବା; ସାବ୍ୟସ୍ତ କରିବା—2. To prove.
(ଯଥା—ତୁମ୍ଭର ବିମର୍ଷ ମୁଖ ତୁମ୍ଭର ମନ ଦୁଃଖ କଥା କହି ଦେଉଛି ।)
୩ । ସୂଚନା କରିବା—3. To indicate.

**କହିପକାଇବା**—ଦେ. କ୍ରି.—୧ । କୌଣସି କଥା ଅସାବଧାନତାବଶତଃ
Kahipakāibā ପ୍ରକାଶ କରିଦେବା—1. To speak out a
কহিয়াফেলা thing inadvertently.
**कहडालना** ୨ । ଶୀଘ୍ର ପ୍ରକାଶ କରିବା—2. To speak out at once.

**କହିବା**—ଦେ. କ୍ରି. (ସଂ. କଥ ଧାତୁ; ପ୍ରା. କହ ଧାତୁ)—୧ । ଉପଦେଶ
Kahibā ଦେବା—1. To advise.
**कहा, कथा** ୨ । ବାଚନିକ ଜଣାଇବା—
**कहना** 2. To inform verbally.
**ବୁଝାଇବା**—ଣିଜନ୍ତ ୩ । ବାକ୍ୟ ଉଚ୍ଚାରଣ କରିବା—
3. To speak; to tell; to utter words; to say.
୪ । ପ୍ରକାଶ କରିବା—4. To publish; to express.
୫ । ବର୍ଣ୍ଣନା କରିବା—3. To relate; to describe.
୬ । ପରାମର୍ଶ ଲୋଡ଼ିବା; ପରାମର୍ଶ କରିବା—
6. To consult.
ଶଙ୍କରେ ଧନ ଦେଇ ପଚେ ନ କହିଲୁ ରେ ।
କବିସୂର୍ଯ୍ୟ. ଉପେନ୍ଦ୍ରଭଞ୍ଜ. ଷ ଗୀତ ।
୭ । କବିତା ରଚନା କରିବା—7. To compose (poem).
୮ । ମୌଖିକ ଆଜ୍ଞା କରିବା—
8. To order verbally.
୯ । ମୁହଁରେ ଫେରାଦ ହେବା—
9. To complain verbally.
'କହିବ କା ଆଗେ ଶୁଣିବ କେ? ସଇତା ଅଚ୍ଛୁଆ ମାରିବ ସେ—ଡଗ ।

**କହିବା ପୋଛିବା**—ଦେ.କ୍ରି (ସହଚର; ସଂ. କଥ ଧାତୁ+ପ୍ରଚ୍ଛ ଧାତୁ)—
Kahibā pochhibā ବହୁପ୍ରକାରେ ବୁଝାଇସୁଝାଇ କହିବା—
কহাবলা To explain matters in various ways.
**कहना बदना**

**କହିବୁଲିବା**—ଦେ. କ୍ରି.—ବାହାରେ ବହୁ ସ୍ଥାନରେ ପ୍ରକାଶ କରିବା—
Kahibulibā To publish a matter broadcast;
বলেবেড়ান to proclaim a matter.
ମହତ ଲୋକମାନେ ମହତ କାର୍ଯ୍ୟ ସାଧନ କରି ସେଥିରେ କେତେ
ଟଙ୍କା ଖର୍ଚ୍ଚ ହେଲା କହି ବୁଲନ୍ତି ନାହିଁ—ଫକୀରମୋହନ. ଛମାଣଆଠଗୁଣ୍ଠ ।

**କହି ରଖିବା**—ଦେ. କ୍ରି.—ପୂର୍ବରୁ କୌଣସି ବିଷୟ କହିବା—
Kahi rakhibā To speak beforehand.
বলে রাখা
**कह रखना**

**କହିରି**—ଦେ. ବି.—ଧାନ ଚାଉଳ ରଖିବାପାଇଁ ବାଉଁଶ ପାତିଆରେ
Kahiri ତିଆରି ହୋଇଥିବା ବଡ଼ ଟୋକେଇ; କୋଡ଼ମେଇ—
Big basket made of split bamboo.

**କହି ହେବା**—ଦେ. କ୍ରି.—୧ । ଆପେ ଆପେ କହିବା—
Kahi hebā 1. To proclaim one's self; to boast; to brag.
୨ । ଅଯାଚିତଭାବରେ କହିବା—2. To speak unasked.
୩ । କଥିତ ହେବା; ବର୍ଣ୍ଣିତ ହେବା—3. To be spoken; to be described.
(ଯଥା—ତାକୁ ଏପରି ଦୁଃଖ ପଡ଼ୁଛି ଯେ ତାହା କହି ହେବ ନାହିଁ)
୪ । ( ବହୁଲୋକ ) ପରସ୍ପର କଥାଭାଷା ହେବା—
4. ( many persons ) To talk amongst themselves.

| ୧ | ଇ | ଉ | ୠ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଡ଼ଅ | ଞ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ଋ | ଌ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଗ୍ୟ | ସ | ଙ୍ଗ | ଇଥ | ଡ଼ | ନ୍ତ୍ର |

ଏମନ୍ତ ବୋଲି କହୁ କୃଷ୍ଣେ ଯେଷା ରୁଣ୍ଡେ
କହୁଁ କହୁଁ ଅଗ୍ନିରେ ବୁଡ଼ିଲେ ସଜଦାଣ୍ଡେ—ପୀତାମ୍ବର, କୃଷ୍ଣ ଦର୍ପଣ ।

**କହୁଣି**—ଦେ. ବି. ( ସ. କଫୋଣି )—୧ । ବାହୁ ଏବଂ ହାତର
Kahuṇi — ମିଳନସ୍ଥାନ ଗଣ୍ଠି —Elbow.
କହୁଇ — ସେ ଏକାଲୁଁ ଅର୍ଜୁନ କହୁଣିର ହାଡ଼,
কুহনি, কোহনী — ଫୁଟିଯାଇ ଶବଦ କଲା ମଡ଼ ମଡ଼—କୃଷ୍ଣହରି ମହାଭାରତ, ଦଣ୍ଡ ।

୨ । କହୁଣିଦ୍ୱାରା ପ୍ରହାର ବା ଆଘାତ—
2. A blow by t e elbow.

ଚରଣ ଠେକି ନାହିଁଥାଇ
ଯେଣୁ କହୁଣି ନ ପାଇ—ରାମଦାସ, ଦାର୍ଢ୍ୟଭକ୍ତି ।

**କହୁଣିଆ**—ଦେ. ବି. ( ସ. କଫୋଣି + ଆଘାତ )—
Kahuṇiā ୧ । କହୁଣିମାଡ଼; କହୁଣିଦ୍ୱାରା ଆଘାତ ବା ଠେଲା—
1. A push or blow by the elbow.

୨ । ( ଏହା କହୁଣି ପରି କୋଣଯୁକ୍ତ ଥିବାରୁ ) ପିଣ୍ଡା ଖୁଣ୍ଟ ମଝିରୁ ଯେଉଁ କାଠ ଖଣ୍ଡକ କର୍ଣ୍ଣଭାବରେ ବାହାର ଘରର ପିଣ୍ଡା ପାଖ ଖୁଣ୍ଟକୁ ଠେକି ଧରିଥାଏ; ଛଇବନ୍ଦୀ—
2. A piece of wood which projects from the pillar of the outer wall of a house and supports diagonally the outer veranda-plate; a projecting strut or brace diagonally supporting the veranda plate of a thatch.

ଦେ. ବିଣ—କହୁଣିମାଡ଼ଖିଆ ( ବ୍ୟକ୍ତି )—
Deserving to get blows by the elbow.

**କହୁଣିବା**—ଦେ. କ୍ରି. ( ସ. କଫୋଣି )—
Kahuṇibā ୧ । କହୁଣି ଠେସ ଦେଇ ଅଣ୍ଟାରେ ହାତ ଦେଇ ବସିବା—
1. To sit with arms akimbo.

୨ । ଜନଗହଳ ମଧ୍ୟରେ ଦୁଇ କହୁଣି ସାହାଯ୍ୟରେ ଲୋକ ଆଡ଼େଇବା—
2. To elbow one's way in a crowd.

୩ । କହୁଣି ଭରା ଦେଇ ଶୋଇବା ଅବସ୍ଥାରୁ ଉଠି ବସିବା—
3. To get up from a sleeping position with the help of the elbows.

**କହୁଣିମାଡ଼**—ଦେ. ବି—କହୁଣିଦ୍ୱାରା ଆଘାତ ବା ଧକ୍କା—
Kahuṇimārḍa A push or blow with the elbow.

ମାର କହୁଣି ମାଡ଼, ଭାଙ୍ଗି ଦେବ ତୋ ପଞ୍ଜର ହାଡ଼ ରେ ।
କେଳାକେଳୁଣୀ ଗୀତ ।

**କହୁଣିମାଡ଼ୁଆ**—ଦେ. ବିଣ. ପୁଂ—୧ । କହୁଣିରେ ମାଡ଼ ଖାଇବା
Kahuṇimārḍuā ଉପଯୁକ୍ତ—
କହୁଣିମାଡ଼େଇ } ସ୍ତ୍ରୀ. 1. Deserving to be beaten or
କହୁଣିମାଡ଼ୋଇ } struck with the elbows.

୨ । ଯେ ସର୍ବଦା କହୁଣିମାଡ଼ ଖାଏ ବା ଖାଇବାରେ ଅଭ୍ୟସ୍ତ—
2. One who is often punished or is accustomed to be punished with blows of the elbow.

**କହୁଣି ମାରିବା**—ଦେ. କ୍ରି—କହୁଣିଦ୍ୱାରା ଆଘାତ କରିବା—
Kahuṇi māribā To deal a blow with the elbow.

ତୋ ପିଇଙ୍କ ବଡ଼ ଦୁଃଖ କହୁଣି ମାରଇ ଧୁକୁ ଧୁକୁ—ଦୂର ଗଲା । ଝପାଝପ କାହାଣୀ ।

**କହୁଣେଇବା**—ଦେ. କ୍ରି.—କହୁଣିବା (ଦେଖ)—
Kahuneibā Kahuṇibā (See)

**କହ୍ନା**—ଦେ. ବି (ସ. କୃଷ୍ଣ; ପ୍ରା. କାହ୍ନ)—କହ୍ନାଇ (ଦେଖ)—
Kahnā Kahnāi (See)

ଶୁଣି ଯଶୋଦା ବୋଲନ୍ତି ଅରେ କହ୍ନା—ଦାଶରଥି, ବ୍ରଜବିହାର ।

**କହ୍ନାଇ**—ଦେ.ବି(ସ. କୃଷ୍ଣ; ପ୍ରା.କାହ୍ନ)—୧ । ଶ୍ରୀକୃଷ୍ଣଙ୍କର ଆଦରର ନାମ—
Kahnāi 1. A name of Śrikṛushṇa,
কানাই — କଦମ୍ବବୃକ୍ଷରେ ଡୋଳ କରି ବସିଅଛନ୍ତି ନାଗର କହ୍ନାଇ—
ଗୋଳକୃଷ୍ଣ, ରସକଲ୍ଲୋଳ ।

୨ । ପୁରୁଷଙ୍କ ନାମ—2. Name given to males.

**କହ୍ନେଇ**—ଦେ. ବି—କହ୍ନାଇ (ଦେଖ)—
Kahnei Kahnāi (See)

ଅରେ କହ୍ନମାମୁ ଶରଦଶଶୀ, କହ୍ନେଇ ହାତରେ ପଡ଼ିବୁ ଖସି—
ଧୋବେ ବାସ୍ନା ଶୋ ।

**କହ୍ନେଇବଇଁଶି**—ଦେ. ବି—ଏକପ୍ରକାର ଲମ୍ବା ଓ ସରୁ କାଠିଆକଦଳୀ—
Kahneibaiṅśi A species of banana.
কানাইবাংশি

**କହ୍ନେଇବାଇ**—ଦେ. ବି—ଶାରଦ ଧାନ୍ୟବିଶେଷ—
Kahneibāi Name of a winter paddy.

**କହ୍ୱ**—ସ. ବି. ( କ=ଜଳ; ହ୍ୱେ ଧାତୁ=ଆହ୍ୱାନ କରିବା+ଅ )—
Kahwa ବଗ; କୌଞ୍ଚପକ୍ଷୀ—Heron.

**କହ୍ଲା**—ଦେ. ବି. ସ୍ତ୍ରୀ ( ସ. କଳହ)—କଳହପ୍ରିୟା ସ୍ତ୍ରୀ; କଳହପ୍ରିୟା ସ୍ତ୍ରୀ—
Kahlā A vixen; a quarrelsome woman.

[ ଦ୍ର—ସ୍ତ୍ରୀଲୋକମାନେ ପରସ୍ପର ଗାଳି ଦିଆଦେଇ ହୋଇ 'ଭୁ ଓସ୍ତମୂଳ କହ୍ଲା' ବୋଲି କହନ୍ତି । ଏଥିର ଅର୍ଥ—ଅଶ୍ୱତ୍ଥଗଛ ମୂଳେ ଥିବା କଳହପ୍ରିୟା ସ୍ତ୍ରୀ ଅର୍ଥାତ୍ ଅଲକ୍ଷ୍ମୀ । ]

ଦେ.ବିଣ. ସ୍ତ୍ରୀ—କଳହପ୍ରିୟା(ସ୍ତ୍ରୀ)—Quarrelsome (woman).

**କହ୍ଲାର**—ସ. ବି. ( କ=ଜଳ+ହ୍ଲାର=ମାଳା; କପାଳଜ )—
Kahlāra ଶ୍ୱେତୋତ୍ପଳ; ଧଳା ପଦ୍ମ—White water-lily.

**କହ୍ଲିଆ**—ଦେ. ବିଣ—କଳିଆ ( ଦେଖ )
Kahlia Kaliā ( See )
(କହ୍ଲେଇ—ସ୍ତ୍ରୀ)

**କା**—ଦେ. ସର୍ବନାମ ( ସ. କସ୍ୟ )—କାହାର—Whose.

ବୋଲନ୍ତି ଯାହା ତା ସହିବ କା କାହ୍ନେ । କୃଷ୍ଣହରି, ମହାଭାରତ, ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଶର୍ଙ୍କ' ନ ପାଇଲେ 'ଶଙ୍ଖ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

[ ଦ୍ର— କିମ୍ ଶବ୍ଦରୁ ଓଡ଼ିଆ ଷଷ୍ଠୀ ବିଭକ୍ତି ଏକବଚନରେ 'କାର' ଓ 'କାହାର' ହୁଏ, କଥାବାର୍ତ୍ତାରେ ଲୋକେ ବେଳେବେଳେ 'କାର' ଶବ୍ଦରୁ 'ର' ଲୋପ କରି 'କା' ରଖନ୍ତି । ]

ଦେ. ଅ. ବି. ( ଧ୍ୱନ୍ୟନୁକରଣ )— କାଅ ( ଦେଖ )
Kaa ( See )

ଦେ. ଅବ୍ୟୟ—ଅସମାପିକା କ୍ରିୟାର ଦୁଇ ଥର ପ୍ରୟୋଗ ପରେ ପ୍ରଯୁକ୍ତ ଅବ୍ୟୟ—A particle used after a double use of the present participle to denote long continuance of an act.

ବୋହି ବୋହିକା ଦିନ ଶିରେ ପାତକର୍ଜନଥ ।
ଭକ୍ତାପଚରଣ. ଗୀତଳହରୀ ।

[ ଦ୍ର— ଦୁଇ ଥର ବ୍ୟବହାର କରାଯିବା କ୍ରିୟା ବହୁକାଳ ପର୍ଯ୍ୟନ୍ତ କରାଯିବାର ଭାବ ଉପରେ ଜୋର ଦେବାପାଇଁ ଏହି 'କା' ଯୋଗ କରାଯାଏ ]

**କାଅ**—ଦେ. ବି. (ଧ୍ୱନ୍ୟନୁକରଣ)—୧ । କାକପକ୍ଷୀର ଶବ୍ଦ —
**Kaa** 2. The cawing of a rook.
**କା; କାକା** କାଉ ଡାକେ କାଅ କାଅ । ନନ୍ଦକିଶୋର. ନିର୍ଝରିଣୀ ।
**କାଁଓ** ୨ । ଶ୍ରୁତିକଟୁ ବା ଅପ୍ରୀତିକର ଶବ୍ଦ —
2. Unpleasant jarring sound.

୩ । ତାସ ପଶାଖେଳରେ ଯୋଡ଼ି ଖେଳାଳି ମଧ୍ୟରୁ ଜଣକର ଅଭାବ ହେଲେ ଅନୁପସ୍ଥିତ ଖେଳାଳିର ଖେଳ ସମୟରେ ଜଣେ ଖେଳାଳି ଦୁଇ ଖେଳାଳିଙ୍କ କାମ କରିବା ଅବସ୍ଥା; ଅନୁପସ୍ଥିତ ଖେଳାଳିର ପ୍ରତିନିଧି—
3. Representative of an absent player who is represented by his companion player at an indoor game.
( ଯଥା – ମୁଁ ଗୋବିନ୍ଦର କାଅ ହୋଇ ଖେଳୁଛି । )

୪ । ଡୁ ଡୁ ଖେଳରେ ଖେଳାଳି ଉଚ୍ଚୈଃସ୍ୱରରେ ଉଚ୍ଚାରଣ କରୁଥିବା ଶବ୍ଦ—
4. The sound uttered by players in the game of Doo doo.

**କାଅଁ** — ପ୍ରାଦେ. ( ସମ୍ବଲପୁର ) ସର୍ବନାମ—କାଁ ( ଦେଖ )
**Kaañ** Kāñ ( See )

**କାଅଁକରି**—ପ୍ରାଦେ. ( ସମ୍ବଲପୁର ) ଅ— କାହିଁକି; କିପାଇଁ—
**Kaañkari** Why.

**କାଅଁର**—ଦେ. ବି — କାହାର ( ଜାତି ) ( ଦେଖ )
**Kaañra** Kāhāra ( caste ) ( See )

**କାଅଁଳ**—ଦେ. ବି — ୧ । କାଁଅଁଳ ( ଦେଖ )
**Kaañla** 1. Kāñāñla ( See )
୨ । କାହାର ( ଜାତି ) ( ଦେଖ )
2. Kāhāra ( caste ) ( See ).

**କାଅକାଅ**—ଦେ. ବି—କାଅ ( ୧।୨ ) ( ଦେଖ ).
**Kaakaa** Kāā ( 1. 2. ) ( See )

**କାଇ**—ଦେ. ବି—୧ । ଗଛରେ ଥିବା ନାଲି ଜହ୍ନା—
**Kāi** 1. A big red ant frequenting mango trees.
**আমপিপিড়া, টিপিপিপিড়া**
**ସାହିତ୍ୟ** ସେ ସିକାଇ ପର ଅଛି ଭୋଳଇ, କାଇ କାମୁଡ଼ାକୁ ଯେ ପାରେ ସହି—
ଗୋପୀନାଥ—ଭାକବଚନ ।

[ଦ୍ର—କାଇମାନେ ଜହ୍ନାଙ୍କ ପରି ଆକୃତିବିଶିଷ୍ଟ କିନ୍ତୁ ନାଲିଆ । ଏମାନେ ଜାମୁ ଓ ଆମ୍ବ ଆଦି ଗଛରେ ଥାଆନ୍ତି ଓ ଅଠାଦ୍ୱାରା ଆମ୍ବ-ପତ୍ରମାନଙ୍କୁ ଯୋଡ଼ି ଥଳି ବା ମୁଣି ପରି କରି ସେଥିରେ ବସା କରି ରହନ୍ତି । ଏମାନଙ୍କ କାମୁଡ଼ା ଭାରି ଯନ୍ତ୍ରଣାପ୍ରଦ । ଲୋକେ କାଇ ମାନଙ୍କ ଡିମ୍ବକୁ ବନଶୀ ପାଇଁ ଗୁଡ଼ା କରି ବନଶିକଣ୍ଟାରେ ପୋଡ଼ି ମାଛ ଧରନ୍ତି । ]

**কাইমাটি** ୨ । କାଇମାଟି; ପୀତବର୍ଣ୍ଣ ମୃତ୍ତିକାବିଶେଷ —
**चिकनीमिट्टी** 2. Fullers earth.
[ ଦ୍ର—ବଙ୍ଗ ଦେଶରେ ହାଣ୍ଡି ଆଦିରେ କାଇମାଟିର ପୋଛ ଦେଇ ପୋଡ଼ିବାରୁ ହାଣ୍ଡିଗୁଡ଼ିକ ନାଲିଆ ହୁଏ । ଏ ମାଟିରେ ଲୁହାର ଅଂଶ ଅଛି ।

**সাজিমাটি** ୩ । ସାଜିମାଟି—3. Impure carbonate of soda; natron.
**रेह; उस**
[ ଦ୍ର—ଏ ମାଟିରେ ସୋଡ଼ାର ଅଂଶ ଥିବାରୁ ଏଥିରେ ଲୁଗା ଆଦି ବୁଡ଼ାଇ ପାଣିରେ କାଚି ସଫା କରାଯାଏ । ]

ପ୍ରାଦେ. (ମେଦିନୀପୁର) ସର୍ବନାମ —କେଉଁଠାରେ; କାହିଁ— Where.
ପ୍ରାଦେ (ବସ୍ତର) ସର୍ବନାମ—କଣ; କିସ—What.

**କାଇଁ**—ଗ୍ରା. ସର୍ବନାମ (ସଂ. କୁତ୍ର+ହି)—କାହିଁ (ଦେଖ)
**Kāiñ** Kāhiñ (See)

**କାଇଁକି**—ଗ୍ରା. ଅ.— କାହିଁକି (ଦେଖ)
**Kāiñki** Kāhiñki (See)

**କାଇଁଚ୍ କାକୁଡ଼ି**—ଦେ. ବି.—କଇଁଚିକାକୁଡ଼ି (ଦେଖ)
**Kāiñch kākurdi** Kaiñchikākurdi (See)

**କାଇଁଚ**—ଦେ. ବି.— କାଇଞ୍ଚ (ଦେଖ)
**Kāiñcha** 1. Kāiñcha (See)
୨ । କାଇଁଶ (ଦେଖ)
Kāiñśā (See)

**କାଇଁଚଡାଲା**—ଦେ.ବି. ସ୍ତ୍ରୀ (କାଶ+ଡଲ୍ଲକ)—କାଶତୃଣନିର୍ମିତ ଡାଲା—
**Kāiñcha dālā** A tray of wicker work made of kāśa reeds.
**কেশের ডালা**

**କାଇଁଚପେଡ଼ି**—ଦେ. ବି (ସଂ. କାଶ+ପେଟିକା)—
**Kāiñcha perdi** କାଶତୃଣନିର୍ମିତ ପେଡ଼ି—A basket with lid made of kāśa reeds.
**কেশের পেটারী**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଢ | ଯ,ସ | ଙ୍କ | ଇସ୍ସ | ଦ୍ୱଥ | ଭ |
| ୨ | ଈ | ଊ | ଟ୍ଟ | ଲ୍ଲ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଡନ୍ତ୍ୟନ୍ତ୍ୟସ୍ଥ ବର୍ଣ୍ଣ | ଣ | ଯ | ଷ | ଙ୍ଗ | ଇଅ | ୭ | ନ୍ତ |

କାଇଁଚ ଫରୁଆ—ଦେ. ବ.—କାଶତୃଣନିର୍ମିତ ଡବା—
Kāiñchapharuā Small box made of **kāśa reeds.**
কেশের কৌটা

କାଇଁଚ ବିଞ୍ଚଣା—ଦେ.ବ. ( ସଂ. କାଶ + ବ୍ୟଜନ )—କାଶନିର୍ମିତ ହାତ
Kāiñcha biñchaṇā ପଙ୍ଖା—Hand fan made of kāśa reeds.
কেশের পাঁখা

କାଇଁଚ ଭୋଗେଇ—ଦେ. ବ.—କାଶତୃଣନିର୍ମିତ ଭୋଗେଇ—
Kāiñcha bhogei Small basket made of kāśa reeds.

କାଇଁଚମାଳା—ଦେ.ବ. (ସଂ. ଗୁଞ୍ଜା + ମାଳା)—ଗୁଞ୍ଜାଫଳଗ୍ରଥିତ ମାଳ—
Kāiñchamāḻā Garland of the berries of red kāiñcha.
কঁচের মালা
**घुँघुचिकि माला**

କାଇଁଚମାଳି—ଦେ. ବ.—କାଇଁଚମାଳା (ଦେଖ)
Kāiñchamāḻi Kāiñchamāḻā (See)

କାଇଁଚମାଳ ଦେଇ ସାଥେ ଭଣ୍ଡି ଆଣିଲେ ଗୋ—କାହାଣୀ ଗୀତ ।

କାଇଁଚମାଳିଆ—ଦେ. ବଣ.—ଗୁଞ୍ଜାଫଳଗ୍ରଥିତ ମାଳା ପରିଧାନକାରୀ;
Kāiñchamāḻiā ଗୁଞ୍ଜାଫଳର ମାଳାଯୁକ୍ତ ବ୍ୟକ୍ତି—
(person) Wearing garland of Kāiñcha berries.

କାଇଁଚି (ଇତ୍ୟାଦି)—ଗ୍ରା. ବ.—କାଇଁଚ ଇତ୍ୟାଦି (ଦେଖ)
Kāiñchi (etc) Kāiñcha etc (See)

କାଇଁଚିକାକୁଡ଼ି—ଗ୍ରା. ବ.—କଇଁଚିକାକୁଡ଼ି (ଦେଖ)
Kāiñchikākuṛdi Kaiñchikākuṛdi (See)

କାଇଁଚିଫୁଲ—ଦେ. ବ.—ଏକପ୍ରକାର ସରୁ ଶାରଦ ଧାନ—
Kāiñchiphula A species of fine winter paddy.

କାଇଁଶ—ଦେ. ବ. (ସଂ. କାଶ)—ଏକଜାତୀୟ ତୃଣ; କାଶତୃଣ; ଚଣ୍ଡି—
Kāiñśa Kāśa grass from the reeds of which baskets and fancy things are made; saccharum spontaneum.
কেষে
**राढि कास**

କାଇଁଶ କଙ୍କଣ କରେ, କାଇଁଚମାଳା ହୃଦରେ—ଘନକୃଷ୍ଣ.ରସକଲ୍ଲୋଳ ।

କାଇଁଶ (ଇତ୍ୟାଦି)—ଦେ. ବ.—କାଇଁଚ ଇତ୍ୟାଦି (ଦେଖ)
Kāiñśa (etc) Kāiñcha etc (See)

କାଇଁଶରିଆ—ଦେ. ବ.—ଶସ୍ୟକ୍ଷେତ୍ର ଭିତରେ ଜନ୍ମିବା କାଶଜାତୀୟ
Kāiñśariā ଲତାଳମ୍ବା ତୃଣବିଶେଷ—A kind of creeping grass growing as weed in the paddy field.
কাচডাদাম
**खरसामी**

କାଇଁଶି (ଇତ୍ୟାଦି)—ଗ୍ରା. ବ—କାଇଁଚ ଇତ୍ୟାଦି ( ଦେଖ )
Kāiñśi (etc) Kāiñchi etc ( See )

ସେ କାଇଁଶିଡାଳ ଚିହ୍ନିଛି, ତନ ଅଛୁ । ବୃନ୍ଦାବନମାସ. ନଅଭଣ୍ଡୀ ।

କାଇଁଶିକା—ଗ୍ରା ବ. ( ସଂ. କାଂଶିକ )—କାଂଶିକ ( ଦେଖ )
Kāiñśikā Kāṁśika ( See )

କାଇଁଶିରିଆ—ଦେ. ବ—କାଇଁଶରିଆ ( ଦେଖ )
Kāiñśiriā Kāiñśariā ( See )

କାଇଁଶିଲ—ଗ୍ରାଦେ. (ସମ୍ବଲପୁର; ତୁଳ. ହି. କୈସନ) ସର୍ବନାମ. ବଣ—
Kāiñśila କୌଣସିଲ; ଏକ ବା ବସ୍ତୁ; ବସ୍ତୁ ମାତ୍ର—
Any; whatever.

କାଇଁଶିଲ ପରି ହେବା—ଗ୍ରାଦେ. ( ସମ୍ବଲପୁର ) କ୍ରି—କିଂକର୍ତ୍ତବ୍ୟବିମୂଢ଼
Kāiñśilā pari hebā ହେବା—To be at loss; to be puzzled; to be bewildered; to be at one's wits' end.

କାଇଘର—ଦେ. ବ. ( ତୁଳ. ସଂ. କାୟୁ=ଗୃହ; କାୟୁମାନ=
Kāighara ପର୍ଣ୍ଣକୁଟୀର )—୧ । ଖୁଲଘର; କୁଡ଼ିଘର; ମାଟିର
କାଠ ଓ ଖୁଲ ଥିବା ଘର—
1. Thatched house; a shed.
୨ । କାଇମାନେ ପତ୍ରଦ୍ୱାରା ନିର୍ମାଣ କରିଥିବା ଥଳି ଆକାରର ବସା—1. A bag-like nest made by tree ants.
কাঁচা বাড়ি
**झोपड़ी**
আমপিপিড়ার বাসা
**घोड़नका छत्ता**

କାଇଘରା—ଦେ. ବ—କାଇଘର ୨ ( ଦେଖ )
Kāigharā Kāighara 2 ( See )

କାଇଜର—ବୈଦେ. ବ. ( ଲାଟିନ୍ ) ( ଲାଟିନ୍—କାଏଜର )—
Kāijar ୧ । ସିଜର; ସମ୍ରାଟ; ବାଦସାହା—
1. Caesar; emperor.
୨ । ଜର୍ମାନର ଭୂତପୂର୍ବ ସମ୍ରାଟଙ୍କ ଉପାଧି—
2. Kāisar the title of the ex-emperor of Germany.
কাইসর; কইসর
অ. কয়সর
**कैसर**

[ ଦ୍ର—ଲାଟିନ୍ କାଇଜର ( Caesar )ର ଅର୍ଥ ପ୍ରସବ ପୂର୍ବରୁ ଜନନୀଙ୍କ ମୃତ୍ୟୁ ହେଲେ ତତ୍‌କ୍ଷଣାତ୍ ଜନନୀଙ୍କ ପେଟ ଚିରି ଯେଉଁ ପିଲାକୁ ବାହାର କରାଯାଇଥାଏ । ରୋମ୍‌ର ବାଦସାହା ଅଗଷ୍ଟସ୍ ( Augustus ) ଏହିପରି ଜନ୍ମଗ୍ରହଣ କରିଥିବାରୁ ତାଙ୍କର ନାମ ଅଗଷ୍ଟସ୍ କାଇଜର ( Augustus Caesar ) ହୋଇଥିଲା । ଏ ଜଣେ ପ୍ରତାପଶାଳୀ ଓ ବିଖ୍ୟାତ ସମ୍ରାଟ ଥିବାରୁ କାଇଜର ଅର୍ଥରେ ସମ୍ରାଟଙ୍କୁ ବୁଝାଗଲା । ଜର୍ମାନୀରେ ଯେତେବେଳେ ରାଜତନ୍ତ୍ର ଶାସନ ଥିଲା, ସେତେବେଳେ ଜର୍ମାନ୍ ସମ୍ରାଟଙ୍କ ଉପାଧି କାଇଜର ଥିଲା । ]

କାଇଜର-ଇ-ହିନ୍ଦ—ବୈଦେ. ବ. ( ଅ=କୟସର୍-ଇ-ହିନ୍ଦ୍ )—
Kāijar-i-hind ୧ । ହିନ୍ଦୁସ୍ଥାନ ବା ଭାରତର ସମ୍ରାଟ—
1. Emperor of India.
୨ । ଭାରତର ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ସମ୍ମାନସୂଚକ ପଦ ଓ ତତ୍‌ସଙ୍ଗେ ପ୍ରଦତ୍ତ ତକମା—
2. Kaiser-I-Hind; a title and medal given by the Government of India.
কইসর-ই-হিন্দ
**क़ैसरे हिन्द**

କାଇଞ୍ଚ—ଦେ. ବ. ( ସଂ. କାକଚଞ୍ଚା )—୧ । ଗୁଞ୍ଜାଫଳ ଓ ଲତା—
Kāiñcha 1. A creeper and its small pealike black headed red berries enclosed in pods; Abrus Pracatorius.
কুঁচ
**रति; घुँघुचि**
ତେ. ଗୁରୁଗଞ୍ଜା [ ଦ୍ର—ବଣିଆମାନେ ଉକ୍ତ ଫଳଦ୍ୱାରା ସୁନାରୁପା ଓଜନ କରନ୍ତି । ଏହା ଦୁଇ ପ୍ରକାର; ଧଳା ଓ ନାଲି । ଅନ୍ୟ ଏକ

ସାଧାରଣଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ସାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗାଧା'ନ ପାଇଲେ 'ଅଗ୍ଧା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ପ୍ରକାର ଫଳକୁ ମଧ୍ୟ କାଇଞ୍ଚ କହନ୍ତି । ଧଳା କାଇଞ୍ଚର ଦେହ ଧଳା, ଭେଣ୍ଡ ପାଖେ କଳା ଚୋପି ପରି ଥାଏ; ନାଲି କାଇଞ୍ଚର ଦେହ ଚୋପା ନାଲି, ଭେଣ୍ଡ ପାଖରେ କଳା ଚୋପି ଥାଏ । ]

କାଇଞ୍ଚମାଳସ୍ୱା ସନଶ୍ୟାମଳସ୍ୱା ହୃଦସେ ଦ୍ରୁଥନ୍ତି ଅଛି ର ।

ଯାଳକୃଷ୍ଣ. ରସକଲ୍ଲୋଳ ।

୨ । ଏକ ରତି ଓଜନ—2. A standard of weight; one rati.

୩ । କାଇଁଶ ( ଦେଖ ) 3. Kāiṅśa ( See )

**କାଇଚ୍**—ପ୍ରାଦେ. (ସମ୍ବଲପୁର) ବଣ—୧ । ଲୋଭୀ—
Kāit 1. Avaricious.
୨ । ସ୍ୱାର୍ଥପର—2. Selfish.

**କାଇଥ୍**—ଦେ. ବି. (ସଂ. କାୟସ୍ଥ)—କାୟସ୍ଥ—
Kāith The Kāyastha class of Bengal and Bihar.
କାএথ ( ଯଥା—ବିହାରର କାୟସ୍ଥମାନଙ୍କ ବଂଶୋପାଧି ଲାଲ୍ ଓ
कायथ ଏମାନଙ୍କୁ ଲାଲା କାଇଥ୍ ବୋଲାଯାଏ ।)

**କାଇଥି**—ଦେ. ବି.—ବିହାର ଓ ଛୋଟନାଗପୁରରେ ପ୍ରଚଳିତ ସ୍ୱସ୍ଥ-
Kāithi ମୂଳକ ଭାଷାବିଶେଷ—A character used in bihar
কাএথী akin to Nāgari character.
कौथ

[ ବି—ଏ ଭାଷାର ଅକ୍ଷରମାନ ଦେବନାଗର ଅକ୍ଷର ପରି, କିନ୍ତୁ ଅକ୍ଷରମାନଙ୍କ ମୁଣ୍ଡ ଉପରେ ଗାର ପଡ଼େ ନାହିଁ । ଏ ଭାଷା ବିହାରରେ କୋର୍ଟ୍ ପ୍ରଚଳିତ ଭାଷାରୂପେ ପରିଗଣିତ । ]

**କାଇଦା**—ଦେ. ବି.—(ଆ. କାୟିଦା=ବ୍ୟାକରଣ; ନିୟମ)—
Kāidā ୧ । ନିୟମ—1. Law; rule; principle.
কায়দা ୨ । ବିଧି—2. Constitution; a body of rules.
कायदा
୩ । କଟକଣା—3. Control.
୪ । ଇଜ୍ଜତ୍; ସମ୍ଭ୍ରମ—4. Prestige; honour.
୫ । ଅଙ୍କଟ—5. Censure; reprimand.
୬ । ବାରଣ; ଅଟକ; ନିଷେଧ—6. Restriction.
୭ । କଡ଼ା ନିୟମ ବା ଆଦେଶ—7. Strict order.
୮ । ଦସ୍ତୁର; ରୀତି—8. Custom; practice.
୯ । ବ୍ୟବସ୍ଥା; ବନ୍ଦୋବସ୍ତ—9 Arrangement.
୧୦ । ଅଧୀନତା; ଆୟତ୍ତ—10. Control; subjection.
ଦେ. ବଣ.—୧ । ନିୟମାଧୀନ—
1. Under control; regular.
୨ । ସୀମାବଦ୍ଧ—2. Restricted.
୩ । ନିୟମବଦ୍ଧ; ନିୟମଦ୍ୱାରା ସଂଯତ—3. Regulated.

**କାଇଦା କଟକଣା**—ଦେ. ବି.—( ସହଚର ) ଆ. କାଏଦା+ସଂ.
Kāidā kaṭakaṇā କଣ୍ଟକିତ)—ଦୃଢ଼ ନିୟମ; କଠୋର ନିୟମ-
কায়দা কঠকনা Hard and fast rule.
कायदा कटकना

**କାଇଦା କରିବା**—ଦେ. କ୍ରି. (ଆ. କାୟିଦା)—୧ । ନିୟମ ବାନ୍ଧିବା—
Kāidā kariba 1. To lay down or prescribe rules.
কায়দা করনা ୨ । ବାରଣ କରିବା—
कायदा करना 2. To restrict.
୩ । ଅଙ୍କଟ କରିବା—3. To reprimand.
୪ । ଜବତ କରିବା—4. To enforce discipline.

**କାଇଦା କାନୁନ୍**—ବୈଦେ. ବି. (ସହଚର); ଆ. କାୟିଦା+କାନୁନ୍)
Kāidā kānun —ଆଇନ୍ କାନୁନ୍; ନିୟମ ଓ ବିଧାନ—
Law and regulations; rules and regulations.

**କାଇନ୍ ହାଉସ**—ବୈଦେ. (ଇଂ) ବି. (ଇଂ. କାଇନ୍=ଗୋରୁମାନେ+
Kāin hāus ହାଉସ=ଘର) – କାଞ୍ଜିହାଉଡ଼ା; କାଞ୍ଜିହାଉସ; କ୍ଷେତ
ଖୋୟାଡ଼ ନଷ୍ଟ କରିବା ଗୋମେଷାଦିଙ୍କୁ ଆବଦ୍ଧ କରି ରଖିବା ସ୍ଥାନ—
ঢাঠ; कांजीहाउस Kine house; pound.

**କାଇପଦର**—ଦେ. ବି. ( ନାମ )—ପୁରୀ ଜିଲ୍ଲା ଖୋରଧା ସବ୍‌ଡିଭିଜନରେ
Kāipadara ଥିବା ପୀରଙ୍କର ଏକ ପ୍ରସିଦ୍ଧ ଆସ୍ଥାନ ଓ ଉକ୍ତ
ଆସ୍ଥାନ ଥିବା ଗ୍ରାମ—Name of a village and the seat of famous 'Pir' in the District of Puri near Khurdā.

**କାଇପଦା**—ଗ୍ରା. ବି. ( ନାମ )—କାଇପଦର ( ଦେଖ )
Kāipadā Kāipadara ( See )

**କାଇପୁଡ଼ା**—ଦେ. ବି—କାଇଘର ( ଦେଖ )
Kāipuṛdā Kāigharā ( See )

**କାଇଫଳ୍**—ପ୍ରାଦେ. ( ମେଦିନୀପୁର ) ବି. ( ସଂ. କାଫଳ )—
Kāiphal କାଫଡ଼ ( ଦେଖ )—Kāpharḍa ( See )

**କାଇବସା**—ଦେ. ବି—କାଇଘର ( ଦେଖ )
Kāibasā Kāigharā ( See )

**କାଇ ବସ୍ତ୍ର**—ଦେ. ବି. (ସଂ. କଷାୟ ବସ୍ତ୍ର)—ଗେରୁଆ ଲୁଗା—
Kāibastra Coloured cloth.
গেরুয়া বসন ଭକ୍ତି ରେଖା ଋଷି ସେ ଅଠାଶୀ ସହସ୍ର,
गेरुआ कपड़ा ଜହିଁରେ ରହିଛନ୍ତି ପିନ୍ଧି କାଇବସ୍ତ୍ର—କୃଷ୍ଣସିଂହ. ମହାଭାରତ. ସଭା ।

**କାଇମାଟି**—ଦେ. ବି—୧ । ସାଜିମାଟି; ଫିକା ବା ପାଣ୍ଡୁର ରଙ୍ଗର ମାଟି—.
Kāimāṭi 1. Natron.
কাইমাটি; সাজিমাটি ୨ । କାଇମାଟି; ପୀତବର୍ଣ୍ଣ ମୃତ୍ତିକାବିଶେଷ—
रेह; चिकनी मिट्टी 2. Fuller's earth.

**କାଇଲ୍**—ବୈଦେ. ବି. ( ଆ. କାୟିଲ୍ )—୧ । ଦୋଷ; ତ୍ରୁଟି—
Kāil 1. Wrong.
গলদ ୨ । ଦୋଷଜନକ କାର୍ଯ୍ୟ—
गलती; कायल 2. Blamable action.
୩ । ଭୁଲ୍; ଭ୍ରମ—3. Mistake.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | କ୍ଷ | ଇସ୍ | ହ୍ରଅ | ହ |
| ୨ | ଈ | ଊ | ଚ | ଲୃ | ସ୍ପ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ˙ନ୍ତ |

ଦେ. ବିଣ—୧ । ଦୋଷୀ ସାବ୍ୟସ୍ତ ହୋଇଥିବା—
1. Found guilty; condemned.
୨ । ଦୋଷୀ; ଅପରାଧୀ—2. Guilty.
୩ । ତର୍କରେ ପରାଜିତ—
3. Vanquished in argument.
୪ । ଅବସନ୍ନ—4. Pulled down.

**କାଇଲ୍ କରିବା**—ଦେ. କ୍ରି—୧ । ଦୋଷୀ ସାବ୍ୟସ୍ତ କରିବା—
Kāil karibā 1. To lay the blame on a person.
**कायल करना** ୨ । ଦୋଷଜନକ କାର୍ଯ୍ୟ କରିବା—
2. To do a wrong.
୩ । କୌଣସି ବ୍ୟକ୍ତି ବୁଝାଇ ସମଝାଇ ତାହାର ଦୋଷ ହୋଇଥିବା ବିଷୟ ତାଙ୍କୁ ମନାଇବା—
3. To cause a person to realise his fault by arguing with him.

**କାଇଲ୍ ମାକୁଲ୍**—ଦେ. ବିଣ. ( ଅନର୍ଥକ ଦ୍ୱିତୀୟ ସହଚର ) ( ଅ. କାୟିଲ୍ )—ନ୍ୟାୟ ବିଚାରରେ ଦୋଷୀରୂପେ ସାବ୍ୟସ୍ତ—Found guilty; condemned after consideration.
Kāil mākul
**गलती सलती**
ଦେ. ବି. ( ଅନର୍ଥକ ଦ୍ୱିତୀୟ ସହଚର )—ତ୍ରୁଟି ଆଦି; ଦୋଷ ଆଦି—Guilt.

**କାଇଲ୍ ମାନିବା**—ଦେ. କ୍ରି—ନିଜର ତ୍ରୁଟି ବା ଦୋଷ ସ୍ୱୀକାର କରିବା—
Kāil mānibā To admit that one is in the wrong.
**गलती मानलेना**

**କାଇଲ୍‌ମୁକୁଲ୍**—ଦେ. ବିଣ—କାଇଲ୍ ମାକୁଲ୍ ( ଦେଖ )
Kāilmukul Kāil mākul ( See )

**କାଇଲା**—ବୈଦେ. ବି. ( ସଂ. କାତର; ତୁଳ. ହି. କାହଲ୍=ଆଳସ୍ୟପରାୟଣ; ହି. କାୟର=ଭୀରୁ )—
Kāilā
**थका** ୧ । କ୍ଳାନ୍ତି; ଅବସାଦ—1. Weariness.
୨ । ରୋଗୀ; ମନ୍ଦ—2. Sick man.
ଦେ. ବିଣ—୧ । ଶୀର୍ଣ୍ଣ—1. Weak; reduced.
୨ । ଅସୁସ୍ଥ; ରୁଗ୍ଣ—2. Sick; sickly.
**थका हुआ** ୩ । କ୍ଳାନ୍ତ—3. Tired.
୪ । ଅବସନ୍ନ—4. Wearied; worn out.

**କାଇଲା ପଡ଼ିବା**—ପ୍ରାଦେ. ( ଗଞ୍ଜାମ ) କ୍ରି—କ୍ଳାନ୍ତ ହେବା—
Kāilā pardibā To be tired.
କାଇଲା ପଡ଼ିବ ଯେବେ ବାଟ ଚାଲିବାରୁ
ଔଷଧ ପାଇବ ତତକ୍ଷଣେ ରଜାଠାରୁ । ଫକୀରମୋହନ. ଉତ୍କଳ ଭ୍ରମଣ ।

**କାଇଲି (ଇତ୍ୟାଦି)**—ଗ୍ରା. ବି ଓ ବିଣ—କାଇଲ୍ ଇତ୍ୟାଦି ( ଦେଖ )
Kāili (etc) Kāil etc. ( See )

**କାଇଲିଆ**—ଦେ. ବିଣ—୧ । ଦୋଷଜନକ—
Kāiliā 1. Blameworthy.
୨ । ନିଜ ଦୋଷ ବା ତ୍ରୁଟି ସ୍ୱୀକାର କରିବା ( ଲୋକ )—
2. Admitting one's own fault.

**କାଉ**—ଗ୍ରା. (ଉତ୍ତର) ବି. ( ସଂ. କାକ )—
Kāu ୧ । କାକ; କୁଆ—1. Crow; rook.
काक, काउ ୨ । କୋଇଲି—2. Cuckoo.
**कौआ**

**କାଉଆ**—ଗ୍ରା. ବିଣ—କୁଆ ଭଳି ରବ କରୁଥିବା—
Kāuā Boisterous; making a noise like crows.

**କାଉଆଜ୍**—ବୈଦେ. ବି. ( ଅ. କୱାଜ )—
Kāuāj ସୈନିକ ଶିକ୍ଷା; ପରେଡ଼—
काओयाज The training of soldiers; military
**कावाज; परेट** training; parade.

**କାଉଆଲି**—ବୈଦେ. ବି. ( ଅ. କୌୱାଲି )—
Kāuāli ୧ । ଫକୀର ବା ଦରବେଶମାନଙ୍କ ଗୀତ—
कावालि; काओयालि 1. Song of Dervishes.
**कौवालि; कावालि** ୨ । ବାଦ୍ୟର ତାଳବିଶେଷ—
2. Name of an Arabic musical note.
( ଯଥା—ଏହା ତିତାଲାର ପ୍ରକାର ଭେଦ; ଏହା ମଧ୍ୟମାନ ଅପେକ୍ଷା ଦ୍ୱିଗୁଣ ଜଲଦ ତାଳ—ଜ୍ଞାନେନ୍ଦ୍ର । )
୩ । ମୁସଲମାନ ପୀରମାନଙ୍କ ଦରଘାରେ ବା ସୁଫୀ ସମ୍ପ୍ରଦାୟରେ ମଜଲିସରେ ଗୀତ ହେବା ଧର୍ମ-ସଙ୍ଗୀତରେ ସ୍ୱର ଓ ତାଳ ( ଜ୍ଞାନେନ୍ଦ୍ର )—
3. The tune or measure of the religious songs sung in the seats of deceased Muslim saints.

**କାଉଁ**—ଦେ. ଅ. ( ଧ୍ୱନ୍ୟନୁକରଣ )—
Kāuñ କାମୁଡ଼ିବାକୁ ଉଦ୍ୟତ କୁକୁର ପ୍ରଭୃତିଙ୍କ ଶବ୍ଦ— The
**कांव** sound of dogs etc. while going to bite.

**କାଉଁ କାଉଁ ହେବା**—ଦେ. କ୍ରି—ବିରକ୍ତ ହେବା; ଚିଡ଼ି କରି କଥା କହିବା—To express disapproval
Kāuñ kāuñ hebā
**डाँटना**

**କାଉଁଚ୍ କାଉଁଚ୍**—ଦେ. ଅ. ବିଣ ( ଧ୍ୱନ୍ୟନୁକରଣ )—କଚ୍ କଚ୍ ଶବ୍ଦ କରି କୌଣସି ଜିନିଷ ଚୋବାଇ ଖାଇବା—
Kāuñch kāuñch ( ଯଥା—ମୂଳା; କାକୁଡ଼ି )—
कचर कचर
**कच कच** Sound of chewing raw fruit.
( ଯଥା—କାଉଁଚ୍ କାଉଁଚ୍ କରି ସେ ମୂଳା ଚୋବାଉଅଛି । )

**କାଉଁଡ଼ି**—ଗ୍ରା. ବି—ଡାବଲପୁଆ ଖେଳରେ ଘାଟ ( ଗାତ ) ନିକଟରୁ ପୁଆ ପଡ଼ିଥିବା ସ୍ଥାନର ଦୂରତ୍ୱପରିମାପକ ଓ ସଂଖ୍ୟାସୂଚକ ସଙ୍କେତବିଶେଷ—
Kāuñrdi
**बिक**
A measure of distance between the hole and the place where the puā falls in the game of Dābala-puā.

ସାଧାରଣ ଶ୍ରେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜନ୍ତେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—'କାଉଁଡ଼' ଅର୍ଥାତ୍ ତାବଲରେ '୧' କାଠି ମାପର ନାମ କାଉଁଡ଼, ଦୁଇ କାଠି ଯେ ଦୁଉଡ଼, ତିନ କାଠି ମାପ ତଇଲ, ଚାରି କାଠି ଗୁରଲ, ପାଞ୍ଚ କାଠି ପାଞ୍ଚଲ, ଛଅ କାଠି ଛଉଲ ଓ ସାତ କାଠି ମାପ ବଉଲ; ମୋଟ ୭ ବାଡ଼ରେ ଖଣ୍ଡେ ହୁଏ । ]

**କାଉଁଦା**—ବୈଦେ. ବଣ. (ଅ; ? ସଂ. କଞ୍ଚିତ୍ + ଆର୍ଦ୍ର)—
Kāuṅdā ସାମାନ୍ୟ ଆର୍ଦ୍ର; ଓଦା—Slightly moist.
একটু ভিজা
**नम; गिला**

**କାଉଁର୍**—ପ୍ରାଦେ. (ସମ୍ବଲପୁର; ତୁଲ. ହି. କାଇ; ସଂ. କାବାର = Kāuṅr ଶୈବାଳ) ବି.—ବର୍ଷାଦିନେ କାନ୍ଥ ଆଦି ଉପରେ ମାଡ଼ି ଯାଉଥିବା ଶିଉଳି; ଶୈବାଳ—Moss growing on walls in the rainy season.

**କାଉଁରା**—ଦେ. ବି.—୧ । ଏକପ୍ରକାର ଘାସ—
Kāuṅrā 1. A kind of grass; Carum Bulbo Castanum.
**कतरा**
୨ । (ସଂ.କର୍ବର) ହିନ୍ଦୁମାନଙ୍କ ମଧ୍ୟରେ ଅସ୍ପୃଶ୍ୟ ଜାତିବିଶେଷ—
কাওরা 2. An untouchable caste amongst the Hindus.
**किरार**
୩ । ଶିଶୁମାନଙ୍କ ଗୋଡ଼ର ଏକପ୍ରକାର ଚର୍ମ ରୋଗ—
কাউর 3. A kind of Eczema on the legs of an infant.

**କାଉଁରାବର**—ଦେ. ବି.—କାଉଁରିବର (ଦେଖ)
Kāuṅrābara Kāuṅribara (See)

**କାଉଁରି**—ଦେ. ବି. (ସଂ. ସ୍କନ୍ଦ + ଭାର)—୧ । ଗଉଡ଼ମାନଙ୍କ ବ୍ୟବହୃତ
Kāuṅri ଏକପ୍ରକାର ବାଡ଼ି—
1 A kind of stick used by cowherds.

ଗୋପାଳପୁରଯାକ ରୁଣ୍ଡ ହୋଇବା, କନ୍ଧେ କାଉଁରି ଲଉଡ଼ି ଧରିବା ।
ଭକ୍ତଦାସ. ଗୋପୀଭାଷା ।

কুঁড়ারী ୨ । କୁମାରୀ—
**कुआरी** 2. A virgin; unmarried girl.
୩. (ସଂ. କାମରୂପ)—ଆସାମର କାମରୂପ ଦେଶ—
3. The country of Kāmarūpa in Assam
**कावरो** famous as a country of magicians.
[ଦ୍ର—ଏଠା ଲୋକେ ଗାରୁଡ଼ି ବିଦ୍ୟାରେ ନିପୁଣ ବୋଲି ପ୍ରସିଦ୍ଧି ଅଛି । ]

**କାଉଁରିଆ**—ଦେ. ବି.—୧ । ଧଣିଚ, ନଳିତା, ଛଣପଟ ପ୍ରଭୃତି ଗଛର
Kāuṅriā ତ୍ୱକ୍‌ହୀନ ଭଙ୍ଗପ୍ରବଣ କାଣ୍ଡ—
মেস্তাপাট 1. The stem of a jute plant
**सनठी** shorn of the fibres; Hibiscus
ତେ. ଗୋଙ୍ଗୁକୁରୁ, cannabinus.
ଦେଶ ବାଲୁଗୁଙ୍ଗୁରୁ କାଉଁରିଆ କାଠି ଭାଙ୍ଗିଯିବ କହିବ ନାହିଁ—ଢଗ ।
ତା. ପାଲୁଙ୍ଗ୍, ୨ । ଶାକବିଶେଷ—2. A kind of
ସିଦ୍ଧ ପ୍ରଦେଶ. ସାଗତୋ kitchen vegetable.
ସ. ପର୍ଯ୍ୟାୟ—ମାଳତୀ, ପଳାଶ୍ମ, ଅମ୍ବାଳିକା, ଶାକ, ଧ୍ରୁଂଶୀ, ଚବେଳିକ ଫଳ ।

ଦେ. ବଣ.—ଆସାମର କାମରୂପ ଦେଶସମ୍ବନ୍ଧୀୟ—
Pertaining to the country of Kāmarūpa in Assam.

**କାଉଁରି କନ୍ୟା**—ଦେ. ବି. (କୁମାରୀ + କନ୍ୟା)—ଅବିବାହିତା ବାଳିକା—
Kāuṅri kanyā Virgin; unmarried girl.
কুঁড়ারী কনে
**कुँआरी**

**କାଉଁରିକାମଚଣ୍ଡୀ**—ଦେ. ବି.—କାମରୂପ ଦେଶରେ ଥିବା କାମାଖ୍ୟା ବା
Kāuṅrikāmachaṇḍī କାମଚଣ୍ଡୀ ଠାକୁରାଣୀ—
কাঙরীকামাখ্যা The Deity of Kāmachaṇḍī
**काउँरीकमच्छया** in the country of Kāmarūpa.
[ ଦ୍ର—ଗାରୁଡ଼ି ବିଦ୍ୟା ସାଧିବାବେଳେ ଏ ଠାକୁରାଣୀଙ୍କ ନାମ ନିଆଯାଏ । ]

**କାଉଁରିକାମଚଣ୍ଡୀ ଦେଶ**—ଦେ. ବି. (ସଂ. କାମରୂପ + କାମଚଣ୍ଡୀ)—
Kāuṅrikāmachaṇḍī deśa ଆସାମ ଦେଶସ୍ଥ କାମରୂପ ଅଞ୍ଚଳ—
The country of Kāmarūpa in Assam which is believed to be the place where magical and Tantric lore are cultivated.

**କାଉଁରିକାମାଖ୍ୟା**—ଦେ. ବି. (ସଂ. କାମରୂପ + କାମାଖ୍ୟା)—
Kāuṅrikāmākhyā କାଉଁରିକାମଚଣ୍ଡୀ (ଦେଖ)
Kāuṅrikāmachaṇḍī (See)

**କାଉଁରିକାମାଖ୍ୟା ଦେଶ**—ଦେ. ବି.—କାଉଁରିକାମଚଣ୍ଡୀ ଦେଶ (ଦେଖ)
Kāuṅrikāmākhyā deśa Kāuṅrikāmachaṇḍī deśa (See)

**କାଉଁରିଚାନ୍ଦ**—ଦେ. ବି. (ସଂ. କୁମାରୀ ଓ ଚନ୍ଦ୍ର)—
Kāuṅrichānda ପ୍ରତିପଦ୍ ତିଥିର ଚନ୍ଦ୍ର—
**पडिवकाचाँद** The new moon.

**କାଉଁରିଜହ୍ନ**—ଦେ. ବି.—କାଉଁରିଚାନ୍ଦ (ଦେଖ)
Kāuṅrijahna Kāuṅrichānda (See)

**କାଉଁରି ଦେଶ**—ଦେ. ବି.—କାଉଁରିକାମଚଣ୍ଡୀ ଦେଶ (ଦେଖ)
Kāuṅri deśa Kāuṅrikāmachaṇḍī deśa (See)

**କାଉଁରିପଦ**—ଦେ. ବି.—କାଉଁରିମନ୍ତ୍ର (ଦେଖ)
Kāuṅripada Kāuṅrimantra (See)

**କାଉଁରିବର**—ଦେ. ବି. ( ସଂ. କୁମାରୀ + ବଟ )—କୁମାରୀ ପୋତିଥିବା
Kāuṅribara ବଟବୃକ୍ଷ—Name of a banyan tree on the Jagannath Trunk Road connected with a legend as having been brought from Kāmarūpa by a witch and transplanted here by another.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ରୃ,ରୂ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଡ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଡ଼ | ନ୍ |

[ ଦ୍ର—ପ୍ରବାଦ ଅଛି ଯେ କାଉଁରି କାମରୂପ ଦେଶରେ **କମିଆଁ** (ଗାରୁଡ଼ିବିଦ୍ୟା) ଜାଣିଥିବା କଟେଇ ବା ଦିଟେଇ **ପଞ୍ଚସହୁଣୀ** ନାମକ ଜଣେ ସ୍ତ୍ରୀ ଗୋଟିଏ ବରଗଛରେ ଚଢ଼ି ମନ୍ତ୍ରବଳରେ ସେ ବରଗଛକୁ ଉଡ଼ାଇ ଆଣି ଜଗନ୍ନାଥ ଦର୍ଶନକୁ **ଆସୁଥିଲେ** । ପୁରୀ ନିକଟସ୍ଥ ଗୃହନଳା ଗ୍ରାମ ନିକଟରେ ସେ ବରଗଛ ଉଡ଼ୁଥିବା ସମୟରେ ତାହ ଛାଇ ପୋଖରୀରେ ପଡ଼ିଲା । ନଟେଇ ଧୋବଣୀ ନାମରେ ଜଣେ ଗୁଣିବିଦ୍ୟା ଜାଣିଥିବା ଓଡ଼ିଆ ଧୋବଣୀ ସେ ପୋଖରୀରେ ଲୁଗା କାଚୁଥିଲା । ସେ ଗଛର ଛାଇ ଦେଖି କମିଆଁ ବଳରେ ଉକ୍ତ ଗଛକୁ ବନ୍ଧନ କରି ସେହି ସ୍ଥାନରେ ଅଟକାଇ ଦେଲା ଓ ସେହି ଦିନଠାରୁ ସେ ଗଛଟି ସେହିଠାରେ ରହିଲା । ସେହି ସ୍ଥାନଟି ଏ ପର୍ଯ୍ୟନ୍ତ 'କାଉଁରିବର' ବୋଲି ଅଭିହିତ ହେଉଅଛି । ]

୨ । ପୁରୀ ଜିଲ୍ଲାରେ କାଉଁରିବର ଥିବା ସ୍ଥାନର ନାମ—
2. Name of a village in Puri district on the Jagannath trunk road.

**କାଉଁରିଭାର**—ଦେ.ବି (ସଂ. ସ୍କନ୍ଦବାହ୍ୟ+ଭାର)—ଯାତ୍ରୀମାନେ ଗଙ୍ଗୋତ୍ରୀଠାରୁ ଯେଉଁ ଭାରରେ ଗଙ୍ଗାଜଳ କାନ୍ଧରେ ବହି ରାମେଶ୍ୱରପର୍ଯ୍ୟନ୍ତ ନଅନ୍ତି ସେହି ଭାର—
Kāunribhāra
काउर
**काँवरीभार**
A pair of water pots containing holy water from the Ganges carried on the shoulders by a yoke from Badrinarayan to Rameswar by Hindu pilgrims.

**କାଉଁରିମଣ୍ଡଳ**—ଦେ.ବି (ତନ୍ତ୍ରୋକ୍ତ ସାଧନ)—ମୂର୍ଦ୍ଧା ଦେଶସ୍ଥ ସ୍ଥାନବିଶେଷ, ଯେଉଁଠାରୁ ଶବ୍ଦବ୍ରହ୍ମ ଜାତ ହୁଏ; ବ୍ରହ୍ମରନ୍ଧ୍ର—
Kāunrimaṇḍala
A region of the palate.

ଅଭ୍ୟାସ କରି ଯୋଗବଳ, ଭେଦିବ କାଉଁରିମଣ୍ଡଳ—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**କାଉଁରିମନ୍ତ୍ର**—ଦେ. ବି (ସଂ. କାମରୂପ)—ଗାରୁଡ଼ି ମନ୍ତ୍ରରେ ସାର ପଦ—
Kāunrimantra
**काँवरीमन्तर; ढाईअच्छर**
The most efficacious magical incantations in the black magic.

**କାଉଁରିସୂତା**—ଦେ. ବି (ସଂ. କୁମାରୀ+ସୂତ୍ର)—କୁମାରୀମାନେ କାଟିଥିବା ସୂତା; ଅଚଅଡ଼ି ସୂତା—Thread spun by virgins.
Kāunrisūtā
**कुमारीटागा**

**କାଉଁରିହାଡ଼**—ଦେ. ବି—କୁମାରୀର ଅସ୍ଥି—
Kāunrihārda
कुआँरीहाड़
**कुमारीकाहड्डी**
The bone of a virgin which is said to be very efficacious in being used as charm.

[ ଦ୍ର—ଏହି ଅସ୍ଥି ଅଭିମନ୍ତ୍ରିତ ହେଲେ ଗାରୁଡ଼ି ବିଦ୍ୟା ବଳରେ ଏହାଦ୍ୱାରା ଅସାଧ୍ୟସାଧନ ହୁଏ । ]

**କାଉଁଲି**—ଦେ. ବି. ଓ ବିଣ—କାଉଲି (ଦେଖ)—
Kāunli
Kāuli (See)

**କାଉକଣ୍ଠି**—ପ୍ରାଦେ. (ସମ୍ବଲପୁର) ବି (ସଂ. କାଚ+କଣ୍ଠ)—ରଙ୍ଗଚିତା କଣ୍ଠି; ନାନାରଙ୍ଗର କାଚର ଦାନାଦାର କଣ୍ଠି—
Kāukanṭhi
**काँचकामाला**
Coloured glass beads.

**କାଉକାଉ**—ଦେ. ଅ. (ଧ୍ୱନ୍ୟନୁକରଣ)—୧ । କାକର ଧ୍ୱନି—
Kāukāu
काका
**काँवकाँव**
1. Cawing sound.
୨ । ଗୋଳମାଳ; ଗୋଳମାଲ; ବହୁଲୋକ ମୁଖରୁ ଉତ୍ଥିତ କର୍କଶ ଧ୍ୱନି—2. Noise; tumult; the jarring noise of several persons talking at one time.

**କାଉକାଉ କରିବା**—ଦେ. କ୍ରି—ବହୁଭାଷଣଦ୍ୱାରା ବିରକ୍ତ କରିବା—
Kāukāu kariba
काँ काँ करा
**काँवकाँव करना**
To tease a person by making noise.

**କାଉକାଉ ହେବା**—ଦେ.କ୍ରି.—୧ । କୁଆ ଭଳି ଶବ୍ଦ କରିବା; କାଆ କାଆ ହେବା—1. To caw like a crow.
Kāukāu hebā
काँ काँ करा
**हल्ला करना**
୨ । ଗୋଳମାଳଆ ପାଟି କରିବା; ଗୋଳ କରିବା; ବହୁଭାଷଣ କରିବା—2. To make a jarring noise (eg. a multitude of persons assembled); to raise an outcry.

**କାଉକାଳିଆ** - ପ୍ରାଦେ. (ସମ୍ବଲପୁର) ବିଣ (ସଂ. କାକ+କାଳ)—କାକପରି କୃଷ୍ଣବର୍ଣ୍ଣ—Black as a crow.
Kāukālia

**କାଉକୋକଲି**—ଗ୍ରା. ବି.—ଏକପ୍ରକାର କୋକଲି ମାଛ—A kind of small sea fish with scales.
Kāukokali

**କାଉଗୋଡ଼ିଆ**—ଗ୍ରା. ବି.—ସନ୍ତସନ୍ତିଆ ଛାୟାଯୁକ୍ତ ସ୍ଥାନରେ ହେବା ଘାସ—
Kāugordia
(କାଉଗୋଡ଼େଇ—ସ୍ତ୍ରୀ)
A kind of hard stemmed grass; Oplismenus Composilus; Oplimensus Burman.

[ଦ୍ର—ଏହାକୁ ଘୋଡ଼ା ଗୋରୁ ଆଦି ଖାଇ ପାରନ୍ତି ନାହିଁ ।]

ଦେ. ବିଣ. ପୁଂ.—ଯାହାର ଗୋଡ଼ କୁଆ ଗୋଡ଼ ପରି କ୍ଷୀଣ ଓ ସରୁ—Having very thin and long legs.

**କାଉଚିଆ**—ଦେ. ବି.—୧ । କୋଚିଆ—
Kāuchiā
बाईनमाछ
**ईलमछलि, काँचुल**
1. Eel.
୨ । ଏକଜାତୀୟ ନିର୍ବିଷ ସାପ—2. A kind of non-poisonous serpent.
୩ । ଘୋଡ଼ାମାନଙ୍କର ଗତିବିଶେଷ—
3. Curved motion of horses.

ଉଠି ଘୋଡ଼ା କାଉଚିଆ ଭଙ୍ଗୀକ ଜାଣନ୍ତି, ଯୁଦ୍ଧକାଳେ କେବେହେଁ କାଉର ନଦନ୍ତି ।
କୃଷ୍ଣସିଂ. ମହାଭାରତ ।

୪ । ଲତାବିଶେଷ—4 A kind of creeper.
ଦେ. ବିଣ. ୧ । ବଙ୍କାଟଙ୍କା—1. Curved.
୨ । ଅଣଓସାରିଆ ଓ ବଙ୍କା (ରାସ୍ତା)—
2. Narrow and curved (path).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଣ୍ଡିତ ଅକ୍ଷର ଓ ମାତ୍ରା ଏବଂ ୨ ଚଣ୍ଡିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଣ୍ଡିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଣ୍ଡିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଆଶଂଖା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାଉଜାଉ ହେବା**—ଗ୍ରା. କ୍ରି.—ଅସ୍ଥିର ହେବା; ବ୍ୟାକୁଳ ହେବା—
Kāujāu hebā — To be restless.

**କାଉଣ୍ଡା**—ବୈଦେ. ବଣ.—କାଉଁଦା (ଦେଖ)
Kāundā — Kāuñdā (See)

**କାଉନ୍ସିଲ୍**—ବୈଦେ. (ଇଂ) ବି—କାର୍ଯ୍ୟକାରୀ ସଭା; ବ୍ୟବସ୍ଥା—
Kāunsil — 1. Council
[ଯଥା—ଲେଜିସ୍ଲେଟିଭ୍ କାଉନ୍ସିଲ୍; ପ୍ରିଭି କାଉନ୍ସିଲ୍ । ]
କୌଁସିଲ ୨ । ବାରିଷ୍ଟର—
କାଁସି 2. Bar-at-law.

**କାଉନ୍ସିଲର୍**—ବୈଦେ. (ଇଂ) ବି—କାଉନ୍ସିଲରେ ବସିବା ସଦସ୍ୟ ବା
Kāunsilar ସଭ୍ୟ—Councillor.
କୌଁସିଲାର
কোঁসিলার

**କାଉମେଚି**—ଗ୍ରା. ଅ. (ଶିଶୁ ଭାଷା) ଓଡ଼ିଶାରେ ଶିଶୁମାନଙ୍କୁ ହାତ ମୁଠା
Kāumechi କରିବାକୁ ଓ ମେଲ୍ଲା କରିବାକୁ ଶିଖାଇଲାବେଳେ ଧାଈମାନେ ଏହି ନିରର୍ଥକ ଶବ୍ଦ ବ୍ୟବହାର କରନ୍ତି ଓ ପିଲାମାନେ ଏହି ଶବ୍ଦ ଶୁଣିଲେ ହାତକୁ ମୁଠା କରନ୍ତି ଓ ମେଲ୍ଲା କରନ୍ତି—
A nursery-term uttered by females while teaching infants to shut and open the palms.

**କାଉମେଞ୍ଚି**—ଗ୍ରା. ଅ.—କାଉମେଚି (ଦେଖ)
Kāumeñchi — Kāumechi (See)

**କାଉଡ଼ା**—ଦେ. ବି.—କାଉଁଡ଼ା (ଦେଖ)
Kāurā — Kāuñrā (See)

**କାଉଡ଼ିଆ**—ଦେ. ବି—କାଉଁଡ଼ିଆ (ଦେଖ)—
Kāuriā — Kāuñriā (See)

**କାଉଳା**—ଦେ. ବି (ସଂ. ଆକୁଳ)—୧ । ମନର ବ୍ୟସ୍ତତା; କ୍ଷୋଭ—
Kāuḷā — 1. Mental trouble; perturbation;
ଆକୁଳିବିକୁଳି — agitation; botheration.
ଆକୁଳବ୍ୟାକୁଳ ୨ । ଉଦ୍‌ବେଗ; ମାନସିକ ଉଚ୍ଛୃଙ୍ଖଳ୍ୟ; ମନର ଅସ୍ଥିରତା—
2. Restlessness of mind.
ଦେ. ବଣ—୧ । ବ୍ୟସ୍ତ; କ୍ଷୁବ୍ଧ; ଅସ୍ୱସ୍ଥ—
1. Perturbed; troubled; agitated.
୨ । ଶୃଙ୍ଖଳାଯୁକ୍ତ—2. Restless.

**କାଉଳାବାଉଳା**—ଦେ. ବି ଓ ବଣ (ସଂ. ଆକୁଳ+ବ୍ୟାକୁଳ)—
Kāuḷābāuḷā — କାଉଳା (ଦେଖ)—Kāuḷā (See)

**କାଉଳି**—ଦେ. ବି ଓ ବଣ—କାଉଳା (ଦେଖ)—
Kāuḷi — Kāuḷā (See)

ବିଶେଷଣ—ଯୁଧିଷ୍ଠିର ରଜା ହୋଇଲେ କି କାଉଳି,
ସୁଖ କଲେ ମଦବା ବୋଲି ମନେ ଭଳି ।
କୃଷ୍ଣସିଂହ. ମହାଭାରତ. କର୍ଣ୍ଣପର୍ବ ।

ବିଶେଷ୍ୟ—ଏ ରୂପେ ସୋମବଂଶରେ ହୁଅନ୍ତେ କାଉଳି,
ଭଗବତେ ବୋଇଲେ ନ ବସ ଅଭ ଭଳି ।
ପୀତାମ୍ବର, କୃଷ୍ଣ ଚରିତ୍ର ।

**କାଉଳିବାଉଳି**—ଗ୍ରା. ବି ଓ ବଣ (ସଂ=ବ୍ୟାକୁଳ (ଭୁଲ) ପାଲି.
Kāuḷibāuḷi ପକୁଳ)—କାଉଳା (ଦେଖ)—
Kāuḷā (See)

**କାଉଳିମାଉଳି**—ଗ୍ରା. ବି. ଓ ବଣ—କାଉଳା (ଦେଖ)—
Kāuḷimāuḷi — Kāuḷā (See)

**କାଉସାପ**—ପ୍ରାଦେ. (ଗଡ଼ଜାତ) ବି—ଏଣ୍ଡୁଅ ସଦୃଶ ଏକପ୍ରକାର
Kāusāpa ସରୀସୃପ— A kind of ant eater found in the Feudatory States of Orissa.
[ ଦ୍ର—ଏହାର ଜିଭ ପ୍ରାୟ ହାତେ ଲମ୍ବ; ଏ କୁଥ ପର ବୋବାଏ; ଏହାର ଗୋଡ଼ ଅଛି । ଏହାର ଜିଭ ଦେହରେ ବାଜିଲା ମାତ୍ରେ ଘାଆ ହୋଇଯାଏ । ]

**କାଏ**—ପ୍ରାଦେ. (ଗଡ଼ଜାତ) ସର୍ବ. (ସଂ. କମ୍)—କି; କଅଣ; କିଏ—
Kāe — Which; what; who.
ଗ୍ରା. (ପଦ୍ୟ) ବି. (ସଂ. କାୟ)—ଶରୀର; ଦେହ—Body.
କସ୍ତୁରୀବାର ସ୍ନାହାନରେ ଶୁଦ୍ଧ ହୋଏ କାଏ । ପ୍ରାଚୀ. ଶ୍ରୀଗୁରୁଭକ୍ତି ଗୀତା ।

**କାଏଁ**—ପ୍ରାଦେ. (ସମ୍ବଲପୁର) ଅ. (ସଂ. କିଂ)—କଅଣ; କି—
Kāeñ — What; which.
ପ୍ରାଦେ. (ସମ୍ବଲପୁର) ଅ. (ଭୁଲ. ହିନ୍ଦୀ=କାହେଁ)—
କିପାଇଁ; କାହିଁକି; କି ନିମନ୍ତେ—
Why; wherefore.

**କାଏଁ କରି**—ପ୍ରାଦେ. (ସମ୍ବଲପୁର) ଅ—କାଏଁ (ଦେଖ)
Kāeñ kari — Kāeñ (See).

**କାଏଁ କାଏଁ**—ପ୍ରାଦେ. (ସମ୍ବଲପୁର) ବି—କି କି ବିଷୟ; କେଉଁ
Kāeñ kāeñ କେଉଁ ବିଷୟମାନ—What matters or subjects.

**କାଏଁ କାଜେ**—ପ୍ରାଦେ. (ସମ୍ବଲପୁର) ଅ—କି କାର୍ଯ୍ୟରେ—
Kāeñ kāje — On what business.

**କାଏଁତ୍**—ପ୍ରାଦେ (ସମ୍ବଲପୁର) ବି. (ସଂ. କାନ୍ତି)—କାନ୍ତି (ଦେଖ)
Kāeñt — Kānti (See)

**କାଏଁଟା**—ପ୍ରାଦେ. (ସମ୍ବଲପୁର) ସର୍ବନାମ—କେଉଁ; କେଉଁ ଗୋଟା;
Kāeñṭā କଅଣ; କି—What; which.

**କାଏଁଢଙ୍ଗର୍**—ପ୍ରାଦେ. (ସମ୍ବଲପୁର) ବଣ—୧ । କି ପ୍ରକାରର—
Kāeñ ḍhangar — 1. Of what kind.
୨ । କିମ୍ଭୁତ କିମାକାର; ଅଡୁଆ; ଅଖାଡ଼ୁଆ—
2. Peculiar; awkward.
(ଯଥା—ମତେ କାଏଁଢଙ୍ଗର ଲାଗୁଛେ ।)

**କାଏଁଥି**—ପ୍ରାଦେ. (ସମ୍ବଲପୁର) ଅ. (ସଂ. କୁତ୍ର)—୧ । କେଉଁଠାରେ—
Kāeñthi — 1. At which place.
୨ । କାହାଦ୍ୱାରା—2. By whom.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଙ୍ଗ | ଶ,ଷ | ଙ୍କ | ଇଯ୍ | ଉଅ | ଝ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ତ |

କାଏଁଯେ—ପ୍ରାଦେ. (ସମ୍ବଲପୁର) ଅ—କାଏଁ (ଦେଖ)
Kāeñje Kāeñ (See)

କାଏଁଶ (ଇତ୍ୟାଦି)—ପ୍ରାଦେ. (ସମ୍ବଲପୁର) ବି—କାଇଁଶ ଇତ୍ୟାଦି (ଦେଖ)
Kāeñs (etc) Kaiñsa etc. (See)

କାଏଥ—ଦେ. ବି.—କାଇଥ (ଦେଖ)
Kāeth Kāith (See)

କାଏଥି—ଦେ. ବି.—କାଇଥି (ଦେଖ)
Kāethi Kāithi (See)

କାଏଦା (ଇତ୍ୟାଦି)—ବୈଦେ. ବି—କାଇଦା ଇତ୍ୟାଦି (ଦେଖ)
Kāedā (etc) Kāidā etc. (See)

କାଏମ୍—ବୈଦେ. (ଆ. କାୟମ୍) ବି—ଅପରିବର୍ତ୍ତନ; ସ୍ଥାୟିତ୍ୱ—
Kāem Unalterability; standing position;
କାୟେମ durability; permanency.
**कायम**
ବିଣ.—୧ । ସ୍ଥାୟୀ,—1. Permanent; durable.
୨ । ଅପରିବର୍ତ୍ତିତ—2. Unaltered.
୩ । ନିର୍ଦ୍ଧାରିତ; ନିଶ୍ଚିତ—3. Settled.

କାଏମ୍ କରିବା—ଦେ. କ୍ରି.—୧ । ଚିରସ୍ଥାୟୀ କରିବା—
Kāem karibā 1. To make permanent; to establish
କାୟେମ କରা on a permanent footing.
**कायम करना**
୨ । ଅନ୍ୟର କଥାକୁ ଅନୁମୋଦନ କରିବା—
2. To ratify another's word or promise.

କାଏମ୍ ମୁକାଏମ୍—ବୈଦେ. (ଆ. କାଏମ୍ ମୋକାମ୍) (କଚିରିଆ ଭାଷା)—
Kāemmukāem ପ୍ରତିନିଧି; କୌଣସି ପକ୍ଷ ସ୍ଥାନରେ ପ୍ରତିଷ୍ଠିତ
କାএম মুকাএম্ ଅନ୍ୟବ୍ୟକ୍ତି—Representative in
**कायममोकाम** interest; Locum Tenens; an assignee.

କାଏମ୍ ମୁକାମ୍—ବୈଦେ. (ଆ) ବି.—କାଏମ୍ ମୁକାଏମ୍ (ଦେଖ)
Kāem mukām Kāem mukāem (See)

କାଏମୀ—ଦେ. ବିଣ.—କାଏମ୍ (ଦେଖ)
Kāemi Kāem (See)

କାଏଲ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ନଏଦ=ନଦୀ; ସ୍ୱଏତ=
Kāel ସ୍ରୋତ)—କାଲି (ଦେଖ)—Kāli (See)

କାଓଆ—ଦେ. ବିଣ.—କାଉଆ (ଦେଖ)
Kāoā Kāuā (See)

କାଂସବାଂସ—ଦେ. ବି. (ସଂ. କଂସାବତୀ)—ବାଲେଶ୍ୱର ଜିଲ୍ଲାର ଉତ୍ତରରେ
Kāmsabāmsa ପ୍ରବାହିତ ନଦୀ (ସୋରୋ ଗ୍ରାମ ଏ ନଦୀ କୂଳରେ ଅବସ୍ଥିତ)—Name of a small river in the north of Balasore district.

କାଂସବାଂସ ନାମେ ସୋରକଣ୍ଠେ ଗଙ୍ଗ ମୁକ୍ତାହାର ।
ରଥାନାଥ, ରଥ ।

କାଂସୁଲି—ଦେ. ବି. (ବଣିଆ ପଦ)—(ସଂ. କାଂସ୍ୟ)—
Kāmsuli ପୋଲା ଗୋଲ ଚଳନ୍ତ ବାଡ଼େଇ ଟୋଲା କରିବାରେ
**कांसला** ବ୍ୟବହୃତ ଠଣା—A mould for beating gold
**कसमूलि** and silver bits into hollow caps.

କାଃ—ଦେ. ବି. (କଚିରିଆ ସାଙ୍କେତିକ)—କାଜକୋର୍ଟ (ଦେଖ)
Kāḥ Kājkort (See)

କାଁ—ପ୍ରାଦେ. (ସମ୍ବଲପୁର) ସର୍ବନାମ (ସଂ. କିମ୍)—କିଅଣ; କିସ—
Kāñ What.

କାଁଆଁଲ—ଦେ. ବି. (ସଂ. କାମଲ)—କାମଳ ରୋଗ; ପାଣ୍ଡୁରୋଗ—
Kāñāñla 1. Jaundice which turns the skin
କাওঁল and eyes yellow or pale.
**पीरो** [ ଦ୍ର—ଏଥିରେ ମନୁଷ୍ୟର ଶରୀର ପାଣ୍ଡୁବର୍ଣ୍ଣ ହୁଏ । ]
୨ । ମେଘୁଆ ପାଗ—2. Cloudy weather.
୩ । କୁହୁଡ଼ି କରିଥିବା ପାଗ—3. Foggy weather.
[ ଦ୍ର—ପୁଷ ମାସରେ ସମସ୍ତ ସମୟରେ ହେବା ମେଘୁଆ ପାଗକୁ ପୁଷକାଁଆଁଲ ବୋଲାଯାଏ ] ।

କାଁଆଁଲା—ଦେ. ବି—କାଆଁଲ (୧) (ଦେଖ)
Kāñāñlā Kāāñla (1) (See)

କାଁକର—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—କାକର (ଦେଖ)
Kāñkar Kākara (See)

କାଁକରି—ପ୍ରାଦେ. (ସମ୍ବଲପୁର) ଅ—କାହିଁକି; କିପାଇଁ—Why;
Kāñkari wherefor.

କାଁକେର୍—ପ୍ରାଦେ. (ସମ୍ବଲପୁର) ବି. (ସଂ. କର୍କଟୀ)—କାକୁଡ଼ି (ଦେଖ)
Kāñker Kākuṛdi (See)

କାଁଚମାରି—ପ୍ରାଦେ. (କୁଇଆ) ବି—ଲଙ୍କାମରିଚ—Redpepper.
Kāñchmāri

କାଁଚ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. କାଚ) (ଭୁଲ. ହି. କାଁଚ)—କାଚ—
Kāñch Glass.

କାଁଚି—ପ୍ରାଦେ. (ସମ୍ବଲପୁର) ବି—ମାଟିନିର୍ମିତ କ୍ଷୁଦ୍ର ଗିନା—
Kāñchi A small cup of earth.

କାଁଚ କାଁଚ କାଚ, ଅଣ୍ଟର ତଳ କୁଳ ସିନ୍ଦୂ ନାଚ
ପିଣ୍ଡାତଳେ ଦେବୁ କାଁଚ—ଡୋଲିଗୀତ ।

କାଁଡ଼୍—ପ୍ରାଦେ. (ସମ୍ବଲପୁର) ବି.—୧ । କାଣ୍ଡ (ଦେଖ)
Kāñrd 1. Kāṇḍa (See)
୨ । ଚୁଖଣ୍ଡ (ଦେଖ)
2. Chākhaṇḍa (See)

କାଁଡ଼ିଆ—ପ୍ରାଦେ. (ସମ୍ବଲପୁର) ବି—କାଣ୍ଡିଆ (ଦେଖ)
Kāñrdiā Kāṇḍiā (See)

କାଁଡ଼ିବା—ପ୍ରାଦେ. (ସମ୍ବଲପୁର) କ୍ରି—କାଣ୍ଡିବା (ଦେଖ)
Kāñrdibā Kāṇḍibā (See)

କାଁତିବା—ପ୍ରାଦେ. (ସମ୍ବଲପୁର) କ୍ରି—କାନ୍ତିବା (ଦେଖ)
Kāñtibā Kāntibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କାଁଧ୍**—ପ୍ରାଦେ. (ବସ୍ତର) ବି. (ସଂ. ସ୍କନ୍ଧ; ଭୁଲ; ହି. काँध् )—
Kāndh କାନ୍ଧ—Shoulder.

**କାଁଧା**—ପ୍ରାଦେ. (ବସ୍ତର) ବି. ( ଭୁଲ; ହି. काँधा )—
Kāndhā କାନ୍ଧ—Shoulder.

**କାଁପର**—ପ୍ରାଦେ. (ସମ୍ବଲପୁର) ବି—କାମ୍ପର ( ଦେଖ )
Kānpar Kāmpar ( See )

**କାଁଭିଁ**—ଗ୍ରା. ଅ. (ସଂ. କଦା)—କଦାଚିତ୍; କ୍ୱଚିତ୍; କଦବା—
Kānbhān Scarcely; if ever.
( ଯଥା—ସେ ଏ ଗ୍ରାମକୁ କାଁଭିଁ ଆସନ୍ତି । )

**କାଁସୁଲା**—ଦେ. ବି. ( ବଣିଆ ଶବ୍ଦ )—
Kānsulā ୧ । କଂସାରେ ତିଆରି ଯନ୍ତ୍ରବିଶେଷ—
1. A bell metal plate with holes through which metal wires are drawn out.
[ଦ୍ର—ଏଥିରେ ଛୋଟ ବଡ଼ ଅନେକ ଛିଦ୍ର ଥାଏ, ଏ ଛିଦ୍ରମାନଙ୍କ ମଧ୍ୟଦେଇ ସୁନା ରୂପା ଆଦିର ତାର ଟଣାଯାଏ । ]
୨ । କାଂସୁଲି ( ଦେଖ )
2. Kāmsuli ( See )

**କାକ୍**—ଦେ. ବି. ( ଇଂ. କର୍କ )—୧ । ବୋତଲର ଠିପି—
Kāk 1. Cork of bottle.
କାକ ୨ । କର୍କ ଗଛ—2. Cork tree.
କାକ

**କାକ**—ସଂ. ବି. ( କୈ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ )—
Kāka ୧ । ବାୟସ; ଗ୍ରାମଚର ପ୍ରସିଦ୍ଧ ପକ୍ଷୀ; କୁଆ—
(କାକୀ—ସ୍ତ୍ରୀ) 1. Crow; rook; raven; corvus.
[ ଦ୍ର—ଏହା ଶାଖାଶ୍ରୟୀ ବର୍ଗର ଗ୍ରାମେଚର କୃଷ୍ଣବର୍ଣ୍ଣ ପକ୍ଷୀ; ଏହାର ବେକ ଧୂସର, ଏକଜାତୀୟ ସାଧାରଣ କାକ ଗ୍ରାମେଚର ( house crow, corvus splendens ) ଆଉ ଏକଜାତୀୟ କାକ ( ସଂ. ଦ୍ରୋଣକାକ; ଓ. ଡାମରାକୁଆ ଅରଣ୍ୟଚର ଓ ସାଧାରଣ କାକଙ୍କ ଅପେକ୍ଷା ବଡ଼, ଏହାଙ୍କ ବେକ ମଧ କଳା ( Jungle crow; corvus macrorhynchus ) କୁଆ ଆଖିର ତୋଲାକୁ ବୁଲାଇ ଚାହିଁ ପାରେ ନାହିଁ । ସେ ପାଖଆଡ଼କୁ ଚାହିଁଲେ ମୁଣ୍ଡକୁ ବୁଲାଇ କରି ଚାହେଁ । କୋଇଲି ନିଜର ଡିମ୍ବକୁ ଫୁଟାଇ ନ ପାରି କୁଆର ଅଜାଣତରେ ନିଜର ଡିମ୍ବକୁ ଆଣି କୁଆର ବସାରେ ଥୋଇଯାଏ ଓ କୁଆ ସେ ଡିମ୍ବକୁ ଫୁଟାଇ ଛୁଆକୁ ଅଧାର ଦେଇ ପାଳେ ଓ କୋଇଲି ଛୁଆ ଉଡ଼ି ପାରିଲାରୁ ମାଆ କୁଆ ପାଖରୁ ପଳାଇଯାଏ । କାକୀ ଜୀବନରେ ଏକା ଥରେ ମାତ୍ର ସନ୍ତାନ ପ୍ରସବ କରେ, ଗ୍ରାମରେ ସକାଳ ହେଲେ ପ୍ରଥମେ କୁଆମାନଙ୍କର କାଆ କାଆ ରବ ଶ୍ରୁତିଗୋଚର ହୁଏ । କୁଆମାନେ ଦଳବଦ୍ଧ ହୋଇ କୌଣସି ଛୋଟା ଜମ୍ବା ବୃକ୍ଷଗହଳ ସ୍ଥାନରେ ଥିବା ଗଛମାନଙ୍କ ଉପରେ ବସା କରି ରହିବାର ଦେଖାଯାଏ । ଏମାନେ ସର୍ବଭକ୍ଷ । ]

୨ । ଏକ କଡ଼ାର ୧୩ ଭାଗର ଏକ ଭାଗ—
2. $\frac{1}{13}$th of a kar̲d̲ā of shell money.
[ ଦ୍ର—କାହାର କାହାର ମତରେ ଏକ ବରାଟକର $\frac{1}{8}$ ଅଂଶକୁ କାକ କହନ୍ତି । ]
୩ । ଗୁଳ୍ମବିଶେଷ—
3. The plant Ardisia humilis ( M. W ).
୪ । ଦ୍ୱୀପବିଶେଷ—
4. A name of an island of ancient India.
୫ । ତିଳକବିଶେଷ—
5. Name of a religious sandal print over the brow of a devotee.
୬ । ଈଷତ୍ ଜଳ—6. A little water.
୭ । (ପୁଂ) ଖଞ୍ଜ ବ୍ୟକ୍ତି—7 Lame man.
୮ । (ପୁଂ) ଅବାଧ ଖଳ ବ୍ୟକ୍ତି—
8. Impudent or insolent fellow.
ସଂ. ବିଣ.—ବକ୍ର—Bent.

**କାକଚକ୍ଷୁ**—ସଂ. ବିଣ. (ବହୁବ୍ରୀହି; କାକ+ଚକ୍ଷୁ)—ଟେରା—
Kākachakshu Squint-eyed.
[ଦ୍ର—ପ୍ରବାଦ ଅଛି ଯେ, ବନବାସ କାଳରେ ସୀତାଙ୍କର ରଙ୍ଗ ଅଧରକୁ ମାଂସଖଣ୍ଡ ଭ୍ରମରେ କାକ ଖୁମ୍ପି ଦେବାରୁ ସୀତାଙ୍କ ଅଭିଶାପରେ କାକ ଏକଆଖିଆ ଓ ଟେରା ହୋଇଗଲା । ]

**କାକଚକ୍ଷୁପ୍ରଭ**—ସଂ. ବିଣ. (ବହୁବ୍ରୀହି; କାକ+ଚକ୍ଷୁ+ପ୍ରଭା)—
Kākachakshuprabha Black and glossy like the eyes of a crow.

**କାକଚରିତ**—ସଂ. ବି.—ସର୍ବଜ୍ଞାଣ ବିଦ୍ୟା—
Kākacharita The art of divination.

**କାକଚରିତ୍ର**—ଗ୍ରା. ବି.—କାକଚରିତ (ଦେଖ)
Kākacharitra Kākacharita (See)

**କାକଚିଞ୍ଚା**—ସଂ. ବି. ( ବହୁବ୍ରୀହି; କୁଆ+ଚିଞ୍ଚା=କୃଷ୍ଣବର୍ଣ୍ଣ; ଯାହାର
Kākachinchā ଅଗ୍ରଭାଗ କୁଆର ବର୍ଣ୍ଣ ପରି କଳା)—
୧ । ଗୁଞ୍ଜା (ଫଳ ଓ ଲତା); କାଇଞ୍ଚ—
1. Name of 2 varieties of black tipped pealike (red or white) podded berries of a creeper; Abrus Precterius.
୨ । କଣ୍ଟେଇକୋଳି ଗୁଳ୍ମ—2. The prickly Night-shade; Capparis Sepiaria (plant
୩ । ଅକଣ୍ଟକ ଗୁଳ୍ମବିଶେଷ; କାକମାଚୀ—
3. Solamum Nigrum (plant)

**କାକଚିଞ୍ଚି**—ସଂ. ବି. ( କାକଚିଞ୍ଚା+ଇ )—କାକଚିଞ୍ଚା ( ଦେଖ )
Kākachinchi Kākachinchā ( See )

**କାକଚିଞ୍ଚୀ**—ସଂ. ବି. ( କାକଚିଞ୍ଚା+ଈ )—କାକଚିଞ୍ଚା ( ଦେଖ )
Kākachinchi Kākachinchā ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ |

**କାକଜଂଘା**—ସଂ. ବି—୧ । ବନ୍ୟ ଲତାବିଶେଷ—
Kākajamghā 1. Leea aequata; a creeper with yellowish flowers and feathery leaves flowering in the rains. Leea hirta ( kirtikar ).
[ ଯଥା—ବର୍ଷାସମୟରେ ଫୁଲ ଫୁଟେ; ପତ୍ର ପକ୍ଷାକାର; ଫୁଲ ସାମାନ୍ୟ ହଳଦିଆ । ]
୨ । କାଇଞ୍ଚ ( ଫଳ ଓ ଲତା )—2. Abrus Prectorius (creeper and seed (M.W.) (ହରେକୃଷ୍ଣ. ଦ୍ରବ୍ୟଗୁଣ)—

**କାକଜମ୍ବୁ**—ସଂ. ବି—ଜମ୍ବୁ ( ଦେଖ )
Kākajambu Jambu ( See )

**କାକତ୍**—ବୈଦେ. ପ୍ରାଦେ. ( ସମ୍ବଲପୁର ) ବି—କାଗଜ—
Kākat Paper.

**କାକତ**—ଦେ. ବି. ( ଫା. କାଗଜ; ତୁଳ; ହି. ବ୍ରଜଭାଷା, ତୁଳସୀଦାସ—କାଗଜ୍ )—
Kākata
ଲିପି; ପତ୍ର; କାଗଜ—Paper.
ସେନ କାକତକୁ ନବବାଳୀ, ଅନୁଗର୍ଗୁ ନ ଲେଖିଲ କାଳ ।
ଭଞ୍ଜ. ଲାବଣ୍ୟବତୀ ।

**କାକତଚକି**—ଦେ. ବି. ( ଫା. କାଗଜ+ସଂ. ଚକ୍ର )—
Kākatachaki ୧ । ଗୋଲାକାର କାଗଜଖଣ୍ଡ—
**ଗୁଡ଼ି** 1. A round piece of paper.
୨ । ପିଲାମାନେ ଯେଉଁ କାଗଜ ଘୁଡ଼ି ଉଡ଼ାନ୍ତି—
2. Paper kites flown by children in sport.
ବହୁତ କାକତଚକି ରଙ୍ଗୁଥିତ ଲୁଭୁଙ୍କା କ ଦୃଶ୍ୟଶାଳୀ ସେ, କହୁଛେ ।
ଭଞ୍ଜ. ବୈଦେହୀଶବିଳାସ ।

**କାକତନ୍ଦ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; କାକ+ତନ୍ଦ୍ରା )—
Kākatandra କାକ ପରି ଅଳ୍ପ ନିଦ୍ରାବିଶେଷ—
(କାକତନ୍ଦ୍ରୀ—ସ୍ତ୍ରୀ) One who sleeps lightly or with eyes half open ( compared to a crow ).

**କାକତନ୍ଦ୍ରା**—ସଂ. ବି. ( ୬ଷ୍ଠୀ ତତ୍; କାକ+ତନ୍ଦ୍ରା )—
Kākatandrā କାକର ନିଦ୍ରା ପରି ଈଷତ୍ ନିଦ୍ରା—
Light sleep or slumber easily disturbed.
ସଂ. ବିଣ. ସ୍ତ୍ରୀ. ( କାକତନ୍ଦ୍ର+ଆ )—
କାକତନ୍ଦ୍ରର ସ୍ତ୍ରୀ ଲିଙ୍ଗ—
Feminine of Kākatandra.

**କାକତାଳିକା ନ୍ୟାୟ**—ସଂ. ( ନ୍ୟାୟ )—
Kākatālikā nyāya କୁଆ ଉଡ଼ିବାବେଳକୁ ତାଳ ପଡ଼ିବା ଘଟନା ନ୍ୟାୟ—An accidental concurrence of two events.
[ ଦ୍ର—ପ୍ରବାଦ ଅଛି ଯେ ପାଚିଲା ତାଳ ଗଛ ଉପର ବାଟେ କୁଆଟିଏ ଉଡ଼ି ଯାଉଥିବା ବେଳେ ଦୈବାତ୍ ପାଚିଲା ତାଳଟିଏ ଖସି ପଡ଼ିଲା ବେଳେ ଲୋକେ କହିଲେ କୁଆ ଉଡ଼ିଯିବାରୁ ତାଳଟି ଖସି ପଡ଼ିଲା; କିନ୍ତୁ ପ୍ରକୃତରେ ତାଳଟି ପୂର୍ଣ୍ଣ ପକ୍ୱ ହୋଇଥିବାରୁ ଝଡ଼ି ପଡ଼ିଲା; ତହିଁ ସଙ୍ଗେ କୁଆ ଉଡ଼ିବାର କୌଣସି ସମ୍ପର୍କ ନ ଥିଲା; ଏପରି ସ୍ଥଳରେ କୁଆ ଉଡ଼ିବା ଓ ତାଳ ପଡ଼ିବା ସମସାମୟିକ ଘଟନା ହେଲେ ମଧ୍ୟ ଏଥିରେ କାର୍ଯ୍ୟକାରଣ ସମ୍ବନ୍ଧ ନ ଥିଲା । ଏହିପରି କାର୍ଯ୍ୟକାରଣ ସମ୍ବନ୍ଧହୀନ ଦୁଇଟି ସମସାମୟିକ ଘଟନା ଘଟିଲେ ଲୋକେ କହନ୍ତି 'କାକତାଳିକା ନ୍ୟାୟ' । ]

**କାକତାଳି ନ୍ୟାୟ**—ଦେ. (ନ୍ୟାୟ)—କାକତାଳିକା ନ୍ୟାୟ ( ଦେଖ )
Kākatāli nyāya Kākatālikā nyāya ( See )
কাকতালিকা ন্যায়
काकतालिका न्याय

**କାକତାଳୀୟ**—ସଂ. ବିଣ. ( କାକ+ତାଳ+ତୁଲ୍ୟାର୍ଥେ. ଈୟ )—
Kākatālīya ୧ । ଯେଉଁ ସ୍ଥାନରେ କାର୍ଯ୍ୟକାରଣସମ୍ବନ୍ଧରହିତ ସମସାମୟିକ ଦୁଇଟି ଘଟନା ମଧ୍ୟରେ କାର୍ଯ୍ୟକାରଣ ସମ୍ବନ୍ଧ ଆରୋପଣ କରାଯାଏ; କାକ ଓ ତାଳ ସମ୍ବନ୍ଧୀୟ—
1. Fortuitous; founded upon an argument based on fortuitous concurrence of events.
୨ । ହଠାତ୍ କୃତ ( ଦୁଇ ଘଟନା )—
2. Suddenly performed ( two acts ).
୩ । ଯୁଗପତ୍ ସମ୍ପାଦିତ ( ଦୁଇ ଘଟନା )—
3. Simultaneously occurring.

**କାକତାଳୀୟ ନ୍ୟାୟ**—ସଂ. ( କର୍ମଧା. କାକତାଳୀୟ+ନ୍ୟାୟ )—
Kākatālīya nyāya କାକତାଳିକା ନ୍ୟାୟ ( ଦେଖ )
Kākatālikā nyāya ( See )

**କାକତିନ୍ଦୁକ**—ସଂ. ବି. ( ମ. ପ. ଲୋ; କାକବର୍ଣ୍ଣ ତିନ୍ଦୁକ )—
Kākatinduka ମାକଡ଼କେନ୍ଦୁ; ଅବଲୁସ ( କାଠ ଗଛ )—
A kind of Ebony; Diospyrus Tomentosa ( tree )

**କାକତୀର୍ଥ**—ସଂ. ବି—ଅଇଁଠା ବା ମଇଳା ଜମାହେବା ସ୍ଥାନ; ଯେଉଁଠାରେ
Kākatirtha କୁଆମାନେ ରୁଣ୍ଡ ହୁଅନ୍ତି A place where refuse is heaped up or strewn.
ନିଷ୍ଟସ୍ କାକତୀର୍ଥ ସେହି, ସେ ଜଳେ କେବା ଅବଗାହି । ଜଗନ୍ନାଥ. ଭାଗବତ ।

**କାକତୁଆ**—ଦେ. ବି. ( କାକା—ଧ୍ୱନ୍ୟନୁକରଣ+ଫା. ତୋଟା )—
Kākatuā କାକାତୁଆ; ଏକପ୍ରକାର ବଡ଼ ଶୁଆଜାତୀୟ ପକ୍ଷୀ—
কাকাতুয়া Kakapo; cockatoo; the owlparrot.
**काकतुआ** [ ଦ୍ର—ଏମାନେ ଲମ୍ବରେ ଏକ ହାତ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନେ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ, ଅଷ୍ଟ୍ରେଲିୟା, ନିଉଗିନି ଓ ନାଉଜିଲାଣ୍ଡରୁ ଅଣାଯାନ୍ତି । ଲୋକେ ଏମାନଙ୍କୁ ସଉକରେ ପାଳନ୍ତି ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଏମାନେ ମାଂସାଶୀ ଓ ଉଚ୍ଚ 'କା' 'କା' ଶବ୍ଦ କରନ୍ତି । ସାଧାରଣତଃ ଭାରତକୁ ଅଣାଯିବା ପକ୍ଷୀମାନଙ୍କର ବର୍ଣ୍ଣ ଧଳା; ଏମାନେ ରାତ୍ରିଚର ପକ୍ଷୀ; ଅନ୍ୟାନ୍ୟ ବର୍ଣ୍ଣର ଓ ନାନାଜାତିର କାକତୁଆ ଅଛନ୍ତି । ]

**କାକତୁଣ୍ଡିକା**—ସଂ. ବି—୧ । କୁଆଁମଇତା ( ଦେଖ ) ( ହରେକୃଷ୍ଣ. ଦ୍ରବ୍ୟଗୁଣ )—
**Kākatundikā**
1. Memordica Mona delpha (creeper and fruit; Kuāmaitā ( See )
୨ । ଗୁଳ୍ମବିଶେଷ—2. The plant axanthochymus Pictorius ( M. W. ).

**କାକତୁଣ୍ଡୀ**—ସଂ. ବି. ( କାକ=ଈଷତ୍ ଜଳ+ତୁଣ୍ଡ ଧାତୁ=ବଧ କରିବା+ଅ+ସ୍ତ୍ରୀ. ଈ )—
**Kākatundi**
୧ । କାକତୁଣ୍ଡିକା ( ଦେଖ )
1. Kākatundikā ( See )
୨ । ରାଜଯୋଗ୍ୟ ପିତ୍ତଳ; ଗିଲ୍ଟି କରାଯାଇଥିବା ପିତ୍ତଳ—
2. Gilt brass.

**କାକଧ୍ୱଜ**—ସଂ. ବି. ( ବହୁବ୍ରୀହି; କାକ=ଈଷତ୍ ଜଳ ବା ବାଷ୍ପ+ଧ୍ୱଜା=ଧ୍ୱଜା ସଦୃଶ; ବାଷ୍ପ ଯାହାର ଧ୍ୱଜା ପରି ଦେଖାଯାଏ )—୧ । ବାଡ଼ବାନଳ; ସମୁଦ୍ରସ୍ଥ ଅଗ୍ନି—
**Kākadhwaja**
1. Submarine fire.
୨ । ଯେଉଁ ଧ୍ୱଜାରେ କାକଚିହ୍ନ ଅଙ୍କିତ ହୋଇଥାଏ—
2. A flag containing the representation of a crow.

**କାକନିଦ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; କାକ+ନିଦ୍ରା )—
**Kākanidra** କାକତନ୍ଦ୍ର ( ଦେଖ )
(କାକନିଦ୍ରା—ସ୍ତ୍ରୀ) Kākatandra ( See )

**କାକନିଦ୍ରା**—ସଂ. ବି. ( ୬ଷ୍ଠୀ ତତ୍; କାକ+ନିଦ୍ରା )—
**Kākanidrā** କାକତନ୍ଦ୍ରା ( ଦେଖ )
Kākatandrā ( See )
ସଂ. ବିଣ. ସ୍ତ୍ରୀ—କାକନିଦ୍ରର ସ୍ତ୍ରୀଲିଙ୍ଗ—
Feminine of Kākanidra.

**କାକନେତ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; କାକ+ନେତ୍ର )—ଟେରା—
**Kākanetra** Squint eyed.
( କାକନେତ୍ରୀ—ସ୍ତ୍ରୀ )

**କାକପକ୍ଷ**—ସଂ. ବି. ( କାକ+ପକ୍ଷ )—୧ । ଶିଖଣ୍ଡକ; ମସ୍ତକର ଦୁଇ ପାର୍ଶ୍ୱରେ କେଶରଚନାବିଶେଷ; ଝାମ୍ପୁଲି ବାଳ—
**Kākapaksha**
1. A manner of dressing the hair.
୨ । ଗଣ୍ଡଦେଶର ଦୁଇ ପାଖରେ ଲମ୍ବମାନ ଅନତିଦୀର୍ଘ କେଶ; ଝାମ୍ପୁଲିବାଳ; ଯୁଲ୍ପିବାଳ; କକୁରବାଳ—
2. Two short tufts of hair hanging from near the top of the ears down the cheeks; side-lock.

**କାକପୁଚ୍ଛ**—ସଂ. ବି. (ବହୁବ୍ରୀହି; କାକ+ପୁଚ୍ଛ)—କୋଇଲି; କୋଇଲ୍—
**Kākapuchchha** Cuckoo.

**କାକପାଦ**—ସଂ. ବି. ( ୬ଷ୍ଠୀ ତତ୍; କାକ+ପାଦ; ଏହାର ଆକୃତି କାକପଦବତ୍ ବଙ୍କା ଥିବାରୁ )—
**Kākapāda**
୧ । କୁଆ ଗୋଡ଼ ପରି ବଙ୍କ ଚିହ୍ନ—
1. A mark of a crow's foot or similar mark or figure ( M. W. ).
୨ । ( ବୈଦ୍ୟକ ) ଦେହର ଚର୍ମରେ କାକପାଦ ପରି ହେବା ଚିହ୍ନ ବା ରେଖା—
2. Marks or lines in the skin similar to a crow's foot ( M. W. ).
୩ । ପାଣ୍ଡୁଲିପି ଆଦିରେ କୌଣସି ଶବ୍ଦ ବା ବାକ୍ୟ ଯୋଗ କରିବାକୁ ହେଲେ ଯୋଗ କରାଯିବା ସ୍ଥାନରେ ଦିଆଯିବା କାକପଦବତ୍ ∧ ଚିହ୍ନ—
3. The sign ∧ or ∨ in manuscripts marking an omission ( M. W. ); a caret.
୪ । ରତିବନ୍ଧବିଶେଷ—
4. Modus coeundi ( M. W. ); a particular mode of coition.

**କାକପୁଷ୍ଟ**—ସଂ. ବି. (୩ୟା ତତ୍; କାକଦ୍ୱାରା ପୁଷ୍ଟ=ବର୍ଦ୍ଧିତ; କୋଇଲର ଅଣ୍ଡାକୁ କୋଇଲି ନେଇ କୁଆବସାରେ ରଖିବାରୁ କୁଆ ବାରି ନ ପାରି ସେ ଅଣ୍ଡାକୁ ଫୁଟାଏ ଓ ଛୁଆଙ୍କୁ ଲାଳନ ପାଳନ କରେ )—କୋଇଲି—Cuckoo.
**Kākapushta**

**କାକପୋଇ**—ଦେ. ବି. (ସଂ. କାକ+କ୍ଷୁଦ୍ରାବସ୍ଥାର୍ଥ ପୁଣୀ ପ୍ରତ୍ୟୟ; ତୁଲ. କରବାଲପୁଣୀ=ଛୁରୀ)—ଏକପ୍ରକାର ଛୋଟ କୁଆ—
**Kākapoi** A small species of crow.
**କାକତୁଳି**

ଶାଗୁଣା ଜମ୍ବୁକ ଶଙ୍ଖଚିଲ କାକପୋଇ.
ଭକ୍ଷନ୍ତି ମାଂସ ରୁଧିର ସାଉ ଏହି ପିଇ—ପୀତାମ୍ବର. ନୃସିଂହପୁରାଣ ।

**କାକଫଳ**—ସଂ. ବି. (ମଧ୍ୟପଦଲୋପୀ; କାକପ୍ରିୟ ଫଳ; କାକ+ଫଳ)—
**Kākaphala** ନିମ୍ବଗଛ ଓ ଫଳ—
The neem tree and its berries.
[ ଦ୍ର—ଏ ଫଳକୁ କୁଆମାନେ ଖାଇ ହଗିଲେ ଉକ୍ତ ମଞ୍ଜିରୁ ଗଛ ଉଠେ; ଖାଲି ମଞ୍ଜିରୁ ଗଛ ଉଠେ ନାହିଁ । ]

**କାକବନ୍ଧ୍ୟା**—ସଂ. ବିଣ. ସ୍ତ୍ରୀ. ( ମଧ୍ୟପଦଲୋପୀ; କାକ+ବନ୍ଧ୍ୟା; କାକବତ୍ ବନ୍ଧ୍ୟା )—ଯେଉଁ ସ୍ତ୍ରୀ ଏକମାତ୍ର ସନ୍ତାନ ପ୍ରସବ କରି ଆଉ ପ୍ରସବ କରେ ନାହିଁ; ଏକପ୍ରସବିନୀ ( ସ୍ତ୍ରୀ )—( a woman ) Who bears a single child only and no other; ( woman ) bearing but one child.
**Kākabandhyā**
[ ଦ୍ର—କାକୀ ଜୀବନକାଳରେ ଏକମାତ୍ର ସନ୍ତାନ ପ୍ରସବ କରେ; ଏଥିପାଇଁ ଏକପ୍ରସବିନୀ ସ୍ତ୍ରୀକୁ କାକବନ୍ଧ୍ୟା ବୋଲାଯାଏ । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | କ୍ଷ | ଇଯ୍ଯ | ଡ଼ଥ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଳ୍ପ |

କାକବଳି—ସଂ. ବି. ( ମଧ୍ୟପଦଲୋପୀ; କାକ + ବଳି; କାକାର୍ଥ ଉତ୍ସୃଷ୍ଟ ବଳି; କର୍ମ୍ମ ୪ର୍ଥୀ ତତ୍ )—କାକମାନେ ଖାଇବା ଉଦ୍ଦେଶ୍ୟରେ ଦିଆଯିବା ବୈଶ୍ୱଦେବ ବଳି; କୁଆଙ୍କ ପାଇଁ ବୁଣାଯିବା ଅନ୍ନାଦି; କୁଆଙ୍କ ଅଧାର—
Kākabali Oblation of boiled rice strewn in the courtyard every day for the crows by every Hindu householder during the Baiswadeba rites; food strewn in the yard for being picked up by crows.

କାକବଲ୍ଲରୀ—ସଂ. ବି—ଏକ ପ୍ରକାର ବନ୍ୟ ଔଷଧି ଲତା—
Kākaballari A medicinal creeper.
ଅନ୍ୟ ସଂ. ନାମ—ସ୍ୱର୍ଣ୍ଣବଲ୍ଲୀ; ରକ୍ତଫଳା; କାକାୟୁଃ
ତେ. ବେକୁଡୁତୋଗେ
[ ଦ୍ର—ଏହା ଶିରୋରୋଗ ଓ ତ୍ରିଦୋଷନାଶକ । ବଙ୍ଗଳା—ଦ୍ରବ୍ୟଗୁଣ । ]

କାକବାଞ୍ଝ—ଦେ. ବିଣ. ସ୍ତ୍ରୀ. (ସଂ. କାକବନ୍ଧ୍ୟା)—କାକବନ୍ଧ୍ୟା (ଦେଖ)
Kākabānjha Kākabandhyā (See)
କାକବାଁଝ
କାକବାଞ୍ଝ

କାକବାଞ୍ଝୀ—ଦେ. ବିଣ. ସ୍ତ୍ରୀ.—କାକବନ୍ଧ୍ୟା (ଦେଖ)
Kākabānjhi Kākabandhyā (See)

କାକବୈରୀ—ସଂ. ବି. (୬ଷ୍ଠୀ ତତ୍; କାକ + ବୈରୀ) —ପେଚକ; ପେଚା—
Kākabairi Owl.
[ ଦ୍ର—ଦିବସରେ ପେଚାଟାଏ ଦେଖାଗଲେ ତାକୁ କୁଆମାନେ ଅସ୍ତବ୍ୟସ୍ତ କରି ତା ପଛେ ପଛେ ଗୋଡ଼ାଇ ତାକୁ ଖୁମ୍ପି ପକାନ୍ତି । ]

କାକଭୀରୁ—ସଂ. ବି. (୫ମୀ ତତ୍; କାକ + ଭୀରୁ; ଯେ କୁଆକୁ ଡରେ)—
Kākabhiru କାକବୈରୀ (ଦେଖ)
Kākabairi (See)

କାକଭୁଷଣ୍ଡୀ—ସଂ. ବି.—କାକରୂପଧାରୀ ଋଷିବିଶେଷ—
Kākabhushandi A sage who assuming the form of a crow picked up the leavings of Bishnu and became four-armed and immortal.
[ ଦ୍ର—ଏ ଋଷିଙ୍କ ନାମ ଭୁଷଣ୍ଡୀ; ଏ କାକରୂପ ଧରି ବିଷ୍ଣୁଙ୍କ ଅଇଁଠା ଖାଇ ଚତୁର୍ଭୁଜ ଓ ଅମର ହୋଇଥିଲେ । ଏ ରୂପ ଏ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ମନ୍ଦିରବେଢ଼ାରେ ଅଛି । ]

କାକମାଚୀ—ସଂ. ବି.—୧ । କାକଚିଞ୍ଚା ୩ (ଦେଖ)
Kākamāchi 1. Kākachinchā 3 (See)
ଅନ୍ୟ ସଂ. ନାମ—କାକମାତଙ୍କା Nightshade.
ଧ୍ୱାଙ୍କ୍ଷମାଚୀ, କାକାହ୍ୱା ବାୟସୀ ୨ । ଲୁଣିଲୁଣିକା କୋଳି (ଦେଖ)
କାକମାଚୀ Lunilunikā koli (See)
କବି ବା କାଉଁବି [ଦ୍ର—ଏହା ତ୍ରିଦୋଷନାଶକ, ସ୍ନିଗ୍ଧ,
ଓ. କଲାବଡ଼ଲଇ ଶୁକ୍ରବୀର୍ଯ୍ୟ, ସ୍ୱରପ୍ରସାଦକ, ଶୁକ୍ରବର୍ଦ୍ଧକ,
ମ. ଲଘୁକାଙ୍ଗଲୀ ତିକ୍ତ-କଟୁ-ରସ, ରସାୟନ ଓ ଚକ୍ଷୁର
ଗୁ. ପୀଲୁଡ଼ୀ ହିତକର । ଏହା ଶୋଥ, କୁଷ୍ଠ, ଅର୍ଶ,
ଫା. ରୋବାଖରଖ ପ୍ରମେହ, ଜ୍ୱର, ହିକ୍କା, ବମି ଓ
ଆ. ଏନବୁସ୍ସାଲବ ହୃଦ୍‌ରୋଗନାଶକ । ]

କାକମାରୀ—ସଂ. ବି.—ଏକଜାତୀୟ ବିଷାକ୍ତ କୋଳବିଶିଷ୍ଟ ଲତା; 
Kākamāri ଚଲାବଡ଼ଲଇ—A creeper with poisonous berries.
କାକମାରି
କାକମାରି L. Anamirta cocenlus (Paniculata)
ଡା. କାକାସୃକୋଲ୍ଲି, ଉସ୍ରଇ [ଦ୍ର—ଏହାର ଛେଲ ମୋଟା
ତେ. କାକଚମ୍ପା; କାକମାରି; ବିତ୍ତି ଓ ଗାରଗାରକଅ; ପତ୍ର ପାନ ଆକାରର; କୋଳ ଅଣ୍ଡାକାର ଏବଂ ଫୁଲ ସୁଗନ୍ଧ ଓ ଧୂସର ହଳଦିଆ । ଏହାର କୋଳ ଚର୍ମରୋଗରେ ଏବଂ ପତ୍ର ନସ୍ୟରୂପେ ଷଣ୍ଡୁର୍ଥିକ କମ୍ପଜ୍ୱରରେ ବ୍ୟବହୃତ ହୁଏ । ]

କାକଯବ—ସଂ. ବି. (କାକ + ଯବ) —ଧାନର ଅଗାଡ଼ି; ଅଗାଡ଼ି ଧାନ—
Kākajaba Pithless paddy; paddy grains having no rice in them.

କାକର—ଦେ. ବି.—ଶିଶିର—Dew.
Kākara
ହିମ
ଆଷ
ଥଣ୍ଡା ଦେ. ବିଣ.—ଶୀତଳ; ଥଣ୍ଡା—
ସର୍ଦ୍ଦ Very cold.

କାକରକର—ଦେ. ବି. (ବହୁବ୍ରୀହି)—ଚନ୍ଦ୍ର; ଶୀତକର—
Kākarakara The moon.
ସାକରସାର ମଧୁରଭାଷୀ, କାକରକର କରଣହାସୀ—କବିସୂର୍ଯ୍ୟ. ସଙ୍ଗୀତ ।

କାକର ଧରିବା—ଦେ. କ୍ରି. (ଭୁଲ.ହ. ପ୍ରବଚନ ଓଟ୍ ଗୃହେନେସେ ପ୍ୟାସ୍ ନହିଁ ଜାଗ )—ବୃକ୍ଷାଦିରେ ପଡ଼ିଥିବା
Kākara dharibā କାକରକୁ ସଂଗ୍ରହ କରିବା—
To collect the dew drops in a pot.
କାକର ଧରି କ ସଢ଼ା ଭର୍ତ୍ତି ହୁଏ—ଚଗ ।

କାକରା—ଦେ. ବି—୧ । ଏକପ୍ରକାର ଘୃତପକ୍ୱ ପିଷ୍ଟକ; ଗୁଡ଼ ପାଗରେ
Kākarā ଗୁଣ୍ଡଲଅଟା ପକାଇ ଖଳକରି ସେହି ଖଳରୁ ଚଟକା
କାକରା, କାଁକରା ଚଟକା ପିଠା ତିଆରି କରନ୍ତି; ପରେ ସେଗୁଡ଼ିକୁ
ଠେକୁଆ ଘିଅରେ ଛାଣି ଦେଲେ କାକରା ପିଠା ହୁଏ;ଗୁଡ଼ପିଠା—
1. A pastry cake prepared with rice flour seasoned with molasses and fried in ghee.
ଗଜା କାକରାବ ଗାଉଲ, ଘୃଣା ଏକୁବେକ ଉଲ—ସମଦାସ. ଦ ର୍ଦ୍ଧଡାଉକ୍ତି ।
୨ । (ଏହା କାକରା ଆକୃତିବିଶିଷ୍ଟ ଥିବାରୁ ) ସ୍ତ୍ରୀଲୋକମାନେ କେଶ ଉପରେ ତାଳୁରେ ପିନ୍ଧିବା ଗୋଲାକାର ସ୍ୱର୍ଣ୍ଣାଲଙ୍କାରବିଶେଷ—2. A round shaped gold ornament for the hair worn over the head by females.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚିତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' କି ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ତୈଳାକ୍ତ କରି ମଶାଲ ଜାଳିବା ନିମନ୍ତେ ପ୍ରସ୍ତୁତ ମଙ୍କା ଆକାରର ବା ଗୋଲାକାର କନାବଳିତା ବା ବଣ୍ଡା—
3. Thick long wicks made of rolled rags and attached to the forks of torches after being saturated with oil and lighted in processions.

**କାକରି**—ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ଧାନ—
Kākari — A species of paddy.

**କାକରିଆ**—ଗ୍ରା. ବିଣ—୧ । ଥଣ୍ଡା—
Kākariā — 1. Cold.
ଠାଣ୍ଡା ୨ । କାକରଯୁକ୍ତ—
ପଶାଯଲ 2. Dewy; moistened with dew.

**କାକରୁହା**—ସଂ. ବି. ସ୍ତ୍ରୀ (କାକ+ରୁହ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Kākaruhā ଅନ୍ୟ ଗଛ ଉପରେ ଜନ୍ମିଥିବା ପରାଙ୍ଗପୁଷ୍ଟ ବୃକ୍ଷ; ମଲ୍ଲଙ୍ଗ—Orchids.

**କାକଳ**—ସଂ. ବି (କୁ=ଈଷତ୍+କଳ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ; କୁ ସ୍ଥାନରେ 'କା' ଆଗମନ)—କଣ୍ଠମଣି;
Kākaḷa କଣ୍ଠଭୂଷଣ—A gem for the necklace.

**କାକଲାଦ**—ପ୍ରାଦେ. (ଗଞ୍ଜାମ) ବି—୧ । ଆଦର—
Kākalāda — 1. Respect; fondling.
୨ ବିନୟ—2. Respectful solicitude.

**କାକଳି**—ସଂ. ବି. ସ୍ତ୍ରୀ—କାକଳୀ (ଦେଖ)—
Kākaḷi — Kākaḷi (See)

**କାକଳୀ**—ସଂ. ବି. ସ୍ତ୍ରୀ ( କୁ=ଈଷତ୍+କଳ୍ ଧାତୁ=ଶବ୍ଦ କରିବା+
Kākaḷi କର୍ତ୍ତୃ. ଇନ୍; କୁ ସ୍ଥାନରେ କା ଆଗମ)—
୧ । ମଧୁର ଅସ୍ପଷ୍ଟ ଧ୍ୱନି—1. Pleasant inarticulate note.
୨ । ପକ୍ଷୀମାନଙ୍କର ସୂକ୍ଷ୍ମ ମଧୁର ଧ୍ୱନି—
2. Low sweet chirping of birds.
୩ । ମୟୂର ଧ୍ୱନି—
3. The crowing of the peacock.
୪ । ଦୂରସ୍ଥିତ ଯନ୍ତ୍ରସମୂହର ଏକତ୍ରୀଭୂତ ମଧୁର ଧ୍ୱନି—
4. The melody of many instruments heard from a distance.
୫ । ବାଦ୍ୟ ଯନ୍ତ୍ରବିଶେଷ—
5. A symphonious instrument.
[ ଦ୍ର—ମନୁଷ୍ୟ ନିଦ୍ରିତ ଅଛି କି ନାହିଁ ପରୀକ୍ଷା କରିବା ପାଇଁ ଏ ଯନ୍ତ୍ର ବଜାଯାଏ ।]
୬ । ରତ୍ନବିଶେଷ—
6. Name of a kind of gem.

**କାକଶୀର୍ଷ**—ସଂ. ବି (କାକ+ଶୀର୍ଷ)—ବକପୁଷ୍ପର ଗଛ; ଅଗସ୍ତିଗଛ—
Kākaśirsha — Sesbania grandiflora (tree).

**କାକା**—ସଂ. ବି. ୧ । (ଧ୍ୱନ୍ୟର୍ଥକ)—କାକର ରବ; କାଆ କାଆ ଶବ୍ଦ—
Kākā — The cawing note of a crow.
(କାକୀ—ସ୍ତ୍ରୀ) ୨ । କାକଜଙ୍ଘା (ଦେଖ)—
2. Kākajaṅghā (See)
ପ୍ରାଦେ. (ମେଦନୀପୁର,ସମ୍ବଲପୁର, ସିଂହଭୂମ; ବ. ଭୁଲ. ବ. କାକା; ସଂ. କର୍କ) ବି. ପୁଂ.—କନିଷ୍ଠ ପିତୃବ୍ୟ; କକେଇ; ଖୁଡ଼ୁତା—
Father's younger brother; paternal uncle.
[ ଦ୍ର—ହିନ୍ଦିରେ କନିଷ୍ଠ ଓ ଜ୍ୟେଷ୍ଠ ପିତୃବ୍ୟ ଉଭୟଙ୍କୁ କାକା କହନ୍ତି, ବଙ୍ଗଳାରେ କେବଳ କନିଷ୍ଠ ପିତୃବ୍ୟଙ୍କୁ କାକା କହନ୍ତି । ]

**କାକାକ୍ଷିଗୋଲକ ନ୍ୟାୟ**—ଏକ ବିଷୟ ଦ୍ୱାରା ଉଭୟକାର୍ଯ୍ୟ ସମାଧା ହେବାର
Kākākshigoḷaka nyāya ନ୍ୟାୟ—An analogy applied to the case where one thing does acts for two (like one eyeball of the eye of a crow serving the work of 2 eyes).
[ଦ୍ର—ପ୍ରବାଦ ଅଛି ଯେ ସୀତାଙ୍କ ଶାପରୁ କାକର ଦୁଇ ଚକ୍ଷୁ ଥିଲେ ହେଁ ସେ ଗୋଟିଏ ଚକ୍ଷୁର ଗୋଲକ ଦ୍ୱାରା ଦେଖେ । ଭୁଆର ଯେପରି ଏକ ଚକ୍ଷୁର ଗୋଲକ ଉଭୟ ଚକ୍ଷୁର ଗୋଲକର କାର୍ଯ୍ୟ କରେ ସେହିପରି ଏକ ବିଷୟ ଦ୍ୱାରା ଉଭୟ କାର୍ଯ୍ୟ ସମାଧା ହେଲେ ତାହାକୁ କାକାକ୍ଷିଗୋଲକ ନ୍ୟାୟ ବୋଲାଯାଏ । ]

**କାକାଡ଼ା**—ପ୍ରାଦେ. (ବସ୍ତର) ବି. (ସଂ. କର୍କଟ)—କଙ୍କଡ଼ା—
Kākārḍā — Crab.

**କାକାତୁଆ**—ଦେ. ବି.—କାକତୁଆ (ଦେଖ )
Kākātuā — Kākatuā (See)

**କାକାରି**—ସଂ. ବି. (୬ଷ୍ଠୀ ତତ୍; କାକ+ଅରି)—
Kākāri ପେଚକ; ପେଚା—Owl.

**କାକାଲ**—ସଂ. ବି. (କାକା—ଧ୍ୱନି+ଲା ଧାତୁ+କର୍ତ୍ତୃ. ଅ)—
Kākāḷa ଦ୍ରୋଣକାକ; ଡାମରାକାଉ—Rook; carrion rook.

**କାକାଳି**—ସଂ. ବି. (କାକ+ଆଳି=ଶ୍ରେଣୀସମୂହ)—
Kākāḷi କାକସମୂହ—A number of crows.

**କାକଣୀ**—ସଂ. ବି. ସ୍ତ୍ରୀ. (କକ୍ ଧାତୁ=ଚଞ୍ଚଳ ହେବା+କରଣ. ଅନ+
Kākiṇi ସ୍ତ୍ରୀ. ଈ)—କାକିନୀ (ଦେଖ)
Kākini (See)

**କାକିନୀ**—ସଂ ବି. ସ୍ତ୍ରୀ (କକ୍=ଚଞ୍ଚଳ ହେବା+କରଣ. ଅନ+ସ୍ତ୍ରୀ. ଈ)—
Kākini ୧ । ବିଂଶ କପର୍ଦ୍ଦକ; ଏକ ପଣ କଉଡ଼ିର ଚତୁର୍ଥାଂଶ; ଏକ ବୋଡ଼ି—1. One fourth of a paṇa; 20 cowries (shell money)
୨ । ଅଙ୍ଗୁଳିର ୫୦ ଭାଗର ଏକ ଭାଗ—
2. A measure.
୩ । ମାନଦଣ୍ଡ—3. A measuring rod

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତ |

୪ । କାଇଞ୍ଚ; ଗୁଞ୍ଜା (ଓଜନରେ ବ୍ୟବହୃତ); ରତି—
4. A black tipped red berry used by jewellers as the minimum weight.

୫ । ମୁଦ୍ରାରୂପେ ପ୍ରଚଳିତ ଏକ କଡ଼ା କଉଡ଼ି—
5. The shell Cypræa Moneta used as a coin (M. W.)

୬ । ଦଣ୍ଡକାର ଏକଚତୁର୍ଥାଂଶ—
6. The fourth part of a Danda or short po e (M. W.)

୭ । ଏକ ହାତ—7. Cubit (M. W.)

**କାକବା**—ଦେ. (ପ୍ରାଚୀନ ପଦ୍ୟ) କ୍ରି. (ସଂ. କାକ)—(ମଲ୍ଲଯୁଦ୍ଧ ସମୟରେ)
Kākibā ମଲ୍ଲମାନଙ୍କର କାକ ପରି ଏକପ୍ରକାର ରବ—
To utter a sound like a crow (during boxing)

ଲୁଚନ୍ତି କାକନ୍ତି ଅଭ କରନ୍ତି ଲୁଦନ୍ତି
ଚଉଷଠି ବନ୍ଧାଣର ବନ୍ଧେ ସେ ଯୁଝନ୍ତି ।
ସାରଳା ମହାଭାରତ. ମଧ୍ୟ ।

**କାକୀ**—ସଂ. ବି. ସ୍ତ୍ରୀ. ( କାକ + ସ୍ତ୍ରୀ. ଈ )—ମାଈ କୁଆ—
Kākī A female crow.

କାକ } ପୁଂ.
କାକା } ପ୍ରାଦେ. ( ମେଦିନୀପୁର; ସିଂହଭୂମ; ସମ୍ବଲପୁର ) ବି. ସ୍ତ୍ରୀ—କନିଷ୍ଠ ପିତୃବ୍ୟ ପତ୍ନୀ; ଖୁଡ଼ୀ—
The wife of one's father's younger brother.

**କାକୁ**—ସଂ. ବି. ( କକ୍ ଧାତୁ = ଚଞ୍ଚଳ ହେବା + କର୍ତ୍ତୃ. ଉ )—
Kāku ୧ । ଭୟଶୋକାଦିଦ୍ୱାରା ବିକୃତ କଣ୍ଠଧ୍ୱନି—
1. Cry of distress; groan; a peculiar tone or change of voice wrought by fear, anger or sorrow.

୨ । ବକ୍ରୋକ୍ତି—2. Irony.

୩ । ଦୈନ୍ୟୋକ୍ତି—3. Supplication; complaint.

୪ । ସଙ୍ଗୀତରେ ସ୍ୱରବିକାର ବା ବିକୃତ ସ୍ୱର ( ପ୍ରକୃତିବାଦ)—
4. A distorted tone in music.

୫ । ଜିହ୍ୱା ( ପ୍ରକୃତିବାଦ )—5. Tongue.

୬ । କଥାର ବିଶେଷ ଅଂଶ ଉପରେ ଦିଆଯିବା ଜୋର—
6. Emphasis ( M. W. ).

୭ । ଗୁଣୁଗୁଣୁ ସ୍ୱର କରିବା—
7. Muttering; murmuring.

**କାକେ** ଗ୍ରା. ସର୍ବନାମ. ( ପଦ୍ୟ ) ( କିମ୍ ଶବ୍ଦ ୨ୟା ୧ ବ )—
**किसको** କାହାକୁ—To whom.

ସେହି କନ୍ୟାର ଯୁବା ଅବସ୍ଥାକୁ ଦେଖି,
କାକୁ ଦେବ ବୋଲି ମାତା ହେଲେ ଦୁଃଖୀ—
କୃଷ୍ଣସିଂହ. ମହାଭାରତ ।

**କାକୁଚିଆ**—ଦେ. ବି—ଏକପ୍ରକାର ତନ୍ତୁମୟ ବନ୍ୟ ଲତା (ଏହା ବାନ୍ଧିବା
Kākuchiā କାର୍ଯ୍ୟରେ ଲଇରୂପେ ବ୍ୟବହୃତ ହୁଏ )—
**काकूची** A kind of fibrous wild creeper.

ପ୍ରାଦେ. ( ଗଡ଼ଜାତ ) ବିଣ—ଠାଏ ସରୁ ଠାଏ ମୋଟ—
Slender and thick at places.
( ଯଥା—ସୂତା, ଦଉଡ଼ି, ସୁତା । )

**କାକୁଡ଼ି**—ଦେ.ବି.(ସଂ. କର୍କଟୀ)—କୁଣ୍ଡଜାତ ବର୍ଷଜୀବୀ ଲତାଫଳବିଶେଷ—
Kākurdi Cucumber; Cucumis Sativas.
**काकुर; काँकुड़, शसा** [ଦ୍ର—ଏ ଫଳ ରନ୍ଧା ଉପରେ ମାଡ଼େ;
**ककपी, ककड़ी, खीरा** କଞ୍ଚା ଫଳ ଖିଆଯାଏ ଓ ପକ୍ୱଫଳ ଭାଜି ଖାଇବା
ତେ. ଦୋଷକାୟ ଓ ଅମ୍ବିଲ କରାଯାଏ; ଏହାର ମଞ୍ଜିକୁ
ବାଟି ପିଇଲେ ମୂତ୍ରକୃଚ୍ଛ୍ର ଆରୋଗ୍ୟ ହୁଏ]

**କାକୁଡ଼ିଆ**—ଦେ. ବି.—ଆର୍ଦ୍ର ଭୂମିରେ ଜନ୍ମିବା ଏକପ୍ରକାର ଘାସ—
Kākurdiā A kind of thick stemmed and thick
**मका, मक्कि** rooted grass; Eleusine aegyptiaca (Kirtikar)
[ ଦ୍ର—ଏହାର ମୂଳ ଲମ୍ବ, ଗୋଲ ଓ ମୋଟା ।]

ଦେ. ବିଣ.—କାକୁଡ଼ି ଆକୃତିବିଶିଷ୍ଟ—Cucumberlike in appearance.

**କାକୁଡ଼ିଖାଇ**—ପ୍ରାଦେ. (ପୁରୀ) ବି—ଗୋସାଣୀଯାତରେ ବାହାରିବା ଦେବୀ-
Kākurdikhāi ପ୍ରତିମାବିଶେଷ—Name of an image of a goddess which is taken out in procession in Puri.
[ଦ୍ର— ଦଶହରାଦିନ ଏ ପ୍ରତିମା ପାଣିରେ ପଡ଼ନ୍ତି ।]

**କାକୁତ୍ସ୍ଥ**—ସଂ. ବି (କକୁତ୍ସ୍ଥ = ସୂର୍ଯ୍ୟବଂଶୀୟ ରାଜା ଦଳୀପ + ଅପତ୍ୟାର୍ଥେ.
Kākutstha ଅ)—୧ । ରାମଚନ୍ଦ୍ର ପ୍ରଭୃତି ଦଳୀପବଂଶୀୟ ବା
ସୂର୍ଯ୍ୟବଂଶୀୟ ରାଜା—1. A King of the solar race of ancient India belonging to the solar Dynasty of ancient India.

୨ । ରାଜା ରାମଚନ୍ଦ୍ର—2. King Ramchandra.

୩ । ପୁରଞ୍ଜୟରାଜ—3. A name of King Purañjaya.

ସଂ.ବିଣ. ପୁଂ.—ଦଳୀପବଂଶୀୟ—Belonging to the family of Dilipa.

**କାକୁତ୍ସ୍ଥ୍ୟ**—ସଂ. ବି ଓ ବିଣ. (କକୁତ୍ସ୍ଥ + ଅପତ୍ୟାର୍ଥେ. ଯ)—
Kākutsthya କାକୁତ୍ସ୍ଥ (ଦେଖ)
Kākutstha (See)

**କାକୁତି**—ଦେ. ବି. (ସଂ. = କାକୂକ୍ତି)—୧ । କାତର ବଚନ ବା ସ୍ୱର;
Kākuti କାତରୋକ୍ତି—1. Supplicant tone.
**काकुति** ୨ । ଦୁଃଖାର୍ତ୍ତ ସ୍ୱର—2. Cry of fear or distress.
୩ । ଅନୁନୟ; ବିନତି—3. Supplication.

ଦେ. ବିଣ—କାତର; ତ୍ରସ୍ତ—Distressed.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାକୁତି ବିନତି**—ଦେ. ବି (ସହଚର) କାତର ପ୍ରାର୍ଥନା—
Kākuti binati Entreaty.
কাকুতি মিনতি
**মিনতি বিনতি**
ଦେ. ବିଣ—ବିକଳ, କାତର; ଆର୍ତ୍ତ—Distressed.

**କାକୁତି ମିନତି**—ଦେ. ବି ଓ. ବିଣ—କାକୁତି ବିନତି (ଦେଖ)—
Kākuti minati Kākutibinati (See)

**କାକୁତି ହେବା**—ଦେ. କ୍ରି.—(ସଂ. କାକୂକ୍ତି) ମିନତି କରିବା—
Kākuti hebā To solicit; to speak most humbly.
কাকুতি করা
**মিনতি করো**

**କାକୁତ୍ତି**—ଦେ. ବି. ଓ ବିଣ.—କାକୁତି (ଦେଖ)
Kākutti Kākuti (See)
ତେଣୁ ଗର୍ଭିଣୀ ପୁତ୍ର ମୁଖେ ପଡ଼ୁଥାଇ;
ଏପମ ଗ୍ରାସ କଲେ କାକୁତ୍ତି ଏକା ହୋଇ—ପୀତାମ୍ବର, ନୃସିଂହପୁରାଣ ।

**କାକୁଦ**—ସଂ. ବି (କକୁଦ=ମସ୍ତକ+ଅ)—ତାଳୁ—
Kākuda The palate; the hollow of the mouth.

**କାକୁବକ୍ରୋକ୍ତି**—ସଂ. ବି—ବକ୍ରୋକ୍ତି (ଦେଖ)—
Kākubakrokti Bakrokti (See)

**କାକୁମା**—ପ୍ରାଦେ. (ସିଂହଭୂମ) ବି. ସ୍ତ୍ରୀ (ଭୁଲ. ହି. କାକୀ)—ଖୁଡ଼ୀ—
Kākumā Aunt.

**କାକୁର୍ତ୍ତି**—ଗ୍ରା. ବି—କାକୁତି (ଦେଖ)
Kākurtti Kākuti (See)

**କାକୁସ୍ତ**—ଗ୍ରା. ବି.—କାକୁତି (ଦେଖ)
Kākusta Kākuti (See)
বিনীত ଗ୍ରା. ବିଣ. (ସଂ. କାକୂକ୍ତି)—୧ । ବିନୀତ—
**বিনীত** 1. Entreating; supplicating; humbled.
୨ । ଉତ୍କଣ୍ଠିତ—2. Anxious.
୩ । କାତର; ଭୟତ୍ରସ୍ତ—3. Distressed; troubled.
କାକୁସ୍ତ ନଷ୍ଟୁରବାଣୀ ଶୁଣି ଦେବୀ ଠାକୁରାଣୀ ଅଙ୍କ ଦେଲେ ହେଉ ଭୋର ପୁରୁଷ ଅଙ୍ଗ ।
ପ୍ରାଚୀ. ପ୍ରତାପ ଶଶିରେଖା ।
୪ । ସବିନୟ ପ୍ରାର୍ଥନାକାରୀ—4. Entreating.

**କାକୁସ୍ତି**—ଗ୍ରା. ବି. ଓ ବିଣ.—କାକୁସ୍ତ (ଦେଖ)
Kākusti Kākusta (See)

**କାକୁସ୍ଥ**—ଦେ. ବି. ଓ ବିଣ.—କାକୁସ୍ତ (ଦେଖ)
Kākustha Kākusta (See)
ବେକରେ ପଟକା ପକାଇ ଆହ୍ନ ଗୋଡ଼ତଳେ ପଡ଼ିଗଲେ, ତେର କାକୁସ୍ଥ ହେଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କାକୁସ୍ଥି**—ଗ୍ରା. ବି. ଓ ବିଣ.—କାକୁସ୍ତ (ଦେଖ)
Kākusthi Kākusta (See)

**କାକୂକ୍ତି**—ସଂ. ବି. (୬ଷ୍ଠୀ ତତ୍ପୁରୁଷ; କାକୁ+ଉକ୍ତି)—୧ । ବକ୍ରୋକ୍ତି—
Kākūkti 1. Irony.
୨ । କାତରୋକ୍ତି—2. Entreaty; supplication.
୩ । ଭୟାର୍ତ୍ତଧ୍ୱନି—3. Groan; scream.
୪ । ଶୋକୋକ୍ତି—4. An exclamation of grief.

**କାକୃତି**—ଗ୍ରା. ବି.—କାକୁତି (ଦେଖ)
Kākṛuti Kākuti (See)

**କାକେକ୍ଷୁ**—ସଂ. ବି. (କୁ+ଇକ୍ଷୁ; କପାତନ; କୁ ସ୍ଥାନରେ କାକ ଆଗମ)—
Kākekshu କାଶତୃଣ—A kind of reed or Kāśa grass.
Saccharum Spontaneum (M. W.)

**କାକେଚୀ**—ସଂ. ବି—ଏକପ୍ରକାର ମାଛ—
Kākechī A kind of fish; Cyprinus Cachius (M. W.)

**କାକେନ୍ଦୁ**—ସଂ. ବି.—୧ । କେନ୍ଦୁ (ଦେଖ)
Kākendu 1. Kendu (See)
কেন্দ ; কেন্ডন Diospyros melanoxylon (Kirtikar)
**तेन्दू केन्दु आबनु** ୨ । ଅବଲୁସ୍ କାଠ; ମାକଡ଼ କେନ୍ଦୁ—
A kind of ebony; Diospyrus Tomentosa (M. W.)

**କାକେରି ବାଇଗଣ**—ଦେ. ବି.—ଏକପ୍ରକାର ଜଙ୍ଗଲି ବାଇଗଣ—
Kākeri bāigaṇa A kind of wild brinjal.
[ଦ୍ର—ଶୀତ ଓ ବସନ୍ତ କାଳରେ ଏହା ଫଳେ । ]

**କାକୋଡୁମ୍ବରିକା**—ସଂ. ବି.—(କାକ+ଉଡୁମ୍ବର+କ+ସ୍ତ୍ରୀ. ଆ)—
Kākoḍumbarikā ଡିମ୍ବିରି (କବିରାଜ ହରେକୃଷ୍ଣ. ଦ୍ରବ୍ୟଗୁଣ)—Fig.

**କାକୋଦର**—ସଂ. ବି. (କୁ+କୁତ୍ସିତ; ବଙ୍କ+ଅକ୍ ଧାତୁ=ଗମନ କରିବା
Kākodara +ଅ; କର୍ମ୍ମ କାକ=ବଙ୍କ+ଉଦର; ବହୁବ୍ରୀହି;
କାକ ପରି ଉଦର ଯାହାର)—ଉରଗ, ସର୍ପ—
Snake; serpent.
ଚଳେ କର୍ଣ୍ଣନାସିକାର କାକୋଦର ପରକାର ଶର ପୂର୍ଣ୍ଣ କଲେ ବେଗ ବେଗ ସେ ।
ଉପେ. ବୈଦେହୀଶବିଳାସ ।

**କାକୋଳ**—ସଂ. ବି.—(କକ୍ ଧାତୁ=ଚଞ୍ଚଳ ହେବା+କର୍ତ୍ତୃ. ଓଲ)—
Kākoḷa ୧ । କୃଷ୍ଣବର୍ଣ୍ଣ ସ୍ଥାବର ବିଷ—1. A black non-animal poisonous substance.
୨ । ଦ୍ରୋଣ କାକ; ଡାମରା କାଉ—
2. Raven; carrion crow.
୩ । ବନ୍ୟ ଶୂକର—3. A boar.
୪ । ସର୍ପ—4. A serpant.
୫ । କୁଲାଲ; କୁମ୍ଭାର—5. A potter.
୬ । କାକମାନଙ୍କଦ୍ୱାରା ପାପିମାନେ ଯେଉଁ ନରକରେ ଉତ୍ପୀଡ଼ିତ ହୁଅନ୍ତି—6. Part of hell (where sinners are pecked at by ravens as punishment).
୭ । କାକୋଳି (ଦେଖ)
7. Kākoḷi (See) (M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଏ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ସ୍ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଜ୍ଞ୍ୟ | ଇଅ | ● | ନ୍ତୁ |

**କାକୋଳା**—ଦେ. ବି. (ବୈଦ୍ୟକ) ( ସଂ. କକ୍କୋଲ; କାକୋଳ )—
Kākolā — ଜ୍ୱରନାଶକ ସୁଗନ୍ଧ ଔଷଧବିଶେଷ; କକ୍କୋଲ—
কাঁকলা — A sweet vegetable substance used as
**शीतलचिनी, काकला** — antidote against fever and cold.
ସଂ. ପର୍ଯ୍ୟାୟ— ଶୀତପାକୀ; କାବନୀ; ଶୁକ୍ଳକ୍ଷୀରା [ ଗୁ—ଏହା ମଧୁର, ଶୀତଳ ଓ ସ୍ନିଗ୍ଧ, ଏହା ପିତ୍ତ, ବାତ, ରକ୍ତ, ଦାହ ଓ ଜ୍ୱର ହରଣ କରେ । ( ବୃନ୍ଦବନ୍ଦୁ-ଦ୍ରବ୍ୟଗୁଣ । ) ]

**କାକୋଲ୍**—ଦେ. ବି— କାକୋଳା ( ଦେଖ )
Kākolā — Kākolā ( See )

**କାକୋଳି**—ସଂ. ବି. ( କୁ=ଈଷତ୍+କଲ୍ ଧାତୁ=ଶବ୍ଦ କରିବା+ କର୍ତ୍ତୃ. ଇ)—୧ । ଜ୍ୱରନାଶକ ସୁଗନ୍ଧ ଔଷଧିବିଶେଷ—
Kākoli — 1. A sweet vegetable febrifuge.
୨ । ସୂକ୍ଷ୍ମ ମଧୁର ଅସ୍ଫୁଟ ଧ୍ୱନି; କାକଳି—
2. A sweet inarticulate tone.

**କାକୋଳୀ**—ସଂ. ବି— କାକୋଳ ( ଦେଖ )
Kākoḻi — Kākoli ( See )

**କାକୋଲୂକିକା**—ସଂ. ବି. ( କାକ+ଉଲୂକ+କ+ସ୍ତ୍ରୀ. ଆ )—
Kākolūkikā — କାକ ଓ ପେଚକଙ୍କର ସ୍ୱାଭାବିକ ଶତ୍ରୁତା—
The antipathy or natural enmity between the crow and the owl.

**କାକୋଷ୍ଠକ**—ସଂ. ବି. ( କାକ+ଓଷ୍ଠ+କ; ଏହା କୁଆର ଥଣ୍ଟ ପରି ଆକୃତିରେ ବନ୍ଧା ଯିବାରୁ )— ମୂଳରୁ ମୋଟ ହୋଇ ଅଗଆଡ଼କୁ ସରୁ ହୋଇଥିବା କନାର ପଟି—
Kākoshṭhaka — A kind of bandage shaped like the beak of a crow.

**କାକ୍ଷ**—ସଂ. ବି. (କୁ=ଈଷତ୍+ଅକ୍ଷି+ଅ; କୁ ସ୍ଥାନରେ କା ଆଦେଶ)—
Kāksha — ୧ । କଟାକ୍ଷ—1. Side glance; wink.
୨ । ଭ୍ରୂକୁଟୀ—2. Frowning look; a leer.
୩ । ଗୁଳ୍ମବିଶେଷ—3. A kind of plant (M.W.)
ସଂ. ବିଣ. ( ବହୁବ୍ରୀହି; କୁ=କୁତ୍ସିତ+ଅକ୍ଷି )—
(କାକ୍ଷୀ—ସ୍ତ୍ରୀ) ୧ । କୁତ୍ସିତ ଚକ୍ଷୁଃବିଶିଷ୍ଟ—
1. Having bad eyes.
୨ । ଭ୍ରୂକୁଟିକାରୀ—2. Frowning; Scowling.

**କାକ୍ଷୀ**—ସଂ. ବି—୧ । ଗୁଳ୍ମବିଶେଷ—
Kākshi — 1. A plant; Cytisus Cajan ( M.W. )
୨ । ସୌରାଷ୍ଟ୍ର ମୃତ୍ତିକା—
2. A kind of fragrant earth.
୩ । ହରଡ଼ ଡାଲି—
3. Split beans of a kind of legume.

**କାକ୍ଷୀବ**—ସଂ. ବି—୧ । ଶୋଭାଞ୍ଜନବୃକ୍ଷ; ସଜନା ଗଛ ଓ ଛୁଇଁ—
Kākshiba — 1. The horse radish tree and its beans; Hyperanthera Moringa.
୨ । ଗୌତମଙ୍କ ଔରସରେ ଶୂଦ୍ରାଗର୍ଭଜାତ ପୁତ୍ର—
2. Name of the son of sage Gautama by a Śūdra woman.

**କାଖ**—ଦେ. ବି. ( ସଂ. କକ୍ଷ )—
Kākha — ୧ । ଶରୀରର ପାର୍ଶ୍ୱଭାଗ; କଟିଠାରୁ ବାହୁସନ୍ଧିପର୍ଯ୍ୟନ୍ତ ସ୍ଥାନ; ବଗଲ୍—1. Flank or side of the body between the waist and the armpit.
কোঁক; কাঁখ
**काँख**

ଯେଉଁ ବାଳୀ ଭଟଙ୍କୁ କାଖେ ଯାକିଥିଲା । ବଳିନାଥ. ବଡରାମାୟଣ ।

୨ । ବାହୁମୂଳ; ବାହୁସନ୍ଧି—2. Armpit.

ଦେହ ତଳିଲା ଅଶ୍ରୁଜଳେ
ଅନ୍ନ ଥୋଇଲେ କାଖତଳେ । ଜଗନ୍ନାଥ. ଭାଗବତ ।

୩ । କଟିପାର୍ଶ୍ୱ; କଟିର ଯେଉଁ ଅଂଶ ଦୁଇପାଖର ସରୁ ହୋଇଥାଏ—3. The side of the waist ( where the waist narrows into the trunk ).

**କାଖ କରିବା**—ଦେ. କ୍ରି— ଶିଶୁକୁ କାଖରେ ଧରିବା; କାଖେଇବା—
Kākha kariba — To carry a child sidewise by setting it on the curvature of the waist and holding it by the arm.
কোঁকে করা
**काँखा लेना**

କାଖ କରି ସମ୍ଭ୍ରମେ ଭଗ୍ନ ହୋଇଥିବ
ବନ୍ଧନ ହୋଇଲେ ଏ ଦୁହିଙ୍କି କହାଇବ । ପ୍ରାଚୀ. ନଳଚରିତ ।

**କାଖଗୁଲି**—ଦେ. ବି— କାଖ ସନ୍ଧିରେ ଉଠିବା ବ୍ରଣ—
Kākhaguli — A boil in the armpit.
কাঁকবিরালী
**काँखीघाव; काँखराली**

**କାଖବାଳିଆ**—ଦେ. ବିଣ. ପୁଂ. ( ସଂ. କକ୍ଷ+ବାଳ )—
Kākhabāḻiā — ଯାହା କାଖରେ ବାଳ ଜନ୍ମିଥାଏ; ଅଧିକବୟସ୍କ— 1. Elderly; grown up.

କାଖବାଳିଆ ଗୁଡ଼ିକ କାଠପାଳିଆ ପାହାର । ତଗ ।

(କାଖବାଳେଇ—ସ୍ତ୍ରୀ) ୨ । ଯାହା କାଖ ସନ୍ଧିରେ ବହୁତ ବାଳ ଥାଏ—
2. Having a luxurious growth of hair in the armpit.

**କାଖବାଳୁଆ**—ଦେ. ବିଣ. ପୁଂ—କାଖବାଳିଆ ( ଦେଖ )
Kākhabāḻuā — Kākhabāḻiā ( See )
(କାଖବାଳୋଇ—ସ୍ତ୍ରୀ)

**କାଖବିରାଡ଼ି**—ଦେ. ବି—କାଖଗୁଲି ( ଦେଖ )
Kākhabirāṛi — Kākhaguli ( See )

**କାଖ ହେବା**—ଦେ. କ୍ରି —( ଶିଶୁ ) ଅନ୍ୟ ବୟଃସ୍ଥ ବ୍ୟକ୍ତିର କାଖରେ ବସିବା—( a child ) To be carried by an elderly person on the side ( between the waist and the arm ).
Kākha hebā
কোঁকে হওয়া
**कँखिआया होना**

ସାଧାରଣରେ ଅପର ପୃଷ୍ଠାରେ ସତତ ୧-ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କାଖେଇବା**—ଦେ. କ୍ରି—କାଖ କରିବା ( ଦେଖ )
Kākheibā — Kākha karibā ( See )
( ଯଥା—ମୁଁ ତାକୁ କାଖେଇ କୋଲେଇ ମନୁଷ୍ୟ କରିଛି । )

**କାଗ୍**—ବୈଦେ. ବି. ( ଇଂ )—କାକ୍ ( ଦେଖ )
Kāg — Kāk ( See )

**କାଗଜ**—ବୈଦେ. ( ଫାରସୀ— କାଗଜ୍ ) ବି—୧ । ଲିପିପତ୍ର—
Kāgaja — 1. Paper.
କାগজ — ୨ । ହିସାବ—2. Account.
**कागज**
ମ. କାଗଜ୍ — ଭଣ୍ଡିବାର ଭାଙ୍ଗୁ ନୁହଇ ସହଜ ନଖାର ନଖାର ଦେଖେ ସେ କାଗଜ । ସ୍ୱଧାନାଥ. ଭବବାର ।
ତେ. କାଗଦମୁ — ୩ । ରିପୋର୍ଟ—3. Report.
୪ । କମ୍ପାନି କାଗଜ; ଗଭର୍ଣ୍ଣମେଣ୍ଟ ପ୍ରମିସରୀ ନୋଟ—
4. Stock; Government security.
୫ । ଖବରକାଗଜ; ପତ୍ର—5. News paper.

[ ଦ୍ର—ଏହି ଶବ୍ଦଟି ଫାରସୀ ଶବ୍ଦ; କିନ୍ତୁ ବାଚସ୍ପତ୍ୟ ଅଭିଧାନକାର ଲେଖିଅଛନ୍ତି—କାଗଃ=କାକବର୍ଣ୍ଣଃ ମସ୍ୟାଦି ଯାଦୃଶେ ଅସ୍ତି କାଗଦଃ ବା ଚିରିକନା, ଝୋଟ, ଛଣପଟ, ଘାସ, ବାଉଁଶ ଆଦି ଉତ୍ତମରୂପେ କୁଟାଯିବା ପରେ ପାଣିରେ ବତୁରିଯାଇ ଏକପ୍ରକାର ମଣ୍ଡ ତିଆରି ହୁଏ । ଏହି ମଣ୍ଡକୁ କଳରେ ପ୍ରସ୍ତ ପ୍ରସ୍ତ କରି ପକାଇ ତା ଉପରେ ଚାପ ଦେଇ କାଗଜ ତିଆରି କରାଯାଏ । ପୂର୍ବେ ହାତରେ କାଗଜ ତିଆରି ହେଉଥିଲା । ବର୍ତ୍ତମାନ ଯନ୍ତ୍ର ସାହାଯ୍ୟରେ ନାନା ଆକାର ଓ ବର୍ଣ୍ଣର କାଗଜମାନ ପ୍ରସ୍ତୁତ ହେଉଅଛି । ବଙ୍ଗ ଦେଶର 'ବାଲି' ଓ 'ଶ୍ରୀରାମପୁର'ରେ ପ୍ରଥମ କାଗଜକଳ ବସିବାରୁ 'ବାଲିକାଗଜ' ଓ 'ଶ୍ରୀରାମପୁରୀ କାଗଜ' ଏହି ନାମର ସୃଷ୍ଟି ହୋଇଅଛି । ପୂର୍ବେ ଦେଶୀ କାଗଜକୁ ପୋକ ନ ଖାଇବେ ବୋଲି ସେଥିରେ ହରିତାଳ ମିଶାଯାଇ ତାହା ଈଷତ୍ ହରିଦ୍ରାଭ ହେଉଥିଲା । ତାକୁ 'ହରିତାଳ କାଗଜ' ବୋଲାଯାଉଥିଲା । ଫୁଲ୍‌ସ୍‌କାପ୍ (fools cap) ଡବଲ୍ ଫୁଲ୍‌ସ୍‌କାପ (double fools cap) ଆଦି ଅନେକ ଆକାରର କାଗଜ ଅଛି । କାଗଜକୁ ବହୁକାଳ ସ୍ଥାୟୀ କରିବାପାଇଁ ଚମଡ଼ାର ଅଂଶ ସେଥିରେ ମିଶାଯାଏ; ତାକୁ 'ପାର୍ଚମେଣ୍ଟ' କାଗଜ ବୋଲାଯାଏ । କାଗଜ ଭିତରେ ସାଧା ଅକ୍ଷରର ମାର୍କା ମଧ୍ୟ କଳଦ୍ୱାରା ଦିଆଯାଉଅଛି । ଓଡ଼ିଶା ଗଡ଼ଜାତରେ ଥିବା ବାଉଁଶରୁ କଳଦ୍ୱାରା ତନ୍ତୁ ବାହାର କରି ତହିଁରୁ କାଗଜ ପ୍ରସ୍ତୁତ କରିବାପାଇଁ ବର୍ତ୍ତମାନ ଗଭର୍ଣ୍ଣମେଣ୍ଟଙ୍କର କଳ୍ପନା ଚାଲିଅଛି । କାଗଜକୁ ସଂଖ୍ୟା କରିବାର ପ୍ରଣାଳୀ :—୧ଖଣ୍ଡ କାଗଜ=୧ଫରଦ ବା ତକ୍ତା, ୨୪ତକ୍ତା= ୧ଦିସ୍ତା, ୨୦ଦିସ୍ତା=୧ରିମ୍, ୧୦ରିମ୍=୧ବେଲ୍ । ]

**କାଗଜ କରିବା**—ଦେ. କ୍ରି—୧ । କାଗଜ ପ୍ରସ୍ତୁତ କରିବା—
Kāgaja karibā — 1. To manufacture paper.
কাগজ করা — ୨ । ହିସାବପତ୍ର ପ୍ରସ୍ତୁତ କରିବା—
**कागज करना** — 2. To prepare accounts.
୩ । ରେଜିଷ୍ଟରୀ ଆଦି ବହିରେ କୌଣସି ବ୍ୟକ୍ତିର ନାମ ପୂରଣ କରିବା—3. To enter a persons name in a register.
୪ । କୌଣସି ଦଲିଲ ସମ୍ପାଦନ କରିବା—
4. To execute a document.
୫ । କୌଣସି ବିଷୟକୁ ଲେଖିବା; ଲିପିବଦ୍ଧ କରିବା—
6. To enter a thing in black and white; to record a matter on paper.

**କାଗଜକଳ**—ଦେ. ବି.—କାଗଜ ତିଆରି କରିବାର ଯନ୍ତ୍ର—
Kāgaja kaḻa — Paper mill.
কাগজের কল
**कागजका कल**

**କାଗଜ ଗଡ଼ାଇବା**—ଦେ. କ୍ରି.—ପୂର୍ବର ହିସାବ ବା ତାଲିକା ପରବର୍ତ୍ତୀ
Kāgaja gaṛḍāibā — ସମୟକୁ କାଗଜପତ୍ରରେ ଉଠାଇ ଆଣିବା—
कागज उठान — To carry over old or past accounts
**कागज उठाना** — to current accounts; to carry over outstanding accounts to current papers.

**କାଗଜ ଗଡ଼ିବା**—ଦେ. ବି.—ପୂର୍ବର ହିସାବ ବା ତାଲିକା ପରବର୍ତ୍ତୀ
Kāgaja gaṛḍibā — ସମୟକୁ ଉଠିବା—Continuation of
कागज उठा — old accounts in the new
**कागज उटना** — accounts.

**କାଗଜ ଚକି**—ଦେ. ବି.—କାଗଜରେ ତିଆରି ଘୁଡ଼ି—
Kāgaja chaki — Paper kite.
**गुडी**

**କାଗଜଚକତି**—ଦେ. ବି. ( ଅ. କାଗଜ+ସ. ଚକ୍ର )—ଗୋଲାକାର
Kāgajachakati — ଆକୃତିରେ କଟା ହୋଇଥିବା କ୍ଷୁଦ୍ର କାଗଜ
কাগজের চাকতি — ଖଣ୍ଡ—Circular bits of paper.
**कागजकी चकती**

**କାଗଜ ଚକ୍ତି**—ଦେ. ବି.— କାଗଜଚକତି (ଦେଖ)
Kāgaja chakti — Kāgajachakati (See)

**କାଗଜ ତଲବ୍**— ଦେ. ବି. ( ଅ. କାଗଜ୍+ତଲବ୍ )—କୌଣସି ନଥି
Kāgaja talab — କମ୍ବା ହିସାବ ପଠାଇବାପାଇଁ କର୍ତ୍ତୃପକ୍ଷଙ୍କ
কাগজ তলব — ଆଦେଶ—The calling for accounts or
**कागज तलब** — records by a higher authority.

**କାଗଜ ପଠାଇବା**—ଦେ. କ୍ରି—ଉପରସ୍ଥ ହାକିମଙ୍କ ନିକଟ ହିସାବ ବା
Kāgaja paṭhāibā — ରିପୋର୍ଟ ପ୍ରେରଣ କରିବା—To submit
কাগজ পাঠান — report or accounts to
**कागज भेजना** — higher authority.

**କାଗଜପତର**—ଗ୍ରା. ବି.—କାଗଜପତ୍ର (ଦେଖ)
Kāgajapatara — Kāgajapatra (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

**କାଗଜପତ୍ର**—ଦେ. ବି. (ସହଚର; ବହୁବଚନ)—୧ । ନଥିଅଡ—
Kāgajapatra 1. Records.
କାଗଜପତ୍ର ୨ । ହିସାବଅଡ—
**कागजपत्र** 2. Accounts.

**କାଗଜବାଲା**—ଦେ. ବି. ( ଅ. କାଗଜ୍+ଫାଲା )—୧ । ଯେ ଖବର
Kāgajabālā କାଗଜ ବିକି କରେ—
कागजओयाला 1. News boy news vendor.
**कागजवाला** ୨ । ଯେ ଖବରକାଗଜ ସମ୍ପାଦନ କରେ—
2. Editor of a news paper.
୩ । ଯେ କାଗଜ ତିଆରି କରେ—
3. A manufacturer of paper.

**କାଗଜବୁଆଲା**—ଦେ. ବି.—କାଗଜବାଲା (ଦେଖ)
Kāgajabuālā Kāgajabālā (See)

**କାଗଜା**—ଦେ.ବି.—୧ । (ଏହାର ଚୋପା କାଗଜ ପରି ପତଳା ଥିବାରୁ)—
Kāgajā ଲେମ୍ବୁଜାତୀୟ ଖଟା ଫଳବିଶେଷ; ଅଣ୍ଡାକୃତି କାଗଜିଫଳ—
कागजी 1. A kind of lime fruit.
**कागजी** ୨ । ଏକଜାତୀୟ ଧଳା ପାରା—
कागजी पायरा 2. A kind of white pigeon.
**उजला कबुतर**

**କାଗଜାତ୍**—ବୈଦେ. (ଫା.) ବି. (ଫା. କାଗଜର ବହୁବଚନ)—କାଗଜ
Kāgajāt ପତ୍ର; କାଗଜସମୂହ—
कागजात Papers etc; accounts.
**कागजात**

**କାଗଜି**—ଦେ. ବି.—କାଗଜିଲେମ୍ବୁ (ଦେଖ)
Kāgaji Kāgajilembu (See)
कागजी
**कागजी**
ବୈଦେ. ବି. ( ଫା )—୧ । କଳରେ କାଗଜ ପ୍ରସ୍ତୁତ କରିବା ପୂର୍ବେ ହାତତାଳ କାଗଜ ପ୍ରସ୍ତୁତ କରିବା ମୁସଲମାନ୍ ଜାତି—
1. Mahomedans who were formerly engaged in manufacturing country made rough papers before paper was manufactured by machines.
୨ । କାଗଜ ପ୍ରସ୍ତୁତକାରୀ ବ୍ୟକ୍ତି—
2. Manufacturer of paper.
୩ । କାଗଜ ବିକେତା ବ୍ୟକ୍ତି—
3. Seller of paper; paper merchant.
୪ । କାଗଜିଆ (ଦେଖ)—4. Kāgajiā (See)
୫ । ଧଳା ରଙ୍ଗର ପାରା—5. White pigeon.
୬ । ଏକପ୍ରକାର ବାଦାମ (ଏଥିର ଖୋଳ ପତଳା )—
6. Thin skinned walnut.
ବୈଦେ. (ଫା) ବିଣ—୧ । କାଗଜ ପ୍ରସ୍ତୁତକାରୀ—
Manufacturing paper.
୨ । କାଗଜ ବିକେତା—2. Selling paper.

**କାଗଜିଆ**—ଦେ. ବିଣ—୧ । କାଗଜ ପରି ଗନ୍ଧବିଶିଷ୍ଟ—
Kāgajiā 1. Having the smell of lime.
कागजी ୨ । କାଗଜପରି ବର୍ଣ୍ଣବିଶିଷ୍ଟ—
**कागजी** 2. Paper coloured.

**କାଗଜିନେମ୍ବୁ**—ଦେ. ବି—କାଗଜିଲେମ୍ବୁ (ଦେଖ)—
Kāgajinembu Kāgajilembu (See)

**କାଗଜିପାରା**—ଦେ ବି—ଧଳା ରଙ୍ଗର ପାରା—
Kāgajipārā White pigeon.
कागजीपायरा
**कागजीकबुतर**

**କାଗଜିଲେମ୍ବୁ**—ଦେ. ବି. (ସଂ. ନାମ—ଗନ୍ଧପୂର; ଫା. କାଗଜୀ+
Kāgajilembu ସଂ. ଜମ୍ବୁକ; ଏହାର ଚୋପା କାଗଜ ପରି ପତଳା ଥିବାରୁ)—ଏକଜାତୀୟ ଶ୍ରେଷ୍ଠ ଲେମ୍ବୁ—
पातिनेम्बु, पातिलेम्बु Lime fruit; Citrus Bergamia; Acid lime.
**कागजिनिबु कागजीलेमू**
ତେ. ନିମ୍ମପଣ୍ଡୁ, ନିମ୍ମପାଣ୍ଡୁ [ ବି—ଏହା ଅନ୍ୟ ଲେମ୍ବୁ ଅପେକ୍ଷା
ଅ. ଲିମୁଲ୍‌ହୋମିଜ ଶ୍ରେଷ୍ଠ ଓ ଈଷତ୍ ସୁଗନ୍ଧଯୁକ୍ତ; ଏହା ଦୁଇ
ଗୁ. ଖଟାଲିମ୍ବୁ ପ୍ରକାର;ପ୍ରଥମ ପ୍ରକାର ଗୋଲ ବା କାଗଜି;
ମରହଟ୍ଟି. ଲିମ୍ବୁ ଓ ଅନ୍ୟ ପ୍ରକାର ଅଣ୍ଡାକାର ବା କାଗଜା
ତା. ଏଲମିଚମ୍ ବା ଗନ୍ଧାକୁଳଯୁକ୍ତ; କାଗଜିଲେମ୍ବୁ ଅମ୍ଳରସ,
ସଂ. ପର୍ଯ୍ୟାୟ—ଜମ୍ବୀ, ବାୟୁନାଶକ, ଅଗ୍ନିଦୀପକ, ପାଚକ,
ଜମ୍ଭୂକ, ଜମ୍ଭକ ଲଘୁ, କୃମିନାଶକ ଓ ଉଦର ରୋଗନାଶକ; ଏହା ବାୟୁ ପିତ୍ତ କଫ ଓ ଶୂଳରେ ଉପକାରୀ ଏବଂ ରୋଚକ; ଏଥିର ରସ ବାତ, ତୃଷ, ଗଳରୋଗ, ବିଷୂଚିକା ଓ ବସୂଚିକା ରୋଗରେ ବିଶେଷ ଉପକାରୀ । ]

**କାଗତ**—ଗ୍ରା. (ପଦ୍ୟ.) ବି—କାକତ (ଦେଖ)—
Kāgata Kākata (See)
ବର କାଗତଚକ ବଳେକ ଯେମନ୍ତ ବୁଲୁକା—ଭଞ୍ଜ. ବୈଦେହୀଶବିଳାସ ।

**କାଗତଚକି**—ଦେ. ବି—କାଗଜଚକି; ଗୁଡ଼ି—
Kāgatachaki Paper kite.
ସପ୍ରେମ ନୟନ ସେହି ବଦନକୁ ଟେକି,
ନରେଖେ କାଗତଚକ ଯଥା ବୁଲୁକା । ଭଞ୍ଜ. ଲାବଣ୍ୟବତୀ ।

**କାଗାଜି**—ଗ୍ରା. ବି—କାଗଜିଲେମ୍ବୁ (ଦେଖ)—
Kāgāji Kāgajilembu (See)

**କାଗେଜି**—ଗ୍ରା. ବି—କାଗଜିଲେମ୍ବୁ (ଦେଖ)—
Kāgeji Kāgajilembu (See)

**କାଡର୍**—ପ୍ରାଦେ. ( ସମ୍ବଲପୁର ) ବି—ପୁରୁଣା ଇଟା ବା ପଥର କାନ୍ଥ
Kāṅar ଉପରେ ବହୁତ ବର୍ଷା ହେବା ପରେ ଜମିଥିବା ମଖ୍‌ମଲ୍ ପରି ସବୁଜବର୍ଣ୍ଣର ଶିଉଳି; ଶୈବାଳ—Velvety moss growing on old stone or brick structuers

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଦୃଶ୍ୟ' ନ ମିଳିଲେ 'ଦୃଶ୍ୟ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କାଙ୍କ**—ଦେ. ବି—୧ । (ସଂ. କଙ୍କ; ଏହାର ଆକାର କଙ୍କ ପକ୍ଷୀ ପରି)—
Kāṅka ମାଟି ହାଣିବାପାଇଁ ଚଉଡ଼ାମୁହାଁ ଲୁହାର ଏକପ୍ରକାର ହତିଆର ( ଏଥିରେ ବଡ଼ ବେଣ୍ଟ ଲାଗିଥାଏ )—
କୋদাল 1. A spade with a long handle to
**कोदार** cut earth.
କୋଡ଼ି କାଙ୍କ ଧାବଳେ ତାହାକୁ ଖୋଳିଲେ—କୃଷ୍ଣସିଂହ, ମହାଭାରତ, ବନପର୍ବ ।
୨ । କଙ୍କ; ବଡ଼ିଆକାଙ୍କ ପକ୍ଷୀ—2. Flamingo (bird)
ବୃଦ୍ଧ କାଙ୍କର ପ୍ରାୟେ ରହିଛୁ ଦେହ ବହି,
ଭୁଞ୍ଜ ବୋଲି ଅଛୁ କାଣ ବଗସାଙ୍କ ଖଇ । ପୀତାମ୍ବର, କୃଷ୍ଣ ହିତୁପୁରାଣ ।

**କାଙ୍କଡ଼**—ଦେ. ବି (ସଂ. କର୍କୋଟକୀ)—ଏକପ୍ରକାର ବର୍ଷଜୀବୀ ବନ୍ୟ ଲତା
Kāṅkarda ଓ ତହିଁର ଖାଦ୍ୟ ଫଳବିଶେଷ—A wild
কাঁকরোল, কাঁকড় creeper and its cucurbitaceous
**खेखसा; ककोड़ा** fruit; Memordica Cochin Chinensis.
ଦେ. ଆଗାକରକାମ୍ବା କାଙ୍କଡ଼ ଧଇଲ କରି, ମାଙ୍କଡ଼ ଯାଉଛି ଯାତରେ ଡେଇଁ
ଗଙ୍ଗ ପାଲଙ୍କିରେ ବସି । ଶିଶୁଗୀତ ।

[ ଦ୍ର—ଏ ଲତା ଅଣ୍ଡିରା ଓ ମାଈ ଦୁଇ ପ୍ରକାର । ଦୁଇ ଜାତିର ଲତା ଏକ ଜାଗାରେ ନ ରହିଲେ ମାଈ ଲତା ଫଳବତୀ ହୁଏ ନାହିଁ । ଫଳର ଦେହସାରା ସରୁଆ ଓ ନରମ ମୁନିଆଁ କଣ୍ଟା ଥାଏ । ବର୍ଷାଦିନେ ଏ ଲତା ଫଳ ଧରେ । ଶୀତ ଋତୁରେ ଏ ଲତା ମରିଯାଏ; କିନ୍ତୁ ବର୍ଷା ଋତୁରେ ସେହି ମୂଳରୁ ପୁଣି ଲତା କଅଁଳେ । କାଙ୍କଡ଼ ଲତାର ମୂଳ ବଲ୍ ବା ମନୁଷ୍ୟ ମୁଣ୍ଡ ଆକୃତିବିଶିଷ୍ଟ । ]

**କାଙ୍କଡ଼ମୁଣ୍ଡା**—ଦେ. ବି. ( ସଂ. କର୍କୋଟକୀ+ମୁଣ୍ଡ )—କାଙ୍କଡ଼
Kāṅkardamundā ଲତାର ମୂଳ ( ଏହା ମନୁଷ୍ୟ ମୁଣ୍ଡର
কাঁকরোলের মূল ଆକୃତିବିଶିଷ୍ଟ )—The round bulbous
**खेखसा का कन्द** root of the Kāṅkarda creeper ( it is of the size of a human skull ).

**କାଙ୍କଡ଼ା**—ପ୍ରାଦେ. ( ମେଦିନୀପୁର; ଭୁଲ. ବ. କାଁକଡ଼ା ) ବି. ( ସଂ.
Kāṅkardā କର୍କଟ )—କଙ୍କଡ଼ା—Crab.

**କାଙ୍କଡ଼ିପୋକ**—ଦେ. ବି—କାଙ୍କଡ଼ ଓ ବାଇଗଣ ଫଳକୁ ନଷ୍ଟ କରିବା
Kāṅkardipoka ପୋକ—A kind of yellowish red
কাঁকরোলের পোক insect which is a pest to the
**खेखसा का कीड़ा** Kāṅkarda and other creepers.

**କାଙ୍କବାଞ୍ଝ**—ଦେ. ବିଣ. ସ୍ତ୍ରୀ. (ସଂ. କାକବନ୍ଧ୍ୟା)—କାକବାଞ୍ଝ (ଦେଖ)
Kāṅkabāñjha Kākabāñj (See)

**କାଙ୍କବାଞ୍ଝି**—ଦେ. ବିଣ. ସ୍ତ୍ରୀ—କାକବାଞ୍ଝ ( ଦେଖ )
Kāṅkabāñjhi Kākabāñja ( See )

**କାଙ୍କ ମାରିବା**—ଦେ. କ୍ରି—୧ । ପୁଷ୍କରିଣୀ ଆଦି ଖୋଳିବା ସମୟରେ
Kāṅka māribā ପ୍ରଥମେ ଉକ୍ତ ସ୍ଥାନରେ କାଙ୍କଦ୍ୱାରା ମାଟି ହାଣିବା—
কোদাল মারা 1. To cut earth with a longhandled
**कोदार मारना** spade.
୨ । କାଙ୍କଦ୍ୱାରା ଖୋଳି ମୃତ୍ତିକା ତଳେ ଗୋଡ଼ି ପଥର ବା ମାଟି ଥିବା ଅବସ୍ଥା ପରୀକ୍ଷା କରିବା—2. To examine the undersoil below the ground by digging a place with a spade.

**କାଙ୍କର**—ଦେ. ବି. ( ସଂ. କର୍କର ) —ଗୋଡ଼ି—
Kāṅkara Gravel; pebbles.
**कंकर**
**कंकड़**

**କାଙ୍କଲ**—ଦେ. ବି. ( ସଂ. କଙ୍କୋଲ )—କାକୋଲା ( ଦେଖ )
Kāṅkalā Kākolā ( See)

**କାଙ୍କଲାଶ**—ପ୍ରାଦେ. ( ମେଦିନୀପୁର; ଭୁଲ. ବ. କାଁକଲାସ ) ବି. ( ସଂ.
Kāṅkalāś କୃକଲାସ )—ଏଣ୍ଡୁଅ—Chameleon; calotes versicolor.

**କାଙ୍କସିଝା**—ପ୍ରାଦେ. ( ଯାଜପୁର ) ବିଣ—ଦରସିଝା—
Kāṅkasijhā Half boiled.
( ଯଥା—କାଙ୍କସିଝା ବାଇଗଣ । )

**କାଙ୍କ ହାଣିବା**—ଦେ. କ୍ରି—କାଙ୍କଦ୍ୱାରା ଭୂମି କାଟିବା—
Kāṅka hāṇibā To cut earth with a spade.
কোদলান; কোদাল পাড়া
**कावलीसे खोदना**

**କାଙ୍କୁଆ**—ଦେ. ବି—କାଙ୍କ ଦ୍ୱାରା ମାଟି ହାଣିବା ମୂଲିଆ—
Kāṅkua Labourers engaged in digging earth
**कोदरवाह** with spades.
[ ଦ୍ର—ମାଟି ହାଣିବାବେଳେ କେତେକ ଲୋକ ମାଟିକୁ କାଙ୍କ ଦ୍ୱାରା ହାଣିଯାଆନ୍ତି ଓ ତା ପରେ ଆଉ କେତେକ ଉକ୍ତ ହଣାମାଟିକୁ କୋଡ଼ିଦ୍ୱାରା ଉଠାଇ ଟୋକାଇରେ ପୂରାନ୍ତି । ]

**କାଙ୍କୁଡ଼ିବା**—ଦେ. କ୍ରି—କୁଙ୍କୁଡ଼ିବା ( ଦେଖ )
Kāṅkurdibā Kuṅkurdibā ( See )

**କାଙ୍କୁଲ**—ଦେ. ବି. ( ସଂ. କଙ୍କୋଲ )—କାକୋଲା ( ଦେଖ )
Kāṅkulā Kākolā ( See )

**କାଙ୍କୋଲା**—ଦେ. ବି. ( ସଂ. କକୋଲ )—କାକୋଲା ( ଦେଖ )
Kāṅkolā Kākolā ( See

**କାଙ୍କୋଲ**—ଦେ. ବି. ( ସଂ. କଙ୍କୋ )—କାକୋଲା ( ଦେଖ )
Kāṅkolā Kākolā ( See )

**କାଙ୍କ୍ଷ** ( ଧାତୁ )—ସଂ—୧ । କୌଣସି ବସ୍ତୁ ପାଇଁ ଇଚ୍ଛା ବା ଅଭିଳାଷ
Kāṅksha ( root ) କରିବା—1. To wish for a thing.
୨ । କୌଣସି ବସ୍ତୁ ପାଇବାପାଇଁ ଉତ୍କଣ୍ଠିତ ହେବା—
2. To hanker after a thing.

**କାଙ୍କ୍ଷା**—ସଂ. ବି. ସ୍ତ୍ରୀ. ( କାଙ୍କ୍ଷ ଧାତୁ=ଇଚ୍ଛା କରିବା+ଭାବ. ଅ+
Kāṅkshā ସ୍ତ୍ରୀ. ଆ )—
୧ । ସ୍ପୃହା; ଇଚ୍ଛା; ଅଭିଳାଷ; ବାଞ୍ଛା—
1. Desire; wish; hankering.
୨ । ଲୋଭ—2. Coveting.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁୟ | ଇଅ | ଜ୍ଞ | ନ୍ତ |

**କାଙ୍କ୍ଷିତ**—ସଂ. ବି. ( କାଙ୍କ୍ଷ ଧାତୁ + ଭାବ. ତ )—ଇଚ୍ଛା; ଅଭିଳାଷ—
Kāṅkshita Desire; wish.
ସଂ. ବିଣ. ( + କର୍ମ. ତ )— ଅଭିଲଷିତ; ବାଞ୍ଛିତ—
Desired; wished for.

**କାଙ୍କ୍ଷୀ**—ସଂ. ବିଣ. ପୁଂ. ( କାଙ୍କ୍ଷ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ. )—
Kāṅkshī ଇଚ୍ଛାବାନ୍; କୌଣସି ବସ୍ତୁ ପାଇବାପାଇଁ ଅଭିଳାଷୀ—
( କାଙ୍କ୍ଷିଣୀ—ସ୍ତ୍ରୀ ) Hankering after; covetous for.

**କାଙ୍ଗ୍ଲା**—ଦେ. ବି—କାଙ୍ଗୁ ( ୩ ) ( ଦେଖ )
Kāṅglā Kāṅgu ( 3 ) ( See )

**କାଙ୍ଗାଳ**—ଦେ. ବି. ( ସଂ. କଙ୍କାଳ ରୁ ?; ଦୁଃଖିମାନେ ଅନ୍ନାଭାବରୁ
Kāṅgāḷa କଙ୍କାଳଯୁକ୍ତ ହେବାରୁ )—
কাঙ্গাল; কাঙ্গালি ୧ । ଅତି ଦରିଦ୍ର ବା ରଙ୍କ ବ୍ୟକ୍ତି—
**कंगाल** 1. A very poor and destitute man.
୨ । ଅପତ୍ତିଆଣୀ ଲୋକଙ୍କ ନାମ—
2. A name given to males who were born after their elder sisters or brothers died in infancy.
ଦେ. ବିଣ—୧ । ଅତି ଦରିଦ୍ର; ଦୁଃଖୀ; ରଙ୍କୀ—
1. Very poor; poverty stricken; needy; indigent; wretched.
ଫିଙ୍ଗିଯାଏ ଅଶ୍ରୁ ଭସ୍ମ ସହସ୍ର ଧାରରେ
ଅସମ୍ଭାଳେ, ହେଉ ମୋର କାଙ୍ଗାଳୁଣୀ ବେଶ—ଚନ୍ଦ୍ରାମଣି. ଚକ୍ରମାଧବ୍ୟ ।
୨ । କୌଣସି ବିଷୟ ପାଇଁ ପ୍ରାର୍ଥୀ—
2. Applicant; for some thing supplicant.
୩ । ଅଭାବଗ୍ରସ୍ତ—3. Needy.
୪ । ଉପର୍ଯ୍ୟୁପରି ଉପବାସ ଯୋଗୁଁ କଙ୍କାଳମାତ୍ରାବଶିଷ୍ଟ ( ବ୍ୟକ୍ତି )—4. Reduced to skeleton owing to starvation.

**କାଙ୍ଗାଳ ବିଦାୟ**—ଦେ. ବି—ଦୁଃଖୀ ରଙ୍କିଙ୍କୁ ଭୋଜ୍ୟ ବସ୍ତୁ, ଅର୍ଥ ଓ
Kāṅgāḷa bidāya ବସ୍ତ୍ର ଦାନ—Giving food, cloth and
কাঙ্গালি বিদায় cash to the needy and beggars.
**कंगाल बिदाई**

**କାଙ୍ଗାଳଭୋଜନ**—ଦେ. ବି— ଦୁଃଖୀ ଓ ଭିକ୍ଷୁକଙ୍କୁ ଖାଦ୍ୟ ଦେବା—
Kāṅgāḷabhojana Feeding of the poor beggars.
কাঙ্গালি ভোজন
**कंगालभोजन**

**କାଙ୍ଗାଳିଆ**—ଦେ. ବିଣ—୧ । କଙ୍ଗାଳ ପରି—
Kāṅāḷiā 1. Poorly; like a beggar; beggarly.
কাগালে ୨ । ରଙ୍କ—2. Poverty stricken; needy.
**कंगला** ୩ । ଯାହାର କିଛି ସମ୍ବଳ ନାହିଁ—3. Destitute.

**କାଙ୍ଗାଳିନୀ**—ଦେ. ବି. ସ୍ତ୍ରୀ—୧ । ଭିକାରୁଣୀ—
Kāṅgāḷinī 1. Female beggar.
কাঙ্গালিনী ୨ । କାଙ୍ଗାଳ ( ଦେଖ )
**कंगालिन** 2. Kāṅgāḷa ( See )

**କାଙ୍ଗାଳି**—ଦେ. ବି ଓ ବିଣ—କାଙ୍ଗାଳ ( ଦେଖ )
Kāṅgāḷi Kāṅgāḷa ( See )

**କାଙ୍ଗାଳୁଣୀ**—ଦେ. ବି. ଓ ବିଣ. ( ସ୍ତ୍ରୀ )—କାଙ୍ଗାଳିନୀ (ଦେଖ)
Kāṅāḷuṇī Kāṅgāḷinī (See)
ଫିଙ୍ଗିଯାଏ ଅଶ୍ରୁ ଭସ୍ମ ସହସ୍ର ଧାରରେ
ଅସମ୍ଭାଳେ, ହେଉ ମୋର କାଙ୍ଗାଳୁଣୀ ବେଶ । ଚନ୍ଦ୍ରାମଣି, ଚକ୍ରମାଧବ୍ୟ ।

**କାଙ୍ଗାଲୁଣୀ**—ଗ୍ରା. ବି. ଓ ବିଣ. ସ୍ତ୍ରୀ—କାଙ୍ଗାଳିନୀ ( ଦେଖ )
Kāṅgāluṇī Kāṅgāḷinī ( See )

**କାଙ୍ଗୁ**—ଦେ. ବି. ( ସଂ. କଙ୍ଗୁ )—
Kāṅgu ୧ । କଙ୍ଗୁଧାନ୍ୟ; ସୁଆଁ ଜାତୀୟ ଧାନ ବା ଶସ୍ୟ—
কাঙ্গনী 1. A kind of grain.
**कङ्गनी, कङनी** ୨ । ଭଣ୍ଡାରିଜାତିର ଶାଖାବିଶେଷ (ଗୋପୀନାଥ ନନ୍ଦ)
ସଂ. ପର୍ଯ୍ୟାୟ—ପ୍ରିୟଙ୍ଗୁ; —2. A subclass amongst barbers.
ପୀତତଣ୍ଡୁଳ ୩ । ଗଡ଼ଜାତର ଏକଜାତୀୟ ବଡ଼ ହରଡ଼—
কাঙ্গু 3. A kind of pulse; a leguminous
**कंङ्गु** seed which is split up and cooked as dāl.
୪ । ଏକ ପ୍ରକାର ଲତାଫଳ—
4. A kind of wild fruit of a creeper.

**କାଙ୍ଗୁରା**—ଦେ. ବି—୧ । କାଙ୍ଗୁ ୩ ( ଦେଖ )—
Kāṅgurā 1. Kāṅgu 3 ( See )
୨ । ବୈଦେ. (ଫା) ବି—କାଙ୍ଗୁରା ( ଦେଖ )
2. Kāṅgulā ( See )
ମର୍ଦ୍ଦଳାକାର କଙ୍କଡ଼ା ଫଳ, କାଙ୍ଗୁରା କମ ସୁସମ ଦିଭୁଳ ।
ଭଞ୍ଜ. ଲାବଣ୍ୟବତୀ ।

**କାଙ୍ଗୁଲ**—ପ୍ରାଦେ. ( ଗଡ଼ଜାତ ଓ ଗଞ୍ଜାମ )—କାଙ୍ଗୁ ୩ ( ଦେଖ )
Kāṅgula Kāṅgu 3 ( See )

**କାଙ୍ଗୁଲା**—ବୈଦେ. (ଫା) ବି. ( ଫା. କୁଙ୍ଗୁରା )—
Kāṅgulā ୧ । ସ୍ୱର୍ଣ୍ଣ ରୌପ୍ୟାଦିର କୋଣବିଶିଷ୍ଟ କାରୁକାର୍ଯ୍ୟ-
কঙ্গুরা ବିଶେଷ—1. A kind of wavy filigree
**कंङ्गुरा** work of gold and silver jewellery.
୨ । ଦେଉଳ ଆଦିରେ ତ୍ରିକୋଣାକାର ଚୂନ କାମ—
2. A wavy sort of battlement.
ତାକୁ ବେଢ଼ିଣ ପାଷାଣ ପ୍ରାକାର
ବହୁ କାଙ୍ଗୁଲମାନଙ୍କେ ସୁନ୍ଦର । ବିଶ୍ୱନାଥ. ବିଚିତ୍ରରାମାୟଣ ।
୩ । ଶାଢ଼ୀର ଧଡ଼ିରେ ବୁଣାଯାଇଥିବା ଛୋଟ ସୂତାର କାରୁକାର୍ଯ୍ୟ—3. Ornamental thread-work woven on the border of a woman's cloth.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠିଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଆଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଦୁର୍ଗପ୍ରାଚୀର ମଧ୍ୟରେ ଥିବା ଉଚ୍ଚ ସ୍ଥାନ; ବୁରୁଜ ଏଥି ଉପରେ ଚଢ଼ି ଦୁର୍ଗସ୍ଥ ସୈନ୍ୟମାନେ ଶତ୍ରୁ ଉପରକୁ ଅସ୍ତ୍ର ନିକ୍ଷେପ କରନ୍ତି—
4. Elevated structure on the ramparts of a fort.

ପ୍ରାଚୀର ପ୍ରାସାଦ ପ୍ରାକାରେ ବିସ୍ତାର କାଙ୍ଗୁରେ ଦିବ୍ୟ ଯାନେ ।
ବିଶ୍ୱନାଥ- ବଡ଼ଚମ୍ପୁସାମାପୂର୍ଣ ।

୫ । ଦୁର୍ଗ ପ୍ରାଚୀରର କାନ୍ଥରେ ଥିବା ରନ୍ଧ୍ର—
5. Loop holes in the walls of forts.

ଜଗିଥିଲେ ଦୈତ୍ୟଗଣ ଦ୍ୱାରେ ଅର୍ଗଳ ଦେଇଣ
ଦେଖିଲେ କାଙ୍ଗୁଲରେଣ କପି ସାହାଣ । ବିଶ୍ୱନାଥ- ବଡ଼ଚମ୍ପୁସାମାପୂର୍ଣ ।

ଦେ. ବି. ( ସଂ. କଙ୍ଗୁ )—କାଙ୍ଗୁ ୩ ( ଦେଖ )
Kāṅgu 3 ( See )

**କାଙ୍ଗୁଲାପକା**—ଦେ. ବିଣ.—କାଙ୍ଗୁଲାପଡ଼ି ( ଦେଖ )
Kāṅgulāpakā Kāṅgulāpardi ( See )

**କାଙ୍ଗୁଲାପଡ଼ି**—ଦେ. ବିଣ—ଧଡ଼ିରେ କାଙ୍ଗୁଲା ବା ଛକ ପଡ଼ିଥିବା (ଶାଢ଼ୀ)—
Kāṅgulāpardi ( cloth ) Having wavy or ornamental border.

**କାଙ୍ଗୁଲ ହରଡ଼**—ଦେ. ବି—କାଙ୍ଗୁ ( ଦେଖ )
Kāṅgulā hararda Kāṅgu ( See )

**କାଙ୍ଗୁଶିଆଳ**—ପ୍ରାଦେ. (ମେଦିନୀପୁର) ବି—କୋକିଶିଆଳୀ—
Kāṅgusiāli Fox.

**କାଙ୍ଗୁ ହରଡ଼**—ଦେ. ବି—କାଙ୍ଗୁ ୩ ( ଦେଖ )
Kāṅgu hararda Kāṅgu 3 ( See )

**କାଙ୍ଗୋ**—ପ୍ରାଦେ. (ବଣାଇ) ବି.—ଠାଙ୍ଗଣା (ଦେଖ)
Kāṅgo Tāṅganā (See)

**କାଚ**—ସଂ. ବି. (କଚ୍ ଧାତୁ=ଚକ୍‌ଚକ୍ କରିବା; ବନ୍ଧନ କରିବା + କରଣ. ଅ)—୧ । ବାଲି ଓ କ୍ଷାରରୁ ଅଗ୍ନି ସଂଯୋଗରେ ଉତ୍ପନ୍ନ ସ୍ୱଚ୍ଛ ଦ୍ରବ୍ୟ—1. Glass; crystal.
Kācha
কাঁচ
**काँच**

୨ । କାଚମଣି; ମଣିବିଶେଷ —
2. Name of a transparent stone; crystals of quartz.

[ ଦ୍ର—ଭାବପ୍ରକାଶ ଗ୍ରନ୍ଥରେ କାଚକୁ ଉପରତ୍ନ ବୋଲାଯାଇଅଛି । ପ୍ରାଚୀନ ଭାରତୀୟ ହିନ୍ଦୁମାନେ କାଚ ସମ୍ବନ୍ଧରେ ଅନଭିଜ୍ଞ ନ ଥିଲେ । ଅନ୍ତତଃ ୩୦୦୦ ବର୍ଷ ପୂର୍ବେ ହିନ୍ଦୁମାନେ କାଚର ବ୍ୟବହାର ଜାଣିଥିଲେ । ପଞ୍ଚତନ୍ତ୍ରରେ ଅଛି, '(୧) କାଚଃ କାଞ୍ଚନସଂସର୍ଗାଦ୍ଧତ୍ତେ ମାରକତୀଂ ଦ୍ୟୁତିଂ; (୨) ଆକରେ ପଦ୍ମରାଗାଣାଂ ଜନ୍ମ କାଚମଣେଃ କୁତଃ' । (୩) ସୁଶ୍ରୁତନାମକ ବୈଦ୍ୟକଗ୍ରନ୍ଥରେ ଜଳ, ସରବତ ଓ ମଦ୍ୟାଦି ମୃଣ୍ମୟପାତ୍ର, କାଚପାତ୍ର ଓ ସ୍ଫଟିକପାତ୍ରରେ ଦେବାର ଉପଦେଶ ଅଛି । କାଚ କ୍ଷାର ବା ପାଉଁଶରୁ ପ୍ରସ୍ତୁତ ହେଉଥିବାର ମଧ୍ୟ ପ୍ରମାଣ ମିଳେ । 'ମେଦିନୀ' ନାମକ ଶବ୍ଦକୋଷରେ ଲେଖା ଅଛି, 'ଲବଣ ଓ କାଚ' ଅର୍ଥରେ କ୍ଷାର ଶବ୍ଦ ପୁଂଲିଙ୍ଗ । ଚନ୍ଦ୍ରଗୁପ୍ତଙ୍କ ସମସାମୟିକ ବାତ୍ସ୍ୟାୟନ ମୁନିଙ୍କର ନ୍ୟାୟସୂତ୍ରର ବ୍ୟାଖ୍ୟାରେ ମଧ୍ୟ 'କାଚ'ର ଉଲ୍ଲେଖ ଅଛି । ]

୩ । ନେତ୍ରରୋଗବିଶେଷ; ପରଳ ରୋଗ—
3. A disease of the eye.

୪ । ମହମ; ମଦନ—4. Wax.

୫ । କୃଷ୍ଣବର୍ଣ୍ଣ ଲବଣ—5. Black salt.

୬ । ଶିକ୍ୟ, ଶିକା—
6. A contrivance of ropes for suspending things from a thatch or roof.

ଦେ. ବି.—୧ । ସ୍ତ୍ରୀଲୋକ ହାତରେ ପିନ୍ଧିବା କାଚନିର୍ମିତ ଚୁଡ଼ି—
1. Glass bangle.

୨ । ସ୍ତ୍ରୀଲୋକମାନେ ହାତରେ ପିନ୍ଧିବା ଧାତୁର ସରୁ ଅଳଙ୍କାର—
2. Bangle.

ପ୍ରାଦେ. (ଗଞ୍ଜାମ) ବି.—କାଚକୁମ୍ପି; ବୋତଲ—Bottle.

ପ୍ରାଦେ. (ସମ୍ବଲପୁର) ବି.—ଦେବତାଙ୍କ କର୍ମରେ ବ୍ୟବହୃତ ସାନ କରଅ ଲୁଗା—A small cloth for an idol.

**କାଚକଡ଼ା**—ଦେ. ବି.—କଇଁଛର ଖୋଳ—
Kāchakardā 1. A tortoise shell.
কাঁচকড়া ୨ । ସମୁଦ୍ର ତିମିର ଅସ୍ଥି—
**कचकड़ा** 2. Whale bone.

୩ । ରବରରୁ ପ୍ରସ୍ତୁତ ଭଲ୍‌କାନାଇଟ୍ ନାମକ ଦ୍ରବ୍ୟ—
3. Vulcanite.

[ ଦ୍ର—ଏଥିରେ ଖେଳନା ପ୍ରସ୍ତୁତ ହୁଏ । ]

**କାଚ କାଗଜ**—ଦେ. ବି.—କ୍ଷୁଦ୍ର କ୍ଷୁଦ୍ର କାଚଗୁଣ୍ଡ ଅଠାଦ୍ୱାରା ଲଗା ହୋଇଥିବା କାଗଜ; ଶିରସ୍ କାଗଜ—Sand paper.
Kācha kāgaja
কাঁচকাগজ
**सरेसकागज**
[ ଦ୍ର—ଏହା କାଠ ଓ ଧାତୁଦ୍ରବ୍ୟ ପାଲିସ କରିବାରେ ବ୍ୟବହୃତ ହୁଏ ।

**କାଚକାଚୁଆ**—ଦେ. ବିଣ. (ଧ୍ୱନ୍ୟନୁକରଣ)—୧ । କର୍ଦ୍ଦମାକ୍ତ—
Kāchakāchuā 1. Muddy.
কচকচে ୨ । ଚୋବାଇବାକୁ କଠିନ ବା ଖାସ୍‌ଖାସିଆ—
**किचकीला** 2. Hard or jarring like raw vegetables when chewed.

୩ । ପିଚ୍ଛିଳ; ଖସଡ଼ା—3. Slimy; slippery.

୪ । ସନ୍ତସନ୍ତିଆ—4. Wet; damp.

**କାଚକେନ୍ଦୁ**—ଦେ. ବିଣ. (ସଂ. କାଚିକେନ୍ଦୁ)—
Kāchakendu ଶରତ୍‌କାଳୀନ ଚନ୍ଦ୍ର ପରି ଅତି ସ୍ୱଚ୍ଛ (ଜଳ)—
**काँचसमान** Very transparent (water)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ୪ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ଥ | ଉଥ | ଢ |
| ୨ | ଈ | ଊ | ଋ | ଌ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଥ | ଜ୍ଞ | ନୃ |

**କାଚ ବଜ୍ର ହେବା**—ଦେ. ବ. (ବାଳକା ଓ ସଧବାମାନଙ୍କ ପ୍ରତି ପ୍ରଯୁକ୍ତ
Kācha bajra hebā ଆଶୀର୍ବଚନ )—ଆଜୀବନ ସଧବା ଚିହ୍ନ
ଚୁଡ଼ୀ ବଜ୍ର ହୋଇ ଧାରଣ କରିବା (ସ୍ତ୍ରୀଲୋକମାନଙ୍କ ହାତରେ କାଚ ଥିବା
**चुड़ी बरकरार रहना** ସଧବାର ଚିହ୍ନ)—ହାତରେ କାଚ ଚିରସ୍ଥାୟୀ
ହେବା ଅର୍ଥାତ୍ ଚିରକାଳ ସଧବା ବା ଅହୁଅ ହୋଇ
ରହିବା—The continuance of a woman to
have her husband alive so long as
she lives.

**କାଚମଣି**—ସଂ. ବି. (କାଚ+ମଣି)—୧ । କାଚ ପରି ଉପରତ୍ନବିଶେଷ—
Kāchamaṇi 1. A kind of glass-like mineral.
୨ । ମାର୍ବଲ୍; ଶଙ୍ଖମର୍ମର—2. Marble.

**କାଚମାରିବା**—ଦେ. କ୍ରି—ଦେହରୁ ରକ୍ତ ବାହାର କରିବା ନିମନ୍ତେ
Kācha māribā ମୁନିଆ କାଚଦ୍ୱାରା ଶରୀରରେ ରକ୍ତ ଜମିଥିବା
ସ୍ଥାନ ବିଦ୍ଧ କରିବା ବା ଫୋଡ଼ିବା—
To make an incision with a sharp
pointed glass for the purpose of
bleeding.

**କାଚମାଳି**—ଦେ. ବି. (ସଂ. କାଚ+ମାଳା)—ଅଠିଲମାଳି (ଦେଖ)
Kāchamāḷi Athilamāḷi (See)
**काँचमाली**

**କାଚମାଳିଆ**—ଦେ. ବିଣ.—ଯେ କାଚମାଳି ପିନ୍ଧିଥାଏ—
Kāchamāḷiā Wearing glass beads.

**କାଚର**—ସଂ. ବିଣ. (କୁ=ଈଷତ୍+ଚର ଧାତୁ=ଗମନ କରିବା+ଭାବ.
Kāchara ଅ; କୁ ସ୍ଥାନରେ 'କା' ଆଗମ)—ପୀତବର୍ଣ୍ଣ—
Yellow.

**କାଚରା**—ଦେ. ବି. ପୁଂ.—୧ । ଯେଉଁମାନେ କାଚ ବ୍ୟବସାୟ କରନ୍ତି—
Kācharā 1. Dealer in glass bangles.
(କାଚରାଣୀ—ସ୍ତ୍ରୀ) ୨ । ବୈଶ୍ୟଶ୍ରେଣୀସ୍ଥ ଜାତିବିଶେଷ—
**चुड़ीवाला** 2. A caste dealing in metal wares.
[ଦ୍ର—ଏମାନେ ପିତ୍ତଳ ଓ କଂସା ବାସନର ବେପାର କରନ୍ତି ।]

**କାଚା**—ବୈଦେ. ପ୍ରାଦେ. (ବସ୍ତର) ବିଣ. (ଫା. କଚ୍ଚା)—କଞ୍ଚା—
Kāchā Raw; unripe.

**କାଚା ନଡ଼େର**—ପ୍ରାଦେ (ବସ୍ତର) ବି.—ପଇଡ଼—
Kāchā naṛdher Young or immature cocoanut.

**କାଚାନ୍ତକ**—ଦେ. ବିଣ. (କାଚ+ଅନ୍ତକ) (ବିଜ୍ଞାନପରିଭାଷା)—
Kāchāntaka କାଚକୁ କ୍ଷୟ କରିବା ଶକ୍ତିଯୁକ୍ତ ରାସାୟନିକ ମୂଳ-
ପଦାର୍ଥବିଶେଷ; ଫ୍ଲୋରିନ୍—
Fluorine (which eats into glass)

**କାଚି**—ଦେ. ବି.—କାଛି (ଦେଖ)
Kāchi Kāchhi (See)

**କାଚି** (ଧାତୁ)—ସଂ.—ଶିକାରେ ଝୁଲାଇବା—
Kāchi (root) To suspend a thing in a Śikā.

**କାଚିଆ**—ଦେ. ବି.—କାଛିଆ (ଦେଖ)
Kāchiā Kāchhiā (See)

**କାଚିକୁଚି ଧୋଇବା**—ଦେ. କ୍ରି.—ବସ୍ତ୍ରାଦିକୁ ଉତ୍ତମରୂପେ ପିଟି ଧୋଇବା-
Kāchikuchi dhoibā To wash clothes thoroughly
କେଚେକୁଚେ ଧୁଆ clean.
**कुचकर धोना**

**କାଚିତ**—ସଂ. ବିଣ (କାଚ ଧାତୁ=ଶିକାରେ ଝୁଲାଇବା+କର୍ମ. ତ)—
Kāchita ଶିକାରେ ରଖାଯାଇଥିବା—Kept in a sus-
pended contrivance of ropes.

**କାଚିବା**—ଦେ.କ୍ରି. (ସଂ. କଚ ଧାତୁ)—୧ । ବସ୍ତ୍ରକୁ ଜଳାର୍ଦ୍ର କରି ପଥର
Kāchibā ବା ପଟା ଉପରେ ବାଡ଼େଇବା—1. To dash
କାଚା cloth repeatedly on stone or wood after
**कचारना** moistening it with water for the purpose
of cleaning.
୨ । ବସ୍ତ୍ରାଦି ପଥରରେ ପିଟି ସଫା କରି ଧୋଇବା—
2. To wash clothes.

ସେ ପୁଣି ସ୍ୱବର୍ଣସୂତ୍ରେ କାଚନ୍ତି ବସନ ।
ବଇଦ୍ୟନାଥ. ବାଳରାମାୟଣ ।

**କାଚୁକାଚୁଆ**—ଦେ. ବିଣ—କାଚକାଚୁଆ (ଦେଖ)
Kāchukāchuā Kāchakāchuā (See)

**କାଚୁଟି**—ଦେ. ବି—ପେଟରୁ ପଡ଼ିବା ବଡ଼ ବଡ଼ କୃମି. ଗଣ୍ଡୁଣ୍ଡୀ—
Kāchuṭi Large tape-worms coming out of the
କେଁଚୁଲ intestines with fæces; the round worm.

**କାଚୁମାଚୁ**—ଦେ.ଅ (ଧ୍ୱନ୍ୟନୁକରଣ)—କଞ୍ଚା ଟାଣୁଆ ଫଳ (ଯଥା—ମୂଳା
Kāchumāchu ଢାକୁଡ଼ି) ଚୋବାଇବାରେ ଉତ୍ପନ୍ନ ଶୁଷ୍କକଟୁ ଶବ୍ଦ—
କଚର କଚର Jarring or rough sound produced by
**कच कच** chewing raw and hard fruits.

**କାଚେର**—ପ୍ରାଦେ. (ସମ୍ବଲପୁର) ବି—ଗୋରୁ ଆଦିଙ୍କ ପହ୍ଲା—
Kāchera Udder of a beast.

**କାଚ୍ଛ**—ଦେ. ବି—କାଛ (ଦେଖ)
Kāchchha Kāchha (See)

**କାଚ୍ଛଟା**—ଦେ. ବି—କାଛ (ଦେଖ)
Kāchchhaṭa Kāchha (See)

**କାଛ**—ଦେ ବି. (ସଂ. କଚ୍ଛ ଓ କଚ୍ଛପଟ)—୧ । କ୍ଷୁଦ୍ର ପତଳା ରଙ୍ଗୀନ୍
Kāchha ପରିଧାନ ବସ୍ତ୍ର; କରିଆ; ଛୋଟ ଖଦି—1. A small
କାଚା piece of thin coloured cloth for wearing;
**कच्छा, कछौटी** small piece of dhoti.

ଉର ପଲ୍ଲବ ଶିଖିଗୁଚ୍ଛ, କଟୀରେ ନୀଳ ପୀତ କାଛ । ଜଗନ୍ନାଥ. ଭାଗବତ ।

୨ । କାଚ୍ଛ (ଦେଖ)
2. Kāchha (See)

ପାଇକମାନେ କାଛ ବଳଣା ପିନ୍ଧିଲେ—କୃଷ୍ଣସିଂହ ମହାଭାରତ. ଅଦ ।

ସାଧାରଣଙ୍କପକ୍ଷେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିବା ଯିବ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାଛଟା**—ଦେ. ବି—କାଛ (ଦେଖ)
Kāchhaṭā — Kāchha (See)

ଭସ୍ମ ଲେପନ ପୁଣି କଣ୍ଠରେ କାଛଟା—ମାଗପୁରାଣ ।

**କାଛଟି**—ଦେ. ବି. (ସଂ. କଚ୍ଛୋଟିକା)—କାଛ (ଦେଖ)
Kāchhaṭi — Kāchha (See)

**କାଛର**—ପ୍ରାଦେ. (ସମ୍ବଲପୁର) ବି—ଗୋସ୍ତନ; ଗାଈଙ୍କ ପହ୍ନା—
Kāchhar — Cow's udder.

**କାଛା**—ଦେ. ବି. (ସଂ.—କଚ୍ଛ)—ମଲ୍ଲମାନଙ୍କ ବ୍ୟବହାର୍ଯ୍ୟ ଲେଙ୍ଗୁଟୀ; କର୍ପଟୀ—Strip of cloth worn by athletes round the waist and tucked over the private parts.
Kāchhā
କାଛା
କାଛା, କଚ୍ଛା

[ଦ୍ର—ଏହା ତ୍ରିକୋଣାକାର ଏବଂ ଏଥିର ଗୋଟିଏ କୋଣରୁ ଲଙ୍ଗୁଡ଼ି ଓହୋଳ ଥାଏ । ତ୍ରିକୋଣାଂଶ ଦ୍ୱାରା ପିଣ୍ଡ ଆବୃତ ହୁଏ ଓ ଲମ୍ବିଥିବା ଅଂଶ ଦେହର ଗୁପ୍ତ ସ୍ଥାନ ଉପରେ ଉଡ଼ାଯାଏ ।]

**କାଛାକାଛି**—ପ୍ରାଦେ. (ମେଦନୀପୁର) ବିଣ. (ଭୁଲ ବ. କାଛାକାଛି)—
Kāchhākāchhi — ଅତି ନିକଟବର୍ତ୍ତୀ; ସନ୍ନିକଟ; ପରସ୍ପର ନିକଟବର୍ତ୍ତୀ—Contiguous; near to each other.

**କାଛାଭିଡ଼ିବା**—ଦେ. କ୍ରି—କାଛା ମାରିବା (ଦେଖ)
Kāchhā bhiṛibā — Kāchhā māribā (See)

**କାଛା ମାରିବା**—ଦେ. କ୍ରି.—ମଲ୍ଲମାନଙ୍କ ପରି ଲେଙ୍ଗୁଟି ମାରିବା—
Kāchhā māribā — To tie a kāchhā or strip of cloth tightly round the waist and private parts (as worn by athletes).
କାଛା ମାରା
କଚ୍ଛା ଚଢ଼ାନା

**କାଛି**—ଦେ. ବି—କାଛ ୧ (ଦେଖ)—
Kāchhi — Kāchha 1. (See)

କାହାକୁ ପିନ୍ଧାଇବ କାଛରେ—ଭକ୍ତଦାସ. ମଥୁରାମଙ୍ଗଳ ।

ଦେ. ଅ (ପ୍ରାଚୀନ)—ଲାଗିଯାଇ; ଦେହକୁ ଦେହ ଲାଗି—
At close quarters; hand to hand.

ଭୃତ୍ୟ ଲୋକମାନେ କର୍ଣ୍ଣଙ୍କୁ ଆଗକର,
ଯୁଦ୍ଧ କରିଲେ କାଛି ଶସ୍ତ୍ରକୁ ପ୍ରହାର । କୃଷ୍ଣସିଂ. ମହାଭାରତ. କର୍ଣ୍ଣପର୍ବ ।

**କାଛିଆ**—ଦେ. ବି—କାଛା (ଦେଖ)—
Kāchhiā — Kāchhā (See)

**କାଛିକୁଛି ହେବା**—ଦେ. କ୍ରି—କାଛି ହେବା (ଦେଖ)—
Kāchhikuchhi hebā — Kāchhi hebā (See)

**କାଛିବା**—ଦେ. କ୍ରି (ସଂ. କକ୍ଷ)—୧ । କାଛା ପିନ୍ଧିବା; କାଛା ଉଡ଼ିବା—
Kāchhibā — 1. To wear a kāchhā or strip of cloth tightly over the private parts.

୨ । କ୍ଷୁଦ୍ର ବସ୍ତ୍ର ପିନ୍ଧିବା—2. To wear a small piece of cloth.

୩ । ଲୁଗାକୁ ସୁନ୍ଦରରୂପେ ଅଙ୍ଗରେ ସଜ୍ଜିତ କରି ପିନ୍ଧିବା—
3. To wear a cloth tastefully.

ବଣଥ ହୋଇଛରେ, ବାସ ପିନ୍ଧାଇ ପଣ କାଛି—
କବିସୂର୍ଯ୍ୟ. କଣୋପାଖ୍ୟାନ. ବ ଗୀତ ।

**କାଛି ହେବା**—ଦେ. କ୍ରି—୧ । (ଶ୍ରେଷ୍ଠ ଲୁଗା ବଡ଼ ଶରୀରକୁ) କସାକସ୍ ହେବା—1. (a small cloth) To sit tight over a large body.
Kāchhi hebā
ଛୁଟା ହୋନା

୨ । କାଛା ପିନ୍ଧିଲା ଭଳିଆ କସିକାସି ଉଡ଼ାଭିଡ଼ି ଲୁଗାକୁ ପିନ୍ଧିବା—2. To wear a cloth tight.

କାଛି ହୋଇଲେ ଲୁଗା ଉଡ଼ି କରି ଚହିଁ—କୃଷ୍ଣସିଂ. ମହାଭାରତ. ବନ ।

୩ । କଚ୍ଛ ମାରି ଲୁଗା ପିନ୍ଧିବା—
3. To wear a cloth by tucking it down and up round the private parts.

**କାଛୁ**—ଦେ. ବି. (ସଂ. କଚ୍ଛୁ; ଭୁଲ. ପାଲି—କାଚ୍ଛୁ)—
Kāchhu — କାଛୁ; କୁଣ୍ଡିଆ ରୋଗ; ପୂଜପୂର୍ଣ୍ଣ କଣ୍ଡୁଦାୟକ କ୍ଷୁଦ୍ର ବ୍ରଣ; ଖୁଜୁଲି—Itches; scale.
ଖୁଜଲି
ଖୁଜଲୀ; କଲକଲ

**କାଛୁଆ**—ଦେ. ବିଣ. ପୁଂ. (ସଂ. କଚ୍ଛୁର)—କାଛୁରୋଗବିଶିଷ୍ଟ—
Kāchhuā — Attacked with itches; suffering from itches.
ଖୁଜଲୀବାଲା
(କାଛେଇ; କାଛେଣ—ସ୍ତ୍ରୀ)

**କାଛୁକୁଣ୍ଡିଆ**—ଦେ. ବି. (ସହଚର ଶବ୍ଦ)—କଣ୍ଡୁରୋଗ—Itches; painful eruptions on the body.
Kāchhu kuṇḍiā
ଖୁଜୁଲିଚୁଜଲି
ଖୁଜୁଲି କଲକଲ

[ଦ୍ର—କାଛୁରେ ପୂଜ ଓ ଘା ହୁଏ, ମାତ୍ର କୁଣ୍ଡିଆ ଶୁଖିଲା ବ୍ରଣ ।]

**କାଛୁକୁଣ୍ଡିଆଣ**—ଦେ. ବି.—କାଛୁକୁଣ୍ଡିଆ (ଦେଖ)
Kāchhukuṇḍiāṇa — Kāchhukuṇḍiā (See)

**କାଛୁଟି**—ଦେ. ବି.—କାଚୁଟି (ଦେଖ)
Kāchhuṭi — Kāchuṭi (See)

**କାଛୁରା**—ଦେ. ବିଣ. ପୁଂ. (ସଂ. କଚ୍ଛୁର)—କାଛୁଆ (ଦେଖ)
Kāchhurā — Kāchhuā (See)
(କାଛୁରୀ—ସ୍ତ୍ରୀ)

**କାଛେଇବା**—ଦେ. କ୍ରି. (ସଂ. କଚ୍ଛ)—ଲୁଗାକୁ କଚ୍ଛମାରି ପିନ୍ଧିବା—
Kāchheibā — To wear a cloth by tucking the end down the private parts.
କାଛାମାରା
ଢେକାଖୋସନା

**କାଛେ କାଛେ**—ପ୍ରାଦେ. (ମେଦନୀପୁର) କ୍ରି. ବିଣ. (ଭୁଲ. ବ. କାଛେ କାଛେ)—ପାଖେ ପାଖେ; ଅତି ନିକଟରେ—Besides; by the side of.
Kāchhe kāchhe

ଗୋବିନ୍ଦ ଶିଙ୍ଗ ଧରି କାଛେ
ବୁଲନ୍ତି ଅର୍ଜ୍ଜୁନ କାଛେ କାଛେ । ଜଗନ୍ନାଥ. ଭାଗବତ ।

| ୯ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଵ | ‘ରୁ |

**କାଛେଟା**—ଦେ. ବି—କାଛ ( ଦେଖ )
Kāchheṭā Kāchha ( See )

**କାଛେଟି**—ଦେ. ବି—କାଛ ( ଦେଖ )
Kāchheṭi Kāchha ( See )

**କାଛେଣି**—ଦେ. ବି—୧ । କାଛ ( ଦେଖ )
Kāchheṇi 1. Kāchha ( See

ଲଇଡା ଦେଖିଲ ପୁଣ, ଲଗି ହେବାର କାଛେଣୀ ।
କବିସୂର୍ଯ୍ୟ. ରତ୍ନାକରଚଉତିଶା ।

୨ । ବସ୍ତ୍ରକୁ ସୁନ୍ଦର ରୂପେ ପିନ୍ଧିବାର ଶୈଳୀ—
2. Fashion for wearing a cloth elegantly.

ନାନା କାଛେଣି ସେ ଉଅନ୍ତ
ନୃତ୍ୟକାରକୁ ସେ ନଗନ୍ତ । ଜଗନ୍ନାଥ. ଭାଗବତ ।

**କାଛେର୍**—ପ୍ରାଦେ. ( ସମ୍ବଲପୁର ) ବି—କାଛର୍ ( ଦେଖ )
Kāchher Kāchhar ( See )

**କାଜ୍**—ପ୍ରାଦେ. ( ସମ୍ବଲପୁର ) ବି. (ସଂ. କାର୍ଯ୍ୟ; ତୁଳ. ହି. କାଜ)—
Kāj କାମ; କାର୍ଯ୍ୟ—Work.

**କାଜ**—ବୈଦେ. ବି. (ଇଂ. କଜ୍‌ୱେ )—୧ । ବର୍ଷାଜଳ ଉପର ଦେଇ
Kāja ବହି ଯିବା ନିମନ୍ତେ ସଡ଼କ ବା ରାଜଦାଣ୍ଡରେ ପଥର ବାନ୍ଧିଆ
কাজ ହୋଇ ନୀଚ ପକ୍କା କରାଯାଇଥିବା ଅଂଶ—1. Cause-
কাজ way made on a road for passage of rain-water.

୨ । (ଫା. କାଜ୍)—ବୋତାମର ଛିଦ୍ର—2. Button hole.

ପ୍ରାଦେ. (ଅଳ) ବି—ଏକପ୍ରକାର ଚଢ଼େଇ—
A kind of aquatic bird.

[ ଦ୍ର—ଏମାନେ ପାଣିରେ ଥିବା ଧାନ ଗଛର ପାଚଲା କେଣ୍ଡାକୁ ଭାଙ୍ଗି କରି ଖାଇ ଯାଆନ୍ତି । ଏମାନଙ୍କ ଗୋଡ଼ ଲମ୍ବା ଓ ଥଣ୍ଟ ହଂସ ଥଣ୍ଟ ପରି । ଏମାନେ ଲିପ୍ତପାଦ । ]

**କାଜକୋଟ**—ବୈଦେ. (ଇଂ) ବି—ଛୋଟ ଛୋଟ ନିର୍ଦ୍ଦିଷ୍ଟ ଶ୍ରେଣୀର
Kājakoṭa ମକଦମା ବିଚାର କରିବା ନିମନ୍ତେ ଦେୱାନି
কাজকোট বିଚାରାଳୟ—A court of small causes;
छोटी अदालत, small cause court.
कजकोट

**କାଜକୋଟିଆ**—ଦେ. ବିଣ—୧ । ଛୋଟ ଛୋଟ ନିର୍ଦ୍ଦିଷ୍ଟ ଶ୍ରେଣୀର
Kājakoṭiā ମକଦମା ସମ୍ବନ୍ଧୀୟ—
কাজকোটিয়া 1. Relating to or dealing with court
काजकोटया of small causes.

୨ । କାଜକୋଟ ଅଦାଲତରେ ଓକାଲତି କରୁଥିବା—
2. Practising in small cause court.

**କାଜପଟି**—ବୈଦେ. ବି. (ଦରଜୀଙ୍କ ଶବ୍ଦ) (ଫା. କାଜ+ପଟ୍ଟି)—
Kājapaṭi କୁର୍ତ୍ତା ବା ଯେଉଁ ଦ୍ୱିଗୁଣିତ ପଟରେ ବୋତାମ
কাজপট্টি ଗଳିବା ପାଇଁ ଛିଦ୍ରମାନ ହୋଇ ଥାଏ—
काजपट्टी A strip of cloth in a coat in which a row of button holes are made; button-plate of a coat or shirt.

**କାଜର**—ଗ୍ରା. ବି. (ଉତ୍ତର) (ସଂ. କଜ୍ଜଳ)—କଜ୍ଜଳ; ନେତ୍ରାଞ୍ଜନ—
Kājara Collyrium.
কাজল
काजर

**କାଜଲ୍**—ପ୍ରାଦେ. (ମେଦିନୀପୁର) ବି—କଜ୍ଜଳ; ନେତ୍ରାଞ୍ଜନ—
Kājal Collyrium.

**କାଜି**—ବୈଦେ. ( ଆରବୀ ) ବି—
Kāji ୧ । ମୁସଲମାନ ବିଚାରପତି—
কাজি 1. A Mahomedan Magistrate or Judge.
काजी

କାମ ପଡ଼ିଲେ କାଜି, କାମ ସରିଲେ ପାଜି—ଢଗ ।

୨ । ମୁସଲମାନ ବିବାହକୁ ରେଜିଷ୍ଟ୍ରି କରିବା ପାଇଁ ନିଯୁକ୍ତ ବ୍ୟକ୍ତି—2. Registrar of Mahomedan marriages.

ଚୋର ମୋର ସାକ୍ଷୀ, ବସ କରିବ କାଜି । ଢଗ ।

[ ଦ୍ର—କାଜିମାନେ ମୁସଲମାନ ଅମଲରେ ଫଉଜଦାରୀ ଓ ଦେୱାନୀ ଉଭୟ ପ୍ରକାରର ମକଦମାମାନ ବିଚାର କରୁଥିଲେ । ଇଂରାଜ ଅମଲରେ ପ୍ରଥମେ ଏମାନଙ୍କ ନିକଟରେ ଦଲିଲମାନ ଓ ମୁସଲମାନ ବିବାହମାନ ରେଜିଷ୍ଟ୍ରୀ ହେଉଥିଲା । ବର୍ତ୍ତମାନ କାଜି ପଦ ଲୁପ୍ତ ହୋଇଅଛି । ]

ପ୍ରାଦେ. ( ଗଞ୍ଜାମ ) ବି. ( ସଂ. କାର୍ଯ୍ୟ )—୧ । କାର୍ଯ୍ୟୀ; ଗ୍ରାମ୍ୟ ବିଚାରକ—1. Village Magistrate (in Ganjam)

୨ । ଗ୍ରାମର କରଣ—2. Village accountant.

**କାଜିକୋଟ**—ଦେ. ବି.—(ଇଂ. କଜ୍‌କୋଟ)—କାଜକୋଟ (ଦେଖ)
Kājikoṭa Kājakoṭa (See)

**କାଜିଖାନା**—ବୈଦେ. ବି. (ଆ)—ରେଜିଷ୍ଟ୍ରି ଅଫିସ—
Kājikhānā Registration office.
কাজিখানা ଶେଷ କଚେରିରେ କାଜିଖାନାରେ କବାଲା ରେଜିଷ୍ଟ୍ରି ସମାପ୍ତ ।
काजीखाना ଫକୀରମୋହନ. ଛମାଣଆଠଗୁଣ୍ଠ ।

[ ଦ୍ର—ଓଡ଼ିଶାରେ ଇଂରାଜ ଅମଲ ଆରମ୍ଭରେ ଜିଲ୍ଲାର ରାଜଧାନୀରେ ଥିବା କାଜିମାନଙ୍କଦ୍ୱାରା ଦଲିଲମାନ ରେଜିଷ୍ଟ୍ରି କରା ଯାଉଥିଲା ।]

**କାଜି ନସାପ**—ବୈଦେ. ବି. (ଆ. କାଜି+ଇନ୍‌ସାଫ)—୧ । ମୋଟାମୋଟି
Kāji nisāpa ନ୍ୟାୟ ବିଚାର; ସରସର ଶୁଣାଣି—
কাজিবিচার 1. Rough and ready handed justice;
काजीबिचार summary justice.

[ ଦ୍ର—ପୂର୍ବେ କାଜି ମାନେ ମୋଟାମୋଟି ବିଚାର କରି ବିବାଦ ନିଷ୍ପତ୍ତି କରୁଥିଲେ । ବର୍ତ୍ତମାନ ଅଦାଲତମାନଙ୍କରେ ପ୍ରମାଣ ଆଇନର ସୂକ୍ଷ୍ମଧାରା ଅନୁସାରେ ମକଦମା ବିଚାର ହେଉ ନ ଥିଲା । ]

୨ । ଯୁକ୍ତିହୀନ ଏକତରଫା ବିଚାର—
2. Unreasonable exparte trial.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ଅପସ୍ଥିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଧାର' ନ ପାଇଲେ 'ଅନ୍ଧାର' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାଜିବିଚାର**— ଦେ. ବି. (ଆ. କାଜି + ସଂ. ବିଚାର)—
Kājibichāra — କାଜିନିସାପ (ଦେଖ) Kājinisāpa (See)

**କାଜି ବୁଝାମଣା** — ଦେ. ବି.— କାଜିନିସାପ (ଦେଖ)
Kāji bujhāmaṇā — Kājinisāpa (See)

**କାଜିୟତି**— ବୈଦେ. ବି. (ଆ)— କାଜିର କର୍ମ—
Kājiyati — The post of a Kāji.
କାଜିୟତି
**काजियती**

**କାଜୁ**— ବୈଦେ. (ପର୍ତ୍ତୁଗୀଜ୍— Caju) ବି.— ଲଙ୍କା ଅମ୍ବ;
Kāju — ବଢ଼ାଆମ୍ବ (ଦେଖ)
হিজলিবাদাম্ — Cashewnuts.
**काजू; काजू** — Anacirdum occidentale.

**କାଜୁନଟ୍**— ବୈଦେ. (ପର୍ତ୍ତୁଗୀଜ୍. କାଜୁ ଓ ଇଂ. ନଟ୍) ବି—
Kājunaṭ — ବଢ଼ାଆମ୍ବ ଅଗରେ ଥିବା ଶ୍ୱେତ ଅମ୍ବ ଆକୃତିର ଚାଳୁଆ
বাদামবিচি — ମଞ୍ଜି—Cashewnut.
**काजू** — [ଦ୍ର— ଏହା ମଧ୍ୟରେ ଥିବା ତେଲିଆ ଶସକୁ ଲୋକେ ପୋଡ଼ି ଓ ଭାଜି ଖାଆନ୍ତି ।]

**କାଜୁପତି**— ବୈଦେ. (ମାଲୟ ଭାଷା) ବି. (ମାଲୟ ଭାଷା, କୟୁ = ବୃକ୍ଷ + ପୁତି = ଶୁକ୍ଳ = ଶୁକ୍ଳ ବୃକ୍ଷ)— ଏକଜାତୀୟ ସୁଗନ୍ଧ
Kājupati
কাজুপতী — ପତ୍ରଯୁକ୍ତ ବୃକ୍ଷ— Cajput tree.
**काजू पुती** — Melalenia lencadendras (Haines)

[ଦ୍ର— ଏ ବୃକ୍ଷ ଅଷ୍ଟ୍ରେଲିଆ, ମାଲୟ ଉପଦ୍ୱୀପ ଓ ସୁମାତ୍ରା, ଯାବା, ଫିଲିପାଇନ ଦ୍ୱୀପପୁଞ୍ଜରେ ଜନ୍ମେ; ଏହାର ପତ୍ରକୁ ମଳଦେଲେ ଲେମ୍ବୁଗ୍ରାସ ପରି ବାସେ ଏବଂ ଏଥିରୁ ଏକପ୍ରକାର ବାସନା ତେଲ ତିଆରି ହୁଏ; ଏହି ତୈଳ ଦେହ ଓ ଗଣ୍ଠି ଦରଜରେ ମାଲିସ କଲେ ଉପକାର ହୁଏ । ଭାରତବର୍ଷର ଉଦ୍ୟାନରେ ଏ ଗଛ ଲୋକେ ଲଗାଇ ଅଛନ୍ତି ।]

**କାଜୁପତି**— ବୈଦେ. ( ମାଲୟଭାଷା ) ବି— କାଜୁପତି ( ଦେଖ )
Kājupati — Kājupaṭi ( See )

**କାଜୁପୁତି**— ବୈଦେ. ( ମାଲୟ ) ବି— କାଜୁପତି ( ଦେଖ )
Kājuputi — Kājupaṭi ( See )

**କାଜୁପୁତି** — ବୈଦେ. (ମାଲୟ) ବି— କାଜୁପୁତି ( ଦେଖ )
Kājuputi — Kājupuṭi ( See )

**କାଜେ**— ପ୍ରାଦେ. (ଉତ୍ତରଭାଷା ଓ ସମ୍ବଲପୁର) ଅ— ପାଇଁ; ନିମନ୍ତେ—
Kāje — For.
( ଯଥା— ତୁ ସେଠାକେ କାହିଁ କାଜେ (କାହିଁପାଇଁ ଯାଇଥିଲୁ ।)

**କାଞ୍ଚ**— ଗ୍ରା. ବି. ( ସଂ. କାଚ )— କାଚ ( ଦେଖ )
Kāncha — Kācha ( See )

**କାଞ୍ଚନ**— ସଂ. ବି. ( କଞ୍ଚ ଧାତୁ = ଦୀପ୍ତି ପାଇବା + କର୍ତ୍ତୃ. ଅନ )—
Kānchana — ୧ । ସୁନା—1. Gold.
୨ । ( ଧଳା ଓ ନାଲି ) କାଞ୍ଚନ ଗଛ ଓ ଫୁଲ—
2. A kind of red and white flowered tree; Bauhinia.
୩ । ସମ୍ପତ୍ତି; ଧନ—3. Wealth; property.
୪ । ଚମ୍ପାଫୁଲ—4. The champak flower ( Michelia champaha ).
୫ । ହରିତାଳ—5. Yellow orpiment.
୬ । ଏକଜାତୀୟ ଧାନ୍ୟ—
6. A kind of yellow paddy.
୭ । ନାଗେଶ୍ୱର ଗଛ—7. The Nāgeswara tree.
୮ । କଳା ଧାତୁରି—
8. Thorn apple ( of the violet variety ).
ସଂ. ବିଣ. ( କାଞ୍ଚନ + ଅ )— ୧ । ସ୍ୱର୍ଣ୍ଣମୟ—1. Golden.
୨ । ସ୍ୱର୍ଣ୍ଣ ବା ହରିଦ୍ରବର୍ଣ୍ଣବିଶିଷ୍ଟ—2. Yellow coloured.

**କାଞ୍ଚନକଟକ**— ସଂ. ବି ( ମଧ୍ୟପଦଲୋପୀ; କାଞ୍ଚନନିର୍ମିତ କଟକ )—
Kānchanakaṭaka — ୧ । ସ୍ୱର୍ଣ୍ଣାଲଙ୍କାରବିଶେଷ—
1. A kind of gold ornament.
୨ । ଲଙ୍କା; ସିଂହଳ—2. Ceylon.

ତଡ଼ନିତ କାଞ୍ଚନକଟକ କାହିଁ (ଉପରୋକ୍ତ ଦୁଇ ଅର୍ଥ)—
ଭକ୍ତ. ବୈଦେହୀଶବିଳାସ ।

**କାଞ୍ଚନକନ୍ଦର**— ସଂ. ବି ( ୬ଷ୍ଠୀ ତତ୍; କାଞ୍ଚନ + କନ୍ଦର )—
Kānchanakandara — ସ୍ୱର୍ଣ୍ଣଖଣି—Gold mine.

**କାଞ୍ଚନଗିରି**— ସଂ. ବି ( କାଞ୍ଚନ + ଗିରି )— ୧ । ସୁମେରୁ ପର୍ବତ—
Kānchanagiri — 1. The Sumeru mountain; the sacred mountain on the north.
୨ । ସ୍ୱର୍ଣ୍ଣମୟ ପର୍ବତ—2. Golden mountain.
୩ । ହିମାଳୟର ଶୃଙ୍ଗବିଶେଷ; କାଞ୍ଚନଜଙ୍ଘା—
3. Name of a high peak of the Himalayas.

**କାଞ୍ଚନଗୌର**— ସଂ. ବିଣ. ପୁଂ (ଉପମିତ କର୍ମଧାରୟ)— ଯାହାର ଦେହର
Kānchanagaura — ବର୍ଣ୍ଣ ସୁନାପରି—Having a golden
(କାଞ୍ଚନଗୌରୀ— ସ୍ତ୍ରୀ) — complexion.

**କାଞ୍ଚନଚମ୍ପା**— ଦେ. ବି (ସଂ. କାଞ୍ଚନ ଓ ଚମ୍ପକ)— ୧ । ହଳଦିଆ ଚମ୍ପା-
Kānchanachampā — ଫୁଲ—The yellow champaka flower.

**କାଞ୍ଚନଜଙ୍ଘା**— ଦେ. ବି ( ସଂ. କାଞ୍ଚନ ଓ ଶୃଙ୍ଗ )— ହିମାଳୟର ଉଚ୍ଚ
Kānchanajangā — ଶୃଙ୍ଗବିଶେଷ—Name of a high peak of the Himalayas.

**କାଞ୍ଚନଜିଙ୍ଘା** — ଦେ. ବି — କାଞ୍ଚନଜଙ୍ଘା (ଦେଖ)—
Kānchanajingā — Kānchanajangā (See)

**କାଞ୍ଚନଥାଳି**— ଦେ. ବି— ଉଚ୍ଚ ଧାର ଥିବା ଥାଳି; କଞ୍ଚନ ଥାଳି—
Kānchanathāḷi — A large plate with a high or raised rim.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଙ୍କ | ଇସ୍ତ | ଡ଼ଅ | . ଋ |
| ୨ | ଈ | ଊ | ଋୂ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତୃ |

**କାଞ୍ଚନଥାଳିଅ**—ଦେ. ବି—ଉଚ୍ଚ ଧାର ଥିବା ଥାଳିଅ; କଞ୍ଚନଥାଳିଅ—
Kāñchanathāḷiā A small plate with a raised rim.

**କାଞ୍ଚନମାଳୀ**—ସଂ. ବି (କାଞ୍ଚନ=ସ୍ୱର୍ଣ୍ଣ+ମାଳା+ଅସ୍ତ୍ୟ ଅର୍ଥରେ.ଇନ୍)—
Kāñchanamāḷī ୧ । ସୂର୍ଯ୍ୟ—1. The newly risen sun.
୨ । ସୂର୍ଯ୍ୟ—2. The sun.

**କାଞ୍ଚନଲତା**—ସଂ.ବି (କାଞ୍ଚନ+ଲତା); (କବିକଳ୍ପନା)—ସ୍ୱର୍ଣ୍ଣଲତା ସଦୃଶ
Kāñchanalatā ଗୌରବର୍ଣ୍ଣା କୃଶାଙ୍ଗୀ ସ୍ତ୍ରୀ—A poetical expression used to a fair complexioned female.

**କାଞ୍ଚନଲତିକା**—ସଂ. ବି—କାଞ୍ଚନଲତା (ଦେଖ)—
Kāñchanalatikā Kāñchanalatā (See)

**କାଞ୍ଚନୀ**—ସଂ. ବି ( କାଞ୍ଚନ+ସ୍ତ୍ରୀ. ଈ)—୧ । ହରିଦ୍ରା; ହଳଦୀ—
Kāñchanī 1. Turmeric.
୨ । ସ୍ୱର୍ଣ୍ଣକ୍ଷୀରୀ ବୃକ୍ଷ—2. A kind of tree.
୩ । ଗୋରୋଚନା; ଗୋରୁଙ୍କ ପିତ୍ତକୋଷରେ ଥିବା ହଳଦିଆ ପଦାର୍ଥ—3. A yellow colouring matter found in the body of cows; a yellow matter found in the gall bladder of kine.
ସଂ. ବିଣ—ସ୍ୱର୍ଣ୍ଣପରି ରଙ୍ଗବିଶିଷ୍ଟ—Of golden colour.

**କାଞ୍ଚରା**—ପ୍ରାଦେ. (ବାଲେଶ୍ୱର) ବି—କଂସାରି (ଦେଖ)—
Kāñcharā Kaṁsāri (See)

**କାଞ୍ଚଲା**—ଦେ. ବି—୧ । (ସଂ. କଞ୍ଚୁଳିକା) ସ୍ତ୍ରୀଲୋକମାନେ ବାହୁ ଓ ସ୍ତନ
Kāñchalā ଉପରେ କସିକରି ଯେଉଁ ଜାକେଟ୍ ପିନ୍ଧନ୍ତି—
କାଞ୍ଚୁଲି, କାଞ୍ଚୁଲୀ 1. Tight half jacket worn by females over the forearms and breast; a woman's bodice.

ପଟ୍ଟ-କୁଚ-କଳ ଅବସରେ ଦେଲ ସୁରକୁ ରଙ୍ଗ-କାଞ୍ଚଲା—ରାଧାନାଥ. ଯଯାତି ।

୨ । ( ସଂ. କଞ୍ଚୁକ )—ସାପକାଞ୍ଚ—
2. Scale of a serpent.
୩ । ତେଲ ଆଦି ରଖିବା ନିମନ୍ତେ ମାଟିର ଛୋଟ ଗିନା—
3. A small earthen cup or pot for keeping oil etc.

**କାଞ୍ଚଲି**—ଦେ. ବି.—କାଞ୍ଚଲା (ଦେଖ)
Kāchali Kāñchalā (See)

**କାଞ୍ଚି**—ସଂ. ବି. (କଚ୍ ଧାତୁ=ବନ୍ଧନ କରିବା; ଦୀପ୍ତିପାଇବା+କରଣ.
Kāñchi ଇ)—୧ । ଘୁଙ୍ଗୁରଲଗା ଅଣ୍ଟାସୂତା; ମେଖଳା; କଟିସୂତ୍ର; ଗୋଠ—1. Waist-chain with tinkling bells; Zone; girdle.

ବଚନର କାଞ୍ଚନ କଟିବ କାଞ୍ଚି—ଉପେ. ବୈଦେହୀଶବିଳାସ ।

୨ । (+କର୍ତ୍ତୃ. ଇ)—ଭାରତର କର୍ଣ୍ଣାଟଦେଶସ୍ଥ ନଗରୀବିଶେଷ ( ଏହାର ଆଧୁନିକ ନାମ କାଞ୍ଜିଭେରମ୍ )—
Name of a town now called Canjeeveram the capital of a former king of Karṇṇāṭa in the Deccan on the banks of the Kāberī river.

[ ଦ୍ର—ପୂର୍ବେ ଏହା ଦ୍ରାବିଡ଼ ରାଜ୍ୟର ରାଜଧାନୀ ଥିଲା । ଏହା ଗୋଟିଏ ତୀର୍ଥ; ଓଡ଼ିଶାର ସ୍ୱାଧୀନ ରାଜା ପୁରୁଷୋତ୍ତମ ଦେବ ( ଖ୍ରୀ. ୧୪୭୯—୧୫୦୪ ) ଏ ରାଜ୍ୟ ଜୟ କରି ରାଜକନ୍ୟା ପଦ୍ମାବତୀଙ୍କୁ ଆଣି ବିବାହ କରିଥିଲେ । ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ଯେ ଏ କାଞ୍ଚି ରାଜାଙ୍କର କନ୍ୟା ପଦ୍ମାବତୀଙ୍କୁ ପୁରୁଷୋତ୍ତମଦେବ ବିବାହ କରିବାର ପ୍ରସ୍ତାବ ହୋଇଥିଲା । ଓଡ଼ିଶାର ରାଜା ଜଗନ୍ନାଥ ଦେବଙ୍କ ରଥଯାତ୍ରା ସମୟରେ ଜଗନ୍ନାଥ ପହଣ୍ଡି ବିଜେ କରି ରଥକୁ ବିଜେ କରିବାବେଳେ ତାଙ୍କ ଆଗରେ ଛେରାପହରା ( ଝାଡ଼ୁ କରିବା ଓ ପାଣି ଛିଞ୍ଚିବା ) କରନ୍ତି । କାଞ୍ଚିରାଜ ଏହାକୁ ହାଡ଼ିର କାର୍ଯ୍ୟ ବୋଲି ମନେକରି ପୁରୁଷୋତ୍ତମଙ୍କୁ କନ୍ୟା ଦେବାକୁ ଅସ୍ୱୀକାର କଲେ । ପୁରୁଷୋତ୍ତମ ଦେବ ଏଥିରେ କ୍ରୁଦ୍ଧ ହୋଇ ପ୍ରତିଜ୍ଞା କଲେ ଯେ ସେ କାଞ୍ଚି ଆକ୍ରମଣ କରି ପଦ୍ମାବତୀଙ୍କୁ ଆଣି ଗୋଟିଏ ହାଡ଼ି ବା ଚଣ୍ଡାଳ ସଙ୍ଗେ ବିବାହ କରାଇବେ । ପୁରୁଷୋତ୍ତମ ଦେବ ପ୍ରଥମେ ପରାଜିତ ହେଲେ; ମାତ୍ର ପରେ ଜଗନ୍ନାଥ ଦେବଙ୍କ ସ୍ୱପ୍ନାଦେଶ ଓ ସାହାଯ୍ୟ ଦ୍ୱାରା କାଞ୍ଚି ରାଜାଙ୍କୁ ପରାସ୍ତ କରି ପଦ୍ମାବତୀଙ୍କୁ ଆଣି ଚଣ୍ଡାଳକୁ ବିବାହ ଦେବାକୁ ବସିଥିଲେ; ମାତ୍ର ପରେ ମନ୍ତ୍ରୀଙ୍କ କୌଶଳରୁ ସ୍ନେହ ଓ ଦୟାପରବଶ ହୋଇ ନିଜେ ପଦ୍ମାବତୀଙ୍କୁ ବିବାହ କଲେ । କାଞ୍ଚି ନଗର ମାନ୍ଦ୍ରାଜର କିଞ୍ଚିତ୍ ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ବିଷ୍ଣୁ କାଞ୍ଚୀ ଓ ଶିବ କାଞ୍ଚୀ ନାମରେ କାଞ୍ଚୀପୁରୀ ଦୁଇ ଭାଗରେ ବିଭକ୍ତ । ଏହା ମୋକ୍ଷଦାୟିକା ସପ୍ତପୁରୀ ମଧ୍ୟରୁ ଏକତମ ବୋଲି ପୁରାଣରେ କଥିତ । ଯଥା—"ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚିରବନ୍ତିକା, ପୁରୀ ଦ୍ୱାରବତୀ ଚୈବ ସପ୍ତୈତା ମୋକ୍ଷଦାୟିକାଃ ।" ପୁରୁଷୋତ୍ତମଙ୍କର କାଞ୍ଚି ବିଜୟ ଓ କାଞ୍ଚି କନ୍ୟା ପଦ୍ମାବତୀଙ୍କ ସଙ୍ଗେ ବିବାହକୁ ଅବଲମ୍ବନ କରି ସ୍ୱର୍ଗୀୟ ରାମଶଙ୍କର ରାୟ ୧୮୮୦ ମସିହାରେ କାଞ୍ଚିକାବେରୀ ବା ପଦ୍ମାବତୀ ନାଟକ ରଚନା କରିଥିଲେ । ଏହାହିଁ ଓଡ଼ିଆ ଭାଷାର ପ୍ରଥମ ନାଟକ ଏବଂ ଏ ନାଟକ ୧୮୮୧ ସାଲ ଫେବ୍ରୁଆରୀ ମାସରେ କଟକରେ ଅଭିନୀତ ହୋଇଥିଲା । ]

ପ୍ରାଦେ. ( ମେଦିନୀପୁର; ତୁଳ. ବଂ. କାଁଚି ) ବି.—
୧ । କଇଁଚି; କତୁରୀ—1. Scissors.
୨ । ( ସମ୍ବଲପୁର ) ବି.—କାଁଚି; ମାଟିର କ୍ଷୁଦ୍ର ଗିନା—
2. A small earthen cup.
୩ । (ସମ୍ବଲପୁର) ବି.—ଏକ ଫାଳ ନଡ଼ିଆ ସଢ଼େଇ—
3. One half of a cocoanut; cocoanut-shell.

**କାଞ୍ଚିଆ**—ପ୍ରାଦେ. ( ଯାଜପୁର ) ବିଣ—
Kāñchiā ୧ । ଛିତ୍ରିକା; କବରା—
1. Multicoloured.

ସାଧାରଣ ଲୋକେ ଅପର ସ୍ୱରର ମୂଳରେ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ସଥାକ୍ରମେ ପଂକ୍ତିର ଉପରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂପ' ନ ମିଳିଲେ 'କୁପ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳିବର' ନ ପାଇଲେ 'ଅଲିବର' ଦେଖିବେ ।

୨ । ଖ୍ରପଖ୍ରପକିଆ; ଛପଛପକିଆ—
2. Having patches of different colours on the body.

୩ । କଦସ୍ର ବା କପିଳ ବର୍ଣ୍ଣବିଶିଷ୍ଟ—
3. Brown; grey coloured.

୪ । ଶରୀରରେ ଧଳା ଛଉବିଶିଷ୍ଟ—
4. Having patches of albino on the body; albinous.

୫ । କାଳଗ୍ଟ ( ଦେଖ )
5. Kalicha ( See ) ( Haines )

**କାଞ୍ଚିକାଞ୍ଚିଆ**—ଦେ. ବଣ. ( ସଂ. କୁଞ୍ଚିତ )—କୁଞ୍ଚିତ—
Kanchikanchia Curled; curling.

**କାଞ୍ଚିକାବେରୀ**—ଦେ. ବ. ( ଏହା କାବେରୀ ନଦୀ ଉପରେ ଅବସ୍ଥିତ ଥିବାରୁ ଏହି ନାମ )—କାଞ୍ଚି ( ଦେଖ )
Kanchikaberi Kanchi ( See )

**କାଞ୍ଚିକାଞ୍ଚି ହେବା**—ଦେ.କ୍ରି. (ସଂ. ସଙ୍କୁଚିତ)—୧ । କୁଞ୍ଚିତ ହେବା—
Kanchikanchi heba 1. To be curled.
୨ । କୁଣ୍ଠିତ ହେବା—
2. To hesitate to do a thing.
୩ । ନଅଣ୍ଟ ହେବା—3. Not to suffice.

**କାଞ୍ଚିବା**—ଦେ.କ୍ରି—୧ । (ଦେହରେ ପୋଷାକ ଆଦି) କଷିବା; କଚ୍ଛିବା—
Kanchiba 1. To test a dress or cloth on the body to see if it fits or is of proper length and breadth.
୨ । ଛୋଟିଯିବା; ସଙ୍କୁଚିତ କରିବା—
2. To contract.

**କାଞ୍ଚିମାଳା**—ସ. ବ. (କାଞ୍ଚି+ମାଳା)—କାଞ୍ଚି ୧ ( ଦେଖ )
Kanchimala Kanchi 1 ( See )
କାହା କଣ୍ଠରେ ଭାବ କାଞ୍ଚିମାଳା
କହୁଅଛ ଅ ରେ ଧୀରେ ଅବଳା । ଗୀନବନ୍ଧୁ. ରସକଲ୍ଲୋଳ ।

**କାଞ୍ଚୀ**—ସ. ବ—କାଞ୍ଚି ( ଦେଖ )
Kanchi Kanchi See )

**କାଞ୍ଚୀଗୁଣ**—ସ. ବ. (୬ଷ୍ଠୀ ତତ୍; କାଞ୍ଚୀ=ଅଣ୍ଟାସୂତା+ଗୁଣ=ମାଳା)—
Kanchiguna କାଞ୍ଚି ୧ ( ଦେଖ )
Kanchi 1 ( See )

**କାଞ୍ଚୀଗୁଣସ୍ଥାନ**—ସ. ବ. (୬ଷ୍ଠୀ ତତ୍; କାଞ୍ଚୀଗୁଣ ସ୍ଥାନ; ଯେଉଁ ଅଙ୍ଗରେ କାଞ୍ଚୀ ପିନ୍ଧାଯାଏ )—
Kanchigunasthana
୧ । ଅଣ୍ଟା; କଟି—1. The waist.
୨ । ପିଚ୍ଛ; ନିତମ୍ବ—2. Buttocks.

**କାଞ୍ଚୀଦାମ**—ସ. ବ. ( କାଞ୍ଚୀ+ଦାମ=ମାଳ )—
Kanchidama କାଞ୍ଚି ୧ ( ଦେଖ )
Kanchi 1 ( See )

**କାଞ୍ଚୀପଦ**—ସ. ବ. ( ୬ଷ୍ଠୀ ତତ୍; କାଞ୍ଚୀ+ପଦ )—
Kanchipada କାଞ୍ଚୀଗୁଣସ୍ଥାନ ( ଦେଖ )
Kanchigunasthana ( See )

**କାଞ୍ଚୁଟି**—ଗ୍ରା. ବ—କାଚୁଟି ( ଦେଖ )
Kanchuti Kachuti ( See )

**କାଞ୍ଚୁଲା**—ଦେ. ବ—କାଞ୍ଚଲା ( ଦେଖ )
Kanchula Kanchala ( See )

**କାଞ୍ଚୁଲି**—ଦେ. ବ—କାଞ୍ଚଲା ( ଦେଖ )
Kanchuli Kanchala ( See )
ତେଲେଙ୍ଗି

**କାଞ୍ଚେଲା**—ଗ୍ରା. ବ—କାଞ୍ଚଲା ( ଦେଖ )
Kanchela Kanchala ( See )

**କାଞ୍ଚେଲି**—ଗ୍ରା. ବ—କାଞ୍ଚଲା ( ଦେଖ )
Kancheli Kanchala ( See )

**କାଞ୍ଚୋଲା**—ଦେ. ବ—କାଞ୍ଚଲା ( ଦେଖ )
Kanchola Kanchala ( See )

**କାଞ୍ଚୋଲି**—ଦେ. ବ—କାଞ୍ଚଲା ( ଦେଖ )
Kancholi Kanchala ( See )

**କାଞ୍ଛିବା**—ଦେ. ( ପ୍ରାଚୀନ ) କ୍ରି. ( ସଂ. କାଙ୍କ୍ଷ ଧାତୁ )—
Kanchhiba ୧ । ଆକାଙ୍କ୍ଷା କରିବା; ଅଭିଳାଷ କରିବା—
1. To desire; to wish.
୨ । ଅନୁଭବ କରିବା—2. To experience; to feel.
ମୋର ବେଦନା ସେ ଅଙ୍ଗେ କାଞ୍ଛଇ
ମୋର କମଳେ ପ୍ରାଣ ମୂରୁଛଇ । ପ୍ରାଚୀ. ରହସ୍ୟମଞ୍ଜରୀ ।

**କାଞ୍ଜର**—ପ୍ରାଦେ. ( ସମ୍ବଲପୁର ) ବ—ଅନେକ ଦିନ ଧରି ମାଠିଆରେ
Kanjar ବା କୁଣ୍ଡରେ କଚ୍ଛା ପାଣି ରହିଗଲେ ତାହାର ତଳରେ ବସିଯାଇଥିବା ମଇଳା ବା ଶିଉଳ—Sediment or moss formed at the bottom of a vessel if water is made to stand in it for a long time.

**କାଞ୍ଜି ଅଁଳା**—ଦେ. ବ. ( ସଂ. କାଞ୍ଜୀ+ଆମଳକ )—ମାର୍ଗଶିରମାସ
Kanji aanla କୃଷ୍ଣନବମୀ—The 8th day of the dark fortnight of the month of Margasira.
[ ଦ୍ର—ଏ ଦିନ ସ୍ତ୍ରୀ ଲୋକେ କାଞ୍ଜି ( ଯହିଁରେ ଅଁଳା ଚୋବା ପଡ଼ିଥାଏ ) ନେଇ ତୁଳସୀ ଚଉରାମୂଳେ ସନ୍ଧ୍ୟାବେଳେ ପୂଜା କରନ୍ତି । ]

**କାଞ୍ଜିଆ**—ଦେ. ବଣ. (ସ. କାଞ୍ଜିକା )—୧ । ଯେ ବହୁତ କାଞ୍ଜି ଖାଏ—
Kanjia 1. One who takes too much Kanji.
୨ । କାଞ୍ଜି ପରି ଖଟା—2. Acid or sour like Kanji.
୩ । ପଚି ଯାଇଥିବା ବା ଉଦରର ପଦାର୍ଥ କାଞ୍ଜି ଭଳି ଗୋଳିଆ ହୋଇ ନଷ୍ଟ ହୋଇ ଯାଇଥିବା ( ଡିମ୍ବ )—
3. Addled ( egg ); rotten.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ଌ | ଌୄ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ଼ | ସ | ଗ୍ୟ | ଇଅ | ଡ଼ | ନ୍ତ |

୪ । ( ଲକ୍ଷଣାର୍ଥ ) ବୃଥା; ନଷ୍ଟ—4. Spoiled.
( ଯଥା—ମୋର ଏତେ ପରିଶ୍ରମ କାଞ୍ଜିଅ ହୋଇଗଲା । )
ଦେ. ବି—ଏକଜାତୀୟ କ୍ଷୁଦ୍ର ମତ୍ସ୍ୟ—
A kind of small fish.

**କାଞ୍ଜିଅ ହାଉସ୍**—ବୈଦେ. ବି. ( ଇଂ. କାଇନ୍=ଗୋରୁଗାଈ+ ହାଉସ୍=ଘର ( ପରର କ୍ଷେତକୁ ନଷ୍ଟ କରୁଥିବା ଗୋମେଷାଦିଙ୍କୁ ଅବଦ୍ଧ କରାଯିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ—Kine house; cattle pound.
Kānjiā hāus
काईन हाउस
**কাঞ্জি হাউস**

**କାଞ୍ଜିଅହୁଦା**—ବୈଦେ. ବି—କାଞ୍ଜିଅ ହାଉସ୍ ( ଦେଖ )
Kānjiāhudā Kānjiā hāus ( See )

**କାଞ୍ଜିକ**—ସଂ. ବି. ( ସଂ. କାଞ୍ଜୀ+ସ୍ୱାର୍ଥେ. କ )—କାଞ୍ଜୀ ( ଦେଖ )
Kānjikā Kānji ( See )

**କାଞ୍ଜିକା**—ସଂ. ବି. ( ସଂ. କାଞ୍ଜିକ+ଆ )—କାଞ୍ଜୀ ( ଦେଖ )
Kānjikā Kānji ( See )

**କାଞ୍ଜିକାଞ୍ଜିଅ**—ଦେ. ବି—ବନ୍ୟ ଲତାବିଶେଷ—
Kānjikānjiā A wild creeper; vitis Auriculata.
[ ଦ୍ର—ଏହାର ପତ୍ର ଚକା; ଗଣ୍ଠିକୁ ଗଣ୍ଠି ପେନ୍ଥା ପେନ୍ଥା ଫୋଳ ଧରେ । ଏହାକୁ କାଠବିଡ଼ା ବାନ୍ଧିବାରେ ଲଇ କରାଯାଏ; ଏହାର କଅଁଳ ଅଗକୁ ରାନ୍ଧି ଆମ୍ବିଳ ଓ ଭକ୍ଷଣ କରାଯାଏ । ]

**କାଞ୍ଜିକାଞ୍ଜିକା**—ପ୍ରାଦେ. ( ଖୋରଧା ଓ ଗଡ଼ଜାତ ) ବି—
Kānjikānjikā କାଞ୍ଜିକାଞ୍ଜିଅ ( ଦେଖ )
Kānjikānjiā ( See )

**କାଞ୍ଜିକାଞ୍ଜିକଅ**—ପ୍ରାଦେ. ( ଖୋରଧା ଓ ଗଡ଼ଜାତ ) ବି—
Kānjikānjikiā କାଞ୍ଜିକାଞ୍ଜିଅ ( ଦେଖ )
Kānjikānjiā ( See )

**କାଞ୍ଜିଗାତ**—ଦେ. ବି.—ଭୂମିରେ ବା ଖଣ୍ଡିଏ ପଟାରେ ୨ ଧାଡ଼ିରେ ୧୪ ଗୋଟି ଗାତ ବା ମଲା କରି ସେ ଗାତମାନଙ୍କ ମଧ୍ୟରୁ ୧୨ ଟି ମଲାରେ ୩ ଗଣ୍ଡା ଲେଖାଏଁ କାଇଁଚ ବା ଗୋଡ଼ି ବା ତେନ୍ତୁଳି, ଅତ ବା ବଉଳ ମଞ୍ଜିର ସାର ପକାଇ ସ୍ତ୍ରୀଲୋକମାନଙ୍କର ଖେଳିବାର ଏକପ୍ରକାର ଖେଳ—An indoor game played by females by distributing and redistributing 12 seeds in each of 2 rows of 7 holes each on the ground or on a plank.
Kānjigāta
[ ଦ୍ର—ଗୋଟିଏ ଧାଡ଼ିରେ ୭ଟି ଗାତ ଥାଏ, କିନ୍ତୁ ୬ଟି ଗାତରେ ୧୨ ଖଣ୍ଡି ଲେଖାଏଁ ସାର ରଖାଯାଏ; ଧାଡ଼ିର ଶେଷ ମୁଣ୍ଡର ଗାତଟି ଖେଳାଳିର କାଞ୍ଜିଗାତ ବା ବୋଇତ । ସେଥିରେ କିଛି ସାର ନ ଥାଏ । ପ୍ରଥମେ ଜଣେ ଖେଳାଳି ଆପଣା ମନଇଚ୍ଛା ଗୋଟିଏ ଗାତରୁ ସାରଯାକ ଉଠାଇ ଡାହାଣ ଅଡ଼କୁ ଥିବା ପ୍ରତି ଗାତରେ (କେବଳ ବିପକ୍ଷର ଶେଷ ଗାତକୁ ଛାଡ଼ି) ଗୋଟେ ଲେଖାଏଁ ସାର ପକାଇଯାଏ । ଏହିପରି କରୁ କରୁ ଯେବେ ଆପଣାର ଗାତ ପାଖକୁ ଆସିଲା ବେଳକୁ ତା ହାତରେ ଥିବା ସବୁ ସାରଯାକ ନିଃଶେଷିତ ହୋଇଯାଏ, ତେବେ ସେ ମଲା । ଏହିପରି କରୁ କରୁ ଯେବେ ଆପଣା ବୋଇତ ଗାତରେ ଅନ୍ୟ ଖେଳାଳିର ଗାତ ଅପେକ୍ଷା ବେଶି ସାର ଥିବାର ଦେଖାଯାଏ ତେବେ ସେ ଜିତେ । ତା ପରେ ଅନ୍ୟ ଖେଳାଳି ଖେଳେ । ]

**କାଞ୍ଜିଗାତିଅ ଖେଳ**—ଦେ. ବି.—କାଞ୍ଜିଗାତ (ଦେଖ)
Kānjigātiā khela Kānjigāta (See)

**କାଞ୍ଜିଗୀତ**—ଦେ. ବି.—କାଞ୍ଜିସମ୍ବନ୍ଧରେ ବୋଲାଯିବା ହାସ୍ୟରସଯୁକ୍ତ ଗୀତବିଶେଷ—A popular song dealing with the imaginary travel of kānji. from one house to another.
Kānjigīta
[ ଦ୍ର—କାଞ୍ଜି ପ୍ରଥମେ କାହା ଘରୁ ବାହାରି କେଉଁ ଜାତିର ଲୋକଙ୍କ ଘରେ ଆଶ୍ରୟ ନେଲା ଓ ସମସ୍ତଙ୍କଠାରୁ ମାଡ଼ ଗାଳି ଖାଇ ପଛକୁ ଯାଇ ବ୍ରାହ୍ମଣ ଘରେ ପହଞ୍ଚିଲା ଏବଂ ସେଠାରେ ବଡ଼ ଆଦର ପାଇଲା । ଏହିପରି ବର୍ଣ୍ଣିତ ହୋଇଥିବା ଗୋଟିଏ ରହସ୍ୟମୟ ଗୀତ ]
ତନ୍ତି କାଞ୍ଜି ଗଲା ଘରେ, ପଳେଇ ପଶିଲା ବ୍ରାହ୍ମଣଘରେ ।
ଏଣେ ବ୍ରାହ୍ମଣ୍ୟାଣୀ ତେଣେ ବ୍ରାହ୍ମଣ, କାଞ୍ଜିକି ରଖିଲେ ଇଶାଣି କଣ ।
[ ଦ୍ର—ଫଳତଃ ବ୍ରାହ୍ମଣମାନଙ୍କ ଘରେ କାଞ୍ଜିର ବେଶି ଆଦର ଦେଖା ଯାଏ । ]

**କାଞ୍ଜି ତୋଡ଼ାଣି**—ଦେ. ବି.—ଦୁଇ ଦିନରୁ ବେଶି ବାସି ତୋଡ଼ାଣି (ଯହିଁରୁ କାଞ୍ଜି ତିଆରି ହୁଏ)—Stale and sour rice water from which kānji is prepared by boiling.
Kānjitordāni

**କାଞ୍ଜି ପାଣି**—ଦେ. ବି.—୧ । କାଞ୍ଜିତୋଡ଼ାଣି (ଦେଖ)
Kānjipāni 1. Kānjitordāni (See)
୨ । ବହୁତ ଦିନର ବାସି ତୋଡାଣିରେ ପ୍ରତିଦିନ ବା ମଝିରେ ମଝିରେ ପାଣି ମିଶାଇ ରଖାଯାଇଥିବା ଖଟ୍ଟା ଧଳା ପାନୀୟ—2. A drink made by diluting stale rice water with water from time to time.
[ ଦ୍ର—କାଞ୍ଜିପାଣି ପାନ କଲେ ଜୀର୍ଣ୍ଣଜ୍ୱର, ଅଜୀର୍ଣ୍ଣାଦି ଭଲ ହୁଏ । ପୁରୀର ଓଡ଼ିଆ ମଠରେ ବହୁ ବର୍ଷରୁ ଅଭଡ଼ାର କାଞ୍ଜିପାଣି ରକ୍ଷିତ ହୋଇଅଛି ଓ ଅନେକ ଜୀର୍ଣ୍ଣଜ୍ୱରାକ୍ରାନ୍ତ ରୋଗୀ ଏ କାଞ୍ଜିପାଣିକୁ ମାଗି ଆଣି ପିଇ ରୋଗମୁକ୍ତ ହେବାର ଦେଖାଯାଇଅଛି । ]

**କାଞ୍ଜି ପାଣି ହାଣ୍ଡି**—ଦେ. ବି.—ପାକଶାଳାରେ ଯେଉଁ ହାଣ୍ଡିରେ ବାସି ତୋଡ଼ାଣି ସଂଗୃହୀତ ହୋଇ ସମୟକ୍ରମେ କାଞ୍ଜି ତିଆରି ହେବା ନିମନ୍ତେ ରଖାଯାଇଥାଏ—A hāndi or earthen pot placed in the cook room, in which sour rice water is stored for being cooked into kānji in future.
Kānjipāni hāndi

ସାଧାରଣସ୍ଥଳେ ଅପର ପୃଷ୍ଠାରେ ସେଠ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ, ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଖ୍ୟା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କାଞ୍ଜିପିଟିକେଇ**—ଗ୍ରା. ବ.—କାଞ୍ଜିଗାତ (ଦେଖ)
Kāñjipitikei — Kāñjigāta (See)

**କାଞ୍ଜିହାଉଡା**—ବୈଦେ. ବ.—କାଞ୍ଜିଅ ହାଉସ୍ (ଦେଖ)
Kāñjihāudā — Kāñjiā hāus (See)

**କାଞ୍ଜିହାଉସ୍**—ବୈଦେ. ବ.—କାଞ୍ଜିଅ ହାଉସ୍ (ଦେଖ)
Kāñjihāus — Kāñjiā hāus (See)

**କାଞ୍ଜୀ**—ସଂ. ବ. (କ=ଜଳ ବା କୁ=କୁତ୍ସିତ+ଅଞ୍ଚ୍ ଧାତୁ=ଗମନ କରିବା; କର୍ତ୍ତୃ ଅ+ଈ)—ପର୍ଯ୍ୟୁଷିତ ଅନ୍ନର ଜଳ ବା ବାସି ତୋରାଣିଦ୍ୱାରା ପାକ କରାଯାଇ ପ୍ରସ୍ତୁତ ହେବା ବ୍ୟଞ୍ଜନ—A curry or soup or gruel made by thickening sour rice water over fire.
Kāñji
[ଦ୍ର—ଏହା ରୋଚକ ଓ ଜ୍ୱର, ଅଜୀର୍ଣ୍ଣ ଦୋଷ ପ୍ରଭୃତିରେ ଉପକାରୀ ।]

**କାଟ୍**—ଦେ. ବ.—କାଟ୍‌ଛାଟ୍ (ଦେଖ)
Kāṭ — Kāṭchhāṭ (See)

**କାଟ୍‌କସୁଟ୍**—ବୈଦେ. ବ.—କାଟ୍‌କସୋର୍ (ଦେଖ)
Kāṭkasuṭ — Kāṭkasor (See)

**କାଟ୍‌କସୁର୍**—ବୈଦେ. ବ.—କାଟ୍‌କସୋର୍ (ଦେଖ)
Kāṭkasur — Kāṭkasor (See)

**କାଟ୍‌କସୋର୍**—ବୈଦେ. ବ (ଫା. ସହିତର କାଟ୍+କସର୍)—କମାଇଦେବା; ସଙ୍କୋଚନ—Retrenchment; reduction.
Kāṭkasor
কাটকুট্
**काटकसर; कतरब्योंत**

**କାଟ୍‌କାଟ୍**—ଦେ. ବଣ—କାଠ୍‌କାଠ୍ (ଦେଖ).
Kāṭkāṭ • Kāṭhkāṭh (See)

**କାଟ୍‌କୁଟ୍**—ଦେ. ବ. (ସହିତର)—୧ । ଲେଖା ଆଦି ସଂଶୋଧନ କରିବା ଉଦ୍ଦେଶ୍ୟରେ ଲେଖା ଉପରେ ଗାର ଟାଣିବା; କଟାକଟି—1. Scoring through old writings by way of correction.
Kāṭkuṭ
কাটকুট
**काटछाँट**

ଜମାଖର୍ଚ୍ଚର ସମସ୍ତ ପୁନର୍ବାର ଥରେ ଶୁଣି ମୁନିଙ୍କ ପରାମର୍ଶ ଅନୁସାରେ କାଟ୍‌କୁଟ୍ କରି ସୁହାମାନଙ୍କୁ ସଦୁପଦେଶ ଦେଲେ ।

ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । ଅସ୍ତ୍ରଚିକିତ୍ସା—2. Surgical operation.

ଦେ. ବଣ.—ସଂଶୋଧନାର୍ଥ ଗାର ପଡ଼ା ହୋଇଥିବା (ଲେଖା) କାଟକଟ ହୋଇଥିବା (ଲେଖା)—Scored through and corrected (writings)

**କାଟ୍‌ଛାଟ୍**—ଦେ. ବ. (ସଂ. କର୍ତ୍ତ ଧାତୁ; ତୁଳ. ହିଂ. କଟ୍ ଧାତୁ= କାଟିବା; ସହିତର କାଟିବା ଓ ଛାଣିବା; କାଟିବା= କର୍ତ୍ତନ କରିବା; ଛାଣିବା=ଅଗ କାଟିବା)—୧ । ପୋଷାକ ଆଦିର ଗଢ଼ଣ; କଟା ହେବାର ଢଙ୍ଗ—1. Cut; mode of cutting (of dress).
Kāṭchhāṭ
কাটছাঁট
**कतरब्योंत**

୨ । ରୂପ; ଆକୃତି—2. Form; shape.
( ଯଥା—ପିଲାଟିର କାଟ୍‌ଛାଟ୍ ସୁନ୍ଦର । )
୩ । ଅନ୍ତିମ ସାଜସଜ୍ଜା—3. Final recast.
୪ । ଚେହେରା; ଚାଲିଚଳନ—4. Mien; gait.
୫ । ଧରଣ; ଢଙ୍ଗ—5. Cast; fashion.
୬ । ଶାଗ ଆଦି କାଟିବାର ଥର—6. Cutting of a pot herb; pruning of a potherb.
୭ । କାଟ୍‌କୁଟ୍ ( ଦେଖ )—7. Kāṭkuṭ ( See )
୮ । କାଟ୍‌କସୋର୍ ( ଦେଖ )—8. Kāṭkasor ( See ).

ଦେ. ବଣ—୧ । ନାନାପ୍ରକାର କର୍ତ୍ତିତ—1. Cut or reduced in various ways.
୨ । କଟାକଟି ହୋଇ ସଜ୍ଜିତ—2. Finally recast.

**କାଟ୍‌ଛାଟ୍ କରିବା**—ଦେ. କ୍ରି—୧ । ପୋଷାକ ଆଦି ତିଆରି କରିବା ନିମନ୍ତେ ଲୁଗାକୁ କାଟିବା—1. To cut cloth to suit it being done up for a dress.
Kāṭchhāṭ karibā
কাটছাঁটকরা
**कतरब्योंत करा**
୨ । କାଟ୍‌କୁଟ୍ କରି ସଜ୍ଜିତ କରିବା—2. To revise ( a writing ); to recast.
୩ । କମ୍ କରିବା—3. To dimimish; to lessen the size; to curtail.

**କାଟ୍‌ଛାଣ୍ଟ୍**—ଦେ. ବ. ଓ ବଣ—କାଟ୍‌ଛାଟ୍ ( ଦେଖ )
Kāṭchhāṇṭ — Kāṭchhāṭ ( See )

**କାଟ୍‌ଣୀ**—ପ୍ରାଦେ. ( ସମ୍ବଲପୁର ) ବଣ. ସ୍ତ୍ରୀ. ( ସଂ. କର୍ତ୍ତନ )—ବ୍ୟୟସଙ୍କୋଚକାରିଣୀ ( ସ୍ତ୍ରୀ )—( a woman ) Making retrenckments in expenditure.
Kāṭṇi

**କାଟ୍‌ତି**—ବୈଦେ. ବ. ( ଅ. କାଟ୍‌ତ )—ପଣ୍ୟ ଦ୍ରବ୍ୟାଦିର ବଜାରରେ ଚଳନ୍ତି—Sale; consumption; ready disposal of a commodity; ready sale in the market.
Kāṭti
কাটতি
**कटती**

**କାଟ୍‌ନା**—ପ୍ରାଦେ. ( ସମ୍ବଲପୁର ) ବ—କାଟଣା ( ଦେଖ )
Kāṭnā — Kāṭaṇā ( See)

**କାଟଲଗ୍**—ବୈଦେ. ବ. ( ଇଂ. କଟାଲେଗ୍ )—୧ । ପୁସ୍ତକାଗାର ବା ପୁସ୍ତକଭଣ୍ଡାରର ପୁସ୍ତକ ଲିଷ୍ଟ; ନାମ ତାଲିକା—1. Catalogue of books in a library or bookshop.
Kāṭlag
ক্যাটালগ
**कैटलाग**
୨ । ଭଣ୍ଡାର ବା ଦୋକାନରେ ଥିବା ପଣ୍ୟାଦିର ମୂଲ୍ୟ ତାଲିକା—2. Catalogue or price list of commodities in a shop or store.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଯ | ଉଅ | ଘ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ | ନ୍ |

**କାଟ**—ଦେ. ବି. ( ସଂ. କର୍ତ୍ତନ; କର୍ତ୍ତିନ; ଭୁଲ. ଇଂ. କଟ୍=କାଟିବା)—
**Kāṭa** ୧ । କାଟିବା; କର୍ତ୍ତିନ; କଟା ହେବା—
କାଟ୍; କାଟନ୍ 1. Act of cutting.

୨ । ଫସଲ ବା ଶାଗ ଆଦି କାଟିବାର ଥର—
2. One cutting of a crop.
( ଯଥା—ଆମ ବାଡ଼ି କୋଶଲାଶାଗ ୩ କାଟ ପାଇଲାଣି । )

୩ । ଲାଗୁଆ—3. Daily supply; contract for a daily supply of necessaries; regular daily supply.

୪ । ସାଦୃଶ୍ୟ—4. Likeness; similarity.
( ଯଥା—ତା କାଟରେ ଲୋକ ମିଳିବେ ନାହିଁ । )

୫ । ଆକାର—5. Shape.

୬ । ଦୋକାନର ଜିନିଷ ଉପରେ ଲେଖା ହୋଇଥିବା ମୂଲ୍ୟରୁ କଟାଯିବା ମୂଲ୍ୟାଂଶ; ଯାହା ନଗଦ କିଣାଳିଙ୍କୁ ମାଫ୍ ଦିଆଯାଏ—6. Amount to be deducted from the market price of a commodity when it is purchased for cash.

୭ । ଢଙ୍ଗ; ଧରଣ; ପ୍ରକାର—
7. Cut; mode; cast.

୮ । ଊଣା କରିବା; କମାଇବା—
8. Diminution; curtailment.

୯ । ଗଠଣ; ଗଢ଼ଣ—
9. Cut or make of a thing.

୧୦ । ପଣ୍ୟ, ବିଜ୍ଞାପନରେ ବା ମାଲ ତାଲିକାରେ ଛପା ହୋଇଥିବା ମୂଲ୍ୟ—10. Noted price; catalogue price of an article offered for sale.

୧୧ । ଶିରଚ୍ଛେଦ; ମୁଣ୍ଡକଟା—11. Beheading.
( ଯଥା—ଯୁଦ୍ଧରେ ଲୋକେ କାଟ ଖାଇଗଲେ । )

୧୨ । ପୂର୍ବରୁ ନିର୍ଦ୍ଧାରିତ ରେଟରେ ଜିନିଷ ଯୋଗାଇବାପାଇଁ ଆଗଭୁରା ଦାଦନ ଦିଆଯିବା ଟଙ୍କା—
12. Money advanced to the vendor on a contract to supply things at a fixed rate.

୧୩ । ପ୍ରତିଦିନ ଗଉଡ଼ଠାରୁ ନିର୍ଦ୍ଦିଷ୍ଟ ପରିମାଣର ଦୁଧ ବା ଦୁଧର ମୂଲ୍ୟ ନେବା ସର୍ତ୍ତରେ ଦୁଧିଆଳୀ ଗାଈକୁ ଗୋସ୍ୱାମୀ ଗଉଡ଼ ଜିମା କରିବା ରୀତି—13. The making over of a milch cow to a cowherd on condition of his supplying a fixed quantity of milk or price there of to the owner for a fixed period.

୧୪ । କାଟ ଛିଡ଼ିବା (ଦେଖ)
14. Kāṭa chhirḍibā (See)

ପ୍ରାଦେ. (ସିଂହଭୂମ) ବି.—ଖଣ୍ଡି (ଦେଖ)
Khaṇḍi (See)

ପ୍ରାଦେ. (ସମ୍ବଲପୁର) ବିଣ.—ଏକ କୁଟା ପରିମିତ (ଚାଉଳ), ପ୍ରାୟ କଟକର ଅଠ ସେର—Eight seers of (rice).

**କାଟକରିବା**—ଦେ. କ୍ରି.—୧ । ଲାଗୁଆ କରିବା; ପ୍ରତିଦିନ ନିୟମିତରୂପେ
**Kāṭa karibā** ବ୍ୟବହାର୍ଯ୍ୟ ବସ୍ତୁ କୌଣସି ବ୍ୟକ୍ତିଠାରୁ ଆଣିବା ପାଇଁ ଚୁକ୍ତି କରିବା—1. To contract for a regular supply of an article of daily use.

୨ । ଅନେକଗୁଡ଼ିଏ ପଦାର୍ଥର ଶ୍ରେଣୀବିଭାଗ ଅନୁସାରେ ଭାଉ ଧାର୍ଯ୍ୟ କରି ଲେଖିଦେବା—2. To settle and mark the rate of certain articles (e. g. coconut.)
[ଦ୍ର—ସତ୍ୟବାଦୀ ଅଞ୍ଚଳର ନଡ଼ିଆ ମହାଜନମାନେ ବର୍ଷକେ ଥରେ ଏକତ୍ର ବୈଠକ କରି ସେ ବର୍ଷ ପାଇଁ ନଡ଼ିଆର କାଟ କରନ୍ତି । ]

**କାଟ ଖାଇବା**—ଦେ. କ୍ରି—୧ । ଶିରଚ୍ଛିନ୍ନ ହେବା; ହଣା ହେବା—
**Kāṭa khāibā** 1. To be beheaded.
(ଯଥା—ପୂର୍ବେ ଫ୍ରାନ୍ସରେ ଗୁରୁତର ଅପରାଧୀମାନେ କାଟ ଖାଉଥିଲେ । )

୨ । କର୍ତ୍ତିତ ହେବା—2. To be cut.
(ଯଥା—କୋଶଲା ଶାଗ ଯାକ ତିନି ଚାରି କାଟ ଖାଇଲେ ବଢ଼େ । )

୩ । ଦୋକାନ ଆଦିରୁ ଲାଗୁଆ କରି ସଉଦା ଆଣି ନିଜର ବ୍ୟବହାରରେ ଲଗାଇବା—3. To bring articles regularly on credit from a shopkeeper.

**କାଟ ଛିଡ଼ିବା**—ପ୍ରାଦେ. (ପୁରୀ ଜିଲ୍ଲା ) ବି—ନଡ଼ିଆ ମହାଜନ ଓ
**Kāṭa chhirḍibā** ଖାତକମାନେ ବସି ବର୍ଷକେ ମଧ୍ୟରେ କାରବାର ହୋଇଥିବା ନଡ଼ିଆର ଦର ବା ଭାଉ ସ୍ଥିରୀକୃତ କରିବା—
The settlement of the rate of the cocoanut at a conference of cocoanut traders once in a year.

**କାଟ ଛିଣ୍ଡିବା**—ପ୍ରାଦେ. (ପୁରୀ ଜିଲ୍ଲା) ବି—କାଟ ଛିଡ଼ିବା (ଦେଖ)
**Kāṭa chhiṇḍibā** Kāṭa chhirḍibā (See)

**କାଟଣ**—ଦେ.ବି. (ସଂ. କର୍ତ୍ତନ;ପ୍ରା.କଟ୍ଟଣ; ଭୁଲ.ଇଂ. କଟ୍=କାଟ)—
**Kāṭana** ୧ । ଗଢ଼ଣ—1. Cut; make.

୨ । କାଟିବା; କର୍ତ୍ତନ—2. Cutting.

ପ୍ରାଦେ. (ଗଡ଼ଜାତ) ବିଣ—୧ । କର୍ମର ଉପଯୁକ୍ତ—
1. Fit for work.

୨ । କର୍ମଠ; ପରିଶ୍ରମୀ—2. Laborious.
(ଯଥା—ଏ ଗୋରୁଟି କାଟଣ ପଡ଼ିବ; ଏ ମୂଲିଆମାନେ ଖୁବ୍ କାଟଣ । )

**କାଟଣା**—ଦେ. ବି.—୧ । ତରକାରୀ ପାଇଁ କଟା ହେବା ପରିବାପତ୍ର—
**Kāṭanā** 1. Vegetables chopped ready for
କାଟା cooking.
କାଟନା ୨ । କାଟିବାର କ୍ରିୟା—2. Act of cutting.

ସାଧାରଣ ଲୋକଙ୍କ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଙ୍କର ଜଳସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କର' ଦେଖିବେ

୩। ଗାଳିମନ୍ଦ—3. Imprecations; abuses.

୪। ସୂତା କାଟିବା—4. Spinning (of thread).

**କାଟଣାବାଟଣା**—ଦେ. ବି. (ସହଚର; ସଂ. କର୍ତ୍ତନ ଓ ବର୍ତ୍ତନ)—
Kāṭaṇābāṭaṇā କାଟାବାଟା ତରକାରୀ କରିବା ପାଇଁ ପରିବା ଆଦି କାଟିବା ଓ ବେସର ଆଦି ବାଟିବା କର୍ମ—The operations of chopping vegetables and pestling spices for cooking curry.

**କାଟଣୀ**—ଦେ. ବି—କାଟେଣୀ (ଦେଖ)
Kāṭaṇi Kāṭeṇi (See)

**କାଟପାଣି**—ଦେ. ବି.—୧। କୌଣସି ରୋଗ ନିବାରଣାର୍ଥ କିମ୍ବା କାମନା Kāṭapāṇi ପୂରଣ ନିମନ୍ତେ ଅଭିମନ୍ତ୍ରିତ ଜଳ; ମନ୍ତ୍ରପାଣି—1. Water consecrated by mantras for being used as medicine or charm.

୨। ବାଇଗଣ ଆଦି ଗଛରେ ଅତ୍ୟଧିକ ଫଳ ଫଳିବାପାଇଁ ଗଛମୂଳେ ଦିଆଯିବା ଅଭିମନ୍ତ୍ରିତ ଜଳ—2. Charmed water sprinkled on plants with a view to their producing a bumper produce.

ଗୁଣି ପଣେ ତା ମୂଳେ ସେ ଦେଲେ କାଟପାଣି।
ଉପେନ୍ଦ୍ରଭଞ୍ଜ. ଲକ୍ଷ୍ମୀବାବଦ୍ୟ।

**କାଟବାଛ**—ପ୍ରାଦେ. (ଗଡ଼ଜାତ) ବି—୧। ରନ୍ଧନାର୍ଥ ପରିବା କାଟିବା ଓ Kāṭabāchha. ଶାଗ ଆଦି ବାଛିବା—1. Acts of chopping vegetables and cleaning pot-herbs for cooking.

୨। ରନ୍ଧନାର୍ଥ ସଜ୍ଜିତ କଟା ପରିବା ଓ ବଛା ଶାଗ—
2. Chopped vegetables and cleaned pot herbs ready for cooking.

[ଦ୍ର—ରାଜାମାନଙ୍କ ରାଜଧାନୀକୁ ସମାଗତ ବରିଷ୍ଠ ଗୁରୁ-ବନ୍ଧୁମାନଙ୍କ ପାକଶାଳାକୁ ଉଆସରୁ 'କାଟବାଛ' ପଠାଯାଏ।]

**କାଟବାଟ**—ଦେ. ବି. (ସଂ. କର୍ତ୍ତନ+ବର୍ତ୍ତନ)—୧। ରନ୍ଧନାର୍ଥ ପରିବା Kāṭabāṭa କାଟିବା ଓ ମସଲା ଆଦି ବାଟିବା କ୍ରିୟା—The acts of chopping vegeatables and pestling spices or sauce for cooking.

୨। ରନ୍ଧନାର୍ଥ ପ୍ରସ୍ତୁତ କଟା ପରିବା ଓ ବଟା ମସଲା—
2. Chopped vegetables and pestled spices ready for cooking.

**କାଟବାଡ଼ି**—ପ୍ରାଦେ. (ଗଡ଼ଜାତ)—ମୁଣ୍ଡକାଟ (୩) (ଦେଖ)
Kāṭabāṛdi Muṇḍakāṭa (3) (See)

**କାଟବ୍ୟ**—ସଂ. ବି. (କଟୁ+ଭାବ. ଯ)—କଟୁତା; କର୍କଶତା—
Kāṭabya. Harshness.

**କାଟସିହା**—ଦେ. ବି. (ମହାଜନ ଓ ଦୋକାନ ସିରସ୍ତା; ଏ ସିହା ଅବଶ୍ୟକ Kāṭasihā ସ୍ଥଳରେ କାଟକୁଟ ହୋଇ ଲେଖା ହେବାରୁ)—ପ୍ରାତ୍ୟହିକ ଆୟବ୍ୟୟ ଲେଖାଯାଉଥିବା ଖାତା; ପ୍ରତିଦିନ ଯେଉଁ ବହିରେ ଜମାଖରଚ ଲେଖାହୁଏ—Daily account book of business.

**କାଟା**—ବୈଦେ. ପ୍ରାଦେ. (ଗଞ୍ଜାମ) ବି. (ଇ. କାର୍ଡ଼)—
Kāṭā ୧। ଚିଠିପତ୍ରାଦିର ବିଡ଼ା—1. Bundle of letters.

୨। ଚିଠିର ଡାକ—2. Post.

୩। ଶହେ ପାନ—3. One hundred betel leaves.

୪। ପୋଷ୍ଟକାର୍ଡ଼—4. Post card.

**କାଟାମାଣ୍ଡୁ**—ଦେ. ବି. (ନାମ) (ସଂ. କାଷ୍ଠ+ମଣ୍ଡପ)—
Kāṭāmāṇḍu କାଟାମାଣ୍ଡ କାଠମାଣ୍ଡୁ ନେପାଳ ରାଜ୍ୟର ରାଜଧାନୀ—Name of the capital of the kingdom of Nepal.

[ଦ୍ର—ଏହି ନଗରରେ ଅଧିକାଂଶ ଘର କାଠରେ ତିଆରି ହେବାରୁ ଏହି ନାମ।]

**କାଟିକାଟି ହେବା (ପେଟ)**—ଦେ. ବି.—ଉଦର ମଧ୍ୟରେ ଆମଜନିତ Kāṭikāṭi hebā (peṭa) ପୀଡ଼ା ହେବା ବା ପେଟ କାମୁଡ଼ିବା—Aching felt in the abdomen due to dysentery

**କାଟାଲଗ୍**—ବୈଦେ. ବି. (ଇଂ. କାଟାଲୋଗ୍)—କାଟ୍‌ଲଗ୍ (ଦେଖ)
Kāṭālag Kṭalag (See)

**କାଟିଣୀ**—ଗ୍ରା. ବି.—୧। କାଟେଣୀ (ଦେଖ)
Kāṭiṇi Kāṭeṇi (See)

**କାଟିନ୍**—ବୈଦେ. ବି. (ଇଂ)—କାଟେଣୀ (ଦେଖ)
Kāṭin Kāṭeṇi (See)

**କାଟିନି**—ଗ୍ରା. ବୈଦେ. (ଇଂ) ବି.—କାଟେଣୀ (ଦେଖ)
Kāṭini Kāṭeṇi (See)

**କାଟିବା**—ଦେ. କ୍ରି. (ସକର୍ମକ) (ସଂ. କର୍ତ୍ତନ ବା କର୍ତ୍ତନ; (ତୁଳ) Kāṭibā ହି. କାଟ୍‌ନା; ଇଂ. କଟ୍=କାଟିବା)—
କାଟା କାଟନା ୧। ଅସ୍ତ୍ରାଦିଦ୍ୱାରା ଛେଦନ କରିବା; କର୍ତ୍ତନ କରିବା—1. To cut by instruments; to sever.

(ଯଥା—କାଠ କାଟିବା।)

୨। ଊଣା କରିବା; କମାଇବା—
2. To lessen; to disminish.

ଅପଣା ପେଟରୁ କାଟି ଭଲ କେ ଲୋକ ପାଇଁ ଇଚ୍ଛା ଥିବ।
କୁନ୍ତଳାକୁମାରୀ. ନଅଭୁଣୀ।

୩। କାର୍ଯ୍ୟ କରିବା; କାଟିବା; ଫଳପ୍ରଦ ହେବା—
3. To be effectual.

ନ କାଟେ ମନ୍ତ୍ର ମଉଷଧି। ପ୍ରାଚୀ. ନର୍ମ୍ମମାହାତ୍ମ୍ୟ।

୪। (ଦେହ ବା ମନକୁ) ପୀଡ଼ାଦାୟକ ହେବା; କଷ୍ଟ ଦେବା; ଦୁଃଖ ଦେବା; ପୀଡ଼ା ଦେବା—4. To trouble; to give pain; to afflict.

ଏକାମ କର ମାର ପକାଇ ସୁକୁମାରୀ କ କାଟନ୍ତା ଏ ଯେସନ୍ତେ କାଟିଲେନ୍ତେ।
କବିସୂର୍ଯ୍ୟ. ସଙ୍ଗୀତ।

୫। (ସ୍ତ୍ରୀମାନଙ୍କ ବଚନ) ଅମଙ୍ଗଳ ବାଞ୍ଛା କରି ଗାଳି ମନ୍ଦ କରିବା; ସମ୍ପିବା—5. To curse; to imprecate.

(ଯଥା—ସେ ମୋତେ ସବୁବେଳେ କାଟୁଛି।)

| ୯ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଲୃ | ସ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ଦ |

୬ । (କାଳ) ଯାପନ କରିବା; ଅତିବାହିତ କରିବା— 6. To spend or pass (time)

ଦିନ କାଟୁଥିଲେ ରୁକ୍ମିଣୀଙ୍କ ସଙ୍ଗରେ—ନନ୍ଦକିଶୋର. ସୀତାବନବାସ ।

୭ । (ସୂତା) ବଳିବା; କପା ଆଦିରୁ ସୂତା ପ୍ରସ୍ତୁତ କରିବା— 7. To spin a thread.

୮ । (ଚିତ୍ର) ଲେଖିବା; ଅଙ୍କିବା; ଚିତ୍ରଣ କରିବା; (ଗାର) ଟାଣିବା—8. To draw; to delineate.

ବ୍ରାହ୍ମଣେ ତିଳମାନ ଦେହରେ କାଟିବେ—କୃଷ୍ଣସିଂହ ମହାଭାରତ. ବନ ।

୯ । କଲମ ଆଦି ଦ୍ୱାରା ଲିଖିତ ବିଷୟ ଉପରେ ଗାର ପକାଇବା; ଲେଖାକୁ ବାତିଲ ଦେବା—9. To score through (a writing).

(ଯଥା—ମୋ ଲେଖାର ବର୍ଣ୍ଣାଶୁଦ୍ଧିମାନ ସେ କାଟି ଦେଲେ ।)

୧୦ । ( ବୁଢ଼ିଆଣି ) ନିଜ ଦେହରୁ ସୂତା ବାହାରକରି ଜାଲ ବୁଣିବା—10. (a spider) To weave a web.

୧୧ । (କଥା) ଭଙ୍ଗି ଦେବା; ଉପଦେଶ ଅନୁସାରେ କାର୍ଯ୍ୟ ନ କରିବା; ନ ମାନିବା —11. To disregard; to disobey.

(ଯଥା—ସେ ମୋ କଥାକୁ କାଟିଦେଇ ଚାଲିଗଲା ।)

୧୨ । (ବନ୍ଧୁ ସମ୍ପର୍କ) ଛେଦନ କରିବା; ତୁଟାଇବା— 12. To break off or sever connection.

(ଯଥା—ପୁଅ ବିବାହ ବେଳକୁ ସେ ଅମୁକ ବନ୍ଧୁଙ୍କୁ କାଟିଦେଲେ ।)

୧୩ । (ପ୍ରାର୍ଥନା) ନାମଞ୍ଜୁର କରିବା—13. To reject.

(ଯଥା—ସେ ମୋ ଅର୍ଜି କାଟିଦେଇ ଚାଲିଗଲେ ।)

୧୪ । (ପାଣି) ଆଡ଼େଇବା ବା ଦ୍ୱିଭାଗ କରିବା— 14. To divide (water).

ତରିବାଦନ୍ତେ ତରଙ୍ଗେ କାଟନ୍ତି ତରଙ୍ଗ—ଜଗନ୍ନାଥ. ଚଉପଦୀ ।

୧୫ । କୌଣସି ବ୍ୟକ୍ତିର ପ୍ରାପ୍ୟ ବା ଖାଦ୍ୟଦ୍ରବ୍ୟର ପରିମାଣ କମାଇବା—15. To diminish the supply of one's dues or food.

(ଯଥା—ବାବୁ ଏ ମାସରେ ମୋର ଦରମାରୁ ଦୁଇ ଟଙ୍କା କାଟିଲେ ।)

୧୬ । ବାଦ୍ ଦେବା; ଫେଡ଼ିବା— 16. To subtract; to deduct.

(ଯଥା—୫ରୁ ୩ କାଟିଲେ ବାକି ୨ ରହିବ ।)

୧୭ । (ବାଳ) କତୁରିବା; ଛାଣ୍ଟିବା— 17. To crop (hair); to clip.

(ଯଥା—ନଖ କାଟିବା; ବାଳ କାଟିବା ।)

୧୮ । କର୍ତ୍ତନ କ୍ରିୟା ସମ୍ପାଦନ କରିବା— 18. To perform the work of cutting.

( ଯଥା—ଧାନ କାଟିବା; ଗଛ କାଟିବା । )

୧୯ । ( କରଣୀ, କ୍ଷମତା ବା ପ୍ରଭାବ ) ବଳବତ୍ ହେବା— 19. To prevail.

(ଯଥା—ଆଜିକାଲି ରାଜାମହାଶୟଙ୍କ କରଣୀ ଭାରି କାଟୁଛି । )

୨୦ । (ବାଟ) ଖୋଜି ସ୍ଥିର କରି ସେହିବାଟେ ଯିବା; ବାଟ ଦେଖିବା—20. To go one's own way; to choose (one's way).

(ଯଥା—ଏଠାରେ ରହିଲେ ବିପଦ ପଡ଼ିବ, ଆଗନ୍ତୁ ଯେଝା ବାଟ ସେ କାଟ । )

୨୧ । (ଶର ବା ପ୍ରହାର) ଅଟକାଇବା ବା ନିବାରଣ କରିବା— 21. To successfully oppose; to intercept (a blow).

(ଯଥା—ରାବଣ ଯେତେ ଶର ମାରିଲା ତାକୁ ଲକ୍ଷ୍ମଣ କାଟିଦେଲେ ।)

୨୨ । ଏକତ୍ର ଥିବା ଏକାଧିକ ବସ୍ତୁକୁ ଏକକୁ ଅନ୍ୟ ଠାରୁ ପୃଥକ୍ କରିବା—22. To cut off.

(ଯଥା—ଏ ଧାନକୁ ପାଚୁଡ଼ିକରି ଅଗାଡ଼ିକ କାଟିଦିଅ । )

୨୩ । ଠକ୍ ଠକ୍ ଶବ୍ଦ କରିବା; କଟ୍‌କଟ୍ ଶବ୍ଦ କରିବା — 23. To make a sound of cutting.

( ଯଥା—ମୂଷା ପେଡ଼ିକୁ କାଟୁଛି । )

୨୪ । ଦୈର୍ଘ୍ୟତା କମାଇବା— 24. To lessen the length of.

( ଯଥା—ବାଟ କାଟିବାପାଇଁ କର୍ଣ୍ଣମାର୍ଗରେ ଯିବା । )

୨୫ । (ସାପ) ଆଦି କାମୁଡ଼ିବା; ଦଂଶନ କରିବା—25. To bite.

ଯଥାରେ ଗମନ୍ତେ କୁକ୍କୁର, ବିଶେଷେ କାଟନ୍ତି ତା ଶରୀର—ଜଗନ୍ନାଥ. ସ୍ୱର୍ଗଗିତ ।

୨୬ । ପ୍ରତିଷେଧ କରିବା; ପ୍ରତିବିଧାନ କରିବା— 26. To remedy.

(ଯଥା—ସନ୍ନିପାତମାନଙ୍କୁ ଏ ଔଷଧ କାଟିବ ନାହିଁ; ଗୁଣି ଗାରଡ଼ିକୁ କାଟପାଣି କାଟି ଦେବ । )

୨୭ । ( ଲୁଗା ଆଦିର)ମୂଲ୍ୟ ନିରୂପଣ କରିବା;ଦର ସ୍ଥିର କରିବା— 27. To finally settle and note the price ( of cloth ).

( ଯଥା—ନଡ଼ିଆ ଶହକୁ ଟଙ୍କାଏ ଲେଖାଏଁ ଏ ବର୍ଷ ମହାଜନମାନେ କାଟିଲେ । )

୨୮ । ବ୍ୟବହାର୍ଯ୍ୟ ଖାଦ୍ୟାଦି ଜଣକଠାରୁ ପ୍ରତିଦିନ ଆଣିବା ବା ଦେବା; କାଟ ଆଣିବା ବା ଦେବା — 28. To supply a commodity regularly every day.

୨୯ । ତର୍କ ବା ଯୁକ୍ତିଦ୍ୱାରା ଖଣ୍ଡନ କରିବା— 29. To smash an argument by counter proposals; to successfully meet an argument by counter argument.

( ଯଥା—ଅପର ପକ୍ଷର ଓକିଲଙ୍କ ଯବାବସୁଆଲ୍‌ଯାକ ଆମ ଓକିଲ କାଟି ଦେଲେ । )

୩୦ । କାଟତି ହେବା; ବିକ୍ରୀତ ହେବା; କଟିବା— 30. To be consumed; to be sold or disposed of.

( ଯଥା—ବର୍ତ୍ତମାନ ବଜାରରେ ବିଲାତି ଲୁଗା କାଟୁନାହିଁ । )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳବ ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧-ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩୧ । ନିଃଶେଷିତ ହେବା—31. To be exhausted or spent.

୩୨ । କୌଣସି ପ୍ରାଣୀକୁ ହାଣିବା—
32. To behead or cut an animal.
( ଯଥା—କଂସେଇ ନିତି କେତେ ପଶୁଙ୍କୁ କାଟେ । )

୩୩ । କାଙ୍କଅାଦି ଯନ୍ତ୍ର ସାହାଯ୍ୟରେ ମାଟି ଖୋଳିବା—
33. To dig earth by means of cutting instruments.

୩୪ । ବାଧିବା; କଷ୍ଟବୋଧ ହେବା; ପୀଡ଼ା ବୋଧ ହେବା—
34. To have a feeling of pain; to feel pain.
ଶଯ୍ୟାରେ ଲାଗଇ ଶୀତ, ପୁଣି ଗଲେ ଶଗଡ଼ କାଟଇ ଗଡ଼ ।
ରଘୁନାଥ. ରତ୍ନଶୀ ।

୩୫ । ଏକ ବାଟ ଛାଡ଼ି ଅନ୍ୟ ବାଟେ ଯିବା—
35. To avoid a difficult situation.
( ଯଥା— ଗୁରୁଜନମାନେ ଦାଣ୍ଡ ପିଣ୍ଡାରେ ବସିଥିଲେ ଆମେ ଗ୍ରାମ ଦାଣ୍ଡ ବାଟ କାଟି ବାଡ଼ି ବାଟେ ଲୁଚି କରି ଯାଉଥିଲୁଁ । )

୩୬ । ଦରମା, ବୃତ୍ତି ବା ମୂଲର କେତେକ ଅଂଶ କମାଇ ଦେବା ବା ନ ଦେବା—
36. To stop a portion of wages or salary.
ଅଶ୍ରିତ ଲୋକ ବୃତ୍ତି ନ କାଟଇ ତୁମ୍ଭେ । କୃଷ୍ଣସିଂହ. ମହାଭାରତ. ସଭା ।

୩୭ । ପ୍ରସ୍ତୁତ କରିବା; ସଫା କରିବା—
37. To prepare; to pave ( the way )
ନାରଦ ବୋଇଲେ ହେ ଅପାପୀ ଧର୍ମଙ୍କୁ
ଇଚ୍ଛିଲେ ଲୋକ ବାଟ କାଟଇ ନର୍କକୁ ।
କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

୩୮ । କଟିଯିବା; ବିନଷ୍ଟ ହେବା—
38. To be destroyed; to disappear.
କେଶବ ଶ୍ରବଣ ମଙ୍ଗଳ, କାଟି ଯାହା ନାମ ଧରିଲେ ଅମଙ୍ଗଳ ।
ଉପେନ୍ଦ୍ରଶ୍ଲୋକ ।

୩୯ । ଭେଦିବା; ଭେଦ କରିବା; ବିଦାରଣ କରିବା—
39. To pierce.
ପ୍ରହାର କଲେ କଣ୍ଟକରେ, ତେଣେ ଚର୍ମରେ ଘା ନ କାଟେ ।
ଜଗନ୍ନାଥ. ଭାଗବତ ।

୪୦ । (କୌଣସି ଔଷଧ) ଦେହାଭ୍ୟନ୍ତରସ୍ଥ ଦୂଷିତ କଫ ବା ଆମକୁ ସ୍ଥାନଚ୍ୟୁତ କରି ବାହାରକୁ କାଢ଼ି ଆଣିବା—
40. To cause phlegm and mucus come out in the shape of spittle or fœcus.
( ଯଥା—ଏ ବଟିକା କଫ କାଟି ପକାଇବ । )

୪୧ । ଫଳବତ୍ ହେବା; ଅଭିପ୍ରେତ ଫଳ ପ୍ରସୂତ ହେବା—
41. To produce the desired effect.
( ଯଥା—ଯେତେବେ ଇଚ୍ଛା ସେତେ ଶରବତ ଧରଥାଅ ପଛକେ ଗୋଟିଏ ବଟିକା ସବୁ କାଟି ପକାଇବ । )

୪୨ । କେଶବିନ୍ୟାସପୂର୍ବକ ସଜାଇବା—
42. To dress up the hair.

( ଯଥା—ଫିରେଇ କାଟିବା; ଠେଉ କାଟିବା; ସୂତା କାଟିବା । )

୪୩ । ଲାଘବ କରିବା—43. To assuage.
( ଯଥା—ଅଫିମ ଦେହର ଶ୍ରମକୁ କାଟି ପକାଏ । )
[ ଦ୍ର—କାଟିବା କ୍ରିୟାର ଅସମାପିକା ରୂପ ସଙ୍ଗେ ବ୍ୟବହୃତ କ୍ରିୟାମାନ—କାଟି ଆଣିବା, କାଟି ଦେବା, କାଟି ନେବା, କାଟି ପକାଇବା କାଟିବା କ୍ରିୟାର ସମାପିକା ରୂପ ସଙ୍ଗେ ଅନ୍ୟ ସହଚର କ୍ରିୟାର ବ୍ୟବହାର । ଯଥା—କାଟିବା କୁଟିବା, କାଟିବା ଛାଟିବା, କାଟିବା, ବାଛିବା, କାଟିବା ବାଟିବା, କାଟିବା ସର୍ଜିବା, କାଟିବା ହାଣିବା । ]

**କାଟିବା ଅଙ୍କିବା**—ପ୍ରାଦେ. (ବାଲେଶ୍ୱର) କ୍ରି. (ସହଚର ଶବ୍ଦ)—
**Kāṭiba āṅkiba** କାଟିବା ୮ ( ଦେଖ )
Kāṭiba 8 ( See )

**କାଟୁ**—ଦେ. ବି—୧ । ଲକ୍ଷ୍ୟଭେଦିତ୍ୱ; ଫଳପ୍ରଦତ୍ୱ—
**Kāṭu** 1. Effectiveness.
( ଯଥା—ଏ ଔଷଧର ଭାରି କାଟୁ । )
୨ । ବନ୍ଧୁକ ଆଦି ଗୁଳିର ଲକ୍ଷ୍ୟଭେଦ କରିବାର ପରିମାଣ ବା ଦୂରତ୍ୱ—2. Range of a gun.
( ଯଥା—ଏ ବନ୍ଧୁକର କାଟୁ ୨୦୦ ଗଜ । )
ପ୍ରାଦେ. ( ଗଞ୍ଜାମ ) ବି—ନକସ ଖେଳରେ ଦୁଇ ବନ୍ଧା ହେବା ବା ବାଜି ମାରି ରଖାଯିବା ପଇସାଗୁଡ଼ି (ଗୋପୀନାଥ ନନ୍ଦ)—
The stake consisting of cash in gambling.
ପ୍ରାଦେ. (ଖୋରଧା ଓ ଗଞ୍ଜାମ) ବି. (ସଂ. କଟକଃ; ଦ୍ରାବିଡ଼-କାଟୁ)—
ଶଗଡ଼ର ନାଲ; ଚକ ଚାରିପାଖେ ଗୁଡ଼ାଥିବା ଲୁହା—
The circular iron rim of cart wheels.
ଦେ. ବିଣ—ଗୁଣାନ୍ୱିତ; ସଗୁଣ; ଫଳପ୍ରଦ—Effectual.

**କାଟୁଆ**—ଦେ. ବି—ନାଇନିତାଲ ଆଳୁ—Nainital potato which
**Kāṭuā** is used as seed by cutting it into several parts having eyes.
ଦେ. ବିଣ—କାଟୁ କରୁଥିବା; ଫଳପ୍ରଦ—Effectual.

**କାଟୁ କରିବା**—ଦେ. କ୍ରି—୧ । ଫଳପ୍ରଦ ହେବା—.
**Kāṭu kariba** 1. To be effectual.
୨ । ଲକ୍ଷ୍ୟ ବସ୍ତୁରେ ବାଜିବା; ଲକ୍ଷ୍ୟଭେଦ କରିବା—
2. To hit the target; to answer the intended purpose.

**କାଟୁଣୀ**—ଦେ. ବି—୧ । ସୂତା କାଟିବାରେ ମଜୁରି ବା ପାରିଶ୍ରମିକ—
**Kāṭuṇi** 1. Wages for spinning.
୨ । (ପୁଂ. ଓ ସ୍ତ୍ରୀ) ସୂତା କାଟିବା ଲୋକ—
2. A person who spins thread; spinner.
ଦେ. ବିଣ. ସ୍ତ୍ରୀ—ଗାଳିଦେବାରେ ଅଭ୍ୟସ୍ତା (ସ୍ତ୍ରୀ)—
( female) Habituated to calling bad names, abusive ( woman ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋୂ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଥ୍ୟ | ଉଥ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ୟ | ଙ୍ଗ୍ୟ | ଈଥ | ଢ଼ | ନ୍ତ |

ପ୍ରାଦେ. (ସମ୍ବଲପୁର) ବଣ—କାଟ୍‌ନୀ ( ଦେଖ )
Kātṇi ( See )

**କାଟେଣି**—ଦେ. ବି. (ସ. କର୍ତ୍ତନ; ପ୍ରା. କଟ୍ଟଣ)—୧ । ସୂତା କାଟିବା—
Kāṭeṇi 1. Spinning.

୨ । ସୂତା କାଟିବାର ଧରଣ—
2. Mode of spinning thread.
ବାପ୍ନା ମାଆର ସରୁ କାଟେଣୀ । ଖୋରେବାସ୍ୱାଧୋ. ଗୀତ ।

୩ । କଟା ହୋଇଥିବା ସୂତାର ବେଧ—
3. The fineness of thread or yarn spun; count of yarn.

୪ । ଲୁଗାରେ ବୁଣାହୋଇଥିବା ସୂତାର ବେଧ—
4. The fineness of the thread of a cloth.

୫ । କାଟୁଣୀ; ଯେ ସୂତା କାଟେ—5. A spinner.

୬ । ସ୍ତ୍ରୀଲୋକମାନଙ୍କର ମହଣ ଓ ତେଲ ଦ୍ୱାରା ପାନଅ ସାହାଯ୍ୟରେ କପାଳ ଉପରସ୍ଥ ପ୍ରସାଧିତ କେଶର ବିନ୍ୟାସ; ଫିରେଇ; ସୁନ୍ଥା—6. The coiffure or arrangement of the combed hair over the brow, done by females with the help of wax and oil.

୭ । କାଟୁଆ ( ଦେଖ )
7. Kāṭuā ( See )

ବୈଦେ. ବି. ( ଇଂ. କଟିଙ୍ଗ୍ )—୧ । ନଇନ୍‌ତାଲ୍ ଆଳୁର ଆଖିଥିବା ସ୍ଥାନକୁ ଛିଣ୍ଡି ଟେକା ଟେକା କରି କାଟି ମଞ୍ଜିରୂପେ ବ୍ୟବହାର କରାଯାଉଥିବା ଆଳୁଖଣ୍ଡ—
1. Cuttings from potato used as seed.

୨ । ମଞ୍ଜି ନିମନ୍ତେ କଟାହୋଇଥିବା ଆଖୁଖଣ୍ଡମାନ—
2. Cuttings of sugarcane used as seed.

୩ । ରେଲ୍‌ଲାଇନ୍‌କୁ ସମତଳରୂପେ ପକାଇବା ପାଇଁ ଉଚ୍ଚ ପର୍ବତାଦି ମଧ୍ୟରେ କଟା ହୋଇଥିବା ସ୍ଥାନ—
3. Railway cutting; a cutting done in a hill or mountain to enable the railway line to be taken on a level.

**କାଟେଣିଛୁଆ**—ଦେ. ବି—ଓଡ଼ିଶାରେ ଉତ୍ପାଦିତ ହେଉଥିବା ଛୋଟ
Kāṭeṇichhuā ଛୋଟ ନଇନ୍‌ତାଲ୍ ଆଳୁ—
Tiny Nainital potatoes grown in Orissa.

[ ଦ୍ର—ଅସଲ ନଇନ୍‌ତାଲ୍ ଆଳୁକୁ ଆଣି ଏ ଦେଶରେ ଲଗାଇବାକୁ ହେଲେ ତାକୁ 'କାଟେଣି' ବା ଖୁଦ୍ର ଖୁଦ୍ର ଟେକ କରି କାଟି ଲଗାଇବାକୁ ହୁଏ । କିନ୍ତୁ ଉକ୍ତ କାଟେଣିଆଳୁ ଫସଲରୁ ଉତ୍ପନ୍ନ ଆଳୁ ବା 'କାଟେଣିଛୁଆ'କୁ ପରବର୍ତ୍ତୀ ଫସଲ ଲଗାଇ କାଟେଣି କରି ଆଉ ଲଗାଯାଇ ପାରେ ନାହିଁ । 'କାଟେଣିଛୁଆ'କୁ ଗୋଟା ଗୋଟା କରି ଭୂଇଁରେ ପୋତିବାକୁ ହୁଏ । ]

**କାଟ୍ୟ**—ସ. ବଣ. ( କଟ୍ ଧାତୁ + କର୍ମ. ଯ )—
Kāṭya ୧ । ଯୁକ୍ତିଦ୍ୱାରା ଖଣ୍ଡନୀୟ; ଖଣ୍ଡିତ ହେବା ଯୋଗ୍ୟ—(ଅକାଟ୍ୟ—ବିପରୀତ) 1. Fit to be refuted; refutable; fit to be answered or met by arguments.

୨ । ପ୍ରତିକରଣୀୟ—2. Remediable.

୩ । କର୍ତ୍ତନୀୟ; ଛେଦନୀୟ—3. Fit to be cut asunder.

୪ । ଉଲ୍ଲଙ୍ଘନୀୟ; ଉପେକ୍ଷଣୀୟ—
4. Fit to be disregarded.

**କାଠ୍ କାଠ୍**—ଦେ. ବଣ. (ସ. କାଷ୍ଠ; କାଷ୍ଠପରି ଜଡ଼ ବା ଗତିହୀନ)—
Kāṭh kāṭh ୧ । କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ; ଅନିଚ୍ଛୁକ; ପାସୋଡ଼ମୁଖ—1. Hesitating to do a work; shrinking from doing a work.

୨ । ଥକ୍କା ଥକ୍କା; ଅଳସୁଆ—
2. Idle; stationary; halting; not forward.

୩ । କାଠ ପରି ଟାଣୁଆ; ହାଡ଼ୁଆ—
3. Hard to the touch; tough.

୪ । ନୀରବ; ନିଶ୍ଚଳ, ନିସ୍ପନ୍ଦ—4. Still.

**କାଠ**—ଦେ. ବି. (ସ. କାଷ୍ଠ; ପ୍ରା. କାଟ୍ଠ)—
Kāṭha ୧ । ଦାରୁ; ବୃକ୍ଷର କଠିନ ଅଂଶ—Wood.
କାଠ; କାଟ [ ଦ୍ର—ବୃକ୍ଷର ବକଳା ତଳେ ଥିବା କଠିନ ଅଂଶକୁ
**लकड़; काठ** କାଠ କହନ୍ତି । ]

୨ । ଇନ୍ଧନ; ଜାଳେଣିକାଠ—2. Fuel.

୩ । କାଠନିର୍ମିତ ଠେଙ୍ଗା; ଲାଠି—
3. Wooden stick; lathi.

୪ । ଘରର ଖୁଣ୍ଟ, କଡ଼, ଶଗଡ଼ ଆଦି ନିର୍ମାଣ କରିବାପାଇଁ ବ୍ୟବହୃତ ବଡ଼ ଗଛର ଟାଣ କାଠ—
4. Timber; substantial and strong wood.

କାଟ, କାଠ- ଦେ. ବଣ—୧ । ଟାଣୁଆ, ଶକ୍ତ; କଠିନ—
**काठ** 1. Hard; stiff.

୨ । ଶୁଖିଲା; ଶୁଷ୍କ—2. Dry.

୩ । କାଠୁଆ; ବହଳିଆ—3. Thick.

୪ । ( ଲକ୍ଷଣାର୍ଥ ) ନିର୍ଦ୍ଦୟ; କରୁଣାହୀନ; ନିଷ୍ଠୁର—
4. Cruel; pitiless.

୫ । ( ଲକ୍ଷଣାର୍ଥ ) କଷ୍ଟସହ—5. Inured to pain.
( ଯଥା—ଅପରେସନ୍ ହେଲା ବେଳେ ମୁଁ ହାତକୁ କାଠ କରି ଦେଲି । )

୬ । ଭୟ ବା ବିସ୍ମୟରେ କିଂକର୍ତ୍ତବ୍ୟବିମୂଢ଼—
6. Bewildered with fear or astonishment.
(ଯଥା—ମୁଁ ଯୁଦ୍ଧକ୍ଷେତ୍ରର ହତ୍ତଗୋଳ ଦେଖି କାଠ ହୋଇଗଲି ।)

୭ । ନୀରବ; ନିଶ୍ଚଳ; ନିସ୍ପନ୍ଦ—7. Still; motionless.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରାଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରାଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

**କାଠ ଅଡ଼ା**—ଦେ. ବି. ( ସଂ. କାଷ୍ଠ + ଅଡ୍ଡକ )—
Kāṭha arḍā କାଠରେ ତିଆରି ଲୋଟ ହତାଯୁକ୍ତ ଅଣକ— Wooden ladle; big wooden spoon.

**କାଠ ଅଢ଼ା**—ଦେ. ବି—କାଠ ଅଡ଼ା ( ଦେଖ )
Kāṭha arḍhā Kāṭha arḍā ( See )

**କାଠଅମିଲିତପିତ**—ଗ୍ରା. ବି. ( ସଂ. କାଷ୍ଠ + ଅମ୍ଳପିତ୍ତ )—
Kāṭhaāmilitipiti କାଠୁଆ ଅମ୍ଳପିତ୍ତ ( ଦେଖ )
Kāṭhuā amlapitta ( See )

**କାଠଅମିଲିପିତ**—ଗ୍ରା. ବି—କାଠୁଆ ଅମ୍ଳପିତ୍ତ ( ଦେଖ )
Kāṭhaāmilipiti Kāṭhuā amlapitta ( See )

**କାଠକଇଞ୍ଚ**—ଦେ. ବି. ( ସଂ. କାଷ୍ଠ + କଚ୍ଛପ )—
Kāṭhakaiñcha ଏକପ୍ରକାର ସ୍ଥଳଚର କଇଞ୍ଚ—A species of tortoise living on land.
[ ଦ୍ର—ଏ ସାଧାରଣତଃ ଜଙ୍ଗଲରେ ରହେ; କଲିକତା ଚିଡ଼ିଆଖାନାରେ କାଠକଇଞ୍ଚ ପଡ଼ିଆରେ ବିଚରଣ କରୁଥିବାର ଦେଖାଯାଏ । ଏହାର ପିଠି ଜଳଚର କଇଞ୍ଚ ଅପେକ୍ଷା ବେଶି ଟେଉଁଳିଆ ଓ ଉଚ୍ଚା । ]

**କାଠକଟା**—ଦେ. ବି. ( ସଂ. କାଷ୍ଠ + କର୍ତ୍ତ ଧାତୁ )—
Kāṭhakaṭā ୧ । କାଠହଣା; କାଠହାଣିବା—
କାঠকাটা 1. Cutting or chopping of wood.
୨ । କାଠ ହାଣିବା ବ୍ୟକ୍ତି; କାଠୁରିଆ—
2. Wood-cutter.
ପ୍ରାଦେ. ( ଗଡ଼ଜାତ ) ବି—ଏକପ୍ରକାର କାଠହଣା ପକ୍ଷୀ—
A kind of woodpecker; hoopoes ( bird ).

**କାଠକରମା**—ପ୍ରାଦେ. ( ଗଡ଼ଜାତ ) ବି—•
Kāṭhakaramā କମଳାଲେମ୍ବୁ—Orange.

**କାଠକରୁଣା**—ପ୍ରାଦେ. ( ଗଡ଼ଜାତ ) ବି—କାଠକରମା ( ଦେଖ )
Kāṭhakaruṇā Kāṭhakaramā ( See )

**କାଠକେଞ୍ଚୁଆ**—ଦେ. ବି—ଏକପ୍ରକାର ଛୋଟ କଇଞ୍ଚ—
Kāṭhakeñchuā A species of small tortoise.
[ ଦ୍ର—ଏହା ଦେହର ବ୍ୟାସ ୬"; ପିଠି ସାଧାରଣ କଇଁଚଙ୍କ ପିଠି ଅପେକ୍ଷା ଅଧିକ ଟେଉଁଳିଆ ଓ ଉଚ୍ଚା । ]

**କାଠଖୁମ୍ପା**—ଦେ. ବି—କାଠହଣା ( ପକ୍ଷୀ ) ( ଦେଖ )
Kāṭhakhumpā Kāṭhahaṇā ( bird) (See)

**କାଠଖୁମ୍ପି**—ଦେ. ବି—କାଠହଣା ( ପକ୍ଷୀ ) ( ଦେଖ )
Kāṭhakhumpi Kāṭhahaṇā ( bird ) ( See )

**କାଠଗଡ଼**—ଦେ. ବି—ଲମ୍ବା ମୋଟ କାଠଖଣ୍ଡ—
Kāṭhagarḍa A log of wood.

**କାଠଗଡ଼ା**—ଦେ. ବି—କାଠଖୁଣ୍ଟଦ୍ୱାରା ବେଷ୍ଟିତ ସ୍ଥାନ—
Kāṭhagarḍā An enclosure of wooden fence; a stockade.
কাঠগড়া
কঠগড়া

**କାଠଗଡ଼ି**—ଦେ. ବି—ଲମ୍ବା ମୋଟ କାଠଖଣ୍ଡ—
Kāṭhagarḍi A log of wood.
ଅଜଗର ତ କାଠଗଡ଼ି ପ୍ରାପ୍ତ ହୋଇ—କୃଷ୍ଣସିଂହ. ମହାଭାରତ. ବନ ।

**କାଠଗଣ୍ଡି**—ଦେ. ବି—୧ । ଡାଳ ଓ ଚେର ଅଂଶ ବାଦ ଦିଆଯାଇଥିବା
Kāṭhagaṇḍi ବୃକ୍ଷର ମୋଟ ଓ ଲମ୍ବ ଅଂଶ—1. The trunk of a dried tree; the part of a tree shorn of its branches and root.
୨ । ଲମ୍ବ ଓ ମୋଟା କାଠଖଣ୍ଡ—2. A log of wood.
ସର୍ବବ୍ୟାନ ତେଜୁଁ ଜୀବକ ଯନ୍ତୁଁ ଗଲ
କାଠଗଣ୍ଡି ପରି ଦେହ ପଡ଼ିଣ ରହିଲ—କୃଷ୍ଣସିଂହ. ମହାଭାରତ. ବନ ।

**କାଠଗୋଲା**—ଦେ. ବି—ବ୍ୟବସାୟାର୍ଥ ବଡ଼ କାଠ ରଖାଯିବାର ସ୍ଥାନ—
Kāṭhagolā A mart where logs and timbers are stocked for sale.
কাঠগোলা

**କାଠଗୋଲାପ**—ଦେ. ବି. ( ସଂ. କାଷ୍ଠ + ଫା. ଗୁଲାବ୍ )—
Kāṭhagolāpa ଏକଜାତୀୟ ଜଙ୍ଗଲି ଗୋଲାପ—
কাঠগোলাপ A kind of wild rose.

**କାଠଘୋଡ଼ଚି**—ଦେ. ବି—କାଠଘୋଡ଼ା ୨ ( ଦେଖ )—•
Kāṭhaghorḍachi Kāṭhaghorḍā 2 ( See )

**କାଠଘୋଡ଼ା**—ଦେ. ବି. ( ସଂ. କାଷ୍ଠ + ଘୋଟକ )—
Kāṭhaghorḍā ୧ । କାଷ୍ଠନିର୍ମିତ କ୍ରୀଡ଼ନକ ଘୋଡ଼ା—
কাঠের ঘোড়া 1. A play horse made of wood; hobby.
कठ घोड़ा
ବାଇ ହୋଇଛୁ କି ବାଳୁତ ଘଇ ?
କାଠଘୋଡ଼ା କି ପାଣି ପିଇ । ଢାହାଣୀ ଗୀତ ।
୨ । କାଠର ବେଞ୍ଚ—2. A wooden bench with legs for keeping articles.

**କାଠଘୋଡ଼ିଆ**—ଦେ. ବି.—କାଠଘୋଡ଼ା ୨ (ଦେଖ)
Kāṭha ghorḍiā Kāṭhaghorḍā 2 (See)

**କାଠଘୋଡ଼ିଚି**—ଗ୍ରା. ବି.—କାଠଘୋଡ଼ା ୨ (ଦେଖ)
Kāṭhaghorḍichi Kāṭhaghorḍā 2 (See)

**କାଠଚମ୍ପା**—ଦେ.ବି.—୧ । ଧଳା ଓ ନାଲି ଦୁଇ ଜାତିର ଫୁଲ ଓ ତହିଁର
Kāṭha champā ଗଛ; ଗୁଲ୍‌ବାସ—1. A flower of two
কাঁঠালচাঁপা varieties ( white and red ) and its
कटहल चाँपा; पाटचाँपा tree; Plumeria Acumenata; Plumeria Acutifolia (Kirtikar).
୨ । ଏକପ୍ରକାର ବାଣ—
2. A kind of fire work.

**କାଠଚିରା**—ଦେ. ବି.—୧ । କାଠକୁ କୁରାଢ଼ିରେ ହାଣିବା କର୍ମ—
Kāṭha chirā 1. The act of cutting wood with axe.
কাঠচেরা ୨ । କରତଦ୍ୱାରା କାଠକୁ ଫାଳେଇବା କର୍ମ; କାଠ କରତିବା କର୍ମ—2. Sawing of wood.

**କାଠ ଚିରିବା**—ଦେ. କ୍ରି.—୧ । ବଡ଼ କାଠକୁ କୁରାଢ଼ିଦ୍ୱାରା ସାନ ସାନ
Kāṭha chiribā କରି ଜାଳ ପାଇଁ ହାଣିବା—
কাঠচেরা; কাঠকাটা 1. To cut wood into chips for
लकड़ि फाड़ना fuel with the axe.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଢ଼ଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

୨ । କାଠ ଗଡ଼କୁ କରତଦ୍ୱାରା ଫାଳେଇବା—
2. To saw a log.

**କାଠଛତୁ**—ଦେ. ବି.—( ସଂ. କାଷ୍ଠ+ଛତ୍ରାକ )—
Kāṭha chhatu ପାଣିଖିଆ ପୁରୁଣା କାଠ ଉପରେ ଜନ୍ମିବା ଏକ
କାଠ ଛାତା ପ୍ରକାର ଛତୁ—A kind of mushroom growing on wood; polyporas.

**କାଠଜଣ୍ଡା**—ଦେ. ବି.—ଗଛରେ ରହୁଥିବା ଏକଜାତୀୟ ପିମ୍ପୁଡ଼ି—
Kāṭha jandā A species of ant inhabiting trees.
କାଠପିମ୍ପଡ଼େ [ ଦ୍ର—ଏମାନେ ଜଣ୍ଡାଖାଇ ଆଦି ଗଛର ବକଳ ତଳେ ଥିବା ସନ୍ଧିରେ ବସା କରି ରହନ୍ତି । ]

**କାଠ ଜମାଇବା**—ଦେ. କ୍ରି. (ବଢ଼େଇଙ୍କ ବ୍ୟବହୃତ ଶବ୍ଦ)—୧ । କାଠକୁ
Kāṭha jamāibā ଯନ୍ତ୍ର ସାହାଯ୍ୟରେ ପ୍ରୟୋଜନୀୟ ଆଦର୍ଶବସ୍ତୁରେ
କାଠ ଜମାନ ପରିଣତ କରିବାପାଇଁ ସୁସଜ୍ଜିତ କରିବା—
1. To dress wood for some required purpose; to prepare pieces of wood ready for being fitted for some necessary furniture.

୨ । କାଠକୁ ଭବିଷ୍ୟତ୍ କାମରେ ଠୁଳ କରିବା—
2. To stock or store pieces of wood; for future use.

**କାଠଠୋକରା**—ପ୍ରାଦେ.ବି. ( ମେଦିନୀପୁର; ଭୁଲ. ବ. କାଠଠୋକରା )
Kāṭha ṭhokarā କାଠହଣା (ପକ୍ଷୀ)—(ଦେଖ)
Kāṭhahaṇā (bird) (See)

**କାଠନେକାର**—ପ୍ରା.ଦେ. (ମେଦିନୀପୁର) ବି. (ସଂ.କାଷ୍ଠ + ନାକ୍କାର)—
Kāṭhanekār ଶୁଷ୍କ ବମନ; ଶୁଖିଲା ଅଇ; ଯେଉଁ ଅଇରେ ବାନ୍ତି ଆଦି ବାହାରେ ନାହିଁ—Dry retching without actual vomiting.

**କାଠପଟାଳି**—ଦେ. ବି.—ଜଳପଥରେ ସ୍ଥାନାନ୍ତରକୁ ନଆଯିବା ଦଉଡ଼ି
Kāṭhapaṭāḷi ଆଦି ଦ୍ୱାରା ଏକାଠି ବନ୍ଧା ବହୁ କାଷ୍ଠଖଣ୍ଡ—
Logs of timber strung together and formed into a floating raft for being conveyed by water.

**କାଠପତର**—ଦେ. ବି.—ଶାଳୁଆ ଗଛର ପତ୍ର—
Kāṭhapatara Leaf of śāḷa tree.
ଶାଲପାତା [ ଦ୍ର—ଏ ପତ୍ର ଶୁଖିଗଲେ ମଧ୍ୟ ବହୁକାଳସ୍ଥାୟୀ ଓ
ସାଲପତ୍ତା ଟାଆଁସା ରହେ । ଏଥିପାଇଁ ଏ ପତ୍ରରେ ମସଲା ଆଦି ରଖି ପୋଟଳା ବନ୍ଧାଯାଏ ଏବଂ ଗୁଡ଼ାଏ ପତ୍ରକୁ ଲଗାଲଗି କରି ସିଲେଇ କରି ଏହି 'ଖଲିପତର'ରେ ଲୋକେ ଭାତ ଆଦି ଭୁଞ୍ଜାଇ ଖାଆନ୍ତି ଓ ଏ କାଠପତରରେ ଦନା, ଠୋଲା ଆଦି ମଧ୍ୟ କରାଯାଏ । ]

**କାଠପିମ୍ପୁଡ଼ି**—ଦେ. ବି. ( ସଂ. କାଷ୍ଠ+ପିପୀଲିକା)—କାଠଜଣ୍ଡା (ଦେଖ)
Kāṭhapimpurḍi Kāṭhajandā (See)
କାଠିପିଁପଡ଼ା [ଦ୍ର—ଏମାନେ କାଠଜଣ୍ଡାଙ୍କଠାରୁ ଆକାରରେ ସାନ ।]

**କାଠପେଙ୍ଗୁ**—ପ୍ରାଦେ. (ଗଡ଼ଜାତ) ବି.—ବନ୍ୟ ବୃକ୍ଷବିଶେଷ—
Kāṭhapeṅgu Name of a wild tree.
[ଦ୍ର—ଏହାର ଫଳରୁ ତେଲ ବାହାରେ । ଏହି ତେଲ ଘାଆ ଶୁଖାଇବାପାଇଁ ଔଷଧରୂପେ ବ୍ୟବହୃତ ହୁଏ । ]

**କାଠବରଣ**—ଗ୍ରା. ବି. (ସଂ. କାଷ୍ଠ ଓ ବ୍ରଣ)—ଯୁବାକାଳରେ ମୁହଁରେ
Kāṭhabaraṇa ବାହାରିବା ଟାଣୁଆ କ୍ଷୁଦ୍ର ବ୍ରଣବିଶେଷ; ବୟଃବ୍ରଣ—
ବ୍ରଣ, ମେଚତା ବୟସଫୋଡ଼ା Pimple; varus; acne.
ବରା
[ଦ୍ର—ଏଥିମଧ୍ୟରେ ଗୋଟିଏ ଖିଲ ପରି ସରୁଆ ଧଳା ଟାଣୁଆ ବସ୍ତୁ ଥାଏ; ବରଣକୁ ଚିପିଦେଲେ ଖିଲ ବାହାରିପଡ଼େ । ]

**କାଠବରଣ୍ଡ**—ଗ୍ରା. ବି.—କାଠବରଣ (ଦେଖ)
Kāṭhabaraṇḍa Kāṭhabaraṇa (See)

**କାଠବରୁଣ**—ଦେ. ବି.—କାଠବରଣ (ଦେଖ)
Kāṭhabaruṇa Kāṭhabaraṇa (Soe)

**କାଠବରୁଣ୍ଡ**—ଦେ. ବି.—କାଠବରଣ (ଦେଖ)
Kāṭhabaruṇḍa Kāṭhabaraṇa (See)

**କାଠବାଇଗଣ**—ଦେ. ବି. (ସଂ. କାଷ୍ଠ+ବଙ୍ଗନ ବା ବାଇଙ୍ଗଣ)—
Kāṭhabāigaṇa ଏକପ୍ରକାର ଜଙ୍ଗଲି ଗଛ ଓ ତାହାର ଫଳ—
Name of a jungly tree and its fruit.
[ଦ୍ର—ଏ ଗଛ ୪।୫ ଫୁଟ ଉଚ୍ଚ । ଶବର ଓ କନ୍ଧମାନେ ଏହାର ଫଳକୁ ଭକ୍ଷଣ କରି ଖାଆନ୍ତି । ଏଥିର ଫଳ ଦେଶୀବାଇଗଣ ପରି ଶ୍ରେଷ୍ଠ । ]

**କାଠବିରାଡ଼ି**—ପ୍ରାଦେ. (ମେଦିନୀପୁର; ଭୁଲ. ବ. କାଠବେରାଲ୍) ବି—
Kāṭhabirārḍi ଗୁଣ୍ଡୁଚିମୂଷା—Squirrel.

**କାଠବିଷ**—ଦେ. ବି. (ସଂ. କାଷ୍ଠ+ବିଷ)—ଏକଜାତୀୟ ବୃକ୍ଷରୁ ଜାତ
Kāṭhabisha ବିଷ; ମହୁରା (ଦେଖ)
କାଠବିଷ Mahurā (See)
କାଠବିଷ Aconitum Spicatum, Aconite.

**କାଠବେଙ୍ଗ**—ଦେ. ବି. (ସଂ. କାଷ୍ଠ+ବାଙ୍ଗ)—ଏକପ୍ରକାର ବେଙ୍ଗ—
Kāṭhabeṅga A kind of leaping frog.
କାଠବେଙ୍ [ଦ୍ର—ଏମାନେ ଗଛର କୋରଡ଼ରେ ରହନ୍ତି ଏବଂ ସାଧାରଣ ବେଙ୍ଗ ଅପେକ୍ଷା ବେଶିଦୂର ଡିଅନ୍ତି । ]

ଏ ବଚନର କ ବଚନ୍ତ ଯେଉଁ ବ୍ରିଜକନ,
କାଠ ବେଙ୍ଗ ଜର ତାକୁ କଲ୍ୟ କରେ ଯମ । ସାରଳାମହାଭାରତ. ଆଦି ।

**କାଠବେତ**—ଦେ. ବି.—ବେତ (ଦେଖ)
Kāṭhabeta Beta (See)

**କାଠଭରଣ୍ଡ**—ଗ୍ରା. ବି.—କାଠବରଣ (ଦେଖ)
Kāṭhabharaṇḍa Kāṭhabaraṇa (See)

ସାଧାରଣ ଭେବେ ଅପର ପୃଷ୍ଠାରେ ଦୃଢ଼ତ ୧ ଚଢ଼ିଛ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିଛ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଢ଼ିଛ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଢ଼ିର ବଦଳରେ ୨ ବା ୧ ଚଢ଼ିଛ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଢ଼ୁଅ' ନ ମିଳିଲେ 'ଢୁଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଇଁଠା' ନ ପାଇଲେ 'ଅଇଁଠ' ଦେଖିବେ;'ଅଲବଢ଼' ନ ପାଇଲେ 'ଅଲବଢ଼' ଦେଖିବେ ।

**କାଠଭେଜ**—ପ୍ରାଦେ. (ଗଡ଼ଜାତ) ବି.—ଏକପ୍ରକାର ବଡ଼ ବନ୍ୟ ଗଛ—
Kathabheji — A kind of wild tree.
[ଦ୍ର—ଏହାର ଛାଇଁ ଚେଷ୍ଟା ।]

**କାଠଭୋଜି**—ପ୍ରାଦେ. (ଗଞ୍ଜାମ) ବି.—ଗ୍ରାମର ଜନ୍ତାଳ—
Kathabhoji — A feast or picnic held by the villagers near the village God or Goddess.

**କାଠମଞ୍ଜୁଆତି**—ପ୍ରାଦେ. (ଗଡ଼ଜାତ) ବି.—୧ । ମଞ୍ଜୁଆତି (ଦେଖ)
Kathamanjuati — 1. Manjuati (See)
୨ । ହରଗୌରା (ଦେଖ)—2. Haragaura (See)

**କାଠମର୍ଦ୍ଦମର୍ଦ୍ଦି**—ପ୍ରାଦେ. (ଅନୁଗୁଳ) ବି.—ଏକପ୍ରକାର ବନ୍ୟ ଗଛ—
Kathamardamardi — A wild tree; Antidesma Ghaesembilla.

**କାଠମଲ୍ଲି**—ଦେ. ବି—ବଣମଲ୍ଲି—
Kathamalli — A kind of wild jasmine.
କାঠମଲିକା
**কাঠমলি**

**କାଠମାଳି**—ଦେ. ବି (ସଂ. କାଷ୍ଠ+ମାଳା)—କାଠରୁ ତିଆରି ହୋଇ
Kathamali ପ୍ରସ୍ତୁତ ହୋଇଥିବା ମାଳା—Wooden beads.
কাঁঠী
**কংঠা**

**କାଠମାଳିଆ**—ଦେ. ବିଣ - କାଷ୍ଠର ମାଳା ପରିହିତ—
Kathamalia — Wearing a string of wooden beads.
**কতমালিআ**
ଦେ. ବି (ବ୍ୟଙ୍ଗାର୍ଥକ)—କପଟ ସନ୍ନ୍ୟାସୀ—
A masked anchorite; a religious imposter.

**କାଠମାଳିଆ**—ଦେ. ବି—(ସଂ. କାଷ୍ଠ+ମାଳାକାର)—କାଠକୁ ଯନ୍ତ୍ରରେ
Kathamalia ଖୁନ୍ଦି ତହିଁରୁ ମାଳା ତିଆରି କରିବା ଶୂଦ୍ରଜାତି-ବିଶେଷ—A caste of Sudras turning out wooden beads.
ଦେ. ବିଣ ( ସଂ. କାଷ୍ଠ+ମାଳା )—କାଠର ମାଳା ପରିଧାନ କରିଥିବା ( ବ୍ୟକ୍ତି )—( person ) Wearing wooden beads.

**କାଠମୁଖା**—ଦେ. ବି ( ସଂ. କାଷ୍ଠ+ମୁଖ )—କାଷ୍ଠନିର୍ମିତ ଛଦ୍ମ ମୁଖ;
Kathamukha ଅସୁର, ମାକଡ଼ଆଦିଙ୍କ ମୁହଁ ଅନୁକରଣରେ ପ୍ରସ୍ତୁତ
কাঠেরমুখোস ଓ ଚିତ୍ରିତ କାଠର ଆବରଣ; ଯାହାକୁ ମୁହଁ ଉପରେ ବାନ୍ଧି ଯାତ୍ରାବାଲାମାନେ ଭିନ୍ନ ଭିନ୍ନ ସୁଆଙ୍ଗ ଦେଖାନ୍ତି—A wooden mask for the face.

**କାଠମୁହାଁ**—ଦେ. ବିଣ. ପୁଂ (ଲକ୍ଷଣାର୍ଥ)—ନିର୍ଲଜ୍ଜ; ବେହିଆ—
Kathamuhan — Shameless.
কাঠমুখো ଦେ. ବି— କାଠମୁଖା ( ଦେଖ )—
(କାଠମୁହାଁ—ସ୍ତ୍ରୀ) Kathamukha (See)

**କାଠରା**—ଦେ. ବି—କାଠରେ ଜିନିଷ ପ୍ରସ୍ତୁତ କରିବା ବ୍ୟକ୍ତି; ବଢ଼େଇ—
Kathara — Cabinet maker; carpenter.
কাঠরা ପ୍ରାଦେ. ( ସମ୍ବଲପୁର ) ବି (ସଂ. କାଷ୍ଠହର; ଭୁଲ. ବି. କାଠରିଆ )—କାଠୁରିଆ; ଯେ କାଠ ହାଣେ—
Wood cutter.

**କାଠରାଉତିଆ**—ଦେ. ବି—ଉତ୍କଳଦେଶୀୟ ଉତ୍କୃଷ୍ଟ କ୍ଷତ୍ରିୟ ଜାତି-
Katharautia ବିଶେଷ—A high caste Kshatriya of Orissa.

**କାଠରିଆ**—ପ୍ରାଦେ. (ସମ୍ବଲପୁର) ବି (ସଂ. କାଷ୍ଠହର)—କାଠରା (ଦେଖ)
Katharia — Kathara (See)

**କାଠଲଇ**—ପ୍ରାଦେ (ଗଞ୍ଜାମ) ବି—ସୁଆମ (ଦେଖ)—
Kathalai — Suama (See)

**କାଠହଣା**—ଦେ. ବି—୧ । ଏକପ୍ରକାର ପକ୍ଷୀ—
Kathahana — Wood pecker (bird);
কাঠঠোকরা Micropternus Phœoceps; Nuthatches.
**কাঠফোবা हुदहुद** [ ଦ୍ର—ଏ ଚଢ଼େଇ ଗଛର ଗଣ୍ଠିରେ ମାକଡ଼ଭଳି ଗୋଡ଼ଦ୍ୱାରା ଚଢ଼ି ବକଳକୁ ଲମ୍ବ ମୁନିଆ ଥଣ୍ଟଦ୍ୱାରା ଛଡ଼ାଇ ତାହା ମଧ୍ୟରେ ଥିବା ପୋକକୁ ଖାଏ । ଏହା ମୁଣ୍ଡରେ ଚୂଳ ଅଛି । ଏ ଦୁଇ ପ୍ରକାର; ଏକା ଜାତି ଦେଖିବାକୁ ଛୋଟିକା ଓ ଅନ୍ୟ ଜାତି ଖଇରା । ଏମାନଙ୍କ ଜିଭ ଲମ୍ବ; ଏ ଜିଭଦ୍ୱାରା ଗଛର ଗଣ୍ଠି ମଧ୍ୟରୁ ପୋକ ଆଦି କାଢ଼ି ଖାଆନ୍ତି । ]
୨ । କାଠକୁ ଖଣ୍ଡ ଖଣ୍ଡ କରି କୁରାଢ଼ିରେ ହାଣିବା—
2. Cutting of wood.

**କାଠହରା**—ପ୍ରାଦେ. (ସମ୍ବଲପୁର) ବି - କାଠରା (ଦେଖ)—
Kathahara — Kathara (See)

**କାଠହରିଆ**—ପ୍ରାଦେ (ସମ୍ବଲପୁର) ବି—କାଠରା (ଦେଖ)—
Kathahari̇a — Kathara (See)

**କାଠହାରିଆ**—ପ୍ରାଦେ. (କଟକ) ବିଣ—କଟକ ଜିଲ୍ଲା କାଠହାର ନାମକ
Kathaharia ଗ୍ରାମର ତନ୍ତୀମାନଙ୍କଦ୍ୱାରା ବୁଣା ହୋଇଥିବା ଉତ୍କୃଷ୍ଟ (ଲୁଗା)—(cloth) Woven by the weavers of Kathahara, a village in the district of Cuttack.

**କାଠହାବିଲି**—ଦେ. ବି. (ସଂ. କାଷ୍ଠ+ଫା. ହଵାଇ)—
Kathahabili ଭିତର ଖୋଳାଯାଇ ଫମ୍ପା କରାଯାଇଥିବା କାଠର
কাঠের হবেই ନଳ ଭିତରେ ବାରୁଦ ପୂରାଯାଇଁ ତିଆରି କରା-
**लकडिकि हवाइ** ଯିବା ହାଵଇ ବାଣ—A kind of firework made by filling wooden tubes with gunpowder.

**କାଠା**—ପ୍ରାଦେ. (ମେଦିନୀପୁର) ବି. (ସଂ. କାଷ୍ଠା=ପରିମାଣବିଶେଷ; ଭୁଲ-
Katha ବି.କାଠା—ଭୂମିର ପରିମାଣବିଶେଷ; ବିଘାର ୨୦ ଭାଗର ଏକ ଭାଗ; ୩୨୦ ବର୍ଗହସ୍ତପରିମିତ ଭୂମି; ୮୦ ହାତ ଦୀର୍ଘ ଓ ୪ ହାତ ଚଉଡ଼ା ଥିବା ଜମି—A land measure of 320 square cubits.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଷ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁ୍ୟ | ଇଅ | ● | ନ୍ତ |

**କାଠି**—ଦେ. ବି. (କାଠ+କ୍ଷୁଦ୍ରାର୍ଥେ. ଇ)—୧ । କ୍ଷୁଦ୍ର କାଷ୍ଠଖଣ୍ଡ; କାଠର ସରୁ ଓ ଲମ୍ବ ଖଣ୍ଡ—**1.** Splinter of wood; twig of wood; small chip of wood.
**Kāṭhi**
काठी
**काठी**

୨ । କୋଲପର କଞ୍ଚି; ଚାବିକାଠି; କଞ୍ଚିକାଠି—
2. The key of a padlock.

କଞ୍ଚି ପକାଇ କାଠି ଧରି, ଗଲେ ଭଣ୍ଡାର ଅଧିକାରୀ ।
ରାମଦାସ. ଦାର୍ଢ୍ୟଭକ୍ତି ।

୩ । ସର୍ବୋଚ୍ଚତମ ସଂଖ୍ୟାବାଚକ ରାଶି; ଏକ ସଂଖ୍ୟାରେ ୨୨ଟି ଶୂନ୍ୟ ଦେଲେ ଯେଉଁ ରାଶି ହୁଏ—
3. Millions of millions (number)

ଗଣ୍ଡିର ବୈରଣି କାଠି ଯେ ଗଙ୍ଗାର ଜଳ ।
ବିଶ୍ୱନାଥ. ବଡ଼ଚମ୍ପୂ ରାମାୟଣ ।

୪ । ସାପ (ସାପର ଅଶୁଭ ନାମ ଉଚ୍ଚାରଣ ନ କରି କହିବା ଶବ୍ଦ)—4. (Euphemisn) Serpent.
(ଯଥା—ତାକୁ କାଠି ମାଇଲା ।)

୫ । ଘୋଡ଼ାର ପୁରୁଣା ଯାମା ବା ଆସ୍ତରଣ—
5. An old fashioned saddle or covering pad put on the back of a horse.

୬ । ରାଜମିସ୍ତ୍ରିମାନଙ୍କର ଗଜବଡ଼ା—
6. A mason's plastering yard.

୭ । ତରାଜକାଠି—7. Measuring yard of a one-sided scale or weighing pan.

୮ । ଓଟ ଉପରେ ପକାଯିବା ଜିନ୍—
8. A saddle put on a camel.

୯ । ତୁଳ ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତିରେ କ୍ଷେତରେ ପୋତା-ଯିବା ନିମନ୍ତେ ଘରେ ପୂଜା କରାଯିବା ଗର୍ଭଣାଗଛର କ୍ଷୁଦ୍ର ଡାଳ—9. A twig of Garbhaṇā tree worshipped on the saṁkrānti day of the month of Tula and planted in the paddy field for fructifying it (the field).

ଉଭା ମୁଠି, ଅଢ଼ େ ମୁଠି କଅଁଳ ମଝିରେ ପୋତବ କାଠି ।
ଭାବରୁଷିବଚନ ।

୧୦ । ପୁଂଜନନେନ୍ଦ୍ରିୟ; ଲିଙ୍ଗ—
10. Penis; male generative organ.

୧୧ । ଦିଆସିଲି କାଠି—11. Match stick.

୧୨ । ପଶାକାଠି—12. Dice.

କାଠି ହୋଇଣ ଯେ ପଡ଼ୁଥିଲା ହାପର
ଅଶ୍ୱରନ୍ଧ୍ର କହୁଛ ସେ ଅତି ସୁନ୍ଦର ।
ଗ୍ରାବୀ. କଳଚଇତ ।

୧୩ । ଝିଙ୍କ ଦେହରେ ଥିବା ପର; ଝିଙ୍କକାଠି—
13. The spines on the body of a porcupine.

ପଣସ-ଶରୀରେ କଣ୍ଟକ, କୁପିତ
ଶଲ୍ଲକୀ-ଶରୀରେ କାଠି—ରାଧାନାଥ. ପାର୍ବତୀ ।

୧୪ । ଝୁରିକାଠି; ସ୍ତ୍ରୀମାନେ ଜୁଡ଼ାରେ ଖୋସିବା କାଠି; ଗୋଞ୍ଜ-କାଠି—14. Hairpin thrust into the chignon by Indian women.

ପ୍ରାଦେ. (ସମ୍ବଲପୁର) ବି.—ଦାନ୍ତକାଠି; ଦନ୍ତଧାବନ ନିମନ୍ତେ ବ୍ୟବହୃତ କ୍ଷୁଦ୍ର ଶାଖା—Small twigs used for brushing and cleansing the teeth; tooth brushing twig.

ଦେ. ବିଣ.—୧ । କାଠି କାଠି (ଦେଖ)
1. Kāṭhi kāṭhi (See)

୨ । କାଠିସଂଖ୍ୟକ; ଅସଂଖ୍ୟ—2. Countless.

**କାଠିଆ**—ଦେ. ବି.—କାଠିଆ କଦଳୀ (ଦେଖ)
**Kāṭhiā** Kāṭhiā kadaḻi (See)

ଦେ. ବିଣ—କାଠିଆବାଡ଼ ଦେଶୀୟ—
Belonging to Kāthiwad country.

**କାଠିଆ କଦଳୀ**—ଦେ. ବି.—(ସ. କାଷ୍ଠ; କାଠ ପରି ଟାଣୁଆ ଓ ସ୍ୱାଦ-ହୀନ ଥିବାରୁ+କଦଳୀ)—ଏକଜାତୀୟ କଦଳୀ (ଯାହା ପାଚିଲେ ଲୋକେ ଖାଆନ୍ତି)—A class of plantain eatable when ripe; banana.
**Kāṭhiā kadaḻi**
কাঁঠালিকলা

**କାଠିଆବାଡ଼**—ଦେ. ବି. (ନାମ)—ଗୁଜରାଟ ଅନ୍ତର୍ଗତ ଦେଶବିଶେଷ—Kathiwad, a place noted for its fine breed of horses
**Kāṭhiābāṛḍ**
কাঠিআবাড়
**काठियावाड़**

[ ଦ୍ର—ଏହା ଗୁଜରାଟର ପଶ୍ଚିମାଂଶ; ଏଠାର ଘୋଡ଼ା ଭାରତପ୍ରସିଦ୍ଧ । ପୂର୍ବେ ଏହା ସୌରାଷ୍ଟ୍ରମଣ୍ଡଳର ଅନ୍ତର୍ଗତ ଥିଲା; ଏହାର ଅପର ନାମ କାଥିଆବାଡ଼ । 'କାଥି' ନାମରେ ଏକ ଜାତି ଏଠାରେ ବାସ କରୁଥିଲେ । ମରହଟ୍ଟାମାନେ ସେମାନଙ୍କୁ ଜୟ କରି ଉକ୍ତ ପ୍ରଦେଶ ଅଧିକାର କରିଥିଲେ, ମାତ୍ର ସେମାନଙ୍କ ଶୌର୍ଯ୍ୟବୀର୍ଯ୍ୟରେ ମୋହିତ ହୋଇ ସେମାନଙ୍କ ନାମ ସ୍ମରଣାର୍ଥେ ଏ ପ୍ରଦେଶର ନାମ 'କାଥିଆବାଡ଼' ରଖିଲେ । ମଦନମୋହନ—ତୀର୍ଥଦର୍ଶନ । ]

**କାଠି ଉଠିବା**—ଦେ. କ୍ରି—୧ । ଗର୍ଭଣା ସଂକ୍ରାନ୍ତି ଦିନ ପୂଜା ହୋଇଥିବା ଗର୍ଭଣାଗଛର ଡାଳକୁ ପୂଜାସ୍ଥାନରୁ ଉଠାଇ ନେଇ କ୍ଷେତରେ ପୋତିବା—
**Kāṭhi uṭhibā**
1. The removal of the Garbhaṇā twig from the place of worship and planting it in the paddy field.

୨ । ଲିଙ୍ଗର ଉଦ୍ରେକ—
2. Erection of the penis.

**କାଠିଏ**—ଦେ. ବିଣ—୧ । ଅପରିମିତ—
**Kāṭhie** 1. Immeasurable bodily power.
( ଯଥା—ତା ଦେହରେ କାଠିଏ ବଳ । )

୨ । ଅସଂଖ୍ୟ—2. Countless.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

କାଠିକର ପାଠ—ଦେ. ବି—ଅତି କଷ୍ଟସାଧ୍ୟ ବିଷୟ—
Kāṭhikara pāṭha Very difficult task or matter.

କାଠିକର ବଳ—ଦେ. ବି—କାଠିଏ ବଳ ( ଦେଖ )
Kāṭhikara baḻa Kāṭhie baḻa ( See )

କାଠିକର ବିଷୟ—ଦେ. ବି—କାଠିକର ପାଠ ( ଦେଖ )
Kāṭhikara bishaya Kāṭhikara pāṭha ( See )

କାଠିକଲମ—ଦେ. ବି—ଶର ଓ କଲମଜାତୀୟ ତୃଣର ପତ୍ରରୁ ପ୍ରସ୍ତୁତ ଲେଖିବା କଲମ—
Kāṭhikalama
काठिकलम A writing reed; a reed pen.

କାଠିକାଙ୍ଗୁଲ—ପ୍ରାଦେ. ( ଗଞ୍ଜାମ ) ବି—ହରଡ଼ ( ଦେଖ )
Kāṭhikāṅgula Hararḍa ( See )

କାଠିକାଠି—ଦେ. ବିଣ—୧ । କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ବା ପରାଙ୍ମୁଖ; କାଠ କାଠ —
Kāṭhikāṭhi
1. Wavering; hesitating to do a thing.
୨ । ଅସଂଖ୍ୟ—2. Countless.

କାଠିକୁଟା—ଦେ. ବି. (ସହରର)—ପକ୍ଷୀମାନେ ବସା ନିର୍ମାଣ କରିବା ନିମନ୍ତେ ସଂଗ୍ରହ କରିବା କାଠି, କୁଟା ଆଦି ଉପକରଣ—1. Pieces of straw and twigs collected by birds to build their nest with.
Kāṭhikuṭa
୨ । ଛୋଟ ଛୋଟ କାଠିଖଣ୍ଡ—
2 Small bits of wood and straw; twigs and straw.

କାଠିକୁଠା କରିବା—ପ୍ରାଦେ. (ସମ୍ବଲପୁର) କ୍ରି.—ସକାଳେ ମୁହଁ ଧୋଇବା ଓ ଦାନ୍ତ ଘଷିବା—To wash the face and cleanse the teeth in the morning.
Kāṭhikuṭhā karibā

କାଠିଖାଇ—ଦେ. ବିଣ. ସ୍ତ୍ରୀ. (ଗାଳି)—ଯେ ସର୍ପଦଂଶନଦ୍ୱାରା ମରିବ—
Kāṭhikhāi 1. (a term of abuse) (a woman) Who will die of snake-bite.
(କାଠିଖିଆ—ପୁଂ)
୨ । ସର୍ବଖାଇ—2. Omnivorous (woman)
୩ । ମାଡ଼ଖାଇ—
3. Deserving a sound cudgelling.
୪ । କୁଳଟା; ବେଶ୍ୟା; ଅସତୀ—
4. Adulterous.

କାଠିଖିଆ—ଦେ. ବିଣ. ପୁଂ—୧ । ଗାଳି ବିଶେଷ—1. A term of abuse.
Kāṭhikhiā
୨ । କାଠିଖାଇର ପୁଂଲିଙ୍ଗ—2. Masculine of Kāṭhikhāi.

କାଠିଛୁଆଁ—ଦେ. ବି.—ସର୍ପଦଂଶନ—
Kāṭhichhuāñ (euphemism) Snake-bite.
ଦେ. ବିଣ.—ସର୍ପଦଷ୍ଟ—Bitten by snake.

କାଠି ଛୁଇଁବା—ଦେ. ବି.—କାଠିଛୁଆଁ (ଦେଖ)
Kāṭhi chhuiñbā Kāṭhichhuāñ (See)

କାଠିଝଲକା—ଦେ. ବି (କୋଣିଆଯାଇ)—ଉପର କାନର ସୁନା ଅଳଙ୍କାର ବିଶେଷ (ଏଥିରେ ଥିବା ପାଖିଆରୁ ସୁନାର ସରୁ କାଠିମାନ ଝୁଲୁଥାଏ)—A kind of earring with pendants for the upper ear.
Kāṭhijhalakā

କାଠିଣି—ସଂ. ବି ( କଠିନ+ସ୍ୱାର୍ଥେ. ଅ=କାଠିନ+ଈ )—ଖଡ଼ି—
Kāṭhinī Writing chalk.

କାଠିନ୍ୟ—ସଂ. ବି (କଠିନ+ଭାବ. ଯ)—୧ । କଠିନତା; ଦୃଢ଼ତା—
Kāṭhinya 1. Stiffness; hardness; rigidity; firmness.
୨ । ନିର୍ଦ୍ଦୟତା; ନିଷ୍ଠୁରତା—2. Unfeelingness; cruelty; apathy; sternness.
୩ । କ୍ରୂରତା; କଠୋରତା; ରୁକ୍ଷତା—3. Harshness.
୪ । ଦୁରୂହତା—4. Difficulty.
୫ । ଆଧିକ୍ୟ; ପ୍ରକୋପ—5. Severity; austerity.

କାଠିପିଞ୍ଛ—ଦେ. ବି—୧ । ରାଜୋପକରଣବିଶେଷ; କାଠନିର୍ମିତ ଚାମର ବିଶେଷ—1. Kind of chāmar used as a royal paraphernalia.
Kāṭhipiñchha
କେ ଛତ୍ର ଟେକନ୍ତି କେହୁ ଚାମର ବାହାଇ,
କେ କାଠିପିଞ୍ଛ ଧରିଣ ପଛରେ ପକାଇ । ପୀତାମ୍ବର. ନୃସିଂହପୁରାଣ ।
୨ । ହାଣ୍ଡି ମୁହଁରେ ବାଡ଼ ପରି ଦେଇ ଭାତ ଗାଳିବାପାଇଁ ବ୍ୟବହୃତ ତାଳ ମଞ୍ଜୁଆର ଗୋଛା—2. A bunch of pliant palmleaf twigs used while pouring out water from the rice-boiling pot.

କାଠିପୋକ—ଦେ. ବି—ଦେଖିବାକୁ କାଠି ପରି ଝିଣ୍ଟିକା ଜାତୀୟ ଏକ ପ୍ରକାର ପୋକ; ଝିଣ୍ଟିକାବିଶେଷ; ଡାହାଣୀ ପୋକ—Stick insect; Diapheromera Femorata.
Kāṭhipoka
काठिपाका,
काठिफिडिङ्ग
[ ଦ୍ର—ଏମାନେ ୭।୮ ଅଙ୍ଗୁଳ ଲମ୍ବ । ଏ ପୋକ ଅନେକ ସମୟରେ ଡେଣାକୁ ଟେକନ୍ତି ଏବଂ ପିଲାମାନେ ଏମାନଙ୍କୁ ଦେଖି ପଚାରନ୍ତି—"ସମୁଦ୍ରରେ କେତେ ପାଣି ?" ଏହା କହିବାରୁ ଏମାନେ ଦୁଇ ଡେଣାକୁ ଟେକି ଦିଅନ୍ତି ଓ ପିଲାଙ୍କୁ ବଡ଼ କହୁତୁକ ଲାଗେ । ]

କାଠିଫଡ଼ିଙ୍ଗ—ଦେ. ବି—କାଠିପୋକ ( ଦେଖ )
Kāṭhipharḍiṅga Kāṭhipoka ( See )
(ଏ ଶବ୍ଦ ବଙ୍ଗଳା ଭାଷାରୁ ଗୃହୀତ ହୋଇଅଛି । )

କାଠି ମକୁଟ—ଦେ. ବି—କାଠି ମୁକୁଟ ( ଦେଖ )
Kāṭhi makuṭa Kāṭhi mukuṭa ( See )

କାଠି ମସିଣା—ଦେ. ବି—କଠିନ କାଠିଦ୍ୱାରା ବୁଣା ହୋଇଥିବା ମସିଣା —
Kāṭhi masiṇā A mat woven with a kind of hard reed.

କାଠି ମାରିବା—ଦେ. କ୍ରି—୧ । କୌଣସି ପଦାର୍ଥର ଅନ୍ତଃସ୍ଥ ଅଂଶର ଅବସ୍ଥା ପରୀକ୍ଷା କରିବା ନିମନ୍ତେ ତାହା ମଧ୍ୟରେ ସରୁ କାଠି ବା ଶଲାକା ପ୍ରବେଶ କରାଇବା—
Kāṭhi māribā
1. To poke a twig into the inside of a thing to judge the condition of its contents.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ଼ | ଜ | ଶ,ଷ | କ୍ଷ | ଇଅ଼ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

୨ । କାଠି ଦ୍ୱାରା ଗୋଳାଇବା ବା ଘାଣ୍ଟିବା— 2. To stir a liquid by means of a thin long reed.

ଦେ ବି. (ଶୁଭବାଚକ)—କାଠି ଛୁଇଁବା, ସର୍ପ ଦଂଶନ— Snake bite.

**କାଠି ମୁକୁଟ**—ଦେ. ବି—ବିବାହର ଚତୁର୍ଥୀ ଦିନ ବରକନ୍ୟା ପିନ୍ଧିବା
Kāṭhi mukuṭa କାଠିରେ ତିଆରି ମୁକୁଟବିଶେଷ—
A pair of crowns of twigs worn by the married couple on the 4th day of marriage.

**କାଠିଲାଗି**—ଦେ. ବି. ( ରାଜା ଓ ଦେବତାଙ୍କ ପ୍ରତି ପ୍ରଯୁଜ୍ୟ )—
Kāṭhilāgi ଦେବତା ଓ ରାଜାମାନଙ୍କର ଦନ୍ତଧାବନ ନୀତି—
The ceremony of cleansing the teeth of Rājās and Deities.

ଷଠଣୀ ସାମନ୍ତମାନେ ଉଚିତ ବନ୍ଧବଧାନେ କାଠିଲାଗି ମାଜଣା ସେବାକୁ ବସନ୍ତି ।
ଷଜକୃଷ୍ଣ ।

**କାଠୀ**—ଓଦେ. ବି. ( ସଂ. କାଷ୍ଠ; ଏହାର ତଳ ପାଖରେ କାଠ ଥିବାରୁ )—
Kāṭhī ଓଟ ପିଠିରେ କସା ହେବା ଜିନ୍—
**काठी** A saddle for the camel.

**କାଠୁଆ**—ଦେ. ବିଣ ( ସଂ. କାଷ୍ଠ )—
Kāṭhuā ୧ । ଘନ; ବହଳିଆ—
काठुया, केठो 1. Thickened; frigid (said of liquids
**कठौता, काठड़ा** ecoming rozen).
୨ । କାଠ ପରି ଟାଣୁଆ; ହାଡୁଆ—2. Hard.
୩ । ଅଳସୁଆ—3. Idle; lazy; not prompt.
୪ । କାଷ୍ଠନିର୍ମିତ— . Wooden; made of wood.
୫ । ନିର୍ଦ୍ଦୟ; କଠିନହୃଦୟ; ନିଷ୍ଠୁର—
5. Unfeeling; cruel.
୬ । କାଠବ୍ୟବସାୟୀ—6. Dealing in wood.

କହୁରେ ବଇ କାଳ ମୁଁ କାଠୁଆଙ୍କର, ବରଜନ ମଧ କହିବଇଁ ମୋହର ।
କୃଷ୍ଣସିଂହ. ମହାଭାରତ. ବଣ ।

**डाका डोकिया** ଦେ. ବି—୧ । କାଠ ନିର୍ମିତ ହଳଦି ଅାଦି ରଖିବା ପାତ୍ର—1. A wooden pot; small trough.

ପଦର ବଣ ଧରିବ ତକତକଅ ନାଅ, ଗୁଡ଼ାଏ କାଠୁଆ ସଜ ହେଲ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

[ ଦ୍ର—କାଠୁଆ ଡଙ୍ଗା ଖୁବ୍ ବଡ଼ ଗଛର ଗଣ୍ଡିକୁ ଖୋଳି କୋରଡ଼ କରି ତିଆରି କରାଯାଏ । ଲମ୍ୱ କାଠୁଆକୁ ସାପୁଆ ଓ ସାନ କାଠୁଆକୁ ହୁଲି ଡଙ୍ଗା କହନ୍ତି । ]

ପ୍ରାଦେ. ( ଗଡ଼ଜାତ ) ବି —ବଡ଼ ଗଡ଼ିଆ ମାଛ—
A kind of fresh water fish.

ପ୍ରାଦେ. ( ପୁରୀ ) ବିଣ—ଯେଉଁମାନେ ଜଗନ୍ନାଥଙ୍କ ଦେଉଳର ରୋଷଘରକୁ ଅନ୍ନଆଦି ରନ୍ଧାଯିବା ପାଇଁ ଜାଳେଣି କାଠ ଯୋଗାନ୍ତି—( persons ) Supplying fuel to the cookroom of the temple of Jagannath at Puri.

**କାଠୁଆ ଅମ୍ଳପିତ୍ତ**—ଦେ. ବି—କାଠ ଆମ୍ଳିପିତ୍ତ; ଶରୀରରେ ହେବା
Kāṭhuā amḻapitta ଶୁଖିଲା ବ୍ରଣ; ପଦ୍ମିନୀକଣ୍ଟକ ରୋଗ—
Dry prickly eruptions over the body.

**କାଠୁଆ ଆମଳିତପିତି**—ଗ୍ରା. ବି—କାଠୁଆ ଅମ୍ଳପିତ୍ତ ( ଦେଖ )
Kāṭhuā āmaḻitipiti Kāṭhuā amḻapitta ( See )

**କାଠୁଆ କଦଳୀ**—ଦେ. ବି—କାଠିଆ କଦଳୀ ( ଦେଖ )
Kāṭhuā kadaḻī Kāṭhiā kadaḻī ( See )

**କାଠୁଆ ବ୍ରାହ୍ମଣ**—ପ୍ରାଦେ. ( ବାଲେଶ୍ୱର ) ବି—ବାଲେଶ୍ୱର ଜିଲ୍ଲାରେ
Kāṭhuā brāhmaṇa ବାସ କରୁଥିବା ଏକପ୍ରକାର ପଛଅର ବ୍ରାହ୍ମଣ—A class of inferior Brahmins inhabiting parts of Balasore district and growing kitchen vegetables for the market.

[ ଦ୍ର—ଏମାନେ ପନିଅର ବା ପରିବା ଫସଲ ଆବାଦ କରି ଜୀବିକା ନିର୍ବାହ କରନ୍ତି । ଏମାନେ ନିକୃଷ୍ଟ ଶ୍ରେଣୀର ବ୍ରାହ୍ମଣ; ଏମାନେ ହଳ ଧରି ଚାଷ କାମ କରିବା ଛଡ଼ା ଫସଲ କରିବା ସକାଶେ ଆବଶ୍ୟକ ଅନ୍ୟ ସମସ୍ତ କାମ କରନ୍ତି । ଏମାନେ ବେକରେ କାଠ ମାଳ ପିନ୍ଧନ୍ତି । ]

**କାଠୁଆଶୋଲ**—ଦେ. ବି.—ମଇଁଷିଆ ଶୋଲ (ଦେଖ)
Kāṭhuāśola Maiṅshiā śola (See)

**କାଠୁଆ ମାଛ**—ଦେ. ବି.—୧। ବାଲିଗରଡ଼ା (ମାଛ) (ଦେଖ)
Kāṭhuā māchha. B Bāligararḍā (fish) (See)
[ଦ୍ର—ଏମାନେ ଅନ୍ୟ ମାଛମାନଙ୍କ ପରି ଚଞ୍ଚଳିଆ ନୁହନ୍ତି, ଏଥିପାଇଁ ସହଜରେ ଧରାପଡ଼ନ୍ତି । ]
୨ । ଯେଉଁ ମାଛ ଖାଇବାକୁ ସୁସ୍ୱାଦୁ ନୁହନ୍ତି—
2. Fish which is not savoury to the taste.

**କାଠୁରିଆ**—ଦେ. ବି. (ସଂ. କାଷ୍ଠହର)—
Kāṭhuriā ୧ । କାଷ୍ଠଛେଦକ ବ୍ୟକ୍ତି— 1. Wood cutter.
काठुरिआ;काठुरे ୨ । ବଣରୁ କାଠ କାଟିଆଣି ବିକ୍ରି କରିବା ବ୍ୟକ୍ତି—
**काटहरिआ** 2. Woodman; one who cuts and sells wood.

ଚହିଁରେ ତୃଷ୍ଣା ନାହିଁ କାଠୁରିଆଙ୍କର
ବିରଜନ ମଧ କରିବଇ ମୋର—କୃଷ୍ଣସିଂହ. ମହାଭାରତ ।

**କାଠୁରିଆ ପାଲା**—ଦେ. ବି.—ଗୋଟିଏ ପାଲାର ନାମ—
Kāṭhuriā pālā (ପାଲା ତଳେ କୋଠ ଦେଖ)—
Name of a Pālā; song-story.

**କାଠେଇଖାଇ**—ଦେ. ବିଣ. ସ୍ତ୍ରୀ.—କାଠିଖାଇ (ଦେଖ)
Kāṭheikhāī Kāṭhikhāī (See)

ସାଧାରଣ ଭେବେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରଯାଇ ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ଷିତ କ୍ରମରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଉ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜିଆ' ନ ପାଇଲେ 'ଅର୍ଜ୍ଜିଆ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍ବତ୍' ଦେଖିବେ ।

କାଠେଇଖିଆ—ଦେ. ବଣ. ପୁଂ.—କାଠିଖିଆ (ଦେଖ)
Kāṭheikhiā Kāṭhikhiā (See)

କାଠେଁ କାଠେଁ ରହିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ନୀରବ ନିଶ୍ଚଳ ହୋଇ ରହିବା—
Kāṭheñ kāṭheñ rahibā 1. (like a log of wood) To be still; to keep quiet.
୨ । କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେବା ବା ଅନିଚ୍ଛା ପ୍ରକାଶ କରିବା—2. To express unwillingness to do a work; to hesitate; to waver.

କାଡ୍—ଦେ. ବି.—କାର୍ଡ଼ (ଦେଖ)
Kārḍ Kārḍ (See)
ପ୍ରାଦେ. (ସମ୍ବଲପୁର) ବି.—କଠିନ—Hard.

କାଁଡ୍—ପ୍ରାଦେ. (ସମ୍ବଲପୁର) ବି.—କାଣ୍ଡ (ଦେଖ)
Kāñrḍ Kāṇḍ (See)

କାଡାଷ୍ଟ୍ରାଲ୍ ଅମିନ୍—ବୈଦେ. ବି. (ଇଂ. କାଡାଷ୍ଟ୍ରାଲ୍ ଅ. + ଅମିନ୍)—
Kāḍāshṭrāl amin କାଡାଷ୍ଟ୍ରାଲ୍ ସର୍ଭେ କରିବାରେ ନିଯୁକ୍ତ ଅମିନ—A cadastral surveyor.

କାଡାଷ୍ଟ୍ରାଲ୍ ସର୍ଭେ—ବୈଦେ. ବି. (ଇଂ.)—କମ୍ପାସ୍ ସାହାଯ୍ୟରେ କରାଯିବା ଭୂମିମାପ—
Kāḍāshṭrāl sarve Cadastral survey.

କାଡ଼େ—ପ୍ରାଦେ. (ବାଲେଶ୍ୱର; ମେଦିନୀପୁର)—୧ । କୁଆଡ଼େ କେଉଁ ଅଡ଼େ—
Kārḍe 1. Where.
୨ । କେଉଁ ଅଡ଼କୁ—2. Where to.
୩ । କେଉଁ ଦିଗକୁ—3. To which direction.

କାଢ଼—ଦେ. ବି.—ଶାରୀରିକ କ୍ଷମତା; ବଳ; ଶକ୍ତି; ପରାକ୍ରମ; ସାମର୍ଥ୍ୟ—
Kārḍha 1. Physical strength; bodily power; prowess.
୨ । ପରିଶ୍ରମ—2. Labour; exertion.
ଦେ. ବଣ—୧ । ଶୁଷ୍କ; ନୀରସ—
1. Dry; sapless (Wilkins).
୨ । କଢ଼ା ହୋଇଥିବା—2. Taken out.

କାଢ଼ ଅଦା—ଦେ. ବି—୧ । ଭୂମିରୁ ଉଦ୍ଧୃତ ବା କଢ଼ା ହୋଇଥିବା ଅଦାରୁ ପୃଥକ୍‌କୃତ ପୁରୁଣା ଅଦା ଖଣ୍ଡମାନ—
Kārḍha adā 1. The pieces of old ginger separated from the roots of newly shooting plants.
୨ । ବିହନ ପାଇଁ ବନ୍ଧ ହୋଇ ରଖାଯିବା ଅଦା ଛଡ଼ା ଅନ୍ୟ ଯେଉଁ ଅଦାକୁ ବିକି ବା ବ୍ୟବହାର ପାଇଁ କାଢ଼ି ରଖାଯାଏ—
2. Ginger taken out for use or sale after keeping pieces for seeds.
[ଦ—ପୋତା ହୋଇଥିବା ଅଦାଖଣ୍ଡରୁ ଚେର ଓ ଗଜା ବାହାରି ଭୂମିରେ ବୃଦ୍ଧି ଗଛର ଚେର ଲାଗି ଗଲେ ତା ମୂଳରେ ଥିବା ପୁରୁଣା ଅଦାକୁ କାଢ଼ି କାଢ଼ି ଅଣାଯାଏ । ସେହି ଅଦାକୁ କାଢ଼ ଅଦା ବୋଲାଯାଏ ।]

କାଢ଼ ଉଠିବା—ଦେ. ବି—ବଳାଧାନ ହେବା—
Kārḍha uṭhibā Gathering of strength.

କାଢ଼ଣ—ଦେ. ବି—୧ । କାଢ଼ିବା ବା ପଦାକୁ ବାହାର କରିବା—
Kārḍhaṇa 1. Act of drawing out.
୨ । ବଳପୂର୍ବକ ବା ଜୋରରେ ଟାଣିବା—
2. Act of drawing or attracting.

କାଢ଼ ଭାଙ୍ଗିବା—ଦେ. କ୍ରି—ଅନ୍ୟର ଶକ୍ତି ଲୋପ କରିବା—
Kārḍha bhāṅgibā To disarm; to reduce or shatter another's strength.

କାଢ଼ ମରିବା—ଦେ. ବି—ଶକ୍ତି ଲୋପ ହେବା—
Kārḍha maribā Disappearance of power; diminution of strength

କାଢ଼ ମାରିବା—ଦେ. କ୍ରି—କାଢ଼ ଭାଙ୍ଗିବା (ଦେଖ)
Kārḍha māribā Kārḍha bhāṅgibā (See)

କାଢ଼ା—ଦେ. ବି—୧ । ସର୍ଦ୍ଦି ରୋଗରେ ପ୍ରଯୁଜ୍ୟ ଶୁଣ୍ଠି, ପିପ୍ପଳି ଆଦିର ଚୂର୍ଣ୍ଣ—
Kārḍhā
କାଡ଼ା
1. A medicinal powder of dry ginger, black pepper etc. used as an antidote against cold.
୨ । ପାଚନବିଶେଷ—
2. A medicinal decoction.

କାଢ଼ି—ପ୍ରାଦେ. (ଗଡ଼ଜାତ) ବି—
Kārḍhi
କାଠି
କାଢ଼ୀ
ଉଠାଣି ବାଟେ ବଳପୂର୍ବକ ଝିଙ୍କି ଅଣିବା କାଠ ବୋଝ—
A load of fuel drawn up along an incline.
ଦେ. ବି—୧ । ସରୁଆ କାଠି—
1. Slender twig or rod.
(ଯଥା—ଅଡର କାଢ଼ି ।)
୨ । ଛତା କାଠି—
2. Iron ribs of an umbrella.

କାଢ଼ିଆ—ଦେ. ବି. (ତାମିଲ—କଡ଼ନ୍; କଡ଼ମ୍=ଋଣ)—
Kārḍhiā
କାଢ଼
୧ । ଉତ୍ତରକାଳରେ ମୂଳ ଓ ସୁଧ ଟଙ୍କା ନ ସୁଝି ଭଲ ଟଙ୍କାରେ ଦାଣ୍ଡ ଭାଉ ଅପେକ୍ଷା ବେଶୀ ପରିମାଣରେ ଧାନ ବା ଶସ୍ୟାଦି ଦେବା କରାରରେ ମହାଜନଠାରୁ ଋଣ କରିବା ଧନ—
1. Cash taken from a creditor on a contract to deliver paddy or corn in future at a cheap rate in lieu of the capital and interest.
୨ । ଋଣ—2. Loan.
କାଢ଼ିଅ ମାଲରେ ବହୁତ ଦୋଷ, କହନ୍ତର କହି ବୁଝେ ସର୍ବସ୍ୱ ।
ଗୋପୀନାଥ ଭଜ୍ଞ.—ଉତ୍କଳ ସାହିତ୍ୟ ୮୮ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଡ଼ | ନ୍ |

୩ । ଦୋକାନଠାରୁ ନଅଯିବା ଧାର ସଉଦା—
3. Credit or loan of commodities taken from a grocer.

୪ । ପ୍ରଥମୋକ୍ତ ରୀତିରେ ଟଙ୍କା କରଜ ଦେବା ପ୍ରଣାଳୀ—
4. The system of advancing money on the system stated in 1.

[ ଦ୍ର—ଜମିରୁ ଫସଲ ଚାଷିମାନଙ୍କ ହସ୍ତଗତ ହେବା ପୂର୍ବରୁ ଆବଶ୍ୟକ ବ୍ୟୟ ସକାଶେ ସେମାନେ ମହାଜନଠାରୁ ଟଙ୍କା ଋଣ କରି କରାର କରନ୍ତି ଯେ, ଫସଲ ହସ୍ତଗତ ହେଲାରୁ ଋଣ ଟଙ୍କା ଓ ତହିଁର ସୁଧ ଯାହା ହୋଇଥିବ ତାହା ମହାଜନଙ୍କୁ ନଗଦ ନ ସୁଝି ସେ ସମୟର ଦାଣ୍ଡ ଭାଉ ଅପେକ୍ଷା ସସ୍ତା ଦରରେ ମହାଜନଙ୍କୁ ଧାନ ବା ଅନ୍ୟାନ୍ୟ ଶସ୍ୟ ଦେବେ । ଏହି ଚୁକ୍ତିରେ ଚାଷିମାନେ ଋଣ କରିବା ରୀତିକୁ 'କାଢ଼ିଆ' ବୋଲାଯାଏ । ଏ ରୀତିରେ ମହାଜନର ଦୁଇ ପ୍ରକାର ଲାଭ ହୁଏ, ଟଙ୍କା ଉପରେ ସୁଧ ପାଏ ଓ ଦାଣ୍ଡ ଭାଉ ଅପେକ୍ଷା ସସ୍ତାରେ ଶସ୍ୟାଦି ପାଏ । ଚାଷୀ ସୁଧକୁ ସୁଧ ଦିଏ ଓ ତା ଉପରେ ଦାଣ୍ଡ ଭାଉ ଅପେକ୍ଷା ସସ୍ତା ଭାଉରେ ମହାଜନଙ୍କୁ ଶସ୍ୟାଦି ଦିଏ । ]

ଦେ. ବିଣ.—୧ । ଉଠାଣ କରାଯିବା; ଧାର ଅଣିବା; ଧାର କରାଯିବା ( ସଉଦା )—
1. ( commodities ) Borrowed; taken in advance of the payment.

୨ । କାଢ଼ୁଆ; ବଳୁଆ; ପରାକ୍ରାନ୍ତ—
2. Powerful; strong.

**କାଢ଼ିବା**—ଦେ. କ୍ରି. ( ସଂ. କର୍ଷ ଧାତୁ; ପ୍ରା. କଡ୍ଢ ଧାତୁ )—
Kar̤hibā ୧ । ଗୁପ୍ତ ସ୍ଥାନରୁ ପ୍ରକାଶ୍ୟ ସ୍ଥାନକୁ ଆଣିବା; ପଦାକୁ ବାହାର କରିବା—
काढ़ा; काढ़न
**काढ़ना** 1. To bring out; to take out; to draw out.
(କଢ଼ାଇବା—ଣିଜନ୍ତ)

ଗୋଟିଏ କାଢ଼ିଲେ ତହିଁ ଗୋଟିଏ ପଡ଼ଇ—
ସାରଳା. ମହାଭାରତ. ଆଦି ।

୨ । ( ଲୋତକ ) ବୁହାଇବା—
2. To shed ( tears ).

୩ । ( ଅଙ୍ଗରେ ପଶିଥିବା କଣ୍ଟା ) ବାହାର କରିବା—
3. To extract; to draw out ( a thorn ).

୪ । ( ପାଣି ) ଉପରକୁ ଉଠାଇବା; ଉତ୍ତୋଳନ କରିବା—
4. To lift up; to bring up.

୫ । ଛିଙ୍କି ନେବା; ବଳପୂର୍ବକ ଟାଣି ନେବା—
5. To snatch away; to deprive forcibly.

୬ । ମୁଖରେ ଥିବା ପଦାର୍ଥକୁ ପାଟିରୁ ବାହାର କରିବା; ବମନ କରିବା—6. To vomit forth; to eject from the mouth.
( ଯଥା—ସେ ପାଟିରୁ ଗୁଡ଼ାଏ ନାଳ କାଢ଼ିଲାଣି । )

୭ । ଚାକିରିରୁ ଅନ୍ତର କରିବା—7. To dismiss, remove or discharge from service.

୮ । ( ଲୁଗା; ଓଢ଼ଣା ) ଦେହରୁ ଅପସାରିତ କରିବା—
8. To put off from the body.

୯ । ଗାଳିଦେବା; ଗାଳିମନ୍ଦ କରିବା—
9. To abuse; to call names.

୧୦ । ( ମୂର୍ଦ୍ଦାର ) ଉଠାଇବା; ଅପସାରିତ କରିବା—
10. To bring out ( a carcass ) from a place.

୧୧ । ( ଫୁଲ ଫଳ ଆଦି ) ଫୁଟାଇବା; ପ୍ରସ୍ଫୁଟିତ କରାଇବା; ଜନ୍ମ କରାଇବା—11. To bring forth.

( ଧାନଗଛ ) ହାତେ ଲମ୍ବରେ କାଢ଼ିବ ଶିଂଶା.
ଦେଖି ମରୁଥିବେ ସାଇପଡ଼ଶା—କୃଷିବଚନ ।

୧୨ । ତଡ଼ିଦେବା—12. To drive away.
( ଯଥା—ସେ ସ୍ତ୍ରୀକୁ ଘରୁ କାଢ଼ିଦେଲା ।

୧୩ । ଫଳ ପୁଷ୍ପାଦିରୁ ରସ ବାହାର କରିବା—
13. To extract juice from fruits etc.

୧୪ । ଅଳଙ୍କାରାଦି ଦେହରୁ ଓହ୍ଲାଇବା—
14. To put off ornaments.

ଚୂପଥର କାଢ଼ିବ ଏ ଆଦରେ—କବିସୂର୍ଯ୍ୟ. କବିତା ।

୧୫ । ( ଦୁଃଖ ) ଦୂର କରିବା—
15. To remove ( sorrow ).

ଏ ପୁତ୍ର ମରଇ ଅଟେ ବୁଢ଼ା ବୁଢ଼ୀ,
କେ ଅଛି ଆମ୍ଭ ଯହୁଁ ନେବ ଶୋକ କାଢ଼ି—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

୧୬ । ( ମଇଲା ବା ଅଳିଆ ) ପରିଷ୍କାର କରିବା—
16. To clean out (refuse) from any place.

୧୭ । ବହୁଲୋକଙ୍କ ସମକ୍ଷରେ କୌଣସି ବିଷୟ ପ୍ରକାଶ କରିବା
17. To express before many people.
( ଯଥା—ସଭାରେ ସେ ଗୋଟିଏ ପାଞ୍ଚ କାଢ଼ିଲା । )

ପ୍ରାଦେ. ( ସମ୍ବଲପୁର ) କ୍ରି—ଋଣ କରିବା—To borrow.

**କାଢ଼ୁ** ( ଇତ୍ୟାଦି )—ଦେ. ବ—କାଢ଼ ଇତ୍ୟାଦି ( ଦେଖ )
Kar̤hu ( etc Kar̤ha etc. ( See )

**କାଢ଼ୁଆ**—ଦେ. ବିଣ. ( ସଂ. କାରୁ=ଶିଳ୍ପୀ )—୧ । ପରିଶ୍ରମୀ—
Kar̤hua 1. Laborious.

୨ । କର୍ମକୁଶଳ—2. Pert; skilful.

୩ । ବଳୁଆ; ଶକ୍ତିଶାଳୀ; ପରାକ୍ରାନ୍ତ—
3. Strong; powerful, mighty.

୪ । ଜବରଦସ୍ତ—4. Forcible; using force.

୫ । ଯେ କାଢ଼େ ( କାଢ଼ିବା ଦେଖ )
5. One who snatches away or brings out or cleanses ( See under Kar̤hibā for different meanings ).

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**କାଢ଼ୁଆଗିରି**—ଦେ. ବି—ବଳୁଆପଣ; ବଳପ୍ରଭାବ; ଶକ୍ତିମତ୍ତା—
Kārdhuāgiri — Strength; powerfulness.

**କାଢ଼ୁଆପଣ**—ଦେ. ବି—କାଢ଼ୁଆଗିରି ( ଦେଖ )
Kārdhuāpaṇa — Kārdhuāgiri ( See )

**କାଢ଼ୁଆପଣିଆ**—ଦେ. ବି—କାଢ଼ୁଆଗିରି ( ଦେଖ )
Kārdhuāpaṇiā. — Kārdhuāgiri ( See )

**କାଢ଼ୁଣି**—ପ୍ରାଦେ.(ସମ୍ବଲପୁର ଓ ଗଡ଼ଜାତ) ବି.(ସଂ. କର୍ଷଣୀ)—ଗୋଟାଏ
Kārdhuṇi — ମୁଣ୍ଡର ଦଉଡ଼ି ଲଗାଇ ଦଉଡ଼ିକୁ ଯୁଆଳିରେ ବାନ୍ଧି ବଳଦଙ୍କଦ୍ୱାରା ଭୂଇଁରେ ଘୋଷାରି ଘୋଷାରି ନେବା ଲମ୍ବା ଓ ମୋଟ କାଠ—A long log of wood pulled by bullocks by tying it one end.

**କାଢ଼େଣ୍**—ପ୍ରାଦେ. (ସମ୍ବଲପୁର) ବି—କାଢ଼ୁଣି (ଦେଖ)—
Kārdheṇ — Kārdhuṇi (See)

**କାଣ**—ସଂ. ବିଣ. ପୁଂ. ( କାଣି ଧାତୁ = ଆଖି ବୁଜିବା + କର୍ତ୍ତୃ. ଅ )—
Kāṇa — ୧ । ଏକଚକ୍ଷୁହୀନ; କଣା —1. One-eyed.
काणा — ୨ । କୁଆ—2. Crow.
कान — ପ୍ରାଦେ. (ଗଞ୍ଜାମ) ବି. (ସଂ. କର୍ଣ୍ଣ)—କାନ—Ear.
କାଣୀ, କାଣି } ସ୍ତ୍ରୀ — ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ମାଛ— A kind of fish.

**କାଣମୁଟା**—ପ୍ରାଦେ. (ଗଞ୍ଜାମ-କର୍ଣ୍ଣମୂଳ; କାନମୁଣ୍ଡା (ଗୋପୀନାଥ ନନ୍ଦ)—
Kāṇamutā — The root of the ear.

**କାଣା**—ସଂ. ବିଣ. ସ୍ତ୍ରୀ—କାଣର ସ୍ତ୍ରୀଲିଙ୍ଗ—
Kāṇā — Feminine of Kāṇa.
ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—କଣା (ଦେଖ) Kaṇā (See)
ପ୍ରାଦେ. (ସମ୍ବଲପୁର) ସର୍ବନାମ (ସଂ. କିମ୍ ଶବ୍ଦ)— କଅଣ; କିସ—What.

**କାଣାଦ**—ସଂ. ବି ( କଣାଦ + ଅ )—କଣାଦ ଋଷିରଚିତ ବୈଶେଷିକ-
Kāṇāda — ଦର୍ଶନ—The Baiseshika philosophy stated by the sage Kaṇāda.

**କାଣି**—ଦେ. ବି. (ସଂ. କନିଷ୍ଠ)—୧ । ( ଭୂମି ମାପରେ ) ଏକ ବିଶ୍ୱାର
Kāṇi — ଚତୁର୍ଥାଂଶ—1. One fourth of a Biśwa;
कानी — a superficial land measure; $\frac{1}{16}$th of a measuring pole.
୨ । ଅଳ୍ପ ସାମାନ୍ୟ ପରିମାଣ; ସୂକ୍ଷ୍ମାଂଶ— 2. A little quantity.
୩ । ବିଶ୍ୱା ବା ଛଟାଙ୍କିର $\frac{1}{4}$ (ମାପ ବା ଓଜନ)— 3. One fourth of a biśwā or chhaṭāṅki.
୪ । ବିଶ୍ୱା ବା ଛଟାଙ୍କିର $\frac{1}{4}$ ଓଜନର ବଟକରା— 4. Standard weight for weighing $\frac{1}{4}$ of a chhaṭāṅki
୫ । ହାତ କହୁଣୀଠାରୁ କାଣି ଅଙ୍ଗୁଠିର ଅଗ୍ର ପର୍ଯ୍ୟନ୍ତ ପରିମାଣ—5. A lineal measure from the tip of the elbow to the end of the little finger.
ପ୍ରାଦେ. (ସମ୍ବଲପୁର) ବି—ସାତଗାତି ଖେଳ (ଦେଖ)— Sātagāti khela (See)
ଦେ. ବିଣ—୧ । କନିଷ୍ଠ—1. Younger.
୨ । କ୍ଷୁଦ୍ରାବୟବ—2. Small.
( ଯଥା—କାଣିଅଙ୍ଗୁଠି । )

**କାଣିଅଣ୍ଡିଆ**—ଦେ. ବି—କାଣିକୁରୁଣ୍ଡା (ଦେଖ)—
Kāṇiaṇḍiā — Kāṇikuruṇḍā (See)
ଦେ. ବିଣ—କାଣିକୁରୁଣ୍ଡା (ଦେଖ)— Kāṇikuruṇḍā (See)

**କାଣିଆକଚ୍ଛା**—ଦେ. ବି—କାଣିକଚ୍ଛା (ଦେଖ)—
Kāṇiākachhā — Kāṇikachhā (See)

**କାଣିଅଙ୍ଗୁଠି**—ଦେ. ବି (ସଂ. କନିଷ୍ଠ ଓ ଅଙ୍ଗୁଷ୍ଠ)—ହାତ ଓ ଗୋଡ଼ର
Kāṇiāṅguṭhi — ସବୁଠୁ ସାନ ଅଙ୍ଗୁଳି; କନିଷ୍ଠାଙ୍ଗୁଳି—
কড়েআঙ্গুল — The little finger of the hand
**కనగ్గురిఆఙ్గుల** — or foot.

ଡାହାଣ ପାଦ କାଣି ଅଙ୍ଗୁଠିରୋଷ୍ଟ ବଳ,
ସାତ ଯୋଜନ ପର୍ବତଶୃଙ୍ଗ ଗଲା ଭାଜି । ସାରଳା. ମହାଭାରତ. ଆଦ୍ୟ ।

**କାଣିକଉଡ଼ା**—ଦେ. ବି.—ଚଉମାସିଆରେ ବାଡ଼ି ଆଦରେ ମାଡ଼ିବା ଲତା-
Kāṇikaurḍā — ବିଶେଷ—A wild creeper.
[ଦ୍ର—ଏହାର ଫୁଲ ଅଙ୍ଗୁଠି ପରି । ଫୁଲର ରଙ୍ଗର କଳା । ଏହାର ଫଳକୁ ଗଞ୍ଜାମର ଗରିବ ଲୋକେ ତରକାରି କରନ୍ତି । ]

**କାଣିକଉଡ଼ି**—ଦେ. ବି.—୧ । ଅତି ଛୋଟ କଉଡ଼ି—
Kāṇikaurḍi — 1. A tiny cowrie.
कानाकड़ि — ୨ । ଛିଦ୍ରଯୁକ୍ତ ବା ଭଗ୍ନ କଉଡ଼ି—
**कानीकौड़ी** — 2. A worthless shellmoney.

କାଣି କଉଡ଼ି ପିଟା ଭାଳ, ଯାକୁ ଦେଇଥିବ ଭକ୍ତିକାଳ – ଚର ।

**କାଣିକଚ୍ଛା**—ଦେ. ବି.—ଓଡ଼ିଆ ସ୍ତ୍ରୀଲୋକମାନେ ଏକଫେର କରି ପିନ୍ଧି-
Kāṇikachhā — ଥିବା ଲୁଗାର ଯେଉଁ କାନକୁ ପଛଆଡ଼େ ଖୋସି ଲୁଗା ପିନ୍ଧନ୍ତି—The end of the cloth tucked down and taken up towards the back-side by females.

**କାଣିକୁରୁଣ୍ଡ**—ଦେ. ବି—ଅଣ୍ଡକୋଷଦ୍ୱୟ ମଧ୍ୟରୁ ଗୋଟିଏ ଛୋଟ ଓ
Kāṇikuruṇḍa — ଅନ୍ୟଟି ବଡ଼ ହେବା ଅବସ୍ଥା—A disease consisting of one of the testicles becoming larger than the other; Hydrocele.

**କାଣିକୁରୁଣ୍ଡା**—ଦେ. ବିଣ.—କାଣିକୁରୁଣ୍ଡ ରୋଗଗ୍ରସ୍ତ—
Kāṇikuruṇḍā — One suffering from Hydrocele of one of the testicles.

**କାଣିଚ୍**—ଦେ. ବି. (ସଂ. କଣା)—ସୂକ୍ଷ୍ମକଣା; ଅଳ୍ପ ସାମାନ୍ୟ—
Kāṇicha — A small particle.

| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଳ | ଶ,ଷ | ଙ୍କ | ଇଙ୍କ | ଉଖ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଂକ୍ଷ |

**କାଣିଚିଆ**—ଦେ. ବଣ.—୧ । ଅତି କ୍ଷୁଦ୍ର; ଅତି ସାମାନ୍ୟ—
Kaṇichia 1. Very small; very slight.
୨ । କ୍ଷୁଦ୍ର କଣାବିଶିଷ୍ଟ—
2. Consisting of very small particles.

**କାଣିଜୋର**—ଦେ. ବି.—ଛୋଟ ଜୋଡ଼ ବା ଲମ୍ବା ଗଡ଼ିଆ—
Kaṇijora A small long tank.

**କାଣିଥୋଡ଼ ହେବା (ଧାନ)**—ଦେ.କ୍ରି.—ଧାନ ଗଛ ଉପରେ ଧାନକେଣ୍ଡା ଜନ୍ମିବା—(paddy plants) To
Kaṇithorda heba begin to germinate in the stem.

**କାଣିନଈ**—ଦେ. ବି.—ଛୋଟିଆ ନଈ—
Kaṇinai Rivulet.

**କାଣିନଖା**—ଦେ. ବି.—କଣନଖା (ଦେଖ)
Kaṇinakha Kaṇanakha (See)

**କାଣିକଲ**—ଦେ. ବି.—ଜମିର କ୍ଷେତ୍ରଫଳ ବାହାର କରିବାର କୃତ୍ୟ-ବିଶେଷ—A rule of extracting the area
Kaṇinala of fields by taking the length and
काठाकालि breadth measure in Biswas and Kaṇis.

[ଦ୍ର—ଏଥିରେ ପଦକାଙ୍କ=୪ ବିଶ୍ୱା ଓ ବିଶ୍ୱାଙ୍କ=୪ କାଣି ହୁଏ । ଓଡ଼ିଶାରେ ଅତି ପ୍ରାଚୀନକାଳରୁ କ୍ଷେତ୍ରଫଳ ବାହାର କରିବାରେ ଅବଲମ୍ବିତ ସୂତ୍ର—
ପଣକୁ ପଣ ପାଞ୍ଚ କଡ଼ା ମାଗଣ, ପଣ ଗଣ୍ଡା ଅଣ୍ଟ ଦାଢ଼,
ଗଣ୍ଡା ଗଣ୍ଡା ଅଣ୍ଟ ବିଦାଢ଼ ହୁଅଇ, ପଣ କଡ଼ା ବେନ ଦାଢ଼ ।
ଏହିରୂପେ ଗଣ୍ଡା କଡ଼ାକୁ ଗୁଣିଲେ, ହୁଅଇ ବିଦାଢ଼ ବେନ,
କଡ଼ାକୁ କଡ଼ାରେ ଗୁଣିଲେ ଜାଣିବ ବିଦାଢ଼ର ଅର୍ଦ୍ଧ ସେନ ।
ବଂଶ ବିଦାଢ଼ରେ ଦାଢ଼ିକ ହୁଅଇ କଡ଼ାକ ବଢଶ ଦାଢ଼ା
ନଳ କସ୍ତି ବିକ ଦଶକ ଗୁଣାଣ ସମସ୍ତଙ୍କ ପାଇଁ ଯୋଡ଼ା ।
କାହାଣ ସଙ୍ଗତେ ଯାହାକୁ ଗୁଣିବ ମୂଳ ତାର ସେହି ହୁଏ,
ଓଡ଼ୁ କରଣଙ୍କ ପ୍ରୟୋଜନ ଅର୍ଥେ ଲୀଳାବତୀସୂତ୍ର କହେ ।]

**କାଣିନାଳ**—ଦେ. ବି—୧ । ଜଳ ବହିଯିବାର କ୍ଷୁଦ୍ର ନାଳ—
Kaṇinala 1. Small channel for irrigation.
୨ । କ୍ଷୁଦ୍ର ଶାଖାନାଳ—
2. A small branch channel or brook.

**କାଣି ନେଉଟିଆ**—ଗ୍ରା. ବି—କାଣି ଲେଉଟିଆ ( ଦେଖ )
Kaṇi neutia Kaṇi leutia ( See

**କାଣି ବନ୍ଧ**—ଦେ. ବି—ଛୋଟ ବନ୍ଧ—
Kaṇi bandha A small bank.

**କାଣି ଲେଉଟିଆ**—ଦେ. ବି—କଣ୍ଟା ନେଉଟିଆ ୨ ( ଦେଖ )
Kaṇi leutia Kanta neutia 2 ( See )

**କାଣି ଲ୍ୟାହି**—ଦେ. ବି. ( ବଣିଆ ଶବ୍ଦ )—ଦୁଇ ପାଖରେ ମୁନ ଥିବା ଲ୍ୟାହି—A small goldsmith's anvil
Kaṇi lyahi pointed at both ends.

**କାଣୀ**—ଦେ. ବଣ. ସ୍ତ୍ରୀ. ( ସଂ. କାଣୀ )—ଏକଚକ୍ଷୁ ନ ଥିବା ସ୍ତ୍ରୀ—
Kaṇi One eyed ( woman ).
कानी ଚାଲୁସ କାଣୀ, ଚଳିଲ କାହଲ କଛ ନ ଜାଣି । ଉଦ ।
কাণা

**କାଣେଡ଼ା**—ଦେ. ବି. ( ସଂ. କର୍ଣ୍ଣାଟ )—୧ । କର୍ଣ୍ଣାଟ ଦେଶ—
Kaṇeda 1. The Karnatic country.
୨ । ରାଗିଣୀବିଶେଷ—2. A musical tune.

**କାଣ୍ଟ**—ଦେ. ବି. ( ସଂ. କିଟ୍ଟ )—କାଣ୍ଟି ( ଦେଖ )
Kanta Kanti ( See )

**କାଣ୍ଟି**—ଦେ. ବି. ( ସଂ. କିଟ୍ଟ )—୧ । ଭାଣ୍ଡ ତଳରେ ବସିଥିବା ତେଲାଦିର ମଳ—1. The dregs of oil which
Kanti settle down a can; the lees; sediment;
কাইট dross.
তঁড়েল; কীট
୨ । ବଳ; ପରାକ୍ରମ; କାଣ୍ଟୁ—2. Power.
୩ । ମନର କଣ୍ଡୁ—3. Itching of the mind.
( ଯଥା – ତାର କାଣ୍ଟି ମରିଗଲାଣି=ମନକଣ୍ଡୁ ଥଣ୍ଡା ହୋଇଗଲାଣି । )

**କାଣ୍ଟିଆ**—ଦେ. ବି—୧ । ରେଶମ ବା ପାଟର ମୋଟ ବା ଅସାର ଅଂଶରେ ବୁଣା ହୋଇଥିବା ମଠା—( ଏହା କାଣ୍ଟି ପରି
Kantia ମଇଳା ଦିଶୁଥିବାରୁ )—1. Worsted silk; cloth made of coarse silk.
୨ । ବଣିଆମାନେ ଅଉଟା ସୁନା ଓ ରୂପାକୁ ଯେଉଁ ଲମ୍ବା, ଖାଲୁଆ ଛାଞ୍ଚରେ ଢାଳନ୍ତି—2. A long and deep mould for preparing ingots of metal.
୩ । ମାଛ ଧରିବାପାଇଁ ବୁଣାଯାଇଥିବା ସଛିଦ୍ର ବସ୍ତ୍ରବିଶେଷ—
3. A kind of net-cloth used in catching fish.

কেটলো ଦେ. ବଣ— ୧ । ( ତେଲ ) କାଣ୍ଟିଯୁକ୍ତ; ମଇଳା—
1. Full of impurities ( oil ); drossy.
୨ । ମଇଳାରଙ୍ଗର;ଧୂସର—2. Of pale white colour, brown coloured.

**କାଣ୍ଟିଆ ବଗ**—ଦେ. ବି. ( ସଂ. କୌଞ୍ଚ+ବକ ) ( କାଣ୍ଟି ପରି ମଇଳା ବର୍ଣ୍ଣ ଥିବାରୁ )— ଧୂସରବର୍ଣ୍ଣ ବକପକ୍ଷୀ—
Kantia baga The brown egret; a kind of bittern.
বগলা

[ ଦ୍ର—ଏମାନେ ବୋବାଇବା ବେଳେ ଖାଲାକୁ ଭୂଇଁରେ ପିଟି ଖୋଲିଲା ଭଳି ଠକ ଠକ ଶବ୍ଦ କରନ୍ତି । ]

**କାଣ୍ଟିବଗ**—ଦେ. ବି—କାଣ୍ଟିଆ ବଗ ( ଦେଖ )
Kantibaga Kantia baga ( See )

**କାଣ୍ଟୁ**—ଦେ. ବି—କାଣ୍ଟି ୨, ୩ ( ଦେଖ )
Kantu Kanti 2, 3 ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କାଣ୍ଟୁ ମରିବା**—ଦେ. କ୍ରି—୧ । କଣ୍ଡୁନାଶ ହେବା—
**Kāṇṭu maribā** 1. The satisfaction of itching sensation.
୨ । ବଳନାଶ ହେବା—2. Being reduced to impotence.

**କାଣ୍ଟୁ ମାରିବା**—ଦେ. କ୍ରି—ବେଶି ପରିଶ୍ରମ କରାଇ ବଳ କ୍ଷୟ କରିବା—
**Kāṇṭu māribā** To reduce a person to impotence by over-work.

**କାଣ୍ଡ**—ପ୍ରାଦେ (ସମ୍ବଲପୁର) ବି—୧ । କାଣ୍ଡ; ଶର—
**Kāṇḍ** 1. Arrow.
ଲଗାଥିଲୁ ମାରିଲେ କାଣ୍ଡ; ସଇତା ମଲେ ମାଇପୋ ସଣ୍ଡ । ଡଗ ।
୨ । ଗୃଣଣ୍ଡ—2. A unit of lineal measure; a span.

**କାଣ୍ଡ**—ସଂ. ବି. ( କନ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତ୍ରି. ଡ )—
**Kāṇḍa** ୧ । ବୃନ୍ତ; ଡେମ୍ଫ; ନାଡ଼—1. Stalk; stem.
୨ । ଗଛର ଗଣ୍ଡି; ସ୍କନ୍ଧ—2. Trunk of a tree.
୩ । ଗୁଚ୍ଛ—3. Bunch.
୪ । ସ୍ତମ୍ଭ—4. Pillar.
[ ଦ୍ର—ଭାରତୀୟ ଶିଳ୍ପ ବହୁବିଧ ଅଳଙ୍କୃତ ସ୍ତମ୍ଭ ବା କାଣ୍ଡର ସୂଚନା ଦେଇଥିଲେ ମଧ୍ୟ ଏହା ପ୍ରଧାନତଃ ପାଞ୍ଚ ପ୍ରକାର—୧ । ବ୍ରହ୍ମକାଣ୍ଡ =ସମଚତୁରସ୍ର, ୨ । ଶିବକାଣ୍ଡ=ପଞ୍ଚକୋଣବିଶିଷ୍ଟ, ୩ । ସ୍କନ୍ଦକାଣ୍ଡ =ଷଟ୍କୋଣବିଶିଷ୍ଟ, ୪ । ବିଷ୍ଣୁକାଣ୍ଡ = ଅଷ୍ଟକୋଣବିଶିଷ୍ଟ, ୫ । ରୁଦ୍ରକାଣ୍ଡ=ଷୋଡ଼ଶକୋଣବିଶିଷ୍ଟ । ସୂର୍ଯ୍ୟର ଅରୁଣସ୍ତମ୍ଭ ଶେଷୋକ୍ତ ପ୍ରକାର ଅଟେ ।
ଜଗବନ୍ଧୁ, ପ୍ରାଚୀନ ଉତ୍କଳ—ପୃ ୪୧୩ । ]
୫ । ଗୋଟିଏ ଗୋଟିଏ ସମସ୍ତ ବା ସ୍ଥାନ ବା ଅଂଶ ବା ବିଷୟକୁ ଅବଲମ୍ବନ କରି ରଚିତ ୭ ଖଣ୍ଡରେ ରଚିତ ରାମାୟଣର ଗ୍ରନ୍ଥାଂଶ; ପ୍ରସଙ୍ଗ—5. One of the seven volumes of the Rāmāyaṇa.
[ ଦ୍ର—ରାମାୟଣର ସାତ କାଣ୍ଡ; ଯଥା—ଆଦିକାଣ୍ଡ, ଅଯୋଧ୍ୟାକାଣ୍ଡ, ଆରଣ୍ୟକାଣ୍ଡ, ସୁନ୍ଦରକାଣ୍ଡ, କିଷ୍କିନ୍ଧ୍ୟାକାଣ୍ଡ, ଲଙ୍କାକାଣ୍ଡ, ଉତ୍ତରକାଣ୍ଡ ]
୬ । ଗ୍ରନ୍ଥର ଅଧ୍ୟାୟ; ପରିଚ୍ଛେଦ; ପ୍ରକରଣ—
6. Canto; section; chapter of a book.
୭ । ନିର୍ଜନ ସ୍ଥାନ—7. Solitary place.
୮ । ବାଣ; ଶର—8. Arrow.
କୁସୁମ କୋଦଣ୍ଡ କାଣ୍ଡ, ହେଲେ କନ୍ଦର୍ପଙ୍କ ତୂଣ । ବଇଦେହୀଶ. ବିଳାସ—ଉପେନ୍ଦ୍ରଭଞ୍ଜ ।
୯ । ଦଣ୍ଡ—9. Stick.
୧୦ । ଅବସର—10. Leisure; occasion.
୧୧ । ପ୍ରସ୍ତାବ—11. Proposal.
୧୨ । ଗଦା; ସ୍ତୂପ—12. Heap.
୧୩ । ସମୂହ; ବୃନ୍ଦ—13. Collection; multitude.
୧୪ । ଜଳ—14. Water.
୧୫ । ବ୍ୟାପାର; ଘଟନା—
15. Event; occurrence; state of affairs.
୧୬ । ବେଦର ୩ ବିଭାଗ—
16. Three section of the Bedas.
[ ଦ୍ର—ବେଦର ତିନି କାଣ୍ଡ—କର୍ମକାଣ୍ଡ, ଉପାସନାକାଣ୍ଡ ଓ ଜ୍ଞାନକାଣ୍ଡ । ]
୧୭ । ହାତ ବା ଗୋଡ଼ର ନଳ ହାଡ଼—
17. The bone of the leg and hand.
୧୮ । ଧନୁର ମଝିର ମୋଟା ଅଂଶ—(ହି. ଶବ୍ଦସାଗର)—
18. The thicker middle part of a bow.
୧୯ । ମିଥ୍ୟା ପ୍ରଶଂସା (ହି. ଶବ୍ଦସାଗର)—
19. False praise; flattery.
ସଂ. ବିଣ.—୧ । ନିର୍ଜନ—1. Solitary.
୨ । ନୀଚ—2. Mean; low.
ଦେ. ବି.—୧ । ପୁରୁଷଚିହ୍ନ; ଲିଙ୍ଗ; ପୁଂ ଜନନେନ୍ଦ୍ରିୟ—
1. Penis.
୨ । ବ୍ୟବହାର; ଆଚରଣ—2. Conduct.
୩ । ଧନୁ—3. Bow.
୪ । (ପାନବରଜ) ପାନ ବରଜରେ ଧାଡ଼ି ଧାଡ଼ି ହୋଇ ଲଗା ଯାଇଥିବା ପ୍ରତ୍ୟେକ ପାନଲଟାକୁ ସିଧାଭାବରେ ଲଟାଇବାପାଇଁ ପୋତା ଯାଇଥିବା ପାଖୁଡ଼ି ବା ଇଞ୍ଚାଡ଼—
4. Twigs or reed driven into the ground for training a betel creeper.
୫ । କଣ କାଣ୍ଡ; ଘୂଲ ଘରର କୋଣରେ ଥିବା ବଡ଼ ରୁଅ—
5. The corner plate of a thatch.

**କାଣ୍ଡ କରିବା**—ଦେ. କ୍ରି.—୧ । ବିଷମ ଘଟନା ଘଟାଇବା; ଗୁରୁତର
**Kāṇḍa karibā** ଘଟନା ଘଟାଇବା—To bring about a
କାଣ୍ଡ କରନା queer state of affairs; to cause a serious
କାଣ୍ଡ କରନା thing to happen.

**କାଣ୍ଡକାଣ୍ଡକ**—ସଂ. ବି.—( କାଣ୍ଡ+କାଣ୍ଡ+କ )—୧ । ବିଲରେ ବା
**Kāṇḍakāṇḍaka** ଜଳାଶୟ କୂଳରେ ଜନ୍ମିବା ଏକ ପ୍ରକାର ତୃଣ—An aquatic reed growing in paddy fields and bogs; used for being woven into mats.
[ ଦ୍ର—ଏଥିରେ ମସିଣା ଓ ମୁନ୍ଦୁରି ବୁଣା ହୁଏ, ଏହାର କାଣ୍ଡ ତ୍ରିକୋଣ; କାଣ୍ଡର ଅଗରେ ଗୋଛା ଗୋଛା ଫୁଲ ଧରେ । ]
୨ । କାଶତୃଣ—2. The kāśa reed.

**କାଣ୍ଡକାଣ୍ଡିଆ**—ଦେ. ବି.—କାଣ୍ଡକାଣ୍ଡକ (ଦେଖ)
**Kāṇḍakāṇḍiā** Kāṇḍakāṇḍaka (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍, ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ, ଷ | ଜ୍ଞ | ଇଯ୍ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ତ |

କାଣ୍ଡ କାରଖାନା—ଦେ.ବି. (ସହଚର; ସଂ. କାଣ୍ଡ+ଅ. କାରଖାନା)—
Kāṇḍa kārakhānā ୧ । ବିଷମ ବ୍ୟାପାର; ଆଶ୍ଚର୍ଯ୍ୟ ଘଟନା—
কাণ্ড কারখানা . Extraordinary events.
**কারখানা** ୨ । ଘଟନାସମୂହ—2. A number of events.

କାଣ୍ଡଗ୍ରହ—ସଂ. ବି. (୬ଷ୍ଠୀ ତତ୍; କାଣ୍ଡ+ଗ୍ରହ)—ଉପସ୍ଥିତ ବ୍ୟାପାର
Kāṇḍagraha ବା ସମସ୍ୟା ସମ୍ବନ୍ଧେ ସମ୍ୟକ୍ ଜ୍ଞାନ ବା ବୋଧ—
A clear understanding of the matter in hand; a proper grasp of the question at issue.

କାଣ୍ଡଘର—ଦେ. ବି.—୧ । ପୁରୁଷର ଜନନେନ୍ଦ୍ରିୟ; ଲିଙ୍ଗ—
Kāṇḍaghara Penis.
୨ । ବାଳିକାର ପ୍ରଥମ ରଜୋଦର୍ଶନ ହେଲେ ସେ ପ୍ରଥମ ସାତ ଦିନ ବସିବା ଶୋଇବା ପାଇଁ ବାସଗୃହ ମଧ୍ୟରେ ଗୋଟିଏ ଚତୁଷ୍କୋଣ ସ୍ଥାନର ୪ ପାଖରେ କାଣ୍ଡ ବା ଶର ପୋତାଯାଇ ଯେଉଁ ଖେଳଘର ପରି ଘର ତିଆରି କରାଯାଏ—2. A toy-house bounded by 4 arrows and set up inside the house where a girl in her first menses passes her first week.
[ ଦ୍ର—ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀ ୩୪୦ ରେ କାଣ୍ଡଘର ବିଷୟ ଲେଖାଅଛି । ]

କାଣ୍ଡଘରା—ଦେ. ବି.—କାଣ୍ଡଘର (୧) (ଦେଖ)
Kāṇḍagharā Kāṇḍaghara (1) (See)

କାଣ୍ଡଚାରୀ—ସଂ. ବିଣ. ପୁଂ. ( କାଣ୍ଡ+ଚର ଧାତୁ+କର୍ତ୍ତୃ ଇନ୍; ୧ମା.
Kāṇḍachārī ୧ବ.)—ଯେଉଁ ପକ୍ଷିମାନେ ବୃକ୍ଷର କାଣ୍ଡରେ ବିଚରଣ କରନ୍ତି (ଯଥା, କାଠକୁଣ୍ଢିଆ-ଟିଅ-ଜ୍ଞାନେନ୍ଦ୍ର)—
(birds) Moving on the trunks of trees.

କାଣ୍ଡ ଛେଦିବା—ଦେ. କ୍ରି.—କୌଶଳଦ୍ୱାରା କାଣ୍ଡ ବା ଶରର ଆଘାତ
Kāṇḍa chhedibā ବ୍ୟର୍ଥ କରିବା—To ward off an attack of an arrow.

କାଣ୍ଡଜ୍ଞାନ—ସଂ. ବି. ( ୬ଷ୍ଠୀ ତତ୍; କାଣ୍ଡ=ବ୍ୟାପାର+ଜ୍ଞାନ )—
Kāṇḍa jñāna ୧ । ବିବେଚନା; ହିତାହିତ ବୋଧ—
1. Consideration.
୨ । ସାଂସାରିକ ବ୍ୟାପାରରେ ଅଭିଜ୍ଞତା; ସମୟ ଓ ଅବସ୍ଥାନୁଯାୟୀ କର୍ତ୍ତବ୍ୟାକର୍ତ୍ତବ୍ୟ ଜ୍ଞାନ—
2. Common sense; worldly experience.
୩ । ମୂଳ ଜ୍ଞାନ; ମୋଟାମୋଟି ଜ୍ଞାନ—
3. Rough knowledge.
୪ । କାଣ୍ଡଗ୍ରହ ( ଦେଖ )
4. Kāṇḍagraha ( See )

କାଣ୍ଡନଳ—ଦେ. ବି—ଏକ ପ୍ରକାର ସରୁଆ ଛୋଟ ନିର୍ବିଷ ସାପ—
Kāṇḍanaḷa A species of small serpent slender in form.

କାଣ୍ଡପଟ—ସଂ. ବି. ( କାଣ୍ଡ=ନିର୍ଜନ ସ୍ଥାନ+ପଟ=ବସ୍ତ୍ର; ଭୁଲ; ଭୁର୍କୀ
Kāṇḍapaṭa କନାତ୍ )—
୧ । ଯବନିକା; ପରଦା—
1. Cloth-screen; curtain.
୨ । ତମ୍ବୁ; ରାଉଟି—2. Tent.
ଦେ. ବି—ଗୋଟିଏ ଶର; ଏକପଟ କାଣ୍ଡ—
A single arrow.

କାଣ୍ଡ ପୂରାଇବା—ଦେ. କ୍ରି—ଯୁକ୍ତିତର୍କ ମଝିରେ ହଠାତ୍ ଗୋଟାଏ
Kāṇḍa pūrāibā ଅଖାଡ଼ୁଆ କଥା ବା ପ୍ରସ୍ତାବ ଆଗତ କରିବା—
**কাণ্ড বাড়াকরা** To make an astounding or awkward proposal abruptly in the midst of a discussion.

କାଣ୍ଡପୃଷ୍ଠ—ସଂ. ବି. ( ବହୁବ୍ରୀହି; କାଣ୍ଡ+ପୃଷ୍ଠ )—
Kāṇḍa pṛushṭha ୧ । ଶସ୍ତ୍ରାଜୀବ; ଆୟୁଧଜୀବୀ; ଧାନୁଷ୍କ—
1. Archer; one who lives by archery.
୨ । ବ୍ୟାଧ—2. Hunter.
୩ । ବେଶ୍ୟାର ସ୍ୱାମୀ; କୁଲଟାର ପତି—
3. A cuckold.
୪ । ( ନାମ ) କର୍ଣ୍ଣଙ୍କ ଧନୁ—
4. Name of the bow of king Karṇṇa.
ସଂ. ବିଣ. ପୁଂ—୧ । ନିନ୍ଦ୍ୟଜୀବୀ—
1. Pursuing a mean or low profession.
୨ । ଦୁଶ୍ଚରିତ୍ର—2. Immoral.
୩ । ଯେ ଆପଣା କୁଳ ତ୍ୟାଗ କରି ପରକୁଳରେ ପଶେ—
3. One who forsakes his family or caste and takes up another; renegade.

କାଣ୍ଡବସ୍ତ୍ର—ସଂ. ବି—କାଣ୍ଡପଟ ( ଦେଖ )
Kāṇḍabastra Kāṇḍapaṭa ( See )

କାଣ୍ଡ ବାଉଁଶ—ଦେ. ବି—ଧନୁ—
Kāṇḍa bāuṅsa Bow.

କାଣ୍ଡବିଭା—ଦେ. ବି. ( ସଂ. କାଣ୍ଡ ଓ ବିବାହ )—
Kāṇḍabibhā ୧ । ଓଡ଼ିଶାରେ ଶୂଦ୍ରଜାତୀୟା କନ୍ୟା ବିବାହ ପୂର୍ବରୁ ରଜୋବତୀ ହେଲେ ପ୍ରଥମେ ଗୋଟିଏ କାଣ୍ଡ ସଙ୍ଗେ ତାହାର ଯେଉଁ ବିବାହକ୍ରିୟା ସମ୍ପନ୍ନ ହୁଏ—
1. The symbolical marriage of a matured Śūdra girl to an arrow before actual marriage with a bride-groom.
୨ । ଶୂଦ୍ରା ବିଧବା ଅବିବାହିତ ପୁରୁଷଙ୍କୁ ବିବାହ କରିବା ତଥା ଶୂଦ୍ର ମୃତଦାର ପୁରୁଷ ଅବିବାହିତା କନ୍ୟାକୁ ବିବାହ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପସ୍ଥିତ ୨ ବା ୧ ଚକ୍ରଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କରିବା ପୂର୍ବରୁ ଅବିବାହିତ ବ୍ୟକ୍ତି ପ୍ରଥମେ ଗୋଟିଏ କାଣ୍ଡ ସଙ୍ଗେ ବିବାହକ୍ରିୟା ଅନୁଷ୍ଠାନ କରିବା ପ୍ରଥା— 2. The symbolical marriage of a maiden-bride or a bachelor bride-groom with an arrow, before being married to a widower or a widow respectively.

ପ୍ରାଦେ. (ଗଡ଼ଜାତ) ବି—ଶୂଦ୍ରମାନଙ୍କ ମଧ୍ୟରେ ଅରଜସ୍କା କନ୍ୟା ସଙ୍ଗେ ପଟେ କାଣ୍ଡକୁ ସାକ୍ଷୀ ରଖି ଜାତିର ଜଣେ ବୁଢ଼ା ସଙ୍ଗେ ଦିଆଯିବା ନାମମାତ୍ର ବିବାହ—A nominal marriage of an unmatured Śūdra girl to an old man by installing an arrow as a witness.

[ ଦ୍ର—ଗଡ଼ଜାତରେ ଶୂଦ୍ର ବା ଚଷାମାନଙ୍କ ସମାଜରେ କନ୍ୟା ଋତୁମତୀ ହେବା ପୂର୍ବରୁ ତାହାପାଇଁ ବରପାତ୍ର ଯୋଟିବା ନ ହେଲେ ପିଲ୍ଲିକନ୍ୟାକୁ ଜାତିର ଜଣେ ଅତି ବୃଦ୍ଧ ବ୍ୟକ୍ତି ସଙ୍ଗେ ନାମମାତ୍ର ବିବାହ କରାଇ ଦିଆଯାଏ ଓ ବିବାହ ବେଦିରେ ପଟେ କାଣ୍ଡକୁ ସାକ୍ଷୀରୂପେ ପୋତି ଦିଆଯାଏ । ଏହି ବିବାହକୁ କାଣ୍ଡବିଭା କହନ୍ତି । ପରେ ବରପାତ୍ର ମିଳିଲେ କନ୍ୟା ଋତୁମତୀ ହେବା ପରେ ଉକ୍ତ ବର ସଙ୍ଗେ ପ୍ରକୃତ ବିବାହ ସମ୍ପନ୍ନ ହୁଏ । ଶୂଦ୍ରମାନଙ୍କର ଏ ପ୍ରଥା ପ୍ରତିବେଶୀ ବ୍ରାହ୍ମଣମାନଙ୍କ ସମାଜରେ ଚଳୁଥିବା ବାଲ୍ୟବିବାହକୁ ଅନୁକରଣ କରିବାର ପ୍ରୟାସ ବୋଲି ଅନୁମିତ ହୁଏ । ଶୂଦ୍ରମାନଙ୍କ ସମାଜରେ ଯୁବତୀବିବାହ ପୌରାଣିକ ଯୁଗରୁ ଚଳି ଆସୁଥିବାର ନିଦର୍ଶନ ଅଛି ଓ ଅଧିକାଂଶ ଶୂଦ୍ରସମାଜରେ ଯୁବତୀବିବାହ ପ୍ରଚଳିତ । ]

**କାଣ୍ଡଭଗ୍ନ**—ସଂ. ବି—(ବୈଦ୍ୟକ) ଆଘାତଦ୍ୱାରା ହାତ ବା ଗୋଡ଼ର ନଳି-
Kāṇḍabhagna ହାଡ଼ ଭାଙ୍ଗିଯିବା । ( ହି. ଶବ୍ଦସାଗର )— Fracture of the bone of the arm or leg.

[ ଦ୍ର—ସୁଶ୍ରୁତ ଅନୁସାରେ ଅସ୍ଥିଭଙ୍ଗ ୧୨ ପ୍ରକାରର ଯଥା— କର୍କଟ, ଅଶ୍ୱକର୍ଣ୍ଣ, ବିଚୂର୍ଣ୍ଣିତ, ଅସ୍ଥିଚ୍ଛଲ୍ଲିକା, ପିଚ୍ଚିତ, କାଣ୍ଡଭଗ୍ନ, ଅତିପତିତ, ମଜ୍ଜାଗତ, ସ୍ଫୁଟିତ, ବକ୍ର, ଛିନ୍ନ ଓ ଦ୍ୱିଧାକର । ]

**କାଣ୍ଡଭାରତୀ**—ସଂ. ବି.—ଶରମୁଣା —
Kāṇḍabhāratī Quiver.

ଯୁଧିଷ୍ଠିର ବୋଇଲେ ହେ ନକୁଳ ଯାଅ
କାଣ୍ଡ ଭାରତୀରେ ଜଳ ତ ଅଣିଦେଅ—କୃଷ୍ଣସିଂହ, ମହାଭାରତ. ବନ ।

**କାଣ୍ଡ ଭିଆଇବା**—ଦେ. କ୍ରି.—କାଣ୍ଡ କରିବା (ଦେଖ)
Kāṇḍa bhiāibā Kāṇḍa karibā (See)

**କାଣ୍ଡରାଜ**—ପ୍ରାଦେ. (ଗଞ୍ଜାମ) ବି.—କାଣ୍ଡନଳ (ଦେଖ)
Kāṇḍarāja Kāṇḍanala (See)

**କାଣ୍ଡର୍ଷି**—ସଂ. ବି. (ମ. ଯ. କ୍ଲୋ.; କାଣ୍ଡପ୍ରଣେତା ଋଷି) —
Kāṇḍarshi ବେଦାଂଶ ପ୍ରକାଶକ ବା ବିବରକ ମୁନି— A sage who published or commented on a certain part of the Bedas.

[ ଦ୍ର—କର୍ମକାଣ୍ଡର ପ୍ରକାଶକ—ଜୈମିନି; ଭକ୍ତିକାଣ୍ଡର ପ୍ରକାଶକ— ଶାଣ୍ଡିଲ୍ୟ; ବ୍ରହ୍ମକାଣ୍ଡର ବିବରକ—ବେଦବ୍ୟାସ । ]

**କାଣ୍ଡଶର**—ଦେ. ବି. ( ସଂ. କାଣ୍ଡ+ଶର )—
Kāṇḍaśara ୧ । ଶରତୃଣ; କୁଶ; ଏକଜାତୀୟ ଡେଙ୍ଗା ତୃଣ; ମୁଞ୍ଜ ତୃଣ—1. A kind of tall reed; the Muñja grass
ଖାଗଡ଼ା
शरकंडा।

୨ । ଉଦ୍ଧୃତ ଲିଙ୍ଗ—2 Erected penis.

୩ । ଧନୁ ଏବଂ ଶର—3. Bow and arrow.

**କାଣ୍ଡାକାଣ୍ଡଜ୍ଞାନ**—ଦେ. ବି. (ସଂ. କାଣ୍ଡ+ଅକାଣ୍ଡ+ଜ୍ଞାନ)—ଭଲ ମନ୍ଦ
Kāṇḍākāṇḍajñāna ବିଷୟକ ବିବେଚନା—
কাণ্ডাকাণ্ডজ্ঞান Discrimination between right and wrong.

**କାଣ୍ଡାରି**—ଦେ. ବି. ( ସଂ.କର୍ଣ୍ଣଧାର; ବଙ୍ଗଳା ଭାଷାରୁ ଗୃହୀତ)—
Kāṇḍāri ୧ । ନୌକାର କର୍ଣ୍ଣଧାର; ଯେ ଡଙ୍ଗାର କେରୁଆଳକୁ
কাণ্ডারী ଧରି ଥାଏ; ନୌକାର ମଙ୍ଗଧରା—
पतवारिया 1. Helmsman; steersman.

୨ । (ଲକ୍ଷଣାର୍ଥ)—ବିପଦରୁ ଉଦ୍ଧାରକାରୀ ବ୍ୟକ୍ତି—
2. Deliverer from troubles or difficulties.

ତୁମ୍ଭ ବିନା ଅଛ କିଏ ପାପୀର କାଣ୍ଡାରି । ମଧୁସୂଦନ ।

**କାଣ୍ଡି**—ଦେ. ବି. (ସଂ. କାଣ୍ଡ)—୧ । ରାଶି; ସ୍ତୂପ; ଗଦା—
Kāṇḍi 1. Heap; pile.
কাঁড়ি ୨ । ପଣ୍ୟଦ୍ରବ୍ୟର ଭଣ୍ଡାର; ଗୋଦାମ; ଗଞ୍ଜ—
ढेर; आटाल 2. Mart; godown; ware-house.

୩ । ବେଦର ମନ୍ତ୍ର ପ୍ରକରଣ—
3. A chapter or section of the Bedas.

ଘା ହାରେ ଦ୍ୱିଜମାନେ ବେଦ କାଣ୍ଡି ଏ ଭାଷି ।
ସାରଳାମହାଭାରତ. ଆଦ୍ୟ ।

୪ । ଲୁଣର ଗୋଦାମ; ଲୁଣଗୋଲା—4. A ware-house of salt; salt-golah.

୫ । ଲଙ୍କାର ନଗରବିଶେଷ—
5. Name of a city in Ceylon.

୬ । ଗ୍ରାମସ୍ଥ କ୍ଷୁଦ୍ର ଦୋକାନ—
6. A small village-shop.

୭ । ଶୂଦ୍ରଙ୍କ ବଂଶୋପାଧିବିଶେଷ—7. A family-title amongst Śūdras.

୮ । ହାତୀଙ୍କ ତଳପାରେ ହେବା ଏକ ପ୍ରକାର ରୋଗ—
8. A kind of disease attacking the soles of elephants.

[ ଦ୍ର—ଏଥିରେ ହାତୀର ତଳପାରେ କଣା ହୋଇ ଯାଏ, ସେ କଣାରେ ଅଂଶେଇ ପଡ଼ନ୍ତି ଓ ହାତୀ ଚାଲି ପାରେ ନାହିଁ । ]

ପ୍ରାଦେ. (ସିଂହଭୂମ) ବି. (ସଂ. କଣ୍ଡ ଧାତୁ=କାଣ୍ଡିବା; ତୁଳ. ହି. କାଣ୍ଡୀ)—ଢିଙ୍କିମୁଣ୍ଡା ପଥର—The receptacle where grains etc. are put to be husked by a dhiṅki.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ବ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ଥ | ଉଥ | ଢ଼ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଥ | ଞ | ନ୍ତୃ |

**କାଣ୍ଡିଆ**—ଦେ. ବ—୧ । ଅଠାକାଣ୍ଡିଆ; ପକ୍ଷୀଙ୍କୁ ନଳଦ୍ୱାରା ଧରିବା ପାଇଁ ବ୍ୟବହୃତ ଅଠାଯୁକ୍ତ କାଠି—
Kāṇḍiā
ଆଟାକାଟି 1. A stick smeared with bird-lime to
ଲାସାକାଡି catch birds with; a bird-twig.
ବ୍ୟାଧ ଯେଉଁରୂପରେ କାଣ୍ଡିଆ ପକାଇ;
ଭୁଳ ହୋଇଥାଏ ସେରୂପେ ଭୁଳ ହୋଇ—କୃଷ୍ଣସିଂହ. ମହାଭାରତ. ବନ ।
୨ । ଘରଳସରର ରୁଅମାନଙ୍କୁ ଶୃଙ୍ଖଳାବଦ୍ଧଭାବରେ ରଖିବା ପାଇଁ ଫୋଡ଼ ଉପର ବାଟେ ଦିଆ ଯାଇଥିବା ମୂଳ ବାଉଁଶର ସରୁ ଓ ଛୋଟ ଖଣ୍ଡମାନ—
2. Small bits of bamboo thrust into the eyes of rafters of a thatched house to keep the rafters in a row.
ଦେ. ବଣ. (ସଂ. କଣ୍ଡିତ)—୧ । ତୁଷ ଆଦି ପରିଷ୍କୃତ ହୋଇଥିବା ( ଶସ୍ୟାଦି )—
1. ( grains ) Cleansed of husks.
କଳସିଆ ପାଇଁ ଅଛି କାଣ୍ଡିଆ ସରୁଚୂଡ଼ା କୁଅନ୍ତା—
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଧାନ କୁଟା ହେବା ପରେ ଶେଷଥର କଣ୍ଡା ହେବା ଓ ଉତ୍ତମରୂପେ କୁଟା ହେବା ଯୋଗୁଁ ଉତ୍ପନ୍ନ ( କୁଣ୍ଡା )—
2. ( husks ) Produced after the final husking of paddy.

**କାଣ୍ଡିଅ କୁଣ୍ଡା**—ଦେ. ବ—ସରୁ କୁଣ୍ଡା—
Kāṇḍiākuṇḍā Fine husks of paddy or rice.
ଚାଲକୁଁଡ଼ା [ ଦ୍ର—ଧାନରୁ ଚୋପା ବାହାରି ଯିବା ପରେ ତାକୁ
କାଁଡ଼ାହୁଆମୁସୀ କାଣ୍ଡିବାକୁ ହୁଏ । କାଣ୍ଡିବା ପରେ ଚଣ୍ଡୁଳକଣା ମିଶ୍ରିତ ଯେଉଁ ସରୁ କୁଣ୍ଡା ବାହାରେ ତାକୁ କାଣ୍ଡିଅକୁଣ୍ଡା କୁହାଯାଏ; ସେହି କାଣ୍ଡିଅକୁଣ୍ଡାରେ ପିଠା କରାଯାଏ । ]

**କାଣ୍ଡିଆଳ**—ପ୍ରାଦେ. ( ଉତ୍ତର ) ବଣ—କୁଚକ୍ରୀ; ଷଡ଼ଯନ୍ତ୍ରକାରୀ—
Kāṇḍiāḷa Conspiring; scheming.

**କାଣ୍ଡି କରିବା**—ଦେ. କ୍ରି—୧ । ଗଦା ମାରିବା; ଛଇ ମାରିବା; ସ୍ତୂପାକାର କରି ସଜ୍ଜିତ କରିବା—
Kāṇḍi kariba
1. To arrange in heaps.
୨ । ଅକାଣ୍ଡିଅ ଚାଉଳ ଆଦିକୁ ସଫା କରିବା; କାଣ୍ଡିବା—
2. To cleanse rice, dal etc of its husk; to husk.

**କାଣ୍ଡିକାଣ୍ଡି**—ଦେ. କ୍ରି. ବଣ—ଏଠାରୁ ସେଠାରୁ କରି; ଟିକିଏ ଟିକିଏ; ଖଣ୍ଡଖଣ୍ଡ—A piece here and a piece there
Kāṇḍikāṇḍi

**କାଣ୍ଡିଡେଟ୍**—ବୈଦେ. ବ (ଇଂ)—୧ । କୌଣସି ପଦପାଇଁ ପ୍ରାର୍ଥୀ—
Kāṇḍiḍet 1. A candidate for a post.
କ୍ୟାଣ୍ଡିଡେଟ ୨ । ପରୀକ୍ଷାର୍ଥୀ ଛାତ୍ର—
କେମ୍ବିଡେଟ 2. A candidate for an examination; an examinee.

**କାଣ୍ଡିବା**—ଦେ. କ୍ରି. ( ସଂ. କଣ୍ଡ ଧାତୁ )—
Kāṇḍiba ୧ । ପ୍ରହାର କରିବା; ଲୁଟିକାଣ୍ଡ କରିବା—
1. To cudgel; to beat; to give sound blows.
୨ । ଚାଉଳ ବା ଡାଲିରୁ କୁଣ୍ଡା ଓ ବୋଳ ବାହାର କରିବା ନିମନ୍ତେ କୁଟିବା—
2. To cleanse rice, dal etc. of its husk by gentle pestling; to husk.
୩ । ( ଲକ୍ଷଣାର୍ଥ ) ମାର୍ଜିତ କରିବା; ଉନ୍ନତ କରିବା—
3. To rectify; to improve.
ଛନ୍ଦକୁ କାଣ୍ଡିବେ ଯାହା ଜାଣୁଅଛ ପଦ—ପ୍ରାଚୀ. ବ୍ରହ୍ମନନ୍ଦପ୍ରଣମାଳା ।
୪ । ( ମେଘ ) ପ୍ରଚୁର ବର୍ଷା କରିବା—
4. To rain cats and dogs.
୫ । ପଦ୍ମଦଳିତ କରିବା; ଅତ୍ୟାଚାର କରିବା—
5. To oppress.
୬ । କାଣ୍ଡିବା ବା ଗଦା କରିବା; ସ୍ତୂପୀକୃତ କରିବା—
6. To amass; to heap up.

**କାଣ୍ଡି ମାରିବା**—ଦେ. କ୍ରି—କାଣ୍ଡି କରିବା ( ୧ ) ( ଦେଖ )
Kāṇḍi māriba Kāṇḍi kariba ( 1 ) ( See )

**କାଣ୍ଡୀ**—ସଂ. ବଣ. (କାଣ୍ଡ=ଶର+ଅସ୍ତି ଅର୍ଥରେ.ଇନ୍; ୧ମା. ୧ବ.)—
Kāṇḍī କାଣ୍ଡ ବା ଶର ପ୍ରୟୋଗରେ ନିପୁଣ—
(କାଣ୍ଡିନୀ—ସ୍ତ୍ରୀ) Expert in archery.
ଦୁର୍ଯ୍ୟୋଧନ ରାଜା ଅଟନ୍ତି ବଡ଼ କାଣ୍ଡୀ
ବଳରେ ମୁଗଲ ଗଦାର ଧରିହାଣ୍ଡି । କୃଷ୍ଣସିଂହ. ମହାଭାରତ. ବନ ।
**କାଁଡ଼ି** ଦେ.ବ. (ଜାହାଜିଆ ଶବ୍ଦ; ସଂ. କାଣ୍ଡ)—ଲଙ୍ଗରର ମଝିଅଂଶ—
The straight middle portion or of an anchor shank.

**କାଣ୍ଡୀର**—ସଂ. ବଣ. ( କାଣ୍ଡ+ଈର )—୧ । ଶରଧାରୀ; ଧାନୁଷ୍କ—
Kāṇḍīra 1. Carrying bows and arrows; armed with bows and arrows.
୨ । କୁତ୍ସିତ; ନୀଚବ୍ୟବସାୟୀ—
2. Of mean or low occupation.
ସଂ. ବ—ଶରଧାରୀ ସୈନିକ—Bowman; archer.

**କାଣ୍ଡୁ**—ଦେ. ବ. ( ସଂ. କଣ୍ଡୁ )—୧ । କଣ୍ଡୁ; ଗଲୁ—
Kāṇḍu 1. Itching sensation.
ଚୁଲକାନି ୨ । କାମୁକତା—2. Lasciviousness; lustfulness.
ଖୁଜ; ଜଲ
୩ । ଦୁଷ୍କାମି; ଦୁର୍ବୃତ୍ତତା—
3. Wickedness; wantonness.
୪ । ମନକାଣ୍ଡୁ; କୌଣସି କାର୍ଯ୍ୟ କରିବା ପାଇଁ ଅତ୍ୟଧିକ ସ୍ପୃହା—4. Excessive restlessness or lagerness for doing some work.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖାକନ୍ତୁଲେ ଯେବେ ଏ ଭଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍' ଦେଖିବେ।

**କାଣ୍ଡୁଆ**—ଦେ. ବଣ. ପୁଂ. ( ସଂ. କଣ୍ଡୁ ) (ଗାଳରେ ବ୍ୟବହୃତ)—
Kāṇḍuā ୧ । ଖେଚେଡ଼ା; ଦୁଷ୍ଟ—1. Wicked; wanton.
ଦୁଷ୍ଟୁ; ଝଗଡ଼ା ୨ । କଳିଆ; କଳହପ୍ରିୟ—2. Quarrelsome.
**চুলবুলা** ୩ । ଅତ କାମୁକ; କାମାତୁର; ରତିରେ ଅତୃପ୍ତ—
(କାଣ୍ଡେଇ; କାଣ୍ଡୋଇ - ସ୍ତ୍ରୀ 3. Lustful; libidinous; rakish; lascivious.
୪ । ନୀଚବ୍ୟବସାୟୀ—4. Of low occupation.
୫ । କାଣ୍ଡଜୀବୀ; ବାଣୁଆ—5. Living on archery or hunting.
୬ । ଧନୁର୍ଦ୍ଧର—6. Armed with bow and arrow.

**କାଣ୍ଡୁ ଉଠିବା**—ଦେ. କ୍ର—କଣ୍ଡୁ ଉଠିବା ( ଦେଖ )
Kāṇḍu uṭhibā Kaṇḍu uṭhibā ( See )

**କାଣ୍ଡୁ ମରିବା**—ଦେ. କ୍ର—କଣ୍ଡୁ ମରିବା ( ଦେଖ )
Kāṇḍu maribā Kaṇḍu maribā ( See )

**କାଣ୍ଡୁ ମାରିବା**—ଦେ. କ୍ରି—କଣ୍ଡୁ ମାରିବା ( ଦେଖ )
Kāṇḍu māribā Kaṇḍu māribā ( See )

**କାଣ୍ୱ**—ସଂ. ବ. ( କଣ୍ୱ+ଅପତ୍ୟାର୍ଥେ. ଅ )—୧ । କଣ୍ୱମୁନିଙ୍କ ପୁତ୍ର—
Kāṇwa 1. The son of sage Kaṇwa.
୨ । ଯଜୁର୍ବେଦର ଶାଖାବିଶେଷ—
2. Name of a section of the Jajurbeda.
ସଂ. ବଣ—୧ । କଣ୍ୱଗୋତ୍ର ସମ୍ଭୂତ—1. Descended from the clan of sage Kaṇwa.
୨ । କଣ୍ୱମୁନିସମ୍ବନ୍ଧୀୟ—
2. Relating to sage Kaṇwa.

**କାଣ୍ୱଶାଖା**—ଯଜୁର୍ବେଦର ଶାଖାବିଶେଷ—Name of a section of
Kāṇwaśākhā of the Jajurbeda.

**କାତ୍**—ପ୍ରାଦେ. (ସମ୍ବଲପୁର) ବ.—କାତ (ଦେଖ)
Kāt Kāta (See)

**କାତ୍ କରିବା**—ପ୍ରାଦେ. କ୍ରି (କୁସ୍ତିଖେଳର ଶବ୍ଦ)—
Kāt karibā ୧ । ମୁହଁ ମଡ଼ାଇ ଶୁଆଇ ଦେବା—
কাত; করা 1. To lay one prostrate.
୨ । ଅଣେଇ ପକାଇବା—
2. To incline; to lay on one side.

**କାତ**—ଦେ. ବ.—୧ । ହାତଗୋଡ଼—
Kāta 1. Hands and feet.
**কাত** (ଯଥା—ଗୁରୁକାତ ଲମ୍ବାଇ ଦେଇ ଶୋଇବା ।)
কাত;লগি ୨ । (ସଂ. କାତର—ଡଙ୍ଗା)—ନୌକା ବାହିବାପାଇଁ
**কাঁড়ি; বল্লা** ବ୍ୟବହୃତ ଲମ୍ବ ବାଉଁଶ—2. Long bamboo-pole used in propelling boats.
କାତ ସେ ବୁଲନ୍ତ ନାହିଁ ଯେସନେ ସିନ୍ଧୁ ।
ପ୍ରାଚୀ, ଚନ୍ଦ୍ରକଳାପରଣ ଗୀତା ।
୩ । ନବସ ପ୍ରଭୃତି ଖେଳରେ ଚୁଡ଼ କରି ବାନ୍ଧିବା ପଇସା ଗୁଚ୍ଛ; କଉଡ଼ି ବା କାଇଁଚକୁଚ୍ଛ (ଗୋପୀନା ନନ୍ଦ)—
3. A stake at gambling consisting of a heap of coins.

**କାତ ପକାଇବା**—ଦେ. କ୍ରି—କାତ ମାରିବା ( ଦେଖ )
Kāta pakāibā Kāta māribā ( See )

**କାତ ପାଇବା**—ଦେ. କ୍ର—ଡଙ୍ଗାରେ ଠିଆ ହୋଇ ପାଣି ଗଭୀରକୁ କାତ
Kāta pāibā ପକାଇଲେ ତାହା ଭୂଇଁରେ ବାଜିବା—
Fathoming of the depth of water with the help of a pole.
( ଯଥା—ମଝିନଈରେ କାତ ପାଇବ ନାହିଁ । )

**କାତ ମାଇଲା ପରି (ଦେଶ୍ୟ)**—ଦେ.ବଣ—ସବଳ; ହୃଷ୍ଟପୁଷ୍ଟ (ଯୁବକ)—
Kāta māilā pari Healthy and strong ( youth ).

**କାତ ମାରିବା**—ଦେ. କ୍ରି—ଡଙ୍ଗାକୁ ଚଳାଇବା ନିମନ୍ତେ ଡଙ୍ଗାଉପରେ
Kāta māribā ଠିଆ ହୋଇ ଜଳର ତଳ ଦେଶରେ ବାଉଁଶ
লগীমারা ଲଗାଇ ଠେଲିବା—To propel a boat by
**কাঁড়ী মারন** means of a pole.

**କାତର**—ସଂ. ବଣ. ପୁଂ. ( କୁ=ଈଷତ୍+ତୃ ଧାତୁ=ପାର ହେବା+
Kātara କର୍ତ୍ତ. ଅ )—୧ । ବ୍ୟାକୁଳ; ଆକୁଳିତ; ବ୍ୟଥିତ—
(କାତରା—ସ୍ତ୍ରୀ) 1. Distressed; distracted; troubled
କାତରତା; କାତର୍ଯ୍ୟ } ବ.
୨ । ବିହ୍ୱଳ; ଅଧୀର—2. Perplexed; bewildered.
୩ । ଦୁଃଖିତ—3. Grieved.
୪ । ଭୀତ; ଭୟାର୍ତ୍ତ—4. Afraid; affrighted; timid.
୫ । ଚଞ୍ଚଳ; ଅସ୍ଥିର—5. Restless; agitated.
୬ । ବିବଶ—6. Paralysed; benumbed.
ସଂ. ବ. ( କ=ଜଳ+ଆ=ସମ୍ୟକ୍+ତୃ ଧାତୁ=ଭାସିବା+କାରଣ. ଅ )—୧ । ଭେଳା—
1. A swimming bladder; raft.
୨ । ନାବ; ଡଙ୍ଗା—2. Boat.
কাৎলা মাছ ୩ । ଏକପ୍ରକାର ମାଛ; ଭାକୁର ମାଛ—
**কাতলা** 3. A kind of fish; Catla Buchanani.
ଦେ. ବ—ଧୂଆଁ ପତର ( ଗୋପୀନାଥ ନନ୍ଦ )—Tobacco.

**କାତରତା**—ସଂ. ବ. ( କାତର+ଭାବ. ତା )—୧ । ଦୁଃଖ—
Kātaratā 1. Distress; trouble.
୨ । ଭୀରୁତା; ଭୟାର୍ତ୍ତ ଅବସ୍ଥା—2. Timidity; fright.
୩ । ବ୍ୟାକୁଳତା—3. Perturbation.

**କାତରା**—ଦେ. ବ. ( ଅ. କାତାର୍=ପଂକ୍ତି; ଶ୍ରେଣୀ )—
Kātarā ୧ । ଧୂଆଁପତ୍ର ମେଞ୍ଚାର ଏକ ଫାଳ—
1. One fold of plaited tobacco-leaves strung together double.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ପ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଘ | ଇଅ | ଡ଼ | ନ୍ତ |

୨ । କଦଳୀ କାନ୍ଦର ଫେଣା—2. One group of plantains in a big bunch.

୩ । କଦଳୀ କାନ୍ଦର ଅଗ ଫେଣାରେ ଥିବା କ୍ଷୁଦ୍ର କଦଳୀ—3. Small and dwarf plantains at the end of a bunch.

୪ । ସୋଲରୁ ଅତି ପାତଳା ହୋଇ କଟା ଯାଇଥିବା ପାତିଆ—4. Thin slice cut from a piece of sola.

୫ । ପିକା ଉପରେ ଗୁଡ଼ାଅ ଯାଇଥିବା ଧୂଆଁ ପତ୍ର—5. Tobacco-leaf laid over a cigar as a cover.

କାତାରୀ
কাতর ୬ । ତେଲଙ୍କ ଘଣାର ଗଣ୍ଡିର ଅଣ୍ଟାରେ ଲଗିଥିବା ଲମ୍ବ ପଟା, ଯହିଁର ମୂଳପାଖ ଗଣ୍ଡି ଗୁରପାଖେ ବୁଲେ ଓ ଅଗପାଖରେ ଘଣାବଳଦକୁ ଚଳାଇବା ଲୋକ ବସେ ଡମ୍ଭା କେହି ନ ବସିଲେ ଗୋଟାଏ ପଥର ଲଦା ହୁଏ—6. A broad plank which revolves round the centre piece of an oil mill and on the end of which the driver takes his seat.

ଦେ. ବଣ. ସ୍ତ୍ରୀ—କାତରର ସ୍ତ୍ରୀଲିଙ୍ଗ—Feminine of Kātara.

**କାତର୍‌ ଗଡ଼**—ଦେ. ବ—ଗୁଳଘରର ଗୁଳର ସର୍ବ ଉପର ଗଡ଼—
Kātarā gardi — The topmost zone of a thatch.

**କାତର୍ଯ୍ୟ**—ସଂ. ବ. ( କାତର+ଭାବ. ଯ )—କାତରତା ( ଦେଖ )
Kātarjya — Kātaratā ( See )

**କାତଲ**—ସଂ. ବ. ( କ=ଜଳ+ଅ+ତଳ )—ଭାକୁଡ଼ ମାଛ—
Kātala — Catla Buchanani fish.
কাৎলা
কাতলা

**କାତଲ**—ପ୍ରାଦେ. ( ସିଂହଭୂମ; ସଂ. କାତଲ ) ବ—ଭାକୁଡ଼ ମାଛ—
Kātalā — Catla Buchanani ( fish )

**କାତାର ଦେବା**—ପ୍ରାଦେ. ( ବାଲେଶ୍ୱର ) କ୍ରି—ଦଳ ଦଳ ହୋଇ ଜମାହେବା—To gather in groups.
Kātāra debā

ଅଳ୍ପ ଦେଖଣାହାରମାନେ ମଫସଲରୁ ଆସି ଦଳରେ କାତାର ଦେଲେଣି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କାତାରି**—ଦେ. ବ. ( ସଂ. କର୍ତ୍ତରୀ; ପ୍ରା. କତ୍ତରୀ )—
Kātāri — ସୁନାରୁପା ପାତିଆ କାଟିବାର ବଣିଆଙ୍କ କଇଁଚି—Goldsmith's scissors.
কাতারী; কাতুর
কাতী

**କାତି**—ଦେ. ବ. ( ସଂ. କର୍ତ୍ତରୀ )—
Kāti
কাটারী
কাতা
୧ । କଟୁରୀ—1. Billhook.
ମର୍ମରେ ଭେଦଇ ବହିଇ କାତି । ଜଗନ୍ନାଥ, ବଇଦା ।

আঁইশ; কাতি
সিল্‌কা; ছিলকা
খোলস
কেঁচুল
୨ । ମାଛ ପ୍ରଭୃତିର ଦେହ ଉପରସ୍ଥ ଆବରଣ—2. Scale over the body of fish.
୩ । ସାପର ଖୋଳ—3. Slough of a snake.

ଯେସନେକ ଶେଷନାଗ କସଇଁଅ କାତି । ବଂଶୀବଲ୍ଲଭ ପୁରାଣ ।

কাতান
কাতি
୪ । ଛୋଟ କଟୁରୀ—4. Small billhook.
ନହିଁ କି ଅଜମାନେ ଢେର ଶତ, ହାତୀ ଲଢ଼ାଇବ ବାନ୍ଧିଛ କାତ । ଜଗନ୍ନାଥ, ବଇଦା ।

কাতি
কাতি
୫ । ଛୁରୀ—5. Knife.
କାତ ହେଲ ସେ ଏବେ କାଷ୍ଠ ଦେବାକୁ ଗଲା । ଗୋପୀକୃଷ୍ଣ. ଉଦ୍ଧବଚୌତିଶା ।

**କାତିଆ** – ଦେ. ବଣ– କାତିବଶିଷ୍ଟ (ମାଛ)—
Kātiā — Scaly (fish).
(ଅକାତିଆ—ଭୀପରୀତ) ( ଯଥା - କାତିଆ ମାଛ । )

**କାତିକଟୁରୀ**—ଦେ. ବ—ଛୋଟ କଟୁରୀ—
Kātikaṭuri — Small billhook.
কাতান
কাতী

**କାତିକା**—ଦେ. ବ ( କାତି+କ୍ଷୁଦ୍ରାର୍ଥେ. କା )—୧ । ଛୋଟ କାତି ବା କଟୁରି; ଛୁରିକାତି; ଛୁରିକା—1. Small knife.
Kātikā
কাতি
কাতী
୨ । ଛୋରା—2. Dagger.
ଅଙ୍ଗରେ କାତିକା ଗଳରେ ହାଣିଛ—ଅଜସ୍ତୁତିକ୍. ଗୋପବନ୍ଧୁବିହାରୀ ।

**କାତି ଛାଡ଼ିବା** ( ଦେହରୁ )—ଦେ. ବ—୧ । କାତି ଆକୃତିବଶିଷ୍ଟ ଚର୍ମ ଦେହରୁ ଉଠିବାରୂପ ରୋଗ—1. A kind of skin disease; porcupine disease.
Kāti chhārdibā
୨ । ସାପ ଦେହରୁ ଖୋଳ ତ୍ୟାଗ କରିବା—2. Sloughing of a snake.

**କାତିମାଣ୍ଡୁ ସିଝୁ**—ପ୍ରାଦେ (ଗଡ଼ଜାତ) ବ—ପର୍ବତ ଓ ଜଙ୍ଗଲରେ ଥିବା ଏକପ୍ରକାର ସିଝୁ—A kind of mountainous Euphorbia.
Kātimāndusijhu

[ ଦ୍ର— ଏହା ୮।୧୦ ହାତ ଉଚ୍ଚ ହୁଏ । ଏହାର କ୍ଷୀର ବାତ-ରୋଗରେ ଔଷଧ ହୁଏ । କ୍ଷୀର ଆଣିବାକୁ ହେଲେ ବଟା ଘିଅକୁ ଦେହରେ ବୋଳିବାକୁ ପଡ଼େ; ନଚେତ୍ କ୍ଷୀରର ଝାଁସରେ ଦେହରେ ଘାଆ ହୋଇଯାଏ । ]

**କାତୁଆ**—ଦେ. ବ (ସଂ. କର୍ତ୍ତନ)—୧ । ( ଥଠାରିଙ୍କ ବ୍ୟବହୃତ ଶବ୍ଦ ) କଂସା ପିତ୍ତଳ ଆଦିର ପତ୍ର କାଟିବାପାଇଁ ବ୍ୟବହୃତ ଦାଆପରି ଶସ୍ତ୍ର ( ଏଥିରେ କାଠବେଣ୍ଟ ଲାଗିଥାଏ )—1. A scythe-like knife with wooden handle for cutting thin metal plates.
Kātuā
୨ । କୃଷକମାନଙ୍କର ପାତଳ ସାବଳ ଆକୃତିବଶିଷ୍ଟ ଶସ୍ତ୍ର; କାଠର ଖଣତି—2. A wooden spade or hoe.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

[ ଦ୍ର—ଖଣତି ଅଗରେ ଲୁହା ଲାଗିଥାଏ, ମାତ୍ର କାତୁଆ କେବଳ କାଠରେ ତିଆରି । ]

ପ୍ରାଦେ. (ସମ୍ବଲପୁର) ବି—ମାଟି ତୋଳା କାଟିବା କାଷ୍ଠନିର୍ମିତ ଯନ୍ତ୍ର ବିଶେଷ—A wooden instrument for cutting sods of earth.

**କାତୃଣ**—ସଂ. ବି (କୁ+ତୃଣ; କୁ ସ୍ଥାନରେ 'କା' ଆଦେଶ)—କତୃଣ; Kātṛuṇa ଗନ୍ଧତୃଣ—Fragrant grass.

**କାତେ**—ପ୍ରାଦେ ( ବାଲେଶ୍ୱର; ପୁରୀ ) ଅ—କେତେ—
Kāte Some.
( ଯଥା—ଗୋଟାକାତେ; ଜଣକାତେ । )

ଦେ. ବି. ଓ ବିଣ—ଏକ କାତ ଗଭୀର (ଜଳ)—
One pole deep (water).

**କାତେରା**—ଗ୍ରା. ବି ଓ ବିଣ—କାତରା (ଦେଖ)—
Kāterā Kātarā (See)

**କାତ୍ତି**—ପ୍ରାଦେ. (ଗଞ୍ଜାମ) ବି—ଛୁରୀ—
Katti Knife.

**କାତ୍ୟ**—ସଂ. ବି. ପୁଂ (କତ=ମୁନିବିଶେଷ+ଅପତ୍ୟାର୍ଥରେ. ଯ; Kātya କତଋଷିଙ୍କ ଗୋତ୍ରସମ୍ଭୂତ)—୧ । ହିନ୍ଦୁ ଧର୍ମଶାସ୍ତ୍ରପ୍ରଣେତା ମୁନିବିଶେଷ; କାତ୍ୟାୟନ ମୁନି—1. A sage, author of a treatise on Hindu Law; Kātyāyana.

୨ । ବରରୁଚି; ବ୍ୟାକରଣର ପ୍ରସିଦ୍ଧ ବାର୍ତ୍ତିକକାର—
2. Name of a renowned commentator on Sanskrit grammar.

[ ଦ୍ର—କତ ଋଷିଙ୍କ ଗୋତ୍ରପ୍ରସୂତ କାତ୍ୟାୟନ ନାମଧାରୀ ତିନ ଜଣ ପ୍ରସିଦ୍ଧ ବ୍ୟକ୍ତି ଥିଲେ ।

୧ । ବିଶ୍ୱାମିତ୍ର ବଂଶଜ; ଏ ଶ୍ରୌତ ସୂତ୍ର, ଗୃହ୍ୟ ସୂତ୍ର ଓ ପ୍ରତିହାର ସୂତ୍ରର ପ୍ରଣେତା ।

୨ । ଗୋଭିଲଙ୍କ ପୁତ୍ର; ଏ ଗୃହ୍ୟ ସଂଗ୍ରହ ଓ ଛନ୍ଦୋପରିଶିଷ୍ଟ ବା କର୍ମପ୍ରଦୀପର ପ୍ରଣେତା ।

୩ । ସୋମଦତ୍ତଙ୍କ ପୁତ୍ର ବରରୁଚି; ଏ ପାଣିନିସୂତ୍ରର ପ୍ରସିଦ୍ଧ ବାର୍ତ୍ତିକକାର । ହି. ଶବ୍ଦସାଗର । ]

**କାତ୍ୟାଣୀ**—ଗ୍ରା. ବି. ସ୍ତ୍ରୀ ( ସଂ. କାତ୍ୟାୟନୀ )—
Kātyāni କାତ୍ୟାୟନୀ ( ଦେଖ )
Kātyāyani ( See )

**କାତ୍ୟାୟନ**—ସଂ. ବି. ପୁଂ. ( କାତ୍ୟ+ସ୍ୱାର୍ଥେ. ଆୟନ )—
Kātyāyana ୧ । କାତ୍ୟ ( ଦେଖ )
(କାତ୍ୟାୟନିକା; କାତ୍ୟାୟନୀ—ସ୍ତ୍ରୀ) 1. Kātya ( See )

୨ । 'ଅଭିଧର୍ମ ଜ୍ଞାନ ପ୍ରସ୍ଥାନ' ଗ୍ରନ୍ଥ ପ୍ରଣେତା ବୌଦ୍ଧାଚାର୍ଯ୍ୟ—
2. Name of a Buddhist author.

୩ । ପାଲି ବ୍ୟାକରଣ 'କାଚାୟନ' ପ୍ରଣେତା ବୌଦ୍ଧାଚାର୍ଯ୍ୟ—
3. Name of Pāli grammarian.

**କାତ୍ୟାୟନିକା**—ସଂ. ବି. ସ୍ତ୍ରୀ—କାତ୍ୟାୟନୀ ( ଦେଖ )
Kātyāyanikā Kātyāyani ( See )

**କାତ୍ୟାୟନୀ**—ସଂ. ବି. ସ୍ତ୍ରୀ. ( କାତ୍ୟାୟନ+ସ୍ତ୍ରୀ. ଈ )—
Kātyāyani ୧ । ଦୁର୍ଗା; ଭୈରବୀ—
1. Goddess Durgā.

[ଦ୍ର—ସର୍ବାଗ୍ରେ କାତ୍ୟାୟନ ମୁନି କର୍ତ୍ତୃକ ପୂଜିତା ହୋଇଥିବାରୁ ଦୁର୍ଗାଙ୍କର ଏହି ନାମ—ଜ୍ଞାନେନ୍ଦ୍ର । ]

୨ । ଗେରୁଆ ଲୁଗା ପିନ୍ଧିଥିବା ଦରବୁଢ଼ୀ ବିଧବା—
2. An elderly or middle aged widow wearing red dyed cloth.

୩ । ଯାଜ୍ଞବଲ୍କ୍ୟ ଋଷିଙ୍କ ସ୍ତ୍ରୀ—
3. Name of the wife of sage Jājñyabaḷkya

**କାଥିଆବାଡ଼୍**—ଦେ. ବି. (ନାମ)—କାଠିଆବାଡ଼୍ ( ଦେଖ )
Kathiābaṛd Kaṭhiābaṛd ( See )

**କାଥିକ**—ସଂ. ବିଣ. ପୁଂ. ( କଥା+ପଟୁତାର୍ଥରେ. ଇକ )—
Kāthika ୧ । କଥା ରଚନା ବିଷୟରେ ପଟୁ—
(କାଥିକା—ସ୍ତ୍ରୀ) 1. Adept at devising tales.

୨ । କଥା କହିବା ବିଷୟରେ ପଟୁ—
2. Skilful in story-telling.

**କାଥିଟର୍**—ବୈଦେ. ବି. ( ଇଂ. କାଥେଟର )—
Kathiṭar ସ୍ରୋଗୀ ବା ପ୍ରସୂତାର ପ୍ରସ୍ରାବ ନ ହେଲେ ମୂତ୍ରଦ୍ୱାର
କାথেটার ବାଟେ ମୂତ୍ରାଶୟ ପର୍ଯ୍ୟନ୍ତ ଯେଉଁ ଧାତୁମୟ ନଳକୁ
**काथिटार** ପୂରାଇ ଡାକ୍ତରମାନେ ସେହି ନଳ ବାଟେ ମୂତ୍ରାଶୟଚ୍ୟୁତ ପ୍ରସ୍ରାବ ନିଷ୍କାସନ କରନ୍ତି—Catheter.

**କାଦ**—ପ୍ରାଦେ. ( ଗଞ୍ଜାମ ) ବି—
Kāda କାତ; ନୌକା ବୋହିବା ବାଉଁଶ—
**लग्गि** Long bamboo pole for pushing
**बल्ला; डाँड़ा** boats.

ପୃଷ୍ଠ ଶର ବିନ୍ଧି ହେଲା ତଥି କରେ ପତିରୁ ପେଲିବା କାଦ ।
ବଇଦେହୀଶ. ଉତ୍କଳ ଭଞ୍ଜ ।

ଦେ. ବି. ( ସଂ. କର୍ଦ୍ଦମ; ପା. କଦ୍ଦମୋ, କଦ୍ଦ )—
কাদা କାଦୁଅ; ପଙ୍କ—Clay; mud.
**कीचड़, काँदो**

କାଦ ଥିବା ପାଣି ନ ଥିଲେ ଯୁଦ୍ଧ ସ୍ଥାନେ
ଯୋଗାଏ ସେ ସ୍ଥାନକୁ ପ୍ରଶଂସନ୍ତି ମନେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**କାଦଖୁମ୍ପି**—ଦେ. ବି. ( ସଂ. କର୍ଦ୍ଦମ ଖଞ୍ଜନା; ଖଞ୍ଜନା )—
Kādakhumpi ଖଞ୍ଜନ ଜାତୀୟ ଏକ ପ୍ରକାର କୁଳେଚର ପକ୍ଷୀ;
**कादाखोँचा** ଗୁହାଳ ଚଡ଼େଇ—A kind of migratory
**चाहा** bird; spine; Gallinago Cœlestis.

[ ଦ୍ର—ଏ ପକ୍ଷୀର ମାଂସ ସୁଖାଦ୍ୟ; ଏଥିପାଇଁ ଶିକାରୀମାନଙ୍କର ଏହା ପ୍ରିୟ । ଏ ପକ୍ଷୀ କାଦୁଅ ଅଞ୍ଚଳ କାଦୁଅରୁ ପୋକ ଧରି ଖାଏ; ଏ ପକ୍ଷୀ ଏ ଦେଶରେ ଶୀତ କାଳରେ ଦେଖାଯାଏ; ଏହାର ଡାଳୁ

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ୱ | ନ୍ତୁ |

କଲା, ମୁଣ୍ଡର ଦୁଇ ପାଖ ଧଲା, ଗୋଡ଼ ସବୁଜା, ଗଲା ଓ ପିଠି ମାଟିଆ ଖଇରି । ଯୋଗେଶ ଚନ୍ଦ୍ର । ]

**କାଦପାଣି**— ଦେ. ବି. ( ସଂ. କର୍ଦ୍ଦମ ଓ ପାନୀୟ )—
Kādapāṇi ୧ । କର୍ଦ୍ଦମାକ୍ତ ଜଳ; ପଙ୍କୁଆ ପାଣି —
କାଦାଜଳ 1. Muddy water.

**कीचड़पानी** ୨ । ବିବାହର ଚଉଠି ଦିନ ବର କନ୍ୟା ନଗର ଭ୍ରମଣ କରି ପୋଖରୀରେ ଏକତ୍ର ସ୍ନାନ କରି ଯେଉଁ ଜଳକ୍ରୀଡ଼ା କରନ୍ତି; ନଗରସ୍ନାନ—
2. A sport in water by the bride and bridegroom together in a tank on the fourth day of marriage.

୩ । ବିବାହର ପଞ୍ଚମ ଦିବସ ( ଗୋପୀନାଥ ନନ୍ଦ)—
3. The fifth day of marriage.

ଚେତଣ କୋଟି ଦେବଙ୍କ କନ୍ୟା ତହିଁ ହେଲେ,
ଚଉଠି କାଦପାଣି ସାହମଙ୍ଗଳା କଲେ । ପିତାମ୍ବର. ନୃସିଂହପୁରାଣ ।

କାଦାମାଟିଖେଲା, ୪ । ରଜସ୍ୱଲା ବର୍ଗୀୟ ବାଳକାର ପ୍ରଥମ ରଜୋ-
କାଦାପାଣି, କାଦା ଦର୍ଶନ ପରେ ଶୁଦ୍ଧସ୍ନାନ ସମୟରେ ପ୍ରତିବେଶିନୀମାନଙ୍କ ସଙ୍ଗେ ପାଣିରେ ପଶି କାଦୁଅ ଫୋପଡ଼ାଫୋପଡ଼ି ହୋଇ ପରସ୍ପର ଆମୋଦ ବା କ୍ରୀଡ଼ା କରିବା ଉତ୍ସବ—
4. A custom in Bengal of women sporting in water and throwing mud at each other on the fourth day of a girl's first menses.

୫ । ବଙ୍ଗଦେଶରେ ଦୁର୍ଗାପୂଜାର ତୃତୀୟ ଦିନ ପ୍ରତିବେଶୀ ଓ ବନ୍ଧୁମାନେ ପାଣିରେ ପଶି ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହେବା ପ୍ରଥା—
5. A custom of throwing mud at each other in sport on the third day of Durgāpūjā.

**କାଦମ୍ବ**—ସଂ. ବି. ( କଦମ୍ବ + ଭବ. ଅ )—
Kādamba ୧ । କଦମ୍ବ ( ବୃକ୍ଷ ଓ ଫୁଲ )—
1. Nauclea Kadamba ( tree and its eautiful flowers ).

୨ । ଇକ୍ଷୁ—2. Sugarcane.

୩ । ଶ୍ୟାମପକ୍ଷ କଳହଂସ—
3. Dark plumed drake; a kind of goose.

କାଦମ୍ବ ଚକ୍ରବାକ ଲୁଚର କାରଣ୍ଡବ—କୃଷ୍ଣସିଂହ. ମହାଭାରତ. ବନ ।

୪ । ବାଣ; ଶର—4. Arrow.

୫ । କଦମ୍ବବୃକ୍ଷସମୂହ—
5. A collection or group of Kadamba trees.

ସଂ. ବିଣ—କଦମ୍ବସମ୍ବନ୍ଧୀୟ—
Pertaining to Kadamba tree or flower.

**କାଦମ୍ବର**—ସଂ. ବି. (କଦମ୍ବ + ର ଧାତୁ = ଦାନ କରିବା + କର୍ତ୍ତୃ. ଅ)—
Kādambara ୧ । ଦହିର ସର—1. The cream of curd.

୨ । ଏକପ୍ରକାର ମଦ୍ୟ—2. A kind of wine.

୩ । ଇକ୍ଷୁଗୁଡ଼—3. Sugarcane-molasses.

**କାଦମ୍ବରୀ**—ସଂ. ବି. ସ୍ତ୍ରୀ. ( କାଦମ୍ବର + ସ୍ତ୍ରୀ. ଈ )—
Kādambari ୧ । ଏକପ୍ରକାର ମଦ୍ୟ; ଗୌଡ଼ୀ ମଦିରା—
1. A kind of intoxicating liquor.

କାଦମ୍ବରୀ ପାନେ ଦେବ ସଦା ମତ ଭୋଳେ—ସାରଳା. ମହାଭାରତ. ବିରାଟ ।

୨ । ସରସ୍ୱତୀ—2. The Goddess of learning.

୩ । ପକ୍ଷିଣୀ – 3. A she-bird.

୪ । ଶାରିକା —4. The pied Myna bird; Sturnopaster Contra.

୫ । ମାଈ କୋଇଲି—5. She-cuckoo.

୬ । ମହାକବି ବାଣଭଟ୍ଟ ବିରଚିତ ପ୍ରସିଦ୍ଧ ସଂସ୍କୃତ ଗଦ୍ୟକାବ୍ୟବିଶେଷ —6. Name of a Sanscrit novel by Bāṇabhaṭṭa.

[ ଦ୍ର—ଏ ଗଦ୍ୟକାବ୍ୟର ନାୟିକାଙ୍କ ନାମ କାଦମ୍ବରୀ; ବାଣଭଟ୍ଟ ଏ ଗ୍ରନ୍ଥର କିୟଦଂଶ ରଚନା କରି ମୃତ ହେବାରୁ ତାଙ୍କ ପୁତ୍ର ଏ ଗ୍ରନ୍ଥ ସମାପ୍ତ କରିଥିଲେ — କ୍ଷୀରେନ୍ଦ୍ର । ]

**କାଦମ୍ବିନୀ**—ସଂ. ବି. ( କଦମ୍ବ + ଇନ୍ + ସ୍ତ୍ରୀ. ଈ )—ମେଘମାଳା; ମେଘ-
Kādambini ଶ୍ରେଣୀ—A mass of clouds.

[ ଦ୍ର—କବିମାନେ ଧଳା ମେଘକୁ ଶୁକ୍ଳବର୍ଣ୍ଣ କଦମ୍ବଫୁଲରୂପେ ବର୍ଣ୍ଣନା କରନ୍ତି ବୋଲି ଏହି ନାମ । ]

**କାଦାଚିତ୍କ** – ସଂ. ବିଣ. ( କଦାଚିତ୍ + ଭାବାର୍ଥେ. କ )—ଯାହା କଦାଚିତ୍
Kādāchitka ବା ଅକସ୍ମାତ୍ ଘଟୁଥାଏ—Occassional; incidental; non-recurring.

**କାଦିଅନ୍**— ବୈଦେ. ବି —ଅହାମଦ୍ ( ଦେଖ )
Kādiān Āhāmad ( See ) .

**କାଦିଆନୀ**—ବୈଦେ. ବିଣ – ଅହାମ୍ମଦୀୟ ( ଦେଖ )
Kādiāni Āhāmmadiya ( See )

**କାଦୁଅ**—ଦେ. ବି. ( ସଂ. କର୍ଦ୍ଦମ )—କାଦ ( ଦେଖ )
Kādua Kāda ( See )

ଚକ୍ରେ ଯୁଦ୍ଧ ଭୂମିରେ କାଦୁଅ ସେ ଉଠି—ସାରଳା. ମହାଭାରତ ।

**କାଦୁଅଖୁମ୍ପି** —ଦେ. ବି—କାଦଖୁମ୍ପି ( ଦେଖ )
Kāduakhumpi Kādakhumpi ( See )

**କାଦୁଅଘାଟି**—ପ୍ରାଦେ. ( ସିଂହଭୂମ ) ବି—ବିବାହ ବା ବ୍ରତର ପଞ୍ଚମ
Kāduaghāṭi ଦିବସରେ ଅନୁଷ୍ଠିତ ହେବା ଉତ୍ସବ—
The festival or ceremony held on the fifth day of marriage etc.

**କାଦୁଅପଟା**—ଦେ. ବି —କାଦୁଅପଟା ( ଦେଖ )
Kāduapaṭā Kāduāpaṭā ( See )

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଆଉ' ନ ମିଳିଲେ 'ଆଉ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**କାଦୁଅପାଣି**—ଦେ. ବ—କାଦପାଣି ( ଦେଖ )
Kāduapāṇi — Kādapāṇi ( See )

**କାଦୁଅବକଟିଆ**—ପ୍ରାଦେ. ( ଗଡ଼ଜାତ ) ବଣ—ଯେଉଁ କାଦୁଅ ମାଟିକୁ
Kāduabakaṭiā ଗୋରୁ ଗାଈ ଚକଟି କରି ଖାଲଢିପ କରି ଥାଆନ୍ତି—( soil ) Which has been made uneven by cattle treading over it.

**କାଦୁଆ**—ଦେ. ବଣ—୧ । କର୍ଦ୍ଦମମୟ; କର୍ଦ୍ଦମାକ୍ତ—
Kāduā 1. Clayey; muddy; sloppy.
କାଦାଟେ ୨ । କର୍ଦ୍ଦମ ପରି ଅଠାଳିଆ—2. Sticky.
**कीचड़का** ଦେ. ବ—୧ । ଏକପ୍ରକାର ପଣସ—
1. A kind of jackfruit.
୨ । ଏକପ୍ରକାର ବୋଡ଼ା ସାପ—
2. A class of Viper.

**କାଦୁଆପଟା**—ଦେ. ବ—ଦ୍ୱାରବନ୍ଧକୁ ଲାଗି ଉପରକୁ ବସିଥିବା ପଟା;
Kāduāpaṭā ଖାର୍ଦ୍ଦୋଳ ପଟା—
A plank placed on the door-frame for bearing the wall over it.

**କାଦୁଆମାଟି**—ଦେ. ବ. (ସଂ. କର୍ଦ୍ଦମ+ମୃତ୍ତିକା)—କର୍ଦ୍ଦମଯୁକ୍ତ ମୃତ୍ତିକା—
Kāduāmāṭi Clayey soil.
କାଦାଟେମାଟି
**कीचड़कीमिट्टी**

**କାଦୋ**—ପ୍ରାଦେ. (ସମ୍ବଲପୁର) ବ.—(ସଂ. କର୍ଦ୍ଦମ)—କାଦୁଅ—
Kādo Clay.

**କାଦୋ କଦାଇବା**—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. କର୍ଦ୍ଦମ)—ମାଟିରେ
Kādo kadāibā ପାଣି ମିଶାଇ ଚକଟି କାଦୁଅ କରିବା—To mix water with earth and turn them into clay.

**କାଦୋକରିଆ**—ପ୍ରାଦେ. (ସମ୍ବଲପୁର) ବ.—ହଳିଆକୁ ବର୍ଷାଋତୁରେ
Kādokariā ଦିଆ ଯିବା ଖଦ—Cloth given to one's ploughman for the rainy season.

**କାଦୋପିଚ୍ଛଲ**—ପ୍ରାଦେ. ( ସମ୍ବଲପୁର )—ବଣ.—( ସଂ. କର୍ଦ୍ଦମ+
Kādopichhal ପିଚ୍ଛିଳ)—କାଦୁଅ ଯୋଗୁଁ ଖସଡ଼ା ହୋଇଥିବା (ବାଟ)—Muddy and slippery (road).

**କାଦୋବରିଷ୍ଟ**—ପ୍ରାଦେ. ( ସମ୍ବଲପୁର ) ବ.—ଶ୍ରାବଣମାସର ଚିତଉ-
Kādobarishṭa ଅମାବାସ୍ୟା ଦିନ ସମ୍ବଲପୁର ଅଞ୍ଚଳରେ ଅନୁଷ୍ଠିତ ପର୍ବ—A festival observed in Sambalpur on "Chitau amābāsyā" day.

**କାଦୋମଲି**—ପ୍ରାଦେ. (ସମ୍ବଲପୁର)—ବ. ( ସଂ. କର୍ଦ୍ଦମ+ମଳ )—
Kādomali ଆଖୁଦୋରୁଅ ରନ୍ଧା ହେଲା ବେଳେ ଚଡ଼ୁରୁ କାଢ଼ାଯିବା କର୍ଦ୍ଦମ ସଦୃଶ ମଳ—The clayey froth got from sugarcane juice while it is boiled for preparing molasses.

**କାଦ୍ରବେୟ**—ସଂ. ବ. ( କଦ୍ରୁ+ଅପତ୍ୟାର୍ଥେ. ଏୟ; କଦ୍ରୁଙ୍କ ସନ୍ତାନ-
Kādrabeya ସମୂହ)—ସର୍ପ; ସର୍ପ ଜାତି—
The serpent tribe.

**କାନ୍**—ପ୍ରାଦେ. (ସମ୍ବଲପୁର) ବ.—(ସଂ. କର୍ଣ୍ଣ; ପ୍ରା. କଣ୍ଣ)—କାନ—
Kān Ear.

**କାନ୍‌ଖିଲ**—ପ୍ରାଦେ. (ସମ୍ବଲପୁର).—ବ.—ଅଣକାଲି (ଦେଖ)
Kānkhilā Aṇakili (See)

**କାନ୍‌ଭାସ**—ବୈଦେ. ବ. (ଇଂ. କାନ୍‌ଭାସ୍ )—ଲୁଗା ପରି ଘନ ଓ ପତଳା
Kānbhās ବୁଣା ହୋଇ ଥିବା ଅଖା—Canvas.
କାନভিস
**कैनविस; कनवास**

**କାନ୍‌ଭାସ୍ ଖଟ**—ଦେ. ବ. (ଇଂ. କାନ୍‌ଭାସ ଓ ସଂ. ଖଟ୍ୱା)—ଯେଉଁ ଖଟ
Kānbhās khaṭa ଉପରେ ପଟି ଲଗା ନ ହୋଇ କାନ୍‌ଭାସ୍ ଲଗା-
କানভিস খাট ଯାଇ ଥାଏ—A bedstead of canvas.
**कैनविसका खटिया** camp-bedstead.
[ଦ୍ର—ଏହିପରି କାନ୍‌ଭାସ୍ ଚଉକି, ଟୁଲ୍ ଆଦି ମଧ୍ୟ ହୁଏ ।]

**କାନ୍‌ସିଡ଼ା**—ପ୍ରାଦେ. (ମେଦିନୀପୁର) ବ.—କନାଶିର ଶାଗ—
Kānsirdā A species of pot-herb.

**କାନ**—ଦେ. ବ.—(ସଂ. କର୍ଣ୍ଣ; ପ୍ରା. କାଣ୍ଣ)—୧ । କର୍ଣ୍ଣ—
Kāna 1. Ear.
কান ୨ । କାନକୁ ଘୋଡ଼ାଇ ରହିଥିବା କାନର ଆକାରବିଶିଷ୍ଟ
**कान** ସୁନାର ଅଳଙ୍କାର—A gold ear-ornament covering the ear
୩ । ବେହେଲା ଓ ସିତାରଆଦି ଯନ୍ତ୍ରର ତାର ଯେଉଁ ଖିଲରେ ବନ୍ଧା ହୋଇ ଗୁଡ଼ା ଯାଇ ଥାଏ—3. The pin on which the end of the string of a guitar or violin is tied.
୪ । (ପ୍ରାଚୀନ ପ୍ରୟୋଗ; ସଂ. କୃଷ୍ଣ; ପ୍ରା. କାହ୍ନ )—କାହ୍ନୁ, ଶ୍ରୀକୃଷ୍ଣ—A name of Śrikrushṇa.
ଶ୍ରୀ ଗୋପୀକାନ ଗୋପୀଙ୍କ ଧନ,
ଗୋପୀନାମ ଧରି ବେଲେ ବଂଶୀ ଧ୍ୱନ । ପ୍ରାଚୀ ରହସ୍ୟମଞ୍ଜରୀ ।
୫ । ତୋପ ବା ବନ୍ଧୁକର ଯେଉଁ ସ୍ଥାନରେ ନିଆଁ ଧରାଇ ଦିଆ ଯାଏ; ରଞ୍ଜକଦାନୀ—The touch-hole at the breech of a gun or cannon.

**କାନଉଜ**—ଦେ. ବ.—(ସଂ. କାନ୍ୟକୁବ୍ଜ) ପ୍ରା. କଣ୍ଣଉଜ୍ଜ )—
Kānauja କାନ୍ୟକୁବ୍ଜ—Kanouj (country).
কনৌজ
**कन्नौज**

**କାନଉଜି**—ଦେ. ବଣ.—କାନ୍ୟକୁବ୍ଜ ଦେଶୀୟ—
Kānauji Belonging to Kanouj
কনৌজী
**कन्नौजी**

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ୍ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଞ୍ଜ | ଇପୃ | ଉଅ | ଝ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଢ | ନ୍ଦ |

**କାନଉଜିଆ**—ଦେ. ବଣ.—କାନଉଜି (ଦେଖ)
Kānaujiā Kānauji (See

**କାନକ**—ସଂ. ବଣ.—(କନକ+ବିକାରାର୍ଥେ. ଅ)—୧ । ସ୍ୱର୍ଣ୍ଣନିର୍ମିତ—
Kānaka 1. Golden.
୨ । ସ୍ୱର୍ଣ୍ଣ ସମ୍ବନ୍ଧୀୟ—2. Pertaining to gold.
ସଂ. ବି.—ଜୟପାଳ ମଞ୍ଜି; କନକା ମଞ୍ଜି—Croton seed.

**କାନକଟା**—ଦେ. ବି.—୧ । କାନକଟୁରି (ଦେଖ)
Kānakaṭā 1. Kānakaṭuri (See)
କାନକାଟା ୨ । କାନ ଓ ମୁଣ୍ଡର ସନ୍ଧିସ୍ଥଳରେ ହେବା ଘାଡ ରୋଗ—
2. A disease causing sores between the ear and the head.
୩ । ( ଶିଶୁମାନଙ୍କୁ ଡରାଇବା ପାଇଁ ଏହି ଶବ୍ଦ ବ୍ୟବହୃତ ହୁଏ )—ଯେଉଁ କାଳ୍ପନିକ ଜୀବ ଶିଶୁମାନଙ୍କ କାନକୁ କାଟିନିଏ—3. An imaginary being said to clip the ear of infants.

**କାନକଟୁରି**—ଦେ. ବି. ( ସଂ. କର୍ଣ୍ଣ+କୀଟ )—
Kānakaṭuri ୧ । ଦୁଇପକ୍ଷ କଳା କୀଟବିଶେଷ—
କାନକୋଟାରୀ 1. A ear boring insect ( actually
**କାନମୌରା; କାନସଲାଇ** living in the soil); a kind of earwig.
[ ଦ୍ର—ଏ ପୋକ ଭୂମିରେ ରହନ୍ତି ଓ ସମୟ ସମୟରେ ଧାନକୋଠିରେ ଦେଖାଯାଆନ୍ତି । ଏମାନେ କାନରେ ପଶି କାନକୁ ବ୍ୟଥା ଦେବାର ଲୋକେ ବିଶ୍ୱାସ କରନ୍ତି । ]
୨ । କାନ ବିଛା; ଏକଜାତୀୟ ବିଛା (ଏମାନେ ସୂତା ପରି ସରୁ ଓ ଲମ୍ବରେ ୩।୪ ଇଞ୍ଚ, ଏମାନଙ୍କୁ ଚଳଦେଲେ ଏମାନଙ୍କ ଦେହକୁ ଫସଫରସ୍ ପରି ଜ୍ୟୋତି ବାହାରେ)—
2. Slender-bodied centepedes, said to bore through the ear; chilognath.

**କାନକଟୁଲି**—ଦେ. ବି.—କାନକଟୁରି (ଦେଖ)
Kānakaṭuli Kānakaṭuri (See)

**କାନ କରିବା**—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ହି. କାନ୍ କରନା)—
Kāna kariba ଶୁଣାଇବା—To cause to hear.

**କାନ କାଟିଲେ ବଚନ ବାହାରିବ ନାହିଁ**—ଦେ. ବାକ୍ୟ—ଅତି ସୁଧାର
Kāna kāṭile bachana bāhāriba nāhin ଓ ଶାନ୍ତ ଲୋକ ପ୍ରତି ଏ ବାକ୍ୟ ପ୍ରଯୁକ୍ତ ହୁଏ—A sentence used to denote a very quiet and innocent person.
[ ଦ୍ର—ସେ ଏପରି ସୁଧାର ଓ ଶାନ୍ତ ଯେ ଜଣେ କେହି ତା କାନ କାଟିଲେ ମଧ ସେ କାନ କାଟିବା ଲୋକ ଉପରେ ରାଗ କରିବା କଥା ଦୂରେଥାଉ, ତାକୁ ପଦେ ପାଟି ଫିଟାଇବ ନାହିଁ । ]

**କାନକାଠି**—ଦେ. ବି.—କାନ ଭିତର କୁଣ୍ଡାଇବାର କାଠି—
Kānakaṭhi Ear-pick.
କାନଖୁସି, କାନକାଠି
**କାନକୀ ସଲାଇ**

**କାନକୁ ଆସିବା**—ଦେ. କ୍ରି.—ଶ୍ରୁତିଗୋଚର ହେବା—
Kānaku āsiba To come to one's ears; to be heard.
କାନେଆସା; କାନେପଉଁଚା
**କାନକୋଆନା** (ଯଥା—ଅମୁକ ବିଷୟ ୪ ଦିନ ହେଲା ମୋ କାନକୁ ଆସିଲାଣି । )

**କାନକୁକାନ ହେବା**—ଦେ. କ୍ରି.—(କୌଣସି କଥା) ଜଣେ ଜଣକ କାନରେ
Kānakukāna heba କହିବା ଓ ଦ୍ୱିତୀୟ ବ୍ୟକ୍ତି ଯାଇ ଅନ୍ୟ ଜଣଙ୍କୁ କାନରେ କହିବା, ଏହିପରି ବହୁ ଲୋକଙ୍କ କର୍ଣ୍ଣଗୋଚର ହେବାଦ୍ୱାରା ପ୍ରକଟିତ ହେବା—
(any matter) To be divulged or published by being promulgated by whispers from one person to another.

**କାନକୁଟୁରା**—ଦେ. ବି.—କାନକଟୁରି (ଦେଖ)
Kānakuṭurā Kānakaṭuri (See)

**କାନକୁଟୁରି**—ଦେ. ବି.—କାନକଟୁରି (ଦେଖ)
Kānakuṭuri Kānakaṭuri (See)

**କାନକୁଟୁରୁ**—ଦେ. ବି.—କାନକଟୁରି (ଦେଖ)
Kānakuṭuru Kānakaṭuri (See)

**କାନକୁଟୁଲି**—ଦେ. ବି.—କାନକଟୁରି (ଦେଖ)
Kānakuṭuli Kānakaṭuri (See)

**କାନକୁହା**—ଦେ. ବଣ. ପୁଂ—ଖିଆଲୁଆ; ଚୁଗୁଲିଆ; ଯେ ଅନ୍ୟ ନାମରେ
Kānakuhā ମିଛ କଥା କହେ—Backbiting; slandering; tell-tale.
କାନାଘୁଷା
**କନ୍‌ଫୁସକା** ନବୀ ହେଲେ କେ. ସଙ୍ଗ. କାନକୁହା—ସ୍ୱାର୍ଥ. ଦରବାର ।
ଦେ. ବି.—ଚୁଗୁଲି—Whisperings against a person; backbitings.

**କାନକୋଟଲ**—ଦେ. ବି.—କାନକଟୁରି (ଦେଖ)
Kānakoṭal Kānakaṭuri (See)

**କାନକୋଳି**—ଦେ. ବି.—ବନ୍ୟ କଣ୍ଟକୀ ଲଟାଳିଆ ଗୁଳ୍ମ—A kind
Kānakoli of wild thorny plant; Zyzypus
ସଂ. ନାମ—ଶୃଗାଳକୋଳିକା cenoplia.
ଶେକୁଲ, ଶେଁକୁଲ, ଶେୟାକୁଲ [ ଦ୍ର—ଏହାର କୋଳି ବରକୋଳି
**ସତ୍‌ୟାନାସୌ; ମରୋଡ଼** ଅପେକ୍ଷା ଛୋଟ ଓ ଅଖାଦ୍ୟ; ଏହାର ଫୁଲ ଘାସ ରଙ୍ଗର, ଫଳ ଅପରିଷ୍କାର, ସୁକ୍ଷ୍ମ, ଏହାର କଣ୍ଟା ଖୁବ ଦୃଢ ଓ ସୁଲମ୍ବ ଏବଂ ଏକ ଇଞ୍ଚ ଠାରୁ ଦୁଇ ଇଞ୍ଚ ପର୍ଯ୍ୟନ୍ତ ଲମ୍ବା; ଏ ଗଛର ଜଙ୍ଗଲ ଦୁର୍ଭେଦ୍ୟ । ]
ଏହି କଣ୍ଟା ଓ କାନକୋଳି କଣ୍ଟା ଅଙ୍ଗରେ ଲଗିବ ଲଟା ପଶା ।
ବାହାଣୀର ଲଥା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କାନଖଡ଼କା**— ଦେ. ବ.— କାନକାଠି (ଦେଖ)
Kānakhar̤dikā Kānakāṭhi (See)
ଦେ. ବଣ.—ଶ୍ରବଣ କରିବା ପାଇଁ ଜାଗରୂକ (ଗୋପୀନାଥ ନନ୍ଦ); ଶୁଣିବା ପାଇଁ ଜାଗରୂକ—Vigilant to hear a thing.

**କାନଖିଲ୍ଲ**—ପ୍ରାଦେ. (ସିଂହଭୂମ) ବ.— ଅଣକାଲ (ଦେଖ)
Kānakhilā Anakili (See)

**କାନଗଇ**—ଦେ. ବ. ( ସଂ. କର୍ଣ୍ଣଗୂଥ )—କାନଗୁହ; କର୍ଣ୍ଣମଳ—
Kānagai Earwax; dirt within the ear.
কানের খোল; কানের খলি; খইল
**ঠেঁঠী; কানকাখুঁট.**

**କାନଗିରି**—ଦେ. ବ.—(ସଂ. କର୍ଣ୍ଣ + ଗହ୍ୱର)— କର୍ଣ୍ଣମୃଦଙ୍ଗ; କର୍ଣ୍ଣପଟହ;
Kānagiri କାନର ଅଭ୍ୟନ୍ତରରେ ଥିବା ଅତି ପତଳା ଝିଲ୍ଲୀ ବା ଚମ, ଯହିଁରେ ଶବ୍ଦ ବାଜେ—The soft membrane inside the ear; tympanum; the drum of the ear.
কানের পরদা
**कानका परदा**

**କାନଗୁଆଁ**—ପ୍ରାଦେ. ( ବସ୍ତର ) ବ—କାନଗଇ ( ଦେଖ )
Kānaguāñ Kānagai ( See )

**କାନଗୁହ**—ଦେ. ବ—କାନଗଇ ( ଦେଖ )
Kānaguha Kānagai ( See )

**କାନଗୋ**—ବୈଦେ. ବ. ( ଫା. କାନୁନ୍‌ଗୋ )—
Kānago କାନୁନ୍‌ଗୋ ( ଦେଖ )
Kānungo ( See )

**କାନଘୋଡ଼ିଆ ଟୋପି**—ଦେ. ବ.—ଏକପ୍ରକାର ଟୋପି, ଯହିଁରେ ମୁଣ୍ଡ ଓ କାନ ଆବୃତ ହୁଏ—
Kānaghor̤diā ṭopi A kind of cap covering the ears.
কানটুপি
**कनटोप**

**କାନଚିପିକା**—ପ୍ରାଦେ (ସମ୍ବଲପୁର) ବ— କାନମୋଡ଼ା (ଦଣ୍ଡସ୍ୱରୂପ)—
Kānachipikā Pulling or twisting of the ears (by way of punishment).

**କାନଜିଲପି**— ଦେ. ବ.—କାନଝିଲପି ( ଦେଖ )
Kānajilapi Kānajhilapi ( See )

**କାନଜୁଲପି**—ଦେ. ବ—କାନଝିଲପି ( ଦେଖ )
Kānajulapi Kānajhilapi ( See )

**କାନ ଝାଇଁ ଝାଇଁ ହେବା**—ଦେ. କି—ବହୁକାଳ ଝାଞ୍ଜ ଓ ଘଣ୍ଟା ଆଦିର ଶବ୍ଦ ଶୁଣିବା ଯୋଗୁଁ କାନ ଭିତରେ ଝାଇଁ ଝାଇଁ ଅନୁଭୂତ ହେବା—
Kāna jhāiñ jhāiñ hebā A stunned sensation in the ear due to hearing loud jingling sounds for a length of time.
কানঝাই ঝাইকরা
**कानझनझाना**

**କାନଝିଲପି**—ଦେ. ( ସଂ. କର୍ଣ୍ଣ + ଫା. ଜୁଲ୍‌ଫ୍ )—କାନ ପାଖରେ ଗଣ୍ଡ ଦେଶକୁ ଲମ୍ବିଥିବା କ୍ଷୁଦ୍ର କେଶଗୁଚ୍ଛ—
Kānajhilapi Short tufts of curved hair falling over the cheeks and passing along the ears.
কানঝাপটা
**कान ज़ुल्फ**

**କାନ ଝୁଲୁପି**—ଦେ. ବ—କାନଝିଲପି ( ଦେଖ )
Kānajhulupi Kānajhilapi ( See )
କ ମଧୁର ହସେ ଗୌର ଗଣ୍ଡେ କଳା କାନ ଝୁଲୁପି । ରାଧାନାଥ. ଉଷା ।

**କାନଟା**—ଦେ.ବ—ଘରର କୋଣର ବାହାରର ଅତି ନିକଟବର୍ତ୍ତୀ ସ୍ଥାନ—
Kānaṭā Place adjoining the corner outside a house.

**କାନଟୋପି**—ଦେ. ବ—କାନଘୋଡ଼ିଆ ଟୋପି ( ଦେଖ )
Kānaṭopi Kānaghor̤diā ṭopi ( See )

**କାନଡ଼ା**—ଦେ. ବ—କାନେଡ଼ା ( ଦେଖ )
Kānar̤dā Kāner̤dā ( See )

**କାନ ଡେରିବା**—ଦେ. କି—ମନୋଯୋଗପୂର୍ବକ କୌଣସି ଶବ୍ଦ ବା କଥା ଶୁଣିବା ପାଇଁ ଉତ୍କର୍ଣ୍ଣ ହେବା—
Kāna deribā To prick up one's ears to hear something with attention.
কান খাড়াকরা
**उठाना**

ବଳଲେ କରୁଛନ୍ତି ଘୋର ଗର୍ଜନ
ଶୁଣ ହେ କଳେବସୁ ନୃପ ଡେରି କାନ । କୃଷ୍ଣସିଂହ. ମହାଭାରତ. ଆଦି ।

[ ଦ୍ର—ଯେଉଁ ଦିଗରୁ କୌଣସି ଶବ୍ଦ ଆସୁଥାଏ ସେ ଶବ୍ଦକୁ ସ୍ପଷ୍ଟ କରି ଶୁଣିବା ପାଇଁ ଘୋଡ଼ା, ଗୋରୁ, କୁକୁର ଆଦି ଜୀବ ସେହି ଦିଗକୁ କାନକୁ ବୁଲାଇ ପାରନ୍ତି; ଅଥଚ ମୁଣ୍ଡକୁ କାନର ଗତି ସଙ୍ଗେ ବୁଲାଇବାର ସେମାନଙ୍କର ଦରକାର ପଡ଼େ ନାହିଁ; କିନ୍ତୁ କାନ ବୁଲାଇବାକୁ ହେଲେ ମନୁଷ୍ୟ ମୁଣ୍ଡକୁ ନ ବୁଲାଇଲେ କେବଳ କାନକୁ କୌଣସି ଦିଗକୁ ବୁଲାଇ ପାରେ ନାହିଁ । ]

**କାନତଡ଼କା**—ଦେ. ବ—ତଳକାନର ଅଳଙ୍କାରବିଶେଷ—
Kānatar̤dakā An ornament worn on the lobes of the ear.
কানতড়পা

**କାନତରାଟ୍**—ଗ୍ରା. ବୈଦେ. ବ. ( ଇଂ. କଣ୍ଟ୍ରାକ୍ଟ )—
Kānatarāṭ କାଣ୍ଟ୍ରାଟ୍ ( ଦେଖ )
কান্তরাট Kāntarāṭ ( See )
**कनतराट; ठेका**

**କାନତରାଟ୍‌କାର୍**—ଗ୍ରା. ବୈଦେ. ବ. ( ଇଂ. କଣ୍ଟ୍ରାକ୍ଟର )—
Kānatarāṭkār କାଣ୍ଟ୍ରାଟ୍ ( ଦେଖ )
কান্তরাটকার Kāntarāṭ ( See )
**कनतराटकार; ठेकादार**

**କାନତରାଟି**—ଗ୍ରା. ବୈଦେ. ବ—କାଣ୍ଟ୍ରାଟ୍ ( ଦେଖ )
Kānatarāṭi Kāntarāṭ ( See )
কান্তরাট
**कनतराट**

**କାନ ଦେବା**—ଦେ.କି—୧ । ମନୋଯୋଗପୂର୍ବକ ଶୁଣିବା, କାନେଇବା—
Kāna debā 1. To hear attentively; to lend one's ear.
কানদেওয়া
**कानदेना**
୨ । ଶୁଣିବା—2. To hear.
କହୁଚ ଭଲ କରି ଦେଉଛ ମୁଁ କାନ—କୃଷ୍ଣସିଂହ. ମହାଭାରତ. ବନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଯ,ଶ | ଙ୍କ | ଇୟ | ଉଅ | ଖ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉଦନ୍ତ ବନ୍ଦ୍ରଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଢ଼ . | ନ. |

**କାନନ**—ସଂ. ବି. ( କାନ ଧାତୁ = ଦ୍ୟୋତିତ କରିବା + କର୍ମ. ଅନ )—
Kānana ୧ । ବନ; ଅରଣ୍ୟ—1. Forest; woods.
୨ । ଗୃହ—2. Abode; house.
୩ । ( ୭ମୀ ତତ୍; କ = ବ୍ରହ୍ମା + ଆନନ = ମୁଖ )—
ବ୍ରହ୍ମାଙ୍କ ମୁଖ—3. The mouth of Brahmā.

**କାନନଡ଼କା**—ଦେ. ବିଣ. ପୁଂ—ଯାହାର କାନ ସିଧା ହୋଇ ଠିଆ ନ ରହି ଝୁଲୁଥାଏ—
Kānanar̲d̲akā
(କାନନଡ଼କୀ—ସ୍ତ୍ରୀ) Lop-eared; having hanging ears.

**କାନନାଉଳି**— ପ୍ରାଦେ. ( ଗଡ଼ଜାତ ) ବି—ରାଜକୁମାରଙ୍କ କର୍ଣ୍ଣବେଧ ଉତ୍ସବ—The ear-boring ceremony of a Rājā's child.
Kānanāu̲l̲i

**କାନନାକଧରା**—ଦେ. ବି—ଦଣ୍ଡସ୍ୱରୂପ ନିଜର କାନ ଓ ନାକ ନିଜେ ଧରିବା—Holding of one's own ear and nose as a punishment.
Kānanākadharā
কাননাকধরা
[ ଦ୍ର—ଆଗେ ଏ ଦେଶର ଚାଟଶାଳୀରେ ଅବଧାନମାନେ ବାଳକମାନଙ୍କୁ କାନନାକଧରା ଦଣ୍ଡ ଦେଉଥିଲେ । ]

**କାନନାକ ଧରିବା**— ଦେ. କ୍ରି—୧ । ନିଜ କାନ ଓ ନାକ ନିଜେ ମଳିବା—
Kānanāka dharibā 1. To hold one's own ear and nose as punishment.
কাননাকধরা
୨ । ( ଲକ୍ଷଣାର୍ଥ )—ଅପମାନିତ ହେବା—
2. To be openly insulted or humiliated.

**କାନନୁଡ଼ୁକା**—ଦେ. ବି— କାନର ଉପର ଅଂଶରେ ପିନ୍ଧାଯିବା ନୋଲକ ଲାଗିଥିବା ଫାସିଆ—
Kānanur̲d̲ukā
কানেরঝুলক A ring with pendants for the upper part of the ear.
**कानकालोलक**
ଦେ. ବିଣ. ପୁଂ.—କାନନଡ଼କା ( ଦେଖ )
(କାନନୁଡ଼ୁକୀ—ସ୍ତ୍ରୀ) Kānanar̲d̲akā ( See )

**କାନପଡ଼ା**—ଦେ. ବିଣ. ପୁଂ. ( ସଂ. କର୍ଣ୍ଣପାତ )—
Kānapar̲d̲ā ଯେ ପରର କଥା ଗୁପ୍ତ ଭାବରେ କାନପାତି କରି ଶୁଣେ—Eaves-dropper.
কানপাতা
(କାନପାଡ଼ୀ, କାନପାଡ଼େଇ—ସ୍ତ୍ରୀ)

**କାନପତଳା**—ଦେ. ବିଣ—୧ । ଯେଉଁ ବ୍ୟକ୍ତି ଚୁଗୁଲି ଶୁଣେ—
Kānapata̲l̲ā 1. One who hears backbiting.
কানপাতলা ୨ । ଯେଉଁ ବ୍ୟକ୍ତି ସାମାନ୍ୟ ମାତ୍ର ମୃଦୁ ଶବ୍ଦ ଶୁଣି
**कनपतला** ପାରେ—2. One who hears even indistinct sounds; fine-eared; sharp-eared.

**କାନପତା**—ଦେ. ବି. ୧ । ( ସଂ. କର୍ଣ୍ଣପତ୍ର; କର୍ଣ୍ଣପାଲୀ )—
Kānapatā କର୍ଣ୍ଣର ତଳ ଭାଗ—
কানেরপাতা 1. Lobe of the ear.
**कानकी लौं** ୨ । (ସଂ. କର୍ଣ୍ଣପାତ) କାନ ପତିବା—
2. Eaves dropping.

**କାନ ପାଚିବା**—ଦେ. ବି—କାନରେ ପୂଜ ହେବା—
Kāna pāchibā An ear-disease; pus in the ear; otorrohea.
কানপাকা
**कानबहना**

**କାନ ପାଡ଼ିବା**—ଦେ. କ୍ରି. ( ସଂ. କର୍ଣ୍ଣପାତ )—
Kāna pār̲d̲ibā ୧ । କାନ ଦେଇ ମନୋଯୋଗପୂର୍ବକ ଶୁଣିବା—
কানপাতা 1. To hear attentively.
**कानउठाना, आहटलेना** ୨ । ଅନ୍ୟ ଲୋକର କଥାବାର୍ତ୍ତାକୁ ଗୁପ୍ତ ଭାବରେ ଶୁଣିବା—
2. To eaves-drop.

**କାନପାତଳ**—ଦେ. ବିଣ—କାନପତଳା ( ଦେଖ )
Kānapāta̲l̲a Kānapata̲l̲ā ( See )

**କାନ ପାତିବା**— ଦେ. କ୍ରି—କାନ ପାଡ଼ିବା ( ଦେଖ )
Kāna pātibā Kānapār̲d̲ibā ( See )

**କାନପୁର**—ଦେ. ବି. (ନାମ) ( ସଂ. କନ୍ୟାପୁର )—
Kānapura ଯୁକ୍ତ ପ୍ରଦେଶର ଗୋଟିଏ ଜିଲ୍ଲା ଓ ପ୍ରସିଦ୍ଧ ନଗରର ନାମ—Name of a district and town in the United Province; Cawnpur.
[ ଦ୍ର—ଇଷ୍ଟ ଇଣ୍ଡିଆ ରେଲର ଏହା ଗୋଟିଏ ପ୍ରସିଦ୍ଧ ଜଙ୍କସନ୍ ଷ୍ଟେସନ୍; ଏଠାରେ ଚମଡ଼ାର ଅନେକ କାରଖାନା ଅଛି । ୧୮୫୭ ସାଲର ସିପାହିବିଦ୍ରୋହରେ ଏଠାରେ ବିଦ୍ରୋହୀ ସିପାହୀମାନେ ବିଶେଷ ଉପଦ୍ରବ ଘଟାଇ ଥିଲେ । ]

**କାନପୁରୁ**—ଦେ. ବିଣ—ଯେ ଚୁଗୁଲି ଶୁଣେ ନାହିଁ—
Kānapuru One who does not hear backbitings.
কানপুরু
**कानमोटा**

**କାନଫାସିଆ**—ଦେ. ବି —କାନର ଉପର ପାଖରେ ପିନ୍ଧାଯିବା ସାନ ମୁଦ୍ରିଆ—
Kānaphāsiā Small ring for the upper part of the ear.
উপর কানের মাকড়ি

**କାନ ଫୁଙ୍କିବା**—ଦେ. କ୍ରି—୧ । ବେହୋସ୍ ହେବା ଲୋକକୁ ସଚେତ କରିବା ପାଇଁ ତା କାନରେ ମୁହଁ ଦ୍ୱାରା ଫୁଙ୍କିବା—1. To blow into the ear of a person who has fainted, to restore him to his senses.
Kāna phuṅkibā
কানেফুঁ দেওয়া
**कानफुँकना**
୨ । (ଲକ୍ଷଣାର୍ଥ)—( ଗୁରୁ ) ଶିଷ୍ୟକୁ ମନ୍ତ୍ର ଦେବା—
2. ( figurative ) To initiate a disciple by whispering a mystic formula into his ear.

**କାନଫୁଲ**—ଦେ. ବି—ଫୁଲର ଆକୃତିବିଶିଷ୍ଟ କର୍ଣ୍ଣର ଅଳଙ୍କାରବିଶେଷ; ଫାପ—An ornament of the ear in the shape of a flower.
Kānaphula
কানফুল
**कनफूल**

ସାଧାରଣ ଜ୍ଞେବେ ଅପରର ପୃଷ୍ଠାରେ ସୂଚତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅଁ' ନ ମିଳିଲେ 'କଅଁ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାନଫୋଡ଼**—ଦେ. ବି.—ନୋଲ ଅଦ ପିନ୍ଧିବାପାଇଁ କର୍ଣ୍ଣରେ ଫୋଡ଼ା ହୋଇଥିବା ରନ୍ଧ୍ର—
Kānaphorḍa
কানের ছেঁদা The bore or hole made in the lobe of the ear.
कानकिछेद

**କାନଫୋଡ଼ ବୋର ହେବା**—ଦେ. ବି.—ବହୁଦିନ ଅଳଙ୍କାରପିନ୍ଧା ବନ୍ଦ ହେବା ଯୋଗୁଁ କାନଫୋଡ଼ ବୁଜି ହୋଇଯିବା—The closing of the bore in the lobe of the ear due to not wearing any ear-ring for a long time.
Kānaphorḍa bora hebā
কানের ছেদাবুজো যাওয়া

**କାନଫୋଡ଼ା**—ଦେ. ବି.—( ସଂ. କର୍ଣ୍ଣସ୍ଫୋଟନ)—୧ । କର୍ଣ୍ଣବେଧନ—
Kānaphorḍā 1. Boring of the ear.
কানবেঁধা ୨ । ହିନ୍ଦୁଶିଶୁର କର୍ଣ୍ଣବେଧ ନାମକ ସଂସ୍କାରବିଶେଷ—
करनबेध, कनछेदन Ear-boring ceremony of a boy or girl amongst the Hindus.

**କାନ ଫୋଡ଼ିବା**—ଦେ. କ୍ରି.—ଶିଶୁମାନଙ୍କ କାନରେ ନୋଳ ପିନ୍ଧାଇବା ପାଇଁ କାନର ତଳପାଖରେ ପତଳାଚମଡ଼ା ଅଂଶରେ ଛୁଞ୍ଚି ଦ୍ୱାରା ଛିଦ୍ର କରିବା—To bore the ear.
Kāna phorḍibā
কানবেঁধা
कानछेदना

**କାନବାଉଲି**—ଦେ. ବି—କର୍ଣ୍ଣରେ ପିନ୍ଧାଯିବା ସ୍ୱର୍ଣ୍ଣ ମୁଦ୍ରିକାବିଶେଷ—
Kānabāuli Gold ear-ring.

**କାନବାଳି**—ଦେ. ବି. (ବର୍ଣ୍ଣିଆ ଶବ୍ଦ)— ତଳକାନର ସୁନା ଅଳଙ୍କାରବିଶେଷ—Gold ear-ring for the lobe of the ear.
Kānabāḷā

**କାନବିଛା**—ଦେ. ବି—କାନକଟୁରି ୨ ( ଦେଖ )
Kānabichhā • Kānakaturi (2, (See)
কানবিছু
कनखजूरा

**କାନମଳା**—ଦେ. ବି—୧ । ଦଣ୍ଡ ବା କଷ୍ଟ ଦେବା ପାଇଁ ଅନ୍ୟର କାନକୁ ହାତଦ୍ୱାରା ଟାଣିବା—1. Ear-pulling; wringing of the ears.
Kānamaḷā
কানমলা; কানটি
कनेठि ୨ । ଦଣ୍ଡ ସ୍ୱରୂପ ନିଜର କାନକୁ ନିଜେ ମୋଡ଼ିବା—
2. Pulling of one's own ears as a penance.

**କାନମଳା ଖାଇବା**—ଦେ. କ୍ରି—୧ । ଅନ୍ୟଦ୍ୱାରା କର୍ଣ୍ଣମର୍ଦ୍ଦନ ଦଣ୍ଡଲାଭ କରିବା—1. To be pulled by the ear by another person.
Kānamaḷā khāibā
কানমলা খাওয়া
୨ । (ଲକ୍ଷଣାର୍ଥ) ଅନ୍ୟଦ୍ୱାରା ଅପମାନ ପାଇବା—1. (figurative) To be grossly insulted by another.

**କାନ ମଳିଦେବା**—ଦେ. କ୍ରି.—୧ । ଅନ୍ୟ ବ୍ୟକ୍ତିର କାନକୁ ମୋଡ଼ିବା—
Kāna maḷidebā 1. To pull another's ear.
কান মলে দেওয়া ୨ । (ଲକ୍ଷଣାର୍ଥ) ଅନ୍ୟ ଲୋକକୁ ଶିକ୍ଷା ଦେବା—
कान मरोड़ देना; कान उमेठना 2. (figurative) To teach another a lesson.
कान मलना

**କାନ ମଳିବା**—ଦେ. କ୍ରି.—(ଦଣ୍ଡାର୍ଥ) କାନକୁ ହାତଦ୍ୱାରା ଟାଣିବା—
Kāna maḷibā To pull the ear as a punishment.
কানমলা; কানমোড়া
कान उमेठना

**କାନ ମଳିହେବା**—ଦେ. କ୍ରି.—୧ । ନିଜର କାନ ନିଜେ ମୋଡ଼ି ହେବା—1. To pull one's own ear.
Kāna maḷihebā
কানমলা ୨ । (ଲକ୍ଷଣାର୍ଥ) ନିଜର ତ୍ରୁଟି ନିଜେ ସ୍ୱୀକାର କରିବା—
2. (figurative) To admit one's own fault.

**କାନମୁଣ୍ଡା**—ଦେ. ବି.—(ସଂ. କର୍ଣ୍ଣମୂଳ) - ଗଣ୍ଡ ନିକଟସ୍ଥ କର୍ଣ୍ଣମୂଳ—
Kānamuṇḍā The frontal root of the ear near the chee .
কানমুড়া
कानपटी

**କାନମୁଣ୍ଡା ଅଉଁସିବା**—ଦେ. କ୍ରି.-ପ୍ରହାର ବା ଅପମାନ ସହି ଭୂମିଶାୟୀ ହେବା—To take an insult or blow lying down.
Kānamuṇḍā auṅsibā
(ଯଥା—ଏତକ ଶୁଣି ସେ କାନମୁଣ୍ଡା ଅଉଁସି ଘରକୁ ଗଲେ ।)

**କାନମୋଡ଼ା**—ଦେ. ବି.—କାନମଳା ଇତ୍ୟାଦି (ଦେଖ)
Kānamorḍā (etc.) Kānamaḷā etc. (See)

**କାନ ମୋଡ଼ିବା**—ଦେ. କ୍ରି.—କାନ ମଳିବା (ଦେଖ)
Kāna morḍibā Kāna maḷibā (See)

**କାନ ମୋଡ଼ିହେବା**—ଦେ. କ୍ରି.—କାନ ମଳିହେବା (ଦେଖ)
Kāna morḍihebā Kāna maḷihebā (See)

**କାନରେ ଆଙ୍ଗୁଳି ଦେବା**—ଦେ. କ୍ରି.—ଅଶ୍ରାବ୍ୟ କଥା ନ ଶୁଣିବାକୁ କାନରେ ଆଙ୍ଗୁଠି ଦେଇ କାନର ଛିଦ୍ରକୁ ବୁଜି ଧରିବା—To stop one's ear-holes not to hear unpleasant talk.
Kānare āṅguḷi debā
কানে আঙ্গুল দেওয়া
कानमे अङ्गुठि देना

**କାନରେ କହିବା**—ଦେ. କ୍ରି.—୧ । ଗୁପ୍ତ ବିଷୟ ଚୁପ୍ କରି ଅନ୍ୟ ବ୍ୟକ୍ତିର କାନରେ କହିବା—
Kānare kahibā
1. To whisper secrets to another's ear.

ନୃପ କର୍ଣ୍ଣେକସ୍ମ କାନରେ ସେ କହିଲେ । କୃଷ୍ଣସିଂହ. ମହାଭାରତ. ଅଦ ।

୨ । ପର ନାମରେ ଚୁଗୁଲି କହିବା—
2. To backbite another.

ପାଶରେ ଶୁଏ, କାନରେ କହେ, ତା କଥା କି ଅନାସ୍ଥା ହୁଏ । ଭଗ ।

**କାନରେ ପଡ଼ିବା**—ଦେ. କ୍ରି.—ଶୁଣାଯିବା; ଶ୍ରୁତିଗୋଚର ହେବା—
Kānare parḍibā To be heard.
কানে পড়া ତା କାନରେ ଏ କଥା ପଡ଼ିଲେ—
कानमे पड़ना ବ୍ରଜନାଥ ବଡ଼ଜେନା. ଚଉତିଶା ।

ଅଇ ଥିବାର ତାହା ନ ପଡ଼େ କାନରେ । କୃଷ୍ଣସିଂହ. ମହାଭାରତ. ବନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ଦ |

**କାନରେ ପଶିବା**—ଦେ. କ୍ରି.—(କୌଣସି ବିଷୟ ପ୍ରଭୃ) ମନୋଯୋଗ
Kānare paśibā ଆକର୍ଷିତ ହେବା; ମନୋଯୋଗପୂର୍ବକ ଶୁଣା
କାନେ ঢুকা ଯିବା—To be heard with attention.
**कानमें घुसना**

(ଏ) କାନରେ ପଶି ସେ କାନରେ ବାହାରିଯିବା—ଦେ. କ୍ରି.—(କଥିତ
Kānare paśi se kānare bāharijibā ବିଷୟ) ଅଦୌ
একানে ঢুকে ওকানে বেরিয়ে যাওয়া ମନୋଯୋଗପୂର୍ବକ ଶୁଣା ନ
ଯିବା—(a spoken matter) Not to be heard with attention.

**କାନରେ ବଜାଇ ପାରିବା**—ଦେ. କ୍ରି.—(କୌଣସି ବିଷୟ କୌଣସି
Kānare bajāi pāribā ବ୍ୟକ୍ତିଙ୍କୁ) ଜଣାଇବା; କର୍ଣ୍ଣଗୋଚର
କରିବା—To bring (a matter) to the ears (of a person).

ସାଅନ୍ତାଣୀଙ୍କ କାନରେ ଦୁଃଖ କଥା ବଜାଇ ପାରସ ସେତେ ତ କହ୍ ।
ଫକୀରମୋହନ ଗ୍ରନ୍ଥାବଳୀ ।

**କାନରେ ବାଜିବା**—ଦେ. କ୍ରି.—କାନରେ ପଡ଼ିବା (ଦେଖ)
Kānare bājibā Kānare paṛibā (See)

**କାନରେ ସୀସା ଢାଳିବା**—ଦେ. ବି.—ପ୍ରାଚୀନ କାଳରେ ଅପରାଧୀକୁ
Kānare sisā ḍhālibā ଦିଆଯିବା ଦଣ୍ଡବିଶେଷ—A kind of
କାନে সীসা ঢালা cruel punishment given to offenders
**कान पारा भरना** in ancient days consisting of pouring molten lead into the ear.

[ ଦ୍ର—ସୀସା ତରଳା ଯାଇ କାନରେ ଢଳା ହେବାଦ୍ୱାରା ଅପରାଧୀ ମରି ଯାଉ ଥିଲା । ]

**କାନସ୍ତର**—ବୈଦେ. ବି. (ଇଂ. କାନିଷ୍ଟର)—କାନିସ୍ତର (ଦେଖ)
Kānastar Kānistar (See)

**କାନାକାନି କରିବା**—ଦେ. କ୍ରି. ( ସଂ. କର୍ଣ୍ଣାକର୍ଣ୍ଣି )—
Kānākāni karibā ଫୁସୁଫୁସୁ କଥାଭାଷା କରିବା—
কানাকানি করা To whisper; to talk in whispers.
**कानाकानि**

**କାନାକାନି ହେବା**—ଦେ. କ୍ରି—କାନାକାନି କରିବା ( ଦେଖ )
Kānākāni hebā Kānākāni karibā ( See )

**କାନାଡ଼ି**—ଦେ. ବି. ( ସଂ. କର୍ଣ୍ଣାଟୀ )—ମାନ୍ଦ୍ରାଜ ପ୍ରଦେଶର ମାଳବ
Kānārḍi ଅଞ୍ଚଳର କଥିତ ଦ୍ରାବିଡ଼ ଭାଷା—
কানাড়ী The Kanarese language.
**कान्हड़ी**

**କାନାସ୍ତର**—ଦେ. ବି. (ଇଂ.) କାନିଷ୍ଟର—କାନିସ୍ତର (ଦେଖ)
Kānāstar Kānistar (See)

**କାନି**—ଦେ. ବି. ( ସଂ. କୋଣ; ବା ସଂ. କର୍ଣ୍ଣ )—
Kāni ୧ । ପିନ୍ଧାଲୁଗାର ପ୍ରାନ୍ତଭାଗ—
কানি; খুঁট; আঁচল 1. The end of a loin-cloth.
**आँचर; आँचल; पल्ला** ୨ । ପଣନ୍ତ; ବସ୍ତ୍ରର କୋଣ—
2. Corner of a cloth.

ପୋଛଇ ବଦନ ବେନାଲ କାନରେ—ଭଗବାନ. ଦରବାର ।

୩ । ଛିଣ୍ଡା କନା, କନ୍ଥା—3. Rags.
୪ । କୋଣ—4. Corner.

ଅନେକ ବସ୍ତ୍ର ମଣ୍ଡିତ ତଣ ଗୃହକାନ—ସାରଳା. ମହାଭାରତ. ବଣ ।

୫ । ପାଖ—5. Side.

**କାନିଆଁ**—ଦେ. ବିଣ. ପୁଂ. ( ସଂ. କର୍ଣ୍ଣ ) (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ )—
Kāniāṅ ୧ । କର୍ଣ୍ଣବିଶିଷ୍ଟ—
( କାନି—ସ୍ତ୍ରୀ ) 1. Having ears; eared.
( ଯଥା—ଲମ୍ବକାନିଆଁ; ମୁଷାକାନିଆଁ; ଏକକାନିଆ । )
୨ । କାନିକଥା; କାନିବିଶିଷ୍ଟ—
2. Having a 'kāni'.
( ଯଥା—ଏକକାନିଆଁ । )
ପ୍ରାଦେ. ( ଗଡ଼ଜାତ ) ବି—ଯେଉଁ ଲୋକମାନେ ଶିକାରର ଭିତର ଦୁଇ କାନି ବା ପାଖରେ ଧାଡ଼ି ବାନ୍ଧି ଠିଆ ହୋଇଥାଆନ୍ତି ଓ ଶିକାର ପାଖକୁ କାଲୁଣିଆମାନେ (beaters) ତଡ଼ିଆଣିବା ଜନ୍ତୁକୁ ବାଟ ଛାଡ଼ି ଦିଅନ୍ତି ନାହିଁ—
Stoppers in a shooting party.

**କାନିଆଁ ହବା**—ଦେ. କ୍ରି—କାନେଇବା ( ଦେଖ )
Kāniāṅibā Kāneibā ( See )

**କାନିକା**—ଦେ. ବି—୧ । ଘିଅପକ୍ୱ ଖେଚୁଡ଼ି—
Kānikā 1. Spiced boiled rice and pulse.
୨ । ମିଶ୍ରି ବା କନ୍ଦ ରଖିବା ପାଇଁ ଛୋଟ ମାଟିହାଣ୍ଡି—
2. A small earthen vessel for keeping sugarcandy ( Wilkins).
୩ । ଘିଅପକ୍ୱ ମହାପ୍ରସାଦ ଖେଚୁଡ଼ି—
3. Spiced boiled rice and pulse offered to a Deity.
୪ । ମାଟି କାନ୍ଥରେ ଗୁଡ଼ବଣା ବା ମାଠିଆ ପୋତା ଯାଇଥିବା ଠଣା—4. A niche or recess made in a wall by thrusting an earthen pitcher into it.

**କାନିକିଆ**—ଦେ. ବି—ଗୋଟିଏ ମାତ୍ର କାନି ବା ଲୁଗା ପିନ୍ଧିଥିବା; ଏକକାନିଆଁ; ଏକକାନିଆ; ଏକବସ୍ତ୍ର—
Kānikiā Wearing one loin-cloth only.

**କାନିକିଲା**—ଦେ. ବି—ଅଣକିଳି ( ଦେଖ )
Kānikilā Aṇakili ( See )

**କାନିକିଲି**—ଦେ. ବି—ଅଣକିଳି ( ଦେଖ )
Kānikili Aṇakili ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

**କାନି ଘୋଡ଼ାଇବା**—ଦେ. କ୍ରି—୧ । ଆପଣା ପିନ୍ଧିଥିବା ଲୁଗାର
Kāni ghordaiba — ଏକପ୍ରାନ୍ତଦ୍ୱାରା ଅନ୍ୟକୁ ଆବୃତ କରିବା—
1. To cover another with one end of one's loin-cloth.
୨ । (ଲକ୍ଷଣାର୍ଥ) ଅନ୍ୟକୁ ବିପଦରୁ ନିରାପଦ କରି ରଖିବା— 2. (figurative) To screen a person from danger.

**କାନି ଘୋଡ଼ିହେବା**—ଦେ. କ୍ରି—ଆପଣାର ପିନ୍ଧିଥିବା ଲୁଗାର ଏକ-
Kāni ghordiheba — ପ୍ରାନ୍ତଦ୍ୱାରା ନିଜ ଶରୀରକୁ ଆବୃତ କରିବା—
To cover one's own body with one end of one's loin-cloth.

**କାନି ଟାଣିବା**—ଦେ. କ୍ରି—କୌଣସି ଲୋକର ପିନ୍ଧିଥିବା ଲୁଗାର
Kāni ṭāṇibā — ଏକପ୍ରାନ୍ତକୁ ଧରି ତାକୁ ଟାଣିବା—To pull one by holding one end of the cloth one is wearing.

**କାନି ଧରିବା**—ଦେ. କ୍ରି—କାନି ଟାଣିବା (ଦେଖ)
Kāni dharibā — Kāni ṭāṇibā (See)

**କାନି ପକାଇବା**—ଦେ. କ୍ରି—ପିନ୍ଧିବା ବସ୍ତ୍ରର ଏକପ୍ରାନ୍ତକୁ ଭୂମିରେ ବିସ୍ତୃତ
Kāni pakāibā — କରିବା—
অাঁচলবিছান
**आँचलबिछवाना** — To spread one end of one's loin-cloth on the ground.

**କାନିପଣନ୍ତ**—ଦେ. ବି—ପିନ୍ଧିବା ବସ୍ତ୍ରର ଆଗରେ ଥିବା କାନି—
Kānipananta — The front end of the loin-cloth.
কাপড়ের খুঁট্ বা আঁচল
**आँचल**

ଦାନ୍ତ ହୋଇ ଅଳ୍ପ ମାଗି ହେଲୁ କାନିପଣନ୍ତ ପତନ
ଯେତେବେଳେ — କବିସୂର୍ଯ୍ୟ. ସଙ୍ଗୀତ ।

**କାନି ପତେଇବା**—ଦେ. କ୍ରି—କୌଣସି ପଦାର୍ଥ ନେବା ସକାଶେ ପିନ୍ଧା-
Kāni pateibā — ଲୁଗାର ଏକପ୍ରାନ୍ତକୁ ବିସ୍ତୃତ କରି ଦେଖାଇବା—
অাঁচলপাতান
**आँचल दिखाना** — To extend one end of one's loin-cloth to receive a thing.

**କାନିବନ୍ଧା**—ଦେ. ବି—ଋତୁମତୀ ସ୍ତ୍ରୀର ଶୁଦ୍ଧ ସ୍ନାନ ପରେ ସେ ଋତୁ
Kānibandhā — କାଳରେ ପିନ୍ଧିଥିବା ଲୁଗାକୁ କାଚିବା ପାଇଁ ଧୋବଣୀ ନେଲା ବେଳେ ତାକୁ ଦିଆଯିବା ଚାଉଳ ଆଦି — Rice given to the washer—woman to wash the cloth of a woman in her menses.

**କାନିରେ ଗଣ୍ଠି ପକାଇବା**—ଦେ. କ୍ରି—୧ । ବାଜିମାରିବା; ଜିଦ୍‌ମାରିବା—
Kānire ganṭhi pakāibā — 1. To lay a wager; to bet.
অাঁচলে গাঁইঠদেওয়া
**आँचलमे बाँधना**

ଦେଖ, ମୁଁ ସେଗକୁ କାନିରେ ବାନ୍ଧିନେବି, କବିରାଜେ
ଏହା କହି କାନିରେ ଗଣ୍ଠି ପକାଇଲେ—
ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । ଭବିଷ୍ୟତରେ କୌଣସି କଥାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ସେ କଥାକୁ ଭାବିଲାବେଳେ କାନିରେ ଗୋଟିଏ ଗଣ୍ଠି ପକାଇବା—2. To tie a knot in a corner of the loin-cloth to be reminded afterwards of a matter on seeing the knot.

**କାନିରେ ବାନ୍ଧିବା**—ଦେ. କ୍ରି—୧ । ଆତ୍ମସାତ୍ କରିବା—
Kānire bāndhibā — 1. To appropriate.
আচলে বাঁধা
**आँचलमे बाँधना** — ୨ । କୌଣସି ବ୍ୟକ୍ତିକୁ ଅତି ସ୍ନେହଯୋଗୁଁ ସବୁବେଳେ ପାଖେ ପାଖେ ରଖିବା—2. To keep a person tied to one's apron-strings.
୩ । କୌଣସି କଥିତ ବିଷୟକୁ ସ୍ମରଣ ରଖିବା— 3. To remember a matter.

**କାନିଶିରି**—ଦେ. ବି—କନିଶିରି (ଦେଖ)
Kāniśiri — Kaniśiri (See)

**କାନିଶ୍ରୀ**—ଦେ. (ପଦ୍ୟ) ବି—କନିଶିରି (ଦେଖ)
Kāniśri — Kaniśiri (See)

କାନିଶ୍ରୀ ପୁଷ୍ପର ପ୍ରାୟେ ଦିଶଇ ଯେ ବର୍ଣ୍ଣ ।
ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

**କାନିସ୍**—ବୈଦେ. ବି. (ଇଂ. କର୍ନିସ୍)—କାନୁସ୍ (ଦେଖ)
Kānis — Kānus (See.)

**କାନିସ୍ତର୍**—ବୈଦେ. ବି (ଇଂ. କାନିଷ୍ଟର୍)—
Kānistar — (ଘି,ଆଦି ରଖିବା ପାଇଁ) ଟିଣର ବାକସ ବା ଡିବା—
কানেস্তর — A canister.
**कनस्तर**

**କାନିସ୍ତରା**—ବୈଦେ. ବି. (ଇଂ)—କାନିସ୍ତର୍ (ଦେଖ)
Kānistarā — Kānistar (See)

**କାନିସ୍ତାର୍**—ବୈଦେ. ବି. (ଇଂ)—କାନିସ୍ତର୍ (ଦେଖ)
Kānistār — Kānistar (See)

**କାନିହସ୍**—ପ୍ରାଦେ. (ସିଂହଭୂମ) ବି—କାଞ୍ଜିହାଉସ୍—
Kānihas — Pound.

**କାନୀନ**—ସଂ. ବି. ପୁଂ (କନ୍ୟା + ଅପତ୍ୟାର୍ଥେ. ଈନ; ନିପାତନସିଦ୍ଧ)—
Kānīna — ୧ । ଅବିବାହିତା କନ୍ୟାର ଗର୍ଭଜାତ ସନ୍ତାନ—
(କାନୀନା—ସ୍ତ୍ରୀ — 1. A son born of a maiden or unmarried girl; son of a virgin.
[ ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ କାନୀନ ସନ୍ତାନ ମଧ୍ୟ ଏକ ଶ୍ରେଣୀର ପୁତ୍ର । ]
୨ । ମୁନି ବ୍ୟାସ—2. Sage Byāsa.
[ ଦ୍ର—ଏ ପରାଶରଙ୍କ ଔରସରେ ଅବିବାହିତା ସତ୍ୟବତୀଙ୍କ ଗର୍ଭରୁ ଜାତ ହୋଇଥିଲେ । ]
୩ । ରାଜା କର୍ଣ୍ଣ—3. King Karnna.
[ ଦ୍ର—ଏ ସୂର୍ଯ୍ୟଙ୍କ ଔରସରେ କୁମାରୀ କୁନ୍ତୀଙ୍କ ଗର୍ଭରୁ ଜାତ ହୋଇଥିଲେ । ]

**କାନୁ**—ଗ୍ରା. ବି. ପୁଂ. (ସଂ. କୃଷ୍ଣ; ପ୍ରା. କଣ୍ହ)—
Kānu — ୧ । କାହ୍ନୁ; ଶ୍ରୀକୃଷ୍ଣ—
কানু
**कान्ह, कान्हर** — 1. One of the pet household names of Śrikrushna.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଷ | ଙ୍କ | ଇଯ୍ୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଊ | ନ୍ତ |

୨ । କଉଡ଼ିଖେଳରେ ଗୋଟିଏ କଉଡ଼ି ଚିତ ହୋଇ ପଡ଼ିବା ଦାନ—
2. The number counted in cowrie play when one of the cowries turns breast upwards.

**କାନୁନ୍**—ବୈଦେ, ବି. ( ଫା. କାନୁନ୍; ଗ୍ରୀକ୍—କାନୁନ୍; ମୂଳ. ଇ. କାନୁନ୍=ବିଶିଷ୍ଟ ବିଧି )—
Kānun
कानून ବିଶେଷ ବିଧି ବା ବ୍ୟବସ୍ଥା—
কানুন A canon; a regulation; ordinance.

[ ଦ୍ର—ଏ ଶବ୍ଦ ପ୍ରାୟ ଆଇନ୍ ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ ହୁଏ; ବ୍ୟବସ୍ଥାପକ ସଭା ଦ୍ୱାରା ଆଇନ ପାଶ ହୁଏ ଏବଂ ଲାଟ ସାହେବଙ୍କ ଦ୍ୱାରା କାନୁନ୍ ପାଶ ହୁଏ । ]

**କାନୁନ୍‌ଗୋ**—ବୈଦେ. ବି. (ଫା)—କଲେକ୍ଟରଙ୍କ ଅଧସ୍ତନ ରାଜସ୍ୱ-
Kānungo ବିଭାଗର କର୍ମଚାରୀବିଶେଷ; ଜମି ଆଦି ମାପ
कानूनगो,काननगो କରିବା ନିମନ୍ତେ ନିଯୁକ୍ତ ସରକାରୀ କର୍ମଚାରୀ—
কানুনগো A Kanungo; a subordinate revenue officer; a public officer engaged to measure land.

[ ଦ୍ର—ମୋଗଲମାନଙ୍କ ଅମଳରେ କାନୁନ୍‌ଗୋମାନେ ରାଜସ୍ୱ ସଂକ୍ରାନ୍ତ ଉଚ୍ଚତମ କର୍ମଚାରୀ ଥିଲେ । ମୁସଲମାନମାନଙ୍କ ଅମଳରେ ଏମାନଙ୍କ ନାମ ଥିଲା ଭୂଇଁମୂଳ । ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ 'କାନୁନ୍‌ଗୋ'ମାନେ ମଫସଲରେ ଅନେକ ରାଜସ୍ୱ ସମ୍ପର୍କୀୟ ସମ୍ବାଦ କଲେକ୍ଟରଙ୍କୁ ଯୋଗାନ୍ତି; ଗୋଚର ଓ ସର୍ବସାଧାରଣ ଜମିକୁ କେହି ଅଯଥା ଅଧିକାର କଲେ ତାହା କଲେକ୍ଟରଙ୍କୁ ରିପୋର୍ଟ କରନ୍ତି; ଜମିଦାରଙ୍କ ବାକି ଖଜଣା ପାଇଁ ପ୍ରଜାର ଫସଲ କୋରଖ କରନ୍ତି, ଜମିଦାରମାନଙ୍କ ମୃତ୍ୟୁସମ୍ବାଦ, ଫସଲର ଅବସ୍ଥା, ଦୁର୍ଭିକ୍ଷସମ୍ବାଦ, ବଜାର ଦର, ଦୁର୍ଘଟଣା ସମ୍ବାଦ ଗଭର୍ଣ୍ଣମେଣ୍ଟଙ୍କୁ ଯୋଗାନ୍ତି; ରାଜସ୍ୱ ସଂକ୍ରାନ୍ତ ତକିଯାର ସମ୍ପର୍କରେ ଦେଣଦାରମାନଙ୍କର ଚଳନ୍ତି ସମ୍ପତ୍ତି କୋରଖ କରନ୍ତି ଓ ଦୁର୍ଭିକ୍ଷ ସମୟରେ ପ୍ରଜାମାନଙ୍କୁ ତଗାବି ଋଣ ଦାଦନ କରନ୍ତି; କଲେକ୍ଟରଙ୍କ ଆଦେଶ ଅନୁସାରେ ବିବାଦୀୟ ଜମି ମାପନ୍ତି । ଏମାନଙ୍କୁ ମାପକାର୍ଯ୍ୟରେ ସାହାଯ୍ୟ କରିବାକୁ ଏହାଙ୍କ ଅଧୀନରେ ଜଣେ ଜଣେ 'ଚେନ୍‌ମେନ୍' ଥାଆନ୍ତି । ଏମାନେ ରାଜସ୍ୱ ସଂକ୍ରାନ୍ତ ସମ୍ବାଦ ସମ୍ବଳିତ କେତେଗୁଡ଼ିଏ ରେଜେଷ୍ଟର ପୂରଣ କରି ରଖନ୍ତି ଓ କଲେକ୍ଟର ସମୟସମୟରେ ଏହାଙ୍କ ଅଫିସ୍ ପରିଦର୍ଶନ କରନ୍ତି । କାନୁନ୍‌ଗୋମାନଙ୍କ ଇଲାକାକୁ ଚକଲା ବୋଲା ଯାଏ । ମଫସଲର କାନୁନ୍‌ଗୋମାନଙ୍କ ଉପରେ ଜିଲ୍ଲାର ସଦର ମହକୁମାରେ ସଦର କାନୁନ୍‌ଗୋ ଥାଆନ୍ତି । କାଳକ୍ରମେ କରଣମାନଙ୍କ ମଧ୍ୟରେ କେତେକ ସ୍ଥାନରେ କାନୁନ୍‌ଗୋ ବଂଶୋପାଧିରେ ପରିଣତ ହୋଇଅଛି । ]

**କାନୁନଗୋଇ**—ବୈଦେ. ବି. (ଫା)—କାନୁନ୍‌ଗୋ ( ଦେଖ )
Kānungoi Kānungo ( See )

**କାନୁନ୍ଦା**—ବୈଦେ. ବିଣ. ( ଫା. କାନୁନ୍‌ଦାଁ )—
Kānundā ଆଇନ୍ କାନୁନ୍ ଜାଣିବା (ବ୍ୟକ୍ତି); ବିଧିଜ୍ଞ—
कानून्दा Versed or learned in Law.
কানুনদাঁ

**କାନେଇବା**—ଦେ. କ୍ରି. ( ସଂ. କର୍ଣ୍ଣ )—
Kāneibā ୧ । ଗୁପ୍ତ ଭାବରେ ଶୁଣିବା—
कानान, आड़िपाता 1. To eavesdrop.
आड़िपेतेशुना ୨ । କୌଣସି ବିଷୟ ଶୁଣିବାକୁ କାନ ଦେବା;—
কানতোলা 2. To direct one's ear to hear
আড়িপাতা something; to give an ear to hear something.

**କାନେ କାନେ କହିବା**—ଦେ. କ୍ରି—୧ । କୌଣସି ଲୋକକୁ କୌଣସି
Kāne kāne kahibā ବିଷୟରେ ଉପର୍ଯ୍ୟୁପରି ଶିକ୍ଷା ଦେବା ବା
कानेकाने कहा ପରାମର୍ଶ ଦେବା—1. To advise or
কানাকানি করা prompt a person repeatedly.
୨ । ଚୁପ୍ କରି କହିବା—2. To whisper.

**କାନେ କାନେ ଶିଖାଇବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ବାରମ୍ବାର
Kāne kāne sikhhāibā କୌଣସି ବିଷୟ ଉପଦେଶ ଦେବା—
काने काने शेखान To repeatedly instruct a person on some matter.
কানেকানে শিখানো

**କାନେଡ଼ା**—ଦେ. ବି. ( ସଂ. କର୍ଣ୍ଣାଟ )—୧ । ସଙ୍ଗୀତର ରାଗବିଶେଷ—
Kānerdā 1. Name of a musical air.
कानाड़ा; कानड़ ୨ । ସ୍ତ୍ରୀ ଲୋକମାନଙ୍କ କେଶବିନ୍ୟାସବିଶେଷ—
কানড়া; কানড় 2. A kind of chignon or knot of the hair of the head.

[ ଦ୍ର—ଏହା କର୍ଣ୍ଣାଟଦେଶୀୟ ସ୍ତ୍ରୀମାନଙ୍କର କେଶ ବାନ୍ଧିବା ରୀତି । ଏଥିରେ ପ୍ରଥମେ ମୁଣ୍ଡର ବାଳକୁ ୧୬ କେରା କରି ୪ କେରାଦ୍ୱାରା ଗୋଟିଏ ଲେଖାଏଁ ବେଣୀ କରି ୪ଟି ବେଣୀଦ୍ୱାରା ଗୋଟିଏ କୁଣ୍ଡଳାକାର ଖୋପା ବନ୍ଧାଯାଏ—ଶବ୍ଦକଳ୍ପଦ୍ରୁମ । ]

**କାନୋଡ଼ା**—ଦେ. ବି—କାନେଡ଼ା ( ଦେଖ )
Kānordā Kānerdā ( See )

**କାନ୍ତ**—ସଂ. ବିଣ. (କମ ଧାତୁ=ବାଞ୍ଛା କରିବା+କର୍ମ. କ୍ତ )—
Kānta ୧ । କମନୀୟ; ମନୋହର—
(କାନ୍ତା—ସ୍ତ୍ରୀ) 1. Pleasing; lovely; charming.
୨ । ଶୋଭନ—2 Amiable; beautiful.
୩ । ପ୍ରିୟ—3. Dear; beloved.
୪ । କୋମଳ—4. Soft.
୫ । ଯେଉଁ ଶବ୍ଦ ଶେଷରେ କ ଅକ୍ଷର ଥାଏ—
5. ( a word ) Having the letter 'Ka' at the end.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

ସଂ. ବି. ପୁଂ—୧ । ସ୍ୱାମୀ—1. Husband.
୨ । ପ୍ରଣୟୀ —2. Lover; sweet-heart.
୩ । ଚନ୍ଦ୍ର—3. Moon.
୪ । କାନ୍ତି—4. Beauty of formation.
୫ । ବସନ୍ତ ଋତୁ—5. Spring season.
୬ । କୁଙ୍କୁମ; ଜାଫ୍ରାନ—6. Saffron.
୭ । ଢଳାଲୁହା—7. Cast iron.
୮ । ଶୋଧିତ ଲୌହ—8. Refined ir o
୯ । ପ୍ରସ୍ତର ( ପ୍ରକୃତିବାଦ ) [ ଦ୍ର—ଏହି ଅର୍ଥରେ ଏହି ଶବ୍ଦ ପୂର୍ବରେ ଚନ୍ଦ୍ର, ସୂର୍ଯ୍ୟ, ଅୟଃ ଶବ୍ଦ ବ୍ୟବହୃତ ହୁଏ, ଯଥା— ଚନ୍ଦ୍ରକାନ୍ତ, ସୂର୍ଯ୍ୟକାନ୍ତ, ଅୟସ୍କାନ୍ତ]— 9. Stone ( when joined to the words chandra, sūrjya and ayas.
୧୦ । ଲୌହ; ଲୁହା ( ପ୍ରକୃତିବାଦ )—1. Iron.

[ ଦ୍ର— କାନ୍ତଲୌହର ଭସ୍ମ ଆୟୁର୍ବେଦୋକ୍ତ ଔଷଧ ପ୍ରସ୍ତୁତ କରିବା ପାଇଁ ଦରକାର ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ କାନ୍ତ-ଲୌହକୁ ଚିହ୍ନିବାର ଲକ୍ଷଣ ଏହି କି, ଏ ପାତ୍ରରେ ଗରମପାଣି ରଖି ତହିଁରେ ତୈଳବିନ୍ଦୁ ପକାଇଲେ ସେ ବିନ୍ଦୁ ମେଲିଯାଏ ନାହିଁ, ଏଥିରେ ଦୁଧ ଅଉଟିଲେ ସର ପାତ୍ରଦେହରେ ନ ଲାଗି ମଝିରେ ଜମା ହୁଏ ଓ ଏଥିରେ ଖଟା ଜିନିଷ ଉକେଇ ଯାଏ ନାହିଁ ।
ହି. ଶବ୍ଦସାଗର । ]

ଦେ. ବି—ରାଧାକାନ୍ତ, ଶ୍ୟାମାକାନ୍ତ, ଲକ୍ଷ୍ମୀକାନ୍ତ ଆଦିଙ୍କ ଡାକନାମ— Names for calling Rādhākānta etc.

[ ଦ୍ର—ସ୍ୱାମୀ ଅର୍ଥରେ ଏହି ଶବ୍ଦ ପୂର୍ବେ ରାଧା, ଶ୍ୟାମା, ଲକ୍ଷ୍ମୀ, ରମା, ଶ୍ରିୟା, କମା, କମଳା, ଆଦି ଶବ୍ଦ ଯୋଗ ହୁଏ ଓ ତଦ୍ଭିନ୍ନ ନାମରେ ଲୋକଙ୍କ ନାମକରଣ ମଧ୍ୟ କରାଯାଏ । ]

**କାନ୍ତକରେଇ**—ଦେ. ବି. ( ସଂ. କାନ୍ତ ଓ କଟାହ )—
Kāntakarei ଏକପ୍ରକାର ଢଳା ଲୁହା କରେଇ—
कान्तकड़ा Cast iron frying pan.
**कान्तकड़ाह**

**କାନ୍ତପାଷାଣ**—ସଂ. ବି—ଅୟସ୍କାନ୍ତମଣି; ଚୁମ୍ବକ ପଥର—
Kāntapāshāna Loadstone.

**କାନ୍ତର**—ଗ୍ରା. ଅ. ( ସଂଖ୍ୟା ଓ ସମୟବାଚକ ବିଶେଷ୍ୟ ଶବ୍ଦ ପରେ
Kāntara ଲାଗେ; ସଂ. କମ୍ + ତର୍ )—ପ୍ରାୟ—
Nearly; about.
( ଯଥା— ମତେ ଟଙ୍କାଏ କାନ୍ତର ଉଧାର ଦିଅ । )
ଗ୍ରା. ବିଣ—କମ୍ମା ତତ୍ପରିମିତ—Or thereabouts.
( ଯଥା— ବର୍ତ୍ତମାନ ଅଧସେରେ କାନ୍ତର ଦୁଧ ଦେଲେ ମୋ କାମ ଚଳି ଯାଆନ୍ତା । )

**କାନ୍ତରାଟ୍**—ବିଦେ. ବି—୧ । ( ଇଂ. କଣ୍ଟ୍ରାକ୍ଟର )—ଯେ ଚୁକ୍ତି ମୁତାବକ
Kāntarāt କୌଣସି କାର୍ଯ୍ୟ ସମ୍ପାଦନ କରେ—
**कान्तराट** 1. Contractor.
**कन्तराट** ୨ । ( ଇଂ. କଣ୍ଟ୍ରାକ୍ଟ )—କୌଣସି କର୍ମ ନିର୍ଦ୍ଦିଷ୍ଟ ମୂଲ୍ୟରେ ସମ୍ପନ୍ନ କରିବା ନିମନ୍ତେ ଚୁକ୍ତି— . Contract.
୩ । କାନ୍ତରାଟ୍ ବ୍ୟବସାୟ—3. Contractorship.

**କାନ୍ତରାଟ୍‌କାର୍**—ବିଦେ. ବି. ( ଇଂ. କଣ୍ଟ୍ରାକ୍ଟର )—
Kāntarātkār କାନ୍ତରାଟ ୧ ( ଦେଖ )
Kāntarāt 1 ( See )

**କାନ୍ତରାଟି**—ବିଦେ. ବି. ( ଇଂ )—କାନ୍ତରାଟ୍ ( ଦେଖ )
Kāntarāti Kāntarāt ( See )

**କାନ୍ତଭସ୍ମ**—ସଂ. ବି. ( ୬ଷ୍ଠୀ ତତ୍; କାନ୍ତ + ଭସ୍ମ )—
Kāntabhasma ଶୋଧିତ ଲୌହର ଭସ୍ମ—
Oxide of refined iron.

**କାନ୍ତଲୋହ**—ସଂ. ବି. ( କାନ୍ତ + ଲୋହ )—
Kāntaloha ଅୟସ୍କାନ୍ତମଣି; ସ୍ପର୍ଶମଣି—
Loadstone ( M. W. ).

**କାନ୍ତଲୌହ**—ସଂ. ବି. ( କାନ୍ତ + ଲୌହ )—
Kāntalauha ୧ । ଢଳା ହୋଇଥିବା ଲୁହା—
1. Cast iron ( M. W. )
୨ । ଇସ୍ପାତ—2. Steel (Apte).
୩ । ଅୟସ୍କାନ୍ତମଣି (ପ୍ରକୃତିବାଦ)—3. Loadstone.

**କାନ୍ତା**—ସଂ. ବି. ସ୍ତ୍ରୀ. ( କାନ୍ତ + ସ୍ତ୍ରୀ. ଆ )—
Kāntā ୧ । ପ୍ରିୟା ସ୍ତ୍ରୀ; ପ୍ରଣୟିନୀ—1. Sweet-heart.
୨ । ଭାର୍ଯ୍ୟା—2. Wife.
୩ । ସୁନ୍ଦରୀ ସ୍ତ୍ରୀ—3. Beautiful lady.
୪ । ପ୍ରିୟଙ୍ଗୁ ଲତା—
4. The Priyangu creeper.
୫ । ନାଗର ମୁଥା—5. A fragrant grass and its roots; Cyperus Scariobus.

**କାନ୍ତାଣୀ**—ଦେ. ବି. ସ୍ତ୍ରୀ. ( ସଂ. କାତ୍ୟାୟନୀ )—
Kāntāni ୧ । ଦୁର୍ଗା; କାତ୍ୟାୟନୀ—1. Goddess Durga.
ବିକଟେ କାନ୍ତାଣୀ ଏଥେ ପ୍ରସନ୍ନ ହୁଅନ୍ତା । ସାରଳା. ମହାଭାରତ ।
୨ । ଯୋଗିନୀ; ଡାକିନୀ—
2. Demoness; an attendant of Goddess Durga.
୩ । ଡାହାଣୀ—3. A witch.
୪ । ଅଲକ୍ଷଣା ସ୍ତ୍ରୀ—4. An inauspicious female.
୫ । କଙ୍କାଳମାତ୍ରାବଶିଷ୍ଟ ସ୍ତ୍ରୀ—
5. A woman reduced to skeleton; a haggard woman.
୬ । କୁରୂପା ସ୍ତ୍ରୀ—
6. Ugly looking woman; hag.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ପ | ଡ଼ଅ | ୱ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ବ |

୭ । କୃପଣା ନାରୀ—7. A miserly woman.
୮ । ( ଗାଳରେ ବ୍ୟବହୃତ ) ଦୁଷ୍ଟା ସ୍ତ୍ରୀ—
8. (abuse) Wicked woman.

**କାନ୍ତାୟସ**—ସଂ. ବି. ( କାନ୍ତ+ଅୟସ୍+ସ୍ୱାର୍ଥେ. ଅ )—
Kāntāyasa ଅୟସ୍କାନ୍ତ ମଣି—Loadstone.

**କାନ୍ତାର**—ସଂ. ବି. ( କାନ୍=କେଉଁମାନଙ୍କୁ+ତୃ ଧାତୁ ଣିଚ=ତାର
Kāntāra ଧାତୁ=ଗମନ କରାଇବା+କର୍ତ୍ତୃ. ଅ; ଯେ କାହାକୁହିଁ ଯିବାକୁ ଛାଡ଼ଦିଏ ନାହିଁ; ଅମରକୋଷ ଟୀକାରେ ଲେଖା ଅଛି ବ୍ୟାଘ୍ରାଦିଙ୍କ ଉପଦ୍ରବ ଯୋଗୁଁ ଯେଉଁ ପଥ ଦୁର୍ଗମ ତାହାକୁ କାନ୍ତାର ବୋଲଯାଏ )—
୧ । ଦୁର୍ଗମ ପଥ
1. Impassable road; dangerous road.
[ ଦ୍ର—ବୌଦ୍ଧ ଗ୍ରନ୍ଥମାନଙ୍କରେ କାନ୍ତାର ୫ ପ୍ରକାର । ଯଥା—ଚୌର କାନ୍ତାର, ବ୍ୟାଳ କାନ୍ତାର, ଅମାନୁଷ କାନ୍ତାର, ନିରୁଦକ କାନ୍ତାର ଓ ଅଳ୍ପଭକ୍ଷ କାନ୍ତାର—ହି. ଶବ୍ଦସାଗର । ]
୨ । ଗହନ; ବନ; ଜଙ୍ଗଲ—2. Jungle; forest.
୩ । ମରୁଭୂମି—3. Desert.
୪ । ନିର୍ଜନ ପ୍ରଦେଶ; ଲୋକାଳୟଶୂନ୍ୟ ସ୍ଥାନ—
4. Wilderness.
୫ । ବିଲ; ଗହ୍ୱର; ଗାତ; ଛିଦ୍ର—
5. Den; hole; cavity.
୬ । (କାନ୍ତ=କମନୀୟ ରସ+ର=ପ୍ରଦାନ କରିବା+କର୍ତ୍ତୃ. ଅ)—କାନ୍ତାର ଆଖୁ; ଏକ ପ୍ରକାର ଆଖୁ—
6. A sweet variety of sugar-cane.
୭ । ( ଯାହା ମଝି ଦେଇ ମନୁଷ୍ୟ ପଶିଯାଇ ନ ପାରେ )—
ବାଉଁଶ—7. Bamboo.
ଦେ. ବି—୧ । ଦୁର୍ଭିକ୍ଷ—1. Famine.
ମହର୍ଗରୁ ଯାଇ କାନ୍ତାରରେ ପଡ଼ିବା—ଚଳ ।
୨ । ଦୁର୍ଭିକ୍ଷ ସମୟ—2. A time of scarcity.
ମୂଲଅ ମୂଲକୁ ଭଣା କରନ୍ତି ଯେ ପ୍ରାଣୀ ।
କାନ୍ତାରେ କାତର ଯେଉଁ ସାମାନ୍ୟ ଘରଣୀ । ମହାଦେବ. ଶାବନ୍ନକ ।

**କାନ୍ତାରୁ**—ପ୍ରାଦେ. (ଗଞ୍ଜାମ) ବି—ବୈଦିକ ବ୍ରାହ୍ମଣବିଶେଷ—
Kāntāru A branch of Baidika Brāhmaṇas.

**କାନ୍ତି**—ସଂ. ବି. ସ୍ତ୍ରୀ. ( କମ୍ ଧାତୁ+ଭାବ. ତି)—
Kānti ୧ । ଜ୍ୟୋତି; ଆଲୋକ; ଦୀପ୍ତି; ଔଜ୍ଜ୍ୱଲ୍ୟ—
1. Splendour; light; brilliance.
୨ । ଶୋଭା; ଲାବଣ୍ୟ; ସୌନ୍ଦର୍ଯ୍ୟ—
2. Beauty; grace.
୩ । କାମନା; ଇଚ୍ଛା—3. Desire.
୪ । କମନୀୟା ସ୍ତ୍ରୀ—
4. Charming woman.
୫ । ଦୁର୍ଗା—5. Goddess Durgā.
୬ । ଚନ୍ଦ୍ରକଳା—6. The digits of the moon.
୭ । କାମଶକ୍ତିବିଶେଷ—
7. One of the qualities of the God of Love.
ଦେ. ବି—ଏକପ୍ରକାର ଘୃତପକ୍ୱ ପିଷ୍ଟକ—
A kind of sweet cake fried in ghee.
କାନ୍ତି କାକରା ଆଦି ପିଠା, ଯେ ସରପଣା ଦଧି ମିଠା ।
ସ୍ୱର୍ଗବାସ. ପାର୍ଶ୍ୱଭାରତି ।

**କାନ୍ତିକ**—ସଂ. ବି. ( କାନ୍ତି+କୈ ଧାତୁ+କର୍ତ୍ତୃ. ଅ )—
Kāntika ୧ । କାନ୍ତଲୌହ—1. Refined or cast iron.
୨ । ଇସ୍ପାତ—2. Steel.

**କାନ୍ତିକର**—ସଂ. ବିଣ. ପୁଂ. ( କାନ୍ତି+କୃ ଧାତୁ+କର୍ତ୍ତୃ. ଅ )—
Kāntikara ଯାହା ମନୁଷ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରେ—
(କାନ୍ତିକରୀ—ସ୍ତ୍ରୀ) Beautifying.

**କାନ୍ତିପ୍ରଦ** —ସଂ. ବିଣ. ( କାନ୍ତି+ପ୍ର+ଦା ଧାତୁ+କର୍ତ୍ତୃ. ଅ )—
Kāntiprada କାନ୍ତିକର ( ଦେଖ )
(କାନ୍ତିପ୍ରଦା—ସ୍ତ୍ରୀ) Kāntikara ( See )

**କାନ୍ତିବର୍ଦ୍ଧକ**—ସଂ. ବିଣ. ( ୬ଷ୍ଠୀ ତତ୍; କାନ୍ତି+ବର୍ଦ୍ଧକ )—
Kāntibarddhaka କାନ୍ତିକର ( ଦେଖ )
(କାନ୍ତିବର୍ଦ୍ଧିକା—ସ୍ତ୍ରୀ) Kāntikara ( See )

**କାନ୍ତିବା**—ପ୍ରାଦେ. (ସମ୍ବଲପୁର; ଭୁଲ. ହି. କାତ୍‌ନା; ସଂ. କୃତ ଧାତୁ)—
Kāntibā ତୁଳାରୁ ସୂତା କାଟିବା—
To spin thread from cotton.

**କାନ୍ତିଭୃତ୍**—ସଂ. ବି. ( କାନ୍ତି=ଚନ୍ଦ୍ରକଳାବିଶେଷ+ଭୃ ଧାତୁ=ଧରିବା
Kāntibhrut +କର୍ତ୍ତୃ. କ୍ୱିପ୍ )—ଚନ୍ଦ୍ର—The moon.
ସଂ. ବିଣ—କାନ୍ତିଧାରକ; ଶୋଭାବିଶିଷ୍ଟ—
Lustrous; charming.

**କାନ୍ତିମତୀ**—ସଂ. ବି. ସ୍ତ୍ରୀ. (କାନ୍ତି+ମତ୍+ସ୍ତ୍ରୀ. ଈ)—୧ । ଚନ୍ଦ୍ରକଳା—
Kāntimatī 1. The digit of the moon.
୨ । ଅପ୍ସରାବିଶେଷ—2 Name of a heavenly nymph.

**କାନ୍ତିମାନ୍**—ସଂ. ବିଣ. ( କାନ୍ତି+ଅସ୍ତି ଅର୍ଥରେ ମତ୍; ୧ମା. ୧ବ. )—
Kāntimān ୧ । ଦୀପ୍ତିମାନ୍—1 Splendid.
(କାନ୍ତିମତୀ—ସ୍ତ୍ରୀ) ୨ । ସୁନ୍ଦର—2. Beautiful.
ସଂ. ବି—୧ । ଚନ୍ଦ୍ର—1. The moon.
୨ । କାମଦେବ—2. Cupid personified.

**କାନ୍ଥ**—ଦେ. ବି. ( ସଂ. କନ୍ଥା )—କାନ୍ଥ; ଦେବାଲ; ଘରର କାନ୍ଥ—
Kāntha Wall of a house.
**कांथ; दिवाल** ତାହାର ଭୁଷଣ୍ଡ ଲାଗେ
**दिवार** ତବରେ ବହନ୍ତି ଯେମନ୍ତେ । ଜଗନ୍ନାଥ. ଗୀତା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**କାନ୍ଥ ଉଠାଇବା**—ଦେ. କ୍ରି—ଗୃହର ଘର ପ୍ରସ୍ତୁତ କରି କ୍ରମଶଃ ଉଚ୍ଚ କରିବା—To build or raise the walls of a house.
Kāntha uṭhāibā

**କାନ୍ଥ ଉଠିବା**—ଦେ. କ୍ରି—କାନ୍ଥ ଉଆର ହେବା—Raising of the walls of a house.
Kāntha uṭhibā

**କାନ୍ଥକୁରା**—ଦେ. ବି. ( ସଂ. କନ୍ଥା+କନ୍ଦର ବା କୁଡ଼ୁଙ୍ଗିକ=ପାତ୍ର-ବିଶେଷ)— କାନ୍ଥରେ ଉପ୍ସାର ହୋଇଥିବା ଗର୍ତ୍ତ—Wall-niche; a recess in the wall.
Kānthakurā
କୁଲୁଙ୍ଗୀ; ତାକ; କୁଲଙ୍ଗା
आला; ताक

**କାନ୍ଥଖୁରା**—ଦେ. ବି—କାନ୍ଥକୁରା ( ଦେଖ )
Kānthakhurā Kānthakurā ( See )

**କାନ୍ଥଚଉକି**—ଦେ. ବି—ପୂର୍ବେ ଅବଧାନମାନେ ଛାତ୍ରମାନଙ୍କୁ ଦେଉଥିବା ଏକପ୍ରକାର ଦଣ୍ଡ—A kind of punishment formerly given to offenders in a village school.
Kānthachauki
[ ଦ୍ର—ଏ ଦଣ୍ଡଗ୍ରହୀତା ଚଉକିରେ ବସିବାର ଅଭିନୟ କରି କାନ୍ଥକୁ ପିଠି ବା ପିଠି ଲଗାଇ ଶୂନ୍ୟ ଉପରେ କେତେକ ସମୟ ଗୋଡ଼ ଭାଙ୍ଗି ବସି ରହେ । ]

**କାନ୍ଥ ଛାଟିବା**—ଦେ. କ୍ରି—କାନ୍ଥରେ ମାଟି ବୋଳିବା—To put earth on the wall.
Kāntha chhāṭibā

**କାନ୍ଥଡ଼ା**—ଦେ. ବି—୧ । ଭଙ୍ଗାକାନ୍ଥ—1. Dilapidated or ruined walls.
Kāntharḍā
কাঁতড়া; কাঁথড়া
टूटादिवार
ମହନ୍ତ ମହାସକ ଗୋଟିଏ କାନ୍ଥଡ଼ା ଉପରେ ବସି ଗଞ୍ଜେଇ ଟିପୁଥିଲେ । ଫକୀରମୋହନ. ବିଲ୍ଲୁବଣ୍ଡ ।

୨ । ଭଙ୍ଗା ଘରର ଜୀର୍ଣ୍ଣ କାନ୍ଥ ଆଦି; ଭଗ୍ନ ଗୃହର ଜୀର୍ଣ୍ଣାବଶେଷ—2. The remains of a ruined house.
ଅନ୍ଧକୂପ ବୋଲି ଗୋଟାଏ ଘରଥିଲେ ତାହାର କାନ୍ଥଡ଼ା ତ ଥାନ୍ତା ।
ନନ୍ଦେ. ଉତ୍କଳ ସାହିତ୍ୟ ୩।୮ ।

ଦେ. ବିଣ—ଯେଉଁ ଘରର କାନ୍ଥ ଭାଙ୍ଗି ଗଲାଣି—( house ) With dilapidated walls.

**କାନ୍ଥ ଦେବା**—ଦେ. କ୍ରି—କାନ୍ଥ ଉଠାଇବା ( ଦେଖ )
Kāntha debā Kāntha uṭhāibā ( See )

**କାନ୍ଥବାଡ଼**—ଦେ. ବି—୧ । କାନ୍ଥସ୍ୱରୂପ ବାଡ଼ ବା କାନ୍ଥରୂପୀ ବାଡ଼—1. A fence used as a wall.
Kānthabārḍa
୨ । ( ସହଚର ) କାନ୍ଥ ଓ ବାଡ଼—2. Wall and fencing.

**କାନ୍ଥି**—ଦେ. ବି. ( ସଂ. କନ୍ଥା )—୧ । ଛୋଟକାନ୍ଥ—1. A small wall.
Kānthi
୨ । ଅଧାକାନ୍ଥ; ଅଳ୍ପ ଉଚ୍ଚ କାନ୍ଥ—2. A short wall.
୩ । ଦିଗ୍‌ବଳୟର ସଲଗ୍ନ ଆକାଶ ( ଯେଉଁଠାରେ ଆକାଶ ଦିଗ୍‌ବଳୟକୁ ସ୍ପର୍ଶ କଲାପରି ଦେଖାଯାଏ—3. The sky just over the horizon.
୪ । ଅତଡ଼ା; ନଦୀ ବା ସମୁଦ୍ରର ତଟସ୍ଥ ଉଚ୍ଚ ଘର—4. The precipitous bank of a sea or river.
ଘସିଗ୍ଲ କନ ପ୍ରାପତ ହେଲେ ଯେଉଁ କାନ୍ଥି ... ବଷ୍ଟ୍ରକେଶଗ୍ରପ୍ରଣ ।
୫ । ମେଦିନୀପୁରର ଗୋଟିଏ ସବ୍‌ଡିଭିଜନ୍ ଓ ନଗର—5. Contai, a subdivision and town in district Midnapur.
ପ୍ରାଦେ. (ସମ୍ବଲପୁର) ବି.—କାନ୍ଥ—Wall.

**କାନ୍ଥିଖମ୍ବ**—ପ୍ରାଦେ. (ଗଡ଼ଜାତ) ବି.—କାନ୍ଥ ମଧ୍ୟରେ ଲାଗିଥିବା ଖମ୍ବ—A pillar or post in the body of a wall.
Kānthikhamba

**କାନ୍ଦ୍‌ବା**—ପ୍ରାଦେ.—(ସମ୍ବଲପୁର) କ୍ରି.—(ସଂ. କ୍ରନ୍ଦ ଧାତୁ)—କାନ୍ଦିବା; କ୍ରନ୍ଦନ କରିବା—To cry; to weep.
Kandbā

**କାନ୍ଦ୍‌ରା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ.—କାନ୍ଦୁରା (ଦେଖ)
Kāndrā Kāndurā (See)

**କାନ୍ଦ୍‌ରି**—ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ.—କାନ୍ଦୁରୀ (ଦେଖ)
Kāndri Kānduri (See)

**କାନ୍ଦ୍‌ରିବା**—ପ୍ରାଦେ. (ସମ୍ବଲପୁର) କ୍ରି.—କାନ୍ଦିବା—To weep.
Kāndribā
ଦେ. କ୍ରି.—କାନ୍ଦୁରିବା (ଦେଖ) Kānduribā (See)

**କାନ୍ଦ**—ଦେ. ବି.—(ସଂ. କ୍ରନ୍ଦ ଧାତୁ)—କ୍ରନ୍ଦନ; ରୋଦନ; କାନ୍ଦଣା—Weeping; lamentation.
Kānda
কঁদা, কাঁদুনি, কাঁদনি
रुलाई

**କାନ୍ଦକ**—ଦେ.ବି.—(ପାନବରଜ ଭାଷା)—ବରଜର ଦୁଆରମୁହଁ ଟାଟି—The reed-framework put as a door to a betel plantation.
Kāndaka

**କାନ୍ଦକଟା**—ଦେ. ବି.—କାନ୍ଦବୋବା (ଦେଖ)
Kāndakaṭā Kāndabobā (See)

**କାନ୍ଦକାନ୍ଦ**—ଦେ. ବିଣ.—କ୍ରନ୍ଦନୋଦ୍ୟତ—About to cry.
Kāndakānda
কাঁদকাঁদ
काँदकाँद; रोनोधोनो
ବୋପୀକା କାନ୍ଦକାନ୍ଦ ବାଣୀ, ଶୁଣି ସଦୟ ବେଣୁପାଣି । ଉପେନ୍ଦ୍ର ପ୍ରେମସୁଧାମୃତ ।

**କାନ୍ଦକୁନ୍ଦ**—ଦେ. ବି.—କାନ୍ଦବୋବା (ଦେଖ)
Kāndakunda Kāndabobā (See)

**କାନ୍ଦଣା**—ଦେ. ବି.—(ସଂ. କ୍ରନ୍ଦନ)—କାନ୍ଦ (ଦେଖ)
Kāndaṇā Kānda (See)
কান্না
रोआई; रुलाइ
ବ୍ରହ୍ମର କପଟ ଲୋକେ କପଟ କାନ୍ଦଣା ।
ବୋଇଲ ହେ ନାଥ ବଡ଼ ସୌଭାଗ୍ୟ ଦାଶୀର ।
ଚିନ୍ତାମଣି. ବଳ୍ମଚରିତ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଏ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ଁୟ | ଇଅ | ● | ନ୍ଦ |

[ ଦ୍ର—ନବୋଢ଼ା କନ୍ୟାମାନେ ବାପ ଘରୁ ପ୍ରଥମେ ଶାଶୁଘରକୁ ଗଲାବେଳେ ପିତା, ମାତା, ଭାଇ, ଭାଉଜ, ଭଉଣୀ ଆଦି ଆତ୍ମୀୟମାନଙ୍କଠାରୁ ବିଦାୟ ନେବା ଉପଲକ୍ଷରେ କରୁଣ ସ୍ୱରରେ କାନ୍ଦନ୍ତି । କେତେକ କରଣ, ଖଣ୍ଡାଏତଙ୍କ ଘରେ ବାଳିକାମାନେ ଏହି କାନ୍ଦଣାକୁ ବୟଃସ୍ଥାମାନଙ୍କଠାରୁ ଶିକ୍ଷା କରିବା ମଧ୍ୟ ଦେଖାଯାଏ, ଓ ଏହି କାନ୍ଦଣା ପ୍ରସଙ୍ଗରେ କନ୍ୟାମାନେ ଅନେକ ପୌରାଣିକ କଥା (allusion) ଓ ଘଟନାମାନ ସୂଚନା କରନ୍ତି । ]

କାନ୍ଦବ—ସଂ. ବି. ( କନ୍ଦୁ=ଭର୍ଜନ ପାତ୍ର+ପକ୍ୱାର୍ଥେ. ଅ )—ମିଷ୍ଟାନ୍ନ; Kāndaba ମିଠାଇ—Sweetmeats; confectionery.

କାନ୍ଦବା—ପ୍ରାଦେ. (ବସ୍ତର) କ୍ରି.—କାନ୍ଦିବା—
Kāndabā To cry; to weep.

କାନ୍ଦବିକ—ସଂ. ବି.—( କାନ୍ଦବ+ଜୀବିକାର୍ଥେ. ଇକ )—୧ । ମିଷ୍ଟାନ୍ନ Kāndabika ପ୍ରସ୍ତୁତକାରୀ ଗୁଡ଼ିଆ; ହାଲୁଇ—
1. Confectioner; a baker.
୨ । ରୁଟିବାଲା; ପିଷ୍ଟକାଦି ବିକେତା—2. Loafseller.

କାନ୍ଦବୋବା—ଦେ. ବି.—(ସହଚର; କାନ୍ଦ=ଅଶ୍ରୁ ବା ଶୋକଜସ୍ରାବ+ Kāndabobā ବୋବା=ଉଚ୍ଚୈଃସ୍ୱର)—ଉଚ୍ଚୈଃସ୍ୱରରେ କ୍ରନ୍ଦନ;
କାଁଦାକାଟା, କାନ୍ନାକାଟି କନ୍ଦାକଟା—Loud cry; wail;
रोनाधोना, रोना पीटना bewailing.
ଦେ. କ୍ରି.—ଉଚ୍ଚୈଃସ୍ୱରରେ କାନ୍ଦିବା—
To bewail; to weep loudly.

କାନ୍ଦବୋବାଳି—ଦେ. ବି.—କାନ୍ଦବୋବା (ଦେଖ)
Kāndabobāli Kāndaboba (See)

କାନ୍ଦବୋବାଳି କରିବା—ଦେ. କ୍ରି.—ଉଚ୍ଚୈଃସ୍ୱରରେ ରୁଦନ କରିବା Kāndabobāli karibā କାନ୍ଦିବା; ବିଳାପ କରିବା—
କାନ୍ନାକାଟା କରା To weep bitterly and loudly; to
रोनातड़पना, रोनागाना bewail.

କାନ୍ଦବୋବାଳି ଛାଡ଼ିବା—ଦେ. କ୍ରି.—କାନ୍ଦବୋବାଳି କରିବା (ଦେଖ)
Kāndabobāli chhārdibā
Kāndabobāli karibā (See)

କାନ୍ଦ ମାଡ଼ିବା—କ୍ରନ୍ଦନର ଉପକ୍ରମ ହେବା—
Kānda mārdibā To be about to cry.
କାନ୍ନାଆସା
रूलाईआना

କାନ୍ଦରିବେଣ୍ଟ—ପ୍ରାଦେ. (ଗଡ଼ଜାତ) ବି.—ଶିକାର ବାହାରୁ ପୂଜା କରି Kāndaribenṭa ଘରୁ ଶିକାର କରିବାକୁ ଅନୁକୂଳ ବାହାରିବେଳେ ପରିବାର ମଧ୍ୟରୁ ଜଣକୁ କନ୍ଦାଇ କରି ଯିବା ପ୍ରଥା – The custom of making one of the members of the family cry at the time of starting for hunting purposes.

କାନ୍ଦାହାର—ଦେ. ବି.—(ନାମ)—(ସଂ. ଗନ୍ଧାର; ଗାନ୍ଧାର)—ଆଫଗାନି- Kāndāhāra ସ୍ଥାନର ଦକ୍ଷିଣାଂଶରେ ଥିବା ପ୍ରଦେଶ ଓ ନଗର—
Name of a province and town in south Afghanistan.
[ଦ୍ର—ଭାରତର ଉତ୍ତରପଶ୍ଚିମ ପ୍ରାନ୍ତରେ ବ୍ରିଟିଶ ସାମ୍ରାଜ୍ୟର କ୍ୱେଟା ନଗରର ଉତ୍ତର ପଶ୍ଚିମରେ କାନ୍ଦାହାର ଅବସ୍ଥିତ । ]

କାନ୍ଦି—ଦେ. ବି. ( ସଂ. ସ୍କନ୍ଧ )—୧ । ଅନେକଗୁଡ଼ିଏ ଫେଣା ଲାଗିଥିବା Kāndi କଦଳୀର ବୃନ୍ତ—
কাঁদি 1. A stem containing many bunches
घौद of plantains.
ଭରପାଖେ ଫୋଡ଼ା ହୋଇଛନ୍ତି ରମ୍ଭା କାନ୍ଦି ।
ଫଳ କାନ୍ଦି ଭର ପାଉଣ ହୋଇ ଗଲୁ । କୃଷ୍ଣସିଂହ. ମହାଭାରତ. ଅନୁ ।
[ ଦ୍ର—ଗୋଟିଏ ଫେଣାରେ କେତେଗୁଡ଼ିଏ କଦଳୀ ଥାଏ; ସେହିପରି କେତେଗୁଡ଼ିଏ ଫେଣା ଗୋଟିଏ କାନ୍ଦିରେ ଲାଗିଥାଏ । ]
୨ । ଅନେକଗୁଡ଼ିଏ ନଡ଼ିଆଫଳ ବା ତାଳ ଲାଗିଥିବା ବୃନ୍ତ—
2. A stem containing many cocoanuts or palms.
● । ଦୁଇ ଅବ ପାଇଁ ବଳଦ ଭଡ଼ା ଦେଲେ ଯେଉଁ ଧାନ ମୂଲ ମିଳେ—3. Paddy got for letting bullocks for use on hire.

କାନ୍ଦି କୁଣ୍ଠେଇ ହେବା—ଦେ. କ୍ରି—୧ । କନ୍ଦାକଟା କରିବା—
Kāndi kunthei hebā 1. To cry.
কাঁদাকাটা ୨ । କାନ୍ଦିବାଦ୍ୱାରା ଅନ୍ତରର ଅବସ୍ଥା ପ୍ରକାଶ କରିବା—
रोनातड़पना 2. To whimper; to give vent to one's unwillingness by crying.
● । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟ କରିବାକୁ ଅସମ୍ମତି ବା ଅନିଚ୍ଛା ପ୍ରକାଶ କରିବା—
3. To express one's unwillingness to do anything.
୪ । କାନ୍ଦିବା ଓ କାକୁତିମିନତି କରିବା—
4. To weep and beseech.

କାନ୍ଦିଗ୍ଭୂତ—ସଂ. ବଣ. ପୁଂ. ( କାଂ ଦଶଂ=କେଉଁ ଦିଗକୁ+ଭୂତ Kāndigbhuta =ପ୍ରାପ୍ତ; କେଉଁ ଦିଗକୁ ଯିବ ବୋଲି (କାଂଦିଗ୍ଭୂତା—ସ୍ତ୍ରୀ) ବ୍ୟାକୁଳ )—ଭୟରେ କିଂକର୍ତ୍ତବ୍ୟବିମୂଢ଼; ଭୟରେ ଯାହାକୁ ବାଟ ଦିଶେ ନାହିଁ—Not able to ascertain where to fly through fear; bewildered; dumbfounded through fear.

କାନ୍ଦିବା—ଦେ. କ୍ରି. ( ସଂ. କ୍ରନ୍ଦ ଧାତୁ )—୧ । କ୍ରନ୍ଦନ କରିବା—
Kāndibā 1. To cry; to weep.
কাঁদা ୨ । ଜଳ ବୁହାଇବା—2. To shed water.
रोना ● । ବିଳାପ କରିବା—
(କନ୍ଦାଇବା—ଣିଜନ୍ତ) 3. To utter a wailing or plaintive sound; to lament.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସଅଙ୍କେମ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗିଣା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ପ୍ରାଦେ. (ଗଞ୍ଜାମ) କ୍ରି—ଖେଳରେ ହାରି ବୃଥା ଗୋଳ କରିବା— To set up a row after defeat in a game.

[ ଦ୍ର—ଲୋକେ ଗଭୀର ମନୋଦୁଃଖରେ କାନ୍ଦନ୍ତି; ରୋଗ ବା ପ୍ରହାରଜନିତ ଶରୀରପୀଡ଼ା ଯୋଗୁଁ କାନ୍ଦନ୍ତି; ଭକ୍ତି ବା ପ୍ରେମବିହ୍ୱଳ ହୋଇ କାନ୍ଦନ୍ତି; ଅଶ୍ରୁର ଲୁହ ବହିବା କାନ୍ଦିବାର ଲକ୍ଷଣ । କାନ୍ଦିବା ଶବ୍ଦ ସଙ୍ଗେ କାଟିବା, କୁନ୍ଥେଇବା, ବୋବେଇବା କ୍ରିୟାମାନ ସହଚରରୂପେ ବ୍ୟବହୃତ ହୁଏ । ]

**କାନ୍ଦିବା କୁନ୍ଥେଇବା**—ଦେ. କ୍ରି—କାନ୍ଦିକୁନ୍ଥେଇ ହେବା ( ଦେଖ )
Kāndibā kuntheibā Kāndikunthei hebā ( See )

**କାନ୍ଦିଭସାଇବା**—ଦେ. କ୍ରି—ବହୁ ଲୋତକ ଧାରାପାତ କରିବା—
Kāndibhasāibā To shed tears profusely.
**कैंदेभासान** ହାଡ଼ଗୋଡ଼ ବାନ୍ଧ ଭସାଇଲେ କାନ୍ଦି,
ନ ପୂରିବ କେବେ କ୍ଷୁଧାର୍ତ୍ତ ଉଦର—ଭକ୍ତଦାସ. ଗୀତଲହରୀ ।

**କାନ୍ଦିରିବା**—ଦେ. କ୍ରି. ( ସଂ. କନ୍ଦ ଧାତୁ )—କାନ୍ଦୁରିବା ( ଦେଖ )
Kāndiribā Kānduribā ( See )

**କାନ୍ଦିଶୀକ**—ସଂ. ବି. ( କାଂ + ଦିଶଂ + ଇକ; 'କାଂ ଦିଶଂ ନ ପଶ୍ୟତୀତି
Kāndiśika କାନ୍ଦିଶୀକଃ'; ଭୟରେ ଅଚେତ ହୋଇ ପଳାଇବା-ବେଳେ ଯେ କେଉଁ ଦିଗକୁ ଯିବ ସ୍ଥିର କରେ ନାହିଁ )—

୧ । ଭୟଦ୍ରୁତ; ଭୟରେ ପଳାୟିତ; ଭୟଭ୍ରାନ୍ତ—
1. Dumbfounded through sudden fright; bewildered through fright.
କାନ୍ଦିଶୀକ ନୋହି ବନ୍ଦ ହେଉ ଚିତ୍ତ, ସବିଭର୍ଷ ସାହାଯ୍ୟ—
କବିସୂର୍ଯ୍ୟ. ଭକ୍ତଚିନ୍ତା ।

୨ । ବୈକ୍ଲବ୍ୟଯୁକ୍ତ—
2. Struck or agitated with fright.
ପାକର ଛଡ଼ାଲେ ରହିଥିବ ଡର
ବଦେଶି ସମ୍ମୁଖେ କାନ୍ଦିଶୀକ ପର—ରାଧାନାଥ. ଚନ୍ଦ୍ରଭାଗା ।

**କାନ୍ଦୁଣମାନ୍ଦୁଣ**—ଦେ. ବି—କାନ୍ଦୁଣୀମାନ୍ଦୁଣୀ ( ଦେଖ )
Kāndunmāndun Kāndunimānduni ( See )

**କାନ୍ଦୁଣିଆଁ**—ଦେ. ବିଣ.ପୁଂ—କ୍ରନ୍ଦନଶୀଳ—Continually weeping;
Kānduniān whimpering; always crying.
**काँदुनियाँ: काँदुने**

**କାନ୍ଦୁଣୀ**—ଦେ. ବିଣ. ସ୍ତ୍ରୀ—କାନ୍ଦୁଣିଆଁର ସ୍ତ୍ରୀଲିଙ୍ଗ—
Kānduni Feminine of Kānduniān.
**काँदुनी** ଦେ. ବି. ( ସଂ. କ୍ରନ୍ଦନ )—କ୍ରନ୍ଦନ; କାନ୍ଦଣା— Weeping.
ଦ୍ରୌପଦୀଙ୍କ କାନ୍ଦୁଣୀ କୃଷ୍ଣଙ୍କ ଛାତିକୁ,
ସାଙ୍ଗି ଦେଉଅଛ ବ ବହୁତ ଦୁଃଖକୁ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**କାନ୍ଦୁଣୀମାନ୍ଦୁଣୀ**—ଦେ. ବିଣ.—୧ । କାନ୍ଦକାନ୍ଦ; କ୍ରନ୍ଦନୋଦ୍ୟତ—
Kāndunimānduni About to cry.
**कान्दनेमान्दने** ୨ । କାନ୍ଦିଲାପରି ହେବା—2. Crying.
୩ । କ୍ରନ୍ଦନସ୍ୱରରେ ଅନୁଯୋଗ ପ୍ରକାଶକାରୀ—
3. Plaintive.

**କାନ୍ଦୁଣୁମାନ୍ଦୁଣୁ**—ଦେ. ବିଣ.—କାନ୍ଦୁଣୀମାନ୍ଦୁଣୀ (ଦେଖ)
Kāndunumāndunu Kāndunimānduni (See)
ମୋତେ ଦେଖି ସେ ବୁଢ଼ୀକଣ କାନ୍ଦୁଣୁମାନ୍ଦୁଣୁ ହୋଇ କହିଲେ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**କାନ୍ଦୁରମାନ୍ଦୁର**—ଦେ. ବିଣ.—କାନ୍ଦୁଣୀମାନ୍ଦୁଣୀ (ଦେଖ)
Kāndurmāndur Kāndunimānduni (See)

**କାନ୍ଦୁରା**—ଦେ. ବିଣ. ପୁଂ.—କ୍ରନ୍ଦନଶୀଳ; ଯାହାର କାନ୍ଦିବାର ଅଭ୍ୟାସ—
Kāndurā Given to crying; often crying at trifles.
(କାନ୍ଦୁରୀ—ସ୍ତ୍ରୀ)
**काँदुने**
**रोनेवाला**

**କାନ୍ଦୁରିବା**—ଦେ. କ୍ରି.—(ସଂ. କନ୍ଦ ଧାତୁ)—ଅଧାରରେ ବସିଥିବା ବେଶି
Kānduribā ସିଝି ଯିବା ପିଠାରୁ ରସ ବହିବା—Oozing of juicy liquid from steam-boiled cake.
(ଯଥା—ଏ ପିଠା କାନ୍ଦୁରିଲାଣି । )

**କାନ୍ଦୁରୀ**—ଦେ. ବି.—ଅକଣ୍ଟା ଲଟକଲ ଶାଗ—
Kānduri A kind of pot herb.
ଦେ. ବିଣ. ସ୍ତ୍ରୀ.—କାନ୍ଦୁରାର ସ୍ତ୍ରୀଲିଙ୍ଗ—
Feminine of Kāndurā.

**କାନ୍ଦୁରୁ**—ପ୍ରାଦେ. (ସମ୍ବଲପୁର) ବି.—କନ୍ଦମୂଳ (ଦେଖ)
Kānduru Kandamūla (See)
ବିଣ.—କାନ୍ଦୁରା (ଦେଖ)
Kāndurā (See)

**କାନ୍ଦୁରୁମାନ୍ଦୁରୁ**—ଦେ. ବିଣ.—କାନ୍ଦୁଣୀମାନ୍ଦୁଣୀ (ଦେଖ)
Kāndurumānduru Kāndunimānduni (See)

**କାନ୍ଦୁଲ**—ପ୍ରାଦେ. (ସମ୍ବଲପୁର ଓ ଗଞ୍ଜାମ) ବି.—ଏକ ପ୍ରକାର ହରଡ଼—
Kāndula A kind of pulse.

**କାନ୍ଦ୍ରି**—ପ୍ରାଦେ. (ସମ୍ବଲପୁର) ବିଣ—ସ୍ତ୍ରୀ—କାନ୍ଦୁରୀ (ଦେଖ )
Kāndri Kāndri (See)

**କାନ୍ଦ୍ରିବା**—ଦେ. କ୍ରି.—କାନ୍ଦୁରିବା (ଦେଖ)
Kāndribā Kānduribā (See)

**କାନ୍ଧ**—ଦେ. ବି.—(ସଂ. ସ୍କନ୍ଧ)—ସ୍କନ୍ଧ—
Kāndha Shoulder.
**काँध** ଶିର ଲଗିବ ଯେଣୁ କାନ୍ଧ,
**काँधा, कँधा** ମନେ ନ ଥିବ ତାଙ୍କ ବଧ । ଜଗନ୍ନାଥ. ଭାଗବତ ।
[ ଦ୍ର—ମନୁଷ୍ୟର ବାହୁମୂଳ ଓ ବେକର ମଧ୍ୟବର୍ତ୍ତୀ ଉପର ଅଂଶ ଓ ପଶୁମାନଙ୍କ ଆଗଗୋଡ଼ର ମୂଳ ଓ ମୁଣ୍ଡ ମଧ୍ୟସ୍ଥ ଉପର ଅଂଶକୁ କାନ୍ଧ କହନ୍ତି । ]

**କାନ୍ଧକରିବା**—ଦେ. କ୍ରି.—କୌଣସି ପଦାର୍ଥ ବା ବ୍ୟକ୍ତିକୁ କାନ୍ଧରେ
Kāndhakaribā ବହିବା; କାନ୍ଧେଇବା—To take or
**काँधे करना** carry a thing or person on the
**काँधना** shoulder; to shoulder.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଞ | ଷ,ଶ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଡ଼ | ନ୍ଦ |

କାନ୍ଧକୁ କାନ୍ଧ ଦେବା—ଦେ. କ୍ରି.—୧ । (ସବାରକାନ୍ଧିଆ ବେହେରାଙ୍କ
Kāndhaku kāndha debā ଭାଷା )—ସବାରକାନ୍ଧିଆ
कँधादेओया, कँधाकाँधिकरा ବେହେରାମାନେ ଏକତ୍ର କାନ୍ଧକୁ
कँधादेना ଥିବାର ବାହୁଙ୍ଗରେ ସମାନ ଭାବରେ ଲଗାଇବା—
1. To put the shoulders together to the pole of a palanquin.
୨ । (ଲକ୍ଷଣାର୍ଥ ) ପରିଶ୍ରମପୂର୍ବକ ଏକଯୋଗ ହୋଇ କୌଣସି କର୍ମ କରିବା—2. ( figurative ) To work earnestly in cooperation.

କାନ୍ଧକୁ କାନ୍ଧ ପାଇବା—ଦେ. କ୍ରି.—୧ । କାନ୍ଧ ପଡ଼ିବା (ଦେଖ)
Kāndhaku kāndha pāibā Kāndha pardibā (See)
୨ । ( ଲକ୍ଷଣାର୍ଥ ) ସମକକ୍ଷ ହେବା; ସମାନ ହେବା—
2. (figurative) To be equal.

କାନ୍ଧକୁ କାନ୍ଧ ମିଳାଇବା—ଦେ. କ୍ରି.—କାନ୍ଧକୁ କାନ୍ଧ ଦେବା (ଦେଖ)
Kāndhaku kāndha milāibā
Kāndhaku kāndha debā (See)

କାନ୍ଧଗଡ଼ି—ଦେ. ବି.—ଗଡ଼ି ତଳେ ନୋଟ (ଦେଖ)
Kāndhagardi Notes under gardi (See)

କାନ୍ଧ ଧରାଧରି—ଦେ. ବିଣ.—ବନ୍ଧୁତା ବା ସହଚରତ୍ୱର ପ୍ରଦର୍ଶନସ୍ୱରୂପ
Kāndha dharādhari ପରସ୍ପର କାନ୍ଧରେ ହାତ ପକାଇ ଠିଆ ହୋଇଥିବା ବା ଚାଲୁଥିବା ( ଦୁଇ ବ୍ୟକ୍ତି )—(two persons) Holding each other's shoulders in token of friendship or companionship.

କାନ୍ଧ ପକାଇବା—ଦେ. କ୍ରି.—୧ । ସବାର ଆଦି ବୋଝକୁ ଏକ କାନ୍ଧରୁ
Kāndha pakāibā ଅନ୍ୟ କାନ୍ଧକୁ ବଦଳାଇବା—
1. To change shoulders
୨ । ସମକକ୍ଷ ହେବା—2. To be a match for.

କାନ୍ଧ ପଡ଼ିବା—ଦେ. କ୍ରି.—(ସବାର ବେହେରାଙ୍କ ଭାଷା)—ଏକ ପାଖର
Kāndha pardibā ସବାର ବାହୁଙ୍ଗରେ ଲାଗିଥିବା ଏକାଧିକ ବେହେରାଙ୍କ କାନ୍ଧ ସମାନ ଉଚ୍ଚତାଯୁକ୍ତ ହେବା—
The state of the shoulders of the bearers of a palki-pole being of the same level.

କାନ୍ଧବଦଳ—ଦେ. ବି.—ସବାରକାନ୍ଧିଆ ବେହେରାମାନଙ୍କ ମଧ୍ୟରୁ
Kāndhabadala କାନ୍ଧେଇଥିବା ବେହେରାମାନଙ୍କୁ ଅବସର
कांधबदल ଦେଇ ଅନ୍ୟ ପାଳିଆ ବେହେରାମାନଙ୍କର ସବାରରେ କାନ୍ଧ
कँधाबदल ଲଗାଇବା—The changing of shoulders by different relays of palki-bearers.

କାନ୍ଧବଦଳି—ଦେ. ବି—କାନ୍ଧବଦଳ ( ଦେଖ )
Kāndhabadali Kāndhabadala ( See )

କାନ୍ଧ ବାନ୍ଧିବା—ଦେ. କ୍ରି—( ଶଗଡ଼ବୁହା ବଳଦମାନେ ) କାନ୍ଧକୁ ଟେକି
Kāndha bāndhibā ରଖି ଶଗଡ଼ର ଯୁଆଳିକୁ ଟାଣିବା ନ
କରିଇବା—To keep the shoulders lifted up while bearing the yoke (said of cart-bullocks).

କାନ୍ଧବିଣ୍ଡି—ଦେ. ବି—ସର୍ବଦା କାନ୍ଧରେ ଭାର ବହିବା ସବାରବାହୁଙ୍ଗ
Kāndhabindi ବହିବାଦ୍ୱାରା ପଶୁ ବା ମନୁଷ୍ୟର କାନ୍ଧର ଯେଉଁ
कांधेरकड़ा ମାଂସପେଶୀ ଓ ଚମଡ଼ା ଶକ୍ତ ହୋଇ ଶ୍ରମସହିଷ୍ଣୁ ହୋଇ
कँधाकाठ ଥାଏ—Bunion or callus formed on the shoulder of a person or beast who habitually shoulders loads.

କାନ୍ଧଭେଣ୍ଡା—ଗ୍ରାଦେ. ( ଗଡ଼ଜାତ ) ବି— ନିର୍ବୁଦ୍ଧିଆ, ବଳୁଆ ଓ
Kāndhabhendā ହୃଷ୍ଟପୁଷ୍ଟ ଯୁବକ—A strong and stout young man without intelligence.

କାନ୍ଧରେ ଯିବା—ଦେ. କ୍ରି.—ମଲେ ଶବ ଭାଇକୁଟୁମ୍ବମାନଙ୍କ କାନ୍ଧରେ
Kāndhare jibā ବୋହେଇରେ ଶ୍ମଶାନକୁ ନିଆ ହେବା;
ମରିବା—To be carried on the shoulders of one's brothers after dying; to die.

କାନ୍ଧ ଲଗାଇବା—ଦେ. କ୍ରି—ସବାର ବାହୁଙ୍ଗରେ କିମ୍ବା ଶଗଡ଼ ଯୁଆଳିରେ
Kāndha lagāibā ( ବେହେରା ବା ବଳଦ ) କାନ୍ଧକୁ ସଂଯୁକ୍ତ
कांधलागान କରିବା—To put one's shoulders to a
कँधालगाना yoke or palki-pole.

କାନ୍ଧସନ୍ଧି—ଦେ. ବି—ଦୁଇ କାନ୍ଧର ମିଳନ ସ୍ଥାନ; ପିଠିର ଊର୍ଦ୍ଧ୍ୱ ଅଂଶ—
Kāndhasandhi The part of the back between the two shoulders.

କନ୍ଧରର କାନ୍ଧମାନଙ୍କୁ ଯେ ବନ୍ଧି
କଲେ ଉଭ ଦ୍ରୋଣ କାନ୍ଧସନ୍ଧି ଫୁଟି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

କାନ୍ଧ ହେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିର କାନ୍ଧରେ ବାହିତ ହେବା—
Kāndha hebā To be carried on another's shoulders.
कांधे हओा
कँधामें होना

କାନ୍ଧି—ଦେ. ବି—୧ । ( କଦଳୀ ) କାନ୍ଦି ( ଦେଖ )
Kāndhi 1. ( Kadali ) Kāndi ( See )
ତୋଳନ୍ତୁ ପାଚିଲା କଦଳୀ କାନ୍ଧି ଅଗଣ । ଫକୀରମୋହନ. ଉତ୍କଳ ।
୨ । ସବାରକାନ୍ଧିଆ ବେହେରାମାନଙ୍କ ମଧ୍ୟରୁ ଯେଉଁମାନେ ଏକ ସଙ୍ଗରେ ବା ଏକା ବାହୁଙ୍ଗକୁ କାନ୍ଧେଇଥାନ୍ତି—
2. Co-bearers of a palki.

କାନ୍ଧିଆ—ଦେ. ବି—୧ । ଟଭା ପରି ଏକଜାତୀୟ ଖଟା ଫଳ; ବଡ଼ ଲେମ୍ବୁ—
Kāndhiā 1. A kind of large lemon.
ଟଭ ଲେମ୍ବୁର କାନ୍ଧିଆ କାଗଜ । ଗ୍ରାଚୀ. ଗୁଡ଼ାଗ. ପଣିଖେଣ ।
୨ । କାନ୍ଧଦ୍ୱାରା ଭାରବହନ କର୍ମ—2. Act of carrying loads on the shoulders; shouldering.
ଦେ. ବିଣ—୧ । (ସ. ସ୍କନ୍ଧ) କାନ୍ଧରେ ଭାରବାହୀ ( ବ୍ୟକ୍ତି );
ଯାନବାହକ ( ବ୍ୟକ୍ତି )—1. Bearing a load on the shoulders.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ନାତିଉଚ୍ଚ ନାତିନୀଚ ( ଭୂମି )—
2. (land) Which is neither high nor low.

**କାନ୍ଧିଆ ଗଡ଼ି**—ଦେ. ବି. ( ସଂ. ସ୍କନ୍ଧ )—ଘରଚାଳର ମଝି ଗଡ଼ି—
Kāndhiā gardi The middle belt of the thatch of a house.

**କାନ୍ଧିଆ ବେହେରା**—ଦେ. ବି—ଯେଉଁ ବେହେରାମାନେ ସବାରିର ଆଗ ଓ ପଛ ବାଉଁଶକୁ କାନ୍ଧେଇ ସବାରି ବୁହନ୍ତି—
Kāndhiā beherā
କାଁଧାବହା Palki bearers.

[ଦ୍ର—ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଜାତିର ଲୋକେ କାନ୍ଧିଆ ବେହେରା ହୁଅନ୍ତି । ପୁରୀ ଓ କଟକ ଜିଲ୍ଲାରେ ଗଉଡ଼ ଓ ବାଉରିମାନେ କାନ୍ଧିଆ ବେହେରା ହୁଅନ୍ତି । ଗଉଡ଼ମାନେ ବ୍ରାହ୍ମଣ ଓ କରଣମାନଙ୍କୁ କାନ୍ଧାନ୍ତି; ବାଉରୀମାନେ ଶୂଦ୍ରମାନଙ୍କୁ କାନ୍ଧାନ୍ତି । ବାଲେଶ୍ୱର ଓ ମେଦିନୀପୁରରେ ପାଣ ଓ ହାଡ଼ିମାନେ କାନ୍ଧିଆ ବେହେରା ହୁଅନ୍ତି । ସବାରି କାନ୍ଧେଇବା ପ୍ରଣାଳୀ:—ଏକା କାନ୍ଧରେ ସବାରିବାଉଁଶକୁ ସମସ୍ତେ ନ କାନ୍ଧେଇ ଜଣେ ଡାହାଣ କାନ୍ଧରେ ଓ ଆଉ ଜଣେ ବାଆଁ କାନ୍ଧରେ କାନ୍ଧିଆନ୍ତି । ଏହିପରି କାନ୍ଧେଇବା ଦ୍ୱାରା ବେହେରାମାନଙ୍କର ଗୋଡ଼କୁ ଗୋଡ଼ ନ ବାଜି ସୁବିଧାରେ ଚାଲି ହୁଏ ଓ ସବାରି ନ ଦୋହଲି କାନ୍ଧରେ ଅସ୍ଥିର ହୋଇ ରହେ । କାନ୍ଧିଆ ବେହେରାମାନଙ୍କର ନାମ:—(୧) ଫିଙ୍ଗ (ଫିଙ୍ଗା), (୨) କୁମ୍ଭ, (୩) ଫିଙ୍ଗାଲ, (୪) କୁମ୍ଭାଲ, (୫) ମୁଲିଆ, (୬) ଗରବ (ଗରଭ), (୭) ଗରବିଆ । କାନ୍ଧିଆ ବେହେରାଙ୍କର ବ୍ୟବହୃତ ଡାକ:—ଏହା ଅନେକ ପ୍ରକାର ଓ ତାହା ୩ ଅକ୍ଷରିଆ, ୪ ଅକ୍ଷରିଆ, ୫ ଅକ୍ଷରିଆ, ୬ ଅକ୍ଷରିଆ ଓ ଭିନ୍ନ ଭିନ୍ନ ରାଗିଣୀବିଶିଷ୍ଟ । ଭିନ୍ନ ଭିନ୍ନ ଅଞ୍ଚଳର ବେହେରାମାନେ ଭିନ୍ନ ଭିନ୍ନ ଶବ୍ଦ ଓ ରାଗିଣୀରେ ଡାକନ୍ତି । ଏହି ଡାକଦ୍ୱାରା ଆଗକାନ୍ଧିଆ ବେହେରାମାନେ ପଛକାନ୍ଧିଆ ବେହେରାମାନଙ୍କ ସଙ୍ଗେ କଥାବାର୍ତ୍ତା ହୁଅନ୍ତି ଓ ସେମାନଙ୍କୁ ସାବଧାନ କରି ଦିଅନ୍ତି । ସେଥି ସଙ୍ଗେ ସଙ୍ଗେ ଅନେକ ରଙ୍ଗ, ଥଟ୍ଟା କଥା ଓ ଅଶ୍ଳୀଳ କଥା ମଧ୍ୟ କହନ୍ତି । ସେଥିରୁ କେତେକ ଏ ଭାଷାକୋଷର ଭିନ୍ନ ଭିନ୍ନ ସ୍ଥାନରେ ଅକ୍ଷରକ୍ରମରେ ଦିଆ ଯାଇଅଛି । ସେମାନେ କେତେକ ବିଶିଷ୍ଟ ଶବ୍ଦ ମଧ୍ୟ ବ୍ୟବହାର କରନ୍ତି । କାନ୍ଧିଆ ବେହେରାମାନଙ୍କ ଗୀତ:—ଆଗ ବେହେରାମାନେ ଡାକ ଡାକିବାରେ ଲାଗିଥାନ୍ତି ଓ ପଛ ବେହେରାମାନେ ସେହି ଡାକକୁ ଶୁଣି ସତର୍କ ହେଉଥାନ୍ତି । ଯେଉଁ ପଞ୍ଝାକ ସବାରି କାନ୍ଧେଇବାରୁ ଅବସର ପାଇ ପଛେ ପଛେ ବହୁ ଦୂରରେ ଚାଲୁଥାନ୍ତି ସେମାନେ ଶ୍ରମାପନୋଦନାର୍ଥ ଓ କାନ୍ଧେଇଥିବା ବେହେରାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପୌରାଣିକ ଓ ସମୟ ସମୟରେ ଅଶ୍ଳୀଳ ଗୀତ ବୋଲୁଥାନ୍ତି । ]

**କାନ୍ଧୁଅ କରିବା**—ଗ୍ରା. କ୍ରି.—କାନ୍ଧ କରିବା (ଦେଖ)
Kāndhua karibā Kāndha karibā (See)

**କାନ୍ଧୁଅ ହେବା**—ଗ୍ରା. କ୍ରି.—କାନ୍ଧ ହେବା (ଦେଖ)
Kāndhua hebā Kāndha hebā (See)

**କାନ୍ଧୁଆ**—ଦେ. ବିଣ.—କାନ୍ଧିଆ ୨ (ଦେଖ)
Kāndhuā Kāndhiā 2 (See)

**କାନ୍ଧେଇବା**—ଦେ. କ୍ରି. (କାନ୍ଧଶବ୍ଦରୁ ଓଡ଼ିଆ ନାମ ଧାତୁ)—
Kāndheibā ୧ । କୌଣସି ବ୍ୟକ୍ତିକୁ କାନ୍ଧରେ ବହନ କରିବା—
କାଁଧାନ 1 To carry a person on the shoulders.
काधाना ୨ । କାନ୍ଧଦ୍ୱାରା ଭାର ବହନ କରିବା—
To carry a load on the shoulders.

**କାନ୍ଧେ ବଳଦ**—ଦେ. ବି.—ଗୋଟିଏ ବଳଦ—
Kāndhe balada One bullock.
[ ଦ୍ର—ଗୋଟିଏ ବଳଦର ଗୋଟିଏ ମାତ୍ର କାନ୍ଧ ଥିବାରୁ ଏପରି ବ୍ୟବହାରିକ ଭୁଲ ଘରେ ହୋଇ । ]

**କାନ୍ଧୋଇବା**—ଗ୍ରା. କ୍ରି.—କାନ୍ଧେଇବା ( ଦେଖ )
Kāndhoibā Kāndheibā (See)

**କାନ୍ୟକୁବୁଜ**—ଗ୍ରା. (ପଦ୍ୟ) ବି—କାନ୍ୟକୁବ୍ଜ (ଦେଖ)
Kānyakubuja Kānyakubja (See)
କାନ୍ୟକୁବୁଜ ନାମେ ଦେଶ
(ଅଜାମିଳର ଜନ୍ମ ବାସ—ଜଗନ୍ନାଥ. ଭାଗବତ ।

**କାନ୍ୟକୁବ୍ଜ**—ସଂ. ବି. (କନ୍ୟା + କୁବ୍ଜ + ଅ)—
Kānyakubja ୧ । କନୌଜ ଦେଶ; କାନ୍ୟାକୁବ୍ଜ (ଦେଖ)
1. Kanyākubja (See)
ଯେଣୁ କୋପ କରିଣ ସମୀର,
କୁବ୍ଜ କଲେ କନ୍ୟାଙ୍କ ଶରୀର ।
ତେଣୁ ହେଲା କାନ୍ୟକୁବ୍ଜ ଦେଶ
ଗାଧି ଅଟନ୍ତି ତାହାଙ୍କ ଦେଶ—ବିଶ୍ୱନାଥ. ବିଚିତ୍ରରାମାୟଣ ।

୨ । କାନ୍ୟକୁବ୍ଜରୁ ଆଗତ ଓ ଓଡ଼ିଶାରେ ଉପନିବେଶ ସ୍ଥାପନ କରିଥିବା ବ୍ରାହ୍ମଣ (ଏମାନଙ୍କର) (ଦୁବେ,ତେୱାରି,ଉପାଧ୍ୟା, ପାଣ୍ଡେ ଆଦି ଉପାଧି)—2. Brahmana Settlers from Kanouj.
୩ । କାନ୍ୟକୁବ୍ଜବାସୀ ବ୍ରାହ୍ମଣ—
3. A Brāhmaṇa resident of Kanouj.

**କାନ୍ହ**—ଗ୍ରା. ବି—ଶ୍ରୀକୃଷ୍ଣ; କାହ୍ନୁ (ଦେଖ)—
Kānha Kānhu (See)
କୃଷ୍ଣ ବୋଲନ୍ତି ଗୋ ଯହିଁ ରାଧା ତହିଁ କାହ୍ନ—ପ୍ରାଚୀ, ରହସ୍ୟମଞ୍ଜରୀ ।

**କାହ୍ନୁ**—ଦେ. ବି (ସଂ. କୃଷ୍ଣ; ପ୍ରା. କାହ୍ନ)—୧ । ଶ୍ରୀକୃଷ୍ଣ—
Kānhu 1. Srikrushṇa.
कान्हू ୨ । ଦେଶ ପ୍ରଚଳିତ ବ୍ୟକ୍ତିର ନାମବିଶେଷ—
कन्हाई 2. A name given to males.

**କାପ୍**—ବୈଦେ. ବି—୧ । (ଇଂ. କପ୍) ପିଆଲା; ପାତ୍ର—
Kāp 1. Cup.
काप ( ଯଥା—ଏକ କାପ୍ ଚା । )
काप ୨ । (ଇଂ. କ୍ୟାପ୍) ଟୋପି—2. Cap.
୩ । ବନ୍ଧୁକର ଟୋପି—3. The firing cap for a muzzle-loading gun.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ୍ର,ଷ | ଙ୍କ | ଇଯୃ | ତ୍ଥ | ଛ |
| ୨ | ଈ | ଊ | ଋୂ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଞ୍ଚ | ନ୍ତ୍ର |

**କାପ୍‌କାପ୍**—ପ୍ରାଦେ. ( ସମ୍ବଲପୁର ) ଅ—(ଶାବ ମଲ୍ଲ ପୂର୍ବରୁ ପାଟିରୁ
Kāpkāp ମେଲା କରିବା ଓ ବୁଜିବା; ଧ୍ୱନ୍ୟନୁକରଣ) ଶୋଚନୀୟ; ମୁମୂର୍ଷୁ ଅବସ୍ଥାପନ୍ନ—Decadent; in a dying condition.

ପଇସା ଥିବା ପର୍ଯ୍ୟନ୍ତ କାଳି ଛଗ କଂଗ୍ରେସ୍ କମେଟିକାଲେ ଟୁଙ୍ଗ୍ ଟୁଙ୍ଗ୍ ହେଉଥିଲେ । ଛଗ ଯେଉଁଠୁ ସରଲା ତହୁଁ ଅବସ୍ଥା ହେଲ 'କାପ୍ କାପ୍' ଆଉ ବାହାର ପଡ଼ଲ ସବୁ କଥା ।
ସମ୍ବଲପୁର ଉତ୍କଳସେବକ ୨୨-୭-୨୧ ।

**କାପ୍‌କାପି**—ପ୍ରାଦେ. (ସମ୍ବଲପୁର) ବ—ପ୍ରଜାପତି—
Kāpkāpi Butterfly.

**କାପ୍‌ଟେନ୍**—ବୈଦେ. ବ ଇଂ. କାପ୍‌ଟେନ୍)—କାପ୍ତାନ୍ (ଦେଖ)—
Kāpten Kāptān (See)

**କାପ୍‌ଡ଼ା**—ପ୍ରାଦେ. (ସମ୍ବଲପୁର) ବ (ସଂ. କର୍ପଟ; ତୁଳ ହିନ୍ଦି କପ୍‌ଡ଼ା)—
Kāprdā ଲୁଗା; ବସ୍ତ୍ର—Cloth.

[ ଦ୍ର—କାପଡ଼ା ଶବ୍ଦ ଲୁଗା ଅର୍ଥରେ ଓଡ଼ିଶାର ଅନ୍ୟ ଅଞ୍ଚଳରେ ବ୍ୟବହୃତ ହୁଏ ନାହିଁ, କିନ୍ତୁ ଶିର୍‌କାପ୍‌ଡ଼ା, ତେଲ୍‌କାପ୍‌ଡ଼ା ଶବ୍ଦରେ ଏହାର ବ୍ୟବହାର ଅଛି । ]

**କାପ୍ରି**—ପ୍ରାଦେ. (ସମ୍ବଲପୁର) ବ—ଭେଷିଜ୍ଲଲତାର ମୂଳ—
Kāpri The root of a medicinal creeper; Hemidesmus Indicus.

**କାପ**—ଦେ. ବ ( ସଂ. କର୍ଣ୍ଣପାଲୀ; ହିନ୍ଦୀ କର୍ଣ୍ଣ ଆଉ; ମୁଣ୍ଡରୁ ହଲାଇଲା-
Kāpa ବେଳେ ଏହା କାନରେ କମ୍ପିବାରୁ )—୧ । ଚଟକା ବା
କନକବଉଳୀ ବର୍ତ୍ତୁଳ କାନର ଅଳଙ୍କାରବିଶେଷ—1. A kind of
काँप; करनफुल flat ear ornament.

ତେଜେନ୍ଦ୍ରଙ୍କ ଅନୁପମ ଶ୍ରବଣର କାପ—ବୃତ୍ତ କେଶରିସୁବର୍ଣ ।

୨ । (ସଂ. କପଟ) ଛଦ୍ମବେଶ; ଛଳନା—
2. Mask; false appearance; pretext.

୩ । ବଙ୍ଗଦେଶରେ ବାରେନ୍ଦ୍ର ଶ୍ରେଣୀର ବ୍ରାହ୍ମଣମାନଙ୍କର କୌଳିନ୍ୟଘଟିତ ଦୋଷରୁ ଘଟିବା ନିକୃଷ୍ଟତା—
3. Inferiority due to infringement of rules of Kulinism amongst the Bārendra Brāhmaṇas of Bengal.

୪ । ପୁରୁଣା ଶଗଡ଼ର ତୁମ୍ବରେ ଅଖଦ୍ୱାର ଘୋରହୋଇ ବଡ଼ କଣା ହୋଇଗଲେ ସରୁ କଣା ଥିବା ଖଣ୍ଡିଏ ଗୋଲ କାଠ, ଯାହା କି ତାହା ମଧ୍ୟରେ ଭୁଞ୍ଜାଇ ଦିଆଯାଏ—
4. A round piece of wood with a small hole put into the nave of a cart-wheel of which the eye has been worn out and enlarged by friction with the axle.

ଦେ. ବିଣ—୧ । କପଟବେଶୀ—1. Wearing a mask.
୨ । କୌତୁକକାରୀ (ଗୋପୀନାଥ ନନ୍ଦ)—2. Sportive.

**କାପଟିକ**—ସଂ. ବ. ପୁଂ (କପଟ + ସଜ୍ଞାର୍ଥେ. ଇକ )—
Kāpatika ୧ । ଶଠ; କପଟୀ—1. Deceitful; guileful.
୨ । କପଟାଗ୍ରସ୍ତ—
2. Hypocritical.
ସଂ. ବ. ପୁଂ—ଛାତ୍ର—Student.

**କାପଟ୍ୟ**—ସଂ. ବ. ( କପଟ + ସ୍ୱାର୍ଥେ ବା ଭାବେ. ଯ; ତୁଳ. ଶୌର୍ଯ୍ୟ,
Kāpaṭya ପାଣ୍ଡିତ୍ୟ )—
୧ । ଶଠତା—1. Deceit.
୨ । କପଟାଚାର—
2. Hypocrisy; dissimulation.
୩ । ଦୁଷ୍ଟତା—3. Wickedness ( M. W. )
୪ । ଅସତ୍‌ପଣ—4. Dishonesty ( M. W. )

[ ଦ୍ର—କପଟ ଶବ୍ଦ ବିଶେଷ୍ୟ; ଏଥିରେ ଭାବାର୍ଥେ ଯ ପ୍ରତ୍ୟୟ ସଂସ୍କୃତ ବ୍ୟାକରଣର ନୀତିବିରୁଦ୍ଧ ଅଟେ । କିନ୍ତୁ ସଂସ୍କୃତ ଗ୍ରନ୍ଥମାନଙ୍କରେ କାପଟ୍ୟ ଶବ୍ଦର ବ୍ୟବହାର ଦୃଷ୍ଟ ହୁଏ ଓ ସଂସ୍କୃତ ଅଭିଧାନକାରମାନେ ( ଯଥା—ୱିଲ୍‌ସନ୍ ସାହେବ, ପ୍ରକୃତିବାଦ ପ୍ରଣେତା ) ଏହାକୁ 'ପାଣ୍ଡିତ୍ୟ' ଶବ୍ଦ ପରି ବିଶେଷ୍ୟରୂପେ ଗ୍ରହଣ କରି ଅଛନ୍ତି ।]

**କାପଡ଼**—ଦେ. ବ—କପଡ଼ା ( ଦେଖ )
Kāpaṛda Kapaṛdā ( See )

ସୁନେଇ ବେଉଛ ମାକୁଡ଼, ରୂପେଇ କାଚୁଛ କାପଡ଼—କାହାଣୀ ।

**କାପଡ଼ା** (ଇତ୍ୟାଦି)—ଦେ. ବ—କପଡ଼ା ଇତ୍ୟାଦି ( ଦେଖ )
Kāpaṛdā (etc) Kapaṛdā etc. (See)

[ ଦ୍ର—ସାଧାରଣତଃ ଏ ଶବ୍ଦ ଶାକାପଡ଼ା ବା ଶିର୍‌କାପଡ଼ା ଓ ତେଲ୍‌କାପଡ଼ାରୂପେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ । ]

**କାପଡ଼ି**—ଦେ. ବ. ( ସଂ. କାର୍ପଟିକ )—
Kāpaṛdi ୧ । ବସ୍ତ୍ର ବିକ୍ରେତା—
कापड़्या 1. A dealer in clothes.
कपरिया ୨ । ଯେ ବୁଲିକରି ଲୁଗା ବିକେ; ପାଟସ୍ଥ—
2. A hawker of cloth.
୩ । (ପ୍ରାଚୀନ ବ୍ୟବହାର) କନ୍ଥାଧାରୀ ଭିକ୍ଷୁକବିଶେଷ—
3. A class of beggars wearing ragged cloth.

**କାପଡ଼ିଆ**—ଦେ. ବ—କାପଡ଼ି ( ଦେଖ )
Kāpaṛdiā Kāpaṛdi ( See )

ବାରଣ କାପଡ଼ିଆ ଯହିଁ ବସେ । ପ୍ରାଚୀ. ଚଉତିଶା ।

**କାପତା**—ଦେ. ବ. ( ସଂ. କପୋତ )—କାପ୍ତା ( ଦେଖ )
Kāpatā Kāptā ( See )

**କାପତାକାପତି**—ଦେ. ବ (ସହଚର ଶବ୍ଦ)—କାପ୍ତାକାପ୍ତି ( ଦେଖ )
Kāpatākāpati Kāptākāpti ( See )

**କାପତାନ୍**—ବୈଦେ. ବ. (ଇଂ. କାପ୍‌ଟେନ୍)—କାପ୍ତାନ୍ ( ଦେଖ )
Kāpatān Kāptān ( See )

**କାପତାର**—ଦେ. ବ—ବନ୍ୟ ବୃକ୍ଷବିଶେଷ (ଏହା ପ୍ରାୟ ୬ ଫୁଟ ଉଚ୍ଚ
Kāpatār ହୁଏ)—Clerodendron Inerme.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାପଟି**—ଦେ. ବି—କାପ୍ତି ( ଦେଖ )—
**Kāpati** Kāpti ( See )

**କାପଥ**—ସଂ. ବି. ( କର୍ମଧାରୟ; କୁ+ପଥିନ୍; କୁ ସ୍ଥାନରେ 'କା' ଆଦେଶ; ତୁଳ. କାପୁରୁଷ )—
**Kāpatha**
୧ । କୁପଥ; କୁତ୍ସିତ ମାର୍ଗ—1. Bad road.
୨ । ନିନ୍ଦିତ ଆଚରଣ—
2 Evil ways; evil conduct.
୩ । ଦାନବିଶେଷ—
3. A kind of religious gift.
ଦେ. ବିଣ—କୁମାର୍ଗାବଲମ୍ବୀ; ନିନ୍ଦିତାଚାରୀ—
Taking to evil ways.

**କାପାଳ**—ସଂ. ବିଣ. ( କପାଳ+ସମ୍ବନ୍ଧାର୍ଥେ. ଅ )—
**Kāpa̱la** କପାଳ ବା ମୁଣ୍ଡର ଖପୁରିସମ୍ବନ୍ଧୀୟ—
Cranial; relating to the skull.
ସଂ. ବି. ପୁଂ—୧ । ନଟ—1. Actor.
(କାପାଳୀ—ସ୍ତ୍ରୀ) ୨ । ଭଣ୍ଡାରି—2. Barber.

**କାପାଳିକ**—ସଂ. ବି. ପୁଂ (କପାଳ=ନରକପାଳ+ସମ୍ବନ୍ଧାର୍ଥେ. ଇକ)—
**Kāpa̱lika** ୧ । ବାମାଚାରୀ ତାନ୍ତ୍ରିକ—
1. A Tāntrika worshipper of Durgā of the order of 'Bāmāchāri'.
[ ଦ୍ର—କାପାଳିକମାନେ ଦେହରେ ମଶାଣି ପାଉଁଶ ବୋଳି ହୁଅନ୍ତି; ଗଳାରେ ଅସ୍ଥିମାଳା ଧାରଣ କରନ୍ତି ଓ ବ୍ୟାଘ୍ରଚର୍ମ ପରିଧାନ କରନ୍ତି । ନରକପାଳ ଏମାନଙ୍କର ଭୋଜନପାତ୍ର ଓ ଘଣ୍ଟାପାତ୍ରର କାର୍ଯ୍ୟ କରେ । ଏମାନେ ସର୍ବଦା ଘଣ୍ଟାଧ୍ୱନି ସହ 'କାଳୀ ଓ ଭୈରବ' ନାମ ଉଚ୍ଚାରଣ କରି ବୁଲନ୍ତି । ]
୨ । ଶିଳ୍ପଜୀବୀ ଶୂଦ୍ରଜାତିବିଶେଷ—
2. Name of an artisan class of the Śūdra caste.
ସଂ. ବିଣ—ନରକପାଳସମ୍ବନ୍ଧୀୟ—Cranial.

**କାପାଳିନୀ**—ସଂ. ବିଣ. ସ୍ତ୍ରୀ. (କାପାଳିନ୍+ସ୍ତ୍ରୀ.ଈ)—କାପାଳୀର ସ୍ତ୍ରୀଲିଙ୍ଗ—
**Kāpa̱lini** Feminine of Kāpa̱li.
ସଂ. ବି. ସ୍ତ୍ରୀ—୧ । ନଟୀ; ବେଶ୍ୟା (ପ୍ରକୃତିବାଦ)—
1. Actress; dancing girl.
୨ । ଭଣ୍ଡାରୁଣୀ (ପ୍ରକୃତିବାଦ)—2. A barber woman.

**କାପାଳୀ**—ସଂ. ବିଣ. ପୁଂ. (କପାଳ+ଅସ୍ତି ଅର୍ଥରେ. ଇନ୍, ୧ମା. ୧ବ.)—
**Kāpa̱li** ବ୍ରତାର୍ଥ ନରକପାଳଧାରୀ—One who holds a
(କାପାଳିନୀ—ସ୍ତ୍ରୀ) skull in observing a religious vow.
ବି. ପୁଂ—୧ । ଶିବ—1. God Śiba.
୨ । ଶିଳ୍ପଜୀବୀ ହିନ୍ଦୁ ଶୂଦ୍ରଜାତିବିଶେଷ—
2. A Śūdra caste amongst the Hindus following various mechanical arts.

ସଂ. ବି. ସ୍ତ୍ରୀ. (କାପାଳ+ସ୍ତ୍ରୀ. ଈ)—୧ । ନଟୀ; ବେଶ୍ୟା—
1. Dancing girl; prostitute.
( ପୁଂ. କାପାଳ ) ୨ । ଭଣ୍ଡାରୁଣୀ—
2. Barber woman.
୩ । ବିଡ଼ଙ୍ଗ; ଗୁଳ୍ମବିଶେଷ—3. Embelia Ribes ( M. W. )
୪ । ଚତୁରା ସ୍ତ୍ରୀ—4. A clever woman ( M. W. )

**କାପି**—ପ୍ରାଦେ. ( ଗଞ୍ଜାମ ) ବୈଦେ. ବି. (ଇଂ. କପି )—କପି (ଦେଖ)
**Kāpi** Kapi ( See )

**କାପିଲ**—ସଂ. ବିଣ. ( କପିଳ+ଅ )—୧ । ପିଙ୍ଗଳବର୍ଣ୍ଣବିଶିଷ୍ଟ—
**Kāpi̱la** 1. Of tawny colour.
୨ । କପିଳମୁନିପ୍ରଣୀତ—
2. Edited by sage Kapi̱la.
ସଂ. ବି—୧ । କପିଳମୁନିପ୍ରଣୀତ ସାଂଖ୍ୟ ଦର୍ଶନ—
1. System of Sāṁkhya philosophy promulgated by sage Kapi̱la.
୨ । ସାଂଖ୍ୟ ମତାବଲମ୍ବୀ ବ୍ୟକ୍ତି—
2. Follower of the Sāṁkhya system of philosophy.
୩ । କପିଳ ମୁନିଙ୍କ ସନ୍ତାନ—
3. Offspring of sage Kapi̱la.

**କାପିଳେୟ**—ସଂ. ବି. ପୁଂ. ( କପିଳ, କପିଳା+ସନ୍ତାନ, ଶିଷ୍ୟ ଅର୍ଥରେ ଏୟ)—୧ । କପିଳାନାମ୍ନୀ ବ୍ରାହ୍ମଣୀର ଗର୍ଭଜାତ ପୁତ୍ର—
**Kāpi̱leya**
1. The son of a Brāhmaṇi Kapi̱lā.
୨ । କପିଳ ଋଷିଙ୍କ ଶିଷ୍ୟ, ପଞ୍ଚଶିଖନାମକ ଋଷି—
2. Sage Pañchaśikha, disciple of Kapi̱la.

**କାପିଶ**—ସଂ. ବି. ( କପିଶା=ମାଧବୀଲତା+ଉତ୍ପନ୍ନାର୍ଥେ. ଅ )—
**Kāpiśa** ମାଧବୀଲତା ବା ପୁଷ୍ପରୁ ଜାତ ମଦ୍ୟ—Wine produced from the flowers or the creeper Mādhabīlatā.

**କାପୁ**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କୁପୁତ୍ର, କାପୋତ=କୁତ୍ସିତ ଶିଶୁ )—ଅଶିଷ୍ଟ; ଅଭଦ୍ର—
**Kāpu**
Impolite; rude; unmannerly.

**କାପୁଆ**—ପ୍ରାଦେ. ( ସମ୍ବଲପୁର ) ବି. ( ପାକୁଆର ବର୍ଣ୍ଣବିପର୍ଯ୍ୟୟ )—
**Kāpuā** ଶ୍ଳଥଚର୍ମ ଦନ୍ତହୀନ ବୃଦ୍ଧ ବ୍ୟକ୍ତି—
Toothless old man with wrinkled skin.
ପ୍ରାଦେ. ( ସମ୍ବଲପୁର ) ବିଣ—ପାକୁଆ (ବ୍ୟକ୍ତି)—
Toothless ( person ).

**କାପୁଡ଼ି**—ଗ୍ରା. ବି—କାପଡ଼ି ( ଦେଖ )
**Kāpuṟḏi** Kāpaṟḏi ( See )

**କାପୁଡ଼ିଆ**—ଦେ. ବି—କାପଡ଼ି ( ଦେଖ )
**Kāpuṟḏiā** Kāpaṟḏi ( See )
ଯୋଡ଼ାଏ ଗାମୁଛ ବଦଳରେ ଜଣେ କାପୁଡ଼ିଆର ସ୍ଥମାତ୍ରା ଚଳେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ରୁ,ରୂ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଣ୍ଣ |
| ୨ | ଇ | ଉ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ | ନ୍ବ |

**କାପୁରୁଷ**—ସଂ. ବି. ପୁଂ. ( କୁ+ପୁରୁଷ; କୁ ସ୍ଥାନରେ କା ଆଦେଶ )—
Kāpurusha ୧ । କୁତ୍ସିତ ବ୍ୟକ୍ତି—1. A wretch; a mean or contemptible person.
କାପୁରୁଷତା, କାପୁରୁଷତ୍ୱ } ବି.
୨ । ଭୀରୁ ବ୍ୟକ୍ତି—2. A coward; a poltroon; a scamp.
୩ । ଯେଉଁ ବ୍ୟକ୍ତି ନାରୀର ମର୍ଯ୍ୟାଦା ରକ୍ଷା କରି ପାରେ ନାହିଁ ( କ୍ଲୀବେନ୍ଦ୍ର )—
3. A person who is unable to protect the honour of women.
୪ । ଯେ ନତମସ୍ତକରେ ଅପମାନ ସହେ—
4 A person who takes insults lying down.

**କାପୁରୁଷିକ**—ସଂ. ବିଣ. ( କାପୁରୁଷ+ସମ୍ବନ୍ଧାର୍ଥେ. ଇକ )—କାପୁରୁଷ-
Kāpurushika ଦ୍ୱାରା କରଣୀୟ; ଭୀରୁ ବ୍ୟକ୍ତିର କରିବା (କର୍ମ)—
Cowardly; befitting a coward.

**କାପୁରୁଷୋଚିତ**—ସଂ. ବିଣ—( ୬ଷ୍ଠୀ ତତ୍; କାପୁରୁଷ+ଉଚିତ )—
Kāpurushochita କାପୁରୁଷିକ ( ଦେଖ )
Kāpurushika ( See )

**କାପେଡ଼ି**—ଗ୍ରା. ବି—କାପଡ଼ି ( ଦେଖ )
Kāpeṛdi Kāpaṛdi ( See )

**କାପେଡ଼ିଆ**—ଗ୍ରା. ବି—କାପଡ଼ି ( ଦେଖ )
Kāpeṛdiā Kāpaṛdi ( See )

**କାପେୟ**—ସଂ. ବି. ( କପି+ଏୟ )—୧ । କପିସମୂହ—
Kāpeya 1. A herd of monkeys.
୨ । ବାନରର ଅପତ୍ୟ;ମାକଡ଼ ଛୁଆ—2. Offspring of a monkey.
୩ । ବାନରୋଚିତ କର୍ମ—
3. Slovenly act.
୪ । ଶୌନକଋଷି—4. Sage Śaunaka.
ସଂ. ବି—୧ । କପିସମ୍ବନ୍ଧୀୟ—
1. Relating to monkeys.
୨ । ବାନରବଂଶୀୟ—
2. Related to the family of monkeys.
୩ । ବାନରଠାରୁ ଜାତ—3. Born of a monkey.

**କାପୋଡ଼ିଆ**—ଦେ. ବି (ସଂ. କାର୍ପଟିକ)—କାପଡ଼ି (ଦେଖ)
Kāpoṛdiā Kāpaṛdi (See)

ମାରୁଥିଲେ କାପୋଡ଼ିଆ ଭେକଧାରୀ ମୂଢ଼,
ବାଣିଜ୍ୟ ବେପାରଦ୍ୱାର ରଖିଛନ୍ତି ମୂଢ଼—ପଦ୍ମଚରଣ ସାହୁ. ଭ୍ରମଣ ।

**କାପୋତ**—ସଂ. ବି. (କପୋତ+ସମୂହାର୍ଥେ. ଅ)—୧ । କପୋତସମୂହ—
Kāpota 1 A flight or flock of doves.
୨ । କପୋତବୃତ୍ତି; ଉଞ୍ଛବୃତ୍ତି; ନଡ଼ ଯାହା ପାଇବ ତାହା ଗୋଟେଇ ଖାଇବା ବୃତ୍ତି—
2. Precarious existence; eking out a livelihood from hand to mouth.
୩ । ସୁର୍ମା; ସୌବୀରାଞ୍ଜନ—
3. Sulphurate of antimony.
୪ । କ୍ଷାରବିଶେଷ—4. A kind of salt or ash.
୫ । କପୋତ ବର୍ଣ୍ଣ; କର୍ବୁର ବର୍ଣ୍ଣ—
5. Variegated colour.
୬ । (କୁ+ପୋତ)—କୁତ୍ସିତ ଶିଶୁ; ଅତି ଦୁର୍ବଳ ବାଳକ—
6. A weakling; a delicate child.
୭ । (କୁ+ପୋତ) କୁତ୍ସିତ ନୌକା; ଦଦରା ଡଙ୍ଗା—
7. A leaking boat; a wretched boat.

**କାପୋତବୃତ୍ତି**—ସଂ. ବି. ( ୬ଷ୍ଠୀ ତତ୍; କପୋତ+ବୃତ୍ତି )—
Kāpotabṛutti ୧ । ଅକାଶବୃତ୍ତି; ଜୀବିକାନିର୍ବାହାର୍ଥ ଆକାଶକୁ ଚାହିଁ ରହିବା ଭାବ—1. The state of having no means of livelihood.
୨ । ନଡ଼ ଯାହା ମିଳିବ ତାହା କପୋତ ପରି ଗୋଟେଇ ଖାଇବା ବୃତ୍ତି—2. Precarious existence; hand to mouth existence.
ସଂ. ବିଣ—୧ । ଜୀବିକାହୀନ—
1. Having no means of existence.
୨ । ଯେ ନଡ଼ ଯାହା ପାଏ ତାହା ଖାଏ—
2. Living from hand to mouth.
୩ । କାଲି ପାଇଁ ଯେ କିଛି ମାତ୍ର ସଞ୍ଚୟ ନ କରେ—
3. Storing nothing for tomorrow.

**କାପୋତାଞ୍ଜନ**—ସଂ. ବି.—ସୌବୀରାଞ୍ଜନ; ସୁର୍ମା—
Kāpotāñjana Sulphurate of antimony.

**କାପ୍ତା**—ଦେ. ବି. (ସଂ. କପୋତ)—କପୋତପକ୍ଷୀ—
Kāptā Spotted dove.
**ଘୁଘୁ**
**ଫୋଡୁକୀ,**
**ଫାଲତା, ଫାଡୁକ**

କାପ୍ତି ଲୋ ! କାପ୍ତି ଲୋ ! ମାଠିଆ ମୁଣ୍ଡରେ ଘା,
ଯେବେ ହୋଇଥିବୁ କାପ୍ତା ଛୁଆ ଗୋଡ଼େଇ ଗୋଡ଼େଇ ଖା ।
ଶିଶୁଗୀତ ।

[ ଦ୍ର—କାପ୍ତା ଚାରି ଜାତିର—୧ । ନେଳ କାପ୍ତା (ଏହାର କଣ୍ଠରେ ନେଳ ଗାର ଥାଏ; ୨ । ପାଣ୍ଡରା କାପ୍ତା ( ଏହାର ବର୍ଣ୍ଣ ପାଉଁଶିଆ ); ୩ । କୋପ୍ତି କାପ୍ତା (.ଏହା ସଂ. କୁରରୀ); ଓ ୪ । ଚୋଇଥିଆ କାପ୍ତା ( ଏହାର ପକ୍ଷ କୋଳଥ ପରି ବର୍ଣ୍ଣବିଶିଷ୍ଟ । ]

**କାପ୍ତା କାପ୍ତି**—ଦେ. ବି. ( ଦ୍ୱନ୍ଦ୍ୱର ଯୋଗ; କପୋତ+କପୋତୀ )—
Kāptā kāpti ୧ । କପୋତ ଦ୍ୱନ୍ଦ୍ୱ—
**ଫଡୁକ ଫେଡୁକୀ** 1. A pair of doves.
୨ । ପୁରାଣୋକ୍ତ କପୋତ କପୋତୀ—
2. The mythological pair of doves mentioned in the Purāṇas.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାନା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଜାଇ' ନ ମିଳିଲେ 'ଯାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'ଦେଖିବେ ।

[ ଦ୍ର—୧ । ଗୋଟିଏ କପୋତକୁ ବ୍ୟାଧ ଧରି ତାକୁ ଅଗ୍ନିରେ ପୋଡ଼ିଲା, ଏହା ଦେଖି କପୋତୀ ସେ ଅଗ୍ନିରେ ପଡ଼ି ଝାସ ଦେଇ ଥିବା କଥା ପୁରାଣରେ ଅଛି । ୨ । କାର୍ତ୍ତିକ ମାସରେ ହବିଷ୍ୟାଶୀମାନେ ହବିଷ୍ୟାନ୍ନ ବଢ଼ା ହୋଇଥିବା ପତରକୁ ରାଧାଦାମୋଦରଙ୍କ ନାମରେ ନୈବେଦ୍ୟରୂପେ ଉତ୍ସର୍ଗ କରସାରି ସେହି ପତର ପାଖରେ ଦୁଇ ଖଣ୍ଡ ସାନ ପତ୍ରରେ କିଞ୍ଚିତ୍ ଅନ୍ନ ରଖି ସେ ଦୁଇଖଣ୍ଡି ପତ୍ରକୁ କାପ୍ତା ଓ କାପ୍ତିଙ୍କ ନାମରେ ପାଣିଛଡ଼ାନ୍ତି । ]

**କାପ୍ତା କାପ୍ତି ଉଡ଼େଇବା**—ଦେ. କି—କାର୍ତ୍ତିକ ମାସର ଦାମୋଦର-
Kāptā kāpti urdeibā ବ୍ରତ ଉଜାଇଁବା—
To conclude the Dāmodara Brata vow observed during the month of Kārtika.

[ଦ୍ର—ହବିଷ୍ୟାଶୀମାନେ କାର୍ତ୍ତିକମାସଯାକ ହବିଷ୍ୟାନ୍ନ ବଢ଼ାହେବା ପତର ପାଖରେ ଦୁଇଖଣ୍ଡି କ୍ଷୁଦ୍ର ପତ୍ରରେ କିଞ୍ଚିତ୍ ଅନ୍ନ ରଖି ତାକୁ କାପ୍ତା କାପ୍ତିଙ୍କ ନାମରେ ଉତ୍ସର୍ଗ କରୁଥାନ୍ତି ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ କାର୍ତ୍ତିକ ମାସଯାକ କରିଥିବା ଦାମୋଦରବ୍ରତକୁ ଉଦ୍‌ଯାପନ କରି କପୋତ କପୋତୀରୂପକୁ ମୁରୁଜରେ ଲେଖି ତାଙ୍କୁ ପୂଜା କରି ବିସର୍ଜନ କରିବା ନିମନ୍ତେ ହାତ ତାଳି ମାରି ଅଙ୍କିତ ପକ୍ଷୀଦ୍ୱୟଙ୍କୁ କଳ୍ପନା ଦ୍ୱାରା ଉଡ଼ାଇ ଦିଅନ୍ତି; ଏହି ପ୍ରଥାକୁ କାପ୍ତା କାପ୍ତି ଉଡ଼େଇବା କହନ୍ତି । ]

**କାପ୍ତାନ୍**—ବୈଦେ. ବି. ( ଇଂ. କାପ୍ଟେନ୍ )—
Kaptān ୧ । ଜାହାଜର ଅଧ୍ୟକ୍ଷ; ନୌସ୍ୱାମୀ—
କାପ୍ତେନ 1. Captain of a ship.
**कपतान,कापतान** ୨ । ଏକ ଦଳ ସେନାର ନାୟକ; ସେନାଧ୍ୟକ୍ଷ—
2. Captain of a body of soldiers.

**କାପ୍ତାନି**—ଦେ. ବି—କାପ୍ତାନର କର୍ମ—
Kaptāni Captainship.

**କାପ୍ତି**—ଦେ. ବି. ( ସଂ. କପୋତୀ )—କପୋତୀ—
Kāpti She dove; a she-turtle-dove.

**କାପ୍ୟ**—ସଂ. ବିଣ. ( କପି+ଯ )—
Kāpya କପି ଋଷିଙ୍କ ଗୋତ୍ରସମ୍ଭୂତ ( ହି. ଶବ୍ଦସାଗର )—
Born of the clan of sage Kapi.
ସଂ. ବି—କପି ଋଷିଙ୍କ ପ୍ରବର୍ତ୍ତିତ ଗୋତ୍ର (ହି. ଶବ୍ଦସାଗର)—
1. A clan of which sage Kapi was the progenitor.
୨ । ଅଙ୍ଗିରସ ଋଷି—2. Sage Aṅgirasa.

**କାପ୍ୟକର**—ସଂ. ବିଣ. ପୁଂ. ( କୁ=କୁତ୍ସିତ+ଆପ୍ୟ=ପ୍ରାପ୍ୟ=କାପ୍ୟ;
Kāpyakara କାପ୍ୟ+କୃ ଧାତୁ+କର୍ତ୍ତୃ. ଅ )—
୧ । ଯେ ପାପ କରି ପ୍ରକାଶ କରେ । ଯେ ସ୍ୱକୃତ ପାପ ପ୍ରକାଶ-ପୂର୍ବକ ପାପମୁକ୍ତ ହେବ ବୋଲି ମନେକରେ (ଜ୍ଞାନେନ୍ଦ୍ର)—
1. A person who confesses and publishes his sins.
୨ । ପାପକାରୀ; ପାପାସକ୍ତ ( ଜ୍ଞାନେନ୍ଦ୍ର )—
2. Sinful; sinning.

**କାଫରି**—ବୈଦେ. ବି. (ଅ)—କାଫରି ( ଦେଖ )
Kāphri Kāphari ( See )

**କାଫର୍ଡ଼**—ଦେ. ବି. ( ସଂ. କଟ୍‌ଫଳ; କାଫଳ )—
Kāpharda କଟ୍‌ଫଳ ( ଦେଖ )
Katphala ( See )

**କାଫର୍**—ବୈଦେ. ବି ( ଅ. କାଫର୍; କାଫିର୍ )—
Kāphar ୧ । ନାସ୍ତିକ; ଯେ ଏକେଶ୍ୱରବାଦୀ ନୁହେ—
କାଫେର 1. Atheist; an infidel.
**काफिर** ୨ । ( ମୁସଲମାନ୍ ମତରେ ) ମୁସଲମାନ୍‌ମାନଙ୍କ ଛଡ଼ା ଅନ୍ୟ ଧର୍ମାବଲମ୍ବୀ ବ୍ୟକ୍ତି—
2. A non-Muslim; a heathen.
ବିଣ—୧ । ନାସ୍ତିକ—1. Atheistic.
୨ । ଯେ ଏକେଶ୍ୱରବାଦୀ ନୁହେ—
2. Not believing in one God-head.
[ ଦ୍ର—ଅ. କେୟାଫର୍ ବା କାଫର୍ ଶବ୍ଦର ଅର୍ଥ,ଯେ ଆଖିରେ ନ ଦେଖି ବିଶ୍ୱାସ କରେ ନାହିଁ । ମୁସଲମାନ୍‌ମାନେ ଈଶ୍ୱରଙ୍କୁ ଆଖିରେ ନ ଦେଖି ହଜ୍‌ରତ୍ ମହମ୍ମଦଙ୍କଠାରୁ ଶୁଣି ଈଶ୍ୱରଙ୍କୁ ବିଶ୍ୱାସ କଲେ ବୋଲି ସେମାନେ କାଫର୍ ନୁହନ୍ତି । ମୁସଲମାନଙ୍କ ମତରେ ହିନ୍ଦୁମାନେ ଈଶ୍ୱରଙ୍କୁ ଆଖିରେ ନ ଦେଖି ବିଶ୍ୱାସ କରନ୍ତି ନାହିଁ, ଅର୍ଥାତ୍ ଈଶ୍ୱରଙ୍କୁ ପ୍ରତିମାରୂପେ ଆଖିରେ ଦେଖି ବିଶ୍ୱାସ କରନ୍ତି, ଅତଏବ ସେମାନେ କାଫର୍ । ଜ୍ଞାନେନ୍ଦ୍ରଙ୍କ ଉଦ୍ଧୃତ ଫକୀର୍ ଅଲଫ୍ ସାହାଙ୍କ ବ୍ୟାଖ୍ୟା । ]

**କାଫରି**—ବୈଦେ. ବି (ଅ. କାଫିର୍; ଇଂ. ଆଫ୍ରିକା; ପର୍ତ୍ତୁଗୀଜ. କାଫ୍ରେ)—
Kāphari ୧ । ଆଫ୍ରିକା ଦେଶର କୃଷ୍ଣାଙ୍ଗ କୁଞ୍ଚିତକେଶ ଆଦିମ-
କାଫ୍ରୀ ନିବାସୀ; ନିଗ୍ରୋ—
**काफरी** An African; the Negro; Kaffir; the aboriginal tribe of Africa.
[ ଦ୍ର—ଏମାନଙ୍କ ଶରୀରର ବର୍ଣ୍ଣ ଘୋର କୃଷ୍ଣ; ମୁଣ୍ଡର ବାଳ କ୍ଷୁଦ୍ର ଓ କୁଞ୍ଚୁକୁଞ୍ଚିଆ ଏବଂ ଓଠ ଚଉଡ଼ା ଏବଂ ମୋଟ । ]
ବିଣ—ଆଫ୍ରିକାର କାଫ୍ରୀ ଜାତୀୟ—
Negro; African.

**କାଫଲ୍ କାଫଲ୍**—ପ୍ରାଦେ. (ସମ୍ବଲପୁର) ଅ. (ଧ୍ୱନ୍ୟନୁକରଣ)—
Kāphal kāphal ଗପାଗପ୍; ଚଞ୍ଚଳ ଚଞ୍ଚଳ ଖାଦ୍ୟକୁ ପାଟିରେ ପୂରାଇ ଖାଇବା ପ୍ରକାରେ—
Gulping down food by smacking the lips.

**କାଫଳ**—ସଂ.ବି. (କୁ+ଫଳ; କୁ ସ୍ଥାନରେ କା ଆଦେଶ)—
Kāphala କଟ୍‌ଫଳ ( ଦେଖ )
Katphala ( See )

| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ୍ | ଡ୍ଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ଙ୍କ | ନ୍ତ |

**କାଫଲା**—ବୈଦେ. ବି. ( ଆ. କାଫିଲା )—
Kāphalā ୧ । ତୀର୍ଥଯାତ୍ରୀଙ୍କ ଦଳ; ପଥିକଙ୍କ ଦଳ—
କାଫିଲା 1. A company of travellers; a caravan.
କାଫିଲା [ ଦ୍ର—କଟକରେ ଗୋଟିଏ ବଜାରର ନାମ କାଫଲା-ବଜାର । ]
୨ । ଦଳ—2. A company; group.

**କାଫି**—ବୈଦେ. ବି. ( ତୁର୍କ. କହ୍‌ଫି; ଇଂ. କଫ୍‌ଫୀ; ଆ. କାଓଆ )—
Kāphi ୧ । ଆରବ ଓ ଅଫ୍ରିକା ଦେଶର ଅନ୍ତ
ସ. ଅଟରୁ; ମ୍ଲେଚ୍ଛଫଳ ଗଛ ଜାତୀୟ ଗଛ ଓ ତହିଁର ବୀଜ;
କାଫି କାଫି ( ଦେଖ )—
କଫି 1. Coffea Arabica; the Coffee plant; Kāphi ( See )
୨ । କାଫି ଗଛର ଫଳ—
2. The coffee berries.
୩ । କାଫି ଗଛ ଫଳର ଭଜା ଚୂନା—
3. The powder of the berries fried and pounded for use.
୪ । ଗରମ ପାଣିରେ କାଫିଚୂର୍ଣ୍ଣ ମିଶାଇ ତାକୁ ଛାଣି ତହିଁରୁ ପ୍ରସ୍ତୁତ ପାନୀୟ—
4. The drink prepared from coffee.
[ ଦ୍ର—ଏଥିର ବୀଜ ଭାଜି ଚୂନା କରି ସିଦ୍ଧ ଜଳରେ ମିଶାଇ, ଛାଣି ସେ ପାଣିକୁ ଦୁଧ ଓ ଚିନି ସଙ୍ଗେ ମିଶାଇ, ଲୋକେ ଶରୀରର ଆଳସ୍ୟ ନିବାରଣାର୍ଥ ସେବନ କରନ୍ତି । ଏହା ବର୍ତ୍ତମାନ ଲଙ୍କା ଓ ଦକ୍ଷିଣ ଭାରତରେ ଉତ୍ପନ୍ନ ହୁଏ । ]
ବୈଦେ. ବିଣ. ( ଆ. କାଫୀ ) ( କଚରଆ ଭାଷା )—
୧ । କାର୍ଯ୍ୟକାରୀ; ଫଳପ୍ରଦ—
1. Effective; effectual; efficacious.
୨ । ପ୍ରୟୋଜନୀୟ—2. Useful.
୩ । ଯେତିକି ପ୍ରୟୋଜନୀୟ ସେତିକି—
3. So much as is necessary.
୪ । ଯଥେଷ୍ଟ; ପର୍ଯ୍ୟାପ୍ତ—4. Sufficient; enough.
ଦେ. ବି—ସଙ୍ଗୀତର ରାଗିଣୀବିଶେଷ—
Name of a musical air.
[ ଦ୍ର—କାଫିରାଗ—ସମ୍ପୂର୍ଣ୍ଣ ଜାତିର ଗୋଟିଏ ରାଗ, ଏଥିରେ ଗାନ୍ଧାର ଓ କୋମଳ ସ୍ୱର ଲାଗେ । ଏହା ଅଶାବରୀ, ସୁର୍ଜନୀ ଓ ଭୈରବୀ ରାଗମାନଙ୍କ ଯୋଗରେ ଉତ୍ପନ୍ନ । ଏହା ଗାଇବାର ସମୟ ୧୦ ଦଣ୍ଡଠାରୁ ୧୬ ଦଣ୍ଡ । ଏଥିସଙ୍ଗେ କାନଡ଼ା, ତୋଡ଼ି, ହୋଲି ଆଦି କେତେକ ରାଗ ମଧ୍ୟ ଯୁକ୍ତ ହୁଏ । ଜ୍ଞାନେନ୍ଦ୍ର; ହି. ଶବ୍ଦସାଗର । ]

**କାଫିବା**—ଦେ. କ୍ରି. ( ଆ. କାଫୀ=ଯଥେଷ୍ଟ )—୧ । ସଫଳ ହେବା—
Kāphibā 1. To be effective.
( କାଫେଇବା—ଅନ୍ୟରୂପ ) ୨ । ପ୍ରୟୋଜନୀୟ ହେବା; କାମରେ
କାଫିହଓୟା ଲାଗିବା—2. To be of use.
କାଫିହୋନା ୩ । ଅଣ୍ଟିବା; ଉପଯୁକ୍ତ ହେବା—
3. To suffice; to be enough.

**କାଫିରି**—ବୈଦେ. ବି. ( ଆ. )—କାଫରି ( ଦେଖ )
Kāphiri Kāphari ( See )

**କାଫେ**—ବୈଦେ. ବି. (ଫ୍ରେଞ୍ଚ)—ଗୃ, କାଫି ବା ମଦ ଆଦର ପାନାଳୟ—
Kāphe Cafe.

**କାଫେଇବା**—ଦେ. କ୍ରି. ( ଆ. କାଫୀ=ଯଥେଷ୍ଟ )—କାଫିବା (ଦେଖ )
Kāpheibā Kāphibā ( See )

**କାଫେରି**—ବୈଦେ. ବି. ( ଆ. )—କାଫରି ( ଦେଖ )
Kāpheri Kāphari ( See )

**କାବକାଣ**—ପ୍ରାଦେ. ( ଗଞ୍ଜାମ ) ବିଣ. ( ସ. କାଣ=ଏକଚକ୍ଷୁହୀନ )—
Kābakāṇa ୧ । ଦୁର୍ବଳ; ନିର୍ବଳ; ନିରାଶ୍ରୟ—
1. Helpless; weak.
୨ । ଦୃଷ୍ଟିହୀନ—2. Sightless; devoid of sight.
ଓଡ଼ିଶା କାବକାଣ । ଯେ ମାଇଲା ସେ ଠାଣ—
ଦୈନିକ ଆଶା. ୨୨ । ୧୧ । ୨୮ ।

**କାବକାଣିଆ**—ପ୍ରାଦେ. ( ଗଞ୍ଜାମ ) ବିଣ. ( ତେଲୁ.;ହି. କାପୁରୁ=ଗାଏବ୍; ହଠାତ୍ ଅଦୃଶ୍ୟ)—ଗାଏବ୍; ଅଦୃଶ୍ୟ ହୋଇଥିବା—
Kābakāṇiā Missing; disappeared.

**କାବଚିକ**—ସ. ବିଣ. ( କବଚ+ଧାରଣାର୍ଥେ. ଇକ )—କବଚଧାରୀ
Kābachika ( ବ୍ୟକ୍ତି )—Wearing armour; mailed.
ସ. ବି—କବଚଧାରୀ ବ୍ୟକ୍ତି ସମୂହ—
A body of mailed warriors.

**କାବଡ଼ା**—ଦେ. ବିଣ. ପୁଂ.—କାବାଡ଼ ( ଦେଖ )
Kābaṛā Kābāṛda ( See )
( କାବଡ଼ୀ—ସ୍ତ୍ରୀ )

**କାବତା**—ପ୍ରାଦେ. ( ଗଡ଼ଜାତ ) ବି—କାପ୍ତା ( ଦେଖ )
Kābatā Kāptā ( See )

**କାବରା**—ପ୍ରାଦେ. ( ଗଞ୍ଜାମ ) ବି. ( ଇଂ. କଭର୍ )—ଚିଠିର ଲଫାପା
Kābarā ବା ବହିଆବରଣ—Cover or envelope of a letter.

**କାବା**—ଦେ. ବିଣ. ( ପୁଂ. ଓ ସ୍ତ୍ରୀ. ) ( ଫା. କାବାର୍ ଅର୍ଥ ଭୁଣ୍ଡାର ଏକ
Kābā ପେଷ; ଏଥିରେ ମଲ୍ଲ ବିପକ୍ଷର ପଛଆଡ଼ୁ ଏକ ହାତରେ
କାବରା ତା ପିଠିକୁ ଠେଲି ରଖି ଆଉ ହାତରେ ତା ଗୋଡ଼ର
ଘାବଡ଼ାଜାନା ଗଣ୍ଠିକୁ ଟାଣି ତାକୁ ହଠାତ୍ ତଳେ ପକାଇ ଦିଏ )—
୧ । ବିସ୍ମିତ; ଆଶ୍ଚର୍ଯ୍ୟାନ୍ୱିତ—
1. Astonished; startled.
ସୁନ୍ଦରକେ ଭୁକ୍ତ ନାଟ ଦେଖି କାବା । ଭ୍ରାତାଙ୍କ ଚରଣାର ।
୨ । କିଂକର୍ତ୍ତବ୍ୟବିମୂଢ଼; ଘାବରା—
2. Struck dumb; bewildered; thunderstruck; dumbfounded.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଓଲୁ; ନିର୍ବୁଦ୍ଧିଆ—3. Foolish; idiotic.

**କାବା** ବୈଦେ. ବି. ( ଆ. )—ମକ୍କାରେ ଥିବା ମୁସଲମାନ୍‌ମାନଙ୍କ
**काबा** ଚତୁଷ୍କୋଣ ପୂଜାମନ୍ଦିର ଓ ତୀର୍ଥ—
**کعبه** The Mahomedan temple at Mecca.
[ ଦ୍ର—ମୁସଲମାନମାନେ ହଜ୍ କରିବା ଉପଲକ୍ଷରେ ଏଠାକୁ ଯାଆନ୍ତି । ଏଠାରେ ହଜରତ୍ ମହମ୍ମଦଙ୍କ ପୂର୍ବେ ଦେବପ୍ରତିମାମାନ ପୂଜା ପାଉଥିଲେ । ମହମ୍ମଦ୍ ସେଗୁଡ଼ିକ ସେଠାରୁ କାଢ଼ି ଦେଇ ନିଜେ ସେଠାରେ ରହିଲେ । କାବାର ମନ୍ଦିର ମଧ୍ୟରେ ଫିରସ୍ତା ଅବ୍ରାହାମ୍ କର୍ତ୍ତୃକ ପ୍ରଦତ୍ତ କୃଷ୍ଣ ପ୍ରସ୍ତର ରକ୍ଷିତ ହୋଇଅଛି । ]

**କାବାଖେଞ୍ଚ**—ଦେ. ବିଣ—କାବା ( ଦେଖ )
Kābākhench Kābā ( See )

**କାବାଡ଼**—ଦେ. ବିଣ. ପୁଂ. ( ତୁଳ; ସଂ. କର୍ପଟ=ଚିରକନା; ହି. କବାଡ଼ିଆ=ତୁଚ୍ଛ ବ୍ୟବସାୟୀ ବ୍ୟକ୍ତି; ବ. କାବାଡ଼ୀ—
Kābarda (କାବାଡ଼ୀ—ସ୍ତ୍ରୀ) ପୁରୁଣା ଜିନିଷ ବିକ୍ରୟକାରୀ ବ୍ୟକ୍ତି )—
୧ । ନିର୍ବୁଦ୍ଧିଆ; ଓଲୁ—1. Idiotic; foolish; dupe.
୨ । ନୀଚ; ହୀନ ( ବ୍ୟକ୍ତି )—2. Low;mean.

**କାବାଡ଼ିଆ**—ଦେ. ବିଣ. ସ୍ତ୍ରୀ.—କାବାଡ଼ ( ଦେଖ )
Kābardia Kābarda ( See )

**କାବାଡ଼ୀ**—ଦେ. ବିଣ. ସ୍ତ୍ରୀ—ଓଲୁ ( ସ୍ତ୍ରୀ )—
Kābardi Idiotic; foolish ( woman ).

**କାବାଣୀ**—ଦେ. ବିଣ. ସ୍ତ୍ରୀ. ( କାବାର ସ୍ତ୍ରୀଲିଙ୍ଗ )—ନିର୍ବୁଦ୍ଧି ( ସ୍ତ୍ରୀ );
Kābāni ଓଲମୀ—Idiotic or foolish(woman).

**କାବାର୍**—ବୈଦେ. ବି. ଓ ବିଣ—କଵାର୍ ( ଦେଖ )
Kābār Kawār ( See )

**କାବାର**—ସଂ. ବି. ( କ=ଜଳ+ଆ+ବୃ ଧାତୁ=ଆଚ୍ଛାଦନ କରିବା
Kābāra +କର୍ତ୍ତୃ. ଅ)—ଶିଉଳ, ଶୈବାଳ—Moss (Apte).

**କାବାରି**—ପ୍ରାଦେ. ( ସମ୍ବଲପୁର ) ବିଣ—ନିର୍ବୁଦ୍ଧିଆ; ଓଲୁ—
Kābāri Stupid; foolish.

**କାବାରୀ**—ସଂ. ବି. ( ତୁଳ, ଇଂ. କଭର )—ବେଣ୍ଟ ନ ଥିବା ଛତା;
Kābāri ଛାତି—An umbrella without handle or stick (Apte).

**କାବିଲ୍**—ବୈଦେ. ବିଣ. ( ଆ. ) ( କଚରଥିଆ ଶବ୍ଦ )—
Kābil ୧ । ଯୋଗ୍ୟ; ଉପଯୁକ୍ତ; ଲାୟକ—
**काबिल** 1. Deserving; fit.
**قابل** ୨ । ଉଚିତ—2. Proper; befitting.

**କାବୁ**—ବୈଦେ. ବିଣ. ତୁର୍କି. କାବୁ=ବଶତା; ଅଧିକାର; ଅକ୍ତିଆର)—
Kābu ୧ । କ୍ଷମତାହୀନ—
**काबू** 1. Powerless; deprived of power.
**قابو** କର ଜେବେ ସେବେ ଲୋକେ ସେହି କାବୁ,
ସେଠାରେ ନ ଅଛେ କେହି ଦେଖି ବାବୁ—ସ୍ୱାଧୀନତା. ଦରବାର ।
୨ । ଅନାୟତ୍ତ; ଅଭିଭୂତ—2. Attacked; beset.
୩ । ଆୟତ୍ତ; ବଶୀଭୂତ—
3. Brought under control.
୪ । ପୀଡ଼ିତ—4. Diseased.
୫ । ଦୁର୍ବଳୀକୃତ—5. Weakened.
୬ । ପରାସ୍ତ—6. Defeated.
ଦେ. ବି—୧ । ଅଧିକାର; କ୍ଷମତା—
1. Power; authority.
୨ । ବଶତା; ଅକ୍ତିଆର—
2. Control; grip or hold.
୩ । ବଳ—3. Strength.

**କାବୁ କରିବା**—ଦେ. କ୍ରି—୧ । କ୍ଷମତାହୀନ କରିବା—
Kābu kariba 1. To render powerless.
**काबूकरना** ୨ । ଅନାୟତ୍ତ କରିବା—
**قابوكرنا** 2. To bring under control.
୩ । ଦୃଢ଼ଭାବରେ ଧରିବା—
3. To securely grip; to secure.
୪ । ପରାଜିତ କରିବା—4. To vanquish.

**କାବୁଚି**—ଦେ. ବିଣ. ( ତୁଳ. କାବୁ )—୧ । ପରର ଆୟତ୍ତ; ଅଧୀନ—
Kābuchi 1. Under another's power of control.
୨ । ପରାଜିତ—2. Vanquished.

**କାବୁ ପାଇବା (ମୋର)**—ଦେ. ବି—
Kābu paiba (ନିଜର ସାଧାୟତ୍ତ ବୋଲି ଜଣାଯିବା—
1. The state o. being thought practicable.
୨ । (ମୋତେ) ସୁବିଧା ବା ଦାଉ ମିଳିବା—
2. The getting of an opportunity.

**କାବୁଲ୍**—ଦେ. ବି. (ନାମ)— (ଏଥିର ପ୍ରାଚୀନ ସଂ. ନାମ କୁଭା)—
Kābul ୧ । ଭାରତର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ସ୍ୱାଧୀନ ରାଜ୍ୟ
**काबुल** ଅଫଗାନିସ୍ତାନର ରାଜଧାନୀ—
**كابل** 1. Kabul, the capital of Afganistan.
[ ଦ୍ର—ଏହାର ଶାସନକର୍ତ୍ତାଙ୍କୁ ଅମୀର ବୋଲାଯାଏ । ]
୨ । ସିନ୍ଧୁ ନଦୀର ଉପନଦୀ; ଏହା ହିନ୍ଦୁକୁଶ ପର୍ବତର ଶାଖା କୋହିବାବାରୁ ବାହାରି ପେଶବାର ନିକଟରେ ସିନ୍ଧୁ ନଦୀରେ ମିଶିଅଛି—
2. Name o f a tributary of the Indus on which the town o Kabul stands.

**କାବୁଲି**—ଦେ. ବିଣ—କାବୁଲଦେଶୀୟ; କାବୁଲଦେଶୋତ୍ପନ୍ନ—
Kābuli Belonging to Kabul or produced in
**काबुली** Kabul.
**كابلى** ଦେ. ବି—୧ । କାବୁଲ ଦେଶୀୟ ବ୍ୟକ୍ତି—
1. Peshwari; a man of Kabul.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ନ | ଙ୍ଘ | ଞ |
| ୨ | ଈ | ଊ | ରୁ | ଲ୍ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ଁ | ନ୍ଟ |

୨ । କାବୁଲିମାନଙ୍କର ଭାଷା ପୁସ୍ତୁ ଭାଷା—
2. The Pushtoo language of the people of Kabul.

**କାବୁଲି କଦଳୀ**—ଦେ. ବି—ଏକ ଜାତୀୟ କ୍ଷୁଦ୍ର କଦଳୀ ବୃକ୍ଷ ଓ ତହିଁର ଫଳ—A variety of dwarf Banana plant and its fruit.
Kābuli kadali
काबुलीकला
**काबुलीकेला**

**କାବୁଲି ମେଉଆ**—ଦେ. ବି—କାବୁଲ ଅଞ୍ଚଳରୁ ଭାରତକୁ ଆସୁଥିବା କିସ୍‌ମିସ୍‌, ବାଦାମ ଆଦି ଫଳ—Raisin and other fruits imported from Kābul.
Kābuli meuā
काबुलीमेओया
**काबुलीमेवा**

**କାବେଡ଼ା**—ଦେ. ବିଣ. ପୁଂ—କାବାଡ଼ ( ଦେଖ )
Kāberdā — Kābarda ( See )
(କାବେଡ଼ୀ—ସ୍ତ୍ରୀ) .

**କାବେର**—ସଂ. ବି ( କବ୍ ଧାତୁ=ରଙ୍ଗ କରିବା+କରଣ. ଏର )—କୁଙ୍କୁମ—Saffron.
Kābera

**କାବେରୀ**—ଦେ. ବି. (ନାମ)—(କଂ=ଜଳ+ବେର+ଅ+ସ୍ତ୍ରୀ.ଈ)—
Kāberi ୧ । ଦାକ୍ଷିଣାତ୍ୟର ନଦୀବିଶେଷ—
1. The river Kāberi in South India.
[ ଦ୍ର—କାବେରୀ ନଦୀ ଦାକ୍ଷିଣାତ୍ୟର କୁର୍ଗ ପ୍ରଦେଶାନ୍ତର୍ଗତ ପଶ୍ଚିମଘାଟରୁ ବାହାରି ମହୀଶୂର ରାଜ୍ୟର ମଧ୍ୟଦେଇ କର୍ଣ୍ଣାଟ ପ୍ରଦେଶ ବାଟେ କରମଣ୍ଡଳ ଉପକୂଳରେ ବଙ୍ଗୋପସାଗରରେ ପଡ଼ିଅଛି । ଶ୍ରୀରଙ୍ଗପତ୍ତନ ଏହି ନଦୀକୂଳରେ ଅବସ୍ଥିତ । ଆଧୁନିକ କଞ୍ଜିବେରମ୍ ( ପ୍ରାଚୀନ କାଞ୍ଚୀ ) ନଗର ଏହି ନଦୀକୂଳରେ ଅବସ୍ଥିତ; ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ । ]
ମଳୟ ବଳୟ ରୂପା ବିମଳା କାବେରୀ । ରାମାଜାଥ• ମହାଯାତ୍ରା ।
୨ । ହଳଦୀ—2. Turmeric.
୩ । (ବହୁବ୍ରୀହି; କୁ+ବେର=ଶରୀର+ଈ)—ବେଶ୍ୟା—
3. Prostitute; whore.
୪ । ଦେଶବିଶେଷ—4 Name of a country.

**କାବେରୀ ସଙ୍ଗମ**—ସଂ. ବି—କାବେରୀ ନଦୀ ଯେଉଁଠାରେ ବଙ୍ଗୋପସାଗରରେ ପଡ଼ିଅଛି; ହିନ୍ଦୁଙ୍କ ତୀର୍ଥବିଶେଷ—The mouth of the river Kāberi falling into the Bay of Bengal; a place of Hindu pilgrimage.
Kāberi sangama

**କାବ୍ବା (ଇତ୍ୟାଦି)**—ଦେ. ବି—କାବା (ଇତ୍ୟାଦି) ( ଦେଖ )
Kābbā (etc) — Kābā (etc) ( See )

**କାବ୍ୟ**—ସଂ. ବି. ( କବି+ସ୍ୱାର୍ଥେ; ଭାବେ. ଯ )—
Kābya ୧ । ଅସୁରଗୁରୁ; ଶୁକ୍ରାଚାର୍ଯ୍ୟ—
1. Śukrāchārjya, the preceptor of the Asuras.
୨ । ରସଭାବାତ୍ମକ ଗ୍ରନ୍ଥ; କବିକୃତ ରସମୟ ଗ୍ରନ୍ଥ—
2. Poem full of sentiment; lyrical poem.
୩ । କବିତା—3. Poem; poetry.
୪ । ରହସ୍ୟମୟ କଥା—4. Humorous story.
ସଂ. ବିଣ—କବିସମ୍ବନ୍ଧୀୟ—Relating to a poet.
[ ଦ୍ର—କାବ୍ୟମାନଙ୍କର ପ୍ରକାର; ଯଥା—ଦୃଶ୍ୟକାବ୍ୟ, ଚିତ୍ରକାବ୍ୟ, ନାଟ୍ୟକାବ୍ୟ, ମହାକାବ୍ୟ, ଖଣ୍ଡକାବ୍ୟ, ଗଦ୍ୟକାବ୍ୟ, ପଦ୍ୟକାବ୍ୟ; ସାଧାରଣତଃ କାବ୍ୟ ୩ ଶ୍ରେଣୀର, ଯଥା—ଉତ୍ତମ, ମଧ୍ୟମ ଓ ଅଧମ । ଅଭିନୟଯୋଗ୍ୟ ଓ ଶ୍ରବଣ ବା ପଠନ ଯୋଗ୍ୟ ଭେଦରେ କାବ୍ୟ ଦୃଶ୍ୟ ଓ ଶ୍ରାବ୍ୟ ଦୁଇ ପ୍ରକାର ହୁଏ । କାବ୍ୟ ପଦ୍ୟମୟ ଓ ଗଦ୍ୟମୟ କିମ୍ବା ଗଦ୍ୟପଦ୍ୟମୟ ହୁଏ । ଯେଉଁ ଧାରାବାହିକ ବର୍ଣ୍ଣନା ପାଠ କଲେ ବା ଶୁଣିଲେ ବା ଦେଖିଲେ ପାଠକ, ଶ୍ରୋତା ବା ଦର୍ଶକର ମନରେ ନାନାବିଧ ରସମୟ ଭାବ (ଯଥା—ଶୋକ, ବିସ୍ମୟ, ଉତ୍ସାହ, କ୍ରୋଧ, ଭୟ, ଭକ୍ତି, ସ୍ନେହ, ଅନୁରାଗ, ଘୃଣା, ଆନନ୍ଦ ) ଉଦିତ ହୁଏ ଓ କାବ୍ୟବର୍ଣ୍ଣିତ ବିଷୟକୁ ମାନସପଟରେ ଚିତ୍ରିତ କରି ସେହି ଚିତ୍ରର ରସ ଆସ୍ୱାଦନ କରି ମନୁଷ୍ୟ ତନ୍ମୟ ହୋଇଯାଏ ତାହା କାବ୍ୟ ଅଟେ । ଉତ୍କୃଷ୍ଟ କାବ୍ୟ ପାଠ କଲାବେଳେ ମନୁଷ୍ୟର ଆତ୍ମବିସ୍ମୃତି ଘଟେ ଓ ମନୁଷ୍ୟ ତନ୍ମୟ ହୋଇ କାବ୍ୟବର୍ଣ୍ଣିତ ନାୟକନାୟିକାଦିଙ୍କର ବର୍ଣ୍ଣିତ ଭାବ ଓ ଅବସ୍ଥାକୁ ନିଜେ ଅନୁଭବ କରି ସେମାନଙ୍କର ସୁଖଦୁଃଖରେ ନିଜେ ଭାଗୀ ହୁଏ । ]

**କାବ୍ୟକଳା**—ସଂ. ବି. ( ଷ. ପ. ଦ୍ୱୋ; କାବ୍ୟ+କଳା )—କାବ୍ୟ ରଚନାରେ କୃତିତ୍ୱ—Lyrical art.
Kābyakalā

**କାବ୍ୟତାରକା**—ସଂ. ବି—ଶୁକ୍ର ଗ୍ରହ; ପାହାନ୍ତିଆ ତାରା—The morning star; Venus.
Kābyatārakā

**କାବ୍ୟତୀର୍ଥ**—ସଂ. ବି. ( କାବ୍ୟ+ତୀର୍ଥ=ଆଚାର୍ଯ୍ୟ )—କାବ୍ୟଶାସ୍ତ୍ରର ଅଧ୍ୟାପକ; ସଂସ୍କୃତ କାବ୍ୟପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ବିଶ୍ୱବିଦ୍ୟାଳୟରୁ ପାଇବା ଉପାଧିବିଶେଷ—
Kābyatirtha
Title given to a Pandit passing examinations in prescribed Kābyas.

**କାବ୍ୟପରୀକ୍ଷା**—ଦେ. ବି. ( ଆଧୁନିକ ପ୍ରୟୋଗ )—ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କଦ୍ୱାରା ନିର୍ଦ୍ଦିଷ୍ଟ ସଂସ୍କୃତକାବ୍ୟସମ୍ବନ୍ଧୀୟ ପ୍ରଥମ, ଦ୍ୱିତୀୟ ଓ ଶେଷ ପରୀକ୍ଷା—
Kābyaparikshā
The first, second and final examinations held in Sanskrit on prescribed Kābya-subjects to confer Kābyatirtha title.
[ ଦ୍ର—ଏଥିର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟରୁ "କାବ୍ୟତୀର୍ଥ", "କାବ୍ୟାଚାର୍ଯ୍ୟ", "କାବ୍ୟବିଶାରଦ" "କାବ୍ୟୋପାଧ୍ୟାୟ" ଆଦି ଉପାଧି ମିଳେ । ]

**କାବ୍ୟବିନୋଦ**—ସଂ. ବି. ( କାବ୍ୟ+ବିନୋଦ )—
Kābyabinoda ୧ । କାବ୍ୟତୀର୍ଥ ( ଦେଖ )
1. Kābyatirtha ( See )
୨ । କାବ୍ୟବିନୋଦନ ( ଦେଖ )
2. Kābyabinodana ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

**କାବ୍ୟବିନୋଦନ**— ସଂ. ବି. ( କାବ୍ୟ+ବିନୋଦନ )—କାବ୍ୟଚର୍ଚ୍ଚା— Kābyabinodana Discussion and reading of Kābya.

**କାବ୍ୟରସ**—ସଂ. ବି. ( ମ. ପ. ଲୋ; କାବ୍ୟ+ରସ )—କାବ୍ୟରେ Kābyarasa ନିହିତ ରସ; କାବ୍ୟପାଠଜନିତ ବିମଳ ଆନନ୍ଦ— The sentiment lying hidden in a lyric.

**କାବ୍ୟରସିକ**—ସଂ. ବି. ପୁଂ. ( କାବ୍ୟରସ+ଜ୍ଞାନାର୍ଥେ. ଇକ; ଅଥବା Kābyarasika ୭ମୀ ତତ୍; କାବ୍ୟ+ରସିକ )—କାବ୍ୟାନୁରାଗୀ ବ୍ୟକ୍ତି—One who has taste for poetry and lyric and appreciates its beauties.

**କାବ୍ୟରସିକତା**—ସଂ. ବି—କାବ୍ୟପ୍ରତି ଅନୁରାଗ— Kābyarasikatā Taste for or appreciation of Kābya or poetry.

**କାବ୍ୟଲିଙ୍ଗ**—ସଂ. ବି—ଅର୍ଥାଲଙ୍କାରବିଶେଷ— Kābyalinga A figure of rhetoric.

[ ଦ୍ର—ବାକ୍ୟାର୍ଥ ବା ପଦାର୍ଥ ଅନ୍ୟ ଅର୍ଥ ପ୍ରତି କାରଣରୂପେ ପ୍ରତିପାଦିତ ହେଲେ ଯେଉଁ ଚମତ୍କାରିତ୍ୱ ଜନ୍ମେ ତାହାଦ୍ୱାରା 'କାବ୍ୟଲିଙ୍ଗ ଅଳଙ୍କାର' ହୁଏ; ଯଥା—

ରେ ଦକ୍ଷିଣ ହସ୍ତ ତୁହି ନିର୍ଦ୍ଦୟ ସକଳ
ବଞ୍ଚାଇବା ପାଇଁ ମୃତ ଶିଶୁ ବ୍ରାହ୍ମଣର
ଖଡ୍ଗ ପ୍ରହାର କର ଶୂଦ୍ର ମୁନି ଶିରେ
ଦୟା ମାୟା କାହିଁ ତୋର ଏହି ଜଗତରେ ?
ତୁହିତ ରେ ଅନାୟାସେ ପେଷିଲୁ କାନନେ
ପୂର୍ଣ୍ଣଗର୍ଭା ବୈଦେହୀଙ୍କୁ ନିର୍ବିଗ୍ନର ମନେ—

ଉତ୍ତରରାମଚରିତ- ଭୂଳମଣି- ଅଳଙ୍କାରତରଙ୍ଗିଣୀ ।

ହେତୁବାଚକ ଶବ୍ଦର ଉଲ୍ଲେଖ ଥିଲେ ବାକ୍ୟର ଚମତ୍କାରିତ୍ୱ ନଷ୍ଟ ହୁଏ । ସୁତରାଂ କାବ୍ୟଲିଙ୍ଗ ହୁଏ ନାହିଁ—ଜ୍ଞାନେନ୍ଦ୍ର । ]

**କାବ୍ୟା**—ସଂ. ବି. ସ୍ତ୍ରୀ. ( କାବ୍ୟ+ଆ )— Kābyā ୧ । ବୁଦ୍ଧି—1. Intelligence.

୨ । ପୂତନା ଅସୁରୁଣୀ—
2. Demoness Pūtanā who was killed by Srikrushna sucking her life out of her through her breast.

**କାଭିଏଟ୍**—ବୈଦେ. ଇଂ. ବି. ( ଅଦାଲତ ପ୍ରଚଳିତ ଶବ୍ଦ; ମୌଳିକ Kābhiet ଲାଟିନ୍ ଶବ୍ଦରୁ ଇଂରାଜି ଭାଷାରେ ବ୍ୟବହୃତ କାଭିଏଟ୍; କେଭିଏଟ ଲାଟିନ୍ କାଭେର୍ ଧାତୁର ଅର୍ଥ=ସାବଧାନ ହେବା )— **कैविएट** ମୃତ ବ୍ୟକ୍ତିର ଉଇଲ୍‌କୁ ଅଦାଲତରେ କୌଣସି ବ୍ୟକ୍ତି ଦାଖଲ୍ କରିଥିବା ଅବସ୍ଥାରେ ଉକ୍ତ ଉଇଲ୍‌କୁ ରଦ୍ କରିବା ପାଇଁ ଅନ୍ୟ ବ୍ୟକ୍ତି ଦେବା ଆପତ୍ତି ଦରଖାସ୍ତ— Caveat or objection filed in court against a petition for probate of a will.

[ ଦ୍ର—ଏହି କାଭିଏଟ୍ ଦାଖଲ କରିବା ବ୍ୟକ୍ତି ଅଦାଲତଙ୍କୁ ଜଣାଇ ଦିଏ ଯେ ଆପତ୍ତିକାରୀର ଅଜ୍ଞାତରେ ଅଦାଲତ ଯେପରି ଉକ୍ତ ଉଇଲ ସମ୍ବନ୍ଧେ କିଛି ଆଦେଶ ନ କରନ୍ତି । ]

**କାମ**—ସଂ. ବି. ( କମ୍ ଧାତୁ ଣିଜନ୍ତ=କାମି ଧାତୁ=ଇଚ୍ଛା କରାଇବା+ Kāma କର୍ତ୍ତୃ. ଅ )—

୧ । କାମଦେବ; କନ୍ଦର୍ପ—
1. Cupid; the Indian God of Love.

୨ । ରେତଃ; ଶୁକ୍ର—2. Matter; semen.

୩ । ( କାମ+ଅସ୍ତ୍ୟର୍ଥେ. ଅ)—ଢାମପାଳ; ବଳରାମ—
3. Balarāma.

୪ । ( କମ ଧାତୁ=ଇଚ୍ଛା କରିବା+ଭାବ. ଅ )— ଅଭିଳାଷ; ଇଚ୍ଛା; ବାଞ୍ଛା; କାମନା—
4. Desire; wish; longing.

୫ । ଅନୁରାଗ—
5. Affection attachment; love.

୬ । ରମଣେଚ୍ଛା; ସ୍ତ୍ରୀ ପୁରୁଷର ସଙ୍ଗମପ୍ରବୃତ୍ତି—
6. Sexual desire or inclination; lust

୭ । ଉଦ୍ଦେଶ୍ୟ; ଅଭିଳଷିତ ବସ୍ତୁ—
7. Object of desire; object; aim.

ଦେ. ବି. ( ସଂ. କର୍ମ; ପ୍ରା. କମ୍ମ )—

୧ । ବ୍ୟବହାର—
1. Utility; use.

काज ୨ । କର୍ମ; କାର୍ଯ୍ୟ—2. Work; act.

**काम, कांज** ୩ । ଜାତିଆଣ କାମ—
3. Social feast or function.

୪ । କମ; କାରୁକାର୍ଯ୍ୟ; କାରିଗରି—
4. Artistic work.

୫ । ଚାକିରି—5. Service.

୬ । ମୂଲିଆର ପରିଶ୍ରମସାଧ୍ୟ ଦୈନିକ କାର୍ଯ୍ୟ—
6. A day-labourer's work

୭ । ପରିଶ୍ରମ—7. Labour.

୮ । ରମଣ—
8. Act of cohabitation; copulation.

୯ । ଉପକାର—Benefit.

୧୦ । ଗରଜ; ଦରକାର; ଆବଶ୍ୟକତା—
10. Necessity; need.

୧୧ । ଜୀବିକା; ବ୍ୟବସାୟ; ବୃତ୍ତି; ପେଶା—
11. Profession; occupation; business.

**କାମ ଆସିବା**—ଦେ. କ୍ରି.—ଦରକାର ବା ବ୍ୟବହାରରେ ଲାଗିବା— Kāma āsibā To be of use.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଧ୍ୱ | ଉଅ | ଢ |
| ୬ | ଈ | ଊ | ରୁ | ଲୁ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତୁ |

कामजाना दे. व.—କୌଣସି କାର୍ଯ୍ୟ ସମ୍ପନ୍ନ କରିବା ବା ଜାଣିବା—
**कामआना** The knowledge of how to do a work.
(ଯଥା—ମତେ କଟାଉ କାମ ଅସେ ନାହିଁ ।)

କାମକତୁରୀ—ଦେ. ବି.—( ରୂପକ; ସଂ. କାମ+କର୍ତ୍ତରୀ )—କାମରୂପ
Kāmakaturi କତୁରୀ—Cupid or lust compared to a cutting instrument.
ଯେର୍ଯ୍ୟ ଅଙ୍କୁରକୁ ସେ କାମକତୁରୀ । ରାଧାନାଥ, ମେଘଦୂତ ।

କାମକରିବା—ଦେ. କ୍ରି.—( ସଂ. କର୍ମ+କୃ ଧାତୁ )—୧ । କାର୍ଯ୍ୟସାଧନ
Kāmakaribā କରିବା—1. To do any work.
काजकरा ୨ । ପରିଶ୍ରମ କରିବା—
**कामकरना** 2. To labour.
୩ । ଉପକାର କରିବା—3. To render abenefit.
୪ । ଫଳ ଦର୍ଶାଇବା—4. To be effectual.

କାମକଳା—ସଂ. ବି. ସ୍ତ୍ରୀ.—(୬ଷ୍ଠୀ ତତ୍; କାମ+କଳା=ଅଂଶ )—
Kāmakaḷā ୧ । ରତି; କନ୍ଦର୍ପପତ୍ନୀ—1. The wife of God Cupid.
୨ । (ମ. ପ. ଲୋ; କାମସମ୍ବନ୍ଧୀୟ କଳା) କାମଶାସ୍ତ୍ର—
2. The Science of love; erotic science.

କାମକା—ଦେ. ବିଣ.—କାମିକା (ଦେଖ)
Kāmakā Kāmikā (See)

କାମକାର—ସଂ. ବିଣ.—( କାମ+କୃ+କର୍ତ୍ତୃ. ଅ )—ଯଥେଚ୍ଛାଚାରୀ;
Kāmakāra ଯେଉଁ ଲୋକ ଆପଣା ମନଖୁସି ମୁତାବକ କାମ କରେ—One who follows his own whims or desires.
ସଂ. ବି.—ଇଚ୍ଛାର ପ୍ରସର; ଅଭିଳାଷର ଗତି; ମନର ଦଉଡ଼—
The course of desire; scope of one's desire.

କାମକାର୍ଯ୍ୟ—ଦେ. ବି.—(ଏକାର୍ଥକ ସହଚର ଶବ୍ଦ)—୧ । ବ୍ୟବସାୟ—
Kāmakārjya 1. Business.
काजकर्म ୨ । ବୃତ୍ତି—2. Occupation.
**कामकाज** ୩ । ଅବଲମ୍ବନ; ଜୀବିକା—
3. Employment; means of livelihood.
୪ । ଚାକିରି—4. Service.
୫ । କୌଣସି ପ୍ରକାରର କର୍ମ—
5. Any work or act.

କାମକେଳି—ସଂ. ବି. (୪ର୍ଥୀ ତତ୍; କାମ+କେଳି=କ୍ରୀଡ଼ା)—
Kāmakeḷi ୧ । ରମଣ; ରତିକ୍ରୀଡ଼ା—
1. Cohabitation.
୨ । ରମଣୀସମ୍ବନ୍ଧୀୟ ପ୍ରକ୍ରିୟା—
2. Scientific or artistic exercise or experiments in copulation.
୩ । ଲମ୍ପଟବ୍ୟକ୍ତି—3. Lecher.
୪ । ଉପପତି; ଜାର—
4. Paramour; a gallant.

କାମକୋଡ଼ିଆ—ଦେ. ବିଣ.—କର୍ମଚୋର; ଅଳସୁଆ—
Kāmakoṛhiā Loafer; idler

କାମକ୍ରୀଡ଼ା—ଦେ. ବି. ( ସଂ. କାମପକ୍ଷୀ )—ଚକୁଆଚକୋଇ; ଚକ୍ରବାକ
Kāmakrirḍā ପକ୍ଷୀ—The Ruddy Goose.
କାମକ୍ରୀଡ଼ା ଚଢ଼ିର ହଂସଗଣ କାକ—କଣ୍ଟୁକେଶପୁରଣ ।

କାମଗ—ସଂ. ବିଣ. ପୁଂ. (କାମ+ଗମ ଧାତୁ+କର୍ତ୍ତୃ. ଅ)—
Kāmaga ଆପଣା ଇଚ୍ଛା ଅନୁସାରେ ସର୍ବତ୍ର ବିଚରଣ କରିବାକୁ
(କାମଗା—ସ୍ତ୍ରୀ) ସମର୍ଥ; ସର୍ବତ୍ର ଗମନକ୍ଷମ; ସ୍ୱେଚ୍ଛାବିହାରୀ—
Omnipresent.

କାମଗମ—ସଂ. ବିଣ. ପୁଂ. (କାମ+ଗମ ଧାତୁ+କର୍ତ୍ତୃ. ଅ)—
Kāmagama କାମଗ (ଦେଖ)
(କାମଗମା—ସ୍ତ୍ରୀ) Kāmaga (See)

କାମଗାମୀ—ସଂ. ବିଣ. ପୁଂ. (କାମ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Kāmagāmi କାମଗ (ଦେଖ)
(କାମଗାମିନୀ—ସ୍ତ୍ରୀ) Kāmaga (See)

କାମଗାର୍—ପ୍ରାଦେ. (ସମ୍ବଲପୁର; ଭୁଲ. ହି. କାମ୍‌ଗାର୍) ବି—
Kāmagār କାମକଲା ଲୋକ; ମଜୁରିଆ; ମୂଲିଆ—
Labourer.

କାମଚଣ୍ଡୀ—ସଂ. ବି. ସ୍ତ୍ରୀ.—୧ । କାମରୂପ ଦେଶର ଠାକୁରାଣୀ—
Kāmachaṇḍi ( ଏ ଠାକୁରାଣୀ ଗାରୁଡ଼ ବିଦ୍ୟାର ଅଧିଷ୍ଠାତ୍ରୀ ଦେବତା) —1. Name of a Goddess in the country of Kamrup in Assam; the Goddess presiding over magical arts.
୨ । କାମଚେଷ୍ଟାଜର୍ଜରିତା ସ୍ତ୍ରୀ—
2. A woman overcome or intoxicated with sexual desire.

କାମଚର—ସଂ. ବିଣ. ପୁଂ. (କାମ+ଚର ଧାତୁ+କର୍ତ୍ତୃ. ଅ)—
Kāmachara କାମଚାରୀ (ଦେଖ)
(କାମଚରୀ—ସ୍ତ୍ରୀ) Kāmachāri (See)

କାମଚାର—ସଂ. ବି. (କାମ+ଚର ଧାତୁ+କର୍ତ୍ତୃ. ଅ)—
Kāmachāra ସ୍ୱେଚ୍ଛାଚାର; ସ୍ୱେଚ୍ଛାବିହାର—
Omnipresence.
(କାମଚାରୀ—ସ୍ତ୍ରୀ) ସଂ. ବିଣ. ପୁଂ—କାମଚାରୀ (ଦେଖ)
Kāmachāri (See)

କାମଚାରୀ—ସଂ. ବିଣ. ପୁଂ ( କାମ+ଚର ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ )—୧ । ସ୍ୱେଚ୍ଛାବିହାରୀ—
Kāmachāri
(କାମଚାରିଣୀ—ସ୍ତ୍ରୀ) 1 Omnipresent; free to go wherever one likes.
୨ । ସ୍ୱେଚ୍ଛାଚାରୀ—
2. Acting according to one's own desires.
କାମଚାର ଅଟୁ ତୁ ଚନ୍ଦ୍ରମା—ରାଧାନାଥ, ଚନ୍ଦ୍ରଭାଗା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ସଖାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଅ' ନ ମିଳିଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**କାମଚନ୍ତା**—ସଂ. ବି (୬ଷ୍ଠୀ ତତ୍; କାମ+ଚନ୍ତା)—୧ । ଉଦ୍ଦେଶ୍ୟସିଦ୍ଧି
Kāmachintā ସମ୍ବନ୍ଧେ ଭାବନା—1. Thoughts about the fulfilment of one's desire.
୨ । ପ୍ରଣୟୀ ବ୍ୟକ୍ତି ସମ୍ବନ୍ଧେ ଚନ୍ତା—
2. Thoughts of the absent sweetheart.

**କାମଚେଷ୍ଟା**—ସଂ. ବି—(୬ଷ୍ଠୀ ତତ୍; କାମ+ଚେଷ୍ଟା)—୧ । କାମ
Kāmacheshṭā ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ଇଚ୍ଛା ବା ଆଗ୍ରହ—1. Lustful desires; lust; inordinate desire for sexual satiety.
୨ । ପ୍ରଣୟୀ ସଙ୍ଗେ ମିଳିତ ହେବା ପାଇଁ ଚେଷ୍ଟା—
2. Love-intrigues.
୩ । କାମକ୍ରୀଡ଼ା—3. Copulation.

**କାମଚୋର**—ପ୍ରାଦେ. (ସମ୍ବଲପୁର; ଭୁଲ. ହି. କାମ୍‌ଚୋର୍) ବିଣ—
Kāmachora ୧ । ଅଳସୁଆ—Idle.
୨ । କାର୍ଯ୍ୟ କରିବାକୁ ଅନିଚ୍ଛୁକ—
2. Unwilling to work.
୩ । ଯେ କାର୍ଯ୍ୟରେ ତ୍ରୁଟି କରେ—
3. Negligent in work.

**କାମ ଛାଡ଼ିବା**—ଦେ. କି—୧ । ଚାକିରି ଛାଡ଼ିବା—
Kāma chhāṛḍibā 1. To give up some service.
କାଜଛାଡ଼ା ୨ । କାର୍ଯ୍ୟରୁ ବିରତ ହେବା—
**କାମଛୋଡ଼ନା** 2. To cease or stop from work.

**କାମଜ**—ସଂ. ବିଣ (କାମ+ଜନ ଧାତୁ କର୍ତ୍ତୃ. ଅ)—୧ । ଇଚ୍ଛାରୁ
Kāmaja ଉତ୍ପନ୍ନ—1. Born of desire.
୨ । କାମଜନିତ—2. Born of lust or animal passion.
[ ଦ୍ର—କାମଜ ବ୍ୟସନ ଦଶବିଧ—୧ । ମୃଗୟା, ୨ । ଅକ୍ଷକ୍ରୀଡ଼ା ବା ଜୁଆଖେଳ, ୩ । ଦିବାନିଦ୍ରା, ୪ । ପରନିନ୍ଦା, ୫ । ସ୍ତ୍ରୀ ସମ୍ଭୋଗ, ୬ । ମଦ୍ୟପାନ, ୭ । ଗୀତ, ୮ । ବାଦ୍ୟ, ୯ । ନୃତ୍ୟ, ୧୦ । ବୃଥା ଭ୍ରମଣ—ମନୁସଂହିତା । ]
ଦେ. ବି—କାମୋଦ୍ଦୀପକ ବାଦ୍ୟ—
A kind of music which excites lust.
କାମଜ ଛତିଶ ସହସ୍ର ଲକ୍ଷେ, ଚଳକ ଛତିଶ ସହସ୍ର ଲକ୍ଷେ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**କାମଜିତ୍**—ସଂ. ବି (କାମ+ଜି ଧାତୁ+କର୍ତ୍ତୃ.କ୍ୱିପ୍)—୧ । (ଭୂପରେ
Kāmajit କନ୍ଦର୍ପଙ୍କୁ ଜୟ କରିଥିବାରୁ ) କାର୍ତ୍ତିକେୟ—
1. A name of God Kārttikeya.
୨ । (କନ୍ଦର୍ପଙ୍କୁ ଭସ୍ମୀଭୂତ କରିଥିବାରୁ) ମହାଦେବ—
2. A name of Siba.
୩ । (ସ୍ତ୍ରୀସଂସର୍ଗ ଛାଡ଼ିଥିବାରୁ) ଜୈନଦେବତାବିଶେଷ—
3. A Jaina Deity.

**କାମଜ୍ୱର**—ସଂ. ବି—(ମଧ୍ୟପଦଲୋପୀ; କାମ+ଜ୍ୱର)—୧ । ଅସିଦ୍ଧ କାମ-
Kāmajwara ପ୍ରବୃତ୍ତିଜନିତ ଶରୀରର ତାପ—1. Love-fever; high temperature due to unsatiated lust.
୨ । କାମଜ୍ୱାଳା ( ଦେଖ )—
2. Kāmajwāḷā ( See )
[ ବୈଦ୍ୟକ ଅନୁସାରେ ଦମ୍ପତିଙ୍କର ବହୁକାଳ ଅଖଣ୍ଡ ବ୍ରହ୍ମଚର୍ଯ୍ୟ-ପାଳନଦ୍ୱାରା କାମଜ୍ୱର ହୁଏ । ଏଥିରେ ଭୋଜନରେ ଅରୁଚି, ଭ୍ରମବାଦ, ନିଦ୍ରାନାଶ, ନିର୍ଲଜ୍ଜତା, ବୁଦ୍ଧିଭ୍ରଂଶ, ଧୈର୍ଯ୍ୟନାଶ; ପୁରୁଷର ହୃଦୟରେ ପୀଡ଼ା, ସ୍ତ୍ରୀର ଅଙ୍ଗଦୃଢ଼ତା, ନେତ୍ରରେ ଚଞ୍ଚଳତା ହୁଏ ଓ ମନରେ ସର୍ବଦା ସମ୍ଭୋଗେଚ୍ଛା ପ୍ରବଳ ହୁଏ । ପୀଡ଼ିତ ବ୍ୟକ୍ତି ମନରେ କ୍ରୋଧ ଉତ୍ପାଦନ କରିଦେଲେ ଏହା ଶାନ୍ତ ହୁଏ—ହି. ଶବ୍ଦସାଗର । ]

**କାମଜ୍ୱାଳା**—ଦେ. ବି. ( ମଧ୍ୟପଦଲୋପୀ; କାମଜନିତ ଜ୍ୱାଳା )—
Kāmajwāḷā କାମପ୍ରବୃତ୍ତି ଉଦ୍ରେକ ହେବାରୁ ଶରୀରରେ ଅନୁଭୂତ ବ୍ୟଥା ବା ପୀଡ଼ା; ଅଚରିତାର୍ଥ କାମପ୍ରବୃତ୍ତି-ଜନିତ ବେଦନା—Love-sickness; torment due to the non-fulfilment or non-satisfaction of carnal desire regarding a wished-for object.

**କାମଡ଼**—ଦେ. ବିଣ. ( ଧ୍ୱନ୍ୟନୁକରଣ; ଦନ୍ତଦ୍ୱାରା ହାଡ଼ ଭାଙ୍ଗିବାର
Kāmaṛḍa କଡ଼ମଡ଼ ଶବ୍ଦ ଅନୁକରଣରେ ରଚିତ )—
୧ । ଚିରକ୍ତିକର—1. Teasing.
୨ । କାମୁଡ଼ା; ଦଂଶନ; ଦନ୍ତଘାତ—
2. Snapping; biting; griping.
୩ । ଚେମଟଚଟ୍ଟି; ଚେମଡ଼ା —
. Not easily breakable; tenacious.
୪ । ଏକଜିଦିଆ—4. Pertinacious.

**କାମଡ଼ା**—ଦେ. ବି—୧ । କାନ୍ଥ ବମ୍ପା ଘର ବା ବାଡ଼ ଦୁଇ ପାଖରେ
Kāmaṛḍā ଥିବା ବତାକୁ ଏକତ୍ର ଦୃଢ଼ଭାବରେ ବାନ୍ଧିବା ଗଣ୍ଠି—
1. Knot for tightly tying the two split bamboos on both sides of a thatch-frame or wall-frame by means of strings.
୨ । ଦନ୍ତଦ୍ୱାରା କ୍ଷତ କରିବା; କାମୁଡ଼ା—
2. Act of biting.
୩ । ଦନ୍ତକ୍ଷତ—3. Bite.
୪ । ପେଟମଧ୍ୟରେ ବ୍ୟଥା—
4. Stomach-ache; griping in the stomach.
ବୈଦେ. ବି—କାମରା ( ଦେଖ )
Kāmarā ( See )
ପ୍ରାଦେ. ( ମେଦନୀପୁର )—ଘରଛପରର ଭୁଅ—
Rafters of a thatched house.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଲ | ଢ଼ | ର୍‌,ର୍ଣ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇପ୍ର | ଉଥ | ଢ |
| ୨ | ଈ | ଓ | ରୁ | ଲୁ | ପ୍ରୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ | ଇଅ | ଢ଼ | ନ୍ତୁ |

ଦେ. ବଣ—୧ । ଦନ୍ତଦ୍ୱାରା କ୍ଷତ ହୋଇଥିବା—1. Bitten.
୨ । ଅନ୍ୟକୁ କାମୁଡ଼ିବାରେ ଅଭ୍ୟସ୍ତ—
2. Given to biting others.

**କାମଡ଼ାକାମଡ଼ି**—ଦେ. ବଣ—ପରସ୍ପର ପରସ୍ପରକୁ କାମୁଡ଼ୁ ଥିବା—
Kāmarḍā kāmarḍi Biting or snapping at one another.
କାମଡ଼ା କାମଡ଼ି
**दाँतोंसे कटाकटि** ଦେ. ବି—୧ । ପରସ୍ପରକୁ କାମୁଡ଼ିବା—
1. Mutual biting.
୨ । ବହୁବାର କାମୁଡ଼ିବା—2. Several bitings.

**କାମଡ଼ା ଦେବା**—ଦେ. କ୍ରି—କାନ୍ଥ ବା ଘରର ଦୁଇପାଖର ବତାକୁ
Kāmarḍā debā ଦଉଡ଼ିଦ୍ୱାରା ଭିଡ଼ିବା—To tightly tie the two split bamboos on both sides of a thatch or wall-frame by means of strings.

**କାମଡ଼ା ବତା**—ଦେ. ବି—ବାଡ଼, ଘରଘରର ଛାତ ଓ ବାଡ଼ିଆଡ଼
Kāmarḍā batā କାନ୍ଥର ଦୁଇ ପାଖରେ ଲଗାଇବା ନିମନ୍ତେ ବ୍ୟବହୃତ ଚିରା ବାଉଁଶ—Split bamboos put on both sides of a hedge or thatch-frame for being tied together tightly.

**କାମଡ଼ା ଭିଡ଼ିବା**—ଦେ. ବି—କାମଡ଼ା ଦେବା ( ଦେଖ )
Kāmarḍā bhirḍibā Kāmarḍā debā ( See )

**କାମଡ଼ିଆ**—ଦେ. ବଣ. ପୁଂ—କାମୁଡ଼ା; ଯେ ଅନ୍ୟକୁ କାମୁଡ଼େ—
Kāmarḍia ( animal ) Given to biting others; snappish.
(କାମଡ଼େଇ—ସ୍ତ୍ରୀ)

କାମଡ଼େଇ ପ୍ରାୟେ ହେଲ ଅମ୍ବର ଚନ୍ଦ୍ରକ
ଯେ ଅଙ୍ଗ ଦେଲ ତାକୁ ହୋଇଲୁ ଅପ୍ରୀତ । ସାରଳା, ମହାଭାରତ, ବନ ।

**କାମଡ଼ି ଧରିବା**—ଦେ. କ୍ରି—କାମୁଡ଼ି ଧରିବା ( ଦେଖ )
Kāmarḍi dharibā Kāmurḍi dharibā ( See )

**କାମତନ୍ତ୍ର**—ସଂ. ବି. ( ରୂପକ; କାମ+ତନ୍ତ୍ର )—କାମଶାସ୍ତ୍ର; ରତିଶାସ୍ତ୍ର—
Kāmatantra The science of carnal love.
ସଂ. ବଣ. ପୁଂ—କାମପରତନ୍ତ୍ର; କାମୁକ—
Lascivious; lustful.

**କାମଦ**—ସଂ. ବଣ. ( କାମ+ଦା ଧାତୁ+କର୍ତ୍ତୃ. ଅ )—
Kāmada ଅଭିପ୍ରେତ ଫଳଦାୟକ—Granting one's desires.
(କାମଦା—ସ୍ତ୍ରୀ)

**କାମଦଶା**—ସଂ. ବି. ( ମଧ୍ୟପଦଲୋପୀ; କାମଜନିତ ଦଶା )—
Kāmadaśā କାମାସକ୍ତ ଲୋକର ଅନୁଭୂତ ଦଶଗୋଟି ଅବସ୍ଥା—
Ten states of mind and body undergone by a lover.
ଦଶଦଶା ( ଦେଖ )
Daśadaśā ( See )

**କାମଦହନ**—ସଂ. ବି. ( ବହୁବ୍ରୀହି; କାମ+ଦହନ; ଏ କାମକୁ
Kāmadahana କୋପାନଳଦ୍ୱାରା ଦଗ୍ଧ କରିଥିବାରୁ )—ଶିବ; ମହାଦେବ—God Śiba.

**କାମଦା**—ସଂ. ବଣ. ସ୍ତ୍ରୀ. ( କାମଦ+ଆ )—କାମଦର ସ୍ତ୍ରୀଲିଙ୍ଗ—
Kāmadā Feminine of Kāmada.
ସଂ. ବି—୧ । କାମଧେନୁ ( ଦେଖ )
1. Kāmadhenu ( See )
୨ । ଚୈତ୍ରଶୁକ୍ଳ ଏକାଦଶୀ—2. The eleventh day of the light fortnight of Chaitra.
୩ । ମହୀରାବଣପୂଜିତା ଦୁର୍ଗା—3. Name of a Goddess worshipped by Mahirābaṇa.
୪ । ଦଶ ଅକ୍ଷରବିଶିଷ୍ଟ ସଂସ୍କୃତ ବୃତ୍ତିବିଶେଷ—
4. Name of a Sanskrit metre of ten syllables.

**କାମଦାନି**—ଦେ. ବି—୧ । ଲୁଗାରେ ଛୁଞ୍ଚିକାମଦ୍ୱାରା ଫୁଲ ଆଦି ଚିତ୍ରଣ
Kāmadāni କର୍ମ—1. Needlework on cloth; embroidery.
କାମଦାନୀ
**कामदानी** ୨ । ଜରି କାମ କରାଯାଇଥିବା ଲୁଗା—
2. Cloth of gold; embroidered cloth.

**କାମଦାମ**—ଦେ. ବି ( ନିରର୍ଥକ ୨ୟ ସହଚର ଶବ୍ଦ )—୧ । ବ୍ୟବସାୟ;
Kāmadāma ବୃତ୍ତି—1. Occupation; employment.
କାଜକମ୍ମ ୨ । ଦୈନିକ ବା ସାଧାରଣ କାର୍ଯ୍ୟ—
**कामधाम** 2. Business; daily work.
୩ । ଚାକିରି—3. Service.

**କାମଦାର୍**—ପ୍ରାଦେ (ସମ୍ବଲପୁର) ମୂଳ ହି. କାମ୍‌ଦାର୍=ଗୁମାସ୍ତା) ବଣ—
Kāmadār ୧ । କର୍ମଠ; କର୍ମକୁଶଳ—
କାମଦାର 1. Brisk in doing work.
**कामदार** ୨ । କୌଣସି କର୍ମର ଭାରପ୍ରାପ୍ତ (ବ୍ୟକ୍ତି)—
2. ( a person ) Entrusted with or in charge of any work.
ଦେ. ବଣ—୧ । କାରୁକାର୍ଯ୍ୟବିଶିଷ୍ଟ—1. Artistic.
୨ । ଯେଉଁ ଛୋପି ଆଦିରେ ଜରିର ଫୁଲଆଦି ପଡ଼ିଥାଏ—
2. Wrought with gold or silver embroidery.

**କାମଦାରିଆ**—ଦେ. ବଣ—କାରୁକାର୍ଯ୍ୟବିଶିଷ୍ଟ—
Kāmadāria Artistic.
କାମଦାର
**कामदार**

**କାମଦୁଘା**—ସଂ. ବଣ. ସ୍ତ୍ରୀ (କାମ=ଅଭିଲଷିତ ବସ୍ତୁ+ଦୁହ ଧାତୁ=
Kāmadughā ଦୁହିଁବା+କର୍ମ.ଅ+ସ୍ତ୍ରୀ ଆ ;ଯାହାଠାରୁ ଅଭିଲଷିତ ବସ୍ତୁ ଦୋହନ କରାଯାଏ )—ଅଭିଲାଷ ପୂରଣକାରିଣୀ; ସର୍ବାର୍ଥଦାୟିନୀ—( female ) Granting one's desires.
ବି. ସ୍ତ୍ରୀ—୧ । କାମଧେନୁ—1. The mythological cow who grants all the desires of her devotee.

ସାଧାରଣ ଶ୍ଳେଷକ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ଉପସ୍ଥିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅଁ' ନ ମିଳିଲେ 'ଭୂଅଁ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ଧ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ପୃଥିବୀ—2. The earth (which produces every thing desired for).

**କାମଦୁହା**—ବି ଓ ବିଣ. ସ୍ତ୍ରୀ—କାମଦୁଘା (ଦେଖ)—
Kāmaduhā — Kāmadughā (See)
କୃଷ୍ଣବାର ଉହା, ପ୍ରାପ୍ତେ ଅନ୍ତର୍ଦ୍ଧାହା, କଲେ ଭୁବୁନାକୁ କାମଦୁହା—
ଯଦୁକୃଷ୍ଣ. ଉଷକଲ୍ଲୋଳ ।

**କାମଦୂତ**—ସଂ. ବି—(୬ଷ୍ଠୀ ତତ୍; କାମ+ଦୂତ) କୋଇଲି; କୋକିଳ—
Kāmadūta — Indian cuckoo.

**କାମଦୂତୀ**—ସଂ. ବି. ସ୍ତ୍ରୀ (ମଧ୍ୟପଦଲୋପୀ; କାମ+ଦୂତୀ । କାମନା ପୂରଣ କରିବାରେ ସାହାଯ୍ୟକାରିଣୀ—
Kāmadūti
କାମକାର୍ଯ୍ୟ ସିଦ୍ଧ କରିବାକୁ ଦୂତମାନେ ବୋଲନ୍ତି କାମଦୂତୀ—
ଯାଦକୃଷ୍ଣ. ଉଷକଲ୍ଲୋଳ ।

**କାମ ଦେଖିବା**—ଦେ.କ୍ରି—କାର୍ଯ୍ୟର ତତ୍ତ୍ୱାବଧାନ କରିବା—
Kāma dekhibā — To supervise a work.
କାଯଦେଖା
कामदेखना

**କାମଦେବ**—ସଂ. ବି (ରୂପକ; କାମ+ଦେବ)—୧ । କନ୍ଦର୍ପ—
Kāmadeba — 1. The God of love; Cupid.
[ ଦ୍ର—ପୁରାଣରେ ଲେଖାଅଛି ଯେ ଏ ବ୍ରହ୍ମାଙ୍କ ମାନସପୁତ୍ର, ମହାଦେବଙ୍କ ଧ୍ୟାନ ଭଙ୍ଗ କରିବାକୁ ଯାଇ ଏ ଅନଙ୍ଗ ହୋଇଥିଲେ, ଓ ପରେ ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କଗର୍ଭରୁ ଜାତ ହୋଇଥିଲେ । ଏହାଙ୍କ ସ୍ତ୍ରୀ ରତି, ସଙ୍ଗୀ ବସନ୍ତ, ଦୂତ କୋକିଳ, ଧ୍ୱଜଚହ୍ନ ମତ୍ସ୍ୟ, ଆୟୁଧ ପଞ୍ଚପୁଷ୍ପଯୁକ୍ତ ଶର । କାମଦେବଙ୍କର ସଂସ୍କୃତ ନାମାନ୍ତର—ମଦନ, ମନ୍ମଥ, ମାର, ପ୍ରଦ୍ୟୁମ୍ନ, ମୀନକେତନ, କନ୍ଦର୍ପ, ଦର୍ପକ, ଅନଙ୍ଗ, ପଞ୍ଚଶର, ସ୍ମର, ଶମ୍ବରାରି, ମନସିଜ, କୁସୁମେଷୁ, ଅନନ୍ୟଜ, ପୁଷ୍ପଧନ୍ୱା, ରତିପତି, ମକରଧ୍ୱଜ, ଆତ୍ମଭୂ, ବ୍ରିତ୍ରସୂ, ବିଷକେତୁ । ]
ଦେ.ବି.ପୁଂ—ଲୋକଙ୍କ ନାମ—A name given to males.

**କାମ ଦେବା**—ଦେ.କ୍ରିୟା—୧ । କୌଣସି ବ୍ୟକ୍ତିକୁ ଅବଲମ୍ବନ ବା ଜୀବିକା ଯୋଗାଇବା—1. To give a person any work or service.
Kāma debā
କାଜଦେଓୟା
कामदेना
୨ । ଦରକାରବେଳେ କାର୍ଯ୍ୟରେ ଲାଗିବା—
2. To be of use when necessary.

**କାମଧନୁ**—ସଂ. ବି.—(ଷଷ୍ଠୀ ତତ୍; କାମ+ଧନୁ)—କାମଦେବଙ୍କଦ୍ୱାରା ଧୃତ କଳ୍ପିତ ପୁଷ୍ପଧନୁ—The flowery bow of God Cupid.
Kāmadhanu

**କାମ ଧରିବା**—ଦେ. କ୍ରି.—କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବା—
Kāmadharibā — To begin to do a work; to set one's hand to a work.
କାମଧରା
कामपकड़ना

**କାମଧାମ**—ଦେ. ବି.—କାମଦାମ (ଦେଖ)
Kāmadhāma — Kāmadāma (See)

**କାମଧୁ**—ଦେ. ବି.—ପୁଷ୍ପବିଶେଷ—A kind of flower.
Kāmdhu ମାଧବୀ କାମଧୁ ବର୍ଗ ଅଶୋକ ଗମ୍ଭୀର । ବିଷ୍ଣୁକେଶରସଂଗ୍ରହଣ ।

**କାମଧେନୁ**—ସଂ. ବି. ସ୍ତ୍ରୀ.—(ମଧ୍ୟପଦଲୋପୀ; କାମପ୍ରଦା ଧେନୁ)—
Kāmadhenu ୧ । ଅଭୀଷ୍ଟଫଳପ୍ରଦା ପୁରାଣୋକ୍ତ ଗାଈ—
1 A fabulous cow that grants its possessor his desired objects.
[ ଦ୍ର—ଏ ସମୁଦ୍ରମନ୍ଥନ ବେଳେ ସମୁଦ୍ରରୁ ବାହାରିଥିବା ବିଷୟ ପୁରାଣରେ ଅନୁସନ୍ଧେୟ । ]
୨ । ଯେଉଁ ଗାଈକୁ ଯେତେବେଳେ ଇଚ୍ଛା ସେତେବେଳେ ଦୁହାଁଯାଏ—2. A cow which can be milked at any time.
[ ଦ୍ର—ଜମଦଗ୍ନିଙ୍କ କାମଧେନୁର ନାମ ନନ୍ଦା, ଅଙ୍ଗିରାଙ୍କ କାମଧେନୁର ନାମ ସୁନନ୍ଦା, ଭରଦ୍ୱାଜଙ୍କ କାମଧେନୁର ନାମ ସୁରଭି, କଶ୍ୟପଙ୍କର ସୁଶୀଳା ଓ ବଶିଷ୍ଠଙ୍କର ନନ୍ଦିନୀ ବା ଶବଳା । ]
୩ । ଦାନାର୍ଥ ସ୍ୱର୍ଣ୍ଣନିର୍ମିତ ଗୋମୂର୍ତ୍ତି—
3. A golden image of a cow given to Brāhmaṇas as gift.
୪ । (ଲକ୍ଷଣାର୍ଥ) ଯଥେଚ୍ଛ ପ୍ରାର୍ଥନା ପୂରଣକାରୀ ବ୍ୟକ୍ତି—(figurative) Any person who gives his applicants any thing they ask for or wish for.

**କାମଧ୍ୱଜ**—ସଂ. ବି. (ବହୁବ୍ରୀହି; କାମ+ଧ୍ୱଜ; କାମଦେବଙ୍କ ପତାକା ଉପରେ ମାଛ ଚହ୍ନିତ ଥିବାରୁ ଏହାଙ୍କ ନାମ ମୀନକେତନ)—ମାଛ—Fish.
Kāmadhwaja

**କାମନ**—ସଂ. ବି. ପୁଂ.—(କମ ଧାତୁ ଣିଚ୍=କାମି ଧାତୁ=ଇଚ୍ଛା କରିବା +କର୍ତ୍ତୃ. ଅନ)—୧ । କାମୁକ—
Kāmana
(କାମନା—ସ୍ତ୍ରୀ) 1 Lustful; libidinous.
୨ । ଲମ୍ପଟ; ଲମ୍ପଟସ୍ୱ—2. Adulterous.
୩ । ଅଭିଳାଷୀ—
3. Desirous; subject to keen desires.
୪ । ଲୋଭୀ—4. Covetous.

**କାମନା**—ସଂ.ବି. ସ୍ତ୍ରୀ.—(କମ ଧାତୁ ଣିଜନ୍ତ=କାମି ଧାତୁ=ଇଚ୍ଛା କରିବା +ଭାବ. ଅନ+ସ୍ତ୍ରୀ. ଆ)—ମନୋରଥ; ବାଞ୍ଛା; ଇଚ୍ଛା—Desire; wish.
Kāmanā

**କାମନା କରିବା**—ଦେ. କ୍ରି—୧ । ଇଚ୍ଛା କରିବା—
Kāmanā karibā — 1. To wish.
କାମନା କରା
कामना करना
୨ । ଅଭିଳଷିତ ବସ୍ତୁ ମନରେ କଳ୍ପନା କରିବା ବା ମନାସିବା—2. To mentally state the desired object before God or before a Deity.

**କାମନାଦଣ୍ଡ**—ପ୍ରାଦେ. (ଗଡ଼ଜାତ) ବି.—ଦଣ୍ଡନାଟ (ଦେଖ)
Kāmanādanda — Dandanāta (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଃ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଘ,ଷ | ଙ୍କ | ଇପ୍ସ | ଉଥ | ଞ୍ଚ |
| ୨ | ଈ | ଊ | ଋୁ | ଲୃ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୱ | ଯ | ସ | ଗଁ୍ୱ | ଇଥ | ଢ଼ | ନ୍ |

କାମପକ୍ଷୀ—ସଂ. ବି.—୧ । ଚକ୍ରବାକ (ପକ୍ଷୀ) (ଦେଖ)
Kāmapakshi 1. Chakrabāka (bird) (See)
୨ । କାଦମ୍ବ; କଳା ହଂସ—
2. The black drake.

କାମ ପଡ଼ିବା—ଦେ. କ୍ରି—ଆବଶ୍ୟକ ଉପସ୍ଥିତ ହେବା—
Kāma pardibā Necessity.
কামপড়া କାମ ପଡ଼ିଲେ ଅପାରୁ ତନ୍ତ୍ର—ଚଇ ।
কাম গিলো

କାମପାଳ—ସଂ. ବି. ( କାମ=କନ୍ଦର୍ପ+ପାଳ ଧାତୁ+କର୍ତ୍ତୃ. ଅ )—
Kāmapāla ବଳରାମ—Balarāma, the elder brother of Śrikrushna.

କାମପାଳ ମିଶ୍ର—ଦେ. ବି. ( ନାମ )—ଉତ୍କଳର ଜଣେ ସୁଲେଖକ—
Kāmapālamiśra A famous writer of Utkala.
[ ଦ୍ର—ଏ ଯାଜପୁର ନିବାସୀ ଜଣେ ବ୍ରାହ୍ମଣ ଥିଲେ । ଏହାଙ୍କ ରଚିତ "ସୀତାବିବାହ" ନାଟକ ଉତ୍କଳରେ ଅତ୍ୟନ୍ତ ସମାଦୃତ । ତାରିଣୀ. ଉତ୍କଳସାହିତ୍ୟ ଇତିହାସ । ]

କାମପୀଡ଼ା – ସଂ. ବି. ( ମଧ୍ୟପଦଲୋପୀ; କାମ+ପୀଡ଼ା )—
Kāmapirdā କାମଜ୍ୱାଳା ( ଦେଖ )
Kāmajwālā ( See )

କାମପୀଡ଼ିତ—ସଂ. ବିଣ. ( ତୃତୀୟା ତତ୍; କାମପୀଡ଼ିତ )—
Kāmapirdita କାମ ପ୍ରବୃତ୍ତି ଦ୍ୱାରା ପୀଡ଼ାଗ୍ରସ୍ତ ବା ଜର୍ଜରିତ—
Tormented by lust or desire after a wished for object.

କାମପୁର—ଦେ. ବି. (ନାମ)—ପ୍ରାଚୀନ ନଗରବିଶେଷ—
Kāmapura Name of an ancient town.
କୃଷ୍ଣବେଣୀ ନଦୀ କୂଳେ କାମପୁର ନଗ୍ର ।
ସାରଳା. ମହାଭାରତ. ଉଦ୍ୟୋଗ ।

କାମପ୍ରଭ—ସଂ. ବିଣ. ପୁଂ. ( ବହୁବ୍ରୀହି; କାମ+ପ୍ରଭା )—
Kāmaprabha କାମଦେବଙ୍କ ପରି ସୁନ୍ଦର—
(କାମପ୍ରଭା—ସ୍ତ୍ରୀ) Beautiful like the God Cupid.

କାମପ୍ରଭା—ଦେ. ବିଣ. ପୁଂ ଓ ସ୍ତ୍ରୀ. ( ସଂ. କାମପ୍ରଭ )—
Kāmaprabhā କାମପ୍ରଭ ( ଦେଖ )
Kāmaprabha ( See )
କବା ନାରାୟଣ ଏହୁ ତୁଗ କାମପ୍ରଭ । ବିଷ୍ଣୁକେଶବ ପୁରାଣ ।

କାମବଲ୍ଲଭ—ସଂ. ବି. ( ୬ଷ୍ଠୀ ତତ୍; କାମ+ବଲ୍ଲଭ )—
Kāmaballabha ଆମ୍ବ—Mango.

କାମବଲ୍ଲଭୀ—ସଂ. ବି. ( ୬ଷ୍ଠୀ ତତ୍; କାମ+ବଲ୍ଲଭୀ )—
Kāmaballabhi ଚନ୍ଦ୍ରିକା; ଚନ୍ଦ୍ରକିରଣ—
Moonlight.

କାମବାଇ—ଦେ. ବି. ପୁଂ ( ସଂ. କାମ+ବାତୁଳ )—
Kāmabāi ୧ । କାମପୀଡ଼ା ଯୋଗୁଁ ବାତୁଳପ୍ରାୟ; କାମୋନ୍ମାଦଗ୍ରସ୍ତ-
কামবাইয়া 1. Turned mad or intoxicated owing
(କାମବାଇ—ସ୍ତ୍ରୀ) to unfulfilment of carnal desire.
୨ । କାମକରିବାକୁ ବାତୁଳପ୍ରାୟ—
2. Eagerly wishing for action.
ଦେ. ବିଣ. ସ୍ତ୍ରୀ—କାମଚେଷ୍ଟା ଅପୂର୍ଣ୍ଣ ରହିବା ଯୋଗୁଁ ବାତୁଳା ହୋଇଥିବା ସ୍ତ୍ରୀ—
A woman maddened owing to her unfulfilled sexual desire.

କାମବାଣ—ସଂ. ବି. ( ୬ଷ୍ଠୀ ତତ୍; କାମ+ବାଣ )—
Kāmabāṇa ୧ । କାମପ୍ରବୃତ୍ତିର ଆକ୍ରମଣ—
1. The shafts of Cupid; the attack of lustful or carnal desire.
୨ । କାମ ବା କନ୍ଦର୍ପର ଶର; ପୁଷ୍ପବାଣ—
2. The arrow of God Cupid.
[ ଦ୍ର—କାମଦେବଙ୍କର ପାଞ୍ଚଗୋଟି ବାଣର ନାମ—ମୋହନ, ଉନ୍ମାଦନ, ସନ୍ତପନ, ଶୋଷଣ ଓ ନିଶ୍ଚେଷ୍ଟୀକରଣ । ଏହି ପାଞ୍ଚ ବାଣ ଯଥାକ୍ରମେ ପାଞ୍ଚଗୋଟି ଫୁଲରେ ନିର୍ମିତ ଯଥା,—ରକ୍ତପଦ୍ମ, ଅଶୋକ, ଆମ୍ର, ଚମ୍ପକ ଓ ନୀଳକମଳ—ହି. ଶବ୍ଦସାଗର । ]

କାମବାୟା—ଦେ. ବି. ପୁଂ—କାମବାଇ ( ଦେଖ )
Kāmabāyā Kāmabāi ( See )

କାମବେଦନା—ସଂ. ବି. ( ମ. ପ. ଲୋ; କାମ+ବେଦନା )—
Kāmabedanā କାମଜ୍ୱାଳା ( ଦେଖ )—
Kāmajwālā ( See )

କାମଭଦ୍ର ବଟ—ସଂ. ବି.—ହିନ୍ଦୁମାନଙ୍କର ପୌରାଣିକ ପବିତ୍ର ବଟ ବୃକ୍ଷ-
Kāmabhadra bata ବିଶେଷ—Name of a sacred mythological banian tree.
ମହାଦେବଙ୍କର ଯେ କାମଭଦ୍ର ବଟ
ଦେଖିଲେ ଲୋକ ତାକୁ ନ ପାଏ ସଙ୍କଟ । କୃଷ୍ଣସିଂହ. ମହାଭାରତ. ବନ ।

କାମଭେରୀ—ଦେ. ବି—ଭୂରୀ ବାଦ୍ୟବିଶେଷ—
Kāmabheri A kind of wind instrument.
କାହାଳୀ ତମ୍ବକ କାମଭେରୀ ବନ୍ଧ ରଡ଼ି । ପୀତାମ୍ବର. ବୃହତ୍‌ହରିବଂଶ ।

କାମମୋହିତ—ସଂ. ବିଣ. ( ତୃତୀୟା ତତ୍; କାମ+ମୋହିତ )—
Kāmamohita ୧ । କାମଚିନ୍ତା ବା କାମନା ଦ୍ୱାରା ମୋହଗ୍ରସ୍ତ—
1. Overcome with desire, lust, love or passion.
୨ । କାମାନ୍ଧ—2. Blinded by lust.

କାମୟନ—ସଂ. ବିଣ. ପୁଂ. (କାମି ଧାତୁ=ଇଚ୍ଛା କରିବା+କର୍ତ୍ତୃ.ଅନ)—
Kāmayana କାମନ ( ଦେଖ )
(କାମୟନା—ସ୍ତ୍ରୀ) Kāmana ( See )

କାମୟମାନ—ସଂ. ବି. ପୁଂ. (କାମି ଧାତୁ=ଇଚ୍ଛା କରିବା+କର୍ତ୍ତୃ.ମାନ)—
Kāmayamāna କାମନ ( ଦେଖ )
(କାମୟମାନା—ସ୍ତ୍ରୀ) Kāmana ( See )

ସାଧାରଣ ପାଠକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରିତ ଦପସ୍ଥ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିନା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାମୟିତା**—ସଂ. ବି. ପୁଂ. ( କାମି ଧାତୁ + କର୍ତ୍ତୃ. ତୃ ୧ମା. ୧ବ)
Kāmayitā — କାମନ ( ଦେଖ )
(କାମୟିତ୍ରୀ—ସ୍ତ୍ରୀ) Kāmana ( See )

**କାମର**—ଦେ. ବିଣ—୧ । କାମିକା; ପ୍ରୟୋଜନୀୟ (ବ୍ୟକ୍ତି ବା କଥା)—
Kāmara — 1. Useful.
କାଯେର ୨ । ପରିଶ୍ରମୀ—2. Laborious.
କାମକା ୩ । ବ୍ୟବସାୟସମ୍ବନ୍ଧୀୟ—3. Relating to business.
୪ । ବ୍ୟବସାୟରେ ନିପୁଣ—
4. Skilful in business; of business.

**କାମରା**—ବୈଦେ. ବି.(ଇଂ. ଚେମ୍ବର୍; ଫ୍ରେ. ଓ ଲା. କାମେର୍; ପର୍ତ୍ତୁଗୀଜ୍—
Kāmarā କାମାର୍ )—୧ । ପ୍ରକୋଷ୍ଠ; କୋଠରି—
କାମରା 1. Room of a house; chamber.
କାମରා ୨ । ଲମ୍ବ ଘର; ଦାଲାଣ—2. Hall.
୩ । ବଖରା—3. Compartment.
୪ । କାମେରା ( ଦେଖ )
4. Kāmerā ( See )

**କାମରୂପ**—ସଂ. ବିଣ. ପୁଂ. ( ବହୁବ୍ରୀହି; କାମ+ରୂପ )—
Kāmarūpa ୧ । ଇଚ୍ଛାନୁରୂପ ରୂପଧାରୀ—
(କାମରୂପା—ସ୍ତ୍ରୀ) 1. Assuming forms at pleasure.
୨ । ଇଚ୍ଛାନୁରୂପ ରୂପ ଧାରଣ କରିବାକୁ ସମର୍ଥ—
2. Able to assume any shape at will.
୩ । ସୁନ୍ଦର ରୂପବିଶିଷ୍ଟ—
3. Comely; beautiful; charming; graceful.
ସଂ. ବି—୧ । ବ୍ରହ୍ମପୁତ୍ର ନଦର ଉତ୍ତର ଓ ଭୁଟାନର ଦକ୍ଷିଣରେ ଥିବା ଆସାମ ପ୍ରଦେଶର ଗୋଟିଏ ପ୍ରାଚୀନ ଦେଶ ଓ ଆଧୁନିକ ଜିଲ୍ଲାର ନାମ—
1. Name of a district and ancient tract of country in Assam.

[ ଦ୍ର—ପ୍ରାଚୀନ କାମରୂପ ଦେଶ କରତୋୟା ବା ସଦାନୀରା ନଦୀକୂଳରେ ଆସାମର ଶେଷ ସୀମା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ରାଜଧାନୀ ପ୍ରାଗ୍‌ଜ୍ୟୋତିଷପୁର । ହିମାଳୟର ପାଦଦେଶରୁ ଏହା ଚୀନ୍‌ଦେଶର ସୀମା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମହାଭାରତ ଯୁଦ୍ଧରେ ଏ ଦେଶର ରାଜା ଦୁର୍ଯ୍ୟୋଧନଙ୍କୁ କିରାତ ଓ ଚୀନ ସୈନ୍ୟଦଳଦ୍ୱାରା ସାହାଯ୍ୟ କରିଥିଲେ । ଆଧୁନିକ କାମରୂପ ଦେଶର ଅଧିଷ୍ଠାତ୍ରୀ କାମାଖ୍ୟା ବା କାମରତ୍ନୀ ଦେବୀ । ଆସାମପ୍ରଦେଶର ଏହା ଆଧୁନିକ କାମରୂପ ଜିଲ୍ଲା; ଏଥିର ରାଜଧାନୀ ଗୌହାଟୀ । ରାମାୟଣ ସମୟରେ ନରକାସୁର ଏଠାରେ ରାଜତ୍ୱ କରୁଥିଲେ । ମହାଭାରତ ସମୟରେ ଭଗଦତ୍ତ ଏଥିର ରାଜା ଥିଲେ । ପୁରାକାଳରେ ଏହା ମ୍ଳେଚ୍ଛଦେଶ ମଧ୍ୟରେ ପରିଗଣିତ ହେଉଥିଲା । ତାନ୍ତ୍ରିକଯୁଗରେ ଏହା ପ୍ରସିଦ୍ଧ ସ୍ଥାନ ହେଲା । ଏହା ଭୁଟାନ୍ ରାଜ୍ୟର ଦକ୍ଷିଣରେ ।]

୨ । ସୁନ୍ଦରରୂପ—2. Charming figure.
୩ । ସ୍ୱେଚ୍ଛାପୂର୍ବକ ଧାରଣ କରାଯିବା ରୂପ—
3. Form or figure assumed by a being at his will.
୪ । ରାମାୟଣ ବାଲକାଣ୍ଡୋକ୍ତ ବିଶ୍ୱାମିତ୍ରଙ୍କ ମନ୍ତ୍ରାତ୍ମକ ଶରବିଶେଷ—
4. Name of a consecrated arrow possessed by sage Biswāmitra.
୫ । ଦେବତା—5. The Gods.

**କାମରୂପୀ**—ସଂ. ବିଣ. ପୁଂ. ( କାମ=ଇଚ୍ଛାକ୍ରମେ+ରୂପ+ଅସ୍ତି ଅର୍ଥରେ
Kāmarūpī ଇନ୍; ୧ମା. ୧ବ. )—
( କାମରୂପିଣୀ—ସ୍ତ୍ରୀ ) ୧ । ଯେ ନିଜର ଇଚ୍ଛାକ୍ରମେ ଭିନ୍ନ ଭିନ୍ନ ରୂପ ଗ୍ରହଣ କରି ପାରେ—
1. Assuming any shape at will.
୨ । ସୁରୂପ—2. Of lovely appearance.
ସଂ. ବି—ବିଦ୍ୟାଧର; ଦେବଯୋନିବିଶେଷ—
Name of a class of heavenly beings.

**କାମରେ ଆସିବା**—ଦେ. କ୍ରି—କାର୍ଯ୍ୟ ପ୍ରତି ଉପଯୁକ୍ତ ହେବା—
Kāmare āsibā To be fit for work.
କାଜେଆସା
କାମମେଆନ

**କାମରେଖା**—ସଂ. ବି. ( କାମ+ରେଖା )—ବେଶ୍ୟା—
Kāmarekhā Prostitute.

**କାମରେ ଲଗାଇବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ କୌଣସି
Kāmare lagāibā କାର୍ଯ୍ୟରେ ନିଯୁକ୍ତ କରିବା—
କାଜେଲାଗାନ 1. To employ a person in a work.
କାममेलगाना ୨ । କୌଣସି ବସ୍ତୁକୁ ବ୍ୟବହାରରେ ଲଗାଇବା—
2. To utilise a thing.

**କାମରେ ଲାଗିବା**—ଦେ. କ୍ରି—୧ । କାମରେ ଆସିବା ( ଦେଖ )
Kāmare lāgibā 1. Kāmare āsibā ( See )
୨ । କୌଣସି କାର୍ଯ୍ୟରେ ବ୍ୟାପୃତ ହେବା—
2. To be busy in doing a thing.

**କାମଳ**—ସଂ. ବି. ( କାମ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ )—
Kāmala ୧ । ବସନ୍ତକାଳ—1. The spring time.
୨ । ମରୁଭୂମି—2. Desert.
୩ । ( କାମ+ଲୂ=ଛେଦନ କରିବା+କର୍ତ୍ତୃ. ଅ )—
ପାଣ୍ଡୁରୋଗ; ପୀତକାମଲରୋଗ—3. Jaundice.
[ ଦ୍ର—ଏଥିରେ ଚକ୍ଷୁ ଓ ଅଙ୍ଗ ଆଦି ହଳଦିଆ ହୋଇଯାଏ । ]
ସଂ. ବିଣ. ପୁଂ. (କାମ+ଅସ୍ତି ଅର୍ଥରେ ଲ)—କାମୁକ; କାମୀ—
(କାମଲା—ସ୍ତ୍ରୀ) Lustful.

**କାମଲଗୁଣ୍ଡି**—ଦେ. ବି—କମଲାଗୁଣ୍ଡି ( ଦେଖ )
Kāmalagundi Kamalāgundi ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇସ୍ | ହ୍ୟ | ଢ |
| ୨ | ଈ | ଊ | ଋୁ | ଌୁ | ସୈ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତୁ |

**କାମଲତା**—ଦେ. ବି—ବନ୍ୟଲତାବିଶେଷ—A wild creeper;
**Kāmalatā** Antigonon Liptopus.

**କାମଲା**—ସଂ. ବି. ସ୍ତ୍ରୀ. (କାମ+ଲୁ=ଛେଦନ କରିବା+କର୍ତ୍ତୃ. ଅ; ସ୍ତ୍ରୀ. ଆ)— କାମଳ ୩. (ଦେଖ) —Kāmaḻa 3. ( See )
**Kāmaḻā**

**କାମଲିଆ**—ପ୍ରାଦେ. ( ମେଦିନୀପୁର ) ବି – ସୁନାରି ବଣିଆ—
**Kāmaḻiā** Goldsmith.

**କାମଶର**—ସଂ. ବି—କାମବାଣ ( ଦେଖ )
**Kāmaśara** Kāmabāṇa ( See )

**କାମଶରାଳି**—ଦେ. ବି. (କାମ+ଶରାଳି)—ହଂସପକ୍ଷୀ—
**Kāmaśarāḻi** The swan.

ସଂ. ବି. (କାମ+ଶର+ଆଳି=ସମୂହ)—
କାମଶରସମୂହ—
The arrows of Cupid.

ବର୍ଜିତା ଏ ଯେଣିକ ଚାର, ବରେତ୍ୟ କାମଶରାଳିର—ଉକ୍ତ. ବୈଦେହୀଶବିଳାସ ।

**କାମଶାସ୍ତ୍ର**—ସଂ. ବି.— ୧ । ଯେଉଁ ଶାସ୍ତ୍ରରେ କାମ ବା ମଦନ ସମ୍ବନ୍ଧେ ଚର୍ଚ୍ଚା ହୋଇଅଛି; ରତିଶାସ୍ତ୍ର—
**Kāmaśāstra**
1. The erotic science of ancient India.
[ଦ୍ର—କାମଶାସ୍ତ୍ରର ପ୍ରଧାନ ଆଚାର୍ଯ୍ୟ ନନ୍ଦୀଶ୍ୱର ଓ ଅନ୍ତିମ ଆଚାର୍ଯ୍ୟ ବାତ୍ସାୟନ ମୁନି । ]
୨ । ସ୍ୱର୍ଗାଦି ପ୍ରତିପାଦକ ଶାସ୍ତ୍ର—
2. Science which deals with the existence of heaven.

**କାମସେଣା**—ଦେ. ବି.(ସଂ. କାମସେନା)—ଅପ୍ସରୀବିଶେଷ—
**Kāmaseṇā** Name of a heavenly nymph.

କାମସେଣା ନାମରେ ଏକଇ ଅପସରି
ବାସବ ଦେବତା ତାହା ସଙ୍ଗେ କ୍ରୀଡ଼ା କରି—ସାରଳା. ମହାଭାରତ ଆଦି ।

**କାମସେନା**—ସଂ. ବି. ସ୍ତ୍ରୀ. (ନାମ)—ଅପ୍ସରୀବିଶେଷ—
**Kāmasenā** Name of a heavenly nymph.

**କାମସେଣୀ**—ଦେ. ବି. ସ୍ତ୍ରୀ.— ଦୂତୀ—
**Kāmaseṇī** A female go-between.

ଦୂରୁ ଗମନରେ, ଲକ୍ଷି ଭ୍ରମଣରେ, ମିଳେ ସେ କଳରେ କାମସେଣୀ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କାମାଉତ୍**— ଦେ. ବି. ( ବ୍ୟଙ୍ଗ )—ବୈଷ୍ଣବବେଶଧାରୀ ଲମ୍ପଟ ବ୍ୟକ୍ତି; କପଟ ବୈଷ୍ଣବ—A sham anchorite.
**Kāmāut**
[ଦ୍ର—ଜମାଉତ୍, ରମାଉତ୍, ଜମାଉତ୍ ଆଦି ପଦର ଅନୁକରଣରେ କପଟ ବୈରାଗୀ ଓ ଲମ୍ପଟ ସାଧୁମାନଙ୍କ ପ୍ରତି ଏ ଉପାଧି ବ୍ୟଙ୍ଗରେ ବ୍ୟବହୃତ ହୁଏ । ]

**କାମାଉତି**—ଦେ. ବିଣ. (ବ୍ୟଙ୍ଗ)—କାମାଉତ୍ (ଦେଖ)
**Kāmāuti** Kāmāut (See)

**କାମାକ୍ଷୀ**—ସଂ. ବି. (ବହୁବ୍ରୀହି; କାମ=ଶୋଭନ+ଅକ୍ଷି)—
**Kāmākshī** ୧ । କାମାଖ୍ୟା (ଦେଖ)
1. Kāmākhyā (See)

୨ । ନଦୀବିଶେଷ—2. Name of a river.

କାମାକ୍ଷୀ ନଦୀ ବହଇ ଉତ୍ତର ପ୍ରସଙ୍ଗେ—ସାରଳା ମହାଭାରତ ।

୩ । ଦୁର୍ଗା; ଦେବୀବିଶେଷ—3. Goddess Durgā.

ଏତେ କହି ଅନ୍ତର୍ଦ୍ଧାନ ହୋଇଲେ କାମାକ୍ଷୀ—ପ୍ରାଚୀ ଇତିହାସମଞ୍ଜରୀ ।

**କାମାଖ୍ୟ**—ସଂ. ବି.—ହିନ୍ଦୁମାନଙ୍କର ତୀର୍ଥବିଶେଷ—
**Kāmākhya** Name of a place of Hindu pilgrimage.

କାମାଖ୍ୟରେ ସ୍ନାନ କଲେଟି ଧର୍ମ ବୃଦ୍ଧି ।
ହୋଇକରି ଲୋକରେ ପାଏ ମଧ୍ୟ ସିଦ୍ଧି—କୃଷ୍ଣସିଂହ ମହାଭାରତ. ବନ ।

**କାମାଖ୍ୟା**—ସଂ. ବି. (ବହୁବ୍ରୀହି; କାମ+ଆଖ୍ୟା)—
**Kāmākhyā** କାମରୂପ ୧ (ଦେଖ)
1. Kāmarūpa 1 (See)

୨ । ଆସାମର କାମରୂପ ଦେଶରେ ପ୍ରତିଷ୍ଠିତା ଠାକୁରାଣୀଙ୍କ ନାମ; (ଏହାଙ୍କ ପୀଠ ସତୀ ଦେବୀଙ୍କ ଯୋନିପୀଠ ବୋଲି ପ୍ରସିଦ୍ଧ)—
2. Name of a Goddess in Kāmarūpa.

ଲଭିଛି ଅଭିଖ୍ୟା ଯେହୁ କାମାଖ୍ୟା ପ୍ରସାଦେ—ରାଧାନାଥ. ମହାଯାତ୍ରା ।

**କାମାଗ୍ନି**— ସଂ. ବି.—(ରୂପକ କର୍ମଧାରୟ; କାମ+ଅଗ୍ନି)—
**Kāmāgni** ପ୍ରବଳ କାମପ୍ରବୃତ୍ତି—
Inordinate sexual desire.

**କାମାଗ୍ନିସନ୍ଦୀପନ**—ସଂ. ବି.—କାମପ୍ରବୃତ୍ତିର ଉଦ୍ରେକକରଣ—
**Kāmāgnisaṁdīpana** Fanning of lust.

ସଂ. ବିଣ—ଯେଉଁ ଔଷଧଦ୍ୱାରା କାମପ୍ରବୃତ୍ତି ବୃଦ୍ଧିପାଏ—
Aphrodisiac (medicine).

**କାମାତୁର**—ସଂ. ବିଣ. ପୁଂ. (ତୃତୀୟା ତତ୍; କାମ+ଆତୁର)—
**Kāmātura** ଅତିଶୟ କାମ ଚେଷ୍ଟାଦ୍ୱାରା ବ୍ୟାକୁଳ; ସଙ୍ଗମ ଇଚ୍ଛା
(କାମାତୁରା—ସ୍ତ୍ରୀ) ଯୋଗୁଁ ଉଦ୍‌ବିଗ୍ନ — Love-sick; intoxicated by carnal desire; amorous; lustful.

**କାମାତ୍ମା**—ସଂ. ବି. ( ବହୁବ୍ରୀହି; କାମ+ଆତ୍ମନ; ୧ମା ୧ବ.)—
**Kāmātmā** କାମାତୁର ( ଦେଖ )
Kāmātura ( See )

**କାମାନଳ**—ସଂ. ବି. ( କାମ+ଅନଳ )—କାମାଗ୍ନି ( ଦେଖ )
**Kāmānaḻa** Kāmāgni ( See )

**କାମାନ୍ଧ**—ସଂ. ବିଣ ପୁଂ. ( ତୃତୀୟା ତତ୍; କାମ+ଅନ୍ଧ )—
**Kāmāndha** ୧ । କାମାତୁର ( ଦେଖ )
(କାମାନ୍ଧା—ସ୍ତ୍ରୀ) 1. Kāmātura ( See )

୨ । କୋକିଳ (ଏହାର କୁହୁରବ କାମୋଦ୍ଦୀପକ ବୋଲି)—
2. The Indian cuckoo.

**କାମାବଶା(ଷା)ୟିତା**—ସଂ. ବି. ( କାମ+ଅବସାୟିନ୍; ଅବ+ସୋ ଧାତୁ +ଇନ୍+ଭାବେ. ତା)—୧ । ଈଶ୍ୱରଙ୍କର ଓ ଯୋଗୀମାନଙ୍କର ଐଶ୍ୱର୍ଯ୍ୟବିଶେଷ; କାମନାଶକ୍ତି; ଆପଣାର ଇଚ୍ଛା ପୂର୍ଣ୍ଣ କରିବାର କ୍ଷମତା ବା ସିଦ୍ଧି—
**Kāmābas(ś)āyitā**

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

1. An extraordinary power of God and great men to fulfil their wishes.

[ ଦ୍ର—ଅଣିମାଦି ଅଷ୍ଟସିଦ୍ଧି ମଧ୍ୟରୁ ଏହା ଏକତମ । ]

୨ । ଇନ୍ଦ୍ରିୟନିଗ୍ରହ ଶକ୍ତି—2. The power of restraining one's senses.

**କାମାର୍ତ୍ତି**—ସଂ. ବିଣ. ପୁଂ. (ତୃତୀୟା ତତ୍; କାମ+ଆର୍ତ୍ତି)—
Kāmārtta କାମାତୁର ( ଦେଖ )
(କାମାର୍ତ୍ତା—ସ୍ତ୍ରୀ) Kāmātura ( See )

**କାମାର୍ଥୀ**—ସଂ. ବିଣ. ପୁଂ. ( କାମ+ଅର୍ଥ+ଇନ୍; ୧ମା. ୧ବ. )—
Kāmārthi ୧ । କାମପ୍ରବୃତ୍ତି ଚରିତାର୍ଥ କରିବା ନିମନ୍ତେ ଉତ୍ସୁକ—
(କାମାର୍ଥିନୀ—ସ୍ତ୍ରୀ) 1. Anxious or hankering to satisfy one's carnal propensity.

୨ । ଅଭିଲଷିତ ଫଳଲାଭର ପ୍ରାର୍ଥୀ—
2. Seeking after the desired object.

**କାମାଲ୍‌ପାଶା**—ଦେ. ବି. ( ନାମ )—ଆଧୁନିକ ତୁର୍କୀର ସାଧାରଣତନ୍ତ୍ରର
Kāmālpāsā ପ୍ରତିଷ୍ଠାତା—Name of the modern political leader of the Turkish republic.

**କାମାସକ୍ତ**—ସଂ. ବିଣ. ପୁଂ. ( ୭ମୀ ତତ୍; କାମ+ଆସକ୍ତ )—
Kāmāsakta କାମ ବିଷୟକ କାର୍ଯ୍ୟ ବା ଚିନ୍ତାରେ ନିଯୁକ୍ତ—
(କାମାସକ୍ତା—ସ୍ତ୍ରୀ) Influenced by passion or lust; amorous; lustful.

**କାମି** (ଧାତୁ)—ସଂ—ଇଚ୍ଛା କରିବା—To desire; to wish.
Kāmi (root)

**କାମି**—ସଂ. ବି. ପୁଂ. ( କାମ+ଇ )—କାମୁକ ବ୍ୟକ୍ତି—
Kāmi Lustful or libidinous man (M. W.)

ସଂ. ବି. ସ୍ତ୍ରୀ—ରତି; କାମପତ୍ନୀ—
Name of Rati or wife of Kāma (M. W.)

ଦେ. ବି—କାମୀ ( ଦେଖ )
Kāmi ( See )

**କାମିଆ**—ପ୍ରାଦେ. ( ସମ୍ବଲପୁର; ସିଂହଭୂମ; ତୁଳ. ହି. କମ୍‌ହା ସଂ.
Kāmiā କର୍ମି) ବି.—୧ । ଖାମିନ୍ଦଠାରୁ ଟଙ୍କା ଋଣ କରି କେବଳ ସୁଧ ବାବଦରେ ଭୃତ୍ୟତ୍ୱ କରିବା ଲୋକ—
A servant who works in repayment of the interest of money borrowed from the master.

[ ଦ୍ର—ଉକ୍ତ ଅଞ୍ଚଳମାନଙ୍କରେ ଜଣେ ଲୋକ ଅନ୍ୟ ଜଣକଠାରୁ ଟଙ୍କା ଋଣ କରି, ସେହି ଋଣର ସୁଧ ପାଇଁ ମହାଜନଙ୍କ ପାଖରେ ଚାକିରି କରିବ ବୋଲି ଚୁକ୍ତି ଲେଖି ଦିଏ । ସେହି କାମିଆ କାର୍ଯ୍ୟ ନ କଲେ ପ୍ରତି ମାସରେ ମୂଳ ଟଙ୍କା ଉପରେ ଟଙ୍କାକେ ଏକ ଅଣା ଲେଖାଏ ସୁଧ ବସି ଯାଏ । ସୁତରାଂ ମୂଳଟଙ୍କା ଶୁଝି ନ ପାରି କେବଳ ସୁଧ ପାଇଁ ଲୋକର ଜୀବନ ବିକି ଯାଏ । ତାପରେ ପୁତ୍ର-ପୌତ୍ରାଦିକ୍ରମେ ମଧ୍ୟ ସେହି ସର୍ତ୍ତରେ କାମ କରିବାକୁ ଲୋକେ ବାଧ୍ୟ ହୁଅନ୍ତି । ୧୯୨୦ ସାଲରେ ବିହାର ଓଡ଼ିଶା ଗଭର୍ଣ୍ଣମେଣ୍ଟ ଏହି ଦାସତ୍ୱ ପ୍ରଥା ବନ୍ଦ କରିବା ପାଇଁ କାମିଆଉତି ଚୁକ୍ତି ଆଇନ୍ (B. and O. Kamiauti agreement) ନାମରେ ଗୋଟିଏ ବ୍ୟବସ୍ଥା ପ୍ରଣୟନ କରିଛନ୍ତି । ତାହା ଅନୁସାରେ କାମିଆମାନେ ସୁଧ ପାଇଁ କାମ କରିବାକୁ ବାଧ୍ୟ ନ ହୋଇ ଇଚ୍ଛା କଲେ ସାହୁକୁ ମୂଳ ବାବଦ୍ ଟଙ୍କା ଶୁଝି ପାରିବେ । ଭୂୟାଁ, ଚମାର, କାହାର୍ ବା ଦୋସଧ ଜାତିର ଲୋକେ କାମିଆ ହୁଅନ୍ତି । ବଙ୍ଗଳାରେ ଏହି ପ୍ରଥାକୁ କବଲା କହନ୍ତି । ]

୨ । (ସମ୍ବଲପୁର)—ଦିନମୂଲିଆ—2. Day labourer.

**କାମିଆଉତି**—ପ୍ରାଦେ. (ସମ୍ବଲପୁର; ସିଂହଭୂମ)—ବି.—
Kāmiāuti ୧ । କାମିଆ (ଦେଖ)
1. Kāmiā (See)

୨ । କାମିଆ ଭାବରେ ଚାକିରି କରିବାର ପ୍ରଥା—
2 The custom of serving for payment of interest on money borrowed.

**କାମିଏନ୍**—ପ୍ରାଦେ. (ସମ୍ବଲପୁର)—ବି. ସ୍ତ୍ରୀ—କାମିନୀ (ଦେଖ)
Kāmien Kāmini (See)

**କାମିକ**—ଦେ. ବିଣ.—୧ । (ସଂ. କାମ)—କାମନାଯୁକ୍ତ; ସକାମ—
Kāmika Accompanied with a desire for some object.
କାଜେର
কামকা

କାମିକ କର୍ମ ଟି କେବଳ, ନୋହେ ଏକାନ୍ତ ପ୍ରତିକାର । ଜଗନ୍ନାଥ. ଭାଗବତ ।

୨ । (ସଂ. କାମୁକ)—ଦେ. ବିଣ.—କାମୁକ—2. Lustful.

କାମିକେ ରତି ଗ୍ରେହମାନ,
ଶୁଣି ହୋଇବେ ହୃଷ୍ଟ ମନ । ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ ।

୩ । (ସଂ. କାର୍ମୁକ) କର୍ମଦକ୍ଷ—3. Expert; active.

୪ । ( ସଂ. କର୍ମ ) ପରେ କାର୍ଯ୍ୟରେ ଲାଗିବାର ଯୋଗ୍ୟ; ପ୍ରୟୋଜନୀୟ—4. Useful.

୫ । ପରିଶ୍ରମୀ—5. Laborious.

ସଂ. ବିଣ. (କାମ+ଇକ)—୧ । ଇଷ୍ଟ; ବାଞ୍ଛିତ—
1. Desired; wished for (M. W.)

୨ । ଇଚ୍ଛା ପୂରଣକାରୀ; କାମଦ—
2. Satisfying desires (M. W.)

୩ । ଇଚ୍ଛା ସମ୍ବନ୍ଧୀୟ—3. Relating to or connected with a desire.

ସଂ. ବି.—କାରଣ୍ଡବ; ବନ୍ୟହଂସ—Wild duck (M. W.)

ପ୍ରା. ଦେ. (ସମ୍ବଲପୁର) ବି—ଲୌହବେଷ୍ଟନୀବିଶେଷ—
An iron ring.

**କାମିକା**—ଦେ. ବିଣ.—କାମିକ (ଦେଖ)
Kāmikā Kāmika (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଖ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଢ଼ | •ନ୍ତ |

**କାମିଜ୍**—ବୈଦେ. (ଆ) ବ.—(ଫ୍ରେଞ୍ଚ୍. କେମିଜେ; ପର୍ତ୍ତୁଗୀଜ୍. କାମିଜା; Kāmij ଆ. କାମୀଜ୍; ଲାଟିନ୍. କାମିଜା)—ଏକ ପ୍ରକାର କୁର୍ତ୍ତା—
कामिज Shirt; shirting.
कमीज

[ ଦ୍ର—ଏ କୁର୍ତ୍ତାରେ ସାମନାପାଖ ପେଟ ପର୍ଯ୍ୟନ୍ତ ଚିରା ଥାଇ ବୋତାମ ଲାଗିଥାଏ ଓ ହାତର ଶେଷରେ ବୋତାମଲଗା ପଟ୍ଟି ଥାଏ । ]

**କାମିଜନ**—ସଂ. ବି. ( କର୍ମଧା; କାମିନ୍+ଜନ )—ପ୍ରେମିକ ବ୍ୟକ୍ତି;
Kāmijana ପ୍ରଣୟୀ ବ୍ୟକ୍ତି—A lover.

**କାମିଜି**—ବୈଦେ. ( ଆ ) ଗ୍ରା. ବି.—କାମିଜ୍ ( ଦେଖ )
Kāmiji Kāmij ( See )

**କାମିଣୀ**—ପ୍ରାଦେ. ( ସିଂହଭୂମ ) ବି. ସ୍ତ୍ରୀ—ମୂଲିଆଣୀ—
Kāmiṇi Female labourer.
( କାମିଆ—ପୁଂ )

**କାମିତ**—ସଂ. ବିଣ. ( କାମି ଧାତୁ=ଇଚ୍ଛା କରିବା+କର୍ମ. ତ )—
Kāmita ପ୍ରାର୍ଥିତ; ଇପ୍ସିତ—
Desired; wished for; prayed for.
ସଂ. ବି—ଇଚ୍ଛା—Desire; wish ( M. W. )

**କାମିଦାର୍**—ପ୍ରାଦେ. ( ସମ୍ବଲପୁର ) ବି. ( ଭୁଲ. ହି. କାମ୍‌ଦାର୍ )—
Kāmidār କାମଦାର୍ ( ଦେଖ )—Kāmadār ( See )

**କାମିନୀ**—ସଂ. ବି. ସ୍ତ୍ରୀ. ( କାମ+ଅସ୍ତି ଅର୍ଥରେ. ଇନ୍+ସ୍ତ୍ରୀ. ଈ )—
Kāmini ୧ । ସ୍ତ୍ରୀ; ନାରୀ—1. Woman; female.
୨ । ଏକପ୍ରକାର ଫୁଲ ଓ ଫୁଲଗଛ—
2. A scented flower and its tree; the China box flower; Murraya Exotica.

[ ଦ୍ର—ଏହାର ଗଛ ୮।୧୦ ହାତ ଉଚ୍ଚରେ ବଢ଼େ, ଏହାର ଫୁଲ ଧଳା ଓ ଗୁଚ୍ଛପାଖୁଡ଼ିଆ; ସକାଳୁ ଫୁଲର ପାଖୁଡ଼ାଗୁଡ଼ିକ ଗଛରୁ ଝଡ଼ିପଡ଼େ । ଫୁଲର ବାସନା ମଧୁର, ଫୁଲ ସନ୍ଧ୍ୟାବେଳେ ଫୁଟେ ଓ ସକାଳକୁ ଝଡ଼ିପଡ଼େ । ]

୩ । ଭୀରୁ ସ୍ତ୍ରୀ—3. A timid woman.
୪ । ମଦିରା—4. Wine; spirituous liquor.
୫ । ପ୍ରଣୟିନୀ—5 Sweetheart.
୬ । ମନୋହାରିଣୀ ସ୍ତ୍ରୀ—6. Charming woman.
୭ । ପରିଚାରିକା; ଦାସୀ; ସେବାଦାସୀ—
7. Maid-servant.
୮ । ସ୍ନେହମୟୀ ସ୍ତ୍ରୀ—
8. A loving and affectionate woman (M.W.)
୯ । ଆମ୍ବଅଦା—9. Curcuma Aromatica; (M.W.)
୧୦ । ଗୁଳ୍ମବିଶେଷ—
10. The plant Vanda Roxburghii ( M. W. )
୧୧ । ମଲ୍ଲଙ୍ଗ—Orchid; mistletoe.

ସଂ. ବିଣ. ସ୍ତ୍ରୀ—୧ । କାମୁକୀ; କାମାତୁରା ( ସ୍ତ୍ରୀ )—
1. Amorous; lustful ( female ).
୨ । ଭୋଗାଭିଳାଷିଣୀ—
2. Seeking physical enjoyment.
୩ । ରମଣାଭିଳାଷିଣୀ—
3. Seeking cohabitation.
୪ । ପ୍ରଣୟିନୀ—4. Loving or affectionate (woman).

**କାମିନୀକାଞ୍ଚନ**—ସଂ. ବି. ( ସହଚର ଶବ୍ଦ ) (ଦ୍ୱନ୍ଦ୍ୱ; କାମିନୀ+କାଞ୍ଚନ)—
Kāminikāñchana ପୃଥିବୀରେ ଭୋଗବିଳାସର ଦୁଇଟି ପ୍ରଧାନ ଉପକରଣ, କିନ୍ତୁ ମୁକ୍ତି ଅଭିଳାଷୀ ବ୍ୟକ୍ତିଙ୍କର ଅବଶ୍ୟ ତ୍ୟାଗ କରିବା ଯୋଗ୍ୟ ଦୁଇଟି ବସ୍ତୁ—
Wealth and woman; the two chief desirable objects in a worldly sense, but which should be eschewed by the righteous man, as taught by saints and sages of all ages.

**କାମିନୀପ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; କାମିନୀ+ପ୍ରିୟ )—
Kāminipriya ସ୍ତ୍ରୈଣ; ଯେ ସ୍ତ୍ରୀଲୋକମାନଙ୍କ ସଂସର୍ଗରେ ସର୍ବଦା କାଳଯାପନ କରେ—
Effeminate; given to sporting with women day and night; fond of female company; attached to the apron-strings of the fair sex.

**କାମିନୀବଶ**—ଦେ. ବି—ପୌରାଣିକ ବୃକ୍ଷବିଶେଷ—
Kāminibaśa Name of a mythological tree.

ଏ ବୃକ୍ଷର ନାମ ଅଟେ କାମିନୀବଶ ତ
ସ୍ତ୍ରିରିମାନଙ୍କୁ ଏ ଅଟେ ବଡ଼ଇ ପଦାର୍ଥ ।
ଏହା ଚୂର୍ଣ୍ଣି ସ୍ତିରି କପାଳରେ ଲଗାଇଲେ
ପୁରୁଷ ବଶ କରିବେ ସେ ବୃଦ୍ଧା ହୋଇଲେ ।
ସାରଳା- ମହାଭାରତ, ମଧ୍ୟମ ।

ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; କାମିନୀ+ବଶ )—
ସ୍ତ୍ରୀର ଆଜ୍ଞାନୁବର୍ତ୍ତୀ—
Subservient to the commands of a woman.

**କାମିନୀଭଦ୍ରା**—ଦେ. ବି—ନଦୀବିଶେଷ—
Kāminibhadrā Name of a river.
କାମିନୀଭଦ୍ରା ବୋଲି ଯେ ଏକନଦୀ ଘୋର—ସାରଳାମହାଭାରତ- ମଧ୍ୟ ।

**କାମିଲ୍**—ବୈଦେ. (ଅ) ବିଣ—୧ । ସ୍ଥାୟୀ—
Kāmil 1. Permanent.
( ଯଥା—କାମିଲ୍ ଜମା । )
୨ । ପୂର୍ଣ୍ଣ; ପୂରା—2. Full; complete.
୩ । ସମୁଦାୟ—3. Whole; entire.
୪ । ଯୋଗ୍ୟ; ଉପଯୁକ୍ତ—4. Fit; proper.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଛଡ଼ିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାମିଲ୍‌ଜମା**— ପ୍ରାଦେ. ( ସମ୍ବଲପୁର ) ବି—୧ । ଗଉନ୍ତିଆ ସରକାରଙ୍କୁ
Kāmiljamā ଦେବା ସଦରଜମା—1. Revenue paid by the Gauntia to the Government.
୨ । ସଂଶୋଧିତ କରବସାଣ—
2. Revised assessment.
[ଦ୍ର—ମୋଗଲମାନଙ୍କ କାଗଜପତ୍ରରେ ଦୁଇ ପ୍ରକାର ଜମାର ଉଲ୍ଲେଖ ଥିଲା । ଠଙ୍କାରକ୍ମୀ ଓ କାମିଲ୍ ବା ସଂଶୋଧିତ ଜମା ।
ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।
ଠଙ୍କାରକ୍ମୀ (ଦେଖ)]

**କାମିଲ୍‌ବାଜ୍ୟାପ୍ତି**—ବୈଦେ. ବି. ( ଆ. କାମିଲ୍ ବାଜ୍ୟାପ୍ତ୍ )—
Kāmilbājyāpti ଯେଉଁ ବାଜ୍ୟାପ୍ତି ଲାଖିରାଜ ଜମି ଉପରେ ପୂରା ଜମା ଧାର୍ଯ୍ୟ ହୋଇଅଛି—
A resumed rent-free land assessed to full rent.

**କାମୀ**—ସଂ. ବିଣ. ପୁଂ. (କାମ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Kāmī ୧ । କାମୁକ—1. Lascivious; libidinous;
(କାମିନୀ—ସ୍ତ୍ରୀ) amorous; wanton; lustful.
୨ । ଫଳାଭିଳାଷୀ; ଅଭିଳାଷୁକ—2. Desirous.
୩ । ଲୋଭୀ—3. Covetous.
୪ । କର୍ମୀ—
4. ( man) Of action; loving action or work.
ସଂ. ବିଣ. ପୁଂ—୧ । କାମୁକ ବ୍ୟକ୍ତି—
1. Lustful man; an amorous male.
୨ । ଚନ୍ଦ୍ର—2. Moon.
୩ । କପୋତ—3. Dove.
୪ । ପାରାବତ—4. Pigeon.
୫ । ଚଟକ; ଘରଚଟିଆ—5. Sparrow.
୬ । ଚକ୍ରବାକ; ଚଖୁଆ ଚକୋଇ—
6. The ruddy goose or duck; Casarea Rutila; the Brahmini Shelldrake.
୭ । ସାରସ—7. Indian crane.
୮ । କକଡ଼ାଶୃଙ୍ଗୀ ( ଦେଖ ) ( ହି. ଶବ୍ଦସାଗର )
8. Kakarḍāsṛuṅgī ( See )
୯ । ସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ—
9. A name of Bishṇu.
ସଂ. ବି. ସ୍ତ୍ରୀ—୧ । କୌଣସି ପତଳା ଜିନିଷକୁ ଟାଣ କରିବା ନିମନ୍ତେ ତା ପଛରେ ଯୋଡ଼ା ଦିଆଯିବା ପଟା ବା କାଠ ବା ପଟୀ—1. Plank put below a slender article to make it strong.
୨ । ମୂଲିଆ— 2. Day labourer.
୩ । ଶଗଡ଼ଚକର ଲୁହା ନାଲ; ହାଲ—
3. The iron rim of a cart-wheel.
୪ । ଶଗଡ଼ଚକର ରନ୍ଧ୍ର ମଧ୍ୟରେ ବସିଥିବା ଲୁହାର ମୁଦିଆ; ଓଲୁଅ—4. Iron ring set round the hole in the nave of a wheel.
ଦେ. ବିଣ. ପୁଂ—୧ । କାମିକ ( ଦେଖ )
1. Kāmika ( See )
୨ । ସ୍ତ୍ରୀ ( ପ୍ରାଚୀନ ପଦ୍ୟ; ସଂ. କାମିନୀ )—କାମାତୁରା—
2. Lustful ( woman ).

ସ୍ମରବେ ନଚେ୍ୟ ହୃଷ୍ଟ କାମୀ
ଇଚ୍ଛନ୍ତି ନବ ନବ ସ୍ୱାମୀ । ଜଗନ୍ନାଥ. ଭାଗବତ ।

**କାମୀନ**—ସଂ. ବିଣ. ପୁଂ. ( କାମ + ଇନ )—
Kāmīna ୧ । କାମୁକ—1. Amorous.
(କାମୀନା—ସ୍ତ୍ରୀ) ୨ । ଅଭିଳାଷୀ—2. Desirous.

**କାମୁକ**—ସଂ ବିଣ. ପୁଂ. (କାମି ଧାତୁ = ଇଚ୍ଛା କରିବା + କର୍ତ୍ତୃ. ଉକ)—
Kāmuka ୧ । କାମାତୁର; ରମଣାଭିଳାଷୀ—
କାମୁକୀ } ସ୍ତ୍ରୀ. 1. Lascivious; lustful; libidinous;
କାମୁକା } lewd; sensual.
୨ । ଅଭିଳାଷୀ—2. Desirous.
୩ । ବିଳାସୀ—3. Foppish; sportive.
ସଂ. ବି—୧ । ଅଶୋକ ବୃକ୍ଷ—1. The Asoka tree; the Saraca Indica tree.
୨ । ମାଧବୀ ଲତା—2. A flowering creeper with sweet smelling yellowish white flowers; Hiptage Madhablata.
୩ । ଘରଚଟିଆପକ୍ଷୀ—3. Sparrow.
[ ଦ୍ର—ଏମାନେ ମୁହୁର୍ମୁହୁଃ ରତି କରିବାର ଦେଖାଯାଏ । ]

**କାମୁକା**— ସଂ. ବିଣ. ସ୍ତ୍ରୀ. (କାମୁକ + ସ୍ତ୍ରୀ. ଆ)—
Kāmukā ୧ । ରମଣାଭିଳାଷିଣୀ—
1. Lustful; lascivious (female).
୨ । ଅଭିଳାଷଯୁକ୍ତା—2. Desirous.
୩ । ବିଳାସିନୀ—3. Belle; foppish; rakish.

**କାମୁକୀ**—ସଂ. ବିଣ. ସ୍ତ୍ରୀ (କାମୁକ + ସ୍ତ୍ରୀ. ଈ)—କାମୁକା (ଦେଖ)
Kāmukī Kāmukā (See)

**କାମୁଡ଼ା**—ଦେ. ବି. (ଟାଣୁଆ ବସ୍ତୁକୁ ଖିଆଇବାରେ ହେବା କଡମଡ଼ ଧ୍ୱନ୍ୟନୁକରଣ; କମ୍ପା ସଂ. କବଳ)—
Kāmuṛdā
୧ । ଦଂଶନ—1. Bite.
୨ । ଦନ୍ତଦ୍ୱାରା କ୍ଷତ କରିବା—
2. Act of biting; gnawing.
୩ । ଛାଳ ପ୍ରଭୃତିକୁ ଦୃଢ଼ କରିବା ପାଇଁ ବ୍ୟବହୃତ ଦୃଢ଼ବନ୍ଧ ବତା—3. Two split bamboos on both sides of a thach-frame, tightly bound to each other by means of a string.

| ୧ | ଇ | ଙ୍ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଯ,ଷ | ଙ୍କ | ଇସ୍ପ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୬ | ଏ | ଉ | ରୁ | ଲୁ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଖ | ଯ | ସ | ଙ୍ଘ | ଇଅ | ଓ | ନ୍ତ |

কামড়, কামড়ানি ୪ । ଦନ୍ତକ୍ଷତର ଦାଗ—
काटा 4. The impression left after biting.
୫ । ପେଟ ଭିତରେ କାମୁଡ଼ିବା ପରି ଯନ୍ତ୍ରଣା—
5. Griping or gnawing pain inside the stomach.
ଦେ. ବିଣ—୧ । ଯେ କାମୁଡ଼େ—
1. Given to biting others; snappish.
কামড়া ଝଡ଼ାନ୍ତରେ କଲ ଗଡ଼ଃ ରଞ୍ଜନ
कटहा କାମୁଡ଼ା ଘୋଡ଼ା ମୁହେଁ ଦେଇ ଚୁମ୍ବନ—ଯଦୁମଣି ଉକ୍ତି ।
কামড়া କାମୁଡ଼ାହୋଇଥିବା; ଦଷ୍ଟ—
काटाहुआ 2. Bitten.
(ଯଥା—ଭଲୁଆକାମୁଡ଼ା ଲୋକ ।)

**କାମୁଡ଼ାଇବା**—ଦେ. କ୍ରି—କାମୁଡ଼ିବା କ୍ରିୟାର ଣିଜନ୍ତ ରୂପ—
Kāmurdaiba Causative form of the verb to bite.
কামড়ান
काटविलाना

**କାମୁଡ଼ାକାମୁଡ଼ି ହେବା**—ଦେ. କ୍ରି—୧ । ପରସ୍ପର ଦଂଶନ କରିବା—
Kāmurdakāmurdi hebā 1. To bite each other; to snap at each other.
কামড়াকামড়ি হওয়া
काटाकाटिहोना ୨ । ପରସ୍ପର ମଧ୍ୟରେ କଳିକଜିଆ କରିବା—
2. To quarrel amongst one another.

**କାମୁଡ଼ିଆ**—ଦେ. ବିଣ. ପୁଂ—୧ । ଅନ୍ୟକୁ କାମୁଡ଼ିବାରେ ଅଭ୍ୟସ୍ତ
Kāmurdiā (ଜୀବ); କାମୁଡ଼ା—1. Given to biting others.
(କାମୁଡ଼େଇ—ସ୍ତ୍ରୀ)
কামড়া ୨ । (ଲକ୍ଷଣାର୍ଥ) ଯେ ସବୁବେଳେ ଚିଡ଼ିଲୁ ହୁଏ; ଚିଡ଼ିଲ୍—
कट्टर 2. Churlish; surly.

**କାମୁଡ଼ି ଦେବା**—ଦେ. କ୍ରି—କାମୁଡ଼ିବା (ଦେଖ)
Kāmurdi debā Kāmurdibā (See)

**କାମୁଡ଼ି ଧରିବା**—ଦେ. କ୍ରି—୧ । ଦାନ୍ତଦ୍ୱାରା କାମୁଡ଼ି କାମୁଡ଼ା ସ୍ଥାନକୁ
Kāmurdi dharibā କିଛି ସମୟ ପର୍ଯ୍ୟନ୍ତ ଦାନ୍ତରେ ଧରିବା—
কামড়েধরা 1. To catch a thing by the teeth after first biting it.
पकड़ना
୨ । ଯାବୁଡ଼ି କରି ଧରିବା—2 To hold with a firm grip; to grasp tightly.

**କାମୁଡ଼ିବା**—ଦେ. କ୍ରି—୧ । ଦନ୍ତଦ୍ୱାରା କ୍ଷତ କରିବା; ଦଂଶନ କରିବା—
Kāmurdibā 1. To bite.
(କାମୁଡ଼ାଇବା—ଣିଜନ୍ତ) ୨ । (ପେଟ) ଶୂଳରୋଗାକ୍ରାନ୍ତ ହେବା; ବାୟୁ
কামড়ান ଶୂଳ ରୋଗଦ୍ୱାରା ଆକ୍ରାନ୍ତ ହେବା; ବାୟୁ ପ୍ରକୋପରୁ
मँरोड़ना; (ପେଟ) ବ୍ୟଥିତ ହେବା—2. ( the stomach) To
काटखाना be disturbed with colic-pain.
ପ୍ରାଦେ ( ଗଞ୍ଜାମ ) କ୍ରି—୩ । ମୁଠାଇ କରି ଧରିବା—
3. To tightly catch hold of a thing.

( ଯଥା—ଦଉଡ଼ି ବୋଲି ମୁଁ ସାପୁଟାଏ କାମୁଡ଼ି ଦେଲି )
[ ଦ୍ର—ଏହି ଶବ୍ଦର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ଧରିବା, ନେବା, ପକାଇବା, ହେବା କ୍ରିୟାମାନ ଯୁକ୍ତ ହୁଏ । ]

**କାମୁଡ଼ି ହେବା**—ଦେ. କ୍ରି—୧ । (ପେଟ) ଶୂଳଦ୍ୱାରା ପୀଡ଼ାଗ୍ରସ୍ତ ହେବା—
Kāmurdi hebā 1. ( the stomach ) To be affected by colic pain.
୨ । ଚିଡ଼ମିଡ଼ି ହେବା; ଗେଙ୍ଗି ହେବା—
2. To be churlish; to snarl.

**କାମୁଡ଼େଇ**—ଦେ. ବିଣ. ସ୍ତ୍ରୀ—କାମୁଡ଼ିଆର ସ୍ତ୍ରୀଲିଙ୍ଗ ( ଦେଖ )
Kāmurdei Feminine of Kāmurdiā ( See )

**କାମେ ଖବର**—ଦେ. ଅ. ( ପରିଶ୍ରମ କରିବେଳେ ଉଚ୍ଚାରିତ ହାକାହାକିଅଙ୍କ
Kāme khabar ଧ୍ୱନି )—କାମପ୍ରତି ମନୋଯୋଗ ଦିଅ—
Mind your work.
ଚଣ୍ଡେଲ୍—କାମେ ଖବର; ଗଙ୍ଗର୍ସ—ଏଁ ଧାଁ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କାମେଜି**—ପ୍ରାଦେ. (ଗଞ୍ଜାମ) ବୈଦେ. ବି—କାମିଜ୍—Shirt.
Kāmeji

**କାମେରା**—ବୈଦେ. ବି. ( ଇଂ. ଚେମ୍ବର୍; ଫ୍ରେ. କାମେରା )—
Kāmerā ଫଟୋଗ୍ରାଫ୍ ବା ଆଲୋକଚିତ୍ର ଉଠାଇବା ପାଇଁ
কামেরা ବ୍ୟବହୃତ ଚର୍ମଦ୍ୱାରା ସଙ୍କୁଚିତ ଓ ପ୍ରସାରିତ ବାକ୍ସ—
कामरा Photo-camera.

**କାମୋଡ଼ା**—ଦେ. ବିଣ. ପୁଂ—୧ । ଅଭିଳଷିତ ବସ୍ତୁ ପାଇବା କ୍ରମରେ
Kāmordā ଉପର୍ଯ୍ୟୁପରି ତାଗିଦ୍ କରୁଥିବା—
কামড় 1. Teasing; importunate.
घरेत ୨ । କେହି କୌଣସି କଥା କହିବାକୁ ଆସିଲେ ତା ଉପରେ
(କାମୋଡ଼େଇ—ସ୍ତ୍ରୀ) . ଚଡ଼ ଚଡ଼ ହୋଇ ଗେଙ୍ଗି ହେବା ଯାହାର
ଅଭ୍ୟାସ—2. Surly; snarling at people coming to tell him something.
୩ । ଜିଦିଖୋର; ଏକଜିଦିଆ—3. Pertinacious; obstinate.

**କାମୋଡ଼ା**—ଦେ. ବି. ଓ ବିଣ.—କାମୁଡ଼ା (ଦେଖ)
Kāmordā Kāmurdā (See)

**କାମୋଡ଼ାଇବା**—ଦେ. କ୍ରି.—କାମୁଡ଼ାଇବା (ଦେଖ)
Kāmordaibā Kāmurdaibā (See)

**କାମୋଡ଼ା କାମୋଡ଼ି ହେବା**—ଦେ. କ୍ରି.—(ସହଚର ଶବ୍ଦ)—
Kāmordā kāmordi hebā କାମୁଡ଼ା କାମୁଡ଼ି ହେବା (ଦେଖ)
Kāmurdā kāmurdi hebā (See)
ପୁଣି ହେଲେ ସେ ଯୁଦ୍ଧେ କାମୋଡ଼ା କାମୋଡ଼ି ।
କୃଷ୍ଣସିଂ. ମହାଭାରତ. ବନ ।

**କାମୋଡ଼ିଆ**—ଦେ. ବିଣ. ପୁଂ.—କାମୋଡ଼ା (ଦେଖ)
Kāmordiā Kāmordā (See)

**କାମୋଡ଼ି ଧରିବା**—ଦେ. କ୍ରି—କାମୁଡ଼ି ଧରିବା (ଦେଖ)
Kāmordi dharibā Kāmurdi dharibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ତଳସ୍ଥ ୨ ବା ୪ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କ୍ରୁଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାମୋଡ଼ିବା**—ଦେ. କ୍ରି—କାମୁଡ଼ିବା (ଦେଖ)
Kāmorḏibā — Kāmurḏibā (See)
ଅଧର କାମୋଡ଼ି କେହି ନୟନ ଭଙ୍ଗଇ । ବୃନ୍ଦ୍ୱ କେଶବ ପୁରାଣ ।

**କାମୋଡ଼ି ହେବା**—ଦେ. କ୍ରି—କାମୁଡ଼ି ହେବା (ଦେଖ)
Kāmorḏi hebā — Kāmurḏi hebā (See)

**କାମୋଦ**—ସଂ. ବି.—୧ । ସଙ୍ଗୀତର ରାଗବିଶେଷ—
Kāmoda — 1. Name of a musical air or tune.
[ ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ଏକ ରାଗ; ଏଥିରେ ଧୈବତ ବାଦୀ ଓ ପଞ୍ଚମ ସମ୍ବାଦୀ ଅଟେ । ଏହାର ଗାନସମୟ ରାତିର ପ୍ରଥମାର୍ଦ୍ଧ-ପ୍ରହର । କରୁଣ ଓ ହାସ୍ୟ ରସରେ ଏହା ପ୍ରଯୁଜ୍ୟ । ଏଥିର ମିଶ୍ରରାଗ ଅଛି । ଏହା ତେଢାଲ; ହି. ଶବ୍ଦସାଗର । ]
ଦେ. ବି—ଏକ ପ୍ରକାର ବୃକ୍ଷ—A kind of tree.
ବୃନ୍ଦ କାମୋଦ କେଉଁ ଭଙ୍ଗଇ । ପ୍ରାଚୀ- ପ୍ରତାପ ଶଶିରେଖା ।

**କାମୋଦକ**—ସଂ. ବି—( କାମ+ଉଦକ )—୧ । ମୃତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ତର୍ପଣବିଧିଦ୍ୱାରା ପ୍ରଦତ୍ତ ହେବା ଜଳାଞ୍ଜଳି—
Kāmodaka — 1. Oblation of a handful of water to one's deceased friends.
୨ । ଚୂଡ଼ାକର୍ମ ପୂର୍ବରୁ ମୃତ ବାଳକ ଉଦ୍ଦେଶ୍ୟରେ ତର୍ପଣୋଦକ—
2. Oblation of water given to a child who died before his chūrḏākarma.

**କାମୋଦି**—ଦେ. ବି.—(ସଂ. କାମୋଦୀ)—କାମୋଦ (ଦେଖ)
Kāmodi — Kāmoda (See)

**କାମୋଦୀ**—ସଂ. ବି.—( କାମୋଦ+ସ୍ତ୍ରୀ. ଈ; ଏହାର ଅନ୍ୟ ଆକାର କାମୋଦା)—ରାଗିଣୀବିଶେଷ—
Kāmodī — Name of a musical air.
[ ଦ୍ର—ଏହା କାମୋଦ ରାଗର ସ୍ତ୍ରୀ, କେହି କେହି ଏହାକୁ ଦୀପକ ରାଗ କହନ୍ତି । ଏ ସମ୍ପୂର୍ଣ୍ଣ ଜାତିର ଏକ ରାଗିଣୀ; ଏହା ରାତ୍ରିର ଦ୍ୱିତୀୟ ପ୍ରହରର ଦ୍ୱିତୀୟ ଘଡ଼ିରେ ଗାନ କରାଯାଏ । ହି. ଶବ୍ଦସାଗର । ]

**କାମୋଦ୍ଦୀପକ**—ସଂ. ବି. ( ୬ଷ୍ଠୀ ତତ୍; କାମ+ଉଦ୍ଦୀପକ )—କାମର ଉଦ୍ଦୀପନକାରୀ; ଯାହାଦ୍ୱାରା ମନୁଷ୍ୟର ସହବାସ ପାଇଁ ଇଚ୍ଛା ବଳବତୀ ହୁଏ—
Kāmoddīpaka — Exciting lust.

**କାମୋପହତ**—ସଂ. ବିଣ. ପୁଂ.—( ୩ୟା ତତ୍; କାମ+ଉପହତ )—କାମାନ୍ଧ; କାମାତୁର—
Kāmopahata — Lovesick.
ସଂ. ବି. ପୁଂ.—(ବହୁବ୍ରୀହି; କାମ ଉପହତ ହୋଇ ଥିଲା ଯାହାଦ୍ୱାରା) ଶିବ; ମହାଦେବ—God Śiba.

**କାମ୍ପ୍**—ବୈଦେ. ବି.—(ଇଂ. କାମ୍ପ୍)—୧ । ତମ୍ବୁ; ଗୁଡ଼ୁଟ—
Kāmp — 1. Tent.
क्याम्प
କ୍ୟାଁପ; କମ୍ପୁ
୨ । ରାଜକର୍ମଚାରୀମାନେ ମଫସଲ ଗସ୍ତ ସମୟରେ ଯେଉଁ ତମ୍ବୁରେ ବାସ କରନ୍ତି—2. Camp or tent in which officials stay during their tour.
୩ । ଅସ୍ଥାୟୀ ବାସ—3. Temporary residence.
୪ । ଅସ୍ଥାୟୀ ସେନା ନିବାସ—
4. Temporary barracks.

**କାମ୍ପ୍ କ୍ଳର୍କ୍**—ବୈଦେ. (ଇଂ) ବି—ହାକମ ଗସ୍ତରେ ଯିବା ସମୟରେ ତାଙ୍କ ସଙ୍ଗେ ଯିବା କିରାନି—
Kāmp klark — Camp clerk of an official.

**କାମ୍ପ୍ ଖଟ**—ତୃଦେ. ବି—( ଇଂ. କାମ୍ପ୍ ଓ ସଂ. ଖଟ୍ୱା )—
Kāmp khata — ଯେଉଁ ଖଟକୁ ଭାଙ୍ଗି ଦେଲେ ଗୋଟା ହୋଇଯାଏ, ପୁଣି ଯୋଡ଼ି ଦେଲେ ସଜାଡ଼ି ହୁଏ ।
(ଏହା ତମ୍ବୁ ବା ଅସ୍ଥାୟୀବାସ ଉପଲକ୍ଷରେ ସାଙ୍ଗରେ ନେବାକୁ ସୁବିଧାଜନକ ଥିବାରୁ ଏହି ନାମ )—
Camp bed-stead; camp-cot.

**କାମ୍ପ**—ପ୍ରାଦେ. (ଗଞ୍ଜାମ) ବି—ଓଡ଼ିଆ ଶୂଦ୍ରଜାତିବିଶେଷ—
Kāmpa — A class of Oriya Śūdras of Ganjam

**କାମ୍ପର**—ପ୍ରାଦେ. (ସମ୍ବଲପୁର) ବି (ସଂ. କାବାର)—୧ । ଶିଉଳ—
Kāmpar — 1. Moss.
୨ । ସ୍ରୋତହୀନ ଜଳ ଉପରେ ପଡ଼ିବା ମଳ; ନେଳୀ—
2. Dirt formed on the surface of stagnant water.

**କାମ୍ପର ବସିବା**—ପ୍ରାଦେ ( ସମ୍ବଲପୁର ) ବି—କାଠ ବା ପଥର ଉପରେ ଶିଉଳ ପଡ଼ିବା—
Kāmpar basibā — Formation of moss on stone or wood.

**କାମ୍ପିଲ୍ୟ**—ସଂ. ବି ( କମ୍ପ ଧାତୁ=କମ୍ପିବା+ଇଲ୍ୟ )—
Kāmpilya — ୧ । ସୁଗନ୍ଧ ଔଷଧବିଶେଷ—
1. Name of a perfume used as drug.
୨ । ଗୁଳ୍ମବିଶେଷ—2. Name of a plant (M. W)
୩ । ପ୍ରାଚୀନ ଭାରତର ଦେଶବିଶେଷ—
3. Name of an ancient country of India.
[ ଦ୍ର—ଉତ୍ତର ପଶ୍ଚିମ ପ୍ରଦେଶର ଫରକ୍କାବାଦ ଜିଲ୍ଲାର କାୟମଗଞ୍ଜ ତହସିଲରେ କମ୍ପିଲ୍ ନାମରେ ଗୋଟିଏ ପ୍ରଗନା ଅଛି । ଏହିଠାରେ କମ୍ପିଲ୍ ନାମରେ ଗୋଟିଏ ଗ୍ରାମ ଅଛି । ସେଠାରେ କାମ୍ପିଲ୍ୟ ରାଜ୍ୟର ରାଜଧାନୀ ଥିଲା; ହି. ଶବ୍ଦସାଗର । ]

**କାମ୍ପିଲ୍ଲ**—ସଂ. ବି—କାମ୍ପିଲ୍ୟ (ଦେଖ)—
Kāmpilla — Kāmpilya (See)
[ ଦ୍ର—ଏ ଶବ୍ଦର ଅନ୍ୟ ଆକାରମାନ—କାମ୍ପିଲ, କାମ୍ପୀଲ, କାମ୍ପିଲ୍ୟକ, କାମ୍ପିଲ୍ଲକ । ]

**କାମ୍ପି**—ଦେ. ବିଣ (ସଂ. କୃପଣ)—ବ୍ୟୟକୁଣ୍ଠ; କୃପଣ—
Kāmpi — Miserly; niggardly.
କୃପଣ
कंजूस

**କାମ୍ବବିକ**—ସଂ. ବି (କମ୍ବୁ=ଶଙ୍ଖ+ଜୀବନାର୍ଥେ. ଇକ)—ଶଙ୍ଖାରି; ଶଙ୍ଖା ତିଆରି କରିବା ବ୍ୟକ୍ତି—Bangle maker; manufacturer of conch-shell bangles.
Kāmbabika

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଷ,ଶ | ଙ୍କ | ଇସ୍ତ୍ର | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଂନ୍ତ |

**କାମ୍ବଳ**—ସଂ. ବି (କମ୍ବଳ + ଆଚ୍ଛାଦନାର୍ଥେ. ଅ)—କମ୍ବଳାବୃତ ରଥ—
Kāmba<u>l</u>a — A cart having its hood made of blanket.

**କାମ୍ବେ**—ଦେ. ବି (ନାମ)—ଗୁଜରାଟ ପ୍ରଦେଶର ଦକ୍ଷିଣରେ ଓ ଭାରତର ପଶ୍ଚିମ ଉପକୂଳରେ ଥିବା ଉପସାଗର ଓ ବନ୍ଦରବିଶେଷ—
Kāmbe
କ୍যାম্বে
काँबे
Gulf and port of Cambay in the west of India.

**କାମ୍ବୋଜ**—ସଂ. ବି (କମ୍ବୋଜ = ଦେଶ ବିଶେଷ + ଜାତାର୍ଥେ ବା ସ୍ୱାର୍ଥେ. ଅ)—୧ । କମ୍ବୋଜଦେଶୀୟ ଅଶ୍ୱ—
Kāmboja — 1. Kathiwar pony.

୨ । ପୁନ୍ନାଗଗଛ; ପୁନ୍ନାଗ ବୃକ୍ଷ—2. Mast wood; Alexandrian laurel; Calophyllum Inophyllum.

୩ । ଗୁଜରାଟନିକଟସ୍ଥ ଦେଶବିଶେଷ—
3. Country of Cambay in western India.

୪ । ପ୍ରାଚୀନ ଯବନଜାତିବିଶେଷ—
4. Name of a class of ancient Indian Mahomedans.

[ ଦ୍ର—ଏ ଜାତି ହିନ୍ଦୁକୁଶ ପର୍ବତରେ ବାସ କରୁଥିଲେ ଓ ଏମାନଙ୍କ ଦେଶରେ ଘୋଡ଼ା, ଛେଳି, କୁକୁର ଓ ମୂଷା ଲୋମର ଉତ୍କୃଷ୍ଟ ଶାଲ ମିଳୁଥିଲା; ଏହା ଆଧୁନିକ ପାମିର ଅଧିତ୍ୟକା; ସଗର ରାଜା ଏ ଜାତିର ଲୋକଙ୍କର ଶିରୋମୁଣ୍ଡନ କରିଥିଲେ । ]

୫ । ଶ୍ୱେତ ଖଇର—5. Brown catechu.

**କାମ୍ବୋଡିଆ**—ଦେ. ବି. (ନାମ)—ଶ୍ୟାମ ଉପସାଗରର ପୂର୍ବ ଉପକୂଳରେ ଶ୍ୟାମ ରାଜ୍ୟର ଦକ୍ଷିଣସ୍ଥ ରାଜ୍ୟ—
Kāmbo<u>d</u>iā — Cambodia, a state in Further India.

**କାମ୍ବ୍ରିଜ୍**—ବୈଦେ ବି. (ନାମ)—ଇଂଲଣ୍ଡର କାଉଣ୍ଟି ଓ ନଗରବିଶେଷ; (ଏଥିରେ ଥିବା ବିଶ୍ୱବିଦ୍ୟାଳୟ ଜଗଦ୍‌ବିଖ୍ୟାତ)—
Kāmbrij
কেম্বিজ
कैंब्रिज
Name of a county and university-town in England.

[ ଦ୍ର—ଏ ଶବ୍ଦର ଅର୍ଥ କାମ୍ ନଦୀର ପୋଲ; ଏହି ନଗର 'କାମ୍' ନାମକ କ୍ଷୁଦ୍ର ନଦୀ କୂଳରେ ଅବସ୍ଥିତ । ]

**କାମ୍ୟ**—ସଂ. ବିଣ. (କମ ଧାତୁ ଣିଜନ୍ତ = କାମି ଧାତୁ = ବାଞ୍ଛାକରିବା + କର୍ମ. ଯ)—
Kāmya

୧ । ଇପ୍ସିତ; କାଙ୍କ୍ଷିତ; ଅଭୀଷ୍ଟ—1. Wished for.

୨ । କମନୀୟ; ସୁନ୍ଦର—
2. Lovely; amiable; pleasant.

୩ । ଅଭିଲଷଣୀୟ—3. Desirable.

୪ । ଯାହା କରିବା ନ କରିବା ମନୁଷ୍ୟର ଇଚ୍ଛା ଉପରେ ନିର୍ଭର କରେ—4. Optional.

୫ । ଅଭୀଷ୍ଟସିଦ୍ଧି ଉଦ୍ଦେଶ୍ୟରେ କରଣୀୟ—
5. Proper to be done with an eye to a certain wished for result or benefit.

୬ । ଅଭୀଷ୍ଟ (କର୍ମ)—6. Wished for (act).

**କାମ୍ୟକ**—ସଂ. ବି. ନାମ (କାମ୍ୟ = ସୁନ୍ଦର + ସ୍ୱାର୍ଥେ. କ)—
Kāmyaka — କାମ୍ୟକବନ (ଦେଖ)
Kāmyakabana (See)

**କାମ୍ୟକବନ**—ସଂ. ବି. ନାମ (କାମ୍ୟ + କ + ବନ)—
Kāmyakabana — ସରସ୍ୱତୀନଦୀତୀରସ୍ଥ ପୁରାଣବର୍ଣ୍ଣିତ ଅରଣ୍ୟବିଶେଷ—(ଦ୍ୟୂତରେ ହାରି ପାଣ୍ଡବମାନେ ବହୁଦିନ ଏଥିରେ ବାସ କରିଥିଲେ ଓ ପରଶୁରାମ ଏହିଠାରେ ତପସ୍ୟା କରି ସିଦ୍ଧିଲାଭ କରିଥିଲେ—
A forest near the Saraswatī river in ancient India mentioned in the Mahābhārata where the Pā<u>n</u><u>d</u>aba brothers took up their abode during their sojourn for a considerable period.

[ ଦ୍ର—ଏହା ଗୌତମ ଋଷିଙ୍କର ତପୋବନ ଥିଲା । ]

**କାମ୍ୟକର୍ମ**—ସଂ. ବି (କର୍ମଧାରୟ; କାମ୍ୟ + କର୍ମ)—ଯେଉଁ କାର୍ଯ୍ୟ ବା ବୈଦିକ କର୍ମ କୌଣସି କାମନାସିଦ୍ଧି ପ୍ରତି ଲକ୍ଷ୍ୟ ରଖି ଅନୁଷ୍ଠିତ ହୁଏ—
Kāmyakarma — An act done with a view to a certain aim or object being fulfilled; rites or ceremonies performed by a man with a view to future fruition.

ନିଷ୍କାମ କର୍ମକୁହ କାମ୍ୟକର୍ମ ଦୁଣ।
ତା ଜାଣି ଚହୁଁରେ କ କର ବୁଦ୍ଧିବଣ—କୃଷ୍ଣସିଂହ-ମହାଭାରତ- ଭୀଷ୍ମ ।

**କାମ୍ୟଦାନ**—ସଂ. ବି (୬ଷ୍ଠୀ ବା ୪ର୍ଥୀ ତତ୍; କାମ୍ୟ + ଦାନ)—
Kāmyadāna — ୧ । କମନୀୟ ବସ୍ତୁର ଦାନ—
1. Gift of a lovely article.

୨ । କାମନାହେତୁକ ଦାନ—
2. A gift made in furtherance of a wish.

**କାମ୍ୟଧର୍ମ**—ସଂ. ବି. ( କର୍ମଧା; କାମ୍ୟ + ଧର୍ମ )—
Kāmyadharma — ଯେଉଁ ଧର୍ମାଚରଣ କରିବାକୁ ମନୁଷ୍ୟ ବାଧ୍ୟ ନୁହେ ଓ ଯାହା ମନୁଷ୍ୟ ଇଚ୍ଛା କଲେ କରି ପାରେ—
Supererogatory or optional religious service.

**କାମ୍ୟଫଳ**—ସଂ. ବି. ( କାମ୍ୟ + ଫଳ )—
Kāmyapha<u>l</u>a — ୧ । ( କର୍ମଧା ) ଅଭିଳଷିତ ଫଳ; ବାଞ୍ଛିତ ଫଳ; ମନାସିଥିବା ଉଦ୍ଦେଶ୍ୟ—1. Wished for object or result.

୨ । (୬ଷ୍ଠୀ ତତ୍) କାମ୍ୟକର୍ମର ଫଳ—2. The result of an act undertaken with a definite object.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଲ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କାମ୍ୟମରଣ**—ସଂ. ବି. ( ୪ର୍ଥୀ ତତ୍ )—
**Kāmyamaraṇa** ୧ । କାମ୍ୟ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରାଣତ୍ୟାଗ— Death undergone for the accomplishment of a certain object in view.
୨ । ଯେଉଁପରି ମରଣ ସମସ୍ତେ କାମନା କରନ୍ତି— 2. Desirable death.
୩ । ସୁଖମୟ ମରଣ; କଷ୍ଟଶୂନ୍ୟ ମରଣ— 3. Painless death.

**କାମ୍ୟମାନ**—ସଂ. ବିଣ. ପୁଂ. ( କାମି ଧାତୁ + କର୍ମ. ମାନ )—
**Kāmyamāna** ପ୍ରାର୍ଥ୍ୟମାନ; ଯାହା ପାଇଁ ପ୍ରାର୍ଥନା କରାଯାଏ—
(କାମ୍ୟମନା—ସ୍ତ୍ରୀ) Wished for; prayed for.

**କାମ୍ୟେକ**—ଗ୍ରା. (ପ୍ରାଚୀନ ପଦ୍ୟ) ବି ( ସଂ. କାମ୍ୟକ )—
**Kāmyeka** କାମ୍ୟକ ବନ ନିକଟସ୍ଥ ପର୍ବତବିଶେଷ— Name of a mountain near Kāmyaka forest.

କାମ୍ୟେକ ବୋଲି କହି ଯେ ଏକଇ ପର୍ବତ
ଅଛି ଉତ୍ସର୍ଗ କରିଣ ସେହୁ ପଞ୍ଚଭ୍ରାତ । ସାରଳା. ମହାଭାରତ. ବନ ।

**କାମ୍ୟେକଶ୍ୱର**—ଗ୍ରା. (ପ୍ରାଚୀନ ପଦ୍ୟ) ବି—ନଦୀବିଶେଷ—
**Kāmyekaśwara** Name of a river.

କାମ୍ୟେକଶ୍ୱର ବୋଲି ଯେ ଏକ ନଦୀ ଗୋଟି
ମେଳେ ଗଙ୍ଗାକୁ ସେହି ତ୍ରିବେଣୀରେ ପୁଟି । ସାରଳା. ମହାଭାରତ. ବନ ।

**କାମ୍ଳ**—ସଂ. ବି. ( କୁ=ଈଷତ୍ + ଅମ୍ଳ; କୁ ସ୍ଥାନରେ କା ଆଦେଶ )—
**Kāmla** ସାମାନ୍ୟ ଖଟା ସ୍ୱାଦ— Slight acid taste.
ସଂ. ବିଣ—ଖଟାଳିଆ; ସାମାନ୍ୟରେ ଅମ୍ଳିଆ— Slightly sour; acidish.

**କାୟ**—ସଂ. ବି. ( ଚି ଧାତୁ=ଏକତ୍ର କରିବା + କର୍ମ. ଅ; ଅଥବା କ= ବ୍ରହ୍ମା + ଇ ଧାତୁ=ଗମନ କରିବା + କର୍ତ୍ତୃ. ଅ )—
**Kāya**
୧ । ଶରୀର; ଦେହ—1. Body; physical body.
ପ୍ରକୃତ ସ୍ୱଭାବେ ବସ୍ତ୍ରାବରଣ ମୋର କାୟ । ବସ୍ତ୍ରହରଣ ।
୨ । ସମୂହ—2. Assemblage; mass.
୩ । ପ୍ରସର; ବିସ୍ତୃତି—3. Extent.
୪ । ଲକ୍ଷ୍ୟ—4. Aim; a thing to be attained.
୫ । ସ୍ୱଭାବ— 5. Natural temperament; nature.
୬ । ଆବାସ; ଗୃହ—6. A house; residence.
୭ । ବ୍ରହ୍ମା—7. Brahmā.
୮ । କୌଣସି ବସ୍ତୁର ସ୍ୱାଭାବିକ ଅବସ୍ଥା— 8. Natural condition or state of a thing.
୯ । ମୂଳଧନ—9. Capital.
୧୦ । କରତଳସ୍ଥ କନିଷ୍ଠାଙ୍ଗୁଳିର ନିମ୍ନ ସ୍ଥାନ, ତର୍ପଣରେ କଳ୍ପିତ ମନୁଷ୍ୟତୀର୍ଥ, ଯେଉଁ ବାଟେ ପିତୃପୁରୁଷ ଓ ସପ୍ରର୍ଷି ଆଦି ମନୁଷ୍ୟଙ୍କୁ ତର୍ପଣଜଳ ଦିଆଯାଏ; ପ୍ରଜାପତି ତୀର୍ଥ— 10. The root of the little finger in the palm of the hand through which on oblation of water is offered to the deceased ancestors at the time of 'Tarpaṇa'.
ପ୍ରାଦେ. ( ଉତ୍ତରଭାଷା ) ସର୍ବନାମ—କଅଣ—What.

**କାୟକାଜେ**—ପ୍ରାଦେ. ( ଉତ୍ତରଭାଷା ) ଅ—କାହିଁକି—
**Kāyakāje** Why.

**କାୟକ୍ଲେଶ**—ସଂ. ବି. ( ୬ଷ୍ଠୀ ତତ୍; କାୟ + କ୍ଲେଶ )—ଶାରୀରିକ
**Kāyakleśa** କଷ୍ଟ—Physical pain or suffering.

**କାୟଦା**—ବୈଦେ. ବି. ( ଆ )—କାଇଦା ( ଦେଖ )
**Kāyadā** Kāidā ( See )

**କାୟବ୍ୟ**—ସଂ. ବି. ( ନାମ )—ମହାଭାରତୋକ୍ତ ଦସ୍ୟୁ ସରଦାର—
**Kāyabya** Name of a head of thieves mentioned in the Mahābhārata.
[ ଦ୍ର—ଏ ବଡ଼ ଧର୍ମପରାୟଣ ଥିଲା ଏବଂ ମୁନି ଓ ସାଧୁମାନଙ୍କର ସେବା କରୁଥିଲା—ହି. ଶବ୍ଦସାଗର । ]

**କାୟମ୍**—ବୈଦେ. ଆ. ବିଣ—କାଏମ୍ ( ଦେଖ )
**Kāyam** Kāem ( See )

**କାୟମନୋବାକ୍ୟ**—ସଂ. ବି. (ଦ୍ୱନ୍ଦ୍ୱ; କାୟ + ମନଃ + ବାକ୍ୟ )—ଶରୀର
**Kāyamanobākya** ମନ ଓ ବାକ୍ୟ— Body, mind and words.

**କାୟମନୋବାକ୍ୟରେ**—ଦେ. କ୍ରି. ବିଣ—ସର୍ବାନ୍ତଃକରଣରେ; ଶାରୀରିକ
**Kāyamanobākyare** ଓ ବାଚିକ ଉପାୟଦ୍ୱାରା—Heartily with full heart; most sincerely; by all possible means.

**କାୟମାନ**—ସଂ. ବି. ( କାୟ=ଗୃହ + ମା ଧାତୁ + ଅଧିକରଣ. ଅନ )—
**Kāyamāna** ୧ । ପର୍ଣ୍ଣକୁଟୀର—1. Cottage.
୨ । ରାଜାଙ୍କ ଆବାସଯୋଗ୍ୟ ପଟ୍ଟଭବନାଦି— 2. Royal tent or pavilion.

**କାୟସ୍ଥ**—ସଂ. ବି. ପୁଂ. ( କାୟ + ସ୍ଥା ଧାତୁ + କର୍ତ୍ତୃ. ଅ )—
**Kayastha** ୧ । ଆତ୍ମା—1. Soul.
কায়স্থ, কায়েত্ ୨ । ହିନ୍ଦୁଜାତିବିଶେଷ; ବଙ୍ଗଦେଶର କରଣ ଜାତି—
**कायथ** 2. A respectable Hindu caste in Bengal
(କାୟସ୍ଥା—ସ୍ତ୍ରୀ) answering to the Karaṇa caste of Orissa.
୩ । କ୍ଷତ୍ରିୟ ପିତା ଓ ବୈଶ୍ୟା ବା ଶୂଦ୍ରାଣୀ ମାତା ଗର୍ଭଜାତ ସନ୍ତାନ—3. A son born of a Kshatriya father and Baiśya or Śūdra mother.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହ୍ରସ୍ୱଲବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ·ନ୍ତ |

ସଂ. ବଣ. ( କାୟ+ସ୍ଥା ଧାତୁ+କର୍ତ୍ତୃ. ଅ )—୧ । ଦେହସ୍ଥ—
1. Situate or existing in the body.
୨ । ଶାରୀରିକ—2. Corporeal; bodily.
[ ଦ୍ର—କଲିକତା ହାଇକୋର୍ଟ୍ କେତେଗୁଡ଼ିଏ ମକଦ୍ଦମାରେ ସିଦ୍ଧାନ୍ତ କରିଥିଲେ ଯେ କାୟସ୍ଥମାନେ ଚନ୍ଦ୍ରଗୁପ୍ତଙ୍କ ବଂଶଧର ଓ କ୍ଷତ୍ରିୟ ଅଟନ୍ତି; କିନ୍ତୁ ବଙ୍ଗର କାୟସ୍ଥମାନେ ଉପନୟନ ପରିତ୍ୟାଗ କରି ବର୍ମା ଉପାଧି ପରିବର୍ତ୍ତରେ ଦାସ ଉପାଧି ଗ୍ରହଣ କରି ବ୍ରାତ୍ୟ ହେବାରୁ ଶୂଦ୍ର ହୋଇଅଛନ୍ତି । ଏହା ମଧ୍ୟ ଶ୍ୟାମାଚରଣ ସରକାରଙ୍କ ବ୍ୟବସ୍ଥାଦର୍ପଣରେ ପ୍ରତିପାଦିତ ହୋଇଥିଲା । କିନ୍ତୁ ସମ୍ପ୍ରତି ପାଟଣା ହାଇକୋର୍ଟ୍ ନାନା ସ୍ମୃତି, ପୁରାଣ ଓ ଅଧୁନିକ ଓ ପାଶ୍ଚାତ୍ୟ ଲେଖକଙ୍କ ମତମାନ ଆଲୋଚନା କରି ସିଦ୍ଧାନ୍ତ କରିଅଛନ୍ତି ଯେ ଭାରତର ସମସ୍ତ ଅଞ୍ଚଳର କାୟସ୍ଥମାନେ ଓ ଉତ୍କଳର କରଣମାନେ କ୍ଷତ୍ରିୟ ଅଟନ୍ତି । ]

**କାୟସ୍ଥା**—ସଂ. ବି. ସ୍ତ୍ରୀ. ( କାୟସ୍ଥ+ସ୍ତ୍ରୀ. ଅ )—୧ । କାୟସ୍ଥ ସ୍ତ୍ରୀ—
Kāyasthā — 1. A Kāyastha female.
୨ । ହରିତକୀ; ହରିଡ଼ା—2. Myrobalan.
୩ । ଧାତ୍ରୀବୃକ୍ଷ; ଅଁଳାଗଛ ଓ ଫଳ—
3. The Emblic Myrobalan.
୪ । କାକୋଲୀ—
4. A febrifuge vegetable substance.
୫ । ତୁଳସୀ—5. The Tulsi plant; the Holy Basil plant.

**କାୟା**—ଦେ. ବି. (ସଂ. କାୟ)—ଶରୀର; ଦେହ—
Kāyā — Body.
କାୟା — ତଉଟେ ପୂର୍ବେ ବହୁକଷ୍ଟେ ।
काया — କାୟା, ବାଚକ ମନ ଶୁଦ୍ଧେ । ଜଗନ୍ନାଥ. ଭାଗବତ ।

**କାୟା ଭ୍ରଷ୍ଟ କରିବା**—ଦେ. କ୍ରି (ସଂ. କାୟ+ଭ୍ରଷ୍ଟ+କୃ ଧାତୁ )—
Kāyā bhrasta karibā — ୧ । ଜାତିଜାତିର ପାକରେ ବା ନିଷିଦ୍ଧ ଖାଦ୍ୟ ଖାଇ ଦେହକୁ ଅପବିତ୍ର କରିବା—
1. To make one's body impure by eating forbidden food.
୨ । ନୀଚ ସହବାସ ଦ୍ୱାରା ଦେହକୁ ଅପବିତ୍ର କରିବା—
2. To make one's body impure by cohabiting with forbidden persons.
୩ । ଦୈହିକ ପାପ କରିବା—
3. To commit carnal sins.

**କାୟି**—ଦେ. ବି.—କାଇ (ଦେଖ)
Kāyi — Kāi (See)

**କାୟିକ**—ସଂ. ବଣ—( କାୟ=ଶରୀର+ସମ୍ବନ୍ଧାର୍ଥେ.ଇକ)—ଶାରୀରିକ;
Kāyika — ଦେହସମ୍ବନ୍ଧୀୟ—Bodily; conporal; physical; pertaining to the body.

**କାୟିକ ପରିଶ୍ରମ**—ସଂ. ବି.—ଶାରୀରିକ ପରିଶ୍ରମ; ଦେହମିହନ୍ତ—
Kāyika parisrama — Physical exertion; bodily labour.

**କାୟିକା ବୃଦ୍ଧି**—ସଂ. ବି. ( ହିନ୍ଦୁ ସ୍ମୃତିଶାସ୍ତ୍ର )—ଦେଣଦାର ଋଣ କରି
Kāyikā buddhi — ଥିବା ମୂଳଧନର ସୁଧ ମହାଜନକୁ ପରିଶୋଧ କରିବା ପାଇଁ ସ୍ୱୟଂ ଖଟି କମ୍ବା ନିଜର ଗାଈ ବଳଦ ଆଦିକୁ ଖଟାଇ ଯେଉଁ ମିହନ୍ତ କରେ; କମିଆର ମିହନ୍ତ—Work rendered to the creditor by the debtor in lieu of interest for money borrowed.
[ ଦ୍ର—ହିନ୍ଦୁ ସ୍ମୃତି ଅନୁସାରେ ଏହାକୁ ୪ ପ୍ରକାର ସୁଧ ମଧ୍ୟରୁ ଏକ ପ୍ରକାର ବୋଲି ଗଣନା କରାଯାଇଅଛି—ହି. ଶବ୍ଦସାଗର । ]

**କାୟିଦା (ଇତ୍ୟାଦି)**—ଦେ. ବି.—କାଇଦା ଇତ୍ୟାଦି (ଦେଖ)
Kāyidā etc. — Kāidā etc. (See)

**କାୟିଫଳ**—ଦେ. ବି.—(ସଂ. କାଫଳ)—କଟ୍ଫଳ (ଦେଖ)
Kāyiphala — Katphala (See)

**କାୟେ**—ଗ୍ରା. (ପଦ୍ୟ) ଦେ. ବି.—ଦେହ; ଶରୀର—
Kāye — Body.
ଅହେ ସୁର୍ଦ୍ଧର୍ଷିର ଏରୂପେ ଦେବଭାବ;
ବର ଦେଇ ସେଠାରୁ ଅଦୃଶ୍ୟ ହଲେ କାୟେ । କୃଷ୍ଣସିଂହ, ମହାଭାରତ, ବନ ।

**କାୟୋଢ଼ଜ**—ସଂ. ବଣ. ପୁଂ.—(କାୟ+ଉଢ଼+ଜନ ଧାତୁ+ଅ)—
Kāyorḍhaja — ପ୍ରାଜାପତ୍ୟ ବିବାହସମ୍ଭୂତ ( ସନ୍ତାନ )—(son)
Born of a Prajāpatya form of wedlock.

**କାୟୋବ୍ରତ**—ଗ୍ରା. ବି.—(ପ୍ରାଚୀନ ପଦ୍ୟ) (ସଂ. କାୟ+ବ୍ରତ)—ପରାର୍ଥେ
Kāyobrata — ଶରୀରଦାନ ବା କଷ୍ଟଭୋଗ—
Self sacrifice for others.
କରି ପାରେ ଯେବେ ପର ଅର୍ଥେ କାୟୋବ୍ରତ । ନାମସୁଗ୍ରନ୍ଥ ।

**କାର୍**—ବୈଦେ. ବି.—୧ । (ଫା.; ମୂଳ ସଂ. କାର୍ଯ୍ୟ ଓ କାର)—
Kār — ୧ । କର୍ମ; କାର୍ଯ୍ୟ—1. Work; act.
कार — ୨ । ବ୍ୟବସାୟ; ବୃତ୍ତି—2. Profession.
कार — ୩ । କର୍ତ୍ତବ୍ୟ କାର୍ଯ୍ୟ—3. Duty.
୪ । (ଇଂ. କର୍ଡ)—ଘଣ୍ଟା ବାନ୍ଧିବା ସୂତା ବା ଫିତା—
4. Card for hanging a watch.
୫ । (ଇଂ. କାର୍)—ମଟରଗାଡ଼ି—5. Motor car.
ପ୍ରାଦେ. (ସମ୍ବଲପୁର) (ମୂଳ, ବ. କାର୍) ସର୍ବନାମ—କାହାର—
Whose; of which person.

**କାରକୁନ୍**—ବୈଦେ. ବି. ( ଫାର୍ସି )—
Kārkun — ୧ । ବିଷୟ ସମ୍ପତ୍ତିର ତତ୍ତ୍ୱାବଧାରକ—
कारकुन — 1. Agent; Superintendent.
कारकुन — ୨ । ଗୁମାସ୍ତା; ହିସାବ ରଖିବା ଲୋକ—
2. Accountant.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କାର୍‌ଗୁଜାର୍—ବୈଦେ. ବ. (ପା)—କାର୍ଯ୍ୟନିର୍ବାହ—
Kārgujāri Accomplishment or doing of an act.
कारगुजारी
कारगुजारी

କାର୍‌ଗୁଜାର୍‌ନକ୍ସା—ବୈଦେ. ବ. ( ପା )—
Kārgujārinaksā କାର୍ଯ୍ୟ ଅଗ୍ରସର ହେଉଥିବା ସମ୍ବନ୍ଧେ ନିଦର୍ଶନ-
कारगुजारिनकसा Progress report or progress
कारगुजारीनक्सा chart.

କାର୍‌ଚୁପି—ବୈଦେ. ବ. ଓ ବିଣ. (ପା)—କାର୍‌ଚୋବି ( ଦେଖ )
Kārchupi Kārchobi ( See )

କାର୍‌ଚୋପି—ବୈଦେ. ବ ଓ ବିଣ. (ପା)—କାର୍‌ଚୋବି ( ଦେଖ )
Kārchopi Kārchobi ( See )

କାର୍‌ଚୋବି—ବୈଦେ.(ପା) ବ—କସୀଦାକାମ; ଛୁଞ୍ଚି ଦ୍ୱାରା ଲୁଗା ଉପରେ
Kārchobi ଜରିର ଫୁଲ ବୁଟା ଆଦି କରିବା କର୍ମ—
कारचुपी Needle work on cloth; embroidery
कारचोबी work.
ବିଣ—ଜରିର ଫୁଲ ଆଦି ଛୁଞ୍ଚି କାମ କରାଯାଇଥିବା (ଲୁଗା)—
Embroidered ( cloth ).

କାର୍‌ଜୀ—ଦେ. ବ. ( ସଂ. କାର୍ଯ୍ୟୀ )—
Kārji ୧ । କାର୍ଯ୍ୟକାରୀ ବ୍ୟକ୍ତି; କାର୍ଯ୍ୟର ଭାରପ୍ରାପ୍ତ ବ୍ୟକ୍ତି—
कार्यी 1. Superintendent; one in charge of a
कारजी work.
୨ । ଗ୍ରାମ୍ୟକରଣ—2 An accountant.
୩ । ଗ୍ରାମର ଦଳପତି; ଗ୍ରାମାଧିକାରୀ—
3. Headman of a village.
୪ । ଜମିଦାରଙ୍କ ଖଜଣା ଅସୁଲ କରିବା କର୍ମଚାରୀ —
4. A Zamindar's rent collecting agent.
ପ୍ରାଦେ. (ଗଞ୍ଜାମ) ବ—ଗ୍ରାମର ହିସାବପତ୍ର ଓ ଗ୍ରାମର ସାଧାରଣ ବିଷୟ ବୁଝିବା ପାଇଁ ନିଯୁକ୍ତ କର୍ମଚାରୀ—
A village accountant.
[ ଦ୍ର—ଗ୍ରାମର କରଣ ଗ୍ରାମର ସାଧାରଣ ହିସାବ ଲେଖନ୍ତି ଓ କାରଜୀ ଗ୍ରାମର ହିସାବପତ୍ର ତନଖି କରେ ଓ ସାଧାରଣ କାର୍ଯ୍ୟ-ସବୁ ବୁଝଏ । ]

କାର୍‌ତୁସ୍—ବୈଦେ. (ଇଂ) ବ. (ଇଂ. କାର୍ଟ୍ରିଜ୍ ;ପର୍ତ୍ତୁଗୀଜ—କାର୍ଟୁସ୍)-
Kārtus ବାରୁଦ ଗୁଳି ବା ଛର୍‌ରାଭରା ଲମ୍ବ ନଳ ଯାହା ବନ୍ଧୁକ
कार्तूस ଭିତର ବନ୍ଧୁକରେ ପୂରାଯାଇ ଫାଏର୍ କରାଯାଏ —
कारतूस Cartridge.

କାରଦାନୀ—ବୈଦେ. ବ. (ପା)—୧ । ସାମର୍ଥ୍ୟ; ଶକ୍ତି—
Kārdāni 1 Ability; competence.
कारदानि ୨ । ଶକ୍ତି; କ୍ଷମତା; କ୍ଷମତା—
कारदानी 2. Power; potency. ! ୧
୩ । ନିପୁଣତା; ପ୍ରବୀଣତା—3. Skill.

କାର୍‌ଧୁନି—ବୈଦେ. ବ. ( ପା. କାରଦାନୀ )—କାର୍‌ଦାନୀ ( ଦେଖ )
Kārdhuni Kārdāni ( See )

କାର୍‌ପର୍‌ଦାଜ୍—ବୈଦେ. ବ. ( ପା. କାରପରଦାଜ୍ )—
Kārpardāj ୧ । କୌଣସି ବିଷୟର ଭାରପ୍ରାପ୍ତ କର୍ମଚାରୀ—
कारपरदाज 1. Agent.
कारपरदाज ୨ । ପ୍ରତିନିଧି —2. A representative.

କାର୍‌ପର୍‌ଦାର୍—ବୈଦେ. ବ ( ପା. କାରପରଦାଜ୍ )—
Kārpardār କାର୍‌ପର୍‌ଦାଜ୍ (ଦେଖ)—Kārpardāj ( See )

କାର୍‌ପେଟ୍—ବୈଦେ. ବ. ଇଂ. କାର୍‌ପେଟ୍ )—ଗାଲିଚା—
Kārpeṭ Carpet.
कार्पेट
कारपेट

କାର୍‌ପେଟ୍‌ଜୋତା—ବୈଦେ. ( ଇଂ )—ଉଲ୍‌ରେ ବୁଣା ହୋଇଥିବା
Kārpeṭjotā ଜୋତା—Carpet shoes.
कार्पेटजूता
कारपेटकीजूती

କାର୍‌ପେଟ୍ ବୁଣିବା—ଦେ. କ୍ରି—ଉଲ୍‌ଦ୍ୱାରା ଗାଲିଚା ଆସନ ଓ ନାନାଦି
Kārpeṭ bunibā କାରୁକାର୍ଯ୍ୟ ବୁଣିବା—
कार्पेटबोना To knit a carpet like piece with
कारपेटबूनना wool.

କାର୍‌ବନ୍ ( ଇତ୍ୟାଦି )—ବୈଦେ. (ଇଂ)ବ—କାର୍ବନ ଇତ୍ୟାଦି (ଦେଖ)
Kārban ( etc ) Kārban etc ( See )

କାର୍‌ବାଇଡ୍—ବୈଦେ. ବ. (ଇଂ)—ଦାହ୍ୟବାଷ୍ପ ଉତ୍ପନ୍ନକାରୀ ରାସାୟନିକ
Kārbaiḍ ଦ୍ରବ୍ୟବିଶେଷ—Carbide.
कार्बाइड
कार्बाइड

କାର୍‌ବାର୍ (ଇତ୍ୟାଦି)—ବୈଦେ. (ପା) ବ—କାରବାର ଇତ୍ୟାଦି (ଦେଖ)
Kārbār ( etc ) Kārabāra etc ( See )

କାର୍‌ରବାଇ—ବୈଦେ. ବ. (ପା)—୧ । କୌଶଳ; ଛଳ; ଚାତୁରୀ—
Kārrabāi 1. Art; artifice.
काररवाई ୨ । ବୁଦ୍ଧି—2. Skill.
कारिवाई

କାର୍‌ମିତାନ୍—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—କାହାପରି—
Kārmitān Like which or what or whom.

କାର୍‌ରୋଇ—ବୈଦେ. ବ. (ପା. କାର୍‌ରବାଇ)—କାର୍‌ରବାଇ (ଦେଖ)
Kārroi Kārrabāi ( See )

କାର୍‌ସର୍‌କାର୍—ଦେ. ବ. (ପା. କାର୍ + ସର୍‌କାର)—ସରକାରୀକାର୍ଯ୍ୟ;
Kārsarkār ଗଭର୍ଣ୍ଣମେଣ୍ଟଙ୍କ କାମ—
सरकारीकाय Government service; His Majesty's
कारसरकार service.

କାର୍‌ସାଜିଆ—ବୈଦେ. ବ ( ପା. କାର୍‌ସାଜ୍ )—
Kārsājia ୧ । ଛଳ; ଶଠତା—1. Pretence; fraud.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍‌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଦ୍ବ |

କାରାସାଦି ୨ । ଗୁଭୁଗ୍ଧ; ଗୁଲ୍ଲକ୍ଷା—
**कारसाज** 2. Trick; trickery.
୩ । କୌଶଳ—3. Artifice; machination; lack; diplomacy.
୪ । ଷଡ଼ଯନ୍ତ୍ର—4 Conspiracy.
୫ । ଲୁଚ୍ଚୁଗୁଚ୍ଚୁ; ଗୋପନକାର୍ଯ୍ୟ—5. Secret work.

କାରାସାଦି ବିଣ. ( ପୁଂ ଓ ସ୍ତ୍ରୀ ) ( ଫା. କାର୍‌ସାଜ୍ଜା )—
**कारसाजी** ୧ । କୌଶଳୀ (ବ୍ୟକ୍ତି)—1. Artful ( person ).
୨ । ଛଳଚାତୁରୀପୂର୍ଣ୍ଣ; ଶଠ—2. Fraudulent.
୩ । ଗୁଲ୍‌ବାଜ୍—3. Tactful; diplomatic.

କାର୍‌ସାଜ୍ଜା-ବୈଦେ. ବି ଓ ବିଣ. ( ଫା. କାର୍‌ସାଜ୍ଜା )—
Kārsaji କାର୍‌ସାଜିଆ ( ଦେଖ )—Kārasājiā ( See )

କାର୍‌ସାତି—ବୈଦେ. ବି ଓ ବିଣ. ( ଫା. କାର୍‌ସାଜ୍; କାର୍‌ସାଜ୍ଜା )—
Kārsāti କାର୍‌ସାଜିଆ ( ଦେଖ )—Kārasājiā ( See )

କାର୍‌ସାଦିଆ—ବୈଦେ. ବି ଓ ବିଣ. ( ଫା. କାର୍‌ସାଜ୍ଜା )—
Kārsādiā କାର୍‌ସାଜିଆ ( ଦେଖ )—Kārsājiā ( See )

କାର୍‌ସାଦୀ-ବୈଦେ. ବି ଓ ବିଣ. ( ଫା. କାର୍‌ସାଜ୍ଜା )—
Kārsādi କାର୍‌ସାଜିଆ ( ଦେଖ )—Kārsājiā ( See )

କାର—ସଂ. ବି. ( କୃ ଧାତୁ+କର୍ମ. ଅ )—୧ । କାର୍ଯ୍ୟ—
Kāra 1. Work.
୨ । ନିଶ୍ଚୟ—2. Certainty.
୩ । ଯତ୍ନ—3. Care.
୪ । ( +ଭାବ. ଅ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେବା ପଦ; ଯଥା—ନମସ୍କାର; ପୁରସ୍କାର; ବହିଷ୍କାର; ପରିଷ୍କାର; ଅଙ୍ଗୀକାର; ତିରସ୍କାର )—କରଣ; କରିବା—
4. Acting; doing; act.
୫ । (+କର୍ତ୍ତୃ. ଅ; କର୍ମପଦ ସଙ୍ଗେ ଯୁକ୍ତ ହେବା ପଦ, ଯଥା—କୁମ୍ଭକାର, ସ୍ୱର୍ଣ୍ଣକାର )—ଅମୁକ କର୍ମର କର୍ତ୍ତା; ନିର୍ମାତା—5. (A suffix like the English suffix 'er' in doer, potter,) Doer of an act or thing; maker.
୬ । ହିମାଳୟ ପର୍ବତ ( ପ୍ରକୃତିବାଦ )—
6. The Himalayan mountains.
୭ । ( କୃ ଧାତୁ=ହିଂସା କରିବା+ଭାବ. ଅ ) ବଧ—
7. Killing; murder.
୮ । ( +କର୍ମ. ଅ )—ପୂଜୋପହାର; ବଳି—
8. Offerings.
୯ । ( ପୁଂ ) କାରିଗର—9. Artisan.
୧୦ । ( ସ୍ୱାର୍ଥ ପ୍ରତ୍ୟୟ; ସ୍ୱରବର୍ଣ୍ଣ ପରେ ଯୁକ୍ତ ପଦ )—
ଅମୁକ ସ୍ୱରବର୍ଣ୍ଣର ଚିହ୍ନ—
10. The sign of a vowel.
( ଯଥା—ଆକାର=ା; ଇକାର=ି )
୧୧ । ( ସ୍ୱାର୍ଥ ପ୍ରତ୍ୟୟ; ବର୍ଣ୍ଣପରେ ଯୁକ୍ତ ପଦ )—ଅମୁକ ବର୍ଣ୍ଣ ବା ଅକ୍ଷର—The letter ( so and so ).
( ଯଥା—ମକାରର ଉଚ୍ଚାରଣ ସ୍ଥାନ ଓଷ୍ଠ । )

କାର ଦେ—୧ । ( ସର୍ବନାମ କିଏ ଶବ୍ଦର ୬ଷ୍ଠୀ ବିଭକ୍ତି; ବିଶେଷତଃ
**किसका** ପଦ୍ୟରେ ବ୍ୟବହୃତ )—କାହାର—1. Whose.
ଶିବଙ୍କ ଅଙ୍ଗୀକାର କାରରେ । କବିସୂର୍ଯ୍ୟ—ସଙ୍ଗୀତ ।

କର ଦେ—୨ । ଓଡ଼ିଆ ପ୍ରତ୍ୟୟ; ଏହି ପଦଯୁକ୍ତ ପଦ ବିଶେଷଣ
**कार** ହୁଏ, ଯଥା—ଆଜିକାର, କାଲିକାର )—ଅମୁକ ସମୟରେ ଘଟିଥିବା—2. (An oriya suffix) Happening at such or such a time.

କେର ୩ । ( ଓଡ଼ିଆ ପ୍ରତ୍ୟୟ; ଏହି ପଦଯୁକ୍ତ ପଦ ବିଶେଷଣ ହୁଏ,
**का** ଯଥା—ସେଠାକାର; ଏଠାକାର)—ଅମୁକ ସ୍ଥାନର—
3. ( a suffix ) Of such and such place.

କାରକ—ସଂ. ବିଣ. ( କୃ ଧାତୁ+କର୍ତ୍ତୃ. ଅକ )—ଯେ କରେ ବା
Kāraka ଘଟାଏ; କାର୍ଯ୍ୟ କରୁଥିବା—( suffix to nouns ) Making; acting; doing; causing; producing.
[ ଦ୍ର—କରିବା ବା ଘଟାଇବା ଅର୍ଥରେ ଏହା ଅନ୍ୟ ବିଶେଷ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ବିଶେଷଣ ପଦ ନିଷ୍ପନ୍ନ ହୁଏ । ଯଥା—ନିଦ୍ରାକାରକ, ସ୍ୱପ୍ନକାରକ, ଷଡ଼କାରକ, କଳହକାରକ । ]
ସଂ. ବି—(ବ୍ୟାକରଣ) କ୍ରିୟାସହିତ ଯାହାର ଅନ୍ୱୟ ହୁଏ—
(grammar) Case of a noun in a sentence.
[ ଦ୍ର-କାରକ ଛଅ ଗୋଟି, ଯଥା—କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ, 'ସମ୍ବନ୍ଧ' କାରକର ଅନ୍ତର୍ଗତ ନୁହେ, ଏହା ପଦ । ]

କାରଖାନା—ବୈଦେ. ବି. ( ଫା. କାର୍‌ଖାନା )—୧ । ଯେଉଁଠାରେ
Kārakhānā କର୍ମ କରାଯାଏ; କାର୍ଯ୍ୟଶାଳା; କର୍ମଶାଳା; ଶିଳ୍ପଶାଳା—
**कारखाना** 1. Factory; manufactory; workshop.
**कारखाना** ୨ । ଆଡ଼ମ୍ବରମୟ କାର୍ଯ୍ୟ—
2. A function; a big affair or concern.
ଦିନ କଥା ମଧ୍ୟରେ କେବେ କେବେ ଭାରି କାରଖାନା ଥାଏ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

କାରଜ—ପ୍ରା. ( ପ୍ରାଚୀନ ପଦ୍ୟ ) ବି. ( ସଂ. କାର୍ଯ୍ୟ )—୧ । କାର୍ଯ୍ୟ—
Kāraja . Act; work; function.
**काज** ମନେ କରିବାର ଦୁଷ୍କର କାରଜକୁ । ଦ୍ୱିଜ ଦ. ମହାଭାରତ. ବନ ।
**कारज** ୨ । ବ୍ୟବସାୟିକ କାର୍ଯ୍ୟ—2. Business.
୩ । ବିବାହ ବ୍ରତାଦି ସାମାଜିକ କାର୍ଯ୍ୟ—
3. Ceremonial or social function.
୪ । ମୃତାହ; ଶୁଦ୍ଧିକ୍ରିୟା—4. Funeral rites.
୫ । ଅବଶ୍ୟକ—5. Necessity.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସେ ତୁହେଁ ସେ ତୁହୁଙ୍କି ପଡ଼ିଲେ କାରକ । କୃଷ୍ଣସିଂହ. ମହାଭାରତ. ସଭା ।

ସଂ. ବିଣ. ( କରଜ + ଅ )—ନଖସମ୍ବନ୍ଧୀୟ—
Of or relating to the finger nail (M. W.)

ସଂ. ବି—ଅଳ୍ପବୟସ୍କ ହାତୀ —
A young elephant ( M. W. )

**କାରଡ଼୍**—ବୈଦେ. (ଇଂ) ବି. ( ଇଂ. କାର୍ଡ଼ )—କାର୍ଡ଼୍ ( ଦେଖ )
Kārad Karrd ( See)
काड़
कारड

**କାରଣ**—ସଂ. ବି. ( କୃ ଧାତୁ ଣିଜନ୍ତ=କାରି ଧାତୁ + କରଣ. ଅନ)—
Kāraṇa ୧ । କାର୍ଯ୍ୟର ହେତୁ; ନିମିତ୍ତ—
1. Cause; reason; occasion; antecedent.
ସମ୍ପତ୍ତି ସହିତ ସେ କାରଣ ନ ପାଇଲେ । ସାରଳା. ମହାଭାରତ. ଉଦ୍ଯୋଗ ।

[ ଦ୍ର—ନ୍ୟାୟ ମତରେ କୌଣସି କାର୍ଯ୍ୟର ହେତୁ ବା କାରଣ ତିନି ପ୍ରକାର; ନିମିତ୍ତ କାରଣ, ସମବାୟୀ କାରଣ ଓ ଅସମବାୟୀ କାରଣ । ]

୨ । ମୂଳବୀଜ; ମୂଳ ଯାହା ହେତୁରୁ କାର୍ଯ୍ୟ ଉତ୍ପନ୍ନ ହୁଏ—
2. Root cause; root.

୩ । ଉଦ୍ଦେଶ୍ୟ—3. Motive; object.

୪ । ପ୍ରୟୋଜନ; ଆବଶ୍ୟକତା—4. Necessity.
ସଂସାର କାରଣେ ଜନେ ଯୁବଣରେ କହି । ବସ୍ତୁକେଶବପୁରାଣ ।

୫ । ( + କରଣ. ଅନ )—ଇନ୍ଦ୍ରିୟ—
5. Sense of action or perception.

୬ । ଦେହ—6. Body.

୭ । (କୃ ଧାତୁ + ଭାବ. ଅନ )—ବଧ—
7. Killing; murder.

୮ । ( + ଭାବ. ଅନ )—ସର୍ଜ୍ଜନ—8. Creation.
ତନୟ କାରଣ ଅର୍ଥେ ସ୍ୱାମୀକୁ ଜଣାଇ । ମହାଦେବ. ବସ୍ତୁକେଶବପୁରାଣ ।

୯ । ଗୀତବିଶେଷ (କ୍ଷୀରେନ୍ଦ୍ର )—9. A kind of song.

୧୦ । ବାଦ୍ୟବିଶେଷ ( କ୍ଷୀରେନ୍ଦ୍ର )—
10. A kind of musical instrument.

୧୧ । ଉପାଦାନ; ଉପକରଣ—
11. Material; element.

୧୨ । ଯନ୍ତ୍ରାଦି—12. Instruments.

୧୩ । (କରଣ + ଅ)—କରଣ ବା କାୟସ୍ଥ ସମୂହ—
13. A number of Karaṇas or Kāyasthas ( M. W. )

୧୪ । ପ୍ରମାଣ—14. Proof; that on which an opinion or judgment is founded ( M. W. )

୧୫ । ପିତା—15. Father (Wilson)

୧୬ । ଦେବତା—16. Deity (Wilson)

ସଂ. ବିଣ.—୧ । ସ୍ରଷ୍ଟା; ସୃଷ୍ଟିକର୍ତ୍ତା—1. Creating.
ଏଣୁ ଏହି ଧରଣୀରେ କାରଣ ଯେ ତୁମ୍ଭେ । ବସ୍ତୁକେଶବପୁରାଣ ।

୨ । କୌଣସି କାର୍ଯ୍ୟକାରକ; କର୍ତ୍ତା—2. Doing.
ପଦ୍ମଚରଣ ମୋର ଶରଣ ରଙ୍ଗ କାରଣ ହେବ । ଭକ୍ତ. ପ୍ରେମସୁଧାନିଧି ।

ଦେ. ବି—୧ । ମୁକ୍ତି; ନିଷ୍କୃତି—1. Deliverance.
ତରଣକେ ବେନି ଜନ ମାଗିଲେ କାରଣ । ବସ୍ତୁକେଶବ ପୁରାଣ ।

୨ । ମୋକ୍ଷ—2. Salvation.
ପ୍ରାଣୀଙ୍କର କାରଣ ସେହି ସେ ଅଟଇ । କୃଷ୍ଣସିଂହ. ମହାଭାରତ. ଆଦି ।

कारण ୩ । ସାଧନ—3. Performance.
कारज କୂର୍ମ ଯେସନେକ ନିଜ ଅଙ୍ଗ ଅଙ୍ଗ କାଢ଼ି ।
କାର୍ଯ୍ୟ କାରଣ କାଳେ ତା ଦେଉଥାଏ ବାଢ଼ି । ମହାଦେବ. ବସ୍ତୁକେଶବପୁରାଣ ।

୪ । ବ୍ୟବହାର—4. Use; utility.

୫ । ପ୍ରତିକାର—5. Remedy; redress.
ଦେଖ ମୋହର ତପ୍ରପଣ
କହିବ ଏଥିର କାରଣ । ଜଗନ୍ନାଥ. ଭାଗବତ ।

୬ । ଫଳ; ସଫଳତା; ଉଦ୍ଦେଶ୍ୟସିଦ୍ଧି—6. Fruition; success; fulfilment of desire.
କର୍ମିଷ୍ଠ କହୁଁ କହୁଁ ନୋହିଲେ କାରଣ । କୃଷ୍ଣସିଂହ. ମହାଭାରତ. ବନ ।

୭ । ଉପାୟ—8. Means; expedient.
ଯେଉଁ ଜୀବନ୍ତକ ଦେଖନ୍ତି ସେ ସଜନ
ତାହାକୁ ପରୀରତ୍ନ ତହିଁକି କାରଣ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୮ । ( କଚେରୀ ) ଦେୱାନି ମକଦ୍ଦମା ଦାଏର ହେବାର ନ୍ୟାୟସଙ୍ଗତ କାରଣ—
8. Cause of action for filing a civil suit

୯ । ( କଚେରୀ ) ଯେଉଁ ଘଟଣାବଳୀକୁ ମୁଦେଇ ଫଉଜଦାରୀ ମକଦ୍ଦମା ଦାଏର କରିବାକୁ ବାଧ୍ୟ ହୋଇଅଛି—
9. The cause or occasion which leads a complainant to file a complaint in a criminal case.

ଦେ. ବିଣ. ( ପ୍ରାଚୀନ ପଦ୍ୟ )—

୧ । ମୁକ୍ତ—1. Released.
ହେବ କାରଣ ବୋଲି ଚିନ୍ତିଲେ ବାହୁଡ଼ିଲେ । ସାରଳା, ମହାଭାରତ. ବସନ୍ତ ।

୨ । ଶ୍ରେଷ୍ଠ—2. Chief; excellent.
ଏତେକ ମଧ୍ୟେ ଯେ କାରଣ
ସେ ଅମ୍ଭ ପକ୍ଷରେ ବରଣ । ଜଗନ୍ନାଥ. ଭାଗବତ ।

୩ । ମୋକ୍ଷପ୍ରାପ୍ତ—3. Delivered; emancipated.
ମୋହର ପିତୃଙ୍କୁ ମୁଁ କାରଣ କରିବି । ସାରଳା. ମହାଭାରତ. ଉଦ୍ଯୋଗ ।

୪ । ପ୍ରତିକାରକର୍ତ୍ତା—4. Redressing.
ଆମ୍ଭେମାନେ କାରଣହିଁ ସକଳ କଥାକୁ । ମହାଦେବ. ବସ୍ତୁକେଶବ ପୁରାଣ ।

ଦେ. ଅବ୍ୟୟ ( ସଂ. କାରଣାତ୍ )—

୧ । ଯେହେତୁ—
1. ( conjunction ) Because ; whereas.

୨ । ( ଅମୁକ ) କାରଣରୁ; ହେତୁରୁ; ଯୋଗୁଁ—
2. Because of; owing to.

୩ । ପାଇଁ—3. For.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟୃ | ଉଅ | ଓ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**କାରଣ କରିବା**—(ପ୍ରାଚୀନ ପଦ୍ୟ)—୧ । କ୍ଷମା କରିବା; ମାର୍ଜନା କରିବା—
Kāraṇa karibā 1. To forgive; to excuse.
কারণকরা
কারণকরনা

ଦ୍ରୋହ କଲ ତୋଠାରେ କାରଣ କର ମୋତେ ।
ପୀତାମ୍ବର, କୃଷ୍ଣ ହରିପୁରାଣ ।

୨ । ମୁକ୍ତି ପ୍ରଦାନ କରିବା; ମୋକ୍ଷ କରିବା—
2. To emancipate; to deliver.

**କାରଣ କାର୍ଶ୍ୟ**—ସଂ. ବି. (ଷଷ୍ଠୀ ତତ୍; କାରଣ+କାର୍ଶ୍ୟ)—
Kāraṇa kārśya ୧ । ଉପକରଣ ବା ସାଧନର କୃଶତା—
1. Deficiency of materials.
୨ । ବ୍ୟୟସଙ୍କୋଚ—2. Thrift.
୩ । କାରଣର ଦୁର୍ବଳତା—3. Weakness of a cause.

**କାରଣଗୁଣ**—ସଂ. ବି. (ନ୍ୟାୟ) (୬ଷ୍ଠୀ ତତ୍; କାରଣ+ଗୁଣ)—
Kāraṇaguṇa କାରଣର ଗୁଣ—(Logic) The attributes of a cause; an elementary or causal property (M. W.)

**କାରଣଜଳ**—ସଂ. ବି. (ମଧ୍ୟପଦଲୋପୀ; ସୃଷ୍ଟିର ଆଦିକାରଣରୂପେ ସୃଷ୍ଟ
Kāraṇajala ଜଳ; ଅଥବା କାରଣୀଭୂତ ଜଳ)—
ସୃଷ୍ଟି ଆରମ୍ଭରେ ବ୍ୟାପିଥିବା ପ୍ରଳୟ-ଜଳ (ଏହି ଜଳ ମଧ୍ୟରେ ବିଷ୍ଣୁ ମେଦିନୀ ବା ଭୂମି ସ୍ଥାପନ କରନ୍ତି ଓ ତହିଁ ଉପରେ ବ୍ରହ୍ମା ସର୍ଜନା କରନ୍ତି)—The original water in which the cosmic egg was laid before the creation according to the Hindu mythology.

ଏହିରୂପେ ଧରି ମୁଁ ଧରଣୀର ଭର
କାରଣଜଳେ ତେଜ କରିଥାଏ ଭୋଗ । କୃଷ୍ଣସିଂହ. ମହାଭାରତ. ବନ ।

[ ଦ୍ର—ହିନ୍ଦୁ ପୁରାଣ ମତରେ ପ୍ରଳୟାର୍ଣ୍ଣବର ଜଳରୁ ସୃଷ୍ଟି ଆରମ୍ଭ ହେଲା । ପ୍ରାଚୀନ ମିଶର ଜାତିଙ୍କର ପୁରାଣରେ ମଧ୍ୟ ଜଳରୁ ଦେବତା ଗୋଷ୍ଠୀ ଜାତ ହେବାର ଉଲ୍ଲେଖ ଅଛି । ଆଧୁନିକ ପାଶ୍ଚାତ୍ୟବିଜ୍ଞାନ ମଧ୍ୟ କହୁଅଛି ଯେ ପ୍ରାଣୀ-ଜୀବନ ପ୍ରଥମେ ଜଳରୁ ଆରମ୍ଭ ହୋଇଅଛି । ଜ୍ଞାନେନ୍ଦ୍ର । ]

**କାରଣତା**—ସଂ. ବି. (କାରଣ+ଭାବ. ତା)—(ନ୍ୟାୟ) ହେତୁ ହେବାର
Kāraṇatā ଭାବ—(Logic) Causality.

**କାରଣତ୍ୱ**—ସଂ. ବି—କାରଣତା (ଦେଖ)
Kāraṇatwa Kāraṇatā (See)

**କାରଣଶରୀର**—ସଂ. ବି. (ମଧ୍ୟପଦଲୋପୀ; କାରଣରୂପେ ସୂକ୍ଷ୍ମ ଶରୀର)—
Kāraṇaśarīra ୧ । (ବେଦାନ୍ତ ଦର୍ଶନ) ଆତ୍ମାକୁ ଆବରଣ କରିଥିବା ଶରୀର; ସୂକ୍ଷ୍ମ ଶରୀର—1. (Vedanta philosophy) The causal frame enclosing the human soul.

[ ଦ୍ର—ଏହାର ଅନ୍ୟନାମ ଆନନ୍ଦମୟ କୋଷ; ଏହି ଶରୀର ସୁଷୁପ୍ତି-ଅବସ୍ଥାରେ ଇନ୍ଦ୍ରିୟାଦି ବିଷୟ ବ୍ୟାପାରରୁ ମୁକ୍ତ ଥାଏ ଏବଂ ଏହାକୁ ଅହଙ୍କାରାଦି ସଂସ୍କାର ମାତ୍ର ଆଶ୍ରୟ କରେ । ଜ୍ଞାନେନ୍ଦ୍ର । ]

୨ । (ବେଦାନ୍ତ) ପରମାତ୍ମାଙ୍କଠାରେ ନିହିତ ଜୀବାତ୍ମାର ସତ୍ତା; ଅବିଦ୍ୟା—2. The original embryo or source of the body existing with the Universal Impersonal spirit and equivalent to Abidyā (equivalent to Māyā) and when investing the impersonal spirit causing it to become the Personal God or Īśwara. (M. W.)

[ ଦ୍ର—ଏହା ପରମାତ୍ମାଙ୍କଠାରେ ପ୍ରକାଶ ହେଲେ ମାୟାରୂପରେ ଈଶ୍ୱରଭାବ ଗ୍ରହଣ କରେ । ]

**କାରଣା**—ସଂ. ବି. ସ୍ତ୍ରୀ. (କାରି ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
Kāraṇā ୧ । ତୀବ୍ର ବେଦନା; ଗାଢ଼ ବେଦନା—
1. Anguish; pang.
୨ । ନରକର ଅଂଶବିଶେଷ—2. A part of hell.

**କାରଣାଭାବ**—ସଂ. ବି. (୬ଷ୍ଠୀ ତତ୍; କାରଣ+ଅଭାବ)—
Kāraṇābhāba ମୂଳ କାରଣର ଅନୁପସ୍ଥିତି—
Absence of a cause.
ଦେ. (କଚେରୀ) ବି—ଦାଏର ହୋଇଥିବା ମକଦ୍ଦମା ଦାଏର କରିବା ପାଇଁ ଆଇନସଙ୍ଗତ କାରଣର ଅଭାବ—
Want of cause of action in a suit.

**କାରଣିକ**—ସଂ. ବିଣ. ପୁଂ. (କାରଣ+ସମ୍ବନ୍ଧାର୍ଥେ ଇକ; ଭୁଲ-ଇଂ.
Kāraṇika କରେଣ୍ଟର)—୧ । ପରୀକ୍ଷକ—1. Examining;
(କାରଣିକା—ସ୍ତ୍ରୀ) investigating.
୨ । ବିଚାରକ—2. Judging.
୩ । କାରଣସମ୍ବନ୍ଧୀୟ—3. Relating to or connected with the cause; causative; causal.
୪ । କାରଣ ନିର୍ଣ୍ଣୟକାରୀ—
4 Ascertaining the cause.
ସଂ. ବି—୧ । ବିଚାରପତି—1. A judge.
୨ । ଶିକ୍ଷକ; ଗୁରୁ—2. A teacher (M. W.)

**କାରଣୀ**—ଦେ ବିଣ. (ପ୍ରାଚୀନ ପଦ୍ୟ)—କାରିଣୀ (ଦେଖ)
Kāraṇī Kāriṇī (See)

ପ୍ରକୃତିକାରଣୀ ଏହିରୂପେ ନିସ୍ତାର । ପ୍ରାଚୀ. ରହସ୍ୟମଞ୍ଜରୀ ।

**କାରଣୁ**—ଦେ. ଅ. (ସଂ. କାରଣାତ୍)—କାରଣୁଁ; ଅମୁକକାରଣରୁ—
Kāraṇu For such and such a reason; because of.

**କାରଣୁଁ**—ଦେ. ଅ. (ସଂ. କାରଣାତ୍)—ସକାଶେ; (ଅମୁକ) ହେତୁରୁ—
Kāraṇuṅ For; because of.

**କାରଣେ**—ଦେ. ଅ. (ସଂ. କାରଣାତ୍)—(ଅମୁକ) କାରଣରେ; (ଏହି)
Kāraṇe ଯୋଗେ—Because of; for.

କଷ୍ଟଣ କାରଣେ ଯେହ୍ନେ ତୁମ୍ଭେ ଅଛନ୍ତି । ବିଷ୍ଣୁକେଶବପୁରାଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାରଣୋତ୍ତର**—ସଂ. ବି. ( ମଧ୍ୟପଦଲୋପୀ; କାରଣ ପ୍ରଦର୍ଶିତ ଉତ୍ତର; Kāraṇottara କର୍ମ୍ମ. ଦ୍ୱନ୍ଦ୍ୱ. କାରଣ ଓ ଉତ୍ତର )—(ହିନ୍ଦୁସ୍ମୃତି) ମକଦ୍ଦମାରେ ଦାବୀ କରାଯାଇଥିବା ଅଭିଯୋଗର ଉତ୍ତର; ମକଦ୍ଦମାର କାରଣାଭାବ ଘଟିଅଛି ବୋଲି ପ୍ରତିବାଦୀଙ୍କର ଜବାବ୍; ( ଯଥା—ପ୍ରତିବାଦୀ ବାଦୀଠାରୁ ଟଙ୍କା ଋଣ କରି ଥିଲି ସତ୍ୟ, କିନ୍ତୁ ତାହା ପରିଶୋଧ କରି ଦେଇଅଛି)— ( Hindu law ) Answer to a charge; denial of the cause of complaint e. g. acknowledgement that a debt was incurred but assertion that it has been repaid ( M. W.)

**କାରଣ୍ଡ**—ସଂ. ବି. ( କ=ଜଳ+ଋ ଧାତୁ=ଗମନ କରିବା+କର୍ତ୍ତୃ. Kāraṇḍa ଅଣ୍ଡ )— ଏକ ପ୍ରକାର ହଂସ— A kind of duck ( M. W. )

**କାରଣ୍ଡବ**—ସଂ. ବି. ( କ=ଜଳ+ଋ ଧାତୁ=ଗମନ କରିବା+କର୍ତ୍ତୃ. Kāraṇḍaba ଅଣ୍ଡ+ସ୍ୱାର୍ଥେ. ଅ )— କାରଣ୍ଡ; ଏକ ପ୍ରକାର ହଂସ— A kind of duck.

**କାରତିକ**—ଗ୍ରା. (ପଦ୍ୟ) ବି. (ସଂ. କାର୍ତ୍ତିକ)—କାର୍ତ୍ତିକ (ଦେଖ) Kāratika Kārttika ( See ) কার্ত্তিক कातिक

**କାରନ୍ଧମୀ**—ସଂ. ବି. ( କାରମ୍=କାର୍ଯ୍ୟକୁ+ଧା ଧାତୁ=ଅଗ୍ନି ସଂଯୋଗ Kārandhamī କରିବା+ଇନ୍; ୧ମା. ୧ବ )— ୧ । କାଂସ୍ୟକାର; କଂସାରୀ— 1. Bell-metal manufacturer; brazier. ୨ । ଧାତୁବିଦ୍ୟା ପଣ୍ଡିତ— 2. A mineralogist (Apte).

**କାରପୁଣ୍ୟ**—ଗ୍ରା. ବି ଓ ବିଣ. ( ସଂ. କାର୍ପଣ୍ୟ )— Kārapuṇya କାର୍ପୁଣ୍ୟ ( ଦେଖ ) Kārpuṇya ( See )

**କାରପୁନ୍ୟ**—ଗ୍ରା. ବି ଓ ବିଣ – କାର୍ପୁଣ୍ୟ ( ଦେଖ ) Kārapunya Kārpuṇya ( See )

**କାରବ**—ସଂ. ବି. ( କା+ରବ; ଯେ କା କା ଶବ୍ଦ କରେ )— Kāraba କାକ; କୁଆ—Crow (Apte)

**କାରବର**—ସଂ. ବି—ନିଷାଦ ପିତା ଓ ବୈଦେହୀ ମାତାଠାରୁ ଉତ୍ପନ୍ନ ଜାତି Kārabara ଚମଡ଼ା ବ୍ୟବସାୟୀ ଜାତି; ମୋଚି ଜାତି; ଜାତି ସଙ୍କର ଜାତିବିଶେଷ ( ମନୁ ୧୦।୩୬ )— A man of a mixed and low caste born from a Nishāda-father and Baidehī mother, working in leather and hides. ( M. W. )

**କାରବଲ୍ଲୀ**—ସଂ. ବି—କାରବେଲ୍ଲ; କଲରା ଗଛ ଓ ଫଳ— Kāraballi Memordica Chantia ( M. W. ) ( creeper and fruit ).

**କାରବାଇ**—ବୈଦେ. ବି. ( ଫା. କାର୍ରବାଇ )— Kārabāi କାର୍ରବାଇ ( ଦେଖ ) Karrabāi ( See )

**କାରବାର**—ବୈଦେ. ବି. ( ଫା. କାର୍ରବାଇ )— Kārabāra ୧ । ବ୍ୟବସାୟ—1. Business. কারবার ୨ । ବିଷୟ କର୍ମ୍ମ— कारबार 2. Worldly affairs.

ତାହାକାର ବଡ଼ ଲୋକେ ତ ପଳାଇଲେ
ସମସ୍ତ କାରବାର ନଷ୍ଟ ହୋଇଲେ । କୃଷ୍ଣସିଂହ. ମହାଭାରତ. ଆଦି ।

୩ । ବେପାର; ବାଣିଜ୍ୟ—3. Trade; commerce.
୪ । ଟଙ୍କାଆଦି ବ୍ୟବସାୟରେ ଖଟାଇବା; ଅର୍ଥପ୍ରୟୋଗ— 4. Investment of money for profit .
୫ । ବ୍ୟବହାର; କୌଣସି ବସ୍ତୁକୁ ସର୍ବଦା ନେବା ଆଣିବା ବା ଚଳପ୍ରଚଳ କରିବା—5. Use.
୬ । ପେଶା; ବୃତ୍ତି—6. Profession.
୭ । ଚଳପ୍ରଚଳ; ଯିବା ଆସିବା; ଗମନାଗମନ— 7. Frequent coming and going; concourse.
୮ । ଆୟ ବ୍ୟୟ; ଧନର ନେଣଦେଣ— 8. Receipts and disbursements.

ଭଣ୍ଡାର ସରେ ଯେତେ ରତ୍ନଆଦି ଧନ
ତା ବୁଝି କାରବାର କରେ ତୁତ ଦନ । କୃଷ୍ଣସିଂହ. ମହାଭାରତ. ବନ ।

**କାରବାର କରିବା**—ଦେ. କ୍ରି—୧ । ବ୍ୟବସାୟ କରିବା— Kārabāra kariba 1. To engage in trade or business. কারবারকরা ୨ । ବ୍ୟବହାର କରିବା—2. To use. कारबारकरना

**କାରବାର ହେବା**—ଦେ. କ୍ରି—୧ । ସର୍ବଦା ଚଳପ୍ରଚଳ ହେବା— Kārabāra heba 1. To frequently come and go. কারবারহওয়া ୨ । ପ୍ରଚଳିତ ହେବା— कारबारहोना 2. To be in use or vogue.

**କାରବାରି**—ବୈଦେ. ବିଣ. (ଫା)—୧ । ବ୍ୟବସାୟରେ ନିପୁଣ— Kārabāri 1. Expert in carrying on business. কারবারি ୨ । ବ୍ୟବସାୟ-ନିଯୁକ୍ତ— कारबारी 2. Engaged in business.
୩ । ବ୍ୟବସାୟସମ୍ବନ୍ଧୀୟ— 3. Pertaining to business.
୪ । ବାଣିଜ୍ୟସମ୍ବନ୍ଧୀୟ—4. Commercial.

ଦେ. ବି—୧ । ବଣିକ; ବ୍ୟବସାୟୀ—1. Trader.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଏ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଵ | ଂନ୍ତ |

୨ । ବିଷୟ କର୍ମ କରିବା ବ୍ୟକ୍ତି; ମେନେଜର—
2. Business-man; man of business; manager.

୩ । ପ୍ରଭୁଙ୍କ ନିମନ୍ତେ କାରବାର ଚଳାଇବା ବ୍ୟକ୍ତି; ଗୁମାସ୍ତା—
3. Agent; gomasta; superintendent.

୪ । କର୍ତ୍ତାଙ୍କର ପ୍ରତିନିଧି—
4. Representative of a principal.

୫ । ଗୃହର ସମସ୍ତ ମାମଲତ ବୁଝିବା ବ୍ୟକ୍ତି; ମାମଲତକାର—
5. One who looks into the management of a family.

**କାରବାରିଆ**—ଦେ. ବି ଓ ବିଣ.—କାରବାରି ( ଦେଖ )
**Kārabāriā** Kārabāri ( See )

ବୃତ୍ତା, ତା ଜାତ ପୁଅ ଲଙ୍କାକୁ ନେବାକୁ ନୁହେ, ତା ଘରେ କାରବାରିଆ ଥିବା।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କାରବୀ**—ସଂ. ବି. ( କ=ଜଳ+ଅ+ରୁ ଧାତୁ=ଗମନ କରିବା+ ସଂଜ୍ଞାର୍ଥେ. ଅ+ସ୍ତ୍ରୀ. ଈ )—
**Kārabi**

୧ । ହିଙ୍ଗୁପର୍ଣ୍ଣୀ—
1. The Asafœtida plant or its leaf (M W.)

୨ । ମୟୂରଶିଖା; ରୁଦ୍ରଜଟାଗୁଳ୍ମ—
2. A plant; Celosia Crestata ( M.W. )

୩ । ସଉଫ—
3. A kind of anise; Anethum Sowa.

୪ । କଳାଜୀରା—4. Nigella Indica.

୫ । ଲାଉ ପରି ଏକପ୍ରକାର ଫଳ—
5. A small kind of gourd ( M. W. )

୬ । ଛୋଟ କଲରା ( ପ୍ରକୃତିବାଦ )—
6. A small variety of Memordica Charantia.

**କାରବେଲ୍ଲ**—ସଂ. ବି. (କାରି=କଷ୍ଟଦ+ବେଲ୍ଲ=ଯେ ଗମନ କରେ)—
**Kārabella** କଲରା ଗଛ ଓ ଫଳ—A creeper and its edible bitter fruits; Memordica Charantia.

**କାରଭ**—ସଂ. ବିଣ. ( କରଭ+ଅ )—ଉଷ୍ଟ୍ରସମ୍ବନ୍ଧୀୟ—
**Kārabha** Relating to a camel.

**କାରମଦ**—ସଂ. ବି—କରଡା କୋଳି (ହରେକୃଷ୍ଣ. ଦ୍ରବ୍ୟଗୁଣ ) (ଦେଖ )
**Kāramada** Karandā koli ( See )

**କାରମର୍ଦ୍ଦ**—ସଂ. ବି—କରଡା କୋଳି (ହରେକୃଷ୍ଣ. ଦ୍ରବ୍ୟଗୁଣ ) ( ଦେଖ)
**Kāramardda** Karandā koli ( See )

**କାରୟିତବ୍ୟ**—ସଂ. ବିଣ. (କୃ ଧାତୁ ଣିଜନ୍ତ କାରି ଧାତୁ+କର୍ମ.ତବ୍ୟ)—
**Kārayitabya** ୧ । ଅନ୍ୟଦ୍ୱାରା କରାଯିବାର ଯୋଗ୍ୟ—
1. Fit to be caused or effected or made to do a thing.

୨ । ଯାହା ଅନ୍ୟଦ୍ୱାରା କରାଇବାକୁ ହେବ—
2. To be caused or effected or made to do ( M. W. )

**କାରୟିତା**—ସଂ. ବି. ପୁଂ. ( କୃ; ଣିଜନ୍ତ. କାରି ଧାତୁ+କର୍ତ୍ତୃ. ତୃ ୧ମା
**Kārayitā** ୧ବ.)—କାରୟିଷ୍ଣୁ ( ଦେଖ )
( କାରୟିତ୍ରୀ—ସ୍ତ୍ରୀ) Kārayishṇu ( See

**କାରୟିଷ୍ଣୁ**—ସଂ. ବି. ପୁଂ. ଓ ସ୍ତ୍ରୀ. (କୃ ଧାତୁ ଣିଜନ୍ତ କାରି ଧାତୁ+ଇଷ୍ଣୁ)—
**Kārayishṇu** ଅନ୍ୟଙ୍କୁ କର୍ମ କରାଇବା ବାଲା; ଅନ୍ୟଦ୍ୱାରା କର୍ମ କରାଇବା ( ବ୍ୟକ୍ତି )—
Causing another to do a work.

**କାରା**—ସଂ. ବି. ସ୍ତ୍ରୀ. (କୃ ଧାତୁ=ବିକ୍ଷେପ କରିବା+ଅଧିକରଣେ. ଅ)—
**Kārā** ୧ । ବନ୍ଦନାଗାର; ଜେଲଖାନା; ବନ୍ଦୀଶାଳା—
1. Jail; prison.

୨ । କାରାବନ୍ଧନ—2. Imprisonment.

୩ । ବୀଣାର ଅଧଃସ୍ଥିତ କାଷ୍ଠମୟ ଖଣ୍ଡ—
3. The bulb or wooden cup of a harp.

୪ । ପୀଡ଼ା—4. Oppression.

୫ । ଜମା ହେବା ବା ରୁଣ୍ଡୀଭୂତ ହେବାର ସ୍ଥାନ—
5. Reservoir.

ବିଶ୍ୱବନ୍ଧ୍ୟ ସାର ଧସାର କାରା—କବିସୂର୍ଯ୍ୟ. ସଙ୍ଗୀତ ।

୬ । ( କୁ=କୁତ୍ସିତ+ର୍=ଗମନ କରିବା+ଅ+ଆ )—
ଦୂତୀ; କୁଟ୍ଟିନୀ—
6. A bawd; a panderess; a procuress; a female go-between.

୭ । ବଣିଆଣୀ; ସୁବର୍ଣ୍ଣକାରିକା—
7. A she-goldsmith; a jeweller woman.

( କାକର—ଉପସର୍ଗ ) ବୈଦେ. ବିଣ. (ଘ )—ଉତ୍ତମ—Good.

**କାରାକୋରମ**—ଦେ. ବି. ( ନାମ )—କାଶ୍ମୀରରାଜ୍ୟର ଉତ୍ତର ପଶ୍ଚିମ
**Kārākerama** କୋଣରେ ଥିବା ହିମାଳୟର ଶାଖାବିଶେଷ—
A range of hills near Kashmere; the Kārakorama range.

[ ଦ୍ର—ଏହାର ଅନ୍ୟ ନାମ ମସ୍ତାଗ; ଏଥିରୁ ସିନ୍ଧୁ ନଦ ବାହାରିଅଛି । ]

**କାରାଗାର**—ସଂ. ବି. ( ୬ଷ୍ଠୀ ତତ୍; କାରା=ବନ୍ଧନ+ଆଗାର )—
**Kārāgāra** ବନ୍ଦୀଶାଳା—
Prison; jail; house of confinement; dungeon; gaol.

**କାରାଗୃହ**—ସଂ. ବି. ( ୬ଷ୍ଠୀ ତତ୍; କାରା+ଗୃହ )—
**Kārāgṛuha** କାରାଗାର ( ଦେଖ )
Kārāgāra ( See )

**କାରାଦଣ୍ଡ**—ସଂ. ବି. ( ରୂପକ କର୍ମଧା; କାରା+ଦଣ୍ଡ )—କାରାଗୃହରେ
**Kārādaṇḍa** ରୁଦ୍ଧ ହେବାରୂପ ଦଣ୍ଡ—Sentence of imprisonment or confinement in a prison.

[ ଦ୍ର—ଏହା ଦୁଇ ପ୍ରକାର; ଯଥା—୧. ସଶ୍ରମ କାରାଦଣ୍ଡ—
Rigorous imprisonment. ୨. ଅଶ୍ରମ କାରାଦଣ୍ଡ—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍ଖା' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

Simple imprisonment. ୩. ନିର୍ଜନ କାରାଦଣ୍ଡ—Solitary imprisonment. ]

**କାରାଧୂନୀ**—ସଂ. ବି—ବାଦ୍ୟଯନ୍ତ୍ରବିଶେଷ; ଶଙ୍ଖ—
Kārādhunī — A musical instrument; conch.

**କାରାଧ୍ୟକ୍ଷ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କାରା+ଅଧ୍ୟକ୍ଷ )—ବନ୍ଦିଶାଳାର
Kārādhyaksha — କର୍ତ୍ତା ବା ପ୍ରଧାନ କର୍ମଚାରୀ—Jailor.

**କାରାବଦ୍ଧ**—ସଂ. ବିଣ. ( ୭ମୀ ତତ୍; କାରା+ବଦ୍ଧ; ଆବଦ୍ଧ )—
Kārābaddha — କାରାରୁଦ୍ଧ (ଦେଖ)—Kārāruddha (See)

**କାରାବନ୍ଧନ**—ସଂ. ବି. ( ୭ମୀ ତତ୍; କାରା+ବନ୍ଧନ )—
Kārābandhana — କାରାରୋଧ (ଦେଖ)—Kārārodha (See)

**କାରାବାସ**—ସଂ. ବି. ( ୭ମୀ ତତ୍; କାରା+ବାସ )—
Kārābāsa — ୧ । କାରାରୋଧ ( ଦେଖ )
1. Kārārodha ( See )
୨ । ( କାରା+ଆବାସ ) କାରାଗାର ( ଦେଖ )
2. Kārāgāra ( See ).

**କାରାବାସୀ**—ସଂ. ବିଣ. ପୁଂ. ( କାରାବାସ+ଇନ୍; ୧ମା. ୧ବ. )—
Kārābāsī — କାରାରୁଦ୍ଧ ( ବ୍ୟକ୍ତି )—(person) Imprisoned; undergoing imprisonment.

**କାରାବିଧାନ**—ସଂ. ବି. (ରୂପକ; କର୍ମ୍ମ ୬ଷ୍ଠୀ ତତ୍; କାରା+ବିଧାନ)—
Kārābidhāna — କାରାଦଣ୍ଡ (ଦେଖ)
Kārādaṇḍa (See)

**କାରାରକ୍ଷକ**—ସଂ. ବି. ପୁଂ.—( ୬ଷ୍ଠୀ ତତ୍; କାରା+ରକ୍ଷକ)—କାରା-
Kārārakshaka — ବନ୍ଦ ବ୍ୟକ୍ତିମାନଙ୍କର ଜଗୁଆଳ—
(କାରାରକ୍ଷିକା—ସ୍ତ୍ରୀ ) — Warder.

**କାରାରକ୍ଷୀ**—ସଂ. ବି. ପୁଂ.—(୬ଷ୍ଠୀ ତତ୍; କାରା+ରକ୍ଷିନ୍; ୧ମା.୧ବ)—
Kārārakshī — କାରାରକ୍ଷକ (ଦେଖ)
(କାରାରକ୍ଷିଣୀ—ସ୍ତ୍ରୀ) — Kārārakshaka (See)

**କାରାରୁଦ୍ଧ**—ସଂ. ବିଣ. ପୁଂ.—(୭ମୀ ତତ୍; କାରା+ରୁଦ୍ଧ)—
Kārāruddha — ୧ । କାରାଗୃହରେ ଅବରୁଦ୍ଧ; ବନ୍ଦ ହୋଇଥିବା—
1. Imprisoned.

**କାରାସାଜି**—ବୈଦେ. ବି. ଓ ବିଣ—(ଫା. କାର୍‌ସାଜୀ)—
Kārāsāji — କାର୍‌ସାଜିଆ (ଦେଖ)
Kārsājiā (See)

**କାରାସାଦି**—ବୈଦେ. ବି. ଓ ବିଣ (ଫା. କାର୍‌ସାଜୀ)—
Kārāsādi — କାର୍‌ସାଜିଆ (ଦେଖ)
Kārsājiā (See)

**କାରି** (ଧାତୁ)—ସଂ. (କୃ ଧାତୁର ଣିଜନ୍ତ)—କରାଇବା—
Kāri (root) — To cause to be done.

**କାରି**—ସଂ. ବି.—(କୃ ଧାତୁ+କର୍ମ. ଇ)—୧ । କାର୍ଯ୍ୟ; କର୍ମ—
Kāri — 1. Action; act; work.
୨ । ଶିଳ୍ପକର୍ମ—2. Art; artistic work.
୩ । ପ୍ରଶ୍ନାତ୍ମକ ବିଷୟ—
3. A statement consisting of questions only.
ସଂ. ବିଣ. (+କର୍ତ୍ତୃ. ଇ)—ଶିଳ୍ପକାରୀ; ଶିଳ୍ପୀ—Artificer.
ବୈଦେ. ବି. (ଇଂ. କରୀ)—୧ । ତରକାରି; ବ୍ୟଞ୍ଜନ—
କାରୀ — 1. Curry.
**କଢ଼ୀ** — ୨ । ମାଂସର ବ୍ୟଞ୍ଜନ—2. Curry of meat.

**କାରିଆ**—ଦେ. ଓ. ପ୍ରତ୍ୟୟ (ସଂ. କାରୀ)—କାରୀ (ଦେଖ)
Kāriā — Kārī (See)
(ଯଥା—ବାଇଦ କାରିଆ; ଅର୍ଜନକାରିଆ ।)

**କାରିକର**—ସଂ. ବି.—(କାରି=ଶିଳ୍ପ+କୃ ଧାତୁ+କର୍ତ୍ତୃ. ଅ; ତୁଳ-ଫା.
Kārikara — କାରୀଗର)—ଶିଳ୍ପୀ—A mechanic; artisan;
କାରୀକର — artist.
**कारीगर** — ସଂ. ବିଣ.—୧ । ଶିଳ୍ପଚତୁର; ଶିଳ୍ପରେ ପାରଙ୍ଗମ ବା ନିପୁଣ—1. Expert in art.
୨ । କାରୁକାର୍ଯ୍ୟରେ କୁଶଳ—2. Artistic.

**କାରିକରି**—ଦେ. ବି.—ସଂ. (ସଂ. କାରିକର; ଫା. କାରୀଗରୀ)—
Kārikari — ୧ । ଯନ୍ତ୍ର; କଳ—1. Mechanism.
କାରିକୁରୀ — ୨ । ଶିଳ୍ପକାର୍ଯ୍ୟ—2. Work of art.
**कारिगरी** — ୩ । ଶିଳ୍ପକଳା—3. Art.
୪ । ଶିଳ୍ପଚାତୁରୀ; କାରୁକାର୍ଯ୍ୟ—2. Artistic work; work-manship.
ଦେ. ବିଣ.—ଶିଳ୍ପକଳା ପୂର୍ଣ୍ଣ—Mechanical; artistic.

**କାରିକା**—ସଂ. ବିଣ. ସ୍ତ୍ରୀ.—(କୃ ଧାତୁ+ଭାବ. ଅକ+ସ୍ତ୍ରୀ. ଆ)—
Kārikā — ୧ । ସୂତ୍ର; ବିବରଣଜ୍ଞାପକ ଶ୍ଳୋକ—1. Aphorism; an expository stanza.
(କାରକ—ପୁଂ) — ୨ । ସ୍ୱଳ୍ପାକ୍ଷରବୃତ୍ତିଦ୍ୱାରା ବହ୍ୱର୍ଥଜ୍ଞାପିକା କବିତା—
2. Aphoristic couplets; a concise statement in verse.
(ଯଥା—ସାଂଖ୍ୟକାରିକା; ଭର୍ତ୍ତୃହରିଙ୍କ ବ୍ୟାକରଣକାରିକା ।)
୩ । ବୈଦିକ କ୍ରିୟାକାଣ୍ଡର ବିବରଣଜ୍ଞାପକ ଶାସ୍ତ୍ର ବାକ୍ୟ—
3. Passages describing the particulars of different vedic rituals; vedic doctrines.
୪ । ନଟୀ—4. Dancing girl; actress.
୫ । ବାଣିଜ୍ୟ; ବ୍ୟବସାୟ—5. Trade; business.
୬ । କର୍ତ୍ତ୍ରୀ—6. Doer (female)
୭ । ବ୍ୟବସାୟ—7. Business.
୮ । ଶିଳ୍ପକ୍ରିୟା—8. Mechanical arts.
୯ । ଯାତନା; ଉତ୍ପୀଡ଼ନ—9. Pain; torment; torture.
୧୦ । କୃତି; କାର୍ଯ୍ୟ; କର୍ମ—10. Work; act.
୧୧ । ମର୍ଯ୍ୟାଦା; ଯତ୍ନ—11. Care.
୧୨ । ସୁଧ; ବୃଦ୍ଧି—12. Increase; interest.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗିଁ୍ୟ | ଇଅ | ଓ | ଳ୍ହ |

କାରିଗର—ବୈଦେ. ବି. ( ଫା. କାରୀଗର; ଭୁଲ ସଂ. କାରକର )—
Kārigara କାରକର (ଦେଖ)
Kārikara (See)

କାରିଗରି—ବୈଦେ. ବି ଓ ବିଣ—(ଫା. କାରୀଗରୀ)—
Kārigari କାରିକରି (ଦେଖ)
Kārikari (See)

କାରିଗିରି—ବୈଦେ. ବି.—କାରଗର (ଦେଖ)
Kārigiri Kārigari (See)

କାରିଣି —ଦେ. ବି. ( ସଂ. କାରିଣୀ )—୧ । ଚାରେଣି ( ଦେଖ ).
Kārini 1. Kāreni ( See )
୨ । କାରିଣୀ ( ଦେଖ )
2. Kārinī ( See )

କାରିଣୀ—ସଂ. ବିଣ. ସ୍ତ୍ରୀ. ( କୃ ଧାତୁ + କର୍ତ୍ତୃ. ଇନ୍ + ଈ; ଏ ପଦ ଅନ୍ୟ
Kārinī ଶବ୍ଦ ଶେଷରେ ପ୍ରଯୁକ୍ତ ହୁଏ )—ଅମୁକ କାର୍ଯ୍ୟ କରିଥିବା
(କାରୀ—ପୁଂ) (ସ୍ତ୍ରୀ)—( female ) Doer of a work.
ଦେ. (ପ୍ରାଚୀନ ପଦ୍ୟ) ବିଣ. ପୁଂ—ସ୍ରଷ୍ଟା; ରଚୟିତା—
Maker; creator.
ଅବର କେତେ ହେବ ଜଗତକାରିଣୀ । ବସ୍ତୁବେଶସ୍ୱରୂପ ।
ଦେ. ବିଣ. ସ୍ତ୍ରୀ—ରଚୟିତ୍ରୀ; ସୃଷ୍ଟିକର୍ତ୍ତ୍ରୀ—
Creating; composing ( female ).
ସେ ଦେବୀ ସକଳ ଅଟେ ମନ୍ତ୍ର କାରିଣୀ । ବସ୍ତୁବେଶସ୍ୱରୂପ ।
ଦେ. ବି—କର୍ତ୍ତା; ମାଲିକ—Lord; master.

କାରିତ—ସଂ.ବିଣ. (କୃ ଧାତୁ ଣିଚ୍ କାରି ଧାତୁ=କରାଇବା + କର୍ମ. ତ)—
Kārita କରାଯାଇଥିବା; ଯାହାକୁ କୌଣସି ବ୍ୟକ୍ତି ଅନ୍ୟ କାହାର
ଦ୍ୱାରା କରାଇଥାଏ—Caused to be done.

କାରିତା—ସଂ. ବି. (ପଦ) (କାରିନ୍ + ତା; ଅନ୍ୟ ଶବ୍ଦ ପରେ ଲାଗେ; ଯଥା-
Kāritā ଆଜ୍ଞାକାରିତା, (ଉପକାରିତା )—କରିବା ବ୍ୟକ୍ତିର ଗୁଣ ବା
ଭାବ—A suffix denoting the state of
being a doer of.

କାରୀ—ବୈଦେ. ବି. ( ଇଂ. କାରି )—କାରି ( ଦେଖ )
Kārī Kāri ( See
(କାରିଣୀ—ସ୍ତ୍ରୀ) ସଂ. ବିଣ. ପୁଂ. ( କୃ ଧାତୁ + ଇନ୍; ୧ମା. ୧ବ.
ଅନ୍ୟ ଶବ୍ଦ ପରେ ଯୁକ୍ତ ହୁଏ; ଯଥା—ଅଜ୍ଞାକାରୀ )—
ଅମୁକ କର୍ମ କରିବା ବାଲା—
Doer of such or such act.

କାରୀର—ସଂ. ବି. (କରୀର + ସମ୍ବନ୍ଧାର୍ଥେ. ଅ)—ବାଉଁଶଗଜା ସମ୍ବନ୍ଧୀୟ—
Kārīra Relating to bamboo shoots.

କାରୀଷ—ସଂ. ବି. ( କରୀଷ=ଘଷି + ସମୂହାର୍ଥରେ. ଅ )—
Kārīsha ଘଷିଗଦା; ଘଷିଗଣି—A heap of dried
cowdung-cakes.

କାରୁ—ସଂ. ବି. (କୃ ଧାତୁ + ସଂ. କର୍ତ୍ତୃ. ଉ)—୧ । ଶିଳ୍ପକର; ଶିଳ୍ପୀ—
Kāru 1. Artisan; artist; a mechanic.
୨ । ଚିତ୍ରକର; ଚିତ୍ରଲେଖକ—2. Painter.
୩ । କାର୍ଯ୍ୟଭାରପ୍ରାପ୍ତ ବ୍ୟକ୍ତି—3. Agent.
୪ । ଭୃତ୍ୟ—4 Servant.
୫ । ବିଶ୍ୱକର୍ମା—5. An epithet of ‘Biśwakarmā’.
୬ । ଶିଳ୍ପବିଦ୍ୟା; ବିଜ୍ଞାନ—6 Art; science.
୭ । (ବୈଦିକ) ଗାୟକ—7. A singer ( M. W. )
୮ । (ବୈଦିକ) କବି—8. A poet ( M. W. )
ସଂ. ବିଣ—୧ । ଶିଳ୍ପକାରକ—1. Mechanic.
୨ । ଭୟଙ୍କର—2. Terrible; horrible ( Apte )
୩ । ନିର୍ମାଣକାରୀ—— 3. Builder; maker.
୪ । କର୍ତ୍ତା—4. Doer.
ଗ୍ରାଦେ. ( ଗଞ୍ଜାମ ଓ ଖୋର୍ଦ୍ଧା ) ବି—କାଛୁ—Itches.

କାରୁଆ—ଦେ. ବିଣ—୧ । କାଛୁରୋଗଗ୍ରସ୍ତ—
Kāruā 1. Suffering from itches.
୨ । ( ସଂ. କାରୁ ) କର୍ମକୁଶଳ—
2. Expert in a work; defthanded.
୩ । (ପ୍ରତ୍ୟୟ) ଯେ କରେ—3. Doing.
( ଯଥା—ଅର୍ଜନକାରୁଆ । )

କାରୁକ—ସଂ. ବି.—୧ । କରମଙ୍ଗା ( ହରେକୃଷ୍ଣ. ଦ୍ରବ୍ୟଗୁଣ) (ଦେଖ)
Kāruka 1. Karamangā (See)
୨ । ଶିଳ୍ପୀ—2. An artisan; artificer.

କାରୁକର୍ମ—ସଂ. ବି.—(୬ଷ୍ଠୀ ତତ୍; କାରୁ + କର୍ମ)—
Kārukarma କାରୁକାର୍ଯ୍ୟ (ଦେଖ)
Kārukārjya (See)
ତପରେ ଶୂଦ୍ର କାରୁ କର୍ମେ; ବୈଷ୍ଣବ ପୁଣି ନିଜ ଧର୍ମେ । ଜଗନ୍ନାଥ. ଭାଗବତ ।

କାରୁକାର୍ଯ୍ୟ—ସଂ. ବି.—(କାରୁ + କାର୍ଯ୍ୟ) —୧ । ଶିଳ୍ପ—
Kārukārjya 1. Artistic design or work.
୨ । ସୂକ୍ଷ୍ମ ଶିଳ୍ପକର୍ମ—2. A product of art; a work
of art.
୩ । ତାରକସି କାମ—3. Filigree work.

କାରୁଜ—ସଂ. ବି.—(କାରୁ=ଶିଳ୍ପକର + ଜନ୍ + କର୍ତ୍ତୃ. ଅ)—
Kāruja ୧ । ବଲ୍ମୀକ; ହୁଙ୍କା—1. Ant hill.
୨ । ଛୁଆ ହାତୀ—2. A young elephant.
୩ । କାରୁକାର୍ଯ୍ୟ—3. A product of art.
୪ । ଫେଣ—4. Froth.
୫ । ସିନ୍ଦୂର—5. Red orpiment.
୬ । ଦେହର କଳାଜାଇ—
6. Black mole; mother’s mark.
୭ । ଗେରୁ—7. Red chalk; red ochre.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବଧ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାରୁଣ**—ଦେ. ବି.—(ସଂ. କରୁଣ)—୧ । କରୁଣ ସ୍ୱରଯୁକ୍ତ ରୋଦନ—
Kāruṇa 1. Plaintive cry.

ତେଣୁ ତରୁଙ୍କ ଗହଳ ନିତି ନାଶେ ପାଶେ ନାହିଁ ଜବ୍ୟ ତରୁଣ,
ମାର ଭୟେ ହାଡ଼, ନାଥ ନାଥ ବୋଲି ଅତି ଭଲେ କଲା କାରୁଣ ।
ଉପେ. ଲାବଣ୍ୟବତୀ ।

୨ । ଦୁଃଖ; କଷ୍ଟ—2. Grief.

ଅସହାୟ ହେବାରୁ ସୀତାଙ୍କ ଶ୍ରବଣ,
ନେଇ ସେ ସେନ ସ୍ଥାନ ପାଇଲେ କାରୁଣ । କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବିଣ—ଦୁଃଖୀ; କ୍ଲିଷ୍ଟ—Grieved; pained.

କର୍ଣ୍ଣ ଭୀଷ୍ମ ପୁତ୍ରମାନଙ୍କର ମରଣ,
ଦେଖି ଅନ୍ତଃପୁରେ ହୋଇଣ କାରୁଣ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**କାରୁଣସିନ୍ଧୁ**—ଦେ. ବି—( ସଂ. କାରଣସିନ୍ଧୁ=ପ୍ରଳୟାବ୍ଧି ) ପାତାଳରେ
Kāruṇasindhu ଥିବା ସମୁଦ୍ର—Name of a legendary sea in the nether regions.

କାରୁଣସିନ୍ଧୁ ତାର ନାମ—ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

**କାରୁଣିକ**—ସଂ. ବିଣ. ପୁଂ ( କରୁଣା+ସଞ୍ଜାତ ଅର୍ଥରେ. ଇକ )—
Kāruṇika ୧ । ଦୟାଳୁ—1. Kind; sympathetic.
୨ । ସହୃଦୟ—2. Magnanimous; liberal-minded; compassionate.

**କାରୁଣୀ**—ଦେ. ବିଣ. ( ପ୍ରାଚୀନ ପଦ୍ୟ ) ( ସଂ. କରୁଣା )—
Kāruṇi ରୋଦନ କରିବା—
One who cries; bewailing.

ବିଶେଷ କାରୁଣୀ ହୋଇ କରୁଣାସାଗର ତହିଁ ଗତ ବାର୍ତ୍ତା ବର୍ଣ୍ଣି କିମ୍ବା ସାର ।
ଉପେ. ବୈଦେହୀଶବିଳାସ ।

ଦେ. ବି. ( ସଂ. କାରୁଣ୍ୟ )—ରୋଦନ—
Lamentation; wail.

**କାରୁଣ୍ଡିକା**—ସଂ. ବି. ସ୍ତ୍ରୀ—କାରୁଣ୍ଡୀ ( ଦେଖ )
Kāruṇḍikā Kāruṇḍi ( See )

**କାରୁଣ୍ଡୀ**—ସଂ. ବି. ସ୍ତ୍ରୀ—ଜଳୌକା; ଜୋକ—
Kāruṇḍi Leech.

**କାରୁଣ୍ୟ**—ସଂ. ବି. ( କରୁଣା+ସ୍ୱାର୍ଥେ. ଯ )—
Kāruṇya ୧ । ଦୟା—1. Kindness; mercy.
୨ । ସହାନୁଭୂତି—2. Compassion; pity.

ଗ୍ରା. ( ପଦ୍ୟ ) ବି. ( ସଂ. କାରକ )—
୧ । କାରଣ—1. Cause.
୨ । ବିନୟ—2. Politeness; meekness.
୩ । କରୁଣ ସ୍ୱରଯୁକ୍ତ ରୋଦନ; ବିଳାପ—
2. Wail; lamentation.

ଶୁଣି ମାତା ବନ୍ଧୁ କଲ୍ୟାଣ କରନ୍ତି କେମନ୍ତ କାରୁଣ୍ୟ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

**କାରୁଣ୍ୟଜଳ**—ଗ୍ରା. ( ପ୍ରାଚୀନ ପଦ୍ୟ ) ବି. ( ସଂ. କାରଣ ଜଳ )—
Kāruṇyajala କାରଣଜଳ ( ଦେଖ )
Kāraṇajala ( See )

ଚଳେ ତା ସ୍ନେହିଣୀର ଭୃଣ
କାରୁଣ୍ୟ ଜଳ ଏଥି ଭୃଣ । ଯଶୋବନ୍ତ. ପ୍ରେମଭକ୍ତିଗୀତା ।

**କାରୁଣ୍ୟସିନ୍ଧୁ**—ଦେ. ବି. ( ପ୍ରାଚୀନ ପଦ୍ୟ )—
Kāruṇyasindhu କାରଣଜଳ ( ଦେଖ )
Kāraṇajala ( See )

କାରୁଣ୍ୟସିନ୍ଧୁ ପୂର୍ଣ୍ଣ ହେଲେ, ତୋ ନାମ ଅମୃତ ନ ଗଲେ ।
ପ୍ରାଚୀ. ଯଶୋବନ୍ତ ପ୍ରେମଭକ୍ତିଗୀତା ।

**କାରୁଷ୍ୟ**—ସଂ. ବି. ( କରୁଷ+ପାଳନାର୍ଥେ. ଯ )—
Kārushya ୧ । କରୁଷ ଦେଶର ରାଜା; ଦନ୍ତବକ୍ର ରାଜା—
1. King of Karusha country; a name of Dantabakra.
୨ । ନେତ୍ରମଳ; ଲେବେଇ—
2. Rheum of the eye.

**କାରେ**—ଦେ. ( ପଦ୍ୟ ) ସର୍ବନାମ—୧ । କାହାଦ୍ୱାରା—
Kāre 1. By whom

ଦେବତା ବନା ଏହା କାରେ ମ ନୁହଇ—କୃଷ୍ଣସିଂହ, ମହାଭାରତ. ସଭା ।

୨ । କାହାକୁ—2. To whom.

ଏ ଲୋକରେ ହିଂସା କାରେ ନ କର ଜନ
ଥିବା ପର ତ ମୋର ପାର ନାହିଁ ମନ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**କାରେଣବ**—ସଂ. ବିଣ. ( କାରେଣୁ+ସମ୍ବନ୍ଧାର୍ଥେ. ଅ )—
Kāreṇaba ହସ୍ତିନୀସମ୍ବନ୍ଧୀୟ—
Relating to a she-elephant.

**କାରେଣୀ**—ଗ୍ରା. ବିଣ. ପୁଂ. ( ସଂ. କାରକ; କାରଣୀ )—
Kāreṇi ୧ । କର୍ତ୍ତା; ମାଲିକ—1. Master; lord.

ଯାବତ ଜନଙ୍କ ପରେ ହୋଇଛୁ କାରେଣି—ବଷ୍ଣୁ କେଶରୀପୁରାଣ ।

୨ । ଶ୍ରେଷ୍ଠ ବ୍ୟକ୍ତି; ଅଧ୍ୟକ୍ଷ—2. Head; chief.

ଚତୁର୍ଦ୍ଦଶ ଲୋକେ ତାକୁ କାରେଣି କରିଲେ—ବଷ୍ଣୁ କେଶରୀପୁରାଣ ।

୩ । ପ୍ରତିଷ୍ଠାତା; ସୃଷ୍ଟିକର୍ତ୍ତା—3. Creator.

ହେଉ ବୋଲି ବୋଇଲେ ସେ ଜଗତକାରେଣି—ବଷ୍ଣୁ କେଶରୀପୁରାଣ ।

୪ । ମୁକ୍ତିଦାତା; ରକ୍ଷାକର୍ତ୍ତା; ଉଦ୍ଧାରକର୍ତ୍ତା—
4. Redeemer; saviour.

ପିତାମହଙ୍କ ପ୍ରସାଦେ ନ ସେବକକାରେଣି—ବଷ୍ଣୁ କେଶରୀପୁରାଣ ।

୫ । ସୁଖଦାୟକ; ସୁଖଦାୟୀ—
5. Giving happiness or blessing.

୬ । ଦଣ୍ଡ ଆଦି ଗ୍ରହଣ କରିବାର ବା ପାଇବାର ଯୋଗ୍ୟ;
ଅର୍ହ—6. Amenable to; liable to.

ଯେବଣ ଜନ ତୋହର ମହିମା ନ ଜାଣି
ଯମ ଉଦ୍ଧାର ଦଣ୍ଡେ ସେ ହୁଅଇ କାରେଣି—ବଷ୍ଣୁ କେଶରୀପୁରାଣ ।

ଦେ. ବିଣ. ସ୍ତ୍ରୀ—୧ । କର୍ତ୍ତ୍ରୀ—1. Mistress.
୨ । ରକ୍ଷାକର୍ତ୍ତ୍ରୀ—
2. ( she ) Redeemer; saviour.
୩ । ସୁଖ ବିଧାତ୍ରୀ—3. Giving blessing.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନୃ |

କାରୋତ୍ତମ—ସଂ. ବି—୧ । ( କାର= ସୁରାପାନ ପ୍ରକ୍ରିୟା+ଉତ୍ତମ
Kārottama =ଜାତ ବସ୍ତୁ )—ସୁରାମଣ୍ଡ—
1. The scum of wine.
୨ । ( କାର=କାର୍ଯ୍ୟ+ଉତ୍ତମ; ଉତ୍ତମ କାର୍ଯ୍ୟ ) କୂପ—
2. Well.

କାରୋତ୍ତର—ସଂ. ବି. ( କାର=ସୁରାପାନପ୍ରକ୍ରିୟା+ଉତ୍ତର=ଜାତ
Kārottara ବସ୍ତୁ; କାର=କାର୍ଯ୍ୟ+ଉତ୍ତର=ଅତ୍ୟୁତ୍ତମ )—
୧ । ସୁରାମଣ୍ଡ—
1. Scum; froth; or foam of wine.
୨ । କୂପ—2. Well.

କାର୍କଶ୍ୟ—ସଂ. ବି. ( କର୍କଶ+ଭାବ. ଯ )—
Kārkaśya ୧ । କର୍କଶତା—
1. Hardness; roughness.
୨ । ଦୃଢ଼ତା—2. Firmness.
୩ । ନିଷ୍ଠୁରତା—3. Cruelty.

କାର୍ଟିଜ୍—ବୈଦେ. ବି. ( ଇଂ. କାର୍ଟ୍ରିଜ୍ )—ବନ୍ଧୁକର ଟୋଟା—
Kārṭij Cartridge.
कार्टिज
**कारतूज**

କାର୍ଟିଜ କାଗଜ—ଦେ. ବି. ( ଇଂ. କାର୍ଟ୍ରିଜ୍+ଫା. କାଗଜ )—
Kārṭija kāgaja ଏକପ୍ରକାର ଶକ୍ତ କାଗଜ—
कार्टिज कागज Cartridge paper.
**कारतूज कागज** [ ଦ୍ର—ଏ କାଗଜ ଶୀଘ୍ର ଚିରି ଯାଏ ନାହିଁ; ଏଥି-
ଯୋଗୁଁ ସନନ୍ଦ ଆଦି ଦଲିଲ ଏଥିରେ ଲେଖାଯାଏ । ]

କାର୍ଟୁନ୍—ବୈଦେ. ବି. ( ଇଂ. କାର୍ଟୁନ )—କୌଣସି ସୂଚନାପୂର୍ଣ୍ଣ
Kārṭun ହାସ୍ୟୋଦ୍ଦୀପକ ରହସ୍ୟମୟ ବା ବିଦ୍ରୂପାତ୍ମକ ବେଢଙ୍ଗିଆ
कार्टून ଚିତ୍ର ଯାହା କୌଣସି ବ୍ୟକ୍ତି ବା ଘଟନାବିଶେଷକୁ
**कारटून** ଲକ୍ଷ୍ୟ କରି ଚିତ୍ରିତ ବା ପ୍ରକାଶିତ ହୁଏ—Cartoon.

କାର୍ଡ୍—ବୈଦେ. ବି. ( ଇଂ. କାର୍ଡ୍ )—୧ । ପୋଷ୍ଟ କାର୍ଡ୍—
Kārrd 1. Post card.
कार्ड ୨ । ଖେଳିବା ତାସ—2. Playing card.
**कारड्क** ୩ । ନିମନ୍ତ୍ରଣ ପତ୍ର—3. Invitation card.
୪ । ପ୍ରବେଶାନୁମତି ପତ୍ର—4. Admission card.
୫ । ଦର୍ଶନୀ କାର୍ଡ୍—5. Visiting card.

କାର୍ଡ୍ ବୋର୍ଡ୍—ବୈଦେ. ବି. ( ଇଂ. )—କାଗଜର ପଟା ପରି ମୋଟ
Kārrdborrd ତକ୍ତା—Cardboard.
कार्डबोर्ड
**काड्बोर्ड**

କାର୍ଣ୍ଣ—ସଂ. ବିଣ. ( କର୍ଣ୍ଣ+ସମ୍ବନ୍ଧାର୍ଥେ. ଅ )—କର୍ଣ୍ଣସମ୍ବନ୍ଧୀୟ—
Kārṇṇa Relating to the ear.
ସଂ. ବି—୧ । କାନଗୁହ—1. Ear wax.
୨ । କାନଫୋଲ—2. Earring.

କାର୍ଣ୍ଣିସ୍—ବୈଦେ. ବି. ( ଇଂ. )—କାର୍ନିଶ୍ ( ଦେଖ )
Kārṇṇis Kārniś ( See )
ଘର ଉପର ଭଙ୍ଗା କାର୍ଣ୍ଣିସ୍ ମାନଙ୍କରେ ଓଜଳମାନେ ଯେପରି
ଦର୍ପଣ ଅଲମାରିରେ ଅଇଁଠପୋଷ ସଜାଡ଼ି ଦେଇ ତକଥିକୁ ଅଭିଡ଼
ମକେଲକୁ ଗୁହିଁ ବସିଥାନ୍ତି—ଫକୀରମୋହନ- ଛମାଣଆଠଗୁଣ୍ଠ ।

କାର୍ତ୍ତବୀର୍ଯ୍ୟ—ସଂ. ବି. ( ନାମ ) ( କୃତବୀର୍ଯ୍ୟ+ଅପତ୍ୟାର୍ଥରେ. ଅ )—
Kārttabirjya କାର୍ତ୍ତବୀର୍ଯ୍ୟାର୍ଜୁନ ( ଦେଖ )
Kārttabirjyārjuna ( See )

କାର୍ତ୍ତବୀର୍ଯ୍ୟାର୍ଜୁନ—ସଂ. ବି. ( ନାମ ) ( କାର୍ତ୍ତବୀର୍ଯ୍ୟ+ଅର୍ଜୁନ; ଏ
Kārttabirjyārjuna କୃତବୀର୍ଯ୍ୟଙ୍କ ପୁତ୍ର ଓ ଏହାଙ୍କ ନାମ
ଅର୍ଜୁନ )—ସହସ୍ରାର୍ଜୁନ—
A thousand-handed King of Mahesmati
and contemporary of Raban.
[ ଦ୍ର—ଏ ହୈହୟମାନଙ୍କର ରାଜା କୃତବୀର୍ଯ୍ୟଙ୍କ ପୁତ୍ର । ଏହାଙ୍କ ରାଜଧାନୀ ମାହିଷ୍ମତୀ ଥିଲା । ଦତ୍ତାତ୍ରେୟଙ୍କୁ ସେବାରେ ସନ୍ତୁଷ୍ଟ କରି ତାଙ୍କ-ଠାରୁ ବର ପାଇ ଏହାଙ୍କର ସହସ୍ର ହସ୍ତ ହୋଇଥିଲା । ଏହାଙ୍କର ସ୍ୱର୍ଣ୍ଣରଥ କାମଗତି ଥିଲା । ଏ ଦଶ ସହସ୍ର ଯଜ୍ଞ କରି ୮୫୦୦୦ ବର୍ଷ ରାଜତ୍ୱ କରିଥିଲେ । କ୍ରୀଡ଼ା କରିବାପାଇଁ ସହସ୍ରରେ ଏ ରେବା ନଦୀରେ ବନ୍ଧ ପକାଇ ସ୍ରୋତକୁ ବନ୍ଦ କରିଥିଲେ । ରାବଣକୁ ଧରି ନେଇ ପଶୁ ପରି ଆପଣା ରାଜଧାନୀରେ ବନ୍ଦ କରି ରଖିଥିଲେ । ଯମଦଗ୍ନିଙ୍କ କାମଧେନୁକୁ ଏ ବଳପୂର୍ବକ ହରଣ କରିବାରୁ ଯମଦଗ୍ନିଙ୍କ ପୁତ୍ର ପରଶୁରାମ ଏହାଙ୍କୁ ନିହତ କଲେ । ଏହାଙ୍କ ନାମ ସ୍ମରଣ କଲେ ହୃତଧନ ପୁନଃ ପ୍ରାପ୍ତ ହୁଏ ବୋଲି ପୁରାଣରେ ଅଛି । ଏହାଙ୍କ ରାଜ୍ୟ ଆଧୁନିକ ବୁନ୍ଦେଲଖଣ୍ଡ । ]

କାର୍ତ୍ତସ୍ୱର—ସଂ. ବି.—( କୃତସ୍ୱର=ଖଣିବିଶେଷ+ଜାତାର୍ଥେ. ଅ )—
Kārttaswara ୧ । ସ୍ୱର୍ଣ୍ଣ—1. Gold.
୨ । ଧୁସ୍ତୁର; ଧୁତୁରା—2. A kind of plant.

କାର୍ତ୍ତାନ୍ତିକ—ସଂ. ବି.—( କୃତାନ୍ତ+ଜ୍ଞାନାର୍ଥେ. ଇକ )—ଦୈବଜ୍ଞ
Kārttāntika ଜ୍ୟୋତିର୍ବିଦ୍; ଜ୍ୟୋତିଷଶାସ୍ତ୍ରଜ୍ଞ—
Astrologer; fortune teller.

କାର୍ତ୍ତିକ—ସଂ. ବି.—(କୃତ୍ତିକା+ଇ=କାର୍ତ୍ତିକୀ=କାର୍ତ୍ତିକ ମାସର ପୂର୍ଣ୍ଣିମା;
Kārttika +ମାସାର୍ଥେ. ଅ)—୧ । ଚାନ୍ଦ୍ରମାନ ତୁଲା ମାସ—
The month of Tula or Kārtika; October-
November.
[ ଦ୍ର—ଏହି ମାସର ପୂର୍ଣ୍ଣିମା ଦିନ ଚନ୍ଦ୍ର କୃତ୍ତିକା ନକ୍ଷତ୍ରରେ
ଥାଆନ୍ତି । ]
୨ । ( କୃତ୍ତିକା+ଅ )—କାର୍ତ୍ତିକେୟ; ଷଡ଼ାନନ; ଦେବ-
ସୈନ୍ୟଙ୍କ ସେନାପତି—2. Kārtikeya the son
of Mahādeba, commander of the hosts of
the Gods.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଦୃଅ' ନ ମିଳିଲେ 'ଦୂଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଁ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ।

[ ଦ୍ର—ଏହାଙ୍କୁ ଶିଶୁକାଳରେ ଛଅ ଜଣ କୃତ୍ତିକା ବା ଋଷିପତ୍ନୀ ସ୍ତନ୍ୟପାନ କରାଇଥିବାରୁ ଏହାଙ୍କର ଏହି ନାମ । ]

୩ । କାର୍ତ୍ତିକେୟଙ୍କ ପରି ସୁନ୍ଦର ଯୁବା— 3. A young man of handsome figure.

ସଂ. ବଣ—କାର୍ତ୍ତିକ ମାସସମ୍ବନ୍ଧୀୟ— Relating to the month of Kārtika.

ଦେ. ବି. ପୁଂ—ଲୋକଙ୍କ ନାମ— Name given to males.

**କାର୍ତ୍ତିକ କସ୍ତି**—ଦେ. ବି—କାର୍ତ୍ତିକ ନାଟବନ୍ଦି ( ଦେଖ )
Kārttika kisti — Kārttika nātabandi ( See )

**କାର୍ତ୍ତିକକୃତ୍ୟ**—ସଂ. ବି—କାର୍ତ୍ତିକବ୍ରତ ( ଦେଖ )
Kārttikakrutya — Kārtikabrata ( See )

**କାର୍ତ୍ତିକଛାୟା**—ଦେ. ବି. ( ସଂ. କାର୍ତ୍ତିକ + ଛାୟା; ସମସ୍ତ ପଦ ହୋଇ ଥିଲେ ସନ୍ଧିଦ୍ୱାରା ଛ ସ୍ଥାନରେ ଚ୍ଛ ହୋଇ ଥାଏ )—କାର୍ତ୍ତିକ ମାସରେ ମେଘ ଘୋଡ଼ାଘୋଡ଼ି କରିବା ଘାଗ ( ଏଥିରେ ପ୍ରାୟ ବର୍ଷା ହୁଏ ନାହିଁ; କିନ୍ତୁ ୧୯୩୧ ସାଲର କାର୍ତ୍ତିକ ମାସରେ ବର୍ଷା ହୋଇଥିଲା )—
Kārttikachhāyā — Cloudy weather in the month of Kārttika ( generally not accompanied by rain ).

**କାର୍ତ୍ତିକ ଦାସ**—ଦେ. ବି. ( ନାମ )—'ରୁକ୍ମିଣୀବିଭା' ନାମକ ଗ୍ରନ୍ଥର ପ୍ରଣେତା—
Kārttika dāsa — Name of an Oriya poet, author of 'Rukmiṇī bibhā'.

**କାର୍ତ୍ତିକଦୀପ**—ସଂ. ବି. ( କାର୍ତ୍ତିକ + ଦୀପ )—ଆକାଶଦୀପ—
Kārttikadipa — A light or lamp suspended on a high pole every evening in the month of Kārttika.

[ ଦ୍ର—କାର୍ତ୍ତିକ ମାସରେ ସନ୍ଧ୍ୟା ସମୟରେ ଗୋଟିଏ ଶିକାରେ ଛିଦ୍ରଯୁକ୍ତ ହାଣ୍ଡି ମଧ୍ୟରେ ଦୀପ ଗୋଟିଏ ଜାଳି ସେ ଶିକାକୁ ଘଗଡ଼ି ଦ୍ୱାରା ଗୋଟିଏ ଉଚ୍ଚ ବାଉଁଶର ଅଗକୁ ଟେଣାଯାଇ ବାନ୍ଧି ଦିଆଯାଏ । ହବିଷ୍ୟାଶିମାନେ ଦାମୋଦରବ୍ରତର ସଙ୍କଳ୍ପରେ ଏହି ଦୀପଦାନ ସଙ୍କଳ୍ପ ମଧ୍ୟ କରନ୍ତି । ]

**କାର୍ତ୍ତିକ ନାଟବନ୍ଦି**—ଦେ. ବି—ନଭେମ୍ବର ମାସର ତା ୮ ରଖରେ ଖଜଣା ବା ଓଡ଼ିଶାରେ ଜମିଦାରମାନଙ୍କଦ୍ୱାରା ସରକାରୀ ରାଜସ୍ୱ ଦାଖଲ ହେବାର ବର୍ଷର ନିର୍ଦ୍ଧାରିତ ସମୟ; ନଭେମ୍ବର କିସ୍ତି—
Kārttika nātabandi / କାର୍ତ୍ତିକକିସ୍ତୀ / কার্ত্তিককিস্তী — The November kisti for payment of revenue or rent.

[ ଦ୍ର—ଗଭର୍ଣ୍ଣମେଣ୍ଟଙ୍କୁ ଦେୟ ଜମିଦାରର ସଦର ଜମା ବା ରାଜସ୍ୱକୁ ଜମିଦାରମାନେ ଅପ୍ରେଲ ୨୮ ତାରଖ ( ବୈଶାଖରେ ଆଠ ପଣ ଓ ନଭେମ୍ବର ୮ ତାରଖ କାର୍ତ୍ତିକରେ ବାକି ଆଠ ପଣ ଦାଖଲ କରନ୍ତି । ନଭେମ୍ବର ନାଟବନ୍ଦି କାର୍ତ୍ତିକ ମାସରେ ପଡ଼ିବାରୁ ମଫସଲରେ ଲୋକେ ଏହାକୁ କାର୍ତ୍ତିକ ନାଟବନ୍ଦି ବୋଲି କହନ୍ତି; ସେହିପରି ଅପ୍ରେଲ ନାଟବନ୍ଦିକୁ ବୈଶାଖ ନାଟବନ୍ଦି କହନ୍ତି । ]

**କାର୍ତ୍ତିକନିଗିର୍ଡ଼ା**—ଦେ. ବି—କାର୍ତ୍ତିକନିଗିର୍ଡ଼ା ଜର (ଦେଖ)—
Kārttikanigirḍā — Kārttikanigirḍā jara (See)

**କାର୍ତ୍ତିକନିଗିର୍ଡ଼ା ଜର**—ଦେ. ବି—କାର୍ତ୍ତିକ ମାସରେ ଦେଶରେ ବ୍ୟାପିବା ମ୍ୟାଲେରିୟା ଜର—
Kārttikanigirḍā jara — Malarial fever spreading or appearing in the month of Kārttika.

[ ଦ୍ର—୬୦ ବର୍ଷ ପୂର୍ବେ ଓଡ଼ିଶାରେ ମାଲେରିୟା ଜର ସର୍ବକାଳ ବ୍ୟାପୀ ହୋଇ ନ ଥିଲା ଓ ସାଧାରଣତଃ କାର୍ତ୍ତିକ ମାସରେ ଓଡ଼ିଶାରେ ବିଶେଷତଃ ମୋଗଲବନ୍ଦିର ଜଳମାଳ (ନିମ୍ନ ଅଞ୍ଚଳ) ର ଲୋକେ କେତେକାଳ ଜର ଭୋଗୁଥିଲେ ଓ ଏହାକୁ କାର୍ତ୍ତିକନିଗିର୍ଡ଼ା ଜର ବୋଲିଯାଉଥିଲା । ]

**କାର୍ତ୍ତିକପାଳନ**—ସଂ. ବି—କାର୍ତ୍ତିକବ୍ରତ (ଦେଖ)—
Kārttikapālana — Kārttikabrata (See)

**କାର୍ତ୍ତିକପୁନେଇଁ**—ଦେ. ବି—( ସଂ. କାର୍ତ୍ତିକ + ପୂର୍ଣ୍ଣିମା ) କାର୍ତ୍ତିକ ମାସର ପୂର୍ଣ୍ଣିମା—
Kārttikapuneiṅ — The full-moon of the month of Kārttika.

**କାର୍ତ୍ତିକପୁଞ୍ଜ**—ଦେ. ବି—(ସଂ. କୃତ୍ତିକା ଓ ପୁଞ୍ଜ) କୃତ୍ତିକା ନକ୍ଷତ୍ରପୁଞ୍ଜ—
Kārttikapuñja — The constellation of the Pleiades.

ତୁ ଦେଖାଇଲୁ କାର୍ତ୍ତିକ ପୁଞ୍ଜ ମୁଁ ଦେଖେଇଲି ଲାଜ;
ମୋ ଘରେ ସେହିଁ ଗେଲ ପଶିଛ ସେ ମୋହର ଅଗରେ ସାଜ । ଢଗ.

**କାର୍ତ୍ତିକପୂଜା**—ସଂ. ବି. ( କାର୍ତ୍ତିକ + ପୂଜା )—ମାର୍ଗଶିର ମାସର କୃଷ୍ଣ ଦ୍ୱାଦଶୀ ଦିନ କାର୍ତ୍ତିକେୟଙ୍କ ପୂଜା—
Kārttikapūjā — The worship of Kārttikeya performed on the 12th day of the dark fortnight of the month of Mārgaśira.

**କାର୍ତ୍ତିକବ୍ରତ**—ସଂ. ବି. ( ମଧ୍ୟପଦଲୋପୀ; କାର୍ତ୍ତିକ ମାସରେ କର୍ତ୍ତବ୍ୟ ବ୍ରତ )—ବିଧବା ଓ ଧର୍ମପ୍ରାଣ ହିନ୍ଦୁମାନଙ୍କର କର୍ତ୍ତବ୍ୟ କାର୍ତ୍ତିକ ମାସର ଆଚାର ( ହବିଷ୍ୟ, ପ୍ରାତଃସ୍ନାନ, ରାଧାଦାମୋଦର ପୂଜା ଓ ଜପ ଦୀପଦାନ ପ୍ରଭୃତି )—
Kārttikabrata — Observance of the religious vow to be followed in the month of Kārttika by widows and pious Hindus (one meal a day, early bath, worshipping Bishṇu, offering lights).

**କାର୍ତ୍ତିକମାହାତ୍ମ୍ୟ**—ସଂ. ବି. ( ୬ଷ୍ଠୀ ତତ୍; କାର୍ତ୍ତିକ + ମାହାତ୍ମ୍ୟ )—କାର୍ତ୍ତିକବ୍ରତ ପାଳନର ଫଳ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥବିଶେଷ—
Kārttikamāhātmya

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଡ଼ | ନ୍ଥ |

A book of 30 chapters dealing with the observance of the vows in Kārttika.

**କାର୍ତ୍ତିକଲାଟବନ୍ଧ**—ଦେ. ବ—କାର୍ତ୍ତିକନାଟବନ୍ଧ ( ଦେଖ )
Kārttikalāṭabandi Kārttikanāṭabandi ( See )

**କାର୍ତ୍ତିକସ୍ନାନ**—ସଂ. ବ—କାର୍ତ୍ତିକ ମାସରେ ଅନୁଷ୍ଠେୟ ପ୍ରାତଃସ୍ନାନ—
Kārttikasnāna Early morning bath observed throughout the month of Kārttika.

**କାର୍ତ୍ତିକହବିଷ୍ୟ**—ସଂ. ବ—ବିଧବା ଓ ନୈଷ୍ଠିକ ହିନ୍ଦୁମାନଙ୍କର କାର୍ତ୍ତିକ ମାସରେ କରିବା ଏକାଶନ ବ୍ରତ—
Kārttikahabishya The taking of one meal a day observed specially by Hindu widows in the month of Kārttika.

[ ଦ୍ର—ଅରୁଆ ଚାଉଳ, କଞ୍ଚା ମୁଗ, ନଡ଼ିଆ, କଦଳୀ, ସାରୁ, ଓଉ, ଅଦା, କମଳା, ବୋଡକନ୍ଦା, ଅଗସ୍ତିଶାଗ ହବିଷ୍ୟାଶୀମାନେ ଏ ମାସରେ ଖାଆନ୍ତି । ଭୋଜନରେ ହଳଦ, ତେଲ, ଲଙ୍କାମରିଚ ଓ ମସଲା ଇତ୍ୟାଦି ପଡ଼େ ନାହିଁ କିମ୍ବା ଭୋଜନ ବସର ଯାଏ ନାହିଁ । ଖଟା ପାଇଁ କମଳା, ଝାଲ ପାଇଁ ଅଦା, ପିତା ପାଇଁ ବୋଡକନ୍ଦା, ମିଠା ପାଇଁ କନ ବ୍ୟବହାର କରାଯାଏ । ]

**କାର୍ତ୍ତିକ**—ଗ୍ରା. ବ. ( ସଂ. କାର୍ତ୍ତିକ )—କାର୍ତ୍ତିକ ( ଦେଖ )
Kārttiki Kārttika ( See )
କାର୍ତ୍ତିକ କାର୍ତ୍ତିକ—ଶୀତ କରେ ଘରଦ—ଦ୍ୱାର ।
कातिक

**କାର୍ତ୍ତିକକ**—ସଂ. ବ. ( କାର୍ତ୍ତିକ + ସ୍ୱାର୍ଥେ. ଇକ )—କାର୍ତ୍ତିକମାସ—
Kārttikika Month of Kārttika.
ସଂ. ବଣ. ( + ସମ୍ବନ୍ଧେ. ଇକ )—୧ । କାର୍ତ୍ତିକମାସସମ୍ବନ୍ଧୀୟ—
1. Relating to the month of Kārttika.
୨ । କାର୍ତ୍ତିକମାସରେ କର୍ତ୍ତବ୍ୟ ( ବ୍ରତାଦି )—
2. To be done or followed or observed during the month of Kārttika.
୩ । କାର୍ତ୍ତିକ ମାସରେ ଜାତ—
3. Born in Kārttika.

**କାର୍ତ୍ତିକଶ୍ୱର**—ଗ୍ରା. ବ. ( ସଂ. କାର୍ତ୍ତିକେଶ୍ୱର )—କାର୍ତ୍ତିକେୟ ( ଦେଖ )
Kārttikaśwara Kārttikeya ( See )

**କାର୍ତ୍ତିକୀ**—ସଂ. ବ. (କୃତ୍ତିକା + ଅ + ସ୍ତ୍ରୀ. ଈ)—କାର୍ତ୍ତିକ ମାସର ପୂର୍ଣ୍ଣିମା—
Kārttikī The fullmoon of the month of Kārttika.
[ ଦ୍ର—ଏଦିନ ଚନ୍ଦ୍ର କୃତ୍ତିକା ନକ୍ଷତ୍ରଯୁକ୍ତ ହୁଅନ୍ତି । ]

**କାର୍ତ୍ତିକେୟ**—ସଂ. ବ. ପୁଂ. ( କୃତ୍ତିକା + ଅପତ୍ୟାର୍ଥେ. ଏୟ )—କୁମାର; ଷଡ଼ାନନ—
Kārttikeya God Kārttika; son of Siba.
[ ଦ୍ର—ଏହାଙ୍କ ଜନ୍ମ ପରେ ଏହାଙ୍କୁ ଶିଶୁ ଅବସ୍ଥାରେ ଶରବନରେ ପାଇ କୃତ୍ତିକାଦି ଛଅ ତରୁଣୀ ସ୍ତନ୍ୟପାନ କରାଇଥିବାରୁ ଏହାଙ୍କର ଛଅ ଗୋଟି ମୁହଁ ହେଲା ଓ ଏହାଙ୍କ ନାମ କାର୍ତ୍ତିକେୟ ହେଲା । ଏ ଶିବଙ୍କର ପୁତ୍ର । ଏ ଦେବସେନାଙ୍କ ସେନାପତି ହୋଇ ତାରକାସୁରଙ୍କୁ ଯୁଦ୍ଧରେ ବଧ କରିଥିଲେ । ମହାଦେବ ପାର୍ବତୀଙ୍କୁ ସହବାସ କରିବା ସମୟରେ ଅଗ୍ନି ଗୋଟିଏ କପୋତରୂପ ଧରି ସେଠାରେ ଲୁଚିଥିଲେ । ପାର୍ବତୀ ମହାଦେବଙ୍କର ଉଗ୍ରତେଜଃସମ୍ପନ୍ନ ରେତଃକୁ ଗର୍ଭରେ ଧାରଣ କରିବାକୁ ଅସମର୍ଥ ହେବାରୁ ତାହା ଅଗ୍ନିଙ୍କ ଉପରେ ପତିତ ହେଲା । ଅଗ୍ନି ତାହା ସମ୍ଭାଳି ନ ପାରି ସ୍ୱର୍ଗଗଙ୍ଗାରେ ପକାଇଲେ । ଗଙ୍ଗା ତାକୁ ସମ୍ଭାଳି ନ ପାରି ଶରବଣରେ ପକାଇଲେ । ସେହି ସମୟରେ କୃତ୍ତିକାଦି ଛଅ ଜଣ ଋଷିପତ୍ନୀ ଗଙ୍ଗାକୁ ଗାଧୋଇବାକୁ ଆସୁ ଆସୁ ଉକ୍ତ ରେତକୁ ଦେଖି ଯତ୍ନପୂର୍ବକ ରଖିବାରୁ ସେଥିରୁ ଛଅଟି ମୁଖଯୁକ୍ତ ଗୋଟିଏ କୁମାର ଜାତ ହୋଇ ଛଅ ମାଆଙ୍କଠାରୁ ସ୍ତନ୍ୟ ପିଇଲେ । କାର୍ତ୍ତିକେୟ କୁମାରବ୍ରତଧାରୀ ଥିଲେ । ଏହାଙ୍କର ଅନ୍ୟ ନାମ ଗଙ୍ଗାପୁତ୍ର, ସ୍କନ୍ଦ, କୁମାର, ଶରଜନ୍ମା, କ୍ରୌଞ୍ଚଦାରଣ, ଷଣ୍ମୁଖ, ଷଡ଼ାନନ, ସେନାନୀ, ତାରକଜିତ୍, ଅଗ୍ନିଭୂ, ଗୁହ । ଏହାଙ୍କର ବାହନ ମୟୂର । ଏ ଶରଦ୍ୱାରା କ୍ରୌଞ୍ଚ ପର୍ବତକୁ ବିଦ୍ଧ କରିଥିଲେ ଓ ଦେବସେନାଙ୍କର ସେନାପତି ଥିଲେ । ]

**କାର୍ତ୍ତିକେୟପୂଜା**—ସଂ. ବ—କାର୍ତ୍ତିକପୂଜା ( ଦେଖ )
Kārttikeyapūjā Kārttikapūjā ( See )

**କାର୍ତ୍ତିକେଶ୍ୱର**—ସଂ. ବ. ( କାର୍ତ୍ତିକ + ଈଶ୍ୱର )—କାର୍ତ୍ତିକେୟ (ଦେଖ)
Kārttikeśwara Kārttikeya (See)

**କାର୍ତ୍ତୁଜ**—ବୈଦେ. ବ. ( ଇଂ. କାଟ୍ରିଜ୍ )—କାର୍ତ୍ତିଜ (ଦେଖ)
Kārttuja Kārtija (See)

**କାର୍ତ୍ସ୍ନ୍ୟ**—ସଂ. ବ. ( କୃତ୍ସ୍ନ + ଭାବେ. ଯ )—
Kārtsnya ସମୁଦାୟ; ସାକଲ୍ୟ; ସମ୍ପୂର୍ଣ୍ଣତା—
Totality; completeness; entirety.

**କାର୍ଦ୍ଦମ**—ସଂ. ବଣ. ପୁଂ. ( କର୍ଦ୍ଦମ + ସମ୍ବନ୍ଧାର୍ଥେ. ଅ )—
Kārddama ୧ । କର୍ଦ୍ଦମମୟ; କାଦୁଆ—1. Muddy; clayey.
(କାର୍ଦ୍ଦମୀ—ସ୍ତ୍ରୀ) ୨ । କାଦୁଅରେ ଲିପ୍ତ; କାଦୁଅ ସରସର—
2. Soiled with mud; besmeared with mud.

**କାର୍ଦ୍ଦମକ**—ସଂ. ବଣ. ପୁଂ. ( କାର୍ଦ୍ଦମ + ସ୍ୱାର୍ଥେ. କ )—କାର୍ଦ୍ଦମ (ଦେଖ)
Kārddamaka Kārddama (See)

**କାର୍ଦ୍ଦମିକ**—ସଂ. ବଣ. ପୁଂ. ( କର୍ଦ୍ଦମ + ଇକ )—କର୍ଦ୍ଦମ (ଦେଖ)
Kārddamika Kārddama (See)

**କାର୍ନିଶ୍**—ବୈଦେ. ବ. ( ଇଂ. କରନିସ୍ )—୧ । କୋଠା ଛାତ ଵମ୍ଭ ଓ କାନ୍ଥ ଉପରର ଶିଳ୍ପ କାର୍ଯ୍ୟବିଶିଷ୍ଟ ଅଂଶ—
Kārniś 1. Cornice.
कानुस
कार्निस ୨ । କାନ୍ଥ ଓ ସ୍ତମ୍ଭମାନଙ୍କର ଯେଉଁ ଅଂଶମାନ ବାହାରକୁ ବାହାରି ଯାଏ—2. Portion of walls and pillars which project from the ordinary level.

**କାର୍ପଟ**—ସଂ. ବ. ( କର୍ପଟ + ଅ )—୧ । ଜତୁ ; ଜଉ—
Karpata 1. Shell-lac.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗିଆ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ବସ୍ତ୍ରଖଣ୍ଡ; ଜୀର୍ଣ୍ଣବସ୍ତ୍ର—2. Rag.
୩ । ପୁଂ—ଦରଖାସ୍ତକାରୀ ବା ପ୍ରାର୍ଥୀ ବ୍ୟକ୍ତି—
3. Suitor; petitioner.
(କାର୍ପିଟୀ—ସ୍ତ୍ରୀ) ୪ । କାର୍ଯ୍ୟାର୍ଥୀ ବ୍ୟକ୍ତି; ଉମେଦ୍‌ବାର୍—
4. Apprentice; candidate for a situation.
ସଂ. ବିଣ. ପୁଂ—ପ୍ରାର୍ଥୀ—Soliciting; praying.

**କାର୍ପଟିକ**—ସଂ. ବି. ପୁଂ. (କର୍ପଟ=ଚିରାକନା+ଜୀବିକାର୍ଥେ. ଇକ)—
Kārpaṭika ୧ । ଯେଉଁ ବ୍ୟକ୍ତି ତୀର୍ଥରୁ ଜଳ ବୋହି ନେଇ
(କାର୍ପଟିକା—ସ୍ତ୍ରୀ) ଅନ୍ୟ ସ୍ଥାନରେ ତାହା ବିକ୍ରୟ କରି ପୋଷିହୁଏ—
1. A person who maintains himself by carrying and selling water from holy rivers.
୨ । ଯାତ୍ରୀ; ତୀର୍ଥସେବୀ ବ୍ୟକ୍ତି—2. A pilgrim.
୩ । ମର୍ମଜ୍ଞ ବା ଅନୁଭବୀ ବ୍ୟକ୍ତି—
3. An experienced man.
୪ । ତୀର୍ଥଯାତ୍ରୀଙ୍କ ଦଳ—
4. A caravan of pilgrims.
୫ । ପରାନ୍ନଭୋଜୀ ବ୍ୟକ୍ତି—5. A parasite; a person who lives on the earning of another person.

**କାର୍ପଣ୍ୟ**—ସଂ. ବି ( କୃପଣ+ଭାବେ. ଯ )—
Kārpaṇya ୧ । କୃପଣତା; ବ୍ୟୟକୁଣ୍ଠତା—
1. Parsimony; niggardliness.
୨ । ଦାରିଦ୍ର୍ୟ—2. Poverty; indigence.
୩ । ଦୀନତା—3. Wretchedness.
୪ । କ୍ଷୁଦ୍ରସ୍ପୃହାଜନତା; ଅବିବେଚକତ୍ୱ—
4. Levity; lightness of spirit.
୫ । କାତରତା; ଅବସାଦ—
5. Fatigue; poor-spiritedness.
୬ । କିଂକର୍ତ୍ତବ୍ୟବିମୂଢ଼ତା—
6. Mental confusion.
୭ । ବିନୟ—7. Humbleness; humility.
ଯହିଁ କାର୍ପଣ୍ୟ ସେବା ଫଳେ
ଜିବା ଅସାଧ ନସ୍ତ ଭଳେ । ଜଗନ୍ନାଥ- ଭାଗବତ ।

**କାର୍ପାଟିକ**—ସଂ. ବି. ପୁଂ—କାର୍ପଟିକ ( ଦେଖ )
Kārpāṭika Kārpaṭika ( See )
(କାର୍ପାଟିକା—ସ୍ତ୍ରୀ)

**କାର୍ପାସ**—ସଂ. ବି. ( କୃ ଧାତୁ=କରିବା+ସଜ୍ଞାର୍ଥେ. ପାସ )—
Kārpāsa ୧ । କପା ଗଛ—1. Cotton tree.
୨ । କପା; ତୁଳା—2. Cotton.
ସଂ. ବିଣ. ( କାର୍ପାସ+ଅ )—କପାନିର୍ମିତ—
Prepared from cotton.

**କାର୍ପୁଣ୍ୟ**—ଗ୍ରା. ବି (ପ୍ରାଚୀନ ପଦ୍ୟ) (ସଂ. କାର୍ପଣ୍ୟ)—ଦୈନ୍ୟ; ବିନୟ—
Kārpuṇya Humility.
ଜଗତ ତୁଅନ୍ତ ତାଙ୍କୁ କାର୍ପୁଣ୍ୟ ହେ—ଜଗନ୍ନାଥ- ଚତନ୍ୟଭାଗବତ ।

**କାର୍ପୁନ୍ୟ**—ଦେ. ବି (ସଂ. କାର୍ପଣ୍ୟ) କାର୍ପୁଣ୍ୟ (ଦେଖ)—
Kārpunya Kārpuṇya (See)

**କାର୍ବନ୍**—ବୈଦେ. ବି. (ଇଂ)—୧ । ଅଙ୍ଗାର—
Kārban 1. Carbon.
कार्बन् ୨ । ଅଙ୍ଗାରର କ୍ଷୁଦ୍ର କଣା—
কারবন 2. Particles of coal.

**କାର୍ବନ୍‌କପି**—ବୈଦେ. ବି. (ଇଂ.) କାର୍ବନ୍‌ପେପର ସାହାଯ୍ୟରେ କରା
Kārbankapi ଯାଇଥିବା ଲେଖାର ନକଲ—
कार्बनकपी A carbon copy of any writing.
কারবনকাপী

**କାର୍ବନ୍‌ପେପର୍**—ବୈଦେ. ବି (ଇଂ)—ଟାଇପ୍ ରାଇଟର କଲ ପ୍ରଭୃତିରେ
Kārbanpepar ଅକ୍ଷର ଲେଖାହେବା କାଗଜରୁ ଏକାଧିକ
कार्बनपेपर ନକଲ ରଖିବାପାଇଁ ବ୍ୟବହୃତ କଳା ଓ ବାଇଗଣୀ
কারবনপেপর ଆଦି ରଙ୍ଗର ରଙ୍ଗମଡ଼ା କାଗଜ—Carbon paper.

[ ଦ୍ର—ଏହି କାଗଜ ତଳେ ଅଲେଖା କାଗଜ ରଖି ଏଥି ଉପରେ ଖଣ୍ଡିଏ ପତଳା କାଗଜ ପକାଇ ଉକ୍ତ ପତଳା କାଗଜ ଉପରେ ପେନ୍‌ସିଲରେ କିମ୍ବା ଟାଇପ୍‌ରାଇଟରଦ୍ୱାରା ଯାହା ଲେଖାଯାଏ ଏହି କାଗଜର ତଳେ ଥିବା କାଗଜରେ ତହିଁର ଅବିକଳ ନକଲ ଉଠିଯାଏ । ]

**କାର୍ବନିକଏସିଡ୍**—ବୈଦେ. ବି (ଇଂ) ଅଙ୍ଗାରକାମ୍ଳ ବାଷ୍ପବିଶେଷ—
Kārbanikesiḍ Carbonic acid.
कार्बनिकएसिड़
কারবনিকএসিড

**କାର୍ବନେଟ୍**—ବୈଦେ. ବି. (ଇଂ)—ଅଙ୍ଗାରମିଶ୍ରିତ ରାସାୟନିକ ଦ୍ରବ୍ୟ-
Kārbaneṭ ବିଶେଷ—Carbonate.
कार्बनेट
কারবনেট

**କାର୍ବଲିକ୍‌ଏସିଡ୍**—ବୈଦେ. ବି (ଇଂ)—ଜୀବାଣୁ ନାଶକ ରାସାୟନିକ ଅମ୍ଳ-
Kārbalikesiḍ ବିଶେଷ—Carbolic acid.
कार्बलिकएसिड़
কারবলিকএসিড

**କାର୍ବଲିକ୍‌ସାବୁନ୍**—ବୈଦେ. ବି ( ଇଂ. କାର୍ବଲିକ୍ ଓ ପା. ସାବୁନ)—
Kārbaliksābun କାର୍ବଲିକ୍‌ଏସିଡ୍‌ମିଶ୍ରିତ ସାବୁନ—
Carbolic soap.
[ ଦ୍ର—ଏହା କାଛୁକୁଣ୍ଡିଆ ଓ ଚର୍ମରୋଗୀ ପକ୍ଷରେ ଉପକାରୀ । ]

**କାର୍ମ୍ମ**—ସଂ. ବିଣ ( କର୍ମନ୍+ଶୀଳାର୍ଥେ. ଅ )—୧ । କର୍ମଶୀଳ; କର୍ମୀ;
Kārmma ପରିଶ୍ରମୀ—1. Laborious; diligent.
(କାର୍ମ୍ମୀ—ସ୍ତ୍ରୀ) ୨ । କାମିକା—2. Serviceable.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ୟ | ଣ୍ଡ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ଢ଼ |

କାର୍ମ୍ମଣ—ସଂ. ବି. ( କର୍ମଣ+ସ୍ୱାର୍ଥେ. ଅ )—
Kārmmaṇa ୧ । ମନ୍ତ୍ରତନ୍ତ୍ରାଦିଦ୍ୱାରା ବଶୀକରଣାଦି; ଗାରଡ଼ି ବିଦ୍ୟା—2. Black art; sorcery; magic.
୨ । ମୂଳକର୍ମ୍ମ—2. Primary action.
୩ । ମନ୍ତ୍ରତନ୍ତ୍ର ପ୍ରୟୋଗ—
3. The application of esoteric incantation.
ବିଣ. ପୁଂ—କାର୍ଯ୍ୟଦକ୍ଷ; କର୍ମଠ—Expert.

କାର୍ମ୍ମାର—ସଂ. ବି. ( କର୍ମାର+ସ୍ୱାର୍ଥେ. ଅ )—କର୍ମକାର; କମାର—
Kārmmāra Blacksmith.
কামার
लोहार

କାର୍ମ୍ମିକ—ସଂ. ବି. ( କର୍ମ+ସମ୍ବନ୍ଧାର୍ଥେ. ଇକ )—
Kārmmika ବସ୍ତ୍ରାଦି ଉପରେ ସୂତ ଓ ସୂଚୀଦ୍ୱାରା ବୁଣାଯିବା ଫୁଲ କାମ; କାରୁଶ୍ରେଣି—Embroidery.
ସଂ. ବିଣ—ନିର୍ମିତ—Prepared; made.

କାର୍ମ୍ମୁକ—ସଂ. ବି. ( କର୍ମନ୍+ଉକ )—
Kārmmuka ୧ । ଧନୁ—1. Bow.
୨ । ବାଉଁଶ—2. Bamboo.
୩ । ଘୋଡ଼ା ନିମ୍ବ ଗଛ; ମହାନିମ୍ବ; ମାହାଲ ଗଛ—
3. The Persian Lilac; Margosa Melia Azedarachta.
୪ । ହିଜ୍ଜଳ ଗଛ—
4. Barringtonia; Acutamgolia (tree ).
୫ । ଶ୍ୱେତ ଖଦିର—
5. Pale catechu; Uncaria Gambier.
୬ । ଧନୁ ରାଶି—6. The solar mansion of Saggitarius or the Archer.
ବିଣ. ପୁଂ—କର୍ମଦକ୍ଷ; କର୍ମଠ—Expert.

କାର୍ଯୀ—ବୈଦେ. ବି. (ଫା)—କାରୁଜୀ ( ଦେଖ )
Karji Kārji ( See )
ପ୍ରାଦେ. ( ଗଞ୍ଜାମ ) ବି—ଗ୍ରାମର କରଣ—
Village accountant.

କାର୍ଯ୍ୟ—ସଂ. ବି. ( କୃ ଧାତୁ+କର୍ମ. ଯ )—୧ । କର୍ମ—
Kārjya 1. Act; work; deed; business.
୨ । ନିମିତ୍ତ—2. Cause.
୩ । ହେତୁ—3. Reason.
୪ । ପ୍ରୟୋଜନ—4. Need; necessity; use.
କ କାର୍ଯ୍ୟ ଥିଲେ ମୋତେ କହ କ ବସ୍ତୁର । କୃଷ୍ଣସିଂହ. ମହାଭାରତ. ବନ ।
୫ । ଫଳ—5. Result; effect.
ଚକ୍ଷୁଁରୁ ହେଲେ କଛ ପାଇଲ କ କାର୍ଯ୍ୟ । କୃଷ୍ଣସିଂହ. ମହାଭାରତ. ସଭା ।
୬ । କୌଣସି ବିଷୟ—6. Any matter.
୭ । ଉପକାର—7. Benefit.
କ ମାର କରିବ ମୁଁ ତୁମ୍ଭର ବଡ଼ କାର୍ଯ୍ୟ । କୃଷ୍ଣସିଂହ. ମହାଭାରତ. ବନ ।
୮ । ଉଦ୍ଦେଶ୍ୟ—8. Object; aim.
୯ । କର୍ତ୍ତବ୍ୟ କାର୍ଯ୍ୟ—9. Duty.
୧୦ । ବିବାଦ—10. Dispute.
୧୧ । (ନ୍ୟାୟ ଦର୍ଶନ) କାରଣରୁ ଘଟିବା ଅବଶ୍ୟମ୍ଭାବୀ ଫଳ—
11. (Nyāya philosophy ) Effect necessarily resulting from a cause.
୧୨ । (+ଭାବ. ଅ)—କରିବା—12. Acting; doing.
୧୩ । ବ୍ୟବସାୟ—13. Occupation.
୧୪ । ବ୍ୟାବହାରିକ କର୍ମ; ଦୈନିକ କାର୍ଯ୍ୟ; ବେପାର—
14. Business.
୧୫ । ଦୈବକାର୍ଯ୍ୟ ଧର୍ମାନୁଷ୍ଠାନ—
15. Religious rites.
୧୬ । ଉତ୍ସବ; ବିବାହାଦି ସାମାଜିକ କ୍ରିୟା—
16. Social ceremony or function.
୧୭ । କାମ; ଚାକିରି—
17. Service; post; employment.
୧୮ । ଉଦ୍ଦେଶ୍ୟ ସିଦ୍ଧି—
18. Fulfilment of one's object.
ବଡ଼ କାର୍ଯ୍ୟ ହୋଇବ ସେଠାରୁ ତୁମ୍ଭର । କୃଷ୍ଣସିଂହ. ମହାଭାରତ. ବନ ।
ସଂ. ବିଣ—କରଣୀୟ—Fit to be done.

କାର୍ଯ୍ୟ ଆଦାୟ କରିବା—ଦେ. କ୍ରି—ପରଦ୍ୱାରା କାର୍ଯ୍ୟସାଧନ କରାଇବା—
Kārjya ādāya karibā. To exact work from others.
কায আদায়করা
काम अदाकरना

କାର୍ଯ୍ୟ ଆସିବା—ଦେ. ବି—କାର୍ଯ୍ୟରେ ଆସିବା ( ଦେଖ )
Kārjya āsibā Kārjyare āsibā ( See )

କାର୍ଯ୍ୟ ଉଠାଇବା—ଦେ. କ୍ରି—ଆରମ୍ଭ ବା ଅଭିଲଷିତ କର୍ମ ସମ୍ପନ୍ନ କରିବା—To accomplish a work.
Kārjya uthāibā
কাজ উঠিএদেওয়া
काम उठाना

କାର୍ଯ୍ୟ କରିବା—ଦେ. କ୍ରି—୧ । କୌଣସି କାମ କରିବା—
Kārjya karibā 1. To perform an act.
কামকরা ୨ । ପରିଶ୍ରମ କରିବା—2. To labour; to work.
कामकरना ୩ । ଚାକିରି କରିବା—3. To serve.
୪ । ଉପକାର କରିବା—
4. To render service or benefit.

କାର୍ଯ୍ୟକର୍ତ୍ତା—ସଂ. ବି. ପୁଂ ( କାର୍ଯ୍ୟ+କର୍ତ୍ତା )—
Kārjyakarttā ୧ । କର୍ମର ସାଧକ ବ୍ୟକ୍ତି; କାର୍ଯ୍ୟ କରିବାଲୋକ—
(କାର୍ଯ୍ୟକର୍ତ୍ତ୍ରୀ)—ସ୍ତ୍ରୀ 1. Doer; accomplisher; performer.

୨ । କାର୍ଯ୍ୟର ଭାରପ୍ରାପ୍ତ ବ୍ୟକ୍ତି—2. Agent.

୩ । କୌଣସି କାର୍ଯ୍ୟ ନିମିତ୍ତ ଦାୟୀ ବ୍ୟକ୍ତି—
3. A person responsible for some work.

**କାର୍ଯ୍ୟକାରଣ**—ସଂ. ବି—( ଦ୍ୱନ୍ଦ୍ୱ; କାର୍ଯ୍ୟ ଓ କାରଣ ) କର୍ମ ଓ ତହିଁର
Kārjyakārana ହେତୁ—Act and its cause.
ଦେ. ବି—କାର୍ଯ୍ୟର ପ୍ରସଙ୍ଗ ବା ପ୍ରୟୋଜନ—
Occasion or need for an act; exigencies of work.
କୂର୍ମ ଯେସନେକ ନିଜ ଅଙ୍ଗ, ଅଙ୍ଗ କାଢ଼ି
କାର୍ଯ୍ୟ କାରଣ କାଳେ ତା ଦେଉଥାଏ ବାଢ଼ି । ବନ୍ଧୁ କେଶରପୁରାଣ ।

**କାର୍ଯ୍ୟକାରଣକର୍ତ୍ତୃତ୍ୱଭାବସମ୍ବନ୍ଧ**—ସଂ. ବି—(ନ୍ୟାୟଶାସ୍ତ୍ର)—ଫଳ, ଉପାୟ
Kārjyakāranakarttrutwa-bhābasambandha ଓ କର୍ତ୍ତାଙ୍କ ମଧ୍ୟରେ ବିଦ୍ୟମାନ ଥିବା ସମ୍ବନ୍ଧ—(Logic) The relationship between an effect, a means and a doer.

**କାର୍ଯ୍ୟକାରଣଭାବ**—ସଂ. ବି—ଫଳ ଓ ତହିଁର ନିମିତ୍ତ ମଧ୍ୟରେ
Kārjyakāranabhāba ସମ୍ବନ୍ଧ—Causality; the relation between effect and cause.

**କାର୍ଯ୍ୟକାରିତା**—ସଂ. ବି (କାର୍ଯ୍ୟକାରିନ୍ + ଭାବ. ତା)—ପ୍ରୟୋଜନୀୟତା—
Kārjyakāritā Usefulness; utility.

**କାର୍ଯ୍ୟକାରୀ**—ସଂ. ବଣ. ପୁଂ. (କାର୍ଯ୍ୟ + କୃ ଧାତୁ + ଇନ୍; ୧ମା ୧ବ.)—
Kārjyakārī ଯେ କାର୍ଯ୍ୟ କରେ—
1. Doing any work.
୨ । କାମିକା; ପ୍ରୟୋଜନୀୟ; ଫଳପ୍ରଦ—2 Useful.
ଦେ. ବଣ—କାର୍ଯ୍ୟକର୍ତ୍ତା (ଦେଖ)—
Kārjyakarttā (See)

**କାର୍ଯ୍ୟକାଳ**—ସଂ. ବି ( ୬ଷ୍ଠୀ ତତ୍; କାର୍ଯ୍ୟ+କାଳ )—୧ । ଚାକିରର
Kārjyakāla ସମୟ—1. Tenure of office; period of service.
୨ । କର୍ମ କରିବା ନିମିତ୍ତ ଉପଯୁକ୍ତ ସମୟ—
2. Fit time for action.

**କାର୍ଯ୍ୟକୁ ଆସିବା**—ଦେ. କ୍ରି—କାର୍ଯ୍ୟରେ ଆସିବା ( ଦେଖ )
Karjyaku āsibā Kārjyare āsibā ( See )
ଉଦଙ୍ଗୀ ଶାପ ଭୂଷ କାର୍ଯ୍ୟକୁ ଆସିବ । କୃଷ୍ଣ ଦ୍ୱି. ମହାଭାରତ. ବନ ।

**କାର୍ଯ୍ୟକୁ ନ ଆସିବା**—ଦେ. କ୍ରି—ଦରକାରବେଳେ କାମରେ ନ ଲାଗିବା—
Kārjyaku na āsibā Not to be of use at the
কাজে ন আসা proper time.
**काम कीन आना** ତ୍ରବ୍ୟ ଆଉ ଯାର କାର୍ଯ୍ୟକୁ ନ ଆସଇ ।
କୃଷ୍ଣ ଦ୍ୱି. ମହାଭାରତ. ବନ ।

**କାର୍ଯ୍ୟକୁଶଳ**—ସଂ. ବଣ. ପୁଂ. ( ୭ମୀ ତତ୍; କାର୍ଯ୍ୟକୁଶଳ )—
Kārjyakusala କାର୍ଯ୍ୟଦକ୍ଷ; କର୍ମଠ—
(କାର୍ଯ୍ୟକୁଶଳା—ସ୍ତ୍ରୀ) Expert; active; competent;
(କାର୍ଯ୍ୟକୁଶଳତା—ବି) skilful.

**କାର୍ଯ୍ୟକ୍ରମ**—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+କ୍ରମ )—
Kārjyakrama ପୂର୍ବରୁ କଳ୍ପିତ କରାଯାଇଥିବା କାର୍ଯ୍ୟର ଧାରାବାହିକ ଅଂଶ ବା ଅଙ୍ଗ; କାର୍ଯ୍ୟର ଅଙ୍ଗପ୍ରତ୍ୟଙ୍ଗ—
Programme or routine of a work.

**କାର୍ଯ୍ୟକ୍ଷମ**—ସଂ. ବଣ. ପୁଂ. (୬ଷ୍ଠୀ ତତ୍; କାର୍ଯ୍ୟ+କ୍ଷମ )—
Kārjyakshama ୧ । କାମ କରିବାକୁ ପାରଙ୍ଗମ—
(କାର୍ଯ୍ୟକ୍ଷମା—ସ୍ତ୍ରୀ) 1. Able to conduct a business; skilful.
(କାର୍ଯ୍ୟକ୍ଷମତା—ବି)
୨ । କାର୍ଯ୍ୟ କରିବାକୁ ଯୋଗ୍ୟ ବା ସମର୍ଥ—
2. Competent; fit for work.

**କାର୍ଯ୍ୟକ୍ଷେତ୍ର**—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+କ୍ଷେତ୍ର )—
Kārjyakshetra ୧ । କାର୍ଯ୍ୟ କରିବାର ସ୍ଥାନ—
1. Field of work; place of work.
୨ । (ଲକ୍ଷଣାର୍ଥ ) କାର୍ଯ୍ୟ କରିବାର ଉପଯୁକ୍ତ ଅବସର ବା ସୁଯୋଗ—2. (figurative) Fit opportunity for action.

**କାର୍ଯ୍ୟଗ୍ରାହୀ**—ସଂ. ବଣ. ପୁଂ. ( କାର୍ଯ୍ୟ+ଗ୍ରହ୍+କର୍ତ୍ତୃ. ଇନ୍ )—
Kārjyagrāhī ୧ । ଅନ୍ୟଠାରୁ କାର୍ଯ୍ୟ କରାଇ ନେବା ବ୍ୟକ୍ତି—
(କାର୍ଯ୍ୟଗ୍ରାହିଣୀ—ସ୍ତ୍ରୀ) 1. One who obtains work from others; one who has a work done by others.
୨ । କାର୍ଯ୍ୟ ନିମନ୍ତେ ଅନ୍ୟମାନଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତି—2. One who depends upon others for completion of work.
୩ । କୌଣସି କାର୍ଯ୍ୟ ନିମନ୍ତେ ବହୁ ଲୋକଙ୍କ ସାହାଯ୍ୟ ଲୋଡ଼ୁଥିବା ବ୍ୟକ୍ତି—
3. One who requires the services of many for the completion of a work.
୪ । କୌଣସି ବହୁଲୋକସାଧ୍ୟ କାର୍ଯ୍ୟର ଦାୟିତ୍ୱରେ ଜଡ଼ିତ ବ୍ୟକ୍ତି—
4. One who is responsible for a work requiring many persons to perform it.
୫ । ଯେଉଁ ବ୍ୟକ୍ତିର ବା ପରିବାରର କୌଣସି ନିମିତ୍ତ ବା ଉତ୍ସବ ହେଉ ଥାଏ—
5. Head of the family where a social function is performed.
୬ । କୌଣସି କାର୍ଯ୍ୟ ତଦାରଖିବା ଭାର ଯେଉଁ ବ୍ୟକ୍ତି ଉପରେ ଥାଏ—6. Supervisor; superintendent; agent.
ତୁ ପତର କାର୍ଯ୍ୟଗ୍ରାହୀ ହୁଏ ମନ୍ତ୍ରୀ ଶିଷ୍ୟ । ବନ୍ଧୁ କେଶରପୁରାଣ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ, ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ, ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତୁ |

**କାର୍ଯ୍ୟଚ୍ୟୁତ**—ସଂ. ବିଣ. ପୁଂ. ( ୭ମୀ ତତ୍ ) —୧ । କୌଣସି କର୍ମ ବା ଚାକିରିରୁ ଅନ୍ତରିତ କିମ୍ବା ବରଖାସ୍ତ ହୋଇଥିବା—1. Removed or dismissed from service.
Kārjyachyuta
(କାର୍ଯ୍ୟଚ୍ୟୁତା—ସ୍ତ୍ରୀ)
(କାର୍ଯ୍ୟଚ୍ୟୁତି—ବି)
୨ । ବେକାର; ନିକମ୍ମା—2. Unemployed.

**କାର୍ଯ୍ୟଚ୍ୟୁତି**—ସଂ. ବି. ( ୭ମୀ ତତ୍; କାର୍ଯ୍ୟ+ଚ୍ୟୁତି=ସ୍ଖଳନ )—
Kārjyachyuti ୧ । କର୍ମରୁ ବରଖାସ୍ତ ହେବା—1. Dismissal or removal from service.
୨ । ବେକାର ଅବସ୍ଥା—2. Non-employment.

**କାର୍ଯ୍ୟଞ୍ଚାଗେ**—ଦେ. ବି. [ ସଂ. କାର୍ଯ୍ୟଂ=କାର୍ଯ୍ୟ+ଚ=ଏବଂ+ ଓ. ଅଗେ ( ସଂ. ଅଗ୍ରେ=ପ୍ରଥମେ ) ଏହିପରି କେତୋଟି ଶବ୍ଦ ଦ୍ୱାରା ଗଠିତ; ଦଲିଲ ଦସ୍ତାବିଜ ଓ ପତ୍ରର ଶିରୋନାମାରେ ଲେଖା ଯାଉଥିବା ପ୍ରାୟ ନିରର୍ଥକ ବାକ୍ୟ ]—ଏ ଦଲିଲ ବା ପତ୍ରର କାର୍ଯ୍ୟ ବା ବିଷୟ ଏହି କି—A meaningless and redundant clause now used in the heading or the introductory line of a letter or formal deed meaning—This document is to the following effect.
Kārjyañchāge
( ଯଥା—କସ୍ୟ ଝ ୫୦୦୯ ର ଋଣଗ୍ରହଣପତ୍ର ବା ବନ୍ଧକପତ୍ରମିଦଂ କାର୍ଯ୍ୟଞ୍ଚାଗେ— )
[ ଦ୍ର—ପୂର୍ବେ ସଂସ୍କୃତଭାଷାରେ ଦଲିଲ ଲେଖା ହେଉଥିବା ସମୟରେ ଲୋକେ ଲେଖୁଥିଲେ 'ସନ୍ଧାନପୂର୍ବନିବେଦନମିଦଂ'=ସନ୍ଧାନପୂର୍ବ ନିବେଦନ ଏହି; 'ବନ୍ଧକପତ୍ରମିଦଂ'=ବନ୍ଧକ ପତ୍ର ଏହି; 'ଦାନପତ୍ରମିଦଂ'=ଦାନ ପତ୍ର ଏହି । ସଂସ୍କୃତ ଚର୍ଚ୍ଚା କମିଗଲା ସତ୍ୟ, କିନ୍ତୁ ସଂସ୍କୃତଜ୍ଞାନହୀନ ବ୍ୟକ୍ତିମାନେ ସାଧାରଣଙ୍କ ନିକଟରେ ସଂସ୍କୃତରେ ପାଣ୍ଡିତ୍ୟ ଦେଖାଇବା ନିମନ୍ତେ ପତ୍ରର ଶିରୋନାମାରେ 'ସନ୍ଧାନପୂର୍ବନିବେଦନମିଦଂ' 'କାର୍ଯ୍ୟଞ୍ଚାଗେ' ଓ ଦଲିଲ ଶିରୋନାମାରେ 'କସ୍ୟ ଝ ୫୦୦୯ ର ଋଣଗ୍ରହଣପତ୍ରମିଦଂ କାର୍ଯ୍ୟଞ୍ଚାଗେ' ଲେଖିବାକୁ ଆରମ୍ଭ କଲେ ଓ ଏହି ସବୁ ଆଜି ପର୍ଯ୍ୟନ୍ତ ଚଳୁଅଛି । ]

**କାର୍ଯ୍ୟ ତୁଲାଇବା**—ଦେ. କ୍ରି—କାର୍ଯ୍ୟ ଉଠାଇବା ( ଦେଖ ) Kārjya uṭhāibā ( See )
Kārjya tulāibā
काज तुलान
কামতুলানা

**କାର୍ଯ୍ୟ ଦେବା**—ଦେ. କ୍ରି—୧ । ଅନ୍ୟଠାରେ କାର୍ଯ୍ୟର ଭାର ଦେବା—1. To allot a work.
Kārjya debā
কাযদেওয়া
কামদেনা
୨ । କାର୍ଯ୍ୟରେ ନିଯୁକ୍ତ କରିବା—1. To appoint or employ in any work.
୩ । ବେକାର ବା ନିକମ୍ମା ବ୍ୟକ୍ତିକୁ କାମରେ ଲଗାଇବା—3. To give employment to an unemployed person.

**କାର୍ଯ୍ୟନାଶ**—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+ନାଶ )—
Kārjyanāśa ୧ । କାର୍ଯ୍ୟରେ ନିଷ୍ଫଳତା—1. Want of success; fruitlessness.
୨ । କାର୍ଯ୍ୟଚ୍ୟୁତି ( ଦେଖ ) 2. Kārjyachyuti ( See )

**କାର୍ଯ୍ୟନାଶକ**—ସଂ. ବିଣ. ( ୬ଷ୍ଠୀ ତତ୍; କାର୍ଯ୍ୟ+ନାଶକ )—
Kārjyanāśaka ୧ । କୌଣସି କାର୍ଯ୍ୟର ଧ୍ୱଂସ ବା ନାଶ କରିବା (ବ୍ୟକ୍ତି)—1. Destroyer of a work.
୨ । କାର୍ଯ୍ୟରେ ବିଘ୍ନ ଘଟାଇବା ( ବ୍ୟକ୍ତି ); କାର୍ଯ୍ୟରେ ବାଧା ଦେବା ବା ହସ୍ତକ୍ଷେପ କରିବା ( ବ୍ୟକ୍ତି )—2. One who puts obstacles against or impedes or interferes with a work; interfering.
୩ । ଯେ କାର୍ଯ୍ୟକୁ ନଷ୍ଟ କରେ—3. One who spoils a work.

**କାର୍ଯ୍ୟନିଯୁକ୍ତ**—ସଂ. ବିଣ. (୭ମୀ ତତ୍)—୧ । କାର୍ଯ୍ୟରେ ଲାଗିଥିବା—
Kārjyanijukta 1. Engaged or employed in work.
୨ । ମୁକରର ହେବା—2. Appointed.

**କାର୍ଯ୍ୟନିଯୁକ୍ତି**—ସଂ. ବି. ( ୭ମୀ ତତ୍ )—କୌଣସି କାର୍ଯ୍ୟରେ ମୁକରର ହେବା—Appointment in a post or position.
Kārjyanijukti

**କାର୍ଯ୍ୟନିଯୁକ୍ତିପତ୍ର**—ଦେ. ବି—କୌଣସି କର୍ମରେ ନିଯୁକ୍ତ ବ୍ୟକ୍ତିକୁ କର୍ତ୍ତୃପକ୍ଷଙ୍କଠାରୁ ମିଳିବା ଲିପି; ମୁକରରି ପରୱାନା—Appointment-letter.
Kārjyanijuktipatra

**କାର୍ଯ୍ୟ ନେବା**—ଦେ. କ୍ରି.—୧ । ଅନ୍ୟଠାରୁ କାର୍ଯ୍ୟ ବୁଝି ନେବା—1. To exact work from others; to accept the alloted work from a person.
Kārjya nebā
কাযলওয়া
কামলেনা
୨ । ନିଜେ ଶିଖି କରି ଅନ୍ୟ ବ୍ୟକ୍ତିକୁ ଠିକ୍‌ରୂପେ କାମ କରାଇବା—2. To cause a person to render some work properly under one's supervision.

**କାର୍ଯ୍ୟପଟୁ**—ସଂ. ବିଣ. ( ୭ମୀ ତତ୍. କାର୍ଯ୍ୟ+ପଟୁ )—
Kārjyapaṭu ୧ । କାର୍ଯ୍ୟରେ ନିପୁଣ—1. Expert.
(କାର୍ଯ୍ୟପଟୁତା—ବି) ୨ । କାର୍ଯ୍ୟରେ ବିଚକ୍ଷଣ—2. Smart.
୩ । ପାରଙ୍ଗମ—3. Competent.

**କାର୍ଯ୍ୟପୁଟ**—ସଂ. ବିଣ. ପୁଂ (କାର୍ଯ୍ୟ+ପୁଟ୍ ଧାତୁ=ନାଶ କରିବା+କର୍ତ୍ତୃ. ଅ )—୧ । ନିର୍ଲଜ୍ଜ—1. Shameless.
Kārjyapuṭa
(କାର୍ଯ୍ୟପୁଟା—ସ୍ତ୍ରୀ) ୨ । ଅନର୍ଥକର—2. Creating injury or mischief.
୩ । ଉନ୍ମତ୍ତ—3. Excited; mad.

**କାର୍ଯ୍ୟପ୍ରସଙ୍ଗରେ**—ଦେ. କ୍ରି. ବିଣ—କାର୍ଯ୍ୟର ଅନୁରୋଧରେ; କାର୍ଯ୍ୟଯୋଗୁଁ ବାଧ୍ୟ ହୋଇ; କାମ ଥିବାରୁ—On business; in connection with some work or business.
Kārjya prasañgare
কার্য্যবশতঃ
কার্য্যপ্রসঙ্গমে; কার্য্যবশতঃ

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ: ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା, ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାର୍ଯ୍ୟପ୍ରସର**—ସଂ. ବି. ( ୬ଷ୍ଠୀ ତତ୍ )—କାର୍ଯ୍ୟ କରିବାର ସୀମା —
Kārjyaprasara Scope of one's work; field of work.

**କାର୍ଯ୍ୟପ୍ରାପ୍ତି**—ସଂ. ବି—୧ । କାର୍ଯ୍ୟଲାଭ—
Kārjyaprāpti 1. Success in a mission.
୨ । ଚାକିରି ପାଇବା—2. Appointment.

**କାର୍ଯ୍ୟବଶ**—ସଂ. ବିଣ. ( ୬ଷ୍ଠୀ ତତ୍; କାର୍ଯ୍ୟ+ବଶ )—
Kārjyabaśa ୧ । କୌଣସି କର୍ମରେ ନିଯୁକ୍ତ—
1. Engaged in a work.
୨ । ଯାହାର କୌଣସି କାର୍ଯ୍ୟ କରିବାକୁ ପଡ଼ୁଥାଏ—
2. Having a business to attend to.
୩ । ( ୩ୟା ତତ୍ )—କାର୍ଯ୍ୟ ଯୋଗୁଁ ପରାଧୀନ ବା ବାଧ୍ୟ—
3. Obliged to a person for some work done by him.
ସଂ. ବି—କର୍ମାନୁରୋଧ—Exigencies of business.

**କାର୍ଯ୍ୟବଶତଃ**—ସଂ. କ୍ରି. ବିଣ. (କାର୍ଯ୍ୟ + ୭ମୀ ବିଭକ୍ତି ଅର୍ଥରେ. ତସ୍)-
Kārjyabaśataḥ ୧ । କୌଣସି କାର୍ଯ୍ୟର ବନ୍ଧନରେ ପଡ଼ି—
কার্য্যবশতঃ 1. Being obliged by the circumstances.
**कार्यवशात:** ୨ । କୌଣସି ଆବଶ୍ୟକ ଥିବାରୁ ବା ପଡ଼ିବାରୁ—
2 On account of some necessity.
୩ । କାର୍ଯ୍ୟପ୍ରସଙ୍ଗରେ ( ଦେଖ )
3. Kārjyaprasaṅgare ( See )

**କାର୍ଯ୍ୟ ବାଣ୍ଟିବା**—ଦେ. କ୍ରି—ବହୁ ବ୍ୟକ୍ତିଙ୍କ ମଧ୍ୟରେ କାର୍ଯ୍ୟର ବିଭାଗ
Kārjya bāṇṭibā କରିବା—To distribute work
কাযবাঁটন amongst many persons.
**कामबाँटना**

**କାର୍ଯ୍ୟବିଧି**—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+ବିଧି )—କୌଣସି କାର୍ଯ୍ୟ
Kārjyabidhi ସାଧନ କରିବାର ପନ୍ଥା ବା ପଦ୍ଧତି—
কার্য্যবিধি Due course of business; procedure;
**कार्यविधि** mode of work.
ଦେ. ବି—ଫଉଜଦାରୀ ବା ଦେୱାନୀଆଦି ମକଦ୍ଦମା ଚଳିବାର ଧାରାବାହିକ ରୀତି ବା ପଦ୍ଧତିପରମ୍ପରା—Procedure for the conduct of criminal and civil cases.
( ଯଥା—ଦେୱାନୀ କାର୍ଯ୍ୟବିଧି ଆଇନ୍; ଫଉଜଦାରୀ କାର୍ଯ୍ୟବିଧି ଆଇନ୍ । )

**କାର୍ଯ୍ୟବିଭାଗ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ଭିନ୍ନ ଭିନ୍ନ କାର୍ଯ୍ୟ ଭିନ୍ନ
Kārjyabibhāga ଭିନ୍ନ ବ୍ୟକ୍ତିଙ୍କଦ୍ୱାରା କରାଯିବାର ବିଧାନ—
1. Division of labour amongst many persons.
୨ । ବହୁ ଲୋକଙ୍କ ମଧ୍ୟରେ କାର୍ଯ୍ୟବଣ୍ଟନ—
2. Distribution of work amongst many persons.
୩ । କାର୍ଯ୍ୟର ଭିନ୍ନ ଭିନ୍ନ ଅଙ୍ଗ ବା ଶାଖା—
3. Different departments or branches of a work.

**କାର୍ଯ୍ୟବ୍ୟସ୍ତ**—ସଂ. ବିଣ—୧ । ( ୭ମୀ ତତ୍ )—କାର୍ଯ୍ୟରେ ବ୍ୟାକୁଳ—
Kārjyabyasta 1. Bewildered with work.
( କାର୍ଯ୍ୟବ୍ୟସ୍ତତା—ବି ) ୨ । କାର୍ଯ୍ୟରେ ସର୍ବଦା ବ୍ୟାପୃତ ବା ନିଯୁକ୍ତ—2. Fully engaged or very busy in a work.

**କାର୍ଯ୍ୟଭାର**—ସଂ. ବି. ( ୬ଷ୍ଠୀ ତତ୍ )—କୌଣସି କାର୍ଯ୍ୟ କରିବାର
Kārjyabhāra ଦାୟିତ୍ୱ—Charge of a work or matter.

**କାର୍ଯ୍ୟରହିତ**—ସଂ. ବିଣ. ( ୫ମୀ ତତ୍ )—
Kārjyarahita ୧ । କାର୍ଯ୍ୟରୁ ବରଖାସ୍ତ—
(କାର୍ଯ୍ୟରାହିତ୍ୟ—ବି) 1. Dismissed or removed from work.
୨ । ବେକାର; ନିକମ୍ମା—
2. Without any work; unemployed.

**କାର୍ଯ୍ୟରେ ଆସିବା**—ଦେ. କ୍ରି—୧ । ଉପକାରରେ ଆସିବା; ବ୍ୟବହାରରେ ଆସିବା; ଆବଶ୍ୟକ ହେବା—
Kārjyare āsibā
কাযেআসা 1. To be of service.
**काममेंआना** ୨ । ଦରକାରବେଳେ ବ୍ୟବହୃତ ହେବା—
2. To be of use when occasion arrives.

**କାର୍ଯ୍ୟରେ ଲଗାଇବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ କର୍ମରେ
Kārjyare lagāibā ନିଯୁକ୍ତ କରିବା—1. To employ
কাযেলাগান a person; to keep engaged.
**काममेंलगाना** ୨ । କୌଣସି ବସ୍ତୁକୁ ଆବଶ୍ୟକ ସମୟରେ ବ୍ୟବହାର କରିବା—2. To utilise a thing on proper occasion.

**କାର୍ଯ୍ୟରେ ଲାଗିବା**—ଦେ. କ୍ରି—୧ । ( କୌଣସି ବ୍ୟକ୍ତି ) କାମରେ ମନ ଦେବା—
Kārjyare lāgibā
কাযেলাগা 1 (a person) To attend to a work.
**काममेंलगना** ୨ । (କୌଣସି ବ୍ୟକ୍ତି) କାର୍ଯ୍ୟରେ ନିଯୁକ୍ତ ହେବା—
2. (a person) To go on with a work; to be engaged in a work.
୩ । (କୌଣସି ବସ୍ତୁ) ଦରକାରରେ ଆସିବା; କାର୍ଯ୍ୟରେ ଆସିବା—
3. (a thing) To be of use or service.

**କାର୍ଯ୍ୟ ଲାଗିବା**—ଦେ. ବି—କୌଣସି କାର୍ଯ୍ୟ ଚାଲୁଥିବା ଅବସ୍ଥା—
Kārjya lāgibā Continuance of a work or business.
কাযেলাগা
**काममेंलगना**

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଵ | ହ୍ବ |

କାର୍ଯ୍ୟଲାଭ—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+ ଲାଭ )—
Kārjyalābha ୧ । ଉଦ୍ଦିଷ୍ଟ କାର୍ଯ୍ୟସିଦ୍ଧି—
1. Fruition; attainment of the desired end.
୨ । କାର୍ଯ୍ୟରେ ନିଯୁକ୍ତି; ମୁକରରୀ—
2. Employment in service; appointment.

କାର୍ଯ୍ୟଶେଷ—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+ଶେଷ )—
Kārjyaśesha ୧ । କର୍ମର ସମାପ୍ତି—
1. Completion of a work.
୨ । ଆରବ୍ଧ କର୍ମର ସମାଧାନ—
2. Accomplishment of work which has been begun.

କାର୍ଯ୍ୟସମାଧା—ସଂ. ବି. ( ୬ଷ୍ଠୀ ତତ୍ )—କାର୍ଯ୍ୟସମାଧାନ; କର୍ମନିଷ୍ପତ୍ତି—
Kārjyasamādhā Completion of a work.

କାର୍ଯ୍ୟସମାଧାନ—ସଂ. ବି. ( ୬ଷ୍ଠୀ ତତ୍ )—କାର୍ଯ୍ୟଶେଷ ( ଦେଖ )
Kārjyasamādhāna Kārjyaśesha ( See )

କାର୍ଯ୍ୟସରିବା—ଦେ. ବି—କାର୍ଯ୍ୟଶେଷ ବା ସମ୍ପୂର୍ଣ୍ଣ ହେବା—
Kārjyasaribā Completion of a work.
কাযফুরান
**কামপূরাপড়না; কামনিবটনা**

କାର୍ଯ୍ୟସାଧନ—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+ସାଧନ )—
Kārjyasādhana ୧ । କର୍ମସମ୍ପାଦନ—
1. Accomplishment of a work.
୨ । କାର୍ଯ୍ୟସିଦ୍ଧି ନିମନ୍ତେ କର୍ତ୍ତବ୍ୟ; ଉପାୟ—
2. Means for completion of a work.
୩ । ଉପକରଣ—3. Materials.

କାର୍ଯ୍ୟ ସାରିବା—ଦେ. କ୍ରି—କାର୍ଯ୍ୟ ଶେଷ ବା ସମ୍ପୂର୍ଣ୍ଣ କରିବା—
Kārjya sāribā To finish a work.
কাযসারা
**কামপূরাকরনা**

କାର୍ଯ୍ୟସିଦ୍ଧି—ସଂ. ବି. ( ୬ଷ୍ଠୀ ତତ୍; କାର୍ଯ୍ୟ+ସିଦ୍ଧି )—
Kārjyasiddhi ୧ । କୌଣସି କାର୍ଯ୍ୟରେ କୃତକାର୍ଯ୍ୟତା—
1. Success in an undertaking.
୨ । କୌଣସି କାର୍ଯ୍ୟର ସଫଳ ପର ସମାପ୍ତି—
2. Successful accomplishment of a work; fulfilment.
୩ । ଅଭୀଷ୍ଟ ସିଦ୍ଧି—
3. Fulfilment of one's wish.

କାର୍ଯ୍ୟାକାର୍ଯ୍ୟ—ସଂ. ବି.—(ଦ୍ୱନ୍ଦ୍ୱ; କାର୍ଯ୍ୟ+ଅକାର୍ଯ୍ୟ)—୧ । ନ୍ୟାଯ୍ୟ ଓ
Kārjyākārjya ଅନ୍ୟାଯ୍ୟ କର୍ମ—1. Right and wrong acts.
୨ । କରଣୀୟ ଓ ଅକରଣୀୟ କର୍ମ—2. What is to be done and what left undone.

କାର୍ଯ୍ୟାଙ୍ଗ—ସଂ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ+ଅଙ୍ଗ)—କାର୍ଯ୍ୟର ଭିନ୍ନ
Kārjyāṅga ଭିନ୍ନ ଅଂଶ—Different parts of a work.

କାର୍ଯ୍ୟାଧିପ—ସଂ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ+ଅଧିପ)—
Kārjyādhipa ୧ । କାର୍ଯ୍ୟାଧ୍ୟକ୍ଷ (ଦେଖ)
Kārjyādhyaksha (See)
୨ । (ଜ୍ୟୋତିଷରେ) ଲଗ୍ନର ଦଶମ ସ୍ଥାନର ଅଧୀଶ୍ୱର ଗ୍ରହ; କର୍ମାଧିପତି—2. ( Astrology )—The planet having the 10th position from a person; natal sign.

କାର୍ଯ୍ୟାଧ୍ୟକ୍ଷ—ସଂ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ+ଅଧ୍ୟକ୍ଷ)—କୌଣସି କର୍ମ
Kārjyādhyaksha କରିବା ବ୍ୟକ୍ତିମାନଙ୍କ ଉପରେ ତଦାରଖିବା ବ୍ୟକ୍ତି—Superintendent; head of a department.

କାର୍ଯ୍ୟାନୁବନ୍ଧ—ସଂ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ—ଅନୁବନ୍ଧ )—କାର୍ଯ୍ୟ
Kārjyānubandha ଯୋଗୁଁ ବାଧ ହେବା ଅବସ୍ଥା; କାର୍ଯ୍ୟଯୋଗୁଁ ବନ୍ଧନ—Pressure of work.

କାର୍ଯ୍ୟାନୁରୋଧରେ—ଦେ. ଅ.—୧ । କର୍ମରେ ବାଧ ହୋଇ—
Kārjyānurodhare 1. Owing to pressure of work.
୨ । କାର୍ଯ୍ୟବଶତଃ—2. On business.

କାର୍ଯ୍ୟାନ୍ତ—ସଂ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ+ଅନ୍ତ)—କୌଣସି ଚାକିରି
Kārjyānta ବା କାର୍ଯ୍ୟର ଶେଷ—End or termination of an affair or service.

କାର୍ଯ୍ୟାନ୍ତର—ସଂ. ବି.—(କର୍ମଧାରୟ; ଅନ୍ୟ+କାର୍ଯ୍ୟ)—ଅନ୍ୟ କାର୍ଯ୍ୟ—
Kārjyāntara Another work or business; a different matter.

କାର୍ଯ୍ୟାରମ୍ଭ—ସଂ ବି.—(୬ଷ୍ଠୀ ତତ୍)—କ୍ରିୟାର ପ୍ରଥମ ଆରମ୍ଭ—
Kārjyārambha The beginning of a work.

କାର୍ଯ୍ୟାର୍ଥୀ—ସଂ. ବିଣ. ପୁଂ.—(କାର୍ଯ୍ୟ+ଅର୍ଥ+ଇନ୍; ୧ମା. ୧ବ.)—
Kārjyārthī ୧ । କୌଣସି କର୍ମରେ ନିଯୁକ୍ତ ହେବା ନିମନ୍ତେ
(କାର୍ଯ୍ୟାର୍ଥିନୀ—ସ୍ତ୍ରୀ) ପ୍ରାର୍ଥୀ; ଅନୁସରଣିଆ;ଉମେଦ୍‌ବାର—
1. Candidate for an employment.
୨ । ଉଦ୍ଦେଶ୍ୟ ସାଧନାର୍ଥ ତତ୍ପର (ବ୍ୟକ୍ତି)—
2. Pursuing a certain aim.

କାର୍ଯ୍ୟାର୍ପଣ—ସଂ. ବି.—( ୬ଷ୍ଠୀ ତତ୍ )—କୌଣସି ବ୍ୟକ୍ତି ଉପରେ
Kārjyārpaṇa କାର୍ଯ୍ୟର ଭାର ଦେବା—The act of entrusting a work to a person.

କାର୍ଯ୍ୟାଳୟ—ଦେ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ+ଆଳୟ)—୧ । ଅଫିସ
Kārjyālaya —ଯେଉଁଠାରେ କୌଣସି କର୍ମ କରାଯାଏ—
1. An office.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

୨ । କାରଖାନା—2. A work-shop.

**କାର୍ଯ୍ୟୀ**—ସଂ. ବିଣ.—( କାର୍ଯ୍ୟ + ଇନ୍; ୧ମା. ୧ବ. )—୧ । କାର୍ଯ୍ୟ-
Kārjyi ପ୍ରାର୍ଥୀ—1. Applicant for employment.

୨ । ଗୁମାସ୍ତା—2. Agent.

**କାର୍ଯ୍ୟୋଦ୍ଧାର**— ସଂ. ବି.—(୬ଷ୍ଠୀ ତତ୍; କାର୍ଯ୍ୟ + ଉଦ୍ଧାର)—
Kārjyoddhāra ୧ । ଯେ କୌଣସି ଉପାୟରେ କାର୍ଯ୍ୟର ସିଦ୍ଧି—
1. The completion or accomplishment of work by any available means.

୨ । କର୍ତ୍ତବ୍ୟ କାର୍ଯ୍ୟର ସମ୍ପାଦନ—
2. Discharge of a duty.

୩ । ଉଦ୍ଦେଶ୍ୟ ସାଧନ—
3. Fulfilment of one's object.

୪ । ଅନ୍ୟମାନଙ୍କଠାରୁ କାମ ନେବା—
5. The exacting of work from others.

**କାର୍ରବାଇ**—ବୈଦେ. ବି.—(ଫା.)—କାରୁବାଇ (ଦେଖ)
Kārrabāi Kārrabāi (See)

**କାର୍ଶ୍ୟ**—ସଂ. ବି. (କୃଶ + ଭାବ. ଯ)—୧ । କୃଶତା; କ୍ଷୀଣତା—
Kārśya 1. Weakness; delicacy.

୨ । ଶାଳଗଛ—2. Sāla tree.

୩ । କଚୁର—3. The plant.

୪ । ଲକୁଚ—ଜେଉଟ (ଦେଖ)
4. Jeuta (See)

**କାର୍ଷାପଣ**—ସଂ. ବି.—(କର୍ଷ = ଏକତୋଳା + ଆପଣ = ବ୍ୟବହାର)—
Kārshāpaṇa ୧୨୮୦ କଉଡ଼ି; ୧୬ ପଣ ବା ଏକ କାହାଣ (କଉଡ଼ି)—Value of 1 kāhāṇa or 16 paṇs or 1280 cowries of shell-money.

**କାର୍ଷିକ**—ସଂ. ବି.—(କର୍ଷ = ଏକ ତୋଳା + ସମ୍ବନ୍ଧାର୍ଥେ. ଇକ)—
Kārshika ୧ । ଏକତୋଳା ପରିମିତ; ସେରର ୧/୮୦ ଓଜନ—
1. Weight of one tola or 1/80 of a seer.

୨ । ଏକବୋଡ଼ି ବା ପାଞ୍ଚ ଗଣ୍ଡା (କଉଡ଼ି)—
2. An aggregate of 20 pieces of shell-money.

୩ । କୃଷକ—3. Cultivator.

**କାଲ୍**—ପ୍ରାଦେ. ( ସମ୍ବଲପୁର ) ବି—( ସଂ. କାଳ; ଳ ସ୍ଥାନରେ ଲ
Kāl ଉଚ୍ଚାରଣ)—୧ । କାଳ—1. Time.

୨ । କୃଷ୍ଣବର୍ଣ୍ଣ—2. Black colour.

ପ୍ରାଦେ. ( ସମ୍ବଲପୁର ) ବିଣ.—କୃଷ୍ଣ; କଳା—Black.

**କାଲ୍ଚୁଆ**—ପ୍ରାଦେ. (ଗଡ଼ଜାତ) ବି.—ବାଡ଼ ବୁଜା ହେବାରେ ଲାଗିବା
Kālchuā ଏକ ପ୍ରକାର ଗୁଳ୍ମ—
Glochudon Lanceolarium ( a plant).

**କାଲ୍ଜିଭି**—ପ୍ରାଦେ. ( ସମ୍ବଲପୁର ) ବିଣ. ସ୍ତ୍ରୀ. ( ସଂ. କାଳ ଓ ଜିହ୍ୱା )
Kāljibhi (ଗାଳିରେ ବ୍ୟବହୃତ—କୃଷ୍ଣବର୍ଣ୍ଣ ଜିହ୍ୱାଗ୍ରବିଶିଷ୍ଟା (ସ୍ତ୍ରୀ)—
A woman having a black tongue.

[ ଦ୍ର—ଲୋକମାନଙ୍କର ବିଶ୍ୱାସ ଯେ ଏମାନଙ୍କର ସ୍ୱାମୀ ଅଳ୍ପ-ବୟସରେ ମରନ୍ତି । ]

**କାଲ୍ବୁତ୍**— ବୈଦେ. ବି. ( ଇଂ. କଲ୍ଭର୍ଟ୍; ଫା. କାଲ୍ବୁଦ୍ )—
Kālbut ୧ । ଖିଲାଣ—1. An arch.
काल्बुद् ୨ । ଖିଲାଣ ଗଢ଼ିବା ପାଇଁ ଗଢ଼ାଯିବା ମାଟି କାଠ ଆଦିର
কালবুদ্ ପିଣ୍ଡ ବା ସ୍ତମ୍ଭ—2. A wooden or earthen frame to build an arch.

୩ । ଜୋତା ତିଆର କରିବାର କାଠ ଫର୍ମା—
3. Shoemaker's last.

୪ । ସଡ଼କ ତଳେ ପାଣି ଯିବା ପାଇଁ କରା ଯାଇଥିବା ଖିଲାଣ-ଯୁକ୍ତ ଛୋଟ ପୋଲ—4. A small masonry arched bridge under a road.

**କାଲ୍ଭୁତ୍** - ବୈଦେ. ବି. (ଇଂ)—କାଲ୍ବୁତ୍ (ଦେଖ)
Kālbhut Kālbut (See)

**କାଲ୍ହ**—ପ୍ରାଦେ. (ସମ୍ବଲପୁର)—ବି ଓ ବିଣ—କାଲ୍ (ଦେଖ)
Kālha Kāl (See)

**କାଲ୍ହ**—ପ୍ରାଦେ. (ସମ୍ବଲପୁର)— ବି ଓ ବିଣ—କାଲ୍ (ଦେଖ)
Kālha Kāl (See)

**କାଳ**—ସଂ. ବି.—(କଳ ଧାତୁ = ଯିବା; ମାପିବା; ଗଣିବା + କର୍ତ୍ତୃ. ଅ)—
Kāla ୧ । ସମୟ—1. Time.

୨ । ନିର୍ଦ୍ଦିଷ୍ଟ ସମୟ—2. A space of time.

୩ । ଋତୁ—3. Season; weather.

୪ । ଉପଯୁକ୍ତ ବା ଉଚିତ ସମୟ—
4. Fit time; opportune moment.

୫ । ସୃଷ୍ଟିର ଯୁଗ—5. Age or aeon of creation.
( ଯଥା—ସତ୍ୟ, ତ୍ରେତା, ଦ୍ୱାପର, କଳି । )

୬ । ଗୀତ ଗାଇବାର ସମୟ—6. Duration of a song.

୭ । ସୁବିଧା—7. Opportunity.

୮ । ଅବସର—8. Leisure.

୯ । ମହାକାଳ; ପ୍ରାଣନାଶକ; ଯମ—
9. God of death; death personified.

୧୦ । ମରଣ; ମୃତ୍ୟୁ—10. Death.

୧୧ । ଯମର ଦୂତମାନଙ୍କ ମଧ୍ୟରୁ ଏକତମ—
11. One of the messengers of 'Jama'.

୧୨ । ଶନି ଗ୍ରହ—12. Planet Saturn ( which is very inauspicious according to Hindu astrology.)

| ୧ | ଈ | ଊ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଜ | ଣ,ଷ | କ୍ଷ | ଇସ୍ | ଓଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ହ୍ନ |

୧୩ । କୋକିଳ—13. Cuckoo.

୧୪ । ଜୀବିତ କାଳ; ପରମାୟୁ—
14. Span of life or existence.

୧୫ । ସର୍ବସଂହାରକ ରୁଦ୍ର—
15. All-destroyer; an incarnation of Śiba.

୧୬ । ବିଷ୍ଣୁଙ୍କର ଅନନ୍ତ ମୂର୍ତ୍ତି—
16. The Ananta form of Bishṇu.

୧୭ । ରକ୍ତଚିତ୍ରକ; ରଙ୍ଗଚିତା ଗଛ—
17. A poisonous plant with red flowers; Plumbago Rosea.

୧୮ । କାସମର୍ଦ୍ଦ; କାସିନ୍ଦା ଗଛ—
18 A poisonous plant of black colour; Cassia Sophora.

୧୯ । ( କୁ=କୁତ୍ସିତ+ଅଲ ଧାତୁ=ଭୂଷିତ କରିବା+କର୍ତ୍ତୃ. ଅ )—କୃଷ୍ଣବର୍ଣ୍ଣ—
19. The black colour.

୨୦ । ଲୌହ—20. Iron.

୨୧ । କାଳସର୍ପ—21. A very poisonous black serpent; the black asp.

୨୨ । ପୁରୁଷ—22. The universal soul.

କାଳ ମାୟାର ପରେ ରତ
ପର ଆପଣା ଭେଦ କାହିଁ । ଜଗନ୍ନାଥ. ଭାଗବତ ।

୨୩ । ( ବ୍ୟାକରଣ ) କୌଣସି ଘଟନା ବା କ୍ରିୟା ଘଟିବାର ସମୟଜ୍ଞାପନାର୍ଥ ବିଭାଗ—
23. (grammar) Tense of a verb.

୨୪ । ମନୁଷ୍ୟର ବୟସ ଘଟିତ ଅବସ୍ଥା—
24. Age of life.
( ଯଥା—ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ । )

୨୫ । ସମୟର ଭିନ୍ନ ଭିନ୍ନ ବିଭାଗ ବା ପରିମାଣ—
25. Division of time.

୨୬ । କୌଣସି କାର୍ଯ୍ୟ କରାଯିବାର ଉପଯୁକ୍ତ ଅବସର ବା ସୁଯୋଗ—26. Proper opportunity or occasion.

ଦେ. ବି—୧ । ଅକାଳ; ଦୁର୍ଭିକ୍ଷ—1. Famine.

୨ । ମରୁଡ଼ି—2. Drought.

୩ । ମାରୀ ଇତ୍ୟାଦି ଘୋଟିବା ସମୟ—
3. Time of calamity or pestilence.

୪ । ଶତ୍ରୁ; କାଳଶତ୍ରୁ (ଯମର ଅର୍ଥରୁ ଏ ଭାବ ଆସିଛି)—
4. Implacable enemy.

ନଗର ସ୍ଥିତ ଅସ୍ତ କାଳ
ତା ବୋଲେ ଜାଣିଲୁ ସକଳ । ଜଗନ୍ନାଥ. ଭାଗବତ ।

୫ । ପ୍ରଭାବ ବିସ୍ତାରର ସମୟ—
5. Time of influence.

୬ । ରାଜତ୍ୱକାଳ—6. Reign; regime.

୭ । (ଲକ୍ଷଣାର୍ଥ) ଚକ୍ଷୁର କଣ୍ଟକସ୍ୱରୂପ ବସ୍ତୁ ବା ବ୍ୟକ୍ତି—
7. (figurative) Eyesore.

୮ । ମରଣ ସମୟ—8. Time of death.

ମୋର ମାଉସୀପୁଅ ଭାଇ ତ ଶିଶୁପାଳ
ତାହାର ତୁହି ପଣ୍ଡ ପୁଅଙ୍କୁ କାଳ । କୃଷ୍ଣସିଂହ. ମହାଭାରତ. ବନ ।

୯ । ଅନ୍ତକ; ହନ୍ତା; ଘାତକ ବ୍ୟକ୍ତି—
9. Murderer; destroyer.

ସଂ. ବିଣ—କୃଷ୍ଣବର୍ଣ୍ଣବିଶିଷ୍ଟ—Black or dark.

[ ଦ୍ର—କାଳର ୨୩ ଅର୍ଥ ସମ୍ବନ୍ଧେ ନୋଟ; କ୍ରିୟାର କାଳ ପ୍ରଧାନତଃ ତିନି ପ୍ରକାର । ଯଥା—ବର୍ତ୍ତମାନ, ଅତୀତ ବା ଭୂତ, ଭବିଷ୍ୟତ୍ ।

୧—ବର୍ତ୍ତମାନ କାଳ ପୁଣି ଚାରି ଭାଗରେ ବିଭକ୍ତ—
୧ । ବିଶୁଦ୍ଧ ବର୍ତ୍ତମାନ—ମୁଁ କରୁଅଛି ।
୨ । ନିତ୍ୟପ୍ରବୃତ୍ତ ବର୍ତ୍ତମାନ—ମୁଁ କରେଁ; କରଇଁ ।
୩ । ସମ୍ଭାବ୍ୟ ବର୍ତ୍ତମାନ—ମୁଁ କରୁଥାନ୍ତି ( ଏହି କ୍ରିୟା ପୂର୍ବରେ ସମ୍ଭାବନାବୋଧକ ଯଦି, ଯଦ୍ୟପି, ଯେବେ ପ୍ରଭୃତି ଯୁକ୍ତ ହୁଏ । )
୪ । ଆନୁମାନିକ ବର୍ତ୍ତମାନ—ମୁଁ କରୁଥିବି ।

୨—ଅତୀତ ବା ଭୂତକାଳ ପୁଣି ଛଅ ଭାଗରେ ବିଭକ୍ତ—
୧ । ଅଦ୍ୟତନ ଭୂତ—ମୁଁ କଲି ।
୨ । ଅନଦ୍ୟତନ ଭୂତ—ମୁଁ କରିଅଛି; କରିଛି ।
୩ । ବିଶୁଦ୍ଧ ଭୂତ—ବା ପ୍ରାଗ୍‌ଭୂତ—ମୁଁ କରିଥିଲି ।
୪ । ଅସମ୍ପନ୍ନ ଭୂତ—ମୁଁ କରୁଥିଲି ।
୫ । ସମ୍ଭାବ୍ୟ ଭୂତ—ମୁଁ କରିଥାନ୍ତି ।
୬ । ଆନୁମାନିକ ଭୂତ—ମୁଁ କରିଥିବି ।

୩—ଭବିଷ୍ୟତ୍‌କାଳ ମଧ୍ୟ ଚାରି ଭାଗରେ ବିଭକ୍ତ—
୧ । ବିଶୁଦ୍ଧ ଭବିଷ୍ୟତ୍—ମୁଁ କରିବି ।
୨ । ଅସମ୍ପନ୍ନ ଭବିଷ୍ୟତ୍—ମୁଁ କରୁଥିବି ।
୩ । ସମ୍ଭାବ୍ୟ ଭବିଷ୍ୟତ୍—ମୁଁ କରନ୍ତି ।
୪ । ପ୍ରାଗ୍ ଭବିଷ୍ୟତ୍—ମୁଁ କରିଥିବି; କରିସାରିଥିବି ।

ବର୍ତ୍ତମାନ କାଳ—
୧ । ଯାହା କ୍ରିୟାର ଉପସ୍ଥିତ କାଳବୋଧକ ତାହା ବିଶୁଦ୍ଧ ବର୍ତ୍ତମାନ ।
୨ । ଯେଉଁ କ୍ରିୟା ନିୟମିତ ବା ନିର୍ଦ୍ଦିଷ୍ଟକାଳରେ ଘଟୁଥିବା ବୁଝାଯାଏ ତାହା ନିତ୍ୟପ୍ରବୃତ୍ତ ବର୍ତ୍ତମାନ ।
୩ । ଯାହାଦ୍ୱାରା ସମ୍ଭାବନା ସୂଚିତ ହୁଏ ତାହା ସମ୍ଭାବ୍ୟ ବର୍ତ୍ତମାନ ।
୪ । ଯାହା ଅନୁମାନଦ୍ୱାରା ସିଦ୍ଧ ହୁଏ ତାହା ଆନୁମାନିକ ବର୍ତ୍ତମାନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଳୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଅତୀତ ବା ଭୂତକାଳ—

୧ । ବର୍ତ୍ତମାନ ବା ତତ୍ସମୀପରେ ଘଟିଥିବା କ୍ରିୟାର କାଳକୁ ଅଦ୍ୟତନ ଭୂତ କହନ୍ତି ।

୨ । ବର୍ତ୍ତମାନ ସହିତ ସମ୍ପର୍କଶୂନ୍ୟ କ୍ରିୟାର କାଳକୁ ଅନଦ୍ୟତନ ଭୂତ ବୋଲାଯାଏ ।

୩ । ଯାହାଦ୍ୱାରା ବିଶୁଦ୍ଧ ଅତୀତକାଳ ବା ସର୍ବାପେକ୍ଷା ଅଧିକ ପୂର୍ବକାଳ ବୁଝାଯାଏ ତାହା ବିଶୁଦ୍ଧ ଭୂତ ।

୪ । ଯେଉଁ କ୍ରିୟାଦ୍ୱାରା ଅତୀତ କାର୍ଯ୍ୟ ବା ଘଟଣାର ସମାପ୍ତି ବୁଝାଏ ନାହିଁ ତାହା ଅସମ୍ପନ୍ନ ଭୂତ ।

୫ । ଅତୀତକାଳର ଯେଉଁ କ୍ରିୟାରେ ସମ୍ଭାବନା ବୁଝାଏ ତାହା ସମ୍ଭାବ୍ୟ ଭୂତ ।

୬ । ଅତୀତକାଳର ଯେଉଁ କ୍ରିୟା ଅନୁମାନଦ୍ୱାରା ସିଦ୍ଧ ହୁଏ ତାହା ଆନୁମାନିକ ଭୂତ ।

ଭବିଷ୍ୟତ୍ କାଳ—

୧ । ଯେଉଁ କ୍ରିୟା ପରେ ଘଟିବା ଜଣାଯାଏ ତାହା ବିଶୁଦ୍ଧ ଭବିଷ୍ୟତ୍ ।

୨ । ଯେଉଁ ଭବିଷ୍ୟତ୍ କାଳରେ କ୍ରିୟାର ସମାପ୍ତି ବୁଝାଉ ନ ଥାଏ ତାହା ଅସମ୍ପନ୍ନ ଭବିଷ୍ୟତ୍ ।

୩ । ଯେଉଁ ଭବିଷ୍ୟତ୍ କାଳରେ କ୍ରିୟାର ସମ୍ଭାବନା ସୂଚିତ ହୁଏ ସେ ସମ୍ଭାବ୍ୟ ଭବିଷ୍ୟତ୍ ।

୪ । କୌଣସି ଭବିଷ୍ୟତ୍ କ୍ରିୟା ବା ଘଟଣା ଘଟିବା ପୂର୍ବରୁ ଯାହା ଘଟେ ତାହା ପ୍ରାଗ୍-ଭବିଷ୍ୟତ୍ ।]

[ ଦ୍ର—କାଳର ୨୫ ଅର୍ଥ ସମ୍ବନ୍ଧେ ନୋଟ; ଭାଗବତ ତୃତୀୟ ସ୍କନ୍ଧ ଏକାଦଶ ଅଧ୍ୟାୟରେ କାଳର ପରିମାଣ ବର୍ଣ୍ଣିତ ହୋଇଅଛି— ୨ ପରମାଣୁ=୧ ଅଣୁ; ୩ ଅଣୁ=୧ ତ୍ରସରେଣୁ; ୩ ତ୍ରସରେଣୁ =୧ ତ୍ରୁଟି; ୧୦୦ ତ୍ରୁଟି= ୧ବେଧ; ୩ ବେଧ=୧ ଲବ; ୩ ଲବ =୧ ନିମେଷ; ୩ ନିମେଷ=୧ କ୍ଷଣ; ୫ କ୍ଷଣ=୧ କାଷ୍ଠା; ୧୫ କାଷ୍ଠା=୧ ଲଘୁ; ୧୫ ଲଘୁ=୧ ନାଡ଼ି ବା ଦଣ୍ଡ; ୨ ଦଣ୍ଡ=୧ ମୁହୂର୍ତ୍ତ; ୬ କିମ୍ବା ୭ ଦଣ୍ଡ=୧ ପ୍ରହର ବା ଯାମ; ୪ ପ୍ରହର=୧ ଦିବା; ୮ ପ୍ରହର=୧ ଅହୋରାତ୍ର; ୧୫ ଅହୋରାତ୍ର=୧ ପକ୍ଷ; ୨ ପକ୍ଷ=୧ ମନୁଷ୍ୟ ମାସ ( ମନୁଷ୍ୟର ୧ ମାସ=ପିତୃଗଣର ଏକ ଅହୋରାତ୍ର ); ୨ ମାସ=୧ ଋତୁ; ୩ ଋତୁ=୧ ଅୟନ; ୨ ଅୟନ= ୧ ମନୁଷ୍ୟ ବର୍ଷ=ଦେବତାଙ୍କ ୧ ଅହୋରାତ୍ର; ମନୁଷ୍ୟର ଆୟୁ= ୧୦୦ ମନୁଷ୍ୟ ବର୍ଷ; ୧୭୨୮୦୦୦ ମନୁଷ୍ୟ ବର୍ଷ=ସତ୍ୟଯୁଗ; ୧୨୯୬୦୦୦ ବର୍ଷ=ତ୍ରେତାଯୁଗ; ୮୬୪୦୦୦ ବର୍ଷ=ଦ୍ୱାପରଯୁଗ; ୪୩୨୦୦୦ ବର୍ଷ=କଳିଯୁଗ; ମୋଟରେ ମନୁଷ୍ୟର ୪୩୨୦୦୦୦ ବର୍ଷ=ଦେବତାଙ୍କ ୧୨୦୦୦ ବର୍ଷରେ ଚତୁର୍ଯୁଗ; ୧୦୦୦ ଚତୁର୍ଯୁଗରେ=ବ୍ରହ୍ମାଙ୍କର ୧ ଦିନ=୧୪ ମନ୍ୱନ୍ତର । ଏହିପରି ୧୦୦୦ ଚତୁର୍ଯୁଗ=ବ୍ରହ୍ମାଙ୍କର ଏକ ରାତ୍ରି । ଏହିପରି ଅହୋରାତ୍ର ମାନରେ ବ୍ରହ୍ମାଙ୍କ ପରମାୟୁ ୧୦୦ ବର୍ଷ । ପୁରାଣମତରେ ବର୍ତ୍ତମାନ ବ୍ରହ୍ମାଙ୍କ ପରମାୟୁ ୧୦୦ ବର୍ଷରୁ ୫୦ ବର୍ଷ ଭୋଗ ଯାଇ ଅପର ୫୦ ବର୍ଷର ପ୍ରଥମ ଦିନ ଭୋଗ ହେଉଅଛି । ]

**କାଲ**—ପ୍ରାଦେ. ( ଗଡ଼ଜାତ ) ବି—ଜାତିବିଶେଷ—
Kāla A low caste in the Orissa Agency tracts.

ପ୍ରାଦେ. ( ଗଞ୍ଜାମ ) ବି—୧ । ଗବଗଛ; ଜଡ଼ାଗଛ—
1. Castor plant.

୨ ଗବଫଳ—2. Castor seed.

୩ । ଗବକାଲ—
3. A concoction of very offensive smell prepared from the pounded castor seeds ( after extraction of oil from them by boiling ) which is kept at the foot of cocoanut trees which are damaged by insects.

ପ୍ରାଦେ. ( ସମ୍ବଲପୁର ) ବି ( ଳ ସ୍ଥାନରେ ଲ ଉଚ୍ଚାରଣ )—
କାଳ ( ଦେଖ )—Kāḻa ( See )

( କାଲୁଣୀ—ସ୍ତ୍ରୀ ) ଦେ. ବିଣ. ପୁଂ. ( ସଂ. କଲ୍ଲ )—୧ । ବଧିର—
काला 1. Deaf.
बहिरा ୨ । ସ୍ତବ୍ଧ—2. Stunned.

ହାତୀ ଘୋଡ଼ା ଓଟ ଗର୍ଜନ ଜାତ ହେଲ,
ହୁଇ ଯେବା ଲୋକଙ୍କୁ କାଲ କରଇଲ—କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।

୩ । ଶୀତଳ—3. Very cold.

୪ । ନିର୍ଜୀବ—4. Inert.

୫ । କାଲୁଆ; ସ୍ପର୍ଶ ବା ଅନୁଭୂତିରହିତ—
5. Insensitive to touch.

**କାଲ ଆସି ଲଟାରେ ପଶିଲାଣି**—ଦେ. ପ୍ରବଚନ—ବର୍ତ୍ତମାନ ସମୟରେ
Kāḻa āsi laṭāre paśilāṇi ଅସମ୍ଭବ ବା ବିପରୀତ କାର୍ଯ୍ୟ ଘଟିଲାଣି । [କୌଣସି ବିପରୀତ ଘଟଣା ଘଟିଲେ ( ଯଥା, ପୁତ୍ରଦ୍ୱାରା ପିତୃହତ୍ୟା; ଗୁରୁଜନଙ୍କ ଗଞ୍ଜଣା; ସତ୍ୟଲଙ୍ଘନ; ଦୁରାଚାର; ସାଧୁର ଦଣ୍ଡ; ପାପିର ପୁରସ୍କାର ) ଲୋକେ କହନ୍ତି ଯେ କାଳ ଆସି ଲଟାରେ ପଶିଲାଣି]—
The times are out of joint.

**କାଲକ**—ସଂ. ବି. ( କଲ୍ ଧାତୁ=ଗଣନା କରିବା+କର୍ତ୍ତୃ. ଅକ )—
Kāḻaka ୧ । ଦେହରେ ଜନ୍ମକାଳରୁ ଥିବା କୃଷ୍ଣବର୍ଣ୍ଣ ଚିହ୍ନ; ଦେହରେ କଳାଜାଇ ମନ୍ଦା—
1. A black mole on the body.

୨ । ଜଳଚର ଧଣ୍ଡ ସାପ—
2. A nonpoisonous aquatic serpent.

୩ । କଳା କାସୁନ୍ଦି ଶାଗ—
3. A pot herb; Cassia Occidentalis.

| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ | ଇଅ | ଔ | ଃନ୍ତ |

୪ । ( କଲ ଧାତୁ=ପ୍ରେରଣ କରିବା+କର୍ତ୍ତୃ. ଅକ)— ଯକୃତ୍ ରୋଗ—4. A disease of the liver; biliousness.

୫ । ହେଙ୍ଗୁ—5. Asafoetida.

୬ । ଲାଖ; ଜତୁ—6. Shell-lac.

ସଂ. ବିଣ. ପୁଂ. ( କାଳ+ସ୍ୱଯୁକ୍ତାର୍ଥେ. କ ) କୃଷ୍ଣବର୍ଣ୍ଣଯୁକ୍ତ— (କାଳକା—ସ୍ତ୍ରୀ) Black.

ଦେ. ଅ—୧ । ବହୁକାଳ—1. For a long time.

ବନକ ଗତ କାଳକ କଥା—ଚଗ ।

୨ । କାଲଯାକ; ଗତ ବହୁ ଦିବସ ହେଲା— 2. For a long time past.

ମାରି ମାରି ଗଲା କାଳକ, ଅଛି ରହିଗଲା ଯାଳକ—ଚଗ ।

୩ । ଆବହମାନ କାଳରୁ; ଗତ ହୋଇଥିବା ବହୁକାଳରୁ; ଚିରକାଳପାଇଁ—3. For an age past; from time immemorial; for ever.

୪ । ପିଢ଼ିକ; ପୁରୁଷକ; ଜୀବନଯାକ— 4. For one generation; throughout life.

ଭୃଷ୍ଣର ଏ ଅନୁଗ୍ରହ କାଳକ ରହିଛି—ମଧୁସୂଦନ. ଉତ୍ତରରାମଚରିତ ।

**କାଳକଞ୍ଜ**—ସଂ. ବି—(କର୍ମଧା; କାଳ+କଞ୍ଜ)—୧ । ନୀଳ ପଦ୍ମ— Kāḻakañja 1. The blue waterlily.

୨ । ଦୈତ୍ୟଙ୍କର ଶ୍ରେଣୀବିଶେଷ— 2 A class of demons,

ସେ ନରହ ଏବେ ଅର୍ଜୁନ ନାମ ବହି,
ହେଲେ କାଳକଞ୍ଜମାନଙ୍କୁ ଶରେ ଦହି ।
କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।

**କାଳକଟା**—ଦେ. ବି (କ୍ରିୟାବାଚକ)—୧ । ଦିନଯାପନ; ସମୟ ନେବା ବା କଟାଇବା—1. Spending of ( one's ) time or days.
Kāḻakaṭā
କାଲକାটা
**কালবিতানা**

୨ । କାଳକ୍ଷେପଣ; ସମୟର ବୃଥା ବ୍ୟୟ— 2. Whiling away of time.

**କାଳକଟାଇବା**—ଦେ. କ୍ରି—୧ । ସମୟ ଯାପନ କରିବା— Kāḻakaṭāibā 1. To pass time.
কালকাটান

୨ । ସମୟ ନଷ୍ଟ କରିବା— 2. To waste time.
**কালবিতানা**

**କାଳକଟିବା**—ଦେ. କ୍ରି—ସମୟ ଅତିବାହିତ ହେବା; କାଳଯାପନ— Kāḻakaṭibā The passing of time.
কালকেটেযাওয়া
**কালবিতনা**

**କାଳକଣ୍ଟକ**—ଦେ. ବି ( ରୂପକ; କାଳ+କଣ୍ଟକ )—ଘୋର ଶତ୍ରୁ— Kāḻakaṇṭaka A mortal enemy; an implacable foe.

**କାଳକଣ୍ଠ**—ସଂ. ବି ( ବହୁବ୍ରୀହି; କାଳ+କୃଷ୍ଣବର୍ଣ୍ଣ+କଣ୍ଠ )— Kāḻakanṭha ୧ । (ଦେବାସୁର ଯୁଦ୍ଧରେ ସମୁଦ୍ରମନ୍ଥନୋଦ୍ଭୂତ କାଳକୂଟବିଷ ପାନ କରିଥିବାରୁ) ନୀଳକଣ୍ଠ; ଶିବ— 1. Śiba ( whose throat is said to have turned blue as the effect of the mortal poison which was produced from the churned ocean and which he drank when there was skirmish between the Gods and the demons.

୨ । ମୟୂର—2. Peacock.

୩ । ଖଞ୍ଜନ ପକ୍ଷୀ; କଜଳପାତି ଚଢ଼େଇ— 3. The black Drongo (bird).

**କାଳକଣ୍ଠକ**—ସଂ. ବି—(ବହୁବ୍ରୀହି; କାଳ=କୃଷ୍ଣବର୍ଣ୍ଣ+କଣ୍ଠ+କ )— Kāḻakanṭhaka କାଳକଣ୍ଠ (ଦେଖ)— Kāḻakanṭha (See)

**କାଳକବଳ**—ସଂ. ବି ( ୬ଷ୍ଠୀ ତତ୍; କାଳର କବଳ )—୧ । କାଳଗ୍ରାସ; ସମୟକ୍ରମେ ବସ୍ତୁର ବିନାଶ—1. Destruction of a thing as the result of the effect of time upon it.
Kāḻakabaḻa

୨ । ମୃତ୍ୟୁ—2. Death.

**କାଳକବଳିତ**—ସଂ. ବିଣ ( ୩ୟା ତତ୍; କାଳ+କବଳିତ ) ମୃତ; ମୃତ୍ୟୁମୁଖରେ ପଡ଼ିତ—Dead.
Kāḻakabaḻita

**କାଳକଯାକ**—ଦେ ଅ—୧ । ଚିରଜୀବନ; ଆଜୀବନ— Kāḻakajāka 1. Life-long; all through life.

୨ । ବହୁକାଳାବଧି—2. For a long time past.

୩ । ଆବହମାନ କାଳରୁ— 3. From time immemorial.

**କାଳକା**—ସଂ. ବି. ସ୍ତ୍ରୀ (ନାମ) (କାଳକ+ଆ )—ରାକ୍ଷସୀବିଶେଷ— Kāḻakā Name of a demoness.

**କାଳ କାଟିବା**—ଦେ. କ୍ରି—ସମୟ ଅତିବାହିତ କରିବା; ବିତେଇବା— Kāḻa kāṭibā To spend or pass time.
কালকাটা
**কালবিতানা**

**କାଳକାଳ**—ଦେ. ବି—୧ । ଚିରକାଳ; ବହୁକାଳ— Kāḻakāḻa 1. Long time;

ଚିତ୍ତ କଥା କାଳକାଳ ହୋଇବ କାଳକାଳ ଏ କଥା ଅଥାପି ଗୋ—
ଭକ୍ତ. ବୈଦେହୀଶବିଳାସ ।

୨ । ମହାଦେବ; ଶିବ—2. The God Śiba.

**କାଳକାଳକୁ**—ଦେ. ଅ— ଚିରଦିନକୁ; ସବୁକାଳକୁ— Kāḻakāḻaku For ever.

କଥା ରହିଯିବ କାଳକାଳକୁ—ଚଗ ।

ସାଧାରଣ ଲୋକେ ଉପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଅ' ନ ମିଳିଲେ 'ବୃଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କାଳକୁ**—ଦେ. ଅ—୧ । କେବେହେଲେ—1. Ever.
**Kāḻaku** ୨ । ଭବିଷ୍ୟତରେ—2. In future.

ଅକାଶଚନ୍ଦ୍ରମା ଶରି ନ ଦେବ କାଳକୁ ଧରି—ରହସ୍ୟ. ଗୀତଗୋବିନ୍ଦ ।

**କାଳକୁଟୁ**—ପ୍ରାଦେ. (କଳାହାଣ୍ଡି; ଖଡ଼ିଆଲ) ବି—ଝିଟିପିଟି—
**Kāḻakuṭu** House-lizard.

**କାଳକୂଟ**—ସଂ. ବି (କାଳ=ଯମ+କୂଟ୍ ଧାତୁ=ନଷ୍ଟକରିବା+କର୍ତ୍ତୃ.
**Kāḻakūṭa** ଅ; ଯାହା ଯମଙ୍କୁ ମଧ ନଷ୍ଟ କରିପାରେ)—ହଳାହଳ; ମାରାତ୍ମକ ବା ଉଗ୍ର ଗରଳ (ଶିବ ଏହା ପାନ କରିବାରୁ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇ ଯାଇଥିବା ପୁରାଣ-ପ୍ରସିଦ୍ଧ)—A mortal poison (drunk by Mahādeba).

**କାଳକେୟ**—ସଂ. ବି ( କାଳକା+ଅପତ୍ୟାର୍ଥେ. ଏୟ )—
**Kāḻakeya** କାଳକାଗର୍ଭଜାତ ଅତି ଦୁର୍ଦ୍ଦାନ୍ତ ଷଷ୍ଠି ସହସ୍ର ଅସୁରଗଣ—The class-name of very wicked demons born of demoness Kāḻakā, said to number sixty thousand.

**କାଳକ୍ରମ**—ସଂ. ବି (୬ଷ୍ଠୀ ତତ୍; କାଳ+କ୍ରମ)—ସମୟର ଗତି; କ୍ରମେ
**Kāḻakrama** କ୍ରମେ ଗତ ହେଉଥିବା ସମୟ—Course of time; time succeeding time; from day to day.

**କାଳକ୍ରମେ**—ଦେ. ଅ—୧ । ସମୟକ୍ରମେ; କ୍ରମେ କ୍ରମେ ଗତ ହେଉଥିବା
**Kāḻakrame** ସମୟ ଅନୁସାରେ—1. In the course of
କାଳକ୍ରମେ time; from time to time; from day to
**समयपर** day or year to year.
୨ । ଉପଯୁକ୍ତ ସମୟ ଉପସ୍ଥିତ ହେଲେ—
2. In due course.

**କାଳକ୍ଷେପ**—ସଂ. ବି (୬ଷ୍ଠୀ ତତ୍; କାଳ+କ୍ଷେପ)—
**Kāḻakshepa** କାଳକ୍ଷେପଣ (ଦେଖ) Kāḻakshepaṇa (See)

**କାଳକ୍ଷେପଣ**—ସଂ. ବି (୬ଷ୍ଠୀ ତତ୍; କାଳ+କ୍ଷେପଣ)—
**Kāḻakshepaṇa** ୧ । କର୍ତ୍ତବ୍ୟକର୍ମର ନିର୍ଦ୍ଧାରିତ କାଳର ଲଙ୍ଘନ ବା ଅତିକ୍ରମଣ—
1. Letting the fixed time pass.
୨ । ସମୟ କଟାଇବା; କାଳ ଗୁଜାରିବା—
2. Passing of time.
୩ । ବୃଥାରେ ସମୟ ବ୍ୟୟ—3. Waste of time.

**କାଳଖଣ୍ଡ**—ସଂ. ବି (କାଳ=କୃଷ୍ଣବର୍ଣ୍ଣ+ଖଣ୍ଡ)—
**Kāḻakhaṇḍa** ଯକୃତ୍‌ରୋଗବିଶେଷ—
A disease of the liver.

**କାଳଗଙ୍ଗା**—ସଂ. ବି (କାଳ=କୃଷ୍ଣବର୍ଣ୍ଣ+ଗଙ୍ଗା)—କାଳିନ୍ଦୀ ବା ଯମୁନା
**Kāḻagaṅgā** ନଦୀ (ଏହାର ଜଳ କୃଷ୍ଣ ବା ନୀଳବର୍ଣ୍ଣ ଥିବାରୁ)—
The Jamunā river (having black water).

**କାଳ ଗଡ଼ାଇବା**—ଦେ. କ୍ରି.—୧ । ନିରୂପିତ ସମୟ ଅତିବାହନ କରିବା—
**Kāḻa gaṛāibā** 1. To be beyond time; to let the
**कालगड़ाना** appointed time pass.
**काल बिताना** ୨ । ସମୟକୁ ବୃଥା ନଷ୍ଟ କରିବା—
2. To waste time.

**କାଳ ଗଡ଼ିବା**—ଦେ. କ୍ରି—୧ । ନିରୂପିତ ସମୟରେ କୌଣସି କାର୍ଯ୍ୟ
**Kāḻa gaṛibā** ସମ୍ପନ୍ନ ନ ହେବା; ନିର୍ଦ୍ଧାରିତ ସମୟର ଅତିକ୍ରମ—
**कालगड़ा** 1. The passing of the fixed time.
୨ । ଭବିଷ୍ୟତ୍ ସମୟରେ କୌଣସି ନିରୂପିତ କାର୍ଯ୍ୟ କରିବା ପାଇଁ ରଖାଯିବା—
2. Putting off or adjournment of a matter for the future.
୩ । ସମୟର ବୃଥା କ୍ଷେପଣ—3. Waste of time.

**କାଳଗତି**—ସଂ. ବି. ( ୬ଷ୍ଠୀ ତତ୍; କାଳ+ଗତି )—
**Kāḻagati** ୧ । କାଳକ୍ରମ; ସମୟର ପାରମ୍ପର୍ଯ୍ୟ—
1. Course of time; trend of times.
୨ । ଆଗପଛ ଯଥାକ୍ରମ ସମୟ—2. Sequence of time.
୩ । ଯୁଗୋଚିତ ଘଟନା—3. The spirit of the times.

**କାଳଗ୍ରାସ**—ସଂ. ବି. ( ୬ଷ୍ଠୀ ତତ୍; କାଳ+ଗ୍ରାସ )—୧ । ମୃତ୍ୟୁମୁଖ—
**Kāḻagrāsa** 1. The jaws of death.
୨ । ମୃତ୍ୟୁ—2. Death.
୩ । ବିନାଶ—3. Destruction; ruin.

**କାଳ ଗ୍ରାସିବା**—ଦେ. କ୍ରି—୧ । ମୃତ୍ୟୁର ସମୟ ନିକଟବର୍ତ୍ତୀ ହେବା; ଅସନ୍ନ-
**Kāḻa grāsibā** ମୃତ୍ୟୁ ଅବସ୍ଥା ଘଟିବା—
1. Approach of death.

କାଳ ଗ୍ରାସିଲେ ପ୍ରାଣୀ, କହେ ଅଦ୍ଭୁତ ବାଣୀ,
ସହଜେ ଏତ ଦୁଃଖ ସୀମା—ଗୋବିନ୍ଦକୃଷ୍ଣ ।

୨ । ମରିବା; ମରଣ ଘଟିବା—2. Dying.

**କାଳଘଣ୍ଟ**—ସଂ. ବି. (ନାମ)—ରାକ୍ଷସବିଶେଷ; ରାବଣର ପୁତ୍ର—
**Kāḻaghaṇṭa** Mame of a son of Rābaṇa.

ବାନ୍ଧି କାଳଘଣ୍ଟ ଯମଘଣ୍ଟ ଘଣ୍ଟି ଯମ ଉପଯମ ଭଡ ।
ଉପେ. ବୈଦେହୀଶବିଳାସ ।

**କାଳ ଘୋଟିବା**—ଦେ. କ୍ରି—କାଳ ଗ୍ରାସିବା (ଦେଖ )
**Kāḻa ghoṭibā** Kāḻa grāsibā ( See )

**କାଳଚକ୍ର**—ସଂ. ବି. ( ରୂପକ; କାଳ+ଚକ୍ର )—
**Kāḻachakra** ୧ । ଚକ୍ରବତ୍ ଭ୍ରମଣଶୀଳ କାଳ—
1. The wheel of time; devolution of time; the cycle of the ages.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍ତୁ |

୨ । ଯମରାଜାର ମୃତ୍ୟୁଜ୍ଞାପକ ଚକ୍ରାସ୍ତ୍ର—
2. The wheeled weapon of the God of Death; the discus weapon of Jama.

**କାଳଜ୍ଞ**—ସଂ. ବଣ. ପୁଂ. ( କାଳ + ଜ୍ଞା + ଧାତୁ କର୍ତ୍ତୃ. ଅ )—
Kālajña ୧ । ଯେ ଉପଯୁକ୍ତ ସମୟ ବୁଝି କାମ କରେ—
(କାଳଜ୍ଞା—ସ୍ତ୍ରୀ) 1. One who knows the suitable time for different acts.
(କାଳଜ୍ଞତା—ବି)
୨ । ଯେ ବୃଥା କାଳକ୍ଷେପ କରେ ନାହିଁ ( ଯେ ସମୟର ମୂଲ୍ୟ ଜାଣେ ବା ବୁଝେ )—2. ( Knowing the value of time ) Not given to wasting time.
୩ । କାଳବିଦ୍ୟା ଜାଣିଥିବା ( ବ୍ୟକ୍ତି )—
3. Versed in the science of time.
୪ । କାଳବିତ୍; ଯେ କୌଣସି ( ଯଥା; ଭୂତ; ବର୍ତ୍ତମାନ ଓ ଭବିଷ୍ୟତ୍ ) କାଳରେ ଘଟିବା ବିଷୟ ବା କଥା ଜାଣେ; (ଯଥା—ତ୍ରିକାଳଜ୍ଞ)—4. Knowing the events of different times.
୫ । ଜ୍ୟୋତିଷିକ—5. Versed in astronomy.
ସଂ. ବି—କୁକ୍କୁଟ—Cock.

**କାଳଞ୍ଜର**—ସଂ. ବି. ପୁଂ. ( କାଳ—ମୃତ୍ୟୁ + ଜୃ ଧାତୁ + କର୍ତ୍ତୃ. ଅ )—
Kālañjara ୧ । ମୃତ୍ୟୁଞ୍ଜୟ; ଶିବ—1. Siba.
(କାଳଞ୍ଜରା—ସ୍ତ୍ରୀ) ୨ । ପର୍ବତବିଶେଷ—
2. Name of a mountain.
୩ । ଯୋଗିଚକ୍ର—3. The imaginary mystic circle of the 'Jogi'.
୪ । ଦେଶବିଶେଷ—4. Name of a country.

**କାଳତ୍ରୟ**—ସଂ. ବି. ( ୬ଷ୍ଠୀ ତତ୍; କାଳ + ତ୍ରୟ )—
Kālatraya ତ୍ରିକାଳ; ଭୂତ, ବର୍ତ୍ତମାନ ଓ ଭବିଷ୍ୟତ୍—
The three times; past, present, future.

**କାଳଦଇବତ**—ଦେ. ବି. ( ସଂ. କାଳ + ଦୈବତ )—
Kāladaibata ୧ । କାଳଦେବତା; ମୃତ୍ୟୁଦେବତା—
1. Death personified as a Deity.
୨ । ଯମରାଜ—2. Jama, the king of Death.

ମଣ୍ଡଳର ହୋଇଣ କାଳଦଇବତ
ହେଲେ କେଳ କଂସ କୁଟଳକ ଗତ । କୃଷ୍ଣସିଂହ. ମହାଭାରତ. ଅଦ ।

**କାଳଦଣ୍ଡ**—ସଂ. ବି ( ୬ଷ୍ଠୀ ତତ୍; କାଳ + ଦଣ୍ଡ )—
Kāladaṇḍa ଯମରାଜାଙ୍କର ହସ୍ତରେ କଳ୍ପିତ ଦଣ୍ଡ—
The sceptre of Jama.
ଦେ. ବି. ( ରୂପକ )—ମୃତ୍ୟୁରୂପ ଈଶ୍ୱରଙ୍କ ଦଣ୍ଡ—
God's visitation in the shape of death of a person or persons.

**କାଳଦଣ୍ଡବାହା**—ଦେ. ବି. ( ସଂ. କାଳ + ଦଣ୍ଡବାହୀ )—ଯମ—
Kāladaṇḍa bāhā The God 'Jama'.

ତୁମ୍ଭେ ବଳ କର ମାରୁଛ ମୁଁ ଏହା
ଦଥ ମୋତେ ଅଛେ କାଳଦଣ୍ଡବାହା । କୃଷ୍ଣସିଂହ. ମହାଭାରତ. ବନ ।

**କାଳଦମନ**—ଦେ. ବି. (ନାମ) ( ସଂ. କାଳ ଯବନ )—
Kāladamana କାଳଯବନ; ରାକ୍ଷସବିଶେଷ—
Name of a demon.

ଦନ୍ତବକ୍ତ୍ର ମହାନନ୍ଦ, କାଳଦମନ ଜରାସନ୍ଧ । ଭୂପତି. ପ୍ରେମପଞ୍ଚାମୃତ ।

**କାଳଦୋଷ**—ପ୍ରାଦେ. (ଗଞ୍ଜାମ) ବି. ( କଚେରୀ ଭାଷା )—
Kāladosha ମକଦ୍ଦମା ଆଦିରେ ତମାଦି ଦୋଷ—
The bar of limitation of time; time-bar.
ସଂ. ବି. ( ୬ଷ୍ଠୀ ତତ୍; କାଳ + ଦୋଷ )—କାଳାଶୁଦ୍ଧି—
The state of a time being inauspicious for the performance of certain ceremonies.

**କାଳଧର୍ମ**—ସଂ. ବି. ( ୬ଷ୍ଠୀ ତତ୍; କାଳ + ଧର୍ମ )—୧ । ମୃତ୍ୟୁ; ମରଣ—
Kāladharma 1. Death.
୨ । ଯୁଗଧର୍ମ; ଯେଉଁ କାଳ ବା କାଳରେ ଯେଉଁ କଥା ବା ଆଚାର ଅବଶ୍ୟ ଘଟିବ—2. Things which must happen in certain ages; the spirit of the times.
୩ । ଯୁଗୋଚିତ ଆଚରଣ; ଯେଉଁ କାଳରେ ଯେଉଁ ଧର୍ମ ବା ଆଚରଣ କରାଯିବା ଉଚିତ—
3. Line of conduct suitable to any time or season; acts which should be done on specified occasions.

**କାଳନାଗ**—ସଂ. ବି. ପୁଂ ( କର୍ମଧା; କାଳ + ନାଗ )—
Kālanāga ୧ । କାଳସର୍ପ; କୃଷ୍ଣବର୍ଣ୍ଣ ବିଷଧର ସର୍ପବିଶେଷ;
କାଳନାଗିନୀ } ସ୍ତ୍ରୀ. କୃଷ୍ଣନାଗ—1. A species of very poisonous black asps.
କାଳନାଗୀ }
कालनाग ୨ । କାଳୀୟ ସର୍ପ—2. The mythological
कालासाँप black asp which was vanquished by Srikrushna.
ଦେ. ବି. ପୁଂ. ( ଲକ୍ଷଣାର୍ଥ )—୧ । ଖଳ ବ୍ୟକ୍ତି—
1. ( figurative ) A wicked and virulent person.
(କାଳନାଗୁଣୀ—ସ୍ତ୍ରୀ)
୨ । କଳିହୁଡ଼ା ବ୍ୟକ୍ତି—2. A quarrelsome person.
୩ । ଯେଉଁ ବ୍ୟକ୍ତି ଆଶ୍ରୟଦାତା ବା ଉପକାରୀର ଅନିଷ୍ଟ ଘଟାଏ—
3. An ungrateful person.

**କାଳନିଶା**—ସଂ. ବି. ( ରୂପକ; କାଳ + ନିଶା )—
Kālanisā କାଳରାତ୍ରି ( ଦେଖ )
Kālarātri ( See )

**କାଳନେମି**—ସଂ. ବି—୧ । ହିରଣ୍ୟକଶିପୁର ପୁତ୍ର; ରାକ୍ଷସବିଶେଷ—
Kālanemi 1. Name of a demon; son of Hiranya Kasipu.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ସଅାଳରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କ୍ଷୀର' ନ ମିଳିଲେ 'କ୍ଷିର' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଲ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ରାବଣର ମାମୁ—
2. Uncle of Rābaṇa killed by Hanumān.
[ ଦ୍ର— କାଳନେମିର ଲଙ୍କାଭାଗ ( ନ୍ୟାୟ )—ଅନିଶ୍ଚିତ ଭବିଷ୍ୟତ୍ ବିଷୟକ ଆଗତପାଞ୍ଚରେ ଉଦାହରଣ ଦିଆଯାଏ । ଶକ୍ତିଶେଳବିଦ୍ଧ ହୋଇ ହତଚେତନ ହୋଇଥିବା ଲକ୍ଷ୍ମଣଙ୍କ ପାଇଁ ଅମରମହୌଷଧି ଲୋଡ଼ା ହେବାରୁ ହନୁମାନ୍ ଗନ୍ଧମାଦନ ପର୍ବତକୁ ଯିବା ସମୟରେ ହନୁମାନ୍‌କୁ ବାଟରେ ବଧ କରିବାକୁ ରାବଣ ତାହାର ମାମୁ କାଳନେମିକୁ ପଠାଇଥିଲା ଓ ହନୁମାନ୍‌କୁ ବଧ କଲେ କାଳନେମିକୁ ଲଙ୍କାରୁ ଅଧେ ପୁରସ୍କାର ଦେବ ବୋଲି ମାମୁଙ୍କୁ କହିଥିଲା । ହନୁମାନ୍‌କୁ ମାରିବାକୁ ଅନୁକୂଳ କରିବା ପୂର୍ବରୁ ଲଙ୍କାର କେଉଁ ଫାଳକ ସେ ପାଇବ ତାହା କାଳନେମି ଆଗତପାଞ୍ଚ କରି ସ୍ଥିର କରିଥିଲା । ମାତ୍ର ହନୁମାନ୍‌କୁ ବଧ କରି ନ ପାରି କାଳନେମି ହନୁମାନ୍ ହାତରେ ବଧ ହେଲା ଓ ତାହାର ଲଙ୍କାରୁ ଫାଳେ ପାଇବା ପାଞ୍ଚ ଫଳରେ ଘଟିଲା ନାହିଁ । ]

୩ । ( ୬ଷ୍ଠୀ ତତ୍; କାଳ + ନେମି )—କାଳଚକ୍ରର ପରିଧି—
3. The rim of the wheel of time.

**କାଳନେମିର ଲଙ୍କାଭାଗ**—ଦେ. ( ନ୍ୟାୟ )—ଅନିଶ୍ଚିତ ଘଟଣା ସମ୍ବନ୍ଧେ
Kā̲lanemira laṅkābhāga ଆଗତପାଞ୍ଚ ( କାଳନେମି ୨ ତଳେ ନୋଟ୍ ( ଦେଖ )—
କାଲନେମିର ଲଙ୍କାଭାଗ
**କାଲନେମିକା ଲଙ୍କାଭାଗ** An allusion used in cases of people apportioning things which are uncertain of achievement.

**କାଳନ୍ଦି**—ଗ୍ରା. ବି. ( ସଂ. କାଳନ୍ଦୀ )—
Kā̲landi ୧ । କାଳନ୍ଦୀ ନଦୀ; ଯମୁନା ନଦୀ—
1. River J̄amunā.
୨ । କାଳିନ୍ଦି ( ଦେଖ )
2. Kā̲lindi ( See )
୩ । କାଳନ୍ଦୀଚରଣ ନାମକ ବ୍ୟକ୍ତିର ଡାକନାମ—
3. A name by which a person named 'Kā̲lindicharaṇa' is popularly called.

**କାଳ ପଡ଼ିବା**—ଦେ. ବି—ଦେଶରେ ଦୁର୍ଭିକ୍ଷ ହୋଇବା—
Kā̲la pardibā The happening of famine in a country.

**କାଳପର୍ଣ୍ଣୀ**—ସଂ. ବି. ( ବୈଦ୍ୟକ )—ତଗର ବୃକ୍ଷ—
Kā̲laparṇṇā A flowering plant

**କାଳପର୍ଯ୍ୟାୟ**—ସଂ. ବି. ( ୬ଷ୍ଠୀ ତତ୍; କାଳ + ପର୍ଯ୍ୟାୟ )—
Kā̲laparjyāya ୧ । କାଳକ୍ରମ—
1. Course of time.
୨ । କାଳ ବିପର୍ଯ୍ୟୟ; କାଳର ବୈପରୀତ୍ୟ ବା ବିପରୀତ ଗତି; କାଳର ଓଲଟା ଗତି; ଶୁଭ କାଳରେ ଅଶୁଭ ଘଟଣା ଓ ଅଶୁଭ କାଳରେ ଶୁଭ ଘଟଣା ଘଟିବାର ଅବସ୍ଥା—
2. The going amiss of the time; state of unsuitab .nd unexpected events happening· the state of times being disjointed; the irony of times.

**କାଳପାତ**—ସଂ. ବି. ( ୬ଷ୍ଠୀ ତତ୍; କାଳ + ପାତ )—
Kā̲lapāta କାଳଯାପନ ( ଦେଖ )
Kā̲lajāpana ( See )

**କାଳପାଶ**—ସଂ. ବି. ( ୬ଷ୍ଠୀ ତତ୍; କାଳ + ପାଶ )—
Kā̲lapāsa ୧ । ଯମଦେବଙ୍କର ପାଶ; ଯମଦୂତ ଯେଉଁ ପାଶକୁ ଆସନ୍ନମୃତ୍ୟୁ ଜୀବଙ୍କ ବେକରେ ଲଗାଇ ମୃତ୍ୟୁ ପାଇଁ ଟାଣନ୍ତି—
1. The noose of death which J̄amas peons are said to tie round the necks of dying persons to drag them to death.
୨ । ମୃତ୍ୟୁ—2. Death.

**କାଳପୁର**—ସଂ. ବି. ( ୬ଷ୍ଠୀ ତତ୍; କାଳ + ପୁର )—ଯମଭୁବନ—
Kā̲lapura The abode of Death.
ପ୍ରଚଣ୍ଡ ପାଣ୍ଡବଙ୍କ କାଣ୍ଡସାରେ ମଲେ
କାଳପୁର କୁରୁଙ୍କ ରଥେ ଦେଖିଲେ । କୃଷ୍ଣସିଂହ. ମହାଭାରତ ।

**କାଳପୁରୁଷ**—ସଂ. ବି—୧ । କୃଷ୍ଣବର୍ଣ୍ଣ ଶରୀରବିଶିଷ୍ଟ ବିକଟାକାର ଯମଙ୍କ
Kā̲lapurusha ଦୂତ, ଯେ ଆସନ୍ନମୃତ୍ୟୁ ବ୍ୟକ୍ତିଙ୍କୁ ପରଲୋକକୁ ନେବା ପାଇଁ ଯମଙ୍କଠାରୁ ଆଦେଶ ଆଣି ଆସେ ଓ ଯାହାକୁ ସ୍ୱପ୍ନରେ ଦେଖିବା ବ୍ୟକ୍ତିର ଅଳ୍ପ ଦିନରେ ମୃତ୍ୟୁ ଘଟିବ ବୋଲି ଲୋକବିଶ୍ୱାସ—
1. The black bodied hideous messenger of the God of Death who comes to dying people with J̄ama's order to take them.
କାଳପୁରୁଷ ଯେ ତାହା ଲେଖକ କରିଛ
କାଳ ଯେ ପୁରୁଷ ତାର କାରଣ ଅଟଇ—ଡାଟୀ. ଶ୍ରୀ ଗୁରୁଭକ୍ତିଗୀତା ।
୨ । ଯମ —2. The God of Death.
୩ । ପୁରୁଷାକୃତି ନକ୍ଷତ୍ରପୁଞ୍ଜ—
3. The constellation Orion.
[ ଦ୍ର— ଏହାର ମସ୍ତକ ମୃଗଶିରା ଓ ଗୋଟିଏ ଭୁଆମୁଣ୍ଡି ଆର୍ଦ୍ରା; ଏହାର କଟିବନ୍ଧ ଚିହ୍ନିଲା ତାରକାତ୍ରୟ । ଏହାର ଅନ୍ୟ ନାମ ଅଗ୍ରହାୟଣୀ । ]
୪ । ( ଜ୍ୟୋତିଷ ) ଶୁଭାଶୁଭ ଜ୍ଞାନାର୍ଥ ପୁରୁଷରୂପରେ ଅଙ୍କିତ ଜନ୍ମଲଗ୍ନାଦିକଳ୍ପିତ ଦ୍ୱାଦଶ ରାଶି—
4. ( astrology ) The 12 signs of the zodiac drawn into the shape of a man.

**କାଳ ପୂରାଇବା**—ଦେ. କ୍ରି—୧ । ମାରି ପକାଇବା—
Kā̲la pūraibā 1. To kill.
ଯେବେ କୁରୁମାନଙ୍କ ପୂରାଇବ କାଳ—କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।

| ୧ | ଇ | ଉ | ଋ,ଋ | ଌ | ଏ' | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତ |

୨ । ମରିବା—2. To die.

ପାଣ୍ଡୁ ତ ଗଲେଣି ମୋ ଦେହଯାକ ବାଳ
ଅର୍ଜୁନ ସଙ୍ଗେ ଯୁଝି ପୂରିଲେ କାଳ—କୃଷ୍ଣସିଂହ. ମହାଭାରତ. ବନ ।

**କାଳ ପୂରିବା**—ଦେ. କ୍ରି—୧ । ଜୀବନାନ୍ତ ସମୟ ଉପସ୍ଥିତ ହେବା; ମୃତ୍ୟୁ ଆସନ୍ନ ହେବା—
Kāla pūribā
1. Death being imminent.
୨ । ମୃତ୍ୟୁ ଘଟିବା—2. Death taking place.

କେ ବୋଲଇ କେତେ କାଳରେ ଏହି କାଳ
ହୋଇଛି ଆଜ ତହିଁ ପୂରିବ ଅଛି କାଳ—କୃଷ୍ଣସିଂହ. ମହାଭାରତ. ଆଦି ।

**କାଳପୃଷ୍ଠ**—ସଂ. ବି. ( ବହୁବ୍ରୀହି; କାଳ + ପୃଷ୍ଠ )—୧ । କଙ୍କପକ୍ଷୀ—
Kālaprushṭha
1. The Numidian Crane.
୨ । କର୍ଣ୍ଣଙ୍କ ଧନୁର ନାମ—
2. The bow of king Karnna.
୩ । ମୃଗବିଶେଷ—3. A kind of antelope.

**କାଳବଶ**—ସଂ. ବିଣ. ( ୬ଷ୍ଠୀ ତତ୍; କାଳ + ବଶ )—
Kālabaśa ୧ । କାଳ ବା ସମୟର ଅଧୀନ—
1. Subject to time.
୨ । ମୃତ୍ୟୁର ଅଧୀନ—2. Subject to death.
ଦେ. ବି—୧ । କାଳକ୍ରମ; ସମୟକ୍ରମ; ଘଟନାକ୍ରମ; ସମୟଗତି—
1. Course of time.
୨ । ମୃତ୍ୟୁ—2. Death.

ଏଥିରୁ ଅନ୍ୟ ହୋଇ ଯେବେ ରାଜା ଥିଲେ
କାଳବଶେ (୧ମ ଅର୍ଥ) କାଳବଶ (୨ୟ ଅର୍ଥ)କୁ ପାଇଲେ—
କୃଷ୍ଣସିଂହ. ମହାଭାରତ. ଆଦି ।

**କାଳବଶେ**—ଦେ. ଅ—କାଳକ୍ରମେ; ସମୟର ଗତି ଅନୁସାରେ—
Kālabaśe In the course of time.

**କାଳବସନା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; କାଳ = କୃଷ୍ଣବର୍ଣ୍ଣ + ବସନ = ବସ୍ତ୍ର + ଆ )—ନୀଳାମ୍ବରା ( ସ୍ତ୍ରୀ )—
Kālabasanā
( female ) Wearing blue cloth.

ବରସେ ରସନା ବଳୟେ କରିବ କର୍ପା ମୁଁ କାଳବସନା—
ଭକ୍ତ. ପ୍ରେମସୁଧାନିଧି ।

**କାଳବାତ**—ଦେ. ବି—ରୋଗବିଶେଷ; [ଏହା କୁଷ୍ଠ ରୋଗର ପୂର୍ବଲକ୍ଷଣ; ଏଥିରେ ଶରୀରର ଚର୍ମରେ କଳାଦାଗ ଦେଖାଯାଏ ଓ ଉକ୍ତ ଅଂଶରେ ସ୍ପର୍ଶାନୁଭବ ଶକ୍ତିଲୋପ ହୁଏ]—
Kālabāta
A disease which precedes leprosy and turns the skin insensitive to touch.

**କାଳବିକାଳ**—ଦେ. ବି. ( ଦ୍ୱନ୍ଦ୍ୱ; କାଳ + ବିକାଳ )—ଯମଙ୍କର ଦୂତଦ୍ୱୟ—
Kālabikāla Name of a pair of Jama's peons.
[ ଦ୍ର—ଏମାନେ ମୃତବ୍ୟକ୍ତିର ଆତ୍ମାକୁ କାଳପାଶରେ ବାନ୍ଧି ଯମଙ୍କ ସମ୍ମୁଖକୁ ନିଅନ୍ତି । ]

**କାଳବିପର୍ଯ୍ୟୟ**—ସଂ. ବି. ( ୬ଷ୍ଠୀ ତତ୍; କାଳ + ବିପର୍ଯ୍ୟୟ )—
Kālabiparjyaya କାଳପର୍ଯ୍ୟାୟ ୨ ( ଦେଖ )
Kālaparjyāya 2. ( See )

**କାଳବିଭୂତି**—ସଂ. ବି. ( ବହୁବ୍ରୀହି; କାଳ + ବିଭୂତି )—ଯମ—
Kālabibhūti The God Jama.

ବ୍ରହ୍ମାଣ୍ଡ କୃଶାନୁଭବ କାଳବିଭୂତି ପ୍ରଭବ ଶବ ଦେଶରେ
ଅଧ୍ୟନ୍ତ ଘୋର ଯେ—ଭଞ୍ଜ. ବୈଦେହୀଶବିଳାସ ।

**କାଳବେଳ**—ଦେ. ବି. ( ଏକାର୍ଥକ ସହଚର ଶବ୍ଦ; ସଂ. କାଳ + ବେଳା )—ସମୟ—Time.
Kālabeḷa

**କାଳବେଳା**—ସଂ. ବି. (୬ଷ୍ଠୀ ତତ୍; କାଳ = ଶନି + ବେଳା = ସମୟ)—
Kālabeḷā ଜ୍ୟୋତିଷମତେ ସପ୍ତାହର ଭିନ୍ନ ଭିନ୍ନ ଦିନ ନିର୍ଦ୍ଦିଷ୍ଟ ଅଶୁଭ ସମୟ; ବାରବେଳା—Certain inauspicious periods of each day of the week according to Hindu astrology.

କାଳବେଳା ହୋଇଅଛି ବେଳ ଶନିସ୍ତର—
ସାରଳା. ମହାଭାରତ. ବନ ।

[ ଦ୍ର—ଏ ସମୟରେ ଯାତ୍ରାଦି ଶୁଭକର୍ମ ନିଷିଦ୍ଧ । ]

କାଳବେଳା ସମ୍ବନ୍ଧେ ଓଡ଼ିଆ ଡାକବୃଷି ବଚନ:—
ରବି ଦଶ ସାଢ଼େ ସୋମ ଚଉଠା,
ବାର ମଙ୍ଗଳ ପଣ୍ଡିତ ଷଠା,
ଗୁରୁ ତଉଦ ମନ୍ତ୍ରୀ ଆଠ,
ଉଦୟ ଅସ୍ତ ଶନିର ପାଠ ।

| | | | | |
|---|---|---|---|---|
| ରବି ଦିବସ | ୫ମ | ଯାମାର୍ଦ୍ଧ ଓ ରାତ୍ରି | ୬ଷ୍ଠ | ଯାମାର୍ଦ୍ଧ |
| ସୋମ— „ | ୨ୟ | „ „ | ୪ର୍ଥ | „ |
| ମଙ୍ଗଳ— „ | ୬ଷ୍ଠ | „ „ | ୨ୟ | „ |
| ବୁଧ— „ | ୩ୟ | „ „ | ୭ମ | „ |
| ଗୁରୁ— „ | ୭ମ | „ „ | ୫ମ | „ |
| ଶୁକ୍ର— „ | ୪ର୍ଥ | „ „ | ୩ୟ | „ |
| ଶନି— „ | ୧ମ | „ „ | ୧ମ | „ |

**କାଳଭୁତ୍**—ବୈଦେ. ବି. (ଫା—କାଲ୍‌ବୁତ୍)—କାଲ୍‌ବୁତ୍ (ଦେଖ)
Kalabhut Kālbut (See)

**କାଳଭୁଜଙ୍ଗ**—ସଂ. ବି. ପୁଂ.—( କର୍ମଧା; କାଳ + ଭୁଜଙ୍ଗ )—କାଳନାଗ ( ଦେଖ )—Kālanāga (See)
Kālabhujanga
(କାଳଭୁଜଙ୍ଗୀ—ସ୍ତ୍ରୀ)

**କାଳଭୈରବ**—ସଂ. ବି.—(ବହୁବ୍ରୀହି; କାଳ + ଭୈରବ = ଭୀଷଣ)—
Kālabhairaba ୧। ଶିବଙ୍କ ଶରୀରରୁ ଜାତ ଶିବାନୁଚରବିଶେଷ—
1. An attendant of Mahādeba born of his body.
୨ । କାଶୀରେ ପୂଜିତ ଶିବାନୁଚର—2. Name of an idol at Benares.

**କାଳମଷ**—ଗ୍ରା. ବି.—(ସଂ. କଲ୍ମଷ)—କଲ୍ମଷ (ଦେଖ)
Kālamasha Kalmasha (See)

**କାଳମହାରଗ**—ଗ୍ରା. ବି.—(ସଂ. କାଳ + ମହାର୍ଘ)—ଦୁର୍ଭିକ୍ଷ—
Kālamaharaga Famine.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଯା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାଲମାନ**—ସଂ. ବି.—( ୬ଷ୍ଠୀ ତତ୍; କାଲ+ମାନ )—ସମୟର
Kālamāna ପରମାଣ—1. Measure of time.
୨ । କଳା ତୁଳସୀ—2. The black variety of Holy Basil plant.

**କାଲମାୟା**—ସଂ. ବି. ସ୍ତ୍ରୀ—କାଲମାୟୀ (ଦେଖ)
Kālamāyā Kālamāyī (See)

**କାଲମାୟୀ**—ଦେ. ବି. ସ୍ତ୍ରୀ.—( ସଂ. କାଲ+ମାୟା )—ପୁରାଣବର୍ଣ୍ଣିତ
Kālamāyī ଠାକୁରାଣୀବିଶେଷ—Name of a Goddess mentioned in the Purāṇas.

**କାଲ ମାରିବା**—ଦେ. ବି.—(ଦେଖ) ଥଣ୍ଡା ହୋଇଯିବା—
Kāla māribā The state of the body becoming cool through intense cold.

**କାଲୟ**—ସଂ. ବି.— ପୀତଚନ୍ଦନ (ଦେଖ)
Kālaya Pītachandana (See)

**କାଲଯବନ**—ସଂ. ବି. (ନାମ) ( କାଲ+ଯବନ )—ଯବନରାଜବିଶେଷ;
Kālajabana [ଶୂଳପାଣିଙ୍କ ସଂଯୋଗରେ ଗାର୍ଗ୍ୟ ମୁନିଙ୍କ ଔରସରୁ ଜାତ; ଏ ମହାଦେବଙ୍କ ବରରେ ବିଶେଷ ଅତ୍ୟାଚାରୀ ହେବାରୁ ଶ୍ରୀକୃଷ୍ଣ କୌଶଳପୂର୍ବକ ମୁଚୁକୁନ୍ଦର କୋପଦୃଷ୍ଟିରେ ଏହାକୁ ଭସ୍ମ କରାଇ ଥିଲେ]—A very oppressive demon-king who was slain by Śrīkṛushṇa by means of a stratagem

**କାଲଯମ**—ସଂ. ବି.—୧ । ମୃତ୍ୟୁ—
Kālajama 1. Death.
୨ । ମୃତ୍ୟୁ ଦେବତା—2. The God of Death.

**କାଲଯାପନ**—ସଂ. ବି. ( ୬ଷ୍ଠୀ ତତ୍; କାଲ+ଯାପନ )—୧ । ସମୟ
Kālajāpana କ୍ଷେପଣ; କାଲ କଟାଇବା—1. The passing or whiling away of time.
୨ । ବିଳମ୍ବ—2. Delay.
୩ । ହଁ କରିବା ହଁ କରିବା ବୋଲି ବେଳ ଗଡ଼ାଇବା—
3. Procrastination.
୪ । ଲୋକଯାତ୍ରା ନିର୍ବାହ; ଗୁଜରାଣ୍ ମେଣ୍ଟଣ—
4. Eking out of one's subsistence.

**କାଲଯୋଗିନୀ**—ସଂ. ବି. (ଜ୍ୟୋତିଷ)—ଯୋଗିନୀ (୨) (ଦେଖ)
Kālajoginī Joginī (See)

**କାଲଯୋଗ୍ନି**—ଗ୍ରା. ବି. (ପଦ୍ୟ) (ସଂ. କାଲ ଯୋଗିନୀ)—
Kālajognī Joginī (2) (See)
ଦିଗମ୍ବର ଭଳେ ଭିତେ ହୁଏ କାଲଯୋଗ୍ନି । ସାରଳା- ମହାଭାରତ ।

**କାଲରାତ୍ରି**—ସଂ. ବି.—(ରୂପକ; କାଲ+ରାତ୍ରି)—୧ । ବିପଦ ବା ମୃତ୍ୟୁ
Kālarātri ଆଦି ନାନା ଅଶୁଭ ଘଟଣା ଘଟୁଥିବାର ରାତ୍ରି—
1. A night in which dreadful events take place.
୨ । ହିନ୍ଦୁ ଜ୍ୟୋତିଷ ମତରେ ରାତ୍ରିର ଅଶୁଭକର ସମୟ—
2. Inauspicious period of the night according to Hindu astrology.
୩ । ବୃଷ୍ଟି ବର୍ଷା ଆଦି ହେଉଥିବା ଘୋର ଅନ୍ଧକାରମୟ ରାତ୍ରି—
3. Dreadful dark night of rain and storm.
୪ । କଳ୍ପାନ୍ତ କାଳର ରଜନୀ—4. The long night which will shroud the universe at the end of a Kalpa when the creation will be deluged with the universal flood.

**କାଲଲବଣ**—ସଂ. ବି. (କାଲ=କୃଷ୍ଣ+ଲବଣ)—ବିଟଲବଣ—
Kālalabaṇa Fœtid salt; black salt.

**କାଲଶତ୍ରୁ**—ସଂ. ବି. ( ରୂପକ କର୍ମଧା; କାଲ+ଶତ୍ରୁ )—
Kālaśatru ୧ । ଭୟଙ୍କର ବା ଅତିଶୟ ଯନ୍ତ୍ରଣାଦାୟକ ଶତ୍ରୁ—
1. A tormenting enemy.
୨ । ମାରାତ୍ମକ ଶତ୍ରୁ—2. A mortal enemy.

**କାଲଶି**—ଦେ. ବି. ପୁଂ ଓ ସ୍ତ୍ରୀ—୧ । ଯେଉଁ ପୁରୁଷ ବା ସ୍ତ୍ରୀକୁ ଦେବତା
Kālaśi ଲାଗନ୍ତି; ଯାହାଠାରେ ଦେବତା ଭର ହୁଅନ୍ତି—
(କାଲଶୁଣୀ—ସ୍ତ୍ରୀ) 1. A man or woman who is periodically possessed by the spirit of a Deity and who pronounces inspired oracles.
୨ । ବସନ୍ତ ରୋଗାକ୍ରାନ୍ତ ବ୍ୟକ୍ତି [ ଏହା ଶରୀରରେ ବସନ୍ତ (ଶୀତଳା ଠାକୁରାଣୀ) ଭରେ କରିଥିବାର ବିଶ୍ୱାସ ହେତୁ]—
2. A person suffering small pox.

**କାଲଶି ଲଗାଇବା**—ଦେ. କ୍ରି—କାଲଶି ବା କାଲଶୁଣୀଠାରେ
Kālaśi lagāibā ଦେବତାଙ୍କର ଆବେଶ କରାଇବା ଲାଗି ( ଧୂପ, ଦୀପ, ଘଣ୍ଟା,ଘଣ୍ଟ ଓ ବାଜା ବଜାଇବା ଆଦି) ଉପାୟ କରିବା—
To take preliminary steps (e.g. burning of incense and light, sounding of gongs and drums, and offering of sweet drink etc. ) for causing the spirit of a Deity to descend upon or possess a particular person, with a view to hear the Deity's wishes and oracles.

**କାଲଶି ଲାଗିବା**—ଦେ. ବି— ମନୁଷ୍ୟଙ୍କଠାରେ ଦେବତାଙ୍କର ଆବେଶ—
Kālaśi lāgibā The spirit of a Deity possessing a man or woman.

**କାଲଶୁଣୀ**—ଦେ. ବି. ସ୍ତ୍ରୀ—୧ । କାଲଶିର ସ୍ତ୍ରୀଲିଙ୍ଗ—
Kālaśuṇī 1. Feminine of Kālaśi.
୨ । ଗ୍ରାମଦେବତାବିଶେଷ—
2. Name of a popular Goddess.

| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଅ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଏ୍ଁ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତ |

**କାଳଶୁଦ୍ଧି**—ସଂ. ବି (ଷଷ୍ଠୀତତ୍; କାଳ+ଶୁଦ୍ଧି)—(ଜ୍ୟୋତିଷ) ହିନ୍ଦୁ
**Kālaśuddhi** ଜ୍ୟୋତିଷଶାସ୍ତ୍ର ମତରେ ବିବାହ ବ୍ରତାଦି ଶୁଭାନୁ-
(କାଳାଶୁଦ୍ଧି—ଅପଶୁଦ୍ଧ) ଷ୍ଠାନମାନ କରିବାର ଉପଯୁକ୍ତ ବା ଶୁଦ୍ଧ ସମୟ—Favourable time for the performance of social or family ceremonies ( e. g. marriage, upanayana).

**କାଳଶେୟ**—ସଂ. ବି. ( କଳଶୀ+ଭବାର୍ଥେ. ଏୟ )—
**Kālaśeya** ଘୋଳ; ତକ୍ର; ଚହ୍ଲା; ଘୋଳ ଦହି—
Churned curd ( after the butter is removed ).

**କାଳସର୍ପ**—ସଂ. ବି. ପୁଂ—କାଳନାଗ ( ଦେଖ )
**Kālasarpa** Kālanāga ( See )
( କାଳସର୍ପୀ; କାଳସର୍ପିଣୀ—ସ୍ତ୍ରୀ )

**କାଳ ସର୍ପ ବେକରେ ଗୁଡ଼ାଇବା**—ଦେ. କ୍ରି—
**Kāla sarpa bekare gurdāibā**
୧ । ଜାଣିଶୁଣି ବିପଦକୁ ପାଖକୁ ଡାକି ଆଣିବା—
1. Knowingly to court misfortune.
୨ । ସର୍ବନାଶକାରୀ ବ୍ୟକ୍ତିକୁ ନିଜ ପାଖରେ ରଖିବା—
2. To give shelter to a person who is sure to turn round and bite you to death.
୩ । ଅନ୍ୟ ବ୍ୟକ୍ତି ନିକଟରେ ଗୋଟିଏ ଦୁଷ୍ଟ ବ୍ୟକ୍ତିକୁ ରଖିବା—
3. To keep a wicked person near someone.

**କାଳ ସହିବା**——ଦେ. ବି—ଡେରି ସହିବା; ଅପେକ୍ଷା ବା ବିଳମ୍ବ
**Kāla sahibā** କରିବାକୁ ଧୈର୍ଯ୍ୟଶୀଳ ହେବା—
Brooking of delay.

**କାଳସାପ**—ଦେ. ବି. ( ସଂ. କାଳ ସର୍ପ )—କାଳନାଗ ( ଦେଖ )
**Kālasāpa** Kālanāga ( See )
कालसाप
**कालासाँप**
(କାଳସାପୁଣୀ—ସ୍ତ୍ରୀ)

**କାଳସାର**—ସଂ. ବି. ( ବହୁବ୍ରୀହି; କାଳ=କୃଷ୍ଣ+ସାର )—
**Kālasāra** ୧ । କୃଷ୍ଣସାର ମୃଗ; କଳାବାଲୁଟିଆ; ବାଲି ହରିଣ—
1. The black spotted deer; the Indian antelope; antelope Cervi Capra.
୨ । ପୀତ ଚନ୍ଦନ ( ଦେଖ )
2. Pīta chandana ( See )

**କାଳସୂତ୍ର**—ସଂ. ବି. ( କାଳ+ସୂତ୍ର )—
**Kālasūtra** ୧ । କାଳପାଶ ( ଦେଖ )
1. Kālapāśa ( See )
୨ । ହିନ୍ଦୁ ପୁରାଣୋକ୍ତ ପ୍ରତପ୍ତ ତାମ୍ରମୟ ନରକବିଶେଷ—
2. Part of hell containing molten copper ( according to Hindu mythology ).

**କାଳସୂତ୍ରକ**—ସଂ. ବି. ( କାଳସୂତ୍ର+ସ୍ୱାର୍ଥେ. କ )—
**Kālasūtraka** କାଳସୂତ୍ର ( ଦେଖ )
Kālasūtra ( See )

**କାଳସେୟ**—ସଂ. ବି. ( କଳସୀ+ଭବାର୍ଥେ. ଏୟ )—
**Kālaseya** କାଳଶେୟ ( ଦେଖ )—
Kālaśeya ( See )

**କାଳସ୍କନ୍ଧ**—ସଂ. ବି. ( ବହୁବ୍ରୀହି; କାଳ=କଳା+ସ୍କନ୍ଧ )—
**Kālaskandha** ୧ । ଜୀବକ ( ଦେଖ )
1. Jībaka ( See )
୨ । କେନ୍ଦୁ ( ଗଛ ) ( ଦେଖ )
2. Kendu ( tree ) ( See )
୩ । ଉଦୁମ୍ବର ଗଛ—
3. The big fig tree.
୪ । ତମାଳ ( ବୃକ୍ଷ ) ( ଦେଖ )
4. Tamāla ( tree ) ( See )

**କାଳ ହାତରେ ( କୌଣସି ବ୍ୟକ୍ତିର ) ବାଳ ଦେବା**—ଦେ. କ୍ରି—
**Kāla hātare ( kaunasi byaktira ) bāla debā**
ହତ୍ୟା କରିବା; ବଧ କରିବା—To kill (a person)

ଅର୍ଜୁନଙ୍କୁ ବେଢ଼ି ମାରନ୍ତେ କୁରୁବଳ
ଅର୍ଜୁନ ଦେଲେ କାଳ ହାତେ ତାଙ୍କ ବାଳ । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

**କାଳ ହେବା**—ଦେ. ବି—ମୃତ୍ୟୁ ଘଟିବା—
**Kāla hebā** The happening of death.
( ଯଥା—ଅମୁକର କାଳ କାଳ ହେଲା । )
ଦେ. କ୍ରି—୧ । ( କୌଣସି ବ୍ୟକ୍ତି ) ଅନ୍ୟ ବ୍ୟକ୍ତିର ଶତ୍ରୁରୂପେ ଦଣ୍ଡାୟମାନ ହେବା—
1. To turn out to be a bitter enemy.
( ଯଥା—ସେ ପରା ମୋର କାଳ ହୋଇଛି । )
୨ । ଅନ୍ତରାୟ ହେବା—
2. To act as a hindrance or obstacle.

**କାଲା**—ଦେ. ବିଣ. ( ସଂ. କଲ୍ଲ )—
**Kālā** ୧ । ବଧିର—1. Deaf.
୨ । ସାମାନ୍ୟ ବଧିର; ବଡ଼ବୋଲ୍ଲା—
2. Partially deaf;one who can hear sounds loudly uttered.
ବୈଦେ.ବିଣ. (ହିନ୍ଦୀ) (ସଂ. କାଳ)—କଳା; କୃଷ୍ଣବର୍ଣ୍ଣବିଶିଷ୍ଟ—
Dark; black.

**କାଳା**—ସଂ. ବି. ( କାଳ+ଅ )—
**Kālā** ୧ । ନୀଳକା, ନୀଳ କଲମ୍ବ ଲତା—
1. A creeper; Ipomoea Hedecea.

ସାଧାରଣ ଲେଖେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । କୃଷ୍ଣତ୍ରିବୃତ୍ ; କଲମ୍ବ ଜାତୀୟ କଲାଭିନ୍ଦୁଡ଼ି ଲତା—
2. Ipomoea Turpethum (creeper).
୩ । ମଞ୍ଜିଷ୍ଠା; ମଞ୍ଜୁଆତି ଲତା—
3. Indian madder;Rubia Cordifolia(creeper.)
୪ । ଅଶ୍ୱଗନ୍ଧା ( ଗଛ ) ( ଦେଖ )
4. Aśwagandhā ( tree ) ( See )
୫ । ପାଟଳୀ ( ଗଛ ) ( ଦେଖ )
5. Pāṭaḻī ( tree ) ( See )

**କାଲ୍‌ଆଦ୍ମୀ**—ବୈଦେ. ବି. ( ଶ୍ୱେତାଙ୍ଗଙ୍କ ବ୍ୟବହୃତ ହିନ୍ଦୀ; **Kālāadmī** ସଂ. କାଲ=ହି. କାଲ୍ଲ+ଫା. ଆଦ୍‌ମୀ)—
୧ । କୃଷ୍ଣବର୍ଣ୍ଣ ଶରୀରବିଶିଷ୍ଟ ବ୍ୟକ୍ତି—
1. A black-skinned person.
୨ । ଶ୍ୟାମଳ ବର୍ଣ୍ଣବିଶିଷ୍ଟ ବ୍ୟକ୍ତି—
2 A dark complexioned person.
୩ । ଭାରତୀୟ ଓ ନିଗ୍ରୋ ବ୍ୟକ୍ତି—
3. An Indian or a Negro.

**କାଳାକାଳ**—ସଂ. ବି. ( ଦ୍ୱନ୍ଦ୍ୱ; କାଳ+ଅକାଳ )—
**Kāḻākāḻa** ୧ । କାଳ ଓ ଅକାଳ; ସୁସମୟ ଓ ଅସମୟ —
1. Good and bad times.
୨ । ଉପଯୁକ୍ତ ଓ ଅନୁପଯୁକ୍ତ ସମୟ—
2. Fit and unfit times.
୩ । ଶୁଭ ଓ ଅଶୁଭ ସମୟ, ଶୁଦ୍ଧ ଓ ଅଶୁଦ୍ଧ ସମୟ—
3. Holy or propitious time and the opposite.

**କାଳାଗୁରୁ**—ସଂ. ବି. ( କାଳ+ଅଗୁରୁ )—୧ । କୃଷ୍ଣ ଚନ୍ଦନ; କୃଷ୍ଣବର୍ଣ୍ଣ
**Kāḻāguru** ସୁଗନ୍ଧ କାଷ୍ଠବିଶେଷ—
1. Aloeswood; Eaglewood ( tree )
୨ । ଗୁଗ୍ଗୁଳ ( ଦେଖ )
2 Gugguḻa ( See )

**କାଲାଜର୍**—ଦେ. ବି —ଆସାମରେ ହେଉଥିବା ମାଲେରିଆ ପରି ଏକ-
**Kālājar** ପ୍ରକାର ଅସାଧ୍ୟ ଓ ମାରାତ୍ମକ ଜ୍ୱର—
The Kalaajar of Assam.
[ ଦ୍ର—ଏଥିରେ ପ୍ଳୀହା ଓ ଯକୃତ୍ ବଢ଼େ । ଏ ଜ୍ୱରର ବିଷ ଏକ ପ୍ରକାର ମାଛି ( sandfly ) ଓ ଦୂଷିତ ଖାଦ୍ୟଦ୍ୱାରା ଏକ ବ୍ୟକ୍ତିର ଦେହରୁ ଅନ୍ୟ ଦେହକୁ ସଞ୍ଚାଳିତ ହୁଏ । ]

**କାଳାନଳ**—ସଂ. ବି. ( କାଳ=ସର୍ବସଂହାରକ+ଅନଳ )—
**Kāḻānaḻa** ପ୍ରଳୟକାଳୀନ ସର୍ବଗ୍ରାସୀ ଅଗ୍ନି—
The all-devouring fire of the universal dissolution.
କାଳାନଳ ପ୍ରକ୍ଷେପେକ ସଙ୍ଗେ ଦୈତ୍ୟ ଗୋଷ୍ଠି ।
ମହାଦେବ. ବଷ୍ଟୁକେଶରୀ ପୁରାଣ ।

**କାଳାନ୍ତ**—ସଂ. ବି. ( କାଳ+ଅନ୍ତ )—ଯମ ଦେବତା—
**Kāḻānta** An epithet of the God of death.
ଦଶନ୍ତ ସକଳେ ତହୁଁ କାଳାନ୍ତ ସଦୃଶ । ମହାଦେବ—ବଷ୍ଟୁକେଶରୀ ପୁରାଣ ।

**କାଳାନ୍ତକ**—ସଂ. ବି. ( କାଳ+ଅନ୍ତକ )—କାଳାନ୍ତ ( ଦେଖ )
**Kāḻāntaka** Kāḻānta ( See )

**କାଳାନ୍ତର**—ସଂ. ବି. ( ପରନିପାତ; କର୍ମଧା; ଅନ୍ୟ+କାଳ; ଅନ୍ୟଠାରେ
**Kāḻāntara** 'ଅନ୍ତର' ଆଦେଶ )—୧ । ଅନ୍ୟ ସମୟ—
1. Another time.
୨ । ଅତୀତ କାଳ—2. Past time; the past.
୩ । ଆଗାମୀ କାଳ; ଭବିଷ୍ୟତ୍—
3. Future time; the future.

**କାଳାଶୁଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍; କାଳ+ଅଶୁଦ୍ଧି )—
**Kāḻāśuddhi** ୧ । ମୃତକ ଓ ସୂତକଜନିତ ଅଶୁଦ୍ଧ କାଳ—
1. The period of impurity due to a birth and death in the family.
୨ । ଜ୍ୟୋତିଷ ମତରେ ବିବାହାଦି ଶୁଭ କର୍ମ ପାଇଁ ଅଶୁଦ୍ଧ କାଳ—2. Unfavourable time; time which is not considered propitious according to Hindu astrology.

**କାଳାସୁଣୀ**—ଦେ. ବି. ସ୍ତ୍ରୀ—ପୁରାଣ ବର୍ଣ୍ଣିତ ଠାକୁରାଣୀବିଶେଷ—
**Kāḻāsunī** Name of a popular Goddess mentioned in the Purāṇas.

**କାଳି**—ଦେ. ବି. ( ସଂ. କାଳ )—୧ । ସ୍ୟାହି; ମସୀ—1. Ink.
**Kāḻi** ୨ । କୃଷ୍ଣବର୍ଣ୍ଣ ଜଳୀୟପଦାର୍ଥ—2. Black liquid.
( ଯଥା— ଗୋବର କାଳି, ଦେଉଛି ଛାଳି—ସବାର ବେହେରାଙ୍କ ଭାଙ୍କ । )
୩ । ମସୀଗୁଣ୍ଡ—3. Ink powder.
୪ । କାଳିମା; କଳଙ୍କ—4 Stain.
ନିଜ ମୁଖେ କାଢ଼ ଦେଇ ସେହି କାଳି ଦେଲୁ ମୋହର ବଦନେ । ଓଁ
ରାଧାନାଥ. ପାର୍ବତୀ ।
୫ । କଳାରଙ୍ଗ—5. Black colour.
୬ । ଦୋକାନୀଠାରୁ ଉଧାର କରି ପଣ୍ୟବସ୍ତୁ ବା ସଉଦା କିଣିବା; ଉଠାଣ—6. Purchase of commodities on credit.
ସେମାନେ ସଉଦା କାଳି ଦେଲେ ନାହିଁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୭ । ସଉଦା ନେଇ ଥିବା ଯୋଗୁଁ ଦୋକାନୀର ଗ୍ରାହକ ଉପରେ ଥିବା ବାକି—7. Arrears due to a grocer from a purchaser on credit.
୮ । ଶଗଡ଼ର ଅଖର ଅଗରେ (ଚକର ନାଇରନ୍ଧ୍ର ଘୂରିବା ଅଂଶରେ) ଦିଆଯିବା ତେଲର କାଣ୍ଡି—8. Sediment of oil given on ends of the axle of a cart for lubricating the nave-hole of the cartwheel.

| ୧ | ଇ | ଉ | ଋ,ଌ | ଞ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନ୍ତ |

୯ । ( ସଂ. କାଳୀୟ )—କାଳୀୟ ନାଗ ( ଦେଖ )
9. Kāḻiya nāga ( See )
୧୦ । କାଳୀଚରଣର ଡାକ ନାମ—
10. Name for calling Kāḻicharaṇa.
୧୧ । ବିଛୁଆତି ( ଦେଖ )
11. Bichhuāti ( See )
ପ୍ରାଦେ. (ଗଡ଼ଜାତ) ବି.—ବନ୍ଧୁଲୋକ ଘେରି କରି ଜଙ୍ଗଲର ଗୁରି ଆଡ଼ୁ ବଣଜନ୍ତୁମାନଙ୍କୁ ଶିକାରୀ ନିକଟକୁ ଘଉଡ଼ାଇ ଆଣିବା କର୍ମ—Act of driving wild beasts to the hunter by beating the jungle; beat.

**କାଲି**—ଦେ. ଅ. (ସଂ. କଲ୍ୟ)—୧ । ଗତ କାଲି—
Kāli 1. Yesterday.
**କାଲ** ୨ । ଆଗାମୀ କାଲି—2. Tomorrow.
**କଲ**
ଦେ. ବିଣ.—ଅଳ୍ପକାଳ ପୂର୍ବବର୍ତ୍ତୀ—Recent.
ପ୍ରାଦେ.(ସମ୍ବଲପୁର) ବି.(ଳ ସ୍ଥାନରେ ଲ ଉଚ୍ଚାରଣ)କାଳି (ଦେଖ)
Kāḻi (See)
ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ – କୃଷ୍ଣବର୍ଣ୍ଣା (ସ୍ତ୍ରୀ)—
(କଲ୍ଲ; କଲିଆ —ପୁଂ) Dark complexioned. (woman).

**କାଳିଅଞ୍ଚ**—ଦେ. ବି. ପୁଂ.— (ସଂ. କାଳୀୟ)—୧ । କାଳନାଗ (ଦେଖ)
Kāḻiañcha 1. Kāḻanāga (See)
(କାଳିଅଞ୍ଚୀ—ସ୍ତ୍ରୀ) ୨ । (ଲକ୍ଷଣାର୍ଥ) କୃଷ୍ଣବର୍ଣ୍ଣ ପୁରୁଷ—
2. A black complexioned man.
ସେହୁ କାଳିଅଞ୍ଚ ଯାହା କଲ୍ଲ । ଚଗ ।

**କାଳିଅଞ୍ଚ ନାଗ**—ଦେ. ବି. ପୁଂ – କାଳନାଗ (ଦେଖ)
Kāḻiañcha nāga Kāḻanāga (See)

**କାଳିଅନ୍ଧାର**—ଦେ. ବି. (ସଂ. କାଳିମା + ଅନ୍ଧକାର)– ବଡ଼ ଭୋର; Kāḻiandhāra ରାତିପାହାନ୍ତି; ଯେତେବେଳେ ପୃଥିବୀରୁ ଅନ୍ଧାର ସମ୍ପୂର୍ଣ୍ଣରୂପେ ଦୂର ହୋଇ ନ ଥାଏ ଓ ସବୁ ଜାଙ୍ଗୁଲ- ଜାଙ୍ଗୁଲୁ ହେଉ ଥାଏ—Time just before daybreak.

**କାଳିଅନ୍ଧାରି**—ଦେ. ବି.—କାଳିଅନ୍ଧାର (ଦେଖ)
Kāḻiandhāri Kāḻiandhāra (See)

**କାଳିଅନ୍ଧାରୁଆ**—ଦେ. ବି.—କାଳିଅନ୍ଧାର (ଦେଖ)
Kāḻiandhāruā Kāḻiandhāra (See)

**କାଳିଆ**—ଦେ. ବିଣ. (ସଂ. କାଳ)—୧ । କଳା; କୃଷ୍ଣବର୍ଣ୍ଣବିଶିଷ୍ଟ—
Kāḻiā . Black coloured.
୨ । କୃଷ୍ଣକାୟ—2. Dark - complexioned; dark-skinned.
୩ । (ଅମୁକ) କାଳସମ୍ବନ୍ଧୀୟ ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—
. Relating to an age or time.
(ଯଥା—କଳିକାଳିଆ ପିଲ୍ଲା; ବୁଢ଼ାକାଳିଆ ପୁଅ ।)
ଦେ. ବି.—୧ । କଳାବର୍ଣ୍ଣର ବଳଦ—
1. Black bullock.
୨ । (ଦେହର ବର୍ଣ୍ଣ କଳା ଥିବାରୁ) ଶ୍ରୀକୃଷ୍ଣ—2. A name of Śrikṛushṇa (owing to his dark complexion)
କାଳିଆ ଯାକେ ମିଛ ନ ପଡ଼ିବୁଟି । ସଙ୍ଗୀତ ।
୩ । କାଳୀଚରଣର ଡାକ ନାମ—
3. Name for calling Kāḻicharaṇas.

**କାଲିଆ**—ପ୍ରା. ଦେ. (ସମ୍ବଲପୁର) ବିଣ.—୧ । କାଳିଆ; କୃଷ୍ଣବର୍ଣ୍ଣବିଶିଷ୍ଟ–
Kāḻiā 1. Black
୨ । କୃଷ୍ଣବର୍ଣ୍ଣ ଦେହବିଶିଷ୍ଟ; କୃଷ୍ଣକାୟ—
2. Black complexioned.
ବୈଦେ. ବି. (ଆ. କାଲିଆ)— ମାଛ ବା ମାଂସର ତରକାରୀ—
Curry of fish or meat.

**କାଳିଆ ଖଡ଼ା ଚିଙ୍ଗୁଡ଼ି**—ଦେ. ବି.—ଚିଲିକାର ଏକ ପ୍ରକାର ଲୁଣୀ ବଡ଼ Kāḻiākharḍā chingurḍi ଚିଙ୍ଗୁଡ଼ି—A kind of lobster found in the Chilka lake of Puri district.
[ଦ୍ର—ବାଗ୍ଘବାଳିଆ ଚିଙ୍ଗୁଡ଼ିର ନାମ ଲବ୍‌ଷ୍ଟ୍ରାର ଓ କାଳିଆଖଡ଼ା ଚିଙ୍ଗୁଡ଼ିର ନାମ କ୍ରଷ୍ଟାର; ଏମାନେ ଲମ୍ବରେ ଏକ ଫୁଟ ପର୍ଯ୍ୟନ୍ତ ବଢ଼ନ୍ତି । ]

**କାଳିଆ ସୁନାରୀ**—ଦେ. ବି. (ନାମ)—କେଶବଚନ୍ଦ୍ର ସେନଙ୍କ ସମସାମୟିକ Kāḻiā sunāri ବାଲେଶ୍ୱରର ଜଣେ ପ୍ରତିଭାଶାଳୀ ବଣିଆ କାରିଗର—Name of a talented goldsmith of Balasore.
[ ଦ୍ର—ଏ ୨୬ ବର୍ଷ ବୟସ ପର୍ଯ୍ୟନ୍ତ ନିତାନ୍ତ ଦୁଷ୍ଟ ଓ ଦୁର୍ବୃତ୍ତ ଥିଲେ, କିନ୍ତୁ ପରେ ଅତ୍ୟନ୍ତ ଧାର୍ମିକ ଓ ଈଶ୍ୱରଭକ୍ତ ହୋଇ ବ୍ରାହ୍ମ-ଧର୍ମ ଗ୍ରହଣ କଲେ । ଏ ବୈଦ୍ୟବୃତ୍ତିରେ ନିପୁଣ ଥିଲେ । ଏ ସମସ୍ତ ଭାରତ ପର୍ଯ୍ୟଟନ କରି ନିଜର ଜୀବନୀ ଲେଖି ଯାଇ ଅଛନ୍ତି । ଏ ନିଜ ହାତରେ ଅନେକ ପ୍ରକାର ଆଧୁନିକ କଳ ମଧ୍ୟ ଗଢ଼ି ପାରୁ ଥିଲେ । ମହାତ୍ମା କେଶବଚନ୍ଦ୍ର ସେନ ଓ ପ୍ରତାପଚନ୍ଦ୍ର ମଜୁମ୍‌ଦାର ଏହାଙ୍କ ଧର୍ମଜୀବନରେ ଅତ୍ୟନ୍ତ ବିସ୍ମିତ ହୋଇଥିଲେ । ]

**କାଳିକ**—ସଂ. ବିଣ. ( କାଳ + ସମ୍ବନ୍ଧାର୍ଥେ. ଇକ )— ସାମୟିକ; କାଳ Kāḻika ସମ୍ବନ୍ଧୀୟ—Temporal; belonging to time.

**କାଲି କରିବା**—ଦେ. କ୍ରି.—୧ । ଦୋକାନୀଠାରୁ ସଉଦା ଆଦି ଧାରରେ Kāli kariba ଆଣିବା; ଉଧାର ଆଣିବା—
To purchase commodities on credit.
୨ । (ପ୍ରାଚୀନ ବ୍ୟବହାର)—ଗୋରୁ ପଲକୁ ଅଡ଼ାଇବା ବା ଘଉଡ଼ାଇବା—2. To drive a flock of cattle
କୁରୁସେନା ଗାଈଙ୍କୁ ଯାଦବ ବାଡ଼ ଧରି ।
ସଙ୍ଗକ ଗଉଡ଼ଙ୍କ ହେଲେ କାଳି କରି । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରଡ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ପ୍ରାଦେ. ( ଗଡ଼ଜାତ ) କ୍ରି. ( ବହୁଲୋକ )—ବଣର ଗୁରଅଡ଼ୁ ଘେରି ବଣଜନ୍ତୁଙ୍କୁ ଶିକାରୀ ନିକଟକୁ ତଡ଼ି ଆଣିବା—
To drive wild beasts to the hunter by beating the jungle.

**କାଳକା**—ସଂ ବି. ସ୍ତ୍ରୀ. ( କାଳ + ଇକ + ସ୍ତ୍ରୀ. ଆ )—
Kālikā ୧ । କାଳୀ; ଦେବୀବିଶେଷ; ଚଣ୍ଡିକା—
1. Goddess Kāli (with the tongue protruding out of the mouth); one of the forms assumed by Durgā.

[ ଦ୍ର—ଶୁମ୍ଭ ନିଶୁମ୍ଭଙ୍କଦ୍ୱାରା ପ୍ରପୀଡ଼ିତ ହୋଇ ଦେବତାମାନେ ପାର୍ବତୀଙ୍କୁ ସ୍ତୁତି କଲେ । ସେ ସନ୍ତୁଷ୍ଟ ହୋଇ ଦେବତାମାନଙ୍କୁ ରକ୍ଷା କରିବା ନିମନ୍ତେ ସ୍ୱଦେହରୁ ଏହି ଉଗ୍ରସ୍ୱଭାବା କାଳିକାଙ୍କୁ ଜାତ କରିଥିଲେ । ଏହାଙ୍କ ଶରୀର କୃଷ୍ଣବର୍ଣ୍ଣ ଥିବାରୁ ଏହାଙ୍କର ଏପରି ନାମ ହୋଇଅଛି । ]

୨ । ମେଘମାଳା—2. Clouds.
ଦେଖି ନବକାଳିକା [ ୨ୟ ଅର୍ଥ ] ବକାଳିକାମାଳିକା
ଅଳି କାଳିକା [ ୧ମ ଅର୍ଥ ] କାନ୍ତ ସ୍ମର—ଉଜ୍ଜ. ଲାବଣ୍ୟବତୀ ।
୩ । କୁଜ୍ଝଟିକା; କୁହୁଡ଼ି—3. Fog.
୪ । କୃଷ୍ଣବର୍ଣ୍ଣ—4. Black colour.
୫ । କୃଷ୍ଣାଙ୍ଗୀ ସ୍ତ୍ରୀ—
5. A woman of dark complexion.
୬ । ଛାତି ତଳୁ ନାଭି ପର୍ଯ୍ୟନ୍ତ ଲମ୍ବିତ ରୋମାବଳୀ—
6. Line of hair or down extending from the breast to the navel.
୭ । ସ୍ତ୍ରୀ କାକ—7. A female crow.
୮ । ଶ୍ୟାମା ( ପକ୍ଷୀ ) ( ଦେଖ )
8. Śyāmā ( bird ) ( See )
୯ । ବଣି ( ଦେଖ )—9. Baṇi ( See )
୧୦ । ଗୁହକାଳିକା ( ଦେଖ )
10. Guhukālikā ( See )
୧୧ । ବିଛୁଆତି ( ଦେଖ )
11. Bichhuāti ( See )
୧୨ । ପଟୋଳ ଶାଖା—
12. The shoots of a cucurbitacious creeper.
୧୩ । ସୁରା—13. Wine.
୧୪ । କାଳିମା; କଳଙ୍କ—14 Stain
୧୫ । ଶୃଗାଳୀ—15. She-jackal.

ଦେ. ବି. ସ୍ତ୍ରୀ—୧ । ଉଗ୍ରସ୍ୱଭାବା ସ୍ତ୍ରୀ; ଚଣ୍ଡୀ ସ୍ତ୍ରୀ—
1. Virago; a furious woman.
୨ । ଘୋର ଶ୍ୟାମାଙ୍ଗୀ ସ୍ତ୍ରୀ—
2. A very dark complexioned woman.

**କାଲିକା**—ଦେ. ବିଣ—୧ । ଗତ ବା ଆଗାମୀ କାଲି ଘଟିଥିବା ବା ଘଟିବା—
Kālikā 1. Relating to or happening yesterday or tomorrow.
କାଲକେର
କଲକା ୨ । ଅଳ୍ପ ଦିନ ହେଲା ଜନ୍ମିଥିବା ବା ହୋଇଥିବା—
2. Recent; born a few days ago.
( ଯଥା—କାଲିକା ଯୋଗୀ ଶିରରେ ଜଟା—ହିନ୍ଦ. ଢଗର ଅନୁକରଣ । )

**କାଲିକାର**—ଦେ. ବିଣ—କାଲିକା ( ଦେଖ )
Kālikāra Kālikā ( See )

**କାଳିକା ଲାଗିବା** ( ଭାଷ୍ଟୁ )—ଦେ. ବି—
Kālikā lāgibā ୧ । ମନୁଷ୍ୟ ଦେହରେ କାଳୀଠାକୁରାଣୀଙ୍କର ଆବେଶ ହେବା—
1. The spirit of Goddess Kāli descending on a person.
୨ । ( ସ୍ତ୍ରୀ ଲୋକ ) କ୍ରୋଧରେ ଚଣ୍ଡମୂର୍ତ୍ତି ଧରିବା—
2. A woman assuming a vixenish manner through fury of rage.

**କାଲିକି**—ଦେ. ଅ—୧ । ଗତ କାଲି—
Kāliki 1. Yesterday.
କାଲକେ ୨ । ଆଗାମୀ କାଲି—
କଲକୀ 2. Tomorrow.
ଅତ କଥା କାଲିକି ଅନ୍ତର—ଢଗ ।

**କାଳିଗଉଡ଼ୁଣୀ**—ଦେ. ବି—୧ । ଚିଲିକାରେ ଦେଖା ଯିବା ଏକପ୍ରକାର
Kāligaurduṇi ପକ୍ଷୀ—1. A species of bird found in the Chilka lake.
୨ । ବହୁ ପାଦବିଶିଷ୍ଟ ଏକପ୍ରକାର ପୋକ; ଗଉଡ଼ୁଣୀପୋକ—
2. A black myriapod ( insect ).

**କାଳିଘଡ଼ି**—ଦେ. ବି. ( ସଂ. କାଳି ଓ ଘଟୀ )—଼ଦୁଆତ; ମସ୍ୟାଧାର—
Kālighardi Inkpot.

**କାଳିଙ୍ଗ**—ସଂ. ବି. ( କଳିଙ୍ଗ + ଅ )—
Kāliṅga ୧ । କଳିଙ୍ଗ ଦେଶର ରାଜା—
1. A king of Kaliṅga.
୨ । କଳିଙ୍ଗଦେଶବାସୀ ବ୍ୟକ୍ତି—
2. An inhabitant of Kaliṅga.
ସଂ. ବିଣ—୧ । କଳିଙ୍ଗଦେଶସମ୍ବନ୍ଧୀୟ—
1. Relating to the Kaliṅga country.
୨ । କଳିଙ୍ଗଦେଶଜାତ—
2. Produced in Kaliṅga.
୩ । କଳିଙ୍ଗଦେଶବାସୀ—
3. Residing in Kaliṅga.

**କାଲିଙ୍ଗ**—ସଂ. ବି. ( କୁ + ଲିଙ୍ଗ )—୧ । ସର୍ପ—
Kāliṅga 1. Serpent.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| --- | --- | --- | --- | --- | --- | --- | --- | --- | --- | --- | --- | --- | --- | --- |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଝ | ନ୍ତୁ |

୨ । ହସ୍ତୀ—2. Elephant.

୩ । ଲୌହବିଶେଷ—3. A kind of iron.

୪ । କାକୁତି—4. Humble solicitation.

**କାଳଙ୍ଗୀ**—ପ୍ରାଦେ. ( ଗଞ୍ଜାମ ) ବି. ( ସଂ. କଳଙ୍ଗ )—
**Kāḻingi** ୧ । କାଳିଞ୍ଜି ( ଦେଖ )
1. Kāḻinji ( See )

୨ । ଗଞ୍ଜାମ ଓ ଭିଶାଖାପଟଣାଅଧିବାସୀ ତେଲଙ୍ଗାଭାଷୀ ଓଡ଼ିଆ ଶୂଦ୍ର ଜାତିବିଶେଷ (ଏମାନେ କାଳିଞ୍ଜିଙ୍କଠାରୁ ପୃଥକ୍ )—
2. A caste of Telugu-speaking Oriya Śūdras in the districts of Ganjam and Vizagapatam.

**କାଳିଚ୍ଛା**—ଦେ. ବି—ବୃକ୍ଷବିଶେଷ—A kind of tree; Diospyrus
**Kāḻichā** Eyeratisa.

**କାଳିଚିଆ**—ଦେ. ବିଣ ( ସଂ. କାଳ+ଈଷତ୍ )—ଈଷତ୍ କୃଷ୍ଣବର୍ଣ୍ଣ—
**Kāḻichiā** Slightly black; darkish.
କାଳୁଟ୍ୟେ
**कालासा**

**କାଳିଚଅ**—ପ୍ରାଦେ. (ସମ୍ବଲପୁର) ବିଣ—କାଳିଚିଆ ( ଦେଖ )
**Kāḻichiā** Kāḻichiā ( See )

**କାଳିଜନିତ**—ପ୍ରାଦେ. (ଗଞ୍ଜାମ) ବି—ଏକପ୍ରକାର କୃଷ୍ଣବର୍ଣ୍ଣ ଦେଶୀଲୁଗା—
**Kāḻijanita** A kind of black country-made cloth.

**କାଳିଜହ୍ନିଆ**—ଦେ. ବି. ( ସଂ. କାଳ+ଜ୍ୟୋତ୍ସ୍ନା ) —ଚନ୍ଦ୍ରକିରଣର
**Kāḻijahniā** ଅସ୍ପଷ୍ଟତା ହେତୁ ଈଷତ୍ ଅନ୍ଧକାର—
Slight darkness due to pale moon-light.
ଆକାଶରେ ଆଉ ମେଘ ନାହିଁ, କେବଳ କାଳିଜହ୍ନିଆ ପଡ଼ିଗଲା ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

**କାଳିଜହ୍ନିତ**—ପ୍ରାଦେ. (ଗଞ୍ଜାମ) ବି—କାଳିଜନିତ ( ଦେଖ )
**Kāḻijahnita** Kāḻijanita See )

**କାଳିଜା** (ଇତ୍ୟାଦି)—ଗ୍ରା. ବି—କଲିଜା ଇତ୍ୟାଦି ( ଦେଖ )
**Kāḻijā** (etc.) Kalijā etc. ( See )

**କାଳିଜାଫଟା**—ଦେ. ବିଣ—୧ । ତୁଳୁଫଟା; ଅତିଶୟ ପରିଶ୍ରମ ସାଧ୍ୟ—
**Kāḻijāphaṭā** 1. Requiring utmost labour.

୨ । ଧୈର୍ଯ୍ୟଲୋପକାରୀ—2. That which takes away one's fortitude or forbearance.

**କାଳିଜା ବାଲା**—ଦେ. ବିଣ—୧ । ହେମତ୍‌ଦାର; ସାହସୀ ( ବ୍ୟକ୍ତି )—
**Kāḻijā bāḻā** 1. Courageous person)
कलिजाओयाला ୨ । ଧୈର୍ଯ୍ୟଶୀଳ—2. Patient.
**कलेजावाला**

**କାଳିଜି**—ଗ୍ରା. ବୈଦେ. ବି. ( ଇଂ. କଲେଜ୍ )—କଲେଜ୍—
**Kāḻiji** College.

**କାଳିଞ୍ଜ**—ପ୍ରାଦେ. ( ଗଞ୍ଜାମ ) ବି—କଲିଜା ( ଦେଖ )
**Kāḻinja** Kalijā ( See )

**କାଳିଞ୍ଜନ**—ସଂ. ବି. (ନାମ)—୧ । ମୁନିବିଶେଷ; ବ୍ରହ୍ମାଙ୍କ ପୁତ୍ର—
**Kāḻinjana** 1. A sage; son of Brahmā.

୨ । ରାମାୟଣବର୍ଣ୍ଣିତ ମର୍କଟ ଯୂଥପତି—
2. Name of a general of the monkey-army described in the Rāmāyaṇa.

**କାଳିଞ୍ଜି**—ପ୍ରାଦେ. ( ଗଞ୍ଜାମ ) ବି. (ସଂ. କାଳଙ୍ଗ)—ଗଞ୍ଜାମ ଓ ଭିଶାଖା-
**Kāḻinji** ପଟଣା ଅଧିବାସୀ ଓଡ଼ିଆଭାଷୀ ଓଡ଼ିଆ ଶୂଦ୍ର ଜାତିବିଶେଷ—A Śūdra caste of Oriyas now found in the districts of Ganjam and Vizagapatam.

[ ଦ୍ର—କେହି କେହି କାଳଙ୍ଗୀ ଓ କାଳିଞ୍ଜିମାନଙ୍କୁ ତେଲଙ୍ଗା ବୋଲି କହନ୍ତି । ଏମନ୍ତ କି, ମାନ୍ଦ୍ରାଜ ସେନ୍‌ସସ୍‌କର୍ତ୍ତାମାନେ ଏ ଦୁଇ ଜାତିଙ୍କୁ ତେଲଙ୍ଗା ମଧ୍ୟରେ ଗଣିଅଛନ୍ତି । କିନ୍ତୁ ପ୍ରକୃତରେ ଏମାନେ ତେଲଙ୍ଗା ନୁହନ୍ତି । ହୁଏନସାଂଙ୍କ କଳଙ୍ଗ ଆଗମନ ବେଳେ ସେଠାରେ ସେ ଗୋଟିଏ ଯୁଦ୍ଧପ୍ରିୟ ଜାତି ଅଧିବାସ କରିଥିବାର ଦେଖିଥିଲେ । ଏହି ଯୁଦ୍ଧପ୍ରିୟ ଜାତିଟି କାଳଙ୍ଗୀ ବା କାଳିଞ୍ଜି ଜାତି ବୋଲି ନିର୍ଦ୍ଦେଶ କରାଯାଇ ପାରେ । କଳଙ୍ଗର ଗଙ୍ଗବଂଶୀ ରାଜାମାନଙ୍କ ଅଧୀନରେ ( ଖ୍ରୀ. ୭ମ ଶତାବ୍ଦି ପରେ ) ଉକ୍ତ ଜାତି ସର କାଳିଞ୍ଜି ଜାତି ସୁଦ୍ଧା ସୈନିକ କାର୍ଯ୍ୟ କରୁଥିବାର ସ୍ପଷ୍ଟ ଜଣାଯାଏ । ବର୍ତ୍ତମାନ ଗଞ୍ଜାମ ଓ ଜୟପୁରରେ କେବଳ କାଳିଞ୍ଜିମାନେ ନିବାସ କରିଅଛନ୍ତି । ଏମାନେ କୃଷିକର୍ମ କରି ଜୀବିକା ନିର୍ବାହ କରନ୍ତି । କାଳଙ୍ଗୀ ଜାତିର ଅଧିକାଂଶ ଲୋକେ ( ୮୭ ହଜାର ମଧ୍ୟରୁ ୮୭ ହଜାର) ତେଲଗୁଭାଷୀ, କିନ୍ତୁ କାଳିଞ୍ଜି ଜାତିର ଅଧିକାଂଶ ଲୋକେ ( ୫୪ ହଜାରରୁ ୫୧ ହଜାର ) ଓଡ଼ିଆଭାଷୀ । ଥଷ୍ଟନ ସାହେବ ତାଙ୍କର Castes and tribes of Southern India ଗ୍ରନ୍ଥର ୨ୟ ଖଣ୍ଡ ୪୯ ପୃଷ୍ଠାରେ କାଳଙ୍ଗୀମାନଙ୍କୁ ତେଲଙ୍ଗା ଓ କାଳିଞ୍ଜିମାନଙ୍କୁ ଓଡ଼ିଆରୂପେ ଧରିଅଛନ୍ତି । ବ୍ରହ୍ମପୁରର ସର୍ ପର୍ଶୁରାମ ପାତ୍ର କାଳଙ୍ଗୀ ଜାତୀୟ ଅଟନ୍ତି । ମୂଳତଃ ଏ ଦୁଇ ଜାତି ଓଡ଼ିଆ ଥିଲେ । କିନ୍ତୁ ତେଲଗୁ ପ୍ରଭାବରେ କାଳଙ୍ଗୀମାନେ ନିଜର ମାତୃଭାଷା ଓଡ଼ିଆକୁ ଭୁଲି ଯାଇଅଛନ୍ତି । କାଳିଞ୍ଜିମାନେ ୩ଟି ପ୍ରଧାନ ଶାଖାରେ ବିଭକ୍ତ—୧. ବୁରଗାଁ କାଳିଞ୍ଜି; ୨. କନ୍ତାଲ କାଳିଞ୍ଜି ଓ ୩. ଓଡ଼ିଆ କାଳିଞ୍ଜି । କାଳିଞ୍ଜିମାନେ ପୂର୍ବେ ଦେବସେବା କରୁଥିଲେ । ଏମାନେ ବ୍ରାହ୍ମଣଙ୍କ ପରି ଯଜ୍ଞୋପବୀତ ଧାରଣ କରନ୍ତି ଓ ସୌର ହୋଇ ଶିଖା ରଖନ୍ତି । ଏମାନେ ରାଧାକୃଷ୍ଣ ଓ ଚୈତନ୍ୟଙ୍କର ଭକ୍ତ ଓ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ । ଏମାନଙ୍କ ମଧ୍ୟରେ ବାଲ୍ୟବିବାହ ଓ ବିଧବାବିବାହ ପ୍ରଚଳିତ । ଏମାନେ ଶବ ପୋଡ଼ନ୍ତି । ଏମାନଙ୍କର କୌଳିକ ସଂଜ୍ଞା ବରାଡ଼, ବଲେଇ, ବାରିକ, ବେହେରା, ପାଏ, ଗଉଡ଼, ଜେନା, ମଲିକ, ନାୟକ, ଭିଷୋୟୀ, ପ୍ରଧାନ, ପୁଲେଇ, ସୁଇଁ, ସାନ୍ତ, ସାହୁ, ରାଉତ, ଗୁରୁ ପ୍ରଭୃତି । ଏମାନଙ୍କ କୁଳାଧିକାରୀମାନେ 'ସାନ୍ତ', କୁଳ ପ୍ରତିନିଧିମାନେ 'ପାତ୍ର' ଓ କୁଳପରିଚାଳକମାନେ 'ଭଲୁଆସ୍ୱା' ଉପାଧି ଗ୍ରହଣ କରନ୍ତି । ସମଗ୍ର କାଳିଞ୍ଜି ଜାତି ପାଇଁ ୪ ଜଣ ସାନ୍ତ ଓ ୪ ଜଣ ପାତ୍ର ଥାନ୍ତି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଏମାନେ ଆଠଗଡ଼, ମହୁରୀ, ବଡ଼ଖିମୁଣ୍ଡି ଓ ସାନଖିମୁଣ୍ଡିରେ ବାସ କରନ୍ତି । କୌଣସି କନ୍ୟା ପାଇଁ ବର ନ ମିଳିଲେ ସେ ରଜସ୍ୱଳା ହେବା ପୂର୍ବରୁ ତାର ଜ୍ୟେଷ୍ଠାଭଗ୍ନୀର ପତି କମ୍ବା ଜାତିର କୌଣସି ବୃଦ୍ଧକୁ ନାମମାତ୍ର ବିବାହ କରେ । ପରେ ଉପଯୁକ୍ତ ବରପାତ୍ର ମିଳିଲେ ବୟସ୍ଥା ହେବା ପରେ ଉକ୍ତ କନ୍ୟାର ପ୍ରକୃତ ବିବାହ ହୁଏ । ବିଧବାକୁ ବିବାହ କରିବା ଅଗ୍ରଅଗ୍ରା ବର ପ୍ରଥମେ ଗୋଟିଏ ସାହାଡ଼ା ଗଛକୁ ବିବାହ କରି ପରେ ବିଧବାକୁ ବିବାହ କରେ । ଏ ବିଧବାବିବାହକୁ ଥୁଆଥୋଇ କହନ୍ତି । ଓଡ଼ିଆ ଜାତିଙ୍କ ପରି କାଳିଞ୍ଜିମାନେ ଉକ୍ତ ବା ପିତାଭ୍ରାତ ମୃତ୍ୟୁର ପରଦିବସ ଖାଆନ୍ତି, ମୃତ ବ୍ୟକ୍ତିର ଅସ୍ଥିସଞ୍ଚୟ କରନ୍ତି ଓ ଦଶମଦିନ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଜଳ ଓ ତିଳ ତର୍ପଣ କରି କ୍ଷୌର ହୋଇ ଶୁଦ୍ଧି ହୁଅନ୍ତି । ସତ୍ୟନାରାୟଣ ରାଜଗୁରୁ—ଉତ୍କଳ ସାହିତ୍ୟ. ୩୪।୭ । ]

**କାଳଦଳନ**—ଦେ. ବି. ( ସଂ. କାଳୀୟଦଳନ )—
**Kāḷidaḷana** କାଳୀୟଦଳନ ( ଦେଖ )
Kāḷiyadaḷana ( See )

**କାଳିଦାସ**—ସଂ. ବି. ( ନାମ )—ସ୍ୱନାମଖ୍ୟାତ ସଂସ୍କୃତକାବ୍ୟ ଗ୍ରନ୍ଥାଦିର
**Kāḷidāsa** ରଚୟିତା କବିକୁଳଗୁରୁ—
The famous Sanskrit poet Kāḷidāsa.
[ ଦ୍ର—କାଳିଦାସ ୬ଷ୍ଠ ଶତାବ୍ଦିରେ ବିକ୍ରମାଦିତ୍ୟ ରାଜାଙ୍କ ସଭାପଣ୍ଡିତ ନବରତ୍ନଙ୍କ ମଧ୍ୟରେ ଏକତମ ଥିଲେ । ଏ ରଘୁବଂଶ, କୁମାରସମ୍ଭବ, ମେଘଦୂତ ଓ ଋତୁସଂହାର ପ୍ରଭୃତି କାବ୍ୟ ଏବଂ ଅଭିଜ୍ଞାନଶକୁନ୍ତଳା, ବିକ୍ରମୋର୍ବଶୀ, ମାଳବିକାଗ୍ନିମିତ୍ର ଆଦି ନାଟକ ପ୍ରଣୟନ କରି ସାହିତ୍ୟରାଜ୍ୟରେ ଅମରକୀର୍ତ୍ତି ରଖି ଯାଇଅଛନ୍ତି । ଏହାଙ୍କ ଗ୍ରନ୍ଥମାନ ଇଂରାଜି, ଜର୍ମାନୀ, ଫ୍ରେଞ୍ଚ ଆଦି ଭାଷାରେ ଭାଷାନ୍ତରିତ ହୋଇ ପାଶ୍ଚାତ୍ୟ ବିଦ୍ୱଜ୍ଜନମଣ୍ଡଳରେ ସମାଦୃତ ହେଉଅଛି । ]

**କାଳି ଦେବା**—ଦେଁ. କ୍ରି—୧ । ଶଗଡ଼ର ଅଖରେ ତେଲକାଳି ଆଦି ଦେବା—
**Kāḷi debā** 1. To apply sediment of oil on the
**କାଳିଦେଓ୍ୱା** axle of a cart for lubricating the
**ତୁଳନା** nave of the cart-wheel.
୨ । ( ଲକ୍ଷଣାର୍ଥ ) କଳଙ୍କିତ କରିବା—
2. ( figurative ) To disgrace.
( ଯଥା—ସେ ଅଧମ ଆମ କୁଳରେ କାଳି ଦେଲା । )
୩ । ଧାର ସୂତ୍ରେ ପଣ୍ୟ ଦ୍ରବ୍ୟାଦି ଉଠାଣ ଦେବା—
3. To sell commodities on credit.

**କାଳିନାଗ**—ଦେ. ବି. ପୁଂ. ( ସଂ. କାଳୀୟ )—କାଳୀୟ ୧. ( ଦେଖ )
**Kāḷināga** Kāḷiya 1. ( See )
( କାଳିନାଗୁଣୀ—ସ୍ତ୍ରୀ )

**କାଳିନାଗୁଣୀ**—ଦେ. ବି. ସ୍ତ୍ରୀ—ପକ୍ଷିବିଶେଷ—
**Kāḷināguṇi** 1. A kind of bird.
୨ । 'କାଳିନାଗ'ର ସ୍ତ୍ରୀଲିଙ୍ଗ—
2. Feminine of Kāḷināga.

**କାଳିନ୍ଦୀ**—ସଂ. ବି. ସ୍ତ୍ରୀ. ( କଳିନ୍ଦ=ପର୍ବତବିଶେଷ ବା ସୂର୍ଯ୍ୟ+ଅପତ୍ୟା-
**Kāḷindi** ର୍ଥରେ. ଅ+ସ୍ତ୍ରୀ. ଈ )—୧ । ଯମୁନା ନଦୀ—
1. The river Jamunā.
୨ । କୃଷ୍ଣଙ୍କ ପତ୍ନୀବିଶେଷ—
2. One of the married wives of Kṛushṇa.
୩ । ଅସୁରକନ୍ୟାବିଶେଷ—
3. Name of a daughter of a demon.
୪ । ( ବୈଦ୍ୟକ ) କଳମ୍ବଜାତୀୟ ରକ୍ତତ୍ରିବୃତ୍ ଲତା—
7. Ipomœa Turpethum (creeper).

**କାଳିନ୍ଦୀକୂଳିଆ**—ଦେ. ବିଣ. ( କାଳିନ୍ଦୀ=ଯମୁନା+କୂଳିଆ; ଯମୁନା
**Kāḷindikūḷiā** କୂଳରେ ବଂଶୀ ବଜାଉଥିବାରୁ )—
୧ । ଶ୍ରୀକୃଷ୍ଣଙ୍କ ବିଶେଷଣ—
1. An epithet of Śrikṛushṇa.
୨ । କାଳିନ୍ଦୀ ନଦୀକୂଳରେ ବିଚରଣକାରୀ—
2. Frequenting the banks of the river Jamunā.

**କାଳିନ୍ଦୀଭେଦନ**—ସଂ. ବି. — ( କାଳିନ୍ଦୀ+ଭେଦନ; ଏ ଯମୁନାକୁ
**Kāḷindibhedana** ଲଙ୍ଗଳଦ୍ୱାରା ଛିନ୍ନଭିନ୍ନ କରିଥିବାରୁ );
ବଳରାମ—Baḷarāma, the elder brother of Śrikṛushṇa.

**କାଳି ପଅରି**=ଦେ. ଅ.—(ସଂ. କଲ୍ୟ+ପରଦିନ)— କାଲିପରି ୧ (ଦେଖ).
**Kāli paari** Kālipari (1) (See)

**କାଳିପଟା**—ଦେ. ବି.—୧୮୩୬—୧୮୩୭ ସାଲର ଇଂରେଜ୍ ସରକାରଙ୍କ
**Kāḷipaṭā** ଦ୍ୱାରା ଓଡ଼ିଶାର ଭୂରାଜସ୍ୱ ସେଟେଲ୍‌ମେଣ୍ଟ୍‌ରେ ଥାନି ପ୍ରଜାମାନେ ପାଇଥିବା କାଗଜ ଉପରେ କାଳିରେ ଲେଖା ହୋଇ ଥିବା ସ୍ୱତ୍ୱଲିପି ବା ପଟା—The paper-slips which were given to tenants by the British Government after the conclusion of the revenue-settlement of Orissa during 1836-37. A. D.

**କାଲିପରି**—ଦେ. ଅ. (ସଂ. କଲ୍ୟ ଓ ପରେଦ୍ୟୁସ୍)— ୧ । ଗତକାଲି ବା
**Kālipari** ତହିଁର ପୂର୍ବବର୍ତ୍ତୀ ଦିନରେ—1. Yesterday or day before.
୨ । ଆଗାମୀ କାଲି ବା ପରବର୍ତ୍ତୀ ଦିନରେ—
2. Tomorrow or day after.
୩ । (ସଂ.କଲ୍ୟ+ପ୍ରାୟ) ଅଳ୍ପଦିନ ତଳେ (ଘଟି ଥିବା ବିଷୟ);
ଯେତେ ଯେପରି କାଲି ଘଟିଲା ପରି (ପ୍ରତୀତ ହେବା ଘଟଣା)—
3. (seeming) Like an event of yesterday; very recent ( event ).
୪ । ଅତି ଅଳ୍ପଦିନ ପରେ—
4. In the very near future.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଃ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ତୃ |

**କାଲବା**—ପ୍ରାଦେ. (ଗଡ଼ଜାତ)—କ୍ରି.—ବନ୍ୟଜନ୍ତୁମାନଙ୍କୁ ଶିକାରୀର ମଞ୍ଚା ଆଡ଼କୁ ଘଉଡ଼ାଇ ଆଣିବା—To drive wild animals towards the high platform or machan of the hunter by beating the jungle
**Kā̱libā**

**କାଲବାସି**—ଦେ. ବି. ( ସହରର )—ଦୋକାନୀଠାରୁ ଉଧାରରେ ସଉଦା ପତ୍ର ନେବାଆଣିବା—Credit transactions of commodities from a grocer.
**Kā̱libāsi**

ଦେ. ବିଣ—ଧାର ଉଧାରରେ ବିକାକିଣା ହୋଇଥିବା—Purchased or sold on credit.

**କାଲବେଟି**—ପ୍ରାଦେ. (ଗଡ଼ଜାତ) ବି.—ନୁବାଡ଼ି (ଦେଖ)
**Kā̱libeti** Nubārdi (See)

**କାଲବେତ**—ଦେ. ବି.—ବେତର ପ୍ରକାରବିଶେଷ; ବେତ (ଦେଖ)
**Kā̱libeta** A kind of Ratan cane.

**କାଲମା**—ସଂ. ବି. ସ୍ତ୍ରୀ—(କାଲ+ଭାବାର୍ଥେ. ଇମନ୍)—୧ । କୃଷ୍ଣତା—
**Kā̱limā** 1. Blackness.
୨ । ମଳିନତା—2. Stain.
୩ । ଅନ୍ଧକାର—3. Darkness.

**କାଲମାଟି**—ଦେ. ବି. ( ନାମ )—ସିଂହଭୂମ ଜିଲ୍ଲାର ଜାମସେଦ୍‌ପୁର ବା ଟାଟାନଗରର ପୂର୍ବ ନାମ—The former name of Jamshedpur in the district of Singhbhum.
**Kā̱limāti**

[ ଦ୍ର—ଏଠାରେ ଟାଟା କମ୍ପାନୀଙ୍କର ଜଗଦ୍‌ପ୍ରସିଦ୍ଧ ଲୁହା-କାରଖାନା ଅଛି । ]

**କାଲମୁଖୀ**—ପ୍ରାଦେ. (ଅଙ୍ଗ) ବି.—ଧାନଗଛକୁ ନଷ୍ଟ କରିବା ଏକପ୍ରକାର ପୋକ—A species of insect harmful to the paddy plant.
**Kā̱limukhi**
କାଲମୁଖୋ

**କାଲମୋହୁ**—ପ୍ରାଦେ. (ସିଂହଭୂମ; ତୁଳ. ବଂ କାଲ୍‌ମେଘ) ବି.—ଚିରେଇତା; ଯବତିକ୍ତା (ଦେଖ)-Jabatiktā (See)
**Kā̱limohu**

**କାଲୀୟ**—ସଂ. ବିଣ. (କାଲ+ସମ୍ବନ୍ଧାର୍ଥରେ. ଈୟ)—କାଲସମ୍ବନ୍ଧୀୟ—
**Kā̱liya** Pertaining to time; temporal.
ସଂ. ବି.—୧ । କାଳୀୟନାଗ (ଦେଖ)
1. The Kā̱liya Nāga (See)
୨ । ପୀତଚନ୍ଦନ (ଦେଖ)
2. Pitachandana (See)

**କାଲୀୟଗଞ୍ଜନ**—ସଂ. ବି ଓ ବିଣ.—(କାଲୀୟ+ଗଞ୍ଜନ)
**Kā̱liyagañjana** କାଳୀୟଦଳନ (ଦେଖ)
Kā̱liyadaḻana (See)

**କାଲୀୟଦମନ**—ସଂ. ବି. ଓ ବିଣ.—(କାଲୀୟ+ଦମନ)—
**Kā̱liyadamana** କାଳୀୟଦଳନ (ଦେଖ)
Kā̱liyadaḻana (See)

**କାଲୀୟଦଳନ**—ସଂ. ବି.—୧ । (୬ଷ୍ଠୀ ତତ୍; କାଲୀୟ+ଦଳନ)—
**Kā̱liyadaḻana** ଶ୍ରୀକୃଷ୍ଣଙ୍କଦ୍ୱାରା କାଲୀୟନାଗର ଦର୍ପଖଣ୍ଡନ—
The crushing of Kā̱liya Nāga by Śrikrushṇa.
୨ । (କାଲୀୟକୁ ଦଳନ କରିଥିବାରୁ) ଶ୍ରୀକୃଷ୍ଣ—
2. A name of Śrikrushṇa.
ସଂ. ବି.—ସଂ.ବିଣ. ପୁଂ.—(ବହୁବ୍ରୀହି)—କାଲୀୟର ଦଳନକାରୀ; କାଲୀୟକୁ ଯେ ପରାଜିତ କରି ଅଛନ୍ତି—One who has crushed or vanquished the Kā̱liya Nāga.

**କାଲୀୟ ନାଗ**—ଦେ. ବି—ଯମୁନାରେ ବାସ କରୁଥିବା କାଳନାଗସର୍ପ—
**Kā̱liya nāga** The black cobra of the river Jamunā.

[ ଦ୍ର—ଏ କଦ୍ରୁପୁତ୍ର ଓ ଅତ୍ୟନ୍ତ ବିଷଧର; ଏ ଯମୁନାରେ ବାସ କରୁଥିବାରୁ ଯମୁନାର ଜଳ ବିଷମୟ ହୋଇଥିଲା, ଏମନ୍ତ କି, ସେ ଜଳକୁ ସ୍ପର୍ଶ କଲେ ପ୍ରାଣୀମାନେ ମରି ଯାଉଥିଲେ ।
ଶ୍ରୀକୃଷ୍ଣ ଏହା ନିବାରଣ କରିବା ପାଇଁ ଯମୁନାକୁ ଲମ୍ଫ ଦେଇ ଜଳକୁ ମନ୍ଥନ କରି ଏ ନାଗର ଫଣା ଉପରେ ଉଠି ତାକୁ ଦଳନ କଲେ ଓ ସେ ଶ୍ରୀକୃଷ୍ଣଙ୍କ ଶରଣ ପଶିବାରୁ ତାକୁ ଅନ୍ୟ ସ୍ଥାନରେ ରହିବାର ଆଦେଶ ଦେଇ ଶ୍ରୀକୃଷ୍ଣ ଯମୁନା ନଦୀକୁ ଏହାର ବିଷ-ଜ୍ୱାଳାରୁ ମୁକ୍ତ କଲେ । ]

**କାଲିଶି** (ଇତ୍ୟାଦି)—କାଲଶି ଇତ୍ୟାଦି ( ଦେଖ )
**Kā̱lisi** (etc.) Kā̱lasi etc. ( See )

**କାଲିଷ୍ଠ**—ସଂ. ବିଣ. ପୁଂ. (କାଲ=କୃଷ୍ଣବର୍ଣ୍ଣ+ଅତିଶୟାର୍ଥେ. ଇଷ୍ଠ)—
**Kā̱lishtha** ଅତିଶୟ କୃଷ୍ଣବର୍ଣ୍ଣବିଶିଷ୍ଟ—
(କାଲିଷ୍ଠା—ସ୍ତ୍ରୀ) Of deep black colour.

**କାଲି ସଉଦା**—ଦେ. ବି—ନଗଦ ଧନ ଦିଆ ନ ଯାଇ ଉଧାରଧାରରେ ଦୋକାନୀଠାରୁ କିଣାଯିବା ପଣ୍ୟ ଦ୍ରବ୍ୟ—
**Kā̱li saudā** Commodities purchased from a grocer on credit.

**କାଲିସର୍ପ**—ଦେ. ବି ( ସଂ. କାଲୀୟ+ସର୍ପ )—
**Kā̱lisarpa** କାଲୀୟ ( ଦେଖ )
Kā̱liya ( See )

କେବଣ ହେତୁ କାଲିସର୍ପ
ରହିଲା ରମଣକ ଦ୍ୱୀପ । ଜଗନ୍ନାଥ. ଭାଗବତ ।

**କାଲିହ୍ରଦ**—ଦେ. ବି—ଯମୁନା ନଦୀର ଗଭୀରବିଶେଷ—
**Kā̱lihrada** A place of deep water in the river Jamunā.

( ଯଥା—ଏହି ଗର୍ତ୍ତରେ କାଲୀୟ ସର୍ପ ବାସ କରୁଥିଲା । )

ଉଦ୍ଧବ ଦେବ ଅପରାଧେ
ପଶି ଯେ ଥିବ କାଲିହ୍ରଦେ । ଜଗନ୍ନାଥ. ଭାଗବତ ।

**କାଳୀ**—ସଂ. ବି. ସ୍ତ୍ରୀ. ( କାଲ+ସ୍ତ୍ରୀ. ଈ )—
**Kā̱li** ୧ । ଚଣ୍ଡୀମୂର୍ତ୍ତିଭେଦ କାଳରୂପିଣୀ ଶକ୍ତି; କାଳିକା ଦେବୀ; ଶିବପତ୍ନୀ; ଚଣ୍ଡୀ—
1. Goddess Chaṇḍi or Kā̱likā.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁ୍ଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

[ ଦ୍ର—ଏ ମୂର୍ତ୍ତି ଚତୁର୍ହସ୍ତା, ନଗ୍ନା, ଲୋଲଜିହ୍ୱା, ମୁଣ୍ଡମାଳାଧାରିଣୀ; ଏକ ଡାହାଣ ହସ୍ତରେ ଖଡ୍ଗ (ଖଣ୍ଡା) ଓ ଅପର ଏକ ବାମ ହସ୍ତରେ ନରମୁଣ୍ଡ ( ଖପର ) ଧାରଣ କରି ଶିବଙ୍କ ଉପରେ ଦଣ୍ଡାୟମାନା । ]

୨ । କୃଷ୍ଣବର୍ଣ୍ଣା ସ୍ତ୍ରୀ—
2. Dark-complexioned woman

୩ । ଧୀବରରାଜକନ୍ୟା ସତ୍ୟବତୀ; ମତ୍ସ୍ୟଗନ୍ଧା; ବ୍ୟାସଦେବଙ୍କ ମାତା—3. Satyabatī, the mother of sage Byāsa.

୪ । ନବ ମେଘମାଳା—4. New clouds.

୫ । କୃଷ୍ଣପକ୍ଷର ରାତ୍ରି— 5. Dark night.

୬ । ଉଗ୍ରା ସ୍ତ୍ରୀ—6. Virago; vixen.

୭ । କାଳିକା ( ଦେଖ )
7. Kālikā ( See )

[ ଦ୍ର—କାଳରୂପୀ ଶିବଙ୍କର ଶକ୍ତି କାଳୀ ନାମରେ ପରିଚିତା; ଚଣ୍ଡାସୁର ବଧ ସମୟରେ ଏହାଙ୍କର ଉଦ୍ଭବ; ଏ ରକ୍ତବୀଜର ରକ୍ତ ପାନ କରିଥିଲେ । ଦକ୍ଷଯଜ୍ଞ ସମୟରେ ସତୀ ଏହି ମୂର୍ତ୍ତି ଧାରଣ କରିଥିଲେ । ]

ଦେ. ବି—୧ । କାଳି ( ଦେଖ )
1. Kāli ( See )

୨ । ରାଗବିଶେଷ—2. A kind of metre.

ଦେ. ବିଣ. ସ୍ତ୍ରୀ. ( ରାଗ ଦେଖ )—କୃଷ୍ଣବର୍ଣ୍ଣବିଶିଷ୍ଟା (ସ୍ତ୍ରୀ)—
Dark-complexioned ( woman ).

ଏକଇଁ କାଳୀ, ପିନ୍ଧିଛି କାଚ କୋଚଲା ମାଡ—ଚଗ ।

**କାଲୀ**—ପ୍ରାଦେ. ( ସମ୍ବଲପୁର ଓ ମେଦିନୀପୁର ) ବି. ( ଳ ସ୍ଥାନରେ ଲ
**Kāli** ଉଚ୍ଚାରଣ )—କାଳୀ ( ଦେଖ )
Kāḻi ( See )

**କାଲୀ କୋତରୀ**— ଦେ. ବିଣ. ସ୍ତ୍ରୀ. ( ସହଚର )—
**Kāḻi kotari** କୃଷ୍ଣବର୍ଣ୍ଣା ଓ ଅପରିଷ୍କୃତା ( ସ୍ତ୍ରୀ )—
Dirty and of dark complexion (woman).

**କାଳୀଗାଈ**—ଦେ. ବି. ସ୍ତ୍ରୀ—କୃଷ୍ଣବର୍ଣ୍ଣା ଗାଭୀ—
**Kāḻigāi** Black coloured cow.

କାଳୀଗାଈର ଉଛେ ଗୋଠ—ଚଗ ।

**କାଳୀଜଈ**—ଦେ. ବି. ସ୍ତ୍ରୀ. ( ସଂ. କାଳୀ+ଜୟ )—
**Kāḻijai** ଚିଲିକା ହ୍ରଦ ମଧ୍ୟସ୍ଥ ଗୋଟିଏ କ୍ଷୁଦ୍ର ଶୈଳରେ ପ୍ରତିଷ୍ଠିତା ଠାକୁରାଣୀ—A Goddess on a crag islet in the Chilka lake.

କାଳୀଜଈ ଦେବୀ ଅଗତ ଭାବ ସେ କିରତୂତା । ସଧାନାଥ. ଚନ୍ଦ୍ରଭାଗ ।

**କାଳୀଜଈ ଗଣ୍ଡ**—ଦେ. ବି—କାଳୀଜଈ ଦ୍ୱୀପର ଚାରି ପାଖରେ ଥିବା
**Kāḻijai ganḍa** ଚିଲିକାର ଗଭୀରତମ ଅଂଶ—
The deep part of the Chilka lake round the Kāḻijai crag.

**କାଳୀଜଈ ମୁଣ୍ଡିଆ**—ଦେ. ବି—ଚିଲିକା ହ୍ରଦର ପଶ୍ଚିମ ଦିଗସ୍ଥ ଗଣ୍ଡ
**Kāḻijai munḍiā** ମଧ୍ୟରେ ଥିବା ଦ୍ୱୀପ-ଶୈଳବିଶେଷ—
Name of a small craggy islet in the Chilka lake.

[ ଦ୍ର—ଏହି ମୁଣ୍ଡିଆରେ କାଳୀଜଈଠାକୁରାଣୀ ଅଛନ୍ତି । ନାବିକମାନେ ନିରାପଦରେ ଗନ୍ତବ୍ୟସ୍ଥାନରେ ଡଙ୍ଗା ପହଞ୍ଚାଇବା ପାଇଁ କାଳୀଜଈଠାକୁରାଣୀଙ୍କୁ ମାନସିକ କରି ଯାଚିଥିବା ଛେଳି ଓ କୁକୁଡ଼ାମାନଙ୍କୁ ବଧ ନ କରି ଏହି ଟାପୁରେ ଛାଡ଼ିଦେଇ ଥାଆନ୍ତି । ଟାପୁଟି ପ୍ରସ୍ତରମୟ । ଏଥିରେ ବହୁଳ ବୃକ୍ଷଲତାଦି ନ ଥିବାରୁ ଏବଂ ଚତୁର୍ଦ୍ଦିଗସ୍ଥ ଚିଲିକାର ଜଳ ଲବଣାକ୍ତ ଥିବା ହେତୁରୁ ଏ ଜୀବମାନେ ଖାଦ୍ୟ ଓ ପାନୀୟର ଅଭାବରେ ବହୁ କଷ୍ଟରେ ଦିନାକେତେ ବଞ୍ଚି ଶେଷରେ ଅକାଳରେ ପ୍ରାଣ ହରାନ୍ତି; ଚିଲିକାର ଉପକୂଳରେ ଥିବା ବାଲୁଗାଁ, ପାରିକୁଦ ଆଦି ଅଞ୍ଚଳର ଲୋକେ ସମୟେ ସମୟେ ଏଠାକୁ ଡଙ୍ଗାରେ ଆସି ଭୋଜି କରନ୍ତି ଓ ବିପଦ ସମୟରେ ଠାକୁରାଣୀଙ୍କୁ ଛେଳି କୁକୁଡ଼ା ଆଦି ମାନସିକ କରନ୍ତି ବା ଯାଚନ୍ତି । ]

**କାଳୀଜାଈ** (ଇତ୍ୟାଦି)—ଦେ. ବି—କାଳୀଜଈ ଇତ୍ୟାଦି ( ଦେଖ )
**Kāḻijāi** (etc) Kāḻijai etc ( See )

**କାଳୀନ**—ସଂ. ବିଣ. ( କାଳ+ଭବାର୍ଥେ. ଈନ )—କାଳ ବା ସମୟରେ
**Kāḻina** ଘଟିଥିବା—Happening in ( time).

[ ଦ୍ର—ଏ ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ନାହିଁ । ଏହା ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ । ଯଥା—ପୂର୍ବକାଳୀନ, ଏକକାଳୀନ, ପରକାଳୀନ, ଗମନକାଳୀନ, ଭୋଜନକାଳୀନ, ସନ୍ଧ୍ୟାକାଳୀନ, ତତ୍କାଳୀନ ଇତ୍ୟାଦି । ]

**କାଳୀପୂଜା**—ସଂ. ବି. ( ୬ଷ୍ଠୀ ତତ୍; କାଳୀ+ପୂଜା )—
**Kāḻipūjā** ୧ । କାଳୀଠାକୁରାଣୀଙ୍କ ପୂଜା—
1. Worship of the Goddess Kāḻi.

[ ଦ୍ର—କାର୍ତ୍ତିକ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ କାଳୀମୂର୍ତ୍ତିଙ୍କର ପ୍ରତିଷ୍ଠା ଓ ପୂଜା କରାଯାଏ । ]

The 14th day of the dark fortnight of the month of Kārttika when the image of Kāḻi is set up and worshipped.

**କାଳୀୟ**—ସଂ. ବି. ( କାଳ+ଭବାର୍ଥେ. ଈୟ )—
**Kāḻiya** ୧ । ପୀତଚନ୍ଦନ ( ଦେଖ )
1. Pitachandana ( See )

୨ । ଅଗୁରୁ ( ଦେଖ )
2. Aguru ( See )

୩ । ଗୁଗ୍ଗୁଳ ( ଦେଖ )
3. Gugguḻa ( See )

**କାଳୀୟକ**—ସଂ. ବି. ( କାଳ+ଈୟ+କ )—
**Kāḻiyaka** ୧ । ପୀତଚନ୍ଦନ ( ଦେଖ )
Pitachandana ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ବ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ● | ନ୍ତ |

୨ । କୃଷ୍ଣଚନ୍ଦନ—2. Aloeswood; Eaglewood.

୩ । କୁଙ୍କୁମ ( ଦେଖ )
3. Kuṅkuma ( See )

୪ । ଶିଳାଜତୁ ( ଦେଖ )
4. Śilājatu ( See )

୫ । ଦାରୁହରିଦ୍ରା ( ଦେଖ )
5. Dāruharidrā ( See )

**କାଳୁ**—ଦେ. ବି—କାଳୀଚରଣର ଡାକ ନାମ—
Kālu Name for calling Kālicharaṇa.
ଦେ. ଅ—( ଅମୁକ ) ସମୟରୁ ଆରମ୍ଭ କରି—
Since ( such ) a time.
ପିଲାକାଳୁ କାଳୁ ଅଛେ ଘରବୁଡ଼ା—ଚଗ ।

**କାଲୁ**—ପ୍ରାଦେ. ( ଗଡ଼ଜାତ ) ବି—ଗ୍ରାମଦେବତାଙ୍କ ପୂଜକବିଶେଷ—
Kālu The worshipper of a village Goddess.

**କାଲୁଆ**—ଦେ. ବି—୧ । ହାତଗୋଡ଼ ସଙ୍କୁଚିତ ହୋଇ ଗତିହୀନ ହେବା
Kāluā ବାତବିକାରବିଶେଷ; ବାତବିକାର—1. A disease
असाड़ contracting the limbs and making
लकवा them frigid; paralysis.
୨ । ଜାଡ୍ୟ; ଜଡ଼ତା—2. Inertness.
ଦେ. ବିଣ—୧ । ଶୀତଳ; କାକର**ଅ**—
1. Very cool; frigid.
୨ । ଜଡ଼; ଅଚଳ—2. Stationary; inert; motionless.
୩ । ବାତରୋଗ ଯୋଗୁଁ ଅଚଳାଙ୍ଗ—
3. Palsied; paralysed.
୪ । ସ୍ପର୍ଶଶକ୍ତିରହିତ—4. Benumbed.

**କାଲୁଆ ମନ୍ତ୍ର**—ଦେ. ବି—ଯେଉଁ ମନ୍ତ୍ର ପ୍ରୟୋଗଦ୍ୱାରା ଶରୀରର ଅଙ୍ଗ-
Kāluā mantra ପ୍ରତ୍ୟଙ୍ଗ ଜଡ଼ ହୋଇ କଷ୍ଟ ଅନୁଭବ କରିବାର ଶକ୍ତି ରହିତ ହୁଏ—A magical incantation which makes the body inert and insensible to pain.

**କାଲୁଆ ମାରିବା**—ଦେ. ବି—ହାତଗୋଡ଼ ପ୍ରଭୃତି ବିଶେଷ ଶୈତ୍ୟ
Kāluā māribā ଯୋଗୁଁ ଜଡ଼ ହୋଇଯିବା; କାଲ ମାରିଯିବା—The state of the limbs becoming insensible and inert owing to extreme cold.

**କାଲୁଣି**—ପ୍ରାଦେ. ( ଗଡ଼ଜାତ ) ବି—ଶିକାର କରିବାକୁ ଜଗି ବସିଥିବା
Kāluṇi ଶିକାରୀଙ୍କ ପାଖକୁ ଜଙ୍ଗଲର ଘେରିଆଡ଼ୁ ବଣଜନ୍ତୁଙ୍କୁ ଯେଉଁ ଲୋକମାନେ ଘଉଡ଼ାଇ ଆଣନ୍ତି—Persons who surround a jungle and drive wild beasts ( by closing up the circle ) to the hunter; the beaters.

**କାଲୁଣିଆ**—ପ୍ରାଦେ. (ଗଡ଼ଜାତ) ବି—କାଲୁଣି ( ଦେଖ )
Kāluṇiā Kāluṇi ( See )

**କାଳୁଣିଆଁ**—ପ୍ରାଦେ. (ଗଡ଼ଜାତ) ବି—କାଲୁଣି ( ଦେଖ )
Kāluṇiāṅ Kāluṇi ( See )

**କାଲୁଣୀ**—ଦେ. ବିଣ. ସ୍ତ୍ରୀ—କାଲର ସ୍ତ୍ରୀଲିଙ୍ଗ; ଶ୍ରବଣଶକ୍ତିହୀନା (ସ୍ତ୍ରୀ)—
Kāluṇi Deaf ( woman ).

**କାଳୁଷ**—ଗ୍ରା. ବି. ( ସଂ. କଲୁଷ )—୧ । ସନ୍ଦେହ—1. Doubt.
Kālusha ୨ । କପଟ—2. Insincerity; hypocrisy.
୩ । ପାପଚିନ୍ତା—3. Sinful thoughts.
୪ । ଦୋଷ—4. Fault; defect.

**କାଲୁଷ୍ୟ**—ସଂ. ବି. ( କଲୁଷ + ଭାବେ. ଯ )—୧ । କଲୁଷତା; ପାପ—
Kālushya 1. Sin.
୨ । ମଳିନତା; ଗୋଳିଆ ଅବସ୍ଥା—2. Foulness; turbidity.
୩ । କପଟ—3. Insincerity.

**କାଳୁସୁଣୀ**—ଦେ. ବି. ( ସଂ. କାଳ = କୃଷ୍ଣବର୍ଣ୍ଣ )—
Kālusuṇi ୧ । ଘୋର କୃଷ୍ଣବର୍ଣ୍ଣା ଦୀର୍ଘକାୟା ମୁକ୍ତକେଶୀ ସ୍ତ୍ରୀ—
1. A woman of very dark complexion and huge proportions and with hairs flowing.
୨ । (କାଳଶିରି ସ୍ତ୍ରୀଲିଙ୍ଗ) କାଳଶୁଣୀ; ଯେଉଁ ସ୍ତ୍ରୀଲୋକଠାରେ ଦେବତା ଭାବ ହୁଅନ୍ତି; ଯେଉଁ ସ୍ତ୍ରୀକୁ ଠାକୁରାଣୀ ଲାଗନ୍ତି—2, An inspired woman; a woman on whom the spirit of a Goddess descends and appears.

**କାଳେ**—ଦେ. ଅ. ( ସଂ. କାଳେ)—୧ । କେଜାଣି ଅବା; ପଛେ—
Kāle 1. Lest.
किजानि କାଳେ କ୍ରୋଧ ହେବ ନିର୍ମଳ ହୃଦେ ଏହି ଅତଙ୍କ ।
**क्याजाने; शायद** ମଧୁସୂଦନ, କବିତା ।
୨ । ବୋଧ ହୁଏ—2. It seems.
कालें; कवे ୩ । ସମ୍ଭବତଃ—3. Perhaps.
**कब** ୪ । ସମୟରେ—4. In time.
୫ । ବହୁଦିନ ପରେ—5. A long time after.
୬ । ସମୟକ୍ରମେ; କେବେ—6. In course of time.
୭ । ଭବିଷ୍ୟତରେ—1. In future.
ଗଗନକୁସୁମ ପରି ଏ ଶ୍ରମ, ଫଳ କି ହୋଇବ କାଳେ ।
ଭକ୍ତସର୍ବସ୍ୱ. ଯଶୋଦାରତ୍ନ. ଗ. ଗୀତ ।

**କାଳେ କାଳେ**—ଦେ. କ୍ରି. ବିଣ—୧ । ବହୁକାଳ ହେଲା; ଅବହମାନ
Kāle kāle କାଳରୁ—1. From time immemorial; for ages past.
୨ । ଯୁଗେ ଯୁଗେ; ଯୁଗଯୁଗାନ୍ତରେ—
2. From time to time; from age to age.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ଜପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଚିରକାଳ—3. For ever.

ସେହି ପ୍ରକାରେ କର୍ମ ଲେଖ, କାଳେ କାଳେ ନୋହେ ସଂଯୋଗ ।
ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**କାଳେକେ**—ଦେ. କ୍ରି. ବିଣ—କାଳେ—୪-୭ (ଦେଖ)
Kāḻeke — Kāḻe 4-7 (See)

**କାଲେଣ୍ଡର**—ବୈଦେ. ବି. (ଇ. କାଲେଣ୍ଡର୍)—ଦିନ ଓ ତାରିକଜ୍ଞାପକ ପଞ୍ଜିକା ବା ଫର୍ଦ୍ଦ—
Kālendara — Calendar.
कालेण्डर
कैलेंडर; जंत्री

**କାଳେବର**—ଦେ. ବି.—୧ । ଭୀମଙ୍କ ବ୍ୟବହୃତ ଗଦାବିଶେଷ—
Kāḻe bara — 1. A club used by Bhīma, one of the Pāṇḍabas.

କାଳେବର ଗଦା ଯେ ବହିଲ ବୃକୋଦର ।
ସାରଳା. ମହାଭାରତ. ଗ୍ରନ୍ଥ ।

୨ । ବନବିଶେଷ—2. Name of a forest.

କାଳଜୀ ନଦୀ ଘରେ କାଳେବର ବନ । ସାରଳା. ମହାଭାରତ. ବନ ।

**କାଳେ ଭଦ୍ରେ**—ଦେ. ଅ.—୧ । କଦାଚିତ୍; କଦବା; କେବେ—
Kāḻe bhadre — 1. At any time; ever.
कालेभद्रे
୨ । ସବୁଦିନେ; ଚିରକାଳ—
कभीकभी — 2. For ever.

୩ । ଅକସ୍ମାତ୍; କ୍ୱଚିତ୍—3. Scarcely; at times, few and far between.

**କାଲେୟ**—ସଂ. ବି.—(କାଲ ବା କଳ+ସ୍ୱାର୍ଥେ. ଏୟ)—
Kāḻeya ୧ । ଯକୃତ୍; କଲିଜା—1. Liver.

୨ । ପୀତଚନ୍ଦନ (ଦେଖ)
2. Pītachandana (See)

୩ । ଅଗୁରୁ; କୃଷ୍ଣଚନ୍ଦନ—3. Aloeswood.

୪ । ( କାଲ+ଅପତ୍ୟାର୍ଥେ. ଏୟ )—କାଲଦୈତ୍ୟର ପୁତ୍ର; ଦୈତ୍ୟବିଶେଷ—4. Name of a demon, son Kāḻa.

ସଂ. ବିଣ.—୧ । କାଲସମ୍ବନ୍ଧୀୟ—
1. Relating to kāḻa (See)

୨ । କଳିକାଳ ସମ୍ବନ୍ଧୀୟ—
2. Relating to the Kāḻi Age.

**କାଲେଶ**—ସଂ. ବି. (ଷଷ୍ଠୀ ତତ୍; କାଲ+ଈଶ)—୧ । ( କାଲ ପ୍ରବର୍ତ୍ତକ ଥିବାରୁ )—ସୂର୍ଯ୍ୟ—1. The sun.
Kāḻesa

୨ । ଶିବ—2. Siba.

୩ । ମକାର ବର୍ଣ୍ଣ—3. The letter 'm'.

**କାଳେ ସକାଳେ**—ଦେ. ଅ.—୧ । କୌଣସି ସମୟରେ; କେବେ—
Kāḻe sakāḻe — 1. At any time; ever.

ଏପରି ସୁନ୍ଦର ପବନ କାଳେସକାଳେ ଦେଖିବାର ନାହିଁ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । କଦବା; କ୍ୱଚିତ୍—2. Scarcely, if ever.

**କାଲୋ**—ପ୍ରାଦେ. (ସମ୍ବଲପୁର) ବି.—ଗ୍ରାମଦେବତାଙ୍କ ସେବକ—
Kālo — The priest of a village Goddess.

**କାଲ୍କା**—ଗ୍ରା. ବିଣ. (ସଂ. କଲ୍ୟ)—କାଲିକା (ଦେଖ)
Kalkā — Kālikā (See)
कालकार
कलका

କାଲ୍କାଯୋଗୀ ଶିରରେ ଜଟ । ହୃଦ ପ୍ରବଚନର ଅନୁକରଣ ।

**କାଳ୍ପନିକ**—ସଂ. ବିଣ. (କଳ୍ପନା+ସମ୍ବନ୍ଧାର୍ଥେ. ଇକ)—୧ । ଅନୁମାନକ—
Kāḻpanika — 1. Imaginary; fanciful.

୨ । କଳ୍ପନାସମ୍ଭୂତ—2. Born of fancy.

୩ । କଳ୍ପନାରେ ମାତ୍ର ଥିବା; ଅବାସ୍ତବ—
3. Not actually in existence.

**କାଲ୍ଲା**—ପ୍ରାଦେ. (ମେଦିନୀପୁର) ବି. (ସଂ. କାରବେଲ୍ଲ)—
Kāllā — କଲରା (ଦେଖ)—Kalarā (See)

**କାଲ୍‌ହୁଡ଼ି**—ପ୍ରାଦେ.—୧ । (ସିଂହଭୂମ)—ବି. ସ୍ତ୍ରୀ.—ମାଈ ବାଛୁରୀ—
Kālhurḍi — She-calf.

୨ । (ଗଡ଼ଜାତ) ବି. ପୁଂ.—ଦାମୁଡ଼ି—
2. A young bullock.

**କାୱାଜ୍**—ବୈଦେ. ବି. (ଅ. କାୱାଜ୍)—କାଉଆଜ୍ (ଦେଖ)
Kāwāj — Kāuāj (See)

**କାୱାର୍**—ବୈଦେ. ବି. (ଅ. କାୱାର୍)—ଶେଷ; ଅଖେର—
Kāwār — The end or finish; conclusion.
काबार (ଯଥା—ମାସ କାୱାର୍; ଘଣ୍ଟା କାୱାର୍ ।)
काबार

ବିଣ.—ଅଖେର ହୋଇଥିବା; ପୂର୍ଣ୍ଣ ହୋଇଥିବା—Completed.

**କାୱାର୍ କରିବା**—ଦେ. କ୍ରି.—୧ । (କାଲ) କାଟିବା; (ସମୟ) ଅତିବାହିତ କରିବା—1. To spend (time); to pass away (time).
Kāwār kariba
काबार करा

୨ । ଶେଷ କରିବା—2. To finish; to terminate.

୩ । ତାସ୍ ଖେଳରେ ଇସ୍ତକ୍ ଆଦି ପରିମିତ ସଂଖ୍ୟକ ସମସ୍ତ ତାସ୍‌କୁ ଖେଳ କରି ସମାପ୍ତ କରିବା—(ଯଥା; ଇସ୍ତକ୍ କାୱାର୍)—3 To finish playing the last card of a certain series in card play.

**କାୱାର୍ ହେବା**—ଦେ. କ୍ରି.—ଅତିବାହିତ ହେବା—
Kāwār hebā — To be terminated or finished.
काबारहओया
काबारहोना

**କାୱାଲି**—ବୈଦେ. ବି. (ଅ.)—କାଉଆଲି (ଦେଖ)
Kāwāli — Kāuāli (See)

**କାଶ୍** ( ଧାତୁ )—ସଂ.—୧ । ଦୀପ୍ତି ପାଇବା—1. To shine.
Kās ( root ) ୨ । ପ୍ରକାଶିତ ହେବା—2. To be manifest.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୃ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ତ |

**କାଶ**—ସଂ. ବି. ( କାଶ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ )—
Kāśa
୧ । ତୃଣବିଶେଷ; କାଇଁଶଘାସ—
1. A kind of grass, the reeds of which are used for weaving baskets, mats etc; Sachharum Spontaneum.
ସଂ. ପର୍ଯ୍ୟାୟ—କାଶେକ୍ଷୁ, ଇକ୍ଷୁରସ, ଇକ୍ଷ୍ୱାଳିକା, ଇକ୍ଷୁଗନ୍ଧା, ପୋଟଗଳ,
କେଶେ
**কাশ**
ତେ. ରେଲୁ
[ ଦ୍ର—ଏହି ତୃଣ ବୁଦାବୁଦା ହୋଇ ଜନ୍ମେ । ଏହା ପ୍ରାୟ ୩।୨ ହାତ ଉଚ୍ଚ ହୁଏ । ଏହାର ଶୁକ୍ଳ ଫୁଲ ଚଅଁର ପରି ଗୋଛଗୋଛ ହୁଏ । ଏହା ପଡ଼ିଆ ଓ ନଈପଠାରେ ଜନ୍ମେ । କାଶଗଛର ମଧ୍ୟବର୍ତ୍ତୀ ଅଂଶ ବା ଦଣ୍ଡ କୋମଳ ଓ ଚିକ୍କଣ, ତେଣୁ ତହିଁରେ ଲୋକେ କାଇଁଶ ଡାଲା, ବିଞ୍ଚଣା ପ୍ରଭୃତି ତିଆରି କରନ୍ତି; ସମଗ୍ର ଗୁଳ୍ମଟି ଡଣ୍ଡୀରୂପେ ଘର ଛପରରେ ନଡ଼ାର କାର୍ଯ୍ୟ କରେ । କାଶ ଓ ତଣ୍ଡୀ ଏକ ଗୁଳ୍ମର ଦୁଇଟି ନାମାନ୍ତର । ଏହାର ଡାଙ୍ଗ କାଇଁଶ, ଫୁଲ କାଇଁଶଫୁଲ ଓ ବହିର୍ବ୍ବର୍ଣ ସବୁପତ୍ର ତଣ୍ଡୀ ଅଟେ । ବୈଦ୍ୟଶାସ୍ତ୍ର ମତରେ ଏହା ମଧୁର-ତିକ୍ତରସ, ମଧୁରବିପାକ, ଶୀତବୀର୍ଯ୍ୟ ଓ ସାରକ । ଏହା ମୂତ୍ରକୃଚ୍ଛ୍ର, ଅଶ୍ମରୀ, ଦାହ, ରକ୍ତଦୋଷ, କ୍ଷୟ ଓ ପିତ୍ତରୋଗରେ ଉପକାରୀ । ]
୨ । କାଶ ଗଛର ଚଅଁର ପରି ଫୁଲଗୋଛ—
2. The catkin of Kāśa grass.
୩ । କାଶ ରୋଗ—3. Cough; catarrh.
୪ । ( +ଭାବ. ଅ ) ପ୍ରକାଶ—
4. Exibition; manifestation.
୫ । ଗତି—5. Motion.
୬ । ମୂଷା—6. Mouse.
ସଂ. ବିଣ.—୧ । ପ୍ରକାଶମାନ—1. Manifest.
୨ । ଶୋଭମାନ—2. Resplendent.

**କାଶକ୍**—ପ୍ରାଦେ. ( ସମ୍ବଲପୁରି ) ଅ—୧ । ବୋଧହୁଏ—
Kāśak
1. think; methinks.
୨ । ସମ୍ଭବତଃ—2. Most probably.

**କାଶଣ୍ଡୀ**—ଦେ. ବି. ( ସଂ. କାଶମର୍ଦ୍ଦ )—କାଶମର୍ଦ୍ଦ ( ଦେଖ )
Kāśaṇḍi
Kāśamardda ( See )

**କାଶତଣ୍ଡୀ**—ଦେ. ବି. (ଏକାର୍ଥକ ସହଚର; ସଂ. କାଶ + ଓ. ତଣ୍ଡୀ )—
Kāśataṇḍi
କାଶତୃଣ—
A kind of reed; Sachharum Spontaneum.
କାଶତଣ୍ଡୀଫୁଲେ ମସ୍ତ ଦିଶଇ ଧବଳ—ମଧୁସୂଦନ॰ ଛନ୍ଦମାଳା ।

**କାଶନସମ**—ଗ୍ରା. ବି. ( ସହଚର; ସଂ. କାଶ+ଶ୍ଳେଷ୍ମନ୍ )—କାଶ ଓ
Kāśanasama
ଶରଦ—Cough and cold.

**କାଶନ୍ଦ**—ଦେ. ବି. ( ସଂ. କାଶମର୍ଦ୍ଦ )—କାଶମର୍ଦ୍ଦ ୧।୨ ( ଦେଖ )
Kāśanda
Kāśamardda 1. 2. ( See )

**କାଶନ୍ଦା**—ଦେ. ବି—କାଶମର୍ଦ୍ଦ ୧।୨ ( ଦେଖ )
Kāśandā
Kāśamardda 1. 2. ( See )

**କାଶନ୍ଦି**—ଦେ. ବି. ( ସଂ. କାଶମର୍ଦ୍ଦ )—୧ । କାଶମର୍ଦ୍ଦ ( ଦେଖ )
Kāśandi
1. Kāśamardda ( See )
୨ । କାଶିନ୍ଦି ୨ ( ଦେଖ )—
2. Kāśindi 2. ( See )

**କାଶମର୍ଦ୍ଦ**—ସଂ. ବି. ( କାଶ=କାଶରୋଗ+ମୃଦ୍ ଧାତୁ=ନାଶ କରିବା +କର୍ତ୍ତୃ. ଅ; ଏହା କାଶରୋଗର ଉପକାରୀ )—୧ । କାଶୁଣ୍ଡିଶାଗ—
Kāśamardda
1. A herb; Cassia Sophora.
ସଂ. ପର୍ଯ୍ୟାୟ—କାସମର୍ଦ୍ଦ, ଅରିମର୍ଦ୍ଦ, କାସାରି, କର୍କଶା,
কালকাশুন্দে
**कसौंदि; कासिन्दि;**
**कसौंजा ( हि )**
ତେ. କଶିବିନ୍ଦଚେଟ୍ଟୁ;
କାସିବିନ୍ଦା
[ ଦ୍ର—ଏହାର ପତ୍ର ରୁଚିକର, ବୃଷ୍ୟ, ମଧୁରରସ, ପାଚକ, କଣ୍ଠଶୋଧକ ଏବଂ ବିଷଦୋଷ, ରକ୍ତଦୁଷ୍ଟି, କଫ ଓ ବାୟୁନାଶକ । ଏହା କାଶଘ୍ନ, ମଳ-ସଂଗ୍ରାହକ, ଲଘୁପାକ ଓ ପିତ୍ତଦୁଷ୍ଟି-ନାଶକ । ]
कাশন্দা
୨ । ଚକୁଣ୍ଡା ଗୁଳ୍ମ—
**चकवँड़**
2. The Cassia plant.
[ ଦ୍ର—ଏକଜାତୀୟ ଶାକଗୁଳ୍ମ । ଏହାର ପତ୍ର ଶାଗ ହୁଏ ଏବଂ ଛୁଇଁ ତରକାରି ଓ ଭଜା ହୁଏ । ]

**କାଶ ଲସମ**—ଗ୍ରା. ବି—କାଶ ଓ ଶରଦ—
Kāśa lasama
Cough and cold.

**କାଶି ( ଇତ୍ୟାଦି )**—ସଂ. ବି. (କାଶ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଇ)—
Kāśi ( etc )
କାଶୀ ଇତ୍ୟାଦି ( ଦେଖ )
Kāśi etc ( See )

**କାଶିଆ କପିଳାର ଭେଟ ନାହିଁ**—ଦେ. ପ୍ରବଚନ—କେତେକ ସମୟ ଏକତ୍ର ଅବସ୍ଥାନ କରିଥିବା ଦୁଇ ବ୍ୟକ୍ତିଙ୍କର ପରେ ଦେଖା ନ ହେଲେ ଏ ପ୍ରବଚନର ପ୍ରୟୋଗ କରାଯାଏ—
Kāśiā kapiḻāra bheṭa nāhiñ
A saying used when two persons who lived and moved together for some time do not afterwards meet each other.
[ ଦ୍ର—ଓଡ଼ିଶାର ରାଜା କପିଳେନ୍ଦ୍ର ଦେବ ପ୍ରଥମେ ଅତି ଦରିଦ୍ର କ୍ଷତ୍ରିୟ ପରିବାରରେ ଜନ୍ମ ହୋଇ ଗୋଟିଏ ବ୍ରାହ୍ମଣର ଗାଈ ଜଗୁଥିଲେ । ସେ ବ୍ରାହ୍ମଣର ପୁଅର ନାମ 'କାଶୀନାଥ' । କାଶୀ କପିଳଙ୍କର ବାଲ୍ୟସହଚର ଥିଲେ । ଦୁହେଁ ଦିନେ ଗୋରୁ ଚରାଇବାକୁ ଯାଇଥିବା ଅବସ୍ଥାରେ କପିଳ ଗୋଟିଏ ଗଛମୂଳରେ ଶୋଇଥିବାବେଳେ ତାଙ୍କ ମୁଣ୍ଡ ଉପରେ ଗୋଟିଏ ନାଗସାପ ଫଣା ଟେକିବାର ଦେଖି କାଶୀ ତାଙ୍କୁ ଉଠାଇ ଦେଇ କହିଲେ; "କପିଳ ! ତୁ ରଜା ହେବୁ ।" କପିଳ ଥଟ୍ଟାରେ ଉତ୍ତର କଲେ, "ମୁଁ ରାଜା ହେଲେ ତତେ ମନ୍ତ୍ରୀ କରିବି ।" କେତୁଦିନ ପରେ କପିଳ ଜଗନ୍ନାଥ ଦର୍ଶନକୁ ଯାଇଥିଲେ । ବଡ଼ଦେଉଳରେ ତଦାନୀନ୍ତନ ଗଜପତି ରାଜା କପିଳଙ୍କ ଠାରେ ରାଜଲକ୍ଷଣ ଦେଖି ତାଙ୍କୁ ନଅରକୁ ଆଣିଲେ । ରାଜାଙ୍କ

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— କାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଜ୍ର' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

ପାଖରେ ରହି କପିଳ କ୍ରମେକ୍ରମେ ପ୍ରଭୁଭକ୍ତିର ନିଦର୍ଶନ ଦେଖାଇଲେ ଓ କନ୍ଦର୍ପଦନ ପରେ ରାଜା ତାଙ୍କୁ ମନ୍ତ୍ରୀ କଲେ । ରାଜା ଅପୁତ୍ରିକ ଥିବାରୁ ମନ୍ତ୍ରୀପୂର୍ବରୁ ସେ କପିଳଙ୍କୁ ଉତ୍ତରାଧିକାରୀ ମନୋନୀତ କଲେ । ରାଜାଙ୍କ ଅନ୍ତେ କପିଳ କପିଳେନ୍ଦ୍ର ଦେବ ନାମରେ ଓଡ଼ିଶାର ରାଜଗାଦିରେ ବସିଲେ । କପିଳ ରାଜା ହେବାର ଶୁଣି, କାଶୀ କପିଳଙ୍କର ପୂର୍ବ କଥାକୁ ସ୍ମରଣ କରି କହୁଥାଏ "ଆଉ କାଶିଆ କପିଳା ତେଣିକି କାହିଁ ଯେ ମୁଁ ମନ୍ତ୍ରୀ ହେବି ?" ଏହି କମ୍ବଦନ୍ତୀ ଉପରେ ଏ ପ୍ରବଚନ ଗଠିତ । କୃପାସିନ୍ଧୁ— ଉତ୍କଳ ଇତିହାସ । ]

**କାଶିକ**—ସଂ. ବି. ( କାଶି + ସ୍ୱାର୍ଥରେ. କ )—କାଶୀ ( ଦେଖ )
Kāśika — Kāśi ( See )

**କାଶିନ୍ଦି**—ଦେ. ବି. ( ସଂ. କାଶମର୍ଦ୍ଦ )—
Kāśindi — ୧ । କାଶମର୍ଦ୍ଦ ( ଦେଖ )
1. Kāśamardda ( See )
୨ । କଷା ଆମ୍ବକୁ ଠାକୁଆ ସହିତ ଚକୁଡ଼ା କରି କାଟି ସେଥିରୁ କୋଇଲି କାଢ଼ିଦେଇ ସେଥିରେ ବେସର ଗୋଳାଇ ସୋରିଷ ତେଲରେ ସନ୍ତୁଳ ପ୍ରସ୍ତୁତ କରାଯିବା ଆଚାର—
2. A kind of mango-pickle.

**କାଶିବା**—ଦେ. କ୍ରି. ( ସଂ. କାଶ )—କଣ୍ଠନାଳୀରୁ ଶ୍ଳେଷ୍ମା ବା ଖଙ୍କାର ବାହାର କରିବା ପାଇଁ ଶବ୍ଦ କରିବା; କାସିବା—
Kāśibā
କାଶା — To cough.
**ଘସକନା, खाँसना**

**କାଶିମୀର**—ଗ୍ରା. ବି. ( ସଂ. କାଶ୍ମୀର )—କାଶ୍ମୀର ( ଦେଖ )
Kāśimirā — Kāśmirā ( See )

**କାଶିମୀରିଆ**—ଗ୍ରା. ବିଣ. ( ସଂ. କାଶ୍ମୀରୀୟ )—
Kāśimiriā • କାଶ୍ମୀରୀ ( ଦେଖ )
Kāśmiri ( See )

**କାଶିମୀରୀ**—ଗ୍ରା. ବି. ( ସଂ. କାଶ୍ମୀରୀୟ )—
Kāśimiri — କାଶ୍ମୀର ଦେଶଜାତ କୁଣ୍ଡଳଶିଙ୍ଗୀ ବଡ଼ ଛେଳି—
A goat of large breed and with spiral horns found in Kashmere.

**କାଶୀ**—ସଂ. ବି. ( କାଶ୍ ଧାତୁ=ଦୀପ୍ତି ପାଇବା + କର୍ତ୍ତୃ.ଇ + ସ୍ତ୍ରୀ. ଈ )—
Kāśi — ବାରାଣସୀ; ବନାରସ—Benares.
[ ଦ୍ର—ଏହାର ଅନ୍ୟ ନାମ ବାରାଣସୀ; ଏହା ଗଙ୍ଗା କୂଳରେ ଅବସ୍ଥିତ; ଏହିଠାରେ ଗଙ୍ଗା ଉତ୍ତରବାହିନୀ ହୋଇ ପରେ ପୁଣି ପୂର୍ବମୁଖରେ ବହିଅଛି ।
ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ ସ୍ଥାନ । ସଂସ୍କୃତଚର୍ଚ୍ଚାର କେନ୍ଦ୍ରସ୍ଥାନ ବୋଲି ଏହା ପ୍ରାଚୀନ କାଳରୁ ପ୍ରସିଦ୍ଧି ଲାଭ କରିଅଛି । କାଶୀରେ ଯେଉଁମାନମନ୍ଦିର ଅଛି ତାକୁ ମୋଗଲସମ୍ରାଟ୍ ଅକବରଙ୍କ ସେନାପତି ରାଜା ମାନସିଂହ କୋଣାର୍କ ମନ୍ଦିରର ଅନୁକରଣରେ ତିଆର କରାଇଥିଲେ । କାଶୀ ଜରିର ବୁଟା ଓ ଫୁଲ କାମ ହୋଇଥିବା ପାଟ-ଲୁଗା ପାଇଁ ପ୍ରସିଦ୍ଧ; କାଶୀ ଇଂରାଜଙ୍କର ଭାରତ ଆଗମନ ପୂର୍ବେ ଜଣେ ନବାବଙ୍କ ରାଜ୍ୟ ଥିଲା । ପରେ ଇଂରାଜଙ୍କ ଅମଳରେ ଏହା ଗୋଟିଏ ଜମିଦାରୀ ରାଜ୍ୟ ହେଲା । ବର୍ତ୍ତମାନ ଇଂରାଜ ଗଭର୍ଣ୍ଣମେଣ୍ଟ କାଶୀର ମହାରାଜାଙ୍କୁ ରୁଲିଙ୍ଗ୍ ଚିଫ୍ ବା ଶାସକ ରାଜାଙ୍କ କ୍ଷମତାରେ ଭୂଷିତ କରି ଅଛନ୍ତି । କାଶୀର 'ବିଶ୍ୱନାଥ' ମହାଦେବ ଓ 'ଅନ୍ନପୂର୍ଣ୍ଣା' ଦେବୀ ଭାରତପ୍ରସିଦ୍ଧ । ଏଠାରେ ଦଶାଶ୍ୱମେଧ ଘାଟ, ମଣିକର୍ଣ୍ଣିକା ଘାଟ ଆଦି ଗଙ୍ଗାକୂଳରେ ସୁନ୍ଦର ଶବଦାହକ୍ଷେତ୍ର ଅଛି ଓ ବହୁଦୂରରୁ ହିନ୍ଦୁମାନେ କାଶୀକୁ ଶବ ଆଣି ଏ ଶ୍ମଶାନମାନଙ୍କରେ ଦାହ କରନ୍ତି । ଅନେକ ହିନ୍ଦୁ କାଶୀ କ୍ଷେତ୍ରରେ ମୃତ୍ୟୁ ଲାଭ କରିବା ପାଇଁ ବୃଦ୍ଧାବସ୍ଥାରେ କାଶୀବାସ କରନ୍ତି । ଏଠାରେ କାଶୀ ମହାରାଜାଙ୍କପ୍ରଦତ୍ତ ବିସ୍ତୃତ ଜମି ଉପରେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଚେଷ୍ଟାରେ ଗୋଟିଏ ହିନ୍ଦୁ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଅଛି । କାଶୀରେ ଭାରତର ପ୍ରଧାନ ପ୍ରଧାନ ଧନୀ ଓ ରାଜାମହାରାଜାମାନଙ୍କ ନିର୍ମିତ ଧର୍ମଶାଳା, ମନ୍ଦିର ଓ ପ୍ରାସାଦମାନ ଅଛି । ଗଙ୍ଗାକୂଳରେ ନିର୍ମିତ ସୌଧାବଳିର ଦୃଶ୍ୟ ଗଙ୍ଗାଗର୍ଭରୁ ନୌକାରୋହୀମାନଙ୍କ ମନକୁ ମୁଗ୍ଧ କରେ । କାଶୀର ଦୁଇଟି ଗୋଟିଏ ରାସ୍ତାକୁ ଛାଡ଼ି ଦେଲେ ବାକି ସବୁ ଗଳିମାନଙ୍କ ଓସାର ୩୨ ହାତରୁ ବେଶି ନୁହେ । କାଶୀରେ ଲକ୍ଷାଧିକ ଶିବଲିଙ୍ଗ ନାନା ସ୍ଥାନରେ ଅଛନ୍ତି । କାଶୀରେ ଶିବାନୁଚର କାଳଭୈରବଙ୍କ ମନ୍ଦିର ଅଛି । କାଶୀରେ ଅଧିକାଂଶ ଗଳିର ତଳଭାଗରେ କଳାପଥର ବନ୍ଧା ହୋଇଅଛି । କାଶୀବିଶ୍ୱନାଥଙ୍କ ମନ୍ଦିରର ଛାମୁଳ ଉପରେ ସୁନାପାତିଆ ଛାଉଣି ହୋଇଅଛି ଓ ମନ୍ଦିରର ଶିଖରେ ସ୍ୱର୍ଣ୍ଣକଳଶ ସ୍ଥାପିତ ହୋଇଅଛି; ଏହାର ଅନ୍ୟ ସଂ. ନାମ ବାରାଣସୀ; ଦେଶୀୟ ନାମ ବନାରସ; ଇଂରାଜୀ ନାମ ବେନାରେସ୍ Benares ].

**କାଶୀଚିନି**—ଦେ. ବି—ଭାରତପ୍ରସ୍ତୁତ ବା ଦେଶୀୟ ଚିନି—
Kāśichini — India-made white sugar.
[ ଦ୍ର—ଏହା କାଶୀ ନିକଟରେ ପ୍ରସ୍ତୁତ ହେଉଥିଲା । ଏହାର ବର୍ଣ୍ଣ ଫିକା ଓ ବିଦେଶୀ ଚିନି ପରି ଏହାର ଦାନା ସବୁ ବଡ଼ବଡ଼ ନୁହେ । ]

**କାଶୀନାଥ**—ସଂ. ବି. ( ୬ଷ୍ଠୀ ତତ୍; କାଶୀ + ନାଥ )—
Kāśinātha ୧ । ମହାଦେବ—1. God Śiba.
୨ । କାଶୀରେ ପ୍ରତିଷ୍ଠିତ ବିଶ୍ୱେଶ୍ୱର ବା ବିଶ୍ୱନାଥଙ୍କ ଶିବବିଗ୍ରହ—
2. The idol of Śiba-linga situate in Benares.
ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

**କାଶୀପ୍ରାପ୍ତି**—ସଂ. ବି. ( ୨ୟା ତତ୍; କାଶୀ + ପ୍ରାପ୍ତି )—
Kāśiprāpti (ହିନ୍ଦୁଙ୍କ ପକ୍ଷରେ) କାଶୀ କ୍ଷେତ୍ରରେ ପୁଣ୍ୟମୟ ମରଣ—
Death in Benares which confers much spritual benefit on the deceased (Hindu).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଛଅ | ଭ |
| ୨ | ଈ | ଉ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନୃ |

[ ଦ୍ର—କାଶୀଧାମରେ ମୃତ୍ୟୁ ହେଲେ ମୁକ୍ତି ଲାଭ ହୁଏ ଏହା ସାଧାରଣ ହିନ୍ଦୁଙ୍କର ବିଶ୍ୱାସ; ଶାସ୍ତ୍ରରେ ଉକ୍ତ ଅଛି—
ଗଙ୍ଗାୟାଂ ଚ ଜଲେ ମୁକ୍ତି ର୍ବାରାଣସ୍ୟାଂ ଜଲେ ସ୍ଥଲେ
ଜଲେ ସ୍ଥଲେ ଚାନ୍ତରୀକ୍ଷେ ମୁକ୍ତିଃ ଶ୍ରୀପୁରୁଷୋତ୍ତମେ । ]

**କାଶୀବାସ**—ସଂ. ବି. ( ୭ମୀ ତତ୍; କାଶୀ+ବାସ )—
Kāsibāsa ଶେଷଜୀବନ କାଶୀକ୍ଷେତ୍ରରେ କଟାଇ କାଶୀରେ ମଲେ ପରକାଳରେ ଶିବଲୋକ ପାଇବା ଉଦ୍ଦେଶ୍ୟରେ କାଶୀରେ ରହିବା—Stay at Benares for passing the old age there with the hope of attaining beatitude after death.

**କାଶୀ ବିଶ୍ୱନାଥ**—ସଂ. ବି. ( ୬ଷ୍ଠୀ ତତ୍; କାଶୀ+ବିଶ୍ୱନାଥ )—
Kāsi biswanātha କାଶୀରେ ପ୍ରତିଷ୍ଠିତ ବିଶ୍ୱେଶ୍ୱର ଶିବବିଗ୍ରହ—The idol of Siba or Linga established in Benares.

**କାଶୀରାଜ**—ସଂ. ବି. ( ୬ଷ୍ଠୀ ତତ୍; କାଶୀ+ରାଜନ୍ )—
Kāsirāja ୧ । ବାରାଣସୀର ରାଜା—
1. King of Benares.
୨ । ରାଜା ଦିବୋଦାସ—
2. King Dibodāsa of ancient India.
୩ । ଧନ୍ୱନ୍ତରି—3. The mythological physician of the Gods.

**କାଶୀଲାଭ**—ସଂ. ବି. ( ୨ୟା ତତ୍; କାଶୀ+ଲାଭ )—
Kāsilābha କାଶୀପ୍ରାପ୍ତି ( ଦେଖ )
Kāsiprāpti ( See )

**କାଶୀଶ**—ସଂ. ବି. ( ୬ଷ୍ଠୀ ତତ୍; କାଶୀ+ଈଶ )—
Kāsisa ୧ । କାଶୀନାଥ ( ଦେଖ )
ସଂ. ପର୍ଯ୍ୟାୟ— 1. Kāsinātha ( See )
ଧାତୁକାଶୀଶ; ୨ । ପୁଷ୍ପକସ—2. Green sulphate of iron; Ferri sulphus.
ଫା. ଶୁକାଶୀଶ
ହୀରାକଶ [ ଦ୍ର— ଈଷତ୍ ପୀତବର୍ଣ୍ଣ କାଶୀଶକୁ ପୁଷ୍ପକାଶୀଶ
କହିଶ, କୈହିଶ କହନ୍ତି । ଏହା ଅମ୍ଳତିକ୍ତକଷାୟରସ, ଉଷ୍ଣବୀର୍ଯ୍ୟ
ଫା. ଜାକେଜରଦ୍ ଓ କେଶର ହିତକର । ଏହା ବାୟୁ, କଫ,
ଅ. ଜାଜେଅସ୍ଫର୍ ନେତ୍ରକଣ୍ଡୁ, ବିଷ, ମୂତ୍ରକୃଚ୍ଛ୍ର, ଅଶ୍ମରୀ ଓ ଶ୍ୱିତ୍ରରୋଗ ନାଶକ । ]

**କାଶୀଶ୍ୱର**—ସଂ. ବି. ( ୬ଷ୍ଠୀ ତତ୍; କାଶୀ+ଈଶ୍ୱର )—
Kāsiswara କାଶୀନାଥ ( ଦେଖ )
Kāsinātha ( See )

**କାଶୀସିଲ୍କ**—ଦେ. ବି. ( ସଂ. କାଶୀ ଓ ଇଂ. ସିଲ୍କ )—
Kāsisilk କାଶୀ ଅଞ୍ଚଳରେ ପ୍ରସ୍ତୁତ ରେଶମ—Kasi-silk; silk manufactured at Benares.

**କାଶୁ**—ବୈଦେ. ପ୍ରାଦେ. ( ଗଞ୍ଜାମ ) ବି. ( ଇଂ. କାଶ୍ୟୁ )—
Kāsu ୧ । ବାଜାମ୍ ବା ଲଙ୍କାଆମ୍ (ଗଛ ଓ ଫଳ)—
ହୀଜଲୀବାଦାମ 1. Cashewnut (tree and fruit).
କାଜୁ ୨ । ( ଦେ ) —ସୁନାମୋହର ବା ମଉଡ଼ରମାଳ—
2. A necklace of gold coins.

**କାଶୁଆ**—ଦେ. ବିଶ. ପୁଂ. ( ସଂ. କାଶ )—କାଶ ରୋଗଗ୍ରସ୍ତ ( ପୁରୁଷ );
Kāsuā ଯେ ସବୁବେଳେ କାଶୁଥାଏ—(a male) Suffering
କେଶୋ from cough; always coughing.
ଖୋଖୋୟା; ଖାଁସୁଆ ପ୍ରାଦେ—୧ । ( ବାଲେଶ୍ୱର ) ବି—
(କାଶେଇ; କାଶୋଇ—ସ୍ତ୍ରୀ) ଗୋଖାମାନଙ୍କ ବ୍ୟବହୃତ ଲମ୍ବ ଜାଲର ମୁଠି—1. A roll of fishing nets used by the Gokhā fishermen of Balasore.
୨ । ( ଗଡ଼ଜାତ ) ବି—ପର୍ବତିଆ ବୋଡ଼ା ସାପ—
2. The viper snake living in the hills.

**କାଶୁଣ୍ଡି**—ଦେ. ବି. ( ସଂ. କାଶମର୍ଦ୍ଦ )—କାଶମର୍ଦ୍ଦ ୧ । ୨ (ଦେଖ)
Kāsundi Kāsamardda 1. 2 (See)

**କାଶୁନ୍ଦି**—ଦେ. ବି—୧ । (ସଂ. କାଶମର୍ଦ୍ଦ)—କାଶମର୍ଦ୍ଦ ( ଦେଖ )
Kāsundi 1. Kāsamardda ( See )
୨ । କାଶିନ୍ଦି ୨ ( ଦେଖ )
2. Kāsindi 2 ( See )

**କାଶେକ୍ଷୁ**—ସଂ. ବି—କାଶ ୧ ( ଦେଖ )
Kāsekshu Kāsa 1 ( See )

**କାଶେଣ୍ଡି**—ଗ୍ରା. ବି. ( ସଂ. କାଶମର୍ଦ୍ଦ )—କାଶମର୍ଦ୍ଦ ୩ ( ଦେଖ )
Kāsendi Kāsamardda 3 ( See )

**କାଶ୍ମରୀ**—ସଂ. ବି—ଗମ୍ଭାରି ( ଦେଖ )
Kāsmari Gambhāri ( See )

**କାଶ୍ମର୍ଯ୍ୟ**—ସଂ. ବି—ଗମ୍ଭାରି ( ଦେଖ )
Kāsmarjya Gambhāri ( See )

**କାଶ୍ମୀର**—ସଂ. ବି. ( କଶ୍ମୀର+ନିବାସାର୍ଥେ. ଅ; ଅଥବା କାଶ୍ ଧାତୁ=
Kāsmira ପ୍ରାପ୍ତି ପାଇବା+ମୀର )—୧ । ଭାରତର ଉତ୍ତର-ପୂର୍ବକୋଣସ୍ଥ ହିନ୍ଦୁରାଜାଙ୍କ ଶାସିତ ଦେଶ—
1 Kashmere; a Hindu state in the northwest of India.
୨ । ପୁଷ୍କରମୂଳ; ପଦ୍ମମୂଳ—2. The root of lotus plant; root of Costus Specisus.
୩ । କୁଙ୍କୁମ; ଜାଫ୍ରାନ୍—3. Saffron.
୪ । ଟାଙ୍ଗଣା—4. Alum; borax.
୫ । କାଶ୍ମୀରର ରାଜା—5. King of Kashmere.
୬ । କାଶ୍ମୀର ଅଧିବାସୀ ବ୍ୟକ୍ତି—
6. A resident of Kashmere.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଆଖି' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ ।

ସଂ. ବିଣ—୧ । କାଶ୍ମୀର ଦେଶ ସମ୍ଭୂତ—
1. Born in or belonging to Kashmere.
୨ । କାଶ୍ମୀର ଅଧିବାସୀ—
2. Inhabiting the Kashmere country.

**କାଶ୍ମୀରଗନ୍ଧକ**—ବି. (ବୈଦ୍ୟକ)—ଔଷଧରେ ବ୍ୟବହାର୍ଯ୍ୟ କାଶ୍ମୀରଦେଶ-
**Kāśmiragandhaka** ଜାତ ଉତ୍କୃଷ୍ଟ ଗନ୍ଧକବିଶେଷ—
An excellent kind of sulpher found in Kashmere and requisitioned extensively for medicinal purposes.

**କାଶ୍ମୀରଜ**—ସଂ. ବିଣ.—(କାଶ୍ମୀର+ଜନ ଧାତୁ+କର୍ତ୍ତୃ. ଅ)—
**Kāśmiraja** କାଶ୍ମୀର ଦେଶ ଜାତ—
Produced in Kashmere.
ସଂ. ବି.—୧ । କୁଙ୍କୁମ; ଜାଫ୍ରାନ୍‌କେଶର—1. Saffron.
୨ । ପଦ୍ମମୂଳ—2. The root of the lotus plant.

**କାଶ୍ମୀରଜନ୍ମା**—ସଂ. ବି. (ବହୁବ୍ରୀହି; କାଶ୍ମୀର+ଜନ୍ମନ୍; ୧ମା. ୧ବ.)—
**Kāśmirajanmā** କାଶ୍ମୀରଜ (ଦେଖ)
Kāśmiraja (See)

**କାଶ୍ମୀରା**—ସଂ. ବି. (କାଶ୍ମୀର+ସ୍ତ୍ରୀ. ଆ)—ଅତିବିଷା (ଦେଖ)
**Kāśmirā** Atibishā (See)
ଦେ. ବି.—ମୋଟା ଶୀତବସ୍ତ୍ରବିଶେଷ—( ଏହା ପୂର୍ବେ କାଶ୍ମୀର ଦେଶରେ ପ୍ରସ୍ତୁତ ହେଉଥିଲା )—A kind of coarse woollen wrapper originally manufactured in Kashmere.

**କାଶ୍ମୀରିଆ**—ଦେ. ବିଣ.—କାଶ୍ମୀରୀ (ଦେଖ)
**Kāśmiriā** Kāśmiri (See)

**କାଶ୍ମୀରୀ**—ସଂ. ବି. ସ୍ତ୍ରୀ. (କାଶ୍ମୀର+ସ୍ତ୍ରୀ. ଈ)—ଗମ୍ଭାରୀ (ଦେଖ)
**Kāśmiri** Gambhāri (See)
ଦେ. ବି.—କାଶ୍ମୀର ଦେଶ ଜାତ କୁଣ୍ଡଳଶିଙ୍ଗବିଶିଷ୍ଟ ବଡ଼ ଛେଳି—A goat of large breed belonging to Kashmere, with spiral horns.
ଦେ.ବିଣ.—କାଶ୍ମୀରଦେଶୀୟ—Belonging to Kashmere country.

**କାଶ୍ମୀରୀକିଲାଟ୍**—ଦେ. ବି.—(ସଂ. କାଶ୍ମୀରୀ+ଇଂ. କ୍ଲଥ୍)—କାଶ୍ମୀର
**Kāśmirikilāṭ** ଦେଶରେ ପ୍ରସ୍ତୁତ ଏକ ପ୍ରକାର ମୋଟା ପଶମୀ
काश्मीरीकिलाट लନା—A coarse woollen stuff or
**काशमीरीकिलाट** coarse cloth manufactured in Kashmere.

**କାଶ୍ୟପ**—ସଂ. ବି. (କଶ୍ୟପ+ଅପତ୍ୟାର୍ଥେ. ଅ)—୧ । କଶ୍ୟପ ବଂଶୀୟ—
**Kāśyapa** 1. A sage of the family of Kaśyapa.
୨ । ବୈଶେଷିକ ଦର୍ଶନଶାସ୍ତ୍ରପ୍ରଣେତା କଣାଦ ଋଷି—
2. The compiler of the Baiseshika system of Hindu philosophy.
୩ । ପୁରାଣୋକ୍ତ ସର୍ପବିଷଚିକିତ୍ସକ ମୁନିବିଶେଷ—
3. Name of a sage who was an expert in curing snake-bites.
[ ଦ୍ର—ବ୍ରାହ୍ମଣଶାପରେ ପରୀକ୍ଷିତଙ୍କୁ ତକ୍ଷକନାଗ ଦଂଶନ କରିବାରୁ କାଶ୍ୟପ ଧନ ପାଇବା ଆଶାରେ ତାଙ୍କୁ ସର୍ପବିଷରୁ ମୁକ୍ତ କରିବାକୁ ହସ୍ତିନାକୁ ଯାଉଥିଲେ । ବାଟରେ ତକ୍ଷକଙ୍କର ତାଙ୍କ ସଙ୍ଗେ ଦେଖା ହେବାରୁ ତକ୍ଷକ ତାଙ୍କର ଶକ୍ତି ପରୀକ୍ଷା କରିବା ପାଇଁ ଗୋଟିଏ ଗଛକୁ ଦଂଶନ କଲେ; ଗଛଟି ତତ୍‌କ୍ଷଣାତ୍ ମରିଗଲା; ମାତ୍ର କାଶ୍ୟପ ନିଜ ବିଦ୍ୟାବଳରେ ଗଛଟିକୁ ଅବିଳମ୍ବେ ବଞ୍ଚାଇ ଦେଲେ । ଏହା ଦେଖି ତକ୍ଷକ କାଶ୍ୟପଙ୍କୁ ପ୍ରଚୁର ଧନ ଦ୍ୱାରା ସନ୍ତୁଷ୍ଟ କରି ସେଠାରୁ ଫେରାଇ ଦେଲେ, ଓ ପରୀକ୍ଷିତ ତକ୍ଷକଙ୍କ ବିଷଜ୍ୱାଳାରେ ତନୁତ୍ୟାଗ କଲେ ।]
୩ । କାଶ୍ୟପବଂଶଜ ବ୍ରାହ୍ମଣମାନଙ୍କ ଗୋତ୍ରବିଶେଷ—(ବଙ୍ଗଦେଶରେ-ଚଟ୍ଟୋପାଧ୍ୟାୟ; ଓଡ଼ିଶାରେ—ନନ୍ଦ; ଦାଶ)—
3. Name of the clan or progeny of some Brahmin families descended from the sage Kāśyapa.
୪ । ମୃଗବିଶେଷ—4 A class of antelopes.
୫ । ଅରୁଣ—5. Dawn (personified); the Indian God corresponding to the Greek Goddess Aurora.
୬ । ମାଂସ—6. Flesh; meat.
ସଂ. ବିଣ.—କଶ୍ୟପ ବଂଶୀୟ—Belonging to the family of or descended from the sage Kaśyapa

**କାଶ୍ୟପି**—ସଂ. ବି. (କଶ୍ୟପ+ଅପତ୍ୟାର୍ଥେ. ଇ)—୧ । (ମହାଦେବଙ୍କ
**Kāśyapi** ଔରସରେ କଶ୍ୟପଙ୍କ ସ୍ତ୍ରୀ ଅଦିତିଙ୍କ ଗର୍ଭରୁ ପ୍ରଥମେ ଅଣ୍ଡାକାରରେ ଜାତ ) କଶ୍ୟପଋଷିଙ୍କ ପୁତ୍ର ଅରୁଣ—
1. Aruṇa (God of Dawn), son of sage Kaśyapa.
୨ । ଗରୁଡ଼—2. Garurda, the mytholotical carrier of Bishnu; the king of birds (with human body and wings).
୩ । କାଶ୍ୟପୀ (ଦେଖ)
3. Kāśyapi (See)

**କାଶ୍ୟପୀ**—ସଂ. ବି.—( କଶ୍ୟପ+ଦେୟାର୍ଥେ. ଇ+ସ୍ତ୍ରୀ. ଈ)—ପୃଥିବୀ—
**Kāśyapi** The earth.
[ ଦ୍ର—ପରଶୁରାମ ପୃଥିବୀରୁ କ୍ଷତ୍ରିୟବଂଶ ନିର୍ମୂଳ କରି ପୃଥିବୀକୁ କଶ୍ୟପଋଷିଙ୍କୁ ଦାନ କରିଥିଲେ । ତେଣୁ ପୃଥିବୀର ନାମ କାଶ୍ୟପୀ ହୋଇଅଛି । ]

**କାଶ୍ୟପେୟ**—ସଂ. ବି. ପୁଂ. ( କଶ୍ୟପ+ଅପତ୍ୟାର୍ଥେ. ଏୟ )—
**Kāśyapeya** ୧ । କଶ୍ୟପ ମୁନିଙ୍କର ସ୍ତ୍ରୀ ଦିତି ଓ ଅଦିତିଙ୍କର ଗର୍ଭଜାତ ଦେବ ଓ ଦୈତ୍ୟଙ୍କ ମଧ୍ୟରୁ ଏକତମ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ନ |

1. A son of the sage Kaśyapa, born of one of his 2 wives, Diti and Aditi (the former giving birth to demons and the latter to Gods.)

୨ । ସୂର୍ଯ୍ୟ—2. The sun.

୩ । ଗରୁଡ଼—3. The mytholgical king of birds.

**କାଷ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କର୍ଷଣ )—ହଳ ବୁଲାଇବାର ଥର; ଓଡ଼—
**Kāsha**
Time or turn of ploughing a field.

ସଂ. ବି. ( କଷ୍ ଧାତୁ=କର୍ଷଣ କରିବା + କରଣ. ଅ )—

୧ । କଷଟିପଥର—1. Touchstone.

୨ । ଋଷିବିଶେଷ—2. Name of a sage.

**କାଷାୟ**—ସଂ. ବିଣ. ( କଷାୟ + ସମ୍ବନ୍ଧାର୍ଥେ. ଅ )—
**Kāshāya** ୧ । ରକ୍ତବର୍ଣ୍ଣରଞ୍ଜିତ—
1. Coloured red; dyed red.

୨ । ଈଷତ୍ ରକ୍ତବର୍ଣ୍ଣ; ଗେରୁଆ—2. Reddish.

ସଂ. ବି—ଗେରୁଆରଙ୍ଗ; କଷାରଙ୍ଗ; ଈଷତ୍ ରକ୍ତବର୍ଣ୍ଣ—
Reddish colour.

**କାଷ୍ଟ**—ଗ୍ରା. ବି. ( ସଂ. କାଷ୍ଠ )—କାଷ୍ଠ ( ଦେଖ )
**Kāshṭa** Kāshṭha ( See )

ପରମହଂସମାନଙ୍କର କାଷ୍ଟର କୌପୁନ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**କାଷ୍ଟର ଅଏଲ**—ବୈଦେ. ବି. (ଇଂ. କାଷ୍ଟର୍-ଅଏଲ୍ )—ଜଡ଼ାତେଲ—
**Kāshṭar ael** Castor oil.

[ ଦ୍ର— ଏହା ପ୍ରଧାନତଃ ବିରେଚକ ଔଷଧରୂପେ ଡାକ୍ତରମାନଙ୍କ ଦ୍ୱାରା ବ୍ୟବହୃତ ହୁଏ । ଏ ତେଲ ମଧ୍ୟ କେଶର ହିତକର । ଦେଶୀ ଜଡ଼ାତେଲକୁ ଲୋକେ ଦୀପରେ ଜଳାନ୍ତି ଓ ବହୁତ ପୁରୁଣା ଜଡ଼ାତେଲ ଥଲଥଲିଆ ହୋଇଯାଏ ଏବଂ ଏହା ବାତରୋଗଗ୍ରସ୍ତ ଅଙ୍ଗରେ ମାଲିସ୍ କଲେ ଉପକାର ହୁଏ । ]

**କାଷ୍ଟା**—ଗ୍ରା. ବି. ( ସଂ. କାଷ୍ଠା )—୧ । ପରାକାଷ୍ଠା—
**Kāshṭā** 1. Acme; maximum.

୨ । ନିଷ୍ଠାପରତା—
2. Steadiness; perseverance.

୩ । ( ସଂ. କଷ୍ଟ ) ଅତିରିକ୍ତ ନିୟମାନୁବର୍ତ୍ତିତା—
3. Overstrictness; discipline.

ଗ୍ରା. ବିଣ—୧ । ନିଷ୍ଠାଯୁକ୍ତ—
1. Steady; persevering.

୨ । ( ସଂ. କାଷ୍ଠ ) ଜଳହୀନ; ନିର୍ଜଳ—
2. Waterless.

୩ । କଷ୍ଟମୟ—2. Full of hardship; hard.

**କାଷ୍ଟାଉପବାସ**—ଦେ. ବି. ( ସଂ. କଷ୍ଟମୟ ଉପବାସ )—
**Kāshṭāupabāsa** ୧ । କାଷ୍ଠାଯୁକ୍ତ ଉପବାସ—
1. Steady and strict observance of fasting.

୨ । ସାମାନ୍ୟ ମାତ୍ରାରେ ସୁଦ୍ଧା ଖାଦ୍ୟ ନ ଖାଇ କରାଯିବା ଉପବାସ—2. Absolute fasting.

୩ । ନିର୍ଜଳ ଉପବାସ—
3. Fasting without taking even a sip of water.

**କାଷ୍ଟିଙ୍ଗଭୋଟ**—ବୈଦେ. ବି. ( ଇଂ. )—କୌଣସି ବିଷୟରେ ଉଭୟ ପକ୍ଷର ମତ ସମାନ ହେଲେ ନ୍ୟାୟ ଅନୁସାରେ ସଭାପତିଙ୍କ ଦ୍ୱାରା ଦିଆଯିବା ଗୋଟିଏ ଅଧିକା ଭୋଟ୍—
**Kāshṭingbhoṭ**
Casting vote of the president of a meeting in which the number of votes is equal on both sides of a question.

[ ଦ୍ର—କୌଣସି ସଭାସମିତି ଆଦିରେ ସମସଂଖ୍ୟକ ସଭ୍ୟ ଉପସ୍ଥିତ ଥାଇ କୌଣସି ବିଷୟ ମୀମାଂସା ହେବା ପାଇଁ ଭୋଟ୍ ନିଆହେବାବେଳେ ଯେବେ ସଭ୍ୟମାନଙ୍କର ମତଭେଦ ହୋଇ କୌଣସି ବିଷୟର ସପକ୍ଷରେ ଓ ବିପକ୍ଷରେ ଭୋଟ୍‌ସଂଖ୍ୟା ସମାନ ହେବାର ଦେଖାଯାଏ, ତେବେ ଭୋଟ୍ ନିଆହେଲାବେଳେ ଥରେ ମତ ଦେଇସାରିଥିବା ସଭାପତିଙ୍କର ଅଧିକାର ଥାଏ ଯେ, ସେ ଯେଉଁ ମତର ସପକ୍ଷରେ ଭୋଟ୍ ଦେବାକୁ ଇଚ୍ଛା କରିବେ ସେହି ମତ ସପକ୍ଷରେ ଗୋଟିଏ ଅଧିକା ଭୋଟ୍ ଦେବେ । ]

**କାଷ୍ଠ**—ସଂ. ବି. ( କାଶ୍ ଧାତୁ=ଦୀପ୍ତି ପାଇବା + କର୍ତ୍ତୃ. ଥ )—
**Kāshṭha** ୧ । କାଠ—1. Wood; timber.

୨ । ଇନ୍ଧନ; ଜାଳ; ଜାଳେଣିକାଠ—2. Fuel.

**କାଷ୍ଠକ**—ସଂ. ବି. ( କାଷ୍ଠ + କ )—ଅଗୁରୁ; ସୁଗନ୍ଧକାଷ୍ଠବିଶେଷ—
**Kāshṭhaka** Aloeswood.

ସଂ. ବିଣ—କାଷ୍ଠମୟ—Wooden.

**କାଷ୍ଠକୀଟ**—ସଂ. ବି. ( ୭ମୀ ତତ୍; କମ୍ୱା ମ. ପ. ଲୋ; କାଷ୍ଠ + କୀଟ)—
**Kāshṭhakiṭa** ଘୁଣ; କାଠରେ ଲାଗିବା ପୋକ; କାଠକୁ ଆକ୍ରମଣ କରି ନଷ୍ଟ କରିବା ପୋକ—
The weevil; an insect eating into or boring through wooden articles.

**କାଷ୍ଠକୁଟ**—ସଂ. ବି. ( କାଷ୍ଠ + କୁଟ୍ଟ୍ ଧାତୁ=ଧୀରେ ଧୀରେ ଆଘାତ କରିବା + କର୍ତ୍ତୃ. ଅ )—କାଠହଣା ଚଢ଼େଇ—
**Kāshṭhakuṭṭa**
The woodpecker ( bird ).

**କାଷ୍ଠକୁଦାଲ**—ସଂ. ବି. ( ୭ମୀ ତତ୍; କମ୍ୱା ମ. ପ. ଲୋ; କାଷ୍ଠ + କୁଦାଲ )—
**Kāshṭhakuddāla**
(କାଷ୍ଠକୁଦ୍ଦାଲ—ଅନ୍ୟରୂପ) ନୌକାର ତଳେ ପଟାର ସନ୍ଧି ବା ଛିଦ୍ରପଥରେ ପଶି ଜମିଥିବା ପାଣିକୁ ଫୋପାଡ଼ିବା ନିମନ୍ତେ ବ୍ୟବହୃତ କାଷ୍ଠନିର୍ମିତ ପାତ୍ରବିଶେଷ; ସେଣୁଲି—
A wooden ladle used to throw out the accumulated water from the bottom of a boat.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରିଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କାଷ୍ଠତକ୍ଷ**—ସଂ. ବି. (କାଷ୍ଠ + ତକ୍ଷ୍ ଧାତୁ = ଛେଦନ କରିବା + କର୍ତ୍ତୃ.ଅ)—
Kāshṭhatakshya ବଢ଼େଇ—Carpenter.

**କାଷ୍ଠତକ୍ଷକ**—ସଂ. ବି. ( କାଷ୍ଠ + ତକ୍ଷ୍ ଧାତୁ + କର୍ତ୍ତୃ. ଅକ )—
Kāshṭhatakshaka କାଷ୍ଠତକ୍ଷ ( ଦେଖ )
Kāshṭhataksha ( See )

**କାଷ୍ଠତ୍ୟାଗ**—ସଂ. ବି. ( ୬ଷ୍ଠୀ ତତ୍; କାଷ୍ଠ + ତ୍ୟାଗ )—
Kāshṭhatyāga ୧ । ଧୂପ ଦେବା—
1. Offering of a bit of live coal with incense to a Deity.
୨ । ମୃତ ବ୍ୟକ୍ତିର ଶବର ମୁଖରେ ଅଗ୍ନି ଦେବା; ମୁଖାଗ୍ନି ଦେବା—
2. The ritual of putting fire on the mouth of a dead body in the funeral pyre.

**କାଷ୍ଠପାଟଳା**—ସଂ. ବି—ଘଣ୍ଟାପାଟଳି ( ଦେଖ )
Kāshṭhapaṭaḻā Ghanṭāpaṭaḻi ( See )

**କାଷ୍ଠପାଟଳି**—ସଂ. ବି.—ଘଣ୍ଟାପାଟଳି ( ଦେଖ )
Kāshṭhapāṭaḻi Ghanṭāpāṭaḻi ( See )

**କାଷ୍ଠପାଦୁକା**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; କାଷ୍ଠ + ପାଦୁକା )—
Kāshṭhapādukā କଠଉ; ଖଡ଼ମ—Wooden sandals.

**କାଷ୍ଠପାଷାଣ**—ସଂ. ବି. ( ଦ୍ୱନ୍ଦ୍ୱ; କାଷ୍ଠ + ପାଷାଣ )—
Kāshṭhapāshāṇa କାଠ ଓ ପଥର—
Wood and stone.

**କାଷ୍ଠପୁତ୍ତଳ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; କାଷ୍ଠ + ପୁତ୍ତଳ)—
Kāshṭhaputtaḻa ୧ । କାଠକଣ୍ଢେଇ; କାଠରେ ତିଆରି ପିତୁଳା—
1. Wooden image or doll.
୨ । ( ଲକ୍ଷଣାର୍ଥ ) କାଠପିତୁଳା ପରି ଅକର୍ମିକା ବା ଅକର୍ମୀ ଓ ନିଷ୍ଫଳ ବ୍ୟକ୍ତି—2. ( figurative ) A worthless fellow; a drone; one like a figure-head or statue.

**କାଷ୍ଠଫଳକ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; କାଷ୍ଠ + ଫଳକ)—
Kāshṭhaphaḻaka ୧ । କାଠର ପଟା—
1. Board or plank of wood.
୨ । କାଠ ଫାଳିଆ—2. A block of wood; a piece of wood; chip.

**କାଷ୍ଠବିଡ଼ାଳ**—ସଂ. ବି. (କାଷ୍ଠ + ବିଡ଼ାଳ; ତୁଳ. ବ. କାଠ୍‌ବେଡ଼ାଲ୍)—
Kāshṭhabirḍāḻa ଗୁଣ୍ଡୁଚି ମୂଷା—Squirrel.

**କାଷ୍ଠମୟ**—ସଂ. ବିଣ. ( କାଷ୍ଠ + ବିକାରାର୍ଥେ. ମୟ )—
Kāshṭhamaya ୧ । କାଠନିର୍ମିତ—
1. Made of wood; wooden.
୨ । (ଲକ୍ଷଣାର୍ଥ) କାଷ୍ଠତୁଲ୍ୟ କଠିନହୃଦୟ; ନିର୍ଦ୍ଦୟ—
2. ( figurative ) Hard-hearted; cruel.
୩ । ନୀରସ; ଶୁଷ୍କ—3. Sapless; dry.

**କାଷ୍ଠମଲ୍ଲ**—ସଂ. ବି. ( ମଧ୍ୟପଦଲୋପୀ; କାଷ୍ଠ + ମଲ୍ଲ )—
Kāshṭhamalla ୧ । କାଠର ପାତ୍ରବିଶେଷ—
1. A kind of wooden vessel.
୨ । ଶବଯାନ; କୋକେଇ; ମୁର୍ଦାରିଖଟିଆ—
2. Hearse; coffin; a wooden corpse-carrier.

**କାଷ୍ଠଲେଖକ**—ସଂ. ବି. ( ୬ଷ୍ଠୀ ତତ୍; କାଷ୍ଠ + ଲେଖକ; ଏମାନଙ୍କର
Kāshṭhalekhaka କଟା ଚିହ୍ନମାନ ସମୟସମୟରେ କାଠଦେହରେ ଲେଖା ହେବା ପରି ଜଣା ଯିବାରୁ )—
ଘୁଣ; କାଠରେ ଲାଗିବା ପୋକ—
Weevil; an insect boring through wooden articles.

**କାଷ୍ଠଲୌକିକତା**—ସଂ.ବି.(କାଷ୍ଠ = କାଷ୍ଠବତ୍ ନୀରସ + ଲୌକିକତା)—
Kāshṭhalaukikatā ଶୁଖିଲା ଭଦ୍ରତା; ଅନ୍ତରଙ୍ଗତା ନ ଥାଇ କେବଳ ବାହ୍ୟ ଭଦ୍ରତା ବା ବ୍ୟବହାର—
Insincere or formal politeness.

**କାଷ୍ଠା**—ସଂ. ବି. ( କାଷ୍ଠ + ସ୍ତ୍ରୀ. ଆ )—
Kāshṭhā ୧ । ପ୍ରଦେଶ—1. Region.
୨ । ଦିକ୍; ଦିଗ—
2. Points of compass; direction.
୩ । ୧୮ ନିମେଷାତ୍ମକ କାଳ—3. Period of time equal to 18 twinklings of the eye.
୪ । ଗତି—4. Course.
୫ । ସୀମା—5. Boundary; limit.
୬ । ସ୍ଥିତି—6. Existence.
୭ । ଉତ୍କର୍ଷ—7. Excellence; superiority.
୮ । ଦାରୁହରିଦ୍ରା ( ଦେଖ )—
8. Dāruharidrā ( See )
୯ । କାଶ୍ୟପ ଋଷିଙ୍କର ପତ୍ନୀବିଶେଷ—
9. The name of one of the wives of the sage Kāśyapa.
ଦେ. ବି. ( ସଂ. କଷ୍ଟ )—କଠୋର ନିୟମ ପାଳନ —
Strict observance of rules.
ସାବଜୀ ଚାକ କଷ୍ଟା ଦେଖି ତ୍ରିତ ବହୁ
ଅନରେ ରହିଥିଲେ ହେଁ ସେହି ନ ଯାଇ—କୃଷ୍ଣସିଂ. ମହାଭାରତ. ଶାନ୍ତି ।
ଦେ. ବିଣ. ( ସଂ. କଷ୍ଟ )—୧ । କଠୋର ସାଧନାଯୁକ୍ତ; ଅତି କଠୋର—Overstrict.
( ଯଥା— କାଷ୍ଠା ଉପବାସ । )
୨ । କଷ୍ଟକର—2. Very difficult.

**କାଷ୍ଠାଗୁରୁ**—ସଂ. ବି. ( କାଷ୍ଠ + ଅଗୁରୁ )—ଏକପ୍ରକାର ଅଗୁରୁ (ଅଗୁରୁ
Kāshṭhāguru ଦେଖ)—A kind of tree and its fragrant wood.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌, ର୍ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ, ଷ | ଙ୍କ | ଇଯ୍ବ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଊ | ନ୍ତ |

**କାଷ୍ଠାଜୀବ**—ସଂ. ବିଣ. ( ବହୁବ୍ରୀହି; କାଷ୍ଠ+ଆଜୀବ )—
Kāshṭhājība କାଠ କାଟିବା ଯାହାର ଜୀବିକା; କାଠୁରିଆ—
Earning one's living by cutting wood.
କାଷ୍ଠାଜୀବ ଯେତେ ବନେ ପ୍ରବିଷ୍ଟ ହୁଅନ୍ତେ । —ରାଧାନାଥ. ମହାଯାତ୍ରା ।

**କାଷ୍ଠାବିଷ**—ସଂ. ବି. (କାଷ୍ଠ+ବିଷ)—ଦାରୁବିଷ; ଦରୁଦ୍ରା ତୁଲ୍ୟ ମୂଳ-
Kāshṭhābisha ବିଶିଷ୍ଟ ବିଷବିଶେଷ—A vegetable poison.

**କାଷ୍ଠାମ୍ବୁବାହିନୀ**—ସଂ. ବି. ସ୍ତ୍ରୀ. ( ମ. ପ. ଲୋ; କାଷ୍ଠ+ଅମ୍ବୁବାହିନୀ )—
Kāshṭhāmbubāhinī କାଷ୍ଠନିର୍ମିତ ଜଳସେଚନୀ; ସେଉଁଥି—
A long and narrow grooved wooden ladle with handle used to throw out and sprinkle water on fields.

**କାଷ୍ଠାସନ**—ସଂ. ବି. ( ମ. ପ. ଲୋ; କାଷ୍ଠ+ଆସନ )—କାଷ୍ଠ ନିର୍ମିତ
Kāshṭhāsana ଆସନ—Wooden seat.
( ଯଥା—ପୀଢ଼ା, ଚଉକି, କୁରୁଚ ଆଦି । )

**କାଷ୍ଠିକା**—ସଂ. ବି. ସ୍ତ୍ରୀ. ( କାଷ୍ଠ+କ୍ଷୁଦ୍ରାର୍ଥରେ. ଇକ+ସ୍ତ୍ରୀ. ଆ; କମ୍ବା
Kāshṭhikā କାଷ୍ଠ+କ+କ୍ଷୁଦ୍ରାର୍ଥେ. ଆ )—କାଠି; କ୍ଷୁଦ୍ର
ଲମ୍ବ କାଷ୍ଠଖଣ୍ଡ—A wooden twig; a pick.

**କାସ୍** ( ଧାତୁ )—ସଂ.—୧ । କୁତ୍ସିତ ଶବ୍ଦ କରିବା—
Kās ( root ) 1. To make a bad sound.
୨ । ଦୀପ୍ତି ପାଇବା—2. To shine.

**କାସ୍**—ବୈଦେ. ବି. ( ଇଂ. କ୍ୟାଶ୍ )—ନଗଦ ଧନ—
Kās Cash.
ক্যাস
कस; नक्द

**କାସ୍ କରିବା**—ଦେ. କ୍ରି—ଚେକ୍ ଆଦି ଭଙ୍ଗାଇ ଟଙ୍କାରେ ପରିଣତ
Kās karibā କରିବା; ଚେକ୍ ବା ବିଲ୍ ଭଙ୍ଗାଇବା—
ক্যাসকরা To encash a cheque or bill.
ऐकभूनाना

**କାସ**—ସଂ. ବି. ( କାସ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ )—
Kāsa କାଶ ( ଦେଖ )—Kāśa ( See )

**କାସଭଞ୍ଜନ**—ସଂ. ବି. ( ବୈଦ୍ୟକ )—ପଟୋଳ ( ଦେଖ )
Kāsabhañjana Paṭola ( See )

**କାସମର୍ଦ୍ଦ**—ସଂ. ବି.—କାଶମର୍ଦ୍ଦ ( ଦେଖ )
Kāsamardda Kāśamardda ( See )

**କାସର**—ସଂ. ବି. ( କ=ଜଳ+ଆ=ସମ୍ୟକ୍+ସୃ ଧାତୁ=ଗମନ
Kāsara କରିବା+କର୍ତ୍ତୃ. ଅ)—ଯେ ଜଳମୟ ସ୍ଥାନରେ ରହିବାକୁ
ଶୁଣାଯାଏ; ମହିଷ—Buffalo.
ଚନ୍ଦ୍ରୋପମା ମାରପାପୀ ବ ଅଶାରେ
ପଶିଲ କାସରସେବକ କାସାରେ—ରାଧାନାଥ. ଦରବାର ।

**କାସାର**—ସଂ. ବି. ( କ=ଜଳ+ଆ+ସୃ ଧାତୁ=ଗମନ କରିବା+
Kāsāra ଅଧିକରଣ. ଅ )—
୧ । ସରୋବର; ଜଳାଶୟ—
1. Reservoir of water; tank; pond.
୨ । ପକ୍ୱାନ୍ନବିଶେଷ; ଖେଚୁଡ଼ି—
2. A kind of boiled rice and pulse.
୩ । ଦଣ୍ଡକଜାତୀୟ ଛନ୍ଦୋବିଶେଷ—
3. A Sanskrit metre.

**କାସାରି**—ସଂ. ବି. ( ୬ଷ୍ଠୀ ତତ୍; କାସ+ଅରି )—କାଶମର୍ଦ୍ଦ ( ଦେଖ )
Kāsāri Kāśamardda ( See )

**କାସିନ୍ଦି ମାରିବା**—ପ୍ରାଦେ. ( ଗଞ୍ଜାମ ) କ୍ରି—କାଞ୍ଜିଗାଟ ଖେଳରେ
Kāsindi māribā ଜିତିବା—
To win in the game of Kāñjigāṭa.

**କାସୁ**—ବୈଦେ. (ତେ) ବି.—ଗୁନ୍ଥା ହେବା ଲାଗି ଗୋଡ଼ ଲାଗିଥିବା
Kāsu ଟଙ୍କା ଓ ଅଧୁଲି ପରି ବହଳ ଓ ଗୋଲାକାର ଚକଟି,
ସୁନାର ଅଳଙ୍କାରବିଶେଷ ( ଏହା ହାରରୂପେ ବ୍ୟବହାର
ହୁଏ )—Coin-like round pieces of gold and silver attached to each other by a string passed through the eye-holes and intended to be used as a necklace.

**କାସୂ**—ସଂ. ବି. ( କସ୍ ଧାତୁ=ଗମନ କରିବା; ଦୀପ୍ତି ପାଇବା+ଊ;
Kāsū ଅଥବା କାସ୍ ଧାତୁ=କୁତ୍ସିତ ଶବ୍ଦ କରିବା+ସଂଜ୍ଞାର୍ଥେ. ଊ)—
୧ । ବିକଳ ବାକ୍ୟ—
1. Weak word or utterance.
୨ । ଅସ୍ପଷ୍ଟବାକ୍ୟ—2. Indistinct words.
୩ । ଶକ୍ତି ଅସ୍ତ୍ର—3. A kind of weapon; iron spear.
୪ । ( କାସ୍ ଧାତୁ+ଭାବ. ଅ )—ଦୀପ୍ତି—4. Lustre.
୫ । ବୁଦ୍ଧି—5 Increase.
୬ । ( +କର୍ତ୍ତୃ. ଅ ) ରୋଗ—6. Disease.

**କାସ୍କେଟ୍**—ବୈଦେ. ବି. ( ଇଂ )—ଧାତୁନିର୍ମିତ ଲମ୍ବ ଆଧାର ବା ନଳ;
Kāsket ଡବା—Casket.
ক্যাস্কেট্ [ ଦ୍ର—ଏଥିରେ କାଗଜପତ୍ର, ସନନ୍ଦ, ଅଭିନନ୍ଦନପତ୍ର
केसकेट; सिंगारदान ଆଦି ରଖାଯାଏ । ରାଜା, ମହାରାଜ ଓ ବଡ଼
ଲୋକମାନଙ୍କୁ ଅଭିନନ୍ଦନପତ୍ର ଦେବା ବେଳେ ଅଭିନନ୍ଦନ ପତ୍ର ପଢ଼ା
ହେଲା ପରେ ତାହା ଗୁଡ଼ାଇ ହୋଇ ଏଥିରେ ରଖାଯାଇ ସେମାନଙ୍କୁ
ଭେଟି ଦିଆଯାଏ । ]

**କାସ୍ତ**—ପ୍ରାଦେ. ( ସମ୍ବଲପୁର ) ବୈଦେ. ବି. (ଉର୍ଦ୍ଦୁ. କାସ୍ତ୍)—କୃଷି—
Kāsta Agriculture.

**କାସ୍ତକାର**—ପ୍ରାଦେ. (ସମ୍ବଲପୁର) ବୈଦେ. ବି. (ଉର୍ଦ୍ଦୁ. କାସ୍ତ କାର୍)—
Kāstakār କୃଷକ—Agriculturist; cultivator.

**କାସ୍ପିଅନ୍ ସାଗର**—ଦେ. ବି—ଆସିଆଟିକ ରୁଷିଆ ଓ ଇଉରୋପୀୟ
Kāspiān sāgara ରୁଷିଆର ମଧ୍ୟବର୍ତ୍ତୀ ଏବଂ ପାରସ୍ୟର ଉତ୍ତରରେ
ଥିବା ହ୍ରଦବିଶେଷ—The Caspian sea.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଧ' ନ ମିଳିଲେ ଗାଢ଼' ଖୋଜିବେ; 'ଭୁଅ' ନ ମିଳିଲେ 'ଭଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—ହ୍ରଦ ବଡ଼ ହେଲେ ତାହାକୁ ସାଗର ମଧ କହନ୍ତି । ]

**କାହଣ** (ଇତ୍ୟାଦି) —ଦେ. ବ—କାହାଣ ଇତ୍ୟାଦି ( ଦେଖ )
Kāhaṇa (etc) Kāhāṇa etc ( See )

**କାହଳ**—ସଂ. ବ. ( କୁ=କୁତ୍ସିତ+ହଲ୍ ଧାତୁ=କର୍ଷଣ କରିବା+ କର୍ତ୍ତୃ. ଅ; କୁ ସ୍ଥାନରେ କା. ଆଦେଶ )—
Kāhaḷa
୧ । କୁକ୍କୁଟ; କୁକୁଡ଼ା—1. Cock.
୨ । ବିଡ଼ାଲ; ବିରାଡ଼ି—2. Cat.
୩ । କୋଳାହଳ—3. Noise; tumult.
୪ । ବୃହତ୍ ଢକ୍କା; ବଡ଼କାଠ ବାଦ୍ୟ—
4. A large and long drum
ସଂ. ବିଣ—୧ । ଖଳ—1. Wicked.
(କାହଳା—ସ୍ତ୍ରୀ) ୨ । ଦୁର୍ବଳ—2. Weak.

**କାହଳା**—ସଂ. ବ. ସ୍ତ୍ରୀ. ( କାହଳ+ସ୍ତ୍ରୀ. ଆ )—
Kāhaḷā ବାଦ୍ୟଭାଣ୍ଡବିଶେଷ—Kettle-drum.

**କାହଳୀ**—ସଂ. ବ. ସ୍ତ୍ରୀ. ( କାହଳ+ସ୍ତ୍ରୀ. ଈ )—୧ । ଅପ୍ସରୋବିଶେଷ—
Kāhaḷī 1. Name of a nymph or courtesan of Indra's court.
୨ । ତରୁଣୀ; ଯୁବତୀ—2. Youthful woman.

**କାହା**—ଦେ. ସର୍ବନାମ. ( ସଂ. କମ୍ ଶବ୍ଦ )—
Kāhā ୧ । ( ୬ଷ୍ଠୀ ବିଭକ୍ତି, ୧ ବଚନ ) କେଉଁ ବ୍ୟକ୍ତି, ପ୍ରାଣୀ ବା
କାର ପଦାର୍ଥର—1. Whose; of which.
किसका ୨ । ( ପ୍ରାଚୀନ) (୧ ମା. ବିଭକ୍ତି, ୧ ଓ ୨ ବଚନ)—କିସ;
କି କଅଣ—2. What; which.
क्या ତାହାକୁ ନୃପେ କହି ପାରନ୍ତି କାହା । କୃଷ୍ଣସିଂହ. ମହାଭାରତ. ସଭା ।
[ ଦ୍ର—ବ୍ୟକ୍ତିବାଚକ ସଂ. କମ୍ ଶବ୍ଦ ପ୍ରଥମାବିଭକ୍ତି ୧ ବଚନରେ ଓଡ଼ିଆରେ କିଏ ଆକାର ଧାରଣ କରେ; କିନ୍ତୁ ୨ୟା ଆଦି ବିଭକ୍ତିରେ କାହାକୁ, କାହାଦ୍ୱାରା, କାହାଠାରୁ, କାହାର ଆଦି ରୂପ ହୁଏ; ପ୍ରଥମା ବିଭକ୍ତି ୧ବଚନରେ 'କାହା' ରୂପ ଆଧୁନିକ ଓଡ଼ିଆରେ ନାହିଁ । ]
୩ । ( ପ୍ରାଚୀନ ) କିଛି —3. Anything.
ସେ ସ୍ଥଳେ କହି ନ ପାରଇ ମୋର କାହା । କୃଷ୍ଣସିଂହ. ମହାଭାରତ. ସଭା ।
କାକେ ୪ । ( ପ୍ରାଚୀନ; ୨ୟା ବିଭକ୍ତି ୧ ବଚନ )—କାହାକୁ;
किसको କେଉଁ ବ୍ୟକ୍ତିକୁ—4. Whom.
ତୋତେ ନ ପ୍ରାଇ ଭବଗ୍ରହ !
ଜନ ବଞ୍ଚିବ କାହା ନହି ? ଜଗନ୍ନାଥ. ଭାଗବତ ।
୫ । ( ପ୍ରଶ୍ନାର୍ଥକ ) କିଏ; କେଉଁ—5. ( interrogative) Who.
କାହା ଶର ବା ମୋତେ ହୋଇବ ସମର୍ଥ । କୃଷ୍ଣସିଂହ. ମହାଭାରତ. ଆଦି ।

**କାହାଁକା**— ବୈଦେ. ସର୍ବନାମ. ( ଫା. କହାଁକା )—କେଉଁ ସ୍ଥାନର—
Kāhāṅkā Of what place; of which place.
କୋଥାକାର ବିଣ. ଓ. ବିଣ—ଅତି; ଅତ୍ୟନ୍ତ; ଅସାଧାରଣ—
कहाँका Very; uncommonly.
[ ଦ୍ର— ଦୁଷ୍ଟ, ବଗୁଲିଆ ଓ ମିଛୁଆ ଆଦି ଶବ୍ଦ ପରେ 'କାହାଁକା' ଶବ୍ଦ ଯୁକ୍ତ ହେଲେ 'ଅତି', 'ଅତ୍ୟନ୍ତ', 'ଅସାଧାରଣ' ଅର୍ଥ ବୁଝାଏ; ଯଥା—ଦୁଷ୍ଟକାହାଁକା, ବଗୁଲିଆକାହାଁକା, ମିଛୁଆକାହାଁକା; ଅର୍ଥାତ୍ ଏପରି ଦୁଷ୍ଟ ବା ବଗୁଲିଆ ବା ମିଛୁଆ ବ୍ୟକ୍ତି ଏ ସ୍ଥାନର ନୁହେ, ଅନ୍ୟ କେଉଁ ସ୍ଥାନର ଅଟେ । ]

**କାହାଁକାର**— ବୈଦେ. ସର୍ବନାମ. ( ଫା. କହାଁକା )—
Kāhāṅkāra କାହାଁକା ( ଦେଖ )
Kāhāṅkā ( See )

**କାହାଁ କାହାଁ**—ବୈଦେ. ଅ. (ଫା)—୧ । କେଉଁ କେଉଁ ସ୍ଥାନ—
Kāhāṅ kāhāṅ 1. Which places.
কোথায় কোথায় ୨ । କେଉଁ କେଉଁ ସ୍ଥାନରେ —
कहाँ कहाँ 2. At which places.
୩ । ଅନେକ ସ୍ଥାନରେ—3. At many places
୪ । ବହୁଦୂର ଦେଶମାନଙ୍କରେ—
4. In many distant countries.

**କାହାଁକେ**—ବୈଦେ. ସର୍ବନାମ. ( ଫା. କହାଁକେ )—
Kāhāṅke କାହାଁକା ( ଦେଖ )
Kāhāṅkā ( See )

**କାହାଁତକ୍**—ବୈଦେ. ଅ. ( ଫା. କହାଁତକ୍ )—
Kāhāṅtak ୧ । କେତେକାଳ ପର୍ଯ୍ୟନ୍ତ—
কাহাঁতক; কতক্ষণ 1. Up to what time; howlong.
कहाँतक

**କାହାଁଲ**—ଦେ. ବ—କାଆଁଲ ( ଦେଖ )
Kāhāṅla Kāāṅla ( See )

**କାହାକାହା**—ଦେ. ସର୍ବନାମ—
Kāhākāhā ୧ । କେଉଁକେଉଁ ବ୍ୟକ୍ତି ବା ପ୍ରାଣୀଙ୍କର—
কারোকারো 1. Of which persons or animals; whose.
किसकिसका
୨ । କେତେକ ବ୍ୟକ୍ତି ବା ପ୍ରାଣୀଙ୍କର; କୌଣସି କୌଣସି ବ୍ୟକ୍ତି ବା ପ୍ରାଣୀଙ୍କର—
2. Of some persons or animals.

**କାହାଣ**—ଦେ. ବ. ( ସଂ. କାର୍ଷାପଣ; ପ୍ରା. କାହାବଣ )—
Kāhāṇa ୧ । ସଂଖ୍ୟାରେ ଷୋଳପଣ; ୩୨୦ ପୁଞ୍ଜା;
কাহান ୧୨୮୦ ଗୋଟା—
काहान 1. 1280 in number.
୨ । ୧୨୮୦ କଡ଼ା କଉଡ଼ି —
2. Shell-money, 1280 in number.
୩ । ଭୂମି ମାପ କରିବା ପଦକାରେ ଚାରି ପଦକା—
3. An aggregate of four by the land-measuring road.
୪ । ଷୋଳ ଅଣା—4. Sixteen annas.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଞ୍ଚ | ଙ୍ଖ | ଝ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଢ଼ | ନ୍ଧ |

୫ । ସମୁଦାୟ—
5. The whole of a thing.

[ ଦ୍ର—୧ କାହାଣ=୧୬ ପଣ
୧ ପଣ=୨୦ ଗଣ୍ଡା
୧ ଗଣ୍ଡା=୪ କଉଡ଼ା । ]

**କାହାଣ କାହାଣ**—ଦେ. ବିଣ—ଅସଂଖ୍ୟ—
Kāhāṇa kāhāṇa Countless; innumerable; hundreds and hundreds.
ଦେ. କ୍ରି. ବିଣ—ଅସଂଖ୍ୟରୂପେ—Innumerably; in untold or countless numbers.

**କାହାଣକିଆ**—ଦେ. ବିଣ—୧ । ଏକ କାହାଣ ସମ୍ବନ୍ଧୀୟ—
Kāhāṇakiā 1. Relating to one Kāhāṇa.
୨ । ଯାହାର ମୂଲ୍ୟ ଏକ କାହାଣ—
2. Of the value of one Kāhāṇa.

**କାହାଣିଆଁ**—ଦେ. ବିଣ—୧ । କାହାଣକିଆ ( ଦେଖ )
Kāhāṇiān 1. Kāhāṇakiā ( See )
୨ । ଏତେ କାହାଣ ସମ୍ବନ୍ଧୀୟ—
2. Relating to so many Kāhāṇas.
( ଯଥା—ପାଞ୍ଚକାହାଣିଆ )

**କାହାଣିକିଆ**—ଦେ. ବିଣ—କାହାଣକିଆ ( ଦେଖ )
Kāhāṇikiā Kāhāṇakiā ( See )

**କାହାଣୀ**—ଦେ. ବି. ( ସଂ. କଥାନକ; ପ୍ରା. କହାଣୀ )—
Kāhāṇi ୧ । ବୃତ୍ତାନ୍ତ; ବିବରଣ—
କାହିନୀ 1. Description.
**कहानी** ୨ । ଗପ; ଗଳ୍ପ—2. Story; tale.
୩ । କାଳ୍ପନିକ ନୀତିପୂର୍ଣ୍ଣ ଗଳ୍ପ—3. Fable.
୪ । କଥା; ଦେଶପ୍ରଚଳିତ ଶିଶୁଗଳ୍ପ—
4. Folktale.

**କାହାମ**—ଦେ. ( ପ୍ରାଚୀନ ପଦ୍ୟ ସଂ. କାହଳ=ଖଳ) ବି—ନୀଚ—
Kāhāma Low; mean.
କାହାମ ଲୋକ ଗୁହ୍ୟ ଜଳ୍ପେ ଧର କାହ୍ୱେ ।
ପୀତାମ୍ବର. ନୃସିଂହପୁରାଣ ।

**କାହାର**—ଦେ. ସର୍ବନାମ—କାହା ୧ ( ଦେଖ )
Kāhāra Kāhā 1 ( See )
କାହାର ପ୍ରାଦେ. ବି. ( ସଂ. ସ୍କନ୍ଧଧାର )—
**किसका** ୧ । ( ସିଂହଭୂମ ) ଗଉଡ଼ ଜାତି—
1. The cowherd caste
୨ । ( ସମ୍ବଲପୁର; ବିହାର ) ବି—
ସବାରି ଓ ଭାର ବହିବା ଜାତି; ଭାରବାହକ—
2. A caste of palki bearers.
ଅନ୍ଧାର ଘର, କାହାର ଜାତି । ସମ୍ବଲପୁର. ଢଗ ।
୩ । ( ବସ୍ତର ) ବି—ଶ୍ରେଣୀ ମାଛ—
3. A kind of fish.

**କାହାରି**—ଦେ. ସର୍ବନାମ—କାହା ୧ ( ଦେଖ )
Kāhāri Kāhā 1 ( See )
( ଯଥା—ଏ ଶବ୍ଦରେ ୨ୟା ବିଭକ୍ତିରେ କୁ, ଙ୍କୁ; ୩ୟାରେ ଦ୍ୱାରା, ୫ମୀରେ ଠାରୁ, ଠାରୁ ଓ ୭ମୀରେ 'ଠାରେ' ଯୁକ୍ତ ହୋଇ ଉକ୍ତ ବିଭକ୍ତିଯୁକ୍ତ ଅର୍ଥ ବୁଝାଏ । ]

**କାହାରିକି**—ଦେ. ସର୍ବନାମ—କାହାକୁ; କାହାରକୁ; କୌଣସି ବ୍ୟକ୍ତିକୁ—
Kāhāriki Whom.

**କାହାରେ**—ଦେ. ସର୍ବନାମ. ( ୨ୟା ବିଭକ୍ତି )—
Kāhāre ୧ । କାହାରକୁ; କାହାକୁ—
1. Whom; to whom.
ଭୁଷ୍ଟ ବନା ଘନବନ୍ଧୁ ! ଦୁଃଖୀ ଜାଣିବ କାହାରେ—
ମଧୁସୂଦନ. ସଙ୍ଗୀତମାଳା ।
୨ । ( ୨ୟା ବିଭକ୍ତି ) କାହା ଦ୍ୱାରା—2. By whom.

**କାହାଳ**—ଦେ. ବି. ( ସଂ. କାହଳ=ଦୁର୍ବଳ )—
Kāhāḷa ୧ । ଧାନ ଗଛର ରୋଗବିଶେଷ; କାହାଳିଆ ରୋଗ—
1. A pest of paddy plants.
୨ । କାହାଳୀ ( ଦେଖ )
2. Kahāḷi ( See )
ଭେରୀ ମହୁରୀ ଅର ତୁରୀ; କାହାଳ ଶଙ୍ଖ ସେ ଦୋସରୀ ।
ପ୍ରାଚୀ· ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।
ପ୍ରାଦେ. ( ସମ୍ବଲପୁର ଓ ବିହାର ) ବି—କାହାର ୨ ( ଦେଖ )
Kāhāra 2 ( See )

**କାହାଳ ମାରିବା**—ଦେ. କ୍ରି—(ଧାନ ଗଛ) କାହାଳିଆ ରୋଗରେ ଆକ୍ରାନ୍ତ
Kāhāḷa māribā ହେବା—( a paddy plant ) Being attacked with Kāhāḷiā ( pest ).

**କାହାଳିଆ**—ଦେ. ବି. ପୁଂ—୧ । ଯେ କାହାଳୀ ବଜାଏ—
Kāhāḷiā 1. Trumpeter.
୨ । ଦେବମନ୍ଦିରରେ ବା ରାଜାଙ୍କ ଗଡ଼ଣରେ କାହାଳୀ ବଜାଇବା ଚାକର—2. An attendant on royalty or Deity whose duty is to sound the trumpet.
୩ । ଧାନଗଛର ରୋଗବିଶେଷ; ପେଁକାଳିଆ ରୋଗ—
3. A pest of paddy plants.
[ଦ୍ର—ଥୋଡ଼ ହେଲା ବେଳେ ବନ୍ୟାବର୍ଷାରେ ଘଡ଼ଘଡ଼ି ମାଇଲେ ଧାନଗଛର ଗର୍ଭସ୍ଥ କେଣ୍ଡା ମରି ଯାଇ ପରେ ଗଛର ଡାଙ୍ଗ ଫମ୍ପା ନଳ ବା କାହାଳୀ ପରି ପଦାକୁ ବାହାରି ପଡ଼େ । ]

**କାହାଳିଆ ମାରିବା**—ଦେ. କ୍ରି.—କାହାଳ ମାରିବା (ଦେଖ)
Kāhāḷiā māribā Kāhāḷa māribā (See)

**କାହାଳୀ**—ଦେ. ବି.—(ଭୁଲ. ସଂ. କାହଳ=କୋଳାହଳ)—
Kāhāḷi ୧ । ଧାତୁମୟ ପେଁକାଳି; ତୁରୀ—1. A trumpet.
କରଇ ଦକେ ଅସୁର ବାଜେ, ତୁରୀ ଭେରୀ ଶଙ୍ଖ କାହାଳୀ ବାଜେ ।
ବଳରାମ. ବଡ଼ରାମାୟଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ପତ୍ର ଆବରଣରେ ଜଡ଼ାଯିବା ଧୂଆଁପତ୍ରର ବଡ଼ ପିକା— (ଏହାର ମୂଳପାଖ ଅଗପାଖ ଠାରୁ ସରୁ)— A large conical cigarette wound with a leaf.

୩ । ବୋତଲ ଆଦିରେ ତେଲ ପୂରାଇବା ପାଇଁ ଟିଣ ନିର୍ମିତ ଓସାରଆମୁହାଁ ଓ ତଳେ ଛିଦ୍ର ଥିବା ଏକପ୍ରକାର ପାତ୍ର; ତଉଡ଼ା ଚୁଙ୍ଗା—3. Funnel.

**କାହାଲି**—ପ୍ରାଦେ. (ସମ୍ବଲପୁର) ବି.—ବିଡ଼ି; ପିକା—
Kāhāli — Cigar; cigarette.

**କାହି (ଇତ୍ୟାଦି)**—ଦେ. ବି.—କାଇ ଇତ୍ୟାଦି (ଦେଖ)
Kāhi (etc.) — Kāi etc. (See)

**କାହିଁ**—ଦେ. ଅ. (ସଂ. କୁତ୍ରହି)—୧ । କେଉଁଠାରେ—
Kāhiṅ — 1. Where; at which place; at what place.
কোথায়
**कहाँ**
୨ । ଯେ କୌଣସି ସ୍ଥାନରେ— 2. Anywhere.
୩ । କିପରି—3. How.
ଧଇଧଇଧିପତ୍ନୀ ଚଉତରାକୁ ତୋ ବିନା ପରିଭବ କାହିଁ ହେବ ନନ୍ଦା ।
କବିସୂର୍ଯ୍ୟ ସଙ୍ଗୀତ ।
୪ । (ପ୍ରଶ୍ନରୂପକ)— କାହିଁ ନାହିଁ; କେଉଁଠାରେ ନାହିଁ— 4. (Interrogative form) Not anywhere; nowhere.
ଯାଅ ଦେଉଳ ଦେବ ଥାଇ; ତା ଛଡ଼େ ଅମଙ୍ଗଳ କାହିଁ ।
ଜଗନ୍ନାଥ. ଭାଗବତ ।

**କାହିଁ କାହିଁ**—ଦେ. ଅ.—କାହାଁ କାହାଁ (ଦେଖ)
Kāhiṅ kāhiṅ — Kāhāṅ kāhāṅ (See)

**କାହିଁକି**—ଦେ. ଅ.—କି ନିମନ୍ତେ; କପାଇଁ; କେଉଁ କାରଣରୁ—
Kāhiṅki — Why; what for; wherefore.
কেন
**काहेको**
ପ୍ରାଦେ. (ଗଡ଼ଜାତ) ଅ—କେଉଁଠାକୁ— To what place.

**କାହିଁଚି**—ଦେ. କ୍ରି. (କାହିଁ + ଅଛି)—କାହିଁଛି (ଦେଖ)
Kāhiṅchi — Kāhiṅchhi (See)

**କାହିଁଛି**—ଦେ. କ୍ରି—(ସଂ. କୁତ୍ରାସ୍ତି; ଓ. କାହିଁ + ଅଛି)—୧ । କେଉଁଠାରେ ଅଛି; କାହିଁ ଅଛି—
Kāhiṅchhi — 1. Where is.
কোথায়আছে
**काहाँहै**
କାହିଁଛି କାହିଁଛି ବୋଲି କରଇ ଚେତ
ଖୋଜି ଖୋଜି ତଡ଼ାକେ ହୋଇଛି ପ୍ରବେଶ ।
ଭକ୍ତ. କୋଷ୍ଠବ୍ରହ୍ମାଣ୍ଡସୁନ୍ଦରୀ ।
୨ । (ପ୍ରଶ୍ନରୂପକ) ନାହିଁ—2. (Interrogative form) Is not.

**କାହିଁପାଇଁ**—ଦେ. ଅ.—କପାଇଁ; କାହିଁକି—
Kāhiṅpāiṅ — Why; what for.
কেন
**क्यों; काहेको**
ଏହାକୁ ଛାଡ଼ିବାର ହେଲା କାହିଁପାଇଁ
କୃଷ୍ଣସିଂହ. ମହାଭାରତ. ବନ

**କାହିଁପାଇଁକି**—ଦେ. ଅ.—୧ । କପାଇଁ; କାହିଁକି—
Kāhiṅpāiṅki — 1. Why.
কেন
**किसलिए; क्यों**
ବଳଭ ପଡ଼ୁଅଛି ଉତ୍କଣ୍ଠା ମୋହର । କହ କାହିଁପାଇଁକି ନ କଲୁ ତୋହର ।
କୃଷ୍ଣସିଂହ. ମହାଭାରତ. ବନ ।
୨ । କେଉଁ କାରଣରୁ— 2. From what reason; wherefore.

**କାହିଁର**—ଦେ. ଅ.—୧ । କାହାର—
Kāhiṅra — 1. Whose.
কোথাকার
**कहाँका**
୨ । କେଉଁ ସ୍ଥାନରେ— 2. Of which place.
୩ । ଅଜ୍ଞାତ ଦେଶର—3. Of an unknown place.
ଅତେ ଓଗାଳଣ ସେ ବୋଲଇ ମହାବୀର
ଏ ପୁରେ ପଶିଲୁ ତୁରେ କାହିଁର ବାନର । ବିଶ୍ୱନାଥ, ବିଚିତ୍ରରାମାୟଣ ।
୪ । କେଉଁ ବିଷୟର—4. Of which matter.

**କାହିଁରୁ**—ଦେ. ଅ.—୧ । କେଉଁଠାରୁ; କେଉଁ ଦେଶରୁ—
Kāhiṅru — 1. From which place.
কোথাথেকে
**कहाँसे**
୨ । କେଉଁ ବସ୍ତୁରୁ— 2. From which thing.
୩ । ବହୁଦୂରରୁ—From a long distance.
୩ । କେଉଁ କାରଣରୁ— 3. From what reason; why.

**କାହିଁରୁ କାହାଁ ଯାଏ**—ଦେ. ଅ.—କାହିଁରୁ କାହିଁ ଯାଏ (ଦେଖ)
Kāhiṅru kāhāṅ jāe — Kāhiṅru kāhiṅ jāe (See)

**କାହିଁରୁ କାହିଁଯାଏ**—ଦେ. ଅ.—୧ । କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ—1. From which place to which place.
Kāhiṅru kāhiṅjāe
**कहाँसे कहाँतक**
୨ । ବହୁଦୂରରୁ ବହୁଦୂର ପର୍ଯ୍ୟନ୍ତ— 2. Form a long distance.

**କାହିଁରୁ କାହିଁଯାକେ**—ଦେ. ଅ.—କାହିଁରୁ କାହିଁଯାଏ (ଦେଖ)
Kāhiṅru kāhiṅjāke — Kāhiṅru kāhiṅjāe (See)

**କାହିଁରେ**—ଦେ. ଅ.—୧ । କେଉଁଥିରେ; କେଉଁ ବିଷୟ ବା କାର୍ଯ୍ୟରେ—
Kāhiṅre — 1. In anything or matter.
কিসেতে
**किसमे**
୨ । ଯେ କୌଣସି ବିଷୟରେ— 2. In anything whatever.
କାହିଁରେ ମନ ସହି ପ୍ରସନ୍ନ ହେଉ ନାହିଁ, ଏଥିକି କହ କେଉଁ ଗତି କରେ ।
କବିସୂର୍ଯ୍ୟ. ସଙ୍ଗୀତ ।

**କାହିଁରେ କଅଣ**—ଦେ. ଅ.—୧ । ସୀମାତୀତ—
Kāhiṅre kaaṇa — 1. Illimitable.
**किसमे क्या**
୨ । ବର୍ଣ୍ଣନାତୀତ—2. Indescribable.
୩ । ଅଗଣିତ; ଅସଂଖ୍ୟ—3. Countless.
୪ । ଅପର୍ଯ୍ୟାପ୍ତ—4. More than enough.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଡ଼ | ନ୍ତ |

କାହିର୍—ପ୍ରାଦେ. (ସମ୍ବଲପୁର) ଅ—କାହିଁର (ଦେଖ)
Kāhir Kāhiñra (See)

କାହିରଲଗି—ପ୍ରାଦେ. ( ସମ୍ବଲପୁର ) ଅ—କି ନିମନ୍ତେ; କିପାଇଁ;
Kāhirlāgi କାହିଁକି—Why; what for.

କାହିଲ୍—ଦେ. ବି ଓ ବିଣ.—କାଇଲା (ଦେଖ)
Kāhil Kailā (See)

କାହିଲା—ଦେ. ବି. ଓ ବିଣ.—କାଇଲା (ଦେଖ)
Kāhilā Kailā (See)

କାହୁଁ—ଦେ. ଅ.—( ସଂ. କିମ୍ ଶବ୍ଦ ୫ମୀ ବିଭକ୍ତି )—୧ । କେଉଁ
Kāhuñ ବ୍ୟକ୍ତିଠାରୁ—1. From which person.
কোথাথেকে ପଞ୍ଚାହେଲ ମୋରେ କାହୁଁ କି ଶୁଣି । କବିସୂର୍ଯ୍ୟ. କବିତା ।
कहाँसे

୨ । କେଉଁଠାରୁ—
2. Wherefrom; from what place.
କାହୁଁ ଅଇଲ କେଉଁ ଦେଶ, ନ ଜାଣି ଅସ୍ଥିର ବିଶେଷ । ଜଗନ୍ନାଥ. ଭାଗବତ ।
୩ । କେଉଁଆଡ଼ୁ—3. From which direction.
୪ । କେଉଁ କାରଣରୁ—
4. Wherefore; for what reason.
୫ । କିପରି—5. How.
ନବନୀତ ଚନ୍ଦ୍ର ମୁହଁ ଦେହେ କାହୁଁ ସମ୍ଭବଇ ଏ ବଦନ ।
କବିସୂର୍ଯ୍ୟ. କଶୋରି. ଚମ୍ପୂ. ଙ ଗୀତ ।

କାହୁଁଅଇଲା—ଦେ. ବିଣ.—୧ । ଅଜ୍ଞାତ କୁଳଶୀଳ—
Kāhuñailā 1. Of unknown antecedents.
୨ । ଅଭ୍ୟାଗତ; ନବାଗତ—2. Stranger; newly come.
ଦେ. ବି.—ଏକ ପ୍ରକାର ହୁଅଳ ଧାନ (ବୋଧହୁଏ ଏ ଧାନ ପ୍ରଥମେ କେଉଁଠାରୁ ଏ ଦେଶକୁ ଆସିଲା ଏହା ଜଣା ନ ଥିବାରୁ)—
A sort of autumn paddy.

କାହୁଁକାହୁଁ—ଦେ. ଅ.—୧ । କେଉଁ କେଉଁ ସ୍ଥାନମାନଙ୍କରୁ—
Kāhuñ kāhuñ 1. From which places.
काहाँकहाँसे ୨ । ଅନେକ ସ୍ଥାନରୁ—2. From many places.
୩ । ଅଜ୍ଞାତ କାରଣ ବଶତଃ—
3. For reasons unknown.
ଅକାରଣେ ଦଣ୍ଡ ପଡ଼େ କାହୁଁକାହୁଁ । ଦାଶରଥି. ବ୍ରଜବିହାର ।
୪ । ହଠାତ୍—4. Suddenly; unexpectedly.

କାହୁରା—ଦେ. ବି.—ଏକପ୍ରକାର ଗୃହ—A kind of specially
Kāhurā constructed house.

କାହେଁକା—ପ୍ରାଦେ. (ସମ୍ବଲପୁର)—ବୈଦେ. ବିଣ.—(ହି.)—
Kāheñkā କାହାଁକା (ଦେଖ)
Kāhāñkā (See)

କାହ୍ନୁ—ଦେ. ବି. (ସଂ. କୃଷ୍ଣ; ପ୍ରା. କାହ୍ନ; 'କହ୍ନେଇ'ର ଗେହ୍ଲା ଡାକ)—
Kāhnu ୧ । ଶ୍ରୀକୃଷ୍ଣ—1. A name by which
काह्नु Śrīkṛushṇa is called in familiarity for
कन्हाइ endearment.
୨ । ଗଉଡ଼ ଜାତିର ଶାଖାବିଶେଷ—
2. A class of the cowherd caste.
୩ । ଲୋକଙ୍କ ନାମ—3. Name of males.
୪ । କାହ୍ନୁପାଦ ( ଦେଖ )
4. Kāhnupāda ( See )

କାହ୍ନୁଆ—ଦେ. ବିଣ—ଫନ୍ଦଫଟା ବା ଭଙ୍ଗା ( ହାଣ୍ଡି )—
Kāhnuā ( an earthen pot ) Broken at the rim.
ଦେ. ବି—କାହ୍ନୁର ଅନାଦରାର୍ଥ ଡାକନାମ—
A name for calling Kāhnu in contempt.

କାହ୍ନୁ ଦାଶ—ଦେ. ବି. (ନାମ)—ପ୍ରାଚୀନ ଓଡ଼ିଆ କବିବିଶେଷ—
Kāhnu dāsa An ancient Oria poet.
[ ଦ୍ର—ଗଞ୍ଜାମ ଜିଲ୍ଲା ଧରାକୋଟ ରାଜ୍ୟର ମଙ୍ଗଳପୁର ଗ୍ରାମରେ ଏହାଙ୍କର ଜନ୍ମ । ସେ ଜାତିରେ ବ୍ରାହ୍ମଣ ଥିଲେ । 'ରାମରସାମୃତ ସିନ୍ଧୁ' ନାମକ ଗ୍ରନ୍ଥ ତାହାଙ୍କଦ୍ୱାରା ରଚିତ । ]

କାହ୍ନୁପାଦ—ଦେ. ବି—ଦଶମ ଶତାବ୍ଦିର କୃଷ୍ଣାଚାର୍ଯ୍ୟ ନାମକ ଜଣେ ଓଡ଼ିଆ
Kāhnupāda ତନ୍ତ୍ରସାଧକ—Name of Oria Tantra-worshipper.
[ ଦ୍ର—ଏହାଙ୍କ ରଚିତ ଅନେକ ଗୁଡ଼ିଏ ତାନ୍ତ୍ରିକ ପଦ ବଙ୍ଗୀୟ ପଣ୍ଡିତ ମହାମହୋପାଧ୍ୟାୟ ହର ପ୍ରସାଦ ଶାସ୍ତ୍ରୀ ନେପାଳରୁ ପ୍ରାପ୍ତ ହୋଇ ତାଙ୍କ ସଙ୍କଳିତ ବୌଦ୍ଧଗାନ ଓ ଦୋହାରେ ସନ୍ନିବେଶିତ କରି ଅଛନ୍ତି ଓ ସେଥିର ଭାଷା ୧୦ମ ଶତାବ୍ଦିର ବଙ୍ଗଳା ଭାଷା ଥିବାର ଦାବି କରି ଅଛନ୍ତି । ଏ ଭାଷାକୋଷର ପ୍ରଥମ ଖଣ୍ଡର ଅବତରଣିକା ଦେଖ । ]

କି—ଦେ. ସର୍ବନାମ. ବିଣ. ( ସଂ. କିମ୍ )—
Ki ୧ । ( ପ୍ରଶ୍ନାର୍ଥକ ) କଅଣ; କେଉଁ; କିସ—
कि 1. (Interrogatory) What; which.
क्या ଚନ୍ଦ୍ରକି ଲକ୍ଷ୍ମ ସଙ୍ଗେ, ଶ୍ରମରଚିହ୍ନ ମଙ୍ଗେ,
ଚହଟାଇ ପଗ୍ରଲୁ କହ । କବିସୂର୍ଯ୍ୟ. କଶୋରୀ ଚନ୍ଦ୍ରାନନ୍ଦଚମ୍ପୂ ଗୀତ ।
୨ । ଅନିର୍ବଚନୀୟ—2. Unspeakable.
ଖେଳଲୋଳ ଅଙ୍ଗନାଙ୍କେ କି ସାହସ କଲୁ ରେ ।
କବିସୂର୍ଯ୍ୟ. କଶୋରୀଚମ୍ପୂ. ଚ. ଗୀତ ।
ବିଣ. ବି. ବିଣ—କେତେ—How much.
ପୁଲିମଲ୍ଲୀହାସିରେ, ସତେ ତୁ କି ସାହସୀରେ । କବିସୂର୍ଯ୍ୟ. ସଙ୍ଗୀତ ।
ଦେ. ଅ—୧ । (ଡାକିବା ଲୋକକୁ ଉତ୍ତର)—କାହିଁକି ଡାକୁଛୁ—
1. ( in reply to a person calling) What ! why are you calling me.
୨ । ( କ୍ରିୟାପରେ ) ପ୍ରାଶ୍ନାର୍ଥକ; ବିତର୍କ—
2. ( used after a verb) Interrogative.
କେଉ କେ ଘା ହବ କି ରେ
ଯାଏ ବନ୍ଧୁ ସବୁ କି ରେ । କବିସୂର୍ଯ୍ୟ. କଶୋରୀଚମ୍ପୂ. ଚ. ଗୀତ ।

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । (ଅବଧାରଣାର୍ଥ) ହିଁ; ହିଁ; ନିଶ୍ଚେ—3. Certainly.

ଗୃହୁର୍ଯ୍ୟ କୃପାକୁ ଗୁଣନିଧି ଭଣିଲୁକି ପ୍ରାଣ ।
କବିସୂର୍ଯ୍ୟ. କଶୋଷ ଚମ୍ପୂ. ଚ ଗୀତ ।

୪ । କିମ୍ବା; କିବା; ଅବା; ବା—4. Whether; or.

୫ । (ବିତର୍କାର୍ଥ) ପରି; ପ୍ରକାରେ; ସତେ ଯେପରି ମନେ ଲାଗୁଛି—5. As if; methinks.

୬ । (ବିସ୍ମୟାର୍ଥକ) ଓଃ—6. (Wonder) What !

୭ । ( ଖେଦାର୍ଥକ )—କେଡ଼େ କଥା !—
7. ( in sorrow ) What !

୮ । (ଅମୁକ) ଆଡ଼କୁ; ଦିଗକୁ—1. Towards.
( ଯଥା—ଏଣିକି, ତେଣିକି, ଯେଣିକି । )

ଦେ. ପ୍ରତ୍ୟୟ—୧ । ୨ୟା ବିଭକ୍ତିର ଚିହ୍ନ 'କୁ' ବା 'ପ୍ରତି' ସ୍ଥାନରେ-
1. Inflexion used in some cases after nouns and pronouns ending in the sound 'i'.

ପିନ୍ଧିଣଛନ୍ତି ଯେଉଁ ବସନ ଖଣ୍ଡିକି
ନନ୍ଦଅଛି କୌରବରେ ସେ କଳା ହାଣ୍ଡିକି ।
କୃଷ୍ଣସିଂହ. ମହାଭାରତ. ବନ ।

୨ । (୪ର୍ଥୀ ବିଭକ୍ତିର ଚିହ୍ନ 'କୁ' ସ୍ଥାନରେ)ନିମିତ୍ତ ବା ସକାଶେ-
2. For.

ଇହ ଲୋକ ପାଇଲେ ଲୋକର ପରଲୋକ
ହେଉଛି ଏଥିକି କରିବା କେତେ ଶୋକ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

[ ଦ୍ର—ଇକାରାନ୍ତ ଶବ୍ଦମାନଙ୍କ ପରେ 'କୁ' ସ୍ଥଳରେ ବିକଳ୍ପେ 'କି' ହୁଏ ଯଥା ଏଣିକି, ଏଣିକୁ; ଗାଈକି, ଗାଈକୁ । ]

୩ । (୫ମୀ ବିଭକ୍ତି ଚିହ୍ନ 'ଠୁଁ' ବା 'ଠାରୁ' ସ୍ଥାନରେ) ତୁଳନାରେ-
3. In comparision with; when compared with.

ଭୋଗ ଅଳଙ୍କାର ଭୋଜନ ଧନ ଧାନ୍ୟ
ଏତିକି ତୁଣ୍ଡ କର ମଣନ୍ତି ସ୍ତ୍ରୀଜନ ।
କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

୧। ଓ ପ୍ରାଦେ. (କଟକ ସଦର) ଅସମାପିକା କ୍ରି—(ଅନ୍ୟ କ୍ରିୟାର ଅସମାପିକାରୂପ ପରେ ବ୍ୟବହୃତ ) କର; ଅମୁକ କ୍ରିୟା ସମ୍ପାଦନ କରି—( used after the present participle of an incomplete verb) After doing some act.
( ଯଥା—ମୁଁ ଖାଇକି ଯିବି=ମୁଁ ଖାଇ କରି ଯିବି । )

ବୈଦେ. ବି. ( ଇଂ )—
୧ । ଘର କାଠି—1. Key.
୨ । ଅର୍ଥ ପୁସ୍ତକ—2. Key book.

**କିଅଣ**—ଗ୍ରା. (ଉତ୍ତର) ଓ ପ୍ରାଦେ (ଘୁମୁସର) ସର୍ବନାମ—କଅଣ; କି—
Kiaṇa What.

**କିଅବା**—ଦେ. ଅ. ( ସଂ. କିମ୍+ବା )—
Kiabā ୧ । ସତେ ଯେପରି; ବୋଧ ହୁଏ—
1. As if; methinks.

ବସନ୍ତ ଋତୁ ମ ପତ୍ର; କିଅବା ପକ୍ଷୀଙ୍କି ଡାକନ୍ତି ।
ଜଗନ୍ନାଥ. ଭାଗବତ ।

୨ । ଅଥବା; ଅମ୍ବା—2. Or; or else.

**କିଅ**—ଦେ. ବି. ( ସଂ. କେତକ )—
Kia
କେୟା, କେଉଡ଼ା
**केवड़ा, केतकी,**
**गगनधूल, केवड़ा**
ଫା. କରଜ୍
ଆ. କାଦି
ତେ. ମୋଗିଲିଚେଟ୍ଟୁ;
ମୁଗୁଲିଚେଟ୍ଟୁ; ମଗାଲିଫୁରୁ

୧ । କଣ୍ଟାଯୁକ୍ତ ଲମ୍ବା ସରୁ ପତ୍ରବିଶିଷ୍ଟ ଗୁଳ୍ମ ଓ ତାହାର କେତକୀ ଜାତୀୟ ଧଳା ଫୁଲ—1. The screwpine plant with white smelling flowers and big long and thorny leaves; Pandanus Odoratissimus.

କେୟସ୍ତେ କଦଳୀ ଅଷାଢ଼େ କିଅ
ପୋଡ଼ି ନ ପୋଡ଼ି ହୋଇବ ଠିଆ ।
କୃଷିବଚନ ।

[ କିଅ ଓ କେତକୀ ଏକ ଜାତୀୟ ଗଛ । କିଅର ଫୁଲ ଧଳା, ମାତ୍ର କେତକୀର ଫୁଲ ହଳଦିଆ । କିଅକନ୍ଦା ହାତୀର ଆଦରଣୀୟ ଖାଦ୍ୟ । କିଅପତ୍ରରେ କଣ୍ଟା ଥିବାରୁ ଲୋକେ ଏହାକୁ ପୋତି ବାଡ଼ି କରନ୍ତି । ଅଷାଢ଼ ମାସରେ କିଅଡାଳ ଆଣି ପୋତିଲେ ତାହା କ୍ରମଶଃ ଗଛର ଆକାରକୁ ମାଡ଼ିଯାଏ । କିଅ ଗଛର ଓହଳ ବା ଚେରକୁ ଚିରି ଘର ଛପର କରିବା ପାଇଁ ପଟ ବାହାର କରାଯାଏ । ଏହାର ପତ୍ର ୩।୪ ହାତ ଲମ୍ବା ଓ ପତ୍ରର ପିଠିରେ ଓ ଦୁଇ ପାଖରେ ବକ୍ରାଗ୍ର କ୍ଷୁଦ୍ର କଣ୍ଟା ଥାଏ । ବୈଦ୍ୟଶାସ୍ତ୍ର ମତରେ କିଅକନ୍ଦା କଟୁମଧୁରତିକ୍ତ ରସ, ଲଘୁ ଓ କଫନାଶକ । ]

**काज** ୨ । ( ସଂ. କ୍ରିୟା )—କୃତକର୍ମ—
**काम** 2. Previous actions.

ଆପଣା କିଅକୁ ଇଲ୍ଲକ (ଦଇବ) କଥା । ପ୍ରବଚନ ।

୩ । କ୍ରିୟା; କାର୍ଯ୍ୟ—3. Actions; doings.

୪ । କର୍ମ; କପାଳ; ଭାଗ୍ୟ—4. Luck; fortune.

ଦେ. ବିଣ—୧ । କୃତ—1. Done.
( ଯଥା—ଆପଣା କିଅ କାମ । )

୨ । ଅର୍ଜିତ—2. Earned.

ଦେ. ଅ. ପ୍ରତ୍ୟୟ. (ମୂଲ୍ୟ ବା ପରିମାଣବାଚକ ଶବ୍ଦ ପରେ ଯୁକ୍ତ)—
ପ୍ରତ୍ୟେକ ଏତେ ମୂଲ୍ୟର ବା ପରିମାଣର—
( added to words denoting quantity or price ) Of so much value or quantity.

( ଯଥା—ଅଣାକିଅ, ଟଙ୍କାକିଅ, ସେରକିଅ, କଡ଼ାକିଅ; କିଅ ଶବ୍ଦ ଯୁକ୍ତ ହେଲେ ପୂର୍ବବର୍ତ୍ତୀ ଅକାରାନ୍ତ ଓ ଆକାରାନ୍ତ ଶବ୍ଦର 'ଅ' ସ୍ଥାନରେ ବିକଳ୍ପେ ଇ ହୁଏ, ଯଥା—ଅଣିକିଅ, ଟଙ୍କିକିଅ, ସେରିକିଅ, କଡ଼ିକିଅ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଥ | ଐ | ନ୍ତ |

**କିଆଁ**—ଦେ. ଅ. ( ସଂ. କିଂ )—କାହିଁପାଇଁ; କାହିଁକି—
Kiān Why; wherefore.
কেন ପୁତ୍ରସ୍ନେହକୁ ବୋଇଲେ କର୍ମ କରାଅବେଳେ
केयाँ ହସିଲ କିଆଁ ମୋତେ ଦେଖି ଭୁଷ୍ଟେ ଭୋଳେ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**କିଆକନ୍ଦା**—ଦେ. ବି. ( ସଂ. କେତକ ଓ ସ୍କନ୍ଦ )—
Kiākandā କିଆ ଗଛର ପତ୍ର ଗଣ୍ଡିର ଯେଉଁଠାରୁ ବାହାରି ଥାଏ ସେଠାରେ ଥିବା କୋମଳ ଅଂଶ—The soft part inside the stem of the Kiā plant.
ହାତୀ ଝୁଲୁଥାଏ ରଜାବର୍ଗି ଘରେ କିଆକନ୍ଦା ଖାଇବାକୁ । ଶିଶୁଗୀତ ।
[ ଦ୍ର—ଏହା ଔଷଧରେ ଲାଗେ । 'କିଆ' ତଳେ କୋଟ୍ ଦେଖ । ]

**କିଆକେରେଣ୍ଟା**—ଦେ. ବି—ଏଣ୍ଡୁଳା ମାଛ ( ଦେଖ )
Kiā kerentā A kind of fish; Endulā ( See)

**କିଆକେରେଣ୍ଡା**—ଦେ. ବି—ଏଣ୍ଡୁଳା ( ଦେଖ )
Kiākerendā Endulā ( See )

**କିଆ ଖଇର**—ଦେ. ବି. ( ସଂ. କେତକ ଓ ଖଦିର )—
Kiā khaira ଖଇରକୁ ଚୂନା କରି ମସଲାଗୁଣ୍ଡା ମିଶାଇ ପାଣିରେ
ফেয়াখএর ଚକଟି କାତୁଆ କରି ତାହାକୁ କିଆଫୁଲ ପାଖୁଡ଼ା ମଧ୍ୟରେ
केवड़ाका कत ପୂରାଇ ଶୁଖାଇଥିବା କିଆଫୁଲର ବାସନାଯୁକ୍ତ ଖଇର—
Catechu scented by putting it inside the petals of screwpine flowers.

**କିଆଗୁଡ଼ୁଚି**—ଦେ. ବି—କିଆଗୁଳୁଚି ( ଦେଖ )
Kiāgurduchi Kiāguluchi ( See )

**କିଆଗୁଳୁଚି**—ଦେ. ବି—କିଆବୁଦାରେ ମାଡ଼ିଥିବା ଗୁଳଞ୍ଚ ଲତା
Kiā guluchi ( ଗୁଳଞ୍ଚ ଦେଖ )—A Gulañcha creeper creeping on a Kiā bush.

**କିଆ ଗୋହିରି**—ଦେ. ବି—ଦୁଇ ପାଖରେ ଥିବା କିଆବାଡ଼ ମଧ୍ୟସ୍ଥ ସଙ୍କୀର୍ଣ୍ଣ
Kiā gohiri ପଥ ବା ଗଳି—A narrow lane with Kiā hedge on both sides.
କିଆ ଗୋହିରି, ମାର୍ ମୁଣ୍ଡିଆ ସଇ ବାହାରେ । ସବାର ଡ଼ାକ ।
[ ଦ୍ର—କୌଣସି ରାସ୍ତାର ଦୁଇ ପାଖରେ କିଆବାଡ଼ ପୋତିଲେ କିଆଗଛ ବାଢ଼ିଅଡ଼ିକୁ ମାଡ଼ିଆସି ଉକ୍ତ ପଥକୁ ସଙ୍କୀର୍ଣ୍ଣ କରି ପକାଏ । ]

**କିଆତି**—ଗ୍ରା. ବିଣ. ( ସଂ. କିମ୍ ଓ ଜାତି )—୧ । କି ପ୍ରକାରର—
Kiāti 1. Of what kind.
কেমন ୨ । କେଉଁ ଶ୍ରେଣୀର—2. Of what class.
कैसा ଦେ. କ୍ରି. ବିଣ—କି ପ୍ରକାରେ; କିପରି—
How; in what way or manner.
କିଅତି ? ମଗୁଣିର ମାସେ ନୂଆ ଗୁଡ଼ ଖାଇ କିଣ୍ଡୁ କୁଣ୍ଡେଇଲେ ସିଅତି ।
ଢଗ ।
[ ଦ୍ର—ତୁଳ. ଇଅତି=ଏପରି; ଯିଅତି=ଯେପରି; ସିଅତି= ସେପରି । ]

**କିଆତିକା**—ଗ୍ରା. ବିଣ ଓ କ୍ରି. ବିଣ—କିଆତି ( ଦେଖ )
Kiātikā Kiāti ( See )

**କିଆତିକିଆ**—ଗ୍ରା. ବିଣ. ଓ କ୍ରି. ବିଣ—କିଆତି ( ଦେଖ )
Kiātikiā Kiāti ( See )

**କିଆନାଗ**—ଦେ. ବି—ଏକଜାତୀୟ ନାଗସାପ ( ନାଗ ଦେଖ )—
Kiānāga A kind of cobra.
[ ଦ୍ର—ଏମାନେ ଦେଖିବାକୁ ଧଣ୍ଡ ସାପ ପରି ଓ କିଆବାଡ଼ରେ ଥାଆନ୍ତି । ]

**କିଆପଟ**—ଦେ. ବି. ( ସଂ. କେତକ + ପଟ୍ଟ )—
Kiāpaṭa ୧ । କିଆଗଛର ଗଣ୍ଡିରୁ ତଳକୁ ଲମ୍ବିବା ଓହୋଳ—
1. The aerial roots of the screwpine.
୨ । କିଆପଟକୁ ଚିରି ତହିଁରୁ ବାହାର କରାଯିବା ଚେମଡ଼ା ଲଇ—2. Tenacious fibres extracted from the aerial roots of the screwpine by splitting them.
[ ଦ୍ର—ଏହି କିଆପଟର ମଞ୍ଜ ଅଂଶ ଟାଣୁଆ । ସରୁଆ କିଆପଟର ଉପର ଛାଲକୁ ଛାଞ୍ଚି ତାହାର ମଞ୍ଜକୁ ଲୋକେ ଦାନ୍ତକାଠି କରନ୍ତି; ଏ ଦାନ୍ତକାଠିକୁ ଚୋବାଇଲେ ଏହାର ବ୍ରସ୍ ( brush ) ପରି ଖୁବ୍ ସରୁ ସରୁ ରୁଆ ହୁଏ । ଲମ୍ବ କିଆପଟମାନଙ୍କୁ ପତଳା ଚିରୁଡ଼ା-ଚିରୁଡ଼ା କରି ଚିରି ଶୁଖାଇଲେ ସେଥିରେ ଘରଛପର ଆଦି ବାନ୍ଧିବା-ପାଇଁ ଖୁବ ଚେମଡ଼ ଓ ଶକ୍ତ ଲଇ ହୁଏ । ]

**କିଆ ପଣସ**—ଦେ. ବି—କିଆଗଛର ଫଳ—
Kiā panasa A fruit of the Kiā plant.
[ ଦ୍ର—ଏହା ପଣସ ପରି ଆକୃତିବିଶିଷ୍ଟ କିନ୍ତୁ ଛୋଟ । ]

**କିଆପତୁରି**—ଦେ. ବି—କିଆପତ୍ର ( ଦେଖ )
Kiāpaturi Kiāpatra ( See )

**କିଆପତ୍ର**—ଦେ. ବି. ( ସଂ. କେତକ ଓ ପତ୍ର )—
Kiāpatra ଛୋଟ କିଅପତ୍ର ଆକୃତିବିଶିଷ୍ଟ ସ୍ତ୍ରୀମାନଙ୍କ ଜୁଡ଼ାର ସୁନା ଅଳଙ୍କାରବିଶେଷ—
A gold ornament for putting on the chignon or dressed hair of females, resembling small petals of the screwpine plant.
ପ୍ରାଦେ. (ଗଞ୍ଜାମ) ବି—ବେକର ଅଳଙ୍କାରବିଶେଷ—
A leaf-like ornament for the neck worn by females.

**କିଆପତ୍ରୀ**—ଦେ. ବି—କିଆପତ୍ର ( ଦେଖ )
Kiāpatri Kiāpatra ( See )

**କିଆଫୁଲ**—ଦେ. ବି—କିଆ ଗଛର ଫୁଲ—
Kiāphula Flower of the screwpine plant
কেয়াফুল
केवड़ाका फुल
[ ଦ୍ର—ଏହା ଧଳା ଓ ଏହାର କେତକୀ ଫୁଲଠାରୁ କମ୍ ସୁବାସ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କିଆବାଡ଼**—ଦେ. ବି.—କିଆ ଦ୍ୱାରା ପ୍ରସ୍ତୁତ ବାଡ଼—
Kiābārda Fencing made by Kiā plants.

**କିଆବେଢ଼ା**—ଦେ. ବି—କିଆର ଆଦର ସୀମାରେ ଦିଆ ଯାଇଥିବା
Kiābherda ମାଟିର ଉଚ୍ଚଢ଼ା ହିଡ଼, ଯହିଁ ଉପରେ କିଆ ଗଛ ଲଗାଯାଇ ଥାଏ—
A broad ridge of earth planted with Kiā bush.

**କିଆରି**—ଦେ. ବି. ( ସଂ. କେଦାର )—
Kiāri କ୍ଷେତ୍ର; ଘର ପାଖେ ହିଡ଼ ଦିଆ ଯାଇଥିବା ବିଲ—
किआरी Cultivated plot or field surrounded by
कियारी ridges for raising crops.
ବହି ଯାଉଛି ବାଟ ଭେଦ କିଆରି । ରାଧାନାଥ. ତୁଳସୀସ୍ତବକ ।
[ ଦ୍ର—ଶାଗ ଆଦର ଖେତ କିଆରିକୁ ପଟାଳ କହନ୍ତି । ]

**କିଆରିଆ**—ଦେ. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ )—
Kiāriā କିଆରିସମ୍ବନ୍ଧୀୟ—
Pertaining to a plot or field.
( ଯଥା—ଅଡ଼େଇକିଆରିଆ ଚାଷ; ଘରକିଆରିଆ ବିଲ । )

**କିଏ**—ଦେ. ସର୍ବନାମ ( ସଂ. କଃ )—
Kie ୧ । କେଉଁ ବ୍ୟକ୍ତି—1. Who.
କେ, କେଓ, କେଉ ୨ । କୌଣସି ବ୍ୟକ୍ତି; କେହି—
कोई, कौन 2. Some one; some body.
किहे ଦେ. ଅ—କ ହେ !—Oh !

**କିଏ ଅବା**—ଦେ. ସର୍ବନାମ—କେହି ଅବା ( ଦେଖ )
Kie abā Kehi abā ( See )

**କିଏ କଦବା**—ଦେ. ସର୍ବନାମ—କେହି କଦବା ( ଦେଖ ).
Kie kadabā Kehi kadabā ( See )

**କିଏ କିମିତି**—ଦେ. ସର୍ବନାମ—କେହି କଦବା ( ଦେଖ )
Kie kimiti Kehi kadabā ( See )

**କିଏ ନାଁ କିଏ**—ଦେ. ସର୍ବନାମ—କେହି ନାଁ କେହି ( ଦେଖ )
Kie nān kie Kehi nān kehi ( See )

**କିଏବା**—ଦେ. ସର୍ବନାମ—କେହି ଅବା ( ଦେଖ )
Kiebā Kehi abā ( See )

**କିଏସେ**—ଦେ. ସର୍ବନାମ. ( ସଂ. କଃ ଓ ସଃ; ସଂ. କୋଽସୌ )—
Kiese ୧ । କେଉଁ ବ୍ୟକ୍ତି—1. Who.
କେ, କେଓ, କେଉ ପୁଚ୍ଛିଲେ ମହର୍ଷି କହ ତୁ କିଏସେ କିମ୍ପାଇ ଭ୍ରମୁ ଏ ପୁରେ ।
कोई ରାଧାନାଥ. ପାର୍ବତୀ ।
୨ । ଜଣେ କେହି; କୌଣସି ଜଣେ ବ୍ୟକ୍ତି—
2. Any one; some one; some body.
ଦେ. ଅ—କ ହେ !—Oh !

**କିଂକର**—ସଂ. ତଣ. ପୁଂ ( କିଂ=କଅଣ+କୃ ଧାତୁ=କରିବା+କର୍ତ୍ତୃ.
Kimkara ଅ; ଯେ ସର୍ବଦା ପ୍ରଭୁର ଆଦେଶ ଅପେକ୍ଷାରେ ଥାଏ)—
(କିଂକରୀ, କିଂକରୀ—ସ୍ତ୍ରୀ) ଆଜ୍ଞାବର୍ତ୍ତୀ ( ଭୃତ୍ୟ )—
Obedient ( servant ).
ସଂ. ବି. ପୁଂ—୧ । ଦାସ—1. Slave.
୨ । ଆଜ୍ଞାବର୍ତ୍ତୀ ବ୍ୟକ୍ତି—
2. An obedient person.

**କିଂକର୍ତ୍ତବ୍ୟ**—ସଂ. ବି. ( କିମ୍=କଅଣ+କର୍ତ୍ତବ୍ୟ=କରିବା ଉଚିତ)—
Kimkarttabya
୧ । କିଂକର୍ତ୍ତବ୍ୟବିମୂଢ଼ ସଙ୍କଟାପନ୍ନ; ଯେଉଁ ଅବସ୍ଥାରେ ମନୁଷ୍ୟଙ୍କୁ କିଛି ବୁଦ୍ଧି ଦିଶେ ନାହିଁ—
1. Awkward situation or predicament.
୨ । ଅବଶ୍ୟକର୍ତ୍ତବ୍ୟ ବିଷୟ—
2. Unavoidable duty.
୩ । କେଉଁ କାର୍ଯ୍ୟ କରିବାକୁ ଉଚିତ ବା ଅବଶ୍ୟକ—
3. What is to be done.
ସଂ. ବିଣ—ଅବଶ୍ୟକରଣୀୟ; ଅନିବାର୍ଯ୍ୟ—
What ought to be done; which must be done; unavoidable.
ଦେ. ବିଣ—୧ । କିଂକର୍ତ୍ତବ୍ୟବିମୂଢ଼—
1. Dumb-founded; confounded; bewildered.
୨ । ନାଚାର—2. Helpless; having no other atternative; cornered.

**କିଂକର୍ତ୍ତବ୍ୟତା**—ସଂ. ବି. ( କିଂକର୍ତ୍ତବ୍ୟ+ଭାବ. ତା )—୧ । ଯେଉଁ
Kimkarttabyatā ଅବସ୍ଥାରେ ଅତଃପର କଅଣ କର୍ତ୍ତବ୍ୟ ତାହା ଭାବି ସ୍ଥିର କରିବାର ସମୟ ଉପସ୍ଥିତ ହୁଏ—
1. A state when a man has to think out what step he must take immediately.
୨ । ଯେଉଁ ଅବସ୍ଥାରେ ମନୁଷ୍ୟ କଣ କରିବ ତାହା ସ୍ଥିର କରି ନ ପାରେ—1. A situation in which a person is at a loss to decide what to do.

**କିଂକର୍ତ୍ତବ୍ୟତାବିମୂଢ଼**—ସଂ. ବିଣ. ପୁଂ ( ୭ମୀ ତତ୍; କିଂକର୍ତ୍ତବ୍ୟତା+
Kimkarttabyatābimūrdha ବିମୂଢ଼ )—କଅଣ କରିବା
( କିଂକର୍ତ୍ତବ୍ୟତାବିମୂଢ଼ା—ସ୍ତ୍ରୀ ) ଉଚିତ ଏ ବିଷୟ ନିର୍ଣ୍ଣୟ କରିବାରେ ଅସମର୍ଥ; ଅବାକାବା; ଅକାବକା—Dumb-founded; confounded; bewildered; put in an awkward predicament.

**କିଂକର୍ତ୍ତବ୍ୟବିମୂଢ଼**—ସଂ. ବିଣ. ପୁଂ. (୭ମୀ ତତ୍; କିଂକର୍ତ୍ତବ୍ୟ+ବିମୂଢ଼)—
Kimkarttabyabimūrdha କିଂକର୍ତ୍ତବ୍ୟତାବିମୂଢ଼ ( ଦେଖ )
( କିଂକର୍ତ୍ତବ୍ୟବିମୂଢ଼ା—ସ୍ତ୍ରୀ ) Kimkarttabyatābimūrdha
( କିଂକର୍ତ୍ତବ୍ୟବିମୂଢ଼ତା—ବି ) (See).

**କିଂକେ**—ଗ୍ରା. ପଦ୍ୟ. ଅ.—୧ । କିପରି—
Kimke 1. How.
ଏମନ୍ତ କହିଲୁ କିଂକେ ହାଟକଅଙ୍ଗୀ । ଭକ୍ତଦାସ. ମଥୁରାମଙ୍ଗଳ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | କ | ଶ,ଷ | କ୍ଷ | ଇସ୍ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଈ | ନ୍ତୁ |

୨ । କାହିଁକି—2. Why.

**କିଂଚ**—ସଂ. ଅ. (କିମ୍+ଚ)—୧ । ଅଧିକନ୍ତୁ—
Kimcha 1. Also.
୨ । ଅଧିକନ୍ତୁ କିଛି—2. And some.
୩ । ଏବଂ ମଧ୍ୟ—3. And also.
[ ଦ୍ର—ଏହା ସମୁଚ୍ଚୟ, ଆରମ୍ଭ, ସମ୍ଭାବନା ଓ ସାକଲ୍ୟ ଅର୍ଥରେ ଗୋଟିଏ ବାକ୍ୟ ସମାପ୍ତ ହେବା ପରେ ବ୍ୟବହୃତ ହୁଏ । ]

**କିଂବକ୍ତବ୍ୟ**—ସଂ. ବି. (କିମ୍=କଅଣ+ବକ୍ତବ୍ୟ=କହିବା ଉଚିତ)—
Kimbaktabya ଯାହା କହିବା ଉଚିତ; ଯାହା ଉପସ୍ଥିତ କ୍ଷେତ୍ରରେ କହିବା ଉଚିତ ତାହା—What ought to be said; an opportune speech or saying.
ଦେ. ବିଣ.—କିଂବକ୍ତବ୍ୟବିମୂଢ଼ (ଦେଖ)
Kimbaktabyabimūrdha (See)

**କିଂବକ୍ତବ୍ୟବିମୂଢ଼**—ସଂ. ବିଣ. ପୁଂ. (୭ମୀ ତତ୍; କିଂବକ୍ତବ୍ୟ+ବିମୂଢ଼)—
Kimbaktabyabimūrdha ଉପସ୍ଥିତ କ୍ଷେତ୍ରରେ କଅଣ କହିବାକୁ
( କିଂବକ୍ତବ୍ୟବିମୂଢ଼ା—ସ୍ତ୍ରୀ ) ହେବ ଏହା ସ୍ଥିର କରିବାରେ ଅସମର୍ଥ—
( କିଂବକ୍ତବ୍ୟବିମୂଢ଼ତା—ବି ) Perplexed as to what to say next.

**କିଂବଦନ୍ତି**—ସଂ. ବି.—କିଂବଦନ୍ତୀ (ଦେଖ)
Kimbadanti Kimbadantī (See)

**କିଂବଦନ୍ତୀ**—ସଂ. ବି. (କିଂ=କଅଣ+ବଦ୍ ଧାତୁ+ଅନ୍ତ+ସ୍ତ୍ରୀ. ଈ)
Kimbadantī ଲୋକେ କଅଣ କହନ୍ତି )—୧ । ଜନଶ୍ରୁତି; ଜନରବ; ଉଡ଼ା ଖବର—1. Rumour.
୨ । ଲିପିବଦ୍ଧ ନ ହୋଇ ପୁରୁଷାନୁକ୍ରମରେ ମୁଖପରମ୍ପରାରେ କାଳକ୍ରମେ କଥିତ ହୋଇ ଆସୁଥିବା ବିଷୟ—
2. Traditions handed down orally from generation to generation.
୩ । ଲୋକାପବାଦ (ପ୍ରକୃତବାଦ)—3. Scandal.

**କିଂବା**—ସଂ. ଅ. (କିଂ=କଅଣ+ବା=ଅଥବା)—କିମ୍ବା; ଅଥବା—
Kimbā Or.
ଦେ. ଅ.—୧ । କିମ୍ବା (ଦେଖ)
1 Kimbā (See)
୨ । ବିକଳ୍ପେ—2. Alternatively.
୩ । ପକ୍ଷାନ୍ତରରେ—3. On the other hand.

**କିଂବୈଦ୍ୟ**—ସଂ. ବି.—(କୁ+ବୈଦ୍ୟ; କୁ ସ୍ଥାନରେ କିଂ ଆଦେଶ; ତୁଳନା
Kimbaidya କର. କିଂପୁରୁଷ ବା କାପୁରୁଷ)—ଅନାଡ଼ି ବୈଦ୍ୟ; କୁବୈଦ୍ୟ—A quack; a worthless physician.

**କିଂଶୁକ**—ସଂ. ବି.—( କିଂ=କି+ଶୁକ=ଶୁଆପକ୍ଷୀ; ଯେଉଁ ଫୁଲକୁ
Kimśuka ଦେଖିଲେ ମନୁଷ୍ୟ ବିଚାରେ "ଏହା ଶୁକପକ୍ଷୀ କି ?" ଏଥିର ଫୁଲ ଶୁଆର ଥଣ୍ଟ ପରି ନାଲି ଓ ବଙ୍କା)—ପଳାଶ ବୃକ୍ଷ ଓ ପୁଷ୍ପ—Butea Frondosa (tree and flower).

**କିଂସଖା**—ସଂ. ବି. ପୁଂ. ( କୁ+ସଖି; ୧ମା. ୧ବ.)—ମନ୍ଦ ବନ୍ଧୁ—
Kimsakhā A bad friend (M.W.)

**କିକ୍**—ବୈଦେ. ବି. (ଇଂ. କିକ୍ )—୧ । ଗୋଇଠା—
Kik 1. Kick.
୨ । ଫୁଟ୍‌ବଲ୍‌କୁ ଗୋଡ଼ରେ ବାଡ଼ାଇବା ଆଘାତ—
2. A kick in the game of football.

**କିକରି**—ଦେ. ଅ.—କିପରି; କିରୂପେ—
Kikari How; in what manner.
କାମ କରିବ କିକରି ଯେ ମୋ ପ୍ରାଣେଶ୍ୱର । ଭକ୍ତ. କୋଣାର୍କଗ୍ରନ୍ଥସ୍ୱଯୁନ୍ଦରୀ—

**କିକଲ**—ଦେ. ଅ.—(ମଧ୍ୟମପୁରୁଷ ଏକବଚନ ଓ ବହୁବଚନ ତୁମ୍ଭେ ଓ
Kikala ତୁମ୍ଭେମାନେ କର୍ତ୍ତା ଥିବା ସ୍ଥଳରେ; ବ୍ୟବହାର ବିସ୍ମୟ ବା ଖେଦସୂଚକ)—ତୁମ୍ଭେ କେଡ଼େ କଥାଟାଏ କଲ !—
(Interjection experessed in wonder or grief) Hallo ! what have you done.
(ଯଥା—କିକଲ ! କିକଲ ! କେଡ଼େ କଦଳୀ ଗଛଟାଏ ହୋଇଥିଲା ! କେଡ଼େ କାନ୍ଦିଏ କଦଳୀ ପଡ଼ିଥାଆନ୍ତା ! ହାଣିପକେଇଲ ! )
[ ଦ୍ର—ଏହିପରି ଅବ୍ୟୟରୂପେ ପ୍ରଥମ ପୁରୁଷ ଏକବଚନ ( ମୁଁ ) 'କିକଲି'; ୨ୟ ପୁରୁଷ ଏକ ବଚନ ( ତୁ ) 'କିକଲୁ'; ( ତୁମ୍ଭେ ) 'କିକଲ', ୨ୟ ପୁରୁଷ ବହୁବଚନ ( ତୁମ୍ଭେମାନେ ) 'କିକଲ'; ୩ୟ ପୁରୁଷ ଏକ ବଚନ ( ସେ ) 'କିକଲା'; 'କିକଲେ' ଓ ୩ୟ ପୁରୁଷ ବହୁବଚନ ( ସେମାନେ ) 'କିକଲେ' ଶବ୍ଦମାନ ବ୍ୟବହୃତ ହୁଏ । ]

**କିକି**—ସଂ. ବି.—୧ । ନୀଳକଣ୍ଠ ପକ୍ଷୀ; ଖଞ୍ଜନ; ଭଦଭଦଳିଆ—
Kiki 1. A blue jay ( bird ) ( M. W. )
୨ । ( ତୁଳନାକର ଇଂ. କୋକୋଆନଟ୍ ) ନଡ଼ିଆ; ନାରିକେଳ—2. Cocoanut ( M. W. )

**କିକିହୋଇ**—ଦେ. ପଦ୍ୟ. କ୍ରି. ବିଣ—୧ । ଯେକୌଣସି କାରଣରୁ—
Kikihoi 1. For any reason whatsoever.
୨ । ଯେକୌଣସି ପ୍ରକାରେ—2. Anyhow.

**କିକେ**—ଦେ. ଅ—କାହିଁକି; କି ହେତୁରୁ; କିପାଇଁ—
Kike Why.
ବିନା ଅପରାଧେ କିକେ ଛାଡ଼ିଗଲ କାମିନୀରମଣ ନିଶଙ୍କେ—
ପ୍ରାଚୀ. ଶିଶୁଶଙ୍କର. ଉଷାଅଭିଳାଷ ।

**କିକେଁ**—ଦେ. ଅ—କିକେ ( ଦେଖ )
Kikeñ Kike ( See )
ପାଞ୍ଚ ଅଗାଧ ତୁ ନ ଜାଣୁ
ଦୂଷଣ କଥା କିକେଁ ଭଣୁ—ଜଗନ୍ନାଥ. ଭାଗବତ ।

**କିଖି**—ପ୍ରାଦେ. ( ସମ୍ବଲପୁର; ତୁଳ. ବଂ. ଖେଁକ୍‌ଶିଆଲ୍ ) ବି—
Kikhi କୋକିଶିଆଳୀ—Fox.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କିଗୋ**—ଦେ. ଅ. ( ଏକବଚନ ଓ ବହୁବଚନ )—ସଙ୍ଗୀ ଓ ସଙ୍ଗିନୀମାନଙ୍କ ପ୍ରତି କୋମଳ ସସ୍ନେହ ସମ୍ବୋଧନ; **ଅଗୋ**; ଗୋ—
Kigo
ଏଗୋ
Interjection used in addressing one's male or female companion.

**କିଙ୍କିଣି**—ସଂ. ବି. ( କମ୍=ଅନୁକରଣ ଶବ୍ଦ+କଣ୍ ଧାତୁ ଣିଜନ୍ତ=କଣି ଧାତୁ=ଶବ୍ଦ କରିବା; +କର୍ତ୍ତୃ. ଇ )—
Kinkini
୧ । ଘୁଙ୍ଗୁର; କ୍ଷୁଦ୍ର ଘଣ୍ଟି; ଘାଗୁଡ଼ି—
1. Small tinkling bells.
୨ । ଘାଗୁଡ଼ିଯୁକ୍ତ କଟିଅଳଙ୍କାରବିଶେଷ—
2. A girdle of tiny tinkling bells strung together.
୩ । କଣ୍ଟକିତ ଗୁଳ୍ମ; ଭଇଞ୍ଚ ( ଦେଖ )
3. A plant; Bhainchi ( See )
୪ । ଘାଗୁଡ଼ିଯୁକ୍ତ ଅଳଙ୍କାର—
4. An ornament with tiny bells.
୫ । ଏକପ୍ରକାର ଅମ୍ଳ ଦ୍ରାକ୍ଷା—
5. Sour grapes.
୬ । ଜଳଜମ୍ବୁ ବୃକ୍ଷ—
6. A kind of blackberry tree.
୭ । ଦେବୀସ୍ତୁତିବିଶେଷ—
7. A hymn addressed to the Goddess.

**କିଙ୍କିଣୀ**—ସ. ବି. ( କମ୍+କଣୀ ଧାତୁ+ଇ+ସ୍ତ୍ରୀ. ଈ )—
Kinkini
କିଙ୍କିଣି ( ଦେଖ )—Kinkini ( See )

**କିଙ୍କିବି**—ସଂ. ବି—କାକମାଚି ( ଦେଖ )
Kinkibi
Kākamāchi ( Kirtikar ) ( See )

**କିଙ୍କିମଲ୍ଲା**—ଗ୍ରା. ଅ—ତନ୍ତୁଆଣୀମାନେ ସୂତା କାଟୁଥିବାବେଳେ ଶ୍ରମାପନୋଦନାର୍ଥ ବୋଲିବା ଅର୍ଥଶୂନ୍ୟ ଗୀତର ଏକ ଅଂଶ—
Kinkimalā
A part of an unmeaning song sung by weaver women while spinning thread.
( ଯଥା—ତିନିଆଡ଼ୁ କିଙ୍କିମଲ୍ଲା କିଙ୍କିମଲ୍ଲା କଇଙ୍କିମଲ୍ଲା । )

**କିଙ୍କିର**—ସଂ. ବି. ( କମ୍=ଅନୁକରଣ ଧ୍ୱନି+କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଅ )—
Kinkira
୧ । କୋକିଳ—1. The Indian cuckoo.
୨ । ଭ୍ରମର—2. The black bee.
୩ । ଅଶ୍ୱ—3. Horse.
୪ । ଗଜକୁମ୍ଭ—4. The temples or forehead of an elephant.

**କିଙ୍କିରା**—ସଂ. ବି. ( କମ୍+କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଅ+ଆ )—ରକ୍ତ—Blood.
Kinkirā

**କିଙ୍କିରାତ**—ସଂ. ବି. ( କିଙ୍କିର+ଅତ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ )—
Kinkirāta
୧ । ଶୁକପକ୍ଷୀ—1. Parrot.
୨ । କନ୍ଦର୍ପ—2. Cupid.
୩ । କୋକିଳ—3. The Indian cuckoo.
୪ । ରକ୍ତାଶୋକ ବୃକ୍ଷ—
4. A tree (red variety of janesum Asoka).
୫ । ବବୁରଗଛ; ବବୁଲ୍‌ଗଛ—
5. A tree; Acacia Arabica.

**କିଙ୍କିରାଳ**—ସଂ. ବି. ( ବୈଦ୍ୟକ )—ବବୁର (ଗଛ) ( ଦେଖ )
Kinkirāla
Babura ( tree ) ( See )

**କିଙ୍କୁ**—ପ୍ରାଦେ. ( ଗଞ୍ଜାମ ) ବିଣ—ଯେ ଖେଙ୍କି କରି କଥା କହେ; ଯେ ରାଗି କରି କଥା କହେ; ଚିଡ଼ାଲ; ଯେ ଅଳ୍ପକରେ ରାଗିଉଠେ—Irascible; surly.
Kinku

**କିଙ୍ଖାପ୍**—ବୈଦେ. ବି. ( ଫା.=କମ୍‌ଖ୍ୱାବ୍ )—ଜରି ବା ସୁତାଦ୍ୱାରା ଖଚିତ ପାଟଲୁଗା—
Kinkhāp
କିନ୍‌ଖାପ; কিংখাব
**किमखाब**
Silk cloth worked on with gold lace or thread.
[ ଦ୍ର—ଏଥିରେ ପାଟଲୁଗାରେ ସୁନ୍ଦର ଜରିରେ ଫୁଲ୍‌ବୁଟା ଆଦି କାମ କରାଯାଇଥାଏ, ବନାରସ ବା କାଶୀ କିଙ୍ଖାପ ପାଇଁ ପ୍ରସିଦ୍ଧ ଥିଲା । ]

**କିଙ୍ଖାବ୍**—ବୈଦେ. ବି. ( ଫା. )—କିଙ୍ଖାପ୍ ( ଦେଖ )—
Kinkhāb
Kinkhāp ( See )

**କିଚ୍‌କିଚ୍**—ଦେ. ଅ. ( ଧ୍ୱନ୍ୟନୁକରଣ )—୧ । କଚ୍‌କଚ୍ ( ଦେଖ )
Kichkich
1. Kachkach ( See )
কিচকিচ
୨ । କିଚିରିମିଚିରି ( ଦେଖ )
2. Kichirimichiri ( See )
କିଚ୍‌କିଚ୍ ଶବ୍ଦ କରି ବର ଫଳ ଖାଉଛନ୍ତି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**କିଚିରିମିଚିରି**—ଦେ. ଅ. ( ଧ୍ୱନ୍ୟନୁକରଣ )—
Kichirimichiri
কিচিরমিচির
**चिँचिँ; चेँचेँ**
୧ । ପକ୍ଷିଶାବକଙ୍କର ଅବ୍ୟକ୍ତ ଚେଁଚେଁ ଶବ୍ଦ—
1. The chirping of the young ones of birds.
୨ । ବହୁ ପକ୍ଷୀଙ୍କର କଳରବ—
2. Chatterings of a number of birds.

**କିଛି**—ଦେ. ସର୍ବନାମ. ( ସଂ. କିଞ୍ଚିତ୍; ଭୁଲ—ପ୍ରାଚୀନ; ହି. କଛୁ )—
Kichhi
কিছু
**कुछ**
୧ । ଅନିର୍ଦ୍ଦିଷ୍ଟ ପରିମାଣ—
1. Uncertain quantity.
୨ । ଅଳ୍ପପରିମାଣ—
2. Little quantity; some; a little.
୩ । ଅନିର୍ଦ୍ଦିଷ୍ଟ କାର୍ଯ୍ୟ ବା ବସ୍ତୁ—
3. Anything; some thing.
ଦେ. ବିଣ—୧ । ପରିମାଣରେ ଅଳ୍ପ; କିଞ୍ଚିତ୍; ସାମାନ୍ୟ—
1. Little; slight.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଙ୍ଖ | ଞ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗିଁ | ଇଅ | ଙ୍ଘ | ନ୍ତ |

୨ । ସଂଖ୍ୟାରେ ଅଳ୍ପ—2. Few.

ଦେ. କ୍ରି. ବିଣ—ଅଳ୍ପ ପରିମାଣରେ—
A little; in small quantity.

किछु; कि ଦେ. ଅ—( ପ୍ରଶ୍ନାର୍ଥକ )—କି ?—What ?

**क्या; कुछ** ( ଯଥା—ମୁଁ କିଛି ଭୁଲ ହୋଇ ବସିଛି ? )

**କିଛିକିଛି**—ଦେ. ସର୍ବନାମ—ସାମାନ୍ୟ ପରିମାଣ—

Kichhikichhi Something; a little.

किछुकिछु ଦେ. ବିଣ—ଅତି ସାମାନ୍ୟ; ଥୋଡ଼ାଏ—

**कुछकुछ** A little; in little quantities; very little.

ଦେ. କ୍ରି. ବିଣ—ଅତି ସାମାନ୍ୟରେ—Little by little.

**କିଛିନାଁ**—ଦେ. ଅ. ( ସଂ. ନ କିଞ୍ଚିତ୍ )—କୌଣସି ପଦାର୍ଥ ବା କାର୍ଯ୍ୟ

Kichhinān̄ ନୁହେ—Nothing; nothing whatever.

किछुइनाँ; किछुनाँ

**कुछनहीं**

**କିଛିନାଁକିଛି**—ଦେ. ସର୍ବନାମ—୧ । କିଛିହେଲେ—

Kichhinān̄kichhi 1. Something or other.

किछुनाकिछु ୨ । ଯେତେ ସାମାନ୍ୟ ହେଉ ପଛକେ—

**कुछनकुछ** 2 Anything however little or small; something at least.

୩ । ବେଶି ହେଉ ବା କମି ହେଉ ଅବଶ୍ୟ କିଛି—
3. Something either large or small.

**କିଛିନାହିଁ**—ଦେ. ଅ—କିଛିନାଁ ( ଦେଖ )

Kichhināhin̄ Kichhinān̄ ( See )

**କିଛୁ**—ଦେ. ( ପ୍ରାଚୀନ ପଦ୍ୟ ) ସର୍ବନାମ. ( ସଂ. କିଞ୍ଚିତ୍; ତୁଳ—ବଂ.

Kichhu କିଛୁ; ପ୍ରା. ହିନ୍ଦି. କିଛୁ )—କିଛି ( ଦେଖ )
Kichhi ( See )

କଛୁ ନ ଜାଣନ୍ତି ହରି ବ୍ରହ୍ମା—ଯଶୋବନ୍ତ, ପ୍ରେମଭକ୍ତିବ୍ରହ୍ମଗୀତା ।

ଦେ. ( ପ୍ରାଚୀନ ପଦ୍ୟ ) ବିଣ—କିଛି ( ଦେଖ )
Kichhi ( See )

ଚନ୍ଦ୍ରେ ଚକୋର କହେ କଛୁ ରସ—ଶିଶୁଶଙ୍କର, ଉଷାଅଭିଳାଷ ।

[ ଦ୍ର—ଏ ଶବ୍ଦ ଆଧୁନିକ ଓଡ଼ିଆଭାଷାରେ ବ୍ୟବହୃତ ହେଉ-ନାହିଁ । ]

**କିଜାଣି**—ଦେ. ଅ—୧ । କେଜାଣି; ବୋଧହୁଏ; ସମ୍ଭବତଃ—

Kijāṇi 1. Perhaps; may be.

केजाने; किजानि ୨ । ମତେ ଏହା ଜଣା ନାହିଁ—

**कौनजाने; क्याजाने** 2. I don't know.

୩ । ଏହା ଅନିଶ୍ଚିତ—
3. Who can tell; who knows.

୪ । ପରି; ସଦୃଶ—4. Like.

୫ । ନାଲେ—5. Lest.

**କିଜାତି**—ଦେ. ବିଣ. ( ସଂ. କିମ୍ ଓ ଜାତି )—

Kijāti ୧ । କେଉଁ ଶ୍ରେଣୀର—

किरकम 1. Of what class.

**क्याजाति** ୨ । କିପ୍ରକାରର; କିପରି—
2. Of what kind.

୩ । କେଉଁ ଜାତୀୟ—
3. Of what caste or species.

**କିଜାତିକା**—ଗ୍ରା. ବିଣ—କିଜାତି ( ଦେଖ )

Kijātikā Kijāti ( See )

**କିଜାତିକିଆ**—ଗ୍ରା. ବିଣ—କିଜାତି ( ଦେଖ )

Kijātikiā Kijāti ( See )

**କିଞ୍ଚକ**—ଗ୍ରା. ବି. ( ସଂ. କୀଚକ )—କୀଚକ ୨ ( ଦେଖ )

Kin̄chaka Kīchaka 2 ( See )

ଦ୍ରୌପଦୀରୂପ ଦେଖି କିଞ୍ଚକ ମନ୍ତ୍ର ପୁଣ । ପୀତାମ୍ବର, ନୃସିଂହପୁରାଣ ।

**କିଞ୍ଚନ**—ସଂ. ବିଣ.— କ୍ଳୀବ ( କିମ୍ + ଚନ୍ )—କିଞ୍ଚିତ୍ ( ଦେଖ )

Kin̄chana Kin̄chit ( See )

(କଶ୍ଚନ—ପୁଂ)

(କାଚନ—ସ୍ତ୍ରୀ)

**କିଞ୍ଚିତ୍**—ସଂ. ସର୍ବ. କ୍ଳୀବ. ( କିମ୍ + ଚିତ୍ )—

Kin̄chit ୧ । କିଛିମାତ୍ର; ଅତି ସାମାନ୍ୟ; ଅକିଞ୍ଚିତ୍—

(କଶ୍ଚିତ୍—ପୁଂ) 1. Very little; a little.

(କାଚିତ୍—ସ୍ତ୍ରୀ) ୨ । ନଗଣ୍ୟ; ହେୟ—2. Insignificant; negligible.

କ୍ରି. ବିଣ—କିଛି କିଛି; ଅଳ୍ପ ପରିମାଣରେ—
Very little; some what.

[ ଦ୍ର—କିଞ୍ଚିତ୍ ଓ ଅକିଞ୍ଚିତ୍‌ର ଏକ ଅର୍ଥ । ]

**କିଞ୍ଚିତ୍କର**—ସଂ. ବିଣ. ( କିଞ୍ଚିତ୍ + କୃ ଧାତୁ + ଅ )—

Kin̄chitkara ୧ । ସାମାନ୍ୟ—1. Slight.

୨ । ସାମାନ୍ୟରେ ଆବଶ୍ୟକ ବା ଲୋଡ଼ା—
2. Of some use.

୩ । ଅକିଞ୍ଚିତ୍କର ( ଦେଖ )
3. Akin̄chit kara ( See )

[ ଦ୍ର—କିଞ୍ଚିତ୍କର ଓ ଅକିଞ୍ଚିତ୍କରର ଏକ ଅର୍ଥ । ]

**କିଞ୍ଚିତ୍ କାଳ**—ସଂ. ବି. (କିଞ୍ଚିତ୍ + କାଳ)—ମୁହୂର୍ତ୍ତ; ଅତି ଅଳ୍ପ ସମୟ—

Kin̄chit kāḻa Very little time; no time; a moment.

**କିଞ୍ଚିତ**—ଦେ. ବିଣ. ( ସଂ. କିଞ୍ଚିତ୍ )—୧ । ନଗଣ୍ୟ; ଅକିଞ୍ଚିତ୍କର—

Kin̄chita 1. Insignificant; of no importance.

୨ । ସାମାନ୍ୟ—2. Slight.

ଅନା ଅନା ସୁନସୁନା କିଞ୍ଚିତ୍ ରୂପାରେ । କବିସୂର୍ଯ୍ୟ, ସଙ୍ଗୀତ ।

୩ । ଅତିଅଳ୍ପ—3. Very little.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

୪ । ଅତିନୀଚ; ଇତର—4. Very low.

ବସିବେ ଉଚ୍ଚ ସମାଜେ କେଉଁରେ କିଞ୍ଚନମାନେ । ଭକ୍ତ. ବୈଦେହୀଶବିଳାସ ।

**କିଞ୍ଚିତରେ**—ଦେ. କି. ବିଣ—କିଞ୍ଚିନ୍ମାତ୍ର; ଅତି ସାମାନ୍ୟରେ—
Kiñchitare Very slightly.

ପ୍ରିୟ ସଖି, ମୋ ବେଦନା ନ ଲାଗଇ ନବ ଭଳେ କିଞ୍ଚିତରେ ।
କଳସୂର୍ଯ୍ୟ—କଳୋଗାରମ୍ଭ. ୦ ଗୀତ ।

**କିଞ୍ଚିତେ**—ଦେ. କି. ବିଣ—କିଞ୍ଚିତରେ ( ଦେଖ )
Kiñchite Kiñchitare ( See )

**କିଞ୍ଚିଦଧିକ**—ସଂ. ବିଣ. (କିଞ୍ଚିତ୍+ଅଧିକ)—ସାମାନ୍ୟରେ ଅଧିକତର—
Kiñchidadhika Slightly more or larger (than); a little more (than).

**କିଞ୍ଚିଦୁଷ୍ଣ**—ସଂ. ବିଣ. (କିଞ୍ଚିତ୍+ଉଷ୍ଣ)—ଈଷଦୁଷ୍ଣ; ଅଳ୍ପଗରମ; କଦୁଷ୍ଣ—
Kiñchidushṇa Lukewarm; tepid.

**କିଞ୍ଚିଦୂନ**—ସଂ. ବିଣ. (କିଞ୍ଚିତ+ଊନ)—ସାମାନ୍ୟରେ ଊଣା; ଅଳ୍ପ କମ୍;
Kiñchidūna ସମାନ୍ୟରେ ଅଳ୍ପତର—A little less (than); slightly less.

**କିଞ୍ଚିନ୍ମାତ୍ର**—ସଂ. ବିଣ. ( ବହୁବ୍ରୀହି; କିଞ୍ଚିତ୍+ମାତ୍ରା )—
Kiñchinmātra ଅତି ସାମାନ୍ୟ; ଅତିଅଳ୍ପ ମାତ୍ର—
Only a little; very little; hardly any.

**କିଞ୍ଚିଲିକ**—ସଂ. ବି. (କିଂ+ଚଲ୍ ଧାତୁ ଗତି କରିବା+କର୍ତ୍ତୃ.ଇକ)—
Kiñchiḷika ଯେ କିଞ୍ଚିତ୍ କିଞ୍ଚିତ୍ ଗ୍ଭଲେ; ଯାହାର ଗ୍ଭଲି ଅତି ଧୀର; ଜିଆକାଡ଼; ମହୀଲତା—Earth worm.

**କିଞ୍ଚୁଳକ**—ସଂ. ବି ( କିଂ+ଚଲ୍ ଧାତୁ+କର୍ତ୍ତୃ. ଅକ )—
Kiñchuḷaka କିଞ୍ଚିଲିକ (ଦେଖ)
Kiñchiḷika (See)

**କିଞ୍ଚୁଳୁକ**—ସଂ. ବି ( କିଂ+ଚଲ୍ ଧାତୁ+କର୍ତ୍ତୃ. ଉକ )—
Kiñchuḷuka କିଞ୍ଚିଲିକ (ଦେଖ)—
Kiñchiḷika (See)

**କିଞ୍ଜଳ**—ସଂ. ବି (କିଂ+ଜଲ୍ ଧାତୁ+କର୍ତ୍ତୃ. ଅ)—କିଞ୍ଜଳ୍କ (ଦେଖ)—
Kiñjaḷa Kiñjaḷka (See)

**କିଞ୍ଜଳ୍କ**—ସଂ. ବି (କିଂ+ଜଳ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. କ)—
Kiñjaḷka ୧ । ଫୁଲର କେଶର—1. The stamina or filaments of a flower.

୨ । ପଦ୍ମକେଶର; ପଦ୍ମଆଦି ପୁଷ୍ପ ମଧ୍ୟସ୍ଥ ସୂକ୍ଷ୍ମ ରେଣୁ—
2. The dust or pollen of lotus and other flowers.

୩ । ନାଗେଶ୍ୱର ଫୁଲ—
3. The flower of Mesna Ferrea.

**କିଟ୍** (ଧାତୁ) ସଂ—୧ । ଶରୀରରୁ ନିର୍ଗତହେବା—
Kiṭ (root) 1. To come out of the body.

୨ । ଯିବା; ଗତି କରିବା—2. To go.

୩ । ନିକଟକୁ ଆସିବା—3. To approach.

୪ । ଭୟଦେବା—4. To alarm; to terrify.

**କିଟ୍‌କିଟ୍**—ଦେ. ବିଣ—ଘନ; ଗମ୍ଭୀର (ଅନ୍ଧାର)—
Kiṭkiṭ Intense (darkness); pitch(darkness).
किटकिटे (ଯଥା—ଅମାବାସ୍ୟା ରାତିର କିଟ୍‌କିଟ୍ ଅନ୍ଧାରରେ ବାଟ
**गाढा; घना** ବାରି ହୁଏ ନାହିଁ ।)

ଦେ. ବିଣର ବିଣ—ଅତ୍ୟନ୍ତ ବା ଗମ୍ଭୀର ( ଅନ୍ଧକାରମୟ )—
Very or intensely ( dark ).
( ଯଥା—ବନ ବ ପର୍ବତରେ ଗୁମ୍ଫା ଭିତର କିଟ୍ କଟ୍ ଅନ୍ଧାର ବା ଅନ୍ଧାର କିଟ୍ କିଟ୍ ଦିଶୁଛି । )

ଦେ. ଅ—କଟ୍‌କଟ୍ ( ଦେଖ )
Kaṭkaṭ ( See )

**କିଟ୍‌କିଟା**—ଦେ. ବିଣ. ( ସଂ. କିଟ୍ଟ=ମଳିନ )—
Kiṭkiṭā ୧ । ମଳିନ; ମଳିଆ; ତେଲ ଆଦିର ମଳ ଦ୍ୱାରା ମଳିନ—
किटकिटे 1. Very dirty or filthy; squalid.

୨ । ଅତି ଗମ୍ଭୀର; ଘୋର ( ଅନ୍ଧାର )—
2. Very dense or intense ( darkness).

ଦେ. କି. ବିଣ—କାଟ୍‌କାଟା ( ଦେଖ )
Kiṭikiṭā ( See )

**କିଟ୍‌କିଟି**—ଦେ. ଅ. ( ଗଛ ଭାଙ୍ଗିବାର, ରଥାଦି ଟଣିବାର ଓ ହାଡ଼
Kiṭkiṭi ଭାଙ୍ଗିବା ପ୍ରଭୃତିର ଧ୍ୱନ୍ୟନୁକରଣ )—କଟ କଟ ଶବ୍ଦ—
Sound of breaking of trees and bones or of drawing of cars etc; snapping of hard things.

**କିଟ୍‌କିଟିଆ**—ଦେ. ବିଣ—୧ । ଅତି କଠିନ—
Kiṭkiṭiā 1. Very difficult; hard to comprehend or understand.
किटमिटे
**कठिन** ୨ । ଅବୋଧ—
2. Unintelligible; incomprehensible.

**କିଟ୍‌ମିଟିଆ**—ଦେ. ବିଣ—କିଟକିଟିଆ ( ଦେଖ )
Kiṭmiṭiā Kiṭkiṭiā ( See )

**କିଟି**—ସଂ. ବି. ( କିଟ୍ ଧାତୁ+କର୍ତ୍ତୃ. ଇ )—
Kiṭi ୧ । ଘୁଷୁରି—1. A hog.

୨ । ଆଳୁର ପ୍ରକାର ଭେଦ—
2. Batatas Edulis ( M. W. )

**କିଟିକି**—ପ୍ରାଦେ. ( ଗଞ୍ଜାମ ) ବି—ଝିଡ଼କି; ଝରକା; ପଞ୍ଜର—
Kiṭiki Window.

**କିଟିକିଟା**—ଦେ. ବି—୧ । ଛୋଟ ବାଡ଼ିଏ ଓ ବାଉଁଶ ସାହାଯ୍ୟରେ
Kiṭikiṭā କାନ୍ଥ ବାଡ଼ ବା ଗଛର ବାମଡ଼ା ବଡ଼ା ଦୃଢ଼ କରିବା ଉଦ୍ଦେଶ୍ୟରେ ଯନ୍ତ୍ର; କଟକଟ—
1. Contrivance consisting of a stout but small stick and a string of hemp used

| ୧ | ଇ | ଭ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ଙ | ନ୍ତ |

to twist up the two bamboos lightly on both sides of a thatch or wall-frame.

୨ । ଗୋଡ଼ ବା ହାତର କୁଣ୍ଡଳା ହୋଇଥିବା ମୁଦ ଆଙ୍ଗୁଠିରୁ ଗଳି ନ ପଡ଼ିବା ସକାଶେ ମୁଦ ଆଗରେ ଦିଆଯିବା କସ୍ ଅଗୁଥା—

2. A tight ring put before a loose one on a finger to prevent the latter to slip out.

୩ । କିଟିକିରା ( ଦେଖ )

3. Kiṭikirā ( See )

ଦେ. ବିଣ—କିଟ୍‌କିଟା ( ଦେଖ )

Kiṭkitā ( See )

**କିଟିକିଟି**—ଦେ. ବିଣ. ଓ ଅ.—କିଟ୍ କିଟ୍ (ଦେଖ)

Kiṭikiṭi Kiṭkiṭ (See)

ସପୁରସିନ୍ଧୁ ଅବ ମେରୁ ଟଳଇ ଯାଏ ।
କିଟିକିଟି ନାଦ କରି କମ୍ପେ ଦୃଢ଼ ଠାଏ । ପୀତାମ୍ବର• ନୃସିଂହପୁରାଣ ।

**କିଟିକିଟିଆ**—ଦେ. ବିଣ.—କିଟ୍‌କିଟିଆ (ଦେଖ)

Kiṭikiṭiā Kitkiṭia (See)

**କିଟିକିରା**—ଦେ. ବି. (ବଣିଆଙ୍କ ବ୍ୟବହୃତ ଶବ୍ଦ)—

Kiṭikirā ବଣିଆଙ୍କ ଛାଞ୍ଚବିଶେଷ—A kind of mould used by goldsmiths to turn out bulbous wires.

किटकिरा

ठपा

[ ଦ୍ର—ଏହା କଂସାରେ ପ୍ରସ୍ତୁତ, ଏହା ଉପରେ ଖାପରେ ସରୁ ଓ ମୋଟ ତାର ବାଡ଼େଇଲେ ବଡ଼ ଓ ଛୋଟ ଦାନା ଥିବା ରୁଆଳିତାର ତିଆରି ହୁଏ । ]

**କିଟିମିଟିଆ**—ଦେ. ବିଣ—କିଟ୍‌କିଟିଆ (ଦେଖ)

Kiṭimiṭiā Kitkiṭiā (See)

**କିଟ୍ଟ**—ସଂ. ବି. ( କିଟ୍ ଧାତୁ=ଶରୀର ପ୍ରଭୃତିରୁ ନିର୍ଗତ ହେବା+

Kiṭṭa କର୍ତ୍ତୃ. ତ )—୧ । ଶରୀରର ମଳ ( ଯଥା—ବିଷ୍ଠା, କାନଗୁହ, ଲେନ୍ଥେଟ ଓ ଛିଙ୍କଣି ଇତ୍ୟାଦି )—

1. Excrements thrown out by the body.

୨ । ଧାତୁ ମଳ ( ଯଥା—ଲୁହାଗୁହ; କଳଙ୍କି )—ମରଚି—

2. Rust of metals; refuse or rubbish thrown out by burnt or oxidized meatals.

୩ । ତୈଳାଦିର କାଞ୍ଜି—3. Sediment.

୪ । ତରଳ ପଦାର୍ଥ ଛଣା ହେବା ଉତ୍ତାରୁ ଅବଶିଷ୍ଟ ରହିଯିବା ସିଠା—

4. Dregs; refuse left out of sifted liquids.

**କିଡ୍‌କିଡ୍**—ଦେ. ଅ. ( ଧ୍ୱନ୍ୟାତ୍ମକ )—୧ । କରେଇରେ ସିଝି ଫୁଟିବାର

Kiḍ kiḍ ଶବ୍ଦ; କଡ଼ କଡ଼—1. Seething sound of boiling oil.

कड़कड़ ୨ । ଦୁଇଟି କଠିନ ଓ ବନ୍ଧୁର ପଦାର୍ଥର ପରସ୍ପର ଘର୍ଷଣ

कड़कड़ ଜନିତ ଶବ୍ଦ—2. Sound produced by the repeated rubbing of two rough and hard things.

**କିଡ୍‌ମିଡ୍** (ଇତ୍ୟାଦି)—ଦେ. ଅ. (ଧ୍ୱନ୍ୟାତ୍ମକ)—କଡ଼ମଡ଼ ଇତ୍ୟାଦି

Kirdmird (etc) (ଦେଖ)

Kardmard (See)

**କିଡ଼ିମିଡ଼ିଆ**—ଦେ. ବିଣ—କିଡ଼ିମିଡ଼ିଆ (ଦେଖ)

Kirdmirdia Kirdimirdia (See)

**କିଡ଼ିକିଡ଼ି**—ଦେ. ଅ.—କିଡ୍‌କିଡ୍ (ଦେଖ)

Kirdikirdi Kidkid (See)

**କିଡ଼ିମିଡ଼ି** (ଇତ୍ୟାଦି)—ଦେ. ଅ.—କଡ଼ମଡ଼ ଇତ୍ୟାଦି (ଦେଖ)

Kirdimirdi Kardmard etc. (See)

**କିଡ଼ିମିଡ଼ିଆ**—ଦେ. ବିଣ—୧ । କିଟ୍‌କିଟିଆ (ଦେଖ)—

Kirdimirdia 1. Kitkitiā (See)

୨ । ଚିଡ଼ାଲ; ଚିଡ଼ଚିଡ଼ିଆ; ଯେ ରାଗିଯାଇ ଦାନ୍ତ ଦେଖାଏ—

2. Easily provoked into grinning rage.

**କିଣ୍** (ଧାତୁ)—ସଂ—ପ୍ରାପ୍ତ ହେବା; ପାଇବା—

Kiṇ (root) To get.

**କିଣ୍‌କିଣ୍**—ଦେ. ଅ—କିଣିକିଣି ( ଦେଖ )

Kiṇkiṇ Kiṇikiṇi ( See )

**କିଣ**—ସଂ. ବି. ( କିଣ୍ ଧାତୁ=ପାଇବା+କର୍ତ୍ତୃ. ଅ )—

Kiṇa ୧ । କ୍ଷତ ଚିହ୍ନ ବା ଦାଗ—

1. Scar; cicatrix of a cut wound.

୨ । ଘା ବା ବ୍ରଣର ଶୁଖିଲା ଦାଗ—

2. Mark or scar over a boil after it is healed.

୩ । ଶରୀରରେ ଘର୍ଷଣ ଜନିତ ବୋଧଶକ୍ତିରହିତ ଶୁଷ୍କ ଚର୍ମ; ବଣ୍ଠି—3. Calluse; corn.

୪ । କୀଡ଼ା; ଘୁଣ; କାଠ ଆଦି ଖାଇଦେବା କ୍ଷୁଦ୍ର କୀଟବିଶେଷ-

4. Small insect or worm boring into wood or grains.

୫ । ଧନୁର ଜ୍ୟାଘାତ ଚିହ୍ନ—

5. The callority produced the bow string on the hand of an archer.

**କିଣା**—ଦେ. ବି. ( ସଂ. କ୍ରି ଧାତୁ )—୧ । କ୍ରୟ; ଖରିଦ—

Kiṇā 1. Purchasing; buying.

केना ଦେଖି ବସିଛୁ କାଠଯୋଡ଼ି ବନେ

खरीदना ଦେକା କଣା ଲାଗିଅଛି ନାନା ଛନ୍ଦେ । ରାଧାନାଥ• ଚନ୍ଦ୍ରଭାଗା ।

ଦେ. ବିଣ—୧ । କ୍ରୀତ; ଖରିଦ ହୋଇଥିବା—

केना 1. Purchased; got by purchase;

खरीदा bought.

ପ୍ରଣୟ ଧନେ ପ୍ରାଣ କିଣରେ । କବିସୂର୍ଯ୍ୟ• ସଙ୍ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳଲେ 'ଗାଡ଼ ଖୋଜିବେ; 'ଲୁଅ' ନ ମିଳଲେ 'କୂଅ' ଖୋଜିବେ; 'ବଧୂ' ନ ମିଳଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଯାହା ଉପରେ କ୍ରୀତ ଦାସ ପରି ପୂର୍ଣ୍ଣ ଅଧିକାର ପାଏ—
2. Under one's full controll like a purchased slave; slave-lik; slavishly subservient.
ବୋଇଲେ ମୁଁ ତୁମ୍ଭ କିଣା କିଙ୍କର । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।
୩ । ( ଲକ୍ଷଣାର୍ଥ ) ଗୁଣମୁଗ୍ଧ; ଗୁଣ ବା ଉପକାର ଯୋଗୁଁ ଚିରବାଧିତ—
3. Completely obeyed to a benefitter.

**କିଣାଇଦେବା**—ଦେ. କି.—କୌଣସି ବସ୍ତୁ କ୍ରୟ କରିବାରେ କ୍ରୟକାରୀ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା—
Kiṇaideba
କେନେଦେଉଆ
खरीदकरादेना
To help a man ( by selecting the proper stuff, settling the proper price and appraising it in the market ) in purchasing a thing.

**କିଣାଇବା**—ଦେ. କି—କିଣିବାର ଣିଜନ୍ତ ରୂପ—
Kiṇaiba
କେନେଦେଉଆ
खरिदाना
Causative form of Kiṇiba

**କିଣାକିଣି**—ଦେ. ବି—ବହୁ ପଣ୍ୟ ଦ୍ରବ୍ୟର କ୍ରୟ—
Kiṇakiṇi
କେନାକେନି
मोलचाल
Purchase of many articles.

**କିଣାଖରିଦା**—ଦେ. ବିଣ. ( ଏକାର୍ଥକ ସହଚର )—
Kiṇakharida
କେନାଖରିଦା
खरीदाहुआ
ସମ୍ପୂର୍ଣ୍ଣରୂପେ କ୍ରୀତ ଓ ଅଧିକୃତ—
Under one's perfect control by virtue of purchase and possession; under one's full ownership.

**କିଣାବିକା**—ଦେ. ବି. ( ବିପରୀତାର୍ଥକ ସହଚର; ସଂ. କ୍ରୀ ଧାତୁ ଓ ବି + କ୍ରୀ ଧାତୁ )—
Kiṇabika
କେନାବେଚା
खरीद फरोख्त
1. Buying and selling; purchase and sale.
୨ । ହାଟରୁ ପଣ୍ୟ ଦ୍ରବ୍ୟର କ୍ରୟ—
2. Purchase of articles from the market.
୩ । ହାଟରେ ପଣ୍ୟ ଦ୍ରବ୍ୟାଦିର ବଦଳ—
3. Exchange or barter of commodities in the market.

**କିଣି**—ଦେ. ବି—କିଙ୍କିଣୀ ଅବର କିଣିକିଣି ଧ୍ୱନି—
Kiṇi
କିନକିନୀ
झुनझुनी
Tinkling sound of ornaments.
କଙ୍କିଣୀ କିଣିରେ ଚକିଁ ଚଷ ବୋଇ କହଇ ଏ ପାପୀ ଭୁଲେ ସ୍ୱେ । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

**କିଣିକିଣି**—ଦେ. ଅ. ( ସଂ. ଧ୍ୱନ୍ୟନୁକରଣ )—
Kiṇikiṇi
କିନ୍‌କିନ୍, କିନିକିନି
झनाझन, झनझन, झुनझुनी
ଅଙ୍ଗଚାଳନ ବେଳେ ପିନ୍ଧା ଯାଇଥିବା କ୍ଷୁଦ୍ର ଘଣ୍ଟିଘାଗୁଡ଼ି ହଲିବାରୁ ଯେଉଁ ମଧୁର ଧ୍ୱନି ଉଠେ; ଝୁଣୁଝୁଣୁ; ଝଙ୍କାର—
Tinkling or clinking sound produced by the movement of the limbs of the wearer of ornaments ( e. g. waist chains, anklets ) to which small bells are attached.
କଟିରେ କ୍ଷୁଦ୍ର ଘଣ୍ଟି କିଣିକିଣି ରବ । କୃଷ୍ଣସିଂହ- ମହାଭାରତ. ବନ ।

**କିଣିକିଣିଆ**—ଦେ. ବିଣ—୧ । କିଣିକିଣି ଧ୍ୱନି ଯୁକ୍ତ—
Kiṇikiṇia
କିନ୍‌କିନେ
झनझन
1. Having tinkling sound.
୨ । ଟିଁଟିଆଁ ଗଳା ବା ସ୍ୱରବିଶିଷ୍ଟ—
2. Having a deep or bass under voice.

**କିଣିଖିଆ**—ଦେ. ବି. ( ସଂ. କ୍ରୀ ଓ ଖାଦ୍ ଧାତୁ )—
Kiṇikhia
ପ୍ରତିଦିନ ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ କିଣି ଖାଇବା—Purchasing of rice and other victuals for daily consumption ( instead of getting them at hand from the produce of one's agricultural land ).
ଦେ. ବିଣ- ୧ । କୃଷି ବୃତ୍ତି ନ ଥିବାରୁ ଯେ ଖାଦ୍ୟ କ୍ରମନ୍ତେ ଧାନ, ଚାଉଳ, ମୁଗ, ଡାଲି ଆଦି ବଜାରରୁ କିଣିଥାଏ—
1. Having to purchase rice and other necessary victuals for every day consumption ( instead of getting them as produce from one's own field ).
୨ । କୃଷି ବୃତ୍ତି-ବିହୀନ ( ବ୍ୟକ୍ତି )—
2. Landless ( person ); non-agriculturist.

**କିଣିଦେବା**—ଦେ. କି—୧ । କିଣାଇଦେବା ( ଦେଖ )
Kiṇideba
କିନେଦେଉଆ
मोलदेना
1. Kiṇaideba ( See )
୨ । କିଣିବା ( ଦେଖ )
2. Kiṇiba ( See )
୩ । ନିଜେ ପଇସା ଦେଇ ଅନ୍ୟ ବ୍ୟକ୍ତିଙ୍କୁ ଜିନଷ କିଣି ଆଣି ଦେବା—3. To make gift of a thing after purchasing it.

**କିଣିବା**—ଦେ. କି. ( ସଂ. କ୍ରୀ ଧାତୁ )—୧ । ମୂଲ୍ୟ ଦେଇ କୌଣସି ପଦାର୍ଥ ଗ୍ରହଣ କରିବ; କ୍ରୟ କରିବା—
Kiṇiba
କେନା
खरीदना; मोलना
( କିଣିବା—ବିପରୀତ )
( କିଣାଇବା—ପ୍ରଯୋଜକରୂପ)
1 To purchase.
୨ । ( ଲକ୍ଷଣାର୍ଥ ) ମୁଗ୍ଧ କରିବା; ମୋହିତ କରିବା—2 (figurative) To enchant; to enrapture.
୩ । ( ଲକ୍ଷଣାର୍ଥ ) ଉପକାର ସ୍ନେହ ବା ସେବାଦିଦ୍ୱାରା ( ଅନ୍ୟର ମନକୁ ) ସମ୍ପୂର୍ଣ୍ଣରୂପେ ବଶ କରିବା ବା ଚିରକାଳ କୌଣସି ବ୍ୟକ୍ତିଙ୍କୁ ବାଧିତ କରିବା—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଣ୍ୟ | ଡ଼ଅ | ଢ଼ |
| ୨. | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଡ଼ | ନ୍ନ |

3. ( figurative ) To enchant a person for life; to keep a person obliged for ever by rendering him some good turn or by affection.

ଛେଣ୍ଟ କୃଷ୍ଣର ମୋ ଶରୀର;
କିଣିଲେ ସେବକ ମୁଁ ତାର—ଜଗନ୍ନାଥ. ଭାଗବତ ।

୪ । ( ଲକ୍ଷଣାର୍ଥ ) ଆପଦାଦିକୁ ଡାକି ଆଣିବା; ନିଜର କାର୍ଯ୍ୟଦ୍ୱାରା ଅବଶ୍ୟମ୍ଭାବୀ ଦୁଃଖାଦି ଘଟିବାର କାରଣ ହେବା—4. (figurative) To court (disaster etc ); to do something to deserve ( a disaster or disease ).

( ଯଥା—ଏ ଜମି ଖଣ୍ଡିକ କବାଲା କରିବା ଦ୍ୱାରା ଗୁଡ଼ାଏ ମକଦମା କିଣିଛି । )

୫ । ଜିତିବା; ବଳପଡ଼ିବା—5. To excel.

ଉପମା ସୃଷ୍ଟି କିଣିଲା—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୬ । ( ଲକ୍ଷଣାର୍ଥ ) ଟାଣିନେବା; କାଢ଼ିନେବା; ଦୂର କରିବା—6. ( figurative ) To draw out; to cause to disappear.

ଉଲ୍ଲ ସାଜେଣି ବାଜେଣି କଣ୍ଠରେ କଙ୍କିଣୀ ପୁଣି
କିଣି କିଣି ନେବ ମାନସୁଁ ମାନକୁ କିଣି କିଣି ହେଲକ୍ଷଣି—
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୭ । ( ଲକ୍ଷଣାର୍ଥ ) ଧନାଦି ଦେଇ ତାହାଁର ବଦଳରେ କୌଣସି ବ୍ୟକ୍ତିକୁ ଆପଣାର ପୂର୍ଣ୍ଣ ଆୟତ୍ତରେ ରଖିବା—7. ( figurative ) To enslave; to bring a person under one's control or mastery by paying money etc.

[ ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଆଣିବା, ଦେବା, ନେବା, ପକାଇବା, ରଖିବା କ୍ରିୟାମାନ ସହକାରୀରୂପେ ବ୍ୟବହୃତ ହୁଏ ଓ ଏହି କ୍ରିୟାର ସମାପିକାରୂପ ସଙ୍ଗେ ବିକିବା କ୍ରିୟା ପ୍ରଭୃତିର ଶବ୍ଦରୂପେ ବ୍ୟବହୃତ ହୁଏ । ]

**କିଣିହେବା**—ଦେ. କି. ( ସଂ. କ୍ରୀ ଧାତୁ )—
Kiniheba
କେନାହওয়া
**खरिदाहाना**
୧ । କିଣିବା କ୍ରିୟାର କର୍ମବାଚ୍ୟ—1. Passive voice of the verb to purchase.
୨ । ( ଲକ୍ଷଣାର୍ଥ ) ଅନ୍ୟ ବ୍ୟକ୍ତି ନିକଟରେ ଆତ୍ମସମର୍ପଣ କରିବା ବା ଚିରବାଧିତ ରହିବା—2. To be under lifelong obligation to a person.

**କିଣେଇ**—ଦେ. ବି—କିଣା ୨. ( ଦେଖ )
Kinei
Kina 2. ( See )

**କିଣ୍ଡରଗାର୍ଟେନ୍**—ବୈଦେ. ବି. ( ଜର୍ମାନ୍. କିଣ୍ଡରଗାର୍ଟେନ୍ )—ଜର୍ମାନ କିଣ୍ଡର୍ ଶବ୍ଦର ଅର୍ଥ ଶିଶୁ ଓ ଗାର୍ଟେନ ଶବ୍ଦର ଅର୍ଥ ବଗିଚା; ଶିଶୁମାନଙ୍କୁ କ୍ରୀଡ଼ା କୌତୁକ ଛଳରେ ଶିକ୍ଷା ଦେବାର ଆଧୁନିକ ପଦ୍ଧତିବିଶେଷ; ଶିଶୂଦ୍ୟାନ—The kinder-garten system of education.
Kindrgartan
কিণ্ডারগার্টেন
**किंडरगार्टेन**

[ ଦ୍ର—ଜର୍ମାନୀର ଫ୍ରବେଲ୍ ( Froebel ) ସାହେବ ଏହି ଶିକ୍ଷାପଦ୍ଧତିର ପ୍ରବର୍ତ୍ତକ । ସେ ସାନ ପିଲାଙ୍କ ସମଷ୍ଟିକୁ ନାନା ବୃକ୍ଷପୂର୍ଣ୍ଣ ବଗିଚା ସଙ୍ଗେ ତୁଳନା କରି ଏହି ଶିଶୁଶିକ୍ଷାପଦ୍ଧତିର ଉଦ୍‌ଭାବନ କରିଥିଲେ । ଯେପରି ମାଳୀ ସାର ଓ ପାଣି ଦେଇ ଓ ଅନାବନା ଗଛକୁ ଓପାଡ଼ି ବଗିଚାର ପ୍ରତ୍ୟେକ ବୃକ୍ଷର ଉନ୍ନତି କରେ, ସେହିପରି ଶିକ୍ଷକ ଉପଦେଶ ଦେଇ ଓ ଦୁରଭ୍ୟାସମାନ ଦୂର କରାଇ ଶିଶୁମାନଙ୍କୁ ପୂର୍ଣ୍ଣ ମନୁଷ୍ୟରେ ପରିଣତ କରି ପାରନ୍ତି—ଏହାହିଁ 'କିଣ୍ଡରଗାର୍ଟେନ' ଶବ୍ଦର ଭାବ । ଏ ପଦ୍ଧତିଦ୍ୱାରା କ୍ରୀଡ଼ା ଓ ପ୍ରକୃତି ପର୍ଯ୍ୟବେକ୍ଷଣ ଓ ଉଦ୍ୟାନ ରଚନା ଆଦି ଛଳରେ ପିଲାଙ୍କୁ ମୁଗ୍ଧ କରାଇ ଶିକ୍ଷାରେ ଅଗ୍ରସର କରାହୁଏ । ]

**କିଟ୍‌କିଟ୍**—ଦେ. ଅ—୧ । ( ଧ୍ୱନ୍ୟନୁକାର )—'ଡୁଡୁ' ଖେଳରେ ଅପର ପକ୍ଷର ପାଖକୁ ଯିବା ବାଳକର ଧ୍ୱନି—1. The sound repeated by a player in the game of a "Do Do" when he goes out beyond his boundary to catch a player of the opposite party.
Kitkit
ডুডু
**कबड्डी कबड्डी**

କୁତୁ କୁତୁ
**गुद गुद**
୨ । ( ସଂ. କୁତୁ—କୌତୁକ )—କୁତ୍ କୁତ୍; କତ୍ କତ୍; କାଖରେ ଅଙ୍ଗୁଠିକୁ ଉଚ୍ଛ୍ୱାସ କରି ମାରିଲେ ଯେଉଁ ଅଙ୍ଗ ସ୍ଫୁରଣ, ରୋମାଞ୍ଚନ ଓ ହାସ୍ୟର ଅନୁଭୂତି ଜନ୍ମେ—2. Tickling sensation produced on moving the tips of the fingers in the arm-pit.

**କିଟ୍‌କିଟ୍ ଖେଳ**—ଦେ. ବି—କ୍ରୀଡ଼ାବିଶେଷ; 'ଡୁଡୁ' ଖେଳ—A sport of mock attack ( touch and return at one breath ) amongst two parties of children.
Kitkit khela
হাডুডুডু খেলা
**कबड्डी**

[ ଦ୍ର—ଏହି ଖେଳରେ ଦୁଇ ଦଳ ଖେଳାଳିଙ୍କ ମଝି ସ୍ଥାନରେ ଗୋଟିଏ ସୀମାଗାର ଭୂମିରେ ଟଣାଯାଏ; ଏକପକ୍ଷର କୌଣସି ବାଳକ ଅପରପକ୍ଷର ପାଖ ବା ନିର୍ଦ୍ଦିଷ୍ଟ ସୀମାରେ ପ୍ରବେଶ କରି ଏକା ନିଶ୍ୱାସରେ ସେହି ଦଳର ଯେ କୌଣସି ବାଳକକୁ ସ୍ପର୍ଶ କରି ଆପଣା ଦଳର ନିର୍ଦ୍ଦିଷ୍ଟସୀମା ମଧ୍ୟକୁ ଏକାନିଶ୍ୱାସକେ ଫେରି ଆସେ, ଆକ୍ରମଣକାରୀ ବାଳକ ଆକ୍ରମଣ କରିବା ସମୟରେ ଏକନିଶ୍ୱାସରେ 'କିତ୍ କିତ୍' 'କିଟ୍‌କିଟ୍' ଧ୍ୱନି କରୁଥାଏ; କିଟ୍‌କିଟ୍ ଧ୍ୱନିର ଉଚ୍ଚାରଣ ଯେବେ ବନ୍ଦ ହୋଇଯାଏ ତେବେ ଜଣାଯାଏ ଯେ ସେ ବାଳକ ମଝିରେ ନିଶ୍ୱାସ ନେଲା । ତାହା ହେଲେ ସେ ଛୁଇଁଥିବା ଅପର ପକ୍ଷର ବାଳକ 'ମଲା' ବୋଲି ଗଣା ହୁଏ ନାହିଁ । ]

**କିଟ୍‌କିଟା**—ଦେ. ଅ—୧ । (ବସ୍ତ୍ରାଦି) ଠୁକୁରା ଠୁକୁରା; ଚିରି ଚିରି—ଖଣ୍ଡ ଖଣ୍ଡ ( କରି ଚିରିବା )—1. Shreded; torn into shreds; tattered.
Kitkita
কিটকিটা
**टुकडे टुकडे**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଜୁଅ' ନ ମିଳିଲେ 'ଜଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କିତ୍‌କିତାଇବା**—ଦେ. କ୍ରି—୧ । 'ଡୁଡୁ' ଖେଳରେ କିତ୍ କିତ୍ ଧ୍ୱନି ଉଚ୍ଚାରଣ କରିବା—1. To utter the sound of 'Kitkit' in the 'Do Do' play.
Kitkitāibā
হাডুডুডু করা
**कबड्डीकबड्डी करना**

୨ । ( ସଂ. କୁତୁ=କୌତୁକ; ସଂ. କୁତ—କୃତ୍ୟଯୁକ୍ତ ଶବ୍ଦର ବ୍ୟବହାର ଅଛି )—କୁତ୍ କୁତ୍ କରିବା—2. To tickle; to titilate.
কুতুকুতু দেওয়া
**गुद गुदाना**

**କିତ୍‌କିତା କରିବା**—ଦେ. କ୍ରି. (ବୈଦିକ ସଂ. କିକିସ୍ କରଣ M. W.)
Kitkitā kariba
୧ । ବସ୍ତ୍ରାଦିକୁ ଟୁକି ଟୁକି କରିବା; ଚିରିବା—1. To tear into pieces; to shred ( cloth etc ); to rend into tatters.
কিট্‌কিটা করা
**टुकडे टुकडे करना**
**धज्जी उतारना**

୨ । ଶରୀରକୁ ନଖଆଦିଦ୍ୱାରା ବଡାର କ୍ଷତବିକ୍ଷତ କରିବା—2. To scratch the body extensively with nails, teeth etc.

**କିତ**—ସଂ. ବି—୧ । ଋଷିବିଶେଷ ( ପ୍ରକୃତିବାଦ )—1. A sage.
Kita
୨ । ରୋଗାପଗମନ ସଂଶୟ ଜ୍ଞାନ ( ପ୍ରକୃତିବାଦ )—2. Doubt as to the subsidence of an illness.

ବୈଦେ. ବି—କିତା (ଗୋପୀନାଥ ନନ୍ଦ) ( ଦେଖ ) Kitā ( See )

**କିତପା**—ଦେ. ବି—ଲୁଗା—Cloth.
Kitapā
କଳା କପଡା ଚଳା ଛପ ମଧ୍ୟେ କି ରଜତ ଗିରିନାସୃକ ।
ଗୋକୁଳ. ଉପକଣ୍ଠେଳ ।

**କିତବ**—ସଂ. ବିଣ. ପୁଂ. ( କିମ୍+ତବ; ତୁମ୍ଭର ପଣ କଅଣ ? ଏହା ଯେ କହେ )—୧ । ଧୂର୍ତ୍ତ; ଶଠ—1. Cheating; fraudulent; deceptive.
Kitaba
(କୈତବ—ଅନ୍ୟଆକାର)
୨ । ଦ୍ୟୁତକ୍ରୀଡ଼ାସକ୍ତ—2. Addicted to gambling.
୩ । ବିଦଗ୍ଧ—3. Clever.
୪ । ମତ୍ତ; ବାଭୁଳ—4. Mad.

ସଂ. ବି—୧ । ଜୁଆ ଖେଳାଳି; ଦ୍ୟୁତ କ୍ରୀଡ଼କ—1. Gambster; gambler.
୨ । ଶଠବ୍ୟକ୍ତି; ପ୍ରତାରକ—2. A cheat.
୩ । ଦୁଦୁରା; ଧାତୁରା; ଧୁତୁରା ( ଗଛ ଓ ଫୁଲ )—3. Thorn-apple ( plant and fruit ).
ରୋହକ ତବମୂଳ ଘୋର ଘୋର ଜାଙ୍ଗଳ
ଜହର ଫୁଲେ ଚାହା ପିଇଲୁ ଗୋ । କବିସୂର୍ଯ୍ୟ—କଣ୍ଠୋଦ୍ଧାରମ୍ଭ ଙ୍କ ଗୀତ ।

ଦେ. ବି—୧ । ଛଳ; ବ୍ୟାଜ; ଛଳନା; ବାହାନା—1. Pretext.
ଭସ୍ମ କିତବ-ଇତ-ଚୂର୍ଣ୍ଣ କରିବେ ନାହିଁ ଭୁଜଙ୍ଗ ନାହିଁ ଛଳେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ମିଥ୍ୟା—2. Falsehood.
କିତବ କୋହେ ତେବ କେତକୀ ତବ କି ସ୍ତବ କରୁଛ ଦୂରେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୩ । ପ୍ରବଞ୍ଚନା—3. Deception.

**କିତଲୋ**—ପ୍ରାଦେ. ( ଭତ୍ରିଭାଷା ) ବିଣ—କେତେ—How much; how many.
Kitalo

**କିତା**—ବୈଦେ. ବି. ( ଆ. ଅଲଗା )—୧ । ବିଭାଗ; ଖଣ୍ଡ—1. Piece; bit.
Kitā
কেতা
**किता**
୨ । କିଆରି; ଭୂମିଖଣ୍ଡ; କ୍ଷେତ୍ର—2. A field; a bit of land; a plot of land.
୩ । କାଗଜର ଏକଖଣ୍ଡ ବା ପୃଷ୍ଠା—3. A piece or leaf of paper.
୪ । ସଂଖ୍ୟା—4. Number.
୫ । କୁର୍ତ୍ତାଆଦି ସିଲାଇ କରିବା ପାଇଁ କଟା ହୋଇଥିବା ବସ୍ତ୍ରଖଣ୍ଡ—5. Pieces of cloth cut for making into coats etc.

**କିତାଉଆରି** (ଇତ୍ୟାଦି)—କିତାଉଆରି ଇତ୍ୟାଦି (ଦେଖ)
Kitāuār etc Kitāuāri etc. (See)

**କିତାଉଆରି**—ବୈଦେ. ବି. (ଆ. କିତାୱାର୍)—ପୃଥକ୍ ପୃଥକ୍ ବା ଖଣ୍ଡ ଖଣ୍ଡ କରି ସଜ୍ଜିତ କରିବା—Arrangement by lots or assortment.
Kitāuāri
কেতাওয়ারি
**कितावारि**

ବୈଦେ. ବିଣ.—ଖଣ୍ଡ ଖଣ୍ଡ କରାଯିବା—Sorted; assorted.

ବୈଦେ—କ୍ରି. ବିଣ—ଖଣ୍ଡ ଖଣ୍ଡ କରି—Bit by bit; by pieces; plot by plot.

**କିତାଉଆରି ଜରିବ**—ବୈଦେ. ବି. (ଆ. କିତାୱାର୍+ଫା. ଜରିବ୍)—ଭୂମି କଆରି କିଆରି କରି ମାପ କରିବା—A minute topography; survey of land plot by plot; a plot to plot measurement of land.
Kitāuāri jariba
কেতাওয়ারি মাপ
**कितावारि जरी**

**କିତାଉଆରି ଭଉଁରିଆ**—ଦେ. ବି.—ଯେଉଁ ଭଉଁରିଆରେ ପ୍ରତ୍ୟେକ କ୍ଷେତ୍ରର ନମ୍ବର, ଦଗ, ଚଉହଦି ଦୀର୍ଘ ପ୍ରସ୍ଥ ପରିମାଣ ଓ ଅବସ୍ଥା କ୍ରମଅନୁଯାୟୀ ଉଲ୍ଲେଖ ଥାଏ—A field-book containing particulars of land plot by plot measured by the rod.
Kitāuāri bhaunria

**କିତାଉଆରି ମର୍ଦ୍ଦାଣ**—ଦେ. ବି.—ଭଉଁରିଆକୁ ଦେଖି ସରଜମିନରେ କିଆରି କିଆରି ମୁକାବିଲା କରି ମାପ କରିବା—A field to field measurement with reference to a prepared field-map for the purpose of comparison and checking.
Kitāuāri mardāṇa

**କିତାପ୍**—ପ୍ରାଦେ. (ସମ୍ବଲପୁର) ବି—୧ । କ୍ଷମତା—1. Power.
Kitāp
কিতাব, কোতাব
**किताब**
ଯଥା—ମୋଉନେ କିତାପ୍ ଦେଖାଉଛୁ—ମୋ ଆଗରେ କ୍ଷମତା ଦେଖାଉଛୁ ।

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଞ୍ଜ | ଶ,ଷ | କ୍ଷ | ଇଂ | ଋଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

୨ । ପ୍ରଭୁତ୍ୱ—2. Authority.

ବୈଦେ. ବି. ( ଆ. କିତାବ୍=କୋରାନ୍; କିତା=ପୃଷ୍ଠାର ସଂଖ୍ୟା; ଯହିଁରେ ଅନେକ ପୃଷ୍ଠା ଥାଏ ) ।—କାଗଜର ବହି; ପୁସ୍ତକ—Book made of paper.

**କିତାପୀ**—ବୈଦେ. ବିଣ. (ଆ. କିତାବୀ)—୧ । ନବ୍ୟ (ପାଠ); ଆଧୁନିକ (ଶିକ୍ଷା)—1. Modern (education).
Kitapī
কেতাবী ୨ । ପୁସ୍ତକଅଧୀତ ( ବିଦ୍ୟା )—2. Derived or learnt from the reading of books.
**किताबी**

**କିତାବ୍**—ବୈଦେ. ବି. (ଆ)—କିତାପ୍ (ଦେଖ)
Kitāb — Kitāp (See)

ପ୍ରାଦେ. (ସମ୍ବଲପୁର)—ବି.—କିତାପ୍ (ଦେଖ)
Kitāp (See)

**କିତାବନ୍ଦୀ**—ଦେ. ବି. (ଆ. କିତା ଓ ବନ୍ଦ୍)—୧ । କିତା କିତା କରି କରା ଯିବା ଭୂମିର ମାପ—
Kitābandī
কেতাবন্দী 1. Measurement of land by plots.

୨ । ଭୂମିର କିତା କିତା ବିଭାଗ—2. Division of land into different or separate plots or blocks.

ଦେ. ବିଣ.—ଯେଉଁ ମାପଦ୍ୱାରା ଭୂମି କିତା କିତା ହୋଇ ନିର୍ଣ୍ଣୀତ ହୁଏ; କିତା ତିଆରି (କରିବ)—(measurement) By which separate blocks of land are laid out or ascertained.

**କିତାବୀ**—ଦେ. ବିଣ.—କିତାପୀ (ଦେଖ)
Kitābī — Kitāpī (See)

**କିଟିକିଟା**—ଦେ. ଅ.—କିଟ୍‌କିଟା (ଦେଖ)
Kitikitā — Kitkitā (See)

**କିନ୍‌ଖାପ୍**—ବୈଦେ. ବି. (ଫା.)—କିଙ୍ଖାପ୍ (ଦେଖ)
Kinkhāp — Kiṅkhāp (See)

ପୋଷାକ କିନ୍‌ଖାପ, ଟଲ୍ଲ ପାଜାମା । ଫକୀରମୋହନ ଭ୍ରମଣଅଠଗଡ଼ ।

**କିନ୍‌ଖାବ୍**—ବୈଦେ. ବି. (ଫା.)—କିଙ୍ଖାପ୍ (ଦେଖ)
Kinkhāb — Kiṅkhāp (See)

**କିନା**—ଦେ. ଅ. ( ସଂ. କିଂନୁ; କିନୁ )—୧ । ପ୍ରଶ୍ନାର୍ଥକ—କି ?—1. What ?
Kinā
কিনা (ଯଥା—ତୋର କିନା ଏତେ ବୁଦ୍ଧି ?)

୨ । (ନିଶ୍ଚୟାର୍ଥକ) – ସିନା—2. Certainly.

ଭକତଙ୍କୁ ସେବି ମୋତେ କରିବ ସ୍ୱବନା
କେତେବେଳେ ସେ ପ୍ରାଣୀ ମୁକତ ହୁଏ କିନା । ଗୋବିନ୍ଦଚନ୍ଦ୍ର ନାମରତ୍ନଗୀତା ।

୩ । (ସଂ. କିଂ ଓ ନ) ପ୍ରଶ୍ନାର୍ଥକ—କି ନାହିଁ—3. Whether or not ?

(ଯଥା—ତୁ ଗ୍ରାମକୁ ଯିବୁ କି ନା ?)

୪ । କିମ୍ବା—4. Or.

୫ । (ଅନୁରୋଧାର୍ଥକ)—(ଅମୁକ କାର୍ଯ୍ୟ) କର—5. (indicating request) Do (so).

ଦୁର୍ଯ୍ୟୋଧନ ବୋଇଲେ କହ କିନା ମୋତେ
ଶୁଣିଲେ ଆଗ ତୋଷ ହୋଇବ ମୁଁ ଚିତ୍ତେ । କୃଷ୍ଣସିଂହ ମହାଭାରତ, ବନ ।

୬ । (କଥିତ ବାକ୍ୟ ଉପରେ ଜୋର ଦେବା ପାଇଁ ବ୍ୟବହୃତ) ହିଁ; ନିଶ୍ଚେ—6. (used to emphasise what a person says) Too; certainly.

ସେହୁ ଧନ ଭୂଷ୍ମ ବାପେ କହିଲେ ମୃତ ସର୍ପ;
ପୋଡ଼ିଯାଉ କିନା ଭୀଷ୍ମର ଜପ ତପ—କୃଷ୍ଣସିଂହ ମହାଭାରତ, ଆଦି ।

୭ । (ଅନ୍ୟ ଶବ୍ଦ ପରେ ଯୁକ୍ତ) (ଅମୁକ) ରୂପେ; ପ୍ରକାରେ—7 (a suffix added to words) In such or such a manner.

[ ଦ୍ର—ଏହି ଶବ୍ଦ ଧ୍ୱନ୍ୟନୁକରଣ, ପ୍ରକାରାର୍ଥକ ଓ ଝଟିତି ଅର୍ଥକ ଶବ୍ଦ ( ଉଠ୍, ମଠ୍, ଝଟ୍, ସଟ୍, ଖାଉଁ, ଘାଉଁ, ହୁଁ, ଚୁପ୍, ଫଟ୍, ଟୋ ଇତ୍ୟାଦି ) ସଙ୍ଗେ 'କରି', 'ରୂପେ', 'ହୋଇ' ଅର୍ଥରେ ବ୍ୟବହୃତ ହୁଏ । ଯଥା—ସେ ଚୁପ୍‌କିନା ପଳାଇଲା=ସେ ଚୁପ୍ ହୋଇ ପଳାଇଲା; ସେ ଝଟ୍‌କିନା ସେଠାରୁ ଉଠିଗଲା; ସେ ଲଥ୍‌କିନା ବସିଗଲା; ଦଉଡ଼ିଟି ଚଟ୍‌କିନା ଛିଣ୍ଡିଗଲା । ]

ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କ୍ରୀ ଧାତୁ=କିଣା)—କିଣିବା—Purchasing.

ବିଣ.—କ୍ରୀତ—Purchased

**କିନାବିଚା**—ପ୍ରାଦେ. (ସମ୍ବଲପୁର) ବି. (ସଂ. କ୍ରୀ ଧାତୁ; ଓ ବି+କ୍ରୀ ଧାତୁ; ତୁଳ. ବ. କେନାବେଚା)—କିଣାବିକା; କ୍ରୟବିକ୍ରୟ—Purchase and sale of articles.
Kinābichā

**କିନାର**—ବୈଦେ. ବି. (ଫା. କିନାର୍; ତୁଳ. ସଂ. କେନାର=ମସ୍ତକ; କପୋଳ ସନ୍ଧି)—୧ । (ନଦୀ ପ୍ରଭୃତିର) ତୀର; କୂଳ; ତଟ—1. Edge; side; shore (of the river etc).
Kinārā
কেনারা; কিনারা
**किनारा**

୨ । ପାର୍ଶ୍ୱ; ପାଖ—2. Side.

୩ । (ଲୁଗା ଆଦିର ଲମ୍ବ ପାର୍ଶ୍ୱଦ୍ୱୟର ଧଡ଼ି—3. The hem or border (of a cloth).

[ ଦ୍ର—ଲୁଗାର ଲମ୍ବଅଡ଼ର ପ୍ରାନ୍ତକୁ କିନାର ବା ଧଡ଼ି ବୋଲାଯାଏ; ଓସାରିଆ ଅଡ଼ର ପ୍ରାନ୍ତକୁ ମୁହିଁ ବା ମୁହଁଣ୍ଡା ବୋଲାଯାଏ । ]

୪ । ସୀମା; ପ୍ରାନ୍ତ—4. Boundary; margin; limit.

୫ । ଜୀବନୋପାୟ; ଚଳିବାର ବନ୍ଦୋବସ୍ତ—5. Arrangement.

୬ । ଫନ୍ଦ—6. Brim.

୭ । କୌଣସି କର୍ମର ସମାପ୍ତି—7. Completion of a work.

୮ । ଅପ୍ରକାଶିତ ଅପରାଧ ଓ ଅପରାଧୀକୁ ପ୍ରକାଶ କରିବା; ଅପରାଧକୁ ବାହାର କରିବା—8. Detection of a crime or of an offender.

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୯ । ଠାବ୍‌ରେଇବା; ଖୋଜ ପାଇବା—
9. Finding out; discovering.
ବୈଦେ. ବଣ—କନାରିଆ ( ଦେଖ )
Kinaria ( See )

**କନାର୍ କରବା**—ଦେ. କ୍ରି—୧ । ବନ୍ଦୋବସ୍ତ କରବା—
Kinara kariba 1. To make an arrangement.
কেনারা করা ୨ । ( ଥଳ ବା କୂଳ ) ନିର୍ଣ୍ଣୟ କରବା—
किनारा करना 2. To find out; to trace; to ascertain; to discover.
୩ । କୌଣସି ଗୁପ୍ତ ଅପରାଧ ବା ଅପରାଧୀଙ୍କୁ ବାହାର କରବା—
3. To detect a crime or an offender.
୪ । କୌଣସି କାର୍ଯ୍ୟକୁ ସମାପ୍ତ ବା ପୂର୍ଣ୍ଣ କରବା—
4. To complete; to bring to a finish; to accomplish.
୫ । ଏକ ପାଖକୁ ହଟାଇବା—
5. To move to one side.
୬ । ସମସ୍ତ ସମ୍ପର୍କ ଭୁଟାଇବା—
6. To cut off all connections.

**କନାରି**—ବୈଦେ. ବି. ( ଫା. କନାର୍ )—ଲୁଗାଆଦିର ଧଡ଼ି—
Kinari The hem or border of a cloth or dress.
ବୈଦେ. ବଣ. (ଫା)—କନାରିଆ ( ଦେଖ )
Kinaria ( See )

**କନାରିଆ**—ଦେ. ବଣ. ( ଲୁଗା )—ଯାହାର କନାର୍ ବା ଧଡ଼ି ଥାଏ;
Kinaria ଧଡ଼ିଯୁକ୍ତ ବା ଧଡ଼ିଦାର୍ ( ଲୁଗା )—
কেনারি; কিনারি Rimmed; edged; hemmed; bordered
किनारी ( cloth ).
( ଯଥା—ସରୁ କନାରିଆ ଧୋତି । )

**କନି**—ଦେ. ଅ—କନା ୭ ( ଦେଖ )
Kini Kina 7 ( See )
ପ୍ରାଦେ. ( କଟକ ସହର ) ଅ. ( ଅସମାପିକା କ୍ରିୟା ପରେ ବ୍ୟବହୃତ )—କରି; ପୂର୍ବକ—With; being.
ସେ ଖଟିକନ ଘର ଭିତରକୁ ଗଲେ । କୁନ୍ତଳାକୁମାରୀ ସାବତ. ନଅତୁଣ୍ଡୀ ।

**କନିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କ୍ରୀ ଧାତୁ ; ଣ ସ୍ଥାନରେ ନ
Kiniba ଉଚ୍ଚାରଣ )—କିଣିବା; କ୍ରୟ କରିବା—
To purchase.

**କନ୍ତା**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ—କେନ୍ତା ( ଦେଖ )
Kinta Kenta ( See )

**କନ୍ତୁ**—ସଂ. ଅ. ( କିଂ+ତୁ )—୧ । ପ୍ରଥମ ଉକ୍ତିର ବୈପରୀତ୍ୟ
Kintu ବୋଧକ ଶବ୍ଦ—1. But; nevertheless.
୨ । ପରନ୍ତୁ; ଅଧିକନ୍ତୁ; ପୁନଃ; ପୁନଶ୍ଚ—2. Moreover.
୩ । ଅପରନ୍ତୁ; ଅପର ପକ୍ଷରେ—
3. On the other hand; nevertheless.
୪ । ଅଥଚ—4. Yet; and yet.
ଦେ. ଅ. ( ଅଶୁଦ୍ଧ ବ୍ୟବହାର ! )—ଓ; ଏବଂ—
And; also.
किन्तु ଦେ. ବି—୧ । ସନ୍ଦେହ—1. Doubt; hesitation.
୨ । ଆପତ୍ତି—2. Objection.
୩ । ଗର୍ବ—3. Pride.
୪ । ଅଭିମାନ—4. Misunderstanding.
୫ । ଖଙ୍ଗାସ୍; ଆନ୍ତରିକ ବିରକ୍ତି ବା କ୍ରୋଧ—
5. Mental displeasure.
୬ । ଅବଜ୍ଞା; ଅକସ୍—6. Grudge; spite; malice.

**କନ୍ତୁ କରବା**—ଦେ. କ୍ରି—୧ । ଅଭିମାନ କରିବା—
Kintu kariba 1. To be mentally displeased.
কিন্তুকরা ୨ । ଆନ୍ତରିକ ଘୃଣା କରିବା—
2. To hate mentally.
୩ । ଆନ୍ତରିକ ରାଗ କରିବା—3. To bear a grudge.
୪ । ସନ୍ଦେହ କରିବା—4. To doubt; to hesitate.
ପ୍ରାଦେ. ( ସମ୍ବଲପୁର ) କ୍ରି—ଶତ୍ରୁତା ଆଚରଣ କରିବା—
To act in enmity; to act inimically.

**କନ୍ତୁଘ୍ନ**—ସଂ. ବି. ( ଜ୍ୟୋତିଷ )—ଜବ ପ୍ରଭୃତି ଏକାଦଶ କରଣ
Kintughna ମଧ୍ୟରେ ଶେଷ କରଣ—( Astrology ) On the 11 astrological conjunctions.

**କନ୍ତୁ ବିଚାରିବା**—ଦେ. କ୍ରି—କିନ୍ତୁ କରିବା ( ଦେଖ )
Kintu bichariba Kintu kariba ( See )

**କନ୍ତୁ ବହିବା**—ଦେ. କ୍ରି—କିନ୍ତୁ କରବା ( ଦେଖ )
Kintu bohiba Kintu kariba ( See )

**କନ୍ଦ୍ର**—ପ୍ରାଦେ. ( ସମ୍ବଲପୁର ) ବି. ଓ ବଣ—କିନ୍ଦ୍ରା ( ଦେଖ )
Kindra Kindra ( See )

**କନ୍ଦରିବା**—ପ୍ରାଦେ. ( ସମ୍ବଲପୁର ଓ ବସ୍ତର ). କ୍ରି—
Kindariba. କିନ୍ଦ୍ରିବା ( ଦେଖ )
Kindriba ( See )

**କନ୍ଦିରିବା**—ପ୍ରାଦେ. ( ସମ୍ବଲପୁର ଓ ବସ୍ତର ) କ୍ରି—
Kindiriba କିନ୍ଦ୍ରିବା ( ଦେଖ )
Kindriba ( See )

**କନ୍ଦ୍ରା**—ପ୍ରାଦେ. ( ସମ୍ବଲପୁର ). ବି. ( ସଂ. କେନ୍ଦ୍ର )—
Kindra ବୁଲିଆଁ ବୁଲିବା; ବୁଲି ବାଟରେ ଗଲିବା—
Circumlocation; moving in a round about way.
ପ୍ରାଦେ. ( ସମ୍ବଲପୁର ) ବଣ—ବୁଲାଣିଆ ( ବାଟ )—
Circumlocatory; round about.

**କନ୍ଦ୍ରିକନ୍ଦ୍ରି**—ପ୍ରାଦେ. (ସମ୍ବଲପୁର) କ୍ରି. ବଣ—ବୁଲି ବୁଲି; ଘୁରି ଘୁରି—
Kindrikindri Moving about; moving in a round-about way.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ବ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

**କିନ୍ଦ୍ରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କେନ୍ଦ୍ର )—ଭୁଆଁ ବୁଲିବା—
Kindribā 1. To walk much by missing the way.
୨ । ବାଟ ବୁଲିବା; ବୁଲି ବୁଲି ଯିବା—
2. To move in a round about way.
୩ । ଚକର ମାରିବା; ବୃତ୍ତାକାରରେ ବୁଲିବା—
3. To move in a circuit or circle.

**କିନ୍ନର**—ସଂ. ବି. ପୁଂ. ( କିଂ=କୁତ୍ସିତ+ନର )—ଅଶ୍ବର ମୁଖ ପରି
Kinnara ମୁଖ ଓ ନରଦେହ ପରି ଦେହବିଶିଷ୍ଟ ଦେବଯୋନି-
(କିନ୍ନରୀ—ସ୍ତ୍ରୀ) ବିଶେଷ; କିଂପୁରୁଷ; ଦେବଗାୟକ—
A class of demigods ( with head of a horse and body of man ) attached to the service of Kubera and experts in music; the Divine Choristers.
[ ଦ୍ର—ଏମାନେ କୁବେରଙ୍କ ଅନୁଚର ଏବଂ ସଙ୍ଗୀତ ବିଦ୍ୟାରେ ଧୁରୀଣ । ]

**କିନ୍ନରେଶ**—ସଂ. ବି. ( ୬ଷ୍ଠୀ ତତ୍; କିନ୍ନର+ଈଶ )—କୁବେର—
Kinnaresa Kubera; the God of Riches.

**କିପରି**—ଦେ. ଅ. ( ସଂ. କିଂ ଓ ପ୍ରକାର )—
Kipari ୧ । କେଉଁ ଭଳି; କେମନ୍ତ; କିପ୍ରକାରର—
କେମନ 1. Of what kind.
**कैसा** ୨ । କେଉଁ ପ୍ରକାରେ; କିମିତି; କେମନ୍ତେ—
2. How; in what manner.
୩ । କେଉଁପ୍ରକାରରେ; କେଉଁ ଉପାୟରେ—
3. By what means.

**କିପରିକା**—ଗ୍ରା. ଅ—କିପରି ( ଦେଖ )
Kiparikā Kipari ( See )

**କିପରିକିଆ**—ଗ୍ରା. ଅ—କିପରି ( ଦେଖ )
Kiparikiā Kipari ( See )

**କିପରିରେ**—ଗ୍ରା. ଅ—କିପରି ( ଦେଖ )
Kiparire Kipari ( See )

**କିପର୍ଯ୍ୟନ୍ତ**—ଦେ. ଅ. ( ସଂ. କିମ୍ପର୍ଯ୍ୟନ୍ତଂ )—୧ । କେତେକାଳ ଯାଏ—
Kiparjyanta 1. How long; how far extended.
কিপর্য্যন্ত ୨ । କେତେ ଦୂର; କେଉଁ ପର୍ଯ୍ୟନ୍ତ—
**कहाँतक** 2. How far; to what extent.
୩ । କେତେ ଦୂର ପର୍ଯ୍ୟନ୍ତ ଅଗ୍ରସର ହୋଇଥିବା—
3. Reaching how far.

**କିପାଇଁ**—ଦେ. ଅ— କି କାରଣରୁ; କି ନିମନ୍ତେ; କିଆଁ; କାହିଁକି—
Kipāiñ Why; wherefore; for what reasons.
কেন; কিজন্য କିପାଇଁ ସାର୍ଥ ହୋଇବ ଏମନ୍ତ ବଚନ—
**क्यों** ଭକ୍ତ. ହୋଟଦ୍ରିହ୍ମାଣ୍ଡସୁନ୍ଦରୀ ।

**କିପାଁ**—ଦେ. ଅ—କିପାଇଁ ( ଦେଖ )
Kipāñ Kipāiñ ( See )

କିପାଁ ଘନରସ ନ ବରଷେ ହେ ସୁନ୍ଦର—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କିପାଁଇଣ**—ଦେ. ପଦ୍ୟ. ଅ—କିପାଇଁ ( ଦେଖ )
Kipāñiṇa Kipāiñ ( See )
କିପାଁଇଣ ଖେଦ ଚାତ କରୁ ମନ ଭେଦେ—ଗ୍ରାମ୍ୟ ରସବାରିଧି ।

**କିପିରିକା**—ଗ୍ରା. ଅ—କିପରି ( ଦେଖ )
Kipirikā Kipari ( See )

**କିପ୍ରକାର**—ଦେ. ଅ—କିପରି ( ଦେଖ )
Kiprakāra Kipari ( See )

**କିପ୍ରକାରେ**—ଦେ. ଅ—କିପରି ( ଦେଖ )
Kiprakāre Kipari ( See )

**କିଫାଇତ୍**—ବୈଦେ. ବି. ( ଆ. କିଫାୟତ୍ )—
Kiphāit ୧ । ଉଦ୍‌ବୃତ୍ତ ଧନ—1. Saving.
কিফায়ত ୨ । ଲାଭ—2. Profit; gain.
**किफायत** ୩ । ଉପକାର; ମଙ୍ଗଳ—3. Benefit.

**କିପ୍ରାୟେ**—ଦେ. ପଦ୍ୟ. ଅ—କିପରି (ଦେଖ )
Kiprāye Kipari ( See )

ତୁ ତାହା କିପ୍ରାୟେ କରିବୁ,
କିଲୁ ଆସ୍କନ୍ଦ ଏତେ ସବୁ—ଭୂପତି. ପ୍ରେମପଞ୍ଚାମୃତ ।

**କିଫାଏତ୍**—ବୈଦେ. ବି. ( ଆ )—କିଫାଇତ୍ ( ଦେଖ )
Kiphāet Kiphāit ( See )

**କିଫାଏତି**—ବୈଦେ. ବି. ( ଆ )—କିଫାଇତ୍ ( ଦେଖ )
Kiphāiti Kiphāit ( See )

**କିଫାତ୍**—ବୈଦେ. ବି. ( ଆ )—କିଫାଇତ୍ ( ଦେଖ )
Kiphāt Kiphāit ( See )

**କିବା**—ଦେ. ଅ. ( ସଂ. କିମ୍ବା )—କିମ୍ବା ( ଦେଖ ).
Kibā Kimbā ( See )

ଦେ. ଗୁଣ—୧ । ଅତି ସାମାନ୍ୟ; କିଞ୍ଚିତ୍—
1. Very slight; very little.
ଲଭୁଛୁ କିପରି, କିବା କଥା ପାଇଁ—ବିଶ୍ବନାଥ. ଦରବାର ।
୨ । ଅକିଞ୍ଚିତ୍କର; ନଗଣ୍ୟ—
2. Insignificant.

ଏ ଭାବେ ଯେ କରେ ବିଚାର;
କୈବଲ୍ୟ କିବା ବସ୍ତୁ ତାର—ଜଗନ୍ନାଥ. ଭାଗବତ ।

ଦେ. ସର୍ବନାମ—୧ । (ବିସ୍ମୟବୋଧକ ), କିଅଣ ଅବା—
1. What.

ଅଶେଷ ମହିମା ଯେ ଧରେ,
କିବା ଉପମା ଦେବା ତାରେ—ଜଗନ୍ନାଥ. ଭାଗବତ ।

୨ । କେଡ଼େ—2. How.
ସେ ନିର୍ମଳ ମୁଖପଦ୍ମ କିବା ମନୋହର—ମଧୁସୂଦନ. ହରିବଂଶଚରିତ ।

**କିବେ**—ଦେ. ଅ. ( ତୁଚ୍ଛ ଓ ଅବଜ୍ଞାର୍ଥକ )—କିରେ ( ଦେଖ )
Kibe Kire ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ, ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ।

**କିବୋଇଲା**—ଦେ. ଅ—୧ । ଅର୍ଥାତ୍—
Kiboilā 1. That is; i. e.
( ଯଥା—ଆମ୍ଭେ ତହିଁ ଗମନ କରନ୍ତୁ, କି ବୋଇଲା, ମୁଁ ସେଠାକୁ ଯିବି । )
୨ । ଯଥା—2. Viz; namely.
( ଯଥା—ସେଠାରେ ତିନିଲୋକ ବସିଥିଲେ, କି ବୋଇଲା ରାମ, ଶ୍ୟାମ ଓ ଦାମ । )
୩ । ଯେହେତୁ—3. Wherefore.
( ଯଥା—ସେଠାରେ ଭାରି ଗୋଳ ହେଉଥିଲା, କି ବୋଇଲା ଶହେ ଲୋକ ପାଟି କରୁଥିଲେ । )

**କିବୋଇଲାକି**—ଦେ. ଅ—କିବୋଇଲା ( ଦେଖ )
Kiboilāki Kiboilā ( See )

**କିବୋଇଲେ**—ଦେ. ଅ—କିବୋଇଲା ( ଦେଖ )
Kiboile Kiboilā ( See )

**କିବୋଲି**—ଦେ. ଅ—୧ । କାହିଁକି; କିକାରଣରୁ; କିହେତୁ—
Kiboli 1. Why.

ତେର ଦେଖାବେଳେ ମୋ ଭାଗ୍ୟବଲ୍ଲୀ
ଫଳ ଉପୁଜାଇ ଦେଲା କି ବୋଲି । କବିସୂର୍ଯ୍ୟ. ସଙ୍ଗୀତ ।

୨ । କିପ୍ରକାରେ—2. How; under what excuse; by what means; with what face.

ଯଦି ଦେଉଛ ଶଙ୍ଖ ଗୋଟା କି ବୋଲି ଚାହୁଁ ଦେଲେ ।
କୃଷ୍ଣସିଂହ. ମହାଭାରତ. ସଭା ।

୩ । ଏ କିଅଣ ବୋଲାଯାଏ—3. Called what; by what name called or termed.

**କିମ୍**—ସଂ. ଅ—କିଅଣ—
Kim What.
[ ଦ୍ର—ଏହା ଓଡ଼ିଆ ଭାଷାରେ ଅନ୍ୟ ଶବ୍ଦ ସହିତ ବ୍ୟବହୃତ ହୁଏ; ( ଯଥା—କିଂଭୂତ; କିମାକାର । )]

**କିମତ୍**—ବୈଦେ. ବି. ( ଆ. କୀମତ୍ )—
Kimat ୧ । ମୂଲ୍ୟ—1. Price; value.
किम्मत् ୨ । ଦର—2. Rate; sale-price.
**कीमत** ୩ । କୌଣସି ବସ୍ତୁର ବିକ୍ରୟଲବ୍ଧ ଧନ—
3. Sale proceeds of an article.

**କିମତ୍ କରିବା**—ଦେ. କ୍ରି—ମୂଲେଇବା; ମୂଲ୍ୟ ନିର୍ଦ୍ଧାରଣ କରିବା—
Kimat karibā To settle the price of; to negotiate.
किम्मत् करा
**कीमत ठहराना**

**କିମତି**—ଦେ. ଅ—କିମିତି ( ଦେଖ )
Kimati Kimiti ( See )
किम्मति ବୈଦେ. ବିଣ. ( ଆ. କୀମତୀ )—
**कीमती** ୧ । ମୂଲ୍ୟବାନ୍—1. Valuable.
୨ । ବହୁ ମୂଲ୍ୟର; ଦୁର୍ମୂଲ୍ୟ—2 Invaluable.

**କିମତିଆ**—ବୈଦେ. ବିଣ. (ଆ)—କିମତି ( ଦେଖ )
Kimatiā Kimati ( See )

**କିମତିକା**—ଗ୍ରା. ଅ—କିମିତି ( ଦେଖ )
Kimatikā Kimiti ( See )

**କିମତିକିଆ**—ଗ୍ରା. ଅ—କିମିତି ( ଦେଖ )
Kimatikiā Kimiti ( See )

**କିମନ୍ତି**—ଗ୍ରା. ଅ—କିମିତି ( ଦେଖ )
Kimanti Kimiti ( See )

**କିମନ୍ତିକା**—ଗ୍ରା. ଅ—କିମିତି ( ଦେଖ )
Kimantikā Kimiti ( See )

**କିମନ୍ତିକିଆ**—ଗ୍ରା. ଅ—କିମିତି ( ଦେଖ )
Kimantikiā Kimiti ( See )

**କିମର୍ଥ**—ଦେ. ଅ. ( ସଂ. କିମର୍ଥଂ )—
Kimartha କାହିଁକି; କିନିମନ୍ତେ; କିପାଇଁ—
Why; for what reason.

**କିମର୍ଥଂ**—ସଂ. ଅ—କାହିଁକି; କି ସକାଶେ—
Kimartham Why.

**କିମର୍ଥେ**—ଦେ. ଅ—କିମର୍ଥ ( ଦେଖ )
Kimarthe Kimartha ( See )

ବଶିଷ୍ଠ ପୁଚ୍ଛେ କିମର୍ଥେ ଆଗତ । ଉପେନ୍ଦ୍ର. ବୈଦେହୀଶବିଳାସ ।

**କିମା**—ବୈଦେ. ବି. ( ଆ. କୀମା )—
Kimā କାଠୁଆରେ ଚିକିଟିକି କରାଯାଇଥିବା ମାଂସ—
किमा Minced meat.
**कीमा**

**କିମାକାର**—ଦେ. ବିଣ. ( କିଂ+ଆକାର )—
Kimākāra ୧ । କେଉଁ ଆକାରର—
किमाकार 1. Of what size.
୨ । କି ପ୍ରକାର—
2. Of what nature or kind.
୩ । ଅଦ୍ଭୁତ—
3. Wonderful; astonishing.

କିସ ଏହା କିମାକାର ନୁହେ ମୋ ଗୋଚର ।
ତୁଳସୀ. କିଷ୍କିନ୍ଧାରାମାୟଣ. ଅଡ଼ ।

[ ଦ୍ର—ଏହି ଶବ୍ଦ କିମ୍ଭୂତ ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ । ]

**କିମାଚ**—ବୈଦେ. ବି. ( ଆ. କିମାଶ୍ )—ଗଞ୍ଜପା ଖେଳର ରଙ୍ଗବିଶେଷ;
Kimācha ଭୂମାଚ; ହଳଦିଆ ଭୂମିରେ ନାନାବିଧ ବର୍ଣ୍ଣର ଗୋଲକ
**कीमाश** ଚିହ୍ନ ଯୁକ୍ତ କାଗଜ ତକଡ଼—A set of cards in the game of Ganjapā having tips of various colour on yellow back ground.

**କିମାତ୍ରକ**—ଦେ. ବିଣ—ଅତି ସାମାନ୍ୟ; କ୍ଷୁଦ୍ର—
Kimātraka Insigui ficant.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଏ | ଉଅ | ଷ୍ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଞ | ନ୍ତ |

( ଯଥା—କିମାଶ୍ଚର୍ଯ୍ୟ ଲୋକ; କିମାଦ୍ଭୁତ କଥା । )

ଦେ. ଅ.—କିନ୍ତୁ—But; on the other hand.

**କିମିଆ**—ବୈଦେ. ବି. ( ଆ. କିମିୟା=ରସାୟନ ବିଦ୍ୟା; ତୁଳ. ଇଂ. କେମିଷ୍ଟ୍ରି )—୧ । ମନ୍ତ୍ର ଯନ୍ତ୍ର; ଗାରୁଡ଼ି ବିଦ୍ୟା; ଗୁଣି; ଯାଦୁ—1. Black art; charm.
Kimiā
যাদু
**कीमिया**
୨ । ଇନ୍ଦ୍ରଜାଲ—2. Magic.
୩ । ତାନ୍ତ୍ରିକ ଅଭିଚାର—3. Tantric incantations used against an enemy.

**କିମିଆଁ**—ବୈଦେ. ବି. (ଆ)—କିମିଆ ( ଦେଖ )
Kimiāṅ Kimiā ( See )

ମୁଁ ତା କିମିଆଁ କରି ସାରିଲିଣି । ଫକୀର. ଗୌରୁଚ ।

**କିମିଆ କରିବା**—ଦେ. କ୍ରି—୧ । ଗାରୁଡ଼ି ବିଦ୍ୟା ପ୍ରୟୋଗ କରିବା—
Kimiā karibā 1. To apply charm or magic.
যাদু করা
**कीमिया करना**
୨ । ଗୁଣିଗାରୁଡ଼ି-ବିଦ୍ୟା ପ୍ରୟୋଗ କରି ବଶ କରିବା—2. To bring one under control by the use of charms.

**କିମିଆଦାର୍**—ବୈଦେ. ବିଣ. ( ଆ. କୀମିୟାଗାର୍=ରସାୟନବିଦ୍ୟା—ବିଶାରଦ)—୧ । ଗୁଣିବିଦ୍ୟାରେ ପାରଙ୍ଗମ; ଗୁଣିଆଁ—
Kimiādār 1. Expert in applying charms or black magic.
যাদুকর
**कीमियागार**
୨ । ଐନ୍ଦ୍ରଜାଲିକ—2. Magician.

**କିମିଆ ପେଷିବା**—ଦେ. କ୍ରି—କିମିଆ କରିବା ( ଦେଖ )
Kimiā peshibā Kimiā karibā ( See )

**କିମିଆବାଜ୍**—ବୈଦେ. ବିଣ—କିମିଆଦାର୍ ( ଦେଖ )
Kimiābāj Kimiādār ( See )

**କିମିତି**—ସଂ. ଅ. ( କିମ୍+ଇତି )—୧ । କେମନ୍ତ; କିପରି; କେଉଁ ପ୍ରକାରେ—1. How; in what manner.
Kimiti

ଏ ବେଦ ପ୍ରଥମେ କିମିତି, ବଶିଷ୍ଠଠାରୁ ଲଭିପତି । ଜଗନ୍ନାଥ. ଭାଗବତ ।

୨ । କିଆଁ; କାହିଁକି; କିହେତୁ—2. Why; wherefore.
୩ । କି ଉପାୟରେ—3. By what means.
কেমন
**कैसा; किमि**
ଦେ. ଅ—କିପ୍ରକାରର; କିମ୍ଭୂତ—Of what sort or kind.

**କିମିତିକା**—ଗ୍ରା. ଅ—କିମିତି ( ଦେଖ )
Kimitikā Kimiti ( See )

**କିମିତିକିଆ**—ଗ୍ରା. ଅ—କିମିତି ( ଦେଖ )
Kimitikiā Kimiti ( See )

**କିମ୍ପଚ**—ସଂ. ବିଣ. ପୁଂ. ( କିଂ=କିଞ୍ଚିତ୍+ପଚ ଧାତୁ=ପାକ କରିବା +କର୍ତ୍ତୃ. ଅ; ଯେ କିଞ୍ଚିନ୍ମାତ୍ର ପଦାର୍ଥ ପାକ କରେ)—
Kimpacha
(କିମ୍ପଚା—ସ୍ତ୍ରୀ) ୧ । ବ୍ୟୟକୁଣ୍ଠ; କୃପଣ; କାଞ୍ଜି—1. Miserly; niggardly.
୨ । ଲୋଭୀ—2. Avaricious ( M. W. )

**କିମ୍ପଚାନ**—ସଂ. ବିଣ. ପୁଂ. ( କିଂ+ପଚ ଧାତୁ+କର୍ତ୍ତୃ. ଆନ )—
Kimpachāna କିମ୍ପଚ ( ଦେଖ )
(କିମ୍ପଚାନା—ସ୍ତ୍ରୀ) Kimpacha ( See )

**କିମ୍ପା**—ଦେ. ଅ—କିପାଇଁ ( ଦେଖ )
Kimpā Kipāiṅ ( See )

ସେ ବ୍ରହ୍ମ ସର୍ବ ନିତ୍ୟ ବାସୀ
ସେ କିମ୍ପା ଗୋପପୁରେ ଅସି । ଭୂପତି. ପ୍ରେମପଞ୍ଚାମୃତ ।

**କିମ୍ପାଇ**—ଗ୍ରା. ଅ—କିପାଇଁ ( ଦେଖ )
Kimpāi Kipāiṅ ( See )

ମୋ ତର କିମ୍ପାଇ ସ୍ଥିର, ସ୍ୱାନ୍ତେ ଦେଖିସାରୁ ।
ମଧୁସୂଦନ. ଉତ୍ତରରାମଚରିତ ।

**କିମ୍ପାଇଁ**—ଦେ. ଅ—କିପାଇଁ ( ଦେଖ )
Kimpāiṅ Kipāiṅ ( See )

**କିମ୍ପାଁ**—ଦେ. ଅ—କିପାଇଁ ( ଦେଖ )
Kimpāṅ Kipāiṅ ( See )

**କିମ୍ପାକ**—ସଂ. ବି—୧ । ମହାକାଳ ( ଫଳ) ( ହରେକୃଷ୍ଣ. ଦ୍ରବ୍ୟଗୁଣ)—
Kimpāka 1. Trichosanthes Palmata ( M. W. )
୨ । କୋଚିଲା—2. Strychnos Nux Vomica (fruit) ( M. W. )
ସଂ. ବିଣ—୧ । ଅପରିପକ୍ୱ—1. Not mature ( M. W. )
୨ । ମୂର୍ଖ—2. Ignorant ( M. W. )
୩ । ଟୋକାଳିଆ—3. Childish ( M. W. )
୪ । ନିର୍ବୁଦ୍ଧି—4. Stupid ( M. W. )

**କିମ୍ପୁରୁଷ**—ସଂ. ବି. ପୁଂ. ( କିଂ+ପୁରୁଷ; କିପ୍ରକାର ମନୁଷ୍ୟ ? ଅର୍ଥାତ୍ ମନୁଷ୍ୟ ପରି, କିନ୍ତୁ ମନୁଷ୍ୟ ନୁହେ )—
Kimpurusha
(କିମ୍ପୁରୁଷୀ—ସ୍ତ୍ରୀ) ୧ । କିନ୍ନର ( ଦେଖ )
1. Kinnara ( See )
୨ । କିମ୍ପୁରୁଷବର୍ଷ ( ଦେଖ )
2. Kimpurushabarsha ( See )
୩ । ଅଗ୍ନୀଧ୍ରଙ୍କ ନଅ ପୁତ୍ର ମଧ୍ୟରୁ ଏକ—
3. One of the nine sons of Agnidhra ( M. W. )

**କିମ୍ପୁରୁଷବର୍ଷ**—ସଂ. ବି. ( କିଂପୁରୁଷ+ବର୍ଷ )—ତିବ୍ବତଦେଶ—
Kimpurushabarsha The country of Tibet.

କିମ୍ପୁରୁଷବର୍ଷେ, ଯହିଁ ମାନସଦର୍ପଣେ
ହରଶୈଳ ହେଲେ ନିଜ ଭୀଷଣ ମୂରତି—ରାଧାନାଥ. ମହାଯାତ୍ରା ।

[ ଦ୍ର—ଏ ଦେଶ ହିମାଚଳ ଓ ହିମକୂଟ ପର୍ବତ ମଧ୍ୟରେ ଅବସ୍ଥିତ ଥିବାର କଥିତ ଅଛି । ଏ ରାଜ୍ୟ ଅଗ୍ନୀଧ୍ରଙ୍କ ନଅ ପୁତ୍ର ମଧ୍ୟରୁ କିମ୍ପୁରୁଷନାମଧାରୀ ଏକ ପୁତ୍ରଙ୍କ ଭାଗରେ ପଡ଼ିଥିଲା । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚଚ ୧ ଚଲ୍ଚିତ ଅକ୍ଷର ଓ ମାତ୍ରା ଏବ ୨ ଚଲ୍ଚିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଲ୍ଚିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚ୍ଚିର ବଦଳ ୨ ବା ୧ ଚଲ୍ଚିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**କମ୍ବରାଟକ**—ସଂ. ବିଣ. ପୁଂ. ( କିମ୍ + ବରାଟକ = କଉଡ଼ି; ଯେ କହେ
Kimbarāṭaka କଉଡ଼ି କଡ଼ାଏ କି ଛାର ? ଅର୍ଥାତ୍ ଯେ ସାମାନ୍ୟ ଧନ ଉପରେ ଦୃଷ୍ଟି ରଖେ ନାହିଁ )—ବ୍ୟୟ ବିଷୟରେ ଅସାବଧାନ; ମୁକ୍ତହସ୍ତ—
Spend-thrift ( M.W. ).

**କମ୍ବା**—ଦେ. ଅ. ( ସଂ. କିଂବା )—କିଂବା ( ଦେଖ )
Kimbā Kimbā ( See )

ଦେ. ବି—୧ । ସନ୍ଦେହ—
1. Doubt; hesitation.
୨ । ଘୃଣା—2. Hatred; repulsion.
୩ । ଚିନ୍ତା; ଉଦ୍ବେଗ—3. Anxiety.
୪ । ଅସମ୍ମତି—
4. Disagreement; disapproval.
୫ । କୃପଣତା—
5. Want of sincerity while making a gift.

**କମ୍ବା କରିବା**—ଦେ. କ୍ରି—୧ । ଘୃଣା କରିବା—
Kimbā karibā 1. To hate.
୨ । ଚିନ୍ତିତହେବା—2. To be anxious.
୩ । ସନ୍ଦେହ କରିବା—
3. To doubt.

**କମ୍ବିଷୟକ**—ସଂ. ବିଣ. ( କିମ୍ + ବିଷୟ + କ ) ( ପ୍ରଶ୍ନାର୍ଥକ )—କେଉଁ-
Kimbishayaka ବିଷୟ ସମ୍ବନ୍ଧୀୟ — Relating to what ?

**କମ୍ଭିର**—ଦେ. ବି. ( ସଂ. କୁମ୍ଭୀର )—ଜଳଜନ୍ତୁବିଶେଷ; କୁମ୍ଭୀର—
Kimbhira Alligator; crocodile.
କୁমীর ପାଣିରେ ଘର କରି କୁମ୍ଭୀର ସଙ୍ଗରେ ବାଦ କରିବା—ନ୍ୟାୟ ।
मगर

[ ଦ୍ର—ଏମାନେ ସରୀସୃପ, ଅଣ୍ଡଜ ଓ ଉଭୟଚର ଅଟନ୍ତି । ପାଞ୍ଚ ପ୍ରକାର କୁମ୍ଭୀର ଅଛନ୍ତି; ଯଥା—ଗୋମୁହାଁ ବା ଗୁଣ୍ଡମୁହାଁ, ଘଡ଼ିଆଳ ବା ଦାଢ଼ିଆଣୀ, ଶଙ୍ଖୁଆ, ଅଣ୍ଠିଆ ଓ ଭୁଜା । ଏମାନେ ମଧୁରପାଣିରେ ବିଚରଣ କରନ୍ତି । ଗୋମୁହାଁମାନେ ମନୁଷ୍ୟ ଓ ଜୀବଙ୍କୁ ଖାଆନ୍ତି । ଏମାନଙ୍କ ଖଗ ବା ଲାଞ୍ଜ ଖୁବ୍ ଶକ୍ତିଯୁକ୍ତ । କୁମ୍ଭୀରମାନଙ୍କ ପେଟ ଚିରିଲେ ସେମାନେ ଖାଇଥିବା ମନୁଷ୍ୟମାନଙ୍କର ଧାତୁମୟ ଅଳଙ୍କାରାଦି ତାଙ୍କ ପେଟରେ ରହିଥିବାର ଦେଖାଯାଏ । ]

**କମ୍ଭିରିଆ**—ଦେ. ବିଣ. ( ସଂ. କୁମ୍ଭୀର )—
Kimbhiriā ୧ । ( ନଦୀ ଆଦି ) ଯେଉଁଠାରେ କୁମ୍ଭୀରମାନଙ୍କର ପ୍ରାଦୁର୍ଭାବ ବେଶୀ; କୁମ୍ଭୀରପୂର୍ଣ୍ଣ ( ଜଳାଶୟ )—
1. ( river etc ) Infested by alligators; full of crocodiles.
୨ । କୁମ୍ଭୀରସମ୍ବନ୍ଧୀୟ—
2. Relating to alligators.

ଦେ. ବି—ଅଜୀର୍ଣ୍ଣରୋଗବିଶେଷ—
A disease of indigestion by which the patient vomits every thing instead of evacuating it in due course ( through the anus ).

[ ଦ୍ର—ଏ ରୋଗ ହେଲେ ରୋଗୀ ଯାହା ଖାଏ ତାହା ଶୀଘ୍ର ବାନ୍ତି କରି ପକାଏ । କୁମ୍ଭୀରମାନେ ପାଟିବାଟେ ମଳ ତ୍ୟାଗ କରନ୍ତି ବୋଲି ଲୌକିକ ବିଶ୍ୱାସ । ତେଣୁ ଏ ରୋଗର ଏପରି ନାମ ହୋଇଅଛି । ]

**କମ୍ଭିରିଗାତ**—ଦେ. ବି—ଜଳାଶୟାଦିର କୂଳ ବା କାନ୍ଥିରେ ପାଣିକୁ
Kimbhirigāta ଲାଗିଥିବା ସ୍ଥାନରେ କୁମ୍ଭୀରମାନେ ଅଣ୍ଡା ଦେବା
কুমীরেরগর্ত ପାଇଁ ଓ ରହି ଗୋଡ଼ର ନଖଦ୍ୱାରା ଖୋଳିଥିବା ସୁଡ଼ଙ୍ଗ ପରି
मगरकामठ ବହୁଦୂର ଭିତରକୁ ଯାଇଥିବା ଗର୍ତ୍ତ—
Horizontal dens made by alligators for laying eggs and living therein on the edge of water.

**କମ୍ଭୂତ**—ସଂ. ବିଣ. ( କିମ୍ + ଭୂତ = ଘଟିଥିବା )—
Kimbhuta ୧ । ( ପ୍ରଶ୍ନାର୍ଥକ ) କିଦୃଶ; କେଉଁପ୍ରକାରର ?—
কিম্ভূত 1. Of what kind or sort ?.
कैसा;किम्भूत ୨ । ( ପ୍ରଶ୍ନାର୍ଥକ ) କାହାପରି ?—
2. Like whom ? like what ?.

ଦେ. ବିଣ—ଅସାଧାରଣ—
Extraordinary; uncommon.

ସଂ କ୍ରି. ବିଣ—( ପ୍ରଶ୍ନାର୍ଥକ ) କେଉଁ ପ୍ରକାରେ ? କିପରି ?—
How ? in what manner ? ( M.W.)

**କମ୍ଭୂତକିମାକାର**—ଦେ. ବିଣ. ( ସଂ. କିମ୍ଭୂତ + କିମାକାର )—
Kimbhūtakimākāra ୧ । ଅସାଧାରଣ—
কিম্ভূতকিমাকার 1. Uncommon; extraordinary.
किम्भूतकिमाकार ୨ । ଅତ୍ୟାଶ୍ଚର୍ଯ୍ୟଜନକ—
2. Very wonderful or strange.
୩ । ବିକଟ; କଦାକାର—
3. Ugly; deformed; hideous.
୪ । ଅଶ୍ରୁତପୂର୍ବ—4. Unheard of.

ସଂ. ବିଣ—(ପ୍ରଶ୍ନାର୍ଥକ) କେଉଁ ପ୍ରକାରର ଓ କେଉଁ ଆକାରର ?—
(interrogatory) Of what shape or size ?.

**କମ୍ମତ୍** ( ଇତ୍ୟାଦି )—ବୈଦେ. ବି. (ଆ)—କିମତ୍ ଇତ୍ୟାଦି ( ଦେଖ )
Kimmat ( etc ) Kimat etc ( See )

**କମ୍ମତି**—ବୈଦେ. ବିଣ. (ଆ)—କିମତି ( ଦେଖ )
Kimmati Kimati ( See )

**କମ୍ମତିଆ**—ବୈଦେ. ବିଣ. (ଆ)—କିମତି ( ଦେଖ )
Kimmatiā Kimati ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ୍ | ଉଅ | ଘ |
| ୬ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ଡ଼ |

**କିୟତ୍**—ସଂ. ସର୍ବନାମ. କ୍ଲୀବଲିଙ୍ଗ. ( କିମ୍+ପରିମାଣାର୍ଥେ. ଯତ୍; ନିପାତନ )—
Kiyat
(କିୟତୀ—ସ୍ତ୍ରୀ) ୧ । (ପ୍ରଶ୍ନାର୍ଥକ) କେତେ; କି; କେଉଁ ପରିମାଣ,
(କିୟାନ୍—ପୁଂ) ଦୂରତା, ମୂଲ୍ୟ ଓ ଆକାରବିଶିଷ୍ଟ ?—
1. ( Interrogatory) Of what quantity, value quality, extent, distance or size ?
୨ । ଅତି ସାମାନ୍ୟ ପରିମାଣ—
2. A little ( M. W. )
ସଂ. ବିଣ—କିଞ୍ଚିତ୍; ଅତି ସାମାନ୍ୟ; କିଛି; ସାମାନ୍ୟପରିମାଣବିଶିଷ୍ଟ—Some; very little; of little quantity.
ସଂ. କ୍ରି ବିଣ—୧ । କେତେ ପରିମାଣରେ ?—
1. To what extent?
୨ । ସାମାନ୍ୟ ପରିମାଣରେ—
2. To a little extent; little.
୩ । ଅଳ୍ପ ପରିମାଣରେ—
3. To some extent.

**କିୟତ୍କାଳ**—ସଂ. ବି. ( କିୟତ୍+କାଳ )—
Kiyatkāla ୧ । କିଛି ସମୟ—1. Some time.
୨ । ସାମାନ୍ୟ ସମୟ—2. A little time.
୩ । (ପ୍ରଶ୍ନାର୍ଥକ) କେତେ ସମୟ ?—
3. (Interrogatory)What time ? How long ?
କ୍ରି. ବିଣ—୧ । (ପ୍ରଶ୍ନାର୍ଥକ) କେତେକାଳ ପର୍ଯ୍ୟନ୍ତ ?—
1. (Interrogatory) For what time ? How long ?
୨ । କିଛି ସମୟ ନିମନ୍ତେ—2. For some time.
୩ । ଅଳ୍ପକାଳ ନିମନ୍ତେ—3. For a little time.
୪ । ଅଳ୍ପସ ମୟ ପୂର୍ବେ—
4. Some little time ago.

**କିୟତ୍ପରିମାଣ**—ସଂ. ବି. ( କିୟତ୍+ପରିମାଣ )—
Kiyatparimāṇa ୧ । (ପ୍ରଶ୍ନାର୍ଥକ) କେତେ ପରିମାଣ ?—
1. What quantity; how much ?
୨ । ଅଳ୍ପ ପରିମାଣ—2. A little.

**କିୟତ୍ପରିମିତ**—ସଂ. ବିଣ. ( କିୟତ୍+ପରିମିତ )—
Kiyatparimita ୧ । (ପ୍ରଶ୍ନାର୍ଥକ) କି ପରିମାଣବିଶିଷ୍ଟ ?—
1. ( Interrogatory ) Of what quantity ?
୨ । ଅତି ଅଳ୍ପ; ପରିମାଣରେ ଅତି ସାମାନ୍ୟ—
2. A little in quantity.

**କିୟତ୍ ସମୟ**—ସଂ ବି ଓ କ୍ରି ବିଣ. ( କିୟତ୍+ସମୟ )—
Kiyat samaya କିୟତ୍ କାଳ ( ଦେଖ )
Kiyat kāla ( See )

**କିୟଦେତିକା**—ସଂ. ବି. ( କିୟତ୍+ଏତିକା )—
Kiyadetikā ଆପଣାର ବଳ ବା ଶକ୍ତିକୁ ଗ୍ରହି ପ୍ରବଳ
(କିୟଦେହିକା—ଅନ୍ୟରୂପ) ଚେଷ୍ଟା ବା ଯତ୍ନ—
Effort; vigorous or persevering exertions according to one's strength ( M. W. )

**କିୟଦ୍ଦୂର**—ସଂ. ବି. ( କିୟତ୍+ଦୂର )—
Kiyaddūra ୧ । (ପ୍ରଶ୍ନାର୍ଥକ) କେତେ ଦୂର ?
1. ( Interrogatory) What distance ?
୨ । କିଛି ଦୂର; କିଛି ବାଟ—
2. Some distance.
ସଂ. କ୍ରି. ବିଣ—କିଛି ଦୂର; ଖଣ୍ଡେ ବାଟ—
Not far; a little way.

**କିୟନ୍ତେଣ**—ଗ୍ରା. (ପ୍ରାଚୀନ ପଦ୍ୟ) ସର୍ବନାମ. ବିଣ. (ସଂ. କିୟତ୍‌ର ବହୁ ବଚନ କିୟନ୍ତ)—
Kiyanteṇa
କେତେକ—Some.

ଦଶ ପଦାର କିୟନ୍ତେଣ 'କୃଷ୍ଣ' ଆସନ୍ତି ସେ । ପ୍ରାଚୀ. ରସବ.ରଥ ।

**କିୟନ୍ମାତ୍ର**—ସଂ. ବିଣ. (କିୟତ୍+ମାତ୍ର)—୧ । ସାମାନ୍ୟ—
Kiyanmātra 1. Slight.
୨ । ଅତି ସାମାନ୍ୟ ଆବଶ୍ୟକ—
2. Of little importance ( M. W. )
ସଂ. ବି—ଅତି ସାମାନ୍ୟ ବିଷୟ—
A trifle; a small matter ( M. W. )

**କିୟନ୍ମୁହୂର୍ତ୍ତ**—ସଂ. ବି ଓ କ୍ରି. ବିଣ. ( କିୟତ୍+ମୁହୂର୍ତ୍ତ )—
Kiyanmuhūrtta କିୟତ୍‌କାଳ ( ଦେଖ )
Kiyatkāla ( See )

**କିୟାନ୍**—ସଂ. ସର୍ବନାମ. ପୁଂ. ( କିୟତ୍. ୧ମା. ୧ବ )—
Kiyān କିୟତ୍ ( ଦେଖ )
(କିୟତୀ—ସ୍ତ୍ରୀ) Kiyat ( See )
[ ଦ୍ର—ଏହି ଶବ୍ଦ ଭାଷାରେ ବ୍ୟବହୃତ ହୁଏ ନାହିଁ । ]

**କିରକିର**—ଦେ. ଅ. ( ଧ୍ୱନ୍ୟନୁକରଣ; ସଂ. କିଲକିଲା )—
Kirkir ଉଚ୍ଚ-ଧ୍ୱନିଯୁକ୍ତ ହାସ୍ୟର ଶବ୍ଦ—
खिलखिल, खलखल The purring sound of audible or
कहकह; किर्रकिर्र loud laughter.

**କିରକିର ହସିବା**—ଦେ. କ୍ରି—କିରକିରାଇବା ( ଦେଖ )
Kirkir hasibā Kirkirāibā ( See )

**କିରକିର ହେବା**—ଦେ. କ୍ରି—କିରକିରାଇବା ( ଦେଖ )
Kirkir hebā Kirkirāibā ( See )

**କିରକିରା**—ଦେ. ବି ଉଚ୍ଚଧ୍ୱନିଯୁକ୍ତ ହାସ; ଅଟ୍ଟହାସ—
Kiakirā Loud laughter.
खिलखिला हँसि; किलकिल
किलकिला; किलकार

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କିର୍କିରାଇବା— ଦେ. କ୍ରି.—( ସଂ. କିଲକିଲରୁ ନାମ ଧାତୁ)—୧ । ଉଚ୍ଚ-
Kirkiraibā ହାସ୍ୟ—ଧ୍ୱନି କରିବା—1. To utter a
খিলখিল হাসা loud laughing sound.
**किरराना; किलकिलाना** ୨ । ଘୋଡ଼ା ଭଳିଆ ଧ୍ୱନି କରିବା —
2. To utter a sound like that of a horse.
୩ । ଆନନ୍ଦରେ ଚିତ୍କାର କରିବା—3. To be vociferous with joy; to purr with joy.
ପ୍ରାଦେ. (ସମ୍ବଲପୁର) କ୍ରି.—ବିରକ୍ତି ପ୍ରକାଶ କରିବା; ଚିଡ଼ିବା—
To give vent to displeasure.

କିର୍କିରିଆ— ଦେ. ବିଣ. ପୁଂ.—ହିଁ ହିଁ ହସୁରି; ଉଚ୍ଚହାସ୍ୟ କରିବାରେ
Kirkiriā ଅଭ୍ୟସ୍ତ—Addicted to immoderate
(କିର୍କିରେଇ—ସ୍ତ୍ରୀ) laugh.
**किलकैया**

କିର୍‌ପଣ୍ ପ୍ରାଦେ. ( ବାଲେଶ୍ୱର ) ବିଣ. ( ଭୁଲ. ବଙ୍ଗଳାରେ ଋ ର
Kirpaṇ ଉଚ୍ଚାରଣ ରି ଓ ଭୁଲ. ବି. ଗ୍ରାମ୍ୟ. କିର୍ପନ୍)—
କିର୍ପନ୍ (ଦେଖ)
Kirpan (See)

କିର୍ପନ୍ — ପ୍ରାଦେ. (ସମ୍ବଲପୁର). ବିଣ—(ସଂ. କୃପଣ)—କୃପଣ—
Kirpan Miserly.

କିର୍ପାନ—ଦେ. ବି. (ସଂ. କୃପାଣ)- ଶିଖମାନଙ୍କର ସର୍ବଦା ବ୍ୟବହାର୍ଯ୍ୟ
Kirpān କ୍ଷୁଦ୍ର ଖଣ୍ଡା—
**किरपान** Small sword carried by every Sikh.

କିର୍‌ନି—ପ୍ରାଦେ. ( ସମ୍ବଲପୁର ) ବି. (ସଂ. କୃମୀ; ଭୁଲ. ହି. କିରମ୍;
Kirni କିରମ୍ )—ଟିଙ୍କ—A tick or small bug.

କିର୍‌ରା—ଦେ. ବି.—ବଣିଆ ଓ ଠଠାରିଙ୍କ ବ୍ୟବହୃତ ଛେଣି, ଯାହାଦ୍ୱାରା
Kirrā ଧାତୁ ପଦାର୍ଥ ଉପରେ ନକାସୀ ଫୁଲ ଲଗାଯାଏ କଟା ଯାଏ—
**किर्री** A kind of metal scraper used by gold-smiths.

କିର୍‌ଲା— ପ୍ରାଦେ. ( ସମ୍ବଲପୁର ) ବି.—କ୍ରନ୍ଦନ; କାନ୍ଦଣା—
Kirlā Crying.

କିର୍ଲାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି.—( ଭୁଲ. ହି. କିର୍ରାନା = କ୍ରୋଧରେ ଦାନ୍ତ ରଗଡ଼ିବା )—୧ । ପାଟି କରିବା;
Kirlāibā ଚିତ୍କାର କରିବା —1. To raise a loud cry.
୨ । ପାଟି କରି ଡାକିବା—2. To call aloud.

କିର୍ଲାଗଗା —ପ୍ରାଦେ. (ସମ୍ବଲପୁର) ବି. ( ସହଚର )— କାନ୍ଦବୋବାଳି—
Kirlāgagā Loud lamentation.

କିର୍‌ଷାନ୍—ଦେ. ବି. (ସଂ. କୃଷାଣ)—୧ । ଚଷା; କୃଷକ—
Kirshān 2. Cultivator; agriculturist.
**किषाण** ୨ । ମଧ୍ୟପ୍ରଦେଶର ଶୂଦ୍ର ଚଷା ଜାତି—2. A caste of
কিসান Śūdra agriculturists in Central India.

କିର—ସଂ. ବି. ( କୃ ଧାତୁ=ଖୋଳିବା; ବିକ୍ଷେପ କରିବା )—
Kira ୧ । (+କର୍ତ୍ତୃ. ଅ )—ଘୁଷୁରି—1. Hog; pig.
୨ । (+ଅଧିକରଣ. ଅ)—ପ୍ରାନ୍ତ ଭାଗ—
2. Extremity; end.
ସଂ. ବିଣ.—କ୍ଷେପଣକାରୀ—
Throwing away; scattering.

କିରକ—ସଂ. ବି. ( କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଅକ ) କିରାନି;
Kiraka କିରାସିନା; ଲେଖକ—A scribe (M. W.)

କିରକା— ସଂ. ବି.—(କୃ ଧାତୁ+ଅକ+ଆ)—ଦୁଆତ—
Kirakā (କିରକା—ଅନ୍ୟରୂପ) Inkstand (M.W.)

କିରଟି—ଗ୍ରା. ବି. ( ସଂ. କିରୀଟୀ )—ଅର୍ଜୁନ; ମଧ୍ୟମ ପାଣ୍ଡବ—
Kiraṭi The third Pāṇḍaba; Arjuna.
ଅବର କଥାଏ ତୋତେ କହିବା କିରଟି । ଦୀନକୃଷ୍ଣ ଦାସ, ନାମରତ୍ନଗୀତା ।

କିରଣ— ସଂ. ବି. ( କୃ ଧାତୁ=ବିକ୍ଷେପ କରିବା+କର୍ମ. ଅନ)—
Kiraṇa ୧ । ଚନ୍ଦ୍ର ଓ ସୂର୍ଯ୍ୟଙ୍କ ତେଜ—
1. Rays of the sun and the moon.
୨ । ଅଂଶୁ—2. Ray.
୩ । ତେଜ—3. Brilliancy.
୪ । ଆଲୋକ ରଶ୍ମି—4. Beam of light.
୫ । ଗ୍ରନ୍ଥର ପରିଚ୍ଛେଦ ବା ପ୍ରକରଣ—
5. Part or chapter of a book.
୬ । (+କର୍ତ୍ତୃ. ଅ)—ସୂର୍ଯ୍ୟ—6. The sun.

କିରଣ ଦେବା—ଦେ. କ୍ରି.—ଆଲୋକ ବିସ୍ତାର କରିବା—
Kiraṇa debā To shine.
কিরন দেওয়া
**किरन देना!**

କିରଣମାଲୀ—ସଂ. ବି. ( କିରଣ+ମାଳା+ଅସ୍ତି ଅର୍ଥରେ. ଇନ୍; ୧ମା.
Kiraṇamāḷī ୧ବ.)—ସୂର୍ଯ୍ୟ—The sun.

କିରନ୍— ପ୍ରାଦେ. (ବସ୍ତର) ବି. ( ସଂ. କିରଣ)—ରଶ୍ମି; କିରଣ—
Kiran Beam of light.

କିରସ୍ତାନ୍—ଗ୍ରା. ବୈଦେ. ବି. ପୁଂ. (ଇଂ. କ୍ରିଶ୍ଚିଆନ୍; ଖ୍ରୀଷ୍ଟିଆନ୍ )—
Kirastān ଖିରସ୍ତାନ୍ (ଦେଖ)
খ্রীষ্টান Khirastān (See)
**किरस्तान; ईसाई**
ମୋହିଲେ ତୁ ଏବେବେଳେକେ କିରସ୍ତାନ୍ ହୋଇ ଯାଇ ଥାଆନ୍ତୁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

କିରା – ପ୍ରାଦେ. (ମେଦିନୀପୁର ଓ ସିଂହଭୂମ; ଭୁଲ. ବ କିରା; କିରେ)—
Kirā ଶପଥ; ରାଣ—Oath.
ସର୍ବନାମ—(ପ୍ରଶ୍ନାର୍ଥକ)— କି? କଅଣ ?—What. ?

କିରାଟିଆ ନାଗ— ଦେ. ବି. (ସଂ. କିରାତ ଓ ନାଗ )—ଧୂମ୍ରବର୍ଣ୍ଣ ବିଷଧର
Kirāṭiā nāga ସର୍ପବିଶେଷ—
কিরাইত, ধুমনচিতি A kind of poisonous snake;
**किराईत** Bungarus Caerubus.

| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଷ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଥ | ଓ | ନ୍ତ |

[ ଦ୍ର—ଏହାର ଦେହ ନୀଳାଭ ଧୂମ୍ରବର୍ଣ୍ଣ, ଛାତି ଧଳା; ଲାଙ୍ଗୁଡ଼ର ୭/୮ ଅଙ୍ଗୁଳ ବ ସରୁ, ଦେହର ଅବଶିଷ୍ଟାଂଶ ସମସ୍ଥୂଳ, ଏହାର ବେଢ଼ ଗୁର ଅଙ୍ଗୁଳ । ଯୋଗେଶଚନ୍ଦ୍ର ]

**କରଣି**—ବୈଦେ. ବି. (ପର୍ତ୍ତୁଗିଜ. ଏସ୍କ୍ରେଭେନ୍ସୀ; ଭୁଲ. ସଂ. କରକ)—
Kirāni ୧ । ଇଂରାଜି ଅକ୍ଷର ଲେଖକ—
କେରାନି 1. English-knowing writer; clerk.
**किरानी; केरानि** ୨ । ଗୁମାସ୍ତା; ଲେଖକକର୍ମଚାରୀ; ଗ୍ରନ୍ଥକରଣ; ମୋହୋରର—2. An accountant.

ଡାକଘର କରଣିଙ୍କ ନୁହେଁ ମଧ ଦେଖି । ଫକୀରମୋହନ. ଲଛମାନ୍ଦ୍ରମଣ ।

୩ । (ଇଂ. କ୍ରିଷ୍ଟିଆନ୍ ?)—ଦୋମିଶା ସାହେବ; ଇଉରେଶିଅନ୍—
3. An Eurasian.

**କରଣି ଖାନା**—ବୈଦେ. ବି. (ପର୍ତ୍ତୁଗିଜ୍. ଏସ୍କ୍ରେଭେନ୍ସୀ ଓ ଅ. ଖାନା)—
Kirāni khānā ୧ । ଅଫିସ୍‌ର ଯେଉଁ ଅଂଶରେ କରାଣିମାନେ
କେରାନିଖାନା କାମ କରନ୍ତି—1. The part of an office
**केरानिखाना** where clerks work.
୨ । ଜିଲାର କଲେକ୍ଟରଙ୍କ କଚେରୀର ଇଂରାଜି କରାଣିମାନଙ୍କର ଅଫିସ୍—2. The English-office of the Collector of a district.

**କରଣିଗିରି**—ବୈଦେ. ବି.—୧ । କରାଣିର କାର୍ଯ୍ୟ—
Kirānigiri 1. Clerkship; post of writer.
କେରାନିଗିରି ୨ । ଲେଖକବୃତ୍ତି—2. The profession of a
**केरानिगिरि** writer or a clerk.

**କରାତ**—ସଂ. ବି. ପୁଂ. (କିର=ଘୁଷୁରି+ଅତ୍ ଧାତୁ=ସତତ ଗମନ
Kirāta କରିବା+କର୍ତ୍ତୃ. ଅ; ଯେ ବନ୍ୟ ଶୂକର ଆଦି ଜନ୍ତୁଙ୍କୁ
କିରାତୀ } ସ୍ତ୍ରୀ ଶିକାର କରିବାପାଇଁ ସେମାନଙ୍କ ପଛରେ ଯାଏ)—
କିରାତିନୀ } ୧ । ବନ୍ୟଜାତି; ଅରଣ୍ୟଚାରୀ ମନୁଷ୍ୟ; ବନଚର; ପାହାଡ଼ିଆ; ଅସଭ୍ୟ ଜଙ୍ଗଲି ଜାତି—
1. A savage; a mountaineer.
୨ । ବ୍ୟାଧ—2. A hunter.
୩ । ଅଶ୍ୱପାଳ; ସହିସ—3. Groom.
୪ । ବାମନ—4 Dwarf.
୫ । କିରାତତିକ୍ତ ( ଦେଖ )
5. Kirātatikta ( See )
୬ । ଭାରତର ଉତ୍ତରରେ ପ୍ରାଚୀନ ଦେଶବିଶେଷ—
6. Name of a country in the north of ancient India.

[ ଦ୍ର—ଏହା ପୂର୍ବ ହିମାଳୟସ୍ଥ ପ୍ରଦେଶ; ଏହା ଆଧୁନିକ ଭୁଟାନ୍, ସିକିମ୍, ମଣିପୁର ଆଦି ଅଞ୍ଚଳ । ]

**କରାତତିକ୍ତ**—ସଂ. ବି. ( କିରାତ+ତିକ୍ତ )—ଭୂନିମ୍ବ; ଭୂଇଁନିମ୍ବ;
Kirātatikta ଚିରେଇତା—A bitter medicinal plant; Agathotes Chirayata.

**କରାତାର୍ଜୁନୀୟ**—ସଂ. ବି. ( କିରାତ+ଅର୍ଜୁନ+ଈୟ )—ଭାରବୀକୃତ
Kirātārjuniya ୧୮ ସର୍ଗବିଶିଷ୍ଟ ସଂସ୍କୃତ କାବ୍ୟବିଶେଷ—
A Sanskrit poem ( Kābya) by Bhārabi

[ ଦ୍ର—ଏଥିରେ କିରାତବେଶଧାରୀ ମହାଦେବ ଓ ଅର୍ଜୁନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ବିଷୟ ବର୍ଣ୍ଣିତ ହୋଇଅଛି । ]

**କରାତିନୀ**—ସଂ. ବି. ସ୍ତ୍ରୀ. ( କିରାତ+ସ୍ତ୍ରୀ. ଇନୀ )—କିରାତୀ (ଦେଖ)
Kirātini Kirāti (See)

**କରାତୀ**—ସଂ. ବି. ସ୍ତ୍ରୀ. ( କିରାତ+ସ୍ତ୍ରୀ. ଈ )—୧ । ସଉରୁଣୀ; ବନଚର
Kirāti ଜାତୀୟା ସ୍ତ୍ରୀ—1. Woman of a wild tribe.

ପାବଂଗୀ ତା ଦେଖି କରାତବେଶ ହୋଇ । କୃଷ୍ଣସିଂହ. ମହାଭାରତ. ବନ ।

୨ । ବ୍ୟାଧ ସ୍ତ୍ରୀ—2. A woman of the hunter class.
୩ । କିରାତୀବେଶଧାରିଣୀ ସ୍ତ୍ରୀ—3. A women dressed as a huntress.
୪ । ଦୁର୍ଗା—4. Goddess Durgā.
୫ । ଗଙ୍ଗା—5. River Ganges.
୬ । କୁଟ୍ଟିନୀ—6. A bawd; procuress.

**କରାତୁଣୀ**—ଦେ. ବି. ସ୍ତ୍ରୀ. ( ସଂ. କିରାତିନୀ )—କିରାତୀ ( ଦେଖ )
Kirātuni Kirāti ( See )

କରାତୁଣୀ ଗର୍ଭଜାତ ବନଚର ଜାତ । ସାରଳା. ମହାଭାରତ. ଖଣ୍ଡ ।

**କରାଣି** (ଇତ୍ୟାଦି)—କିରାଣି ଇତ୍ୟାଦି ( ଦେଖ )
Kirāni (etc) Kirāni etc ( See )

**କରା ପାଇଁକି**—ପ୍ରାଦେ. ( ବାମଣ୍ଡା ) ଅ—କାହିଁକି; କିପାଇଁ—Why.
Kirā painki ( ଯଥା—କିରା ପାଇଁକି ଡାକୁଛୁ ବୋ । )

**କରାସିନି**—ବୈଦେ. ବି. ( ଇଂ. କେରୋସୀନ୍ )—ଗନ୍ଧଯୁକ୍ତ ଜାଳକା
Kirāsini ତେଲ—Kerosene.
କେରାସିନ [ଦ୍ର—ଏହା ପଥରକୋଇଲାର ଖନିଜ ରାସାୟନିକ ଦ୍ରବ ।]
**किरासीन; मिट्टीकातेल**

**କରି**—ସଂ. ବି. ( କୃ. ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଇ )—
Kiri ୧ । ଶୂକର; ବରାହ—1. Pig; boar.
୨ । ମେଘ—2. Cloud.
୩ । ଏକପ୍ରକାର ଅଳୁ—3. Batatas Edulis (M.W.)
୪ । ଗଦା; ସ୍ତୂପ—4 Pile (M.W)
ପ୍ରାଦେ. ( ସମ୍ବଲପୁର ) ବି—କପାର ମଇଳା ଅଂଶ—
The refuse of cotton.
ଗ୍ରା. କ୍ରି. ଅସମାପିକା (ସଂ. କୃ ଧାତୁ)—କରି; ସମାପ୍ତ କରି—
(A present participle meaning) 'doing'; 'after doing'.

[ ଦ୍ର—ଅନ୍ୟ ଅସମାପିକା ପ୍ରଧାନ କ୍ରିୟା ପରେ ଲାଗେ, ଯଥା—ଯାଇକରି, ଖାଇକରି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଳିଂଶ' ନ ପାଇଲେ 'ଅଳ୍ପ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କିରିଆ**—ଦେ. ବିଣ—୧ । ( ସଂ. କୀଟ )—ସମସ୍ତକ୍ରମେ ଫିମ୍ପି ମାରି ନଷ୍ଟ ହୋଇ ଯାଇଥିବା ( ଓଦା ଚାଉଳ )—
Kiriā
1. Spoilt (said of wet rice kept for some time in a confined place and turned yellowish and green and emitting a foul odour.

୨ । କୀଟନଷ୍ଟ ( ଶସ୍ୟାଦି )—
2. Worm-eaten ( grains ).

ক্রিয়া ଦେ. ବି. ୧ । ( ସଂ. କ୍ରିୟା )—ମୃତାଦ୍ଧ ଶୁଦ୍ଧିଶ୍ରାଦ୍ଧ—
**किरिया** 1. Funeral rites.

কিড়া ୨ । ( ସଂ. କୀଟ )—ଚାଉଳରେ ଲାଗିବା ପୋକ—
**कीड़ा** 2. Moth boring into grains of rice.

কিরা; কিরিয়া ପ୍ରାଦେ. ( ଗଡ଼ଜାତ ଓ ସମ୍ବଲପୁର ) ବି. ( ସଂ. କ୍ରିୟା )—ଶପଥ; ରାଣ—Oath.
**किरिया**

কেরেয়া ପ୍ରାଦେ. ( ସମ୍ବଲପୁର ) ବୈଦେ. ( ଆ. କିରାୟା ). ବି—କେରେୟା; ଭଡ଼ା—Money paid for use of a thing or house; hire.
**किराया**

**କିରିଆ କରିବା**—ପ୍ରାଦେ. ( ଗଡ଼ଜାତ ଓ ସମ୍ବଲପୁର ଭୁଲ; ହି. କିରିୟା ଖାନା ) କ୍ରି.—ହଲପ କରିବା; ଶପଥ କରିବା—To swear.
Kiriā karibā

**କିରିଆନାମା**—ପ୍ରାଦେ.( ସମ୍ବଲପୁର ) ବି—ଘର ଆଦି ଭଡ଼ା ଦେବା-ନେବାର ନିଦର୍ଶନ ପତ୍ର—
Kiriānāmā
A lease or deed mentioning the fact of something being lent on hire.

**କିରିକିରି** ( ଇତ୍ୟାଦି )—ଦେ ଅ—କିର୍‌କିର୍ ଇତ୍ୟାଦି ( ଦେଖ )
Kirikir ( etc ) Kirkir etc ( See )

**କିରିଚ୍**—ବୈଦେ. ବି. ( ମାଲୟୁଦ୍ଵୀପକୂଳର ଭାଷା କ୍ରୀସ୍‌ରୁ ପର୍ତ୍ତୁଗିଜ୍. କ୍ରିସ୍; ଭୁଲ. ସଂ. କୃତ ଧାତୁରୁ ଉତ୍ପନ୍ନ କୃତି=କଇଁଚ)
Kirich
কিরিচ ୧ । କମରପଟିରୁ ଝୁଲୁଥିବା ଛୋଟ ସିଧା ତରବାରି—
**किर्च** 1. Small straight sword hanging from the belt.

୨ । ଛୋରା—2. Dagger.

୩ । ବନ୍ଧୁକ ଅଗ୍ରଭାଗରେ ସଂଯୁକ୍ତ ତରବାରି; ସଙ୍ଗୀନ୍—
3. Bayonet attached to a gun at its muzzle.

[ ଦ୍ର—ମାଲୟଦ୍ଵୀପଭାଷାରେ କ୍ରୀସ୍‌ର ଅର୍ଥ ବକ୍ରମୁଖ ଛୋରା—A dagger with a wavy blade. ଲ୍ଲାଟେନ୍ଦ୍ର । ]

**କିରିତି**—ସଂ. ବି—ଜଳଜମିରେ ଜାତ ଖଜୁରି ଗଛର ଫଳ—
Kiriṭi The fruit of the marshy date tree ( Apte).

**କିରିତନ** (ଇତ୍ୟାଦି)—ଗ୍ରା. ବି. ( ସଂ କୀର୍ତ୍ତନ )—
Kiritana (etc) ୧ । କୀର୍ତ୍ତନ ଇତ୍ୟାଦି ( ଦେଖ )
1. Kīrttana etc ( See )

୨ । ହରିନାମ ସଂକୀର୍ତ୍ତନ—
2. The chanting of the name of God accompanied with music.

କଥାର ଗୁରୁସ ଶୁଣି ହରିକିର୍ତ୍ତନ—ପୀତାମ୍ବର• ନୃସିଂହପୁରାଣ ।

**କିରିତନିଆଁ**—ଗ୍ରା. ବି—କୀର୍ତ୍ତନିଆଁ ( ଦେଖ )
Kiritaniāñ Kīrttaniāñ ( See )

**କିରିତି**—ଗ୍ରା. ବି. ( ସଂ. କୀର୍ତ୍ତି )—କୀର୍ତ୍ତି ( ଦେଖ )
Kiriti Kīrtti ( See )

**କିରିପେ**—ଗ୍ରା. ଅ. ( ସଂ. କିମ୍+ରୂପ )—କିରୂପେ ( ଦେଖ )
Kiripe Kirūpe ( See )

**କିରୀଟ**—ସଂ. ବି. ( କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଈଟ; ଯାହା ସୁବର୍ଣ୍ଣ ଓ ରତ୍ନନିର୍ମିତ ଥିବାରୁ ରଶ୍ମି ବିକ୍ଷେପ କରେ )—ମୁକୁଟ—Crown; coronet.
Kirīṭa

**କିରୀଟୀ**—ସଂ. ବି. ପୁଂ. ( କିରୀଟ+ଇନ୍; ୧ମା. ୧ବ. )—
Kirīṭī ୧ । ଅର୍ଜୁନ—1. Arjuna.

ବୋଇଲେ କିରୀଟୀ ଚର୍ତ୍ତୁ ଅଗ୍ରଜ ସମ୍ମୁରେ—ସାରଳାଦାସ• ମହାଭାରତ ।

୨ । ବିଷ୍ଣୁ—2. Bishṇu.

( କିରୀଟିନୀ—ସ୍ତ୍ରୀ ) ସଂ. ବିଣ. ପୁଂ—କିରୀଟଧାରୀ—
Wearing a crown.

**କିରୂପରେ**—ଦେ. ଅ—କିପରି—How.
Kirūpare ସାତ୍ତ୍ଵିକ ଭୂଷଙ୍କୁ କିରୂପରେ ମୁହିଁ—
କୃଷ୍ଣସିଂହ• ମହାଭାରତ• ବନ ।

**କିରୂପେ**—ଦେ. ଅ—କେଉଁ ପ୍ରକାରେ; କିପରି—
Kirūpe In which manner; how.
কিরূপে
**किसतरह**

**କିରେ**—ଦେ. ଅ. ( ସଂ. କିଂ+ଅରେ, ରେ; ଅନାଦରାର୍ଥେ ସମ୍ବୋଧନ-ବାଚକ )—୧ । ହଇରେ—
Kire
1. (Interjection used in addressing inferiors )—Oh !.

୨ । ( ପ୍ରଶ୍ନାର୍ଥକ ) ରେ—
2. Oh ! ( used in interrogation ).

୩ । ( ବିସ୍ମୟସୂଚକ ) ଅରେ—
3. Ah ! ( used in expression of wonder ).

୪ । ( ସ୍ମରଣାର୍ଥକ ) ଓଃ—4. Oh ! ( used in expression of recollection ).

ପ୍ରାଦେ. ( ସମ୍ବଲପୁର ) ବି—ରାଣ; ଶପଥ—Oath.

**କିର୍ମୀ**—ସଂ. ବି. ( ସଂ. କୃ ଧାତୁ=ବିକ୍ଷେପ କରିବା+କର୍ତ୍ତୃ. ଇନ୍; ୧ମା. ୧ବ. )—୧ । ପ୍ରକୋଷ୍ଠ; କାମରା—
Kirmī
1. Hall; room ( M. W. )

୨ । ସ୍ୱର୍ଣ୍ଣ ବା ଲୌହର ମୂର୍ତ୍ତି—
2. An image of gold or iron ( M.W. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇପ୍ସ | ଉଅ | ଷ୍ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯଂ | ସ | ଙ୍ଖ୍ୟ | ଇଅ | ● | ନୃ |

୩ । ପଳାଶ ( ବୃକ୍ଷ ) ( ଦେଖ )
3. Pa<u>l</u>āsa ( tree ) ( See )

**କର୍ମୀର**— ସଂ. ବି. ( କୃ ଧାତୁ=ବିକ୍ଷେପ କରିବା + କର୍ତ୍ତୃ. ମୀର )—
Kirmira ୧ । ବକାସୁର ରାକ୍ଷସର ଭାଇ—
1. Name of the brother of the demon 'Bakāsura'.
[ ଦ୍ର— ଭୀମ ଏହାକୁ ବନବାସ ସମୟରେ ବଧ କରିଥିଲେ । ]
୨ । ନାରଙ୍ଗ (ବୃକ୍ଷ) ( ଦେଖ )
2. Nārañga (tree) ( See )
ସଂ. ବିଣ— ନାନାବର୍ଣ୍ଣବିଶିଷ୍ଟ; ଛିଟିଛିଟିକିଆ; ଚକଚକିଆ—
Of variegated colour; spotted.

**କର୍ମୀରିତ**—ସଂ. ବିଣ. ( କର୍ମୀର + ଇତ )—ନାନାବର୍ଣ୍ଣବିଶିଷ୍ଟ—
Kirmirita Variegated.

**କିର୍ଲାଇବା** – ପ୍ରାଦେ. (ସମ୍ବଲପୁର) କ୍ରି—ଚିତ୍କାର କରିବା—
Kirlāiba To set an uproar.

**କିର୍ଷି**—ପ୍ରାଦେ. (ସମ୍ବଲପୁର) ବି. ( ସଂ. କୃଷି )—
Kirshi ୧ । ରବି ଶସ୍ୟ—1. Cereals.
୨ । ଫସଲ—2. Crop.
( ଯଥା—ପରହୁର୍ କିର୍ଷିଟା ଅସଲ୍ ନାଇଁ ହେଲା । )

**କିର୍ହିଆ**—ପ୍ରାଦେ. (ସମ୍ବଲପୁର) ବି. ( ସଂ. କୃତଘ୍ନତା )—
Kirhniā ଉପକାରୀର ପ୍ରତ୍ୟୁପକାର କରିବା ପାଇଁ ବିରକ୍ତି ବା ଅନିଚ୍ଛା ପ୍ରକାଶ—Expressing unwillingness to do good to a benefactor.

**କିଲ୍କାଲିଆ** – ଦେ. ବିଣ—କିଲ୍‌କିଲ୍ ( ଦେଖ )
Kilkālia Kilkil ( See )

**କିଲ୍‌କିଲ୍** – ଦେ. ବିଣ. (ମୂଳ. ସଂ. କିଲ ଧାତୁ=କ୍ରୀଡ଼ନ; ଏଥିରେ ଦ୍ରୁତ ଗତି ଓ ମଧୁର ଧ୍ୱନି ସୂଚିତ )—
Kilkil
କଲ୍‌କିଲ, किलबिल ଗତିସହ ଅବ୍ୟକ୍ତ ମଧୁର ଶବ୍ଦ କରି; କିଲ୍‌କିଲି ଶବ୍ଦ କରି—Making a sweet, indistict sound while moving.
( ଯଥା —ପବନ କିଲ୍‌କିଲ୍ ହୋଇ ବହୁଛି; ମାଛ ପୋଖରୀରେ କିଲ୍‌କିଲ୍ ହେଉଛନ୍ତି । )

**କିଲ୍‌କିଲି**—ଦେ. ବି. ( ସଂ. କିଲକିଲା )—କିଲକିଲା ( ଦେଖ )
Kilkili Kilakilā ( See)

**କିଲ୍‌କିଲିଆ**—ଦେ. ବିଣ. (ସଂ. କିଲକିଲା )—ବିକଟ; ଚିତ୍କାର ଯୁକ୍ତ—
Kilkiliā Very loud.
( ଯଥା—କିଲ୍‌କିଲିଆ ନାଦ । )

**କିଲ୍‌ବିଲ୍**—ଦେ. ବି. ଓ ବିଣ—କିଲବିଲ ( ଦେଖ )
Kilbili Kilibili ( See )

**କିଲ୍ (ଧାତୁ)**—ସଂ—୧ । ଧଳା ହେବା—
Kil (root) 1. To be white; to become grey.

୨ । ( ଜଳ ) ବରଫ ରୂପେ ଜମି ଯିବା—
2. To freeze.
୩ । ଜଳୀୟ ପଦାର୍ଥ ବସିଯିବା—
3. To coagulate.
୪ । କ୍ରୀଡ଼ା କରିବା—4. To play.
୫ । ଉତ୍ତେଜିତ କରିବା—5. To instigate.
୬ । ଫୋପାଡ଼ିବା; ଫିଙ୍ଗିବା—
6. To throw; to cast.
୭ । ପ୍ରେରଣ କରିବା—7. To send.
୮ । ପ୍ରବେଶ କରିବା—8. To enter.
୯ । ଆଦେଶ କରିବା—9. To order.

**କିଲ**—ସଂ. ବି. ( କିଲ୍ ଧାତୁ + କର୍ତ୍ତୃ. ଅ )—
Kila ୧ । କ୍ରୀଡ଼ା—1. Play.
୨ । ବିଳାସ—2. Sport.
ସଂ. ଅ. (କିଲ୍ ଧାତୁ=ପ୍ରବେଶ କରିବା; ଆଦେଶ କରିବା + ଅ)—
ବାର୍ତ୍ତା, ସମ୍ଭାବନା ଓ ନିଶ୍ଚୟାର୍ଥକ ଅବ୍ୟୟ—
Interjection indicating message, inference and certainty.
[ ଦ୍ର—ଏ ଶବ୍ଦ ଓଡ଼ିଆଭାଷାରେ ବ୍ୟବହୃତ ହୁଏ ନାହିଁ; ସଂସ୍କୃତ ଭାଷାରେ ନିମ୍ନଲିଖିତ ଉପଲକ୍ଷରେ ଏହାର ବ୍ୟବହାର ଅଛି— ନିଶ୍ଚୟତା, ସମ୍ଭାବନା, ବିତର୍କ, ବାର୍ତ୍ତା, ପ୍ରସିଦ୍ଧି, ସତ୍ୟ, ଅଳୀକତା, ହେତୁ, ଐତିହ୍ୟ, ଅନୁନୟ, ଅରୁଚି ଓ ତିରସ୍କାର ।
ଓଡ଼ିଆ ପଦ୍ୟରେ ଅତୀତ କାଳର କ୍ରିୟା ସଙ୍ଗେ ବ୍ୟବହୃତ 'କି' ଶବ୍ଦ ଏହି 'କିଲ' ଶବ୍ଦର ଅଂଶ । ଯଥା—ଦଶରଥ ନାମେ ଏକ ଥିଲେକି ରାଜନ । ]

**କିଳକିଞ୍ଚିତ**—ସଂ. ବି—ସ୍ତ୍ରୀ ଲୋକର ପ୍ରେମବିକାର ବା ପ୍ରେମ-ବିଳାସ—
Ki<u>l</u>akiñchita Amorous agitation of a woman in the society of a lover.
[ ଦ୍ର—ନାଗର ସଙ୍ଗେ ମିଳନ ହେବା ସମୟରେ ନାଗରୀର କାନ୍ଦିବା, ହସିବା, ରାଗିବା, ପ୍ରେମରେ ମାତିବା ଆଦି ଯେଉଁ ଅବସ୍ଥା ମାନ ଘଟେ ତାକୁ କିଳକିଞ୍ଚିତ ବୋଲାଯାଏ । ]

**କିଳକିଳ**—ସଂ. ବି—କିଳକିଳା ( ଦେଖ )
Ki<u>l</u>aki<u>l</u>a Ki<u>l</u>aki<u>l</u>ā ( See )

**କିଳକିଳା**—ସଂ. ବି. ( କିଳ=କ୍ରୀଡ଼ା; ଦ୍ୱିତ୍ୱ; ଧ୍ୱନ୍ୟନୁକରଣ )—
Ki<u>l</u>aki<u>l</u>ā ୧ । ହର୍ଷ ସ୍ୱନ; ହର୍ଷ ବା ଆହ୍ଲାଦ ଯୋଗୁଁ ମନୁଷ୍ୟ ଯେଉଁ ଉଚ୍ଚ ଧ୍ୱନି କରେ ( ଚିତ୍କାରବିଶେଷ )—
1. A loud sound made by a person in a paroxysm of joy.
୨ । ଯବନଜାତିବିଶେଷ—
2. Name of Jabana tribe ( M. W. )
୩ । ମହାଦେବ—2. Siba (Apte)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୪ । ଅବ୍ୟକ୍ତ ଶବ୍ଦ ( ପ୍ରକୃତିବାଦ )—
4. Indistinct sound.
୫ । ନଗରବିଶେଷ ( ପ୍ରକୃତିବାଦ )—
5. Name of a town.
ଦେ. ବି.—ଘୋର ଋଚଧ୍ୱନି; ବିକଟ ଶବ୍ଦ ବା ରଡ଼ି; ଭୀଷଣ ଗର୍ଜନ—Loud sound emitted by a person attacked or attacking; roar; a shrill sound; a piercing sound.
ଦେ. ବିଣ—ବିକଟ; ଚିତ୍କାରଯୁକ୍ତ—Very loud.
(ଯଥା—କିଳକିଳା ରବ ।)

**କିଳକିଳାୟ** (ଧାତୁ)—ସଂ.—ହର୍ଷରେ ଋଚଧ୍ୱନି କରିବା—
Kilakilāya (root) To raise sounds expressing joy.

**କିଳକିଳାୟମାନ**—ସଂ. ବିଣ. ପୁଂ.—ହର୍ଷରେ ଋଚଧ୍ୱନି କରୁଥିବା—
Kilakilāyamāna Raising sounds of joy.
(କିଳକିଳାୟମାନା—ସ୍ତ୍ରୀ)

**କିଲଟର୍**—ବୈଦେ. ବି. (ଇଂ. କଲେକ୍ଟର୍)—ଜିଲ୍ଲାର ସର୍ବୋଚ୍ଚ ରାଜସ୍ୱ
Kilatar ସମ୍ପର୍କୀୟ ହାକିମ—
The Collector of a district.

**କିଲଟରୀ**—ବୈଦେ. ବି. (ଇଂ. କଲେକ୍ଟରେଟ୍)—ଜିଲ୍ଲା ହାକିମଙ୍କ କଚେରୀ—
Kilatarī The collectorate.

**କିଲଣି**—ଦେ. ବି. (ସଂ. କୀଲକ)—କବାଟ କିଳିବାର କାଠ ବା ଲୁହାର
Kilani ଦଣ୍ଡ—Iron or wooden bar for a door.
ବାହାର କିଲଣି ଦେଇ କବାଟ କିଳିଲେ । ସାରଳା, ମହାଭାରତ ।

**କିଲ୍ଲା**—ବୈଦେ. ବି. (ଆ. କିଲ୍ଲା)—୧ । ଗଡ଼; ଦୁର୍ଗ—1. Castle.
Kilā ୨ । ଦୁର୍ଗ ତୁଲ୍ୟ ପ୍ରାସାଦ—
କେଲ୍ଲା 2. A palatial building.
किला ୩ । ଗଡ଼ଜାତରାଜ୍ୟ—3. A feudatory state of India; a state of an Indian chief or Raja.
[ ଦ୍ର—ପ୍ରାଚୀନ ଉତ୍କଳର ସାମନ୍ତରାଜାମାନେ ଶତ୍ରୁଭୟରୁ ରକ୍ଷା ପାଇବା ପାଇଁ ରାଜଧାନୀମାନଙ୍କରେ ଦୁର୍ଗ ନିର୍ମାଣ କରି ରହୁଥିବାରୁ ଉକ୍ତ ରାଜ୍ୟମାନଙ୍କୁ କିଲ୍ଲା ବୋଲି ଯାଉଥିଲା । ଇଂରେଜ ଅମଳରେ ସେଥିରୁ କେତେଗୁଡ଼ିଏ କରଦ ଓ ମିତ୍ରରାଜ୍ୟ (ଯଥା— ମୟୂରଭଞ୍ଜ, ଢେଙ୍କାନାଳ, ଆଠଗଡ଼) ହେଲା, କେତେଗୁଡ଼ିଏ ଚିରସ୍ଥାୟୀ ବନ୍ଦୋବସ୍ତ ଜମିଦାରୀ (ଯଥା—କନିକା, କୁଜଙ୍ଗ, ଆଳି, ମଧୁପୁର) ହେଲା, କେତେଗୁଡ଼ିଏ ଅସ୍ଥାୟୀ ବନ୍ଦୋବସ୍ତ ଜମିଦାରୀ (ଯଥା— ବଳରାମପୁର, ଚଉଷଠିପଡ଼ା, କିଲକିଲା) ହେଲା ଓ କେତେଗୁଡ଼ିଏ ଖାସ୍‌ମହାଲ୍ (ଯଥା ଖୋରଧା, ବାଙ୍କି, ଅନୁଗୁଳ) ହେଲା । ]

**କିଲଗି**—ଦେ. ଅ.—କେଉଁ କାରଣରୁ; କିପାଇଁ—
Kilāgi For what; why.
किलागि

**କିଲ୍ଲାଜାତ**—ଦେ. ବି.—ଗଡ଼ଜାତ—A state belonging to an
Kilājāta Indian chief or Raja.
କେଲ୍ଲାଜାତ

**କିଲାଟ**—ସଂ.ବି. (କିଲ+ଅଟ୍ ଧାତୁ=ଗମନ କରିବା+ଅ)—ଦୁଧଛେନା;
Kilāta ଦୁଧ ଛିଣ୍ଡି ଗଲେ ଯେଉଁ ପିଣ୍ଡୀକୃତ ଖାଦ୍ୟ ବାହାରେ—
Cheese from fresh curdled milk; inspissated milk.

**କିଲ୍ଲାଦାର**—ଦେ. ବି.—(ଆ. କିଲେଦାର)—କିଲ୍ଲା ବା ଗଡ଼ରକ୍ଷକ—
Kilādār The head-guard of a castle.
କେଲ୍ଲାଦାର [ ଦ୍ର—ଏମାନେ ଜାଗିର ସ୍ୱରୂପ କିଲ୍ଲା ବା ଗଡ଼ମାନ
किलेदार ରାଜାଙ୍କଠାରୁ ପାଇ ନିରୂପିତ ସୈନ୍ୟ ଘେନି ଯୁଦ୍ଧ ବେଳେ ଉପସ୍ଥିତ ହେଉଥିଲେ । ]

**କିଲ୍ଲା ଫତେ କରିବା**—ଦେ. କ୍ରି—( ଆ. କିଲ୍ଲା+ଫତେହ୍ କରନା=
Kilā phate karibā ଜିତିବା)—୧ । ଗଡ଼ ଜୟ କରିବା—
କେଲ୍ଲାଫତେ କରା 1. To bring a castle under subjection.
किला फतेह करना ୨ । ଅସାଧ୍ୟ କାର୍ଯ୍ୟ ସାଧନ କରିବା—
2. To succeed in a very difficult task; to win a hotly contested matter.

**କିଲାସ**—ସଂ. ବି. (କିଲ୍ ଧାତୁ=କ୍ରୀଡ଼ା କରିବା+ଅସ ଧାତୁ=ନିକ୍ଷେପ
Kilāsa କରିବା+ଭାବ. ଅ)—ଏକ ପ୍ରକାରର ମଦାମଦା ଧଳା ଛିତି ରୋଗ—1. A kind of spotted albino.
୨ । ଧବଳ କୁଷ୍ଠ—2. White leprosy.
ସଂ. ବିଣ.—କୁଷ୍ଠରୋଗ ଗ୍ରସ୍ତ—Leprous. (M. W.)

**କିଲାସ** (ଇତ୍ୟାଦି)—ଗ୍ରା. ବୈଦେ. ବି.—(ଇଂ.)—କ୍ଲାସ୍ ଇତ୍ୟାଦି (ଦେଖ)
Kilāsa (etc) Klās etc (See)

**କିଲାସଘ୍ନ**—ସଂ. ବି.—( କିଲାସ+ହନ ଧାତୁ+କର୍ତ୍ତୃ. ଅ; କିଲାସରୋଗ-
Kilāsaghna ନାଶକ)—କାଙ୍କଡ଼—Memordica Mixta (fruit).

**କିଳିକାଳିଆ**—ଦେ. ବଣ.—(ସଂ. କିଳକିଳା)—କିଳକିଳା (ଦେଖ)
Kilikāliā Kilakilā (See).
(ଯଥା—କିଳିକାଳିଆ ନାଦ ।)

**କିଲିକାଲିଆ**—ଦେ. ବଣ.—କିଲ୍ କିଲ୍ (ଦେଖ)
Kilikālia Kilkil (See)

**କିଳିକିଳ**—ସଂ. ବି.—କିଳକିଳା (ଦେଖ)
Kilikila Kilakilā (See).

**କିଳିକିଳା**—ଦେ. ବି.—କିଳକିଳା (ଦେଖ)
Kilikilā Kilakilā (See)
ନାଚନ୍ତି ଭୈରବ ନାଦେ, ଡାକନ୍ତି କିଳିକିଳା ନାଦେ ।
ଜଗନ୍ନାଥ, ଭାଗବତ ।

**କିଳିକିଳାଇବା**—ଦେ.କ୍ରି. (ସଂ. କିଳକିଳାୟ ନାମଧାତୁ )—ଭୀଷଣ ଗର୍ଜନ
Kilikilāibā କରିବା; କିଳକିଳା ନାଦ କରିବା—
To emit a loud roar.

| ୧ | ଈ | ଊ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଉ | ରୁ | ଲୁ | ଏ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ତୁ |

**କିଳିକିଳାୟ** ( ଧାତୁ )—ସଂ—କିଳକିଳାୟ (ଧାତୁ ) (ଦେଖ )
Kilikilaya ( root ) Kilakilaya (root) (See)

**କିଳିକିଳି**—ଦେ. ବି ଓ ବିଣ—କିଳକିଳା ( ଦେଖ )
Kilikili Kilakila ( See )

ରାକ୍ଷସୀ ଶବ୍ଦ କରନ୍ତି ଯେ କିଳିକିଳି—ସାରଳା. ମହାଭାରତ. ଉଦ୍ୟୋଗ ।

**କିଲିକିଲି**—ଦେ ଅ— କିଲ୍‌କିଲ୍ ( ଦେଖ )
Kilikili Kilkil ( See )

**କିଳିକିଳିଆ**—ଦେ. ବିଣ—କିଲ୍‌କିଲିଆ ( ଦେଖ )
Kilikilia Kilkilia ( See )

**କିଲିକିଲିଆ**—ଦେ. ବିଣ—୧ । ନାତିଦ୍ରୁତ ବା ନାତିଧୀର ଗତିବିଶିଷ୍ଟ ( ବ୍ୟକ୍ତି, ଜୀବ ବା ପବନ )—
Kilikilia
କୁଳକୁଳ 1. Not very fast nor very slow.
୨ । କଲକଲ ଶବ୍ଦ କରୁଥିବା—
2. Making a rippling sound.

**କିଳିକିଳିତ**—ସଂ. ବି. ( କିଳକିଳାୟ ନାମ ଧାତୁ + ଭାବ. ତ )—
Kilikilita କିରିକିରି; ହର୍ଷଧ୍ୱନି—
Sound expressing joy ( M. W. ).

**କିଳିଞ୍ଜକ**—ସଂ. ବି. ( କିଳ + ଜ ଧାତୁ + କର୍ତ୍ତୃ. ଅକ)—
Kilinjaka ୧ । କଟ; ମୁନ୍ଦୁରି—1. Mat.
୨ । ପରଦା—2. A partition; screen.
୩ । କଞ୍ଚା କାଠର ପଟା—
3. A plank of green wood ( M. W. )

**କିଳିବା**—ଦେ. କ୍ରି—କୀଳିବା ( ଦେଖ )
Kiliba Kiliba ( See )

**କିଲିବିଲି**—ଦେ. ବି—ବ୍ୟସ୍ତ କରିବା—
Kilibili Pestering.
କିଲିବିଲି ଦେ. ବି—ବ୍ୟତିବ୍ୟସ୍ତ—
Pestered; perturbed.
କ୍ରି. ବିଣ—ଅତି ବ୍ୟସ୍ତଭାବରେ—
In a perturbed manner.

**କିଳିବିଷ**—ଗ୍ରା. ବି. ( ସଂ. କିଲ୍ବିଷ )—କିଲ୍ବିଷ ( ଦେଖ )
Kilibisha Kilbisha ( See )

**କିଲେ**—ଦେ. ବିଣ—କିଲ୍ଲାରେ ଅବସ୍ଥିତ; କିଲ୍ଲାର ଅନ୍ତର୍ଗତ—
Kile Within a native state; within the jurisdiction of a native state.
[ ଦ୍ର—ଏଥିର ସାଙ୍କେତିକ ଚିହ୍ନ । କି ।; ଯଥା—ଅମୁକ ଗ୍ରାମ । କି । ଆଠଗଡ଼; ଅର୍ଥାତ୍ ଆଠଗଡ଼ କିଲ୍ଲାରେ ସ୍ଥିତ ଅମୁକ ଗ୍ରାମ । ]

**କିଲେଦାର**—ବୈଦେ. ବି. (ଆ)—କିଲ୍ଲାଦାର ( ଦେଖ )
Kiledar Kiladara ( See )
কেল্লাদার
किलेदार

**କିଲେଶ**—ଗ୍ରା. ବି. ( ସଂ. କ୍ଲେଶ )—କ୍ଲେଶ; ଦୁଃଖ—
Kilesa Trouble; pain.

**କିଲୋ**—ଦେ. ଅ. ( ଆପଣାଠାରୁ ନିମ୍ନସ୍ଥାନୀୟା ବା ସୁପରିଚିତା ସ୍ତ୍ରୀ ପ୍ରତି ସମ୍ବୋଧନ ଓ ପ୍ରଶ୍ନ )—ଲୋ; ଅଲୋ—
Kilo
( Interjection and interrogation used in addressing or questioning a female who is inferior or familiar) Oh !.

**କିଲ୍ବିଷ**—ସଂ. ବି. ( କିଲ୍ ଧାତୁ=କ୍ରୀଡ଼ା କରିବା + ବିଷ )—
Kilbisha ୧ । ପାପ—1. Sin.
୨ । ଅପରାଧ—2. Guilt; offence.
୩ । ରୋଗ—3. Disease.
୪ । ଅନ୍ୟାୟ—4. Injustice ( M. W.)
୫ । କ୍ଷତି—5. Injury ( M. W. )
ଗ୍ରା. ବି—୧ । ସନ୍ଦେହ—1. Doubt.
୨ । କପଟ—2. Insincerity; hypocrisy.
କିଲ୍ବିଷ କଥା ତାହାର କେବେହେଁ ନୁହଇ—ସାରଳା. ମହାଭାରତ. ସ୍ୱର୍ଗ ।
୩ । ମନୋଦୁଃଖ—3. Sorrow; grief.
୪ । ଅଭିମାନ—
4. Covert displeasure; sullenness.

**କିଲ୍ଲା** ( ଇତ୍ୟାଦି )—ବୈଦେ. ବି. (ଆ)—କିଲା ଇତ୍ୟାଦି ( ଦେଖ )
Killa ( etc ) Kila etc ( See )

**କିଲ୍ଲେ** ( ଇତ୍ୟାଦି )—ଦେ. ବିଣ—କିଲେ ଇତ୍ୟାଦି ( ଦେଖ )
Kille ( etc ) Kile etc ( See )

**କିଶଳ**—ସଂ. ବି. ( କି=କିଞ୍ଚିତ୍ + ଶଲ୍ ଧାତୁ=ଗମନ କରିବା + କର୍ତ୍ତୃ. ଅ )—କିଶଳୟ ( ଦେଖ )
Kisala Kisalaya ( See )

**କିଶଳୟ**—ସଂ. ବି. ( କି=କିଞ୍ଚିତ୍ + ଶଲ୍ ଧାତୁ=ଗମନ କରିବା + କର୍ତ୍ତୃ. ଅୟ )—
Kisalaya
୧ । ବୃକ୍ଷର ନୂଆ କୋମଳ ପତ୍ର—
1. Tender new leaves of trees.
୨ । ନବପଲ୍ଲବାଙ୍କୁର—
2. Young tender shoot.
୩ । କଅଁଳଗଜା—3. Sprout.

**କିଶୁର**—ଦେ. ବି—କେଶୁର ( ଦେଖ )
Kisura Kesura ( See )

**କିଶୋର**—ସଂ. ବିଣ. ପୁଂ. ( କିଶ୍ ଧାତୁ=ଶବ୍ଦ କରିବା; ଗମନ କରିବା + ଓର; ଅଥବା କିଂ=କୁତ୍ସିତ + ଶୃ ଧାତୁ=ଗମନ କରିବା + କର୍ତ୍ତୃ. ଓର )—
Kisora
(କିଶୋରୀ—ସ୍ତ୍ରୀ)
୧ । ନବଯୁବକ; ଅପ୍ରାପ୍ତବୟସ୍କ; ଏଗାର ବର୍ଷଠାରୁ ଷୋଳ ବର୍ଷ ବୟସ୍କ ( ବାଳକ )—
1. Young; minor ( between the ages of 11 and 15 years ).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ନବୀନ—2. New.

ସଂ. ବି—୧ । ସୂର୍ଯ୍ୟ—1. The sun.

୨ । ଅଶ୍ୱଶିଶୁ—2. Colt.

୩ । ପଶୁଶିଶୁ—3. Cub or young of an animal.

୪ । ଲୋବାନ୍; ଗୁଗ୍ଗୁଳ—
4. Styrax benzoin ( M. W. )

୫ । ଦାନବବିଶେଷ—
5. Name of a demon ( M. W. )

ଦେ. ବି. ପୁଂ—୧ । ଲୋକଙ୍କ ନାମ—
1. Name given to males.

୨ । ଶ୍ରୀକୃଷ୍ଣ—2. Śrikṛushṇa.

**କିଶୋରଚନ୍ଦ୍ର**—ସଂ. ବି. ପୁଂ—ଶ୍ରୀକୃଷ୍ଣ—Śrikṛushṇa.
Kiśorachandra ଦେ. ବି. ପୁଂ – ଲୋକଙ୍କ ନାମ—
Name given to males.

**କିଶୋରଚନ୍ଦ୍ର ରାଜେନ୍ଦ୍ର ଦେବ**—ଦେ. ବି. (ନାମ)—ଜନୈକ ଉତ୍କଳୀୟ କବି—A classic Orḍiā poet.
Kiśorachandra rājendra deba

[ ଦ୍ର—ଏ ତାଳ୍ଚେର ରାଜ୍ୟର ରାଜା ଥିଲେ । 'ବିଦଗ୍ଧମାଧବ ନାଟକ' ଏହାଙ୍କଦ୍ୱାରା ଅନୂଦିତ । ତାରିଣୀଚରଣ-ଉତ୍କଳ-ସାହିତ୍ୟ ଇତିହାସ]

**କିଶୋରଚନ୍ଦ୍ରାନନ୍ଦ ଚମ୍ପୂ**—ଦେ. ବି. ( ନାମ )—କବିସୂର୍ଯ୍ୟ ବଳଦେବ ରଥ ରାଜଗୁରୁଙ୍କ ରଚିତ ସଂସ୍କୃତଗଦ୍ୟ ଓ ଓଡ଼ିଆ ଗୀତମୟ ରାଧାକୃଷ୍ଣଲୀଳାତ୍ମକ ଚମ୍ପୂକାବ୍ୟ—Name of a prose and poetry song-book in Oriya.
Kiśorachandrānanda champū

[ ଦ୍ର—ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷର ଆଦ୍ୟରେ ଥାଇ ବିଭିନ୍ନ ରାଗର ୩୪ ଗୋଟି ସଙ୍ଗୀତ ଅଛି । ଏହା ଅନେକ ସ୍ଥଳରେ ସଂସ୍କୃତ ନ ଜାଣିଥିବା ବ୍ୟକ୍ତିଙ୍କ ବୋଧଗମ୍ୟ ନ ହେଲେହେଁ ଏହାର ସଙ୍ଗୀତମାନ ଉତ୍କଳର ସର୍ବତ୍ର ଆଦୃତ ଓ ଗୀତ ହୋଇ ଆସୁଅଛି । ଯେଉଁ ସଙ୍ଗୀତପିଲା ବା ଦଳ ଏ ଚମ୍ପୂର ଗୀତକୁ ବୋଲି ଅର୍ଥ କରି ନ ଜାଣେ ସେ ସଙ୍ଗୀତରସିକମାନଙ୍କ ଦ୍ୱାରା ଆଦୃତ ହୁଏ ନାହିଁ । ]

**କିଶୋରା**—ଗ୍ରା. ବି—୧ । କିଶୋର ବୟସ୍କ ଯୁବା—
Kiśorā 1. A youthful boy.

୨ । ଶ୍ରୀକୃଷ୍ଣ—2. Śrikṛushṇa.

କିଶୋରା କିଶୋରୀ ଭାବ, ଜୀବ ଥିବା ଯାଏ ମନୁ ନ ଯିବ । ବୈଷ୍ଣବ ଗୀତ ।

**କିଶୋରୀ**—ସ. ବିଣ. ସ୍ତ୍ରୀ. (କିଶୋର + ସ୍ତ୍ରୀ. ଈ)—ନବଯୁବତୀ; ଯୁବତୀ—
Kiśori Young ( woman ).

ସ. ବି—୧ । ଯୁବତୀ ସ୍ତ୍ରୀ—1. Young girl.

୨ । କୁମାରୀ—2. Maiden.

୩ । ( ଯୁବତୀ ଥିବାରୁ ) ରାଧିକା—3. Rādhikā, the sweet-heart of Kṛushṇa.

ପିଇ ବଅଳ୍ପ କି ଗୋଟି ଯାକ ସେ କିଶୋରୀ କି ରେ ।
କବିସୂର୍ଯ୍ୟ- କିଶୋରଚମ୍ପୂ- ତ. ଗୀତ ।

୪ । ଘୋଡ଼ାର ମାଈକୁଆ—4. A female colt (M.W.)

ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Name given to females.

**କିଶୋରୀ ଚମ୍ପୂ**—ଦେ. ବି—କିଶୋରଚନ୍ଦ୍ରାନନ୍ଦ ଚମ୍ପୂ (ଦେଖ)
Kiśori champū Kiśorachandrānanda champū (See)

**କିଶୋରୀପୂଜା**—ସଂ. ବି. ( ୬ଷ୍ଠୀ ତତ୍; କିଶୋରୀ + ପୂଜା )—
Kiśoripūjā ଶ୍ରୀକୃଷ୍ଣଙ୍କଠାରେ ଏକାନ୍ତ ଦତ୍ତମନା କୌଣସି ଯୁବତୀକୁ ରାଧିକାରୂପେ କଳ୍ପନା କରି ତାହାଙ୍କୁ ପୂଜା କରିବାଦ୍ୱାରା କୃଷ୍ଣଭକ୍ତିରସାସ୍ୱାଦନ ( ଏହା ବୈଷ୍ଣବ ସାଧନାର ଅଙ୍ଗବିଶେଷ )—A mode of worship amongst Baishṇabas, consisting of worshipping a young woman by assuming her to be Rādhā, the sweet-heart of Śrikṛushṇa.

**କିଶୋରୀଭଜନ**—ସଂ. ବି. ( କିଶୋରୀ + ଭଜନ )—
Kiśoribhajana କିଶୋରୀପୂଜା ( ଦେଖ )
Kiśoripūjā ( See )

**କିଷନ୍**—ପ୍ରାଦେ ( ସମ୍ବଲପୁର ) ବି—କିଷାନ୍ ( ଦେଖ )
Kishan Kishān ( See )

**କିଷାଣ୍**—ପ୍ରାଦେ. ( ସମ୍ବଲପୁର ) ବି. ( ସ. କୃଷାଣ )—
Kishāṇ କିଷାନ୍ ( ଦେଖ )
Kishān ( See )

**କିଷାନ**—ପ୍ରାଦେ. ( ବସ୍ତର ଓ ସମ୍ବଲପୁର ) ବି. ( ସ. କୃଷାଣ )—
Kishān ୧ । କୃଷକ; ଚଷା—
किषान 1. Agriculturist; husbandman.
**किसान** ( ଯଥା—କିଷାନ୍‌ର ମାଟି; ବିହୁଆନ୍‌ର ପାଟି । )

୨ । ଚଷା ଶୂଦ୍ର ଜାତି—
2. A caste of Śūdra agriculturists.

**କିଷିକନ୍ଦା**—ଗ୍ରା. ବି. ( ପଦ୍ୟ )—କିଷ୍କିନ୍ଧା ( ଦେଖ )
Kishikindā Kishkindhā ( See )

**କିଷ୍କିନ୍ଧ**—ସଂ. ବି—କିଷ୍କିନ୍ଧ୍ୟ ( ଦେଖ )
Kishkindha Kishkindhya ( See )

**କିଷ୍କିନ୍ଧା**—ସଂ. ବି. ସ୍ତ୍ରୀ. (ନାମ)—୧ । କିଷ୍କିନ୍ଧ୍ୟ ପର୍ବତର ଗୁହା; ବାନର-ରାଜ ବାଲୀଙ୍କର ରାଜଧାନୀ—1. The capital of the ancient monkey-king Bāḻi of the Rāmāyaṇa; the country to the north of the present Mysore state.
Kishkindhā

[ ଦ୍ର—ଏହା ବର୍ତ୍ତମାନ ମହୀଶୂର ରାଜ୍ୟର ଉତ୍ତରରେ ଅବସ୍ଥିତ ଥିବା ଅନୁମିତ ହୁଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇପ୍ସ | ଉ୍ଥ | ଘ |
| ୨ | ଈ | ଊ | ଋ | ଌ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଥ | ଜ୍ଞ | ନ୍ଥ |

୨ । କିଷ୍କିନ୍ଧ୍ୟ ରାଜ୍ୟର ଅରଣ୍ୟ—2. The forest in the dominion of the ancient Kishkindhya kingdom.

ବୋଇଲେ ତୁ ଯାଅ ରାମ କିଷ୍କିନ୍ଧାର ଯାଏ ।
ସାରଳା. ମହାଭାରତ. ଉଦ୍ଯୋଗ ।

କିଷ୍କିନ୍ଧ୍ୟ—ସଂ. ବି. (ନାମ)—୧ । ଦାକ୍ଷିଣାତ୍ୟର ପର୍ବତବିଶେଷ—
Kishkindhya 1. Name of a mountain range in South India.

୨ । କିଷ୍କିନ୍ଧ୍ୟ ପର୍ବତ ସଲଗ୍ନ ରାଜ୍ୟ—2. Name of a kingdom adjoining the Kishkindhya mountain.

କିଷ୍କିନ୍ଧ୍ୟା—ସଂ. ବି. ସ୍ତ୍ରୀ. (ନାମ)—କିଷ୍କିନ୍ଧା (ଦେଖ)
Kishkindhyā Kishkindhā (See)

କିଷ୍କିନ୍ଧ୍ୟାକାଣ୍ଡ—ସଂ. ବି. ( କିଷ୍କିନ୍ଧ୍ୟା + କାଣ୍ଡ )—ରାମାୟଣର ସାତକାଣ୍ଡ
Kishkindhyākāṇḍa ମଧ୍ୟରୁ ଯେଉଁ କାଣ୍ଡରେ ରାମଚନ୍ଦ୍ରଙ୍କ କିଷ୍କିନ୍ଧ୍ୟାକୁ ଯିବା ଓ ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା କରିବା ବିଷୟ ବର୍ଣ୍ଣିତ ହୋଇ ଅଛି—One of the 7 books or volumes of the Rāmāyaṇa describing Rāma's doings while in the Kishkindhyā forests.

କିଷ୍କିନ୍ଧ୍ୟାଧିପ—ସଂ. ବି. (୬ଷ୍ଠୀ ତତ୍; କିଷ୍କିନ୍ଧ୍ୟ + ଅଧିପ)—୧ । ବାନର-
Kishkindhyādhipa ରାଜ ବାଳୀ—1. Name of the monkey-king, Bāḻi.

୨ । ବାନରରାଜ ସୁଗ୍ରୀବ—2. Name of the monkey-king, Sugrība.

କିଷ୍କୁ—ସଂ. ବି. (କୈ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇଷ୍କୁ)—
Kishku ୧ । ୧୨ ଅଙ୍ଗୁଳ ବା ବୃଷଣ୍ଡେ ପରିମାଣ; ବିତସ୍ତି ପରିମାଣ-
1. Measure of one span of the palm.

୨ । ହାତ କହୁଣୀଠାରୁ କଡ଼ଠି ବା ମଣିବନ୍ଧ ପର୍ଯ୍ୟନ୍ତ ପରିମାଣ—2. A measure by the length of the hand from the elbow-point to the wrist.

ସଂ. ବିଣ.—୧ । କୁତ୍ସିତ—1. Ugly.

୨ । ନୀଚ—2. Vile.

୩ । ଘୃଣ୍ୟ—3 Contemptible.

କିସ୍—ବୈଦେ. ବି.—( ଇଂ. କିସ୍ )—ଚୁମ୍ବନ; ଚୁକ; ବୋକ—
Kis Kiss.

ଦେ. ସର୍ବନାମ—କିସ (ଦେଖ)
Kisa (See)

କଥାହେବ କହୁଁ, କଥାହେବ କହୁଁ, କସ କଥା ବେଙ୍ଗ ମଥା ।
କାହାଣୀର ଅଦ୍ୟ ଗୀତ ।

କିସ୍‌ବିନ୍—ପ୍ରାଦେ. (ଭକ୍ତି ଭାଷା) ବି—କସବୀ; ବେଶ୍ୟା—
Kisbin Prostitute.

କିସ୍‌ମତ୍—ବୈଦେ. ବି. (ଆ. କିସ୍‌ମତ୍)—୧ । ଅଦୃଷ୍ଟ—
Kismat 1. Fate; fortune; luck.
किस्मत ୨ । ଭାଗ; ଅଂଶ ବା ହିସ୍ସା—
किसमत 2. Share.

୩ । ପ୍ରଦେଶର ଭାଗ; ଅନେକଗୁଡ଼ିଏ ଜିଲ୍ଲାର ସମଷ୍ଟି, ଯାହାଁ ଉପରେ ଜଣେ କମିସନର୍ ଥାଆନ୍ତି—3. Revenue-division of a province.

[ ଦ୍ର—ଏ ଶବ୍ଦର ସାଙ୍କେତିକ ଚିହ୍ନ । କ । ]

କିସ୍‌ମତ୍‌ଦାର—ବୈଦେ. ବି. (ଆ )—ଅଂଶୀଦାର; ଭାଗୁଆଳି—
Kismatdār Cosharer.

କିସ୍‌ମସ୍—ବୈଦେ. ବି. (ଇଂ. କ୍ରିଷ୍ଟ୍‌ମାସ୍)—ଖ୍ରୀଷ୍ଟିଆନ୍‌ମାନଙ୍କର ବଡ଼ଦିନ
Kismas ପର୍ବ; ଖ୍ରୀଷ୍ଟମାସ୍ ପର୍ବ—Christmas.

କିସ୍‌ମିସ୍—ବୈଦେ. ବି. (ଫା)—୧ । ବୀଜହୀନ ଶୁଷ୍କ ଦ୍ରାକ୍ଷା ଫଳ; ଅଙ୍ଗୁର-
Kismis Raisin; dried grape.
କିସ୍‌ମିସ ୨ । ମନକ୍କା—
किशमिस, दाख 2. Currants (with seeds).

କିସ୍‌ମୀ—ପ୍ରାଦେ. (ସମ୍ବଲପୁର) ବୈଦେ. (ଆ. କସ୍‌ବନ୍) ବି.—
Kismī ୧ । କସ୍‌ବୀ; ବେଶ୍ୟା—1. Whore; prostitute.

୨ । (ଗାଳି) ଭ୍ରଷ୍ଟା ସ୍ତ୍ରୀ—
2. Adulterous or unchaste woman.

କିସ—ଦେ. ସର୍ବନାମ ଓ ବିଣ. (ସଂ. କିମ୍)—କି; କଅଣ—
Kisa What.
କି ଅଧିକ କିସ ଲେଖିବି ଜଣାଣ ବନିତ ।
क्या, किस ଉକ୍ତ. ପ୍ରେମସୁଧାନିଧି ।

କୃଷ୍ଣ କହନ୍ତି ବସନ୍ତ କାହ କିସ ଅର୍ଥେ । ସାରଳା. ମହାଭାରତ. ସ୍ୱର୍ଗ ।

[ଦ୍ର—ଯାଜପୁର, ବାଲେଶ୍ୱର ଓ ଗଞ୍ଜାମରେ 'କି' ପରିବର୍ତ୍ତେ ଏହି ଶବ୍ଦର ବହୁଳ ପ୍ରଚଳନ ଦେଖାଯାଏ । ]

ପ୍ରାଦେ. (ସମ୍ବଲପୁର) ବି. (ସଂ. ଆକ୍ରୋଶ)—ଈର୍ଷା—
Spite; malice; grudge.

କିସ କରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଈର୍ଷା କରିବା—
Kisa karibā To be spiteful; to grudge.

ଦେ. କ୍ରି.—କଅଣ କରିବା—What to do.

କିସମ—ବୈଦେ. ବି. (ଆ. କିସ୍ମ)—୧ । ପ୍ରକାର—
Kisama 1. Kind.
କିସମ ୨ । ଶ୍ରେଣୀ—2. Class.
किस्म ୩ । ଢଙ୍ଗ—3. Manner.

କିସଲ—ସଂ. ବି.—କିଶଲୟ (ଦେଖ)
Kisaḻa Kisaḻaya (See)

କିସଲୟ—ସଂ. ବି.—କିଶଲୟ (ଦେଖ)
Kisaḻaya Kisaḻaya (See)

କିସାଇବା—ପ୍ରାଦେ. (ସମ୍ବଲପୁର) କ୍ରି.—ଈର୍ଷା କରିବା—
Kisaibā To be spiteful or grudging.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳଲେ 'ଲୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

**କସି**—ଗ୍ରା. ବୈଦେ. ସର୍ବନାମ. ଓ ବି—କସ୍ (ଦେଖ)
Kisi — Kis (See)

**କସିମତ** (ଇତ୍ୟାଦି)—ଗ୍ରା. ବୈଦେ. ବି. (ଆ.)—କିସ୍ମତ୍ (ଦେଖ)
Kisimata (etc.) — Kismat (See)

**କସିମିସ**—ଗ୍ରା. ବୈଦେ. ବି. (ଆ)—କିସ୍ମିସ୍ (ଦେଖ)
Kisimisi — Kismis (See)

**କିସ୍ତି**—ବୈଦେ. ବି. ( ଫା. କସ୍ତୀ; ଆ. କସ୍ତ୍ )—
Kisti — କିস্তি — **किश्ती**
୧ । ନୌକା—1. Boat.
୨ । ( ଆ. କସ୍ତୀ ) ରାଜସ୍ୱ ଅବା ଦେୟ ଦାଖଲ କରିବାର ନିର୍ଦ୍ଧାରିତ ସମୟ; ଲାଟବନ୍ଦ—
2. Latbandi; fixed day for paying Government revenue or rent.
( ଯଥା—କାର୍ତ୍ତିକ କିସ୍ତି; ବୈଶାଖ କିସ୍ତି । )
୩ । ଦେୟ ସଇଠ କରିବାର ଥର—
3. Instalment.
୪ । ନିର୍ଦ୍ଧାରିତ ସମୟ ବା ଥରରେ ପ୍ରାପ୍ୟ ଟଙ୍କା ସଇଠ ବା ଦାଖଲ—4. Payment of any due by instalments on the due dates.
୫ । ସତରଞ୍ଜ ଖେଳରେ ନୌକାସୂଚକ ଗୋଟି—
5. The playing set representing the castle (or boat) in the game of chess.
୬ । ( ଫା. କିସ୍ତ୍ ) ସତରଞ୍ଜ ଖେଳରେ ଏକ ପକ୍ଷର ରାଜାଙ୍କୁ ଅନ୍ୟ ପକ୍ଷର ଗୋଟି ଦ୍ୱାରା ଆକ୍ରମଣ—
କিস্ত — **किस्त**
6. The attack made on the King in the game of chess.

**କିସ୍ତିଉଆର୍ ମାପ**—ଦେ. ବି. ( ଆ. କିସ୍ତୱାର୍+ନାପ୍ )—
Kistiuār māpa — কিস্তিওয়ার মাপ — **किस्तवार नाप**
ମଉଜାର ପ୍ରତ୍ୟେକ ଖଣ୍ଡ ଜମିକୁ ଗୋଟି ଗୋଟି କରି ମାପିବା କର୍ମ—
Cadastral survey.

**କିସ୍ତିଉଆରି**—ବୈଦେ. ବିଣ (ଆ. କିସ୍ତିଵାରୀ,—ଦଫାଦଫା କରି ଦିଆଯିବା (ଧନ ଅବା)—Paid by instalments.
Kistiuāri — কিস্তিওয়ারি — **किस्तवारि**

**କିସ୍ତିଖିଲପ**—ବୈଦେ. ବି. ( ଆ. କିସ୍ତୀ ଖିଲାଫ୍ )—
Kistikhilāpa — কিস্তিখেলাপ — **किस्तखिलाफ**
ନିର୍ଦ୍ଧାରିତ ଦିବସରେ ଦେୟ ଟଙ୍କା ଦାଖଲ ନ କରିବା—Non-payment of dues on the fixed date; default in payment of any instalment.

**କିସ୍ତିଖିଲପୀ ସୁଧ**—ବୈଦେ. ବି. ( ଆ. କିସ୍ତୀଖିଲାଫୀ+ସୁଦ)—
Kistikhilāpi sudha — কিস্তিখেলাপী সুধ — **किस्तिखिलाफी सुद**
ନିର୍ଦ୍ଧାରିତ ଦିବସରେ ଦେୟ ଟଙ୍କା ଦାଖଲ କରି ନ ଯିବାରୁ ଉକ୍ତ ଟଙ୍କା ଉପରେ ଚଢ଼ିବା ସୁଧ—Interest charged on the amount due on account of its becoming overdue.

**କିସ୍ତି ଦେବା**—ଦେ. କ୍ରି—୧ । ସତରଞ୍ଜ ଖେଳରେ ରାଜାଙ୍କୁ ଆକ୍ରମଣ କରି ସାର ଚଳାଇବା—
Kisti debā — কিস্তি দেওয়া — **किस्त लगाना**
1. To move one side's sets in such a manner that the King of other side will be checkmated if it be not moved to any other vulnerable position.
୨ । ଦେୟ ଟଙ୍କା କିସ୍ତି ଅନୁସାରେ ଦାଖଲ କରିବା—
2. To pay the amount of money due according to the instalments.

**କିସ୍ତିବନ୍ଦ**—ବୈଦେ. ବି. ( ଆ. କିସ୍ତୀବନ୍ଦୀ )—
Kistibandi — কিস্তিবন্দী — **किस्तबन्दी**
ଦେୟ ଟଙ୍କାକୁ ଏକା କିସ୍ତିକେ ବା ଥରକେ ନ ଦେଇ ଏକାଧିକ କିସ୍ତିରେ ଦାଖଲ କରିବା ପାଇଁ ନିର୍ଦ୍ଧାରଣ ବା କଟକଣା—Contract or agreement to pay a due by several instalments.
ବୈଦେ. ବିଣ. ( ଆ )—କିସ୍ତିରେ ସଇଠ ହେବା ନିମନ୍ତେ ନିର୍ଦ୍ଧାରିତ—Settled or agreed upon to be paid by instalments.

**କିସ୍ତିମାତ୍**—ବୈଦେ. ବି. ( ଫା. କିସ୍ତିମାତ୍ )—୧ । ସତରଞ୍ଜ ଖେଳରେ ଅନ୍ୟାନ୍ୟ ସାର ଦ୍ୱାରା ରାଜା ଅବରୁଦ୍ଧ ଓ ଗତିରହିତ ହେବାର ଅବସ୍ଥା (ଏହା ହେଲେ ଅବରୁଦ୍ଧର ପକ୍ଷ ଖେଳାଳି ହାରି ଯାଏ)—1. The defeat of one player by his King being prevented from further progress in the game of chess.
Kistimat
୨ । ଶତ୍ରୁକୁ ସମ୍ପୂର୍ଣ୍ଣରୂପେ ପରାଜୟ କରିବା—
2. To completely vanquish an enemy.
୩ । କୌଣସି କାର୍ଯ୍ୟରେ ଜୟଲାଭ କରିବା—
3. To win in a certain matter.

**କିସ୍ତିଵାର୍ ମାପ**—ଦେ. ବି—କିସ୍ତି ଉଆର୍ ମାପ ( ଦେଖ )—
Kistiwār māpa — Kistiuār māpa ( See )

**କିସ୍ତିଵାରି**—ଦେ. ବି—କିସ୍ତିଉଆରି ( ଦେଖ )
Kistiwāri — Kistiuāri ( See )

**କିସ୍ମତ** (ଇତ୍ୟାଦି)—ବୈଦେ. ବି. (ଆ)—କିସ୍ମତ୍ ଇତ୍ୟାଦି ( ଦେଖ )
Kismat (etc) — Kismat etc ( See )

**କିହାଟି**—ପ୍ରାଦେ. ( ଗଞ୍ଜାମ ) ବି—ଲୁହାଟ ( ଦେଖ )
Kihāṭi — Kuhāṭa ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଝ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

**କିହେ**—ଦେ. ଅ. (ସଂ. କିମ୍ ଓ ଅହୋ) ମାନ୍ୟାର୍ଥକ ସମ୍ବୋଧନ ଓ
Kihe ପ୍ରଶ୍ନାର୍ଥକ )—ହେ; ଅହେ; ଅହୋ—
কিহে (Interjection of respect and interrogation);
अजी Oh.

**କିହେଁ**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ—କେହି; କିଏ; କୌଣସି
Kiheñ ବ୍ୟକ୍ତି—Who; any person.
( ଯଥା – ଗରିବ୍‌କେ କିହେଁ ନେଇଁ ପଗ୍ରରନ୍ । )

**କିହେତୁ**—ଦେ. ଅ. ( ପ୍ରଶ୍ନାର୍ଥକ )—କେଉଁ କାରଣରୁ; କାହିଁ—
Kihetu Why; wherefore; for what reason.
কিজিন্যে
किसलिये

**କିହେତୁରୁ**—ଦେ. ଅ—କିହେତୁ ( ଦେଖ )
Kiheturu Kihetu ( See )

**କିହେଲା**—ଦେ. ଅ—ଆଶ୍ଚର୍ଯ୍ୟ ଘଟଣା ଘଟିଲା—
Kihelā Oh ! wonder of wonders !
কিহল କିହେଲା ରେ, କହିତ ନୂହଇ ଘରଘରେ—
क्या हुआ କବିସୂର୍ଯ୍ୟ. ବଳୋରଭଦ୍ରାନନ୍ଦ ଚମ୍ପୂ କ. ଗୀତ ।

**କିହେଲେ**—ପ୍ରାଦେ. ( ସମ୍ବଲପୁର ) ଅ—ଅର୍ଥାତ୍—
Kihele That; in other words.

**କିହୋ**—ଦେ. ଅ—କିହେ ( ଦେଖ )
Kiho Kihe ( See )

**କୀକଟ**—ସଂ. ବିଣ. ( କିମ୍=କୁତ୍ସିତ+କଟ୍ ଧାତୁ=ଗମନ କରିବା
Kīkaṭa +କର୍ତ୍ତୃ. ଅ )—
୧ । ଗରିବ—1. Poor.
୨ । କୃପଣ—2. Miserly; niggardly.
ସଂ. ବି—୧ । ଅଶ୍ୱ—1. Horse.
୨ । ଦେଶବିଶେଷ; ମଗଧ ଦେଶର ପ୍ରାଚୀନ ବୈଦିକ ନାମ ( ହି. ଶବ୍ଦସାଗର )—
2. Name of a country; ancient Bihar.
[ ଦ୍ର— ତନ୍ତ୍ର ଅନୁସାରେ ଚରଣାଦ୍ରି ( ଚୁନାର ) ଠାରୁ ଗୃଧ୍ରକୂଟ ( ଗିଧୋର ) ପର୍ଯ୍ୟନ୍ତ କୀକଟ ଦେଶ ଥିଲା । ମଗଧ ଏହି ସୀମାର ଅନ୍ତର୍ଗତ—ହି. ଶବ୍ଦସାଗର । ]
୩ । ପ୍ରାଚୀନକାଳରେ କୀକଟଦେଶବାସୀ ଅନାର୍ଯ୍ୟ ଜାତିବିଶେଷ—
3. Name of a class of non-Aryans living in the Kīkaṭa country in ancient times.

**କୀକଶ**—ସଂ. ବି. ( କିମ୍=କୁତ୍ସିତ+କଶ୍ ଧାତୁ=ଶବ୍ଦ କରିବା+
Kīkaśa କର୍ତ୍ତୃ. ଅ )—
୧ । ଅସ୍ଥି; ହାଡ଼—1. Bone.
୨ । କୀଟବିଶେଷ—2. A kind of insect.
ସଂ. ବିଣ—୧ । କର୍କଶ—
1. Having a rasping sound.
୨ । କଠିନ—2. Hard.

**କୀକସ**—ସଂ. ବି. ଓ ବିଣ—କୀକଶ ( ଦେଖ )
Kīkasa Kīkaśa ( See )

**କୀକି**—ସଂ. ବି. ( କୀ=ଅନୁକରଣ ଧ୍ୱନି+କୈ. ଧାତୁ=ଶବ୍ଦ କରିବା+
Kīki କର୍ତ୍ତୃ. ଇ )—ନୀଳକଣ୍ଠ; ଚାଷପକ୍ଷୀ; ଭଦଭଦଳିଆ—
The blue jay.

**କୀଚକ**—ସଂ. ବି. (ଚୀକ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ.ଅକ; ନିପାତନ; ପବନ ପଶିଲେ ଯହିଁରୁ ଶବ୍ଦ ବାହାରେ)—
Kīchaka
୧ । ବେଣୁ ବାଉଁଶ; ଏକ ଜାତୀୟ ପୋଲା ବାଉଁଶ; ସୁନରିଘାଇ ବାଉଁଶ—1. A kind of bamboo tree; hollow bamboo ( which produces a whistling sound by the action of wind playing in the hollow ).
୨ । ( ନାମ ) ବିରାଟ ରାଜାଙ୍କ ଶଳା ଓ ସେନାପତି—
2. The commander-in-chief and brother-in-law of king Birāṭa.
[ ଦ୍ର—ଏ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ଥିଲେ । ପାଣ୍ଡବମାନେ ଛଦ୍ମବେଶରେ ବିରାଟ ରାଜାଙ୍କ ପୁରରେ ଅବସ୍ଥାନ କରୁଥିବା ସମୟରେ ଏ କାମାତୁର ହୋଇ ଦ୍ରୌପଦୀଙ୍କୁ ଅତ୍ୟନ୍ତ ଅପମାନିତା ଓ ବ୍ୟତିବ୍ୟସ୍ତ କରିବାରୁ ଭୀମସେନ କୌଣସି ନିର୍ଜ୍ଜନ ସ୍ଥାନରେ ଏହାଙ୍କୁ ଚପିଚୁପି, ଦଳିଦାଳି ମାଂସ ପିଣ୍ଡୁଳା କରି ମାରି ପକାଇ ଥିଲେ । ]
୩ । ରାକ୍ଷସବିଶେଷ—3. Name of a demon.

**କୀଚକ ଗଡ଼**—ଦେ. ବି—ଖିଚିଙ୍ଗ୍ ( ଦେଖ )
Kīchaka gaṛda Khichiṅg ( See )

**କୀଚକବଧ**—ସଂ. ବି. ( ୬ଷ୍ଠୀ ତତ୍; କୀଚକ+ବଧ )—
Kīchakabadha ଭୀମଙ୍କଦ୍ୱାରା କୀଚକର ହତ୍ୟା—
The assassination of Kīchaka by Bhīma.
ଦେ. ବି—ଅତ୍ୟନ୍ତ ମାଡ଼ ଦେଇ କୌଣସି ବ୍ୟକ୍ତିକୁ ଲମ୍ୱାଚଉଡ଼ା କରିଦେବା; ( କଥାରେ କହନ୍ତି "ମୋ କଥା ଶୁଣୁନାହିଁ, ମୁଁ ତତେ କୀଚକବଧ କରି ଦେବି; ଅର୍ଥାତ୍ ଭୀମ କୀଚକକୁ ମାଡ଼ରେ ଦଳମଳ ଦେଲା ଭଳି ମୁଁ ତତେ ମାଡ଼ରେ ଜର୍ଜରିତ କରି ଲମ୍ୱାଚଉଡ଼ା କରି ଚଳେ ପକାଇ ଦେବି ।" )—2. ( figurative ) Excessive beating of a man ( by means of crushing showers of blows ) like that inflicted on Kīchaka by Bhīma.

**କୀଞ୍ଚକ**—ଗ୍ରା. ବି. ( ସଂ. କୀଚକ )—କୀଚକ ( ଦେଖ )
Kīñchaka Kīchaka ( See )
ବିରାଟ ରାଜ୍ୟରେ କୀଞ୍ଚକ ରଜା । ତଗ ।

**କୀଟ୍** (ଧାତୁ)—ସଂ.—୧ । ବାନ୍ଧିବା—1. To bind.
Kīṭ (root) ୨ । ରଙ୍ଗ କରିବା—2. To dye.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କୀଟ୍‌କୀଟାଇବା**—ଦେ. କ୍ରି—ଟିକାଟିକି କରିଦେବା—
Kiṭkiṭāibā — To cut into shreds.

**କୀଟ**—ସଂ. ବି. ( କୀଟ୍ ଧାତୁ=ବାନ୍ଧିବା; ରଙ୍ଗ କରିବା+କର୍ତ୍ତୃ. ଅ )—
Kiṭa
୧ । ପୋକ—1. Insect.
୨ । କୃମି—2. Worm; maggot.
୩ । ( ଲକ୍ଷଣାର୍ଥ ) ତୁଚ୍ଛଜୀବ ବା ପ୍ରାଣୀ—
3. ( figurative ) An insignificant creature.

**କୀଟଘ୍ନ**—ସଂ. ବି. ( କୀଟ+ହନ୍ ଧାତୁ+କର୍ତ୍ତୃ. ଅ )—ଗନ୍ଧକ—
Kiṭaghna — Sulphur.
ସଂ. ବିଣ—ଯାହା କୀଟମାନଙ୍କୁ ନାଶ କରେ—
Insecticide.

**କୀଟଜ**—ସଂ. ବି. ( କୀଟ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ; ଯାହା କୀଟଠାରୁ ଜନ୍ମେ )—
Kiṭaja
ରେଶମ—Silk.
ସଂ. ବି—୧ । କୀଟଙ୍କଠାରୁ ଜାତ—
1. Produced by worms.
୨ । ରେଶମୀ—2. Silken.

**କୀଟଜା**—ସଂ. ବି. ( କୀଟଜ+ସ୍ତ୍ରୀ. ଆ )—ଲାଖ—
Kiṭajā — Shell lac.

**କୀଟଦଷ୍ଟ**—ସଂ. ବିଣ. ( ୩ୟା ତତ୍; କୀଟ+ଦଷ୍ଟ )—
Kiṭadashṭa — ପୋକରା; ପୋକଖିଆ—
Worm-eaten; moth-eaten.

**କୀଟଭୁକ୍**—ସଂ. ବିଣ. ( କୀଟ+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ) —
Kiṭabhuk — କ୍ଷୁଦ୍ର କୀଟ ଭକ୍ଷଣ କରି ପ୍ରାଣଧାରଣ କରୁଥିବା (ଜୀବ)—
Insectivorous ( animals ).
ସଂ. ବି—କୀଟ ଭକ୍ଷକ ପ୍ରାଣୀ—
( ଯଥା—ବେଙ୍ଗ, ଝିଟିପିଟି । )
Insectivora; an order of mammals living on insects.

**କୀଟମଣି**—ସଂ. ବି. ( ମଣି ପରି ଦେଖାଯିବା କୀଟ; ପୂର୍ବନିପାତ )—
Kiṭamaṇi — ଖଦ୍ୟୋତ; ଜୁଳୁଜୁଳିଆ ପୋକ (ହି. ଶବ୍ଦସାଗର)—
Fire-fly

**କୀଟମାରି**—ଦେ. ବି—କ୍ଷୁଦ୍ର ବନ୍ୟ ଶାକବିଶେଷ—
Kiṭamāri — An insectivorous plant; burmanni Drosera.
कीटमारी
**मुखजाली** [ ଦ୍ର—ଏ ଶାକ ବର୍ଷା ଦିନେ କଞ୍ଚା ଘାସ ମଧ୍ୟରେ ଉଠେ । ଶୀତ କାଳରେ ଏହାର ଫୁଲ ଫୁଟେ । ଏହାର ପତ୍ର ପଇସା ପରି ଛୋଟଛୋଟ, ଈଷତ୍ ଲାଲ ଓ ଲୋମଶ । ପତ୍ରରେ ଥିବା ଲୋମର ଅଗରେ ଅଠା ଥାଏ । ପତ୍ର ଉପରେ ପୋକ ବସିଗଲେ ପତ୍ର ବୁଜି ହୋଇ ପୋକକୁ ତା ମଧ୍ୟରେ ବନ୍ଦୀ କରି ପକାଏ । ପୋକ ଦେହରୁ ସବୁ ରସସାକ ଖାଇ ଦେଲା ପରେ ପତ୍ର ପୁଣି ମେଲା ହୋଇଯାଏ । ଯୋଗେଶ ଚନ୍ଦ୍ର । ]

**କୀଟସ୍ୟ କୀଟ**—ସଂ. ବିଣ. ( କୀଟ ଅପେକ୍ଷା ମଧ୍ୟ ଅଧମ ବା କ୍ଷୁଦ୍ର )—
Kiṭasya kiṭa — ( ଲକ୍ଷଣାର୍ଥ ) ଅତି ତୁଚ୍ଛ ବା ନଗଣ୍ୟ (ବ୍ୟକ୍ତି)—
( figurative ) Very insignificant ( person ).

**କୀଟାକୁଳିତ**—ସଂ. ବିଣ. ( ୩ୟା ତତ୍; କୀଟ+ଆକୁଳିତ )—
Kiṭākuḻita — ପୋକା; ପୋକରା; ପୋକଖିଆ—
Infested or attacked by worms or moths.

**କୀଟାଣୁ**—ସଂ. ବି. ( କୀଟ+ଅଣୁ=କ୍ଷୁଦ୍ର ଅଂଶ )—
Kiṭāṇu
୧ । କ୍ଷୁଦ୍ରତମ ପୋକ—1. Animalcule.
୨ । ଚକ୍ଷୁର ଅଗୋଚର କ୍ଷୁଦ୍ର କୀଟ; ଜୀବାଣୁ—
2. Germs; microbes.

**କୀଟାଦ**—ସଂ. ବିଣ. ( କୀଟ+ଅଦ୍ ଧାତୁ+କର୍ତ୍ତୃ. ଅ )—
Kiṭāda — କୀଟଭୁକ୍ ( ଦେଖ )
Kiṭabhuk ( See )

**କୀଟିକୀଟା**—ଦେ. ବିଣ.—ରେଶମ ଆଦି ବସ୍ତ୍ରକୁ କୀଟମାନେ ଟିକାଟିକି କରି ଚିରି ପକାଇଲା ଭଳି; ଚିରିଚିରା; ଟିକାଟିକି—
Kitikiṭā — Shredded like worm-eaten silk or wood or clothes; tattered.
किटकिटे
**चीथड़ा, टुकड़ाटुकड़ा**

**କୀଡ଼ା**—ଦେ. ବି. (ସଂ. କୀଟ; ପ୍ରା. କୀଡ଼)—୧ । ଶସ୍ୟ ଓ କାଠ ଆଦିରେ ଲାଗିଥିବା କ୍ଷୁଦ୍ର ପୋକ; ଘୁଣ—1. Small insects or weevils or worms boring into wood or grains.
Kirḍā
कीड़ा
**कीड़ा**
୨ । ଅଂଶେଇ—2. Maggot; worm.

**କୀଡ଼ା ଖାଇବା**—ଦେ. ବି.—କୌଣସି ପଦାର୍ଥକୁ କୀଟ ବିଦ୍ଧ ନଷ୍ଟ କରିବା—The destruction or spoiling of articles by worms or moths.
Kirḍā khāibā
कीड़ाधरा; कीड़ालागा
**कीड़ालगना; कीड़ाखाना**

**କୀଡ଼ା ଧରିବା**—ଦେ. ଭ.—କୀଡ଼ା ଖାଇବା (ଦେଖ)
Kirḍā dharibā — Kirḍā khāibā (See)

**କୀଡ଼ା ଲଗିବା**—ଦେ. ବି.—କୀଡ଼ା ଖାଇବା (ଦେଖ)
Kirḍā lāgibā — Kirḍā khāibā (See)

**କୀଡ଼ୀ**—ପ୍ରାଦେ. (ବସ୍ତର) ବି. (ସଂ. କୀଟ)—ପୋକ—
Kirḍi — Worm.

**କୀଦୃକ୍**—ସଂ. ବିଣ. ପୁଂ. (କିମ୍+ଦୃଶ୍ ଧାତୁ+କର୍ମ. କ୍ୱିପ୍; ୧ମା. ୧ବ.)—
Kidṛuk — କେଉଁ ପ୍ରକାରର; କେଉଁ ପରି; କିପରିକା—
Of what kind or sort.

**କୀଦୃକ୍ଷ**—ସଂ. ବିଣ. ପୁଂ. (କିମ୍+ଦୃଶ୍ ଧାତୁ+କର୍ମ. ସ)—
Kidṛuksha — କୀଦୃକ୍ (ଦେଖ)
Kidṛuk (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ର | ଞ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଛ |
| ୨ | ର | ଡ଼ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | କ୍ର | ଚ୍ଛ |

**କୀଦୃଶ**—ସଂ. ବିଣ. ପୁଂ. (କିମ୍+ଦୃଶ୍ ଧାତୁ+କର୍ମ.ଅ)—କେଉଁ ପ୍ରକାରର
Kidṛusa କିପରକା; କେଉଁପର—
(କୀଦୃଶୀ—ସ୍ତ୍ରୀ) Of what kind or sort.

**କୀନାଶ**—ସଂ. ବି. (କିଂ=କୁତ୍ସିତ+ନଶ୍ ଧାତୁ, ଣିଜନ୍ତ ନାଶି ଧାତୁ= ବିନାଶ କରିବା+କର୍ତ୍ତୃ. ଅ). ୧। ଯମ—
Kināsa 1. The God of death.
୨। କୁତ୍ସିତରୂପ ବାନରବିଶେଷ; ବଣମନୁଷ୍ୟ—
2. Orang Outang; a kind of monkey with very ugly appearance.
୩। ରାକ୍ଷସ—3. Demon.
୪। ପଶୁଘାତକ ବ୍ୟକ୍ତି; କଂସେଇ—
4. Butcher.
୫। ଗୁପ୍ତ ହତ୍ୟାକାରୀ ବ୍ୟକ୍ତି—
5. Assassinator; an assassin.
୬। କୃଷକ—6. Cultivator.
ସଂ. ବିଣ—୧। ନୀଚ—1. Low; mean.
୨। ଲୋଭୀ—2. Covetous.
୩। ପଶୁଘାତୀ—3. Killing animals.
୪। ଗୁପ୍ତଘାତୀ—4. Killing secretly; assassinating.

**କୀର**—ସଂ. ବି. (କୀ=ଶବ୍ଦାନୁକରଣ+ଈର୍ ଧାତୁ=ପ୍ରେରଣ କରିବା
Kira +କର୍ତ୍ତୃ. ଅ)—୧। ଶୁକପକ୍ଷୀ; ଶୁଆ—1. Parrot.
୨। ମାଂସ—2. Flesh.
୩। ଦେଶବିଶେଷ; କାଶ୍ମୀର—
3. The country of Kashmere.
୪। କାଶ୍ମୀର ଦେଶବାସୀ ବ୍ୟକ୍ତି—
4. A resident of Kashmere.

**କୀରତି**—ଗ୍ରା. (ପଦ୍ୟ) ବି. (ସଂ. କୀର୍ତ୍ତି)—କୀର୍ତ୍ତି; ଯଶ; ସୁନାମ—
Kirati Renown; fame; good name.
कीरति ଏଥି ଭୂଷ ଚନ୍ଦ୍ରବଂଶକାଳ କୀରତି
कीरति ନାଶ ଯିବ କହୁଛ କରି ମୁଁ ପିରତି। କୃଷ୍ଣସିଂହ. ମହାଭାରତ. ବନ।

**କୀରଃ**—ସଂ. ବିଣ—କୃପଣ; କାମ୍ପୀ—
Kiraṭa Miserly; niggardly.

**କୀରତନ**—ଗ୍ରା. (ପଦ୍ୟ) ବି. (ସଂ. କୀର୍ତ୍ତନ)—କୀର୍ତ୍ତନ (ଦେଖ)
Kiritana Kirtana (See)
ଦଶରଥ ରାମଙ୍କ ଗୁଣ କୀରତନ। କୃଷ୍ଣସିଂହ. ମହାଭାରତ. ବନ।

**କୀର୍ଣ୍ଣ**—ସଂ. ବିଣ (କୃ ଧାତୁ=ବିକ୍ଷେପ କରିବା+କର୍ମ. ତ)—
Kirṇṇa ୧। ବିକ୍ଷିପ୍ତ; ବିଞ୍ଚା ହୋଇଥିବା—1. Scattered.
୨। ବ୍ୟାପ୍ତ—2. Extended.
୩। ଆଚ୍ଛନ୍ନ—3. Hidden; covered with; overclouded.
୪। ହିଂସିତ; ନିହତ—4. Killed; slaughtered; destroyed.
୫। ହିଂସିତ; ଆହତ—
5. Injured; hurt; wounded.
୬। ପୂର୍ଣ୍ଣ—6. Filled with; full of.

**କୀର୍ତ୍ତନ**—ସଂ. ବି. (କୃତ୍ ଧାତୁ=ପ୍ରଶଂସା କରିବା+ଭାବ. ଅନ)—
Kirtana ୧। ବର୍ଣ୍ଣନ—1. Description; act of
(କୀର୍ତ୍ତିନ—ଅନ୍ୟରୂପ) describing; narration.
୨। କଥନ—2. Speaking; speech.
୩। ଉଲ୍ଲେଖ—3. Mention; report.
୪। ଯଶୋଗାନ; ଗୁଣକଥନ; ପ୍ରଶଂସାବାଦ—
4. Eulogy; praising; praise.
୫। ହରିନାମ ଗାନ; ହରିଗୁଣ ଗାନ—
5. Chanting of hymns of God.
कीर्तन ଦେ. ବି—୧। ଝାଞ୍ଜ ଓ ମୃଦଙ୍ଗ ସାହାଯ୍ୟରେ କୃଷ୍ଣ ଓ
कीर्त्तन ଚୈତନ୍ୟାଦି ମହାପ୍ରଭୁଙ୍କର ସ୍ତୁତିସଙ୍ଗୀତ ଗାନ—
1. Chanting of hymns in concert and chorus.
କୀର୍ତ୍ତନରେ ହାତୁଡ଼ାଖା ଅଁ କରିବା ନ୍ୟାୟ। ଚଗ।
[ ଦ୍ର—କୀର୍ତ୍ତନ ଚୈତନ୍ୟଦେବଙ୍କ ସମୟରୁ ଓଡ଼ିଶାରେ ପ୍ରଚଳିତ ଓ ଏଥିର ଅଧିକାଂଶ ଗୀତ ବଙ୍ଗଭାଷାରେ ରଚିତ। ସମୟ ସମୟରେ ଏହି କୀର୍ତ୍ତନଦଳ କୀର୍ତ୍ତନ କରୁ କରୁ ଗ୍ରାମ ବା ନଗରରେ ବୁଲନ୍ତି, ଏହାକୁ ନଗରକୀର୍ତ୍ତନ ବୋଲାଯାଏ। ]
୨। (ଲକ୍ଷଣାର୍ଥ) କଳହ—2. (figurative) Quarrel.
(ଯଥା—ତାଙ୍କ ଘରେ ତ ଦିନକଦିନ ହେଲା କୀର୍ତ୍ତନ ଲାଗିଛି।)
୩। ଘୋଗା; ଗୋଳମାଳ—3. Noise; hubbub.
୪। ପୁରୁଷଙ୍କ ନାମ—4. A name given to males.
[ ଦ୍ର—ମନଅର କିଛି ଆମ୍ଭଙ୍କ ଧୃତ ଅକାର କୀର୍ତ୍ତନ; କଲୁ ହିନ୍ଦ ଶବ୍ଦସାଗର, ଆପ୍ଟେ, ପ୍ରକୃତିବାଦ, ଜ୍ଞାନେନ୍ଦ୍ର ଆଦି କୀର୍ତ୍ତିନ ବନାନ କରିଅଛନ୍ତି। ]

**କୀର୍ତ୍ତନ ଆଖଡ଼ା**—ଦେ. ବି—୧। ନାମସଙ୍କୀର୍ତ୍ତନ ଗାନ ଓ ବାଦ୍ୟ ଶିକ୍ଷା
Kirtana ākharḍā କରିବାର ନିର୍ଦ୍ଦିଷ୍ଟ ସ୍ଥାନ ବା ଗୃହ—
1. The place where people get trained for Kirtana.
୨। ସଙ୍କୀର୍ତ୍ତନ କରିବା ବ୍ୟକ୍ତିଙ୍କ ଦଳ ବା ପନ୍ଥା—
2. A party of Kirtana-singers and players.

**କୀର୍ତ୍ତନ ଗୁରୁ**—ଦେ. ବି—ସଙ୍କୀର୍ତ୍ତନର ସଙ୍ଗୀତ ଓ ବାଦ୍ୟ ଶିକ୍ଷା ଦେବା ଗୁରୁ—
Kirtana guru A teacher training the chanters to sing and play on music in proper concert and measure; a Kirtana-training teacher.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ 'କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଲା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍ଟ' ଦେଖିବେ।

**କୀର୍ତ୍ତନବାଲା** — ଦେ. ବି. ପୁଂ—ସଂକୀର୍ତ୍ତନ ଦଳର ବ୍ୟକ୍ତି; କୀର୍ତ୍ତନଗାୟକ—
Kīrtanabālā One belonging to a party of Kīrtana chanters.
(କୀର୍ତ୍ତନବାଲୀ—ସ୍ତ୍ରୀ)
**কীর্ত্তন ওয়ালা**
**कीर्तन वाला**

ଦେ. ବିଣ— ସଂକୀର୍ତ୍ତନ ଗାନକାରୀ—Chanting hymns.

**କୀର୍ତ୍ତନ ବିଦାକି**—ଦେ. ବି—କୀର୍ତ୍ତନ ଶେଷହେବା ପରେ ଖୋଲକରତାଳ
Kīrtana bidāki ଉପରେ ନୂଆ ଲୁଗା ରଖି ଦେବଯୋଗ୍ୟ ଉତ୍ତମ ପଦାର୍ଥ ଭୋଗ ଲଗାଇ ନିମନ୍ତ୍ରିତ କୀର୍ତ୍ତନକାରୀ ଦଳଙ୍କୁ ଉକ୍ତ ଦ୍ରବ୍ୟ ଦେଇ ବିଦାୟ ଦେବା କର୍ମ—Worshipping of the musical instruments after Kīrtana is over and offering of bhog to them and bidding the party adieu after distributing the offerings amongst them.

[ ଦ୍ର—ଏକ ଗ୍ରାମର କୀର୍ତ୍ତନମଣ୍ଡଳୀଙ୍କୁ ଅନ୍ୟ ଗ୍ରାମରେ କୀର୍ତ୍ତନ କରିବା ନିମନ୍ତେ 'ଦଲ' ବା ପୁଷ୍ପମାଳ ଆଗରୁ ପଠାଇ ନିମନ୍ତ୍ରଣ କରାଯାଏ। ନିମନ୍ତ୍ରିତ କୀର୍ତ୍ତନକାରୀ ଦଳ ନିର୍ଦ୍ଦିଷ୍ଟ ସ୍ଥଳକୁ ଆସି ବିନା ପଇସାରେ କୀର୍ତ୍ତନ କରନ୍ତି। କୀର୍ତ୍ତନ ଶେଷ ହେଲେ ଖୋଲ କରତାଳକୁ ଏକ ସ୍ଥାନରେ ରୁଣ୍ଡ କରାଯାଏ ଏବଂ ଖୋଲ କରତାଳ ଉପରେ ନୂଆ ଲୁଗା ଓ ଫୁଲ ଚନ୍ଦନ ଦେଇ ଚୈତନ୍ୟ ଦେବଙ୍କ ନାମରେ ଭୋଗ ପଦାର୍ଥମାନ ପୂଜା କରାଯାଏ ଏବଂ ସେହି ଭୋଗ କୀର୍ତ୍ତନୀଆମାନଙ୍କ ମଧ୍ୟରେ ବିତରିତ ହେବା ପରେ କୀର୍ତ୍ତନମଣ୍ଡଳୀଙ୍କୁ ବିଦାୟ ଦିଆଯାଏ। ]

**କୀର୍ତ୍ତନ ମଣ୍ଡଳ**—ଦେ. ବି—ନାମସଂକୀର୍ତ୍ତନ କରିବା ନିମନ୍ତେ ଗଠିତ
Kīrtana maṇḍala ଏକାଧିକ ବ୍ୟକ୍ତିଙ୍କର ସଂଘ—
**কীর্ত্তনদল** A party of Kīrtana players consisting of at least 3 persons.
**कीर्तनवाले**

[ ଦ୍ର— କୀର୍ତ୍ତନରେ ଗାଇବା ପାଇଁ, ମୃଦଙ୍ଗ ବଜାଇବା ପାଇଁ ଓ ପାଳ ଧରିବା ପାଇଁ ଅନ୍ତତଃ ୩ ବା ତତୋଧିକ ବ୍ୟକ୍ତି ଲୋଡ଼ା। ]

**କୀର୍ତ୍ତନ ମଣ୍ଡଳୀ**—ଦେ. ବି— କୀର୍ତ୍ତନ ମଣ୍ଡଳ ( ଦେଖ )
Kīrtana maṇḍalī Kīrtana maṇḍala ( See )

**କୀର୍ତ୍ତନ ଲଢ଼େଇ**—ଦେ. ବି— ଦୁଇ ବା ତତୋଧିକ ସଂକୀର୍ତ୍ତନଦଳ
Kīrtana laṛhei ମଧ୍ୟରେ ଗୀତ ଓ ବାଦ୍ୟ ସମ୍ବନ୍ଧରେ ପ୍ରତିଯୋଗିତା-
Competition between two or more parties of Kīrtana-chanters as to which party is superior in singing and music.

**କୀର୍ତ୍ତନିଆଁ**—ଦେ. ବି. ( ସଂ. କୀର୍ତ୍ତନ )—
Kīrtaniāṅ ୧। ସଂକୀର୍ତ୍ତନଦଳର ବ୍ୟକ୍ତି; କୀର୍ତ୍ତନଗାୟକ—
(କୀର୍ତ୍ତନିଆଁ—ସ୍ତ୍ରୀ) 1. One belonging to a party of Kīrtana-players.
**কীর্ত্তনীয়া**
**कीर्तनिया**

ଦେ. ବିଣ—ସଂକୀର୍ତ୍ତନକାରୀ—
Chanting hymns.

**କୀର୍ତ୍ତନୀୟ**—ସଂ. ବିଣ. ( କୃତ୍ ଧାତୁ + କର୍ମ. ଅନୀୟ )—
Kīrtanīya ୧। ବନ୍ଦନୀୟ; ପ୍ରଶଂସନୀୟ—
1. Praiseworthy.
୨। ଉଲ୍ଲେଖଯୋଗ୍ୟ—2. Mentionable.

**କୀର୍ତ୍ତି**—ସଂ. ବି. ସ୍ତ୍ରୀ. ( କୃତ୍ ଧାତୁ = ପ୍ରଶଂସା କରିବା + ଭାବ. ତି )—
Kīrti ୧। ଯଶଃ; ସୁଖ୍ୟାତି—
(ଅକୀର୍ତ୍ତି—ବିପରୀତ) 1. Glory; renown.
(କୀର୍ତ୍ତି—ଅନ୍ୟରୂପ)

୨। ଲୋକ ମୁଖରୁ ପ୍ରଶଂସା—
2. Public praise; fame.
୩। ଦାନାଦି ପ୍ରଭବ ସୁନାମ; ନାଆଁ—
3. Fame due to benefitting others.
୪। ପୁଣ୍ୟ ( ହି. ଶବ୍ଦସାଗର )—
4. Piety.
୫। ବିସ୍ତାର—5. Extension; expansion.
୬। କର୍ଦ୍ଦମ; କାଦୁଅ (ହି. ଶବ୍ଦସାଗର)—
6. Clay; mud.
୭। (ନାମ) ସୀତାଙ୍କର ଏକ ସଖୀ—
7. Name of a companion of Sitā.
୮। (ନାମ) ଦକ୍ଷଙ୍କର ଏକ କନ୍ୟା ଓ ଧର୍ମଙ୍କ ପତ୍ନୀ—
8. Name of daughter of Daksha and wife of Dharma.
୯। ଆର୍ଯ୍ୟା ଛନ୍ଦର ଏକ ଭେଦ—
9. Name of a Sanscrit metre.

[ ଦ୍ର—ଏଥିରେ ୧୯ଟି ଗୁରୁ ଓ ୧୯ଟି ଲଘୁ ବର୍ଣ୍ଣ ଥାଏ। (ହି. ଶବ୍ଦସାଗର)]

୧୦। ଦଶାକ୍ଷରୀ ବୃତ୍ତିବିଶେଷ—
10. Name of a musical metre of 10 syllables.

[ ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୩ ସଗଣ ଓ ଏକ ଗୁରୁ ବର୍ଣ୍ଣ ଥାଏ। (ହି. ଶବ୍ଦସାଗର)]

୧୧। ଏକାଦଶାକ୍ଷରୀ ବୃତ୍ତିବିଶେଷ—
11. Name of a Sanscrit metre of 11 syllables.

[ ଦ୍ର— ଏହା ଇନ୍ଦ୍ରବଜ୍ରାର ମିଳନରେ ରଚିତ ହୁଏ; ଏଥିର ପ୍ରଥମ ଚରଣର ପ୍ରଥମ ଅକ୍ଷର ଲଘୁ ଓ ଶେଷ ୩ ଚରଣର ପ୍ରଥମ ଅକ୍ଷର ଗୁରୁ ହୁଏ। (ହି. ଶବ୍ଦସାଗର)]

୧୨। ଜ୍ୟୋତି—12. Lustre. ( M. W. )
୧୩। ପ୍ରସାଦ—13. Favour. ( M. W. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ଢ |

୧୪ । ପ୍ରାସାଦ—14. Palace. ( M. W. )

୧୫ । ( କୃ ଧାତୁ ) ମଇଳା; ମଳ—
15. Dirt ( M. W. )

୧୬ । ମାତୃକାବିଶେଷ—
15. Name of one of the divine energy personified ( M. W. )

ଦେ. ବି—୧ । ଯଶୋଜନକ କାର୍ଯ୍ୟ—
1. A work which brings renown to the doer; work of public utility.

[ ଦ୍ର—ମନ୍ଦିରନିର୍ମାଣ, ପୁଷ୍କରିଣୀଖନନ, ଅନ୍ନସତ୍ର ଓ ଜଳସତ୍ର ସ୍ଥାପନ, ଧର୍ମଶାଳା, ପାନ୍ଥନିବାସ ସ୍ଥାପନ ଏବଂ ପଥପାର୍ଶ୍ୱରେ ବୃକ୍ଷାଦି ରୋପଣ ପ୍ରଭୃତି ଜନହିତକର କାର୍ଯ୍ୟଦ୍ୱାରା କୀର୍ତ୍ତି ହୁଏ । ଶୌର୍ଯ୍ୟ ପ୍ରକାଶ କରିବା, ପାଣ୍ଡିତ୍ୟ ପ୍ରଦର୍ଶନ କରିବା ପ୍ରଭୃତି ଦ୍ୱାରା ଯଶଃ ହୁଏ । କୀର୍ତ୍ତି ସତ୍କାର୍ଯ୍ୟପ୍ରଭବା ଓ ଯଶଃ ସଦ୍ଗୁଣପ୍ରଭବା । କୀର୍ତ୍ତି ମରଣାନ୍ତ-ସ୍ଥାୟିନୀ ଓ ଯଶଃ ଜୀବିତକାଳସ୍ଥାୟୀ । ]

୨ । ( ବ୍ୟଙ୍ଗ୍ୟାର୍ଥ ) ନିନ୍ଦିତ କର୍ମ; ଗର୍ହିତ କାର୍ଯ୍ୟ—
2. ( ironical ) An infamous act.

୩ । ( ବ୍ୟଙ୍ଗ୍ୟାର୍ଥ ) ଅଯଶ—
3. ( ironical ) Ill fame; disrepute.

[ ଦ୍ର—ସ୍ୱର୍ଗତ-ଇଂରାଜୀ ଅଭିଧାନକାର ମନଅର୍ ୱିଲିୟମ୍ସ ଲେଖିଅଛନ୍ତି ଯେ 'କୀର୍ତ୍ତି' ବନାନ ଅଶୁଦ୍ଧ ଅଟେ ଓ 'କୀର୍ତ୍ତି' ବନାନ ଶୁଦ୍ଧ ଅଟେ; କିନ୍ତୁ ପ୍ରକୃତିବାଦ, ଆପ୍ଟେ, ହିନ୍ଦି. ଶବ୍ଦସାଗର, ଶବ୍ଦକଳ୍ପଦ୍ରୁମ ଓ ଜ୍ଞାନେନ୍ଦ୍ରଙ୍କ ବଙ୍ଗଳା ଅଭିଧାନରେ ଏହା କୀର୍ତ୍ତି-ରୂପେ ଲେଖାଅଛି । ]

**କୀର୍ତ୍ତିକର**—ସଂ. ବିଣ. ( କୀର୍ତ୍ତି + କୃ. ଧାତୁ + କର୍ତ୍ତୃ. ଅ )—
Kirtikara କୀର୍ତ୍ତିଜନକ; ଯଶସ୍କର—
Bringing glory or renown; glorious.

**କୀର୍ତ୍ତି କରିବା**—ଦେ. କ୍ରି—କୀର୍ତ୍ତିଜନକ କାର୍ଯ୍ୟ କରିବା—
Kirti kariba To do a work which will bring renown, especially any work of public utility and benefit.
**कीर्तिकरना**
**कीर्तीकरना**

**କୀର୍ତ୍ତିଚନ୍ଦ୍ର**—ସଂ. ବିଣ. ( ବହୁବ୍ରୀହି; କୀର୍ତ୍ତି + ଚନ୍ଦ୍ର )—ଦିଗନ୍ତବିସ୍ତୃତ-
Kirtichandra ଯଶା; ଯାହାର କୀର୍ତ୍ତି ଚନ୍ଦ୍ରଙ୍କ କିରଣ ଭଳି ପୃଥିବୀ ବ୍ୟାପିଛି—Widely renowned or famous.

ଦେ. ବିଣ—( ବ୍ୟଙ୍ଗ୍ୟାର୍ଥ ) ଅକୀର୍ତ୍ତିକର କାର୍ଯ୍ୟ କରିବା ( ବ୍ୟକ୍ତି )—( Ironical ) ( person ) Doing an inglorious act.

**କୀର୍ତ୍ତିତ**—ସଂ. ବିଣ. ( କୃତ୍ ଧାତୁ + କର୍ମ. ତ )—
Kirtita ୧ । ବର୍ଣ୍ଣିତ—1. Described.
୨ । ଖ୍ୟାତ—2. Renowned; called.
୩ । ନିର୍ଦ୍ଦିଷ୍ଟ—3. Fixed; ascertained.
୪ । କଥିତ; ଉକ୍ତ—4. Spoken; said.

**କୀର୍ତ୍ତିନାଶା**—ଦେ. ବି. ( କୀର୍ତ୍ତି + ନାଶ + ଆ )—'ପଦ୍ମା'ନଦୀର ଅନ୍ୟ-
Kirtinasa ନାମ; ( ପଦ୍ମା ଦେଖ )—
A name of the river Padma.

**କୀର୍ତ୍ତିପତାକା**—ସଂ. ବି. ( ରୂପକ କର୍ମଧା; କୀର୍ତ୍ତି + ପତାକା )—ପତାକା
Kirtipataka ପରି ବହୁଦୂରରୁ ଶୋଭିତ କୀର୍ତ୍ତି; ଦିଗନ୍ତବିସ୍ତୃତ ଯଶୋରାଶି; ପ୍ରସୃତ ସୁନାମ—
Widespread glory or renown ( like a flying flag which is visible to a long distance ).

**କୀର୍ତ୍ତିବନ୍ତ**—ଗ୍ରା. ବିଣ. ( ସଂ. କୀର୍ତ୍ତିବାନ୍ )—କୀର୍ତ୍ତିମାନ୍ ( ଦେଖ )
Kirtibanta Kirtiman ( See )

**କୀର୍ତ୍ତିବାସ**—ସଂ. ବି ( ନାମ )—୧ । ସ୍କନ୍ଦପୁରାଣୋକ୍ତ ଅସୁରବିଶେଷ—
Kirtibasa 1. Name of a mythological demon ( M. W. ).
୨ । ଗ୍ରନ୍ଥକାରବିଶେଷ—
2. Name of an author ( M. W. )

**କୀର୍ତ୍ତିମନ୍ତ**—ଗ୍ରା. ବିଣ—କୀର୍ତ୍ତିମାନ୍ ( ଦେଖ )
Kirtimanta Kirtiman ( See )
**कीर्त्तिवन्त** କୀର୍ତ୍ତିମନ୍ତ ଲୋକର ହୁଏ ସ୍ୱର୍ଗଭୋଗ—
**कीर्तिमंत** କୃଷ୍ଣସିଂହ. ମହାଭାରତ. ବନ ।

**କୀର୍ତ୍ତିମାନ୍**—ସଂ. ବିଣ. ପୁଂ. ( କୀର୍ତ୍ତି + ଅଛି ଅର୍ଥରେ ମତ୍ ୧ମା. ୧ବ.)—
Kirtiman କୀର୍ତ୍ତିଜନକ କାର୍ଯ୍ୟ ଯୋଗୁଁ ଯାହାର କୀର୍ତ୍ତି ( କୀର୍ତ୍ତିମତୀ—ସ୍ତ୍ରୀ ) ସବୁଆଡ଼େ ପ୍ରସୃତ ହୁଏ—Famous; (କୀର୍ତ୍ତିବାନ୍—ଅନ୍ୟରୂପ) renowned; celebrated.

**କୀର୍ତ୍ତିମୁଖ**—ଦେ. ବି—ଶିବମନ୍ଦିରର ଦ୍ୱାରଦେଶରେ ଥିବା ଖୋଦିତ
Kirtimukha ବା ଚିତ୍ରିତ ମୁଣ୍ଡ—
A figure-head adorning the door of a temple of Siba.

[ ଦ୍ର—ଗର୍ବଦୃପ୍ତ ଜଳନ୍ଧର ପାର୍ବତୀଙ୍କୁ ବିବାହ କରିବାକୁ ମହାଦେବଙ୍କ ନିକଟକୁ ରାହୁକୁ ଦୂତରୂପେ ପଠାଇବାରୁ କ୍ରୋଧାନ୍ୱିତ ମହାଦେବଙ୍କ ଭ୍ରୂ ମଧ୍ୟରୁ ଗୋଟିଏ ଭୀଷଣ ମୂର୍ତ୍ତି ରାହୁକୁ ଗ୍ରାସ କରିବାକୁ ଗୋଡ଼ାଇ ଗଲା । ତହୁଁ ରାହୁ ମହାଦେବଙ୍କ ପାଖେ ଶରଣ ପଶିଲା । ମହାଦେବଙ୍କ ବରରେ ଏ ଭୀଷଣ ମୂର୍ତ୍ତି ରାହୁର ମୁଣ୍ଡଟିକୁ ଛାଡ଼ି ଶରୀରର ଅନ୍ୟ ସମସ୍ତ ଅବୟବ ଗ୍ରାସ କଲା । ଏହି ମୁଣ୍ଡ କୀର୍ତ୍ତିମୁଖ ନାମ ଧାରଣ କରିଅଛି । ପ୍ରଥମେ ଏହି ମୁଣ୍ଡକୁ ଦର୍ଶନ ଓ ଅର୍ଚ୍ଚନା କରି ମନ୍ଦିର ମଧ୍ୟକୁ ନ ଗଲେ ଶିବଦର୍ଶନ ଓ ସେବା ପୂଜା ନିଷ୍ଫଳ ହୁଏ—ସ୍କନ୍ଦପୁରାଣ । ]

**କୀର୍ତ୍ତି ରଖିବା**—ଦେ. କ୍ରି—୧ । ଯେଉଁ କାର୍ଯ୍ୟଦ୍ୱାରା ଭବିଷ୍ୟତରେ
Kirti rakhiba ଯଶ ରହିବ ଏପରି ସ୍ଥାୟୀ କାର୍ଯ୍ୟ କରିବା—

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚରାଚର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

কীর্তীরাখা
**कीर्तिरखना** 1. To do a work which will bring renown up to the future; to leave a work of glory.

୨ । ପୂର୍ବ ବଂଶଧରଙ୍କ ଯଶକୁ ଅକ୍ଷୁଣ୍ଣ ରଖିବା— 2. To continue ( by one's present acts or conduct ) the good fame of one's ancestors.

୩ । ପୂର୍ବ ବଂଶଧରଙ୍କର କୌଣସି କୀର୍ତ୍ତିକର ଅନୁଷ୍ଠାନ (ଯଥା— ମନ୍ଦିର, ତଡ଼ାଗ, ଧର୍ମଶାଳା, ବିଦ୍ୟାଳୟ ) କୁ ଜୀର୍ଣ୍ଣ-ସଂସ୍କାରାଦିଦ୍ୱାରା ରକ୍ଷା କରିବା—3. To preserve some old works of one's ancestors by repair etc.

**କୀର୍ତ୍ତି ରଖିଯିବା**— ଦେ. କ୍ରି—କୀର୍ତ୍ତିଜନକ କାର୍ଯ୍ୟ କରି ମରିବା—
Kirti rakhijibā To leave behind something
কীর্তীরেখেযাওয়া which will commemorate
**कीर्तिरखयाना** one's name after death.

**କୀର୍ତ୍ତିଶାଳୀ**—ସଂ. ବିଣ. ପୁଂ. ( କୀର୍ତ୍ତି+ଅସ୍ତି ଅର୍ଥରେ ଶାଳିନ୍, ୧ମା. ୧ବ.)—ଯେ କୀର୍ତ୍ତିଜନକ କାର୍ଯ୍ୟ କରିଥିବା ଯୋଗୁଁ
Kirtisāli
(କୀର୍ତ୍ତିଶାଳିନୀ—ସ୍ତ୍ରୀ) ସଂସାରରେ ଯଶ ପାଏ—Having performed works of fame; famous; renowned (person ).

**କୀର୍ତ୍ତିଶେଷ**— ସଂ. ବି. ( ବହୁବ୍ରୀହି; କୀର୍ତ୍ତି+ଶେଷ; କୀର୍ତ୍ତିମାତ୍ର ଶେଷ ରହେ
Kirtisesha ଯାହା ଦ୍ୱାରା)—ମୃତ୍ୟୁ—Death (which results in the survival of fame only.)
(କୀର୍ତ୍ତିଶେଷା—ସ୍ତ୍ରୀ) ସଂ. ବିଣ.—ମୃତ—Dead.

**କୀର୍ତ୍ତିସ୍ତମ୍ଭ**—ସଂ. ବି. (ମ. ପ. ଲୋ; କୀର୍ତ୍ତି+ସ୍ତମ୍ଭ)—୧ । ବ୍ୟକ୍ତିବିଶେଷଙ୍କ
Kirtistambha କୀର୍ତ୍ତିକର କାର୍ଯ୍ୟମାନ ଯେଉଁ ସ୍ତମ୍ଭରେ ଲିପିବଦ୍ଧ ହୋଇ ଥାଏ—1. A pillar embodying the acts of renown of a certain person or king; an obelisk.

୨ । ବିଶିଷ୍ଟ ରାଜାଙ୍କର ରାଜତ୍ୱକାଳରେ ଘଟିଥିବା କୌଣସି କୀର୍ତ୍ତିଜନକ ବା ବିଖ୍ୟାତ କାର୍ଯ୍ୟର ଭବିଷ୍ୟତ୍ ବଂଶଧର-ମାନଙ୍କ ସ୍ମରଣାର୍ଥ ନିର୍ମିତ ଉଚ୍ଚ ସ୍ତମ୍ଭ—2. A pillar erected in commemoration of some famous acts of a certain sovereign or of some famous occurrence; a monument; a memorial.

**କୀର୍ତ୍ତି (ଇତ୍ୟାଦି)**—(ସଂ. କୀର୍ତ୍ତି)— କୀର୍ତ୍ତି ଇତ୍ୟାଦି (ଦେଖ)
Kirtti (etc) Kirti etc. (See)
[ ଦ୍ର— କୀର୍ତ୍ତି ଶବ୍ଦର ଏହି ବନାନ ଅଶୁଦ୍ଧ ଅଟେ M. W. । ]

**କୀଲ୍ (ଧାତୁ)**—ସଂ.—୧ । ବନ୍ଧନ କରିବା—
Kil (root) 1 To bind.

୨ । ଦୃଢ଼ କରିବା; ବନ୍ଦ କରିବା—2. To fasten.

୩ । କଣ୍ଟା ପୋତିବା; କୀଲା ପୋତିବା—3. To stake.

୪ । ପୀନ୍ ଆଦି ଦ୍ୱାରା ଜୋଡ଼ିବା—4. To pin.

**କୀଲ**—ସଂ. ବି. (କୀଲ୍ ଧାତୁ=ବନ୍ଧନ କରିବା+କରଣ. ଅ)—
Kila ୧ । ଖିଲ; ଗେଞ୍ଜଣା; ମେଖ; ସରୁ ଓ ଛୋଟ ମୁନିଆ କାଠ ବା ଧାତୁ—1. Peg; pin.

୨ । ଖୁଣ୍ଟା; ଖୁଣ୍ଟି—2. Short pillar; post; stake.

୩ । ଖୁଣ୍ଟ—3. Pillar.

୪ । ମୁଷ୍ଟ୍ୟାଘାତ; ମୁଥ; ମୁଣ୍ଡି— 4. Blow by the clenched fist.

୫ । ଅଗ୍ନିଶିଖା—5. Flame.

୬ । କବାଟର କିଳଣୀ—6. The bolt of a door.

୭ । କହୁଣୀ—7. Elbow.

୮ । ପିରିକ; କଣ୍ଟା—8. Nail; prick.

୯ । ସୂର୍ଯ୍ୟଘଟିକାର ଛାୟାଦର୍ଶକ କଣ୍ଟା— 9. Gnomon of a sundial (M. W.)

୧୦ । ଚକିର ମଝିଖୁଣ୍ଟି ( ହି. ଶବ୍ଦସାଗର )—10. The central pin of the lower mill-stone.

୧୧ । ଗୋରୁ ଖୁଣ୍ଟ—11. Post in a cow-house for fastening cattle (M.W.)

୧୨ । (ସୁଶ୍ରୁତ) ପ୍ରସବ ପୂର୍ବରୁ ଭ୍ରୂଣ ଯୋନିଦ୍ୱାରରେ ଅଟକିବା ଅବସ୍ଥା—12. The position of a foetus impending delivery.

୧୩ । କୁମ୍ଭାର ଚକର ମଝି ଖୁଣ୍ଟି (ହି. ଶବ୍ଦସାଗର)— 13. The central stake of a potter's wheel

୧୪ । (ସୁଶ୍ରୁତ) କଣ୍ଟା ଆକାରର ଅର୍ବୁ; ପଦ୍ମକଣ୍ଟକ— 14. A kind of tumour having the shape of a stake

୧୫ । ନାକରେ ପିନ୍ଧା ଯିବା ଲବଙ୍ଗ ଆକାରରେ ଅଳଙ୍କାର ବିଶେଷ ( ହି. ଶବ୍ଦସାଗର )—15. A clove-like ornament for the nose.

୧୬ । ସ୍ତ୍ରୀପ୍ରସଙ୍ଗରେ ଆସନବିଶେଷ; କୀଲାସନ (ହି. ଶବ୍ଦସାଗର) 16. A kind of pose in coition.

**କୀଲକ**—ସଂ. ବି. (କୀଲ+ସ୍ୱାର୍ଥରେ କ.)—୧ । ବନ୍ଧନାର୍ଥ ଖୁଣ୍ଟ—
Kilaka 1. Pillar; post.

୨ । ଖୁଣ୍ଟି—2. Small pillar; stake.

୩ । କୀଲା; ଖୁଣ୍ଟା; ଗେଁଜଣା—3. Peg.

୪ । ତନ୍ତ୍ରୋକ୍ତ ଦେବତାବିଶେଷ—4. A class of Deities mentioned in the Tantras.

୫ । ଶସ୍ତ୍ରାଦିକୁ କୀଳିବା ମନ୍ତ୍ର—5. An incantation used for the purpose of making one's body invulnerable

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇପ୍ପ | ଢ଼ଅ | ଭ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୬ । ସ୍ତବବିଶେଷ—6. A hymn recited before the recital of the chief hymn.

[ ଦ୍ର—ଏ ସ୍ତବପାଠଦ୍ୱାରା ମନ୍ଦ ପ୍ରଭାବ ଅବରୁ ସ୍ତବକାରୀଙ୍କୁ ରକ୍ଷା କରାଯାଏ । ]

୭ । ( ସୁଶ୍ରୁତ ) ଭଙ୍ଗାହାଡ଼କୁ ସିଧା କରି ବାନ୍ଧିବା ପାଇଁ ବ୍ୟବହୃତ କାଠପଟା—

7. A splint for confining broken bones.

୮ । ମନ୍ତ୍ରର ମଧ୍ୟଭାଗ—

8. The middle portion of a mantra.

୯ । ( ଜ୍ୟୋତିଷ ) ବାର୍ହସ୍ପତ୍ୟ ବର୍ଷ ଗଣନା ଚକ୍ରର ୬୦ ବର୍ଷ ମଧ୍ୟରୁ ଦ୍ୱିଚତ୍ୱାରିଂଶ ବର୍ଷର ନାମ—

9. ( Astrology ) Name of the 42nd year of the cycle of 6o years of the planet Jupiter.

[ ଦ୍ର—ଏ ବର୍ଷ ଅମଙ୍ଗଳ ନାଶ ହୋଇ ସର୍ବତ୍ର ମଙ୍ଗଳ ଘଟେ ।]

**କୀଲଣୀ**—ଦେ. ବି. ( ସଂ. କୀଳନୀ )—କୀଳଣି; ଘରର କବାଟକୁ ଭିତରୁ ଆଡ଼ୁ ବନ୍ଦ କରିବା ପାଇଁ କବାଟରେ ଲାଗିଥିବା ଲୁହା ବା କାଠର ଦଣ୍ଡ, ହୁଡ଼ୁକା; ଅର୍ଗଳ ( ଏହି ଦଣ୍ଡକୁ ଚଉକାଠରେ ଥିବା ଘର ମଧ୍ୟକୁ ପୂରାଇ ଦେଲେ କବାଟ କୀଳ ହୋଇଯାଏ । )
Kilaṇi
**ହୁଡ଼କା**
**ଚଟଖନୀ; ଖଟକା**

A bolt of a door; a bar for closing up a door.

**କୀଳନ**—ସଂ. ବି. ( କୀଲ୍ ଧାତୁ + ଭାବ. ଅନ )—
Kilana

୧ । କବାଟ କିଳିବା କର୍ମ—

1. Bolting of a door.

୨ । କୀଳାପୋତା—2. Pegging; staking.

୩ । ଏକତ୍ର ଯୋଡ଼ିବା କର୍ମ—3. Fastening.

୪ । ବନ୍ଧନ; ରୋକ୍; ଅଟକ—

4. Binding; restraint.

**କୀଳା**— ସଂ. ବି. ସ୍ତ୍ରୀ. ( କୀଲ୍ ଧାତୁ=ବନ୍ଧନ କରିବା + କର୍ମ. ଅ + ସ୍ତ୍ରୀ. ଆ; ତୁଳ.ଲାଟିନ୍. କ୍ଲୁଅସ୍=କୀଳ=Wedge )—
Kila

୧ । ବନ୍ଧନ ଖୁଣ୍ଟ—

1. A post for tying or tethering.

୨ । ଖିଲ—2. Peg; wedge.

୩ । ( ହିନ୍ଦୁପୁରାଣ ) ପୃଥିବୀକୁ ସ୍ଥିର ବା ଦୃଢ଼ବଦ୍ଧ କରିବା ସକାଶେ ଆଠ ଦିଗରେ ଥିବା ଆଠଗୋଟି କାଳ୍ପନିକ ଖୁଣ୍ଟ; ଅଷ୍ଟକୁଳାଚଳ—

3. ( Hindu mythology ) One of the 8 imaginary mountains holding the earth fixed in the 8 points of the compass,

୪ । ଅଗ୍ନିଶିଖା—

4. Flame of burning fire.

୫ । କହୁଣୀ—5. Elbow.

୬ । କହୁଣୀଆଁ; କହୁଣୀମାଡ଼—

6. A blow with the elbow.

୭ । କ୍ଷୁଦ୍ର ଅଂଶ; କଣା—7. Minute particle.

୮ । ମୈଥୁନ ସମୟରେ ପ୍ରଦତ୍ତ ମୁଷ୍ଟ୍ୟାଘାତ—

8. A blow dealt during copulation (M. W)

ଦେ. ବି—୧ । ନାମାକ୍ଷର ସଂଯୁକ୍ତ ଖୁଣ୍ଟ—

1. Sign-post.

୨ । ଲେଖା ହୋଇଥିବା ବିଷୟକୁ କାଟିବା ରେଖା—

2. A line drawn through a written matter for scoring it through.

୩ । ବିବାଦୀୟ କୌଣସି ଫସଲ ବା ଜମିକୁ ରାଜାଙ୍କ ନାମରେ ଅଟକ କରିବା ସକାଶେ ପୋତିବା ଖୁଣ୍ଟ ବା ଡାଙ୍ଗ; ଝୁଣ୍ଟା—3. A pole put on a disputed thing or land in the name of the king prohibiting either party touching or going near the subject in dispute pending authoritative decision of the dispute.

୪ । ଭୂଷା ବା ବିଧା—

4. A blow with the clenched fist.

୫ । ଅପରାଧୀକୁ ଶୂଳୀ ଚଢ଼ାଇବା ନିମନ୍ତେ ବ୍ୟବହୃତ ଶୂଳୀ—

5. A pointed spike on which criminals, condemned to be killed, used formerly to be impaled through the anus.

୬ । କୀଳିବା କାର୍ଯ୍ୟ ( କୀଳିବା ଦେଖ )

6. Act of Kiliba.

୭ । ( ବଣିଆ ଶବ୍ଦ ) ଲୁହା ବା କଂସାରେ ତିଆରି ଯନ୍ତ୍ରବିଶେଷ—7. An instrument made of iron or bell-metal.

[ ଦ୍ର—ଏହା ସାହାଯ୍ୟରେ ସୁନାରୁପାର ନଳୀ ଗୋଲାକାର ପିଣ୍ଡ ତିଆରି ହୁଏ । ]

ଦେ. ବିଣ—୧ । କୀଳିତ; କୀଳା ଯାଇଥିବା—

1. Bolted ( door ).

୨ । ଗାର ପଡ଼ି କଟା ଯାଇଥିବା ( ଲେଖା )—

2. Scored through ( writing ).

**କୀଳାଇବା**—ଦେ. କି—କୀଳିବା କ୍ରିୟାର ଣିଜନ୍ତରୂପ—
Kilaiba — Causative form of Kiliba.

ମାଣିକମାନଙ୍କୁ ତକାଇ କୃଷ୍ଣର ହୃଦୟ କୀଳାଇ । ପ୍ରାଚ୍ୟ. ରୂପଚ୍ଚ, ପ୍ରେମପଞ୍ଚାମୃତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

କୀଳାକୀଳି—ଦେ. ବି—୧ । ଅନେକ ଗୃହର କବାଟକୁ କିଳିବା କର୍ମ—
Kīḻākīḻi 1. Act of shutting several doors.
୨ । କୌଣସି ଲିଖିତ ବିଷୟ ଉପରେ ଗାର ପକାଇ ବାରମ୍ବାର କାଟି ଅଲୁରୁ ବାଲୁରୁ କରିବାର ବସ୍ତୁ—2. Repeated scoring through a written matter.
୩ । ନାନା ପ୍ରକାରର କିଳିବା କର୍ମ ( ଦେଖ ).
3. Various acts of Kīḻibā ( See )

କୀଳାକ୍ଷର—ସଂ. ବି. ( ମଧ୍ୟପଦଲୋପୀ; କୀଳ ସଦୃଶ ଅକ୍ଷର )—
Kīḻākshara ବିନ୍ଦୁ ପ୍ରାଚୀନ ଲିପିବିଶେଷ—
A kind of ancient wedge-shaped script; cuneiform script.
[ ଦ୍ର—ଏ ଲିପି ପ୍ରାଚୀନ ଆସିରିଆ ଓ ବାବିଲନ୍ ଦେଶରେ ପ୍ରଚଳିତ ଥିଲା । ବର୍ତ୍ତମାନ ଆଫ୍ରିକାର ବାବେଁସ୍ତ ଅଞ୍ଚଳରେ ଏ ଲେଖାର କେତେକ ପ୍ରମାଣ ଆବିଷ୍କୃତ ହୋଇଅଛି । ]

କୀଳାଟାଟ—ପ୍ରାଦେ. (ଚିଲିକା ଉପକୂଳ) ବି. ( ସଂ. କୀଳକ + ସଂ. ତଟୀ
Kīḻāṭāṭa =ଅଡ଼ଡ଼ା )—ଚିଲିକାରେ ଚିଙ୍ଗୁଡ଼ି ଧରିବା ପାଇଁ ପୋତାଯିବା ଟାଟି ଏବଂ ତାକୁ ଦୃଢ଼ଭାବରେ ରଖିବା ପାଇଁ ବ୍ୟବହୃତ କୀଳା—A wicker-work frame and poles set up in the Chilkā Lake for catching shrimps.

କୀଳା ବାଡ଼େଇବା—ଦେ. କ୍ରି—ଭୂମିରେ ଖୁଣ୍ଟ ପୋତିବା—
Kīḻā bāṛdeibā To drive a peg into the ground.

କୀଳା ମାରିବା—ଦେ. କ୍ରି—କୀଳା ବାଡ଼େଇବା ( ଦେଖ )
Kīḻā māribā Kīḻā bāṛdeibā ( See )

କୀଲାଳ—ସଂ. ବି. ( କୀଳ=ଅଗ୍ନିଶିଖା + ଅଲ୍ ଧାତୁ=ନିବାରଣ କରିବା
Kīlāḻa + କର୍ତ୍ତୃ. ଅ )—୧ । ଜଳ—1. Water.
୨ । ଅମୃତ—2. Nectar; the food of the Gods.
୩ । ରକ୍ତ—3. Blood.
୪ । ମଧୁ; ମହୁ—4. Honey.
୫ । ପଶୁ—5. Beast.

କୀଲାଲି—ସଂ. ବି. ( କଲ୍ଲାଳ + ଇନ୍ ୧ମା. ୧ବ. )—୧ । ଝିଟିପିଟି—
Kīlāli 1. Lizard ( M. W. )
୨ । ଏଣ୍ଡୁଅ—2. Chameleon ( M W. )

କୀଳାସନ—ସଂ. ବି. ( କୀଳ + ଆସନ )—ସ୍ତ୍ରୀ ପ୍ରସଙ୍ଗରେ ଏକପ୍ରକାର
Kīḻāsana ଆସନ—A particular pose during coition.

କୀଳିଣୀ— ଦେ. ବି—କୀଳଣୀ ( ଦେଖ )
Kīḻiṇī Kīḻaṇī ( See )

କୀଳିତ—ସଂ. ବିଣ. ( କୀଲ୍ ଧାତୁ + କର୍ମ. ତ )—୧ । କୀଳା ଯାଇଥିବା;
Kīḻita ରୁଦ୍ଧ—1. Closed; shut up.
୨ । ଭୂମିରେ ପୋତା ଯାଇଥିବା ( ମେଖ ଆଦି )—
2. Staked; impaled; driven to the ground as a pole.
୩ । ବଦ୍ଧ; ବନ୍ଧାଯାଇ ଥିବା—3. Tied.
୪ । ଅବରୁଦ୍ଧ—4 Confined.

କୀଳିନୀ—ସଂ. ବି. (କୀଲ୍ ଧାତୁ + ଇନ୍ + ସ୍ତ୍ରୀ. ଈ)—କୀଳଣୀ (ଦେଖ)
Kīḻini Kīḻaṇī (See)

କୀଳିବା—ଦେ. କ୍ରି. ( ସଂ. କୀଲନ )—୧ । ଘର ଭିତରୁ ଦ୍ୱାର ରୁଦ୍ଧ
Kīḻibā କରିବା—1. To bolt a door from inside.
खालादेओया
कीलना

ମୁଁ ତ ଭିତରେ ଟାଟି କୀଳି ପକାଇଲି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । ଦେହକୁ ଔଷଧ ବା ମନ୍ତ୍ରାଦି ଦ୍ୱାରା ଶତ୍ରୁ ଆକ୍ରମଣରୁ ବା ଭୂତପ୍ରେତାଦିଙ୍କ ଠାରୁ ବା ମନ୍ତ୍ର ପ୍ରଭାବରୁ ରକ୍ଷା କରିବା; ଦେହକୁ ଅକାଟ୍ଯ କରିବା—
2. To make one's body invulnerable against the attack of enemies and evil spirits or incantations by using charms.
୩ । ଦୁଷ୍ଟ ଭୂତପ୍ରେତ ଓ ବ୍ୟାଘ୍ର ସର୍ପାଦିଙ୍କୁ ମନ୍ତ୍ରବଳରେ ଏକ ସ୍ଥାନରେ ରୁଦ୍ଧ କରିବା—
3. To confine evil spirits, tiger, snake etc to one place by means of charms.
୪ । ଲେଖା ହୋଇଥିବା ଅକ୍ଷରାଦିର ମଧ୍ୟଦେଇ ଗାର ଟାଣିବା; ଲେଖା ଆଦିକୁ କାଟିଦେବା—4. To score through; to erase.
୫ । କୀଳା ମାରିବା—5. To impale or stake a pin or pole.

କୀଶ—ସଂ. ବି. ( ବହୁବ୍ରୀହି; କ=ବାୟୁ + ଅପତ୍ୟାର୍ଥରେ. ଇ=କି;
Kīśa କି=ହନୁମାନ + ଈଶ )—୧ । ବାନର—1. Monkey.

ହରଷେଁ ସେ କୀଶ ଶିଶୁ, ବଡ଼ ଭଏ ବୋଲେ ପଶୁଁ ।
ଉପେ. ବୈଦେହୀଶବିଳାସ ।

୨ । ପକ୍ଷୀ—2. Bird.
୩ । ସୂର୍ଯ୍ୟ—3. The sun.
ସଂ. ବିଣ.—ବିବସ୍ତ୍ର; ଉଲଗ୍ନ; ଲଙ୍ଗଳା—Naked.

କୀସା—ବୈଦେ. ବି. (ଫା; କୀସା)—ଖୀସା; ଥଳି; ଖୋଳତା—
Kīsā Bag; wallet.
थली
कासा

କୁ (ଧାତୁ)—ସଂ.—ଶବ୍ଦ କରିବା—
Ku (root) To make a sound.

କୁ—ସଂ. ବି. (କୁ=ଶବ୍ଦ କରିବା + କର୍ତ୍ତୃ. ଉ)—
Ku ପୃଥିବୀ—The Earth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଉ |
| ୬ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ତ |

ସଂ. ଅବ୍ୟୟ—୧ । ଦୋଷ—1. Fault; guilt.
୨ । ଅମଙ୍ଗଳ—2. Adversity.
୩ । ମନ୍ଦ—3. Bad.
୪ । କୁତ୍ସିତ—4. Ugly.
୫ । ନିନ୍ଦା—5. Blame.

ସଂ. ବିଣ.—୧ । ଅଯୋଗ୍ୟ—1. Worthless.
୨ । ନିନ୍ଦନୀୟ—2. Blameworthy.
୩ । ମନ୍ଦ—3. Bad.

[ ଦ୍ର—ଏହା ବିଶେଷ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା— କୁପୁତ୍ର, କୁକାର୍ଯ୍ୟ । ]

ଗ୍ରା. ସର୍ବନାମ. ବିଣ.—କେଉଁ—What; which.

କେ କୋ ଦେ. ଅ.—୨ୟା ବିଭକ୍ତି ୧ ବଚନର ଚିହ୍ନ—To (the sign of inflection of the objective case.)

କାଳର କ୍ରୀଡ଼ା ଏ ଜଗତେ
କାଳକୁ କେବା ସାମରଥ । ଜଗନ୍ନାଥ. ଭାଗବତ ।

୧ । ପର୍ଯ୍ୟନ୍ତ; ଠାକୁ; ନିକଟକୁ—1. To; near.
(ଯଥା—ମୁଁ ଘରକୁ ଯିବି ।)
୨ । ରେ—2. In.
(ଯଥା—ଟଙ୍କାକୁ ସେରେ ଘିଅ; ଏ କାଳକୁ ଏହା ଘଟିଲା ।)
୩ । ହେତ୍ୱର୍ଥରେ କ୍ରିୟା ସଙ୍ଗେ ବ୍ୟବହୃତ) ଯୋଗୁଁ; ହେତୁରୁ— 3. Owing to; for.

ଯାକେ ଦୟାଳୁ ପାପେ ଭସ୍ମାନ୍ତ ହେଲାକୁ ଏତେ ଦଶା ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

୪ । ନିମନ୍ତେ; ସକାଶେ; ପାଇଁ—4. For.

ଏହୁ କଥାକୁ, ନାଥ ପେଲେ ଦେଲ କଳଙ୍କଭାରୁ । ଭଗ ।
ଗୁରୁ ସ୍ନେହ ମନ ଜନ ତୋ ସଙ୍ଗକୁ କି ଭଜନ । କବିସୂର୍ଯ୍ୟ ବ୍ରହ୍ମ. ଉ. ଗୀତ ।

୫ । ଚତୁର୍ଥୀ ବିଭକ୍ତି ଏକବଚନରେ ଚିହ୍ନ— 5. Case-ending for the 4th or dative case.
(ଯଥା—ଦରିଦ୍ରକୁ ଅନ୍ନ ଦିଅ ।)

**କୁଅ (ଇତ୍ୟାଦି)**—ବୈଦେ. ବି. (ସଂ. କୂପ)—କୂଅ ଇତ୍ୟାଦି (ଦେଖ)
Kua (etc) Kūa etc (See)

**କୁଅଁର**—ଦେ. ବି ପୁଂ. (ସଂ. କୁମାର)—୧ । ଖଣ୍ଡାଏତ ଓ କ୍ଷତ୍ରିୟମାନଙ୍କ ବଂଶୋପାଧି—1. A family title of the Kshatriyas.
Kuañra
କୁଁଅର
कुअर
୨ । ପୁତ୍ର—2. Son.
(କୁଅଁରୀ—ସ୍ତ୍ରୀ)
ପ୍ରାଦେ. (ସମ୍ବଲପୁର) ବି.—କୁମାର; ଅବିବାହିତ ଯୁବକ— A bachelor.
ପ୍ରାଦେ. (ସିଂହଭୂମ)—ବି.—ରାଜାଙ୍କ ୨ୟ ପୁତ୍ରଙ୍କ ଉପାଧି— The title of the 2nd son of a Raja.

**କୁଅଁଲ୍**—ପ୍ରାଦେ. (ସମ୍ବଲପୁର) ବିଣ—କୁଁଅଲ୍ (ଦେଖ)
Kuañl Kuñal (See)

**କୁଆ**—ଦେ. ବି. ( ସଂ. କାକ )—୧ । ବାୟସ; କାକ—1. Crow.
Kuā
काग [ ଦ୍ର—ଏହା ଗ୍ରାମଠର ଗ୍ରାମାଶ୍ରୟୀ ବର୍ଗର କୃଷ୍ଣବର୍ଣ୍ଣ ପକ୍ଷୀ । ଏହାର
कउआ ବେକ ସରୁ, ଦେହ ଓ ପକ୍ଷ କୃଷ୍ଣ । କଥିତ ଅଛି ଯେ ଦଣ୍ଡକାରଣ୍ୟରେ ଥିବା ସମୟରେ ସୀତାଙ୍କ ଓଷ୍ଠକୁ ଏହି ପକ୍ଷୀ ମାଂସଖଣ୍ଡଭ୍ରମରେ ଖୁମ୍ପିଦେବାରୁ ରାମଚନ୍ଦ୍ରଙ୍କ ଅଭିଶାପରେ ଏ କଣା ବା ଟେହ୍ରା ହୋଇଗଲା । ଏକ ଋଷି କାକରୂପ ଧରି ରାମଚନ୍ଦ୍ରଙ୍କ ଉଚ୍ଛିଷ୍ଟ ଖାଇ ଅମର ହୋଇଥିଲେ । ଏଥିପାଇଁ କାକମାନେ ବହୁକାଳ ବଞ୍ଚନ୍ତି । ]
୨ । (ଲକ୍ଷଣାର୍ଥ) କୁଆ ପରି ଗୋଳମାଳ କରିବା ବ୍ୟକ୍ତି— 2. ( figurative ) A noisy person.
୩ । (ଲକ୍ଷଣାର୍ଥ) ଅଇଁଠା ଓ ଅମେଧ ଖାଇବା ବ୍ୟକ୍ତି— 3. (figurative) One who takes unclean food and leavings ( like the crow ).
୪ । ( ସଂ. କୁପ, କୁପକ )—ତେଲକୁମ୍ପା; ଚର୍ମନିର୍ମିତ ତୈଳପାତ୍ର; ଚମ ଡିମ୍ପା—4 Leathern oil-can; hogshead.

**କୁଆଁ**—ଦେ. ବି. ( ସଂ. କୋମଳାଙ୍କୁର )—କଢ଼ି; ଗଛଅଦରୁ ବାହାରିବା ନୂଆ କୋମଳ ଶାଖା—New branch shooting out of a tree; sprout.
Kuañ
गजा
किल्ला ପ୍ରାଦେ. (ସମ୍ବଲପୁର) ବି. (ସଂ. କୂପ; ଭୁଲ; ହି. କୁଆଁ; ବଂ. କୁଆ )—କୂଅ—Well.
ପ୍ରାଦେ. ( ମେଦିନୀପୁର ) ବି—ମାଟିନଳ ଲାଗିଥିବା କୂଅ— Earthen ring-well.
ଦେ. ଅ—କୁଆଁକୁଆଁ ( ଦେଖ ) Kuañkuañ ( See )

**କୁଆଁକୁଆଁ**—ଦେ ଅ. (ଧ୍ୱନ୍ୟନୁକରଣ)-ସଦ୍ୟୋଜାତ ଶିଶୁର କ୍ରନ୍ଦନ-ଧ୍ୱନି-
Kuañkuañ The crying sound of the new-born baby.
উঁআঁ উঁআঁ
चीं ; चीं चीं କୁଆଁ କୁଆଁ ଧ୍ୱନି ଶୁଣି ଉଠିଲେ ରକ୍ଷକ ଶ୍ରେଣୀ ।
ଗୋପୀକୃଷ୍ଣ. ରସକଲ୍ଲୋଳ ।

**କୁଆଁକୁଟା**—ଦେ. ବି—ହଟହଟା ଅବସ୍ଥା; ଲୋକହସା—
Kuañkuṭā Public derision.
ଦେ. ବିଣ—ହଟହଟା; ଲୋକହସା—Being the butt of public laughter or derision.

**କୁଆଁତରା**—ଗ୍ରା. ବି—କୁଆତରା ( ଦେଖ )
Kuañtarā Kuātarā ( See )

**କୁଆଁତାରା**—ଦେ. ବି—କୁଆତରା ( ଦେଖ )
Kuañtārā Kuātarā ( See )

**କୁଆଁର**—ଦେ. ବି—୧ । ଅବିବାହିତ ଯୁବକ—
Kuañra 1. Unmarried young man; a bachelor.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

কুঁআর ୨ । କୁମାର—2. Male child.
**कुँआर** ୩ । ଗମ୍ଭାରି ( ଦେଖ )
3. Gambhārī ( See )
ପ୍ରାଦେ. ( ସମ୍ବଲପୁର; ତୁଳ; ହି. କ୍ୱାର=ଆଶ୍ୱିନ ମାସ) ବି—
କାର୍ତ୍ତିକମାସ—Month of Kārttika.
ପ୍ରାଦେ. (ଗଡ଼ଜାତ) ବି—ଗାଈଗୋଠ—Cattle-pen.

**କୁଅଁରପୁଡ଼ିଆ**—ଦେ. ବି—କୁଆରପୁରିଆ ( ଦେଖ )
Kuāñrapurdiā Kuārapuriā ( See )

**କୁଅଁରପୁରିଆ**—ଦେ. ବି—କୁଆରପୁରିଆ ( ଦେଖ )
Kuāñrapuriā Kuārapuriā ( See )

**କୁଅଁର ପୂନିଅଁ**—ଦେ. ବି—କୁଆର ପୂନିଅଁ ( ଦେଖ )
Kuāñra pūniañ Kuāra pūniañ ( See )

**କୁଅଁର ପୂର୍ଣ୍ଣମୀ**—ଦେ. ବି—କୁଆର ପୂନିଅଁ ( ଦେଖ )
Kuāñra pūrṇṇamī Kuāra pūniañ ( See )
ଆଶ୍ୱିନମାସରେ ଦିନ କୁଅଁର ପୂର୍ଣ୍ଣମୀ । ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

**କୁଅଁରା**—ପ୍ରାଦେ. ( ବସ୍ତର ) ବିଣ. ପୁଂ. ( ତୁଳ. ହି. କୁଁଆରା )—
Kuāñrā ଅକୃତଦାର; ଅବିବାହିତ—Unmarried (male).

**କୁଅଁରିଆ ଗାଈ**—ପ୍ରାଦେ. ( ଗଡ଼ଜାତ ) ବି—ଯେଉଁ ଗାଈକୁ ଗଉଡ଼
Kuāñriā gāi ଗୋଠରେ ଛାଡ଼ି ଦିଆ ଯାଇ ଥାଏ—
A cow which has been entrusted to a cowherd to be tended along with his flock.

**କୁଅଁରୀ**—ଦେ. ବି. ସ୍ତ୍ରୀ. ( ସଂ. କୁମାରୀ )—
Kuāñrī ୧ । ଅବିବାହିତା କନ୍ୟା—
কুআঁরী 1. Maiden; virgin.
**कुआँरि** ୨ । ଘିକୁଅଁରୀ ( ଦେଖ )
2. Ghikuāñrī ( See )
ଦେ. ବିଣ. ସ୍ତ୍ରୀ—ଅବିବାହିତା; ଅବିଅଢ଼ା ( ବାଳିକା )—
Unmarried ( girl).

**କୁଅଁରୀ କନିଅଁ**—ଗ୍ରା. ବି. ସ୍ତ୍ରୀ. ( ସଂ. କୁମାରୀ କନ୍ୟା )—
Kuāñrī kaniāñ ଅବିବାହିତା ବାଳିକା—
Maiden; unmarried girl.

**କୁଅଁରୀ ଖରା**—ଦେ. ବି. ( ସଂ. କୁମାର+ଖରକର )—
Kuāñrī kharā ନବୋଦିତ ସୂର୍ଯ୍ୟର କିରଣ; କଅଁଳ ଖରା—
The tender rays of the morning sun.

**କୁଅଁରୀ ଚାନ୍ଦ**—ଦେ. ବି. ( ସଂ. କୁମାର+ଚନ୍ଦ୍ର )—
Kuāñrī chānda ୧ । ନବୋଦିତ କୁମାରପୂର୍ଣ୍ଣିମାର ଚନ୍ଦ୍ର—
1. The newly risen full-moon of the Āświna Pūrṇṇimā.
୨ । ପ୍ରତିପଦାର କ୍ଷୀଣ ଚନ୍ଦ୍ର—
2. The new moon.
୩ । କୁମାରପୂର୍ଣ୍ଣିମା ଦିନ ଚନ୍ଦ୍ରଙ୍କୁ ପୂଜା ହୋଇଥିବା ନୈବେଦ୍ୟ—
3. The offerings made to the moon on the Āświna Pūrṇṇimā.

**କୁଅଁରୀ ଜହ୍ନ**—ଦେ. ବି—କୁଆଁରୀ ଚାନ୍ଦ (୧।୨) (ଦେଖ)
Kuāñrī jahna Kuāñrī chānda (1.2) (See)

**କୁଅଁରୀ ସୂତା**—ଦେ. ବି. ( ସଂ. କୁମାରୀ+ସୂତ୍ର )—
Kuāñrī sūtā ଅପାଡ଼ୁଆ ସୂତା; କୌତୁକ ସୂତ୍ର; କୁମାରୀ କାଟିଥିବା ସୂତା—Thread woven by a maid.

[ ଦ୍ର—ଏହା ବିବାହ କର୍ମରେ ଆବଶ୍ୟକ ହୁଏ ଏବଂ ଏହା ବଳାଯାଇ ବରକନ୍ୟାଙ୍କ ହାତ ଓ ବାହାରେ ବନ୍ଧାଯାଏ । ]

**କୁଅଁରୀ ହାଡ଼**—ଦେ. ବି. ( ସଂ. କୁମାରୀ+ଅ. ହଡ୍ଡି )—
Kuāñrī hārḍa ଅବିବାହିତା କନ୍ୟାର ହାତର ଅସ୍ଥି—
The bone of the hand of a virgin, said to be efficacious in magical performances and used by magicians and charmers.

[ ଦ୍ର—ଏହି ହାଡ଼କୁ ମନ୍ତ୍ରପୂତ କରି ଗୁଣିଆମାନେ ଗାରୁଡ଼ି ବିଦ୍ୟାସାଧନରେ ବ୍ୟବହାର କରନ୍ତି । ]

**କୁଅଁରୋ**—ପ୍ରାଦେ. (ସମ୍ବଲପୁର ) ବି. ପୁଂ. ( ସଂ. କୁମାର; ତୁଳ. ହିନ୍ଦୀ
Kuāñro କୁଅଁରା )—କୁମାର, ଅବିବାହିତ ବାଳକ—
Bachelor.

**କୁଆକୁଟା**—ଦେ. ବି ଓ ବିଣ—କୁଅଁକୁଟା ( ଦେଖ )
Kuākuṭā Kuāñkuṭā ( See )

**କୁଆକେନ୍ଦା**—ଦେ. ବି—ବୃକ୍ଷବିଶେଷ—
Kuākendā A kind of tree; Curculigo
তালুরা ( Haines )
**मुसालिकन्द, मुसर** [ ଦ୍ର—ଏ ଗଛ ବଡ଼ ଉଚ୍ଚ ହୁଏ ନାହିଁ । ଏହାର ଫୁଲ ହଳଦିଆ । ]

**କୁଆକେନ୍ଦୁ**—ଦେ. ବି. (ସଂ. କାକେନ୍ଦୁ; ଏ ଗଛ କୃଷ୍ଣବର୍ଣ୍ଣ ଥିବାରୁ )—
Kuākendu ତମାଳ ବର୍ଣ୍ଣର ଧୂସରକେନ୍ଦୁ; ମାକଡ଼କେନ୍ଦୁ—A tree and its fruit;
ସଂ. ନାମ— କାକେନ୍ଦୁ; Diospyros Tomentosa; Ebony.
କୁଲକ; କାକପୀଲୁକ;
କାକତିନ୍ଦୁକ
মাকড়াগাব
**काकतेंदु, मकरतेंदुआ**
ମ. କାକଟେଂଭୂର୍ଣୀ
ଗୁ. କାକଟଂବରବୋ
ତେ. ତମିକ; ତା. ତୁମିକ
[ ଦ୍ର—ଏହା କେନ୍ଦୁଜାତୀୟ ଗଛ । ଏହାର ମଞ୍ଜ ଗାଢ଼କୃଷ୍ଣ ଅବଲୁସକାଠ । ଏହା ଜିବଡ଼ପତ୍ର ଓ ତରଶ୍ୟାମଳ ବୃକ୍ଷ । ଗ୍ରୀଷ୍ମ କାଳରେ ଏହାର ଫଳ ପାଚେ ଓ ମିଠା ଲାଗେ । କଞ୍ଚା ଫଳର ଅଠା ଚୂନ ମସଲାଆଦିରେ ଦିଆଯାଏ । ଓ କଞ୍ଚାଫଳର ସିଝାପାଣି ଜାଲରେ କଷ ଦିଆଯାଏ । ଏହା କଷାୟମଧୁର, ଶ୍ଳେଷ୍ମବର୍ଦ୍ଧକ, ବାତପିତ୍ତଜ ବ୍ୟାଧିନାଶକ, ବମନ ନିବାରକ ଓ ଶାନ୍ତିକର । ]

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଁ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ହ |

**କୁଅଗାଧୁଆ** — ଦେ. ବି — କାକସ୍ନାନ; କୁଅ ଗାଧୋଇବା ପରି ସାମାନ୍ୟ ସ୍ନାନ — A slight or nominal bath like that of crows.
Kuāgādhuā

**କୁଅଛୁଆ** — ଦେ. ବିଣ — ବାରମ୍ବାର ଭୀଷଣ ଆଘାତରେ ବ୍ୟତିବ୍ୟସ୍ତ — Overwhelmed with beating.
Kuāchhuā
( ଯଥା — ବୁଥାରେ ତାକୁ ମାଡ଼ମାରି କୁଅଛୁଆ କରି ପକାଇଲ କାହିଁକି ? )

**କୁଅଛୁଆ ଉଡ଼ାଇ ଦେବା** — ଦେ. କ୍ରି — ବିଶେଷ ପରିମାଣରେ ବେତ୍ରାଦି ଦ୍ୱାରା ଆଘାତ କରିବା —
Kuāchhuā urdāi debā
To strike a person repeatedly with cane or stick.

**କୁଅଛୁଆ ଉଡ଼ିଯିବା** — ଦେ. ବି — ଭୀଷଣ ପ୍ରହାର —
Kuāchhuā urdijibā A very severe thrashing.

**କୁଅଛୁଆ କରିବା** — ଦେ. କ୍ରି — କୁଅଛୁଆ ଉଡ଼ାଇ ଦେବା (ଦେଖ)
Kuāchhuā kariba Kuāchhuā urdāi debā (See)

**କୁଅଜରି** — ଦେ. ବି ( ସଂ. କାକ + ଜଟୀ ) — ବରଗଛ ଜାତୀୟ ବୃହତ୍ ବୃକ୍ଷ ବିଶେଷ; ପ୍ଲକ୍ଷ — A large tree; Ficus Infectoria (Haines); Waved-leaf fig tree.
Kuājari
ସଂ. ନାମ ପ୍ଲକ୍ଷ, ଜଟୀ, ପର୍କଟୀ, ପର୍କଟୀ, ଗୃଢ଼ୁଦର୍ଶନୀ
ତେ. ଗଙ୍ଗରାବିଯୁଦ୍ଧି
ତା. ପୋରଣଗାଚ
ମ ପିଷ୍ମସି
ଗୁ. ପୀପର୍ଯ୍ୟ
ପାକୁଡ଼୍
**ପାକୁର, ପାଖର, ପିଲଖନ**
[ ଦ୍ର — ଏ ଗଛକୁ ବରଗଛ ପରି ଓହୋଳ ପଡ଼େ; ଏହା ଅଶ୍ୱତ୍ଥ ଗଛଠାରୁ ଶ୍ରେଷ୍ଠ; ଶାଖା କୋମଳ ଓ କ୍ଷୁଦ୍ର ଲୋମଯୁକ୍ତ; ପତ୍ରର ଅଶ୍ୱତ୍ଥ ପତ୍ର ପରି ଲାଞ୍ଜ ନାହିଁ; ଫଳ ମଟର ପରି ଶ୍ୱେତ ଓ ପାଚିଲେ ଧଳା ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା କଷାୟରସ, ଶୀତବୀର୍ଯ୍ୟ; ଏହା ବ୍ରଣ, ଯୋନିରୋଗ, ଦାହ, ପିତ୍ତ, କଫ, ରକ୍ତଦୋଷ, ଶୋଥ ଓ ରକ୍ତପିତ୍ତନାଶକ । ଏହାର ଫଳକୁ କୁଆମାନେ ଖାଆନ୍ତି । ]

**କୁଆଡ଼** — ଗ୍ରା. ବି. ( ସଂ. କଂ ଓ ଅର୍ଦ୍ଧ ) —
Kuārda
କୋନଦିଗ, କୋଥା
**किसओर, कहाँ**
୧ । କେଉଁ ଆଡ଼; କେଉଁ ଦିଗ — 1 Which side or direction.
୨ । ଅନିଶ୍ଚିତ ଦିଗ ବା ଦେଶ — 2. Uncertain side or country.
୩ । କେଉଁ ଅଞ୍ଚଳ ବା ଦେଶ — 3. Which country.
[ ଦ୍ର — ଏହି ଶବ୍ଦର ୨ୟା ବିଭକ୍ତିରେ କୁଆଡ଼କୁ, ୫ମୀରେ କୁଆଡ଼ୁ, କୁଆଡ଼ରୁ, ୬ଷ୍ଠୀରେ କୁଆଡ଼ର, ୭ମୀରେ କୁଆଡ଼େ ପଦମାନ ନିଷ୍ପନ୍ନ ହୁଏ । ]
ଗ୍ରା. ବିଣ — କୁଆଡ଼ିକା ( ଦେଖ ) Kuārdikā ( See )

**କୁଆଡ଼କା** — ଗ୍ରା. ବିଣ — କୁଆଡ଼ିକା ( ଦେଖ )
Kuārdaka Kuārdikā ( See )

**କୁଆଡ଼କାର** — ଗ୍ରା. ବିଣ — କୁଆଡ଼ିକା ( ଦେଖ )
Kuārdakāra Kuārdikā ( See )

**କୁଆଡ଼ିକା** — ଗ୍ରା. ବିଣ —
Kuārdikā
କୋଥାକାର
**कहाँका**
୧ । କେଉଁଆଡ଼ର; କେଉଁ ଦିଗର — 1. Of what side.
୨ । କେଉଁ ଅଞ୍ଚଳର — 2. Of what country.
୩ । କାହିଁଅଇଲା; ଅପରିଚିତ; ଅଜ୍ଞାତକୁଳଶୀଳ — 3. Strange; of unknown antecedents.
୪ । ଆଶ୍ଚର୍ଯ୍ୟଜନକ — 4. Wonderful.
୫ । ଅଶ୍ରୁତପୂର୍ବ — 5. Unheard of.

**କୁଆଡ଼ିକାର** — ଗ୍ରା. ବିଣ — କୁଆଡ଼ିକା ( ଦେଖ )
Kuārdikāra Kuārdikā ( See )

**କୁଆଡ଼ିକି** — ଗ୍ରା. ଅ — ୧ । କେଉଁ ଦିଗକୁ —
Kuārdiki 1. To which direction.
୨ । କେଉଁଠାକୁ — 2. Where; to which place.

**କୁଆଡ଼ୁ** — ଦେ. ଅ — ୧ । କେଉଁଆଡ଼ୁ; କେଉଁ ଦିଗରୁ —
Kuārdu 1. From which side.
କୋନଦିଗଥେକେ; କୁତ୍ଥେକେ
**कहाँसे**
୨ । କୌଣସି କାରଣରୁ — 2. For some reason or other.
( ଯଥା — କୁଆଡ଼ୁ କମିତ ତାର ଅଜାଣ୍ଟି ହୋଇଗଲା । )
୩ । ( ପ୍ରଶ୍ନାର୍ଥକ ) କାହିଁକି, କିହେତୁରୁ ? — 3. ( Interrogative) Why ?
୪ । କେଉଁଠାରୁ ? — 4. Whence ?

**କୁଆଡ଼େ** — ଦେ. ଅ — ୧ । କେଉଁ ଦିଗରେ —
Kuārde 1. In what direction.
କୋନଦିଗେ; କୋଥାୟ
**कहाँ**
୨ । କେଉଁ ଦିଗକୁ — 2. To what direction; where.
୩ । (ଅନୁମାନାର୍ଥକ) କେଜାଣି; ମୁଁ ଅନୁମାନ କରୁଛି; ମୁଁ ଶୁଣୁଛି- 3. ( Used in supposition) I hear; meseems; I trow.
( ଯଥା — ସେ କୁଆଡ଼େ ପୁରୀସହରକୁ ଆସିଥିଲେ । )
୪ । ( ପ୍ରଶ୍ନାର୍ଥକ ) କି — 4. What; is it ?
( ଯଥା — ମୁଁ କୁଆଡ଼େ ଆପଣଙ୍କର ନିନ୍ଦା କରୁଥିଲି ? )
୫ । କାହିଁକି; କିହେତୁ — 5. Why.
୬ । କେଉଁ ସ୍ଥାନରେ — 6. In what place.
୭ । କେଉଁ ସ୍ଥାନକୁ — 7. To what place.

**କୁଅତରା** — ଦେ. ବି. ( ସଂ. କାକ୍ୟତାରା ) — ପ୍ରଭାତ ହେବା ପୂର୍ବରୁ ରାତ୍ରି ଏକ ପ୍ରହର ଥାଇ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୂର୍ବଦିଗରେ ଉଦିତ ହୁଏ; ଶୁକ୍ରଗ୍ରହ ( ଶୁକ୍ର ଶବ୍ଦକୋଠି ଦେଖ) — The morning star; Venus.
Kuātarā

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୁଆତାରା**—ଦେ. ବି—କୁଅତରା (ଦେଖ)—
Kuātarā — Kuātarā (See)

କାଠଯୋଡ଼ା-ଶୁଭ୍ର-ସିକତା-ଶଯ୍ୟନ
ଭେଦ କୁଆତାରା ମଣ୍ଡଳେ ଗଗନ—ରାଧାନାଥ, ଚନ୍ଦ୍ରଭାଗା ।

[ ଦ୍ର—ଏହା ପ୍ରକୃତରେ ତାରା ବା ନକ୍ଷତ୍ର ନୁହେ; ଏହା ଗୋଟିଏ ଗ୍ରହ । କେତେକ ଦିନ ଭୋର ପୂର୍ବରୁ ପୂର୍ବଦିଗରେ ଓ କେତେକ ଦିନ ସନ୍ଧ୍ୟା ପରେ ପଶ୍ଚିମଦିଗରେ ଦେଖାଯାଏ । ]

**କୁଆପଥର**—ଦେ. ବି. ( ସଂ. କରକା ଓ ପ୍ରସ୍ତର )—ବର୍ଷୋପଲ;
Kuāpathara — ମେଘରୁ ପଡ଼ିବା ଗୋଟାଳିଆ ବରଫ ବା ଘନୀଭୂତ ଜଳ—Hailstone.
**ଶିଲ**
**আলা**

ବଡ଼ ବଡ଼ କୁଆପଥର ତଳେ ପଡ଼ି—କୃଷ୍ଣସିଂହ, ମହାଭାରତ, ବନ ।

**କୁଆବାବୁରି**—ପ୍ରାଦେ. ( ସମ୍ବଲପୁର ) ବି—
Kuābāburi — ୧ । ଗନ୍ଧତୁଳସୀଜାତୀୟ କ୍ଷୁଦ୍ର ଗୁଳ୍ମ ବିଶେଷ—1. A small herbaceous plant.
**গুয়াবাবলা'**
**गन्धबबुल** — ୨ । ବିଟଖଦିର ଗଛ; ବବୁରଜାତୀୟ ବୃକ୍ଷ—2. Acacia Farnesiana; Spongetree; Mimosa.

[ ଦ୍ର—ଏହାର ସୁଗନ୍ଧ ହଳଦିଆ ଫୁଲରୁ ଏକପ୍ରକାର ସୁବାସ ଦ୍ରବ୍ୟ Cassie perfume ପ୍ରସ୍ତୁତ ହୁଏ । ]

**କୁଆବୁଆ**—ଦେ. ବିଣ—୧ । ହଟହଟା; ବ୍ୟତିବ୍ୟସ୍ତ—
Kuābuā — 1. Much troubled; afflicted.

ଫେରିଅଛି ସଂସାରକୁ ହୁଏ କୁଆବୁଆ—ନନ୍ଦକିଶୋର, ନିର୍ଝରିଣୀ ।

୨ । ଆଶ୍ରୟହୀନ—2. Helpless; shelterless.
୩ । ଦୁଃଖଜର୍ଜରିତ; ଅତି ଦୁଃଖିତ—3. Aggrieved.

ସେ ମୋତେ କରାଇଲେ କରୁଣ କୁଆବୁଆ—ପୀତାମ୍ବର, ନୃସିଂହପୁରାଣ ।

୪ । ଅସ୍ଥିର—4. Unsettled; restless.

ଯାହା ସଙ୍ଗେ ଯେତେ ପରିଚୟ କରଇ
ତେତିକ ହୁଅଇ କୁଆବୁଆ ରେ—ସଙ୍ଗୀତ ।

**କୁଆମଇତା**—ଦେ. ବି. ( ସଂ. କାକମର୍ଦ୍ଦ )—ବମ୍ବଜାତୀୟ ଲତା ଓ ତାହାର ଫଳବିଶେଷ—
Kuāmaitā — A kind of kitchen-fruit and its creeper; Tricosanthes Cucumerine; Cephalandra Indica ( Kirtikar )
ସଂ. ପର୍ଯ୍ୟାୟ—କିମ୍ପାକ; ଆଖୁବିଷ; ଦେବଜାଲୀ
କୁଁଦରି; ତେଲ୍‌କୁଁଚା
**भिम्ब; कान्दुरिकिबेल**

କୁଆମଇତା ଅବ ଫଳ ଯେ ପୋଟଳ
ଶ୍ରାଦ୍ଧରେ ଏହା ନ ବାଢ଼ିବ ଭୂଷିବାଳ—କୃଷ୍ଣସିଂହ, ମହାଭାରତ, ଅନୁଶାସନ ।

[ ଦ୍ର—ଏ ଲତା ପୋଟଳଲତା ପରି । ମାତ୍ର ଅଣ୍ଡିରା ଭେଦରେ ଏହା ଦୁଇ ପ୍ରକାର । ଏହାର ଫଳ ପୋଟଳ ପରି ଏବଂ ଲୋକେ ଏହାକୁ ତରକାରି କରନ୍ତି । କେତେ ଜାତୀୟ କୁଆମଇତା ଭାରି ପିତା । ]

**କୁଆରପୁଡ଼ିଆ**—ଦେ. ବି—କୁଆରପୁରିଆ ( ଦେଖ )
Kuārapurḍiā — Kuārapuriā ( See )

**କୁଆରପୁରିଆ**—ଦେ ବି—ଏକଜାତୀୟ ହଳଦୀ; ଦେଶୀ ହଳଦୀ; ଗଡ଼ଜାତର
Kuārapuriā — ଅନୁଗୁଳ, କନ୍ଧମାଳ ଓ କୁଆଁରପୁର ପ୍ରଭୃତି ଅଞ୍ଚଳରେ ଜନ୍ମିବା ହଳଦୀ—A kind of country turmeric.
**କୁଅଁରପୁରୀ**
**কুআঁপুরিআ**

[ ଦ୍ର—ଏ ହଳଦୀ ପାଞ୍ଚ ବରଷରେ ଥରେ ଖେତରୁ ଖୋଳା ଯାଏ । ଏହାର ମୂଳ ଓ ପତ୍ର ଲମ୍ବା । ଏ ଖେତରେ ମଇଁଷିଗୋବର ଖତ ଦିଆଯାଏ । ହି. ଶବ୍ଦସାଗର । ]

**କୁଆର ପୂନିଅଁ**—ଦେ. ବି. ( ସଂ. କୁମାର=କାର୍ତ୍ତିକେୟ+ପୂର୍ଣ୍ଣିମା )—
Kuāra pūnian̄ — ଆଶ୍ୱିନମାସର ପୂର୍ଣ୍ଣିମା—The full moon of the month of Āswina in which children worship the rising full moon.

[ ଦ୍ର—ଏ ଦିନ ସନ୍ଧ୍ୟା ସମୟରେ କୁମାର କୁମାରୀମାନଙ୍କର ଉତ୍ସବ ଓ ଚନ୍ଦ୍ରପୂଜା ହୁଏ । ଚନ୍ଦ୍ରଙ୍କୁ ପୂଜା ହୋଇଥିବା ଭୋଗକୁ 'ଚନ୍ଦ' ବୋଲାଯାଏ । କୁମାର କୁମାରୀମାନେ ପରସ୍ପର ପାଟିକୁ 'ଚନ୍ଦ' ଦିଅା-ଦେଇ ହୋଇ 'ଚନ୍ଦ' ମିତ୍ରତା ବସନ୍ତି ଏବଂ ପରସ୍ପର ନାମ ଧରି ନ ଡାକି 'ଚନ୍ଦ' ବୋଲି ଡକାଡକି ହୁଅନ୍ତି । ]

**କୁଆଶା**—ଦେ. ବି. ( କୁ+ଆଶା )—ଦୁରାଶା; ଦୁରାକାଙ୍କ୍ଷା—
Kuāsā — Vain hope.

ପ୍ରାଦେ. ବି. (ମେଦିନୀପୁର) (ସଂ. କୁଜ୍ଝଟିକା; ତୁଳ; ବଂ. କୋୟାଶା; ହି. କୁହାସା)—କୁହୁଡ଼ି—Fog; frost.

**କୁଆଶାଗୁଣା**—ଦେ. ବି. (ସହଚର; କାକ+ଶକୁନ)—ଦଗ୍ଧ ବା ପ୍ରୋଥିତ
Kuāsāguṇā — ନ ହେବା ଶବକୁ ବେଢ଼ିବା କୁଆ ଓ ଶାଗୁଣାଗଣ—Crows and vultures coming to a carcass which has not been interred nor burnt.

**କୁଆସାପ**—ପ୍ରାଦେ. (ହିନ୍ଦୋଳ) ବି—ଦୁଧିଆ ବୋଡ଼ା ( ଦେଖ )
Kuāsāpa — Dudhiā borḍā ( See )

**କୁଇ**—ପ୍ରାଦେ. ( ବାଲେଶ୍ୱର ଓ ମେଦିନୀପୁର ) ବି—୧ । ଦଧିଭାଣ୍ଡ—
Kui — 1. The pot for curd.

୨ । ଟୋଇ; ବଣିଆମାନଙ୍କ ଧାତୁ ଅଉଟିବା ପାତ୍ର—2. Goldsmith's crucible.

ଦେ. ବି—କନ୍ଧମାନଙ୍କ ମାତୃ ଭାଷା—Kui; the mother-tongue of the Kandhas.

[ ଦ୍ର—ଏ ଭାଷାର ଲିଖିତ ଆକାର ନ ଥିବାରୁ ଏହା ଇଂରାଜୀ ଓ ଓଡ଼ିଆଭାଷା ସାହାଯ୍ୟରେ ଶିକ୍ଷା କରାଯାଏ । ଓଡ଼ିଶାର କନ୍ଧମାନେ ବିଦ୍ୟାଳୟରେ ଓଡ଼ିଆଭାଷା ଶିକ୍ଷା କରୁଅଛନ୍ତି । ]

**କୁଇଁ କୁଇଁ ହେବା**—ପ୍ରାଦେ. (ସମ୍ବଲପୁର) କ୍ରି—( ପୋଷା କୁକୁର ପ୍ରଭୃ
Kuin̄ kuin̄ hebā — ପଛରେ ଓ ଭୃତ୍ୟ ପ୍ରଭୁ ପଛରେ ଅବ୍ୟକ୍ତ ଧ୍ୱନି କରି ଗୋଡ଼ାଇଲା ପରି ) କୌଣସି ବ୍ୟକ୍ତିର ଦାସତ୍ୱ ସ୍ୱୀକାର କରିବା—To slavishly cringe before a person.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ତ |

**କୁଇଁଚ୍**—ପ୍ରାଦେ. ( ସମ୍ବଲପୁର ) ବି—କୁଞ୍ଚ ( ଦେଖ )
Kuiñch Kuñcha ( See )

**କୁଇନାଇନ୍**—ବୈଦେ. (ଇଂ. କ୍ୱିନାଇନ୍) ବି—ବିଦେଶାଗତ ସିଙ୍କୋନା
Kuināin ଗଛ ବଲ୍କଲରୁ ପ୍ରସ୍ତୁତ ଜ୍ୱରନାଶକ ଏକପ୍ରକାର ଅତି
କୁଈନୀନ ପିତା ଗନ୍ଧହୀନ ଧଳା ଗୁଣ୍ଡା—Quinine.
**କୁନେନ** ସିଙ୍କୋନା ( ଦେଖ )
Siṅkonā ( See )

**କୁଇନିନ୍**—ବୈଦେ. ( ଇଂ ) ବି—କୁଇନାଇନ୍ ( ଦେଖ )
Kuinin Kuināin ( See )

**କୁଇନ୍ତା**—ଗ୍ରା. ( ପଦ୍ୟ ) ବି. ସ୍ତ୍ରୀ. ( ସଂ. କୁନ୍ତୀ )—
Kuintā ପଣ୍ଡୁରାଜାଙ୍କ ସ୍ତ୍ରୀ କୁନ୍ତୀ; ପାଣ୍ଡବଙ୍କ ମାତା—
Kunti; the wife of Paṇḍu.

ଅଗସ୍ତି ବୋଇଲେ ଶୁଣ ଗୋ ଦେବ କୁଇନ୍ତେ
ଦୁର୍ବାସାଙ୍କ ମହାମନ୍ତ୍ର ଅଛି ତବ ହସ୍ତେ । ସାରଳା. ମହାଭାରତ. ଅଦି ।

**କୁଇନ୍ଦ୍ରି**—ଦେ. ବି. ( ସଂ. କୁ ଓ ଇନ୍ଦ୍ରିୟ )—କୁତ୍ସିତ ଲିଙ୍ଗ; ଦୋଷଯୁକ୍ତ
Kuindri ପାପାସକ୍ତ ବ୍ୟକ୍ତିର ଜନନେନ୍ଦ୍ରିୟ—An ugly or
**କୁନ୍ଦ୍ରି** sinning male generative organ; male organ of a sinful person.

**କୁଇଲ୍ ପେନ୍**—ବୈଦେ. (ଇଂ. କ୍ୱିଲ୍=ପକ୍ଷୀଙ୍କ ପର+ପେନ୍=କଲମ)
Kuilpen ବି.—ମୟୁର ଓ ହଂସ ଆଦି ପକ୍ଷୀଙ୍କ ଠାରୁ ଝଡ଼ିବା ପରର
କୁଈଲ କଲମ; ପର କଲମ—Quill-pen.
**ପରକା କଲମ**
ଷ୍ଟୀଲ ପେନ୍=ଲୁହା କଲମ } ବିପରୀତ
ସ୍ୱାଡ଼୍‌ପେନ୍=କଲମ ବା ଶରକାଣ୍ଡ କଲମ }

[ ଦ୍ର—ମୟୁର, ହଂସ ଓ ଶାଗୁଣାଆଦି ପକ୍ଷୀଙ୍କ ପରର ଅଗପାଖ ପକ୍ଷଯୁକ୍ତ ଓ ମୂଳପାଖରେ ମନୁଷ୍ୟ ହାତର ନଖ ପରି ଠାଣୁଆ ଓ ପତଳା ଫମ୍ପା ନଳ ଥାଏ । ସେହି ଫମ୍ପା ନଳକୁ ସତ୍ପୂର୍ବକ ଛୁରି ବା କଲମତରାସ୍‌ରେ ତେରଛେଇ କରି କାଟି ସେଥିରୁ ସରୁ ଢିଭ ବାହାର କରାଯାଏ ଓ ସେ ଢିଭର ଅଗକୁ ସମାନ୍ୟରେ ଚିର ଦେଇ ତାକୁ ମୁନିଆଁ କରାଯାଏ । ସେହି ମୁନକୁ କାଳିରେ ବୁଡ଼ାଇ ଲୋକେ ତହିଁଦ୍ୱାରା କାଗଜଆଦି ଉପରେ ଲେଖନ୍ତି । ଲେଖି ଲେଖି ସେ ମୁନ ବିନ୍ଧଡ଼ା ହୋଇଗଲେ ପୁଣି କଲମତରାସ୍‌ରେ ସେ ମୁନକୁ ବନାଇ ଦେଲେ ତହିଁରେ ଲେଖାଯାଏ । ଲେଖକର ଲେଖିବା ରୀତି ଅନୁସାରେ ଏ ମୁନକୁ ସରୁ ବା ମୋଟ କରି ତଛା ଯାଇପାରେ । ଗୋଟିଏ ଗୋଟିଏ ବଡ଼ ପରର ନଖମୟ ଅଂଶକୁ ୧୦।୧୨ ଥର 'କଟ' କରାଯାଇ ପାରେ । କୁଆ ଆଦି କ୍ଷୁଦ୍ର ତର ପକ୍ଷୀମାନଙ୍କ ପରରେ ମଧ୍ୟ ସରୁଆ ନଳ ଥାଏ; ସେହି ପରରୁ ଖୁବ୍ ସରୁମୁନଯୁକ୍ତ କଲମ ହୁଏ ଓ ସେ ସବୁ କଲମରେ ନକ୍ସା ଆଦିରେ ଲେଖାଯିବା ସରୁ ଓ ଓ ଛୋଟ ଅକ୍ଷର ଲେଖାଯାଏ । କଲମ ପରି ଢିଭ ଥିବା ଲୁହାପାତିଆକୁ ନିବ୍ ବା ଷ୍ଟୀଲ୍‌ପେନ୍ ବୋଲାଯାଏ; ନିବ୍ କୁଇଲ୍‌ପେନ୍ ଅପେକ୍ଷା ବେଶିଦିନ ସ୍ଥାୟୀ ହେଲେ ମଧ୍ୟ ତାକୁ ଆପଣା ଇଚ୍ଛା ଅନୁସାରେ ସରୁ ବା ମୋଟ କରାଯାଇ ପାରେ ନାହିଁ ଓ ତାହା ବିନ୍ଧଡ଼ା ହୋଇଗଲେ ତାହା ଦ୍ୱାରା ଆଉ ଲେଖା କାମ ଚଳି ପାରେ ନାହିଁ । ]

**କୁଇଲେର ଶାଗ୍**—ପ୍ରାଦେ. (ସମ୍ବଲପୁର), ବି.—ଏକ ପ୍ରକାର ଗଛ—
Kuiler śāg A kind of tree whose leaves are cooked and eaten.

[ ଦ୍ର—ଏ ଗଛର ପତ୍ର ପିଜୁଳିପତ୍ର ପରି ବଡ଼ ହୁଏ । ଏହାର କୋମଳ ପତ୍ରକୁ ଶାଗ ପରି ରାନ୍ଧି ଖାଆନ୍ତି । ]

**କୁଉ**—ଗ୍ରା. ସର୍ବନାମ. ବିଣ.—(ସଂ. କିମ୍ )—କେଉଁ—
Kuu What; which.
କୁଉ ଦେ. ଅ.—କୁଉ କୁଉ (ଦେଖ)
**କୁହୂ; କୁକ** Kuu Kuu (See)

ତା ତଟେ ବସିଛି ଶାଖେ ପଞ୍ଚମ ଲଳିତ ।
ତାଳ ପିକ 'କୁଉ' ସ୍ୱନେ ଭମେ ବଣିଚିତ । ଜଦୁକଶୋର. ନର୍ମଦାବରଣ ।

**କୁଉଁକୁଉଁ**—ଦେ. ଅ. (ଧନ୍ୟନୁକରଣ)—୧ । କେନ୍ଦେରା, ବେହେଲା ଆଦି
Kuuñ kuuñ ତାରଯୁକ୍ତ ବାଦ୍ୟର ଘର୍ଷଣଜନିତ ମଧୁର ଧାରାବାହିକ ଶବ୍ଦ—1. The sweet creaking sound produced by friction on the strings of stringed instruments.
୨ । ପୋଷା କୁକୁର ପ୍ରଭୁ ନିକଟରେ ସ୍ନେହ ଦେଖାଇବା ପାଇଁ କରିବା କୁଁ କୁଁ ଶବ୍ଦ—2 The sound made by a dog in showing affectionate attachment to its master.

**କୁଉକୁଉ**—ଦେ. ଅ. ( ଧ୍ୱନ୍ୟନୁକରଣ; ସଂ. କୂ ଧାତୁ=ରବ କରିବା );
Kuu Kuu ତୁଳ. ଇଂ. କୂ=ରବ କରିବା)—କୋଇଲିର ଡାକ;
କୁହୁ ରବ—The call of the cuckoo.

**କୁଉଠା** (ଇତ୍ୟାଦି)—ଗ୍ରା.—କେଉଁଠା (ଇତ୍ୟାଦି) (ଦେଖ)
Kuuthā etc Keuñthā etc. (See)

**କୁଁ**—ଦେ. ଅ.—କୁଉଁ କୁଉଁ (ଦେଖ)
Kuñ Kuuñ kuuñ (See)

**କୁଁଅଲ୍**—ପ୍ରାଦେ. (ସମ୍ବଲପୁର)—ବିଣ.—( ସଂ. କୋମଳ)—
Kuñal କୋମଳ; ନରମ—Soft.

**କୁଁଆଁ**—ଦେ. ବି.—କୁଆଁ (ଦେଖ)
Kuñāñ Kuāñ (See)
ଦେ. ଅ.—କୁଆଁ କୁଆଁ (ଦେଖ)
Kuāñ kuāñ (See)

**କୁଁକୁଁ**—ଦେ. ଅ.—କୁଉଁ କୁଉଁ (ଦେଖ)
Kuñ kuñ Kuuñ kuuñ (See)

**କୁଁଚକି**—ପ୍ରାଦେ.(ମେଦନୀପୁର)ବି. (ତୁଳ.ବ.କୁଁଚକି; ହି କୁଚକି;ସଂ.ନାମ
Kuñchki ବଙ୍କଣ )—କୋଡ଼ଗାତ—Hip-joint; the joint between the thigh and pelvis.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚଳିତର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କୁକ୍** (ଧାତୁ)— ସଂ.—୧ । ନିର୍ଗତ ହେବା—
Kuk (root) 1. To come out.
୨ । ଗ୍ରହଣ କରିବା—2. To take; to accept.

**କୁକରା**— ପ୍ରାଦେ. (ସମ୍ବଲପୁର)—ବି. ( ସଂ. କୁକ୍କୁଟ; ହି. କୁକ୍କୁଡ଼ )—
Kukrā କୁକୁଡ଼ା; କୁକ୍କୁଟ—Cock.

**କୁକଣ୍ଡା**—ପ୍ରାଦେ. ( କଳାହାଣ୍ଡି ) ବି—ବନ୍ୟତରୁବିଶେଷ—
Kukandā A kind of wild tree; Pancratium Verecundum ( Haines ).

**କୁକର**—ବୈଦେ. ( ଇଂ. କୂକର୍ ) ବି—ଭାତ ଆଦି ରାନ୍ଧିବା ପାଇଁ ଚୁଲି ଥିବା ବାକ୍ସବିଶେଷ; କଳଚୁଲି—
Kukar A cooker; a movable stove.
कुकर
कुक्कर

**କୁକର**—ସଂ. ବିଣ. ପୁଂ. ( ବହୁବ୍ରୀହି; କୁ+କର )—ହାତକେମ୍ପା; କେମ୍ପାହାତବିଶିଷ୍ଟ (ବ୍ୟକ୍ତି)—( a person ) Having a crooked hand.
Kukara
(କୁକରା—ସ୍ତ୍ରୀ)

**କୁକର୍ମ**—ସଂ. ବି. ( କର୍ମଧାରୟ; କୁ+କର୍ମ )—ପାପ; ପାପାଚରଣ; ଗର୍ହିତକାର୍ଯ୍ୟ—Sin; misdeed.
Kukarma

**କୁକର୍ମବେଦ**—ଦେ. ବି—କୁକୁରବେଦ ( ଦେଖ )
Kukarmabedi Kukurabedi ( See )

**କୁକାଠିଆ**—ଦେ. ବିଣ—୧ । କୁତ୍ସିତ ( ବ୍ୟକ୍ତି )—
Kukāṭhiā ୨ । ନୀଚ—2. Mean.
୩ । ଅସମ୍ମାନିତ—3. Dishonoured.
୪ । ଅମାନିଆଁ—4. Disobedient.

**କୁକାପ**— ଦେ. ବିଣ—କୁତ୍ସିତ ( ଗୋପୀନାଥ ନନ୍ଦ )—
Kukāpa Ugly.

**କୁକି**— ଦେ. ବି—୧ । ଆସାମଦେଶସ୍ଥ ପାର୍ବତ୍ୟଜାତିବିଶେଷ—
Kuki 1. A wild tribe of the Assam hills.
कुकी ୨ । ଅସାମଦେଶସ୍ଥ ଉକ୍ତ ନାମଧାରୀ ଜାତିର ଭାଷା—
कुकी 2. The language spoken by the Kuki people of the Assam hills.

**କୁକିଚିନ୍**— ଦେ. ବି—କୁକି ୨. ( ଦେଖ )
Kukichin Kuki 2. ( See )

**କୁକୁ**—ଦେ. ଅ. ( ଧ୍ୱନ୍ୟନୁକରଣ )— କୁକୁଡ଼ାର ଡାକ—
Kuku Crowing of a cock.

**କୁକୁଟବ୍ରତ** ସଂ. ବି. ( ସଂ. କୁକ୍କୁଟବ୍ରତ )—ଭାଦ୍ର ଶୁକ୍ଲସପ୍ତମୀ ଦିନ ଶିବପାର୍ବତୀଙ୍କ ପୂଜା ଓ ଉପବାସରୂପ ବ୍ରତ—
Kukuṭabrata A religious fast observed on the 7th day of the light fortnight of the month of Bhādra in which Siba and Parbati are worshipped.
[ ଦ୍ର—ସ୍ତ୍ରୀମାନେ ସନ୍ତାନଲାଭ ଉଦ୍ଦେଶ୍ୟରେ ଏ ବ୍ରତ କରନ୍ତି । ଏଥିରେ ମହାଦେବଙ୍କୁ ଆରାଧନା କରାଯାଏ; ଏହିଦିନ ମଧ୍ୟ ଲଳିତା ସପ୍ତମୀ ବ୍ରତ ହୁଏ । ]

**କୁକୁଡ**—ଗ୍ରା. ( ଇତର ) ବି—କୁକୁର—
Kukurḍa Dog.

**କୁକୁଡ଼ା**—ଦେ. ବି. ( ସଂ. କୁକ୍କୁଟ )—ମୁରଗୀ; କୁକ୍କୁଟ—
Kukurḍā Fowl; cock.
कुँकड़ा; कुकड़ा; मुरग [ ଦ୍ର—ଦୁଇ ପ୍ରକାର କୁକୁଡ଼ା ଦେଖାଯାନ୍ତି, ଯଥା—ଗୃହପାଳିତ କୁକୁଡ଼ା—Fowl; Gallus;
मुर्गा
ତେ. କୋଡି ବନ୍ୟ = ବଣକୁକୁଡ଼ା — Gallus Ferrugineus or Phasianus Gallus; ଅଣ୍ଡିରା
ମ. କୋମ୍ବଡ଼ା
କୁକୁଡ଼ାକୁ ଗଞ୍ଜା ବୋଲାଯାଏ । ]

**କୁକୁଡ଼ାଅଣ୍ଡା**—ଦେ. ବି. (ସଂ. କୁକ୍କୁଟାଣ୍ଡ)—କୁକ୍କୁଟୀର ଡିମ୍ବ—
Kukurḍāaṇḍā Hen's egg.
মুরগেরডিম
मुर्गीकाअण्डा

**କୁକୁଡ଼ାଅଣ୍ଡା ଭଳିଆ**—ଦେ. ବିଣ—(କୁକୁଡ଼ା ଡିମ୍ବର ଖୋଳ ଭଳି) ଅତି ପତଳା ଓ ଭଙ୍ଗପ୍ରବଣ—
Kukurḍāaṇḍā bhaḷiā
Slender and fragile (like the shell of an egg).

**କୁକୁଡ଼ାଜଟ**—ଦେ. ବି—୧ । ଈଷତ୍ ରକ୍ତବର୍ଣ୍ଣ ଧାନ୍ୟବିଶେଷ—
Kukurḍājaṭa 1. A kind of paddy, slightly red.
୨ । ଅଣ୍ଡିରା କୁକୁଡ଼ାର ଶିଖା—
2. The crest of a cock.
୩ । ଈଶରଜଟା ( ଦେଖ )
3. Īsarajaṭā ( See )

**କୁକୁଡ଼ାଡାକ ବେଳ**—ଦେ. ବି—( ଯେତେବେଳେ କୁକୁଡ଼ା ପ୍ରଥମେ ରାବ କରନ୍ତି ) ବଡ଼ି ଭୋର; ରାତି ୪ଟା ସମୟ— Cock-crow; early morning.
Kukurḍāḍāka beḷa

**କୁକୁନ୍ଦର** - ସଂ. ବି. ( କୁ=ନିତମ୍ବଭୂମି+ସ୍କନ୍ଦ୍ ଧାତୁ=ଗମନ କରିବା +କର୍ତ୍ତୃ. ଅର)—
Kukundara
୧ । ନିତମ୍ବର ଉପରିସ୍ଥ କଟିହାଡ଼ର ଦୁଇ ପାଖରେ ଥିବା ଆବର୍ତ୍ତାକାର ଖାଲ ବା ଖାଲୁଆ ସ୍ଥାନଦ୍ୱୟ—
1. The cavities of the loins.
୨ । ପୋକଶୁଂଘା ( ଦେଖ )
2. Pokasumghā ( See )

**କୁକୁବଲୁଆ**—ପ୍ରାଦେ.(ସମ୍ବଲପୁର ) ବି.— ବଲଆ କୁକୁର;କୁକୁର ଜାତୀୟ ବନ୍ୟ ହିଂସ୍ର ଜନ୍ତୁବିଶେଷ—
Kukubaluā
A species of wild dog.

**କୁକୁମ**—ଗ୍ରା. ବି.(ସଂ. କୁଙ୍କୁମ)—କୁଙ୍କୁମ ( ଦେଖ )
Kukuma Kuṅkuma ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଊ | ନ୍ |

**କୁକୁର**—ସଂ. ବି. ( କୁ=ମନ୍ଦ; କର୍କଶ + କୁର ଧାତୁ=ଶବ୍ଦ କରିବା + କର୍ତ୍ତୃ. ଅ )—
Kukura
କুকুর ୧ । ଶ୍ୱାନ; କୁକୁର—1. Dog.
कुकर, कुत्ता [ ଦ୍ର—ଅନେକ ଜାତିର କୁକୁର ଅଛନ୍ତି । ଏମାନେ ବଡ଼ ପ୍ରଭୁଭକ୍ତ । ଏମାନଙ୍କର ଅତି ଅଳ୍ପ ନିଦ୍ରା ହୁଏ । ଏମାନେ ପହରା ଦେବା, ଚୋର ଧରିବା, ଗାଡ଼ି ଟାଣିବା ଓ ଶୀକାର କରିବା ପ୍ରଭୃତି କାର୍ଯ୍ୟରେ ତାଲିମ୍ ହୁଅନ୍ତି । ଏମାନଙ୍କର ଘ୍ରାଣଶକ୍ତି ବଡ଼ ପ୍ରବଳ । ବିଷ୍ଠା ଖାଇବା ଏମାନଙ୍କର ପ୍ରକୃତି । ମାଈକୁକୁରକୁ କୁତି କହନ୍ତି । ଏମାନେ ବର୍ଷକେ ଥରେ ୩।୪ଟି ଛୁଆ ପ୍ରସବ କରନ୍ତି । ଦେଶୀ, ବିଲୁଆ, କୋକି ଆଦି କୁକୁର ଜାତୀୟ । ]

୨ । ଯଦୁ ବଂଶୀୟ ଅନ୍ଧକରାଜପୁତ୍ର—
2. Name of a prince of the Jadu race.
୩ । ଗ୍ରନ୍ଥିପର୍ଣ୍ଣୀ ଗୁଳ୍ମ; ଗଣ୍ଠିଅନା ( ଦେଖ )
3. Ganthiana ( See )

**କୁକୁରଚିତା**—ଦେ. ବି—କ୍ଷୁଦ୍ର ବୃକ୍ଷବିଶେଷ—
Kukurachita A small tree; Litsæa
কুকুরচিতা Pebifera.
कुकरचन्दी [ ଦ୍ର—ଏହା ଚିରଶ୍ୟାମଳ । ଏହାର ଫୁଲ ଶ୍ୱେତ ଓ ଗ୍ରୀଷ୍ମକାଳରେ ଫୁଟେ । ମାଈ ଓ ଅଣିରା ଫୁଲର ଗଛ ପୃଥକ୍; ଏଥିର ପତ୍ରକୁ ବାଟି କୁକୁରର କ୍ଷତରେ ଲଗାଇଲେ ଉକ୍ତକ୍ଷତ ଶୁଖି ଯାଏ । ]

**କୁକୁରଛାଲିଆ**—ଦେ. ବି—କୁକ୍କୁରଚ୍ଛଦ ( ଦେଖ )
Kukurachhalia Kukkurachchhada ( See )

**କୁକୁରଛେଲିଆ**—ଦେ. ବି—କୁକ୍କୁରଚ୍ଛଦ ( ଦେଖ )
Kukurachhelia Kukkurachchhada ( See )

**କୁକୁରଜିଭି**—ଦେ. ବି. ( ସଂ. କୁକୁରଜିହ୍ୱା; ଏହାର ପତ୍ର କୁକୁରଜିଭ ପରି ଦେଖା ଯିବାରୁ )—
Kukurajibhi
কুকুরজিহ্বা କ୍ଷୁଦ୍ର ଗୁଳ୍ମବିଶେଷ—
कुकुरजिह्वा A small plant; Leea Staphylea;
ମ. କପଭୁକ Leea Sambucina ( Kirtikar ).
[ ଦ୍ର—ଏହା କ୍ଷୀରସମୁଦ୍ର ଗଛ ପରି । ଏହାର ଫୁଲ ଶ୍ୱେତ ଓ ବର୍ଷା କାଳରେ ଫୁଟେ । ]

**କୁକୁରଝୁଣ୍ଟିଆ**—ପ୍ରାଦେ. ( ଗଡ଼ଜାତ ) ବି.—ଶାକ ଲତାବିଶେଷ—
Kukurajhuntia A kind of creeping pot-herb.
[ ଦ୍ର—ଲୋକେ ଏହାର ପତ୍ରକୁ ଶାଗ କରି ଖାଆନ୍ତି । ]

**କୁକୁର ଧାଉଡ଼ି**—ଦେ. ବି. ( ସଂ. କୁକୁର ଓ ଧାବନ )—
Kukura dhaurdi କୁକୁର ଭଳି ଦଉଡ଼ିବା ପ୍ରକାରେ ଗୃହ—
Dog-trot.
କାକସ୍ନାନ, ଶ୍ୱେଭୋଜନ, କୁକୁରଧାଉଡ଼ି, ତେବେ ଯାଇ
ଶାଗବି ସରବାର ବର କରିବ । ଚଉ ।

[ ଦ୍ର—ସାଧାରଣତଃ କୁକୁରମାନେ ଧୀରେ ଧୀରେ ନ ଚାଲି ଦଉଡ଼ିଲା ଭଳି ଚାଲନ୍ତି । ]

**କୁକୁରନିଦ**—ଦେ. ବି (ସଂ. କୁକୁରନିଦ୍ରା)—କୁକୁରର ନିଦ ଭଳି ଅତି
Kukuranida ଚଞ୍ଚଳ ଭାଙ୍ଗିଯିବା ନିଦ—Easily disturbed
কুকুরনিদ্রা or watchful sleep like that of the
कुकुरनिंदिया dog.

**କୁକୁରଫୁଲିଆ**—ଦେ. ବି—ଘାଆର ଉପର ଶୁଖିଯିବା ପରେ ଭିତରର କ୍ଷତ
Kukuraphulia ଭଲ ହୋଇ ନଥିବା ଯୋଗୁ ଘାଆଉପରେ ବାହାରିବା ଫୁଲା—The bursting afresh of a swollen sore after the surface is healed.

**କୁକୁରବାଡ଼ିଆ**—ଦେ. ବି—ବୁଲା କୁକୁରଙ୍କୁ ଲାଠିଦ୍ୱାରା ମାରି ପକାଇବା—
Kukurabardia The killing of stray dogs by lathis.
ଦେ. ବିଣ—ବୁଲାକୁକୁରଙ୍କୁ ବାଡ଼େଇବା ପାଇଁ ଲାଠି ଧରିଥିବା ( ବ୍ୟକ୍ତି )—( a person ) Armed with a lathi to kill stray dogs.

**କୁକୁରବିଆଣ**—ଦେ. ବି—କୁକ୍କୁରୀ ପରି ବର୍ଷକୁବର୍ଷ ଏକାଧିକ ଶିଶୁ
Kukurabiana ପ୍ରସବ କରିବା—The giving birth to more than one offspring annually like a bitch.

**କୁକୁରବିଆଣୀ**—ଦେ. ବିଣ. ସ୍ତ୍ରୀ—ବର୍ଷକୁବର୍ଷ ଏକାଧିକ (ଯଥା ଯମଜ)
Kukurabiani ଶିଶୁ ପ୍ରସବ କରିବା (ସ୍ତ୍ରୀ)—(a woman) Who gives birth to more children than one (e. g. twins) almost every year.

**କୁକୁରବେଦି**—ଦେ. ବି. ( ସଂ. କୁକ୍କୁମ+ବେଦି )—ବିବାହବେଦି
Kukurabedi ନିକଟରେ ତିଆରି ହୋଇଥିବା କ୍ଷୁଦ୍ର ବେଦି—
A small earthern platform near the marriage altar (where the bridegroom is seated on a pestle-stone and painted with collyrium and vermilion by the mother and other female relatives of the bride.
[ ଦ୍ର—ଏହା ଉପରେ ରଖା ଯାଇଥିବା ଶଣ୍ଢେ ଶିଳ ଉପରେ ପ୍ରଥମବରଣ ପରେ ଓ ହାତଗଣ୍ଠି ପଡ଼ିବା ପୂର୍ବରୁ ବର ବସନ୍ତି ଓ ଏ ବେଦିର ଚାରିପାଖରେ ଅଣଖୁଆ ଅଗରେ ତେଲକନା ଗୁଡ଼ା ହୋଇଥିବା ମସାଲ ଜଳେ ଏବଂ ଶାଶୁ ଓ ଅନ୍ୟ ଆତ୍ମୀୟା ସ୍ତ୍ରୀମାନେ ଆସି ବରକୁ ସିନ୍ଦୂର କଜ୍ଜଳରେ ବେଶ କରନ୍ତି । ]

**କୁକୁରଭକ୍ତି**—ସଂ. ବି.—( ୬ଷ୍ଠୀ ତତ୍; କୁକୁର+ଭକ୍ତି )—କୁକୁରର
Kukurabhakti ପ୍ରଭୁଭକ୍ତି ( ଏହା ଚିର ପ୍ରସିଦ୍ଧ )—
The proverbial devotion of the dog to its master.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**କୁକୁରଭୁକା**— ସଂ. ବ— କୁକୁରର ରବ—
Kukurabhukā — The barking of a dog.
[ଦ୍ର—କୁକୁର ଓ ବିଲୁଆର ଧ୍ୱନିକୁ ଭୁକା, ବାଘର ଧ୍ୱନିକୁ ହୁଙ୍କାଳ, ସିଂହର ଧ୍ୱନିକୁ ଗର୍ଜ୍ଜନ କୋଲାଯାଏ । ]

**କୁକୁରମାଛି**—ଦେ. ବ ( ସଂ. କୁକୁର ଓ ମକ୍ଷିକା )—କୁକୁରଙ୍କୁ ଦଂଶନ କରିବା ଏକପ୍ରକାର ଡାଆଁଶ—
Kukuramāchhi — Gadfly.
ଚିମଡ଼ାମାଛି, ଡାଁଶ
**डाँस, कुकुरमाछि**

**କୁକୁରମୂତା**—ପ୍ରାଦେ. (ଛତିଶଗଡ଼) ବ—ତୁଳସୀ (ଗୁଳ୍ମ) (ଦେଖ)—
Kukuramūtā — Tulasi (plant) (See)
[ଦ୍ର—ସାଧାରଣତଃ ଦେଖାଯାଏ ଯେ କୁକୁରମାନେ ତୁଳସୀ ଆଦି କ୍ଷୁଦ୍ର ଗୁଳ୍ମ ଦେଖିଲେ ତା ପାଖକୁ ଯାଇ ପଛ ଗୋଡ଼ ଗୋଟାଏ ଟେକିଦେଇ ସେ ଗଛ ଆଡ଼କୁ ମୂତ୍ର ଦିଅନ୍ତି । ସମ୍ଭବତଃ ଏହି କାରଣରୁ ଏହି ନାମ । ]

**କୁକୁରିଆ**—ଦେ. ବଣ.—କୁକୁରସମ୍ବନ୍ଧୀୟ—
Kukuriā — Pertaining to a dog.
ଦେ ବ.—୧ । କୁକୁର ପାଳିବା ବ୍ୟକ୍ତି—1. One who brings up or cares after dogs.
୨ । (ଲକ୍ଷଣାର୍ଥ) କୁକ୍ରିୟାରତ ବ୍ୟକ୍ତି—2. (figurative) An evil doer; a wicked person; one given to evil ways.
୩ । ଲଙ୍ଗଳ ମୁଣ୍ଡାରେ କଣ୍ଢି ବସିବା ପାଇଁ କରାଯିବା ଛିଦ୍ର ବା କଣା—3. The hole made on the top of a plough-blade for fitting the hand-piece into it.

**କୁକୁରିହାଡ଼ା** - ଦେ. ବ.— ବନ୍ୟ ବୃକ୍ଷବିଶେଷ—
Kukurihārḍa — Name of a wild tree; Laciococca Comberi (Haines).

**କୁକ୍କୁଟ**— ସଂ. ବ. ପୁଂ. (କୁ=ପୃଥିବୀ+କୁଟ୍ ଧାତୁ=ଛେଦନ କରିବା+କର୍ତ୍ତୃ. ଅ)—୧ । କୁକୁଡ଼ା—1. Cock; fowl.
Kukkuṭa
(ଯଥା—କୁକ୍କୁଟ ଦୁଇ ପ୍ରକାର । ୧.ଗୃହକୁକ୍କୁଟ; ୨.ବନ୍ୟକୁକ୍କୁଟ) (କୁକ୍କୁଟୀ—ସ୍ତ୍ରୀ)
୨ । ତୃଣୋଲ୍କା; କୁଟା ଲୁଣ୍ଡା—
2. A firebrand made of grass.
୩ । ଅଗ୍ନିସ୍ଫୁଲିଙ୍ଗ—3. Sparks of fire.

**କୁକ୍କୁଟକ** - ସଂ. ବ.—( କୁକ୍କୁଟ+କ)—୧ । ନିଷାଦ ପିତା ଓ ଶୂଦ୍ରାମାତା ଠାରୁ ଉତ୍ପନ୍ନ ସନ୍ତାନ—1. A son of a Nishāda male by a Śūdra woman.
Kukkuṭaka
୨ । ନୀଚ ଜାତିବିଶେଷ—2. A low caste.
୩ । (+ସ୍ୱାର୍ଥେ.କ) କୁକୁଡ଼ା—3. Cock; fowl.

**କୁକ୍କୁଟବ୍ରତ**— ସଂ. ବ.— କୁକୁଟବ୍ରତ (ଦେଖ)
Kukkuṭabrata — Kukuṭabrata (See)

**କୁକ୍କୁଟାଣ୍ଡ**—ସଂ. ବ. (ଷଷ୍ଠୀ ତତ୍; କୁକ୍କୁଟୀ+ଅଣ୍ଡ; ସମାସରେ ସ୍ତ୍ରୀଲିଙ୍ଗାନ୍ତ ପ୍ରଥମ ଶବ୍ଦ ପୁଂଲିଙ୍ଗ ଆକାର ଧାରଣ କରିଅଛି; ଭୁଲ. ଷଷ୍ଠୀଦ୍ୱନ୍ଦ୍ୱ)—କୁକୁଡ଼ା ଡିମ୍ବ—
Kukkuṭāṇḍa — The egg of a hen.

**କୁକ୍କୁଟୀ**—ସଂ. ବ. ସ୍ତ୍ରୀ (କୁକ୍କୁଟ+ସ୍ତ୍ରୀ. ଈ)—୧ । ମାଈ କୁକୁଡ଼ା—
Kukkuṭi — 1. Hen.
୨ । ଅନ୍ୟଥାଚରଣ—
1. Hypocritical conduct; hypocrisy.
୩ । ବହୁଡ଼ୀ (ତୃଣ) (ଦେଖ)
3. Bahurḍi (grass) (See)

**କୁକ୍କୁଟୀବ୍ରତ**—ସଂ. ବ.—କୁକୁଟବ୍ରତ (ଦେଖ)—
Kukkuṭibrata — Kukuṭabrata (See)

**କୁକ୍କୁଭ**—ସଂ. ବ. (କୁକ୍+କୁ ଧାତୁ+କର୍ତ୍ତୃ. ଭ)—ବନ୍ୟ କୁକ୍କୁଟ—
Kukkubha — A wild cock; Phasianus Gallus.

**କୁକ୍କୁର**—ସଂ.ବ. ପୁଂ.—(କୁକ୍+କୁର ଧାତୁ=ଶବ୍ଦ କରିବା+କର୍ତ୍ତୃ.ଅ.)
Kukkura —୧ । ଶ୍ୱାନ; କୁକୁର—Dog.
[ ଦ୍ର—ଚାଣକ୍ୟ ପଣ୍ଡିତ କୁକ୍କୁରର ଏହି ଛଅ ଗୋଟି ବିଶିଷ୍ଟ ଗୁଣ ନିର୍ଦ୍ଦେଶ କରି ଅଛନ୍ତି—
ବହ୍ୱାଶୀ ସ୍ୱଳ୍ପସନ୍ତୁଷ୍ଟଃ ସୁନିଦ୍ରଃ ଶୀଘ୍ରଚେତନଃ,
ପ୍ରଭୁଭକ୍ତଶ୍ଚ ଶୂରଶ୍ଚ ଷଡ଼େତେ ଚ ଶୁନୋଗୁଣାଃ ।
ପ୍ରାୟ ପ୍ରତ୍ୟେକ ଦେଶରେ କୁକ୍କୁର ଗୃହପାଳିତ ଓ ଗ୍ରାମ୍ୟ ପଶୁରୂପେ ପରିଚିତ । ନାନା ଜାତିର, ନାନା ବର୍ଣ୍ଣର ଓ ନାନା ଆକାରର କୁକ୍କୁର ଅଛନ୍ତି । ଏମାନଙ୍କର ନାକ ଗାଢ଼ ତୀବ୍ର । ଏମାନେ ଘର ଦ୍ୱାର ଜଗନ୍ତି, ଶିକାର କରନ୍ତି । କୁକ୍କୁରର ପ୍ରଭୁଭକ୍ତି ଚିରପ୍ରସିଦ୍ଧ; ଏମାନଙ୍କୁ ତାଲିମ କରି ଲୋକେ ଚୋର ଧରିବା, ପହରା ଦେବା ଆଦି କର୍ମରେ ଲଗାନ୍ତି, ଏମନ୍ତ କି ସମୟ ସମୟରେ ଏମାନଙ୍କୁ ଲୋକେ ଛୋଟ ଗାଡ଼ିରେ ଜୋଚନ୍ତି । ]
୨ । ଯଦୁବଂଶୀୟ କ୍ଷତ୍ରିୟଜାତିବିଶେଷ —
2. A class of Kshatriyas of the Jadu race.
୩ । ନୀଚ ସଙ୍କର ଘୃଣିତ ବ୍ୟକ୍ତି—3. A despicable man of a mixed caste(M. W.)
୪ । ଅନ୍ଧକରାଜପୁତ୍ର—
4. Name of a son of king Andhaka(M.W.)
୫ । ଉଦ୍ଭିଜ୍ଜ ସୁଗନ୍ଧବିଶେଷ—
5. A vegetable perfume (M.W.)

**କୁକ୍କୁରଚ୍ଛଦ**—ସଂ. ବ.(କୁକ୍କୁର+ଛଦ୍ ଧାତୁ=ଆବୃତ କରିବା+କର୍ତ୍ତୃ. ଅ )—ଛୋଟ ବନ୍ୟତରୁବିଶେଷ;
Kukkurachchhada
କୁକୁରଚୁଡ଼ା; କୁକୁରଛଡ଼ା କୁକୁରଶଙ୍ଖୁଆ—A plant growing wild; Pavetta Indica; Pavetta Tomentosa (Haines).
**कुकरौंधा**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ● | ନ୍ |

[ ଦ୍ର—ଏହା ଅଙ୍କୁ ଜାତୀୟ ଗଛ, ଏହାର ଫୁଲ ଧଳା, ଚତୁର୍ଦ୍ଦଳ ଓ ଈଷତ୍ ଗନ୍ଧଯୁକ୍ତ । ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ । ପତ୍ର କୋମଳ ଲୋମଶ; ପତ୍ର କଡ଼ା ଗନ୍ଧଯୁକ୍ତ; ଏହାର ମଞ୍ଜି ଲଣ୍ଡାବଗୁଲି ବା ତୁଳସୀ ମଞ୍ଜିପରି; ମଞ୍ଜିକୁ ପାଣିରେ ବତୁରାଇଲେ ଫୁଲି ଯାଏ । ଏହା ଜ୍ୱରଘ୍ନ, କଫ ଓ ରକ୍ତଦୋଷନାଶକ । ଏହା ଆମରକ୍ତ, ସଗ୍ରହଣୀ, ଓ ରକ୍ତାତିସାରରେ ଉପକାରୀ । ]

**କୁକ୍କୁରଚ୍ଛାଦ**—ସଂ. ବି.—କୁକୁରଚ୍ଛଦ (ଦେଖ)
Kukkurachhāda Kukurachchhada (See)

**କୁକ୍କୁରଦ୍ରୁ**—ସଂ. ବି— ପୋକଶୁଂଘା ( ଦେଖ )
Kukkuradru Pokaśuṁghā ( See )

**କୁକ୍କୁରଦ୍ରୁମ**—ସଂ. ବି – ପୋକଶୁଂଘା ( ଦେଖ )
Kukkuradruma Pokaśuṁghā ( See )

**କୁକ୍କୁରନିଦ୍ର**—ସଂ. ବଣ. ପୁଂ. ( ବହୁବ୍ରୀହି; କୁକ୍କୁର+ନିଦ୍ରା )—
Kukkuranidra ଯାହାର କୁକ୍କୁରନିଦ୍ରା ଭଳି ଅଳ୍ପ ନିଦ୍ରା ହୁଏ— (କୁକ୍କୁରନିଦ୍ରା—ସ୍ତ୍ରୀ) ( a person ) Habituated to be watchful while sleeping; waking at a slight sound.

[ ଦ୍ର—କୁକ୍କୁରର ନିଦ ଏପରି ହାଲୁକା ଯେ ଟିକିଏ ଖଡ଼୍‌କିନି ଶବ୍ଦ ହେଲେ ସେ ଚେଇଁ ଉଠେ । ]

**କୁକ୍କୁରନିଦ୍ରା**— ସଂ. ବି. ( ୬ଷ୍ଠୀ ତତ୍; କୁକ୍କୁର+ନିଦ୍ରା )—
Kukkuranidrā କୁକ୍କୁରର ନିଦ୍ରା ପରି ଅଳ୍ପ ନିଦ୍ରା— Watchful sleep like that of a dog.

**କୁକ୍ର**—ଦେ. ବି—ବନ୍ୟ ବୃକ୍ଷବିଶେଷ—A wild tree; Gelonium
Kukra Multiflorum ( Haines ).

[ ଦ୍ର—ଏହା ପୁରୀ, ଅନୁଗୁଳ, ମାଳଗିରି ଓ ମୟୂରଭଞ୍ଜ ଅଞ୍ଚଳର ଜଙ୍ଗଲରେ ଜନ୍ମେ । ]

**କୁକ୍ରା**—ପ୍ରାଦେ. ( ସମ୍ବଲପୁର ) ବି—କୁକୁଡ଼ା—
Kukrā Cock; fowl.

**କୁକ୍ରିୟ**—ସଂ. ବଣ. ପୁଂ. ( ବହୁବ୍ରୀହି; କୁ+କ୍ରିୟା )—ଦୁଷ୍କର୍ମରତ; ପାପୀ—
Kukriya Wicked; sinful; profligate. (କୁକ୍ରିୟା—ସ୍ତ୍ରୀ)

**କୁକ୍ରିୟା**— ସଂ. ବି. ( କର୍ମଧା; କୁ+କ୍ରିୟା )—ଦୁଷ୍କର୍ମରତ; ପାପ—
Kukriyā A bad deed; sinful act; immoral act; wicked deed.

**କୁକ୍ଷି**— ସଂ. ବି. ସ୍ତ୍ରୀ. ( କୁ ଧାତୁ=ନିର୍ଗତ ହେବା+କର୍ତ୍ତୃ. କ୍ସ )—
Kukshi ୧ । ଉଦର; ପେଟ—1. Belly; abdomen
୨ । ଭ୍ରୂଣାଶୟ; ଗର୍ଭ—2. Womb.
୩ । ଗୁହା—3. Cavity; cave.
୪ । ଅଭ୍ୟନ୍ତର; ଅନ୍ତଃସ୍ଥଳ—4. Inside; interior.

କୋମଳତର ମୋହନ କୁକ୍ଷିକୁକ୍ଷିରୁ ନିର୍ଗତ
ଅଛି ଚନ୍ଦ୍ରିକେଳ ମୋ ଶ୍ରୁତରେ । କବିସୂର୍ଯ୍ୟ. ଯଶୋବତୀମ୍. କ. ଗୀତ ।

୫ । ଉପତ୍ୟକା—5. Valley ( M. W. )
୬ । ଉପସାଗର—6. Bay; gulf ( M. W. )
୭ । ଖଡ୍ଗାଧାର; ଖଣ୍ଡାର ଖୋଳ—
7. Sheath of a sword ( M. W. )

**କୁକ୍ଷିଗତ**—ସଂ. ବଣ. (୨ୟା ତତ୍; କୁକ୍ଷି+ଗତ)—୧ । ଉଦରଗତ—
Kukshigata 1. Entered into the belly.
୨ । ଗର୍ଭସ୍ଥ—2. In the womb.
୩ । ଉଦରସ୍ଥ—3. Being in the belly.

**କୁକ୍ଷିମ୍ଭରି**—ସଂ. ବଣ. ( କୁକ୍ଷିଂ=ଉଦରକୁ+ଭୃ ଧାତୁ=ପୋଷିବା+
Kukshimbhari କର୍ତ୍ତୃ. ଇ )—୧ । ପେଟୁ; ଯେ ଆପଣା ଉଦର ପୂରଣ କରେ—1. Caring to fill one's own belly.
୨ । ଉଦରମ୍ଭରି; ଔଦରିକ—
2. Voracious; gluttonous.

**କୁକ୍ଷିଶୂଳ**—ସଂ. ବି. ( ୭ମୀ ତତ୍; କୁକ୍ଷି+ଶୂଳ)—ପେଟମରା ରୋଗ—
Kuskhiśūla Colic.

**କୁଘଟନ**—ଦେ. ବଣ. ( ସଂ. କୁ+ଗଠନ )—ଅସୁନ୍ଦର; ଅଘଟଣ—
Kughaṭana Unsymmetrical; of indecent make or build.

ସୁଭାବେ ବଣେ କୁଘଟନ, ବୃଦ୍ଧ ଭିକ୍ଷୁକ ଯେ ବ୍ରାହ୍ମଣ ।
ଜଗନ୍ନାଥ. ଭାଗବତ ।

**କୁଙ୍କ୍** (ଧାତୁ)—ସଂ. ( ବା କୁକ୍ ଧାତୁ )—ଗ୍ରହଣ କରିବା—
Kuṅk (root) To take; to accept.

**କୁଙ୍କୁଡ଼ିବା**—ଦେ. କି. ( ସଂ. କୁଞ୍ଚନ )—୧ । ମୋଡ଼ି ହୋଇଯିବା—
Kuṅkurḍibā 1. To be twisted.
कुँकड़ाना
**सिकोड़ना**
୨ । ସଙ୍କୁଚିତ ହେବା; ସାଂକୁଚିଯିବା—2. To shrivel up; to contract; to be contracted.
୩ । କୁଞ୍ଚୁକୁଞ୍ଚିଆ ହେବା—3. To curl up; to be curled; to become wrinkled.
୪ । ଲଇଁଯିବା—4. To be bent.

**କୁଙ୍କୁମ**— ସଂ. ବି. ( କୁକ୍ ଧାତୁ=ଗ୍ରହଣ କରିବା+କର୍ମ. ଉମ୍ )—
Kuṅkuma ୧ । କାଶ୍ମୀର ଦେଶଜ ଗୁଳ୍ମ ଓ ତହିଁର ଫୁଲର ସୁଗନ୍ଧ କେଶର; ଜାଫ୍ରାନ୍—1. Saffron; Crocus Sativus ( Plant and the pollen ).

ସଂ. ପର୍ଯ୍ୟାୟ :— କାଶ୍ମୀର; ବାହ୍ଲିକ; ଘୁସୃଣ; ରୁଧିର
**कुनकुम**
**केशर**
ତେ. କୁଙ୍କୁମପୁଵୁ
ତା. ମୁଙ୍ଗୁଲମାପ୍ପୁ

[ ଦ୍ର—ଏହା କାଶ୍ମୀର ଦେଶୀୟ ଶାକ ଜାତୀୟ ଗୁଳ୍ମ ଓ ତହିଁର ଫୁଲର ସୁଗନ୍ଧ କେଶର । ଏଥିପାଇଁ ଏହାକୁ ଜାଫ୍ରାନ୍ କେଶର ମଧ୍ୟ କହନ୍ତି । ଶରତ୍‌କାଳରେ ଫୁଲ ଫୁଟେ । ଫୁଲକୁ ଶୁଖାଇ ସ୍ତ୍ରୀ-କେଶରକୁ ପୃଥକ୍ କରି

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ ୧ ଚଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବର୍ଦ୍ଧ' ନ ମିଳିଲେ 'ବର୍ଦ୍ଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ ଅଲ୍‌ବଡ୍ ଦେଖିବେ ।

ହୋଇଥିବା 'ସାଫ୍ରା ଜାଫ୍ରାନ୍' ନାମରେ ବିକ୍ରି କରାଯାଏ । ପୁଂ—କେଶରର ମୂଲ୍ୟ ଅପେକ୍ଷାକୃତ ଅଳ୍ପ । ଜାଫ୍ରାନ୍‌କୁ ଧନୀଲୋକେ ଚନ୍ଦନ ସଙ୍ଗେ ଘୋର ସୁବାସ ନିମନ୍ତେ ଦେହରେ ଲଗାନ୍ତି ଏବଂ ଏହା ଖେଚୁଡ଼ି ଓ ପଲଉରେ ପକାଇଲେ ଅତି ଉତ୍ତମ ବାସେ । ]

୨ । ନାତିଦୀର୍ଘ ବୃକ୍ଷବିଶେଷ - ଏବଂ ତାହାର ଶିଲ୍ଲୁଇଁ ପରି ଚେପଟା କଣ୍ଟାଳିଆ ଫଳ ଓ ତହିଁ ମଧ୍ୟରେ ଥିବା ରକ୍ତବର୍ଣ୍ଣ ଗୋଲ ମଞ୍ଜି; କମଲାଗୁଡ଼ି ହଳଦୀ—
2. A tree with pods bearing seeds of a vermilion-red colour (used to colour clothes); Garcinia Indica; Garcinia Purpurea.

[ ଦ୍ର—ଏ ଗଛ ପଶ୍ଚିମ ଭାରତ, କଙ୍କଣ ଓ କାନେଡ଼ାର ପର୍ବତମାନଙ୍କରେ ଜନ୍ମେ । ଗଛ ସରୁ ସରୁ ହୁଏ ଏବଂ ଏହାର ଶାଖା ତଳକୁ ଓହୋଳି ପଡ଼ିଥାଏ; ଛେଲି ଧୂସରବର୍ଣ୍ଣ ଓ କାଠ ଧଳା । ଏହାର କଅଁଳ ପତ୍ର ନାଲିଆ ଓ ଫଳ ଛୋଟ ନାରଙ୍ଗ ପରି ଗୋଲ; ଏଥିର ମଞ୍ଜି ଫଳମଧ୍ୟରେ ନାଲିଆ ରସ ଭିତରେ ବୁଡ଼ି ରହିଥାଏ । ଏହି ମଞ୍ଜିକୁ ପାଣିରେ ଗୋଳି ଲୁଗା ରଙ୍ଗ କରନ୍ତି । ଗଛର ଫଳ, ମଞ୍ଜି ଓ ଛେଲି ଶ୍ୱାସ, ଓଠଫାଟ ଏବଂ ପୈତ୍ତିକ ରୋଗରେ ବ୍ୟବହୃତ ହୁଏ । ]

**କୁଙ୍କୁମରଙ୍ଗ**—ଦେ. ବି.—ସିନ୍ଦୂରରଙ୍ଗ—
Kuṅkumaraṅga    Colour like vermilion.

**କୁଚ୍ (ଧାତୁ)**—ସଂ.—୧ । ପକ୍ଷୀ ପରି ରାବିବା—
Kuch (root)    1. To utter a shrill cry like a bird; to chatter like a bird.
୨ । ବଙ୍କେଇହେବା; ଅବନତ ହେବା—2. To be bent.
୩ । ମିଶାଇବା—3. To mix.
୪ । ଯିବା—4. To go.
୫ । ପାଲିସ୍ କରିବା—5. To polish.
୬ । ସଙ୍କୁଚିତ ହେବା—
6. To be contracted.
୭ । ସଂଯୁକ୍ତ କରିବା—7. To connect.
୮ । କମାଇବା—8. To lessen.
୯ । ବଙ୍କାଇବା; ନୁଆଁଇବା—9. To bend.
୧୦ । ବାଧାଦେବା—
10. To impede; to oppose.
୧୧ । ଅଙ୍କିତ କରିବା—
11 To delineate; to write.

**କୁଚ୍‌କୁଚ୍** - ଦେ. ଅ.—ଟିକିଟିକି—
Kuchkuch    Small fragments or bits.
କୁଚକୁଚ
କୁଚକୁଚା

**କୁଚ୍‌କୁଚା**—ପ୍ରାଦେ. (ସମ୍ବଲପୁର) ବିଣ.—କୁଚୁକୁଚା ହୋଇ ଖୁବ ଛେଚି ହୋଇ ଯାଇଥିବା—Shredded.
Kuchkuchā

**କୁଚକୁଚେଇବା**—ଦେ କ୍ରି.—ଟିକି ଟିକି କରିବା—
Kuchkuchāibā    To mince; to reduce to shreds.
कुच्‌कुचान    ପ୍ରାଦେ. (ସମ୍ବଲପୁର; ତୁଲ. ହି. କରନା =
कुचकुचाना    କୁଞ୍ଚିତହେବା)—
୧ । କୁଞ୍ଚିତ କରିବା; କୁଞ୍ଚିବା—1. To curl.
୨ । ବାରମ୍ବାର ଅନୁରୋଧ କରିବା—
2. To importune.

**କୁଚକୁଚିଆ**—ଦେ. ବିଣ. (ସଂ. କୁଞ୍ଚିତ)—୧ । କୁଞ୍ଚିତ—
Kuchkuchiā    1. Curled; wrinkled.
कुच्‌कुचे    ୨ । ସଙ୍କୁଚିତ—2. Contracted.
কুচকুচে

**କୁଚ୍‌କୁଟି**—ପ୍ରାଦେ. (ସମ୍ବଲପୁର) ବି.—ଛୋଟ ମଶା—
Kuchkuṭi    A small mosquito.

**କୁଚ୍‌ନି**—ପ୍ରାଦେ. ( ସମ୍ବଲପୁର ) ବି—
Kuchni    ୧ । ଯେ ପଣ୍ୟଦ୍ରବ୍ୟକୁ ଖୋଚ୍ରା ବିକ୍ରି କରେ—
1. Retail seller.
୨ । ଯେ ଅତ୍ୟଧିକ ଲାଭରେ ପଣ୍ୟ ବିକେ—
2. A person who sells commodities at a great profit.

**କୁଚ୍‌ପିତା**—ପ୍ରାଦେ. ( ସମ୍ବଲପୁର ) ବିଣ—
Kuchpitā    ଅତିଶୟ ପିତା; କୋଚିଲା ପରି ପିତା—
Very bitter.

**କୁଚ୍‌ବିହାର**—ଦେ. ବି. ( ନାମ )—
Kuchbihāra    ଉତ୍ତରବଙ୍ଗର ପାର୍ବତ୍ୟ ରାଜ୍ୟବିଶେଷ—
Name of a feudatory hill-state to the north of Bengal.
[ ଦ୍ର—ଏହା ଆସାମର ଉତ୍ତର ପୂର୍ବ ଓ ଭୁଟାନର ଦକ୍ଷିଣରେ ଅବସ୍ଥିତ । ଏ ରାଜ୍ୟର ରାଜାମାନଙ୍କର ବଂଶୋପାଧି 'ଭୂପ' ଓ 'ମହାରାଜା' ଉପାଧି ଇଂରେଜ ସରକାରଙ୍କ ଦ୍ୱାରା ସ୍ୱୀକୃତ । ]

**କୁଚ**—ସଂ. ବି. ( କୁଚ୍ ଧାତୁ = ସଙ୍କୁଚିତ ହେବା + କର୍ତ୍ତୃ. ଅ )—
Kucha    ଯୁବତୀସ୍ତନ—
A young woman's breast; a pap; the bosom of a woman.

**କୁଚକଳଶ**—ସଂ. ବି. ( ଉପମିତ; କୁଚ + କଳଶ )—
Kuchakalaśa    କଳଶ ପରି ବଡ଼ କୁଚ ( ପଦ୍ୟରେ ବ୍ୟବହୃତ ଉପମା )—Well developed and big breast ( compared to a water jar in poetical license ).

**କୁଚକୁମ୍ଭ**—ସଂ. ବି. ( ଉପମିତ; କୁଚ + କୁମ୍ଭ )—
Kuchakumbha    କୁଚକଳଶ ( ଦେଖ )
Kuchakalaśa ( See )

| ୧ | ଇ | ଢ଼ | ର୍,ର୍ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଙ୍କ | ଶ,ଷ | ଞ୍ଚ | ଇସ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଡ଼ | ରୁ | ଲୁ | ଫେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ବ |

**କୁଚକ୍ର**— ସଂ. ବି. ( କର୍ମଧା; କୁ + ଚକ୍ର )—
Kuchakra — ପରର ଅନିଷ୍ଟ କରିବା ନିମନ୍ତେ କେତେ ଜଣଙ୍କ ମଧ୍ୟରେ ବିଚାର; କୁପରାମର୍ଶ; ଷଡ଼ଯନ୍ତ୍ର— Hatching plots for mischief or injuring other people; conspiracy; stratagem.

**କୁଚକ୍ରୀ**— ସଂ. ବିଣ. ପୁଂ. (କୁଚକ୍ର + ଅସ୍ତ୍ୟର୍ଥରେ; ଇନ୍; ୧ମା.୧ବ)—
Kuchakrī — ୧ । କୁପରାମର୍ଶଦାତା— 1. Giving evil advice.
(କୁଚକ୍ରିଣୀ— ସ୍ତ୍ରୀ)
୨ । ଗୋପନରେ ପରର ଅମଙ୍ଗଳ ଯୋଜୁଥିବା ବ୍ୟକ୍ତି; ଷଡ଼ଯନ୍ତ୍ରକାରୀ—2. Plotting evil schemes of mischief; conspiring.

**କୁଚତଟ**— ସଂ. ବି. ( ୬ଷ୍ଠୀ ତତ୍; କୁଚ + ତଟ )—
Kuchataṭa — ୧ । କୁଚର ପାର୍ଶ୍ୱଦେଶ; କୁଚର ଉପରଭାଗ ବା ଢାଲୁ ଅଂଶ —1. The slope of the female breast.

**କୁଚତଟୀ**— ସଂ. ବି (୬ଷ୍ଠୀ ତତ୍; କୁଚ + ତଟୀ)— କୁଚତଟ ( ଦେଖ )
Kuchataṭī — Kuchataṭa ( See )

**କୁଚନାଚାର୍ଯ୍ୟ**—— ଦେ. ବି. ( ନାମ )— ଦାକ୍ଷିଣାତ୍ୟର ତୈଲଙ୍ଗୀୟ
Kuchanāchārjya — ସାରଣୀ ଗ୍ରନ୍ଥ ବା ପଞ୍ଜିକାକାର— Name of a Telugu almanac-compiler.
[ ଦ୍ର— ଏ ଶକ ୧୩ ଶ ଶତାବ୍ଦୀର ବ୍ୟକ୍ତି ଥିଲେ । ]

**କୁଚନ୍ଦନ**— ସଂ. ବି. ( କର୍ମଧା; କୁ + ଚନ୍ଦନ )— ରକ୍ତଚନ୍ଦନ—
Kuchandana — Red sandal wood; Sappan or Logwood.

**କୁଚଫଳ**— ସଂ. ବି. ( ରୂପକ କର୍ମଧା; କୁଚ + ଫଳ )—
Kuchaphaḷa — ୧ । ଡାଳିମ୍ବ—1. Pomegranate.
୨ । କଇଥ ଗଛ —
2. The tree Ferona Elephantum (M.W.)

**କୁଚମୁଖ**— ସଂ. ବି. ( ୬ଷ୍ଠୀ ତତ୍; କୁଚ+ମୁଖ )—
Kuchamukha — କୁଚାଗ୍ର; ସ୍ତନର ଭୁଣ୍ଡି—Nipple.

**କୁଚର୍ଯ୍ୟା**— ସଂ. ବି. ( କୁ + ଚର୍ଯ୍ୟା )—
Kucharjyā — ୧ । ମନ୍ଦ ଆଚରଣ—1. Bad conduct.
୨ । ଖଳତା—2. Wickedness.

**କୁଞ୍ଚା**— ପ୍ରାଦେ. ( ସମ୍ବଲପୁର ) ବି— ୧ । ଖୁଞ୍ଚା ( ଦେଖ )
Kunchā — 1. Khuñchā ( See )
୨ । ମୁଷ୍ଟ୍ୟାଘାତ—2. Fist-blow.
୩ । କୋଚ୍ଚ ବିକି—3. Retail sale.

**କୁଚାଇବା**— ଦେ. କ୍ରି. ( ସଂ. କୁଚ ଧାତୁ )—
Kuchāibā — ଛୋଟ ଛୋଟ କରି କାଟିବା; ଟୁକୁରା ଟୁକୁରା ଖଣ୍ଡରେ କାଟିବା— To cut into little bits or pieces; to mince.
कुचकुचाना
कतरना

ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କୁଚ ଧାତୁ )—
କୁଞ୍ଚିବା ( ଦେଖ )
Kuñchibā ( See )

**କୁଚାଗ୍ର**— ସଂ. ବି. ( ୬ଷ୍ଠୀ ତତ୍; କୁଚ + ଅଗ୍ର )—
Kuchāgra — ସ୍ତନ ବା ଦୁଧର ଭୁଣ୍ଡି—Nipple.

**କୁଚାପେଲ**— ପ୍ରାଦେ. ( ସମ୍ବଲପୁର ) ବିଣ— ଘନ; ଘଞ୍ଚ—
Kuchāpelā — Dense.

**କୁଚାବୁରକୁଡ଼ା କରିବା**— ପ୍ରାଦେ. ( ସମ୍ବଲପୁର ) କ୍ରି --
Kuchāburkurdā kariba — ୧ । ଅଜ୍ଞାତସାରରେ ଲୁଚାଇବା — 1. To conceal ( a thing ).
୨ । ଲୁଚିବା—
2. To conceal one's self.
୩ । ଏଣେ ତେଣେ ଲୁଚାଇବା—
3. To conceal here and there.

**କୁଚାଲ**— ଦେ. ବି. ( ସଂ. କୁ + ଚଳନ )—
Kuchāl — ୧ । ମନ୍ଦ ଆଚରଣ— 1. Bad conduct; evil ways; bad manners.
कुचाल
कुचाल
୨ । ବଦ୍‌ମାଇସୀ; ଦୁଷ୍ଟପଣ—2. Wickedness.

**କୁଚି**— ପ୍ରାଦେ. ( ଗଡ଼ଜାତ ) ବି— କଳଚି ( ଦେଖ )
Kuchi — Kaḷachi ( See )

**କୁଚିଆ**— ପ୍ରାଦେ. ( ବାଲେଶ୍ୱର ) ବି — କୋଚିଆ ( ଦେଖ )
Kuchiā — Kochiā ( See )
ପ୍ରାଦେ (ମେଦନୀପୁର) ବି ( ସଂ. କଞ୍ଚୁଲକ; ଭୁଲ. ବି. କେଞ୍ଚୁଆ )
ଜିଆ; କେଞ୍ଚୁଆ—Earthworm.

**କୁଚିକ**— ସଂ. ବି ( କୁଚ ଧାତୁ = ସଙ୍କୁଚିତ ହେବା + କର୍ତ୍ତୃ. ଇକ )—
Kuchika — କୋଚିଆ—The eel; Unibranchepertura Cuchiyā.
[ ଦ୍ର— ହିନ୍ଦୁମାନେ ବିଶ୍ୱାସ କରନ୍ତି ଏ ଗୋରୁଙ୍କୁ କାମୁଡ଼ିଲେ ଗୋରୁ ମରିଯାଏ, କିନ୍ତୁ ମନୁଷ୍ୟଙ୍କୁ କାମୁଡ଼ିଲେ ମନୁଷ୍ୟର କିଛି ହୁଏ ନାହିଁ । (M. W.) ]

**କୁଚିତ**— ସଂ. ବିଣ (କୁଚ ଧାତୁ + କର୍ମ. ତ)— ୧ । କୁଞ୍ଚିତ —
Kuchita — 1. Curled.
୨ । ସଙ୍କୁଚିତ—2. Contracted
୩ । କ୍ଷୁଦ୍ର; ଅଳ୍ପ—3. Small; little.
ଗ୍ରା. ବିଣ (ସଂ. କୁତ୍ସିତ)— କୁତ୍ସିତ—Ugly.

**କୁଚିବା**— ପ୍ରାଦେ. (ସମ୍ବଲପୁର) କ୍ରି —ପୂରାଇବା; ପ୍ରବେଶ କରାଇବା—
Kuchibā — To thrust; to cause to enter.

**କୁଚିଲା** (ଇତ୍ୟାଦି)— ଦେ. ବି— କୋଚିଲା ଇତ୍ୟାଦି (ଦେଖ)—
Kuchilā (etc) — Kochilā etc (See)
कुचिला
कुचिला, कुचला

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଅତ ୧ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍‌କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍‌କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କୁଚୁକୁଚୁଇବା**—ପ୍ରାଦେ (ସମ୍ବଲପୁର) କ୍ରି—କୁଚ୍‌କୁଚୁଇବା (ଦେଖ)—
Kuchukuchāibā — Kuchkuchāibā (See)

**କୁଚୁକୁଚିଆ**—ଦେ. ବଣ—କୁଚ୍‌କୁଚିଆ (ଦେଖ)—
Kuchukuchiā — Kuchkuchiā (See)

**କୁଚେଲକ**—ସଂ. ବ (କୁ + ଚେଲ + କ)—କୋଚିଲା—
Kuchelaka — Nux vomica.

**କୁଚ୍ଛ**—ଗ୍ରା. ବ.—କୁତ୍ସା (ଦେଖ)—
Kuchchha — Kutsā (See)
ସଂ. ବି.—ଧଳା କଇଁ—White water-lily (M. W.)

**କୁଚ୍ଛା**—ଗ୍ରା. ବ—କୁତ୍ସା (ଦେଖ)—
Kuchchhā — Kutsā (See)

**କୁଚ୍ଛିତ**—ଗ୍ରା. ବଣ (ସଂ. କୁତ୍ସିତ)—୧ । କୁତ୍ସିତ—
Kuchchhita — 1. Ugly.
କୁଛିତ — ୨ । କୃପଣ—2. Miserly.
**କୁଚ୍ଛିତ**

**କୁଚ୍ଛିତିଆ**—ଗ୍ରା. ବଣ—କୁଚ୍ଛିତ (ଦେଖ)—
Kuchchhitiā — Kuchchhita (See)

**କୁଚ୍ଛି**—ପ୍ରାଦେ. (ସମ୍ବଲପୁର) ବଣ (ସଂ. କୁତ୍ସିତ)—୧ । କୁତ୍ସିତ କର୍ମକାରୀ—1. Doing nasty acts.
Kuchchhi
୨ । କୃପଣ—2. Miserly.
ଗ୍ରା. ବ—କୁକ୍ଷି; ଉଦର; ପେଟ—Belly.
ନାଭିରୁ ଉଦପଦ୍ମ ଯାଏ କୁଚ୍ଛିଏ ଭାଲେ ଭଜ ତୁ ଏ—
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

**କୁଛିତ**—ଗ୍ରା. ବଣ—କୁଚ୍ଛିତ (ଦେଖ)—
Kuchhita — Kuchchhita (See)

**କୁଛିତିଆ**—ଗ୍ରା. ବଣ—କୁଚ୍ଛିତ (ଦେଖ)—
Kuchhitiā — Kuchchhita (See)

**କୁଜ୍ (ଧାତୁ)**—ସଂ.—ମଧୁର ଶବ୍ଦ କରିବା—
Kuj (root) — To emit a sweet sound.

**କୁଜ**—ସଂ. ବ (କୁ = ପୃଥିବୀ + ଜନ୍ ଧାତୁ ଜନ୍ମିବା + କର୍ତ୍ତୃ. ଅ)—
Kuja — ୧ । (ପୃଥିବୀରୁ ଜାତ) ମଙ୍ଗଳ ଗ୍ରହ—
1. The planet Mars.
୨ । (ପୃଥିବୀର ପୁତ୍ର) ନରକାସୁର—
2. The name of a demon.
୩ । ବୃକ୍ଷ—3. Tree; plant.
କୁଜ — ଦେ. ବ (ସଂ. କୁବ୍‌ଜ)—୧ । କୁବ୍‌ଜ; ପଦାକୁ ବାହାରିଥିବା
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ତ |

କୁଠୁଁ—କ୍ରି.—କେଉଁ ସ୍ଥାନରୁ ?
Kuṭhuñ — From which place ? whence ?
কোথাথেকে
**कहाँसे**

କୁଠୁଲି—ଗ୍ରା. ବି.—(ସଂ. ପ୍ରକୋଷ୍ଠ)—କୋଠରି—
Kuṭhuli — Room; compartment.
কুঠরী
**कमरा**

କୁଠେଇଁ—ଗ୍ରା. ଅ.—କେଉଁଠାରେ ?—
Kuṭheiñ — Where ?
কোথায়
**कहाँ**

କୁଠେର—ସଂ. ବି.—(କୁଠ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ.ଏର)—
Kuṭhera ୧ । ଅଗ୍ନି—1. Fire (Apte).
୨ । ତୁଳସୀ (ଗୁଳ୍ମ)—2. Holy Basil (plant).

କୁଠେରୁ—ସଂ. ବି. (କୁଠ୍ ଧାତୁ=ବେଷ୍ଟନ କରିବା+ସଂଜ୍ଞାର୍ଥେ.ଏରୁ)—
Kuṭheru ପଙ୍ଖା ବା ଚାମରଦ୍ୱାରା ପ୍ରବର୍ତ୍ତିତ ପବନ—
Wind produced by a fan or chowri ( Apte ).

କୁଡ଼କି—ଗ୍ରା. ବି. ( ଫାର୍ସୀ. କୁର୍କୀ )—କୋରକ୍; ରାଜକୀୟ ଆଦେଶରେ
Kurḍki ସମ୍ପତ୍ତି ବାଜ୍ୟାପ୍ତ ହେବା ନିମନ୍ତେ ଅଟକ—
ক্রোক Attachment of property under a judicial
**कुड़की; कुर्की** or executive order.

କୁଡ଼୍‌କୁଡ଼୍—ଦେ. ଅ. ( ଧ୍ୱନ୍ୟନୁକରଣ )—ଖୁଡ଼୍‌ଖୁଡ଼୍ ଶବ୍ଦ; ଫମ୍ପା
Kurḍkurḍ ନଡ଼ିଆଖୋଳ ମଧ୍ୟରେ ଗୋଡ଼ି ପୂରାଇ ହଲାଇଲେ
ଯେଉଁ ଶବ୍ଦ ହୁଏ—Rattling sound produced by shaking an empty cocoanut-shell with some small pebbles in it.
( ଯଥା—କଡ଼କଡ଼ ଶବ୍ଦଠାରୁ କୁଡ଼୍‌କୁଡ଼୍ ନାଚନ୍ତି । )

କୁଡ଼ (ଧାତୁ)—ସଂ. ( ତୁଳ. ସଂ. କ୍ରୀଡ଼ ଧାତୁ )—୧ । ଖେଳିବା—
Kurḍa (root) 1. To play.
୨ । ପିଲାପରି କାମ କରିବା—
2. To act as a child; to trifle.
୩ । ଏକତ୍ର କରିବା—3. To collect; to gather up.
୪ । ଗଦାଇବା—4. To heap up.

କୁଡ଼ଉ—ପ୍ରାଦେ. ( ସମ୍ବଲପୁର, ସଂ. କୁ+ରୋହିତ) ବି—ରୋହି ମାଛ—
Kurḍau The Rohita fish.
[ ଦ୍ର—ସମ୍ବଲପୁର ରାମେଶ୍ୱର ମନ୍ଦିର ସଂଲଗ୍ନ ମହାନଦୀର ଗୋଟିଏ ଗଣ୍ଡରେ ଏ ମାଛ ଅଛନ୍ତି । ଏମାନଙ୍କୁ ଲୋକେ ପବିତ୍ର ମନେ କରି ଖାଆନ୍ତି ନାହିଁ ଓ ପାଣିରେ ଖାଇ ଦେଇଦେଲେ ଏ ମାଛମାନେ ପାଣି ଉପରକୁ ବାହାରି ତାହା ଖାଆନ୍ତି ଓ ଖେଳନ୍ତି । ]

କୁଡଉଲ—ଦେ. ବିଣ. ( କୁ=କୁତ୍ସିତ୍+ଫା. ଡୌଲ୍ )—କଦାକାର—
Kuḍaula Deformed; ugly.
(ସୁଡଉଲ—ବିପରୀତ)

କୁଡ଼କି—ଦେ. ବି—ପାତ୍ରବିଶେଷ ( ଜଗବନ୍ଧୁ. ପ୍ରାଚୀନଉତ୍କଳ )
Kurḍaki —A kind of pot.

କୁଡ଼ଙ୍ଗ—ସଂ. ବି. ( କୁଟ+ଅଙ୍ଗ )—କୁଞ୍ଜ—Bower; arbour.
Kurḍaṅga ଦେ. ବି. ପୁଂ. ( ଗାଳି ) ( ସଂ. କୁଳାଙ୍ଗାର )—
(କୁଡ଼ଙ୍ଗୀ—ସ୍ତ୍ରୀ) କୁଳାଙ୍ଗାର; କୁଳର ନିନ୍ଦ୍ୟ ସନ୍ତାନ; କୁଳ ବାଳୁଙ୍ଗା;
কুলাঙ্গার ବାସୁରି—An unworthy member of a
**सतयानाशी; कुढ़ङ्ग** family; the black sheep in the family.
ଦେ. ବିଣ. ପୁଂ—୧ । ଅଯୋଗ୍ୟ—1. Unworthy.
୨ । ଦୁଷ୍ଟ; ବଗୁଲିଆ—2. Wicked.

କୁଡ଼ଙ୍ଗା—ଦେ. ବି ଓ ବିଣ. ପୁଂ. ( ସଂ. କୁଳାଙ୍ଗାର )—
Kurḍaṅgā କୁଡ଼ଙ୍ଗ ( ଦେଖ )
(କୁଡ଼ଙ୍ଗୀ—ସ୍ତ୍ରୀ) Kurḍaṅga ( See )
**कुढ़ङ्गा**

କୁଡ଼ପ—ସଂ. ବି. ( କୁଡ଼ ଧାତୁ=ଏକତ୍ର କରିବା+ଅଧିକରଣ. ଅପ )—
Kurḍapa ବାର ପୋସ ଶସ୍ୟର ପରିମାଣ—
A measure of 12 handfuls of grain.

କୁଡ଼ବ—ସଂ. ବି. ( କୁଡ଼ ଧାତୁ+କରଣ. ଅବ )—କୁଡ଼ପ (ଦେଖ)
Kurḍaba Kurḍapa (See)
[ ଦ୍ର—୪ କୁଡ଼ବ=୧ ପ୍ରସ୍ଥ । ]

କୁଡ଼ମା—ଦେ. ବି—କଡ଼ମା ( ଦେଖ )
Kurḍamā Karḍamā ( See )

କୁଡ଼ା—ପ୍ରାଦେ. (ସମ୍ବଲପୁର) ବି—କୋଡ଼ା ( ଦେଖ )
Kurḍā Korḍā ( See )
ପ୍ରାଦେ. ( ବାଲେଶ୍ୱର ) ବି—ସବାରି କାନ୍ଧେଇବା ଶୂଦ୍ର ଜାତିବିଶେଷ—A Śūdra caste of palki-bearers.

କୁଡ଼ାରି—ପ୍ରାଦେ (ସମ୍ବଲପୁର) ବି (ସଂ. କୁଠାର )—କୁରାଢ଼ି—
Kurḍāri Axe.

କୁଡ଼ାଲ—ଦେ. ବି (ସଂ. କୁଠାର; ପ୍ରା. କୁଡ଼ାର)—କୁରାଢ଼ି—
Kurḍāla Axe; hatchet.
কুড়ালি, কুড়াল
**कुड़ाल, कुल्हाड़ी**

କୁଡ଼ାଳ—ଦେ. ବି (ସଂ. କୁଠାର)—କୁରାଢ଼ି—
Kurḍāla Axe.

କୁଡ଼ି—ସଂ. ବି—( କୁଡ଼ ଧାତୁ=ଏକତ୍ର କରିବା+ଅଧିକରଣ. ଇ )—
Kurḍi ଶରୀର—The body.
ପ୍ରାଦେ. (ସମ୍ବଲପୁର, ବାଲେଶ୍ୱର) ବି ( ସଂ. କୁଟ୍ଟ ଧାତୁ=ଛେଦନ କରିବା)—କୋଡ଼ି; ଫାଉଡ଼ା—Spade.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୁଡ଼ଆ**—ଦେ. ବି (ସଂ. କୁଟୀ)—୧ । କ୍ଷୁଦ୍ର ଗୃହ; କୁଟୀର—
Kuṛdiā 1. Hut.
कुँड़िया, कुड्ये ଦକ୍ଷିଣରେ ଗନ୍ଧର୍ବ ଋଷି କୁଡ଼ଆରେ—
**कुटिया, कुरिया** କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗପର୍ବ ।
୨ । ପର୍ଣ୍ଣଶାଳା; ପତ୍ରର କୁଡ଼ଆ—2. Hovel; temporary shed made of twigs and leaves.
ପ୍ରାଦେ (ପୁରୀ) ବି—କୁଡ଼ୁଆ (ଦେଖ)—
Kuṛduā (See)

**କୁଡ଼ିକା**—ସଂ.ବି (କୁଡ଼ ଧାତୁ = ଏକତ୍ର କରିବା + ଅଧିକରଣ.ଅ + କ+ଆ)
Kuṛdikā ୧ । କାଠ ବା ମାଟିର ଜଳପାତ୍ର—
1. Earthen or wooden water-pot (Apte).
୨ । ଗିନା—2. Cup; saucer.

**କୁଡ଼ିବା**—ପ୍ରାଦେ. (ବାଲେଶ୍ୱର) କ୍ରି; ଓ ସ୍ଥାନରେ ଉ ଉଚ୍ଚାରଣ; ଭୁଲ.
Kuṛdibā ଗୋଡ଼ ସ୍ଥାନରେ ଗୁଡ଼; ଘେର ସ୍ଥାନରେ ଘୁର)—
କୋଡ଼ିବା (ଦେଖ)—Koṛdibā (See)

**କୁଡ଼ୀ**—ସଂ. ବି—(କୁଡ଼ ଧାତୁ = ଏକତ୍ର କରିବା + ଅଧିକରଣ. ଈ)—
Kuṛdī କୁଟୀ; କୁଟୀର—Hut.

**କୁଡ଼ୁଆ**—ଦେ. ବି (ସଂ. କୁଡ଼ିକା)—୧ । ମହାପ୍ରସାଦ ଅନ୍ନବ୍ୟଞ୍ଜନାଦି
Kuṛduā ପାକ କରିବାର ମାଟିପାତ୍ର ବା ହାଣ୍ଡି; ଅଟକା-ହାଣ୍ଡି—
1. A red and high earthen pot for cooking rice and curry offerings used in the temples of Puri and Bhubaneśwara.
ବନ୍ଧୁ ତଳସ ଏହା ଶୁଣି, ଅଟକା କୁଡ଼ୁଆଏ ଆଣି—
ରାମଦାସ. ଦାର୍ଢ୍ୟତାଭକ୍ତି ।

[ ଦ୍ର— ମହାପ୍ରସାଦ ଅନ୍ନ, ତିଅଣ ଆଦି ରନ୍ଧାଯିବା ଓ ରଖାଯିବା ମାଟିର ପାତ୍ରମାନଙ୍କୁ ସାଧାରଣତଃ କୁଡ଼ଆ ବା କୁଡ଼ୁଆ ବୋଲାଯାଏ, କିନ୍ତୁ ବଡ଼ ପାତ୍ରକୁ ହାଣ୍ଡି, ମଧ୍ୟଭିନ୍ନ ପାତ୍ରକୁ କୁଡ଼ୁଆ ଓ ସାନପାତ୍ରକୁ ଓଳି ବା ବଢ଼ା ବୋଲାଯାଏ । ଅନ୍ନ କୁଡ଼ୁଆରେ ରନ୍ଧା ହୋଇ ବଡ଼ ହାଣ୍ଡିରେ ଅଜାଡ଼ାଯାଏ । କୁଡ଼ୁଆରେ ଅନ୍ନ, ତିଅଣ, ଖିରି ଆଦି ରନ୍ଧା ଯାଏ । କୁଡ଼ୁଆ ମଧ୍ୟ ନାନାପ୍ରକାରର ଯଥା—ଅନ୍ନ ବା ଭାତ କୁଡ଼ୁଆ, ଖୀରି କୁଡ଼ୁଆ, ତିଅଣ ବା ଭୁଜିଣିଆ କୁଡ଼ୁଆ, ଜାଗର କୁଡ଼ୁଆ, ଇମାର କୁଡ଼ୁଆ, ବସାଣ କୁଡ଼ୁଆ ଇତ୍ୟାଦି । ]
୨ । ପାତ୍ର—2. Pot.

**କୁଡ଼ୁକା**—ପ୍ରାଦେ. (ବାଲେଶ୍ୱର) ବି (ସଂ. କୁଡ଼ବ = ଗିନା)—ଅଣଚ;
Kuṛdukā ଡଙ୍କି—A wooden or metal spoon.
ସୁବର୍ଣ୍ଣ ଥାଳରେ ସୁନା କୁଡ଼ୁକାରେ ପରଶନ୍ତି ବେଗ ବେଗ—ଧର୍ମପୁରାଣ.

**କୁଡ଼ୁକି**—ଦେ. ବି—(ସଂ. କୁଡ଼ିକା)—୧ । ମାଟିର ଭୋଜନ ପାତ୍ର ବା
Kuṛduki ଡାଟିଆ; ମାଟିର ଖୁରି—1. Earthen cup.
୨ । ଛୋଟ ହାଣ୍ଡି; ରନ୍ଧନପାତ୍ର—
2. A small cooking pot made of earth.
ସୁନା କୁଡ଼ୁକିରେ ଝୀର ଘୋଳ ପାଏ—କୃଷ୍ଣସିଂହ. ମହାଭାରତ. ଆଦିପର୍ବ ।

**କୁଡ଼ୁକି ଗିନା**—ଦେ. ବି.—ମାଟିର ଖୁରି ବା ଗିନା—
Kuṛduki ginā An earthen cup.

**କୁଡ଼ୁକୁଡ଼ୁ**—ଦେ. ଅ. (ଧ୍ୱନ୍ୟନୁକରଣ)—କୁଡ଼୍‌କୁଡ଼୍ (ଦେଖ)
Kuṛdukuṛdu Kuṛdkuṛd (See).

**କୁଡ଼ୁଖ୍**—ଦେ. ବି—ଦ୍ରାବିଡ଼ ଭାଷାର ଭାଷାବିଶେଷ—
Kuṛdukh A dialect derived from the Dravidian language.

**କୁଡ଼ୁମ**—ପ୍ରାଦେ. (ଘୁମୁସର) ବି. (ସଂ. କୂର୍ମ)—କୁରୁମ (ଦେଖ)
Kuṛduma Kuruma (See)

**କୁଡ଼ୁମାଲି**—ଦେ. ବି.—କୁଡ଼ୁମି ଭାଷା; କୁରୁମୀମାନଙ୍କ ମାତୃଭାଷା—
Kuṛdumāli Language of the Kurumis.

**କୁଡ଼ୁମି**—ଦେ. ବି.—୧ । ସିଂହଭୂମ, ସମ୍ବଲପୁର ଓ ଗଡ଼ଜାତର କୃଷିଜୀବୀ
Kuṛdumi ଜାତିବିଶେଷ; କୁରୁମୀ ଜାତି—
1. The Kurumī caste of Singhbhoom, Sambalpur and the Orissa States.
୨ । କୁରୁମୀ ଜାତିଙ୍କ ମାତୃଭାଷା —
2. The mother tongue of the Kurumī people.

**କୁଡ଼େଇ**—ଦେ. ବି. (ସଂ. କୁଟଜ)—୧ । ପିତାକୋରୁଆଁ (ଦେଖ)
Kuṛdei 1. Pitākoruāṅ (See)
कुड़चि
**कुरैया**

**କୁଡ଼େର**—ପ୍ରାଦେ. (ସମ୍ବଲପୁର) ବି. (ସଂ. କୁଠାର)—କୁରାଢ଼ି—
Kuṛder Axe.

**କୁଡ଼ୋ**—ପ୍ରାଦେ. (ସମ୍ବଲପୁର) ବି.—କୁଡ଼ଉ (ଦେଖ)
Kuṛdo Kuṛdau (See)

**କୁଡ଼ୌ**—ପ୍ରାଦେ. (ସମ୍ବଲପୁର) ବି.—କୁଡ଼ଉ (ଦେଖ)
Kuṛdau Kuṛdau (See)

**କୁଡୌଲ**—ଦେ. ବିଣ. (ସଂ. କୁ + ଆ. ଡଉଲ୍)—କଦାକାର—
Kuḍaula Deformed; ugly; clumsy.
कुढंग
**कुढंग**

**କୁଡ୍ଡ**—ପ୍ରାଦେ. (ସମ୍ବଲପୁର) ବି.—ପଟାମଇ; ଚଷ ଜମିକୁ ସମତୁଲ କରିବା
Kuḍḍa ପାଇଁ ବ୍ୟବହୃତ ମଇ—
A plank used for being drawn over a cultivated field to level it.

**କୁଡ୍ମଳ**—ସଂ. ବିଣ. (କୁଡ଼ ଧାତୁ + କର୍ତ୍ତୃ. ମଳ)—କୁଟ୍ମଳ (ଦେଖ)
Kuḍmaḷa Kuṭmaḷa (See)

**କୁଡ୍ମଳିତ**—ସଂ. ବିଣ. (କୁଡ୍ମଳ + ଯୁକ୍ତାର୍ଥେ. ଇତ)—କୁଟ୍ମଳିତ (ଦେଖ)
Kuḍmaḷita Kuṭmaḷita (See).

**କୁଡ୍ୟ**—ସଂ. ବି. (କୁଡ଼ ଧାତୁ = ଗଦା କରିବା + କର୍ମ. ଯ)—
Kuḍya ୧ । ଭିତ୍ତି; କାନ୍ଥ—1. Wall.
ଷଟ୍‌କକୁଡ୍ୟ ଗୃହେ ପଣି
ପାଦ ନୂପୁର ରହେ ଘୋଷି—ଜଗନ୍ନାଥ. ଭାଗବତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଚଯ୍ | ତ୍ଥ | ଝ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ |

୨ । ବ୍ୟଗ୍ରତା—2. Eagerness.

୩ । (+ଭାବ. ଯ)—କୌତୂହଳ—3. Curiosity.

୪ । ବିଲେପନ; ଲିପିବା—4. Anointing; smearing.

୫ । କାନ୍ଥ ଆଦି ପଲସ୍ତରା କରିବା—
5. Plastering (of a wall).

**କୁଡ୍ୟଚ୍ଛେଦୀ**—ସଂ. ବି.—(କୁଡ୍ୟ+ଛିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ;
Kuḍyachchhedī ସନ୍ଧି ଯୋଗେ ଛେ ସ୍ଥାନରେ ଚ୍ଛେ)—ସିନ୍ଧିଆଳ; ଚୋର—A house-breaker.

**କୁଡ୍ୟଚ୍ଛେଦ୍ୟ**—ସଂ. ବି.—(କୁଡ୍ୟ+ଛିଦ୍ ଧାତୁ+କର୍ତ୍ତୃ. ଯ)—
Kuḍyachchhedya ୧ । ଯେ ଗାତ ଖୋଳେ—
1. A digger.

୨ । (+କର୍ମ. ଯ) ସିନ୍ଧି ଗାତ—2. Pit or opening made in a wall (Apte).

୩ । କେନାଲ୍; ଜଳ ପ୍ରବାହାର୍ଥ ପ୍ରସ୍ତୁତ ନାଳ—
3. Canal; an artificial channel of water.

**କୁଢ଼**—ଦେ. ବି—୧ । ( ସଂ. କୁଷ୍ଠ )—କାଶ୍ମୀର ଦେଶଜ ଔଷଧ ଦ୍ରବ୍ୟ-
Kurdha ବିଶେଷ; ସୋମରାଜ ବର୍ଗର ଦୀର୍ଘ ଶାକବିଶେଷ ଓ
ସଂ. କାଶ୍ମୀରଜ; ତାହାର ଚେର—1. A medicinal plant
ବାପ୍ୟ; ବ୍ୟାଧି; and its root; Saussurea Lappas
ଅଗଦ; କୁଷ୍ଠ Compositae.
कुड; कुट; पाचक [ ଦ୍ର—ଏହା ଉଦର ଓ ନାଡ଼ ରୋଗରେ
कुट; कुठ; ଉପକାରୀ । ଶାଲଆଦି ଊର୍ଣ୍ଣାବସ୍ତ୍ର ମଧ୍ୟରେ ଏହାର
कुष्ट; कुड़ ଚେରକୁ ରଖିଲେ ଶାଲ୍ ବାସେ ଓ ଶାଲଆଦିରେ
ତେ. କୋସ୍ତମୁ ପୋକ ଲାଗେ ନାହିଁ । ]
କାଶ୍ମୀର ନାମ. କଟୁରୋହଣୀ କୁଢ଼ କାଫଡ଼ ଶୁଣ୍ଠୀ ମୁଥା ।
ପୋ୍ବ୍-ଇ-କୋଠ୍ ପୀତାମ୍ବର. ନୃସିଂହପୁରାଣ ।

୨ । ( ସଂ. କୂଟ; ପ୍ରା. କୁଡ଼ )—ଗଦା; ରାଶି; ସ୍ତୂପ—
2. Heap.

कुड़, कुरा, कूरियो ପବନ ବନା ମାଛ କୁଢ଼ ବୃକ୍ଷ ପନ୍ତି
ଅଛ ମହା ଦେଶେ ଉପୁଡ଼ ପଡ଼ନ୍ତି ।
କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।

୩ । ( ସଂ. କୁଷ୍ଠ ) ଗଳିତ କୁଷ୍ଠରୋଗ—
3. Leprosy with sores.

୪ । କୁଷ୍ଠ ରୋଗ ଜନିତ ପଙ୍ଗୁତା—
4. Deprivation of limbs due to leprosy.

ଦେ. ବିଣ—କୋଢ଼ିଆ; ଗଳିତକୁଷ୍ଠରୋଗୀ—
Leper; suffering from leprous sores.

**କୁଢ଼ଇ**—ଦେ. ବି. ( ସଂ. କୁଟଜ )—୧ । କୁଟଜ ( ଦେଖ )
Kurdhai 1. Kuṭaja ( See )
୨ । ପିତାକୋରୁଆଁ ( ଦେଖ )
2. Pitākoruāñ ( See )

**କୁଢ଼କୁଢ଼**—ଦେ. ବି—୧ । ସ୍ତୂପୀକୃତ—
Kurdhakurdha 1. Gathered into heaps; heaped up.

ଅର୍ଜୁନ କାଣ୍ଡ ବାଜି କୁଢ଼କୁଢ଼ ହୋଇ
ପଡ଼ିଲେ ଯୁଦ୍ଧ ଦାଣ୍ଡେ ମଡ଼ା ହେ ନୃପାଇଁ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୨ । ବହୁ ସଂଖ୍ୟକ ସ୍ତୂପ; ଗଦା ଗଦା—
2. Innumerable heaps.

**କୁଢ଼କୁଷ୍ଠ**—ଦେ. ବି. ( ଏକାର୍ଥକ ସହଚର; ସଂ. କୁଷ୍ଠ )—
Kurdhakushṭha ଗଳିତ କୁଷ୍ଠ—Leprosy.

**କୁଢ଼କେଳି**—ପ୍ରାଦେ. (ଗଞ୍ଜାମ) ବି. (ସଂ. କୁଢ଼ ଧାତୁ+କେଳି)—
Kurdhakeli ବାଲି ଗଦା କରି ତହିଁରେ ଖେଳିବା ଏକ ପ୍ରକାର ଖେଳ; ଧୂଳିଖେଳ—A kind of children's sport consisting of making heaps of sand and playing with them.

**କୁଢଙ୍ଗ**—ଦେ. ବି. ( ସଂ. କୁ+ସଂ. ଢଗ ଧାତୁଜ ଢଙ୍ଗନ=ଗତି )—
Kuḍhaṅga ୧ । ମନ୍ଦ ରୀତି—1. Bad manner.
कुढंग ୨ । ମନ୍ଦ ଆଚରଣ—2. Bad conduct.
कुढ़ंग ଦେ. ବିଣ—ମନ୍ଦ ଆଚରଣବିଶିଷ୍ଟ—
Of bad conduct or manner.

**କୁଢ଼ଙ୍ଗ**—ଦେ. ବି ଓ ବିଣ ( ସଂ. କୁଳାଙ୍ଗାର )—
Kurdhaṅga କୁଡ଼ଙ୍ଗ ( ଦେଖ )
(କୁଢ଼ଙ୍ଗୀ—ସ୍ତ୍ରୀ) Kurdaṅga ( See )

**କୁଢଙ୍ଗା**—ଦେ. ବିଣ—କୁଢଙ୍ଗ ( ଦେଖ )
Kuḍhaṅgā Kuḍhaṅga ( See )

**କୁଢ଼ଙ୍ଗା**—ଦେ. ବି ଓ ବିଣ—କୁଡ଼ଙ୍ଗ ( ଦେଖ )
Kurdhaṅgā Kurdaṅga ( See )

**କୁଢ଼ା**—ଦେ. ବି. ( ସଂ. କୂଟଧାତୁ )—
Kurdhā ୧ । ଗଦା କରିବା—1. Act of heaping.
कूड़ा ୨ । ଗଦା—2. Heap.
इकट्टा ବିଣ—ଗଦା ହୋଇଥିବା—Heaped up.

**କୁଢ଼ାଇ ନେବା**—ଦେ. କ୍ରି. (ସଂ. କୁଟ ଧାତୁ )—୧ । ତଳେ ପଡ଼ିଥିବା
Kurdhāinebā ପଦାର୍ଥକୁ ଗୋଟେଇ ନେବା—1. To pick up
कुड़िए लओया a thing from the ground.
୨ । ଏକତ୍ର ଗଦା କରିବା—
2. To gather into a heap.

**କୁଢ଼ାଇ ପଡ଼ିବା**—ଦେ. କ୍ରି—କୁଢ଼ାଇ ହେବା ( ଦେଖ )
Kurdhāi pardibā Kurdhāi hebā ( See )

**କୁଢ଼ାଇବା**—ଦେ. କ୍ରି. ( ସଂ. କୂଟ; ତା. କୁଡୁ )—
Kurdhāibā ୧ । ଗଦାକରିବା—
कुड़ान 1. To heap up.
ढेरलगाना, ढालना କାଠ କୁଢ଼ାଇ ଅଗ୍ନି ଲଗାଇ ଦହନ ତାକୁ କଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' କୁ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଏକତ୍ର କରିବା—
2. To collect into one place.
୩ । କୌଣସି ବସ୍ତୁ ବହୁ ପରିମାଣରେ ଅଜାଡ଼ିବା—
3. To pour a thing in profusion.
ଅହଂକାର ମାର୍ଜ୍ଜିସ ପନ୍ଥରେ କୁଢ଼ାଇ
ବସିଲେ ତକା ମାଡ଼ ଅତ ଚୋଷ ହୋଇ । କୃଷ୍ଣସିଂ. ମହାଭାରତ. ଅଦ ।

**କୁଢ଼ାଇ ହେବା**—ଦେ. କ୍ରି. ( କୁଢ଼ାଇବାର କର୍ମବାଚ୍ୟ ପ୍ରୟୋଗ )—
Kurdhāi hebā ୧ । ଏକତ୍ର ହେବା—1. To be gathered or collected at one place.
କୁଡ଼িএপড়া
इकट्ठा होना
୨ । କୌଣସି ବସ୍ତୁ ବହୁ ପରିମାଣରେ ଏକ ସ୍ଥାନରେ ଅଜାଡ଼ି ହୋଇ ପଡ଼ିବା—
2. To pour in at one place.
୩ । ଗଦା ହେବା; ସ୍ତୂପୀକୃତ ହେବା—
3. To turn into a heap; to be amassed

**କୁଢ଼ାଏର୍**—ପ୍ରାଦେ. (ସମ୍ବଲପୁର) ବ (ସଂ. କୁଠାର)—ବଡ଼ କୁରାଢ଼ି—
Kurdhāer Big axe.

**କୁଢ଼ାର୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. କୁଠାର; ତୁଳ. ହି. କୁଲ୍ହାଡ଼ୀ)—
Kurdhāri କୁରାଢ଼ି—Axe.

**କୁଢ଼ି**—ଦେ. ବିଣ. ( ସଂ. କୁଷ୍ଠ; ପ୍ରା. କୁଢ଼ )—
Kurdhi ୧ । ଅଳସୁଆ; କୋଢ଼ିଆ; କର୍ମଚୋରି—
କুড়ে, কুড়ি 1. Idle; lazy; indolent.
काढ़ी, सुस्त ୨ । କୁଷ୍ଠ ରୋଗାକ୍ରାନ୍ତ—
2. Attacked with leprosy.
୩ । ହସ୍ତ ପଦାଦି ପଙ୍ଗୁ ହୋଇଥିବା; ପଙ୍ଗୁ; ବିକଳାଙ୍ଗ—
3. Destitute of limbs on account of leprosy; maimed; mutilated.
ଦେ. ବି. ( ସଂ. କୁଷ୍ଠି )—୧ । କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତି—
1. Leper.
୨ । ଅଳସୁଆ ବ୍ୟକ୍ତି—
2. Lazy fellow; loafer.

**କୁଢ଼ିଆ**—ଦେ. ବିଣ—କୁଢ଼ି ( ଦେଖ )
Kurdhiā Kurdhi ( See )

**କୁଢ଼ିପଣ**—ଦେ. ବି—ଆଳସ୍ୟ—Laziness; indolence.
Kurdhipaṇa
কুড়োমি
सुस्ती

**କୁଢ଼ିବୋବାଳି**—ଦେ. ବି—ପଙ୍ଗୁ ପରି ଏକ ସ୍ଥାନରେ ପଡ଼ିରହି କ୍ରନ୍ଦନ
Kurdhibobāli କରିବା ବା ବୋବାଳି ଛାଡ଼ିବା—Lamentation like that of a helpless leper ( unable to move ).

**କୁଢ଼େଇ**—ଦେ. ବି. ( ସଂ. କୁଟଜ )—୧ । କୁଟଜ ( ଦେଖ )
Kurdhei 1. Kuṭaja ( See ).

୨ । ପିଚାକୋରୁଆଁ ( ଦେଖ )
2. Pitākoruāṅ ( See ).

**କୁଢ଼େର୍**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କୁଠାର )—କୁରାଢ଼ି—
Kurdher Axe.

**କୁଣ୍** ( ଧାତୁ )—ସଂ—୧ । ସାହାଯ୍ୟ କରିବା—
Kuṇ ( root ) 1. To aid.
୨ । ଶବ୍ଦ କରିବା—2. To sound.
୩ । ପରାମର୍ଶ ଦେବା—3. To advise.
୪ । କଥା କହିବା—
4. To converse; to speak.
୫ । ନିମନ୍ତ୍ରଣ କରିବା—5. To invite.
୬ । ନମସ୍କାର କରିବା—
6. To salute ( Apte ).

**କୁଣ**—ଗ୍ରା. ବି. ( ସଂ. କୋଣ )—୧ । କୋଣ—
Kuṇa 1. Angle; corner.
কোণ
कोना
୨ । ଗୃହାଦିର ଗୁପ୍ତସ୍ଥାନ; ଗମ୍ଭୀର—
2. Recess ( of a house ).

**କୁଣକ**—ସଂ. ବି. ( କୁଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅକ; ତୁଳ. ଓ. କୁନ ପିଲ୍ଲ )—
Kuṇaka
୧ । ସଦ୍ୟୋଜାତ ଜନ୍ତୁ—
1. A young animal just born.
୨ । ନବଜାତ ଶିଶୁ—2. Infant; baby.

**କୁଣଘର**—ଦେ. ବି. ( ସଂ. କୋଣ+ଗୃହ )—ଧାଡ଼ିର ବା ଚଉକର
Kuṇaghara ଏକପାଖରେ ଥିବା ଘର—A house in the corner of a square or at one end of a row.
কোণোঘর
कोनाका घर

**କୁଣନ**—ସଂ. ବି. ( କୁଣ୍=ଶବ୍ଦ କରିବା+ଭାବ. ଅନ )—ଜନ୍ତୁମାନଙ୍କର
Kuṇana ରବ ବା ଶବ୍ଦ—Sound produced by animals.
ପ୍ରାଦେ. (ମେଦିନୀପୁର; ତୁଳ. ବ. କୁଣୀ)—ଶାରୀରିକ ବେଦନା—Bodily pain.

**କୁଣନଖ**—ଦେ. ବି. ( ସଂ. କୁନଖ )—କଣନଖା ( ଦେଖ )
Kuṇanakha Kaṇanakhā ( See )

**କୁଣନଖା**—ଦେ. ବି. ( ସଂ. କୁନଖ )—କଣନଖା ( ଦେଖ )
Kuṇanakhā Kaṇanakhā ( See )

**କୁଣପ**—ସଂ. ବିଣ. ( କୁଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ.ଅପ)—ଶବ ପରି
Kuṇapa ଦୁର୍ଗନ୍ଧଯୁକ୍ତ—Smelling like a dead body; stinking.
ସଂ. ବି—୧ । ଶବ—1. Dead body; carcass; corpse.
୨ । ଦୁର୍ଗନ୍ଧ—2. Offensive smell; stench.
୩ । ବର୍ଚ୍ଛା—3. Spear.
୪ । ଶସ୍ତ୍ରବିଶେଷ—
4. A kind of instrument of offence,

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଗଁ | ଇଅ | ଢ଼ | ନୁ |

**କୁଣି**—ସଂ. ବି. ( କୁଣ୍ ଧାତୁ + କର୍ତ୍ତୃ. ଇ )—
Kuṇi ୧ । ହାତକେଣ୍ଟା; କେଣ୍ଟା—
1, A cripple with a withered or crooked hand.
୨ । ଅଙ୍ଗୁଳି; ଅଙ୍ଗୁଳିରେ ଉଠିବା ଦୁଷ୍ଟ ବ୍ରଣ—
2 A whitlow.
ଦେ. ବି. ( ସଂ. କଣ )—ଭଙ୍ଗା ମୁଗ ଅଦାର କଣା; କଣି—
Small particles of ground or husked grains.

**କୁଣିଆଁ**—ଦେ. ବିଣ. (ସଂ. କୋଣ)—୧ । ଏକ କୋଣରେ ଅବସ୍ଥିତ—
Kuṇiāñ 1. Situate in one corner.
୨ । (ଅନ୍ୟ ସଂଖ୍ୟାବାଚକ ଶବ୍ଦ ପରେ ଲାଗେ ଯଥା; ଗୃହ-କୁଣିଆଁ)—କୋଣଯୁକ୍ତ—
2. Cornered; having (so many) corners.
୩ । ଗମନାଗମନ ପଥଠାରୁ ଦୂରରେ ଅବସ୍ଥିତ—
3. Out of the way ( place ).

**मेहमान्; पाहुन; कुनबा** ବି. ( ସଂ. କୁଣ ଧାତୁ=ନମସ୍କାର କରିବା; ନିମନ୍ତ୍ରଣ କରିବା; ଭୁଲ. ସଂ. କୁଟୁମ୍ବ; ପ୍ରା. କୁଡୁମ୍ବ)—
୧ । ଅଭ୍ୟାଗତ ବନ୍ଧୁ—1. A newcomer relative; a temporary guest.
ନେହୋତ୍ସବ କର୍ଣ୍ଣୋତ୍ସବ ବନ୍ଧୁ ଥିଲେ; ସେ ବନେ ହୋଇ କୁଣିଆଁ ।
ଭଗବତ; ଜଗନ୍ନାଥ ଦାସ ।
୨ । ବନ୍ଧୁ; ବାନ୍ଧବ—2. Relative.
୩ । ଦୂରାଗତ ବ୍ୟକ୍ତି; ଅତିଥି—3. A stranger; guest.
୪ । ନିମନ୍ତ୍ରିତ ବନ୍ଧୁ—4. Invited relation.
୫ । ବନ୍ଧୁ ଘରକୁ ପଠାଯିବା ଦେଶର ସଙ୍ଗରେ କିମ୍ବା ଶାଶୁଘରକୁ ଯାଉଥିବା ଝିଅ ସଙ୍ଗରେ ପରିବାରର ଯେଉଁ ବ୍ୟକ୍ତି ଯାଆନ୍ତି—5. Relative accompaning a girl to her father-in-law's house.
[ ଦ୍ର—କୁଣିଆଁକୁ କାନ୍ଥବାଡ଼ି ଲାଗିବା ନ୍ୟାୟ—ଘରକୁ କୌଣସି ଅଭ୍ୟାଗତ ବନ୍ଧୁ ଆସିଥିଲେ ଘରର ପଡନୋନ୍ମୁଖ କାନ୍ଥର ଭାର ବା ଚିନ୍ତା ତାଙ୍କୁ ଲାଗେ ନାହିଁ, ଏହା ସ୍ୱାଭାବିକ । ନବାଗତ ବା ସମ୍ପର୍କରହିତ ବ୍ୟକ୍ତି କୌଣସି ବିଷୟରେ ଅନଧିକାର ଚର୍ଚ୍ଚା କଲେ ଏ ନ୍ୟାୟ ପ୍ରୟୋଗ କରାଯାଏ । ]

**କୁଣିଆଁ ଚରଚ୍ଚା**—ଦେ. ବି—୧ । ଅତିଥି ପରିଚର୍ଯ୍ୟା—1. Treating
Kuṇiāñ characha of guests; honouring of guests; entertainment of guests.

**କୁଣିଆଁ ପଡ଼ିବା**—ଦେ. କ୍ରି—ଗୃହରେ ଅଭ୍ୟାଗତ ବନ୍ଧୁ ଅତିଥ୍ୟ ଗ୍ରହଣ
Kuṇiāñ paṛibā କରିବା; ଗୃହରେ ବନ୍ଧୁବାନ୍ଧବ ଉପସ୍ଥିତ ହେବା—Arrival of guests in a man's house.
( ଯଥା—ଆଜି ଆମଘରେ କୁଣିଆଁ ପଡ଼ିଛନ୍ତି । )

**କୁଣିଆଁ ପରି ବସିବା**—ଦେ. କ୍ରି—ଘରକୁ ଆସିଥିବା ଅଭ୍ୟାଗତ ବନ୍ଧୁପରି
Kuṇiāñ pari basibā କିଛି କାର୍ଯ୍ୟ ନ କରିବା—
To sit idle without joining in any domestic duties, like a guest.

**କୁଣିଆଁ-ଭୋଜନ**—ଦେ. ବି. ( ତୁଲ. ଜୋଇଁ-ଭୋଜନ )—
Kuṇiāñ-bhojana ୧ । ଅଭ୍ୟାଗତ ବନ୍ଧୁଙ୍କୁ ଦିଆଯିବା ସସମ୍ମାନ ଭୋଜନ—1. Feast given to guests.
୨ । ସସମ୍ମାନ ଭୋଜନ ଓ ନାନା ଉପଚାରଯୁକ୍ତ ମାଗଣା ଭୋଜନ—2. Rich meal got gratis.

**କୁଣିଆଁ ମଇତ୍ର**—ଦେ. ବି. ( ଏକ ଭାବାର୍ଥକ ସହଚର ଶବ୍ଦ )—
Kuṇiāñ maitra ବନ୍ଧୁବାନ୍ଧବ; ସଙ୍ଗାତମଇତ୍ର—
Relations and friends; relatives and guests.

**କୁଣୁଆଁ**—ଦେ. ବି. ( ସଂ. କୁଣ ଧାତୁ=ନମସ୍କାର କରିବା; ନିମନ୍ତ୍ରଣ
Kuṇuāñ କରିବା )—କୁଣିଆଁ ( ଦେଖ )
Kuṇiāñ ( See )
ସକାଳ ମେଘ ମେଘ ନୁହେ
ସକାଳ କୁଣୁଆଁ କୁଣୁଆଁ ନୁହେ । ଫକୀରମୋହନ. ଛମାଣଆଠଗୁଣ୍ଠ ।

**କୁଣୁନଖା**—ଗ୍ରା. ବି. ( ସଂ. କୁନଖ )—କଣନଖା ( ଦେଖ )
Kuṇunakhā Kaṇanakhā ( See )

**କୁଣୁହାଁ**—ଦେ. ବି. ( ସଂ. କୁଣ ଧାତୁ=ନମସ୍କାର କରିବା; ନିମନ୍ତ୍ରଣ
Kuṇuhāñ କରିବା )—କୁଣିଆଁ ( ଦେଖ )
Kuṇiāñ ( See )

**କୁଣେଇ ଚାହିଁବା**—ଦେ. କ୍ରି—ନେତ୍ର କୋଣଦ୍ୱାରା ଦୃଷ୍ଟି କରିବା; ଅପାଙ୍ଗ-
Kuṇei chāhiñbā ଦୃଷ୍ଟି କରିବା—
आड़ेचाओना To cast sidelong glances.
**कनखियोसेदेखना**

**କୁଣ୍ଟକ**—ସଂ. ବିଣ. ପୁଂ.—(କୁଣ୍ଠ ଧାତୁ + କର୍ତ୍ତୃ. ଅକ)—ସ୍ଥୂଳକାୟ—
Kuṇṭaka Fat; corpulent.
(କୁଣ୍ଟକା—ସ୍ତ୍ରୀ)

**କୁଣ୍ଟିଆ ଚୋପଦାର**—ଦେ. ବି. (ବଙ୍ଗୀୟ ଶବ୍ଦ)—ଭାଟମାନଙ୍କ ଧରିବା
Kuṇṭiāchopadāra ଧାତୁମୟ ବାଡ଼ିବିଶେଷ—A rod of metal carried by heralds.

**କୁଣ୍ଠ୍ (ଧାତୁ)**—ସଂ.—୧ । (ବାଡ଼) ଦନ୍ତହୀନ ହେବା—
Kuṇṭh (root) 1. To be blunted or dulled.
୨ । ଛୋଟା ବା ପଙ୍ଗୁ ହେବା—
2. To be lame or mutilated.
୩ । ନିର୍ବୋଧ ହେବା—3. To be dull or stupid.
୪ । ନିଶ୍ଚେଷ୍ଟ ବା ଅଳସୁଆ ହେବା—4. To be idle.
୫ । ଢିଲାଇବା—5. To loosen.
୬ । ଅକ୍ଷମ ହେବା—6. To be unable.
୭ । ପଶ୍ଚାତ୍ପଦ ହେବା—7. To shrink; to hesitate.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଠ ସମ୍ଭବରେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**କୁଣ୍ଠ**—ସଂ. ବିଣ.ପୁଂ.—(କୁଣ୍ଠ ଧାତୁ=ଆଳସ୍ୟ କରିବା+କର୍ତ୍ତୃ. ଅ)—
Kuṇṭha ୧ । ଜଡ଼; ନିଶ୍ଚେଷ୍ଟ—
(କୁଣ୍ଠା—ସ୍ତ୍ରୀ) 1. Dull; inert.
୨ । ଅଳସ—2. Idle; lazy; indolent.
୩ । ପଶ୍ଚାତ୍‌ପଦ; ସଙ୍କୋଚଯୁକ୍ତ—3. Hesitating.
୪ । ପ୍ରତିବନ୍ଧ—4. Impeded; prevented from action.
୫ । ଅକ୍ଷମ; ଅସମର୍ଥ—
5. Unable; incompetent; impotent.
୬ । ଧାରହୀନ; ଦନ୍ତୁର—6. Blunt; dulled.
୭ । କାତର—7. Enervated.
୮ । ନିର୍ବୋଧ—8. Foolish.
୯ । ମୂର୍ଖ—9. Stupid.
୧୦ । ଦୁର୍ବଳ—10. Weak; debilitated.
୧୧ । ଅକର୍ମଣ୍ୟ; ନିଷ୍କର୍ମା—11. Worthless; useless.
୧୨ । ଆବଦ୍ଧ—12. Bound down; confined.
୧୩ । କୃପଣ—13. Miserly; niggardly.

**କୁଣ୍ଠତା**—ସଂ. ବି. ସ୍ତ୍ରୀ.—(କୁଣ୍ଠ+ଭାବ. ତା)—୧ । କାତରତା—
Kuṇṭhatā 1. Enervation; distress.
୨ । କୃପଣତା—2. Niggardliness.
୩ । ପଶ୍ଚାତ୍ପଦତା—3. Hesitation
୪ । ଆଳସ୍ୟ; ଜଡ଼ତା—
4. Idleness; dullness; laziness.
୫ । ସଙ୍କୋଚ—5. Sensitiveness; scruples.
୬ । ମୂର୍ଖତା; ନିର୍ବୋଧତା—6. Stupidity.
୭ । ଦନ୍ତୁର ହେବା—7. Bluntness.
୮ । ଦୁର୍ବଳତା—8. Debility.

**କୁଣ୍ଠା**—ଦେ. ବି. (ସଂ. କୁଣ୍ଠ ଧାତୁ; କୁଣ୍ଠତା)—ସଙ୍କୋଚ—
Kuṇṭhā Hesitation; scruples.
୨ । କୌଣସି କାର୍ଯ୍ୟ କରିବାରେ ପଶ୍ଚାତ୍ପଦତା—
2. Reluctance to do a thing.
୩ । କୃପଣତା—3. Miserliness; niggardliness.

**କୁଣ୍ଠିତ**—ସଂ. ବିଣ.—(କୁଣ୍ଠ ଧାତୁ+କର୍ତ୍ତୃ. ତ)—୧ । ଦନ୍ତୁର
Kuṇṭhita ହୋଇଥିବା—1. Blunted; dulled.
(କୁଣ୍ଠିତା—ସ୍ତ୍ରୀ) ୨ । ଲଜ୍ଜିତ—2. Ashamed.
୩ । ବାଧାପ୍ରାପ୍ତ—3. Hampered; impeded.
୪ । ସଙ୍କୋଚଯୁକ୍ତ; କୁନ୍ତୁକୁନ୍ତୁ—
4. Hesitating; scrupulous.
୫ । ବିକଳାଙ୍ଗ କରାଯାଇଥିବା—
5. Mutilated; maimed.
୬ । ଅପ୍ରତିଭ—6. Nonplussed; dulled.
୭ । ଅକ୍ଷମ; ଅସମର୍ଥ—7. Incompetent; impotent.
୮ । କାତର—8. Distressed.
୯ । ଚତୁର୍ଦ୍ଦିଗରେ ଆବୃତ—
9. Enveloped; dulled.
୧୦ । ଅନିଚ୍ଛୁକ; ପଶ୍ଚାତ୍ପଦ—
10. Unwilling; reluctant.
୧୧ । ଧୃତ—11. Grasped; held.
୧୨ । ରୁଦ୍ଧ; ଅବରୁଦ୍ଧ—12. Choked; encircled.

କଣ୍ଠେ କୁଣ୍ଠିତ ଅଶ୍ରୁମୁଖେ, ବୁଝିବା ସ୍ନେହ ଭଙ୍ଗ ଦୁଃଖେ—
ଜଗନ୍ନାଥ. ଭାଗବତ ।

ଦେ. ବିଣ—ବନ୍ଧମୁଠିଆ; କୃପଣ—Miserly; niggardly.

**କୁଣ୍ଡ୍** (ଧାତୁ)—ସଂ. (କୁନ୍ଡ୍‌ଧାତୁ)—୧ । ଜାଳିବା—
Kuṇḍ (root) 2. To burn.
୨ । ଖାଇବା—2 To eat.
୩ । ଗଦା କରିବା—3. To heap up.
୪ । ବିକଳାଙ୍ଗ କରିବା—4. To maim; to mutilate.
୫ । ରକ୍ଷା କରିବା—5. To protect.
୬ । ଶୋଭା ପାଇବା—
6. To shine; to look beautiful.

**କୁଣ୍ଡ**—ସଂ. ବି—(କୁଣ୍ଡ ଧାତୁ=ଦାହ କରିବା, ରକ୍ଷାକରିବା+କର୍ମ. ଅ)—
Kuṇḍa ୧ । ଜୀବତ୍‌ପତିକା ସ୍ତ୍ରୀ ଗର୍ଭରୁ ଜାତ ପରପୁରୁଷ ଦ୍ୱାରା ଉତ୍ପାଦିତ ପୁତ୍ର (ମନୁ ୩-୧୭୪)—1. A child born in adultery of a married woman during her husband's lifetime.
[ ଦ୍ର—ବିଧବାଗର୍ଭଜାତ ଜାରଜ ସନ୍ତାନକୁ ଗୋଲକ କୁହାଯାଏ । ]
୨ । ଅଗ୍ନିପାତ୍ର—2. A fire-basin; brazier.
୩ । ନିଆଁ ରଖିବା ପାଇଁ ଭୂମିରେ କରାଯିବା ଗର୍ତ୍ତ—
3. A hole or pit made in the earth for keeping fire or live charcoal
୪ । ଅଗ୍ନିକୁଣ୍ଡ—4. A fireplace.
୫ । ଜଳ ରଖିବାର ବଡ଼ମୁହାଁ ଆଧାର—
5. Wide-mouthed water-bowl; basin.
୬ । ନାହିଆ; ଟବ; ଜାହାଁଳି—6. A tub.
୭ । ଗୋରୁ ଗାଈଙ୍କୁ ପିଆଇବା ପାଇଁ କୁଣ୍ଡାକୃତ ଗୋଲ ଚୋଡ଼ାଣି ବା ପାଣି ରଖିବାର ଆଧାର; ଗୋରୁ କୁଣ୍ଡ—
7. A feeding tub for cattle; manger.
୮ । କ୍ଷୁଦ୍ର ଜଳାଶୟ ବା ପୋଖରୀ—
8. Small tank.
( ଯଥା—ଭୁବନେଶ୍ୱରରେ ମରିଚକୁଣ୍ଡ । )

| ୧ | ଇ | ଉ | ର,ଋ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ବ | ନ୍ତ |

୯ । ଜଳ ରଖିବାପାଇଁ ଭୂମିରେ କରାଯିବା ଗୋଲାକାର ଗାଡ଼—
9. A round hole dug in the ground for storing water.

୧୦ । ଦେବଜଳାଶୟ—
10. A natural pool of water; a spring of water.

୧୧ । ଦେବତାଙ୍କ ନାମଯୁକ୍ତ ଜଳାଶୟ—
11. A tank consecrated to a Deity.
( ଯଥା—ଶ୍ୟାମକୁଣ୍ଡ, ରାଧାକୁଣ୍ଡ, ଗୌରୀକୁଣ୍ଡ, କେଦାର କୁଣ୍ଡ ଇତ୍ୟାଦି । )

୧୨ । ଚୌବାଚ୍ଚା; ପ୍ରସ୍ତର ବା ଇଷ୍ଟକାଦି ନିର୍ମିତ ଜଳାଧାର—
12. An artificial tank or reservoir of stone or brick masonry.

୧୩ । ଗର୍ତ୍ତ—13. Hole; pit.

୧୪ । ମାପିବା ପାତ୍ରବିଶେଷ—
14. A kind of measuring pot.

୧୫ । ଭିକ୍ଷୁକର ଭିକ୍ଷାପାତ୍ର—
15. Mendicant's bowl.

୧୬ । ଯଜ୍ଞକୁଣ୍ଡ; ଯେଉଁ କୁଣ୍ଡରେ ହୋମାଦି କରାଯାଏ—
16. A sacrificial fireplace.

ଦେ. ବି—କୁଣ୍ଢ ( ଦେଖ )
Kundha ( See )

ଦଶଲେଖ କୁଣ୍ଡ ପାଇବା କୁକ୍ଷୋଭିମ
ତା ଶୁଣି ଓଗାଢ଼ିଲେ ଗ୍ରାମ ବହୁ ତମ—କୃଷ୍ଣସିଂହ. ମହାଭାରତ. ବନ ।

**କୁଣ୍ଡକୀଟ**—ସଂ. ବି. ପୁଂ—୧ । ଜାର; ଉପପତ୍ନୀରକ୍ଷକ—
Kundakita 1. A keeper of concubine. ( M. W. )

୨ । ଚାର୍ବାକ ମତଧାରୀ ବ୍ୟକ୍ତି; ଚାର୍ବାକମତନାଉଛନ୍ତି ବ୍ୟକ୍ତି—
2. A follower of the Chārbāka doctrine.
[ ଦ୍ର—ଏମାନଙ୍କ ମତରେ ସଂସାର ମଧ୍ୟରେ ମନୁଷ୍ୟ ଯେତେ ଦିନ ବଞ୍ଚି ରହିବ, ଖାଇ ପିଇ ମଉଜ କରି ଦିନ କଟାଇବ । ]

୩ । ନାସ୍ତିକ ବ୍ୟକ୍ତି—3. Atheist.

୪ । ବ୍ରାହ୍ମଣୀ ଗର୍ଭରୁ ନୀଚଜାତୀୟ ପୁରୁଷ ଔରସ ଜାତଜ ସନ୍ତାନ; ପତିତା ବ୍ରାହ୍ମଣୀର ପୁତ୍ର—
4. The son of a Brāhmanī woman born in adultery with a man of inferior caste.

୫ । ଦାସୀ-କାମୁକ; ଦାସୀ ପ୍ରତି ଆସକ୍ତ ବ୍ୟକ୍ତି—
5. A male enamoured of a maid-servant.

**କୁଣ୍ଡକୀଳ**—ସଂ. ବି. ପୁଂ—ନୀଚ ହୀନ ବ୍ୟକ୍ତି—
Kundakīla Low or vile man (Apte ).

**କୁଣ୍ଡଗୋଳ**—ସଂ. ବି. ( କୁଣ୍ଡ+ଗୋଳ )—୧ । ଜାଉ—
Kundagola 1. Gruel ( M. W.)

୨ । କୁଣ୍ଡ ସନ୍ତାନ ଓ ଗୋଳକ ସନ୍ତାନଦ୍ୱୟ; ବ୍ୟଭିଚାରିଣୀ ସଧବା ଓ ବିଧବାର ଗର୍ଭଜାତ ସନ୍ତାନଗଣ—
2. A number or company of Kunda and Golaka class of sons.

୩ । କାଞ୍ଜି ( ଶବ୍ଦକଳ୍ପଦ୍ରୁମ )—
3. Sour boiled rice-water.

୪ । ବାସି ପଖାଳ—
4. Sour rice ( M. W. ).

**କୁଣ୍ଡଗୋଲକ**—ସଂ. ବି. ( କୁଣ୍ଡ+ଗୋଲକ )—କୁଣ୍ଡଗୋଲ ( ଦେଖ )
Kundagolaka Kundagola ( See )

**କୁଣ୍ଡରା**—ପ୍ରାଦେ. ( ସମ୍ବଲପୁର )—ମାଟିର ବଡ଼ କୁଣ୍ଡ—
Kundarā Big earthen tub.

**କୁଣ୍ଡଳ**—ସଂ. ବି. ( କୁଣ୍ଡ୍ ଧାତୁ=ଶୋଭା ପାଇବା+କର୍ତ୍ତୃ. ଅଳ )—
Kundala ୧ । କର୍ଣ୍ଣଭୂଷଣବିଶେଷ—
1. A kind of earring; eardrop.

୨ । ବଳୟ; କଙ୍କଣ; ଖଡ଼ୁ—2 A bracelet.

୩ । ଗୋଡ଼ର ବେଡ଼ି—
3. A chain for the legs; fetters.

୪ । ବଳୟାକୃତି ବନ୍ଧନୀ; ପାଶ; ଫାଶ—
4. Coil or circular snare; a noose.

୫ । ସମୂହ—
5. Collection; group; assemblage.

୬ । ଦଉଡ଼ିର ଗୋଟିଏ ଫାଶ ବା ମୋଡ଼ା—
6. Coil of a rope.

୭ । ଘୂରେଇ ହୋଇଥିବା ଚକାକୃତି—
7. Circular shape; spiral shape.

୮ । ଗୋଲାକୃତି ଚିହ୍ନ—
8. A round or circular mark.

୯ । ବିବାହିତା ସ୍ତ୍ରୀର ଜାରଜ ପୁତ୍ର—
9. Illegitimate son of a married woman; son born out of wedlock.

ଦେ. ବି—ଚିଲିକାର ଏକପ୍ରକାର ଲୁଣିମାଛ—
A kind of sea-fish of the Chilka lake.

**କୁଣ୍ଡଳଶିଙ୍ଘା**—ଦେ. ବିଣ. ( ସଂ କୁଣ୍ଡଳ+ଶୃଙ୍ଗ )—ଯେଉଁ ଗୋରୁ
Kundalasinghā ବା ମେଣ୍ଢାର ଶିଙ୍ଘ କୁଣ୍ଡଳ ପରି ଲୁଳିଥାଏ—
Having spiral horns.

**କୁଣ୍ଡଳିଆ**—ଦେ. ବିଣ—୧ । ଯେ କାନରେ କୁଣ୍ଡଳ ପିନ୍ଧିଥାଏ—
Kundalia 1. Wearing eardrops.

ବରଜ ଗୋପୀଙ୍କର ମକରକୁଣ୍ଡଳିଆକୁ—କବିସୂର୍ଯ୍ୟ. ସଙ୍ଗୀତ ।

୨ । କୁଣ୍ଡଳ ପରି ଚକାକୃତି; ମୋଡ଼ିମୋଡ଼ିକିଆ—
2. Spiral.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କୁଣ୍ଡଳିନୀ**—ସଂ. ବି. ସ୍ତ୍ରୀ. ( କୁଣ୍ଡଳ+ଇନ୍+ସ୍ତ୍ରୀ. ଈ )—
Kuṇḍaḻini
୧ । ସର୍ପିଣୀ; ମାଈସାପ—
1. A female serpent.
୨ । ଗୁଳୁଚଲତା —
2. A medicinal creeper; Menispermum Glabrum; Coccus Cordifolius.
୩ । ଜିଲବୀ ମିଷ୍ଟାନ୍ନ ( ଦେବେନ୍ଦ୍ର. ଦ୍ରବ୍ୟଗୁଣ )—
3. A kind of spiral sweetmeat.
ସଂ. ବିଣ—କୁଣ୍ଡଳୀର ସ୍ତ୍ରୀଲିଙ୍ଗ—
Feminine of Kuṇḍaḻi.

**କୁଣ୍ଡଳିଶିଙ୍ଘା**— ଦେ. ବି—କୁଣ୍ଡଳଶିଙ୍ଘା ( ଦେଖ )
Kuṇḍaḻisiṅghā — Kuṇḍaḻasiṅghā ( See )

**କୁଣ୍ଡଳୀ**—ସଂ. ବି. ( କୁଣ୍ଡଳ+ଅସ୍ତି ଅର୍ଥରେ ଇନ୍. ୧ମା. ୧ବ )—
Kuṇḍaḻi
୧ । ସର୍ପ ( ଏହା କୁଣ୍ଡଳାକୃତ ହୋଇ ଗୁଡ଼େଇ ଗୁଡ଼େଇ ହୋଇ ଶୁଏ )—1. Serpent ( which coils itself into a circle while resting ).
୨ । ମୟୂର ( ଏହାର ପୁଚ୍ଛରେ ଚନ୍ଦ୍ରକା ବା ଚକଚକ ଥିବାରୁ )—2. Peacock ( having circular marks on its tail ).
୩ । ଶିବ—3. God Śiba.
୪ । ବରୁଣ ( ଏହାଙ୍କର ଅସ୍ତ୍ର ପାଶ )—
4. The sea-god of the Hindus (having a noose as his emblematic weapon).
୫ । କାନ୍ଥୁଟିଆ; ଚିତ୍ରମୃଗ—5. Spotted deer (having white circular marks on the skin).
୬ । ବନ୍ୟଗୁଳ୍ମବିଶେଷ (ହି. କାଣ୍ଠା ଗୁଡ଼ୁକମାର; ବ. ତ୍ରିକଣ୍ଟକ-ଗଛ )—6. Azima Titracantha (Kirtikar).
୭ । ସୁନାରୀ ବଣିଆ—7. Goldsmith.

ବଳୟ ଏକ ମୁଦ୍ରି ଦେବାଙ୍କ ପାଇଁ
କେଉଁ କୁଣ୍ଡଳୀ ନର୍ମିଣ ସେ । ଉକ୍ତ. ବୈଦେହୀଶବିଳାସ ।

୮ । ( ଫଳିତ ଜ୍ୟୋତିଷ ) ଜନ୍ମକୁଣ୍ଡଳୀ; ମନୁଷ୍ୟର ଜାତକର ଗ୍ରହମାନଙ୍କ ଅବସ୍ଥିତିଜ୍ଞାପକ ଚକ୍ର—
8. (Astrology) A circular figure showing the respective positions of the planets in a person's horoscope.
୯ । ଗୁଳଞ୍ଚ; ଗୁଳୁଚଲତା—
9. Coccus Cordifolius ( creeper ).
୧୦ । ଶ୍ୱେତ କାଞ୍ଚନ ବୃକ୍ଷ—10. The tree Bouhinia Variegata. ( M.W.)
ସଂ. ବିଣ. ପୁଂ—୧ । କୁଣ୍ଡଳାକାରବିଶିଷ୍ଟ—
(କୁଣ୍ଡଳିନୀ—ସ୍ତ୍ରୀ) 1. Circular; coiled.
୨ । ଯେ କୁଣ୍ଡଳ ପରିଧାନ କରିଥାଏ—
2. Wearing eardrops.
୩ । ଗୋଲ ହୋଇ ଗୁଡ଼ା ହୋଇଥିବା; ମୋଡ଼ାମୋଡ଼ା—
3. Spiral; circular.
୪ । ସାପ ପରି ଗୁଡ଼ାଇ ହୋଇଥିବା—
4. Winding; coiled as a snake.
ଦେ. ବି—ଗୋରୁ ଛେଳିଆଦିଙ୍କ ଦାଉରୁ ରକ୍ଷା କରିବା ପାଇଁ କୋମଳ ଓ ନୂଆ ଗଛ ଚାରିପାଖରେ ଘେରା ଯାଇଥିବା ବତାର ଜାଲି; ଗୋରଡ଼—Gabion; a bottomless cylindrical basket protector put round slender and new plants to protect them from the ravages of cattle.

**କୁଣ୍ଡଲି**—ପ୍ରାଦେ. (ସମ୍ବଲପୁର) ବି—ଛୋଟ ବାଉଁଶିଆ—
Kuṇḍali — Small basket.

**କୁଣ୍ଡଳୀକୃତ**—ସଂ. ବିଣ. ( କୁଣ୍ଡଳ+ଅଭୂତ ତଦ୍ଭାବେ ଚ୍ୱି+କୃ ଧାତୁ+ କର୍ମ. ତ)—ସାପ ପରି ଗୁଡ଼ାଇ ହୋଇଥିବା—
Kuṇḍaḻikṛuta
Coiled; winding; spiral.

**କୁଣ୍ଡା**—ସଂ. ବି. ସ୍ତ୍ରୀ. ( କୁଣ୍ଡ+ଆ )—ଦୁର୍ଗା—Goddess Durga.
Kuṇḍā
କୁଁଡ଼ା
भूसी
ଦେ. ବି. ( ସଂ. କଡ଼ଙ୍ଗର )—ଧାନରୁ ଚାଉଳ ବାହାର କଲା ପରେ ବାକି ରହିବା ସୂକ୍ଷ୍ମ ଅଂଶ—The husks of the paddy ( left after rice is extracted ), used in feeding cattle, mixed with rice-water.
[ ଦ୍ର—କୁଣ୍ଡା ମିଶାଇ କୁଟୁଭୁଣୀ ହେବା ନ୍ୟାୟ—ଥରେ କୁଟାଯାଇ ପରିଷ୍କୃତ ହୋଇଥିବା ଚାଉଳରେ ପୁଣି ଗୁଡ଼ାଏ କୁଣ୍ଡା ମିଶାଇ ପୁଣି ଉକ୍ତ କୁଣ୍ଡାମିଶା ଚାଉଳକୁ କୁଟି ପରିଷ୍କୃତ କରିବା ପାଇଁ ବୃଥା ପରିଶ୍ରମ କଲାପରି କାର୍ଯ୍ୟ କଲେ ଲୋକେ କୁଣ୍ଡା ମିଶାଇ କୁଟୁଭୁଣୀ ହେବା ନ୍ୟାୟ କହନ୍ତି । ଧାନକୁ କୁଟିଲେ ସେଥିରୁ ଯେଉଁ ଚୋପା ବାହାରେ ତାକୁ ତଷ ବା ତଷୁ କହନ୍ତି । ତଷୁର ଅତି କ୍ଷୁଦ୍ର କ୍ଷୁଦ୍ର ଅଂଶକୁ କୁଣ୍ଡା କହନ୍ତି । ତଷୁର କ୍ଷୁଦ୍ର କଣା ଫଳତଃ କୁଣ୍ଡା ଅଟେ ଓ ସେଥିରେ ଚାଉଳର କ୍ଷୁଦ୍ର ଅଂଶମାନ ଥାଏ । ଏଥି ପାଇଁ କାଣ୍ଡିଆକୁଣ୍ଡାକୁ ବାଛି ଦୁଃଖୀରଙ୍କୀ ଲୋକେ ପିଠା କରନ୍ତି । ଦରକୁଟା ଧାନକୁ ପରିଷ୍କୃତ ଚାଉଳ ବାହାର କରିବା ପାଇଁ ପୁଣି କାଣ୍ଡିଲେ ସେଥିରୁ ଯେଉଁ କ୍ଷୁଦ୍ର ଅଂଶମାନ ବାହାରେ ତାକୁ କାଣ୍ଡିଆ କୁଣ୍ଡା କହନ୍ତି । କୁଣ୍ଡା ତଷୁଠାରୁ ସୂକ୍ଷ୍ମ । ]
ପ୍ରାଦେ. (ସମ୍ବଲପୁର) ବି—ବଡ଼ମୁହାଁ ମାଠିଆ—
A wide-mouthed earthen pitcher.
ଦେ. ବିଣ. ପୁଂ—୧ । କୁଣ୍ଢା; ମୋଟା; ସ୍ଥୂଳାବୟବବିଶିଷ୍ଟ—
(କୁଣ୍ଡୀ—ସ୍ତ୍ରୀ) 1. Stout; fat; corpulent.
ଭୁଁଡ଼େ
मोटा
୨ । ପେଟୁଆ; ପେଟା; ସ୍ଥୂଳୋଦର—2. Pot-bellied.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଭ୍ଅ | ଢ |
| ୬ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ |

**କୁଣ୍ଡାଇବା**—ଦେ. କ୍ରି. ( ସଂ. କଣ୍ଡୂୟନ )—
Kuṇḍāibā ୧ । ନଖରେ ସ୍କୃମ୍ଭବା—
चुलकान 1. To scratch with the nails.
खुजलाना ୨ । ମସ୍ତକର କେଶକୁ ପାନଅଦ୍ୱାରା ନଜେ ବା ଅନ୍ୟ ବ୍ୟକ୍ତିଦ୍ୱାରା ଚର ପରଷ୍କାର କରବା—
2. To comb the hair.
୩ । ନଖଦ୍ୱାରା ଘର୍ଷି ଦେହର ଗଲୁ ବା କଣ୍ଡୁକୁ ଶାନ୍ତ କରବା—
3. To scratch for the purpose of relieving itching.

**କୁଣ୍ଡାଇ ହେବା**—ଦେ. କ୍ରି—୧ । ନଖଦ୍ୱାରା ନଜ ଦେହର କଣ୍ଡୁ ବାରଣ
Kuṇḍāi hebā କରବା—1. To scratch one's own
चुलकान body for alleviating itching.
चुलचुलाना ୨ । ଶରୀରରେ କଣ୍ଡୁ ବୋଧ ହେବା; ଦହ ଗଲୁ କରବା—
2. To feel itching sensation in the body.
୩ । ମସ୍ତକର କେଶକୁ ନଜେ ପାନଅଦ୍ୱାରା କୁଣ୍ଡାଇବା—
3 To comb one's own hair.
୪ । କାମପ୍ରବୃତ୍ତିର ଉଦ୍ରେକ ଅନୁଭବ କରବା—
4. To feel the sezual passion or lust.

**କୁଣ୍ଡାଖାଇ**—ପ୍ରାଦେ. (ଗଡ଼ଜାତ ଓ ଅଲ) ବ—ପକ୍ଷିବିଶେଷ—
Kuṇḍākhāi A kind of bird.
[ ଦ୍ର—ଏମାନେ ଘରବାଡ଼ରେ ଥାଆନ୍ତି; ବର୍ଣ୍ଣ ରକ୍ତପାଣ୍ଡୁର, ଆକାରରେ ବଣି ଚଢ଼େଇ ପର ବହୁତ ମୋଟା । ଏମାନଙ୍କ ଥଣ୍ଟ ବଣି ଥଣ୍ଟ ପର । ]

**କୁଣ୍ଡାଖିଆ**—ଦେ. ବଣ. ( ସଂ. କଡଙ୍ଗର+ଖାଦ ଧାତୁ )—
Kuṇḍākhiā (ପଶୁ) ଯେ କୁଣ୍ଡା ଖାଏ—
(cattle) Which are fed with husks of paddy.
ବ—କୁଣ୍ଡା ଖାଇବାର କ୍ରିୟା—
The eating of the husks.

**କୁଣ୍ଡାଝଡ଼ା**—ଦେ. ବ—ଅତ ଗ୍ଷୁଦ୍ର କଣାରେ ବର୍ଷା—
Kuṇḍājharḍā Rain by driblets or small particles
झिरझिरवृष्टि ( looking like sprinkling of part-
फुआर, खुरदा icles of husks ); drizzle.
ଅଠ ଦୁମ୍ବାର୍ଣ ଖୋଳ ଅସର, ବଢଶି ଇଫିଇଫି ଚଉଷଠୀ କୁଣ୍ଡାଝଡ଼ା, ଛେବେ ଯାଇଁ ବଷାର ଦୁଏ ଫୋଡ଼ୁଥ । କୃଷିବଚନ ।

**କୁଣ୍ଡାଝରା**—ଗ୍ରା. (ଇତର) ବ—କୁଣ୍ଡାଝଡ଼ା ( ଦେଖ )
Kuṇḍājharā Kuṇḍājharḍā ( See )

**କୁଣ୍ଡା ଝାଡ଼ିବା**—ଦେ. କ୍ରି—(ମେଘ) ଅତ ଗ୍ଷୁଦ୍ର କଣାରେ ବର୍ଷିବା—
Kuṇḍā jhārḍibā To rain in dribbles; to drizzle.
झिरझिरकरा
फुआरपड़ना

**କୁଣ୍ଡାଦେଇ ପାଠପଢ଼ିବା**—ଦେ. କ୍ରି—( ଅବଧାନଙ୍କୁ ବା ଗୁରୁଙ୍କୁ ) କଛ
Kuṇḍādei pāthapardhibā ଦକ୍ଷିଣା ନ ଦେଇ (ଯଥା—କୁଣ୍ଡା ଦକ୍ଷିଣା ଦେଇ) ତାଙ୍କଠାରୁ ବିଦ୍ୟାଶିକ୍ଷା କରବା; ମୂର୍ଖ ହେବା—
To study under a teacher without paying fees; to become a dunce.
[ ଦ୍ର—ଗୁରୁଙ୍କୁ କୁଣ୍ଡାପରି ସ୍ୱଳ୍ପ ମୂଲ୍ୟର ବସ୍ତୁ ଦକ୍ଷିଣା ଦେଇ ପାଠ ପଢ଼ିଲେ ଗୁରୁ ଉକ୍ତ ପିଲାକୁ ମନ ଲଗାଇ ପାଠ ପଢାନ୍ତି ନାହିଁ; ଅତଏବ ଉକ୍ତ ପିଲା ମୂର୍ଖ ହେବା ସ୍ୱାଭାବିକ । କେହି ବ୍ୟକ୍ତିର ବିଦ୍ୟାବୁଦ୍ଧି ଦେଖା ନ ଗଲେ ଲୋକେ ତାକୁ କହନ୍ତି 'ତୁ କୁଣ୍ଡା ଦେଇ ପାଠ ପଢ଼ିଥିଲୁ କି ?']

**କୁଣ୍ଡାପାଣି**—ଦେ.ବ (ସଂ.କଡଙ୍ଗର+ପାନୀୟ)—ଗାଈ ଗୋରୁଙ୍କୁ ପିଆଇବା
Kuṇḍāpāṇi ନମନ୍ତେ କୁଣ୍ଡା ସଙ୍ଗେ ମିଶ୍ରିତ ହୋଇଥିବା ପାଣି—
कुँड़ाकुड़चि Husks moistened with water for
भूसीपानी feeding cattle.

**କୁଣ୍ଡାପିଠା**—ଦେ. ବ—(ସ କଡଙ୍ଗର+ପିଷ୍ଟକ)—କାଣ୍ଡିଆ ବା ସୂକ୍ଷ୍ମ କୁଣ୍ଡାକୁ
Kuṇḍāpithā ବାଟି ଯେଉଁ ପିଠା ତିଆର କରାଯାଏ—Cake prepared by pounding fine husks.

**କୁଣ୍ଡାଭୁଷୁଣ୍ଡା**—ଦେ. ବଣ—ଅତ ସ୍ଥୂଳକାୟ ଓ ଅସୁନ୍ଦର (ବ୍ୟକ୍ତି)—
Kuṇḍābhushuṇḍā Very fat and ugly-looking
(କୁଣ୍ଡାଭୁଷୁଣ୍ଡୀ—ସ୍ତ୍ରୀ) ( man )

**କୁଣ୍ଡାମୁହାଁ**—ଦେ. ବ—ଗୋରୁଙ୍କୁ କୁଣ୍ଡାପାଣି ଆଦ ଖାଦ୍ୟ ଦେବା କ୍ରିୟା—
Kuṇḍāmuhāṅ The act of feeding cattle with Kuṇḍāpāṇi.
ଦେ. ବଣ ପୁଂ—ଶୁଖିଲାମୁହାଁ; ଯାହା ମୁହଁ ସବୁବେଳେ ନୀରସ ଦେଖାଯାଏ, ରାଗୁଣ୍ଡାମୁହାଁ—( a person ) With a
(କୁଣ୍ଡାମୁହାଁ—ସ୍ତ୍ରୀ ) scowling face.

**କୁଣ୍ଡାଶୀ**—ସ. ବ. ପୁଂ. ( କୁଣ୍ଡ+ଅଶ ଧାତୁ=ଖାଇବା+କର୍ତ୍ତୃ. ଇନ୍;
Kuṇḍāsi ୧ମା. ୧ବ. )—
୧ । ଯେଉଁ ବ୍ୟକ୍ତି କୁଣ୍ଡ ବା ଜାରଜ ସନ୍ତାନ ଦ୍ୱାରା ପୋଷି ହୁଏ—
1 A person who is maintained by his illegitimate son.
୨ । କୁଟ୍ଟଣୀ—2. Pander; pimp.
୩ । ଧୃତରାଷ୍ଟ୍ରଙ୍କର ଏକ ପୁତ୍ର—
3. Name of a son of Dhṛutarāshṭra

**କୁଣ୍ଡି**—ଦେ. ବ. ( ସ. କୁଣ୍ଡ )—
Kuṇḍi ୧ । ଭାଙ୍ଗ ଓ ନାସ ଆଦ ଘୋଟିବା ନମନ୍ତେ ପ୍ରସ୍ତର-
कुँड़ा ନର୍ମିତ ଗ୍ଷୁଦ୍ର ପାତ୍ର—1. A small stone-
कूंडी ware pot used to pound small things into powder or paste by stirring a rod in it.
୨ । ସ୍ନାନାର୍ଥ ପଥରନର୍ମିତ ଛୋଟ କୁଣ୍ଡ—
2. A small bath-tub; wash-tub.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରଚିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରଚିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରଚିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରର ଉପସ୍ଥିତ ୨ ବା, ୧ ଚକ୍ରଚିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । (ସ୍ତ୍ରୀ) ମୋଟୀ ସ୍ତ୍ରୀ—
3. A curpulent woman.

୪ । ଲୁଣ ସିଝିବା ସମୟରେ ଲୁଣୀ ପାଣିକୁ ନିଗାଡ଼ି ରଖିବା ଗର୍ତ୍ତ—
4. A pit for pouring salt-saturated water for the purpose of the salt being deposited at the bottom.

ପ୍ରାଦେ. ( ସମ୍ବଲପୁର ) ବି—କୁଣ୍ଡେଇ; କଣ୍ଢେଇ—A doll.

ଦେ. ବିଣ. ସ୍ତ୍ରୀ—ସ୍ଥୂଳକାୟା ( ସ୍ତ୍ରୀ )—
Corpulent ( woman ).

**କୁଣ୍ଡିଆ**—ଦେ. ( ସଂ କଣ୍ଡୂ ) ବି—୧ । କଣ୍ଡୂ ରୋଗ—
Kundiā 1. A disease in which an itching sensation is felt; scabies.
খোস
খুজলী

୨ । ଶୁଖିଲା କାଛୁ ରୋଗ—
2. Dry itches.

চুলকানি ୩ । କଣ୍ଡୂୟନ—3. Scratching with the nails
চুল, লত or fine pointed twig to allay itching.

୪ । ମୁଣ୍ଡ କୁଣ୍ଡାଇବା କ୍ରିୟା—4. Combing of the hair.

୫ । କଣ୍ଡୂ; ଗଲୁ—5. Itching sensation.

**କୁଣ୍ଡିଆଇବା**—ଦେ. କ୍ରି. ( ସଂ. କଣ୍ଡୂୟନ )—କୁଣ୍ଡାଇବା ( ଦେଖ )
Kundiāibā Kundāibā ( See )

ବେଶବାସ ଦେଲେ କେଶ କୁଣ୍ଡିଅଇ । ଭକ୍ତ- ସର୍ବସ୍ୱଗୀତା ।

**କୁଣ୍ଡିଆଣ**— ଦେ. ବି—କୁଣ୍ଡିଆ ( ଦେଖ )
Kundiāna Kundiā ( See )

**କୁଣ୍ଡିକା**—ସଂ. ବି. ( କୁଣ୍ଡ+ସ୍ୱଳ୍ପାର୍ଥେ. କ+ଆ )—
Kundikā ୧ । କୁମ୍ଭ; ମାଠିଆ—1. Pitcher.

୨ । କମଣ୍ଡଳୁ—
2. An ascetic's water-bowl.

**କୁଣ୍ଡିକାଞ୍ଚି**—ପ୍ରାଦେ. (ସମ୍ବଲପୁର) ବି— ମାଟି କୁଣ୍ଢେଇ—
Kundikānchi An earthen doll.

**କୁଣ୍ଡିନ** — ସଂ ବି. (ନାମ)—ପ୍ରାଚୀନ ବିଦର୍ଭର ରାଜଧାନୀ—
Kundina Name of the capital of the Bidarbha kingdom of ancient India.

**କୁଣ୍ଡିର**—ସଂ. ବି. ପୁଂ. ( କୁଣ୍ଡ ଧାତୁ+ଇର )—ମନୁଷ୍ୟ; ପୁରୁଷ—
Kundira Man.
(କୁଣ୍ଡିରା—ସ୍ତ୍ରୀ) ବିଣ. ପୁଂ — ବଳୁଆ—Strong (Apte).

**କୁଣ୍ଡିବାଡ଼ି**—ଦେ. ବି—ଭାଙ୍ଗ ଓ ନାସ ଘୋଟିବାର ସାଧନଦ୍ରବ୍ୟ; ଭାଙ୍ଗ-ଘୋଟା କୁଣ୍ଡି ଓ ଠେଙ୍ଗଣୀ—
Kundibārdi A small pot and its long stout rod for pounding small articles into powder or paste.
কুঁড়াঠেঙ্গা
কুণ্ডীসোঁটা

**କୁଣ୍ଡୀ**—ସଂ. ବି. ପୁଂ. ( କୁଣ୍ଡ+ଇନ୍; ୧ମା. ୧ବ )—
Kundi ୧ । ଶିବ—1. God Siba.

୨ । ଘୋଡ଼ା—2. Horse.

୩ । ଜାରଜ—3. Bastard.

ଦେ. ବିଣ. ସ୍ତ୍ରୀ—ସ୍ଥୂଳକାୟା ( ସ୍ତ୍ରୀ )—
Corpulent ( woman).

**କୁଣ୍ଡୀର**—ସଂ. ବିଣ. ପୁଂ. ( କୁଣ୍ଡ+ଈର )— ବଳବାନ; ବଳୁଆ—
Kundira Strong

**କୁଣ୍ଡେଇ କାଣ୍ଡେଇ ହେବା**—ଦେ. କ୍ରି —୧ । ଗଲୁ ମାରିବାକୁ ପରସ୍ପର ଦେହ ରଖାରଖି ହେବା—
Kundei kāndei hebā
1. Scratching one another's limbs ( as is done by beasts ) for allaying itching.

୨ । ମୁଣ୍ଡର କେଶକୁ କୁଣ୍ଡାକୁଣ୍ଡି କରି ସଜବାଜ ହେବା—
2. To fit up one's self by combing and arranging the hair.

**କୁଣ୍ଡୋଇ**—ଦେ. ବି—ହାଣ୍ଡି— Cooking pot.
Kundoi

ଏକ କୁଣ୍ଡୋଇ ଗୋଟିକେ ଭାତ ସେ ରାନ୍ଧିଲେ ।
ସାରଳା- ମହାଭାରତ ଅଦି ।

**କୁଣ୍ଡୋଧ୍ନୀ**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; କୁଣ୍ଡ+ଉଧସ୍+ସ୍ତ୍ରୀ. ଈ )—
Kundodhni ୧ । କୁଣ୍ଡପରି ସ୍ତନବିଶିଷ୍ଟା; ଲଢ଼ୁଆଦୁଧୀ ( ସ୍ତ୍ରୀ ବା ପଶୁ )—1. (woman) Having full breasts.

୨ । ବଡ଼ ପହ୍ନା ଥିବା ( ଗାଈ )—
2. A pot-uddered milch cow.

**କୁଣ୍ଢ**—ଦେ. ବି—ବିସ୍ତାରିତ ବାହୁଦ୍ୱୟମଧ୍ୟସ୍ଥ ବୃତ୍ତାକାର ବ୍ୟବଧାନ; ବାହୁ-ପାଶଦ୍ୱାରା ବେଷ୍ଟିତ ବୃତ୍ତ; ବୃତ୍ତାକାର ବାହୁଦ୍ୱୟର ବେଷ୍ଟନୀ; ଦୁଇବାହୁର ବେଢ଼; ଦୁଇ ହାତର ଅଗ୍ରଭାଗକୁ ପରସ୍ପର ସ୍ପର୍ଶ କରି ବାହୁଦ୍ୱୟକୁ ଚକାକାର କଲେ ତଦ୍ଦ୍ୱାରା ବେଷ୍ଟିତ ବ୍ୟବଧାନ—
Kundha
হাতের বেড়
হাতকাঘেরা; গাদ
The circular space enclosed by the two arms by extending them and causing the finger ends to touch each other; the span of the two arms.

ସେ ଗଛର ଗଣ୍ଡି କ ଦଶଜଣ ବୃନ୍ଦ
ନ ପାଇବ ଏକାବେଳେକେ କଲେ କୁଣ୍ଢ । କୃଷ୍ଣସିଂହ- ମହାଭାରତ ।

**କୁଣ୍ଢ କରିବା**—ଦେ. କ୍ରି —କୁଣ୍ଢାଇବା—
Kundha karibā To embrace tightly.

**କୁଣ୍ଢ ନ ପାଇବା**—ଦେ. ବି—୧ । କୌଣସି ବସ୍ତୁ ( ଯଥା—ଗଛର ଗଣ୍ଡି; ଖୁଣ୍ଟ ) ଏତେ ବେଶି ମୋଟା ହେବା ଯେ ତାକୁ କୁଣ୍ଢାଇଲେ ଦୁଇ ହାତର ଅଗ ପରସ୍ପରକୁ ସ୍ପର୍ଶ ନ କରିବ—
Kundha na pāibā
1. The state of a thing ( e. g. the trunk of a tree; a pillar ) being so large in girth that it cannot be entwined by the arms, so that the finger-ends may touch each other.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଢ |
| ୬ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଥ | ଢ଼ | ନ୍ତ |

( ଯଥ—ଏ ଡାଳଗଛକୁ ମୋ କୁଣ୍ଢ ପାଉ ନାହିଁ ।)

୬ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିର ମନ ଗର୍ବ ବା ଆନନ୍ଦରେ ଅତ୍ୟଧିକ ଉଚ୍ଛ୍ୱାସିତ ହେବାରୁ ତା ମନର ଗଭୀରତା କଳନା କରି ନ ହେବା; ଗର୍ବ ବା ଆନନ୍ଦରେ ସ୍ଫୀତ ହେବା—

2. The state of a person's mind being so elated with pride or joy that it cannot be fathomed by others; (one's mind) to be swollen with joy or pride.

( ଯଥା—ତାଙ୍କୁ ବର୍ତ୍ତମାନ ଧନ ଗୁଡ଼ାଏ ମିଳିଯିବାରୁ ତା ମନକୁ ଆଉ କୁଣ୍ଢ ପାଉ ନାହିଁ । ଏହିପରି ମଧ୍ୟ 'ତା ମନକୁ ଲଙ୍ଗଳ ଦଉଡ଼ି ପାଉ ନାହିଁ' ବାକ୍ୟ ବ୍ୟବହୃତ ହୁଏ । )

**କୁଣ୍ଢା**—ଦେ. ବି. ( ସଂ. କୁଣ୍ଡ ଧାତୁ=ଗଦା କରିବା; ରକ୍ଷା କରିବା; ସଂ. କୁଣ୍ଠ ଧାତୁ=ଆଲିଙ୍ଗନ କରିବା )—
Kundhā
କୋଲାକୁଲି ଗାଢ଼ ଆଲିଙ୍ଗନ—
**गोद** Tight embrace; hugging.

•ବିଣ. ପୁଂ—ମୋଟା ବା ସ୍ଥୂଳାବୟବବିଶିଷ୍ଟ; ଗବ୍‌ଦଲ୍‌ଖାସୁ—
( କୁଣ୍ଢୀ—ସ୍ତ୍ରୀ ) Corpulent ( male ); pot-bellied; do-nothing ( sort of man ).

**କୁଣ୍ଢାଇ**—ଦେ. ବି ( ସଂ ଗୁଡ଼=ଖେଳିବା ପେଣ୍ଡୁ )—୧ । କଣ୍ଢାଇ; ପିଲାମାନଙ୍କର ଖେଳିବା ପିତୁଳା; ପ୍ରତିମା—
Kundhāi
ପୁତୁଲ 1. Infant's doll; puppet.
**गुड्डा** କାଠର କୁଣ୍ଢାଇମାନଙ୍କୁ ନର୍ତ୍ତକ—କୃଷ୍ଣସିଂହ. ମହାଭାରତ. ବନ ।

୬ । ଅତି ସୁନ୍ଦର କୁଣ୍ଢେଇ ପରି ମନୋହର ଶିଶୁ—
2. A charming tiny infant looking like a doll.

**କୁଣ୍ଢାଇ ଧରିବା**—ଦେ. କ୍ରି—ଜୋରପୂର୍ବକ ଆଲିଙ୍ଗନ କରିବା—
Kundhāi dharibā To embrace tightly.

**କୁଣ୍ଢାଇ ପକାଇବା**—ଦେ. କ୍ରି—ଦେଖିବା ମାତ୍ରକେ ହଠାତ୍ ଗାଢ଼ାଲିଙ୍ଗନ କରିବା—To embrace tightly in a paroxysm of delight at meeting a long-absent friend.
Kundhāi pakāibā

**କୁଣ୍ଢାଇବା**—ଦେ. କ୍ରି—କୁଣ୍ଢିଆଇବା ( ଦେଖ )
Kundhāibā Kundhiāibā ( See )

[ ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଧରିବା, ପକାଇବା କ୍ରିୟା ଯୁକ୍ତ ହୁଏ । ]

**କୁଣ୍ଢାଇବିଭା**—ଦେ. ବି—ଦୁଇ ଶିଶୁଙ୍କର ଦୁଇଟି କୁଣ୍ଢେଇଙ୍କ ମଧ୍ୟରେ କାଳ୍ପନିକ ବିବାହରୂପ ଶିଶୁକ୍ରୀଡ଼ାବିଶେଷ—
Kundhāibibhā
ପୁତୁଲବିବାହ A childish sport viz, going through an imaginary marriage ceremony, between 2 dolls owned by 2 children.

**କୁଣ୍ଢାକୁଣ୍ଢି**—ଦେ. ବି. ଓ ବିଣ—କୁଣ୍ଢିଆକୁଣ୍ଢେଇ ( ଦେଖ )
Kundhākundhi Kundhiākundhei ( See )

**କୁଣ୍ଢାକୁଣ୍ଢି ଉଆଁସ**—ପ୍ରାଦେ. ( ଗଞ୍ଜାମ ) ବି—ଭାଦ୍ର ଅମାବାସ୍ୟା; ଜଗନ୍ନାଥ ମହାପ୍ରଭୁଙ୍କର ଖାଉଘୁଣ୍ଟ ଅମାବାସ୍ୟା (ଗଞ୍ଜାମରେ ଏଥିରେ ବନ୍ଧୁମାନଙ୍କର ପରସ୍ପରକୁ ଆଲିଙ୍ଗନ କରିବା ରୀତି ପ୍ରଚଳିତ ଅଛି )—
Kundhākundhi uāñsa
The newmoon day of the month of Bhādra ( in which friends embrace one another in Ganjam).

**କୁଣ୍ଢି**—ଦେ. ବିଣ. ସ୍ତ୍ରୀ—ସ୍ଥୂଳକାୟା; ମୋଟୀ ( ସ୍ତ୍ରୀ )—
Kundhi Corpulent ( woman ).

ପ୍ରାଦେ. (ଗଞ୍ଜାମ) ବି—୧ । ବାଉଁଶ ନିର୍ମିତ ଆଧାର; ଟୋକେଇ—
1. A bamboo basket.
୬ । ବୋଝ – 2. Load.
୩ । ଲୁଣିମାଟି ସଂଗ୍ରହ ହେବାପାଇଁ ଖୋଳାଯାଇଥିବା ଗର୍ତ୍ତ—
3. The hole where saline earth is stored for being manufactured into salt.

ଲୁଣମାଟି ସଂଗ୍ରହ ହୋଇ ଯେଉଁ ଗର୍ତ୍ତରେ ଜମା ହୁଏ
ସେ ଗର୍ତ୍ତର ନାମ କୁଣ୍ଢି—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପ୍ରାଦେ. ( ସମ୍ବଲପୁର ) ବି—କଣ୍ଢେଇ – Doll.

**କୁଣ୍ଢିଆ**—ଦେ. ବି—ଆଲିଙ୍ଗନ—
Kundhiā Embracing.

ଦେ. ବିଣ. ପୁଂ—ଯେ ଆଲିଙ୍ଗନ କରେ—Embracing.

[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା,—ପିଲାକୁଣ୍ଢିଆ ।]

**କୁଣ୍ଢିଆଇବା**—ଦେ. କ୍ରି (ସଂ. କୁଣ୍ଠଧାତୁ)—ଆଲିଙ୍ଗନ କରିବା; କୌଣସି ବ୍ୟକ୍ତିକୁ ବାହୁପାଶରେ ଆବଦ୍ଧ କରିବା—
Kundhiāibā
କୋଲାକୁଲିକରା To embrace.
**कौलीमरना; गोदमेलेना** କହିଲେ କୃଷ୍ଣ ଅର୍ଜୁନକୁ କୁଣ୍ଢିଅଇ—
କୃଷ୍ଣସିଂହ. ମହାଭାରତ. ସଭା ।

**କୁଣ୍ଢିଆକୁଣ୍ଢି**—ଦେ. ବି. ଓ ବିଣ—କୁଣ୍ଢିଆ କୁଣ୍ଢେଇ ( ଦେଖ )
Kundhiākundhi Kundhiā kundhei ( See)

**କୁଣ୍ଢିଆକୁଣ୍ଢି ଉଆଁସ**—ପ୍ରାଦେ. (ଗଞ୍ଜାମ)—କୁଣ୍ଢାକୁଣ୍ଢି ଉଆଁସ (ଦେଖ) .
Kundhiākundhi uāñsa Kundhākundhi uāñsa (See)

**କୁଣ୍ଢିଆକୁଣ୍ଢେଇ**—ଦେ. ବି—ପରସ୍ପର ଗାଢ଼ାଲିଙ୍ଗନ—
Kundhiākundhei Mutual embrace or hugging.
କୋଲାକୁଲି ବିଣ—ପରସ୍ପରକୁ ଆଲିଙ୍ଗନ କରିଥିବା—
Embracing each other.

**କୁଣ୍ଢିକାଞ୍ଚି**—ପ୍ରାଦେ. ( ସମ୍ବଲପୁର ) ବି—କୁଣ୍ଡିକାଞ୍ଚି ( ଦେଖ )
Kundhikāñchi Kundikāñchi ( See )

**କୁଣ୍ଢେଇ**—ଦେ. ବି—କୁଣ୍ଢାଇ ( ଦେଖ )
Kundhei Kundhāi ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦଉଡ଼ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ;'ଅଲବଢ' ନ ପାଇଲେ;'ଅଲବଢ଼'ଦେଖିବେ।

[ ଦ୍ର—ଏହା ଚୋକେଇ ଓ ହାଣ୍ଡି ଶବ୍ଦ ପରେ ସହଚରରୂପେ ମଧ୍ୟ ବ୍ୟବହୃତ ହୁଏ; ଯଥା—ହାଣ୍ଡି କୁଣ୍ଢେଇ, ଚୋକେଇ କୁଣ୍ଢେଇ ]

**କୁଣ୍ଢେମୋଟ** ଦେ. ବିଣ—୧ । ଯାହାର ପରିଧି ବା ଗୋଲେଇର ଚାରି Kuṇḍhemota ପାଖରେ ବାହା ବୁଲାଇଲେ ଦୁଇହାତର ଅଗ ପରସ୍ପରକୁ ସ୍ପର୍ଶ କରେ—
1. Having the girth of the two arms.
୨ । ( ଲକ୍ଷଣାର୍ଥ ) ଗର୍ବସ୍ଫୀତ; ଗର୍ବୀ; ଅହଙ୍କାରଯୁକ୍ତ—
2 Swollen with pride; arrogant.
୩ । ( ଲକ୍ଷଣାର୍ଥ ) ହର୍ଷୋତ୍ଫୁଲ୍ଲ—3. Overjoyed.
(ଯଥା, ମନାକୁ ଦେଖିଲେ ମୋ ମନ କୁଣ୍ଢେ ମୋଟ ହୋଇଯାଏ ।)

**କୁତ୍‌କୁତ୍**—ଦେ. ବି. ( ସଂ. କୁତୁ=କୌତୁକ )—
Kutkut
କुतुकुतु
**गुदगुदाहट**
୧ । ଦେହର ସନ୍ଧିସ୍ଥଳରେ ଅଙ୍ଗୁଳିଚାଳନ—
1. Titillation; tickling.
୨ । ଦେହର ସନ୍ଧିସ୍ଥଳରେ ଅଙ୍ଗୁଳିଚାଳନଜନିତ ହର୍ଷ ବା ରୋମାଞ୍ଚ—
2. Sensation of tingling due to touching soft and sensitive parts of the limbs by finger-tips.

**କୁତ୍‌କୁତ୍ କରିବା**—ଦେ. କ୍ରି. ( ସଂ. କୁତୁ; ସଂ.ରେ କୁତୁକୁତୁଯୁକ୍ତ ଶବ୍ଦର ବ୍ୟବହାର ଅଛି. ଯୋଗେଶଚନ୍ଦ୍ର )—
Kutkut karibā
कुतुकुतान
**खुदखुदाना**
ଦେହର ସନ୍ଧିସ୍ଥାନବିଶେଷରେ ଅଙ୍ଗୁଳି ଚାଳନ କରିବା ; କୁତୁକୁ କୁତୁକୁ କରି ରୋମା ଓ ହାସ୍ୟ ଉତ୍ପାଦନ କରିବା—
To tickle; to titillate; to tingle the sensitive part of another's body by softly touching it with finger-tips.

**କୁତ୍‌କୁତାଇବା**—ଦେ. କ୍ରି—କୁତ୍‌କୁତ୍ କରିବା ( ଦେଖ )
Kutkutāibā Kutkut karibā ( See )

**କୁତ୍‌କୁତା କରିବା**—ଦେ. କ୍ରି—ଟିକି ଟିକି କରି ଚିରି ଦେବା—
Kutkutā karibā To tear into shreds.

**କୁତ୍‌କୁତି**—ଦେ. ବି—୧ । ଦେହର ଯେଉଁ ସନ୍ଧିସ୍ଥଳରେ ଅଳ୍ପ ମାତ୍ର ଅଙ୍ଗୁଳି
Kutkuti
ଚାଳନ କରିବା ମାତ୍ରେ ହର୍ଷ ଓ ରୋମାଞ୍ଚ ଉତ୍ପାଦିତ ହୁଏ—1. Tender parts of the body prone to titillation at a slight fingering.
୨ । ଅଳ୍ପ ମାତ୍ରାରେ କୁତ୍‌କୁତ୍ କଲେ ଶୀଘ୍ର ବା ଅକ୍ଲେଶରେ ରୋମାଞ୍ଚିତ ବା ହୃଷ୍ଟ ହେବାର ପ୍ରବୃତ୍ତି—
2. Proneness to be excited by titillation ( more easily than others ).

**କୁତ୍‌କୁତିଆ**—ଦେ. ବିଣ. ପୁଂ—ଯେଉଁ ପୁରୁଷ ସାମାନ୍ୟ କୁତ୍‌କୁତ୍‌ରେ
Kutkutiā
(କୁତ୍‌କୁତେଇ—ସ୍ତ୍ରୀ)
ହସି ଉଠେ ଓ ଅସ୍ଥିର ହୋଇ ପଡ଼େ—
( a male ) Prone to be easily titillated or excited at a slight touch in the tender parts.

**କୁତ୍‌କୁତୁ**—ଦେ. ବି. ( ସଂ. କୁତୁ=କୌତୁକ )—
Kutkutu
କୁତ୍‌କୁତ୍ ( ଦେଖ )
Kutkut ( See )

**କୁତ୍‌କୁତେଇ**—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀଲୋକ ସାମାନ୍ୟ କୁତ୍‌-
Kutkutei
କୁତାରେ ହର୍ଷମୟୀ ଓ ରୋମାଞ୍ଚିତା ହୋଇ ପଡ଼େ—
(woman) Prone to be easily titillated or cited at a slight touch in tender parts.

**କୁତ**—ଦେ. ବି. ( ମୂଳ. ସଂ. କୁଣ୍ଠ=ଗଦା; ସଂ. ଆକୂତ=ଆଶୟ )—
Kuta
कूत
**कूत, कनकूत**
୧ । ଫଳଥିବା ଫଳ ବା ଫସଲ ସଂଗୃହୀତ ହେବା ପୂର୍ବରୁ ତାହା ଗଣନା ବା ମାପ ନ କରି ତହିଁର ଆନୁମାନିକ ପରିମାଣ ନିରୂପଣ; ଗୁତା (ଗଞ୍ଜାମ)—
1. Measurement or estimate of the quantity of a crop before it is harvested; appraisement of the produce.
୨ । ବୃକ୍ଷର ଫଳ ବା ନଇପୋଖରୀର ମାଛର ଆନୁମାନିକ ପରିମାଣ କିମ୍ବା ତାହାର ମୂଲ୍ୟ ନିରୂପଣ—
2. Valuation of the standing crop or produce; rough appraisement of the standing crop in a field or fruit on a tree or of fish in a tank ( before they are taken ).
୩ । ପାତ୍ର ମଧ୍ୟସ୍ଥିତ ପଦାର୍ଥର ଆନୁମାନିକ ପରିମାଣ ନିରୂପଣ—
3. Rough calculation of the contents of a receptacle.

**କୁତ ଅମୀନ**—ଦେ. ବି—ଜମିର ଫସଲ ଆଦି କୁତ କରିବା କର୍ମଚାରୀ—
Kuta amīna An appraiser.
कुतआमीन
**अकबइया**

**କୁତ କରିବା**—ଦେ. କ୍ରି—ଫଳ ବା ଶସ୍ୟ ବା ମାଛ ବା ପଦାର୍ଥର ଆନୁମାନିକ
Kuta karibā ପରିମାଣ ବା ମୂଲ୍ୟ ଧାର୍ଯ୍ୟ କରିବା—
कुतकरा
**कुतना**
To appraise; to make an appraisement.

**କୁତ ଦେବା**—ଦେ.କ୍ରି—କୌଣସି ଜମି ବା ବୃକ୍ଷର ଫଳକୁ କୁତକରି ତାହା
Kuta debā ଭୋଗ କରିବା ନିମନ୍ତେ ଅନ୍ୟ ବ୍ୟକ୍ତିକୁ ଇଜାରା ଦେବା—
To let out a land, tank or tree on farm by appraisement of its fruits or produce.

**କୁତ ନେବା**—ଦେ.କ୍ରି—କୌଣସି ଜମି ବା ଗଛକୁ କୁତପ୍ରଥା ଦ୍ୱାରା ଇଜାରା
Kuta nebā ନେବା—To take lease of a land or tree under the system of appraisement.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖଂ | ଯ | ସ | ଗଁ | ଇଅ | ଡ଼ | ନ୍ଦ |

**କୁତନ୍ତ୍ର**—ସଂ. ବି. ( କର୍ମଧା; କୁ+ତନ୍ତ୍ର )—
Kutantra ୧ । ଲୋକଙ୍କର ବିରକ୍ତିକର ଶାସନପ୍ରଣାଳୀ ବା ନୀତି-
1. A bad policy; impolitic measure; unpopular administration.
୨ । କୁପରାମର୍ଶ ( କ୍ୱଚିତ୍ )—
2. Evil advice.
୩ । ଚକ୍ରାନ୍ତ; ଷଡ଼ଯନ୍ତ୍ର—3. Plot; conspiracy.
ସଂ. ବିଣ. ପୁଂ (ବହୁବ୍ରୀହି)—କୁପରାମର୍ଶଦାତା (କ୍ୱଚିତ୍)—
( କୁତନ୍ତ୍ରା—ସ୍ତ୍ରୀ ) Giving evil advice.

**କୁତନ୍ତ୍ରୀ**—ସଂ. ବି. ( କୁ+ତନ୍ତ୍ରିନ୍; ୧ମା. ୧ବ )—
Kutantrī ୧ । ଚକ୍ରାନ୍ତକାରୀ ବ୍ୟକ୍ତି—
1. Conspirator.
୨ । କୁପରାମର୍ଶଦାତା ବ୍ୟକ୍ତି—2. Evil adviser.
୩ । କୁତ୍ସିତ ବୀଣା—3. A bad harp.

**କୁତପ**—ସଂ. ବି. ( କୁ=ଈଷତ୍+ତପ୍ ଧାତୁ=ତାପ ଦେବା+କର୍ମ. Kutapa ଅ; ଏହି ସମୟରେ ସୂର୍ଯ୍ୟଙ୍କ ତାପ ମନ୍ଦୀଭୂତ ହୁଏ )—
୧ । ଦିବସର ୧୫ ଭାଗରୁ ୮ମ ଭାଗ ସମୟ; ବେଳ ଗଡ଼ିବା ସମୟ; ଦ୍ୱିପହରର ଠିକ୍ ପରବର୍ତ୍ତୀ କାଳ—
1. The 8th part of the day ( divided into 15 parts ); time just past mid-day.
୨ । ଶ୍ରାଦ୍ଧ ସମୟ—2. The proper time for offering 'Pinda' to the manes in a Śrāddha.
୩ । ବାଦ୍ୟ—3. Drum; musical instrument.
୪ । ଛାଗଲୋମଜ କମ୍ବଳ—
4. Blanket made of goat–hair.
୫ । କୁଶ—5. The Kuśa grass.
୬ । ସୂର୍ଯ୍ୟ—6. The sun.
୭ । ଅଗ୍ନି—7. Fire.
୮ । ଅତିଶୟ ଉତ୍ତାପ—8. Great heat.
୯ । ଅତିଥି—9. Guest.
୧୦ । ତୃଣବିଶେଷ—10. The Aus grass (Apte).
୧୧ । ଭାଗିନେୟ; ଭଣଜା—11. Sister's son.
୧୨ । ଦୌହିତ୍ର; କନ୍ୟାର ପୁତ୍ର; ନାତି—
12. Daughter's son.
୧୩ । ବଳଦ; ଷଣ୍ଢ—13. Ox; bull.
୧୪ । ବ୍ରାହ୍ମଣ—14. A Brāhmaṇa.
୧୫ । ଦ୍ୱିଜ—15. A person of the twice-born castes.
୧୬ । ଗୋରୁ—16 Cattle.
୧୭ । ମିତାକ୍ଷରା ଶାସ୍ତ୍ର ଅନୁସାରେ ଶ୍ରାଦ୍ଧରେ ଆବଶ୍ୟକ ୮ଟି ଅଙ୍ଗ ( ଯଥା—ମଧ୍ୟାହ୍ନର ଠିକ୍ ପରବର୍ତ୍ତୀ ଦିବସର ଅଷ୍ଟମଭାଗ, ଗଣ୍ଡା ଶିଂଘର ପାତ୍ରୀ, ନେପାଳୀକମ୍ବଳ, ରୂପାବାସନ, କୁଶ, ତିଲ, ଗାଈ ଓ ଶ୍ରାଦ୍ଧପତ୍ରରେ ଭୋଜନ କରିବା ପାଇଁ ଦୌହିତ୍ର; ଦ୍ର. ଶବ୍ଦସାଗର )—
17. Eight things required for the performance of a Śrāddha according to the Mitāksharā code.

**କୁତଫର୍ଦ୍ଦ**—ଦେ. ବି. ( ଓ. କୁତ+ଅ. ଫର୍ଦ୍ )—ଯେଉଁ କାଗଜରେ
Kutapharda କୁତ ଲାଗିଥିବା ଜମି ଓ କୁତ ହୋଇଥିବା ଶସ୍ୟର
कुतेरफर्द ପରିମାଣ ଓ କୁତ ନେବା ବ୍ୟକ୍ତିର ନାମ ଆଦି ଲେଖାଯାଏ—
**कतकाफरद** A sheet containing a list and particulars of appraisement.

**କୁତବ୍ ମିନାର୍**—ବୈଦେ. ବି. ( ପା )—ଦିଲ୍ଲୀରେ କୁତବୁଦ୍ଦିନ କରିଥିବା
Kutab minār ଅତ୍ୟୁଚ୍ଚ ପକ୍କା ଜୟସ୍ତମ୍ଭ ବା କୀର୍ତ୍ତିସ୍ତମ୍ଭ—
The Kutab Minar obelisk at Delhi.
( ଦ୍ର—ଏହା ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା )

**କୁତବନ୍ଦି**—ଦେ. ବି—ଜମିର ଫସଲ ଆଦି ପରିମାଣର ଆନୁମାନିକ ପରିମାଣ
Kutabandi ନିରୂପଣ କ୍ରିୟା—The act of appraisement
कुंतबन्दी of the crops etc.
**कुतबन्दी** ଦେ. ବିଣ.—କୁତ କରା ଯାଇଥିବା (ଜମି ଆଦି)—
Appraised (land).

**କୁତବନ୍ଧା**—ପ୍ରାଦେ. (ସମ୍ବଲପୁର) ବିଣ—୧ । ଅନ୍ଦାଜ ନିର୍ଦ୍ଧାରିତ—
Kutabandhā 1. Estimated; appraised.
୨ । ନିର୍ଦ୍ଦିଷ୍ଟ—2. Ascertained.

**କୁତରି**—ପ୍ରାଦେ. ବି. ( ଉତ୍ତରଭାଗ )—କୁକ୍କୁରୀ; କୁକୁରୀ—
Kutari Bitch.

**କୁତର୍କ**—ସଂ. ବି. ( କୁ+ତର୍କ )—୧ । ଅଯୌକ୍ତିକ ବାଦାନୁବାଦ—
Kutarka 1. Fallacious argument; unfair wran-
(କୁତର୍କୀ—ବିଣ. ପୁଂ) gling; foolish argument.
୨ । ପରର ଅନିଷ୍ଟ ନିମନ୍ତେ ଷଡ଼ଯନ୍ତ୍ର—
2. Conspiracy to injure another.

**କୁତର୍ପ**—ଗ୍ରା. ବି. ( ସଂ. କୁତର୍କ; କୁତନ୍ତ୍ର )—ଷଡ଼ଯନ୍ତ୍ର—
Kutarpa Conspiracy to injure another.
**गुट्ट**

**କୁତର୍ପିଆ**—ଗ୍ରା. ବିଣ. ( ସଂ. କୁତର୍କୀ; କୁତନ୍ତ୍ରୀ )—କୁତର୍ପୀ (ଦେଖ)
Kutarpiā Kutarpī (See)

**କୁତର୍ପୀ**—ଗ୍ରା. ବିଣ. (ସଂ. କୁତର୍କୀ; କୁତନ୍ତ୍ରୀ)—୧ । ଷଡ଼ଯନ୍ତ୍ରକାରୀ—
Kutarpī 1. Conspiring to injure others.
**बन्दिश** ୨ । ପରର ଅନିଷ୍ଟ ଚିନ୍ତା କରୁଥିବା ବ୍ୟକ୍ତି—
2. Hatching plots to injure others.

**କୁତଳ**—ସଂ. ବି—ସପ୍ତପାତାଳ ( ଦେଖ )
Kutaḷa Saptapātāḷa ( See )
କୁତଳ ପ୍ରଳୟ ଲକ୍ଷ ଯୋଜନ । ସ୍ୱାତୀ. ପରିବେଶୀତା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପରସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଦେ. ବ—ଭୂତଳ—The surface of the earth.

ଭୂତଳେ ବାସ ଅଛଲେ ନ ଶୋଇବୁ ପଲଙ୍କ କଥା ତଛଲେ ।

ଉକ୍ତ. ପ୍ରେମସୁଧାନିଧି ।

**କୁତ ଲଗାଇବା**—ଦେ. କ୍ରି—କୁତ ଦେବା ( ଦେଖ )
Kuta lagāibā  Kuta debā ( See )

**କୁତ ଲଗିବା**—ଦେ. ବ—କୌଣସି ପଦାର୍ଥ କୁତପ୍ରଥାଦ୍ୱାରା ଅନ୍ୟ
Kuta lāgibā  ବ୍ୟକ୍ତିକୁ ପଟ୍ଟା ବା ଇଜାରା ଦିଆଯିବା—
कुत्‌लागा  The letting out of a thing on lease by
कुतलगना  appraisement.

**କୁତସ୍ତ୍ୟ**—ସଂ. ବଣ. ( କୁତଃ=କେଉଁ ସ୍ଥାନରୁ+ତ୍ୟ )—
Kutastya  ୧ । କେଉଁ ସ୍ଥାନର ?—1. Of what place ?
୨ । କେଉଁ ସ୍ଥାନରେ ସ୍ଥିତ ?—
2. Situate at what place ?
୩ । କେଉଁ ସ୍ଥାନରେ ଜାତ ?—3. Born or produced at what place ?
୪ । କପରି ଘଟିଥିବା ?—4. How happened ?
୫ । କରୂପେ ଜାତ ?—5. How born or produced?
୬ । କେଉଁଠାରୁ ଆଗତ ?—6. Whence come ?
୭ । କେଉଁ ସ୍ଥାନରୁ ଆନୀତ ?—7. Whence brought ?

**କୁତା**—ଦେ. ବ. ପୁଂ. (ହି. କୁତ୍ତା; ସଂ. କୁକ୍କୁର; ଭୁଲ. ଲ. କାନସ୍; ଫ୍ରେ.
Kutā  କାନନ୍)—କୁକୁର—Dog.
कुत्ता  କଳୁଥ କନ୍ତୁ ଯେବେ ଯାଅଇ ତାହାର
कुत्ता  କୁଅଇ କୁତା ଅନ୍ତେ କୁତାର କୁମର ।
(କୁତୀ—ସ୍ତ୍ରୀ)  କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

**କୁତାଇବା**—ଦେ. କ୍ରି—କୁତିବା କ୍ରିୟାର ଣିଜନ୍ତ ରୂପ—
Kutāibā  Causative of Kutibā (to appraise).

**କୁତାଖାଲ**—ପ୍ରାଦେ. (ସମ୍ବଲପୁର) ବ.—କୋଡ଼ଦ୍ୱାରା କରା ଯାଇଥିବା
Kutākhāl  ଗର୍ତ୍ତ—Hole made by a spade.

**କୁତାର ହାଲ୍**—ବୈଦେ. ବ. (ଫା. କୁତାକା ହାଲ୍=କୁକୁରର ଅବସ୍ଥା;
Kutāra hāl  ଅତ୍ୟନ୍ତ ବ୍ୟତିବ୍ୟସ୍ତ ଦଶା (ଯେପରି କୁକୁର ଶିକାର
कुत्तारहाल  ପଛରେ ଦଉଡ଼ି ଦଉଡ଼ି ଅତି ବ୍ୟତିବ୍ୟସ୍ତ ହୋଇଯାଏ
कुत्ताकाहाल  ସେହିପରି ଅବସ୍ଥା )—
Condition of utter distress; straits; condition of being overpowered and fed up (like a dog after chasing its prey. )
( ଯଥା—ସେ ବର୍ତ୍ତମାନ ମତେ କଷ୍ଟ ଦେଉଛି, ମୁଁ ପରେ ତାକୁ କୁତାର ହାଲ୍ କରିବି ଯେ । )

**କୁତି**—ପ୍ରାଦେ. ( ସମ୍ବଲପୁର ) ଅ—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ)—
Kuti  ଆଡ଼କୁ; ଦଗକୁ—Towards; to the direction of.
(ଯଥା—ଏ କୁତି, ସେ କୁତି ଇତ୍ୟାଦି )

**କୁତିବା**—ଦେ. କ୍ରି.—କୁତ କରିବା; ଫଳଆଦିର ଆନୁମାନିକ ପରିମାଣ
Kutibā  ନିରୂପଣ କରିବା—To appraise.
कुत् करा
कुतना

**କୁତୀ**—ଦେ. ବ. ସ୍ତ୍ରୀ. (ହି. କୁତ୍ତୀ)—ମାଈ କୁକୁର—
Kutī  Bitch.
कुत्ती
कुत्ती

**କୁତୀର୍ଥ**—ସଂ. ବ—( କୁ=ମନ୍ଦ+ତୀର୍ଥ )—୧ । ମନ୍ଦ ବା ଅଯୋଗ୍ୟ
Kutīrtha  ଗୁରୁ—1. Bad or unfit teacher.
୨ । ଅପରିଷ୍କୃତ ତୀର୍ଥ—
2. An unclean or filthy place of pilgrimage.

**କୁତୁ**—ସଂ. ବ.—୧ । କୌତୁକ—
Kutu  1. Sport.
୨ । କୁତ୍ କୁତ୍ ଧ୍ୱନି—2. A 'sound, 'kut kut'.
୩ । ତୈଳାଧାର; ତେଲକୁମ୍ପା—
3. A vessel for keeping oil; oil-can.

**କୁତୁକ**—ସଂ. ବ. (କୁତୁ=କୁତୁକୁତୁ ଧ୍ୱନି+କୈ ଧାତୁ+କର୍ତ୍ତୃ. ଅ)—
Kutuka  କୌତୂହଳ—1. Curiosity.
୨ । ଇଚ୍ଛା—2. Desire; inclination.
୩ । ଆନନ୍ଦ—3. Joy.
୪ । ଔତ୍ସୁକ୍ୟ—4. Eagerness; ardour.
ଦେ. ବ.—କୌତୁକ—Sport.

ସରଗ ବ ଲୋକ କୁସୁମ କୁତୁକେ ଫିଙ୍ଗି ମୋ ପରେ ଯେଉଁ ବାସରେ ।

ଉକ୍ତ. ପ୍ରେମସୁଧାନିଧି ।

**କୁତୁକୀ**—ସଂ. ବଣ. ପୁଂ. (କୁତୁକ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ.)—
Kutukī  ୧ । କୌତୂହଳଯୁକ୍ତ—1. Curious; inquisitive.
(କୁତୁକିନୀ—ସ୍ତ୍ରୀ)  ୨ । କୌତୁକୀ; ଆମୋଦପ୍ରିୟ—2. Sportive.

ବର କାଗଜ ତବ ଶ୍ଳୋକେ କଲ୍ଲ ଯେମନ୍ତ କୁତୁକୀ । ଉକ୍ତ. ବୈଦେହୀଶବିଳାସ ।

**କୁତୁକୁତା**—ଦେ. ବ.—କୁତୁକୁତୁ କରିବା କର୍ମ—
Kutukutā  Act of titillating.
कुतकुताना
गुदगुदाहट

**କୁତୁକୁତାଇବା**—ଦେ. କ୍ରି.—କୁତୁକୁତୁ କରିବା (ଦେଖ)
Kutukutāiba  Kutkut karibā (See)

**କୁତୁକୁତା କରିବା**—ଦେ. କ୍ରି.—କୁତ୍କୁତା କରିବା (ଦେଖ)
Kutukutā karibā  Kutkutā karibā (See)

**କୁତୁକୁତି**—ଦେ. ବ.—କୁତ୍କୁତି (ଦେଖ)
Kutukuti  Kutkuti (See)

**କୁତୁକୁତିଆ**—ଦେ. ବ.—କୁତୁକୁତି ଜନିତ ହର୍ଷ—Joy due to
Kutukutiā  excitement produced by titillation.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଫ୍ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ |

ଦେ. ବଣ. ପୁଂ.—ଯାହାକୁ ସାମାନ୍ୟରେ କୁତ୍‌କୁତ୍ କଲେ ସେ ହସି ପକାଏ—Easily excitable by titillation or slight tickling.
( କୁତୁକୁତେଇ—ସ୍ତ୍ରୀ )

**କୁତୁକୁତୁ** (ଇତ୍ୟାଦି)—ଦେ. ବ.—କୁତ୍‌କୁତ୍ ଇତ୍ୟାଦି (ଦେଖ)
Kutukutu (etc) Kutkut etc. (See)

**କୁତୁପ**—ସଂ. ବି.—( କୁତୁ + ଊପ )—୧ । ଚର୍ମନିର୍ମିତ ତୈଳପାତ୍ର ବା କୁମ୍ପା; ଚର୍ମନିର୍ମିତ କ୍ଷୁଦ୍ର ତୈଳାଧାର; ତେଲକୁମ୍ପି—
Kutupa 1. An oil-bottle of leather.
୨ । କୁତପ ୧ (ଦେଖ)
2. Kutapa 1 (See)

**କୁତୁରାଇବା**—ଦେ. କି.—୧ । କୁତ୍‌କୁତ୍ କରିବା—
Kuturāibā 1. To titillate or tickle a person.
୨ । କୌଣସି ବସ୍ତୁରେ ହାତର ଅଙ୍ଗୁଠି ପୁରାଇ ଅଙ୍ଗୁଠି ଅଗକୁ ଇତସ୍ତତଃ ଘୁରାଇବା—2. To stir a thing slightly by thrusting the fingers into it.

**କୁତୁରୁକୁତୁରୁ** (ଇତ୍ୟାଦି)—ଦେ. ବ—କୁତ୍‌କୁତ୍ ଇତ୍ୟାଦି ( ଦେଖ )
Kuturukuturu (etc) Kutkut etc. ( See )

**କୁତୁରୁପୀ**—ପ୍ରାଦେ. ( ପୁରୀ ) ବଣ—୧ । ଅତି କୃପଣ—
Kuturupi 1. Very miserly.
୨ । କୁତର୍ପୀ ( ଦେଖ )
2. Kutarpi ( See )

**କୁତୁହାଇବା**—ଦେ. କି. ( ସଂ. କୁତୁ=କୌତୁକ )—
Kutuhāibā ୧ । କୌତୁକ କରିବା—1. To do a thing in jest or sport.
୨ । ଥଟ୍ଟା କରିବା—2. To cut jokes.

**କୁତୂ**—ସଂ. ବି. ( କୁ + ତନ୍ ଧାତୁ + କର୍ତ୍ତୃ. ଊ )—
Kutū ଚମଡ଼ାରେ ନିର୍ମିତ ତେଲକୁମ୍ପା—
A leathern oil-bottle. ( M.W. )

**କୁତୂହଳ**—ସଂ. ବି. ( କୁତଃ + ହଳ )—୧ । ଔତ୍ସୁକ୍ୟ—
[ ଦ୍ର—କେହି କେହି କହନ୍ତି ଅତି ସଞ୍ଚୟଶୀଳତା ହେତୁରୁ ଏମାନେ ଧନିକ, ତେଣୁ 'କୁବେର' ନାମଧାରୀ, ପୁଣି କେହି କେହି କହନ୍ତି କୁ ଅର୍ଥାତ୍ ତୈଳ ସଂସର୍ଗ ହେତୁରୁ ମଳିନ ବା କୁତ୍ସିତ ଶରୀର ଧାରଣ କରିଥିବାରୁ ଏମାନେ କୁବେର ବୋଲାନ୍ତି । ]

ଦେ. ବଣ—୧ । କୃପଣ—1. Miserly.
୨ । ଖୁବ୍ ଧନୀକ—2. Very rich.

କୁବେରଦିକ୍—ସଂ. ବ. ( ମ. ପ. ଲୋ; କୁବେରାଧିଷ୍ଠିତ+ଦିକ୍ )—
Kuberadik ଉତ୍ତରଦିଗ—The North.

କୁବେରପୁତ୍ର—ଦେ. ବ—ତେଲି ଜାତି—
Kuberaputra The oilman-caste.

କୁବେରାକ୍ଷୀ—ସଂ ବ—ପାଟଳଗଛ ( ଦ୍ରବ୍ୟଗୁଣ )—
Kuberākshi Bignonia guaviolens ( tree ).

କୁବେରାଦ୍ରି—ସଂ. ବ. ( ମ. ପ. ଲୋ; କୁବେର+ଅଦ୍ରି )—ଏହା କୁବେରଙ୍କ ବାସସ୍ଥାନ )—କୈଳାସ ପର୍ବତ—
Kuberādri The Kailasa mountain.

କୁବେଳ—ସଂ. ବ. ( କୁ=ପୃଥିବୀ+ବେଲ=ଚଞ୍ଚଳ ହେବା+କର୍ତ୍ତୃ. ଅ )—କୁବଳୟ; ପଦ୍ମ—Lotus.
Kubela

କୁବେଳା ଦେ. ବ. ( ସଂ. କୁବେଲା )—ମନ୍ଦ ସମୟ—Bad time.

କୁବେଲା—ସଂ. ବ. ( କର୍ମଧା କୁ+ବେଲା )—୧ । ମନ୍ଦ ସମୟ—
Kubelā 1. Bad time.
୨ । ଅଶୁଭ ମୁହୂର୍ତ୍ତ—
2. Inauspicious moment.

କୁବ୍ଜ—ସଂ. ବଣ. ପୁଂ. (କୁ=ଈଷତ୍+ଉବ୍ଜ=ସରଳ ହେବା+ଭାବ. ଅ)—
Kubja ୧ । ଉପର ଆଡ଼କୁ ବଙ୍କାଇଥିବା; ଅବୁଆ—
( କୁବ୍ଜା—ସ୍ତ୍ରୀ ) 1. Conuex.
( ନ୍ୟୁବ୍ଜ—ବିପରୀତ ) ୨ । ଉନ୍ନତପୃଷ୍ଠ; କୁଜା—
2. Humpbacked; crooked ( male ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନ ଥିବା କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବି.—୧ । ପିଠିର କୁଜ—1. Hump on the back.
୨ । ବକ୍ରପୃଷ୍ଠ ଖଡ୍ଗ—2. Curved sword.

**କୁବ୍ଜକ**—ସଂ. ବି. ( କୁବ୍ଜ + ସଂଜ୍ଞାର୍ଥେ. କ )—ଶିଙ୍ଗଡ଼ା ( ଦେଖ )
Kubjaka — Śiṅgar̤dā ( See )

**କୁବ୍ଜା**—ସଂ. ବିଣ. ସ୍ତ୍ରୀ. ( କୁବ୍ଜ + ସ୍ତ୍ରୀ. ଆ )—କୁଜୀ—
Kubjā — Humpbacked ( female ).
ବି—ମଥୁରାର ସ୍ତ୍ରୀବିଶେଷ; କଂସ ରାଜାଙ୍କର ଜଣେ ବେଶକାରିଣୀ ଭୃତ୍ୟା; କୁବୁଜା—
A maid servant of King Kaṁsa's court whom Kr̥shṇa blessed with his love.

**କୁବ୍ଜିକା**—ସଂ. ବି. ( କୁବ୍ଜ + କ + ସ୍ତ୍ରୀ. ଆ )—
Kubjikā ୧ । ଅଷ୍ଟମ ବର୍ଷୀୟା କୁମାରୀ; ଗୌରୀକନ୍ୟା—
1. An unmarried girl eight years of age.
୨ । ଦେବୀବିଶେଷ—2. A Goddess.

**କୁବ୍ର**—ସଂ. ବି.—୧ । ଅରଣ୍ୟ— 1. Forest.
Kubra ୨ । ହୋମଗର୍ତ୍ତ—2. Hole of sacrificial fire.
୩ । କୋଳ—3. Ear-ring.
୪ । ସୂତ୍ର—4. Thread.
୫ । ଶଗଡ଼—5. Cart ( Apte ).

**କୁଭ**—ସଂ. ବିଣ—ଏକତ୍ରୀଭୂତ; ରାଶୀକୃତ ବା ଗଦା ହୋଇଥିବା—
Kubhā — Heaped together.
ସଂ. ବି. ( କୁ = କୁତ୍ସିତ; ପୃଥିବୀ + ଭା = ଦୀପ୍ତି )—
୧ । କୁତ୍ସିତ ଦୀପ୍ତି—1. An ugly splendour.
୨ । ପୃଥିବୀର ଛାଇ—
2. The shadow of the earth.
୩ । ରାହୁ—3. The ascending node ( counted as one of the planets in Hindu Astronomy) which falls upon the moon at eclipse.
୪ । କାବୁଲ ନଦୀ; ଏହା ସିନ୍ଧୁନଦୀର ଉପନଦୀବିଶେଷ—
4. A river falling into the Indus. (M.W.)
ପ୍ରାଦେ. (ବାଲେଶ୍ୱର) ବି—କୋବା (ଦେଖ)
Kobā (See)

**କୁଭାଣ୍ଡକ**—ଦେ. ବି.—ବନବିଶେଷ—Name of a forest.
Kubhāṇḍaka କୁଭାଣ୍ଡକ ବନେ କେଇ ଥାଇ ସେ ଭୁହାଇ ।
ସାରଳା-ମହାଭାରତ. ମଧ୍ୟ ।

**କୁଭୃତ୍**—ସଂ. ବି. (କୁ = ପୃଥିବୀ + ଭୃ ଧାତୁ = ଧାରଣ କରିବା + କର୍ତ୍ତୃ. କ୍ୱିପ୍)—୧ । ରାଜା—1. King.
Kubhr̥ut
୨ । ପର୍ବତ— 2. Mountain.

**କୁମ୍ଡ଼ା**—ପ୍ରାଦେ. (ସମ୍ବଲପୁର) ବି.—( ତୁଳ. ହି. ସାଁଝ୍‌କୁମ୍ହଡ଼ )—
Kumr̤dā ପାଣିକଖାରୁ—White gourd.

**କୁମ୍ନା**—ପ୍ରାଦେ. ( ସମ୍ବଲପୁର ) ବି.—( ସଂ. କୁପିନୀ = ଜାଲ ) —ମାଛ
Kumnā ଧରିବା ପାଇଁ ବାଉଁଶ ନିର୍ମିତ ଯନ୍ତ୍ରବିଶେଷ—
A contrivance made of bamboo to catch fish.

**କୁମ୍ପଟିଆ**—ପ୍ରାଦେ. (ସମ୍ବଲପୁର) ବି.—କୁମ୍ଭିପଟୁଆ (ଦେଖ)
Kumpaṭiā — Kumbhipaṭuā (See)

**କୁମ୍ହାଟି**—ପ୍ରାଦେ. (ସମ୍ବଲପୁର) ବି—କୁମ୍ଭାଟୁଆ ପକ୍ଷୀ—
Kumhāṭi — A kind of bird.

**କୁମତି**—ସଂ. ବି.—(କର୍ମଧା; କୁ + ମତି ) — ମନ୍ଦ ବୁଦ୍ଧି—
Kumati — A weak or perverted mind.
ବିଣ—ମନ୍ଦବୁଦ୍ଧିବିଶିଷ୍ଟ ବ୍ୟକ୍ତି—
Of weak or perverted intellect.

**କୁମଦ**—ଦେ. ବି. (ସଂ. ଆମୋଦ)—ସୁଗନ୍ଧ; ମଧୁର ଗନ୍ଧ—
Kumada — Mild sweet smell; fragrance.
ବିଣ.—ସୁବାସିତ—Fragrant.
ପ୍ରାଦେ. (ସମ୍ବଲପୁର) ବିଣ.—(ଚନ୍ଦ୍ର କିରଣରେ କୁମୁଦ ପରି) ପ୍ରସନ୍ନ; ହର୍ଷୋତ୍ଫୁଲ୍ଲ—
Delighted; elated with joy.

**କୁମନ୍ତ୍ର**—ସଂ. ବି.—(କର୍ମଧା; କୁ + ମନ୍ତ୍ର)—୧ । ମନ୍ଦ ପରାମର୍ଶ—
Kumantra — 1. Bad or evil advice.
୨ । ପରର ଅନିଷ୍ଟସାଧନ ମନ୍ତ୍ର—
2. A charm used to injure others.

**କୁମନ୍ତ୍ରଣା**—ସଂ. ବି. (କର୍ମଧା; କୁ + ମନ୍ତ୍ରଣା)—୧ । ଷଡ଼ଯନ୍ତ୍ର—
Kumantraṇā — 1. Intrigue.
୨ । ମନ୍ଦ ଉପଦେଶ—2. Evil advice.

**କୁମନ୍ତ୍ରୀ**—ସଂ. ବି. (କର୍ମଧା; କୁ + ମନ୍ତ୍ରୀ)—୧ । ଅଯୋଗ୍ୟ ମନ୍ତ୍ରଣାଦାତା—
Kumantrī — 1. A bad counsellor.
୨ । ମନ୍ଦ ପରାମର୍ଶଦାତା—2. One's evil genius.
୩ । ଷଡ଼ଯନ୍ତ୍ରକାରୀ—3. An intriguer.

**କୁମର**—ଦେ. ବି. (ସଂ. କୁମାର)—୧ । ପୁତ୍ର—1. Son.
Kumara ୨ । ଯୁବରାଜ—2. The prince; the heir elect to the throne.
कुमार
कुमर ୩ । କାର୍ତ୍ତିକେୟ—3. God Kārttikeya.
୪ । ବାଳକ—4. Boy.
ସପତ ବରଷ କୁମର, ହସ୍ତେ ଉପାଡ଼ି ଗିରିବର । ଜଗନ୍ନାଥ. ଭାଗବତ ।
୫ । ହରିତାଳରେ କଇଥ ଅଠା ମିଶାଇ ଗଞ୍ଜପା ସାର ରଙ୍ଗ କରିବାର ହଳଦିଆ ରଙ୍ଗ—A yellow paint prepared by mixing yellow orpiment with the gum of raw wood apple.

**କୁମା**—ପ୍ରାଦେ. ( ସିଂହଭୂମ ) ବି—ଛୋଟ ଅସ୍ଥାୟୀ କୁଡ଼ିଆ ଘର—
Kumā — A temporary hut.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଉ |
| ୨ | ଈ | ଊ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ |

କୁମାଚ —ବୈଦେ. ବି. (ଫା. କିମାସ୍)—ଗଞ୍ଜପା ଖେଳର ରଙ୍ଗବିଶେଷ—
Kumācha Name of a class of cards in the
किमास Ganjapā-game.

କୁମାର—ସଂ. ବି. ପୁଂ. (ବହୁବ୍ରୀହି; କୁ=କୁତ୍ସିତ; ଅଳ୍ପ+ମାର=କନ୍ଦର୍ପ;
Kumāra କମ୍ବା କୁମାର୍=କ୍ରୀଡ଼ା କରିବା+କର୍ତ୍ତୃ. ଅ )—
(କୁମାରୀ—ସ୍ତ୍ରୀ) ୧ । ପୁତ୍ର—1. Son
( ଯଥା—ରାଜକୁମାର; ଅଶ୍ୱିନୀ କୁମାର ଇତ୍ୟାଦି । )
୨ । ପଞ୍ଚମ ବର୍ଷୀୟ ବାଳକ—2. Boy of five years.
୩ । ଯୁବକ—3. Youth.
୪ । କାର୍ତ୍ତିକେୟ—4. God Kārttikeya.
୫ । ଟିକାଏତ; ରାଜପୁତ୍ର; ଯୁବରାଜ—
5. Prince; heir apparent.
୬ । ପାଞ୍ଚବର୍ଷରୁ କମ୍ ବୟସ୍କ ବାଳକ ଶିଶୁ—
6. A boy bellow five years of age.
୭ । ନିର୍ମଳ ସ୍ୱର୍ଣ୍ଣ; ଖାଣ୍ଟି ସୁନା—7. Pure gold.
୮ । ନାଟକାଦିରେ ଯୁବରାଜଙ୍କୁ ସମ୍ବୋଧନ—8. Term used in addressing a prince in dramas.
୯ । ସିନ୍ଧୁନଦୀର ଗୋଟିଏ ନାମ—
9. A mame of the river Indus.
୧୦ । ସହିସ; ଅଶ୍ୱବାରକ—
10. A syce; a groom for a horse.
୧୧ । ଭାରତ ବର୍ଷର ନାମାନ୍ତର ( ବାମନ ପୁରାଣ )—
11. A name of ancient India.
୧୨ । ମଙ୍ଗଳଗ୍ରହ (ନବଗ୍ରହ ସ୍ତୋତ୍ର)—
12. The planet Mars.
୧୩ । ଶୁକପକ୍ଷୀ—13. Parrot.
୧୪ । ତୀର୍ଥବିଶେଷ—14. Name of a shrine.
୧୫ । ପର୍ବତବିଶେଷ—15. Name of a mountain.
୧୬ । ବରୁଣ ଗଛ—16. A tree; Crateava Roxburghii.
୧୭ । ସନକ, ସନନ୍ଦ, ସନାତନ, ସନତ୍କୁମାର ଋଷି ( ଏମାନେ ଶୈଶବରୁ ବ୍ରହ୍ମଚାରୀ ଥିବାରୁ )—17. Name of some bachelor sages.
୧୮ । ଅଶ୍ୱବାରକ ବୃକ୍ଷ (ପ୍ରକୃତିବାଦ)—18. Name of a tree.
ଦେ. ବି.—୧ । ଅବିବାହିତ ବାଳକ—
1. Unmarried boy; bachelor.
୨ । କୁମ୍ଭକାର—2. Potter.

କୁମାରକ—ସଂ. ବି. (କୁମାର+ସ୍ୱାର୍ଥେ. କ)—୧ । କୁମାର; ଶିଶୁପୁତ୍ର—
Kumāraka 1. Child.
୨ । ବାଳକ—2. Boy.
୩ । ଆଖିର ପୁଅ—3. The pupil of the eye.

କୁମାର କୋଟିତୀର୍ଥ—ସଂ. ବି.—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Kumārakoṭitīrtha Name of a place of Hindu-pilgrimage.
କୁମାର କୋଟୀ-ତୀର୍ଥେ ସ୍ନାନ କଲେ ହୋଇ,
କୁଳ ଉଦ୍ଧରଇ ଜାଣ ସେହି ଜନ୍ମେ । କୃଷ୍ଣସିଂ. ମହାଭାରତ. ବନ ।

କୁମାରପାଳ—ସଂ. ବି. ପୁଂ—୧ । କୁମାରମାନଙ୍କ ଭାରପ୍ରାପ୍ତ ବ୍ୟକ୍ତି—
Kumārapāla 1. A person taking care of young boys.
୨ । ଶାଳିବାହନଙ୍କ ନାମ—
2. Name of king Śālibāhana.

କୁମାରପୂର୍ଣ୍ଣିମା—କୁଆଁରପୁନିଅଁ (ଦେଖ)
Kumārapūrṇṇami Kuānrapūnian (See)

କୁମାରବାହନ—ସଂ. ବି.—(୬ଷ୍ଠୀ ତତ୍; କୁମାର+ବାହନ)—କାର୍ତ୍ତିକେୟଙ୍କ
Kumārabāhana ବାହନ; ମୟୂର—Peacock.

କୁମାରବାହୀ—ସଂ. ବି. (କୁମାର+ବହ୍ ଧାତୁ+କର୍ତ୍ତୃ. ଇନ୍)—
Kumārabāhi କୁମାରବାହନ (ଦେଖ)
Kumāra bāhana (See)

କୁମାରବ୍ରତ—ସଂ. ବି.—( ମ. ପ ଲୋ; କୁମାର ଅବସ୍ଥା ପାଳନ କରିବା
Kumārabrata ବ୍ରତ )—ଅବିବାହିତ ରହିବାରୂପ ବ୍ରତ—
A vow of celebacy.

କୁମାରଭୃତ୍ୟା—ସଂ. ବି.—( କୁମାର+ଭୃ ଧାତୁ=ପୋଷଣ କରିବା+
Kumārabhrutyā ଭାବ. ଯ+ଆ)—୧ । ଶିଶୁ ବାଳକମାନଙ୍କର
ଚର୍ଯ୍ୟା—1. Care of young boys.
୨ । ପ୍ରସୂତୀ ଓ ଗର୍ଭିଣୀମାନଙ୍କର ଚର୍ଯ୍ୟା—
2. Mid-wifery.
୩ । ବାଳଚିକିତ୍ସା—3. Treatment of infants.

କୁମାରୟୁ—ସଂ. ବି.—(କୁମାର+ୟୁ)—ଯୁବରାଜ; ଟିକାଏତ—
Kumārayu Heir apparent; prince.

କୁମାରସମ୍ଭବ—ସଂ. ବି.—କାର୍ତ୍ତିକେୟଙ୍କ ଜନ୍ମବିଷୟକ କାଳିଦାସପ୍ରଣୀତ
Kumārasambhaba ଗ୍ରନ୍ଥ ମହାକାବ୍ୟ—Kālidāsa's Epic-poem in sanskrit dealing with the birth of God Kārttikeya.

କୁମାରିକା—ସଂ. ବି. ( କୁମାର+ଇ+ଆ )—୧ । ଭାରତର ଦକ୍ଷିଣସ୍ଥ
Kumārikā ଅନ୍ତରୀପ—1. Cape Comorin.
୨ । କୁମାରୀ—2. A virgin.
୩ । ୧୦ଠାରୁ ଦ୍ୱାଦଶ ବର୍ଷୀୟା ବାଳିକା;୧୨ବର୍ଷର ବାଳିକା—
3. A girl from 10 to 12 years of age.
୪ । ଶିଶୁ କନ୍ୟା—4. Female child.
୫ । ଦୁର୍ଗା—5. Durgā.
୬ । ସୀତା—6. Sitā.
୭ । ବଡ଼ ଅଳାଇଚ—7. Large cardamum.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ଠାଠ ୧ ଚଢ଼ିଛ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିଛ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିଛ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ଉପରସ୍ଥ ୨ ବା ୧ ଚଢ଼ିଛ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୮ । ନବମଲ୍ଲିକା; ନଆଳ ଫୁଲ —
8. A kind of jasmine.

**କୁମାରିଲ୍ଲ ଭଟ୍ଟ**—ଦେ. ବ. (ନାମ)— ଜଣେକ ହିନ୍ଦୁଧର୍ମ-ସଂସ୍କାରକ—
Kumārilla bhaṭṭa A Hindu religious reformer
[ ଦ୍ର—ଦାକ୍ଷିଣାତ୍ୟବାସୀ ଜଣେକ ମୈଥିଳ ବ୍ରାହ୍ମଣ; ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ, ବୌଦ୍ଧଧର୍ମ ଦମନ ନିମନ୍ତେ ଏ ସ୍ୱୀୟ ପ୍ରତିଭା ବଳରେ ବହୁ ତର୍କ ବିତର୍କ କରି ବୈଦିକ ଧର୍ମର ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ । ଏହାଙ୍କ ପ୍ରଣୀତ ପୂର୍ବମୀମାଂସାର ଭାଷ୍ୟ ଏବଂ ବେଦତତ୍ତ୍ୱସମ୍ବନ୍ଧୀୟ ବ୍ୟାଖ୍ୟା ପ୍ରତିଭାର ପରିଚାୟକ । ]

**କୁମାରୀ**—ସଂ. ବ. ସ୍ତ୍ରୀ. ( କୁମାର + ସ୍ତ୍ରୀ ଈ )—୧ । ଦୁର୍ଗା—
Kumārī 1. Goddess Durgā
୨ । ଅବିବାହିତା ବାଳିକା—2. Maiden; a miss.
୩ । ଝିଅ; କନ୍ୟା—3. Daughter.
୪ । ୧୦ଠାରୁ ୧୨ବର୍ଷୀୟା ବାଳିକା—
4. Girl between the ages of 10 and 12.
୫ । ଷୋଡ଼ଶବର୍ଷୀୟା ଯୁବତୀ—
5. A 16 years old girl.
୬ । ଘୃତ କୁମାରୀ; ଘିକୁଆର ଗୁଳ୍ମ—6. Indian Aloe.
୭ । ଛନ୍ଦୋବିଶେଷ—7. A sanskrit metre.
୮ । ରାଗିଣୀବିଶେଷ—8. A tune of Hindu-music.
୯ । ପାଣ୍ଡବଙ୍କ ପୁତ୍ର ଭୀମସେନଙ୍କ ପତ୍ନୀ—
9. Name of the wife of king Bhīmasena.
୧୦ । ଭାରତବର୍ଷର ମଧ୍ୟଭାଗ—10. Central India.
୧୧ । ସୀତାଙ୍କର ନାମବିଶେଷ—11. A name of Sitā.
୧୨ । ଦୁର୍ଗାଙ୍କର ନାମ—12. A name of Durgā.
୧୩ । ବଡ଼ ଅଳାଇଚ—13. Large cardamum.
୧୪ । କୁମ୍ଭାଟୁଆ ଲତା ( ଦେଖ )
14. Kumbhāṭuā latā ( See )
୧୫ । ଶ୍ୟାମା ପକ୍ଷୀ—15. A kind of bird; ( Citto-ciucla maeura )
୧୬ । ଅପରାଜିତା—
16. A flowering creeper ( Clitoris ).
୧୭ । ନବମଲ୍ଲିକା—17. A sort of Jasmine.
୧୮ । କୁମାରିକା ଅନ୍ତରୀପ—18. Cape Comorin.

କୁମାରିରୂ କୁମାରର ଭାଳ ବନସାଏ । ରାଧାନାଥ- ମହାଯାତ୍ରା ।

**କୁମାରୀ ପତ୍ର**—ସଂ. ବ— ଭୁଇଁପୋଡ଼ା ( ଦେଖ )
Kumārī patra ( ହରେକୃଷ୍ଣ—ଦ୍ରବ୍ୟଗୁଣ )—
Tuṇḍaporḍa ( See )

**କୁମାରୀପୁତ୍ର**—ସଂ. ବ. ( ୬ଷ୍ଠୀ ତତ୍ ; କୁମାରୀ+ପୁତ୍ର )—
Kumārīputra ଅବିବାହିତା କନ୍ୟା ଗର୍ଭଜାତ ପୁତ୍ର—
The son of a spinster; son of an unmarried woman.

**କୁମାରୀପୂଜା**—ସଂ. ବ. ( ୬ଷ୍ଠୀ ତତ୍; କୁମାରୀ + ପୂଜା )—
Kumārīpūjā ଦଶଠାରୁ ବାର ବା ଷୋଳବର୍ଷୀୟା ଅବିବାହିତା ବାଳିକାକୁ ଦୁର୍ଗା କଳ୍ପନା କରି ତାଙ୍କୁ ପୂଜା କରିବାର ତାନ୍ତ୍ରିକ ବିଧି—A ceremony performed by adoring an unmarried girl aged 10 to 16 as representing Goddess Durgā.

**କୁମାରୀୟ ତୀର୍ଥ**—ସଂ. ବ—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Kumārīya tīrtha Name of a place of Hindu pilgrimage.

କୁମାରୀୟ ତୀର୍ଥରେ ସ୍ନାନ ଯେହୁ କରେ
କୁମାରଙ୍କ ସମ ସେ ହୁଏ ଏ ଲୋକରେ । କୃଷ୍ଣସିଂହ- ମହାଭାରତ- ବନ ।

**କୁମାରୀଶ୍ୱଶୁର**—ସଂ. ବ. ( ୬ଷ୍ଠୀ ତତ୍ )—
Kumārī śwaśura ବିବାହ ପୂର୍ବରୁ ରମିତା ବାଳିକାର ଶ୍ୱଶୁର—
Father-in-law of a girl defiled before marriage.

**କୁମୁଟି**—ଦେ. ବ—୧ । ଉତ୍କଳର ଦକ୍ଷିଣଅଂଶବାସୀ ବ୍ୟବସାୟୀ ବୈଶ୍ୟ
Kumuṭi ଜାତିବିଶେଷ—1. A Baisya, trading caste in the Southern portion of the Orḍiā speaking tracts.
୨ । ( ସଂ. କର୍ଣ୍ଣକୂଟ ) ଶରଦ ହେତୁରୁ କାନମୂଳ ଓ ଗାଲ ଫୁଲିବା ରୋଗବିଶେଷ; କର୍ଣ୍ଣକୋଠ ରୋଗ—
2. A disease due to cold resulting in the painful swelling and accumulation of pus in the chins around and below the ears.

**କୁମୁଟିଆ କାଉ**—ପ୍ରାଦେ. (ଗଞ୍ଜାମ) ବ—କୁମ୍ଭାଟୁଆ ( ଦେଖ )
Kumuṭiā kāu Kumbhāṭuā ( See )

**କୁମୁଟି କାଉ**—ପ୍ରାଦେ. (ଗଞ୍ଜାମ) ବ —କୁମ୍ଭାଟୁଆ (ଦେଖ)
Kumuṭi kāu Kumbhāṭuā (See)

**କୁମୁଡ଼ା**—ପ୍ରାଦେ. ( ମେଦିନୀପୁର ) ବ. ( ସଂ. କୁଷ୍ମାଣ୍ଡ; ପ୍ରା. କୁମ୍ହଣ୍ଡ଼;
Kumurḍā କୁହଂଡ଼; ଭୁଲ; ବ. ଛାଚ କୁମଡ଼ା )—ପାଣିକଖାରୁ—
White gourd; pumpkin.

**କୁମୁଣ୍ଡା**—ପ୍ରାଦେ. ( ଯାଜପୁର ) ବ. ( ଭୁଲ; ବ. କୁମଡ଼ା )—
Kumuṇḍā ବୋଇତିକଖାରୁ ( ଦେଖ )
Boitikakhāru ( See )

**କୁମୁଦ୍**—ସଂ. ବଣ. (କୁ + ମୁଦ୍ ଧାତୁ + କର୍ତ୍ତୃ. କ୍ୱିପ୍)—୧ । ନିର୍ଦ୍ଦୟ—
Kumud 1. Unkind.
୨ । ପ୍ରତିକୂଳ—2 Unfriendly.
୩ । ଲୋଭୀ—3. Avaricious.
ସଂ. ବ—୧ । କୁମୁଦ; କଇଁ—1. White water-lily.
୨ । ରକ୍ତ ପଦ୍ମ—2. Red lotus.
୩ । ନାଲି କଇଁ; କୈରବ—
3. Red water-lily.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଙ | ଷ,ଶ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲ୍ଲ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଂଶ୍ୟ | ଯ | ସ | ଙ୍ଗ | ଇଅ | ୠ | ନ୍ତ |

ଦେ.ତଦ୍ଭ. ଓ ବିଣ—କୁମଦ୍ ( ଦେଖ )
Kumad ( See )
ପ୍ରାଦେ. ( ସମ୍ବଲପୁର ) ବିଣ—କୁମେଦ୍ ( ଦେଖ )
Kumed ( See )

**କୁମୁଦ୍ବତୀ**—ସଂ. ବି. ସ୍ତ୍ରୀ. ( କୁମୁଦ୍+ସମୂହାର୍ଥେ. ବତ୍+ସ୍ତ୍ରୀ. ଈ )—
Kumudbati ୧ । କୁମୁଦସମୂହ—
1. A collection of lotuses.
୨ । କୁମୁଦଲତା—2. The lotus plant.
୩ । କୁମୁଦ ବନ—
3. An assemblage of water-lilies.
୪ । କୁମୁଦ ନାଗର ଭଗ୍ନୀ ଓ କୁଶର ସ୍ତ୍ରୀ—
4. Name of a wife of king Kuśa.

**କୁମୁଦ**—ସଂ. ବି. ( କୁ=ପୃଥିବୀ+ମୁଦ୍=ହୃଷ୍ଟ ହେବା+କର୍ତ୍ତୃ. ଅ )—
Kumuda ୧ । ଶ୍ୱେତକଇଁ—
1. White water-lily; Nymppea Lotus ).
୨ । ନାଲକଇଁ—2. The red water-lily.
୩ । ରକ୍ତପଦ୍ମ—3. Red lotus.
୪ । ରୌପ୍ୟ—4. Silver.
୫ । ନୈର୍‌ଋତ କୋଣର ହସ୍ତୀ—
5. The Elephant guarding the south east.
୬ । ବାନରବିଶେଷ ( ରାମାୟଣ ବର୍ଣ୍ଣିତ ବାନର ଯୂଥପତି )—
6. A species of apes.
ବଳାଣେ କୁମୁଦ ରାମଚନ୍ଦ୍ର ସହଜରେ—ଉପେ. ବୈଦେହୀଶବିଳାସ ।
୭ । ସର୍ପବିଶେଷ—7. A kind of serpent.
୮ । ନାଗବିଶେଷ—
8. Name of a mythological Nāga.
[ ଦ୍ର—ଏହାଙ୍କର ଭଗ୍ନୀ କୁମୁଦବତୀଙ୍କୁ ରାମଚନ୍ଦ୍ରଙ୍କ ପୁଅ କୁଶ ବିବାହ କରିଥିଲେ । ]
୯ । ଗରୁଡ଼ ପୁତ୍ର—9. The son of Garurda.
୧୦ । କାର୍ତ୍ତିକମାସ—10. The month of Kārttika.
୧୧ । କର୍ପୂର—11. Camphor.
୧୨ । ଶୁକ୍ଳପକ୍ଷ—
12. The bright fort-night of month.
ଦେ. ବି—୧ । ଆନନ୍ଦ—1. Delight.
ବରଦେ ରଙ୍ଗ କୁମୁଦ ବହୁ କୁମୁଦ—ଉପେ. ବୈଦେହୀଶବିଳାସ ।
୨ । ବୃଥା ଆନନ୍ଦ—2. Vain delight.
ବଲେକ ହାସ ପ୍ରକାଶି କୁମୁଦ କୁମୁଦ—ଉପେ. ବୈଦେହୀଶବିଳାସ ।

**କୁମୁଦକାନ୍ତ**—ସଂ. ବି. ( ୬ଷ୍ଠୀ ତତ୍ )—କୁମୁଦବାନ୍ଧବ ( ଦେଖ )
Kumudakānta Kumudubāndhaba ( See )

**କୁମୁଦନାଥ**—ସଂ. ବି. ( ୬ଷ୍ଠୀ ତତ୍ )—କୁମୁଦବାନ୍ଧବ ( ଦେଖ )
Kumudanātha Kumudabāndhaba ( See )

**କୁମୁଦପତି**—ସଂ. ବି. ( ୬ଷ୍ଠୀ ତତ୍ )—କୁମୁଦବାନ୍ଧବ ( ଦେଖ )
Kumudapati Kumudabāndhaba ( See )

**କୁମୁଦପ୍ରିୟ**—ସଂ. ବି. ( ୬ଷ୍ଠୀ ତତ୍ )—କୁମୁଦବାନ୍ଧବ ( ଦେଖ )
Kumudapriya Kumudabāndhaba ( See )

**କୁମୁଦବନ୍ଧୁ**—ସଂ. ବି. ( ୬ଷ୍ଠୀ ତତ୍ )—କୁମୁଦବାନ୍ଧବ ( ଦେଖ )
Kumudabandhu Kumudabāndhaba ( See )

**କୁମୁଦବାନ୍ଧବ**—ସଂ. ବି. ( ୬ଷ୍ଠୀ ତତ୍ )—( ଯାହାରେ କୁମୁଦ ଫୁଟେ ବୋଲି )—ଚନ୍ଦ୍ର—The moon.
Kumudabāndhaba

**କୁମୁଦସୁହୃଦ୍**—ସଂ. ବି. ( ୬ଷ୍ଠୀ ତତ୍ )—କୁମୁଦବାନ୍ଧବ ( ଦେଖ )
Kumudasuhṛud Kumudabāndaba ( See )

**କୁମୁଦହାସ୍ୟ**—ଦେ. ବି—୧ । ପ୍ରସ୍ଫୁଟିତ କଇଁ—
Kumudahāsya 1. Full bloom water-lily.
୨ । ଆନନ୍ଦ ହାସ୍ୟ—
2. Laughter due to delight.
ସାତବାହୁ-ବନା ତତଡ କୁମୁଦ ରସ—ଉପେ. ବୈଦେହୀଶବିଳାସ ।

**କୁମୁଦାକର**—ସଂ. ବି. ( ୬ଷ୍ଠୀ ତତ୍; କୁମୁଦ+ଆକର )—
Kumudākara କଇଁଫୁଲ-ପୂର୍ଣ୍ଣ ସରୋବର—
A tank full of water-lilies.

**କୁମୁଦାନନ୍ଦ**—ସଂ. ବି. ( ବହୁବ୍ରୀହି; କୁମୁଦ+ଆନନ୍ଦ )—
Kumudānanda କୁମୁଦବାନ୍ଧବ ( ଦେଖ )
Kumudabāndhaba ( See )

**କୁମୁଦାବାସ**—ସଂ. ବି. ( ୬ଷ୍ଠୀ ତତ୍; କୁମୁଦ+ଆବାସ )—
Kumudābāsa କୁମୁଦାକର ( ଦେଖ )
Kumudākara ( See )

**କୁମୁଦିକ**—ସଂ. ବିଣ.(କୁମୁଦ+ଇକ)—କୁମୁଦରେ ପୂର୍ଣ୍ଣ (ଜଳାଶୟ)—
Kumudika ( tank ) Full of water-lilies.

**କୁମୁଦିକା**—ସଂ. ବି—୧ । କଟଫଳ ( ଦେଖ )
Kumudikā 1. Kataphala ( See )
୨ । ସୁଗନ୍ଧ ବୀଜବିଶିଷ୍ଟ ଗୁଳ୍ମବିଶେଷ—
2. Name of a plant with aromatic seeds.

**କୁମୁଦିନୀ**—ସଂ. ବି. ( କୁମୁଦ+ଇନ୍+ସ୍ତ୍ରୀ. ଈ; ଭୂଳ—ପଦ୍ମିନୀ )—
Kumudini କୁମୁଦ୍ବତୀ ( ଦେଖ )
Kumudbati ( See )

**କୁମୁଦିନୀକାନ୍ତ**—ସଂ. ବି—(୬ଷ୍ଠୀ ତତ୍ )—କୁମୁଦକାନ୍ତ; ଚନ୍ଦ୍ର—
Kumudinikānta The moon.

**କୁମୁଦିନୀନାୟକ**—ସଂ. ବି. ( ୬ଷ୍ଠୀ ତତ୍ )—
Kumudinināyaka କୁମୁଦିନୀକାନ୍ତ ( ଦେଖ )
Kumudinikānta ( See )

**କୁମୁଦୀ**—ସଂ. ବି. ( କୁମୁଦ+ଈ )—
Kumudi ୧ । ଗମ୍ଭାରୀ ଗଛ ( ଦେଖ )
1. Gambhāri (tree) ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗିଆ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

୨ । କଟଫଳ ( ଦେଖ )
2. Kataphala ( See )

**କୁମୁନା**—ଦେ. ବି—କୁମନା ( ଦେଖ )
Kumunā Kumanā ( See )

**କୁମେଟି**—ଗ୍ରା. ବି—ଗ୍ରାମ କମିଟି—
Kumeti A village association.

**କୁମେଦ୍**—ବୈଦେ. ବିଣ ( ତୁର୍କି. କୁମ୍ମୈତ୍ )—
Kumed ଲାଖ ପରି ନାଲି ବର୍ଣ୍ଣଯୁକ୍ତ (ଘୋଡ଼ା)—
କୁମେଦ (horse) Of red colour like lac.
**କୁମ୍ମୈତ; କୁମ୍ମୈଦ୍** [ ଦ୍ର—ଏ ବର୍ଣ୍ଣର ଘୋଡ଼ା ଖୁବ ପରିଶ୍ରମୀ ଓ ଶୀଘ୍ରଗାମୀ ହୁଅନ୍ତି । ]

**କୁମେଦାନି**—ଦେ. ବି—ରାଜକର୍ମଚାରୀବିଶେଷ—
Kumedāni A class of servants serving kings.

ଅଛନ୍ତି କୁମେଦାନି ସରଦାରହିଁ
ସମସ୍ତେ ସୁବେଦାର ଅଛନ୍ତି ତହିଁ । ବ୍ରଜନାଥ- ସମରତରଙ୍ଗ ।

**କୁମେରୁ**—ଦେ. ବି. ( କୁ+ମେରୁ )—
Kumeru (ଭୂଗୋଳ) ପୃଥିବୀର ଦକ୍ଷିଣ କେନ୍ଦ୍ର—
(ସୁମେରୁ—ବିପରୀତ) (geography) The south pole.

**କୁମେରୁ ବୃତ୍ତ**—ଦେ. ବି—( ଭୂଗୋଳ ) ପୃଥିବୀର ଦକ୍ଷିଣ କେନ୍ଦ୍ରର
Kumeru brutta ଚତୁଃପାର୍ଶ୍ୱବର୍ତ୍ତୀ ସ୍ଥାନ—
(ସୁମେରୁ ବୃତ୍ତ—ବିପରୀତ) ( geography ) The antarctic circle.

**କୁମୋଦ**—ଦେ. ବି—କୁମୁଦ ୧ ( ଦେଖ )
Kumoda Kumuda 1 ( See )

**କୁମୋଦକ**—ସଂ. ବି. ( ୬ଷ୍ଠୀ ତତ୍; କୁ=ପୃଥିବୀ+ମୁଦ୍ ଧାତୁ=ହୃଷ୍ଟ
Kumodaka ହେବା+କର୍ତ୍ତୃ. ଅକ )—
ବିଷ୍ଣୁ—Name of Bishnu.

**କୁମ୍ପ**—ସଂ. ବି. ପୁଂ. ( କୁନପ୍=ଆଚ୍ଛାଦନ କରିବା+କର୍ତ୍ତୃ. ଅ )—
Kumpa ୧ । ବକ୍ର ହସ୍ତ; କୋମ୍ପା—
(କୁମ୍ପା—ସ୍ତ୍ରୀ) 1. Having curved hands; with
କୃଣୀ, କୁଣପେୟ lame and bulging hands; with hands bent inwards at the elbow.
୨ । ବକ୍ର ପଦ—2. Lame ( in leg ); having feet bent inwards at the knee.

**କୁମ୍ପଟିଆ**—ଦେ. ବି—କୁମ୍ଭିପଟିଆ ( ଦେଖ )
Kumpatiā Kumbhipatiā ( See )

**କୁମ୍ପା**—ଦେ. ବି. ( ସଂ. କୁତୁ; କୁପୀ )—
Kumpā ତରଳ ପଦାର୍ଥ ରଖିବା ନିମନ୍ତେ ସରୁମୁହାଁ ପାତ୍ରବିଶେଷ—
କୁପ୍ପା A large oil-bottle of leather.
[ ଦ୍ର—ଛୋଟ କୁମ୍ପାକୁ କୁମ୍ପି ବୋଲାଯାଏ । ]

**କୁମ୍ପାଟିଆ**—ଦେ. ବି—କୁମ୍ଭିପଟିଆ ( ଦେଖ )
Kumpātiā Kumbhipatiā ( See )

**କୁମ୍ପାନି** (ଇତ୍ୟାଦି)—ବୈଦେ. ବି. ( ଇଂ. କମ୍ପାନି )—
Kumpāni (etc) କମ୍ପାନି ଇତ୍ୟାଦି ( ଦେଖ )
Kampāni etc. ( See )

**କୁମ୍ପାମୁହାଁ**—ଦେ. ବିଣ. ପୁଂ—ଯାହାର ମୁହଁ ବା ପାଟି କୁମ୍ପା ମୁହଁ ପରି
Kumpāmuhān ଛୋଟ ଓ ଗୋଲିଆ—
(କୁମ୍ପିମୁହିଁ—ସ୍ତ୍ରୀ) ( one ) Whose mouth is narrow and small like the mouth of a bottle.

**କୁମ୍ପାସ**—ବୈଦେ. ବି. ( ଇଂ. କମ୍ପାସ )—କମ୍ପାସ ( ଦେଖ )
Kumpāsa Kampāsa ( See )

**କୁମ୍ପି**—ଦେ. ବି—୧ । ଛୋଟ କୁମ୍ପା—
Kumpi 1. Small oil jar of leather; small
**ଦବରା** leathern bottle.
୨ । ସରୁ ମୁହଁ । ଛୋଟ ତେଲ ଘଡ଼ି—
2. A small narrow necked oil-pot.
୩ । ଘଡ଼ି ବାଣ—3. A kind of fire-work.

**କୁମ୍ପିମୁହାଁ**—ଦେ. ବିଣ. ପୁଂ—କୁମ୍ପାମୁହାଁ ( ଦେଖ )
Kumpimuhān Kumpāmuhān ( See )
(କୁମ୍ପିମୁହିଁ—ସ୍ତ୍ରୀ)

**କୁମ୍ପୁନି**—ଗ୍ରାମ୍ୟ. ବି. ( ଇଂ. କମ୍ପାନି )—କମ୍ପାନି ( ଦେଖ )
Kumpuni Kampāni ( See )

କଟକରୁ ନଳେ କୁମ୍ପୁନି ପଟାଲିମ ଦେଲେ ଅସିବ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

**କୁମ୍ବଡ଼ା**—ପ୍ରାଦେ. ( ସମ୍ବଲପୁର ) ବି—ପାଣିକଖାରୁ—
Kumbardā White pumpkin or gourd.

**କୁମ୍ବା**—ସଂ. ବି—୧ । ଯଜ୍ଞ ସ୍ଥାନରେ ଅସ୍ପୃଶ୍ୟ ବ୍ୟକ୍ତିମାନଙ୍କ ଦର୍ଶନ
Kumbā ବାରଣାର୍ଥ ଯେଉଁ ନିବିଡ଼ ବେଷ୍ଟନୀ ବା ବାଡ଼ ଦିଆଯାଇ ଥାଏ ( ଅନ୍ୟ ନାମ ସୁଗହନା; ସୁଗହନା ବୃତ୍ତି )—
1. A thick fence put round a sacrificial alter to keep it concealed from the view of the untouchables.
୨ । ବହଳିଆ କାଞ୍ଚୁଲା—2 A thick petti-coat.

**କୁମ୍ଭଡ଼ା**—ପ୍ରାଦେ. ( ସମ୍ବଲପୁର ) ବି—କୁମ୍ବଡ଼ା ( ଦେଖ )
Kumbhrdā Kumbardā ( See )

**କୁମ୍ଭ**—ସଂ. ବି. (କ=ଜଳ+ଉମ୍ଭ=ପୂରଣ କରିବା+କର୍ତ୍ତୃ. ଅ)—
Kumbha ୧ । ଘଟ; କଳସ; ମାଠିଆ—
1. A small water jar; pitcher.
୨ । କରିକୁମ୍ଭ; ହସ୍ତୀର ମସ୍ତକସ୍ଥିତ ପିଣ୍ଡାକାର ସ୍ଥାନ—
2. The rounded brow of an elephant; the frontal globe on the forehead of an elephant ( 2 on two sides ).

| ୧ | ଇ | ଉ | ର୍,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଙ୍କ | ନ୍ |

କେତେ ହାତୀ ସିପାଇଙ୍କର ଖଣ୍ଡାଘାତ;
କୁମ୍ଭେ ପାଇଣ ଦମ୍ଭ ହାରିଲେ ଭୂରଭ—କୃଷ୍ଣସିଂହ· ମହାଭାରତ· ଶଲ୍ୟ।

୩ । ରାକ୍ଷସବିଶେଷ—3. Name of a demon.

୪ । ଗୁଗ୍ଗୁଳ—4. A fragrant resin.

୫ । ଶସ୍ୟାଦିର ପରିମାଣବିଶେଷ; ( ବାଳେଶ୍ୱରୀ ଦେଢ଼ ମହଣ; =୨୦ ଦ୍ରୋଣ )—
5. A measure about 64 seers.

୬ । (ଜ୍ୟୋତିଷ) ରାଶିବିଶେଷ; ଏକାଦଶ ରାଶି—
6. Acquarius; the eleventh sign of the zodiac.

୭ । ସୌରମାନ ଫାଲ୍ଗୁନମାସ—
7. The month of solar Fālguna.

୮ । ( ଯୋଗ ) କୁମ୍ଭକ; ନାକଦ୍ୱାରା ନିଶ୍ୱାସ ନେଇ ବନ୍ଦ କରି ରଖିବା କର୍ମ—
8. Act of suspending the breath for a time.

୯ । ବେଶ୍ୟାପୁତ୍ର—9. Whore-son.

୧୦ । ମୃତ ବ୍ୟକ୍ତିର ଅସ୍ଥି ସଞ୍ଚୟ କରିବା ପାତ୍ର—
10. An uru for preserving the bones of a dead person.

୧୧ । ବେଶ୍ୟାର ଉପପତି—
11. Harlot's paramour.

୧୨ । ହୃଦ୍ରୋଗବିଶେଷ—
12. A kind of heart-disease.

୧୩ । ସରସ୍ୱତୀ ଓ ଧନାଶ୍ରୀ ରାଗ ଯୋଗେ ଉତ୍ପନ୍ନ ରାଗିଣୀ—
13. A mixed air in music.

ଦେ. ବି—ବସ୍ତ୍ରର ଧଡ଼ିରେ ଘଟାକାରରେ କ୍ରମସୂକ୍ଷ୍ମଭାବରେ ସୂତାରେ ବୁଣା ହୋଇଥିବା କାରୁକାର୍ଯ୍ୟ—
Circular embroidery work below the border of a cloth.

**କୁମ୍ଭଋଷି**—ସଂ. ବି. ( ନାମ )—ମୁନିବିଶେଷ—
Kumbharushi Name of a sage.
[ ଦ୍ର—ଅଗସ୍ତିମୁନି ଏହାଙ୍କ ପୁତ୍ର ଅଟନ୍ତି । ]

**କୁମ୍ଭକ**—ସଂ. ବି. ( କୁମ୍ଭ+କ )—୧ । (ଯୋଗ) ଦକ୍ଷିଣହସ୍ତଦ୍ୱାରା ଦୁଇ
Kumbhaka ନାସାପୁଟ ବନ୍ଦ କରି ବାମ ନାସାଦ୍ୱାରା ପେଟକୁ ନିଆଯାଇଥିବା ଶ୍ୱାସବାୟୁ ନିରୋଧନ; ପ୍ରାଣାୟାମରେ ବାୟୁନିରୋଧ କ୍ରିୟା; ଦୁଇ ନାସାପୁଟ ବନ୍ଦ କରି ବାୟୁ-ସ୍ତମ୍ଭନରୂପ ଯୋଗାଙ୍ଗ—1. A religious practice (exercise in breathing ) consisting in closing the nostril and mouth so as to retain the breath taken in for a considerable length of time.
[ ଦ୍ର—ପୂରକଦ୍ୱାରା ବାମନାସାପୁଡ଼ା ବାଟେ ପେଟକୁ ପବନ ନେବାକୁ ହୁଏ; କୁମ୍ଭକଦ୍ୱାରା ପବନକୁ ନିରୋଧ କରାଯାଏ ଓ ରେଚକ ଦ୍ୱାରା ଡାହାଣପୁଡ଼ାରେ ପବନ ଛାଡ଼ିବାକୁ ହୁଏ । ]
୨ । ସ୍ତମ୍ଭର ମୂଳଦେଶ—2. Base of a column.

**କୁମ୍ଭକର୍ଣ୍ଣ**—ସଂ. ବି. ପୁଂ. (ନାମ) (ବହୁବ୍ରୀହି; କୁମ୍ଭ ପରି କର୍ଣ୍ଣ ଯାହାର)—
Kumbhakarṇṇa ୧ । ରାବଣର ସାନ ଭାଇ (ଏହାକୁ ଶ୍ରୀରାମ ବଧ କରିଥିଲେ)—1. The brother of Rābaṇa (who was killed by Rāma.)
[ ଦ୍ର—ଏ ସହସ୍ର ସହସ୍ର ପ୍ରାଣୀ, ଋଷି ଓ ଅପ୍ସରାଙ୍କୁ ଖାଉଥିଲା ଓ ଦେବତାମାନେ ଏହାର ଉତ୍ପାତରେ ଅତ୍ୟନ୍ତ ଭୀତ ହୋଇଥିଲେ । ଏ ଇନ୍ଦ୍ର ଓ ଇନ୍ଦ୍ରହସ୍ତୀ ଐରାବତକୁ ନିର୍ଯ୍ୟାତନ କରି ଶାପ ପାଇଥିଲା । ଏ ଶାପରୁ ମୁକ୍ତ ହେବା ପାଇଁ ତପସ୍ୟା କରି ବ୍ରହ୍ମାଙ୍କୁ ତୁଷ୍ଟ କଲା । ବ୍ରହ୍ମାଙ୍କୁ ବର ମାଗିବା ସମୟରେ ଦେବତାମାନଙ୍କ ପ୍ରାର୍ଥନାକ୍ରମେ ସରସ୍ୱତୀ ଏହାର ଜିଭରେ ବିଜେ କରିବାରୁ ଏହାର ଭୁଣ୍ଡ ଲେଉଟି ଗଲା ଓ ବ୍ରହ୍ମାଙ୍କୁ 'ଇନ୍ଦ୍ରପଦ' ବର ମାଗିବାକୁ ଯାଇ ଏ 'ନିଦ୍ରାପଦ' ମାଗିଦେଲା । ଏ ୬ମାସ ନିଦ୍ରାଯାଇ ୧ ଦିନ ମାତ୍ର ଜାଗ୍ରତ ରହୁଥିଲା । ଲଙ୍କାକୁ ବାନରବଳ ଘେରିବା ସମୟରେ ଏହାର ନିଦ୍ରାକାଳ ନ ପୂରୁଣୁ ରାବଣ ବହୁ ଚେଷ୍ଟା କରି ଏହାକୁ ଉଠାଇଲା ଓ ଶେଷରେ ଏ ଶ୍ରୀରାମଙ୍କ ଦ୍ୱାରା ନିହତ ହେଲା । ]
୨ । ଶିବ—2. Name of Śiba.
ଦେ. ବି—ଦାକ୍ଷିଣାତ୍ୟର ଗୋଟିଏ ନଗରର ନାମ—
Kombakonam; name of a town in Madras presidency.

**କୁମ୍ଭକର୍ଣ୍ଣନିଦ୍ରା**—ସଂ. ବି—କୁମ୍ଭକର୍ଣ୍ଣର ଘୋର ନିଦ୍ରାପରି ଦୀର୍ଘକାଳ ସ୍ଥାୟୀ
Kumbhakarṇṇanidrā ଗଭୀର ନିଦ୍ରା—A deep and protracted sleep like that of Kumbhakarṇṇa.

**କୁମ୍ଭକର୍ଣ୍ଣୀ**—ଦେ. ବି. ( ପୂର୍ବେ କୁମ୍ଭକର୍ଣ୍ଣରେ ପ୍ରସ୍ତୁତ ହେଉଥିବାରୁ )—
Kumbhakarṇṇi ଏକପ୍ରକାର ସୂତା-ଶାଢ଼ୀ—
A kind of female's cloth originally manufactured at Kumbhakonam.

**କୁମ୍ଭକାମଳା**—ସଂ. ବି—ଏକପ୍ରକାର ପାଣ୍ଡୁରୋଗ—
Kumbhakāmaḻā A kind of bellious disease.

**କୁମ୍ଭକାମୋଦୀ**—ଦେ. ବି—ରାଗବିଶେଷ—A kind of metre.
Kumbhakāmodī
[ ଦ୍ର—ଏହା ରାଗର ଉଦାହରଣ ଃ—
ବିନାଶ ନାସା ଶ୍ରବଣ ସୂର୍ପଣଖା ପ୍ରବେଶ ଲଙ୍କାର ।
ବୃକ୍ଷ ପାଟଳିରୁ ଫୁଲ ଝାଡ଼ି ଉଡ଼ି ଯାଉଛି କି କାର ॥
ଭଞ୍ଜ· ବୈଦେହୀଶବିଳାସ । ]

**କୁମ୍ଭକାର**—ସଂ. ବି. ( କୁମ୍ଭ+କୃ ଧାତୁ+କର୍ତ୍ତୃ. ଅ )—୧ । ମାଟିପାତ୍ର
Kumbhakāra ତିଆରି କରିବା ଜାତି; କୁମ୍ଭାର—1 Potter.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦଉତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲ୍ବତ୍' ଦେଖିବେ ।

कुमार ୨ । ସଙ୍କରଜାତିବିଶେଷ—
कुम्हार 2. Name of a mixed caste.

କୁମ୍ଭକାରୀ } ସ୍ତ୍ରୀ ୩ । ବ୍ରାହ୍ମଣଔରସରେ ବୈଶ୍ୟା ଗର୍ଭଜାତ ସନ୍ତାନ—
କୁମ୍ଭକାରିକା } 3. A son born of a Baisya woman by a Brāhmana male.

**କୁମ୍ଭକାର କୀଟ**—ସଂ. ବି—ମାଟିରେ ବସା ବାନ୍ଧି ରହୁଥିବା ଏକପ୍ରକାର
Kumbhakāra kīta ଭ୍ରମର (ଏହାର ବସା କୁମ୍ଭ-ଆକାରର)—
କୁମ୍ଭାରକୀଟ ( ଦେଖ )
A kind of wasp; clay wasp.

କୃପାନିଧି ଯାହାଠାରେ କୃପା କରେ
କୁମ୍ଭକାର କୀଟ ପ୍ରାୟେ ମାଡ଼ି ଧାରେ । ଦୀନକୃଷ୍ଣ. ରସକଲ୍ଲୋଳ ।

**କୁମ୍ଭକାରିକା**—ସଂ. ବି.ସ୍ତ୍ରୀ. (କୁମ୍ଭକାର + କ + ସ୍ତ୍ରୀ. ଆ)—୧ । କୁମ୍ଭାରୁଣୀ—
Kumbhakārikā 1. A potter-woman.
୨ । କଜ୍ଜଳବିଶେଷ—2. A kind of collyrium.

**କୁମ୍ଭକାରୀ**—ସଂ. ବି. ସ୍ତ୍ରୀ. ( କୁମ୍ଭକାର + ସ୍ତ୍ରୀ. ଈ )—କୁମ୍ଭକାରିକା (ଦେଖ)
Kumbhakārī Kumbhakārikā (See)

**କୁମ୍ଭଘୋଣ**—ସଂ. ବି. (ନାମ)—ଦାକ୍ଷିଣାତ୍ୟରେ କୁମ୍ଭକର୍ଣ୍ଣ ନାମକ ନଗର—
Kumbhaghona Kombakonam, name of a town in S. India.

**କୁମ୍ଭଜ**—ସଂ. ବି. (ନାମ) ( କୁମ୍ଭ + ଜନ୍ ଧାତୁ + କର୍ତ୍ତୃ. ଅ )—
Kumbhaja ୧ । ( କୁମ୍ଭରୁ ଜାତ ) ଅଗସ୍ତ୍ୟ; ଅଗସ୍ତି ମୁନି—
1. The sage Agasti (born of a water-jar).
[ ଦ୍ର—ଉର୍ବଶୀଙ୍କୁ ଦେଖି କାମମୋହିତ ମିତ୍ରାବରୁଣଙ୍କ ବୀର୍ଯ୍ୟ ଗୋଟିଏ କୁମ୍ଭରେ ପତିତ ହୋଇଥିଲା । ସେଥିରୁ ଅଗସ୍ତ୍ୟଋଷି ଜାତ ହୋଇଥିଲେ ।]
୨ । ବଶିଷ୍ଠ—2. The sage Basishtha
୩ । କୌରବ ଓ ପାଣ୍ଡବଙ୍କ ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟ—
3. The preceptor Drona.

**କୁମ୍ଭଜନ୍ମା**—ସଂ. ବି. (ନାମ ) (ବହୁବ୍ରୀହି; କୁମ୍ଭ + ଜନ୍ମନ୍ ୧ମା. ୧ବ.)—
Kumbhajanmā କୁମ୍ଭଜ (ଦେଖ)
Kumbhaja (See)

**କୁମ୍ଭଦାସୀ**—ସଂ. ବି—ଦୂତୀ; କୁଟ୍ଟିଣୀ—
Kumbhadāsī A bawd; procuress.

**କୁମ୍ଭଧର**—ସଂ. ବି.—କୁମ୍ଭରାଶି (ଦେଖ)
Kumbhadhara Kumbharāsi (See)

**କୁମ୍ଭ ଧରିବା**—ପ୍ରାଦେ. (ଗଡ଼ଜାତ) କ୍ରି—
Kumbha dharibā ପିଲ୍ଲୋଇବା—To put forth new shoots.

**କୁମ୍ଭମାସ**—ସଂ. ବି.—ସୌରମାନ ଫାଲ୍ଗୁନ ମାସ—
Kumbhamāsa Month of solar Fālguna.

**କୁମ୍ଭମେଳା**—ଦେ. ବି.—ବାର ବର୍ଷରେ ଫାଲ୍ଗୁନ ମାସରେ ପ୍ରୟାଗ ଓ
Kumbhamelā ହରିଦ୍ୱାରରେ ହିନ୍ଦୁମାନଙ୍କର ଯେଉଁ ଗଙ୍ଗାସ୍ନାନ ମେଳା ହୁଏ—A bath which is taken by the Hindus in the Ganges at Prayāg ( Allahabad ) and Hardwar in the month of Fālguna once in 12 years.
[ ଦ୍ର—ଏ ସମୟରେ ଚାନ୍ଦ୍ରମାନ ମାଘମାସ ପୂର୍ଣ୍ଣ ନ ଥାଏ ଓ ସୌର ମାନ କୁମ୍ଭମାସ ପଡ଼ିଥାଏ; ଏହା ତ୍ରିବେଣୀସଙ୍ଗମରେ ସ୍ନାନଯୋଗ ]

**କୁମ୍ଭଯୋନି**—ସଂ. ବି. (ନାମ) (ବହୁବ୍ରୀହି; କୁମ୍ଭ + ଯୋନି)—କୁମ୍ଭଜ (ଦେଖ)
Kumbhajoni Kumbhaja (See)

ସମୁଜ୍ଜ୍ୱଳ କୁମ୍ଭଯୋନି ମୁନି ପ୍ରଣୟିନୀ
ସତୀ ଶିରୋମଣି ଧନ୍ୟା ଲୋପାମୁଦ୍ରା ରୂପେ । ରାଧାନାଥ. ମହାଯାତ୍ରା ।

**କୁମ୍ଭରାଶି**—ସଂ. ବି—ଜ୍ୟୋତିଷୋକ୍ତ ଏକାଦଶ ରାଶି—
Kumbharāsi The sign of Acquarius.

**କୁମ୍ଭଲଗ୍ନ**—ସଂ. ବି. ( କୁମ୍ଭ + ଲଗ୍ନ )—
Kumbhalagna କୁମ୍ଭ ରାଶି ଉଦୟ ହେବା ଦିବସର କାଳ—
The time of the day when the sign of Acquarius rises above the horizon.

**କୁମ୍ଭଶାଳା**—ସଂ. ବି. ( କୁମ୍ଭ + ଶାଳା )—କୁମ୍ଭାରଶାଳ—
Kumbhaśālā Pottery; a potter's work-shop.

**କୁମ୍ଭଶ୍ରବଣ**—ସଂ. ବି—କୁମ୍ଭକର୍ଣ୍ଣ ( ଦେଖ )
Kumbhaśrabana Kumbhakarnna ( See )

**କୁମ୍ଭଶ୍ରୁତି**—ସଂ. ବି—କୁମ୍ଭକର୍ଣ୍ଣ ( ଦେଖ )
Kumbhaśruti Kumbhakarnna ( See )

**କୁମ୍ଭସନ୍ଧି**—ସଂ. ବି. ( ୬ଷ୍ଠୀ ତତ୍; କୁମ୍ଭ + ସନ୍ଧି)—
Kumbhasandhi ଗଜକୁମ୍ଭ ଦ୍ୱୟର ମଧ୍ୟସ୍ଥଳ—
The hollow on the brow of an elephant between the two frontal globes.

**କୁମ୍ଭସମ୍ଭବ**—ସଂ. ବି. ( ବହୁବ୍ରୀହି; କୁମ୍ଭ + ସମ୍ଭବ )—
Kumbhasambhaba କୁମ୍ଭଜ ( ଦେଖ )
Kumbhaja ( See )

**କୁମ୍ଭସୁତ**—ସଂ. ବି—ଅଗସ୍ତ୍ୟ; ଅଗସ୍ତିମୁନି—
Kumbhasuta The sage agasti.

ବାରିଧି କୁମ୍ଭ କାର ଗ୍ରାସେ କୁମ୍ଭ ସୁତର ସମ୍ଭବ ନୁହଇ ଅଳସ୍ୟ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

**କୁମ୍ଭସ୍ଥଳ**—ସଂ. ବି—ହାତୀର ମସ୍ତକସ୍ଥିତ କୁମ୍ଭାକୃତି ମାଂସଳ ସ୍ଥାନ; ବେଙ୍କ—
Kumbhasthala The fleshy portion on the head of an elephant.

ଗଜଙ୍କର କୁମ୍ଭସ୍ଥଳ ବେନିଖଣ୍ଡେ କୁଟି ।
ସାରଳା. ମହାଭାରତ. ବନ୍ଦି ।

**କୁମ୍ଭା**—ସଂ. ବି. ସ୍ତ୍ରୀ. ( କୁମ୍ଭ + ସ୍ତ୍ରୀ. ଆ )—
Kumbhā Harlot; whore.
ଦେ. ବି—୧ । ଅପରିପକ୍ୱ ନାରିକେଳ; ପଇଡ଼ର ପୂର୍ବାବସ୍ଥାର ନଡ଼ିଆ—1. A raw cocoanut before it is drinkable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଖ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଢ଼ | ନ୍ତ |

୨ । କୁମ୍ଭାବାଡ଼ି ( ଦେଖ )
2. Kumbhabārdi ( See )
ପ୍ରାଦେ. ( ଗଡ଼ଜାତ ) ବି—ଏକ ପ୍ରକାର ନାଲିଆ ପକ୍ଷୀ—
A kind of red bird.
[ ଦ୍ର—ଏମାନେ ଗଛରେ ବୋବାନ୍ତି । ]

**କୁମ୍ଭାଟି**—ପ୍ରାଦେ. ( ସମ୍ବଲପୁର ) ବି—କୁମ୍ଭାଟୁଆ ( ଦେଖ )
Kumbhāṭi — Kumbhāṭuā ( See )

**କୁମ୍ଭାଟୁଆ**—ଦେ. ବି—୧ । ଲାଲ ରଙ୍ଗର କାକ ଓ କୋକିଳ ଜାତୀୟ ପକ୍ଷୀବିଶେଷ ( ଦେହଯାକ ନାଲି, ମୁଣ୍ଡ କଳା ଲମ୍ବ ପ୍ରାୟ ଏକ ହାତ; ଗଛରେ ରହି ବୁଦା ମୂଳେ ବୁଲି ପୋକ ଜୋକ ଖାଏ )—
Kumbhāṭuā
ପାତକୋୟା
1. A kind of bird ( making a repeated cooing sound ) of red and black colour; the red-winged black bird; Agelaius phoeniceus.
ଡାଳ ବାହୁଙ୍ଗାରେ ଲୁଚ କୁମ୍ଭାଟୁଆ ସବୁଏସ ହୁକ୍ ହୁକ୍ ।
ନନ୍ଦକିଶୋର. ନିର୍ଝରଣୀ ।

କୁମାରଲତା ୨ । (ସଂ. କୁମାରୀ)—ଏକ ପ୍ରକାର କଣ୍ଟକଯୁକ୍ତ ବନ୍ୟ ଲତା, ( ପତ୍ର ଏକୋତ୍ତର ଓ ୩।୪ ଶିରାବିଶିଷ୍ଟ; ଫୁଲ ଶ୍ୱେତ; କାର୍ତ୍ତିକବ୍ରତ ପାଳିବା ବ୍ୟକ୍ତିମାନେ ଏହି ଲତାର ଦାନ୍ତକାଠିରେ ଦାନ୍ତ ଘଷନ୍ତି । )—1. A wild throny creeper; smilax Macrophylla. ( its stem is used as tooth-brush by persons observing 'Habiṡwa' in the month of 'Kārttika'.)

**କୁମ୍ଭାଧିପ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ଘଟର ସ୍ୱାମୀ—
Kumbhādhipa — 1. The owner of a pitcher.
୨ । ଶନିଗ୍ରହ—2. The planet Saturn.

**କୁମ୍ଭାବାଡ଼ି**—ଦେ. ବି—ଉତ୍କଟ ମାରାତ୍ମକ ହଇଜା; ଚନ୍ଦ୍ରବାଡ଼ି—
Kumbhābārdi — Virvlent Asiatic Cholera.
[ ଦ୍ର—ଏଥିରେ କୁମ୍ଭରୁ ପାଣି ଢାଳିଲା ପରି ଝାଡ଼ା ହୁଏ । ସାଙ୍ଗେ ସାଙ୍ଗେ ସନ୍ଧ ହୋଇ ମୃତ୍ୟୁ ହୁଏ । ]

**କୁମ୍ଭାର**—ଦେ. ବି. ( ସଂ. କୁମ୍ଭକାର )—ମାଟି ପାତ୍ର ତିଆରି କରିବା ବ୍ୟକ୍ତି ବା ଜାତି—Potter.
Kumbhāra
(କୁମ୍ଭାରୁଣୀ—ସ୍ତ୍ରୀ)
କুমার
**कुम्हार**
କୁମ୍ଭାର ବୋଲୁ, ଖାଇବ ନ ଗଲେ ମାଟିକି ଯାଉ—ପ୍ରବଚନ ।

**କୁମ୍ଭାରଉହା**—ଦେ. ବି—କୁମ୍ଭାରମାନେ ଯେଉଁ ସ୍ତୂପାକାର ଚୁଲିରେ ହାଣ୍ଡି ପୋଡ଼ନ୍ତି—A potter's oven; potter's kilu.
Kumbhāra uhā
କুমারের উনুন্
**कुम्हार आँवा**

**କୁମ୍ଭାର ଚକ**—ଦେ. ବି ( ସଂ. କୁମ୍ଭକାର + ଚକ୍ର )—
Kumbhāra chaka — ଯେଉଁ ଚକ ସାହାଯ୍ୟରେ କୁମ୍ଭାର ମାଟି ପାତ୍ରମାନ କରେ—Potter's wheel.
কুমারের চাকা
**कुम्हारका चाक**

**କୁମ୍ଭାରପୋକ**—ଦେ. ବି. ( ସଂ. କୁମ୍ଭକାର ଓ କୀଟ )—
Kumbhārapoka — କୁମ୍ଭକାର କୀଟ ( ଦେଖ )
কুমরেপোকা — Kumbhakāra kiṭa ( See )
**कुम्हाइन कीड़ा;** [ ଦ୍ର—ଏମାନଙ୍କର ଦୁଇଟି ପକ୍ଷୀ ଓ ୬ଟି ପାଦ ଅଛି ।
**घिरनी** ଦେହର ରଙ୍ଗ ହଳଦିଆ ଓ ମୟୂରକଣ୍ଠିଆ । ଏମାନେ ମାଟିରେ ଗୋଲାକାର ବସା ତିଆରି କରନ୍ତି ଓ ସେଥି ମଧ୍ୟରେ ଶାଗୁଆ ରଙ୍ଗର ଏକପ୍ରକାର ପୋକକୁ ଧରି ଆଣି ରଖି ସେହି ବସାର ମୁହଁକୁ ମାଟିଦ୍ୱାରା ବନ୍ଦ କରି ଦିଅନ୍ତି । କେତେକ ଦିନ ପରେ ସେହି ବସା ମଧ୍ୟରୁ ତାହାପରି ଗୋଟିଏ ପୋକ ସେହି ବସାର ମୁହଁକୁ କାଟି ମେଲାକୁ ବାହାରି ଉଡ଼ିଯାଏ । ]

**କୁମ୍ଭାରଶାଳ**—ଦେ. ବି—କୁମ୍ଭଶାଳା ( ଦେଖ )
Kumbhāraṡāla — Kumbhaṡāla ( See )
**कुम्हारशाला**

**କୁମ୍ଭାରୁଆ**—ଦେ. ବି—କୁମ୍ଭାଟୁଆ ୨ ( ଦେଖ )
Kumbhāruā — Kumbhāṭuā 2 ( See )
ଅପମାର୍ଗ, କୁମ୍ଭାରୁଆ, ବରଓଳ, ଲମ୍ବ । ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

**କୁମ୍ଭି**—ଦେ. ବି—୧ । ସେଚନକୁ ଜଳ ଉତ୍ତୋଳନ କରିବା ଯନ୍ତ୍ରବିଶେଷ; ଟେଣ୍ଡା—1. A contrivance to left water to the field from tanks for irrigation.
Kumbhi
ସଂ. କୁମ୍ଭିକ; ପର୍ଯ୍ୟଟଦ୍ରୁମ
କୁମ୍ଭୀ
कुम्भी
**कुम्मी; काकम्ब; कुम्म**
୨ । ଜାମୁଜାତୀୟ ବନ୍ୟ ତରୁ—2. A wild tree with white big flowers and big fruits; its fibrous bark is made into ropes and is used for wearing by a certain sect of anchorites; Carey Arborea.
[ ଦ୍ର—ଏ ଗଛ ଗଡ଼ଜାତର ଜଙ୍ଗଲରେ ଜନ୍ମେ । ପ୍ରତିବର୍ଷ ଗଛରୁ ପତ୍ର ଝଡ଼େ । ବସନ୍ତକାଳରେ ନୂଆପତ୍ର ଓ ଫୁଲ ହୁଏ । ଫୁଲ ଧଳା ଓ ବଡ଼; ଫଳ କୁମ୍ଭାକାର । ଏହି ହେତୁରୁ ନାମ କୁମ୍ଭୀ । ଏଥିର ବକଳରେ ମୋଟ ଦଉଡ଼ି ହୁଏ ଓ ଏହି ବଲ୍କଲକୁ ଛେଚି କୁମ୍ଭିପଟୁଆମାନେ ପିନ୍ଧନ୍ତି । ଏହାର ଫଳକୁ ଗୋରୁ ଓ ହରିଣମାନେ ଖାଆନ୍ତି । ଫଳ କଷା ଓ ପାଚିଲେ ଟିକିଏ ମିଠା ଲାଗେ । କୁମ୍ଭିପଟ ବା ବକଳର ଧୂଆଁ କିଆରିରେ ଦେଲେ ସେହି ଧୂଆଁ ଗନ୍ଧରେ ହରିଣ, ବରାହ ଆଦି ଜନ୍ତୁ କିଆରିକୁ ଆସି ଫସଲ ନଷ୍ଟ କରି ପାରନ୍ତି ନାହିଁ । ]

**କୁମ୍ଭିକା**—ସଂ. ବି. (କୁମ୍ଭିକ + ଆ)—୧ । କ୍ଷୁଦ୍ର ଘଟ; ଠେକି; ଘଡ଼ି—
Kumbhikā — 1. A small water-pitcher.
୨ । ଶୈବାଳ—2. Moss.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଜଳକୁମ୍ଭୀ; ବାରିପର୍ଣ୍ଣୀ; ଏକପ୍ରକାର ଦଳ; ବୋରଝାଞ୍ଜି—
3. A kind of acquatic plant.
୪ । ବେଶ୍ୟା—4. Harlot.
୫ । ନେତ୍ରରୋଗବିଶେଷ—
5. A disease of the eye.

**କୁମ୍ଭିନରକ**—ସଂ. ବି (କୁମ୍ଭିନ୍+ନରକ)—କୁମ୍ଭୀପାକ (ଦେଖ)
Kumbhinaraka — Kumbhipāka (See)

**କୁମ୍ଭିପଟ**—ଦେ. ବି—କୁମ୍ଭୀଗଛର ବକଳ ବା ଛାଲି—
Kumbhipaṭa — The bark of the Kumbhi-tree.

**କୁମ୍ଭିପଟିଆ**—ଦେ. ଜ. (ଏମାନେ କୁମ୍ଭିପଟ ପିନ୍ଧୁ ଥିବାରୁ ଏହି ନାମ)—
Kumbhipaṭiā — ଓଡ଼ିଶା ଗଡ଼ଜାତରେ ଥିବା ଏକ ଜାତୀୟ ବୌଦ୍ଧ ସନ୍ନ୍ୟାସୀ; ଅଲେଖ ଧର୍ମୀ ( ଦେଖ )
A sect of sannyāsis found in Orḍiśā Garjats; Alekha dharmī ( See )

**କୁମ୍ଭିପଟୁଆ**—ଦେ. ବି—କୁମ୍ଭିପଟିଆ ( ଦେଖ )
Kumbhipaṭuā — Kumbhipaṭiā ( See )

**କୁମ୍ଭିପାଟିଆ**—ଦେ. ବି—କୁମ୍ଭିପଟିଆ ( ଦେଖ )
Kumbhipāṭiā — Kumbhipaṭiā ( See )

**କୁମ୍ଭିପାଟୁଆ**—ଦେ. ବି—କୁମ୍ଭିପଟିଆ ( ଦେଖ )
Kumbhipāṭuā — Kumbhipaṭiā ( See )

**କୁମ୍ଭିରି**—ଦେ. ବି. ସ୍ତ୍ରୀ—( ସଂ. କୁମ୍ଭୀର )—କୁମ୍ଭୀର ( ଦେଖ )
Kumbhirī — Kumbhīra ( See )

ଅଛ ତହିଁ କୁମ୍ଭିରି. ଯେ ପୂର୍ବେ ଅପସରା, ତାହା ଜାଣି ଉପାୟ କର ।
ବିଶ୍ୱନାଥ—ବିଚିତ୍ରରାମାୟଣ ।

**କୁମ୍ଭିଳ**—ସଂ. ବି. ( କୁମ୍ଭ+ଇଳ )—କୁମ୍ଭିଳକ ( ଦେଖ )
Kumbhiḻa — Kumbhiḻaka ( See )

**କୁମ୍ଭିଳକ**—ସଂ. ବି. ( କୁମ୍ଭ+ଇଳ+କ )—
Kumbhiḻaka ୧ । ଚୌର—1. Thief.
୨ । ଶ୍ଳୋକାର୍ଥ ଚୌର; ଯେଉଁ ବ୍ୟକ୍ତି ପର ରଚିତ ଭାବ ବା ଶ୍ଳୋକାଂଶକୁ ଗ୍ରହଣ କରି ଶ୍ଳୋକରଚନା କରେ—
2. A plagiarist.
୩ । ଶାଳକ—3. Wife's brother.
୪ । ଶାଳ ( ଗଛ ) ( ଦେଖ )
4. Śāḻā ( tree ) ( See )
୫ । ଶାଳ ( ମାଛ ) ( ଦେଖ )
5. Śāḻa ( fish ) ( See )
୬ । ଗର୍ଭକାଳ ପୂର୍ଣ୍ଣ ନ ହେଉଣୁ ପ୍ରସୂତ ବାଳକ—
6. A child born before time.

**କୁମ୍ଭୀ**—ସଂ. ବି. ପୁଂ. ( କୁମ୍ଭ+ଇନ୍; ୧ମା. ୧ବ. )—
Kumbhī ୧ । ହସ୍ତୀ—1. Elephant.

ବାଢ଼ିଏ ଏମନ୍ତ ବୁଦ୍ଧି ପ୍ରକଟିତ ସ୍ୟନ୍ଦନ କୁମ୍ଭୀ ତୁରଙ୍ଗ—
ଉପେ. ବୈଦେହୀଶବିଳାସ ।

୨ । କୁମ୍ଭୀର—2. Alligator; crocodile.
୩ । ମତ୍ସ୍ୟବିଶେଷ—3. A kind of large fish.
୪ । କୁମ୍ଭାର ପୋକ—4. A kind of wasp.
୫ । ରାକ୍ଷସବିଶେଷ—5. Name of a demon.
୬ । ( ସ୍ତ୍ରୀ ) ( କୁମ୍ଭ+ସ୍ତ୍ରୀ. ଈ ) କ୍ଷୁଦ୍ର କଳସୀ; ଘଡ଼ି—
6. A small water-jar.
୭ । ( ସ୍ତ୍ରୀ ) ବେଶ୍ୟା—7. Whore; prostitute.
୮ । ( କ୍ଳୀବ ) ଗୁଗ୍ଗୁଳ—8. A fragrant resin.
୯ । କଟଫଳ; କାଫଡ଼ ଓ ଏଥିର ଛାଲି—
9. Myrica Sapoda tree and its medical bark.

ବ୍ରାହ୍ମଣୀଅ ଯେ କୁମ୍ଭୀ ବାହାଡ଼ା ଅର୍ଜୁନା—କୃଷ୍ଣସିଂହ. ମହାଭାରତ. ବନ ।

୧୦ । ଶସ୍ୟର ପରିମାଣବିଶେଷ—
10. Measure of grain.
୧୧ । ଚୁଲି—11. Oven.
୧୨ । ମାଟିହାଣ୍ଡି; ପାକସ୍ଥାଳୀ; ପାକହାଣ୍ଡି—
12. Cooking pot.
୧୩ । କୁମ୍ଭି ୨ ( ଦେଖ )
13. Kumbhi. 2. ( See )
୧୪ । ବୋରଝାଞ୍ଜି ( ଦେଖ )
14. Borajhāñji ( See )
୧୫ । ପୃଶ୍ନିପର୍ଣ୍ଣୀ ( ଦେଖ )
15. Pṛushṇiparṇṇī ( See )

**କୁମ୍ଭୀକ**—ସଂ. ବି. ( କୁମ୍ଭୀ+କ )—୧ । ପୁନ୍ନାଗ ( ଦେଖ )
Kumbhīka — 1. Punnāga ( See )
୨ । ନାଗକେଶର ( ବୃକ୍ଷ ) ( ଦେଖ )
2. Nāgakeśara ( tree ) ( See )
୩ । ପୁଂମୈଥୁନାର୍ଥ ନିୟୋଜିତ ବାଳକ—
3. A catamite.

**କୁମ୍ଭୀକା**—ସଂ. ବି. (କୁମ୍ଭକ+ଆ)—ଆଖିପତାଫୁଲା-ରୋଗ—
Kumbhikā — Swelling of the eye-lids.

**କୁମ୍ଭୀଧାନ୍ୟ**—ସଂ. ବି—ମାଠିଆରେ ସଞ୍ଚିତ ଗୃହସ୍ଥର ଛଅ ଦିନ ଚଳିବା ଉପଯୋଗୀ ଧାନ୍ୟ ବା ଶସ୍ୟ—
Kumbhidhānya — Grain stored in jars sufficient for six days for a householder.

**କୁମ୍ଭୀଧାନ୍ୟକ**—ସଂ. ବି. ( କୁମ୍ଭୀଧାନ୍ୟ+କ )—କୁମ୍ଭୀଧାନ୍ୟ ସଞ୍ଚୟକାରୀ ଗୃହସ୍ଥ—
Kumbhīdhānyaka — A householder who stores paddy for six days.

**କୁମ୍ଭୀନର୍କ**—ଦେ. ବି—କୁମ୍ଭୀପାକ ( ଦେଖ )
Kumbhīnarka — Kumbhīpāka (See)

ଏ କଳିଯୁଗରେ କୁମ୍ଭୀନର୍କେ ପଡ଼ିବେ—ଗ୍ରାତୀ. ବ୍ରହ୍ମନିରୂପଣଗୀତା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇପ୍ସ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଢ଼ | ନ୍ |

**କୁମ୍ଭୀନସ**—ସଂ. ବି. ( ବହୁବ୍ରୀହି; କୁମ୍ଭୀ=କ୍ଷୁଦ୍ର କଳସ ପର+ନାସା ଯାହାର; ନାସା ସ୍ଥାନରେ ନସ ଆଦେଶ )—ବିଷଧର ବୃହତ୍ ସର୍ପବିଶେଷ—
Kumbhinasa A kind of large venemous serpent.

**କୁମ୍ଭୀନସୀ**—ସଂ. ବି. ସ୍ତ୍ରୀ—ରାବଣର ଭଉଣୀ; ଲବଣ ରାକ୍ଷସର ମାତା—
Kumbhinasi A sister of Rābaṇa.

**କୁମ୍ଭୀପାକ**—ସଂ. ବି. ( କୁମ୍ଭୀ=ହାଣ୍ଡି+ପାକ )—
Kumbhipāka ୧ । ହାଣ୍ଡିରେ ରନ୍ଧା ହୋଇଥିବା ଖାଦ୍ୟ—
1. Food cooked in an earthen pot.
୨ । ନରକବିଶେଷ—
2. A particular part of the hell ( of the Hindu books ).
[ ଦ୍ର—ଏଥିରେ ପାପୀମାନଙ୍କୁ ହାଣ୍ଡିରେ ପାକ କଲା ଭଳି ଅଗ୍ନିରେ ପାକ କରାଯାଏ । ]

**କୁମ୍ଭୀର**—ସଂ. ବି. ( କୁମ୍ଭୀ=ମତ୍ସ୍ୟାଦି+ର ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ )—କୁମ୍ଭୀର ( ଦେଖ )
Kumbhira Kimbhira ( See )
किमीर
मगर
[ ଦ୍ର—ଏମାନେ ସରୀସୃପ, ଅଣ୍ଡଜ ଓ ଉଭୟଚର । ଏମାନଙ୍କର ଲାଞ୍ଜ କରତ ପରି ଦନ୍ତୁର ଓ ଦାନ୍ତୁଆ । ଏମାନେ ଜଳାଶୟକୂଳରେ ଗୁଳ୍ମରେ ଗର୍ତ୍ତ କରି ରହନ୍ତି । ଏମାନଙ୍କର ମଳଦ୍ୱାର ନାହିଁ ଓ ଏମାନେ ଯାହା ଖାଆନ୍ତି ତାହା ପାଟିବାଟେ ବାନ୍ତି କରନ୍ତି । ଏମାନେ ପାଞ୍ଚ ପ୍ରକାର; ଯଥା—୧. ଗୁହମୁହାଁ ବା ଗୋମୁହାଁ, ୨. ଥଣ୍ଟିଆ ବା ମାଛୁଆ, ୩. ଘଡ଼ିଅଲ ବା ଘଡ଼ିଆଲ ବା ଦାଢ଼ିଆଣୀ, ୪. କୁଞ୍ଜ, ଓ ୫. ଶଙ୍ଖୁଆ । ]

**କୁମ୍ଭୀରକ**—ସଂ. ବି. ( କୁମ୍ଭୀର+ସ୍ୱାର୍ଥେ )—କୁମ୍ଭୀର ( ଦେଖ )
Kumbhiraka Kimbhira ( See )

**କୁମ୍ଭୀରଦୈତ୍ୟ**—ଦେ. ବି. ( ସଂ. କୁମ୍ଭୀର )—ରାକ୍ଷସବିଶେଷ—
Kumbhiradaitya Name of a demon.
[ ଦ୍ର—ପାଣ୍ଡବମାନେ ଜତୁଗୃହରୁ ପଳାଇ ସୁରନଦୀ ପାର ହେଲାବେଳେ ଭୀମସେନ ସେହି ନଦୀକୁ ଡେଇଁ ଏହି ରାକ୍ଷସର ଗର୍ଭକୁ ଚିରି ତାକୁ ବିନାଶ କରିଥିଲେ । ]

**କୁମ୍ଭୀରାସନ**—ସଂ. ବି—ରୁଦ୍ରଯାମଳୋକ୍ତ ଯୋଗାସନବିଶେଷ—
Kumbhirāsana A pose of sitting.

**କୁମ୍ଭୀଲ**—ସଂ. ବି. ( କୁମ୍ଭୀ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ )—
Kumbhila କୁମ୍ଭୀର ( ଦେଖ )—Kimbhira ( See )

**କୁମ୍ଭୀଲକ**—ସଂ. ବି—କୁମ୍ଭୀର ( ଦେଖ )
Kumbhilaka Kimbhira ( See )

**କୁମ୍ଭେଇବା**—ପ୍ରାଦେ. ( ଗଡ଼ଜାତ ) କ୍ରି—ପିଲେଇବା ( ଦେଖ )
Kumbheibā Pileibā ( See )

**କୁମ୍ହାଟି**—ପ୍ରାଦେ. ( ସମ୍ବଲପୁର ) ବି—କୁମ୍ଭାଟୁଆ ( ଦେଖ )
Kumhāṭi Kumbhāṭua ( See )

**କୁମ୍ହାର ( ଇତ୍ୟାଦି )**—ଦେ. ବି—କୁମ୍ଭାର ଇତ୍ୟାଦି ( ଦେଖ )
Kumhāra ( etc ) Kumbhāra etc ( See )

**କୁଯାତ୍ରା**—ସଂ. ବି. ( କର୍ମଧା; କୁ+ଯାତ୍ରା )—
Kujātrā ୧ । ଅମଙ୍ଗଳସୂଚକ ଯାତ୍ରା—
1. An inauspicious journey.
୨ । ଯେଉଁ ଯାତ୍ରାରେ ଅମଙ୍ଗଳ ଘଟେ—
2. A starting for a disastrous journey.

**କୁର୍** ( ଧାତୁ )—ସ—୧ । ଶବ୍ଦ କରିବା—1. To sound.
Kur ( root ) ୨ । ଛେଦନ କରିବା—2. To cut.

**କୁର୍‌କୁଚ୍ଚା**—ପ୍ରାଦେ. ( ସମ୍ବଲପୁର ) ବି—କୁଳୁକୁଞ୍ଚା ( ଦେଖ )
Kurkuchā Kuḷukuñchā ( See )

**କୁର୍‌କୁଟି**—ପ୍ରାଦେ ( ସମ୍ବଲପୁର ) ବି. (ଭୁଲ; ହି. କୁରକୁଟ=ଟୁକୁରା—ଟୁକୁରା)—୧ । ଛୋଟ ମଶା—1. Small gnat.
Kurkuṭi ୨ । ଗୁଣ୍ଡା—2. Powder.
୩ । ଟିକିଟିକିଖଣ୍ଡ ମାନ—
3. Small or tiny bits.

**କୁର୍‌କୁଟି କରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ଭୁଲ; ହି. କୁରକୁଟା =ଛୋଟଛୋଟକିଖଣ୍ଡ)—ଟିକିଟିକି କରି ଚୂନା କରିବା—To pound or bruise into powder.
Kurkuṭi karibā

**କୁର୍‌କୁର୍**—ଦେ. ( ଧ୍ୱନ୍ୟାନୁକାର ) ଅ.—ମଧୁରଧ୍ୱନିଯୁକ୍ତ ହାସ୍ୟର ଶବ୍ଦ—
Kurkur Sound of sweet loud laugh or giggling sound.
कुरकुर

ଗ୍ରା. ବି. ( ସଂ. କୁକ୍କୁର )—କୁକ୍କୁର—Dog.
ମାଦଳଙ୍କ ସରେ କୁର୍‌କୁର୍ ପଶିଲେ ହୋମ କରନ୍ତେ ସ୍ୱାହା—କାହାଣୀଗୀତ ।

**କୁର୍‌କୁରି**—ଦେ. ବି—ଘୋଡ଼ାଙ୍କର ପେଟଫୁଲାରୂପ ସାଂଘାତିକ ରୋଗ—
Kurkuri Tympanites of horse.
कुरकुरी [ ଦ୍ର—ଏଥିରେ ଘୋଡ଼ାର ଝାଡ଼ା ଓ ପ୍ରସ୍ରାବ ବନ୍ଦ ହୋଇ ଘୋଡ଼ା ମରିଯାଏ । ]

**କୁର୍‌ଚି**—ବୈଦେ. ବି. ( ଆ. କୁର୍ସୀ )—ଖୁରୁଚ; ଚଉକି—
Kurchi Chair.
कुर्सी [ ଦ୍ର—ଜଣେ ଲୋକ ବସି ପାରିବା ଭଳି ଗୋଡ଼ ବା ଖୁରା
कुर्सी ଥିବା ଆସନ, ଯହିଁରେ ଆଉଜିବା ପାଇଁ ପିଠିଆଡ଼େ ବାଡ଼ ଥାଏ ଓ ହାତ ରଖିବା ପାଇଁ ବାହା ମଧ୍ୟ ଥାଏ ତାକୁ କୁର୍‌ଚି ବା କୁରୁସୀ ବୋଲାଯାଏ । ]

**କୁର୍‌ଡ଼ିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଚଷ ମାଟିକୁ ମଇ ଦେବା—
Kurrdibā To draw the levelling ladder over a ploughed field.

**କୁର୍‌ତା**—ବୈଦେ. ବି. ( ଆ )—ପୁରୁଷଙ୍କ ପିନ୍ଧିବା ମୁଣ୍ଡଗଳା ଜାମା—
Kurtā shirt.
କୁର୍ତ୍ତା
कुरता

ସାଧାରଣ ଭେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚଢ଼୍ଢିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼୍ଢିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଢ଼୍ଢିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚଢ଼୍ଢିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଉ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଥୂ ନ ପାଇଲେ 'ବଥୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କୁର୍ତ୍ତ**—ବୈଦେ. ବି. ( ଆ )—୧ । ଛୋଟ କୁର୍ତ୍ତା—
Kurti — 1. Small coat.
କୁର୍ତୀ — ୨ । ସ୍ତ୍ରୀ ଲୋକଙ୍କ ମୁଣ୍ଡଗଳା ଜାମା—
**कुरती** — 2. A small shirt for females.

**କୁର୍ନିସ୍**—ବୈଦେ. ବି. ( ଫା. କୋର୍ନିସ୍ )—
Kurnis — ୧ । ନଇଁପଡ଼ି ସଲାମ କରିବା—
କୁର୍ନିସ — 1. Low obeisance.
**कारनीस** — ୨ । ରାଜା ଆଦିଙ୍କୁ କରାଯିବା ସଲାମ—
2. A ceremonial salute made to the king and high officers.

**କୁରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Kurbā — ୧ । ( କେଶ ) କୁଣ୍ଡାଇବା—
1. To comb ( the hair ).
୨ । ( ଜିଭ ) ଛେଲିବା—
2. To scrape off ( layers of dirt from the tongue ).
୩ । କୋରିବା; କୁରିବା—
3. To scrape off.

**କୁର୍ମା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କୁଟୀର )—ଛୋଟ କୁଡ଼ିଆ-
Kurmā — ଘର—Small cottage.
ତୋର୍ କୁର୍ମା ଫାଟେ ଫୁଟେ
ମୋର୍ କୁର୍ମା ଗରଜ ଉଠେ—ଶିଶୁଗୀତ ।

**କୁର୍ଲିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—କୁର୍ଡ଼ିବା ( ଦେଖ )
Kurlibā — Kurrdibā ( See )

**କୁରସି**—ବୈଦେ. ବି. (ଆ)—କୁରଚି ( ଦେଖ )
Kursi — Kurchi ( See )
କ୍ରୁଶୀ ପ୍ରାଦେ. ବି. ( ଫ୍ରେଞ୍ଚ. କୋଶେ )—ଛିଲ୍ ବୁଣିବା ଛୁଞ୍ଚ—
**क्रोशै** — Crochet.
ଦେ. ବି—୧ । ( ସଂ. କୃଷି ) କୃଷି—1. Agriculture.
୨ । ଫସଲ—2. Crop.

**କୁରସିନାମା**—ବୈଦେ. ବି. ( ଫା. କୁରସି=ବଂଶ+ନାମେହ୍=ବିବରଣ;
Kursināmā — ଲିପି)—୧ । ବଂଶବୃକ୍ଷ; ବଂଶତାଲିକା—
କୁରଚିନାମା; କୁଳଜୀ — 1. Geneology; family-tree; geneological tree.
**कुरसीनामा; पीढ़ी**
୨ । ବଂଶାନୁଚରିତ—2. Family history.

**କୁର୍ହାଡ଼ି**—ଦେ. ବି. ( ସଂ. କୁଠାର; ପ୍ରା. କୁହାର )—
Kurhārdi — କାଠ ବା ଗଛ କାଟିବା ଉଦ୍ଦେଶ୍ୟରେ ନିର୍ମିତ କାଠ-
କୁଡ଼ାଲ — ବେଣ୍ଟଲଗା ଲୌହ ଅସ୍ତ୍ରବିଶେଷ—
**कुल्हाड़ी** — Axe; hatchet.

**କୁର**—ପ୍ରାଦେ ( କଟକ ) ବି—ଯେତେ ପରିମିତ କଟା ଧାନ କେଣ୍ଡା
Kura — ହାତର ବେଢାରେ ସମ୍ଭାଏ, ବେଢା—
**मौल्हा** — One handful of paddy-sheaves cut.

**କୁରଙ୍କର**—ସଂ. ବି. (କୁରଂ=ଅବ୍ୟକ୍ତ ଶବ୍ଦକୁ+କୃ ଧାତୁ+କର୍ତ୍ତୃ. ଅ)—
Kurankara — ବଡ଼ିଆକାଙ୍କ; ସାରସ ପକ୍ଷୀ—
Indian crane ( Apte).

**କୁରଙ୍କୁର**—ସଂ. ବି—କୁରଙ୍କର ( ଦେଖ )
Kurankura — Kurankara ( See )

**କୁରଙ୍ଗ**—ସଂ. ବି. ( କୁର୍ ଧାତୁ=ଶବ୍ଦ କରିବା+ସଂଜ୍ଞାର୍ଥେ. ଅଙ୍ଗ )—
Kuranga — ୧ । ମୃଗ—1. Deer.
୨ । ଖୁରୁଙ୍ଗ—2. Small deer.
୩ । ଚିତ୍ରହରିଣ; ଦାଗୁଆ—3. Spotted deer.
ଦେ. ବି—୧ । କୁତ୍ସିତ ସ୍ୱଭାବ—1. Bad conduct.
ବନ୍ଧୁଙ୍କେ କୁରଙ୍ଗ ହେଲେ, ବଳୀ ଯେତେ ରକ୍ଷ ଥିଲେ ।
ଭକ୍ତ. ବୈଦେହୀଶବିଳାସ ।
୨ । ବଦ୍‌ରଙ୍ଗ—2. Bad colour.
୩ । ଲାଲ ରଙ୍ଗ—3. Red colour.
ନୟନ କୁରଙ୍ଗ ତୋର ସବୁ ସମ୍ପତ୍ତିରେ
ନ କରନ୍ତୁ କୁରଙ୍ଗ କହୁଅଛି ବାରେ । ଭକ୍ତ. ପ୍ରେମସୁଧାନିଧି ।

**କୁରଙ୍ଗକ**—ସଂ. ବି. ( କୁରଙ୍ଗ+ସ୍ୱାର୍ଥେ. କ )—କୁରଙ୍ଗ ( ଦେଖ )
Kurangaka — Kuranga ( See )

**କୁରଙ୍ଗଦୃଶା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; କୁରଙ୍ଗର ନୟନ ପରି ଚଞ୍ଚଳ
Kurangadrusā — ଏବଂ ମନୋହର ନୟନ ଯାହାର )—
ମୃଗନୟନା ( ସ୍ତ୍ରୀ ); ସୁନ୍ଦର ଚକ୍ଷୁଯୁକ୍ତା ( ସ୍ତ୍ରୀ )—
( a woman ) With eyes like those of the deer (small and long).

**କୁରଙ୍ଗନୟନା**—ସଂ. ବିଣ. ସ୍ତ୍ରୀ—କୁରଙ୍ଗଦୃଶା ( ଦେଖ )
Kuranganayanā — Kurangadrusā ( See )
(କୁରଙ୍ଗ ନୟନ—ପୁଂ)

**କୁରଙ୍ଗନୟନୀ**—ଦେ. ବିଣ. ସ୍ତ୍ରୀ—କୁରଙ୍ଗଦୃଶା ( ଦେଖ )
Kuranga nayani — Kurangadrusā ( See )
(କୁରଙ୍ଗନୟନ—ପୁଂ)

**କୁରଙ୍ଗନାଭି**—ସଂ. ବି. ( ୬ଷ୍ଠୀ ତତ୍; ଏହା ମୃଗର ନାଭି ଦେଶରେ
Kuranganābhi — ଜନ୍ମେ )—ମୃଗନାଭି; କସ୍ତୁରୀ—Musk.

**କୁରଙ୍ଗମ**—ସଂ. ବି. (କୁ+ରଙ୍ଗ+ମା ଧାତୁ+କର୍ତ୍ତୃ. ଅ)—
Kurangama — କୁରଙ୍ଗ ( ଦେଖ )
Kuranga ( See )

**କୁରଙ୍ଗାକ୍ଷୀ**—ସଂ. ବିଣ. ସ୍ତ୍ରୀ—କୁରଙ୍ଗଦୃଶା ( ଦେଖ )
Kurangākshi — Kurangadrusā ( See )

**କୁରଚିଲ୍ଲ**—ସଂ. ବି—କଙ୍କଡ଼ା—A crab.
Kurachilla

**କୁରଟ**—ସଂ. ବି. ( କୁ=କୁତ୍ସିତ+ରଟ୍ ଧାତୁ=କହିବା+କର୍ମ. ଅ)—
Kurata — ମୋଚି—Shoe-maker.

**କୁରଡ଼ୁ**—ପ୍ରାଦେ. ( ସମ୍ବଲପୁର ) ବି—ବନ୍ୟ ଫଳବିଶେଷ—
Kurardu — A wild fruit.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଯ଼ | ଉଅ | ଓ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍‌ | ଇଅ | ଵ | ନ୍ତ |

**କୁରଣ୍ଟ**—ସଂ. ବି. ( କୁର ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅଣ୍ଟ )—
Kuranta ଅଁଳେଇ ଫୁଲର ଗୁଳ୍ମ (ଏଥିର ଫୁଲ ହଳଦିଆ ଓ ନାଲି)—
Yellow and red Amaranth; the Barleria Cristata.
[ ଦ୍ର—୧ । ହଳଦିଆ ଫୁଲବିଶିଷ୍ଟ ଗୁଳ୍ମ ( ସଂ. କୁରଣ୍ଟକ );
୨ । ନେଳ ଫୁଲବିଶିଷ୍ଟ ଗୁଳ୍ମ ( ସଂ. ବାଣା );
୩ । ନାଲି ଫୁଲବିଶିଷ୍ଟ ଗୁଳ୍ମ ( ସଂ. କୁରୁବକ ) । ]

**କୁରଣ୍ଟକ**—ସଂ. ବି. (କୁର ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅଣ୍ଟ+ସ୍ୱାର୍ଥେ କ)—
Kurantaka କୁରଣ୍ଟ ( ଦେଖ )
Kuranta ( See )

**କୁରଣ୍ଟିକା**—ସଂ. ବି. (କୁରଣ୍ଟକ+ସ୍ତ୍ରୀ. ଆ)—କୁରଣ୍ଟ ( ଦେଖ )
Kurantikā Kuranta ( See )

**କୁରଣ୍ଡ**—ସଂ. ବି. ( କୁ+ରମ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଡ; ଏହା
Kuranda ମନୁଷ୍ୟର ବୀର୍ଯ୍ୟର କ୍ରୀଡ଼ା ନାଶ କରେ )—
୧ । ଅଣ୍ଡବୃଦ୍ଧି ରୋଗ; କୋଷବୃଦ୍ଧି—1. Enlargement of the scrotum; hydrocele; scrotal tumour.
୨ । ବିଶେଷ ବୃଦ୍ଧିପ୍ରାପ୍ତ ଅଣ୍ଡକୋଷ—
2. Very large testicle.

**କୁରଣ୍ଡକ**—ସଂ. ବି—କୁରଣ୍ଟ ( ଦେଖ )
Kurandaka Kuranta ( See )

**କୁରଣ୍ଡୀ**—ସଂ. ବିଶ. ପୁଂ. (କୁରଣ୍ଡ+ଅସ୍ତି ଅର୍ଥରେ. ଇନ୍, ୧ମା. ୧ବ.)—
Kurandi କୁରଣ୍ଡ ରୋଗଗ୍ରସ୍ତ; କୁରୁଣ୍ଡା—
Suffering from scrotal tumour; having a large scrotum.

**କୁରତାରଥ**—ପ୍ରାଦେ. (ବସ୍ତର) ବିଣ. ( ସଂ. କୃତାର୍ଥ )—
Kuratārath କୃତାର୍ଥ ( ଦେଖ )
Krutārtha ( See )

**କୁରତାର୍ଥ**—ଗ୍ରା. ବିଣ. ( ସଂ. କୃତାର୍ଥ )—କୃତାର୍ଥ ( ଦେଖ )
Kuratārtha Krutārtha ( See )

**କୁରତୃଣ**—ସଂ. ବି—ନାଗଦଅଣା ( ଦେଖ ) ( ହରେକୃଷ୍ଣ—ଦ୍ରବ୍ୟଗୁଣ )
Kuratruna Nāgadaana ( See )

**କୁରବ**—ସଂ. ବି. ( କର୍ମଧା; କୁ+ରବ )—
Kuraba ୧ । ନିନ୍ଦାବାଦ—1. Blame.
୨ । କର୍କଶ ସ୍ୱର—2. Hard sound.
୩ । ଦୁର୍ନାମ; ଅପବାଦ—3. Scandal.
୪ । କୁରଣ୍ଟ ( ଦେଖ )
4. Kuranta ( See )
ସଂ. ବିଣ ( ବହୁବ୍ରୀହି )—ମନ୍ଦ ରବବିଶିଷ୍ଟ—
Having a hard or bad sound.

**କୁରବକ**—ସଂ. ବି—କୁରଣ୍ଟ ( ଦେଖ )
Kurabaka Kuranta ( See )
କୁରବକ କେଶର ସେ ମଣ୍ଡପର । ଜଗନ୍ନାଥ. ମେଘଦୂତ ।

**କୁରବଳ**—ଦେ. ବି—ବାଜ ପକ୍ଷୀ—
Kurabala Eagle.
[ ଦ୍ର—ଏ ଅନ୍ୟ ଶ୍ରେଷ୍ଠ ପକ୍ଷୀ, କୁକୁଡ଼ା ଓ ସାପ ଆଦିଙ୍କୁ ମାରି ଖାଏ । ]

**କୁରର**—ସଂ.ବି.ପୁଂ. (କୁର ଧାତୁ=ଛେଦନ କରିବା+କର୍ତ୍ତୃ.ଅର;ସେ କରୁଣ
Kurara ଧ୍ୱନି ଦ୍ୱାରା ମନୁଷ୍ୟର ଧୈର୍ଯ୍ୟ ନଷ୍ଟ କରେ; କିମ୍ବା କୁର
(କୁରରୀ—ସ୍ତ୍ରୀ) ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅର )—
୧ । ଏକପ୍ରକାର ଛଞ୍ଚାଣ ପକ୍ଷୀ; ଉତ୍କ୍ରୋଶ ପକ୍ଷୀ; କ୍ରୌଞ୍ଚ ପକ୍ଷୀ—
1. The Osprey (emitting a plaintive sound resembling lamentation ).
ଆତମ୍ବ କେବାକ କୁରର କାଇଣବ । କୃଷ୍ଣସିଂହ. ମହାଭାରତ. ବନ ।
୨ । ମେଣ୍ଢା—2. Ram.

**କୁରରୀ**—ସଂ. ବି. ସ୍ତ୍ରୀ. ( କୁରର+ସ୍ତ୍ରୀ. ଈ )—
Kurari ୧ । ମାଛଖିଆ ଚିଲ—
କୋଡ଼ଲ୍ 1. Fishing eagle; the Grey Kite.
କୁରୟ [ ଦ୍ର—ଏମାନଙ୍କ ବୋବାଳ ବାର୍ଯ୍ୟ କ୍ରନ୍ଦନଧ୍ୱନି ପରି ଶୁଭେ । ]
୨ । କ୍ରୌଞ୍ଚ ପକ୍ଷୀ—2. The Osprey.
ଲୁଚ ଏକାକିନୀ କାହିଁ ଝୁରଇ କରୁଣେ
କୁରରୀ କି ଦୁଃଖେ ତାହା ଜାଣେ ସେ ଦୁଃଖିନୀ । ଜଗନ୍ନାଥ. ମହାଯାତ୍ରା ।
୩ । ଟେଣ୍ଟେଇ ପକ୍ଷୀ ( ହି. ଶବ୍ଦସାଗର )—
3. The Lapwing.
୪ । କପୋତୀ—4. She-dove.
କୁରରୀ ପ୍ରାୟେ ଚିନ୍ତା ଚପଳ ଦହଇ । ଭକ୍ତ. ପ୍ରେମସୁଧାନିଧି ।
୫ । ମେଣ୍ଢୀ—5. Ewe.

**କୁରଳ**—ସଂ. ବି. ( କୁର ଧାତୁ+କର୍ତ୍ତୃ. ଅଳ )—
Kurala ୧ । କୁରର ପକ୍ଷୀ; କ୍ରୌଞ୍ଚ ପକ୍ଷୀ—
1. The Osprey.
୨ । ଅଳକ; ଚୂର୍ଣ୍ଣକୁନ୍ତଳ; କପାଳ ଉପରେ ଝୁଲି ପଡ଼ୁଥିବା ଶ୍ରେଷ୍ଠ ବାଳ—
2. A curl; a lock of hair; ringlets of hair dropping down the forehead.
ପ୍ରାଦେ. ( ସିଂହଭୂମ ) ବି—ପଠାମଇ—
A plank-ladder for levelling the ploughed field.

**କୁରାଇ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କୁଟଜ )—
Kurāi କୁଟଜ ( ଦେଖ )
Kutaja ( See )

**କୁରାଇଶୁଣୀ**—ଦେ. ବି. ସ୍ତ୍ରୀ. ( ସଂ. କୁରୁଶୁନା )—
Kurāisuni ଗ୍ରାମଠାକୁରାଣୀ; ଗ୍ରାମଦେବତାବିଶେଷ—
A popular village Goddess.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ଼ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼ ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

**କୁରାଏ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କୁଟଜ )—
Kurāe — କୁଟଜ ( ଦେଖ ) Kuṭaja ( See )

**କୁରାଢ଼**—ପ୍ରାଦେ. (ବସ୍ତର) ବି—କୁରାଢ଼ି—
Kurāḍha — Axe.

**କୁରାଢ଼ି**—ଦେ. ବି—କୁର୍‌ହାଡ଼ି ( ଦେଖ )
Kurāḍhi — Kurhāḍi ( See )
କୁড়াল্
कुल्हाड़ि

**କୁରାଢ଼ିଆ**—ଦେ. ବି—୧ । ଶିମ୍ବାଦି ବର୍ଗର ବନ୍ୟ ଲତାମୟ କ୍ଷୁଦ୍ର ଶାକ-ବିଶେଷ—1. Desmodium Triflorium; probably Tephosia Purpuria ( a herb ).
Kurāḍhiā
কোদালিয়া
[ ଦ୍ର—ଏହାର ପତ୍ର ତ୍ରିପର୍ଣ୍ଣ, ଫୁଲ ଶ୍ୱେତ ଓ ନେଳଆ । ]
୨ । କୁରାଢ଼ିଆ ଘାସ ( ଦେଖ )
2. Kurāḍhiā ghāsa ( See )

**କୁରାଢ଼ିଆ ଘାସ**—ଦେ. ବି—ପଥର ସନ୍ଧିରେ ଜନ୍ମିବା ଏକପ୍ରକାର ଘାସ, (ଏହା ଗୁଚ୍ଛ ଆଡ଼କୁ ଶାଖା ବିସ୍ତାର କରେ)—A kind of weed growing in the cracks of stones.
Kurāḍhiā ghāsa
কোদালিয়া ঘাস

**କୁରାଣ**—ବୈଦେ. ବି. ( ଆ. କୁରାନ୍ )—
Kurāṇa — କୋରାନ୍; ମୁସଲମାନ ଧର୍ମଶାସ୍ତ୍ର—The Quoran.
কুরাণ
कुरान

ଏଣେ ପଠଉଣୀ ତେଣେ ପଠାଣ
କାଜି କହିଲେ ପଢ଼ କୁରାଣ । କାଞ୍ଚିଗୀତ ।

**କୁରାଣ୍ଟ**—ପ୍ରାଦେ. (ପୁରୀ) ବି—ବଗଚରା ୨ ( ଦେଖ )
Kurāṇṭa — Bagacharā 2 ( See )

**କୁରାଣ୍ଡି**—ଦେ. ବି.— (ସଂ. କୁରଙ୍ଗ)—କ୍ଷୁଦ୍ରମୃଗବିଶେଷ; ଖୁରାଣ୍ଡି; କୁରଙ୍ଗ—
Kurāṇṭi — The small species of spotted deer.

**କୁରାଣ୍ଡିବା**—ଦେ. କ୍ରି.—ଗୁରାଣ୍ଡିବା (ଦେଖ)
Kurāṇṭiba — Gurāṇḍibā (See)

**କୁରାଣ୍ଡିହେବା**—ଦେ. କ୍ରି.—ଗୁରାଣ୍ଡି ହେବା (ଦେଖ)
Kurāṇṭi hebā — Gurāṇḍi hebā (See)

**କୁରାନ୍**—ବୈଦେ. ବି.—(ଆ.)—କୋରାନ୍—
Kurān — The quoran.
[ ଦ୍ର—ଏହା ଆରବୀ ଭାଷାର ଗ୍ରନ୍ଥ, ଏହା ମୁସଲମାନଙ୍କ ଧର୍ମଗ୍ରନ୍ଥ । ମୁସଲମାନ୍‌ମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱର ଏ ଗ୍ରନ୍ଥଲିଖିତ ବାକ୍ୟମାନଙ୍କୁ ଦୂତ ଜେବ୍ରାଇଲଙ୍କଦ୍ୱାରା ହଜରତ ମହମ୍ମଦଙ୍କ ନିକଟେ କହି ପଠାଇଥିଲେ । ଏ ଗ୍ରନ୍ଥ ୩୦ ଭାଗରେ ବିଭକ୍ତ । ପ୍ରତି ଭାଗକୁ 'ପାରା' କହନ୍ତି । ପାରାମାନଙ୍କରେ ଥିବା ଭିନ୍ନ ଶ୍ଳୋକକୁ 'ସୁରା' କହନ୍ତି । 'କୁରାନ୍' ଗ୍ରନ୍ଥକୁ ମାନ୍ୟବରେ ମୁସଲମାନ୍‌ମାନେ 'କୁରାନ୍ ସରିଫ' 'କୁରାନ୍ ମଜାଦ୍' ବୋଲି ଡାକନ୍ତି । ]

**କୁରାନୀ**—ବୈଦେ. (ଆ)—(କୁରାନ୍‌ରେ ବିଶ୍ୱାସ କରିବାବାଲା) ମୁସଲମାନ୍—
Kurāni — A Muslim.

**କୁରାଳ**—ସଂ. ବି.—କଳା ଗୋଡ଼ଥିବା ଫିକା ନାଲିଆ ଘୋଡ଼ା—
Kurāḷa — A light bay horse with black legs (Apte).
ଦେ. ବି. (ସଂ. କୁମ୍ଭାର)—୧ । କୁମ୍ଭକାର—1. Potter.
୨ । ପକ୍ଷୀବିଶେଷ—2. A kind of bird.

**କୁରାଳକୀଟ**—ସଂ. ବି.—କୁମ୍ଭକାର କୀଟ (ଦେଖ)
Kurāḷakiṭa — Kumbhakārakiṭa (See)

କୁରାଳକୀଟ କୀଟ ମାରେ, ନେଇ ସ୍ଥାପଇ ନିଜ ଘରେ ।
ଜଗନ୍ନାଥ. ଭାଗବତ ।

**କୁରାଳଚକ୍ର**—ଦେ. ବି.—(ସଂ. କୁମ୍ଭାରଚକ୍ର)—କୁମ୍ଭାର ଚକ—
Kurāḷachakrā — A potter's wheel.

କହି ହେଲେ ଅନ୍ତରହିତ, କୁରାଳ ଚକ୍ର ପରସ୍ପେ ଭ୍ରମିଲା ଚିତ୍ତ ।
ଛଇଦର୍ଭାକର ।

**କୁରାଳପଞ୍ଚମୀ**—ଦେ. ବି—କୁମ୍ଭାରଙ୍କର ପର୍ବଦିନ, ପୌଷମାସର ଶୁକ୍ଳପକ୍ଷ ପଞ୍ଚମୀ—The 5th day of the bright fortnight of the month of Pausha which is a festival of the potters.
Kurāḷapañchami

**କୁରାଳି**—ଦେ. ବି. (ସଂ. କୁର୍ ଧାତୁ; ତୁଳ. ସଂ. କୋଳାହଳ; କଲ୍ଲୋଳ)—
Kurāḷi — ହାସ୍ୟ ବା କ୍ରୋଧର ଗର୍ଜନ ଧ୍ୱନି—The roaring sound of loud laugh or anger.

ଅନେକ ଲୋକ ଚଳିଁ ମିଳି
ଦେଉଣ କୁହାଟ କୁରାଳି । ରାମଦାସ. ଦାର୍ଢ୍ୟତାଭକ୍ତି ।

**କୁରାଳିବା**—ଦେ. କ୍ରି. ( ସଂ. କୁର୍ ଧାତୁ )—ହାସ୍ୟ ବା କ୍ରୋଧରେ ଗର୍ଜିବା; କୁରୁଳିବା—
Kurāḷiba — To roar with delight or rage.

**କୁରାଳି ହେବା**—ଦେ. କ୍ରି. ( ସଂ. କୁର୍ ଧାତୁ )—କୁରାଳିବା (ଦେଖ)
Kurāḷi hebā — Kurāḷibā (See)

**କୁରିବା**—ପ୍ରାଦେ. ( ବାଲେଶ୍ୱର; ସମ୍ବଲପୁର; ତୁଳ. ହି. କୁରେଦ୍‌ନା )
Kuribā — କ୍ରି—କୋରିବା—To scrape off.

**କୁରୁ**—ସଂ. ବି. ( କୁର୍ ଧାତୁ=ଛେଦନ କରିବା+କର୍ତ୍ତୃ. ଉ; ଯେ ଅନ୍ୟ ରାଜାମାନଙ୍କ ବଳ ଛେଦନ କରିଥିଲେ)—
Kuru
୧ । ହସ୍ତିନାର ପ୍ରାଚୀନ ରାଜାବିଶେଷ—
1. An ancient king of Hastinā or Delhi.
୨ । ଭାରତର ଚନ୍ଦ୍ରବଂଶୀୟ ରାଜନ୍ୟ—
2. A king descended from the Lunar race of India.
୩ । ( କୃ ଧାତୁ+ଅଧିକରଣେ. ଉ)—ପ୍ରାଚୀନ ଆର୍ଯ୍ୟାବର୍ତ୍ତର ଦେଶବିଶେଷ; ଆଧୁନିକ ଦିଲ୍ଲୀର ଚତୁଃପାର୍ଶ୍ୱସ୍ଥ ପ୍ରାଚୀନ ଦେଶ; ଉତ୍ତରକୁରୁଦେଶ; — 3. An ancient country in North India round the mordern Delhi.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଝ | ନ୍ତୁ |

[ଦ୍ର—ପ୍ରାଚୀନ କୁରୁଦେଶ ଦୁଇ ଭାଗରେ ବିଭକ୍ତ ଥିଲା—ଉତ୍ତର-କୁରୁ—ହିମାଳୟର ଉତ୍ତରରେ ଅବସ୍ଥିତ ତିବ୍ବତ ଓ ପାରସ୍ୟାଦି; ଦକ୍ଷିଣ-କୁରୁ—ହିମାଳୟର ଦକ୍ଷିଣରେ ଅବସ୍ଥିତ ପାଞ୍ଚାଳାଦି । ]

୪ । ପୁରୋହିତ—4. Priest.

୫ । ଭାତ; ଅନ୍ନ—5. Boiled rice.

**କୁରୁଅାଁ**—ଦେ. ବି. ( ସଂ. କୁରୁବକ )—ଦାସକେରେଣ୍ଡା; ଏକପ୍ରକାର ଶାକ ( ଏଥିର ଫୁଲ ହଳଦିଆ )—Barleria Cristata.
Kuruāṅ

**କୁରୁକୁରୁ**—ଦେ ଅ. ( ଧ୍ୱନ୍ୟନୁକରଣ )—ଅଳ୍ପ ଧ୍ୱନି କରି ହସିବାର ଶବ୍ଦ; କୁରୁକୁରୁ—Sound of sweet giggling laughter.
Kurukuru

ଦେ. କ୍ରି. ବିଣ—ଅଳ୍ପ ଧ୍ୱନିଯୁକ୍ତ ହାସ୍ୟ କରି—Giggling.

ଏମନ୍ତ ପାଞ୍ଚ ରଜା ହସିଲା କୁରୁକୁରୁ । ସାରଳା. ମହାଭାରତ. ଆଦି ।

**କୁରୁକ୍ଷେତ୍ର**—ସଂ. ବି. ( କୁରୁ+କ୍ଷେତ୍ର )—୧ । କୌରବ ଓ ପାଣ୍ଡବମାନଙ୍କର ରଣଭୂମି ( ଅଧୁନିକ ଦିଲ୍ଲୀର ଚତୁର୍ଦ୍ଦିଗସ୍ଥ ଭୂମି)—1. The famous battle-field near Delhi where the Mahābhārata battle was fought between the Pāṇḍabas and the Kaurabas,
Kurukshetra

୨ । ଅଧୁନିକ ଥାନେଶ୍ୱର; ହିନ୍ଦୁମାନଙ୍କର ତୀର୍ଥବିଶେଷ—2. Thaneswar; a place of Hindu pilgrimage.

କୁରୁକ୍ଷେତ୍ରେ ଚଇତ୍ର ଶୁକ୍ଳ ଚତୁର୍ଦ୍ଦଶୀ
ଦିନ ସ୍ନାନ କଲେ ସେ ଦିବ୍ୟ ରଥେ ବସି । କୃଷ୍ଣସିଂହ. ମହାଭାରତ. ବନ ।

[ ଦ୍ର— କୁରୁକ୍ଷେତ୍ର ହିନ୍ଦୁମାନଙ୍କର ଏକ ପ୍ରାଚୀନ ତୀର୍ଥ । ଏହା ସରସ୍ୱତୀ ନଦୀର ବାମକୂଳରେ ଓ ଅମ୍ବାଲା ଏବଂ ଦିଲ୍ଲୀର ମଧ୍ୟରେ ଅବସ୍ଥିତ । ବୈଦିକଯୁଗରେ ଏଠାରେ ଋଷିମାନେ ଯଜ୍ଞ କରୁଥିଲେ । ଏଠାରେ ଥିବା ବ୍ରହ୍ମସର ନାମକ ଏକ ପୁଣ୍ୟ ସରୋବରରେ ସ୍ନାନ କରି ପରଶୁରାମ କ୍ଷତ୍ରିୟହତ୍ୟାଜନିତ ପାପରୁ ମୁକ୍ତ ହୋଇଥିଲେ । ଚନ୍ଦ୍ରବଂଶୀୟ ରାଜା କୁରୁ ଏଠାରେ ଗୋଟିଏ ସରୋବର ନିକଟରେ ତପସ୍ୟା କରିଥିଲେ । ଏଠାରେ ମହାଭାରତୋକ୍ତ କୁରୁପାଣ୍ଡବଯୁଦ୍ଧ ହେବାପରେ ଏଠାରେ ସ୍ଥାଣୁନାମକ ଏକ ଶିବଲିଙ୍ଗ ସ୍ଥାପିତ ହେଲା ଓ ଏଠାରେ ସ୍ଥାଣ୍ୱୀଶ୍ୱର (ଥାନେଶ୍ୱର) ନାମକ ନଗର ମଧ୍ୟ ସ୍ଥାପିତ ହେଲା । ଏଠାରେ ପୁଷ୍ପଭୂତି ରାଜା ବର୍ଦ୍ଧନନାମରେ ଏକ ରାଜବଂଶ ପ୍ରତିଷ୍ଠା କଲେ ଓ ଉକ୍ତ ରାଜବଂଶରେ ପ୍ରସିଦ୍ଧ ମହାରାଜ ହର୍ଷବର୍ଦ୍ଧନ ଜନ୍ମିଲେ । ଗ୍ରହଣ ଓ ପର୍ବଆଦି ପୁଣ୍ୟ ଦିବସରେ ଏଠାରେ ବଡ଼ ବଡ଼ ମେଳା ଅବଧି ହେଉଅଛି । ହିନ୍ଦୀ ଶବ୍ଦସାଗର ।]

**କୁରୁକ୍ଷେତ୍ର ବ୍ୟାପାର**—ଦେ. ବି—୧ । କୁରୁକ୍ଷେତ୍ର ଯୁଦ୍ଧ ପରି ପୃଥିବୀ-ବ୍ୟାପୀ ବିରାଟ ଯୁଦ୍ଧ—1. A tremendous fight; an armageddon.
Kurukshetra byāpāra

तुमुल झगड़ा
महाभारत

୨ । ଗଣ୍ଡଗୋଳ; ଘଣ୍ଟାଘଣ୍ଟି; ଘୋର କଳକଳିଆ—2. A great row; fierce agitation.

**କୁରୁକ୍ଷେତ୍ର ଯୁଦ୍ଧ**—ଦେ. ବି—ମହାଭାରତୋକ୍ତ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ୧୮ ଦିନ ପର୍ଯ୍ୟନ୍ତ ଯେଉଁ ମହାଯୁଦ୍ଧ ହୋଇଥିଲା—The great war depicted in the Mahābhārata between the Pāṇḍabas and the Kaurabas.
Kurukshetra juddha

**କୁରୁକ୍ଷେତ୍ର ଯୋଗ**—ସଂ. ବି—କୁରୁକ୍ଷେତ୍ରୀ ଯୋଗ ( ଦେଖ )
Kurukshetra joga Kurukshetrī joga ( See )

**କୁରୁକ୍ଷେତ୍ରୀ ଯୋଗ**—ସଂ. ବି—ଜ୍ୟୋତିଷୋକ୍ତ ଶୁଭ ଯୋଗବିଶେଷ; ଯେଉଁ ଏକ ସୌରଦିନ ବା ୨୪ ଘଣ୍ଟା ମଧ୍ୟରେ ୩ଟି ତିଥି, ୩ଟି ନକ୍ଷତ୍ର ଓ ୩ଟି ଯୋଗ ଏକାଠେଇଁ ପଡ଼େ—A solar day in which 3 lunar days, 3 asterisms and 3 Jogas occur.
Kurukshetrī joga

**କୁରୁଙ୍ଗା**—ପ୍ରାଦେ. ( ମେଦିନୀପୁର ) ବି. ( ତୁଳ. ବଂ. କୁଲଙ୍ଗା )—କାନ୍ଥକୁରା ( ଦେଖ ) Kānthakurā ( See )
Kuruṅgā

**କୁରୁଚି**—ସଂ. ବି. ( କୁ+ରୁଚି )—ଅଶ୍ଳୀଳ ସ୍ପୃହା—Bad taste.
Kuruchi

ଦେଶୀ. ବି. (ଆ. କୁର୍ସୀ)—କୁର୍ସି; ଖୁରୁଚି; ଚଉକି—Chair.

**କୁରୁଚିଲ୍ଲ**—ସଂ. ବି—କୁରଚିଲ୍ଲ ( ଦେଖ )
Kuruchilla Kurachilla ( See )

**କୁରୁଚୁଣ୍ଡା**—ଦେ. ବିଣ—କୁର୍ଚୁଣ୍ଡା ( ଦେଖ )
Kuruchuṇḍā Kurchuṇḍā ( See )

**କୁରୁଜାଙ୍ଗଳ**—ସଂ. ବି—୧ । କୁରୁକ୍ଷେତ୍ର (ଦେଖ)—1. Kurukshetra (See).
Kurujāṅgaḷa

କୁରୁଜାଙ୍ଗଳକୁ ଲଙ୍ଘିଲେ ଯିବାରେ ।
କୃଷ୍ଣସିଂହ. ମହାଭାରତ. ସଭା ।

୨ । ପାଞ୍ଚାଳ ଦେଶର ପଶ୍ଚିମରେ ଅବସ୍ଥିତ ପ୍ରାଚୀନ ଦେଶବିଶେଷ—2. Name of an ancient country to the west of Pañchāḷa.

ରଥେ ବସିଲେ କେତେପାଣି, କୁରୁଜାଙ୍ଗଳ ଦେଶ ଜାଣି ।
ସାରଳା. ମହାଭାରତ. ବନ ।

**କୁରୁଜାତ**—ଦେ. ବି—କୁରୁଜାତକ ( ଦେଖ )
Kurujāta Kurujātaka ( See )

କୁରୁଜାତଦେହା, ଗୁରୁଜାତ କିରେ ତରୁ ଜାତରୂପ ହେଲା ।
କବିସୂର୍ଯ୍ୟ. ଚନ୍ଦ୍ରକଳା ।

**କୁରୁଜାତକ**—ଦେ. ବି—ସୁନା ମୋହର; ମହୁର—Gold coin.
Kurujātaka

**କୁରୁଡ଼**—ପ୍ରାଦେ. ( ସମ୍ବଲପୁର ) ବି—ହଳ ହୋଇଥିବା ବିଲର ବଡ଼ୁର ଶୁଖିଲା ମାଟିକୁ ଟଳାଇ ବିଲକୁ ସମତଳ କରିବା ପାଇଁ ବ୍ୟବହୃତ ମଇ—A ladder for levelling a ploughed field.
Kururḍa

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ;'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୁରୁଡଙ୍ଗ**—ପ୍ରାଦେ. ( ଗଡ଼ଜାତ ) ବି—ଏକପ୍ରକାର ବନ୍ୟ ଗଛ—
Kurudaṅga A kind of wild tree.
[ ଦ୍ର—ଏହାର ଫଳକୁ କୁଟି ଜଳାଶୟାଦିର ପାଣିରେ ପକାଇଲେ ତହିଁର ମାଛମାନେ ବାଉଳ ଯାଇ ଭାସି ଉଠନ୍ତି । ]

**କୁରୁଡ଼ା**—ଦେ. ବି—କୋରଡ଼ା ( ଦେଖ )
Kururḍā Korarḍā ( See )
ଭୃତ୍ୟର ମନ ବଶ୍ଚିଳତ ହେବା ପାଇଁ
କୁରୁଡ଼ା ମଧ୍ୟ ମୁଁ ଭୃତ୍ୟଙ୍କୁ ପିନ୍ଧିଲଇଁ । କୃଷ୍ଣସିଂହ, ମହାଭାରତ- ଅନୁଶାସନ ।

**କୁରୁଡ଼ି**—ଦେ. ବି (ସଂ. କୋଳାହଳ)—ଅହ୍ଲାଦ ସହକାରେ ଉଚ୍ଚହାସ—
Kururḍi Horse-laugh; loud laughter on account of delight.

**କୁରୁଡ଼ିବା**—ପ୍ରାଦେ. (ସମ୍ବଲପୁର ) କ୍ରି—ମଇ ଦେବା; ମଇ ଦେଇ ଚଷ-
Kururḍibā ଜମିକୁ ସମାନ କରିବା—To level up a ploughed field by dragging a ladder over it.
ଦେ. କ୍ରି. (ସଂ. କଲରବ)—ଅତ୍ୟନ୍ତ ଅହ୍ଲାଦରେ ହସିବା;
कुरलना ଅଟ୍ଟହାସ କରିବା—To laugh loudly in glee.

**କୁରୁଡ଼ୁ**—ଦେ. ବି—ସୁବାସିତ ସୁନ୍ଦର ବୃକ୍ଷବିଶେଷ—
Kururḍu Gardenia Twiguda ( Haines ).
धनुक

**କୁରୁଣା**—ପ୍ରାଦେ. ( ସମ୍ବଲପୁର ) ବି—ଦୁଧ-କୋରଣା—
Kuruṇā A thin piece of iron shaped like an oyster-shell used for scraping the pot in which milk has been boiled.

**କୁରୁଣି**—ଦେ. ବି—ସନ୍ନ୍ୟାସୀ ବ୍ରହ୍ମଚାରୀ ପ୍ରଭୃତିଙ୍କର ବ୍ୟବହୃତ ପାତ୍ର-
Kuruṇi ବିଶେଷ ( ଗୋପୀନାଥ ନନ୍ଦ )—
कुरुनी A pot used by anchorites.
डाढ़ी ତମ୍ବା ଗଡୁ ପବନ କାଖେଣ ବେଦ ପୋଥି
କୁରୁଣି ପିଠିପିଢ଼ା କରେଣ ଗଡୁପାଣି । ସାରଳା- ମହାଭାରତ ।
ପ୍ରାଦେ. (ମେଦିନୀପୁର ) ବି—କୋରଣା; କଖାରୁ ଓ ନଡ଼ିଆ ଆଦି କୋରିବାର ହାତ-କୋରଣା—A hand-scraper for scraping the soft contents of cocoanut etc.

**କୁରୁଣ୍ଟ**—ସଂ. ବି—କୁରଣ୍ଟ ( ଦେଖ )
Kuruṇṭa Kuraṇṭa ( See )

**କୁରୁଣ୍ଟକ**—ସଂ. ବି—୧ । କୁରଣ୍ଟ ( ଦେଖ )
Kuruṇṭaka 1. Kuraṇṭa ( See )
୨ । କାଠପିତୁଳା; କାଠର କଣ୍ଢେଇ—
2. Wooden doll.

**କୁରୁଣ୍ଟୀ**—ସଂ. ବି. ସ୍ତ୍ରୀ—୧ । କାଠର କଣ୍ଢେଇ—
Kuruṇṭī 1. Wooden doll.
୨ । ବ୍ରାହ୍ମଣୀ—2. Wife of a Brāhmaṇa.
୩ । ଗୁରୁପତ୍ନୀ—3. Wife of one's preceptor.

**କୁରୁଣ୍ଡ**—ଦେ. ବି. ( ସଂ. କୁରଣ୍ଡ )—୧ । କୁରଣ୍ଡ; ଅଣ୍ଡବୃଦ୍ଧି ରୋଗ—
Kuruṇḍa 1. Hydrocele; scrotal tumour.
कुरंद ୨ । ବିଶେଷ ବୃଦ୍ଧିପ୍ରାପ୍ତ ଅଣ୍ଡ—
आँड़ 2. Very large testicle.

**କୁରୁଣ୍ଡା**—ଦେ. ବିଣ. ପୁଂ—କୁରଣ୍ଡୀ ( ଦେଖ )
Kuruṇḍā Kuraṇḍī ( See )
कुरँदिया; कुरँद्यो
आँड़वाला

**କୁରୁଣ୍ଡିଆ**—ଦେ. ବିଣ. ପୁଂ—କୁରଣ୍ଡୀ ( ଦେଖ )
Kuruṇḍiā Kuraṇḍī ( See )

**କୁରୁତ**—ଗ୍ରା. ( ପଦ୍ୟ ) ବି. ଓ ବିଣ. ( ସଂ. କୃତ )—କୃତ ( ଦେଖ )
Kuruta Kṛuta ( See )
ଉତ୍ତରକୁରୁତେ (= ଉତ୍ତରକୃତେ) ନର ଉତ୍ତରକୁରୁ ଜାତର ।
ଉଞ୍ଜ- କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କୁରୁତା**—ବୈଦେ. ବି. ( ଆ. କୁର୍ତା )—କୁର୍ତ୍ତା ( ଦେଖ )
Kurutā Kurtā ( See )

**କୁରୁତି**—ବୈଦେ. ବି. ( ଆ. କୁର୍ତୀ )—କୁର୍ତି ( ଦେଖ )
Kuruti Kurti ( See )

**କୁରୁତାନ୍ତ**—ଗ୍ରା. ( ପଦ୍ୟ ) ବି. ( ସଂ. କୃତାନ୍ତ )—ଯମ—
Kurutānta Jama; the God of death
ତାହାଙ୍କୁ ନେବା ପାଇଁ ବସିଛି କୁରୁତାନ୍ତ—ପୀତାମ୍ବର- ନୃସିଂହପୁରାଣ ।

**କୁରୁନି**—ପ୍ରାଦେ. ( ସମ୍ବଲପୁର ) ବି—କୁର୍ଣ୍ଣି ( ଦେଖ )
Kuruni Kurṇṇi ( See )

**କୁରୁପଣ**—ଗ୍ରା. ( ପଦ୍ୟ ) ବିଣ. ( ସଂ. କୃପଣ )—କୃପଣ ( ଦେଖ )
Kurupaṇa Kṛupaṇa ( See )
କୁରୁପଣ ଲୋକେ ସହାୟ କରି ପାଇ—କୃଷ୍ଣସିଂହ- ମହାଭାରତ, ଉଦ୍ଯୋଗ ।

**କୁରୁପା**—ଗ୍ରା. ବି. ( ସଂ. କୃପା )—କୃପା ( ଦେଖ )
Kurupā Kṛupā ( See )

**କୁରୁପାଣ**—ଦେ. ବି—ପ୍ରଳୟରହିତ ସ୍ଥାନ—A place which is
Kurupāṇa free from flood or dissolution.
କୁରୁପାଣ ଦେହେ ସମ୍ଭାଳି ଯାଇ
ଯେଉଁଠାକୁ ପାର୍ଥ ପ୍ରଳୟ ନାହିଁ—ପ୍ରାଚୀ. ପଦବେଗୀତ ।
ଗ୍ରାମ୍ୟ (ପଦ୍ୟ)ବି.—କୃପାଣ ( ଦେଖ )—Kṛupāṇa ( See )

**କୁରୁବକ**—ସଂ. ବି.—କୁରଣ୍ଟ ( ଦେଖ )
Kurubaka Kuraṇṭa ( See )

**କୁରୁବର୍ଷ**—ସଂ. ବି. ( କୁରୁ+ବର୍ଷ )—ଜମ୍ବୁଦ୍ୱୀପାନ୍ତର୍ଗତ ଉତ୍ତରକୁରୁ
Kurubarsha ଦେଶ—The northernmost part of India known to the ancient Indians ( said to be the original abode of the Aryans before they dispersed ).

**କୁରୁବଳ**—ସଂ. ବି. ( ୬ଷ୍ଠୀ ତତ୍; କୁରୁ+ବଳ)—୧ । ମହାଭାରତ
Kurubaḷa ଯୁଦ୍ଧରେ କୌରବ ପକ୍ଷୀୟ ସୈନ୍ୟଚୟ—
1. The army of the Kaurabas in the Kurukshetra war.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ·ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ନ |

୨ । କୁରବଲ ( ଦେଖ )
2. Kurabala ( See )

କୁରୁବାନ—ବୈଦେ. ବି—କୁର୍ବାନ ( ଦେଖ )
Kurubāni Kurbāni ( See )

କୁରୁବିନ୍ଦ—ସଂ. ବି. ( କୁରୁ=କୁରୁଦେଶ+ବିନ୍ଦ ଧାତୁ=ପାଇବା+ କର୍ମ. ଅ; ଯାହା କୁରୁଦେଶରେ ମିଳେ )—
Kurubinda
୧ । ପଦ୍ମରାଗ ମଣି—1. Ruby.
୨ । ମୁଥା; ମୁସ୍ତା—2. Cyperus Rotundus.
୩ । ଫୁଲର କଢ଼—
3. The bud of a flower ( M. W. )
୪ । ଦର୍ପଣ—4. Mirror ( Apte ).
୫ । ବିରି—5. A kind of pulse.
୬ । କଳାଲୁଣ—6. Black salt.
୭ । ହିଙ୍ଗୁଳ—7. Cinnabar ( M. W. ).
୮ । ଗୁଳ୍ମବିଶେଷ—
8. Terminalia Catapha (plant). ( M. W. ).

କୁରୁବିଲ୍ୱ—ସଂ. ବି.—ପଦ୍ମରାଗମଣି—
Kurubilwa Ruby.

କୁରୁବିସ୍ତ—ସଂ. ବି—ସୁବର୍ଣ୍ଣର ଓଜନ ପରିମାଣବିଶେଷ; ସୁନା ଭରି ଓଜନ—
Kurubista A weight of gold (=700 grains troy).

କୁରୁବୃଦ୍ଧ—ସଂ. ବି. ପୁଂ(୭ମୀ ତତ୍; କୁରୁ+ବୃଦ୍ଧ)—ଭୀଷ୍ମଙ୍କର ନାମାନ୍ତର
Kurubṛuddha —An epithet of Bhishma.

କୁରୁବେଲ—ଦେ. ବି. ( ସଂ. ହ୍ରୀବେର )—ସୁଗନ୍ଧ ପୁଷ୍ପଗୁଳ୍ମବିଶେଷ—
Kurubeli A flowering plant; Pavonia Odorata.
ସଂ. ପର୍ଯ୍ୟାୟ—ବାଳ; ହ୍ରୀବେର
ବର୍ହିଷ୍ଠ; ଉଦୀଚ୍ୟ; ବାଳକା; କେଶ ଏବଂ ଅମ୍ବୁବାଚକ ଶବ୍ଦମାନ
ହେ କୁରୁବେଲ ନାଗେଶ୍ୱର, ଚମ୍ପା ପୁନ୍ନାଗ କନଅର; ଜଗନ୍ନାଥ. ଭାଗବତ ।
ବାଲା; ଗନ୍ଧବାଲା
सुगन्धवाला
ଆ. ଅସାରୂନ୍
ତେ. ବାଟ୍ଟିବେଲ୍ଲୁ;
କୁରୁବେରୁ ।
[ ଦ୍ର—ଏହା ଜବାକୁ ବର୍ଗର ବନ୍ୟ ଶ୍ରେଷ୍ଠ ସୁଗନ୍ଧ କ୍ଷୁପ, ପତ୍ର ଘନଲୋମଶ ଓ ସକୋଣ ଫୁଲ ଆରକ୍ତ, ବାର ମାସ ଫୁଟେ, ଫଳ ପଞ୍ଚକୋଷ, କିନ୍ତୁ ଗର୍ଭକୋଷର ଅଗ୍ର ଦଶ ଭାଗରେ ବିଭକ୍ତ । ଏଥିର ମୂଳ ଔଷଧରେ ଲାଗେ । ଏହା ଶୀତବୀର୍ଯ୍ୟ, ରୂକ୍ଷ, ଅଗ୍ନି ଦୀପକ ଓ ପାଚକ । ଏହା ହୃଲ୍ଲାସ, ଅରୁଚି, ବିସର୍ପ, ହୃଦ୍‌ରୋଗ, ଆମଦୋଷ ଓ ଅତିସାରନାଶକ । ]

କୁରୁବେଲ୍ଲି—ଦେ. ବି—କୁରୁବେଲ ( ଦେଖ )
Kurubelli Kurubeli ( See )

କୁରୁମ—ଦେ. ବି. ( ସଂ. କୂର୍ମ )—
Kuruma ୧ । ବଡ଼ କଇଁଛ; କୂର୍ମ—1. A big tortoise.
काछिम
कछुआ
[ ଦ୍ର—ପୁରୀ ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ଅନେକ କୁରୁମ ଅଛନ୍ତି, ଖଇ ଉଖୁଡ଼ା ଓ ମୁଆଁ ପାଣିରେ ପିଙ୍ଗିଲେ ଏମାନେ ଉଠି ତାହା ଖାଆନ୍ତି । ପ୍ରବାଦ ଅଛି ଯେ ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କ ଅମଳରେ ମନୁଷ୍ୟମାନେ ବଡ଼ଦେଉଳକୁ ପଥର ବୋହି ବୋହି ସେମାନଙ୍କ ପିଠିରେ ଘଣ୍ଠି ହୋଇଯିବାରୁ କୁରୁମ ପାଲଟି ଯାଇ ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ଏପର୍ଯ୍ୟନ୍ତ ଅଛନ୍ତି । ଯମୁନା ନଦୀରେ, ମଥୁରା ଓ ବୃନ୍ଦାବନରେ ଅନେକ କୁରୁମ ଦେଖା ଯାଆନ୍ତି । ]
୨ । ବିଷ୍ଣୁଙ୍କର ଦ୍ୱିତୀୟ ଅବତାର (ମହାପ୍ରଳୟ କାଳରେ ବିଷ୍ଣୁ କୂର୍ମ ରୂପ ଧରି ପୃଥିବୀକୁ ପିଠିରେ ବହନ କରି ଉଦ୍ଧାର କରିଥିଲେ )—2. The second incarnation of Bishṇu in the shape of a tortoise bearing the earth on his back in the Great Deluge.

କୁରୁମ ଅବତାରେ ପୁଣି, ହୋଇଲେ ଅସ୍ଥି ରୂପ ଘେନି ।
ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ ।

୩ । ବାସୁକିର ଆସନଭୂତ କଚ୍ଛପ—
3. The mythological tortoise on which the Bāsuki serpent is supported while supporting the universe on its hood.

ବାଦ୍ୟ ନାଦ ଶବଦରେ କୁରୁମ ଟଳୁଛି । ସାରଳା. ମହାଭାରତ. ଆଦି ।

୪ । ଏକ ଜାତୀୟ ହାଲୁକା କାଠ (ଏଥିରେ ସବାରି, ଆଲମାରି ଆଦି ତିଆରି ହୁଏ )—
4. A kind of light wood used for light furnitures; Odina Cardifolia.
ପ୍ରାଦେ. ( ଘୁମୁସର ) ବି—ଶୂଦ୍ର ଜାତିବିଶେଷ—
A class of Śūdras.
[ ଦ୍ର—ଏମାନେ ପୂର୍ବେ ଘୁମୁସର ରାଜାଙ୍କ ସୈନ୍ୟ ଥିଲେ । ଏମାନଙ୍କ ମଧ୍ୟରେ ଅନେକ ଧନୀ ଅଛନ୍ତି । ଏମାନେ ବର୍ତ୍ତମାନ ପାଇକ କାମ କରନ୍ତି । ]

କୁରୁମା—ପ୍ରାଦେ. ( ସମ୍ବଲପୁର ) ବି—କୁର୍ମା ( ଦେଖ )
Kurumā Kurmā ( See )

କୁରୁମି—ଗ୍ରା. ବି. ( ସଂ. କୃମି; ତୁଳ. ଫା. କିରମ୍ )—
Kurumi ୧ । ବିଷ୍ଠା ମଧ୍ୟରେ ଥିବା ଧଳା କ୍ଷୁଦ୍ର ପୋକ—
ক্রিমি
किरमी
1. Intestinal worms; worms in the belly.
୨ । ପେଟରେ କୃମି ଜନ୍ମିବା ରୋଗ—
2. A disease in which round worms infest the abdomen and the intestines.
ପ୍ରାଦେ. ( ସମ୍ବଲପୁର ) ବି—କୃଷକ ଜାତିବିଶେଷ—
The Kurmi caste of agriculturists.
[ ଦ୍ର—ଏମାନେ ମହାରାଷ୍ଟ୍ର, ସମ୍ବଲପୁର ଓ ବିହାର ଆଦି ଅଞ୍ଚଳରେ ବାସ କରନ୍ତି, ଏମାନେ କୃଷି କର୍ମରେ ବିଶେଷ ପରିଶ୍ରମ କରନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ।

**କୁରୁମି ମିଠେଇ**—ଦେ. ବ—କୃମିନାଶକ ମିଷ୍ଟ ଔଷଧ; ଶିଶୁମାନଙ୍କ ମୁଖ-ରୋଚକ ମୋଦକବିଶେଷ—
Kurumi mithei — Sweetend lozenges containing medicine for intestinal worms.

**କୁରୁର**—ଦେ. ବ. (ସଂ. କୁରର)—ଛଞ୍ଚାଣ; ମାଛଖିଆ ଚିଲ—
Kurura — Hawk; Osprey.

କ ଅବା ଭକ୍ଷିଲା କୁରୁର । ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

**କୁରୁରାଜ**—ସଂ. ବ. ( ୬ଷ୍ଠୀ ତତ୍; କୁରୁ + ରାଜନ୍ )—ଦୁର୍ଯ୍ୟୋଧନ—
Kururāja — An epithet of Duryodhana.

**କୁରୁରାୟ**—ଦେ. ବ. ( ସଂ. କୁରୁରାଜ )— କୁରୁରାଜ ( ଦେଖ )
Kururāya — Kururāja ( See )

**କୁରୁରୀ**— ଦେ. ବ—କୁରରୀ ( ଦେଖ )
Kururī — Kurarī ( See )

**କୁରୁଳ**—ସଂ. ବ—କୁରଳ ୨ ( ଦେଖ )
Kuru̱la — Kura̱la 2 ( See )

**କୁରୁଳି**—ଦେ. ବ. ( ସଂ. କୁରଳ )—
Kuru̱li — ୧ । କୁରଳ ୨ ( ଦେଖ )
1. Kura̱la 2 ( See )

କେ ବୋଇଲା ଏହାର କବରୀ କୁରୁଳୀ । ସାରଳା. ମହାଭାରତ. ବନ ।

୨ । ( ସଂ. କୋଲାହଳ; କୁର୍ ଧାତୁ = ଶବ୍ଦ କରିବା; କଲ୍ଲୋଳ )—ହାସ୍ୟଯୁକ୍ତ ଚିତ୍କାର—
2. A joyous loud laughter.

କେହୁ କହନ୍ତି କେହୁ ପାରନ୍ତି କୁରୁଳି । ସାରଳା. ମହାଭାରତ. ବିରାଟ ।

୩ । ହାସ୍ୟ ଓ ଚିତ୍କାର ଯୁକ୍ତ ଲମ୍ଫନ—
3, Leaping with joy while uttering sounds.

୪ । କୃଷିର ଉପକରଣବିଶେଷ; ମଇ—
4. A material of husbandry resembling a ladder.

ପ୍ରାଦେ. ( ସିଂହଭୂମ ) ବ—ରାକଶି ( ଦେଖ )
Rākaśi ( See )

**କୁରୁଳିବା**—ଦେ. କ୍ରି. ( ସଂ. କୁର୍ ଧାତୁ = ଶବ୍ଦ କରିବା )—
Kuru̱libā — ୧ । ଆନନ୍ଦରେ ହାସ୍ୟପୂର୍ବକ ଚିତ୍କାର କରିବା—
कुरुरा, कुरुरान — 1. To laugh loudly in joy.
**चितकारना, कुरलना, कुलेलना** — ୨ । ଆନନ୍ଦରେ ଚିତ୍କାରପୂର୍ବକ ଡେଇଁବା—2. To leap with joy while uttering loud sounds.

୩ । ଉଚ୍ଚ ଧ୍ୱନି କରିବା—
3. To make a loud sound.

୪ । କଳନାଦ କରିବା—
4. To make a buzzing sound.

ଲୁବ୍ଧ ମଧୁପ କୁରୁଳନ୍ତି ତରୁପାଶେ । ସାରଳା, ମହାଭାରତ ।

୫ । ପାନିଆରେ କେଶକୁ କୁଣ୍ଡାଇବା ଓ ସାଉଁଳିବା—
5. To comb the hair.

କେଶ କୁରୁଳଇ ଧୀରେ ଧୀରେ କରି ବନ୍ଧ । ସାରଳା. ମହାଭାରତ. ଉଦ୍‌ଯୋଗ ।

**କୁରୁଳି ପାରିବା**—ଦେ. କ୍ରି.—କୁରୁଳିବା ୧, ୨, ୩ (ଦେଖ)
Kuru̱li pāribā — Kuru̱libā 1, 2, 3 (See)

**କୁରୁଶ୍ରେଷ୍ଠ**—ସଂ. ବ.—କୁରୁବଂଶର ଶ୍ରେଷ୍ଠ ରାଜା; ଧୃତରାଷ୍ଟ୍ର—
Kuruśreshṭha — Dhṛutarāshṭra, the king of the Kuru line.

**କୁରୁସି**—ବୈଦେ. ଓ ଦେ. ବ—କୁରଶି (ଦେଖ)
Kurusi — Kurśi (See)

**କୁରୂପ**—ସଂ. ବ. ପୁଂ. ( କୁ + ରୂପ )—କୁତ୍ସିତ ରୂପ—
Kurūpa — Ugly appearance; ugliness.
(କୁରୂପା—ସ୍ତ୍ରୀ) ବିଣ. ପୁଂ. (ବହୁବ୍ରୀହି)—କୁତ୍ସିତ ରୂପଧାରୀ (ପୁରୁଷ)— Ugly or deformed ( man ).

**କୁରେମଞ୍ଜ୍**—ପ୍ରାଦେ. ( ସମ୍ବଲପୁର ) ବ. ( ସଂ. କୁଟଜ )—
Kuremañj — ଇନ୍ଦ୍ରଯବ ( ଦେଖ )
Indrajaba ( See )

**କୁରୋଳି**—ଦେ. ବ. ( ସଂ. କୁର୍ ଧାତୁ = ଶବ୍ଦ କରିବା )—
Kuro̱li — ଉଚ୍ଚ ବିକଟ ଶବ୍ଦ ବା ହାସ୍ୟଧ୍ୱନି—
Loud and ferocious laughter; grinning sound of laughter.

ରେରେକାର ଶବଦେ ସେ ପାଡ଼ନ୍ତି କୁରୋଳି
ସାରଳା. ମହାଭାରତ ।

**କୁର୍କୁଟ**—ସଂ. ବ—୧ । କୁକ୍କୁଟ—
Kurkuṭa — 1. Cock.
୨ । ଅଳିଆ —2. Rubbish (Apte).

**କୁର୍କୁର**—ସଂ. ବ—କୁକୁର—
Kurkura — Dog (Apte).

**କୁର୍ଗ**—ଦେ. ବ. (ସ୍ଥାନର ନାମ)—ଦାକ୍ଷିଣାତ୍ୟର ରାଜ୍ୟବିଶେଷ—
Kurga — The territory of Coorg in South India.
[ ଦ—ଏହା ମହୀଶୂରର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ । ଏହାର ରାଜଧାନୀ ମେର୍କାରା । ]

**କୁର୍ଚି**—ବୈଦେ. ବ. ( ଆ. କୁରସୀ )—ଚଉକୀ; ଚେୟାର୍—
Kurchi — Chair.
कुर्सी
**কুরসী**

**କୁର୍ଚୁଣ୍ଡା**—ଗ୍ରା. ବିଣ. ( ପିଲାଙ୍କ ପ୍ରତି ପ୍ରଯୁଜ୍ୟ )—
Kurchuṇḍā — ଚଗଲା; ବଗୁଲିଆ; ଯେ କାମଦାମ ନ କରି ସର୍ବଦା ବୁଲେ—Wicked; wanton; restless ( boy ).
চাঁগলা
**उठल्लू**

**କୁର୍ଡ଼ିବା**—ପ୍ରାଦେ. (ସମ୍ବଲପୁର) କ୍ରି—କୁରୁଡ଼ିବା ( ଦେଖ )
Kurṛdibā — Kururṛdibā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ନ୍‌ |

କୁର୍ଡ୍ଡୁ—ପ୍ରାଦେ. (ସମ୍ବଲପୁର) ବି. ( ସଂ. କୁନ୍ଦୁରୁକ )—
Kurrdu କୁନ୍ଦୁର ( ଦେଖ )
Kunduri ( See )

କୁର୍ଣ୍ଣା—ପ୍ରାଦେ. (ସମ୍ବଲପୁର) ବି—କୋରଣା ( ଦେଖ )
Kurnnā Koranā ( See )

କୁର୍ଣ୍ଣି—ପ୍ରାଦେ. (ସମ୍ବଲପୁର) ବି—ଦୁଧକୋରୁଅ; ଦୁଧ ଅଉଟା ହୋଇଥିବା
Kurnni ହାଣ୍ଡି ଦେହରେ ଲାଗିଥିବା ବୋଳ—
A layer formed on the buttom and sides of the pot in which milk is boiled.

କୁର୍ଣ୍ଣିସ୍—ବୈଦେ. ବି. (ଫା)—କୁରନିସ୍ ( ଦେଖ )
Kurnnis Kurnis ( See )

କୁର୍ତା—ବୈଦେ. ବି. (ଆ)—କୁରତା ( ଦେଖ )
Kurtā Kurtā ( See )

କୁର୍ତି—ବୈଦେ. ବି. (ଆ)—କୁରତି ( ଦେଖ )
Kurti Kurti ( See )

କୁର୍ଦ (ଧାତୁ)—ସଂ—କୁଦିବା—
Kurda (root) To leap.

କୁର୍ଦ୍ଦନ—ସଂ. ବି. ( କୁର୍ଦ ଧାତୁ=କ୍ରୀଡ଼ା କରିବା+ଭାବ. ଅନ )—
Kurdana ୧ । କୁଦିବା; ଡେଇଁବା—1. Leaping.
୨ । ଆସ୍ଫାଳନ—2. Bragging.
୩ । କ୍ରୀଡ଼ା—3. Play; sport.

କୁର୍ନିସ୍—ବୈଦେ. ବି. ( ଫା. କୋର୍ଣ୍ଣିସ୍ )—
Kurnis କୁରନିସ୍ ( ଦେଖ )
Kurnis ( See )

କୁର୍ପଣ—ଗ୍ରା. ବିଣ. ( ସଂ. କୃପଣ )—କୃପଣ ( ଦେଖ )
Kurpana Krupana ( See )

କୁର୍ପର—ସଂ. ବି. (କୃପ୍ ଧାତୁ=ଛେଦନ କରିବା+ସଙ୍ଜ୍ଞାର୍ଥେ. ଅର )—
Kurpara ୧ । କଫୋଣି; କହୁଣୀ—1. Elbow.
୨ । ଜାନୁ; ଆଣ୍ଠୁ—2. Knee.

କୁର୍ପା—ଗ୍ରା. ବି. ( ସଂ. କୃପା )—କୃପା ( ଦେଖ )
Kurpā Krupā ( See )

କୁର୍ପାସ—ସଂ. ବି. ( କୁର୍ପର=କହୁଣୀ+ଅସ୍ ଧାତୁ=ପ୍ରାପ୍ତି ପାଇବା+
Kurpāsa କର୍ତ୍ତୃ.ଅ; ଏହାର ହାତ କହୁଣୀ ପର୍ଯ୍ୟନ୍ତ ଲାଗି ଥିବାରୁ)
—କଞ୍ଚୁଳିକା; କାଞ୍ଚୁଲା; କାଞ୍ଚଲା; ଜାକେଟ୍—
A female jacket; a quilted jacket; cuirass; bodice.

କୁର୍ପାସକ—ସଂ. ବି. ( କୁର୍ପାସ+ସ୍ୱାର୍ଥେ. କ; ଏହାର ହାତ କହୁଣୀ ପର୍ଯ୍ୟନ୍ତ
Kurpāsaka ଲାଗି ଥିବାରୁ )—
୧ । କୁର୍ପାସ ( ଦେଖ )
1. Kurpāsa ( See )
୨ । କୁର୍ତ୍ତା; ଅଙ୍ଗରଖା—2. Coat.

କୁର୍ବାନ୍—ବୈଦେ. ( ଆ ) ବିଣ—
Kurbān ୧ । ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳି ଦିଆଯିବା (ପଶୁ)—
কোর্বান 1. ( animal ) Sacrificed to God.
कुरबान ୨ । ବଳି ପାଇଁ ଉତ୍ସୃଷ୍ଟ (ଜୀବ)—
2. ( animal ) Offered or promised to be offered as a sacrifice to God.

କୁର୍ବାନି—ବୈଦେ. ( ଆ ) ବି—
Kurbāni ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୋମେଷାଦି ବଳିଦାନ କ୍ରିୟା—
কোর্বানি Sacrifice of animals as an offering to
कुरबानी God.
[ ଦ୍ର—ମୁସଲମାନ୍‌ମାନେ ବକ୍‌ରୀଦ୍ ପର୍ବରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୋରୁ, ଛେଳି, ଓଟ ଓ ଦୁମ୍ବା କୁର୍ବାନ କରନ୍ତି ଓ ଅନ୍ୟ ସମୟରେ ମଧ୍ୟ କୁକୁଡ଼ା ଓ ପଶୁଆଦି ମାନସିକ କରନ୍ତି । ]

କୁର୍ମା—ପ୍ରାଦେ. (ସମ୍ବଲପୁର) ବି—କୁରମା ( ଦେଖ )
Kurmā Kurmā ( See )
କୁର୍ମା ବୈଦେ. ବି. (ଆ)—ହଳଦି ଦିଆଯାଇ ନଥିବା ମାଂସ ତରକାରି-
कुर्मा Meat-curry prepared without turmeric paste.

କୁର୍ମି—ଦେ. ଓ ପ୍ରାଦେ. (ସମ୍ବଲପୁର) ବି—କୁରୁମି ( ଦେଖ )
Kurmi Kurumi ( See )
ଗ୍ରା. ବି—କୃମି—Worms.

କୁର୍ଲିବା—ପ୍ରାଦେ. (ସମ୍ବଲପୁର) କ୍ରି—କୁରୁଡ଼ିବା ( ଦେଖ )
Kurlibā Kururdibā ( See )

କୁର୍ଲୁ—ପ୍ରାଦେ. (ସମ୍ବଲପୁର) ବି. ( ସଂ. କୁନ୍ଦୁରୁକ )—
Kurlu କୁନ୍ଦୁରୁ ( ଦେଖ )
Kunduru ( See )

କୁର୍ସି—ବୈଦେ. ଓ ଦେ. ବି—କୁରସି (ଦେଖ )
Kursi Kursi ( See )

କୁର୍ସିନାମା—ବୈଦେ. ବି. (ଫା. କୁର୍ସିନାମାହ୍)—କୁରସିନାମା (ଦେଖ )
Kursināmā Kursināmā ( See )

କୁଲ୍ (ଧାତୁ)—ସଂ.—୧ । ଏକତ୍ର ହେବା—
Kul (root) 1. To be gathered.
୨ । ଗଦା କରିବା—2. To heap up.
୩ । ସଞ୍ଚୟ କରିବା—3. To collect.
୪ । ରକ୍ତ ସମ୍ପର୍କରେ ସମ୍ପୃକ୍ତ ହେବା—
4. To be related as kinsman.
୫ । ଗଣିବା—5. To count.
୬ । ଗତି କରିବା—6. To move.
୭ । ବିସ୍ତାର କରିବା—7. To spread.

କୁଲ୍—ପ୍ରାଦେ. (ସମ୍ବଲପୁର) ବି—କମଳା ବା ଲେମ୍ବୁର କୋଳି—
Kul A capsule inside the orange.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ବୈଦେ. ବଣ. (ଆ) ( ଭୁଲ ସଂ. କୁଲ=ସମୂହ )—
ନିବାକ୍; ସମୁଦାୟ; ସମଗ୍ର—Whole; complete.

**କୁଲ୍‌କୁଚ୍**—ପ୍ରାଦେ. (ସମ୍ବଲପୁର) ବି—କୁଲୁକୁଞ୍ଚା ( ଦେଖ )
Kulkuchā — Kulukuñchā ( See )

**କୁଲ୍‌କୁଲ୍**—ଦେ. ଅ—କୁଳୁକୁଳୁ ( ଦେଖ )
Kulkul — Kuḻukuḻu ( See )

**କୁଲ୍‌କୁଲା**—ପ୍ରାଦେ. (ସମ୍ବଲପୁର) ଅ—କୁଳୁକୁଳୁ ( ଦେଖ )
Kulkulā — Kuḻukuḻu ( See

**କୁଲ୍‌ଜିବା**—ପ୍ରାଦେ. (ସମ୍ବଲପୁର) କି. ( ସଂ. କୁଲ )—
Kuljibā — ଉଞ୍ଛବୃତ୍ତି ଦ୍ୱାରା ଧାନ ଗୋଟାଇବା; କଅଁରରେ ଧାନ-
**लोढ़ना** — କଟାଳିଙ୍କଠାରୁ ଖସି ପଡ଼ିଥିବା ଶସ୍ୟାଦି ଗୋଟାଇବା--
To pick up grains left in the field by reapers.

**କୁଲ୍‌ତା**—ପ୍ରାଦେ. (ସମ୍ବଲପୁର) ବି—ସମ୍ବଲପୁରବାସୀ ଚଷା ବା ଖଣ୍ଡାଏତ
Kultā — ଶ୍ରେଣୀର ଜାତିବିଶେଷ; କୁଲତା (ଦେଖ)
The Chasas or Khaṇḍāets of Sambalpur.

କୁଲତା ଅଧିକାଂଶ, ବାମନ ଉଚ୍ଚାଂଶ । ସମ୍ବଲପୁର ପ୍ରବଚନ ।

**କୁଲ୍‌ତେନ୍**—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ—
Kulten — କୁଲ୍‌ତା ଜାତୀୟା ସ୍ତ୍ରୀ—
A woman of the Kultā caste.

**କୁଲଥ**—ପ୍ରାଦେ. ( ସିଂହଭୂମ ) ବି(ସଂ. କୁଲତ୍ଥ)—କୁଳତ୍ଥ (ଦେଖ)
Kultha — Kuḻattha ( See )

**କୁଲ୍‌ପି**—ବୈଦେ. ବି ଓ ବଣ. (ଆ)— କୁଲୁପି ( ଦେଖ )
Kulpi — Kulupi ( See )

**କୁଲ୍‌ମୁଲାଇବା**—ପ୍ରାଦେ. (ସମ୍ବଲପୁର) କି—ଝାଉଁଳିବା—
Kulmulāibā — To wither.

**କୁଲ୍‌ମୋଟ୍**—ବୈଦେ. ବି. (ଆ)—ବହୁ ବସ୍ତୁର ଯୋଗଫଳ—
Kulmoṭ — The sum total; grand total.
**कुल्ले**
**कुलजोड़; एकुन**

**କୁଲ୍‌ହବୁବାତ୍**—ବୈଦେ. ବି. ( ଫା ) ( କଚେରୀ ଭାଷା; କବଲାରେ
Kulhabubāt — ବ୍ୟବହୃତ )—କୌଣସି ସମ୍ପତ୍ତିରେ ଥିବା କୌଣସି
କୁଲ୍‌ହବୁବାତ୍ — ବ୍ୟକ୍ତିର ସମଗ୍ର ସ୍ୱତ୍ୱ ଓ ସ୍ୱାମିତ୍ୱ—The right,title and
**कुलहबुबात्** — interest of a person in a property.

**କୁଲ୍‌ହାଲ**—ବୈଦେ. ବି. (ଆ)—ସମସ୍ତ ବିବରଣ ବା ସମ୍ବାଦ; ସବୁ
Kulhāl — ସମାଚାର—All or every news.
**सबहाल**
**कुलहाल**

**କୁଲ**—ସଂ. ବି. ( କୁଲ୍ ଧାତୁ=ଏକତ୍ର ହେବା+ଅ; କିମ୍ବା କୁ=ପୃଥିବୀ
Kuḻa — +ଲା=ଗ୍ରହଣ କରିବା+କର୍ତ୍ତୃ. ଅ )—
୧ । ବଂଶ; ପରିବାର—1. Family; lineage.
୨ । ଗୋଷ୍ଠୀ; ଗୋତ୍ର—2. Race.
୩ । ଜାତି; ପାଠକ—3. Caste; sect; clan; tribe; caste-guild.
୪ । ଦେଶ—4. Country.
୫ । ଜନପଦ—5. Village; collection of men.
୬ । ଶରୀର; ଦେହ—6. Body.
୭ । ବଂଶର ବାସଗୃହ—7. Family-seat.
୮ । ଗୃହ; ବାସ—8. A house; residence; abode.
୯ । ଜାତିବେହେରା—
9. Headman of a caste-guild.
୧୦ । ସମୂହ; ପଙ୍କ୍ତି; ପଲ; ଦଳ—
10. Collection; group; herd; flock; gang;lot.

କଳ୍ପ ସୌରଭ ପୁଷ୍ପକୁଳ । ଗ୍ରାଚୀ, ଭୂଚଚ. ପ୍ରେମପଞ୍ଚାମୃତ ।

ଦେ. ବି—୧ । ଏକ ଜାତି ବା ପାଠକର ଜାତିଭାଇମାନେ—
1. Caste-men of a particular caste.
୨ । ଆଡ଼; ପକ୍ଷ; ପାଖ—2. Side; party.

ସେତେ ସୈନ୍ୟ ପଡ଼ିବେ ଯେ ଉଭୟ କୁଳରେ । ସାରଳା. ମହାଭାରତ ।

୩ । କୁଳମଣିର ଡାକ ନାମ—
3. Name for calling 'Kuḻamaṇi'.

**କୁଲକ**—ସଂ. ବି. ( କୁଲ+ସ୍ୱାର୍ଥେ. କ )—୧ । ଏକ କର୍ତ୍ତୃ ଓ ଏକ
Kuḻaka — କ୍ରିୟା ପଦଘଟିତ ଚତୁରଧିକ ଶ୍ଳୋକସମୁଦାୟ—
1. A number of 4 or more slokas forming one sentence; a collection of 4 or more slokas throughout which one grammatical construction runs.
୨ । ସତ୍କୁଲପ୍ରସୂତ ଶିଳ୍ପୀ—
2. An artisan of noble birth.
୩ । ବଲ୍ମୀକ; ହୁଙ୍କା—3. Ant-hill.
୪ । ଜାତି ବେହେରା—
4. Headman of a caste-guild.
୫ । ସମୂହ—5. Multitude; collection.
୬ । କୁଲଶ୍ରେଷ୍ଠ—6. The chief or renowned man of a family; a headman.
୭ । ପଟୋଳ ଲତା ( ପ୍ରକୃତିବାଦ )—
7. The creeper of a cucurbitacious fruit.
୮ । କୋଚିଲା ( ହି. ଶବ୍ଦସାଗର )—8. Nuxvomica.
୯ । କାକତିନ୍ଦୁକ; ମାକଡ଼କେନ୍ଦୁ ଗଛ ( ହି. ଶବ୍ଦସାଗର )—
9. Kendu ( See )
୧୦ । ସଂସ୍କୃତରେ ଗଦ୍ୟରଚନା ପ୍ରଣାଳୀବିଶେଷ (ହି. ଶବ୍ଦସାଗର)
10. A prose style in Stanscrit.

ସଂ. ବଣ. ପୁଂ—ସତ୍କୁଲପ୍ରସୂତ—Of high birth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ୱ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ବ |

**କୁଳକଣ୍ଟକ**—ସଂ. ବି ଓ ବିଣ—କୁଳକଳଙ୍କ ( ଦେଖ )
Kulakantaka Kulakalanka ( See )

**କୁଳକନ୍ୟା**—ସଂ. ବି—ଉଚ୍ଚକୁଳପ୍ରସୂତା କନ୍ୟା—
Kulakanyā A girl or bride of high caste.
କୁଳକନ୍ୟା କି କାଳୀ ? ଚାର୍ଯ୍ୟାଣିକି ଚୋଳ ? ଢଗ ।

**କୁଳକର୍ତ୍ତା**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କୁଳ + କର୍ତ୍ତା )—
Kulakarttā ବଂଶର ପ୍ରତିଷ୍ଠାତା; ବଂଶର ଆଦିପୁରୁଷ—
The founder of a race or family.

**କୁଳକର୍ମ**—ସଂ. ବି. ( ମଧ୍ୟପଦଲୋପୀ; କୁଳାନୁଗତ କର୍ମ )—
Kulakarma ୧ । ବଂଶାନୁଗତ କର୍ତ୍ତବ୍ୟ କର୍ମ; କୁଳାଚାର—
1. Family usage or custom or observance; the duties of one's own family.
୨ । କୁଳୀନ ବଂଶରେ କନ୍ୟାଦାନ ( ପ୍ରକୃତିବାଦ )—
2. Giving of a daughter in marriage to a high caste bridegroom.
୩ । କୁଳର ନିୟମାନୁସାରେ ପୁତ୍ରକନ୍ୟାମାନଙ୍କର ବିବାହ ଦେବା ( ପ୍ରକୃତିବାଦ )—3. Marriage of the boys and girls of a family according to the family tradition.

**କୁଳକଳଙ୍କ**—ସଂ. ବି. ( ୬ଷ୍ଠୀ ତତ୍; କୁଳ + କଳଙ୍କ )—କୁଳର ସୁନାମ-
Kulakalanka ଲୋପଜନକ ଦୂଷିତ କର୍ମ; କୁଳନାମରେ ନିନ୍ଦା—
A family disgrace or dishonour.
ବିଣ—କୁଳସ୍ଥ ଯେଉଁ ବ୍ୟକ୍ତି ହେତୁ କୁଳରେ କଳଙ୍କ ଲାଗେ; କୁଳାଙ୍ଗାର—One who is a stain or disgrace to one's family; one who is a thorn or trouble to the family.

**କୁଳକଳଙ୍କା**—ଦେ. ବିଣ. ପୁଂ. (ସଂ. କୁଳକଳଙ୍କ)—୧ । କୁଳାଙ୍ଗାର—
Kulakalankā 1. One who is a disgrace to one's family.
କୁଳକଳଙ୍କୀ } ସ୍ତ୍ରୀ
କୁଳକଳଙ୍କିନୀ }
୨ । ନିଜ ଆଚରଣ ଯୋଗୁଁ ଆପଣା କୁଳର ସୁନାମରେ କାଳି ଲଗାଇବା ( ବ୍ୟକ୍ତି )
2. ( person ) Who by his conduct brings disgrace to his family.

**କୁଳକାମିନୀ**—ସଂ. ବି. ( ୬ଷ୍ଠୀ ତତ୍; କୁଳ + କାମିନୀ )—
Kulakāmini ୧ । କୁଳବଧୂଅସୂର୍ଯ୍ୟ; ଗୃହିଣୀ—
1. A house-wife.
୨ । ସତୀ ସ୍ତ୍ରୀ—2. A chaste wife.
୩ । ଉଚ୍ଚକୁଳର ସ୍ତ୍ରୀ—
3. A lady belonging to a respectable family.

**କୁଳକାଲ୍**—ପ୍ରାଦେ. ( ସମ୍ବଲପୁର ) ବି. ( ଧ୍ୱନ୍ୟନୁକରଣ )—
Kulakāl ଫୁସ୍‌ଫାସ୍ ( ଦେଖ )—Fusfās ( See )

**କୁଳକିନାରା**—ଦେ. ବି.—୧ । ବଂଶର ମୂଳଭିତ୍ତି—
Kulakinārā 1. The foundation of a family.
୨ । କୂଳକିନାରା ( ଦେଖ )
2. Kūlakinārā ( See )

**କୁଳକୁଟୁମ୍ବ**—ଦେ. ବି. (ଏକାର୍ଥକ ସହଚର ଶବ୍ଦ)—ବଂଶ ବା ପରିବାର—
Kulakutumba One's family.
କହିଲେ କୁଳକୁଟୁମ୍ବଙ୍କୁ ଲାଜ, ନ କହିଲେ କୁଳ ଭାସିଯାଉଛି—ଢଗ ।

**କୁଳକୁଣ୍ଡଳିନୀ**—ସଂ. ବି. ( କୁଳ = ତନ୍ତ୍ରୋକ୍ତ କୌଳିକ ସମ୍ପ୍ରଦାୟର
Kulakundalini ଉପାସ୍ୟା + କୁଣ୍ଡଳିନୀ = ସର୍ପିଣୀ )—
ତନ୍ତ୍ରଶାସ୍ତ୍ରପ୍ରସିଦ୍ଧ ମୂଳାଧାରସ୍ଥ ସର୍ପାଭୂଳ୍ୟ ଶକ୍ତିବିଶେଷ—
A Goddess said to exist in the body near the anus and worshipped during Tantric breath-exercises.
[ ଦ୍ର—ଏ ଶକ୍ତି ସର୍ପ ପରି ମୂଳାଧାରର ଗୁହ୍ୟପାଖେ କୁଣ୍ଡଳାକୃତି ହୋଇ ସୁପ୍ତାବସ୍ଥାରେ ଥାଆନ୍ତି । ସାଧକ ବାୟୁସାଧନା ବା ପୂରକ, କୁମ୍ଭକ ଓ ରେଚକ ପ୍ରକ୍ରିୟାଦ୍ୱାରା ଉକ୍ତ ଶକ୍ତିଙ୍କୁ ଜାଗରିତା କରାଇ ପାରିଲେ ସିଦ୍ଧି ଲାଭ କରେ । ]

**କୁଳକ୍କ**—ସଂ. ବି. ( କୁ + ଲକ୍କ ଧାତୁ = ବ୍ୟାପି ରହିବା + ଭାବ. ଅ )—
Kulakka ୧ । ଝାଞ୍ଜ—1. Cymbal ( Apte ).
୨ । ତାଳ—
2. Beating time in music ( Apte ).

**କୁଳକ୍ରିୟା**—ସଂ. ବି. (ମ. ପ. ଲୋ; କୁଳ + କ୍ରିୟା )—କୁଳକର୍ମ (ଦେଖ)
Kulakriyā Kulakarma ( See )

**କୁଲକ୍ଷଣ**—ସଂ. ବିଣ ପୁଂ. ( ବହୁବ୍ରୀହି; କୁ + ଲକ୍ଷଣ )—
Kulakshana ମନ୍ଦ ଲକ୍ଷଣଯୁକ୍ତ—Having bad signs; ominous.
(କୁଲକ୍ଷଣା—ସ୍ତ୍ରୀ)
( ସୁଲକ୍ଷଣ—ବିପରୀତ ) ସଂ. ବି—୧ । ଅମଙ୍ଗଳସୂଚକ ଚିହ୍ନ—
1. Omen; bad symptom.
୨ । ବଦ୍‌ଖିଆଲ୍; ମନ୍ଦ ଆଚରଣ—
2. Bad conduct.

**କୁଲକ୍ଷଣା**—ସଂ. ବିଣ. ସ୍ତ୍ରୀ—ମନ୍ଦ ଲକ୍ଷଣଯୁକ୍ତା ( ସ୍ତ୍ରୀ ); ଅଲକ୍ଷଣୀ—
Kulakshanā ( woman ) Of bad traits.

**कुलच्छन** ଦେ. ବିଣ. ପୁଂ. ( ସଂ. କୁଲକ୍ଷଣ )—କୁଲକ୍ଷଣଯୁକ୍ତ ( ପୁରୁଷ ); ଅଲକ୍ଷଣା—
( person ) Having bad traits.

**କୁଲକ୍ଷଣୀ**—ଦେ. ବିଣ. ସ୍ତ୍ରୀ. ( ସଂ. କୁଲକ୍ଷଣା )—
Kulakshani ୧ । କୁଲକ୍ଷଣଯୁକ୍ତା ( ସ୍ତ୍ରୀ ); ଅଲକ୍ଷଣୀ—
**कुलच्छनी** 1. ( woman ) Having bad traits.
୨ । ଦୁରାଚାରିଣୀ ( ସ୍ତ୍ରୀ )—
2. ( woman ) Of bad conduct.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ ଖୋଜିବେ; 'କୃଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କୁଳକ୍ଷୟ**—ସଂ. ବି. (୬ଷ୍ଠୀ ତତ୍; କୁଳ + କ୍ଷୟ)—
Kulakshaya ୧ । ବଂଶଲୋପ; ବଂଶନାଶ—
1. Decay or extinction of a family.
କୁଳକ୍ଷୟ ବେଳକୁ ଯୋଡ଼ାଏ ହିଁ ପୁଅ ଜାତ—ତଗ ।
୨ । ବଂଶମର୍ଯ୍ୟାଦାର ଲୋପ—
2. The loss of the prestige of a family.

**କୁଳଗିରି**—ସଂ. ବି. (କୁଳ+ଗିରି)—କୁଳପର୍ବତ (ଦେଖ)
Kulagiri Kulaparbata (See)

**କୁଳଗୁଡ଼**—ଦେ. ବି—କଣା ବା ମାଠିଆରେ ଥିବା ଦେଶୀ ଗୁଡ଼—
Kulagurda Country-molasses put in earthen jars.

**କୁଳଗୁରୁ**—ସଂ. ବି. (୬ଷ୍ଠୀ ତତ୍; କୁଳ+ଗୁରୁ)—କୌଣସି ବଂଶର
Kulaguru ବଂଶାନୁଗତ ଗୁରୁ; କୁଳପୁରୋହିତ—
The family-priest or spiritual preceptor of a family.

**କୁଳଗୌରବ**—ସଂ. ବି. (୬ଷ୍ଠୀ ତତ୍; କୁଳ+ଗୌରବ)—
Kulagauraba ୧ । ବଂଶର ସମ୍ମାନ—
1. The honour of a family.
୨ । କୁଳତିଳକ (ଦେଖ)
2. Kulatilaka (See)

**କୁଳଘ୍ନ**—ସଂ. ବି. (କର୍ମଧା; କୁ+ଲଗ୍ନ)—୧ । ଅଶୁଭକ୍ଷଣ; ଅଶୁଭମୁହୂର୍ତ୍ତ—
Kulagna 1. An inauspicious moment.
୨ । (ଜ୍ୟୋତିଷ) ଅଶୁଭ ଗ୍ରହିମାନଙ୍କ ଯୁକ୍ତ ଲଗ୍ନ—
2. A combination of evil astrological signs.

**କୁଳଘନ**—ଗ୍ରା. (ପଦ୍ୟ) ବିଣ. (ସଂ. କୁଳଘ୍ନ) କୁଳଘ୍ନ (ଦେଖ)
Kulaghana Kulaghna (See)
ପାର୍ଥ ଭୁଲେ ବାଦ କରଣ କୁଳଘନ
ନ ବୋଲଅ ଅହେ ସକଳ ଦୁର୍ଯ୍ୟୋଧନ—କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**କୁଳଘ୍ନ**—ସଂ. ବିଣ. ପୁଂ. (କୁଳ + ହନ ଧାତୁ + କର୍ତ୍ତୃ. ଅ)—
Kulaghna କୁଳବୁଡ଼ା; ଯେ ବଂଶକୁ ନାଶ କରେ—
Ruining a family.

**କୁଳଚ୍ୟୁତ**—ସଂ. ବିଣ. ପୁଂ. (୫ମୀ ତତ୍ ବା ୫ମୀ ତତ୍)—
Kulachyuta କୁଳଭ୍ରଷ୍ଟ; ସମାଜଚ୍ୟୁତ—
(କୁଳଚ୍ୟୁତା—ସ୍ତ୍ରୀ) Excommunicated.

**କୁଳଛଡ଼ା**—ଦେ. ବିଣ. (ସଂ. କୁଳଚ୍ୟୁତ)—
Kulachharda ୧ । ଅକର୍ମ ଆଦି କରି ଯେ ଆପଣା କୁଳ ବା ବଂଶକୁ ତ୍ୟାଗ କରେ—
1. One who deserts his family by his evil acts.
୨ । ଯେ ଅନ୍ୟ ବ୍ୟକ୍ତିକୁ ପ୍ରଲୋଭନ ଦେଖାଇ ତାହାକୁ କୁଳ ବା ବଂଶରୁ ବାହାର କରି ଆଣେ—2. One who entices away or seduces people from the family with evil intention.
କୁଳଛଡ଼ା ବଂଶୀ ଧରି ଧୀରେ । ଗୀତକୃଷ୍ଣ, ରସକଲ୍ଲୋଳ ।

**କୁଳଜ**—ସଂ. ବିଣ. ପୁଂ.—(କୁଳ + ଜନ ଧାତୁ + କର୍ତ୍ତୃ. ଅ)—
Kulaja ୧ । ସତ୍କୁଳପ୍ରସୂତ; କୁଳୀନ—1. Born of a noble
(କୁଳଜା—ସ୍ତ୍ରୀ) family; well-born.
୨ । କୌଳିକ—2. Ancestral; handed down from generation to generation in the family.

**କୁଳଜନ**—ସଂ. ବି. (କୁଳ + ଜନ)—ସତ୍କୁଳଜାତ ବ୍ୟକ୍ତି—
Kulajana A person of high birth.

**କୁଳଜାତ**—ସଂ. ବିଣ.—(୭ମୀ ତତ୍; କୁଳ + ଜାତ)—
Kulajāta କୁଳଜ (ଦେଖ)
Kulaja (See)

**କୁଳଜ୍ଞ**—ସଂ. ବିଣ. ପୁଂ. (କୁଳ + ଜ୍ଞା. ଧାତୁ + କର୍ତ୍ତୃ. ଅ)—ବଂଶମାନଙ୍କର
Kulajña ପୂର୍ବ ଇତିବୃତ୍ତ ବିଶେଷଭାବରେ ଜାଣିଥିବା (ବ୍ୟକ୍ତି)—
(a person) Acquainted with the history of families.
ବି.—ବୈତାଳିକ; ଭାଟ—A herald.

**କୁଳଟ**—ସଂ. ବି. ପୁଂ. (କୁଳ + ଅଟ୍ ଧାତୁ + କର୍ତ୍ତୃ. ଅ)—୧ । ନିଜ ଔରସ
Kulaṭa ପୁତ୍ର ଛଡ଼ା ଆପଣା ସ୍ତ୍ରୀଗର୍ଭଜାତ ଅନ୍ୟର ଔରସ ପୁତ୍ର; ଯେକୌଣସି ସନ୍ତାନ—1. Any son except one's own; a son born of one's wife though not of one's loins.
୨ । ପୋଷ୍ୟପୁତ୍ର—2. Adopted son.
ସଂ. ବି. ପୁଂ.—ବ୍ୟଭିଚାରୀ; ପରସ୍ତ୍ରୀପ୍ରେମିକ—Adulterous

**କୁଳଟା**—ସଂ. ବିଣ. ସ୍ତ୍ରୀ. (କୁଳ + ଅଟ୍ ଧାତୁ = ଗମନ କରିବା + କର୍ତ୍ତୃ.
Kulaṭā ଅ + ସ୍ତ୍ରୀ. ଆ; ପରପୁରୁଷସଙ୍ଗମାର୍ଥ ଯେ କୁଳରୁ ବା ଗୃହରୁ ବାହାରି ଯାଏ)—୧ । ବ୍ୟଭିଚାରିଣୀ; ନଷ୍ଟା (ସ୍ତ୍ରୀ)—
1. Adulterous (woman).
୨ । ଅସତୀ (ସ୍ତ୍ରୀ)—2. Unchaste (woman); faithless (wife).
ବି. ସ୍ତ୍ରୀ.—୧ । ନଷ୍ଟା ସ୍ତ୍ରୀ—1. Adulteress.
୨ । ଅସତୀ ସ୍ତ୍ରୀ—2. An unchaste wife.

**କୁଳଟାପତି**—ସଂ. ବି. (୬ଷ୍ଠୀ ତତ୍; କୁଳଟା + ପତି)—ଭେଡ଼ୁଆ;
Kulaṭāpati ବେଶ୍ୟାପତି—A cuckold; husband of a dissolute woman.

**କୁଳତଃ**—ସଂ. ଅ.—(କୁଳ + ତସ୍)—ଜନ୍ମତଃ; ଜାତିରେ—
Kulataḥ By birth; by caste.

**କୁଳତନ୍ତୁ**—ସଂ. ବି. ପୁଂ.—ଯେଉଁ ବ୍ୟକ୍ତି କୁଳ ରକ୍ଷା କରେ; କୁଳ ରକ୍ଷା
Kulatantu କରିବା ପାଇଁ ଯାହା ବଂଶରେ ତାହା ଛଡ଼ା ଆଉ କେହି ନ ଥାଏ—One who continues or perpetuates a family; the only survivor of a family.

**କୁଳତିଥି**—ସଂ. ବି. (ଜ୍ୟୋତିଷ)—ଶୁକ୍ଳପକ୍ଷର ୪ର୍ଥୀ, ଅଷ୍ଟମୀ, ଦ୍ୱାଦଶୀ ବା
Kulatithi ଚତୁର୍ଦ୍ଦଶୀ ତିଥି—(astrology) The 4th, 8th, 12th or 14th day of a lunar fortnight.

| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଶ,ଷ | ଙ୍କ | ଇମ୍ଭ | ଢ଼ଅ | ଝ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ପ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତୁ |

**କୁଳତିଳକ**—ସଂ. ବି. ପୁଂ. (୬ଷ୍ଠୀ ତତ୍; କୁଳ+ତିଳକ)—
Kulatilaka ୧ । ବଂଶର ଶ୍ରେଷ୍ଠ ପୁତ୍ର—1. One who is
(କୁଳାଙ୍ଗାର—ବିପରୀତ) the glory of the family.
୨ । ବଂଶର ଅଳଙ୍କାର ସ୍ୱରୂପ ବ୍ୟକ୍ତି; ସୁପୁତ୍ର; କୁଳମଣ୍ଡନକାରୀ ବ୍ୟକ୍ତି—2. A person who is an ornament to his family.
ସଂ. ବିଣ.—ବଂଶର ଉଜ୍ଜ୍ୱଳ ବା ସୁନାମକାରୀ (ବ୍ୟକ୍ତି)—
Bringing glory and honours to the family.

**କୁଳତ୍ଥ**—ସଂ. ବି.—(କୁଳ=ସମୂହ+ସ୍ଥା ଧାତୁ+କର୍ତ୍ତୃ. ଅ; ଏହାର ଛୁଇଁ
Kulattha ପେନ୍ଥା ପେନ୍ଥା ହୋଇ ଫଳିବାରୁ)—କୋଳଥ; ଖାଦ୍ୟ
ସଂ. ନାମ—କୁଳତ୍ଥ, କୁଳତ୍ଥିକା, ଶସ୍ୟବିଶେଷ—Chick-pea;
ତାମ୍ରବୀଜ, ଶ୍ୱେତବୀଜ, ସିତେତର, Dolichos Biflorus.
କାଳବୃନ୍ତ ଓ ତାମ୍ରବୃନ୍ତ
କୁଲତି, କୁଲଥକଲାଯ୍, କୁଲଥି
କୁରଥୀ, କୁଲଥୀ
ତେ. ଉଲାବଲୁ
ମ. କୁଳୀଥ
ଗୁ. କଲଥୀ
ଆ. ହୁବୁଲକଲତ୍
ଫା. କଛଚ୍, ମୁଖେହୁଂଙ୍ଗୀ
[ ଦ୍ର—ଏହା ଶିମ୍ବାଦି ବର୍ଗର ଶାକ, ଏହା ଭୂମିରେ ମାଡ଼େ । ନୀରସ ଜମିରେ ଏ ଫସଲ ଭଲ ହୁଏ; ଏହି ଲତାର ଗଣ୍ଠି-ମାନଙ୍କରେ ପେନ୍ଥା ପେନ୍ଥା ଚେପଟା ଛୁଇଁ ଧରେ ଓ ଛୁଇଁରେ ଚେପଟା ବୀଜମାନ ଥାଏ । ଏ ବୀଜମାନ ଈଷତ୍ ଲାଲ, ପାଣ୍ଡୁର ଓ କଳା ବର୍ଣ୍ଣର ହୁଏ । ଗରିବ-ମାନେ ଏହାକୁ ଯାଉ, ଅଟକାଳି ଓ ଡାଲି କରି ଖାଆନ୍ତି । ଘୋଡ଼ା ଓ ଗୋରୁଙ୍କୁ ମଧ ଏହା ସିଝାଇ ଖାଇବାକୁ ଦିଆଯାଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା କଟୁବିପାକ, କଷାୟ, ରକ୍ତପିତ୍ତକାରକ, ଲଘୁ, ବିଦାହୀ, ଉଷ୍ଣବୀର୍ଯ୍ୟ ଓ ଘର୍ମରୋଧକ; ଏହା ଶ୍ୱାସ, କାସ, କଫ, ବାୟୁ, ହିକ୍କା, ଅଶ୍ମରୀ, ଶୁକ୍ରଦୋଷ, ଦାହ, ଆନାହ, ପୀନସ, ମେଦୋରୋଗ, ଜ୍ୱର ଓ କୃମିନାଶକ; ଏହା କୋଷ୍ଠଶୋଧକ ।]

**କୁଳତ୍ଥିକା**—ସଂ. ବି.—୧ । କୁଳତ୍ଥ (ଦେଖ)
Kulathika 1. Kulattha (See)
୨ । କଜ୍ଜଳରୂପେ ବ୍ୟବହୃତ ନୀଳ ପ୍ରସ୍ତର—
2. Blue stone used as collyrium.
୩ । କୋଳଥ ପରି ଦାନାବିଶିଷ୍ଟ କସ୍ତୁରୀ—
(ହରେକୃଷ୍ଣ ଦ୍ରବ୍ୟଗୁଣ ।)
3. Musk with big flat grains.

**କୁଳଥ**—ପ୍ରାଦେ. (ବାଲେଶ୍ୱର ଓ ମେଦିନୀପୁର) ବି.—କୁଳତ୍ଥ (ଦେଖ)
Kulatha Kulattha (See)

**କୁଳଥଳ**—ଦେ. ବି. (ସହରର) (ସଂ. କୂଳ+ସ୍ଥଳ)—କୂଳଥଳ;
Kulathala ନିକଟବର୍ତ୍ତୀ ଓ ଦୂରବର୍ତ୍ତୀ ସ୍ଥାନମାନ—
Places far and near.
ଅନ୍ଧକାର ତଳବଣେ, କୁଳଥଳ ନାହିଁ ବଣେ
ପକାଇଲି କର୍ମ ମାଗୋ ବୁଦ୍ଧିଯୋଗରେ । ଭକ୍ତ. ଭ. ରତ୍ନମାଳୀ ।

**କୁଳଥି**—ପ୍ରାଦେ. (ବାଲେଶ୍ୱର ଓ ମେଦିନୀପୁର) ବି. (ଭୁଲ. ବଂ. କୁଲଥି)—
Kulathi କୁଳତ୍ଥ ( ଦେଖ )
Kulattha ( See )

**କୁଳଦୀପ**—ସଂ. ବି. ପୁଂ—୧ । (କୁଳ+ଦୀପ=ଉଜ୍ଜ୍ୱଳକାରୀ)—
Kuladipa ଯେଉଁ ବ୍ୟକ୍ତି ବଂଶର ଖ୍ୟାତି ପ୍ରତିଷ୍ଠିତ କରେ; ଯେ ବଂଶରମୁଖ ଉଜ୍ଜ୍ୱଳ କରେ—1. A person who is a glory to the family.
୨ । (ମଧ୍ୟପଦଲୋପୀ; କୁଳ ବା ଗୃହରେ ଜଳିବା ଦୀପ)—
ଘରେ ଜଳିବା ପ୍ରଦୀପ—
2. Lamp burning in a house.
[ ଦ୍ର—ଲୋକେ କହନ୍ତି ଯେ "ମୁଁ ଏ କୁଳଦୀପକୁ ଗ୍ରହିଁ ଦାଳପ କରୁଛି"; ଗୃହରେ ନିତ୍ୟ ଅଗ୍ନିଦେବତାଙ୍କର ଅଧିଷ୍ଠାନ ହୁଏ ବୋଲି କୁଳଦୀପ ହିନ୍ଦୁର ଦୃଷ୍ଟିରେ ପୂଜ୍ୟ ।]

**କୁଳଦେବତା**—ସଂ. ବି. (ମଧ୍ୟପଦଲୋପୀ; କୁଳର ଅଧିଷ୍ଠାତ୍ରୀ ବା ଉପାସ୍ୟ
Kuladebata ଦେବତା)—୧ । ବଂଶରେ ପରମ୍ପରାକ୍ରମେ ପୂଜା ପାଉଥିବା ଦେବ; ଇଷ୍ଟଦେବତା; କୁଳର ଆରାଧ୍ୟ ଦେବ—
1. The guardian Deity of a family.
[ ଦ୍ର—ଶାକ୍ତମାନଙ୍କର ଦୁର୍ଗା, ବୈଷ୍ଣବମାନଙ୍କର ବିଷ୍ଣୁ ଓ ଶୈବମାନଙ୍କର ଶିବ କୁଳଦେବତା ଅଟନ୍ତି । ]
୨ । ଷୋଡ଼ଶ ମାତୃକା ମଧ୍ୟରୁ ମାତୃକାବିଶେଷ—
2. One of the 16 maternal Deities.

**କୁଳଧନ**—ସଂ. ବି. (୬ଷ୍ଠୀ ତତ୍; କୁଳ+ଧନ)—ବଂଶର ସର୍ବଶ୍ରେଷ୍ଠ
Kuladhana ସମ୍ପତ୍ତି—The most valued treasure of a family.
ବିଣ. (ବହୁବ୍ରୀହି)—ବଂଶର ଗୌରବରକ୍ଷାହିଁ ଯାହାର ସମ୍ପତ୍ତି—
One whose wealth is the preservation of the good name of a family.

**କୁଳଧର**—ସଂ. ବି. (କୁଳ+ଧୃ ଧାତୁ+କର୍ତ୍ତୃ. ଅ)—ପୁତ୍ର; ପୁଅ—
Kuladhara Son.

**କୁଳଧର୍ମ**—ସଂ. ବି. (୬ଷ୍ଠୀ ତତ୍; କୁଳ+ଧର୍ମ)—କୁଳକର୍ମ ୧ (ଦେଖ)
Kuladharma Kulakarma (See)

**କୁଳଧ୍ୱଂସ**—ସଂ. ବି. (୬ଷ୍ଠୀ ତତ୍)—୧ । ବଂଶଲୋପ—
Kuladhwamsa 1. The extinction or ruin of a family.
୨ । ବଂଶର ପ୍ରତିଷ୍ଠା ଲୋପ—2. Extinction of the good name or prestige of a family.

**କୁଳନକ୍ଷତ୍ର**—ସଂ. ବି. (କୁଳ+ନକ୍ଷତ୍ର)—ଭରଣୀ, ରୋହିଣୀ, ପୁଷ୍ୟା,
Kulanakshatra ମଘା, ଉତ୍ତରଫାଲ୍ଗୁନୀ, ଚିତ୍ରା, ବିଶାଖା, ଜ୍ୟେଷ୍ଠା, ପୂର୍ବାଷାଢ଼ା, ଶ୍ରବଣା ଓ ଉତ୍ତରଭାଦ୍ରପଦ ଏହି ନକ୍ଷତ୍ର ସମୂହ—A name given to 11 groups of asterisms.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚାର୍ଟର ଉପଦତ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୁଳନନ୍ଦନ**—ସଂ. ବି (୬ଷ୍ଠୀ ତତ୍; କୁଳ+ନନ୍ଦ ଧାତୁ+କର୍ତ୍ତୃ. ଅନ)— Kulanandana ୧ । ଉତ୍ତମ କାର୍ଯ୍ୟଦ୍ୱାରା ବଂଶର ମର୍ଯ୍ୟାଦା-ବର୍ଦ୍ଧକ ବ୍ୟକ୍ତି; ବଂଶର ପ୍ରତିଷ୍ଠାବର୍ଦ୍ଧନକାରୀ ବ୍ୟକ୍ତି— 1. A person who increases the honour of a family by his conduct.
୨ । ବଂଶର ଗୌରବ—2. One who is an ornament or glory to the family.

ଭଣଜା କୁଳନନ୍ଦନ; ହଗି ଦେଲେ ସୁହଚନ୍ଦନ । ଢଗ ।

୩ । ସତ୍କୁଳପ୍ରସୂତ ବ୍ୟକ୍ତି—3. High born person.
୪ । ବଂଶଧର—4. Offspring; one born of the family.
୫ । (ଭାବ+ଅନ) ବଂଶର ମର୍ଯ୍ୟାଦାର ବୃଦ୍ଧି— 5. Increase of the prestige of a family.
ସଂ. ବିଣ—ବଂଶର ମର୍ଯ୍ୟାଦାବର୍ଦ୍ଧକ— Increasing or augmenting the family prestige.

**କୁଳ ନଷ୍ଟ କରିବା**—ଦେ. କ୍ରି—୧ । କୁକ୍ରିୟା ଦ୍ୱାରା କୁଳଧର୍ମ Kula nashta kariba ଲୋପ କରିବା— 1. To spoil the good name & piety of the family by evil deeds.
୨ । କୁଳର ସର୍ବନାଶ ଘଟାଇବା — 2. To ruin a family.

**କୁଳନାୟିକା**—ସଂ. ବି. ( କୁଳ+ନାୟିକା )— Kulanāyikā ବାମମାର୍ଗ ବା ତାନ୍ତ୍ରୋକ୍ତ କୌଳଧର୍ମ ଅନୁସାରେ ପଞ୍ଚମକାର ପୂଜାରେ ଯେଉଁ ସ୍ତ୍ରୀମାନଙ୍କୁ ପୂଜା କରିବାର ବିଧି ଅଛି— Women who have to be worshipped by Tantaric devotees following the Bāmamārga of worship.
[ ଦ୍ର—ଏମାନେ ସଂଖ୍ୟାରେ ନଅ; ଯଥା—ନଟୀ, କାପାଳିକୀ, ବେଶ୍ୟା, ରଜକୀ, ନାପିତାଙ୍ଗନା, ବ୍ରାହ୍ମଣୀ, ଶୂଦ୍ରକନ୍ୟା, ଗୋପାଳ-କନ୍ୟା ଓ ମାଳାକାରକନ୍ୟା; ଏଥିର ଶ୍ଳୋକ :—
ନଟୀ କାପାଳିକୀ ବେଶ୍ୟା ରଜକୀ ନାପିତାଙ୍ଗନା
ବ୍ରାହ୍ମଣୀ ଶୂଦ୍ରକନ୍ୟା ଚ ତଥା ଗୋପାଳକନ୍ୟକା
ମାଳାକାରସ୍ୟ କନ୍ୟା ଚ ନବ କନ୍ୟାଃ ପ୍ରକୀର୍ତ୍ତିତାଃ ॥ ]

**କୁଳନାଶ**—ସଂ. ବି. ( ୬ଷ୍ଠୀ ତତ୍ ; କୁଳ+ନାଶ)— Kulanāsa ୧ । କୁଳଧର୍ମର ଲୋପ— 1. Non-observance of the duties observed in a family.
୨ । କୁଳଲୋପ—2. Extinction of a family.
୩ । ଉଷ୍ଟ୍ର—3. Camel.
ବିଣ—୧ । ବଂଶ ଲୋପକାରୀ ( ବ୍ୟକ୍ତି )— 1. ( person ) Causing extinction of a family.
୨ । କୁଳତ୍ୟାଗୀ(ବ୍ୟକ୍ତି); ପତିତ—2. Apostate.

**କୁଳନାଶନ**—ସଂ. ବି. ( ୬ଷ୍ଠୀ ତତ୍; କୁଳ+ନାଶନ; ନାଶି ଧାତୁ+ Kulanāśana କରଣ. ଅନ)—କୁଳଧ୍ୱଂସକର— Destructive of a family.

**କୁଳପତି**—ସଂ. ବି. ( ୬ଷ୍ଠୀ ତତ୍; କୁଳ+ପତି )— Kulapati ୧ । ବଂଶର କର୍ତ୍ତା— 1. The head of a family.
୨ । ପୁରାକାଳରେ ଦଶ ହଜାର ବିଦ୍ୟାର୍ଥୀଙ୍କୁ ଖାଦ୍ୟ ଓ ଶିକ୍ଷା ପ୍ରଦାନ କରି ନିଜ ପାଖରେ ରଖାଇବା ଋଷି— 2. An ancient sage who fed and taught ten thousand students.
[ ଦ୍ର—ମୁନୀନାଂ ଦଶସାହସ୍ରଂ ଯୋଽନ୍ନଦାନାଦିପୋଷଣାତ୍, ଅଧ୍ୟାପୟତି ବିପ୍ରର୍ଷିରସୌ କୁଳପତିଃ ସ୍ମୃତଃ । ]

**କୁଳପରମ୍ପରା**—ସଂ. ବି. ( ୬ଷ୍ଠୀ ତତ୍ ; କୁଳ+ପରମ୍ପରା )— Kulaparamparā ବଂଶକ୍ରମ; କୁଳର ଅନୁକ୍ରମ; ପୁରୁଷାନୁକ୍ରମରେ ଚଳି ଆସୁଥିବା ବଂଶ— Series of generations in a family.

**କୁଳପର୍ବତ**—ସଂ. ବି. ( କୁଳ+ପର୍ବତ )—ହିନ୍ଦୁ ପୁରାଣ ମତରେ ଆଠ Kulaparbata ଦିଗରେ ପୃଥିବୀକୁ ଟେକି ଧରିଥିବା ପର୍ବତ— The eight mountains which are supposed to support the earth.

ଋକ୍ଷବାନ, ଶୁକ୍ତିମାନ ସେ ପାରିପାତ୍ର
ବିନ୍ଧ୍ୟ, ସହ୍ୟ, ମଳୟ, ମହେନ୍ଦ୍ର ସପତ ।
କୁଳପରବତ ତ ଅଟନ୍ତି ହେ ସବେ
ଏହାଙ୍କୁ ଭଣା ଅଛି ପର୍ବତ ସରବେ—କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

[ ଦ୍ର—କାହା କାହା ମତରେ ଏମାନଙ୍କ ସଂଖ୍ୟା ଆଠ ଗୋଟି— ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷପର୍ବତ, ବିନ୍ଧ୍ୟ, ପାରିପାତ୍ର ଓ ହିମାଳୟ । ]

**କୁଳପାଉଁଶ**—ଦେ. ବିଣ. ( ସଂ. କୁଳ+ପାଂସନ )— Kulapāuṅsa କୁଳାଙ୍ଗାର ( ଦେଖ ) Kulāṅgāra ( See )

ଯାର ସକାଶୁଁ ପିତା ନାଶ; ଏମନ୍ତ ସେ କୁଳପାଉଁଶ ।
ତାହାକୁ ରାଜପଦ ଦେଲୁ, ଆପଣେ ଅଗ୍ନ ପ୍ରବେଶିଲୁ—
ଲୂପତ. ପ୍ରେମପଞ୍ଚାମୃତ ।

**କୁଳପାଂସନ**—ସଂ. ବି ଓ ବିଣ. ପୁଂ. ( କୁଳ+ପନସ୍ ଧାତୁ=ନାଶ Kulapāmsana କରିବା+କର୍ତ୍ତୃ. ଅ )—କୁଳାଙ୍ଗାର ( ଦେଖ ) (କୁଳପାଂସନା—ସ୍ତ୍ରୀ) Kulāṅgāra ( See )

**କୁଳପାଂଶୁ**—ସଂ. ବି ଓ ବିଣ. ( ରୂପକ କର୍ମଧା; କୁଳ+ପାଂଶୁ )— Kulapāmsu କୁଳାଙ୍ଗାର ( ଦେଖ ) Kulāṅgāra ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ୠ | ୡ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ହ୍ନ |

**କୁଳପାଂସୁକ**—ସଂ. ବି ଓ ବିଣ. ପୁଂ. (ରୂପକ କର୍ମଧା; କୁଳ+ପାଂସୁକ)—
Kul̲apāṁsuka — କୁଳାଙ୍ଗାର ( ଦେଖ )
(କୁଳପାଂସୁକା—ସ୍ତ୍ରୀ) — Kul̲āṅgāra ( See )

**କୁଳପାଂସୁଳ**—ସଂ. ବିଣ. ପୁଂ. (ରୂପକ କର୍ମଧା; କୁଳ+ପାଂସୁଳ)—
Kul̲apāṁsul̲a — କୁଳାଙ୍ଗାର ( ଦେଖ )
(କୁଳପାଂସୁଳା—ସ୍ତ୍ରୀ) — Kul̲āṅgāra ( See )

**କୁଳପାଳି**—ସଂ. ବି. ସ୍ତ୍ରୀ. ( କୁଳ+ପାଳ=ଯେ ପାଳନ କରେ )—
Kul̲apāl̲i — କୁଳପାଳିକା ( ଦେଖ )
Kul̲apāl̲ikā ( See )

ଭୁବନବନ୍ଦ୍ୟ ଧନ୍ୟ କେଳକ ମୋହନ ଲୋଚନ୍ଦ୍ର ଯା କୁଳପାଳି—
କବିସୂର୍ଯ୍ୟ. ଯଶୋବନ୍ତଚନ୍ଦ୍ରାନନ୍ଦଚମ୍ପୂ. ଡ-ଗୀତ ।

**କୁଳପାଳିକା**—ସଂ. ବି. ସ୍ତ୍ରୀ. ( କୁଳ+ପାଳ ଧାତୁ+ଅକ+ସ୍ତ୍ରୀ. ଆ )—
Kul̲apāl̲ikā — ୧ । ସତ୍‌କୁଳପ୍ରସୂତା ସ୍ତ୍ରୀ—
1. A high-born woman.
୨ । ସତୀ ସ୍ତ୍ରୀ—2. A chaste woman
୩ । କୁଳସ୍ତ୍ରୀ; କୁଳଭୂଆସୁଣୀ—3. A house-wife.

**କୁଳପୁରୁଷ**—ସଂ. ବି. ସ୍ତ୍ରୀ—୧ । କୁଳପୁତ୍ର; ସତ୍‌କୁଳପ୍ରସୂତ ବ୍ୟକ୍ତି—
Kul̲apurusha — 1. High-born person.
୨ । ପୂର୍ବପୁରୁଷ—2. Ancestor.

**କୁଳପୁରୋହିତ**—ସଂ. ବି. ( ୬ଷ୍ଠୀ ତତ୍; କୁଳ+ପୁରୋହିତ )—
Kul̲apurohita — ପୁରୁଷାନୁକ୍ରମେ କୌଣସି ବଂଶର ପୌରୋହିତ୍ୟ କରୁଥିବା ବ୍ୟକ୍ତି—Family-priest.

**କୁଳପୂର୍ବଗ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କୁଳ+ପୂର୍ବଗ )—ବଂଶର
Kul̲apūrbaga — ପୂର୍ବପୁରୁଷ; ପିତୃପିତାମହ—
( କୁଳପୂର୍ବଗା—ସ୍ତ୍ରୀ ) — One's ancestors.

**କୁଳପ୍ରଦୀପ**—ସଂ. ବିଣ ଓ ବି—କୁଳଦୀପ ( ଦେଖ )
Kul̲apradīpa — Kul̲adīpa ( See )

**କୁଳବତୀ**—ସଂ. ବି. ସ୍ତ୍ରୀ—କୁଳପାଳିକା ( ଦେଖ )
Kul̲abatī — Kul̲apāl̲ikā ( See )

**କୁଳବଧୂ**—ସଂ. ବି. ସ୍ତ୍ରୀ—କୁଳପାଳିକା ( ଦେଖ )
Kul̲abadhū — Kul̲apāl̲ikā ( See )

**କୁଳବରତ**—ଗ୍ରା. ( ପଦ୍ୟ ) ବି. ( ସଂ. କୁଳବ୍ରତ )—
Kul̲abarata — କୁଳବ୍ରତ ( ଦେଖ )
Kul̲abrata ( See )

କ ଜାତ କ ଜାତଶୀଳ — କ କୁଳବରତଫଳ
ଠଉର ପାଉଲ ମୋ ମନରେ ।
କବିସୂର୍ଯ୍ୟ. ଯଶୋବନ୍ତଚନ୍ଦ୍ରାନନ୍ଦଚମ୍ପୂ. କ. ଗୀତ ।

**କୁଳବରଧନ**—ଗ୍ରା. (ପଦ୍ୟ) ବିଣ. ( ସଂ. କୁଳ+ବର୍ଦ୍ଧନ )—
Kul̲abaradhana — କୁଳବର୍ଦ୍ଧନ ( ଦେଖ )
Kul̲abarddhana ( See )

କୁରୁମାନଙ୍କର ସେ କୁଳବରଧନ—କୃଷ୍ଣସିଂହ. ମହାଭାରତ. ଆଦ ।

**କୁଳବର୍ଦ୍ଧନ**—ସଂ. ବିଣ. ପୁଂ.—( ୬ଷ୍ଠୀ ତତ୍; କୁଳ+ବର୍ଦ୍ଧନ=ବୃଦ୍ଧି
Kul̲abarddhana — କାରୀ ) ବଂଶବୃଦ୍ଧିକାରକ—Causing advancement, promotion or increase of a family.
ବି.—ବଂଶବୃଦ୍ଧି—Increase of a family.

**କୁଳ ବସିବା**—ଦେ. ବି.—ହାଟୁଆ ଜାତିଙ୍କର ଜାତଭାଇମାନଙ୍କର ଜାତି-
Kul̲a basibā — ଆଣ ସଭା ହେବା—A sitting of caste-men for considering social questions.

**କୁଳବାନ୍**—ସଂ. ବି. ପୁଂ—କୁଳଜ (ଦେଖ)
Kul̲abān — Kul̲aja (See)

**କୁଳବାର**—ସଂ. ବି.—ସପ୍ତାହର ଶ୍ରେଷ୍ଠବାର ( ଶୁକ୍ରବାର ବା ମଙ୍ଗଳବାର)
Kul̲abāra —The principal day of the week (i.e. Tues-day or Fri-day). (M. W.)

**କୁଳବାଳା**—ସଂ. ବି. ସ୍ତ୍ରୀ.—କୁଳପାଳିକା (ଦେଖ)
Kul̲abāl̲a — Kul̲apāl̲ikā (See)

**କୁଳବିଦ୍ୟା**—ସଂ. ବି. (ମ. ପ. ଲୋ; କୁଳ+ବିଦ୍ୟା)—
Kul̲abidyā — ୧ । ବଂଶରେ ପୁରୁଷାନୁକ୍ରମେ ଅନୁଶୀଳିତ ବିଦ୍ୟା—
1. Traditional knowledge; learning handed down from father to son.
୨ । ତ୍ରୟୀ ଆନ୍ୱୀକ୍ଷିକୀ ବିଦ୍ୟା ମଧ୍ୟରୁ ଏକତମ—
2. One of the 3 Ānwīkshikī lores.

**କୁଳବିପ୍ର**—ସଂ. ବି.—କୁଳପୁରୋହିତ (ଦେଖ )
Kul̲abipra — Kul̲apurohita (See)

**କୁଳବୁଡ଼ା**—ଦେ. ବିଣ. ପୁଂ.—୧ । ଯେ ଅକ୍ରିୟାଦ୍ୱାରା ଆପଣାର କୁଳଧର୍ମ
Kul̲aburḏā — ନାଶ କରେ - 1. One who by his evil
कुलबोरन — actions brings dishonour to his family.
(କୁଳବୁଡ଼େଇ—ସ୍ତ୍ରୀ) — ୨ । ଯେ ଅକ୍ରିୟା କରାଇ ପରର କୁଳଧର୍ମ ନାଶ କରେ—2. One who makes other people forsake their family traditions.
୩ । ଯାହାଠାରୁ ବଂଶ ଲୋପ ହୁଏ; ଯାହାର ଅପତ୍ୟାଦି ହୁଏ ନାହିଁ—3. Issueless.

**କୁଳ ବୁଡ଼ାଇବା**—ଦେ. କ୍ରି.—୧ । ଅନ୍ୟର ବଂଶ ଲୋପ ହେବାର
Kul̲a burḏāibā — ଉପାୟ କରିବା—1. To cause extinction of another's family.
୨ । ଅନ୍ୟର ବଂଶମର୍ଯ୍ୟାଦା ଲୋପ କରାଇବା—
2. To ruin or dishonour another's family.

**କୁଳ ବୁଡ଼ିବା**—ଦେ. ବି.—୧ । କୁଳ ଧର୍ମ ନାଶ ହେବା; ଜାତି ଯିବା—
Kul̲a burḏibā — 1. Excommunication from a caste
**कुल बुड़जाना** — or family owing to bad conduct.
୨ । ବଂଶ ଲୋପ ହେବା—
2. The extinction of a family.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଭିଡିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଆର୍ଗଳ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

ମୋ ପୁଅ ହୁଅ ତରେ ମୋ କୁଳ ବୁଡ଼ୁ ଛ । କୃଷ୍ଣସିଂହ. ମହାଭାରତ. ଉଦଯୋଗ ।
କୁଳ ବୁଡ଼ିବାର ବେଳ ଏ ସବ, ଅକା ଆଉ ଥାଉ ମରଇ ନାତି । ପ୍ରବଚନ ।

**କୁଳବୁଡେଇ**—ଦେ. ବଣ. ସ୍ତ୍ରୀ.—କୁଳବୁଡ଼ାର ସ୍ତ୍ରୀଲିଙ୍ଗ—
Kul̲aburd̲ei — The feminine of 'Kul̲aburd̲ā'

**କୁଳବୃଦ୍ଧ**—ସଂ. ବ. ପୁଂ.—( ୭ମୀ ତତ୍; କୁଳ+ବୃଦ୍ଧ )—ବଂଶ ବା
Kul̲abruddha — ପରିବାର ମଧ୍ୟରେ ସର୍ବାପେକ୍ଷା ବୁଢ଼ା ବ୍ୟକ୍ତି—
(କୁଳବୃଦ୍ଧା—ସ୍ତ୍ରୀ) The oldest member of the family.

**କୁଳବୃଦ୍ଧି**—ସଂ. ବ.—ବଂଶର ବୃଦ୍ଧି—
Kul̲abruddhi — Increase of the members of a family.

**କୁଳବ୍ରତ**—ସଂ. ବ. ( କୁଳ+ବ୍ରତ=ଆଚ୍ଛର )—
Kul̲abrata — ୧ । ବଂଶରେ ପରମ୍ପରାକ୍ରମେ ପାଳିତ ବ୍ରତ—
1. A family-vow.
୨ । କୁଳାଚ୍ଛର—2. Family usage.
୩ । କୁଳମର୍ଯ୍ୟାଦା—
3. The honour or prestige of a family.

**କୁଳଭର**—ସଂ. ବ—ଚୋର—
Kul̲abhara — Thief (Apte).

**କୁଳଭଳ**—ସଂ. ବ—କୁଳଭର ( ଦେଖ )
Kul̲abhal̲a — Kul̲abhara ( See )

**କୁଳଭୃତ୍ୟା**—ସଂ. ବ—ଗର୍ଭିଣୀଚର୍ଯ୍ୟା—
Kul̲abhrutyā — Nursing of a pregnant woman.

**କୁଳମଣି**—ସଂ. ବ. ( ୬ଷ୍ଠୀ ତତ୍; କୁଳ+ମଣି )—
Kul̲amani — କୁଳତିଳକ ( ଦେଖ )
Kul̲atil̲aka ( See )
ସଂ. ବ. ପୁଂ—ଲୋକଙ୍କ ନାମ—
A name given to male.

**କୁଳମର୍ଯ୍ୟାଦା**—ସଂ. ବ. ( ୬ଷ୍ଠୀ ତତ୍; କୁଳ+ମର୍ଯ୍ୟାଦା )—
Kul̲amarjyādā — ୧ । କୁଳର ମହତ୍ତ୍ୱ—
1. The honour of a family; respectability.
୨ । ସତ୍‌କୁଳପ୍ରସୂତ ବ୍ୟକ୍ତିଙ୍କୁ ପ୍ରଦତ୍ତ ସମ୍ମାନ—
2. Respect shown to a man of high family.

**କୁଳମାନ**—ସଂ. ବ—କୁଳମର୍ଯ୍ୟାଦା ( ଦେଖ )
Kul̲amāna — Kul̲amarjyādā ( See )

**କୁଳମୁଛୁଳି**—ଦେ. ବଣ—କୁଳୁମୁଛୁଳି ( ଦେଖ )
Kul̲amuchhul̲i — Kul̲umuchhul̲i ( See )

**କୁଳମୂଳ**—ଦେ. ବ. ( ସଂ. କୁଳ+ମୂଳ )—
Kul̲amūl̲a — ୧ । କୁଳମର୍ଯ୍ୟାଦା ( ଦେଖ )
1. Kul̲amarjyādā ( See )
୨ । ( ସଦ୍‌ଚର ) ବଂଶର କିଛି ମାତ୍ର ଚିହ୍ନ—
2. Any trace or remnant of a family.

**କୁଳଯୋଷିତ**—ସଂ. ବ. ସ୍ତ୍ରୀ—କୁଳପାଳିକା ( ଦେଖ )
Kul̲ajoshita — Kul̲apāl̲ikā ( See )

**କୁଳରୁ ଯିବା**—ଦେ. କ୍ରି—ଜାତି ବା ସମାଜରୁ ଚ୍ୟୁତ ହେବା—
Kul̲arujibā — To be excommunicated.
कुलथेके याओया
**कुलसे निकलयाना**

**କୁଳଲୋପ**—ସଂ. ବ—ବଂଶରେ କେହି ବଂଶଧର ନ ଜୀଇଁବା ଅବସ୍ଥା;
Kul̲alopa — ବଂଶନାଶ—Extinction of a family.

**କୁଳଶିଖ**—ସଂ. ବଣ—କୁଳଶ୍ରେଷ୍ଠ ( ଦେଖ )
Kul̲aśikha — Kul̲aśreshtha ( See )
ଏ ସବାଶୁଁ ହେ ପାଣ୍ଡବ କୁଳଶିଖ
ଯୁଦ୍ଧ କରି ମରିବା କଥା ବଡ଼ ସୁଖ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**କୁଳଶୀଳ**—ସଂ. ବ. ( ଦ୍ୱନ୍ଦ୍ୱ; କୁଳ+ଶୀଳ )—
Kul̲aśīl̲a — ୧ । ବଂଶ ଓ ଆଚରଣ—
1. Family and conduct.
୨ । ସଦ୍‌ବଂଶ ଓ ସଦାଚରଣ—
2. Noble family and good conduct.
ଦେ. ବଣ—ସଦ୍‌ବଂଶଜାତ ଓ ସଦାଚରଣକାରୀ—
Born of a noble family and of good conduct.
ତୁ ଯେ ଧାର୍ମିକ ବିବେକ ଅଟୁ କୁଳଶୀଳ ।
ସାରଳା. ମହାଭାରତ. ଉଦ୍ଯୋଗ ।

**କୁଳଶ୍ରେଷ୍ଠ**—ସଂ. ବଣ. ( ୭ମୀ ତତ୍; କୁଳ+ଶ୍ରେଷ୍ଠ )—
Kul̲aśreshtha — ବଂଶର ପ୍ରଧାନ ବ୍ୟକ୍ତି—
Head or chief (person) of a family; the most important (person) in the family.

**କୁଳଶ୍ରେଷ୍ଠୀ**—ସଂ. ବଣ. ପୁଂ. ( କୁଳ+ଶ୍ରେଷ୍ଠିନ୍; ୧ମା. ୧ବ. )—
Kul̲aśreshthī — ସତ୍‌କୁଳପ୍ରସୂତ—High-born.
ବ—ସତ୍‌କୁଳପ୍ରସୂତ ଶିଳ୍ପୀ—High-born artisan.

**କୁଳସମ୍ଭବ**—ସଂ. ବଣ. ପୁଂ. ( ୫ମୀ ତତ୍; କୁଳ+ସମ୍ଭବ )—
Kul̲asambhaba — ୧ । ସତ୍‌କୁଳପ୍ରସୂତ—1. High-born.
(କୁଳସମ୍ଭବା—ସ୍ତ୍ରୀ) ୨ । (ଅମୁକ) ବଂଶଜାତ—
2. Born of ( such and such ) a family.

**କୁଳସନ୍ତତି**—ସଂ. ବ. ( ୬ଷ୍ଠୀ ତତ୍; କୁଳ+ସନ୍ତତି )—
Kul̲asantati — ୧ । ବଂଶଧର; ବଂଶର ପରପୁରୁଷ—
1. Descendant; posterity.
୨ । ବଂଶରକ୍ଷା—2. Continuation of lineage.

**କୁଳସଭା**—ଦେ. ବ—ହାଟୁଆ ଶୂଦ୍ରମାନଙ୍କ ଜାତିଆଣ ସଭା
Kul̲asabhā — A session of the caste-guild of the Hātuā śūdras.

**କୁଳସେବକ**—ସଂ. ବ—ଉତ୍କୃଷ୍ଟ ବା ଉତ୍ତମ ଭୃତ୍ୟ—
Kul̲asebaka — An excellent servant.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇପ୍ସ | ଋଥ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଥ | ଢ଼ | ନ୍ |

କୁଳସ୍ତିରି—ଗ୍ରା. ବି. ( ସଂ. କୁଳସ୍ତ୍ରୀ)—କୁଳପାଳିକା ( ଦେଖ )
Kulastiri — Kulapālikā ( See )

ଅଧରମ ହେବୁ କୁଳସ୍ତିରିଙ୍କ ହୋଇବ ଭ୍ରଷ୍ଟ । ସାରଳା. ମହାଭାରତ, ଅଦି ।

କୁଳସ୍ତ୍ରୀ—ସଂ. ବି—କୁଳପାଳିକା ( ଦେଖ )
Kulastrī — Kulapālikā ( See )

କୁଳସ୍ଥାପନା—ଦେ. ବି. ( ସଂ. କୁଳ+ସ୍ଥାପନ )—ବଂଶରକ୍ଷା—
Kulasthāpanā — The saving of a family from extinction.

ସତ୍ୟବତୀ ବ୍ୟାସ ଯେ ମୋହର ବଂଶରେ
ହେଲେ କୁଳସ୍ଥାପନା ତୁମ୍ଭମାନଙ୍କରେ । କୃଷ୍ଣସିଂହ. ମହାଭାରତ. ଅଦି ।

କୁଳସ୍ଥିତି—ସଂ. ବି.—(୬ଷ୍ଠୀ ତତ୍; କୁଳ+ସ୍ଥିତି)—
Kulasthiti — ୧ । ବଂଶର ପୁରାତନତ୍ୱ—1. Antiquity of a family.
୨ । ବଂଶର ବୃଦ୍ଧି—2. Increase of a family.
୩ । କୁଳଧର୍ମ; କୁଳାଚାର—3. Family status; family observances.

କୁଳହଣ୍ଡକ—ସଂ. ବି—ଜଳ ଭଉଁରି—An eddy ( Apte )
Kulahaṇḍaka

କୁଳା—ଦେ. ବିଣ. ( ସଂ. କୁଲୀନ )—ଉତ୍କୃଷ୍ଟ କୁଳସମ୍ଭୂତ; କୁଲୀନ—
Kulā — Born of a respectable family.
(ଅକୁଳା—ବିପରୀତ)

କୁଲା—ଦେ. ବି. ( ସଂ. କୁଲ୍ଲ; କୁଲ. ପା. କୁଲ୍ଲା )—୧ । ଶସ୍ୟାଦି ପାଛୁଡ଼ି
Kulā — ଭୁଷ, ଧୂଳିଆଦି ବାହାର କରି ଦେବା ନିମିତ୍ତ ବାଉଁଶ ପାତିଆ-
କୁଲା — ନିର୍ମିତ ହାତକାନ ପରି ଚଉଡ଼ା ପାତ୍ର; ସୂର୍ପ—1. A fan to
सुप; डगड़ा; छाज — winnow corn; winnowing fan.

କୁଲା ସମ ଯେ କାନ ଗୋଟିଏ ଲମ୍ବାଇ
ମୂର୍ଚ୍ଛାଗଲେ ବେନଘଟେ ବଧିରେ କୁଲାଇ । କୃଷ୍ଣସିଂହ. ମହାଭାରତ ବନ ।

କୋଷା — ୨ । କୋଷ; ଲେମ୍ବୁ ଆଦିର ଚଗୁଡ଼ା—
कोया — 2. A pod or seed-vessel of lemon.

କୁଲାଇ—ଦେ. ବି—କୁଲେଇ ( ଦେଖ )
Kulāi — Kulei ( See )

କୁଲାଇବା—ଦେ. କ୍ରି. ( ବଙ୍ଗଳାରୁ ଅନୁକୃତ )—ଅଣ୍ଟିବା; ପର୍ଯ୍ୟାପ୍ତ
Kulāibā — ହେବା; ପୋଷେଇବା—To suffice.
କୁଲାନ୍ — ଗୃହଦ୍ୱାରରେ ପୁଣି ମିଳେ ଯା କହନ୍ତି
अँटना — କହିବାକୁ ଉତ୍ତର ନ କୁଲାଏ ମୂର୍ଚ୍ଛି । ଉକ. ପ୍ର. ଗୀତଲହରୀ ।

କୁଲଏର ବୁଢ଼ୀ—ପ୍ରାଦେ. ( ସମ୍ବଲପୁର ) ବି. ( କୁଲ. ହି. ଠଗିନ୍
Kulāer burḍhi — ବୁଢ଼ିୟା )—ପିଲାମାନଙ୍କୁ ଭୟାଇବା ପାଇଁ
ସ୍ତ୍ରୀଲୋକମାନେ ଉଲ୍ଲେଖ କରିବା କାଳ୍ପନିକ ରାକ୍ଷସୀ—
An imaginary hag described by women to frighten children into submission.

କୁଳାକୁଳ—ସଂ. ବିଣ. ( କୁଳ+ଅକୁଳ )—୧ । ମିଶ୍ରବଂଶୀୟ;
Kulākula — ଦୋନୋସଲ୍ଲା—1. Of mixed origin.
୨ । ସଙ୍କର—2. Hybrid; mongrel.

କୁଳାଙ୍କୁର—ସଂ. ବି. ( ୬ଷ୍ଠୀ ତତ୍; କୁଳ+ଅଙ୍କୁର )—ବଂଶଧର—
Kulāṅkura — Scion or descendant of a family.

ଏକମାତ୍ର କୁଳାଙ୍କୁର ଏହୁ କୁରୁକୁଳେ । ଜଗନ୍ନାଥ. ମହାଯାତ୍ରା ।

କୁଳାଙ୍ଗନା—ସଂ. ବି. ( ୬ଷ୍ଠୀ ତତ୍; କୁଳ+ଅଙ୍ଗନା )—
Kulāṅganā — କୁଳପାଳିକା ( ଦେଖ )
Kulapālikā ( See )

କୁଳାଙ୍ଗାର—ସଂ. ବି. ( ରୂପକ କର୍ମଧାରୟ, କୁଳ+ଅଙ୍ଗାର )—
Kulāṅgāra — ୧ । କୁଳର ଅଯୋଗ୍ୟ ସନ୍ତାନ—
1. The dreg or unworthy scion of a family.
୨ । ଯାହା ଯୋଗୁଁ କୁଳରେ କଳଙ୍କ ଲାଗେ—
2. One who brings dishonour on his family.
ସଂ. ବିଣ—୧ । କୁଳର ମର୍ଯ୍ୟାଦାନାଶକ—
1. Bringing dishonour to the family.
୨ । ଅସଚ୍ଚରିତ୍ର—2. Immoral.

କୁଳାଚଳ—ସଂ. ବି. (କୁଳ+ଅଚଳ)—କୁଳପର୍ବତ ( ଦେଖ )
Kulāchala — Kulaparbata ( See )

କୁଳାଚାର—ସଂ. ବି. ( ମଧ୍ୟପଦଲୋପୀ; କୁଳ+ଆଚାର )—
Kulāchāra — ବଂଶପ୍ରଚଳିତ ବିଶେଷ ବିଧି ବା ପ୍ରଥା—
A family custom; usage obtaining in a particular family.

କୁଳାଚାର୍ଯ୍ୟ—ସଂ. ବି. ( ୬ଷ୍ଠୀ ତତ୍; କୁଳ+ଆଚାର୍ଯ୍ୟ)—
Kulāchārjya — ୧ । କୁଳଗୁରୁ (ଦେଖ)
1. Kulaguru. ( See )
୨ । ବଂଶଲତା ବା କୁଳିନାମା ସଙ୍କଳୟିତା ବ୍ୟକ୍ତି—
2. A geneologist.

କୁଳାଟ—ସଂ. ବି—କ୍ଷୁଦ୍ର ମତ୍ସ୍ୟବିଶେଷ—
Kulāṭa — A kind of small fish ( M. W. )

କୁଳାଦ୍ରି—ସଂ. ବି—କୁଳପର୍ବତ ( ଦେଖ )
Kulādri — Kulaparbata ( See )

କୁଳାନ୍ୱିତ—ସଂ. ବିଣ. ପୁଂ—(କୁଳ+ଅନ୍ୱିତ)—କୁଳଜ ( ଦେଖ )
Kulānwita — Kulaja ( See )
(କୁଳାନ୍ୱିତା—ସ୍ତ୍ରୀ)

କୁଲାବା—ଦେ. ବି. ( ସଂ. କୁଲ୍ଲ ଓ ବାତ )—୧ । ଭୁଷମିଶା ଶସ୍ୟାଦିରୁ
Kulābā — ଭୁଷ ଉଡ଼ାଇବା ପାଇଁ କୁଲାଦ୍ୱାରା ବିଞ୍ଚିବା—
कुलावा — 1. The blowing of corn by blowing
ऑंकुड़ि — with the winnowing fan to blow away the chaff.
[ ଦ୍ର—ବେଙ୍ଗଲା ପଡ଼ି ଅମଳ ହୋଇଥିବା ଭୁଷପୂର୍ଣ୍ଣ ଧାନକୁ କୁଲାବା କରି ସେଥିରୁ ଭୁଷପାକ ଉଡ଼ାଇ ଦିଅନ୍ତି । ]
୨ । ଦଣ୍ଡ ସ୍ୱରୂପ କୌଣସି ବ୍ୟକ୍ତିକୁ ଥଣ୍ଡା ପାଣିରେ ବୁଡ଼ାଇ ତାକୁ କୁଲାଦ୍ୱାରା ବିଞ୍ଚିବା—2. Fanning a man's

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ବା ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

body with the winnowing fan after dipping his body in cold water in the wintry season (as a punishment formerly inflicted on criminals ).

[ ଦ୍ର—ଶୀତ ଦିନରେ ଅପରାଧୀକୁ ଥଣ୍ଡା ପାଣିରେ ବୁଡ଼ାଇ ଅଣି ଉପରେ ଠିଆ କରାଇ କୁଲଦ୍ୱାରା ତାକୁ ବିଞ୍ଚା ଯାଉଥିଲା ଓ ତଦ୍ଦ୍ୱାରା ତା ଦେହ ହେମାଳ ହେବାରୁ ସେ ଭାରି କଷ୍ଟ ଭୋଗ କରୁଥିଲା । ]

ବୈଦେ. ବି. ( ଅ. କୁଲାବା = କବାଟର ଉମଣୀ )—

ଆଁକୁଡ଼ି **କୁଲାବା** ଅଣ୍ଟାସୂତା ଓ ହାରଅାଦିର ଦୁଇ ମୁଣ୍ଡକୁ ଯୋଡ଼ିବା ପାଇଁ ବ୍ୟବହୃତ ଧାତୁମୟ ଅଙ୍କୁଶ; ଦୁଇ ମୁଣ୍ଡରେ ବଙ୍କା ଅଙ୍କୁଶବିଶିଷ୍ଟ ଧାତୁଖଣ୍ଡ—A bit of thin metal inversely hooked at both ends and attached to one end of a waist chain or necklace to attach the opposite end to it while putting it on.

**କୁଲବାଆ**—ଦେ. ଓ ବୈଦେ. ବି—କୁଲାବା ( ଦେଖ )
Kulābāa Kulābā ( See )

**କୁଲବାଆଁ**—ଗ୍ରା. ଓ ବୈଦେ. ବି—କୁଲାବା ( ଦେଖ )
Kulābāañ Kulāba ( See )

**କୁଲବାଁ**—ଗ୍ରା. ଓ ବୈଦେ. ବି—କୁଲାବା ( ଦେଖ )
Kulābāñ Kulāba ( See )

**କୁଲାବାଡ଼ି**—ପ୍ରାଦେ. ( ଗଡ଼ଜାତ ) ବି—ଟେଣ୍ଡାର ବାଉଁଶଦଣ୍ଡ—
Kulābārdi The long pole of a water-baling contrivance.

**କୁଲବୁଲା**—ଦେ. ବି—କୌଣସି ବସ୍ତୁ ଚୋର ଗଲେ ଚୋରର ନାମ
Kulābulā ଜାଣିବା ନିମନ୍ତେ ଗୋଟିଏ କୁଲାକୁ କଇଁଚ ବା କଞ୍ଚାମୂନ ଉପରେ ରଖି ମନ୍ତ୍ର ପଢ଼ି ଯାହା ନାମ ଧରିଲାକ୍ଷଣି କୁଲାଟି ବୁଲିଯାଏ ସେହି ବ୍ୟକ୍ତି ଚୋର ବୋଲି ପ୍ରକାଶିତ ହୁଏ, ଏପରି ରୀତିରେ ଯେ ଚୋର ଧରେ—One who performs the process of finding out the name of a thief by means of a winnowing fan revolving on a point of a nail or scissors.

**କୁଲା ବୁଲାଇବା**—ଦେ. କ୍ରି—ଚୋରର ନାମ ଜାଣିବା ସକାଶେ ଗୋଟିଏ
Kulā bulāibā କୁଲାକୁ ମୂନଅାଁ ଜିନିଷ ଉପରେ ରଖି ମନ୍ତ୍ରପାଠ କରି ଯେଉଁ ଯେଉଁ ଲୋକଙ୍କଠାରେ ସନ୍ଦେହ ହୁଏ ଏପରି ସମସ୍ତଙ୍କ ନାମ ଡାକିବାକୁ ହୁଏ; ଯେଉଁ ଲୋକର ନାମ ଉଚ୍ଚାରଣ କରିବା ମାତ୍ରେ କୁଲାଟି ସେ ମୂନ ଉପରେ ଘୂରେ ସେ ଚୋର ବୋଲି ପ୍ରକାଶ ହୁଏ; ଏହି ପ୍ରକ୍ରିୟା ଅନୁଧାବନ କରିବା—To cause a winnowing fan to revolve on the point of a pointed article to find out the name of the actual thief, by uttering Mantras.

[ ଦ୍ର—ହିନ୍ଦୁସ୍ଥାନରେ ଗୋଟିଏ ଗିନାକୁ ଜଣେ ମନ୍ତ୍ର ପଢ଼ିପଢ଼ି ଚଳାଉଥାଏ ଓ ଯେଉଁ ଲୋକଅଡ଼କୁ ଗିନା ଚଳେ ତାକୁ ଚୋର ବୋଲି ଧରାଯାଏ । ଏହାକୁ ବାଟୀ ହାଁକ୍‌ନା କହନ୍ତି । ]

**କୁଲାୟ**—ସଂ. ବି—ଶରୀର —Body.
Kulāya ଏଣୁ ଯେ ଅନୁପଥ ଏହି, କୁଲାୟ ନାମ ଏ ବୋଲାଇ—
ଜଗନ୍ନାଥ, ଭାଗବତ ।

**କୁଲାୟ**—ସଂ. ବି. ( କୁଳ = ବଂଶ + ଅୟ ଧାତୁ = ବୃଦ୍ଧି ପାଇବା + ଅ;
Kulāya ଯେଉଁ ସ୍ଥାନରେ ପକ୍ଷୀର କୁଳ ବୃଦ୍ଧି ପାଏ )—

୧ । ପକ୍ଷୀର ବସା; ଖୋଡ଼—1 Bird's nest.

୨ । ଶରୀର—2. Body.

୩ । ସ୍ଥାନ—3. A place; spot.

୪ । ଜାଲ—4. Web; net; a woven texture.

୫ । ଆଧାର —5. Receptacle.

୬ । କୁକୁର ରହିବା କୋଠରି—
6. Kennel or resting place of a dog. ( M. W. )

**କୁଲାୟନିଲାୟ**—ସଂ. ବି—ପକ୍ଷୀ ବସାରେ ବସି ଡିମ୍ବ ଉଷୁମାଇବା—
Kulāyanilāya Hatching; brooding of a bird.

**କୁଲାୟିକା**—ସଂ. ବି. ( କୁଲାୟ + କ + ସ୍ତ୍ରୀ. ଆ )—
Kulāyikā ୧ । ପଞ୍ଜୁରି—1. Bird-cage.

୨ । ଚଢ଼େଇଖାନା—2. Aviary.

**କୁଲାଲ**—ସଂ. ବି. ପୁଂ. ( କୁ = ମୃତ୍ତିକା + ଲାଲ୍ ଧାତୁ = ଇଚ୍ଛା କରିବା
Kulāla + କର୍ତ୍ତୃ. ଅ )—
( କୁଲାଳୀ—ସ୍ତ୍ରୀ ) ୧ । କୁମ୍ଭକାର; କୁମ୍ଭାର—1. Potter.

୨ । ବନ୍ୟକୁକ୍କୁଟ—2. Wild cock.

୩ । ପେଚା—3. Owl.

**କୁଲାଲଚକ୍ର**—ସଂ. ବି. (୬ଷ୍ଠୀ ତତ୍; କୁଲାଲ + ଚକ୍ର )—କୁମ୍ଭାର ହାଣ୍ଡି ଓ
Kulālachakra କଳସି ଆଦିକୁ ଯେଉଁ ଚକ୍ର ସାହାଯ୍ୟରେ ସମଗୋଲାକାର କରି ଗଢ଼େ—Potter's wheel.

ପରସ୍ପରଙ୍କଦ୍ୱାରୀ ଶୂର ଅମର୍ଷର ଅର୍ଷି
ବୁଲିଲ କୁଲାଲଚକ୍ର ପ୍ରାୟେ ସେ ସଂଗ୍ରାମେ—ରାଧାନାଥ, ମହାଯାତ୍ରା ।

**କୁଲାଲିକା**—ସଂ. ବି. ( କୁଲାଲ + କ + ଆ )—ଚଢ଼େଇଖାନା—
Kulālikā Aviary.

**କୁଲାଲୀ**—ସଂ. ବି. ସ୍ତ୍ରୀ—୧ । କଜ୍ଜ୍ୱଲାର୍ଥ ବ୍ୟବହୃତ ନୀଳ ପ୍ରସ୍ତରବିଶେଷ—
Kulāli 1. A blue stone used as collyrium.

୨ । କୁମ୍ଭାରୁଣୀ—2. A potter woman.

**କୁଲାହ**—ସଂ. ବି. ପୁଂ—ପାଣ୍ଡୁର ଘୋଡ଼ା—A horse of light
Kulāha brown colour. ( Apte )

**କୁଲାହକ**—ସଂ. ବି—୧ । ଝିଟିପିଟି—
Kulāhaka 1. Lizard ( Apte ).

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଜ୍ଞ | ଇୟ | ଓଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଡ଼ | ନ୍ତ |

୨ । ପୋକସୁଂଘା ଗୁଳ୍ମ—
2. The plant Celsia Coromandelina.

**କୁଲାହଲ**—ସଂ. ବି—କୁଲାହକ ୨ ( ଦେଖ )
Kulāhala Kulāhaka 2. ( See )

**କୁଲି**—ସଂ. ବି. ( କୁଲ ଧାତୁ=ଏକତ୍ର କରିବା+କରଣେ. ଇ )—
Kuli ହସ୍ତ—Hand.

ଦେ. ବି—୧ । ଦେଶବିଶେଷ—
1. Name of a country.
କୁଲି ଦେଶର ରାଜା କୋଙ୍କଲେଶ୍ୱର ବୋଲି
ପଦାତି ଲକ୍ଷ ଘୋଡ଼ା ତେଜଣ ଶର ମଧ୍ୟ—ସାରଳା, ଚଣ୍ଡୀପୁରାଣ ।

**କୁଲକୁଚା** ୨ । ( ସଂ. କବଲ ) ପାଣି ପାଟିରେ ରଖି କୁଳୁକୁଳୁ କରିବା;
**କୁଳୁଚା; କୁଲୁଚି** କୁଳୁକୁଞ୍ଚା—
2. Gargling; rinsing of the mouth.

ଦେ. ବିଣ—ନିନ୍ଦୁକ—Blasphemous; slandering.

ପ୍ରାଦେ. ( ଘୁମୁସର ) ବି. ( ସଂ. କୋଲ )—ବରକୋଳି—
The Jejube ( berry ).

**କୁଲି**—ଦେ. ବିଣ. ( ସଂ. କୃଶକ; ଅନ୍ୟ ଶବ୍ଦ ପୂର୍ବେ ବ୍ୟବହୃତ)—କ୍ଷୁଦ୍ର;
Kuli ଛୋଟ—Small; little; diminutive.
( ଯଥା—କୁଲିବେଙ୍ଗ; କୁଲିଗେଣ୍ଡା । )

ପ୍ରାଦେ. (ସମ୍ବଲପୁର) ବି. ପୁଂ.—୧ । ତନ୍ତୀମାନଙ୍କର ଏକ ଶ୍ରେଣୀ—1. A caste of weavers in Sambalpur.
[ ଦ୍ର—ତନ୍ତୀଙ୍କର ଅନ୍ୟ ଶ୍ରେଣୀ କୁଲିଆ ଓ କୋଷ୍ଟା । ]

୨ । (ସ୍ତ୍ରୀ)—ସ୍ତ୍ରୀ; ନାରୀ—2. Woman.

୩ । ସ୍ତ୍ରୀ ମଜୁରିଆର—3. A cooly woman; a female day-labourer.

ପ୍ରାଦେ. (ଗଡ଼ଜାତ) ବି.—ଲୁହା ଜିନିଷ ଗଢ଼ିବା ମଜୁରି—
The wages for making iron articles.

ପ୍ରାଦେ. (ମଧ୍ୟପ୍ରଦେଶ) ବି.—ମଧ୍ୟପ୍ରଦେଶରେ ପ୍ରଚଳିତ ଓଡ଼ିଆ ଭାଷାର ପ୍ରକାରବିଶେଷ—A form of the Ordiā language spoken in the Central Province as reported in the Census report of 1921.

ବୈଦେ. ବି. (ତୁର୍କି)—୧ । ମଜୁରି ଲାଗିବା ଲୋକ—
**କୁଲୀ** 1. A cooly.
**କୁଲୀ** ୨ । ସାଧାରଣ ମୂଲିଆ—2. A day-labourer.

୩ । ମଜୁରିରେ ନିଯୁକ୍ତ ହେବା ଚାକର—
3. A servant working for wages.

୪ । ଚୁକ୍ତିଦ୍ୱାରା ଆବଦ୍ଧ ହୋଇ ଦେଶାନ୍ତରରେ ନିର୍ଦ୍ଦିଷ୍ଟ କାମପାଇଁ ମୂଲଲାଗି ପରିଶ୍ରମସାଧ୍ୟ ଶାରୀରିକ କାର୍ଯ୍ୟ ଆଦି କରିବାକୁ ଯିବା ଲୋକ—4. Indentured labourer emigrating to a foreign country.

[ଦ୍ର—ଏ ଶବ୍ଦ ଇଂରାଜୀଭାଷାରେ ମଧ୍ୟ ବ୍ୟବହୃତ ହେଉଅଛି । ଗଣନାଦ୍ୱାରା ଦେଖା ଯାଇଅଛି ଯେ ଭାରତର ୩୦ କୋଟି ଲୋକ ମଧ୍ୟରୁ ପ୍ରାୟ ୧୭ ଲକ୍ଷ କଲକାରଖାନାମାନଙ୍କରେ କୁଲିଗିରି କରୁଅଛନ୍ତି । ଯଥା;—

| | |
|---|---|
| ରେଲ୍‌ବାଇରେ | ୧ ଲକ୍ଷ ୧୦ ହଜାର |
| କୋଇଲାଖଣିରେ | ୧ ,, ୮୦ ହଜାର |
| ଝୋଟକଲରେ | ୨ ,, ୯୦ ହଜାର |
| ଲୁଗାକଲରେ | ୩ ,, ୫୦ ହଜାର |
| ଚାହାବଗିଚାରେ | ୭ ,, ୫୦ ହଜାର ।] |

**କୁଲିଆ**—ଦେ. ବି.—୧ । କୁଳମଣିର ଡାକ ନାମ—
Kuliā 1. Name for calling 'Kulamaṇi'.

୨ । କୁଲିଆ (ଦେଖ)
Kuliā (See)

ଦେ. ବିଣ.—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ) କୂଳବର୍ତ୍ତୀ; କୂଳସ୍ଥ—
Situated on the bank.
(ଯଥା—ନଈକୂଳିଆ ।)

ପ୍ରାଦେ. (ବାଲେଶ୍ୱର) ବି.—ଯେଉଁ ଡଙ୍ଗାର ତଳ କୋଣଯୁକ୍ତ; ଏସ୍ରବାଲ୍ସ ଡଙ୍ଗା—A cutter.

**କୁଲିଆ**—ଦେ. ବି.—ମୂଲିଆ—
Kuliā A cooly or day labourer.

ପ୍ରାଦେ. (ସମ୍ବଲପୁର) ବି.—(ସଂ. କୋଷ୍ଟୁ)—ବିଲୁଆ; ଶୃଗାଳ—
Jackal.

**କୁଲିଆକତରା**—ପ୍ରାଦେ. ( ଗଞ୍ଜାମ ) ବି.—ଶିଶୁମାନଙ୍କର ଆଖିବୁଜାଳି
Kuliākatarā ଖେଳ—A children's game; the Blind man's Buff.

**କୁଲିଆକାତରା**—ପ୍ରାଦେ. (ଗଞ୍ଜାମ) ବି.—କୁଲିଆକତରା (ଦେଖ)
Kuliākatarā Kuliākatarā (See)

**କୁଲିକ**—ସଂ. ବିଣ. ପୁଂ (କୁଲ+ଇକ)—ସତ୍କୁଳପ୍ରସୂତ—
Kulika Of good family.

ସଂ. ବି.—୧ । ସଗୋତ୍ର ବ୍ୟକ୍ତି; ଜ୍ଞାତି—
1. Kinsman. (M. W.)

୨ । ବାଣୁଆଙ୍କ ଜାତିର ସରଦାର—
2. The chief or headman of a caste-guild. (M. W.)

୩ । ସଦ୍‌ବଂଶୀୟ ଶିଳ୍ପୀ—
3. Any artisan of eminent birth. (M. W.)

୪ । ଶିକାରୀ; ବାଘୁଆ—4. A hunter. (M. W.)

୫ । କଣ୍ଟକୀ ଗୁଳ୍ମବିଶେଷ; କୋକିଲାକ୍ଷ; କୋଇଲେଖାଗୁଳ୍ମ—
5. A thorny plant; Ruellia Longifolia. (M. W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଳ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

୬ । କୁଳବାର; ମଙ୍ଗଳବାର ବା ଶୁକ୍ରବାର—
6. Tuesday or Friday.
୭ । ଅଷ୍ଟ ନାଗରାଜ ମଧ୍ୟରୁ ଏକତମ—7. One of the eight chiefs of the serpent race.
[ ଦ୍ର—ଏହାର ମସ୍ତକୋପରି ଅର୍ଦ୍ଧଚନ୍ଦ୍ର ଚିହ୍ନ ଓ ଏହାର ଦେହ ମାଟିଆ ବର୍ଣ୍ଣ । ]

**କୁଳିକପଟ୍ଟା**—ପ୍ରାଦେ. ( ସମ୍ବଲପୁର ) ବି—କୁଳି ଜାତୀୟ ତନ୍ତୁବାୟଦ୍ୱାରା
Kulikapṭā ବୁଣା ମୋଟା ଲୁଗା—A kind of coarse cloth woven by the Kuli weavers in Sambalpur.

**କୁଳି କରିବା**—ଦେ. କ୍ରି—୧ । ପାଣିକୁ ପାଟିରେ ପୂରାଇ କୁଳୁକୁଳୁ କରିବା—
Kuḷi karibā 1. To wash the mouth by gargling.
कुलिकरा ୨ । ନିନ୍ଦା କରିବା—
कुल्लाकरना 2. To slander or blaspheme a person.

**କୁଳିକା**—ସଂ. ବି. ( କୁଳ+ଇକ+ଆ )—ଜଳ ନିକଟରେ ଜନ୍ମିବା
Kuḷikā କୋଇଲଖିଆ ଶାଗ (ଏହା ବିଶେଷ କଣ୍ଟାଯୁକ୍ତ; କର୍କଶପତ୍ର; ଫୁଲ ଧୂସର ନାଲି)—Hygrophila Spinosa; a thorny shrub growing near water.

**କୁଳିକାମ**—ଦେ. ବି—ନୀଚକାର୍ଯ୍ୟ—Menial work.
Kulikāma
कुलीरकाज
कुलीका काम

**କୁଳିକୁଳି**—ପ୍ରାଦେ. ( ମେଦିନୀପୁର ) ଅ—ଚିରାଚିରା; ଟୁକୁଟୁକୁ
Kulikuli ହୋଇ ( ଲୁଗାଆଦି ଚିରିବା )—
(torn) Into shreds.
( ଯଥା—ସେ ଧୋତିଟା କୁଳିକୁଳି ଫାଡ଼ି ଦେଲା । )

**କୁଳିଗିରି**—ବୈଦେ. ବି. ( ତୁର୍କୀ. କୁଲି+ଫା. ଗିରି )—
Kuligiri ୧ । କୁଲିର କର୍ମ—
कुलिगिरि 1. The work of a cooly or day labourer.
कुलीगिरि ୨ । ମଜୁରିଆରୂପେ ନିଯୁକ୍ତି—
2. Employment as a day labourer.

**କୁଳିଗେଣ୍ଡା**—ଦେ. ବି—ଏକ ଜାତୀୟ କ୍ଷୁଦ୍ର ଗେଣ୍ଡା—
Kuligeṇḍā A small snail.
घुगनी
घोघी

**କୁଳିଙ୍ଗ**—ସଂ. ବି. ( କୁଳ ଧାତୁ+କର୍ତ୍ତୃ. ଇଙ୍ଗ )—୧ । ପକ୍ଷୀ—
Kuḷiṅga 1. Bird.
୨ । ଘରଚଟିଆ ପକ୍ଷୀ—2. Sparrow.
୩ । ମୂଷିକବିଶେଷ—3. A kind of mouse.
୪ । କକର୍ଦ୍ଦାଶୃଙ୍ଗୀ ( ହି. ଶବ୍ଦସାଗର ) ( ଦେଖ )
4. Kakardāśṛuṅgi ( See )

**କୁଳିଙ୍ଗ**—ଦେ. ବି. ( ସଂ. କୁଳିଙ୍ଗ )—ପକ୍ଷୀବିଶେଷ; କପୋତ—
Kuliṅga Dove.
କୁଳିଙ୍ଗ ପକ୍ଷୀ ପକ୍ଷୀ ମେଳେ
ବସି ଯେ ଅଛି ବୃକ୍ଷଡାଳେ । ଜଗନ୍ନାଥ, ଭାଗବତ ।

**କୁଳିଚାଲାଣି**—ଦେ. ବି—ନିର୍ଦ୍ଦିଷ୍ଟ କେନ୍ଦ୍ରକୁ କୁଲି ପଠାଇବା କର୍ମ—
Kulichālāṇi Sending up of indentured labourers to a depot.
कुलिचालानी
कुली रवाना

**କୁଳିଞ୍ଜନ**—ସଂ. ବି—ମହାଭରିବଚ; ହରଦ୍ରାଦି ବର୍ଗର ଶାକବିଶେଷ—
Kuliñjana Alpina Galanga (plant).
(ଅପର ସଂ. ନାମ [ ଦ୍ର—ଏଥିର ଡାଙ୍ଗରେ ଅନେକ ପତ୍ର ଧରେ
ସୁଗନ୍ଧା) ଏବଂ ତାଙ୍କ ମନୁଷ୍ୟ ଉଚ୍ଚରେ ବଢ଼େ; ଫୁଲ ଅରକ୍ତ ଓ ମଧ୍ୟଫଳ; ଏ ଗଛ ଉଦ୍ୟାନରେ ଦେଖାଯାଏ—ଯୋଗେଶଚନ୍ଦ୍ର । ଏହା ଉଗ୍ରଗନ୍ଧବିଶିଷ୍ଟ, କଫକାସନାଶକ, ସ୍ୱରକାରକ ଓ ରୁଚିକର; ଏହା ହୃଦୟ, କଣ୍ଠ ଓ ମୁଖଶୋଧକ । ସ୍ଥୂଳଗ୍ରନ୍ଥିବିଶିଷ୍ଟ କୁଲିଞ୍ଜନକୁ ମହାଭରି କହନ୍ତି । ]

**କୁଳିତା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କୁଳତ୍ୟାଗ ? )—
Kulitā କୁଲତା ( ଦେଖ )
Kultā ( See )
[ଦ୍ର—କଥିତ ଅଛି ଯେ ଏମାନେ କଟକ, ଅନୁଗୁଳ ଓ ମୋଗଲବନ୍ଦି ଆଡ଼ୁ ସମ୍ବଲପୁରକୁ ଯାଇଥିଲେ । ରେଢ଼ାଖୋଲ ପର୍ଯ୍ୟନ୍ତ ଚଷା ଜାତି ଅଛନ୍ତି । ମାତ୍ର ସମ୍ବଲପୁରରେ କୃଷକମାନଙ୍କର ନାମ କୁଲତା । ଏମାନଙ୍କ ସଂଖ୍ୟା ସମ୍ବଲପୁର ଜିଲ୍ଲାର ସମସ୍ତ ଶ୍ରେଣୀରଙ୍କ ସଂଖ୍ୟାର ½ । ]

**କୁଳି ଧରା**—ଦେ. ବି—କୁଳିଧରିବା କର୍ମ ( ଦେଖ )
Kuli dharā The act of Kulidharibā ( See )

**କୁଳିଧରିବା**—ଦେ. କ୍ରି—କୁଲି ସଂଗ୍ରହ କରିବା—
Kuli dharibā To recruit coolies for indentured-labour.
कुलिधरा
कुलीपकड़ना

**କୁଳି ପକାଇବା**—ଦେ. କ୍ରି—କୁଳୁକୁଳୁଣି କରି ସାରିବା ପରେ ମୁହଁରୁ ପାଣିକୁ
Kuli pakāibā ବାହାର କରିବା—To throw out the
कुलकुचा फेला gargled water from the mouth.
कुल्ली फेंकना

**କୁଳିବା**—ଦେ. କ୍ରି—ନିନ୍ଦା କରିବା—To blame; to traduce.
Kuḷibā

**କୁଳିବେଙ୍ଗ**—ଦେ. ବି—ଅତି କ୍ଷୁଦ୍ର ବେଙ୍ଗ; ଛୁଆବେଙ୍ଗ—
Kuliberiga Very small frogs.
বেঙাছি
बेंगुचि

**କୁଳିଶ**—ସଂ. ବି. ( କୁ+ଲିଶ୍ ଧାତୁ+ଅ )—୧ । କୁଲୀଶ (ଦେଖ)
Kuḷisa 1. Kuḷisa (See)
୨ । କୁରାଢ଼ୀ; ଠାଙ୍ଗିଆ—2. Axe; hatchet. (M. W.)
୩ । ହୀରକ—3. A diamond. (M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଂ | ଉଂ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ | ନ୍‌ |

୪ । ଗୁଳ୍ମବିଶେଷ—4. The plant Heliotropium Indicum. (M. W.)

**କୁଳଶାସନ**—ସଂ. ବି—ଶାକ୍ୟ ମୁନି; ବୁଦ୍ଧଦେବ—An epithet of
Kulisāsana Sākyamuni or Buddha.

**କୁଳି ସରଦାର**—ବୈଦେ. ବି. ( ଉର୍ଦ୍ଦୁ )—୧ । ବିଦେଶକୁ ପଠାଯିବା
Kulisaradāra ନିମନ୍ତେ ଚୁକ୍ତିବଦ୍ଧ କୁଳି ସଂଗ୍ରହ କରିବା
कुलिसर्दार ନିମନ୍ତେ ଯେଉଁ ବ୍ୟକ୍ତି ମଫସଲରେ ବୁଲେ—
**कुलीका सरदार** 1. A cooly recruiter.

୨ । କେତେ ଜଣ କୁଳିଙ୍କ ମଧ୍ୟରେ ଦଳପତି—
2. A headman of a gang of coolies.

**କୁଳିହା**—ପ୍ରାଦେ. ( ସମ୍ବଲପୁର ) ବି—୧ । କୁଳିଆ ( ଦେଖ )
Kulihā 1. Kuliā ( See )

୨ । ବୃହତୀ; ଲଟାବେଙ୍ଗକୋଳି ଗୁଳ୍ମ—
2. Solanum Indicum ( plant ).

**କୁଳୀ**—ସଂ. ବି—୧ । କଣ୍ଟାଇ କୋଳି ଗୁଳ୍ମ—
Kulī Solanum Jacquini; the Prickly Nightshade. ( M. W. )

ସଂ. ବିଣ. ପୁଂ. (କୁଳ+ଇନ୍; ୧ମା ୧ବ.)—ଉଚ୍ଚବଂଶୀୟ—
(କୁଳିନୀ—ସ୍ତ୍ରୀ) Belonging to a noble family. (M. W.)

**କୁଳୀନ**—ସଂ. ବିଣ. (କୁଳ+ଈନ)—୧ । ଉଚ୍ଚଜାତିର (ଘୋଡ଼ା; ହାତୀ)—
Kulīna 1. (horse or elephant) Of good breed.

୨ । ସଦ୍‌କୁଳୋଦ୍ଭବ—2. Of a high or noble descent; respectable.

(କୁଳୀନା—ସ୍ତ୍ରୀ) ଦେ. ବିଣ—ଶ୍ରେଷ୍ଠ ବଙ୍ଗୀୟ ବ୍ରାହ୍ମଣ କୁଳରେ ଜାତ—
Belonging to certain noble families of Brāhmaṇas ennobled under orders of the ancient Rajas in Bengal and Orissa.

**କୁଳୀନକ**—ସଂ. ବିଣ. ପୁଂ — କୁଳୀନ ( ଦେଖ )—
Kulīnaka Kulīna ( See )

ବି—ଏକପ୍ରକାର ଶିମ୍ବ—A kind of kidney bean.

**କୁଳୀନତା**—ସଂ. ବି. ( କୁଳୀନ+ଭାବେ. ତା )—ସତ୍‌କୁଳରେ ଜନ୍ମିବାର
Kulīnatā ଅବସ୍ଥା—Respectability.

ଦେ. ବି—ରାଜା ବଲ୍ଲାଲ ସେନଙ୍କ ଦ୍ୱାରା ବଙ୍ଗଦେଶରେ ପ୍ରବର୍ତ୍ତିତ ଉଚ୍ଚବଂଶ ମର୍ଯ୍ୟାଦା; ବଙ୍ଗଦେଶୀୟ ବ୍ରାହ୍ମଣମାନଙ୍କ ମଧ୍ୟରେ କୁଳୀନ ପ୍ରଥା—Kulīnism amongst the Brahmans of Bengal; the status of respectability due to being born of a family declared as noble by certain rules promulgated by Raja Ballāla Sena of Bengal.

[ଦ୍ର—ଏ ପ୍ରଥା ବଙ୍ଗ ଦେଶରେ କ୍ରମଶଃ କମୁଅଛି । ବିନାକେତେ ସମାଜରେ ଏ ପ୍ରଥା ଯୋଗୁଁ ବିଶେଷ ବିଷମୟ ଫଳ ଘଟୁଥିଲା; ଅନେକ କନ୍ୟା ଆଜୀବନ କୁମାରୀ ରହୁଥିଲେ ଓ ଅନେକ ବର ବହୁପତ୍ନୀ ବିବାହ କରୁଥିଲେ । କୁଳୀନ ବଂଶର କନ୍ୟାପିତା କୁଳୀନ ବର ହସ୍ତରେ କନ୍ୟାକୁ ଦାନ କରିବା ପାଇଁ ସର୍ବସ୍ୱାନ୍ତ ହେଉଥିଲେ ।]

**କୁଳୀର**—ସଂ. ବି. ( କୁଳ ଧାତୁ=ବିସ୍ତାର କରିବା+କର୍ତ୍ତୃ. ଈର )—
Kulīra ୧ । କର୍କଟ; କଙ୍କଡ଼ା—1. Crab.

୨ । ଜ୍ୟୋତିଷୋକ୍ତ କର୍କଟରାଶି—2. The 4th sign of the Zodiac; the sign of Cancer.

**କୁଳୀରକ**—ସଂ. ବି. (କୁଳୀର+ସ୍ୱାର୍ଥେ. କ)—କୁଳୀର (ଦେଖ)
Kulīraka Kulīra (See)

**କୁଳୀଶ**—ସଂ. ବି. ( କୁଳ=ପର୍ବତ+ଶୋ ଧାତୁ=ଦାରଣ କରିବା+
Kulīsa କରଣ. ଅ; ଯାହାଦ୍ୱାରା ଇନ୍ଦ୍ର ପର୍ବତମାନଙ୍କୁ ବିଦାରଣ କରିଥିଲେ; କିମ୍ବା କୁଳ=ହସ୍ତ+ଶୀ ଧାତୁ=ଶୋଇବା +କର୍ତ୍ତୃ. ଅ; ଯାହା ଇନ୍ଦ୍ରଙ୍କ ହସ୍ତରେ ଶୋଇ ଥାଏ )—

୧ । ବଜ୍ର—1. Thunder-bolt.

୨ । ଇନ୍ଦ୍ରଙ୍କ ବଜ୍ରାସ୍ତ୍ର—2. The thunder-bolt of Indra.

୩ । କଲାବାଇଁଶି ମାଛ; ମତ୍ସ୍ୟବିଶେଷ—3. A kind of fresh-water fish; Labeo Gonius; Labeo Calbasu; Pomotis.

[ ଦ୍ର—ଏହା କଷାୟ, ମଧୁର ରସ, ହୃଦ୍ୟ, ଅଗ୍ନି ଓ ବଳବର୍ଦ୍ଧକ, ସ୍ନିଗ୍ଧ, ଲଘୁ ଓ ମଳସଂଗ୍ରାହକ; ଏହା ବାୟୁରୋଗ ଓ ଅରୁଚିରେ ଉପକାରୀ । ]

୪ । ଅଗ୍ରଭାଗ—4. The top; apex.

**କୁଳୀଶଧର**—ସଂ. ବି. ପୁଂ.—(ବହୁବ୍ରୀହି; କୁଳୀଶ+ଧର)—
Kulīsadhara କୁଳୀଶପାଣି (ଦେଖ)
Kulīsapāṇi (See)

**କୁଳୀଶନାୟକ**—ସଂ. ବି.—ରତିବନ୍ଧବିଶେଷ—A particular pose
Kulīsanāyaka during coition.

**କୁଳୀଶପାଣି**—ସଂ. ବି. ପୁଂ. (ବହୁବ୍ରୀହି; କୁଳୀଶ+ପାଣି)—ଇନ୍ଦ୍ର—
Kulīsapāṇi God Indra.

**କୁଲୁ**—ଗ୍ରା. ବୈଦେ. ବି.—(ଅ. କୁଲ୍‌)—କୁଲ୍‌ (ଦେଖ)
Kulu Kul (See)

**କୁଳୁଅାଁ**—ଦେ. ବି.—କୁଣିଅାଁ (ଦେଖ)
Kuluāñ Kuniāñ (See)

**କୁଳୁକ**—ସଂ.ବି.—(କୁଲ୍ ଧାତୁ=ଏକତ୍ରିତ ହେବା+କର୍ତ୍ତୃ. ଉକ)—ଜିଭ
Kuluka ଉପରେ ବସିଥିବା ଛିଡଅ—The fur or foulness of the tongue (Apte).

**କୁଳୁକୁଞ୍ଚା**—ଦେ. ବି. (ଧ୍ୱନ୍ୟର୍ଥକ; ତୁଳ. ସଂ. କୁଳୁକ=ଜିଭ ଉପରେ
Kulukuñchā ବସିଥିବା ଛିଡଅ; ତୁଳ. ସଂ. କବଳ; କଳ
कुल्‌कुचा ଧାତୁ=ଶବ୍ଦ କରିବା ଓ କଚ ଧାତୁ=ମାର୍ଜନ କରିବା)—
**कुल्ला, कुल्ली, गरारा** ୧ । ଭୁଣ୍ଡ ଭିତରେ ପାଣି ପୂରେଇ ଏକଲ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଭିନ୍ନ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ସେକଲ କରିବା କର୍ମ; କୂଳ କରିବା—1. Gargling; rinsing of the mouth.
୨ । କୂଳ କରି ଯାଇଥିବା ଜଳ—2. Gargled water.

**କୁଳୁକୁଳ୍**—ଦେ. ଅ. (ଧ୍ୱନ୍ୟନୁକରଣ)—କୁଳୁକୁଳୁ (ଦେଖ)
Kulukul — Kulukulu (See)

**କୁଳୁକୁଳ୍ କରି ଚାହିଁବା**—ଦେ. କ୍ରି—ମନୋରମ୍ୟ ରୂପେ ଚାହିଁବା—
Kulukul kari chāhiṅbā — To look at a thing gracefully.
[ ଦ୍ର—ଏହି ଶବ୍ଦ ଶିଶୁମାନଙ୍କ ମଧୁର ଚାହାଁଣି ସମ୍ବନ୍ଧେ ବ୍ୟବହୃତ ହୁଏ । ]

**କୁଳୁକୁଳା**—ପ୍ରାଦେ. (ଗଞ୍ଜାମ)—ବି.—ଭର୍ତ୍ସନା; ଗାଳିମନ୍ଦ—
Kuḷukuḷā — Abuse; evil names.

**କୁଳୁକୁଳା**—ପ୍ରାଦେ (ସମ୍ବଲପୁର) ବି.—ପାଣିରେ ଘାଉଁରି ଖାଇ ପହଁରିବା
Kulukulā — ଏକ ପ୍ରକାର ପୋକ; ପାଣିଉଅଁର ବା କେଉଡ଼ିଆ ପୋକ—A kind of aquatic insect.

**କୁଳୁକୁଳିଆ**—ଦେ. ବିଣ.—(ସ୍ନେହସୂଚକ ପ୍ରୟୋଗ)—୧ । ଯେ (ଯେଉଁ
Kulukuliā — ଶିଶୁ) କୁଳୁକୁଳୁ କରି ଚାହେଁ—1. (child) Who
कुलकुलिया — looks at a thing gracefully.
୨ । ଝୁଲୁବୁଲିଆ; ଅସ୍ଥିର—2. Restless.
୩ । ଅସ୍ଥିର ଓ ସୁନ୍ଦର (ଶିଶୁ)—
3. Tiny and charming (child).

**କୁଳୁକୁଳୁ**—ଦେ. ବି. (ଧ୍ୱନ୍ୟନୁକରଣ; ତୁଳ.ସଂ. କଳନାଦ)—୧ । ପାଟିରେ
Kuḷukuḷu — ଜଳ ପୂରାଇ ଏକଲ ସେକଲ କରିବା ଧ୍ୱନି—
कुलकुल — 1. The sound of gargling.
कुलकुल — ୨ । ନଦୀ ପ୍ରବାହର ଧ୍ୱନି; କଳକଳ ଧ୍ୱନି—
2. Gurgling sound of water flowing over shallow pebbles.

**କୁଳୁକୁଳୁ**—ଦେ. ଅ. (ଧ୍ୱନ୍ୟନୁକରଣ)—ଏକ ସ୍ଥାନରେ ବା ଅଳ୍ପସ୍ଥାନ ମଧ୍ୟରେ
Kulukulu — ବହୁ ଅସ୍ଥିର ହେବା; ଝଳ୍‌ବଳ୍; ଝୁଲୁବୁଲୁ—
Moving one's body or limbs restlessly within a limited space.

ବାଆ କୁଳୁକୁଳୁ କଲ ଲୋ ମା ! ଡାଆଣୀ ହାତରେ ବାଡ଼ି,
ଦୁଇ ହାତକୁ ଦେଖିଁ ଲୋ ମା ! ଦୁଇ ମୁଠା ଚୂଡ଼ି । (ଶିଶୁଗୀତ)

**କୁଳୁକ୍କଗୁଞ୍ଜ**—ସଂ. ବି.—ମଶାଲ; ନିଆଁଖୁଣ୍ଟା; ନିଆଁହୁଳା—
Kuḷukkaguñjā — Fire-brand. (Apte; M.W.)

**କୁଳୁଙ୍ଗ**—ସଂ. ବି.—(ତୁଳ. ଓ. ଖୁରୁଙ୍ଗ)—କୁରଙ୍ଗ; ମୃଗ—
Kuḷuṅga — Antelope. (M.W.)

**କୁଳୁଚି**—ଦେ. ବି.—(ତୁଳ. ସଂ. କଡ଼ଙ୍ଗର=କୁଣ୍ଡା; ସଂ. କଣିକ)—
Kuḷuchi — ଗୋରୁଙ୍କୁ ପାଣି ବା ତୋରାଣି ସଙ୍ଗେ ଗୋଳାଇ
कुड़चि — ଖାଇବାକୁ ଦେବାପାଇଁ ଦରକୁଟା ଧାନ; ଦରକୁଟା
अधाधा; खुरकुबा — ଓ ଦରସିଝା ଧାନ—Partly pounded unhusked paddy (boiled or unboiled) for feeding cattle.

**କୁଳୁଥ**—ପ୍ରାଦେ. (ସମ୍ବଲପୁର) ବି.—(ସଂ. କୁଳଥ)—କୋଳଥ—
Kuluthā — Chick-pea; a kind of grain.

**କୁଲୁପ**—ପ୍ରାଦେ. (ବାଲେଶ୍ୱର) ବି.—(ତୁଳ. ବ. କୁଲୁପ୍; ହି. କୁଲୁପ୍; ଅ. କୁଫଲ୍)—କୋଲପ—Padlock.
Kulupa
ଦ୍ରବ୍ୟକୁ ଦେଖିବ ଯେବେ ଫିଟାଅ କୁଲୁପ । ପ୍ରାଚୀ. ବ୍ରହ୍ମଜରୂପଣଗୀତା ।
[ ଦ୍ର—ବାଲେଶ୍ୱର ଅଞ୍ଚଳରେ ଓକାରାଦ୍ୟ ଶବ୍ଦକୁ ଉକାରାଦ୍ୟ କରି ଉଚ୍ଚାରଣ କରନ୍ତି । ଯଥା—ଗୋଡ଼କୁ—ଗୁଡ଼; ଗୋରକୁ—ଗୁର; କୋଲପକୁ—କୁଲୁପ; ଗୋଟାଏକୁ—ଗୁଟାଏ; ଗୋଲକୁ—ଗୁଲ । ]

**କୁଲୁପାତ୍ର**—ପ୍ରାଦେ. (ସମ୍ବଲପୁର) ବି—ଶୃଗାଳ; ବିଲୁଆ—
Kulupātra — Jackal.

**କୁଲୁପି**—ବୈଦେ. ବି. ( ଅ. କୁଲ୍‌ଫୀ )—
Kulupi — ୧ । ଦୁଧ ଆଦିକୁ ବରଫ ସାହାଯ୍ୟରେ ଜମାଟ୍ କରି
कुल्फी, कुल्फि — ରଖିବା ଖୋଳ—1. The metal case or
कुलफी — mould for ice-cream.
୨ । ଜମାଟ୍ ଦୁଧ—2. Ice-cream.

**କୁଲୁପି ବରଫ**—ବୈଦେ. ବି. ( ଅ. କୁଲ୍ଫୀ+ବର୍ଫ )—
Kulpi barapha — ବରଫ ସାହାଯ୍ୟରେ ଜମାଟ କରାଯାଇ ଖୋଳରେ
कुल्फि बरफ — ରଖା ଯାଇଥିବା ଦୁଗ୍ଧ—Ice-cream pre-
कुल्फी बर्फ — served in a metal mould.

**କୁଳୁବୁର୍ଡ଼ା**—ଗ୍ରା. ବି. ପୁଂ—କୁଳବୁଡ଼ା ( ଦେଖ )
Kuḷuburḍā — Kuḷaburḍā ( See )

**କୁଲୁମି**—ଦେ. ବି—ଏକ ପ୍ରକାର ଲିହଣ ( ଯାହା ଦ୍ୱାରା ଚିତ୍ରକରମାନେ
Kulumi — ମୁକୁଟ ପ୍ରଭୃତିରେ ଖୋଦନ କାର୍ଯ୍ୟ କରନ୍ତି । ]
A kind of small chisel for doing fine gem-setting work.

**କୁଳୁମୁଛୁଳି**—ଦେ. ବିଣ. (ସଂ କୂଳ+ଉଚ୍ଛଳନ)—
Kuḷumuchhuḷi — ୧ । ଅତି ଉଚ୍ଛନ୍ନ; ଅତ୍ୟଧିକ ଆଗ୍ରହାନ୍ୱିତ ଓ
लबलहक — ବ୍ୟାକୁଳ—1. Excessively eager.
( ଯଥା—ସେ ମୋ ପାଖେ ଦୁଇ ଘଡ଼ି ନ ରହି କୁଳୁମୁଛୁଳି ହୋଇ ଗାଁଆଁକୁ ପଳେଇ ଗଲା । )
୨ । ପ୍ରଚୁର; ଅତ୍ୟଧିକ—2. Excessive.
( ଯଥା—ଏ ପୋଖରୀରୁ କୁଳୁମୁଛୁଳି ମାଛ ମରୁ ଅଛନ୍ତି । )

**କୁଲୁହାଁ**—ଦେ. ବି—କୁଣିଆଁ ( ଦେଖ )
Kuluhāṅ — Kuniāṅ ( See )

**କୁଲେଇ**—ଦେ. ବି. (ସଂ. କୁଲ୍ୟ )—
Kulei — ଛୋଟକୁଲା; ମାଇକିନିଅପିଲା ବା ଶିଶୁବାଳକମାନେ
पातिकुलो — ଧୂଳିଘର କରି ଖେଳିବାବେଳେ ବ୍ୟବହୃତ ସାନ କୁଲା—
सुपलि, डगरी — A small winnowing fan used as a plaything by girls.
ଅଣରେ ପିଲେ କୁଲେଇ, ମେଘ ଯାଉ କୁଲେଇ । ଶିଶୁବଚନ ।

| ୧ | ଇ | ଉ | ର୍‌,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ତ |

କୁଲେଚର—ସଂ. ବି—ଗୁଳ୍ମବିଶେଷ—
Kulechara A kind of plant ( M. W. )

କୁଲେର୍—ପ୍ରାଦେ. (ସମ୍ବଲପୁର) ବି. ( ସଂ. କୁଲ୍ୟାଳ )—ଏକ ପ୍ରକାର
Kuler ଜଳଜ ଶାକ (ଏହା ଜଳ ବା ଜୋଡ଼ି କୂଳରେ ହୁଏ)—
A kind of aquatic pot-herb.

କୁଲେଶ୍ୱର—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କୁଳ+ଈଶ୍ୱର )—
Kuleśwara ୧ । ବଂଶ ବା ପରିବାରର କର୍ତ୍ତା—
(କୁଲେଶ୍ୱରୀ—ସ୍ତ୍ରୀ) 1. The head of a family; pater-familias.
୨ । ଶିବ; ମହାଦେବ—2. A name of Śiba.

କୁଲୋତ୍କଟ—ସଂ. ବିଣ. ପୁଂ. ( କୁଳ+ଉତ୍କଟ )—ସତ୍କୁଳପ୍ରସୂତ—
Kulotkata High born.
ବି—ଭଲ ଜାତିଆ ଘୋଡ଼ା—
A horse of a good breed.

କୁଲୋଦ୍ଗତ—ସଂ. ବିଣ. ( ୫ମୀ ବା ୭ମୀ ତତ୍; କୁଳ+ଉଦ୍ଗତ )—
Kulodgata କୁଳଜ ( ଦେଖ )
Kulaja ( See )

କୁଲୋଦ୍ୱହ—ସଂ. ବିଣ. (କୁଳ+ଉତ୍+ବହ ଧାତୁ+କର୍ତ୍ତୃ. ଅ )—
Kulodbaha କୁଳର ପ୍ରତିଷ୍ଠାତା—
The founder of a family.

କୁଲୋଦ୍ଭବ—ସଂ. ବିଣ. ( ୫ମୀ ବା ୭ମୀ ତତ୍; କୁଳ+ଉଦ୍ଭବ )—
Kulodbhaba କୁଲୋଦ୍ଗତ ( ଦେଖ )
Kulodgata ( See )

କୁଲ୍ଫ—ସଂ. ବି. ( କୁଲ ଧାତୁ+ଫ )—
Kulpha ୧ । ରୋଗ—1. Disease.
୨ । ( ବୈଦିକ ) ବଳାଗଣ୍ଠି; ଗୁଲ୍ଫ—
2. Ankle. ( M.W. )

କୁଲ୍ୱକ—ସଂ. ବି. ( କୁଲ ଧାତୁ+ବକ )—କୁଳୁକ ( ଦେଖ )
Kulbaka Kuluka ( See )

କୁଲ୍ମଲ—ସଂ. ବି. (କୁଲ ଧାତୁ+ମଲ)—୧ । ପାପ—
Kulmala 1. Sin.
୨ । ଶରର ମୁନ କାଠି ସଙ୍ଗେ ଯୋଗ ହେବା ଅଂଶ—
2. The part of an arrow by which the head is attached to the shaft ( Apte ).

କୁଲ୍ମାଷ—ସଂ. ବି. ( କୁଲ ଧାତୁ+ମାଷ )—
Kulmāsha ୧ । କାଞ୍ଜି—
1. Sour gruel or boiled-rice-water.
[ ଦ୍ର—ଏଥିରେ ମୂଳା ଓ କଖାରୁ ଅବା ଫଳ ମଧ୍ୟ ପକାଯାଇ ସଢ଼ା ଯାଏ । ]
୨ । ବୁଟଡାଲି; ସିଝାବୁଟ; ଘୁଗୁନିଦାନା—
2 Boiled or stewed grain.

୩ । ଅର୍ଦ୍ଧପକ୍ୱ ଯବ—
3. Half ripe barley. ( M.W. )
୪ । ରାଜମାଷ—
4 A sort of Phaseolus ( grain). ( M.W. )

କୁଲ୍ୟ—ସଂ. ବି. ( କୁଲ୍ ଧାତୁ=ରାଶି କରିବା+କର୍ମ. ଯ )—
Kulya ୧ । ଅସ୍ଥି; ହାଡ଼—1. Bone.
୨ । ମାଂସ—2 Flesh.
୩ । (+କରଣ. ଯ) ସୂର୍ପ; କୁଲା—2. Winnowing fan.
୪ । ଶବଦାହ ପରେ ସଂଗୃହୀତ ଅସ୍ଥି ରଖିବା ପାତ୍ର—
4. A receptacle for bones left from a burnt corpse. ( M. W. )
ବିଣ. ପୁଂ. ( କୁଳ+ଯ )—୧ । ସତ୍କୁଳପ୍ରସୂତ—
1. Born of a high family.
( କୁଲ୍ୟା—ସ୍ତ୍ରୀ ) ୨ । ମାନନୀୟ—2. Respectable.

କୁଲ୍ୟା—ସଂ. ବି. ସ୍ତ୍ରୀ. ( କୁଲ୍ ଧାତୁ=ରାଶି କରିବା+ଯ+ସ୍ତ୍ରୀ. ଆ )—
Kulyā ୧ । କୃତ୍ରିମ କ୍ଷୁଦ୍ର ନଦୀ—
1. Canal; artificial rivulet.
୨ । ଗଡ଼ଖାଇ; ପରିଖା—2. Ditch, moat; trench.
୩ । ପ୍ରବାହ—3. An artificial current.
୪ । କ୍ଷୁଦ୍ର ଖାତ—4. A ditch or small tank.
୫ । ପୟଃପ୍ରଣାଳୀ—5. Drainage.
୬ । କୁଳସ୍ତ୍ରୀ; ଭଦ୍ରଝିଅଣୀ; କୁଳବଧୂ—
6 A woman of respectable family.

କୁଲ୍ୟାଳି—ସଂ. ବି—ପାଣି କୂଳରେ ହେବା ଏକପ୍ରକାର ଶାଗ—
Kulyāli A kind of aquatic pot-herb.

କୁଲ୍ଲୁକ—ସଂ. ବି. (ନାମ)— ମନୁସଂହିତାର ବିଖ୍ୟାତ ଟୀକାକାର—
Kulluka Name of a celebrated commentator.
[ ଦ୍ର—ଏହାଙ୍କର ଉପାଧି ଭଟ୍ଟ । ଏ ଗୌଡ଼ଦେଶରେ ସପ୍ତଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ]

କୁଲ୍ଲେ—ପ୍ରାଦେ. ( ମେଦିନୀପୁର ) ଅ. (ଭୁଲ ବି. କୁଲ୍ଲେ)—କୁଲ୍;
Kulle ସର୍ବସୁଦ୍ଧା—In all; total.

କୁଲ୍ହିଆ—ପ୍ରାଦେ. ( ସମ୍ବଲପୁର ) ବି—କୁଲିଆ ( ଦେଖ )
Kulhiā Kuliā ( See )

କୁଶ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କ୍ରୋଶ )—କ୍ରୋଶ; ଦୁଇ
Kuś ମାଇଲ୍ ଦୂରତ୍ୱ—A unit of distance; two miles.

କୁଶ୍ନା—ପ୍ରାଦେ. ( ସମ୍ବଲପୁର ) ବି—ହାଣ୍ଡିଆ ମଦ—
Kuśnā A sort of wine made from fermented boiled rice.

କୁଶନାଡ଼—ଦେ. ବି—କୁଶ ଗଛର ନାଡ଼ ବା ଡାଙ୍ଗ—
Kuśanārda The stem of Kuśa grass.
କୁଶନାଡ଼ ଚଅ ଏକ ମନ୍ତ୍ରିଲ ଦିର—ମାଦଗ୍ରହଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ସ୍ଥାନରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**କୁଶ୍ରା**—ପ୍ରାଦେ. (ସମ୍ବଲପୁର) ବି. (ସଂ. କୁଳୀଶ)— କଲାବାଇଁଗି ମାଛ—
Kuśrā A sort of fresh-water fish.

**କୁଶ୍‌ଲି**—ପ୍ରାଦେ. ( ସମ୍ବଲପୁର ) ବି—କୁଶଳି ( ଦେଖ )
Kuśli Kuśaḻi ( See )

**କୁଶ୍** ( ଧାତୁ )—ସଂ.—୧ । ଆଲିଙ୍ଗନ କରିବା—
Kuś ( root ) 1. To embrace.
୨ । ବେଢ଼ିବା—2. To enfold.

**କୁଶ**—ସଂ.ବି. (କୁ=ପୃଥିବୀ+ଶୀ ଧାତୁ=ଶୟନ କରିବା + ଅଧିକରଣେ.ଅ; ଯାହାକୁ ପାରି ପୃଥିବୀରେ ଶୟନ କରାଯାଏ —
Kuśa
ସଂ.—ଦର୍ଭ, ଯଜ୍ଞଭୂଷଣ, ସୂଚୀପତ୍ର
କୁশ
কুশা
ତେ. ଦର୍ଭ

୧ । ଶ୍ରାଦ୍ଧତର୍ପଣାଦି ବୈଦିକ ଅନୁଷ୍ଠାନରେ ବ୍ୟବହୃତ ହେଉଥିବା ଏକପ୍ରକାର ତୃଣ—
1. A species of grass used in the performance of religious ceremonies. Eragrostis Cynosuroides; Poa Cynosuroides.
[ ଦ୍ର—ଏହା ଦୁଇ ପ୍ରକାର; ଯଥା—ଶ୍ୱେତ ଓ କୃଷ୍ଣ । ]
୨ । ପୁରାଣୋକ୍ତ ଦ୍ୱୀପବିଶେଷ; କୁଶଦ୍ୱୀପ—
2. One of the 7 islands making up the world ( as described by the ancient Hindus ).
୩ । ଲଙ୍ଗଳର ଈଷକୁ ଯୁଆଳି ସଙ୍ଗେ ବାନ୍ଧିବା ପାଇଁ ବ୍ୟବହୃତ କୁଶଦଉଡ଼ି—
3. A rope of Kuśa grass to tie the beam or pole of a plough with the yoke.
୪ । ଜଳ —4. Water.

୧ ଓ ୪ ଅର୍ଥ—ବୁଡ଼ଣା କୁଟଅଗ୍ର କୁଶବିନ୍ଦୁରେ ସିନ୍ଧୁରେ ଯାହାକୁ ନୋହି.
ଉପ. ବୈଦେହୀଶବିଳାସ ।

୫ । ଶ୍ରୀରାମଙ୍କର ବଡ଼ ପୁଅ—
5. Name of the elder of the twin sons of Rāmachandra.

[ ଦ୍ର—ଏ ସୀତାଙ୍କ ଯମଜ ପୁତ୍ର ମଧ୍ୟରୁ ପ୍ରଥମେ ଭୂମିଷ୍ଠ ହୋଇ ବାଲ୍ମୀକିଙ୍କ ତପୋବନରେ ବଢ଼ି ବାଲ୍ମୀକିଙ୍କଠାରୁ ଶିକ୍ଷା ପାଇଥିଲେ । ରାମ ଏହାଙ୍କୁ କୁଶାବତୀ ନଗରୀର ରାଜା କରି ଦେଇଥିଲେ, କିନ୍ତୁ ପରେ ଏ ଅଯୋଧ୍ୟାକୁ ଫେରି ଆସିଥିଲେ । ]

ସଂ. ବିଣ—୧ । ମତ୍ତ—1. Maddened.
୨ । ହୀନ; ଖଳ—2. Wicked; vile; depraved.
୩ । ମାତାଲ୍—3. Intoxicated; inebriated.
୪ । ପାପିଷ୍ଠ—4. Sinful; depraved.

ଗ୍ରା. ବିଣ—୧ । କୃଷ୍ଣଙ୍କ ଡାକ ନାମ—
1. Name for calling Kṛushṇa.
୨ । ( ଲକ୍ଷଣାର୍ଥ ) ବ୍ରାହ୍ମଣ—2. A Brāhmaṇa.
ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କ୍ରୋଶ )—କ୍ରୋଶ; ଦୁଇ ମାଇଲ୍ ଦୂରତ୍ୱ—A distance of two miles.

**କୁଶଗଣ୍ଠି**—ଦେ. ବି. ( ସଂ. କୁଶଗ୍ରନ୍ଥି )—
Kuśaganṭhi ୧ । କୁଶରେ ପକାଯିବା ଗଣ୍ଠି—
1. A knot made with the Kuśa grass.
[ ଦ୍ର—ବ୍ରାହ୍ମଣଙ୍କ ପଇତା ଅକସ୍ମାତ୍ ଛିଣ୍ଡି ଗଲେ ଛିଣ୍ଡା ପଇତାରେ କୁଶଗଣ୍ଠି ପକାଇ କେତେକ ସମୟ କେହି କେହି କାମ ଚଳାନ୍ତି । ]
୨ । ମୁକୁଳା କେଶରୁ କେତୋଟି ଧରି ତହିଁରେ ପକାଯିବା କ୍ଷୁଦ୍ର ଗଣ୍ଠି—2. A knot made with a small lock of hair out of the whole dishevelled hair.
୩ । ବିବାହରେ ବରକନ୍ୟାଙ୍କ ଦୁଇ ଡାହାଣ ହାତକୁ ଯୋଡ଼ିକରି ପକାଯିବା କୁଶର ଗ୍ରନ୍ଥି—3. The knot of Kuśa grass tied on the folded right hands of the couple during the nuptial rites; nuptial knot.

**କୁଶଗଣ୍ଠି ପଡ଼ିବା**—ଦେ. ବି—ବିବାହ ସମ୍ପନ୍ନ ହେବା—
Kuśaganṭhi paṟḍibā The tying of the nuptial knot; the performance of a marriage.
(ଯଥା—ଆଜକୁ ୨ମାସ ହେଲା ସେ ଦୁହିଙ୍କର କୁଶଗଣ୍ଠି ପଡ଼ିଲା ।)

**କୁଶଜ**—ସଂ. ବି. ( କୁଶ=ଜଳ+ଜନ ଧାତୁ+କର୍ତ୍ତୃ. ଅ )—ପଦ୍ମ—
Kuśaja Lotus.

ସକଡ଼ା ଶେଯ ବୋଇଲେ ନ ପାରଇଁ କହି ଲୁଅଇଁ ମୁଖକୁଶଜ ।
ଉପ. ପ୍ରେମସୁଧାନିଧି ।

**କୁଶଣ୍ଡିକା**—ସଂ. ବି—ବ୍ରାହ୍ମଣଙ୍କ ବିବାହକାଳୀନ ବୈଦିକ କ୍ରିୟାବିଶେଷ; ହୋମାଗ୍ନି ସଂସ୍କାର କ୍ରିୟା—The Vedic ceremony performed at a Brāhmaṇa's marriage; the consecration of the Homa fire.
Kuśaṇḍikā

**କୁଶଦାହ**—ସଂ. ବି. (କୁଶ+ଦାହ)—ଦୂରବିଦେଶରେ କିମ୍ବା ଅନିର୍ଦ୍ଦେଶ୍ୟ ମରଣ ବ୍ୟକ୍ତିର ଶବ ପରିବର୍ତ୍ତରେ କଳ୍ପିତ କୁଶନିର୍ମିତ ପ୍ରତିମାକୁ ଶ୍ମଶାନରେ ଚିତା ଲଗାଇ ପୋଡ଼ିବା—
Kuśadāha
Burning an effigy of Kuśa grass in the absence of the body of a person dying in a distant country or supposed to be dead.

**କୁଶଦ୍ୱୀପ**—ସଂ. ବି—ପୁରାଣୋକ୍ତ ଦ୍ୱୀପବିଶେଷ; ( ପୃଥିବୀର ସପ୍ତଦ୍ୱୀପ ମଧ୍ୟରୁ ଏକତମ ଦ୍ୱୀପ; ଏହା ଚାରିପାଖରେ ଘୃତସିନ୍ଧୁବେଷ୍ଟିତ )—Name of one of the seven large islands comprising the universe according to the Hindu mythology.
Kuśadwīpa

| ୧ | ଇ | ଉ | ଋ,ଢ଼ | ଌ | ଏ | ହସନ୍ତ ବର୍ଣ୍ଣ | ' ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଂ | ଉଂ | ଙ୍କ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଞ୍ଚ | ନ୍ତ |

**କୁଶଧ୍ୱଜ**—ସଂ. ବି. ପୁଂ. ( ନାମ )—ଜନକରାଜାଙ୍କ ସାନ ଭାଇ—
Kuśadhwaja — The younger brother of king Janaka.

**କୁଶନଗର**—ସଂ. ବି. ( ନାମ )—କୁଶୀ ୨ ( ଦେଖ )
Kuśanagara — Kuśi 2 ( See )

**କୁଶପ**—ସଂ. ବି. ( କୁଶ=ଜଳ+ପା ଧାତୁ+ଅଧିକରଣ. ଅ )—
Kuśapa — ଜଳପାନପାତ୍ର; ପାଣି ଗିଲାସ—
Goblet; a drinking glass.

**କୁଶପାତ୍ରୀ**—ଦେ. ବି. ( ସଂ. କୁଶପାତ୍ର )—ଧର୍ମାନୁଷ୍ଠାନରେ କୁଶ ଓ
Kuśapātri — ଜଳାଦି ରଖିବା ନିମନ୍ତେ ପ୍ରସ୍ତୁତ ତମ୍ବାର ଲମ୍ବା ପାତ୍ର—
କୋଶୀ; କୁଶୀ — A boat-shaped vessel made of copper to be used in religious ceremonies.

**କୁଶବଟୁ**—ସଂ. ବି. ( କୁଶ+ବଟୁ )—୧ । କୁଶରେ ମୋଡ଼ା ହୋଇ
Kuśabaṭu — ତିଆରି ହୋଇଥିବା କୁଣ୍ଡଳାକାର ମୁଦ୍ରିକା (ଏହା ଧର୍ମ-
କୁଶାବେଷ୍ଟନ — କ୍ରିୟା କରିବା ସମୟରେ କର୍ମକର୍ତ୍ତା ଅଙ୍ଗୁଠିରେ ପିନ୍ଧନ୍ତି; କୁଶର ମୁଦ୍ରିକା—1. A ring made by turning Kuśa grass double and worn by the performer of religious ceremonies.
୨ । ଶ୍ରାଦ୍ଧରେ ବ୍ରାହ୍ମଣ ବା ପିତୃରୂପେ କଳ୍ପିତ କୁଶର ମୋଡ଼ା-
2. A ring of Kuśa grass personating a Brāhmaṇa at a Śrāddha.
ଦେ. ବି. ( ବର୍ଣ୍ଣିଆଶବ୍ଦ )—ଚୁଣର କୁଶବଟୁ ପରି ସୁନାରୂପାରେ ତିଆରି ଅଳଙ୍କାରବିଶେଷ—
A kind of gold or silver ornament.

**କୁଶବିଟାଳ**—ଦେ. ବିଣ. ସ୍ତ୍ରୀ—କୁଶବିଟାଳି ( ଦେଖ )
Kuśabiṭāla — Kuśabiṭāli ( See )

**କୁଶବିଟାଳି**—ଦେ. ବିଣ. ସ୍ତ୍ରୀ—୧ । ରଜସ୍ୱଲା ହୋଇ ଶାଶୁଘରକୁ ଯିବା
Kuśabiṭāli — ପୂର୍ବରୁ ବିଧବା ହୋଇଥିବା ଶୂଦ୍ରକନ୍ୟା—
1. A Śūdra girl who is widowed before she visits her husband's house after attaining puberty.
୨ । ରଜୋବତୀ ହେବା ପୂର୍ବରୁ ନାମମାତ୍ର ବିବାହିତା ଶୂଦ୍ର-କନ୍ୟା—2. A girl who is given in nominal marriage before attaining puberty.

**କୁଶବିଟାଳିଆ**—ଦେ. ବିଣ. ସ୍ତ୍ରୀ—କୁଶବିଟାଳି ( ଦେଖ )
Kuśabiṭālia — Kuśabiṭāli ( See )

**କୁଶ ବିଟାଳିବା**—ଦେ. କ୍ରି.—ଅରଜସ୍କା ଶୂଦ୍ର କନ୍ୟାର ନାମମାତ୍ର ବିବାହବିଧି
Kuśa biṭālibā — ସମ୍ପାଦନ କରିବା—To perform a nominal ceremony of marriage of an unmatured Śūdra girl.
[ ଦ୍ର—ବ୍ରାହ୍ମଣମାନଙ୍କର ଅପ୍ରାପ୍ତରଜସ୍କା କନ୍ୟାଙ୍କୁ ବିବାହ ଦେବା ପ୍ରଥା ଅନୁକରଣରେ ଋତୁମତୀ ହେବା ପୂର୍ବରୁ କନ୍ୟାକୁ ଶୂଦ୍ରପିତା ବିବାହ ଦେବାର ପ୍ରଥା କେତେକ ଅଞ୍ଚଳରେ ଚଳୁଅଛି । ଏ କନ୍ୟାକୁ ସାହାଡ଼ା ଗଛ, ପଟେ କାଣ୍ଡ, ଧର୍ମଦେବତା ବା ମାତାମହସମ୍ପର୍କୀୟ ଅତି ବୃଦ୍ଧ ବ୍ୟକ୍ତିଙ୍କ ସଙ୍ଗେ ନାମମାତ୍ର ବିବାହ ଦେବାଦ୍ୱାରା ଶୂଦ୍ରମାନେ ବାଲ୍ୟବିବାହ ପ୍ରଥାକୁ ପାଳନ କରନ୍ତି ଓ ପରେ କନ୍ୟା ଋତୁମତୀ ହେଲେ ଉପଯୁକ୍ତ ବାସ୍ତବ ବର ସଙ୍ଗେ କୁଶବିଟାଳ କନ୍ୟାକୁ ବିବାହ ଦିଅନ୍ତି । ]

**କୁଶବେଣ୍ଟି**—ଦେ. ବି—୧ । କୁଶଗଣ୍ଠି ( ଦେଖ )
Kuśabenṭi — 1. Kuśaganṭhi ( See )
୨ । କୁଶ ପରି କେଶର ମୁଣ୍ଡବାଳ—
2. A small lock of the hair of the head.
୩ । ଗାଧୋଇବା ପରେ ଶୁଖିବା ପାଇଁ ମୁକୁଳା ଥିବା ଲମ୍ବମାନ କେଶର ଅଗରେ ପକାଯିବା ଗଣ୍ଠି—
3. A small knot tied at the end of the hair while it is left hanging down after bath.
କାନ୍ତାରଚନର କୁନ୍ତଳପ୍ରାନ୍ତରେ ପକାଇଲେ କୁଶବେଣ୍ଟି ।
କବିସୂର୍ଯ୍ୟ- ଚନ୍ଦ୍ରକଳା ।

**କୁଶଭଦ୍ରା**—ଦେ. ବି—ପୁରୀଜିଲ୍ଲାର ନଦୀବିଶେଷ—Name of a river
Kuśabhadrā — in the district of Puri.
[ ଦ୍ର—ମହାନଦୀରୁ କଟକ ନଗରଠାରେ ଯେଉଁ ଶାଖାନଦୀ ବାହାରିଅଛି, ସେହି କାଠଯୋଡ଼ି ନଦୀରୁ କଟକ ସହରର ଦକ୍ଷିଣରେ କୁଆଖାଇ ନାମରେ ଗୋଟିଏ ଶାଖା ବାହାରି ଅଛି; ଉକ୍ତ କୁଆଖାଇରୁ ବାଲିଅନ୍ତାଠାରେ କୁଶଭଦ୍ରା ନାମକ ଶାଖାନଦୀ ବାହାରି ଅଛି । କୁଶଭଦ୍ରା କିଛିଦୂର ଯାଇ ପ୍ରାଚୀ ଓ କୁଶଭଦ୍ରା ନାମରେ ବଙ୍ଗୋପ-ସାଗରରେ ପଡ଼ିଅଛି । ଉଙ୍ଗାରପୁର ଓ ନିମାପଡ଼ା କୁଶଭଦ୍ରା କୂଳରେ ଅବସ୍ଥିତ । ]

**କୁଶମ**—ପ୍ରାଦେ. (ଗଡ଼ଜାତ) ବି—ମଦ୍ୟବିଶେଷ ( ଏହାକୁ ଛୋଟ ଜାତିର
Kuśama — ଲୋକେ ପିଅନ୍ତି )—A kind of intoxicating drink.

**କୁଶମସଣା**—ଦେ. ବି—କୁଶରେ ବୁଣା ହୋଇଥିବା ଆସନ—
Kuśamasiṇā — A mat made of Kuśa grass.
କୁশের মাঁদুর — କୁଶମସିଣାରେ ଲୋକଙ୍କେ ବସାଇଲେ ।
कुशकी चटाई — କୃଷ୍ଣସିଂହ- ମହାଭାରତ ବନ ।

**କୁଶମ୍ପ**—ଦେ. ବିଣ. ( ସଂ. କୁ ଓ ଶଙ୍କ ଧାତୁ; ତୁଳ. ସଂ. ସଙ୍କୁଚିତ )—
Kuśampa — ଆଶଙ୍କିତ; ନୀରବ; ଭୀତ ଓ ତୁଷ୍ଣୀଭୂତ—
Alarmed and silent.
( ଯଥା—ଏହା ଶୁଣି ସେ କୁଶମ୍ପ ହୋଇ ରହିଲେ । )

**କୁଶୟ**—ସଂ. ବି. ( କୁଶ=ଜଳ+ଯା ଧାତୁ+ଅ )—କୁଶପ (ଦେଖ)
Kuśaya — Kuśapa (See)

**କୁଶରେ ବିଟାଳିବା**—ଦେ. କ୍ରି—କୁଶ ବିଟାଳିବା ( ଦେଖ )
Kuśare biṭālibā — Kuśa biṭālibā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୁଶଳ**—ସଂ. ବି. ପୁଂ. ( କୁ=କୁତ୍ସିତ+ଶୋ ଧାତୁ=ନାଶ କରିବା+ କର୍ତ୍ତୃ. ଅ; କିମ୍ବା କୁଶ+ଲା=ଗ୍ରହଣ କରିବା+ଅ )—
Kusa̲la
୧ । କଲ୍ୟାଣ; ମଙ୍ଗଳ—1. Welfare; prosperity; happiness.
୨ । ଉପଦ୍ରବ; ବା ଆପଦରୁ ମୁକ୍ତି— 2. Freedom from danger.
୩ । ନୈପୁଣ୍ୟ—3. Skill.
୪ । ପୁଣ୍ୟ—4 Meritorious act.
୫ । ସାମର୍ଥ୍ୟ—5. Competence; proficiency; ability.
ବିଣ. ପୁଂ—୧ । ଉତ୍ତମ—1. Good.
(କୁଶଳା—ସ୍ତ୍ରୀ) ୨ । ନିପୁଣ; ଦକ୍ଷ; ଚତୁର—3. Competent; adept; proficient; skilful.
୩ । ଶିକ୍ଷିତ—3. Educated; learned.
୪ । ଉଚିତ; ଉପଯୁକ୍ତ—4. Right; proper.
୫ । ସୁଖୀ; କଲ୍ୟାଣଯୁକ୍ତ—5 Prosperous; happy.
୬ । ନିରାପଦ—6. Free from danger.
ଦେ. ବି—କୋଶଳ ( ଦେଖ )—Kośa̲la ( See )
କୁଶଳ କୁଶଳ ଦେଶ ପାଳନେ ଯେହୁ । ଭକ୍ତ. ପ୍ରେମସୁଧାନିଧି ।
ଦେ. ବିଣ—ପାଚିଲା—Ripe.
କୁଶଳ ଉଶାଳ ସମ ହେବାରୁ ଚାଳକୁ । ଜାନକୃଷ୍ଣ. ରସକଲ୍ଲୋଳ ।

**କୁଶଳକାମ**—ସଂ. ବିଣ. ପୁଂ. (ବହୁବ୍ରୀହି )—କୁଶଳକାମୀ ( ଦେଖ )
Kusa̲lakāma Kusa̲lakāmi ( See )
(କୁଶଳକାମା—ସ୍ତ୍ରୀ)

**କୁଶଳକାମୀ**—ସଂ. ବିଣ. ପୁଂ (କୁଶଳ+କାମ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ. )—ମଙ୍ଗଳ କାମନାକାରୀ—
Kusa̲lakāmi
(କୁଶଳକାମିନୀ—ସ୍ତ୍ରୀ) Wishing happiness; well-wishing.

**କୁଶଳପୃଚ୍ଛା**—ସଂ. ବି. (ମଧ୍ୟପଦଲୋପୀ; କୁଶଳ+ପୃଚ୍ଛା)—
Kusa̲lapruchchhā କୁଶଳପ୍ରଶ୍ନ (ଦେଖ)
Kusa̲laprasna (See)

**କୁଶଳପ୍ରଶ୍ନ**—ସଂ. ବି. (ମଧ୍ୟପଦଲୋପୀ; କୁଶଳ+ପ୍ରଶ୍ନ)—କୌଣସି ବ୍ୟକ୍ତିର
Kusa̲laprasna ତାହାର ସର୍ବାଙ୍ଗୀନ ମଙ୍ଗଳସମ୍ବନ୍ଧୀୟ ପ୍ରଶ୍ନ—
Enquiring as to the welfare, health etc. of a person (e. g. How do you do ?)
( ଯଥା— ଆପଣଙ୍କର ସବୁ କୁଶଳ ତ ? )

**କୁଶଳବାର୍ତ୍ତା**—ସଂ. ବି. (ମଧ୍ୟପଦଲୋପୀ; କୁଶଳ+ବାର୍ତ୍ତା)—
Kusa̲labārttā କୁଶଳସମ୍ବାଦ (ଦେଖ)
Kusa̲lasambāda (See)

**କୁଶଳବ**—ସଂ. ବି. (କୁଶ+ଲବ; ଦ୍ୱିବଚନ)—ଶ୍ରୀରାମଚନ୍ଦ୍ରଙ୍କର ଯାଆଁଳା
Kusalaba ପୁଅ ଦୁହେଁ—The twin sons of Rāma.
(କୁଶୀଲବ—ଅନ୍ୟରୂପ)

**କୁଶଳସମ୍ବାଦ**—ସଂ.ବି. (ମଧ୍ୟପଦଲୋପୀ; କୁଶଳ+ସମ୍ବାଦ)—୧ । ମଙ୍ଗଳ-
Kusa̲lasambāda ସମାଚାର; ଶୁଭ ଖବର—1 Good news.
୨ । ସ୍ୱାସ୍ଥ୍ୟସମ୍ପର୍କେ ସମ୍ବାଦ—
2. News of one's good health.

**କୁଶଳି**—ଦେ. ବି.— ମଧ୍ୟମାକୃତି ଡଙ୍ଗା; କୋଶଳି—
Kusa̲li A medium-sized country-boat.

**କୁଶଲି**—ପ୍ରାଦେ. (ସମ୍ବଲପୁର) ବି.—କୋଶଳି (ଦେଖ)
Kusali Kosa̲li (See)

**କୁଶଳୀ**—ସଂ. ବିଣ. ପୁଂ. (କୁଶଳ+ଇନ୍; ୧ମା. ୧ବ.)—୧ । ସୁଖୀ
Kusa̲li 1. Happy.
୨ । ସମୃଦ୍ଧିମନ୍ତ—
(କୁଶଳିନୀ—ସ୍ତ୍ରୀ) 2. Prosperous.
୩ । ନିରୁପଦ୍ରବ; ନିରାପଦ—
3. Free from danger.

**କୁଶା**—ସଂ. ବି. (କୁଶ+ଆ)—୧ । ଘୋଡ଼ାର ଲଗାମ—
Kuśā 1. Horse's bridle.
୨ । କାଷ୍ଠଖଣ୍ଡ—2. A piece of wood.
୩ । ଦଉଡ଼ି—3. Rope.
୪ । କୌଣସି ପଦାର୍ଥକୁ ଘୋଡ଼ାଇବାର ପଟା—
4. A plank for covering anything.
୫ । ଲଙ୍ଗଳଲୁହା—5. Plough-share. (M.W.)
୬ । କପାବକଡ଼ା—6. A pod of cotton. (M. W.)
ଦେ. ବି.— କୃଷ୍ଣଙ୍କର ଅନାଦରାର୍ଥକ ଡାକନାମ—
Name for calling Krushna.
ପ୍ରାଦେ. (ସିଂହଭୂମ) ବି.—ପଣସର ଖୋସା; ପଣସପୁଞ୍ଜ—
The seed-pod inside the jackfruit.
ପ୍ରାଦେ. (ସମ୍ବଲପୁର) ବି.—ଖୋସା; ଟସରପୋକଙ୍କ ଗୋଟି—
Silk-coccons.

**କୁଶାକର**—ସଂ. ବି. ( କୁଶ+ଆକର; ପ୍ରଥମେ ଭୂମିରେ କୁଶ ସ୍ଥାପନ
Kusākara କରି ଯଜ୍ଞାଗ୍ନି ଲଗାଯିବାରୁ )—ଯଜ୍ଞାଗ୍ନି—
Sacrificial fire.

**କୁଶାକ୍ଷ**—ସଂ. ବି.—ମାକଡ଼—
Kusāksha Monkey.

**କୁଶାଗ୍ର**—ସଂ. ବି. (୬ଷ୍ଠୀ ତତ୍; କୁଶ+ଅଗ୍ର)—କୁଶର ମୁନିଆଁ ଅଗ—
Kusāgra The sharp point of a blade of Kuśa grass.

**କୁଶାଗ୍ରବୁଦ୍ଧି**—ସଂ.ବିଣ ( (ବହୁବ୍ରୀହି କୁଶାଗ୍ର+ବୁଦ୍ଧି)—ସୂକ୍ଷ୍ମବୁଦ୍ଧିବିଶିଷ୍ଟ—
Kusāgrabudhhi Keen-witted; sharp.
ସଂ. ବି.—(ଉପମିତ କର୍ମଧା)—ସୂକ୍ଷ୍ମ ବୁଦ୍ଧି—
Sharp wit; clear insight.

**କୁଶାଗ୍ରୀୟ**—ସଂ. ବିଣ. (କୁଶାଗ୍ର+ଈୟ)—୧ । ଅତି ସୂକ୍ଷ୍ମ (ବୁଦ୍ଧି) —
Kusāgriya 1. Penetrating; sharp ( intellect. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଷ୍କ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ନ |

୨ । କୁଶାଗ୍ର ପରି ସୂକ୍ଷ୍ମ—2. As sharp as the point of a blade of Kuśa.

**କୁଶାଙ୍କୁର**—ସଂ. ବି. (କୁଶ + ଅଙ୍କୁର)—୧ । ଗଜୁରି ଥିବା କୁଶ—
Kuśāṅkura 1. Shoots of young Kuśa.
୨ । ଏକ ଗଛ କୁଶ—2. One blade of Kuśa.

**କୁଶାଙ୍ଗୁରୀୟ**—ସଂ. ବି. (କୁଶ + ଅଙ୍ଗୁରୀୟ)—କୁଶବଟୁ (ଦେଖ)
Kuśāṅguriya Kuśabaṭu (See)

**କୁଶାଙ୍ଗୁଳି**—ସଂ. ବି.—(କୁଶ + ଅଙ୍ଗୁଳି)—କୁଶବଟୁ (ଦେଖ)
Kuśāṅguḷi Kuśabaṭu (See)

**କୁଶାବତୀ**—ସଂ. ବି.—ରାମଚନ୍ଦ୍ରଙ୍କ ପୁଅ କୁଶର ରାଜଧାନୀ—Name of
Kuśābatī the capital of Kuśa, son of Rāma.

**କୁଶାବହ**—ଦେ. ବି.—ରାଜପୁତ ଜାତିବିଶେଷ—
Kuśābaha A caste of Rajput warriors.
ସୁଯୋଗ ପାଇଣ ଘୋର ସୈନ୍ୟକେ,
କୁଶାବହଗଣେ କଲେ ବିନାଶ । ନନ୍ଦକିଶୋର. କୃଷ୍ଣକୁମାରୀ ।

**କୁଶାରି**—ପ୍ରାଦେ. (ସମ୍ବଲପୁର) ବି. (ସଂ. କୃଷି; ଭୁଲ ହି. କୁଶିଆର)—
Kuśāri ୧ । ଏକପ୍ରକାର ଆଖୁ; କଳାରି ଆଖୁ—
1. A species of sugarcane.
୨ । ମୃଦଙ୍ଗ ମୁହଁର ଦୁଇ ପାଖରେ କୁଞ୍ଚିଣି ହୋଇଥିବା ଚମଡ଼ାକୁ ମୁହଁର ଉପର ସଙ୍ଗେ ସଲଗ୍ନ କରି ରଖିବା ପାଇଁ ବ୍ୟବହୃତ ଚମଦଉଡ଼ି—Thongs used to keep the pieces of hide attached to the ends of a drum.

**କୁଶାସନ**—ସଂ. ବି. ( କୁଶ + ଆସନ; କୁ + ଶାସନ )—
Kuśāsana ୧ । କୁଶରେ ବୁଣା ହୋଇଥିବା ପଟି—
1. A small mat of Kuśa grass to sit on.
୨ । ନିକୃଷ୍ଟ ଉପାୟ ଦ୍ୱାରା ରାଜ୍ୟଶାସନ—
2. Misgovernment

**କୁଶିଆର**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. କୃଷି; ଭୁଲ. ହି; କୁଶିଅର )—
Kuśiār
ଆଖୁ—Sugarcane.

**କୁଶିକ**—ସଂ. ବିଣ. ପୁଂ—ଟେରା—
Kuśika Squint-eyed.
(କୁଶିକା—ସ୍ତ୍ରୀ) ବି—୧ । ବିଶ୍ୱାମିତ୍ରଙ୍କ ପିତାମହ ଓ ଗାଧିଙ୍କ ପିତା—
1. Name of Biswāmitra's grandfather.
୨ । ଲଙ୍ଗଳର ଲୁହା—2. Ploughshare.
୩ । ତେଲର କାଣ୍ଡି—3. Sediment of oil.
୪ । ବାହାଡ଼ା ଗଛ ( ଦେଖ )
4. Bāhārḍā (tree) ( See )
୫ । ସାଳ ଗଛ ( ଦେଖ )
5. Sāḷa tree ( See )

**କୁଶିକା**—ସଂ. ବି—ଗୋଡ଼ ଭାଙ୍ଗି ଗଲେ ଭଙ୍ଗା ହାଡ଼କୁ ଯୋଡ଼ି ବାନ୍ଧିବା
Kuśikā ପାଇଁ ବ୍ୟବହୃତ କାଠର ପଟା—
A piece of wood used as a splint for a broken leg. ( M.W. )

**କୁଶିକିଳା**—ଦେ. ବି—ଶଗଡ଼ର ଯୁଆଳି ସଙ୍ଗେ ଯୁଆଳକୁ ଯୋଡ଼ିବା ପାଇଁ
Kuśikiḷā ବ୍ୟବହୃତ କାଠକିଲ—
A wooden pin used to attach the centre of the yoke to the angular front-end of the beams of a cart.

**କୁଶୀ**—ଦେ. ବି. (ନାମ)—୧ । ପୂର୍ଣ୍ଣିଆ ଜିଲ୍ଲାରେ ପ୍ରବାହିତ ହିମାଳୟରୁ
Kuśi ବାହାରି ଗଙ୍ଗାରେ ପଡ଼ିଥିବା ନଦୀ—
1. Name of a tributary of the Ganges.
୨ । ବୁଦ୍ଧଦେବ ଦେହତ୍ୟାଗ କରିଥିବା ଗୋରଖପୁର ଜିଲ୍ଲାର ନଗରୀବିଶେଷ—
2. Name of a town in Gorakhpur where Buddha breathed his last.
( ଦ୍ର—ଏ ସ୍ଥାନର ଅଧୁନିକ ନାମ କସୟା । )
୩ । ବାଲ୍ମୀକି ଋଷି (ହି. ଶବ୍ଦସାଗର)—
3. Sage Bālmiki.

**କୁଶୀଦ**—ସଂ. ବି. ( କୁଶ ଧାତୁ = ଆଲିଙ୍ଗନ କରିବା + ଈଦ)—
Kuśida ୧ । କେତେ ମୂଳ ଧନ ଉପରେ କିଛିଁ ସମୟରେ ( କୁଶୀଦ—ଅନ୍ୟରୂପ ) କେତେ ସୁଧ ହେବ ତାହା ନିର୍ଣ୍ଣୟ କରିବାର ଗାଣିତିକ ପ୍ରଣାଳୀ—1. The arithmetical rule or method of calculating interest on a given capital.
୨ । ଋଣପ୍ରଦତ୍ତ ଧନର ସୁଧ ବା ବୃଦ୍ଧି—
2. Interest.
୩ । ଟଙ୍କାକୁ ସୁଧରେ ଲଗାଇବା—
3. Usury; investment of money on loan.
୪ । ରକ୍ତଚନ୍ଦନ—
4. Red species of Sandal-wood.
ବିଣ—ଯାହାର ସୁଧ ନେବା ଜୀବିକା ଅଟେ; ବୃଦ୍ଧିଜୀବୀ—
Usurer; one who lives on usury.

**କୁଶୀଦକ**—ସଂ. ବିଣ. ( କୁଶୀଦ + କ )—
Kuśidaka ଯେ ସୁଧ ପାଇଁ ଟଙ୍କା କରଜ ଦିଏ; ଯେ ଟଙ୍କା ଦେଇ ସୁଧ ନିଏ—A usurer.

**କୁଶୀଦଗ୍ରାହୀ**—ସଂ. ବିଣ. ( କୁଶୀଦ + ଗ୍ରାହିନ୍; ୧ମା. ୧ବ. )—
Kuśidagrāhi କୁଶୀଦକ ( ଦେଖ )—
Kuśidaka ( See )

**କୁଶୀଦଜୀବୀ**—ସଂ. ବିଣ. (କୁଶୀଦ + ଜୀବ ଧାତୁ + ଇନ୍; ୧ମା. ୧ବ. )—
Kuśidajibi କୁଶୀଦକ ( ଦେଖ )—
Kuśidaka ( See )

ସାଧାରଣ ସ୍ଥେଳେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ

**କୁଶୀଦବ୍ୟବହାର**—ସଂ. ବି—ଟଙ୍କାମହାଜନ କାରବାର—
Kuśidabyabahāra  Usury.

ପରଦାରରତ କୁଶୀଦବ୍ୟବହାର
କଲେ ସ୍ଥାନ ଭ୍ରଂଶ ବ୍ରାହ୍ମଣ ନରବର । କୃଷ୍ଣସିଂ ହ. ମହାଭାରତ. ଶାନ୍ତି ।

**କୁଶୀଳ**—ସଂ. ବଣ. ପୁଂ. ( ବହୁବ୍ରୀହି; କୁ+ଶୀଳ )—ମନ୍ଦ ଆଚରଣ-
Kuśīla  ବିଶିଷ୍ଟ ବ୍ୟକ୍ତି—Ill behaved ( person ).
(ସୁଶୀଳ—ବିପରୀତ)
(କୁଶୀଳା—ସ୍ତ୍ରୀ)

**କୁଶୀଲବ**—ସଂ. ବି. ( କୁଶ+ଲବ; ଦ୍ୱନ୍ଦ୍ୱ )—
Kuśīlaba  ୧ । ଲବ ଓ କୁଶ; ରାମଚନ୍ଦ୍ରଙ୍କର ଯାଆଁଳା ପୁଅ ଦୁହେଁ -
1. The twin sons of Rāma ( who first sang the Rāmāyaṇa composed by Balmiki at the court of Rāma.)
ପୁଂ—୨ । କବି—2. A bard; poet.
୩ । ନର୍ତ୍ତକ; ନଟ—3. An actor; dancer.
୪ । ସମ୍ବାଦ ପ୍ରଚାରକ—4. A news-monger.
୫ । ଗାୟକ—5. A singer.
୬ । ବାଲ୍ମୀକି ଋଷି ( ହି. ଶବ୍ଦସାଗର )—
6. Sage Bālmiki.

**କୁଶୀସ୍**—ପ୍ରାଦେ. ( ସମ୍ବଲପୁର ) ବୈଦେ. ବି. (ଫା. କୋଶିସ୍; ଭୁଲ. ହି. କୋଶିସ୍ )—
Kuśis
ଚେଷ୍ଟା; ପ୍ରଯତ୍ନ—Exertion.

**କୁଶୁମ୍ଭ**—ସଂ. ବି. ( କୁଶ=ଜଳ+ଭୁମ୍ଭ )—
Kuśumbha  ୧ । ସନ୍ନ୍ୟାସୀଙ୍କ ଜଳପାତ୍ର; କମଣ୍ଡଳୁ—
1. An ascetic's water-bowl.
୨ । ଜଳକୁମ୍ଭ—2. Water-jar.

**କୁଶୁଳି**—ଦେ. ବି—କୋଶଳି ( ଦେଖ )
Kuśuḷi  Kośaḷi ( See )

ଶାଙ୍କରକେଶ କୁଶୁଳିସମାନ କଙ୍କାଳ—ସାରଳା. ମହାଭାରତ. ଦ୍ରୋଣ ।

**କୁଶୂଳ**—ସଂ. ବି—୧ । ଧାନକୋଠି; ଶସ୍ୟାଗାର; ଅମାର—
Kuśūḷa  1. Granary.
( କୁସୁଳ—ଅନ୍ୟରୂପ )  ୨ । ଭଣ୍ଡାର—
2. Store-room; treasury.
୩ । ତୁଷାଗ୍ନି; ତଷୁର ନିଆଁ—
3. Fire made of chaff.
୪ । କରେଇ ( ହି. ଶବ୍ଦସାଗର )—
4. Frying pan.
୫ । ଦୁଃଖଦାୟକ ଶୂଳରୋଗ—5. Painful colic.
୬ । ଦ୍ରବ୍ୟ ସଂଗ୍ରହ କରିବା ଆଧାର—6. Cupboard.

**କୁଶୂଳଧାନ୍ୟକ**—ସଂ. ବଣ. ପୁଂ. ( ବହୁବ୍ରୀହି; କୁଶୂଳରେ ଧାନ୍ୟ ଅଛି ଯାହାର )—ଯେଉଁ ଗୃହସ୍ଥ ତିନି ବର୍ଷର ଖାଦ୍ୟ ପାଇଁ ଯଥେଷ୍ଟ ଧାନ ସଞ୍ଚୟ କରି ସାରିଥାଏ—
Kuśūḷadhānyaka
A householder who has in stock food-grains for three years.

**କୁଶେର**—ପ୍ରାଦେ. ( ସମ୍ବଲପୁର ) ବି—କୁଶାରି ( ଦେଖ )
Kuśer  Kuśāri ( See )

**କୁଶେଶୟ**—ସଂ. ବି. ( କୁଶେ=କୁଶରେ=ଜଳରେ+ଶୀ ଧାତୁ=ଶୋଇବା+କର୍ତ୍ତୃ. ଅ )—
Kuśeśaya
୧ । ପଦ୍ମ—1. Lotus.
୨ । କଇଁ—2. Water-lily.
୩ । ସାରସପକ୍ଷୀ—2. Indian crane.
୪ । ମରାଳ; ହଂସ—4. Drake; swan.
୫ । କଣିଆର ବା କନିଅର ଗଛ—
5. A tree with yellow flowers and poisonous berries; Thevetia Nerifloria.
ସଂ. ବଣ. ପୁଂ—ବ୍ରତାଦିର ନିୟମପାଳନ ନିମନ୍ତେ ଯେଉଁ ବ୍ୟକ୍ତି କୁଶାସନରେ ଶୁଏ—One who sleeps on a mat of Kuśa grass as a penance while observing certain vows.

**କୁଶୋଦକ**—ସଂ. ବି. (ମ.ପ. ଲୋ; କୁଶସ୍ପୃଷ୍ଟ ଉଦକ)—ଦାନାଦି ସମୟରେ
Kuśodaka  ବ୍ୟବହୃତ କୁଶସ୍ପୃଷ୍ଟ ମନ୍ତ୍ରପୂତ ଜଳ—Water consecrated by being touched with the Kuśa grass during religious rites.

**କୁଷ୍** ( ଧାତୁ )—ସଂ.—୧ । ଛିଣ୍ଡାଇବା; ଚିରିବା—
Kush ( root )  1. To tear.
୨ । ଟାଣିପକାଇବା—2. To pull or draw out.
୩ । ପରୀକ୍ଷା କରିବା—3. To test; to examine.
୪ । ଶୋଭାପାଇବା—4. To shine.
୫ । ଚିମୁଟିବା—5. To pinch ( M. W. )

**କୁଷଳ**—ସଂ. ବି—କୁଶଳର ଅନ୍ୟରୂପ—A from of the word
Kushaḷa  Kuśaḷa ( See ). ( M.W. )

**କୁଷାକୁ**—ସଂ. ବି. ( କୁଷ ଧାତୁ=ଶୋଭା ପାଇବା+କର୍ତ୍ତୃ. ଆକୁ )—
Kushāku  ୧ । ଅଗ୍ନି—1. Fire.
୨ । ମାଙ୍କଡ଼—2. Monkey.
ବଣ—୧ । କ୍ରୂର; ଦୁଷ୍ଟ—1. Vile; wicked.
୨ । ଘୃଣ୍ୟ—2. Detestable.
୩ । ଯାହା ପୋଡ଼ିପକାଏ—
3. Burning; scorching.

**କୁଷିତ**—ସଂ. ବି. ( କୁଷ+ଯୁକ୍ତାର୍ଥେ. ଇତ )—ଜଳ ମିଶ୍ରିତ—
Kushita  Mixed with water. (Apte)

**କୁଷିଦ**—ସଂ. ବି—କୁଶୀଦ ( ଦେଖ )
Kushida  Kushida ( See )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ |

**କୁଷୀଦ**—ସ. ବି—ସୁଧରେ ଟଙ୍କା ଖଟାଇବା; ମହାଜନ—
Kushida Usury.
ବିଣ—୧ । ଜଡ଼—1. Inert.
୨ । ନିର୍ମମ—2. Indifferent.
୩ । ବିରାଗୀ—3. Apathetic.

**କୁଷୁମ୍ଭ**—ସ. ବି. ( ବୈଦିକ )—କୀଟାଙ୍କ ପୋକର ଦେହରେ ଥିବା
Kushumbha ବିଷ-ଥଳୀ—The venom-bag of an insect.

**କୁଷ୍ଟା**—ପ୍ରାଦେ. (ସମ୍ବଲପୁର) ବି—ଏକଶ୍ରେଣୀର ମଠା ବୁଣିବା ତନ୍ତୁ ଜାତି—
Kushtā A class of silk-weavers in Sambalpur.

**କୁଷ୍ଠ**—ସ. ବି. (କୁଷ୍ ଧାତୁ=ଛିଣ୍ଡାଇବା+କର୍ତ୍ତୃ. ଠ; କୁ=କୁତ୍ସିତ+ସ୍ଥା
Kushṭha ଧାତୁ+କର୍ତ୍ତୃ. ଅ)—
कुष्ठ ୧ । ଉତ୍ପାଦକ ଚର୍ମ ଓ ମାଂସ ବ୍ୟାଧିବିଶେଷ—
पापरोग; कोढ़ 1. Leprosy; lepra; Antony's Fire.
ଓ. କୋଢ଼
[ ଦ୍ର—ଏହି ରୋଗ ବୈଦ୍ୟଶାସ୍ତ୍ର ଅନୁସାରେ ଅଠର ପ୍ରକାର। ଆଧୁନିକ ପଣ୍ଡିତମାନେ ଗବେଷଣାଦ୍ୱାରା ସ୍ଥିର କରିଅଛନ୍ତି ଯେ ଏ ରୋଗର କୀଟାଣୁ ଦେହରେ ପ୍ରଥମେ ପ୍ରବେଶ କରିବା ସମୟରୁ ୨୦।୨୫।୩୦ ବରଷ ପର୍ଯ୍ୟନ୍ତ ଦେହରେ ବଞ୍ଚିରହେ। ସୁସ୍ଥ ମନୁଷ୍ୟକୁ ଏ କୀଟ କିଛି କରି ପାରେ ନାହିଁ; କିନ୍ତୁ ମନୁଷ୍ୟ ଉପଦଂଶ,ମାଲେରିଆ, କ୍ରିମି, ମଳବଦ୍ଧତା ଆଦି ରୋଗରେ ଆକ୍ରାନ୍ତ ହୋଇ ଦୁର୍ବଳ ହେଲେ ଏ କୀଟ ଦେହରେ ମାତିଉଠେ। ଏ କୀଟ ଏକମାସରୁ ପଚଶ ବର୍ଷ ଯାଏ ମନୁଷ୍ୟ ଦେହରେ ଲୁପ୍ତ ହୋଇ ରହେ। ଆଳସ୍ୟ, ପଖାଳ, ସଢ଼ାମାଛ ବା ଶୁଖୁଆ ଭୋଜନ, ବେଶ୍ୟାସହବାସ, ଅପରିଷ୍କୃତ ବସ୍ତ୍ର ପରିଧାନ, ଅପରିଷ୍କୃତ ଗୃହରେ ବାସ, ବ୍ୟାୟାମର ଅଭାବଦ୍ୱାରା ଏ କୁଷ୍ଠକୀଟ ଶରୀରରେ ମାଡ଼ିଯାଇ କୁଷ୍ଠ ରୋଗ ଜନ୍ମାଏ। ଦୈନିକ ଆଶା ୧୨।୩।୨୯।
ପୂର୍ବେ ଏହା ଦୁରାରୋଗ୍ୟ ବୋଲି ବିବେଚିତ ହେଉଥିଲା; କିନ୍ତୁ ପାଶ୍ଚାତ୍ୟ ପଣ୍ଡିତମାନେ (Injection) ଇଞ୍ଜେକ୍ସନ୍‌ଦ୍ୱାରା ଏହା ଆରୋଗ୍ୟ କରିବାର ଦାବୀ କରୁଅଛନ୍ତି। ]
୨ । କୁଡ଼; ଔଷଧଦ୍ରବ୍ୟବିଶେଷ; କାଶ୍ମୀରଜାତ ବୃକ୍ଷବିଶେଷର ଛାଲ—
2. A medicinal bark; Saussurea Lappas; Costus Speciosus.

**କୁଷ୍ଠଘ୍ନ**—ସ. ବିଣ.—( କୁଷ୍ଠ+ହନ ଧାତୁ+ଅ )—କୁଷ୍ଠରୋଗନାଶକ
Kushthaghna (ଔଷଧ)—
(antidote) Curing leprosy.

**କୁଷ୍ଠ ଫୁଟିବା**—ଦେ. କ୍ରି.—କୁଷ୍ଠରୋଗଜନିତ ବ୍ରଣମାନ ଘାଆ ହୋଇ
Kushṭha phuṭibā ଯିବା—The bursting out of the
कुठफुटा sores of leprosy.
कोढ़ फुटना

**କୁଷ୍ଠାରି**—ସ. ବି. (୬ଷ୍ଠୀ ତତ୍; କୁଷ୍ଠ+ଅରି )—ଗନ୍ଧକ—
Kushṭhāri Sulpher.

**କୁଷ୍ଠାଶ୍ରମ**—ଦେ. ବି. ( ସ. କୁଷ୍ଠୀ+ଆଶ୍ରମ )—
Kushṭhāsrama କୁଷ୍ଠ ରୋଗୀମାନଙ୍କ ଆଶ୍ରୟସ୍ଥାନ—
कुष्ठाश्रम Leper-assylum.
कुष्ठाश्रम

**କୁଷ୍ଠି**—ପ୍ରାଦେ. (ବାଲେଶ୍ୱର, ଗଡ଼ଜାତ) ବି—କୋଷ୍ଠି ( ଦେଖ )
Kushṭhi Koshṭhi (See)

**କୁଷ୍ଠିତ**—ସ. ବିଣ. ପୁଂ. ( କୁଷ୍ଠ+ସଞ୍ଜାତାର୍ଥେ. ଇତ )—
Kushṭhita କୁଷ୍ଠରୋଗାକ୍ରାନ୍ତ—
Attacked with leprosy.

**କୁଷ୍ଠୀ**—ସ. ବିଣ. ପୁଂ. ( କୁଷ୍ଠ+ଇନ୍; ୧ମା. ୧ବ. )—
Kushṭhi କୁଷ୍ଠରୋଗଗ୍ରସ୍ତ; କୋଢ଼ିଆ—Leprous; suffering
(କୁଷ୍ଠିନୀ—ସ୍ତ୍ରୀ) from leprosy.

**କୁଷ୍ମଳ**—ସ. ବି. ( କୁଷ ଧାତୁ )—
Kushmaḷa ୧ । (+କର୍ତ୍ତୃ. ମଳ)ପତ୍ର—1. Leaf.
୨ । (+ଭାବ. ମଳ) କର୍ତ୍ତନ—2. Cutting.

**କୁଷ୍ମାଣ୍ଡ**—ସ. ବି. ( କ=ପୃଥିବୀ+ଉଷ୍ମନ୍=ଉଷ୍ମ+ଅଣ୍ଡ )—
Kushmāṇḍa ୧ । ପାଣିକଖାରୁ—
ଅନ୍ୟ ସ. ନାମ— 1. Pumpkin gourd; Benincasa Cerifera.
କାଶୀଫଳ,
କର୍କାରୁ
ପ୍ରା. କୁମ୍ଭଣ୍ଡ
চালকুমড়া, ছাঁচিকুমড়া
कुम्हड़ा, पेठा
[ ଦ୍ର—ଏହା ଧଳା ରଙ୍ଗର ପାଉଁଶିଆ ଲମ୍ବା ଫଳବିଶିଷ୍ଟ ଲତା; ଏଥିର ଫୁଲ ହଳଦିଆ; ଏ ଫଳରେ ଔଷଧ, ମୁରବ୍ବା ବଡ଼ି ଓ ତରକାରୀ ହୁଏ। ]
গুড়কুমড়া, মিঠাকুমড়া ୨ । ବୋଇତିକଖାରୁ—
पोला कुम्हड़ा 2. Cucurbita Maxima; gourd.
୩ । ଶିବାନୁଚରବିଶେଷ—
3. A class of attendants of Siba.
୪ । ମନ୍ତ୍ରବିଶେଷ—
4. A particular religious formula.
୫ । ଗର୍ଭିଣୀର ଗର୍ଭସ୍ଥଳୀ; ଜରାୟୁ—
5. Ovary; womb.
୬ । ମିଥ୍ୟାଗର୍ଭ; ମୂଢ଼ଗର୍ଭ—
6. A false conception; appearance of conception ( e. g. swelling of the abdomen and breasts ) without actual fructification in the womb ).
୭ । ଭୂତଯୋନିବିଶେଷ—
7. A class of aerial spirts; imp.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବ୍ୟସ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ'କୁ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**କୁଷ୍ମାଣ୍ଡ ଖଣ୍ଡ**—ସଂ. ବି. ( କୁଷ୍ମାଣ୍ଡ + ଖଣ୍ଡ )—
Kushmāṇḍa khaṇḍa ୧ । ପାଣିକଖାରୁରେ କନ ମିଶାଯାଇ ଅନ୍ୟାନ୍ୟ ମସଲା ସାହାଯ୍ୟରେ ସିଦ୍ଧ ହୋଇଥିବା ଔଷଧ—
1. A preparation of pumpkin-gourd for medicinal purposes.
[ ଦ୍ର—ଏହା ଶୂଳ ଉଦରରୋଗ ଓ ବାୟୁରୋଗରେ ଉପକାରୀ ।]
୨ । ପାଣିକଖାରୁର ମୋରବ୍ବା—
2. A confectionery of pieces pumpkin-gourd boiled with sugar; preserved bits of pumpkin.

**କୁଷ୍ମାଣ୍ଡା**—ସଂ. ବି. ସ୍ତ୍ରୀ. ( କୁଷ୍ମାଣ୍ଡ + ଆ )—ଦୁର୍ଗା—
Kushmāṇḍā Goddess Durgā.

**କୁଷ୍ମାଣ୍ଡୀ**—ସଂ. ବି. ସ୍ତ୍ରୀ. ( କୁଷ୍ମାଣ୍ଡ + ଈ )—
Kushmāṇḍi କୁଷ୍ମାଣ୍ଡା ( ଦେଖ )
Kushmāṇḍā ( See )

**କୁସ୍** (ଧାତୁ)—ସଂ—୧ । ଆଲିଙ୍ଗନ କରିବା—
Kus (root) 1. To embrace.
୨ । ଘେରିବା—2. To surround; to envelop.
୩ । ଦୀପ୍ତି ପାଇବା—3. To shine.

**କୁସଂସର୍ଗ**—ସଂ. ବି. (କର୍ମଧା; କୁ + ସଂସର୍ଗ)—ମନ୍ଦ ବ୍ୟକ୍ତି ସଙ୍ଗେ ସହବାସ—
Kusaṁsarga Association with bad people.

**କୁସଂସର୍ଗୀ**—ସଂ. ବିଣ. ପୁଂ.—( କୁସଂସର୍ଗ + ଇନ୍; ୧ମା. ୧ବ. )—ଯେ
Kusaṁsargi ମନ୍ଦବ୍ୟକ୍ତି ସଙ୍ଗେ ସହବାସ କରେ—
(କୁସଂସର୍ଗିଣୀ—ସ୍ତ୍ରୀ) Associating with bad people.

**କୁସଂସ୍କାର**—ସଂ. ବି. ( କର୍ମଧା; କୁ + ସଂସ୍କାର )—୧ । ଅନ୍ଧବିଶ୍ୱାସ—
Kusaṁskāra 1. Superstition; prejudice.
୨ । ମିଥ୍ୟା ବା ଭ୍ରାନ୍ତ ଧାରଣା—
2. A false or wrong impression or notion.
୩ । ପ୍ରତିକୂଳ ମତ—3. Unfavourable opinion.

**କୁସଂସ୍କାରୀ**—ସଂ. ବିଣ. ପୁଂ. (କୁସଂସ୍କାର + ଇନ୍; ୧ମା. ୧ବ. )—ଭ୍ରାନ୍ତ
Kusaṁskāri ଧାରଣାଯୁକ୍ତ ( ବ୍ୟକ୍ତି )—
Superstitious; prejudicious.

**କୁସଙ୍ଗ**—ସଂ. ବି.—( କର୍ମଧା; କୁ + ସଙ୍ଗ )—ମନ୍ଦ ଲୋକ ସଙ୍ଗେ ସହ-
Kusaṅga ବାସ—Bad company; association with bad people.
ଦେ. ବି.—କୁସଙ୍ଗୀ; ମନ୍ଦ ବା ଖଳ ସହଚର—
A bad or wicked companion.
କୁସଙ୍ଗରେ ସଙ୍ଗ ଠା, କୁସଙ୍ଗରେ ସଙ୍ଗ ହେଲେ କାଠଗଣ୍ଡି ଲମ୍ବିଠା । ଢଗ ।

**କୁସଙ୍ଗୀ**—ସଂ. ବିଣ. ପୁଂ—୧ । ଯେ ମନ୍ଦ ବ୍ୟକ୍ତିଙ୍କ ସହବାସ କରେ—
Kusaṅgi 1. One who mixes in bad company.
(କୁସଙ୍ଗିନୀ—ସ୍ତ୍ରୀ) ୨ । ମନ୍ଦ ସହଚର—
2. Bad or evil companion.

**କୁସନ୍**—ବୈଦେ. ବି. (ଇଂ)—ଗଦି; ତୁଳାପୂର୍ଣ୍ଣ ନରମ ବିଛଣା—
Kusan Cushion.
କুশন
কুশান

**କୁସନା**—ପ୍ରାଦେ. (ସମ୍ବଲପୁର) ବି—ହାଣ୍ଡିଆ (ଦେଖ)
Kusanā Hāṇḍiā (See)

**କୁସାଙ୍ଗୀ**—ଦେ. ବି.—ବାଉଁଶକଣ୍ଟା; କଣ୍ଟାବାଉଁଶର କଣ୍ଟା—
Kusāṅgi The prickly thorns of the
বাঁশকাঁটা Bambusa Arundinacea.

**କୁସିସ୍**—ପ୍ରାଦେ.(ସମ୍ବଲପୁର) ବୈଦେ.(ଫା. କୋସିସ୍ )ବି—ପ୍ରଯତ୍ନ; ଚେଷ୍ଟା;
Kusis ଉଦ୍‌ଯୋଗ—Exertion; efforts.

**କୁସୁନା**—ପ୍ରାଦେ. (ସମ୍ବଲପୁର) ବି.—ହାଣ୍ଡିଆ (ଦେଖ)
Kusunā Hāṇḍiā (See)

**କୁସୁମ**—ସଂ. ବି. ( କୁସ ଧାତୁ = ଦୀପ୍ତି ପାଇବା + ସଂଜ୍ଞାର୍ଥେ. ଉମ )—
Kusuma ୧ । ପୁଷ୍ପ—1. Flower (generally).
କୁସୁମ ପରଶରେ ପଞ୍ଚ ନଶ୍ୱରେ,
କେଉଁ ବଡ଼ଲୋକର ନବସେ ଶିରେ ସେ—ଭଞ୍ଜ. ରସିକହାରାବଳୀ ।
୨ । ଫଳ—2. Fruit.
୩ । ସ୍ତ୍ରୀ ରଜଃ—3. Menses; menstrual discharge.
୪ । ସ୍ତ୍ରୀମାନଙ୍କର ଋତୁସମୟ—4. The period of the appearance of the menstrual flow in females.
୫ । ଡିମ୍ବର ହଳଦିଆ ଅଂଶ ବା କେଶର—
5. The yolk or yellow part of an egg.
୬ । ଚକ୍ଷୁରୋଗବିଶେଷ—6. A disease of the eye in which yellow lines appear on the retina.

ସଂ. କୁସୁମ୍ଭ, କମଲୋତ୍ତର, ଗ୍ରାମ୍ୟକୁଙ୍କୁମ, ଅଗ୍ନିଶିଖ, ବସ୍ତ୍ରରଞ୍ଜନ
কুসুম
କୁସୁମ; କାସୁମ୍ବ
ତେ. ଅଗ୍ନିଶିଖା
ଦେ: ବି—୧ । ( ସଂ. କୁସୁମ୍ଭ ) କୁସୁମ ଫୁଲ; ଗେଣ୍ଡୁ ଫୁଲ—
1. A yellow flower; Safflower; Carthamus Tinctorius.
[ ଦ୍ର—ଏ ଗୁଳ୍ମ ଦୁଇ ତିନି ହାତ ଉଚ୍ଚରେ ବଢ଼େ, ଗୁଳ୍ମର କାଣ୍ଡ ଓ ଡାଳ କୋମଳ-କଣ୍ଟକମୟ, ପତ୍ର ଲମ୍ବ ଓ ଦନ୍ତୁର; ଏଥିର ପାଖୁଡ଼ାର ମୂଳରେ ମଞ୍ଜିଥାଏ, ମଞ୍ଜିରୁ ତେଲ ବାହାରେ; ଫୁଲର ପାଖୁଡ଼ାରୁ ଏକପ୍ରକାର (କୁସୁମୀ) ରଙ୍ଗ ବାହାରେ, ସେହି ରଙ୍ଗରେ ପାଟଲୁଗା ରଙ୍ଗାଯାଏ । ଏହି ଫୁଲ ଗୁରୁପ୍ରକାର; ଯଥା—ମଣ୍ଡାକୁସୁମ, ଗେଣ୍ଡୁ, ମାଣିକଗୁଚ୍ଛ ଓ ଝୁଲଣ ।]

ସଂ. ସୁକୋଶକ, କୋଶାମ୍ର, ଲାକ୍ଷାବୃକ୍ଷ, ଘନସ୍କନ୍ଧ, କ୍ଷୁଦ୍ରାମ୍ର, କ୍ରିମିବୃକ୍ଷ
কুসুম; কোশাম; কেওড়া
୨ । ( ସଂ. କୋଶାମ୍ର ) ଏକଜାତୀୟ କାଠଗଛ—2. A kind of hard timber used for preparing the axle of carts; the shell lac

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଙ୍କ | ଇଯ୍ | ଚ୍ଛ | ଞ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲ୍ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ୍ଚ | ନ୍ତ |

**कुसुम; कोशाम; कासम; गनसम; गसम** insects are laid on this tree; Schleicheria Trijuga.

ମ. କୋସୁମ, କୋହନ, କୋସିମ୍, ପେଡୁମନ
ସ୍ତ. କୋସୁମ, କୋରମ, କୋସୁମ୍, ଗୋସନ, କୋରମ, ଅସୁମର
ତା. ପାଙ୍କା, ପୁ, ପୁଲାଚ, ପୁଙ୍କା
ତେ. ପୋଷ୍କୁ, ପୁସୁଲ୍କୁ, ପୁଲ୍ଲୀ, ମାସ୍ତୀ

[ ଦ୍ର—ଏହି ଗଛ ଉଠାଗଛ ପର ମଧ୍ୟଭଲଆ ଗଛ ଓ ମଧ୍ୟଭାରତ,ମାନ୍ଦ୍ରାଜ ଓ ଗଡ଼ଜାତ ଜଙ୍ଗଲରେ ଜନ୍ମେ । ଏହାର ଫୁଲ ହଳଦିଆ, କାଠ ରକ୍ତଶୀୟ ବର୍ଣ୍ଣ । ମଞ୍ଜିରୁ ଖାଦ୍ୟୋପଯୋଗୀ ତେଲ ବାହାରେ । ଏହି ଗଛରେ ଲାଷାକାଠି ଜନ୍ମନ୍ତି । ଶୀତକାଳରେ ଏହାର ପତ୍ର ଝଡ଼ିପଡ଼େ ଓ ବସନ୍ତକାଳରେ ନୂଆ ପତ୍ର କଅଁଳେ ଓ ଫୁଲ ଫୁଟେ । ଏ କାଠ ଖୁବ୍ ମଜଭୁତ୍ ଥିବାରୁ ସଗଡ, ଲଙ୍ଗଳ ଓ ଘର ତିଆରି କାମରେ ଲାଗେ । ଏହାର ଫଳ ଖଟାମିଶା ମିଠା; ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ଫଳ ଗୁରୁ, ପିତ୍ତବର୍ଦ୍ଧକ ଓ ଦାହକାରକ । ଏଥିର ତେଲରେ ବାଥ ଓ ଚର୍ମରୋଗ ଭଲ ହୁଏ; ତେଲ ତୃପ୍ତିଜନକ,ପାଚକ ଓ ବଳକାରକ । ପକ୍ୱଫଳ ଅଗ୍ନିଦୀପକ, ରୁଚିଜନକ, ଲଘୁ, ଉଷ୍ଣବୀର୍ଯ୍ୟ ଓ କଫ ଏବଂ ବାୟୁନାଶକ । ]

ପ୍ରାଦେ. ( ପୁଷ୍ପଜଙ୍ଘା ) ବି—ଗଛର ଗଣ୍ଡିର ମଧ୍ୟବର୍ତ୍ତୀ ଅଂଶ—
The middle part of the stem of a tree.

**କୁସୁମକାଣ୍ଡ**—ସଂ. ବି—କୁସୁମବାଣ ( ଦେଖ )
Kusumakāṇḍa — Kusumabāṇa ( See )

**କୁସୁମକୋଦଣ୍ଡ**—ସଂ. ବି. (ମଧ୍ୟପଦଲୋପୀ; କୁସୁମଯୁକ୍ତ କୋଦଣ୍ଡ)—
Kusumakodaṇḍa ୧ । ପୁଷ୍ପଧନୁ—1. A bow made of flowers.
୨ । କାମଦେବଙ୍କ ଧନୁ—
2. The bow of God Cupid.
କୁସୁମକୋଦଣ୍ଡ କାଣ୍ଡ କେତେ କରଥିଲି ଭୁଣ—କନ୍ଦର୍ପ. କଶୋଗଚମ୍ପୂ କ ଗୀତ ।

**କୁସୁମକୋଲି**—ଦେ. ବି.—ଏକପ୍ରକାର ବନ୍ୟ ଗଛ—
Kusumakoḻi — A kind of wild tree.
[ଦ୍ର—ଏହାର କୋଳ ଶିମ୍ବ ପରି । ଏହା ପାଚିଲେ ଖିଆଯାଏ । ]

**କୁସୁମତୁମ୍ବ**—ପ୍ରାଦେ. (ପୁଷ୍ପ ଜଙ୍ଘା' ବି.—ବାଣବିଶେଷ; ଗଛର ଗଣ୍ଡିର
Kusumatumba କୁସୁମ ବା ମଧ୍ୟବର୍ତ୍ତୀ ଅଂଶରେ ଗାତ କରାଯାଇ ବାରୁଦ ଖୁନ୍ଦାଯାଇ ଯେଉଁ ତୁମ୍ବବାଣ ତିଆରି ହୁଏ—
A kind of firework.

**କୁସୁମଧନୁ**—ସଂ. ବି (ମଧ୍ୟପଦଲୋପୀ କର୍ମଧାରୟ; କୁସୁମ+ଧନୁ)—
Kusumadhanu ମଦନ ବା କାମଦେବ ଯେଉଁ କଳ୍ପିତ ଧନୁ ଦ୍ୱାରା ପ୍ରେମିକ ପ୍ରେମିକାଙ୍କୁ ଲକ୍ଷ୍ୟ କରି କୁସୁମଶର ପ୍ରୟୋଗ କରନ୍ତି—The (imaginary) flowery bow of the Hindu God Cupid; bow made of flowers strung together.
ଦେ. ବି (ସଂ. କୁସୁମଧନୁଃ)—କାମଦେବ—God Cupid.

**କୁସୁମଧନୁଃ**—ସଂ. ବିଣ (ବହୁବ୍ରୀହି; କୁସୁମ+ଧନୁସ୍; ୧ମା. ୧ବ)—
Kusumadhanuḥ କାମଦେବ—The God Cupid; God of love (represented as using a flowery bow and arrow.
[ଦ୍ର—କାମଦେବ ଯେଉଁ ଧନୁ ଓ ଶର କାମୁକ ଓ କାମୁକୀଙ୍କ ପ୍ରତି ପ୍ରୟୋଗ କରନ୍ତି ତାହା ଫୁଲରେ ନିର୍ମିତ ଓ ତାହାଙ୍କର ଶର ୫ଗୋଟି ପୁଷ୍ପର ଶର ଅଟେ । ]

**କୁସୁମଧନ୍ୱା**—ସଂ. ବିଣ (ବହୁବ୍ରୀହି; କୁସୁମ+ଧନୁସ୍+ଵନ୍; ୧ମା. ୧ବ)—
Kusumadhanwā — କୁସୁମଧନୁଃ (ଦେଖ)
Kusumadhanuḥ (See)

**କୁସୁମପୁର**—ସଂ. ବି (ନାମ;କୁସୁମ+ପୁର; ପୁଷ୍ପପୂର୍ଣ୍ଣ ନଗର)—
Kusumapura ପୁରାତନ ପାଟଳିପୁତ୍ର ନଗର ( ଆଧୁନିକ ପାଟଣା ସହର)—The ancient town of Pāṭaliputra in the vicinity of modern Patna.

**କୁସୁମବତୀ**—ସଂ. ବିଣ. ସ୍ତ୍ରୀ (କୁସୁମ+ବତ୍+ସ୍ତ୍ରୀ. ଈ)—ଋତୁମତୀ—
Kusumabatī — Menstruated.
କୁସୁମବତୀ ହୋଇ ଅବଲୋକେ
ଚଳପ ଚେଳ ଚଳେ ହୋଇଛ ଭଲ ସେ—ଭକ୍ତ. ସଙ୍ଗୀତ ।

**କୁସୁମବାଣ**—ସଂ. ବି (ମଧ୍ୟପଦଲୋପୀ; କୁସୁମ+ବାଣ)—
Kusumabāṇa ୧ । ପ୍ରେମିକପ୍ରେମିକାଙ୍କ ପ୍ରତି ନିକ୍ଷିପ୍ତ କାମଦେବଙ୍କ ପୁଷ୍ପଧନୁନିର୍ଗତ ଶର—
1. The (imaginary) flowery shafts or arrows of the God Cupid thrown at lovers.
୨ । ( ବହୁବ୍ରୀହି ) କାମଦେବ—
2. God Cupid.

**କୁସୁମବାନ୍**—ସଂ. ବିଣ ( କୁସୁମ+ବତ୍; ୧ମା. ୧ବ. )—
Kusumabān — କୁସୁମିତ (ଦେଖ)
(କୁସୁମବତୀ—ସ୍ତ୍ରୀ) — Kusumita (See)

**କୁସୁମସମୟ**—ସଂ. ବି (୬ଷ୍ଠୀ ତତ୍; କୁସୁମ+ସମୟ)—
Kusumasamaya ୧ । ଫୁଲ ଫୁଟିବାର ଋତୁ; ବସନ୍ତକାଳ—
1. The spring.
୨ । ସ୍ତ୍ରୀମାନଙ୍କର ଋତୁକାଳ—
2. Menstrua. period of women.

**କୁସୁମସ୍ତବକ**—ସଂ. ବି (୬ଷ୍ଠୀ ତତ୍; କୁସୁମ+ସ୍ତବକ)—
Kusumastabaka ୧ । ଫୁଲଗୁଚ୍ଛ; ଫୁଲପେନ୍ଥା—
1. A bunch of flowers.
୨ । ଫୁଲର ତୋଡ଼ା—
2. A nosegay.
୩ । ସଂସ୍କୃତ ଛନ୍ଦୋବିଶେଷ—
. Name of a Sanscrit metre (alternately rising and falling in cadence )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗିଂଧା' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

କୁସୁମା—ଦେ. ବି—୧ । ଅଫିମ ଓ ଭାଙ୍ଗ ମିଶ୍ରିତ ପାନୀୟ—
Kusumā 1. A drink made of opium mixed with
हुथ कुस्मंभा Canabis Sativa.
**कुसुंभा** ୨ । ଦୁଗ୍ଧମିଶ୍ରିତ ଭାଙ୍ଗ; ବିଜୟାଯୁକ୍ତ ଦୁଗ୍ଧମିଶ୍ରିତ ପାନୀୟ—
2 An intoxicating drink made with milk and pestled leaves of Canabis Sativa or Indian Hemp.
ଦେ. ବିଣ—କୁସୁମଫୁଲର ବର୍ଣ୍ଣବିଶିଷ୍ଟ—
Saffron-coloured.

କୁସୁମାଞ୍ଜଳି—ସଂ. ବି. ( ମଧ୍ୟପଦଲୋପୀ; କୁସୁମ + ଅଞ୍ଜଳି )—
Kusumāñjali ୧ । ଫୁଲର ଅଞ୍ଜୁଳା—
1. A handful of flowers.
୨ । ଉଦୟନାଚାର୍ଯ୍ୟଙ୍କ ପ୍ରଣୀତ ବେଦାନ୍ତ ଗ୍ରନ୍ଥ—
2. Name of a Hindu theological work by Udayanāchārjya.

କୁସୁମାବତୀ—ଦେ. ବି. ( ନାମ )—ଘୁମୁସର ଆଡ଼ୁ ଆସି ଖଣ୍ଡପଡ଼ାରେ
Kusumābatī କଣ୍ଟିଲୋ ନିକଟରେ ମହାନଦୀରେ ପଡ଼ୁଥିବା ଉପନଦୀ—A tributary of the Mahānadī river.

କୁସୁମାୟୁଧ—ସଂ. ବି. ( ମଧ୍ୟପଦଲୋପୀ; କୁସୁମ + ଆୟୁଧ )—
Kusumāyudha ୧ । କାମଦେବଙ୍କ ପୁଷ୍ପବାଣ—
1. The flowery bow of Cupid.
୨ । କାମଦେବ—2. The God of love; Cupid (holding the flowery bow and arrows).
ବିଣ. ପୁଂ. ( ବହୁବ୍ରୀହି )—ପୁଷ୍ପବାଣଧାରୀ—
Holding a flowery bow.

କୁସୁମା ରଙ୍ଗ—ଦେ. ବି—ନାଲି ଓ ହଳଦିଆ ମିଶ୍ରିତ ରଙ୍ଗ; କୁସୁମ ଫୁଲର
Kusumā raṅga ରଙ୍ଗ; ଉଦୟମାନ ବାଳସୂର୍ଯ୍ୟର ରଙ୍ଗ—
Saffron-colour.

କୁସୁମାଳ—ସଂ. ବି—ଚୋର—Thief (Apte).
Kusumāḷa

କୁସୁମି—ଦେ. ବି. (ନାମ)—କୁସୁମାବତୀ ( ଦେଖ )
Kusumi Kusumābatī ( See )

କୁସୁମିତ—ସଂ. ବିଣ. ପୁଂ. ( କୁସୁମ + ଯୁକ୍ତାର୍ଥେ. ଇତ )—
Kusumita ଫୁଲ ଧରିଥିବା ( ଗଛ ); ପୁଷ୍ପିତ—In flower;
(କୁସୁମିତା—ସ୍ତ୍ରୀ) flowery; flowered; blossomed; in blossoms; blossoming.

କୁସୁମିତା—ସଂ. ବିଣ. ସ୍ତ୍ରୀ. ( କୁସୁମିତ + ସ୍ତ୍ରୀ. ଆ )—
Kusumitā ୧ । କୁସୁମିତ ( ଦେଖ )
1. Kusumita ( See )
୨ । ଋତୁମତୀ ( ସ୍ତ୍ରୀ )—2. Menstruated (female); (woman) in her menses.

କୁସୁମି ରଙ୍ଗ—ଦେ. ବି—କୁସୁମା ରଙ୍ଗ ( ଦେଖ )
Kusumi raṅga Kusumā raṅga ( See )
**कुसुंमीरंग**

କୁସୁମୋତ୍ସବ—ଦେ. ବି. ( ମ. ପ. ଲୋ; କୁସୁମ+ଉତ୍ସବ )— ସ୍ତ୍ରୀର
Kusumotsaba ଋତୁକାଳ—Menses.
କୁସୁମୋତ୍ସବ ବକ୍ଷେତ ଯୁଗୁଁ,
ଲଗି ଉକାଇତ ଲଗୁ ଲଗୁ । କବିସୂର୍ଯ୍ୟ. ସଙ୍ଗୀତ ।

କୁସୁମ୍ବକ—ସଂ. ବି— କୁସୁମ ୨ ( ଦେଖ ) ( ହି. ଶବ୍ଦସାଗର )
Kusumbaka Kusuma 2 ( See )

କୁସୁମ୍ଭ—ସଂ. ବି. ( କୁସ୍ ଧାତୁ=ଦୀପ୍ତି ପାଇବା + ସଂଜ୍ଞାର୍ଥେ ଉମ୍ଭ )—
Kusumbha ୧ । କୁସୁମଫୁଲ; ଗେଣ୍ଡୁଫୁଲ—1. Safflower.
୨ । ଯାଫ୍ରାନ୍‌କେଶର—2. Saffron.
୩ । କୁସୁମଫୁଲର ରଙ୍ଗ—3. Saffron colour.
୪ । ସ୍ୱର୍ଣ୍ଣ—4. Gold.
୫ । ବାହ୍ୟ ସ୍ନେହ—5. Outward affection.
୬ । କମଣ୍ଡଳୁ—6. A water-pot with a circular handle over it; carried by ascetics.
୭ । ଅଗ୍ନିଶିଖା (ହି. ଶବ୍ଦସାଗର)—7. Flame of fire.

କୁସୁମ୍ଭା—ଦେ. ବି. ଓ ବିଣ—କୁସୁମା (ଦେଖ)
Kusumbhā Kusumā (See)
ଜରବୁଟା କଞ୍ଚ କଷିବା ପଡ଼ ।
କୁସୁମ୍ଭା ରଙ୍ଗେ ଯାଇ ଅଛି ଜଡ଼ । କବିସୂର୍ଯ୍ୟ. ଚନ୍ଦ୍ରକଳା ।

କୁସୁମ୍ମ—ସଂ. ବି.—କୁସୁମ (୨) (ଦେଖ) (ହି. ଶବ୍ଦସାଗର)
Kusumma Kusuma (2) (See)

କୁସୂ—ସଂ. ବି.—ଜିଆ; କେଞ୍ଚୁଆ —
Kusū Earthworm (Apte).

କୁସୂଳ (ଇତ୍ୟାଦି)—ସଂ. ବି.—ଧାନକୋଠି; କୁଶୂଳ ଇତ୍ୟାଦି (ଦେଖ)
Kusūḷa (etc) Granary; Kuśūḷa etc. (See)
(କୁଶୂଳ—ଅନ୍ୟରୂପ)

କୁସୃତି—ସଂ. ବି.—(କୁ=କୁତ୍ସିତ + ସୃ ଧାତୁ=ଗମନ କରିବା + ଭାବ.
Kusṛuti ତି)—ଶଠତା; ଧୂର୍ତ୍ତତା—Fraud; deceit; deception; cheating.

କୁସ୍ତଗିରିକାମ—ଦେ. ବି.—(ବଣିଆ ଶବ୍ଦ)—ବନ୍ଧୁକ, ତରବାରି, ଛୁରୀ,
Kustagirikāma କଟାରୀ ଓ ଜମଦାଢ଼, ଆଦି ହତିଆରମାନଙ୍କର
कुस्तगिरिकाज କେବଳ ବେଣ୍ଟରେ ବା ଉପରେ ସୁନା ଓ ରୁପାର
**कुस्तगिर काम** ତାରଦ୍ୱାରା କରାଯିବା କାରୁକର୍ମ—Gold and silver filagree work wrought on the handles and blades of swords, daggers knives etc

କୁସ୍ତାକିସ୍ତି—ଦେ. ବି—କୁସ୍ତାକୁସ୍ତି ( ଦେଖ )
Kustākisti Kustākusti ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଝ | ଋ,ଝ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଘ,ଷ | ଙ୍କ | ଋଯ୍ | ଝଅ | ଝ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଛଅ | ଞ | ନ୍, | |

କୁସ୍ତାକୁସ୍ତି—ଦେ. ବ—ଦୁଇ ଜଣଙ୍କ ମଧ୍ୟରେ ହେବା ମଲ୍ଲଯୁଦ୍ଧ—
Kustākusti Mutual wrestling or scuffling.
कुस्ताकुस्ती ବଣ—୧ । ଅନ୍ୟୋନ୍ୟରେ ମଲ୍ଲଯୁଦ୍ଧ କରୁଥିବା—
**কুস্তমকুস্তা** 1. Engaged in mutual wrestling.
୨ । କଳହରେ ଅନ୍ୟୋନ୍ୟରେ ଧସ୍ତାଧସ୍ତି—
2. Mutually scuffling in the course of a quarrel.

କୁସ୍ତି—ବୈଦେ. ବ. ( ଫା )—୧ । ମଲ୍ଲଯୁଦ୍ଧ—1. Wrestling.
Kusti ୨ । ଭୂମିରେ ଶରୀରଚାଳନରୂପକ ବ୍ୟାୟାମ; ଦଣ୍ଡ;
कुश्ती କସ୍‌ରତ୍—2 Gymnastics; physical exercises.
**কুস্তী**

କୁସ୍ତିଆଖଡ଼ା—ଦେ. ବ. ( ଫା. କୁସ୍ତି + ସଂ. ଅକ୍ଷବାଟ )—
Kustiākhardā ମଲ୍ଲବିଦ୍ୟା ଶିକ୍ଷା ଦିଆଯିବା କ୍ରୀଡ଼ାଭୂମି—
कुश्तीआखड़ा Place for wrestling exercises; gymnasium.
**আখাড়া**

କୁସ୍ତିବାଜ୍—ବୈଦେ. ବ. (ଫା)—କୁସ୍ତି ବା କସ୍‌ରତ୍ କରିବା ବ୍ୟକ୍ତି;
Kustibāj ପହଲ୍‌ମାନ୍—Gymnast; wrestler.
कुश्तीगिर
**কুস্তীবাজ**

କୁସ୍ତୁଭ—ସଂ. ବ. (କୁ=ପୃଥିବୀ+ସ୍ତୁଭ ଧାତୁ=ପୂଜା କରିବା+କର୍ମ. ଅ)—
Kustubha ୧ । ବିଷ୍ଣୁ—1. An epithet of Bishṇu.
୨ । ସମୁଦ୍ର—2. The ocean.

କୁସ୍ତୁମ୍ବରୀ—ସଂ. ବ—ଧନିଆଁ ଗଛ; ଧନ୍ୟାକ—
Kustumbarī Coriander.

କୁସ୍ତୁମ୍ବୁରୁ—ସଂ. ବ—ଧନିଆଁ ମଞ୍ଜି—
Kustumburu The seed of Coriander.

କୁସ୍ୱପ୍ନ—ସଂ. ବ. ( କର୍ମଧା; କୁ + ସ୍ୱପ୍ନ )—ଦୁଃସ୍ୱପ୍ନ; ଅଶୁଭସୂଚକ ସ୍ୱପ୍ନ;
Kuswapna ବିକଟଦୃଶ୍ୟଯୁକ୍ତ ସ୍ୱପ୍ନ—Bad dream; nightmare; ominous dream.

କୁସ୍ୱଭାବ—ସଂ. ବ. ( କର୍ମଧା; କୁ + ସ୍ୱଭାବ )—ମନ୍ଦ ପ୍ରକୃତି—
Kuswabhāba Evil or bad nature.
(କୁସ୍ୱଭାବା—ସ୍ତ୍ରୀ) ସଂ. ବଣ. ପୁଂ. (ବହୁବ୍ରୀହି)—ମନ୍ଦପ୍ରକୃତିକ; ଦୁଷ୍ଟ—
Ill-natured; wicked; of perverted nature.

କୁହ (ଧାତୁ)—ସଂ.—୧ । ବିସ୍ମୟ ଉତ୍ପାଦନ କରିବା—
Kuha (root) 1. To excite wonder; to astonish.
୨ । ପ୍ରତାରଣା କରିବା—2. To deceive; to cheat.

କୁହ—ସଂ. ବ. ( କୁହ ଧାତୁ + କର୍ତ୍ତୃ. ଅ )—୧ । କୁବେର—
Kuha 1. The Hindu God of riches.
୨ । ଧୂର୍ତ୍ତବ୍ୟକ୍ତି; ଠକ—2. A cheat; rogue (Apte).
ଦେ. କ୍ରି—କହିବା କ୍ରିୟାର ଅନୁଜ୍ଞା ମଧ୍ୟମ ପୁରୁଷ ଏକ ବଚନ ଓ ବହୁବଚନରେ (ତୁମ୍ଭେ ଓ ତୁମ୍ଭେମାନେ) ରୂପ—
The 2nd person singular and plural forms of the verb to speak in the imperative mood.
ସେ ସମ ଚରିତ କୁହ କରଣ ବନ୍ଧୁର ହେ । ଦୀନନାଥ. ବଟପତ୍ରସମାପୂର୍ଣ ।

କୁହଁ—ପ୍ରାଦେ. ( ଗଞ୍ଜାମ ) ବ—କୂପ; କୂଅ—Well.
Kuhañ

କୁହକ—ସଂ. ବ. ( କୁହ ଧାତୁ=ବିସ୍ମୟ ଉତ୍ପାଦନ କରିବା + କର୍ତ୍ତୃ. ଅକ )—
Kuhaka
୧ । ଇନ୍ଦ୍ରଜାଲ; ଭେଲକି—
1. Jugglery; magic; sorcery, delusion.
୨ । ପ୍ରତାରଣା; ଛଳ; ମାୟା—
2. Deception; trickery.
ସଂ. ବଣ—୧ । ଐନ୍ଦ୍ରଜାଲିକ—1. Juggler; magician.
୨ । ପ୍ରତାରକ—
2. Rogue; cheating; deceptive.

କୁହକା—ସଂ. ବ. ( କୁହକ + ଆ )—ଇନ୍ଦ୍ରଜାଲ; ଭେଲ୍କି—
Kuhakā Jugglery.

କୁହକାର—ସଂ. ବଣ. ( କୁହ + କାର )—ଐନ୍ଦ୍ରଜାଲିକ; ଯେ ଭେଲ୍କି ଲଗାଏ—Conjuring
Kuhakāra

କୁହକୀ—ସଂ. ବଣ. ପୁଂ. ( କୁହକ + ଇନ୍. ୧ମା. ୧ବ. )—
Kuhakī ୧ । ମାୟାବୀ; ଇନ୍ଦ୍ରଜାଲିକ—
( କୁହକିନୀ—ସ୍ତ୍ରୀ ) 1. Juggler; adept in jugglery; sorcerer.
୨ । କପଟୀ—2. Hypocrite.
୩ । ପ୍ରତାରକ—3. Deceiving.
୪ । ପାଜି—4. Rogue; wicked.

କୁହଡ଼ି—ପ୍ରାଦେ. ( ସମ୍ବଲପୁର ) ବ—କୁହୁଡ଼ି ( ଦେଖ )
Kuhardi Kuhurdi ( See )

କୁହନ—ସ. ବ. ( କୁହ ଧାତୁ + କର୍ତ୍ତୃ. ଅନ )—୧ । କାଚପାତ୍ର—
Kuhana 1. Glass vessel.
୨ । କ୍ଷୁଦ୍ର ମାଟିପାତ୍ର—
2. Small earthen vessel.
୩ । ମୂଷା—3. Mouse.
୪ । ସାପ—4. Snake ( Apte ).
ସଂ. ବଣ. ପୁଂ—୧ । ଈର୍ଷ୍ୟାନ୍ୱିତ—1. Envious.
୨ । କପଟାଚାରୀ—2. Hypocritical.

କୁହନା—ସ. ବ. ( କୁହନ + ଆ )—
Kuhanā ୧ । କପଟ; ଛଳ; କପଟାଚାର—1. Hypocrisy
ପରଶି ହେବାର ଦୋଷକୁ ସୁନ୍ଦର ନ ଭଣି ମନେ କୁହନା— ବନମାଳୀ. ସଙ୍ଗୀତ ।
୨ । ତପସ୍ୱିବେଶମଧାରଣ; କପଟ ସାଧୁତା—
2. Assumed sanctity.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ସେହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ସକାମ ଧର୍ମାଚରଣ—
3. Interested performance of religious austerities ( Apte ).

**କୁହନିକା**—ସଂ. ବି. ( କୁହନ+କ+ଆ )—ଦମ୍ଭ; କପଟାଚାର—
Kuhanikā — Hypocrisy.

**କୁହର**—ସଂ. ବି. ( କୁ=ପୃଥିବୀ+ହୃ ଧାତୁ+କର୍ତ୍ତୃ. ଅ )—
Kuhara ୧ । ଗହ୍ୱର; ଗାତ—1. Cavity.
୨ । ଛିଦ୍ର; କଣା; ଗାତ—2. Hole; pit.
୩ । କର୍ଣ୍ଣ; କାନ—3 The ear.
୪ । ଘଣ୍ଟି—4. Throat.
୫ । ସଙ୍ଗମ; ମୈଥୁନ—5. Copulation.
୬ । ନୈକଟ୍ୟ—6. Proximity.
୭ । କଣ୍ଠ୍ୟସ୍ୱର—7. Gutteral sound.

**କୁହରିତ**—ସଂ. ବିଣ. ( କୁହର+ଇତ )—ମୁଖରିତ; ଶବ୍ଦାୟମାନ—
Kuharita Resounding; reverberating; sounded; full of sound; vociferous.
ସଂ. ବି—୧ । ଶବ୍ଦ—1. Sound ( generally ).
୨ । କୋକିଳର ରବ—
2. The cooing of the Indian cuckoo.
୩ । ମୈଥୁନରତ ବ୍ୟକ୍ତିର ଧ୍ୱନି—
3. Sound ejaculated during copulation.

**କୁହରିବା**—ଦେ. କ୍ରି. ( ସଂ. କୁହର )—
Kuharibā ୧ । ପିକ ପରି କୁହୁକୁହୁ ଶବ୍ଦ କରିବା—
कुहरा 1. To coo like the cuckoo.
**कुहरना** ସହକାର କୁଞ୍ଜେ, ପିକବର ସଙ୍ଗେ, କୁହରଇ ପିକବଧୂ ।
ନନ୍ଦକିଶୋର. ନର୍ମଦା ।
୨ । ( ସଂ. କୋହ )—ଅତ୍ୟନ୍ତ କୋହ ସହିତ କାନ୍ଦିବା—
2. To lament or cry in a plaintive or continual voice.

**କୁହରେଇ**—ଦେ. କ୍ରି. ବିଣ—୧ । ଅତ୍ୟନ୍ତ କୋହ ସହିତ ଉଚ୍ଚୈଃସ୍ୱରରେ
Kuharei (କାନ୍ଦିବା)—1. (to cry) Plaintively.
**कुहरकर** ୨ । ଉପର୍ଯ୍ୟୁପରି (ପ୍ରହାର କରିବା)—
2. ( to beat ) In close succession; (to give strokes) promiscuously or profusely or soundly.

**କୁହଳି**—ସଂ. ବି—ପାନ ଖିଲି—
Kuhaḷi The leaf of the Piper betel with small pieces of the Areca nut and Catechu and a little lime ( M. W. )

**କୁହସ୍ୱପ୍ନ**—ସଂ. ବି—କୁକୁଡ଼ା—
Kuhaswapna Cock (Apte).

**କୁହସ୍ୱର**—ସଂ. ବି—କୁହସ୍ୱପ୍ନ ( ଦେଖ )
Kuhaswara — Kuhaswapna ( See )
ସଂ. ବି—ଏକ ପ୍ରକାର ବରକୋଳିଗଛ—
A kind of Zizyphus tree ( M.W. )

**କୁହା**—ଦେ. ବି. ( ସଂ. କଥ ଧାତୁ )—
Kuhā ୧ । କହିବା; କଥନ—1. Speaking.
कहन, कहा ୨ । କଥା; ବାକ୍ୟ—2. Words; speech.
**कहनी** ୩ । ଆଜ୍ଞା; ଉପଦେଶ—3. Advice; order.
ଦେ. ବିଣ. ପୁଂ—୧ । (ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଯଥା—
କୋହି } ସ୍ତ୍ରୀ. କଅଁଳ କୁହା)—କହିବା ବ୍ୟକ୍ତି—1. Speaking.
କୁହି } ୨ । କଥିତ—2. Spoken.
ନୋହେ ତାଙ୍କ ପ୍ରତିଜ୍ଞା କୁହା । ଭକ୍ତ. ବୈଦେହୀଶବିଳାସ ।

**କୁହାଇବା**—ଦେ. କ୍ରି—୧ । କହିବାର ଣିଜନ୍ତ ରୂପ—
Kunāibā 1. The caustative form of 'Kahibā'.
कहान ୨ । ଅନ୍ୟ ବ୍ୟକ୍ତି କଥା କହିବାର ଉପାୟ କରିବା—
**कहवाना** 2. To make another speak or utter something.
୩ । ଅନ୍ୟ ଦ୍ୱାରା ଅଭିପ୍ସିତ କଥା ଅବଗତ କରାଇବା ବା ଜଣାଇବା-
3. To send words through another.
ଦୂତସେନ ହାତେ ତା ମୋତେ କୁହାଇଲେ ।
କୃଷ୍ଣସିଂହ. ମହାଭାରତ, ବନ ।
୪ । ବୋଲାଇବା; (ଅମୁକ ନାମରେ) ଖ୍ୟାତହେବା—
4. To be called or styled.
କଥାଭାର ସ୍ତ୍ରିୟା ହୋଇ ଖାଦକୀ କୁହାଇ । ମାଘପୁରାଣ ।

**କୁହାଁର**—ପ୍ରାଦେ. (ଗଞ୍ଜାମ) ବି—କୁହାର ( ଦେଖ )
Kuhāṅra — Kuhāra ( See )

**କୁହାକୁହି**—ଦେ. ବି—୧ । ଅନ୍ୟୋନ୍ୟରେ କଥାବାର୍ତ୍ତା ହେବା;କଥୋପ-
Kuhākuhi କଥନ—1. Consultation; conver-
कहाबला sation; mutual talk.
**कहाकहि** ୨ । ପ୍ରାର୍ଥନା—3. Entreaty.
ଦେ. ବିଣ—ଅନ୍ୟୋନ୍ୟରେ କଥାବାର୍ତ୍ତା ହେବା—
Speaking to each other.
ଏହି ରୂପରେ ବିକେ ହୋଇ କୁହାକୁହି । କୃଷ୍ଣସିଂହ. ମହାଭାରତ. ସଭା ।

**କୁହାକୋହି**—ଦେ. ବି. ଓ ବିଣ—କୁହାକୁହି ( ଦେଖ )
Kuhākohi — Kuhākuhi ( See )
ପରସ୍ପରେ ପାଣ୍ଡବେ କୁହାକୋହି ହୋଇ । କୃଷ୍ଣସିଂହ. ମହାଭାରତ. ବନ ।

**କୁହାଟ**—ଦେ. ବି. ( ସଂ. ଚିତ୍କାର )—୧ । ଉଚ୍ଚ ଡାକ; ପ୍ରହରୀମାନଙ୍କ
Kuhāṭa ଡାକ—1 A hallooing; halloo; loud call
टेंचानि from a distance.
**पुकार, गुहार** ୨ । ଉଚ୍ଚ ଧ୍ୱନି—2. Loud call; high sound.
ଗଜଙ୍କୁ ଚଢ଼ିଣ ଛେଡ଼ି ବିକଟ କୁହାଟ । ରଥାବାଥ, ମହାଯାତ୍ରା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

୩ । କଥା; କିମ୍ବଦନ୍ତୀ—3. Saying; adage.
(ଯଥା—ପୁରୀର ଠାକୁରରଜା ଲକ୍ଷେ ରଜାରେ ମଉଡ଼ମଣି ବୋଲି କୁହାଟ ଅଛି ।)

**କୁହାଟ ଛାଡ଼ିବା**—ଦେ. କ୍ରି.—କୁହାଟ ମାରିବା (ଦେଖ)
Kuhāṭa chhārḏibā Kuhāṭa māribā (See)
ଆକାଶ ପାତାଳ ଛାଡ଼ିଲେ କୁହାଟ । ରାଧାନାଥ. ଚିଲିକା ।

**କୁହାଟ ଦେବା**—ଦେ. କ୍ରି.—କୁହାଟ ମାରିବା ( ଦେଖ )
Kuhāṭa debā Kuhāṭa māribā (See)

**କୁହାଟମଲି**—ଦେ. ବି—ଅନ୍ଧକାର ରାତିରେ ଖେଳାଯିବା ଏକପ୍ରକାର
Kuhāṭamali ଖେଳ—Name of game played at night.
[ ଦ୍ର—ଏହି ଖେଳରେ ବାଳକମାନେ ଦୁଇ ଦଳରେ ବିଭକ୍ତ ହୁଅନ୍ତି । ଏକ ଦଳ ଲୁଚନ୍ତି ଓ ଅନ୍ୟ ଦଳ ସେମାନଙ୍କୁ ଖୋଜି ବାହାର କରିବାରେ ଲାଗନ୍ତି । ଲୁଚି ଥିବା ଦଳ ମଧ୍ୟରୁ କାହାକୁ ନ ପାଇଲେ ଖୋଜୁଥିବା ଦଳ ସେମାନଙ୍କର ସନ୍ଧାନ ପାଇବା ଉଦ୍ଦେଶ୍ୟରେ କୁହାଟ ମାରନ୍ତି । ଲୁଚିଥିବା ଦଳ ମଧ୍ୟରୁ କେହି କେହି ଅତି ସାବଧାନ ହୋଇ ଏପରି କୁହାଟ ଦେଇ ଚାଲି ଯାଆନ୍ତି ଯେ, ଖୋଜୁଥିବା ଦଳ ସହଜରେ ତାହାଙ୍କୁ ଧରି ପାରନ୍ତି ନାହିଁ । ଯଦି ଦୈବାତ୍ ଲୁଚିଥିବା ଦଳ ମଧ୍ୟରୁ କେହି ଜଣେ ଧରା ପଡ଼ି ଯାଏ ତେବେ ସେହି ଦଳ ହାରି ଯାଏ ଓ ଖୋଜୁଥିବା ଦଳର ଜିତ୍ ହୁଏ । ପୁଣି ଜିତିବାଦଳ ଲୁଚନ୍ତି ଓ ହାରିବାଦଳ ତାଙ୍କୁ ଖୋଜନ୍ତି ।]

**କୁହାଟ ମାରିବା**—ଦେ. କ୍ରି.—ଉଚ୍ଚ ଡାକ ଦେବା—
Kuhāṭa māribā To halloo; to shout from a distance.
চেঁচান କିମ୍ବା ଗଙ୍ଗେଶ୍ୱର ବୋଲି କ୍ଷଣେ କ୍ଷଣେ ଉଚ୍ଚାସେ ମାରି କୁହାଟ ।
पुकारना ରାଧାନାଥ. ପାର୍ବତୀ ।

**କୁହାଟିବା**—ଦେ. କ୍ରି.—୧ । ଉଚ୍ଚ ଡାକ ଦେବା—
Kuhāṭibā 1. To halloo; to shout from a distance.
চেঁচান ୨ । ପ୍ରହରୀମାନେ ଲୋକଙ୍କୁ ବା ପରସ୍ପରକୁ ଚେତାଇବା ପାଇଁ
पुकारना; गुहाड़ना ଦୂରରୁ ଉଚ୍ଚ ଡାକ ଦେବା; ଚିତ୍କାର କରିବା—
2. To make loud sounds ( like sentinals in their rounds in the night-watch).

**କୁହାବୁଲା**—ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) ବି—
Kuhābulā କୁହାବୋଲା ( ଦେଖ )
Kuhābolā ( See )

**କୁହାବୋଲା**—ଦେ. ବି. ( ଏକାର୍ଥକ ସହଚର ଶବ୍ଦ )—
Kuhābolā ୧ । ନାନାପ୍ରକାରେ କହିବା—
বলাকহা 1. Speaking; talking.
कहाबदी ୨ । ଅନୁନୟ ବିନୟ—2. Solicitation; request.
କେବେ କେବେ ସାଆନ୍ତାଣୀ ବଡ଼ି କୁହାବୋଲା କଲେ
ଗୁଣ୍ଡାଏ ହୁଇ ଗୁଣ୍ଡା ଖାଏ । ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । ସୁପାରିସ୍—3. Recommendation.

**କୁହାଯିବା**—ଦେ. କ୍ରି (କହିବାର କର୍ମବାଚ୍ୟ ରୂପ)—କଥିତ ହେବା—
Kuhājibā To be spoken; to be said.
কহাযাওয়া କୁହାଯାଉଥାଏ ଯିନା,
कहा जाना କୁହାଇ କୁହାଇ ପୁଚ୍ଛ ଦେଉଥିଲେ ଲୁହା କି ହୋଇବ ସୁନା । ଢଗ ।
[ ଦ୍ର—ସଂ. କଥ ଧାତୁରୁ ଓଡ଼ିଆ କହିବା କ୍ରିୟା ହୋଇଅଛି ଓ କହିବା କ୍ରିୟାରୁ, କୁହା, କୁହାଇବା, କୁହାବୋଲା, କୁହାଯିବା ଆଦି ଶବ୍ଦ ଭାଷାରେ ଚଳେ । କିନ୍ତୁ କେତେକ ଆଧୁନିକ ଭାଷାସଂସ୍କାରକ 'କୁହାଯାଏ' ସ୍ଥଳରେ 'କହାଯାଏ' ବ୍ୟବହାର କରି ଭାଷାର ଶୁଦ୍ଧତା ରକ୍ଷା କରିବା ପ୍ରୟାସ କରିବାର ଦେଖାଯାଏ । କିନ୍ତୁ ପ୍ରାଚୀନ ଗ୍ରନ୍ଥମାନଙ୍କରେ 'କୁହା'ର ବହୁଳ ବ୍ୟବହାର ଅଛି ।

**କୁହାର**—ପ୍ରାଦେ. (ଗଞ୍ଜାମ) ବି—ଗାଈ ରଖିବା ସ୍ଥାନ; ଗୁହାଳ; ଗୋଠ—
Kuhāra Cattle-pen.

**କୁହାଳିଆ**—ଦେ. ବିଣ. (ସଂ. କଥ ଧାତୁ)—ଯେ ବେଶି କଥା କହିପାରେ—
Kuhāḻiā Talkative.
बतक्कड़; कथक्कड़ କେହି ଜଣେ କୁହାଳିଆ ହାତ ହଲାଇ ମୁଣ୍ଡ ହଲାଇ
କଥା ମେଲିଛି । ଫକୀରମୋହନ. ଛମାଣଆଠଗୁଣ୍ଠ ।

**କୁହି**—ପ୍ରାଦେ. (ସମ୍ବଲପୁର ) ବି—କୋଇ; ଧାତୁ ଆଉଟିବା ପାତ୍ରବିଶେଷ—
Kuhi An earthen crucible for melting metals.

**କୁହିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ସଢ଼ିଯିବା—
Kuhibā To rot; to become rotten.

**କୁହୁ**—ସଂ. ବି. ( କୁହ ଧାତୁ=ବିସ୍ମୟୋତ୍ପନ୍ନ କରିବା+କର୍ତ୍ତୃ. ଉ )—
Kuhu ୧ । କୋକିଳ ଧ୍ୱନି—1. The cooing note of the Indian cuckoo.
୨ । ଅମାବାସ୍ୟା—2. The new-moon day.
୩ । ଶରୀରସ୍ଥ ପ୍ରଧାନ ଦଶନାଡ଼ୀ ମଧ୍ୟରୁ ଏକତମ—
3. One of the ten chief veins of the body.

**କୁହୁଁଚିଆ**—ପ୍ରାଦେ. (ସମ୍ବଲପୁର) ବି—୧ । କଜଳପାତି (ପକ୍ଷୀ) (ଦେଖ)
Kuhuñchiā 1. Kajaḻapāti (bird) (See)
୨ । କୋଚିଆ; ସର୍ପାକୃତି ମତ୍ସ୍ୟବିଶେଷ—2. Eel.

**କୁହୁଁଚିଆ ଉଷାରଏଲି**—ପ୍ରାଦେ. (ସମ୍ବଲପୁର) ବି—ଭୋର୍ ୩ଟା ବେଳ—
Kuhuñchiā ushāraeli Time about 3 A. M.
[ ଦ୍ର—ସେତେବେଳେ କୁହୁଁଚିଆ ବା କଜଳପାତି ରାବ ଦିଅନ୍ତି ବୋଲି ଏହି ନାମ । ]

**କୁହୁଁଚିଆ ଚୁରେଇ**—ପ୍ରାଦେ. ( ସମ୍ବଲପୁର ) ବି—
Kuhuñchiā churei କଜଳପାତି (ଚଢ଼େଇ) ( ଦେଖ )
Kajaḻapāti (bird) (See)

**କୁହୁକ**—ଦେ. ବି. ( ସଂ. କୁହକ )—୧ । ମାୟା; ଛଳ—
Kuhuka 1. Deception.
কুহক ୨ । ଇନ୍ଦ୍ରଜାଲ; ଭେଲିକିବିଦ୍ୟା; ଭେଲିକିବାଜି—
कुहक 2. Magic; sorcery; jugglery.

**କୁହୁକଣ୍ଠ**—ସଂ. ବି. ( ବହୁବ୍ରୀହି; କୁହୁ+କଣ୍ଠ )—କୋକିଳ—
Kuhukaṇṭha Indian cuckoo.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କୁହୁକମଣ୍ଡଳ ଚଢ଼େଇ**—ଦେ. ବି—କାହାଣୀରେ କଥିତ ଏକ କାଳ୍ପନିକ ଚଢ଼େଇ—A fabulous bird of the folk-tales of Orissa.
Kuhukamaṇḍaḷa chardhei

**କୁହୁକ ଲଗାଇବା**—ଦେ. କ୍ରି—(ଆଖିରେ) ଭେଲକି ଲଗାଇ ଦେବା; ମାୟା ଦ୍ୱାରା ଦୃଷ୍ଟିଶକ୍ତିରେ ଭ୍ରମ ଜନ୍ମାଇ ଦେବା; ଗୁହ୍ନିଜାଲକା ବନାଇବା—To fascinate the eyesight; to create visual delusion by jugglery; to make a fool of another.
Kuhuka lagāibā
ଭେଲ୍କୀ ଲାଗାନ
आँखलगाना

**କୁହୁକା**—ପ୍ରାଦେ. (ସମ୍ବଲପୁର) (ଧ୍ୱନ୍ୟନୁକାର) ଅ—କୋକିଲର କୁହୁ କୁହୁ ସ୍ୱର—The cooing of a cuckoo.
Kuhukā

**କୁହୁକାରି**—ଦେ. ବିଣ (ସଂ. କୁହକାର)—ଐନ୍ଦ୍ରଜାଲିକ—Magician.
Kuhukāri

ଯେସନେ କୁହୁକାରି ଜନ
କୁହୁକେ ମୋହେ ସବୁ ମନ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**କୁହୁକିଆ**—ଦେ. ବିଣ (ସଂ. କୁହୁକୀ)—୧ । ଯେ ମାୟା ପ୍ରକାଶ କରେ; ମାୟାବୀ; ଯେ ଅନ୍ୟ ବ୍ୟକ୍ତିକୁ ଗୁହ୍ନିଜାଲକା ବନାଇଦିଏ—1. Practising deception on others.
Kuhukiā
कुहकी
୨ । ଯେ କୁହୁକ ଦେଖାଏ—2. Magician.
୩ । ଐନ୍ଦ୍ରଜାଲିକ; ବାଜିଗର—3. Juggler.

**କୁହୁକିବା**—ଦେ. କ୍ରି. (ସଂ. କୁହୁ; ତୁଳ. ଇଂ. କୁ ଧାତୁ=ସ୍ୱରବା)—୧ । (କୋକିଳ ପରି) କୁହୁ କୁହୁ ଶବ୍ଦ କରିବା—1. To utter sound or notes (like that of a cuckoo).
Kuhukibā
କୁହରା
कुहकना, कूकना
ପ୍ରାଦେ. ( ସମ୍ବଲପୁର ) କ୍ରି. ( ଧ୍ୱନ୍ୟନୁକରଣ )—
(କୁମ୍ଭାଟୁଆ ବା କୋଇଲି) କୁହୁକୁହୁ ସ୍ୱର ଦେବା—
To coo ( said of a cuckoo or Kumbhaṭuā)

**କୁହୁକୀ**—ଦେ. ବିଣ. ( ସଂ. କୁହକୀ )—କୁହକୀ ( ଦେଖ )
Kuhukī — Kuhakī ( See )

**କୁହୁକୀୟା**—ଦେ. (ପଦ୍ୟ) ବିଣ—କୁହୁକିଆ ( ଦେଖ )
Kuhukiyā — Kuhukiā ( See )

କୁହୁ କୁହୁକୀୟା ସୁପ୍ରଣୟ ନୂଆ ସବନକାଇ ଦରଶକ ସୁଖୀ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କୁହୁକୁଣୀ**—ଦେ. ବିଣ (ସଂ. କୁହକିନୀ)—୧ । ମୁଗ୍ଧକାରିଣୀ (ସ୍ତ୍ରୀ)—1. Fascinating ( female ).
Kuhukuṇi
୨ । ମାୟାବିନୀ ( ସ୍ତ୍ରୀ )—2. Deceiving (woman).

**କୁହୁକୁନୀ**—ଦେ. ବିଣ. ସ୍ତ୍ରୀ—କୁହୁକୁଣୀ ( ଦେଖ )
Kuhukuni — Kuhukuṇi ( See )

**କୁହୁକୁହୁ**—ଦେ. ଅ (ଧ୍ୱନ୍ୟନୁକରଣ)—କୋକିଳର ଧ୍ୱନି—The sound or note of the Indian cuckoo.
Kuhukuhu

...କଳା ପିକ ସେ । କୁହୁକୁହୁ ସ୍ୱରେ ଡାକ ସେ । ପ୍ରାଚୀନ ସଙ୍ଗୀତ ।

**କୁହୁଚିଆ**—ପ୍ରାଦେ. (ସମ୍ବଲପୁର) ବି—କୁହୁଁଚିଆ ( ଦେଖ )
Kuhuchiā — Kuhuñchiā ( See )

**କୁହୁଡ଼ି**—ଦେ. ବି. ( ସଂ. କୁହେଡ଼ୀ )—
୧ । କୁଜ୍ଝଟିକା—1. Fog; mist.
Kuhurdi
कुहासा
कुहरा
୨ । ଶୁଆଁ ପରି ଏକପ୍ରକାର ଲଘୁ ଶସ୍ୟ (ଏହା ଧାନ-ବିଲରେ ମଳିକି ଉଠେ)—2. A kind of small grain.

**କୁହୁଡ଼ିଆ**—ଦେ. ବିଣ—କୁହୁଡ଼ି ଯୁକ୍ତ—Foggy; misty.
Kuhurdiā
कुहासल

ଅକାରେ ପ୍ରକାଶ ହେଲ କୁହୁଡ଼ିଆ ଦିନ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**କୁହୁଡ଼ିପହଁରା**—ଦେ. ବି—୧ । କୁହୁଡ଼ିରେ ପହଁରିବା ପରି ଅସାଧ୍ୟ ଓ ଅସମ୍ଭବ କାର୍ଯ୍ୟର ଚେଷ୍ଟା—1. Trying to do a physically impossible thing ( compared to trying to swim in the fog.
Kuhurdipahañrā
हवामें तयरना
୨ । ଅବାସ୍ତବ ବସ୍ତୁ ସାଧନ ପାଇଁ ଚେଷ୍ଟା—
2, 'Wild goose-chase'
ଦେ. ବିଣ—ଯେ ଅସାଧ୍ୟ ସାଧନ ପାଇଁ ଚେଷ୍ଟା କରେ—
Engaged in a wild goose-chase; hoping to or aiming at accomplishing a physically impossibie thing.

**କୁହୁଡ଼ି ପହଁରିବା**—ଦେ. କ୍ରି—କୁହୁଡ଼ି ପହଁରିବା ପରି ଅନର୍ଥକ ଓ ଅସମ୍ଭବ କାର୍ଯ୍ୟ କରିବାକୁ ଯିବା—To attempt at the doing of impossible things ( like trying to swim in fog ).
Kuhurdi pahañribā
हवामें तयरना

**କୁହୁଣ୍ଡା**—ଦେ. ବି. ( ସଂ. କୁଣ୍ଡଳ )—କବାଟର ଚଉକାଠରେ ଲାଗିଥିବା ଲୁହାର ହୁକ ( ଯହିଁରେ କବାଟର ଶିକୁଳିକୁ ଲଗାଇ ଦେଲେ କବାଟ ବନ୍ଦ ହୁଏ )—Steple of a door-frame.
Kuhuṇḍā
କୁଣ୍ଡା; ସୁର୍ଣୀ
कुलाबा; कुण्डा

**କୁହୁନିଶା**—ସଂ. ବି—ଅମାବାସ୍ୟା ରାତ୍ରି—The dark night of the new-moon.
Kuhunisā

**କୁହୁରବ**—ସଂ. ବି—୧ । କୋକିଳର ଧ୍ୱନି—1. The cooing of a cuckoo.
Kuhuraba
୨ । (ବହୁବ୍ରୀହି) କୋକିଳ—2 The Indian cuckoo.

**କୁହୁରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି.—
Kuhuribā
୧ । ବେଦନାସୂଚକ କୁନ୍ଥନ ଧ୍ୱନି କରିବା—1. The emit a straining sound while suffering pain ( said of a man suffering from some disease ).
( ଯଥା—ସେ ଜରେ କୁହୁରୁଛି । )
୨ । କୁହୁକୁହୁ ସ୍ୱର କରିବା—2. To coo.

ଚଢ଼ାଙ୍କର ଧ୍ୱନି କୁହୁ କୁହୁରନ୍ତ ରଙ୍ଗେ
...ପିକର ବାଣୀ ବିୟୋଗୀ ଦହନ୍ତେ—ପ୍ରାଚୀ. ଉଷାବିଧ ।

| ୯ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ତ୍ଥ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍ତ୍ର |

**କୁହୁଳ**—ସଂ. ବି. ( କୁହ ଧାତୁ + କର୍ତ୍ତୃ. ଉଳ )—ଖୀଲାପୂର୍ଣ୍ଣ ଗର୍ତ୍ତ—
Kuhu<u>l</u>a A pit filled with stakes.

**କୁହୁଳା**—ଦେ. ବି. ( ସଂ. କୁହେଳ )—ନିଆଁ ଲଗି ଜଳିବା ପୂର୍ବରୁ ଚୁଲିରେ ଖଞ୍ଜା ହେବା କାଠ ଆଦିରୁ ଧୂଆଁ ଉଠିବା—
Kuhu<u>l</u>ā 1. Smoking of the fuel before being ablaze; smouldering.
୨ । ଚୁଲିରେ ନିଆଁ ଲଗାଇବା ପାଇଁ ପ୍ରଥମେ ଦିଆ ଯିବା ନିଆଁଲୁଣ୍ଡା—
2. The inflammable twigs, straw etc. applied to the fuel for igniting it.
ହାଣ୍ଡିଶାଳ ଦୁଆରେ ସଖିକୁହୁଳା ଥୋଇ ବେଇଛ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।
ଦେ. ବିଣ—୧ । ପୋଡ଼ା; ପୋଡ଼ି ଯାଇଥିବା; ଦଗ୍ଧ (ଖାଦ୍ୟଦ୍ରବ୍ୟ)—
1. Burnt; overbaked ( food ).
୨ । କାଠ ଜଳିବା ପୂର୍ବରୁ ଧୂଆଁ ବାହାରୁଥିବା ( ଚୁଲି )—
2. Smoking or smouldering ( oven ).

**କୁହୁଲ**—ପ୍ରାଦେ. ( ସମ୍ବଲପୁର ) ବି—ଧୂଆଁ—Smoke.
Kuhulā ବିଣ.—ଧୂମମୟ (ସ୍ଥାନ)—Smoky ( place ).
( ଯଥା—କୁହୁଲ ଘର । )

**କୁହୁଳା ପକାଇବା**—ଦେ. କ୍ରି—ଚୁଲି ଜାଳିବା ନିମନ୍ତେ କୁଠାକାଠି ଆଦି ଦାହ୍ୟ ପଦାର୍ଥରେ ନିଆଁ ଲଗାଇବା—
Kuhu<u>l</u>ā pakāibā
ଉନନଧରାନ
ସୁଲଗାନା
To set fire to inflammable things in the oven in order to ignite the fuel.

**କୁହୁଳାମୁହାଁ**—ଦେ. ବିଣ. ପୁଂ.—ପୁରୁଷଙ୍କୁ ଦିଆ ଯିବା ଗାଳିବିଶେଷ; ପୋଡ଼ାମୁହାଁ—A term of abuse applied to males; having a charred face.
Kuhu<u>l</u>āmuhāñ
(କୁହୁଳାମୁହିଁ—ସ୍ତ୍ରୀ)

**କୁହୁଳା ଲଗାଇବା**—ଦେ. କ୍ରି—କୁହୁଳା ପକାଇବା ( ଦେଖ )
Kuhu<u>l</u>ā lagāibā Kuhu<u>l</u>ā pakāibā ( See )

**କୁହୁଳିବା**—ଦେ. କ୍ରି. ( ସଂ. କୁହେଳ=ଅନ୍ଧକାର )—
Kuhu<u>l</u>ibā ୧ । ନିଆଁ ଜଳିବା ପୂର୍ବରୁ ଧୂଆଁ ହେବା—
ଧୁଆଁନ
ଧୁଆଁନା
1. To smoke or smoulder before ignition.
୨ । ଭିତରେ ଭିତରେ ନିଆଁ ଜଳିବା—
2. To smother; to undergo the process internal cumbustion.
୩ । ପୋଡ଼ିଯିବା—3. To be overbaked or burnt.
୪ । ( ଲକ୍ଷଣାର୍ଥ ) ବାହାରେ ପ୍ରକାଶ ନ ପାଇ ଭିତରେ ବିଦ୍ୟମାନ ଥିବା—4. To be latent.
କୁହୁଚ କୁହୁଳୁ ଆବ ଅଲକ୍ଷିତେ—ରାଧାନାଥ. ଦଶରଥବିୟୋଗ ।
୫ । ( ଲକ୍ଷଣାର୍ଥ ) ଅନ୍ତରରେ କ୍ରୁଦ୍ଧ ହେବା—
5. To be angry at heart; to burn with rage.
( ଯଥା—ସେ ମନରେ କୁହୁଳୁଛି । )

**କୁହୁଳିଯିବା**—ଦେ. କ୍ରି—୧ । ପୋଡ଼ିଯିବା—
Kuhu<u>l</u>ijibā 1. To be overbaked or over-burnt.
ପୁଡ଼େ ଯାଓୟା
ଧୁଲସନା
୨ । ( ଲକ୍ଷଣାର୍ଥ )—ଲଜ୍ଜା ବା ଈର୍ଷାରେ ମୁହଁ ବିବର୍ଣ୍ଣ ହେବା; ଲଜ୍ଜାବନତ ହେବା—
2. To turn pale with a sense of shame or envy.

**କୁହୁଳେଇ ଦେବା**—ଦେ. କ୍ରି—୧ । ଚୁଲିରେ କୁହୁଳା ପକାଇବା—
Kuhu<u>l</u>ei debā 1. To start the preliminary smouldering in an oven.
ପୁଡ଼େ ଦେଓୟା
ଝୁଲସାନା
୨ । (ବ୍ୟଞ୍ଜନାଦି) ପୋଡ଼ି ଦେବା—
2. To over-bake a food which is being cooked.

**କୁହେଡ଼ିକା**—ସଂ. ବି. ସ୍ତ୍ରୀ. ( କୁ=ପୃଥିବୀ+ହେଡ଼ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଆ )—
Kuhe<u>rd</u>ikā
କୁହେଳିକା ( ଦେଖ )
Kuhe<u>l</u>ikā ( See )

**କୁହେଡ଼ି**—ସଂ. ବି. ସ୍ତ୍ରୀ. ( କୁ=ପୃଥିବୀ+ହେଡ଼ ଧାତୁ+କର୍ତ୍ତୃ ଇ)—
Kuhe<u>rd</u>i କୁହେଳିକା ( ଦେଖ )
Kuhe<u>l</u>ikā ( See )

**କୁହେଳି**—ସଂ. ବି. ସ୍ତ୍ରୀ. ( କୁ=ପୃଥିବୀ+ହେଡ଼ ଧାତୁ+କର୍ତ୍ତୃ. ଇ; ନିପାତନ)—କୁହେଳିକା ( ଦେଖ )
Kuhe<u>l</u>i Kuhe<u>l</u>ikā ( See )

**କୁହେଳିକା**—ସଂ. ବି. ସ୍ତ୍ରୀ. (କୁ=ପୃଥିବୀ+ହେଡ଼ ଧାତୁ=ବେଷ୍ଟନ କରିବା+କର୍ତ୍ତୃ ଅକ+ସ୍ତ୍ରୀ. ଆ)—
Kuhe<u>l</u>ikā
କୁୟାଶା
କୁହରା
୧ । କୁହୁଡ଼ି; କୁଜ୍ଝଟିକା—1. Fog; mist,
୨ । ମେଘ—2. Cloud.

**କୁହ୍ନା** (ଇତ୍ୟାଦି)—ଦେ. ବି—କୁନା ଇତ୍ୟାଦି (ଦେଖ)
Kuhnā (etc) Kunā etc. ( See )

**କୁହ୍ୱ**—ସଂ. ବି. ( କୁହ ଧାତୁ+କର୍ତ୍ତୃ. ବ )—କୁହୁ ( ଦେଖ )
Kuhwa Kuhu ( See )

**କୁହ୍ମାର**—ଦେ. ବି—କୁମ୍ଭାର; କୁମ୍ଭକାର—
Kuhmāra A potter.
ପ୍ରାଦେ. ( ବସ୍ତର ) ବି—କମାର—
A blacksmith.

**କୁହ୍ରାଡ଼**—ଗ୍ରା. ବି. ( ସଂ. କୁଠାର )—କୁରାଢ଼ୀ—
Kuhrā<u>rd</u>i An axe.

**କୁହ୍ଲିଆ**—ପ୍ରାଦେ. (ଗଡ଼ଜାତ, ସମ୍ବଲପୁର) ବି—ଶୃଗାଳ—
Kuhliā Jackal.

**କୂ (ଧାତୁ)**—ସଂ.—୧ । ରବ କରିବା—
Kū (root) 1. To utter a sound.
୨ । ଆର୍ତ୍ତଧ୍ୱନି କରିବା—
2. To cry out in distress.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୟୁତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

**କୂଅ**—ଦେ. ବି. (ସଂ. କୂପ)—ପାଣି ଜମିବାପାଇଁ ଭୂମିରେ ଖୋଳା ହେବା ଗଭୀର ଗର୍ତ୍ତ—Well.
Kūa
ପାତକୁଆ, କୂଆ
**कुआँ**
[ ଦ୍ର—ବଡ଼ କୂଅକୁ ବାମ୍ପୀ ( ହି. ଇନାର ) ବୋଲାଯାଏ । ]

**କୂଅଁ**—ଗ୍ରା. (ଇତର) ବି. ( ସଂ. କୂପ )—କୂପ—Well.
Kūañ

**କୂଅ କଣ୍ଟା**—ଦେ. ବି (ସଂ. କୂପ+କଣ୍ଟକ)—କୂଅ ବିରାଡ଼ି (ଦେଖ)
Kūa kaṇṭā — Kūa birārḍi ( See )

**କୂଅକୁ ଡେଇଁବା**—ଦେ. କ୍ରି—ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ କୂଅ ମଧ୍ୟକୁ ଲମ୍ଫ ଦେବା; କୂଅରେ ଝାସ ଦେବା—To spring into a well to commit suicide.
Kūaku deiñbā
କୁୟାଁୟ ପଡ଼ା
**कुएँमें गिरना**

**କୂଅଦଉଡ଼ା**—ଦେ. ବି.(ସଂ.କୂପ+ଦୋରକ; ଡୋରକ)—ମାଠିଆ, ଗରା ଆଦି ଦ୍ୱାରା କୂଅରୁ ପାଣି କାଢ଼ିବାପାଇଁ ବ୍ୟବହୃତ ରଜ୍ଜୁ—A rope by which water is drawn up from wells.
Kūadaurḍā
**उगहान**

**କୂଅଦଉଡ଼ି**—ଦେ. ବି—କୂଅଦଉଡ଼ା ( ଦେଖ )
Kūadaurḍi — Kūadaurḍā ( See )

**କୂଅନନ୍ଦ**—ଦେ. ବି. ( ସଂ. କୂପ+ନାନ୍ଦୀପଠ )—କୂଅରେ ବସିବା ମାଟି ବା ପଥରର ଗୋଲାକାର ବଳୟ—Earth or stone rings for wells.
Kūananda
ନାଁଦ, ନାଁଦା
**जंगला**
[ ଦ୍ର—କୂଅର କାନ୍ଥରେ ବସିବା ମାଟି ବା ପଥରର ବଳୟକୁ ନନ୍ଦ ବୋଲାଯାଏ । ସାଧାରଣ ନନ୍ଦ ଠାରୁ କ୍ଷୁଦ୍ର ନନ୍ଦ ଯାହାକି କୂଅର ସର୍ବୋଚ୍ଚ ଥାଇ ବସେ ତାକୁ 'ଗଳନନ୍ଦ' ବୋଲାଯାଏ । କୂଅର ଫନ୍ଦରେ ଭୂମି ଉପରେ ବସାଯିବା ଚଉଡ଼ା ଓ ଉଚ୍ଚ ନନ୍ଦକୁ 'ଘୋଡ଼ା ନନ୍ଦ' ବୋଲାଯାଏ । କୌଣସି କୌଣସି କୂଅର କାନ୍ଥକୁ ଦୃଢ଼ କରି ରଖିବା ପାଇଁ ପ୍ରଥମେ ଚଉଡ଼ା ନନ୍ଦ ବସେ ଓ ତାହା ଉପରେ 'ଗଳନନ୍ଦ', ଏପରି ଦୋହରି ନନ୍ଦ ବସେ । ]

**କୂଅଫନ୍ଦ**—ଦେ. ବି—କୂଅର ଦାଡ଼ ବା ତଟ (ଭୁଲ. ଗଞ୍ଜାମ. ଚଉ)—Edge of a well.
Kūaphanda
**कुएँकाकिनारा**

**କୂଅବିରାଡ଼ି**—ଦେ. ବି—କୂଅରେ ଖସି ପଡ଼ିଥିବା ତାଲ ଆଦିକୁ ବାହାର କରିବାପାଇଁ ବ୍ୟବହୃତ ଲୌହନିର୍ମିତ ଅଙ୍କୁଶ ପୁଞ୍ଜ—A cluster of barbed iron-hooks used for bringing out things fallen into a well.
Kūabirārḍi
**मगड़**

**କୂଅକୁଟା**—ଦେ. ବଣ—କଲବଲ; ବ୍ୟତିବ୍ୟସ୍ତ—Troubled; harassed.
Kūakuṭā
ଯାହାକ କୂଅକୁଆ କଲ
ଏଥିଁ କପାଇଁ ଉଦୁରସ । ଭୂପତି. ପ୍ରେମପଞ୍ଚାମୃତ ।

**କୂଁଅଁ**—ଗ୍ରା. ( ଇତର ) ବି. ( ସଂ. କୂପ )—କୂପ ( ଦେଖ )
Kūñañ — Kūpa ( See )

**କୂକୁଦ**—ସଂ. ବଣ. ପୁଂ—ଯେଉଁ ବ୍ୟକ୍ତି ଅପଣାର କନ୍ୟାକୁ ବିଧି ସହକାରେ ବିବାହ ଦଏ—One who gives his daughter in marriage with due ceremony and suitable decorations. ( M. W. )
Kūkuda

**କୂଚ**—ସଂ. ବି—କୁଚ ( ଦେଖ )
Kūcha — Kucha ( See )

**କୂଚିକା**—ସଂ. ବି—୧ । ପେନ୍‌ସିଲ୍—1. Pencil.
Kūchikā
୨ । ତୁଳୀ—2. Brush or hair-pencil.
୩ । କଞ୍ଚି; ଗୁବକାଠି—3. Key.

**କୂଚୀ**—ସଂ. ବି—କୁଚିକା ( ଦେଖ )
Kūchi — Kuchikā ( See )

**କୂଜ (ଧାତୁ)**—ସଂ—୧ । ଅବ୍ୟକ୍ତ ଧ୍ୱନି କରିବା—1. To make any inarticulate sound.
Kūja (root)
୨ । କୁହୁ କୁହୁ ରବ କରିବା—2. To coo; to warble.
୩ । ବଂଶୀ ଓ ଶିଂଘା ଆଦି ଫୁଙ୍କିବା—3. To blow or breathe (a fluteor horn). M.W.)

**କୂଜ**—ସଂ. ବି. ( କୂଜ ଧାତୁ=ଶବ୍ଦ କରିବା+ଭାବ ଅ )—କୂଜନ ( ଦେଖ )
Kūja — Kūjana ( See )

**କୂଜନ**—ସଂ. ବି. ( କୂଜ ଧାତୁ=ଶବ୍ଦ କରିବା+ଭାବ. ଅନ )—
Kūjana
୧ । ଅବ୍ୟକ୍ତ ଧ୍ୱନି—1. Murmur.
୨ । ଶଗଡ଼ଚକର କେଁକେଁ ଶବ୍ଦ—2. Creaking of the wheels of a vehicle
୩ । ପକ୍ଷୀର ଧ୍ୱନି ବା ସ୍ୱର—3. Chirping of birds.
୪ । କୋକିଳର କୁହୁକୁହୁ ରବ—4 Cooing of the cuckoo.
୫ । ଗଡ଼ଗଡ଼ ଶବ୍ଦ—5. Rumbling; rattling sound.

**କୂଜିତ**—ସଂ. ବି. (କୂଜ ଧାତୁ+କର୍ମ ତ)—ପକ୍ଷୀଧ୍ୱନି; ଚଢ଼େଇଙ୍କ ଡାକ—Warbling of birds; notes of birds; chirping; cooing.
Kūjita
ସଂ. ବଣ—୧ । ଶବ୍ଦିତ; ଶବ୍ଦାୟମାନ; ପକ୍ଷୀଧ୍ୱନିଦ୍ୱାରା ପୂରିତ—1. Filled or resounding with the warbling of birds.
୨ । ଅବ୍ୟକ୍ତ ଧ୍ୱନିରୂପେ ଉଚ୍ଚାରିତ—2. Uttered inarticulately.

**କୂଜିବା**—ଦେ. (ପଦ୍ୟ) କ୍ରି—(ପକ୍ଷୀ) ରବିବା; ଶବ୍ଦ କରିବା—To chirp (said of birds).
Kūjibā
ବହୁଗମିଥିଲେ କୂଜନ୍ତି ମନ୍ଦ ମଧୁରେ ଯେ ସୁନ୍ଦରୀ । କଳାଧାନ । ଭଞ୍ଜ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଛ | ଇସ୍ତ | ଉଅ | ଭ |
| ୬ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ | ଯ | ସ | ଟ | ଇଅ | ଈ | ନ୍ତ |

**କୂଟ୍ (ଧାତୁ)**—ପ—୧ । ନ ଦେବା; ଦେବାରୁ ବିରତ ହେବା—
Kūṭ (root) 1. To abstain from giving; not to give.
୨ । ଗାଳିଦେବା—2. To censure.
୩ । ପୋଡ଼ିବା—3 To burn.
୪ । ନିମନ୍ତ୍ରଣ କରିବା; ଡାକିବା—4. To call; to invite.
୫ । ଗୋଳମାଳ କରିବା; ଗୋଳାମିଶା କରିବା—5. To muddle; to confuse.
୬ । ହତାଶ ହେବା—6. To despair.
୭ । କଷ୍ଟ ପାଇବା; ବ୍ୟଥିତ ହେବା—7. To be distressed; to suffer.
୮ । ପରାମର୍ଶ ଦେବା—8. To advise; to counsel.
୯ । ବକ୍ର ହେବା—9. To bend.
୧୦ । କଷ୍ଟ ଦେବା—10. To give pain.

**କୂଟ**—ସ. ବି. (କୂଟ୍ ଧାତୁ=ବକ୍ର ହେବା+କର୍ତ୍ତୃ.ଅ)—୧ । ପର୍ବତଶୃଙ୍ଗ—
Kūṭa 1. Mountain-peak; summit.
୨ । କପାଳର ସମ୍ମୁଖସ୍ଥ ଅସ୍ଥି—2. Bone of the forehead.
୩ । କଳସ—3. Water-jar.
୪ । ଆବୁ; ଗୋବା—4. Projection; protuberance.
୫ । କୂଢ଼; ସମୂହ—5. Collection; heap; mass; multitude.
୬ । ନଗରଦ୍ୱାର—6. City-gate.
୭ । ଶସ୍ୟରାଶି—7. Heap of corn.
୮ । ମାୟା—8. Illusion.
୯ । କପଟ—9. Deception; fraud; trick.
୧୦ । ଲଙ୍ଗଳ କଣ୍ଠି—10. The handle-piece of a plough.
୧୧ । ହାତୁଡ଼ି; ମୁଦ୍ଗର—11. Hammer; mallet.
୧୨ । ଶିଙ୍ଗଭଙ୍ଗା ବଳଦ—12. An ox with broken horns.
୧୩ । ମୃଗାଦି ଧରିବା ଯନ୍ତ୍ର; ପାଶ; ଜନ୍ତୁ ଧରିବାର ଫାଶ—13 A noose for catching games; a snare.
୧୪ । ଲଙ୍ଗଳଲୁହା—14. Plough-share.
୧୫ । ଢିପ—15. Prominence; mound.
୧୬ । ଗୃହ; ଆବାସ—16. House; dwelling; residence.
୧୭ । କ୍ଲିଷ୍ଟ ପ୍ରଶ୍ନ—17. Knotty question.
୧୮ । ଗୁପ୍ତ ଶସ୍ତ୍ର—18. Concealed weapon.
୧୯ । ବିଷମ ସମସ୍ୟା; କପଟପ୍ରଶ୍ନ—19. A puzzling question; a riddle; an ambiguous question.
୨୦ । ମିଥ୍ୟା—20. Falsehood; untruth.
୨୧ । ଲଙ୍ଗଳର ଅବୟବ—21. The body of a plough. (M.W)
୨୨ । ମଣ୍ଡପ—22. A kind of open shed.
ସ. ବିଣ—୧ । ମିଥ୍ୟା—1. False.
୨ । କୃତ୍ରିମ; ଜାଲ୍—2. Forged; concocted; counterfeit.
୩ । ଛଳପୂର୍ଣ୍ଣ—3. Fraudulent; tricky.
୪ । ବିଷମ ସମସ୍ୟାପୂର୍ଣ୍ଣ—4. Puzzling; enigmatic.
୫ । କ୍ଲିଷ୍ଟ; କଷ୍ଟସାଧ୍ୟ—5. Knotty; hard; difficult.
୬ । ଅନେକାର୍ଥବୋଧକ—6 Ambiguous; having more than one meaning.
୭ । ସ୍ଥିର; ଅଚଳ—7. Immovable; steadfast.
୮ । ଘୃଣିତ—8. Despised.

**କୂଟକ**—ସ. ବିଣ. (କୂଟ+କ)—ପ୍ରତାରଣାମୟ—Fraudulent; false.
Kūṭaka
ସ. ବି.—୧ । ପ୍ରତାରଣା; ଛଳ—1 Deceit; trick.
୨ । ଲଙ୍ଗଳଲୁହା—2. Plough-share.
୩ । ଢିପ—3. Prominence; elevation.
୪ । ବେଣୀ—4. Tress or braid of hair.

**କୂଟ କରିବା**—ଦେ. କ୍ରି. (ସ. କୂଟ)—୧ । କପଟ କରିବା—
Kūṭa kariba 1. To practise deception or fraud.
কূটকরা ୨ । ମାୟା କରିବା—
কূটকরনা 2. To spread delusion.

**କୂଟକର୍ମ**—ସ. ବି. (କର୍ମଧା; କୂଟ+କର୍ମ)—୧ । ଜାଲ୍;
Kūṭakarma 1. Forgery.
୨ । ଧପାବାଜୀ—2. Cheating; trickery.

**କୂଟକଳ୍ପନା**—ସ. ବି. (କର୍ମଧା; କୂଟ+କଳ୍ପନା)—୧ । କ୍ଲିଷ୍ଟକଳ୍ପନା—
Kūṭakalpanā 1. A far-fetched imagination; forced imagery; a forced simile.
୨ । ପରର ଅନିଷ୍ଟକାମନା; ଷଡ଼ଯନ୍ତ୍ର—2. A conspiracy.

**କୂଟକାର**—ସ. ବି.—୧ । ମିଥ୍ୟା ସାକ୍ଷୀ—
Kūṭakāra 1. False witness; perjurer.
୨ । ପ୍ରତାରକ ବ୍ୟକ୍ତି—2 A cheat.

**କୂଟକାରକ**—ସ. ବି.—କୂଟକାର (ଦେଖ)
Kūṭakāraka Kūṭakāra (See)

**କୂଟକାରୀ**—ସ. ବିଣ. ପୁଂ.—(କୂଟ+କୃ ଧାତୁ+ଇନ୍; ୧ମା. ୧ବ.)—
Kūṭakāri କପଟଆଚରଣକାରୀ—Performer of crooked
(କୂଟକାରିଣୀ—ସ୍ତ୍ରୀ) acts; follower of crooked policy.

**କୂଟକୁଟିଆ**—ଦେ. ବିଣ.—୧ । କୁଟିଳ; ଅସରଳ—
Kūṭakūṭiā 1. Of crooked nature.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍ଟ' ଦେଖିବେ ।

କଡ଼ା ୨ । କଷ୍ଟସାଧ୍ୟ—2. Difficult of solution.

**କୂଟକ୍ରିୟା**—ସଂ. ବି. (କର୍ମଧା; କୂଟ+କ୍ରିୟା)—କୂଟକର୍ମ (ଦେଖ)
Kūṭakriyā Kūṭakarma (See)

**କୂଟଚକ୍ର**—ସଂ. ବି. (କର୍ମଧା; କୂଟ+ଚକ୍ର)—୧ । ବିଷମ ସମସ୍ୟା—
Kūṭachakra 1. A knotty problem; dilemma.
୨ । ଷଡ଼ଯନ୍ତ୍ର—2. Conspiracy; machination; crooked policy.
୩ । ଦୁର୍ଭେଦ୍ୟ ବକ୍ରପଥ ବା ବ୍ୟୂହ—3. A labyrinth.

**କୂଟଜ**—ସଂ. ବି. (କୂଟ=ପର୍ବତଶୃଙ୍ଗ+ଜନ ଧାତୁ+କର୍ତ୍ତୃ. ଅ)—
Kūṭaja କୁଟଜ (ଦେଖ)—Kuṭaja (See)

**କୂଟତର୍କ**—ସଂ. ବି. (କର୍ମଧା; କୂଟ+ତର୍କ)—୧ । ଦୁର୍ବୋଧ ଯୁକ୍ତି—
Kūṭatarka 1. Hairsplitting arguments.
কূটকচালা ୨ । ଅତି ସୂକ୍ଷ୍ମ ବିଚାରଯୋଗ୍ୟ ଆଲୋଚନା—
2. Farfetched reasoning.

**କୂଟତାପସ**—ସଂ. ବି. (କର୍ମଧା; କୂଟ+ତାପସ)—କପଟସନ୍ନ୍ୟାସୀ—
Kūṭatāpasa A pretended ascetic.

**କୂଟତୁଲା**—ସଂ. ବି. (କର୍ମଧା; କୂଟ+ତୁଲା)—ମିଛ ତରାଜୁ; ଯେଉଁ ତରାଜୁ
Kūṭatulā ଠିକ୍ ନୁହେ—A false pair of scales.

**କୂଟନୀତି**—ସଂ. ବି. (କର୍ମଧା; କୂଟ+ନୀତି)—ଦାଉଁପେଁଚ; ଅସତ୍ୟଯୁକ୍ତ
Kūṭaniti ଆଚରଣ—Crooked policy.

**କୂଟ ପାଞ୍ଚିବା**—ଦେ. କ୍ରି. (ସଂ. କୂଟ)—୧ । ଷଡ଼ଯନ୍ତ୍ର କରିବା—
Kūṭa pāñchibā 1. To conspire.
୨ । କୌଣସି ବ୍ୟକ୍ତିର ଅନୁପସ୍ଥିତିରେ ତାହାର ଅନିଷ୍ଟକାମନା କରିବା—2. To think evil of a person behind his back.

**କୂଟପାକଳ**—ସଂ. ବି.—୧ । ପିତ୍ତଜ୍ୱର—
Kūṭapākala 1. Bilious fever. (M.W.)
୨ । ହାତୀର ଜ୍ୱର—
2 Fever in an elephant. (M. W.)

**କୂଟପାଳକ**—ସଂ. ବି.—୧ । କୁମ୍ଭାର—
Kūṭapālaka Potter.
୨ । କୁମ୍ଭାର ଉହା—2. Potter's kiln.
୩ । ପିତ୍ତଜ୍ୱର (ହୃ. ଶବ୍ଦସାଗର)—3. Bilious fever.

**କୂଟପାଶ**—ସଂ. ବି (ଏକାର୍ଥକ, କୂଟ+ପାଶ)—ପଶୁ ପକ୍ଷୀ ଆଦିଙ୍କୁ
Kūṭapāśa ଧରିବା ଜାଲ; ଫାଶ—Trap; snare.

**କୂଟପ୍ରଶ୍ନ**—ସଂ. ବି. (କର୍ମଧା; କୂଟ+ପ୍ରଶ୍ନ)—୧ । କଷ୍ଟସାଧ୍ୟ ସମସ୍ୟା;
Kūṭapraśna ବିଷମସମସ୍ୟା—1. A puzzle; a conundrum; a riddle; a knotty or intricate or ambiguous question.
୨ । ଅଦାଲତରେ ଅପର ପକ୍ଷଦ୍ୱାରା ସାକ୍ଷୀଙ୍କୁ କରାଯିବା ପ୍ରଶ୍ନ; ଜେରା—
2. Cross-examination.

**କୂଟବନ୍ଧ**—ସଂ. ବି. (କର୍ମଧା; କୂଟ+ବନ୍ଧ)—କୂଟପାଶ (ଦେଖ)
Kūṭabandha Kūṭapāśa (See)

**କୂଟବୁଦ୍ଧି**—ସଂ. ବି. (ମ. ପ. ଲୋ; କୂଟ+ବୁଦ୍ଧି; କୂଟଯୁକ୍ତ ବୁଦ୍ଧି)—
Kūṭabuddhi କପଟ ବୁଦ୍ଧି; ପରର ଅନିଷ୍ଟ କାମନାରେ ଷଡ଼ଯନ୍ତ୍ର କରିବାର ବୁଦ୍ଧି—Crooked mentality.

**କୂଟଭାଷୀ**—ସଂ. ବିଣ. ପୁଂ. (କୂଟ+ଭାଷ ଧାତୁ+ଇନ୍. ୧ମା. ୧ବ.)—
Kūṭabhāshi ୧ । କପଟଭାଷୀ—
( କୂଟଭାଷିଣୀ—ସ୍ତ୍ରୀ ) 1 Hypocrite in words.
୨ । ଅବୋଧ କଥା କହିବା ବ୍ୟକ୍ତି—
2. Speaking in riddles; equivocal in speech

**କୂଟମାନ**—ସଂ. ବି. (କର୍ମଧା; କୂଟ+ମାନ)—ମିଥ୍ୟା ବା ବେଠିକ୍ ବଟକରା
Kūṭamāna ବା ମାଣ—False weight or measure.

**କୂଟମୁଦ୍ରା**—ସଂ. ବି. ( କର୍ମଧା; କୂଟ+ମୁଦ୍ରା )—ଜାଲ୍ ଟଙ୍କା—
Kūṭamudrā Counterfeit coin.

**କୂଟଯନ୍ତ୍ର**—ସଂ. ବି. ( କର୍ମଧା; କୂଟ+ଯନ୍ତ୍ର )—୧ । ଫାଶ; ପଶୁ ଧରିବା
Kūṭajantra ଜାଲ—1. A snare.
୨ । ଷଡ଼ଯନ୍ତ୍ର—2. Conspiracy.

**କୂଟଯୁଦ୍ଧ**—ସଂ. ବି. ( କର୍ମଧା; କୂଟ +ଯୁଦ୍ଧ )—ଅନ୍ୟାୟ ପ୍ରଣାଳୀରେ
Kūṭajuddha ଯୁଦ୍ଧ—
Treacherous or unfair warfare.

**କୂଟଲେଖ**—ସଂ. ବି(କର୍ମଧା,କୂଟ+ଲେଖ)—ଜାଲ୍ ଦଲିଲ୍—
Kūṭalekha A false or forged document.

**କୂଟଶଃ**—ସଂ. କ୍ରି. ବିଣ ( କୂଟ+ଶସ୍ )—୧ । ଗଦାଗଦା ହୋଇ—
Kūṭaśaḥ 1. In heaps or multitudes.
୨ । ଦଳଦଳ ହୋଇ—2. In crowds.

**କୂଟଶାଲ୍ମଳି**—ସଂ. ବି—କଣ୍ଟାଯୁକ୍ତ ଶିମିଳିଗଛ; ରୋହିତକ—
Kūṭaśālmali A kind of thorny Silk-cotton tree; Andersonia Rohetaka (tree).

**କୂଟଶାସନ**—ସଂ. ବି. ସ୍ତ୍ରୀ. ( କର୍ମଧା; କୂଟ+ଶାସନ )—ଜାଲ୍ ସନନ୍ଦ—
Kūṭaśāsana (ମନୁ—୯।୨୩୨ ।) A forged grant or decree.

**କୂଟସଙ୍କ୍ରାନ୍ତି**—ସଂ.ବି.ସ୍ତ୍ରୀ. (ଜ୍ୟୋତିଷ)—ଯେଉଁ ସଙ୍କ୍ରାନ୍ତିରେ ଅର୍ଦ୍ଧରାତ୍ରି ପରେ
Kūṭasaṁkrānti ସୂର୍ଯ୍ୟ ଅନ୍ୟ ରାଶିକୁ ସଞ୍ଚରଣ କରେ ଅର୍ଥାତ୍ ରାତ୍ରି ଦ୍ୱିପ୍ରହର ପରେ ଅନ୍ୟ ମାସର ସଞ୍ଚାର ହୁଏ—( astrology ) A Saṁkrānti or movement of the sun from one zodiacal sign to another which takes place after midnight.
[ ଦ୍ର—ଅର୍ଦ୍ଧରାତ୍ରେ ବ୍ୟତୀତେଭୁ ଯଦାସଙ୍କ୍ରମତେ ରବିଃ
ସା ଜ୍ଞେୟା କୂଟସଙ୍କ୍ରାନ୍ତି ମୁନିଭିଃ ପରିକୀର୍ତ୍ତିତା—
ପ୍ରବୃତ୍ତବାଦ । ].

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟୁ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ଥ |

କୂଟସାକ୍ଷ—ସଂ. ବ (କର୍ମଧା; କୂଟ+ସାକ୍ଷ)—ମିଥ୍ୟା ଜବାନ୍‌ବନ୍ଦ—
Kūṭasāksha Perjured or false evidence given in court; false testimony.

କୂଟସାକ୍ଷୀ—ସଂ. ବ. ( କର୍ମଧା; କୂଟ+ସାକ୍ଷୀ )—ମିଥ୍ୟା ସାକ୍ଷୀ—
Kūṭasākshī False witness.

କୂଟସ୍ଥ—ସଂ. ବଣ. ( କୂଟ+ସ୍ଥା ଧାତୁ+କର୍ତ୍ତୃ. ଅ )—
Kūṭastha ୧ । ଏକ ଭାବଯୁକ୍ତ—1. Uniform.
୨ । ସନାତନ; ନିତ୍ୟ—
2. Eternal; existing from time immemorial.
୩ । ଶିଖରରେ ଅବସ୍ଥିତ—
3. Situate at the top.
୪ । ଅପରିବର୍ତ୍ତନୀୟ—4. Unchangeable.
ସଂ. ବ—ପରଂବ୍ରହ୍ମ—The Supreme Soul; the Universal or Super Soul.

କୂଟସ୍ଥ ଚୈତନ୍ୟ—ସଂ. ବ—ପରମାତ୍ମା—The Supreme Eternal
Kūṭastha chaitanya Soul pervading and underlying the Universe.

କୂଟସ୍ୱର୍ଣ୍ଣ—ସଂ. ବ. ( କର୍ମଧା; କୂଟ+ସ୍ୱର୍ଣ୍ଣ )—ଭେଲସୁନା; ମେକିସୁନା —
Kūṭaswarṇṇa Alloyed or counterfeit gold.

କୂଟାଗାର—ସଂ. ବ. ( ମ. ପ. ଲୋ; କୂଟରେ ଅବସ୍ଥିତ ଅଗାର )—ଘର
Kūṭāgāra ଉପରେ ଥିବା ଘର; ଚନ୍ଦ୍ରଶାଳା—
Apartment at the top of a house.

କୂଟାର୍ଥ—ସଂ. ବ ( କର୍ମଧା; କୂଟ+ଅର୍ଥ )—କ୍ଲିଷ୍ଟାର୍ଥ; ଅବୋଧ ଅର୍ଥ—
Kūṭārtha An ambiguous meaning; far-fetched meaning.

କୂଟିଆ—ଦେ. ବଣ. ( ସଂ. କୂଟ )—୧ । କୂଟପୂର୍ଣ୍ଣ—
Kūṭiā 1. Full of deceit; deceitful.
୨ । ମାୟାବୀ—2. Delusive.
କପଟ କୂଟିଆ ପ୍ରଭୁ ଭୁଲାଇବାପାଇଁ—ସାରଳା. ମହାଭାରତ. ଉଦ୍ଯୋଗ ।

କୂର୍ଦ୍ଦ ( ଧାତୁ )—୧ । ଘାସ ଚରିବା—1. To graze.
Kūrda ( root ) ୨ । ଦୃଢ଼ ବା ଘନୀଭୂତ ହେବା—
2. To become firm or solid.
୩ । ମୋଟ ହେବା—
3. To become fat or thick.

କୂର୍ଦ୍ଧ—ସଂ. ବ—କୁର୍ଦ୍ଧ (ଦେଖ)
Kūrdha Kurdha (See)

କୂଡ୍ୟ—ସଂ. ବ—କୁଡ୍ୟ (ଦେଖ)
Kūdhya Kudya (See)

କୂଣ (ଧାତୁ )—ସଂ.—୧ । କହିବା; କଥାଭାଷା ହେବା—
Kuṇa (root) 1. To speak; to converse.
୨ । ସଙ୍କୁଚିତ ହେବା—
2. To contract; to shrink.
୩ । ମୁଦି ହେବା—2. To close.

କୂଣି—ସଂ. ବଣ (କୂଣ ଧାତୁ+ଇ)—କେଣ୍ଟା—
Kūṇi Having a crooked arm.
ଦେ. ବ—କୁଣି (ଦେଖ)
Kuṇi (See)

କୂଣିକା—ସଂ. ବ ( କୂଣ ଧାତୁ+କର୍ତ୍ତୃ. ଇକ+ଆ )—
Kūṇikā ୧ । ପଶୁର ଶୃଙ୍ଗ—
1. Horn of a beast.
୨ । ସିତାରର ଖିଲ—
2. The peg of a lute.

କୂଣିତ—ସଂ. ବଣ. ( କୂଣ ଧାତୁ+କର୍ତ୍ତୃ. ତ )—୧ । ମୁଦ୍ରିତ—
Kūṇita 1. Closed; shut.
୨ । ସଙ୍କୁଚିତ—2. Contracted.

କୂଡ଼ୀ—ସଂ. ବ—୧ । ଗୋଡ଼ର ବେଡ଼ି—
Kūdī 1. Fetters for the leg.
୨ । କାଠିର ଗୋଛା—2. A bunch of twigs.

କୂଦ୍ଦାଳ—ସଂ. ବ—ଏକପ୍ରକାର ଶିମୁଗଛ—The mountain-
Kuddāḻa ebony; Bouhimia Variegata.

କୂପ ( ଧାତୁ )—ସଂ.—୧ । ଦୁର୍ବଳ ହେବା—
Kūpa ( root ) 1. To be weak.
୨ । ଦୁର୍ବଳ କରିବା - 2. To weaken.

କୂପ—ସଂ. ବ. ( କୁ=ଈଷତ୍+ଅପ୍=ଜଳ+ଅ; ନିପାତନ )—
Kūpa ୧ । କୂଅ—1. Well.
୨ । ଜାହାଜ ବା ଡଙ୍ଗା ଖଟାଇବାର ଖୁଣ୍ଟି—
2. A post to which a ship or boat moored.
୩ । ଗହ୍ୱର; ଗର୍ତ୍ତ—3. Den; cavity; pit.
୪ । ମାସ୍ତୁଲ—4. A mast.
୫ । ଚମର ମୂଣା; ତେଲକୁମ୍ପା—
5 Leathern oil-vessel.
୬ । ଛିଦ୍ର—6. Hole.
୭ । ନଦୀଗର୍ଭରେ ଥିବା ବୃକ୍ଷ ବା ପାହାଡ଼—
7. A tree or rock in bed of a river.

କୂପକ—ସଂ. ବ. ( କୂପ+ସ୍ୱାର୍ଥେ. କ )—
Kūpaka ୧ । କୂଅ—1. Well.
୨ । ଗର୍ତ୍ତ; ଗାତ—2. Hole; cavity.
୩ । ନିତମ୍ବର ଭଉଁରୀ—
3. The spiral formation of the furs over the buttocks; the hollow below the loins.
ସବ କୂପକ ଉହର ଯେ—ଉଷା. କୋଟବ୍ରହ୍ମାଣ୍ଡସୁନ୍ଦରୀ ।
୪ । ମାସ୍ତୁଲ—4. Mast.
୫ । ଜାହାଜ ଖଟାଇବାର ଖୁଣ୍ଟ—
5. A post for mooring a ship.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୬ । ଚିତା—6. Funeral pyre.

୭ । ତେଲପିମ୍ପା—7. A leathern oil-vessel.

୮ । ନଦୀ ଶଯ୍ୟାରେ ଥିବା ଗଛ ବା ପାହାଡ଼—
8. Tree or ro:k in the bed of a river.

୯ । ଡଙ୍ଗା—9. Boat.

୧୦ । ଡଙ୍ଗାରେ ପାରିହେବା ପାଇଁ ମାସୁଲ୍—
10. Ferry-hire.

୧୧ । ଚିତା ଗର୍ତ୍ତ; ଘିଇ ଗାଡ଼—
11. A hole dug under a funeral pile.

**କୂପମଣ୍ଡୂକ**—ସଂ. ବି. ( ମ. ପ. ଲୋ; କୂପ+ମଣ୍ଡୂକ )—
**Kūpamaṇḍuka** ୧ । କୂଅ ବେଙ୍ଗ—
1. A frog in the well.
୨ । ( ଲକ୍ଷଣାର୍ଥ ) ନିଜ ସୀମା ବହିର୍ଭୂତ ସଂସାରର ବିଷୟ ସମ୍ବନ୍ଧରେ ଯାହାଙ୍କର ଅଭିଜ୍ଞତା ବା ଅନୁଭୂତି ହୋଇ ନ ଥାଏ—
2. A person who has against no worldly experience beyond his own groove.

**କୂପଯନ୍ତ୍ର**—ସଂ. ବି—କୂଅରୁ ପାଣି ଉଠାଇବା ଯନ୍ତ୍ର; ଟେଣ୍ଡା—
**Kūpajantra** Water-wheel; a contrivance for lefting water from a well.

**କୂପାଙ୍କ**—ସଂ. ବି. ( କୂପ+ଅଙ୍କ )—ରୋମାଞ୍ଚ—
**Kūpānka** Horripilation; bristling of the hairs of the body.

**କୂପାଙ୍ଗ**—ସଂ. ବି. ( କୂପ+ଅଙ୍ଗ )—କୂପାଙ୍କ ( ଦେଖ )
**Kūpānga** Kūpānka ( See)

**କୂପାର**—ସଂ. ବି. ( କୂପ+ଅର )—ସମୁଦ୍ର—
**Kūpāra** Ocean.

**କୂପାରି**—ଦେ. ବି. (ନାମ)—ବାଲେଶ୍ୱର ଜିଲ୍ଲାର ଗ୍ରାମବିଶେଷ—
**Kūpāri** The name of a village in the district of Balasore.
[ ଦ୍ର—ଏହା ସୋରୋର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ । ଏଠାରେ ବୌଦ୍ଧ କୀର୍ତ୍ତିର ଚିହ୍ନମାନ ଅଦ୍ୟାପି ରହିଅଛି । ]

**କୂପୀ**—ସଂ. ବି. ( କୂପ+ଈ )—୧ । ବୋତଲ; କୁମ୍ପି—
**Kūpi** 1. A small narrow-mouthed flask; bottle.
୨ । ନାଭି—1. Navel.
୩ । ସାନ କୂଅ—3. Small well.

**କୂପୁଷ**—ସଂ. ବି—ମୂତ୍ରାଶୟ—
**Kūpusha** The bladder.

**କୂବର**—ସଂ. ବିଣ. ପୁଂ.—
**Kūbara** ୧ । ସୁନ୍ଦର—1. Beautiful.
(କୂବରୀ—ସ୍ତ୍ରୀ) ୨ । କୁଜା—2. Hump-backed.

ସଂ. ବି—୧ । ଗାଡ଼ିର ଆଗ ଦଣ୍ଡା ବା ବମ୍—
1. Pole or frame of a carriage to which the yoke is fixed.
ସେ ବେନି କୂବରେ ଶୋଭିତ
ପଞ୍ଚ ପ୍ରହରଣ ସଂଯୁତ । ଜଗନ୍ନାଥ. ଭାଗବତ ।
୨ । କୁଜା ମନୁଷ୍ୟ—
2. A hump-backed person.

**କୂବରୀ**—ସଂ. ବି. ସ୍ତ୍ରୀ—କୂବରର ସ୍ତ୍ରୀ ଲିଙ୍ଗ—
**Kūbari** Feminine of Kūbara.
ସଂ. ବି—୧ । ଗାଡ଼ିର ଆଗ ଦଣ୍ଡା ବା ବମ୍; ଯୁଗ—
1. Pole of a carriage.
୨ । ବସ୍ତ୍ର ବା କମ୍ବଳାଚ୍ଛାଦିତ ଗାଡ଼ି—
2. Carriage covered with blanket or cloth.
୩ । (କୂବର+ଇନ୍; ୧ମା. ୧ବ)—ବଳଦ ଗାଡ଼ି—
3. Carriage drawn by oxen.

**କୂବାର**—ସଂ. ବି. ( କୂପ+ଅର )—ସମୁଦ୍ର—
**Kūbāra** Ocean.

**କୂମ**—ସଂ. ବି—୧ । ଜଳାଶୟ—
**Kūma** 1. Pond.
୨ । କ୍ଷୁଦ୍ର ଜଳାଶୟ; ଚୁଅ—2. A pool.

**କୂର**—ସଂ. ବି.—
**Kūra** ୧ । ଭାତ—1. Boiled rice.
୨ । ଖାଦ୍ୟ—2. Food (Apte).

**କୂରୁମ**—ଗ୍ରା. (ପଦ୍ୟ) ବି. ( ସଂ. କୂର୍ମ )—କୂର୍ମ ( ଦେଖ )
**Kūruma** Kūrma ( See )
ମତ୍ସ୍ୟ ଯେ କୂରୁମ ବରାହ
ନୃସିଂହ ରୂପ ବସ୍ତୁ ଦେହ । ଜଗନ୍ନାଥ. ଭାଗବତ ।

**କୂର୍ଚ୍ଚ** (ଧାତୁ)—ସଂ—ପ୍ରଶଂସା କରିବା—
**Kūrchcha** (root) To praise.

**କୂର୍ଚ୍ଚ**—ସଂ. ବି. ( କୂର୍ଚ୍ଚ ଧାତୁ=ପ୍ରଶଂସା କରିବା+ଅ )—
**Kūrchcha** ୧ । କପଟ; ଛଳ—1. Deceit; hypocrisy.
୨ । ଆତ୍ମବଡ଼ିମା; ବାଲିଙ୍ଗି—2. Bragging.
୩ । ଗୋଛା; ଗୁଚ୍ଛ—3. Bundle; bunch.
୪ । ଶ୍ମଶ୍ରୁ; ଦାଢ଼ି—4. Beard.
୫ । କୁଶର ମୁଠାଏ—
5 A handful of Kuśa grass.
୬ । ଟିପ; ସଂଯୋଜିତ ବୁଢ଼ା ଅଙ୍ଗୁଠି ଓ ମଝି ଅଙ୍ଗୁଠିର ଅଗ୍ରଦ୍ୱୟ—6. The tips of the thumb and middle finger brought into contract so as to pinch (Apte).
୭ । କୁଳିକା—7. Brush.
୮ । ଦମ୍ଭ—8. Strength of mind; fortitude.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ |

୯ । ଦୁଇ ଭ୍ରୂଲତାର ମଧ୍ୟସ୍ଥାନ—
9. The part between the eye-brows.

୧୦ । ମୟୂର ପୁଚ୍ଛ—
10. The tail-feather of a peacock.

୧୧ । ଭଣ୍ଡାର—11. Store-room.

୧୨ । ମୁଣ୍ଡ; ମସ୍ତକ—12. The head.

**କୂର୍ଚ୍ଚକ**—ସଂ. ବି. ( କୂର୍ଚ୍ଚ + କ )—ଶସ୍ୟର ପରିମାଣବିଶେଷ—
**Kūrchchaka** 1. A bushel.

୨ । ତୁଳି—2. Painter's brush.

୩ । ଦାନ୍ତକାଠି—3. Tooth-brush.

**କୂର୍ଚ୍ଚଶୀର୍ଷ**—ସଂ. ବି. ( ବହୁବ୍ରୀହି; କୂର୍ଚ୍ଚ=ଗୋଛ + ଶୀର୍ଷ )—ନାରିକେଳ-
**Kūrchchaśirsha** ବୃକ୍ଷ—Cocoanut tree.

**କୂର୍ଚ୍ଚଶେଖର**—ସଂ. ବି. ( ବହୁବ୍ରୀହି; କୂର୍ଚ୍ଚ + ଶେଖର )—ନାରିକେଳ ବୃକ୍ଷ—
**Kūrchchaśekhara** Cocoanut tree.

**କୂର୍ଚ୍ଚିକା**—ସଂ. ବି. ସ୍ତ୍ରୀ. ( କୂର୍ଚ୍ଚ + ଇକ + ସ୍ତ୍ରୀ. ଆ )—୧ । ତୁଳିକା—
**Kūrchchikā** 1. Small brush.

୨ । ଶଲାକା; ସରୁ ଲମ୍ବ କାଠି—2. A thin rod;twig.

୩ । କୁଞ୍ଚି; ଚାବିକାଠି—3. Key.

୪ । ଛୁଞ୍ଚି—4. Needle.

୫ । ଦୁଧର ବିକୃତିବିଶେଷ; ଦଧିଦୁଗ୍ଧ—
5. Inspissated milk.

**କୂର୍ଦ୍ଦ (ଧାତୁ)**—ସଂ.—୧ । ଡେଇଁବା; କୁଦିବା—
**Kūrdda (root)** 1. To leap; to jump.

୨ । ଆନନ୍ଦରେ ନାଚିବା—2. To frolic; to frisk.

୩ । ଖେଳିବା—3. To play.

**କୂର୍ଦ୍ଦନ**—ସଂ. ବି. ( କୂର୍ଦ୍ଦ ଧାତୁ + ଭାବ. ଅନ )—୧ । କୁଦା; କୁଦିବା—
**Kūrddana** 1. Leaping; jumping.

୨ । କ୍ରୀଡ଼ା—2. Playing; sporting.

୩ । ନଚ୍ଚକୁଦା—3. Gambolling; skipping.

**କୂର୍ଦ୍ଦନା**—ସଂ. ବି. ( କୂର୍ଦ୍ଦନ + ଆ )—ଚୈତ୍ର ପୂର୍ଣ୍ଣିମାରେ କରାଯିବା
**Kūrddanā** ମଦନୋତ୍ସବ—A festival held in honour
(କୂର୍ଦ୍ଦନୀ—ଅନ୍ୟରୂପ ) of God Cupid on the full moon of the month of Chaitra.

**କୂର୍ପ**—ସଂ. ବି.—ଦୁଇ ଭ୍ରୂଲତାର ମଧ୍ୟସ୍ଥଳ—
**Kūrpa** The space etween the eye-brows.

**କୂର୍ପର**—ସଂ. ବି.—କୁର୍ପର (ଦେଖ)
**Kūrpara** Kurpara (See)

**କୂର୍ପସ**—ସଂ. ବି.—ନଡ଼ିଆର ଶସ—
**Kūrpasa** The inner part or kernel of a cocoanut. (M.W)

**କୂର୍ପାସ**—ସଂ. ବି.—କୁର୍ପାସ (ଦେଖ)
**Kūrpāsa** Kurpāsa (See)

**କୂର୍ପାସକ**—ସଂ. ବି.—କୁର୍ପାସକ (ଦେଖ)
**Kūrpāsaka** Kurpāsaka (See)

**କୂର୍ମ**—ସଂ. ବି. ପୁଂ. ( କୁ=ଈଷତ୍ + ଊର୍ମି=ବେଗ + ଅ; କିମ୍ବା କୁ=
**Kūrma** ଜଳ ପର + ଊର୍ମି=ବେଗ, ଯାହାର)—୧ । କଚ୍ଛପ—
(କୂର୍ମୀ—ସ୍ତ୍ରୀ ) 1. Tortoise.

୨ । ହାତର ଅଙ୍ଗୁଠିଦ୍ୱାରା କରାଯିବା ଠାରବିଶେଷ—
2. A particular gesticulation with the fingers.

୩ । କୁରୁମ; ବଡ଼ କଇଁଚ—3. Big tortoise.

୪ । ଶରୀରର ବାହ୍ୟ ବାୟୁବିଶେଷ—4. One of the outer winds of the body.

୫ । ବିଷ୍ଣୁଙ୍କର ଦ୍ୱିତୀୟ ଅବତାର—5. The second or tortoise incarnation of Bishṇu.

[ ଦ୍ର—ଏହି ଅବତାରରେ ବିଷ୍ଣୁ ଆପଣା ପିଠିରେ ପୃଥିବୀକୁ ଟେକି ଧରିଥିଲେ । ]

୬ । ପୂଜା ସମୟରେ ବ୍ୟବହୃତ ମୁଦ୍ରାବିଶେଷ—
6. A particular intertwining of the fingers during rituals.

**କୂର୍ମଦ୍ୱାଦଶୀ**—ସଂ. ବି—ପୌଷ ଶୁକ୍ଳଦ୍ୱାଦଶୀ—The 12th day of
**Kūrmadwādaśi** the light lunar fortnight of Paușha.

**କୂର୍ମପୁରାଣ**—ଅଷ୍ଟାଦଶ ପୁରାଣର ଏକତମ—
**Kūrmapurāṇa** One of the 18 Purāṇas.

**କୂର୍ମପୃଷ୍ଠ**—ସଂ. ବି. (୬ଷ୍ଠୀ ତତ୍; କୂର୍ମ + ପୃଷ୍ଠ )—୧ । କଇଁଛର ପିଠି—
**Kūrmapṛushṭha** 1. The back of a tortoise.

୨ । ( ଏହା କଇଁଛ ପିଠିପରି ଗୋଲାକାର ହୋଇଥିବାରୁ ) ପାତ୍ରର ଢାଙ୍କୁଣୀ; ସରପୋଷ—2. The lid of a pot.

**କୂର୍ମପୃଷ୍ଠକ**—ସଂ. ବି—କୂର୍ମପୃଷ୍ଠ ( ଦେଖ )
**Kūrmapṛushṭhaka** Kūrmapṛushṭha ( See )

**କୂର୍ମରାଜ**—ସଂ. ବି. ( ୭ମୀ ତତ୍; କୂର୍ମ + ରାଜନ୍ )—କୂର୍ମାବତାର (ଦେଖ)
**Kūrmarāja** Kūrmābatāra (See)

**କୂର୍ମାବତାର**—ସଂ. ବି. ( କୂର୍ମ + ଅବତାର )—
**Kūrmābatāra** ବିଷ୍ଣୁଙ୍କର ଦ୍ୱିତୀୟ ବା କଚ୍ଛପ ଅବତାର—
The second or tortoise incarnation of Bishṇu.

[ ଦ୍ର—ଏ ଅବତାରରେ ବିଷ୍ଣୁ ଆପଣା ପିଠିରେ ପୃଥିବୀକୁ ଟେକି ଧରିଥିଲେ । ]

**କୂଳ (ଧାତୁ)**—ସଂ—୧ । ଆବରଣ କରିବା; ଘୋଡ଼ାଇବା—
**Kūḷa (root)** 1. To cover; to hide.

୨ । ବେଢ଼ିବା—2. To enclose.

୩ । ବାଧାଦେବା—3. To obstruct.

୪ । ପୋଡ଼ିଦେବା—4. To burn; to scorch.

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ସ୍ଥାନକୋଷରେ ତାହା ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଉ' ନ ମିଳିଲେ 'ଗାଉ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୂଳ**—ସଂ. ବି. ( କୂଳ ଧାତୁ=ଆବରଣ କରିବା+ଅ )—
Kūḻa ୧ । ନଦ୍ୟାଦିର ତଟ; ତୀର—1. Shore; bank.
୨ । ଗଡ଼ାଣି; ଢାଲୁ—2. A slope.
୩ । ସ୍ତୂପ; ରାଶି—3. Colection; heap; mound.
୪ । ଦାଢ଼; ଧାର—4. Edge; skirt.
୫ । ସୀମା—5. Border; boundary.
୬ । ସମୀପ ସ୍ଥାନ; ଉପକଣ୍ଠ—
6. Contiguous place; precincts.
୭ । କ୍ଷୁଦ୍ର ଜଳାଶୟ—7. Pool; pond.
୮ । ସେନାର ପଛ ଭାଗ—8. The van of an army.

**କୂଳକ**—ସଂ. ବି. ( କୂଳ+କ )—୧ । କୂଳ ( ଦେଖ )
Kūḻaka 1. Kūḻa ( See )
୨ । ଉଇହୁଙ୍କା—2. Ant-hill.

**କୂଳକିନାରା**—ଦେ. ବି. (ସଂ. କୂଳ+ଫା. କିନାର୍; ଏକାର୍ଥକ ସହଚର)—
Kūḻakinārā ୧ । ସୀମା—1. Bound; limit.
कूलकिनारा ୨ । ନିଶ୍ଚୟ—2. Ascertainment.
**कूलकिनारा** ୩ । ନିଶ୍ଚିତ ଖବର; ଠିକଣା—
3. Certain news; head and tail; ins and outs.
୪ । ପତ୍ତା—4. Trace of any matter.

**କୂଳଙ୍କଷ**—ସଂ. ବିଣ. ( କୂଳଂ+କଷ ଧାତୁ+କର୍ତ୍ତୃ. ଅ )—
Kūḻaṅkasha ଯାହା କୂଳ ବା କିନାରକୁ ଖାଇଯାଏ—
( କୂଳଙ୍କଷା—ସ୍ତ୍ରୀ ) Tearing away or corroding the bank.
ସଂ. ବି.—୧ । ସମୁଦ୍ର ( ଯାହା କୂଳକୁ ଖାଇଯାଏ )—
1. The ocean; sea ( which corrodes its shores).
୨ । ନଦୀର ସ୍ରୋତ—2. The current or stream of a river.

**କୂଳଙ୍କଷା**—ସଂ. ବି. ସ୍ତ୍ରୀ (କୂଳଙ୍କଷ+ସ୍ତ୍ରୀ. ଆ)—ନଦୀ—
Kūḻaṅkashā A river ( which corrodes its bank).

**କୂଳଚର**—ସଂ. ବିଣ—କୂଳେଚର (ଦେଖ)
Kūḻachara Kūḻechara (See)

**କୂଳଥଳ**—ଦେ. ବି (ସଂ. କୂଳ+ଗ୍ରା. ଥଳ; ସହଚର)—
Kūḻathaḻa ୧ । ଜଳଭାଗର ତୀର ଓ ଗମ୍ଭୀରତା—
1. Shore and depth of an expanse of water.
୨ । କୌଣସି ଆଶ୍ରୟ; ଆଶ୍ରୟ ପାଇଁ ସ୍ଥାନ—
2. Place of refuge or shelter.
କ'ପାନ୍ତୁ କୂଳଥଳ'ବେଳ ।
କହୁ ଲଭନ୍ତ୍ର ନାନା ଯୋନ—ଭାଗୀ. ଗର୍ଗ୍ଗଣମାହାତ୍ମ୍ୟ ।
୩ । ନିଶ୍ଚୟ—3. Definiteness

**କୂଳ ପାଇବା**—ଦେ. କ୍ରି—୧ । କୌଣସି ମୀମାଂସାରେ ଉପସ୍ଥିତ ହେବା—
Kūḻa pāibā 1. To arrive at a conclusion.
कूलपाओआ ୨ । ଥୟ କରି ଜାଣିବା—
**अँतपाना** 2. To know for certain.
ଏ ତ କଥା ପୁଣି କହିଲି କାହିଁକି ଘଟ ପାଉ ନାହିଁ କୂଳ ।
ଗ୍ରାମନାଥ. ପାଟଟ ।
୩ । ପତ୍ତା ପାଇବା—3. To get any trace.

**କୂଳବତୀ**—ସଂ. ବି. ସ୍ତ୍ରୀ (କୂଳ+ବତ୍+ଈ)—ନଦୀ—
Kūḻabati River.

**କୂଳମୁଦ୍ବହ**—ସଂ.ବିଣ (କୂଳଂ=କୂଳକୁ+ଉତ୍+ବହ ଧାତୁ+କର୍ତ୍ତୃ.ଅ)—
Kūḻamudbaha ଯାହା କୂଳକୁ ଭାଙ୍ଗି ବୋହିନେଏ ବା ଅତଡ଼ା ଖସାଏ (ଯଥା—ଜଳସ୍ରୋତ)—
Tearing up or carrying away the bank.

**କୂଳମୂଳ**—ଦେ. ବି (ସଂ. କୂଳ+ମୂଳ)—ବଂଶ ଓ ବଂଶର ଚିହ୍ନ—
Kūḻamūḻa Any little trace of a family; a little remnant of a thing.
कूलमूल

**କୂଳିଆ**—ଦେ. ବିଣ—୧ । କୂଳରେ ଅବସ୍ଥିତ; କୂଳରେ ଜାତ—
Kūḻiā 1. Standing or growing on a bank.
୨ । କୂଳସମ୍ବନ୍ଧୀୟ—2. Relating to the shore.
[ ଦ୍ର—ଏ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ନଈକୂଳିଆ, ପୋଖରୀକୂଳିଆ, ସମୁଦ୍ରକୂଳିଆ । ]

**କୂଷ୍ମାଣ୍ଡ**—ସଂ. ବି—କୁଷ୍ମାଣ୍ଡ ( ଦେଖ )
Kūsmāṇḍa Kushmāṇḍa ( See )

**କୂଷ୍ମାଣ୍ଡ**—ସଂ. ବି—କୁଷ୍ମାଣ୍ଡ ( ଦେଖ )
Kūshmāṇḍa Kushmāṇḍa ( See )

**କୂହନା**—ସଂ. ବି—କପଟ; ଛଳ—
Kūhanā Hypocrisy ( M. W. )

**କୂହା**—ସଂ. ବି—କୁହୁଡ଼ି—
Kūhā Fog; mist (Apte).

**କୃ** (ଧାତୁ)—ସଂ—୧ । କରିବା—
Kṛu (root) 1. To do ; to perform.
୨ । ଆଦେଶ କରିବା—2. To order.
୩ । ଆଘାତ କରିବା—3. To hurt.
୪ । ବନ୍ଦୋବସ୍ତ କରିବା—4. To arrange.
୫ । ମାରି ପକାଇବା—5. To kill.
୬ । ନିର୍ମାଣ କରିବା—6. To make; to build.
୭ । ପ୍ରସ୍ତୁତ କରିବା—7. To prepare.
୮ । ସୃଷ୍ଟି କରିବା—8. To create.
୯ । ରଚନା କରିବା—9. To form; to compose.
୧୦ । ଘଟାଇବା—
10. To cause; to brin about.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ୟ | ଇଅ | ଞ | ନ୍ତ |

୧୧ । ବଳାତ୍କାରରେ ସ୍ତ୍ରୀକୁ ହରଣ କରିବା—
11. To violate; to outrage.
୧୨ । ଆରମ୍ଭ କରିବା—12 To begin.
୧୩ । ବିଚାର କରିବା—13. To consider.
୧୪ । ବ୍ୟବହାର କରିବା—
14. To make use of; to employ.
୧୫ । ବିଭକ୍ତ କରିବା—15. To divide.
୧୬ । ପୂଜା କରିବା—16. To worship.
୧୭ । ସଙ୍କଳ୍ପ କରିବା—17. To resolve.
୧୮ । ସାହାଯ୍ୟ କରିବା—18. To help.
୧୯ । ଜାତ କରିବା—
19. To produce; to bring borth.
୨୦ । କହିବା; ବର୍ଣ୍ଣନା କରିବା—
20. To tell; to narrate; to describe.
୨୧ । ( ଆଦେଶ ) ପାଳିବା—
21. To obey; to carry out; to execute.
୨୨ । କାର୍ଯ୍ୟରେ ନିଯୁକ୍ତ କରିବା—
22. To appoint; to entrust.
୨୩ । ରଖିବା; ସ୍ଥାପିବା—23. To place.
୨୪ । ଶବ୍ଦ କରିବା—24. To make a sound.
୨୫ । ଉଚ୍ଚାରଣ କରିବା—
25. To utter; to pronounce.

[ କୃ—ଏହି ଧାତୁ ଅନ୍ୟ ବିଶେଷ୍ୟ, ବିଶେଷଣ ଓ ଅବ୍ୟୟ ପଦମାନଙ୍କ ପରେ ଯୁକ୍ତ ହୋଇ ଉକ୍ତ ପଦମାନଙ୍କ ଅର୍ଥ ଅନୁସାରେ ସଂସ୍କୃତରେ ବିଭିନ୍ନ ନାନା ଅର୍ଥ ପ୍ରକାଶ କରେ; ଯଥା—ନମସ୍+କୃ ଧାତୁ, ପୁରସ୍+କୃ ଧାତୁ, ଫଟ୍, ପ୍ରକାଶ୍, ଦ୍ୱିଧା, ମୂର୍ଦ୍ଧ୍ନା, ହସ୍ତେ, ମନସି, ସମତ୍, ମଣ୍ଡ ଇତ୍ୟାଦି । ]

କୃକ—ସଂ. ବି—୧ । ଶିରଃ; ମୁଣ୍ଡ—1. The head.
Kṛuka ୨ । କଣ୍ଠ; ଗଳା; କଣ୍ଠନାଳୀ—
2 The throat; the larynx.
୩ । ନାଭି—3. Navel ( M. W. ).

କୃକବାକ—ଦେ. ବି. ( କୃକବାକୁ )—କୁକୁଡ଼ା—
Kṛukabāka Cock.

କୃକବାକ କାକ ଚଟକ,କ ଡାକ ଶୁଭିଲା ସବୁଆଡ଼ରେ—
ଦୀନକୃଷ୍ଣ· ରସକଲ୍ଲୋଳ ।

କୃକବାକୁ—ସଂ. ବି. ( କୃକ=ଶିର+ବଚ୍=କହିବା+ଉ )—
Kṛukabāku ୧ । ମୟୂର—1. Peacock.
୨ । କୁକୁଡ଼ା—2. Cock.
୩ । ଏଣ୍ଡୁଅ—3. Chameleon.

କୃକଲା—ସଂ. ବି. ( କୃକ+ଲା ଧାତୁ+ଅ+ଆ )—ପିପ୍ପଳି—
Kṛukalā Long pepper.

କୃକଲାସ—ସଂ. ବି. ( କୃକ=ଶିରଃ; ଗ୍ରୀବା; କଣ୍ଠ+ଲସ ଧାତୁ=କ୍ରୀଡ଼ା
Kṛukalāsa କରିବା+ଅ; ଯେ ଶିର ଓ ଗ୍ରୀବାକୁ ନଚାଏ )—
୧ । ଏଣ୍ଡୁଅ—
1. Chameleon ( Colotis versicolor ).
୨ । ଝିଟିପିଟି; ଟିକଟିକି ନେଉଳ—2. Lizard.

କୃକାଟକ—ସଂ. ବି. ପୁଂ. ( କୃକ=କଣ୍ଠ+ଅଟ୍ ଧାତୁ=ଗମନ କରିବା
Kṛukāṭaka +ଅକ )—କୃକାଟିକା ( ଦେଖ )
Kṛukāṭikā ( See )

କୃକାଟିକା—ସଂ. ବି. ସ୍ତ୍ରୀ. ( କୃକ=କଣ୍ଠ+ଅଟ୍ ଧାତୁ=ଗମନ କରିବା
Kṛukāṭikā +ଅକ+ସ୍ତ୍ରୀ. ଆ )—
୧ । ଗ୍ରୀବାର ପଛଆଡ଼ ଉନ୍ନତ ପ୍ରଦେଶ; ବେକପଣ୍ଡା—
1. The back or nape of the neck.

କବରୀଭର ଖସି ତାହାର ଚୁମ୍ବିଛି କୃକାଟିକା—ଦୀନକୃଷ୍ଣ· ରସକଲ୍ଲୋଳ ।

୨ । ସ୍ତମ୍ଭର ଗ୍ରୀବାଭାଗ—
2. The neck of a column.

କୃଚ୍ଛ୍ର—ସଂ. ବି. (କୃଶ୍ ଧାତୁ=ଦୁର୍ବଳ ହେବା+କରଣ. ର; ଯାହା ମନୁଷ୍ୟକୁ
Kṛuchchhra ଦୁର୍ବଳ କରେ )—
୧ । ଦୁଃଖ; କଷ୍ଟ—
1. Trouble; difficulty; distress; hardship.
୨ । କ୍ଲେଶ—2. Physical pain.
୩ । ଅପବାଦ—3. Danger; calamity.
୪ । କଷ୍ଟସାଧ୍ୟ ଉପବାସ; ବ୍ରତ; ପ୍ରାୟଶ୍ଚିତ୍ତ—
4 Austerity; penance.
୫ । ପ୍ରାଜାପତ୍ୟ ବ୍ରତବିଶେଷ—
5. A sort of penance.
୬ । ପାପ—6. Sin.
୭ । ମୂତ୍ରକୃଚ୍ଛ୍ର ରୋଗ—7. Strangury; ischury.
ସଂ. ବିଣ—୧ । ପାପଯୁକ୍ତ—1. Sinful.
୨ । ଦୁଷ୍ଟ; ଖଳ—2. Wicked.
୩ । କଷ୍ଟଯୁକ୍ତ—3. Painful.
୪ । ମନ୍ଦ—4. Bad; miserable evil ;
୫ । କଷ୍ଟଜନକ—5. Causing pain.

କୃଚ୍ଛ୍ରଗତ—ସଂ. ବିଣ. ( ୨ୟା ତତ୍; କୃଚ୍ଛ୍ର+ଗତ )—
Kṛuchchhragata ୧ । କଷ୍ଟପ୍ରାପ୍ତ—1. Distressed.
୨ । କ୍ଲେଶ ଭୋଗ କରୁଥିବା—2. Suffering pain.
୩ । ବ୍ରତ ପାଳନ କରୁଥିବା—
3. Undergoing a penance.

କୃଚ୍ଛ୍ରପ୍ରାଣ—ସଂ. ବିଣ. ପୁଂ. ( ବହୁବ୍ରୀହି; କୃଚ୍ଛ୍ର+ପ୍ରାଣ )—
Kṛuchchhraprāṇa ୧ । ଯାହାର ଜୀବନ ବିପନ୍ନ—
( କୃଚ୍ଛ୍ରପ୍ରାଣା—ସ୍ତ୍ରୀ ) 1. One whose life is in danger.

ସାଧାରଣ ସ୍ଥେବେ ଅପର ପୃଷ୍ଠାରେ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

୨ । ଯେ ବହୁକଷ୍ଟରେ ନିଶ୍ୱାସ ମାରେ—
2. Breathing with difficulty.

**କୃଚ୍ଛ୍ରଲବ୍ଧ**—ସଂ. ବିଣ. (କୃଚ୍ଛ୍ର+ଲବ୍ଧ)—ଅତି କଷ୍ଟରେ ପ୍ରାପ୍ତ ବା ଅର୍ଜିତ—
**Kṛuchchhralabdha** Hard earned; achieved after great suffering or difficulty.

**କୃଚ୍ଛ୍ରଲଭ୍ୟ**—ସଂ. ବିଣ. ( କୃଚ୍ଛ୍ର+ଲଭ୍ୟ )—ଯାହା ଅତିକଷ୍ଟରେ ମିଳି ପାରେ—
**Kṛuchchhralabhya** Requiring much labour to be acquired.

**କୃଚ୍ଛ୍ରସାଧ୍ୟ**—ସଂ. ବିଣ. ( କୃଚ୍ଛ୍ର+ସାଧ୍ୟ )—
**Kṛuchchhrasādhya** ୧ । ଯେଉଁ ରୋଗ ବହୁ କଷ୍ଟରେ ଆରୋଗ୍ୟ ହୁଏ—1. Curable with difficulty.
୨ । କଷ୍ଟରେ ପ୍ରାପ୍ୟ ବା ଯାହା ବହୁ କଷ୍ଟରେ କରାଯାଏ—
2. To be effected or accomplished with difficulty.

**କୃଚ୍ଛ୍ରାତିକୃଚ୍ଛ୍ର**—ସଂ. ବି—୩, ୯, ୧୨ ବା ୨୧ ଦିନ ପର୍ଯ୍ୟନ୍ତ ଜଳ ଛଡ଼ା ଆଉ କିଛି ନ ଖାଇ କରାଯିବା କଠୋର ବ୍ରତବିଶେଷ ( ଗୌତମ ୨୬।୨୦; ଯାଜ୍ଞବଲ୍କ୍ୟ ୩।୩୨୧)—
**Kṛuchchhrātikṛuchchhra** Name of a penance consisting of living on water only for 3, 9, 12 or 21 days.

**କୃଜର**—ବୈଦେ. ବି. (ଇଂ)—ଏକ ପ୍ରକାର ରଣତରୀ—
**Kṛujara** Cruiser.
**जङ्गी जहाज**

**କୃତ୍** (ଧାତୁ)—ସଂ. ( ତୁଲ. ଲାଟିନ୍—କର୍ଟସ୍=କାଟିବା )—
**Kṛut** ୧ । କର୍ତ୍ତନ କରିବା—1. To cut.
୨ । ସୁତା କାଟିବା; ସୂତା ବଳିବା—
2. To spin; to twist threads.
୩ । ଘେରିବା; ବେଢ଼ିବା—
3. To encompass; to surround.
୪ । ବେଶ କରିବା—4. To attire.
୫ । ଟିକି ଟିକି କରି କାଟିବା—5. To cut into pieces.
୬ । ବିଭାଗ କରିବା—6. To divide.
୭ । ବିନାଶ କରିବା—7 To destroy.

**କୃତ୍**—ସଂ. ବିଣ. ( କୃ ଧାତୁ+କର୍ତ୍ତୃ. କ୍ୱିପ୍; ଏହା ଅନ୍ୟ ବିଶେଷ୍ୟ ପଦ ପରେ ଲାଗେ; ଯଥା—କର୍ମକୃତ୍, ଧର୍ମକୃତ୍ )—
**Kṛut** ଯେ ଅମୁକ କ୍ରିୟା କରେ—Doing.
ସଂ. ବି—୧ । ଧାତୁରୁ ଉତ୍ତର ଯୁକ୍ତ ହୋଇ ବିଶେଷ୍ୟ ପଦ ନିଷ୍ପନ୍ନ କରିବା ପଦ—1. An affix used to form nouns from roots.
୨ । କୃତ୍ ଯୁକ୍ତ ହୋଇ ନିଷ୍ପନ୍ନ ବିଶେଷ୍ୟ ପଦ—2. A noun formed with the affix Kṛut ( M. W. )

**କୃତ୍‌ପ୍ରତ୍ୟୟ**—ସଂ. ବି. ( କୃତ୍=କୃଦନ୍ତ+ପ୍ରତ୍ୟୟ )—
**Kṛutpratyaya** ୧ । (ବ୍ୟାକରଣ) ଧାତୁରୁ ଭିନ୍ନ ଭିନ୍ନ ବାଚ୍ୟରେ ଯୁକ୍ତ ହେବା ପ୍ରତ୍ୟୟମାନ (ଯଥା—ଅନ, ଅ, ତି, ତବ୍ୟ, ଅନୀୟ, ଯ, ତ, ତବତ୍, ଇନ୍ )—
1. (grammar) A class of suffixes added to roots used in forming nouns, adjectives and participles.
[ ଦ୍ରୁ—ଶବ୍ଦରୁ ଉତ୍ତର ପ୍ରତ୍ୟୟମାନଙ୍କୁ ତଦ୍ଧିତ ପ୍ରତ୍ୟୟ ବୋଲାଯାଏ । ]

**କୃତ**—ସଂ. ବିଣ. (କୃ ଧାତୁ=କରିବା; ଛେଦନ କରିବା+କର୍ମ. ତ)—
**Kṛuta** ୧ । ସୃଷ୍ଟ—1. Created.
୨ । ରଚିତ—2. Composed.
୩ । ପ୍ରସ୍ତୁତ; ନିର୍ମିତ—
3. Manufactured; prepared; made.
୪ । ସମ୍ପାଦିତ କରାଯାଇଥିବା—
4. Done; achieved; perform.
୫ । ଅର୍ଜିତ—5. Earned.
୬ । ବିହିତ—6. Accomplished.
୭ । ଉପଯୁକ୍ତ—7. Fit.
୮ । ହିଂସିତ—8. Avenged; injured.
ଦେ. ବିଣ. (ସଂ. କୃତ୍)—କାରୀ; କରିବା ବ୍ୟକ୍ତି—Doing.

କ୍ଷତ୍ରିୟ କୁଳ କାଳାନଳ ପରଶୁରାମ ତବ ଶବ କୃତ ହେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ସଂ. ବି—୧ । ସତ୍ୟଯୁଗ—1. The first of the four ages ( of the Hindu mythology ) when truth was reigning on earth; the age of righteousness.
୨ । କର୍ମ; କାର୍ଯ୍ୟ; ଅନୁଷ୍ଠାନ—
2. Work; deed; action.
୩ । ହିଂସା—3. Injury; mischief; malice.
୪ । ଫଳ—4. Consequence; result.
୫ । ନୈବେଦ୍ୟ—5. Offering.
୬ । ଉଦ୍ଦେଶ୍ୟ—6. Aim; object.
୭ । ଯୁଦ୍ଧରୁ ପ୍ରାପ୍ତ ଧନାଦି—
7. Prize or booty gained in a battle.
୮ । ଚାରି ସଂଖ୍ୟା—8. The number 4.
୯ । ପଶା କାଠିର ଯେଉଁ ପାଖରେ ଚାରିଟି ବିନ୍ଦୁ ଥାଏ—
9. That face or side of dice having four points ( Apte ).
୧୦ । ସେବା—10. Service.
୧୧ । ଉପକାର—11. Benefit; service rendered.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | କ୍ଷ,ଷ | ଙ୍କ | ଇପ୍ସ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗିଁ୍ୟ | ଇଅ | ● | ନ୍ |

୧୨ । ଖେଳରେ ବାନ୍ଧିବା ଜୁଆ—
12. Stake at a game.

୧୩ । ଇନ୍ଦ୍ରଜାଲ—13. Magic; sorcery

**କୃତକ**—ସଂ. ବି—ପଶାକାଠିର ଯେଉଁ ପାଖରେ ଚାରିଟି ଚିହ୍ନ ଥାଏ—
Kṛutaka That face or side of a dice having four points.

ସଂ. ବିଣ. ପୁଂ—୧ । ଛଳନାଯୁକ୍ତ—1. Feigned.
୨ । ମିଥ୍ୟା—2. False.
୩ । ନକଲି; ଭେଳ—3. Sham.
୪ । କଳ୍ପିତ—4. Designed.
୫ । ନିର୍ମିତ; ସୃଷ୍ଟ—5. Created.
୬ । ସମ୍ପାଦିତ—6. Done; made.
୭ । ଯାହା ସ୍ୱାଭାବିକ ନୁହେଁ; କୃତ୍ରିମ—
7. Artificial; false; sham, man-made.
୮ । ଆପଣାର ସନ୍ତାନରୂପେ ପୋଷା ହୋଇଥିବା; ପୋଷିଅ—
8. Adopted ( child ).

**କୃତକପୁତ୍ର**—ସଂ. ବି. ପୁଂ. ( କୃତକ + ପୁତ୍ର )—୧ । ପିତାମାତାଙ୍କ ଦ୍ୱାରା ତ୍ୟକ୍ତ ଓ ଅନ୍ୟଦ୍ୱାରା ପାଳିତ ପୁତ୍ର—
Kṛutakaputra 1. A son privately abandoned by parents and reared up by another person.
୨ । ପୋଷ୍ୟ ପୁତ୍ର—2. Adopted son.

**କୃତକର୍ତ୍ତବ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ + କର୍ତ୍ତବ୍ୟ )—
Kṛutakarttabya ଯେ ଆପଣାର କର୍ତ୍ତବ୍ୟ କର୍ମ ସମ୍ପାଦନ କରି
(କୃତକର୍ତ୍ତବ୍ୟା—ସ୍ତ୍ରୀ) ଅଛି—One who has done his duty.

**କୃତକର୍ମା**—ସଂ. ବିଣ. ( ବହୁବ୍ରୀହି; କୃତ + କର୍ମନ୍ ୧ମା. ୧ବ. )—
Kṛutakarmā ୧ । ସଫଳ କାମ—1. Successful.
୨ । ଯେ ଆପଣାର କାର୍ଯ୍ୟ ସମାଧା କରିଅଛି—
2. One who has done or accomplished his work.
୩ । ସଂସାରିଅଜ୍ଞ ବା ଅନୁଭବୀ—3. Experienced.
୪ । ନିପୁଣ; ଚତୁର—4. Skilful.

ସଂ. ବି—୧ । ସନ୍ନ୍ୟାସୀ—1 An ascetic.
୨ । ପରମାତ୍ମା—2. The Supreme spirit.

**କୃତକାମ**—ସଂ. ବିଣ. ପୁଂ ( ବହୁବ୍ରୀହି )—ଯେଉଁ ବ୍ୟକ୍ତିର ଉଦ୍ଦେଶ୍ୟ ବା
Kṛutakāma କାମନା ସିଦ୍ଧ ହୋଇଅଛି—One whose
(କୃତକାମା—ସ୍ତ୍ରୀ) desires are fulfilled,

**କୃତକାରୀ**—ସଂ. ବିଣ. ପୁଂ. ( କୃତ + କୃ ଧାତୁ + ଇନ୍; ୧ମା. ୧ବ. )—
Kṛutakāri କରାଯାଇଥିବା କର୍ମକୁ ପୁଣି ଥରେ କରିବା (ବ୍ୟକ୍ତି)-
(କୃତକାରିଣୀ—ସ୍ତ୍ରୀ) Doing again what has been done already.

**କୃତକାର୍ଯ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ + କାର୍ଯ୍ୟ )—
Kṛutakārjya ୧ । ଆପଣା କାର୍ଯ୍ୟ ସମ୍ପନ୍ନ କରିଥିବା (ବ୍ୟକ୍ତି)—
(କୃତକାର୍ଯ୍ୟା—ସ୍ତ୍ରୀ) 1. ( a person ) Having accomplished his work or duty.
୨ । ସଫଳ ପରିଶ୍ରମ; ସଫଳକାମ—2. Successful.
୩ । ଯେଉଁ ବ୍ୟକ୍ତିର ଅନ୍ୟ ବ୍ୟକ୍ତିର ସହାୟତା ଲୋଡ଼ା ନ ଥାଏ—3. One who has no need of another person's aid. ( M.W. )

ସଂ. ବି—ସାଧିତ କାର୍ଯ୍ୟ—
Attained or accomplished object.

**କୃତକାଳ**—ସଂ. ବି. ( କର୍ମଧା )—ନିର୍ଦ୍ଧାରିତ ସମୟ; ମିଆଦ—
Kṛutakāla Appointed time.
(କୃତକାଳା—ସ୍ତ୍ରୀ) ସଂ. ବିଣ. ପୁଂ. ( ବହୁବ୍ରୀହି )—
୧ । ଯେ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିଅଛି—
1. One who has waited till the fixed time.
୨ । ଯେଉଁ ବିଷୟ ବା କାର୍ଯ୍ୟ ପାଇଁ କାଳ ନିର୍ଦ୍ଧାରିତ ହୋଇ ଅଛି—2. ( matter ) Fixed or settled as to the time.
୩ । ନିର୍ଦ୍ଧାରିତ କାଳ ପାଇଁ ଗଚ୍ଛିତ ବା ନ୍ୟସ୍ତ—
3. Deposited for a certain time (M. W.)

**କୃତକୃତ**—ଦେ. ବିଣ. ( ସଂ. କୃତକୃତ୍ୟ )—୧ । କୃତାର୍ଥ; ସନ୍ତୁଷ୍ଟ—
Kṛutakṛuta 1. Successful; satisfied.

ଶୁଣି ହୋଇଲେ କୃତକୃତ, ବଚନ ଗୋବିନ୍ଦ ବଦିତ ।
ଭୂପତି. ପ୍ରେମପଞ୍ଚାମୃତ ।

୨ । ଚରିତାର୍ଥ—2. Having succeeded in or achieved one's work or mission.
୩ । କୃତକର୍ମା—3. Having got one's wishes.
୪ । ବିଦ୍ୱାନ୍—4. Accomplished; learned.

**କୃତକୃତାର୍ଥ**—ଦେ. ବିଣ ( ସଂ. କୃତକୃତ୍ୟ —
Kṛutakṛutārtha କୃତକୃତ୍ୟ ( ଦେଖ )
Kṛutakṛutya ( See )

**କୃତକୃତ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ = ସମ୍ପାଦିତ + କୃତ୍ୟ = କାର୍ଯ୍ୟ )—୧ । କୃତାର୍ଥ—
Kṛutakṛutya 1. Gratified; grateful.
(କୃତକୃତ୍ୟା—ସ୍ତ୍ରୀ)
୨ । କୃତକର୍ମା—2. Having accomplished his object.
୩ । କୃତକାର୍ଯ୍ୟ—3. Successful in a mission.
୪ । ବିଦ୍ୱାନ୍—4 Accomplished; learned.
୫ । କାର୍ଯ୍ୟ ସିଦ୍ଧି ଯୋଗୁଁ ସନ୍ତୁଷ୍ଟ—
5. Fully satisfied; contented.
୬ । କୃତ କର୍ତ୍ତବ୍ୟ—6. One who has done his duty.

ସାଧାରଣ ଜ୍ଞାନକେ ଏଥିର ପୃଷ୍ଠାରେ ମୂଳତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**କୃତକୃତ୍ୟତା**—ସଂ. ବି. ( କୃତକୃତ୍ୟ + ଭାବ. ତା )—
Krutakrutyatā ୧ । କାର୍ଯ୍ୟ ସିଦ୍ଧି; କାମନା ହାସଲ୍—
1. Success.
୨ । କର୍ତ୍ତବ୍ୟର ସମାଧାନ—2. The full discharge of one's duty.

**କୃତକ୍ରୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+କ୍ରୟ)—ଯେ କଣିଅଛି; ଖରିଦଦାର—Purchaser.
Krutakraya
(କୃତକ୍ରୟା—ସ୍ତ୍ରୀ)

**କୃତକ୍ରିୟ**—ସଂ. ବିଣ. ପୁଂ.—୧ । କୃତକୃତ୍ୟ (ଦେଖ)
Krutakriya 1. Krutakrutya (See)
(କୃତକ୍ରିୟା—ସ୍ତ୍ରୀ) ୨ । ଯେ କୌଣସି ଧର୍ମାନୁଷ୍ଠାନ ସମ୍ପାଦନ କରିଅଛି—2. One who has performed a religious ceremony.

**କୃତକ୍ଷଣ**—ସଂ. ବିଣ. ପୁଂ.—୧ । ଯେ ଠିକ ବେଳ ପର୍ଯ୍ୟନ୍ତ ଅପେକ୍ଷା କରି ରହେ—1. One who waits for the right moment (M. W.)
Krutakshana
(କୃତକ୍ଷଣା—ସ୍ତ୍ରୀ)
୨ । ଯେ କୌଣସି ବସ୍ତୁ ବା ବ୍ୟକ୍ତି ପାଇଁ ଅଧୀର ହୋଇ ଅପେକ୍ଷା କରିଥାଏ—2. One who waits impatiently for a thing or person (M. W.)

**କୃତଘନ**—ଗ୍ରା. (ପଦ୍ୟ) ବିଣ. (ସଂ. କୃତଘ୍ନ)— କୃତଘ୍ନ (ଦେଖ)
Krutaghana Krutaghna (See)

ଶ୍ରୀହରିଙ୍କ ଭଜନ୍ତୁ ଅଳସ ଛୋଡ଼ି,
କୃତ୍ତିକ ଦେଲେ ହରିବ ସ୍ୱଭାବ କୃତଘନ । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**କୃତଘ୍ନ**—ସଂ. ବିଣ. ପୁଂ. ( କୃତ=ଉପକାର+ହନ୍ ଧାତୁ=ବିନାଶ କରିବା+ଅ)—୧ । ଯେ ଅନ୍ୟକୃତ ଉପକାରକୁ ସ୍ୱୀକାର କରେ ନାହିଁ; ନିମକହାରାମ—
Krutaghna
(କୃତଘ୍ନୀ—ସ୍ତ୍ରୀ)
(କୃତଜ୍ଞ—ବିପରୀତ) 1. Ungrateful; thankless; ignoring the benifits rendered.
(କୃତଘ୍ନତା—ବି)
୨ । ଘାତକ—2. Murderer; assasin.
୩ । ପୂର୍ବକୃତ ସମସ୍ତ କାର୍ଯ୍ୟକୁ ଯେ ବିଫଳକରେ ବା ବିଗାଡ଼େ—3. Defeating or rendering vain all previous measures.

**କୃତଚିହ୍ନ**—ସଂ. ବି. ( ବହୁବ୍ରୀହି; କୃତ+ଚିହ୍ନ )—ଚିହ୍ନିତ; ମାର୍କା ମରାଯାଇଥିବା—Marked.
Krutachinha

**କୃତଚୂଡ଼**—ସଂ. ବିଣ. ପୁଂ.—(ବହୁବ୍ରୀହି)—ଯେଉଁ ବାଳକର ଚୂଡ଼ାକର୍ମ ସମ୍ପନ୍ନ ହୋଇଅଛି—( a boy ) On whom the ceremony of tonsure has been performed.
Krutachūrda

**କୃତଜ୍ଞ**—ସଂ. ବିଣ. ପୁଂ. (କୃତ+ଜ୍ଞା ଧାତୁ=ଜାଣିବା+ଅ)—
Krutajña ୧ । ଯେ ଅନ୍ୟ କୃତ ଉପକାରକୁ ମନେ ରଖେ—
(କୃତଜ୍ଞା—ସ୍ତ୍ରୀ) 1. Grateful; thankful.
(କୃତଘ୍ନ—ବିପରୀତ) ୨ । ଯେ ଉପକାରୀର ପ୍ରତ୍ୟୁପକାର କରିବାକୁ
(କୃତଜ୍ଞତା—ବି) ଚେଷ୍ଟା କରେ—2. Obliged.
୩ । କର୍ତ୍ତବ୍ୟରେ ମନଯୋଗୀ—3. Attentive to ones duties
ସଂ. ବି.—୧ । ମହାଦେବ; ଶିବ—1. God Siba.
୨ । କୁକୁର—2. A dog (always grateful to the hand that feeds it.)

**କୃତତୀର୍ଥ**—ସଂ. ବିଣ. ପୁଂ. ( ବହୁବ୍ରୀହି )—୧ । ଯେଉଁ ବ୍ୟକ୍ତି ତୀର୍ଥ ପର୍ଯ୍ୟଟନ କରିଅଛି—1. Having visited holy places.
Krutatirtha
୨ । ବ୍ୟବସାୟୀ ଗୁରୁଙ୍କ ନିକଟରେ ଶିକ୍ଷାପ୍ରାପ୍ତ (ଶିଷ୍ୟ)—2. ( a student ) Studying with a professional teacher.
ସଂ. ବି.—୧ । ପଥପ୍ରଦର୍ଶକ—1. A guide.
୨ । ଉପଦେଶକ—An adviser (M. W.)

**କୃତଦାର**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ଦାର+ଅ)—ବିବାହିତ—Married.
Krutadāra

**କୃତଦାସ**—ସଂ ବି. ପୁଂ. (କର୍ମଧା; କୃତ+ଦାସ)—ମୂଲିଆ; ଠିକାଶ୍ରମକର—A hired servant; a temporary hand.
Krutadāsa

**କୃତଧୀ**—ସଂ. ବିଣ. (ବହୁବ୍ରୀହି)—୧ । ସୁବିବେଚକ—
Krutadhi 1. Considerate; prudent.
୨ । ବିଦ୍ୱାନ୍—2. Learned.
୩ । ଦକ୍ଷ—3. Wise.
୪ । ଶିକ୍ଷିତ—4. Educated.

**କୃତନ**—ସଂ. ବି. (କୃତ ଧାତୁ+ଭାବ. ଅନ)—କର୍ତ୍ତନ; କାଟିବା—Cutting.
Krutana

**କୃତନିଶ୍ଚୟ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ନିଶ୍ଚୟ)—୧ । କୌଣସି କାର୍ଯ୍ୟ କରିବାକୁ ଦୃଢ଼ସଂକଳ୍ପ କରିଥିବା (ବ୍ୟକ୍ତି) ଦୃଢ଼ପ୍ରତିଜ୍ଞ—1. Determined; whose resolution has been taken or mind made up resolved.
Krutanischaya
(କୃତନିଶ୍ଚୟା—ସ୍ତ୍ରୀ)
୨ । ନିଶ୍ଚିତ—2 Sure; certain (M W.)

**କୃତନିଷ୍ଠ**—ସଂ. ବିଣ. ପୁଂ. (କୃତ+ନିଷ୍ଠା+ଅ)—ଅଧ୍ୟବସାୟୀ—Persevering; devoted to a mission.
Krutanishtha
(କୃତନିଷ୍ଠା—ସ୍ତ୍ରୀ)

**କୃତନ୍ତ୍ର**—ସଂ. ବି. (କୃତ ଧାତୁ)—୧ । (+କର୍ମ ଅର୍ଥ) ଛୁଲିକା; ଟୁକୁରା—1, Section,
Krutantra
୨ । (+କରଣ. ଅର୍ଥ) ଲଙ୍ଗଳ—2 Plough.

**କୃତପୁଣ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ପୁଣ୍ୟ)—ପୁଣ୍ୟବାନ—One who has accomplished and performed virtuous or meritorious acts.
Krutapunya
(କୃତପୁଣ୍ୟା—ସ୍ତ୍ରୀ)

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ତ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ୍ଜ | ନ୍ତ |

**କୃତପ୍ରତିଜ୍ଞ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ପ୍ରତିଜ୍ଞା)—
Kṛutapratijña ୧ । କୃତନିଶ୍ଚଯ଼—
(କୃତପ୍ରତିଜ୍ଞା—ସ୍ତ୍ରୀ) 1. Determined.
୨ । ଯେ ଆପଣାର ପ୍ରତିଜ୍ଞା ପାଳନ କରିଅଛି—
2. One who has carried out his promise or resolve.

**କୃତବ**— ପ୍ରାଦେ (ସମ୍ବଲପୁର) ବି.— କୌଶଳ; ଛଳ —
Trick.

**କୃତବର୍ମା**—ସଂ. ବି. (ନାମ) (କୃତ+ବର୍ମନ୍. ୧ମା. ୧ବ.)—କୌରବ-
Kṛutabarmā ପକ୍ଷୀଯ଼ ବୀର—One of the three surviving warriors in the Kurukshetra war.
[ ଦ୍ର— ମହାଭାରତ ଯୁଦ୍ଧରେ କୃତବର୍ମା, କୃପ ଓ ଅଶ୍ୱତ୍ଥାମା ଏହି ତିନି ଜଣ ହତ ହୋଇ ନ ଥିଲେ । ପରେ ଯାଦବମାନେ ଏହାଙ୍କୁ ହତ୍ୟା କରିଥିଲେ ।]

**କୃତବାପ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ବାପ=ମସ୍ତକମୁଣ୍ଡନ )
Kṛutabāpa ଯେଉଁ ବ୍ୟକ୍ତି ମସ୍ତକ ଓ ଶ୍ମଶ୍ରୁ ମୁଣ୍ଡନପୂର୍ବକ ପ୍ରାଯ଼ଶ୍ଚିତ୍ତ
(କୃତବାପା—ସ୍ତ୍ରୀ) କରିଅଛି—A penitent who has shaved his head and chin during penance.

**କୃତବିଦ୍ୟ**—. ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ବିଦ୍ୟା)—
Kṛutabidya ୧ । ବିଦ୍ୱାନ୍—1. Learned, educated;
(କୃତବିଦ୍ୟା—ସ୍ତ୍ରୀ) accomplished.
୨ । ଯେ ଶିକ୍ଷା ସମାପ୍ତ କରିଅଛି—2. One who has accomplished his studentship or completed his course of study.

**କୃତବୀର୍ଯ୍ୟ**—ସଂ. ବିଣ. ପୁଂ (ବହୁବ୍ରୀହି; କୃତ+ବୀର୍ଯ୍ୟ)— ବଳୁଆ—
Kṛutabirjya Strong.
ସଂ. ବି. (ନାମ) ପୁଂ—ସହସ୍ରାର୍ଜ୍ଜୁନ ବା କାର୍ତ୍ତବୀର୍ଯ୍ୟାର୍ଜ୍ଜୁନଙ୍କ ପିତା—
Father of Sahasrārjuna.

**କୃତବୁଦ୍ଧି**—ସଂ. ବିଣ. (ବହୁବ୍ରୀହି; କୃତ+ବୁଦ୍ଧି)—୧ । କର୍ତ୍ତବ୍ୟ କରିବା
Kṛutabuddhi ନିମନ୍ତେ ସ୍ଥିରପ୍ରତିଜ୍ଞ—1. Persevering in the discharge of his duties; one who is possessed of decision; unwavering.
୨ । ବିଦ୍ୱାନ୍; ଶିକ୍ଷିତ—2. Learned; educated.
୩ । ବିଜ୍ଞ—3. Wise.

**କୃତବେତନ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ବେତନ )—ଯେଉଁ
Kṛutabetana ଭୃତ୍ୟକୁ ଦରମା ବା ମୂଲରେ ରଖା ଯାଇଅଛି;
(କୃତବେତନା—ସ୍ତ୍ରୀ) ଦରମାଖିଆ ( ଚାକର )—Hired or paid (servant.)

**କୃତବେଦୀ**—ସଂ. ବିଣ. ପୁଂ. (କୃତ+ବିଦ୍ ଧାତୁ+ଇନ୍. ୧ମା. ୧ବ)—
Kṛutabedī କୃତଜ୍ଞ (ଦେଖ)
(କୃତବେଦିନୀ—ସ୍ତ୍ରୀ) Kṛutajña (See)

**କୃତବେଶ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ବେଶ )—ଯେ ବେଶ
Kṛutabeśa ହୋଇ ସାରିଅଛି—One who has finished
(କୃତବେଶା—ସ୍ତ୍ରୀ) dress or toilet.

**କୃତମତି**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ମତି )—ଦୃଢ଼ପ୍ରତିଜ୍ଞ;
Kṛutamati ସ୍ଥିରପ୍ରତିଜ୍ଞ—Firm; resolute.

**କୃତମାଳ**—ଦେ. ବି.—୧ । ସୁନାରି (ଗଛ) (ଦେଖ)
Kṛutamāḷa 1. Sunāri (tree) (See)
ବୃଷ୍ଟିଭୂତ କୁସୁମିତ କୃତମାଳେ କପୋତକୂଜିତରୁ କରି ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଚିତ୍ରମୃଗ—2. The spotted antelope (M.W.)

**କୃତଯତ୍ନ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ଯତ୍ନ )— କୌଣସି କାର୍ଯ୍ୟ
Kṛutajatna କରିବାକୁ ଯେ ଚେଷ୍ଟା କରିଥାଏ—One who has put forth efforts to do a work.

**କୃତଯୁଗ**—ସଂ. ବି. (କୃତ+ଯୁଗ)—ସତ୍ୟଯୁଗ—The first of the
Kṛutajuga four ages of the creation according to the Hindu mythology; the age of truth and righteousness.

**କୃତଲକ୍ଷଣ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ଲକ୍ଷଣ )—୧ । ନିଜକୃତ
Kṛutalakshaṇa କାର୍ଯ୍ୟଦ୍ୱାରା ବିଖ୍ୟାତ—1. Known or
(କୃତଲକ୍ଷଣା—ସ୍ତ୍ରୀ) celebrated for one's good qualities or achievements.
୨ । ଚିହ୍ନ ବା ଦାଗ ଦିଆ ଯାଇଥିବା—
2. Marked; branded.
୩ । ଉତ୍କୃଷ୍ଟ—3. Excellent.

**କୃତଶିର**—ଦେ. ବି. (ସଂ. କୃତ୍ତ+ଶିରସ୍ )—କବନ୍ଧ ( ଦେଖ )
Kṛutaśira Kabandha (See)
ବଳାସ କୁମ୍ଭକର୍ଣ୍ଣ ସଦୃଶ ବହୁ ଉଷ୍ୟ କୃତଶିର ଏମନ୍ତେ ଯେ ।
ଭଞ୍ଜ. ବୈଦେହୀଶବିଳାସ ।

**କୃତଶିଳ୍ପ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ଶିଳ୍ପ )—ଶିଳ୍ପକାର୍ଯ୍ୟରେ
Kṛutaśiḷpa ସିଦ୍ଧହସ୍ତ—Skilled in art.

**କୃତଶୋଭ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ଶୋଭା)—୧ । ଅତ୍ୟନ୍ତ
Kṛutaśobha ଶୋଭାମଯ଼—1. Splendid; beautiful.
୨ । ଉଜ୍ଜ୍ୱଳ—2. Brilliant.

**କୃତଶୌଚ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ଶୌଚ)—ଯେ ଶୌଚ-
Kṛutaśaucha କର୍ମ କରି ଶୁଦ୍ଧ ହୋଇଅଛି—Purified; free from bodily impurities; one who has washed himself of impurities.

**କୃତଶ୍ରମ**— ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ଶ୍ରମ )—
Kṛutaśrama ୧ । ଯେ କୌଣସି କାର୍ଯ୍ୟରେ ବିଶେଷ ପରିଶ୍ରମ
(କୃତଶ୍ରମା—ସ୍ତ୍ରୀ) କରିଅଛି—1. One who has devoted his energies and labours to the accomplishment of a work.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଣ୍ଟା' ନ ପାଇଲେ 'ଅଣ୍ଠା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ପରିଶ୍ରମୀ—2. Laborious; pains-taking.

**କୃତସଂକଳ୍ପ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ସଂକଳ୍ପ )—
Kṛutasamkalpa ଯେ କୌଣସି କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ କରିଅଛି—Resolved; determined.
(କୃତସଂକଳ୍ପା—ସ୍ତ୍ରୀ)

**କୃତସଂକେତ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ସଂକେତ )—ଯେ
Kṛutasamketa ପୂର୍ବରୁ ସଂକେତ ସ୍ଥିର କରିଅଛି—One who has made an appointment.
(କୃତସଂକେତା—ସ୍ତ୍ରୀ)

**କୃତସଂଜ୍ଞ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ସଂଜ୍ଞା )—୧ । ସଂଜ୍ଞା
Kṛutasamjña ବା ଚେତନାପ୍ରାପ୍ତ—1. Restored to senses or consciousness.
(କୃତସଂଜ୍ଞା—ସ୍ତ୍ରୀ)
୨ । ପ୍ରତ୍ୟୁତ୍ପନ୍ନମତି—
2. Having presence of mind.
୩ । ନିଦରୁ ଉଠିଥିବା—3. Aroused; awakend.
୪ । ଯାହାକୁ କୌଣସି ସଂକେତ ବା ଚିହ୍ନ ଦିଆଯାଇ ଅଛି—
4. One to whom a sign has been given. ( M. W. )

**କୃତସପତ୍ନିକା**—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; କୃତ+ସପତ୍ନୀ+କ+ଆ)—
Kṛutasapatnikā ଯେଉଁ ସ୍ତ୍ରୀର ସ୍ୱାମୀ ଅନ୍ୟ ସ୍ତ୍ରୀ ବିବାହ କରିଅଛି—(a woman) Whose husband has taken another wife; superseded (wife.)

**କୃତସାପତ୍ନିକା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି )—
Kṛutasāpatnikā କୃତସପତ୍ନିକା ( ଦେଖ )
Kṛutasapatnikā ( See )

**କୃତସାପତ୍ନୀ**—ସଂ. ବିଣ. ସ୍ତ୍ରୀ ( ବହୁବ୍ରୀହି )—
Kṛutasāpatnī କୃତସପତ୍ନିକା ( ଦେଖ )
Kṛutasapatnikā ( See )

**କୃତହସ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ହସ୍ତ )—
Kṛutahasta ୧ । ଶରକ୍ଷେପଣରେ ସିଦ୍ଧହସ୍ତ—
(କୃତହସ୍ତା—ସ୍ତ୍ରୀ) 1. Dexterous or adept in archery.
(କୃତହସ୍ତତା—ବି) ୨ । ନିପୁଣ; କ୍ଷିପ୍ରହସ୍ତ—
2. Expert; skilful.
୩ । ଚତୁର—3. Clever.
୪ । କାର୍ଯ୍ୟଦକ୍ଷ; ପାରଙ୍ଗମ—4. Competent.
୫ । ଧନୁର୍ବିଦ୍ୟାରେ ପାରଙ୍ଗମ—5. Versed in archery.

**କୃତହସ୍ତକ**—ସଂ. ବିଣ. ପୁଂ. ( କୃତହସ୍ତ+ସ୍ୱାର୍ଥେ. କ )—
Kṛutahastaka କୃତହସ୍ତ ( ଦେଖ )
Kṛutahasta ( See )

**କୃତହା**—ସଂ. ବିଣ. ( କୃତ+ହନ ଧାତୁ+କ୍ୱିପ୍ )—କୃତଘ୍ନ—
Kṛutahā Ungrateful.

କର୍ମବ୍ୟଙ୍କ କୃତହା ପୁରୁଷ ପରସ୍ୱେ
ସେ ଅଙ୍କେ ହେସ ହେ ଜାଣ ନରକସ୍ୱେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**କୃତାକୃତ**—ସଂ. ବି. ( ଦ୍ୱନ୍ଦ୍ୱ. କୃତ+ଅକୃତ )—
Kṛutākṛuta ୧ । କାର୍ଯ୍ୟାକାର୍ଯ୍ୟ; ଭଲ ଓ ମନ୍ଦ କର୍ମମାନ—
1. Actions good and bad.
୨ । ସମ୍ପନ୍ନ ଓ ଅସମ୍ପନ୍ନ କାର୍ଯ୍ୟମାନ—
2. Actions done and those not done.
ସଂ. ବିଣ—୧ । କରାଯାଇ ଥିବା ଓ କରାଯାଇ ନ ଥିବା—
1. Done and not done.
୨ । ସମ୍ପନ୍ନ ଓ ଅସମ୍ପନ୍ନ—
2. Completed and not completed.
୩ । ଅଂଶତଃ କୃତ କିନ୍ତୁ ଅସମାପ୍ତ—
3. Done in part but not completed. (M.W.)

**କୃତାକୃତବିଚାର**—ସଂ. ବି. (ମ. ପ. ଲୋ; କୃତାକୃତ+ବିଚାର)—ଭଲମନ୍ଦ
Kṛutākṛutabichāra ସମ୍ବନ୍ଧୀୟ ବିଚାର—Discrimination between good and evil actions ( i. e. as to what is to be done and what to be avoided ).

**କୃତାଗମ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ+ଆଗମ )—
Kṛutāgama ବେଦାଦି ଆଗମଶାସ୍ତ୍ରରେ କୃତବିଦ୍ୟ—
Accomplished in the Vedic ore.

**କୃତାଞ୍ଜଳି**—ସଂ. ବିଣ. ( ବହୁବ୍ରୀହି; କୃତ+ଅଞ୍ଜଳି )—
Kṛutāñjali ୧ । ପ୍ରାର୍ଥନା କରିବା ନିମନ୍ତେ ଦୁଇ ହାତର ଅଞ୍ଜଳିକୁ ଯୋଡ଼ିଥିବା; ହାତ ଯୋଡ଼ିଥିବା; ଯୋଡ଼ହାତ—
1. With the hollowed palms joined together in an attitude of supplication, entreaty or begging; folding the palms in supplication.
୨ । ସସମ୍ଭ୍ରମ ହାତ ଯୋଡ଼ି ଠିଆ ହୋଇଥିବା—
2 Standing in a reverent or respectful posture ( M. W. )

**କୃତାଞ୍ଜଳିପୁଟ**—ସଂ. ବିଣ. ( ବହୁବ୍ରୀହି, କୃତ+ଅଞ୍ଜଳିପୁଟ )—
Kṛutāñjaliputa କୃତାଞ୍ଜଳି ( ଦେଖ )
Kṛutāñjali ( See )

**କୃତାଞ୍ଜଳିପୁଟରେ**—ଦେ. କ୍ରି. ବିଣ—ହାତଯୋଡ଼ି—
Kṛutāñjaliputare With folded hands; beseechingly; in an imploring posture.
କୃତାଞ୍ଜଳି ପୁଟେ

**କୃତାଞ୍ଜଳିପୁଟେ**—ଦେ. କ୍ରି. ବିଣ—କୃତାଞ୍ଜଳିପୁଟରେ ( ଦେଖ )
Kṛutāñjalipute Kṛutāñjaliputare ( See )

**କୃତାତିଥ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃତ+ଆତିଥ୍ୟ )—
Kṛutātithya ୧ । ଯେ ଅତିଥିସତ୍କାର କରିଅଛି—
(କୃତାତିଥ୍ୟା—ସ୍ତ୍ରୀ) 1. One who has practised hospitality.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଲ୍ୟ | ଡ଼ଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଲଅ | ଡ଼ | ନ୍ଦ |

୨ । ଯେ ଅନ୍ୟଠାରୁ ଅତିଥିସତ୍କାର ପାଇଅଛି—
2. One who has received hospitality; regaled.

**କୃତାନୁକର**—ସଂ. ବଣ. ପୁଂ. ( ବହୁବ୍ରୀହି; କୃତ+ଅନୁକର)—
Krutānukara ୧ । ଅନ୍ୟର ଅନୁକରଣକାରୀ—
1. Imitating another.
୨ । ବଶ; ବଶମ୍ବଦ —2. Subservient.

**କୃତାନ୍ତ**—ସଂ. ବ. ( ବହୁବ୍ରୀହି; କୃତ+ଅନ୍ତ=ଶେଷ; ନାଶ )—
Krutānta ୧ । ଅନ୍ତକ; ଯମ—1. Jama, the Hindu God or regent of death.
୨ । (ନ୍ୟାୟ) ପ୍ରମାଣିତ ପ୍ରତିଜ୍ଞା—
2 (logic) A proved dogma or doctrine.
୩ । ଦୈବ; ଭାଗ୍ୟ—
3. Fate; luck; fortune; destiny.
୪ । ଶନିଗ୍ରହ—4. Planet Saturn
୫ । ଶନିବାର—5. Saturday.
୬ । ମନ୍ଦ ବା ପାପଯୁକ୍ତ କାର୍ଯ୍ୟ—
6. Sinful action.
୭ । ସିଦ୍ଧାନ୍ତ—7. Resolution; decision.
୮ । ଦ୍ୱିତୀୟ ନକ୍ଷତ୍ର; ଦ୍ୱିଜା—
8. The second lunar mansion.
ସଂ. ବଣ—ସମାପ୍ତ କରିଥିବା—
Terminating; bringing to an end.

**କୃତାନ୍ତକୃତ୍**—ସଂ. ବ. ପୁଂ. (କୃତାନ୍ତ+କୃ ଧାତୁ+କ୍ୱିପ୍; ଯମର ଅର୍ଥାତ୍
Krutāntakrut ମୃତ୍ୟୁର ସୃଷ୍ଟିକର୍ତ୍ତା )—ଭଗବାନ୍; ବିଷ୍ଣୁ—
God; Bishnu

**କୃତାନ୍ନ**—ସଂ. ତ. ( କର୍ମଧା; କୃତ+ଅନ୍ନ )—
Krutānna ୧ । ପକ୍ୱାନ୍ନ; ରନ୍ଧାଭାତ—
1. Cooked food; boiled rice.
୨ । ଜୀର୍ଣ୍ଣ ଖାଦ୍ୟ—2. Digested food.
୩ । ବିଷ୍ଠା—3. Excrement.

**କୃତାପକାର**—ସଂ. ବଣ. ପୁଂ. ( ବହୁବ୍ରୀହି; କୃତ+ଅପକାର )—
Krutāpakāra ୧ । ଯେ ଅନ୍ୟର ଅପକାର କରିଅଛି—
(କୃତାପକାରୀ—ସ୍ତ୍ରୀ) 1. One who has injured another.
୨ । ଯାହାର ଅପକାର ଅନ୍ୟ ବ୍ୟକ୍ତି କରିଅଛି—
2. Injured by another.

**କୃତାପରାଧ**—ସଂ. ବଣ. ପୁଂ. ( ବହୁବ୍ରୀହି; କୃତ+ଅପରାଧ )—
Krutāparādha ଅପରାଧୀ; ଦୋଷୀ—Guilty; offending.
(କୃତାପରାଧା—ସ୍ତ୍ରୀ)

**କୃତାବଧାନ**—ସଂ. ବଣ. ( ବହୁବ୍ରୀହି; କୃତ+ଅବଧାନ)—
Krutābadhāna ୧ । ଯେ ମନୋଯୋଗ ଦେଇଅଛି; ମନୋଯୋଗୀ—1. Attentive.
୨ । ସଯତ୍ନ; ଯତ୍ନବାନ୍—2. Careful.

**କୃତାବଧି**—ସଂ. ବଣ. (ବହୁବ୍ରୀହି; କୃତ+ଅବଧି)—ପୂର୍ବରୁ ସ୍ଥିରୀକୃତ—
Krutābadhi ୧ । ନିର୍ଦ୍ଧାରିତ—
1. Fixed; appointed.
୨ । ସସୀମ; ସୀମାବିଶିଷ୍ଟ—
2. Bounded; limited.

**କୃତାଭିଷେକ**—ସଂ. ବଣ. ପୁଂ. ( ବହୁବ୍ରୀହି; କୃତ+ଅଭିଷେକ)—
Krutābhisheka ଯେଉଁ ରାଜାଙ୍କର ଅଭିଷେକ ସମ୍ପନ୍ନ ହୋଇଅଛି—
Crowned; inaugurated; installed.

**କୃତାର୍ଥ**—ସଂ. ବଣ. ପୁଂ. (ବହୁବ୍ରୀହି; କୃତ+ଅର୍ଥ=ପ୍ରୟୋଜନ )—
Krutārtha ୧ । ଚତୁର—1. Clever.
(କୃତାର୍ଥା—ସ୍ତ୍ରୀ) ୨ । କୃତକାର୍ଯ୍ୟ; ଚରିତାର୍ଥ—
2. Having gained one's object; successful.
୩ । କାର୍ଯ୍ୟସିଦ୍ଧିଯୋଗୁଁ ସନ୍ତୁଷ୍ଟ—3. Satisfied; gratified at success; contented.

**କୃତାର୍ଥଂମନ୍ୟ**—ସଂ. ବଣ. ପୁଂ. (କୃତାର୍ଥଂ+ମନ୍ ଧାତୁ+କର୍ତ୍ତୃ ଯ )—
Krutārthammanya ଆପଣା କାର୍ଯ୍ୟ ସିଦ୍ଧ ହୋଇଅଛି ବୋଲି
(କୃତାର୍ଥଂମନ୍ୟା—ସ୍ତ୍ରୀ) ଯେ ଆନନ୍ଦିତ ହୁଏ—
Feeling one's self gratified at one's success,

**କୃତାର୍ଥମ୍ମନ୍ୟ**—ସଂ. ବଣ. ପୁଂ—କୃତାର୍ଥଂମନ୍ୟ ( ଦେଖ )
Krutārthammanya Krutārthammanya (See)
(କୃତାର୍ଥମ୍ମନ୍ୟା—ସ୍ତ୍ରୀ )

**କୃତାଶ**—ସଂ. ବଣ. ପୁଂ. ( ବହୁବ୍ରୀହି; କୃତ+ଆଶା )—
Krutāsa ଯେ କୌଣସି ବିଷୟରେ ଆଶା ବାନ୍ଧିଛି—
(କୃତାଶା—ସ୍ତ୍ରୀ) One who has formed hopes, hopeful.

**କୃତାହ୍ନିକ**—ସଂ. ବଣ. ପୁଂ. ( ବହୁବ୍ରୀହି; କୃତ+ଆହ୍ନିକ )—
Krutāhnika ଦୈନିକ ସନ୍ଧ୍ୟାବନ୍ଦନାଦି ସମାପନ କରିଥିବା(ବ୍ୟକ୍ତି)—
( a person ) Who has already performed his daily religious rites.

**କୃତି**—ସଂ. ବ. ସ୍ତ୍ରୀ. ( କୃ ଧାତୁ+ଭାବ. ତି )—
Kruti ୧ । କରଣ; କରିବା—
1. Doing; achievement.
ଗଢଲେ ସାଗର ସେତୁ କୃତି । ଭକ୍ତ. ବୈଦେହୀଶବିଳାସ ।
୨ । ରଚନ—
2. Performance; composition; construction.
୩ । କାର୍ଯ୍ୟ—3. Act; work.
୪ । ଯତ୍ନ—4. Effort; endeavour.
୫ । ଚେଷ୍ଟା—5. Care.

ସାଧାରଣ ଭେବେ ଅତର ସୃଷ୍ଟାରେ ସୂଚତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କୃତିଅ**—ଦେ. ବି. ( ସଂ., କୃତ୍ୟା )—
Krutiā   ଦାନବମାନଙ୍କ ହୋମରୁ ବାହାରିଥିବା ପୁରୁଷ—
A person said to have come out of the sacrificial fire of the demons.

ଯେ କର୍ମ ସିଦ୍ଧି ଅନ୍ତେ ବାହାର କୃତିଅ
ଦେଖାଇଲା ବସ୍ତାର କରଣ ତା କାୟା । କୃଷ୍ଣସିଂହ. ମହାଭାରତ. ବନ ।

**କୃତିତା**—ସଂ. ବି. ( କୃତିନ୍ + ଭାବ. ତା )—
Krutitā   ୧ । କାର୍ଯ୍ୟସିଦ୍ଧି—
1. Accomplishment of a work.
୨ । ଚତୁରତା; କୌଶଳ—2. Cleverness.
୩ । ସମ୍ୟକ୍ ଜ୍ଞାନ—3. Expert wisdom.
୪ । ସିଦ୍ଧହସ୍ତତା—
4. Dexterity; ingenuity; skill

**କୃତିତ୍ୱ**—ସଂ. ବି. ( କୃତିନ୍ + ଭାବ. ତ୍ୱ )—କୃତିତା ( ଦେଖ )
Krutitwa   Krutitā ( See )

**କୃତିସାଧ୍ୟ**—ସଂ. ବିଣ. ( ୭ମୀ ତତ୍; କୃତି + ସାଧ୍ୟ )—ଚେଷ୍ଟାଦ୍ୱାରା
Krutisādhya   ସାଧିତ ହେବାର ଯୋଗ୍ୟ—Capable of being achieved with one's efforts; lying within one's power.

**କୃତୀ**—ସଂ. ବିଣ. ପୁଂ. ( କୃ ଧାତୁ + ତିନ୍ ବା କୃତ ଧାତୁ + ଇନ୍; ୧ମା. ୧ବ. )—୧ । ପଣ୍ଡିତ—
Kruti
( କୃତିନୀ—ସ୍ତ୍ରୀ )   1. Learned; accomplished.
୨ । ସମର୍ଥ—2. Competent.
୩ । ଧାର୍ମିକ; ପୁଣ୍ୟଶୀଳ—
3. Pious; virtuous.
୪ । ନ୍ୟାୟପର—4. Upright; righteous
୫ । ଚତୁର—5. Clever.
୬ । କୁଶଳ—
6. Dexterous; meritorious; skilful.
୭ । କୃତକାର୍ଯ୍ୟ; କୃତାର୍ଥ—
7. Suceessful; gratified at success.
୮ । କର୍ମକ୍ଷମ—8. Capable of action.
୯ । ଭାଗ୍ୟବାନ୍—9. Fortunate; lucky.

**କୃତେ**—ସଂ. ଅ - ନିମନ୍ତେ—
Krute   For; on account of.
ଦେ. ବି—ଦ୍ୱାରା; କର୍ତ୍ତୃକ—By; with.

ବଳସ ଖାଉଥିଲେ କାଶରେ କୃତେ—ଉତ୍କ. ବୈଦେହୀଶବିଳାସ ।

**କୃତୋଦକ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ + ଉଦକ )—
Krutodaka   ୧ । ଯେ ସ୍ନାନ କରିଅଛି—
(କୃତୋଦକା—ସ୍ତ୍ରୀ)   1. Having done the daily ablutions; bathed.
୨ । ଯେ ଜଳତର୍ପଣ ସାରିଅଛି—
2. Having done the offerings of water to the manes.

**କୃତୋଦ୍ୱାହ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ + ଉଦ୍ୱାହ )—
Krutodbāha   ବିବାହିତ—Married.

**କୃତୋପକାର**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ + ଉପକାର )—
Krutopakāra   ୧ । ଅନ୍ୟଦ୍ୱାରା ଉପକୃତ; ଅନୁଗୃହୀତ—
1. Benefitted; favoured.
୨ । ଅନୁକୂଳ; ଅନୁଗ୍ରହକାରୀ; ଉପକାରୀ—
2. Favouring;friendly; one who has rendered some good turn to another.

**କୃତୋପଭୋଗ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃତ + ଉପଭୋଗ )—
Krutopabhoga   ଉପଭୁକ୍ତ; ଯାହାକୁ ଉପଭୋଗ କରାଯାଇଅଛି—
Enjoyed; used.

**କୃତ୍ତ**—ସଂ. ବିଣ. ( କୃତ ଧାତୁ = କର୍ତ୍ତନ କରିବା ଇତ୍ୟାଦି + କର୍ମ. ତ )—
Krutta   ୧ । ଛିନ୍ନ; ଚିରା ଯାଇଥିବା—1. Torne.
୨ । କର୍ତ୍ତିତ; କଟା ଯାଇଥିବା—2. Cut.
୩ । ବିଭକ୍ତ—3. Divided.
୪ । ଇପ୍ସିତ; ଅଭିପ୍ରେତ—
4. Intended; desired.
୫ । ବେଷ୍ଟିତ—5. Surrounded.
୬ । ଅନ୍ୱେଷିତ—6. Sought after.

**କୃତ୍ତି**—ସଂ. ବି. ସ୍ତ୍ରୀ—( କୃତ ଧାତୁ + କର୍ମ. ତି )—
Krutti   ୧ । ମୃଗାଦିର ଚର୍ମ; ଛାଲ—1. Skin or hide of an antelope or other beast.
୨ । ଭୂର୍ଜପତ୍ର—
2. The bark of the birch tree used for paper.
୩ । କୃତ୍ତିକା ( ଦେଖ )
3. Kruttikā ( See )

**କୃତ୍ତିକା**—ସଂ. ବି. ସ୍ତ୍ରୀ—୧ । ଛଅଟି ତାରକାଯୁକ୍ତ ନକ୍ଷତ୍ର; ହିନ୍ଦୁ ଜ୍ୟୋତି-
Kruttikā   ଷୋକ୍ତ ତୃତୀୟ ନକ୍ଷତ୍ର (ନକ୍ଷତ୍ର ତଳେ ନୋଟ୍ ଦେଖ)—
1. The third of the twentyseven constellations of Hindu astronomy; the Pleiades, (See notes under Nakshatra ).
୨ । ଅପ୍ସରାବିଶେଷ—
2. The name of a heavenly nymph.
୩ । କାର୍ତ୍ତିକେୟଙ୍କୁ ସ୍ତନ୍ୟ ପିଆଇଥିବା ଛଅ ଜଣ ଋଷିପତ୍ନୀ—
3. The six women who are said to have suckled Kārttikeya.
୪ । ଶକଟ; ରଥ—
4. Vehicle; cart ( M. W. )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଐ | ଔ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ, |

**କୃତ୍ତିକାତନୟ**—ସଂ. ବିଂ. ପୁଂ. ( ୬ଷ୍ଠୀ ତତ୍, କୃତ୍ତିକା+ତନୟ )—
Kṛuttikātanaya କାର୍ତ୍ତିକେୟ—God Kārttikeya.
[ ଦ୍ର—କାର୍ତ୍ତିକେୟ ପ୍ରକୃତରେ କୃତ୍ତିକାମାନଙ୍କଠାରୁ ଜନ୍ମଗ୍ରହଣ କରି ନ ଥିଲେ । ଶିବଙ୍କ ରେତଃ ଶରବଣରେ ନିକ୍ଷିପ୍ତ ହୋଇ କୁମାର ରୂପ ଧାରଣ କରିବାରୁ କୃତ୍ତିକାମାନେ ତାଙ୍କୁ ସ୍ତନ୍ୟପାନ କରାଇ ଥିଲେ । ]

**କୃତ୍ତିକାଭବ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; କୃତ୍ତିକା+ଭୂ ଧାତୁ+କର୍ତ୍ତୃ.
Kṛuttikābhaba ଅ )—କାର୍ତ୍ତିକେୟ—God Kārttikeya.

**କୃତ୍ତିକାସୁତ**—ସଂ. ବି. ପୁଂ. (୬ଷ୍ଠୀ ତତ୍; କୃତ୍ତିକା+ସୁତ —କାର୍ତ୍ତିକେୟ
Kṛuttikāsuta God Kārttikeya.

**କୃତ୍ତିବାସ**—ସଂ. ବି. ( ବହୁବ୍ରୀହି; କୃତ୍ତି=ବ୍ୟାଘ୍ରଚର୍ମ+ବାସ=ବସ୍ତ୍ର;
Kṛuttibāsa ବ୍ୟାଘ୍ରଚର୍ମଧାରୀ)—ମହାଦେବ—
A name of Śiba.
ଦେ. ବି. (ନାମ)—୧ । ବଙ୍ଗ ଭାଷାରେ ପଦ୍ୟରାମାୟଣର ପ୍ରଣେତା—1. The author of a Bengali Rāmāyaṇa in verse.
୨ । ପୁରୁଷଙ୍କୁ ଦିଆଯିବା ନାମ—
2 A name given to males.

**କୃତ୍ନୁ**—ସଂ. ବିଣ. ( କୃ ଧାତୁ+କର୍ତ୍ତୃ. କ୍ନୁ )—
Kṛutnu ୧ । କର୍ମଠ; କୁଶଳ; କର୍ମପଟୁ—1. Skilful.
୨ । ଚତୁର,—2. Clever.
୩ । ପାରଙ୍ଗମ—3. Capable; able.
ସଂ. ବି—ଶିଳ୍ପୀ; କାରିଗର—
Machanic; artist.

**କୃତ୍ୟ**—ସଂ. ବି. ( କୃ ଧାତୁ+କର୍ମ. ଯ )—
Kṛutya ୧ । କାର୍ଯ୍ୟ—1. Act; work.
୨ । କର୍ତ୍ତବ୍ୟ କର୍ମ—2. Duty.
୩ । ପ୍ରୟୋଜନ—3. Necessity.
୪ । କରଣୀୟ କାର୍ଯ୍ୟ; ବ୍ୟବସାୟ—
4. Business; function.
୫ । ଉଦ୍ଦେଶ୍ୟ —5. Object; aim.
୬ । କାରଣ—6. Cause.
୭ । ( ବ୍ୟାକରଣ ) ଧାତୁର ଉତ୍ତର ତବ୍ୟ, ଅନୀୟ ଓ ଯ ପ୍ରତ୍ୟୟ—7. ( grammar ) The potential passive participles; the suffixes of tabya, anīya and ja in Sanskrit.
ସଂ. ବିଣ—୧ । କର୍ତ୍ତବ୍ୟ; ଯାହା କରିବା ଉଚିତ—
1. What should be done.
୨ । ଉପଯୁକ୍ତ—2. Proper; fit
୩ । କରଣୀୟ; ଯାହା କରାଯାଇ ପାରେ; ସାଧ୍ୟ—
3. Feasible; practicable.
୪ । ବିଶ୍ୱାସଘାତକ—4. Treacherous.
ଦେ. ବି—୧ । ସାମର୍ଥ୍ୟ—1. Capacity.
କୃତ୍ୟ ନ ଥିଲେ କେବେ ଜିଣଇ ଧନ । ଗୀତକୃଷ୍ଣ. ଉପେନ୍ଦ୍ରଭଞ୍ଜ ।
୨ । ଅଧିକାର; ଗୁରୁ—2 Power; authority.
ମୁଁ ତାଙ୍କୁ କି ବୋଇବ ମୋହର ନାହିଁ ଯେ କୃତ୍ୟ ଯେଣୁ
ଗୀତକୃଷ୍ଣ. ଉପେନ୍ଦ୍ରଭଞ୍ଜ ।
୩ । କାଣ୍ଡ; ଛଳ; ଚତୁରୀ—3. Trick; tactics.
୪ । ଗୋଳମାଳ—4. Ado.
୫ । ଜୀବନଧାରଣୋପାୟ—
5. Livelihood; living.
୬ । ସାଂସାରିକ କର୍ମମାନ—
6. Worldly affairs.

**କୃତ୍ୟକା**—ସଂ. ବି. ସ୍ତ୍ରୀ. ( କୃତ୍ୟ+କ+ଆ )—
Kṛutyakā ୧ । ଡାହାଣୀ—1. A witch.
୨ । କୁହୁକ ଜାଣିଥିବା ସ୍ତ୍ରୀ—
2. Enchantress.

**କୃତ୍ୟ ଚଳିବା**—ଦେ. ବି—ସାଂସାରିକ କାର୍ଯ୍ୟ ଚଳିବା—
Kṛutya chaḷibā The going on of worldly affairs.
( ଯଥା—ଯେନତେନ ପ୍ରକାରେ ମୋ କୃତ୍ୟ ଚଳୁଛି । )

**କୃତ୍ୟା**—ସଂ. ବି. ସ୍ତ୍ରୀ. ( କୃତ୍ୟ+ଆ )—
Kṛutyā ୧ । କ୍ରିୟା; କାର୍ଯ୍ୟ—1. Act; action
୨ । ସ୍ତମ୍ଭନ, ମାରଣ, ବଶୀକରଣ ଆଦି ଅଭିଚାରିକ ବ୍ୟାପାର; ପରର ଅନିଷ୍ଟ କରିବା ଉଦ୍ଦେଶ୍ୟରେ ତାନ୍ତ୍ରିକ ପ୍ରୟୋଗ—
2. Employment of black magical spells; charm employed for some malevolent purpose.
୩ । ଦେବତା—3. Presiding Deity; Goddess.
୪ । ଅଭିଚାରାର୍ଥେ ଯେଉଁ ଦେବତାଙ୍କୁ ବଳି ଦିଆଯାଏ—
4. A female Deity to whom sacrifices are made while employing charms.
ଏହି ରୂପେ ଯେ କୃତ୍ୟା ଧରି ମହା ରୂପ । କୃଷ୍ଣସିଂହ. ମହାଭାରତ. ବନ ।

**କୃତ୍ୟାପୁରୁଷ**—ଦେ. ବି—ଅଭିଚାରାର୍ଥେ ଯେଉଁ ଦେବଙ୍କୁ ବଳି ଆଦି
Kṛutyāpurusha ଦିଆଯାଏ—A Deity to whom sacrifices are made for employing charms.

ପୁଣି ମନ୍ତ୍ରେ ହୋମ କରି କୃତ୍ୟା ପୁରୁଷ
ମନ୍ତ୍ର ନାମେ ଜାତ କଲେ ସେ ଋଷି ବଶ । କୃଷ୍ଣସିଂହ. ମହାଭାରତ. ବନ ।

**କୃତ୍ୟାସୁର**—ଦେ. ବି. (ନାମ)—ଦୈତ୍ୟବିଶେଷ—
Kṛutyāsura A demon of that name.

ସେ କୃତ୍ୟାସୁର ପାଖ ହୁଅନ୍ତେ ବାହାର
ଲକ୍ଷ୍ମୀ ତା ଦେହରେ ସ୍ୱର୍ଗ ମର୍ତ୍ତ୍ୟ ପୁର । କୃଷ୍ଣସିଂହ. ମହାଭାରତ. ବନ ।

**କୃତ୍ରିମ**—ସଂ. ବିଣ. ( କୃ ଧାତୁ+କର୍ମ. ତ୍ରିମ )—
Krutrima ୧ । ଅପ୍ରାକୃତିକ; ମନୁଷ୍ୟଦ୍ୱାରା ରଚିତ—
1. Unnatural; artificial; man-made; manufactured.
୨ । କାଳ୍ପନିକ; କଳ୍ପିତ; ମନଗଢ଼ା—
2. Fabricated; fictitious.
୩ । ଅଯଥାର୍ଥ—3. Unreal; unsubstantial.
୪ । ପୋଷ୍ୟ (ସନ୍ତାନ); ଦତ୍ତକ ( ପୁତ୍ର )—
4. Adopted ( son ).
୫ । ଭେଲ୍; ଅବିଶୁଦ୍ଧ—5. Not genuine.
୬ । ନକଲ—6. Imitated.
୭ । ବାହ୍ୟ—7. External; affected.
୮ । ଜାଲ୍; ଫରେବ୍—
8. Forged; got up; fabricated.
ଦେ. ବି—୧ । ଅନ୍ୟର ଅନିଷ୍ଟଚିନ୍ତା; ଷଡ଼ଯନ୍ତ୍ର—
1. Plans to injure others; plot.
୨ । ଜାଲ୍—2. Forgery.
୩ । ମିଥ୍ୟା ମକଦମା—
3. Got up or fabricated case.

**କୃତ୍ରିମଧୂପ**—ସଂ. ବି. ( କର୍ମଧା; କୃତ୍ରିମ+ଧୂପ )—୧ । ଧୂପ—
Krutrimadhūpa 1. Incense.
୨ । ଗୁଗ୍ଗୁଳ—
2. Olibanum; benzoin.
୩ । ଲବଣବିଶେଷ—
3. A kind of salt; manufactured salt.

**କୃତ୍ରିମପୁତ୍ର**—ସଂ. ବି. ( କର୍ମଧା; କୃତ୍ରିମ+ପୁତ୍ର )—ପୋଷ୍ୟପୁତ୍ର—
Krutrimaputra Adopted son.
[ ଦ୍ର—ହିନ୍ଦୁଶାସ୍ତ୍ରାନୁସାରେ ବାର ପ୍ରକାର ସନ୍ତାନ ମଧ୍ୟରୁ ଏ ଏକତମ । ଯେଉଁ ବୟଃପ୍ରାପ୍ତ ପୁତ୍ରକୁ ପିତାମାତାଙ୍କର ବିନା ଅନୁମତିରେ ଅନ୍ୟ ଲୋକ ପୁଅ କରି ପାଳେ ତାହାକୁ କୃତ୍ରିମପୁତ୍ର କହନ୍ତି । ]

**କୃତ୍ରିମପୁତ୍ରକ**—ସଂ. ବି. ( କୃତ୍ରିମ+ପୁତ୍ରକ )—ପିତୁଳା; କଣ୍ଢେଇ—
Krutrimaputraka Puppet; doll.

**କୃତ୍ରିମବନ**—ସଂ. ବି. (କର୍ମଧା; କୃତ୍ରିମ+ବନ)—କ୍ରୀଡ଼ାବନ; ଉଦ୍ୟାନ—
Krutrimabana Park; pleasure-garden.

**କୃତ୍ରିମା**—ଗ୍ରା. ବିଣ—କୃତ୍ରିମୀ ( ଦେଖ )
Krutrimā Krutrimi ( See )

**କୃତ୍ରିମାଞ୍ଜନ**—ସଂ. ବି—ଆୟୁର୍ବେଦୋକ୍ତ ଚାରି ପ୍ରକାର ଅଞ୍ଜନ ମଧ୍ୟରୁ
Krutrimāñjana ଏକପ୍ରକାର ଅଞ୍ଜନ—One of the four kinds of collyrium prescribed in the Hindu medical books.

**କୃତ୍ରିମୀ**—ଦେ. ବିଣ—୧ । ପରର ଅନିଷ୍ଟ ଚିନ୍ତା କରିବା ବ୍ୟକ୍ତି—
Krutrimi 1. Habitually thinking evil of others.
୨ । ଯେ ଜାଲ୍ କରେ—2. Forgerer.
୩ । ଯେ ମିଥ୍ୟା ମକଦମା ସୃଷ୍ଟି କରେ—
3. One who fabricates false cases.

**କୃତ୍ସ**—ସଂ. ବି. ( କୃତ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ସ )—
Krutsa ୧ । ଜଳ—1. Water.
୨ । ପାପ—2. Sin.
୩ । ସମୂହ—3. Multitude.

**କୃତ୍ସ୍ନ**—ସଂ. ବିଣ. ( କୃତ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ସ୍ନ )—
Krutsna ୧ । ସମୁଦାୟ—
1. Whole; entire; complete.
୨ । ସକଳ—2. All.
ସଂ. ବି—୧ । ସମୁଦାୟ—1. The whole; all.
୨ । ପିଚ୍ଛ—2. Hip.
୩ । ଜଳ—3. Water.
୪ । କଡ଼; ପାର୍ଶ୍ୱ—4. Flank.
୫ । ପେଟ—5. The belly.

**କୃତ୍ସ୍ନବିତ୍**—ସଂ. ବିଣ. ( କୃତ୍ସ୍ନ+ବିଦ୍ ଧାତୁ+କର୍ତ୍ତୃ. କ୍ୱିପ୍ )—ସର୍ବଜ୍ଞ—
Krutsnabit Omniscient; all-knowing.

**କୃଦନ୍ତ**—ସଂ. ବିଣ. ( ବହୁବ୍ରୀହି; କୃତ୍+ଅନ୍ତ )—କୃତ୍ ପ୍ରତ୍ୟୟାନ୍ତ
Krudanta ( ଶବ୍ଦ )—( words ) Terminating in one of the suffixes tabya, aniya and ja.
ସଂ. ବି—ଧାତୁରୁ ପ୍ରତ୍ୟୟଦ୍ୱାରା ନିଷ୍ପନ୍ନ ପଦ—
A derivative form of a root.

**କୃଦନ୍ତପଦ**—ସଂ. ବି—କୃତ୍ ପ୍ରତ୍ୟୟାନ୍ତ ଶବ୍ଦ—
Krudantapada Words ending with one of the suffixes tabya, aniya and ja.

**କୃଦନ୍ତପ୍ରକରଣ**—ସଂ. ବି. ( ମ. ପ. ଲୋ; କୃଦନ୍ତ+ପ୍ରକରଣ )—କୃତ୍
Krudantaprakarana ପ୍ରତ୍ୟୟ ସମ୍ବନ୍ଧରେ ଆଲୋଚନା ହୋଇଥିବା ବ୍ୟାକରଣର ଅଂଶ—The part of the Sanskrit grammar dealing with the suffixes called Krut.

**କୃଦର**—ସଂ. ବି—୧ । ଭଣ୍ଡାରଘର—
Krudara 1. Store-room ( M. W. )
୨ । ଅମାର—2. Granary.
୩ । ଗୃହ—3. House.

**କୃନ୍ତନ**—ସଂ. ବି. ( କୃତ୍ ଧାତୁ=ଛେଦନ କରିବା+ଭାବ. ଅନ )—
Kruntana ୧ । ଛେଦନ—1. Cutting.
୨ । ( +କର୍ତ୍ତୃ. ଅନ ) ଛେଦକ—2. Cutter.

| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

୩ । ତାହାଣହାତ ଅଙ୍ଗୁଠିଦ୍ୱାରା ସିତାର ବଜାଇବା ସମୟରେ ବାମହାତ ମଝିଅଙ୍ଗୁଠିଦ୍ୱାରା ତାରକୁ ଚପି ଧରି ଫେରି ଅଙ୍ଗୁଠିକୁ ଛାଡ଼ିଦେବା କର୍ମ—
3. Repeated touching of the metal string of the guitar with the middle finger of the left hand while playng on it with the right hand.

**କୃନ୍ତନିକା**—ସଂ. ବି. ସ୍ତ୍ରୀ. ( କୃନ୍ତନ + କ + ସ୍ତ୍ରୀ. ଆ )—
Kṛuntanikā ୧ । ଛେଦନାସ୍ତ୍ର—
1. Cutting instrument..
୨ । ଛୋଟ କଟୁରୀ; କତା—
2. A bill-hook; chopper.

**କୃପ୍** ( ଧାତୁ )—ସଂ.—୧ । ଦୟା କରିବା—
Kṛup ( root ) 1. To have pity or mercy; to pity.
୨ । ଦୁର୍ବଳ ହେବା —1. To be weak.
୩ । ଦୁଃଖ କରିବା; ଶୋକ କରିବା—
3. To grieve; to lament.
୪ । ପାରଗ ହେବା—4. To be able.

**କୃପ**—ସଂ. ବି. ( ନାମ )—ମହାଭାରତୋକ୍ତ ଅଶ୍ୱତ୍ଥାମାଙ୍କର ମାମୁଁ—
Kṛupa ( Mahābhārata ) The maternal uncle of Aśwatthāmā.
[ଦ୍ର—ଏ ଶରଦ୍ୱତ ଋଷିଙ୍କ ଔରସରେ ଜାନପଦୀ ଅପ୍ସରା ଗର୍ଭରୁ ଜାତ । ଏ ଶରପ୍ରୟୋଗରେ ସିଦ୍ଧହସ୍ତ ଥିଲେ ଓ କୁରୁକ୍ଷେତ୍ର ଯୁଦ୍ଧରେ କୌରବ ପକ୍ଷରେ ଯୋଗ ଦେଇଥିଲେ । ଏ ପାଣ୍ଡବ ଓ କୌରବମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେଇଥିଲେ । ଏହାଙ୍କର ଭଉଣୀ କୃପୀ ଦ୍ରୋଣଙ୍କୁ ବିବାହ କରିଥିଲେ । ଏହାଙ୍କର ମୃତ୍ୟୁ ନାହିଁ । ଏ ଓ ଏହାଙ୍କ ଜାଆଁଳା ଭଉଣୀ କୃପୀ ଜନ୍ମିବା ବେଳେ ଶରବୁଦାରେ ପଡ଼ିଥିବାରୁ ରାଜା ଶାନ୍ତନୁ ନିରାଶ୍ରୟ ଶିଶୁଦ୍ୱୟଙ୍କୁ ଦେଖି କୃପା ବହି ନିଜ ଘରକୁ ନେଇ ଗଲେ ଓ ସେଠାରେ ଲାଳନପାଳନ କରି ବଢ଼ାଇଲେ । ଶାନ୍ତନୁଙ୍କ କୃପାଦ୍ୱାରା ବର୍ଦ୍ଧିତ ହେବାରୁ ଏହାଙ୍କ ନାମ କୃପ ଓ ଭଉଣୀଙ୍କ ନାମ କୃପୀ ହେଲା ।]

**କୃପଣ**—ସଂ. ବିଣ. ପୁଂ. (କୃପ୍ ଧାତୁ=ପାରଗ ହେବା + କର୍ତ୍ତୃ. ଅନ)—
Kṛupaṇa ୧ । କାର୍ପଣ୍ୟ; ବ୍ୟୟକାତର—
(କୃପଣା—ସ୍ତ୍ରୀ) 1. Miserly; niggardly; close-fisted, stingy.
କୃପଣତା, କାର୍ପଣ୍ୟ } ବି.
୨ । ଲୁବ୍ଧ; ଲୋଭୀ—2. Avaricious.
୩ । ନିର୍ଦ୍ଧନ—3 Penurious; poor.
୪ । ଦୀନ—4. Pitiable; miserable; wretched.
୫ । ନିଷ୍ଠୁର—5 Cruel.
୬ । କାତର—6. Grieved; distressed.
୭ । ନିଃସହାୟ—7, Helpless.
୮ । ନୀଚ—8. Base; low; mean.
୯ । କୁଣ୍ଠିତ—9. Hesitating.
ସଂ. ବି—ବ୍ୟୟକୁଣ୍ଠିତ ବ୍ୟକ୍ତି—A miser.

**କୃପଣତା**—ସଂ. ବି—ବ୍ୟୟକୁଣ୍ଠା—
Kṛupaṇatā Miserliness; niggardliness.

**କୃପଣସ୍ୱଭାବ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃପଣ + ସ୍ୱଭାବ )—
Kṛupaṇaswabhāba Parsimonious by habit.
(କୃପଣସ୍ୱଭାବା—ସ୍ତ୍ରୀ)

**କୃପା**—ସଂ. ବି. ସ୍ତ୍ରୀ. (କୃପ୍ ଧାତୁ=ଦୟା କରିବା + ଭାବ ଅ + ସ୍ତ୍ରୀ. ଆ)—
Kṛupā ୧ । ଦୟା—1. Pity; mercy; kindness.
୨ । ଅନୁଗ୍ରହ—2. Grace; clemency; favour.

**କୃପାକଟାକ୍ଷ**—ସଂ. ବି. ( ମଧ୍ୟପଦଲୋପୀ; କୃପା + କଟାକ୍ଷ )—
Kṛupākaṭāksha ୧ । ଦୟାପୂର୍ଣ୍ଣ ଈଷତ୍ ଦୃଷ୍ଟି—
1. A kind look; a glance of favour; a look with favour.
୨ । ଦୟା; ଅନୁଗ୍ରହ—2. Favour; kindness.

**କୃପାଚାର୍ଯ୍ୟ**—ସଂ. ବି. ( ନାମ )—କୃପ ( ଦେଖ )
Kṛupāchārjya Kṛupa ( See )

**କୃପାଡୋଳେ**—ଦେ. ( ପଦ୍ୟ ) ଅ—କରୁଣାପୂର୍ଣ୍ଣ ଦୃଷ୍ଟିରେ—
Kṛupāḍoḷe With a kind glance.

ଭୁବନ ରକ୍ଷଣୀୟ ଅଟେ ସବୁକାଳେ
ମୋତେ କୃପା କର ହେ ଚାହିଁ କୃପାଡୋଳେ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।

**କୃପାଣ**—ସଂ. ବି. ( କୃପ୍ ଧାତୁ=ପାରଗ ହେବା + କରଣ. ଅନ )—
Kṛupāṇa ୧ । ଖଡ୍ଗ; ଖଣ୍ଡା—1. Sword.
୨ । ଛୋରା—2. Dagger.
୩ । ଛୁରି—3. Knife.
୪ । କଇଁଚି—4. Scissors.
ଦେ. ବି—ଶିଖମାନେ ଧାରଣ କରିବା ଖଡ୍ଗ; କିର୍ପାନ୍—
The small sword or scimitar which every Sikh is enjoined to carry on his person.

**କୃପାଣଦ୍ୱିତୀୟ**—ଦେ. ବିଣ. ପୁଂ. ( ବହୁବ୍ରୀହି; କୃପାଣ ଅଟେ ଦ୍ୱିତୀୟ
Kṛupāṇadwitīya ଯାହାର)—ଅସି ଯାହାର ଏକମାତ୍ର ସଙ୍ଗୀ—
( a person ) Having the sword as his only companion; armed with a sword only.

କୃପାଣଦ୍ୱିତୀୟ ପୃଥୁ ରକ୍ଷିତଲ ଭେଦ । ରାଧାନାଥ· ମହାଯାତ୍ରା ।

**କୃପାଣପାଣି**—ସଂ. ବିଣ. ( ବହୁବ୍ରୀହି; କୃପାଣ + ପାଣି )—
Kṛupāṇapāṇi ହାତରେ ଖଣ୍ଡା ଧରିଥିବା; ଖଡ୍ଗହସ୍ତ—
With sword in hand; armed with a sword.

ସାଧାରଣ ରେଫେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ ଅଥବା ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ସ୍ଥାନରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଣିଷା' ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କୃପାଣିକା**—ସଂ.ବି. (କୃପାଣ+କ+କ୍ଷୁଦ୍ରାର୍ଥେ. ଆ)—୧ । ଛୋଟଖଣ୍ଡା—
Kṛupāṇikā 1. Small sword; scimitar.
୨ । ଛୁରି—2. A knife.
୩ । ଛେଣ୍ଟି—3. A dagger.

**କୃପାଦାନୀ**—ଦେ. ବିଣ—ଦୟାଳୁ—Kind.
Kṛupādāni
ଅରୁଣ ଓଷ୍ଠ କେନ ବେନ
ଝେଣାଇଛେ କୃପାଦାନୀ । ଜଗନ୍ନାଥ. ଭାଗବତ ।

**କୃପାଦୃଷ୍ଟି**—ସଂ. ବି. ( ମଧ୍ୟପଦଲୋପୀ; କୃପା+ଦୃଷ୍ଟି )—
Kṛupādṛushṭi ଦୟାଦୃଷ୍ଟି; ଦୟାପୂର୍ଣ୍ଣ ଦୃଷ୍ଟି—A kind look; a look of kindness or favour.

**କୃପାନିଧାନ**—ସଂ. ବି. ( ୬ଷ୍ଠୀ ତତ୍; କୃପା+ନିଧାନ )—
Kṛupānidhāna କୃପାନିଧି ( ଦେଖ )
Kṛupānidhi ( See )

**କୃପାନିଧି**—ସଂ. ବି. ( ୬ଷ୍ଠୀ ତତ୍; କୃପା+ନିଧି )—
Kṛupānidhi (ଭଗବାନଙ୍କ ନାମ) ଦୟାସାଗର—
The All-merciful God.
ବିଣ—ଯାହାଙ୍କର ଅସୀମ ଦୟା—Merciful; clement.

**କୃପାନ୍ୱିତ**—ସଂ. ବିଣ. ପୁଂ ( ୩ୟା ତତ୍; କୃପା+ଅନ୍ୱିତ )—ଦୟାଳୁ—
Kṛupānwita Merciful; kind.
(କୃପାନ୍ୱିତା—ସ୍ତ୍ରୀ)

**କୃପାପାତ୍ର**—ସଂ.ବି. (୬ଷ୍ଠୀ ତତ୍; କୃପା+ପାତ୍ର)—ଦୟାର ଯୋଗ୍ୟ ବ୍ୟକ୍ତି—
Kṛupāpātra Object of mercy or pity.
ଯେବେ କୃଷ୍ଣ ମୁଁ କୃଷ୍ଣ ଅଟେ କୃପାପାତ୍ର ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**କୃପାବାନ୍**—ସଂ. ବିଣ. ପୁଂ. ( କୃପା+ବତ୍ ୧ମା. ୧ବ )—ଦୟାଳୁ;
Kṛupāban କରୁଣାମୟ—Kind; full of mercy; merciful.
(କୃପାବତୀ—ସ୍ତ୍ରୀ)

**କୃପାଭିକାରୀ**—ଦେ. ବିଣ —(ସଂ. କୃପା+ଭିକାରୀ)—ଅନ୍ୟର ଦୟା-
Kṛupābhikāri ପ୍ରାର୍ଥନାକାରୀ—Beseeching mercy at the hands of another.

**କୃପାଭିକ୍ଷା**—ସଂ. ବି. (୬ଷ୍ଠୀ ତତ୍; କୃପା+ଭିକ୍ଷା)—ଅନୁଗ୍ରହପ୍ରାର୍ଥନା—
Kṛupābhikshā A prayer for being shown mercy; appeal for mercy.

**କୃପାମୟ**—ସଂ. ବିଣ. ପୁଂ. (କୃପା+ମୟ)—କୃପାବାନ୍ (ଦେଖ)
Kṛupāmaya Kṛupābān (See)
(କୃପାମୟୀ—ସ୍ତ୍ରୀ)

**କୃପାମୟୀ**—ସଂ. ବିଣ. ସ୍ତ୍ରୀ. (କୃପାମୟ+ସ୍ତ୍ରୀ. ଈ)—କୃପାମୟର ସ୍ତ୍ରୀଲିଙ୍ଗ—
Kṛupāmayi Feminine of Kṛupāmaya.
ବି.—ଦୁର୍ଗାଙ୍କର ନାମ—
A name of Goddess Durgā.

**କୃପାଳୁ**—ସଂ. ବିଣ (କୃପା+ଯୁକ୍ତ ଅର୍ଥରେ ଆଳୁ; ତୁଳ. ଦୟାଳୁ, ନିଦ୍ରାଳୁ,
Kṛupāḷu ଲଜ୍ଜାଳୁ)—କୃପାବାନ୍ (ଦେଖ)
(କୃପାଳୁତା—ବି) Kṛupābān (See)

**କୃପାସାଗର**—ସଂ. ବି. ଓ ବିଣ. (୬ଷ୍ଠୀ ତତ୍; କୃପା+ସାଗର )—
Kṛupāsāgara କୃପାନିଧି (ଦେଖ)—Kṛupānidhi (See)

**କୃପାସିଦ୍ଧା**—ଦେ.ବି. (ନାମ) (ସଂ. କୃପାସିଦ୍ଧ; ସରସ୍ୱତୀଙ୍କ କୃପାଦ୍ୱାରା ସିଦ୍ଧ)—
Kṛupāsidhha ସିଦ୍ଧ କବି ବଳରାମ ଦାସ ( ଓଡ଼ିଆ ରାମାୟଣ ଲେଖକ)—The famous poet Baḷarāma dāsa ( the composer of Oria Rāmāyaṇa.)
କହିଲେ କାବ୍ୟ ଯେ ବାଲ୍ମୀକୀ, ଭକ୍ତି ରଚନା ଲୋକ କରେସେ,
କୃପାସିଦ୍ଧାଏ ଗୀତ ପ୍ରକାଶେ ଛଡ଼ାଇ ଚନ୍ତା ଯେ । ଭଞ୍ଜ. ବୈଦେହୀଶବିଳାସ ।

**କୃପାସିନ୍ଧୁ ଦାସ**—ଦେ. ବି. (ନାମ)—ପ୍ରସିଦ୍ଧ ଉତ୍କଳୀୟ କବିବିଶେଷ—
Kṛupāsindhu dāsa A famous Oria poet.
[ ଦ୍ର—ଏ ଜାତିରେ କରଣ ଥିଲେ । ଉତ୍କଳର ରାଜା ବୀରକିଶୋର ଦେବଙ୍କ ସମୟରେ (୧୭୪୬-୧୭୭୬) ଏ ପୁରୀରେ ବାସ କରୁଥିଲେ । ବ୍ରଜବିହାର ଓ ବଳଭଦ୍ର ଭଜନାଆଦି ପାଞ୍ଚଖଣ୍ଡ ପୁସ୍ତକ ଏ ଲେଖିଥିଲେ ।
ଚାରଣୀଚରଣ. ଉତ୍କଳସାହିତ୍ୟର ଇତିହାସ । ]

**କୃପାସିନ୍ଧୁ ମିଶ୍ର**—ଦେ. ବି. (ନାମ)—ପୁରୀ ଜିଲ୍ଲାର ଜଣେ ସ୍ୱର୍ଗୀୟ କୃତବିଦ୍ୟ-
Kṛupāsindhu misra ବ୍ରାହ୍ମଣ ଗ୍ରାଜୁଏଟ୍ ଶିକ୍ଷକ—Name of a rising Oria author and educationist who died at a young age.
[ ଦ୍ର—ଏ ବିଶ୍ୱବିଦ୍ୟାଳୟର ଏମ୍. ଏ. ପାଶ୍ କରି ସତ୍ୟବାଦୀରେ ସ୍ୱର୍ଗୀୟ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଜାତୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କର୍ମୀରୂପେ ଆଜୀବନ କାର୍ଯ୍ୟ କରିଥିଲେ । ଏ ଉତ୍କଳର ଇତିହାସ, କୋଣାର୍କ, ବାରବାଟି ନାମକ ଐତିହାସିକ ଗବେଷଣାପୂର୍ଣ୍ଣ ଓଡ଼ିଆଗ୍ରନ୍ଥମାନ ପ୍ରଣୟନ କରି ଅମର ହୋଇଅଛନ୍ତି । ଏ ଜଣେ ତ୍ୟାଗୀ, ଦେଶପ୍ରାଣ, ଆଦର୍ଶଚରିତ୍ରର ଲୋକ ଥିଲେ । ଏହାଙ୍କର ଯୁବା-ବୟସରେ ୧୯୨୬ ସାଲରେ ମୃତ୍ୟୁ ଘଟିବାଦ୍ୱାରା ଉତ୍କଳ ଗୋଟିଏ ଉଜ୍ଜ୍ୱଳରତ୍ନ ହରାଇଅଛି । ]

**କୃପୀ**—ସଂ. ବି. ସ୍ତ୍ରୀ—( ମହାଭାରତ ) କୃପାଚାର୍ଯ୍ୟଙ୍କ ଜାଆଁଲା ଭଉଣୀ;
Kṛupi ଦ୍ରୋଣଙ୍କର ସ୍ତ୍ରୀ—(Mahābhārata) The sister of Kṛupāchārajya and wife of Droṇa.
ତହିଁରୁ ଜାତ ହେଲେ କୃପ କୃପୀ ଜାଣ । କୃଷ୍ଣସିଂହ. ମହାଭାରତ. ଆଦି ।

**କୃପୀଟ**—ସଂ. ବି. (କୃପ୍ ଧାତୁ+ସଂଜ୍ଞାର୍ଥେ. ଈଟ)—୧ । କାଠ—
Kṛupiṭa 1. Wood.
୨ । ଜାଳ—2. Fuel; firewood.
୩ । ଜଳ—3. Water.
୪ । ପେଟ; ଗର୍ଭ—4. Belly; womb.
୫ । ଜଙ୍ଗଲ—5. Forest (M.W.)

**କୃପୀଟଯୋନି**—ସଂ. ବି. (ବହୁବ୍ରୀହି; କୃପୀଟ=କାଠ+ଯୋନି=ଜନ୍ମସ୍ଥାନ)
Kṛupiṭajoni ଅଗ୍ନି; ନିଆଁ—Fire (literally wood-born).
ବାର ରେ ତ ପଡି ଉଡ଼ି ବାର ସ୍ୱେଦ ନପାର,
କୃପୀଟଯୋନି ଏ ତଟରେ ସେ । ଭଞ୍ଜ. ବୈଦେହୀଶବିଳାସ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅଳୁକାଶିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଝ | ଢ଼ | ଞ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଁ | ଈଷ | ଢ | ନ୍ତ |

**କୃବନ୍ଦ**—ଗ୍ରା. ବି. (ସଂ. କୁରୁବିନ୍ଦ)—କୁରୁବିନ୍ଦ ୧ । (ଦେଖ)
Kṛubinda — Kurubinda (See)
ପ୍ରବାଳ ଜବାବର୍ତ୍ତି କୃବନ୍ଦ ଉଭ ମୂର୍ତ୍ତି ।
ମହାଦେବ. ମାର୍କଣ୍ଡେୟପୁରାଣ ।

**କୃବେଲି**—ଗ୍ରା. ବି.—କୁରୁବେଲ୍ଲ (ଦେଖ)
Kṛubeli — Kurubeli (See)
କୃବେଲି ଗନ୍ଧର ସହସ୍ରେ ପଡ଼େ
ଚନ୍ଦ୍ରବିନ୍ଦୁ ଦାଉ ଦାଉ ଝଡ଼େ । ପ୍ରାଚୀ. ରହସ୍ୟମଞ୍ଜରୀ ।

**କୃବେଲ୍ଲୀ**—ଦେ. ବି.—କୁରୁବେଲ୍ଲ (ଦେଖ)
Kṛubelli — Kurubeli (See)
କୃବେଲ୍ଲୀ, ମଲ୍ଲୀ, ମାଧବୀ, କୁସୁଅଳୀ । ଗୋଳକୁଣ୍ଡ. ରସକଲ୍ଲୋଳ ।

**କୃମି**—ସଂ. ବି. (କ୍ରମ ଧାତୁ=ଗମନ କରିବା+କର୍ତ୍ତ୍ରି. ଇ)—୧ । ପିଲ୍ଲଙ୍କ
Kṛumi ମଳଭାଣ୍ଡରେ ହେବା କ୍ଷୁଦ୍ର କୀଟ—
1. Thread-worms in the intestines.
୨ । ଲମ୍ବା କ୍ଷୁଦ୍ର କୀଟ—2. Worm; maggot.
୩ । ପୋକ—3. Worm; insect.
୪ । ଲାକ୍ଷା—4. Lac.
୫ । ଉଇ; ପିମ୍ପୁଡ଼ି—5. Ants.
୬ । ତସର ବା ରେଶମ ପୋକ—6. Silk-worm.
୭ । ପେଟରେ କ୍ଷୁଦ୍ର କୀଟ ଜାତ ହେବା ରୋଗବିଶେଷ—
7. Worm in the intestines.
୮ । ଗଧ—8. Ass.
୯ । ବୁଢ଼ିଆଣି; ମାକଡ଼ସା—9. Spider.
୧୦ । (ନାମ) ରାବଣର ଭାଇ—
10. Name of a brother of Rābaṇa.
ସଂ. ବିଣ—କୀଟପୂର୍ଣ୍ଣ—Full of maggots or worms.

**କୃମିକ**—ସଂ. ବି. ( କୃମି+ସ୍ୱାର୍ଥେ. କ )—
Kṛumika ୧ । କ୍ଷୁଦ୍ର କୀଟ—1. A small worm.
୨ । କ୍ରମୁକ; ଗୁଆ—2. Betelnut ( M. W. )

**କୃମିକର୍ଣ୍ଣ**—ସଂ. ବି. ( ପରନିପାତ; କର୍ଣ୍ଣ+କୃମି )—
Kṛumikarṇṇa ୧ । କାନରେ ପୋକ କାଟିବା ରୋଗ—
1. A disease of the ear; worms or lice in the ear.
୨ । କାନରେ ଜନ୍ମିବା ପୋକ—2. Worms or lice generated in the external ear.

**କୃମିକୋଷ**—ସଂ. ବି. ( ୬ଷ୍ଠୀ ତତ୍; କୃମି+କୋଷ )—
Kṛumikosha ରେଶମ ପୋକଙ୍କ ଗୋଟି—
The cocoon of a silk-worm.

**କୃମିଘାତକ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; କୃମି+ଘାତକ )—
Kṛumighātaka ଯାହାଦ୍ୱାରା କୃମି ନଷ୍ଟ ହୁଅନ୍ତି (ଔଷଧ)—
Anthelmintic; vermifuge (medicine).
ସଂ. ବି—ବିଡ଼ଙ୍ଗ; ବାଇବିଡଙ୍ଗ ( ଯାହା ପେଟର କୃମି ନାଶରେ ପ୍ରଯୁଜ୍ୟ )—A shrub; Embelia Ribes.

**କୃମିଘାତୀ**—ସଂ. ବିଣ(କୃମି+ଘାତିନ୍; ୧ମା.୧ବ.)—କୃମିଘାତକ (ଦେଖ)
Kṛumighāti — Kṛumighātaka ( See )

**କୃମିଘ୍ନ**—ସଂ. ବିଣ. ( କୃମି+ହନ ଧାତୁ+କ୍ୱିପ୍ )—
Kṛumighna କୃମିଘାତକ ( ଦେଖ )
Kṛumighātaka ( See )

**କୃମିଘ୍ନୀ**—ସଂ. ବି. ସ୍ତ୍ରୀ. ( କୃମିଘ୍ନ+ଈ )—
Kṛumighni ହଳଦୀ—Turmeric.

**କୃମିଜଗ୍ଧ**—ସଂ. ବି. ( ୩ୟା ତତ୍; କୃମି+ଜଗ୍ଧ=ଭକ୍ଷିତ )—
Kṛumijagdha ଅଗୁରୁ ଚନ୍ଦନ—
Aloes wood; Agalochum.

**କୃମିଣ**—ସଂ. ବିଣ. ( କୃମି+ଣ )—
Kṛumiṇa ୧ । କୃମିପୂର୍ଣ୍ଣ—1. Maggoty.
୨ । କୃମିଯୁକ୍ତ—2. Having worms.

**କୃମିଦନ୍ତକ**—ସଂ. ବି. ( କୃମି+ଦନ୍ତ+କ )—ଦାନ୍ତ ପୋକ କାଟିବା
Kṛumidantaka ରୋଗ; ଦାନ୍ତ ବିନ୍ଧା ରୋଗ—
Tooth-ache with decay of the teeth.

**କୃମିନାଶକ**—ସଂ. ବିଣ. ( ୬ଷ୍ଠୀ ତତ୍; କୃମି+ନାଶକ )—
Kṛumināsaka କୃମିଘାତକ ( ଦେଖ )
Kṛumighātaka ( See )

**କୃମିପର୍ବତ**—ସଂ. ବି. (ମ. ପ. ଲୋ. କୃମି+ପର୍ବତ; କୃମିନିର୍ମିତ ପର୍ବତ)—
Kṛumiparbata ଉଇ ହୁଙ୍କା; ବଲ୍ମୀକ—Ant-hill.

**କୃମିଫଳ**—ସଂ. ବି—( ବହୁବ୍ରୀହି; କୃମି ରହନ୍ତି ଫଳରେ ଯାହାର )
Kṛumiphaḷa ଉଦୁମ୍ବର ଗଛ—The fig tree; Ficus Glomerata.

**କୃମିବର୍ଦ୍ଧକ**—ସଂ. ବିଣ. ( କୃମି+ବର୍ଦ୍ଧକ )—
Kṛumibarddhaka ଯେଉଁ ଖାଦ୍ୟ ଦ୍ୱାରା ପେଟରେ କୃମି ବେଶି ହୁଅନ୍ତି—( food ) Which increases worms in the belly.

**କୃମିରାଗ**—ସଂ. ବିଣ. ( କୃମି+ରାଗ )—ଲାକ୍ଷାରଞ୍ଜିତ; ନାଲି ରଙ୍ଗ କରା
Kṛumirāga ଯାଇଥିବା—Dyed red with lac (M.W.)

**କୃମିଳ**—ସଂ. ବି. ( କୃମି+ଲ )—କୃମିଣ ( ଦେଖ )
Kṛumiḷa — Kṛumiṇa ( See )

**କୃମିଳା**—ସଂ. ବି. ( ସ୍ତ୍ରୀ )—ବହୁପ୍ରସୂ ସ୍ତ୍ରୀ—
Kṛumiḷā A woman bearing many children(M.W)

**କୃମିଳକା**—ସଂ. ବି. ସ୍ତ୍ରୀ. ( କୃମିଳ+ଇକ+ଆ )—
Kṛumiḷikā ଲାକ୍ଷାରଞ୍ଜିତ ବସ୍ତ୍ର; ସାଲୁ କନା—
Linen cloth dyed crimson; carmine-coloured cloth.

ସାଧାରଣ ଶବ୍ଦକେ ଅପର ସ୍ୱରାଦିର ସୂଚନା ୧ ଚକ୍ଟିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଟିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରବର୍ତ୍ତୀ ଶବ୍ଦ କରଯାଇଅଛି । ଅତଏବ ୧ ବା ୨ ଚକ୍ଟିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନର ଉପରେ ୨ ବା ୧ ଚକ୍ଟିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍କ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ-

କୃମିଶୈଳ—ସଂ. ବି. ( ମ. ପ. ଲୋ; କୃମି+ଶୈଳ )—
Krumisaila — କୃମିପର୍ବତ ( ଦେଖ ) Krumiparbata ( See )

କୃମିଲିକା—ସଂ. ବି—ଧଳା ଶିମ୍ବ—
Krumilikā — White species of kidney bean; Phaseolus Aconitifolius.

କୃଶ (ଧାତୁ)—ସ—୧ । ଦୁର୍ବଳ ହେବା—
Krusa (root) 1. To be weak or lean.
୨ । ( ଚନ୍ଦ୍ର ପରି ) କ୍ରମେ କ୍ଷୟ ହେବା—
2. To wane.
୩ । ଦୁର୍ବଳ କରିବା—
3. To emaciate; to weaken.
୪ । ସୂକ୍ଷ୍ମ ବା ସରୁଆ କରିଦେବା—
4. To reduce; to attenuate.
୫ । କମାଇବା—5. To lessen; to diminish.

କୃଶ—ସଂ. ବିଣ. ପୁଂ. (କୃଶ୍ ଧାତୁ=ଦୁର୍ବଳ ହେବା+ଭାବ.ତ ନପାତନ)-
Krusa — ୧ । କ୍ଷୀଣ; ପତଳା—1. Thin; lean; emaciated.
(କୃଶା—ସ୍ତ୍ରୀ) ୨ । ଦୁର୍ବଳ—2. Weak; feeble.
* କୃଶତା, କାର୍ଶ୍ୟ } ବି. ୩ । ଅସମ୍ପୂର୍ଣ୍ଣ—3. Incomplete.
୪ । ସରୁଆ—4. Slender.
୫ । ଦରିଦ୍ର—5. Poor.
୬ । ନଗଣ୍ୟ—6. Insignificant.
୭ । କ୍ଷୁଦ୍ର—7. Minute; small.
୮ । ଅଳ୍ପ—8. Little; meagre.
ବୈଦେ. ବି. ( ଇଂ. କ୍ରସ୍ )—ଆଡ଼ବାଗରେ ଖଞ୍ଜା ହୋଇଥିବା ଦୁଇଗୋଟି ଫଳକ—A cross.
[ଦ୍ର—ଏଥିରେ ଯୀଶୁଙ୍କୁ କଣ୍ଟାରେ ବିଦ୍ଧ କରି ହତ୍ୟା କରାଯାଇଥିଲା । ]

କୃଶକଟି—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; କୃଶ+କଟି )—
Krusakati — କୃଶମଧ୍ୟ ( ଦେଖ ) Krusamadhya ( See )

କୃଶନ—ସଂ. ବି. ( କୃଶ ଧାତୁ+ଭାବ. ଅନ )—ନାଡ଼ୀସ୍ପନ୍ଦନ—
Krusana — Pulsation ( M. W. )

କୃଶଭୃତ୍ୟ—ସଂ. ବିଣ. ପୁଂ. ( ବହୁବ୍ରୀହି; କୃଶ+ଭୃତ୍ୟ )—ଯେଉଁ
Krusabhrutya — ବ୍ୟକ୍ତି ଭୃତ୍ୟମାନଙ୍କୁ ଅତି ସାମାନ୍ୟ ପରିମାଣରେ ଖାଇବାକୁ ଦିଏ—One who feeds his servants scantily ( M. W. )

କୃଶମଧ୍ୟ—ସଂ. ବିଣ. ପୁଂ. (ବହୁବ୍ରୀହି; କୃଶ+ମଧ୍ୟ)—ଯାହା ଦେହର ମଝି
Krusamadhya — ଅଂଶ ସରୁ—Slender-waisted.
( କୃଶମଧ୍ୟା—ସ୍ତ୍ରୀ )

କୃଶର—ସଂ. ବି—ଖେଚୁଡ଼ି—
Krusara — Rice boiled with pulse.
( କୃସର—ଅନ୍ୟରୂପ )

କୃଶରା—ସଂ. ବି—କୃଶର ( ଦେଖ )
Krusarā — Krusara ( See )

କୃଶଲା—ସଂ. ବି. ( କୃଶ+ଲା ଧାତୁ+ଅ+ଆ )—ମସ୍ତକର କେଶ—
Krusalā — The hair of the head.

କୃଶା—ଦେ. ( ପଦ୍ୟ ) ବିଣ. ( ସଂ. କୃଶ )—
Krusā — ୧ । କ୍ଷୀଣ—1. Weak.
୨ । ବିନଷ୍ଟ; ଲୁପ୍ତ—2. Destroyed.
ଗିରିଧରଙ୍କ ଧୃତ ଅଘ ବ ହୋଇଲା ଅତ କୃଶା ରେ—କବିସୂର୍ଯ୍ୟ. ସଙ୍ଗୀତ ।
ସଂ. ବିଣ. ସ୍ତ୍ରୀ—କୃଶର ସ୍ତ୍ରୀଲିଙ୍ଗ—
Feminine of Krusa.

କୃଶାକ୍ଷ—ସଂ. ବି. ( ବହୁବ୍ରୀହି; କୃଶ+ଅକ୍ଷି )—ମାକଡ଼ସା—
Krusāksha — Spider.

କୃଶାଙ୍ଗ—ସଂ. ବିଣ. ପୁଂ. ( ବହୁବ୍ରୀହି; କୃଶ+ଅଙ୍ଗ )—କ୍ଷୀଣକାୟ—
Krusānga — Lean; thin-bodied.
( କୃଶାଙ୍ଗୀ—ସ୍ତ୍ରୀ )
ଦୃଷ୍ଟା ମୋହର ହର କୃଶାଙ୍ଗୀବର ରେ—କବିସୂର୍ଯ୍ୟ. ସଙ୍ଗୀତ ।
ସଂ. ବି—ଶିବ—God Siba.

କୃଶାନୁ—ସଂ. ବି. ( କୃଶ ଧାତୁ=ସୂକ୍ଷ୍ମ କରିବା+କର୍ତ୍ତୃ. ଆନୁ )—
Krusānu — ୧ । ଅଗ୍ନି—1 Fire.
୨ । ବିଷ୍ଣୁ—2. A name of Bishnu.
୩ । ଧଳାଚିତାଗଛ—
3. Plumbago zeylanica ( plant ).

କୃଶାନୁରେତା—ସଂ. ବି. (ବହୁବ୍ରୀହି; କୃଶାନୁ+ରେତସ୍; ଅଗ୍ନି ଯାହାଙ୍କ
Krusānuretā — ରେତଃ ଅଟେ; କିମ୍ବା ଅଗ୍ନି ଯାହାଙ୍କର ରେତଃ ଧାରଣ କରିଥିଲେ )—ଶିବ; ମହାଦେବ—
God Siba.

କୃଶାଶ୍ୱ—ସଂ. ବି. ( ନାମ )—ମୁନିବିଶେଷ; ବିଶ୍ୱାମିତ୍ରଙ୍କ ଗୁରୁ—
Krusāswa — The name of a sage; preceptor of Biswāmitra.
ଭରତ ଦୁତ କାମେ ଗଲ ମହାତପା
ବଶିଷ୍ଠ, କୃଶାଶ୍ୱ ଶିଷ୍ୟ, ପରାଶର, ଭୃଗୁ—ଜଗନ୍ନାଥ. ମହାଯାନ ।

କୃଶୋଦର—ସଂ. ବିଣ. ପୁଂ. ( ବହୁବ୍ରୀହି; କୃଶ+ଉଦର )—କ୍ଷୀଣ-
Krusodara — କଟୀଯୁକ୍ତ—Slender-waisted; thin-waisted.
( କୃଶୋଦରୀ—ସ୍ତ୍ରୀ )

କୃଷ ( ଧାତୁ )—ସ—୧ । ହଳ କରିବା; ଚାଷ କରିବା—
Krusha ( root ) 1. To plough; to cultivate
୨ । ଟାଣିବା; ଓଟାରିବା; ଝୀଙ୍କିବା—
2. To draw; to drag; to pull.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଈଷ୍ଟ | ଡ଼ଅ | ଢ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ |

୩ । ଆପଣା ଆଡ଼କୁ ଟାଣିବା—
3. To attract.
୪ । ସେନା ଚାଳନ କରିବା—
4. To lead or conduct an army.
୫ । ଧନୁକୁ ଲୁଆଁଇବା—
5. To bend an arrow.
୬ । ପରାସ୍ତ କରିବା; ଜୟ କରିବା; ବଶୀଭୂତ କରିବା—
6. To subdue; to vanquish; to overpower.
୭ । କଷ୍ଟ ଦେବା—
7. To torture; to torment.
୮ । ନିଷ୍କାସନ କରିବା—
8. To draw out; to extract.
୯ । ପାଇବା—9 To obtain.

କୃଷଁ—ଗ୍ରା. ବି. ( ନାମ )—କୃଷ୍ଣର ଡାକ ନାମ—The name for
Krushañ calling Krushna.

କୃଷକ—ସଂ. ବି. ପୁଂ. ( କୃଷ ଧାତୁ=ଚାଷ କରିବା+କର୍ତ୍ତୃ. ଅକ )—
Krushaka ୧ । ହଳୁଆ 1. Ploughman; tiller.
୨ । ଚାଷୀ; ଚଷା—2. Cultivator; farmer.
୩ । ଲଙ୍ଗଳଲୁହା—3. Ploughshare.
୪ । ବଳଦ—4. Bullock; ox.
ସଂ. ବିଣ—୧ । କର୍ଷଣକାରୀ; ହଳୁଆ—
1. Cultivating; tilling.
[ ଦ୍ର—ଏହାର ଅନ୍ୟରୂପ କର୍ଷକ । ବ୍ୟାକରଣ ସୂତ୍ର ଅନୁସାରେ 'କର୍ଷକ' ଶବ୍ଦ ସିଦ୍ଧ ହେଲେହେଁ ସଂସ୍କୃତ ଭାଷାରେ କୃଷକ ଶବ୍ଦ ବ୍ୟବହାରସିଦ୍ଧ । ]
୨ । ଆକର୍ଷଣକାରୀ—2. Drawing; attracting.

କୃଷାଣ—ସଂ. ବି. ( କୃଷ୍ ଧାତୁ+କର୍ତ୍ତୃ. ଅନ )—୧ । କୃଷକ; ଚଷା—
Krushāna 1. Cultivator; husbandman.
ଉଥିନ୍ତ କୃଷାଣେ ସେ ନାବନ୍ତ ନେଟାଳ । ସାରଳା. ମହାଭାରତ. ଉଦ୍ଯୋଗ ।
୨ । (+ଭାବ. ଅନ) କର୍ଷଣ; ହଳ କରିବା—
2. Ploughing (M. W.)

କୃଷି—ସଂ. ବି. ( କୃଷ ଧାତୁ=କର୍ଷଣ କରିବା+ଭାବ. ଇ )—
Krushi ୧ । ହଳ ବୁଲାଇବା କର୍ମ—1. Ploughing.
୨ । ଚାଷକର୍ମ—2. Cultivation; agriculture.
୩ । କୃଷିଦ୍ୱାରା ଉତ୍ପାଦିତ ଫସଲ—3. Harvest (M. W.)
୪ । ପୃଥିବୀ—4. The earth. (M. W.)
ଦେ. ବି—କ୍ଷେତ୍ର; ଭୂମି—Field; cultivated field or holding.

କୃଷିକ—ସଂ. ବି. ( କୃଷ ଧାତୁ+କର୍ତ୍ତୃ. ଇକ )—କୃଷକ ( ଦେଖ ),
Krushika Krushaka ( See )

କୃଷିକନ୍ଦ—ସଂ. ବି—କୃଷିଦ୍ୱାରା ଉତ୍ପନ୍ନ ବସ୍ତୁ—
Krushikanda Agricultural produce.

କୃଷିକର୍ମ—ସଂ. ବି. ( କୃଷି+କର୍ମ )—ଚାଷକାମ; ଚାଷବାସ—
Krushikarma Agricultural operation; husbandry.

କୃଷିଜାତ—ସଂ. ବିଣ. ( ଜମ୍ୟା ତତ୍; କୃଷି+ଜାତ )—ଚାଷ ହୋଇ
Krushijāta ଅମଦାନି କରାଯିବା; କୃଷିଦ୍ୱାରା ଉତ୍ପନ୍ନ ( ଫସଲ, ଶସ୍ୟାଦି )—Produced by cultivation.

କୃଷିଜୀବୀ—ସଂ. ବି. (କୃଷି+ଜୀବୀନ୍; ୧ମା. ୧ବ.)—କୃଷି ଯାହାର ଜୀବିକା;
Krushijībi ଚାଷୀ; ଚଷା—Husbandman; farmer.
ସଂ. ବିଣ—କୃଷି ଯାହାର ଜୀବିକା ଅଟେ—
Living on agriculture.

କୃଷିତନ୍ତ୍ର—ସଂ. ବି. (ବହୁବଚନ; କୃଷି+ତନ୍ତ୍ର)—କୃଷିଜାତ ଫଳ ସମୂହ—
Krushitantra The fruits of the field (M. W.)

କୃଷିନାମା—ବୈଦେ. ବି. (ଫା. କୁର୍ସିନାମା)—ବଂଶବୃକ୍ଷ; ବଂଶଧରମାନଙ୍କର
Krushināmā ପିତୃପିତାମହକ୍ରମେ ଲିପିବଦ୍ଧ ତଳ—
Geneology; geneological tree.

କୃଷିବାଡ଼ି—ଦେ. ବି. ( ସଂ. କୃଷି+ବାଟିକା; ସଦୃଶ )—
Krushibārdi ୧ । ଚାଷ କାମ—1. Agriculture.
୨ । ହଳବାଡ଼ି; ହଳ—2. Agricultural holding.
୩ । ଫସଲ—3. Crop; harvest.

କୃଷିବୃତ୍ତି—ଦେ. ବି. ( ସଂ. କୃଷି+ବୃତ୍ତି; ସଦୃଶ )—
Krushibrutti କୃଷିବାଡ଼ି ( ଦେଖ )
Krushibārdi ( See )
ସଂ. ବି—କୃଷିରୂପ ଜୀବିକା—
Agriculture as one's livelihood.
ସଂ. ବି ଓ ବିଣ. (ବହୁବ୍ରୀହି)—କୃଷିଜୀବୀ ( ଦେଖ )
Krushijībi ( See )

କୃଷୀବଳ—ସଂ. ବି. ( କୃଷି+ବଳ; ନିପାତନ)—
Krushibala କୃଷକ; ଚଷା—
Husbandman; a cultivator of the soil.
କାହିଁ ଧାନ ଅମଳ କରଇ କୃଷୀବଳ
ଖଳାରେ ବେଙ୍ଗଳା ପକାଇ । ମଧୁସୂଦନ ନବପତ୍ର ।

କୃଷ୍ଟ—ସଂ. ବିଣ. ( କୃଷ ଧାତୁ+କର୍ମ. ତ )—
Krushta ୧ । ଚାଷ କରାଯାଇଥିବା; କର୍ଷିତ—
1. Ploughed up; tilled; cultivated.
୨ । ଆକୃଷ୍ଟ—2. Drawn; attracted.
୩ । ଟଣା ହୋଇଥିବା—3. Pulled; dragged.
ସଂ. ବି—ଚାଷ ହୋଇଥିବା ଜମି; ହଳ—
Cultivated ground.

କୃଷ୍ଟଁ—ଗ୍ରା. ବି. (ନାମ) ( ସଂ. କୃଷ୍ଣ ଶବ୍ଦର ସାଧାରଣ ଅଶୁଦ୍ଧ ଉଚ୍ଚାରଣ,—
Krushtañ କୃଷ୍ଣ ନାମକ ବ୍ୟକ୍ତିର ଡାକନାମ—
Name for calling Krushna.

ସାଧାରଣ ଲୋକେ ଅପର ସ୍ଥାନରେ ସତତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବିପରୀତ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବଡ' ନ ପାଇଲେ ଅଲ୍‌ବଡ଼ ଦେଖିବେ

**କୃଷ୍ଟପନି**—ଗ୍ରା. ବି. ( ସଂ. ପୃଶ୍ନିପର୍ଣ୍ଣୀ )—ପୃଶ୍ନିପର୍ଣ୍ଣୀ ( ଦେଖ )
Kṛushtaṅpanni — Pṛusniparnni ( See)

**କୃଷ୍ଟପଚ୍ୟ**—ସଂ. ବିଣ. ( କୃଷ୍ଟ + ପଚ୍ୟ )—୧ । ଚୃଷ ଜମିରେ ପାଚିବା
Kṛushtapachya ( ଫସଲ )—1. (crop) Ripening in a ploughed field.
୨ । ଖେତରେ ବୁଣାଯାଇ ଅବାଦ କରାଯିବା ( ଶସ୍ୟାଦ )— 2. ( corn ) Sown and ripened after ploughing.
୩ । କୃଷି କରାଯିବା ( ଗୁଳ୍ମ ); କୃଷିଜାତ— 3. ( plants ) Cultivated; raised by culture.

**କୃଷ୍ଟପଚ୍ୟ ଫଳ**—ସଂ. ବି—କୃଷିଦ୍ୱାରା ଅମଦାନୀ କରାଯାଇଥିବା ଫଳାଦି; ଫସଲ—Product of a harvest.
Kṛushtapachya phaḷa

**କୃଷ୍ଟପାକ୍ୟ** (ଇତ୍ୟାଦି)—ସଂ. ବିଣ. ( କୃଷ୍ଟ + ପାକ୍ୟ )—
Kṛustapākya (etc) କୃଷ୍ଟପଚ୍ୟ ଇତ୍ୟାଦି ( ଦେଖ ) Kṛushtapachya etc ( See )

**କୃଷ୍ଟଫଳ**—ସଂ. ବି. (କର୍ମଧା; କୃଷ୍ଟ + ଫଳ)—କୃଷିଦ୍ୱାରା ଉତ୍ପନ୍ନ ଫସଲ—
Kṛushtaphaḷa — The product of a harvest.

**କୃଷ୍ଟି**—ସଂ. ବି. (କୃଷ୍ ଧାତୁ + ଭାବ. ତି)—୧ । ହଳ କରିବା କର୍ମ—
Kṛushti — 1. Ploughing.
୨ । ଆକର୍ଷଣ—2. Drawing; attracting.
୩ । ଫସଲ—3. Harvest.
୪ । ପଣ୍ଡିତ—4. Learned man.
୫ । ଗୁରୁ; ଶିକ୍ଷକ—5. Teacher.

**କୃଷ୍ଟୋପ୍ତ**—ସଂ. ବିଣ. (କୃଷ୍ଟ + ଉପ୍ତ; କୃଷ୍ଟଭୂମିରେ ଉପ୍ତ)—ଚୃଷ କରାଯିବା ଖେତରେ ବୁଣାଯାଇଥିବା—Sown on cultivated ground. (M.W.)
Kṛushtopta

**କୃଷ୍ଣ**— ସଂ. ବି. (କୃଷ ଧାତୁ = କର୍ଷଣ କରିବା + କର୍ତ୍ତୃ. ନ. ନପାତନ ବା
Kṛushṇa କୃଷ୍ ଧାତୁ = ଜୟ କରିବା + କର୍ତ୍ତୃ. ଣ )—
୧ । ଶ୍ରୀ ଭଗବାନ୍; ବିଷ୍ଣୁ—1. Bishṇu.
୨ । ବିଷ୍ଣୁଙ୍କର ଅଷ୍ଟମ ଅବତାର; ଶ୍ରୀକୃଷ୍ଣ— 2. The eighth incarnation of Bishṇu.
[ଦ୍ର—ଏ ବିଷ୍ଣୁଙ୍କର ଅଷ୍ଟମ ଅବତାର । ବସୁଦେବ ଓ ଦେବକୀଙ୍କର ନନ୍ଦନ, କଂସାଦି ଅସୁରମାନଙ୍କର ସଂହାରକ, ନନ୍ଦଯଶୋଦାଙ୍କର ପାଳିତ ପୁତ୍ର ଓ ଶ୍ରୀମତୀ ରାଧା ଓ ଗୋପୀମାନଙ୍କର ପ୍ରେମିକ ଓ ସହାୟକ । କୃଷ୍ଣ ଯଦୁବଂଶସମ୍ଭୂତ ଥିଲେ । ଏ ବସୁଦେବଙ୍କ ଔରସରେ କଂସର ଭଗିନୀ ଦେବକୀଙ୍କ ଗର୍ଭରେ ଜନ୍ମ ଲଭିଥିଲେ, କିନ୍ତୁ କଂସର ଭୟରେ ବସୁଦେବ ଏହାଙ୍କୁ ଅନ୍ତୁଡ଼ିଶାଳରୁ ଲୁଚାଇ କରି ନେଇ ନନ୍ଦଯଶୋଦାଙ୍କ ଗୃହରେ ଛାଡ଼ିବାରୁ ସେମାନେ ଏହାଙ୍କୁ ପାଳି ବଢ଼ାଇଥିଲେ । ଏ ବାଲ୍ୟକାଳ ଗୋପପୁରରେ କଟାଇ ଷୋଳସହସ୍ର ଗୋପୀ ଓ ଗୋପବାଳକମାନଙ୍କ ସଙ୍ଗେ କ୍ରୀଡ଼ା ଓ ରାସରେ ମାତିଥିଲେ । ରାଧା ଏହାଙ୍କର ପ୍ରିୟବଲ୍ଲଭା ଥିଲେ । ବାଲ୍ୟକାଳରେ କଂସପ୍ରେରିତ ଅନେକ ଅସୁରଙ୍କୁ ମାରି କୃଷ୍ଣ ଶେଷରେ କଂସଙ୍କୁ ବଧ କରିଥିଲେ । ଏ ପାଣ୍ଡବମାନଙ୍କର ଓ ବିଶେଷତଃ ଅର୍ଜ୍ଜୁନଙ୍କର ସଖା ଥିଲେ । ଏ ପରେ ଯାଇ ଦ୍ୱାରକାରେ ରାଜା ହୋଇ ରୁକ୍ମିଣୀ ଓ ସତ୍ୟଭାମା ଆଦି ମହଷୀଙ୍କୁ ବିବାହ କରିଥିଲେ । ଏହାଙ୍କ ସହାୟତା ଓ ପରାମର୍ଶରେ ପାଣ୍ଡବମାନେ କୁରୁକ୍ଷେତ୍ରରେ ଜୟୀ ହୋଇଥିଲେ । ଯଦୁକୁଳ ପ୍ରଭାସରେ ହଣାହଣି ହୋଇ ମରିବା ପରେ କୃଷ୍ଣଙ୍କୁ ଜରାଶବର ଅରଣ୍ୟ ମଧ୍ୟରେ ଭ୍ରମରେ ମୃଗ ବୋଲି ମଣି ଶରବିଦ୍ଧ କରିବାରୁ ଏ ଦେହ ତ୍ୟାଗ କରିଥିଲେ । ଏହାଙ୍କର ପୁତ୍ରର ନାମ ପ୍ରଦ୍ୟୁମ୍ନ ( କାମଦେବଙ୍କର ନାମାନ୍ତର ) । ]
୩ । ମହାଭାରତପ୍ରଣେତା କୃଷ୍ଣଦ୍ୱୈପାୟନ; ବ୍ୟାସଦେବ— 3. The sage Byāsa.
୪ । ଅର୍ଜ୍ଜୁନ—4. Arjuna; the third Pāṇdaba brother.
୫ । କୃଷ୍ଣସାର ମୃଗ—5 The black antelope.
୬ । କୋକିଳ—6. Cuckoo.
୭ । ପାପ—7. Sin.
୮ । କାକ—8. Crow.
୯ । ମାସର କୃଷ୍ଣପକ୍ଷ; ଅନ୍ଧାର ପକ୍ଷ— 9. The dark fort-night of the month.
୧୦ । ଗାଢ଼ ନୀଳବର୍ଣ୍ଣ—10. Dark blue colour.
୧୧ । କୃଷ୍ଣଚନ୍ଦନ; ଅଗୁରୁ— 11. Aloes wood; Agallochium.
୧୨ । କଳା ରଙ୍ଗ—12. Black colour.
୧୩ । କଳିଯୁଗ—13. The fourth or the dark age of the Hindu mythology.
୧୪ । ଲୌହ—14. Iron.
୧୫ । ଅନ୍ଧକାର—15. Darkness.
୧୬ । ସୀସା—16. Lead.
୧୭ । ସୁରୁମା—17. Antimony.
୧୮ । କଜ୍ଜ୍ୱଳ—18. Collyrium.
୧୯ । ପରମାତ୍ମା—19. The Supreme Spirit.
୨୦ । ମରିଚ—20. Black pepper.
୨୧ । ଅଶୁଭ କର୍ମ—21. Inauspicious act.
୨୨ । ଆଖିର କଳାଡୋଳା— 22. The black part of the eye.
୨୩ । ଅଗ୍ନି—23. Fire.
୨୪ । ଶୂଦ୍ର—A Sūdra.

[ଦ୍ର—କୃଷ୍ଣ ଶବ୍ଦର ବହୁଳ ଅର୍ଥ ସମ୍ବନ୍ଧରେ ଧ୍ୱନିମଞ୍ଜରୀ—
ବ୍ୟାସୋଽର୍ଜ୍ଜୁନାଗ୍ନି ହରି କୋକିଲ କାକ ଶୂଦ୍ର
ତାମିସ୍ରପକ୍ଷ କଳି ନୀଲ ଗୁଣେଷୁ କୃଷ୍ଣଃ ।
× × ×
କୃଷ୍ଣଂ ତୁ ଲୌହ ଦୁରିତଂ ମରିଚଞ୍ଚ କୃଷ୍ଣଃ ॥ ]

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ, ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଣ | ଶ | ଷ | କ୍ଷ | ଇଯ୍ | ଉଅ | କ୍ଷ |
| ୨ | ଇ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଢ଼ | ନୃ |

ସଂ. ବିଣ.—୧ । କାଳିଆ; କଳା—1. Black; dark.
୨ । ମନ୍ଦ; ଖଳ—2. Wicked; bad; evil.
୩ । ଗାଢ଼ ନୀଳ—3. Deep blue.
୪ । ଅନ୍ଧକାରମୟ—4. Dark coloured.
ଦେ. ବି. (ବ୍ୟଙ୍ଗ୍ୟାର୍ଥ)—ଅଫିମ—Opium.

**କୃଷ୍ଣକ**—ସଂ. ବି. (କୃଷ୍ଣ+କ)—କୃଷ୍ଣସାର ମୃଗର ଛାଲ—
Kṛushṇaka Hide of the black antelope.

**କୃଷ୍ଣକଜଳ**—ଦେ. ବି.—ଏକପ୍ରକାର କଳାଧାନର ନାମ—
Kṛushṇakajaḻa Name of a dark-coloured species of paddy.

**କୃଷ୍ଣକନ୍ଦ**—ସଂ. ବି. (ବହୁବ୍ରୀହି; କୃଷ୍ଣ ଅଟେ କନ୍ଦ=ମୂଳ ଯାହାର)—
Kṛushṇakanda ରକ୍ତପଦ୍ମ—The red lotus.

**କୃଷ୍ଣକର୍ମା**—ସଂ. ବିଣ. ପୁଂ.—(ବହୁବ୍ରୀହି; କୃଷ୍ଣ+କର୍ମନ୍ ୧ମା. ୧ବ.)—
Kṛushṇakarmā ୧ । ପାପୀ—1. Sinful,
୨ । ମନ୍ଦକର୍ମକାରୀ—2. Doing bad deeds.
୩ । ଖଳ—3. Wicked.

**କୃଷ୍ଣକଳି**—ସଂ. ବି.—କୃଷ୍ଣକେଳି (ଦେଖ)
Kṛushṇakaḻi Kṛushṇakeḻi (See)

**କୃଷ୍ଣକାୟ**—ସଂ. ବିଣ. ପୁଂ. (ବହୁବ୍ରୀହି; କୃଷ୍ଣ+କାୟ)—
Kṛushṇakāya ଯାହା ଦେହର ବର୍ଣ୍ଣ କଳା—
(କୃଷ୍ଣକାୟା—ସ୍ତ୍ରୀ) Of dark or black complexion.

**କୃଷ୍ଣକେଳି**—ସଂ. ବି. (ଅନ୍ୟ ସଂ. ନାମ; ସନ୍ଧ୍ୟାମଣି)—
Kṛushṇakeḻi ଏକଜାତୀୟ ଫୁଲ ଗୁଳ୍ମ; ରଙ୍ଗଣୀ ଫୁଲଗଛ—
Mirabiles jalapa; Marvel of Peru.
[ ଦ୍ର—ଧଳା, ନାଲି ଓ ହଳଦିଆ ଏହିପରି ତିନି ଜାତିର ଫୁଲ ଧରେ । ଫୁଲ ଈଷତ୍ ସୁଗନ୍ଧଯୁକ୍ତ । ଫୁଲ ସନ୍ଧ୍ୟାବେଳେ ଫୁଟେ । ]

**କୃଷ୍ଣଗଙ୍ଗା**—ସଂ. ବି. (ନାମ)—କୃଷ୍ଣାନଦୀର ନାମବିଶେଷ—
Kṛushṇagangā Another name of the river Kṛushṇā.

**କୃଷ୍ଣଗତି**—ସଂ. ବି. (ବହୁବ୍ରୀହି; କୃଷ୍ଣ+ଗତି)—ଅଗ୍ନି—
Kṛushṇagati Fire.

**କୃଷ୍ଣଗିରି**—ଦେ. ବି. (ନାମ)—ଖଲ୍ଲିକୋଟର ଦକ୍ଷିଣ ପୂର୍ବରେ ଅବସ୍ଥିତ
Kṛushṇagiri ଖଲ୍ଲିକୋଟ ରାଜ୍ୟର ଉଚ୍ଚତମ ପର୍ବତ—
The highest mountain of Khallikota

**କୃଷ୍ଣଚନ୍ଦ୍ର**—ସଂ. ବି. ପୁଂ.—ଶ୍ରୀକୃଷ୍ଣ (ଦେଖ)
Kṛushṇachandra Srikṛushṇa (See)
ଦେ. ବି. ପୁଂ—ଲୋକଙ୍କର ନାମ—
Name given to males.

**କୃଷ୍ଣଚରଣ ପଟ୍ଟନାୟକ**—ଦେ. ବି. (ନାମ)—ଊନବିଂଶ ଶତାବ୍ଦୀର
Kṛushṇacharaṇa Pāṭṭanāyaka ଜଣେକି ଓଡ଼ିଆ କବି—
A famous Oṛdiā poet of the 19th century.
[ ଦ୍ର—ଏ ଗଞ୍ଜାମ ଜିଲ୍ଲାର ଧରାକୋଟ ଅଧିବାସୀ ଓ ଜାତିରେ କରଣ । ସେ ରାଜା କୃଷ୍ଣସିଂହଙ୍କ ସମକାଳୀନ ଓ ତାଙ୍କର ମଧ କର୍ମଚାରୀ ଥିଲେ । ବାଲ୍ମୀକିଙ୍କ ସଂସ୍କୃତ ରାମାୟଣକୁ ଏ ଓଡ଼ିଆରେ ଅନୁବାଦ କରିଥିଲେ । ରାଜକାର୍ଯ୍ୟରୁ ଅବସର ଗ୍ରହଣ କରି ଏ ୧୮୧୫ ସାଲରେ ରାମାୟଣ ରଚନା କଲେ । ପୁରାତନ କବି ବଳରାମ ଦାସଙ୍କ ରାମାୟଣ ପରେ ଏହାଙ୍କ ରଚିତ ରାମାୟଣର ଭାଷା ସରଳ, ମଧୁର, ବିଶୁଦ୍ଧ ଓ ଓଡ଼ିଶାରେ ସର୍ବତ୍ର ଆଦୃତ । ଏହା ଛଡ଼ା ସେ ଭାଗବତ, କଳ୍କି ପୁରାଣ ଓ ବାମନ ପୁରାଣ ମଧ ଓଡ଼ିଆରେ ଅନୁବାଦ କରିଥିଲେ । ତାଙ୍କ ବିରଚିତ ପୁସ୍ତକମାନ ମାନ୍ଦ୍ରାଜ ଓ ଅନ୍ୟ ବିଶ୍ୱବିଦ୍ୟାଳୟରେ ପାଠ୍ୟପୁସ୍ତକରୂପେ ନିର୍ବାଚିତ ହୋଇଥାଏ । ]

**କୃଷ୍ଣଚୂଡ଼ା**—ସଂ. ବି—ନାଲି ଓ ହଳଦିଆ ଫୁଲବିଶିଷ୍ଟ କ୍ଷୁପ—
Kṛushṇachūṛḍā A beautiful shrub (of two kinds with red and yellow flowers); the peacock flower; Poinciana Pulcherima. Cæsalpinia Pulcherinua
[ ଦ୍ର—ଏହାର ପତ୍ର ପକ୍ଷାକାର, ନାଲି ଓ ହଳଦିଆ ଫୁଲ ଭେଦରେ ଗଛ ଦୁଇ ଜାତିର । ଗ୍ରୀଷ୍ମ ଓ ବର୍ଷାକାଳରେ ଫୁଲ ଫୁଟେ; କେହି କେହି ନାଲି ଫୁଲବାଲା ଗଛକୁ କୃଷ୍ଣଚୂଡ଼ା ଓ ହଳଦିଆ ଫୁଲବାଲା ଗଛକୁ ରାଧିକାଚୂଡ଼ା ନାମରେ ଡାକନ୍ତି । ]
ଦେ. ବି—ଏକ ଜାତୀୟ ଥୋପା ଥୋପା ହଳଦିଆ ଓ ନାଲି ଫୁଲବିଶିଷ୍ଟ ବଡ଼ ଗଛ—The Gold Mohur tree; Poincianr Regia.
[ ଦ୍ର—ଏ ଗଛର ଆଦିବାସ ମରିସସ୍ ବା ମାଡାଗାସ୍କର୍ ଦ୍ୱୀପରେ, ମରିସସ୍ ଦ୍ୱୀପରୁ ଏ ଦେଶକୁ ଆସିଥିଲା । ଏ ଗଛ ଶୀଘ୍ର ବଢ଼େ ଓ ଶାଖା ବିସ୍ତାର କରେ । ଫୁଲ ବଡ଼ ବଡ଼ ନାଲି ଓ ହଳଦିଆ । ବସନ୍ତ ଓ ଗ୍ରୀଷ୍ମରେ ଫୁଲ ଫୁଟେ । କୃଷ୍ଣଚୂଡ଼ାର ସାଦୃଶ୍ୟରେ କେହି କେହି ଏହାକୁ ରାଧିକାଚୂଡ଼ା ନାମରେ ଡାକନ୍ତି—ଯୋଗେଶ୍ଚନ୍ଦ୍ର । ]

**କୃଷ୍ଣଚୂଡ଼ିକା**—ସଂ. ବି. (କୃଷ୍ଣଚୂଡ଼ା+ଇକ+ଆ)—କାଇଞ୍ଚଲତା—
Kṛushṇachūṛdikā Creeper Abrus Precatorius.

**କୃଷ୍ଣ ଜନ୍ମାଷ୍ଟମୀ**—ସଂ. ବି—କୃଷ୍ଣାଷ୍ଟମୀ (ଦେଖ)
Kṛushṇa janmāshṭami Kṛushṇāshṭami (See)

**କୃଷ୍ଣ ଜୀରକ**—ସଂ. ବି—କଳାଜୀରା—
Kṛushṇa jiraka Black cuminseed.

**କୃଷ୍ଣଜୀରା**—ଦେ. ବି. (ସଂ. କୃଷ୍ଣଜୀରକ)—କଳାଜୀରା—
Kṛushṇajirā Black cuminseed.

**କୃଷ୍ଣଦେହ**—ସଂ. ବିଣ. (ବହୁବ୍ରୀହି)—କୃଷ୍ଣକାୟ (ଦେଖ)
Kṛushṇadeha Kṛushṇakāya (See)
ସଂ. ବି—ଭ୍ରମର—Black bee.

**କୃଷ୍ଣଦ୍ୱୀପ**—ସଂ. ବି. (ନାମ)—ଗଙ୍ଗାନଦୀ ମଧ୍ୟସ୍ଥ ଦ୍ୱୀପବିଶେଷ—
Kṛushṇadwipa Name of an island in the Ganges.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରାଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସ୍ଥାନରେ ଅନ୍ୟ ଉପସ୍ଥିତ ୨ ବା ୧ ଚକ୍ରାଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଯାଉ' ନ ମିଳିଲେ 'ଯାଣ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

[ ଦ୍ର—ଏହିଠାରେ ପରାଶରଙ୍କ ଔରସରେ ସତ୍ୟବତୀ ବ୍ୟାସ-ଦେବଙ୍କୁ ଜନ୍ମ କରିଥିଲେ । ]

**କୃଷ୍ଣଦ୍ୱୈପାୟନ**—ସଂ. ବି. ( କୃଷ୍ଣଦ୍ୱୀପ + ଅୟନ; ଏହାଙ୍କର ଶରୀରର
**Kṛushṇadwaipāyana** ବର୍ଣ୍ଣ କଳା ଥିବାରୁ ଓ କୃଷ୍ଣଦ୍ୱୀପରେ ଜନ୍ମିଥିବାରୁ )—ବେଦବ୍ୟାସ—
Name of sage Byāsa.

**କୃଷ୍ଣଧ୍ୱା**—ସଂ. ବିଣ—କୃଷ୍ଣାର୍ଚ୍ଚିଃ ( ଦେଖ )
**Kṛushṇadhwā** Kṛushṇārchchiḥ ( See )

**କୃଷ୍ଣନାମ**—ସଂ. ବି—ଶ୍ରୀ ଭଗବାନଙ୍କ ନାମ—
**Kṛushṇanāma** The name of Śrīkṛushṇa.

**କୃଷ୍ଣପକ୍ଷ**—ସଂ. ବି. ( କୃଷ୍ଣ + ପକ୍ଷ )—ଅନ୍ଧାର ପକ୍ଷ—
**Kṛushṇapaksha** The dark fortnight of the month
**ବଦୀ** when the moon is on the wane.

**କୃଷ୍ଣପର୍ଣ୍ଣି**—ଦେ. ବି. (ସଂ. ପୃଶ୍ନି-ପର୍ଣ୍ଣୀ)—ପୃଶ୍ନିପର୍ଣ୍ଣୀ ( ଦେଖ )
**Kṛushṇaparni** Pṛuśniparṇṇī ( See )

**କୃଷ୍ଣପ୍ରିୟା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; କୃଷ୍ଣ + ପ୍ରିୟା )—ରାଧିକା—
**Kṛushṇapriyā** Rādhikā.
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Name given to females.

**କୃଷ୍ଣବକ୍ତ୍ରା**—ସଂ. ବିଣ. ପୁଂ. ( ବହୁବ୍ରୀହି; କୃଷ୍ଣ + ବକ୍ତ୍ର )—
**Kṛushṇabaktrā** ଯାହାର ମୁହଁ କଳା—Black-faced.
(କୃଷ୍ଣବକ୍ତ୍ର—ସ୍ତ୍ରୀ) ସଂ. ବି—ହନୁମାଙ୍କଡ଼—
The black-faced monkey.

**କୃଷ୍ଣବଦନ**—ସଂ. ବିଣ ଓ ବି—କୃଷ୍ଣବକ୍ତ୍ର ( ଦେଖ )
**Kṛushṇabadana** Kṛushṇabaktra ( See )
(କୃଷ୍ଣବଦନା—ସ୍ତ୍ରୀ)

**କୃଷ୍ଣବର୍ଣ୍ଣ**—ସଂ. ବି. ( କର୍ମଧା; କୃଷ୍ଣ+ବର୍ଣ୍ଣ )—କଳାରଙ୍ଗ—
**Kṛushṇabarṇṇa** The black colour.
(କୃଷ୍ଣବର୍ଣ୍ଣା—ସ୍ତ୍ରୀ) ସଂ. ବିଣ. (ବହୁବ୍ରୀହି)—ଯାହାର ବର୍ଣ୍ଣ କଳା—
Of black colour.

**କୃଷ୍ଣବର୍ତ୍ତିମା**—ଦେ. (ପଦ୍ୟ) ବି—କୃଷ୍ଣବର୍ତ୍ମା ( ଦେଖ )
**Kṛushṇabartimā** Kṛushṇabartmā ( See )
କୃଷ୍ଣବର୍ତ୍ତିମା ପ୍ରାୟେ ଯାହା ଗତ । ଅଭିମନ୍ୟୁ. ରସକଲ୍ଲୋଳ ।

**କୃଷ୍ଣବର୍ତ୍ମା**—ସଂ. ବି. ( ବହୁବ୍ରୀହି; କୃଷ୍ଣ + ବର୍ତ୍ମନ୍; ଅଗ୍ନି ଯେଉଁ ବାଟେ
**Kṛushṇabartmā** ଯାଆନ୍ତି ସେ ବାଟ ପୋଡ଼ି ହୋଇ କଳା ପଡ଼ିଯିବାରୁ )—୧ । ଅଗ୍ନି—1. Fire.
୨ । ରାହୁ—2. A name of the ascending Node.
୩ । ଧଳାଚିତା ଗଛ—3. Plumbags Leylanica. ( plant M. W. )
୪ । ଦୁରାଚାର ବ୍ୟକ୍ତି—4. A profligate
ସଂ. ବିଣ—ଦୁରାଚାର; ଦୁର୍ବୃତ୍ତ—
Oppressive; of evil ways; wicked.

**କୃଷ୍ଣବିଷାଣ**—ସଂ. ବି. ( ୬ଷ୍ଠୀ ତତ୍ )—କୃଷ୍ଣସାରର ଶୃଙ୍ଗ—
**Kṛushṇabishāṇa** The horns of a black antelope.

**କୃଷ୍ଣବେଣୀ**—ଦେ. ବି. (ନାମ)—ନଦୀବିଶେଷ; କୃଷ୍ଣାନଦୀ—
**Kṛushṇabeṇī** The river Kṛushṇā.
କୃଷ୍ଣବେଣୀ ନଦୀ କୂଳରେ କାମପୁର ନଗ୍ରେ ।
ସାରଳା. ମହାଭାରତ. ଉଦ୍ୟୋଗ ।

**କୃଷ୍ଣଭକ୍ତି**—ସଂ. ବି.—କୃଷ୍ଣଙ୍କଠାରେ ପ୍ରେମ—
**Kṛushṇabhakti** Devotion to Śrīkrushṇa.
ଦେ. ବି. (ବ୍ୟଙ୍ଗ୍ୟ) ଅଫିମ ଅଭ୍ୟାସ—
The habit of taking opium.

**କୃଷ୍ଣ ମିଶ୍ର**—ସଂ. ବି. ( ନାମ )—ପ୍ରବୋଧଚନ୍ଦ୍ରୋଦୟନାମକ ସଂସ୍କୃତ
**Kṛushṇa misra** ବ୍ୟାକରଣକାର (ଏ ଉତ୍କଳୀୟ ଥିଲେ)—
A sanskrit grammarian of Utkaḷa.

**କୃଷ୍ଣମୁଖ**—ସଂ. ବିଣ ଓ ବି—କୃଷ୍ଣବକ୍ତ୍ର (ଦେଖ)
**Kṛushṇamukha** Kṛushṇabaktra (See)

**କୃଷ୍ଣମୁଦ୍ଗ**—ସଂ. ବି.—କଳାମୁଗ (ଦେଖ)
**Kṛushṇamudga** Kaḷāmuga (See)

**କୃଷ୍ଣମୁନି**—ସଂ. ବି—ଜଳୁପତି ଯମରାଜାଙ୍କର ନାମବିଶେଷ—
**Kṛushṇamunī** An epithet of J̄ama the king of Death.

**କୃଷ୍ଣମୃଗ**—ସଂ. ବି.—କୃଷ୍ଣସାର (ଦେଖ)
**Kṛushṇamṛuga** Kṛushṇasāra (See)

**କୃଷ୍ଣଯଜୁର୍ବେଦ**—ସଂ. ବି.—ଯଜୁର୍ବେଦର ଅଂଶବିଶେଷ; ତୈତ୍ତିରୀୟ
**Kṛushṇajajurbeda** ଉପନିଷଦ—A part of the J̄ajurbeda.

**କୃଷ୍ଣଯାମ**—ସଂ. ବି.—କୃଷ୍ଣଗତି (ଦେଖ)
**Kṛushṇajāma** Kṛushṇagati (See)

**କୃଷ୍ଣରକ୍ତ**—ସଂ. ବିଣ.(ଦ୍ୱନ୍ଦ୍ୱ; କୃଷ୍ଣ + ରକ୍ତ)—କଳାମିଶା ନାଲି ରଙ୍ଗର—
**Kṛushṇarakta** Of a dark red colour.

**କୃଷ୍ଣରଥ**—ସଂ. ବି.—ଶ୍ରୀକୃଷ୍ଣଙ୍କର କପିଧ୍ୱଜ ରଥ—
**Kṛushṇaratha** The chariot named Kapidhwaja.
କୃଷ୍ଣରଥ ପ୍ରାୟେ ଘୋର ପାଇଅଛି ଗୃହୀ ଚକ୍ରମୂର୍ତ୍ତୀ ଧୀରେ ।
ଦୀନକୃଷ୍ଣ. ରସକଲ୍ଲୋଳ

**କୃଷ୍ଣରସ**—ସଂ. ବି.—କୃଷ୍ଣଭକ୍ତି (ଦେଖ)
**Kṛushṇarasa** Kṛushṇabhakti (See)

**କୃଷ୍ଣଳ**—ସଂ. ବି. (କୃଷ୍ଣ+ଲା ଧାତୁ + ଅ)—ଗଞ୍ଜେଇ ଗଛ—
**Kṛushṇaḷa** The Ganja plant.

**କୃଷ୍ଣଲବଣ**—ସଂ. ବି. (କର୍ମଧା; କୃଷ୍ଣ=କଳା+ଲବଣ)—କଳାଲୁଣ;
**Kṛushṇalabaṇa** ବିଟଲୁଣ—Black salt.

**କୃଷ୍ଣଲୀଳା**—ସଂ. ବି. (୬ଷ୍ଠୀ ତତ୍; କୃଷ୍ଣ + ଲୀଳା)—୧ । ବିଷ୍ଣୁଙ୍କର ଅଷ୍ଟମ
**Kṛushṇalīḷā** ଅବତାରରେ ଶ୍ରୀକୃଷ୍ଣ ପୃଥିବୀରେ ଜନ୍ମଗ୍ରହଣ କରି କରିଥିବା କାର୍ଯ୍ୟମାନ (ଭାଗବତରେ ବର୍ଣ୍ଣିତ)—

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଉ | ଋ | ଲୃ,ଲୄ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଢ | ଶ,ଷ | ଙ୍କ | ଇସ୍ | ରୁଅ | ଢ |
| ୨ | ଊ | ୠ | ଲୁ | ଲୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ● | ନୃ |

1. The acts done by Śrikrushṇa the eighth incarnation of Bishṇu.

[ଦ୍ର—ଗୋପଲୀଳା—ଗୋପୀମାନଙ୍କସଙ୍ଗେ ପ୍ରେମ । ମଥୁରାଲୀଳା—କଂସାଦି ଅସୁର ବଧ । ଦ୍ୱାରକାଲୀଳା—ଦ୍ୱାରକାରେ ରାଜ୍ୟଶାସନ । ମହାଭାରତରେ ପାଣ୍ଡବଙ୍କ ସଙ୍ଗେ ବନ୍ଧୁତା, କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜ୍ଜୁନଙ୍କର ସାରଥୀ ଓ ଶେଷରେ ଯଦୁବଂଶ ଧ୍ୱଂସ ପରେ ଜାରାଶବରର ବାଣ ଦ୍ୱାରା ମୃତ୍ୟୁ । ]

୨ । କୃଷ୍ଣଙ୍କର ଲୀଳାସମ୍ବନ୍ଧୀୟ ବୃତ୍ତାନ୍ତର ଅଭିନୟ ବା ନାଟକ—2. Playing the incidents of the life of Kṛushṇa by parties of dancers.

**କୃଷ୍ଣଲୀଳା ଆଖଡ଼ା**—ଦେ. ବି.—ଯେଉଁ ନର୍ତ୍ତକଦଳ କୃଷ୍ଣଲୀଳା ଅଭିନୟ କରନ୍ତି—Dancing party playing episodes from Kṛushṇa's life.
Kṛushṇalīḷā ākhaṛdā

୩ । କେଉଁଠାରେ ?—3. Where ?

**କେନ୍ଦିବା**—ଦେ. କ୍ରି.—କାନ୍ଦିବା (ଦେଖ)—
Kendibā Kandibā (See)

**କେନ୍ଦିରି**—ଦେ. ବି.—କେନ୍ଦ୍ରି (ଦେଖ)
Kendiri Kendri (See)

**କେନ୍ଦୁ**—ଦେ. ବି.—( ସଂ. ତିନ୍ଦୁକ; କେନ୍ଦୁକ )—ଭୁଅକେନ୍ଦୁ; ତମାଳ-
Kendu ଜାତୀୟ ବଡ଼ ବୃକ୍ଷ—A tree; Diospyrus Embreyopteris; Diospyrus Melanoxylon; Diospyrus Montana (Kirtikar).

ସଂ. ନାମ—କେନ୍ଦୁକ; ତିନ୍ଦୁକ
ତିନ୍ଦୁ, କାକେନ୍ଦୁ, କାଳସ୍କନ୍ଧ,
ଶିତସାରକ, ଅସିତସ୍କନ୍ଧ,
ତିନ୍ଦୁଲ, ନୀଲସାର,
କାଲସାର, ସ୍ଫୂର୍ଜକ
ହି. କେନ୍ଦୁ
गाब, केन्दु, माकड़केन्द
बं. केंदु, केन्द, तेन्दु माकड़केन्द,
ମ. ଟେଂଭୁର୍ନୀ, ଆପଟା
ତେ. ତମ୍ମିକ
ତା ତୁମ୍ବିକ
ଗୁ. ଟୁଂବର ବୋ
ଫା. ଅବନୂସ୍

[ ଦ୍ର—ଗଛ ଶ୍ୟାମଳବର୍ଣ୍ଣ, ପତ୍ର ଚିକ୍କଣ ଓ ମୋଟା; ଫଳ ୧ ଇଞ୍ଚ ଠାରୁ ଦେଢ଼ ଇଞ୍ଚ ପର୍ଯ୍ୟନ୍ତ ବ୍ୟାସବିଶିଷ୍ଟ, ଗୋଲାକାର; କଞ୍ଚା ଫଳରୁ ଏକ ପ୍ରକାର ଅଠା ବାହାରେ, ସେହି ଅଠାର ଜଳ ପାଣିରେ କେଉଟମାନେ ଜାଲକୁ କଷାନ୍ତି, ଡଙ୍ଗା-ପଟା ସନ୍ଧିରେ ଯୋଡ଼ ଲଗାନ୍ତି । ଚୂନ ଗୋଡ଼ି ଅଠା ଧରିବା ସକାଶେ କେନ୍ଦୁ ଅଠା ଚୂନ ଗୋଡ଼ିରେ ମିଶା ଯାଏ । ଫଳ ପାଚିଲେ ହଳଦିଆ ଦିଶେ ଓ ମିଠା ଲାଗେ । ଲୋକେ ଏହାର ଫଳ ଖାଆନ୍ତି । ଗଡ଼ଜାତରେ ଥିବା ଏହି ଜାତୀୟ ମାକଡ଼କେନ୍ଦୁ ଗଛର ମଞ୍ଜ ଘୋର କୃଷ୍ଣବର୍ଣ୍ଣ, ତେଣୁ ଏହାର ମଞ୍ଜ ଅବଲୁସ୍ କାଠ ନାମରେ ପରିଚିତ । ]
୨ । ଅବଲୁସ୍ (ଗଛ ଓ କାଠ); ମାକଡ଼କେନ୍ଦୁ—2 Ebony; Diospyrus Glutinosa.

**କେନ୍ଦୁଆ**—ଦେ. ବି—୧ । ଏକ ପ୍ରକାର ଛୋଟ ବାଘ; ଚିତାବାଘ—
Kenduā 1. A species of small tiger; leopard; Felis Pardus.
हि. तेन्दवा; तेन्दूआ, चितावाघ
[ ଦ୍ର—ଏହାର ଶରୀର ଧୂସରବର୍ଣ୍ଣ ଓ ତହିଁରେ କଳା-କଳା ଟୋପି ଥାଏ । ଏ ଜାତିରେ ଦୁଇ ଫୁଟ ଓ ଲମ୍ବରେ ଚାରି ବା ପାଞ୍ଚ ଫୁଟ । ଏମାନେ ସାଧାରଣତଃ ଗାଈ, ଗୋରୁ, ମେଣ୍ଢା, ଛେଳି ଆଦିଙ୍କୁ ମାରନ୍ତି; ଏମାନେ ମନୁଷ୍ୟଙ୍କୁ ମାରି ପାରନ୍ତି ନାହିଁ । ]
नेकड़ा ୨ । ହେଟା ବାଘ; ଗଧିଆ—
भेड़िया; लकड़बग्घा 2. Wolf; Canis Palipes.
ଭୂମି ଉପରେ ପଡ଼ି ନିଦ୍ରା ଶୂକରକୁ କେନ୍ଦୁଅ ଯେପରି ଅନାଇଁ ସେହିପରି ଏକଧ୍ୟାନରେ ରହିଁ ଅଛି—ଫକୀରମୋହନ. ଛଅମାଣଆଠଗୁଣ୍ଠ ।

**କେନ୍ଦୁକ**—ସଂ. ବି.—କେନ୍ଦୁ ( ଦେଖ )
Kenduka Kendu ( See )

**କେନ୍ଦୁଝର**—ଦେ. ବି. ( ନାମ )—କେଉଁଝର ( ଦେଖ )
Kendujhara Keuñjhara ( See )

**କେନ୍ଦୁଡ଼ି**—ଦେ. ବି. ( ସଂ. କନ୍ଦଲ )—ଏକଜାତୀୟ ଜଳଜ ପୁଷ୍ପଗୁଳ୍ମ; ପାଣିକେନ୍ଦୂଳ ଗଛ—
Kendurdi A species of aquatic flowering plant.
[ ଦ୍ର—ଏହା ପାଣିରେ ଜନ୍ମେ, ପତ୍ର ଗୋଲ ଓ ମସୃଣ । ଏହାର ପତ୍ରରେ ଲହୁଣୀ ଲଗାଇ ପାଚିବା ବ୍ରଣ ଆଦିରେ ଦେଲେ ସେଥିରୁ ପୂଜ ନିଃଶେଷ ହୋଇ ବାହାରି ଯାଇ ଘାଆ ଶୁଖିଯାଏ । ଏଥିର ମୂଳ ଔଷଧରୂପେ ବ୍ୟବହୃତ ହୁଏ । ]

**କେନ୍ଦୁବାଡ଼ି**—ପ୍ରାଦେ. ( ସମ୍ବଲପୁର ) ବି—ଗଉଡ଼ଙ୍କ ବ୍ୟବହୃତ ଯଷ୍ଟି—
Kendubārdi Stick used by cowherds.

**କେନ୍ଦୁବିଲ୍ୱ**—ସଂ. ବି. ( ନାମ )—ଗୀତଗୋବିନ୍ଦ ପ୍ରଣେତା କବି ଜୟଦେବଙ୍କ ଜନ୍ମସ୍ଥାନ—
Kendubilwa The birth-place of Jayadeba, the poet of Gītagobinda.
[ ଦ୍ର—ଏହା ପୂର୍ବବଙ୍ଗ ବୀରଭୂମ ଜିଲ୍ଲାର ଅଜୟା ନଦୀକୂଳରେ ଅବସ୍ଥିତ ଗୋଟିଏ ଗ୍ରାମ । ପ୍ରତିବର୍ଷ ପୌଷ ପୂର୍ଣ୍ଣିମୀଠାରୁ ପନ୍ଦର ଦିନ ଏଠାରେ ମେଳା ହୁଏ । ବର୍ତ୍ତମାନ କେତେକ ଓଡ଼ିଆ ଲେଖକ ଏହାକୁ ଓଡ଼ିଶାର ପୁରୀ ଜିଲାର କୋଠଦେଶ ଅଞ୍ଚଳର ଗୋଟିଏ ଗ୍ରାମ ବୋଲି ନିର୍ଦ୍ଦେଶ କରୁଅଛନ୍ତି । କିନ୍ତୁ ଏ କଥା ଏପର୍ଯ୍ୟନ୍ତ ନିଃସନ୍ଦେହରୂପେ ମୀମାଂସିତ ହୋଇ ନାହିଁ । ଜୟଦେବ ତଳେ କୋହ୍ନ ଦେଖ । ]

**କେନ୍ଦୁମୁଣ୍ଡିଛତୁ**—ପ୍ରାଦେ. (ଜୟପୁର ) ବି—ଏକପ୍ରକାର ଛତୁ—
Kendumuṇdichhatu A kind of mushroom.

**କେନ୍ଦୁରୀ**—ଦେ. ବିଣ. ସ୍ତ୍ରୀ—କୁତ୍ସିତା ବା ଅସୁନ୍ଦରୀ ( ସ୍ତ୍ରୀ )—
Kendurī ( woman ) Ugly to look at.

**କେନ୍ଦୁଳି**—ଦେ. ବି—୧ । କେନ୍ଦୁଡ଼ି ( ଦେଖ )
Kenduli 1. Kendurdi ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | କ୍ଷ | ଇଅ | ଉଅ | ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁୟ | ଇଅ | ଓ | ନ |

୨ । (ନାମ)—କେନ୍ଦୁବିଲ୍ୱ ( ଦେଖ )
2. Kendubilwa ( See )

**କେନ୍ଦେରା**—ଗ୍ରା. ବି.—କେନ୍ଦରା ( ଦେଖ )
Kenderā Kendarā ( See )

କେଉଁ କେଉଁ କେନ୍ଦେରା ମୁଁ କେତେ ବଜାଇବ—ଶିଶୁଗୀତ ।

**କେନ୍ଦେରାଇବା**—ଗ୍ରା. କ୍ରି—କେନ୍ଦ୍ରେଇବା ( ଦେଖ )
Kenderāibā Kendreibā ( See )

**କେନ୍ଦେରାପଡ଼ା**—ଗ୍ରା. ବି. ( ନାମ )— କେନ୍ଦରାପଡ଼ା ( ଦେଖ )
Kenderāparḍā Kendarāparḍā ( See )

**କେନ୍ଦେରିବା**—ଗ୍ରା. କ୍ରି—କେନ୍ଦ୍ରେଇବା ( ଦେଖ )
Kenderibā Kendreibā ( See )

**କେନ୍ଦେଳାଇବା**—ଗ୍ରା. କ୍ରି—କେନ୍ଦ୍ରେଇବା ( ଦେଖ )
Kendeḷāibā Kendreibā 2 ( See )

**କେନ୍ଦେଳିବା**—ଗ୍ରା. କ୍ରି—କେନ୍ଦ୍ରେଇବା ୨ ( ଦେଖ )
Kendeḷibā Kendreibā ( See )

**କେନ୍ଦ୍ର**—ସଂ. ବି. ( ଏ ଶବ୍ଦ ଗ୍ରୀକ୍ କେଣ୍ଟ୍ରନ୍ ଶବ୍ଦରୁ ସଂସ୍କୃତକୁ ଆସିଅଛି; M. W. )—
Kendra

୧ । ବୃତ୍ତର ଠିକ୍ ମଧ୍ୟବିନ୍ଦୁ; ଗୋଲ ବସ୍ତୁର ଠିକ୍ ମଧ୍ୟବିନ୍ଦୁ—
1. Centre of a circle; focus.

୨ । ପୃଥିବୀର ଉତ୍ତର ଓ ଦକ୍ଷିଣର ପ୍ରାନ୍ତବିନ୍ଦୁ—
2. North and south poles of the globe.

୩ । (ଜ୍ୟୋତିଷ) ଜନ୍ମଲଗ୍ନର ଚତୁର୍ଥ, ସପ୍ତମ ବା ଦଶମ ସ୍ଥାନ—
3. ( astrology ) The distance of a planet from the first point of its orbit in the fourth, seventh or tenth degree ( M.W.).

୪ । ( ଜ୍ୟୋତିଷ ) ସୂର୍ଯ୍ୟଙ୍କଠାରୁ ଗ୍ରହାଦିର ଦୂରତ୍ୱ—
4. ( astronomy ) The distance of a planet or star from the sun.

୫ । ( ଜ୍ୟୋତିଷ ) ମନୁଷ୍ୟର ଜନ୍ମ ସମୟରେ ଗ୍ରହନକ୍ଷତ୍ରାଦିଙ୍କର ଆପେକ୍ଷିକ ଅବସ୍ଥାନ—
5. ( astrology ) The relative positon or distance of planets at one's birth.

୬ । (ଜ୍ୟୋତିଷ) ମନୁଷ୍ୟର ଜନ୍ମଲଗ୍ନ—
6. (astrology) The planet which is in the ascendant at the time of a man's birth.

୭ । କେନ୍ଦ୍ରସ୍ଥଳ; କୌଣସି ବିଷୟ ବା ବସ୍ତୁ ସଂଗୃହୀତ ହେବାର ପ୍ରଧାନ ସ୍ଥାନ; ବାଣିଜ୍ୟ ଓ ବିଦ୍ୟାଚର୍ଚ୍ଚା ଆଦିର ପ୍ରଧାନ ସ୍ଥାନ—
7. Chief seat; emporium; central place.

୮ । କେନ୍ଦ୍ରର ସମୀକରଣ—
8 The eqation of the centre ( M. W. ).

ଦେ ବି—୧ । ଖେଳ ଜିତିବା ପାଇଁ କରାଯିବା ନାନାଦି କୂଟ ବା ଉପାୟ—
1. Unfair means used in a game; stratagem.

ଖେଳରେ ବସି କେସ୍ତ ଲଗାଇ ନାନା କେନ୍ଦ୍ର ।
ସାରଳା· ମହାଭାରତ ।

୨ । କେନ୍ଦ୍ରି ( ଦେଖ )
2. Kendri ( See )

**କେନ୍ଦ୍ରକ**—ସଂ. ବି—ମହାକାଳ ଲତା—
Kendraka A plant;Colocasia Antiquorum (M.W).

**କେନ୍ଦ୍ର କରିବା**—ଦେ. କ୍ରି—୧ । (ଜ୍ୟାମିତି) ବୃତ୍ତ ଅଙ୍କିତ କରିବା ପାଇଁ ଗୋଟିଏ କେନ୍ଦ୍ର-ବିନ୍ଦୁ ନିରୂପଣ କରିବା—
Kendra karibā
কেন্দ্রকরা
**केन्द्रकरना**
1. (geometry) To fix a point as the centre for drawing a circle.

୨ । କୌଣସି ବହୁବ୍ୟାପୀ କର୍ମ କରିବା ପାଇଁ କର୍ମାରମ୍ଭ କରିବାର କେନ୍ଦ୍ରସ୍ଥଳ ନିରୂପଣ କରିବା—
2. To fix a place as the centre for doing some extensive work.

**କେନ୍ଦ୍ରବର୍ତ୍ତୀ**—ସଂ. ବିଣ. (କେନ୍ଦ୍ର+ବୃତ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Kendrabarttī ୧ । କେନ୍ଦ୍ରରେ ଅବସ୍ଥିତ—
(କେନ୍ଦ୍ରବର୍ତ୍ତିନୀ—ସ୍ତ୍ରୀ) 1. Central; situated in the central position.

୨ । (ଜ୍ୟୋତିଷ) ଜନ୍ମ ଲଗ୍ନରେ ଅବସ୍ଥିତ (ଗ୍ରହ)—
2. (astronomy) (a planet) In the ascendant at the time of one's birth.

୩ । (ଗଣିତ ଜ୍ୟୋତିଷ) ଲଗ୍ନର ଚତୁର୍ଥ, ସପ୍ତମ ବା ଦଶମ ସ୍ଥାନରେ ଅବସ୍ଥିତ—
3 (astrology) Occupying the fourth, seventh or tenth position from one's natal planet.

**କେନ୍ଦ୍ରସ୍ଥ**—ସଂ. ବିଣ. ପୁଂ. (କେନ୍ଦ୍ର+ସ୍ଥା ଧାତୁ+କର୍ତ୍ତୃ. ଅ.)—
Kendrastha କେନ୍ଦ୍ରବର୍ତ୍ତୀ ( ଦେଖ )
(କେନ୍ଦ୍ରସ୍ଥା - ସ୍ତ୍ରୀ) Kendrabarttī ( See )

**କେନ୍ଦ୍ରସ୍ଥାନ**—ସଂ. ବି. ( କେନ୍ଦ୍ର+ସ୍ଥାନ )—
Kendrasthāna ୧ । ମଧ୍ୟବିନ୍ଦୁ—1. Focus

୨ । (କୌଣସି ବିଷୟ, ବିଦ୍ୟା ବା ବାଣିଜ୍ୟାଦିର) ପ୍ରଧାନ ସ୍ଥାନ—
2. Mart; chief centre.

୩ । (ଜ୍ୟୋତିଷ) ଲଗ୍ନର ୪ର୍ଥ, ୭ମ ବା ୧୦ମ ସ୍ଥାନ—
3. (astrology) The 4th, 7th or 10th place counted from one's natal planet.

**କେନ୍ଦ୍ରା**—ଦେ. ବି—କେନ୍ଦରା ( ଦେଖ )
Kendrā Kendarā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରରେ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରରେ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରର ଅପର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**କେନ୍ଦ୍ରାଇବା**—ଦେ. କ୍ରି—କେନ୍ଦ୍ରେଇବା ( ଦେଖ )
Kendrāibā — Kendreibā ( See )

**କେନ୍ଦ୍ରାପଡ଼ା**—ଦେ. ବି. (ନାମ)—କେନ୍ଦରାପଡ଼ା ( ଦେଖ )
Kendrāpardā — Kendarāpardā ( See )

**କେନ୍ଦ୍ରାପସାରିଣୀ ଶକ୍ତି**—ସଂ. ବି. ( ବିଜ୍ଞାନ ପରିଭାଷା )—
Kendrāpasārinī śakti ଯେଉଁ ଶକ୍ତି ବଳରେ କୌଣସି ବସ୍ତୁ ଘୂର ଘୂର ଗତି କଲା ବେଳେ କେନ୍ଦ୍ରଠାରୁ ଦୂରରେ ରହେ— ( science ) Centrifugal force.

**କେନ୍ଦ୍ରାଭିକର୍ଷଣୀ ଶକ୍ତି**—ସଂ. ବି. ( ବିଜ୍ଞାନ ପରିଭାଷା )—
Kendrābhikarshaṇī śakti ୧ । ଯେଉଁ ଶକ୍ତି ବଳରେ କୌଣସି ବସ୍ତୁ ଘୂରିଲାବେଳେ ପୃଥିବୀର କେନ୍ଦ୍ର ବା ବୃତ୍ତର କେନ୍ଦ୍ର ଆଡ଼କୁ ଟାଣି ହୋଇ ଆସେ—
1. (science) Centripetal force.
୨ । ମାଧ୍ୟାକର୍ଷଣ—
2. The force of Gravitation

**କେନ୍ଦ୍ରି**—ଦେ. ବି—ଖେଳରେ ଅନ୍ୟାୟ ମତେ ଜିଣିବା ଅଭିପ୍ରାୟରେ
Kendri କରାଯିବା ଷଡ଼ଯନ୍ତ୍ର ବା କୌଶଳ—
Artifices or unfair means employed by persons eager to win a game.

**କେନ୍ଦ୍ରି କେନ୍ଦ୍ରି ଯିବା**—ପ୍ରାଦେ. (ସମ୍ବଲପୁର) କ୍ରି—ବଙ୍କାଇ ବଙ୍କାଇ ବା
Kendri kendri jibā ଘୂରି ଘୂରି ଗତି କରିବା—
To move on in a zigzag course.

**କେନ୍ଦ୍ରିବା**—ପ୍ରାଦେ. (ସମ୍ବଲପୁର) କ୍ରି—କେନ୍ଦ୍ରେଇବା (ଦେଖ)
Kendribā — Kendreibā ( See )

**କେନ୍ଦ୍ରୀ**—ସଂ. ବିଣ. ପୁଂ ( କେନ୍ଦ୍ର+ଇନ୍. ୧ମା. ୧ବ. )—
Kendrī କେନ୍ଦ୍ରବର୍ତ୍ତୀ ( ଦେଖ )
(କେନ୍ଦ୍ରିଣୀ—ସ୍ତ୍ରୀ) Kendrabarttī ( See )

**କେନ୍ଦ୍ରୀଭୂତ**—ସଂ. ବିଣ. ( କେନ୍ଦ୍ର+ଅଭୂତ ତଦ୍ଭାବେ ଚ୍ୱି+ଭୂ ଧାତୁ+
Kendrībhūta କର୍ତ୍ତୃ. ତ)—୧ । ଚାରିଆଡ଼ୁ ଗୋଟାଇ ହୋଇ ଆସି ଏକ ସ୍ଥାନରେ ରାଶୀକୃତ—1. Concentrated; gathered into one centre.
୨ । ଯାହା ପୂର୍ବେ କେନ୍ଦ୍ର ନ ଥିଲା କିନ୍ତୁ ବର୍ତ୍ତମାନ କେନ୍ଦ୍ର ହୋଇଅଛି—2. Now turned into a centre.

**କେନ୍ନିକେ**—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ. ( ସଂ. କିମ୍ ଓ ଦିକ୍ )—
Kennike ୧ । କେଉଁ ଦିଗକୁ ?—1. To what direction ?
୨ । କେଣିକି ? କେଉଁଠାକୁ ?—
2. Where to ? to what place ?

**କେନ୍ନେ**—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—କାହିଁ ? କେଉଁଠାରେ ?
Kenne କେଣେ ?—Where ?

**କେନ୍ମୁ**—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—କାହୁଁ ? କେଉଁ ?—
Kenmu — Whence ?

**କେନ୍ସି**—ପ୍ରାଦେ. ( ସମ୍ବଲପୁର ) ସର୍ବ—୧ । କୌଣସି—
Kensi — 1. Any.
୨ । କେଉଁ ?—2. Which ?

**କେପ (ଧାତୁ)**—ସଂ—୧ । ଥରିବା; କମ୍ପିବା—
Kep (root) 1. To shake, to tremble.
୨ । ଯିବା—2. To go.

**କେପ୍**—ବୈଦେ. ବି. ( ଇଂ. କାପ୍ )—୧ । କାପ; ଟୋପି—1. Cap.
Kep ୨ । ଟୋପିଦାର ବନ୍ଧୁକ ଫୁଟାଇ କରିବା ପାଇଁ ବ୍ୟବହୃତ
କ୍ୟାପ ଟୋପି—2. Percussion cap used for firing
କੈਪ a gun.
୩ । ( ଇଂ. କେପ୍ )—ଅନ୍ତରୀପ—3. Cape.

**କେପସୁଲ୍**—ବୈଦେ. ବି. (ଇଂ. କାପସୁଲ୍)—ବୋତଲର ଠିପି ଉପରେ
Kepsul ଲଗା ଯାଇଥିବା ଟୋପି—Capsule.
କ୍ୟାପସୁଲ
କੈਪਸੂਲ

**କେବ୍ (ଧାତୁ)**—ସଂ—ସେବା କରିବା—
Keb (root) To serve; to tend.

**କେବ୍ରଡ଼ା**—ପ୍ରାଦେ. ( ସମ୍ବଲପୁର ଭୁଲ. ହି. ଲୁଚ୍ଛ ସଂ. କୁପାଠକ)
Kebrdā ବିଣ—୧ । ମୂର୍ଖ—1. Illiterate; dunce.
୨ । ଅଜ୍ଞ—2. Ignorant.

**କେବେ**—ଦେ. ସର୍ବନାମ—୧ । ( ସଂ. କିମ୍+ବେଳା ) କେଉଁ ସମୟ ?
Keba କେଉଁବେଳେ ?—1. Which time ? what time ?
କବେ ୨ । ବହୁ ପୂର୍ବବର୍ତ୍ତୀ କାଳ; ଦୂର ଅତୀତ—
କਬ 2. Long time past.
୩ । ବହୁ ପରବର୍ତ୍ତୀ କାଳ; ଦୂର ଭବିଷ୍ୟତ—
3. Distant future.

[ ଦ୍ର—ଏହି ଶବ୍ଦରୁ ୨ୟା ବିଭକ୍ତିରେ କେବକୁ, ୫ମୀ ରେ କେବଠଉଁ, କେବଠାରୁ, କେବହୁଁ, କେବରୁ, ୬ଷ୍ଠୀରେ କେବକା, କେବକାର, କେବର ଓ ୭ମୀରେ କେବେ ଶବ୍ଦମାନ ହୁଏ । ]

**କେବକା**—ଦେ. ବିଣ. (ସଂ. କିମ୍)—୧ । କେଉଁ ସମୟର ?—
Kebakā 1. Belonging to or appertaining to
କବେକାର what time ?
କਬਕੀ ୨ । ବହୁକାଳପୂର୍ବର—2. Of a long time past.

**କେବକାର**—ଦେ. ବିଣ. (ସଂ. କିମ୍)—କେବକା (ଦେଖ)
Kebakarā — Kebakā (See)

**କେବକୁ**—ଦେ. ଅ. (ସଂ. କିମ୍)—୧ । କେଉଁ ଭବିଷ୍ୟତ ସମୟରେ ?—
Kebaku 1 In what future time ?
କବେ କେବକୁ କରିବେ ସବୁ ଯୋଗାଡ଼ ସଙ୍ଗୋଳ । ପୀତାମ୍ବର, ନୃସିଂହପୁରାଣ ।
କਬਕੋ, କਬ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଖ,ଷ | ଙ୍କ | ଇଯ୍ | ଡ଼ଅ | ଢ଼ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଷ୍ୟ | ଯ | ସ | ଗଂ୍ୟ | ଇଅ | କ୍ | ନ୍ନ |

**କେବଟ**—ସଂ. ବି.—୧ । ଜଳ ଝରିବା ପାଇଁ ବାଲି କମ୍ପା ମାଟିରେ
Kebaṭa ଖୋଳା ଯିବା କୂପ ବା ଗର୍ତ୍ତ; ଚୂଆ—A shallow pool or hole dug in the sand for accumulation of percolating water.

**କେବଠାଉଁ**—ଦେ. ଅ.—କେବଠାରୁ (ଦେଖ)
Kebaṭhauñ Kebaṭhāru (See)

**କେବଠାରୁ**—ଦେ. ଅ.—୧ । କେଉଁ ସମୟରୁ ?—
Kebaṭhāru 1. From which time ?
କବେଥେକେ ୨ । ବହୁ କାଳ ପୂର୍ବରୁ—
কবসে 2. Since a long long time.

**କେବଠୁଁ**—ଦେ. ଅ.—କେବଠାରୁ (ଦେଖ)
Kebaṭhuñ Kebaṭhāru (See)

**କେବଣ**—ଦେ. ( ପଦ୍ୟ ) ସର୍ବ ( ସଂ. କମ୍ )—୧ । କେଉଁ ( ବ୍ୟକ୍ତି ବା
Kebaṇa ବିଷୟ) ?—
কোন 1. Who ? which ? what ?
କାଲ, କେବଣ ଉପରୁ ମୁହଁ ହୋଇ ଅଛ ସଜା । ମହାଦେବ. ମାର୍କଣ୍ଡେୟପୁରାଣ ।
୨ । କେହି; କୌଣସି ଅନିର୍ଦ୍ଦିଷ୍ଟ (ବ୍ୟକ୍ତି ବା ବିଷୟ)—2. Any (person or thing); some person or some thing.

**କେବର୍ତ୍ତ**—ସଂ. ବି.—( କେ=ଜଳରେ+ବୃତ ଧାତୁ=ରହିବା+କର୍ତ୍ତୃ. ଅ )—କୈବର୍ତ୍ତ; କେଉଟ—Fisherman.
Kebartta

**କେବରୁ**—ଦେ. ଅ.—କେବଠାରୁ (ଦେଖ)
Kebaru Kebaṭhāru (See)

**କେବଲ୍**—ବୈଦେ. ବି (ଇଂ. କେବ୍ଲ୍)—୧ । ସମୁଦ୍ର ଗର୍ଭରେ ସ୍ଥାପିତ
Kebal ଟେଲିଗ୍ରାଫ୍ ତାର—1. Cable; telegraphic wire
কেবল laid on the bed of the sea.
कोबल ୨ । ସାଗର ପାରରେ ଅବସ୍ଥିତ ଦେଶରୁ ପ୍ରେରିତ ତାର-ଖବର—2. Cablegram.

**କେବଳ**—ସଂ. ବିଣ.—(କେବ୍ ଧାତୁ=ସେବା କରିବା+କର୍ତ୍ତୃ. ଅଳ)—
Kebaḻa ୧ । ଅଦ୍ୱିତୀୟ; ଏକ ମାତ୍ର—1. Single; sole.
୨ । ବିଶୁଦ୍ଧ; ଅମିଶ୍ରିତ—2. Unmixed, unalloyed; unadultereted; pure; uncompounded.
(କେବଳତ୍ୱ—ବି) ୩ । ଏକାକୀ—3. Alone; solitary.
୪ । ଅସାଧାରଣ—4. Uncommon; extraordinary.
୫ । ସମ୍ପୂର୍ଣ୍ଣ—5. Complete; entire; whole.
୬ । ବିଶିଷ୍ଟ—6. Particular; peculiar.
୭ । ନିଶ୍ଚିତ—7. Certain; sure; absolute.
୮ । ସ୍ୱାର୍ଥପର—8. Selfish.
୯ । ଶୁଦ୍ଧ; ପବିତ୍ର—9. Genuine; sacred.
୧୦ । ସର୍ବୋତ୍କୃଷ୍ଟ—10. Supreme; highest.
୧୧ । କେବଳ ଜଣକର ଅଧିକୃତ—
11. Exclusively one's own.
୧୨ । ସମ୍ପୂର୍ଣ୍ଣରୂପେ ଅନ୍ୟମାନଙ୍କ ଠାରୁ ପୃଥକ୍; ସ୍ୱତନ୍ତ୍ର—
12. Isolated.
୧୩ । ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁ ସଙ୍ଗେ ସମ୍ପର୍କରହିତ—
13. Not connected with anything else.
୧୪ । ଈର୍ଷାପର—14. Envious (M. W)
ଦେ. ବି. ପୁଂ.—କେବଳାନନ୍ଦ ନାମକ ବ୍ୟକ୍ତିର ଡାକନାମ—
A name for calling Kebaḻānanda.
ସଂ. ବି.—୧ । କେବଳୀ (ଦେଖ)
1. Kebaḻī (See)
୨ । ନର୍ତ୍ତକ; ନାଚୁଆ—2. Dancer (M. W.)
୩ । ବାଜି ଭିଙ୍ଗି ଖେଳାଳି—3. A tumbler.
୪ । କେରଳ (ଦେଖ)—
4. Keraḻa (See)
ଅ.—୧ । ଏକମାତ୍ର—1. Solely.
୨ । ଏକାକୀ—2 Alone; singly.
୩ । ଖାଲି—3. Only; purely; merely.
୪ । ସମ୍ପୂର୍ଣ୍ଣରୂପେ—
4. Entirely; wholly; absolutely.
୫ । ନିଶ୍ଚିତରୂପେ—5. Certainly; surely;

**କେବଳଇ**—ଦେ. ଅ. ( ସଂ. କେବଳଂ+ହି )—କେବଳ ( ଦେଖ )
Kebaḻai Kebaḻa ( See )

**କେବଳକର୍ମ**—ସଂ. ବି.—୧ । ଯୋଗବିଶେଷ—
Kebaḻakarma 1. A sort of Joga.
୨ । ବୁଦ୍ଧିପୂର୍ବକ କରାଯିବା କାର୍ଯ୍ୟ—
2. Act done with intellegence.

**କେବଳଜ୍ଞାନ**—ସଂ. ବି—ସର୍ବୋଚ୍ଚଜ୍ଞାନ; ତତ୍ତ୍ୱଜ୍ଞାନ—
Kebaḻajñāna The highest possible knowledge.

**କେବଳତଃ**—ସଂ. ଅ. (କେବଳ+ତସ୍ )—କେବଳ ( ଦେଖ )
Kebaḻataḥ Kebaḻa ( See )

**କେବଳଦ୍ରବ୍ୟ**—ସଂ. ବି—ଗୋଲମରିଚ—
Kebaḻadrabya Black pepper.

**କେବଳାନନ୍ଦ**—ସଂ. ବି. ( କେବଳ+ଆନନ୍ଦ )—
Kebaḻānanda ୧ । ଅମିଶ୍ରିତ ଆନନ୍ଦ—
1. Unmixed joy or delight.
୨ । ବିଶୁଦ୍ଧାନନ୍ଦ; ପରମାନନ୍ଦ—2. Pure joy; beatitude.
ଦେ. ବି. ପୁଂ.—ଲୋକଙ୍କ ନାମ—
A name given to males.

**କେବଳୀ**—ସଂ. ସ୍ତ୍ରୀ. ( କେବଳ+ଈ )—
Kebaḻī ୧ । ଆତ୍ମା ଓ ଦେହ ଏକ ଥିବା ବିଷୟକ ମତ ବା ବିଶ୍ୱାସ—

ସାଧାରଣ ସେତେ ଅପର ପୃଷ୍ଠାରେ ୧ ଠାରୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ୍' ଦେଖିବେ

1. The doctrine that spirit and matter are one and the same.

୨ । ଜ୍ୟୋତିଷ ବିଦ୍ୟା—
2. Astronomical science.

୩ । ଧ୍ୟାନରତ ଯୋଗୀ—
3. A meditative ascetic ( M. W. ).

୪ । ( କେବଳ ଜ୍ଞାନବିଶିଷ୍ଟ ) ଅର୍ହତ୍—
4. A Jaina saint.

(କେବଳୀ—ସ୍ତ୍ରୀ) ସଂ. ବିଣ. ପୁଂ. (କେବଳ + ଇନ୍. ୧ମା. ୧ବ)—
୧ । ଏକାକୀ—1. Alone; single; solitary.
୨ । ଯେଉଁ ଲୋକ ଆତ୍ମା ଓ ଦେହ ଏକ ବୋଲି ବିଶ୍ୱାସ କରେ—2. Believing in the doctrine of absolute unity of spirit and matter.
୩ । ଏକମାତ୍ର—3. Sole; one; only ( M. W. )

କେବହୁଁ—ଦେ. ଅ—କେବଠାରୁ ( ଦେଖ )
Kebahuñ — Kebaṭhāru ( See )

କେବା—ଦେ. ଅ. ( ସଂ. କିମ୍ + ବା )—୧ । କିଏ ଅବା—
Kebā — 1. Whoever.
୨ । କେଉଁ ବସ୍ତୁ ଅବା—2. Whatever.
୩ । କିବା; କିମ୍ବା—3. Or.
ନ ଜାଣିଲେ କଳ ରବିସ କେବା ଶତ—କୃଷ୍ଣସିଂହ, ମହାଭାରତ. ବନ ।

କେବିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଚିମୁଟିବା—
Kebibā — To pinch.

କେବୁକ—ସଂ. ବି—କଉକଉଆ ( ଦେଖ )
Kebuka — Kaukauā ( See )

କେବେ—ଦେ. ଅ. ( ସଂ. କଦା; କଦାପି )—
Kebe ୧ । କଦା ? କେତେବେଳେ ? କେଉଁ ସମୟରେ ?—
কবে 1. When ?.
कब ୨ । କୌଣସି ସମୟରେ—2. Ever; at any time.
ମୁଁ ଏହା କଲି ବୋଲି କେବେ ନ କହନ୍ତୁ—କୃଷ୍ଣସିଂହ. ମହାଭାରତ. ଉଦ୍ୟୋ
୩ । ବହୁକାଳ ପରେ ବା ପୂର୍ବେ ଅନିର୍ଦ୍ଦିଷ୍ଟ ସମୟରେ—
3. In some remote and unfixed future or past.

କେବେଁ—ଦେ. ଅ—କେବେହେଲେ ( ଦେଖ )
Keben̄ — Kebehele ( See )

କେବେକେବେ—ଦେ. ଅ. ( ସଂ. କଦାକଦା )—କୌଣସି କୌଣସି
Kebekebe ସମୟରେ—Occasionally; at times.
কবেকবে
कबकब

କେବେହେଁ—ଦେ. ଅ—କେବେହେଲେ ( ଦେଖ )
Kebehen̄ — Kebehele ( See )
ଦଣ୍ଡୀ ଭଲେ ସୁରକ୍ଷିତ
କେବେହେଁ ନୋହେ ଶୁଦ୍ଧତର—ଜଗନ୍ନାଥ. ଭାଗବତ ।

କେବେହେଲେ—ଦେ. ଅ. ( ସଂ. କଦାପି )—
Kebehele ୧ । କଦାପି—1 Ever.
কবেও ୨ । କଦାକାଳେ, କେତେବେଳେ ହେଲେ—
कभी 2. At any time whatever.
କଳାର୍ଥୀ ଶ୍ୟେନ, ମୃଗ, ବରାହାଦି କରି
ବନପଶୁ କେବେହେଲେ ଓହ୍ଲାଇବେ ନରେ—
ରାଧାନାଥ. ଦଶରଥବିୟୋଗ ।
୩ । ଯେ କୌଣସି କାରଣରୁ ବା ଅବସ୍ଥାରେ ମଧ୍ୟ—
3. On any consideration or account.

କେବ୍ଭେ—ଦେ. ଅ—କେବେହେଲେ ( ଦେଖ )
Kebbhe — Kebehele ( See )

କେବ୍ଭେଁ—ଦେ. ଅ—କେବେହେଲେ ( ଦେଖ )
Kebbhen̄ — Kebehele ( See )

କେଭଉ—ଦେ. ଅ—କେବଠାରୁ ( ଦେଖ )
Kebhau — Kebaṭhāru ( See )

କେଭଉଁ—ଦେ. ଅ—କେବଠାରୁ ( ଦେଖ )
Kebhaun̄ — Kebaṭhāru ( See )

କେଭହୁଁ—ଦେ. ଅ—କେବଠାରୁ ( ଦେଖ )
Kebhahun̄ — Kebaṭhāru ( See )

କେଭେ—ଦେ. ଅ—କେବେହେଲେ ( ଦେଖ )
Kebhe — Kebehele ( See )

କେଭେଁ—ଦେ. ଅ—କେବେହେଲେ ( ଦେଖ )
Kebhen̄ — Kebehele ( See )

କେମତ—ଗ୍ରା. ବିଣ ଓ କ୍ରି. ବିଣ—କେମନ୍ତ ( ଦେଖ )
Kemat — Kemanta ( See )

କେମତି—ଗ୍ରା. ବିଣ ଓ କ୍ରି. ବିଣ—କେମନ୍ତ ( ଦେଖ )
Kemati — Kemanta ( See )

କେମତିକା—ଗ୍ରା. ବିଣ ଓ କ୍ରି. ବିଣ—କେମନ୍ତ ( ଦେଖ )
Kematikā — Kemanta ( See )

କେମତିକିଆ—ଗ୍ରା. ବିଣ ଓ କ୍ରି. ବିଣ—କେମନ୍ତ ( ଦେଖ )
Kematikiā — Kemanta ( See )

କେମତେ—ଦେ. କ୍ରି. ବିଣ—କେମନ୍ତେ ( ଦେଖ )
Kemate — Kemante ( See )

କେମନ୍ତ୍—ଦେ. ଅ. ( ସଂ. କଥମ୍ )—
Kemant ୧ । ଦେଖିବା ଦେଖି; କି ! କଅଣ !—
কেমন; কি 1. (interjection) What ! let us see ?
क्या ୨ । ( ପ୍ରଶ୍ନାର୍ଥକ ) ସତେ ?—
2. ( interrogation ) Is it so ?

କେମନ୍ତ—ଦେ. ବିଣ. ( ସଂ. କଥମ୍ )—
Kemanta ୧ । କିପରି ? କେଉଁ ପ୍ରକାରର ?—
কেমন 1. Of what kind or sort ?
कैसा ମୁହିଁ କେମନ୍ତ ହୋଇ ରହିଁ ଯିବ ।
ପ୍ରାଚୀ. କଳତରଙ୍ଗ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଷ,ଷ | ଙ୍କ | ଇମ୍ବ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯୈ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଟ୍ୟ | ଇଅ | ଞ | ନୃ |

ଦେ. କ୍ରି. ବିଣ—କି ପ୍ରକାରେ ? କପରି ?—
How ? in what manner ?
ଯମ ଦଣ୍ଡରୁ ମୋ ରକ୍ଷା କେମନ୍ତ ହେବ ।
କବିସୂର୍ଯ୍ୟ. ଭଗୋଷ୍ଠଚମ୍ପୂ. ଷ ଗୀତ ।

ଦେ. ଅ. (ପ୍ରଶ୍ନାର୍ଥକ)—ସତେ ? ସତେକି ?
( interrogative ) It is so ?

କେମନ୍ତି—ଗ୍ରା. ବିଣ. ଓ କ୍ରି. ବିଣ—କେମନ୍ତ ( ଦେଖ )
Kemanti — Kemanta ( See )
ଉଭ୍ୟ ଗୋବିନ୍ଦଙ୍କ କୋପେ ବର୍ତ୍ତିବା କେମନ୍ତି ।
ସାରଳା. ମହାଭାରତ ।

କେମନ୍ତିକା—ଗ୍ରା. ବିଣ—କେମନ୍ତ ( ଦେଖ )
Kemantikā — Kemanta ( See )

କେମନ୍ତିକିଆ—ଗ୍ରା. ବିଣ—କେମନ୍ତ ( ଦେଖ )
Kemantikiā — Kemanta ( See )

କେମନ୍ତେ—ଦେ. କ୍ରି. ବିଣ—କି ପ୍ରକାରେ ? କପରି ?—
Kemante — How ?
কেমন — ବୁଡ଼ିଲ ମଉଁବ ଚଲେ
कैसा — ସେ ଚୋରେ ପାଇବେ କେମନ୍ତେ । ଜଗନ୍ନାଥ. ଭାଗବତ ।

କେମିଷ୍ଟ୍ରି—ବୈଦେ. ବି. ( ଇଂ. କେମିଷ୍ଟ୍ରି )—ରସାୟନ ଶାସ୍ତ୍ର—
Kemishtri — Chemistry.
কেমিষ্ট্রী
केमिष्ट्रि

କେମୁକ—ସଂ. ବି— କଉକଉଆ ( ଦେଖ )
Kemuka — Kaukauā ( See )

କେମେତି—ଗ୍ରା. ବିଣ ଓ କ୍ରି. ବିଣ—କେମନ୍ତ ( ଦେଖ )
Kemeti — Kemanta ( See )

କେମେତି କଦବା—ଗ୍ରା. ଅ—୧ । କେବେ କେବେ—
Kemeti kadabā — 1. On certain occasions.
୨ । କ୍ୱଚିତ୍ ସମୟରେ; କଦାଚିତ୍—
2. Not very often; scarcely.

କେମ୍ପ୍—ବୈଦେ. ବି. ( ଇଂ. କ୍ୟାମ୍ପ୍ )—
Kemp — ହାକିମମାନଙ୍କର ଅସ୍ଥାୟୀ ବାସସ୍ଥାନ; ତମ୍ବୁ—
ক্যাম্প — Camp; temporary halting place of a
कम्पु — public officer; a touring officer's camp.

କେମ୍ପଖଟ—ଦେ. ବି. ( ଇଂ. କ୍ୟାମ୍ପ୍ ଓ ସଂ. ଖଟ୍ୱା )—
Kempkhaṭa — ଭଙ୍ଗାଖଟ; ଯେଉଁ ଖଟ ଭଙ୍ଗାଯାଇ ପୁଣି ଯୋଡ଼ା ହୋଇ ରଖାଯାଇ ପାରେ—
Camp bedstead.

କେମ୍ପା—ଦେ. ବିଣ. ପୁଂ. ( ସଂ. କୋଣି )—
Kempā — ଯାହାର ହାତ ଗୋଡ଼ ବଙ୍କା; ବକ୍ରହସ୍ତ; ବକ୍ରପଦ—
କେମ୍ପୀ — Having arms or legs bent inward;
କେମ୍ପେଇ } ସ୍ତ୍ରୀ. — having crampy or deformed hands;
କେମ୍ପୁଲି — ( a person male or female ) born with crippled limbs; hobbling.

ଅନ୍ଧ, ମୂକ, ଛୋଟା ସେ କେମ୍ପା ଯେତେକ ଛନ୍ତି ।
କୃଷ୍ଣସିଂହ. ମହାଭାରତ. ସଭା ।

କେମ୍ପୀ—ଦେ. ବିଣ. ସ୍ତ୍ରୀ—କେମ୍ପାର ସ୍ତ୍ରୀ ଲିଙ୍ଗ—
Kempī — Feminine of Kempā.
କାଣୀ, କୁବୁଜୀ, ଛୋଟୀ, କେମ୍ପୀ, ହୋଇଣ ଥିବ ସେ ଯଦ୍ୟପି ।
ରାମଦାସ. ଦାର୍ଢ୍ୟତାଭକ୍ତି ।

କେମ୍ପୁଲି—ଦେ. ବିଣ. ସ୍ତ୍ରୀ—କେମ୍ପୀ ( ଦେଖ )
Kempulī — Kempī ( See )

କେମ୍ପେଇ—ଦେ. ବିଣ. ସ୍ତ୍ରୀ—କେମ୍ପୀ ( ଦେଖ )
Kempeī — Kempī ( See )

କେମ୍ବିସ୍—ବୈଦେ. ବି. (ଇଂ. କାନ୍ଭାସ୍)—କାନ୍ଭାସ୍ (ଦେଖ)
Kembis — Kānbhās (See)

କେମ୍ବୁକ—ସଂ. ବି.—୧ । କୋବି—
Kembuka — 1. Cabbage (M. W.)
୨ । ଗୁବାକର ଭିତର ଅଂଶ—
2 The kernel of the Areca nut (M. W.)

କେମ୍ବ୍ରିଜ୍—ବୈଦେ. ବି. (ନାମ)—କାମ୍ବ୍ରିଜ୍ (ଦେଖ)
Kembrij — Kāmbrij (See)

କେୟୂର—ସଂ. ବି. (କେ=ମସ୍ତକରେ, କିମ୍ବା ଏଠାରେ ପ୍ରଗଣ୍ଡ ନିକଟରେ
Keyūra — +ଯୁ ଧାତୁ=ଯୋଗ କରିବା+କର୍ତ୍ତୃ. ଊର)—
୧ । ବାହୁଭୂଷଣ; ତାଡ଼; ଅନନ୍ତ; ବାଜୁ—
1. Armlet; a bracelet for the upper arm.
୨ । ରତିବନ୍ଧବିଶେଷ—
2. A kind of coitus (M. W.)
୩ । ସମାଧିବିଶେଷ—3. Name of a pose during religious contemplation (M.W.)

କେୟୂରବନ୍ଧ—ସଂ. ବି.—୧ । କାମଶାସ୍ତ୍ରୋକ୍ତ ରତିବନ୍ଧବିଶେଷ—
Keyūra bandha — 1. A pose during copulation, described in the Kāmaśāstra of ancient India.
[ ଦ୍ର—ସ୍ତ୍ରୀ କଣ୍ଠେ ରୈବ ସଂପୀଡ୍ୟ ଦୋର୍ଭ୍ୟାମାଲିଙ୍ଗ୍ୟ ସୁନ୍ଦରୀଂ, କାରଯେତ୍ ସ୍ଥାପନଂ କାମୀ ବନ୍ଧଃ କେୟୂରସଂଜ୍ଞକଃ ।]
୨ । ଶରୀରର ଯେଉଁ ସ୍ଥାନରେ କେୟୂର ପିନ୍ଧାଯାଏ; ବାହୁ—
2. The arms.

କେୟୂରବାନ୍—ସଂ. ବିଣ. ପୁଂ.— (କେୟୂର+ଅସ୍ତି ଅର୍ଥରେ ବତ୍; ୧ମା.
Keyūrabān — ୧ବ.)—ଯେ କେୟୂର ପିନ୍ଧି ଥାଏ—
(କେୟୂରବତୀ—ସ୍ତ୍ରୀ) — Wearing an armlet.

କେୟୂରୀ—ସଂ. ବିଣ. ପୁଂ. (କେୟୂର+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Keyūrī — କେୟୂରବାନ୍ (ଦେଖ)
(କେୟୂରିଣୀ—ସ୍ତ୍ରୀ) — Keyūrabān (See)

ସାଧାରଣ ଲୋକେ ଅପର ଶୃଙ୍ଖାରେ ଏତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗଂଖା' ନ ପାଇଲେ 'ଅଙ୍ଖା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କେର୍**—ପ୍ରାଦେ. (ସମ୍ବଲପୁର) ବି—୧ । ସୃକ୍କଣୀ; ପାଟିର କୋଣ—
Ker — 1. The corners of the mouth.
୨ । ଅବୟବ ସନ୍ଧି (ଯଥା; କୋଡ଼ଗାଡ; ପିଚୁଳ)—
2. The meeting place of two limbs (e.g. hipjoint, the corners where glands are formed).

**କେର୍‌କେଡ଼ିବା**—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ଦାନ୍ତଦ୍ୱାରା କାଟିବା—
Kerkerdibā — 1. To cut with the teeth.
(କେଡ଼୍‌କେଡ଼ିବା—ଅନ୍ୟରୂପ) ୨ । କାମୁଡ଼ି ଖାଇବା—
2. To nibble.

**କେର୍‌କେଣ୍ଟା**—ପ୍ରାଦେ. (କଳାହାଣ୍ଡି) ବି.—ଏଣ୍ଡୁଅ; କୃକଳାସ—
Kerkenṭā — Chameleon.

**କେର୍ ଖାଇବା**—ପ୍ରାଦେ. (ସମ୍ବଲପୁର) କ୍ରି.—(ଝାଳ ହେତୁରୁ) କୋଡ଼-
Ker khāibā ଗାଡରେ ଘାଆ ହେବା—Formation of sores on the hipjoints (on account of contant perspiration of the adjoining parts.)

**କେର୍ ଧରିବା**—ପ୍ରାଦେ. (ସମ୍ବଲପୁର) କ୍ରି.—ପିଚୁଳ ପଡ଼ିବା—
Ker dharibā Formation of glands; enlargement of glands on the hip-joint.

**କେର୍‌ପା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ.—କେର୍ପା (ଦେଖ)
Ker pā — Kerpā (See)
(କେର୍‌ପୀ—ସ୍ତ୍ରୀ)

**କେର୍‌ପାଲ୍**—ବୈଦେ. ବି. ( ଇଂ. ଟାର୍ପଲିନ୍ )—ମୋଟ ଅବର
Ker-~~pāla~~ ମୋଟା ସୂତାରେ ବୁଣା ହୋଇଥିବା ଓ ଉପରେ ରଙ୍ଗ
केरपाल ବୋଳା ହୋଇଥିବା ଅଚ୍ଛାଦନବସ୍ତ୍ର; ରଙ୍ଗ ମଡ଼ାହୋଇ-
**तिरपाज** ଥିବା ଥାନ—Canvas; tarpaulin.
[ଦ୍ର—ଏଥିରେ ପାଣି ଭେଦ ପାରେ ନାହିଁ । ]

**କେର୍‌ପାଲ**—ବୈଦେ. ବି.—କେର୍‌ପାଲ୍ (ଦେଖ)
Ker pāla — Ker pāl (See)

**କେରକ**—ସଂ. ବି.—କେରଳ (ଦେଖ)—
Keraka — Kerala (See) (M. W.)

**କେରଣ୍ଟ**—ଦେ. (ପ୍ରାଚୀନ ପଦ୍ୟ) ଅ.—ଯୁଦ୍ଧ କାଳରେ ଏକ ପକ୍ଷ ତଳେ
Keranṭa ପଡ଼ି ନଳେ ପରାସ୍ତ ହେଲି ଏହା ମୁହଁରେ ସ୍ୱୀକାର କରିବା; (ଏହାର ଅର୍ଥ ମୁଁ ହାରିଲି)—Interjection used by a vanquished foe in admitting his defeat while pinned to the ground by the adversary.

> କେରଣ୍ଟ କହିଲେ ଧର୍ମଯୁଦ୍ଧ ଛାଡ଼ି ଦେବା
> ଏପରି ଧର୍ମେ ସମର କରିଥିବେ କରିବା । ସାରଳା ମହାଭାରତ ।

[ଦ୍ର—ପରାଜିତ ଓ ଭୂପତିତ ଯୋଦ୍ଧା 'କେରଣ୍ଟ' ଶବ୍ଦ ଉଚ୍ଚାରଣ କଲେ, ଜେତା ତତ୍‌କ୍ଷଣାତ୍ ତାକୁ ଛାଡ଼ି ଦେବ, ଏହା ଧର୍ମଯୁଦ୍ଧରେ ଗୋଟିଏ ଅଲଂଘ୍ୟ ନିୟମ । ]

ଦେ. (ପ୍ରାଚୀନ ପଦ୍ୟ) ବି.—୧ । ଯୁଦ୍ଧ ଓ ଖେଳରେ କରାଯିବା ପଣ; ବାଜି—Wager.

> ଅରେ ଅରେ ଦୈତ୍ୟ ମାଲଯୁଦ୍ଧର ଏ ବାଟ ।
> ଜୟ କେରଣ୍ଟରେ ମରଣ ହୋଇବ ନିକଟ । ସାରଳା. ମହାଭାରତ ।

୨ । ମାଲଯୁଦ୍ଧରେ ପରାଜୟ—
2. Defeat in a boxing match.

> ଅଶ୍ୱତ ବୋଇଲ ଅହୋ କେରଣ୍ଟ ମୋହର
> ଧର୍ମଯୁଦ୍ଧେ ହାରିଲି ରେ ଛାଡ଼ ମହାବୀର । ସାରଳା ମହାଭାରତ ।

**କେରଣ୍ଟ କରିବା**—ଦେ. କ୍ରି—'କେରଣ୍ଟ' ସର୍ତ୍ତରେ ଦୁଇ ଜଣ ପରସ୍ପର
Keranṭa karibā ମଲ୍ଲଯୁଦ୍ଧରେ ପ୍ରବର୍ତ୍ତିବା—
To engage in a bout on condition that the winner will give up fight as soon as the loser pronounces 'Keranṭa'.

> ଭୀମସେନ ବୋଲେ ରେ ଅଶ୍ୱରେଶ୍ୱର ଶ୍ରେଷ୍ଠ
> ଧର୍ମଯୁଦ୍ଧ ତୋର ମୋର କରିବା କେରଣ୍ଟ । ସାରଳା- ମହାଭାରତ ।

**କେରନ୍ଦା**—ଦେ. ବି—କରନ୍ଦା ( ଦେଖ )
Kerandā — Karandā ( See )

**କେରଫୁଲ୍ଲ**—ପ୍ରାଦେ. ( ବାଲେଶ୍ୱର ) ବିଣ—ଯେଉଁ ଲୋକ ଜୀବନକୁ
Keraphulā ସୁଖସ୍ୱାଚ୍ଛନ୍ଦ୍ୟମୟ ଜୀବନ ବୋଲି ଗ୍ରହଣ କରେ—
( a person ) Who takes life easily ( i. e. thinks that life is not a serious affair.

**କେରଳ**—ସଂ. ବି—୧ । ଭାରତର ଦକ୍ଷିଣ ପଶ୍ଚିମ ଉପକୂଳସ୍ଥ ମାଲବାର
Kera̱la ପ୍ରଦେଶ—1. The modern Malabar coast in the southwest of India.
୨ । ଯାଯାବର ମ୍ଲେଚ୍ଛଜାତିବିଶେଷ; କେଳା—
2. A tribe of wandering nomads.
୩ । କ୍ଷତ୍ରିୟଜାତିବିଶେଷ—3. A class of Kshatriyas.
୪ । କେରଳ ଦେଶର ରାଜା—
4. A king of the Kera̱la country.
୫ । କେରଳ ଦେଶବାସୀ ବ୍ୟକ୍ତି—
5. A man of the Kera̱la country.
୬ । ଅକ୍ରୀଡ଼ ରାଜାଙ୍କ ପୁତ୍ର ବିଶେଷ (ଏହାଙ୍କ ନାମରୁ କେରଳ ଦେଶର ନାମକରଣ ହୋଇଅଛି—M. W.)
6. Name of a son of king Ākrirḍa.
ସଂ. ବିଣ—ମାଲବାର ଦେଶବାସୀ— Inhabiting the Kera̱la country or Malabar.

**କେରଳୀ**—ସଂ. ବି—୧ । ଜ୍ୟୋତିଷଶାସ୍ତ୍ରବିଶେଷ—1. Astronomical
Kera̱li treatise dealing with a particular system of calculation.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଡ଼ଅ | ଢ |
| ୨ | ଈ | ଊ | ଋୁ | ଲୁ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ● | ନ୍ |

୨ । କେରଳ ଦେଶ ପ୍ରଚଳିତ ଜ୍ୟୋତିଷ ଗଣନା—
2. Astronomical system of Malabar.
୩ । ହୋରା; ପ୍ରାୟ ଏକଘଣ୍ଟା ସମୟ—
3. A period of about one hour.
ସଂ. ବି. ସ୍ତ୍ରୀ—୧ । କେରଳ ଦେଶୀୟା ସ୍ତ୍ରୀ—
1. A woman belonging to the country of Malabar.
[ ଦ୍ର—ଏମାନଙ୍କର ଦୀର୍ଘ କେଶପାଶ ଓ ଜୁଡ଼ା ବାନ୍ଧିବାର ମନୋହର ପ୍ରଣାଳୀ ବହୁକାଳରୁ ଭାରତପ୍ରସିଦ୍ଧ ଅଟେ । ]
୨ । କେଳୁଣୀ—2. A woman of the Kel̲ā caste.

**କେରଳୀ ହାତରେ ଅଡ଼ା**—ଦେ. ବି. ପ୍ରବଚନ ( ସଂ. କେରଳୀ ହସ୍ତେ
Keral̲i hātare ar̲dhā  ଅଢ଼କଂ )—( ଫଳିତ ଜ୍ୟୋତିଷ ) ବର୍ଷ ମଧ୍ୟରେ ପୃଥିବୀରେ ଜନ୍ମିବା ଶସ୍ୟାଦିର ପରିମାଣ ବେଶି କମି ହେବା ସୂଚକ 'ଅଢ଼କ' ଉକ୍ତ ବର୍ଷ ଜ୍ୟୋତିଷ ଗଣନାକ୍ରମେ କେରଳୀ ହସ୍ତରେ ଥିବା—(Astrology) The measure of produce of the earth during the year being in the hands of the 'Keral̲i' woman ( this indicates a good year of plentiful harvest and rainfall ).
[ଦ୍ର—ଆଢ଼କର ଅର୍ଥ ଏକ ବର୍ଷ ମଧ୍ୟରେ ପୃଥିବୀରେ ଜନ୍ମିବା ଶସ୍ୟାଦିର ପରିମାଣ; ଜ୍ୟୋତିଷ ଗଣନା ଅନୁସାରେ ଯେଉଁ ବର୍ଷ କେରଳୀ ହାତରେ ଆଢ଼କ ଥାଏ ସେ ବର୍ଷ ଭଲ ବର୍ଷା ହୁଏ ଓ ପୃଥିବୀରେ ଶସ୍ୟ ପ୍ରଚୁର ହୁଏ; ଏହାର ଜ୍ୟୋତିଷ ବଚନ—ଆଢ଼କଂ କେରଳୀହସ୍ତେ ସୁଲଭଂ ଜାୟତେ ଧ୍ରୁବ । ]

**କେରା**—ଦେ. ବି—୧ । ସ୍ୱଳ୍ପ ପରିମିତ ଶସ୍ୟ, କେଶ ବା ତୃଣାଦିର ଗୁଚ୍ଛ—
Kerā 1. A small bunch or cluster of corn, grass
ଗୋଛା, ଞ୍ଛି  etc; a small cluster; wisp.
**ଗୁଚ୍ଛ; ପୁଲା; ମୁଟା** [ ଦ୍ର. ବହୁପରିମିତ ତୃଣାଦିର ଗୁଚ୍ଛକୁ ଗୋଛ ବା ବିଡ଼ା ବୋଲାଯାଏ । ]
୨ । କେରା ବଙ୍ଗାଳୀ ( ଦେଖ )
2. Kerā bangāl̲i ( See )
୩ । କେରା ବଙ୍ଗଳା ( ଦେଖ )
3. Kerā bangal̲ā ( See )
ପ୍ରାଦେ. ( ସମ୍ବଲପୁର ଓ ବସ୍ତର )—କଦଳୀ—Plantain.

**କେରାଇବା**—ଦେ. କି—କେରା କେରା କର ଭିନ୍ନ ଭିନ୍ନ କରିବା—
Kerāibā To separate into small clusters (e. g. flowing hair).

**କେରାକନ୍ଦା**—ପ୍ରାଦେ. ( ବସ୍ତର ) ବି—କଦଳୀ ମଞ୍ଜା—
Kerākandā The kernel inside the trunk of the plantain tree.

**କେରା କେରା**—ଦେ. ଅ. ( ଅନାଦରାର୍ଥ; ବହୁବଚନ )—ବହୁ କ୍ଷୁଦ୍ର କ୍ଷୁଦ୍ର
Kerā kerā  ଗୁଚ୍ଛରେ—Done or separated into small bunches or wisps.
ଲମ୍ବିତ ମଲ୍ଲିକାର ଛଟା, ସୁବର୍ଣ୍ଣ ପୁଷ୍ପ କେରାକେରା । ଜଗନ୍ନାଥ. ଭାଗବତ ।

**କେରାଞ୍ଚ**—ବୈଦେ. ବି. (ଇଂ. କୋଚ୍=ଘୋଡ଼ା ଟଣା ପାଲ୍କି ଗାଡ଼ି)—
Kerānch ୧ । ବଳଦ ଟଣା ସ୍ପ୍ରିଙ୍ଗ୍ ଲଗା କାଠର ସବାରି-
କେରାଞ୍ଚି  ଗାଡ଼ି; କେରେଞ୍ଚ ଗାଡ଼ି—
**किरांचि** 1. A bandy cart with wooden frame and iron springs.
କିରିଚ ୨ । ଘୋଡ଼ା ପାଇଁ ବଡ଼ ଚାବୁକ୍—
**किर्च** 3. A long horse-whip.
୩ । ( ପର୍ତ୍ତୁ ଗୀଜ୍-କ୍ରୀଜ୍ ) ଛୋଟ ସିଧା ତରବାରୀ—
3. Small straight sword.

**କେରାଞ୍ଚି**—ବୈଦେ. ବି. —କେରାଞ୍ଚ ( ଦେଖ )
Kerānchi  Kerānch ( See )

**କେରାଟ**—ପ୍ରାଦେ. ( ବାଲେଶ୍ୱର ) ବି—କୋରାଟ ( ଦେଖ )
Keraṭa  Koraṭa ( See )

**କେରାଣ୍ଡି**—ଦେ. ବି. ( ସଂ. କରଣ୍ଡୀ; ଅନ୍ୟ ସଂ. ନାମ ପ୍ରୋଷ୍ଠୀ )—
Keranḍi କରଣ୍ଡି; ଏକପ୍ରକାର କ୍ଷୁଦ୍ର କାତି ଥିବା ଚେପ୍‌ଟା ମାଛ—
ପୁଁଟି; ପୁଠି Barbus Chola; a small flat fish of the
**पुठिआ**  fry kind.
[ ଦ୍ର—ଏମାନଙ୍କର କାତି ଈଷତ୍ ଲାଲ; ଏମାନେ ଚାରି ଅଙ୍ଗୁଳି ପର୍ଯ୍ୟନ୍ତ ବଢ଼ନ୍ତି । ଏହି ଜାତୀୟ ଏକପ୍ରକାର ବଡ଼ ମାଛକୁ ଛେଲ୍ଲିକେରାଣ୍ଡି ( ବି. ସରଣାପୁଠି ) କହନ୍ତି । ଛେଲ୍ଲିକେରାଣ୍ଡି ପ୍ରାୟ ବାର ଇଞ୍ଚ ବଢ଼େ । କେରାଣ୍ଡି ମାଛକୁ ଶୁଖାଇ ପିଡ଼ାଶୁଖୁଆ କରାଯାଏ । ଏହା ଭକ୍ଷକଙ୍କୁ ମଧୁର ରସ, ଶୁକ୍ରଜନକ, କଫବାତନାଶକ, ସ୍ନିଗ୍ଧ, ମୁଖ ଓ କଣ୍ଠରୋଗନାଶକ । ]
ପ୍ରାଦେ. ( ମେଦିନୀପୁର ) ବି—ତେଲୁଣିପୋକ—
Milliped; galley-worm.

**କେରାଣ୍ଡି ଗୁନ୍ଥି ଶେଉଳ ପାଇବା** (ନ୍ୟାୟ)—ଦେ. ପ୍ରବଚନ—
Keranḍi gunthi śeul̲a pāibā ( ବନଶୀ କଣ୍ଟାରେ ସାନ କେରାଣ୍ଡି ମାଛ ଗୁନ୍ଥି ବଡ଼ ମାଛକୁ ଧରନ୍ତି—ଏହି ଲକ୍ଷଣାରୁ )—ସାମାନ୍ୟ ପଦାର୍ଥ ଦେଇ ବେଶି ପଦାର୍ଥ ପାଇବାକୁ ଆଶା କରିବା—A simile applied to a case where a man expects to get big return for a small outlay ( like one using a fry as a bait and getting a large fish in return with the angling rod).

**କେରାଧୁଁଡ଼ା**—ପ୍ରାଦେ. (ବସ୍ତର) ବି—କଦଳୀ ଭଣ୍ଡା ( ଦେଖ )
Kerādhunr̲dā  Kadal̲i bhanḍā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କେରାନା**—ଦେ. ବି. ( ବେପାରୀ ଓ ମହାଜନଙ୍କ ବ୍ୟବହୃତ ଶବ୍ଦ; ସଂ. Keranā କ୍ରୟଣ )—ଗୃହସ୍ଥର ନିତ୍ୟବ୍ୟବହାର୍ଯ୍ୟ ଗୁଆ, ମସଲା, **केराना** ହଳଦୀ ଆଦି ପଣ୍ୟଦ୍ରବ୍ୟ—Merchandise of everyday use.

**କେରାନି** (ଇତ୍ୟାଦି) – ବୈଦେ. ବି. (ଆ)—କିରାନି ଇତ୍ୟାଦି (ଦେଖ) Kerāni (etc) Kirāni etc (See)

**କେରାଫ୍**—ପ୍ରାଦେ. (ଗଞ୍ଜାମ) ବୈଦେ. ବିଣ. ( ଇଂ. କେଆର୍ ଅଫ୍ )— Keraph କେଆର୍ ଅଫ୍ ( ଦେଖ ) Kear aph ( See )

**କେରା ବଙ୍ଗଲା**—ଦେ. ବି—ପୁରୁଷାନୁକ୍ରମେ ଓଡ଼ିଶାରେ ସ୍ଥାୟୀ ଅଧିବାସୀ Kerā baṅgalā ବଙ୍ଗାଳୀଙ୍କଦ୍ୱାରା କଥିତ ଓ ବ୍ୟବହୃତ ବିକୃତ ବଙ୍ଗଳା ଭାଷା—Degenerated patois used by the Bengalees domiciled in Orissa for generations.

[ କେରାବଙ୍ଗଳାର କେତେଗୋଟି ଉଦାହରଣ—

| | ବଙ୍ଗଳାଭାଷା | କେରାବଙ୍ଗଳା | ଓଡ଼ିଆଭାଷା |
|---|---|---|---|
| | ଖେଯ଼େ | ଖାଏ କେରେ | ଖାଇକରି |
| | ଯେଯ଼େ | ଯାଏକେରେ | ଯାଇ କରି |
| | ଦେଯ଼େ | ଦିଏକେରେ | ଦେଇ କରି |
| | ଏସେ | ଆସେକେରେ | ଆସି କରି |
| | ବେଗୁନ୍ | ବାଇଗନ୍ | ବାଇଗଣ |
| ( ଅମି ) | ଖାଚ୍ଛି | ଖାଆଛୁ | ଖାଉଛୁ |
| | ଯାଚ୍ଛି | ଯାଆଛୁ | ଯାଉଛୁ |
| | ଆମରା | ଆମରାନ୍ | ଆମ୍ଭେମାନେ |
| | ଆମାଦେର | ଆମଦେର | ଆମର |
| | କହିଯ଼ା | କହେକେରେ | କହି କରି |
| | ଶୁନା | ଶୁ | ଶୁଆ |
| | ଖାଚ୍ଛିସ୍ | ଖାଆଛୁ | ଖାଉଛୁ |
| | ତୋମାଦେର୍ | ତୁମ୍‌ଦେର୍ | ତୁମର |
| ( ତୁମି ) | ଗିଯ଼ାଛିଲେ | ଯାଏ / ଯାଯ଼ା } ଛିଲେ | ଯାଇଥିଲ |
| | କାତଲା | ଭାକୁଡ଼ | ଭାକୁଡ଼ |
| | ଗିଯ଼ାଛିଲାମ | ଯାଏଛିଲୁ | ଯାଇଥିଲୁ |
| | କହିବ | କହବ | କହିବ |
| | ଡିଙ୍ଗି | ଡଙ୍ଗା | ଡଙ୍ଗା |
| | ପିଆରା | ପିଜୁଡ଼ୁ | ପିଜୁଳି |
| | ପିଠେ | ପିଠା | ପିଠା |
| | ଡିଙ୍ଗିଯ଼େଯାଓଯ଼ା | ଡିଏଁଯାଓଯ଼ା | ଡେଇଁଯିବା |
| | ମେଯ଼େ | ମାଇଆ | ମାଇ |
| | ଛିଙ୍କ୍ୟେସ୍‌କରେ | ଛିଗିଯାକେରେ / ପଞ୍ଚରକେରେ } | ପଞ୍ଚର |

| ବଙ୍ଗଳାଭାଷା | କେରାବଙ୍ଗଳା | ଓଡ଼ିଆଭାଷା |
|---|---|---|
| କୁଶ୍‌ପେଯ଼େ | କେମ୍ପା | କେମ୍ପା |
| ମାଂସ | ମାଉଁସ | ମାଉଁସ |
| ଘଡ଼ା | ଗଗ୍‌ରା | ଗରା |
| କୁମୀର | କାମୀର | କୁମ୍ଭୀର |
| ଘୁମ | ନିଁଦ | ନିଦ । ] |

**କେରାବଙ୍ଗାଳୀ**—ଦେ. ବି. ( ଅସଲ ବଙ୍ଗାଳୀଙ୍କଦ୍ୱାରା ବିଦ୍ରୂପରେ ବ୍ୟବହୃତ ) Kerābaṅgāḷi —ଓଡ଼ିଶାରେ ବହୁକାଳରୁ ପୁରୁଷାନୁକ୍ରମେ ବାସ କରୁଥିବା ବଙ୍ଗାଳୀ— A term jocularly used by the Bengalees for those of the Bengalees domiciled for generations in Orissa.

[ ଦ୍ର—ଏମାନଙ୍କ ବ୍ୟବହୃତ ବଙ୍ଗଳାଭାଷା, ଓଡ଼ିଆ ଓ ହିନ୍ଦୀ ଉଭୟ ଭାଷାର ପ୍ରଭାବରୁ ବିକୃତ ହୋଇଅଛି । ବିଶେଷତଃ 'ଖାଇ, ଯାଇ, ଆସି' ( ଯାହାକି ବଙ୍ଗଳାରେ ଖେଯ଼େ, ଯେଯ଼େ, ଏସେ ହୁଏ ଓ ଓଡ଼ିଆରେ 'ଖାଇକରି, ଯାଇକରି, ଆସିକରି' ହୁଏ ଓ ହିନ୍ଦୀରେ 'ଖାକର୍, ଯାକର୍ ଆକର୍' ହୁଏ ) ସ୍ଥଳରେ ଏମାନେ 'ଖାଁଏକେରେ, ଯାଏକେରେ, ଆସେକେରେ'—ଏହିପରି ବ୍ୟବହାର କରୁଥିବାରୁ ଏହି 'କେରେ' ବ୍ୟବହାର ଯୋଗୁଁ, ଅସଲ ବଙ୍ଗାଳୀମାନେ ଏମାନଙ୍କୁ ବ୍ୟଙ୍ଗ ବା ପରିହାସରେ 'କେରା' ନାମରେ ଡାକନ୍ତି । ଏହି 'କେରା' ଶବ୍ଦର ବ୍ୟୁତ୍ପତ୍ତିମୂଳକ ଅର୍ଥ 'କେରେ' ବ୍ୟବହାର କରିବା ବ୍ୟକ୍ତି । ପୂର୍ବେ ଯେଉଁ ବଙ୍ଗାଳୀମାନେ ଓଡ଼ିଶାରେ ଉପନିବେଶ କରୁଥିଲେ, ସେମାନଙ୍କ ସଙ୍ଗେ ବଙ୍ଗଦେଶୀୟ ବଙ୍ଗାଳୀମାନଙ୍କ ସମ୍ବନ୍ଧ କମି ଯିବାରୁ ଓଡ଼ିଆଭାଷା ପ୍ରଭାବରୁ ଏମାନଙ୍କ ଭାଷା ବିକୃତ ହୋଇଗଲା । ବର୍ତ୍ତମାନ ସଭ୍ୟତା ଓ ରେଲ୍ ପ୍ରଭାବରୁ ଏମାନେ କ୍ରମଶଃ ନିଜର ବଙ୍ଗୀୟ ଭ୍ରାତାମାନଙ୍କ ସଙ୍ଗେ ସମ୍ପର୍କ ଘନିଷ୍ଠ କରିବାକୁ ଚେଷ୍ଟା କରୁଅଛନ୍ତି । ]

**କେରାବାଳ**—ଦେ. ବି—କେଶର କ୍ଷୁଦ୍ର ଗୁଚ୍ଛ— Kerābāḷa A small bunch of hair.

**କେରାମତ୍**—ବୈଦେ. ବି. ( ଆ. କରାମତ୍ )—କରାମତ୍ ( ଦେଖ ) Kerāmat Karāmat ( See )

ହଜୁରଙ୍କ କେରାମତ ନେକନାମି ଦୁନିଆରେ ଜାହେର୍
ଫକୀରମୋହନ. ଛଅମାଣଅଠଗୁଣ୍ଠ ।

**କେରାୟା**—ବୈଦେ. ବି. ( ଆ. କିରାୟା )—ଭଡ଼ା— Kerāyā Rent or hire for the use of a thing or house. কেরায়া किराया

**କେରାୟା କରିବା**—ଦେ. କ୍ରି—କେରାୟା ନେବା ( ଦେଖ ) Kerāyā kāribā Kerāyā nebā ( See )

**କେରାୟାଦାର୍**—ବୈଦେ. ବି. ( ଆ. କିରାୟାଦାର୍ )—ଭଡ଼ାଦାର୍; ଯେ Kerāyādār ଭଡ଼ାରେ କୌଣସି ବସ୍ତୁ ବା ଘର ଆଦି ନେଇ କେরায়াদার किरायादार ଥାଏ—A renter; a lessee; a tenant; one who takes a thing or hire.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଉଅ | ଢ଼ |
| ୨ | ଈ | ଊ | ଋ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ୱ | ନ୍ତୃ |

**କେରାୟାଦେବା**—ଦେ.କ୍ରି.—କୌଣସି ପଦାର୍ଥ ଭଡ଼ାରେ ଲଗାଇବା;
Kerāyā debā ଭଡ଼ାରେ ଛାଡ଼ି ଦେବା—To let out a
কেরায়া দেওয়া thing on rent or hire.
**किरायादेना**

**କେରାୟା ନେବା**—ଦେ. କ୍ରି.—କୌଣସି ପଦାର୍ଥକୁ ଭଡ଼ା ଦେବା
Kerāyā nebā ଜବାବରେ ମାଲିକ ଠାରୁ ବ୍ୟବହାର କରିବାକୁ
কেরায়া লওয়া ଗ୍ରହଣ କରିବା—To take a thing on hire
**किराया लेना** or rent from the owner.

**କେରାସିନ୍**—ବୈଦେ. ବି. (ଇଂ. କେରୋସିନ୍)—ଖଣିଜ ତୈଳବିଶେଷ;
Kerāsin କିରାସିନି ତେଲ—Kerosine; a mineral oil.
কেরোসিন
**मिट्टकातेल**

**କେରାସିନି**—ଗ୍ରା. ବୈଦେ. ବି. (ଇଂ)—କେରାସିନ୍ (ଦେଖ)
Kerāsini Kerāsin (See)

**କେରି**—ଦେ. ବି. (ଆଦରାର୍ଥକ)—ଛୋଟ କେରା; କ୍ଷୁଦ୍ରଗୁଚ୍ଛ—
Keri Small cluster or bunch.

ମଉଳ ପଲ୍ଲେ ଛୁଟି କେରି
ପବନେ ଉଡ଼େ ଚିରିଫିରି । ରାମଦାସ ଦାର୍ଢ୍ୟଭକ୍ତି ।

**କେରିକେରି**—ଦେ. ଅ. (ଆଦରାର୍ଥ)—ବହୁ କ୍ଷୁଦ୍ର କ୍ଷୁଦ୍ର ଗୁଚ୍ଛରେ—
Kerikeri In small clusters; in small bunches.

ଟଳାଇ ନାଉ ଯାଏ ଲମ୍ବଇ କେରି କେରି । ମାର୍କଣ୍ଡେୟ ପୁରାଣ ।

**କେରିପେ**—ଗ୍ରା. (ଉତ୍ତର) ଅ.—୧ । କିରୂପେ ? କି ପ୍ରକାରେ ?—
Keripe 1 In what way ? how ?
কেমনে ୨ । କେଉଁ ଉପାୟରେ ?—2. By what means ?
**कैसा**

**କେରୁଆ**—ପ୍ରାଦେ. (ଗଞ୍ଜାମ) ବି.—ପିଟାକୋରୁଆଁ (ଦେଖ)
Kerua Pitākoruañ (See)

**କେରୁଆଳ**—ଦେ. ବି.—(ସଂ. କରବାଳ=ଖଡ୍ଗ; ସଂ. କୂପୀଠପାଳ=
Kerua̲la ଅରତ୍ରି; ଏହା ଖଡ୍ଗାକୃତି ଥିବାରୁ)—୧ । ଡଙ୍ଗାର
ଆହୁଲା—1. The oars for propelling a boat.
কেরয়াল, কেরাল, দাঁড় ୨ । ପଖା ଲାଗିଥିବା ଆହୁଲା—
**पतवार, पतवाल** 2. An oar with a fan-shaped end.

[ ଦ୍ର—ସାନ ସାପୁଆ ଡଙ୍ଗାରେ ପଖଯୁକ୍ତ ଆହୁଲାକୁ 'କେରୁଆଳ' କହନ୍ତି । ଏହା ସାପୁଆ ଡଙ୍ଗାରେ ଆହୁଲା ଓ ମଙ୍ଗଧରା ଦୁଇ କାମ ଚଳାଏ । ]

୩ । ଡଙ୍ଗାର ମଙ୍ଗଧରା—3. Helm; rudder.
ପ୍ରାଦେ. ( ସମ୍ବଲପୁର ) ବି—ଘୋଡ଼ାର ଲଗାମ—
The reins of a horse.

**କେରୁଙ୍ଗା**—ପ୍ରାଦେ. ( ଗଡ଼ଜାତ ) ବି—କେତ୍ରୁଙ୍ଗା ( ଦେଖ )
Keruṅgā Ketruṅgā ( See )

**କେରେଞ୍ଚ୍**—ବୈଦେ. ବି—କେରାଞ୍ଚ୍ ( ଦେଖ )
Kereñch Kerañch ( See )

**କେରେଞ୍ଚ ଗାଡ଼ି**—ବୈଦେ. ବି—କେରାଞ୍ଚ୍ ୧ ( ଦେଖ )
Kereñcha ga̲rdi Kerañch 1 ( See )

**କେରେଞ୍ଚି**—ବୈଦେ. ବି—କେରାଞ୍ଚ୍ ୧ ( ଦେଖ )
Kereñchi Kerañch 1 ( See )

**କେରେଞ୍ଚିଗାଡ଼ି**—ବୈଦେ. ବି.—କେରାଞ୍ଚ୍ ୧—(ଦେଖ)
Kereñchiga̲rdi Kerañch 1. (See)

**କେରେଣ୍ଡା**—ପ୍ରାଦେ. (ଗଡ଼ଜାତ) ବି.—କରଣ୍ଡା (ଦେଖ)
Kerendā Karandā (See)

**କେରେପେ**—ଗ୍ରା. (ଉତ୍ତର) ଅ.—କେରିପେ (ଦେଖ)
Kerepe Keripe (See)

**କେରେୟା** (ଇତ୍ୟାଦି)—ବୈଦେ—କେରାୟା ଇତ୍ୟାଦି ( ଦେଖ )
Kereyā (etc) Kerāyā etc ( See )

**କେରୋସାଇନ୍**—ବୈଦେ. ବି. ( ଇଂ. କେରୋସିନ୍ )—
Kerosāin କେରାସିନ୍ ( ଦେଖ )
Kerāsin ( See )

**କେରୋସିନ୍**—ବୈଦେ. (ଇଂ) ବି—କେରାସିନ୍ ( ଦେଖ )
Kerosin Kerāsin ( See )

**କେର୍ପା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ. ( ସଂ. କୁରୂପ )—
Kerpā କେମ୍ପାଗୋଡ଼ିଆ; ବକ୍ରପଦ ( ବ୍ୟକ୍ତି )—
(କେର୍ପୀ—ସ୍ତ୍ରୀ) Hobbling; ( person ) having crooked legs.

**କେଳ୍** (ଧାତୁ)—ସଂ—୧ । କ୍ରୀଡ଼ା କରିବା—
Ke̲l (root) 1. To play; to sport.
୨ । କମ୍ପିବା; ଥରିବା—
2. To shake; to tremble ( M. W. )
୩ । ଗତି କରିବା; ଯିବା—
3. To go; to move ( M. W. )

**କେଳ୍ଭା**—ପ୍ରାଦେ. (ସମ୍ବଲପୁର) ବିଣ—ଭଲୁଆ; ନିର୍ବୋଧ; ଓଲୁ—
Ke̲lbhā Foolish; idiotic; stupid.

**କେଳକ**—ସଂ. ବି. ପୁଂ. ( କେଳ ଧାତୁ=କ୍ରୀଡ଼ା କରିବା+ଅକ )—
Ke̲laka ୧ । ନାଟୁଆ—1. Dancer.
(କେଳକା—ସ୍ତ୍ରୀ) ୨ । ଯେ ବଜି ଖେଳେ—2. A tumbler.
୩ । ଯେ ଖଣ୍ଡା ଦାଢ଼ରେ ଚାଲେ ଓ ନାଚେ—
3. One who walks and dances on the edge of a sword ( M. W. )

**କେଳତି**—ଦେ. ବି. ( ସଂ. କେଳିକଳାବତୀ )—
Ke̲lati ୧ । ରତି ଦେବୀ—1. Wife of Cupid.

କେଳତି ଜନକ ଜଗତରୁ ଗୁରୁ ବାଦ । ଉପେ. ଲାବଣ୍ୟବତୀ ।

୨ । ରତି କ୍ରୀଡ଼ା—
2. Amorous sports of love; coition.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗଂ୍ଧା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କେଳା**—ସଂ. ବି. (କେଳ ଧାତୁ + ଭାବ. ଅ + ଆ)—ବିଳାସ—
Kelā Sport.

ଦେ. ବି. ( ସଂ. କେରଳ; ସମ୍ଭବତଃ ଏମାନେ କେରଳ ବା ଦକ୍ଷିଣ ଦେଶ ଆଡ଼ୁ ଆସିଥିବାରୁ ଏହି ନାମ; ତୁଳନା ସଂ. କେଳକ, କେଳକ ୨ । ୩ ଦେଖ )—

**କେଲୁଣୀ** } ସ୍ତ୍ରୀ.
**କେଲୁଣୀ** }

ଅନାର୍ଯ୍ୟ ଯାଯାବର ଜାତିବିଶେଷ ( ଏମାନେ କୁହୁକ ଓ ସାପଖେଳା ଦେଖାନ୍ତି ଓ ଧୁଡ଼ୁକି ବଜାଇ ଗୀତ ବୋଲି ଭିକ ମାଗନ୍ତି ଓ ନଳରେ ଚଢ଼େଇ ଧରନ୍ତି )—
A wandering tribe living on begging, jugglery, snake-charming and catching birds; the Indian gipsies.

[ ଦ୍ର—କେଳାମାନେ ଭିନ୍ନ ଭିନ୍ନ ଜାତିରେ ବିଭକ୍ତ । ଯଥା— ସାପୁଆ ବା ନାଗେଶ୍ୱରିଆ, ଗଉଡ଼ିଆ, ସଭାଖିଆ ବା ମୁଣ୍ଡଫୋଡ଼ା, ନଳୁଆ, ମାଙ୍କଡ଼ିଆ, ବାଜୀକରିଆ, ଅଇସାଗଉଡ଼, ଗୁଡ଼ିଲିଆ କେଳା ।

କେଲୁଣୀମାନେ ସ୍ତ୍ରୀମାନଙ୍କ ଦେହରେ ଚିତା କୁଟନ୍ତି । ଏମାନଙ୍କ କଥା ବଙ୍ଗଳା ଓ ଓଡ଼ିଆ ମିଶା, ଧୁଡ଼ୁକି ବଜାଇ କେଳାଏ ଗୀତ ବୋଲନ୍ତି ଓ କେଲୁଣୀଏ ନାଚନ୍ତି । ଏମାନେ ଏକ ସ୍ଥାନରେ ଏକାଦିକ୍ରମେ ବେଶି ଦିନ ରହନ୍ତି ନାହିଁ; ତାଳପତ୍ରରେ କୁଡ଼ିଆ ବାନ୍ଧି ଦଳ ଦଳ ହୋଇ ସ୍ଥାନେ ସ୍ଥାନେ ବସା କରି ରହନ୍ତି । ]

**କେଳାଇବା**—ଦେ. କ୍ରି. ( ଣିଜନ୍ତ ଓ ଅଣିଜନ୍ତ )—
Kelāibā ୧ । ମାଛ ବା ପରିବା ପ୍ରଭୃତିକୁ ପରିଷ୍କୃତ ଓ କଟାକଟି କରି ରନ୍ଧନର ଉପଯୋଗୀ କରିବା—
1. To chop or cut vegetables, fish etc. for cooking.

୨ । ମଲା ମୃଗଆଦିକୁ ରାନ୍ଧିବା ଉପଯୋଗୀ କରିବା ପାଇଁ ତା ଦେହରୁ ଚମଡ଼ା ବାହାର କରି ମାଂସକୁ କାଟିବା—
2. To skin and cut an animal killed and chop it into pieces of meat to be cooked.

କୁହାଇ ସେ ମୃଗକୁ ଲୋକଙ୍କ ହାତରେ
ଅପଣେ ସୁଯୋଧନ ଆଇଣ ସାଥରେ
ବସାଘର ସମୀପେ ପକାଇ କେଳାଇ । କୃଷ୍ଣସିଂହ. ମହାଭାରତ. ବନ ।

୩ । ଅତ୍ୟନ୍ତ ବିରକ୍ତ କରିବା—3. To tease.

୪ । ପାଚିଲା କଦଳୀଆଦି ଫଳରୁ ଚୋପା ଛଡ଼ାଇବା—
4. To skin ripe fruits.

ପକ୍ୱ କଦଳୀ କେଳାଇ କେ କରଇ ରଙ୍ଗ
ଚେମନ୍ତ ତାକ ଦେନ୍ତୁ ରେଡ଼ ପକାବନ୍ତି । ସାରଳା. ମହାଭାରତ ।

ପ୍ରାଦେ. (ସମ୍ବଲପୁର) କ୍ରି—ଲିଆରୁ ଧାନ ଚୋପାକୁ ଛଡ଼ାଇବା—
To clear away the husks out of fried rice.

**କେଲାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—୧ । ଏକାଚୋଟକେ ହାଣି-
Kelāibā ଦେବା—1. To cut asunder by one stroke.

୨ । ଭଜା ଧାନରୁ ଖଇ ପୃଥକ୍ କରିବା ପାଇଁ ଚଲାଇବା—
2. To sift fried paddy with a sieve to separate it from husks.

**କେଳା କୁଡ଼ିଆ**—ଦେ. ବି. ( ୬ଷ୍ଠୀ ତତ୍ )—ଭ୍ରମଣକାରୀ କେଳାଙ୍କ ପତ୍ର-
Kelā kurdiā କୁଡ଼ିଆ ପରି କ୍ଷୁଦ୍ର ଅସ୍ଥାୟୀ ଘର—
Any wretched hovel like the temporary ones of palm leaf raised by the Kelās or gypsies.

**କେଲାଣ୍ଟି**—ପ୍ରାଦେ. (ଗଡ଼ଜାତ) ବି—ଗୋବରି ଚଢ଼େଇ ପରି ଏକପ୍ରକାର
Kelāṇṭi ପକ୍ଷୀ—A species of bird.

[ ଦ୍ର—ଗୋବରି ଚଢ଼େଇ ପରି ଏହାର ପଛପଟରେ ନାଲିଆ ଲୋମ ଏବଂ ମୁଣ୍ଡରେ କଳାଚୂଳ ଥାଏ । ଏହାର ବର୍ଣ୍ଣ କଳା ଓ ଏହାର ପେଟ ପାଖ ଧଳା; ଦେହର ବର୍ଣ୍ଣ ପାଉଁଶିଆ । ]

**କେଳାସ**—ସଂ. ବି. ( କେଳା = ବିଳାସ + ସଦ୍ ଧାତୁ = ଅବସ୍ଥିତ କରିବା
Kelāsa + ଅଧିକରଣ. ଅ )—୧ । ସ୍ଫଟିକ—
1. Crystal ( Apte ).

୨ । (ସ୍ଫଟିକ ପରି ସ୍ୱଚ୍ଛ ହୋଇଥିବାରୁ) କୈଳାସ ପର୍ବତ—
2. The Kailāsa mountain.

**କେଲି**—ପ୍ରାଦେ. (ଗଡ଼ଜାତ) ଅ—ଡାବଲ ପୁଆ ଖେଳରେ ହାରିବା ପିଲା
Keli ଏକନିଶ୍ୱାସରେ ଦଉଡ଼ିବା ବେଳେ ରାହା ଧରି ବୋଲିବା ପଦ—A word uttered by a boy who has got defeated in the Dābalapuā game.

**କେଳି**—ସଂ. ବି. ସ୍ତ୍ରୀ. ( କେଳ ଧାତୁ = କ୍ରୀଡ଼ା କରିବା + ଭାବ. ଇ )—
Keli ୧ । କ୍ରୀଡ଼ା—1. Play; gambling.

୨ । ବିଳାସ; କୌତୁକ—2. Sport; amusement; diversion.

୩ । ପରିହାସ—3. Jesting; joke; mirth.

୪ । କାମକ୍ରୀଡ଼ା; ପ୍ରେମକ୍ରୀଡ଼ା; ରତି—4. Cohabitation; coition; amorous sport.

୫ । ପୃଥିବୀ—5. The earth.

ଦେ. ବି—ଗୁଡ଼ିଲ, ବିରିଆଦି ବଟାଯାଇ ପ୍ରସ୍ତୁତ ହୋଇଥିବା ଘୃତପକ୍ୱ ବା ବାଷ୍ପପକ୍ୱ ଏକପ୍ରକାର ପିଠା—
A kind of cake boiled in ghee or steam and prepared from pounded rice and other grains.

**କେଳିକ**—ସଂ. ବି. ( କେଳି + କ )—ଅଶୋକ ବୃକ୍ଷ ( ଦେଖ )
Kelika Aśoka tree ( See )

ସଂ. ବିଣ. ପୁଂ—୧ । କ୍ରୀଡ଼ାପ୍ରିୟ—
1. Sportive ( M. W. )

(କେଳିକା—ସ୍ତ୍ରୀ) ୨ । କ୍ରୀଡ଼ାରତ—2. Sporting (M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଲ | ଶ,ଷ | ଞ | ଇଁ | ଡ଼ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ | ଯ | ସ | ଙ୍ | ଇଅ | ଡ଼ | ନ୍ତ |

କେଳି କଉତୁକ—ଦେ. ବି—୧ । ପ୍ରେମ ପରିହାସ—
Keli kautuka 1. Amorous sport; dalliance.
୨ । ରତି ଜନିତ ଆନନ୍ଦ—2. Delight or joy of coition.

କେଳିକଦମ୍ବ—ଦେ. ବି. ( ସଂ. ଗିରି କଦମ୍ବ )—୧ । କୁରୁମ ଓ କଦମ୍ବ
Kelikadamba ଜାତୀୟ ବନ୍ୟ ବୃକ୍ଷ—1. A species of wild timber-tree); Stephygyne Parvifolia; Nauclia Parvifolia.
ସଂ. ନାମ—ଧାରା କଦମ୍ବ, ପ୍ରାବୃଷ୍ୟ, ପୁଲକୀ, ଭୃଙ୍ଗବଲ୍ଲଭ, ମେଘାଗମପ୍ରିୟ, ନୀପ, ପ୍ରାବୃଷେଣ୍ୟ କଳମ୍ବକ, ଗିରିକଦମ୍ବ ।
ମ. ଭୂମିକଦମ୍ବ, କଲଂବ
ଗୁ. କଲମ
ତେ. ମୋଘୁଲୁକଡମି
কেলিকদম, পেটপুরিআ
কদম, কাঞ্জি, হল্দু, হাল্দু
[ ଦ୍ର—ଏହାର କାଠ ହଳଦିଆ; କେହି କେହି ଏହାକୁ କୁରୁମ ଗଛ କହନ୍ତି । ଏହାର ରସ ପ୍ଲୀହୋଦର ନାଶକ । ]
୨ । କଦମ୍ବଫୁଲ ପରି ଦେଖାଯିବା ଅତସବାଜିବିଶେଷ—2. A fire-work resembling the flowers of the Kadamba tree when lighted.

କେଳିକଳା—ସଂ. ବି.—୧ । ସରସ୍ୱତୀଙ୍କ ବୀଣା—1. The lute of
Kelikalā the Goddess Saraswati.
୨ । କ୍ରୀଡ଼ାରୂପ ବିଦ୍ୟା—2. The art of sproting; sportive skill.
୩ । ରତିକଳା; ରତିବିଦ୍ୟା—3. The art of amorous dalliance.
୪ । କ୍ରୀଡ଼ାରେ ନିପୁଣତା—4. Sportive skill.
୫ । ରତିକ୍ରୀଡ଼ା—5. Coition.
୬ । କୌତୁକପୂର୍ଣ୍ଣ ବା ରସିକତାଯୁକ୍ତ ଉକ୍ତି—
6. Amorous or sportive accents or address (Wilson.)

କେଳିକିଳ—ସଂ. ବି. ପୁ.—(କେଳି=ବିଳାସ+କିଲ୍ ଧାତୁ=କ୍ରୀଡ଼ା
Kelikila କରିବା+କର୍ତ୍ତୃ. ଅ)—୧ । (ନାଟକରେ) ନାୟକଙ୍କ ବୟସ୍ୟ ବିଦୂଷକ—The confidential companion of the hero of a drama (like jester).
୨ । ଶିବଙ୍କ ଅନୁଚରବିଶେଷ—
2. Name of an attendant of Śiba.

କେଳିକିଲା—ସଂ. ବି. ( କେଳି+କିଲ୍ ଧାତୁ+ଅ+ସ୍ତ୍ରୀ. ଆ )—ରତି
Kelikilā ଦେବୀ; କନ୍ଦର୍ପ ପତ୍ନୀ—The wife of Cupid.

କେଳିକିଲାବତୀ—ସଂ. ବି. ସ୍ତ୍ରୀ—ରତି ଦେବୀ—
Kelikilābatī The wife of Cupid (Apte).

କେଳିକୀର୍ଣ୍ଣ—ସଂ. ବି.—ଉଷ୍ଟ୍ର; ଓଟ—
Kelikīrṇṇa Camel (M. W.)

କେଳିକୁଞ୍ଚିକା—ସଂ. ବି. ସ୍ତ୍ରୀ. (କେଳି+କୁଞ୍ଚିକା)—ଶାଳୀ—
Kelikuñchikā Wife's younger sister (M. W.)

କେଳିକୁସୁମ—ଦେ. ବି.—ନେଳି ଓ ନାଲି ପାଖୁଡ଼ାଯୁକ୍ତ ସାନ କୁସୁମଫୁଲ;
Kelikusuma ମାଣିକଗନ୍ଧ କୁସୁମ; ମାଣିକ ମକଦଲ—
বৃন্দাবনী গেঁদা, চিনের গেঁদা A species of red and blue-
মানিকমকদল petalled Safflower; French marigold; Tagetes Patula.

କେଳିକୋଶ—ସଂ. ବି.ପୁଂ. (୬ଷ୍ଠୀ ତତ୍; କେଳି+କୋଶ)—୧ । ନଟ—
Kelikoṣa 1. An actor.
୨ । ନାଚୁଆ—2. Dancer.

କେଳିଗୃହ—ସଂ. ବି.—(୬ଷ୍ଠୀ ବା ୪ର୍ଥୀ ତତ୍; କେଳି+ଗୃହ)—
Keligṛuha କେଳିପୁର (ଦେଖ)
Kelipura (See)

କେଳିପର—ସଂ. ବିଣ. ପୁଂ. (ବହୁବ୍ରୀହି; କେଳି=କ୍ରୀଡ଼ା+ପର)—
Kelipara ୧ । କାମକ୍ରୀଡ଼ାରତ—1. Amorous; sportive; wanton.
(କେଳିପରା—ସ୍ତ୍ରୀ)
୨ । କାମୁକ—2. Lascivious; lustful.

କେଳିପୁର—ସଂ. ବି. (୬ଷ୍ଠୀ ବା ୪ର୍ଥୀ ତତ୍)—୧ । ନାଟ୍ୟଶାଳା—
Kelipura 1. A theatre-house.
୨ । କ୍ରୀଡ଼ାଗାର—2. A play-house.
୩ । ଦମ୍ପତିଙ୍କ କାମକ୍ରୀଡ଼ାର ରଙ୍ଗଭୂମିରୂପ ଗୃହ—
3. A room where lovers enjoy amorous sports.

କେଳିବୃକ୍ଷ—ଦେ. ବି.—କେଳିକଦମ୍ବ (ଦେଖ)
Kelibṛuksha Kelikadamba (See)

କେଳିଶୟନ—ସଂ. ବି. (୪ର୍ଥୀ ତତ୍; କେଳି+ଶୟନ=ଶଯ୍ୟା)—
Kelisayana ପଲଙ୍କ—Sofa; couch.

କେଳିଶଯ୍ୟା—ସଂ. ବି. (୪ର୍ଥୀ ତତ୍; କେଳି+ଶଯ୍ୟା)—ପଲଙ୍କ—
Kelisajyā Sofa; couch.

କେଳିସଚିବ—ସଂ. ବି. (୭ମୀ ତତ୍; କେଳି+ସଚିବ)—୧ । କ୍ରୀଡ଼ାସଙ୍ଗୀ,
Kelisachiba ବିଦୂଷକ ପ୍ରଭୃତି ବୟସ୍ୟ—1. A boon-companion; confidential friend.
୨ । କ୍ରୀଡ଼ା କୌତୁକ ଅଧିକ ଭାରପ୍ରାପ୍ତ ବ୍ୟକ୍ତି—
2 Master of the revels.

କେଳୀ—ସଂ. ବି.—(କେଳ ଧାତୁ=କ୍ରୀଡ଼ା କରିବା+ଇ)—
Kelī କେଳି (ଦେଖ)
Keli (See)

କେଳୀପିକ—ସଂ. ବି. (ମଧ୍ୟପଦଲୋପୀ)—କେଳି ବା କୌତୁକ ନିମନ୍ତେ
Kelīpika ପୋଷାଯିବା କୋକିଳ—A cuckoo kept for pleasure.

ସାଧାରଣ ସେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କେଳିବଣ**—ସଂ. ବି.—( ୪ର୍ଥୀ ତତ୍; କେଳ + ବଣ=ଉଦ୍ୟାନ )—
Kelibani କ୍ରୀଡ଼ୋଦ୍ୟାନ—
A pleasure-garden; a pleasure-park.

**କେଳିଶୁକ**—ସଂ. ବି. ( ୪ର୍ଥୀ ତତ୍; କେଳି + ଶୁକ )—
Kelisuka କୌତୁକ ପାଇଁ ପୋଷାଯିବା ଶୁଆ—
A parrot kept or pleasure

**କେଳୁଆର**—ଦେ. ବି.—କେରୁଆଳ ( ଦେଖ )
Keluāra Kerua̲la ( See )
କାଳ କେଳୁଆର ଧରି ନାଚେ ଅଛ ବସି—ଗୋଲକବୃନ୍ଦ ନାମରତ୍ନଗୀତା ।

**କେଳୁଣୀ**—ଦେ. ବି. ସ୍ତ୍ରୀ—୧ । କେଳାଜାତୀୟା ସ୍ତ୍ରୀ—
Keluni 1. A female of the Kela̲ class.
[ ଦ୍ର—ଏମାନେ ନାଚ କରନ୍ତି, ମାଇପଙ୍କ ଦେହରେ ଚିତା କୁଟନ୍ତି, ଭିକ ମାଗନ୍ତି । ]
୨ । ( ଗାଳିରେ ବ୍ୟବହୃତ; ଲକ୍ଷଣାର୍ଥ ) ନିର୍ଲଜ୍ଜା ସ୍ତ୍ରୀ—
2. A shameless woman; immodest woman.
୩ । ( ଗାଳି ) ଯେଉଁ ସ୍ତ୍ରୀ ସର୍ବଦା ଅନ୍ତଃପୁରରେ ନ ରହି ଦାଣ୍ଡକୁ ବାହାରେ—
3. (a term of abuse) A woman who does not observe the Purdah system.
ପ୍ରାଦେ. ( ଗଡ଼ଜାତ ) ବି—ମାକଡ଼ି ୨ ( ଦେଖ )
Mākardi 2 ( See )

**କେଲୁଣୀ**—ଦେ. ବି.—କେଳୁଣୀ ( ଦେଖ )
Keluni Keluni ( See )

**କେଲୁଣୀ ହାତରେ ଅଡ଼ା**—ଦେ. ପ୍ରବଚନ ( ଲକ୍ଷଣାର୍ଥ ) ( 'କେଉଟୀ
Keluni hātare ardha ହସ୍ତରେ ଅଡ଼ଙ୍କ'ର ଭାବରୁ ଗୃହୀତ )—
ଦାନଶୀଳ ବ୍ୟକ୍ତି ହାତରେ ପରଶିବାର ଭାର ରହିବା—
Said when a liberal-handed man is entrusted with the work of serving meal.

**କେଲେଣ୍ଡର**—ବୈଦେ. ବି—କାଲେଣ୍ଡର ( ଦେଖ )
Kelendar Kālendar ( See )

**କେଲେଶ**—ଗ୍ରା. ବି. ( ସଂ. କ୍ଳେଶ )—କ୍ଳେଶ; କଷ୍ଟ—
Kelesa Trouble; hardship.

**କେଲେଶୀ**—ଗ୍ରା. ବିଣ. (ସଂ. କ୍ଳେଶୀ)—କ୍ଳେଶଭୋଗୀ; ଯେ କଷ୍ଟ ପାଉଥାଏ—
Kelesi Suffering; afflicted.
ଜଳ ନଦୀ କଲେ ସଦା ଦୁଃଅର କେଲେଶୀ—ମାର୍କଣ୍ଡେୟପୁରାଣ ।

**କେଶ୍**—ବୈଦେ. ବି. ( ଇଂ. କେସ୍ )—୧ । ମକଦ୍ଦମା—
Kes 1. Case; litigation.
କେସ୍ ୨ । ଫଉଜଦାରୀ ମକଦ୍ଦମା—
କେସ୍ 2. Criminal case.
୩ । ଡାକ୍ତରଙ୍କଦ୍ୱାରା ଚିକିତ୍ସିତ ରୋଗୀ ବା ରୋଗ—
3. A case under the treatment of a doctor.
କ୍ୟାସ୍ ୪ । ( ଇଂ. କାଶ୍ ) ନଗଦ ଟଙ୍କା—4. Cash.
କେସ ୫ । ( ଇଂ. କେସ୍ ) ବାକସ; ଆଲମାରି—
5. A case or almira.
( ଯଥା—ସୋକେସ୍; ଗ୍ଲାସ୍‌କେସ୍ । )
ପ୍ରାଦେ. ( ସମ୍ବଲପୁର ) ( ଇଂ. କ୍ଲାସ୍ )—ଶ୍ରେଣୀ; ପ୍ରକାର—
Class; kind.
( ଯଥା—ଏଠାରେ ଅନେକ କେଶ୍‌ର ଲୋକ ଅଛନ୍ତି । )

**କେଶ୍‌ବାକସ**—ବୈଦେ. ବି. ( ଇଂ. କାଶ୍‌ବକ୍ସ )—ହାତ ବାକସ; ଯେଉଁ
Kesbākasa ବାକ୍ସରେ ନଗଦ ଟଙ୍କା ଜମା ରଖାଯାଏ—
Cashbox.

**କେଶମୋହରିର**—ବୈଦେ—୧ । ( ଇଂ. କାଶ୍ + ଫା. ମୁହରିର୍ )—
Kesmoharira ୧ । ଯେଉଁ କର୍ମଚାରୀ ନିକଟରେ ବା ଜିମାରେ ମାଲିକଙ୍କ ଟଙ୍କା ରଖାଯାଏ—
1. A clerk in charge of the master's cash.
୨ । ( ଇଂ. କେସ୍ + ଫା. ମୁହରିର୍ ) ଯେଉଁ କର୍ମଚାରୀ କୌଣସି ବ୍ୟକ୍ତିଙ୍କର ମକଦ୍ଦମା ଆଦି ବୁଝିବା ପାଇଁ ଭାରପ୍ରାପ୍ତ ହୋଇଥାଏ—
2. A clerk in charge of the litigation of a person or estate.

**କେଶ**—ସଂ. ବି. ( କ=ମସ୍ତକ + ଈଶ୍ ଧାତୁ=ପ୍ରଭୁତ୍ୱ କରିବା +
Kesa କର୍ତ୍ତୃ. ଅ; କମ୍ବା କେ ମସ୍ତକରେ + ଶୀ ଧାତୁ=ଶୋଇବା + କର୍ତ୍ତୃ. ଅ )—୧ । ବାଳ—Hair.
୨ । ମୁଣ୍ଡର ବାଳ—
2. The hair of the head.
୩ । ( କ=ଜଳ + ଈଶ )—ବରୁଣ—
3 The God of the ocean.
୪ । ବିଷ୍ଣୁ—4. Bishnu.
୫ । ଘୋଡ଼ା ବା ସିଂହର ବେକ ଉପରେ ଥିବା ବାଳ—
5. The mane of a horse or lion.
୬ । ଆଲୋକରଶ୍ମି; କିରଣ—
6. A ray or pencil of light.
୭ । ସୁଗନ୍ଧଦ୍ରବ୍ୟବିଶେଷ; କୁରୁବେଲ; ହ୍ରୀବେର—
7. A kind of perfume ( M. W. ) Pavonia Odorata.
୯ । ଦୈତ୍ୟବିଶେଷ—9. Name of a demon.

**କେଶକ**—ସଂ. ବିଣ. ପୁଂ. ( କେଶ + କୃ ଧାତୁ + କର୍ତ୍ତୃ. ଅ )—
Kesaka ୧ । ଯେ ଭଲ ଜୁଡ଼ା ବାନ୍ଧିପାରେ; କେଶ ବାନ୍ଧିବା
(କେଶିକା—ସ୍ତ୍ରୀ) ବିଷୟରେ ନିପୁଣ—
1. Skilful in dressing the hair.
୨ । ଯେ ବାଳ ବିଷୟରେ ଭାର ସହିତ—
2. Bestowing care upon the hair. ( M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | ଞ୍ଚ | ଇୟ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଗ | ଯ | ସ | ଗଁ | ଇଅ | ୱ | ନ୍ |

କେଶକର୍ମ—ସ. ବ—(ମ.ପ.ଲୋ, କେଶ ବନ୍ୟାସ କର୍ମ) ମୁଣ୍ଡ ଭୁଣ୍ଡାଇବା;
Keśakarma ମସ୍ତକର କେଶକୁ ସଜାଡ଼ିବା—The dressing of the hair of the head.

କେଶକର୍ଷଣ—ସ. ବ. ( ୬ଷ୍ଠୀ ତତ୍; କେଶ+କର୍ଷଣ )—ଚୁଟିଝିଙ୍କା—
Keśakarshaṇa Pulling by the hair.

କେଶକଲାପ—ସ. ବ. ( ୬ଷ୍ଠୀ ତତ୍; କେଶ+କଲାପ )—
Keśakalāpa ୧ । କେଶଗୁଚ୍ଛ ( ଦେଖ )
1. Keśaguchchha ( See )
୨ । ମୁଣ୍ଡେ ବାଳ; ମୁଣ୍ଡରେ ଥିବା କେଶଚୟ—
2. A head of hair ( M. W. )

କେଶକୀଟ—ସ. ବ. ( ୬ଷ୍ଠୀ ତତ୍; କେଶ+କୀଟ )—ଉକୁଣୀ—
Keṣakiṭa Louse.

କେଶଗର୍ଭ—ସ. ବ. ( ବହୁବ୍ରୀହି; କେଶ+ଗର୍ଭ )—
Keśagarbha ୧ । ବାଳର ବେଣୀ—
1. A braid of hair.
୨ । ବରୁଣ ଦେବ—
2. A name of the Deity Baruṇa.

କେଶଗୁଚ୍ଛ—ସ. ବ. ( ୬ଷ୍ଠୀ ତତ୍; କେଶ+ଗୁଚ୍ଛ )—
Keśaguchchha ୧ । ବାଳର କେଣ୍ଡା—
1. A tuft of hair.
୨ । କେଶ ସମୂହ—
2. A mass of hair.

କେଶଗୃହୀତ—ସ. ବଣ. ( ୩ୟା ତତ୍; କେଶ+ଗୃହୀତ )—
Keśagṛuhīta ଯାହାର ଚୁଟି ଧରା ବା ଝିଙ୍କା ହୋଇଥାଏ—
Pulled or siezed by the hair.

କେଶଗ୍ରହ—ସ. ବ. ( ୬ଷ୍ଠୀ ତତ୍; କେଶ+ଗ୍ରହ )—
Keśagraha କେଶଗ୍ରହଣ ( ଦେଖ )
Keśagrahaṇa ( See )

କେଶଗ୍ରହଣ—ସ. ବ. ( ୬ଷ୍ଠୀ ତତ୍; କେଶ+ଗ୍ରହଣ )—
Keśagrahaṇa ( ଯୁଦ୍ଧ ବା ରତି କାଳରେ ) ବଳାତ୍କାରରେ କେଶ ଧରିବା; ଚୁଟିଝିଙ୍କା—
Catching one by the tuft of hair; pulling the hair.

କେଶଘ୍ନ—ସ. ବ. ( କେଶ+ହନ ଧାତୁ+କର୍ତ୍ତୃ. କ୍ୱିପ୍ )—
Keśaghna ଚନ୍ଦା ହେବା ରୋଗ—
Morbid baldness.

କେଶଚଣ—ସ. ବଣ. ପୁଂ. ( କେଶ+ବହୁଳାର୍ଥେ. ଚଣ)—
Keśachaṇa ୧ । ଯାହାର ସୁନ୍ଦର ସୁନ୍ଦର କେଶ ଅଛି—
(କେଶଚଣା—ସ୍ତ୍ରୀ) 1. Having fine hair ( M W. )
୨ । ବାଳ ଯୋଗୁଁ ଯେ ସୁପରିଚିତ—
2. Known by his hair ( M. W. )

କେଶଚ୍ଛିଦ୍—ସ. ବ. (କେଶ+ଛିଦ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Keśachchhid ଭଣ୍ଡାରି—A barber; hair-dresser.

କେଶଜାୟା—ସ. ବ—ରତି କାଳରେ ସ୍ତ୍ରୀ ବା ପୁରୁଷର କେଶ ଧାରଣ—
Keśajāyā Siezing ( a male or female) by the hair during coition.

କେଶଜାହ—ସ. ବ. ( ୬ଷ୍ଠୀ ତତ୍ )—କେଶର ମୂଳ; ବାଳମୂଳ—
Keśajāha The root of the hair.

କେଶଟ—ସ. ବ. ( କେଶ+ଅଟ ଧାତୁ=ବିଚରଣ କରିବା+କର୍ତ୍ତୃ. ଅ )—
Keśaṭa
୧ । ଛେଳି—1. Goat.
୨ । ବିଷ୍ଣୁ—2. A name of Bishṇu.
୩ । ଓଡ଼ଶ; ଛାରପୋକ—3. Bed-bug.
୪ । ଉକୁଣୀ—4. Louse.
୫ । ଭାଇ—5. Brother.
୬ । କନ୍ଦର୍ପର ଶୋଷଣ ନାମକ ବାଣ—
6. One of the five arrows of Cupid ( which parches the life of the victim ).
୭ । ଗୁଳ୍ମବିଶେଷ ଫଣଫଣା; ଶ୍ୟୋନାକ—
7. Bignonia Indica ( M. W. )

କେଶଦାମ—ସ. ବ. ( ୬ଷ୍ଠୀ ତତ୍; କେଶ+ଦାମ )—
Keśadāma କେଶଗୁଚ୍ଛ ( ଦେଖ )
Keśaguchchha ( See )

କେଶଦୁଦୁରା—ଦେ. ବ. ( ସ. କେଶରାଜ )—
Keśadudurā ଘୋମରାଜୀ ବର୍ଗର ~~ଖଣ୍ଡୁ~~ କର୍କଶ ଲତାଳଅ ଶାକବିଶେଷ—
Eclipta Prostrata; Eclipta Alba ( creeper ); Wedela Calendulacea.

ସ. କେଶରାଜ, ଭୃଙ୍ଗରାଜ, କୁନ୍ତଳବର୍ଦ୍ଧନ, କେଶରଞ୍ଜନ, ପିତୃପ୍ରିୟ, ଭୃଙ୍ଗ, ଅଙ୍ଗାରକ, ଭୃଙ୍ଗାର, ମାର୍କବ
কেশরিয়া, কেশরাজ, কেশুতে, কেশুতিয়া, ভীমরাজ,
**मकुरा, भंगरिया, कुकुर भांगरा**
ଫା. ଜମରୁଦର
ଅ. ହସାଜ୍
ତେ. ଗୁଣ୍ଟକଲଗରଚେଟ୍ଟୁ, ଭୃଙ୍ଗରାଜ

[ ବୃ—ଏହାର ଫୁଲ ଶ୍ୱେତ ଓ ଧଳା, ପତ୍ର ଅଭିମୁଖୀ; ବର୍ଷତମାମ୍ ଫୁଲ ଫୁଟେ; ଏହି ଗଛର ପତ୍ରକୁ ଛେଚିଲେ ଯେଉଁ କଳାରସ ବାହାରେ ସେ ରସରେ ଦେଶୀ କାଳୀ ହୁଏ । ଏହା କଟୁରସ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ କେଶ ଓ ଚର୍ମର ଉପକାରକ, ରସାୟନ, ବଳକର ଓ ଦନ୍ତର ଦୃଢ଼ତା ସମ୍ପାଦକ; ଏହା କଫ, ବାତ, କ୍ରିମି, ଶ୍ୱାସ, କାସ, ଶୋଥ, ଆମଦୋଷ, ପାଣ୍ଡୁ, କୁଷ୍ଠ, ନେତ୍ରରୋଗ ଓ ଶିରୋରୋଗରେ, ଉପକାରୀ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

କେଶଧାରଣ—ସଂ. ବି. ( ୬ଷ୍ଠୀ ତତ୍; କେଶ + ଧାରଣ )—
Keśadhārana ବାଳକୁ ନ କାଟି ବଢ଼ାଇବା; ବାଳ ଛାଡ଼ିବା—
Keeping i. e. not cutting the hair; letting the hair grow long.

କେଶଦରା—ପ୍ରାଦେ. (ଗଞ୍ଜାମ) ବି—କେଶଦୁଦୁରା ( ଦେଖ )
Keśandarā Kesadudurā ( See )

କେଶପକ୍ଷ—ସଂ. ବି. (କେଶ + ଗୁଚ୍ଛାର୍ଥେ ପକ୍ଷ)—୧ । କେଶଗୁଚ୍ଛ (ଦେଖ )
Keśapaksha 1. Keśaguchchha ( See )
୨ । ଥାନମୁଦୁରା; କପାଳର ଦୁଇ ପାଖ—
2. The temples ( M. W. )

କେଶପର୍ଣ୍ଣୀ—ସଂ. ବି—ରକ୍ତାପମାର୍ଗ—The red variety of
Keśaparnni Achyranthes Aspera plant.

କେଶପାଶ—ସଂ.ବି. (୬ଷ୍ଠୀତତ୍;କେଶ + ପାଶ)—୧ । କେଶଗୁଚ୍ଛ(ଦେଖ)
Keśapāśa 1. Keśaguchchha (See)
୨ । ସଜ୍ଜିତ କେଶ—2. Ornamented or dressed up hair.

କେଶ ପ୍ରସାଧନ—ସଂ. ବି. ( ୬ଷ୍ଠୀ ତତ୍; କେଶ + ପ୍ରସାଧନ )—
Keśa prasādhana ମୁଣ୍ଡ କୁଣ୍ଡାଇବା କର୍ମ—
Combing of the hair.

କେଶ ପ୍ରସାଧନୀ—ସଂ. ବି. (୬ଷ୍ଠୀ ତତ୍; କେଶ + ପ୍ରସାଧନୀ)—ପାନିଆଁ –
Keśa prasādhani A comb for the hair; hair-comb.

କେଶ ପ୍ରସାର—ସଂ. ବି—ବାଳ ସଫା କରିବା—
Keśa prasāra Cleaning the hair (M. W.)

କେଶବ—ସଂ. ବିଣ. ପୁଂ. ( କେଶ + ପ୍ରଶସ୍ତାର୍ଥେ. ବ; ଯାହାଙ୍କର ପ୍ରଶସ୍ତ
Keś[redacted]କେଶ ଅଛି )—ପ୍ରଶସ୍ତ କେଶବିଶିଷ୍ଟ—
Blessed with a profuse or fine bunch of hair on the head.

ସଂ. ବି. ( କେଶିନ୍ = ଅସୁରବିଶେଷ + ବା ଧାତୁ = ହିଂସା କରିବା + କର୍ତ୍ତୃ. ଅ; କେଶୀ ଦୈତ୍ୟକୁ ବଧ କରି ଥିବାରୁ )—୧ । ଶ୍ରୀକୃଷ୍ଣ—1. Śrīkrushna.
୨ । ବିଷ୍ଣୁ—2. Bishnu.
୩ । ପରମେଶ୍ୱର—3. God; The Supreme Being.
୪ । ମାର୍ଗଶିର ମାସ—4. The month of Mārgaśira ( M. W. )
୫ । ଗୁଳ୍ମବିଶେଷ; ମଣ୍ଡାକୁସୁମ—
5. Rottleria Tinctoria ( M. W. )
୬ । ( କେ = ଜଳରେ + ଶବ = ମୁର୍ଦ୍ଦାର )—ଜଳରେ ଭାସୁଥିବା ମୁର୍ଦ୍ଦାର—6. A dead body floating on water.

ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
A name given to males.

କେଶବ କୋଇଲି—ଦେ. ବି—ଓଡ଼ିଶାର ଭକ୍ତ କବି ବଳରାମ ଦାସଙ୍କ
Keśaba koili କୃତ ଚଉତିଶା ବା ଗୀତବିଶେଷ—
An Oriya song, every couplet beginning with thirty four letters of the Oriya consonants by poet Jagannātha Dāśa.
[ ଦ୍ର—ଏହା କୃଷ୍ଣ ମଥୁରାକୁ ଯିବାରୁ ଯଶୋଦାଙ୍କ କ୍ରନ୍ଦନ ବର୍ଣ୍ଣନା-ସୂଚକ ଗୀତ; ଯଶୋଦା କୋଇଲିକୁ ଆପଣା ଦୁଃଖ ଜଣାଇ ଶ୍ରୀକୃଷ୍ଣଙ୍କୁ ମଥୁରାରେ କହିବା ସକାଶେ ଗୀତ ବୋଲୁଅଛନ୍ତି । ]

କେଶବଚନ୍ଦ୍ର ପଟ୍ଟନାୟକ—ଦେ. ବି. ( ନାମ )—ଅଷ୍ଟାଦଶ ଶତାବ୍ଦୀର
Keśabachandra pattanāyaka ଶେଷ ଭାଗରେ ଗଞ୍ଜାମର ପାରଳା ରାଜ୍ୟରେ ଜନ୍ମଗ୍ରହଣ କରିଥିବା କରଣବଂଶୀୟ କବି—A famous poet of this name born of a Karana family in the estate of Parlakhimidi in the district of Ganjam in the last quarter of the 18th century.
[ ଦ୍ର—ଏ ଓଡ଼ିଆଭାଷାରେ ଗୀତ—ନାଟ୍ୟମୟ ସାତକାଣ୍ଡ ରାମାୟଣ ରଚନା କରିଥିଲେ । ତାଙ୍କ ରଚିତ ରାମାୟଣ ଏବେ ମଧ୍ୟ ଗଞ୍ଜାମରେ ଆଦୃତ ହୁଏ । ଉତ୍ତରକାଣ୍ଡର ଶୋକାବହ ଘଟନାମାନ କବି ଏଥିରେ ବର୍ଣ୍ଣନା କରି ନାହାନ୍ତି । କବି କେଶବଚନ୍ଦ୍ର କବିସୂର୍ଯ୍ୟଙ୍କ ସମସାମୟିକ ଥିଲେ । ୧୮୩୪ ସାଲରେ ଏ ରାମାୟଣ ରଚନା ଶେଷ କରିଥିଲେ । ]

କେଶବଚନ୍ଦ୍ର ସେନ—ଦେ. ବି. ( ନାମ )—ବଙ୍ଗର ବିଖ୍ୟାତ ଧର୍ମ-
Keśabachandra sena ପ୍ରଚାରକ;ଏ ନବବିଧାନ ବ୍ରାହ୍ମ ସମାଜର ପ୍ରତିଷ୍ଠାତା—Name of a Bengalee religious reformer.
[ ଦ୍ର—ଜନ୍ମ ୧୮୩୮, ମୃତ୍ୟୁ ୧୮୮୪ । ଏ ଜଣେ ଧର୍ମବୀର, ମିଷ୍ଟଭାଷୀ ଓ ବକ୍ତା ଥିଲେ ।]

କେଶବ ଦାସ—ଦେ ବି. (ନାମ)— ଉତ୍କଳର ଜନୈକ ପ୍ରାଚୀନ କବି—
Keśaba dāsa A classical poet of Orissa.
[ ଦ୍ର—ଏହି କବି ( ପ୍ରାୟ ଦୁଇ ଶହ ବର୍ଷ ତଳେ) ମହାଭାରତର ସଂକ୍ଷିପ୍ତ ବୃତ୍ତାନ୍ତକୁ ଅବଲମ୍ବନ କରି ସୂଚନାଭାରତ ନାମକ ଖଣ୍ଡିଏ କ୍ଷୁଦ୍ର କାବ୍ୟ ରଚନା କରିଅଛନ୍ତି—ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ]

କେଶବନ୍ଧ—ସଂ. ବି. ( ୬ଷ୍ଠୀ ତତ; କେଶ + ବନ୍ଧ )—ବାଳ ବାନ୍ଧିବାପାଇଁ
Keśabandha ବ୍ୟବହୃତ ଫିତା; ପାଟଫୁଲ—The hair-band.

କେଶବନ୍ଧନ—ସଂ. ବି. ( ୬ଷ୍ଠୀ ତତ୍; କେଶ + ବନ୍ଧନ )—ବାଳରେ ଗଣ୍ଠି
Keśabandhana ପକାଇବା—Tying the hair into a knot.

କେଶବପନ—ସଂ. ବି. ( ୬ଷ୍ଠୀ ତତ୍; କେଶ + ବପନ )—
Keśabapana ୧ । ବାଳ କାଟିବା—
1. The clipping of the hair.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଯ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଞ୍ଚ | ନ୍ |

୨ । କ୍ଷୌର ହେବା—2. Shaving of the hair.

**କେଶବ ଭାରତୀ**—ଦେ. ବି. ( ନାମ )—ଚୈତନ୍ୟ ଦେବଙ୍କ ସନ୍ନ୍ୟାସଗୁରୁ
**Keśaba bhāratī** ( କାଟୋୟାରେ ଏହାଙ୍କ ଅସ୍ଥାନ ଥିଲା )—
Name of the spiritual preceptor of Śrī Chaitanya.

**କେଶବର୍ଦ୍ଧନ**—ସଂ. ବି. (କେଶ+ବୃଧ୍ ଧାତୁ=ବଢ଼ିବା+ଭାବ. ଅନ)—
**Keśabarddhana** ୧ । ବାଳ ବଢ଼ିବା—
1. The growth or increase of one's hair.
୨ । ( କେଶ+ବୃଧ ଧାତୁ+କର୍ତ୍ତୃ. ଅନ)—ଯେଉଁ ଔଷଧ ବା ତୈଳଦ୍ୱାରା କେଶ ବୃଦ୍ଧି ହୁଏ—
2. A medicine or oil for the growth of the hair.
୩ । ବାଳବଢ଼ଣୀ ଲତା; ଶତାବରୀ ଲତା—
3. A creeper; Asparagus Racemosus.

**କେଶବର୍ଦ୍ଧନୀ**—ସଂ. ବି—ଅତିବଳା; ବଜ୍ରମୂଳୀ; ଗୁଳ୍ମବିଶେଷ—
**Keśabarddhanī** Sida Rhomboides ( M. W. )

**କେଶବାବାସ**—ସଂ. ବି. ( ୬ଷ୍ଠୀ ତତ୍; କେଶବ+ଆବାସ )—
**Keśabābāsa** ୧ । ବୈକୁଣ୍ଠ—1. The abode of Bishṇu.
୨ । ଅଶ୍ୱତ୍ଥବୃକ୍ଷ—
2 The Ficus Religiosa; the holy fig tree.
୩ । ବିଷ୍ଣୁମନ୍ଦିର—3. A temple of Bishṇu.

**କେଶବାଳୟ**—ସଂ. ବି. ( ୬ଷ୍ଠୀ ତତ୍; କେଶବ+ଆଳୟ )—
**Keśabālaya** କେଶବାବାସ ( ଦେଖ )
Keśabābāsa ( See )

**କେଶବିନ୍ୟାସ**—ସଂ. ବି. ( ୬ଷ୍ଠୀ ତତ୍; କେଶ+ବିନ୍ୟାସ )—
**Keśabinyāsa** ୧ । ମୁଣ୍ଡର ବାଳକୁ ସଜାଇ କରି ବାନ୍ଧିବା; ସୁନ୍ଦା ପକାଇବା—
1. Dressing of the hair of the head.
୨ । ଜୁଡ଼ା; ଖୋସା—2. Chignon.
୩ । କେଶ ବନ୍ଧା ଯାଇଥିବା ଗଣ୍ଠି—3. Coiffure.

**କେଶବେଶ**—ସଂ. ବି. ( ୬ଷ୍ଠୀ ତତ୍; କେଶ+ବେଶ )—
**Keśabeśa** ୧ । କେଶବିନ୍ୟାସ ( ଦେଖ )
1. Keśabinyāsa ( See ).
୨ । କେଶଗୁଚ୍ଛ—2. A tress of hair (M.W.)

**କେଶବେଷ୍ଟ**—ସଂ. ବି. ( କେଶ+ବେଷ୍ ଧାତୁ+ତ )—ବାଳକୁ ବିଭାଗ
**Keśabeshṭa** କରି ସୁନ୍ଦା କାଟିବା; ଟେରି—The artistic parting of the hair of the head.

**କେଶମାର୍ଜକ**—ସଂ. ବି. ( କେଶ+ମାର୍ଜକ )—ପାନିଅଁ—
**Keśamārjaka** Comb.

**କେଶମାର୍ଜନ**—ସଂ. ବି. ( ୬ଷ୍ଠୀ ତତ୍; କେଶ+ମାର୍ଜନ )—ବାଳ
**Keśamārjana** କୁଣ୍ଡାଇବା—Combing of the hair.

**କେଶମାର୍ଜନୀ**—ସଂ. ବି. ( ୬ଷ୍ଠୀ ତତ୍; କେଶ+ମାର୍ଜନୀ )—ପାନିଅଁ—
**Keśamārjanī** Hair-comb.

**କେଶମୁଷ୍ଟି**—ସଂ. ବି—ମହାଲିମ୍ବ; ମହାନିମ୍ବ ( ଦେଖ )
**Keśamushṭi** Mahānimba tree ( See )

**କେଶର**—ସଂ. ବି. ( କେ=ଜଳରେ+ଶୄ ଧାତୁ=ଶୀର୍ଣ୍ଣ ହେବା+କର୍ତ୍ତୃ. ଅ; କେଶ+ର )—
**Keśara**
(କେସର—ଅନ୍ୟରୂପ) ୧ । କିଞ୍ଜଳ୍କ; ଫୁଲର କେଶାକାର ସୂକ୍ଷ୍ମାଂଶ—
1. The filaments of a flower.
୨ । ଘୋଡ଼ା ଓ ସିଂହ ଆଦିଙ୍କର ବେକର ବାଳ—
2. The mane of a horse or lion.
୩ । ବକୁଳ; ବଉଳଫୁଲ ଓ ଗଛ—
3. A large tree bearing fragrent flowers; Mimusops Elengi.
୪ । ନାଗେଶ୍ୱର; ନାଗକେଶର—
4. Mesuafera ( tree and its fragrant flower ).
ମୁଚୁକୁନ୍ଦ, ଚମ୍ପା, କେଶର, ତମାଳ—ସ୍ୱାଧୀନାଥ, ଉଦ୍ଧବ ।
୫ । ପୁନ୍ନାଗ; ପୁନ୍ନଙ୍ଗ—
5. Mast wood; Alexandrian Laurel.
୬ । ପାଚିଲା ଆମ୍ବ ବା ତାଳ ଆଦିର ଚେର ବା ତନ୍ତୁ—
6. Fibre of a ripe mango or palm fruit ( M. W.).
୭ । କୁସୁମ ଗୁଳ୍ମ—7. Rottleria Tinctoria ( M. W. )
୮ । ସୁନା—8. Gold. ( M. W. )
ଦେ. ବି—୧ । ପଦ୍ମବୀଜ; ପଦ୍ମଫୁଲର ଗେଣ୍ଡୁରୁ ବାହାରିବା କ୍ଷୁଦ୍ର ଓ କୋମଳ ଅଣ୍ଡାକାର ବୀଜ—
1. The seeds of lotus.
୨ । ଜାଫ୍ରାନ୍ କେଶର—2. Saffron.
୩ । କେଶୁର ( ଦେଖ )
3. Keśura ( See )
୪ । ଡିମ୍ବର ହଳଦିଆ ଅଂଶ—
4. The yolk of an egg.
୫ । (ଇଂ. କାଇସର୍) ଜର୍ମାନର ଭୂତପୂର୍ବ ସମ୍ରାଟଙ୍କର ଉପାଧି—
5. The title of the ex-emperor of Germany.

**କେଶରଚନା**—ସଂ. ବି. ( ୬ଷ୍ଠୀ ତତ୍; କେଶ+ରଚନା )—
**Keśarachanā** କେଶବିନ୍ୟାସ ( ଦେଖ )
Keśabinyāsa ( See )

**କେଶରଞ୍ଜନ**—ସଂ. ବି—୧ । କେଶଦୁଦୁରା ( ଦେଖ )
**Keśarañjana** 1. Keśadudurā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦଉର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖାଇଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ଚହିଁର ବଦଳର ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳଲେ 'ଗାଈ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ବାଳକୁ ରଙ୍ଗାଇବା—
2. Colouring or dyeing of the hair.

**କେଶରଞ୍ଜନୀ**—ଦେ. ବି—ପାନିଆଁ—Hair-comb.
**Kesaranjani**

> କେଶରଞ୍ଜନ କରେ ଧରି କରି
> କରିବର ଗତ ଦେଲା କସ୍ତୁରି । ଦୀନକୃଷ୍ଣ. ରସକଲ୍ଲୋଳ ।

**କେଶରଦା**—ଦେ. ବି. (ସଂ. କେଶରାଜ)—କେଶଦୁଦୁରା ( ଦେଖ )
**Kesarada** Kesadudura ( See )

**କେଶରପାଣ୍ଡିଆ**—ପ୍ରାଦେ. (ଅଙ୍ଗ) ବି—ବାଟଛପୁଳି ( ଦେଖ )
**Kesarapandia** Batachhapuli ( See )
ପ୍ରାଦେ. ( ପୁରୀ ) ବି—ଚକ୍ରବାକ ପକ୍ଷୀ—
The Ruddy Goose.

**କେଶରାଜ**—ସଂ. ବି—୧ । କେଶଦୁଦୁରା ( ଦେଖ )
**Kesaraja** 1. Kesadudura ( See )
୨ । କଜଳପାଣ୍ଡିଆ ପରି ଚୂଳଥିବା ପକ୍ଷିବିଶେଷ—
2. Hair-crested Drongo; Chibia Hottentotta.
[ ଦ୍ର—ଏ ପକ୍ଷୀର ଚଞ୍ଚୁ ଦୀର୍ଘ ଓ ଅଗବଙ୍କା; ମୁଣ୍ଡର ପଛଆଡ଼ୁ ଗୋଟା କେତେ ଲମ୍ବ କେଶ ଗୋଛ ହୋଇ ଉଠିଥାଏ; ଏ ଫଳ ଓ ଫୁଲ ମଧ୍ୟରୁ ବକଅଣ୍ଟଦ୍ୱାରା ମହୁ ଖାଇପାରେ । ଯୋଗେଶଚନ୍ଦ୍ର । ]

**କେଶରି**—ସଂ. ବି—ହନୁମାନ୍‌ଙ୍କ ପିତା—
**Kesari** Name of the father of Hanuman.

**କେଶରିକା**—ସଂ. ବି. ( କେଶର+ଇକ )—ବାସନ ମାଜିବା କନାପୁଡ଼ା;
**Kesarika** ମଜାଗୁଡ଼ା—A clout for cleaning utensils and ornaments. ( M. W. )

**କେଶରୀ**—ସଂ. ବଣ. ପୁଂ. ( କେଶର+ଅସ୍ତି ଅର୍ଥରେ. ଇନ୍. ୧ମା. ୧ବ. )—୧ । କେଶରବିଶିଷ୍ଟ—
**Kesari** (କେଶରିଣୀ—ସ୍ତ୍ରୀ) 1. Maned; having a mane.
ସଂ. ବି—୧ । ସିଂହ—1. Lion.
୨ । ରାଜା—2. King.
୩ । ସମ୍ରାଟ—3. Emperor.
୪ । ଅଶ୍ୱ—4. Horse.
୫ । ବାନର—5. Monkey.
୬ । ଓଡ଼ିଶାର ପୁରାତନ ରାଜବଂଶବିଶେଷ—
6. A family of ancient kings of Orissa.
[ ଦ୍ର—କେଶରୀ ବଂଶୀୟ ରାଜାମାନେ ଖ୍ରୀଷ୍ଟାବ୍ଦ ୫୨୦ ରୁ ୧୦୪୨ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କେଶରୀବଂଶର ରାଜତ୍ୱ କାଳରେ 'କଳିଙ୍ଗ' ପରିବର୍ତ୍ତିରେ 'ଉତ୍କଳ' ଏହି ନାମର ବେଶି ପ୍ରସାର ହେଲା —କୃପାସିନ୍ଧୁ. ଉତ୍କଳଇତିହାସ । ]
୭ । ହନୁମାନର ଲୌକିକ ପିତା—
7. The reputed father of Hanuman.

> ହନୁମାନ କୋଳରେ କେଶରୀଙ୍କ ଲେଖେ,
> ଭାଳ କରି ଲକ୍ଷ୍ମଣ ଚକ୍ଷୁ ମେଲେ । ବଳରାମ. ରାମାୟଣ ।

୮ । (ଶବ୍ଦର ପରେ ବ୍ୟବହୃତ ହେଲେ) ଶ୍ରେଷ୍ଠ—
8. Chief; famous
୯ । ନାଗେଶ୍ୱର (ଦେଖ)
9. Nageswara (See)
୧୦ । ହସ୍ତୀ—10. Elephant.
୧୧ । ମର୍କଟବିଶେଷ (ରାମଚନ୍ଦ୍ରଙ୍କର ଏକ ସେନାପତିର ନାମ)—
11. One of the monkey-lieutenants of Ramachandra.
୧୨ । ପୁନ୍ନାଗ (ଦେଖ)
12. Punnaga (See).

> ବିକଶିତ ହୋଇଛନ୍ତି କେଶରୀ (୯) କେଶରୀ (୧୨)
> ଚଳରେ ଶାଖାରେ ଦେଖ କେଶରୀ (୫) କେସର
> ବଦାର ଯାଉଛି କରି କେଶରୀ (୧) କେଶରୀ (୧୦)
> ବିସ୍ମିତ ହୋଇଛି ମନ କେଶରୀ (୪) କେଶରୀ (୩) ।
> ଉପେନ୍ଦ୍ର. ବୈଦେହୀଶବିଳାସ ।

୧୩ । ଜଳଚର ପକ୍ଷୀବିଶେଷ—
13. Name of an aquatic bird (M. W.).
୧୪ । ରକ୍ତ ଶିଗ୍ରୁ; ନାଲି ଶଜନାଗଛ—
14. A variety of Moringa with red flowers (M. W.)
୧୫ । ଲେମ୍ବୁଗଛ—15. A citron tree (M. W.)
୧୬ । କୁସୁମ ଗୁଳ୍ମ—
16. A plant; Rottleria Tinctoria (M.W.)

**କେଶହନ୍ତ୍ରୀ**—ସଂ. ବି.—ଶମୀବୃକ୍ଷ—
**Kesahantri** Spung tree; Rosepis Spicigera.

**କେଶହସ୍ତ**—ସଂ. ବି. (କେଶ+ସମୂହାର୍ଥେ. ହସ୍ତ) —କେଶଗୁଚ୍ଛ (ଦେଖ)
**Kesahasta** Kesaguchchha (See)

**କେଶହୀନ**—ସଂ. ବଣ.—( ୩ୟା ତତ୍; କେଶ+ହୀନ.)—କେଶଶୂନ୍ୟ;
**Kesahina** ଲବାଳୁଆ; ଠାଙ୍ଗରା; ଗିଥଲଗିଥ—
Destitute of hair; bald.

**କେଶା**—ଦେ. ବି. (ସଂ. କେଶରାଜ)—କେଶରାଜ ୨ (ଦେଖ)
**Kesa** Kesaraja 2 (See)

**କେଶାକର୍ଷଣ**—ସଂ. ବି. (୬ଷ୍ଠୀ ତତ୍; କେଶ+ଆକର୍ଷଣ)—କୌଣସି
**Kesakarshana** ବ୍ୟକ୍ତିର ଚୁଟିକୁ ଝିଙ୍କିବା କର୍ମ; ଚୁଟିଝିଙ୍କା—
Pulling a person by the hair.

**କେଶାକେଶି**—ସଂ. କି. ବି. ( କେଶ+କେଶ+ଇ )—ପରସ୍ପର ଚୁଟି ଝିଙ୍କାଝିଙ୍କି; ପରସ୍ପର ଚୁଟି ଧରାଧରି ହୋଇ ଯେଉଁ ଯୁଦ୍ଧ
**Kesakesi** ହୁଏ—( literally hair to hair) Fighting by mutual pulling of the hair.

**କେଶାନ୍ତ**—ସଂ. ବି. (୬ଷ୍ଠୀ ତତ୍; କେଶ+ଅନ୍ତ)—୧ । କେଶର ଅଗ୍ର—
**Kesanta** 1. The ends of the hair.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଙ | ଣ,ଶ | ଞ୍ଜ | ଇୟ | ଉଅ | ଘ |
| ୨ | ଈ | ଊ | ଋୂ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଟ୍ୟ | ଇଅ | ଞ | ନୃ |

୨ । ଶିଶୁର ଚୂଡ଼ାକରଣ ସଂସ୍କାର—2. The ceremony of the first clipping of the hair of a child; the ceremonial tonsure of a Hindu boy.

୩ । ଝାଲ୍ଟରେ କେଶ ଜନ୍ମିଥିବା ସ୍ଥାନର ସୀମାନ୍ତ; ବେଣ୍ଟି—
3. The border of the hair on the forehead (M. W)

**କେଶି**—ଦେ. ବି—୧ । ଔଷଧ ବୃକ୍ଷବିଶେଷ; ଭୂତକେଶୀ ( ଦେଖ )
**Kesi** Bhūtakesī ( See )

ସଂ. ବି. (ନାମ)—କେଶୀ ୨ ( ଦେଖ )
Kesī 2 ( See )

**କେଶିକ**—ସଂ. ବିଣ ପୁଂ. ( କେଶ+ଇକ )—
**Kesika** ଯାହାର ବେଶି ବାଳ ଥାଏ—
(କେଶିକା—ସ୍ତ୍ରୀ) Having fine or luxuriant hair (M. W.)
ବି—ବାଲବରଣୀ ଲତା; ଶତାବରୀ—
Asparagus Racemosus creeper ( M. W. )

**କେଶିନିସୂଦନ**—ସଂ. ବି. (ବହୁବ୍ରୀହି; କେଶିନ୍+ନିସୂଦନ=ବିନାଶକ)—
**Kesinisūdana** ୧ । ଶ୍ରୀକୃଷ୍ଣଙ୍କର ନାମ—
1. A name of Srikrushna, the slayer of the demom Kesī.
୨ । ବିଷ୍ଣୁ—2. An epithet of Bishnu.

**କେଶିନୀ**—ସଂ. ବିଣ. ସ୍ତ୍ରୀ. ( କେଶିନ୍+ଈ )—
**Kesinī** କେଶୀର ସ୍ତ୍ରୀଲିଙ୍ଗ—Feminine of Kesī.
ସଂ. ବି. ସ୍ତ୍ରୀ—୧ । ଦୁର୍ଗା—1. Goddess Durgā.
୨ । ଅପ୍ସରାବିଶେଷ—2. Name of an Apsarā.
୩ । ରାବଣର ମାତା—
3. Name of the mother of Rābana.
୪ । ଜଟାମାଂସୀ—
4. Nardostachis Jaṭāmāṁsī (plant).

**କେଶିହା**—ସଂ. ବି. ( କେଶିନ୍+ହନ ଧାତୁ+କର୍ତ୍ତୃ. କ୍ୱିପ୍ )—
**Kesihā** କେଶିନିସୂଦନ ( ଦେଖ )
Kesinisūdana ( See )

**କେଶୀ**—ସଂ. ବି. ପୁଂ. ( କେଶ+ଇନ୍; ୧ମା. ୧ବ )—
**Kesī** ୧ । ବାଳୁଆ—1. Hairy.
୨ । ଯାହାର ବାଲ ସୁନ୍ଦର ଓ ଲମ୍ବ—
2. Having fine or long hair.
ଦେ. ବିଣ. ସ୍ତ୍ରୀ. ( ଅନ୍ୟ ଶବ୍ଦ ପରେ ଲାଗେ, ଯଥା—ଘନକେଶୀ, ସଂ. କେଶିନ; କେଶା )—କେଶ ଯୁକ୍ତ—।
( in compounds ) Haired ( as in long-haired )

ଗୁରୁ ଉମାବର ତମ୍ପକ ବରଣୀ ତନୁ ବଦନ ଘନକେଶୀ ।
ସନାତନ. ଜଗମୋହନ ।

ସଂ. ବି—୧ । ମାଚକା; ଔଷଧ ଗୁଳ୍ମବିଶେଷ—
1. A kind of herbarious plant; Hibiseus Cannabinus.
୨ । କଂସର ମଲ୍ଲ; ଦୈତ୍ୟବିଶେଷ; ( ଏହାଙ୍କୁ ଶ୍ରୀକୃଷ୍ଣ ବଧ କରିଥିଲେ )—2. The name of a demon slain by Srikrushna.
୩ । ନଦୀବିଶେଷ—
3. The name of a river.

କେଶୀ ନଦୀ ତଟରେ ତହିଁ ବସୁଛନ୍ତି ଦ୍ରୋଣ ।
ସାରଳା. ମହାଭାରତ. ଅଦ୍ଧ ।

୪ । ବିଷ୍ଣୁ—4. Bishnu.
୫ । ସିଂହ—5. Lion.
୬ । ଘୋଡ଼ା—6. Horse.

**କେଶୁର**—ଦେ. ବି. ( ସଂ. କଶେରୁ; କଶେରୁକ; କସେରୁ )—
**Kesura** ୧ । ମୁଥା ଜାତୀୟ ତୃଣ—
କେশুর 1. A kind of grass with bulbuous root
कसेरु and long stalk; Scirpus Kysoor;
ତେ. ଇଟକୋଲ Cyperus Esculentis.
ମ କଚରା ୨ । କୈବର୍ତ୍ତ ମୁସ୍ତକ; କେଉଟ ମୁଥା—
2. Hexastachoia Roxb.

ମେଘ ବରଷଇ ଝପର ଝପର କେଶୁର ମାଇଣ ତୋ—ଶିଶୁ ଗୀତ ।

**କେସନ**—ଦେ. ଅ (ପଦ୍ୟ) (ସଂ. କୀଦୃଶ)—
**Kesana** ୧ । କିପ୍ରକାରେ ?—
1. In what manner ?
୨ । କିପରି ?—2. How ?

**କେସନେ**—ଦେ. ଅ—କେସନ ( ଦେଖ )—
**Kasane** Kesana ( See )

**କେସର**—ସଂ. ବି ( କେ=ଜଳରେ+ସୃ ଧାତୁ=ଗମନ କରିବା+କର୍ତ୍ତୃ. ଅ )—କେଶର (ଦେଖ)—
**Kesara** Kesara ( See )

**କେସରୀ**—ସଂ. ବିଣ ଓ ବି ( କେସର+ଅସ୍ତ୍ୟର୍ଥରେ ଇନ୍ )—
**Kesarī** କେଶରୀ (ଦେଖ)—
Kesarī (See)

**କେସୁ**—ପ୍ରାଦେ ( ଗଞ୍ଜାମ ) ବି—ଶେଯରେ ପକାଇବା ଚଦର; ବିଛଣା-ଚଦର—Bed sheet.
**Kesu**

**କେସେ**—ଦେ. ସର୍ବ ( ସଂ. କଃ ଏଷଃ)—କେଉଁ ବ୍ୟକ୍ତି ? କିଏ ସେ ?—
**Kese** Who ? Who is he ?

କେହୁ ଜଗଇ ସୁଜୁରୁ ଦୂରୁ । ଶିକ୍ଷା କ ବୃଷଭୁ ସନ୍ଧ୍ୟାପକ
ହେଲା ସୁରୁ ଗୁରୁତ୍ୱଙ୍କ କେସେ । ଭକ୍ତ. ପ୍ରେମସୁଧାନିଧି ।

**କେହି**—ଦେ. ଅ ( ପ୍ରାଚୀନ ) (ସଂ. କଂ ଏହି; କୋହି)—କିପରି ?—
**Kehi** How ?
केमने ସରିବା ଜାଣ ନ ଶିବନ ଲୋ ଇଲ-ଏ କେହ କେହି ସହିବ ।
कैसा ଭକ୍ତ. ପ୍ରେମସୁଧାନିଧି ।

> ସାଧାରଣ ଲେଖେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରୋ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରୋ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରୋ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରର ଉପସ୍ଥିତ ୨ ବା ୧ ଚକ୍ରୋ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଅ' ନ ମିଳିଲେ 'ବୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଗିଂଶ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଏ କଥା କେହି ମୋର ଭଙ୍ଗାଇ ନୋହିବ—କୃଷ୍ଣସିଂହ. ମହାଭାରତ. ଅଦ ।

**କେଉ** ଦେ. ସର୍ବନାମ (ହିଂ. କମ୍, କୋଇ)—କୌଣସି ବ୍ୟକ୍ତି—
**कोहि** Someone; anyone.
ଦେ. ବିଣ—କୌଣସି (ବ୍ୟକ୍ତି)—Some (person).

**କେହିଅବା**—ଦେ. ସର୍ବନାମ—୧ । କେହି କେହି; କେହିକଦବା;
Kehiabā ଖୁବ୍ ଅଳ୍ପ ସଂଖ୍ୟକ (ବ୍ୟକ୍ତି)—1. (Persons) Very few; if any.
୨ । ବୋଧହୁଏ କେହି ଜଣେ—2. At least some one.

**କେହିଁ**—ଦେ. ଅ—କେହି ୧ (ଦେଖ)—
Kehiñ Kehi 1. (See)

**କେହିକଦବା**—ଦେ. ସର୍ବନାମ—କେହି କେହି; ଖୁବ୍ କମ୍ ସଂଖ୍ୟକ
Kehikadabā (ବ୍ୟକ୍ତି)—Very few persons, if any.

**କେହିକମିତ**—ଦେ. ସର୍ବନାମ—କେହିକଦବା (ଦେଖ)—
Kehikimiti Kehikadabā (See)

**କେହିନାଁକେହି**—ଦେ. ସର୍ବନାମ—କେହି ଜଣେ ହେଲେ ନିଶ୍ଚୟ—
Kehinañkehi Some one certainly; anyone.

**କେହିବା**—ଦେ. ସର୍ବନାମ—କେହିଅବା (ଦେଖ)—
Kehibā Kehiabā (See)

**କେହୁ**—ଦେ. (ପଦ୍ୟ) ସର୍ବନାମ—(ହିଂ. କୋଇ) କୌଣସି ବ୍ୟକ୍ତି;
Kehu କେହି—Someone; anyone.
**केउ**
**कोइ**
ଧନମଦେ ମତ୍ତ କେହୁ, କେହୁ ଜନମଦେ—
ରାଧାନାଥ. ମହାଯାତ୍ରା ।

**କେହୁଣସି**—ଦେ. (ପଦ୍ୟ) ସର୍ବନାମ (ହିଂ. କୋଇ) ଯେକୌଣସି ବ୍ୟକ୍ତି—
Kehuṇasi Anyone; someone.
**केउ** ଦେ. (ପଦ୍ୟ.) ବିଣ (ହିଂ. କୋଇ)—କୌଣସି; ଯାହାହେଲେ—
**कोनसा** Any; some.
କେହୁଣସି ଯୁଝକୁ ନ କର ଅବଧାନ—ଗ୍ରାମୀ. ଭଟ୍ଟମହେଶ ।

**କେହୁଣି**—ଦେ. ସର୍ବ. ଓ ବିଣ—କେହୁଣସି (ଦେଖ)
Kehuṇi Kehuṇasi (See)

**କେହୁଣିସି**—ଗ୍ରା. ସର୍ବନାମ ଓ ବିଣ—କେହୁଣସି (ଦେଖ)
Kehuṇisi Kehuṇasi (See)

**କେହ୍ନେ**—ଦେ (ପଦ୍ୟ) ଅ ( ହିଂ. କଦାପି; କେନ)—କିପରି ?—
Kehne How ?
ପୁତ୍ର ମୋହିଲେ କେହ୍ନେ ରହିବ କୁଳ ଗୋତ—ମାର୍କଣ୍ଡେୟପୁରାଣ ।

**କୈ** (ଧାତୁ)—ସଂ.—ଶବ୍ଦ କରିବା—
Kai (root) To sound.

**କୈ**—ଦେ. ବି—କଇ (ଦେଖ)
Kai Kai (See)

**କୈଂଶୁକ**—ସଂ. ବି (କିଂଶୁକ+ଅ)—ପଳାଶ ଫୁଲ—
Kaiṁśuka Flower of the Butea Frondosa tree.

**କୈଁ** (ଇତ୍ୟାଦି)—ଗ୍ରା. ବି—କଇଁ ଇତ୍ୟାଦି (ଦେଖ)
Kaiñ (etc) Kaiñ etc (See)

**କୈଁକୈଁ**—ଦେ (ଧ୍ୱନ୍ୟନୁକରଣ) ଅ—କଇଁକଇଁ (ଦେଖ)
Kaiñkaiñ Kaiñkaiñ (See)

**କୈଁରିକଣ୍ଟିଆ**—ପ୍ରାଦେ (ସମ୍ବଲପୁର) ବି—କଇଁରିକଣ୍ଟିଆ (ଦେଖ)
Kaiñrikanṭiā Kaiñrikanṭiā (See)

**କୈଁଶିକାକୁର୍ଡି**—ଦେ. ବି—କଇଁଚିକାକୁର୍ଡି (ଦେଖ)
Kaiñsikākurḍi Kaiñchikākurḍi (See)

**କୈକଇ**—ଗ୍ରା. ବି. ସ୍ତ୍ରୀ—କୈକେୟୀ (ଦେଖ)
Kaikai Kaikeyī (See)

**କୈକୟ**—ସଂ. ବି (କେକୟ+ଅ)—କେକୟ ଦେଶର ରାଜା—
Kaikaya The king of the Kekaya country.

**କୈକୟା**—ଗ୍ରା. ବି. ସ୍ତ୍ରୀ (ସଂ. କୈକେୟୀ)—କୈକେୟୀ (ଦେଖ)
Kaikayā Kaikeyī (See)

**କୈକୟୀ**—ସଂ. ବି. ସ୍ତ୍ରୀ (କେକୟ+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ)—
Kaikayī କୈକେୟୀ (ଦେଖ)
Kaikeyī (See)

**କୈକସ**—ସଂ. ବି (କେକସ+ଅ)—ରାକ୍ଷସ—
Kaikasa Demon.

**କୈକିରାତ**—ସଂ. ବି. ପୁଂ—କାମୁକ ବ୍ୟକ୍ତି—
Kaikirata An amorous person.

**କୈକେୟ**—ସଂ. ବି (କେକୟ+ଅ,—୧ । କେକୟ ଦେଶର ରାଜା—
Kaikeya 1. A king of the Kekaya country.
୨ । କୈକେୟୀଙ୍କର ପୁତ୍ର ଭରତ—
2. Bharata, the son of Kaikeyī.
ବଧୂ ଗୃହୁଁ, ଘାଳ କୈକେୟ ଭଲେ ଭଲେ—ଉପେ. ବୈଦେହୀଶବିଳାସ ।

**କୈକେୟୀ**—ସଂ. ବି. ସ୍ତ୍ରୀ (କେକୟ+ଅପତ୍ୟାର୍ଥେ. ଅ; ସ୍ତ୍ରୀ. ଈ)—
Kaikeyī ଦଶରଥପତ୍ନୀ ଓ ଭରତମାତା—
The mother of Bharata and a wife of Daśaratha.
[ଦ୍ର—ଏ ଦଶରଥଙ୍କର ମଧ୍ୟମା ଓ ପ୍ରିୟତମା ରାଣୀ ଥିଲେ; କୁବ୍ଜା ଦାସୀ ମନ୍ଥରାର ପ୍ରରୋଚନାରେ ଦଶରଥଙ୍କୁ ଏକ ସତ୍ୟ କରାଇ, ରାମଙ୍କ ରାଜ୍ୟାଭିଷେକର ପୂର୍ବ ଦିନ ରାମଙ୍କୁ ଚଉଦ ବର୍ଷ କାଳ ବନକୁ ପଠାଇ ଥିଲେ ଏବଂ ଆପଣାର ପୁତ୍ର ଭରତଙ୍କୁ ରାଜା କରାଇଥିଲେ ।

**କୈଞ୍ଚି**—ଦେ. ବି—କଇଞ୍ଚି (ଦେଖ)
Kaiñchi Kaiñchi (See)

**କୈଞ୍ଚିକାକୁର୍ଡି**—ଦେ. ବି—କଇଁଚିକାକୁର୍ଡି ( ଦେଖ )—
Kaiñchikākurḍi Kaiñchikākurḍi ( See)

**କୈଟଭ**—ସଂ ବି ( କୀଟ+ଭା ଧାତୁ=ଦୀପ୍ତି କରିବା+କର୍ତ୍ତୃ. ଅ,
Kaiṭabha ଉପାଦାନ ) ଦୈତ୍ୟ ବିଶେଷ ( ବିଷ୍ଣୁ ଏହାକୁ ବଧ କରିଥିଲେ)—A demon (killed by Bishṇu).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଉଥ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଟିଁ୍ୟ | ଇଅ | ଊ | ନ୍ଦ |

**କୈଟଭଜିତ୍**—ସଂ. ବି ( କୈଟଭ+ ଜି ଧାତୁ=ଜୟ କରିବା+କର୍ତ୍ତୃ. କ୍ୱିପ୍)—ବିଷ୍ଣୁ—Bishṇu.
Kaiṭabhajit

[ ଦ୍ର—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଚଣ୍ଡୀରେ ବର୍ଣ୍ଣିତ ଅଛି ଯେ ପୃଥିବୀର ମହାପ୍ରଳୟ କାଳରେ ବିଷ୍ଣୁ ଅନନ୍ତଶଯ୍ୟାରେ ଶୟନ କରିଥିବା ବେଳେ ତାଙ୍କ କର୍ଣ୍ଣମୂଳରୁ ମଧୁ ଓ କୈଟଭ ନାମକ ଦୁଇଟି ଅସୁର ବାହାରି ବିଷ୍ଣୁଙ୍କ ନାଭିକମଳୋଦ୍ଭୂତ ବ୍ରହ୍ମାଙ୍କୁ ଖାଇବାକୁ ବସିଲେ। ନିଦ୍ରାରୁ ଉଠି ବିଷ୍ଣୁ ତାଙ୍କୁ ବଧ କଲେ; ତାହା କରି ନ ଥିଲେ ବ୍ରହ୍ମା ନୂତନ ସୃଷ୍ଟି କରି ପାରି ନ ଥାନ୍ତେ। ]

**କୈଟଭହା**—ସଂ. ବି. (କୈଟଭ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍ )—
Kaiṭabhahā କୈଟଭଜିତ୍ ( ଦେଖ )
Kaiṭabhajit ( See )

**କୈଟଭାରି**—ସଂ. ବି. ( ୬ଷ୍ଠୀ ତତ୍; କୈଟଭ+ଅରି )—
Kaiṭabhāri କୈଟଭଜିତ୍ ( ଦେଖ )
Kaiṭabhajit ( See )

**କୈତକ**—ସଂ. ବି. ( କେତକ+ସମ୍ବନ୍ଧାର୍ଥେ. ଅ )—କେତକୀଫୁଲ—
Kaitaka The yellow flower of Screwpine.

ସଂ. ବିଣ—କେତକସମ୍ବନ୍ଧୀୟ—
Relating to the Screwpine.

**କୈତବ**—ସଂ. ବି. ( କିତବ=ବଞ୍ଚକ+ତତ୍କର୍ମାର୍ଥେ. ଅ )—
Kaitaba ୧ । ମିଥ୍ୟା—1. Falsehood; lie.
୨ । ଛଳ; କପଟ—2. Fraud; deceit; craftiness.
୩ । ଠକାମି—3. Swindling; cheating.
୪ । ରତ୍ନବିଶେଷ; ବୈଦୂର୍ଯ୍ୟ—
4. Lapis lazuli ( gem ).
୫ । ଦ୍ୟୁତକ୍ରୀଡ଼ା; ପଶାଖେଳ—5. Gambling.
୬ । ପଶାଖେଳରେ ରଖାଯିବା ବାଜି—
6. A wager in a gambling or dice-play.
୭ । ଧାତୁରା ( ଦେଖ )
7. Dhaturā ( See ).
୮ । ଠକ—8. A cheat.
୯ । ଜୁଆରି—9. A gambler.

**କୈତବକ**—ସଂ. ବି ( କୈତବ+କ )—ଜୁଆଖେଳ—
Kaitabaka Gambling.

**କୈଥ**—ଦେ. ବି. ( ସଂ. କପିତ୍ଥ )—କଇଥ ( ଦେଖ )
Kaitha Kaitha ( See )

**କୈଥା**—ଦେ. ବିଣ—କଇଥା ( ଦେଖ )
Kaithā Kaithā ( See

**କୈଦ୍** (ଇତ୍ୟାଦି)—ବୈଦେ.ବି ଓ ବିଣ (ଆ)—କଇଦ ଇତ୍ୟାଦି (ଦେଖ)
Kaid ( etc ) Kaidi etc ( See )

**କୈଦି** ( ଇତ୍ୟାଦି )—ବୈଦେ. ବି. (ଆ)—କଇଦି ଇତ୍ୟାଦି ( ଦେଖ )
Kaidi ( etc ) Kaidi etc ( See)

**କୈଫତ୍** (ଇତ୍ୟାଦି)—ବୈଦେ. ବି (ଆ)—କଇଫତ୍ ଇତ୍ୟାଦି ( ଦେଖ )
Kaiphat ( etc ) Kaiphat etc ( See )

**କୈଫିୟତ୍**—ବୈଦେ. ବି. ( ଆ )—କଇଫତ୍ ( ଦେଖ )
Kaiphiyat Kaiphat ( See )

ଏତେଗୁଡ଼ାଏ ଟଙ୍କା ଉଡ଼ ସବାଶେ ପାଞ୍ଚିଆ ଗାଳ ଖାଇ
ଯେଉଁପରି କୈଫିୟତ ଦେଇଥିଲ, ସେଥିର ସାରମର୍ମ ଏହି—
ଫକୀରମୋହନ. ଛଅମାଣଆଠଗୁଣ୍ଠ ।

**କୈବର୍ତ୍ତ**—ସଂ. ବି. ( କେବର୍ତ୍ତ+ସ୍ୱାର୍ଥେ. ଅ )—କେଉଟ; ଧୀବର—
Kaibartta A fisherman; a boatman.

**କୈବଲ୍ୟ**—ସଂ. ବି. ( କେବଳ+ଭାବେ. ଯ; ଦେହ ଏବଂ ଇନ୍ଦ୍ରିୟ ତ୍ୟାଗ କରି ଆତ୍ମାର କେବଳତ୍ୱ )—
Kaibalya
୧ । ଐକାନ୍ତିକତା—1. Soleness.
୨ । ଏକତା—2. Absoluteness; oneness.
୩ । ପୂର୍ଣ୍ଣାନନ୍ଦ; ଅଖଣ୍ଡାନନ୍ଦ—
3. Absolute bliss; beatitude.
୪ । ସଂସାର ମୁକ୍ତି; ମୋକ୍ଷ—
4. Emancipation of the soul from worldly bondage.

ଯାହାକୁ ବୋଲନ୍ତି ମନ୍ତ୍ର ଯେବେ ଜାଣ ଭଲ
ସେ ଲୋକଙ୍କ ଏ ସଂସାରେ ଲଭଇ କୈବଲ୍ୟ—ପୀତାମ୍ବର. ନୃସିଂହପୁରାଣ ।

୫ । ଦୁଃଖନିବୃତ୍ତିରୂପ ମୋକ୍ଷ—
5. Absolute indifferenece to physical sufferings and worldly concerns.
୬ । ପରମାତ୍ମାଙ୍କ ସହିତ ମିଳନ; ପରମାତ୍ମାରେ ଜୀବାତ୍ମାର ନିର୍ବାଣ—
6. Absolute identity of the human soul with the Universal Soul; the state of absorption in God; ('when God in man is one with man in God' Tennyson).

ଦେ. ବି.—( ମୋକ୍ଷପ୍ରାପ୍ତିର ପ୍ରଧାନସମୟ ବୋଲି ) ଦେବତାଙ୍କର ପ୍ରସାଦ ବା ପାଦୁକ—The flower or other offerings brought down from a Deity and made over to the devotee for being partaken of.

**କୈବ୍ରତ**—ଗ୍ରା. ବି. ( ସଂ. କୈବର୍ତ୍ତ )—କୈବର୍ତ୍ତ ( ଦେଖ )
Kaibrata Kaibartta ( See )

**କୈମୁତିକ**—ସଂ. ବି. ( କିମ୍+ଉତ=କିମୁତ+ଇକ )—ନ୍ୟାୟବିଶେଷ; ମୁହେଁ ମୁହେଁ ପ୍ରମାଣିତ ହେବା ଭଳି ନ୍ୟାୟ—
Kaimutika A self-evident reasoning; axiomatic reasoning; a reasoning which requires no proof.

[ ଦ୍ର—ଯେଉଁ ଭାରକୁ ଦୁର୍ବଳ ବ୍ୟକ୍ତି ବହନ କରି ପାରେ, ସେ ଭାରକୁ ସବଳ ବ୍ୟକ୍ତି ଯେ ବହନ କରିବ, ଏଥିରେ ଅଛି

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଥମ ୧ ଚଷ୍ଟିଭ ଅକ୍ଷର ଓ ମାତ୍ରା ଏବଂ ୨ ଚଷ୍ଟିଭ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ଲକ୍ଷ କରନ୍ତି ନାହିଁ । ଅତଏବ ୧ ବା ୨ ଚଷ୍ଟିଭ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହିଁର ଉପସ୍ଥିତ ୨ ବା ୧ ଚଷ୍ଟିଭ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ସନ୍ଦେହ କଅଣ ? ଏଭଳି ନିଃସନ୍ଦେହ ଯୁକ୍ତି । ସ. 'କିମୁତ'ର ଅର୍ଥ— ଆଉ କଣ ?, ଏଥିରେ ସନ୍ଦେହ କଅଣ ? ଅର୍ଥାତ୍—'ଅତ୍ର ସନ୍ଦେହୋ ନାସ୍ତି ।' ]

**କୈୟାଁ**—ଦେ. ବି—କୟାଁ ( ଦେଖ )
Kaiañ — Kayañ ( See )

**କୈରବ**—ସ.ବି. (ସ. କେ=ଜଳରେ+ରବ୍ ଧାତୁ+ଅ=କୈରବ= ଦ୍ୱଂସ; କୈରବ+ତଦ୍ଗ୍ରହ୍ୟାର୍ଥେ. ଅ )—
Kairaba
୧ । କୁମୁଦ; କଇଁ; ଶ୍ୱେତୋତ୍ପଳ—
1. White water-lily.
୨ । ଠକବ; ଶଠ; ଠକ—2. Swindler; cheat.
୩ । ଶତ୍ରୁ—3. Enemy.

**କୈରବିଣୀ**—ସ. ବି. ସ୍ତ୍ରୀ. ( କୈରବ+ସମୂହାର୍ଥେ. ଇନ୍; ସ୍ତ୍ରୀ. ଈ )—
Kairabiṇi ୧ । କୁମୁଦପୂର୍ଣ୍ଣ ଜଳାଶୟ—
1. A place or tank full of water-lilies.
୨ । କୁମୁଦିନୀ; କୁମୁଦ ବନ—
2. An assemblage of white water-lilies.
୩ । କୁମୁଦ ଗଛ—3. A water-lily plant.

**କୈରବୀ**—ସ. ବି. ସ୍ତ୍ରୀ. ( କୈରବ+ସ୍ତ୍ରୀ. ଈ )—
Kairabi ଜ୍ୟୋତ୍ସ୍ନା; କୌମୁଦୀ; ଚନ୍ଦ୍ରକିରଣ—
Moon-light.
[ ଦ୍ର—ଜ୍ୟୋତ୍ସ୍ନା ଲାଗିଲେ କଇଁ ଫୁଲ ଫୁଟେ ବୋଲି କବି-ସମ୍ପ୍ରଦାୟପ୍ରସିଦ୍ଧି ଅଛି । ବସ୍ତୁତଃ କଇଁ ଫୁଲ ରାତିରେ ଫୁଟେ ଓ ଦିନରେ ପ୍ରାୟ ମୁଦ ହୋଇ ଯାଏ ଏବଂ ପଦ୍ମ ଦିନରେ ଫୁଟେ ଓ ରାତିରେ ମୁଦି ହୁଏ । ]

**କୈରାତ**—ସ. ବିଣ. (କିରାତ+ଅ)—କିରାତସମ୍ବନ୍ଧୀୟ—
Kairāta — Relating to Kirātas.
ବି—୧ । କିରାତମାନଙ୍କ ରାଜା—
1. A king of the Kirātas.
୨ । ( କିରାତ+ସମାନାର୍ଥେ. ଅ )—
ବ୍ୟାଧ ଭଳି ବଳବାନ୍ ମନୁଷ୍ୟ—
2. A strong man (as strong as a hunter.)
୩ । କିରାତଚନ୍ଦନ; ଚନ୍ଦନବିଶେଷ—
3. A kind of Sandal-wood.
୪ । ଭୂନିମ୍ବ; କିରାତତିକ୍ତ; ଚିରେଇତା ଗୁଳ୍ମ—
4. A bitter medicinal plant.

**କୈରି**—ଦେ. ବି—୧ । ଧାନ ଆଦି ରଖିବାର ବଡ଼ ଟୋକେଇ; ଡାଲି—
Kairi 1. A big basket for storing grain.
୨ । ଧାନ ଆଦି ସାଇତି ରଖିବା ପାଇଁ ପ୍ରସ୍ତୁତ ପାଳର ମରେଇ-
2. A big receptacle for grain made of plaited straw.

**କୈଁରିକଣ୍ଟିଆ**—ପ୍ରାଦେ. (ସମ୍ବଲପୁର) ବି—କଇଁରିକଣ୍ଟିଆ ( ଦେଖ )
Kaiṅrikanṭia — Kaiṅrikanṭiā ( See )

**କୈଳ**—ସ. ବି. ( କେଳ+ସମୂହାର୍ଥେ. ଅ )—
Kaila ୧ । କେଳି ସମୂହ; କ୍ରୀଡ଼ା ସମୂହ—
1. Sports; games.
୨ । (+ଭକ୍ଷ୍ୟାର୍ଥେ. ଅ) ସୁଖ—2. Happiness.

**କୈଳାସ**—ସ. ବି. ( କେଳ+ଅ=କୈଳ=କ୍ରୀଡ଼ା ସମୂହ; ସୁଖ+ଆସ୍ ଧାତୁ=ବାସ କରିବା+ଅଧିକରଣେ. ଅ )—
Kailāsa
ଶିବ ଓ କୁବେରଙ୍କ ବାସସ୍ଥାନ; ହିମାଳୟସ୍ଥ ଗିରିବିଶେଷ—
The Kailāsa mountain ( one of the Himalayan mountains ); the abode of Śiba and Kubera.
[ ଦ୍ର—ଏହା ତିବ୍ବତ୍ ଦେଶର ପର୍ବତ, ହିମାଳୟର ଉତ୍ତରରେ ଅବସ୍ଥିତ । କୈଳାସର ପ୍ରଧାନ ଲାମାଙ୍କର ଗ୍ରୀଷ୍ମଧାମ ଦାରଚନ କୈଳାସ ପର୍ବତଠାରୁ ୪୦ ମାଇଲ ଦୂରରେ ଅବସ୍ଥିତ । ଦାରଚନ-ଲାମାଙ୍କର ଅନୁମତି ନ ନେଇ କେହି କୈଳାସ ପର୍ବତକୁ ଯାଇ ପାରନ୍ତି ନାହିଁ । ଏଠାରେ ସକଳ ପଶୁ ସ୍ୱେଚ୍ଛାଚାରୀ, ବେଳେ ବେଳେ ଏଠାରେ ରାତିରେ ଶୋଇଥିବା ଲୋକ ଉପରେ ବରଫ ପଡ଼ି ତାହାକୁ ଘୋଡ଼ି ଦିଏ । ଏ ପର୍ବତର ଅଳ୍ପତ ଦୋଲବେଦ ପର । କୈଳାସ ପର୍ବତ ଚତୁର୍ଦ୍ଦିଗରେ ନଦୀବେଷ୍ଟିତ । ନଦୀର ତୀରେ ତୀରେ ଚତୁର୍ଦ୍ଦିଗରେ ପଥ ଅଛି । ଗୌରୀ କୁଣ୍ଡରୁ ଆକାଶଭେଦ କରି ଊର୍ଦ୍ଧ୍ୱଦେଶକୁ ଯେଉଁ ତୁଷାରାବୃତ ଶୃଙ୍ଗ ଉଠିଛି ତାକୁ କୈଳାସ ଶିଖର କହନ୍ତି । ଏହାର ଆକାର ଶିବଲିଙ୍ଗ ସଦୃଶ । ଏଥିରେ ଶତ ଶତ ତୁଷାର-ମଣ୍ଡିତ ଶିବଲିଙ୍ଗ ସଦୃଶ ଶୃଙ୍ଗ ଅଛି । ଏ ଶୃଙ୍ଗମାନ କୈଳାସା-ନ୍ତର୍ଗତ ହେଲେହେଁ କୈଳାସର ସର୍ବୋଚ୍ଚତମ ଶିଖରକୁ କୈଳାସ କୁହାଯାଏ । ଏ ପର୍ବତରେ ଅନେକ ଗୁମ୍ଫା ବୌଦ୍ଧ ମଠ ଅଛି । ଏଠାରେ ଥିବା ମନ୍ଦିର ମଧ୍ୟରେ ଶୁକ୍ଳପ୍ରସ୍ତର ନିର୍ମିତ ଶିବଲିଙ୍ଗ ଅଛନ୍ତି । ଲାମାମାନେ ସ୍ନାନାନ୍ତେ କୁଙ୍କୁମ, କେଶର ଦେଇ ମନ୍ତ୍ରପାଠ-ପୂର୍ବକ ଏହି ଲିଙ୍ଗମାନଙ୍କୁ ପୂଜା କରନ୍ତି ଓ ଏମାନଙ୍କ ଆରତି ବେଳେ ଶଙ୍ଖ, ବଂଶୀ ଓ ଡମରୁ ବାଜେ । ଶିବମନ୍ଦିରର ପାର୍ଶ୍ୱବର୍ତ୍ତୀ ମନ୍ଦିରରେ ଚତୁର୍ଭୁଜା କାଳୀମୂର୍ତ୍ତି ଅଛନ୍ତି । ତଟରେ ମାନସହ୍ରଦ । ]

**କୈଳାସଗଙ୍ଗା**—ଦେ ବି. (ନାମ)—ହିମାଳୟରୁ ବାହାରିଥିବା ନଦୀର
Kailāsagaṅgā ତିବ୍ବତୀୟ ନାମ—
The Tibbetan name of river Gogra.
[ ଦ୍ର—ଏହି ନଦୀ ଭାରତରେ ସରଯୂ ବା ଘର୍ଘରା ବା ଘଗ୍ଗା ନାମରେ ପରିଚିତ । ]

**କୈଳାସନାଥ**—ସ. ବି. ( ୬ଷ୍ଠୀ ତତ୍; କୈଳାସ+ନାଥ )—
Kailāsanātha — କୈଳାସବାସୀ ( ଦେଖ )
Kailāsabāsi ( See )

**କୈଳାସବାସୀ**—ସ. ବି. ( କୈଳାସ+ବସ୍ ଧାତୁ=ବାସ କରିବା+ କର୍ତ୍ତୃ.ଇନ୍; ୧ମା. ୧ବ )—
Kailāsabāsi

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଢ |
| ୨ | ଈ | ଊ | ରୁ | ଳ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | • | ଡ଼ |

୧ । ଶିବ—1. Siba.
୨ । କୁବେର—
2. Kubera, the God of riches.

**କୈଶିକ**—ସଂ. ବଣ. (କେଶ + ସମ୍ବନ୍ଧାର୍ଥେ. ଇକ)—୧ । କେଶସମ୍ବନ୍ଧୀୟ
Kaisika —1. Pertaining to the hair; capillary.
୨ । କେଶ ପରି ସରୁ; କେଶତୁଲ୍ୟ—
2. Hair-like; fine as hair.
ସଂ. ବି. (କେଶ + ସମୂହାର୍ଥେ. ଇକ)— ୧ । କେଶସମୂହ—
1. A mass of hair.
୨ । ଆଦିରସ—2. The sentiment of love.
୩ । କାମ—3. Lust.

**କୈଶିକାକର୍ଷଣ**—ସଂ. ବି. (କର୍ମଧା; କୈଶିକ+ଆକର୍ଷଣ)—(ବିଜ୍ଞାନ ପରିଭାଷା)—ଅନ୍ୟ କୌଣସି ବସ୍ତୁକୁ କେଶ ତୁଲ୍ୟ ଛିଦ୍ରଦ୍ୱାରା ଅତି ସୂକ୍ଷ୍ମରୂପେ ଆକର୍ଷଣ କରିବା ଶକ୍ତି; ଜଡ଼ ପଦାର୍ଥର ଯେଉଁ ଶକ୍ତିଦ୍ୱାରା ସୂକ୍ଷ୍ମ ଛିଦ୍ରବିଶିଷ୍ଟ ନଳରେ ଜଳାଦି ଉପରକୁ ଟାଣିହୋଇ ଯାଏ । (ଯଥା—ଦୀପର ଗର୍ଭରୁ ବଳତାର ଛିଦ୍ର ବାଟେ ଶିଖାକୁ ତେଲ ଟାଣି ହେବା)
Kaisikā karshaṇa (science) Capillary attraction.

**କୈଶିକାନାଡ଼ି**—ଦେ. ବି. ( ଦେହବିଜ୍ଞାନ ପରିଭାଷା )—କେଶପରି ସରୁ ଶିରାପ୍ରଶିରା—Cappillary arteries.
Kaisikā nārḍi

**କୈଶୋର**—ସଂ. ବି. (କିଶୋର+ ଭାବେ. ଅ)—୧ ବାଲ୍ୟାବସ୍ଥା—
Kaisora 1. Boyhood.
୨ । ନବଯୌବନାବସ୍ଥା—2. Early youth.
[ ଦ୍ର—୧୦ ବର୍ଷ ଠାରୁ ୧୫ ପର୍ଯ୍ୟନ୍ତ ଅବସ୍ଥାକୁ କୈଶୋର ବୋଲାଯାଏ । ]

**କୈଶ୍ୟ**—ସଂ. ବି. (କେଶ + ସମୂହାର୍ଥେ. ଯ)—କେଶଗୁଚ୍ଛ—
Kaisya A cluster or tuft of hair.

**କୈସର୍**—ବୈଦେ. ବି. (ଲା. କାଇଜର୍)—କାଇଜର୍ (ଦେଖ)
Kaisar Kāijar (See)

**କୈସର୍-ଇ-ହିନ୍ଦ୍**—ବୈଦେ. (ଫା.)—ବି. ୧ । ହିନ୍ଦୁସ୍ଥାନ ବା ଭାରତର ସମ୍ରାଟଙ୍କ ଉପାଧି—1. Emperor of India.
Kaisar-i-hind
कैसर-ई-हिन्द ୨ । ଭାରତ ସମ୍ରାଟଙ୍କ ପ୍ରଦତ୍ତ ପଦକବିଶେଷ—
काइजर-ई-हींद 2. The Kaisar-i-hind medal awarded by the Emperor of India to persons who render meritorious public service in India.

**କୈସରବାଗ୍**—ବୈଦେ. ବି. ( ଫା.=ସମ୍ରାଟଙ୍କ ବଗିଚା )—ଲକ୍ଷ୍ନୌରେ ଥିବା ଅଯୋଧ୍ୟାର ପୂର୍ବତନ ନବାବଙ୍କ ପ୍ରମୋଦୋଦ୍ୟାନର ନାମ (ଏଥିରେ ବୃହତ୍ ପଥର ଫାଟକ ଅଛି; ଏହା ମଧ୍ୟରେ ଥିବା ନବାବ ଓ ବେଗମ୍ମାନଙ୍କ ସ୍ନାନାଗାର ଅତି ସୁନ୍ଦର)— Name of a pleasure-garden of the late Nawabs of Lucknow.
Kaisarbāg
कैसरबाग
काइजरबाग

**କୋ**—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ସର୍ବ (ସଂ. କିମ୍) କେଉଁ—
Ko What; which.
କୋ ବୈଦେ.(ଇଂ.) ବି. ସାଙ୍କେତିକ ଚିହ୍ନ—କେମ୍ପାନୀ ବା ବାଣିଜ୍ୟ-
को ସଂଘ —(ଯଥା. ବ୍ରଜଲାଲ୍ ଲାଭଜୀ ଆଣ୍ଡ୍ କୋ)—
An abbreviation for 'Company' (e. g. Vrajalal Lavji & Co.)

**କୋଅପରେଟିଭ୍ ସୋସାଇଟି**—ବୈଦେ. (ଇଂ)ବି.—ଗ୍ରାମର ଗରିବମାନଙ୍କୁ ମହାଜନମାନଙ୍କର ଅତ୍ୟଧିକ ସୁଧରୁ ରକ୍ଷା କରିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କ ଅନୁକୂଳ୍ୟ, ସୂଚନା ଓ ସାହାଯ୍ୟରେ ଗ୍ରାମର ବଳିଷ୍ଠ ଲୋକମାନଙ୍କଦ୍ୱାରା ଗଠିତ ଋଣଦାନ ସମିତି—Co-operative society.
Kcaparetibh sosāiti
কোঅপরেটিভ সোসাইটি
कोअपरेटिभ सोसाइटि

**କୋଆଡ଼ି**—ପ୍ରାଦେ. (ବାଲେଶ୍ୱର) ବି.—(ନଦୀମୁହାଁଣରୁ ଧରା ଯିବା) ଏକ ପ୍ରକାର ଲୁଣୀ ମାଛ—A species of sea-fish caught at the mouths of rivers.
Koārdi

**କୋଇ**—ଦେ. ବି—ତୈଜସାବର୍ତ୍ତନୀ; ସ୍ୱର୍ଣ୍ଣାଦି ଧାତୁ ଅଉଟିବାର ମାଟିପାତ୍ର—
Koi An earthen pot for melting metal; melting pot; goldsmith's crucible.
মুচি
कुठाली

**କୋଇନ୍ତା**—ଗ୍ରା. ( ପଦ୍ୟ ) ବି. ସ୍ତ୍ରୀ. ( ସଂ. କୁନ୍ତୀ )—କୁନ୍ତୀ; ପାଣ୍ଡବ ମାତା—Kunti; the mother of the Pāṇdabas.
Kointā
ମୁଁ ତ କୋଇନ୍ତା ଗର୍ଭ ସୁତ
କରିବ ପଡ଼ିଅଛି ଦୂତ—ରୂପଚ. ପ୍ରେମପଞ୍ଚାମୃତ ।

**କୋଇନ୍ତୀ**—ଗ୍ରା. ( ପଦ୍ୟ ) ବି. ସ୍ତ୍ରୀ. ( ସଂ. କୁନ୍ତୀ )—
Kointi କୋଇନ୍ତା ( ଦେଖ )—Kointā ( See )

**କୋଇଲା**—ବୈଦେ. ବି. (ଇଂ. କୋଲ୍)—୧ । ଅଙ୍ଗାର—
Koilā 1. Charcoal.
কয়লা ୨ । ଖନିଜାତ ପଥରକୋଇଲା—
कायला 2. Coal.
ଦେ. ବଣ. (ସଂ. କପିଳ) ପାଣ୍ଡୁର ବର୍ଣ୍ଣବିଶିଷ୍ଟ; ପାଣ୍ଡୁରା; କପିଳ—Of a pale or yellowish red or yellowish white colour; reddish brown; auburn.

**କୋଇଲାଖଣି**—ଦେ. ବି.—(ଇଂ. କୋଲ୍ + ସଂ. ଖନି)—ଯେଉଁ ଖଣିରୁ କୋଇଲା ବାହାରେ—
Koilākhaṇi
কয়লার খনি Coal-mine; colliery.
कोयलेकी खान

**କୋଇଲି**—ଦେ. ବି. ( ସଂ. କୋକିଳ )—୧ । କୋକିଳ; ପିକ—
Koili 1. The Indian cuckoo; the sweet warbler of India; Koel; Endynamis Honorota.
কোএল
कोयल

ସାଧାରଣ ଭାବରେ ଅପର ପୃଷ୍ଠାରେ ଯଥାକ୍ରମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ କ୍ରମରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତତ୍ପର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ‘ଗାଡ଼’ ନ ମିଳିଲେ ‘ଗାଢ଼’ ଖୋଜିବେ; ‘କୁଥ’ ନ ମିଳିଲେ ‘କଥ’ ଖୋଜିବେ; ‘ବଧୂ’ ନ ମିଳିଲେ ‘ବଧୁ’ ଦେଖିବେ; ‘ଅର୍ଘ୍ୟ’ ନ ପାଇଲେ ‘ଅର୍ଘ’ ଦେଖିବେ; ‘ଅଲବତ’ ନ ପାଇଲେ ଅଲ୍‌ବତ୍ ଦେଖିବେ ।

আমের্শাঁষ ୨ । ଆମ୍ବଟାକୁଆ ମଧ୍ୟରେ ଥିବା ଶସ—
गिरो; गुदा; 2. The kernel inside the mango-seed.
कोइली

୩ । କୋକିଳକୁ ସମ୍ବୋଧନ କରି ରଚିତ ହୋଇଥିବା କରୁଣରସାତ୍ମକ ପ୍ରାଚୀନ ଓଡ଼ିଆ ଚଉତିଶାବିଶେଷ (ଯଥା— କେଶବକୋଇଲି,କାନ୍ତକୋଇଲି, ବାରମାସିକୋଇଲି) — 3. A class of Oria poems with 34 stanzas addressed to the cuckoo.

**କୋଇଲଖା**—ଦେ. ବି—କୋଇଲଖିଆ ( ଦେଖ )
Koilikhā Koilikhiā ( See )

**କୋଇଲଖିଆ**—ଦେ. ବି. ( ସଂ. କୋକିଲାକ୍ଷ )—ପାଣିକୂଳରେ ଜନ୍ମିବା
Koilikhiā ବାସକାଦି ବର୍ଗର ଶାକଗୁଳ୍ମବିଶେଷ—

ସଂ. ପର୍ଯ୍ୟାୟ—କୋକିଲାକ୍ଷ; କ୍ଷୁରକ; ଝିଣ୍ଟି; ଇକ୍ଷୁଗନ୍ଧା; କାକେକ୍ଷୁ; ଇକ୍ଷୁର; କ୍ଷୁରକ; ଭିକ୍ଷୁ; କାଣ୍ଡେକ୍ଷୁ; ଶୃଗାଲୀ; ଶୃଙ୍ଖଲୀ; ଇକ୍ଷୁବାଲିକା; ଶୂରକ; ଶୃଗାଲ-ଘଣ୍ଟୀ; ବଜ୍ରାସ୍ଥି; ଶୃଙ୍ଖଲା; ବନକଣ୍ଟକ; ବଜ୍ର; ବଜ୍ରକଣ୍ଟକ; କିଂଶୁର, ଛତ୍ରକ; ଶୁକ୍ଳପୁଷ୍ପ, ଅଭିଛତ୍ର
কুলেখাড়া; কুলেকাঁটা; কুলিকা; কোলিকা, কন্টি ঝান্টি; [ଅସ୍ପଷ୍ଟ]কাঁটি; কুলিআখাড়া; কাঁটাকুলিকা
तालमखाना; कैलया
ମ. କୋଲସା; ଝଖଣ୍ଡ
ତେ. ଗୋଲମିଡ଼ିଚେଟ୍ଟୁ; ଗୋଖା
ଗୁ. ଏଖରୋ

Long-leaved Barleria; Hygrophila Spinosa; Ruellia Longifolia; a thorny plant growing in the bank of tanks etc.

[ ଦ୍ର—ଏଥିରେ ପେନ୍ଥାପେନ୍ଥା କଣ୍ଟା ଥାଏ; ଫଳ କର୍କଶ; ଫୁଲ ଈଷତ୍ ରକ୍ତନୀଳ, ବନ୍ତ ଉପର ଇଠାଳିଆ; ପତ୍ର କର୍କଶ; ଫୁଲ ଝଡ଼ିଗଲେ ଶାଳକୋଷରୁ ଜାଗା ପରି ମଞ୍ଜି ବାହାରେ; ଏ ମଞ୍ଜି ଔଷଧରେ ଲାଗେ । ବୈଦ୍ୟକ ଅନୁସାରେ ଏ ମଞ୍ଜି ଶଣ୍ଠିବାତରେ ଉପକାରୀ । ଡାକ୍ତରୀ ମତରେ ଏହା ମୂତ୍ରକାରକ ଓ ଜନନେନ୍ଦ୍ରିୟ ସମ୍ବନ୍ଧୀୟ ରୋଗରେ ଉପକାରୀ । ଧଳା ଓ ନାଲି ଫୁଲ ଭେଦରେ କୋଇଲଖିଆ ଦ୍ଵିବିଧ । ଏହା ଶୀତବୀର୍ଯ୍ୟ, ଶୁକ୍ରବର୍ଦ୍ଧକ ଓ ପିତ୍ତବର୍ଦ୍ଧକ; ଏହା ଆମବାତ, ଶୋଥ, ଅଶ୍ମରୀ, ତୃଷ୍ଣା, ଅରୁଚି ଓ ବାତରକ୍ତନାଶକ । ]

**କୋଇଲପାଡ଼ା**—ଦେ. ବିଣ—କୋଇଲପାରୁଡ଼ା ( ଦେଖ )
Koilipārdā Koilipārurdā ( See )

**କୋଇଲପାଡୁରା**—ଦେ. ବିଣ—କୋଇଲପାରୁଡ଼ା ( ଦେଖ )
Koilipārdurā Koilipārurdā ( See )

**କୋଇଲପାଣି**—ଦେ. ବି—ବିବାହ ଦିନ ପାହାନ୍ତିଆରେ କନ୍ୟା ଯେଉଁ
Koilipāni ଅଭିମନ୍ତ୍ରିତ ପାଣିରେ ସ୍ନାନ କରେ—The consecrated water with which the bride has a bath in the early morning of the day of marriage.

**କୋଇଲପାରଡ଼ା**—ଦେ. ବିଣ— କୋଇଲପାରୁଡ଼ା ( ଦେଖ )
Koilipārardā Koilipārurdā ( See )

**କୋଇଲପାରୁଡ଼ା**—ଦେ.ବିଣ. (ଟାକୁଆ ଉଚରର କୋଇଲି ବା ଶାଳଶସର
Koilipārurdā ଅପୂର୍ଣ୍ଣତା ହେତୁରୁ )—ଯେଉଁ ଆମ୍ବ ଗଛରେ
कोइल ଥାଇ ସୁଖା ସେମେଞ୍ଚ ଯାଇ ବିବର୍ଣ୍ଣ ହୋଇଯାଏ ଓ ଯାହା ଉପରେ ସ୍ଥାନେ ସ୍ଥାନେ କଳା ଚେପଟା ଚେକା ଦାଗମାନ ଥାଏ—A diseased mango fruit; young mango-fruit which withers and becomes pale while still attatched to its stalk on the tree.

**କୋଇଲବାଇ**—ଦେ. ବି. ( ନାମ )—ଏକଜାତୀୟ ଧାନ—
Koilibāi A species of paddy.

**କୋଇଲବୁଡ଼**—ଦେ. ବି. ( ସଂ. କୋକିଲ ଓ ବୁଡ଼ ଧାତୁ )—
Koiliburda ବିବାହର ପୂର୍ବ ପାହାନ୍ତିଆରେ ଅର୍ଥାତ୍ ବିବାହ ଦିବସର ପ୍ରତ୍ୟୁଷରେ କନ୍ୟା କରିବା ସ୍ନାନ—
The early bath taken by a bride on her marriage day.

ଏଇସଙ୍ଗେ ସେ କୋଇଲବୁଡ଼ ପାଇ ପିଲବ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

[ ଦ୍ର—ବଡ଼ଭୋରରୁ କୁହୁଆ କୋଇଲି ଗ୍ରବନ୍ତି; ସେହି ସମୟରେ ଏ ସ୍ନାନ କରାଯିବାରୁ ବୋଧହୁଏ ଏପରି ନାମ ହୋଇଅଛି । ]

**କୋଇଲ ବୈକୁଣ୍ଠ**—ଦେ. ବି. ( ନାମ )—ପୁରୀ ମନ୍ଦିରର ଉତ୍ତରଦ୍ୱାର
Koili baikuntha ଆଡ଼କୁ ବାହାରବେଢ଼ା ମଧ୍ୟରେ ଥିବା ଉଚ୍ଚ ଓ ବୃକ୍ଷଗୁଳ୍ମାଦିପୂର୍ଣ୍ଣ ଗୁପ୍ତ ସ୍ଥାନ ( ଏଠାରେ ନୂଆ କଳେବର ସମୟରେ ଜୀର୍ଣ୍ଣ ଦେବବିଗ୍ରହମାନଙ୍କର ସମାଧି ଦିଆଯାଏ )—Name of a place inside the compound of the Puri temple where the cast off images of the Deities are deposited.

**କୋଇଲସୂତା**—ଦେ. ବି—ଏକପ୍ରକାର ଲମ୍ବ ସରୁ ଲତା—
Koilisūtā A kind of long slender creeper used as twine.

[ ଦ୍ର—ଏହା ପ୍ରାୟ ଦଶ ହାତ ପର୍ଯ୍ୟନ୍ତ ଲମ୍ବରେ ବଢ଼େ, ଏହା ଦେହରେ ଛଡ଼ାଛଡ଼ା ହୋଇ ଗଣ୍ଠି ଓ କ୍ଷୁଦ୍ରକ୍ଷୁଦ୍ର ପତ୍ର ଥାଏ । ]

**କୋଇଲେଖା**—ଦେ. ଅ—କୋଇଲଖିଆ ( ଦେଖ )
Koilekhā Koilikhiā ( See )

**କୋଉ**—ଗ୍ରା. ସର୍ବନାମ ଓ ବିଣ. ( ସଂ. କିମ୍ )—
Kou କେଉଁ ( ବ୍ୟକ୍ତି ବା ପ୍ରାଣୀ ) ?—Which ?
কোন (ଯଥା— ମୋତେ କୋଉ ବସ୍ତୁ ବା କଥା ଅପୂର୍ବ ? )
कौन ଅ—(ପ୍ରଶ୍ନାର୍ଥକ ବ୍ୟବହାର) କି !—(Interogative use) What !
(ଯଥା—ସାଆନ୍ତ ମତେ କୋଉ ଦେଇ ନ ଥିଲେ ଯେ ଆଜି ତାଙ୍କର ଧନ ସରି ଗଲା ବୋଲି ସେ ମତେ କିଛି ନ ଦେଉଛନ୍ତି ବୋଲି ମୁଁ ତାଙ୍କୁ କହିବି ! )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଜ | ଣ୍ଟ,ଣ୍ଡ | ନ୍ଧ | ଇଅ | ଉଅ | ଢ |
| ୨ | ଈ | ଊ | ରୁ | ଲୃ | ଯ୍ରୁ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଘ | ଯ | ଷ | ଗଁଧ | ଇଅ | ବ | ନ, |

[ ଦ୍ର—ନଞାର୍ଥକ କ୍ରିୟା ପୂର୍ବରେ ଲାଗିଲେ ଏହା ଉକ୍ତ କ୍ରିୟାର ଆଧିକ୍ୟ ବୁଝାଏ; ଯଥା—ସେ ତିଅ ସାଙ୍ଗେ ଭାରବେଭାର କୋଉ ଦେଇ ନାହିଁକି ? ଅର୍ଥାତ୍ ଖୁବ୍ ଦେଇଛି । ମୁଁ କୋଉ ସୁଖ କରି ନ ଥିଲି ଯେ, ଅର୍ଥାତ୍ ଖୁବ୍ ସୁଖ କରିଥିଲି । ]

**କୋଉଁ**—ଗ୍ରା. ସର୍ବ—କୋଉ ( ଦେଖ )
Koun̄ — Kou ( See )
ବଣ—କେଉଁ ( ଦେଖ )—Keun̄ ( See )

**କୋଉଣପ**—ଗ୍ରା. ( ପଦ୍ୟ ) ବି. ( ସଂ. କୌଣପ )—କୌଣପ (ଦେଖ)
Kounapa — Kaunapa ( See )
ହେ କପ୍ରଭିତ ବ୍ୟଗ୍ରଗତି
ହେ ସକ୍ତ କୋଉଣପପତି—ଜଗନ୍ନାଥ. ଭାଗବତ ।

**କୋଉଣସି**—ଗ୍ରା. ସର୍ବନାମ—କୌଣସି ( ଦେଖ )
Kounasi — Kaunasi ( See )

**କୋଉଣସିଲା**—ଗ୍ରା. ସର୍ବନାମ—କୌଣସିଲା ( ଦେଖ )
Kounasilā — Kaunasilā ( See )

**କୋଉଣିସି**—ଗ୍ରା. ସର୍ବନାମ—କୌଣସିଲା ( ଦେଖ )
Kounisi — Kaunasilā ( See )

**କୋଉଣିସିଲା**—ଗ୍ରା. ସର୍ବନାମ—କୌଣସିଲା ( ଦେଖ )
Kounisilā — Kaunasilā ( See )

**କୋଏର୍**—ପ୍ରାଦେ. ( ସମ୍ବଲପୁର ) ବି. ଓ ବିଣ—କୋଡ଼ିଏ; ବିଂଶତି
Koer — ସଂଖ୍ୟକ—An aggregate of twenty things.

**କୋଂ**—ବୈଦେ. ସାଙ୍କେତିକ ( ଇଂ. କୋ )—କୋ ( ଦେଖ )
Kom̐ — Ko ( See )
କୋଂ [ ଦ୍ର—ଏହା 'କୋ'ରେ ଅନୁସ୍ୱାର ଯୁକ୍ତ ହୋଇ ଲେଖା
को ହୁଏ, କିନ୍ତୁ 'କୋ' ବୋଲି ଉଚ୍ଚାରିତ ହୁଏ । ]

**କୋକ୍**—ବୈଦେ. ବି. ( ଇଂ. କୋକ୍ )—ଜାଳଣି କୋଇଲା—
Kok — Fuel made from coal; coke.
କୋକ୍
कोक

**କୋକ**—ସଂ. ବି. ( କୋ=ଜଳ+ଉକ ଧାତୁ=ଗମନ କରିବା+କର୍ତ୍ତୃ. ଅ)—୧ । ଚକ୍ରବାକ ପକ୍ଷୀ; ଚକୁଆଚକୋଇ ପକ୍ଷୀ—
Koka
1. The Brahmani duck; the ruddy sheldrake or goose; Casarca Rutila.

[ ଦ୍ର—ଏ ପକ୍ଷୀମାନେ ଶୀତକାଳରେ ଏ ଦେଶକୁ ଆସନ୍ତି, ପାଣିକୂଳରେ ଯୋଡ଼ା ଯୋଡ଼ା ହୋଇ ରହନ୍ତି । ପ୍ରବାଦ ଅଛି ଯେ ସନ୍ଧ୍ୟା ହେଲାରୁ ଚକୁଆ ଚକୋଇ ମିଥୁନ ନଦୀର ଭିନ୍ନ ଭିନ୍ନ ପାରିକୁ ଉଡ଼ିଯାଆନ୍ତି । ରାତିଯାକ ବିଚ୍ଛେଦଦୁଃଖରେ ଚକୋଇ ବୋବାଉଥାଏ, ସକାଳ ହେଲାରୁ ଏମାନଙ୍କର ମିଳନ ହୁଏ । ]

୨ । ଭେକ; ବେଙ୍ଗ—2. Frog.
୩ । କୋକିଳ—3. Cuckoo.
୪ । ବନ୍ୟଖର୍ଜୁର ଗଛ—4. Wild date tree.
୫ । ଏଣ୍ଡୁଅ—5. Chameleon; wild lizard.
नेकड़े ୬ । ଗଧିଆ; ବୃକ; ହେନ୍ତାବାଘ—
6. Hyena; the Indian wolf; Cannes Pallepis.
୭ । ବଣଅକୁକୁର—7. Wild dog.
୮ । ରତିଶାସ୍ତ୍ର ପ୍ରଣେତା ପଣ୍ଡିତବିଶେଷ; କୋକଦେବ—
8. Name of a sage, author of a treatise on copulation.
ଗ୍ରା. ( ଶିଶୁବଚନ ) ବି—କୋକବାୟା ( ଦେଖ )
Kokabāyā ( See )

**କୋକଦେବ**—ବି. ( ନାମ )—ରତିଶାସ୍ତ୍ର ପ୍ରଣେତା ପଣ୍ଡିତବିଶେଷ;
Kokadeba — ( ହି. ଶବ୍ଦସାଗର )—
Name of a Pandit who wrote a treatise on love and copulation.

**କୋକନ୍**—ଗ୍ରା. ବୈଦେ. ବି. ( ଇଂ. କୋକେନ୍ )—କୋକେନ୍ (ଦେଖ)
Kokan — Koken ( See )

**କୋକନଦ**—ସଂ. ବି. ( କୋକ=ଚକ୍ରବାକ ପକ୍ଷୀ+ନଦ୍ ଧାତୁ, ଣିଜନ୍ତ
Kokanada — ନଦ ଧାତୁ=ଶବ୍ଦ କରାଇବା=କର୍ତ୍ତୃ. ଅ; ଯାହା ପକ୍ଷୀକୁ ରବଯୁକ୍ତ କରାଏ; ଅର୍ଥାତ୍ ଯାହାକୁ ଫୁଟିବା ଦେଖି ଚକୋରୀ ଭ୍ରମରେ ଚକୋର ପକ୍ଷୀ ବାରମ୍ବାର ରବ କରେ )—
୧ । ରକ୍ତ ପଦ୍ମ—1. Red-petalled lotus; Nymphea Lotus ( red variety ).
ଓ. ନାଲିକଇଁ, ରଙ୍ଗକଇଁ — ୨ । ରକ୍ତ କୁମୁଦ; ନାଲି କଇଁ—
रक्तपद्म, लाल शालुक — 2. Red water-lily; Nelumbium Speciosum ( red variety ).
**लाल कमल**
ମା. ତାବଡେଂ କମଳ
ଗୁ. ରାତନା ଉପେଡଡେ
ତେ. ଏର୍ରାକାଲୁବା
ତା. କର୍ୟୁଗଁଡାରେ
[ ଦ୍ର—ଏହା କୁମୁଦ ଜାତୀୟ; ପତ୍ର ଛୋଟ, ରକ୍ତବର୍ଣ୍ଣ, ଭେଣ୍ଡି ଓ ଫୁଲ ନାଲି; ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶୀତବୀର୍ଯ୍ୟ, କଟୁତିକ୍ତମଧୁର, ରକ୍ତଦୋଷହର, ବୃଷ୍ୟ ଓ କଫବାତପିତ୍ତନାଶକ, ରକ୍ତ ପଦ୍ମ ଓ ରକ୍ତ କୁମୁଦ ପୃଥକ ଜାତୀୟ, ରକ୍ତପଦ୍ମ ପଦ୍ମ ଜାତୀୟ, ରକ୍ତକୁମୁଦ କୁମୁଦ ଜାତୀୟ, କିନ୍ତୁ କୋକନଦ ସାଧାରଣତଃ ରକ୍ତକୁମୁଦ ଅର୍ଥରେ ବ୍ୟବହୃତ ହୁଏ । ]
୩ । (ନାମ) କୋକନାଡ଼ା; ମାନ୍ଦ୍ରାଜ ପ୍ରଦେଶର ଗୋଟିଏ ଜିଲ୍ଲା ଓ ତାଲୁକ ଓ ଜିଲ୍ଲାର ରାଜଧାନୀ ( ଏ ଜିଲ୍ଲାର ଅନ୍ୟ ନାମ ଗୋଦାବରୀ ଜିଲ୍ଲା; ଏହା ମଧ୍ୟ ଗୋଟିଏ ବନ୍ଦର)—
3. Coconada or Godavari district; a subdivision and seaport town of that name.

**କୋକନ୍ଦି**—ପ୍ରାଦେ. (ଗଞ୍ଜାମ) ବିଣ—ଏଣେତେଣେ ହେଉଥିବା; କନ୍ଦି କୁଲୁଥିବା—Moving here and there;
Kokandi
moving from one place to another
( ଯଥା—ମୁଁ ତାକୁ ଖୋଜି ଖୋଜି କୋକନ୍ଦି ହେଉଛି । )

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ସ୍ଥାନରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**କୋକବଲିଆ**—ପ୍ରାଦେ. ( ସମ୍ବଲପୁର ) ବି. ( ଭୁଲ. ହି—କୋଗୀ= ବଳଆ କୁକୁର )—ବଳଆ କୁକୁର—
Kokabaliā — Wild dog.

**କୋକବନ୍ଧୁ**—ସଂ. ବି. ( ୬ଷ୍ଠୀ ତତ୍; କୋକ+ବନ୍ଧୁ )—ସୂର୍ଯ୍ୟ—
Kokabandhu — The sun.
[ ଦ୍ର—ସୂର୍ଯ୍ୟୋଦୟରେ କୋକଦମ୍ପତିର ମିଳନ ହୁଏ ବୋଲି ସୂର୍ଯ୍ୟଙ୍କୁ କୋକବନ୍ଧୁ କହନ୍ତି । ]

**କୋକବାୟା**—ଦେ. ବି. (ସଂ. କୋକ=ହେଟାବାଘ; ଭୁଲ. ପର୍ତ୍ତୁଗୀଜ୍; କୋକ ର ଏହି ଅର୍ଥ )—
Kokabāyā
**जूजू कोको, अल्लाकाहउ, आलाकी भैंस**
ଶିଶୁମାନଙ୍କୁ ଭୟ ଦେଖାଇବା ପାଇଁ ବର୍ଣ୍ଣିତ କାଳ୍ପନିକ ଭୟଙ୍କର ଜୀବ—Bugbear; scare; a name applied to an imaginary scarecrow used to frighten infants to sleep.
[ ଦ୍ର—ଅବୁଝା ଶିଶୁମାନଙ୍କୁ ରାତିରେ ଡରାଇ ଶୁଆଇ ପକାଇବା ପାଇଁ ମାତାମାନେ ଏହି ଭୟଦ୍ୟୋତକ ଶବ୍ଦ ବ୍ୟବହାର କରନ୍ତି । ଫଳତଃ କୋକବାୟାକୁ ମାଆ କି ଶିଶୁ କେହି ଦେଖି ନାହାନ୍ତି । କୌଣସି କିମ୍ଭୂତ କିମାକାର ଭୟଙ୍କର ଜୀବ, 'କୋକବାୟା' କାନ କାଟି ନେବ ବୋଲି ପିଲାଙ୍କୁ ଭୟ ଦେଖାନ୍ତି । ]

**କୋକମିନା**—ଦେ. ବି. ( ସଂ. କୋକ )—କୋକବାୟା ( ଦେଖ )
Kokaminā — Kokabāyā ( See )

**କୋକରଡ଼ି**—ଦେ. ବି—୧ । ଏକ ପ୍ରକାର ପକ୍ଷୀ—
Kokarardi — 1. A kind of bird.
୨ । ହେଟାର ବୋବାଳି—
2. Howling of wolf.

**କୋକରବା**—ଦେ. ବି—ଚିଲିକାର ଏକ ପ୍ରକାର ମାଛ—
Kokarabā — A class of sea-fish found in the Chilka lake.

**କୋକଲି**—ଦେ. ବି—ଏକଜାତୀୟ ଖେଣ୍ଟ କାତିଲଗା ପତଳା ଲୁଣି ( ସାମୁଦ୍ରିକ ) ମାଛ ( ପୁରୀରେ ବିଶେଷ ପରିମାଣରେ ମିଳେ; ମଧୁର ପାଣିରେ ଏହି ଜାତୀୟ ମାଛର ନାମ ମାକେନ୍ଦ )—A small seafish with scales; ( caught near Puri; it is a speceis of Pickerel).
Kokali

**କୋକଲି ଶୁଖୁଆ**—ଦେ. ବି—ଶୁଖା ହୋଇ ଖାଦ୍ୟ ନିମନ୍ତେ ରଖାଯିବା କୋକାଲି ମାଛ; ପିତାଶୁଖୁଆ (ଏଥିରେ ଲୁଣ ଦିଆଯାଏ ନାହିଁ)—Dried small pickerel and other fry of the sea used for food.
Kokali śukhuā

**କୋକଶାସ୍ତ୍ର**—ସଂ. ବି. ( କୋକ=ମୁନିବିଶେଷଙ୍କ କୃତ+ଶାସ୍ତ୍ର )—
Kokaśāstra — ଶୃଙ୍ଗାରାତ୍ମକ ଗ୍ରନ୍ଥବିଶେଷ; କାମଶାସ୍ତ୍ର—
A treatise on the art of love ascribed to a Pa ndit Panamed Koka.

**କୋକଶିଆଳ**—ଦେ. ବି—କୋକଶିଆଳି ( ଦେଖ )
Kokaśiāla — Kokasiāli ( See )

**କୋକଶିଆଳି**—ଦେ. ବି. ( ସଂ. ଖିଙ୍ଖି ଶୃଗାଳ; ଏ ଖିଙ୍ଖି ଶବ୍ଦ କରୁଥିବାରୁ )—ବିଲୁଅ ଜାତୀୟ ଜୀବବିଶେଷ; କୋକି—
Kokaśiāli
খেঁকশেয়াল
**लोमड़ी**
Fox; Vulpes Bengalensis.
[ ଦ୍ର—ଏମାନେ ଭୂଇଁରେ ଗାତ ଖୋଳି ରହନ୍ତି; ଏମାନଙ୍କର ମୁହଁ ଚୋଞ୍ଚିଆ; ଲାଙ୍ଗୁଡ଼ ବିଲୁଅ ଲାଙ୍ଗୁଡ଼ଠାରୁ ଲମ୍ବ; ଏମାନେ ଖେଁଖେଁ, ଖୁଁଖୁଁ ବୋବାଳି କରନ୍ତି; ଏମାନଙ୍କ ଗାତରେ ଅନେକ ମୁହଁ ଥାଏ; ଗୋଟିଏ ମୁହଁରେ ଶତ୍ରୁ ଆକ୍ରମଣ କଲେ ଏମାନେ ଅନ୍ୟ କେଉଁ ମୁହଁ ବାଟରେ ପଳାଇ ଯାଆନ୍ତି । ]

**କୋକାଳ**—ଗ୍ରା. ବି—କେଉଁ କାଳ—
Kokāla — Some day; some time.
( ଯଥା—କୋକାଳେ କୋ ଭବିଷ୍ୟତି—ଦେ. ଅଶୁଦ୍ଧ ସଂସ୍କୃତ ବଚନ । )

**କୋକାହ**—ସଂ. ବି. ( କୋକ+ଆ+ହନ୍ ଧାତୁ+କର୍ତ୍ତୃ. ଅ )—
Kokāha — ଧଳା ଘୋଡ଼ା—White horse.

**କୋକି**—ଦେ. ବି. ( ସଂ. ଖିଙ୍ଖି )—କୋକଶିଆଳି ( ଦେଖ ).
Koki — Kokaśiāli ( See )

**କୋକିଗାତ**—ସଂ. ବି. ( ସଂ. ଖିଙ୍ଖି+ଗର୍ତ୍ତ )—
Kokigāta — ପଡ଼ିଆରେ କୋକି ଖୋଳିଥିବା ଗାତ—
খেঁকশেয়ালের গর্ত
**लोमड़ीका बिल**
The hole of the fox.

**କୋକିମୁହାଁ**—ଦେ. ବିଣ. ପୁଂ—ଯାହାର ମୁହଁ କୋକିମୁହଁ ପରି ସରୁ ବା ଚୋଞ୍ଚିଆ—( Male or female ) Whose lipss are pointed.
Kokimuhāṅ
(କୋକିମୁହିଁ—ସ୍ତ୍ରୀ)

**କୋକିଳ**—ସଂ. ବି. ପୁଂ. ( କୁକ୍ ଧାତୁ=ଗ୍ରହଣ କରିବା (ମନକୁ)+ସଂଜ୍ଞାର୍ଥେ ଇଲ; ଯେ ମନକୁ ମୋହିତ କରେ )—
Kokila
(କୋକିଳା—ସ୍ତ୍ରୀ)
কোয়েল; কোইল
**कोइल**
୧ । ନିଆଁଖୁଣ୍ଟା; ହୁଳା—1. Fire-brand.
୨ । କୋକିଳେକ୍ଷୁ ( ଦେଖ )
2. Kokilekshu ( See )
୩ । ( ଯେ କୁହୁକୁହୁ ରବଦ୍ୱାରା ଚିତ୍ତ ହରଣ କରେ )—କୋଇଲି; ପିକ; ପୁଂସ୍କୋକିଳ—3. The koel or Indian cuckoo; Endynamis Honorata.
[ ଦ୍ର—ଏହାର ରଙ୍ଗ କଳା ଓ ଆଖି ଈଷତ୍ ନୀଳବର୍ଣ୍ଣ; ଏହାର କୁହୁକୁହୁ ରାବ ଅତ୍ୟନ୍ତ ଶ୍ରୁତିମଧୁର । ଏହାର କୁହୁକୁହୁ ରବ ବିଶେଷ ଭାବରେ ଆମ୍ବ ବଉଳିବା ସମୟରେ ବା ବସନ୍ତ ସମୟରେ ଶୁଣାଯାଏ, ତେଣୁ ଏହାକୁ ଚୂତରସିକ ବା ବସନ୍ତଦୂତ ବୋଲାଯାଏ; ଏହାର ଅନ୍ୟ ଗୋଟିଏ ନାମ କାମଦୂତ ।
ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଅଛନ୍ତି ଯେ ଅଣ୍ଡିରାକୋଇଲି କୁହୁକୁହୁ ରାବ କରେ, ମାତ୍ର ମାଈ କୋଇଲିର ସ୍ୱର ଭିନ୍ନ ପ୍ରକାର । ଭାରତର ପୁରାତନ କବିମାନେ ମଧ୍ୟ ଏ କଥା ଜାଣିଥିଲେ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଢ଼ |

କୋକିଳ ବା କୋଇଲି ନିଜ ଡିମ୍ବକୁ ଫୁଟାଇବାକୁ ଅସମର୍ଥ ହୋଇ ଡିମ୍ବ ଦେଇସାରି ଅନ୍ୟ ପକ୍ଷୀର ବସାରେ ଆପଣାର ଡିମ୍ବକୁ ରଖିଦେଇ ଆସେ ଓ ସେ ପକ୍ଷୀ କୋକିଳ ଡିମ୍ବକୁ ଆପଣାର ଡିମ୍ବ ବୋଲି ବିଚାରି ତାକୁ ଉଷୁମାଏ ଓ ଫୁଟାଏ ଏବଂ ସେ ଛୁଆକୁ ନିଜର ଛୁଆ ବୋଲି ବିଚାରି ଆଧାର ଦେଇ ପାଳେ । କୋଇଲିଛୁଆ ବଢ଼ିଯାଇ ଉଡ଼ି ପାରିଲାରୁ ସେ ଉଡ଼ି ଆପଣାର ମାଆ—କୋଇଲି ବସାକୁ ପଳାଇ ଆସେ । ଏଥିପାଇଁ ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରା ଯିବା ସମୟରେ ଯଶୋଦା ଶୋକ କରିଥିଲେ "କାକପୁରେ ପିକପରି ବଢ଼ାଇଲି ଯତ୍ନକରି, ଏବେ ଆପଣା ଗୋଷ୍ଠ ସୁମରି ହେଲୁ ବାହାରି ।" କୋଇଲିଛୁଆ ଅନ୍ୟ ପକ୍ଷୀଦ୍ୱାରା ଲାଳିତ ପାଳିତ ହେବାରୁ ତାକୁ ପରଭୃତ ବୋଲାଯାଏ । ଭାରତବାସୀଙ୍କର ଏ ବିଶ୍ୱାସ ଅତି ପୁରୁଣା । ଇଉରୋପୀୟ ପକ୍ଷିତତ୍ତ୍ୱବିତ୍‌ମାନଙ୍କର ଏ ସମ୍ବନ୍ଧରେ ଯେ ସନ୍ଦେହ ଥିଲା, ତାହା ଇଂଲଣ୍ଡବାସୀ ପକ୍ଷିତତ୍ତ୍ୱବିତ୍ ସାହେବ Mr. P. J. Bunyard ନିଜେ ପର୍ଯ୍ୟବେକ୍ଷଣ କରି ଦୂର କରିଅଛନ୍ତି ।

ଇଂଲଣ୍ଡର ସରେ (Surrey) କାଉଣ୍ଟି ଅନ୍ତର୍ଗତ କ୍ରଏଡେନ୍ ( Croyden ) ନଗରରେ ସାହେବଙ୍କ ବସା ପାଖରେ ଥିବା ଗୋଟିଏ ଚଢ଼େଇ ବସାରୁ କୋଇଲିଠାରୁ କ୍ଷୁଦ୍ରତର ୱାର୍ବ୍‌ଲର୍ (Warbler) ନାମକ ଗୋଟିଏ ଚଢ଼େଇ ପ୍ରତିଦିନ ବାହାରେ; ଅନେକ ବର୍ଷ ପର୍ଯ୍ୟନ୍ତ ସାହେବ ଏହା ଲକ୍ଷ୍ୟ କରିଥିଲେ । ବର୍ଷେ ସାହେବ ସେହି ୱାର୍ବ୍‌ଲର୍ ବସା ପାଖରେ ଗୋଟିଏ ଗୋରୁ-କୁଡ଼ିଆ କରି ଜଗି ବସିଲେ । ଉକ୍ତ ପକ୍ଷୀର ବସାରେ ସେହି ପକ୍ଷୀର ଦୁଇଟି ଡିମ୍ବ ଥିବା ସାହେବ ପ୍ରଥମେ ଦେଖିଥିଲେ । ପରେ ଦେଖିଲେ ଯେ ଆଉ ଗୋଟିଏ ଚଢ଼େଇ (କୋଇଲି) ସେ ବସାଠାକୁ ଉଡ଼ିଆସି, ବସାର କଡ଼ପାଖରେ ଝୁଙ୍କିପଡ଼ି ବସାରେ ମୁଣ୍ଡ ଗଳାଇ ମୁଣ୍ଡକୁ ଦୁଇଥର ଉଠାଇଲା ଓ ଗୁଞ୍ଜିଲା । ବସାଠାକୁ ଉଡ଼ି ଗଲାବେଳେ କୋଇଲିର ଥଣ୍ଟରେ କିଛି ପଦାର୍ଥ ନ ଥିଲା । ଚଢ଼େଇବସାରେ ମୁଣ୍ଡ ଗୁଞ୍ଜିଦେଇ କୋଇଲି ସେଠାରୁ ପୁଣି ବାହୁଡ଼ି ଉଡ଼ି ଆଇଲା । ବାହୁଡ଼ିଲାବେଳେ ସାହେବ ଦେଖିଲେ ଯେ କୋଇଲି ନିଜର ଥଣ୍ଟରେ ୱାର୍ବ୍‌ଲର୍ ଚଢ଼େଇର ଗୋଟିଏ ଡିମ୍ବକୁ ଯାକି ଧରିଥାଏ । ୱାର୍ବ୍‌ଲର୍ ଚଢ଼େଇର ଡିମ୍ବ କୋଇଲି ଡିମ୍ବଠାରୁ ସାନ । କୋଇଲି ୱାର୍ବ୍‌ଲର୍ ଚଢ଼େଇର ବସାରୁ ଉଡ଼ି ଆଇଲା ପରେ ସାହେବ ସେ ଚଢ଼େଇର ବସାକୁ ଯାଇ ଦେଖିଲେ ଯେ ପୂର୍ବେ ସେ ଚଢ଼େଇର ବସାରେ ଯେଉଁ ଦୁଇଟି ଡିମ୍ବ ଥିଲା, ବର୍ତ୍ତମାନ ସେଥିମଧ୍ୟରୁ ଗୋଟିଏ ନାହିଁ ଓ ସେ ଡିମ୍ବ ସ୍ଥାନରେ କୋଇଲିର ଗୋଟିଏ ଡିମ୍ବ ଥୁଆ ହୋଇଅଛି । ତାହାର କିଛିଦିନ ପରେ ସେ ଚଢ଼େଇ ବସାରେ ଗୋଟିଏ କୋଇଲିଛୁଆ ଓ ଗୋଟିଏ ୱାର୍ବ୍‌ଲର୍‌ଛୁଆ ଥିବାର ଦେଖାଗଲା । ସାହେବ ମହୋଦୟ British Orintho-logical Club ନାମକ ପକ୍ଷିତତ୍ତ୍ୱ ଆଲୋଚନା ସଭାରେ ନିଜର ପ୍ରତ୍ୟକ୍ଷ ଅନୁଭବ ଜ୍ଞାପନପୂର୍ବକ ଗୋଟିଏ ପ୍ରବନ୍ଧ ପାଠ କରିଅଛନ୍ତି ।

ସାହେବ ଆହୁରି ମଧ୍ୟ ଦେଖିଲେ ଯେ କୋଇଲି ଉକ୍ତ ୱାର୍ବ୍‌ଲର୍ ପକ୍ଷୀର ବସାରେ ପହଞ୍ଚିଲାବେଳେ ୱାର୍ବ୍‌ଲର୍ ଦମ୍ପତି ବସା ପାଖରୁ ଖଣ୍ଡେଦୂରରେ ଥାଇ କୋଇଲିର ଅନଧିକାର ପ୍ରବେଶ ବିରୋଧରେ ଆପତ୍ତିସୂଚକ ରବ କରୁଥାନ୍ତି ଓ ଏହି ଆପତ୍ତିସତ୍ତ୍ୱେ କୋଇଲି ତା କାମ ଫତେ କରି ଉଡ଼ି ଚାଲିଗଲା । ଅତଏବ ସାହେବ ଏହି ସିଦ୍ଧାନ୍ତ କଲେ ଯେ କୋଇଲି ଡିମ୍ବକୁ ଜନ୍ମ କରିସାରି ପୁଣି ଉକ୍ତ ଡିମ୍ବକୁ ଗିଳିଦିଏ ଏବଂ ୱାର୍ବ୍‌ଲର୍ ବା ଅନ୍ୟ ପକ୍ଷୀର ବସାକୁ ଯାଇ ସେ ବସାରେ ଗିଳିଥିବା ଡିମ୍ବକୁ ଉଗାରି ପକାଏ ଏବଂ ଉକ୍ତ ପକ୍ଷୀର ଗୋଟିଏ ଡିମ୍ବକୁ ସେଠାରୁ ଘେନିଆସେ । କୋଇଲି ବସା ଛାଡ଼ି ଯିବା ପରେ ଉକ୍ତ ଚଢ଼େଇ ଆପଣାର ବସାକୁ ଆସି ଦେଖେ ଯେ ପୂର୍ବେ ଥିବା ଦୁଇଟିଯାକ ଡିମ୍ବ ଅଛି; ଆପଣା ଡିମ୍ବ ପରିବର୍ତ୍ତରେ ସେଠାରେ କୋଇଲିର ଡିମ୍ବଟିଏ ରଖା ଯାଇଅଛି ବୋଲି ସେ ବୁଝି ପାରେ ନାହିଁ; ଦୁଇଟିଯାକ ଡିମ୍ବକୁ ଆପଣାର ଡିମ୍ବବୋଲି ସ୍ଥିରକରି ଉଷୁମାଏ ଓ ଫୁଟାଇକରି ଛୁଆ ବାହାରକରେ । ଛୁଆ ବାହାରିଲା ପରେ ସେଥିରୁ ଗୋଟିଏ ଛୁଆ କୋଇଲିଛୁଆ ବୋଲି ଠଉରାଇ ନ ପାରି ଆପଣାର ଛୁଆପରି ତାକୁ ମଧ୍ୟ ଆଧାର ଦେଇ ବଢ଼ାଏ; କୋଇଲି ଛୁଆଟି ଉଡ଼ିପାରିଲେ ତାହାର ନିଜ ମାଆକୋଇଲି ଆସି ତାକୁ ନିଜ ବସାକୁ ଉଡ଼ାଇ ନେଇଯାଏ ଓ ୱାର୍ବ୍‌ଲର୍ ପକ୍ଷୀ ଭକୁଆ ହୋଇ ଚାହିଁଥାଏ । ଆମଦେଶରେ କୋଇଲି କୁଆଦ୍ୱାରା ଆପଣାର ଛୁଆକୁ ଲାଳିତପାଳିତ କରାଏ କିନ୍ତୁ ବିଲାତରେ କୁଆ ନ ଥିବାରୁ ଅନ୍ୟ ପକ୍ଷୀଦ୍ୱାରା କୋଇଲି ଆପଣାର ଛୁଆକୁ ଲାଳିତପାଳିତ କରାଇନିଏ ।

**କୋକିଳକଣ୍ଠ**—ସଂ. ବି. (କୋକିଳ + କଣ୍ଠ)—ମଧୁର ଗଳାର ସ୍ୱର—
Kokilakantha Melodious voice or tone.
(କୋକିଳକଣ୍ଠୀ—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଯାହାର କଣ୍ଠ-ସ୍ୱର କୋକିଳସ୍ୱର ପରି ମଧୁର—( man ) With a melodious voice.

**କୋକିଳଭାଷିଣୀ**—ସଂ. ବିଣ. ସ୍ତ୍ରୀ.—ମଧୁର ସ୍ୱରବିଶିଷ୍ଟା ସ୍ତ୍ରୀ—
Kokilabhāshiṇī (woman) With a melodious voice; sweet-toned.

**କୋକିଳ ମଳଦ୍ୱାର ପରି କଣ୍ଠ**—(ବ୍ୟଙ୍ଗ୍ୟ) କର୍କଶ ସ୍ୱରଯୁକ୍ତ କଣ୍ଠ; (ଯେଉଁ
Kokila maladwāra pari kaṇṭha ଗାୟକର ଗଳାର ସ୍ୱର କର୍କଶ ତାକୁ ଲୋକେ ବ୍ୟଙ୍ଗୋକ୍ତି କରି କହନ୍ତି ଯେ, ଏହାର କଣ୍ଠ କୋକିଳର ଗଳା ପରି ନ ହୋଇ ମଳଦ୍ୱାରର ସ୍ୱର ପରି ମଧୁର ଶୁଭୁଛି)—( an ironical expression used to singers whose voice is not melodious )—The voice like that of a koel's anus.

**କୋକିଳରୁତ**—ସଂ. ବି. (୬ଷ୍ଠୀ ତତ୍; କୋକିଳ + ରୁତ)—କୋକିଳର
Kokilarūta କୁହୁକୁହୁ ରବ—The cooing of the koel.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କୋକିଳସ୍ନାନ**—ସଂ. ବି.—କୋଇଲିବୁଡ଼ା (ଦେଖ)
Kokilasnāna Koiliburda (See)

**କୋକିଳସ୍ନାହାନ**—ଗ୍ରା. ବି.—କୋଇଲିବୁଡ଼ା (ଦେଖ)
Kokilasnāhāna Koiliburda (See)

ମୋହିଅ ଭରତଙ୍କୁ କୋକିଳସ୍ନାହାନ,
କରଇ ଅଙ୍ଗ ଶୀତ କରଅ ମର୍ଦ୍ଦନ । କୃଷ୍ଣସିଂହ. ମହାଭାରତ. ବନପର୍ବ ।

**କୋକିଳାକ୍ଷ**—ସଂ. ବି. (କୋକିଳ + ଅକ୍ଷି)—କୋଇଲିଖିଆ (ଦେଖ)
Kokilāksha Koilikhiā (See)

**କୋକିଳାବାସ**—ସଂ. ବି. (୬ଷ୍ଠୀ ତତ୍; କୋକିଳ+ଆବାସ)—ଆମ୍ବଗଛ—
Kokilābāsa The mango-tree.

**କୋକିଳେକ୍ଷୁ**—ସଂ. ବି.—ଏକପ୍ରକାର ଆଖୁ; କଳଲା ଆଖୁ—
Kokilekshu A species of sugar-cane.

**କୋକିଳୋତ୍ସବ**—ସଂ. ବି. (୬ଷ୍ଠୀ ତତ୍;କୋକିଳ+ଉତ୍ସବ)—ଆମ୍ବଗଛ—
Kokilotsaba The mango-tree.

**କୋକିଶିଆଳ**—ଦେ. ବି. (ସଂ. ଖୁଙ୍ଖି ଓ ଶୃଗାଳ)—କୋକିଶିଆଳ (ଦେଖ)
Kokisiāla Kokasiāli (See)

**କୋକିଶିଆଳି**—ଦେ. ବି. (ସଂ. ଖିଙ୍ଖି ଓ ଶୃଗାଳ)—
Kokisiāli କୋକଶିଆଳି (ଦେଖ)
Kokasiāli (See)

**କୋକୁଆ**—ଦେ. ବି.—୧ । ଅଦୃଷ୍ଟ କାଳ୍ପନିକ ଭୟଜନକ ଜୀବବିଶେଷ,
Kokuā ଯାହା ଭୟରେ କୌଣସି ଅଞ୍ଚଳର ସମସ୍ତ ଲୋକେ ଅସ୍ଥିର ହୁଅନ୍ତି—An imaginary frightful creature, the fear of which infests a whole people.

—ଦ୍ୱାରକା ଭୁବନେ ହେଲା କୋକୁଆର ଭୟ । ସାରଳା. ମହାଭାରତ ।

୨ । ଭୟଙ୍କର କାଳ୍ପନିକ ଜୀବ—
2. A fierce imaginary being.

ଅତଭୂତେ ଶୁଭିଲା ସେ ଅଇଲା କୋକୁଆ । ସାରଳା. ମହାଭାରତ ।

ପ୍ରାଦେ. (ପୁରୀ ଜିଲ୍ଲା) ବି—ନଡ଼ିଆପତ୍ରରେ ବୁଣା ଯାଇଥିବା ଏକପ୍ରକାର ମୁଣି—A bag made of cocoanut-leaves woven together.

[ଦ୍ର—ଏଥିରେ ସାରୁ, କଦଳୀ, ଆଳୁ ଆଦି ପୁରାଇ ବାହୁଙ୍ଗୀର ଦୁଇ ମୁଣ୍ଡରେ ଝୁଲାଇ ଭାରରୂପେ ବୁହାଯାଏ । ]

**କୋକୁଆଭୟ**—ଦେ. ବି—୧ । ଦେଶବ୍ୟାପୀ ଅତ୍ୟନ୍ତ ପ୍ରାଣ-ଶଙ୍କାଜନକ
Kokuābhaya ଭୟ—1. A fear of death infesting a whole country owing to some form of divine visitation.

୨ । ମାରୀଭୟ; ବାଇଜା—
2. Fear caused by the raging of cholera or plague in a place.

**କୋକେଇ**—ଦେ. ବି—ଶବକୁ ଶ୍ମଶାନକୁ ବୋହିନେବା ନିମନ୍ତେ ତିଆରି
Kokei କରାଯିବା ଏକପ୍ରକାର ନିଶୁଣି—

अरथी; टीकटी A ladder-like contrivance to carry the dead body to the cremation-ground.

ନେବ ସେବେ ମୋତେ କୋକେଇରେ କାଢ଼ି—ବ୍ରଜନାଥ. ଦରବାର ।

[ ଦ୍ର—ବଡ଼ ବଡ଼ ଦୁଇ ଖଣ୍ଡି ବାଉଁଶ ଉପରେ ଛୋଟ ଖଣ୍ଡି ଛୋଟ ବାଉଁଶ ଅଡ଼ବାଗରେ ପାଲଦଉଡ଼ିରେ ବାନ୍ଧି କୋକେଇ ତିଆରି କରନ୍ତି; ଏଥିରେ ବଡ଼ ସାନ ୬ ଖଣ୍ଡ ବାଉଁଶ ଲାଗିଥାଏ । ]

**କୋକେନ୍**—ବୈଦେ. ବି ( ଇଂ. କୋକେନ୍ )—ବିଦେଶରୁ ଆମଦାନୀ
Koken ହେବା ଧଳା ମାଦକ ଚୂର୍ଣ୍ଣଦ୍ରବ୍ୟବିଶେଷ—Cocaine; an alkaloid derived from the ripe leaves of a South American tree, Arythroxion Coca.

[ଦ୍ର—ଡାକ୍ତରମାନେ ଶସ୍ତ୍ରଚିକିତ୍ସା କରିବା ପୂର୍ବରୁ ଅସ୍ତ୍ର କରାଯିବା ଅଂଶରେ କୋକେନ୍ ପ୍ରୟୋଗ କରିଦିଅନ୍ତି ଓ କୋକେନ୍ ଲଗା-ହେବା ସ୍ଥାନକୁ କାଟିଲେ ମନୁଷ୍ୟକୁ କାଟେ ନାହିଁ । ଏହାକୁ ଲୋକେ ମାଦକଦ୍ରବ୍ୟରୂପେ ସେବନ କରନ୍ତି ଓ ପାନ ସଙ୍ଗେ ବ୍ୟବହାର କରନ୍ତି । ଏହାକୁ ଖାଇବାଷଣି ଭଲ ମୋଟା ଜଣାଯାଏ । ସରକାର ଏହା ସମ୍ବନ୍ଧରେ ଭାରି କାଇଦା କରିଅଛନ୍ତି; ତଥାପି ଗୁପ୍ତରେ ଆମଦାନୀ ହୋଇ ଏହା ମାଦକଦ୍ରବ୍ୟରୂପେ ସ୍ଥାନେ ସ୍ଥାନେ ଚଳୁଅଛି । ଏ ଗଛ ପୂର୍ବେ ଦକ୍ଷିଣଆମେରିକାରେ ଥିଲା; ବର୍ତ୍ତମାନ ଅନ୍ୟାନ୍ୟ ଦେଶକୁ ଆମଦାନୀ ହୋଇଅଛି । ଏ ଗଛର ପାଚିଲା ପତ୍ରକୁ ଛେଚି କରୁଗାଇଲେ ମଣ୍ଡ ପରି ଧଳା ଚୂନା ପାତ୍ରର ତଳେ ବସିଯାଏ । ଏ ଗଛକୁ ଆଣି ବର୍ତ୍ତମାନ ଲଙ୍କା, ଆସାମ ଓ ମାନ୍ଦ୍ରାଜର ନୀଲଗିରି ପାର୍ବତ୍ୟଅଞ୍ଚଳରେ ଲୋକେ ଲଗାଇ କୃଷି କଲେଣି । ଏ ଗଛର ଶୁଖିଲା ପତ୍ର ଗୁହା ଗଛର ପତ୍ର ପରି । ଦକ୍ଷିଣ ଆମେରିକାର ପେରୁ ଓ ବଲିଭିଆର ଲୋକେ ଏହାର ପତ୍ରକୁ ଚୂନ ସଙ୍ଗେ ମିଶାଇ ଖାଆନ୍ତି; ଏହା ଖାଇଲେ ଶ୍ରାନ୍ତି ଦୂର ହୁଏ ଓ ମଧୁର ଜଣା ହୁଏ । ]

**କୋକୋ**—ବୈଦେ. (ଇଂ) ବି—ଇଂ. କୋକାଓ; ଏ ଶବ୍ଦ ଦକ୍ଷିଣଆମେରିକା-
Koko ପ୍ରଚଳିତ ଭାଷାରୁ ଆନୀତ)—ଏକପ୍ରକାର ମଞ୍ଜିର ଭଜା
কোকো ଚୂନା—Cocoa.
**कोको** [ଦ୍ର—ଏ ଗଛ (Theobroma Cacao) ଦକ୍ଷିଣଆମେରିକାର ମେକ୍ସିକୋ ଦେଶରୁ ଅନ୍ୟ ଦେଶକୁ ଅଣାଯାଇ କୃଷି ହେଉଅଛି । ଏ ଗଛର ଫଳ ଭିତରେ ଥିବା ମଞ୍ଜିକୁ ଭାଜି ଓ ଚୂର୍ଣ୍ଣ ସେହି ଚୂନାକୁ ଫୁଟିଲା ପାଣିରେ ପକାଇ ଛଣା ପାଣି ସଙ୍ଗେ ଦୁଧ ଓ ଚିନି ମିଶାଇ ଲୋକେ ଗୁହା ପରି ପିଅନ୍ତି ଓ ଚୂନାରେ ଚକଲେଟ (Chocolate) ନାମକ ଶିଶୁଙ୍କ ପ୍ରିୟ ମିଠେଇ ତିଆରି ହୁଏ । ]

**କୋକ୍ରା**—ଦେ. ବି—ବେଣିମଞ୍ଜ ( ଦେଖ )
Kokrā Benimanja ( See )

**କୋଖା**—ପ୍ରାଦେ. (ବସ୍ତର) ବି.—ରାଶି (ଦେଖ)
Kokhā Rāsi (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ୱ |
| ୨ | ଈ | ଊ | ରୁ | ଲୁ | ଙ୍ଘ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ଧ | ଇଅ | ଢ଼ | ନ୍ |

**କୋଗାଡ଼ିପଟାଳି**—ଦେ. ବି.—ପାଟଳି (ଦେଖ)
Kogārḍipaṭāli Pāṭali (See)

**କୋଙ୍କ**—ସଂ. ବି. (ନାମ)—କୋଙ୍କଣ (ଦେଖ)
Koṅka Koṅkaṇa (See)

**କୋଙ୍କଡ଼ାଇ ଧରିବା**—ପ୍ରାଦେ. ( ବାଲେଶ୍ୱର ) ( ସଂ. କୁଞ୍ଚିତ )—
Koṅkarḍāi dharibā ହାତ ଆଙ୍ଗୁଠିକୁ ସଙ୍କୁଚିତ କରି ଅଙ୍କୁଶ ଭଳି କୌଣସି ପଦାର୍ଥକୁ ଜାବୁଡ଼ି ଧରିବା ବା କାମୁଡ଼ି ଧରିବା; ଅଙ୍କୁଡ଼ାଇ ଧରିବା—To catch or hold a thing tightly with the hooked fingers.

**କୋଙ୍କଡ଼ାଇବା**—ପ୍ରାଦେ. (ବାଲେଶ୍ୱର) କ୍ରି. (ତୁଳ. ବଂ. କୌଁକଡ଼ାନ)—
Koṅkarḍāibā ୧ । କୁଞ୍ଚୁକୁଞ୍ଚିଆ ହେବା—
1. To become curled or crisp.
୨ । ସାଙ୍କୁଡ଼ି ଯିବା; ସଙ୍କୁଚିତ ହେବା—
2. To contract; to shrink.

**କୋଙ୍କଡ଼ି ଧରିବା**—ପ୍ରାଦେ. ( ବାଲେଶ୍ୱର ) କ୍ରି—
Koṅkarḍi dharibā କୋଙ୍କଡ଼ାଇ ଧରିବା ( ଦେଖ )
Koṅkarḍāi dharibā ( See )

**କୋଙ୍କଡ଼ିବା**—ପ୍ରାଦେ. ( ବାଲେଶ୍ୱର ) କ୍ରି. ( ସଂ କୁଞ୍ଚିତ )—
Koṅkarḍibā କୋଙ୍କଡ଼ାଇବା ( ଦେଖ )
Koṅkarḍāibā ( See )

**କୋଙ୍କଣ**—ସଂ. ବି. ( କୋମ୍+କଣ୍ ଧାତୁ=ଅଧିକରଣ. ଅ )—
Koṅkaṇa ୧ । ଦାକ୍ଷିଣାତ୍ୟର ପଶ୍ଚିମ ଉପକୂଳସ୍ଥ ସହ୍ୟାଦ୍ରି ଓ ସମୁଦ୍ର ମଧ୍ୟସ୍ଥ ଦେଶବିଶେଷ; ମହାରାଷ୍ଟ୍ର ଦେଶ—
1. The Koṅkaṇa; Marhatta country in Western India.
୨ । ଅସ୍ତ୍ରବିଶେଷ—2 A kind of weapon.

**କୋଙ୍କଣା**—ସଂ. ବି. ସ୍ତ୍ରୀ. ( କୋଙ୍କଣ+ଆ ) ( ନାମ )—ରେଣୁକା; ଜମଦଗ୍ନିଙ୍କର ପତ୍ନୀ—
Koṅkaṇā
Reṇukā; the wife of the sage Jamadagni.

**କୋଙ୍କୁଡ଼ି ଧରିବା**—ଦେ. କ୍ରି—କୋଙ୍କଡ଼ାଇ ଧରିବା ( ଦେଖ )
Koṅkurḍi dharibā Koṅkarḍāi dharibā ( See )

**କୋଙ୍କୁଡ଼ିବା**—ଦେ. କ୍ରି—କୋଙ୍କଡ଼ାଇବା ( ଦେଖ )
Koṅkurḍibā Koṅkarḍāibā ( See )

**କୋଙ୍ଗଦ**—ଦେ. ବି. ( ନାମ )—ଆଧୁନିକ ଗଞ୍ଜାମର ପ୍ରାଚୀନ ନାମ ( ଏହା ଦକ୍ଷିଣ କୋଶଳରେ ଅବସ୍ଥିତ ଥିଲା )—
Koṅgada The former name of the country now known as Gañjāma in the Madras presidency.

**କୋଚ୍**—୧ । ଦେ. ବି—କୁଚବିହାରର ଅଧିବାସୀ ଜାତି—
Koch 1. People of Coochbehar.
୨ । ବୈଦେ. ବି. (ଇଂ. କୋଚ୍) ଚାରିଚକିଆ ଘୋଡ଼ାଗାଡ଼ି—
2. Carriage; coach.

**କୋଚ୍‌ଉଆନ୍**—ବୈଦେ. ବି. ( ସଂ. କୋଚ୍‌ମାନ୍ )—ଘୋଡ଼ାଗାଡ଼ିର ଚାଳକ; କଚୁଆନ୍—Coachman.
Kochuān
কোচোয়ান
কাচবান

**କୋଚୁଆନି**—ଦେ. ବି—କୋଚ୍‌ଉଆନର କର୍ମ ବା ଚାକିରି—
Kochuāni The work or post of a coachman.

**କୋଚ୍‌ବାକସ**—ବୈଦେ. (ଇଂ. ) ବି. ( ଇଂ. କୋଚ୍‌ବକ୍ସ )—ଘୋଡ଼ାଗାଡ଼ିର ଆଗରେ ଯେଉଁ ଉଚ୍ଚ ଆସନ ଉପରେ କଚୁଆନ୍ ବସି ଗାଡ଼ି ହାଙ୍କେ—Coachbox.
Kochbākasa
কোচবাক্স
केचबक्स

**କୋଚମାନ୍**—ବୈଦେ. ବି. ( ଇଂ. କୋଚ୍‌ମାନ୍ )—ବଗି ଚଳାଇବା ବ୍ୟକ୍ତି; ଘୋଡ଼ାଗାଡ଼ିର ଚାଳକ—
Kochmān Coachman; driver of a coach.
কোচোয়ান
কাচবান

**କୋଚ୍‌ମାନି**—ଦେ. ବି—୧ । କୋଚ୍‌ମାନ୍‌ର କାର୍ଯ୍ୟ—
Kochmāni 1. Coachman's work.
কোচেয়ানি ୨ । କୋଚମାନର ଚାକିରି—
কাচবান 2. Coachman's service or post.

**କୋଚ୍‌ୱାନ୍**—ବୈଦେ. ବି ( ଇଂ. କୋଚ୍‌ମାନ୍ )—
Kochwān କୋଚ୍‌ମାନ୍ ( ଦେଖ )
Kochmān ( See )

**କୋଚ୍‌ୱାନି**—ଦେ. ବି—କୋଚ୍‌ମାନି ( ଦେଖ )
Kochwāni Kochmāni ( See )

**କୋଚ**—ସଂ. ବି. ( କୁଚ ଧାତୁ+ଭାବ. ଅ )—୧ । ଶୁଖିଯିବା—
Kocha 1. Becoming dry.
୨ । ଶୁଖିଯିବା ଅବସ୍ଥା—2. Aridity; dryness.
୩ । କେଉଟ ପିତା ଓ କଂସେଇ ମାତାଠାରୁ ଜାତ ଜାତିବିଶେଷ—
3. Name of a low hybrid caste.
୪ । ଲୁହାର ଖିଲ ବା କିଲା—
4 Iron nail or peg.
୫ । ପାଣିସାରୁ ( ହରେକୃଷ୍ଣ. ଦ୍ରବ୍ୟଗୁଣ ) ( ଦେଖ )
5. Pāṇisāru ( See ).
ସଂ. ବିଣ ( +କର୍ତ୍ତୃ. ଅ )—ସଙ୍କୋଚକ; ଯାହା କୌଣସି ପଦାର୍ଥକୁ ସଙ୍କୁଚିତ କରେ—
Contracting; causing contraction.
ଦେ. ବି—କୁଚବିହାର ରାଜ୍ୟର ଲୋକ—
An inhabitant of Coochbehar.

**କୋଚଟ**—ଦେ. ବିଣ—୧ । କୃପଣ; କଞ୍ଜୁସ—1. Miserly.
Kochaṭa ୨ । ଚେମଡ଼ା—2. Infrangible; tenacious.
୩ । ଜଗିରିଦାର୍, ନାଛୋଡ଼ବନ୍ଦା—
3. Tenacious; importunate; pertinacious.
ଲୁହା କୋଚଟ ( ୨ୟ ଅର୍ଥ )କୁ କମାର କୋଚଟ ( ୩ୟ ଅର୍ଥ )—ଢଗ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଅଗ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗୋଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଗିଁ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ୍' ଦେଖିବେ

୪ । (ସଂ. କଚର) ଅତି ମଳିନ ବା ମଇଳା—
4. Very dirty.

**କୋଚଟି**—ଦେ. ବିଣ—କୋଚଟ ( ଦେଖ )
Kochaṭi — Kochaṭa ( See )

**କୋଚଟିଆ**—ଦେ. ବିଣ—କୋଚଟ ( ଦେଖ )
Kochaṭiā — Kochaṭa ( See )

**କୋଚଣୀ**—ଦେ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଲୋକ କୋଚା ବେପାର କରେ—
Kochaṇi — A female retail-seller.

**କୋଚବହାର**—ଦେ. ବି. (ନାମ)—କୁଚ୍‌ବିହାର ( ଦେଖ )
Kochabihāra — Kuchbihāra ( See )

**କୋଚସାରୁ**—ଦେ. ବି—ପାଣିସାରୁ ( ଦେଖ )
Kochasāru — Pāṇisāru ( See )

**କୋଚା**—ଦେ. ବି. ( ସଂ. କ୍ଷୁଦ୍ର; ପା. ଖୁଜର୍=ଅଳ୍ପ )—
Kochā — ରେଜା ବିକି; ବଡ଼ ମହାଜନଠାରୁ ଶ୍ରେଷ୍ଠ
ଖୁଚରାବିକ୍ର, ପାଇକାରୀ — ବେପାରୀମାନେ ବ୍ୟବସାୟ କରିବା ନିମନ୍ତେ
**फुटकरबिक्रि** — ଅଳ୍ପ ପରିମିତ ପଣ୍ୟ ଦ୍ରବ୍ୟ ସଂଗ୍ରହ କରି ଖାଉତିଙ୍କୁ ଅଳ୍ପ ଲାଭରେ ବିକି କରିବାର ରୀତି ବା ବ୍ୟବସାୟ; ଖୁଚୁରା ବିକି କରିବାର ପ୍ରଣାଳୀ; ପଣ୍ୟଦ୍ରବ୍ୟ ସାମାନ୍ୟ ପରିମାଣରେ ବିକି କରିବା—Retail-sale.

ଚିହ୍ନି ଚିହ୍ନି କୋଚା ଚଣ୍ଡା ମାଗିଲେ ଟଙ୍କେ ଟଙ୍କେ ।
ପୀତାମ୍ବର- ନୃସିଂହପୁରାଣ ।

**କୋଚାଇବା**—ଦେ. କ୍ରି—କୁଚାଇବା ( ଦେଖ )
Kochāibā — Kuchāibā ( See )

**କୋଚା ବେପାର**—ଦେ. ବି—କୋଚା ( ଦେଖ )
Kochā bepāra — Kochā ( See )

**କୋଚା ବେପାରୀ**—ଦେ. ବି. ( ପା. ଖୁଜର୍+ସଂ. ବ୍ୟାପାର )—
Kochā bepāri — ଅତି ସାମାନ୍ୟ ମୂଳଧନବିଶିଷ୍ଟ ଦୈନିକ
ପାଇକାର — ବ୍ୟବସାୟୀ; ଖୁଚୁରା ବେପାରୀ; ଯେ ପ୍ରତ୍ୟହ
**फुटकरबेचनेवाला,** — ମହାଜନଠାରୁ ଅଳ୍ପ ପରିମାଣରେ ପଣ୍ୟଦ୍ରବ୍ୟ
**खुरदिया** — ଆଣି ତାହା ଖାଉତିଙ୍କୁ ଅତି ସାମାନ୍ୟ ଲାଭରେ ଅଳ୍ପ ଅଳ୍ପ କରି ବିକ୍ରୟ କରି ମୂଳ ପରିଶୋଧ କରିଦିଏ—
A retailer; petty trader with very small capital selling small quantities in retail.

**କୋଚା ବେଭାର**—ଦେ. ବି—କୋଚା ( ଦେଖ )
Kochā bebhāra — Kochā ( See )

**କୋଚାବେଭାରୀ**-ଦେ. ବି—କୋଚାବେପାରୀ—
Kochābebhāri — Kochābepāri.

**କୋଚିଆ**—ଦେ. ବି. ( ସଂ. କୁଚକ, ପୁଂ; କୁଚକା. ସ୍ତ୍ରୀ )—
Kochiā — ସର୍ପାକୃତି ଜଳଚର କ୍ଷୁଦ୍ର ଜନ୍ତୁ—
कुचिया, कुँचिया, कुचे — Unibrachapertura Cuchiya;
**गोञ्ची, गोची** — Muraena; Apterygia Synbrache; small electric eel; Gymnotus.

[ ଦ୍ର—ଏହାକୁ ବାଉରି, କଣ୍ଡରା, ପାଣ ଆଦି ଶ୍ରେଷ୍ଠ ଜାତିର ଲୋକମାନେ ଖାଆନ୍ତି । ଏହା ଦେହରେ ମାଛ ଭଳି ଶ୍ରେଷ୍ଠ ପକ୍ଷୀ ଓ ଲାଞ୍ଜ ଥାଏ; ଏ ପଙ୍କ ଓ ଜଳ ମଧ୍ୟରେ ରହେ । ଏହା ଦେହରେ ବୈଦ୍ୟୁତିକ ଶକ୍ତି ଅଛି । ଏହାର ବର୍ଣ୍ଣ ହଳଦିଆ ଓ ନାଲି ମିଶା ପାଣ୍ଡୁର । ରୁଗ୍ଣ ଓ ଶୀର୍ଣ୍ଣ ଶିଶୁ ଦେହରେ କୋଚିଆ ଆଣି ଗୁଡ଼ାଇ ଦେଲେ ଉପକାର ହେବାର ଦେଖାଯାଏ । କୋଚିଆ ଉଭୟଚର । ମାଛ ଅପେକ୍ଷା ଏ ଅଧିକ କାଳ ଶୁଖିଲା ଜାଗାରେ ବଞ୍ଚି ରହି ପାରେ । ଏହାକୁ ଧରି ପକାଇଲେ କ୍ଷଣକାଳ ଦେହ ଝିମିଝିମି ହୋଇ ଯାଏ । କଥିତ ଅଛି ଯେ ଏହାର ଦଂଶନ ଗୋରୁ ପକ୍ଷରେ ମାରାତ୍ମକ କିନ୍ତୁ ମନୁଷ୍ୟ ପକ୍ଷରେ ନିରାପଦ ( M. W. ), କୋଚିଆରକ୍ତ ଗାଢ଼ ହରିଦ୍ରାଭ ରକ୍ତବର୍ଣ୍ଣ । ]

**କୋଚିଆଖିଆ**—ଦେ. ବିଣ. ( ଗାଳି ) ( ସଂ. କୁଚକ ଖାଦକ )—
Kochiākhiā — ବାଉରୀ, କଣ୍ଡରା ଆଦି ଶ୍ରେଷ୍ଠ ଅସ୍ପୃଶ୍ୟ ଜାତି ( ଯେଉଁମାନେ କୋଚିଆ ଖାଆନ୍ତି )—
The untouchable castes who eat Kochiā.

[ ଦ୍ର—ଉଚ୍ଚ ଜାତୀୟ ହିନ୍ଦୁମାନେ ମାଛ ଖାଆନ୍ତି, କିନ୍ତୁ କୋଚିଆ ଖାଆନ୍ତି ନାହିଁ । ]

**କୋଚିଆ ପରି ହେବା**—ଦେ. କ୍ରି. (କୋଚିଆକୁ ପାଣିରୁ ପଦାକୁ ବାହାର
Kochiāpari hebā — କରି ଆଣିଲେ ସେ ସାପ ପରି ମୋଡ଼ିହୁଏ
कुँचेरमतन हओया — ହୁଏ )—(ଲକ୍ଷଣାର୍ଥ) ରୋଗ ବା ଯନ୍ତ୍ରଣାରେ
**गोचिका माफक होना** — କୋଚିଆ ପରି ଗୁଡ଼େଇ ଭୁଡ଼େଇ ହେବା—
( figurative ) To wriggle ( like an eel ).

**କୋଚିଆରକତ**—ଦେ. ବି. ( ସଂ. କୁଚକ+ରକ୍ତ )—
Kochiārakata — କୋଚିଆ କାଟିଲେ ତା' ଦେହରୁ ଯେଉଁ ଗାଢ଼
कुँचेरक्त — ହଳଦିଆ ମିଶା ଲାଲ୍ ରକ୍ତ ବାହାରେ —
**गोचीका लहु** — Deep yellow and red blood of eel.

[ ଦ୍ର—ପ୍ରସ୍ରାବପୋଡ଼ା ବା ମୂତ୍ରଦୋଷ ଯୋଗୁଁ ପ୍ରସ୍ରାବ ଗାଢ଼ ହଳଦିଆ ହେଲେ ପରିସ୍ରା କୋଚିଆରକ୍ତ ପରି ଦିଶୁଛି—ବୋଲି ଲୋକେ କହନ୍ତି । ]

**କୋଚନ୍**—ଦେ. ବି. ( ନାମ )—
Kochin — ୧ । ଦକ୍ଷିଣ ଭାରତର ମାଲବାର ଉପକୂଳସ୍ଥ ଦେଶ—
1. Cochin, a country in S. W. India.

[ ଦ୍ର—ଦକ୍ଷିଣ ଭାରତର ପଶ୍ଚିମ ବା ମାଲବାର ଉପକୂଳରେ ମାନ୍ଦ୍ରାଜ ପ୍ରଦେଶରେ ତ୍ରିବାଙ୍କୁଡ଼ ରାଜ୍ୟର ଉତ୍ତରରେ ହିନ୍ଦୁ ମହାରାଜାଙ୍କ ଶାସିତ ଗୋଟିଏ ହିନ୍ଦୁରାଜ୍ୟର ନାମ କୋଚନ୍; ଏ

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ରୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ |

ରାଜ୍ୟର ରାଜଧାନୀ ଏର୍ଣାକୁଲମ୍; ଏହି କୋଚନ୍ ରାଜ୍ୟଦ୍ୱାରା ଚତୁର୍ଦ୍ଦିଗରେ ବେଷ୍ଟିତ ୨ ବର୍ଗମାଇଲ ବ୍ୟାପୀ ଇଂରାଜ-ଶାସିତ ମାଲାବାର ଜିଲ୍ଲାର ଗୋଟିଏ ସବ୍‌ଡିଭିଜନ୍ ବା ତାଲୁକର ନାମ କୋଚନ୍ ଓ ଏହି ତାଲୁକର ଅନ୍ତର୍ଗତ କୋଚନ୍ ନାମରେ ଗୋଟିଏ ବନ୍ଦର୍ ଅଛି । ତ୍ରିବାଙ୍କୁଡ଼ର ଉତ୍ତର ପଶ୍ଚିମରେ ଚଲକାପର ଗୋଟିଏ ସାମୁଦ୍ରିକ ହ୍ରଦ ଅଛି; ସେ ହ୍ରଦର ମୁହାଣରେ କୋଚନ୍ ବନ୍ଦର ଅବସ୍ଥିତ । ]

୨ । ଶ୍ୟାମ ରାଜ୍ୟର ପୂର୍ବରେ ଓ ଚୀନ ଉପସାଗରର ପଶ୍ଚିମରେ ଅବସ୍ଥିତ ଫ୍ରାନ୍ସ ଅଧିକୃତ ଦେଶ; କୋଚନ୍‌ଚାଇନା—
2. Cochin China; French Indo-china to the east of Siam.

**କୋଚଲା** (ଇତ୍ୟାଦି)—ଦେ. ବ—କୋଚିଲା ଇତ୍ୟାଦି ( ଦେଖ )
Kochila (etc) Kochila etc ( See )

**କୋଚିଲା**—ଦେ. ବ. ( ସଂ. କୁଚେଲା )—ବନ୍ୟ ତରୁବିଶେଷ—
Kochila Strychnus Nux-vomica ( tree and seed ). The Snakewood; Poison nut.

ସଂ. ନାମ—କୁପୀଲୁ; କୁଲକ; କୁଚେଲା, କୁପାକ; କାକେନ୍ଦୁ; ବିଷତିନ୍ଦୁ; ବିଷଦ୍ରୁମ; କାରସ୍କର; କୁଣ୍ଠିଲକ; କମ୍ପାକ; ତିନ୍ଦୁକ; ଜଲଦ; ଦୀର୍ଘପତ୍ରକ; କାଲତିନ୍ଦୁକ; କାଳପୀଲୁକ; ମର୍କଟତିନ୍ଦୁକ; କାଳକୂଟକ
କୁଚିଲା; କୋଚିଲା
**कुचिला, कोचिला; कुचला; विषतेन्द**
ତେ. ମୁଷ୍ଟେ; ମୁଷିଣୀ; ମୁଂଷ୍ଟି ଗିଞ୍ଜା
ସୁ. ଝେରକୋଚଲା
ମ. କାଜର
ଫା. ଇଫାରାକୀ
ଆ. କାତଲୁଲ୍ କଲ୍ବ; ଫଲୁଜ୍‌ମାହୀ

[ ଦ୍ର—ଏହା କେନ୍ଦୁଜାତୀୟ ଶ୍ରେଷ୍ଠ ଆରଣ୍ୟ ତରୁ, ଓଡ଼ିଶାର ପାହାଡ଼ିଆ ସ୍ଥାନମାନଙ୍କରେ ପ୍ରଚୁର ଭାବରେ ଜନ୍ମେ । ପତ୍ର ଅଭିମୁଖୀ; ବସନ୍ତକାଳରେ ଫୁଲ ଫୁଟେ, ଫଳ ପାଚିଲେ ଲେମ୍ବୁପରି ଗୋଲ ଓ ହଳଦିଆ ହୁଏ । ଏଥିରେ ଏକାଧିକ ଗୋଲ ଓ ଚେପଟା ମଞ୍ଜି ଥାଏ । ଏହାର ଫଳ ଓ ପତ୍ର ଭାରି ପିତା, ଏହା ଔଷଧରେ ଲାଗେ, ତେଣୁ ଭାରତରୁ ବିଦେଶକୁ ବହୁ ପରିମାଣରେ ରପ୍ତାନି ହୁଏ । ଏହାର ପତ୍ର ଏତେ ପିତା ଯେ ଯଦି କୌଣସି ଗାଈ ଏହାର କଅଁଳିଆ ପତ୍ର ଖାଏ, ତାହାର ଦୁଧ ମଧ୍ୟ ପିତା ଲାଗେ । ଏ ଗଛର ପବନ ସ୍ୱାସ୍ଥ୍ୟ ପକ୍ଷରେ ଉପକାରୀ । ଏହାର ପାଚିଲା ଫଳକୁ ମାଙ୍କଡ଼ ଓ କେତେକ ଚଢ଼େଇ ମଧ୍ୟ ଖାଆନ୍ତି । ଏହାର କାଠରେ ଖୁଣ୍ଟ ଆଦି ହୁଏ । ପାହାଡ଼ିଆ କଙ୍କରମୟ ସ୍ଥାନରେ ଏଗଛ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ । ଏହା ମଞ୍ଜିର ବ୍ୟବସାୟ ନିମନ୍ତେ ରାଜା ମହାରାଜା ଓ ଜମିଦାରମାନେ ବେପାରୀଙ୍କୁ ଗଛମାନ ଇଜରା ଦିଅନ୍ତି; ଏହାର ବୀଜ ସଙ୍ଗେ ଗୁଡ଼ ମିଶାଇଲେ ପ୍ରାଣହାରକ ବିଷ ହୁଏ । ଲୋକେ କୋଚିଲା ଗୁଡ଼ ଖାଇ ଆତ୍ମହତ୍ୟା କରନ୍ତି । କୋଚିଲା-କାଠରେ ସହଜେ ପୋକ ଲାଗନ୍ତି ନାହିଁ, ଏଥିପାଇଁ ଲୋକେ ଏଥିରେ ଘରର ଖୁଣ୍ଟ କରନ୍ତି । ଏ କାଠ ଖୁବ୍ ଟାଣୁଆ ଓ ଚେମଡ଼ା-ବୈଦ୍ୟଶାସ୍ତ୍ର ମତରେ ଏହା ଶୀତବୀର୍ଯ୍ୟ, ବଳକର, ଧାରକ, ତିକ୍ତରସ, ଅଗ୍ନି ଓ ବାୟୁବର୍ଦ୍ଧକ, ଦେହକାରକ, କାମୋଦ୍ଦୀପକ, ବେଦନା-ନାଶକ ଓ ମୂତ୍ରପ୍ରବର୍ତ୍ତକ । ଏହା ଶୂଳ, ଏକାଙ୍ଗ ବାତ, ଶୁକ୍ରମେହ, ଅପସ୍ମାର, ଗ୍ରହଣୀ, ଅତିସାର, ଗୁହ୍ୟଭ୍ରଂଶ, ମଦାତ୍ୟୟ, କମ୍ପ, କୁକ୍କୁର-ଦଂଶନ ଜନିତ ଉନ୍ମାଦ, କଫ, ପିତ୍ତ, ଓ ରକ୍ତଦୁଷ୍ଟି ନାଶକ । ]

**କୋଚିଲା ଖଡ଼ି**—ଦେ. ବ—ବଳିତା ଖଡ଼ି ( ଦେଖ )
Kochila khardi Balita khardi ( See )

**କୋଚିଲାଖାଇ**—ଦେ; ବ—ଓଡ଼ିଶା ଗଡ଼ଜାତର ଏକ ଜାତୀୟ ବନ୍ୟ-
Kochilakhai ପକ୍ଷୀ—Anthracoceros Coronatus;
ধনেশ পাখী The Indian Hornbill; Toucan
**धनेश** found in the Orissa jungles.

ଅଚଳେ କୋଚିଲାଖାଇଙ୍କ ଭିଡ଼ । ରାଧାନାଥ. ଚନ୍ଦ୍ରଭାଗା ।

[ ଦ୍ର—ଏ ଲମ୍ବରେ ପ୍ରାୟ ଅଢ଼େଇହାତ ହୁଏ; ପକ୍ଷ ଧଳା ଓ କଳା; ଥଣ୍ଟର ଉପର ଫାଳକ ଚେପ୍ଟା ଓ ପୋଲା, ଏହା ଗୁରୁଅଙ୍ଗୁଳ ଠାରୁ ଆଠଅଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ଓ ବଙ୍କା । ଏ ପକ୍ଷୀ କୋଚିଲା ଫଳକୁ ଗୋଟାସୁଦ୍ଧା ଗିଳିଥିବାରୁ, ଏହାର ପେଟ ଚିରିଲେ ତହିଁରୁ କୋଚିଲା ମଞ୍ଜି ବାହାରେ । ଆମବାତ ରୋଗରେ କୋଚିଲାଖାଇ ଚଢ଼େଇର ମାଂସ, ପକ୍ଷୀ ଓ ହାଡ଼ସିଝା କ୍ୱାଥ ବିଶେଷ ଉପକାରୀ ।

ମାଈ କୋଚିଲାଖାଇ ଗଛ କୋରଡ଼ରେ ଡିମ୍ବ ଦିଏ ଓ ତାହା ମଧ୍ୟରେ ଅଣ୍ଡିରା ପକ୍ଷୀକୁ ଡିମ୍ବ ଉଷୁମାଇବା ପାଇଁ ରଖାଇ କୋରଡ଼ ମୁହଁ ମାଟିରେ ବନ୍ଦ କରିଦିଏ ଏବଂ ତହିଁରେ ଗୋଟିଏ କଣା ରଖି-ଥାଏ ଓ ସେହି କଣାବାଟେ ଖାଦ୍ୟ ଆଣି ଅଣ୍ଡିରା ପକ୍ଷୀକୁ ଦେଉଥାଏ । ଏ ଜାତୀୟ ଏକହାତ ଲମ୍ବର ପକ୍ଷୀକୁ ଭାଲୁଆଖାଇ (Lophocerus Birostris) କହନ୍ତି । ]

**କୋଚିଲାଗୁଡ଼**—ଦେ. ବ—ଏକଦି ବଟା ହୋଇଥିବା କୋଚିଲାମଞ୍ଜି ଓ
Kochilagurda ଗୁଡ଼—Mixture of Nux-vomica seeds and molasses.

[ ଦ୍ର—ଏହା ଅତି ଭୟଙ୍କର ପ୍ରାଣନାଶକ ବିଷ; ଓଡ଼ିଶାର ଅନେକ ଲୋକ ଏହା ଖାଇ ଆତ୍ମହତ୍ୟା କରନ୍ତି । ]

**କୋଚିଲାପିତା**—ଦେ. ବିଣ. ( କୁଚେଲ + ତିକ୍ତ ) –
Kochilapita କୋଚିଲା ପତ୍ର ବା ମଞ୍ଜିପରି ଅତିଶୟ ତିକ୍ତ—Of very bitter taste like that of Nux-vomica leaves or seed.

**କୋଚିଲା ମଲଙ୍ଗ**—ଦେ. ବ—କୋଚିଲା ଗଛରେ ଜାତ ହୋଇଥିବା
Kochila malanga ପରାଙ୍ଗପୁଷ୍ଟ ଉଦ୍ଭିଦ ( ଏହା ଅନେକ
**कुचलेकामलंग** ଔଷଧରେ ଲାଗେ )—A parasitic plant growing on the Nux vomica tree; Viscum Monoicum.

**କୋଚୁଆନ୍**—ବୈଦେ. ବ. (ଇଂ. କୋଚ୍‌ମ୍ୟାନ୍)—କୋଚ୍‌ମ୍ୟାନ୍ (ଦେଖ)
Kochuan Kochman (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କୋଚୁଅନି**—ଦେ. ବ.—କୋଚ୍‌ମାନି (ଦେଖ)
Kochuāni Kochmāni (See)

**କୋଚୁଣୀ**—ଦେ. ବ. ସ୍ତ୍ରୀ—କୋଚଣୀ (ଦେଖ)
Kochuṇi Kochaṇi (See)

**କୋଜାଗର**—ସଂ. ବ. (ସଂ. କଃ=କଏ + ଜାଗୃ ଧାତୁ = ଚେଇଁବା + କର୍ତ୍ତୃ.
Kojāgara ଅ.)—କୋଜାଗର ପୂର୍ଣ୍ଣିମା (ଦେଖ)
Kojāgara Pūrṇṇimā (See)

**କୋଜାଗର ପୂର୍ଣ୍ଣିମା**—ଦେ. ବ. ( ସଂ. କୋଜାଗର + ପୂର୍ଣ୍ଣିମା )—ଆଶ୍ୱିନ
Kojāgara pūrṇṇimā ପୂର୍ଣ୍ଣିମା; କୁଆଁରପୁନେଇଁ—The full-moon of the month of Āswina.

[ ଦ୍ର—ଏ ଦିନ ରାତ୍ରରେ ଲକ୍ଷ୍ମୀ ଠାକୁରାଣୀ ଘରଘର ବୁଲି ଦେଖନ୍ତି ଓ ପଚାରନ୍ତି—"କୋଜାଗର୍ତ୍ତି"—କିଏ ଚେଇଁ ଅଛ ? ଯେ ଚେଇଁ ଥାଏ ତାହା ପ୍ରତି ପ୍ରସନ୍ନା ହୁଅନ୍ତି, ଯେ ଶୋଇ ଥାଏ ତାହାଠାରୁ ଛାଡ଼ି ଯାଆନ୍ତି ।
ଏ ଦିନ ସନ୍ଧ୍ୟାବେଳେ ଚନ୍ଦ୍ରଙ୍କୁ ପୂଜା ହୋଇ ଥିବା ଗୁଡ଼ଭୋଗ ଖୁଆଖୋଇ ହୋଇ କୁମାରକୁମାରୀମାନେ ଆପଣା ଆପଣା ମଧ୍ୟରେ ଗୁଡ଼ ଉଜାଉଜି ହୋଇ ମୈତ୍ରୀ ପ୍ରତିଷ୍ଠା କରନ୍ତି । ]

**କୋଝୁର**—ଦେ. ବ. (ନାମ)—ପ୍ରାଚୀନ କଳିଙ୍ଗର ରାଜଧାନୀବିଶେଷ—
Kojhura Name of a capital of ancient Kaliṅga.

**କୋଟ୍**—ବୈଦେ. ବ.—୧ । (ଇଂ. କୋଟ୍)—ଯେଉଁ କୁର୍ତ୍ତାର ସାମନା
Kot ପାଖ ଉପରୁ ତଳ ପର୍ଯ୍ୟନ୍ତ ଖୋଲା ଥାଏ ଓ ଯାହାର ସାମନା
କୋର୍ଟ ଧାଡ଼ିଏ ବୋତାମଦ୍ୱାରା ବନ୍ଦ କରାଯାଏ—
**कोट** 1. Coat.
କୋର୍ଟ ୨ । (ଇଂ. କୋର୍ଟ)—କଚେରି; ବିଚାରାଳୟ—
**कोर्ट** 2. Court.

**କୋଟ୍ ଅଫ ଓ୍ୱାର୍ଡ଼ସ୍**—ବୈଦେ. ବ.—(ଇଂ. କୋର୍ଟ ଅଫ୍ ୱାର୍ଡ଼ସ୍=
Kot af wārdas ନାବାଳଗମାନଙ୍କ କଚେରି)—ନାବାଳଗ,ପାଗଳ
କୋର୍ଟ ଅଫ ଓ୍ୟାଡ଼ ଓ ନିଜ ସମ୍ପତ୍ତି ରକ୍ଷଣାବେକ୍ଷଣ କରିବାକୁ ଅସମର୍ଥ
**कोर्ट अफ वार्ड्स** ପୁରୁଷ ଓ ସ୍ତ୍ରୀ ଭୂସ୍ୱାମୀମାନଙ୍କ ସମ୍ପତ୍ତି ଗଭର୍ଣ୍ଣମେଣ୍ଟଙ୍କର ଯେଉଁ ବିଭାଗଦ୍ୱାରା ପରିଚାଳିତ ହୁଏ—
Court of wards.

**କୋଟ୍ ଇନସ୍‌ପେକ୍‌ଟର୍**—ବୈଦେ. ବ. (ଇଂ. କୋର୍ଟଇନ୍‌ସ୍‌ପେକ୍ଟର୍)—
Kot inspektar ଫୌଜଦାରୀ ଅଦାଲତରେ ସରକାର ତରଫରୁ
କୋର୍ଟଇନସପେକଟର ମକଦମା ଚଳାଇବା ପୁଲିସ୍ କର୍ମଚାରୀ—
**कोर्टइंनिसपिटर** Court Inspector.

**କୋଟ୍ କାମିଜ**—ବୈଦେ. ବ.—(ସହରର ଅଧୁନିକ ଅଙ୍ଗବସ୍ତ୍ରବିଶେଷ) (ଇଂ.
Kot kāmiji କୋଟ୍ + ଆ. କମୀଜ୍)—ସାମନା ଖୋଲା କୁର୍ତ୍ତା ଓ
କୋଟକାମୀଜ ବେକ ପାଖେ ମେଲା ଥିବା କୁର୍ତ୍ତା—
**कोटकमीज** Coat and shirt.

**କୋଟ୍ କରିବା**—ଦେ. କ୍ରି. ( ଇଂ. କ୍ୱୋଟ୍ )—କୌଣସି ଉକ୍ତି ବା
Kot karibā ଲିଖିତ ବିଷୟକୁ କଥାପ୍ରସଙ୍ଗରେ ଉଦ୍ଧାର
କୋଟକରା କରିବା—To quote any passage.
**कोटकरना**

**କୋଟ୍‌ଖାନା**—ଦେ. ବ. (ଇଂ. କୋର୍ଟ + ଆ. ଖାନା)—ସୁଦେଇ ତରଫରୁ
Kot khānā ଫୌଜଦାରୀ ମକଦମାମାନ ଚଳାଇବା ପାଇଁ ନିଯୁକ୍ତ
କୋର୍ଟଖାନା ପୁଲିସ୍ କର୍ମଚାରୀଙ୍କର ମାଜିଷ୍ଟ୍ରେଟ୍‌ଙ୍କ କଚେରିସଂଲଗ୍ନ
**कोर्टखाना** ଅଫିସ୍—The office of the police officer who prosecutes crown cases in a magistrate's court.

[ ଦ୍ର—ଏଠାରେ ଅଦାଲତକୁ ଆମଦାନି ମକଦମା ସମ୍ପର୍କୀୟ ମାଲ୍ ସବୁ ଜମା ରଖା ଯାଏ । ବିଚାରାର୍ଥ ଆନୀତ କଏଦୀ ଓ ମୁଦାଲାମାନେ ଏହିଠାରେ ହାକିମ ପୂର୍ବରୁ ରଖାଯାଇ ଥାଆନ୍ତି । ଏଠାରେ ଜାମିନ୍ ଦେବାକୁ ହୁକୁମ୍ ହୋଇଥିବା ଆସାମୀମାନଙ୍କଠାରୁ ଜାମିନ୍ ମୁଚୁଲିକା ଆଦି ଲେଖାଇ ନିଆଯାଏ । ]

**କୋଟ୍ ପତ୍‌ଲୁନ୍**—ବୈଦେ. ବ. (ସହରର; ଇଂ. କୋଟ୍ ଓ ପାଣ୍ଟାଲୁନ୍ )—
Kot patlan କୋଟ୍ ପେଣ୍ଟ୍ (ଦେଖ)
Kot pent (See)

**କୋଟ୍‌ପେଣ୍ଟ୍**—ବୈଦେ. ବ. (ସହରର; ଇଂ. କୋଟ୍ ଓ ପାଣ୍ଟସ୍ )—
Kotpent ଶରୀରର ଉର୍ଦ୍ଧ୍ୱ ଓ ଅଧୋଭାଗ ଆବରଣ କରିବାର ଅଧୁନିକ
କୋଟପ୍ୟାଣ୍ଟ ପୋଷାକଦ୍ୱୟ—Coat and pants; pants and coat.
**कोटपतलुन**

**କୋଟ୍‌ଫି**—ବୈଦେ. ବ. ( ଇଂ. କୋର୍ଟ ଫି )—୧ । ବିଚାରପ୍ରାର୍ଥନା
Kotphi ନିମନ୍ତେ ଦିଆଯିବା ଦରଖାସ୍ତରେ ମରାଯିବା ଷ୍ଟାମ୍ପର
କୋଟ ଫି ନିର୍ଦ୍ଧାରିତ ମୂଲ୍ୟ—
**कोर्ट फिस, कोर्टफिस** 1. Court-fees.
୨ । ଦରଖାସ୍ତରେ ମରାଯିବା ନିର୍ଦ୍ଧାରିତ ମୂଲ୍ୟର ରାଜାଙ୍କ ପ୍ରତିକୃତି ଦିଆ ଛପା କାଗଜ ବା ସିଲ୍ ଷ୍ଟାମ୍ପ—
2. Court-fee stamp.

**କୋଟ୍‌ଫି ଆଇନ**—ବୈଦେ. ବ. (କୋର୍ଟଫି + ଆ. ଆଇନ୍ )—କେଉଁ
Kotphi āin ବିଷୟକ ଦରଖାସ୍ତ ବା ପ୍ରାର୍ଥନାରେ କେତେ
କୋର୍ଟଫିଆଇନ କୋଟ୍‌ଫି ଲାଗିବ ଏହାର କଟକଣା ବା ବିଧି-
**कोर्टफिजका आइन** ସମ୍ବଳିତ ଆଇନ—Law of court-fee stamp; the Court-fees Act.

**କୋଟ୍‌ଫିସ୍ (ଇତ୍ୟାଦି)**—ବୈଦେ. ବ—( ଇଂ. କୋର୍ଟଫିର ବହୁବଚନ
Kotphis (etc) କୋଟ୍‌ଫିସ୍)—କୋର୍ଟଫି ଇତ୍ୟାଦି ( ଦେଖ )
Kotphi etc (See)

**କୋଟ୍‌ମାର୍ସାଲ୍**—ବୈଦେ. ବ. ( ଇଂ. କୋର୍ଟମାର୍ସିଏଲ୍ )—
Kotmārsāl ସୈନ୍ୟ ବା ନୌବିଭାଗ ଘଟିତ ଅପରାଧମାନ ବିଚାର କରିବା ପାଇଁ ଗଠିତ ଅଦାଲତ—
Court-martial.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ୱ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଘ୍ର | ଉଅ | ୟ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚଁ୍ୟ | ଇଅ | ଢ଼ | ନ୍ତ |

**କୋଟ୍ରା**—ଦେ. ବି—୧ । ଗୁରୁ ଶାଖା ଓ ଦୁଇ ଶିଙ୍ଗବିଶିଷ୍ଟ ଏକ
**Kotrā** ଜାତୀୟ କ୍ଷୁଦ୍ର ମୃଗ; କୁଟୁରା—1. A species of small deer; four-horned antilope.
[ଦ୍ର—ଏ ଜାତିର ମୃଗର ରଙ୍ଗ ଖଇରା; ଲୋମ ଛୋଟଛୋଟ, ପୁଚ୍ଛ ଛୋଟ ଓ ଆକାର ମଧ୍ୟ ଛୋଟ । ପୁଂଜାତିର ଦୁଇ ଶିଙ୍ଗରୁ ଦୁଇ ଗୋଟି ଲେଖାଏଁ ଶାଖା ହୁଏ । ଏହାର ମାଂସ ସୁସ୍ୱାଦୁ । ଶିଂଘ ଏକ ଫୁଟରୁ ବେଶି ହୁଏ ନାହିଁ; ଏହାର ଚର୍ମ ପାଣ୍ଡୁର; ମୃଗ ପରି ଏହା ଚର୍ମ ସଚିତ୍ର ନୁହେଁ; ଏହାର ଗତି ଖୁବ୍ ଦ୍ରୁତ ଥିବାରୁ ଏ ସହଜରେ ଶିକାରୀଙ୍କ ଦ୍ୱାରା ଆହତ ହୋଇ ପାରେ ନାହିଁ । ]
୨ । ଏକଜାତୀୟ କ୍ଷୁଦ୍ର ନିଶାଚର ସ୍ୱବକାରୀ ମୃଗ—
2. A species of deer barking in the night; barking deer.

**କୋଟ୍ରି**—ଦେ. ବି—୧ । କୋଟ୍ରା ( ଦେଖ )
**Kotri** 1. Kotrā ( See )
୨ । କୋଟରାକ୍ଷୀ ( ଦେଖ )
2. Kotarākhi ( See )

**କୋଟ୍‌ସିପ୍**—ବୈଦେ. ( ଇଂ. ) ବି. ( ଇଂ. କୋର୍ଟ୍‌ସିପ୍ )—ପାଶ୍ଚାତ୍ୟ
**Kotsip** ସମାଜରେ ବିବାହ ଉଦ୍ଦେଶ୍ୟରେ ଯୁବକଯୁବତୀ ବା
**କୋର୍ଟସିପ** ଭାବୀ ଦମ୍ପତିଙ୍କ ମଧ୍ୟରେ ପ୍ରଣୟର ଆଦାନପ୍ରଦାନ—
**कोर्टसिप; चाह** Courtship.

**କୋଟ**—ସଂ. ବି. ( କୁଟ୍ ଧାତୁ=ବଙ୍କ ହେବା+କର୍ମ. ଅ )—
**Kota** ୧ । ଦୁର୍ଗ—1. Fort
( ଯଥା—ଧର୍ମକୋଟ, ପଶ୍ଚିମକୋଟ, ଫରିଦ୍‌କୋଟ । )
୨ । କୁଡ଼ିଆ—2. A hut.
୩ । ଅଗମ୍ୟବନ—3 Dense jungle.
୪ । ଋଷିମୁନିଙ୍କର ନିଭୃତ ଆଶ୍ରମ; ଗୁମ୍ଫା—
4. Hermit's den or cell.
୫ । ଦାଢ଼ି—5. Beard.
୬ । ( +ଭାବ. ଅ ) କୌଟିଲ୍ୟ—6. Crookedness.
ଦେ. ବି. ( ସଂ. କୂଟ=ପର୍ବତଶୃଙ୍ଗ ) ଜଙ୍ଗଲ; ବଣ—
Forest.

**କୋଟକ**—ସଂ. ବିଣ. ( କୁଟ ଧାତୁ+କର୍ତ୍ତୃ. ଅକ )—
**Kotaka** ୧ । ଯେ କୌଣସି ବସ୍ତୁକୁ ବଙ୍କ କରେ—1. Curving.
୨ । ଯେ ନୁଆଁଏ—2. Bending.
**ସଂ. ବି**—୧ । ଘର ଛୁଆଣି କଲାବାଲା; ସୁଆଁସିଆ (ବଂ. ଘରାମି)—
1. A thatcher of house.
୨ । କୁଡ଼ିଆ ତିଆରି କଲାବାଲା—
2. A builder of cottage.
୩ । ରାଜମିସ୍ତ୍ରୀ ପିତା ଓ କୁମ୍ଭାର ମାତା ଗର୍ଭଜାତ ମିଶ୍ରଜାତି-ବିଶେଷ—
3. A mixed caste born of a mason father and potter mother.

**କୋଟଣା**—ଦେ. ବି. ପୁଂ—କୁଟୁଣା ( ଦେଖ )
**Kotanā** Kutunā ( See )

**କୋଟଣୀ**—ଦେ. ବି. ସ୍ତ୍ରୀ—କୁଟୁଣୀ ( ଦେଖ )
**Kotani** Kutuni ( See )

**କୋଟପାଳ**—ସଂ. ବି. ( କୋଟ+ପାଳ ଧାତୁ+କର୍ତ୍ତୃ. ଅ; ଭୁଲ.
**Kotapāla** କଟୁଆଲ )—ଦୁର୍ଗାଦାର; ଦୁର୍ଗରକ୍ଷକ କର୍ମଚାରୀ—
The keeper of a fort.

**କୋଟବୀ**—ସଂ. ବି. ସ୍ତ୍ରୀ. ( କୋଟ+ବ+ଈ )—
**Kotabi** ୧ । ଲଙ୍ଗଳା ସ୍ତ୍ରୀ—1. Naked woman.
୨ । ଦୁର୍ଗା—2. An epithet of Durgā.
୩ । ବାଣାସୁରର ମାତା—
3. The mother of Bānāsura.

**କୋଟର**—ସଂ. ବି. ( କୋଟ=ବକ୍ରତା+ରା ଧାତୁ=ଗ୍ରହଣ କରିବା
**Kotara** +କର୍ତ୍ତୃ. ଅ )—
୧ । ଗଛର କୋରଡ଼; ବୃକ୍ଷଦେହରେ ଥିବା ବିବର ବା ଗର୍ତ୍ତ—
1. Tree-hole; hollow of a tree.
୨ । ଗହ୍ୱର; ଗାତ—2. Hole; den; cavity.
୩ । କୋଠାର ଛାତତଳେ କଡ଼ିମୁଣ୍ଡରେ ଥିବା ଗହ୍ୱର; କଡ଼ିମୁଣ୍ଡ ଓ କାନ୍ଥ ମଝିରେ ଥିବା ଖୋଲ—
3. The hollow at the end of the timbers below the roof of a building.
୪ । ମୁନି, ଋଷି ଓ ବାବାଜୀଙ୍କ ରହିବାର ନିଭୃତ ଗୁମ୍ଫା—
4. Hermit's cell or cave.

**କୋଟରଗତ**—ସଂ. ବିଣ. ( ୨ୟା ତତ୍; କୋଟର+ଗତ )—
**Kotaragata** ୧ । ଗାତଭିତରକୁ ପଶି ଯାଇଥିବା—
1. Enterd into a hole.
୨ । ଭିତରକୁ ପଶି ଯାଇଥିବା ( ଚକ୍ଷୁ )—
2. Sunken in the socket ( as the eye ).

**କୋଟରପ୍ରବିଷ୍ଟ**—ସଂ. ବିଣ—କୋଟରଗତ ( ଦେଖ )
**Kotaraprabishta** Kotaragata ( See )

**କୋଟରା**—ସଂ. ବି. ସ୍ତ୍ରୀ. ( କୋଟର+ଆ )—
**Kotarā** ୧ । ଉଲଗ୍ନା ବା ଲଙ୍ଗଳା ସ୍ତ୍ରୀ—
1. A stark-naked woman; a woman in her undress.
୨ । ( ନାମ ) ବାଣାସୁରର ମାତା ( ହ. ଶବ୍ଦସାଗର )—
2. The name of the mother of demon Bānāsura.

**କୋଟରାକ୍ଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; କୋଟର+ଅକ୍ଷି )—ଯାହାର
**Kotaraksha** ଆଖି କୋରଡ଼ ଭଳି ଭିତରକୁ ପଶି ଯାଇଅଛି—
A person having sunken eyes (appearing
(କୋଟରାକ୍ଷୀ—ସ୍ତ୍ରୀ) like tree-holes ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳନ୍ତ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଗ୍ଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କୋଟରାକ୍ଷୀ**—ସଂ. ବଣ. ସ୍ତ୍ରୀ. ( କୋଟରାକ୍ଷ+ଈ )—
Koṭarākhī — କୋଟରାକ୍ଷର ସ୍ତ୍ରୀ ଲିଙ୍ଗ—
Feminine of Koṭarāksha.

ସଂ. ବି. ସ୍ତ୍ରୀ—ଦୁର୍ଗାଙ୍କର କୋଟରାକ୍ଷୀ ମୂର୍ତ୍ତିବିଶେଷ ।
An image of Goddess Durga with sunken eyes.

**କୋଟରାବିଷ୍ଟ**—ସଂ. ବଣ. ପୁଂ. ( ୨ୟା ତତ୍; କୋଟର+ଆବିଷ୍ଟ )—
Koṭarābishṭa — କୋଟରଗତ ( ଦେଖ )
Koṭaragata ( See )

**କୋଟରାହାଙ୍ଗ**—ଦେ. ବି. ( ନାମ )—ପୁରୀଜିଲ୍ଲାର ପ୍ରଗନ୍ନାବିଶେଷ—
Koṭarāhāṅga — A purganna in the district of Purī.

**କୋଟରୀ**—ସଂ. ବି. ସ୍ତ୍ରୀ—କୋଟବୀ ( ଦେଖ )
Koṭarī — Koṭabī ( See )

**କୋଟା**—ଦେ. ବି—କେତେ ଧାନରୁ କେତେ ଚାଉଳ ବାହାରେ ଏହାର
Koṭā — ହିସାବ କରିବାର ଗାଣିତିକ ବିଧି; କୁଟା—The
କୋଟାଇ — arithmetical rule to deduce the quantity of rice from a given quantity of paddy.

ପ୍ରାଦେ. ( ଗଞ୍ଜାମ ) ସର୍ବନାମ. (ଅନାଦରାର୍ଥକ)—କେଉଁଟା ?—
Which one ?

ପ୍ରାଦେ (ସମ୍ବଲପୁର) ବି. (ସଂ. କଟ ଧାତୁ=ଆବରଣ କରିବା)—
କୌଟା — ଡବା; ଯୋଡ଼ଣା ଯୁକ୍ତ ଫରୁଆ—
A small wooden case.

**କୋ'ଟି**—ପ୍ରାଦେ. (ଗଞ୍ଜାମ) ସର୍ବନାମ (ଆଦରାର୍ଥକ)—କେଉଁ ଗୋଟିକ?—
Ko'ṭi — Which one ?

**କୋଟି**—ସଂ. ବି.—( କୁଟ ଧାତୁ=ବକ୍ର ହେବା; ଛେଦନ କରିବା+
Koṭi — କର୍ତ୍ତୃ. ଇ.)—୧ । ମୁନିଆଁ ଅଗ—
1. The pointed end.

୨ । ଖଡ୍ଗାଦିର ଅଗ୍ରଭାଗ ବା ମୁନ—
2. The point of a sword.

୩ । ଖଡ୍ଗାଦିର ଦାଢ଼ ବା ଧାର—
3. The edge of a sword.

୪ । ଧନୁଷ୍କୋଟି; ଧନୁର ବକ୍ରାଗ୍ରଭାଗ—4. The curved extremity of a bow.

୫ । ଅସମ୍ପୂର୍ଣ୍ଣ ଚନ୍ଦ୍ରର ଶେଷ କୋଣ—5. Digits or horns of the crescent (moon).

୬ । ପରାକାଷ୍ଠା—6. Climax; hightst point; pitch.

୭ । (+ଭାବ.ଇ) ଶତେ ଲକ୍ଷ—
7. Ten million in number.

୮ । ଜଟିଳ ସମସ୍ୟାର ବା ବିବାଦର ଦୁଇ ପକ୍ଷରୁ ଏକ ପକ୍ଷ—
8. Horns of a dilemma; one of the two sides or parties of a question or dispute.

୯ । ଉତ୍କର୍ଷ—9. Excellence.

୧୦ । ସମକୋଣୀ ତ୍ରିଭୁଜର ଭୂମି ଓ କର୍ଣ୍ଣ ରେଖା ଭିନ୍ନ ଅନ୍ୟ ରେଖା—10. The arm or perpendicular side of a rightangled triangle.

୧୧ । ପକ୍ଷାନ୍ତର; ଉପାୟାନ୍ତର—11. An alternative.

୧୨ । ଦ୍ୟୂତକ୍ରୀଡ଼ାରେ ବନ୍ଧାଯିବା ହୁଡ଼ା ବା ବାଜି—
12. A wager.

୧୩ । ଅଙ୍ଗୀକାର—13. Promise.

୧୪ । ପ୍ରତିଜ୍ଞା—14. Determination; resolution.

୧୫ । (ମନୁଷ୍ୟ ବା ପ୍ରାଣୀ ଆଦିଙ୍କ) ଶ୍ରେଣୀ—
15. A class (of animals or men).

୧୬ । ବିଭାଗ—15. Department.

୧୭ । ରାଜ୍ୟ—17. Kingdom.

୧୮ । (ଗଣିତ) ୯୦ ଡିଗ୍ରି ବା ସମକୋଣର ପୂର୍ଣ୍ଣ ବ୍ୟାପକ ବୃତ୍ତାଂଶ ପୂରିବାକୁ ଯେଉଁ ବୃତ୍ତାଂଶ ବାକି ଥାଏ; ୯୦ ଡିଗ୍ରି ବ୍ୟାପୀ ଚାପର ଦୁଇ ଭାଗରୁ ଏକ ଭାଗ—
18. ( mathematics ) The complement of an arc of 90 degree.

[ ଦ୍ର—ସମକୋଣକୁ ବ୍ୟାପିଥିବା ୯୦ ଡିଗ୍ରୀର ବୃତ୍ତାଂଶ ଗୋଟିଏ ବିନ୍ଦୁଦ୍ୱାରା ଦୁଇ ଭାଗରେ ବଡ଼ ସାନ ହୋଇ ବିଭକ୍ତ ହେଲେ ଉକ୍ତ ବୃତ୍ତାଂଶର ପ୍ରଥମ ଭାଗ ଦ୍ୱିତୀୟ ଭାଗର କୋଟି ଓ ଦ୍ୱିତୀୟ ଭାଗ ପ୍ରଥମ ଭାଗର କୋଟି ଅଟେ । ]

୧୯ । ରାଶିଚକ୍ରର ତୃତୀୟ ଅଂଶ (ହି. ଶବ୍ଦସାଗର)—
19. The third part of a zodiacal circle.

୨୦ । ସମକୋଣ ଉତ୍ପାଦନ କରିଥିବା ଲମ୍ବ—
20. The perpendicular which forms a right-angle on a base.

୨୧ । ଔଷଧ ଗୁଳ୍ମବିଶେଷ—
21. Medicago Esculenta (M. W.)

୨୨ । ପଶୁପକ୍ଷୀଙ୍କ ନଖର ବକ୍ର ଅଗ୍ରଭାଗ—
22. The curved end of claws (M. W.)

ଦେ. ବି.—୧ । ସାମାଜିକ ମୂଲ୍ୟ ବା ଅବସ୍ଥାର ସମକକ୍ଷତା—
1. Equality in social position.

(ଯଥା—ମୋ ପୁଅକୁ ଆମ କୋଟିରେ ବିବାହ ନ କରିବାରୁ ମୁଁ ତା ବିବାହରେ ଯୋଗ ଦେଇ ନାହିଁ ।)

୨ । ସମ ଶ୍ରେଣୀ—2. Equal class.

(ଯଥା—ଇଏ ଆପଣେ ଆମ କୋଟିର ବ୍ରାହ୍ମଣ ।)

ସଂ. ବିଣ.—୧ । କୋଟିଏ ସଂଖ୍ୟକ; ଶତେ ଲକ୍ଷ—
1. Numbering ten millions.

୨ । ଅସଂଖ୍ୟ—2. Countless; innumerable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଥ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ |

କି ମୋହନ ମାଳା ଧରି କୋଟି କଳାଧର ଶିରୀ ପୂରିଛ ସେ ଶ୍ୟାମ ପୀରତିରେ ।
କବିସୂର୍ଯ୍ୟ, କଳୋଗପଥ୍ୟ ।

**କୋଟିଆ**—ପ୍ରାଦେ. (ଗଞ୍ଜାମ) ବି.—ଗଞ୍ଜାମ ଜିଲ୍ଲାର ଶୂଦ୍ର ଜାତିବିଶେଷ—
Koṭiā A caste of Śūdras in the district of Ganjam.

**କୋଟିଅୟୁଷ**—ଦେ. ବି.—କୋଟି ବର୍ଷ ପରମାୟୁ; ବହୁକାଳ ବଞ୍ଚିବା
Koṭiāyusha (ଆଶୀର୍ବାଦସୂଚକ ବ୍ୟବହାର—ଯଥା; ତୋର କୋଟି ଅୟୁଷ ହେଉ=ତୁ ଚିରଜୀବୀ ହୋ)—
Longevity; lifetime extending over a long number of years.

**କୋଟିଏ**—ଦେ. ବି.—କୋଟି ସଂଖ୍ୟା—
Koṭie The number 10 millions; crore.
ଦେ. ବିଣ.—୧ । ଏକ କୋଟି ସଂଖ୍ୟକ—
1. Numbering one crore.
୨ । ବହୁତ; ଅସଂଖ୍ୟ—2. Countless; many.
ଗୋଟିଏ ଗୋଟିଏ ଅଳ୍ପ କଥାକୁ କୋଟିଏ ପକାଏ ଗୁଣ । କବିସୂର୍ଯ୍ୟ, ସଙ୍ଗୀତ ।

**କୋଟିକମ**—ଦେ. ବି.—କୁଟିକମ (ଦେଖ)
Koṭikama Kuṭikama (See)

**କୋଟିକେ ଗୋଟିଏ**—ଦେ. ବିଣ.—ବହୁସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ—
Koṭike goṭie One in many; one out of many.
ଭବସାଗରେ ଦେହ ଧରି, କୋଟିକେ ଗୋଟିଏ ବା ତରି ।
ଜଗନ୍ନାଥ, ଭାଗବତ ।

**କୋଟିଜିତ୍**—ସଂ. ବି. ( କୋଟି+ଜି ଧାତୁ=ଜୟ କରିବା+କର୍ତ୍ତୃ. କ୍ୱିପ୍ )—( ଯେ କବିତ୍ୱରେ କୋଟିଏ କବିଙ୍କୁ ଜୟ କରିଥିଲେ) କାଳିଦାସଙ୍କ ନାମାନ୍ତର—
Koṭijit An epithet of Kālidāsa.

**କୋଟିଜ୍ୟା**—ସଂ. ବି. ( କୋଟି+ଜ୍ୟା)—(ତ୍ରିକୋଣମିତି ପରିଭାଷା )—
Koṭijyā ସମକୋଣୀ ତ୍ରିଭୁଜରେ ଥିବା କୋଣର ଗଣନାବିଶେଷ; କୋସିନ୍—( trigonometry ) The cosine of an angle in a right-angled triangle.

**କୋଟିନିଧି**—ଦେ. ବି. ( ସଂ. କୋଟି+ନିଧି )—ବହୁଧନ—
Koṭinidhi Immense riches.
ସୁରତ ନୁହେ ଏତେ ମୂଲ
ଦର୍ଶନେ କୋଟିନିଧି ଫଳ । ରୂପଚ. ପ୍ରେମପଞ୍ଚାମୃତ ।

**କୋଟ୍ଟ**—ସଂ. ବି. ( କୁଟ୍ଟ ଧାତୁ=ଛେଦନ କରିବା; ଭାଗ କରିବା+କର୍ମ. ଅ )—୧ । ଦୁର୍ଗ—1. Fort; castle.
Koṭṭa
୨ । ନଗର—2. Town.
୩ । ଗୃହ—3. House

**କୋଟ୍ଟପାଳ**—ସଂ. ବି—ଦୁର୍ଗରକ୍ଷକ; କୋଟୁଆଳ—A person in charge of a fort.
Koṭṭapāla

**କୋଟ୍ଟବୀ**—ସଂ. ବି. ସ୍ତ୍ରୀ. (କୋଟ୍ଟ+ବା ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—
Koṭṭabī କୋଟବୀ ( ଦେଖ )
Koṭabī ( See )

**କୋଟ୍ଟାର**—ସଂ. ବି. ( କୋଟ୍ଟ+ଋ ଧାତୁ=ଗମନ କରିବା+କରଣ. ଅ )—୧ । ପରିଖା ଓ ପ୍ରାଚୀରବେଷ୍ଟିତ ନଗର—
Koṭṭāra
1. A fortified town; a stronghold.
୨ । ପୋଖରୀର ପାବଚ୍ଛଦସ୍ତ—
2. The flight of steps in a pond.
୩ । କୂପ—3. Well.
୪ । କାମୁକ ବ୍ୟକ୍ତି—4. A libertine.

**କୋଠ**—ସଂ. ବି. ( କୁଠ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅ )—
Koṭha ୧ । ଦାଦ—1. Ring-worm. (M. W.)
୨ । ବୃହତ୍ ମଣ୍ଡଳାକାର କୁଷ୍ଠରୋଗ—2. A kind of leprosy with large round spots; impetigo ( M. W. )
୩ । ଗଳିତ କୁଷ୍ଠ—3. Leprosy with sores.
ଦେ. ବି. ( ମୂଳ ସଂ. କୁଷ୍ଠ=ସମୃଦ୍ଧ, ଗଦା; କୋଷ୍ଠ=ଶସ୍ୟାଗାର, ଭଣ୍ଡାର )—୧ । ଇଜମାଲି ସମ୍ପତ୍ତି—
1. Joint property.
୨ । ଇଜମାଲି ପାଣ୍ଠି—2 Joint fund.
୩ । ଗ୍ରାମବାସୀଙ୍କ ଇଜମାଲି ଧନ ବା ସମ୍ପତ୍ତି—
3. Joint fund or property of all the villagers.
୪ । କୋଠ ଭଣ୍ଡାର ( ଦେଖ )
4. Koṭha bhanḍāra ( See )
ତା ପଛ ତୋର କୋଠି ଦେଇ
ଅକର୍ମୀ ଦାସ ତୁ ବୋଲାଇ । ରୂପଚ. ପ୍ରେମପଞ୍ଚାମୃତ ।
ଦେ. ବିଣ. ( ମୂଳ ସଂ. କୋଷ୍ଠ=ସ୍ୱକୀୟ=Own (M. W.) ଯାହାକୁ ବହୁ ଲୋକ ନିଜର ବୋଲି ଦାବୀ କରନ୍ତି )—
୧ । ବହୁସ୍ୱାମିକ; ଇଜମାଲି—
1. Joint; belonging to many.
୨ । ସର୍ବସାଧାରଣଙ୍କ ଅଧିକୃତ ବା ବ୍ୟବହୃତ—
एजमाली 2. Public; owned or used by the public.
इजमाली ୩ । ବଣ୍ଟନର ଅଯୋଗ୍ୟ; ବଣ୍ଟନ ହୋଇ ନ ଥିବା—
3. Impartible; not partitioned.
୪ । ସ୍ୱୀୟ; ସ୍ୱକୀୟ—4. Belonging to one's self; one's own.
୫ । ରାଜା, ଜମିଦାର ବା ଦେବତାଙ୍କର ବ୍ୟବହାର୍ଯ୍ୟ ପଦାର୍ଥ ଯୋଗାଇବା ( ଗଡ଼ଜାତ )—5. ( persons ) Supplying articles for the consumption of a Raja or Zamindar or a Deity.
କୋଠ ଭେଟ ଅଛେ ଥାଇଁ
ନଯୋଗ ଦୁଧ ସର ଖାଇଁ । ରୂପଚ. ପ୍ରେମପଞ୍ଚାମୃତ ।
୬ । ଅନେକ ଲୋକଙ୍କ ଦ୍ୱାରା ଏକତ୍ର ବ୍ୟବହୃତ—
6. Simultaneously enjoyed or possessed by many persons.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅରଘା' ନ ପାଇଲେ 'ଅର୍ଘ୍ୟା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

**କୋଠକରଣ**—ଦେ. ବ—୧ । ଠାକୁରଙ୍କ ଭୋଗ ପ୍ରଭୃତିର ତତ୍ତ୍ୱ ନେଉଥିବା ରାଜକର୍ମଚାରୀ—1. An accountant of a temple.
Koṭhakaraṇa

୨ । ଖାମୁକରଣ—2. A personal clerk.

**କୋଠକାଠ**—ଗ୍ରା. ବ—କୋଠକାଠ ( ଦେଖ )
Koṭhakāṭa — Koṭhakāṭha ( See )

**କୋଠକାଠ**—ଗ୍ରା. ବ—୧ । ଗ୍ରାମବାସୀ ସକଳ ବ୍ୟକ୍ତିଙ୍କର ଏକତ୍ର ଅଧିକୃତ ସମ୍ପତ୍ତି—
Koṭhakāṭha
1. The joint property of all the villagers in a village.

୨ । ଗ୍ରାମର ଇଜମାଲ ସମ୍ପତ୍ତିର ଆୟ ବା ଉତ୍ପାଦନ—
2. The income or out-turn of the joint property of all the villagers in a village.

**କୋଠ ଖମାର**—ଦେ. ବ—ଖମାର ଚାଷ; ଜମିଦାରଙ୍କ ନିଜ ହଳ ଓ ଗୃହର ଦ୍ୱାରା ଚାଷ ହେଉଥିବା ଭୂମି; ନିଜ୍‌ଚାଷ; ନିଜ୍‌ଜୋତ—
Koṭha khamāra
The Zamindar's private lands; the khas farm-lands of a Zamindar.

**କୋଠ ଖଳା**—ଦେ. ବ—୧ । ଯେଉଁ ଖଳାରେ ଗ୍ରାମବାସୀଙ୍କ ଇଜମାଲି ଶସ୍ୟ ଅମଲ କରାଯାଏ—
Koṭha khaḻā
1. The thrashing floor where paddy belonging to the villagers jointly is thrashed and garnered.

୨ । ଗ୍ରାମର ଯେଉଁ ଖଳାରେ ବହୁ ଲୋକେ ଆଣି ନିଜନିଜର ଧାନ କାଟି ଜମା କରନ୍ତି ଓ ପରେ ଅମଲ କରି ନିଜ ନିଜ ଘରକୁ ନିଅନ୍ତି—2. A threshing floor where many villagers stock-their paddy sheaves for threshing.

**କୋଠ ଘର**—ଦେ. ବ—୧ । ଯେଉଁ ଘରେ ଅନେକ ପରିବାରଙ୍କର ସ୍ୱାମିତ୍ୱ ଥାଏ—
Koṭha ghara
1. The joint house of many families.

୨ । (ଆଧୁନିକ ବ୍ୟବହାର) ବିଦ୍ୟାଳୟରେ ବା ଛାତ୍ରାବାସରେ ଯେଉଁ କୋଠରିରେ ସାଧାରଣତଃ ବହୁ ବାଳକ ସମବେତ ହୋଇ ପୁସ୍ତକ ଓ ସମ୍ବାଦପତ୍ରାଦି ପାଠ ଓ ଆଲୋଚନା କରନ୍ତି—
2. Common room of a school or hostel.

ପ୍ରାଦେ. ( ଗଡ଼ଜାତ ଓ ସମ୍ବଲପୁର ) ବ—
ଗ୍ରାମ ମଝିରେ ବା ଗୋଟିଏ ମୁଣ୍ଡରେ ଗ୍ରାମବାସୀ ସାଧାରଣଙ୍କ ବା ଅଭ୍ୟାଗତବର୍ଗିଷ୍ଟ ବ୍ୟକ୍ତିମାନଙ୍କ ଓ ରାଜକର୍ମଚାରୀଙ୍କ ବ୍ୟବହାର ନିମନ୍ତେ ପ୍ରସ୍ତୁତ ହୋଇଥିବା ଘର—
House built either in the middle or at the end of a village for the use of the villagers in general or of strangers, officials and guests visiting the village.

**କୋଠ ଚାଷ**—ଦେ. ବ—କୋଠ ଖମାର ( ଦେଖ )
Koṭha chāsha — Koṭha khamāra ( See )

**କୋଠ ଦେଶ**—ଦେ. ବ—ପୁରୀ ଜିଲ୍ଲାର ଗୋଟିଏ ପ୍ରଗନ୍ନା—
Koṭha desa — Name of a perganna in Puri district.

[ ଦ୍ର—ଏହି କୋଠଦେଶ ପ୍ରଗନ୍ନାର ପ୍ରାଚୀନ ଜମିଦାର ରାଏଚୌଧୁରୀ ବଂଶଙ୍କର ଜମାପଡ଼ା ଠାରେ ରାଜଧାନୀ ଥିଲା ଓ ଏହି ପ୍ରଗନ୍ନାରେ ପୁରୀ ଜିଲ୍ଲାର ଉଙ୍ଗାରପୁର ଗ୍ରାମ ଚୌଧୁରୀ ଜମିଦାର ବଂଶଙ୍କର ବାସସ୍ଥାନ ଅଟେ । ]

**କୋଠଧନ**—ଦେ. ବ—୧ । ଇଜମାଲ ଧନ—
Koṭhadhana — 1. Joint fund.

୨ । ଇଜମାଲ ମୂଳଧନ ବା ପାଣ୍ଠି—
2. Joint capital.

**କୋଠପୁଅ**—ଦେ. ବ—୧ । ଯେଉଁ ପୁତ୍ର ଜନ୍ମ କରିଥିବା ପିତା ଓ ପାଳକ ପିତା ଉଭୟଙ୍କର ସମ୍ପତ୍ତିରେ ଅଧିକାରୀ ହୁଏ—
Koṭha pua
1. A son who inherits his natural father as well as his adoptive father.

୨ । (ଗାଳି) ଜାରଜ ସନ୍ତାନ—2. A bastard.

**କୋଠଫଣ୍ଡ**—ଦେ. ବ. (ଫ. କୋଷ୍ଟ+ଇଂ. ଫଣ୍ଡ )—
Koṭhaphaṇḍ — ବହୁ ଲୋକଙ୍କର ସଞ୍ଚିତ ପାଣ୍ଠି; ଇଜମାଲି ଧନ—
एजमालि फंड — Common fund
**इजमालि फन्ड**

**କୋଠ ଭଣ୍ଡାର**—ଦେ. ବ—୧ । ନିଜର ଧନାଗାର—
Koṭha bhaṇḍāra — 1. One's own treasury; one's own hoard.
**कोठार**

୨ । ରାଜକୋଷ—2. Royal treasury.

ସଖି ଅନୁଲୋଧେ ଇନ୍ଦ୍ରସ ଦେଲେ କୋଠ ଭଣ୍ଡାରୁ ।
—ରାଧାନାଥ, ଚନ୍ଦ୍ରଭାଗା ।

୩ । ସାଧାରଣ ଧନ ଗଚ୍ଛିତ ଥିବା ଧନାଗାର—
3. Public treasury.

୪ । ଯେଉଁ ଧନାଗାରରେ ଇଜମାଲି ଧନ ସଞ୍ଚିତ ଥାଏ—
4. A treasury where joint cash is deposited.

**କୋଠ ଭୋଗ**—ଦେ. ବ—ଦେବତାଙ୍କ ନିକଟରେ ପ୍ରତିଦିନ ଭୋଗ ହେବା ନିମନ୍ତେ ଲାଗିଥିବା ନିର୍ଦ୍ଦିଷ୍ଟ ଭୋଗ; ଏହା (ଯଜମାନ ଭୋଗ—ବିପରୀତ) ଦେବତାଙ୍କ ପାଣ୍ଠିରୁ ଦିଆଯାଏ—
Koṭha bhoga
The prescribed quantity of offerings made to a Deity out of its own funds (as opposed to the offerings made at the expense of pilgrims.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ର | ରୁ | ର୍,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ | ଘ,ଷ | ଙ୍କ | ଇୟ | ଉଅ | ଛ |
| ୨ | ଇ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶୀ | ଯ | ସ | ଗଁୟ | ଇଅ | କ୍ଷ | ନ୍ତ |

**କୋଠରଙ୍ଗ**—ଦେ. ବି. ( ନାମ )—ପୁରୀଜିଲ୍ଲାର ପ୍ରଗଣାବିଶେଷ; କୋଠ-
Kotharānga ସୁହାଙ୍ଗ—A perganna in the district of Puri.

କୋଠରଙ୍ଗ ଯହିଁ ବଦନ ଦକଳେ
ଧଉଳୀ ଦେଶର ଦସ୍ୟୁ ଦରପଣେ । ରାଧାନାଥ. ଚନ୍ଦ୍ରଭାଗା ।

**କୋଠରି**—ଦେ. ବି. ( ସଂ. କୋଷ୍ଠ )—୧ । ପ୍ରକୋଷ୍ଠ; ଗୃହର ଭଉରି
Kothari ଭିଭାଗ—1. Room; compartment of a house; apartment.
କୁଠରୀ; କୋଠରୀ
**कमरा** ୨ । କ୍ଷୁଦ୍ର କ୍ଷୁଦ୍ର ଅଂଶ—
2. Small compartments or cabins.
୩ । କୋଠାରି ( ଦେଖ )
3. Koṭhāri ( See )

**କୋଠ ଲୋକ**—ଦେ. ବି—୧ । ଯେଉଁ ଦାସୀ ଗର୍ଭରେ ରାଜାଙ୍କ ଔରସରେ
Koṭha loka ସନ୍ତାନ ଜନ୍ମିଥାଏ—1. A concubine of a Raja who has given birth to a child.
୨ । ଅଧୀନସ୍ଥ ବ୍ୟକ୍ତି—2. A subservient person.
୩ । ନିଜର ଭୃତ୍ୟ—3. Personal servant.

ନିଷ୍ଠାମଭକ୍ତି ତାକୁ ଦେଇ
ତୋ କୋଠ ଲୋକ କରି ନେଇ । ଭୂପତି. ପ୍ରେମପଞ୍ଚାମୃତ ।

**କୋଠ ସମ୍ପତ୍ତି**—ଦେ. ବି.—୧ । ଇଜମାଲି ସମ୍ପତ୍ତି; ବହୁସ୍ୱାମିକ ସମ୍ପତ୍ତି—
Koṭha sampatti 1. Joint property; common property.
ଏଜମାଲୀ ସମ୍ପତ୍ତି
**इजमालिसंपत्ति** ୨ । ସର୍ବସାଧାରଣଙ୍କ ସମ୍ପତ୍ତି—
2. Public property.

**କୋ'ଠା**—ପ୍ରାଦେ. ( ଗଞ୍ଜାମ ) ସର୍ବ—କେଉଁ ସ୍ଥାନ ?—
Ko'ṭhā What place ?.
[ ଦ୍ର—ଏହି ଶବ୍ଦରେ ଭିନ୍ନ ଭିନ୍ନ ବିଭକ୍ତି ମଧ୍ୟ ଯୁକ୍ତ ହୁଏ; ଯଥା—
କୋ'ଠାକୁ, କୋ'ଠାରୁ, କୋ'ଠାକି, କୋ'ଠାରେ ଇତ୍ୟାଦି । ]

**କୋଠା**—ଦେ. ( ସଂ. କୋଷ୍ଠକ )—
Koṭhā ୧ । ଅଟ୍ଟାଳିକା; ପକ୍କାଘର; ପଥର, ଇଟା ଓ ଚୂନ ଆଦିରେ
କୋଠା ନିର୍ମିତ ହୋଇ ଥିବା ଘର—
**कोठा** 1. Pucca building.
୨ । ବଖରା; ପକ୍କାଘରର ପ୍ରକୋଷ୍ଠ—
2. Room or compartment of a pucca building.
୩ । (ସଂ. କୋଷ୍ଠ ) ଉଦର ମଧ୍ୟ; ପେଟ—
3. Abdomen.
୪ । ଅଙ୍କିତ ହୋଇଥିବା କ୍ଷୁଦ୍ର କ୍ଷୁଦ୍ର ଚତୁଷ୍କୋଣ କ୍ଷେତ୍ର; ଘର—
4. Small squares drawn on paper or other substance.
୫ । ପଶା ଆଦିର ପାଲି—
5. The squares of chess or dice board.
୬ । ସ୍ଥାନ; ଜାଗା—6. Place.

ବ୍ୟାଘ୍ର ଛେଳ ହୋଇ ଏକ କୋଠାରେ ଭକ୍ଷିବେ—
ପ୍ରାଚୀ. ଚୂଡ଼ାମଣିଗୀତା ।

୭ । ଘରର ଚଟାଣ—7. Floor of a room.

ଛପା ପୋଛ କରି କେହୁ କୋଠା ଘଷୁଛନ୍ତି—
ପ୍ରାଚୀ, ଚୂଡ଼ାମଣିଗୀତା ।

**କୋଠାକାଟିବା**—ଦେ. କ୍ରି—କାଗଜ ଆଦିରେ ଚତୁଷ୍କୋଣିଆ କ୍ଷୁଦ୍ର
Koṭhākāṭibā କ୍ଷୁଦ୍ର କ୍ଷେତ୍ର ଅଙ୍କନ କରିବା—
କୁଠରୀକାଟା To draw small squares on paper
**कोठाकाटना** etc.

**କୋଠାଖଞ୍ଜା**—ଦେ. ବି—ଗୃହର ଯେଉଁ ପ୍ରାଙ୍ଗଣର ଚାରି ପାଖରେ
Koṭhākhañjā କୋଠାଘର ଥାଏ—
A courtyard surrounded by pucca buildings.

**କୋଠାଗରମ**—ଦେ. ବି—୧ । ଉଦର ଗରମ; ଉଦର ମଧ୍ୟସ୍ଥ ବାୟୁ
Koṭhāgarama ଆଦି ପ୍ରକୁପିତ ହେବା (ଯଥା—ମଥା ଶରଦଦ୍ୱାରା
କୋଠାଗରମ ମୁଣ୍ଡ ଥଣ୍ଡା ଓ ପରିସ୍ରା ଜ୍ୱଳନଥିବା ହେବାରୁ)—
**कोठाबिगड़ना; कोठागर्म** 1. The condition of the system where in a person feels cold in the upper parts ( head etc ) and hot in the lower parts (e. g. dysentery; burning sensation while passing urine )
୨ । ବହୁକାଳ ଅନାହାର କଲେ ପେଟ ଗରମ ହୋଇଯିବା—
2. A feeling of apparent heat in the abdomen due to long fasting.

**କୋଠାତୋଳା**—ଦେ. ବି—ଅଟ୍ଟାଳିକା ନିର୍ମାଣ—
Koṭhātolā Building of pucca houses.

**କୋଠାବାଡ଼ି**—ଦେ. ବି. ( ସହଚର; ସଂ. କୋଷ୍ଠ+ବାଟିକା )—
Koṭhābāṛi ୧ । ପକ୍କା କୋଠା ଆଦି ସମ୍ପତ୍ତି—
କୋଠାବାଡ଼ୀ 1. Palaces and buildings.
**कोठाहवेली** ୨ । ଅନେକ ପକ୍କାଘର—
2. Extensive pucca structures.
୩ । କୋଠା ଏବଂ ଭୂସମ୍ପତ୍ତି—3. Property in the shape of buildings and lands.

**କୋଠା ବାଢ଼େଇବା**—ଦେ. କ୍ରି—୧ । ଶୀଘ୍ର କୋଠା ତିଆରି କରିବା—
Koṭhā bāṛeibā 1. To cause buildings to be raised within a short time.
୨ । କୋଠାର ଛାତରେ ଚୂନଗୋଡ଼ି ଆଦି ପିଟିବା—
2. To press or lay concrete etc on the roof of a building.

**କୋଠାରି**—ଦେ ବି—୧ । (ସଂ. କୋଟଈଶ୍ୱରୀ) ଦୁର୍ଗାଙ୍କର ରୂପାନ୍ତର—
Koṭhāri 1. A form of Durgā.
୨ । ( ସଂ. କୋଷ୍ଠରକ୍ଷକ ) କୋଠଭଣ୍ଡାର ରକ୍ଷକ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ ଗାର୍' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧ୍' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲକଚ' ନ ପାଇଲେ 'ଅଲ୍‌କଚ୍' ଦେଖିବେ ।

ভাণ্ডারী
काठारी

2. The keeper of the privy purse; treasurer of a Raja's private treasury or purse; the trustee or treasurer of a man's own private treasury.

୩ । ଭଜମାଲ୍ ଧନର ରକ୍ଷକ ବା ମାର୍‌ଫତ୍‌ଦାର୍—
3. The keeper or trustee of joint funds.

୪ । ଦେବତାଙ୍କ ଅଳଙ୍କାର ଓ ବସ୍ତ୍ରାଦି ରକ୍ଷକ ସେବକ—
4. The keeper of a Deity's ornaments and wardrobe.

**କୋଠି**— ଦେ. ବି ( ସଂ. କୋଷ୍ଠ; କୋଷ୍ଠୀ )—୧ । ଶସ୍ୟାଗାର—
Kothi — 1. Granary; store for grains.
কুঠী
कोठी

ଉଷାର ଗୋଶାଳା ଶଳା ମଞ୍ଚ ଧାନକୋଠି ।
ରାଧାନାଥ. ମହାଯାତ୍ରା ।

୨ । ପକ୍କାଘର—2. Pucca buildings.

୩ । କୋଠରି; ବଖରା—
3. Room or compartment.

୪ । ବଙ୍ଗଳା ଘର—4. Thatched bungalow.

୫ । ରାଜକୀୟ କର୍ମଚାରୀଙ୍କ ବାସସ୍ଥାନ—
5. The residence of a public officer.

୬ । କ୍ଷୁଦ୍ର କ୍ଷୁଦ୍ର ଅଗାର—
6. Small compartments; cells.

୭ । ଡାକ ବଙ୍ଗଳା—7. Staging bungalow ( be it roofed or thatched ).

୮ । ବାଣିଜ୍ୟ କୋଠି; ବଣିକର କାର୍ଯ୍ୟାଳୟ—
8. An office of a merchant.

୯ । ପଶା ଆଦି ଖେଳ ପାଲିର ଘର—
9. Chess or dice-board.

୧୦ । କ୍ଷୁଦ୍ର କ୍ଷୁଦ୍ର ଓ ଚର୍ଚ୍ଚିତ ଚତୁଷ୍କୋଣ କ୍ଷେତ୍ର—
10. Small square figures drawn on a smooth surface.

ପ୍ରତି କୋଠିରେ କଳା ଚକ୍ଷଟିରେ ପ୍ରତିମାମାନ ନବାନ୍ତି ।
ଲକ୍ଷ୍ମୀ. ଲାବଣ୍ୟବତୀ ।

୧୧ । (ଚିତା ବା ମୁରୁଜରେ ଚର୍ଚ୍ଚିତ କରିବା) ମଣ୍ଡଳ; ମୁଣ୍ଡୁଳା—
11. Figures drawn on the ground with paint or coloured powders.

୧୨ । ମୁଣ୍ଡନ ବା କ୍ଷିଅର ହେବାଦ୍ୱାରା ରଚିତ କେଶଭଙ୍ଗି ବା କଲି—
12. Artistic figures and fringes made on the crown by shaving it.

୧୩ । ସାହେବମାନଙ୍କ ରହିବା ବଡ଼ଘର ବା ବାସଭବନ—
13. Quarters for Europeans; European-quarters.

ଦେଇଅଛି କେତେ କୋଠି ଉଚ୍ଚା ଗଢ଼ । ରାଧାନାଥ. ଚରବାର ।

୧୪ । ଭୂମିରେ ଅଙ୍କିତ ଘର—
14. Figures drawn on the ground.

ତୁମେ ପଶାଖେଳ ପାଇଁ ହେ କୋଠି କାଟ । କୃଷ୍ଣସିଂହ. ମହାଭାରତ. ବନ ।

**କୋଠିଆ**— ଦେ. ବି. ପୁଂ. ( ସଂ. କୋଷ୍ଠ = ଶସ୍ୟାଗାର )—
Kothiā — ୧ । କୃଷି କରିବା ସକାଶେ ବର୍ଷକ ପାଇଁ ନିଯୁକ୍ତ ମୂଲିଆ—
(କୋଠିଆଣୀ—ସ୍ତ୍ରୀ) 1. A farm-labourer; labourer
हलवाह — engaged for looking after cultivation or agricultural operations.

[ ଦ୍ର—ଏମାନେ ଦୈନିକ ମୂଲ ପାଆନ୍ତି ଏବଂ ତାହାଛଡ଼ା କିଛି ଜମି ମଧ୍ୟ 'ହେତା' ରୂପେ ପାଆନ୍ତି । ]

୨ । ଶମାରେଇ—2. A head-servant in charge of the nijchas lands of a Zamindar.

୩ । ଶସ୍ୟାଗାରର ରକ୍ଷକ ଚାକର—
3. A servant entrusted with the charge of looking after the grains in a granary (e.g. measuring the produce, measuring the paddy stored and given out ).

**କୋଠିଆ ହେତା**—ଦେ. ବି—କୃଷି କାମ କରିବା ନିମନ୍ତେ ନିଯୁକ୍ତ
Kothiā hetā — କୋଠିଆକୁ ଦୈନିକ ମୂଲ ବ୍ୟତୀତ ଦିଆ ଯାଇଥିବା ଜାଗିର୍—The service-land given to a Kothiā for cultivating it on his own account, over and above the daily wages he gets from the master.

**କୋଠି କାଟିବା**—ଦେ. କ୍ରି—୧ । ଭୂମି ବା କାନ୍ଥରେ ଚିତା ବା ମୁରୁଜ ଦ୍ୱାରା
Kothi kātibā — ମୁଣ୍ଡୁଳା ବା ଭିନ୍ନଭିନ୍ନ ଜ୍ୟାମିତିକ କ୍ଷେତ୍ର ରଚନା
কুঠী কাটা — କରିବା—1. To draw different
कोठी काटना — geometrical figures on the ground or any other surface.

୨ । ପଶା ବା କଉଡ଼ି ବା ସତରଞ୍ଜ ଖେଳ ନିମନ୍ତେ ଘର ଅଙ୍କିତ କରିବା—
2. To draw squares for playing at chess etc.

୩ । ମୁଣ୍ଡକୁ କ୍ଷିଅର କରି କଲି ରଖିବା—
3. To make up artistic figures by shaving the crown of the head.

**କୋଠି ଚଉକିଆ**—ଦେ. ବି—କୋଠି ଚଉକିଦାର୍ ( ଦେଖ )
Kothi chaukiā — Kothi chaukidār ( See )

**କୋଠି ଚଉକିଦାର୍**—ଦେ. ବି—ରାଜକୀୟ କର୍ମଚାରୀମାନଙ୍କ ସାମୟିକ
Kothi chaukidār — ଆଶ୍ରୟ ନିମନ୍ତେ ଅଭିପ୍ରେତ ବଙ୍ଗଳା-
কুঠী চউকিদার — ରକ୍ଷକ ଚାକର—
कोठी कि चउकिदार — The watchman or butler engaged to look after staging bungalows.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ' | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଋଷ୍ଣ | ଡ଼ଅ | ଢ଼ |
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ | ଋଅ | ୭ | ନ୍ |

**କୋଠି ଫିଟାଇବା**—ଦେ. କି—ଧାନ ସଞ୍ଚୟକାରୀ ମହାଜନ ଧାନ ବିକ୍ରି
Kothi phitāibā  କରିବା ବା କରଜ ଦେବା ନିମନ୍ତେ
କୋଠିର ଦୁଆରର କୁଳ ଖୋଲିବା—
To open the lock of the granary for selling or lending the stored up paddy.

**କୋଠୁ**—ପ୍ରାଦେ. (ଗଞ୍ଜାମ) ସର୍ବନାମ—କୋଠୁଁ ( ଦେଖ )
Kothu  Kothuñ ( See )

**କୋଠୁଁ**—ପ୍ରାଦେ. (ଗଞ୍ଜାମ) ସର୍ବନାମ—କେଉଁଠାରୁ ?—
Kothuñ  Whence ? from what place ?

**କୋଡ଼ରା**—ଦେ. ବ—କୋରଡ଼ା ( ଦେଖ )
Kordrā  Korardā ( See )

**କୋଡ଼**—ଦେ. ବ. (ସଂ. କ୍ରୋଡ଼)—୧ । ଉତ୍ସଙ୍ଗ; କୋଳ; ( ବସି କରି
Korda  ଦୁଇ ଗୋଡ଼କୁ ଭୂମିରେ ଲମ୍ୱାଇଲେ) ପେଟ ତଳୁ ଅଣ୍ଟୁ
কোল, কোর  ପର୍ଯ୍ୟନ୍ତ ସ୍ଥାନ—
गोद, कोली, कौरी  1. The lap.
୨ । କୋଡ଼ଦ୍ୱାରା ମାଟି ହାଣିବାର ପ୍ରକ୍ରିୟା—
2. The operation of cutting earth with spade; spading.
(ଯଥା—ବାରୁଜମି ଏ ମାସରେ ଦୁଇ କୋଡ଼ ପାଇଲାଣି ।)
ଦେ. ବ.—କୋଢ଼ (ଦେଖ)
Kordha (See)

**କୋଡ଼ ଅନ୍ଧାର ହେବା**—ଦେ. ବ.—କୋଡ଼ ଖାଲି ହେବା (ଦେଖ)
Korda andhāra hebā  Korda khāli hebā (See)

**କୋଡ଼ କରିବା**—ଦେ. କି.—କୋଳାଗତ କରିବା; କୋଡ଼ରେ ଗ୍ରହଣ
Korda karibā  କରିବା—To take a child on one's
কোলকরা  lap; to take one into the seat
गोदमेलेना, कोलीमेलेना  formed by sitting upright and extending the two legs together.

**କୋଡ଼କି**—ପ୍ରାଦେ. (ବସ୍ତର) ବ.—ରାପା (ଦେଖ)
Kordaki  Rāpā (See)

**କୋଡ଼ ଖାଲି ହେବା**—ଦେ. ବ.—୧ । ସ୍ତ୍ରୀର କୋଡ଼ ଶିଶୁଶୂନ୍ୟ
Korda khāli hebā  ହେବା; କୋଡ଼ପୋଛା ପିଲା ମରିଯିବା—
কোলমরা  1. A mother's lap becoming empty by the death of an infant; death of one's infant.
୨ । ସ୍ୱାମୀର କୋଡ଼ ସ୍ତ୍ରୀଶୂନ୍ୟ ହେବା; ଯୁବତୀ ସ୍ତ୍ରୀର ମୃତ୍ୟୁ ଘଟିବା—2. A husband's lap becoming empty by the death of a young wife; death of one's young wife.
୩ । ସ୍ତ୍ରୀବିଚ୍ଛେଦରେ ସ୍ୱାମୀର ବା ସ୍ୱାମୀର ବିଚ୍ଛେଦରେ ସ୍ତ୍ରୀର ଏକାକୀ ଶୟନ କରିବା ଅବସ୍ଥା—3. The state of a husband or wife living alone without the partner being near by.

**କୋଡ଼ଗାଣ୍ଠ**—ଦେ. ବ. (ସଂ. କ୍ରୋଡ଼ ଓ ଗଣ୍ଠି)—କୋଡ଼ ଓ ଜଙ୍ଘ ମଧ୍ୟରେ
Kordagāta  ଥିବା ସନ୍ଧି; ଜଙ୍ଘ ଓ ଜନନେନ୍ଦ୍ରିୟର ମଧ୍ୟବର୍ତ୍ତୀ
কুঁচকি  ସନ୍ଧିସ୍ଥ—Groin; the part of body or
कुचकि; जङ्घा जोड़  cavity between the thighs and the private organ; hip-joint.

**କୋଡ଼ଙ୍ଗ**—ଦେ. ବଣ.—କୁଡ଼ଙ୍ଗ (ଦେଖ)
Kordanga  Kurdanga (See)

**କୋଡ଼ଜାଦୁ**—ଦେ.ବ. (ସଂ. କ୍ରୋଡ଼+ଦଦ୍ରୁ)—କୋଡ଼ଗାଣ୍ଠରେ ହେବା
Kordajādu  ଦୁରାରୋଗ୍ୟ କଷ୍ଟପ୍ରଦ ଦଦ୍ରୁ ରୋଗ— Ringworm
কুঁচকিদাদ  appearing on the hip-joint.
जङ्घा का जोड़पर दाद्

**କୋଡ଼ ତୁଚ୍ଛା ହେବା**—ଦେ. କି.—କୋଡ଼ ଖାଲି ହେବା (ଦେଖ)
Korda tuchchhā hebā  Korda khāli hebā (See)

**କୋଡ଼ପାହି**—ଦେ. ବ.—(ସଂ. କ୍ରୋଡ଼+ପାର୍ଶ୍ୱ)—ପ୍ରଜା ଅଧୀନ ଯୋତ;
Kordapāhi  ସିକମୀ ସ୍ୱତ୍ୱ—An under royat's holding;
পেটাও; কোরপা  a sikmi holding under a royat.
कोर्फा; कोलाइत

**କୋଡ଼ପାହି ପ୍ରଜା**—ଦେ. ବ.—ପ୍ରଜାର ଅଧୀନ ପ୍ରଜା; ସିକ୍‌ମ ରଇତ—
Kordapāhi prajā  Under-tenant; sikmi royat.
পেটাওপ্রজা; কোরপাপ্রজা
कोरफारयत; शिकमी काश्तकार

**କୋଡ଼ପୋଛା**—ଦେ. ବଣ—୧ । ଯେଉଁ ଶିଶୁ ମାତାର ସର୍ବଶେଷ ଶିଶୁ—
Kordapochhā  1. The last child of a mother.
কোলের ছেলে  ୨ । ଯେଉଁ ଶିଶୁ ଅବଧି ମାତୃକୋଡ଼ର ଆଶ୍ରୟ
কোলের বাছা  ଛାଡ଼ି ନାହିଁ; ଦୁଗ୍ଧପୋଷ୍ୟ ( ଶିଶୁ )—
गोदका बच्चा  1 An infant who has not yet been weaned.

**କୋଡ଼ମାଇ**—ଦେ. ବ—କୋଡ଼ମେଲ; ଚିରା ବେତ ବା ବାଉଁଶରେ ବୁଣା
Kordamāi  ହୋଇଥିବା ଧାନ ଆଦି ଶସ୍ୟ ସାଇତିବା ନିମନ୍ତେ ପ୍ରସ୍ତୁତ ପାତ୍ର; ଡୋଲି—A large basket of wicker work ( woven with bamboo or cane split up ) to store grain.

**କୋଡ଼ମାକଡ଼ିଆ**—ଦେ. ବଣ—୧ । ରୋଗାଦି ହେତୁରୁ ବକ୍ରିତ ହୋଇ-
Kordamākardiā  ଥିବା (ଫଳ)—1. (fruit) Deformed
রোগা  owing to some disease.
୨ । ହୁଡ଼କଡ଼ କାଟିଲେବେଳେ ଜମା ବଳକୁ କୋଡ଼ଆଦି ଦ୍ୱାରା କାଟିଲା ବେଳେ ଗୋଟାଏ ପାଖ ବେଶି ଓ ଗୋଟାଏ ପାଖ କମି ହୋଇ ଦଣାଯାଇଥିବା ( ବନ୍ଧ ବା ହୁଡ଼ )—
2. Irregularly cut ( ridge of a field ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ଖୋଳିବା ବେଳେ ଗୋଟିଏ କଡ଼ କୋରଡ଼ ହୋଇଥିବା ( ଗାତ ବା ଖଣ୍ଡି )—3. ( a pit ) Which has been hollowed more on one side.

**କୋଡ଼ମାକୁଡ଼ିଆ**—ଦେ. ବିଣ—କୋଡ଼ମାକଡ଼ିଆ ( ଦେଖ )
Kordamākurdiā — Kordamākardiā ( See )

**କୋଡ଼ମାଙ୍କଡ଼ିଆ**—ଦେ. ବିଣ—କୋଡ଼ମାକଡ଼ିଆ ( ଦେଖ )
Kordamāṅkardiā — Kordamākardiā ( See )

**କୋଡ଼ମାଙ୍କୁଡ଼ିଆ**—ଦେ. ବିଣ—କୋଡ଼ମାକଡ଼ିଆ ( ଦେଖ )
Kordamāṅkurdiā — Kordamākardiā ( See )

**କୋଡ଼ମାଡ଼**—ଦେ. ବି—୧ । କୁହୁକାଣ୍ଡ; ବିଶେଷ ରୂପେ ପ୍ରହାର ବା ଅତ୍ୟାଚାର—1. Severe oppression; sound thrashing; thoroughly turning up and down a thing.
Kordamārda
ধরক; হালা
୨ । ବିଶେଷ ଆନ୍ଦୋଳନ; ଘଣ୍ଟାଘଣ୍ଟି—
2 A great agitation.

**କୋଡ଼ମେଇ**—ଦେ. ବି—କୋଡ଼ମାଇ ( ଦେଖ )
Kordamei — Kordamāi ( See )

**କୋଡ଼ମ୍ବେଇ**—ଗ୍ରା. ବି—କୋଡ଼ମାଇ ( ଦେଖ )
Kordambei — Kordamāi ( See )

**କୋଡ଼ର**—ଦେ. ବିଣ—ଦୁଗ୍ଧପୋଷ୍ୟ; ଅତି ଶିଶୁ ( ବାଳକ ); ଯେ ମାଆର କୋଡ଼ ଅବଧି ଛାଡ଼ି ନାହିଁ—Tender-aged ( infant ); which has not yet been weaned.
Kordara
কোলের
गोदका
( ଯଥା—ମୁଁ କୋଡ଼ର ପିଲାକୁ ଛାଡ଼ି ଯାଇ ପାରୁ ନାହିଁ । )

**କୋଡ଼ରା**—ଦେ. ବି—କୋରଡ଼ା ( ଦେଖ )
Kordarā — Korardā ( See )
ପ୍ରାଦେ. ( ଭଞ୍ଜଭୂମି ) ବି—ଅଣ୍ଡିରା ମୃଗ—Male-deer.

**କୋଡ଼ା**—ଦେ. ବି. ( ସଂ. କଷ=ଘୃଷ; ଭିଙ୍ଗ )—୧ । ଚାବୁକ; ଛାଟ—1. Whip; scourge.
Kordā
কোড়া; কড়া
কोড়া
୨ । ଛାଟେଣୀ; ନାଲ୍‌ପଟା; ପାଷାଣ ଅଗରେ ବନ୍ଧା ହୋଇଥିବା ଛାଟେଣୀ—2. A cat-o'-nine-tails.
୩ । କୃଷିକ୍ଷେତ୍ରକୁ କୋଡ଼ିରେ ହାଣିବା—
3. The operation of spading a field.
୪ । ମାଡ଼—4. Beating.
ପ୍ରାଦେ. ( ସମ୍ବଲପୁର ) ବି ( ସଂ. କୋଟର )—
୧ । ବୃକ୍ଷର କୋଟର—1. Hollow of a tree.
୨ । ( ସଂ. କୋଲ ); ଅନାର୍ଯ୍ୟ କୋହ୍ଲ ଜାତି—
2. The Kohla tribe.
[ ଦ୍ର—ଏମାନେ ମାଟି ଖୋଳିବା ଆଦି କାର୍ଯ୍ୟ କରନ୍ତି । ]

**କୋଡ଼ାଇବା**—ଦେ. କ୍ରି—୧ । କୋଡ଼ିବାର ଣିଜନ୍ତ ରୂପ—
Kordāibā — 1. The causative form of Kordibā.
୨ । ଯୋଖିବା—2. To join to.
কেদলান
कोड़ाना
ବ୍ୟାଳ ସିନ୍ଧୁର ଟୀକା ଯେ ସୁନ୍ଦର ଦିଶଇ
ମଦନ ରାଜନ ହୋଇ ହସ୍ତମନ ମାଣିକ୍ୟ ଶିଳ କି କୋଡ଼ଇ ।
ଉତ୍କ. ସୁଭଦ୍ରାପରିଣୟ
୩ । ବିନ୍ୟାସ କରିବା—3. To arrange; to set.
ପ୍ରାଦେ. ( ସିଂହଭୂମ ) କ୍ରି—ଖୋଳାଇବା—To cause to be dug.

**କୋଡ଼ାକୋଡ଼ା**—ଦେ. ବିଣ—କୋଡ଼ିହଣା ହେଲା ଭଳି ଦେଖାଯିବା ( ଧଳା ମେଘ ); ବାଇଗଣକୋଡ଼ା ( ମେଘ ); ଫୁଲାଫୁଲା ଦିଶାଭୁଲା ଭଳି ଦେଖାଯିବା (ମେଘ)—Looking like clods of earth thrown up by a spade in a field ( said of white cirrus cloud; called also the mackerel or cirro-stratus cloud ).
Kordākordā
কুডালে মেঘ
কুদালে মেঘ
( ଯଥା—ମେଘ କୋଡ଼ାକୋଡ଼ା କଲାଣି । )
[ ଦ୍ର—ଏପରି ମେଘ ଦେଖା ଗଲେ ଶୀଘ୍ର ବର୍ଷା ହେବାର ଆଶା ନ ଥାଏ ବୋଲି ଚଷାମାନେ କହନ୍ତି । ]

**କୋଡ଼ାକୋଡ଼ି**—ଦେ. ଅ—୧ । ଅନ୍ୟୋନ୍ୟରେ ମାଡ଼ମରାମରି, ପିଟାପିଟି; ଛେଚାଛେଚି—1. Mutual assault; affray; striking one another.
Kordākordi
ପୁଣ ଧରନ୍ତି ପୁଣ ଛାଡ଼ନ୍ତି, ତୁଟନ୍ତି ମୁଣ୍ଡ କୋଡ଼ାକୋଡ଼ି ।
ଜଗନ୍ନାଥ. ଭାଗବତ ।
୨ । କୋଡ଼ିରେ ଉତ୍ତମରୂପେ ଲେଉଟାପାଉଟା କରି ମାଟି ଖୋଳିବା କର୍ମ—2. Throughly turning up earth with a spade.

**କୋଡ଼ି**—ଦେ. ବି. ( ସଂ. କୁଦାଲ; କୁଦାର )—
Kordi
কুদালি
कोदाली
୧ । ମାଟି ହାଣିବାର ନଖାକାର ଅସ୍ତ୍ରବିଶେଷ—
1. Mattock; hoe; spade with a small handle.
କୋଡ଼ି ବାଳ ସାବଳେ ତାହାକୁ ଖୋଳିଲେ ।
କୃଷ୍ଣସିଂହ. ମହାଭାରତ. ଅନୁଶାସନ ।
କুড়ি
कोड़ि
୨ । ( ସଂ. କୋଟି; ତୁଳ. ଇଂ. ସ୍କୋର )—
କୋଡ଼ିଏ ସଂଖ୍ୟାର ସମାହାର—
2. A score; an aggregate of twenty.
কুড়ী
कोडी
୩ । ( ସଂ. କୁଷ୍ଠୀ )—କୋଢ଼ିଆ ( ଦେଖ )
3. Kordhiā ( See )

**କୋଡ଼ିଅ**—ଦେ. ବି. ( ସଂ. କୁଷ୍ଠୀ )—କୋଢ଼ିଆ ( ଦେଖ )
Kordia — Kordhiā ( See )
ଦେ. ବିଣ—କୋଡ଼ିଏ କୋଡ଼ିଏ ଲେଖାଏଁ ପୁଞ୍ଜ ବା ସ୍ତୂପରେ ସଜ୍ଜୀକୃତ—Arranged in rows or groups of twenty each.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ୠ,ୡ | ଋ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ୭ | ନ୍ |

**କୋଡ଼ଥଇବା**—ଦେ. କ୍ରି—କୋଳକୁ ଆଣିବା; ଆଲିଙ୍ଗନ କରିବା—
Kordiaiba To embrace, to bring into one's lap.
କୋଲେକରা
**कोलमेलेना**

ସୁରପୂଜା, ତପସ୍ୟା, ଦେବପୂଜା, ଯାଗ,
ଅଭେଦେ ଅଛ ଯେ ସୁକୃତ ମହାଜନ
ମଧ୍ୟରେ ରହିଅଛ ଅଛେ ନରସାଇ
ତାହା ଆଣଇ ସେ କୋଡ଼କୁ କୋଡ଼ଥାଇ ।
କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

**କୋଡ଼ଏ**—ଦେ. ବି—୧ । ଏକ କୋଡ଼ି—
Kordie 1. One score.
কুড়ি
**बिस, कोडी**
୨ । ବିଂଶତି ସଂଖ୍ୟା—
2. The number twenty.
ଦେ. ବିଣ—୧ । ବିଂଶତି ସଂଖ୍ୟକ—
1. Numbering twenty.
୨ । କୋଡ଼ି ପଶାରେ ଯେତେ ମାଟି ଉଠିବ—
2. A spadeful ( earth ).

**କୋଡ଼ି କଚୁଡ଼ି ହେବା**—ଦେ. କ୍ରି—ଅତ୍ୟନ୍ତ ଦୁଃଖ ଓ ଶୋକଗ୍ରସ୍ତ ହୋଇ ମୁଣ୍ଡ ଭୂଇଁରେ ବାଡ଼େଇବା ଓ ଅଙ୍ଗାଦି ଛାଟିପିଟି ହେବା—
Kordi kachārdi heba
মথাকোড়া
**सिरधुना**
To strike one's head and limbs in utter grief or lamentation; to bewail.

**କୋଡ଼ଦାନ୍ତିଆ**—ଦେ. ବିଣ. ପୁଂ. ( ପୁରୁଷଙ୍କ ପ୍ରତି ଗାଳି )—
Kordidāntia
କୋଡ଼ଦାନ୍ତେଇ } ସ୍ତ୍ରୀ.
କୋଡ଼ଦାନ୍ତୋଇ }
ଯାହାର ଦାନ୍ତ ଗୁଡ଼ିକ କୋଡ଼ି ପରି ବଡ଼ ବଡ଼, ଅସଂଲଗ୍ନ ଓ ଅସୁନ୍ଦର—
( males ) Whose teeth are large like mattocks and are unconnected and ugly-looking.

**କୋଡ଼ି ପକାଇବା**—ଦେ. କ୍ରି—କୋଡ଼ିବା ( ଦେଖ )
Kordi pakāiba Kordiba ( See )

**କୋଡ଼ି ପଡ଼ିବା**—ଦେ. କ୍ରି. ( ଶିଶୁ ବଚନ )—
Kordi pardiba ୧ । ଗଣନା କରୁ କରୁ କୌଣସି ବସ୍ତୁ ବା ବ୍ୟକ୍ତିଠାରେ 'କୋଡ଼ଏ' ଗଣତି ପୂର୍ଣ୍ଣ ହେବା—
1. ( used by children ) The counting being stopped at the 20th number.
୨ । ବିପଦ ପଡ଼ିବା—
2. The happening of a calamity.

**କୋଡ଼ିପଶା**—ଦେ. ବି. ( ସଂ. କୁଦାଲ+ପାର୍ଶ୍ୱ; ପୃଷ୍ଠ)—
Kordipashā ୧ । କୋଡ଼ିର ବିସ୍ତୃତ ଫଳକ—
কুদালেরপাখি 1. The body of a spade.
୨ । କୋଡ଼ିର ମୂଳପାଖ—
2. The root of a spade.
୩ । କୋଡ଼ିର ବେଣ୍ଟ ଲାଗିବା କଣା—
3. The eye of a spade.

**କୋଡ଼ିବା**—ଦେ. କ୍ରି. ( ସଂ. କୁଟ୍ଟ ଧାତୁ=କାଟିବା; ହାଣିବା; ତୁଲ= ତା. କୋଲ୍=ହତ୍ୟା କରିବା )—
Kordiba
কুড়া
**कोड़ना, गोड़ना**
୧ । କୋଡ଼ି ଦ୍ୱାରା ମାଟି ହାଣିବା—
1. To cut clods of earth with the spade.

ଜଙ୍ଘା ତଟ ଭୂମି କୋଡ଼ରେ କୋଡ଼ି ଦେଇ ।
କୃଷ୍ଣସିଂହ. ମହାଭାରତ. ବନ ।

୨ । ମୁଣ୍ଡକୁ ଭୂଇଁରେ ପିଟିବା ବା ବାଡ଼େଇବା—
2 To strike the head on the ground.

କହନ୍ତି କୁମାରମାନେ ଭୂମେ ମୁଣ୍ଡ କୋଡ଼ି । ଭକ୍ତକେଶରୀ ପୁରାଣ ।

୩ । ବିଶେଷ ମାଡ଼ ଦେବା; ପ୍ରହାର କରିବା; ଛେଚିବା—
3. To give a sound beating or cudgelling.

ରଥେ ରଥୀ ବେଢ଼ି ଗୋଡ଼କୁ ଏକାଠାରେ
ବାନ୍ଧି ହରି ସେ ବଧୀ କୋଡ଼ିଲେ ପିଠିରେ ।
କୃଷ୍ଣସିଂହ. ମହାଭାରତ. ବିରାଟ ।

୪ । ବିଶେଷ ଭାବରେ ବର୍ଷା କରିବା—
4. To rain cats and dogs.
( ଯଥା—ଆଜି ସକାଳୁ ମେଘ ଗୁଡ଼ାଏ କୋଡ଼ିଲାଣି । )
୫ । କୌଣସି ଏକ ବସ୍ତୁକୁ ଅନ୍ୟ ବସ୍ତୁ ଉପରେ ବାଡ଼େଇବା; ଆଘାତ କରିବା—5. To strike against.

ହସ୍ତରୁ ଚୂର୍ଣ୍ଣମାନଙ୍କୁ ପାଷାଣରେ କୋଡ଼ି । ସାରଳା. ମହାଭାରତ. ଶଲ୍ୟ ।

**କୋଡ଼ି ବେଣ୍ଟ**—ଦେ. ବି. ( ସଂ. କୁଦାଲ+ବୃନ୍ତ )—
Kordi benta କୋଡ଼ିରେ ଲାଗିଥିବା କାଠର ବେଣ୍ଟ ( ଯାହାକୁ ଧରି ମାଟି ହାଣନ୍ତି )—
কোদালের বাঁট
**कुदालीकी बेंट**
The handle of a spade.
[ ଦ୍ର—କୋଡ଼ିର ମୁଠାର ଛିଦ୍ର ( ପଶା ) ଯେବେ ଊର୍ଦ୍ଧ୍ୱମୁହାଁ ହୋଇଥାଏ, ତେବେ କୋଡ଼ିବେଣ୍ଟ ଉପରକୁ ଉଠିଯାଏ । କୋଡ଼ିର ଏ ଅବସ୍ଥାକୁ 'ସଗା' କହନ୍ତି, ତଳମୁହାଁ ହୋଇଥିଲେ; କୋଡ଼ିର ବେଣ୍ଟ ତଳକୁ ପଡ଼ିଯାଏ—ଏ ଅବସ୍ଥାକୁ 'ଭୁଲା' କହନ୍ତି । ]

**କୋଡ଼ି ମାରିବା**—ଦେ. କ୍ରି.—କୋଡ଼ିଦ୍ୱାରା ମାଟିରୁ ଘାସ ଚାଞ୍ଛି ମାଟିକୁ ସମତୁଲ କରିବା—To scrape grass etc from the surface and level a place.
Kordi māriba
কোদালমারা
**कुदाली मारना**

**କୋଡ଼ିହଣା**—ଦେ. ବି.—କୋଡ଼ିଦ୍ୱାରା ମାଟି ହାଣିବା କାର୍ଯ୍ୟ—
Kordihanā The act of cutting the earth with a spade.
কোদালহানা
**कुदालीगोड़ना**
[ ଦ୍ର—ଏହା ବିଶେଷ ଶ୍ରମସାଧ୍ୟ କାର୍ଯ୍ୟ ଥିବାରୁ ଲୋକେ କହନ୍ତି—'କୋଡ଼ିହଣା ଠାରୁ ମିଳିକି ନାହିଁ' । ]

**କୋଡ଼ିହାଣିବା**—ଦେ. କ୍ରି.—୧ । କୋଡ଼ିରେ ମାଟି ହାଣିବା—
Kordihāniba 1. To cut earth with a spade.
কোদলান [ ଦ୍ର—କୋଡ଼ିହାଣିବା=କୋଡ଼ିରେ ମାଟି ହାଣିବା;

| |
|---|
| ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' କୁ ପାଇଲେ 'ଅଣ୍ଣା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ । |

योजना କୋବା ବାଡ଼େଇବା=କୋବାରେ ଶ୍ରୁତଅଦ ବାଡ଼େଇବା; ମୁଣ୍ଡ ବାନ୍ଧିବା=ମୁଣ୍ଡର ବାଳକୁ ବାନ୍ଧିବା; ଏଗୁଡ଼ିକ ଭାଷାର ବୈଶିଷ୍ଟ୍ୟ ଅଟେ । ]

**କୋଢ଼ିହେବା**—ଦେ. କ୍ରି.—କୋଢ଼ି କଚଢ଼ି ହେବା (ଦେଖ)
Kordi hebā — Kordi kachārdi hebā (See)

ଶୁଣି କରି କୋଢ଼ି ହୋଇଲ, କେଶବାସ ଅସମ୍ଭାଳ ହୋଇ ବାଳୀ,
କଦମ୍ବମୂଳକୁ ଧାଇଁଲା । — ପ୍ରାଚୀ. ରହସ୍ୟମଞ୍ଜରୀ ।

**କୋଡ଼େଇବା କାଖେଇବା**—ଦେ. କ୍ରି. (ସହଚର)—ଶିଶୁକୁ ସ୍ନେହରେ ଲାଳନପାଳନ କରି ବଢ଼ାଇବା—
Kordeibā kākheibā — To bring up an infant with affection.
कोलेकाँखे करना
कोलियाना कखियाना

**କୋଢ଼**—ଦେ. ବି. (ସଂ. କୁଷ୍ଠ; ପ୍ରା. କୁଡ୍‌ଢ଼)—୧ । ଗଳିତ କୁଷ୍ଠରୋଗ—
Kordha — 1. Leprosy.
कुठ; कुड़
୨ । କୁଷ୍ଠରୋଗର ଘାଆ—
कोढ़ — 2. Sores due to leprosy.

[ ଦ୍ର—କୋଢ଼ ବା କୁଷ୍ଠରୋଗ ରକ୍ତ ଓ ଚର୍ମସମ୍ବନ୍ଧୀୟ ମହାବ୍ୟାଧି-ରୂପେ ପରିଗଣିତ । ଏହା ସଂକ୍ରାମକ ଓ ପୁରୁଷାନୁକ୍ରମିକ । ବୈଦ୍ୟଶାସ୍ତ୍ର-ଅନୁସାରେ କୋଢ଼ ୧୮ ପ୍ରକାର ମଧ୍ୟରୁ କାପାଳ, ଉଦୁମ୍ବର, ମଣ୍ଡଳ, ସିଧ୍ମ, କାକଣକ, ପୁଣ୍ଡରୀକ ଓ ଋଷ୍ୟଜିହ୍ୱ ନାମକ ୭ ପ୍ରକାର କୋଢ଼କୁ ଅସାଧ୍ୟ ମହାକୁଷ୍ଠ କହନ୍ତି । ଏକକୁଷ୍ଠ, ଗଜଚର୍ମ, ଚର୍ମଦଳ, ବିଚର୍ଚ୍ଚିକା, ବିପାଦିକା, ପାମା, କଚ୍ଛୁ, ଦଦ୍ରୁ, ବିସ୍ଫୋଟ, କିଟିମ ଓ ଅଲସକ ନାମରେ ୧୧ ପ୍ରକାର କୋଢ଼କୁ କ୍ଷୁଦ୍ରକୁଷ୍ଠ କହନ୍ତି । ଏ ୧୧ ପ୍ରକାର ସାଧ୍ୟ ରୋଗ । କୋଢ଼ ହେବା ପୂର୍ବରୁ ଚମଡ଼ା ମୋଟା ଓ ସ୍ପର୍ଶାନୁଭୂତିହୀନ ହୋଇ ଦେହରେ ନାଲି, ଧଳା ଓ କଳା ମହା-ମହା ଛିତ୍ର ହୁଏ ଓ ସ୍ଥାନେ ସ୍ଥାନେ ଦେହ ଫୁଲି ଯାଏ । ଗଳିତ କୁଷ୍ଠରେ ହାତଗୋଡ଼ର ଆଙ୍ଗୁଠିମାନ ଓ କାନ ନାକରେ ଘାଆ ହୋଇ ସେମାନ ଛିଣ୍ଡି ପଡ଼େ । କୁଷ୍ଠରୋଗୀକୁ ଲୋକେ ଘୃଣା କରନ୍ତି । ବର୍ତ୍ତମାନ ପାଶ୍ଚାତ୍ୟ ଡାକ୍ତରମାନେ ଇନ୍‌ଜେକ୍ସନ୍ ଓ ଔଷଧଦ୍ୱାରା ଏ ରୋଗର ବୀଜାଣୁଙ୍କୁ ଦେହରୁ ନଷ୍ଟ କରି ଏ ରୋଗକୁ ଆରୋଗ୍ୟ କରିବାର ଦେଖା ଯାଉଅଛି । ]

**କୋଢ଼ ଫୁଟିଯିବା**—ଦେ. ବି.—ଗଳିତ କୁଷ୍ଠ ରୋଗ ଶରୀରରେ ପୂର୍ଣ୍ଣ ହୋଇ ଯିବା—Body becoming full of sores and eruptions of leprosy.
Kordha phutijibā
कुठफूटा
कोढ़चूना; कोढ़ टपकना

**କୋଢ଼ି**—ଦେ. ବିଣ. (ସଂ. କୁଷ୍ଠୀ)—କୋଢ଼ିଆ (ଦେଖ)
Kordhi — Kordhiā (See)

**କୋଢ଼ିଆ**—ଦେ. ବିଣ. (ସଂ. କୁଷ୍ଠୀ)—୧ । ଗଳିତକୁଷ୍ଠରୋଗାକ୍ରାନ୍ତ—
Kordhiā — 1. Leprous.
कुड़े, कुड़ी
୨ । ଗଳିତ କୁଷ୍ଠ ଯୋଗୁଁ ପଙ୍ଗୁ—
कोढ़ी — 2. Crippled by leprosy.
୩ । ସୁସ୍ତି; ଅଲସୁଆ; କର୍ମକୋଢ଼ୀ—
3. Idle; indolent; lazy.
ଦେ. ବି.—୧ । କୁଷ୍ଠରୋଗାକ୍ରାନ୍ତ ବ୍ୟକ୍ତି—
1. A leper.
୨ । ଯେ କୌଣସି କାମ ନ କରି ସବୁବେଳେ ବସି ରହେ—
2. An idler; loafer.

**କୋଢ଼ିଆ ବାବୁ**—ଦେ. ବିଣ. (ସଂ. କୁଷ୍ଠୀ)—କୋଢ଼ିଆ (ଦେଖ)
Kordhiā bābu — Kordhiā (See)

**କୋଢ଼ି**—ପ୍ରାଦେ. (ବସ୍ତର) ବି.—କୁଟିରା ମୃଗ—
Kodhri — Barking deer.

**କୋଣ**—ସଂ. ବି. (କୁଣ୍ ଧାତୁ=ଶବ୍ଦ କରିବା+ଅଧିକରଣେ. ଅ)—
Kona
୧ । କୌଣସି ବସ୍ତୁର ଦୁଇ ପାଖର ଯୋଡ଼ ସ୍ଥାନ—
1. Corner.

ପଡ଼ ନଣ କୋଣ କଣକୁ ରସବତୀ ନଣ ପଣକୁ,
ସାଧାରଣେତର ଗୁଣକୁ ବରନ ପାରିବେ ନାହିଁ ଜଣନା । — କବିସୂର୍ଯ୍ୟ. ସଙ୍ଗୀତ ।

୨ । (ଜ୍ୟାମିତି) ଦୁଇ ଅସମାନ୍ତର ରେଖା ମିଳିତ ହେବାର ବିନ୍ଦୁ—2. (Geometry) Angle.

[ ଦ୍ର—ଦୁଇଟି ଅସମାନ୍ତର ରେଖା ଭିନ୍ନ ଭିନ୍ନ ସ୍ଥାନରୁ ଏକଦିଗକୁ ଗତି କରୁ କରୁ ଯେଉଁଠାରେ ମିଳିତ ହୁଅନ୍ତି ସେହି ଅବକାଶକୁ କୋଣ ବୋଲିଯାଏ । ଜ୍ୟାମିତିକ ଭାଷାରେ ଦୁଇ ରେଖାର ବିପରୀତ ବିନ୍ଦୁ ଦ୍ୱୟରେ ଓ ମିଳନ ବିନ୍ଦୁରେ ତିନୋଟି ଅକ୍ଷର ଦେଇ ଉକ୍ତ ତିନି ଅକ୍ଷର ଦ୍ୱାରା କୋଣ ଚିହ୍ନିତ କରାଯାଏ, ଯଥା — ∠କ ଖ ଗ । ଏଠାରେ ଖ ଅକ୍ଷରଠାରେ କୋଣ ଅବସ୍ଥିତ । ଦୁଇଟି ଅସମାନ୍ତର ରେଖା ମିଳିଗଲା ପରେ ସେ ଦୁହିଁଙ୍କୁ ବିପରୀତ ଦିଗକୁ ବଢ଼ାଇଲେ ମିଳନ ବିନ୍ଦୁର ଚତୁର୍ଦ୍ଦିଗରେ ସର୍ବସୁଦ୍ଧା ଚାରୋଟି ସମକୋଣ ବା ୪×୯୦=୩୬୦ ଡିଗ୍ରୀ ହୁଏ । କୋଣମାନ ତିନି ପ୍ରକାର । ଗୋଟିଏ ରେଖା ଅନ୍ୟ ରେଖାକୁ ସିଧା ଲମ୍ବଭାବରେ କାଟିଲେ କେନ୍ଦ୍ର ସ୍ଥଳରେ ଚାରୋଟି ସମକୋଣ ହୁଏ; ଯଥା +; ରେଖା ଦ୍ୱୟ ପରସ୍ପରକୁ ତେରଛେଇ କରି କାଟିଲେ ଯୋଡ଼ିଏ ବିପରୀତ ଦିଗରେ ସୂକ୍ଷ୍ମକୋଣ ହୁଏ ଓ ଦୁଇଟି ବିପରୀତ ଦିଗରେ ସ୍ଥୂଳ କୋଣ ହୁଏ । ସୂକ୍ଷ୍ମକୋଣ ସମକୋଣଠାରୁ କ୍ଷୁଦ୍ର; ସ୍ଥୂଳକୋଣ ସମକୋଣଠାରୁ ବଡ଼ । ସମକୋଣର ପରିମାଣ ୯୦ ଡିଗ୍ରୀ । ]

୩ । ଜଗତରେ ଚାରି କୋଣ (ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ)ର ମଧ୍ୟବର୍ତ୍ତୀ ଦିଗ; ବିଦିଗ—
3. The intermediate points of the compass.

[ ଦ୍ର—କୋଣ ବା ବିଦିଗ ଚାରୋଟି; ଯଥା—୧. ପୂର୍ବଦିଗ ଓ ଦକ୍ଷିଣଦିଗର ମଧ୍ୟରେ ଅଗ୍ନିକୋଣ; ୨. ଦକ୍ଷିଣ ଓ ପଶ୍ଚିମ ମଧ୍ୟରେ ନୈର୍ଋତ କୋଣ; ୩. ପଶ୍ଚିମ ଓ ଉତ୍ତର ମଧ୍ୟରେ ବାୟୁ କୋଣ; ୪. ଉତ୍ତର ଓ ପୂର୍ବ ମଧ୍ୟରେ ଈଶାନ କୋଣ । ]

୪ । (+କରଣେ. ଅ) ଅସ୍ତ୍ରର ଧାର—
4. The edge of a weapon or instrument.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟୁ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଞ୍ଜ | ନ୍ତ |

୫ । ବାଡ଼ି; ଲଗୁଡ଼—
5. Stick; cudgel; club.
୬ । ବାଇଦ ବଜାଇବା ପାଇଁ ବ୍ୟବହୃତ କାଠି—
6. A drum-stick.
୭ । ବୀଣା, ବେହେଲା ଆଦି ବଜାଇବାର ଦଣ୍ଡ ବା ଛଡ଼ି; କମାଣି—7. Fiddle-stick.
୮ । ( + କର୍ତ୍ତୃ. ଅ ) ମଙ୍ଗଳ ଗ୍ରହ—
8. The planet Mars.
୯ । ଶନିଗ୍ରହ—9. The planet Saturn
୧୦ । ବାଦ୍ୟଯନ୍ତ୍ରବିଶେଷ; ଢୋଲ; ଖଞ୍ଜଣୀ—
10. A sort of musical instrument; drum.

**କୋଣକାଣ୍ଡ**—ଦେ. ବି. ( ସଂ. କୋଣ + ଓ. କାଣ୍ଡ )—ମଣ୍ଡୁଆଘରେ
Koṇakāṇḍa ଚାଳର କୋଣରେ ଥିବା କାଠ ବା ବାଉଁଶର
কোনাচ କାଣ୍ଡ—A large bamboo or wooden
**कोनखिला** pole laid at the corner of the thatch of a square-thatched house; corner-plate of a thatch.

**କୋଣକୁଣ**—ସଂ. ବି. ( କୋଣ + କୁଣ ଧାତୁ + କର୍ତ୍ତୃ. ଅ )—
Koṇakuṇa ୧ । ଛାରପୋକ; ଓଡ଼ଶ—1. A bug.
୨ । ଉକୁଣି; କେଶକୀଟ—2. Louse.

**କୋଣଦଣ୍ଡ**—ଦେ. ବି. ( ସଂ. କୋଣ ଓ ଦଣ୍ଡ )—ଘରର କୋଣ
Koṇadaṇḍa ଆଡ଼କୁ ମୁହଁ କରି କୋଣର ଦୁଇପାଖର କାନ୍ଥରେ
**कोनेदंड** ହାତ ଦେଇ ସାଧନ କରାଯିବା ଦଣ୍ଡ ବା କସରତ୍—An athletic exercise done by facing the corner of a room and touching the walls on the two sides.

**କୋଣପ**—ସଂ. ବି—କୌଣପ ( ଦେଖ )
Koṇapa Kauṇapa ( See )

**କୋଣସି**—ପ୍ରାଦେ. (ମେଦିନାପୁର ) ସର୍ବ—କୌଣସି ( ଦେଖ )
Koṇasi Kauṇasi ( See )

**କୋଣାଅର୍କ**—ଗ୍ରା. ( ପ୍ରାଚୀନ ପଦ୍ୟ ) ବି. (ସଂ. କୋଣାର୍କ )—
Koṇāarka କୋଣାର୍କ ( ଦେଖ )—Koṇārka ( See )

ମହାଉଷବ ହୋଇ କୋଣାଅର୍କ ତୀର୍ଥେ
ଶ୍ରୀପୁରୁଷୋତ୍ତମ ପୂର୍ବଦିଗ ଯେ ଯୁକତେ—ସାରଳା. ମହାଭାରତ. ଦ୍ରୋଣ ।

**କୋଣାକୋଣି**—ସଂ. ଅ. ( କୋଣ + କୋଣ + ଇ )—
Koṇākoṇi ୧ । କୌଣସି ବସ୍ତୁର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ—
1. From angle to angle.
୨ । କଣବାଗରେ—2. Cornerwise.
୩ । କର୍ଣ୍ଣବାଗରେ—3. Diagonally.

**କୋଣାଘାତ**—ସଂ. ବି. ( ୭ମୀ ତତ୍; କୋଣ + ଆଘାତ )—ବହୁବାଦ୍ୟର
Koṇāghāta ଏକତ୍ର ବାଦନ—Simultaneous sounding of countless musical instruments; striking of drums and many other musical instruments.
[ ଦ୍ର—ଏକ ଲକ୍ଷ ଢକ୍କା ଓ ଦଶ ସହସ୍ର ଭେରୀ ଏକସ୍ଥାନରେ ଏକ ସମୟରେ ବାଜିଲେ ତାହାକୁ କୋଣାଘାତ ବୋଲାଯାଏ । ]

**କୋଣାରକ**—ଗ୍ରା. ବି. ( ସଂ. କୋଣାର୍କ )—
Koṇāraka କୋଣାର୍କ ( ଦେଖ )
Koṇārka ( See )

**କୋଣାର୍କ**—ସଂ. ବି. (ନାମ)—ହିନ୍ଦୁ ତୀର୍ଥବିଶେଷ (ଏହା ପୁରୀଜିଲ୍ଲାରେ ପୁରୀ-
Koṇārka ସହରର ଉତ୍ତରପୂର୍ବଦିଗରେ ସମୁଦ୍ରକୂଳରେ ଅବସ୍ଥିତ)—A place of Hindu-pilgrimage ( situated to the northeast of Purī town).
[ ଦ୍ର—ପୁରାକାଳରେ ମହର୍ଷି ମୈତ୍ରେୟ ନିଜର ତପସ୍ୟାବଳରେ ଏ କ୍ଷେତ୍ରର ଉତ୍ପତ୍ତି ବିଧାନ କରିଥିବାରୁ, ଏହାର ନାମ ମୈତ୍ରେୟବନ ଥିଲା । ପରେ ସୂର୍ଯ୍ୟନାରାୟଣଙ୍କର ଭିନ୍ନ ଭିନ୍ନ ନାମାନୁସାରେ ଏହା ରବିକ୍ଷେତ୍ର, ଅର୍କକ୍ଷେତ୍ର ଓ ସୂର୍ଯ୍ୟକ୍ଷେତ୍ର ନାମ ମାନ ଧାରଣ କଲା । କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ରାମଚଣ୍ଡୀ କୋଣାର୍କ ମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣରେ ଏକ କ୍ଷୁଦ୍ର ମନୋହର କାରୁକାର୍ଯ୍ୟବିଶିଷ୍ଟ ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ଥିଲେ । ମନ୍ଦିର ଭାଙ୍ଗିଯିବାରୁ ଦେବୀ ସ୍ଥାନାନ୍ତରିତ ହୋଇ ବର୍ତ୍ତମାନ 'କୁଆଖିଆ'ନଦୀମୁହାଁଣ ନିକଟରେ ଅଛନ୍ତି । ମଦନମୋହନ. ତୀର୍ଥଦର୍ଶନ । ]
ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷ ଅର୍ଥାତ୍ ୧୨୨୫ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିରନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୬ ବର୍ଷରେ ଅର୍ଥାତ୍ ୧୨୪୦ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା । ଏଥିରେ ବାରଶହ ଶିଳ୍ପୀ ଷୋଳ ବର୍ଷ କାଳ ଲାଗିଥିଲେ । ମନ୍ଦିର-ନିର୍ମାଣରେ ଉତ୍କଳର ବାର ବର୍ଷର ରାଜସ୍ୱ ଅନ୍ୟୂନ ଚାଳିଶି କୋଟି ଟଙ୍କା ବ୍ୟୟ କରାଯାଇଥିବାର ଅନୁମିତ ହୁଏ । ସମଗ୍ର ଭାରତରେ ଏହା ଉଚ୍ଚତମ ମନ୍ଦିର ଥିଲା । ଏଠା ବଡ଼ଦେଉଳର ଉଚ୍ଚତା ୨୩୦ ଫୁଟ ଏବଂ ମୁଖଶାଳା ୧୫୦ ଫୁଟ ଥିଲା । ମନ୍ଦିରର କାରୁକାର୍ଯ୍ୟ ମନୋମୁଗ୍ଧକର । କୃପାସିନ୍ଧୁ. ଉତ୍କଳ ଇତିହାସ । ]

**କୋଣି**—ସଂ. ବିଣ. ( କୁଣ୍ ଧାତୁ = ଶବ୍ଦ କରିବା + କର୍ତ୍ତୃ. ଇ )—କୁଣି;
Koṇi କେମ୍ପା; ଯାହାର ହାତ ବଙ୍କା—
হুলা; নুলা Having a crooked hand; crooked-armed.
**लुला**

**କୋଣିଆଁ**—ଦେ. ବିଣ. ( ସଂ. କୋଣୀ )—କୋଣଯୁକ୍ତ—
Koṇiān̐ Angular
কোণা; কুনো; কোণুয়া [ ଦ୍ର—ଏ ଶବ୍ଦ ସଂଖ୍ୟାବାଚକ ଶବ୍ଦ ପରେ
**कोनेदार** ବ୍ୟବହୃତ ହୁଏ; ଯଥା—ଛଅକୋଣିଆଁ, ଆଠକୋଣିଆଁ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

**କୋଣିଆଇଁ ଚାହିଁବା**—ଦେ. କ୍ରି—ଅପାଙ୍ଗଦୃଷ୍ଟି କରିବା; ବାଙ୍କଚାହାଣି କରିବା—To cast a sidelong glance; to ogle.
Koniāiṅ chāhiṅbā
ଆଡ଼େ ଚାଓଯ଼ା
**कनखियों से देखना**

କୋଣିଆଇଁ ଚାହିଁବାରେ ଅଶିଲ୍ପତା—ଗୀତଗୋବିନ୍ଦ ଉପକ୍ରମୋଳ ।

**କୋଣିଆଁଇଁବା**—ଦେ. କ୍ରି—୧ । କୌଣସି ବସ୍ତୁକୁ କୋଣବାଗେ ରଖିବା—1. To put a thing cornerwise.
Koniāṅiṅbā

୨ । କୋଣିଆଁଇଁ ଚାହିଁବା; ଆଖିକୋଣଦ୍ୱାରା ଚାହିଁବା; କଣେଇ କରି ଚାହିଁବା—
2. To cast a sidelong glace; to ogle.

ବର୍ଷାପ୍ରଭଙ୍ଗୀ କୋଣିଆଁଇଁ ଅନାଇଁ ସେ ଭଙ୍ଗୀ ଧୈର୍ଯ୍ୟ ଭଙ୍ଗ ଦେଲ—ଉପେ. ବୈଦେହୀଶବିଳାସ ।

୩ । କୋଣଆଡ଼କୁ ଗତି କରିବା—
3. To move towards an angle or corner.

**କୋଣୀ**—ସଂ. ବିଣ. ( କୋଣ+ଇନ୍; ୧ମା. ୧ବ )—କୋଣବିଶିଷ୍ଟ—Angular.
Koni
( ଯଥା—ସମକୋଣୀ ତ୍ରିଭୁଜ )
ସଂ. ବି—କୋବା ( ଦେଖ )—Kobā ( See )

**କୋଣେଇଁ ଚାହିଁବା**—ଦେ. କ୍ରି—କୋଣିଆଇଁ ଚାହିଁବା ( ଦେଖ )
Koneiṅ chāhiṅbā Koniāiṅ chāhiṅbā ( See )

**କୋଣେଇଁବା**—ଦେ. କ୍ରି—କୋଣିଆଁଇଁବା ( ଦେଖ )
Koneiṅbā Koniāṅiṅbā ( See )

**କୋଣ୍ଡି**—ପ୍ରାଦେ. (ବସ୍ତର) ବି. (ସଂ. କୁଣ୍ଡ )—ମାଟିରେ ତିଆରି ଘଡ଼ି—A small pot made of earth.
Kondi

**କୋତ**—ଦେ. ବି. (ସଂ.କୁତୂ )—୧ । ଚମଡ଼ା ନିର୍ମିତ ବଡ଼ ତୈଳପାତ୍ର—1. Narrow-mouthed big leathern jar for oil, ghee etc.
Kota
पिपा
**पीपा**
୨ । ବଡ଼ ମାଠିଆ—2. Large water-jug with a narrow mouth.

**କୋତକା**—ବୈଦେ. ବି. (ତୁର୍କୀ. କୁତକା=ମୋଟା ଶକ୍ତ ଠେଙ୍ଗା)—ଘୋଟିବାର ଠେଙ୍ଗା—A thick stick for pounding anything.
Kotakā
কোঁতকা
**कुतका**

**କୋତପେଟିଆ**—ଗ୍ରା. ବିଣ. ପୁ. ( ପୁରୁଷଙ୍କୁ ଦିଆଯିବା ଗାଳିବିଶେଷ )—ବଡ଼ପେଟୁଆ; ଯାହାର ପେଟ କୋତ ପରି ବଡ଼—(a term of abuse applied to males) Large-bellied.
Kotapetiā
କୋତପେଟୀ }
କୋତପେଟେଇ } ସ୍ତ୍ରୀ.

**କୋତରା**—ଦେ. ବି. ( ସଂ. କଚର )—ମଇଳା; ମଳ—Dirt.
Kotarā
(କୋତରୀ—ସ୍ତ୍ରୀ) ଦେ. ବିଣ. ପୁଂ—୧ । ଅପରିଷ୍କୃତ; ମଇଳାଯୁକ୍ତ—1. Dirty; nasty; foul.
কোতরা
**गन्दा**
୨ । କୋତଟିଆ; ମଳିନ—2. Soiled.
୩ । ଜୀର୍ଣ୍ଣ—3. Worn out.

**କୋତରା ଗୁଡ଼**—ଦେ. ବି. ( ସଂ. କୁତ୍ସିତ ଚର+ଗୁଡ଼, ସଂ. କଚର+ଗୁଡ଼ )—କଳାବର୍ଣ୍ଣର ଅପରିଷ୍କୃତ ଗୁଡ଼—Black molasses.
Kotarā gurda
কোতরা

**କୋତରି**—ପ୍ରାଦେ. ( ବସ୍ତର ) ବି—କେରାଣ୍ଡି ମାଛ—A species of small fish.
Kotari

**କୋତିବା**—ଦେ. କ୍ରି. (ସଂ. କୃତ୍ ଧାତୁ )—କରତିବା; କାଟିବା—To cut, as by a saw.
Kotibā
করাতেচেরা
**आरेसेचीरना**
ରତପତ ଯେ ଏବେ ବକୋତ କୋତ ହେ—ଭକ୍ତ. ପ୍ରେମସୁଧାନିଧି ।

**କୋଥ**—ସଂ. ବିଣ. ( କୁଥ ଧାତୁ+ଅ )—୧ । ଦୁଃଖକ୍ଲିଷ୍ଟ—1. Afflicted with pain.
Kotha
୨ । ମଥିତ—2. Churned.
ସଂ. ବି—୧ । ମଥନ—1. Churning.
୨ । ଚକ୍ଷୁରୋଗବିଶେଷ; ଆଖିର କୋଣ ଫୁଲି ଘାଆ ହୋଇଯିବା ରୋଗ—2. An eye-disease; inflammation and ulceration of the angles of the eye-lids.
୩ । ପଚୁଘା—3. Gangrene.
୪ । ପଚିଯିବା; ସଢ଼ିଯିବା—4. Putrefaction.
୫ । ଘାଆ—5. Sore.
୬ । ଘାଆ ହୋଇଯିବା—6. Ulceration.

**କୋଥମା**—ଗ୍ରା. ବିଣ. ପୁଂ—କୋଦା; ସ୍ଥୂଳଦେହ—Fat; corpulent.
Kothamā
( କୋଥମୀ—ସ୍ତ୍ରୀ )

**କୋଥମିରି**—ପ୍ରାଦେ. ( କଟକ; ଗଞ୍ଜାମ ) ବି. ( ତେ. କୋଥମିଲ୍ଲୁ; କୋଥମିରି; ଭୁଲ. ଧନିଆଁର ସଂସ୍କୃତ ନାମ କୁନଟୀ, ବହୁବଚନ )—ଧନିଆଁ ( ଶାକଗୁଳ୍ମ )—Coriander ( plant).
Kothamiri
ধনিয়াশাক
**कोथमीर**

[ ଦ୍ର—କଞ୍ଚା ଧନିଆଁପତ୍ରକୁ କୋଥମିରି କହନ୍ତି ଓ ଏହି ପତ୍ରରେ ଖଟା ମିଶାଇ ବାଟିଲେ କୋଥମିରି ଚଟଣି ହୁଏ ଓ ଏ ପତ୍ରରେ ଲବଣ ଓ ଆମ୍ଳ ବଟାଇଲେ ତାହା ସୁଗନ୍ଧଯୁକ୍ତ ହୁଏ । ]

**କୋଥମେରି**—ପ୍ରାଦେ. ବି—କୋଥମିରି ( ଦେଖ )
Kothameri Kothamiri ( See )

**କୋଥଲ**—ଗ୍ରା. ବିଣ. ପୁଂ. ( ସଂ. ସ୍ଥୂଳକାୟ )—୧ । ପେଟୁଆ—1. Pot-bellied.
Kothala
(କୋଥଲୀ—ସ୍ତ୍ରୀ) ୨ । କୋଦା; ମୋଟା—2. Fat-bodied.
୩ । ବହୁତ; ବେଶି; ଗାଢ଼—3. Excessive.

କୋଥଲ ଧୂଆଁ ତେଜ ଅନ୍ଧକାର ତାହାତଳେ । ମାର୍କଣ୍ଡେୟ ପୁରାଣ ।

**କୋଥଲି**—ଦେ. ବି. ( ସଂ. କୁ+ସ୍ଥଳୀ ବା ସ୍ଥାଲୀ )—
Kothali ୧ । ମୋଟ କନାର ଥଳି—1. A bag of coarse cloth; wallet.
**कुथली**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଉଥ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନ୍ତ |

**କୋଥଲୀ** ୨ । ତିଳକ ଓ ପୂଜାର ଉପାଦାନ ରଖିବାର ମୁଣି—
2. A wallet for containing the articles used during daily worship.

**କୋଥଲି**—ଦେ. ବି—କୋଥଲ ( ଦେଖ )
Kothali — Kothaḷi ( See )

**କୋଥା**—ଦେ. ବିଣ. ପୁଂ—କୋଦା; ସ୍ଥୂଳଦେହ—
Kothā — Fat; corpulent.
(କୋଥୀ—ସ୍ତ୍ରୀ)

**କୋଥାଳ**—ଦେ. ବିଣ. ପୁଂ—କୋଥା ( ଦେଖ )
Kothāḷa — Kothā ( See )
(କୋଥାଳୀ—ସ୍ତ୍ରୀ)

**କୋଥାଳିଆ**—ଦେ. ବିଣ. ପୁଂ—କୋଥା ( ଦେଖ )
Kothāḷia — Kothā ( See )
(କୋଥାଳେଇ—ସ୍ତ୍ରୀ)

**କୋଥି କୋହରି ହେବା**—ଗ୍ରା. କ୍ରି—ଅତ୍ୟନ୍ତ ବିକଳ ହୋଇ କାନ୍ଦିବା—
Kothi kohari hebā — To weep very bitterly with gasps.

**କୋଥିମିରି**—ଦେ. ବି—କୋଥମିରି ( ଦେଖ )
Kothimiri — Kothamiri ( See )

**କୋଥିଲି**—ଗ୍ରା. ବି—କୋଥଲି ( ଦେଖ )
Kothiḷi — Kothaḷi ( See )

**କୋଥି ହେବା**—ଦେ. କ୍ରି—କୋଥି କୋହରି ହେବା ( ଦେଖ )
Kothi hebā — Kothi kohari hebā ( See )

**କୋଦଣ୍ଡ**—ସଂ. ବି. ( କୁଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅଣ୍ଡ; ନିପାତନ )—୧ । ଧନୁ—1. A bow.
Kodaṇḍa
୨ । ଧନୁରାଶି—2. A zodiac sign of Sagitarius or archer in Hindu-astronomy.
୩ । ( ଧନୁ ଆକୃତି ଥିବାରୁ ) ଭ୍ରୂ; ଭୂଲତା—
3. Eye-brow ( shaped like a bow ).
ଦେ. ବି—୧ । ଧନୁ ପରି ନତ ଶରୀର—1. The body of a person bent at both ends like a bow.
୨ । ଓଡ଼ିଆ ବେହେରାମାନଙ୍କର ସବାରିଡାକବିଶେଷ; ସବାରି-କାନ୍ଧିଆ ଜଣେ ଗଉଡ଼ର କାନ୍ଧ ଅନ୍ୟ ଗଉଡ଼ମାନଙ୍କର କାନ୍ଧ ଅପେକ୍ଷା ଉଚ୍ଚ ଥିଲେ, ଡେଙ୍ଗା ଲୋକ ଗେଡ଼ା ଗଉଡ଼ଙ୍କ କାନ୍ଧ ସଙ୍ଗେ କାନ୍ଧ ମିଳାଇ କାନ୍ଧେଇବା ନିମନ୍ତେ ଧନୁ ପରି ନଇଁଯିବା ଅବସ୍ଥା—
2. A term used by the palki-bearers to denote the condition of a tall man becoming bent like a bow to bring his shoulder to a level with the other short-statured bearers.

**କୋଦଣ୍ଡକର**—ସଂ. ବିଣ. ପୁଂ. ( ବହୁବ୍ରୀହି; କୋଦଣ୍ଡ+କର )—
Kodaṇḍakara — କୋଦଣ୍ଡଧର ( ଦେଖ )
Kodaṇḍadhara ( See )

**କୋଦଣ୍ଡ କରିବା**—ଦେ. କ୍ରି—ଓଡ଼ିଆ ବେହେରାଙ୍କ ସବାରି ଡାକ—
Kodaṇḍa karibā — ଏକା ସଙ୍ଗେ କାନ୍ଧେଇଥିବା ଗେଡ଼ା ବେହେରାଙ୍କ କାନ୍ଧ ସଙ୍ଗେ କାନ୍ଧ ମିଳାଇବାକୁ ଡେଙ୍ଗା ବେହେରା ଧନୁ ପରି ନଇଁଯିବା—To bend one's self like a bow in order to bring his shoulder to a line with the less tall co-palki-bearers.

**କୋଦଣ୍ଡଧର**—ସଂ. ବିଣ. ପୁଂ. ( କୋଦଣ୍ଡ+ଧୃ ଧାତୁ=ଧରିବା+କର୍ତ୍ତୃ. ଅ )—ଧନୁର୍ଦ୍ଧର—
Kodaṇḍadhara — Holding or carrying a bow in the arms; armed with a bow.
ସଂ. ବି—ଶ୍ରୀରାମ—Srirāma.
କୋଦଣ୍ଡଧର ବାଳୀ ହସଇ ଭୂଲିକୁ ବକଗିର । ବଳରାମ. ଦାଶରଥିରାମାୟଣ ।
[ ଦ୍ର—ଏ ଶବ୍ଦ ବିଶେଷ ଭାବରେ ଶ୍ରୀରାମଙ୍କ ଠାରେ ପ୍ରଯୁଜ୍ୟ ହୁଏ; କାରଣ ରାମାବତାରରେ ଶ୍ରୀରାମ ସର୍ବଦା ଧନୁଃଶର ବ୍ୟବହାର କରୁଥିଲେ । ]

**କୋଦଣ୍ଡଧାରୀ**—ସଂ. ବିଣ. ପୁଂ. (କୋଦଣ୍ଡ+ଧୃ ଧାତୁ+କର୍ତ୍ତୃ. ଇନ୍)—
Kodaṇḍadhāri — କୋଦଣ୍ଡଧର ( ଦେଖ )
Kodaṇḍadhara ( See )

**କୋଦଣ୍ଡରାମା**—ପ୍ରାଦେ. ( ଗଞ୍ଜାମ ) ବି—ଚାଟଶାଳୀରେ ଛାତ୍ରମାନଙ୍କୁ
Kodaṇḍarāmā — ଦିଆଯିବା ଦଣ୍ଡବିଶେଷ; ମରୁଅଣ୍ଟାକୁଳ—
A kind of punishment inflicted on students in a village-school.

**କୋଦମା**—ଗ୍ରା. ବିଣ. ପୁଂ. [ ସଂ. କୁଦାଲ; କୋଡ଼ି ପରି ଚଉଡ଼ା ଥିବାରୁ ? ]—୧ । ସ୍ଥୂଳକାୟ; ମୋଟା—
Kodamā — 1. Fat-bodied.
(କୋଦମୀ—ସ୍ତ୍ରୀ)
୨ । ପେଟୁଆ; ଥାଉଲା—2. Pot-bellied.

**କୋଦମାସିଂହ**—ଦେ. ବି—କ୍ଷତ୍ରିୟଙ୍କର ବଂଶୋପାଧିବିଶେଷ—
Kodamāsiṃha — A family-title of the Kshatriyas.

**କୋଦା**—ଦେ. ବିଣ. ପୁଂ—କୋଦମା ( ଦେଖ )
Kodā — Kodamā ( See )
(କୋଦେଇ—ସ୍ତ୍ରୀ) ପ୍ରାଦେ. (ଗଞ୍ଜାମ) ବି—କୋଦୁଅ ( ଦେଖ )
Kodua ( See )

**କୋଦାର**—ସଂ. ବି—ଶସ୍ୟବିଶେଷ—
Kodāra — A kind of grain.

**କୋଦାଳ**—ଦେ. ବି. ( ସଂ. କୁଦାଲ; ଭୁଲ—ତା. କୋଦଲ )—
Kodāḷa — ୧ । କୋଡ଼ି—1. Spade.
କୋଦାଳ — ଚିଣକଣ ଭୁଲେ କୋଦାଳ ଦେଲେ । ପ୍ରାଚୀ. ପରଦେଶୀଆ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ ଗାଢ଼' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ।

କୁଦାଲ ୨। ଲମ୍ବ ବେଣ୍ଟ ଲାଗିଥିବା ଚଉଡ଼ାମୁହା କାଙ୍କ; ଫାଉଡ଼ା—
2. A spade with a long handle.

ପ୍ରାଦେ. ( ଗଡ଼ଜାତ ) ବି—ସାତ ଆଠ ହାତ ଉଚ୍ଚ ଏକ ପ୍ରକାର
ଉଦାଲ୍ କାଠ ଗଛ—Sterculia Villos ( Haines ).
[ ଦ୍ର—ଏହାର ବକଳକୁ ପରସ୍ତ ପରସ୍ତ କରି ଛଡ଼ାଇଲେ ତହିଁରୁ ଲଇ ହୁଏ। ]

**କୋଦାଲି**—ଦେ. ବି—କୋଦାଳ ୧. ୨ ( ଦେଖ )
Kodāli Kodāla 1 and 2 ( See )

**କୋଦାଲିଆ**—ଦେ. ବିଣ. ପୁଂ— କୋଦମା ( ଦେଖ )
Kodālia Kodamā ( See )
(କୋଦାଲେଣୀ—ସ୍ତ୍ରୀ)

**କୋଦୁଅ**—ଦେ.ବି.(ସଂ. କୋଦ୍ରବ, କୋରଦୂଷକ)—ଓଡ଼ିଶାର ଧାନ ବିଲରେ
Kodua ମନକୁ ଜନ୍ମିବା ଏକପ୍ରକାର ବଣ୍ୟତୃଣ—A grain growing wild in paddy-fields in
କୋদো, কোদাধান Orissa and cultivated in Behar;
कोद्दो, कोदद्द Paspalum Scrobiculatum; Punctured
ମ. ହରିକ Paspalum (grain).
ଗୁ. କୋଦରେ [ଦ୍ର—ଏହାର ପତ୍ର ମୟୂରାକାର ଓ ବଣାଳ;
ତେ. ଅରୁକାଲୁ ଏହାର ଫଳରୁ ଧଳା ଧଳା ଗୋଲ ଦାନାଦାର
ଆ. କୋଦ୍ରୁ ଚାଉଳ ବାହାରେ। ଗରିବମାନେ ଏହାକୁ ସିଦ୍ଧ କରି
ତା. ବାରକଂ ଖାଆନ୍ତି। ବିହାରର ଉତ୍କୃଷ୍ଟ ଜମିରେ ଏହାର ଚାଷ କରାଯାଏ। ଗଛ ୧୪ ହାତ ପର୍ଯ୍ୟନ୍ତ ଉଚ୍ଚରେ ବଢ଼େ। ଏହା ବାତଜନକ, ସଙ୍ଗ୍ରାହୀ, ଶୀତଳ ଓ ପିତ୍ତକଫନାଶକ।]

**କୋଦ୍ରବ**—ସଂ. ବି.—କୋଦୁଅ (ଦେଖ)
Kodraba Kodua (See)

**କୋଧମା**—ଗ୍ରା. ବିଣ. ପୁଂ.— କୋଦମା (ଦେଖ)
Kodhamā Kodamā (See)
(କୋଧମୀ—ସ୍ତ୍ରୀ)

**କୋଧା**—ଗ୍ରା. ବିଣ. ପୁଂ—କୋଦମା (ଦେଖ)
Kodhā Kodamā (See)
(କୋଧୀ—ସ୍ତ୍ରୀ)

**କୋଧାଲିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—କୋଦମା (ଦେଖ)
Kodhālia Kodamā (See)
(କୋଧାଲେଣୀ—ସ୍ତ୍ରୀ)

**କୋନ୍**—ପ୍ରାଦେ. (ମେଦିନୀପୁର) ସର୍ବନାମ—କୌଣସି—
Kon Any; some; certain.

**କୋନାଲକ** ସଂ. ବି.—ଜଳଚର ପକ୍ଷିବିଶେଷ—
Konālaka A kind of aquatic bird (M. W.)

**କୋନ ଲକା**—ସଂ. ବି.—କୋନାଲକ (ଦେଖ)
Konālakā Konālaka (See)

**କୋଣି**—ପ୍ରାଦେ. ( ଭତ୍ରୀ ଭାଷା ) ସର୍ବନାମ—କୌଣସି—
Koni Certain; some; any.

**କୋନ୍ତି**—ଗ୍ରା. (ପ୍ରାଚୀନ ପଦ୍ୟ)ବି.(ସଂ. କୌନ୍ତେୟ)—କୁନ୍ତୀପୁତ୍ର; ଅର୍ଜୁନ-
Konti Arjuna, the son of Kunti.

ଗୃହ ଲକ୍ଷ କରି ତାକୁ ଗଲେ,
ଏଥି ଉପରେ ଶୁଣ କହି କୋନ୍ତି। ପ୍ରାଚୀ. ପରଦେଶୀଗୀତା।

**କୋନ୍ଧଣା**—ପ୍ରାଦେ. (ବାଲେଶ୍ୱର) ବି.—ଚାଉଳ ବା ମୁଢ଼ିଆଦି ରଖିବା
Kondhaṇā ପାଇଁ ବ୍ୟବହୃତ ବଡ଼ ବଡ଼ ଘୁମ—Big earthen jars (wide at the middle) for stroring rice etc.

**କୋପ୍‌ତା**—ବୈଦେ. ବି.—କୋପ୍ତା (ଦେଖ)
Koptā Koptā (See)

**କୋପ**—ସଂ. ଉ. (କୁପ ଧାତୁ=ରାଗ କରିବା+ଭାବ. ଅ)—
Kopa ୧। କ୍ରୋଧ; ରାଗ—1. Anger; wrath.
୨। ଅସନ୍ତୋଷ—2. Discontent.
୩। ଭୟାନକ ତେଜ; ପ୍ରକୋପ—3. Fury.
୪। ଶରୀରସ୍ଥ କଫ, ବାତ ବା ପିତ୍ତର ଆଧିକ୍ୟ ବା ଉଗ୍ରଭାବ ଧାରଣ—4. Morbid irritation or disorder of the humours of the body.

**କୋପଜ୍ୱଳିତ**—ସଂ. ବିଣ. ପୁଂ. (ଷଷ୍ଠୀ ତତ୍; କୋପ+ଜ୍ୱଳିତ)—ରାଗରେ
Kopajwalita ଜଳୁଥିବା; ଅତ୍ୟନ୍ତ ରାଗିଥିବା—
Inflamed with anger.

**କୋପତା**—ବୈଦେ. ବି.—କୋପ୍ତା (ଦେଖ)
Kopatā Koptā (See)

**କୋପନ**—ସଂ. ବିଣ. ପୁଂ. ( କୁପ ଧାତୁ+କର୍ତ୍ତୃ. ଅନ )—୧। ରାଗୁଆ;
Kopana ରାଗୀ; ଯେ ଅଳ୍ପକେ ରାଗି ଯାଏ—
(କୋପନା—ସ୍ତ୍ରୀ) 1. Irascible; surly.
୨। କ୍ରୁଦ୍ଧ—2. Passionate; angry; wrathful; furious.
୩। ଯାହା ଶରୀରସ୍ଥ ବାତପିତ୍ତ ଓ କଫକୁ କୁପିତ କରାଏ—
3. Causing morbid irritation or disorder of the humours of the body.
ସଂ. ତି.—୧। ରଗାଇବା—1. Irritating.
୨। ରାଗିଯିବା—2. Becoming angry.

**କୋପନକ**—ସଂ. ବିଣ. ପୁଂ. (କୋପନ+ସ୍ୱାର୍ଥେ. କ)—ରାଗୀ; କ୍ରୁଦ୍ଧ—
Kopanaka Angry.
ସଂ. ବି.—ସୁଗନ୍ଧବିଶେଷ—A kind of perfume.

**କୋପନସ୍ୱଭାବ**—ସଂ. ବିଣ. ପୁଂ. (ବହୁବ୍ରୀହି. କୋପନ+ସ୍ୱଭାବ)—
Kopanaswabhāba କ୍ରୋଧଯୁକ୍ତ; ଯେ ସହଜରେ ରାଗି ଯାଏ—
(କୋପନସ୍ୱଭାବା—ସ୍ତ୍ରୀ) Of irritable temper; of wrathful nature.
ସଂ. ବି. (କର୍ମଧା)—ରାଗୁଆ ପ୍ରକୃତି—
Wrathful temper; angry disposition.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଷ | ଜ୍ଞ | ଇସ୍ମ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଣ୍ୟ | ଯ | ଷ | ଗଁ୍ୟ | ଇଅ | ଢ଼ | ନ୍‌ |

କୋପପଦ—ସଂ. ବି.—(୬ଷ୍ଠୀ ତତ୍; କୋପ+ପଦ)—
Kopapada ୧ । କ୍ରୋଧର କାରଣ—1. Cause of anger.
୨ । କପଟ କ୍ରୋଧ—2. Pretended anger.

କୋପବଶ—ସଂ. ବି. ପୁଂ. (କୋପ+ବଶ୍ ଧାତୁ+କର୍ତ୍ତୃ. ଅ)—
Kopabaśa ୧ । କୋପାକୁଳ; କ୍ରୋଧାଧୀନ—
(କୋପବଶା—ସ୍ତ୍ରୀ) 1. Overwhelmed with anger.
୨ । କୋପନ-ସ୍ୱଭାବ—
2. Of wrathful disposition.

କୋପବେଗ—ସଂ. ବି (୬ଷ୍ଠୀ ତତ୍; କୋପ+ବେଗ)—କ୍ରୋଧର ହଠାତ୍
Kopabega ବା ତେଜ—Fury of anger; rage; paroxysm of passion.

କୋପଭବନ—ସଂ. ବି—ଯେଉଁ ଘରେ ମନୁଷ୍ୟ ରାଗିଗଲେ ବୁଝିକରି
Kopabhabana ଯାଇ ପଶେ ( ହି. ଶବ୍ଦସାଗର )—A room to which a person withdraws when he becomes angry or sullen.

କୋପଭର—ସଂ. ବିଣ—( କୋପ+ ଭୃ ଧାତୁ+କର୍ତ୍ତୃ. ଅ)—କ୍ରୁଦ୍ଧ;
Kopabhara କୋପାନ୍ୱିତ—Angry; wrathful.

ଯହୁଁ କାଟିଲେ ରାମଶର, ଦେଖି ଲକ୍ଷ୍ମଣ କୋପଭର—
ଜଗନ୍ନାଥ• ବଡକ ରାମାୟଣ ।

କୋପମନା—ଦେ. ବିଣ ( ବହୁବ୍ରୀହି; କୋପ+ମନସ୍ )—କ୍ରୁଦ୍ଧ;
Kopamanā ରାଗାନ୍ୱିତ—Angry; wrathful.

ମୋହ ଶରଣେ ପ୍ରଭୁ ନୁହ କୋପମନା—କୃଷ୍ଣସିଂହ· ମହାଭାରତ. ଅବ ।

କୋପୟିଷ୍ଣୁ—ସଂ. ବିଣ ( କୁପ ଧାତୁ+ଣିଚ୍+କର୍ତ୍ତୃ. ଇଷ୍ଣୁ )—
Kopayishṇu ରଗେଇବାକୁ ଇଚ୍ଛା କରୁଥିବା; କୋପକାରକ—
Intending to irritate.

କୋପରା—ଦେ ( ପ୍ରାଚୀନପଦ୍ୟ ) ବି. (ସଂ. ଖର୍ପର; କପାଳ; ତୁଳ.
Koparā ଖପରା)—୧ । ଥାଳପରି ବେଣ୍ଟଲଗା ଚଟକା
कोपर ଧାତୁପାତ୍ର—A shallow metal plate with a long handle attached to it to enable it to be lifted with ease.
୨ । ମନୁଷ୍ୟର ଖପୁରି ଆକୃତିର ପାତ୍ର—
2. A skull-like earthen vessel.

ଅଣି ଅଇବଢ ଦେବ ସୁବର୍ଣ୍ଣ କୋପରା,
ସୁବର୍ଣ୍ଣ ଝପରୁଆ ଦେବ ଅଗ୍ରେ ନୁଆ । ସାରଳା ମହାଭାରତ• ଅବ ।

[ ଦ୍ର—ଏହା ପିତ୍ତଳ ବା ଅନ୍ୟ ଧାତୁର ଥାଳପରି ଚଟକା ପାତ୍ର; ଏହାର ଗୋଟିଏ ପାଖରେ ଅଣକବେଣ୍ଟ ପରି ଗୋଟିଏ ବଡ଼ ବେଣ୍ଟ ଲାଗିଥାଏ; ସେ ବେଣ୍ଟକୁ ଧରି ଏହାକୁ ସହଜରେ ଭୂମିରୁ ଟେକାଯାଇ ପାରେ; ତୁଳସୀଦାସଙ୍କ ରାମାୟଣରେ 'କୋପର' ଶବ୍ଦ ବ୍ୟବହୃତ ହୋଇଅଛି । ]

କୋପାଇବା—ଦେ. କ୍ରି—କୋପିବାର ଣିଜନ୍ତ ରୂପ—
Kopāibā The causative form of Kopibā.
কোপান
कुपानो

କୋପାକୁଳ—ସଂ. ବିଣ. ପୁଂ ( ୩ୟା ତତ୍; କୋପ+ଆକୁଳ )—
Kopākula କୋପାବିଷ୍ଟ (ଦେଖ)
(କୋପାକୁଳା—ସ୍ତ୍ରୀ) Kopābishṭa (See)

କୋପାନଳ—ଦେ. ବି ( ରୂପକ କର୍ମଧା; କୋପ+ଅନଳ, କୋପ
Kopānala ହିଁ ଅନଳ)—Fire of anger.
ତ୍ରା (ପ୍ରାଚୀନ ପଦ୍ୟ) ବିଣ.—ରାଗାନ୍ୱିତ; କ୍ରୁଦ୍ଧ—
Angry; furious.

ଭସ୍ମେ ଭାଙ୍ଗିଲେ ହସ୍ତିବଳ, ଦେଖି ଅସୁର କୋପାନଳ—
ଜଗନ୍ନାଥ. ଭାଗବତ ।

କୋପାନ୍ଧ—ସଂ. ବିଣ. ପୁଂ ( ୩ୟା ତତ୍; କୋପ+ଅନ୍ଧ )—ରାଗଦ୍ୱାରା
Kopāndha ଅଜ୍ଞାନ; କ୍ରୋଧରେ ଅନ୍ଧ—Blinded by anger.
(କୋପାନ୍ଧା—ସ୍ତ୍ରୀ)

କୋପାବିଷ୍ଟ—ସଂ.ବିଣ. ପୁଂ (୩ୟା ତତ୍; କୋପ+ଆବିଷ୍ଟ )—କ୍ରୁଦ୍ଧ—
Kopābishṭa Enraged.
(କୋପାବିଷ୍ଟା—ସ୍ତ୍ରୀ)

କୋପି (ଧାତୁ)—ସଂ. (କୁପ୍ ଧାତୁର ଣିଜନ୍ତ ଆକାର)—କ୍ରୁଦ୍ଧକରିବା—
Kopi (root) To irritate; to inflame.

କୋପିତ—ସଂ.ବିଣ (କୁପ୍ ଧାତୁ; ଣିଜନ୍ତ=କୋପି ଧାତୁ+କର୍ମ. ତ)—
Kopitā ୧ । ରାଗି ଯାଇଥିବା; କ୍ରୋଧିତ; ଯାହାକୁ କେହି ରଗାଇ ଅଛି—1. Irritated; enraged.
୨ । କ୍ରୋଧମୟ—2. Angry; passionate.

ସେହିକାଳେ ନୃପଙ୍କ କ୍ରୋଧିତ ବଚନ
ସାଗର ଧ୍ୱନିକ ମଣିଲ ଶୁଣି କାନ—କୃଷ୍ଣସିଂହ. ମହାଭାରତ ସଭା ।

କୋପିବା—ଦେ. (ପଦ୍ୟ) କ୍ରି—କ୍ରୁଦ୍ଧହେବା; କ୍ରୋଧ ପ୍ରକାଶ କରିବା—
Kopibā To become angry.
कुपा ବୋଲୁଁ କୋପି ତକ୍ଷକ, ବୋଇଲା ଏମନ୍ତ ବାକ ।
कुपना, कोपना ଭକ୍ତ• ବୈଦେହୀଶବିଳାସ ।

କୋପୀ—ସଂ. ବିଣ. ପୁଂ. ( କୋପ+ଇନ୍; ୧ମା. ୧ବ )—
Kopī ୧ । କୋପନ ସ୍ୱଭାବଯୁକ୍ତ—
(କୋପିନୀ—ସ୍ତ୍ରୀ) 1 Passionate; wrathful; irritable.
୨ । ଯେ ଅନ୍ୟକୁ ରଗାଏ—
2. Irritating ( M. W. )
ସଂ. ବି—ଜଳଚର ପକ୍ଷି ବିଶେଷ—
A water-pigeon.

କୋପ୍ତ—ବୈଦେ. ବି. ( ଫା. କୋଫ୍ତ୍ )—
Kopt ଲୁହା ଜିନିଷ ଉପରେ ସୁନା ରୁପାର କାରୁକର୍ମ—
कोफ्त Workmanship of gold and silver on iron.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ସଂଖ୍ୟାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଖୋଜିବେ; 'ବଧୂ' ନ ମିଳଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଗ୍ଯ' ଦେଖିବେ; 'ଅଲବଲ' ନ ପାଇଲେ 'ଅଲବଳ' ଦେଖିବେ

**କୋପ୍ତା**—ବୈଦେ. ବି. ( ଫା. କୋଫ୍ତା )—
Koptā — କୁଚିକୁଚି କଟା ହୋଇଥିବା ମାଂସର କବାବ୍—
Roasted mince-meat.
[ ଦ୍ର—ଏହା ଗୋଟାଳ ବା ଜାମୁକୋଳ ପରି ଗୋଲ ହୋଇ ଥାଏ । ଏଥି ମଧ୍ୟରେ ଅଦା, ମସଲା ଓ ଶସ୍ୟର ଛତୁଆପୁର ଦିଆଯାଇ-ଥାଏ । ]

**କୋପ୍ତି**—ଦେ. ବି. ( ସଂ. କୁରରୀ )—ଏକ ପ୍ରକାର ଛୋଟ ପକ୍ଷୀ—
Kopti — A kind of small bird.
[ ଦ୍ର—'ମାଣ ପୁରଲା ଛଡ଼ରେ ପୁଡ଼ା'—ଏମାନଙ୍କ କଣ୍ଠସ୍ୱରରୁ ଏହିପରି ଧ୍ୱନି ଶୁଣାଯାଏ । ]

**କୋବଲ**—ଗ୍ରା. ବୈଦେ. ବି. ( ଅ. କାବୁଲ )—ସ୍ୱୀକାର—
Kobala — Admission.

**କୋବଲତ୍**—ଗ୍ରା. ବୈଦେ. ବି—କବୁଲତ ( ଦେଖ )
Kobalat — Kabulata ( See )

**କୋବଲା**—ଗ୍ରା. ବୈଦେ. ବି—କବାଲା ( ଦେଖ )
Kobalā — Kabālā ( See )

**କୋବଲେଇବା**—ଦେ. କ୍ରି—କବୁଲେଇବା ( ଦେଖ )
Kobaleibā — Kabuleibā ( See )

**କୋବା**—ବୈଦେ. ବି. ( ଫା. କୋବା; ଭୁଲ. ସଂ. ନାମ—କୋଣୀ—ଯୋଗେଶଚନ୍ଦ୍ର )—
Kobā
କୋବା — ୧ । କୋଠା ଛାତରେ ଗୋଡ଼ି ପିଟିବାରେ ବ୍ୟବହୃତ
**থাপী, কোবা** — କାଠନିର୍ମିତ ପିଟଣା—
1. A small wooden rammer used by masons to ram the concrete on a roof or floor.
୨ । ଖୋଟା; ଭୂମିରେ ପୋତାଯିବା କାଠର ମୁନିଆଁ ଦଣ୍ଡ—
2. Pointed stakes for driving into the earth to serve as posts.
୩ । ପିଟା; ପ୍ରହାର; କୋଡ଼ବା—
3. Cudgelling; beating.
ଦେ. ( ପଦ୍ୟ ) ସର୍ବନାମ. ( ସଂ. କୋଽୟ )—
ଏ କିଏ ? କିଏ ବା ?—Who (is this person) ?
ବେଗରେ ମୁଁ ବୋଲି ତହିଁ ନ ପାରନ୍ତି ପୁଚ୍ଛି କୋବା କୋବା ଡାକେ ।
ଉତ୍କ. ବୈଦେହୀଶବିଳାସ ।
ଦେ. (ଧ୍ୱନ୍ୟନୁକରଣ) ଅ—କାଲକଣ୍ଠ ପକ୍ଷୀର ଶବ୍ଦ—
The sound of the bird 'Kālakantha'.
କୋବା କୋବା କାଲକଣ୍ଠଙ୍କ ରଡ଼ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**କୋବାକୋବି**—ଗ୍ରା. ବି.—୧ । ଗୋଟାକେତେ ମାଡ଼; କୁଟାକୁଟି—
Kobākobi — 1. A sound thrashing.
୨ । ଅନ୍ୟୋନ୍ୟ ପିଟାପିଟି—
3. Mutual beating.

**କୋବା ପିଟିବା**—ଦେ. କ୍ରି—କୋବା ବାଡ଼େଇବା ( ଦେଖ )
Kobā pitibā — Kobā bārdeibā ( See )

**କୋବା ବାଡ଼େଇବା**—ଦେ. କ୍ରି—କୋବାରେ ଗୋଡ଼ି ଅଦକୁ ପିଟିବା—
Kobā bārdeibā — To ram a surface with rammer.

**କୋବି**—ବୈଦେ. ବି. (ପର୍ତ୍ତୁଗୀଜ୍-କୋବେ; ଭୁଲ, ଇଂ. କାବେଜ୍)—
Kobi — ଶୀତକାଳରେ ଜନ୍ମିବା ସର୍ଷପାଦି ବର୍ଗର
କୋପି; କପି — ବହୁଦେଶୀୟ ଶାକଗୁଳ୍ମ—
**কোবী, গোবী** — Cabbage; Brassica Oleracea.
[ ଦ୍ର—ଏ ଦେଶରେ ଏହାର ତିନୋଟି ଗୃଷ ହେଉଅଛି; ଏହା ପ୍ରଧାନତଃ ତିନି ଶ୍ରେଣୀର; ଯଥା—(୧) ଫୁଲକୋବି (cauliflower); ଏହାର ଫୁଲ ଫୁଲତୋଡ଼ା ପରି ହୁଏ, (୨) ବନ୍ଧାକୋବି (cabbage); ଏହାର ପତ୍ର ପରସ୍ପର ଗୁଡ଼ାଇ ହୋଇ ତାଲ ପରି ଟାଣୁଆ ହୁଏ, (୩) ଉଲ ବା ଓଲ୍‌କୋବି (knol-kohl); ଏହାର ମୂଳ ଓଲୁଅ ଭଳି ଭୂମି ଉପରେ ବାହାରେ । ବର୍ଣ୍ଣ, ଆକାର ଓ ପରିପୁଷ୍ଟି ହେବାର ସମୟ ଭେଦରେ ଏ ପ୍ରତ୍ୟେକ ଶ୍ରେଣୀର ଅନେକ ନାମ ଅଛି । ]

**କୋବିଦ**—ସଂ. ବି. ପୁଂ. ( କୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. କ୍ୱିପ୍;
Kobida — କୋ=ବେଦ; କୋ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. ଅ; ଯେ ବେଦ ଜାଣନ୍ତି )—
୧ । ପଣ୍ଡିତ—
1. Philosopher; learned man.
୨ । ଜ୍ଞାନୀ ବ୍ୟକ୍ତି—2. Wise man.
ସଂ. ବି—୧ । ନିପୁଣ—1. Expert; skilled.
୨ । ଦକ୍ଷ—2. Dexterous; clever.
୩ । ଅଭିଜ୍ଞ; ଅନୁଭବୀ—3. Experienced.
୪ । ବିଦ୍ୱାନ୍—4 Learned.

**କୋବିଦାର**—ସଂ. ବି. (କୋ=ପୃଥିବୀ+ବି+ଦୃ ଧାତୁ+କର୍ତ୍ତୃ. ଅ)—
Kobidāra — ବଡ଼କାଞ୍ଚନ ଗଛ—
Bauhinia Veriegata (tree).

**କୋବେଇବା**—ଦେ. କ୍ରି—୧ । କୋବିବାର ଣିଜନ୍ତ ରୂପ—
Kobeibā — 1. The causative form of Kobibā.
୨ । କୋବିବା ( ଦେଖ )
2. Kobibā ( See )

**କୋବେର**—ପ୍ରାଦେ. ( ବାଲେଶ୍ୱର ) ବି—ତେଲି—Oil-man.
Kobera — ଗ୍ରା. ବି—କୁବେର—Kubera; the God of Wealth.

**କୋମଳ**—ସଂ.ବିଣ. (କୁ ଧାତୁ+କର୍ତ୍ତୃ.ମଲ ବା କମ୍ ଧାତୁ=ଇଚ୍ଛା କରିବା
Komala — +କର୍ମ. ଅଲ )—୧ । କଅଁଳିଆ; ମୃଦୁ; ନରମ;
(କୋମଳା—ସ୍ତ୍ରୀ) — ଅକଠିଣ—1. Soft.
କୋମଳତା } ବି.
କୋମଳତ୍ୱ }
୨ । ସୁକୁମାର—
2- Tender; gentle; delicate.
୩ । ମଧୁର; ମିଷ୍ଟ—3. Sweet.

| ୧ | ଚ | ଓ | ଋ,ଋ | ୪ | ଏ | ହଲନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | କ୍ଷ | ଇଅ | ଋଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଛ | ଭ | ରୁ | ଲୁ | ସ୍ୱ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଞ | ଯ | ସ | ଂ | ଇଅ | ● | ନ |

୪ । ଲଳିତ; ହୃଦୟଗ୍ରାହୀ—
4. Pleasant; soothing; charming; agreeable.
୫ । ସୁନ୍ଦର—5. Handsome; beautiful.
୬ । ଦୟାର୍ଦ୍ର—6. Kind hearted.
୭ । (ସଙ୍ଗୀତ) ଧୀମା; ଅଳ୍ପ ସ୍ୱରବିଶିଷ୍ଟ (ଶବ୍ଦ)—
7. (Music) Low or soft (tone).
[ ଦ୍ର—ସଙ୍ଗୀତରେ ସ୍ୱର ତିନ ଶ୍ରେଣୀର ଯଥା—ଶୁଦ୍ଧ, ତୀବ୍ର ଓ କୋମଳ । ଷଡ଼ଜ ଓ ପଞ୍ଚମ ଶୁଦ୍ଧ ସ୍ୱର; ଅନ୍ୟ ୫ ସ୍ୱର,ଋଷଭ,ଗାନ୍ଧାର, ମଧ୍ୟମ, ଧୈବତ ଓ ନିଷାଦ କୋମଳ ଓ ତୀବ୍ର ଦୁଇପ୍ରକାର ହୁଅନ୍ତି । ଯେଉଁ ସ୍ୱର ଧୀମା ଓ ଆପଣା ସ୍ଥାନରୁ କିଛି ନୀଚ ତାକୁ କୋମଳ ବୁଝାଯାଏ । ଦ୍ର. ଶବ୍ଦସାଗର । ]
ସଂ. ବି—୧ । ଜଳ—1. Water.
୨ । କାଦୁଅ—2. Clay.
୩ । ମାଟି—3. Earth.

କୋମଳକ—ସଂ. ବି ( କୋମଳ+କ )—ପଦ୍ମଡେମ୍ଫର ସରୁ ତନ୍ତୁ—
Komalaka Fibres of the stalk of lotus.

କୋମଳ ବଚନ—ସଂ. ବି—ମଧୁର କଥା—
Komala bachana Sweet words.

କୋମଳବଚନା } ସ୍ତ୍ରୀ
କୋମଳବଚନୀ }
ସଂ. ବିଣ. ପୁଂ (ବହୁବ୍ରୀହି; କୋମଳ+ବଚନ; ଯାହାର)—କଥାରେ ଲଳିତ; ମଧୁରଭାଷୀ—Speaking soft or sweet words.

କୋମଳବଲ୍କଳା—ସଂ. ବି ( ବହୁବ୍ରୀହି; କୋମଳ+ବଲ୍କଳ+ସ୍ତ୍ରୀ. ଆ)—
Komalabalkalā ଲବଲୀ; ନଅରକୋଳି ଗଛ—A tree with acid berries Cicco Disticha.

କୋମଳମତି—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; କୋମଳ+ମତି)—
Komalamati ସୁକୁମାରମତି—Having delicate sense of understanding.

କୋମଳ ହୃଦୟ—ସଂ. ବି. ( କର୍ମଧା; କୋମଳ+ହୃଦୟ )—
Komala hrudaya ଦୟାର୍ଦ୍ର ହୃଦୟ—Tender heart.
(କୋମଳହୃଦୟା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଦୟାଳୁ—Tender-hearted.

କୋମଳାଙ୍ଗ—ସଂ. ବିଣ. ପୁଂ. ( ବହୁବ୍ରୀହି; କୋମଳ+ଅଙ୍ଗ )—
Komalānga ଯାହାର ଅଙ୍ଗ ଅତି କୋମଳ ବା ସୁକୁମାର—
(କୋମଳାଙ୍ଗୀ—ସ୍ତ୍ରୀ) Of very delicate limbs.

କୋମ୍ପାନୀ—ଗ୍ରା. ବୈଦେ ବି. (ଇଂ. କମ୍ପାନି)—କୋମ୍ପାନି ( ଦେଖ )
Kompani Kompāni ( See )

କୋମ୍ପାନି—ବୈଦେ. ବି. ( ଇଂ. କମ୍ପାନି )—୧ । ବାଣିଜ୍ୟ କରିବାକୁ
Kompāni ଏକାଧିକ ବ୍ୟକ୍ତିଙ୍କ ମୂଳଧନରେ ଗଠିତ ବଣିକ୍
କୁମ୍ପାନି ସମ୍ପ୍ରଦାୟ; ( ଏଥିର ସାଙ୍କେତିକ କୋଂ )—
କଂପନୀ ) 1. A company formed for the purpose of trade. ( abbreviated into Co. )
୨ । ଇଂରାଜବଣିକମାନେ ବାଣିଜ୍ୟକରିବା ପାଇଁ ଭାରତବର୍ଷକୁ ପ୍ରଥମେ ୧୬୦୦ ସାଲରେ ଆସିବା ସମୟରେ ଯେଉଁ ବଣିକ-ସଙ୍ଘ ଗଠନ କରିଥିଲେ; ଇଷ୍ଟ ଇଣ୍ଡିଆ କମ୍ପାନି—
2. East India Company.
[ ଦ୍ର—ପୂର୍ବେ ଏହି କୋମ୍ପାନି ଭାରତର ରାଜ୍ୟଶାସନଭାର ଗ୍ରହଣ କରିଥିଲେ । ୧୮୫୭ ଖ୍ରୀଷ୍ଟାବ୍ଦରେ ସିପାହିବିଦ୍ରୋହ ହେବାରୁ ବ୍ରିଟିଶ-ସମ୍ରାଜ୍ଞୀ ଓ ବିଲାତ ପାର୍ଲିଅମେଣ୍ଟ ଭାରତର ଶାସନଭାର ଗ୍ରହଣ କଲେ; ଏଥିପାଇଁ ପୂର୍ବେ ଇଂରାଜି ରାଜତ୍ୱକୁ ଲୋକେ କୋମ୍ପାନି ଅମଳ ବୋଲି କହୁଥିଲେ । ]

କୋମ୍ପାନି କାଗଜ—ବୈଦେ. ବି. ( ଇଂ. କମ୍ପାନି+ଫା. କାଗଜ୍ )—
Kompāni kāgaja ଇଂରାଜ ସରକାର ଭାରତର ପ୍ରଜାଙ୍କଠାରୁ
কুম্পানি কাগজ ଟଙ୍କା କରଜ ନେଇ ସେମାନଙ୍କୁ ଲେଖି
कंपनी कागज ଦେଇଥିବା ବାଣ୍ଡ୍ କୋର୍ଟ୍ ବା ତମସୁକ; ଗଭର୍ଣ୍ଣମେଣ୍ଟଙ୍କର ଲେଖିଦିଆ ପ୍ରମିସରି ନୋଟ୍—
Government security bonds; Government promissory notes.

କୋମ୍ପାନି ବାହାଦୁର—ବୈଦେ. ବି. (ଇଂ. କୋମ୍ପାନି+ଫା. ବାହାଦୁର)—
Kompāni bāhadur ଇଷ୍ଟ ଇଣ୍ଡିଆ କମ୍ପାନି—
কুম্পানি বাহাদুর East India Company.
कंपनी बाहादुर

କୋମ୍ପାସ—ବୈଦେ. ବି (ଇଂ. କମ୍ପାସ୍ )—କୁମ୍ପାସ୍ ( ଦେଖ )
Kompāsa Kumpās ( See )

କୋୟଞ୍ଚା—ପ୍ରାଦେ. ( ବସ୍ତର ) ବି—କୁହାଖଡ଼ିକା; ପିଠାଖଡ଼ିକା—
Koyañchā A flat iron ladle to turn cakes on the frying pan.

କୋୟର—ଦେ. ବି. ( ସଂ. କିଙ୍କର )—ଚାକର; ଭୃତ୍ୟ; ଦାସ—
Koyara Servant; slave.
ସେବକ ପାଦେ କୋୟର ପର ମୁହିଁ । କୃଷ୍ଣସିଂ. ମହାଭାରତ. ଅଦ ।

କୋୟଷ୍ଟି—ସଂ. ବି. ( କ=ଜଳ+ଯଷ୍ଟି=ଯଂକ୍ତି )—
Kojashti କୋୟଷ୍ଟିକ ( ଦେଖ )
Kojashtika ( See )

କୋୟଷ୍ଟିକ—ସଂ. ବି. ( କ=ଜଳ+ଯଷ୍ଟି+କ )—ଜଳଚର ପକ୍ଷୀ;
Kojashtika ଟିଟ୍ଟିଭ; ଟିଁଟ୍ଟିଁଆ ଚଢ଼େଇ; ଟେଁଟେଁହାଁ ଚଢ଼େଇ—
The lapwing (bird); partridge.
[ ଦ୍ର—ଏପକ୍ଷୀ ଜଳମଗ୍ନ ସ୍ଥଳରେ ଧାଡ଼ ଧାଡ଼ହୋଇ ବସିବାର ଦେଖାଯାଏ—ଏହା ଦୁଇ ଜାତିର, ପାଉଁଶିଆ ଓ କଳା; ଏ ଟିଁଟିଁ ରବ କରେ; ଲ୍ୟ. ଇଂ. ପୀଭିଟ୍; Gray and black partridge.]

କୋୟା—ପ୍ରାଦେ. ( ବଶାଖାପାଟଣା )—ଜାତି; ଅନାର୍ଯ୍ୟ ଜାତିବିଶେଷ—
Koyā A race of aborigines.
[ ଦ୍ର—ଏମାନେ ଭିଜାଗାପାଟଣାର ଉତ୍ତାଞ୍ଚଳ ଅଞ୍ଚଳରେ ବାସ କରନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚାର୍ଟର ଅକ୍ଷର ଓ ମାତ୍ରା ଏବଂ ୨ ଚାର୍ଟର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚାର୍ଟର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚାର୍ଟର ବିପରୀତ ୨ ବା ୧ ଚାର୍ଟର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ।

**କୋର୍ବାନି**—ବୈଦେ. ବି. (ଆ)—ମୁସଲମାନ ଶାସ୍ତ୍ର ଅନୁସାରେ ବକ୍ରୀଦ୍
Korbāni ସମୟରେ ଦିଆଯିବା ପଶୁବଳି—Animal sacrifice
(କୁର୍ବାନି—ଅନ୍ୟରୂପ) done at the time of Bakrid according the Mahommedan scripture.

**କୋର୍ଲି**—ପ୍ରାଦେ. ( ସମ୍ବଲପୁର ) ବି—ଟୋକେଇ—
Korli A basket.

**କୋର**—ସଂ. ବି. (କୁର ଧାତୁ+ଅ, ବା କୁଲ ଧାତୁ+ଅ )—
Kora ୧ । ଚଳନଶକ୍ତିଯୁକ୍ତ ଗଣ୍ଠି; ଦେହର ଗଣ୍ଠି—
1. A movable joint of the body.
୨ । କଢ଼ି; କୋରକ—2. Bud.
ଦେ. ବି—ମୋଟ ସୂତାରେ ବୁଣା ହୋଇଥିବାରେ ଫିତା—
( ଦ୍ର—ଏଥିରେ ଖଟ ବୁଣାଯାଏ । )
Tape.
ଗ୍ରା. ( ଇତର ) ବି (ସଂ. କ୍ରୋଡ଼)—୧ । କୋଡ଼; କୋଳ—
1. Lap.
[ ଦ୍ର—ଶୂଦ୍ର ଲୋକେ କୋଡ଼ ବା କୋଳ ସ୍ଥାନରେ କୋର ବ୍ୟବହାର କରନ୍ତି; ତୁଲ. ବାଡ଼ ଆଦି ସ୍ଥାନରେ ବାର, ଶୁଢ଼ଲ ସ୍ଥାନରେ ଶୁରଲ ଇତ୍ୟାଦି । ]
୨ । ନଡ଼ିଆ କୋରା—
2. Scraped kernel of cocoanut.
ପ୍ରାଦେ. (ସମ୍ବଲପୁର) ବି. (ସଂ. କୁରଙ୍ଗା)—୧ । କପଟ; ଛଳ—
1. Art; artifice; fraud.
୨ । କୋଡ଼ିଏ ସଂଖ୍ୟା; କୋଡ଼ି—
2. A unit of twenty.

**କୋରକ୍**—ବୈଦେ. ବି. ( ଆ. କୁର୍କ୍ )—କୋରଖ ( ଦେଖ )
Korak Korakha ( See )

**କୋରକ**—ସଂ. ବି. ( କୁର ଧାତୁ=ଛେଦନ କରିବା+କର୍ତ୍ତୃ. ଅକ )—
Koraka ୧ । ଫୁଟି ନ ଥିବା ଫୁଲ; ମୁକୁଳ; କଢ଼ି—
1. Unblown flower; bud.
୨ । ମୃଣାଳ—2. The stalk of lotus.
୩ । ମୃଣାଳର ଅଂଶୁ—
3. The fibres of the stalk of lotus.
୪ । ଫୁଲର ଅଫୁଟା ଅବସ୍ଥା—
4. The unblown state of a flower.
୫ । କଙ୍କୋଲ ବା କାକୋଲା ନାମକ ଔଷଧଗୁଳ୍ମ—
5. A medicinal plant.
୬ । ସୁଗନ୍ଧବିଶେଷ; ଶୈବଳ—
6. A kind of perfume.

**କୋରକିତ**—ସଂ. ବିଣ. ( କୋରକ+ସଞ୍ଜାତ ଅର୍ଥରେ. ଇତ )—
Korakita ୧ । କଢ଼ି ଧରିଥିବା—1. Budded
୨ । କଢ଼ି ପରି ଆକୃତି କରାଯାଇଥିବା—
2. Made up into the shape of a bud.
୩ । କଢ଼ିରେ ଆବୃତ—
3. Covered with buds ( M. W. )

**କୋରଖ**—ବୈଦେ. ( ତୁର୍କୀ. କୁର୍କ୍ ) ବି. ( କଚେରିଆ ଭାଷା )—
Korakha ରାଜକୀୟ ଆଦେଶରେ ବିକ୍ରି ହେବା ନିମନ୍ତେ ସମ୍ପତ୍ତି
क्रोक ଅଟକ ବା ଜବତ କରାଯିବା—Attachment of
कुर्क property under orders of a public anthority.

**କୋରଖ ଇସ୍ତିହାର**—ବୈଦେ. ବି. ( ତୁର୍କୀ. କୁର୍କ୍+ଅ+ଇସ୍ତିହାର୍ )
Korakha istihāra ( କଚେରିଆଭାଷା )—ସମ୍ପତ୍ତି ଅଟକ
क्रोकइस्तिहार ରଖାଯିବାର ସାଧାରଣ ବିଜ୍ଞାପନ—
कुर्कनामा Proclamation of attachment.

**କୋରଖଦାର୍**—ବୈଦେ. ବି ( ତୁର୍କୀ. କୁର୍କ୍+ଫା. ଦାର୍ )—ସମ୍ପତ୍ତି
Korakhadār କୋରଖ କରିବା ପାଇଁ ଅଧିକାର ପାଇଥିବା ରାଜକର୍ମଚାରୀ—A distrainer.

**କୋରଖନାମା**—ବୈଦେ. ବି. ( ତୁ. କୁର୍କ୍+ଫା. ନାମାହ୍ )—
Korakhanāmā କୋରଖପରୱାନା ( ଦେଖ )
Korakhaparawānā ( See )

**କୋରଖପରୱାନା**—ବୈଦେ. ବି. ( ତୁ. କୁର୍କ୍+ଆ. ପର୍‌ୱାନା )
Korakhaparawānā ( କଚେରିଆଭାଷା )—ନିଲାମ ନିମନ୍ତେ
क्रोकपरवाना ସମ୍ପତ୍ତି ଅଟକ ରଖାଯିବାର ରାଜକୀୟ
कुर्कपरवाना ଆଜ୍ଞାପତ୍ରିକା—Writ of attachment.

**କୋରଖି ( ଇତ୍ୟାଦି )**—ବୈଦେ. ବି. ( ଆ )—
Korakhi ( etc ) କୋରଖ ଇତ୍ୟାଦି ( ଦେଖ )
क्रोक Korakha etc ( See )
कुर्की ବିଣ—୧ । କୋରଖ ସମ୍ବନ୍ଧୀୟ—
1. Relating to attachment.
୨ । କୋରଖ କରାଯାଇଥିବା—2. Attached.
( ଯଥା—କୋରଖି ମାଲ୍ । )

**କୋରଗାତ**—ଗ୍ରା. ( ଇତର ) ବି.—କୋଡ଼ଗାତ ( ଦେଖ )
Koragāta Kordagāta ( See )

**କୋରଙ୍ଗ**—ପ୍ରାଦେ. (ଗଡ଼ଜାତ ) ବି—ଏକପ୍ରକାର ଜଙ୍ଗଲ କାଠଗଛ—
Koranga Pongamia Glabra (timber tree).

**କୋରଙ୍ଗା**—ପ୍ରାଦେ. ( ମେଦିନୀପୁର ) ବି—ମେଦିନୀପୁରର ଅଧିବାସୀ
Korangā ଶୂଦ୍ରଜାତିବିଶେଷ—
A class of Śūdras in Midnapur.

**କୋରଙ୍ଗୀ**—ସଂ ବି—ସୂକ୍ଷ୍ମେଲା; ଛୋଟ ଅଳେଇଚ; ଗୁଜରାତି—
Korangi Elettoria cardamomum.

**କୋରଜାଡୁ**—ଗ୍ରା ( ଇତର ) ବି—କୋଡ଼ଜାଡୁ ( ଦେଖ )
Korajādu Kordajādu ( See )

**କୋରଟ୍**—ଗ୍ରା. ବୈଦେ. ବି. ( ଇଂ. କୋର୍ଟ୍ )—କୋର୍ଟ୍ ( ଦେଖ )
Korat Kort ( See )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅକାରାନ୍ତ ଯୁକ୍ତାକ୍ଷର | ଯ | ଜ | ଷ,ସ | ଙ୍କ | ଇଅ | ଢ଼ଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଚିଁ୍ୟ | ଇଅ | ● | ନ୍ତ |

**କୋରଟ**—ଦେ. ବ—ତାଳବାହୁଙ୍ଗାର ପିଠିପାଖରୁ ଚଷି ଛୋଇ
Korața ବାହାରିବା ଚକ୍‌ଚିକିଆ ଲଇ (ଏଥିରେ ଲୁଗା ବାଉଁଶିଆ ଆଦି ମଗ୍ନମଡ଼ା ହୁଏ )—Strips of thin and flat glossy fibres extracted from the back of the stalks of the branches of the palm tree.

**କୋରଟିଆ**—ଦେ. ବଣ—୧ । ଛେମଡ଼ା—
Koraṭiā 1. Tenacious; infrangible.
চিমড়া ୨ । ଟାଣୁଆ—2. Hard.
चीमड़

**କୋରଡ଼**—ଦେ. ବି. ( ସ. କୋଟର )—
Korarda ୧ । ବୃକ୍ଷ କୋଟର; ବୃକ୍ଷର ଗଣ୍ଡି ମଧ୍ୟସ୍ଥ ଗର୍ତ୍ତ—
কোটর;খোঁড়ল 1. The hollow in the trunk of a
खोखला tree.

ସେ ବନ୍ଧରେ କୋରଡ଼ କର ଗୁଅଟଏ
ରହିଥିଲା ବହୁତକାଳୁ ନରସ୍ଵେ—କୃଷ୍ଣସିଂ ଡ. ମହାଭାରତ, ଶାନ୍ତି ।

୨ । ଗୁମ୍ଫା—2. Cave.
୩ । ଗାତ—3. Hole.
ক্রোর; ক্রোড় ୪ । ( ସ. କୋଟି ) ଏକକୋଟି ସଂଖ୍ୟା—
करोड़ 4. Ten millions; a crore.
ପ୍ରାଦେ. ( ସମ୍ବଲପୁର ) ବି— କୁରୁଡ଼ ( ଦେଖ )
Kururda ( See )
ଦେ. ବଣ. ( ସ. କୋଟର )—
୧ । ଗାଡ଼ୁଆ—1. Looking like holes; hollowed.
୨ । ଭିତରକୁ ପଶି ଯାଇଥିବା—
2. Sunken.

**କୋରଡ଼ପତି**—ଗ୍ରା. ବି. ( ସ. କୋଟିପତି—କୋଟି ମୁଦ୍ରାର ସ୍ୱାମୀ )—
Korardapati ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ—Millionaire
ক্রোড়পতি
करोड़पति

**କୋରଡ଼ା**—ଦେ. ବି—କୋଡ଼ା ୧ ଓ ୨ ( ଦେଖ )
Korardā Kordā 1 and 2 ( See )

ଘୋଡ଼ାମାନେ ସିପାହୀମାନଙ୍କ କୋରଡ଼ା
ପାଇ ପର ଘୋଡ଼ା ମଧ୍ୟରେ ହେଲେ ଛଡ଼ା ।
କୃଷ୍ଣସିଂ ଡ. ମହାଭାରତ. ଦ୍ରୋଣ ।

**କୋରଡ଼ି**—ଦେ. ବଣ—କୋରଡ଼ିଆ ( ଦେଖ )
Korardi Korardiā ( See )
ଦେ. ବି—ଘୋରଡ଼ି; ବତାରେ ତିଆରି ହୋଇଥିବା କୁଣ୍ଡଳୀ—
A circular moveable fencing of split bamboos.

**କୋରଡ଼ିଆ**—ଦେ. ବଣ. ( ସ. କୋଟର )—
Korardiā କୋଟର ପରି ଗହ୍ୱରିଆ—
Hollow like a cave.

**କୋରଣା**—ଦେ. ବି. ( ସ. କୃନ୍ତନୀ ? )
Koraṇā ୧ । ନଡ଼ିଆ ବା ପାଣିକଖାରୁ ଆଦିର ଶସକୁ
কুরনী, কুরণী କୋରିବାର ଯନ୍ତ୍ର—
गोदा, डाढी, करोनी 1. Toothed iron-instrument for scraping the soft parts of cocoanut and other fruits; a scratcher; a scraper.
୨ । ଦୁଧହାଣ୍ଡିରୁ ଦୁଧକୋରୁଅ କୋରିବା ପାଇଁ ବ୍ୟବହୃତ ଅର୍ଦ୍ଧଚନ୍ଦ୍ରାକୃତି ଲୌହନିର୍ମିତ ପାତିଆ—
2. A bit of iron-leaf for scraping the hard layers from the milk-pot.

**କୋରଣୀ**—ଦେ. ବି—କୋରଣା ( ଦେଖ )
Koraṇī Koraṇā ( See )

**କୋରଣ୍ଡ**—ସ. ବି—କୋଷ ବୃଦ୍ଧି ରୋଗବିଶେଷ; ଏକଶିରା—
Koraṇḍa Hydrocele; scrotal tumour.

**କୋରଡିନ**—ଦେ. ବି—ଦୁଇ ଥର ଭଙ୍ଗା ହୋଇ ବଳା ଯାଇଥିବା ସୂତା,
Koradina ଯହିଁରେ ମାଛଧରା ଜାଲ ବୁଣାଯାଏ—
A doubly twisted string used in weaving fishing nets.

**କୋରଦୂଷ**—ସ. ବି—କୋଦୁଅ ( ଦେଖ )
Koradūsha Kodua ( See )

**କୋରଧ**—ଗ୍ରା. ବି. ( ସ. କ୍ରୋଧ )—କ୍ରୋଧ ( ଦେଖ )
Koradha Krodha ( See )
ক্রোধ

**କୋରଧୀ**—ଗ୍ରା. ବଣ. ( ସ. କ୍ରୋଧୀ )—
Koradhi କ୍ରୋଧୀ; କୋପନ ସ୍ୱଭାବ—
Of fiery temper.

**କୋରନା**—ପ୍ରାଦେ. (ବସ୍ତର) ବି—କୋରଣା ( ଦେଖ )
Koranā Koraṇā ( See )

**କୋରମ୍**—ବୈଦେ. ବି. ( ଇଂ. କ୍ୱୋରମ୍ )—
Koram କୌଣସି ସଭାର ଅଧିବେଶନରେ ନିର୍ଦ୍ଦିଷ୍ଟ ନ୍ୟୂନତମ ସଂଖ୍ୟକ
কোরম ସଭ୍ୟଙ୍କ ଉପସ୍ଥିତି ( ଅର୍ଥାତ୍ ଯେଉଁ ନିର୍ଦ୍ଦିଷ୍ଟ ନ୍ୟୂନତମ
कोरम ସଂଖ୍ୟକ ସଭ୍ୟ ଉପସ୍ଥିତ ନ ହେଲେ ବିଧାନ ଅନୁସାରେ ସଭାର ବୈଠକ ହୋଇ ପାରିବ ନାହିଁ ଓ ଅଧିବେଶନକୁ ସ୍ଥଗିତ ରଖିବାକୁ ହେବ, ଅର୍ଥାତ୍ ଅନ୍ୟ ତାରିଖକୁ ଘୁଞ୍ଚାଇ ଦେବାକୁ ହେବ )—
Quorum at a meeting.

**କୋରମା**—ବୈଦେ. ବି. (ଅ)—କୂର୍ମା ( ଦେଖ )
Koramā Kurmā ( See )

**କୋରମୁଣ୍ଡା**—ଦେ. ବି—କୋରାମୁଣ୍ଡା ( ଦେଖ )
Koramuṇḍā Korāmuṇḍā ( See )

**କୋରମେଇ**—ଗ୍ରା. (ଉତ୍ତର) ବି—କୋଡ଼ମାଇ ( ଦେଖ )
Koramei Kordamāi ( See )

ସାଧାରଣ ନିୟମ ଏପରି ପୁସ୍ତକରେ ପଠିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ [illegible] ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଠ ସଙ୍ଗେ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବର୍ଣ୍ଣ' ନ ମିଳିଲେ 'ବର୍ଣ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**କୋରଳ**—ପ୍ରାଦେ. ( ଗଡ଼ଜାତ ) ବି—ଶୁଷ୍କଜମିକୁ ସମତୁଲ କରିବା
Korala ପାଇଁ ବ୍ୟବହୃତ ହଳେ ପୋଡ଼ୁଅଙ୍କ ଦ୍ୱାରା ଟଣା ଯିବା କଣ୍ଟି ଲାଗିଥିବା ସମକୋଣୀ ପଠା—
Wedge-shaped ladder drawn by buffaloes for being drawn over ploughed fields to make them level.

**କୋରସ୍**—ବୈଦେ. ବି. ( ଇଂ. କୋରସ୍ )—
Koras ଯାତ୍ରା ଆଦିରେ ଗାୟକ ଗୀତ ବୋଲିବା ପରେ ପାଳିଆ-
কোরাস মାନେ ସେହି ପାଳ ଧରନ୍ତି—Chorus.
कोरस

**କୋରା**—ଦେ. ବି. ( ସଂ. କୃତ୍ ଧାତୁ )—
Korā ୧ । କୋରଣା ଦ୍ୱାରା ଛଞ୍ଚା ହୋଇ ବାହାର କରା ଯାଇଥିବା ନଡ଼ିଆ ଆଦିର ଶସର ସୁଦ୍ରୁସୁଦ୍ର ଅଂଶ—
1. Small scrapings or shavings of the kernels of cocoanut and other soft fruits.
୨ । ଗୁଡ଼ ବା ଚିନିରେ ପାଗ ହୋଇ ନଡ଼ିଆକୋରାରେ ପ୍ରସ୍ତୁତ ମିଷ୍ଟାନ୍ନ—
2. Sweetmeat prepared with cocoanut-shavings boiled with sugar.

ପ୍ରାଦେ. ( ଗଡ଼ଜାତ ) ବି—ଆଗୁଆ ଧାନ—
Early paddy.

ଦେ. ବିଣ—୧ । କୋରା ହୋଇଥିବା—1. Scraped.
୨ । କୋରା ହେବାର ଯୋଗ୍ୟ—
2. Fit to be scraped.
কোরা ୩ । ନୂଆ ( ଲୁଗା ); ବୁଣା ହେବା ପରେ ଧୁଲେଇ କରା
कोरा ଯାଇ ନଥିବା (ଲୁଗା)—3. Unbleached
(ଧୁଲେଇ—ବସ୍ତ୍ରଶୋଧନ) ( cloth ); new ( cloth )

**କୋରାଇବା**—ଦେ. କ୍ରି—କୋରିବାର ଣିଜନ୍ତରୂପ—The causative
Korāiba form of Koribā.
কোরান, চাঁচান
करवाना

**କୋରାକୋରି**—ଦେ. ବି—ମଇଳାକୁ ପାଙ୍କ ବା ନଡ଼ିଆ ଆଦିକୁ ଉତ୍ତମ-
Korākori ରୂପେ କୋରିବା କର୍ମ—The act of scraping.

**କୋରାଣ୍ (ଇତ୍ୟାଦି)**—ବୈଦେ. ବି. (ଆ)—କୋରାନ୍ ଇତ୍ୟାଦି (ଦେଖ)
Korāṇ (etc) Korān etc (See)

**କୋରାନ୍**—ବୈଦେ. ବି (ଆ. କୋରଆନ୍) କୁରାନ୍ (ଦେଖ)
Korān Kurān (See)

**କୋରାନ୍ ଶରୀଫ୍**—ବୈଦେ. ବି. (ଆ)—କୁରାନ୍ (ଦେଖ)
Korān sariph Kurān (See)

**କୋରାମୁଣ୍ଡା**—ପ୍ରାଦେ. (ଗଡ଼ଜାତ) ବି—ଗୋଡ଼ାବାଡ଼ଙ୍କୁ ଫାଳଫାଳ କରି
Korāmundā ଚିରିବାପାଇଁ ବ୍ୟବହୃତ ବଡ଼ ଠେଙ୍ଗା ବା ମୁଗୁର—
A big wooden hammer used in splitting up a log of wood.

**କୋରାହେବା**—ଦେ. କ୍ରି—କୋରିବାର କର୍ମବାଚ୍ୟ ପ୍ରୟୋଗ—
Korāhebā The passive use of Koribā.

**କୋରି**—ଗ୍ରା. ( ଇତର ) ବି. ( ନୀଚ ଜାତିଙ୍କ ଉଚ୍ଚାରଣଦୋଷ ଜନିତ ଳ ସ୍ଥାନରେ ର ଉଚ୍ଚାରଣ)—କୋଳି (ଦେଖ)—Koli (See)
Kori

**କୋରିତ**—ସଂ. ବି. (କୁଳ ଧାତୁ + କର୍ମ. ତ)—୧ । କୋରକିତ; କଢ଼ି
Korita ଧରିଥିବା—1. Budded; sprouted.
୨ । ଚୂର୍ଣ୍ଣ କରାଯାଇଥିବା; ଚୂନା ଯାଇଥିବା—
2. Pounded; powdered; ground. (Apte)

**କୋରିବା**—ଦେ. କ୍ରି ( ସଂ. କୃତ୍ ଧାତୁ )—୧ । ନଡ଼ିଆ ପ୍ରଭୃତିକୁ
Koribā କୋରଣାରେ ଘଷିବା—1. To grate; to scratch
কোরা or scrape the soft kernels of cocoanut and
चाँचना other fruits.
कुरेदना; ୨ । ଦୁଧ ହାଣ୍ଡିରେ ବସିଥିବା ଦୁଧର ଖୋଲୁଅକୁ ଘଷିବା—
खरोचना 2. To scrape off the layers from a pot in
करोदना which milk has been boiled.
୩ । କୌଣସି ପଦାର୍ଥର ଅନ୍ତର୍ଗତ ବସ୍ତୁକୁ ଘଷିବା—
3. To scrape the inner part of a thing.
ଅଲକ୍ଷିତେ କୋରମୂଳ ।—ଅଧ୍ୟାତ୍ମ, ମହାଯାତ୍ରା ।
ପ୍ରାଦେ—୧ । (ଗଡ଼ଜାତ) କ୍ରି—ଜୋରରେ ପିଟିବା—
1. To beat with force; to hammer.
ପ୍ରାଦେ ୨ । (ସମ୍ବଲପୁର) କ୍ରି—ମୁଣ୍ଡକୁ ପାନିଆଁ ଦ୍ୱାରା କୁଣ୍ଡାଇବା—
2 To comb the hair.
ଘରେ ନାହିଁ କେଭ୍ରୀ, ମୁଣ୍ଡ କୋରୁଛେ ବେଭ୍ରୀ—ଢଗ ।

**କୋରିହେବା**—ଦେ. ବି—୧ । ପେଟଭିତର କାମୁଡ଼ି କାମୁଡ଼ି ହୋଇ ପତଳା
Korihebā ଝାଡ଼ା ହେବା—1. Passing of loose stools following griping sensation in the abdomen.
୨ । ( ଲକ୍ଷଣାର୍ଥ ) ( ହୃଦୟ ବା ମନ ) ଅତ୍ୟନ୍ତ କ୍ଲିଷ୍ଟ ହେବା—2. (figurative) (mind) To be much distressed.

**କୋରୁ**—ପ୍ରାଦେ (ବସ୍ତର) ବି.—କୋରୁଅ (ଦେଖ)
Koru Korua (See)

**କୋରୁଅ**—ଦେ. ବି—୧ । ନଡ଼ିଆରସ ବା ଲହୁଣିକୁ ନିଆଁରେ ବସାଇ
Korua ଘିଅ ମାରିବା ପରେ ଯେଉଁ ନରମ ମଣ୍ଡ ପାତ୍ର ତଳରେ ବା
চড়া; চাঁচি, চাঁছি; ତଳେ ବସିଯାଏ—1. The soft sediments
चहेड़ु, करोनी left in the bottom of the pot in which cocoanut-juice or butter is boiled to produce ghee.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଗ୍ଂ,ଙ୍ଗ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଊ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଟ୍ୟ | ଇଅ | ଢ଼ | ନ୍ନ |

୨ । ଆଉଟା ହୋଇଥିବା ଦୁଧହାଣ୍ଡିତଳେ ଦୁଧର ଯେଉଁ ଗାଢ଼ ଅଂଶ ବା ସ୍ତର ଲାଗି ରହେ ।

**କୋରୁଅଁ**—ଦେ. ବି. ( ସଂ. କୁଟଜ)—ବନ୍ୟ ଗୁଳ୍ମବିଶେଷ—
Koruañ A species of wild plant; Holarrhena Antidysenterica; Wrightia Antidysenterica.
ସଂ. ନାମ—କୁଟଜ, ବସ୍ଥକ, ଗିରିମଲ୍ଲିକା, ବରତିକ୍ତ, ପାଣ୍ଡୁର, କୁଟକ, କଟୁକ, କୌଟଜା, ତିକ୍ତକ, ରକ୍ତନାଶକ, ବୃଷକ, କୁଟଜ, କାହ୍ନ, କାଳିଙ୍ଗ, ପ୍ରାବୃଷ୍ୟ, ଯବଫଳ, ଶକ୍ର, ଯବାଗ୍ନୀ, ପ୍ରାବୃଷ୍ଣ, ମହାଗନ୍ଧ, ଇନ୍ଦ୍ରଦ୍ରୁ, କୌଟ, କୁଡଚି
ହି. କୁରୈୟା; କୁଡ଼ା
ମ. କଡ଼େଯ୍ରି, କୁଡ଼ା
ତେ. ଅଙ୍କୁଡ଼ୁ ଚେଟ୍ଟୁ, ଆଗିଶ ଚେଟ୍ଟୁ
ଆ. ଢବାକ

[ ଦ୍ର—ଏହା ଭଗବାଦ ବର୍ଗର ଏକ ଜଙ୍ଗଲୀ ଲତାଳଆ କ୍ଷୁଦ୍ର ଗୁଳ୍ମ, ଏହାର ପତ୍ର ଲମ୍ବ ଓ ସୁଗନ୍ଧଯୁକ୍ତ । ଏଥିର ଫୁଲ ଧଳା, ହଳଦିଆ, ନାଲ ଓ ନାଲି ଭେଦରେ ଏ ଗଛ ଚାରି ପ୍ରକାର । ଧଳା ଫୁଲ କୋରୁଅଁର ଖାଇ ମିଠା ଇନ୍ଦ୍ରଜବ ଓ ନେଲ ଫୁଲ କୋରୁଅଁର ବାଇ କଡ଼ୁଆ ଇନ୍ଦ୍ରଯବ । ବର୍ଷାଋତୁରେ ଏ ଗଛ ଫୁଲ ଧରେ । ଏ ଗଛ ଆମଦୋଷ, କୁଷ୍ଠ; ଅର୍ଶ, ଅତିସାର, ପିତ୍ତ, ରକ୍ତଦୋଷ ଓ ଗ୍ରହଣୀ ରୋଗର ମହୌଷଧ । ଏ ଗଛ ୪ ପ୍ରକାର, ୧ । ଭୂଇଁକୋରୁଅଁ; ୨ ପିତାକୋରୁଅଁ; ୩ ଦୁଧିଆ ବା ଶ୍ୱେତ କୋରୁଅଁ ଓ ୪ ତେଲକୋରୁଅଁ । ବର୍ଷକେ ଥରେ ଏ ଗଛ ପତ୍ରଝଡ଼ା ହୁଏ, ତେଲକୋରୁଅଁ ଗଛର ଡାଳକୁ ରାନ୍ଧିଲେ ତେଲ ବାହାରେ ଓ ଏଥିର ଡାଳରୁ ବାଡ଼ି, କୋଡ଼ି ଓ କୁଦାଳିବେଣ୍ଟ ହୁଏ । ବଣରେ ଏକ ସ୍ଥାନରେ ଅନେକ କୋରୁଅଁ ଗଛ ଉଠେ । ଭୂଇଁକୋରୁଅଁ ବସନ୍ତକାଳରେ ଫୁଲ ଧରେ ।

**କୋରୁଣୀ**—ଦେ. ବି.—କୋରଣା (ଦେଖ)
Koruṇi Koraṇā (See)

**କୋରେଇ**—ଦେ. ବି. (ସଂ. କୁଟଜ)—କୋରୁଅଁ (ଦେଖ)
Korei Koruañ (See)

**କୋରେଇଗାଡ଼**—ଗ୍ରା. ବି. (ସବାରି ବେହେରାଙ୍କ ଡାକରେ ବ୍ୟବହୃତ)—
Koreigāṛda ସବାରି ଯାଉଥିବା ବାଟରେ ଗୋଡ଼ତଳେ କୌଣସି ଗାତ ଥିଲେ ଆଗଭଉଡ଼ ପଛଭଉଡ଼ଙ୍କୁ ସାବଧାନ କରି ଡାକ ଦିଅନ୍ତି—'କୋରେଇ ଗାଡ଼, ବୁଲିଲେ ଯାଡ଼'—ଅର୍ଥାତ୍ ବାଟରେ ଗୋଟିଏ ଗାତ ଅଛି, ବୁଲାଇ ଲଙ୍ଘ ଗୋଡ଼ ପକାଇବ—ସାବଧାନ ! A singsong term used by palki-bearers to warn the back-side bearers of a hole being met on the road.

**କୋରେଇବା**—ଦେ. କ୍ରି—କୋରାଇବା ( ଦେଖ )
Koreibā Korāibā ( See )

**କୋରେଇ ଲଟା**—ଦେ. ବି. ( ସଂ. କୁଟଜ )—କୋରୁଅଁ ( ଦେଖ )
Korei laṭā Koruañ ( See )

**କୋରୋଡ଼**—ଗ୍ରା. ବି. ( ସଂ. କୋଟି )—ଏକକୋଟି ସଂଖ୍ୟା—
Koroṛa One crore; ten million.
କ୍ରୋଡ଼
କରୋଡ଼

**କୋର୍ଟ**—ବୈଦେ. ବି. ( ଇଂ )—କୋଟ୍ ୨ ( ଦେଖ )
Korṭ Koṭ 2 ( See )

**କୋର୍ଟ୍ଇନ୍ସପେକ୍ଟର୍**—ବୈଦେ. ବି. ( ଇଂ )—
Korṭinspekṭar କୋଟ୍ଇନ୍ସପେକ୍ଟର୍ ( ଦେଖ )
Koṭinspekṭar ( See )

**କୋର୍ଟ୍ଫି**—ବୈଦେ. ବି. ( ଇଂ )—କୋଟ୍ଫି ( ଦେଖ )
Korṭphi Koṭphi ( See )

**କୋର୍ଟ୍ଫି ଆଇନ୍**—ବୈଦେ. ବି—କୋଟ୍ଫି ଆଇନ୍ ( ଦେଖ )
Korṭphi āin Koṭphi āin ( See )

**କୋର୍ଟ୍ଫିସ୍**—ବୈଦେ. ବି. ( ଇଂ )—କୋଟ୍ଫି ( ଦେଖ )
Korṭphis Koṭphi ( See )

**କୋର୍ଟ୍ସିପ୍**—ବୈଦେ. ବି. ( ଇଂ )—କୋଟ୍ସିପ୍ ( ଦେଖ )
Korṭsip Koṭsip ( See )

**କୋର୍ଧ**—ଗ୍ରା. ବି. ( ସଂ. କ୍ରୋଧ )—କ୍ରୋଧ ( ଦେଖ )
Kordha Krodha ( See )

**କୋର୍ଧୀ**—ଗ୍ରା. ବିଣ, ପୁଂ ଓ ସ୍ତ୍ରୀ—କ୍ରୋଧୀ ( ଦେଖ )
Kordhī Krodhī ( See )

**କୋର୍ମା**—ବୈଦେ. ବି. ( ଆ )—କୁର୍ମା ( ଦେଖ )
Kormā Kurmā ( See )

**କୋଲ୍**—ପ୍ରାଦେ. (ସମ୍ବଲପୁର) ବି. ( ସଂ. କୋଲ )—୧ । କୋଳକାତ;
Kol କୋଲ ୧ ( ଦେଖ )
1. Kola 1 ( See )
୨ । ( ସଂ. କୋଷ )—( ତେନ୍ତୁଳି ଆଦିର ) କୋଷ—
2. The seed-capsule of tamarind and other fruits.

**କୋଲ୍ ଖାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ସଙ୍କୁଚିତ ହେବା—
Kol khaibā 1. To be contracted.
୨ । (ହାତ ଗୋଡ଼) ଝିମିଝିମି ହେବା—
2. (hands and legs) To have a tingling sensation.

**କୋଲ୍ତା**—ପ୍ରାଦେ. (ସମ୍ବଲପୁର) ବି—କୁଲିତା ( ଦେଖ )
Koltā Kulitā ( See )

**କୋଲ୍ପି**—ବୈଦେ. ବି. ( ଆ )—କୁଲ୍ପି ( ଦେଖ )
Kolpi Kulpi ( See )

**କୋଲ୍ଫି**—ବୈଦେ. ବି. ( ଆ )—କୁଲ୍ପି ( ଦେଖ )
Kolphi Kulpi ( See )

**କୋଳ**—ସଂ. ବି. ( କୁଳ + ଅ, ବା କୁଳ ଧାତୁ = ଏକତ୍ର କରିବା + କର୍ତ୍ତୃ.
Koḷa ଅ )—୧ । କ୍ରୋଡ; ଉତ୍ସଙ୍ଗ; ଉପବେଶନ କଲେ ଦୁଇ ଜଙ୍ଘର ମଧ୍ୟସ୍ଥ ସ୍ଥାନ—1. Lap.

ସାଧାରଣ ଲୋକେ ଅପର ସ୍ଥାନରେ ଦନ୍ତ୍ୟ ୧ ଚନ୍ଦ୍ର ତ ଅକ୍ଷର ଓ 'ମାତ୍ରା ଏବ ୨ ଚନ୍ଦ୍ରି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ଉକ୍ତିର ଉପରେ ୨ ବା ୧ ଚନ୍ଦ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ' ନ ପାଇଲେ; 'ଅଲବଡ଼' ଦେଖିବେ ।

[ଦ୍ର— ଚଉକା ପକାଇ ବା ଗୋଡ଼ ଲମ୍ବାଇ ବସିବା ଲୋକ ବା ଅଡେଇ ହୋଇ ଶୋଇବା ଲୋକ କୌଣସି ବ୍ୟକ୍ତିକୁ ବା ଶିଶୁକୁ ଆଲିଙ୍ଗନ କଲେ ଆଲିଙ୍ଗିତ ବ୍ୟକ୍ତି ଯେଉଁ ସ୍ଥାନ ଅଧିକାର କରେ, ଅର୍ଥାତ୍ ଆଲିଙ୍ଗନ କରିବା ବ୍ୟକ୍ତିର ଦୁଇ ଜଂଘ ଓ ସ୍ତନ ଓ ପ୍ରସାରିତ ବାହୁ-ଦ୍ୱୟ ଦ୍ୱାରା ବେଷ୍ଟିତ ବ୍ୟବଧାନକୁ କୋଲ ବୋଲାଯାଏ । ]

୨ । ସ୍ତନ—2 The breast.

୩ । ଶୂକର; ଘୁଷୁରି—3. Hog; pig.

୪ । ବରାହ—4. Boar.

୫ । ଶନିଗ୍ରହ—5. The planet Saturn.

୬ । (+ଅଧିକରଣ. ଅ)—ଭେଳା—6. A raft.

ଚଢ଼ିଲେ ନଦୀ କୋଲ ଅବଲମ୍ବନେ । ଗୋଲକ. ଉଦ୍ଧରେଖା ।

୭ । ଆଲିଙ୍ଗନ—7. Embrace.

୮ । ନୀଚ ଅସ୍ପୃଶ୍ୟ ଜାତୀୟ ବ୍ୟକ୍ତି—
( ଦ୍ର—କୋଲ୍ ତଳେ ନୋଟ ଦେଖ । )
8. A person of a low or degraded tribe.

୯ । ବରକୋଳି—9. Jujube berries.

୧୦ । ଅସଭ୍ୟ ବ୍ୟକ୍ତି; ବର୍ବର—10. A barbarian.

୧୧ । ଜାହାଜ ଲାଗିବାର ବନ୍ଦର—
11. A seaport; harbour.

୧୨ । ବର୍ତ୍ତୁଳପଦାର୍ଥର ନ୍ୟୁବ୍ଜ ବା ଖାଲୁଆ ପାଖ—
12. The concave side of any thing.

୧୩ । ନଦୀର କୂଳ ବା ତଟ—13. Bank.

ବୃଦ୍ଧି ହେଲା ଲୋକମାନେ ସେବନ କରନ୍ତେ
କୋଳ ଅବଲମ୍ବ କରି ପଥିକେ ରହନ୍ତେ । ଭକ୍ତ· ସର୍ବସ୍ୱଗୀତା ।

୧୪ । ଏକତୋଳା ଓଜନ—
14. The weight of one tola.

୧୫ । ଗୋଲମରିଚ—15. Black pepper.

୧୬ । ପାଣ୍ଡ୍ୟ ଓ କେରଳରାଜ୍ୟ ନିକଟସ୍ଥ ପ୍ରାଚୀନ ରାଜ୍ୟ-ବିଶେଷ; ପ୍ରାଚୀନ କଳିଙ୍ଗଦେଶ—16. The ancient country of Kalinga.

୧୭ । ଚିତ୍ରକ; ଧଳାଚିତା—
17. Plumbago Zeylanica (plant).

୧୮ । ଶିତଲଚିନି—18. Cubeb.

୧୯ । ଚବ୍ୟ; ଚଇକାଠ (ହି. ଶବ୍ଦସାଗର)—
19. A herbarious plant; Piper Chaba.

୨୦ । ପୁରୁବଂଶୀୟ ଆକ୍ରୀଡ଼ ରାଜାଙ୍କ ପୁତ୍ର (ହି. ଶବ୍ଦସାଗର)—
20. Name of the son of king Ākrīḍa.

୨୧ । ରାସ୍ତା (ହି. ଶବ୍ଦସାଗର)—21. Road.

ଦେ. ବି (ଲକ୍ଷଣାର୍ଥ)—୧ । ମଧ୍ୟ; ଅନ୍ତଃସ୍ଥଳ—
1. Inside; interior.

ଶରତ କଦମ୍ବବନର ଚୋକ୍ଷେ ଭ ଶାନ୍ତକ ଭାଷ
ରେଚକ କ୍ଷ ରବସୁଭାର ଗାରେ । କବସୂର୍ଯ୍ୟ. ବଶୋସବମ୍ ।

୨ । ବଂଶ—2. Family.

ଯାଉଣ ଧରଣୀ ମଣ୍ଡଳେ, ଜନ୍ମପା ଅସୁରଙ୍କ କୋଳେ—
ଜଗନ୍ନାଥ. ଭାଗବତ ।

**କୋଲ**—ଦେ. ବି (ସଂ. କୋଲ)—୧ । ମଧ୍ୟଭାରତରେ ବାସ କରୁଥିବା
Kola ଆଦିମ ଅନାର୍ଯ୍ୟ ଜାତି—1. The Kohls; an aborigi-
কোল nal tribe inhabiting Central India.
कोल

ସୁବର୍ଣ୍ଣ ଚମ୍ପା ଶୁଭ୍ର କୋଲେ କୋଲେ କରନ୍ତି ସ୍ୱର୍ଣ୍ଣଶସ୍ୟ—
ରାଧାନାଥ. ପାର୍ବତୀ ।

[ ଦ୍ର—ବ୍ରହ୍ମବୈବର୍ତ୍ତ ପୁରାଣରେ ଲେଟପୁରୁଷ ଓ ତୀବର ସ୍ତ୍ରୀଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତିକୁ କୋଲ ନାମରେ ବର୍ଣ୍ଣନା କରା ଯାଇଅଛି । ସ୍କନ୍ଦପୁରାଣରେ କୋଲକୁ ମ୍ଲେଚ୍ଛ ଜାତି ବୋଲି ଯାଇଅଛି । ପଦ୍ମପୁରାଣରେ ଲେଖାଅଛି ଯେ କୋଲ ଆଦି ଜାତିମାନେ ସଗରରାଜାଙ୍କ ଭୟରେ ବଶିଷ୍ଠଙ୍କ ଶରଣ ପଶିବାରୁ ସେ ସେମାନଙ୍କ ଶିରୋମୁଣ୍ଡନ କରି ସେମାନଙ୍କୁ ସଂସ୍କାରଭ୍ରଷ୍ଟ କଲେ । ଛୋଟନାଗପୁର, ଓଡ଼ିଶାର ଗଡ଼ଜାତ ଓ ମଧ୍ୟପ୍ରଦେଶରେ ବର୍ତ୍ତମାନ ବାସ କରୁଥିବା 'କୋଲ୍'ମାନେ ଅନାର୍ଯ୍ୟ ଓ ଏମାନଙ୍କ ଭାଷା ଦ୍ରାବିଡ଼ୀୟ ଶାଖାରୁ ଆଗତ । ]

୨ । କାକର; ଅତିଶୟ ଥଣ୍ଡା—2. Bitter cold.

**କୋଲ ଅନ୍ଧାର**—ଦେ. ବି ଓ ବିଣ—କୋଢ଼ ଅନ୍ଧାର (ଦେଖ)—
Kola andhāra Korda andhāra (See)

**କୋଲକ**—ସଂ. ବି (କୁଲ ଧାତୁ+ଅକ)—୧ । କଙ୍କୋଲ (ଦେଖ)—
Kolaka 1. Kankola (See)

୨ । ଆଖରୋଟ ( ଦେଖ )—
2. Ākharoṭa ( See )

୩ । ଗୋଲମରିଚ—3. Black pepper.

୪ । ଶୀତଲଚିନି—4. Cubeb.

**କୋଲକନ୍ଦ**—ସଂ. ବି—ବାରାହୀକନ୍ଦ; ଭୂଇଁକଖାରୁ—
Kolakanda A medicinal bulbuous root.

**କୋଲକରିବା**—ଦେ. କ୍ରି (ସଂ. କ୍ରୋଡ଼)—ଆଲିଙ୍ଗନ କରିବା—
Kola kariba To embrace.
কোলেকরা ଭକ୍ତି ଗୋବିନ୍ଦ କୋଳ କର,
कोलीकरो ଚୋରର ବେନ ଭୁଜ ଧର । ଜଗନ୍ନାଥ. ଭାଗବତ ।

**କୋଲକୁଣ**—ସଂ. ବି—ଓଡ଼ଶ—
Kolakuṇa Bed-bug.

**କୋଲ ଖାଲି ହେବା**—ଦେ. କ୍ରି—କୋଢ଼ ଖାଲି ହେବା ( ଦେଖ )
Kola khāli hebā Korda khāli hebā ( See )

**କୋଲଗିରି**—ସଂ. ବି—କୋଲାଚଳ ( ଦେଖ )
Kolagiri Kolāchala ( See )

**କୋଲ ତୁଚ୍ଛା ହେବା**—ଦେ. କ୍ରି—କୋଢ଼ ଖାଲି ହେବା ( ଦେଖ )
Kola tuchchhā hebā Korda khāli hebā ( See )

| ୧ | ଲ | ଢ଼ | ର,ଡ଼ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ସ | ଙ୍କ | ଇୟ | ଉଅ | ୟ |
|---|---|---|---|---|---|---|---|---|---|---|---|---|---|---|
| ୨ | ଲ଼ | ଢ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଋ | ନୃ |

କୋଲଥ—ଦେ. ବି. ( ସଂ. କୁଳତ୍ଥ )—
Kolatha — ଋବି ଶସ୍ୟବିଶେଷ କୁଳତ୍ଥ ( ଦେଖ ) A grain obtained from a creeper; Dolichos Biflorus; Horse-gram.
ସଂ. ନାମ—କୁଳତ୍ଥ, ତାମ୍ରବୀଜ, ବୃକ୍ଷପ୍ରସାଦ
କୁଳ୍ତିକଲାଇ, କୁଳ୍ତି କଲାଯ଼,
କୁଲଥ କଲାୟ
କୁଲଥୀ, କୁଲ୍ଥ, କୁଲ୍ଥୋ
ତେ. ଉଲୁବଲୁ
ଋବ ମାଡ଼ ଦେଖି କୋଲଥ ଦେଗା—ଚଗ ।

କୋଲଥ ଅଟକାଳି—ଦେ. ବି—କୋଲଥ ଚୂନାରେ ଭିଆର ଜାଉ—
Kolatha aṭakāli — A gruel made by boiling pounded Kolatha in water.

କୋଲଥିଆ—ଦେ. ବି. ( ବୈଦ୍ୟକ )—ଶରପୁଙ୍ଖ ୨ ( ଦେଖ )
Kolathiā — Śarapuṅkha 2 ( See )
ଦେ. ବିଣ—୧ । କୋଲଥ ପରି ବର୍ଣ୍ଣବିଶିଷ୍ଟ—
1. Having the colour of Kolatha.
୨ । ନବୁଝିଆ; ମୋଟାବୁଦ୍ଧିଆ—
2. Unintelligent; stupid; dull.
୩ । ଅପ୍ରବୀଣ; ଅଚତୁର—
3. Unskilful.

କୋଲଥିଆ ଟମ୍ପ—ଦେ. ବି—କୋଲଥ ପରି ମାଟିଆ ବର୍ଣ୍ଣବିଶିଷ୍ଟ ଟମ୍ପ ସାପ—A tampa snake of reddish brown colour.
Kolathiā tampa

କୋଲଥିଆ ନାଗ—ଦେ. ବି — କୋଲଥ ପରି ମାଟିଆ ରଙ୍ଗବିଶିଷ୍ଟ ନାଗ ସାପ—A Nāga cobra of reddish brown colour.
Kolathiā nāga
ତୋହର ଲକ୍ଷ କୋଲଥିଆ ନାଗ ବୁଲୁଥିଲେ ।
ଫକୀରମୋହନ- ଛମାଣଆଠଗୁଣ୍ଠ ।

କୋଲଥିଆ ବଏର—ପ୍ରାଦେ. (ଗଞ୍ଜାମ) ବି—ଲତାବିଶେଷ—
Kolathiā baer — A creeper.

କୋଲପ—ବୈଦେ. ବି (ଅ. କୁଫ୍‌ଲ୍; କୁଲୁପ୍‌ବା.) —୧ । ତାଲା—
Kolapa — 1. Padlock; lock
କୁଲୁପ
କୁଲୁଫ
ଦୁଆର ବନ୍ଦ କରିକୋଲପ ପଡ଼େ ।
ଫକୀରମୋହନ- ଛମାଣଆଠଗୁଣ୍ଠ ।
୨ । ଅଳଙ୍କାରର ଖିଳ ବା ଖିଲ୍ଲି—
2. The contrivance by which an ornament is closed or fastened after being put on.

କୋଲପ କାଠି—ଦେ. ବି—ଖିଲ କାଠି—
Kolapa kāṭhi — Key.

କୋଲପ ଦେବା—ଦେ. କ୍ରି—କୋଲପ ପକାଇବା ( ଦେଖ )
Kolapa debā — Kolapa pakāibā ( See )

କୋଲପ ପକାଇବା—ଦେ. କ୍ରି—ଖିଲ ଦ୍ୱାରା ଘର ବା ବାକ୍ସ ଆଦି ବନ୍ଦ କରିବା—To lock up (a house or box).
Kolapa pakāibā

କୋଲ ପଶିବା—ଦେ.କ୍ରି.—କୋଲ ମାରିବା ( ଦେଖ )
Kola paśibā — Kola māribā ( See)

କୋଲପି—ଦେ. ବି—ଆଖି ପୋଟଳ—
Kolapi — A bandage put over the eyes.
ଇଛାକୁ ନୟନରେ କୋଲପି ଲଗାଇ
ଅପେ ଅପେ ହେଲ କଣା । ଭକ୍ତ. ଗୀତଲହରୀ ।

କୋଲପୁଚ୍ଛ—ସଂ. ବି. ( ବହୁବ୍ରୀହି; କୋଲ=ଶୂକର+ପୁଚ୍ଛ )—
Kolapuchchha — ୧ । ବଗ—1. Heron.
୨ । ବଡ଼ିଆକାଙ୍କ—
2. Numidean crane.

କୋଲପୋଛ—ଦେ. ବଣ—କୋଡ଼ପୋଛ ( ଦେଖ )
Kolapochha — Koṛapochhā ( See )

କୋଲବଲ୍ଲୀ—ସଂ. ବି—ଗଜପିପ୍ପଳୀ ( ଦେଖ )
Kolaballī — Gajapippaḷī ( See )

କୋଲ ମାରିବା—ଦେ. କ୍ରି—ଅତ୍ୟନ୍ତ ଶୀତ ଯୋଗୁଁ ହସ୍ତପଦାଦି ଅବଶ ହୋଇଯିବା—
Kola māribā — Limbs becoming benumbed on account of severe cold.

କୋଲମ୍ବକ—ସଂ.ବି. (କୁଲ ଧାତୁ=ଏକତ୍ର କରିବା+କର୍ମ.ଅମ୍+କ)—
Kolambaka — ତନ୍ତ୍ରୀ ହୀନ ବୀଣାର ସମୁଦାୟ ଅଂଶ—
The body of a lute (Apte).

କୋଲାହଳ—ସଂ. ବି. (ନାମ)—ପୁରାଣୋକ୍ତ ପର୍ବତବିଶେଷ—
Kolāhaḷa — A mythological mountain.
କୋଲାହଳ ବୋଲିବ ସେହି ପର୍ବତ
ବାମଭରେ ହୋଇ ସେ ଅଚ୍ଛ ଅସମ୍ଭବ । କୃଷ୍ଣସିଂ- ମହାଭାରତ- ଅଦି ।

କୋଲା—ସଂ. ବି. (କୁଲ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ+ଆ)—
Kolā — ୧ । ବରକୋଳି (ଗଛ ଓ କୋଳି)—
Jujube (tree and berry).
୨ । ପିପ୍ପଳୀ—2. Long pepper.

କୋଆ — ଦେ. ବି. (ସଂ. କୋଷ)—୧ । କମଳାଲେମ୍ବୁ ଆଦି ଫଳ ମଧ୍ୟରେ ଥିବା କୋଷ—1. Carpels of fruits (e. g. orange).
କୋଆ
୨ । ପଣସ ଆଦିର ମୁଟି—
2. Seed-vessel; seed-pod of jack fruit.

କୋଲା—ଦେ. ବି.—କୋଳା (ଦେଖ)
Kolā — Koḷā (See)

କୋଲାଇବା—ଦେ.କ୍ରି. (ସଂ. କୋଲ)—କୋଳାଗ୍ରତ କରିବା; ଆଲିଙ୍ଗନ କରିବା; କୋଳ ମଧ୍ୟକୁ ନେବା—To embrace; to take into one's lap.
Kolāibā
କୋଲେକରା
କୋଲିଯାନା, କୋଲୀଲେନା

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କରେ ପ୍ରଭେଦ ଉଚ୍ଚାରଣରେ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କୋଲାକୋଲ**—ଦେ. ବିଣ. କୋଲାକୋଲି (ଦେଖ)
Kolākola — Kolākoli (See)
ନବବଧୂର ସଙ୍ଗମ ମେଳ, ହୋଇ ହେବାରୁ କୋଲାକୋଲ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କୋଲାକୋଲି**—ଦେ. ବି.—(ସଂ. କ୍ରୋଡ଼)—ପରସ୍ପର ଆଲିଙ୍ଗନ—
Kolākoli — Mutual embrace.
କୋଲାକୁଳି ଦେ. ବିଣ.—ପରସ୍ପର ଆଲିଙ୍ଗିତ ହୋଇଥିବା—
Locked in each other's embrace.
ବାହୁ ଗଣ୍ଠା ହୋଇ ଲଭେ କୋଲାକୋଲ ହୋଇ । ଉପେ. ବୈଦେହୀଶବିଳାସ ।

**କୋଲାଗ୍ରତ କରିବା**—ଦେ. କ୍ରି.—କୋଲାଇବା (ଦେଖ)
Kolāgrata kariba — Kolāiba (See)
ଦେଖି ମୋତେ ସ୍ନେହଶୀଘ୍ର
କେବେ କରିବେ କୋଲାଗ୍ରତ । ଜଗନ୍ନାଥ. ଭାଗବତ ।

**କୋଲାଚଳ**—ସଂ. ବି.—ଦାକ୍ଷିଣାତ୍ୟର ମଳୟ ପର୍ବତ ସଂଲଗ୍ନ ପର୍ବତ ବିଶେଷ—
Kolāchala — Name of a mountain in South India.

**କୋଲାଞ୍ଚ**—ସଂ. ବି.—ଭାରତର ପ୍ରାଚୀନ ଦେଶବିଶେଷ—
Kolāncha — A name of a country in ancient India.
[ ଦ୍ର—ଉତ୍କଳର ଅନେକ ସ୍ଥାନରୁ ମିଳିଥିବା ତାମ୍ରପଟ୍ଟମାନଙ୍କରେ 'କୋଲାଞ୍ଚ'ରୁ ବ୍ରାହ୍ମଣମାନେ ଆସି ଓଡ଼ିଶାରେ ବସତି କରିଥିବାର ଉଲ୍ଲେଖ ଅଛି । ]

**କୋଲାହଳ**—ସଂ. ବି. (କୋଲ=ଶୂକର, ଏକୀଭାବ + ଆ + ହଲ ଧାତୁ= ଭେଦ କରିବା + କର୍ତ୍ତୃ. ଅ)—୧ । ଉଚ୍ଚ କଳକଳ
Kolāhala — ଶବ୍ଦ—1. Loud confused sound; uproar.
୨ । ଗୋଳମାଳ—2. Confused noise or sound.
୩ । ଗୋଳହଳ; ଗୋଗା—
3 Great noise; clamour.
୪ । ଗୋଳ; ଦଙ୍ଗା—4. Riot.
୫ । ପୌରାଣିକ ପର୍ବତବିଶେଷ—
5. Name of a mythological mountain.
ଦେ. ବି.—ବହୁଲୋକଙ୍କ କ୍ରନ୍ଦନଜନିତ ଗୋଳ—
A noise rising from the loud wailing of many persons.

**କୋଲି**—ସଂ. ବି. (କୁଲ ଧାତୁ=ଏକତ୍ର ହେବା + କର୍ତ୍ତୃ. ଇ)—ବର-
Koli — କୋଳ; ବଦରୀ—The Jujube (tree and berry.)
ଦେ. ବି.—(ଯେ କୌଣସି) କ୍ଷୁଦ୍ର ଫଳ—Plums; berries.
[ ଦ୍ର—ଯେଉଁ ଫଳମାନ ଗୋଲ ଓ ବ୍ୟାସରେ ଏକ ଇଞ୍ଚଠାରୁ ଊଣା ସେମାନଙ୍କୁ କୋଳି ବୋଲାଯାଏ; ଯଥା—କଣ୍ଟେଇକୋଳି, ଲେମ୍ବୁକୋଳି । କୋଳିମାନ ଗଛରେ ପେନ୍ଥା ପେନ୍ଥା ହୋଇ ଫଳେ । ବରକୋଳିର ଫଳ କୋଳି ନ ହେଲେ ମଧ୍ୟ ତାକୁ କୋଳି ବୋଲାଯାଏ ଓ ବରଗଛର ଫଳ କୋଳି ହେଲେ ମଧ୍ୟ ତାକୁ ବରଫଳ ବୋଲାଯାଏ; ଉମ୍ବିର ଫଳକୁ ମଧ୍ୟ ଫଳ ବୋଲାଯାଏ । ]

**କୋଲିଆ**—ପ୍ରାଦେ. (ସମ୍ବଲପୁର) ବି.—୧ । ଶୃଗାଳ; ବିଲୁଆ—
Koliā — 1. Jackal.
ଆଖମାଡ଼ାକଳ ୨ । ଦେ. ବି.—ଆଖୁ ପେଷା—
କୋଲ୍ହୁ — 2. Sugarcane mill.

**କୋଲିଅମ୍ବିଲି**—ପ୍ରାଦେ. (ଗଡ଼ଜାତ) ବିଣ.—ସାମାନ୍ୟ ଖଟା (ପଖାଳ)—
Koliāmbili — A bit sour (soaked rice.)

**କୋଲିମଇ**—ପ୍ରାଦେ. (ଗଡ଼ଜାତ) ବି.—ଏକପ୍ରକାର ମଇଗଛ (ଏହାର
Kolimai — କାଠର ଖୋଲରେ ଭୂମିସଦୃଶ ଛିଦ୍ର ଥାଏ)—
A kind of wild tree.

**କୋଲିହା**—ପ୍ରାଦେ. (ସମ୍ବଲପୁର) ଓ ଦେ. ବି.—କୋଲିଆ (ଦେଖ)
Koliha — Koliā (See)

**କୋଲି**—ସଂ. ବି. ୧ (କୋଲ + ଇ)—ବରକୋଳି, ବଦରୀ—
Kolī — The Jujube (plant and berry).

**କୋଲୁଆ**—ଦେ. ବି.—କେରୁଆଲ (ଦେଖ)
Koluā — Keruāla (See)

**କୋଲୁଆର**—ଦେ. ବି.—କେରୁଆଲ (ଦେଖ)
Koluāra — Keruāla (See)

**କୋଲୁବର୍ତ୍ତିନୀ**—ଦେ.ବି. (ନାମ)—ପ୍ରାଚୀନ କଳିଙ୍ଗର ଏକ ରାଜଧାନୀ—
Kolubarttini — A capital of the ancient kingdom of Kalinga.

**କୋଲେରିୟ**—ଦେ. ବିଣ.—ଦ୍ରାବିଡ଼ୀୟ ଦ୍ରାବିଡ଼-ଭାଷାର ଏକ ଶାଖା—
Koleriya — The Colerian dialect of the Dravidian language.

**କୋଲ୍ୟା**—ସଂ ବି—ପିପ୍ପଳୀ—
Kolyā — Long pepper.

**କୋଶ** ( ଇତ୍ୟାଦି )—ସଂ. ବି—କୋଷ ଇତ୍ୟାଦି ( ଦେଖ )
Kosa (etc.) — Kosha etc ( See )
ଦେ. ବି. (ସଂ. କୋଷ )—ଆଠ ହଜାର ହାତ ପରିମାଣ—
A distance of 8000 cubits.
[ ଦ୍ର—ଆଜିକାଲି ସାଧାରଣତଃ ଇଂରେଜୀ ଦୁଇ ମାଇଲରେ ଏକ କୋଶ ବୋଲି ଧରାଯାଏ । ଇଂରେଜୀ ଦୁଇ ମାଇଲ୍=୧୭୬୦ ଗଜ × ୨ × ୨ = ୭୦୪୦ ହାତ । ତେଣୁ ଏକକୋଶକୁ ପ୍ରାୟ ଦୁଇ ମାଇଲ୍ କହିବା ସଙ୍ଗତ । ଆଗେ ଏ ଦେଶରେ ରାଜଦାଣ୍ଡ ପାର୍ଶ୍ୱରେ ଦୂରତ୍ୱଜ୍ଞାପକ କୌଣସି ଚିହ୍ନ ନ ଥିଲା, ପଥିକମାନେ ଗୋଟିଏ ଗଛର ଡାଳ ଭାଙ୍ଗି ହାତରେ ଧରି ବାଟ ଚାଲୁଥିଲେ, ଯେଉଁଠାରେ ସେ ଡାଳର ପତ୍ର ଶୁଖିଲା ପଡ଼ୁଥିଲା, ସେଠାରେ ଏକ କୋଶ ହେଲା ବୋଲି ଜଣା ଯାଉଥିଲା, ଏହିଭଳି କୋଶକୁ 'ଡାଳଭଙ୍ଗା' କୋଶ କହନ୍ତି । ଡାଳଭଙ୍ଗା କୋଶକ ପ୍ରାୟ ଇଂରେଜୀ ତିନି ମାଇଲ୍ । ]

**କୋଶକ**—ଦେ. ବି. ( ସଂ. କ୍ରୋଶ )—ଏକ କ୍ରୋଶ ପରିମିତ ପଥ—
Kośaka — A distance of two miles only.
କୋଶକ ଗଲେ ପୋଷକ ପାଇବ—ଢଗ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**କୋଶଳ**—ସଂ. ବି. ( ନାମ ) ( କୁଶ ଧାତୁ=ପ୍ରାପ୍ତି ପାଇବା + ସଂଜ୍ଞାର୍ଥେ.
Kośaḻa ଅଳ) —୧ । ଅଯୋଧ୍ୟା ଓ କାଶୀର ଉତ୍ତରସ୍ଥ ସମସ୍ତ ଦେଶ; ପ୍ରାଚୀନ ଭାରତର ରାଜ୍ୟବିଶେଷ—
1. Name of a kingdom of ancient India.

[ ଦ୍ର—ରାମଜନନୀ କୌଶଲ୍ୟା ଏହି ଦେଶର ରାଜାଙ୍କ କନ୍ୟା ଥିଲେ । ଏ ରାଜ୍ୟ ଉତ୍ତରକୋଶଳ ଓ ଦକ୍ଷିଣକୋଶଳ ଏହିପରି ଦୁଇ ଭାଗରେ ବିଭକ୍ତ ଥିଲା । ସରଯୂ ବା ଘାଘରା ନଦୀର ଉତ୍ତରସ୍ଥ ପ୍ରଦେଶକୁ ଉତ୍ତରକୋଶଳ ଓ ଉକ୍ତ ନଦୀର ଦକ୍ଷିଣସ୍ଥ ରାଜ୍ୟକୁ ଦକ୍ଷିଣକୋଶଳ ବୋଲି କୁହା ଯାଉଥିଲା । କାଶୀ ଓ ଅଯୋଧ୍ୟା ନେଇ ଉତ୍ତରକୋଶଳ ଏବଂ ବର୍ତ୍ତମାନ ସମ୍ବଲପୁର, କଳାହାଣ୍ଡି, ବସ୍ତର ଓ ରାୟପୁର ପ୍ରଭୃତି ନେଇ ଦକ୍ଷିଣକୋଶଳ ଗଠିତ ହୋଇଥିଲା—କୃପାସିନ୍ଧୁ. ଉତ୍କଳ ଇତିହାସ । ]

୨ । କୋଶଳାଶାଗ—2. A kitchen-herb or Śāga.

୩ । କୋଶଳ ଦେଶବାସୀ କ୍ଷତ୍ରିୟ ଜାତି—
3. A clan of Kshatriyas inhabiting the Kośaḻa country.

୪ । ଅଯୋଧ୍ୟା ନଗର ( ଦ୍ର. ଶବ୍ଦସାଗର )—
4. The city of Oudh.

୫ । ସଙ୍ଗୀତର ରାଗବିଶେଷ—
5. Name of a musical tune.

**କୋଶଳା**—ସଂ. ବି. ( କୋଶଳ+ଆ )—୧ । ଅଯୋଧ୍ୟା—
Kośaḻā 1. A name of Ajodhyā.

୨ । ଏକପ୍ରକାର ଖାଦ୍ୟ ଶାଗ—
2. A kind of kitchen herb.

কোশিলাশাক
**चुआ; लालशाग;**
**मरसा**

[ଦ୍ର—ଏହା ବର୍ଷାୟୁ ଶାକ । ଏଥିର ଡେମ୍ଫ ମାଂସଳ ଓ ରୁଚିକର । ଏହା ପ୍ରଧାନତଃ ଦୁଇ ଜାତିର । ୧. ଲଟାକୋଶଳା—ଭୂମିରେ ଲଟାଏ, ଅଗ କାଟି ନେଲେ ପୁଣି କଅଁଳେ । ୨. ଡେଙ୍ଗାକୋଶଳା—ଖଡ଼ା ପରି ବଡ଼ ଗଛ, ଏହାକୁ ଓପାଡ଼ି ନେଇ ରାନ୍ଧିବାକୁ ହୁଏ । ଧଳା ଓ ନାଲି ଭେଦରେ ଏହା ଦୁଇ ପ୍ରକାର । ଏ ଶାଗରେ ଛୋଟ ଛୋଟ ବଡ଼ି, କଦଳୀ ଟୁକୁଟୁକୁ କରି କାଟି ମିଶାଇ ଭାଜିଲେ ତାହା ଉପାଦେୟ ଖାଦ୍ୟ ହୁଏ । ଏଥିପାଇଁ ଓଡ଼ିଆରେ ଗୋଟିଏ ସଂସ୍କୃତ ମିଶା ଉଦ୍ଭଟ ଶ୍ଳୋକ ଅଛି— "କୋଶଳା ବଡ଼ିସଂଯୁକ୍ତଂ କ୍ଷୁଦ୍ରକଦଳୀମିଶ୍ରିତଂ, ହେଙ୍ଗୁ ପାଣି ସମାଯୁକ୍ତଂ ଅନ୍ନଂ ମନ୍ମନକାଯୁତେ । ଏହାର ମଞ୍ଜି କ୍ଷୁଦ୍ର କ୍ଷୁଦ୍ର ଓ ଗାଢ଼ କୃଷ୍ଣବର୍ଣ୍ଣ । ]

**କୋଶଳାକିଆରି**—କୋଶଳା ଶାଗର ଫସଲ କରିବାପାଇଁ କୋଶଳାମଞ୍ଜି
Kośaḻākiāri ବୁଣାଯାଇ କରାଯାଇଥିବା ଛୋଟ ଛୋଟ କିଆରି ବା କ୍ଷେତ୍ର—Small rectangular beds for the Kośaḻā pot-herb.

**କୋଶଳାପଟାଳି**—ଦେ. ବି—କୋଶଳାକିଆରି ( ଦେଖ )
Kośaḻāpaṭāḻi Kośaḻākiāri ( See )

**କୋଶଳି**—ଦେ. ବି—ଏକାଧିକ କାଠପଟାଦ୍ୱାରା ନିର୍ମିତ ମଧ୍ୟମାକାର ଡଙ୍ଗା;
Kośaḻi ଛୋଟ ପଟଭନ ଡଙ୍ଗା—A medium-sized country-boat overlaid with planks.

[ ଦ୍ର—ଖଣ୍ଡେ କାଠରେ ତିଆରି ହୋଇଥିବା ଡଙ୍ଗାର ନାମ କାଠୁଆ ବା ହୁଲି; ଏକାଧିକ ପଟାରେ ତିଆରି ଓ ଉପରେ ପଟା ବିଛାହୋଇଥିବା ବଡ଼ ଆକାରର ଡଙ୍ଗାର ନାମ ପଟଭନ; ଛୋଟ ଆକାରର ଡଙ୍ଗା କୋଶଳି ।]

**କୋଶଳିକ**—ସଂ. ବି. ( କୋଶ=ଧନ+ଲା ଧାତୁ. ଗ୍ରହଣ କରିବା + ଭାବାର୍ଥେ. ଇକ )—ଉତ୍କୋଚ; ଲାଞ୍ଚ—Bribe.
Kośaḻika

**କୋଶାଣ୍ଡ**—ସଂ. ବି. ( କୋଷ+ଅଣ୍ଡ )—ଅଣ୍ଡକୋଷ—
Kośāṇḍa Testicle.

**କୋଶାଗାର**—ସଂ. ବି—କୋଷାଗାର ( ଦେଖ )
Kośāgāra Koshāgāra ( See )

**କୋଶାତକ**—ସଂ. ବି—୧ । କୋଷାତକ ( ଦେଖ )
Kośātaka 1. Koshātaka ( See )

୨ । ଯଜୁର୍ବେଦର କଠନାମକ ଶାଖା—
2. Name of a branch or section of the Jajurbeda.

**କୋଶାତକୀ**—ସଂ. ବି—କୋଷାତକୀ ( ଦେଖ )
Kośātakī Koshātakī ( See )

**କୋଶାମ୍ର**—ସଂ. ବି—କୁସୁମ ୨. ( ଦେଖ )
Kośāmra Kusuma 2. ( See )

**କୋଶିଆ**—ଦେ. ବିଣ. ୧ । ( ସଂ. କ୍ରୋଶ; ଅନ୍ୟ ସଂଖ୍ୟାବାଚକ ଶବ୍ଦ
Kośiā ପରେ ଲାଗେ )—ଏତେ କୋଶବ୍ୟାପୀ—
1. Occupying ( so many ) krośes.
( ଯଥା—ସାତକୋଶିଆ ଗଣ୍ଡ । )

୨ । କୋଷିଆ (ଦେଖ)—Koshiā (See)

**କୋଷ**—ସଂ. ବି. (କୁଷ ଧାତୁ=ନିର୍ଗତ ହେବା; ଧାରଣ କରିବା + କର୍ତ୍ତୃ.
Kosha ଅ )—୧ । ବସ୍ତ୍ର ଆଦି ରଖିବାର ବାକ୍ସ ବା ଆଧାର—
1. Box; trunk or drawer for keeping clothes etc.

୨ । କୁଡ୍ମଳ; କଢ଼—2. Bud.

ନବକାଉଳକୋଷନଭ ତୋ କୁଚ କର ଅର୍ପିବ କର୍ଣ୍ଣରନ୍ଧ୍ରେ ଘେନ ।
କବିସୂର୍ଯ୍ୟ. ବଶୋଷଚମ୍ପୂ. ନ ଗୀତ ।

୩ । ଜଳପାତ୍ର; ଜଳାଧାର—
3. A vessel for holding water; water-pot.

୪ । ପାତ୍ର; ଆଧାର—4. Receptacle; vessel.

୫ । ଜଳକୁଣ୍ଡ; ବାଲ୍‌ଟି—5. Bucket.

୬ । (+ଅଧିକରଣ. ଅ)—ଖଣ୍ଡାର ଖାପ; ଖୋଳ—
6. A sheath; scabbard.

୭ । ସଞ୍ଚିତ ପଦାର୍ଥ—7. Store.

୮ । ଧନ; ସଞ୍ଚିତ ଧନ—8. Treasure; hoard.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୯ । ଡିମ୍ବ; ଅଣ୍ଡା—9. Egg.

କୋଷ ନ ପାଇଲ ଯେସନ୍ତେ କମଠ—ଅଭିମନ୍ୟୁ, ଦେବୀପଦ୍ମାମଣି ।

୧୦ । ସୁନା ବା ରୁପା—10. Gold or silver.

୧୧ । ଜରାୟୁ—11. Womb; uterus.

୧୨ । ଫଳର ଟାକୁଅ—
12. The stone inside some fruits.

୧୩ । ଅଣ୍ଡ; ଗୋଟିଥଳି—13. Testicle; scrotum.

୧୪ । ପେଣ୍ଡୁ; ଗୋଲକ—14. Ball; globe.

୧୫ । ଶବ୍ଦକୋଷ; ଅଭିଧାନ—
15. Dictionary; lexicon.

୧୬ । ସଂଗ୍ରହ—16. Collection; compilation.

୧୭ । ଫଳର ଖୋଳ ବା ଚୋପା—
17. Rind; shell or skin of a fruit.

୧୮ । ପଣସର ଫୁଟି; କୋଷ—
18. Seed-vessel of jackfruit; capsule.

୧୯ । ଲିଙ୍ଗ—19. Penis (M. W.)

୨୦ । (+ଅପାଦାନ. ଅ) ଯୋନି—20. Vulva.

୨୧ । ମାଂସପେଶୀ—21. Muscle.

୨୨ । ଜାଇଫଳ—22. Nutmeg.

୨୩ । (+କରଣ.ଅ) ବହିରାବରଣ—
23. Shell; outer cover.

୨୪ । ରେଶମ ପୋକର ଖୋସା ବା ଗୋଟି—
24. Cocoon of silk or other insect.

୨୫ । ନଡ଼ିଆ, ଗୁଆ ଆଦିର ଚୋପା—
25. The rind of cocoanut and other fruits.

୨୬ । ଆଖି ମଧ୍ୟର ପିଣ୍ଡୁଳା; ଚକ୍ଷୁଗୋଲକ—
26. Eye-ball.

୨୭ । (ଦର୍ଶନଶାସ୍ତ୍ର) ଆତ୍ମାକୁ ଆବରଣକରି ରଖିଥିବା ଖୋଳ—
27. (philosophy) One of the fine vestures which enshrines the soul.

୨୮ । ତର୍ପଣାଦି କରିବାର ପାତ୍ରୀ—28. The boat-shaped copper-vessel for offering water to the manes.

୨୯ । ଘୋଡ଼ଣି; ସରପୋଷ—29 Covering; lid.

୩୦ । ଗଦା; ରାଶି—30. Heap; mass.

୩୧ । (+କର୍ମ. ଅ) ଶପଥ—31. Oath.

୩୨ । ପୋଷ; ପାପୁଲିରେ ସଙ୍କୁଚିତ ଅଞ୍ଜଳି—
32. The palm of the hand hollowed into the shape of a receptacle.

**କୋଷକ**—ସଂ. ବି ( କୋଷ+କ)—୧ । ଡିମ୍ବ—
**Koshaka** 1. Egg.

୨ । ଅଣ୍ଡକୋଷ—2 Testicle.

**କୋଷକାବ୍ୟ**—ସଂ. ବି—ପଦ୍ୟାକାରରେ ରଚିତ ଅଭିଧାନ—(ଯଥା—
Koshakābya ଉପେନ୍ଦ୍ରଭଞ୍ଜଙ୍କ ଗୀତାଭିଧାନ)—Lexicon composed in verse.

**କୋଷକାର**—ସଂ. ବି. ପୁଂ ( କୋଷ+କୃ ଧାତୁ+କର୍ତ୍ତୃ. ଅ )—
**Koshakāra** ୧ । ଅଭିଧାନକାର; ଅଭିଧାନଗ୍ରନ୍ଥର ସଂକଳୟିତା—
1. A lexicographer.

୨ । ଖଣ୍ଡାର ଖାପ ତିଆରି କରୁଥିବାଲୋକ—
2. A maker of scabbards.

୩ । ଗୋଟି ମଧ୍ୟରେ ଥିବା ରେଶମ ପୋକ—
3. Silk-worm while living inside the cocoon.

୪ । ପ୍ରଜାପତିର ପୂର୍ବାବସ୍ଥା—4. Chrysalis.

୫ । ଇକ୍ଷୁ; ଆଖୁ—5. Sugar-cane.

**କୋଷକାରକ**—ସଂ. ବି (କୋଷ+କୃ ଧାତୁ+କର୍ତ୍ତୃ. ଅକ)—
**Koshakāraka** କୋଷକାର (ଦେଖ)
Koshakāra (See)

**କୋଷକାରୀ**—ସଂ. ବିଣ (କୋଷ+କୃ+କର୍ତ୍ତୃ. ଇନ୍; ୧ମା. ୧ବ)—
**Koshakāri** ଖୋସା ବା ଗୋଟି ତିଆରିକରି ତହିଁ ଭିତରେ ରହୁଥିବା ପୋକ—(insect) Which prepares a cocoon to live in.

ଯେସନ୍ତେ କୀଟ କୋଷକାରୀ
କୀଟକେ କୋଷା ଏକ କରି । ଭୂପତି-ପ୍ରେମପଞ୍ଚାମୃତ ।

**କୋଷକ୍ଷୟ**—ସଂ. ବି (୬ଷ୍ଠୀ ତତ୍; କୋଷ+କ୍ଷୟ)—
**Koshakshaya** ବ୍ୟୟାଦି ଯୋଗୁଁ ସଞ୍ଚିତ ଧନର କମିଯିବା ଅବସ୍ଥା—
Dimunation of one's hoard by expenditure.

**କୋଷଗୃହ**—ସଂ. ବି (ଅଭେଦେ ୬ଷ୍ଠୀ ତତ୍; କୋଷ+ଗୃହ)—
**Koshagṛuha** ୧ । ଧନାଗାର—1. Treasury.

୨ । ଭଣ୍ଡାରଘର—2. Store-room.

**କୋଷଗ୍ରହଣ**—ସଂ. ବି (୬ଷ୍ଠୀ ତତ୍; କୋଷ+ଗ୍ରହଣ)—ମାଣ୍ଡୁ ଧରିବା; ମାଣ୍ଡୁ
**Koshagrahaṇa** ଧରି ଶପଥ କରିବା—Undergoing an ordeal; taking of an oath by ordeal.

**କୋଷଚଞ୍ଚୁ**—ସଂ. ବି (ବହୁବ୍ରୀହି; କୋଷ+ଚଞ୍ଚୁ)—
**Koshachañchu** ସାରସପକ୍ଷୀ—
Indian crane

**କୋଷନାୟକ**—ସଂ. ବି (୬ଷ୍ଠୀ ତତ୍; କୋଷ+ନାୟକ)—
**Koshanāyaka** ୧ । ଖଜାଞ୍ଚି; କୋଷାଧ୍ୟକ୍ଷ—
1. A treasurer.

୨ । କୁବେର—2. An epithet of Kubera.

**କୋଷପାନ**—ସଂ. ବି—ପ୍ରାଚୀନକାଳରେ ଅଭିଯୁକ୍ତ ବ୍ୟକ୍ତିର ପରୀକ୍ଷାର୍ଥ-
**Koshapāna** ବିଶେଷ—A kind of ordeal for testing an accused in ancient times.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଇସ୍ | ତ୍ୟ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ● | ନ |

[ ଦ୍ର—ଏଥିରେ ଅଭିଯୁକ୍ତ ବ୍ୟକ୍ତି ଏକଦିନ ଉପବାସ କରିବା ପରେ ପରୀକ୍ଷା ସମୟରେ ଜଳ କେତେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମ୍ମୁଖରେ ତିନି ପୋଷ ଜଳ ପିଉଥିଲା – ଦ୍ର. ଶବ୍ଦସାଗର । ]

**କୋଷପାଳ**—ସଂ. ବି. ( ଉପପଦ ତତ୍ପୁରୁଷ; କୋଷ+ପାଳ ଧାତୁ+କର୍ତ୍ତୃ. ଅ )—କୋଷନାୟକ (ଦେଖ)—
Koshapāla
Koshanāyaka ( See )

**କୋଷପେଟକ**—ସଂ. ବି. ( ଅଭେଦେ ୬ଷ୍ଠୀ ତତ୍; କୋଷ+ପେଟକ )—
Koshapeṭaka ଧନ ରଖାଯିବାର ସିନ୍ଦୁକ ବା ପେଡ଼ି—
Coffer; treasure-chest.

**କୋଷଫଳ**—ସଂ. ବି.(ମ. ପ. ଲୋ. କୋଷବିଶିଷ୍ଟ ଫଳ)—୧ । ଜାଇଫଳ—
Koshaphala 1. Nutmeg.
୨ । ସୁଗନ୍ଧବିଶେଷ—2. A kind of perfume.
୩ । ବହୁବୀଜବିଶିଷ୍ଟ ଫଳ ( ଯଥା—ଜହ୍ନି, ତରଡ଼ା, ପୋଟଳ, କାକୁଡ଼, କଖାରୁ, ଲାଉ) ଦ୍ର. ଶବ୍ଦସାଗର—
3. Fruits which contain many seeds.

**କୋଷବୃଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍; କୋଷ+ବୃଦ୍ଧି )—୧ । ସଞ୍ଚିତ ଧନର
Koshabṛuddhi ବୃଦ୍ଧି—1. Increase of treasure.
୨ । ଅଣ୍ଡକୋଷ ବା ଅଣ୍ଡଥଳୀର ସ୍ଫୀତି; ଅଣ୍ଡବୃଦ୍ଧି ରୋଗ—
2. Enlargement of hydrocele or scrotum.
[ ଦ୍ର—ଏ ରୋଗ ତିନି ପ୍ରକାର; ୧ । ଜଳବୃଦ୍ଧି—1. Hydrocele. ୨ । ମାଂସବୃଦ୍ଧି—2. Scrotal tumour.
୩ । ଅନ୍ତ୍ରବୃଦ୍ଧିରୋଗ—3. Hernia.
୧ । ଜଳବୃଦ୍ଧି ବା ଏକଶିରା ରୋଗ—ଏ ରୋଗରେ କୋଷ-ମଧ୍ୟସ୍ଥ ଉମ୍ଭ ବା ଗୋଟିସବୁରେ ଜଳୀୟ ରସ ଜମିଯାଏ ଓ କୋଷର ଆବରଣ ଚର୍ମ ପତଳା ଥାଏ ।
୨ । ମାଂସବୃଦ୍ଧି ବା କୁରଣ୍ଡ—ଏ ରୋଗରେ କୋଷସ୍ଥ ମାଂସପେଶୀ ବୃଦ୍ଧିପାଇ ଚମଡ଼ା ତଳେ ମାଂସ ବୃଦ୍ଧି ହୁଏ ଅଥଚ ଗୋଟିସବୁ ବଢ଼ି ନ ଥାଏ ।
୩ । ଅନ୍ତ୍ରବୃଦ୍ଧି ବା ଅନ୍ତ୍ରକୋଷ—ଏ ରୋଗରେ ପେଟର ଅନ୍ତ ବା ନାଡ଼ୀ କୋଷ ମଧ୍ୟକୁ ଓହ୍ଲାଇ ଆସି ବାୟୁପୂର୍ଣ୍ଣ ହୋଇ କୋଷକୁ ଫୁଲାଇ ଦିଏ । ]

**କୋଷଶାୟିକା**—ସଂ. ବି. ( କୋଷ+ଶୀ ଧାତୁ+କର୍ତ୍ତୃ. ଅକ+
Koshaśāyikā ସ୍ତ୍ରୀ. ଆ, ଯାହାର ଫଳ ଖୋଳ ଭିତରେ ଶୁଏ ବା ରହେ)—୧ । ଯେଉଁ ଛୁରି ମେଲା ହୁଏ ଓ ବନ୍ଦ ହୁଏ; ଧୁଲିକାଟି—1. Clasp-knife.
୨ । ଖୋଳରେ ଥିବା ଛୁରି—
2. A knife kept inside a sheath.

**କୋଷଶୁଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍; କୋଷ+ଶୁଦ୍ଧି ) ମାଣ୍ଡୁ ଧରି ଅଭିଯୁକ୍ତ
Koshaśuddhi ବ୍ୟକ୍ତିର ଅପରାଧ ବା ଅଭିଯୋଗରୁ ମୁକ୍ତି—
Acquittal of an accused by undergoing an ordeal.

**କୋଷସଂସ୍ଥାନ**—ସଂ. ବି. ( ୬ଷ୍ଠୀ ତତ୍; କୋଷ+ସଂସ୍ଥାନ )—ଶରୀରସ୍ଥ
Koshasaṁsthāna ମାଂସପେଶୀର ଗୋଛ—
A tissue of muscles.

**କୋଷସ୍ଥ**—ସଂ. ବିଣ. ( କୋଷ+ସ୍ଥା ଧାତୁ+କର୍ତ୍ତୃ. ଅ )—
Koshastha ୧ । କୋଷ ମଧ୍ୟରେ ଥିବା—
1. Lying in or enclosed within a shell or outer covering.
୨ । ଯେଉଁ ଜୀବମାନେ ଖୋଳ ଭିତରେ ଥାଆନ୍ତି ( ଯଥା—ଶଙ୍ଖ, ଗେଣ୍ଡା, ସାମୁକା )—
2. ( animals ) Having a shell or crust; crustacean.

**କୋଷହୀନ**—ସଂ. ବିଣ. ପୁଂ. ( ୩ୟା ତତ୍; କୋଷ+ହୀନ; ଯାହାର କିଛି
Koshahīna ସଞ୍ଚିତ ଧନ ନାହିଁ)—ଅତି ଗରିବ—Very poor.

**କୋଷା**—ଦେ. ବି (ସଂ. କୋଷ)—ଖୋଷା; ରେଶମ ବା ପୋକ ଅଦିଙ୍କ
Koshā ଗୋଟି—Silk-cocoon.

ଯେସନେ କାଟ କୋଷକାରୀ
କାଟେ କୋଷା ଏକ କରି—ଭୂପତି. ପ୍ରେମପଞ୍ଚାମୃତ ।

**କୋଷାକୁଷୀ**—ପ୍ରାଦେ. ( ମେଦିନୀପୁର ) ବି. ( ସଂ. କୋଷ; ବଙ୍ଗଳାରୁ
Koshākushi ଅନୁକୃତ )—ପୂଜା ତର୍ପଣାଦିରେ ଜଳ ଢାଳିବା ନିମିତ୍ତ ତମ୍ବାନିର୍ମିତ ନାବାକାର ପାତ୍ର; ପାଣୀ—
A boat-shaped water-vessel made of copper for offering oblations to the manes or deities.

**କୋଷାତକ**—ସଂ. ବି. ( କୋଷ+ଅତ୍ ଧାତୁ=ଗମନ କରିବା+
Koshātaka କର୍ତ୍ତୃ. ଅକ )—
୧ । ଜହ୍ନି ଫଳ ଓ ଲତା—
1. Luffa Acutangula (fruit and creeper).
୨ । କେଶ; ବାଳ—2. Hair.

**କୋଷାତକୀ**—ସଂ. ବି. ( କୋଷାତକ+ଇନ୍; ୧ମା. ୧ବ. )—
Koshātaki
୧ । ବଣିକ—1. Trader; merchant.
୨ । ବାଣିଜ୍ୟ—2. Business; trade.
୩ । ବାଡ଼ବାନଳ—3. Submarine fire.
୪ । ( କୋଷାତକ+ଈ ) ଜହ୍ନି ( ଫଳ ଓ ଲତା )—
4. Luffa Acutangula ( fruit and creeper ).
୫ । ତରଡ଼ା ( ଫଳ ଓ ଲତା )—
5. Luffa Pentandra ( fruit and creeper ).
୬ । ଜହ୍ନରାତି—6. A moon-lit night. ( M. W.)
୭ । ପଟୋଳ ( ଫଳ ଓ ଲତା )—
7. Tricosanthes Dioeca ( fruit or creeper ).

**କୋଷାଧ୍ୟକ୍ଷ**—ସଂ. ବି. ( ୬ଷ୍ଠୀ ତତ୍; କୋଷ+ଅଧ୍ୟକ୍ଷ )—
Koshādhyaksha ୧ । ଧନାଗାରରକ୍ଷକ; ଖଜାଞ୍ଚି—
1. Treasurer; cashier.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨ । କୁବେର—2. A name of Kubera.

**କୋଷାମ୍ର**—ସଂ. ବି. ( କୋଷ + ଅମ୍ର )—କୁସୁମ ୨ ( ଦେଖ )
Koshāmra — Kusuma 2 ( See )

**କୋଷିଆ**—ଦେ. ବିଣ—କୁରୁଣ୍ଡା; ଯାହାର କୋଷ ସ୍ଫୀତ ହୋଇଥାଏ; କୋଷବୃଦ୍ଧି ରୋଗଗ୍ରସ୍ତ—
Koshiā — Having a large scrotum or hydrocele.

**କୋଷିକା**—ସଂ. ବି. ( କୋଷ + କ + ସ୍ତ୍ରୀ. ଆ )—ପାନପାତ୍ର—
Koshikā — A drinking vessel.

**କୋଷୀ**—ସଂ. ବି. (କୋଷ + ଇନ୍. ୧ମା. ୧ବ.)—୧ । ଆମ୍ବଗଛ—
Koshī — 1. Mango-tree (Apte).
୨ । କର୍ଣ୍ଣରୋଗବିଶେଷ—2. A disease of the ear.
୩ । (+ସ୍ତ୍ରୀ. ଈ) ଯୋତା; ପାଦୁକା (ପ୍ରକୃତିବାଦ)—
3. Shoes; sandals.

**କୋଷ୍ଟ୍‌କେନାଲ୍**—ବୈଦେ. ବି. (ଇଂ)—ଓଡ଼ିଶାର ସମୁଦ୍ରକୂଳେକୂଳେ ଖୋଳା ଯାଇଥିବା ଗୋଟିଏ ନାଳ—The Coast-canal of Orissa.
Koshtkenāl

[ ଦ୍ର—ଏହି କେନାଲ୍ କଟକ ଜିଲ୍ଲାର ତାଳଦଣ୍ଡା ଠାରୁ କଲିକତା ନିକଟବର୍ତ୍ତୀ ଗେଓଁଖାଲି ଯାଏ ପଡ଼ିଅଛି, ଓଡ଼ିଶାରେ ରେଲ ହୋଇ ନ ଥିବା ବେଳେ ଏହି କେନାଲ୍‌ରେ କଟକଠାରୁ କଲିକତା ଆଡ଼କୁ ନୌବାଣିଜ୍ୟ ଚଳୁ ଥିଲା, ଏହି କେନାଲ୍‌ଦ୍ୱାରା କୃଷିର ବିଶେଷ ଉପକାର ହୁଏ ନାହିଁ ।]

**କୋଷ୍ଟ**—ଗ୍ରା. ବି.—(ସଂ. କୁଷ୍ଠ)—୧ । କୁଷ୍ଠରୋଗ—
Koshta — 1. Leprosy.
୨ । (ସଂ. କୋଷ୍ଠ)—ଉଦରମଧ୍ୟସ୍ଥ ମଳଭାଣ୍ଡ—
2. Intestines.

**କୋଷ୍ଟା**—ଗ୍ରା. ବି. (ସଂ. କୋଷ୍ଠ)—କୋଷ୍ଠା (ଦେଖ)
Koshtā — Koshthā (See)
ପ୍ରାଦେ. (ସମ୍ବଲପୁର) ବି. (ସଂ. କୋଷ)—ତସର ଖୋଷାରୁ ସୂତା ବାହାର କରି ମଠା ବୁଣିବା ତନ୍ତୀ ଜାତି । (ଏମାନେ ସାଧାରଣ ତନ୍ତୀଙ୍କ ପରି ଅସ୍ପୃଶ୍ୟ ନୁହନ୍ତି )—A class of touchable weavers of coarse silk cloth of Sambalpur..

**କୋଷ୍ଟି**—ପ୍ରାଦେ. (ସମ୍ବଲପୁର) ବି.—
Koshti — କୋଷ୍ଟା (ଦେଖ)
Koshtā (See)
ଗ୍ରା. ବି. (ସଂ. କୋଷ୍ଠ)—କୋଷ୍ଠା (ଦେଖ)
Koshthā (See)

**କୋଷ୍ଟିଆ**—ପ୍ରାଦେ. (ସମ୍ବଲପୁର) ବି.—କୋଷ୍ଟା (ଦେଖ)
Koshtiā — Koshtā (See)

**କୋଷ୍ଟ୍ରୁକବର୍ତ୍ତିନୀ**—ଦେ. ବି. (ନାମ)—ପ୍ରାଚୀନ କଳିଙ୍ଗର ଏକ ପ୍ରଦେଶ—
Koshtrukabarttinī — A province of ancient Kalinga.

**କୋଷ୍ଠ**—ସଂ. ବି. (କୁଷ୍ = ନିର୍ଗତ ହେବା + ଅପାଦାନ. ଥ)—
Koshtha ୧ । ଧନାଗାର—1. Treasury.
୨ । ଶସ୍ୟାଗାର; କୋଠି—2 Granary.
୩ । ଦୁର୍ଗ—3. Fort; fortress.
୪ । ଗୃହର ମଧ୍ୟ—4. The interior of a house.
୫ । ଗମ୍ଭୀରଘର; ଅନ୍ତଃପୁର—5. Inner apartment.
୬ । ପ୍ରକୋଷ୍ଠ; କୋଠରୀ—
6. Room or compartment of a house.
୭ । ଅନ୍ତବୁଜୁଳା—7. Viscera
୮ । ଉଦରମଧ୍ୟ; ପେଟ; ଗର୍ଭ; କୋଠା—
8. Abdomen; stomach.
୯ । ଖୋଳପା—9. Shell of any thing.
୧୦ । ଉଦରମଧ୍ୟସ୍ଥ ମଳଭାଣ୍ଡ—10. Intestines.
୧୧ । ଗୃହପାଖରେ ଘେରିଥିବା କାନ୍ଥ; ପରିଛିଦ; ଛିଡ଼ାଦବାଲି—
11. A surrounding wall; compound wall.
୧୨ । ମଳ; ବିଷ୍ଠା—12. Fæces; ordure.
୧୩ । ତନ୍ତ୍ରୋକ୍ତ ଶରୀରାଭ୍ୟନ୍ତରସ୍ଥ ଷଟ୍‌ଚକ୍ର ମଧ୍ୟରୁ ନାଭି ପାଖରେ ଥିବା ଚକ୍ର; ମଣିପୁରଚକ୍ର ( ଦ୍ର. ଶବ୍ଦସାଗର )—
13. One of the six imaginary circles inside the body which is supposed to lie near the navel.
ଦେ. ବି. ( ସଂ. କୁଷ୍ଠ )—କୁଷ୍ଠରୋଗ—Leprosy.

**କୋଷ୍ଠକ**—ସଂ. ବି. ( କୋଷ୍ଠ + ସ୍ୱାର୍ଥେ. କ )—
Koshthaka ୧ । ଧାନକୋଠି; ଅମାର; ଶସ୍ୟାଗାର—
1. Granary.
୨ । ପାଚିରି; ପରିଛିଦ—
2. Compound wall; a surrounding wall.
୩ । ଗୋମେଷାଦି ପାଣି ପିଇବା ପାଇଁ ନିର୍ମିତ ଇଟାର କୁଣ୍ଡ—
3. A brick-trough for watering cattle.
୪ । କାଗଜ ଆଦି ଉପରେ ଅଙ୍କିତ ବହୁତ ଘର ଥିବା କ୍ଷେତ୍ର; ସାରଣୀ ( ଦ୍ର. ଶବ୍ଦସାଗର )—
4. A drawing drawn on paper etc containing many enclosed spaces or figures.
୫ । ଲେଖାରେ ବ୍ୟବହୃତ ବନ୍ଧନୀ ଚିହ୍ନ—
5. The signs of brackets.

**କୋଷ୍ଠକାଠିନ୍ୟ**—ସଂ. ବି. ( ୬ଷ୍ଠୀ ତତ୍; କୋଷ୍ଠ + କାଠିନ୍ୟ )—ଝାଡ଼ା କଷା ହେବା; ଝାଡ଼ା ସଫା ନ ହେବା—
Koshthakāthinya — Constipation.

**କୋଷ୍ଠକୌଟିଲ୍ୟ**—ସଂ. ବି—କୋଷ୍ଠକାଠିନ୍ୟ ( ଦେଖ )
Koshthakautilya — Koshthakāthinya ( See )

**କୋଷ୍ଠତରଳ**—ଦେ. ବି. ( ସଂ. କୋଷ୍ଠତାରଲ୍ୟ )—ପତଳା ଝାଡ଼ା ହେବା; ପତଳାଦସ୍ତ—
Koshthatarala — Passing of liquid stools.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଜ୍ଞ | ଇସ୍ପ | ଉଅ | ଭ |
| ୨ | ଈ | ଊ | ଋ | ଌ | ଔ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ |

କୋଷ୍ଠତାରଲ୍ୟ— ସଂ. ବି. ( ୬ଷ୍ଠୀ ତତ୍; କୋଷ୍ଠ + ତାରଲ୍ୟ )—
Koshṭhatāralya କୋଷ୍ଠତରଳ ( ଦେଖ )
Koshṭhatarala ( See )

କୋଷ୍ଠପରିଷ୍କାର (ଇତ୍ୟାଦି)—ଦେ. ବି—କୋଷ୍ଠଶୁଦ୍ଧି ଇତ୍ୟାଦି ( ଦେଖ )
Koshṭhaparishkāra (etc) Koshṭhaśuddhi etc (See)

କୋଷ୍ଠପାଳ—ସଂ. ବି. ( କୋଷ୍ଠ + ପାଳ ଧାତୁ + କର୍ତ୍ତୃ. ଅ; ତୁଳ. ଇଂ. କନ୍‌ଷ୍ଟେବଲ୍ )—
Koshṭhapāla
କୋଟାଲ ୧ । କିଲ୍ଲାଦାର; ଦୁର୍ଗରକ୍ଷକ—
कोतवाल 1. Warder of a fort.
୨ । କନଷ୍ଟେବଲ୍; ପହରାବାଲା; ଜଗୁଆଳ—
2. A guard; watch-man; constable.
୩ । ଧନାଗାରର ରକ୍ଷକ—
3. Treasurer; treasury-guard.
୪ । ଭଣ୍ଡାର ରକ୍ଷକ—
4. Store-keeper; steward.

କୋଷ୍ଠବଦ୍ଧ—ସଂ. ବଣ—ଯାହାର କୋଷ୍ଠ ଶୁଦ୍ଧି ହୋଇନାହିଁ—
Koshṭhabaddha Costive; having no evacuation of bowels.
(କୋଷ୍ଠବଦ୍ଧତା—ବି)

କୋଷ୍ଠଭେଦ—ସଂ. ବି ( ୬ଷ୍ଠୀ ତତ୍; କୋଷ୍ଠ + ଶୁଦ୍ଧି )—
Koshṭhabheda କୋଷ୍ଠଶୁଦ୍ଧି (ଦେଖ)—
Koshṭhaśuddhi (See)
ସଂ. ବି— ଝାଡ଼ା ବନ୍ଦ ହେବା; କୋଷ୍ଠକାଠିନ୍ୟ (ହି.ଶବ୍ଦସାଗର)—
– Constipation; costiveness.

କୋଷ୍ଠଶୁଦ୍ଧି—ସଂ. ବି. (୬ଷ୍ଠୀ ତତ୍, କୋଷ୍ଠ + ଶୁଦ୍ଧି)—ସଫା ଝାଡ଼ା ହେବା;
Koshṭhaśuddhi ଅକ୍ଲେଶରେ ଉଦରସ୍ଥ ମଳର ବହିର୍ଗମନ; ମଳଭାଣ୍ଡ ପରିଷ୍କାର ହେବା ଅବସ୍ଥା—Regular motions; free evacuation of the bowels; clearance of the stomach.

କୋଷ୍ଠଶୁଦ୍ଧି କରିବା—ଦେ. କ୍ରି – ବାହ୍ୟ ଉପାୟ ( ଯଥା—ପିଚକାରି,
Koshṭhaśuddhi kariba ଗୁହ୍ୟାଗୁଞ୍ଜା ଆଦି ) କିମ୍ବା ଔଷଧ-ସେବନ ( ଜୁଲାପ ) ଦ୍ୱାରା ଝାଡ଼ା ସଫା ବା ମଳ ନିର୍ଗମନ କରାଇବା—To cause evacuation of the bowels by internal ( taking medicine ) or by external means (enema etc).

କୋଷ୍ଠସାଫ୍ ( ଇତ୍ୟାଦି )—ଦେ. ବି—କୋଷ୍ଠଶୁଦ୍ଧି ଇତ୍ୟାଦି ( ଦେଖ )
Koshṭhasaph ( etc ) Koshṭhaśuddhi etc ( See )

କୋଷ୍ଠା—ଦେ. ବି. ( ସଂ. କୋଷ୍ଠୀ )—
Koshṭhā ୧ । ଜନ୍ମକାଳର ଗ୍ରହନକ୍ଷତ୍ରାଦିଙ୍କ ଅବସ୍ଥିତିଜ୍ଞାପକ ଚକ୍ର—1. The drawing of a zodiacal figure showing the position or disposition of various planets at the time of a person s birth.
୨ । ଜାତକ; ଜନ୍ମପତ୍ରିକା—2. Horoscope.
୩ । ଛପଣା; ଜନ୍ମପତ୍ରିକାରୁ ଉଦ୍ଧୃତ କେତେକ ଜ୍ଞାତବ୍ୟ ଅଂଶ—
3. A memo or extract from the horoscope; necessary extracts from the horoscope ( for the purpose of calculating roughly if the presiding planets of the bride and the bride-groom elect agree).
[ ଦ୍ର—କୌଣସି ବରକନ୍ୟାପ୍ରସ୍ତାବ କରାଗଲେ ଉଭୟଙ୍କ ଜାତକରୁ ସବିଶେଷ ଗଣନା କରାଯିବା ପୂର୍ବରୁ ମୋଟାମୋଟି କେତେକ ଗଣନା କରିବା ପାଇଁ ଜାତକରୁ କୋଷ୍ଠା ଛପି ନିଆଯାଏ । ]

କୋଷ୍ଠାଗାର—ସଂ. ବି. (କୋଷ୍ଠ + ଆଗାର = ଘର)—୧ । ଧନାଗାର—
Koshṭhāgāra 1. Treasury.
୨ । ଭଣ୍ଡାର—2. A store; store-room.
୩ । କୋଠି; ଶସ୍ୟାଗାର—3. Granary.

କୋଷ୍ଠାଗାରିକ—ସଂ. ବି.—୧ । ଖଜାଞ୍ଚି—
Koshṭhāgārika 1. A treasurer.
୨ । ଭଣ୍ଡାରଘରିଆ—2. A store-keeper.
୩ । ଖୋଳ ମଧ୍ୟରେ ରହିବା ଜନ୍ତୁ (ଗେଣ୍ଡା, ଶାମୁକା, ଝିନୁକ)—
Animal living inside shells.

କୋଷ୍ଠାଗ୍ନି—ସଂ. ବି. ( ମ. ପ. ଲୋ; କୋଷ୍ଠସ୍ଥ ଅଗ୍ନି )—ଜଠରାଗ୍ନି;
Koshṭhāgni ଶରୀରାଭ୍ୟନ୍ତରସ୍ଥ ଖାଦ୍ୟଜୀର୍ଣ୍ଣକାରୀଶକ୍ତି—
The digestive fire; gastric juice.
[ ଦ୍ର—ଆଧୁନିକ ବିଜ୍ଞାନ ମତରେ ଗୋଟିଏ ଅନ୍ତର୍ଦେହିକ ରସଦ୍ୱାରା ଖାଦ୍ୟବସ୍ତୁମାନ ଜୀର୍ଣ୍ଣ ହୋଇ ରକ୍ତ ଓ ମଳାଦିରେ ପରିଣତ ହୁଏ ।]

କୋଷ୍ଠି—ଦେ. ବି.—(ସଂ. କୁଷ୍ଠ)—୧ । କୁଷ୍ଠରୋଗ—
Koshṭhi 1. Leprosy.
ଆହାର ଅଭେଦ କୋ, ଦିନେ ହୋଏ କୋଷ୍ଠି । ହୋଦେବ. ମାର୍କଣ୍ଡେୟପୁରାଣ ।
ଗ୍ରା. ବି (ସଂ. କୋଷ୍ଠୀ )—କୋଷ୍ଠା (ଦେଖ)
Koshṭhā (See)
ଗ୍ରା. ବଣ. ( ସଂ. କୁଷ୍ଠୀ)—କୋଢ଼ି; କୁଷ୍ଠରୋଗାକ୍ରାନ୍ତ (ବ୍ୟକ୍ତି)—
Leprous.

କୋଷ୍ଠିଆ—ପ୍ରାଦେ. (ସମ୍ବଲପୁର) ବି.—କୋଷ୍ଟା (ଦେଖ)
Koshṭhia Koshṭā (See)
ଗ୍ରା. ବଣ (ସଂ. କୁଷ୍ଠୀ)—କୁଷ୍ଠରୋଗାକ୍ରାନ୍ତ (ବ୍ୟକ୍ତି)
Leprous.

କୋଷ୍ଠିକା—ସଂ. ବି. (କୋଷ୍ଠ + ଇକ + ସ୍ତ୍ରୀ. ଆ.)—
Koshṭhikā ୧ । କୋଷ୍ଠା (ଦେଖ)
1. Koshṭhā (See)
୨ । ପଶାପାଲି—2. Dice-board.

ସାଧାରଣ ଯେଉଁ ସ୍ଥାନରେ ଅପର ପୃଷ୍ଠାରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ଅଙ୍କ ସ୍ଥାନରେ ପ୍ରବେଶ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— ଗାଠ' ନ ମିଳିଲେ 'ଗାଣ' ଖୋଜିବେ; 'ଲୂଅ' ନ ମିଳିଲେ 'ଲଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

**କୋଷ୍ଠୀ**—ସଂ. ବି. (କୋଷ୍ଠ + ସ୍ତ୍ରୀ. ଈ)—୧ । ପଶାପାଲି—
Koshṭhi 1. Dice-board.
୨ । କୋଷ୍ଠା (ଦେଖ)
Koshṭhā (See)
ଯାହା ଦେଖି ଯେବେ ପାଞ୍ଚ ଭାଇ ରହିଲେ ।
କୋଷ୍ଠୀ (୧) ବାକ୍ୟର ଗ୍ରହଲକ୍ଷଣ ବୁଝିଲେ । କୃଷ୍ଣସିଂହ. ମହାଭାରତ. ଅବ ।
ଗ୍ରା. ବିଣ. (ସଂ. କୁଷ୍ଠୀ)—କୁଷ୍ଠରୋଗଗ୍ରସ୍ତ; କୋଢ଼ିଆ—
Leprous; attacked with leprosy.

**କୋଷ୍ଠୀ ଉଦ୍ଧାର କରିବା**—ଦେ. କ୍ରି.—ହଜି ଯାଇ ଥିବା ଜନ୍ମପତ୍ରିକାର
Koshṭhi uddhāra karibā ଲଗ୍ନାଦି ଗଣିବା କରି ନୂତନ ଜନ୍ମପତ୍ରିକା ପ୍ରସ୍ତୁତ କରିବା—To find out (by astrological calculation from available data) the relative positions of the planets at one's nativity in a case where the original horoscope is missing.

**କୋଷ୍ଠୀ କାଟିବା**—ଦେ. କ୍ରି.—ଜ୍ୟୋତିଷ-ଗଣନାର୍ଥ ଭୂମିରେ ବା କାଗଜ
Koshṭhi kāṭibā ଆଦି ଉପରେ ଜନ୍ମପତ୍ରିକାର ରାଶିଚକ୍ର
କୋଷ୍ଠୀ କାଟା ଲେଖିବା—To draw the figure of one's
କୋଷ୍ଠୀକାଟନା natal signs on the ground or on paper.

**କୋଷ୍ଣ**—ସଂ. ବିଣ—(କୁ = ଈଷତ୍ + ଉଷ୍ଣ; କୁ ସ୍ଥାନରେ କା ଆଦେଶ)-
Koshṇa ଅଳ୍ପ ଉଷ୍ଣ; ସାମାନ୍ୟରେ ଉଷ୍ମ; ଈଷଦୁଷ୍ମ—
(କଦୁଷ୍ଣ; କବୋଷ୍ଣ—ଅନ୍ୟରୂପ) Lukewarm; moderately
(କୋଷ୍ଣତା—ବି) or slightly warm; tepid.

**କୋଷ୍ଣତା**—ସଂ. ବି. (କୋଷ୍ଣ + ଭାବ. ତା)—ସାମାନ୍ୟ ଉଷ୍ଣତା—
Koshṇatā Lukewarmness; tepidness.

**କୋସର୍**—ପ୍ରାଦେ. (ବସ୍ତର) ବି—ଜେଉଳ ମାଛ—
Kosar A kind of fish.

**କୋସର**—ଗ୍ରା. ବି. (ଆ. କସୂର)—କସୁର (ଦେଖ)
Kosara Kasur (See)
ବିଣ—ଅପୁଷ୍ଟ (ଫଳ); ଯାହା ପୂର୍ଣ୍ଣରୂପେ ପକ୍ୱ ହୋଇନାହିଁ—
Not fully ripe; unmatured.
(ଯଥା—କୋସର ନଡ଼ିଆ ।)

**କୋସିସ୍**—ବୈଦେ. ବି (ଫା)—କୁସିସ୍ (ଦେଖ)
Kosis Kusis (See)

**କୋହ**—ଦେ. ବି. (ସଂ. କ୍ରୋଧ; ପ୍ରା. କୋହ)—
Koha ୧ । କୋପ; କ୍ରୋଧ—
କୋଧ 1 Anger; fit of anger.
କୋହ ଲାଗିଲା ନାଗସିଂହେ ଶବଦେ ତୋ କୋହେ । କୃଷ୍ଣସିଂହ. ମହାଭାରତ. ବନ ।
୨ । ବିକଳ କାନ୍ଦଣା—
2. Wailing; sobbing; lamentation.
୩ । ଶୋକ; ଗଭୀର ଦୁଃଖ—3. Grief; anguish
ଘରକୁ ତାଙ୍କ ମଲଙ୍କୁ ଚାହିଁଦେବା ଗଡ଼ୁଥିବ ସବୁ କୋହ ।
ଦୀନନାଥ. ସମରତରଙ୍ଗ ।
୪ । ତେଜ; (ଅଗ୍ନି) ଆଦିର ଆଧିକ୍ୟ—
4. Excess; fury (of heat).
ପୁଣି ଯୋଗ୍ଯ ଯାଉଥାଏ ସେ ଅଗ୍ନି କୋହେ । କୃଷ୍ଣସିଂହ. ମହାଭାରତ. ସଭା ।

**କୋହ ଉଠିବା**—ଦେ. କ୍ରି—କୋହ ଉପୁଜିବା (ଦେଖ)
Koha uṭhibā Koha upujibā (See)

**କୋହ ଉପୁଜିବା**—ଦେ. କ୍ରି. (ସଂ. କ୍ରୋଧ + ଉପଜାତ)—
Koha upujibā ୧ । କ୍ରୋଧ ଜାତ ହେବା—
1. Rising of a feeling of anger.
୨ । ଶୋକ ଜାତ ହେବା—
2. The state of being afflicted with grief.

**କୋହ ବହିବା**—ଦେ. କ୍ରି—କ୍ରୁଦ୍ଧ ହୋଇ ରହିବା; ରାଗାନ୍ୱିତ ହେବା—
Koha bahibā To be angry.
କ୍ରୋଧବହା ପାଣ୍ଡବଙ୍କ ସାଙ୍ଗେ ଅନ୍ଧ ସୁତ ତାଙ୍କ ସ୍ନେହ
ଅସ୍ୱଥେନ ଗରୁ ମାରିବେ ବହି କୋହ । କୃଷ୍ଣସିଂହ. ମହାଭାରତ. ବନ ।

**କୋହମୋହ**—ଗ୍ରା. ବିଣ—ଅତ୍ୟନ୍ତ ଅସନ୍ତୁଷ୍ଟ—
Kohamoha Much discontented.

**କୋହରା**—ଗ୍ରା. ବିଣ. ପୁଂ. (ସଂ. କ୍ରୋଧ; ଭୁଲ; ହି. କୁଢ଼ନ୍ = ଈର୍ଷା
Koharā କଲୁବାଲା)—୧ । କ୍ରୋଧନସ୍ୱଭାବ—
(କୋହରୀ—ସ୍ତ୍ରୀ) 1. Of an angry nature.
୨ । ଅସନ୍ତୁଷ୍ଟପ୍ରକୃତିକ—
2. Of a discontented nature.
୩ । ଯେ କୋହରେଇ ହୋଇ କାନ୍ଦେ—3. Wailing.
ଗ୍ରା. ବି—କୋହରେଇହୋଇ କାନ୍ଦିବା; ବିଳାପ; କାନ୍ଦ-
କୁହାଣୀ; କରାହ ବୋବାଳି—Bewailing; loud lamentation.

**କୋହରିଆ**—ଗ୍ରା. ବିଣ. ପୁଂ. (ସଂ. କ୍ରୋଧ)—କୋହରା (ଦେଖ)
Koharia Koharā (See)
(କୋହରେଇ—ସ୍ତ୍ରୀ)

**କୋହରିବା**—ଗ୍ରା. କ୍ରି. (ସଂ. କ୍ରୋଧ; ଭୁଲ. ହି. କୁଢ଼ନା; କୋହାନା = Koharibā ରାଗିବା, ରୁଷିବା)—ଅସନ୍ତୋଷରେ ବିକଳ ହୋଇ
ଫୁଁପାଇୟାକାଁଦା କାନ୍ଦିବା; କନ୍ଦାକଟା କରିବା; ଶବ୍ଦକରି ହେବା;
କହରୀ ଘୁମୁରି କରି କାନ୍ଦିବା—To complain bewailingly; to lament loudly and long.

**କୋହରେଇବା**—ଗ୍ରା. କ୍ରି. (ସଂ. କ୍ରୋଧ; କୁହର; ହନ୍ଦ. କୁହରାମ = Kohareibā ବିଳାପ)—ବହୁକ୍ଷଣ ଅତ୍ୟନ୍ତ ବିକଳ ହୋଇ ବା
ବିନାଇଯାକାଁଦା ଶବ୍ଦକରି କାନ୍ଦିବା; କଇଁ କଇଁ ହୋଇ କାନ୍ଦିବା—
କରାହନା To send forth repeated wails.

**କୋହଳ**—ସଂ. ବିଣ—(କୁ + ହଲ ଧାତୁ + ଅ)—ଅସ୍ପଷ୍ଟରୂପେ କଥା
Kohaḷa କହୁଥିବା—Speaking indistinctly.
ଦେ. ବିଣ (ସଂ. କୋମଳ; ଶିଥିଲ, ପ୍ରା. ଶିଢ଼ିଲ)—
ଢିଲା ୧ । ନରମ—1. Soft.
ଢୀଲା କୋହଳ ପାଇଲେ ହୋଇଛି ତଣ୍ଡୁ—ତଗ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଲ | ଷ,ଶ | କ୍ଷ | ଇଯ଼ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ୟ | ଇଅ | ● | ନ୍ତ |

୨ । ଢିଲା—2. Slack; loose.

୩ । ଶିଥିଳ—3. Lax.

କୋହଲ—ସ. ବି ( କୁ+ହଲ୍ ଧାତୁ=ଆକର୍ଷଣ କରିବା+ଅ )—
Kohala ୧ । ମଦ୍ୟବିଶେଷ; ଯବରୁ ପ୍ରସ୍ତୁତ ମଦ; ସୁରାସାର—
1. Alcohol; barly-wine.
[ ଦ୍ର—ଏହି ସଂସ୍କୃତ 'କୋହଲରୁ' ଅରବୀ 'କୋହଲ୍ ବା ଅଲ୍‌କୋହଲ୍' ଓ ଆରବୀରୁ ଇଂରାଜୀରେ ଆଲ୍‌କୋହଲ୍ ଶବ୍ଦ ଚଳି ଅଛି । ]

୨ । କୋମଳ ଆଘାତରେ ବାଜିବା ବାଦ୍ୟବିଶେଷ—
2. A kind of drum which is slightly struck.

୩ । ନାଟକାବଳୀ ରଚୟିତା ବିଶେଷ—3. A class of dramatic authors; authors of light dramas.

୪ । (ନାମ) ନାଟକର ପ୍ରଥମ ଅବକ୍ତା—
4. Name of the first author of drama.

କୋହଲା— ଦେ. ବିଣ (ସ. କୋମଳ)—କୋହଲ (ଦେଖ)—
Kohalā Kohala (See)

କୋହଲିଆ—ଦେ. ବିଣ (ସ. କୋମଳ)—କୋହଲ (ଦେଖ)—
Kohaliā Kohala (See)

କୋହ ହେବା—ଗ୍ରା. ବି—କୋହ ଉପୁଜିବା (ଦେଖ)—
Koha hebā Kohaupujibā (See)

ଗ୍ରା. କ୍ରି—କୋଧରେ ଭରନ୍ତି ପ୍ରକାଶ କରିବା—
To give vent to the feeling of anger.

କୋହି—ଦେ. ବି—କୋଇ (ଦେଖ)—
Kohi Koi (See)

କୋହୋରା—ଗ୍ରା. ବିଣ ଓ ବି. ପୁଂ (ସ. କୋହ)—କୋହରା (ଦେଖ)—
Koherā Koharā (See)
(କୋହୋରୀ—ସ୍ତ୍ରୀ)

କୋହୋରିଆ—ଗ୍ରା. ବିଣ. ପୁଂ—କୋହରିଆ (ଦେଖ)—
Kohoriā Koharia ( See )
(କୋହୋରେଇ—ସ୍ତ୍ରୀ)

କୋହୋରିବା—ଗ୍ରା. କ୍ରି—କୋହରିବା ( ଦେଖ )—
Kohoribā Koharibā (See)

କୋହୋରେଇବା—ଗ୍ରା. କ୍ରି—କୋହରେଇବା (ଦେଖ)—
Kohoreibā Kohareibā (See)

କୋହୋଳ—ଗ୍ରା. ବିଣ—କୋହଲ ( ଦେଖ )—
Kohola Kohala (See)

କୋହୋଲା—ଗ୍ରା ବିଣ—କୋହଲା ( ଦେଖ )—
Kohola Kohalā ( See )

କୋହୋଲା—ଦେ, ବି ( ସ, କୁହେଳି; ଭୂଲ. ହି. କୋହରା= କୁହୁଡ଼ି)—ଅଳ୍ପକେ ଶୀତ କରୁଥିବା ଏବଂ ମେଘ ଓ କୁହୁଡ଼ି
Koholā
କୁୟାସା ଘୋଟିବା ପାଗ—Chilly weather.
कोहरा ଦେ. ବିଣ—କୁହୁଡ଼ିଯୁକ୍ତ (ପାଗ)—
कोहरेदार Foggy; misty (weather).

କୋହୋଲିଆ—ଦେ. ବିଣ—କୋହଲ ( ଦେଖ )
Koholiā Kohala ( See )

କୋହ୍ଲ—ଦେ. ବି. ( ସ. କୋଲ )—
Kohla ଛୋଟନାଗପୁର ଓ ମଧ୍ୟ ଭାରତରେ ବାସ କରୁଥିବା ଅନାର୍ଯ୍ୟ ଜାତିବିଶେଷ—The Kols; a Non-aryan tribe of Central India.

କୋହ୍ଲାନ୍—ଦେ. ବି. ( ନାମ )—ସିଂହଭୂମପ୍ରଦେଶର କୋଲ୍ହ-ପ୍ରଧାନ
Kolhān ଅଞ୍ଚଳ—The Kolhan, a tract of country in the district of Singhbhoom which is chiefly inhabited by the Kols.

କୋହ୍ଲିଆ—ଗ୍ରା. (କଟକ) ବି.—କୋଲିଆ; ଆଖୁ ପେଡ଼ିବା କଳ—
Kohliā A machine for pressing sugarcane.
আখমাড়া শুঁড়ি
कोल्हू

କୌ—ଗ୍ରା. ବି—କଉ ( ଦେଖ )
Kau Kau ( See )
ଗ୍ରା. ସର୍ବନାମ. ବିଣ—କେଉଁ ?—Which ? what ?

କୌଁ—ଗ୍ରା. ସର୍ବନାମ—କେଉଁ ?—
Kauṅ Which ? what ?
କୌଁ କୌଶଲେ ସେ କ, କହ ଭର୍ଣ୍ଣବା । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

କୌକୃତ୍ୟ—ସ. ବି. ( କୁକୃତ୍ୟ+ସ୍ୱାର୍ଥେ. ଅ )—
Kaukrutya ୧ । ମନ୍ଦ କର୍ମ—1. Evil doing.
୨ । ଖଳତା—2. Wickedness.
୩ । ଅନୁତାପ—3. Repentance.

କୌକୌଆ—ଗ୍ରା. ବି—କଉକଉଆ ( ଦେଖ )
Kaukauā Kaukauā ( See )

କୌକ୍କୁଟ—ସ. ବିଣ. (କୁକ୍କୁଟ+ସମ୍ବନ୍ଧାର୍ଥେ. ଅ)—କୁକ୍କୁଟସମ୍ବନ୍ଧୀୟ—
Kaukkuta Relating to a cock.

କୌକ୍କୁଟିକ—ସ. ବି. ପୁଂ. ( କୁକ୍କୁଟ+ସମ୍ବନ୍ଧାର୍ଥେ. ଇକ )—
Kaukkutika ୧ । କୁକୁଡ଼ା ପାଳିବା ଯାହାର ବ୍ୟବସାୟ—
1. A poulterer.
୨ । ଯେଉଁ ସନ୍ନ୍ୟାସୀ ପୋକଜୋକଙ୍କୁ ଗୋଡ଼ରେ ମାଡ଼ି ପକାଇବା ଭୟରେ ସବୁବେଳେ ତଳକୁ ଚାହିଁ ଚାହିଁ ଚୁଲେ-
2. A mendicant who always walks by fixing his eyes on the ground lest he tread on any worm.
୩ । ମିଥ୍ୟାଚାରୀ ବ୍ୟକ୍ତି—3. A hypocrite.

ସାଧାରଣ ସେତେବେଳେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅଟିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃକ୍ଷ' ନ ମିଳିଲେ 'ବୃକ୍ଷ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲ୍ଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

**କୌକ୍ଷେୟ**—ସଂ. ବିଣ. ( କୁକ୍ଷି+ ସମ୍ବନ୍ଧାର୍ଥେ. ଏୟ )—
Kaukṣheya — ପେଟ ନିକଟରେ ବନ୍ଧା ହୋଇଥିବା—
Tied near the belly.
ସଂ. ବି—୧ । ଖଡ୍ଗ; ତରବାରି—
1. A sword; scimitar.
୨ । କୁକ୍ଷିବଦ୍ଧ ଖଡ୍ଗ—
2. A sword hung from the sides.

**କୌକ୍ଷେୟକ**—ସଂ. ବିଣ ଓ ବି. ( କୁକ୍ଷି + ଏୟ + କ )—
Kaukṣheyaka କୌକ୍ଷେୟ ( ଦେଖ )
Kaukṣheya ( See )

**କୌଚ୍**—ବୈଦେ. ବି. ( ଇ. କୌଚ୍ )—
Kauch ଗଦିଲଗା ସଉଜନ୍ ଖଟ—Couch.
কাউচ
कोच

**କୌଚ୍ଛସ**—ଗ୍ରା. ବି. ( ସ୍ତ ସ୍ଥାନରେ ଚ୍ଛ ଉଚ୍ଚାରଣ; ସଂ. କୌତ୍ସ )—
Kauchchhasa କୌତ୍ସସ ( ଦେଖ )
Kautsasa ( See )

**କୌଟ**—ସଂ.ବିଣ. ପୁଂ.(କୂଟ=କପଟ ବା କୋଟ=ଗୃହ+ସ୍ୱାର୍ଥେ.ଅ)—
Kauṭa ୧ । ଯେଉଁ କାରିଗର ଅପଣା ଘରେ ରହି କାମ
(କୌଟୀ—ସ୍ତ୍ରୀ) କରେ—1. (artisan) Working in his own house; independent (artisan).
୨ । ଗାର୍ହସ୍ଥ—2. Domestic; home-bred.
୩ । ଠକ; ପ୍ରତାରକ—3. Fraudulent.
୪ । ଜାଲ ବା ଫାଶ ଦ୍ୱାରା ଧରା ଯାଇଥିବା—
4. Snared ( animal )
୫ । ଗ୍ରାମ୍ୟ—5. Rural.
୬ । ମିଥ୍ୟାସାକ୍ଷ୍ୟ ଦେବା ( ବ୍ୟକ୍ତି )—
6. Giving false evidence.
ସଂ. ବି—କୁଟଜ ବା କଣମଣ୍ଡୀ; କୋରୁଆଁ ( ଦେଖ )
Koruāṅ ( See )

**କୌଟକିକ**—ସଂ. ବି. (କୂଟକ=ପାଶ+ସମ୍ବନ୍ଧାର୍ଥେ. ଇକ)—
Kauṭakika ୧ । ଫାଶରେ ଚଢ଼େଇ ଆଦି ଧରିବା ଯାହାର ଜୀବିକା
1. A person who catches animals with snares.
୨ । କଂସେଇ—2. Butcher.
୩ । ପଶୁମାଂସବିକେତା—3. Seller of meat.

**କୌଟଜ**—ସଂ. ବି. ( କୁଟଜ+ ସ୍ୱାର୍ଥେ, ଅ )—
Kauṭaja କୁଟଜ ( ଦେଖ )
Kuṭaja ( See )

**କୌଟତକ୍ଷ**—ସଂ.ବି. (କୌଟ=ଗ୍ରାମ୍ୟ, ଗ୍ରାମସ୍ଥିତ+ତକ୍ଷନ୍=ବଢ଼େଇ)—
Kauṭataksha ଯେଉଁ ବଢ଼େଇ ପର ଘରେ ମଜୁରି ନ ଲାଗି ଅପଣା ଘରେ ବସି କାମ କରି ଜୀବିକା ନିର୍ବାହ କରେ—
A carpenter having his workshop at home.

**କୌଟସାକ୍ଷୀ**—ସଂ. ବି. ( କୌଟ+ସାକ୍ଷିନ୍; ୧ମା. ୧ବ. )—
Kauṭasākshi ମିଥ୍ୟା ସାକ୍ଷୀ—False witness.

**କୌଟସାକ୍ଷ୍ୟ**—ସଂ. ବି. ( କୌଟ+ସାକ୍ଷ୍ୟ )—ମିଥ୍ୟା ସାକ୍ଷ୍ୟ—
Kauṭasākṣya False testimony; perjury.

**କୌଟା**—ପ୍ରାଦେ (ସମ୍ବଲପୁର) ବି (ସଂ. କୁଟ୍ ଧାତୁ=ଆଚ୍ଛାଦନ କରିବା,
Kauṭā ବଙ୍ଗଳାରୁ ଗୃହୀତ)—ଛୋଟ ଡବା; କଉଟ; ସମ୍ପୁଟକ—
কৌটা A small metal case or box with a lid.
डब्बा

**କୌଟିକ**—ସଂ. ବିଣ.(କୂଟ=ପାଶ+ସମ୍ପାଦନାର୍ଥେ. ଇକ)—
Kauṭika ୧ । ପ୍ରତାରକ—1. Fraudulent.
୨ । କୂଟକାରୀ ବ୍ୟାଧ,ଯେଉଁ ବ୍ୟାଧ ଫାଶ ବସାଇ ଜନ୍ତୁ ଧରେ—
2. A hunter who uses snares.
୩ । ମାଂସବିକ୍ରେତା—3. Seller of meat
୪ । କଂସେଇ—4. Butcher.

**କୌଟିଲ୍ୟ**—ସଂ. ବି (କୁଟିଳ+ଭାବ. ଯ)—
Kauṭilya ୧ । କୁଟିଳତା—1. Crookedness.
୨ । କ୍ରୂରତା—2. Cruelty.
୩ । ଅସରଳତା—Want of frankness;insincerity.
ସଂ. ବି(ନାମ)—ଅର୍ଥଶାସ୍ତ୍ର ପ୍ରଣେତା ଚାଣକ୍ୟ ବ୍ରାହ୍ମଣ—
A name of Chāṇakya, the author of the Arthaśāstra (Economics).
[ ଦ୍ର—ଏହାଙ୍କ କ୍ରୋଧାନଳରେ ନନ୍ଦ ରାଜବଂଶ ଧ୍ୱଂସପ୍ରାପ୍ତ ହୋଇଥିଲା ଏବଂ ଏହାଙ୍କ ଚକ୍ରାନ୍ତରେ ଦାସୀପୁତ୍ର ଚନ୍ଦ୍ରଗୁପ୍ତ ନନ୍ଦ ସିଂହାସନରେ ଅଧିରୂଢ଼ ହୋଇଥିଲେ । କୁଟିଳତାର ମୂଳ ବୋଲି ଲୋକରେ ଏ 'କୌଟିଲ୍ୟ' ନାମରେ ପରିଚିତ । ]

**କୌଟୁମ୍ବ**—ସଂ. ବିଣ (କୁଟୁମ୍ବ+ ସମ୍ବନ୍ଧାର୍ଥେ. ଅ)—କୁଟୁମ୍ବସମ୍ବନ୍ଧୀୟ—
Kauṭumba Relating to the family.

**କୌଟୁମ୍ବିକ**—ସଂ. ବିଣ (କୁଟୁମ୍ବ+ଇକ)—କୁଟୁମ୍ବସମ୍ବନ୍ଧୀୟ—
Kauṭumbika Relating to the family.
( କୌଟୁମ୍ବିକା—ସ୍ତ୍ରୀ ) ସଂ. ବି. ପୁଂ—ଗୃହକର୍ତ୍ତା—
Pater familias; the master of a house.

**କୌଠା**—ଗ୍ରା. ବି—କେଉଁ ସ୍ଥାନ ?—
Kauṭhā Which place ?
কোথা [ ଦ୍ର—ଏଥିରୁ ୨ୟାରେ କୌଠାକୁ, ୫ମୀରେ କୌଠାରୁ,
कहाँ ୬ଷ୍ଠୀରେ କୌଠାର; ୭ମୀରେ କୌଠାରେ ପଦମାନ ଜାତ ହୁଏ । ]

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଢ଼ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଷ,ଷ | କ୍ଷ | ଇସ୍ତ | ଉଅ | ଘ | |
| ୨ | ଇ | ଭ | ରୁ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ତ୍ୟ | ଇଅ | ଙ୍ଗ | ନ୍ତ | |

**କୌଠି**—ଗ୍ରା. ଅ—୧ । କେଉଁ ସ୍ଥାନ ?—1. Which place ?
Kauthi ୨ । କେଉଁଠି ? କେଉଁଠାରେ ? କେଉଁ ସ୍ଥାନରେ ?—
କୋଥାୟ 2. Where ?
कहाँ
[ ଦ୍ର—ଏଥିରେ ୨ୟା ବିଭକ୍ତିରେ କୌଠିକ, କୌଠିକୁ ହୁଏ । ]

**କୌଢ଼ି (ଇତ୍ୟାଦି)**—ଗ୍ରା. ବି—କଉଡ଼ି ଇତ୍ୟାଦି (ଦେଖ)
Kaurdi (etc) Kaurdi etc (See)

**କୌଢ଼ିଆ (ଇତ୍ୟାଦି)**—କଉଡ଼ିଆ ଇତ୍ୟାଦି (ଦେଖ)
Kaurdiā (etc) Kaurdiā etc (See)

**କୌଢ଼ିଆବେଙ୍ଗ**—ଦେ. ବି—ଏକଜାତୀୟ ବଡ଼ ବେଙ୍ଗ ( ଏମାନଙ୍କ
Kaurdiābenga ପିଠିସାରା କଉଡ଼ି ଭଳି ଗେଣ୍ଡମାନ ବାହାରିଥାଏ—
কোলাবেঙ্গ A species of big frogs ( having numerous protuberances on the back

**କୌଣପ**—ସଂ. ବି. ପୁଂ ( କୁଣପ+ଭୋଜନାର୍ଥେ. ଅ; ବା କୁଣପା= ଯକ୍ଷସୀବିଶେଷ+ଅପତ୍ୟାର୍ଥେ. ଅ ) ଅସୁର; ରାକ୍ଷସ—Demon.
Kaunapa

**କୌଣସି**—ଦେ. ସର୍ବ (ସଂ. କମ୍; ପ୍ରା. କବଣ)—୧ । କେହିଜଣେ—
Kaunasi 1. Some one.
কোন ୨ । କିଛି ବସ୍ତୁ—
कौनसा 2. Something.

**କୌଣସି କୌଣସି**—ଦେ. ସର୍ବନାମ (କୌଣସିର ବହୁବଚନ)—
Kaunasi kaunasi ୧ । କେହି କେହି ବ୍ୟକ୍ତି; ଜଣେ ଜଣେ
কোনকোন ଲୋକ—1. (Plural) Some people.
कौनकौन ୨ । କୌଣସି ସ୍ଥାନମାନ—2. Certain places; some places.
୩ । କୌଣସି ବସ୍ତୁମାନ—3. Some things.

**କୌଣସିଲା**—ଦେ. ସର୍ବନାମ—କୌଣସି ( ଦେଖ )
Kaunasilā Kaunasi ( See )

**କୌଣିସିଲା**—ଗ୍ରା. ସର୍ବନାମ—କୌଣସି ( ଦେଖ )
Kaunisilā Kaunasi ( See )

**କୌଣ୍ୟ**—ସଂ. ବି. ( କୋଣି+ଯ )—
Kaunya ୧ । ହାତ କେଙ୍କା ହେବା ଅବସ୍ଥା—
1. Distortion of the arm; the state of having a crooked arm.
୨ । ବାତ ଯୋଗୁଁ ହାତର ଅଚଳ ଅବସ୍ଥା—
2. Paralysis of the hands

**କୌତସ୍କୁତ**—ସଂ. ବିଣ. ( ସଂ. କୁତଃ=କେଉଁଠାରୁ+କୁତଃ= କେଉଁଠାରୁ+ଭାବାର୍ଥେ. ଅ )—କେଉଁ କେଉଁ ସ୍ଥାନରେ ଜାତ; କୌଣସି କୌଣସି ସ୍ଥାନରେ ଉତ୍ପନ୍ନ—
Kautaskuta Produced or available or made in certain places.

**କୌତୁକ**—ସଂ. ବି. ( କୁତୁକ+ସ୍ୱାର୍ଥେ. ଅ )—୧ ଇଚ୍ଛା—
Kautuka 1. Desire; wish.
୨ । କୁତୂହଳ; କୌଣସି ଅଜ୍ଞାତ ବିଷୟ ଜାଣିବାର ଇଚ୍ଛା—
2. Curiosity.
୩ । ଅଧୀରତା; ଔତ୍ସୁକ୍ୟ—
3. Eagerness; impatience.
୪ । ହସ୍ତସୂତ୍ର; ହାତଗଣ୍ଠିରେ ବନ୍ଧାଯିବା ସୂତା; ବିବାହ ପୂର୍ବରୁ ଦୁଇ ସହିତ ବରକନ୍ୟାଙ୍କ ହାତରେ ବନ୍ଧାଯିବା ଅଗଅଡ଼ ସୂତା—4. The marriage-thread worn round the right wrist by the bride-groom and round the left arm of the bride for seven days.
୫ । ଔତ୍ସୁକ୍ୟ ବା ବିସ୍ମୟ ଉତ୍ପାଦନକାରୀ ବିଷୟ—
5 Anything producing curiosity and wonder.
୬ । ଉତ୍ସବ—6. Festivity; gaiety.
୭ । ବନ୍ଧୁର ଅଭିବାଦନ—7. Friendly greeting.
୮ । ଥଟ୍ଟା; ପରିହାସ—8. Jest; fun; joke.
୯ । ତାମସା—9. Show; sport; exhibition.
୧୦ । ବିବାହାଦି ମଙ୍ଗଳ ଉତ୍ସବ—
10. Auspicious social festivity.
୧୧ । ଆନନ୍ଦ—
11 Delight; joy; pleasure; mirth.
୧୨ । ମଉଜ; ସୁଖ—12. Happiness.
୧୩ । ଆମୋଦପ୍ରମୋଦ—
13. Amusement; sport; pastime.
୧୪ । ଭୋଗକାଳ—
14 The period of possession or enjoyment.
୧୫ । ଆଶ୍ଚର୍ଯ୍ୟ—15. Wonder.
ଦେ. ବିଣ—୧ । କୌତୁକକାରୀ—1. Sportive.
୨ । କୌତୁକପୂର୍ଣ୍ଣ—2. Delightful.

**କୌତୁକ କରିବା**—ଦେ. କ୍ରି—ଥଟ୍ଟା କରିବା; ପରିହାସ କରିବା—
Kautuka karibā To jest; to make fun.
কৌতুককরা
कौतुककरना

**କୌତୁକକ୍ରିୟା**—ସଂ. ବି. ( ମ. ପ. ଲୋ; ଯେଉଁ କ୍ରିୟାରେ କୌତୁକସୂତ୍ର ବନ୍ଧାଯାଏ )—ବିବାହ କର୍ମ—
Kautukakriyā Marriage ceremony ( M. W. )

**କୌତୁକ ଗୃହ**—ସଂ. ବି—୧ । ଯେଉଁ ଘରେ ମଉଜ ମଜଲିସ୍ କରାଯାଏ—
Kautukagruha 1. Pleasure-house.
୨ । ଯେଉଁ କୋଠରିରେ ବିବାହ କର୍ମ ସମ୍ପନ୍ନ ହୁଏ—
2. A room where a marriage ceremony takes place ( M.W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅଗ୍ଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**କୌତୁକ ତୋରଣ**—ସଂ. ବି—ବିବାହାଦି ଉତ୍ସବରେ ପ୍ରତିଷ୍ଠିତ ଫାଟକ—
Kautuka torana — Triumphal arch erected on festive occasions.

**କୌତୁକପ୍ରଦ**—ସଂ. ବିଣ. (କୌତୁକ+ପ୍ର+ଦା. ଧାତୁ+କର୍ତ୍ତୃ. ଅ)—
Kautukaprada — ଆନନ୍ଦପ୍ରଦ; ଆହ୍ଲାଦକର—Delightful.

**କୌତୁକ ଲଗାଇବା**—ଦେ. କ୍ରି—୧ । ଥଟ୍ଟା କରିବା—
Kautuka lagāibā — 1. To make a fun.
कौतुककगागान — ୨ । ପର ମନରେ ଆହ୍ଲାଦ ଆମୋଦ ସୃଷ୍ଟି କରିବା—
कौतुकलगाना — 2. To create amusement.

**କୌତୁକିଆ**—ଦେ. ବିଣ.—୧ । ଆହ୍ଲାଦକର; ନୟନାନନ୍ଦକର—
Kautukiā — 1 Fanciful to look at; delightful.
୨ । କୌତୁକ କରିବାବାଲା; ବିନୋଦନଶୀଳ—
2. Sportive; frolicsome.

**କୌତୁକିତ**—ସଂ. ବିଣ. ପୁଂ. ( କୌତୁକ+ଯୁକ୍ତାର୍ଥେ. ଇତ )—ଯାହା
Kautukita — ମନରେ କୁତୂହଳ ଜନ୍ମି ଥାଏ—
(କୌତୁକିତା—ସ୍ତ୍ରୀ) — Eager; eagerly interested inquisitive.

**କୌତୁକୀ**—ସଂ. ବିଣ ପୁଂ. ( କୌତୁକ+ଅସ୍ତି ଅର୍ଥରେ. ଇନ୍ ୧ମା. ୧ବ )—୧ । ଉତ୍ସୁକ; କୌତୂହଳୀ—
Kautuki
(କୌତୁକିନୀ—ସ୍ତ୍ରୀ) — 1 Curious; eager.
୨ । ଆନନ୍ଦିତ; ଆନନ୍ଦମୟ—2. Gay; joyful.
୩ । ପରିହାସକର—3. Sportive; funny.
୪ । ଥଟ୍ଟିଲ—4. Jestful; jocose.

**କୌତୂହଳ**—ସଂ. ବି. ( କୁତୂହଳ+ସ୍ୱାର୍ଥେ. ଅ )—୧ । କୁତୂହଳ;
Kautūhala — ଔତ୍ସୁକ୍ୟ—1. Curiosity; eagerness.
୨ । ଅଭିଳାଷ—2. Wish.
୩ । ଉତ୍ସବ—3. Festival.
୪ । ଅସାଧାରଣ ଘଟଣା—
4 Any unusual phenomenon (M. W)

**କୌତୂହଳୀ**—ସଂ.ବିଣ. (କୌତୂହଳ+ଅସ୍ତି ଅର୍ଥରେ. ଇନ୍)—ଉତ୍ସୁକ—
Kautūhali — Eager; curious; inquisitive.

ପାଚନ୍ତେ କୌତୂହଳୀ ଜାଣି ବିଭବସ୍ତ୍ର,
କହିଲେ ସମ୍ବୋଧି ତହିଁ । ଜଗନ୍ନାଥ. ମହାଭାର. ।

**କୌତ୍ସ**—ସଂ. ବି.—(ସଂ. କୁତ୍ସ+ଅପତ୍ୟାର୍ଥେ. ଅ)—୧ । ବରତନ୍ତୁଙ୍କ
Kautsa — ଶିଷ୍ୟ ମୁନିବିଶେଷ—1. A sage, the disciple of the sage Baratantu.
[ ଦ୍ର—ଗୁରୁଙ୍କୁ ଦକ୍ଷିଣା ଦେବାପାଇଁ ଏ ଧନ ମାଗିବାକୁ ରଘୁଙ୍କ ପାଖରେ ପହଞ୍ଚିଥିଲେ । ]
୨ । କୁତ୍ସ ଋଷିଙ୍କ ପ୍ରଣୀତ ସାମଗାନ—
2. A hymn composed by sage Kutsa.

**କୌତ୍ସସ**—ଦେ. ବି. (ସଂ. କୌତ୍ସ)—୧ । କୌତ୍ସ ମୁନିଙ୍କ ଗୋତ୍ର ସମ୍ଭୂତ
Kautsasa — ବୈଦିକ ବ୍ରାହ୍ମଣ—1. A Brahmana descended from the clan of sage Kautsa.

କୌତ୍ସସମରିଆ ବସ୍ତୁ କାନ୍ତାରୁ ଗୋରଡ଼ା
ଏସବୁ ବ୍ୟାଖ୍ୟାକୁ ନୂଆ ଅଭ୍ୟାସ କେତେ । ଗୋପୀନାଥନନ୍ଦ. ଚ. ସା ୧୮୮୧ ।

୨ । କୌତ୍ସ ମୁନି—2. Sage Kautsa.

**କୌଥୁମ**—ସଂ. ବି (କୌଥୁମୀ+ଅ)—କୌଥୁମୀଶାଖାଧାୟୀ ବ୍ରାହ୍ମଣ—
Kauthuma — Brahmana reading the Kauthumi śākhā.

**କୌଥୁମୀ**—ସଂ. ବି (କୁଥୁମ+ଅ+ଈ)—
Kauthumi — କୁଥୁମଋଷିପ୍ରବର୍ତ୍ତିତ ସାମବେଦର ଶାଖାବିଶେଷ—
A section of the Sāma Beda preached by sage Kuthuma.

**କୌଦାଳିକ**—ସଂ. ବି—ମିଶ୍ରଜାତିବିଶେଷ—
Kaudālika — A mixed caste (son of a fisherman by a woman of the washerman caste).
[ ଦ୍ର—ଧୀବର ପିତା ଓ ରଜକୀ ମାତାଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତି । ]

**କୌନ୍**—ପ୍ରାଦେ (ହିନ୍ଦି) ସର୍ବନାମ—୧ । କିଏ—
Kaun — 1. Who.
୨ । କଅଣ—2 What.

**କୌନଖ୍ୟ**—ସଂ. ବି (କୁନଖ+ଭାବ. ଯ)—
Kaunakhya — ୧ । ନଖ ଖରାପ ବା ଅସୁନ୍ଦର ହେବା ଅବସ୍ଥା—
Ugliness of nails.
୨ । କଣନଖା ରୋଗ ହେବା ଅବସ୍ଥା—
2. The condition of a person having a sore in the corners of the nails.
୩ । ( +ସ୍ୱାର୍ଥେ. ଯ)—କଣନଖା ରୋଗ—
3. A disease of the finger-nails.

**କୌନ୍ତିକ**—ସଂ. ବି (କୁନ୍ତ=ପ୍ରାସ ଅସ୍ତ୍ର+ଅସ୍ତି ଅର୍ଥରେ. ଇକ)—
Kauntika — କୁନ୍ତ ବା ବର୍ଚ୍ଛାଧାରଣକାରୀ ବ୍ୟକ୍ତି—
A spear-man; a lancer.

**କୌନ୍ତେୟ**—ସଂ. ବି. ପୁଂ (କୁନ୍ତୀ+ଅପତ୍ୟାର୍ଥେ. ଏୟ)—
Kaunteya — ୧ । କୁନ୍ତୀଙ୍କ ପୁତ୍ର (ଯୁଧିଷ୍ଠିର, ଭୀମ ଓ ଅର୍ଜୁନ)—
1. The three elder Pāndaba-brothers; sons of Kunti.
୨ । ଅର୍ଜୁନବୃକ୍ଷ—
2. Terminalia Arjuna (tree).

**କୌପ୍ନି**—ଗ୍ରା. ବି (ସଂ. କୌପୀନ)—କୌପୀନ (ଦେଖ)
Kaupni — Kaupina (See)
कपनी
काथीन, कफनी

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଷ୍ଟ | ତୃଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଥ | ଵ | ହ୍ନ |

**କୌପ**—ସଂ. ବଣ. ପୁଂ (କୂପ+ସମ୍ବନ୍ଧାର୍ଥେ. ଅ)—କୂପସମ୍ବନ୍ଧୀୟ—
Kaupa — Relating to a well.
(କୌପୀ—ସ୍ତ୍ରୀ)
ସଂ. ବ.—କୂପୋଦକ; କୂଅର ପାଣି—Well-water.

**କୌପିନ**—ଗ୍ରା. ବ (ସଂ. କୌପୀନ)—କୌପୀନ (ଦେଖ)
Kaupini — Kaupina (See)

**କୌପୀନ**—ସଂ. ବ (କୂପ+ପ୍ରବେଶଯୋଗ୍ୟାର୍ଥରେ. ଈନ; ଅର୍ଥାତ୍ ଏହାକୁ
Kaupina ପିନ୍ଧି କୂଅ ମଧ୍ୟରେ ପ୍ରବେଶ କରିବାକୁ ମନୁଷ୍ୟ ଯୋଗ୍ୟ ହୁଏ)—୧। ମେଖଳାବନ୍ଧ ପରିଧେୟ ବସ୍ତ୍ରଖଣ୍ଡ; କଉପୁଣି; ବସନ; କଉପଟ—
A long strip of cloth tucked over the private parts and attached at both ends to a string round the waist.
[ ଦ୍ର—ଏହାକୁ ବାବାଜିମାନେ ଓ ଗରିବଲୋକମାନେ ପିନ୍ଧନ୍ତି । ]
୨। ଭଗ ଗୁହ୍ୟ ଓ ଲିଙ୍ଗାଦି ଶରୀରର ଗୁପ୍ତ ସ୍ଥାନ—
2. Pudenda; privities (M. W.)
୩। ଅନ୍ୟାଯ୍ୟକର୍ମ—3. Wrong; improper act.
୪। ପାପ—4. Sin.
୫। କନ୍ଥା—5. Rag.

**କୌପୁନି**—ଦେ. ବ (ସଂ. କୌପୀନ)—କୌପୀନ (ଦେଖ)
Kaupuni — Kaupina (See)

**କୌପୋଦକୀ**—ସଂ. ବ—ଶ୍ରୀକୃଷ୍ଣଙ୍କ ଗଦାର ନାମ; କୌମୋଦକୀ—
Kaupodaki — The name of Srikrushna's mace (M. W.)
(କୌପାଦକୀ—ଅନ୍ୟରୂପ)

**କୌବେର**—ସଂ. ବଣ. ପୁଂ (କୁବେର+ସମ୍ବନ୍ଧାର୍ଥେ. ଅ)—
Kaubera — କୁବେରସମ୍ବନ୍ଧୀୟ—
(କୌବେରୀ—ସ୍ତ୍ରୀ) Belonging or appertaining to Kubera, the God of wealth.

**କୌବେରୀ**—ସଂ. ବଣ. ସ୍ତ୍ରୀ (କୌବେର+ସ୍ତ୍ରୀ. ଈ)—କୌବେର
Kauberi ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Kaubera.
ସଂ. ବ (କୁବେର+ଅ+ସ୍ତ୍ରୀ. ଈ)—୧। କୁବେରରକ୍ଷିତ ଦିଗ; ଉତ୍ତରଦିଗ—1. The North; the quarter presided over by Kubera.
୨। କୁବେରଙ୍କ ଶକ୍ତି; ମାତୃକାବିଶେଷ—
2. The energy of Kubera personified.
୩। କୁଡ଼ ଗୁଳ୍ମ—3. The plant Costus Speciosus or Arabicus M. W).

**କୌବ୍ଜ**—ସଂ. ବ (କୁବ୍ଜ+ଅ)—୧। କୁଜାପଣ—
Kaubja — 1. Hump-backedness.
୨। କୌଟିଲ୍ୟ—2. Crookedness.

**କୌମାର**—ସଂ. ବ—(କୁମାର+ଭାବ. ଅ)—୧। ବାଳକର ପାଞ୍ଚବର୍ଷ
Kaumara ପର୍ଯ୍ୟନ୍ତ ଅବସ୍ଥା—1. Boyhood upto five years.
୨। (ଭିନ୍ନ ମତରେ) ବାଳକାଙ୍କର ୧୬ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଅବସ୍ଥା—2. Maidenhood upto the age of 16 years.
୩। ବାଲ୍ୟକାଳ; ଯୌବନର ପୂର୍ବ ଅବସ୍ଥା—
3. Boyhood.
୪। ବାଳକ ବାଳକାଙ୍କର ଅବିବାହିତ ଅବସ୍ଥା—
4. State of being unmarried; virginity.

କୁମାର ବୋଲିଲେ ଲେଖାଅଛ ମୋର ଲଗାଟେ ତର କୌମାର—
ରଘୁନାଥ. ଯଯାତ।

୫। (+ସ୍ୱାର୍ଥେ. ଅ)—କୁମାର; କାର୍ତ୍ତିକେୟ—
5. Kārttikeya.
ସଂ. ବଣ—୧। କାର୍ତ୍ତିକେୟସମ୍ବନ୍ଧୀୟ—
1. Relating to Kārttikeya.
(କୌମାରୀ—ସ୍ତ୍ରୀ)
୨। କୁମାରସମ୍ବନ୍ଧୀୟ; ଯୌବନର ପୂର୍ବ ଅବସ୍ଥାସମ୍ବନ୍ଧୀୟ—
2. Juvenile; youthful.
୩। କୁମାରୀସମ୍ବନ୍ଧୀୟ—3. Maidenly.
୪। କୋମଳ; ସୁକୁମାର—
4. Soft; tender (M. W.)
୫। ଅବିବାହିତା କନ୍ୟାର ଗର୍ଭଜାତ ପୁତ୍ର—
5. The son of a Maiden (M. W.)
୬। ପର୍ବତବିଶେଷ—
6. Name of a mountain (M. W.)

**କୌମାରତନ୍ତ୍ର**—ସଂ. ବ (କୌମାର+ତନ୍ତ୍ର)—ଶିଶୁଚର୍ଯ୍ୟାବିଷୟକ
Kaumāratantra ବୈଦ୍ୟକ ଗ୍ରନ୍ଥର ଅଂଶ—The section of a medical work treating of rearing and education of children (M. W.)

**କୌମାରବନ୍ଧକୀ**—ସଂ.ବ. ସ୍ତ୍ରୀ (କୁମାର+ବନ୍ଧକ+ସ୍ତ୍ରୀ ଈ)—ବେଶ୍ୟା—
Kaumārabandhaki — Harlot.

**କୌମାରବ୍ରତ**—ସଂ. ବ (କୌମାର+ବ୍ରତ)—ଚିରକାଳ ଅବିବାହିତ
Kaumārabrata ରହିବାର ନିୟମପାଳନ; ଚିରକୌମାର୍ଯ୍ୟ—
Vow of celebacy or virginity.

**କୌମାରଭୃତ୍ୟ**—ସଂ. ବ (କୁମାରଭୃତ୍ୟ+ସ୍ୱାର୍ଥେ. ଅ)—ବାଳକ ବା
Kaumārabhrutya ଶିଶୁଚର୍ଯ୍ୟା—The rearing of children.

**କୌମାରହର**—ସଂ. ବଣ. ପୁଂ (କୌମାର+ହୃ ଧାତୁ+କର୍ତ୍ତୃ. ଅ)—
Kaumārahara ୧। ଶିଶୁକନ୍ୟାକୁ ବିବାହ କରିଥିବା (ବ୍ୟକ୍ତି)—
1. Marrying a girl-wife.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦଉଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଭାଇ' ନ ମିଳିଲେ 'ଭାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । କୁମାରୀ ରମଣକାରୀ—
2. Deflouring; devirginating (M. W.)

**କୌମାରିକ**—ସଂ. ବିଣ. ପୁଂ (କୁମାରୀ + ଉତ୍ପାଦନାର୍ଥେ. ଇକ)—
Kaumārika ୧ । ଯେ କେବଳ ଝିଅ ଜନ୍ମ କରେ—
(କୌମାରିକା—ସ୍ତ୍ରୀ) 1. Father of girls.
୨ । ଯେ କେବଳ ଝିଅଙ୍କୁ ବା କନ୍ୟାମାନଙ୍କୁ ଦେଖିପାରେ; ଝିଅସୁଆଗିଆ — 2. Liking girls or daughters (M. W.)

**କୌମାରିକେୟ**—ସଂ. ବି. ପୁଂ (କୁମାରିକା + ଅପତ୍ୟାର୍ଥେ. ଏୟ)—
Kaumārikeya ଅବିବାହିତା ସ୍ତ୍ରୀଠାରୁ ଜାତ ସନ୍ତାନ; କାନୀନ
(କୌମାରିକେୟୀ—ସ୍ତ୍ରୀ) ସନ୍ତାନ—Son born of an unmarried woman.

**କୌମାରୀ**—ସଂ.ବିଣ. ସ୍ତ୍ରୀ (କୌମାର + ସ୍ତ୍ରୀ.ଈ)—କୌମାରର ସ୍ତ୍ରୀଲିଙ୍ଗ—
Kaumārī Feminine of Kaumāra.
ସଂ. ବି—୧ । କାର୍ତ୍ତିକେୟଙ୍କ ଶକ୍ତି; ମାତୃକାବିଶେଷ—
1. The energy of Kārttikeya personified.
୨ । ବାରାହୀକନ୍ଦ; ଭୁଇଁକଖାରୁ—
2. A bulbuous root.
୩ । ରାଗିଣୀବିଶେଷ – 3. Name of a musical air.

**କୌମାରୀପୂର୍ଣ୍ଣିମା**—ସଂ. ବି—କୁମାରପୂର୍ଣ୍ଣିମା—
Kaumārīpūrṇṇimā The full-moon of the month of Āświna.

**କୌମାର୍ଯ୍ୟ**—ସଂ. ବି (କୁମାର + ଭାବ. ଯ)—କୁମାରୀବସ୍ଥା; ଅବି-
Kaumārjya ବାହିତାବସ୍ଥା—Childhood; virginity; single blessedness.

**କୌମାର୍ଯ୍ୟ-ବ୍ରତ**—ସଂ. ବି—କୌମାରବ୍ରତ (ଦେଖ)—
Kaumārjyabrata Kaumārabrata (See)

**କୌମୁଦ**—ସଂ. ବି (କୁମୁଦ + ବିକାଶାର୍ଥେ. ଅ)—କାର୍ତ୍ତିକମାସ—
Kaumuda The month of Kārttika.

**କୌମୁଦୀ**—ସଂ.ବି (କୁମୁଦ = ଶୁକ୍ଳ ପଦ୍ମ; କଇଁ + ବିକାଶାର୍ଥେ. ଅ + ଈ)—
Kaumudī ୧ । ଚନ୍ଦ୍ରିକା; ଜ୍ୟୋତ୍ସ୍ନା; ଚନ୍ଦ୍ରକିରଣ—1. Moonlight; moon-beam by the influence of which the lily is said to open.
[ ଦ୍ର—ରାତିରେ କୁମୁଦ ବା କଇଁଫୁଲ ଫୁଟେ; ଏଥିପାଇଁ ଚନ୍ଦ୍ରକୁ କୁମୁଦବନ୍ଧୁ ବୋଲାଯାଏ ଏବଂ ଚନ୍ଦ୍ରକିରଣକୁ କୌମୁଦୀ ବୋଲାଯାଏ । ]
୨ । କାର୍ତ୍ତିକପୂର୍ଣ୍ଣିମାରେ କୃତ ଦୀପୋତ୍ସବ—
2. A festival done on the full-moon day of the month of Kārttika.
୩ । କାର୍ତ୍ତିକପୂର୍ଣ୍ଣିମା—
3. The full-moon of the month of Kārttika.
୪ । ଆଶ୍ୱିନୀ ପୂର୍ଣ୍ଣିମା ବା କୁମାର ପୂର୍ଣ୍ଣିମା—
4. The full-moon of the month of Āświna.
୫ । (ଗ୍ରନ୍ଥ ନାମ ଶେଷରେ ବ୍ୟବହୃତ ହେଲେ, ଯଥା— ତର୍କକୌମୁଦୀ; ବ୍ୟାକରଣ କୌମୁଦୀ; ସିଦ୍ଧାନ୍ତ କୌମୁଦୀ) ଜ୍ୟୋତ୍ସ୍ନା ପରି ଆନନ୍ଦପ୍ରଦ ଗ୍ରନ୍ଥବିଶେଷ—
5. A treatise throwing light on a certain subject.
୬ । (ପ୍ରାୟ ସ୍ତ୍ରୀଲିଙ୍ଗର ବିଶେଷଣରୂପେ ସମାସରେ ବ୍ୟବହୃତ ଯଥା—ନେତ୍ରକୌମୁଦୀ) ଆନନ୍ଦଦାୟିନୀ—
6. Delightful.
୭ । ଉତ୍ସବ—7. Festival (in general) (M.W).
୮ । କଇଁଫୁଲ—
8. Water-lily; Nymphea Esculenta (M.W.)
୯ । ପ୍ରତ୍ୟେକ ଧାଡ଼ିରେ ଚବିଶ ଅକ୍ଷର ଥିବା ଦୁଇ ଧାଡ଼ିର ଛନ୍ଦ—
9. A sanskrit metre of two lines containing 24 syllables each (M. W.)

**କୌମୁଦୀ ତରୁ**—ସଂ. ବି—ଦୀପରୁଖା; ପିଲସଜ—
Kaumudī taru The stick of a lamp. (M. W.)

**କୌମୁଦୀପତି**—ସଂ. ବି. (୬ଷ୍ଠୀ ତତ୍; କୌମୁଦୀ = ଜ୍ୟୋତ୍ସ୍ନା + ପତି)—
Kaumudīpati ଚନ୍ଦ୍ର—The moon.

**କୌମୁଦୀବୃକ୍ଷ**—ସଂ. ବି—ଦୀପରୁଖା; ପିଲସଜ—
Kaumudībṛuksha Lamp-stand.

**କୌମୁଦୀ ମହୋତ୍ସବ**—ସଂ. ବି—ଆଶ୍ୱିନ ପୂର୍ଣ୍ଣିମାଦିନ ପୁରୀରେ ଶ୍ରୀଜଗନ୍ନାଥ
Kaumudī mahotsaba ମହାପ୍ରଭୁଙ୍କୁ ପୁଷ୍ପମାଳା ଓ ଚନ୍ଦନ କର୍ପୂରାଦିଦ୍ୱାରା ଅର୍ଚ୍ଚନା କରି ରାତିରେ ପିଷ୍ଟକ ଓ ନାରିକେଳାଦି ଦ୍ରବ୍ୟ ସମର୍ପଣ କରିବା ଯାତ୍ରା—
ମଦନମୋହନ. ତୀର୍ଥଦର୍ଶନ—
A festival done on the full-moon of the month of Āświna.

**କୌମୋଦକୀ**—ସଂ. ବି. (କୁମୋଦକ + ଅ + ସ୍ତ୍ରୀ. ଈ)—ବିଷ୍ଣୁଙ୍କ
Kaumodakī ଗଦା—The mace of Bishṇu.
[ ଦ୍ର—ଏହା ବରୁଣ ବିଷ୍ଣୁଙ୍କୁ ଦେଇଥିଲେ । ]

**କୌମୋଦୀ**—ସଂ. ବି. (କୁମୋଦ + ଅ + ସ୍ତ୍ରୀ. ଈ)—ବିଷ୍ଣୁଙ୍କ ଗଦା—
Kaumodī The mace of Bishṇu.

**କୌମ୍ଭ**—ସଂ. ବିଣ. (କୁମ୍ଭ + ଅ)—କୁମ୍ଭ ବା ଘଟରେ ରକ୍ଷିତ—
Kaumbha Put into a pot.
(କୌମ୍ଭ୍ୟ—ଅନ୍ୟରୂପ)

**କୌରବ**—ସଂ. ବିଣ. (କୁରୁ + ଅପତ୍ୟାର୍ଥେ. ଅ)—
Kauraba ୧ । କୁରୁବଂଶୀୟ—
1. Belonging to the family of the Kurus.
୨ । କୁରୁକ୍ଷେତ୍ରରେ ଦୁର୍ଯ୍ୟୋଧନଙ୍କ ଦଳ—
2. The party of Durjyodhana in the great war of Mahābhārata

| ୧ | ଇ | ଉ | ଋ,ୠ | ଌ | ଏ | ଉପଲବର୍ଣ୍ଣ | ଅନୁନାସିକ ସ୍ବରାକ୍ଷର | ଷ | ଜ | ଶ,ଷ | କ୍ଷ | ଡ଼ | ଢ଼ | ଛ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଋଅ | ୭ | ନ |

ସଂ. ବ—କୁରୁମାନଙ୍କ ରାଜା—
A king of the Kurus.

କୌରବୀ—ସଂ. ବ—ମେଥି—Fenugreek; Frigonella Fœnum
Kaurabi Græcum ( M. W. )

କୌରବେୟ—ସଂ. ବଣ. ( କୁରୁ + ଅପତ୍ୟାର୍ଥେ. ଏୟ )—କୁରୁବଂଶୀୟ;
Kaurabeya କୁରୁକୁଳଜାତ—
Belonging to the Kuru race.

କୌରବ୍ୟ—ସଂ. ବଣ. ( କୁରୁ + ଅପତ୍ୟାର୍ଥେ. ଯ )—କୌରବ (ଦେଖ)
Kaurabya Kauraba ( See )

କୌର୍ମ—ସଂ. ବଣ. ( କୂର୍ମ+ସମ୍ବନ୍ଧାର୍ଥେ. ଅ )—
Kaurma ୧ । କୂର୍ମ ବା କଚ୍ଛପସମ୍ବନ୍ଧୀୟ—
1. Relating to a tortoise.
୨ । ବିଷ୍ଣୁଙ୍କ କୂର୍ମାବତାରସମ୍ବନ୍ଧୀୟ—
2. Relating to the Tortoise Incarnation of Bishṇu.
( ଯଥା—କୌର୍ମପୁରାଣ । )
ସଂ. ବ—୧ । କଳ୍ପବିଶେଷର ନାମ—
1. Name of a Kalpa or Aeon of time.
୨ । କୂର୍ମାସନ—
2. A particular mode of being seated.

କୌଳ—ସଂ. ବଣ. ( କୁଳ+ସମ୍ବନ୍ଧାର୍ଥେ. ଅ )—
Kaula ୧ । ତନ୍ତ୍ରୋକ୍ତ ଆଚାର ରତ—
1. Tantric; addicted or devoted to the observances laid down in the Tantras.
୨ । ବଂଶ ବା କୁଳସମ୍ବନ୍ଧୀୟ—
2. Relating to a family.
୩ । କୌଳକ; କୁଳକ୍ରମାଗତ—3. Ancestral.
୪ । ସତ୍କୁଳଜାତ—4. High-born.
ସଂ. ବ—୧ । ତନ୍ତ୍ରୋକ୍ତ ଆଚାରବିଶେଷ; ବାମାଚାର—
1. Rituals prescribed in the Tantras; the doctrine and practices of the lefthand Śāktas ( M. W. )
[ ଦ୍ର—ତନ୍ତ୍ରୋକ୍ତ ଦ୍ରବ୍ୟ, ଗାର ଓ ପଶୁ ଏହି ତିନିଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଦ୍ରବ୍ୟଗ୍ରାହୀ ତାଙ୍କୁ କୌଳ ବୋଲାଯାଏ । ]
୨ । ତନ୍ତ୍ରୋକ୍ତ ବାମମାର୍ଗାଶ୍ରୟୀ ବ୍ୟକ୍ତି—
2. A worshipper of Śakti according to the lefthand ritual ( M. W. )

କୌଳଟିନେୟ—ସଂ. ବ. ପୁଂ. ( କୁଳଟା + ଇନ୍ + ଅପତ୍ୟାର୍ଥେ. ଏୟ )—
Kaulaṭineya
( କୌଳଟିନେୟୀ—ସ୍ତ୍ରୀ ) ୧ । କୁଳଟାପୁତ୍ର; ଅସତୀପୁତ୍ର—
1. Whore son; son of an adulteress.
୨ । ଜାରଜ—2. Bastard.
୩ । ଭିକ୍ଷା କରୁଥିବା ସ୍ତ୍ରୀର ପୁତ୍ର—
3. Son of a beggar woman ( M. W. )

କୌଳଟେୟ—ସଂ. ବ. ପୁଂ. ( କୁଳଟା+ଅପତ୍ୟାର୍ଥେ. ଏୟ )—
Kaulaṭeya କୌଳଟିନେୟ ( ଦେଖ )
( କୌଳଟେୟୀ—ସ୍ତ୍ରୀ ) Kaulaṭineya ( See)

କୌଳଟେର—ସଂ. ବ. ପୁଂ. ( କୁଳଟା + ଏର )—
Kaulaṭera କୌଳଟିନେୟ ( ଦେଖ )
(କୌଳଟେରୀ—ସ୍ତ୍ରୀ) Kaulaṭineya ( See )

କୌଳବ—ସଂ. ବ—( ଜ୍ୟୋତିଷ )—ବବାଦି ଏକାଦଶ କରଣ ମଧ୍ୟରୁ
KAulaba ତୃତୀୟ କରଣ—(Astrology) Name of th third astronomical period.

କୌଲାଲକ—ସଂ. ବଣ. ( କୁଲାଲ+ସମ୍ବନ୍ଧାର୍ଥେ. ଅକ )—
Kaulālaka ୧ । କୁମ୍ଭାରସମ୍ବନ୍ଧୀୟ—
1. Relating to a potter.
୨ । କୁମ୍ଭାରନିର୍ମିତ—2. Made by a potter.
ବ—କୁମ୍ଭାର ତିଆରି ମାଟି ପାତ୍ର—
Earthen ware; porcelain.

କୌଳିକ—ସଂ. ବଣ. (କୁଳ + ସମ୍ବନ୍ଧାର୍ଥେ. ଇକ)—
Kaulika ୧ । କୁଳପରମ୍ପରା-ଗତ; ବଂଶାନୁଗତ—
1. Customary in a family from generation to generation.
୨ । ପିତୃପିତାମହକ—2. Ancestral; heriditary.
୩ । କୁଳଧର୍ମ ପ୍ରବର୍ତ୍ତକ—
3. Promulgating a family-custom or rite.
ସଂ. ବ—୧ । ତନ୍ତୀ—1 Weaver.
୨ । ବାମାଚାରୀ ବ୍ୟକ୍ତି; ତନ୍ତ୍ରୋକ୍ତ ଶକ୍ତି ଉପାସକବିଶେଷ—
2. A follower of the Tantric Bāmāchāra. system of worship.
୩ । ଧାର୍ମିକ ବ୍ୟକ୍ତି; ଧର୍ମବିଶ୍ୱାସହୀନ ବ୍ୟକ୍ତି—
3. A heretic.

କୌଳିକୀ—ସଂ. ବ.—(ଯୋଗ) ଏକ ପ୍ରକାର ବାହ୍ୟ ଶୋଧନ—
Kauliki ( Joga ) A kind of external purification.

କୌଳୀନ—ସଂ. ବ. ( କୁଳ + ସଜାତ ଅର୍ଥରେ. ଇନ; କିଂବା କୁଳୀନ + ଭାବ. ଅ )—
Kaulina
୧ । ଲୋକାପବାଦ—1. Scandal; bad name.
୨ । ପଶୁ ଯୁଦ୍ଧ—2. A combat of animals.
୩ । କୁକୁଡ଼ା ଯୁଦ୍ଧ—3. Cock-fighting.
୪ । ଗୁହ୍ୟ ଦେଶ—4. Anus
୫ । ଭିକ୍ଷୁକାର ପୁତ୍ର—
5. Son of a beggar woman.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଡ଼' ନ ମିଳିଲେ 'ଗାର' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଖୋଜିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲବଟ' ନ ପାଇଲେ 'ଅଳ୍ବଟ' ଦେଖିବେ।

୬। କୁଳୀନତା—6. High birth.

୭। ଯୋନି—7 Pudenda.

୮। ଯୁଦ୍ଧ—8. War, battle.

୯। ବାମାଚାରମତରେ ଶକ୍ତି ଉପାସକ— 9. A follower of the left-hand Śākta ritual.

୧୦। ଜନଶ୍ରୁତି—10 Rumour.

ଗ୍. ବିଣ—ପ୍ରଧାନ ଓ ପ୍ରସିଦ୍ଧ ବଂଶଜାତ— Born of a wellknown and respectable family.

**କୌଳୀନା**—ସ୍. ବି. (କୌଳୀନ+ଆ)—
Kaulīnā ୧। ପରିବାରର ଗୁପ୍ତ କଥା— 1. Family scandal (M. W.)

୨। ଅନୁଚିତ କର୍ମ—2 Improper act (M. W.)

୩। ପଶୁ ପକ୍ଷୀ ଅହିଙ୍କ ମଧ୍ୟରେ ଲଢ଼େଇ— 3. Combat of animals, birds or snakes. (M. W.)

୪। ଦେହର ଗୁପ୍ତାଂଶ— 4. Pudenda; privities (M. W.)

**କୌଳୀନ୍ୟ**—ସ୍. ବି. (କୁଳୀନ+ଭାବ. ଯ)—
Kaulīnya ୧। କୁଳୀନତା; ଉଚ୍ଚ ବଂଶରୁ ଜାତ ହେବା ଅବସ୍ଥା— 1. High birth; nobility.

୨। ପାରିବାରିକ ସମ୍ମାନ—2. Family honour.

୩। ପାରିବାରିକ ଦୁର୍ନାମ—3. Family scandal.

୪। ବଙ୍ଗ ଦେଶରେ ରାଜା ବଲ୍ଲାଲସେନଙ୍କ ପ୍ରତିଷ୍ଠିତ ବଂଶ-ମର୍ଯ୍ୟାଦା ଅନୁସାରେ ଉଚ୍ଚ ବଂଶର କ୍ରମପର୍ଯ୍ୟାୟ— 4. Orders of nobility instituted by King Ballālasena of Bengal.

**କୌଳୀନ୍ୟ ପ୍ରଥା**—ସ୍. ବି—ବଙ୍ଗ ଦେଶରେ ରାଜା ବଲ୍ଲାଲସେନଙ୍କ
Kaulīnya prathā ପ୍ରତିଷ୍ଠିତ ଉଚ୍ଚବଂଶ ମଧ୍ୟରେ ବିବାହ ପ୍ରଥା— Kulinism in Bengal marriage system as governed by caste-rules obtaining in Bengal since the time of King Ballālasena.

[ଦ୍ର—ଏହି ପ୍ରଥା ଅନୁସାରେ କୁଳୀନମାନେ ଆପଣାଠାରୁ ବଂଶ-ମର୍ଯ୍ୟାଦାରେ ନୀଚତର କୁଳରୁ ବର ବା କନ୍ୟା ଆଣି ନ ଥିଲେ। ଏଥିର ଫଳରେ କୁଳୀନମାନଙ୍କ ବଂଶରେ ବରପାତ୍ରର ଅଭାବ ହେବାରୁ ଏକ ଏକ କୁଳୀନ ବର ୧୦।୫୦ କୁଳୀନା କନ୍ୟାଙ୍କୁ ନାମ ମାତ୍ର ବିବାହ କରୁଥିଲେ। କ୍ରମଶଃ ବଙ୍ଗସମାଜରୁ ଏ ପ୍ରଥା କମିଯାଉ ଅଛି।]

**କୌଶ**—ସ୍. ବିଣ. (କୁଶ+ଅ)—
Kauśa ୧। କୁଶ ନିର୍ମିତ—1. Made of Kuśa grass.

୨। (କୋଶ+ଅ)—ରେଶମ ନିର୍ମିତ—2. Silken.

**କୌଶଳ**—ସ୍. ବି. (କୁଶଳ+ଅ)—୧। ମଙ୍ଗଳ—
Kauśala 1. Wellbeing; welfare.

୨। ସମ୍ପଦ—2. Prosperity.

୩। ନୈପୁଣ୍ୟ; ଦକ୍ଷତା—3. Skill; art.

୪। ଚତୁରତା—4. Cleverness; tact.

୫। ସୁଖ—5. Happiness.

୬। କାର୍ଯ୍ୟସାଧନର ଉପାୟ; ଫନ୍ଦି— 6. Means; expedients.

୭। କୋଶଳ ଦେଶ— 7. The country of Kośala.

୮। ସୌଭାଗ୍ୟ—8. Good fortune.

**କୌଶଳ କରିବା**—ଦେ. କ୍ରି—୧। ଚତୁରତା ଖେଳିବା—
Kauśala karibā 1. To play a trick.
কৌশল করা ୨। ଉପାୟ କରିବା; ଫନ୍ଦି କରିବା—
कौशल करना 2 To undertake a means.

**କୌଶଳକ୍ରମେ**—ଦେ. କ୍ରି. ବିଣ.—୧। ଛଳନାକ୍ରମେ—
Kauśala krame 1. On some pretence.
কৌশলক্রমে ୨। ଚତୁରତାଦ୍ୱାରା—
कौशलसे 2. By a contrivance; tactfully.

୩। ନୈପୁଣ୍ୟ ସହକାରେ—3. Skilfully.

**କୌଶଳିକ**—ସ୍. ବି. (କୌଶଳ+ଇକ)—ଲାଞ୍ଚ; ଉତ୍କୋଚ—
Kauśalika Bribe.

**କୌଶଳିକା**—ସ୍. ବି. (କୌଶଳ+କ+ଆ)—୧। ଭେଟି—
Kauśalikā 1. A present; offering.

୨। କୁଶଳ ପ୍ରଶ୍ନ—2. A friendly enquiry after one's health.

୩। ଅଭିବାଦନ—3. Greeting; salutation.

**କୌଶଳୀ**—ସ୍. ବି. (କୌଶଳ+ଇ)—କୌଶଳିକା (ଦେଖ)
Kauśali Kauśalikā (See)
(କୌଶଳିନୀ—ସ୍ତ୍ରୀ) ଦ. ବିଣ. ପୁଂ.—୧। ଚତୁର— 1. Clever.

୨। ଦକ୍ଷ—2. Skilful.

ଅସ୍ୟ ସଦୃକ୍ଷଳେ ଅତ୍ର ନ କୌଶଳୀ। ରଘୁବଂଶ. ରଘୁ।

୩। ଫନ୍ଦିବାଜ—3. Tactful; strategic.

**କୌଶଲେୟ**—ସ୍. ବି. ପୁଂ. (କୌଶଲ୍ୟା+ଅପତ୍ୟାର୍ଥେ. ଏୟ)—
Kauśaleya କୌଶଲ୍ୟା-ପୁତ୍ର; ଶ୍ରୀରାମଚନ୍ଦ୍ର— Śrī Rāma; the son of Kauśalyā.

**କୌଶଲ୍ୟ**—ସ୍. ବି. (କୁଶଳ+ଯ)—୧। ପଟୁ ମଣ୍ଡପବିଶେଷ—
Kauśalya 1. A kind of pavilion.

୨। ଚତୁରତା; ଦକ୍ଷତା—3. Cleverness; skilfulness.

୩। ସମ୍ପଦ—3. Prosperity.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଲ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

୪ । ମଙ୍ଗଳ—4. Well being.

୫ । ଅଭିଜ୍ଞତା—5. Experience.

**କୌଶଲ୍ୟା**—ସଂ. ବି. ସ୍ତ୍ରୀ. (କୋଶଳ+ଯ+ସ୍ତ୍ରୀ. ଆ)—୧ । କୋଶଳ
**Kausalyā** ନରପତିଙ୍କ କନ୍ୟା; ଦଶରଥଙ୍କ ଜ୍ୟେଷ୍ଠା ପତ୍ନୀ ଓ
(କୌସଲ୍ୟା—ଅନ୍ୟରୂପ) ଶ୍ରୀରାମଙ୍କର ମାତା—
1. Śrī Rāma's mother.

୨ । ପୁରୁଙ୍କ ସ୍ତ୍ରୀ ଓ ଜନମେଜୟଙ୍କ ମାତା—
2. The mother of janamejaya.

୩ । ଧୃତରାଷ୍ଟ୍ରଙ୍କ ମାତା—
3. The mother of Dhṛutarāshṭra.

୪ । ପଣ୍ଡୁଙ୍କ ମାତା—4. The mother of Paṇḍu.

**କୌଶଲ୍ୟାୟନ**—ସଂ.ବି.ପୁଂ.(କୌଶଲ୍ୟା+ଅପତ୍ୟାର୍ଥେ. ଆୟନ)—ରାମ—
**Kausalyāyani** A name of Rāma.
( (କୌଶଲ୍ୟେୟ—ଅନ୍ୟରୂପ)

**କୌଶିକ**—ସଂ. ବି. ପୁଂ. ( କୁଶିକ+ଅପତ୍ୟାର୍ଥେ. ଅ )—୧ । କୁଶିକ-
**Kausika** ମୁନିଙ୍କ ପୁତ୍ର ବିଶ୍ୱାମିତ୍ର—
1. Sage Biśwāmitra.

୨ । ପେଚକ—2. Owl.

୩ । ଇନ୍ଦ୍ର—3. Indra.

୪ । ଯେ ଗୁପ୍ତଧନର ସମ୍ବାଦ ଜାଣେ—
4 A person who knows hidden treasures.

୫ । ନେଉଳ—5. Ichneumon.

୬ । ଗୁଗ୍ଗୁଳ—6. Frankinsense; Bdellium.

୭ । (କୋଷ+ଇକ)—ସାପୁଡ଼ିଆ; ସାପୁଆ କେଳା—
7. Snake-charmer.

୮ । ଅଭିଧାନକାର—8. Lexicographer.

୯ । କୋଷାଧ୍ୟକ୍ଷ—9. Treasurer.

୧୦ । ଶୃଙ୍ଗାର ରସ—
10. Sentiment of love.

୧୧ । ଜନୈକ ତପସ୍ୱୀ—11. Name of a Sage.

[ ଦ୍ର—ଏ ଋଷି ପିତାମାତାଙ୍କର ବିନା ଅନୁମତିରେ ତପସ୍ୟାର୍ଥ ଗୃହ-ତ୍ୟାଗ କରିଥିଲେ । ଏହି ସମୟରେ ଗୋଟିଏ ବଗ ତାଙ୍କ ଦେହରେ ମଳତ୍ୟାଗ କଲା । ଏ ବଗ ଉପରେ କୋପଦୃଷ୍ଟି କରିବାରୁ ବଗଟି ଭସ୍ମୀଭୂତ ହୋଇଗଲା । ଏହା ଦେଖି ଋଷି ଆପଣାର କ୍ଷମତା ବିଷୟରେ ଗର୍ବ ଅନୁଭବ କଲେ । ଏକଦା ଏ ଭିକ୍ଷା ପାଇଁ ଗୋଟିଏ ଗୃହରେ ଯାଇ ପହଞ୍ଚିଲେ । ଗୃହିଣୀ ଭିକ୍ଷା ଦେବାକୁ ଉଦ୍ୟତ ହେବା ବେଳେ ଗୃହ ସ୍ୱାମୀ କ୍ଳାନ୍ତ ଶ୍ରାନ୍ତ ହୋଇ ଘରେ ପହଞ୍ଚିବାରୁ ଗୃହିଣୀ ପ୍ରଥମେ ସ୍ୱାମୀଚର୍ଚ୍ଚାରେ ଲାଗିଲା । କୌଶିକ ତାହା ଉପରେ ରାଗିବାରୁ ଗୃହିଣୀ କହିଲେ "ଆପଣ ମୋ ଉପରେ ରାଗ କରନ୍ତୁ ନାହିଁ, ମୁଁ ସ୍ୱାମୀ ସେବାରେ ନିଯୁକ୍ତ ଥିଲି; ମୋତେ ବଗ ବୋଲି ମନେ କରନ୍ତୁ ନାହିଁ । ଆପଣ ଧର୍ମର ଯଥାର୍ଥ ମର୍ମ ଅବଧି ବୁଝି ନାହାନ୍ତି । ମିଥିଳାର ଧର୍ମବ୍ୟାଧଙ୍କ ନିକଟକୁ ଯାଇ ତାଙ୍କଠାରୁ ଧର୍ମଶିକ୍ଷା କରନ୍ତୁ ।" କୌଶିକ ଗୃହିଣୀଙ୍କଠାରୁ ଏହା ଶୁଣି ବିସ୍ମିତ ହେଲେ ଓ ଧର୍ମବ୍ୟାଧଙ୍କ ନିକଟକୁ ଯାଇ ଧର୍ମଶିକ୍ଷା କଲେ । ବ୍ୟାଧ ଆପଣାର ପିତାମାତାଙ୍କ ସେବା କରି ଧାର୍ମିକ ହୋଇଥିବାର ଏ ଅବଗତ ହୋଇ ତାଙ୍କ ଉପଦେଶ ଅନୁସାରେ ଘରକୁ ଫେରି ଯାଇ ପିତାମାତାଙ୍କ ସେବାରେ ନିଯୁକ୍ତ ହେଲେ । ସୁବଳଚନ୍ଦ୍ର ]

ସଂ. ବିଣ. (କୋଶ+ଇକ)—ରେସମୀ—Silken.

ଦେ. ବି.—ଶରବିଶେଷ—A kind of arrow.

ତା ଦେଖି କୌଶିକ ଶର ବନ୍ଧିଲା କପାଟି । ସାରଳା. ମହାଭାରତ. ମଧ୍ୟ ।

**କୌଶିକଫଳ**—ସଂ. ବି.—ନଡ଼ିଆ—
**Kausika phala** Cocoanut.

**କୌଶିକା**—ସଂ. ବି. (କୌଶିକ+ଆ)—ପାନପାତ୍ର—
**Kausikā** Drinking vessel.

**କୌଶିକାତ୍ମଜ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରପୁତ୍ର )—ଅର୍ଜୁନ—
**Kausikātmaja** An epithet of Arjuna.

**କୌଶିକାୟୁଧ**—ସଂ. ବି. (୬ଷ୍ଠୀ ତତ୍)—ଇନ୍ଦ୍ରଧନୁ—
**Kausikāyudha** Rain-bow.

**କୌଶିକାରାତି**—ସଂ. ବି. (୬ଷ୍ଠୀ ତତ୍; ପେଚକର ଅରାତି)—କୁଆ—
**Kausikā rāti** Crow.

**କୌଶିକାରି**—ସଂ. ବି (୬ଷ୍ଠୀ ତତ୍) କୁଆ—
**Kausikār** Crow.

**କୌଶିକୀ**—ସଂ. ବି. ସ୍ତ୍ରୀ (କୌଶିକ+ସ୍ତ୍ରୀ.,ଈ)—୧ । ବିଶ୍ୱାମିତ୍ରଙ୍କ ଜ୍ୟେଷ୍ଠା
**Kausiki** ଭଗିନୀ, ସତ୍ୟବତୀ—1. The elder sister of Biśwāmitra.

୨ । ବିହାରର ନଦୀବିଶେଷ—
2. A river in Biha .

[ ଦ୍ର—କଥିତ ଅଛି ଯେ ବିଶ୍ୱାମିତ୍ରଙ୍କ ଜ୍ୟେଷ୍ଠା ଭଗିନୀ କୌଶିକୀ ଏ ନଦୀରୂପ ଧାରଣ କରିଅଛନ୍ତି । ସୁବଳଚନ୍ଦ୍ର । ]

୩ । (ପାର୍ବତୀଙ୍କ ଶରୀର-କୋଷରୁ ବାହାରି ଥିବାରୁ) ଦୁର୍ଗା—
3. A name of Durgā.

୪ । ନାଟ୍ୟଶାସ୍ତ୍ରରେ ରଚନାବିଶେଷ ( ଯହିଁର ଅର୍ଥ ଓ ସନ୍ଦର୍ଭ ସହଜବୋଧ୍ୟ )—4. An easy style of dramatic composition.

**କୌଶିମ୍ବ**—ସଂ. ବି—ଶୁକ (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
**Kausimba** Śuka (See)

**କୌଶୀଲବ**—ସଂ. ବି (କୁଶୀଲବ+ଅ) ନଟର ବୃତ୍ତି—
**Kausilaba** The profession of an actor or dancer.

**କୌଶୁଲୀ**—ଗ୍ରା. ବି. ସ୍ତ୍ରୀ—କୌଶଲ୍ୟା; ରାମଙ୍କର ମାତା—
**Kausuli** Kausalyā, the mother of Rāma.

**କୌଶୁଲ୍ୟା**—ଗ୍ରା. ବି. ସ୍ତ୍ରୀ (ସଂ. କୌଶଲ୍ୟା)—କୌଶଲ୍ୟା (ଦେଖ)—
**Kausulyā** Kausalyā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ପାଠକମାନେ ଯଥାକ୍ରମେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଞ୍ଜ' ନ ମିଳିଲେ 'କୁଞ୍ଜ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କୌଶେୟ** ( ଇତ୍ୟାଦି )—ସଂ. ବିଣ—କୌଶେୟ ଇତ୍ୟାଦି (ଦେଖ)—
Kaseya (etc.) Kausheya etc (See)

**କୌଶିକୀ**—ସଂ. ବି. ସ୍ତ୍ରୀ—କୌଶିକୀ ( ଦେଖ )—
Kaushiki Kausiki (See)

**କୌଷେୟ**—ସଂ. ବିଣ ( କୋଷ=ରେଶମର ଗୋଟି+ଏୟ )—
Kausheya ୧ । ରେଶମୀ—1. Silken; made of silk.
୨ । କୁଶଙ୍କ ବଂଶୋଦ୍ଭବ—
2. Descended from Kusa.
ସଂ. ବି—୧ । ରେଶମ—1. Silk
୨ । ମାଇପେ ଅଣ୍ଟା ତଳକୁ ପିନ୍ଧିବା ରେଶମ ଘାଗରା—
2. A lower silk garment for women
୩ । କୁଶଙ୍କର ବଂଶଧର—3. Descendant of Kusa.

**କୌଷେୟକ**—ସଂ.ବି(କୌଷେୟ+ସ୍ୱାର୍ଥେ. କ)—କୌଷେୟ(ଦେଖ)—
Kausheyaka Kausheya (See)

**କୌଷେୟବସ୍ତ୍ର**—ସଂ. ବି—ପାଟ ଶାଢ଼ୀ—
Kausheyabastra Silk cloth.

**କୌସଲ୍ୟା**—ସଂ. ବି. ସ୍ତ୍ରୀ—(ନାମ) କୌଶଲ୍ୟା (ଦେଖ)—
Kausalyā Kausalyā (See)

**କୌସୀଦ**—ସଂ. ବିଣ (କୁସୀଦ+ଅ)—ଋଣସମ୍ବନ୍ଧୀୟ—
Kausida Relating to a lone.

**କୌସୀଦ୍ୟ**—ସଂ. ବି—୧ । ଆଳସ୍ୟ—
Kausidya 1. Sloth; indolence.
୨ । ଟଙ୍କା ସୁଧରେ ଲଗାଇବା—2. Usury.

**କୌସୁମ**—ସଂ. ବିଣ. (କୁସୁମ+ଅ)—କୁସୁମସମ୍ବନ୍ଧୀୟ—
Kausuma Flowery; floral.
ସଂ. ବି—କୁସୁମାଞ୍ଜନ—Ashes of brass used as a collyrium.

**କୌସୁମ୍ଭ**—ସଂ. ବିଣ (କୁସୁମ୍ଭ+ଅ)- କୁସୁମ୍ଭରାଗରଞ୍ଜିତ—
Kausumbha Coloured yellow with the petals of sapflower.
ସଂ. ବି—୧ । ବନ୍ୟକୁସୁମ ଫୁଲ—1. Wild sapflower.
୨ । କୁସୁମ୍ଭରାଗରଞ୍ଜିତ ବସ୍ତୁ—
2 Anything dyed with sapflower.

**କୌସୃତିକ**—ସଂ. ବି. ପୁଂ—୧ । ଠକ—1. A knave.
Kausrutika ୨ । ଐନ୍ଦ୍ରଜାଲିକ—2. A juggler.

**କୌସ୍ତୁଭ**—ସଂ. ବି. ( କୁସ୍ତୁଭ=ସମୁଦ୍ର; ତଦ୍ଧିତ+ଅ; ସମୁଦ୍ରରୁ ପ୍ରାପ୍ତ;
Kaustubha କ୍ଷୀରସମୁଦ୍ର ମନ୍ଥନ କାଳରେ ସମୁଦ୍ରରୁ ବାହାର ଥିବାରୁ )—୧ । ବିଷ୍ଣୁଙ୍କ ହୃଦୟର ଭୂଷଣ ମଣି—
1. A gem worn suspended on the breast by Bishnu.
[ ଦ୍ର—ଓଡ଼ିଆ ନରସିଂହପୁରାଣରେ ଲେଖାଅଛି ଯେ ଜଣେ ରାଜା କଠୋର ତପସ୍ୟା କରି ନିଜର ହାତ, ଗୋଡ଼ ଇତ୍ୟାଦି ସକଳ ଅବୟବ ହରାଇଥିଲେ । କେବଳ ତାଙ୍କର ମୁଣ୍ଡଟି ବାକି ଥିଲା । ସେହି ରାଜାଙ୍କର ପ୍ରାର୍ଥନା ଅନୁସାରେ ବିଷ୍ଣୁ ସେ ମୁଣ୍ଡକୁ ମଣିରୂପରେ ପରିବର୍ତ୍ତିତ କରି ନିଜର ହୃଦ୍‌ଦେଶରେ ଧାରଣ କଲେ ।
କୌସ୍ତୁଭମଣି ହୋଇ ହୃଦେ ମୋର ଲମ୍ବ । ପୀତାମ୍ବର. ନୃସିଂହପୁରାଣ ।
୨ । ଅଙ୍ଗୁଳିମୁଦ୍ରାବିଶେଷ—
2. A manner of joining the fingers (M.W.)
୩ । ସୋରିଷ ତେଲ—3. A kind of oil derived from mustard (M. W.)

**କୌସ୍ତୁଭ ମଣି**—ସଂ. ବି – କୌସ୍ତୁଭ ( ଦେଖ )
Kaustubha maṇi Kaustubha ( See )

**କୌସ୍ତ୍ର**—ସଂ. ବି. ( କୁସ୍ତ୍ରୀ+ଅ )—ମନ୍ଦ ସ୍ତ୍ରୀ ହେବାର ଅବସ୍ଥା—
Kaustra The state of being a bad wife (M.W.)

**କ୍ୱଣ୍** (ଧାତୁ)—ସଂ—୧ । ( ଅଳଙ୍କାରାଦି ) ଝିଣି ଝିଣି ଶବ୍ଦ କରିବା—
Kwaṇ (root) 1. To jingle; to tinkle.
୨ । ଗୁଣୁ ଗୁଣୁ ଶବ୍ଦ କରିବା—2. To warble; to hum.
୩ । ବାଦ୍ୟ ବଜାଇବା—3. To produce a sound with a musical instrument.

**କ୍ୱଣ**—ସଂ. ବି. ( କ୍ୱଣ୍ ଧାତୁ+ଅ )—କ୍ୱଣନ ୧, ୨ ( ଦେଖ )
Kwaṇa Kwaṇana 1, 2 ( See )

**କ୍ୱଣନ**—ସଂ. ବି. ( କ୍ୱଣ୍ ଧାତୁ+ଅନ )—୧ । ଶବ୍ଦ—1. Sound.
Kwaṇana ୨ । ଝଣ ଝଣ ଶବ୍ଦ—
2. Jingling sound; twang.
୩ । ଛୋଟ ମାଟିହାଣ୍ଡି—3. A small earthen pot.
୪ । ବାଦ୍ୟଧ୍ୱନି—4. The sound or tone of any musical instrument.
୫ । ଛୋଟ ମୃତ୍ପାତ୍ର—5. Small earthen pot.

**କ୍ୱଣିତ**—ସଂ. ବି. ( କ୍ୱଣ୍ ଧାତୁ+ସ୍ୱାର୍ଥେ. ତ )—
Kwaṇita କ୍ୱଣନ ୧ ଓ ୨ (ଦେଖ)
Kwaṇana 1 and 2 ( See )
ସଂ. ବିଣ—ଶବ୍ଦାୟମାନ—Sounded.

**କ୍ୱତ୍ୟ**—ସଂ. ଅ. ( କ୍ୱ+ତ୍ୟ; ମୂଳ —ଅବ୍ୟୟ )—କେଉଁ ସ୍ଥାନର ?—
Kwaty Of what place ?

**କ୍ୱଥ୍** (ଧାତୁ) —ସଂ—୧ । ସିଝାଇବା—1. To boil; to decoct.
Kwath (root) ୨ । ଜୀର୍ଣ୍ଣ କରିବା—2. To digest.

**କ୍ୱଥ**—ସଂ. ବି. ( କ୍ୱଥ୍ ଧାତୁ+ଅ )—କ୍ୱାଥ ( ଦେଖ )
Kwatha Kwātha ( See )

**କ୍ୱଥନ**—ସଂ. ବି. ( କ୍ୱଥ୍ ଧାତୁ+ଭାବ. ଅନ )—ସିଝାଇବା—
Kwathana Boiling; decocting.

**କ୍ୱଥିକ**—ସଂ. ବି. ( କ୍ୱଥ୍ ଧାତୁ+ଇକ )—ଦୁଧରେ ସିଦ୍ଧପାଚନ—
Kwathika A decoction made with mlik.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଫ୍ତ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଏ୍ୟ | ଯ | ସ | ଗ୍ୟ | ଇଥ | ଙ | ନ୍ |

କ୍ୱଥିତ—ସଂ. ବଣ. (କ୍ୱଥ୍ ଧାତୁ+କର୍ମ. ତ)—ସିଦ୍ଧ; ସିଝା ଯାଇଥିବା—
Kwathita Boiled; decocted; stewed.

ସ. ବି—ମଧୁ ସହିତ ପ୍ରସ୍ତୁତ ମଦ୍ୟବିଶେଷ—
A spirituous liquor prepared with honey.

କ୍ୱାଚିତ୍କ—ସ. ବଣ. ପୁଂ. ( କ୍ୱଚିତ୍+କ )—ଅକସ୍ମାତ୍ ବା କ୍ୱଚିତ୍
Kwāchitka ଦେଖାଯିବା—Found or met with occa-
(କ୍ୱାଚିତ୍କୀ—ସ୍ତ୍ରୀ) sionally or somewhere.

କ୍ୱାର୍ଟର—ବୈଦେ. ବି. ( ଇଂ. କ୍ୱାର୍ଟର )—୧ । ଏକ ଚୋଥ ଖବର
Kwāṭar ସମାଚାର—1. Quarter.
कार्टर ୨ । (ଇ. କ୍ୱାର୍ଟରସ୍)—ଭୃତ୍ୟ ଓ କର୍ମଚାରୀମାନଙ୍କ ବସା-
क्रुआर्टर ଘର—2. Quarters of servants and officers.

କ୍ୱାର୍ଟରଲି—ବୈଦେ. ବଣ. (ଇଂ. କ୍ୱାର୍ଟରଲି)—ତ୍ରୈମାସିକ—
Kwāṭarli Quarterly.

କ୍ୱାର୍ଟରସ୍—ବୈଦେ. ବି. (ଇଂ)—ବାସଗୃହ; ଖଣ୍ଡା—
Kwāṭars Quarters

କ୍ୱାଣ—ସ. ବି. ( କ୍ୱଣ୍ ଧାତୁ+ଅ )—୧ । ଶବ୍ଦ—1. Sound.
Kwāṇa ୨ । ଝଣ ଝଣ ଶବ୍ଦ—2. Jingling sound.
୩ । ବାଦ୍ୟଧ୍ୱନି—3. Sound of a musical instrument.

କ୍ୱାଥ—ସ. ବି. ( ବୈଦ୍ୟକ ) ( କ୍ୱଥ୍ ଧାତୁ+କର୍ମ. ଘ )—
Kwātha ଧୀର ନିଆଁରେ ସିଝାଯାଇଥିବା ଜଳ; ଜଳସିଦ୍ଧ ପାନୀୟ; ପାଚନ—A decoction.

[ ଦ୍ର—ଯେତେଗୁଡ଼ିଏ ଦ୍ରବ୍ୟର ପାଚନ ପ୍ରସ୍ତୁତ କରିବାକୁ ହେବ ସେ ସମସ୍ତର ମିଳିତ ପରିମାଣ ଦୁଇ ତୋଳାରୁ ଅଧିକ ହେବ ନାହିଁ । ଏହି ଦୁଇ ତୋଳା ଦ୍ରବ୍ୟ ୩୨ ତୋଳା ଜଳରେ ସିଦ୍ଧ କରି ଚତୁର୍ଥାଂଶ ( ଆଠ ତୋଳା ) ଅବଶିଷ୍ଟ ଥିବ, ଓହ୍ଲାଇ ଛାଣିବ—ଏହାକୁ କ୍ୱାଥ ବୋଲାଯାଏ । ]

କ୍ୟାଁ—ଗ୍ରା. ଅ—କିଆଁ; କାହିଁକି—
Kyāñ Why; for what reason.

ଆହେ ମଙ୍ଗରାଜେ ! ପୁଅମାନଙ୍କୁ କ୍ୟାଁ ତାଗ ପୂରୁଅ ନାହିଁ—
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

କ୍ୟାଟାଲଗ୍—ବୈଦେ. ବି. ( ଇଂ )—କାଟାଲଗ୍ ( ଦେଖ )
Kyāṭālag Kāṭālag ( See )
ক্যাটালগ
कैटेलग

କ୍ୟାଲେଣ୍ଡର—ବୈଦେ. ବି. (ଇଂ)—କାଲେଣ୍ଡର ( ଦେଖ )
Kyāleṇḍar Kāleṇḍar ( See )
ক্যালেণ্ডর
कैलेंडर

କ୍ରକଚ—ସ. ବି (କ୍ର=ଅନୁକରଣ ଶବ୍ଦ+କଚ୍=ଶବ୍ଦ କରିବା+ଅ)—
Krakācha ୧ । କରପତ୍ର; କରତ—1. A saw.
୨ । କେତକ ( ବୃକ୍ଷ ) ( ଦେଖ )
2. Ketaka ( tree ) ( See )
୩ । ଯୋଗଶାସ୍ତ୍ରୋକ୍ତ ସାଧନ—
3. An observance said of in Joga.
୪ । ବାଦ୍ୟଯନ୍ତ୍ରବିଶେଷ—
4. Name of a musical instrument.

କ୍ରକଚଚ୍ଛଦ—ସ. ବି. ( କ୍ରକଚ+ଛଦ )—କେତକୀ ଫୁଲ ଓ ଗଛ—
Krakachachchhada The screwpine ( flower and tree ) Pandanus Odoratissimus.

କ୍ରକଚପତ୍ର—ସ. ବି—ସାଗୁଆନ ଗଛ—
Krakachapatra The teak tree.

କ୍ରକଚପାଦ—ସ. ବି—ଝିଟିପିଟି—
Krakachapāda A lizard.

କ୍ରକଚପୃଷ୍ଠୀ—ସ. ବି - ପିଠିରେ କରତ ପରି କଣ୍ଟା ଥିବା ମାଛବିଶେଷ;
Krakachapṛushṭhī କଉ—Cojus Cobojus ( fish with numerous small spines in the back ).

କ୍ରକଚିକ—ସ. ବି. ପୁଂ. ( କ୍ରକଚ+ଇକ )—କରତୀ—
Krakachika A sawyer ( M. W. )

କ୍ରକର—ସ. ବି—୧ । ଗୁଡ଼ଗୁଡ଼ିବିଶେଷ—
Krakara 1. A kind of partridge; Ardea Virgo.
୨ । କରତ—2. A saw.
୩ । କରୀର ( ହରେକୃଷ୍ଣ. ଦ୍ରବ୍ୟଗୁଣ )—
3. Capparis Aphylla.
୪ । ଗରିବ ଲୋକ—4. A poor man.
୫ । ରୋଗବିଶେଷ—5. A disease.

କ୍ରଞ୍ଚ—ଦେ. ବି—କ୍ରଞ୍ଚି ( ଦେଖ )
Krañcha Krañchi ( See )

କ୍ରଞ୍ଚି—ଦେ. ବି. ( ସ. କ୍ରୌଞ୍ଚ )—କ୍ରୌଞ୍ଚଦ୍ୱୀପ—
Krañchi An island of that name.

କ୍ରଞ୍ଚିଦ୍ୱୀପକୁ ଶଙ୍ଖସାଗରେ ଯୂଶ ଗୁରୁ—ମାର୍କଣ୍ଡେୟପୁରାଣ ।

କ୍ରତୁ—ସ. ବି. ( କୃ ଧାତୁ=କରିବା+ଅତୁ )—
Kratu ୧ । ଯାଗ; ଯଜ୍ଞ—
1. A vedic sacrifice or offering; sacrificial rite.
୨ । ପୂଜା—2. Worship.
୩ । ଇନ୍ଦ୍ରିୟ—3. Organ of sense
୪ । ବିଷ୍ଣୁ—4. Bishṇu.
୫ । ଦଶ ଶ୍ରେଣୀ ମଧ୍ୟରୁ ଏକ ଶ୍ରେଣୀର ବିଶ୍ୱେଦେବା ବା ପ୍ରଜାପତି—
5. Name of a class of the ten Biswedebās or progenitors of mankind.
୬ । ସପ୍ତର୍ଷିମାନଙ୍କ ମଧ୍ୟରୁ ଏକତମ—
6. One of the seven sages.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଇଚ୍ଛା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୃଙ୍ଗ' ନ ମିଳିଲେ 'ଭଙ୍ଗ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୭ । ସପ୍ତର୍ଷିମଣ୍ଡଳର ନକ୍ଷତ୍ର ମଧ୍ୟରୁ ଏକତମ— ( ନକ୍ଷତ୍ର ଶବ୍ଦରେ ନୋଟ ଦେଖ ) 7. One of the stars of the constellation Great Bear.
୮ । ଧୀଶକ୍ତି; ବୁଦ୍ଧି – 8. Intelligence.
୯ । ଭଗବତ ପ୍ରେରଣା —9. Inspiration.
୧୦ । ଶକ୍ତି; ସାମର୍ଥ୍ୟ —10. Power; ability.
୧୧ । ଉଦ୍ଦେଶ୍ୟ—11. Plan; design; purpose.
୧୨ । ସଂକଳ୍ପ—12. Determination; resolution.
୧୩ । ପରାମର୍ଶ—13. Consultation.

**କ୍ରତୁଦ୍ୱିଟ୍**—ସଂ. ବି. ( କ୍ରତୁ=ଯାଗ+ଦ୍ୱିଷ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ. )—
Kratudwit
୧ । ରାକ୍ଷସ—1. Demon.
[ ଦ୍ର—ଏମାନେ ଯାଗଭୂମିକୁ ଆକ୍ରମଣ କରି ଯାଗରେ ବାଧା ଜନ୍ମାଉଥିବାରୁ ଏହି ନାମ । ]
୨ । ଇନ୍ଦ୍ର—2. Indra.
[ ଦ୍ର—ଏକଶତ ଯାଗ କଲେ ମନୁଷ୍ୟ ଇନ୍ଦ୍ରପଦ ପାଏ ବୋଲି ଇନ୍ଦ୍ରଙ୍କର ନାମ ଶତକ୍ରତୁ । ଯେଉଁ ଲୋକ ଅନେକ ଯାଗ କରୁଥାଏ ତାହାର ଏକଶତ ସଂଖ୍ୟକ ଯାଗ ପୂର୍ଣ୍ଣ ହେଲେ ସେ ଇନ୍ଦ୍ରପଦ ପାଇବ, ଏହି ଆଶଙ୍କାରେ ଇନ୍ଦ୍ର ଅସୁରମାନଙ୍କ ସାହାଯ୍ୟରେ ଏବଂ ଅନ୍ୟାନ୍ୟ ଅନେକ ଉପାୟରେ ସେ ଲୋକର ଯଜ୍ଞ ଭଙ୍ଗ କରୁଥାନ୍ତି, ତେଣୁ ଇନ୍ଦ୍ରଙ୍କର ନାମ କ୍ରତୁଦ୍ୱିଟ୍ । ]

**କ୍ରତୁଧ୍ୱଂସୀ**—ସଂ. ବି. ପୁଂ. (ବହୁବ୍ରୀହି; କ୍ରତୁ+ଧ୍ୱଂସିନ୍; ୧ମା. ୧ବ.)—
Kratudhwaṁsi ( ଏ ଦକ୍ଷଯଜ୍ଞକୁ ଧ୍ୱଂସ କରିଥିବାରୁ )—ଶିବ; ମହାଦେବ—God Śiba.

**କ୍ରତୁ ପୁରୁଷ**—ସଂ. ବି. ପୁଂ. ( ମ. ପ. ଲୋ; କ୍ରତୁଦ୍ୱାରା ଆରାଧନା କରାଯିବା ପୁରୁଷ )—ବିଷ୍ଣୁ—
Kratu purusba A name of Bishṇu.

**କ୍ରତୁଭୁକ୍**—ସଂ. ବି. ( କ୍ରତୁ+ଭୁଜ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ )—
Kratubhuk ( ଯଜ୍ଞରେ ଆହୁତ ଦଆଯିବା ଦ୍ରବ୍ୟ ଦେବତାମାନେ ଭକ୍ଷଣ କରୁଥିବାରୁ )—ଦେବତା—A Deity.

**କ୍ରତୁଭୁଜ**—ଦେ. ବି. ( ସଂ. କ୍ରତୁଭୁକ୍ )—କ୍ରତୁଭୁକ୍ ( ଦେଖ )
Kratubhuja Kratubhuk ( See )

**କ୍ରତୁଭୁଜସରିତ**—ଦେ. ବି—ଦେବନଦୀ; ଗଙ୍ଗା—
Kratubhujasarita The Ganges.
କ୍ରତୁଭୁଜ ସରିତ ସେ ଅଛନ୍ତି ଲେ । ଯାଜକୃଷ୍ଣ. ରସକଲ୍ଲୋଳ ।

**କ୍ରଥ୍** (ଧାତୁ)—ସଂ—୧ । ଛେଦନ କରିବା—1. To cut.
Krath (root) ୨ । ବିନାଶ କରିବା—2. To destroy.
୩ । ମାରିପକାଇବା—3 To kill.
୪ । ଆନନ୍ଦୋତ୍ଫୁଲ୍ଲ ହେବା—4. To rejoice; to revel.

**କ୍ରଥକୈଶିକ**—ସଂ. ବି. ( କ୍ରଥ୍ ଧାତୁ=ଛେଦନ କରିବା+କେଶ+ ଇକ )—ଭାରତର ଦକ୍ଷିଣପଶ୍ଚିମସ୍ଥ ବିଦର୍ଭ
Krathakeśika
ଦେଶ; ଆଧୁନିକ ବେରାର ଅଞ୍ଚଳ—The ancient name of the country of Berar.
[ ଦ୍ର—ଦମୟନ୍ତୀ ଏହି ଦେଶ ରାଜାଙ୍କ କନ୍ୟା ଥିଲେ ବୋଲି ଏହାଙ୍କ ନାମ ବୈଦର୍ଭୀ; ସମ୍ଭବତଃ ପୂର୍ବେ ଏ ଦେଶବାସୀମାନେ ଲମ୍ବା କେଶ ରଖୁଥିଲେ ବୋଲି ଏ ନାମକରଣ ହୋଇଅଛି । ]

**କ୍ରଥନ**—ସଂ. ବି. ( କ୍ରଥ୍ ଧାତୁ=ମାରଣ; ଛେଦନ+ଅନ )—
Krathana ୧ । ମାରଣ—1. Killing.
୨ । ଛେଦନ—2. Cutting; chopping.

**କ୍ରଥନକ**—ସଂ. ବି. (ନାମ)—୧ । ପଞ୍ଚତନ୍ତ୍ରୋକ୍ତ ଉଷ୍ଟ୍ରର ନାମ—
Krathanaka 1. Name of a camel in the sanscrit fable of Pañchatantra.
୨ । କୃଷ୍ଣାଗୁରୁ—2. A black sort of Agallochum.

**କ୍ରନ୍ଦ୍** (ଧାତୁ)—ସଂ—୧ । କାନ୍ଦିବା—1. To cry.
Krand (root) ୨ । ବିଳାପ କରିବା; ରଡ଼ିବା; ବାହୁନିବା— 2. To bewail; to lament; to mourn; to weep.
୩ । ଉଚ୍ଚୈଃ ସ୍ୱରରେ ଚିତ୍କାର କରିବା— 3. To cry out; to exclaim; to haloo.
୪ । (ଘୋଡ଼ା) ହ୍ରେଷାରବ କରିବା—4 To neigh.
୫ । ଗର୍ଜନ କରିବା; ରଡ଼ି ଛାଡ଼ିବା— 5. To yell; to howl; to roar.
୬ । କଷ୍ଟ କଷ୍ଟ ହେବା—6. To creat.

**କ୍ରନ୍ଦନ**—ସଂ. ବି. ( କ୍ରନ୍ଦ୍ ଧାତୁ=କାନ୍ଦିବା+ଭାବ. ଅନ )—
Krandana ୧ । କାନ୍ଦଣା; ରୋଦନ— 1. Weeping; crying; lamenting.
୨ । ଆହ୍ୱାନ—2. Calling.
୩ । ବିରାଡ଼ି—3. A cat.
୪ । ପରସ୍ପର ବଳ କଷିବାପାଇଁ ଡକାଡକି; ଆସ୍ଫାଳନ— 4. Challenging; mutual daring; defiance.

**କ୍ରନ୍ଦିତ**—ସଂ. ବି. ( କ୍ରନ୍ଦ୍ ଧାତୁ+ଭାବ. ତ )—କ୍ରନ୍ଦନ; କାନ୍ଦିବା—
Krandita Crying.
ସଂ. ବିଣ—୧ । କାନ୍ଦୁଥିବା—1. Crying.
୨ । ଡାକୁଥିବା—2. Calling.

**କ୍ରପ୍** (ଧାତୁ)—ସଂ—୧ । ବିଳାପ କରିବା—
Krap (root) 1. To lament; to mourn.
୨ । ଦୟା ବହିବା; ସମବେଦନା ପ୍ରକାଶ କରିବା— 2. To pity; to compassionate.
୩ । ଯିବା—3. To go.
୪ । ବାସନା କରିବା—4. To long for; to desire.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଛ |
| ୨ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଟଁ | ଇଥ | ● | ନ୍ତ |

**କ୍ରବ୍ୟ**—ସଂ. ବି. ( କ୍ରୁଶ୍ ଧାତୁ = ଛେଦନ କରିବା + ଯ )—
Krabya ୧ । ମାଂସ—1. Flesh.
୨ । କଞ୍ଚା ମାଂସ—2 Raw meat; carrion.

**କ୍ରବ୍ୟଘାତନ**—ସଂ. ବି. ( କ୍ରବ୍ୟାର୍ଥ ଘାତନ ହୁଏ ଯାହାର )—ମୃଗ—
Krabyaghātana Deer.

**କ୍ରବ୍ୟଭୁକ୍**—ସଂ. ବିଣ. ପୁଂ. (କ୍ରବ୍ୟ + ଭୁଜ ଧାତୁ + କ୍ୱିପ୍. ୧ମା.୧ବ)—
Krabyabhuk ମାଂସାଶୀ—Carnivorous.
ସଂ.ବି—୧ । ରାକ୍ଷସ—1. Demon (who eats raw flesh).
୨ । ମାଂସାଶୀ ଜନ୍ତୁ—2. Carnivorous animal.

**କ୍ରବ୍ୟାଦ୍**—ସ.ବିଣ ଓ ବି.ପୁଂ. ( କ୍ରବ୍ୟ = ମାଂସ + ଅଦ୍ ଧାତୁ = ଖାଇବା
Krabyād + କ୍ୱିପ୍. ୧ମା. ୧ବ. )—କ୍ରବ୍ୟଭୁକ୍ (ଦେଖ)
Krabyabhuk (See)

**କ୍ରବ୍ୟାଦ**—ସଂ. ବିଣ ଓ ବି. (କ୍ରବ୍ୟ = ମାଂସ + ଅଦ୍ ଧାତୁ + ଅ )—
Krabyāda ୧ । କ୍ରବ୍ୟଭୁକ୍ ( ଦେଖ )
1. Krabyabhuk ( See )
ଦେଖ କ୍ରବ୍ୟାଦେଶ ଶାସନ ସଦେଶ ପାଇଣ ପ୍ରଦେଶ କଲ । ଉପେ. ବିଦେଶ୍ୱରବିଳାସ ।
୨ । ଅଗ୍ନିଦେବ—2. Fire-god.

**କ୍ରମ୍** (ଧାତୁ)—ସ—୧ । ଭ୍ରମଣ କରିବା—1. To walk.
Krama (root) ୨ । ଚାଲିବା—2. To step; to go.
୩ । ନିକଟକୁ ଯିବା—3. To go to; to approach.
୪ । ପାରହେବା—4. To go across; to cross over.
୫ । ଡେଇଁବା—5. To leap; to jump.
୬ । ଚଢ଼ିବା—6. To go up; to ascend; to chimb.
୭ । ଦଖଲ କରିବା; ଅଧିକାର କରିବା—
7. To occupy; to take possession.
୮ । ପହଞ୍ଚିବା—9. To reach upto.
୯ । ବଳିବା—9. To surpass; to excel.
୧୦ । ସମ୍ପାଦନ କରିବା; କାର୍ଯ୍ୟରେ ପରିଣତ କରିବା—
10. To accomplish; to fulfil.
୧୧ । ସଙ୍ଗମ କରିବା—11. To cohabit.
୧୨ । ଚେଷ୍ଟା କରିବା—
12. To strive after; to make effort for.

**କ୍ରମ**—ସଂ.ବି.—(କ୍ରମ୍ ଧାତୁ = ଗମନ କରିବା + ଅ) - ୧ । ପାଦକ୍ଷେପ—
Krama 1. Step; pace.
୨ । ଧାରାବାହିକତା; ପର୍ଯ୍ୟାୟ; ଅନୁକ୍ରମ—
2. Order; succession; degree; grade; series.
୩ । ଗତି—3. Motion; course; going.
୪ । ପ୍ରକାର; ରୀତି—4. Mode; manner.
ଚିତ୍ତରୁ ବଳ ବସ୍ତୁ ହେଲା, ଭୂମଳ କ୍ରମ ତା କେଉଁବ ନ ଗଲା । କବିସମ୍ରାଟ୍ । ଉପେନ୍ଦ୍ର ।
୫ । ରୀତି; ନିୟମ; ପଦ୍ଧତି—5 Method; rule.
ସବୁ ମଣିମାନଙ୍କୁ ମିଳାଇ ସେହି କ୍ରମ । କବିସୂର୍ଯ୍ୟ, ବଳୋରାମକୃଷ୍ଣ ଗୀତ ।
୬ । କରଣ; କରିବା—6. Doing; performance.
୭ । ଘଟଣା—7. Happening.
ଯେବେ ସଗୋତ୍ର ଦ୍ରୋହ ନ ଥାନ୍ତା ନାଥ ହେ
କପାଇ ବୁଝିବା ଏ କ୍ରମ ହେ । କବିସୂର୍ଯ୍ୟ, କଳତା ।
୮ । ରଚନା ପ୍ରଣାଳୀ—8. Arrangement in composition.
୯ । ଅବିଚ୍ଛେଦ—
9. Uninterrupted progress; series.
୧୦ । ଆରମ୍ଭ—10. Commencement.
୧୧ । ବଳ; ପରାକ୍ରମ; ବିକ୍ରମ—
11. Power; might; strength.
୧୨ । ବୈଦିକ ବିଧି—12. Sacred vedic precept.
୧୩ । ଚେଷ୍ଟା—13. Striving.
୧୪ । ଉଦ୍ୟମ; ଉଦବର; ଯୋଗାଡ଼—
14. Preparation.
୧୫ । ବିଷ୍ଣୁଙ୍କ ନାମ—15. A name of Bishnu.
୧୬ । ଆକ୍ରମଣ ପୂର୍ବରୁ ପଶୁର ବସିବା—16. A position taken by an animal before making a spring.
ଗ୍ରା. ବି. (ସଂ. କର୍ମ)—୧ । କାର୍ଯ୍ୟ—1. Act.
୨ । ଅଦୃଷ୍ଟ; ଭାଗ୍ୟ—2. Luck; fortune.
ଯେ ଯାହା କ୍ରମ ଦେଲ ଭୁଞ୍ଜନ୍ତି ନାନା ଫଳ । ପୀତାମ୍ବର· ନୃସିଂହପୁରାଣ ।

**କ୍ରମକ**—ସଂ. ବିଣ. (କ୍ରମ୍ ଧାତୁ + ଅକ)—୧ । କ୍ରମିକ; ଧାରାବାହିକ—
Kramaka 1. Methodical; orderly.
୨ । ଗତି କରୁଥିବା—2. Going; proceeding.
ସଂ. ବି. ପୁଂ.—ଯେଉଁ ଛାତ୍ର ଧାରାବାହିକ ଶିକ୍ଷା ଲାଭ କରେ—
A student who goes through a regular course of studies.

**କ୍ରମଜ୍ୟା**—ସଂ. ବି. (ଜ୍ୟୋତିଷ )—ଗ୍ରହର କ୍ରମିକ ବକ୍ର ଗମନ—
Kramajyā The gradual curving motion or declention of a planet.

**କ୍ରମଣ**—ସଂ. ବି. (କ୍ରମ୍ ଧାତୁ + ଅନ)—୧ । ପାଦକ୍ଷେପ—
Kramaṇa 1. Walking; pacing; stepping.
୨ । ଚରଣ—2. Legs; feet.
୩ । ଘୋଡ଼ା—3. A horse (M. W.)

**କ୍ରମତଃ**—ସଂ. ଅ.—କ୍ରମଶଃ (ଦେଖ)
Kramataḥ Kramaśaḥ (See)

**କ୍ରମଦୀପିକା**—ଦେ. ବି.—ବୈଷ୍ଣବ ଗ୍ରନ୍ଥବିଶେଷ—
Kramadipikā Name of a Baishṇaba treatise.
ଆଗତ ଉଳକ କରୁଛେ, କ୍ରମଦୀପିକାରୁ ଅଧିକରେ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ର ଭାଗବତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଶଙ୍ଖା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କ୍ରମନିମ୍ନ**—ସଂ. ବିଣ.—(କ୍ରମ + ନିମ୍ନ)—ଗଡ଼ାଣିଆ—
**Kramanimna** Sloping; of a gradual descent.
(କ୍ରମନିମ୍ନତା—ବି)

**କ୍ରମନିମ୍ନତା**—ସଂ. ବି. (କ୍ରମନିମ୍ନ + ଭାବ. ତା)—ଗଡ଼ାଣି—
**Kramanimnatā** Gradual descent.

**କ୍ରମ ପାଠ**—ସଂ.ବି.—ପୁସ୍ତକର ମୂଳରୁ ଶେଷ ପର୍ଯ୍ୟନ୍ତ ଧାରାବାହିକ ପଠନ—
**Krama pāṭha** Serial reading of a text.

**କ୍ରମବିକାଶ**—ସଂ. ବି.—(କ୍ରମ + ବିକାଶ)—କ୍ରମୋନ୍ନତି—
**Kramabikāśa** Gradual development.

**କ୍ରମଭଙ୍ଗ**—ସଂ. ବି. ( ୬ଷ୍ଠୀ ତତ୍; କ୍ରମ+ଭଙ୍ଗ)—୧ । ନିୟମ ଭଙ୍ଗ—
**Kramabhanga** 1. An interruption in a methodical arrangement.

୨ । ଅନିୟମ—2. Irregularity.

**କ୍ରମଶ**—ଦେ. କ୍ରି. ବିଣ—(ସଂ. କ୍ରମଶଃ)—କ୍ରମେ କ୍ରମେ—
**Kramaśa** By degrees; by and by.

**କ୍ରମଶଃ**—ସଂ. ଅ. (କ୍ରମ + ଶଃ)—୧ । କ୍ରମେ କ୍ରମେ—
**Kramaśaḥ** 1. By and by.

୨ । ଅନୁକ୍ରମେ; ପର୍ଯ୍ୟାୟକ୍ରମେ—2. In due order or succession; seriatim.

୩ । ଧୀରେ ଧୀରେ—3. By degrees.

୪ । ଶନୈଃ ଶନୈଃ; ହାଉଳେ ହାଉଳେ— 4. Slowly.

୫ । ଗୋଟି ଗୋଟି କରି—5. Item by item.

ଦେ. ଅ - କୌଣସି ରଚନା ବା ବିଷୟ ଏକ ପ୍ରବନ୍ଧରେ ଶେଷ ନ ହେଲେ ଅନ୍ୟ ପ୍ରବନ୍ଧକୁ ବାକି ବିଷୟ ରହିଲା, ଏ ପ୍ରବନ୍ଧରେ ଏ ବିଷୟ ସମ୍ପୂର୍ଣ୍ଣ ହେଲା ନାହିଁ—ଏହି ଅର୍ଥ ବୁଝାଇବା ପାଇଁ ଲେଖକ ଅସମ୍ପୂର୍ଣ୍ଣ ପ୍ରବନ୍ଧ ଶେଷରେ 'କ୍ରମଶଃ' ଲେଖନ୍ତି—
A term 'to be continued' meaning to be continued in a future essay or issue ( applied in cases of incomplete essays or subjects ).

**କ୍ରମଶରେ**—ଗ୍ରା. ଅ—କ୍ରମଶଃ ( ଦେଖ )
**Kramaśare** Kramaśaḥ ( See )

କରମ କରୁଥିଲେ କ୍ରମଶରେ କାର୍ଯ୍ୟ
ଅବଶ୍ୟ ତ ହୁଅଇ ସୁଧିଷ୍ଠି ରଜକ । କୃଷ୍ଣସିଂ. ମହାଭାରତ. ବନ ।

**କ୍ରମଶେ**—ଗ୍ରା. ଅ. ( ସଂ. କ୍ରମଶଃ )—କ୍ରମଶଃ; କ୍ରମେ କ୍ରମେ—
**Kramaśe** Gradually.

ବାର୍ଦ୍ଧକ୍ୟର ତମସ କ୍ରମଶେ, ବିକଶିନ ଲଦେ ହୋଇ ଅଛେ ।
ଭକ୍ତ. ବୈଦେହୀଶବିଳାସ ।

**କ୍ରମାଗତ**—ସଂ. ବିଣ. ( କ୍ରମ + ଆଗତ )—
**Kramāgata** ୧ । କ୍ରମେ କ୍ରମେ ଆଗତ—
1. Come in order or due succession.

୨ । ଅବିଚ୍ଛେଦରେ ଆଗତ; ପରମ୍ପରାକ୍ରମେ ଆଗତ—
2. Successive; uninterrupted.

୩ । ପୈତୃକ—3. Heriditary.

୪ । ପିତୃପିତାମହକ୍ରମେ ପ୍ରାପ୍ତ—
4. Inherited lineally.

ଦେ. କ୍ରି. ବିଣ—୧ । ପୁନଃ ପୁନଃ—
1. Continually.

୨ । ଉପର୍ଯ୍ୟୁପରି—
2. Repeatedly; over and over.

୩ । ସର୍ବଦା—3. Constantly.

**କ୍ରମାନୁଯାୟୀ**—ସଂ. ବିଣ. ( କ୍ରମ + ଅନୁଯାୟୀ)—
**Kramānujāyi** ଧାରାବାହିକ—
Following a method; methodical.

**କ୍ରମାନୁସାର**—ସଂ. ବି—୧ । ଧାରାବାହିକତା—
**Kramānusāra** 1. Regular order.

୨ । ଧାରାବାହିକ ବନ୍ଦୋବସ୍ତ—
2. Due arrangement.

**କ୍ରମାନୁସାରୀ**—ସଂ. ବିଣ. ପୁଂ ( କ୍ରମ + ଅନୁସାରୀ )—ଧାରାବାହିକ—
**Kramānusāri** Following a method; methodical.
(କ୍ରମାନୁସାରିଣୀ—ସ୍ତ୍ରୀ)

**କ୍ରମାନୁସାରେ**—ଦେ. କ୍ରି. ବିଣ—ପର୍ଯ୍ୟାୟକ୍ରମେ—
**Kramānusāre** In order of succession.

**କ୍ରମାନ୍ୱୟ**—ସଂ. ବି. ( କ୍ରମ + ଅନ୍ୱୟ )—
**Kramānwaya** ପର୍ଯ୍ୟାୟକ୍ରମ; ଧାରାବାହିକରୂପେ; ଗୋଟିକ ପରେ ଗୋଟିଏ ହେବା—
Regular order of a series.

ସଂ. ବିଣ—୧ । ପୂର୍ବ ପୁରୁଷଙ୍କଠାରୁ ଧାରାବାହିକରୂପେ ଗଡ଼ି ଆସୁଥିବା—
1. Coming from one's ancestors in regular succession.

୨ । ଉତ୍ତରାଧିକାରୀ ରୂପେ ସିଂହାସନ ପ୍ରାପ୍ତ—
2. One who has ascended the throne by inheritance.

**କ୍ରମାନ୍ୱୟରେ**—ଦେ. କ୍ରି. ବିଣ—ନିୟମିତରୂପେ; ପର୍ଯ୍ୟାୟକ୍ରମେ; ଗୋଟିକ ପରେ ଗୋଟିଏ—
**Kramānwayare** In serial order.

**କ୍ରମାୟାତ**—ସଂ. ବିଣ—କ୍ରମାଗତ ( ଦେଖ )
**Kramāyāta** Kramāgata ( See )

**କ୍ରମିକ**—ସଂ. ବିଣ. ( କ୍ରମ + ଇକ )—
**Kramika** ୧ । ଧାରାବାହିକ—
1. Gradual; serial.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଢ଼ | ର୍ୟ,ର୍ଯ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଯ,ଯ | ଙ୍କ | ଇସ୍ତ | ଭ୍ରଅ | ଭ |
| ୨ | ଈ | ଞ | ଋ | ଌ | ପ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଟ୍ୟ | ଇଅ | ● | ନୃ |

୨ । କ୍ରମାଗତ ( ଦେଖ )
2. Kramāgata ( See )

କ୍ରମୁ—ସଂ. ବି. ( କ୍ରମ+ଉ )—
Kramu ୧ । ଗୁବାକ ବା ଗୁଆ ଗଛ—
1. The betelnut tree.
୨ । ଗୁଆ—2. Betelnut; Areca nut; Areca Fanfel or Catechu.

କ୍ରମୁକ—ସଂ. ବି. ( କ୍ରମ+ଉକ )—
Kramuka ୧ । କ୍ରମୁ ( ଦେଖ )
1. Kramu ( See )
୨ । ତୁଁତ ଗଛ; ବ୍ରହ୍ମଦାରୁ—
2. The Mulberry tree; Morus Indica. ( M.W. )
୩ । ଭଦ୍ର ମୁସ୍ତକ; ନାଗର ମୁଥା—
3. Cyperus Rotundus.
୪ । ପଟ୍ଟିକା ଲୋଧ୍ରବୃକ୍ଷ—
4. The red variety of Lodhra tree.
୫ । କପାଗଛର ଫଳ; କପାବକଡ଼ା—
5. The fruit of the cotton tree ( M. W. )

କ୍ରମେ—ଦେ. ଅ ( ସଂ. କ୍ରମଶଃ )—କ୍ରମଶଃ ( ଦେଖ )
Krame Kramaśaḥ ( See )

କ୍ରମେଲ—ସଂ. ବି. (କ୍ରମ+ଏଲ; ମୂଳ; ଇଂ. କାମେଲ୍)—ଉଷ୍ଟ୍ର; ଓଟ—
Kramela Camel.

କ୍ରମେଲକ—ସଂ. ବି. ( କ୍ରମ+ଏଲ+ସ୍ୱାର୍ଥେ. କ )—ଉଷ୍ଟ୍ର; ଓଟ—
Kramelaka Camel.

କ୍ରମୋଢ଼ା—ସଂ. ବିଣ. ସ୍ତ୍ରୀ. ( କ୍ରମ+ଊଢ଼ା )—ବଡ଼ ଭଉଣୀମାନଙ୍କ
Kramorḍha ବିବାହ ପରେ ବିବାହିତା ( ସାନ ଭଉଣୀ )—
Married in order i. e, not before an elder sister.

କ୍ରମୋଦ୍ୱେଗ—ସଂ. ବି—ବଳଦ—
Kramodbega An ox ( M. W. )

କ୍ରମୋନ୍ନତି—ସଂ. ବି. ( କ୍ରମ+ଉନ୍ନତି )—
Kramonnati Gradual development.
( କ୍ରମୋନ୍ନତ—ବିଣ )

କ୍ରମ୍ୟ—ସଂ. ବିଣ. (କ୍ରମ୍ ଧାତୁ+କର୍ମ. ଯ)—ଚିକିତ୍ସିତ ହେବା ଯୋଗ୍ୟ—
Kramya To be treated or attended medically.

କ୍ରୟ—ସଂ. ବି. ( କ୍ରୀ ଧାତୁ=କିଣିବା+ଭାବ. ଅ )—୧ । କିଣିବା—
Kraya 1. Purchasing; buying.
( ବିକ୍ରୟ—ବିପରୀତ ) ୨ । କିଣା ମୂଲ୍ୟ; ଜରସମନ—
( କ୍ରୀତ—ବିଣ ) 2. Purchase price ( M. W. )

କ୍ରୟଣ—ସଂ. ବି. ( କ୍ରୀ ଧାତୁ+ଭାବ. ଅନ )—କିଣିବା କାର୍ଯ୍ୟ—
Krayaṇa Buying; purchasing.

କ୍ରୟଣକ—ସଂ. ବି—କିଣା ହେବା ଯୋଗ୍ୟ ବସ୍ତୁ; ପଣ୍ୟଦ୍ରବ୍ୟ—
Krayaṇaka Any purchasable object; ware.

କ୍ରୟବିକ୍ରୟ—ସଂ. ବି. ( ବିପରୀତ ସହିତର; କ୍ରୟ+ବିକ୍ରୟ )—
Krayabikraya ୧ । ଖରିଦ ବିକ୍ରି—
1. Purchase and sale.
୨ । ବାଣିଜ୍ୟ; ବ୍ୟବସାୟ—
2. Business; trade.
ଦେ. ବି. ( ଗଣିତ )—କ୍ରୟ ବିକ୍ରୟାଦିସମ୍ବନ୍ଧୀୟ ଧାରା—
(arithmetic) Method of solving questions regarding sale and purchase.

କ୍ରୟବିକ୍ରୟିକ—ସଂ. ବି—ବ୍ୟବସାୟୀ; ବଣିକ—
Krayabikrayika Trader; merchant.

କ୍ରୟଭୋଗ—ଦେ. ବି. ( କଚେରିଆ ଭାଷା )—ସମ୍ପତ୍ତି ଖରିଦ କରିଥିବା ହେତୁ ଭୋଗକରଣ—
Krayabhoga
Enjoyment of property by virtue of having purchased it from the vender.
[ ଦ୍ର—ଏ ଶବ୍ଦ କବାଲାରେ ବ୍ୟବହୃତ ହୁଏ, ଯଥା—ଏ ସମ୍ପତ୍ତିରେ ତୁମ୍ଭେ ମୁସ୍ତରୀ କ୍ରୟଭୋଗେ ଦଖଲକାର ହେବ । ]

କ୍ରୟଭୋଗେ—ଦେ. ଅ. ( କଚେରିଆ ଭାଷା )—କବାଲାରେ ବାୟୀ
Krayabhoge ( ବିକ୍ରେତା ) ମୁସ୍ତରି ( କ୍ରେତା )ଙ୍କୁ ଲେଖିଦିଏ ଯେ ଆପଣ ବିକ୍ରୟ ସମ୍ପତ୍ତିକୁ 'କ୍ରୟଭୋଗେ' ଦଖଲ କରିବେ, ଅର୍ଥାତ୍ 'କିଣିବା ହେତୁ ଭୋଗ କରିବା-ଦ୍ୱାରା' ଦଖଲ କରିବେ—A term used in sale-deeds of lands--'By enjoying the property by virtue of purchase'.

କ୍ରୟିକ—ସଂ. ବିଣ. ପୁଂ. ( କ୍ରୀ ଧାତୁ+କର୍ତ୍ତୃ. ଇକ )—
Krayika କ୍ରେତା; ଯେ କିଣେ—
( କ୍ରୟିକା—ସ୍ତ୍ରୀ ) Purchasing; buying.
ସଂ. ବି. ପୁଂ—୧ । କିଣିବା ଲୋକ; ଖରିଦଦାର—
1. Purchaser; buyer.
୨ । ବେପାରୀ; ବଣିକ—
2. Trader; merchant.

କ୍ରୟୀ—ସଂ. ବିଣ. ପୁଂ—କ୍ରେତା; ଯେ କିଣେ—
Krayī Buying; purchasing.
(କ୍ରୟିଣୀ—ସ୍ତ୍ରୀ)

କ୍ରଯ୍ୟ—ସଂ. ବିଣ. ( କ୍ରୀ ଧାତୁ+କର୍ମ. ଯ )—
Krajya ୧ । କିଣିବା ଯୋଗ୍ୟ—
1. Fit to be purchased.
୨ । ଲୋକେ କିଣିବା ପାଇଁ ପ୍ରକାଶ୍ୟରେ ହାଟରେ ପ୍ରଦର୍ଶିତ—
2. Exhibited for sale in the market.

ସାଧାରଣ ସଙ୍କେତ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ । ୧ ଅଙ୍କିତ ଅକ୍ଷର ଓ ଶବ୍ଦ ଏବଂ ୨ ଅଙ୍କିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ ଭାଷା ଉଚ୍ଚାରଣ ନାହିଁ । ଅତଏବ ୧ ବା ୨ ଅଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତ ଉପସର୍ଗ ୨ ବା ୧ ଅଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲ୍ଙ୍କାର' ଦେଖିବେ ।

**କ୍ରଶ୍**—ବୈଦେ. ବି. ( ଇଂ. କ୍ରସ୍ )—
Kraś ୧ । ଯୁକ୍ତ ଚିହ୍ନ ପରି ଯୋଡ଼ା ଯାଇଥିବା କାଠ—
କ୍ରୁଶ 1. A cross.
କ୍ରୁସ [ ଦ୍ର—ପୂର୍ବେ ରୋମ୍‌ସାମ୍ରାଜ୍ୟରେ ଏହା ଅପରାଧୀମାନଙ୍କୁ ଦଣ୍ଡ ଦେବା ପାଇଁ ବ୍ୟବହୃତ ହେଉଥିଲା । ଏଥିର ଗୋଟିଏ ବାହୁକୁ ଭୂମିରେ ପୋତି ସେଥିର ଲମ୍ବ କାଠରେ ମନୁଷ୍ୟର ମୁଣ୍ଡ ଓ ଗୋଡ଼ଠାରେ କଣ୍ଟା ବାଡ଼େଇ ଆଡ଼କାଠରେ ମନୁଷ୍ୟର ଦୁଇ ହାତକୁ ମେଲାଇ ଦୁଇ ହାତରେ କଣ୍ଟା ମାରି ମନୁଷ୍ୟକୁ ସେହି ଅବସ୍ଥାରେ ରଖି ମାରି ପକାଉଥିଲେ । ଯୀଶୁଖ୍ରୀଷ୍ଟଙ୍କୁ ଏହି କ୍ରଶ୍‌ରେ ହତ୍ୟା କରାଯାଇଥିଲା । କ୍ରଶ୍ ଖ୍ରୀଷ୍ଟିୟାନମାନଙ୍କର ପବିତ୍ର ଧର୍ମ-ଚିହ୍ନ । ଏହା ଯୀଶୁଙ୍କର ମନୁଷ୍ୟମାନଙ୍କ ପାଇଁ ଜୀବନ ଦାନ କରିଥିବାର ନିଦର୍ଶନ । ]
କ୍ରସ ୨ । ମକଦ୍ଦମାରେ ଅପର ପକ୍ଷର ଉକିଲଙ୍କଦ୍ୱାରା
କ୍ରାସ ସାକ୍ଷୀର ଜେରା—
2. Cross-examination.

**କ୍ରଶ୍ କରିବା**—ଦେ. କ୍ରି. ( ଇଂ. କ୍ରସ୍ )—ଜେରା କରିବା—
Kraś kariba To cross-examine.
କ୍ରସ୍ କରା
କ୍ରାସକରା

**କ୍ରଶ୍ ସେକ୍ସନ୍**—ବୈଦେ. ବି. ( ଇଂ. କ୍ରସ୍+ସେକ୍ସନ୍ )—
Kraś seksan କୌଣସି କୋଠାର ତଳଭୂମିର ପ୍ଲାନ୍‌ରେ ଆଡ଼
କ୍ରସସେକ୍ସନ କାଗଜରେ ଗୋଟିଏ ଗାର ଟାଣି ସେହି ଗାର
କ୍ରସସେକ୍‌ସନ ପାଖରେ କାଟି ଦେଲେ କୋଠାଟି ଉପରେ ଦେଖାଯିବ, ନକ୍ସାରେ ତହିଁର ଯେଉଁ ଚିତ୍ର ଅଙ୍କନ କରାଯାଇଥାଏ—Cross-section of the plan of a map.

**କ୍ରଶିତ**—ସଂ. ବିଣ. ( କୃଶ ଧାତୁ ; ଣିଚ୍=କର୍ଶି ଧାତୁ+କର୍ମ. ତ )—
Kraśita ଶୀର୍ଣ୍ଣ—Emaciated; made thin.

**କ୍ରଶିମା**—ସଂ. ବି. ( କୃଶ ଧାତୁ+ଇମନ୍; ୧ମା. ୧ବ; ଭୁଲ—ଦ୍ରଢ଼ିମା,
Kraśimā ମ୍ରଦିମା )—କୃଶତା; କାର୍ଶ୍ୟ—
Leanness; imaciation.

**କ୍ରଶିଷ୍ଠ**—ସଂ. ବିଣ. ( କୃଶ+ଅତ୍ୟନ୍ତାର୍ଥେ. ଇଷ୍ଠ )—
Kraśishṭha କୃଶତମ; ଅତ୍ୟନ୍ତ କୃଶ—
Very lean; thinnest.

**କ୍ରଶୀୟାନ**—ସଂ. ବିଣ. ପୁଂ. (କୃଶ+ଅପେକ୍ଷାର୍ଥେ ଈୟସ୍; ୧ମା. ୧ବ)—
Kraśiyān ଅପେକ୍ଷାକୃତ କୃଶ—Thinner; very thin.
(କ୍ରଶୀୟସୀ—ସ୍ତ୍ରୀ)

**କ୍ରାକଚିକ**—ସଂ. ବି. ( କ୍ରକଚ+ଇକ )—କରତି—
Krākachika A sawyer.

**କ୍ରାଥ**—ସଂ. ବି. ( କ୍ରଥ୍ ଧାତୁ+ଅ )—ହତ୍ୟା; ମାରଣ—
Krātha Murder; killing.

**କ୍ରାନ୍ତ**—ସଂ. ବିଣ. ( କ୍ରମ୍ ଧାତୁ+ତ )—୧ । (+କର୍ମ.ତ) ପଦଦଳିତ—
Krānta 1. Trodden.
୨ । (+କର୍ତ୍ତୃ. ତ) ଅତିକ୍ରାନ୍ତ—2. Passed over.
୩ । ଅତିକ୍ରାନ୍ତ—3. Gone.
ସଂ ବି. ୧ । ( +ଭାବ. ତ )—ପଦକ୍ଷେପ; ପାହୁଣ୍ଡ—
1. Foot-step.
୨ । ଗମନ—2. Going.
୩ । ( +କର୍ତ୍ତୃ. ତ ) ଅଶ୍ୱ—3. Horse.
୪ । ଅତିକ୍ରମଣ—4. Passing.
୫ । (ଜ୍ୟୋତିଷ) ଚନ୍ଦ୍ରଙ୍କର କୌଣସି ଗ୍ରହକୁ ସଙ୍କ୍ରମଣ—
5. The conjunction of the moon with a planet.
ଦେ. ବି—ଏକ କଉଡ଼ାର ତିନି ଭାଗରୁ ଏକ ଭାଗ—
One third of a kaurdi money.
[ ଦ୍ର—ତିନି କ୍ରାନ୍ତରେ ଏକ କଉଡ଼ା ହୁଏ । ]

**କ୍ରାନ୍ତି**—ସଂ. ବି. ( କ୍ରମ୍ ଧାତୁ+ଭାବ. ତି )—୧ । ଅତିକ୍ରମଣ—
Krānti 1. Stepping over; passing over.
୨ । ଆକ୍ରମଣ—2. Attack.
୩ । ପାହୁଣ୍ଡ; ପଦକ୍ଷେପ—3. Step.
୪ । ସୂର୍ଯ୍ୟଙ୍କ ଅୟନବୃତ୍ତର ବାଙ୍କ—
4. Ecliptic declention.
୫ । ସୂର୍ଯ୍ୟଙ୍କର ଅୟନ ବୃତ୍ତ—5. The ecliptic.
୬ । ଗତି; ଗମନ—6. Motion; going.
୭ । ଗ୍ରହର ଅୟନ ରେଖା—
7. Declention of a planet.
୮ । ( ଭୂଗୋଳ ପରିଭାଷା ) ଆକାଶରେ ବିଷୁବବୃତ୍ତଠାରୁ ନିର୍ଦ୍ଦିଷ୍ଟ ଦୂରରେ କ୍ରମବକ୍ର କଳ୍ପିତ ବୃତ୍ତର ଉତ୍ତର ଓ ଦକ୍ଷିଣରେ ଅୟନକୁ ସ୍ପର୍ଶ କରିଥିବା ଅନ୍ତର—
8. (geography) Ecliptic; the tropics.
[ ଦ୍ର—ଉତ୍ତର ଦିଗର କଳ୍ପିତସୀମାନ୍ତ ବୃତ୍ତକୁ କର୍କଟକ୍ରାନ୍ତି Tropic of Cancer ଓ ଦକ୍ଷିଣ ଦିଗରେ କଳ୍ପିତ ସୀମାନ୍ତ ବୃତ୍ତକୁ ମକର କ୍ରାନ୍ତି Tropic of Capricorn କହନ୍ତି । ]
ଦେ. ବି—କ୍ରାନ୍ତ; ଏକ କଉଡ଼ାର ତିନିଭାଗରୁ ଏକ ଭାଗ—
One third of a bit of Kaurdi.

**କ୍ରାନ୍ତିକକ୍ଷ**—ସଂ. ବି—କ୍ରାନ୍ତିବୃତ୍ତ ( ଦେଖ )
Krāntikaksha Krāntibrutta ( See )

**କ୍ରାନ୍ତିପାତ**—ସଂ. ବି. ( କ୍ରାନ୍ତି+ପାତ )—( ଗଣିତ ଜ୍ୟୋତିଷ )—
Krāntipāta ଆକାଶରେ ବିଷୁବବୃତ୍ତ ଓ କ୍ରାନ୍ତିବୃତ୍ତମାନଙ୍କର ପରସ୍ପର ମିଳନ ବା ସଙ୍କ୍ରମଣ—( astronomy ) The intersection of the ecliptic and the equinoctial circles.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଳ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଢ | ଣ,ଷ | ଜ୍ଞ | ଇୟ | ଉଅ | ଣ୍ଟ |
| ୨ | ଲି | ଭ | ଲୁ | ଲୃ | ଚ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଥ |

**କ୍ରାନ୍ତିବଳୟ**—ସଂ. ବି. (ଭୂଗୋଳ)—କ୍ରାନ୍ତିବୃତ୍ତ ( ଦେଖ )
Krāntibaḷaya Krāntibṛutta (See)

**କ୍ରାନ୍ତିବୃତ୍ତ**—ସଂ. ବି. (ଭୂଗୋଳ)—୧ । ସୂର୍ଯ୍ୟଙ୍କ ଗତି ଯୋଗୁଁ ପୃଥିବୀ-
Krāntibṛutta ଗୋଲକର ଚତୁର୍ଦିଗରେ କଳ୍ପିତ ଡିମ୍ବାକାର ବୃତ୍ତ—
1. The ecliptic.
୨ । କର୍କଟ କ୍ରାନ୍ତି ଓ ମକର କ୍ରାନ୍ତି ମଧ୍ୟରେ ଅବସ୍ଥିତ ଭୂଭାଗ; ଗ୍ରୀଷ୍ମପ୍ରଧାନ-ମଣ୍ଡଳ—2. The tropics; the tropical zone.

**କ୍ରାନ୍ତିମଣ୍ଡଳ**—ସଂ. ବି. (ଭୂଗୋଳ)—କ୍ରାନ୍ତିବୃତ୍ତ ( ଦେଖ )
Krāntimaṇḍaḷa (geography) Krāntibṛutta (See)

**କ୍ରାନ୍ତୁ**—ସଂ. ବି ( କ୍ରମ୍ ଧାତୁ + କର୍ତ୍ତୃ. ତୁ )—ପକ୍ଷୀ—
Krāntu Bird ( Apte ).

**କ୍ରାମିକ**—ଦେ. ବିଣ. (ସଂ. କ୍ରମିକ)—କ୍ରମିକ ( ଦେଖ )
Krāmika Kramika ( See )

**କ୍ରାୟକ**—ସଂ. ବି. ପୁଂ. ( କ୍ରୀ ଧାତୁ + କର୍ତ୍ତୃ. ଅକ )—
Krāyaka ୧ । ଖରିଦଦାର; କ୍ରେତା—1. Purchaser.
(କ୍ରାୟିକା—ସ୍ତ୍ରୀ) ୨ । ବେପାରି; ବଣିକ—
2. Trader; merchant.

**କ୍ରାୟିକ**—ସଂ. ବି. ପୁଂ. ( କ୍ରୀ ଧାତୁ + କର୍ତ୍ତୃ. ଇକ )—
Krāyika କ୍ରାୟକ ( ଦେଖ )
(କ୍ରାୟିକା—ସ୍ତ୍ରୀ) Krāyaka ( See )

**କ୍ରିତନ** (ଇତ୍ୟାଦି)—ଗ୍ରା. ବି. ( ସଂ. କୀର୍ତ୍ତନରୁ ଅପଭ୍ରଷ୍ଟ )—
Kritana (etc) କୀର୍ତ୍ତନ ଇତ୍ୟାଦି ( ଦେଖ )
Kīrtana etc. ( See )

**କ୍ରିମ୍**—ବୈଦେ. ବି. ( ଇଂ. କ୍ରୀମ୍ )—
Krim ଦୁଧ ସର; ଦୁଧ ସର ଭଳି ପଦାର୍ଥ—
Cream.
( ଯଥା—ଆଇସ୍ କ୍ରିମ୍ । )

**କ୍ରିମି**—ସଂ. ବି. ( କ୍ରମ୍ ଧାତୁ + କର୍ତ୍ତୃ. ଇ )—
Krimi କୃମି ( ଦେଖ )
Kṛumi ( See )

**କ୍ରିୟ**—ସଂ. ବି—ମେଷ ରାଶି—
Kriya The zodiacal sign Aries.

**କ୍ରିୟମାଣ**—ସଂ. ବିଣ. ପୁଂ ( କୃ ଧାତୁ + ଶାନଚ୍ )—
Kriyamāṇa ଯାହା କରା ହେଉ ଅଛି—
( କ୍ରିୟମାଣା—ସ୍ତ୍ରୀ ) Which is being done.

**କ୍ରିୟା**—ସଂ. ବି. ସ୍ତ୍ରୀ. ( କୃ ଧାତୁ + ଅ + ସ୍ତ୍ରୀ. ଆ )—
Kriyā ୧ । ( + ଭାବ. ଅ )—କରଣ; କରିବା—
1. Doing; acting.
୨ । ( + କର୍ମ. ଅ )—କାର୍ଯ୍ୟ—
2. An cat; action.
୩ । ସମ୍ପାଦନ—
3. Performance; accomplishment.
୪ । ବୈଦିକ କର୍ମ—
4. Vedic ceremony or rite.
୫ । ବୈଦିକ ଆଚାର—
5. Conduct enjoined by the Bedas.
୬ । ସତ୍କାର୍ଯ୍ୟ; ପୁଣ୍ୟ ଅନୁଷ୍ଠାନ—
6. Pious act; meritorious work
୭ । ପରିଶ୍ରମ—7. Labour.
୮ । (ବ୍ୟାକରଣ) ଧାତୁର ଅର୍ଥ—
8. (grammar) The meaning of a root.
୯ । (ବ୍ୟାକରଣ) ଧାତୁର ଅର୍ଥ ବାଚକ ପଦ—
9. (grammar) Verb; a word expressing the meaning of a root.

[ ଦ୍ର—ବ୍ୟାକରଣରେ ଧାତୁର ଅର୍ଥକୁ କ୍ରିୟା କହନ୍ତି । ସଂସ୍କୃତ-ଭାଷାର ଦା, କୃ, ପଠ୍ ପ୍ରଭୃତିକୁ ଓଡ଼ିଆରେ ଦେ, କର ଓ ପଢ଼ ରୂପରେ ଧାତୁ ବୋଲି ଗ୍ରହଣ କରାଯାଏ । କାଳ, ବଚନ, ପୁରୁଷ ଓ ବାଚ୍ୟ ଭେଦରେ ଓଡ଼ିଆରେ କ୍ରିୟାର ଆକୃତି ପରିବର୍ତ୍ତିତ ହୁଏ । ଧାତୁରେ ପୂର୍ବୋକ୍ତ ଭିନ୍ନ ଭିନ୍ନ ଭେଦ ଅନୁସାରେ ଭିନ୍ନ ଭିନ୍ନ ପ୍ରତ୍ୟୟ ଯୋଗ ହୋଇ କ୍ରିୟାର ରୂପ ହୁଏ । କ୍ରିୟାର କାଳ ପ୍ରଧାନତଃ ତିନି ଗୋଟି—ବର୍ତ୍ତମାନ, ଭୂତ ବା ଅତୀତ ଓ ଭବିଷ୍ୟତ୍ । କର୍ତ୍ତାର ଯେଉଁ ବଚନ, ଯେଉଁ ପୁରୁଷ ହୋଇ ଥାଏ କ୍ରିୟାର ସେହି ବଚନ ଓ ସେହି ପୁରୁଷ ହୁଏ । ତେଣୁ ଏକ ବଚନ ଓ ବହୁବଚନ ଭେଦରେ ଏବଂ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରୁଷ ଭେଦରେ କ୍ରିୟା-ରୂପର ପରିବର୍ତ୍ତନ ହୁଏ । ଓଡ଼ିଆ ଭାଷାରେ ଲିଙ୍ଗଭେଦରେ କ୍ରିୟାର ପରି-ବର୍ତ୍ତନ ହୁଏ ନାହିଁ ।

ସକର୍ମକ ଓ ଅକର୍ମକ ଭେଦରେ ଧାତୁ ଯେପରି ଦ୍ୱିବିଧ କ୍ରିୟା ମଧ୍ୟ ସେହିପରି ଦ୍ୱିବିଧ । 'ରାମ ଭାତ ଖାଉଅଛି'—ଏ ବାକ୍ୟରେ ଖାଉଅଛି ସକର୍ମକ କ୍ରିୟା, 'ରାମ ଶୋଇବ'—ଏ ବାକ୍ୟରେ 'ଶୋଇବ' ଅକର୍ମକ କ୍ରିୟା । ଏ ବାକ୍ୟରେ କର୍ମ ନାହିଁ; ତେଣୁ 'ଶୋଇବ' ଅକର୍ମକ ଅଟେ । କୌଣସି କ୍ରିୟାର କରାଇବା ଅର୍ଥ-ବୋଧକ ରୂପକୁ ଣିଜନ୍ତ ବା ପ୍ରେରଣାର୍ଥକ କ୍ରିୟା କହନ୍ତି । 'ମା ପୁଅକୁ ଚନ୍ଦ୍ର ଦେଖାଉ ଅଛନ୍ତି'—ଏ ବାକ୍ୟରେ 'ଦେଖାଉଅଛନ୍ତି' ଣିଜନ୍ତ କ୍ରିୟା । 'ଅକର୍ମକ' କ୍ରିୟାକୁ ଣିଜନ୍ତ କଲେ ତାହା ସକର୍ମକ ହୋଇ ଯାଏ ଓ 'ସକର୍ମକ' କ୍ରିୟାକୁ ଣିଜନ୍ତ କଲେ ତାହା ଦ୍ୱିକର୍ମକ ହୋଇ ଯାଏ । ପୂର୍ବୋକ୍ତ ଉଦାହରଣରେ 'ଦେଖାଯାଉଅଛି' ସକର୍ମକ ଦେଖିବା କ୍ରିୟାର ଣିଜନ୍ତ ଅଟେ, 'ପୁଅ' ଓ 'ଚନ୍ଦ୍ର' ତାହାର ଦୁଇଟି କର୍ମ । 'ମା ପୁଅକୁ ଶୁଆଉଅଛନ୍ତି' ଏ ବାକ୍ୟରେ ଅକର୍ମକ 'ଶୋଇବା' କ୍ରିୟା ଣିଜନ୍ତରେ ସକର୍ମକ ହୋଇଅଛି । 'ପୁଅକୁ' ତାହାର କର୍ମ ।]

ସାଧାରଣ ସ୍ଥେଳେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କେତେକ ସକର୍ମକ କ୍ରିୟା ଅଣିଜନ୍ତ ଅବସ୍ଥାରେ ମଧ୍ୟ ଦୁଇଟି କର୍ମ ଗ୍ରହଣ କରି ଥାଏ । ଯଥା—'ଗୁରୁ ଛାତ୍ରକୁ ପ୍ରଶ୍ନ ପଚାରିଲେ' ଏଠାରେ ପଚାରିବା କ୍ରିୟା ଦ୍ୱିକର୍ମକ ।

ଅସମାପିକା ଓ ସମାପିକା ଭେଦରେ ମଧ୍ୟ କ୍ରିୟା ଦ୍ୱିବିଧ । ଯେଉଁ କ୍ରିୟାର ପ୍ରୟୋଗରେ ବାକ୍ୟ ସମାପ୍ତ ହୋଇ ଯାଏ ତାହା ସମାପିକା, ଯଥା ରାମ ଶୋଇଲେ । ମାତ୍ର ଯେଉଁ କ୍ରିୟାର ପ୍ରୟୋଗରେ ବାକ୍ୟ ସମାପ୍ତ ନ ହୋଇ ସମାପ୍ତି ନିମିତ୍ତ ଅନ୍ୟ କ୍ରିୟାକୁ ଅପେକ୍ଷା କରେ ତାହା ଅସମାପିକା କ୍ରିୟା ଯଥା—ରାମ ଭାତ ଖାଇ ଶୋଇଲେ, ଏଠାରେ 'ଖାଇ' ଅସମାପିକା କ୍ରିୟା ।

ଓଡ଼ିଆରେ କ୍ରିୟାର ବାଚ୍ୟ ଦୁଇଗୋଟି—(୧) କର୍ତ୍ତୃବାଚ୍ୟ ଓ (୨) କର୍ମବାଚ୍ୟ । ଓଡ଼ିଆରେ ଭାବବାଚ୍ୟ ନାହିଁ । କର୍ତ୍ତୃବାଚ୍ୟରେ କର୍ତ୍ତାଠାରେ ପ୍ରଥମା ବିଭକ୍ତି ଓ କର୍ମରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ କ୍ରିୟା କର୍ତ୍ତାକୁ ଅନୁସରଣ କରେ ମାତ୍ର କର୍ମବାଚ୍ୟରେ କର୍ତ୍ତାଠାରେ ତୃତୀୟା ବିଭକ୍ତି ଓ କର୍ମରେ ପ୍ରଥମା ବିଭକ୍ତି ହୁଏ ଏବଂ କ୍ରିୟା କର୍ମକୁ ଅନୁସରଣ କରେ । 'ଯୋବା କାଠ ଚିରୁଅଛି', ଏହା କର୍ତ୍ତୃବାଚ୍ୟର ବାକ୍ୟ, 'ଯୋବାଦ୍ୱାରା କାଠ ଚିରାହେଉଅଛି', ଏହା କର୍ମବାଚ୍ୟର ବାକ୍ୟ ।

ବାକ୍ୟ ମଧ୍ୟରେ କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ ପ୍ରତ୍ୟେକ କାରକ କ୍ରିୟା ସଙ୍ଗେ ଅନ୍ୱିତ ହୁଏ । କ୍ରିୟା-ସଙ୍ଗେ ସମ୍ବନ୍ଧ ବା ଅନ୍ୱୟ ଥିବାରୁ ଏ ଗୁଡ଼ିକ କାରକ ନାମରେ ଅଭିହିତ ହୁଅନ୍ତି ।

ଓଡ଼ିଆଭାଷାରେ ମୂଳ କ୍ରିୟାର ସଂଖ୍ୟା ସ୍ୱଳ୍ପ ଥିବାରୁ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ ସଙ୍ଗେ କରିବା ଓ ହେବା କ୍ରିୟା ଯୋଗ କରି କ୍ରିୟା ସୃଷ୍ଟି କରାଯାଏ । ସଂସ୍କୃତରେ 'ସ ତଂ ଶାସ୍ତି'—ଓଡ଼ିଆରେ 'ଶାସ୍' ଧାତୁର ସ୍ୱତନ୍ତ୍ର ରୂପର ପ୍ରୟୋଗ ନ ଥିବାରୁ କ୍ରିୟା-ବାଚକ ବିଶେଷ୍ୟ 'ଶାସନ' ସଙ୍ଗେ 'କରୁଅଛନ୍ତି' କ୍ରିୟା ଯୋଗ କରା-ଯାଇ 'ସେ ତାଙ୍କୁ ଶାସନ କରୁଅଛନ୍ତି, ଏହିପରି ବାକ୍ୟ ହେଲା । ସେହିପରି 'ବର୍ଷାସୁ ଗୃହମିଦମନଶ୍ୟତ୍' ଓଡ଼ିଆରେ 'ନଶ୍' ଧାତୁର ସ୍ୱତନ୍ତ୍ର ରୂପର ପ୍ରୟୋଗ ନ ଥିବାରୁ କ୍ରିୟାବାଚକ ବିଶେଷଣ 'ନଷ୍ଟ' ସଙ୍ଗେ 'ହୋଇଅଛି' କ୍ରିୟା ଯୁକ୍ତ ହୋଇ 'ବର୍ଷାଦିନେ ଏ ଘର ନଷ୍ଟ ହୋଇ ଅଛି, ଏହିପରି ବାକ୍ୟ ହେଲା । ]

୧୦ । (ବ୍ୟାକରଣ) କ୍ରିୟାବାଚକ ବିଶେଷ୍ୟ—
10. (grammar) Noun of action; verbal noun.

୧୧ । ଗତି—11. Motion.

୧୨ । ଉଦ୍ଦେଶ୍ୟ ସାଧନାର୍ଥ ଚେଷ୍ଟା—
12. Efforts for attaining an end.

୧୩ । ବେଦବିହିତ ପ୍ରାୟଶ୍ଚିତ୍ତ; ହୋମ ଆଦି—
13. Rites or ceremonies enjoined by the Bedas.

୧୪ । (ବୈଦ୍ୟକ) ପ୍ରତିକାର; ଉପଚାର; ଚିକିତ୍ସା—
14. Remedying; medical treatment; curing.
(ଯଥା—ଶୀତ କ୍ରିୟା )

୧୫ । ଫଳ—14. Effect.

୧୬ । ପ୍ରାୟଶ୍ଚିତ୍ତକର୍ମ—16. Expiation.

୧୭ । ଅନ୍ତ୍ୟେଷ୍ଟି କ୍ରିୟା; ଶୁଦ୍ଧିକ୍ରିୟା—
17. Funeral rites.

ବାପଙ୍କର କ୍ରିୟା କର୍ମକୁ ସେ ପାସୋରିଲେ,
ଚୈତନ୍ୟ ଯେନ ରାମଙ୍କୁ ଅଣି ବାହାରିଲେ । କୃଷ୍ଣସିଂ. ମହାଭାରତ. ବନ ।

୧୮ । ଶ୍ରାଦ୍ଧ ତର୍ପଣାଦି—18. Offering of oblation to the manes of deceased ancestors.

୧୯ । ସାମ, ଦାନ, ଦଣ୍ଡ, ଭେଦ ଆଦି ରାଜ୍ୟରକ୍ଷାର ଉପାୟ ପ୍ରୟୋଗ—19. The following of the means for maintaining a kingdom

୨୦ । ଉପାୟ—20. Means; expedients.

୨୧ । ପୂଜା—21. Worship

୨୨ । ଯନ୍ତ୍ର; ହତିଆର—
22. Instrument; implement.

୨୩ । ଅଭ୍ୟାସ—23. Habit.

୨୪ । ଶିକ୍ଷା—24. Training; education.

୨୫ । କର୍ତ୍ତବ୍ୟକର୍ମ—25. Duty.

୨୬ । ଶିକ୍ଷାଦାନ; ଅଧ୍ୟାପନା—
26. Teaching; instruction.

୨୭ । (ସ୍ମୃତି) ଧର୍ମାଧିକରଣରେ ସାକ୍ଷ୍ୟ ବା ମାଣ୍ଡ଼ ଆଦି ଦ୍ୱାରା ବିଚାର—27. (Hindu-law) Judicial investigation (by witnesses or ordeal.)

**କ୍ରିୟାକର୍ତ୍ତା**—ସଂ. ବି. ପୁଂ. ୧ । ( ୬ଷ୍ଠୀ ତତ୍; କ୍ରିୟା+କର୍ତ୍ତା )—କ୍ରିୟା
**Kriyākarttā** କରିବା ବ୍ୟକ୍ତି; ଯେ କ୍ରିୟା ସମ୍ପାଦନ କରେ—
1. Doer; agent; performer of an act.
୨ । (ଦ୍ୱନ୍ଦ୍ୱ; କ୍ରିୟା ଓ କର୍ତ୍ତା)—କାର୍ଯ୍ୟ ଓ କାର୍ଯ୍ୟ କରିବା ଲୋକ—2. Deeds and doer.

**କ୍ରିୟାକର୍ମ**—ସଂ. ବି. ( ସହଚର; କ୍ରିୟା + କର୍ମ )—ପୁଣ୍ୟକାର୍ଯ୍ୟ ଓ
**Kriyākarma** ବୈଦିକ କର୍ମର ସମ୍ପାଦନ—
Performance of religious and other rites.

**କ୍ରିୟାକଲାପ**—ସଂ. ବି. ( ୬ଷ୍ଠୀ ତତ୍; କ୍ରିୟା + କଲାପ)—
**Kriyākaḻāpa** ୧ । କ୍ରିୟାସମୂହ —
1. Series of acts.
୨ । ଶାସ୍ତ୍ର ଓ ବେଦବିହିତ ଅନୁଷ୍ଠାନ ସକଳ—
2. The whole body of ceremonies or rituals enjoined in the Hindu-śāstras.

**କ୍ରିୟାକାଣ୍ଡ**—ସଂ. ବି—କ୍ରିୟାକଲାପ ( ଦେଖ )
**Kriyākāṇḍa** Kriyākaḻāpa ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଝ | ଛ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଖ,ଷ | ଙ୍କ | ଉସ୍ତ୍ର | ଡ଼୍ଷ | ଘ |
| ୨ | ଈ | ଊ | ଋୂ | ଌ | ସ୍ୱେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଉଷ | ଡ଼ | କ୍‌ |

କ୍ରିୟାକାର୍ଯ୍ୟ—ଦେ. ବି—ଅନ୍ତ୍ୟେଷ୍ଟି କ୍ରିୟା—
Kriyākārjya The funeral ceremonies or rites.

କ୍ରିୟାଦ୍ୱେଷୀ—ସଂ. ବି.—(ସ୍ମୃତି) ଯେଉଁ ସାକ୍ଷୀ ସ୍ୱପକ୍ଷର ସ୍ୱାର୍ଥ ବିରୁଦ୍ଧରେ
Kriyādweshī ସାକ୍ଷ୍ୟ ଦିଏ-(Hindu law) A witness whose evidence is prejudical to the party which cites him.

କ୍ରିୟାନିର୍ଦ୍ଦେଶ—ସଂ. ବି.—(ସ୍ମୃତି) ପ୍ରମାଣ—
Kriyānirddeśa ( Hindu law ) Evidence.

କ୍ରିୟାନ୍ୱିତ—ସଂ. ବିଣ. (୩ୟା ତତ୍; କ୍ରିୟା+ଅନ୍ୱିତ)—
Kriyānwita ୧ । ବେଦ ଓ ଶାସ୍ତ୍ରୋଚିତ କର୍ମକାଣ୍ଡ—
1. Practising retualistic observances.
୨ । (ବ୍ୟାକରଣ) କ୍ରିୟା ଦ୍ୱାରା ସମ୍ପର୍କଯୁକ୍ତ (ବାକ୍ୟ)—
2. (grammar) (a word) Governing or connected with a verb.

କ୍ରିୟାପଟୁ—ସଂ. ବିଣ. ( ୭ମୀ ତତ୍; କ୍ରିୟା+ପଟୁ )—ପ୍ରବୀଣ—
Kriyāpaṭu Expert; skilful.

କ୍ରିୟାପଥ—ସଂ. ବି. ( ୬ଷ୍ଠୀ ତତ୍; କ୍ରିୟା+ପଥ )—ଚିକିତ୍ସା—
Kriyāpatha Medical treatment.

କ୍ରିୟାପଦ—ସଂ. ବି. ( କ୍ରିୟା+ପଦ )—( ବ୍ୟାକରଣ ) ଧାତ୍ୱର୍ଥ ପଦ
Kriyāpada ( ଯଥା—କରିବା, ଯିବା, ଆସିବା )—
( grammar ) A verb.

କ୍ରିୟାପର—ସଂ. ବିଣ. ପୁଂ ( ବହୁବ୍ରୀହି; କ୍ରିୟା ଅଟେ ପର ବା ଶ୍ରେଷ୍ଠ
Kriyāpara ଯାହାର )—୧ । କର୍ତ୍ତବ୍ୟପରାୟଣ; କର୍ତ୍ତବ୍ୟନିଷ୍ଠ—
( କ୍ରିୟାପରା—ସ୍ତ୍ରୀ ) 1. Dutiful.
୨ । ବୈଦିକ କର୍ମାନୁଷ୍ଠାନରେ ରତ—
2. Engaged in the performance of Vedic duties.

କ୍ରିୟାପାଦ—ସଂ. ବି.—( ସ୍ମୃତି ) ଦାବି ଦାଏର କରିବା ମକଦ୍ଦମାର
Kriyāpāda ତୃତୀୟ ପାଦ; ଦାବି ପ୍ରମାଣାର୍ଥ ଉପସ୍ଥାପିତ ପ୍ରମାଣ—
(Hindu law) The third step in litigation; evidence adduced in support of a claim.

କ୍ରିୟାବନ୍ତ—ଦେ. ବିଣ. ( ସଂ. କ୍ରିୟାବତ୍ )—ବେଦବିହିତ ଆଚାର
Kriyābanta ବା ଧର୍ମାନୁଷ୍ଠାନରେ ରତ—
Engaged in or devoted to the performance of Vedic rites or ceremonies.

କ୍ରିୟାବାଚକ—ସଂ. ବିଣ.—( ବ୍ୟାକରଣ ) ଯାହା କୌଣସି କ୍ରିୟାକୁ
Kriyābāchaka ବୁଝାଏ; କ୍ରିୟା ପ୍ରକାଶକ ବା କ୍ରିୟା ନିର୍ଦ୍ଦେଶକ—
Verbal; denoting a verb; singnifying an action.

କ୍ରିୟାବାଚକ ବିଶେଷଣ—ସଂ. ବି.—( ବ୍ୟାକରଣ ) ଯେଉଁ ବିଶେଷଣ-
Kriyābāchaka biśeshaṇa ପଦଦ୍ୱାରା କୌଣସି କ୍ରିୟାର ଅର୍ଥ ସୂଚିତ ହୁଏ ଏବଂ ଯାହା ସଙ୍ଗେ 'ହେବା' ଅର୍ଥବୋଧକ କ୍ରିୟା ପ୍ରଯୁକ୍ତ ହୋଇ କ୍ରିୟା ସୃଷ୍ଟି ହୁଏ (ଯଥା—ପୂଜିତ, ଅନୁରକ୍ତ, ଗୃହୀତ)—Verbal adjective; ( e. g. worshipped, devoted, taken etc).

କ୍ରିୟାବାଚକ ବିଶେଷ୍ୟ—ସଂ. ବି—( ବ୍ୟାକରଣ ) ଯେଉଁ ବିଶେଷ୍ୟପଦ-
Kriyābāchaka biśeshya ଦ୍ୱାରା କୌଣସି କ୍ରିୟା ବୁଝାଯାଏ ଏବଂ ବେଳେବେଳେ ଯାହା ସଙ୍ଗେ 'କରିବା' ଅର୍ଥବୋଧକ କ୍ରିୟା ଯୁକ୍ତ ହୋଇ ନୂତନ କ୍ରିୟା ସୃଷ୍ଟି ହୁଏ ( ଯଥା—ଗମନ, କରଣ, ଛେଦନ, କରିବା, ଶୋଇବା, ଦେବା ଇତ୍ୟାଦି)—(grammar)Verbal nouns; (e. g. going; doing; cutting ).

କ୍ରିୟାବାଚୀ—ସଂ. ବିଣ. ( ବ୍ୟାକରଣ )—କ୍ରିୟାବାଚକ ( ଦେଖ )
Kriyābāchī (grammar) Kriyābāchaka (See)

କ୍ରିୟାବାଦୀ—ସଂ. ବି. ( କ୍ରିୟା+ବାଦିନ୍ ୧ମା. ୧ବ. )
Kriyābādī ( ସ୍ମୃତି ) ମକଦ୍ଦମାରେ ବାଦୀ; ମୁଦେଇ—
( Hindu law ) Plaintiff; complainant.

କ୍ରିୟାବାନ୍—ସଂ. ବିଣ. ପୁଂ. ( କ୍ରିୟା+ବତ୍; ୧ମା. ୧ବ )—
Kriyābān ୧ । ଯେ ଶାସ୍ତ୍ରୋକ୍ତ ବିଧି ବା ଆଚାର ଅନୁସାରେ
( କ୍ରିୟାବତୀ—ସ୍ତ୍ରୀ ) ଚଳେ—
1. Practising rites or conduct enjoined in the Śāstras or the Bedas.
୨ । କୌଣସି କର୍ମରେ ଲାଗିଥିବା—
2. Engaged in any work.
୩ । କୌଣସି କର୍ମ କରିବାରେ ନିପୁଣ—
3. Versed in the practice of some act.

କ୍ରିୟାବିଶେଷଣ—ସଂ. ବି. ( ୬ଷ୍ଠୀ ତତ୍; କ୍ରିୟା+ବିଶେଷଣ )—
Kriyābiśeshaṇa ୧ । ( ବ୍ୟାକରଣ ) ଯେଉଁ ପଦଦ୍ୱାରା କ୍ରିୟାର ଗୁଣ ବା ଅବସ୍ଥାଦି ଜଣାପଡ଼େ ( ଯଥା—ଧୀରେ, ଚଞ୍ଚଳ, ଝଟ୍, ମିଞ୍ଜି ମିଞ୍ଜି, ବେଶିପରିମାଣରେ )—
1. Adverb.
[ ଦ୍ର—ଓଡ଼ିଆ ଭାଷାରେ ବିଶେଷ୍ୟ ପଦ ପରେ 'ରେ' ଓ ବିଶେଷଣରେ ବିଭକ୍ତି ଲାଗି ବେଳେବେଳେ କ୍ରିୟାବିଶେଷଣ ହୁଏ । ସେ ଯତ୍ନରେ ଲେଖୁଅଛି, କଷ୍ଟରେ ଶୋଇଅଛି । ଏଠାରେ 'ଯତ୍ନରେ' ଓ 'କଷ୍ଟରେ' କ୍ରିୟାବିଶେଷଣ । 'ଧୀରେ ଗଲ', 'ମନ୍ଦେ ମନ୍ଦେ ହସିଲା' ଏଠାରେ 'ଧୀରେ' ଓ 'ମନ୍ଦେ ମନ୍ଦେ' କ୍ରିୟାବିଶେଷଣ । ]

କ୍ରିୟାଶକ୍ତି—ସଂ. ବି. ( ୭ମୀ ତତ୍; କ୍ରିୟା+ଶକ୍ତି )—କର୍ମ କରିବାରେ
Kriyāśakti ସାମର୍ଥ୍ୟ ବା ସ୍ଫୂର୍ତ୍ତି—
The energy of action; activity.

କ୍ରିୟାସମଭିହାର—ସଂ. ବି. (୬ଷ୍ଠୀ ତତ୍; କ୍ରିୟା+ସମଭିହାର)—କୌଣସି
Kriyāsamabhihāra କ୍ରିୟାର ପୁନଃ ପୁନଃ କରଣ—
Repetition of an act

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଟର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଟର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

**କ୍ରିୟାସମାପ୍ତି**—ସ. ବି. ( ୬ଷ୍ଠୀ ତତ୍; କ୍ରିୟା+ସମାପ୍ତି )—କୌଣସି
Kriyāsamāpti କ୍ରିୟାର ଶେଷ ହେବା—
The accomplishment of an act.
[ କ୍ରି—କ୍ରିୟାର ସମାପ୍ତି, ଯଥା—ମୁଁ ଭାତ ଖାଇଲି; ଅସମାପ୍ତି ଯଥା—ମୁଁ ଭାତ ଖାଉଁ ଖାଉଁ (ଝଡ଼ ଆସିଲା) ]

**କ୍ରୀ ( ଧାତୁ )**—ସ. ( ମୂଳ; ଫା. ଖରଦ୍ )—୧ । କିଣିବା—
Krī ( root ) 1. To purchase; to buy.
୨ । ବଦଳରେ ଜିନିଷ ବଦଳାଇବା—
2. To barter; to exchange.
୩ । ଜିଣିବା—3. To win.
୪ । ବଶ କରିବା—
4. To bring under control; to subjugate

**କ୍ରୀଡ଼ ( ଧାତୁ )**—ସ.—୧ । ଖେଳିବା—1. To play.
Krirḍ ( root ) ୨ । ଥଟ୍ଟା କରିବା—
2. To jest; to joke.

**କ୍ରୀଡ଼**—ସ. ବି. ( କ୍ରୀଡ଼୍ ଧାତୁ=ଖେଳିବା+ଭାବ. ଅ )—
Krirḍa ୧ । ଖେଳିବା—1. Act of playing
୨ । ଖେଳ—2. Play; sport
୩ । ମଉଜ—3. Pleasure.
୪ । (+କରଣ. ଅ)—ଖେଳନା ବସ୍ତୁ—
4. Play-thing.
୫ । ଥଟ୍ଟା—5. Jest; joke.

**କ୍ରୀଡ଼କ**—ସ. ବି. ( କ୍ରୀଡ଼୍ ଧାତୁ+କର୍ତ୍ତୃ. ଅକ )—
Krirḍaka ୧ । ଖେଳାଳି; ଖେଳୁଥିବା—1. A player.
(କ୍ରୀଡ଼କା—ସ୍ତ୍ରୀ) ୨ । ଦ୍ୱାରୀ; ଦରୁଆନ—
2. A porter; door-keeper.

**କ୍ରୀଡ଼ନ**—ସ. ବି. (କ୍ରୀଡ଼୍ ଧାତୁ+ଭାବ. ଅନ)—୧ । ଖେଳିବା—
Kairḍana 1. Playing.
୨ । ଖେଳ—Play; sport.
୩ । (+କରଣ ଅନ) ଖେଳିବାର ଉପକରଣ—
3. Sporting meterials.

**କ୍ରୀଡ଼ନକ**—ସ.ବି. (କ୍ରୀଡ଼୍ ଧାତୁ+କରଣ. ଅନ+ଅକ)—କ୍ରୀଡ଼ାବସ୍ତୁ;
Krirḍanaka ଖେଳନା—A toy.
ରେ ବାୟୁ କ୍ରୀଡ଼ନକ ମୁହିଁ ତୋହର । ମଧୁସୂଦନ-କବିତା ।

**କ୍ରୀଡ଼ନୀୟ**—ସ. ବି. (କ୍ରୀଡ଼୍ ଧାତୁ+ଅନୀୟ)—କ୍ରୀଡ଼ନକ (ଦେଖ)
Krirḍaniya Krirḍanaka (See)

**କ୍ରୀଡ଼ୟକ**—ସ. ବି. (କ୍ରୀଡ଼୍ ଧାତୁ. ଣିଚ୍+ଅକ)—କ୍ରୀଡ଼ନକ (ଦେଖ)
Krirḍayaka Krirḍanaka (See)

**କ୍ରୀଡ଼ା**—ସ. ବି. (କ୍ରୀଡ଼୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—୧ । ଖେଳ—
**Krirḍā** 1. Play; sports; games.
୨ । ତମାସା; ତାମସା; ଆମୋଦପ୍ରମୋଦ—
2. Amusements; pastimes.
୩ । ଖେଳିବା—3. Act of playing.
ବାୟୁର କ୍ରୀଡ଼ା ଚଉଷଠି ପ୍ରବନ୍ଧ । ଶାରଳା. ମହାଭାରତ. ଉଦ୍‌ଯୋଗ ।
୪ । ଥଟ୍ଟା; ପରିହାସ—4. Jesting; joke.
୫ । ଅବଜ୍ଞା—5. Slight; disregard.
୬ । ଖେଳନା—6. Play-thing.
୭ । ଖେଳର ସରଞ୍ଜାମ—7. Playing meterials.
୮ । ମଲ୍ଲକ୍ରୀଡ଼ା; କସରତ୍—
8. Gymnastics; feats of strength.
୯ । ଜଳକେଳି—9. Sports in water.

**କ୍ରୀଡ଼ା କରିବା**—ଦେ. କ୍ରି. (ସ. କ୍ରୀଡ଼୍ ଧାତୁ)—ଖେଳିବା—
Krirḍā karibā To play.
क्रीड़ा करना
**क्रीड़ा करना**

**କ୍ରୀଡ଼ାକଳା**—ସ. ବି. ( ରୂପକ; କ୍ରୀଡ଼ା+କଳା )—ଖେଳିବାର ନିୟମା-
Krirḍākaḷā ବଳୀ; ବିଦ୍ୟାରୂପେ ସାଧିତ କ୍ରୀଡ଼ା—
The art of play; gymnastics.

**କ୍ରୀଡ଼ାକାନନ**—ସ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+କାନନ)—କ୍ରୀଡ଼ୋଦ୍ୟାନ
Krirḍakānana —Pleasure-garden.

**କ୍ରୀଡ଼ାକୁଶଳ**—ସ. ବଣ. ପୁଂ (୭ମୀ ତତ୍; କ୍ରୀଡ଼ା+କୁଶଳ)—
Krirḍākuśaḷa ୧ । କ୍ରୀଡ଼ାର ନିୟମାଦି ଜାଣିଥିବା—
1. Well versed in the rules of a game.
୨ । ଖେଳିବା ବିଷୟରେ ପଟୁ—2. Well-versed or proficient in the art of play; expert (player).

**କ୍ରୀଡ଼ାକୂଟ**—ସ. ବି.—କ୍ରୀଡ଼ା କରିବା ଉଦ୍ଦେଶ୍ୟ—
Krirḍākūṭa The sportive purpose.

**କ୍ରୀଡ଼ାକୌତୁକ**—ସ. ବି. (କ୍ରୀଡ଼ା+କୌତୁକ)—୧ । ଖେଳ; ପରିହାସ—
Krirḍā kautuka 1. Pastime; sport.
୨ । ନାନା ପ୍ରକାର କ୍ରୀଡ଼ା ବା ତାମସା—
2. Sports; various amusements.
୩ । ବୃଥା କୌତୂହଳ—3. Wanton curiosity.
୪ । କ୍ରୀଡ଼ାରୁ ଉତ୍ପନ୍ନ ଆମୋଦ—4. Amusement or pleasure derived from sports.
୫ । ରତିକ୍ରୀଡ଼ା—5. Sexual intercourse.
୬ । ଖେଳିବା ନିମନ୍ତେ ଆଗ୍ରହ—
6. Amusement for amusement's sake.
୭ । ବୃଥା କୌତୁକ—7. Wanton amusement.

**କ୍ରୀଡ଼ାକ୍ରମ**—ସ. ବି. ( ୬ଷ୍ଠୀ ତତ୍; କ୍ରୀଡ଼ା+କ୍ରମ )—ପରମ୍ପରାକ୍ରମେ
Krirḍākrama କ୍ରୀଡ଼ାର ଭିନ୍ନ ଭିନ୍ନ ଅଙ୍ଗ; କେଉଁ ଖେଳ ପରେ କେଉଁ ଖେଳ ହେବ ତାହାର ପଦ୍ଧତି—A programme of sports; a series of sports; different successive stages in a series of sports.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହଳନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଳ | ଶ,ସ | କ୍ଷ | ଉଷ୍ଣ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ଙ୍କ | ଗଁୟ | ଇଅ | ଡ଼ | ନ୍ତ |

**କ୍ରୀଡ଼ାକ୍ରମେ**—କ୍ରି. ବିଣ.—ଅବଲୀଳାକ୍ରମେ; ଅତି ସହଜରେ—
**Krirdākrame** Easily (doing a thing).

**କ୍ରୀଡ଼ାକ୍ଷେତ୍ର**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+କ୍ଷେତ୍ର)—
**Krirdākshetra** ୧ । ଖେଳପଡ଼ିଆ—A play-ground.
୨ । ରଙ୍ଗଭୂମି—2. A stage; theatre of action.
୩ । ମଲ୍ଲଭୂମି—3. Arena; wrestling ground.

**କ୍ରୀଡ଼ାଗାର**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+ଅଗାର)—୧ । ଖେଳଘର;
**Krirdāgāra** ଯେଉଁ ଘରେ ଲୋକେ ଖେଳନ୍ତି; ଆଖଡ଼ା—Gymnasium.
୨ । ପିଲାମାନେ ଧୂଳିରେ ଖେଳିବା ବେଳେ ଯେଉଁ ଘର କରନ୍ତି; ଧୂଳିଘର—2. Doll-house.

**କ୍ରୀଡ଼ାଗୃହ**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+ଗୃହ)—
**Krirdāgruha** କ୍ରୀଡ଼ାଗାର (ଦେଖ)
**Krirdāgāra** (See)

**କ୍ରୀଡ଼ାଚଟୁ**—ସଂ. ବି.—ବାଦୁଡ଼ି—
**Krirdāchatu** Bat.

**କ୍ରୀଡ଼ାନାରୀ**—ସଂ ବି. ସ୍ତ୍ରୀ. (ମ. ପ. ଲୋ. କ୍ରୀଡ଼ା+ନାରୀ)—ବେଶ୍ୟା—
**Krirdānāri** Prostitute; harlot.

**କ୍ରୀଡ଼ାନିରତ**—ସଂ. ବିଣ. ପୁଂ. (୭ମୀ ତତ୍; କ୍ରୀଡ଼ା+ନିରତ)—
**Krirdānirata** ୧ । କ୍ରୀଡ଼ାରେ ସର୍ବଦା ରତ—
(କ୍ରୀଡ଼ାନିରତା—ସ୍ତ୍ରୀ) 1. Addicted to sports; gamesome; playful.
୨ । ଖେଳରେ ଲାଗିଥିବା; ଖେଳୁଥିବା—
2 Engaged in sports.

**କ୍ରୀଡ଼ାପର୍ବତ**—ସଂ. ବି. (ମ. ପ. ଲୋ. କ୍ରୀଡ଼ାର୍ଥ ବ୍ୟବହୃତ ପର୍ବତ)—
**Krirdāparbata** ୧ । ଯେଉଁ ପର୍ବତରେ ସୁଖଭୋଗାର୍ଥ ବିହାର କରାଯାଏ—1. A mountain where a person roves for pleasure.
୨ । ବିହାରାର୍ଥ ପ୍ରସ୍ତୁତ କୃତ୍ରିମ ପର୍ବତ—
2. An artificial hill constructed to be used as a resort for pleasure.

**କ୍ରୀଡ଼ାପୁତ୍ତଳ**—ସଂ. ବି. (ମ. ପ. ଲୋ. କ୍ରୀଡ଼ା+ପୁତ୍ତଳ)—
**Krirdāputtali** ୧ । ଖେଳ କଣ୍ଢେଇ—1 Dolls.
୨ । (ଲକ୍ଷଣାର୍ଥ) ପରବୁଦ୍ଧିରେ ଚାଳିତ ବ୍ୟକ୍ତି—
2. (figurative) A person guided by the a dvice of another; a puppet.
(ଯଥା—ରାଜା ମନ୍ତ୍ରୀଙ୍କ ହସ୍ତର କ୍ରୀଡ଼ାପୁତ୍ତଳ ହୋଇଅଛନ୍ତି ।)

**କ୍ରୀଡ଼ାପୁତ୍ତଳିକା**—ସଂ. ବି. (କ୍ରୀଡ଼ା+ପୁତ୍ତଳିକା)—
**Krirdāputtalikā** କ୍ରୀଡ଼ାପୁତ୍ତଳ (ଦେଖ)
**Krirdāputtali** (See)

**କ୍ରୀଡ଼ାପୁତ୍ତଳୀ**—ସଂ. ବି. (କ୍ରୀଡ଼ା+ପୁତ୍ତଳୀ)—
**Krirdāputtali** କ୍ରୀଡ଼ାପୁତ୍ତଳ (ଦେଖ)
**Krirdāputtali** (See)

**କ୍ରୀଡ଼ାବସର**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+ଅବସର)—
**Krirdābasara** ୧ । କ୍ରୀଡ଼ା କରିବା ନିମନ୍ତେ ଛାତ୍ରାଦିଙ୍କୁ ଦିଆଯିବା ଅବସର; ଖେଳଛୁଟି—1 Leisure; holiday; time allowed for recreation after strenuous work.
୨ । କ୍ରୀଡ଼ା ମଧ୍ୟରେ ଘଟିବା ବିରାମ—
2. Interval in the midst of sports.
୩ । କ୍ରୀଡ଼ାର ଶେଷ—3 The finish of a game.

**କ୍ରୀଡ଼ାବାନ୍**—ସଂ. ବିଣ. ପୁଂ. (କ୍ରୀଡ଼ା+ବତ୍. ୧ମା. ୧ବ.)—
**Krirdābān** କ୍ରୀଡ଼ାନିରତ (ଦେଖ)
(କ୍ରୀଡ଼ାବତୀ—ସ୍ତ୍ରୀ) **Krirdānirata** (See)

**କ୍ରୀଡ଼ାବିତ୍**—ସଂ. ବିଣ. ପୁଂ. (କ୍ରୀଡ଼ା+ବିଦ୍ ଧାତୁ+କ୍ୱିପ୍. ୧ମା. ୧ବ.)-
**Krirdābit** କ୍ରୀଡ଼ାକୁଶଳ (ଦେଖ)
**Krirdākuśala** (See)

**କ୍ରୀଡ଼ାବିଦ୍ୟା**—ସଂ. ବି. (ରୂପକ; କ୍ରୀଡ଼ା+ବିଦ୍ୟା)—
**Krirdābidyā** କ୍ରୀଡ଼ାକଳା (ଦେଖ)
**Krirdākalā** (See)

**କ୍ରୀଡ଼ାବିଶାରଦ**—ସଂ. ବିଣ. ପୁଂ (୭ମୀ ତତ୍; କ୍ରୀଡ଼ା+ବିଶାରଦ)—
**Krirdābiśārada** କ୍ରୀଡ଼ାକୁଶଳ (ଦେଖ)
(କ୍ରୀଡ଼ାବିଶାରଦା—ସ୍ତ୍ରୀ) **Krirdākuśala** (See)

**କ୍ରୀଡ଼ାବେଶ୍ମ**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+ବେଶ୍ମ)—
**Krirdābeśma** କ୍ରୀଡ଼ାଗାର (ଦେଖ)
**Krirdāgāra** (See)

**କ୍ରୀଡ଼ାଭୂମି**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+ଭୂମି)—କ୍ରୀଡ଼ାକ୍ଷେତ୍ର (ଦେଖ)
**Krirdābhūmi** **Krirdākshetra** (See)

**କ୍ରୀଡ଼ାମନ୍ଦିର**—ସଂ. ବି. (୬ଷ୍ଠୀ ତତ୍; କ୍ରୀଡ଼ା+ମନ୍ଦିର)—
**Krirdāmandira** କ୍ରୀଡ଼ାଗାର (ଦେଖ)
**Krirdāgāra** (See)

**କ୍ରୀଡ଼ାମୟୂର**—ସଂ. ବି. (ମ. ପ. ଲୋ. କ୍ରୀଡ଼ା+ମୟୂର)—
**Krirdāmayūra** ୧ । ଖେଳିବା ନିମନ୍ତେ ନିର୍ମିତ ମୟୂରର ମୂର୍ତ୍ତି—
1. A toy-peacock.
୨ । କୌତୁକାର୍ଥ ପାଳିତ ମୟୂର—
2. A peacock kept for pleasure.
[ଦ୍ର—ଏହିପରି କ୍ରୀଡ଼ାମୃଗ, କ୍ରୀଡ଼ାଶୁକ ଆଦି ଶବ୍ଦ ହୁଏ ।]

**କ୍ରୀଡ଼ାମୃଗ**—ଦେ. ବି—ପୋଷାଜୀବ—
**Krirdāmruga** Tame or domesticated creature.

ଯେ କ୍ରୀଡ଼ାମୃଗ ଜୀବ ପ୍ରାୟ
ତା ବଳେ ଧର୍ମ ବଳ କ୍ଷୟ । ଜଗନ୍ନାଥ. ଭାଗବତ ।

ସାଧାରଣ — ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରତ୍ୟେକ ଲେଖା ହୋଇଅଛି, ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସେହି ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଦୃଷ' ନ ମିଳିଲେ 'ବୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ସଂ. ବି— ୧। ଖେଳିବା ପାଇଁ ନିର୍ମିତ ମୃଗ ମୂର୍ତ୍ତି—
1. A toy-deer.
୨। କୌତୁକାର୍ଥ ପାଳିତ ମୃଗ—
2. A deer kept for pleasure.

**କ୍ରୀଡ଼ାରତ**—ସଂ. ବିଣ. ( ୭ମୀ ତତ୍; କ୍ରୀଡ଼ା+ରତ )—
Krirdārata — କ୍ରୀଡ଼ା ନିରତ ( ଦେଖ )
Krirdānirata ( See )

**କ୍ରୀଡ଼ାରତ୍ନ**—ସଂ. ବି. ( ୭ମୀ ତତ୍; କ୍ରୀଡ଼ା ମଧ୍ୟରେ ରତ୍ନ ବା ଶ୍ରେଷ୍ଠ )—
Krirdāratna — ରତିକ୍ରୀଡ଼ା—Copulation.

**କ୍ରୀଡ଼ାରାମ**—ସଂ. ବି. ( ମ. ପ. ଲୋ. କ୍ରୀଡ଼ା+ଆରାମ )—
Krirdārāma — କ୍ରୀଡ଼ୋଦ୍ୟାନ ( ଦେଖ )
Krirdodyāna ( See )

**କ୍ରୀଡ଼ାଶୈଳ**—ସଂ. ବି—ଯେଉଁ ପର୍ବତରେ ସୁଖଭୋଗାର୍ଥ ବିହାର କରା-
Krirdāsaila — ଯାଏ—A mountain where a person roves for pleasure.

**କ୍ରୀଡ଼ିବା**—ଦେ. ( ପଦ୍ୟ ) କ୍ରି. ( ସଂ. କ୍ରୀଡ଼୍ ଧାତୁ )—ଖେଳିବା—
Krirdibā — To play.
ମାଳ ମାଳ ହୋଇ ଜଳ ଦେହେ ଯାଇ
ରାଜହଂସେ କ୍ରୀଡ଼ୁଥାନ୍ତି। ଜଗନ୍ନାଥ. ଯଯାତି।

**କ୍ରୀଡ଼ୋଦ୍ଦେଶ**—ସଂ. ବି. ( ୬ଷ୍ଠୀ ତତ୍; କ୍ରୀଡ଼ା+ଉଦ୍ଦେଶ )—
Krirdoddesa — ଖେଳସ୍ଥାନ; ଖେଳପଡ଼ିଆ—Play-ground.

**କ୍ରୀଡ଼ୋଦ୍ୟାନ**—ସଂ. ବି. ( ମ. ପ. ଲୋ; କ୍ରୀଡ଼ା+ଉଦ୍ୟାନ )—
Krirdodyāna — ମନୋରଞ୍ଜନ ନିମନ୍ତେ ପ୍ରସ୍ତୁତ ବା ସଜ୍ଜିତ ଉପବନ; ଖୁସ୍‌ବାଗାନ୍—
Pleasure-garden; park.

**କ୍ରୀତ**—ସଂ. ବିଣ. ( କ୍ରୀ ଧାତୁ=କିଣିବା+କର୍ମ. ତ )—
Krita — ୧। କିଣା ଯାଇଥିବା—
1. Purchased.
୨। ବଶୀଭୂତ—
9. Brought under control.

**କ୍ରୀତକ**—ସଂ. ବିଣ. ( କ୍ରୀତ+କ )—
Kritaka — କ୍ରୟଦ୍ୱାରା ପ୍ରାପ୍ତ—
Got by purchase.
ସଂ. ବି—କ୍ରୀତ ପୁତ୍ର—
A son affiliated to a person by purchase from his father.

**କ୍ରୀତଦାସ**—ସଂ. ବି. ପୁଂ. ( କର୍ମଧା; କ୍ରୀତ+ଦାସ )—
Kritadāsa — କିଣାଜନ; ଗୋଲାମ—
(କ୍ରୀତଦାସୀ—ସ୍ତ୍ରୀ) — A slave; a servant purchased by his master as a chattel.

[ ଦ୍ର—ପୂର୍ବେ କ୍ରୀତଦାସ ପ୍ରଥା ବିଶେଷ ଭାବରେ ପ୍ରଚଳିତ ଥିଲା। ଲୋକେ ମନୁଷ୍ୟମାନଙ୍କୁ ପଶୁ ଭଳି ଧରି ନେଇ ରାଜା ଓ ବଡ଼ଲୋକମାନଙ୍କୁ ବିକି ଦେଉଥିଲେ। ସେହି କିଣା ଲୋକମାନେ ଚିରକାଳ କ୍ରେତାଙ୍କର କିଙ୍କର ହୋଇ ରହୁଥିଲେ। ଆଜକାଲି ହାଟରେ ବଜାରରେ ଗୋରୁ ଛେଳି ଯେପରି କିଣାବିକା ହେଉଅଛନ୍ତି, ପୂର୍ବେ ଧରା ହୋଇଥିବା ମନୁଷ୍ୟମାନେ ଏହିପରି ବିକିଣୀତ ହେଉଥିଲେ। ମନୁଷ୍ୟମାନେ ମଧ୍ୟ ଅର୍ଥାଭାବରେ ପଡ଼ି ଆପଣାକୁ ଓ ଆପଣାର ସ୍ତ୍ରୀ, ପୁତ୍ର, କନ୍ୟାଙ୍କୁ ଅନ୍ୟ ବ୍ୟକ୍ତିଙ୍କୁ ବିକି ଦେଉଥିଲେ। ଉକ୍ତ କ୍ରୀତଦାସଙ୍କ ଉପରେ କିଣିବା ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ସ୍ୱାମିତ୍ୱ ପ୍ରବର୍ତ୍ତିଥିଲା। ଏ ପ୍ରଥା ହିନ୍ଦୁ, ମୁସଲମାନ୍ ଓ ଖ୍ରୀଷ୍ଟାନ୍ ସମସ୍ତଙ୍କ ମଧ୍ୟରେ ପ୍ରଚଳିତ ଥିଲା। ପାଶ୍ଚାତ୍ୟ ସଭ୍ୟତାର ବୃଦ୍ଧି ସଙ୍ଗେ ସଙ୍ଗେ ଏ ପ୍ରଥା କ୍ରମଶଃ ଲୋପ ପାଉଅଛି। ସୁନ୍ଦରୀ ଯୁବତୀମାନଙ୍କୁ କ୍ରୟଦ୍ୱାରା ସ୍ତ୍ରୀ ରୂପେ ରଖୁଥିଲେ। ବଡ଼ଲୋକମାନେ ପୁରୁଷମାନଙ୍କୁ ଖୋଜା ( ମୁଷ୍କଛେଦନ ) କରି ଆପଣାର ଅନ୍ତଃପୁରରେ ପ୍ରହରୀରୂପେ ରଖୁଥିଲେ। ଦାସଦାସୀଙ୍କଠାରୁ ଜନ୍ମିବା ପିଲା ମଧ୍ୟ ପିତାମାତାଙ୍କ ପ୍ରଭୁଙ୍କର ସମ୍ପତ୍ତିରୂପେ ଗଣ୍ୟ ହେଉଥିଲେ। ଏ କଦର୍ଯ୍ୟ ପ୍ରଥା ଉଠାଇବା ବିଷୟରେ ଇଂରେଜ ଜାତି ବିଶେଷ ଚେଷ୍ଟା କରି ଆଫ୍ରିକା, ଆମେରିକା ବ୍ରହ୍ମଦେଶ ଓ ନେପାଳରୁ ଏ ପ୍ରଥା ଉଠାଇ ଅଛନ୍ତି। ଅବଶ୍ୟ ଭାରତର କେତେକ ଅଞ୍ଚଳରୁ ଓ ବିଶେଷତଃ ଗଡ଼ଜାତର ରାଜପରିବାରମାନଙ୍କରୁ ଏ ପ୍ରଥା ସମ୍ପୂର୍ଣ୍ଣ ରୂପେ ଉନ୍ମୂଳିତ ହୋଇ ନାହିଁ। ]

**କ୍ରୀତପୁତ୍ର**—ସଂ. ବି. ପୁଂ. ( କର୍ମଧା; କ୍ରୀତ+ପୁତ୍ର )—
Kritaputra — ପିଲାର ବାପ ମାଆଙ୍କୁ କିଛି ଧନ ଦେଇ ଆଣି ଶିଶୁ-
(କ୍ରୀତପୁତ୍ରୀ—ସ୍ତ୍ରୀ) — କାଳରୁ ଆପଣାର ପୁଅ ପରି ପାଳିଥିବା ପୁତ୍ର—
An adopted son brought up from childhood by the adopter after paying some consideration to his parents.

[ ଦ୍ର—ଏ ଶ୍ରେଣୀର ପୁତ୍ର ହିନ୍ଦୁସ୍ମୃତିବର୍ଣ୍ଣିତ ବାର ଶ୍ରେଣୀର ପୁତ୍ର ମଧ୍ୟରୁ ଏକତମ। ]

**କ୍ରୀତପୁତ୍ରକ**—ସଂ. ବି. ପୁଂ. ( କ୍ରୀତପୁତ୍ର+ସ୍ୱାର୍ଥେ. କ )—
Kritaputraka — କ୍ରୀତପୁତ୍ର ( ଦେଖ )
(କ୍ରୀତପୁତ୍ରିକା—ସ୍ତ୍ରୀ) — Kritaputra ( See )

**କ୍ରୀତାନୁଶୟ**—ସଂ. ବି.—( ହିନ୍ଦୁସ୍ମୃତି ) କିଣିଥିବା ପଦାର୍ଥକୁ କେତେକ
Kritānusaya — ଆଇନ୍‌ସଙ୍ଗତ କାରଣରୁ ବିକ୍ରେତାଙ୍କୁ ଫେରାଇ ଦେବା; ଆଇନସଙ୍ଗତ କାରଣରୁ କିଣିବା ରଦ୍ କରିବା—
( Hindu law ) The recision of a sale; the return of a purchased article to the seller on account of some legal flaw; the legal nullification of a sale-transaction.

**କ୍ରୁଜର୍**—ବୈଦେ. ବି. ( ଇଂ. କ୍ରୁଇଜର୍ )—
Krujar — ଏକ ପ୍ରକାର ଛୋଟ ଯୁଦ୍ଧଜାହାଜ; ଯେଉଁ ଛୋଟ ଯୁଦ୍ଧ-
क्रूज़र — ଜାହାଜ ଶତ୍ରୁପକ୍ଷୀୟ ଜାହାଜ ନିକଟବର୍ତ୍ତୀ କୌଣସି
ক্রুজার — ସ୍ଥାନରେ ଅଛି କି ନାହିଁ ଏହା ଅନୁସନ୍ଧାନ କରି ସମୁଦ୍ରରେ ଘୂରି ବୁଲୁଥାଏ—A cruiser.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଁ | ଇଅ | ୩ | ନ୍ |

କୃଞ୍ଚ୍ (ଧାତୁ)—ସ—୧ । ବକ୍ର କରିବା—
Kruñch (root) 1. To bend; to make croocked.
୨ । ବକ୍ର ହେବା—
2. To become crooked.
୩ । କମିଯିବା—3. To shrink.
୪ । କମାଇବା—4 To lessen.
୫ । ନିକଟକୁ ଗମନ କରିବା—
5. To approach; to go up to.

କୃଞ୍ଚ—ସ. ବି. (କୃଞ୍ଚ୍ ଧାତୁ=ବକ୍ର ହେବା+କର୍ତ୍ତୃ. ଅ; ଏହା ଶରୀରର
Kruñcha ଆକାର ବଙ୍କା ଥିବାରୁ)—୧ । କାଣ୍ଡିବଗ—
1. Heron.
୨ । ହଂସ—2. A swan.

କୃଡ଼ (ଧାତୁ)—ସ.—୧ । ବୁଡ଼ିଯିବା—1. To sink; to dive.
Krurda (root) ୨ । ଘନ ହେବା—
2. To become thick; to coagulate.

କୃଥ (ଧାତୁ)—ସ.—ହତ୍ୟା କରିବା—
Krutha (root) To murder; to kill.

କୃଦ୍ଧ—ସ. ବିଣ. ପୁଂ (କ୍ରୁଧ ଧାତୁ=ରାଗିବା+କର୍ତ୍ତୃ. ତ)—କୁପିତ;
Kruddha ରୁଷ୍ଟ; ରାଗଯୁକ୍ତ; ରାଗାନ୍ୱିତ—
(କ୍ରୁଦ୍ଧା—ସ୍ତ୍ରୀ) Enraged; angry.
ସ. ବି. (କ୍ରୁଧ ଧାତୁ+ଭାବ. ତ)—କ୍ରୋଧ; ରାଗ—
Anger; rage.

କୃଧ (ଧାତୁ)—ସ.—କୌଣସି ବ୍ୟକ୍ତି ଉପରେ ରାଗିବା—
Krudha (root) To be angry (with a person).

କୃନ୍ଥ (ଧାତୁ)—ସ. ୧ । ଆଲିଙ୍ଗନ କରିବା—
Kruntha (root) To embrace.
୨ । କଷ୍ଟ ବୋଧ କରିବା—
2. To be distressed; to suffer pain.

କୃଶ (ଧାତୁ)—ସ.—୧ । କାନ୍ଦିବା—
Krusa (root) 1. To cry.
୨ । ଚିତ୍କାର କରି କାନ୍ଦିବା—
2. To lament; to bewail.
୩ । ଚିତ୍କାର କରିବା—3. To cry out.

କୃଷି—ଗ୍ରା. ବି.—କୃଷି (ଦେଖ)
Krushi Krushi (See)
[ ଦ୍ର—'ଋ' ଅକ୍ଷରର ଉଚ୍ଚାରଣ ଓଡ଼ିଆରେ 'ରୁ' ପରି ହେବାରୁ, ଅଶିକ୍ଷିତ ଲୋକେ ଲେଖାରେ 'ଋ' ସ୍ଥାନରେ ରୁ ଓ ରୁ ସ୍ଥାନରେ ଋ ବ୍ୟବହାର କରନ୍ତି । ]

କୃଷ୍ଟାଁ—ଦେ. ବି. (ସ. କୃଷ୍ଣର ଅଶୁଦ୍ଧ ଉଚ୍ଚାରଣ)—କୃଷ୍ଣ—
Krushtañ Krushna

କୃଶ—ବୈଦେ. (ଇଂ) ବି. (ଇଂ. କ୍ରୁସ୍; ଲା. କ୍ରୁସ୍)—କ୍ରସ୍ ୧ (ଦେଖ)
Krusa Kras 1. (See)

କ୍ରୂର—ସ. ବିଣ. ପୁଂ. (କୃତ୍ ଧାତୁ=ଚ୍ଛେଦନ କରିବା+କର୍ତ୍ତୃ. ର;
Kaūra କୃତ୍ ସ୍ଥାନରେ କ୍ରୂ ଆଦେଶ)—୧ । ନିଷ୍ଠୁର; ନୃଶଂସ—
(କ୍ରୂରା—ସ୍ତ୍ରୀ) 1. Cruel; harsh.
୨ । ଖଳ; ଦୁଷ୍ଟ—2. Wicked.
୩ । କଠୋରହୃଦୟ; ନିର୍ଦ୍ଦୟ—
3. Unkind; unfeeling; hard-hearted.
୪ । କର୍ଣ୍ଣକଟୁ—4. Harsh.
୫ । ଅନିଷ୍ଟକାରକ—5. Mischievous.
୬ । ଭୀଷଣ—6. Fierce; terrible; horrible.
୭ । କଞ୍ଚା—7. Raw.
୮ । ଅଶୁଭ—8. Inauspicious; portentious.
୯ । କଠିନ; ଟାଣୁଆ—9 Hard; solid.
ସ. ବି.—୧ । ଭାତ—1. Boiled rice.
୨ । ଛଞ୍ଚାଣ—2. Hawk.
୩ । ବଗ—3. Pond-heron.
୪ । ଶନିଗ୍ରହ—4. Saturn.
୫ । ରାହୁ—5. The ascending node.
୬ । କ୍ଷତ—6. Wound.
୭ । ହତ୍ୟା—7. Slaughter.
୮ । ନିଷ୍ଠୁର କର୍ମ—8. Horrible or cruel act.

କ୍ରୂରକର୍ମା—ସ. ବିଣ. ପୁଂ. (ବହୁବ୍ରୀହି; କ୍ରୂର+କର୍ମନ୍; ୧ମା. ୧ବ.)—
Krūrakarmā ୧ । ନିଷ୍ଠୁର କାର୍ଯ୍ୟକାରୀ—
1. Doing deeds of cruelty.
କ୍ରୂରକର୍ମା ହୋଇ ଜଗତେ ହେବ ବିଖ୍ୟାତ ।
କୃଷ୍ଣସିଂହ ମହାଭାରତ ବନ ।
୨ । ସ୍ୱଭାବତଃ ନିର୍ଦ୍ଦୟ—
2. Unrelenting; cruel by nature.

କ୍ରୂରକୋଷ୍ଠ—ସ. ବିଣ. ପୁଂ. (ବହୁବ୍ରୀହି)—ଯାହାର କୋଷ୍ଠବଦ୍ଧ ହୁଏ—
Krūrakoshtha Having costive bowels; suffering from systematic constipation.

କ୍ରୂରଗନ୍ଧ—ସ. ବି. ପୁଂ. (ବହୁବ୍ରୀହି; କ୍ରୂର+ଗନ୍ଧ)—ଗନ୍ଧକ—
Krūragandha Sulpher.

କ୍ରୂରତା—ସ. ବି. (କ୍ରୂର+ଭାବ. ତା)—୧ । ନିଷ୍ଠୁରତା—
Krūratā 1. Cruelty.
୨ । ନିର୍ଦ୍ଦୟତା—2. Unkindness.
୩ । କଠୋରତା—3. Harshness.

କ୍ରୂରଦୃକ୍—ସ. ବି. (କ୍ରୂର+ଦୃଶ୍ ଧାତୁ+କ୍ୱିପ୍; ୧ମା. ୧ବ.)—
Krūradruk ୧ । ମଙ୍ଗଳଗ୍ରହ—
1. The planet Mars (Apte).
୨ । ଶନିଗ୍ରହ—2. The planet Saturn.
[ ଦ୍ର—ଫଳିତ ଜ୍ୟୋତିଷ ମତରେ ମଙ୍ଗଳ ଓ ଶନି ଗ୍ରହର ଦୃଷ୍ଟି ମନ୍ଦ ଅଟେ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଲଙ୍କାର୍ ଦେଖିବେ

**କ୍ରୂରରାବୀ**—ସଂ. ବିଣ. ପୁଂ. (କ୍ରୂର+ରାବ+ଇନ୍; ୧ମା. ୧ବ.)—
Krūrarābī ଯେ କଠୋର ଶବ୍ଦ କରେ—
(କ୍ରୂରରାବିଣୀ—ସ୍ତ୍ରୀ) Making a harsh sound.
ସଂ. ବି.—କୁଆ—Crow.

**କ୍ରୂରଲୋଚନ**—ସଂ. ବି. ପୁଂ (ବହୁବ୍ରୀହି; କ୍ରୂର+ଲୋଚନ)—
Krūralochana କ୍ରୂରଦୃକ୍ (ଦେଖ)
(କ୍ରୂରଲୋଚନା—ସ୍ତ୍ରୀ) Krūradṛuk (See)

**କ୍ରେଣି**—ସଂ. ବି. (କ୍ରୀ ଧାତୁ+ଭାବ. ଣି)—କିଣିବା; କ୍ରୟ—
Kreṇi Buying; purchasing.

**କ୍ରେଣୀ**—ସଂ. ବି. (କ୍ରୀ ଧାତୁ+ଣି+ଈ)—କ୍ରେଣି (ଦେଖ)
Kreṇī Kreṇi (See)

**କ୍ରେତବ୍ୟ**—ସଂ. ବିଣ. (କ୍ରୀ ଧାତୁ=କିଣିବା+କର୍ମ. ତବ୍ୟ)—
Kretabya କ୍ରେୟ; କିଣିବାର ଯୋଗ୍ୟ—Fit to be purchased; worth buying; purchasable.

**କ୍ରେତା**—ସଂ. ବିଣ. ପୁଂ. (କ୍ରୀ ଧାତୁ=କିଣିବା+କର୍ତ୍ତୃ. ତୃ; ୧ମା
Kretā ୧ବ.)—ଖରିଦ୍‌ଦାର; ମୂଲ୍ୟଦାତା—
(କ୍ରେତ୍ରୀ—ସ୍ତ୍ରୀ) Buyer; purchaser.

**କ୍ରେୟ**—ସଂ. ବିଣ. (କ୍ରୀ ଧାତୁ=କିଣିବା+କର୍ମ. ଯ)—
Kreya ୧ । ଖରିଦ୍ କରାଯିବାର ଯୋଗ୍ୟ—
1. Purchasable.
୨ । ଯାହା ଖରିଦ କରିବାକୁ ମିଳେ—
2. Available for purchase.
୩ । ଶସ୍ତା—3. Cheap; not dear; available for a low price.

**କ୍ରୋକ୍** (ଇତ୍ୟାଦି)—ବୈଦେ. ବି—କୋରଖ ଇତ୍ୟାଦି (ଦେଖ)
Krok (etc) Korakha etc (See)

**କ୍ରୋଞ୍ଚ**—ସଂ. ବି. (କ୍ରୁଞ୍ଚ ଧାତୁ+ଅ)—କ୍ରୌଞ୍ଚ ପର୍ବତ (ଦେଖ)
Kroñcha Krauñcha parbata (See)

**କ୍ରୋଟ**—ଦେ. ବି. (ସଂ. କୋଟର; କ୍ରୋଡ଼)—କୋଟର (ଦେଖ)
Kroṭa Koṭara (See)

**କ୍ରୋଟନ୍**—ବୈଦେ.ବି. (ଇଂ)—(ଏହା ଆମ ଦେଶର ସିଦ୍ଧ ଜାତୀୟ ଗୁଳ୍ମ)-
Kroṭan ନାନାବର୍ଣ୍ଣ ଓ ଆକାରର ବିଚିତ୍ର ପତ୍ରଯୁକ୍ତ ଗୁଳ୍ମ—
କ୍ରୋଟନ୍ Croton.
**क्रोटन** [ଦ୍ର—ନାନା ଜାତିର ନାନା ବର୍ଣ୍ଣ ପତ୍ରବିଶିଷ୍ଟ କ୍ରୋଟନ୍ ଗଛ ଅଛି । ବଡ଼ ଲୋକେ ସଉକରେ ଏ ଗଛମାନଙ୍କୁ ବଗିଚାରେ ଲଗାନ୍ତି । ଏହାର ଡାଳ ପୋତିଲେ ସେହି ଡାଳରୁ ଗଛ ହୁଏ । ଏ ଗଛର ମୂଳରେ ପାଣିଜମି ରହିଲେ ଗଛ ମରିଯାଏ । ଏଥିରେ ଛୋଟ ଛୋଟ ଫୁଲକେଣ୍ଡା ଧରେ; କିନ୍ତୁ ଫଳ ଫଳେ ନାହିଁ । ଗ୍ରୀଷ୍ମପ୍ରଧାନ ମାଲକ୍କା ଆଦି ଦ୍ୱୀପପୁଞ୍ଜରେ ଏ ଗଛ ପ୍ରଚୁର ପରିମାଣରେ ହୁଏ । ଏହି ଗଛମାନ ସେହି ସବୁ ଅଞ୍ଚଳରୁ ପୂର୍ବେ ଏ ଦେଶକୁ ଆମଦାନି ହୋଇଥିଲା ।]

**କ୍ରୋଡ଼**—ସଂ. ବି. (କ୍ରୁଡ଼ ଧାତୁ=ଘନ ହେବା+ସଂଜ୍ଞାର୍ଥେ. ଅ)—
Krorḍa ୧ । ଉତ୍ସଙ୍ଗ; କୋଳ; ଦୁଇ ଜଙ୍ଘର ମଧ୍ୟବର୍ତ୍ତୀ ସ୍ଥାନ; ଅଙ୍କ—1. The lap.
୨ । ଛାତି; ବକ୍ଷସ୍ଥଳ—2. The chest; breast; bosom.
୩ । କୋରଡ଼; ବୃକ୍ଷକୋଟର—
3. The hollow of a tree.
କଷ୍ଟଲେ କ୍ରୋଡ଼େ ଲୁଚିଲେ ଝଙ୍କିତରେ
ନ ମୁଷ୍ଟିଲେ କଟା ଭୟ ଛୁଟ । ଉକ୍ତ. ବୈଦେହୀଶବିଳାସ ।
୪ । ଶନିଗ୍ରହ—4. Saturn (planet)
୫ । ଘୁଷୁରି—5. Hog; pig.
୬ । କୌଣସି ବସ୍ତୁର ମଧ୍ୟଭାଗ—
6. The middle part of any thing.
୭ । କୌଣସି ବସ୍ତୁର ଅନ୍ତଃସ୍ଥଳ—
7. Interior or inside of any thing.
୮ । ଘୋଡ଼ାର ଛାତି—
8. The breast of a horse. (Apté).
୯ । ଗୁହା—9. Cavity.
୧୦ । ଗର୍ତ୍ତ—10. A hole; den; pit.

କ୍ରୋଡ଼ ଗ୍ରା. ବି. (ସଂ. କୋଟି)—୧୦୦ ଲକ୍ଷ; ଏକ କୋଟି—
**करोड** Ten millions.

**କ୍ରୋଡ଼ପତି**—ଦେ. ବି. (ସଂ. କୋଟିପତି)—ଯାହା ପାଖରେ ଏକ କୋଟି
Krorḍapati ଟଙ୍କା ଅଛି; କୋଟିପତି; ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ;
କ୍ରୋଡ଼ପତି ଗଚ୍ଛିତ ବହୁଧନର ସ୍ୱାମୀ—Millionaire.
**करोड़पति**
ଜଣେ ଶୁଣୀ ବିଳାପ କରି କହୁଥିଲା, ମୋହଣୀଲ ଭୁଛା ବୋଇଲ ବଡ କ୍ରୋଡ଼ପତି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**କ୍ରୋଡ଼ପତ୍ର**—ସଂ. ବି. (ମଧ୍ୟପଦଲୋପୀ; କ୍ରୋଡ଼ ବା ମଧ୍ୟରେ ଥିବା ପତ୍ର;
Krorḍapatra କ୍ରୋଡ଼+ପତ୍ର—୧ । ଅତିରିକ୍ତ ପତ୍ରିକା; ଖବର-
କ୍ରୋଡ଼ପତ୍ର କାଗଜରେ ଦିଆଯିବା ଅଧିକା ବିଷୟ ଲେଖାଥିବା
**तितिम्मा** ପୃଷ୍ଠା; କୌଣସି ପତ୍ରିକାରେ ସାଧାରଣ ବିଷୟ ଛଡ଼ା ଅଧିକା ବିଷୟ ଥାଇ ଉକ୍ତ ପତ୍ରିକା ସଙ୍ଗେ ଯୋଗ କରାଯାଇଥିବା ଅଧିକା ପତ୍ର—1. A supplement to a newspaper.
୨ । (ଭୁଲ. ଇଂ. କୋଡସିଲ୍) ପ୍ରଥମେ ସମ୍ପାଦିତ ହୋଇଥିବା ଉଇଲ୍‌ର ସଂଶୋଧନ-ପତ୍ର—
2. Codicil to a will.
୩ । ପୁସ୍ତକର ଶେଷରେ ବା ଗ୍ରନ୍ଥ ସମାପ୍ତ ହେବା ପରେ ପୁସ୍ତକଗତ ବିଷୟ ସଙ୍ଗେ ସମ୍ବନ୍ଧଥିବା ଅଧିକା ବିଷୟ ଲେଖା ହୋଇ ଯୋଗ କରାଯିବା ପୃଷ୍ଠାମାନ—
3. Appendix; addendum to a book.
୪ । କୌଣସି ଲେଖାର କଡ଼ରେ ଲେଖା ହୋଇଥିବା ବିଷୟ—
4. Marginal writing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ପୃ | ଡ଼ଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ● | ନ୍ତୃ |

୫ । କୌଣସି ପତ୍ର ଲେଖା ସରିବା ପରେ ପୁନଶ୍ଚ ଶେଷରେ ଯାହା ଲେଖି ଯୋଗ କରାଯାଏ—
5 Postscript to a letter.

**କ୍ରୋଡ଼ପାଦ**—ସଂ. ବି. ( ବହୁବ୍ରୀହି; କ୍ରୋଡ଼ + ପାଦ )—କଚ୍ଛପ—
Krorḏapāda Tortoise.

**କ୍ରୋଡ଼ସ୍ଥ**—ସଂ.ବିଣ. (କ୍ରୋଡ଼ + ସ୍ଥା ଧାତୁ+ଅ)—୧ । କୋଡ଼ରେ ଥିବା—
Krorḏastha 1. In the lap.
୨ । କୋଡ଼ର; ଅବଧି ମାତୃକୋଳ ଛାଡ଼ି ନ ଥିବା (ଶିଶୁ)—
2. Still carried in the mother's arms; very young (infant).
୩ । କୌଣସି ବସ୍ତୁର ଭିତରେ ଥିବା—
3. Situated inside a thing ( Apte ).

**କ୍ରୋଡ଼ା**—ସଂ. ବି—କ୍ରୋଡ଼ ( ଦେଖ )
Krorḏā Krorḏa ( See )

**କ୍ରୋଡ଼ାଙ୍କ**—ସଂ. ବି. ( ବହୁବ୍ରୀହି; କ୍ରୋଡ଼+ଅଙ୍କ )—
Krorḏāṅka କ୍ରୋଡ଼ପାଦ ( ଦେଖ )
Krorḏapāda ( See )

**କ୍ରୋଡ଼ାଙ୍ଘ୍ରି**—ସଂ. ବି. ( ବହୁବ୍ରୀହି; କ୍ରୋଡ଼ + ଅଙ୍ଘ୍ରି )—
Krorḏāṅghri କ୍ରୋଡ଼ପାଦ ( ଦେଖ )
Krorḏapāda ( See )

**କ୍ରୋଡ଼ୀକରଣ**—ସଂ. ବି. ( କ୍ରୋଡ଼+ଅଭୂତ ତଦ୍ଭାବେ ଚ୍ୱି. (ଈ) + କରଣ )—
Krorḏīkaraṇa
କୋଳ କରିବା; କୁଣ୍ଢାଇବା; ଆଲିଙ୍ଗନ—
Embracing; clasping to the bosom.

**କ୍ରୋଡ଼ୀମୁଖ**—ସଂ. ବି. (କ୍ରୋଡ଼ + ଅଭୂତ ତଦ୍ଭାବେ ଚ୍ୱି (ଈ)+ମୁଖ)—
Krorḏīmukha ଗଣ୍ଡା; ଗଣ୍ଡାର—Rhinoceros.

**କ୍ରୋଧ**—ସଂ. ବି. ( କ୍ରୁଧ ଧାତୁ = ରାଗ ହେବା + ଭାବ. ଅ )—
Krodha ୧ । ରୋଷ; କୋପ; ରାଗ—
1. Anger; rage; wrath; evil temper.
ଗର୍ଭରୁ ଚ୍ୟୁତ ହେଲେ ଅତି କ୍ରୋଧ ବହି ।
କୃଷ୍ଣସିଂହ. ମହାଭାରତ. ଆଦି ।
୨ । ଦ୍ୱେଷ—2. Malice; envy.
୩ । ରାଗ ବା ଦୁଃଖ ହେତୁରୁ ମନରେ ଜାତ ହେବା ବିଶେଷ ଚାଞ୍ଚଲ୍ୟ—
3. Passion; fit of rage or anger.
୪ । (ଅଲଙ୍କାର) ରୌଦ୍ର ରସ ଉଦ୍ରେକକାରୀ ମନୋଭାବ—
4. ( rhetoric ) The feeling which gives rise to the Raudra (or Fierce) sentiment.
ଦେ. ବିଣ—୧ । କ୍ରୁଦ୍ଧ—1. Angry.
୨ । ଶୋକାକ୍ରାନ୍ତ—2. Grieved.
ଦେ. ବି—୧ । କୋହ; ପ୍ରକାଶିତ ବିରକ୍ତି—
1. Extreme grief which is given outward expression.
୨ । ଶୋକର ଆବେଗ—
2. Fit or paroxysm of grief.
କ୍ରୋଧ କରି ସନ୍ୟାସୀ କହନ୍ତି ବ୍ୟାସଙ୍କୁ
ପୁଣି ବାକେ କର ଅମ୍ଭାଳକା ଭବନକୁ । ସାରଳା. ମହାଭାରତ. ବନ ।

**କ୍ରୋଧ ଉଠିବା**—ଦେ. ବି—କ୍ରୋଧ ଉପୁଜିବା ( ଦେଖ )
Krodha uṭhibā Krodha upujibā ( See )
କ୍ରୋଧଉଠା

**କ୍ରୋଧ ଉପୁଜିବା**—ଦେ. କ୍ରି—୧ । ଶୋକର ବାଷ୍ପ ଉଠିବା—
Krodha upujibā 1. A fit of grief.
୨ । କ୍ରୋଧର ବାଷ୍ପ ଉଠିବା—
2 A fit of anger.

**କ୍ରୋଧ କରିବା**—ଦେ. କ୍ରି—୧ । ରାଗିବା—
Krodha karibā 1. To be angry.
୨ । ଶୋକ କରିବା—2. To grieve.

**କ୍ରୋଧକଷାୟ**—ସଂ. ବିଣ. ( ତୃତୀୟା ତତ୍; କ୍ରୋଧ + କଷାୟ )—
Krodhakashāya କ୍ରୋଧକଷାୟିତ ( ଦେଖ )
Krodhakashāyita ( See )

**କ୍ରୋଧକଷାୟିତ**—ସଂ. ବିଣ. ( ତୃତୀୟା ତତ୍; କ୍ରୋଧ + କଷାୟିତ )—
Krodhakashāyita ରାଗରେ ନାଲି ପଡ଼ିଥିବା; ରାଗ ଯୋଗୁଁ ନାଲି ହୋଇଥିବା ( ମୁହଁ ବା ଆଖି )—
( face or eyes ) Tinged red owing to a fit of anger.

**କ୍ରୋଧଜ**—ସଂ. ବିଣ. ( କ୍ରୋଧ + ଜନ ଧାତୁ+କର୍ତ୍ତୃ. ଅ )—
Krodhaja କ୍ରୋଧରୁ ଉତ୍ପନ୍ନ—
Springing from wrath; due to anger.

**କ୍ରୋଧଜର୍ଜର**—ସଂ. ବିଣ. ( ତୃତୀୟା ତତ୍; କ୍ରୋଧ + ଜର୍ଜର )—
Krodhajarjara କ୍ରୋଧଜର୍ଜରିତ ( ଦେଖ )
Krodhajarjarita ( See )

**କ୍ରୋଧଜର୍ଜରିତ**—ସଂ. ବିଣ. ( ତୃତୀୟା ତତ୍; କ୍ରୋଧ+ଜର୍ଜରିତ )—
Krodhajarjarita ରାଗରେ ଜଳୁଥିବା; କ୍ରୋଧପୂର୍ଣ୍ଣ—
Inflamed with anger; burning with rage.

**କ୍ରୋଧନ**—ସଂ. ବିଣ.ପୁଂ. ( କ୍ରୁଧ ଧାତୁ + କର୍ତ୍ତୃ. ଅନ )—
Krodhana ୧ । ଚିଡ଼ା; ଚିଡ଼ାଲ; କ୍ରୋଧୀ; ରାଗୀ—
(କ୍ରୋଧନା—ସ୍ତ୍ରୀ) 1. Wrathful; angry.
ଅଟନ୍ତି ସେହୁ ଋଷି ଅତ୍ୟନ୍ତ କ୍ରୋଧନ ।
ସାରଳା. ମହାଭାରତ. ଆଦି ।
୨ । ସହସା ଯାହାର କ୍ରୋଧ ଜନ୍ମେ; ବଦ୍‌ରାଗୀ—
2. Passionate; evil-tempered.
୩ । କ୍ରୋଧ ସ୍ୱଭାବ ଯୁକ୍ତ—
3. Given to sudden fits of anger; ill-tempered.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ଦ୍ୱେଷଯୁକ୍ତ—4 Malicious.
ସଂ. ବି. ( କ୍ରୁଧ ଧାତୁ + କର୍ତ୍ତୃ. ଅନ )—
୧ । ମହାଦେବଙ୍କ ଅନୁଚର ଉଗ୍ରପ୍ରକୃତିକ ଭୈରବବିଶେଷ—
1. Name of a class of ferocious attendants of Mahādeba.
୨ । କୌଶିକଙ୍କର ଜଣେ ପୁତ୍ର—
2. Name of a son of Kauśika
୩ । ରାଗିବା—3. Being angy.
୪ । ରାଗ—4. Anger ( M.W.)

**କ୍ରୋଧନା**—ସଂ. ବିଣ. ସ୍ତ୍ରୀ (କ୍ରୋଧନ + ସ୍ତ୍ରୀ. ଆ )—କ୍ରୋଧନର ସ୍ତ୍ରୀଲିଙ୍ଗ—
Krodhanā Feminine of Krodhana
ସଂ. ବି. ସ୍ତ୍ରୀ—ଚଣ୍ଡପ୍ରକୃତି ସ୍ତ୍ରୀ—Vixen; a passionate woman.

**କ୍ରୋଧନିବୃତ୍ତି**— ସଂ. ବି (୬ଷ୍ଠୀ ତତ୍; କ୍ରୋଧ + ନିବୃତ୍ତି)—
Krodhanibṛutti ରାଗ ଥଣ୍ଡା ହେବା—Subsidence of passionate rage; the abatement of passion.

**କ୍ରୋଧନୀୟ**—ସଂ. ବିଣ (କ୍ରୁଧ ଧାତୁ + ଅନୀୟ)—ଯାହା କ୍ରୋଧ ଜନ୍ମାଏ—
Krodhanīya Provocative (M W.)
ସଂ. ବି—ଅନିଷ୍ଟ; ଘାତ—Injury (Apte).

**କ୍ରୋଧପୂର୍ଣ୍ଣ**—ସଂ. ବିଣ (୩ୟା ତତ୍; କ୍ରୋଧ+ପୂର୍ଣ୍ଣ)—ରାଗରେ ଭରା—
Krodhapūrṇṇa Full of anger; angry (word).

**କ୍ରୋଧପ୍ରକୃତି**—ସଂ. ବି (ମଧ୍ୟପଦଲୋପୀ; କ୍ରୋଧଯୁକ୍ତ ପ୍ରକୃତି)—
Krodhaprakṛuti ରାଗିବା ଖୋଇ—Passionate or wrathful nature.
ସଂ. ବିଣ (ବହୁବ୍ରୀହି)—ଯେ ସ୍ୱଭାବତଃ ରାଗୀ; ଚଡ଼ା; ଚଡ଼ଲ୍—
Wrathful; passionate; ill-tempered.

**କ୍ରୋଧବହ୍ନି**—ସଂ. ବି (ରୂପକ କର୍ମଧା; କ୍ରୋଧ + ବହ୍ନି )—
Krodhabahni ନିଆଁ ପରି ଜଳି ଉଠୁଥିବା ରାଗ; ଭୟଙ୍କର ରାଗ—
Ferocious rage; fit of temper.

**କ୍ରୋଧଭର**—ସଂ. ବିଣ (କ୍ରୋଧ + ଭୃ ଧାତୁ = ପୋଷଣ କରିବା + କର୍ତ୍ତୃ.
Krodhabhara ଅ)—କ୍ରୋଧାନ୍ୱିତ—Enraged.
(କ୍ରୋଧଭରା—ସ୍ତ୍ରୀ ). ଏଥିଅନ୍ତେ ନକୁଳ ହୋଇ କ୍ରୋଧଭର
ବୋଇଲେ ଶୁଣ ହେ ମୋ କଥା ନରବର—କୃଷ୍ଣସିଂହ ମହାଭାରତ, ବନ,

**କ୍ରୋଧମୟ**—ସଂ. ବିଣ—( କ୍ରୋଧ + ଆଧିକ୍ୟାର୍ଥେ ମୟ )—କ୍ରୋଧଭରା
Krodhamaya (ବାକ୍ୟ)—Full of anger; angry
( କ୍ରୋଧମୟୀ—ସ୍ତ୍ରୀ ) (word).

**କ୍ରୋଧମିଶ୍ର**—ସଂ. (୩ୟା ତତ୍; କ୍ରୋଧ + ମିଶ୍ର = ମିଶ୍ରିତ)—କ୍ରୋଧାନ୍ୱିତ—
Krodhamiśra Enraged.
ରାବଣର **ଅଙ୍ଗଦରେ** ଅଶୀଏ ଶବ୍ଦ,
କହିଲ ତରବେଶ କରି କ୍ରୋଧମିଶ୍ର । କୃଷ୍ଣସିଂହ. ମହାଭାରତ. ବନ ।

**କ୍ରୋଧମୁଖ**—ସଂ. ବି. (ମଧ୍ୟପଦଲୋପୀ; କ୍ରୋଧ + ମୁଖ)—କ୍ରୋଧଜର୍ଜରିତ
Krodhamukha ମୁଖ—Face become fiery with anger; face inflamed with anger.
ସଂ. ବିଣ. ପୁଂ. (ବହୁବ୍ରୀହି)—ଯାହା ମୁହଁ କ୍ରୋଧରେ ଜଳି
(କ୍ରୋଧମୁଖୀ—ସ୍ତ୍ରୀ) ଉଠୁଛି—With a face which has become fiery with anger.

**କ୍ରୋଧରଞ୍ଜିତ**—ସଂ. ବିଣ. (୩ୟା ତତ୍; କ୍ରୋଧ + ରଞ୍ଜିତ)—
Krodharañjita କ୍ରୋଧ କଷାୟିତ (ଦେଖ)
Krodhakashāyita (See)

**କ୍ରୋଧରେ ଜଳିବା**—ଦେ. କ୍ରି. (ସଂ. କ୍ରୋଧ + ଜ୍ୱଲ ଧାତୁ)—ଅତିଶୟ
Krodhare jaḻibā କ୍ରୁଦ୍ଧ ହେବା—
**ক্রোধে জ্বলা** To burn iwth rage
**क्रोधमेजलना**
ତା ଶୁଣି କରହାରୁ କ୍ରୋଧରେ ଜଳିଲା । କୃଷ୍ଣସିଂହ. ମହାଭାରତ, ଆଦି ।

**କ୍ରୋଧଶାନ୍ତି**—ସଂ. ବି. (୬ଷ୍ଠୀ ତତ୍; କ୍ରୋଧ + ଶାନ୍ତି)—
Krodhaśānti କ୍ରୋଧନିବୃତ୍ତି (ଦେଖ)
Krodhanibṛutti (See)

**କ୍ରୋଧସ୍ଥାନୀ**—ଦେ. ବିଣ. (ସଂ. କ୍ରୋଧ ଓ ସ୍ଥାନ)—କ୍ରୋଧଯୁକ୍ତ; ରାଗାନ୍ୱିତ—
Krodhasthānī Enraged; angry.
ଅର୍ଜୁନ କାଣ୍ଡବହ ଅଶ୍ୱତ୍ଥାମା ଦେନ,
ହେବାର ଦେଖି ହୃଦ କରି କ୍ରୋଧସ୍ଥାନୀ । କୃଷ୍ଣସିଂହ-ମହାଭାରତ. କର୍ଣ୍ଣ ।

**କ୍ରୋଧହେବା**—ଦେ. କ୍ରି.—(ସଂ. କ୍ରୁଦ୍ଧ)—୧ । କ୍ରୁଦ୍ଧ ହେବା;
Krodhahebā ରାଗାନ୍ୱିତ ହେବା—To become angry.
**ক্রোধহওয়া** ୨ । ଶୋକାନ୍ୱିତ ହେବା—2. To be grieved.
**क्रोधहोना** ଦେ. ବି.—ମନରେ କ୍ରୋଧ ଉପୁଜିବା—
Being angry; becoming angry.

**କ୍ରୋଧାଗ୍ନି**—ସଂ. ବି. (ରୂପକ କର୍ମଧା; କ୍ରୋଧ + ଅଗ୍ନି)—ନିଆଁ ପରି ଜଳି-
Krodhāgni ଉଠିବା ରାଗ; ଭୟଙ୍କର ରାଗ—
Furious fit of anger.

**କ୍ରୋଧାନ୍ଧ**—ସଂ. ବିଣ. ପୁଂ. (୩ୟା ତତ୍; କ୍ରୋଧ + ଅନ୍ଧ )—
Krodhāndha କ୍ରୋଧଯୋଗୁ ବାହ୍ୟଜ୍ଞାନଶୂନ୍ୟ—
(କ୍ରୋଧାନ୍ଧା—ସ୍ତ୍ରୀ) Blind with a fit of rage.

**କ୍ରୋଧାନ୍ୱିତ**—ସଂ. ବିଣ. (୩ୟା ତତ୍; କ୍ରୋଧ + ଅନ୍ୱିତ)—କ୍ରୁଦ୍ଧ; ରାଗୀ,
Krodhānwita ରାଗାନ୍ୱିତ—Angry; furious.

**କ୍ରୋଧାଳୁ**—ସଂ. ବିଣ. ( କ୍ରୋଧ + ଅତିଶୟ ଯୁକ୍ତାର୍ଥେ ଆଳୁ; ତୁଳ. 
Krodhāḻu ନିଦ୍ରାଳୁ, ଦୟାଳୁ)—କ୍ରୋଧନ (ଦେଖ)
Krodhana (See)

**କ୍ରୋଧୀ**—ସଂ. ବିଣ. ପୁଂ. (କ୍ରୋଧ + ଇନ୍; ୧ମା. ୧ବ.)—ରାଗୀ;
Krodhī କ୍ରୋଧନ ସ୍ୱଭାବ—Passionate; ill-tempered,
(କ୍ରୋଧିନୀ—ସ୍ତ୍ରୀ) evil-tempered.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇୟୁ | ଉଅ | ଘ |
| ୨ | ଈ | ଉ | ଋ | ଌ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଙ୍କ | ନ୍ |

କ୍ରୋଧୀ ରଜା ହୋଇଲେ ଜଗତ ବଇରୀ,
ହୋଇଣ ନାଶ କରେ ଅଳପକେ ଶିରୀ । କୃଷ୍ଣସିଂ ହ. ମହାଭାରତ. ଶାନ୍ତି ।

**କ୍ରୋଧୋଦ୍ଗମ**—ସଂ. ବି. (୬ଷ୍ଠୀ ତତ୍; କ୍ରୋଧ + ଉଦ୍ଗମ) କ୍ରୋଧ ଉଠିବା
Krodhodgama — Fit of rage or anger.

**କ୍ରୋଧୋଦ୍ରେକ**—ସଂ. ବି. (୬ଷ୍ଠୀ ତତ୍; କ୍ରୋଧ + ଉଦ୍ରେକ)—
Krodhodreka — କ୍ରୋଧୋଦ୍ଗମ (ଦେଖ) Krodhodgama (See)

**କ୍ରୋଧୋପଶମ**—ସଂ. ବି (୬ଷ୍ଠୀ ତତ୍; କ୍ରୋଧ + ଉପଶମ)—
Krodhopaṡama — କ୍ରୋଧନିବୃତ୍ତି (ଦେଖ) Krodhanibṛutti (See)

**କ୍ରୋଧୋପଶମନ**—ସଂ. ବି (୬ଷ୍ଠୀ ତତ୍; କ୍ରୋଧ + ଉପଶମନ)—
Krodhopaṡamana — କ୍ରୋଧନିବୃତ୍ତି (ଦେଖ) Krodhanibṛutti (See)

**କ୍ରୋର୍**—ଦେ. ବି (ସଂ. କୋଟିର ଅପଭ୍ରଂଶ ହି. କରୋଡ଼୍ ଓ ବ. କ୍ରୋର୍
Kror — ଶବ୍ଦର ଅନୁକରଣରେ ଇଂରାଜୀରେ କ୍ରୋର୍ ଶବ୍ଦ ଚଳିଅଛି)—
ଏକ କୋଟି—Ten millions.
ଦେ. ବିଣ—ଏକକୋଟିସଂଖ୍ୟକ—Numbering ten millions.

**କ୍ରୋର୍ପତି**—ଦେ. ବିଣ—ଅତୁଳ ସମ୍ପତ୍ତି ଧନର ଅଧିକାରୀ; ଯେ କୋଟିଏ
Krorpati — ଟଙ୍କା ନଗଦ ଗଣି ଦେଇ ପାରେ—
କ୍ରୋରପতি
करोड़पति — Millionaire; a master of millions.

**କ୍ରୋର**—ସଂ. ବି (କ୍ରୂର + ଅ)—କୁରର ପକ୍ଷୀ; ଚିଲ; ବାଜ—
Krora — The fishing eagle; Osprey (bird).

**କ୍ରୋଶ**—ସଂ. ବି (କ୍ରୁଶ୍ ଧାତୁ = କାନ୍ଦିବା, ଆହ୍ୱାନ କରିବା)—
Kroṡa ୧ । (+ସଂଜ୍ଞାର୍ଥେ. ଅ) କୋଶ; ଦୁଇ ମାଇଲ୍; ଆଠ ହଜାର ହାତ (ଦୁଇ ମାଇଲରୁ କିଛି ବେଶି)—
1. A distance about of two miles; one Kroṡ.
୨ । ( +ଭାବ. ଅ )—କ୍ରନ୍ଦନ—
2. Crying; weeping; lamentation.
୩ । ( +ଭାବ. ଅ )—ଉଚ୍ଚୈଃସ୍ୱରରେ ଆହ୍ୱାନ—
3. Loud call; halloo

**କ୍ରୋଷ୍ଟା**—ସଂ. ବି. ପୁଂ (କ୍ରୁଶ୍ ଧାତୁ = ଉଚ୍ଚୈଃସ୍ୱରରେ ରାବିବା + କର୍ତ୍ତୃ. ତୃ. ୧ମା. ୧ବ)—ଶୃଗାଳ; ବିଲୁଆ—
Kroshṭā
(କ୍ରୋଷ୍ଟ୍ରୀ—ସ୍ତ୍ରୀ) — Jackal.

**କ୍ରୋଷ୍ଟାଶ୍ରୁ**—ବି—କାନକୋଳି (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)
Kroshṭāṡru — Kānakoḻi (See)

**କ୍ରୋଷ୍ଟୁ**—ଦେ. ବି ( ସଂ. କ୍ରୋଷ୍ଟା )—ବିଲୁଆ—
Kroshṭhu — Jackal.

କ୍ରେଦଂଷ୍ଟ୍ର ବନାରେ କ୍ରୋଷ୍ଟୁ, କୋଟି ସେ—ଉଜ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**କ୍ରୌଞ୍ଚ**—ସଂ. ବି (କ୍ରୁଞ୍ଚ ଧାତୁ = ବକ୍ରଗତି କରିବା + କର୍ତ୍ତୃ ଅ)—
Kr<u>au</u>ñcha ୧ । ଏକଜାତୀୟ ବକପକ୍ଷୀ; ବଗ; ବଗୁଲା—
कौंचबक; कौंचबग — 1. The Pond-heron; curlew.
[ ଦ୍ର—ଏମାନେ ଧଳା; ଏମାନଙ୍କ ଗୋଡ଼ ଲମ୍ବ ଲମ୍ବ; ଏମାନେ ଉଗଉଗ ଚାଲି ପାରନ୍ତି; ଛୋଟ ମାଛ ଓ ପୋକଜୋକ ଧରି ଖାଆନ୍ତି । ଏହି ବଗମାନେ ଧାନକ୍ଷେତ ଓ ପୋଖରୀ କୂଳରେ ଚରନ୍ତି । ଗଛ ଉପରେ ବଗମାନେ କାଠି କୁଟାରେ ବସା ବାନ୍ଧନ୍ତି ଓ ବର୍ଷାଦିନେ ଛୁଆ କରନ୍ତି; ବର୍ଷାଦିନେ ଆକାଶରେ ମେଘ ଉଠାଇଲାବେଳେ ଆକାଶରେ ଉଡ଼ୁଥିବା ବକପଂକ୍ତି ମେଘ ଦେହରେ ଅତି ମନୋହର ଦେଖା ଯାଆନ୍ତି । ]
୨ । ଦ୍ୱୀପବିଶେଷ ( ପୁରାଣ ମତରେ ଏହା ସପ୍ତଦ୍ୱୀପା ପୃଥିବୀ ମଧ୍ୟରେ ଗୋଟିଏ ଦ୍ୱୀପ )—
2. One of the seven legendary islands comprising the earth.
୩ । ପୌରାଣିକ ପର୍ବତବିଶେଷ—
3. Name of a legendary mountain.
[ ଦ୍ର—ଏ ପର୍ବତ ହିମାଳୟଙ୍କ ପୌତ୍ର; କାର୍ତ୍ତିକ ଓ ପରଶୁରାମ ଏ ପର୍ବତକୁ ଭେଦ କରିଥିଲେ । ]
୪ । ଅସୁରବିଶେଷ; ବକାସୁର—
4. Name of a demon killed by Śrīkṛushṇa.
୫ । ଜାଙ୍ଗୁଳ, କୁରର—5. An Osprey(bird)(M.W.)
୬ । ମୟଦାନବର ପୁତ୍ର ( ଏହାକୁ କ୍ରୌଞ୍ଚ ଦ୍ୱୀପରେ ସ୍କନ୍ଦ ଭଗବାନ ବଧ କରିଥିଲେ—ହି. ଶବ୍ଦସାଗର )—
6. Name of a son of demon Maya.

**କ୍ରୌଞ୍ଚଦାରକ**—ସଂ. ବି. ପୁଂ ( ବହୁବ୍ରୀହି; ଏ କ୍ରୌଞ୍ଚ ପର୍ବତକୁ ଭେଦ
Kr<u>au</u>ñchadāraka — କରିଥିବାରୁ)—କାର୍ତ୍ତିକେୟଙ୍କର ନାମ—
A name of Kārttikeya.

**କ୍ରୌଞ୍ଚଦାରଣ**—ସଂ. ବି. ପୁଂ. (ବହୁବ୍ରୀହି)—କ୍ରୌଞ୍ଚଦାରକ (ଦେଖ)
Kr<u>au</u>ñchadāraṇa — Kr<u>au</u>ñchadāraka (See)

**କ୍ରୌଞ୍ଚପଦା**—ସଂ. ବି. (କ୍ରୌଞ୍ଚ + ପଦ + ଅ + ସ୍ତ୍ରୀ. ଆ)—
Kr<u>au</u>ñchapadā — ସଂସ୍କୃତ ଛନ୍ଦୋବିଶେଷ—Name of a Sanskrit metre.

**କ୍ରୌଞ୍ଚମିଥୁନ**—ସଂ. ବି. (୬ଷ୍ଠୀ ତତ୍; କ୍ରୌଞ୍ଚ + ମିଥୁନ)—
Kr<u>au</u>ñcha mithuna — ବଗଲାବଗଲୀ; ବଗୁଲାବଗୁଲି; ବଗ ପକ୍ଷୀଙ୍କ ଯୋଡ଼ା—A pair (male and female) of Pond-herons.
[ ଦ୍ର—ବାଲ୍ମୀକି ବନରେ ବୁଲୁଥିବା ବେଳେ ଜଣେ ବ୍ୟାଧ କ୍ରୌଞ୍ଚମିଥୁନ ମଧ୍ୟରୁ ଗୋଟିକୁ ମାରି ଦେବାରୁ ବାଲ୍ମୀକି ଦୁଃଖ ଓ ଭାବର ଆବେଗରେ ଗାଇଲେ—
ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମା
ଯତ୍ କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତଂ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କଠ' ନ ମିଳିଲେ 'କୃଷ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଏହାହିଁ ସଂସ୍କୃତର ଅଦ୍ୟ ଶ୍ଳୋକ ହେଲା—ଏହା ରାମାୟଣରେ ବର୍ଣ୍ଣିତ ଅଛି । ]

**କ୍ରୌଞ୍ଚରନ୍ଧ୍ର**—ସଂ. ବି.—ହିମାଳୟ ପର୍ବତରେ ଥିବା ରନ୍ଧ୍ରବିଶେଷ—
Krauñcharandhra — Name of a hole in the Himalayas.
[ ବି—ଏହି ପଥଦେଇ ପକ୍ଷୀମାନେ ଉତ୍ତର ଅଞ୍ଚଳକୁ ଯାଆନ୍ତି ଏ ରନ୍ଧ୍ର ପରଶୁରାମଙ୍କ କୀର୍ତ୍ତି ଓ ଏହା ଗୋଟିଏ ଟନେଲ୍ ବା ସୁଡ଼ଙ୍ଗପରି । ]

**କ୍ରୌଞ୍ଚରିପୁ**—ସଂ. ବି. ପୁଂ. (ବହୁବ୍ରୀହି)—କ୍ରୌଞ୍ଚଦାରକ (ଦେଖ)
Krauñcharipu — Krauñchadāraka (See)

**କ୍ରୌଞ୍ଚସୂଦନ**—ସଂ. ବି. ପୁଂ (ବହୁବ୍ରୀହି)—କ୍ରୌଞ୍ଚଦାରକ (ଦେଖ)
Krauñchasūdana — Krauñchadāraka (See)

**କ୍ରୌଞ୍ଚସ୍ୱର**—ସଂ. ବି.—୧ । କ୍ରୌଞ୍ଚପକ୍ଷୀର ସ୍ୱର—
Krauñchaswara — 1. The sound of a heron.
୨ । ମଧୁର କରୁଣ ସ୍ୱର—
2. Sweet plaintive voice.
କୃପାଳୁଙ୍କ ଲୋଚନେ ଦେଇ ଲୋଚନ
କହନ୍ତି କ୍ରୌଞ୍ଚସ୍ୱରେ ମୃଦୁ ବଚନ ।
ସାନକୃଷ୍ଣ ରସକଲ୍ଲୋଳ ।

**କ୍ରୌଞ୍ଚାରାତି**—ସଂ. ବି. ପୁଂ (ବହୁବ୍ରୀହି ବା ଷଷ୍ଠୀ ତତ୍; କ୍ରୌଞ୍ଚ+ଅରାତି)—
Krauñcharāti — କ୍ରୌଞ୍ଚଦାରକ (ଦେଖ) Krauñchadāraka (See)

**କ୍ରୌଞ୍ଚାରି**—ସଂ. ବି. ପୁଂ (ବହୁବ୍ରୀହି ବା ଷଷ୍ଠୀତତ୍; କ୍ରୌଞ୍ଚ+ଅରି)—
Krauñchari — କ୍ରୌଞ୍ଚଦାରକ (ଦେଖ) Krauñchadāraka (See)

**କ୍ରୌର୍ଯ୍ୟ**—ସଂ. ବି. (କ୍ରୂର+ଭାବ ଯ)—
Kraurjya — ୧ । କ୍ରୂରତା—1. Cruelty.
୨ । ଭୟଙ୍କରତ୍ୱ—2. Frightfulness; terribleness.

**କ୍ରୌଶଶତିକ**—ସଂ. ବି. ପୁଂ. (କ୍ରୋଶଶତ+ଇକ)—
Krauśaśatika — ୧ । ଯେଉଁ ସନ୍ନ୍ୟାସୀ ଶହେ କୋଶ ପର୍ଯ୍ୟଟନ କରିଅଛନ୍ତି—1. A mendicant who has travelled two hundred miles.
୨ । ଯେଉଁ ଗୁରୁଙ୍କଠାରୁ ଶିକ୍ଷା ପାଇବାକୁ ଶହେ କୋଶ ଦୂରରୁ ମଧ୍ୟ ଶିଷ୍ୟମାନେ ଆସନ୍ତି—
2. A preceptor to whom students from even two hundred miles come for instruction.

**କ୍ଲାନ୍ତି**—ସଂ. ବି. (କ୍ଲମ୍ ଧାତୁ+ଭାବ. ତି)—ଅବସାଦ; ପରିଶ୍ରମଜନିତ ଶ୍ରାନ୍ତି—Fatigue.
Klānti

**କ୍ଲାନ୍ତିକର**—ସଂ. ବିଣ. (କ୍ଲାନ୍ତି+କୃ ଧାତୁ+କର୍ତ୍ତୃ. ଅ)—
Klāntikara — ଅବସାଦକ; ଯାହା ସମ୍ପାଦନ କଲେ ଶରୀରକୁ ବିଶେଷ ବାଧା ହୁଏ—Wearisome; fatiguing.

**କ୍ଲାନ୍ତିଜନକ**—ସଂ.ବିଣ.(କ୍ଲାନ୍ତି+ଜନ ଧାତୁ ଣିଚ୍. ଜନ ଧାତୁ+କର୍ତ୍ତୃ.ଅକ)—
Klāntijanaka — କ୍ଲାନ୍ତିକର (ଦେଖ) Klāntikara (See)

**କ୍ଲାସ୍**—ବୈଦେ. ବି (ଇଂ. କ୍ଲାସ୍)—୧ । ବିଦ୍ୟାଳୟର ଶ୍ରେଣୀ—
Klās — 1. Class of a school.
କ୍ଲାସ — ୨ । ଶ୍ରେଣୀବିଭାଗ ଅନୁସାରେ ଏକ ଶ୍ରେଣୀ—
କିଲାସ — 2. Class or grade according to classification.

**କ୍ଲାସ୍ ଉଠିବା**—ଦେ. କ୍ରି—(ଛାତ୍ର) ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ
Klās uṭhibā — ଉଚ୍ଚତର ଶ୍ରେଣୀକୁ ଉନ୍ନୀତ ହେବା—To be promoted to a higher class (said of a student).
क्लासउठा
किलासउठना

**କ୍ଲାସ୍ଟିଚର୍**—ବୈଦେ. ବି (ଇଂ)—କ୍ଲାସ୍‌ମାଷ୍ଟର୍ (ଦେଖ)—
Klāsṭichar — Klāsmashṭar (See)

**କ୍ଲାସ୍‌ମାଷ୍ଟର୍**—ବୈଦେ. ବି. (ଇଂ)—ବିଦ୍ୟାଳୟର କୌଣସି ଶ୍ରେଣୀର
Klāsmāshṭar — ପ୍ରଧାନ ପାଠ୍ୟ ବିଷୟମାନ ପଢ଼ାଇବା ପାଇଁ
क्लासमाष्टर — ଭାରପ୍ରାପ୍ତ ଶିକ୍ଷକ—Class-teacher.
किलासकामाष्टर

**କ୍ଲାସ୍ପ**—ବୈଦେ. ବି (ଇଂ)—ସୁନାହାର ପ୍ରଭୃତିର ଦୁଇ ମୁଣ୍ଡକୁ ଯୋଡ଼ିବା
Klāsp — ଲାଗି ବ୍ୟବହୃତ ଏକପ୍ରକାର ଅଙ୍କୁଡ଼ି ବା କୁଲୁପ—Clasp.
क्लाम्प
क्लास्प

**କ୍ଲିଦ** (ଧାତୁ)—ସଂ—୧ । ଓଦା ହେବା—
Klida (root) — 1. To become wet.
୨ । ଝାଳେଇବା—2. To perspire.
୩ । ଓଦା କରିବା—3. To moisten.

**କ୍ଲିନ୍ନ**—ସଂ. ବିଣ ( କ୍ଲିଦ ଧାତୁ=ଓଦା ହେବା+କର୍ତ୍ତୃ. ତ )—
Klinnā — ୧ । ଆର୍ଦ୍ର; ଓଦା—1. Wet; moistened.
(କ୍ଲିନ୍ନା—ସ୍ତ୍ରୀ) ୨ । ଘର୍ମାକ୍ତ; କ୍ଲେଦଯୁକ୍ତ—2. Sweatened.
(କ୍ଲିନ୍ନତା—ବି) ୩ । ପାଣି ବୋହୁଥିବା (ଆଖି)—
3. Running (eye).
୪ । ଦୟାର୍ଦ୍ର—4. Softened with pity.

**କ୍ଲିନ୍ନାକ୍ଷ**—ସଂ. ବିଣ. ପୁଂ ( ବହୁବ୍ରୀହି; କ୍ଲିନ୍ନ+ଅକ୍ଷି )—ଯାହା ଆଖିରୁ
Klinnāksha — ସବୁବେଳେ ପାଣି ବୋହୁଥାଏ—Blear eyed;
(କ୍ଲିନ୍ନାକ୍ଷୀ—ସ୍ତ୍ରୀ) having the eyes always watering.

**କ୍ଲିଶ** (ଧାତୁ)—ସଂ—ପୀଡ଼ା ଦେବା—
Kliśa (root) — To distress; to give pain.

**କ୍ଲିଶିତ**—ସଂ. ବିଣ ( କ୍ଲିଶ ଧାତୁ=ପୀଡ଼ା ଦେବା+ଣିଚ+ତ )—
Kliśita — ୧ । ବିରକ୍ତ—1. Vexed; perplexed.
୨ । କଷ୍ଟପ୍ରାପ୍ତ—2. Distressed.
୩ । ଉତ୍ପୀଡ଼ିତ—3. Tormented.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଘ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଗଁ | ଇଅ | ● | ହ୍ନ |

କ୍ଳିଷ୍ଟ—ସଂ. ବଣ (କ୍ଳିଶ ଧାତୁ+କର୍ମ. ତ)—୧ । କ୍ଳାନ୍ତ—
Klishta 1. Wearied.
(କ୍ଳିଷ୍ଟତା—ବି) ୨ । କ୍ଳେଶ ବା କଷ୍ଟପ୍ରାପ୍ତ—2. Afflicted.
୩ । କଠିନ; ଦୁର୍ବୋଧ—
3. Difficult to understand.
୪ । ଅନ୍ୟ ଦ୍ୱାରା ଉତ୍ପୀଡ଼ିତ—4. Tormented.

କ୍ଳିଷ୍ଟକଳ୍ପନା—ସଂ. ବି (କର୍ମଧା; କ୍ଳିଷ୍ଟ+କଳ୍ପନା)—ଯେଉଁ ଉପମା
Klishtakalpanā ବୁଝିବା ନିମନ୍ତେ କଳ୍ପନାଶକ୍ତିକୁ ଅତିରିକ୍ତ ଭାବରେ ଟଣାଓଟରା କରାଯାଏ—Strained or forced imagery.

କ୍ଳିଷ୍ଟତା—ସଂ. ବି (କ୍ଳିଷ୍ଟ+ଭାବ. ତା)—ଦୁର୍ବୋଧତା—
Klishtatā The state of being difficult to understand.

କ୍ଳିଷ୍ଟତାଦୋଷ—ସଂ. ବି—ରଚନାରେ ଶବ୍ଦଦୋଷବିଶେଷ—
Klishtatādosha A fault in composition.
[ ଦ୍ର—ବହୁ ଶବ୍ଦ ପ୍ରୟୋଗରେ ଯେଉଁଠାରେ ଅତ୍ୟଳ୍ପ ମାତ୍ର ଅର୍ଥ ବୋଧ ହୁଏ, ସେହିଠାରେ କ୍ଳିଷ୍ଟତା ଦୋଷ ହୁଏ । ]

କ୍ଳିଷ୍ଟାର୍ଥ—ସଂ. ବି (କର୍ମଧା; କ୍ଳିଷ୍ଟ+ଅର୍ଥ)—୧ । ଦୁର୍ବୋଧ ଅର୍ଥ—
Klishtārtha 1. Difficult meaning.
୨ । ଟାଣି ଓଟାରି କରାଯିବା ଅର୍ଥ—
2. Strained or forced meaning.
ସଂ. ବଣ. (ବହୁବ୍ରୀହି)—ଯାହାର ଅର୍ଥ ଦୁର୍ବୋଧ—
Of difficult meaning.

କ୍ଳୀଁ—ଦେ. ବି—ଅଣାକାର ମତାବଲମ୍ବୀମାନଙ୍କର ଉକ୍ତଗୋଷ୍ଠି ବୀଜମନ୍ତ୍ର
Klīñ ମଧ୍ୟରୁ ଏକ; କାମବୀଜ, ମହେଶ୍ୱର, ଭଗବାନ୍, ଚନ୍ଦ୍ରାବଳୀ ଓ ସୁଭଦ୍ରାଙ୍କର ବୀଜମନ୍ତ୍ର—A mystic sound uttered by the followers of the Anākāra persuation.

କ୍ଳୀବ୍ (ଧାତୁ)—ସ—କୁଣ୍ଠିତ ହେବା—
Klib (root) To hesitate.

କ୍ଳୀବ—ସଂ. ବଣ. (କ୍ଳୀବ୍ ଧାତୁ=କୁଣ୍ଠିତ ହେବା+କର୍ତ୍ତୃ. ଅ)—
Kliba ୧ । ନପୁଂସକ—1. Neuter.
କ୍ଳୀବତା } ବି. ୨ । ସ୍ତ୍ରୀସଙ୍ଗମଶକ୍ତିରହିତ—
କ୍ଳୀବତ୍ୱ 2. Destitute of sexual virility; impotent.
୩ । ଅକ୍ଷମ—3. Incapable.
୪ । ଖାସି କରାଯାଇ ଥିବା—
4. Castrated; emasculated.
୫ । ବଳହୀନ; ବିକ୍ରମହୀନ; ଶକ୍ତିହୀନ—
5. Powerless; destitute of power.
୬ । ଭୀରୁ—6. Coward; timid.
୭ । ବ୍ୟର୍ଥ; ନିଷ୍ଫଳ—7. Vain; fruitless.
୮ । ନିର୍ବୋଧ; ଓଲୁ—8. Stupid.
୯ । (ବ୍ୟାକରଣ) ଲିଙ୍ଗବିଶେଷ; ଯେଉଁ ଲିଙ୍ଗଦ୍ୱାରା ସ୍ତ୍ରୀ ଓ ପୁରୁଷ ଛଡ଼ା ଅନ୍ୟ ବସ୍ତୁମାନ ପରିଚିତ ହୁଅନ୍ତି—
9. (grammar) Neuter (in gender).
ସଂ. ବି—୧ । ନପୁଂସକ ବ୍ୟକ୍ତି; ଅଣପୁରୁଷା ଲୋକ—
1. An eunoch (either born or castrated).
୨ । ଖାସୀ; ଖାସୀଜନ୍ତୁ—
(ଯଥା—ଘୋଡ଼ା, ଛେଳି, କୁକୁଡ଼ା ।)
2. Castrated or emasculated male animal. (e. g. horse, goat, cock); capon.

କ୍ଳୀବଲିଙ୍ଗ—ସଂ. ବି. (କ୍ଳୀବ+ଲିଙ୍ଗ)—(ବ୍ୟାକରଣ) ଯାହା ପୁଂ—
Klibalinga ବାଚକ ବା ସ୍ତ୍ରୀ ବାଚକ ଶବ୍ଦ ନୁହେ ତାହାର ଲିଙ୍ଗ—
(Grammar) Neuter gender.
[ ଦ୍ର—ସଂସ୍କୃତରେ ଲିଙ୍ଗଭେଦ ବିଶେଷ ଗୋଳମାଳିଆ; ମାତ୍ର ଓଡ଼ିଆରେ ସାଧାରଣ ନିୟମ ଏହି ଯେ—ପୁରୁଷ ଜାତୀୟ ଜୀବ ବୁଝାଇଲେ ପୁଂଲିଙ୍ଗ, ସ୍ତ୍ରୀ ଜାତୀୟ ଜୀବ ବୁଝାଇଲେ ସ୍ତ୍ରୀଲିଙ୍ଗ ଓ ଅନ୍ୟାନ୍ୟ ନିର୍ଜୀବ ବସ୍ତୁବାଚକ ଶବ୍ଦ କ୍ଳୀବଲିଙ୍ଗ ଅଟେ । ]

କ୍ଳୁ (ଧାତୁ)—ସ—ଗତି କରିବା—
Klu (root) To move.

କ୍ଳୁକ୍ନୀ—ପ୍ରାଦେ. (ଗଡ଼ଜାତ) ବି—କାଲ୍ଚୁଆ (ଦେଖ)
Klukni Kālchuā (See)

କ୍ଳୃପ୍ତଲିଖନ—ଦେ. ବି. (ଅଧୁନିକ ପ୍ରୟୋଗ)—ବହୁତାର ବିଷୟକୁ
Klruptalikhana ଅଳ୍ପକେ ଲେଖି ପ୍ରକାଶ କରିବାର ସାଙ୍କେତିକ ଲିପି—Shorthand.

କ୍ଳେଦ—ସଂ. ବି. (କ୍ଳିଦ ଧାତୁ=ଓଦା କରିବା+ଭାବ. ଅ)—
Kleda ୧ । ଆର୍ଦ୍ରତା—1. Wetness; moisture.
(କ୍ଳିନ୍ନ—ବଣ) ୨ । ମଇଳା—2. Dirt; foul matter.
୩ । ମଇଳା ପାଣି—3. Dirty or fetid water.
୪ । ଦେହରୁ ନିର୍ଗତ ମଇଳା ରସ—
(ଯଥା—ଝାଳ, ଶ୍ଳେଷ୍ମ, ପୂଜ ।)
4. Moisture emitted from the body (as sweat, spittle, pus).

କ୍ଳେଦକ—ସଂ. ବଣ. (କ୍ଳିଦ ଧାତୁ+କର୍ତ୍ତୃ. ଅକ)—
Kledaka ଆର୍ଦ୍ରକାରୀ; ଯାହା ଓଦା କରେ—
Moistening; wetting.
ସଂ. ବି—୧ । କଫ—1. Phlegm
୨ । ଶରୀର ମଧ୍ୟସ୍ଥ ପାକାଗ୍ନିବିଶେଷ; ଜଠରାଗ୍ନିବିଶେଷ—
2. One of the digestive fires of the system.

କ୍ଳେଦନ—ସଂ. ବି. (କ୍ଳିଦ ଧାତୁ+ଣିଚ+ଭାବ. ଅନ)—
Kledana ୧ । ଓଦା କରିବା; ବତୁରାଇବା—
1. Moistening.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

୨ । କଫ—2. Phlegm.

୩ । ପାଣି ଝରିବା—3. Oozing.

**କ୍ଳେଦୁ**—ସଂ. ବି. ( କ୍ଳିଦ ଧାତୁ=ଓଦା କରିବା+କର୍ତ୍ତୃ. ଉ )—
Kledu
୧ । ଚନ୍ଦ୍ର—1. The moon.
୨ । ସନ୍ନିପାତ—2. Morbid combination of the three humours of the body.

**କ୍ଳେଶ**—ସଂ. ବି. ( କ୍ଳିଶ ଧାତୁ=କଷ୍ଟ ଦେବା+ଭାବ. ଅ )—
Kleśa ୧ । କଷ୍ଟ; ଦୁଃଖ; ପୀଡ଼ା—1. Trouble; pain; difficulty; distress; straits; hardship ( both bodily and mental).
୨ । ଶାରୀରିକ ଦୁଃଖ ବା ପୀଡ଼ା—
2. Bodily pain or suffering.
୩ । ମାନସିକ ଦୁଃଖ—3. Mental suffering.
୪ । ସାଂସାରିକ କଷ୍ଟ—4. Worldly trouble.
[ ଦ୍ର—ଯୋଗଶାସ୍ତ୍ର ଅନୁସାରେ ମନୁଷ୍ୟ ସଂସାରରେ ପାଞ୍ଚ କ୍ଳେଶ ଭୋଗ କରେ. ଯଥା—
(୧) ମାୟା ବା ଅବିଦ୍ୟା—1. Ignorance; illusion.
(୨) ଅହଂକାର,ଅସ୍ମିତା—2 Arrogance; pride; egotism.
(୩) କ୍ରୋଧ, ରାଗ—3. Anger.
(୪) ଈର୍ଷା, ଦ୍ୱେଷ—4 Malice.
(୫) ମରଣଭୟ—5. Apprehension of death. ]
୫ । ଯନ୍ତ୍ରଣା—5. Pangs.
୬ । ପ୍ରସବବେଦନା—6. Throes or pangs of child-birth.
୭ । ଅଭିନିବେଶ—7. Attention.

**କ୍ଳେଶକ**—ସଂ. ବିଣ. ( କ୍ଳିଶ ଧାତୁ+କର୍ତ୍ତୃ. ଅକ )—ପୀଡ଼ାଦାୟକ—
Kleśaka Troublesome; afflicting.

**କ୍ଳେଶକର**—ସଂ. ବିଣ. ( କ୍ଳେଶ+କୃ ଧାତୁ+କର୍ତ୍ତୃ. ଅ )—
Kleśakara ପୀଡ଼ାଦାୟକ; ଯାହା ପୀଡ଼ା ଦିଏ—
Afflicting; giving pain.
ଦେ. ବିଣ—୧ । ଦୁର୍ବୋଧ; ବୁଝିବାକୁ କଷ୍ଟକର—
1. Incomprehensible; difficult to understand.

**କ୍ଳେଶଦାୟକ**—ସଂ. ବିଣ. ( କ୍ଳେଶ+ଦା ଧାତୁ+କର୍ତ୍ତୃ. ଅକ )—
Kleśadāyaka କ୍ଳେଶକର ( ଦେଖ )
Kleśakara ( See )

**କ୍ଳେଶଭାଷା**—ଦେ. ବି—ଦୁଃଖର କାହାଣୀ; ନିଜେ ଅନୁଭବ କରିଥିବା
Kleśabhāshā କ୍ଳେଶର ବର୍ଣ୍ଣନା—Sad story; the story of one's woes.
ବୋଲେ ସୁଗ୍ରୀବେ ଶୁଣ କ୍ଳେଶଭାଷା ।
ଉପେ· ବୈଦେହୀଶବିଳାସ ।

**କ୍ଳେଶିତ**—ସଂ. ବିଣ. ପୁଂ. ( କ୍ଳେଶ+ପ୍ରାପ୍ତାର୍ଥେ ଇତ )—
Kleśita କ୍ଳେଶ ପ୍ରାପ୍ତ—Troubled; distressed; pained; afflicted.
(କ୍ଳେଶିତା—ସ୍ତ୍ରୀ )

**କ୍ଳେଶୀ**—ସଂ. ବିଣ. ପୁଂ (କ୍ଳେଶ+ଇନ୍; ୧ମା. ୧ବ. )—
Kleśī ୧ । କ୍ଳେଶିତ ( ଦେଖ )
1. Kleśita ( See )
(କ୍ଳେଶିନୀ—ସ୍ତ୍ରୀ ୨ । କ୍ଳେଶଦାୟକ ( ଦେଖ )
2. Kleśadāyaka ( See )

**କ୍ଳୈବ୍ୟ**—ସଂ. ବି. ( କ୍ଳୀବ+ଭାବାର୍ଥେ. ଯ )—
Klaibya ୧ । ନପୁଂସକତ୍ୱ
1. Impotence; sexual debility.
୨ । ଭୀରୁତା—
2. Timidity; cowardice; unmanliness.
୩ । ଶକ୍ତିହୀନତା—3. Incapacity.
୪ । ନିର୍ବୋଧତା; ଓଲମାପଣିଆ—
4. Stupidity

**କ୍ଳୋମ**—ସଂ. ବି. ( କ୍ଳୁ ଧାତୁ=ଗତି କରିବା+ସଂଜ୍ଞାର୍ଥେ. ମନ୍ )—
Kloma ୧ । ଶରୀରସ୍ଥ ବାୟୁର ଆଧାର; ଫୁସ୍‌ଫୁସ୍; ଫୁଟୀ; ଫୁଟା—
1. Lungs.
୨ । ମୂତ୍ରାଶୟ; ମୂତପୁଡ଼ା—2. Bladder.

**କ୍ଳୋରୋଡାଇନ୍**—ବୈଦେ. ବି ( ଇଂ )—
Klorodāin ଝାଡ଼ା ବନ୍ଦ କରିବାର ଡାକ୍ତରି ଔଷଧବିଶେଷ—
କ୍ଲୋରୋଡାଇନ୍ Chlorodine.
क्लोरोडाइन

**କ୍ଳୋରୋଫର୍ମ**—ବୈଦେ. ବି. ( ଇଂ )—ଅସ୍ତ୍ରଚିକିତ୍ସା ପାଇଁ ରୋଗୀକୁ
Klorofharm ଶୁଙ୍ଘାଇ ଅଚେତ କରିବାରେ ବ୍ୟବହୃତ ତରଳ-
କ୍ଲୋରୋଫର୍ମ ସାରବିଶେଷ—Chloroform.
क्लोरोफर्म

| ଽ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲ୍ଟ | ପୈ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙଁ୍ୟ | ଇଅ | ଢ଼ | ନ୍ |

# କ୍ଷ

[ ଦ୍ର—କ୍ଷ ଅକ୍ଷର 'କ + ଷ' ରୂପ ଯୁକ୍ତାକ୍ଷର, କିନ୍ତୁ ଓଡ଼ିଆରେ ଏହା 'ଖ୍ୟ' ରୂପେ ଉଚ୍ଚାରିତ ହୁଏ ଓ ପ୍ରାଚୀନ ଓଡ଼ିଆ କବିମାନେ 'ଛ' ସ୍ଥାନରେ 'କ୍ଷ' ବସାଇବାର ଦେଖାଯାଏ, ( ଯଥା—ଛନ୍ଦଲେ ସ୍ଥାନରେ କ୍ଷନ୍ଦଲେ ) । ଆମ୍ଭେମାନେ ଉଚ୍ଚାରଣରେ 'କ୍ଷ' ସ୍ଥାନରେ 'ଖ' ବା 'ଛ' କରଥାଉଁ । ( ଯଥା—'କ୍ଷୌର ସ୍ଥାନରେ ଖିଅର ବା ଛଅର; 'କ୍ଷୀର' ସ୍ଥାନରେ 'ଖୀର' ) । ବର୍ଣ୍ଣମାଳା ଶିଖିଲା ବେଳେ 'ଅ' ଠାରୁ 'ହ' ପର୍ଯ୍ୟନ୍ତ ଶିଖି ସାର 'ହ' ପରେ 'କ୍ଷ' ଅକ୍ଷର ଶିଖୁଁ । ଚଉତିଶାମାନଙ୍କରେ ମଧ 'ହ' ଅକ୍ଷରାଦ୍ୟ ପଦ ପରେ ପ୍ରାଚୀନ ଓଡ଼ିଆ କବିମାନେ 'କ୍ଷ' ଅକ୍ଷରାଦ୍ୟ ପଦ ବସାଇ ଅଛନ୍ତି । କେତେକ ଅଭିଧାନକାର 'କ୍ଷ' ଅକ୍ଷରାଦ୍ୟ ଶବ୍ଦମାନଙ୍କୁ 'ହ' ପରେ ଓ କେତେକ 'କ' ଅକ୍ଷର ପରେ ରଖି ଅଛନ୍ତି । 'କ୍ଷ' କ ଅକ୍ଷରର ଗୋଟିଏ ଯୁକ୍ତାକ୍ଷର ( କ + ଷ ) ଥିବାରୁ ଏହା ଏ ଗ୍ରନ୍ଥରେ 'କ' ଅକ୍ଷର ପରେ ଦିଆଗଲା । ]

**କ୍ଷଉଣି**—ଗ୍ରା. ବି. ( ସଂ. ଅକ୍ଷୌହିଣୀ )—
Kshauṇi — ଅକ୍ଷୌହିଣୀ ( ଦେଖ )
Akshauhiṇi ( See )

**କ୍ଷଉଡିବା**—ଦେ. କ୍ରି—୧ । ତଡ଼ିବା; ଘଉଡ଼ିବା—
Kshaudibā — 1. To drive away.
୨ । ଅନ୍ତର କରିବା; ଭୁଲି ଯିବା—
2. To forget.
ପାପୀ ଦୁର୍ଯ୍ୟୋଧନରୁ କେଉଁ କାର୍ଯ୍ୟ ଅଛି
କ୍ଷଉଡ ଦଅ ଭାଇ ମନରୁ ଝୁରୁଛ । ଲୁକ୍ଷ୍ମୀ. ହ. ମହାଭାରତ. ସଭା ।

**କ୍ଷଉରିବା**—ଦେ. କ୍ରି. ( ସଂ. କ୍ଷୌର )—ଖିଅର କରିବା—
Kshauribā — To shave.

**କ୍ଷଏ**—ଗ୍ରା. ବି. ( ସଂ. କ୍ଷୟ )—କ୍ଷୟ—
Kshae — Loss; waste.
ଛହିଁକେ ବହଳ ନୁହଇ କ୍ଷଏ—ପ୍ରାଚୀ. ପରଦେଶୀଧା ।

**କ୍ଷକ୍ଷନ୍ଦ**—ଦେ, ବି. (ସଂ. ଛନ୍ଦ)—(ପୁରାତନ କବିମାନଙ୍କ ରଚିତ ଚଉତିଶା Kshakshanda ମାନଙ୍କର ଶେଷ ପଦର ଆଦ୍ୟରେ 'କ୍ଷ' ଅକ୍ଷର ରଖିବା ନିମନ୍ତେ ଏ ଶବ୍ଦକୁ କବିମାନେ 'ଛନ୍ଦ' ଶବ୍ଦ ଅର୍ଥରେ ବ୍ୟବହାର କରୁଥିଲେ )—ଛନ୍ଦ—
A poem meant for recitation.
କ୍ଷକ୍ଷନ୍ଦେ ଭଣିଲେ ଦନାଇ ଦାସ ।

**କ୍ଷଣ** ( ଧାତୁ )—ସଂ—୧ । ଆଘାତ କରିବା, ହିଂସା କରିବା—
Kshaṇa (root) — 1. To hurt; to injure; to wound.
୨ । ଖଣ୍ଡ ଖଣ୍ଡ କରି ଭାଙ୍ଗିବା—
2. To break into pieces.

**କ୍ଷଣ**—ସଂ. ବି (କ୍ଷଣ ଧାତୁ = ଆଘାତ କରିବା + କର୍ତ୍ତୃ. ଅ; ଯାହା ଦୁଃଖକୁ Kshaṇa ଆଘାତ କରେ. )—୧ । ୩୦ କଳା ବା ୧୦ ପଳ ସମୟ; ପ୍ରାୟ ୪ ମିନିଟ୍‌ବ୍ୟାପୀ ସମୟ—
1. A period of time corresponding roughly to four minutes.
୨ । ଏକ ସେକଣ୍ଡର $\frac{4}{5}$ ସମୟ—
2. A measure of time; $\frac{4}{5}$ of a second.
୩ । ମୁହୂର୍ତ୍ତିକାଳ—
3. A moment; instant.
୪ । କେନ୍ଦ୍ର—4. Centre
୫ । ମଧ୍ୟସ୍ଥଳ—5. Middle.
୬ । ଅବସର; ଅବକାଶ—6. Leisure.
୭ । ଆନନ୍ଦ—7. Joy; delight.
୮ । ପର୍ବ; ଉତ୍ସବ; ଆମୋଦ—
8. Festival; amusements.
୯ । ଶୁଭମୁହୂର୍ତ୍ତ—
9. An auspicious moment.
୧୦ । ସୁଯୋଗ—
10. Opportunity; oportune moment.
୧୧ । ବ୍ୟାପାର—11. Function; event.
୧୨ । ପରାଧୀନତା—
12. Dependence; servitude.
୧୩ । ମାରଣ—13. Killing.

**କ୍ଷଣ କରିବା**—ଦେ. କ୍ରି—୧ । ନଦୀର ଆରପାରିର ନିର୍ଦ୍ଦିଷ୍ଟ ସ୍ଥାନରେ Kshaṇa karibā ଡଙ୍ଗାକୁ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖି ଏପାରିରୁ ଡଙ୍ଗାକୁ ମଝିନଈ ଆଡ଼କୁ ବାହିବା ବା ଛାଡ଼ିଦେବା; ଅନ୍ୟ ପାରିରେ ଥିବା ଦୂରସ୍ଥ କୌଣସି ବସ୍ତୁକୁ ଲକ୍ଷ୍ୟ ରଖି ଡଙ୍ଗାକୁ ଏକ ପାରିରୁ ଛାଡ଼ି ଦେବା; ଡଙ୍ଗା ମେଲିବା—
1. To push a boat into a river from such a point on the bank, that it will (inspite of the current carrying the boat down to some distance) touch a fixed point on the opposite bank
୨ । ଡଙ୍ଗାକୁ ମଝିନଈକୁ ମେଲି ଦେବା—
2. To push a boat into mid-stream.

[ ଦ୍ର—ସୁଅ ବୋହୁଥିବା ବା ବଢ଼ିଥିବା ନଦୀକୁ ପାରି ହେବା ସମୟରେ ଆରପାରିର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଡଙ୍ଗା ଲାଗିବାକୁ ଲକ୍ଷ୍ୟ ରଖି ଡଙ୍ଗାକୁ ନାଉରିମାନେ ଏ ପାରିର କୂଳେକୂଳେ ସ୍ରୋତର ବିପରୀତ ଦିଗକୁ ଟାଣି ଟାଣି ଗୋଟିଏ ସ୍ଥାନକୁ ଉଠାଇ ଆଣିବା ପରେ ସେଠାରୁ ଡଙ୍ଗାକୁ ମଝିନଈକୁ ପେଲି ଦିଅନ୍ତି ଏବଂ କାତ ଓ ଅହୁଲା ମାରି ମାରି ଡଙ୍ଗା ସ୍ରୋତର ବେଗରେ ତଳକୁ ଖସି

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନମିଳିବ ତେବେ ସେହି ଶବ୍ଦ ପାଠ ସ୍ଥାନରେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ ଗାଢ ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

ଯାଉଥାଏ, ଏଣେ ଆରପାର ଅଙ୍କୁ ଅଗ୍ରସର ହେଉଥାଏ ଓ ଅବକ୍ଷେପରେ ଆରପାରର ନର୍ଦ୍ଦିଷ୍ଟ ସ୍ଥାନରେ ଯାଇ ଲାଗେ । ନଦୀର ସୁଅ ଯେତିକି ପ୍ରବଳ ହୁଏ, ଡଙ୍ଗାକୁ ଏପାରରେ ସେତିକି ବେଶି ଉଜାଣି ଉଠାଇ ନେବାକୁ ହୁଏ । ଆରପାରର କୌଣସି ନର୍ଦ୍ଦିଷ୍ଟ ସ୍ଥାନର ଠିକ୍ ବିପରୀତ ସ୍ଥାନରେ ଅବସ୍ଥିତ ଏପାରର ବିନ୍ଦୁରୁ ଡଙ୍ଗାକୁ କ୍ଷଣ କଲେ ସୁଅର ବେଗ ଯୋଗୁଁ ଡଙ୍ଗା ସେପାରର ନର୍ଦ୍ଦିଷ୍ଟ ସ୍ଥାନରେ ଲାଗି ପାରିବ ନାହିଁ । ଏପାରରେ କେଉଁ ବିନ୍ଦୁ ପର୍ଯ୍ୟନ୍ତ ଉଜାଣି ନେଲେ ଡଙ୍ଗା ଯାଇ ଆରପାରର ଅଭିପ୍ରେତ ସ୍ଥାନରେ ଲାଗିବ ଏହା ନାଉରିମାନେ ଆପଣାର ଅଭିଜ୍ଞତାବଳରେ ଜାଣି ପାରନ୍ତି । ଡଙ୍ଗାକୁ ସେହି ପର୍ଯ୍ୟନ୍ତ ଉଠାଇ ନେଇ ସେହି ସ୍ଥାନରୁ ଡଙ୍ଗାକୁ ଆରପାରର ନର୍ଦ୍ଦିଷ୍ଟ ବିନ୍ଦୁ ଅଭିମୁଖରେ କ୍ଷଣ କରି ଦିଅନ୍ତି । ]

**କ୍ଷଣକାଳ**—ସଂ. ବି ( କ୍ଷଣ + କାଳ )—ଅତି ଅଳ୍ପ ସମୟ; ମୁହୂର୍ତ୍ତମାତ୍ର; ଲଘୁ ସମୟ—
Kshaṇakāla — An instant; a moment.

**କ୍ଷଣକେ**—ଦେ. କ୍ରି. ବିଣ—୧ । ଏକ ମୁହୂର୍ତ୍ତରେ; କ୍ଷଣକାଳ ମଧ୍ୟରେ; ଅତି ଅଳ୍ପକାଳ ମଧ୍ୟରେ—
Kshaṇake — 1. In a moment; in no time.
୨ । ଏହିକ୍ଷଣି; ବର୍ତ୍ତମାନ—
2. Immediately; just now.

**କ୍ଷଣକ୍ଷଣ**—ଦେ. ବିଣ (ସଂ. କ୍ଷଣେ କ୍ଷଣେ)—ଅନ୍ତରତ; ଅବିଶ୍ରାନ୍ତ; ମୁହୁର୍ମୁହୁଃ ଘଟୁଥିବା—
Kshaṇakshaṇa — Incessant; repeated.
କ୍ଷଣେକ୍ଷଣେ
ক্ষণোক্ষণে — ଦେ. କ୍ରି. ବିଣ—ଅନୁକ୍ଷଣ; ପ୍ରତିକ୍ଷଣ; ମୁହୁର୍ମୁହୁଃ; କ୍ଷଣକ୍ଷଣ; ଅବିରତ—
At every moment; instantly; incessantly.
ଦେ. ବି—ପ୍ରତି ମୁହୂର୍ତ୍ତ—Every moment.
ବେଙ୍ଗ ବହେ ବେଙ୍ଗୁଲୀ ଯେ । ବୁଲଅ କ୍ଷଣକ୍ଷଣକେ ଅନ—ଢଗ ।

**କ୍ଷଣଜନ୍ମା**—ସଂ. ବିଣ (ବହୁବ୍ରୀହି; କ୍ଷଣ + ଜନ୍ମନ୍ ୧ମା. ୧ବ.)
Khaṇajanmā — ୧ । ଶୁଭମୁହୂର୍ତ୍ତରେ ଜାତ—
1. Born in an auspicious moment.
୨ । କୀର୍ତ୍ତିଶାଳୀ; ପ୍ରସିଦ୍ଧ—
2. Famous; celebrated.
୩ । ଅତି ଭାଗ୍ୟବାନ୍—3 Very fortunate.
୪ । କୃତୀ—4. Born with excellent parts; accomplished; talented.

**କ୍ଷଣଜୀବୀ**—ସଂ. ବିଣ. ପୁଂ ( କ୍ଷଣ + ଜୀବ ଧାତୁ + ଇନ୍ ୧ମା. ୧ବ)—
Kshaṇajībī — ଯେ ଅତି ଅଳ୍ପ କାଳ ବଞ୍ଚି ରହେ—
(କ୍ଷଣଜୀବିନୀ—ସ୍ତ୍ରୀ) Ephemeral; short-lived.

**କ୍ଷଣତୁ**—ସଂ. ବି (କ୍ଷଣ ଧାତୁ = ଆଘାତ କରିବା + ସଜ୍ଞାର୍ଥେ ଅତୁ )—
Kshaṇatu — ଘାଅ; କ୍ଷତ—Wound; sore.

**କ୍ଷଣଦ**—ସଂ. ବି. ପୁଂ ( କ୍ଷଣ + ଦା ଧାତୁ + କର୍ତ୍ତୃ. ଅ )—୧ । ଗଣକ—
Kshaṇada — 1. Astrologer.
୨ । (ଯାହା ଆନନ୍ଦ ଦିଏ) ଜଳ—
2. Water (which gives amusement).
୩ । ( କ୍ଷଣଦା + ଅ ) ଅନ୍ଧାରକଣା ରୋଗ—
3. Night-blindness.

**କ୍ଷଣଦା**—ସଂ. ବି. ସ୍ତ୍ରୀ (କ୍ଷଣଦ + ସ୍ତ୍ରୀ. ଆ)—୧ । (ଯାହା ଅବସର ଦିଏ) ରାତ୍ରି—
Kshaṇadā — 1. Night ( which gives leisure.)
ବୋଇଲେ କ୍ଷଣଦା ସେ କ୍ଷଣ ପ୍ରାୟେ ଗଲା—ଉପେ. ବୈଦେହୀଶବିଳାସ ।
୨ । ହଳଦୀ—2. Turmeric ( which is used extensively in festivals in India in the shape of paste).
୩ । ବ୍ୟାପାରଶୂନ୍ୟତା—3. Want of occupation.

**କ୍ଷଣଦାକ୍ଷୟ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷଣଦା + କ୍ଷୟ )—ରାତ୍ରିଶେଷ; ପ୍ରଭାତ—
Kshaṇadākshaya — Termination of the night; early morning.

**କ୍ଷଣଦ୍ୟୁତି**—ସଂ. ବି (ବହୁବ୍ରୀହି; କ୍ଷଣ + ଦ୍ୟୁତି)—କ୍ଷଣପ୍ରଭା (ଦେଖ)—
Kshaṇadyuti — Kshaṇaprabhā (See)

**କ୍ଷଣଧ୍ୱଂସୀ**—ସଂ. ବିଣ. (କ୍ଷଣ + ଧ୍ୱଂସିନ୍; ୧ମା. ୧ବ)—କ୍ଷଣଭଙ୍ଗୁର (ଦେଖ)—
Kshaṇadhwaṃsī — Kshaṇabhaṅgura (See)
(କ୍ଷଣଧ୍ୱଂସିନୀ—ସ୍ତ୍ରୀ)

**କ୍ଷଣନ**—ସଂ. ବି ( କ୍ଷଣ ଧାତୁ = ଆଘାତ କରିବା + ଭାବ. ଅନ )—
Kshaṇana — ଆଘାତ କରିବା—Hurting; wounding.

**କ୍ଷଣପତି**—ସଂ. ବି—(୬ଷ୍ଠୀ ତତ୍; କ୍ଷଣ + ପତି)—ଚନ୍ଦ୍ର—
Kshaṇapati — The moon.

**କ୍ଷଣପ୍ରକାଶ**—ସଂ. ବି .(ବହୁବ୍ରୀହି; କ୍ଷଣ + ପ୍ରକାଶ)—କ୍ଷଣପ୍ରଭା (ଦେଖ)—
Kshaṇaprakāsa — Kshaṇaprabhā (See)

**କ୍ଷଣପ୍ରଭା**—ସଂ. ବି. (ବହୁବ୍ରୀହି; କ୍ଷଣ + ପ୍ରଭା; ଯାହାର ପ୍ରଭା କ୍ଷଣସ୍ଥାୟୀ)—
Kshaṇaprabhā — ବିଦ୍ୟୁତ; ବିଜୁଳି—Lightning.

**କ୍ଷଣବିଧ୍ୱଂସୀ**—ସଂ. ବିଣ. ପୁଂ (କ୍ଷଣ + ବିଧ୍ୱଂସିନ୍; ୧ମା. ୧ବ.)—
Kshaṇabidhwaṃsī — କ୍ଷଣଭଙ୍ଗୁର (ଦେଖ)—
(କ୍ଷଣବିଧ୍ୱଂସିନୀ—ସ୍ତ୍ରୀ) Kshaṇabhaṅgura (See)

**କ୍ଷଣଭଙ୍ଗୁର**—ସଂ. ବିଣ. ପୁଂ ( କ୍ଷଣ + ଭଙ୍ଗୁର )—ଅତି ଅଳ୍ପ ସମୟରେ ଯାହା ବିନାଶପ୍ରାପ୍ତ ହୁଏ ବା ନଷ୍ଟ ହୋଇଯାଏ—
Kshaṇabhaṅgura — Perishing in a moment; perishable in a short time; frail; ephemeral.
(କ୍ଷଣଭଙ୍ଗୁରା—ସ୍ତ୍ରୀ)
(କ୍ଷଣଭଙ୍ଗୁରତା—ବି)

**କ୍ଷଣମାତ୍ର**—ଦେ. ଅ (ସଂ. କ୍ଷଣମାତ୍ରଂ)—ଅତି ଅଳ୍ପ ସମୟ ପାଇଁ—
Kshaṇamātra — For one moment.

**କ୍ଷଣରମୀ**—ସଂ. ବି ( କ୍ଷଣ + ରମ ଧାତୁ + ଇନ୍ ୧ମା. ୧ବ; ଏମାନଙ୍କର ରମଣ କ୍ଷଣସ୍ଥାୟୀ)—ପାରାବତ—Pigeon.
Kshaṇarāmī

| ୧ | ଋ | ଌ | ର୍,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଌ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ● | ନୃ |

**ଷଣରୁଚ**—ସଂ ବ ( ବହୁବ୍ରୀହି, ଷଣ + ରୁଚସ୍; ୧ମା. ୧ବ. ) ଷଣପ୍ରଭା;
Kshaṇaruchi ବିଦ୍ୟୁତ୍; ବିଜୁଳି—Lightning.

ତଦ୍ୱଳବ ଷଣରୁଚ ଉଦତରେ—କବୀନ୍ଦ୍ର. କଣୋସବକାବ୍ୟ. ୦ ଗୀତ ।

**ଷଣଶ୍ୱାସ**—ସଂ. ବ (ବହୁବ୍ରୀହି; ଷଣ + ଶ୍ୱାସ; ଏ ଷଣମାତ୍ର ପାଣି ଉପରକୁ
Kshaṇaśwāsa ମୁହଁ ଉଠାଇ ନିଶ୍ୱାସ ମାରେ ଓ ପୁଣି ପାଣିରେ ବୁଡ଼ିଯାଏ) ଶୁଶୁମାର—Porpoise.

**ଷଣସ୍ଥାୟୀ**—ସଂ. ବଣ. ପୁଂ ( ଷଣ + ସ୍ଥାୟିନ୍; ୧ମା. ୧ବ )—ଅଳ୍ପକାଳ-
Kshaṇasthāyi ସ୍ଥାୟୀ; ଅସ୍ଥାୟୀ—Short-lived; momentary; transient; brief.
(ଷଣସ୍ଥାୟିନୀ—ସ୍ତ୍ରୀ)

**ଷଣି**—ଦେ. ଅ (ସଂ. ଷଣଂ; ଷଣାତ୍)—ମାତ୍ରକେ—
Kshaṇi Just after; immediately after.

ଏହିରୂପେ ବୋଲିବା ଷଣି ନରପତ—କୃଷ୍ଣସିଂ ଚ. ମହାଭାରତ. ଅବ ।

**ଷଣିକ**—ସଂ. ବଣ. ପୁଂ (ଷଣ + ଇକ)—ଷଣସ୍ଥାୟୀ (ଦେଖ)—
Kshaṇika Kshaṇasthāyi (See)
(ଷଣିକା—ସ୍ତ୍ରୀ)

**ଷଣିକା**—ସଂ. ବ. ସ୍ତ୍ରୀ (ଷଣିକ + ସ୍ତ୍ରୀ. ଆ) ବିଦ୍ୟୁତ୍; ବିଜୁଳି—
Kshaṇikā Lightning.
ସଂ. ବିଣ. ସ୍ତ୍ରୀ—ଷଣିକର ସ୍ତ୍ରୀଲିଙ୍ଗ—
Feminine of Kshaṇika.

**ଷଣିନୀ**—ସଂ. ବଣ. ସ୍ତ୍ରୀ ( ଷଣ + ଇନ୍ + ଈ)—ଷଣୀର ସ୍ତ୍ରୀଲିଙ୍ଗ—
Kshaṇini Feminine of Kshaṇi.
ସଂ. ବ—ରାତ୍ରି—Night.

**ଷଣୀ**—ସଂ. ବଣ (ଷଣ + ଇନ୍; ୧ମା. ୧ବ)—ଷଣିକ—
Kshaṇi Momentary.

**ଷଣେ**—ଦେ. ବ—(ସଂ. ଷଣଂ)—ଏକ ମୁହୂର୍ତ୍ତ; କହୁମାଏ; ଷଣମାତ୍ର—
Kshaṇe One moment only.
ক্ষণেক ଦେ. କ୍ରି. ବଣ—ଏକ ମୁହୂର୍ତ୍ତ ନିମନ୍ତେ—
क्षणमात्र For one moment.

**ଷଣେକ**—ଦେ. ବ ଓ କ୍ରି. ବଣ (ସଂ. ଷଣଂ + ଏକ)—ଷଣେ (ଦେଖ)—
Kshaṇeka Kshaṇe (See)

**ଷଣେଷଣେ**—ଦେ. ଅ—ଷଣଷଣ (ଦେଖ)—
Kshaṇekshaṇe Kshaṇakshaṇa (See)

ପଞ୍ଚର ବହଙ୍ଗ ଯଥା ଭାବେ ଷଣେଷଣେ—ଜଗନ୍ନାଥ. ମହାଯାନ ।

**ଷତ**—ସଂ. ବ. (ଷଣ ଧାତୁ=ଅଘାତ କରିବା + ଭାବ. ତ)—
Kshata ୧ । ଆଘାତ—1. Hurt.
୨ । ଘଷାହୋଇ ଦାଗ—2. Scratch
୩ । ବ୍ରଣ; ଘାଆ—3. Wound; sore
୪ । ଘଷିହେବା—4. Scratching.
୫ । ବିଦାରଣ—5. Tearing.
୬ । ଅଘାତ ବା ଘାଆର ଦାଗ—6 Scar.
୭ । ବିପଦ—7. Danger; peril.
୮ । କଟାଘାଆ -8. Cut wound.

ସଂ. ବଣ - ୧ । ଆଘାତପ୍ରାପ୍ତ—1. Hurt; injured.
(ଷତା—ସ୍ତ୍ରୀ) ୨ । ଆହତ—2. Wounded.
୩ । ଆଘାତ ଦ୍ୱାରା ଚିହ୍ନଯୁକ୍ତ—
4. Having a scar; scarred.
୪ । ବିଦାରିତ—4. Torn.
୫ । ଷୟିତ—5. Diminished.
୬ । ଖଣ୍ଡିତ—6. Interrupted.

**ଷତଚିହ୍ନ**—ସଂ. ବ (୬ଷ୍ଠୀ ତତ୍; ଷତ + ଚିହ୍ନ)—ଖଣ୍ଡିଆ ଦାଗ; ଆଘାତର
Kshatachihna ଦାଗ—Scar; mark of a wound; cicatrice.

**ଷତଜ**—ସଂ. ବ. (ଷତ + ଜନ ଧାତୁ + ଅ)—୧ । ରୁଧିର; ରକ୍ତ—
Kshataja Blood.

ବହିବାର ଷତଜରୁ ଲାଲ ହୋଇ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

୨ ପୂଜ—2. Pus.
ସଂ. ବଣ—ଆଘାତରୁ ଜାତ—Due to wounds; resulting from wounds.

**ଷତବିଷତ**—ସଂ. ବଣ (ଦ୍ୱନ୍ଦ୍ୱ; ଷତ + ବିଷତ)—
Kshatabikshata ୧ । ଦେହସାକ ରକ୍ତବହୁଥିବା; ଖଣ୍ଡିଆଖାବୁରା—
2. Full of bleeding wounds and scratches.
୨ । ଶସ୍ତ୍ରାଦିଦ୍ୱାରା ଛିନ୍ନଭିନ୍ନ—2. Mangled.
୩ । ଷତପୂର୍ଣ୍ଣ—3. Covered with cuts and wounds.

**ଷତବୃତ୍ତି**—ସଂ.ବଣ. (ବହୁବ୍ରୀହି; ଷତ + ବୃତ୍ତି)—ଜୀବିକାହୀନ; ବେକାର—
Kshatabrutti Unemployed; one who has lost his means of living; being without the means of support.

**ଷତବ୍ରଣ**—ସଂ. ବ. (ମ. ପ. ଲୋ. ଷତଜନିତ ବ୍ରଣ)—
Kshatabraṇa ୧ । ଘାଆ ଅବର ଦାଗ—1. Cicatrice.
୨ । ଅଘାତଜନିତ ଘାଆ—2. Sore produced by an injury.

**ଷତବ୍ରତ**—ସଂ. ବଣ. ପୁଂ (ବହୁବ୍ରୀହି; ଷତ ହୋଇଅଛି ବ୍ରତ ଯାହାର)—
Kshatabrata ବ୍ରତ ଭଙ୍ଗ କରିଥିବା (ଛାତ୍ର ବା ବ୍ୟକ୍ତି)—
(ଷତବ୍ରତା—ସ୍ତ୍ରୀ) (a student or person) Who has violated his vows or religious engagements.

**ଷତଯୋନି**—ସଂ. ବଣ. ସ୍ତ୍ରୀ—(ବହୁବ୍ରୀହି) ଯେଉଁ ସ୍ତ୍ରୀ ପୁରୁଷସହବାସ କରିଅଛି—
Kshatajoni (a woman) Who is no longer a virgin;
(ଅଷତଯୋନି - ବିପରୀତ) (a woman) who has had sexual intercourse.

୨ । ବଳପୂର୍ବକ ସଙ୍ଗମ କରାଯାଇଥିବା (ସ୍ତ୍ରୀ)—
2. Violated (woman); ravished (woman).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବୃତ' ନ ପାଇଲେ 'ଅଲବୃତ୍' ଦେଖିବେ

**କ୍ଷତହର**—ସଂ. ବି. ପୁଂ. (କ୍ଷତ+ହୃ ଧାତୁ+କର୍ତ୍ତୃ. ଅ; ଏହା ଘାଅର
Kshatahara ଔଷଧ)—ଗୁଗ୍ଗୁଳ—Aloes wood.

**କ୍ଷତା**—ସଂ. ବି. ସ୍ତ୍ରୀ—ବିବାହ ପୂର୍ବରୁ ପୁରୁଷ ସହବାସ କରିଥିବା କନ୍ୟା—
Kshatā A girl who has had sexual intercourse before marriage.

**କ୍ଷତାରି**—ସଂ. ବିଣ—୧। (ବହୁବ୍ରୀହି, କ୍ଷତ ହୋଇଅଛି ଅରି ଯାହାର)—
Kshatāri ଜୟୀ—Victorious.
୨। (୬ଷ୍ଠୀ ତତ୍; କ୍ଷତ+ଅରି)—ଘାଅ ଆରୋଗ୍ୟକାରୀ (ଔଷଧ)—Curing wounds.

**କ୍ଷତି**—ସଂ. ବି (କ୍ଷଣ ଧାତୁ+ଭାବ. ତି)—
Kshati
୧। ନୋକ୍‌ସାନ୍; ହାନି—1. Injury; damage; detriment.
୨। କାଟିବା; କଟା—2. Cutting.
୩। କ୍ଷୟ—3. Decay.
୪। ବିନାଶ—4. Destruction; loss.
୫। ଅସ୍ତ୍ରଶସ୍ତ୍ରାଘାତ ଚିହ୍ନ; କ୍ଷତଚିହ୍ନ—5. Scar; cicatrice.
୬। ଘାଅ; କ୍ଷତ—6. Wound.
୭। ଆଘାତ—7. Hurt; stroke.
୮। ଅଭାବ—8. Want.
୯। ଦୋଷ—9. Defect; fault.
୧୦। ଭୁଲ୍; ଭ୍ରମ—10. Mistake (M. W.)

**କ୍ଷତିକର**—ସଂ. ବିଣ (କ୍ଷତି+କୃ ଧାତୁ+କର୍ତ୍ତୃ. ଅ)—
Kshatikara ଯାହାଦ୍ୱାରା କ୍ଷତି ଘଟେ—Bringing about loss or damage; damaging.

**କ୍ଷତିଜନକ**—ସଂ. ବିଣ (କ୍ଷତି+ଜନ ଧାତୁ+କର୍ତ୍ତୃ. ଅକ)—
Kshatijanaka କ୍ଷତିକର (ଦେଖ) Kshatikara (See)

**କ୍ଷତିପୂରଣ**—ସଂ. ବି (୬ଷ୍ଠୀ ତତ୍; କ୍ଷତି+ପୂରଣ)—
Kshatipūraṇa ୧। କୌଣସି ବ୍ୟକ୍ତିଦ୍ୱାରା ହୋଇଥିବା ଅନ୍ୟ ବ୍ୟକ୍ତିର କ୍ଷତିର ପରିକଳ୍ପିତ ମୂଲ୍ୟ ପ୍ରଥମ ବ୍ୟକ୍ତି ଦ୍ୱାରା ପ୍ରଦାନ—1. Payment of damages.
୨। ନୋକ୍‌ସାନ୍ ଭରଣା କରାଯିବା—2. Restoration of the loss committed by another.

**କ୍ଷତିବୃଦ୍ଧି**—ସଂ. ବି (ବିପରୀତାର୍ଥକ ସହଚର; କ୍ଷତି+ବୃଦ୍ଧି)—
Kshatibruddhi ୧। ଲାଭାଲାଭ; ହାନି ଓ ଲାଭ—1 Profit and loss.
୨। ହାନି ବା ଲାଭ—2. Profit or loss.

**କ୍ଷତୋଦର**—ସଂ. ବି (କ୍ଷତ+ଉଦର)—
Kshatodara ୧। ସ୍ତ୍ରୀମାନଙ୍କର ଆର୍ତ୍ତବ—1. The menstrual flux.
୨। ନାଲିରକ୍ତ ଝାଡ଼ା—2. Dysentery.

**କ୍ଷତ୍ତା**—ସଂ. ବି. ପୁଂ (କ୍ଷଦ ଧାତୁ+କର୍ତ୍ତୃ. ତୃ, ୧ମା. ୧ବ)—
Kshattā ୧। ଯେଉଁ କାରିଗର କୌଣସି ବସ୍ତୁକୁ କାଟେ ବା
( କ୍ଷତ୍ତ୍ରୀ—ସ୍ତ୍ରୀ ) ଖୋଦେଇ କାମ କରେ—1. A carver; a cutter.
୨। କ୍ଷତ୍ରିୟା ବା ବୈଶ୍ୟା ଗର୍ଭରେ ଶୂଦ୍ରର ଔରସ ସନ୍ତାନ; ଉଗ୍ର କ୍ଷତ୍ରିୟ—2. Child born of a Kshatriya or Baiśya woman by a Śūdra man.
୩। ସାରଥି—3. Charioteer; coachman.
୪। ଦ୍ୱାରପାଳ—4. Door-keeper; porter.
୫। ବିଧାତା—5. Creator.
୬। ଯେ ରଥରେ ଥାଇ ଯୁଦ୍ଧ କରେ—6. A warrior who fights while in the chariot.
୭। ଦାସୀପୁତ୍ର—7. Son by a concubine; son of a female slave.
୮। କୋଷାଧ୍ୟକ୍ଷ—8 Treasurer.
୯। ମତ୍ସ୍ୟ—Fish.
୧୦। ବିଦୁର; ପାଣ୍ଡୁଙ୍କ ସାନ ସାବତ ଭାଇ—10. A name of Bidura, the younger step-brother of Paṇḍu.
[ ଦ୍ର—ଏ ବ୍ୟାସଙ୍କ ଦାସୀ ଆଡ଼ର ପୁତ୍ର ଥିଲେ। )

**କ୍ଷତ୍ତ୍ର**—ସଂ. ବି. ପୁଂ—(କ୍ଷତ+ତ୍ରୈ ଧାତୁ+ଅ; ଯେ କ୍ଷତରୁ ବା ଆପଦରୁ
Kshattra ତ୍ରାଣ କରେ)—୧। କ୍ଷତ୍ରିୟ ଜାତି—
(କ୍ଷତ୍ରୀ—ସ୍ତ୍ରୀ) 1. A Kshatriya or warrior by caste.
୨। ଶରୀର—2. Body.*
୩। ପରାକ୍ରମ; ବଳ; ଶକ୍ତି; କ୍ଷମତା—3. Power; dominion; might.
୪। ଶାସନତନ୍ତ୍ର; ଶାସକ କର୍ତ୍ତୃପକ୍ଷ—4. Government; governing body. (M. W.)
୫। ଧନ—5. Wealth. (M. W.)
୬। ଜଳ - 6 Water.

**କ୍ଷତ୍ରପ**—ସଂ. ବି (କ୍ଷତ୍ର+ପା ଧାତୁ+କର୍ତ୍ତୃ. ଅ)—ପ୍ରାଦେଶିକ ଶାସନକର୍ତ୍ତା
Kshattrapa A Governor (M. W.)
[ ଦ୍ର—ଏହି ଶବ୍ଦ ପୁରାତନ ଶିଳାଲିପି ଓ ମୁଦ୍ରା ଉପରେ ଦେଖାଯାଏ; ମୂଳ ଏହି ଅର୍ଥରେ ଇଂ. ସାଟ୍ରାପ୍; ଫା. ସାବାପ୍ ]

**କ୍ଷତ୍ରବନ୍ଧୁ**—ସଂ.ବି. (କ୍ଷତ୍ର+ବନ୍ଧୁ; ମୂଳ ବ୍ରହ୍ମବନ୍ଧୁ=ନିକୃଷ୍ଟ ବ୍ରାହ୍ମଣ)—
Kshattrabandhu (କ୍ଷତ୍ରିୟ ବେଶଧାରୀ) ଘୃଣିତ କ୍ଷତ୍ରିୟ—1. A dispised Kshatriya.
୨। ନାମରେ କ୍ଷତ୍ରିୟ କିନ୍ତୁ କାର୍ଯ୍ୟରେ ନୁହେ—2. A nominal Kshatriya.

| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଶ | ଜ୍ଞ | ଇଯ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଚ୍ଛ | ଇଅ | ଓ | ନ୍ତ |

**କ୍ଷତ୍ରିୟ**—ସଂ. ବ. ପୁଂ (କ୍ଷତ୍ର+ଇୟ)—
Kshattriya ହିନ୍ଦୁମାନଙ୍କର ଦ୍ୱିତୀୟ ବର୍ଣ୍ଣ; ଯୋଦ୍ଧାଜାତି/ଯଶସ୍ୱୀ ଏତ—The second or warrior caste among the Hindus.
[ ଦ୍ର—ଏମାନେ ବ୍ରହ୍ମାଙ୍କ ବାହୁରୁ ଜନ୍ମ ଲଭିଥିଲେ । ଏମାନେ ଦ୍ୱିଜାତି; ପଇତା ପକାନ୍ତି । ହିନ୍ଦୁମାନଙ୍କ ମଧ୍ୟରେ ବ୍ରାହ୍ମଣଙ୍କୁ ଛାଡ଼ିଦେଲେ ଏମାନେ ସର୍ବଶ୍ରେଷ୍ଠ ଜାତି । ଯୁଦ୍ଧ କରିବା ଓ ବିପନ୍ନ ବ୍ୟକ୍ତିର ଉଦ୍ଧାର କରିବା ଏ ଜାତିର ପ୍ରଧାନ କର୍ତ୍ତବ୍ୟ ଥିଲା । କ୍ଷତ୍ରିୟମାନେ ରାଜା ହେଉଥିଲେ । ଓଡ଼ିଶାର ଅଧିକାଂଶ ରାଜା ରାଜପୁତାନାର କ୍ଷତ୍ରିୟବଂଶସମ୍ଭୂତ । ]

**କ୍ଷତ୍ର**—ସଂ. ବ. ପୁଂ. (କ୍ଷତ+ତ୍ରୈ ଧାତୁ+ଅ)—କ୍ଷତ୍ତ୍ର (ଦେଖ)
Kshatra Kshattra (See)
(କ୍ଷତ୍ରୀ—ସ୍ତ୍ରୀ)

**କ୍ଷତ୍ରଧର୍ମ**—ସଂ. ବ. (୬ଷ୍ଠୀତତ୍; କ୍ଷତ୍ର+ଧର୍ମ) ୧ । ସାହସ—1. Bravery.
Kshatradharma ୨ । ଯୁଦ୍ଧରେ ସାହସ—2. Military heroism.
୩ । କ୍ଷତ୍ରିୟର କର୍ତ୍ତବ୍ୟ କର୍ମ—
3. Duties of a Kshatriya.

**କ୍ଷତ୍ରବନ୍ଧୁ**—ସଂ. ବ—କ୍ଷତ୍ତ୍ରବନ୍ଧୁ (ଦେଖ)
Kshatrabandhu Kshattrabandhu (See)

**କ୍ଷତ୍ରାନ୍ତକ**—ସଂ.ବ.ପୁଂ (କ୍ଷତ୍ର+ଅନ୍ତକ)—ପରଶୁରାମଙ୍କର ନାମ ବିଶେଷ—
Kshatrāntaka An epithet of Paraśurāma.

**କ୍ଷତ୍ରି**—ଦେ. ବ. (ସଂ. କ୍ଷତ୍ରିୟ)—୧ । କ୍ଷତ୍ରିୟ—
Kshatri 1. Kshatriya by caste.
ଛତ୍ରୀ
ଦ୍ରୋଣଙ୍କରେ ଉଷତ କ୍ଷତ୍ରୀ ସେତେ ଛତ୍ର,
କୃଷ୍ଣସିଂହ ମହାଭାରତ. ବନ ।
୨ । (ସଂ. ଛତ୍ରୀ ହି. ଖାତ୍ରୀ)—ଖାତ୍ରୀ (ଦେଖ)
2. Kshātri (See)
ଦେ. ବଣ—ସାହସୀ—Brave; courageous.

**କ୍ଷତ୍ରିପଣ**—ଦେ. ବ. (ସଂ. କ୍ଷତ୍ରିୟ+ଓ. ପଣ)—କ୍ଷତ୍ରିୟତ୍ୱ, ବୀରତ୍ୱ—
Kshatripana Bravery; heroism.
ଦେଖି ତାହାର କ୍ଷତ୍ରିପଣ, କରୁ ସଙ୍ଗତେ ଘୋର ରଣ ।
ଜଗନ୍ନାଥ ଭାଗବତ ।

**କ୍ଷତ୍ରିୟ**—ସଂ. ବ. ପୁ. (କ୍ଷତ୍ର+ଇୟ)—କ୍ଷତ୍ତ୍ରିୟ (ଦେଖ)
Kshatriya Kshattriya (See)
କ୍ଷତ୍ରିୟାଣୀ, କ୍ଷତ୍ରିୟା
କ୍ଷତ୍ରିୟୀ, କ୍ଷତ୍ରିୟାଣୀ, } ସ୍ତ୍ରୀ
କ୍ଷତ୍ରିୟିକା

**କ୍ଷତ୍ରିୟଘ୍ନ**—ସଂ ବ. (କ୍ଷତ୍ରିୟ+ହନଧାତୁ+କ୍ୱିପ୍)—ପରଶୁରାମଙ୍କ ନାମ—
Kshatriyaghna An epithet of Paraśurāma.

**କ୍ଷତ୍ରୀ**—ସଂ. ବ. ସ୍ତ୍ରୀ. (କ୍ଷତ୍ର+ଈ)—୧ । କ୍ଷତ୍ରିୟ ସ୍ତ୍ରୀ—
Kshatri 1. A woman of Kshatriya-caste.
୨ । ଜଳ—2 Water.
୩ । ଦେହ—3. Body.
ସଂ. ବ. ପୁ.—(କ୍ଷତ୍ର+ଇନ୍; ୧ମା. ୧ବ.) କ୍ଷତ୍ରିୟ—
A man of the military order.
ବ୍ରହ୍ମ କ୍ଷତ୍ରୀ ବୈଶ୍ୟ ଶୂଦ୍ର ଗୋପାଳ ଯେ ଥାନ୍ତି । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

**କ୍ଷଦ** (ଧାତୁ) ସଂ.—୧ । ମାରି ପକାଇବା—
Kshada (root) 1. To kill.
୨ । ଖାଇବା—2. To eat.
୩ । ଘୋଡ଼ାଇବା—3. To cover.
୪ । ଖଣ୍ଡ ଖଣ୍ଡ କରିବା; ବିଭାଗ କରିବା—
4. To dissect; to divide, to carve.
୫ । ବଣ୍ଟନ କରିବା—5. To distribute.

**କ୍ଷଦଣ୍ଡୋତ୍ପଳ**—ସଂ. ବ.—ଦଣ୍ଡିପୋଏଲା (ଦେଖ)
Kshadaṇḍotpala Daṇḍipoelā (See)

**କ୍ଷନ୍** (ଧାତୁ)—ସଂ.—କ୍ଷଣ ଧାତୁ (ଦେଖ)
Kshan (root) Kshaṇa root (See)

**କ୍ଷନ୍ତବ୍ୟ**—ସଂ. ବଣ. ( କ୍ଷମ ଧାତୁ=କ୍ଷମା କରିବା+କର୍ମ. ତବ୍ୟ )—
Kshantabya କ୍ଷମାଯୋଗ୍ୟ—Deserving pardon; pardonable

**କ୍ଷନ୍ତା**—ସଂ. ବ. ପୁଂ. (କ୍ଷମ ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—
Kshantā ୧ । କ୍ଷମାଶୀଳ—1. Forbearing.
(କ୍ଷନ୍ତ୍ରୀ—ସ୍ତ୍ରୀ) ୨ । ଧୀର—2. Patient.
୩ । ସହନଶୀଳ—3. Enduring.
୪ । ବିନୀତ—4. Submissive.

**କ୍ଷନ୍ଦଣିବନ୍ଧଣି**—ଗ୍ରା. (ପଦ୍ୟ) ବଣ.—(ସଂ. ଛନ୍ଦ ଓ ବନ୍ଧ)
Kshandaṇibandhaṇi ଛନ୍ଦଣିମନ୍ଦଣି; ପରସ୍ପର ଛନ୍ଦାଛନ୍ଦ—
Intertwined with one another.
କୋଇଲି ଲୋ ! କ୍ଷନ୍ଦଣିବନ୍ଧଣି ଭୂଜଦଣ୍ଡ,
କ୍ଷମା କର ମୋର ଦୋଷ ବୋଲେ ମାରକଣ୍ଡ ଲୋ କୋଇଲି ।
କୋଇଲି ଚଉତିଶା ।

**କ୍ଷନ୍ଦଣିମନ୍ଦଣି**—ଗ୍ରା. (ପଦ୍ୟ) ବଣ.—କ୍ଷନ୍ଦଣିବନ୍ଧଣି (ଦେଖ)
Kshandaṇimandaṇi Kshandaṇibandhaṇi (See)

**କ୍ଷନ୍ଦିବା**—ଗ୍ରା. ( ପଦ୍ୟ ) କ୍ରି ( ସଂ. ଛନ୍ଦ୍ ଧାତୁ )—ଗୀତ ବା ପଦ୍ୟ ରଚନା
Kshandibā କରିବା—To compose a song.
କ୍ଷନ୍ଦଲେ ବଳରାମ ଦାସ ।
କମଳଲୋଚନ ଚଉତିଶା ।

**କ୍ଷପ** (ଧାତୁ)—ସଂ.—୧ । ଫୋପାଡ଼ିବା—
Kshapa (root) 1. To throw; to cast.
୨ । ଉପବାସ କରିବା—2. To fast; to be abstinent.
୩ । ପ୍ରାୟଶ୍ଚିତ୍ତ କରିବା—3. To do penance.
୪ । (କାଳ) ଯାପନ କରିବା; କ୍ଷେପଣ କରିବା—
4. To pass (time).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

୫ । ବିନାଶ କରିବା—5. To destroy.
୬ । ତଡ଼ିବା—6. To expel.
୭ । କମାଇବା—7. To diminish.

**କ୍ଷପଣ**—ସଂ. ବି. ପୁଂ—୧ । (କ୍ଷପ ଧାତୁ=ଉପବାସ କରିବା+କର୍ତ୍ତୃ. ଅନ)—
Kshapaṇa କ୍ଷପଣକ (ଦେଖ)
(କ୍ଷପଣା—ସ୍ତ୍ରୀ) 1. Kshapaṇaka (See)
୨ । କ୍ଷେପଣ—2. Throwing.
୩ । ଶିବ—3. God Śiba.

**କ୍ଷପଣକ**—ସଂ. ବି. ପୁଂ. (କ୍ଷପ ଧାତୁ=ଉପବାସ କରିବା+ଅନ+କ)—
Kshapaṇaka ୧ । ଜୈନ ବା ବୌଦ୍ଧ ତପସ୍ୱୀ; ବୌଦ୍ଧଭିକ୍ଷୁ—
(କ୍ଷପଣିକା—ସ୍ତ୍ରୀ) 1. A Buddhist or Jaina mendicant.
[ ଦ୍ର—କ୍ଷପଣକମାନେ ନଗ୍ନ ରହୁଥିଲେ । ]
୨ । ନିର୍ଲଜ୍ଜ ବ୍ୟକ୍ତି—2. Shameless man.
୩ । ବିକ୍ରମାଦିତ୍ୟଙ୍କ ସଭାପଣ୍ଡିତ ( ନବରତ୍ନ ) ଙ୍କ ମଧ୍ୟରେ ଦ୍ୱିତୀୟ—3. Name of the second of the nine gems (sabhā-paṇḍits) of the court of Rājā Bikramāditya
[ ଦ୍ର—କାଳିଦାସ ଏହାଙ୍କର ସମସାମୟିକ ଓ ନବରତ୍ନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସମ୍ଭବତଃ ଏ ସିଦ୍ଧସେନ ନାମକ ବୌଦ୍ଧ ଜ୍ୟୋତିଷୀ ଥିଲେ । M. W. ]

**କ୍ଷପଣୀ**—ସଂ. ବି. (କ୍ଷପ ଧାତୁ+କର୍ମ. ଅନ+ଈ)—୧ । ଅରିତ୍ର—
Kshapaṇī 1. Oar.
୨ । ଜାଲ—2. Net.

**କ୍ଷପା**—ସଂ. ବି. (କ୍ଷପ ଧାତୁ+କର୍ମ ଅ+ଆ)—୧ । ରାତ୍ରି—
Kshapā 1. Night.
୨ । ହଳଦୀ—2. Turmeric.
୩ । ଦିବାରାତ୍ରି ବ୍ୟାପୀ ୨୪ ଘଣ୍ଟା—
3. A period of 24 hours comprising a day and night (M. W.)

**କ୍ଷପାକର**—ସଂ. ବି. (କ୍ଷପା+କୃ ଧାତୁ+କର୍ତ୍ତୃ. ଅ)—୧ । ଚନ୍ଦ୍ର—
Kshapākara 1. Moon.
୨ । କର୍ପୂର—2. Camphor.

**କ୍ଷପାଘନ**—ସଂ. ବି. ( ଉପମିତ; କ୍ଷପା ପରି ଘନ)—୧ । କଳାମେଘ—
Kshapāghana 1. Dark cloud.
୨ । ରାତିରେ ଉଠିବା ମେଘ—2. Nocturnal clouds.

**କ୍ଷପାଟ**—ସଂ. ବି. (କ୍ଷପା+ଅଟ୍ ଧାତୁ+କର୍ତ୍ତୃ. ଅ)—ନିଶାଚର; ରାକ୍ଷସ—
Kshapāṭa Demon; goblin.

**କ୍ଷପାନାଥ**—ସଂ. ବି. ପୁଂ. (୬ଷ୍ଠୀ ତତ୍; କ୍ଷପା=ରାତ୍ରି+ନାଥ)—
Kshapānātha କ୍ଷପାକର (ଦେଖ)—
Kshapākara (See)

**କ୍ଷପାନ୍ଧ**—ସଂ. ବିଣ. ପୁଂ (୭ମୀ ତତ୍, କ୍ଷପା+ଅନ୍ଧ) ଅନ୍ଧାରକଣା—
Kshapāndha Night-blind.
(କ୍ଷପାନ୍ଧା—ସ୍ତ୍ରୀ)
(କ୍ଷପାନ୍ଧ୍ୟ—ବି)

**କ୍ଷପାନ୍ଧ୍ୟ**—ସଂ. ବି (କ୍ଷପାନ୍ଧ+ଭାବ. ଯ)—ଅନ୍ଧାରକଣା ରୋଗ—
Kshapāndhya Night-blindness.
(କ୍ଷପାନ୍ଧ—ବିଣ)

**କ୍ଷପାବୃତ୍ତି**—ସଂ. ବିଣ. ( କ୍ଷପା+ବୃତ ଧାତୁ+ତି )—
Kshapābṛutti ଯେ ରାତିରେ ଖାଦ୍ୟ ଖୋଜିବାକୁ ବାହାରେ—
Going out for food in the night (M. W.)

**କ୍ଷପିତ**—ସଂ. ବିଣ. ( କ୍ଷପଧାତୁ+କର୍ମ. ତ)—୧ । ଯାପିତ; ଅତିବାହିତ—
Kshapita 1. Past; passed; spent.
୨ । ଦଗ୍ଧ—2. Burnt.
୩ । ବିନାଶିତ—3. Destroyed; ruined.

**କ୍ଷବ**—ସଂ. ବି. ( କ୍ଷୁ ଧାତୁ+ଭାବ. ଅ)—୧ । ଛିଙ୍କ—1. Sneeze.
Kshaba ୨ । କାସ—2. Cough.
୩ । ଶରଦ ହେତୁ କଣ୍ଠର ଗଲୁ ଓ ଦରଜ—
3. Itching and pain in the throat due to cold.
୪ । ଗଳାଦରଜ ରୋଗ—4 Sore throat.
୫ । ଶରଦ—5. Cold; catarrh.
୬ । ରାଇ ସୋରିଷ—6. Black mustard; Sinapis Dichotoma ( M. W. )

**କ୍ଷବକ**—ସଂ. ବି. ( କ୍ଷୁ ଧାତୁ+କର୍ତ୍ତୃ. ଅକ )—୧ । ଅପାମାର୍ଗ (ଗୁଳ୍ମ)—
Kshabaka 1. The plant Achynanthes Aspera.
୨ । ରାଇ ସୋରିଷ—2. Black mustard.
୩ । ଶାକ ବିଶେଷ—3. A kind of potherb.

**କ୍ଷବଥୁ**—ସଂ. ବି. ( କ୍ଷୁ ଧାତୁ+ଭାବ. ଅଥୁ )—କ୍ଷବ ( ଦେଖ )
Kshabathu Kshaba ( See )

**କ୍ଷବିକା**—ସଂ. ବି. ( କ୍ଷବକ+ଆ )—୧ । ଧାନ୍ୟ ବିଶେଷ—
Kshabikā 1. A kind of paddy.
୨ । ନାରୀ; ସ୍ତ୍ରୀଲୋକ—2. A woman.
୩ । କଣ୍ଟକୀ ଗୁଳ୍ମ ବିଶେଷ—
3. A kind of Solanum ( plant ).

**କ୍ଷମ** (ଧାତୁ)—ସଂ—୧ । କ୍ଷମା କରିବା; ଦୋଷ ମାର୍ଜନା କରିବା—
Kshama (root) 1. To forgive; to pardon.
୨ । ଦୋଷ ସହିବା—
2. To be indulgent; to forbear.
୩ । ସହ୍ୟ କରିବା—3. To suffer; to endure.
୪ । ବାଧା ଦେବା—
4. To oppose; to resist; to hinder.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଜ | ଣ୍ଟ,ଣ୍ଡ | ଙ୍କ | ଇସ୍ତ | ହ୍ୟ | ଢ |
| ୨ | ଈ | ଊ | ଋ | ଌ | ସ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଞ୍ଚ | ଣ୍ଠ | ଙ୍ଖ | ଇଥ | ● | ଢ୍ବ |

୫ । କୌଣସି କାର୍ଯ୍ୟ କରିବାକୁ ସମର୍ଥ ହେବା—
5 To be able to do anything.

**କ୍ଷମ**—ସଂ. ବିଣ. ପୁଂ. ( କ୍ଷମ ଧାତୁ + କର୍ତ୍ତୃ. ଅ )—୧ । ସହିଷ୍ଣୁ—
Kshama 1. Patient; enduring.
(କ୍ଷମା—ସ୍ତ୍ରୀ) ୨ । ସମର୍ଥ—2. Competent; able; capable.
୩ । ଯଥେଷ୍ଟ—3. Adequate.
୪ । ନିପୁଣ—4. Expert; skilful.
୫ । ଉପଯୁକ୍ତ; ଯୋଗ୍ୟ—5. Fit; appropriate; suitable.
୬ । ସହନୀୟ—6. Bearable.
୭ । ଅନୁକୂଳ—7. Favourable.
୮ । ଯାହା ବାଧା ଦିଏ—8. Resisting.
ସଂ. ବି—୧ । ଯୋଗ୍ୟତା; ସାମର୍ଥ୍ୟ—1 Ability.
୨ । ଉପଯୋଗିତା—2. Fitness.
୩ । କ୍ଷମତା—3. Prowess.
୪ । ଔଚିତ୍ୟ—4. Propriety.
୫ । ଚଟକପକ୍ଷୀବିଶେଷ—
5. A kind of sparrow ( M. W. )
୬ । ଶିବ—6. God Siba.

**କ୍ଷମଣୀୟ**—ସଂ. ବିଣ. ( କ୍ଷମ ଧାତୁ + କର୍ମ ଅନୀୟ )—
Kshamaniya ୧ । କ୍ଷମାର ଯୋଗ୍ୟ—1. Pardonable.
୨ । ସହିବାର ଯୋଗ୍ୟ—
2. To be patiently borne; to be suffered.

**କ୍ଷମତା**—ସଂ. ବି. ( କ୍ଷମ + ଭାବ. ତା )—୧ । ଯୋଗ୍ୟତା—
Kshamatā 1. Ability; fitness.
୨ । ଶକ୍ତି—2. Power; strength.
୩ । ସାମର୍ଥ୍ୟ—3. Capability.
୪ । ଧୈର୍ଯ୍ୟ; ସହିଷ୍ଣୁତା—4. Patience.
୫ । ଅଧିକାର; ଭାର—5. Authority.

**କ୍ଷମତାତିରିକ୍ତ**—ସଂ. ବିଣ. (୫ମୀ ତତ୍, କ୍ଷମତା + ଅତିରିକ୍ତ )—
Kshamatātirikta ୧ । କ୍ଷମତା ବା ଶକ୍ତିର ବହିର୍ଭୂତ—
1. Beyond one's power or ability.
୨ । ନ୍ୟସ୍ତ ଅଧିକାରର ନିୟମ ବା ସୀମାରୁ ବାହାର କରାଯାଇ ଥିବା—2. Done beyond the terms of the vested authority; unauthorised.

**କ୍ଷମତାତୀତ**—ସଂ. ବିଣ. ( ୫ମୀ ତତ୍; କ୍ଷମତା + ଅତୀତ )—
Kshamatātita କ୍ଷମତାତିରିକ୍ତ ( ଦେଖ )
Kshamatātirikta ( See )

**କ୍ଷମତାପତ୍ର**—ଦେ. ବି. ( କ୍ଷମତା + ପତ୍ର )—ମାଲିକଙ୍କ ପ୍ରତିନିଧି ସ୍ୱରୂପ
Kshamatāpatra କୌଣସି ବୈଷୟିକ କାର୍ଯ୍ୟର ଭାର ଅନ୍ୟ-
क्षमतापत्र ଉପରେ ନ୍ୟସ୍ତ କରିବାର ନିଦର୍ଶନପତ୍ର—
मोख्तारनामा Power of attorney or authority.

**କ୍ଷମତାପନ୍ନ**—ଦେ. ବିଣ—୧ । ଶକ୍ତିଶାଳୀ—1. Able; powerful.
Kshamatāpanna ୨ । ମାଲିକ ଯେଉଁ କର୍ମଚାରୀଠାରେ କୌଣସି
क्षमतापन्न କାର୍ଯ୍ୟ ଚଳାଇବାକୁ ଅଧିକାର ଦେଇ ଥାଆନ୍ତି; ଭାରପ୍ରାପ୍ତ ( ପ୍ରତିନିଧି )—2. Authorised ( agent ).
୩ । ସାଂସାରିକ ସଚ୍ଛଳତାଯୁକ୍ତ; ବିଭବଶାଳୀ—
3. Well-to-do.

**କ୍ଷମତାପ୍ରାପ୍ତ**—ଦେ. ବିଣ. ( କ୍ଷମତା + ପ୍ରାପ୍ତ )—
Kshamatāprāpta କ୍ଷମତାପନ୍ନ ( ଦେଖ )
Kshamatāpanna ( See )

**କ୍ଷମତାବହିର୍ଭୂତ**—ସଂ. ବିଣ. ( ୫ମୀ ତତ୍; କ୍ଷମତା + ବହିର୍ଭୂତ )—
Kshamatābahirbhūta କ୍ଷମତାତୀତ ( ଦେଖ )
Kshamatātita ( See )

**କ୍ଷମତାହୀନ**—ସଂ. ବିଣ. ( କ୍ଷମତା + ହୀନ )—ଶକ୍ତିହୀନ; ଅକ୍ଷମ—
Kshamatāhina Powerless.

**କ୍ଷମନ୍ତା** (ଇତ୍ୟାଦି)—ଗ୍ରା. ବି. ( ସଂ. କ୍ଷମତାର ଅଶୁଦ୍ଧ ଉଚ୍ଚାରଣ )—
Kshamantā (etc) କ୍ଷମତା ଇତ୍ୟାଦି ( ଦେଖ )
Kshamatā etc ( See )

**କ୍ଷମା**—ସଂ. ବି. ( କ୍ଷମ ଧାତୁ = ସହିବା + ଭାବ. ଅ + ସ୍ତ୍ରୀ. ଆ )—
Kshamā ୧ । ଦୋଷସହନ—1. Forbearance.
୨ । ଦୋଷମାର୍ଜନା—2. Forgiveness.
୩ । ଧୈର୍ଯ୍ୟ; ସହିଷ୍ଣୁତା—3. Patience.
୪ । ଦୁଃଖଶାନ୍ତି; ଦୁଃଖର ଉପଶମ ବା ନିବୃତ୍ତି—
4. Diminution of suffering; assuagement; abatement; alleviation.
୫ । ପୃଥିବୀ—5. The earth
କ୍ଷମା ଗୁଣେ ତାହାକୁ ଜିଣା ହେବ କ୍ଷମା ।
କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।
୬ । ଦକ୍ଷ କନ୍ୟା ଓ ପୁଲହଙ୍କ ସ୍ତ୍ରୀ—
6. Name of the wife of sage Pulaha and daughter of Daksha.
୭ । ଖଇର ବୃକ୍ଷ—7. Acacia Catechu (tree).
୮ । ଏକ ସଂଖ୍ୟା—
8. The number one ( M. W. )
୯ । ଦୁର୍ଗା—9. Goddess Durgā ( M. W. )

**କ୍ଷମା କରିବା**—ଦେ. କ୍ରି—୧ । ଦୋଷ ମାର୍ଜନା କରିବା—
Kshamā karibā 1. To forgive; to pardon.
क्षमाकरना ୨ । ମାଫ୍ ଦେବାକୁ ଅବ୍ୟାହତି ଦେବା—2. To exempt.
क्षमाकरना

**କ୍ଷମା ଦେବା**—ଦେ. କ୍ରି—କ୍ଷମା କରିବା ( ଦେଖ )
Kshamā debā Kshamā karibā (See)
क्षमादेना
मुआफ देना

ସାଧାରଣ ଭେଦରେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନ୍ୟ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**କ୍ଷମାନିଧି**—ସଂ. ବିଣ (କ୍ଷମା+ନି+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ—
Kshamānidhi କ୍ଷମାଶୀଳ—Forgiving.
ଭୁ କ୍ଷମାନିଧି ପାଠବାସ—ଭୂପତି, ପ୍ରେମପଞ୍ଚାମୃତ ।

**କ୍ଷମାନ୍ୱିତ**—ସଂ. ବିଣ. ପୁଂ. ( ୩ୟା ତତ୍; କ୍ଷମା+ଅନ୍ୱିତ )—
Kshamānwita ୧ । ଯେ ଅପରାଧୀକୁ କ୍ଷମା କରନ୍ତି—
(କ୍ଷମାନ୍ୱିତା—ସ୍ତ୍ରୀ) 1. One who grants pardon; forgiving.
୨ । ଧୈର୍ଯ୍ୟଶୀଳ—2. Patient.

**କ୍ଷମାପଣ**—ସଂ. ବି. (କ୍ଷମ ଧାତୁ ଣିଚ୍ କ୍ଷମାପ ଧାତୁ+ଭାବ. ଅନ )—
Kshamāpaṇa କ୍ଷମାପ୍ରାର୍ଥନା—
The begging of pardon. (M. W.)

**କ୍ଷମାପାରାବାର**—ସଂ. ବିଣ. ( ୬ଷ୍ଠୀ ତତ୍; କ୍ଷମା+ପାରାବାର; ଭଗବାନଙ୍କ
Kshamāpārābāra ପ୍ରତି ସମ୍ବୋଧନ )—
ସମସ୍ତ ପାପ ମାର୍ଜନାକାରୀ—
All-forgiving (God).

**କ୍ଷମାପ୍ରାର୍ଥନା**—ସଂ. ବି. ( ୪ର୍ଥୀ ବା ୬ଷ୍ଠୀ ତତ୍; କ୍ଷମା+ପ୍ରାର୍ଥନା )—
Kshamāprārthanā ଅପରାଧ ସ୍ୱୀକାର ପୂର୍ବକ ଅପରାଦ୍ଧ ବ୍ୟକ୍ତିଙ୍କ
ନିକଟରେ ଅପରାଧ ମାର୍ଜନା ନିମନ୍ତେ ନିବେଦନ—
Prayer for pardon.

**କ୍ଷମାପ୍ରାର୍ଥୀ**—ସଂ. ବିଣ. ପୁଂ. ( କ୍ଷମା+ପ୍ରାର୍ଥିନ୍; ୧ମା. ୧ବ. )—
Kshamāprārthī ଯେ ନିଜକୃତ ଦୋଷ ପାଇଁ କ୍ଷମାପ୍ରାର୍ଥନା କରେ—
Asking forgiveness for one's fault.

**କ୍ଷମାବନ୍ତ**—ଦେ. ବିଣ. ( ସଂ. କ୍ଷମାବତ୍ )—
Kshamābanta କ୍ଷମାନ୍ୱିତ ( ଦେଖ )
Kshamānwita ( See )
କାଶ୍ୟପ ଋଷି କ୍ଷମାବନ୍ତଙ୍କ ଭରତ
କହୁଛନ୍ତି ଯାହା ତା କରିବା ଉଚିତ । କୃଷ୍ଣସିଂହ. ମହାଭାରତ, ବନ ।

**କ୍ଷମାବାନ୍**—ସଂ. ବିଣ. ପୁଂ. ( କ୍ଷମା+ବତ୍; ୧ମା. ୧ବ. )—
Kshamābān ଯେ ଅପରାଧୀକୁ କ୍ଷମା କରନ୍ତି—
(କ୍ଷମାବତୀ—ସ୍ତ୍ରୀ) One who grants pardon; forgiving.

**କ୍ଷମାଭିକାରୀ**—ଦେ. ବିଣ. ପୁଂ. ( ସଂ. କ୍ଷମାଭିକ୍ଷାକାରୀ )—
Kshamābhikārī କ୍ଷମା ପ୍ରାର୍ଥନା କରିବା ବ୍ୟକ୍ତି—
(କ୍ଷମାଭିକାରୁଣୀ—ସ୍ତ୍ରୀ) Supplicating pardon or forgiveness.

**କ୍ଷମାଭିକ୍ଷା**—ସଂ. ବି. ( ୬ଷ୍ଠୀ କିମ୍ବା ୪ର୍ଥୀ ତତ୍, କ୍ଷମା+ଭିକ୍ଷା )—
Kshamābhikshā କ୍ଷମାପ୍ରାର୍ଥନା ( ଦେଖ )
Kshamāprārthanā ( See )

**କ୍ଷମାଭିକ୍ଷୁ**—ସଂ. ବିଣ. ପୁଂ. ( ୪ର୍ଥୀ ତତ୍; କିମ୍ବା ୬ଷ୍ଠୀ ତତ୍; କ୍ଷମା+
Kshamābhikshu ଭିକ୍ଷୁ )—କ୍ଷମାପ୍ରାର୍ଥୀ ( ଦେଖ )
(କ୍ଷମାଭିକ୍ଷୁଣୀ—ସ୍ତ୍ରୀ) Kshamāprārthī ( See )

**କ୍ଷମାଭୁକ୍**—ସଂ. ବି. ( କ୍ଷମା=ପୃଥିବୀ+ଭୁଜ ଧାତୁ=ଭୋଗ କରିବା+
Kshamābhuk କର୍ତ୍ତୃ. କ୍ୱିପ୍)—ରାଜା—King.

**କ୍ଷମାଭୁଜ**—ସଂ. ବି. ( କ୍ଷମା+ଭୁଜ ଧାତୁ+କର୍ତ୍ତୃ. ଅ )—ରାଜା—
Kshamābhuja King.

**କ୍ଷମା-ମଣ୍ଡଳ**—ସଂ. ବି (୬ଷ୍ଠୀତତ୍; କ୍ଷମା+ମଣ୍ଡଳ)—ପୃଥିବୀ; ଭୂମଣ୍ଡଳ—
Kshamā-maṇḍaḷa The earth.
କେବଳ ଜଳ ହୁଇ ଅଚଳ, ସନ୍ତାପକୁ ଏ କ୍ଷମାମଣ୍ଡଳ
ମଣ୍ଡନମାନଙ୍କରେ ଏ ସେନ କହୁନ୍ତି ହୃଦ ଯେ । ରାଜକୃଷ୍ଣ. ରସକଲ୍ଲୋଳ ।

**କ୍ଷମାଯୁକ୍ତ**—ସଂ. ବିଣ. ପୁଂ ( ୩ୟାତତ୍; କ୍ଷମା+ଯୁକ୍ତ )—ଯେ ଅପରାଧୀକୁ
Kshamājukta କ୍ଷମା କରନ୍ତି—One who grants
( କ୍ଷମାଯୁକ୍ତା—ସ୍ତ୍ରୀ ) pardon; forgiving.

**କ୍ଷମାର୍ଣ୍ଣବ**—ସଂ. ବିଣ ( ୬ଷ୍ଠୀତତ୍; କ୍ଷମା+ଅର୍ଣ୍ଣବ )—
Kshamārṇṇaba କ୍ଷମାପାରାବାର ( ଦେଖ )—
Kshamāpārābāra (See)

**କ୍ଷମାଶୀଳ**—ସଂ.ବିଣ.ପୁଂ (ବହୁବ୍ରୀହି; କ୍ଷମା+ଶୀଳ)—କ୍ଷମାଯୁକ୍ତ (ଦେଖ)—
Kshamāsīla Kshamājukta (See)
(କ୍ଷମାଶୀଳା—ସ୍ତ୍ରୀ)

**କ୍ଷମାସାଗର**—ସଂ. ବିଣ—କ୍ଷମାପାରାବାର (ଦେଖ)—
Kshamāsāgara Kshamāpārābāra (See)
କ୍ଷମାସାଗର ପାଠବାସ, କ୍ଷମିଲେ ବଳରାମ ଦାସ ।
କମଳଲୋଚନ ଚଉତିଶା ।

**କ୍ଷମିତା**—ସଂ. ବିଣ. ପୁଂ ( କ୍ଷମ ଧାତୁ+କର୍ତ୍ତୃ. ତୃ ୧ମା. ୧ବ )—
Kshamitā କ୍ଷମୀ (ଦେଖ)—
(କ୍ଷମିତ୍ରୀ—ସ୍ତ୍ରୀ) Kshamī (See)

**କ୍ଷମିବା**—ଦେ. କି (ସଂ. କ୍ଷମ ଧାତୁ)—୧ । ଦୋଷ ମାର୍ଜନା କରିବା;
Kshamibā କ୍ଷମା କରିବା—1. To forgive; to grant pardon.
**କ୍ଷମା**
**କ୍ଷମନା** କ୍ଷମିବୁ ସ୍ୱଗୁଣେ ମୋର ଅଧମ ଜନକେ—
ଉପେନ୍ଦ୍ରଭଞ୍ଜ, ଲାବଣ୍ୟବତୀ ।
୨ । (ଗୀତ) ଭଣିବା; ରଚନା କରିବା—
2. To compose (a song).

**କ୍ଷମୀ**—ସଂ. ବିଣ. ପୁଂ (କ୍ଷମା+ଇନ୍. ୧ମା. ୧ବ.)—୧ । କ୍ଷମାଶୀଳ—
Kshamī 1. Forgiving.
(କ୍ଷମିଣୀ—ସ୍ତ୍ରୀ) ୨ । ସହିଷ୍ଣୁ—2. Patient.
୩ । ଯୋଗ୍ୟ; କର୍ମଠ—3. Capable.

**କ୍ଷମେ**—ଗ୍ରା. (ପଦ୍ୟ) କି. ବିଣ (ସଂ. କ୍ଷେମ)—ଆନନ୍ଦରେ—
Kshame With delight.
କ୍ଷମେ ଭଣେ ଅଭିମନ୍ୟୁ ସାମନ୍ତଙ୍କ ହାର—ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।

**କ୍ଷମ୍ୟ**—ସଂ. ବିଣ. ପୁଂ (କ୍ଷମ ଧାତୁ+କର୍ମ. ଯ)—କ୍ଷମାଯୋଗ୍ୟ—
Kshamya Pardonable.
(କ୍ଷମ୍ୟା—ସ୍ତ୍ରୀ)

**କ୍ଷୟ**—ସଂ. ବି ( କ୍ଷି ଧାତୁ=କ୍ଷୀଣ ହେବା+ଭାବ. ଅ )—୧ । କମିଯିବା;
Kshaya କ୍ଷୀଣତା; ହ୍ରାସ—1. Diminuation; decrease; decline.
( ଯଥା—ଆୟୁଃକ୍ଷୟ; ପାପକ୍ଷୟ; ଚନ୍ଦ୍ରକ୍ଷୟ । )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ଷ | କ୍ଷ | ଐଯ଼ | ଋଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଙ୍ୟ | ଇଅ | ଊ | ନ୍ |

୨ । (ମୂଲ୍ୟ) କମିଯିବା—2. Fall (in price).
୩ । ନାଶ; ଧ୍ୱଂସ—3. Decay; destruction.
୪ । ଅନ୍ତ—4. The end; termination
୫ । ରୋଗବିଶେଷ; ଯକ୍ଷ୍ମାରୋଗ—
5. Phthisis; consumption; pulmonalis.
୬ । ବର୍ଷବିଶେଷ—6. Name of a year.
୭ । ଚନ୍ଦ୍ରକଳାର ହ୍ରାସ—
7. Waning of the moon's digits; wane.
୮ । ଆବାସ; ଗୃହ—8. Abode; house; residence.
୯ । ୩୦ ଦିନରୁ କମ୍ ମାସବିଶେଷ—
9. Short month (less than thirty days).
୧୦ । ବ୍ୟୟ—10. Expenditure.
୧୧ । ଅପଚୟ—11. Waste.
୧୨ । ପ୍ରଳୟ—12. Universal dissolution.
୧୩ । ଲୋପ—13. Loss; annihilation.
୧୪ । ରୋଗ—14. Disease; sickness.
୧୫ । ( ଗଣିତ ) ବିଯୁକ୍ତ ଚିହ୍ନ—
15. (mathematics) The minus sign.
୧୬ । ବଂଶ—16. Family; race.
୧୭ । ଯମପୁର— 17. The abode of Death.
୧୮ । ଘୋରିହୋଇ କମିଯିବା—18. Wearing away.
୧୯ । ବାର୍ହସ୍ପତ୍ୟ ୬୦ ବର୍ଷର ଶେଷ ବର୍ଷ—
19. Name of the last year in the 60 years' cycle of the planet Jupiter.

**କ୍ଷୟଂକର**—ସଂ. ବିଣ ( କ୍ଷୟଂ + କୃ ଧାତୁ + କର୍ତ୍ତୃ. ଅ )—୧ । ଯାହା କ୍ଷୟ ଘଟାଏ—1. Wasting; decreasing.
Kshayamkara
(କ୍ଷୟଂକରୀ—ସ୍ତ୍ରୀ) ୨ । ବିନାଶକ—2. Destroying.

**କ୍ଷୟକର**—ସଂ. ବିଣ (କ୍ଷୟ + କୃ ଧାତୁ + କର୍ତ୍ତୃ. ଅ)—କ୍ଷୟଂକର (ଦେଖ)—
Kshayakara Kshayamkara (See)

**କ୍ଷୟକାରୀ**—ସଂ. ବିଣ. ପୁଂ (କ୍ଷୟ + କୃ ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ)—
Kshayakāri ବିନାଶକ—Causing decline; destroying.
(କ୍ଷୟକାରିଣୀ—ସ୍ତ୍ରୀ)

**କ୍ଷୟକାଳ**—ସଂ. ବି—( ୬ଷ୍ଠୀ ତତ୍; କ୍ଷୟ + କାଳ ). ସୃଷ୍ଟିର ପ୍ରଳୟ—
Kshayakāla The Universal dissolution.

**କ୍ଷୟକାଶ**—ସଂ. ବି. (ମ. ପ. ଲୋ.; କ୍ଷୟଯୁକ୍ତ କାଶ )—ଯକ୍ଷ୍ମାରୋଗଜନିତ
Kshayakāsa କାଶ—Phthisical cough; consumption; tuberculosis; consumptive cough.

[ ଦ୍ର—ଏହି ରୋଗରେ ଫୁସ୍ଫୁସ୍ ରୋଗଗ୍ରସ୍ତ ହୋଇ କାଶ ହୁଏ ଏବଂ କାଶିଲା ବେଳେ କଫ ସହିତ ରକ୍ତ ପଡ଼େ । ଗୋରୁମାନଙ୍କର ଏହି ରୋଗକୁ ମଧ୍ୟ କ୍ଷୟକାଶ କହନ୍ତି । ]

**କ୍ଷୟକାଶୀ**—ସଂ. ବିଣ. ପୁଂ. (କ୍ଷୟକାଶ + ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ.)
Kshayakāsi ଯକ୍ଷ୍ମାରୋଗୀ—Suffering from consumptive cough.
(କ୍ଷୟକାଶିନୀ—ସ୍ତ୍ରୀ)

**କ୍ଷୟକୃତ**—ସଂ. ବିଣ. (କ୍ଷୟ + କୃ ଧାତୁ + କର୍ତ୍ତୃ. କ୍ୱିପ୍)—
Kshayakrut କ୍ଷୟକାରୀ (ଦେଖ)
Kshayakāri (See)

**କ୍ଷୟଣ**—ସଂ. ବି. (କ୍ଷି ଧାତୁ + ଭାବ ଅନ)—୧ । ବିନାଶକରଣ—
Kshayana 1. Destroying.
୨ । କ୍ଷୟକରଣ—2. Diminishing.
୩ । ନିଶ୍ଚଳ ଜଳାଧାର—
3. A place with calm water.
୪ । ଉପସାଗର—4. Bay.
୫ । ଜାହାଜ ଆଦି ସ୍ଥଲବେଷ୍ଟିତ ପୋତାଶ୍ରୟ—
5. Harbour.
୬ । ନିବାସ; ଗୃହ—6. Abode; habitation.

**କ୍ଷୟତିଥି** - ସଂ. ବି.—କ୍ଷୟାତିଥି (ଦେଖ)
Kshayatithi Kshayātithi (See)

**କ୍ଷୟଥୁ**—ସଂ. ବି. (କ୍ଷୟ + ଭାବ. ଥୁ; ଭୁଲ ବେପଥୁ)—୧ । ଯକ୍ଷ୍ମାରୋଗ—
Kshayathu 1. Consumption.
୨ । କ୍ଷବଥୁ (ଦେଖ)
2. Kshabathu (See).

**କ୍ଷୟପକ୍ଷ**—ସଂ. ବି. (ମଧ୍ୟପଦଲୋପୀ; କ୍ଷୟଯୁକ୍ତ ପକ୍ଷ)—ଚନ୍ଦ୍ରଙ୍କ କଳା ହ୍ରାସ
Kshayapaksha ହେବାର ପକ୍ଷ; କୃଷ୍ଣପକ୍ଷ —The dark fortnight of the month when the moon is on the wane.

**କ୍ଷୟପ୍ରାପ୍ତ**—ସଂ. ବିଣ. (୨ୟା ତତ୍; କ୍ଷୟ + ପ୍ରାପ୍ତ)—କ୍ଷୟିତ (ଦେଖ)
Kshayaprāpta Kshayita (See)

**କ୍ଷୟବାୟୁ**—ସଂ. ବି. (ମଧ୍ୟପଦଲୋପୀ; କ୍ଷୟକାରୀ ବାୟୁ)—ପ୍ରଳୟ କାଳରେ
Kshayabāyu ବହୁଥିବା ସର୍ବନାଶୀ ପବନ—The destructive wind blowing during the Universal destruction.

**କ୍ଷୟାତିଥି**—ଦେ. ବି. (ସଂ. କ୍ଷୟତିଥି—ଜ୍ୟୋତିଷ) ସୌରମାନ ମାସ
Kshayātithi ସଙ୍ଗେ ଚାନ୍ଦ୍ରମାନ ମାସର ଗଣନାର ସାମ୍ୟ ରକ୍ଷା କରିବା ସକାଶେ ଯେଉଁ ତିଥି ତହିଁର ପୂର୍ବ ତିଥି ସଙ୍ଗେ ଏକ ଦିନ ମଧ୍ୟରେ ଗଣନା କରାଯାଏ —
(astronomy) A lunar day which is excluded from successive computation of tithis for the adjustment of the lunar and the solar calendars.

[ ଦ୍ର—ସୂର୍ଯ୍ୟ ଠିକ୍ ୨୪ ଘଣ୍ଟାରେ ପୃଥିବୀକୁ ଥରେ ବୁଲି ଆସନ୍ତି । ଚନ୍ଦ୍ର ଥରେ ପୃଥିବୀକୁ ବୁଲିବାକୁ ୨୩ ଘଣ୍ଟା ୩୬ ମିନିଟ୍ ଲାଗେ । ୧ ସୌରମାସ = ୩୦ ସାବନ ଦିନ ଓ ୧ ଚାନ୍ଦ୍ର ମାସ =

ସାଧାରଣ ଲୋକେ ଅନେକ ସ୍ଥଳରେ ଦନ୍ତ୍ୟ ସ ଓ ତାଲବ୍ୟ ଶ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨୯.୫୧୨ ଦିନ ବା ସୌର ଦିବସ=୩୦ ତିଥି । ସୌର ମାସଠାରୁ ଚାନ୍ଦ୍ର ମାସ .୪୮୮ ଦିନ ବା ୧୧ ଘଣ୍ଟା ୧୩ ମିନିଟ୍ କମ୍ । ଚାନ୍ଦ୍ର ତିଥି ଓ ସୌର ଦିନମଧ୍ୟରେ ଏହି ପାର୍ଥକ୍ୟକୁ ମିଳାଇବା ପାଇଁ ୬୨ ଦିନ ଅନ୍ତରରେ ଗୋଟିଏ କ୍ଷୟତିଥି ଗଣନା କରାଯାଏ, ଅର୍ଥାତ୍ ଗୋଟିଏ ତିଥି ଛାଡ଼ି ଦିଆଯାଏ । ଏହି କଟାଯିବା ବା ଗଣନା କରା ନ ଯିବା ତିଥିକୁ କ୍ଷୟତିଥି ବୋଲାଯାଏ । ଆଜି ଦ୍ୱିତୀୟା ହେଲେ, କାଲି ଦିନହିସାବରେ ତୃତୀୟା ତିଥି ହୁଅନ୍ତା; କିନ୍ତୁ ତୃତୀୟାକୁ କ୍ଷୟତିଥି କଲେ କାଲି ତୃତୀୟା ନ ହୋଇ ଚତୁର୍ଥୀ ହେବ । ପ୍ରତି ବାଅଷଠି ଦିନରେ ଗୋଟିଏ ତିଥି ଗଣା ନ ଯାଇ ଛଡ଼ାଯିବାରୁ ତିଥିସଂଖ୍ୟା ଓ ଦିନସଂଖ୍ୟାମଧ୍ୟରେ ସମତା ରକ୍ଷା କରାଯାଏ । ( ଯୋଗେଶଚନ୍ଦ୍ର. ଆମାଦେର ଜ୍ୟୋତିଷ ଓ ଜ୍ୟୋତିଷୀ ) । ]

**କ୍ଷୟାହ**—ସଂ. ବି (କ୍ଷୟ+ଅହନ୍; ୧ମା. ୧ବ)—
Kshayāha — କ୍ଷୟାତିଥି (ଦେଖ) Kshayātithi (See)

**କ୍ଷୟିତ**—ସଂ. ବିଣ ( କ୍ଷୟ+ଯୁକ୍ତାର୍ଥେ. ଇତ )—
Kshayita ୧ । କ୍ଷୀଣତାପ୍ରାପ୍ତ—1. Worne out; weakened.
୨ । ହ୍ରାସପ୍ରାପ୍ତ—2. Diminished.
୩ । ବିନାଶପ୍ରାପ୍ତ—3. Destroyed.

**କ୍ଷୟିଷ୍ଣୁ**—ସଂ. ବିଣ (କ୍ଷୟ+ଶୀଳାର୍ଥେ. ଇଷ୍ଣୁ; ତୁଳ. ବର୍ଦ୍ଧିଷ୍ଣୁ )—
Kshayishṇu କ୍ଷୟଶୀଳ—Perishable; fragile.

**କ୍ଷୟୀ**—ସଂ. ବିଣ. ପୁଂ (କ୍ଷୟ+ଇନ୍; ୧ମା. ୧ବ)—
Kshayī ୧ । କ୍ଷୟ ହେଉଥିବା—1. Declining; perishing; waning.
(କ୍ଷୟିଣୀ—ସ୍ତ୍ରୀ)
୨ । କ୍ଷୟଶୀଳ—2. Fragile; perishable.
୩ । କ୍ଷୟରୋଗୀ—3. Consumptive.
ସଂ. ବି—ଚନ୍ଦ୍ର—The moon.

**କ୍ଷଯ୍ୟ**—ସଂ. ବିଣ ( କ୍ଷି ଧାତୁ+କର୍ମ. ଯ )—
Kshajya ବିନଷ୍ଟ ହେବା ଯୋଗ୍ୟ—That can be destroyed.

**କ୍ଷର** (ଧାତୁ)—ସଂ—୧ । (ଜଳ ଆଦି) ବୋହିଯିବା—
Kshara (root) 1. To flow; to stream.
୨ । ଢାଳିବା—2 To pour out.
୩ । ସ୍ରବିବା; ଝରିବା—3. To ooze; to trickle down.
୪ । କ୍ଷୟ ହେବା—4. To perish; to wane; to diminish.
୫ । ନିଷ୍ଫଳ ହେବା—5. To have no effect.
୬ । ତରଳିବା—6. To melt away.

**କ୍ଷର**—ସଂ. ବିଣ. ପୁଂ (କ୍ଷର ଧାତୁ+କର୍ତ୍ତୃ. ଅ)—
Kshara ୧ । ତରଳ ହୋଇ ଯାଉଥିବା—1. Melting away.
(କ୍ଷରା—ସ୍ତ୍ରୀ)
୨ । ଚଳନ୍ତ; ଗତିଶୀଳ—2. Movable.
୩ । ବିନାଶଶୀଳ—3. Perishable.
ସଂ. ବି—୧ । ମେଘ—1. Cloud.
୨ । ଜଳ—2. Water.
୩ । ଦେହ—3. Body.
୪ । ଅଜ୍ଞାନ; ମୂର୍ଖତା—4. Ignorance.
୫ । ପରମେଶ୍ୱର—5. The Supreme Being.
୬ । କାରଣ ଓ ଫଳ—6. Cause and effect.
୭ । ନିଃସ୍ୟନ୍ଦନ—7. Oozing; distillation.
ଗ୍ରା (ପଦ୍ୟ) ବି—ଅକ୍ଷର—Letter.
ତହୁଁ ହୋଇଲା ବେନି କ୍ଷର—ସଦାଶିବନ୍ତ ପ୍ରେମଭକ୍ତି ବ୍ରହ୍ମଗୀତା ।

**କ୍ଷରଜ**—ସଂ. ବିଣ (କ୍ଷର+ଜନ ଧାତୁ+କର୍ତ୍ତୃ. ଅ)—ନିଃସ୍ୟନ୍ଦିତ—
Ksharaja Distilled.

**କ୍ଷରଣ**—ସଂ. ବି (କ୍ଷର ଧାତୁ=ସ୍ରବିବା+ଭାବ. ଅନ)—
Ksharaṇa ୧ । ( ପାଣି ) ବୋହିବା—1; Flowing (of water.)
୨ । ସ୍ରବିବା; ଝରିବା—2. Oozing; leaking.
୩ । ନିଃସ୍ୟନ୍ଦନ; ଟୋପା ଟୋପା ହୋଇ ଜମିବା—3. Distillation.
୪ । ଥପଥପ ହୋଇ ବୋହିବା—4. Leaking; flowing by drops; trickling.
୫ । ଝାଳବୋହିବା; ଝାଳେଇବା—5. Perspiration.
୬ । ତରଳିଯିବା—6. Melting; liquefaction.
୭ । ଟୋପା ଟୋପା ହୋଇ ଛିଟିହୋଇ ପଡ଼ିବା—7. Splashing; spattering (M. W.)

**କ୍ଷରିତ**—ସଂ. ବିଣ (କ୍ଷର ଧାତୁ+କର୍ତ୍ତୃ. ଇତ)—
Ksharita ୧ । ସ୍ରବିତ; ବୋହୁଥିବା—1. Flowing.
୨ । ତରଳ ଯାଇଥିବା—2. Molten; liquefied.
୩ । ଟୋପା ଟୋପା ହୋଇ ପଡ଼ୁଥିବା; ଝରୁଥିବା—3. Oozing out; leaking; trickling; dropping.
୪ । ନିଃସ୍ୟନ୍ଦିତ—4. Distilled.

**କ୍ଷରିବା**—ଦେ. କ୍ରି ( ସଂ. କ୍ଷର ଧାତୁ )—
Ksharibā ୧ । କ୍ଷରିତ ହେବା; ଝରିବା; ଟୋପାଟୋପା ହୋଇ ପଡ଼ିବା—1, To ooze; to leak; to flow.
क्षरा
टपकना, झरना

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ବ | ଢ଼ଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଟ୍ୟ | ଇଅ | ● | କୃ |

ଜୀବ ପରମ କର୍ମ କରେ
ସେ କର୍ମ ଫଳ କ୍ଷରେ ବଳେ—ପ୍ରାଚୀ. ନର୍ମଣମାହାତ୍ମ୍ୟ ।

୨ । ( କ୍ଷର ଧାତୁ ଣିଚ ) ସ୍ରବାଇବା—
2. To cause to flow.
ଝରଇ ସବ ଗାତ୍ର ମୁହିଁ
କ୍ଷାର ଜୀବନ ଯେଣେ ଝିହୁ । ଜଗନ୍ନ. ଅ. ଭାଗବତ ।

**କ୍ଷଲ** (ଧାତୁ)—ସ—୧ । ଧୋଇବା—1. To wash.
Kshala (root) ୨ । ଧୋଇଧାଇ ସଫା କରିବା—
2. To wash off.
୩ । ପରିଷ୍କାର କରିବା—3. To cleanse.
୪ । ପୋଛିବା—4. To wipe away.
୫ । କ୍ଷର ( ଧାତୁ ) ( ଦେଖ )
5. Kshara (root) See ( M. W. )

**କ୍ଷାତ୍ର**—ସ. ବଣ. (କ୍ଷତ୍ର + ସମ୍ବନ୍ଧାର୍ଥେ. ଅ)—କ୍ଷତ୍ରିୟ ସମ୍ବନ୍ଧୀୟ—
Kshāttra Pertaining to Kshatriya.
ସ. ବି—କ୍ଷତ୍ରିୟ ଧର୍ମ—The duties of a Kshatriya.

**କ୍ଷାତ୍ର**—ସ. ବଣ ଓ ବି—କ୍ଷାତ୍ତ୍ର ( ଦେଖ )
Kshātra Kshāttra ( See )

**କ୍ଷାତ୍ରୀ**—ସ. ବି. ପୁଂ. ( କ୍ଷାତ୍ର + ଈ )—କ୍ଷତ୍ରିୟ ଔରସରେ ଅନ୍ୟଜାତୀୟ
Kshātri ସ୍ତ୍ରୀର ଗର୍ଭଜାତ ପୁତ୍ର; ଜାରଜ—A son of a Kshatriya male by a woman of some other caste.

**କ୍ଷାନ୍ତ**—ସ. ବଣ. ପୁଂ. ( କ୍ଷମ ଧାତୁ=ସହିବା + ତ )—
Kshānta ୧ । ( + କର୍ତ୍ତୃ. ତ ) ନିବୃତ୍ତ—
(କ୍ଷାନ୍ତା—ସ୍ତ୍ରୀ) 1. Having desisted or ceased from; discontinued.
୨ । ( + କର୍ମ. ତ ) କ୍ଷମାପ୍ରାପ୍ତ—
2. Forgiven; pardoned.
୩ । (+ କର୍ତ୍ତୃ. ତ ) କ୍ଷମାଶୀଳ; ଧୈର୍ଯ୍ୟଶୀଳ—
3. Patient; forgiving.
୪ । ( + କର୍ତ୍ତୃ. ତ ) ସହନଶୀଳ; ସହିଷ୍ଣୁ—
4. Forbearing.
୫ । ( + କର୍ମ. ତ ) ସହ୍ୟ କରାଯାଇ ଥିବା—
5. Borne; endured.
ସ. ବି. ପୁଂ—ଶିବଙ୍କ ନାମ—A name of Siba.

**କ୍ଷାନ୍ତା**—ସ. ବି. ସ୍ତ୍ରୀ. ( କ୍ଷାନ୍ତ + ସ୍ତ୍ରୀ. ଆ )—ପୃଥିବୀ—
Kshānta The earth.

**କ୍ଷାନ୍ତି**—ସ. ବି. ( କ୍ଷମ ଧାତୁ + ଭାବ. ତି )—୧ । କ୍ଷମା—
Kshānti 1. Forgiveness.
୨ । ସହିଷ୍ଣୁତା; ଧୈର୍ଯ୍ୟ—2. Patience; forbearance.
୩ । ନିବୃତ୍ତି—3. Cessation.
୪ । ମୁନିଜନୋଚିତ ନିର୍ଲିପ୍ତବୃତ୍ତି—
4. The state of saintly abstraction (M. W.)

**କ୍ଷାନ୍ତୁ**—ସ. ବଣ. ( କ୍ଷମ ଧାତୁ + କର୍ତ୍ତୃ. ତୁ )—କ୍ଷମାଶୀଳ—
Kshāntu Forbearing.
ସ. ବି. ପୁଂ—ପିତା—Father.

**କ୍ଷାମ**—ସ. ବଣ. (କ୍ଷୈ ଧାତୁ=କ୍ଷୀଣ ହେବା + କର୍ତ୍ତୃ. ତ, ନିପାତନ)—
Kshāma ୧ । କ୍ଷୟପ୍ରାପ୍ତ—1. Diminished; wasted.
କ୍ଷାମତା } ବି. ୨ । ସରୁ; କ୍ଷୀଣ—
କ୍ଷାମତ୍ୱ } 2. Delicate; lean; slender; slim.
୩ । ଦୁର୍ବଳ—3. Enfeebled; weak; infirm; debilitated.
୪ । ଶୁଷ୍କ—4. Dry; dried up.
୫ । ରୁକ୍ଷ—5. Harsh; rough.
୬ । ( ତାପଯୋଗୁଁ ) ପୋଡ଼ିଯାଇ ଥିବା; ଦଗ୍ଧ—
6. Scorched; singed.
୭ । ପୋଡ଼ି ଅଙ୍ଗାର ବା ପାଉଁଶ ହୋଇଥିବା—
7. Charred; burnt to ashes.
୮ । କ୍ଷୀଣ (ସ୍ୱର)—8. Slight (voice).
୯ । କ୍ଷୀଣତା ପ୍ରାପ୍ତ—9. Weakened; emaciated; reduced.
ସ. ବି.—୧ । ବିଷ୍ଣୁଙ୍କର ନାମ (ସହସ୍ର ନାମ ମଧ୍ୟରୁ ଏକ ନାମ)—
1. A name of Bishnu.
୨ । ବିନାଶ—2. Destruction.

**କ୍ଷାର**—ସ. ବି. ( କ୍ଷର ଧାତୁ + କର୍ତ୍ତୃ. ଅ )—୧ । ଲୁଣ; ଖାରଅ ବା
Kshāra ଲବଣ ରସ—1 Salt; alkali.
୨ । ରସ—2 Juice.
୩ । ପାଉଁଶ; ଖାର—3. Ashes.
୪ । ବୃକ୍ଷର ପତ୍ରାଦିର ପୋଡ଼ା ପାଉଁଶରୁ ଉତ୍ପନ୍ନ ଯବକ୍ଷାର—
4. Potash.
୫ । କାଚ—5. Glass.
୬ । ପାଣିଆ ଗୁଡ଼—6. Molasses; treacle.
୭ । ସୋହାଗା; ଟାଙ୍କଣା—7. Borax.
୮ । କଳା ଲୁଣ—8. Black salt.
୯ । ସାଜିମାଟି; ଲୁଣିମାଟି; ଖାରମାଟି—
9. Natron; asline soil; alkiline soil.
୧୦ । ଖଣ୍ଡ; ମିଶ୍ରି—10. Sugar-candy.
୧୧ । ଧୂର୍ତ୍ତବ୍ୟକ୍ତି—11. A rogue.
୧୨ । ଜଳ—12. Water.
୧୩ । ସୋଡ଼ା—13. Soda.
୧୪ । ଅରକ—14. Essence (M. W.)
ସ. ବଣ.—୧ । ଲୁଣିଆ—1. Saline.
୨ । ବୋହି ଯାଉଥିବା—2. Flowing.
୩ । ଝରୁଥିବା—3. Oozing.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରର ଅପର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; କଥୂ ନ ପାଇଲେ 'କଥୁ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଲବର୍ତ' ନ ପାଇଲେ 'ଅଲ୍‌ବର୍ତ୍ତ' ଦେଖିବେ ।

୪ । କ୍ଷାରିଆ—4. Alkaline.
୫ । ଚଗା—5. Pungent (M. W.)
୬ । କଡୁଆ (ସ୍ୱାଦ)—Acrid. (M. W.)
୭ । ଜଳଦାର; କଷ୍ଟିକ୍; ଯାହା ଦେହରେ କଅଁଳ ମାଂସକୁ ପୋଡ଼ି ଲାଗେ—7. Caustic; biting. (M. W.)
୮ । ଯାହା ଦେହକୁ ଘାଆ କରେ—8. Corrosive. (M.W.)
୯ । ନିଃସ୍ୟନ୍ଦନ ପ୍ରଣାଳୀରେ ପାଉଁଶ ହୋଇଥିବା—9. Converted to alkali or ashes by distillation. (M. W.)
୧୦ । ଅସହ୍ୟ; ରୁକ୍ଷ (ପବନ)—10. Sharp; keen (wind).

**କ୍ଷାରକ**—ସଂ. ବି. (କ୍ଷାର+କ)—୧ । ଲୁଣ; କ୍ଷାର—
Kshāraka 1. Alkali, salt.
୨ । ପକ୍ଷି ପଞ୍ଜୁରୀ—2. Bird-cage.
୩ । ଧୋବା—3. Washerman.
୪ । ଫୁଲ ବା କଢ଼ିର ଥୋପା—4. A cluster or multitude of buds or flowers.
୫ । ରସ—5 Juice; essence.
୬ । ଖାଲୋଇ—6. A basket for keeping fish. (M. W.)
୭ । ଚଢ଼େଇ ଧରିବା ଜାଲ; ଫାସ—7. A net for catching birds. (M. W.)

**କ୍ଷାରକର୍ଦ୍ଦମ**—ସଂ. ବି.—୧ । ଲୁଣିଆ କାଦୁଅ—
Kshārakarddama 1. Saline mud.
୨ । ନରକବିଶେଷ—2. Name of a hell.

**କ୍ଷାରକର୍ମ**—ସଂ. ବି. (କ୍ଷାର+କର୍ମନ୍; ୧ମା. ୧ବ. )—୧ । (ବୈଦ୍ୟକ)
Kshārakarma ଫୁଲିଥିବା ମାଂସକୁ କଷ୍ଟିକ୍ ବା ଲୁଣ ଆଦି ଦେଇ ପୋଡ଼ିବା—Applying caustic alkali (Lapis infernalis) to proud flesh etc. (M. W.)
୨ । (ବୈଦ୍ୟକ) ଲୁଣ ଆଦି ପ୍ରୟୋଗଦ୍ୱାରା ଚିକିତ୍ସା—2 Applying acrid remedies in general. (M. W.)

**କ୍ଷାରଣ**—ସଂ. ବି. ( କ୍ଷର ଧାତୁ ଣିଚ୍ କ୍ଷାର ଧାତୁ+ଅନ )—
Kshāraṇa ୧ । ଅଭିଯୋଗ—1. Accusation.
୨ । ପରସ୍ତ୍ରୀହରଣ ସମ୍ବନ୍ଧରେ ମିଥ୍ୟା ଅଭିଯୋଗ—2. False accusation of adultery.
୩ । ପାଣିକୁ ବାମ୍ଫ କରି ତରଳସ୍ଥରେ ପୁଣି ଥଣ୍ଡା କରିବା; ଚୁଆଇବା—3. Distillation.
୪ । ପାଉଁଶ କରିବା; କ୍ଷାର ରୂପେ ପରିବର୍ତ୍ତିତ କରିବା—4. Converting to alkali; reducing to ashes.

**କ୍ଷାରତନ୍ତ୍ର**—ସଂ. ବି. ( ମ. ପ. ଲୋ. କ୍ଷାର+ତନ୍ତ୍ର )—
Kshāratantra (ବୈଦ୍ୟକ) କ୍ଷାର ଆଦି ପ୍ରୟୋଗ ଦ୍ୱାରା ମାଂସକୁ ପୋଡ଼ି ଦେବା—The method of cauterisation. (M.W.)

**କ୍ଷାରତ୍ରୟ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷାର+ତ୍ରୟ )—
Kshāratraya (ବୈଦ୍ୟକ) ଟାଙ୍କଣା, ସୋରା ଓ ଯବକ୍ଷାର—Natron, saltpetre and borax.

**କ୍ଷାରତ୍ରିତୟ**—ସଂ. ବି. (୬ଷ୍ଠୀ ତତ୍)—କ୍ଷାରତ୍ରୟ ( ଦେଖ )
Kshāratritaya Kshāratraya ( See )

**କ୍ଷାରଭୂମି**—ସଂ. ବି. ( ମ. ପ. ଲୋ; କ୍ଷାରଯୁକ୍ତ ଭୂମି)—
Kshārabhūmi ୧ । କ୍ଷାର ମାଟି; ଲୁଣି ମାଟି—1. Reh-soil; saline soil; calcine soil.
୨ । ସାଜିମାଟି—2. Natron.

**କ୍ଷାରମଧ୍ୟ**—ସଂ. ବି. ( ବହୁବ୍ରୀହି; କ୍ଷାର+ମଧ୍ୟ )—
Kshāramadhya ଅପାମାର୍ଗ ଗୁଳ୍ମ—Achyranthes Aspera. ( M.W. )

**କ୍ଷାରମୃତ୍ତିକା**—ସଂ. ବି. ( ମ. ପ. ଲୋ )—କ୍ଷାରଭୂମି ( ଦେଖ )
Kshāramṛuttikā Kshārabhūmi ( See )

**କ୍ଷାରରସ**—ସଂ. ବି (କର୍ମଧା; କ୍ଷାର+ରସ)—ଲୁଣିଆ ସ୍ୱାଦ—
Kshārarasa Saline taste or flavour.

**କ୍ଷାରସମୁଦ୍ର**—ସଂ. ବି. ( ମ. ପ. ଲୋ )—ଲବଣ ସମୁଦ୍ର—
Kshārasamudra The salt-sea.

**କ୍ଷାରସୂତ୍ର**—ସଂ. ବି. ( ମ. ପ. ଲୋ; କ୍ଷାରଲିପ୍ତ ସୂତ୍ର )—
Kshārasūtra (ବୈଦ୍ୟକ) କ୍ଷାର ବୋଲା ଯାଇଥିବା ସୂତା (ଯାହାକୁ ଅର୍ଶ ଓ ଭଗନ୍ଦର ରୋଗର ମାଂସବଳରେ ବାନ୍ଧିଲେ ତାହା ଛିଣ୍ଡି ପଡ଼େ )—Caustic thread applied to fistula etc.

**କ୍ଷାରିକା**—ସଂ. ବି—କ୍ଷୁଧା—
Kshārikā Hunger (Apte).

**କ୍ଷାରିତ**—ସଂ. ବିଣ. ( କ୍ଷର ଧାତୁ ଣିଚ୍=କ୍ଷାର ଧାତୁ+ତ )—
Kshārita ୧ । କ୍ଷାରରୁ ଛଣା ହୋଇଥିବା; କ୍ଷାରରୁ ନିଃସ୍ୟନ୍ଦିତ—1. Distilled from alkaline substance.
୨ । ପରସ୍ତ୍ରୀଗମନ ଅଭିଯୋଗରେ ମିଥ୍ୟାରେ ଅଭିଯୁକ୍ତ—2. Falsely accussed of adultery.

**କ୍ଷାଳ**—ସଂ. ବି. ( କ୍ଷଳ ଧାତୁ=ଧୋଇବା+ଭାବ. ଅ )—
Kshāla ୧ । ଧୋଇବା; ପଖାଳିବା—1. Act of washing.
୨ । ଶୋଧନ କରିବା—2. Purifying; rectifying.
୩ । ପରିଷ୍କାର କରିବା—3. Cleansing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
| ୨ | ଈ | ଊ | ରୁ | ଲ୍ଲ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ୱ | ନ୍ତ |

୪ । ପୋଛିବା—4. Wiping away.

୫ । ଦୋଷାଦିରୁ ଆପଣାକୁ ମୁକ୍ତ କରିବା—
5. Clearing one's self from false imputations; exculpating one's self; self-vindication.

**କ୍ଷାଳକ**—ସଂ. ବି (କ୍ଷଲ ଧାତୁ+ଣିଚ୍. ଅନ)—କ୍ଷାଳ (ଦେଖ)
Kshālana Kshāla (See)

**କ୍ଷାଳିତ**—ସଂ. ବିଣ (କ୍ଷଲ ଧାତୁ, ଣିଚ୍ କ୍ଷାଳ ଧାତୁ+କର୍ମ. ତ)—
Kshālita ୧ । ଧୌତ—
1. Thoroughly washed.
୨ । ପରିଷ୍କୃତ—2. Cleansed.
୩ । ଶୋଧିତ—3. Purified; refined.
୪ । ପୋଛା ହୋଇଥିବା—4. Wiped away.
୫ । ଦୋଷରୁ ବା ଅପବାଦରୁ ମୁକ୍ତ—5. Exculpated.

**କ୍ଷି** ( ଧାତୁ )—ସଂ.—୧ । କ୍ଷୟ ପାଇବା—
Kshi (root) 1. To decay; to wane.
୨ । କ୍ଷୟ କରିବା—2. To waste.
୩ । ଶାସନ କରିବା—
3. To rule; to govern.
୪ । ବିନାଶ କରିବା—4 To destroy.
୫ । କମାଇ ଦେବା—5. To diminish.
୬ । ହତ୍ୟା କରିବା—6. To kill.
୭ । ହିଂସା କରିବା—
7. To injure; to hurt.
୮ । ( ସମୟ ) କଟାଇବା—
8. To spend or pass ( time ).
୯ । ବ୍ୟୟ କରିବା—9. To expend.
୧୦ । ବାସ କରିବା—
10. To inhabit; to dwell.
୧୧ । ରହିବା—11. To remain.
୧୨ । ଗତି କରିବା—12. To move; to go.
୧୩ । ବଞ୍ଚିବା—13. To live.

**କ୍ଷିଅ** (ଇତ୍ୟାଦି)—ଦେ. ବି—ଖିଅ ଇତ୍ୟାଦି (ଦେଖ)
Kshia (etc) Khia etc (See)

**କ୍ଷିଅର** (ଇତ୍ୟାଦି)—ଦେ. ବି—ଖିଅର ଇତ୍ୟାଦି (ଦେଖ)
Kshiara (etc) Khiara etc (See)

**କ୍ଷିଣ** (ଧାତୁ)—ସଂ—୧ । ହିଂସା କରିବା—
Khiṇa 1. To hurt; to kill.
୨ । ଅନିଷ୍ଟ କରିବା—2 To injure.

**କ୍ଷିଣ୍ଣ**—ସଂ. ବିଣ (କ୍ଷିଣ ଧାତୁ+କର୍ମ. ତ)—ଆହତ—
Kshiṇṇa Hurt; injured.

**କ୍ଷିତ**—ସଂ. ବିଣ. ପୁଂ ( କ୍ଷି ଧାତୁ+କର୍ମ. ତ )—
Kshita ୧ । କ୍ଷୟପ୍ରାପ୍ତ—1. Decayed; diminished.
( କ୍ଷିତା—ସ୍ତ୍ରୀ) ୨ । ବିନଷ୍ଟ—2. Destroyed.
୩ । ଦୁର୍ବଳୀକୃତ—3. Weakened.
୪ । ଦୁଃଖୀ—4. Poor; miserable.

**କ୍ଷିତା**—ସଂ. ବି. ସ୍ତ୍ରୀ ( କ୍ଷିତ+ସ୍ତ୍ରୀ. ଆ —ପୃଥିବୀ—
Kshitā The earth.

**କ୍ଷିତି**—ସଂ. ବି ( କ୍ଷି ଧାତୁ=ବାସ କରିବା+ସଂଜ୍ଞାର୍ଥେ. ତି)—
Kshiti ୧ । ପୃଥିବୀ—1. The earth.
[ ଦ୍ର—ଏହା ସୃଷ୍ଟିର ଉପାଦାନ ପଞ୍ଚମହାଭୂତରୁ ଏକତମ । ]
୨ । ଭୂମି—2. Land.
କ୍ଷିତିରେ ଅସ କ୍ଷିତିରେ ଅଣ ଚୋରେ ଏ ଗୃହ ଭଙ୍ଗେ—ଉତ୍ତ. ବୈଦେହୀଶ ବିଳାସ ।
୩ । ଘର; ବାସସ୍ଥାନ—
3. Residence; abode; house.
୫ । ପ୍ରଳୟକାଳ—
5. The time of destruction of the world; Dissolution of the creation.
୬ । କ୍ଷୟ—6. Decay; wane.
ଗ୍ରା. ବି (ସଂ. କ୍ଷତି)— କ୍ଷତି; ଲୋକ୍‌ସାନ୍—
Loss; injury; damage.

**କ୍ଷିତିକଣ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି+କଣ )—ଧୂଳିକଣା—
Kshitikaṇa Dust.

**କ୍ଷିତିକମ୍ପ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି+କମ୍ପ )—ଭୂମିକମ୍ପ—
Kshitikampa Earth-quake.

**କ୍ଷିତିକ୍ଷିତ୍**—ସଂ. ବି. ( କ୍ଷିତି+କ୍ଷି ଧାତୁ+କ୍ୱିପ୍ )—ରାଜା—
Kshitikshit King.

**କ୍ଷିତିଚକ୍ରବାଳ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି+ଚକ୍ରବାଳ )—ଜଗତ;
Kshitichakrabāla ଭୂମଣ୍ଡଳ—The earth.
କ୍ଷିତିଚକ୍ରବାଳ ମହାଶତ୍ରୁ ନିବାରଣ ହେ—
କବିସୂର୍ଯ୍ୟ. ଚଣ୍ଡୀସହସ୍ର, କ୍ଷଂଗୀତ ।

**କ୍ଷିତିଜ**—ସଂ. ବି. ( କ୍ଷିତି+ଜନ ଧାତୁ+କର୍ତ୍ତୃ. ଅ )—
Kshitija ୧ । ବୃକ୍ଷ; ଉଦ୍ଭିଦ—1 Tree.
୨ । ମହୀଲତା; କେଞ୍ଚୁଆ—2 Earthworm.
୩ । ମଙ୍ଗଳଗ୍ରହ—3. The planet Mars.
୪ । ଦିଗନ୍ତ; ଦିଙ୍ମଣ୍ଡଳ; ଦିଗ୍‌ବଳୟ—4. Horizon.
୫ । ( ବିଷ୍ଣୁଙ୍କଦ୍ୱାରା ହତ ) ନରକାସୁର—
5. Name of a demon.

**କ୍ଷିତିଜା**—ସଂ. ବି. ସ୍ତ୍ରୀ. ( କ୍ଷିତିଜ+ସ୍ତ୍ରୀ. ଆ )—( ପୃଥିବୀରୁ ଜାତ )
Kshitijā ସୀତା—Sitā ( supposed to be born of the Earth).

**କ୍ଷିତିତଳ**—ସଂ. ବି. (୬ଷ୍ଠୀ ତତ୍; କ୍ଷିତି+ତଳ,—ଭୂମିର ଉପରିଭାଗ—
Kshititala Surface of the earth.

**କ୍ଷିତିଧର**—ସଂ. ବି. ( କ୍ଷିତି+ଧ ଧାତୁ=ଧାରଣ କରିବା+କର୍ତ୍ତୃ ଅ )—
Kshitidhara ୧ । ରାଜା—1. King.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ଯା' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ପର୍ବତ — 2. Mountain.
୩ । ବାସୁକୀ—3. The mythological serpent Bāsukī ( supposed to hold up the earth).

**କ୍ଷିତିନାଥ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି + ନାଥ )—ରାଜା; ମହୀପତି—
Kshitinātha King; ruler of the earth.

**କ୍ଷିତିପ**—ସଂ. ବି. ( କ୍ଷିତି + ପା ଧାତୁ + କର୍ତ୍ତୃ. ଅ )— ରାଜା; ମହୀପତି—
Kshitipa King; ruler of the earth.

**କ୍ଷିତିପତି**—ସଂ. ବି. ( ୬ଷ୍ଠୀ ତତ ; କ୍ଷିତି+ପତି )— କ୍ଷିତିନାଥ ( ଦେଖ )
Kshitipati Kshitinātha ( See )

**କ୍ଷିତିପୁତ୍ର**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି + ପୁତ୍ର )—୧ । ମଙ୍ଗଳଗ୍ରହ—
Kshitiputra 1. The planet Mars.
୨ । ନରକାସୁର—2. Name of a demon.

**କ୍ଷିତିବଂଶ**—ଦେ. ବିଣ— ଓଡ଼ିଆ ନାୟକ ( ଗଣକ ) ମାନଙ୍କର
Kshitibaṁsa ଏକ ଶ୍ରେଣୀ; ମାଟିବଂଶ ଅବଧାନ—
A class of astrologers of Orissa.
[ ଦ୍ର—ଓଡ଼ିଶାର ନାୟକମାନେ ଦୁଇ ଶ୍ରେଣୀରେ ବିଭକ୍ତ; କ୍ଷିତିବଂଶ ଓ ଖଡ଼ବଂଶ । ]

**କ୍ଷିତିବର୍ଦ୍ଧନ**—ସଂ. ବି. (ବହୁବ୍ରୀହି; କ୍ଷିତି + ବର୍ଦ୍ଧନ) — ଶବ; ମୃତଦେହ—
Kshitibarddhana Corpse; dead body.

**କ୍ଷିତିବୃତ୍ତି**—ସଂ. ବି ( ୬ଷ୍ଠୀ ତତ୍; କ୍ଷିତି + ବୃତ୍ତି )— ଧୈର୍ଯ୍ୟ;
Kshitibṛutti ସହନଶୀଳତା—Patience.

**କ୍ଷିତିଭୁକ୍**—ସଂ. ବି. ( କ୍ଷିତି + ଭୁଜ ଧାତୁ + କର୍ତ୍ତୃ. କ୍ୱିପ୍. ୧ମା. ୧ବ )—
Kshitibhuk କ୍ଷିତିନାଥ ( ଦେଖ )
Kshitinātha ( See )

**କ୍ଷିତିଭୃତ୍**—ସଂ. ବି. ( କ୍ଷିତି + ଭୃ ଧାତୁ + କର୍ତ୍ତୃ. କ୍ୱିପ୍ )—
Kshitibhṛut କ୍ଷିତିଧର ( ଦେଖ )
Kshitidhara ( See )

**କ୍ଷିତିମଣ୍ଡଳ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି + ମଣ୍ଡଳ )—ସମଗ୍ର ପୃଥିବୀ;
Kshitimaṇḍaḻa ଭୂମଣ୍ଡଳ—
The globe; the whole earth.

**କ୍ଷିତିରକ୍ଷୀ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି + ରକ୍ଷିନ୍; ୧ମା. ୧ବ )—
Kshitirakshī ରାଜା; ମହୀପତି—
King; ruler of the earth.

**କ୍ଷିତିରୁହ**—ସଂ. ବି. ( କ୍ଷିତି + ରୁହ ଧାତୁ = ଉଠିବା + କର୍ତ୍ତୃ. ଅ )—
Kshitiruha ବୃକ୍ଷ—Tree; vegetation; plants.

**କ୍ଷିତୀଶ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷିତି + ଈଶ )—
Kshitiśa କ୍ଷିତୀଶ୍ୱର ( ଦେଖ )—Kshitiśwara ( See )

**କ୍ଷିତୀଶ୍ୱର**—ସଂ. ବି. (୬ଷ୍ଠୀ ତତ୍; କ୍ଷିତି + ଈଶ୍ୱର)—ପୃଥିବୀପତି; ରାଜା—
Kshitiśwara King; ruler of the earth.

**କ୍ଷିଦ୍** ( ଧାତୁ )—ସ୍ବ—ଅବ୍ୟକ୍ତ ଶବ୍ଦ କରିବା—
Kshid ( root ) To emit indistinct sound.

**କ୍ଷିଦ୍ର**—ସଂ. ବି. ( କ୍ଷିଦ୍ ଧାତୁ + ର )—୧ । ରୋଗ—1. Disease.
Kshidra ୨ । ସୂର୍ଯ୍ୟ—2. The sun.
୩ । ଶୃଙ୍ଗ—3. Horn ( Apte ).
ଗ୍ରା. ବିଣ. ( ସଂ. କ୍ଷୁଦ୍ର )—୧ । କ୍ଷୁଦ୍ର; ଅତି ଛୋଟ—
1. Very small; insignificant.
୨ । ନୀଚ ବୁଦ୍ଧିରୁ ଉତ୍ପନ୍ନ ବା କଳ୍ପିତ (ବାକ୍ୟ ବା କର୍ମ)—
2. (words or acts) Resulting from a mean mentality.

**କ୍ଷିଦ୍ରକଥା**—ଦେ. ବି. ( ସଂ. ଛିଦ୍ର )—୧ । ଗୃହଛିଦ୍ର—
Kshidrakathā 1. Scandals of a family.
୨ । ଛୋଟ ବା ନୀଚମନରୁ ସମ୍ଭୂତ କଥା—
2. Words produced from a mean mind.
୩ । ଛୋଟନଜରିଆ ବା ଖଣ୍ଡିଗଣିଆ କଥା—
3. Higgling and haggling; mean matters.

**କ୍ଷିପ** ( ଧାତୁ )—ସ୍ବ—୧ । ଫିଙ୍ଗିବା—
Kshipa (root) 1. To throw; to discharge
୨ । ପକାଇବା—2. To cast.
୩ । ଉପରେ ରଖିବା—3. To place or put upon.
୪ । ହତ୍ୟା କରିବା—4. To kill; to slay.
୫ । ଗଚ୍ଛିତ କରିବା—5. To deposit.
୬ । ସଂଲଗ୍ନ କରିବା—6. To fix; to attach.
୭ । ବିନାଶ କରିବା—7. To destroy.
୮ । ହରଣ କରିବା—8. To take away.
୯ । ନାମଞ୍ଜୁର କରିବା—9. To reject.
୧୦ । ଅପମାନ କରିବା—10. To insult.
୧୧ । ଗାଳିଦେବା—11. To rebuke; to abuse.
୧୨ । ଢାଳିବା—12. To pour out.
୧୩ । ଚାରିଆଡ଼େ ବିଞ୍ଚିବା—
13. To strew; to diffuse.
୧୪ । ଆଘାତ କରିବା—14. To strike.

**କ୍ଷିପ**—ସଂ. ବି. ( କ୍ଷିପ ଧାତୁ + ଭାବ. ଅ )—
Kshipa ୧ । ଫୋପାଡ଼ିବା; ପକାଇବା; ଫିଙ୍ଗା—
1. Throwing.
୨ । ଆଘାତ କରିବା—
2. Hitting; striking.
୩ । ଅପମାନ ଦେବା—3. Insulting.

**କ୍ଷିମ୍ପ, ଥୁଥୁ** ଦେ. ବି. ( ସଂ. କ୍ଷିବ ଧାତୁ )—
**ଥୁକ** ପାନପିକ; ଛେପ; ଷ୍ଠୀବ; ଥୁକ—Spittle.

**କ୍ଷିପକ**—ସଂ. ବି. ( କ୍ଷିପ ଧାତୁ + କର୍ତ୍ତୃ. ଅକ )—
Kshipaka ୧ । ଧାନୁଷ୍କ—1. An archer

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଂ | ଋଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ୍ୟ | ଇଅ | ● | ନ୍ତ |

୨ । ଯୋଦ୍ଧା — 2. Warrior.

**କ୍ଷିପଣି**—ସ. ବି. ( କ୍ଷିପ ଧାତୁ = ଫିଙ୍ଗିବା + କର୍ମ. ଅନ + ଇ )—
Kshipaṇi ୧ । ଶୂଳ; ଗୋଳା—1. A missile.
୨ । ଢେଳା; ବାଣ୍ଟୁଳ ଆଦି ଯନ୍ତ୍ର—
2. A projectile.
୩ । ଆହୁଲା —3. Oar.
୪ । ଜାଲ—4. A net.
୫ । ଅସ୍ତ୍ର—5 A weapon.

**କ୍ଷିପଣୀ**—ସ. ବି. ( କ୍ଷିପ ଧାତୁ = ଫିଙ୍ଗିବା + କର୍ମ. ଅନ + ଈ)—
Kshipaṇi କ୍ଷିପଣି ( ଦେଖ )
Kshipaṇi ( See )

**କ୍ଷିପଣୁ**—ସ. ବି. ( କ୍ଷିପ ଧାତୁ + ସଂଜ୍ଞାର୍ଥେ. ଅଣୁ )—
Kshipaṇu ୧ । ଧାନୁଷ୍କ—1. An archer.
୨ । ଅସ୍ତ୍ର—2. Weapon.
୩ । ପବନ—3. Air.

**କ୍ଷିପଣ୍ୟୁ**—ସ. ବିଣ. ( କ୍ଷିପ ଧାତୁ + କର୍ତ୍ତୃ. ଅଣ୍ୟୁ )—
Kshipaṇyu ୧ । ମଧୁର ସୁବାସଯୁକ୍ତ—
1. Sweet-smelling; fragrant.
୨ । ଗନ୍ଧ ଅଢ଼େଇ ଦେଉଥିବା—2. Diffusing.
ସ. ବି—୧ । ଦେହ—1. The body.
୨ । ବସନ୍ତ କାଳ—2. The spring season.
୩ । ସୁଗନ୍ଧ—3. Fragrance; sweet smell.

**କ୍ଷିପ୍ତ**—ସ. ବିଣ. ପୁଂ. ( କ୍ଷିପ ଧାତୁ + କର୍ମ. ତ )—
Khipta ୧ । ନିକ୍ଷିପ୍ତ—1. Cast; thrown.
(କ୍ଷିପ୍ତା—ସ୍ତ୍ରୀ) ୨ । ଇତସ୍ତତଃ ବିଞ୍ଚା ଯାଇଥିବା—
2. Strewn; scattered.
୩ । ପ୍ରେରିତ—
3. Sent; discharged; transmitted.
୪ । ପରିତ୍ୟକ୍ତ—4. Abandoned.
୫ । ହତ—5. Killed.
୬ । ଅନାଦୃତ; ଅବମାନିତ—6. Disregarded.
୭ । ନିନ୍ଦିତ—7. Blamed.
୮ । ସ୍ଥାପିତ—8. Placed
୯ । ବାତୁଳ—9. Gone mad; distracted.
୧୦ । ଅନ୍ୟାସକ୍ତ—10. Addicted or attached to another person or thing.
୧୧ । ଉତ୍ତୋଳିତ—11. Lifted up.
ସ. ବି—ବାଣାଦିର ଆଘାତଜନିତ କ୍ଷତ—
Wound caused by missiles.

**କ୍ଷିପ୍ତ କରିବା**—ଦେ. କ୍ରି—ଉତ୍ତୋଳନ କରିବା—
Kshipta karibā To lift up.

ହସ୍ତ ଅର୍ଦ୍ଧେକ କ୍ଷିପ୍ତ କର । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

**କ୍ଷିପ୍ତ କୁକ୍କୁର**—ସ. ବି. (କର୍ମଧା; କ୍ଷିପ୍ତ + କୁକୁର)—ବାୟା କୁକ୍କୁର—
Kshipta kukkura Rabid dog; mad dog.

**କ୍ଷିପ୍ତଚିତ୍ତ**—ସ. ବିଣ. ପୁଂ. (ବହୁବ୍ରୀହି; କ୍ଷିପ୍ତ + ଚିତ୍ତ )—
Kshiptachitta ଅମନୋଯୋଗୀ—Absent-minded; inattentive.

**କ୍ଷିପ୍ତଦେହ**—ସ. ବିଣ. ପୁଂ. (ବହୁବ୍ରୀହି; କ୍ଷିପ୍ତ + ଦେହ)—
Kshiptadeha ଲମ୍ବ ହୋଇ ଶୋଇଥିବା—
(କ୍ଷିପ୍ତଦେହା—ସ୍ତ୍ରୀ) Lying prostrate; lying down.

**କ୍ଷିପ୍ତନିବାସ**—ସ. ବି. (ମ. ପ. ଲୋ; କ୍ଷିପ୍ତ + ନିବାସ; କ୍ଷିପ୍ତ ବ୍ୟକ୍ତିମାନଙ୍କ
Kshiptanibāsa ଆଶ୍ରୟ ପାଇଁ ଅଭିପ୍ରେତ ନିବାସ )—
ବାତୁଳ ଆଶ୍ରମ; ପାଗଳଖାନା—
Lunatic assylum; mad-house.

**କ୍ଷିପ୍ତବତ୍**—ସ. କ୍ରି. ବିଣ. ( କ୍ଷିପ୍ତ + ବତ୍ )—ବାତୁଳ ପରି—
Kshiptabat Like one gone mad.

**କ୍ଷିପ୍ତଶ୍ୱାନ**—ସ. ବି—ବାୟା କୁକୁର—
Kshiptaśwāna Mad dog; rabid dog.

**କ୍ଷିପ୍ତା**—ସ. ବି. ( କ୍ଷିପ୍ତ + ଆ )—ରାତ୍ରି—
Kshiptā Night.

**କ୍ଷିପ୍ତାଶ୍ରମ**—ସ. ବି. ( କ୍ଷିପ୍ତ + ଆଶ୍ରମ )—
Kshiptāsrama କ୍ଷିପ୍ତନିବାସ ( ଦେଖ )
Kshiptanibāsa ( See )

**କ୍ଷିପ୍ନୁ**—ସ. ବିଣ. ( କ୍ଷିପ୍ ଧାତୁ + କର୍ତ୍ତୃ. ନୁ )—
Kshipnu ୧ । କ୍ଷେପଣଶୀଳ—
1. Throwing, ejecting.
୨ । ହତ୍ୟାକାରୀ—2. Killing.

**କ୍ଷିପ୍ର**—ସ. ବି. ( କ୍ଷିପ ଧାତୁ + ର )—
Kshipra ୧ । ତ୍ୱରିତ; ଦ୍ରୁତ—
1. Quick; speedy.
୨ । ସ୍ଥିତିସ୍ଥାପକ; ଯାହା ଟାଣି ଦେଲେ ବଢ଼େ ଯାଏ ଓ ଛାଡ଼ି ଦେଲେ ପୁଣି ପୂର୍ବ ଆକାର ଧାରଣ କରେ—
2. Elastic.
୩ । ମୁହୂର୍ତ୍ତର ପନ୍ଦର ଭାଗରୁ ଏକ ଭାଗ—
3. One-fifteenth of a Muhūrtta of time.
୪ । ବୃଦ୍ଧାଙ୍ଗୁଠି ଓ ତର୍ଜନୀ ଅଙ୍ଗୁଠିର ମଧ୍ୟବର୍ତ୍ତୀ କରତଳର ଅଂଶ—4. The part of the palm between the forefinger and the thumb.
ସ. କ୍ରି. ବିଣ.—ଅତିଶୀଘ୍ର—
Very quickly; speedily.

**କ୍ଷିପ୍ରକାରିତା**—ସ. ବି. ( କ୍ଷିପ୍ର + କୃ ଧାତୁ + ଇନ୍ + ତା )—
Kshiprakāritā କୌଣସି କାର୍ଯ୍ୟ କରିବାରେ ଫୁର୍ତ୍ତିଳାତ; ଲଘୁହସ୍ତତା; ଓସ୍ତାଦ ହାତ—
Promptness; nimbleness.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରର ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଜାଠ' ନ ମିଳିଲେ 'ଯାଠ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଦ୍ଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

**କ୍ଷିପ୍ରକାରୀ**—ସଂ. ବିଣ. ପୁଂ. (କ୍ଷିପ୍ର + କୃ ଧାତୁ + ଇନ୍ ୧ମା. ୧ବ.)—
Kshiprakāri କୌଣସି କାର୍ଯ୍ୟରେ ଯାହାର ସିଦ୍ଧହସ୍ତତା ବା
(କ୍ଷିପ୍ରକାରିଣୀ—ସ୍ତ୍ରୀ) ଫୁର୍ତ୍ତି ଦେଖାଯାଏ; ଯେ କୌଣସି କାର୍ଯ୍ୟକୁ
**ଅତିଶୀଘ୍ର** କରିପାରେ; ଶୁଲ୍‌ଖ୍—Prompt; quick in action; nimble; quick-handed.

**କ୍ଷିପ୍ରହସ୍ତ**—ସଂ. ବିଣ. ପୁଂ. (ବହୁବ୍ରୀହି; କ୍ଷିପ୍ର + ହସ୍ତ)—
Kshiprahasta ଫୁର୍ତ୍ତିରେ କାମ କରିବାଲୋକ—
(କ୍ଷିପ୍ରହସ୍ତା—ସ୍ତ୍ରୀ) Swift-handed.
(କ୍ଷିପ୍ରହସ୍ତତା—ବି)
ସଂ. ବି—୧ । ଅଗ୍ନି—1. Fire.
୨ । ରାକ୍ଷସବିଶେଷ—2. Name of a demon.

**କ୍ଷିପ୍ରହୋମ**—ସଂ. ବି. (କର୍ମଧା; କ୍ଷିପ୍ର + ହୋମ)—ସାୟଂକାଳ ଓ
Kshiprahoma ପ୍ରାତଃକାଳରେ କରଣୀୟ ହୋମ (ଏହା ଦୁଗ୍ଧରେ ଓ ଜଳରେ କରାଯାଏ, ଦ୍ର. ଶବ୍ଦସାଗର)—
Oblation to fire perfomed in the morning and evening.

**କ୍ଷିବ (ଧାତୁ)**—ସଂ—କ୍ଷେପ ପକାଇବା—
Kshiba (root) To spit

**କ୍ଷିୟା**—ସଂ. ବି. (କ୍ଷି ଧାତୁ + ଭାବ. ଅ + ଆ)—୧ । ବିନାଶ—
Kshiyā 1. Destruction.
୨ । ସଦାଚାରବିରୁଦ୍ଧ କର୍ମ; ବେଆଦବୀ—
2. Impropriety of behaviour; offence against established customs or etiquette.

**କ୍ଷିର**—ଦେ. ବି. (ସଂ. କ୍ଷୀର)—୧ । ଦୁଧ; ଦୁଗ୍ଧ—1. Milk.
Kshira ୨ । ସ୍ତନ୍ୟ—2. Mother's milk.
୩ । ଆଉଟା ହୋଇ ଗାଢ଼ା ହୋଇ ଥିବା ଦୁଗ୍ଧ—
3. Thickened milk; condensed milk.
୪ । ଗଛର ରସ ବା ନିର୍ଯ୍ୟାସ—
4. Juice from trees.
୫ । ଏକ ଜାତୀୟ ବନ୍ୟ ଗଛ—5. A kind of timber-tree growing in the jungles.

**କ୍ଷିରକାଙ୍କଲ**—ଦେ. ବି. (ସଂ. କ୍ଷୀରକଙ୍କୋଲ)—
Kshirakānkalā କ୍ଷିରକାଙ୍କୋଲ (ଦେଖ)
Kshirakānkolā ( See )

**କ୍ଷିରକାଙ୍କୁଲ**—ଦେ. ବି (ସଂ. କ୍ଷୀରକଙ୍କୋଲ)—
Kshirakānkulā କ୍ଷିରକାଙ୍କୋଲ (ଦେଖ)
Kshirakānkolā (See)

**କ୍ଷିରକାଙ୍କୋଳି**—ଦେ. ବି. (ସଂ. କ୍ଷୀରକଙ୍କୋଲ)—
Kshirakānkoḷi କ୍ଷିରକାଙ୍କୋଲ (ଦେଖ)
Kshirakānkolā ( See )

**କ୍ଷିରକୋଳି**—ଦେ. ବି. (ସଂ. କ୍ଷୀରୀ)—୧ । ଏକଜାତୀୟ କାଠଗଛ—
Kshirakoḷi 1. Mimusops Hexandra (tree).

କ୍ଷীরনী [ ଦ୍ର—ବଉଳ ଜାତୀୟ କୋଳିଗଛ । ଏହାର ପତ୍ର ଛୋଟ,
**खीरनी** ଫୁଲ ଶ୍ୱେତ, ପତ୍ର ଅପାଣ୍ଡୁର, ଫଳ ଏକ ଇଞ୍ଚ ଲମ୍ବ ଓ ଲମ୍ବ-କୋଳପରି । ଫଳ ଭିତରେ ଗୋଟିଏ ବଡ଼ ମଞ୍ଜି ଥାଏ । ଏହାର କୋଳ ପାଚିଲେ ଲୋକେ ଖାଆନ୍ତି; ଏହାର କାଠ ଖୁବ ଟାଣୁଆ ଓ ପାଲିସ୍ ହୁଏ । ]
୨ । ଏକ ଜାତୀୟ କଣ୍ଟା ବୁଦାଳିଆ ଗୁଳ୍ମ—
2. A kind of thorny plant with juicy berries found in the jungle in small groves.
[ ଦ୍ର—ଏଥିର ପତ୍ର ଶ୍ୱେତ, ଗୋଲ ଓ ମୋଟା, ଏହାର ଫୁଲ ଧଳା, ସ୍ୱଚ୍ଛ ପାଖୁଡ଼ିଆ ଓ ସୁବାସ । ଏଥିରେ ଏକ ଜାତୀୟ କୋଳ ଧରେ ଓ ସେ କୋଳ ପାଚିଲେ ନାଲି ହୁଏ ଏବଂ ସେଥିରୁ ଦୁଧ ଭଳିଆ ମିଠା ରସ ବାହାରେ, ତାକୁ ଖାଆନ୍ତି । ]
୩ । ଆଉ ଜାତିଏ ଲତାଳିଆ କଣ୍ଟକୀ ଗୁଳ୍ମ । ଭୁଇଁରେ ମାଡ଼େ । କୋଳ ପାଚିଲେ କାଳିଆ ଦିଶେ । ଏହାକୁ ମଧ୍ୟ ଖାଆନ୍ତି - 3. A kind of thorny bush.

**କ୍ଷିରପୁଳି**—ଦେ. ବି—୧ । ଏକ ଜାତୀୟ ପିଠା (ଏଥିରେ ସ୍ୱାଦଢ଼ ପୂର ଦିଆ ଯାଇଥାଏ)—
Kshirapuḷi
ক্ষীরপুলি 1. A cake which is sandwiched with condensed milk.
୨ । କ୍ଷିରପୁଳ (ଦେଖ)—2. Kshiripuḷi (See).

**କ୍ଷିରମହନ**—ଗ୍ରା. ବି—କ୍ଷିରମୋହନ (ଦେଖ)
Kshiramahana Kshiramohana ( See )

**କ୍ଷିରମୋହନ**—ଦେ. ବି—ବଡ଼ ରସଗୋଲା—
Kshiramohana A sort of sweetmeat.
ক্ষীরমোহন
**खीरमोहन**

**କ୍ଷିରସମୁଦ୍ର**—ଦେ. ବି. (ସଂ. ଭୂକୁକ୍ଷଳତା)—ସିଜୁପତ୍ର ଭଳି ମୋଟା
Kshirasamudra ଚିକ୍କଣ ମସୃଣ ଓ ଗୋଲ ପତ୍ରବିଶିଷ୍ଟ ଗୁଳ୍ମ—
বেড়েচিতা; রাঙ্গচিতা; A plant with thick green leaves
ঢোলসমুদ্র; রাংচিতা and stems; Pedilanthus Tythymaloides; Leea Macrophylla
**समुद्रक** ( Haines ).
ମ. ଦଣ୍ଡା
[ ଦ୍ର—ଏହାର ଫୁଲ ଆଲତା । ଏଥିର ଡାଳ ଭାଙ୍ଗିଦେଲେ ଧଳା କ୍ଷିର ବାହାରେ; ଏଥିରେ କଣ୍ଟା ନାହିଁ । ଏହାର ଡାଙ୍ଗ ସିଧା, ନେଳି, ଗୋଲ ଓ ମସୃଣ । ଏ ଗଛ ଅଢ଼େଇ ହାତ ପର୍ଯ୍ୟନ୍ତ ବଢ଼େ । ଲୋକେ ଏ ଗଛକୁ ବାଡ଼ରେ ପୋତନ୍ତି । ଏହାର ଡାଳ ବା ଡାଙ୍ଗରୁ ଗୋଟିଏ ଗୋପା ନଳ ପରି ବାହାରେ । ଏହାର ପତ୍ରଗୁଡ଼ିକ ଭୂକୁକ୍ଷ-ଳତା ପରି ଦିଶେ । ବାୟା ହଳିଆ କାମୁଡ଼ିଲେ ଗଞ୍ଜାମରେ ଏହାର ଛେଲିକୁ ବାଟି ବୋଳନ୍ତି । ]

**କ୍ଷିରସିଞ୍ଜୁ**—ଦେ. ବି.—ସିଜୁଜାତୀୟ ଶ୍ୱେତ ଗଛ—
Kshirasijhu Euphorbia Tirucalli (tree).
লঙ্কাসিজ
**थोहरसिज**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଡ଼ | ର୍,ର୍ଦ୍ଧ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଗ,ଷ | ଙ୍କ | ଇସ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

[ ଦ୍ର—ଏ ଗଛ ଉଚ୍ଚରେ ଦଶ ବାର ହାତ ବଢ଼େ । ଏହାର ପତ୍ର ଅଶ୍ୱତ୍ଥ ପ୍ରକୋଷ୍ଠ । ଡାଳଗୁଡ଼ିକ ଅଙ୍ଗୁଠି ପରି ଗୋଲ । ଏଥିରେ ଆଦୌ କଣ୍ଟା ନାହିଁ, ଏହା ବାଡ଼ରେ ଉଠେ । ଏହାକୁ କେହି କେହି ଖଡ଼ିସିଜୁ ବା ଲଙ୍କାସିଜୁ କହନ୍ତି । ଏହାର ଡାଳ ଆଣି, ଉତ୍ତମ କରି ଚପୁଡ଼ି ସେ ରସରେ ପୋଡ଼ାମାଛ ଘୋରି ଗାଲପାଟୁଆ ରୋଗରେ ଲେପ ଦିଅନ୍ତି । କଞ୍ଚା ପତ୍ର ଭାଙ୍ଗି ଦେଲେ ତହିଁରୁ ଦୁଧ ପରି ରସ ବାହାରେ । ]

**କ୍ଷିରା**— ପ୍ରାଦେ. (ସମ୍ବଲପୁର ) ବି. ( ତୁଳ. ହି. ଖିରା; ସଂ. କ୍ଷୀରକା ) – Kshirā ଖିରା; କାକୁଡ଼ି —Cucumber.

**କ୍ଷିରାବଜିଆ** ଦେ. ବି. (ବଣିଆ ଶବ୍ଦ)—ସୁନା ଅଳଂକାରରେ ବ୍ୟବହୃତ Kshirābajiā ହେବା ଏକପ୍ରକାର ଚକତି—A circular bit of gold plate used in making gold ornaments.

**କ୍ଷିରି**—ଦେ. ବି.—(ସଂ. କ୍ଷୀର)—ଦୁଧରେ ଚାଉଳ ଓ ଚିନି ଦିଆଯାଇ Kshiri ତିଆରି କରା ଯାଇଥିବା ପାୟସ—A gruel made of rice boiled with milk and sweetened.

**କ୍ଷିରିକୋଳି**—ଦେ. ବି.—କ୍ଷିରକୋଳି (ଦେଖ )—
Kshirikoḻi Kshirakoḻi (See)

**କ୍ଷିରିଖେଚୁଡ଼ି** - ଦେ. ବି. (ସହଚର; ସଂ. କ୍ଷୀର+କୃଶରା)–କ୍ଷିରି ଓ ଖେଚୁଡ଼ି– Kshirikhechārḏi Milk-gruel and spiced yellow rice offered to Deities and guests.

[ ଦ୍ର—ଦେବତାଙ୍କଠାରେ ଦୁଧରେ ଚାଉଳ ସିଝାଇ କ୍ଷିରି ଓ ଚାଉଳ ଓ ମୁଗରେ ହଳଦୀ, ଘିଅ, ନଡ଼ିଆ, ମସଲା ଓ ଲବଣ ଦେଇ ସିଝାଇ ଖେଚୁଡ଼ି ତିଆରି ହୋଇ ଭୋଗ ଲାଗେ । ]

**କ୍ଷିରିପିଠା**—ଦେ. ବି.—୧ । ଉତ୍ସବାଦିରେ ଅଭ୍ୟାଗତ ଅତିଥିମାନଙ୍କୁ Kshiripiṭhā ଭୋଜନାର୍ଥ ଦିଆ ଯିବା କ୍ଷିରି ଓ ପିଠା (ଓଡ଼ିଶାରେ ଗୃହସ୍ଥର ଜାତିଭୋଜନରେ ଭାତ ଡାଲି ଇତ୍ୟାଦି ଖାଇ ସାରିବା ସଙ୍ଗେ ସଙ୍ଗେ ଦୁଧରେ ଅଉଟା ହୋଇ ସିଦ୍ଧ ହୋଇଥିବା ଚାଉଳଚୂନା ବା କ୍ଷିରି ଓ ଗୁଡ଼ରେ ତିଆରି ହୋଇଥିବା ଘୃତପକ୍ୱ ମିଷ୍ଟାନ୍ନ ବା ପିଠା ଦିଆଯାଏ )—
1. Sweet cake and gruel served at the end of meals in caste-dinners in Orissa.
୨ । ବିବାହାଦି ଶୁଭାନୁଷ୍ଠାନମାନଙ୍କରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଦିଆ ଯିବା ଭୋଜନ ( ଏଥିରେ କ୍ଷିରି ଓ ପିଠା ପ୍ରଧାନ ଉଲ୍ଲେଖ ଯୋଗ୍ୟ ଉପକରଣ ଥିବାରୁ )—2. Caste-dinner or dinner given to relations and friends.
୩ । ପାରିବାରିକ ମଙ୍ଗଳୋତ୍ସବ—
3. Social festivities.

**କ୍ଷିରିପୁଳି**—ଦେ. ବି. ( ସହଚର )—କ୍ଷିରି ଓ ବଇଁଶା ଚାଉଳବଟାରେ Kshiripuḻi ତିଆରି ହୋଇ ଥିବା ଓ ମିଠା ଦିଆଯାଇ ନ ଥିବା ଏକ ଜାତୀୟ ପିଠା—1. Gruel and unsweetened cake.

[ ଦ୍ର—ଏହା ମୃତାହକ୍ରିୟାର ବାରଭୋଜନରେ ଜ୍ଞାତି ଓ କୁଟୁମ୍ବଙ୍କୁ ଅନ୍ନଭୋଜନ ଶେଷରେ ଦିଆଯାଏ । ]

ପ୍ରାଦେ ( ପୁରୀ ) ବି.— ବିବାହ ଉତ୍ସବରେ ପୁଅ ବାହା ହେବାକୁ କନ୍ୟାଘରକୁ ଗଲା ପରେ ପୁତ୍ରର ଜନନୀ ଆତ୍ମୀୟସ୍ୱଜନରମଣୀମାନଙ୍କୁ ଓ ପ୍ରତିବେଶିନୀମାନଙ୍କୁ ନିମନ୍ତ୍ରଣ କରି ଦେବା ଭୋଜି—
Feast given to female relations and neighbours by the mother of the bridegroom after the marriage procession starts from the bride's house.

**କ୍ଷିରିସା**—ଦେ. ବି ( ସଂ. କ୍ଷୀରଶସ୍ୟ )—ଚାଉଳ ଓ ନଡ଼ିଆକୋରାର Kshirisā ରସ ଓ ଗୁଡ଼ ଦେଇ ତିଆରି ହେବା ପତଳା ଅଠକାଳି **क्षीरसा** ( ଏହା କ୍ଷିରି ଠାରୁ ପତଳା ବା ପାଣିଆଁ )—A thin gruel made of rice boiled in milk and sweetened.

**କ୍ଷିରିସାପାଣି** —ଦେ. ବି.—(ସଂ. କ୍ଷୀରଶସ୍ୟ ଓ ପାନୀୟ)—କ୍ଷିରିସା (ଦେଖ)
Kshirisāpāṇi Kshirisā (See)

**କ୍ଷିରିସାହାଣ** —ଦେ. ବି.—ଏକପ୍ରକାର ବଡ଼ ମାଛ; ଖୁରସାଣିଆମାଛ—
Kshirisāhāṇa A sort of fish.
[ଦ୍ର—ଏମାନେ କଲାବାଇଁସି ପରି କଳା ଚେପ୍ଟା । ]

**କ୍ଷିରିସାହାଣି** —ଦେ ବି.—କ୍ଷିରିସାହାଣ (ଦେଖ)
Kshirisāhāṇi Kshirisāhāṇa (See)

**କ୍ଷିରୋଦ** —ଦେ. ବି.—( ସଂ. କ୍ଷୀରୋଦ)=କ୍ଷୀରସମୁଦ୍ର ପରି ଧଳା କ୍ଷିରୋଦ୍ର; Kshiroda ଧଳା ପାଟଲୁଗା—White silk cloth.

କ୍ଷିତଭୂଷାଙ୍କ କ୍ଷିରୋଦଖାଙ୍କ ମାନଙ୍କ ମାଜଣାଶେଷରେ—
କବିସୂର୍ଯ୍ୟ. ଚନ୍ଦ୍ରକଳା ।

**କ୍ଷିରୋଦର**—ଗ୍ରା. ବି. ( ସଂ. କ୍ଷିରୋଦ )—କ୍ଷିରୋଦ୍ର ( ଦେଖ )
Kshirodara Kshirodra ( See )

**କ୍ଷିରୋଦରି**—ଗ୍ରା. ବି. ( ସଂ. କ୍ଷିରୋଦ )—କ୍ଷିରୋଦ୍ର ( ଦେଖ )
Kshirodari Kshirodra ( See )

**କ୍ଷିରୋଦ୍ର**— ଦେ. ବି. ( ସଂ. କ୍ଷିରୋଦ; ଏହା କ୍ଷିରୋଦ ବା କ୍ଷୀରସାଗର Kshirodra ପରି ଶୁକ୍ଳବର୍ଣ୍ଣ ଥିବାରୁ )—ଶୁକ୍ଳବର୍ଣ୍ଣ ପଟ୍ଟବସ୍ତ୍ର—White silk-cloth for wearing.

**କ୍ଷିରୋଦ୍ରି** —ଦେ. ବି—କ୍ଷିରୋଦ୍ର ( ଦେଖ )
Kshirodri Kshirodra ( See )

**କ୍ଷୀ** ( ଧାତୁ )—ସଂ—୧ । ହିଂସା କରିବା—
Kshī ( root ) 1. To hurt; to injure.
୨ । ହତ୍ୟା କରିବା—2. To kill.

**କ୍ଷୀଜ** ( ଧାତୁ )—ସଂ—ଅସ୍ପଷ୍ଟ ଧ୍ୱନି କରିବା—
Kshīja ( root ) To sound indistinctly.

**କ୍ଷୀଜନ** —ସଂ. ବି. ( କ୍ଷୀଜ ଧାତୁ+ଭାବ. ଅନ )—ପୋଲା ନଳ ବା Kshījana ବାଉଁଶ ଆଦିରେ ପବନ ପଶିବା ଯୋଗୁଁ ତହିଁରୁ ବାହାରିବା ସ୍ୱର—The whistling sound due to air passing the rough hollow reeds.

ସାଧାରଣ ... ଅନେକ ପୃଷ୍ଠାରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ... ନ ମିଳିଲେ ଏ ଶବ୍ଦକୋଷରେ ନ ମିଳିବ ଭାବିବେ ନାହିଁ; ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ ... ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଜିନା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**କ୍ଷୀଣ**—ସଂ. ବିଣ. ପୁଂ. ( କ୍ଷି ଧାତୁ = କ୍ଷୟ ପାଇବା + କର୍ତ୍ତୃ. ତ )—
Kshīṇa ୧। ଦୁର୍ବଳ—1. Feeble; weak.
(କ୍ଷୀଣା—ସ୍ତ୍ରୀ) ୨। ଶୁଷ୍କ—2. Dry; parched.
୩। ସୂକ୍ଷ୍ମ—3. Thin; lean.
୪। କୃଶ—4. Emaciated.
୫। କ୍ଷୟପ୍ରାପ୍ତ—5. Waned.
୬। ଜୀର୍ଣ୍ଣ— 6. Decayed; wasted; worne; dilapidated.
୭। କ୍ଷୟିତ; କମିଯାଇଥିବା—7. Diminished.
୮। ବ୍ୟୟିତ—8. Expended.
୯। ଭଗ୍ନ—9. Broken.
୧୦। ବିନାଶପ୍ରାପ୍ତ—10. Destroyed.
୧୧। ମୃତ—11. Dead.
୧୨। କ୍ଷୁଦ୍ର—12. Small, little.
୧୩। ଅକ୍ଷମ—13. Powerless.

**କ୍ଷୀଣକଟି**—ସଂ. ବିଣ. ପୁଂ. ( ବହୁବ୍ରୀହି; କ୍ଷୀଣ + କଟି )—ଅଣ୍ଟାସରୁଆ
Kshīṇakaṭi ( ବ୍ୟକ୍ତି )—Slender-waisted.
( କ୍ଷୀଣକଟୀ—ସ୍ତ୍ରୀ ) [ ଦ୍ର—ଏହା ମନୋହାରିଣୀ ସ୍ତ୍ରୀମାନଙ୍କର ଗୋଟିଏ ଲକ୍ଷଣ। କ୍ଷୀଣକଟୀ ସ୍ତ୍ରୀମାନେ ସବୁ ଦେଶରେ ମଧ୍ୟ ଆଦରଣୀୟା ହୁଅନ୍ତି। ]

**କ୍ଷୀଣଚନ୍ଦ୍ର**—ସଂ. ବି. ( କର୍ମଧା; କ୍ଷୀଣ + ଚନ୍ଦ୍ର )—
Kshīṇachandra ୧। କୃଷ୍ଣପକ୍ଷରେ କ୍ଷୟ ପାଉଥିବା ଚନ୍ଦ୍ର—1. The moon on the wane; waning moon.
୨। ସାତ କିମ୍ବା ତହିଁରୁ କମ୍ କଳାଯୁକ୍ତ ଚନ୍ଦ୍ର—
2. The moon with 7 or less digits.
[ ଦ୍ର—କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ଚନ୍ଦ୍ରକୁ କ୍ଷୀଣଚନ୍ଦ୍ର କହନ୍ତି—ହି. ଶବ୍ଦସାଗର। ]

**କ୍ଷୀଣଜୀବୀ**—ସଂ. ବିଣ. ପୁଂ. (ବହୁବ୍ରୀହି; କ୍ଷୀଣ + ଜୀବ ଧାତୁ + ଇନ୍; ୧ମା. ୧ବ. )—
Kshīṇajībi
( କ୍ଷୀଣଜୀବିନୀ—ସ୍ତ୍ରୀ ) ୧। ଦୁର୍ବଳଜୀବନଥିବା; ଦର୍ଜୀବା; ଦୁର୍ବଳ— 1. Frail; weak.
୨। ଅତି ସୁକୁମାରିଆ—
2. Very delicate of constitution.
୩। ଅଳ୍ପାୟୁ; କ୍ଷଣକାଳଜୀବୀ—
3. Short-lived; ephemeral.

**କ୍ଷୀଣତା**—ସଂ. ବି. ( କ୍ଷୀଣ + ଭାବ. ତା )—
Kshīṇatā ୧। ଦୁର୍ବଳତା—1. Feebleness; weakness.
୨। ଶୁଷ୍କତା—2. Dryness.
୩। ସୂକ୍ଷ୍ମତା—3. Thinness; leanness.
୪। କୃଶତା—4. Emaciation.
୫। ଜୀର୍ଣ୍ଣତା—5. Decay; waste.

**କ୍ଷୀଣଧନ**—ସଂ. ବିଣ. ପୁଂ. ( ବହୁବ୍ରୀହି; କ୍ଷୀଣ + ଧନ )—ଯାହାର ଧନ
Kshīṇadhana କ୍ଷୟ ପାଇଅଛି—Impoverished.
( କ୍ଷୀଣଧନା—ସ୍ତ୍ରୀ )

**କ୍ଷୀଣପାପ**—ସଂ. ବିଣ. ପୁଂ. (ବହୁବ୍ରୀହି; କ୍ଷୀଣ + ପାପ)—ଯେଉଁ ବ୍ୟକ୍ତି ପାପର
Kshīṇapāpa ଫଳ ଭୋଗ କରି ସାରିବା ଯୋଗୁ ତାହାର ପାପ
( କ୍ଷୀଣପାପା—ସ୍ତ୍ରୀ ) କ୍ଷୟ ପାଇଅଛି—One who is purified after having undergone the punishment or consequence of his sins.

**କ୍ଷୀଣପୁଣ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି. କ୍ଷୀଣ + ପୁଣ୍ୟ )—
Kshīṇapuṇya ୧। ଯାହାର ପୁଣ୍ୟ କ୍ଷୟ ହୋଇଅଛି—
(କ୍ଷୀଣପୁଣ୍ୟା—ସ୍ତ୍ରୀ) 1. Whose virtue has been exhausted.
୨। ଏ ଜନ୍ମରେ ଯାହାର ପୂର୍ବାର୍ଜିତ ପୁଣ୍ୟର ଫଳଭୋଗ ସରିଅଛି—2. One who has already enjoyed fully to exhaustion the fruits of his meritorius acts of a previous birth.

**କ୍ଷୀଣବଳ**—ସଂ. ବିଣ. ପୁଂ. ( ବହୁବ୍ରୀହି; କ୍ଷୀଣ + ବଳ )—
Kshīṇabaḷa ୧। ଯେଉଁ ମନୁଷ୍ୟର ବଳ କମି ଯାଇଅଛି—
( କ୍ଷୀଣବଳା—ସ୍ତ୍ରୀ ) 1. Weakened in strength.
୨। ଯେଉଁ ରୋଗର ଉଗ୍ରତା କମି ଯାଇଅଛି—
2. Subsided ( disease ).

**କ୍ଷୀଣବାସୀ**—ସଂ. ବିଣ. ପୁଂ. ( କ୍ଷୀଣ + ବାସ + ଇନ୍; ୧ମା. ୧ବ. )—
Kshīṇabāsī ଜୀର୍ଣ୍ଣ ଘରେ ବାସ କରୁଥିବା—
(କ୍ଷୀଣବାସିନୀ—ସ୍ତ୍ରୀ) Living in a dilapidated house
ବି—କପୋତ; ପାରାବତ—Dove; pigeon.

**କ୍ଷୀଣବୃତ୍ତି**—ସଂ. ବିଣ. (ବହୁବ୍ରୀହି; କ୍ଷୀଣ + ବୃତ୍ତି)—
Kshīṇabṛutti ଯେଉଁ ମନୁଷ୍ୟର ଜୀବିକା ନାହିଁ; ବେକାର—
Unemployed; out of employment; deprived of the source of living.

**କ୍ଷୀଣମଝା**—ଦେ. ବିଣ. ପୁଂ ଓ ସ୍ତ୍ରୀ. ( ସଂ. କ୍ଷୀଣମଧ୍ୟ )—
Kshīṇamajhā କ୍ଷୀଣକଟି ( ଦେଖ )
Kshīṇakaṭi ( See )

ଚନ୍ଦ୍ର ବଦନ ନବୀନ ଦୁର୍ବାଦଳ
କ୍ଷୀଣମଝା ସୁବର୍ତ୍ତୁଳ ବକ୍ଷସ୍ଥଳ
ସୁନ୍ଦରୀ ନାରିକା ଜଳେ ଉଜ୍ଜଳିଲ।
ବିଶ୍ୱନାଥ. ବିଚିତ୍ରରାମାୟଣ।

**କ୍ଷୀଣମଧ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; କ୍ଷୀଣ + ମଧ୍ୟ )—
Kshīṇamadhya କ୍ଷୀଣକଟି ( ଦେଖ )
(କ୍ଷୀଣମଧ୍ୟା—ସ୍ତ୍ରୀ) Kshīṇakaṭi ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଞ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗ୍ୟଁ | ଇଅ | ଢ଼ | ନ୍ |

**କ୍ଷୀଣଶକ୍ତି**—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; କ୍ଷୀଣ + ଶକ୍ତି )—
Kshīṇaśakti
୧ । ଯେଉଁ ମନୁଷ୍ୟର ବଳ କମି ଯାଇଅଛି—
1. Weakened in strength.
୨ । ଯେଉଁ ରୋଗର ଉଗ୍ରତା କମି ଯାଇଅଛି—
2. Subsided ( disease ).

**କ୍ଷୀଣୀ** ଗ୍ରା. (ପଦ୍ୟ) ବଣ. ସ୍ତ୍ରୀ ( ସଂ. କ୍ଷୀଣା )—କ୍ଷୀଣ—
Kshīṇī Weakened.
ବ୍ୟାକୁଳରେ ହୋଇ କ୍ଷୀଣୀ
ବଳୁଭେ ଭାଷେ ପକ୍ଷିଣୀ । ଉପେ. ବୈଦେହୀଶବିଳାସ ।

**କ୍ଷୀବ** (ଧାତୁ)— ସଂ.—ମତ୍ତହେବା—
Kshība (root) To be mad.

**କ୍ଷୀବ**— ସଂ. ବଣ. ( କ୍ଷୀବ ଧାତୁ=ମତ୍ତ ହେବା+କର୍ତ୍ତୃ. ଅ )—
Kshība ମତ୍ତ—Frantic; mad.

**କ୍ଷୀୟମାଣ**—ସଂ. ବଣ. ( କ୍ଷି ଧାତୁ+କର୍ତ୍ତୃ. ଶାନଚ୍ )—
Kshīyamāṇa ୧ । କ୍ଷୟ ପାଉଥିବା—
1. In a decaying condition.
୨ । ହ୍ରାସ ପାଉଥିବା—2. On the wane.
୩ । ଜୀର୍ଣ୍ଣ ହେଉଥିବା—
3. Wasting away.

**କ୍ଷୀର**—ସଂ. ବି. ( ଘସ୍=ଭୋଜନ କରିବା + କର୍ମ. ଇର. ନିପାତନ; କିମ୍ବା
Kshīra କ୍ଷି ଧାତୁ=କ୍ଷୟ ପାଇବା + କର୍ତ୍ତୃ. ଇର )—
୧ । ଦୁଗ୍ଧ; ଦୁଧ—1. Milk.
୨ । ଜଳ—2. Water.
୩ । ନିର୍ଯ୍ୟାସ; ଗଛର ରସ; ବୃକ୍ଷାଦିର ଦୁଗ୍ଧବତ ନିର୍ଯ୍ୟାସ—
3. Juice; gum from trees.
୪ । ସରଳ ବୃକ୍ଷର ନିର୍ଯ୍ୟାସ; ଝୁଣା—
4. Resin.
ଦେ. ବି—ଅଉଟା ହୋଇ ଗାଢ଼ କରାଯାଇଥିବା ଦୁଧ; ରାବିଡ଼ି—
क्षीर Condensed and sweetened
खोर milk.

**କ୍ଷୀରକ**—ସଂ. ବି—କ୍ଷୀର ( ଦେଖ )
Kshīraka Kshīra ( See )

**କ୍ଷୀରକକ୍କୋଲ**—ସଂ. ବି—କ୍ଷୀରକାଙ୍କୋଳି ( ଦେଖ )
Kshīrakakkoḻa Kshīrakāṅkolā ( See )

**କ୍ଷୀରକକ୍କୋଲକ**—ସଂ. ବି—କ୍ଷୀରକାଙ୍କୋଲା ( ଦେଖ )
Khīrakakkoḻaka Kshīrakāṅkolā ( See )

**କ୍ଷୀରକଞ୍ଚୁକୀ**—ସଂ. ବି—ଶଶକନ୍ଦ ( ଦେଖ ) (ହରେକୃଷ୍ଣ. ଦ୍ରବ୍ୟଗୁଣ)
Kshīrakañchukī Śaśakanda ( See )

**କ୍ଷୀରକଣ୍ଠ**—ସଂ. ବି. ( ବହୁବ୍ରୀହି; କ୍ଷୀର + କଣ୍ଠ )—
Kshīrakaṇṭha ସ୍ତନ୍ୟପାୟୀ ଶିଶୁ; ଦୁଗ୍ଧପୋଷ୍ୟ ବା ସ୍ତନନ୍ଧୟ ଶିଶୁ—
A child not yet weaned; a child still living on the mother's milk.
ବୋଲେ କ୍ଷୀରକଣ୍ଠ ମାତ୍ର କେଉଁ ଯଶ ।
ଉପେ. ବୈଦେହୀଶବିଳାସ ।

**କ୍ଷୀରକଣ୍ଠକ**—ସଂ. ବି. (କ୍ଷୀରକଣ୍ଠ +ସ୍ୱାର୍ଥେ. କ)—କ୍ଷୀରକଣ୍ଠ ( ଦେଖ )
Kshīrakaṇṭhaka Kshīrakaṇṭha ( See )

**କ୍ଷୀରକାକୋଲୀ**— ସଂ. ବି—କ୍ଷୀରକାଙ୍କୋଳି ( ଦେଖ )
Khīrakākoḻī Kshīrakāṅkolā ( See )

**କ୍ଷୀରକାଙ୍କଲା** ଦେ. ବି—କ୍ଷୀରକାଙ୍କୋଲା ( ଦେଖ )
Kshīrakāṅkalā Kshīrakāṅkolā ( See )

**କ୍ଷୀରକାଙ୍କେଳି**—ଦେ. ବି—କ୍ଷୀରକାଙ୍କୋଳି ( ଦେଖ )
Kshīrakāṅkelā Kshīrakāṅkolā ( See )

**କ୍ଷୀରକାଙ୍କୋଳି**—ଦେ. ବି. ( ସଂ. କ୍ଷୀରକକ୍କୋଲ )—
Kshīrakāṅkolā ହିମାଳୟଜାତ ଏକ ପ୍ରକାର ବୃକ୍ଷର
ଅନ୍ୟ ସଂ. ନାମ— ବୟଃସ୍ଥା, କ୍ଷୀରକକ୍କୋଲ, କ୍ଷୀରବଲ୍ଲିକା; କ୍ଷୀରିଣୀ, କ୍ଷୀରା, କ୍ଷୀରଶୁକ୍ଲା, ପୟସ୍ୱିନୀ, କ୍ଷୀରକାକୋଲୀ
क्षीरकाँकला, क्षीरकाकोली
दुधकार्कलि
ଅନେକ ପ୍ରସ୍ଥ ଖୋସାଥିବା ଚେର—
A Himalayan tree with its root having several layers of rinds like onion ( used in madicine ) Cocculus Indicus.

[ ଦ୍ର—ଏହାକୁ ପାଣିରେ ପକାଇ ସିଝାଇଲେ ପାଣି ଦୁଧ ଭଳି ଧଳା ହୋଇଯାଏ । ଏହା ଗର୍ଭିଣୀ ସ୍ତ୍ରୀର ଚିକିତ୍ସାରେ ବେଶି ବ୍ୟବହୃତ ହୁଏ । ଏହା ଆୟୁର୍ବେଦୋକ୍ତ ପ୍ରସିଦ୍ଧ ଅଷ୍ଟବର୍ଗର ଅନ୍ତର୍ଗତ; ଏହି କନ୍ଦ ଶତମୂଳୀର ନ୍ୟାୟ । ବାଟିଲେ ଏହା ଭିତରୁ ଦୁଧପରି ଅଠା ବାହାରେ । ଏହାର ଗନ୍ଧ ଅତି ମନୋହର । ଏହା ଆକୃତିରେ ଓ ଗୁଣରେ କାଙ୍କୋଲା ପରି, କିନ୍ତୁ କାଙ୍କୋଲା କୃଷ୍ଣବର୍ଣ୍ଣ ଓ ଏହା ଶ୍ୱେତବର୍ଣ୍ଣ । ଏହା ମଧୁରରସ, ଶୀତଳ, ସ୍ନିଗ୍ଧ, ଗୁରୁପାକ, ପୁଷ୍ଟିକର, ଶୁକ୍ରବର୍ଦ୍ଧକ, କଫଜନକ, ବାତପିତ୍ତନାଶକ । ଜ୍ୱର, ଦାହ, ରକ୍ତପିତ୍ତ, କ୍ଷୟ ଓ ବାୟୁ ରୋଗରେ ଏହା ବିଶେଷ ଉପକାରୀ । କ୍ଷୀରକାଙ୍କୋଲା ଅଭାବରେ ଶତମୂଳୀ ବା ଅଶ୍ୱଗନ୍ଧାମୂଳ ପ୍ରୟୋଗ କରାଯାଏ । ଏହା ସେବନ କରିବାଦ୍ୱାରା ପ୍ରସୂତିମାନଙ୍କର ସ୍ତନ୍ୟ ବୃଦ୍ଧି ପାଏ ।

**କ୍ଷୀରକୋଳି** ଦେ. ବି—କ୍ଷିରକୋଳି ( ଦେଖ )
Kshīrakoḻi Kshirakoḻi ( See )

**କ୍ଷୀରଖଣ୍ଡ**—ଦେ. ବି—ଚିନିମିଶା ଦୁଧ; ସଶର୍କରି ପୟଃ—
Kshīrakhaṇḍa Milk seasoned with sugar.

[ ଦ୍ର—ଏହା ଅତି ଉପାଦେୟ ବୋଲି ସର୍ବଜନବାଦୀ । ଏଥିପାଇଁ କବି ଭଗବାନଙ୍କୁ ପ୍ରାର୍ଥନା କରି କହିଅଛନ୍ତି—
କାଳିଦାସକବିତା ନବଂ ବୟଃ
ମାହିଷଂ ଦଧି ସଶର୍କରଂ ପୟଃ ।
ଏଣମାଂସମବଲା ସୁକୋମଲା
ସମ୍ଭବନ୍ତୁ ମମ ଜନ୍ମଜନ୍ମନି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଳବଳ' ନ ପାଇଲେ 'ଅଲବଲ' ଦେଖିବେ

**କ୍ଷୀରଖର୍ଜୁର**—ସଂ. ବି—ପିଣ୍ଡଖର୍ଜୁର ( ଦେଖ )
Kshīra kharjūra — Piṇḍa kharjūra ( See )

**କ୍ଷୀରଖାର ଖାଇବା**—ଦେ. କ୍ରି. ( ସଂ. କ୍ଷୀର + କ୍ଷାର + ଖାଦ ଧାତୁ )—
Kshīrakhāra khāibā ୧ । ଦୁଧ ଓ ଲୁଣ ଏକତ୍ର ଖାଇବା—
1. To take milk and salt together.
୨ । (ଲକ୍ଷଣାର୍ଥ) କୌଣସି ଅସ୍ୱାଦୁ ଜିନିଷ ଭକ୍ଷଣ କରିବା—
2. To take any thing unpalatable.
୩ । (ଲକ୍ଷଣାର୍ଥ) ( ପରସ୍ପର ବିରୋଧୀ ଦୁଇ ବସ୍ତୁକୁ ମିଶାଇ ଭୋଜନ କରିବା ସ୍ୱାସ୍ଥ୍ୟ ପକ୍ଷରେ ଅହିତକର ଥିବାରୁ ) ଅସ୍ୱାସ୍ଥ୍ୟକର ବସ୍ତୁଦ୍ୱୟ ଏକତ୍ର ସେବନ କରିବା
3. ( figurative ) To take two contrary articles of food together.
[ ଦ୍ର—ବୈଦ୍ୟଶାସ୍ତ୍ରମତରେ କ୍ଷୀର ଓ କ୍ଷାର ଏକତ୍ର ମିଶିଲେ ବିଷ ହୁଏ । ଏଥିପାଇଁ କ୍ଷୀର ଓ କ୍ଷାର ଏକତ୍ର ସେବନ କରିବା ନିଷିଦ୍ଧ ।]

**କ୍ଷୀରଚୋର**—ଦେ. ବି. ଓ ବିଣ. ( ସଂ. କ୍ଷୀର + ଚୌର )—
Kshīrachora — କ୍ଷୀରଚୋରା ( ଦେଖ )
Kshīrachorā ( See )

**କ୍ଷୀରଚୋରା**—ଦେ. ବିଣ. ( ସଂ. କ୍ଷୀର + ଚୌର )—
Kshīrachorā ୧ । ଯେ କ୍ଷୀର ଚୋରି କରନ୍ତି—
1. Stealing milk.
[ ଦ୍ର—ଗୋପପୁରରେ ଶ୍ରୀକୃଷ୍ଣ ପିଲାଦିନେ ଭାରି ଦୁରନ୍ତ ଥିଲେ । ଗୋପୀମାନେ ଦୁଧ ଅଉଟି ଜମା ଦହି ମୋହିଁ ବା ଛେନା ବସାଇ ଦୁଧ-ଛେନା, ଦୁଧ, ସର, ଲହୁଣୀ ଆଦି ଆପଣାର ଶିକାରେ ରଖି, ଯେତେବେଳେ କାମଧନ୍ଦାରେ ଘରୁ ବାହାରି ଗଲାରୁ ଶ୍ରୀକୃଷ୍ଣ (କୌତୁକ କରିବାକୁ ବା ତାଙ୍କୁ ଭୋକ ହେବାରୁ) ଗୋପୀମାନଙ୍କ ଅଜ୍ଞାତରେ ତାଙ୍କ ଘରେ ପଶି ତାହା ସବୁ ଚୋରି କରି ନେଇ ପଳାଇ ଯାଉଥିଲେ ବା ଖାଇ ଯାଉଥିଲେ ଓ ଗୋପୀମାନେ ତାଙ୍କୁ ସହଜରେ ଧରି ପାରୁ ନ ଥିଲେ । ଯେବେ ଅକସ୍ମାତ୍ କୌଣସି କୌଣସି ଗୋପୀଙ୍କ ହାତରେ ଶ୍ରୀକୃଷ୍ଣ ଧରା ପଡ଼ୁଥିଲେ, ତେବେ ସେ ନାନା ମାୟା ରଚନା କରି ହୁନ୍ଦର ଲଗାଉଥିଲେ । ଏଥିପାଇଁ ଶ୍ରୀକୃଷ୍ଣଙ୍କୁ ଗୋପୀମାନେ କ୍ଷୀରଚୋରା ବୋଲି ଡ଼ାକୁଥିଲେ । ]
ଦେ. ବି—ଶ୍ରୀକୃଷ୍ଣଙ୍କ ନାମାନ୍ତର—
A name given to Śrīkṛushṇa.

**କ୍ଷୀରଚୋରା ଗୋପୀନାଥ**—ଦେ. ବି—ବାଲେଶ୍ୱର ନିକଟସ୍ଥ ରେମୁଣାରେ
Kshīrachorā gopīnātha ପ୍ରତିଷ୍ଠିତ ଶ୍ରୀକୃଷ୍ଣବିଗ୍ରହ—
The image of Śrīkṛushṇa set up and worshipped at Remuṇā ( a village in the district of Balasore ).
[ ଦ୍ର—ଏହାଙ୍କଠାରେ ପ୍ରତିଦିନ ବାରଟି ପାତ୍ରରେ କ୍ଷୀର ବା ଘନଆଉଟା ଦୁଧ ଭୋଗହୁଏ । ଭକ୍ତ ମାଧବେନ୍ଦ୍ରପୁରୀଙ୍କ ପାଇଁ ଏ ଦେବତା ନିଜେ ଗୋଟିଏ କ୍ଷୀରପାତ୍ର ଚୋରି କରିଥିବାରୁ ସେହି ଦିନୁ ତାଙ୍କର ଏ ନାମ ହୋଇଅଛି । ]

**କ୍ଷୀରଜ**—ସଂ. ବି. (କ୍ଷୀର + ଜନ ଧାତୁ + କର୍ତ୍ତୃ. ଅ)—୧ । ବସାଦହି—
Kshīraja 1 Coagulated or curdled milk.
୨ । ( କ୍ଷୀର ସାଗରରୁ ବାହାରି ଥିବାରୁ ) ଚନ୍ଦ୍ର—
2. The moon.
୩ । ଶଙ୍ଖ—3. Conch.
ସଂ. ବିଣ- ଦୁଗ୍ଧରୁ ଉତ୍ପନ୍ନ—Produced from milk.

**କ୍ଷୀରଦଳ**—ସଂ. ବି. ( ବହୁବ୍ରୀହି; କ୍ଷୀର + ଦଳ; ଏହାର ପତ୍ରରୁ କ୍ଷିର
Kshīradaḷa ବାହାରିବାରୁ ) ଅରଖ ଗୁଳ୍ମ—
The Swallow-wort (plant).

**କ୍ଷୀରଦାତ୍ରୀ**—ସଂ. ବିଣ. ସ୍ତ୍ରୀ. ( କ୍ଷୀର + ଦାତ୍ରୀ )—
Kshīradātrī ଦୁହାଁଳୀ; ଦୁଧ ଦେଉଥିବା ( ଗାଈ )—
( cow ) Yielding milk.

**କ୍ଷୀରଦ୍ରୁମ**—ସଂ. ବି. (ମଧ୍ୟପଦଲୋପୀ; କ୍ଷୀରପ୍ରଦ ଦ୍ରୁମ)—ଅଶ୍ୱତ୍ଥବୃକ୍ଷ—
Kshīradruma The Religious fig tree.

**କ୍ଷୀରଧାତ୍ରୀ**—ସଂ. ବି. ସ୍ତ୍ରୀ—ଶିଶୁକୁ ସ୍ତନ୍ୟପାନ କରାଉଥିବା ଧାଈ—
Kshīradhātrī Wet nurse.

**କ୍ଷୀରଧେନୁ**—ସଂ. ବି. ସ୍ତ୍ରୀ. ( ମଧ୍ୟପଦଲୋପୀ; କ୍ଷୀରଦାତ୍ରୀ ଧେନୁ )—
Kshīradhenu ୧ । ଦୁହାଁଳୀ ଗାଈ—1. Milch cow.
୨ । ପୁରାଣ ଅନୁସାରେ ଦାନାର୍ଥ କଳ୍ପିତ ଗାଈ—
2. A gift representing a cow given as a gift to a Brāhmaṇa.

**କ୍ଷୀରନିଧି**—ସଂ. ବି. ( ୬ଷ୍ଠୀ ତତ୍; କ୍ଷୀର + ନିଧି )—
Kshīranidhi ୧ । ସମୁଦ୍ର—1. The sea.
୨ । କ୍ଷୀରାବ୍ଧି; କ୍ଷୀରସାଗର—
2. The mythological ocean of milk.

**କ୍ଷୀରନୀର**—ସଂ. ବି. ( ଦ୍ୱନ୍ଦ୍ୱ; କ୍ଷୀର + ନୀର )—୧ । ପାଣି ଓ ଦୁଧ—
Kshīranīra 1. Milk and water.
୨ । ( ମ. ପ. ଲୋ. କ୍ଷୀରବତ୍ ନୀର ) ଦୁଧିଆପାଣି; ଦୁଧ ପରି ଧଳା ପାଣି—2. Milk-white water.
୩ । ଦୃଢ଼ ଆଲିଙ୍ଗନ ( କ୍ଷୀର ସଙ୍ଗେ ନୀର ମିଶିଲା ପରି ଯହିଁରେ ପ୍ରେମିକପ୍ରେମିକା ମିଶିଯାଆନ୍ତି )—
3. Fast embrace; hugging embrace.

**କ୍ଷୀରପ**—ସଂ. ବି. ପୁଂ. ( କ୍ଷୀର + ପା ଧାତୁ + କର୍ତ୍ତୃ. ଅ )—
Kshīrapa ସ୍ତନ୍ୟପାୟୀ ଶିଶୁ—A suckling.
(କ୍ଷୀରପା—ସ୍ତ୍ରୀ) ସଂ. ବିଣ. ପୁଂ—ସ୍ତନ୍ୟପାୟୀ—
Sucking mother's milk.

**କ୍ଷୀରପର୍ଣ୍ଣୀ**—ସଂ. ବି. (କ୍ଷୀର + ପର୍ଣ୍ଣ + ଇନ୍; ୧ମା. ୧ବ.)—ଅରଖଗୁଳ୍ମ—
Kshīraparṇṇī The Swallow-wort (plant).

**କ୍ଷୀରପଲାଣ୍ଡୁ**—ସଂ. ବି. (ମ. ପ. ଲୋ; କ୍ଷୀରବର୍ଣ୍ଣ ପଲାଣ୍ଡୁ)—ଧଳା ପିଆଜ
Kshīrapalāṇḍu (ହି. ଶବ୍ଦସାଗର)—White onion.

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଙ୍କ | ଷ,ଷ | ଜ୍ଞ | ଇଯ୍ | ଉଅ | ଊ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ | ଇଅ | ଙ୍ଗ | ନ୍ତ |

**କ୍ଷୀରପାକ**—ସଂ.ବି. (ବୈଦ୍ୟକ)—କୌଣସି ଦ୍ରବ୍ୟ ସଙ୍ଗେ ତାହାର ଆଠ-
Kshīrapāka ଗୁଣ ଦୁଧ ଓ ପୁଣି ଦୁଧର ଚତୁର୍ଗୁଣ ପାଣି ଏକତ୍ର କରି, ସିଦ୍ଧ କରିବା ପରେ ତାହାର ଅବଶିଷ୍ଟାଂଶ—
A medicinal preparation made by boiling any ingredent with 8 times its weight of milk and water 4 times the weight of milk.
ସଂ. ବିଣ.—ଦୁଧରେ ପାକ କରା ଯାଇଥିବା—
Boiled with milk.

**କ୍ଷୀରପାଣ**—ସଂ. ବି.—ଉଶିନର ଦେଶବାସୀ ବ୍ୟକ୍ତି—
Kshīrapāṇa Inhabitants of Uśinara country.
୨ । କ୍ଷୀରପାନ (ଦେଖ)
2. Kshīrapāna (See) (Apte.)

**କ୍ଷୀରପାଣି**—ସଂ. ବି. (ବହୁବ୍ରୀହି)—ଯେଉଁ ପାତ୍ରରୁ ଦୁଧ ପିଆଯାଏ—
Kshīrapāṇi A vessel for drinking milk (Apte).

**କ୍ଷୀରପାନ**—ସଂ. ବି—(୬ଷ୍ଠୀ ତତ୍; କ୍ଷୀର + ପାନ)—ଦୁଧ ପିଇବା—
Kshīrapāna Drinking of milk.

**କ୍ଷୀରପୁଳି**—ଦେ. ବି.—କ୍ଷିରପୁଳି (ଦେଖ)
Kshīrapuḻi Kshirapuḻi (See)

**କ୍ଷୀରବନ୍ତ**—ଗ୍ରା. (ପଦ୍ୟ) ବିଣ. ସ୍ତ୍ରୀ (ସଂ. କ୍ଷୀରବତ୍)—କ୍ଷୀରବତୀ—
Kshīrabanta (cow) Yielding milk.
ଗାଇମାନେ ହୋଇଣ ଯେବେ କ୍ଷୀରବନ୍ତ । କୃଷ୍ଣସିଂ. ମହାଭାରତ, ଦ୍ରୋଣ ।

**କ୍ଷୀରବଲ୍ଲିକା**—ସଂ. ବି.—କ୍ଷିରକୋଳି (ଦେଖ)
Kshīraballikā Kshirakoḻi (See)

**କ୍ଷୀରବଲ୍ଲୀ**—ସଂ. ବି.—କ୍ଷୀରବିଦାରୀ (ଦେଖ)
Kshīraballī Kshīrabidārī (See)

**କ୍ଷୀରବାରିଧି**—ସଂ.ବି.(ମ.ପ.ଲୋ; କ୍ଷୀରପୂର୍ଣ୍ଣ ବାରିଧି)—କ୍ଷୀରସାଗର (ଦେଖ)
Kshīrabāridhi Kshīrasagāra (See)

**କ୍ଷୀରବିକୃତି**—ସଂ. ବି. (୬ଷ୍ଠୀ ତତ୍; କ୍ଷୀର+ବିକୃତି)— ବସାଦହି—
Kshīrabikṛuti Curdled milk.

**କ୍ଷୀରବିଦାରୀ**—ସଂ. ବି.—ଭୁଇଁକଖାରୁ ପରି ଏକପ୍ରକାର ଔଷଧ-ମୂଳ
Kshirabidārī (ଯହିଁରୁ ଦୁଧ ପରି ରସ ବାହାରେ)—A kind of succulent medicinal root.
ଅନ୍ୟ ସଂ. ନାମ – କ୍ଷୀରକନ୍ଦ, ପୟୋଲତା, କ୍ଷୀରବଲ୍ଲୀ, ଇକ୍ଷୁଗନ୍ଧା, ପୟସ୍କନ୍ଦା
[ଦ୍ର—ଏହା ଶୂଳ ଓ ପ୍ରମେହ ରୋଗରେ ଉପକାରୀ । ]

**କ୍ଷୀରବୃକ୍ଷ**—ସଂ. ବି. (ମ. ପ. ଲୋ; କ୍ଷୀରସ୍ରାବୀ ବୃକ୍ଷ)—୧ । ବରଗଛ—
Kshīrabṛuksha 1 Banian tree.
୨ । ଉଦୁମ୍ବର (ଦେଖ)
2. Udumbara (See)
୩ । ଅଶ୍ୱତ୍ଥ—3. Ficus Religosa (tree).
୪ । ମହୁଲ ଗଛ (ଦେଖ)
4. Mahula (tree). (See)
୫ । କ୍ଷିରକୋଳି ୧ (ଦେଖ)
5. Kshirakoḻi 1 (See)

**କ୍ଷୀର ଭୁଇଁକଖାରୁ**—ଦେ. ବି.—୧ । କ୍ଷୀରବିଦାରୀ (ଦେଖ)
Kshīra bhūiṅkakhāru 1. Kshīrabidārī (See)
୨ । କ୍ଷୀରକାଙ୍କୋଲା (ଦେଖ)
2. Kshīrakāṅkolā (See)

**କ୍ଷୀରଶର**—ସଂ. ବି. (୬ଷ୍ଠୀ ତତ୍; କ୍ଷୀର+ଶର)—ଦୁଧର ଶର—
Kshīraśara Cream of milk.

**କ୍ଷୀରଶସ୍ୟା**—ସଂ. ବି. (କ୍ଷୀର+ଶସ୍ୟ+ଆ)—କ୍ଷିରିସା (ଦେଖ)
Kshīraśasyā Kshirisā (See)

**କ୍ଷୀରଶୁକ୍ଳ**—ସଂ. ବିଣ. (ମ.ପ.ଲୋ; କ୍ଷୀରବତ୍ ଶୁକ୍ଳ)—ଦୁଗ୍ଧ ପରି ଧଳା—
Kshīraśukḻa Milk-white; white as milk.

**କ୍ଷୀରଶୁକ୍ଳା**—ସଂ. ବି.—କ୍ଷିରକୋଳି (ଦେଖ)
Kshīraśukḻā Kshirakoḻi (See)

**କ୍ଷୀରସମୁଦ୍ର**—ସଂ. ବି.—୧ । କ୍ଷୀରସାଗର (ଦେଖ)
Kshīrasamudra 1. Kshīrasāgara (See)
୨ । କ୍ଷିରସମୁଦ୍ର (ଦେଖ)
2. Kshirasamudra (See)

**କ୍ଷୀରସାଗର**—ସଂ. ବି. ( କ୍ଷୀର+ସାଗର )—
Kshīrasāgara ୧ । ପୁରାଣୋକ୍ତ ଦୁଗ୍ଧସାଗର—
1. The ocean of milk described in the Hindu Purāṇas.

[ ଦ୍ର—ପ୍ରାଚୀନ ହିନ୍ଦୁମାନେ ପୃଥିବୀର ସମୁଦ୍ରକୁ ସାତଟି ବୋଲି ଗଣନା କରୁଥିଲେ—(୧) ଲବଣ, (୨) ଇକ୍ଷୁ, (୩) ଦଧି, (୪) ଦୁଗ୍ଧ, (୫) ମଧୁ, (୬) ମଦିରା ଓ (୭) ଘୃତ । ଏହି ସାତଟି ସାଗରରେ ସାତପ୍ରକାର ପଦାର୍ଥ ଜଳରୂପେ ଥିଲା । ପୁରାଣରେ ଅଛି ଯେ ଦୁଗ୍ଧସମୁଦ୍ର ଉପରେ ବିଷ୍ଣୁଙ୍କର ବାସସ୍ଥାନ ବୈକୁଣ୍ଠ ଅବସ୍ଥିତ । ମନ୍ଦରଗିରିକୁ ମନ୍ଥନଦଣ୍ଡ ଓ ବାସୁକୀକୁ ମନ୍ଥନରଜ୍ଜୁ କରି ଏକ ପାଖରେ ଅସୁର ଓ ଏକ ପାଖରେ ଦେବତାମାନେ ସେ ଦଉଡ଼ିକୁ ଧରି କ୍ଷୀରସମୁଦ୍ରକୁ ମନ୍ଥନ କରିବାରୁ ଏଥିରୁ ଲକ୍ଷ୍ମୀ, ଚନ୍ଦ୍ର, କୌସ୍ତୁଭମଣି, ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ହସ୍ତୀ, ଅମୃତ, ଶତଦଳ ପଦ୍ମ, ପାରିଜାତଫୁଲ ଓ କାଳକୂଟ ବିଷ ବାହାରିଥିଲା ।

ଆଧୁନିକ ପଣ୍ଡିତମାନେ ବହୁ ବିଦ୍ୟାବୁଦ୍ଧି ଓ ଗବେଷଣା ଦ୍ୱାରା ଏ କ୍ଷୀରସମୁଦ୍ରାଦିର ଅବସ୍ଥିତି ନିଶ୍ଚୟ କରିବାର ଚେଷ୍ଟାରେ ଅଛନ୍ତି । କେହି କେହି ଏହାକୁ ଆଟ୍‌ଲାଣ୍ଟିକ୍ ମହାସାଗର ଏବଂ ତନ୍ମଧ୍ୟସ୍ଥ ଇଂଲଣ୍ଡକୁ କ୍ଷୀରସମୁଦ୍ରମଧ୍ୟସ୍ଥ ଶ୍ୱେତଦ୍ୱୀପ ବୋଲି କଳ୍ପନା କରୁଅଛନ୍ତି । ]

**କ୍ଷୀରସାଗରକନ୍ୟକା**—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; କ୍ଷୀରସାଗର + କନ୍ୟକା )—ଲକ୍ଷ୍ମୀ—
Kshīrasāgarakanyakā Goddess Lakshmī.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍‌କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ପଙ୍‌କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଅ' ନ ମିଳିଲେ 'ବୃକ୍ଷ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କ୍ଷୀରସାର**—ସଂ. ବି (୬ଷ୍ଠୀ ତତ୍; କ୍ଷୀର+ସାର)—ଲହୁଣୀ—
Kshirasāra — Butter.

**କ୍ଷୀରସ୍ୱାମୀ**—ସଂ. ବି (ନାମ)—ଅମରକୋଷର ଟୀକାକାରବିଶେଷ—
Kshiraswāmi — Name of a commentator of the 'Amarakosha'.

**କ୍ଷୀରହିଣ୍ଡୀର**—ସଂ. ବି (୬ଷ୍ଠୀ ତତ୍; କ୍ଷୀର+ହିଣ୍ଡୀର)—ଦୁଧର ଫେଣ—
Kshirahiṇḍira — Foam of milk.

**କ୍ଷୀରା**—ସଂ. ବି.—କ୍ଷୀରକାକୋଲୀ (ଦେଖ)
Kshirā — Kshirakāṅkolā (See)

**କ୍ଷୀରା** ଦେ. ବି. (ସଂ. କ୍ଷୀରକ; କ୍ଷୀରକା)—ଧଳା କାକୁଡ଼ି—
**କ୍ଷୀରା** — White cucumber.

[ଦ୍ର—କ୍ଷୀରାମଧ୍ୟରେ ଲମ୍ବ ହୋଇ ଗୋଟିଏ ତ୍ରିକୋଣାକାର ଫାଙ୍କ ଥାଏ । ଏଥିପାଇଁ ତୁଳସୀଦାସ ତାଙ୍କ ଦୋହାରେ କପଟୀମାନଙ୍କୁ କ୍ଷୀରା ସଙ୍ଗେ ତୁଳନା କରି ଅଛନ୍ତି—
'କ୍ଷୀରା ସେସେ ମିଲନ୍ ହୋ, ଭିତର୍ ଫାଙ୍କେ ତୀନ୍' ।

**କ୍ଷୀରାଦ**—ସଂ. ବି. ପୁଂ.—(କ୍ଷୀର+ଅଦ ଧାତୁ=ଖାଇବା+କର୍ତ୍ତୃ. ଅ)—
Kshirāda ସ୍ତନ୍ୟ ପାନ କରୁଥିବା ଶିଶୁ—
Suckling child.

**କ୍ଷୀରାବ୍ଧି** (ଇତ୍ୟାଦି)—ସଂ ବି.(ମ.ପ. ଲୋ; କ୍ଷୀରପୂର୍ଣ୍ଣ ଅବ୍ଧି)—
Kshirābdhi (etc.) କ୍ଷୀରସାଗର ଇତ୍ୟାଦି (ଦେଖ)
Ksirasāgara etc. (See)

**କ୍ଷୀରାବ୍ଧିଜ**—ସଂ. ବି. (କ୍ଷୀରାବ୍ଧି+ଜନ୍ ଧାତୁ+କର୍ତ୍ତୃ. ଅ; ସମୁଦ୍ରମନ୍ଥନରୁ
Kshirābdhija ଜନ୍ମି ଥିବାରୁ)—୧ । ଚନ୍ଦ୍ର—
1. The moon.
୨ । ଅମୃତ—2. Nectar.
୩ । ଅନନ୍ତ; ବାସୁକୀ—3. The great serpent of Hindu mythology.
୪ । ମୁକ୍ତା; ମୋତି—4. Pearl.

**କ୍ଷୀରାବ୍ଧିଜା**—ସଂ. ବି. ସ୍ତ୍ରୀ—ଲକ୍ଷ୍ମୀ—
Kshirābdhijā — Goddess Lakshmi.

**କ୍ଷୀରାବ୍ଧିତନୟା**—ସଂ. ବି. ସ୍ତ୍ରୀ—(୬ଷ୍ଠୀ ତତ୍; କ୍ଷୀରାବ୍ଧି+ତନୟା)—
Kshirābdhitanayā ଲକ୍ଷ୍ମୀ—Goddess Lakshmi.

**କ୍ଷୀରାବ୍ଧିଶାୟୀ**—ସଂ. ବି. (କ୍ଷୀରାବ୍ଧି+ଶାୟିନ୍; ୧ମା. ୧ବ.)—ବିଷ୍ଣୁଙ୍କର
Kshirābdhisāyi ନାମବିଶେଷ—
A name of Bishṇu.

[ ଦ୍ର—କ୍ଷୀରସାଗରସ୍ଥ ବୈକୁଣ୍ଠରେ ବାସ କରନ୍ତି ବୋଲି ବିଷ୍ଣୁଙ୍କର ଏହି ନାମ । ପୁରାଣରେ ଅଛି ଯେ ମହାପ୍ରଳୟ କାଳରେ ବିଷ୍ଣୁ ବାସୁକୀ ନାଗର କୁଣ୍ଡଳୀକୃତ ଦେହରେ ଶଯ୍ୟା ରଚନା କରି ଶୋଇ ପ୍ରଳୟାର୍ଣ୍ଣବ (କ୍ଷୀରସାଗର)ରେ ଭାସୁଥିଲେ ଓ ତାଙ୍କ ନାଭିକମଳରୁ ନାଡ଼ ବାହାର ହେଲା ଓ ସେଥିରେ ପଦ୍ମଟିଏ ଫୁଟିଲା । ସେହି କମଳରୁ ବ୍ରହ୍ମା ଜାତ ହୋଇ ପୁନର୍ବାର ପୃଥିବୀ ସୃଷ୍ଟି କଲେ । ]

**କ୍ଷୀରାହ୍ୱ**—ସଂ. ବି. (ବହୁବ୍ରୀହି; କ୍ଷୀର+ଆହ୍ୱା+ଅ)—ଦେବଦାରୁ ଗଛ—
Kshirāhwa — The Pine tree.

**କ୍ଷୀରି**—ସଂ. ବି—ଶଶକନ୍ଦ (ଦେଖ)—ହରେକୃଷ୍ଣ. (ଦ୍ରବ୍ୟଗୁଣ)
Kshiri — Sasakanda (See)

**କ୍ଷୀରିକ**—ବି.—କ୍ଷିରକୋଳି ୧ (ଦେଖ)
Kshirika — Kshirakoli 1. (See)
ଭଲିଅ ଅଅଁଳା ବେଲ କ୍ଷୀରିକ କଦମ୍ବ । କୃଷ୍ଣସିଂ. ମହାଭାରତ. ବନ ।

**କ୍ଷୀରିକା**—ସଂ. ବି. (କ୍ଷୀର+କ+ଆ)—୧ । କ୍ଷିରି (ଦେଖ)
Kshirikā — 1. Kshiri (See)
୨ । ପିଣ୍ଡଖର୍ଜ୍ଜୁର (ଦେଖ)—
2. Pindakharjūra (See)
୩ । ବଂଶଲୋଚନ ( ଦେଖ )—
3. Bamsalochana (See)
୪ । କ୍ଷୀରା ( ଦେଖ )—
4. Kshirā (See)

**କ୍ଷୀରିଣୀ**—ସଂ. ବି. ସ୍ତ୍ରୀ—(କ୍ଷୀରିନ୍+ସ୍ତ୍ରୀ. ଈ)—
Kshiriṇi ୧ । କ୍ଷୀରକାକୋଲୀ (ଦେଖ)
1. Kshirakāṅkolā (See)
୨ । କ୍ଷିରକୋଳି ୧ (ଦେଖ)
2. Kshirakoli 1 (See)
ସଂ. ବିଣ. ସ୍ତ୍ରୀ—କ୍ଷୀରୀର ସ୍ତ୍ରୀଲିଙ୍ଗ—
Feminine of kshiri.

**କ୍ଷୀରୀ**—ସଂ. ବିଣ.—(କ୍ଷୀର+ଇନ; ୧ମା. ୧ବ.)—୧ । ଦୁଧ ଭଳି କ୍ଷୀର-
Kshiri ଯୁକ୍ତ (ଗଛ)—1. (tree) Exuding milky
(କ୍ଷୀରିଣୀ—ସ୍ତ୍ରୀ) juice.
୨ । ଦୁଧ ପରି ଧଳା—2. Milk-white; milky.
ସଂ.ବି—୧ । ଏକଜାତୀୟ ଗୁଳ୍ମ (ଏହା ସିଜୁଜାତୀୟ ବର୍ଷାୟୁ ଅକର୍ମଣ୍ୟ ଶାକବିଶେଷ; ଘାସ ମଧ୍ୟରେ ଜନ୍ମେ; ଗଛ ସିଧା; ଡେଙ୍ଗା ଓ ପତ୍ର ଭାଙ୍ଗିଲେ ଦୁଧ ପରି କ୍ଷିର ବାହାରେ; ଏହାର ପତ୍ର ଖର-ଲୋମଶ; ଦେଶୀ ଦେହରେ ଲାଗିଲେ ଗଲୁ କରେ । ପତ୍ରରେ ଶ୍ୱେତରୂପେ ଶିରାମାନ ଦେଖାଯାଏ; ଏହା ଦୁଇ ଜାତୀୟ—
କ । ବଡ଼ କ୍ଷୀରୀ—
ଖ । ସାନକ୍ଷୀରୀ—ଲଟାଳିଆ ଗୁଳ୍ମ; ପତ୍ର ସାନସାନ ଓ ଶିଖିଳ—
1. Euphorbia Prulifera.
୨ । ବରଗଛ—2. The Banian tree
୩ । ଅଶ୍ୱତ୍ଥ—The Religious fig tree.
୪ । ଆକନ୍ଦ ଗଛ; ଅରଖ ଗଛ—4. The Mudar plant; Calotropis Gigantea.
୫ । ଡମ୍ବିରି ଗଛ—5. The fig tree.
୬ । ପତ୍ରସିଜୁ ଗଛ—
6. Emphorbia Nivullia.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଂ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ୭ | ନ୍ନ |

୭ । କ୍ଷୀର ବାହାରିବା ଗଛ—
7. A tree exuding milky juice.
୮ । ଛତାଉରି ( ଦେଖ ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
8. Chhatāuri (See)

ଦେ. ବି—(ସଂ. କ୍ଷୀରିକା)—ଖିରି; ଦୁଧ ଓ ଚାଉଳରେ ପ୍ରସ୍ତୁତ
क्षीरनी ମିଠାହୋଇ ପାଣିଆ ଖାଦ୍ୟ—A gruel made of
खीर rice boiled in milk and sweetened.
ଭୁଞ୍ଜିଲେ ଭୀମ ନାଗମାନଙ୍କ ଦେବା କ୍ଷୀର—
କୃଷ୍ଣସିଂହ. ମହାଭାରତ ଅଦ ।

**କ୍ଷୀରେୟୀ**—ସଂ. ବି ( କ୍ଷୀର + ଏୟ + ଈ )—ଦୁଧ, ଚିନି ଓ ଚାଉଳରେ
Kshīreyī ସିଦ୍ଧ ପିଣ୍ଡ—An oblation of rice and sugar boiled with milk.

**କ୍ଷୀରୋଦ** ଇତ୍ୟାଦି)—( ବହୁବ୍ରୀହି; କ୍ଷୀର ଅଟେ ଉଦକ ଯହିଁର; ଉଦକ
Kshīroda (etc) ସ୍ଥାନରେ ସମାସରେ ଉଦ ଆଦେଶ )—
କ୍ଷୀରସାଗର ଇତ୍ୟାଦି (ଦେଖ)—
Kshīrasāgara etc (See)

**କ୍ଷୀରୋଦଧି**—ସଂ. ବି ( ମଧ୍ୟପଦଲୋପୀ; କ୍ଷୀରପୂର୍ଣ୍ଣ ଉଦଧି )—
Kshīrodadhi କ୍ଷୀରସାଗର ( ଦେଖ )—
Kshīrasāgara (See)

**କ୍ଷୀରୋଦନ**—ସଂ.ବି (ମଧ୍ୟପଦଲୋପୀ; କ୍ଷୀରମିଶ୍ରିତ ଓଦନ)—ଦୁଧ ସଙ୍ଗେ
Kshīrodana ସିଝା ହୋଇଥିବା ଚାଉଳ ଅଦର ଖିରି—Rice boiled with milk.

**କ୍ଷୀରୋଦନ୍ୱତ୍**—ସଂ.ବି—(ମଧ୍ୟପଦଲୋପୀ; କ୍ଷୀର+ଉଦନ୍ୱତ୍=ସମୁଦ୍ର)—
Kshīrodanwat କ୍ଷୀରସମୁଦ୍ର
The ocean of milk(M. W).

**କ୍ଷୀରୋର୍ମି**—ସଂ. ବି(ମଧ୍ୟପଦଲୋପୀ; କ୍ଷୀର + ଊର୍ମି)—କ୍ଷୀରସାଗର (ଦେଖ)—
Kshīrormi Kshīrasāgara (See)

**କ୍ଷୁ** (ଧାତୁ)—ସଂ.—ଶବ୍ଦ କରିବା—
Kshu (root) The make a sound.

**କ୍ଷୁଜ୍ଜନିକା**—ସଂ. ବି (କ୍ଷୁତ୍ + ଜନ ଧାତୁ ଣିଚ + ଅକ + ଆ; ଯାହା କ୍ଷୁଧା
Kshujjanikā ବା ଛିଙ୍କ ଜନ୍ମାଏ)—ରାଇସୋରିଷ—The black mustard.

**କ୍ଷୁଣୀ**—ସଂ. ବି. ସ୍ତ୍ରୀ (କ୍ଷୁ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଣୀ)—ପୃଥିବୀ—
Kshuṇī The earth.

[ ଦ୍ର—ପୃଥିବୀର ଗୋଟିଏ ଶବ୍ଦ ଶୁଣାଯିବା ଚିରକାଳ ପ୍ରସିଦ୍ଧ । ପୃଥିବୀ ଶୂନ୍ୟରେ ଘୂରୁଥିବାରୁ ଏ ଶବ୍ଦ ଜାତ ହୁଏ । କେହି କେହି କହନ୍ତି ଯେ ଦୁଇ କାନକୁ ଆଙ୍ଗୁଠିଦ୍ୱାରା ବନ୍ଦ କଲେ ଏ ଶବ୍ଦ ମନୁଷ୍ୟର ଗୋଡ଼ ଓ ଦେହ ବାଟେ ପୃଥିବୀରୁ ଚାଳିତ ହୋଇ ଶୁଣା ପଡ଼େ । ]

**କ୍ଷୁଣ୍ଣ**—ସଂ. ବିଣ. ( କ୍ଷୁଦ ଧାତୁ=ଚୂର୍ଣ୍ଣ କରିବା + କର୍ମ. ତ )—
Kshuṇṇa ୧ । ଚୂରି ହୋଇଥିବା; ଚୂର୍ଣ୍ଣୀକୃତ—
(କ୍ଷୁଣ୍ଣା—ସ୍ତ୍ରୀ) 1. Powdered; pounded pulverised.

୨ । ଦୁଃଖିତ; ବେଦନାପ୍ରାପ୍ତ—
2. Distressed; mentally agitated,
୩ । ନିରାଶାଜର୍ଜରିତ; ନିରସ୍ତ; କ୍ଷୁବ୍ଧ—
3. Disappointed; chagrinned.
୪ । ଅଭ୍ୟସ୍ତ—4 Habituated.
୫ । ଲଙ୍ଘିତ ହୋଇଥିବା ( ବ୍ରତ )—
5. Violated ( vow ).
୬ । ଆହତ; ଖଣ୍ଡିଆ ହୋଇଥିବା; କ୍ଷତବିକ୍ଷତ—
6. Wounded; bruised.
୭ । ଆଲୋଡ଼ିତ; ଘଣ୍ଟା ହୋଇଥିବା—
7. Agitated; thoroughly stirred.
୮ । ଅଭ୍ୟସ୍ତ—8. Exercised.
୯ । ପରାଜିତ—9. Defeated.
୧୦ । ଶାସ୍ତ୍ରରେ ଦକ୍ଷ କିନ୍ତୁ ଅନ୍ୟକୁ ପଢ଼ାଇବାକୁ ଅସମର୍ଥ—
10. Versed in sacred lore but unable to teach it.

**କ୍ଷୁଣ୍ଣକ**—ସଂ. ବି. (କ୍ଷୁଣ୍ଣ + କ)—ମନୁଷ୍ୟ ମଲାବେଳେ ବଜାଯିବା ନାଗରା—
Kshuṇṇaka A kind of drum beaten at a funeral.

**କ୍ଷୁଣ୍ଣମନା**—ସଂ. ବି. ( ବହୁବ୍ରୀହି; କ୍ଷୁଣ୍ଣ + ମନସ୍ ୧ମା. ୧ବ)—
Kshuṇṇamanā ୧ । ଅତି ଦୁଃଖିତ—
1. Mentally distressed.
୨ । ଅନୁତାପଜର୍ଜରିତ—2. Penitent.
୩ । ମନ ମରି ଯାଇଥିବା; ନିରାଶ ହୋଇଥିବା—
3. Disappointed.

**କ୍ଷୁତ୍**—ସଂ. ବି—୧ । ( କ୍ଷୁ ଧାତୁ=ଶବ୍ଦ କରିବା+ସଂଜ୍ଞାର୍ଥେ. କ୍ୱିପ୍=
Kshut କ୍ଷୁଧ୍; ୧ମା. ୧ବ.)—କ୍ଷୁଧା; ଭୋକ—1. Hunger.
୨ । ( କ୍ଷୁ ଧାତୁ + ଶବ୍ଦ କରିବା + ଭାବ. କ୍ୱିପ୍ )—ଛିଙ୍କ—
2. Sneeze; sneezing.

**କ୍ଷୁତ୍କ୍ଷାମ**—ସଂ. ବିଣ. ପୁଂ.(ତୃତୀୟା ତତ୍; କ୍ଷୁଧ୍ + କ୍ଷାମ)—କ୍ଷୁଧାତୁର; ଅତି
Kshutkshāma ଭୋକିଲା; କ୍ଷୁଧାରେ ଜୀର୍ଣ୍ଣ; ଭୋକରେ ଯାହାର ହଂସା ଉଡ଼ି ଯାଉଥାଏ ବା କରଡ଼ି ଜଳୁଥାଏ—
Weakened or debilitated by hunger;
(କ୍ଷୁତ୍କ୍ଷାମା—ସ୍ତ୍ରୀ) hunger-struck; very hungry.

**କ୍ଷୁତ୍କ୍ଷାମକଣ୍ଠ**—ସଂ. ବିଣ. ପୁଂ. ( ବହୁବ୍ରୀହି; କ୍ଷୁତ୍କ୍ଷାମ + କଣ୍ଠ )—
Kshutkshāmakaṇṭha କ୍ଷୁଧାରେ ଯାହାର କଣ୍ଠ କ୍ଷୀଣ ହୋଇଅଛି
( କ୍ଷୁତ୍କ୍ଷାମକଣ୍ଠା—ସ୍ତ୍ରୀ ) ଯାହାର ଭୋକରେ ହଂସା ଉଡ଼ି ଯାଉଅଛି—Whose throat has been weakened by hunger; with throat-parched with hunger

**କ୍ଷୁତ୍ପିପାସା**—ସଂ. ବି. (ଦ୍ୱନ୍ଦ୍ୱ; କ୍ଷୁଧ୍=ଭୋକ + ପିପାସା=ଶୋଷ)—
Kshutpipāsā ଭୋକ ଓ ଶୋଷ—Hunger and thirst; craving for food and drink.

ସାଧାରଣ-ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବର୍ଣ୍ଣ ୨ ଯା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

**କ୍ଷୁତ୍‌ପିପାସୁ**—ସଂ. ବିଣ. ( କ୍ଷୁତ୍‌ପିପାସା + ଉ )—ଯାହାକୁ ଭୋକ ଓ ଶୋଷ Kshutpipāsu ଲାଗୁଥାଏ; ଯେ ଭୋକେଇ ଥାଏ ଓ ଶୋଷେଇ ଥାଏ—Both hungry and thirsty at the same time.

**କ୍ଷୁତ**—ସଂ. ବି. ( କ୍ଷୁ ଧାତୁ + ଭାବ. କ୍ତ୍‌ + ଅ)—
Kshuta ୧ । ଛିଙ୍କ—1. Sneezeng.
(କ୍ଷୁତା—ସ୍ତ୍ରୀ) ୨ । ( + କର୍ତ୍ତୃ. ଅ) ରାଇସୋରିଷ—2. Black mustard.
ସଂ. ବିଣ. ପୁଂ—ଯେ ଛିଙ୍କି ଅଛି—One who has sneezed.

**କ୍ଷୁତା**—ସଂ. ବି. ( କ୍ଷୁ ଧାତୁ + କ୍ତ୍‌ + ଅ )—ଛିଙ୍କ—
Kshutā Sneezing.
ସଂ. ବିଣ. ସ୍ତ୍ରୀ ( କ୍ଷୁତ + ସ୍ତ୍ରୀ. ଆ )—କ୍ଷୁତର ସ୍ତ୍ରୀଲିଙ୍ଗ—Feminine of Kshut.

**କ୍ଷୁତାଭିଜନକ**—ସଂ. ବି. ( କ୍ଷୁତ + ଅଭିଜନକ )—ରାଇସୋରିଷ—
Kshutābhijanaka Black mustard.

**କ୍ଷୁତି**—ସଂ. ବି. ( କ୍ଷୁ ଧାତୁ + ଭାବ. ତି )—ଛିଙ୍କ—
Kshuti Sneezing.

**କ୍ଷୁତ୍‌ତୃଷ୍ଣା**—ସଂ. ବି. ( ଦ୍ୱନ୍ଦ୍ୱ; କ୍ଷୁଧ୍ + ତୃଷ୍ଣା )—ଭୋକ ଓ ଶୋଷ—
Kshuttrushṇā Hunger and thirst.

**କ୍ଷୁତ୍‌ତୃଷ୍ଣୁ**—ସଂ. ବିଣ. ( କ୍ଷୁଧ୍ + ତୃଷ୍ଣା + ଉ )—ଯାହାକୁ ଭୋକ ଓ ଶୋଷ Kshnttrushṇu ଲାଗୁଥାଏ; ଯେ ଭୋକେଇ ଥାଏ ଓ ଶୋଷେଇ ଥାଏ—Both hungry and thirsty at the same time.

**କ୍ଷୁଦ୍** ( ଧାତୁ )—ସଂ—୧ । ଗୋଡ଼ରେ ଦଳିବା, ଖୁନ୍ଦିବା—
Kshud (root) 1 To tread; to trample; to crush under foot.
୨ । ଚୂର୍ଣ୍ଣ କରିବା—2. To pound; to pulverise.
୩ । ଅସ୍ଥିର ହେବା; ଆଲୋଡ଼ିତ ହେବା; ଗାଣ୍ଡି ହେବା—3. To be agitated or perturbed.
୪ । ଗତି କରିବା—4. To move.
୫ । ଛାଟିବା—5. To bruise.
୬ । ଛେଚିବା—6. To crush.

**କ୍ଷୁଦ୍‌ବାଧା**—ସଂ. ବି. ( ୬ଷ୍ଠୀ ତତ୍ ବା ମ. ପ. ଲୋ; କ୍ଷୁଧ୍ + ବାଧା )—
Kshudbādhā କ୍ଷୁଧାଜନିତ ଗ୍ଳାନି—Lassitude due to hunger; the lashes of hunger.

**କ୍ଷୁଦ୍‌ବୋଧ**—ସଂ. ବି. ( ୬ଷ୍ଠୀ ତତ୍, କ୍ଷୁଧ୍ + ବୋଧ ) - ଭୋକ କରିବା-
Kshudbodha Craving or feeling of hunger.

**କ୍ଷୁଦ**—ସଂ. ବି. (କ୍ଷୁଦ ଧାତୁ + କର୍ମ. ଅ, ଭୂଲ. ଓ. କ୍ଷୁଦ୍ର)—ଅଟା; ମଇଦା;
Kshuda ଶସ୍ୟଚୂର୍ଣ୍ଣ—Flour; meal.

**କ୍ଷୁଦ୍ର**—ସଂ. ବିଣ. ( କ୍ଷୁଦ ଧାତୁ = ଚୂର୍ଣ୍ଣ କରିବା + ସଜ୍ଞାର୍ଥେ. ର )—
Kshudra ୧ । ସାନ; ଛୋଟ—1. Small; tiny; minute.
(କ୍ଷୁଦ୍ରତା—ବି) ୨ । ନୀଚ—2. Low; mean; vile; base.
୩ । ଅଳ୍ପ—3. Little.
୪ । ଅପ୍ରଶସ୍ତ—4 Narrow.
୫ । ଅକିଞ୍ଚନ; ଗରିବ—5. Poor.
୬ । କ୍ରୂର—6. Cruel; hard-hearted.
୭ । ଅଳ୍ପ ବୟସ୍କ—7. Young.
୮ । କୃପଣ—8. Niggardly; miserly.
୯ । ଅକିଞ୍ଚିତ୍କର; ସାମାନ୍ୟ—9 Slight; trifling.
୧୦ । ନଗଣ୍ୟ; ତୁଚ୍ଛ—10. Insignificant.
୧୧ । ଅନୁଦାର ( ମନ )—11 Illiberal; without liberality of mind.
ସଂ. ବି—୧ । ଖୁଦ; ତଣ୍ଡୁଳକଣା—1. Particle of rice.
୨ । ମହୁମାଛି—2 Bee.
୩ । କାଳୁଟି ମହୁମାଛି—3. Tiny bee.

**କ୍ଷୁଦ୍ରକମ୍ବୁ**—ସଂ. ବି. ( କର୍ମ ଧା; କ୍ଷୁଦ୍ର + କମ୍ବୁ )—୧ । ଶାମୁକା—
Kshudrakambu 1. Oyster-shell.
୨ । ଛୋଟଶଙ୍ଖ—2. A small conch-shell.

**କ୍ଷୁଦ୍ରଚନ୍ଦନ**—ସଂ. ବି—ରକ୍ତଚନ୍ଦନ—
Kshudrachandana Red Sandal-wood.

**କ୍ଷୁଦ୍ରଜନ୍ତୁ**—ସଂ. ବି. ( କର୍ମଧା; କ୍ଷୁଦ୍ର + ଜନ୍ତୁ )—୧ । ଛୋଟପ୍ରାଣୀ—
Kshudrajantu 1 Small animal; tiny creature.
୨ । ପୋକଜୋକ—2. Insects.
ଦେ. ବି—ତୁଚ୍ଛ ବା ଅକିଞ୍ଚନ ବ୍ୟକ୍ତି; ନଗଣ୍ୟ ବ୍ୟକ୍ତି; ଯାହାର ଜୀବନରେ କିଛି ମୂଲ୍ୟ ନାହିଁ—Insignificant person ( used when a man makes himself humble in the eyes of his hearers ), humble creature; insignificant being.

**କ୍ଷୁଦ୍ରଜୀବ**—ସଂ. ଓ ଦେ. ବି—କ୍ଷୁଦ୍ରଜନ୍ତୁ ( ଦେଖ )
Kshudrajība Kshudrajantu ( See )

**କ୍ଷୁଦ୍ରତଣ୍ଡୁଳ**—ସଂ. ବି—ଗୋଟିଏ ମାତ୍ର ଚାଉଳ—
Kshudrataṇḍuḷa A grain of rice.

**କ୍ଷୁଦ୍ରଦଂଶିକା**—ସଂ. ବି. ( କ୍ଷୁଦ୍ର + ଦଂଶ + କ + ଆ )—
Kshudradaṁśikā ଛୋଟ ଡାଆଁଶ—Small gadfly.

**କ୍ଷୁଦ୍ରଦୃଷ୍ଟି**—ସଂ. ବି. ( କର୍ମଧାରୟ, କ୍ଷୁଦ୍ର + ଦୃଷ୍ଟି )—
Kshudradruhṭi ୧ । ମାନସିକ ନୀଚତା—1. Meanness; pusillanimity.
୨ । ଛୋଟନଜର; କୃପଣତା—2. Niggardliness; miserliness.
୩ । ଅନୁଦାରତା—3. Narrowness of view.
ସଂ. ବିଣ. ( ବହୁବ୍ରୀହି )—୧ । ନୀଚମନା—1. Mean; low-minded.
୨ । ଛୋଟନଜରିଆ; ଖଣ୍ଡିଗଣିଆ; କୃପଣ—2. Miserly; niggardly; close-fisted.
୩ । ଅନୁଦାର—3. Narrow in mind; bigoted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଘ |
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଟିଂ | ଇଅ | ୭ | ନ୍ତ |

**କ୍ଷୁଦ୍ରପତି**—ସଂ. ବ—କୁବେର ( ହି. ଶବ୍ଦସାଗର )—
Kshudrapati The Hindu God of Wealth.

**କ୍ଷୁଦ୍ରପତ୍ରା**—ସଂ. ବ. ( ବହୁବ୍ରୀହି; କ୍ଷୁଦ୍ର+ପତ୍ର+ଆ )—
Kshudrapatrā ଅମ୍ଳଲୋଣିକା; ଅମ୍ବିଳଛ ଶାଗ—
A kind of potherb; Wood Sorrel.

**କ୍ଷୁଦ୍ରପତ୍ରୀ**—ସଂ. ବ. ( ବହୁବ୍ରୀହି; କ୍ଷୁଦ୍ର+ପତ୍ର+ଈ )—ବଚ—
Kshudrapatrī Achorus Calumus.

**କ୍ଷୁଦ୍ରପ୍ରାଣ**—ସଂ. ବ. ( କର୍ମଧାରୟ; କ୍ଷୁଦ୍ର+ପ୍ରାଣ )—
Kshudraprāṇa ଟୁକୁଜୀବନ; କ୍ଷୀଣଜୀବନ—
Frail life; delicate frame.

ସଂ. ବଣ. ( ବହୁବ୍ରୀହି )—୧ । ନିର୍ଜୀବ; କ୍ଷୀଣଜୀବୀ—
(କ୍ଷୁଦ୍ରପ୍ରାଣା—ସ୍ତ୍ରୀ) 1. Delicate; frail; weak.
୨ । ଦରିଦ୍ର—2. Poor.
୩ । କୃପଣ—3. Niggardly.
୪ । କ୍ରୂର—4. Cruel.

**କ୍ଷୁଦ୍ରପ୍ରାଣୀ**—ସଂ. ବ—କ୍ଷୁଦ୍ରଜନ୍ତୁ ( ଦେଖ )
Kshudraprāṇī Kshudrajantu ( See )

**କ୍ଷୁଦ୍ରବୁଦ୍ଧି**—ସଂ. ବ. ( କର୍ମଧା; କ୍ଷୁଦ୍ର+ବୁଦ୍ଧି )—୧ । ନୀଚ ବୁଦ୍ଧି—
Kshudrabuddhi 1. Narrow view.
୨ । ନମ୍ରତା ବା ଅକିଞ୍ଚନ ମତ—2. Humble view; humble way of thinking ( said of one's own opinions expressed before superiors ).

ସଂ. ବଣ. ( ବହୁବ୍ରୀହି )—୧ । ନୀଚମନା—
1. Low-minded; mean.
୨ । ଯାହାର ବସ୍ତୁଶକ୍ତି ସାମାନ୍ୟ—
2. Of small intelligence.

**କ୍ଷୁଦ୍ରମ**—ସଂ. ବ—ଧାତୁ ଆଦି ତୌଳିବା ପାଇଁ ୬ ମସାର ବଟକରୁ;
Kshudrama ଛଦାମ ( ହି. ଶବ୍ଦସାଗର )—
A small standard weight to weigh metal.

**କ୍ଷୁଦ୍ରମୁସ୍ତା**—ସଂ. ବ—କସେରୁ ( ଦେଖ ) (ହି. ଶବ୍ଦସାଗର)
Kshudramustā Kaseru ( See )

**କ୍ଷୁଦ୍ରରସ**—ସଂ. ବ. ( ମଧ୍ୟପଦଲୋପୀ; କ୍ଷୁଦ୍ରସମ୍ଭୂତ ରସ )—ମଧୁ—
Kshudrarasa Honey.

**କ୍ଷୁଦ୍ରରୋଗ**—ସଂ. ବ.—ସାମାନ୍ୟ ରୋଗ—
Kshudraroga Minor disease.

[ ଦ୍ର—ସୁଶ୍ରୁତରେ ଜୁଣ୍ଡିଆ, କଣନଖା, କାଠବରୁଣ ଆଦି ୪୪ ପ୍ରକାର କ୍ଷୁଦ୍ରରୋଗ ବର୍ଣ୍ଣିତ ହୋଇଅଛି । ]

**କ୍ଷୁଦ୍ରଳ**—ସଂ. ବଣ. ( କ୍ଷୁଦ୍ର+ଳ; ଭୂଲ. ବହୁଳ )—କ୍ଷୁଦ୍ର ( ଜନ୍ତୁ ଓ
Kshudraḷa ରୋଗ)—Small or minor (animal or disease.)

**କ୍ଷୁଦ୍ରସୁବର୍ଣ୍ଣ**—ସଂ. ବ—୧ । ନିକୃଷ୍ଟ ସୁନା—
Kshudrasubarṇṇa 1. Low or bad gold.
୨ । ପିତ୍ତଳ—2. Brass.

**କ୍ଷୁଦ୍ରା**—ସଂ. ବଣ. ସ୍ତ୍ରୀ (କ୍ଷୁଦ୍ର+ଆ)—କ୍ଷୁଦ୍ରର ସ୍ତ୍ରୀଲିଙ୍ଗ—
Kshudrā Feminine of Kshudra.

ସଂ. ବ.—୧ । ବେଶ୍ୟା (ହି. ଶବ୍ଦସାଗର)—1. Harlot.
୨ । ଛୋଟ ମହୁମାଛି—2. A tiny species of bee.
୩ । କଳହପ୍ରିୟା ସ୍ତ୍ରୀ—
3. A quarrelsome woman. (M. W.)
୪ । ଘୃଣ୍ୟା ସ୍ତ୍ରୀ—4. A despicable woman. (M.W)
୫ । ଅଙ୍ଗହୀନା ସ୍ତ୍ରୀ—5. A maimed or crippled woman. (M. W)
୬ । ନର୍ତ୍ତକୀ—6. A dancing girl. (M. W.)
୭ । ଅମ୍ବିଳଛ ଶାଗ (ହି. ଶବ୍ଦସାଗର)—
7. Wood Sorrel (potherb).
୮ । ଜଟାମାଂସୀ (ଦେଖ) (ହି. ଶବ୍ଦସାଗର)—
8. Jaṭāmāṃsī (See)
୯ । ଗବେଧୁକା; ଗଡଗଡ଼ (ହି. ଶବ୍ଦସାଗର)—
9. Gabedhukā (See)
୧୦ । ବଣବାଇଗଣ; ଅଙ୍କସନ୍ତୁ—10. Solanum Jacquini.
୧୧ । କୁନ୍ଥାଣ; ହିକ୍କା (ହି. ଶବ୍ଦସାଗର)—
11. Straining; hiccup.

**କ୍ଷୁଦ୍ରାମ୍ର**—ସଂ. ବ—କୋଶାମ୍ର; କୁସୁମ (ଗଛ) ୧ (ଦେଖ)
Kshudrāmra Kusuma (tree) 1. (See)

**କ୍ଷୁଦ୍ରାଶୟ**—ସଂ. ବଣ. ପୁଂ.—(ବହୁବ୍ରୀହି; କ୍ଷୁଦ୍ର+ଆଶୟ)—ନୀଚମନା;
Kshudrāśaya ସଙ୍କୀର୍ଣ୍ଣମନା; ନୀଚପ୍ରକୃତିକ—Low-minded;
(କ୍ଷୁଦ୍ରାଶୟା—ସ୍ତ୍ରୀ) narrow-minded; mean.

**କ୍ଷୁଦ୍ରିକା**—ସଂ. ବ. ସ୍ତ୍ରୀ (କ୍ଷୁଦ୍ର+କ+ଆ)—୧ । ଛୋଟ ଡାଉଁସ—
Kshudrikā 1. Small gad-fly.
୨ । ଘୁଙ୍ଗୁର; ଘଣ୍ଟି; ଘାଗୁଡ଼ି—
2. Small tinkling bells for ornaments.

**କ୍ଷୁଦ୍ରେକ୍ଷୁ**—ସଂ. ବ.—କାଣ୍ଡସର (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)
Kshudrekshu Kāṇḍaśara (See)

**କ୍ଷୁଧ୍** (ଧାତୁ)—ସଂ.—ଭୋକ ଲାଗିବା—
Kshudh (root) To feel hungry

**କ୍ଷୁଧ୍**—ସଂ. ବ. (କ୍ଷୁଧ୍ ଧାତୁ=ଭୋକ ଲାଗିବା+ଭାବ. କ୍ୱିପ୍)—
Kshudh କ୍ଷୁଧା (ଦେଖ)
Kshudhā (See)

**କ୍ଷୁଧା**—ସଂ. ବ. (କ୍ଷୁଧ୍ ଧାତୁ=ଭୋକ ଲାଗିବା+କ୍ୱିପ୍. ଆ)—
Kshudhā ୧ । ଭୋଜନ ଇଚ୍ଛା; ଭୋକ; ବୁଭୁକ୍ଷା—
1. Hunger; appetite.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ଲାଳସା—
2. Hankering after a thing; craving.

**କ୍ଷୁଧାକୁଳ**—ସଂ. ବିଣ. ପୁଂ ( ୩ୟା ତତ୍; କ୍ଷୁଧା+ଆକୁଳ)—ଭୋକିଲା; ବୁଭୁକ୍ଷିତ; କ୍ଷୁଧାଜର୍ଜରିତ; ପେଟବିକଳିଆ—
Kshudhākuḷa
(କ୍ଷୁଧାକୁଳା—ସ୍ତ୍ରୀ) Oppressed or distressed with hunger or appetite; lashed by hunger; hungry; famished.

**କ୍ଷୁଧାକୁଳିତ**—ସଂ. ବିଣ. ପୁଂ. ( ୩ୟା ତତ୍; କ୍ଷୁଧା+ଆକୁଳିତ)—
Kshudhākuḷita କ୍ଷୁଧାକୁଳ (ଦେଖ)
(କ୍ଷୁଧାକୁଳିତା—ସ୍ତ୍ରୀ) Kshudhākuḷa (See)

**କ୍ଷୁଧାକ୍ଷାମ**—ସଂ. ବିଣ. ପୁଂ. ( ୩ୟା ତତ୍; କ୍ଷୁଧା+କ୍ଷାମ)—କ୍ଷୁଧା ଯୋଗୁଁ କ୍ଷୀଣ—Emaciated by hunger; famished.
Kshudhākshāma
(କ୍ଷୁଧାକ୍ଷାମା—ସ୍ତ୍ରୀ)

**କ୍ଷୁଧାତୁର**—ସଂ. ବିଣ. ପୁଂ. (୩ୟା ତତ୍; କ୍ଷୁଧା+ଆତୁର)—
Kshudhātura କ୍ଷୁଧାକୁଳ (ଦେଖ)
(କ୍ଷୁଧାତୁରା—ସ୍ତ୍ରୀ) Kshudhākuḷa (See)

**କ୍ଷୁଧାବର୍ଦ୍ଧକ**—ସଂ. ବିଣ. ( ୬ଷ୍ଠୀ ତତ୍; କ୍ଷୁଧା+ବର୍ଦ୍ଧକ )—ଯେଉଁ ଔଷଧ ପ୍ରୟୋଗ ଦ୍ୱାରା କ୍ଷୁଧା ବୃଦ୍ଧି ହୁଏ—
Kshudhābarddhaka
Appetizing ( medicine ); which creates or whets the appetite.

**କ୍ଷୁଧାବିଷ୍ଟ**—ସଂ. ବିଣ. ପୁଂ. (୩ୟା ତତ୍; କ୍ଷୁଧା+ଆବିଷ୍ଟ)—
Kshudhābishṭa କ୍ଷୁଧାକୁଳ (ଦେଖ)
(କ୍ଷୁଧାବିଷ୍ଟା—ସ୍ତ୍ରୀ) Kshudhākuḷa (See)

**କ୍ଷୁଧାବୃଦ୍ଧି**—ସଂ. ବି.—( ୬ଷ୍ଠୀ ତତ୍; କ୍ଷୁଧା+ବୃଦ୍ଧି )—ବେଶି ଭୋକ ଲାଗିବା—The state of one's appetite being whetted.
Kshudhābṛuddhi

**କ୍ଷୁଧାଶାନ୍ତି**—ସଂ. ବି. ( ୬ଷ୍ଠୀ ତତ୍; କ୍ଷୁଧା+ଶାନ୍ତି )—ଭୋଜନାଦିଦ୍ୱାରା ଭୋକର ଉପଶମନ—Satiety; satisfaction of hunger; appeasement of hunger.
Kshudhāśānti

**କ୍ଷୁଧିତ**—ସଂ. ବିଣ. ପୁଂ. ( କ୍ଷୁଧା+ଯୁକ୍ତାର୍ଥେ. ଇତ)—
Kshudhita ବୁଭୁକ୍ଷିତ; ଅତି ଭୋକିଲା—
(କ୍ଷୁଧିତା—ସ୍ତ୍ରୀ ) Famished; hungry.

**କ୍ଷୁନ୍ନିବୃତ୍ତି**—ସଂ. ବି. (୬ଷ୍ଠୀ ତତ୍; କ୍ଷୁଧ୍+ନିବୃତ୍ତି)—
Kshunnibṛutti କ୍ଷୁଧାର ଉପଶମ; କ୍ଷୁଧାଶାନ୍ତି—Satiety; satisfaction of the craving for food; apprasement of hunger.

**କ୍ଷୁପ**—ସଂ. ବି (କ୍ଷୁ ଧାତୁ+ପ)—୧ । ବୁଦା; ଝୁମ୍ପୁଡ଼ ଗଛ—
Kshupa 1. Bush; bushy plant; shrub.
୨ । ବୁଦାଥିବା ପର୍ବତ—
2. Mountain overgrown with bushes.
୩ । କ୍ଷତ୍ରିୟବିଶେଷ—
3. A group of Kshatriyas.
୪ । (ନାମ) ସତ୍ୟଭାମାଙ୍କଠାରୁ ଜାତ ଶ୍ରୀକୃଷ୍ଣଙ୍କ ପୁତ୍ର—
4. A son of Śrikṛushṇa.
୫ । (ନାମ) ଇକ୍ଷ୍ୱାକୁଙ୍କ ପିତା—
5. Name of the father of Ikshwāku.

**କ୍ଷୁବ୍ଧ**—ସଂ. ବିଣ. ପୁଂ. (କ୍ଷୁଭ୍ ଧାତୁ=ଚଞ୍ଚଳ ହେବା+କର୍ମ. ତ)—
Kshubdha ୧ । କ୍ଷୋଭପ୍ରାପ୍ତ—1. Stimulated.
(କ୍ଷୁବ୍ଧା—ସ୍ତ୍ରୀ ୨ । ବିଚଳିତ; ଘଣ୍ଟା ହୋଇଥିବା—
(କ୍ଷୁଭିତା—ଧ) 2. Agitated; disturbed.
୩ । ଅତି ଭୀତ; ସନ୍ତ୍ରାସିତ—3. Frightened; affrighted.
୪ । କ୍ରୁଦ୍ଧ—4. Enraged.
୫ । ଦୁଃଖିତ—5. Distressed; disappointed.
୬ । ଯାହାର ମନ ଘାଣ୍ଟି ହେଉଥାଏ; ବ୍ୟାକୁଳିତ; ଅଧୀର—
6. Excited; perturbed.
୭ । ରାଜ୍ୟରୁ ବା ସିଂହାସନରୁ ବହିଷ୍କୃତ; ଚ୍ୟୁତ—
7. Expelled from the kingdom or throne.
ସଂ. ବି. ୧ । ଦହିମନ୍ଥାଦଣ୍ଡ; ଦହିଖୁଆ—
1. Churning rod.
୨ । ରତିବିଶେଷ—2. A particular mode of coition

**କ୍ଷୁଭ (ଧାତୁ)**—ସଂ.—୧ । କ୍ଷୁବ୍ଧ ବା ଆଲୋଡ଼ିତ ହେବା—
Kshubha (root) 1. To be agitated.
୨ । ଥରିବା—2 To be unsteady; to shake; to tremble.
୩ । ଝୁଣ୍ଟିପଡ଼ିବା—3. To stumble.
୪ । ଚଞ୍ଚଳ ହେବା; ଅସ୍ଥିର ହେବା—4. To be restless.

**କ୍ଷୁଭିତ**—ସଂ. ବିଣ. ( କ୍ଷୁଭ ଧାତୁ=ଚଞ୍ଚଳ ହେବା+କର୍ମ. ତ)—
Kshubhita କ୍ଷୁବ୍ଧ (ଦେଖ) . Kshubdha (See)

**କ୍ଷୁମା**—ସଂ. ବି. ( କ୍ଷୁ ଧାତୁ+ମ+ଆ )—୧ । ଛଣପଟ—
Kshumā 1. Flax; linseed; hemp.
୨ । ନୀଳ ଗଛ—2 Indigo plant.
୩ । ଶରବିଶେଷ—(ଯାହା କହ୍ନାଏ)—
4. Name of an arrow. (M. W.)

**କ୍ଷୁର(ଧାତୁ)**—ସଂ.—୧ । ଛେଦନ କରିବା—1. To cut.
Kshura (root) ୨ । ରାମ୍ପୁଡ଼ିବା—2. To scratch.
୩ । ଗାର ବା ସିଆର କାଟିବା—3. To draw lines or furrows.
୪ । ଖୋଳିବା—4. To dig.

**କ୍ଷୁର**—ସଂ. ବି ( କ୍ଷୁର ଧାତୁ=ଛେଦନ କରିବା+କରଣ. ଅ )—
Kshura ୧ । ଭଣ୍ଡାରିର କ୍ଷୌର କରିବାର ଶସ୍ତ୍ର; ଖୁର—
1. Razor.
୨ । ଗୋରୁ ଓ ଘୋଡ଼ା ଆଦିଙ୍କ ଖୁରା—
2. Hoofs of beasts.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଞ | ଣ,ଷ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଗ | ଇଅ | ● | ଢ଼ |

୩ । ଶରର ମୂନରେ ଥିବା ଖୁରପର ଦାଢ଼ୁଆ ଅଂଶ—
3. Razor-like barb of an arrow.
୪ । ଖଟଆଦିର ଖୁରା—4. Bed-posts; the posts on which beds, chairs and the furniture stand.
୫ । ଶର—5. Arrow.

**କ୍ଷୁରକ୍ରିୟା**—ସଂ. ବି (ମଧ୍ୟପଦଲୋପୀ; କ୍ଷୁରକୃତ୍ୟା କ୍ରିୟା)—ଖିଅର—
Kshurakriyā Shaving.

**କ୍ଷୁରଧାନ**—ସଂ. ବି (କ୍ଷୁର+ଧା ଧାତୁ+ଅନ)—ଖୁର ରହିବା ଖୋଳ—
Kshuradhāna Razor-case. (M. W.)

**କ୍ଷୁରଧାର**—ସଂ. ବି (୬ଷ୍ଠୀ ତତ୍; କ୍ଷୁର+ଧାର)—ଖୁରର ଦାଢ଼—
Kshuradhāra Keen edge of a razor.
ଦେ. ବି (ଲକ୍ଷଣାର୍ଥ)—ମନେ ମନେ ପରର ଅନିଷ୍ଟ ଚିନ୍ତା—
Mental thoughts for injuring others.
ଦେ. ବିଣ—ଖୁର ପରି ଦାଢ଼ୁଆ—
Sharp like a razor.
ହୃଦୟ କ୍ଷୁରଧାର, ମୁଖେ ଭାଷ ମଧୁର—ସଙ୍ଗୀତ ।

**କ୍ଷୁରଧାରୁଆ**—ଦେ. ବିଣ—ଖୁରର ଧାର ପରି ଦାଢ଼ୁଆ—
Kshuradhārua Keen-edged like a razor; as sharp as a razor.

**କ୍ଷୁରପତ୍ର**—ସଂ. ବି (ବହୁବ୍ରୀହି; କ୍ଷୁର ପରି ଦାଢ଼ୁଆ ପତ୍ର ଯାହାର)—ଶରକାଣ୍ଡ
Kshurapatra ତୃଣ—Saccharum Sara (reed).(M.W.)

**କ୍ଷୁରପ୍ର**—ସଂ. ବି (କ୍ଷୁର+ପ୍ର ଧାତୁ+ଅ)—
Kshurapra ୧ । ଅର୍ଦ୍ଧଚନ୍ଦ୍ରାକୃତି ବାଣବିଶେଷ—
1. A sharp-edged crescent-shaped arrow-head.
୨ । ଖୁରୁପି—2. A grass-scraper.
୩ । ଦାଢ଼ୁଆ ଛୁରି—3. A sharp knife.
୪ । ଦାଢ଼ୁଆ ବାଣ—4. Sharp-edged arrow.
ସଂ. ବିଣ—ଖୁର ପରି ଦାଢ଼ୁଆ—
Sharp-edged like a razor. (M. W.)

**କ୍ଷୁରଭାଣ୍ଡ**—ସଂ. ବି (୬ଷ୍ଠୀ ତତ୍; କ୍ଷୁର+ଭାଣ୍ଡ)—
Kshurabhāṇḍa ଖୁର ରହିବା ଖୋଳ—
Razor–case.

**କ୍ଷୁରିକା**—ସଂ. ବି (କ୍ଷୁର+କ+କ୍ଷୁଦ୍ରାର୍ଥେ. ଆ)—
Kshurikā ୧ । ସାନ ଛୁରି—1. A small knife.
୨ । ଛୋରା—2. A dagger.

**କ୍ଷୁରୀ**—ସଂ. ବି. (କ୍ଷୁର+କ୍ଷୁଦ୍ରାର୍ଥେ. ଈ)—
Kshurī ୧ । ଛୁରୀ—1. Knife.
୨ । ଛୋରା—2. Dagger.
(କ୍ଷୁରିଣୀ—ସ୍ତ୍ରୀ) ୩ । (କ୍ଷୁର+ଇନ୍; ୧ମା. ୧ବ)—ଭଣ୍ଡାରୀ—
3. Barber.

୪ । ଖୁରଯୁକ୍ତ ପଶୁ—4. Hoofed animal.

**କ୍ଷୁଲ୍ଲ**—ସଂ. ବିଣ (କ୍ଷୁଦ୍ର ଶବ୍ଦର ପ୍ରାକୃତ ରୂପ; ସଂସ୍କୃତରେ ବ୍ୟବହୃତ)—
Kshulla ୧ । କ୍ଷୁଦ୍ର; ଛୋଟ—1. Little; small. (M.W.)
୨ । କନିଷ୍ଠ; ବୟସରେ ସାନ—2. Younger.
୩ । ନିକୃଷ୍ଟ—3. Inferior

**କ୍ଷୁଲ୍ଲକ**—ସଂ. ବିଣ (କ୍ଷୁଲ୍ଲ+କ)—କ୍ଷୁଲ୍ଲ (ଦେଖ)
Kshullaka Kshulla (See)
ସଂ. ବି—ଛୋଟ ଶାମୁକା—A small sea-shell.

**କ୍ଷୁଲ୍ଲତାତ**—ସଂ. ବି. ପୁଂ (କର୍ମଧା. କ୍ଷୁଲ୍ଲ+ତାତ; ଭୁଲ. ବି. ଜ୍ୟେଷ୍ଠତାତ)—
Kshullatāta କକେଇ; ଖୁଡ଼ୁତା—
Younger paternal uncle; father's younger brother.

**କ୍ଷେଣି**—ଗ୍ରା. ଅ (ସଂ. କ୍ଷଣଂ; ଏହି, ସେହି ଶବ୍ଦ ସଙ୍ଗେ ଲାଗେ; ଏହିକ୍ଷେଣି,
Ksheṇi ସେହିକ୍ଷେଣି)—(ଏହି ବା ସେହି) କ୍ଷଣରେ—
ଖୁନି At (this or that) moment.
ମି

**କ୍ଷେଣି ଦେବା**—ଗ୍ରା. କ୍ରି (ସଂ. କ୍ଷଣ)—କ୍ଷଣ କରିବା (ଦେଖ)
Ksheṇi debā Kshaṇa karibā (See)
ସିମିତ ସତ ପାଡ଼ିଛ ନାହିଁ ସେ ନାଥ କ୍ଷେଣିଦେଲେ—ଫକୀରମୋହନ- ଉତ୍କଳ ।

**କ୍ଷେଣିବା**—ଗ୍ରା. କ୍ରି—କ୍ଷଣ କରିବା ( ଦେଖ )
Ksheṇibā Kshaṇa karibā ( See )

**କ୍ଷେତ**—ଦେ. ବି. ( ସଂ. କ୍ଷେତ୍ର )—
Ksheta ୧ । ଶସ୍ୟାଦି ଉତ୍ପାଦନ କରିବା ସକାଶେ କର୍ଷିତ
क्षेत ଭୂମିଖଣ୍ଡ; ବିଲ—
खेत, खेती 1. Field for raising crops.
୨ । କୃଷି—2. Agriculture.
୩ । ଫସଲ—3. Crop.
( ଯଥା—ଏ ବର୍ଷ କ୍ଷେତ ଭଲ ହୋଇ ନାହିଁ । )
୪ । କୌଣସି ବସ୍ତୁ ବିଶେଷତଃ ଘୋଡ଼ା, ଗୋରୁ ଆଦି ଉତ୍ପନ୍ନ ହେବାର ସ୍ଥାନ—
4. Place or country where different breeds of horse or cattle grow.
( ଯଥା—ଏ ଟାଙ୍ଗୁ ଭଲ କ୍ଷେତର ଘୋଡ଼ା । )

**କ୍ଷେତ ଉଜାଡ଼ିବା**—ଦେ. କ୍ରି—୧ । ଗୋରୁ, ଛେଳି ଆଦି କ୍ଷେତରେ ଥିବା
Ksheta ujārḍibā ଫସଲକୁ ଖାଇ ଓ ମାଡ଼ି ନଷ୍ଟ କରିବା—
क्षेत उजाड़ना 1. To damage the standing crop (by
खेत उजाड़ना cattle eating or treading.)
୨ । କ୍ଷେତରେ ହୋଇଥିବା ଫସଲକୁ ଅବାଦ କରି ନ ପାରି ବା ନ କାଟି ନଷ୍ଟ କରିଦେବା; ଉପଯୁକ୍ତ ସମୟରେ ପାଚିଲା ଫସଲକୁ କାଟି ନ ଆଣିବାରୁ ତାହାକୁ କ୍ଷେତରେ ଝଡ଼ିପଡ଼ିବାକୁ ବା ନଷ୍ଟ ହେବାକୁ ଦେବା—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

2. To allow a ripened crop to be wasted in the field without taking proper steps to harvest it in due time.

**କ୍ଷେତ ଉଜୁଡ଼ିବା**—ଦେ. ବି—୧ । ଗୋରୁ ଆଦି ଖାଇବା ଯୋଗୁଁ ଫସଲର କ୍ଷତି—
Ksheta ujurdibā
ক্ষেত উজড়ে যাওয়া
**खेती उजड़ना**
1. Damage of crops by cattle.
୨ । ଉପଯୁକ୍ତ ସମୟରେ ପାଚିଲା ଫସଲକୁ ନ କାଟିବା ଯୋଗୁଁ ଫସଲ ନୋକ୍‌ସାନ୍ ହେବା—
2. Waste of the crop of a field for neglecting to harvest it in due season.

**କ୍ଷେତ ଖାଇବା**—ଦେ. କ୍ରି—( ଗୋରୁ ମେଣ୍ଢା ଆଦି ) ଶସ୍ୟକ୍ଷେତ୍ରରେ ପ୍ରବେଶ କରି ତହିଁରେ ହୋଇଥିବା ଫସଲକୁ ଖାଇ ନଷ୍ଟ କରିବା—
Ksheta khāibā
ক্ষেতখাওয়া
**खेतखाना**
(cattle) To damage or eat the standing crop in a field.

**କ୍ଷେତ ପାଚିବା**—ଦେ. ବି—କ୍ଷେତରେ ହୋଇଥିବା ଫସଲ ପକ୍ୱ ହେବା—
Ksheta pāchibā
Ripening of a crop in a field.

**କ୍ଷେତବାଡ଼ି**—ଦେ. ବି (ସହଚର)—କୃଷିକାର୍ଯ୍ୟ; କୃଷି—
Kshetabārdi
**खेतीबारी**
Agriculture.

**କ୍ଷେତି**—ଗ୍ରା. ବି. ( ସଂ. କ୍ଷତିର ଅଶୁଦ୍ଧ ଉଚ୍ଚାରଣ )—
Ksheti
କ୍ଷତି; ନୋକ୍‌ସାନ୍; ତ୍ରୁଟି—
Injury; loss; damage.

**କ୍ଷେତିଖେସରା**—ଗ୍ରା. ବି. ( ସହଚର; ସଂ. କ୍ଷତି+ଅ. ଖିସାର୍ )—
Kshetikhesarā
୧ । ସର୍ବ ପ୍ରକାରର କ୍ଷତି—
1. All kinds of damages or loss sustained.
୨ । ଘଟିଥିବା କ୍ଷତିର ପୂରଣାର୍ଥ ପ୍ରଦତ୍ତ ଧନ—
2. Amount of compensation or damage to make good the loss sustained.

**କ୍ଷେତିଖେସାରା**—ଗ୍ରା. ବି—କ୍ଷେତିଖେସରା ( ଦେଖ )—
Kshetikhesārā
Kshetikhesarā (See)

**କ୍ଷେତ୍ର**—ସଂ ବି. ( କ୍ଷି ଧାତୁ=ବାସ କରିବା; ବଢ଼ିବା+କରଣ. ତ୍ର; ଯାହା ଯୋଗୁ ମନୁଷ୍ୟ ବଢ଼େ )—
Kshetra
୧ । ବିଲ; ଜମି; କ୍ଷେତ—
1. A field of crops.
୨ । ଭୂମି—2. Land; soil.
୩ । ଇନ୍ଦ୍ରିୟ—
3. External organ of action; sense-organ.
୪ । ମନ—
4. Internal organ of action; mind.
୫ । କର୍ମଭୂମି—5. One's proper field of action; sphere of action.
୬ । ଜନ୍ମଭୂମି—6. Birth-place or origin.
୭ । ଦେହ; ଶରୀର—7. Human body.
୮ । ଭାର୍ଯ୍ୟା; କଳତ୍ର—8. A wife.
ତୋହର କ୍ଷେତ୍ରେ ମୁଁ ସମ୍ଭୂତ
ହୋଇବି ଦେବଦ୍ରୂତ ସୁତ । ଜଗନ୍ନାଥ. ଭାଗବତ ।
୯ । ସ୍ଥାନ; ଅଞ୍ଚଳ—9. Place; locality.
୧୦ । ସିଦ୍ଧ ବା ପୁଣ୍ୟମୟ ସ୍ଥାନ; ତୀର୍ଥସ୍ଥାନ; ଧାମ—
10. A holy place; a centre of pilgrimage.
[ ଦ୍ର—ଭାରତରେ ଅନେକ ପ୍ରସିଦ୍ଧ କ୍ଷେତ୍ର ଅଛି । ଯଥା—ଗୟା, କାଶୀ, ପ୍ରୟାଗ, ମଥୁରା, ବୃନ୍ଦାବନ, ପୁରୀ, ଭୁବନେଶ୍ୱର, କୁରୁକ୍ଷେତ୍ର, ରାମେଶ୍ୱର, ଗଙ୍ଗାସାଗର ଇତ୍ୟାଦି; ତହିଁ ମଧ୍ୟରୁ କାଶୀ, ପୁରୀ, ବଦ୍ରିନାଥ ଓ ରାମନାଥ ଏହି ଚାରୋଟି ପ୍ରଧାନ । ଯେଉଁ ବ୍ୟକ୍ତି ଏହି ଚାରିଧାମରେ ବୁଲି ଆସେ ବା ଏଥିରୁ ଯେ କୌଣସି ତୀର୍ଥରେ ମୁକ୍ତି ଲାଭ କରେ ସେ ମହା ପୁଣ୍ୟବାନ୍ ବୋଲି ବିବେଚିତ ହୁଏ ।

ଓଡ଼ିଶାରେ ମଧ୍ୟ ଅନେକ ଗୁଡ଼ିଏ କ୍ଷେତ୍ର ଅଛି । ଯଥା—
ପୁରୀ—ବିଷ୍ଣୁ ବା ଶଙ୍ଖକ୍ଷେତ୍ର; ଭୁବନେଶ୍ୱର—ଶିବକ୍ଷେତ୍ର; କୋଣାର୍କ—ଅର୍କକ୍ଷେତ୍ର; ଯାଜପୁର—ବିରଜାକ୍ଷେତ୍ର, କେନ୍ଦ୍ରାପଡ଼ା—ତୁଳସୀକ୍ଷେତ୍ର । ]
୧୧ । ( ଜ୍ୟାମିତି ) ଆକାରବିଶିଷ୍ଟ ରେଖାବେଷ୍ଟିତ ସ୍ଥାନ—
11. (geometry) A figure; a space enclosed by lines drawn over a surface.
—ଦେ. ବି—ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର; ଶ୍ରୀକ୍ଷେତ୍ର; ପୁରୀ—
Puri, the seat of Lord Jagannātha.

**କ୍ଷେତ୍ର ଅଙ୍କିବା**—ଦେ. କ୍ରି—ଭୂମିରେ କିମ୍ବା କାଗଜରେ ନିର୍ଦ୍ଦିଷ୍ଟ ସୀମା ଓ ଅବୟବବିଶିଷ୍ଟ ରେଖାକୃତି ଚିତ୍ର ଅଙ୍କନ କରିବା—To draw a figure.
Kshetra ankibā
ক্ষেত্রআঁকা
**खेतआँकना**

**କ୍ଷେତ୍ର କରିବା**—ଦେ. କ୍ରି—କୌଣସି ନିର୍ଦ୍ଦିଷ୍ଟ ସିଦ୍ଧଭୂମି ବା ତୀର୍ଥକୁ ଦର୍ଶନ କରିବା—
Kshetra karibā
To visit or go over a prescribed place of pilgrimage.

**କ୍ଷେତ୍ରଗଣିତ**—ସଂ. ବି ( ମଧ୍ୟପଦଲୋପୀ; କ୍ଷେତ୍ରସମ୍ବନ୍ଧୀୟ ଗଣିତ )—
Kshetraganita
ଜ୍ୟାମିତି; କ୍ଷେତ୍ରତତ୍ତ୍ୱ—Geometry.

**କ୍ଷେତ୍ରଜ**—ସଂ. ବିଣ (କ୍ଷେତ୍ର+ଜନ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—
Kshetraja
୧ । କ୍ଷେତ୍ରରୁ ଉତ୍ପନ୍ନ—
1. Produced from a field.
୨ । କୃଷିଦ୍ୱାରା ଉତ୍ପନ୍ନ—
2. Produced by agriculture.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଷ୍ପ | ନ୍ତୁ |

ବି—୧ । ଅକ୍ଷମ ବା ମୃତ ବା ଅନୁପସ୍ଥିତ ବ୍ୟକ୍ତିର ସ୍ତ୍ରୀର ଗର୍ଭରେ ନିର୍ବାଚିତ ପରପୁରୁଷର ଔରସରେ ଜନ୍ମିତ ସନ୍ତାନ—
1. A son born from a woman by a specially selected person other than her married husband who is impotent, dead or absent.

[ ଦ୍ର—ପୂର୍ବେ ହିନ୍ଦୁମାନଙ୍କ ମଧ୍ୟରେ ସ୍ୱାମୀ ମୃତ କିମ୍ବା ନିରୁଦ୍ଦିଷ୍ଟ କିମ୍ବା କ୍ଲୀବ ହେଲେ ଅନ୍ୟ ନିର୍ବାଚିତ ବ୍ୟକ୍ତି (ଯଥା ଦେବର) ଦ୍ୱାରା ଉକ୍ତ ସ୍ତ୍ରୀଠାରେ କ୍ଷେତ୍ରଜ ସନ୍ତାନ ଜନ୍ମାଇ କୁଳ ରକ୍ଷା କରିବାର ବିଧି ପ୍ରଚଳିତ ଥିଲା । ଏହି ପ୍ରଥାକୁ ନିଯୋଗ ପ୍ରଥା ବୋଲି କୁହା ଯାଉଥିଲା । ଜନ୍ମିତ ପୁତ୍ର ବିଦ୍ୟମାନ୍ ଥିବା ସ୍ଥଳରେ କ୍ଷେତ୍ରଜ ସନ୍ତାନ ପିତୃଧନର ଅଧିକାରୀ ହେଉ ନ ଥିଲା । ଉପରୋକ୍ତ ରୀତିରେ ବ୍ୟାସଦେବଙ୍କଦ୍ୱାରା କୁରୁବଂଶର ରକ୍ଷା ହୋଇଥିଲା । ସ୍ମୃତିନିର୍ଦ୍ଦିଷ୍ଟ ଦ୍ୱାଦଶ ପ୍ରକାର ପୁତ୍ର ମଧ୍ୟରୁ ଏ କ୍ଷେତ୍ରଜପୁତ୍ର ଏକତମ । ]

୨ । କୌଣସି ବ୍ୟକ୍ତିର ଜାରଜ ସନ୍ତାନ—
2. Illegitimate child of a person.

[ ଦ୍ର—ପୁରାଣ ଯୁଗରେ ଭାରତରେ ଅବିବାହିତା ସ୍ତ୍ରୀ, ପରସ୍ତ୍ରୀ, ଅପ୍ସରା, ଋଷିପତ୍ନୀ ଆଦିଙ୍କୁ ପରପୁରୁଷମାନେ ଓ ଦେବତାମାନେ କଳେ ବଳେ କୌଶଳେ ହରଣ କରି ନେବା ପରେ ସେମାନଙ୍କଠାରୁ ପୁତ୍ର-କନ୍ୟା ଜନ୍ମ ହୋଇଥିବାର ଉଦାହରଣ ହିନ୍ଦୁ ପୁରାଣମାନଙ୍କରେ ବିରଳ ନୁହେ । ]

**କ୍ଷେତ୍ରଜ୍ଞ**—ସଂ. ବି. ପୁଂ. (କ୍ଷେତ୍ର + ଜ୍ଞା ଧାତୁ = ଜାଣିବା + କର୍ତ୍ତୃ. ଅ)—
Kshetrajña ୧ । ଜୀବାତ୍ମା; ଆତ୍ମା—1. The human soul.
୨ । କାମୁକ ବା ଲମ୍ପଟ ବ୍ୟକ୍ତି—
2. An adulterer; a libertine.
୩ । ମହାଦେବଙ୍କ ରୂପବିଶେଷ—
3. A form of Śiba.
୪ । ସାକ୍ଷୀ—4. Witness.
୫ । ଭଗବାନ୍—5. God.

**କ୍ଷେତ୍ରତତ୍ତ୍ୱ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷେତ୍ର + ତତ୍ତ୍ୱ )—( ଆଧୁନିକ Kshetratattwa ବ୍ୟବହାର )—ଜ୍ୟାମିତି; ଯେଉଁ ବିଜ୍ଞାନଦ୍ୱାରା ବିଭିନ୍ନ କ୍ଷେତ୍ରମାନଙ୍କ ବିଷୟରେ ଜ୍ଞାନ ଲାଭ ହୁଏ—
Geometry.

**କ୍ଷେତ୍ରପତି**—ସଂ. ବି. ( ୬ଷ୍ଠୀ ତତ୍; କ୍ଷେତ୍ର + ପତି )—୧ । ଜମିର Kshetrapati ମାଲିକ—1. The owner of a field.
୨ । କ୍ଷେତ୍ରଜ ସନ୍ତାନର ନାମମାତ୍ର ପିତା—
2. The nominal father of an illegitimate son.
୩ । ଭାଗ ବା ସଞ୍ଜାରେ ପ୍ରଜାକୁ ଦିଆଯାଇଥିବା ଜମିର ମାଲିକ—
3. The landlord of a land let out on produce-rent; a person who owns the field fructified by the labour and seeds of another.
୪ । ତୀର୍ଥର ପ୍ରଧାନ ଦେବତା—4. The presiding, chief or main Deity of a holy centre.

**କ୍ଷେତ୍ରପରିକ୍ରମା**—ସଂ. ବି. ( ୬ଷ୍ଠୀ ତତ୍; କ୍ଷେତ୍ର + ପରିକ୍ରମା )—
Kshetraparikramā ଯାତ୍ରୀମାନଙ୍କଦ୍ୱାରା ପୁଣ୍ୟକ୍ଷେତ୍ରରେ ଥିବା ବିଭିନ୍ନ ପବିତ୍ରସ୍ଥାନମାନଙ୍କ ପରିଦର୍ଶନ ଓ ପରିଭ୍ରମଣ—
A pilgrim's circumambulation of all the points of sanctity in a holy centre.

**କ୍ଷେତ୍ରପରିମାଣ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷେତ୍ର + ପରିମାଣ )—
Kshetraparimāṇa ୧ । କୌଣସି କ୍ଷେତ୍ରର କ୍ଷେତ୍ରଫଳ—
1. Area of a field.
୨ । କୌଣସି ଭୂଖଣ୍ଡକୁ ମାପ କରି ତହିଁର ପରିମାଣ ନିର୍ଣ୍ଣୟ—
2. Ascertainment of the area of a field.
୩ । କ୍ଷେତ୍ରାଦିର ପରିମାଣ ନିର୍ଣ୍ଣୟାତ୍ମକ ବିଜ୍ଞାନ—
3. Mensuration.
୪ । ବ୍ୟାବହାରିକ ଜ୍ୟାମିତି—
4. Practical geometry.

[ ଦ୍ର—ଗ୍ରୀକ୍‌ମାନେ କ୍ଷେତ୍ରତତ୍ତ୍ୱ ଓ କ୍ଷେତ୍ରପରିମାଣ ଶାସ୍ତ୍ରର ଆବିଷ୍କର୍ତ୍ତା ବୋଲି ପୂର୍ବେ ସଭ୍ୟଜଗତ ବିଶ୍ୱାସ କରୁଥିଲା । କିନ୍ତୁ ଭାରତବର୍ଷରେ ଖ୍ରୀ: ପୂର୍ବ ତ୍ରୟୋଦଶ ଶତାବ୍ଦୀର କିଛି ପୂର୍ବେ ବା ପରେ ସଂସ୍କୃତ ଭାଷାରେ ଜ୍ୟୋତିଷ ସୂତ୍ରାକାରରେ ରଚିତ ହୋଇଥିଲା । ସେହି କାଳର 'କ୍ଷେତ୍ର ବ୍ୟବହାର' ବିଷୟକ 'ସୂତ୍ରଗ୍ରନ୍ଥ' ମିଳିଅଛି । କଳ୍ପସୂତ୍ରର ଅନ୍ତର୍ଗତ ଶୁଲ୍ୱସୂତ୍ର ଦେଖି ପୂର୍ବର ବିଶ୍ୱାସ ପରିତ୍ୟକ୍ତ ହୋଇଅଛି । ବୈଦିକ ଯଜ୍ଞାନୁଷ୍ଠାନରେ ନାନାବିଧ ଯଜ୍ଞକୁଣ୍ଡ ଓ ଯଜ୍ଞବେଦୀ ନିର୍ମାଣ କରିବାକୁ ପଡ଼ୁଥିଲା । ତୈତ୍ତିରୀୟ ସଂହିତାରେ ବିଭିନ୍ନାକାର ଯଜ୍ଞବେଦୀର ବର୍ଣ୍ଣନା ଅଛି । ବୌଧାୟନ ଓ ଆପସ୍ତମ୍ବଙ୍କ ଶୁଲ୍ୱସୂତ୍ରରେ, କାତ୍ୟାୟନଙ୍କ ଶୁଲ୍ୱପରିଶିଷ୍ଟରେ ଏବଂ ମନୁ ଓ ମୈତ୍ରାୟଣୀଙ୍କ ଶୁଲ୍ୱସୂତ୍ରରେ ବିଭିନ୍ନ ଯଜ୍ଞବେଦୀ ଓ କୁଣ୍ଡର ପ୍ରମାଣ ଓ ନିର୍ମାଣ ସୂତ୍ରାକାରରେ ଲେଖାଅଛି । ବିଭିନ୍ନାକାର ବେଦୀ ଓ କୁଣ୍ଡର କ୍ଷେତ୍ରଫଳ ଓ ଅଙ୍ଗସମୂହର ପରସ୍ପରର ଅନୁପାତ ମଧ୍ୟରେ ସମତା ରଖିବାକୁ ହେଉଥିଲା । ଯଜ୍ଞାନୁଷ୍ଠାନ ଓ ଯଜ୍ଞକର୍ମ ନିର୍ବାହ ପାଇଁ ହିନ୍ଦୁମାନେ କ୍ଷେତ୍ରତତ୍ତ୍ୱ ଓ କ୍ଷେତ୍ରପରିମିତି ସୃଷ୍ଟି କରିଥିଲେ । ଅତଏବ ଭାରତରେ ଏ ଦୁଇ ଶାସ୍ତ୍ରର ଉଦ୍ଭବ ବୈଦିକକାଳରେ ହୋଇଥିଲା । ଡାକ୍ତର ଥୀବ୍ ସାହେବ ଶୁଲ୍ୱସୂତ୍ର ପ୍ରତି ସଭ୍ୟ ଜଗତର ଦୃଷ୍ଟି ଆକର୍ଷଣ କରି ହିନ୍ଦୁମାନଙ୍କର ଏ କଳଙ୍କ ମୋଚନ କରିଅଛନ୍ତି—ଯୋଗେଶଚନ୍ଦ୍ର ଆମାଦେର ଜ୍ୟୋତିଷୀ ପୃ: ୪୩-୪୪ । ]

**କ୍ଷେତ୍ରପରିମିତି**—ସଂ. ବି—କ୍ଷେତ୍ରପରିମାଣ ( ଦେଖ )
Kshetraparimiti Kshetraparimāṇa ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କ୍ଷେତ୍ରପର୍ପଟ**—ସଂ. ବି. ( କ୍ଷେତ୍ର + ପର୍ପଟ )—
Kshetraparpaṭa ଘରପୋଡ଼ିଆ ( ଦେଖ )
Gharapordiā ( See )

**କ୍ଷେତ୍ରପର୍ପଟୀ**—ସଂ. ବି. ( କ୍ଷେତ୍ର + ପର୍ପଟୀ )—
Kshetraparpaṭī ଘରପୋଡ଼ିଆ ( ଦେଖ )
Gharapordiā ( See )

**କ୍ଷେତ୍ରପାଳ**—ସଂ. ବି. ( ୬ଷ୍ଠୀ ତତ୍ କ୍ଷେତ୍ର + ପାଳ )—
Kshetrapāḷa ୧ । ବିଲର ଜଗୁଆଳ—
1. A person who watches the crops of a field.
୨ । ତୀର୍ଥକ୍ଷେତ୍ରର ସୀମାକୁ ଯେଉଁ ଦେବତା ଜଗିଥାଆନ୍ତି ( ଯଥା— ପୁରୀର କ୍ଷେତ୍ରସ୍ୱାମୀ ଜଗନ୍ନାଥ, କିନ୍ତୁ କ୍ଷେତ୍ରପାଳ ବାଲ୍ଲୋକନାଥ; ଭୁବନେଶ୍ୱରର କ୍ଷେତ୍ରସ୍ୱାମୀ ଲିଙ୍ଗରାଜ କିନ୍ତୁ କ୍ଷେତ୍ରପାଳ ଅନନ୍ତବାସୁଦେବ )—
2. The Deity who is considered to keep watch over a holy centre and who protects the place from danger; the guardian Deity of a place of pilgrimage.
ଅହେ କ୍ଷେତ୍ରପାଳ କି ଶୂଳ ଭୂଷିତ ରକ୍ଷିଲ କାହିଁ ସମର—
ରାଧାନାଥ. ପାର୍ବତୀ ।
୩ । ମନୁଷ୍ୟଶରୀରର ପୁରାଣୋକ୍ତ ରକ୍ଷକ ଦେବତାବିଶେଷ ( ଏମାନଙ୍କ ସଂଖ୍ୟା ୪୯ )—
3. The fortynine Deities guarding the different limbs of the human body (described in the Hindu Purāṇas).

**କ୍ଷେତ୍ରଫଳ**—ସଂ. ବି.—କୌଣସି କ୍ଷେତ୍ରରେ ଦୈର୍ଘ୍ୟ ଓ ପ୍ରସ୍ଥର ବର୍ଗଫଳ—
Kshetraphaḷa Area of a field.

**କ୍ଷେତ୍ରବିଜ୍ଞାନ**—ସଂ. ବି. (ମ. ପ. ଲୋ; କ୍ଷେତ୍ର + ବିଜ୍ଞାନ)—
Kshetrabajñāna କ୍ଷେତ୍ରତତ୍ତ୍ୱ (ଦେଖ)
Kshetratattwa (See)

**କ୍ଷେତ୍ରବିତ୍**—ସଂ. ବି. (କ୍ଷେତ୍ର + ବିଦ୍ ଧାତୁ = ଜାଣିବା + କର୍ତ୍ତୃ. କ୍ୱିପ୍)—
Kshetrabit କ୍ଷେତ୍ରଜ୍ଞ (ଦେଖ)
Kshetrajña (See)

**କ୍ଷେତ୍ରବ୍ୟବହାର**—ସଂ. ବି. (କ୍ଷେତ୍ର + ବ୍ୟବହାର)—
Kshetrabyabahāra କ୍ଷେତ୍ରପରିମାଣ (ଦେଖ)
Kshetraparimāṇa (See)

**କ୍ଷେତ୍ରମାହାତ୍ମ୍ୟ**—ସଂ. ବି. (୬ଷ୍ଠୀ ତତ୍; କ୍ଷେତ୍ର + ମାହାତ୍ମ୍ୟ)—୧ । ତୀର୍ଥସ୍ଥ
Kshetramāhātmya ପୁଣ୍ୟଭୂମିକୁ ଦର୍ଶନ କରି ପରିକ୍ରମା କଲେ ଯାତ୍ରୀ ଯେଉଁ ଫଳ ଲାଭ କରେ ଏହା ଯେଉଁ ଗ୍ରନ୍ଥରେ ବର୍ଣ୍ଣିତ ହୋଇ ଥାଏ—1. A book dealing with the fruits to be attained by a pilgrim visiting a holy centre and circumambulating it.
୨ । ତୀର୍ଥସ୍ଥାନର ମୁକ୍ତି ଦାନ କରିବାର କ୍ଷମତା—
2. The spiritual emancipation to be conferred on a pilgrim visiting a holy centre.

**କ୍ଷେତ୍ରସ୍ୱାମୀ**—ସଂ. ବି. (୬ଷ୍ଠୀ ତତ୍; କ୍ଷେତ୍ର + ସ୍ୱାମୀ)—
Kshetraswāmī କ୍ଷେତ୍ରପତି (ଦେଖ)
Kshetrapati (See)

**କ୍ଷେତ୍ରା**—ଦେ. ବିଣ. (ସଂ. କ୍ଷେତ୍ରଜ = ଜାରଜ ?)—(ଗାଳିବିଶେଷ—
Kshetrā A term of rebuke.)
୧ । ଛତର; ବାସୁର; ବାରବୁଲା—1. Homeless and wandering; a vagabond; vagrant.
[ ଦ୍ର— ଏହାର ଲକ୍ଷଣ— "ଭୋଜନଂ ଯତ୍ରକୁତ୍ରାପି, ଶୟନଂ ହଟ୍ଟମଣ୍ଡପେ, ମରଣଂ ଗୋମତୀ ତୀରେ"। ]
୨ । କ୍ଷୟପ୍ରାପ୍ତ; ଜୀର୍ଣ୍ଣ—
2 Wasted; damaged; worne out.

**କ୍ଷେତ୍ରାଜୀବ**—ସଂ. ବି. (ବହୁବ୍ରୀହି; କ୍ଷେତ୍ର + ଆଜୀବ)—କୃଷକ; ଚଷା—
Kshetrājiba A cultivator or husbandman by profession.

**କ୍ଷେତ୍ରାଧିପ**—ସଂ. ବି. ( ୬ଷ୍ଠୀ ତତ୍; କ୍ଷେତ୍ର + ଅଧିପ )—୧ । କ୍ଷେତ୍ର ବା
Kshetrādhipa ଜମିର ମାଲିକ—1. Owner of a field.
୨ । କ୍ଷେତ୍ରଜ ସନ୍ତାନର ମାତାଙ୍କ ବିବାହିତ ସ୍ୱାମୀ—
2 Reputed father of an illegitimate child.
୩ । ତୀର୍ଥର ପ୍ରଧାନ ବା ଅଧିଷ୍ଠାତ୍ରୀ ଦେବତା—
3. The presiding Deity of a holy centre.
୪ । (ହିନ୍ଦୁ ଜ୍ୟୋତିଷ) ମେଷାଦି ଦ୍ୱାଦଶ ରାଶିଙ୍କର ନାମାଧିପତି ଗ୍ରହଗଣ—4. ( Hindu astrology ) The respective planets having influence over the twelve solar mansions.
୫ । ଅପଦେବତାଙ୍କ ଅତ୍ୟାଚାରରୁ ଗ୍ରାମ ବା ନଗରକୁ ରକ୍ଷା କରିବା ପାଇଁ ଗ୍ରାମ ବା ନଗରର ଉତ୍ତର ପୂର୍ବରେ ସ୍ଥାପିତ ନଗ୍ନ ଦେବତାମୂର୍ତ୍ତି; ( ଏହା ତ୍ରିନେତ୍ର; ଦୁଇ, ଚାରି, ଛଅ ବା ଆଠ ଭୁଜବିଶିଷ୍ଟ; ଘଣ୍ଟା, କପାଳ, ଖଡ୍ଗ, ଖେଟକ, ନାଗପାଶ, ଧନୁ ଓ ସାୟକଧାରୀରୂପେ ଚିତ୍ରିତ)—5. Naked image of Deities placed at the N. E. of a village or a town in order to protect it from evil spirits or goblins.

**କ୍ଷେତ୍ରାଧିପତି**—ସଂ. ବି. ( ୬ଷ୍ଠୀ ତତ୍; କ୍ଷେତ୍ର + ଅଧିପତି )—
Kshetrādhipati କ୍ଷେତ୍ରାଧିପ ( ଦେଖ )
Kshetrādhipa ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଅ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

**କ୍ଷେତ୍ରାମଳକୀ**—ସଂ. ବି. ସ୍ତ୍ରୀ. ( କ୍ଷେତ୍ର + ଆମଳକୀ )—
Kshetrāmaḷakī ଭୂଇଁଅଁଳା ଗୁଳ୍ମ; ବାଡ଼ିଅଁଳା; ବଳମୂଳୀ—
ଅନ୍ୟ ସଂ. ନାମ— A medicinal plant; Sida Cordifolia.
ବାଟ୍ୟାଳିକା; ବଳା;
ବାଟ୍ୟା [ ଦ୍ର—ଏହାର ପତ୍ର ସୂକ୍ଷ୍ମଲୋମଶ; ପତ୍ରର ମୂଳ ପାନ
ବେଡ଼େଲା ପତ୍ର, ଫୁଲ ହଳଦିଆ; ପାଚିଲା ଫଳ ଫାଟି ଦଶଖଣ୍ଡ
खरैटी; बरियारा ହୋଇଯାଏ । ଏହା ଚାରି ଜାତିର, ଯଥା—
୧ । ( ସଂ. ଅତିବଳା ) ନାଲିଭୂଇଁଅଁଳା—
1. Sida Rhombifolia; Indan Mallow.
୨ । ( ସଂ. ମହାବଳା ) ଧଳା ଭୂଇଁଅଁଳା—
2 Sida Rhomboidia.
୩ । ( ସଂ. ନାଗବଳା ) ପାଉଁଶିଆ ଫୁଲବିଶିଷ୍ଟ—
3. Sida Spinosa.
୪ । ( ସଂ. ବଳା ) ହଳଦିଆ ଫୁଲବିଶିଷ୍ଟ—
4. Sida Cordifolia. ]

**କ୍ଷେତ୍ରି**—ଗ୍ରା. ବି. ( ସଂ. କ୍ଷତ୍ରିୟ )—୧ । କ୍ଷତ୍ରିୟ—
Kshetri 1. A Kshattriya.
ଖେତ୍ରୀ ତେବେଣା ଭୁବେ ବରଦାତା
खत्री କ୍ଷେତ୍ରୀ ମୁଖେ ବଚନ କର୍ତ୍ତା । ପ୍ରାଚୀ-ନଗ୍ରଣ ମାହାତ୍ମ୍ୟ ।
୨ । ଯୋଦ୍ଧା; ବୀର ପୁରୁଷ—
2. A hero; a brave man.

**କ୍ଷେତ୍ରିୟ**—ଗ୍ରା. ବି. ( ସଂ. କ୍ଷତ୍ରିୟର ଅଶୁଦ୍ଧ ଉଚ୍ଚାରଣ—କ୍ଷେତ୍ରି (ଦେଖ)
Kshetriya Kshetri (See)

**କ୍ଷେତ୍ରୀ**—ସଂ. ବି. ପୁଂ. ( କ୍ଷେତ୍ର + ଇନ୍; ୧ମା. ୧ବ )—
Kshetrī ୧ । କ୍ଷେତ୍ରଜ ସନ୍ତାନର ମାତାଙ୍କ ବିବାହିତ ସ୍ୱାମୀ ବା ଭର୍ତ୍ତା—1. The reputed father of an illegitimate child.
୨ । କ୍ଷେତ୍ରର ମାଲିକ; ଭୂସ୍ୱାମୀ—2 Owner of a field.
୩ । ସ୍ୱାମୀ ( ବୃ. ଶବ୍ଦସାଗର )—3. Husband.

**କ୍ଷେପ**—ଦେ. ବି. ( ସଂ. କ୍ଷିପ ଧାତୁ )—୧ । ଜାଲ ପକାଇବାର ଥର—
Kshepa 1. One cast or throw of the net.
ଖେପ ୨ । ବାଣିଜ୍ୟ ନିମନ୍ତେ ଯିବା ଆସିବାର ଥର—
खेप 2. A time or turn of coming or going for trade; a trip for trade.
କମଳାପ୍ରସାଦ ଗୋଷ୍ପଦ, ମାନ୍ଦ୍ରାଜ, କଲମ୍ବୋ, ରେଙ୍ଗୁନ କ୍ଷେପ କରେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
୩ । ଦୁଇଗୋଡ଼ ଏକାଠି ଉଠାଇ ଲମ୍ଫପ୍ରଦାନ କରିବା—
3. A spring with the two legs raised up in the air.
୪ । ଗୋଡ଼କୁ ଉଚ୍ଚକୁ ଉଠାଇ କରାଯିବା ପାଦକ୍ଷେପ—
4. A high or long stride.
୫ । ଥର—4. Time; turn.
୬ । ଗାଡ଼ିଆଦିର ଯିବାର ଏକ ଥର; ଭ୍ରମଣର ଏକଥର—
6. A trip of a journey.
ସଂ. ବି. ( କ୍ଷିପ ଧାତୁ=ଫିଙ୍ଗିବା + ଭାବ. ଅ )—୧ । ନିକ୍ଷେପ—
1. A throw; a cast.
୨ । ଅପସାରଣ—2. Act of removing.
୩ । ପରିତ୍ୟାଗ—3. Abandonment.
୪ । ପ୍ରେରଣ—4. Act of sending.
୫ । ନିନ୍ଦା—5. Blame.
୬ । ଗର୍ବ—6. Pride.
୭ । ଲେପନ—7. Anointing; besmearing.
୮ । ବିଳମ୍ବ—8. Delay.
୯ । ଲଙ୍ଘନ—9. Overflowing; overtopping.
୧୦ । ଫୁଲ ତୋଡ଼ା—10. Nosegay.
୧୧ । ଅରିତ୍ରର ଆଘାତ—11. Stroke of an oar.
୧୨ । ( ଗଣିତ ) ଯୋଗ କରାଯିବା ସଂଖ୍ୟା—
12. (arithmetic) Addendum; additional number.
୧୩ । ( +କର୍ମ. ଅ )—ଶର—13. Arrow.

**କ୍ଷେପକ**—ସଂ. ବିଣ. ପୁଂ. ( କ୍ଷିପ ଧାତୁ + କର୍ତ୍ତୃ. ଅକ )—
Kshepaka ୧ । ଭର୍ତ୍ସନାକାରୀ—1. Abusive.
(କ୍ଷେପିକା—ସ୍ତ୍ରୀ) ୨ । କ୍ଷେପଣକର୍ତ୍ତା—2. Throwing; casting;
୩ । ବିନାଶକ—3. Destroying. (M.W.)
ସଂ. ବି—୧ । ଗ୍ରନ୍ଥରେ ପରେ ଯୋଗ କରାଯାଇଥିବା ପ୍ରକ୍ଷିପ୍ତ ଅଂଶ—
1. A spurious or interpolated passage.
୨ । ( ଗଣିତ ) ପରେ ଯୋଗ କରାଯିବା ସଂଖ୍ୟା—
2. An additive quantity.
୪ । ମଙ୍ଗଧାରୀ ବ୍ୟକ୍ତି—3. Pilot; helmsman. (M.W.)

**କ୍ଷେପଣ**—ସଂ. ବି. ( କ୍ଷିପ ଧାତୁ + ଭାବ. ଅନ )—୧ । ନିକ୍ଷେପ—
Kshepaṇa 1. Throwing.
୨ । ପ୍ରେରଣ—2. Act of sending; ejaculatig. ejection.
୩ । କାଳ ଅତିକ୍ରମଣ; କାଳ କାଟିବା—
3. Passing of time.
୪ । ଛାଟିବାଣି—4. A sling; boomerang.
୫ । ଛାଡ଼ିଦେବା—5. Letting fly ( M. W. )
୬ । ଛାଡ଼ିଯିବା—6. Omitting (M. W.)

**କ୍ଷେପଣି**—ସଂ. ବି. ( କ୍ଷିପ ଧାତୁ + କର୍ମ ଅନ + ଇ )—୧ । ଅରିତ୍ର—
Kshepaṇi 1. Oar.
୨ । ଯୁଦ୍ଧାସ୍ତ୍ରବିଶେଷ ( ଯାହା ଶତ୍ରୁ ଉପରକୁ ଫିଙ୍ଗାଯାଏ )—
2. A battle-weapon thrown at an enemy.
କ୍ଷେପିଣ ଭଲ୍ଲ ବଜ୍ର ବିଷ ସର୍ପ ଚୈଳ । କୃଷ୍ଣସିଂ. ମହାଭାରତ. ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କ୍ଷେପଣିକ**—ସଂ. ବିଣ. ପୁଂ (କ୍ଷେପଣ=ଅରିତ୍ର+ଇକ)—
Kshepaṇika — ମଲ୍ଲା; କେଉଟ ( ହ. ଶବ୍ଦସାଗର )—
Oarsman; boatman.

**କ୍ଷେପଣିକା**—ସଂ. ବି. ( କ୍ଷିପ୍ ଧାତୁ+କର୍ମ. ଅନ+ଇକ+ଆ)—
Kshepaṇikā — କ୍ଷେପଣୀ ( ଦେଖ )—
Kshepaṇi ( See )

**କ୍ଷେପଣୀ**—ସଂ. ବି. ( କ୍ଷିପ ଧାତୁ+କର୍ମ ଅନ+ଈ )—
Kshepaṇi — କ୍ଷେପଣୀ ( ଦେଖ )
Kshepaṇi ( See )

ଭାଲେ ଭାଲେ ପଙ୍କ ତୋ ବକ୍ଷେ କ୍ଷେପଣି (୧)
ଭଠର ଗର୍ଭରେ ଜଟ୍ଟୀଯୋଗ ଧନ । ପ୍ରଧାନାଥ. ଚିଲିକା ।

**କ୍ଷେପଣୀୟ**—ସଂ. ବିଣ. ( କ୍ଷିପ ଧାତୁ+କର୍ମ ଅନୀୟ )—
Kshepaṇiya — ଫିଙ୍ଗିବାର ଯୋଗ୍ୟ—
Fit to be thrown or hurled down.
ସଂ. ବି—୧ । ଖଣ୍ଡା—1. A sword.
୨ । ଲୁହ୍ଡଭଣୀ—2. A sling.

**କ୍ଷେପା**—ଦେ. ବି. ( ସଂ. କ୍ଷେପଣିକା )—
Kshepā — ୧ । ଫିଙ୍ଗାଜାଲ; ଉଡ଼ିଁଶି ଜାଲ—
ক্ষেপলা — 1. A casting net.
୨ । ନଡ଼ିଆ ଗଛ ଆଦିରେ ଚଢ଼ିବା ସମୟରେ ତାହାର ଗୋଡ଼ଦ୍ୱୟକୁ ଛନ୍ଦ ଅଟକାଇ ରଖିବା ନିମନ୍ତେ ବ୍ୟବହୃତ ଦଉଡ଼ି ବା ଫାଶ—
2. The noose used by those who climb on straight-trunked trees to keep the legs tightly twisted to the trunk.
୩ । ଖୁଣ୍ଟୁଣି; ଉଚ୍ଚ ଆମ୍ବଗଛରୁ ଆମ୍ବ ପାରିବା ନିମନ୍ତେ ବ୍ୟବହୃତ ଲଗିର ଅଗରେ ଲାଗିଥିବା ଖୋଳେଇ ଆକାରର ଜାଲ ବା ମୁଣି—
3. A net-work basket attached to a large bamboo-pole to have the mango, plucked from a high tree, deposited inside the net.
[ ଦ୍ର—ଖୁଣ୍ଟୁଣିରେ ଆମ୍ବ ତୋଳିଲେ ଆମ୍ବଟି ତୋଳା ହେଲା ପରେ ତଳେ ନ ପଡ଼ି ସେହି ଜାଲ ଭିତରେ ରହିଯାଏ । ]
୪ । ଡେଇଁବା; କୁଦିବା—
4. Springing up; jumping high in the air.
୫ । ଘୋଡ଼ା, ଗାଈ ଇତ୍ୟାଦି ଚରିବା ସମୟରେ ଦୂରକୁ ପଳାଇ ନ ଯିବେ ବୋଲି ସେମାନଙ୍କ ଦୁଇ ଆଗଗୋଡ଼ ଛନ୍ଦା ହୋଇଥିବା ଦଉଡ଼ି—
5. A string for tying the fore legs of a horse or cattle while let out to graze, so that it may not run away.
୬ । ଘୋଡ଼ା ବା ମନୁଷ୍ୟଙ୍କର ଛଡ଼ିତକ୍ ଦଉଡ଼—
6. Running on all fours; gallop.
୭ । ନିକ୍ଷେପ—7. A cast; a throw ( as of a fishing net ).
୮ । ଥରେ ଗୁଡ଼ିଏ ପଣ୍ୟ ଦ୍ରବ୍ୟ ନେଇ ବିଦେଶକୁ ଯାଇ ତାହା ନଗଦ ବିକି କରି ଦେଇ ଫେରି ଆସିବା—
8. A trading trip for selling commodities in cash by going to a distant country with a consignment.
୯ । ବଢ଼ିଲାନଦୀରେ ଭାସି ଯାଉଥିବା କାଠଖଣ୍ଡମାନ ଧରିବା ନିମନ୍ତେ ବ୍ୟବହୃତ ଲମ୍ବଦଉଡ଼ିରେ ଲାଗିଥିବା ଅଙ୍କୁଶ—
9. A hook or harpoon attached to a long rope for throwing into a flooded river to catch and bring logs of wood etc flowing down the river.
୧୦ । ଉତ୍ପ୍ଲବ—
10. High leap; surging up.

**କ୍ଷେପି**—ଦେ. ବି—କ୍ଷେପା ( ଦେଖ )—
Kshepi — Kshepā ( See )

**କ୍ଷେପିଜାଲ**—ଦେ. ବି. ( ସଂ. କ୍ଷେପ )—ଉଡ଼ିଁଶି ଜାଲ—
Kshepijāla — A circular casting net.
খেপলা জাল

**କ୍ଷେପି ଦେବା**—ଦେ. କ୍ରି—ମୂଳଧନ ନ ଥିବା ଛୋଟ ଛୋଟ ବେପାରି-
Kshepi debā — ମାନେ ଏକ ସ୍ଥାନରୁ ପଣ୍ୟ ଦ୍ରବ୍ୟ ଖରିଦ କରି ନେଇ ବିଦେଶକୁ ଯାଇ ତାହା ବିକି କରି ଫେରି ଆସିଲେ, ଯେତେ ଥର ବା କ୍ଷେପ ବାଣିଜ୍ୟ କରିବେ ସେତେ ଥର ପାଇଁ ଟଙ୍କା ମୁଣ୍ଡେ ନିର୍ଦ୍ଦିଷ୍ଟ ସୁଧ ଦେବେ ଏହି କଡ଼ାରରେ ବେପାରୀଙ୍କୁ ଟଙ୍କା କରଜ ଦେବା—
To advance capital to petty traders on condition that they will pay the stipulated interest to the capitalist for every trip they make to carry on the trade.

**କ୍ଷେପି ନେବା**—ଦେ. କ୍ରି—ପ୍ରତ୍ୟେକ କ୍ଷେପ ବେପାର ପାଇଁ ସୁଧ ଦେବା
Kshepi nebā — କଡ଼ାରରେ ମୂଳଧନ ଟଙ୍କା କରଜ ନେବା—
To take on loan capital for carrying on small trading trips on condition of paying the fixed rate of interest for every trip.

**କ୍ଷେପିବା**—ଦେ. କ୍ରି. ( ସଂ. କ୍ଷିପ ଧାତୁ )—
Kshepibā — ୧ । କ୍ଷେପଣ କରିବା; ନିକ୍ଷେପ କରିବା; ଫିଙ୍ଗିବା;
খেপা — ଯୋପାଡ଼ିବା—1. To throw; to hurl
খেপনা — down; to ejaculate.

କ୍ଷେପିଲେ କୁସୁମ ଅବଶ୍ୟ ବେଗେ—ପ୍ରଧାନାଥ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ସ | କ୍ଷ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ |

୨ । ଡିଆଁମାରିବା; କୁଦାମାରିବା—
2. To jump or spring up.

ପାଦ ଅଗ୍ରେ ସେ ଗୃଲର କ୍ଷେପିଣ—ପ୍ରାଚୀ. ପରଚେଗୀତା ।

୩ । ଡିଆଁମାରି ଅତିକ୍ରମ କରିବା—
3. To pass or cover a distance by jumping over it or by making big jumps.

ଏହା ଶୁଣି ହନୂ ଆକାଶେ କ୍ଷେପିଗଲେ—କୃଷ୍ଣସିଂହ. ମହାଭାରତ ବନ ।

୪ । ନଡ଼ିଆ ଗଛ ଆଦିରେ ଫେପା ସାହାଯ୍ୟରେ ଚଢ଼ିବା—
4. To climb straight trees with the help of a noose attached to the two legs.

୫ । ଖଣ୍ଡଣୀ ଦ୍ୱାରା ଉଚ୍ଚ ଆମ୍ବଗଛରୁ ଆମ୍ବ ପାରିବା –
5. To pluck mangoes from a high tree with the help of a net basket attached to a long pole.

୬ । ଅତି ଜୋରରେ ଦଉଡ଼ିବା—
6. To run very swiftly on all fours.

୭ । ଉଦରକୁ ଖାଦ୍ୟାଦି ଶୀଘ୍ର ଶୀଘ୍ର ନିକ୍ଷେପ କରିବା—
7. To eat voraciously and quickly every thing placed before one.

୮ । ଶୂନ୍ୟକୁ ଉଠୁକିବା; ଆକାଶକୁ, ଶୂନ୍ୟକୁ ବା ଉପରକୁ ଲମ୍ଫ ଦେବା ବା ଉଠିବା—
8. To rise up in the air; to surge up.

**କ୍ଷେପିମା**—ସଂ. ବି (କ୍ଷିପ୍ର+ଭାବାର୍ଥେ. ଇମନ୍; ୧ମା. ୧ବ; ତୁଳ. ଦ୍ରାଘିମା, ଲଘିମା, ଗରିମା )—ପ୍ରବଳ ବେଗ—
Kshepimā
Great velocity; speed.

**କ୍ଷେପିଯିବା**—ଦେ. କ୍ରି—ଅତି ଦ୍ରୁତଗତି ଦ୍ୱାରା ବା ଲମ୍ଫ ଦ୍ୱାରା ଉର୍ଦ୍ଧ୍ୱକୁ ବା କୌଣସି ଦୂରତ୍ୱକୁ ଅତିକ୍ରମ କରିବା—
Kshepijibā
To cover a distance by big jumps.

ଅଙ୍ଗଦ ବୀର ପ୍ରଣାମ କରି ଆକାଶେ କ୍ଷେପି ଗଲେ
ଜଗତ ନାଥ ତାର ଅସ୍ଥାନ ସମ୍ମୁଖରେ ବସିଲେ—ବିଶ୍ୱନାଥ. ବିଚିତ୍ରରାମାୟଣ ।

**କ୍ଷେପି ଲଗାଇବା**—ଦେ. କ୍ରି—କ୍ଷେପି ଦେବା (ଦେଖ)
Kshepi lagāibā
Kshepi debā (See)

**କ୍ଷେପିଷ୍ଠ**—ସଂ. ବିଣ ( କ୍ଷିପ୍ର+ଅତିଶଯ୍ୟାର୍ଥେ. ଇଷ୍ଠ; ତୁଳ. ଗରିଷ୍ଠ, ଲଘିଷ୍ଠ )—ଅତି ଦ୍ରୁତ—
Kshepishṭa
Very speedy or quick.

**କ୍ଷେପୀୟାନ**—ସଂ. ବିଣ. ପୁଂ ( କ୍ଷିପ୍ର+ଈୟସ ୧ମା. ୧ବ; ତୁଳ. ଗରୀୟସ୍; ଲଘୀୟସ )—ଅତି ଦ୍ରୁତ—
Kshepiyān
(କ୍ଷେପୀୟସୀ—ସ୍ତ୍ରୀ)
Very quick.

**କ୍ଷେପ୍ତା**—ସଂ. ବିଣ. ପୁଂ ( କ୍ଷିପ ଧାତୁ+କର୍ତ୍ତୃ. ତୃ. ୧ମା. ୧ବ)—
Kshepta
( କ୍ଷେପ୍ତ୍ରୀ—ସ୍ତ୍ରୀ )
୧ । ଯେ ଫିଙ୍ଗେ—
1. Throwing; casting.
୨ । ପ୍ରେରଣକାରୀ—2. Sending.

**କ୍ଷେମ**—ସଂ. ବି ( କ୍ଷି ଧାତୁ=ସୁଖରେ ଓ ଶାନ୍ତିରେ ବାସ କରିବା+ଭାବ. ମନ୍=କ୍ଷେମନ, ୧ମା. ୧ବ)—
Kshema

୧ । କଲ୍ୟାଣ; ମଙ୍ଗଳ; ଶୁଭ—
1. Welfare; weal; well-being.
୨ । ସୁଖ—2. Happiness.
୩ । ସ୍ୱାଚ୍ଛନ୍ଦ୍ୟ—3. Ease; comfort.
୪ । ଲବ୍ଧ ବସ୍ତୁର ରକ୍ଷା—
4. Preservation of a thing in one's possession.
୫ । ଶାନ୍ତି—5. Peace; tranquility.
୬ । ମୁକ୍ତି—6. Salvation.
୭ । ଅନନ୍ତ ସୁଖ—7. Eternal happiness.
୮ । ( ଜ୍ୟୋତିଷ ) ଶୁଭସୂଚକ ତାରାବିଶେଷ—
8. (astrology) An auspicious star.
୯ । ମୂଳଦୁଆ—9. Foundation
୧୦ । ବାସସ୍ଥାନ—10. Residence.
୧୧ । (ଜ୍ୟୋତିଷ) ନକ୍ଷତ୍ର—11. Asterism
୧୨ । ନିରାପଦତା—12. Safety; security.
୧୩ । ରକ୍ଷଣ—13. Protection.
୧୪ । ଅର୍ଜିତ ବସ୍ତୁର ରକ୍ଷଣ—
14. Keeping what is acquired.
୧୫ । ମୁକ୍ତି; ମୋକ୍ଷ—
15. Beatitude; salvation.
୧୬ । ସୁଗନ୍ଧବିଶେଷ—
16. A kind of perfume.
୧୭ । ବିଶ୍ରାମ—17. Rest. (M.W.)
୧୮ । ସମୃଦ୍ଧି—18. Prosperity. (M W.)
୧୯ । (ଫଳିତ ଜ୍ୟୋତିଷ) ଜନ୍ମ ନକ୍ଷତ୍ରଠାରୁ ୪ର୍ଥ ନକ୍ଷତ୍ର ( ହି. ଶବ୍ଦସାଗର )—
19. (astrology) The fourth star counted from one's natal star.
୨୦ । (ପୁରାଣ) ଶାନ୍ତିଙ୍କ ଗର୍ଭଜାତ ଧର୍ମଙ୍କ ପୁତ୍ର—
20. (mythology) Son of Dharma by his wife Śānti.

**କ୍ଷେମକ**—ସଂ. ବି—୧ । ଚୌର ନାମକ ସୁଗନ୍ଧ—
Kshemaka
1. A medicinal scent.
୨ । ପ୍ଲକ୍ଷଦ୍ୱୀପର ବର୍ଷ ବା ଦେଶବିଶେଷ—
2. Name of a part or division of the mythological Plaksha island.
୩ । କ୍ଷେମକବର୍ଷର ରାଜା—
3. Name of a king ruling the above division.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

୪ । ନାଗବିଶେଷ—4. Name of a Nāga.

ସଂ. ବିଣ. ପୁଂ—୧ । ଶୁଭଙ୍କର; ମଙ୍ଗଳଦାୟକ; ମଙ୍ଗଳକର—1. Conferring happiness; auspicious; propitious.
୨ । ନିରାପଦ—2. Safe. (M.W.)
୩ । ସମୃଦ୍ଧ—3. Prosperous.
୪ । ସ୍ୱାଚ୍ଛନ୍ଦ୍ୟଯୁକ୍ତ—4. Comfortable; at ease.

**କ୍ଷେମକର**—ସଂ. ବିଣ. ପୁଂ (କ୍ଷେମ+କୃ ଧାତୁ+କର୍ତ୍ତୃ. ଅ)— Kshemakara ୧ । ଶୁଭକର; ମଙ୍ଗଳଦାୟକ— (କ୍ଷେମକରୀ—ସ୍ତ୍ରୀ) 1. Auspicious.
୨ । ଶାନ୍ତିଜନକ—2. Conferring peace.

**କ୍ଷେମକାର**—ସଂ. ବିଣ. (କ୍ଷେମ+କୃ ଧାତୁ+କର୍ତ୍ତୃ. ଅ)— Kshemakāra କ୍ଷେମକର (ଦେଖ) Kshemakara (See)

**କ୍ଷେମକୃତ**—ସଂ. ବିଣ. (କ୍ଷେମ+କୃ ଧାତୁ+କର୍ତ୍ତୃ)—କ୍ଷେମକର (ଦେଖ) Kshemakrut Kshemakara (See)

**କ୍ଷେମଙ୍କର**—ସଂ. ବିଣ. (ସଂ. କ୍ଷେମଂ=ମଙ୍ଗଳକୁ+କୃ ଧାତୁ+କର୍ତ୍ତୃ. ଅ)—ମଙ୍ଗଳବିଧାୟକ—Beneficient. Kshemankara

**କ୍ଷେମଙ୍କରୀ**—ସଂ. ବି. ସ୍ତ୍ରୀ (କ୍ଷେମଙ୍କର+ଈ)—୧ । (ମଙ୍ଗଳକାରିଣୀ) Kshemankarī ଦୁର୍ଗା—1. Goddess Durgā.
୨ । ଶଙ୍ଖଚିଲ—2. The Brāhmani kite; Haliastus Indus; Coromandel Eagle; Falco Ponticerianus.
[ ଦ୍ର—କୌଣସି କାର୍ଯ୍ୟ ପାଇଁ ଅନୁକୂଳ କରି ଯାତ୍ରା କରିବା ସମୟରେ ଏହାକୁ ଦେଖିଲେ, ସେ କାର୍ଯ୍ୟରେ ଯଶ ମିଳେ ବୋଲି ଲୋକଙ୍କର ବିଶ୍ୱାସ ଅଛି । ]

**କ୍ଷେମଟା**—ଦେ. ବି.—ଖେମଟା (ଦେଖ) Kshematā Khematā (See)

କ୍ଷେମଟା ବାଦ୍ୟ କରନ୍ତି,
ଆନନ୍ଦେ ନାଚନ୍ତି ଗୃହଲୀ । ଜଗନ୍ନାଥ- ଭାଗବତ ।

**କ୍ଷେମା**—ସଂ. ବି. (କ୍ଷେମ+ଆ)—୧ । ଦୁର୍ଗା; କାତ୍ୟାୟନୀ— Kshemā 1. Goddess Durgā.
୨ । ଅପ୍ସରାବିଶେଷ—2. Name of a heavenly nymph.
ଗ୍ରା. ବି. (ସଂ. କ୍ଷମା ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—୧ । କ୍ଷମା—1. Pardon; forgiveness.
୨ । ନିବୃତ୍ତି; ଉପଶମ—2. Cessation; alleviation.

**କ୍ଷେମାର୍ହ**—ସଂ. ବିଣ. ପୁଂ. (କ୍ଷେମ+ଅର୍ହ ଧାତୁ=ଯୋଗ୍ୟ ହେବା+ଅ) Kshemārha —ମଙ୍ଗଳାର୍ହ—Deserving prosperity. (କ୍ଷେମାର୍ହା—ସ୍ତ୍ରୀ)

**କ୍ଷେମାସ୍ପଦ**—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; କ୍ଷେମ+ଆସ୍ପଦ)— Kshemāspada କ୍ଷେମାର୍ହ (ଦେଖ) (କ୍ଷେମାସ୍ପଦା—ସ୍ତ୍ରୀ) Kshemārha (See)

**କ୍ଷେମୀ**—ସଂ. ବିଣ. ପୁଂ. (କ୍ଷେମ+ଇନ୍. ୧ମା. ୧ବ.)—୧ । ନିରାପଦ— Kshemī 1. Safe; secure.
(କ୍ଷେମିଣୀ—ସ୍ତ୍ରୀ) ୨ । ସୁଖୀ—2. Happy.
୩ । ଶାନ୍ତି ଭୋଗ କରୁଥିବା—3. Enjoying peace.

**କ୍ଷେମ୍ୟ**—ସଂ. ବିଣ. (କ୍ଷେମ+ଯ)—୧ । ସ୍ୱାସ୍ଥ୍ୟକର— Kshemya 1. Healthy; salubrious.
୨ । ଭାଗ୍ୟବାନ୍—2. Lucky; fortunate.
୩ । ସ୍ୱାଚ୍ଛନ୍ଦ୍ୟଯୁକ୍ତ—3 Comfortable; at ease.
୪ । ଶାନ୍ତିଦାୟକ—4. Giving peace and tranquility.
୫ । ଶୁଭକର—5. Auspicious.
୬ । ସମୃଦ୍ଧ—6. Prosperous.
ସଂ. ବି.—ଶିବ—Lord Siba.

**କ୍ଷୈ** (ଧାତୁ)—ସଂ.—୧ । କ୍ଷୟ ପାଇବା— Kshai (root) 1. To wane; to waste away.
୨ । ବିନଷ୍ଟ ହେବା—2. To decay.
୩ । ପୋଡ଼ିଯିବା; ନିଆଁ ଲାଗିବା—3. To burn; to catch fire.
୪ । ପୋଡ଼ିଦେବା—4. To singe.

**କ୍ଷୈଣ୍ୟ**—ସଂ.ବି. (କ୍ଷୀଣ+ଭାବ. ଯ)—୧ । କ୍ଷୀଣତା— Kshainya 1. Leanness; slenderness.
୨ । ବିନାଶ—2. Destruction.

**କ୍ଷୈତ୍ର**—ସଂ. ବି. (କ୍ଷେତ୍ର+ସମୂହ ବା ସ୍ୱାର୍ଥେ. ଅ)—୧ । କ୍ଷେତ୍ରସମୂହ— Kshaitra 1. A multitude of fields.
୨ । କ୍ଷେତ୍ର—2. A field.
୩ । ସ୍ଥାବର ସମ୍ପତ୍ତି—3. Landed property. (M.W.)

**କ୍ଷୈପ୍ର**—ସଂ. ବି. (କ୍ଷିପ୍ର+ଭାବ. ଅ)—କ୍ଷିପ୍ରତା— Kshaipra Quickness.
ସଂ. ବିଣ.—(ବ୍ୟାକରଣ) ଦୁଇଟି ସ୍ୱରର ଏକତ୍ର ଉଚ୍ଚାରଣଜନିତ ସନ୍ଧିସମ୍ଭୂତ (ପରିବର୍ତ୍ତିତ)—(grammar) (a kind of sandhi) Produced by changing the first two concurrent vowels to its semi-vowel (M. W.)

**କ୍ଷୋଡ଼**—ସଂ. ବି.—ଆଲାନ; ହାତୀ ବାନ୍ଧିବା ଖୁମ୍ବ— Kshorda The post to which an elephant is tied. (M. W.)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ଇଯ୍ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ତ |

**କ୍ଷୋଣ**—ସଂ. ବିଣ.—ଅଚଳ—
Kshoṇa Immovable. (M. W.)
ସଂ. ବି.—ବୀଣାବିଶେଷ—
A kind of lute. (M. W.)

**କ୍ଷୋଣି**—ସଂ. ବି. (କ୍ଷୁ ଧାତୁ=ଶବ୍ଦ କରିବା+ଣି) ୧ । ପୃଥିବୀ—
Kshoṇi 1. The earth.
୨ । ଏକ ସଂଖ୍ୟା—2. The number one.

**କ୍ଷୋଣୀ**—ସଂ. ବି.—୧ । ବହୁଲୋକ—
Kshoṇī 1. A multitude of men; people. (M.W)
୨ । ପୃଥିବୀ—2. The earth.

**କ୍ଷୋତ୍ତବ୍ୟ**—ସଂ. ବିଣ.—(କ୍ଷୁଦ୍ ଧାତୁ=ଚୂନା କରିବା+କର୍ମ. ତବ୍ୟ)—
Kshottabya ଚୂନା ବା ଦଳା ହେବା ଯୋଗ୍ୟ—
To be mashed or pounded.

**କ୍ଷୋତ୍ତ୍ର**—ସଂ. ବି.—(କ୍ଷୁଦ୍ ଧାତୁ=ଚୂନା କରିବା+କରଣ. ତ୍ର; ୧ମା
Kshottā ୧ବ)—ହେମାମ୍ବଦସ୍ତାର ପୁଅ; ମୁଷଳ—Pestle; an implement for grinding.

**କ୍ଷୋଦ**—ସଂ. ବି. (କ୍ଷୁଦ୍ ଧାତୁ=ଚୂନାକରିବା+ଅ)—
Kshoda ୧ । (+ଭାବ.ଅ) ଚୂରିବା—1. Pounding; crushing into pieces; grinding.
୨ । ପେଷିବା—2. Reducing into powder.

ବାରଣ ବାରଣ ରଣ ବଶେ ସେହିଁ ରଦ ଚୂର୍ଣ୍ଣ କ୍ଷୋଦ କରି ଅଗ୍ରରେ ପକାଇ ।
ଭକ୍ତ• ବୈଦେହୀଶବିଳାସ ।

୩ । (+କର୍ମ.ଅ)ଗୁଣ୍ଡା;ଚୂନା—3. Powder;flour; meal.
୪ । ଶସ୍ୟକଣ; କଣି; ଖୁଦ—4. Broken bits of rice after it is husked out from paddy.
୫ । (+ଅଧିକରଣ. ଅ) ଚୂର୍ଣ୍ଣ କରିବାର ପାତ୍ର; ହମାମ୍ବଦସ୍ତା—
5. Pounding pot; mortar.
୬ । କାଠ ଓ ପଥର ଆଦିର କାରିଗରି କାମ ବା ମୂର୍ତ୍ତିଆଦି-
କ୍ଷୋଦେଇ କାମ—
6. Engraving; carving on wood and stone.
୭ । ଶିଳ—7. A stone or slab on which anything is ground. (M. W.)
୮ । ଟୋପା—8. Drop. (M. W.)
୯ । ଖଣ୍ଡ; ମୁଣ୍ଡା—9 Lump; piece. (M W.)
୧୦ । ଗୁଣନ—10. Multiplication. (M. W.)

**କ୍ଷୋଦକାର**—ସଂ. ବି. (କ୍ଷୋଦ+କୃ ଧାତୁ+କର୍ତ୍ତୃ. ଅ)—
Kshodakāra କ୍ଷୋଦେଇ କାମ କରିବା କାରିଗର—
Engraver or carver.

**କ୍ଷୋଦିତ**—ସଂ. ବିଣ. (କ୍ଷୁଦ୍ ଧାତୁ+ଣିଚ୍+କର୍ମ. ତ)—
Kshodita ୧ । ଚୂର୍ଣ୍ଣିତ—1. Pounded; powdered; ground.
୨ । କାଠ ବା ପଥରରେ ଖୋଳା ହୋଇଥିବା—
4. Carved or engraved.
ସଂ. ବି. (+ଭାବ. ତ)— ଚୂନା; ଅଟା—
Powder; flour; meal.

**କ୍ଷୋଦିଷ୍ଠ**—ସଂ. ବିଣ. (କ୍ଷୁଦ୍ର+ଅତିଶୟାର୍ଥେ. ଇଷ୍ଠ)—କ୍ଷୁଦ୍ରତମ—
Kshodishṭa Smallest.

**କ୍ଷୋଦୀୟାନ୍**—ସଂ. ବିଣ. ପୁଂ. (କ୍ଷୁଦ୍ର+ଅତିଶୟାର୍ଥେ ଈୟସ୍ ୧ମା. ୧ବ)—
Kshodīyān କ୍ଷୁଦ୍ରତର—Very small.
(କ୍ଷୋଦୀୟସୀ—ସ୍ତ୍ରୀ)

**କ୍ଷୋଦ୍ୟ**—ସଂ.ବିଣ. (କ୍ଷୁଦ୍ ଧାତୁ+କର୍ମ.ଯ)—ଚୂର୍ଣ୍ଣ କରାଯିବା ଯୋଗ୍ୟ—
Kshodya To be pounded.

**କ୍ଷୋଭ**—ସଂ. ବି. (କ୍ଷୁଭ୍ ଧାତୁ=ଚଞ୍ଚଳ ହେବା+ଭାବ. ଅ)—
Kshobha ୧ । ବାଧା—1. Distress.
(କ୍ଷୁବ୍ଧ; କ୍ଷୋଭିତ—ବିଣ) ୨ । ଘର୍ଷଣ—2. Brushing; rubbing.
୩ । ଉଦ୍ବିଗ୍ନତା; ଚିତ୍ତଚାଞ୍ଚଲ୍ୟ—
3. Excitement; emotion.
୪ । ଆଘାତ—4. Hurt.
୫ । ଶାନ୍ତିଭଙ୍ଗ—5. Disturbance; perturbation.
୬ । ଅସନ୍ତୋଷ; ମନ ସାଙ୍ଗି ହେବା; ମନସ୍ତାପ—
6. Disappointment; regret.
୭ । ବିଲୋଡ଼ନ; ଆନ୍ଦୋଳନ—7. Agitation.
୮ । ଧକଡ଼କ—8. Jerking.

ପଥେ ରଥକ୍ଷୋଭ ଭେଟିବାରୁ ନଳ ଖୁଅରେ ଖୁଅ ପ୍ରିୟାର ।
ଯଥାନାଥ• ଇନ୍ଦୁଶ୍ରୀ ।

୯ । କମ୍ପନ—9. Shaking; vibration.
୧୦ । (ନାଟକ) ଗାଳିବଚନ ବା ଭର୍ତ୍ସନାଜନିତ ମନୋଦୁଃଖ—
10 (Drama) Emotion caused by hars he speeches or reproaches. (M.W.)

**କ୍ଷୋଭକ**—ସଂ. ବିଣ. ପୁଂ (କ୍ଷୁଭ ଧାତୁ+କର୍ତ୍ତୃ. ଅକ)—
Kshobhaka ୧ । ଆନ୍ଦୋଳନକାରୀ—
(କ୍ଷୋଭିକା—ସ୍ତ୍ରୀ) 1. Causing agitation or disturbance.
୨ । କମ୍ପନକାରୀ—2. Shaking.

**କ୍ଷୋଭଣ**—ସଂ. ବି (କ୍ଷୁଭ ଧାତୁ+ଭାବ. ଅନ)—
Kshobhaṇa ୧ । ମନରେ କ୍ଷୋଭ ଜାତ କରିବା—
1. Causing emotion.
୨ । ଆନ୍ଦୋଳନ—
2. Agitating; disturbing.
୩ । ( +କର୍ତ୍ତୃ. ଅନ ) ଶିବ—
3. A name of Śiba. ( M. W. )
୪ । ବିଷ୍ଣୁ—4. A name of Bishṇu. (M.W.)
୫ । କାମଦେବଙ୍କ ପଞ୍ଚ ଶର ମଧ୍ୟରୁ ଏକତମ—
5. One of the 5 arrows of God Cupid.

ସାଧାରଣ ରେଳେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିକା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**କ୍ଷୋଭଯୁକ୍ତ**—ସଂ. ବିଣ (କର୍ମଧା ତତ୍; କ୍ଷୋଭ+ଯୁକ୍ତ)—
Kshobhajukta — କ୍ଷୋଭିତ (ଦେଖ) Kshobhita (See)

**କ୍ଷୋଭଶୂନ୍ୟ**—ସଂ. ବିଣ (କ୍ଷୋଭ+ଶୂନ୍ୟ)—
Kshobhaśūnya. ୧ । କ୍ଷୋଭ ବା ଦୁଃଖରହିତ—1. Free from agitation.
୨ । କମ୍ପିତ; ଶାନ୍ତ—2. Calm.

**କ୍ଷୋଭିତ**—ସଂ. ବିଣ (କ୍ଷୋଭ+ଯୁକ୍ତାର୍ଥେ. ଇତ)—
Kshobhita ୧ । ସଞ୍ଚାଳିତ—1. Moved; disturbed.
୨ । କ୍ଷୁବ୍ଧ—2. Agitated.
୩ । ମନସ୍ତାପଯୁକ୍ତ—3. Excited; perturbed.
୪ । ଦୁଃଖିତ—4. Full of regret.
୫ । ଉଦ୍‌ବିଗ୍ନ; ଚିନ୍ତାଯୁକ୍ତ—5. Anxious.

**କ୍ଷୋମ**—ସଂ. ବି (କ୍ଷୁ ଧାତୁ+ମନ୍)—
Kshoma ୧ । ଘର ଉପରେ ଥିବା ଘର; ଚନ୍ଦ୍ରଶାଳା—1. A room at the top of a house.
୨ । ବୁଣା ରେଶମ; ପାଟ—2. Woven silk.
ସଂ. ବିଣ—କ୍ଷୌମ (ଦେଖ)
Kshauma (See)

**କ୍ଷୌଣି** (ଇତ୍ୟାଦି)—ସଂ. ବି (କ୍ଷୁ ଧାତୁ+ଣି)—କ୍ଷୌଣୀ ଇତ୍ୟାଦି (ଦେଖ)
Kshauṇi (etc) Kshauṇi etc (See)

**କ୍ଷୌଣୀ**—ସଂ. ବି. ସ୍ତ୍ରୀ (କ୍ଷୁ ଧାତୁ=ଶବ୍ଦ କରିବା+ଣୀ)—ପୃଥିବୀ—
Kshauṇi The earth; the globe.
ଗୁରୁଙ୍କ ଅଗେ ମିଥ୍ୟା କହୁଦେବାକ୍ଷଣି
ଭଗିଲା ତାଙ୍କ ରଥ କ୍ଷୌଣୀରେ ଖେଳଣି—କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

**କ୍ଷୌଣୀ ପ୍ରାଚୀର**—ସଂ. ବି (୬ଷ୍ଠୀ ତତ୍; କର୍ମଧା ବହୁବ୍ରୀହି; କ୍ଷୌଣୀ+
Kshauṇi prāchira ପ୍ରାଚୀର; ଯାହା ପୃଥିବୀର ପ୍ରାଚୀର ବା ପୃଥିବୀ ଯାହାର ପ୍ରାଚୀର)—ସମୁଦ୍ର—
The ocean (which is like the compound-wall of the earth or of which the earth is the compound-wall).

**କ୍ଷୌଣୀବିଦ୍ୟା**—ସଂ. ବି. ସ୍ତ୍ରୀ. (ମ. ପ. ଲୋ; କ୍ଷୌଣୀ+ବିଦ୍ୟା;
Kshauṇibidyā କ୍ଷୌଣୀସମ୍ବନ୍ଧୀୟ ବିଦ୍ୟା)—ଭୂବିଦ୍ୟା; ଭୂବିଜ୍ଞାନ—Geology.

**କ୍ଷୌଣୀଭୃତ୍**—ସଂ. ବି. (କ୍ଷୌଣୀ+ଭୃ ଧାତୁ=ପାଳିବା+କର୍ତ୍ତୃ. କ୍ୱିପ୍)—
Kshauṇibhṛu ରାଜା—King.

**କ୍ଷୌଦ୍ର**—ସଂ. ବି. (କ୍ଷୁଦ୍ରା=ମହୁମାଛି+ଅ)
Kshaudra ୧ । ମହୁ; ମଧୁ—1. Honey.
୨ । ଜଳ—2. Water.
୩ । ଚମ୍ପା ଫୁଲ ଓ ଗଛ—
3. The Michelia Champaka (tree and flower).
୪ । (ପିଙ୍ଗଳବର୍ଣ୍ଣ) କାଳୁଛି ମହୁମାଛି କରିଥିବା ପକାମହୁ—
4. Brown honey made by tiny bees.
୫ । କ୍ଷୁଦ୍+ଅ) ଦ୍ରାକ୍ଷାଫଳ—5. Grape.
୬ । (କ୍ଷୁଦ୍+ଭାବାର୍ଥେ. ଅ) କ୍ଷୁଦ୍ରତା—
6. Smallness; minuteness. (M W).
ସଂ. ବିଣ—୧ । କ୍ଷୁଦ୍ର (ମାଛି) ସମ୍ବନ୍ଧୀୟ—
1. Pertaining to flies.
୨ । କ୍ଷୁଦ୍ରା (ମହୁମାଛି) ସମ୍ବନ୍ଧୀୟ—
2. Pertaining to bees.

**କ୍ଷୌଦ୍ରେୟ**—ସଂ. ବି. (କ୍ଷୁଦ୍ରା=ମହୁମାଛି+ଜାତାର୍ଥେ. ଏୟ)—
Kshaudreya ମହଣ—Wax.

**କ୍ଷୌମ**—ସଂ. ବି. (କ୍ଷୁମା+ଅ)—୧ । ପଟ୍ଟବସ୍ତ୍ର—
Kshauma 1. Silken cloth.
୨ । ଛଣପଟ ନିର୍ମିତ ଲୁଗା—
2. Hempen cloth; gunny.
୩ । (କ୍ଷୁ ଧାତୁ+ମ+ଅ) ଅଟ୍ଟାଳିକା; କୋଠା; ପ୍ରାସାଦ—
3. Pucca building; mansion.
୪ । ଚନ୍ଦ୍ରଶାଳା—
4. An airy room at the top of a house. (M.W.).
୫ । କୋଠାର ପଛ ଭାଗ—
5. The back of an edifice. (M. W.)
ସଂ. ବିଣ—୧ । ପାଟନିର୍ମିତ—1. Silken.
୨ । ଛଣପଟ ନିର୍ମିତ—
2. Hempen; made of linen.
୩ । ଛଣପଟ ମଞ୍ଜିରୁ ଜାତ (ତୈଳ)—
3. (oil) Prepared from linseed.

**କ୍ଷୌର**—ସଂ. ବି. (କ୍ଷୁର ଧାତୁ=ଛେଦନ କରିବା+ଭାବ. ଅ)—
Kshaura ୧ । ମସ୍ତକ ମୁଣ୍ଡନ; ହଜାମତ; ଖିଅର; ଛଉର—
1. Shaving.
୨ । କେଶ, ଶ୍ମଶ୍ରୁ, ନଖାଦିର କର୍ତ୍ତନ—
2. Shaving and pairing (of nails).
୩ । ଛଣପଟ ସୂତାର ନୂଆଲୁଗା—
3 A linen cloth. (M. W).
ସଂ. ବିଣ—କ୍ଷୁରଦ୍ୱାରା ସମ୍ପାଦିତ—
Performed with a razor. (M. W.)

**କ୍ଷୌରକର୍ମ**—ସଂ. ବି. (କ୍ଷୌର+କର୍ମ)—ମସ୍ତକ ମୁଣ୍ଡନ, ଶ୍ମଶ୍ରୁଚ୍ଛେଦନ
Kshaurakarma ଓ ନଖଚ୍ଛେଦନ—Shaving of the crown and beard and pairing of nails.

**କ୍ଷୌରକାର୍ଯ୍ୟ**—ସଂ. ବି. (କ୍ଷୌର+କାର୍ଯ୍ୟ)—କ୍ଷୌରକର୍ମ (ଦେଖ)
Kshaurakārjya Kshaurakarma (See)

**କ୍ଷୌରିକ**—ସଂ. ବି. (କ୍ଷୌର+ବ୍ୟବସାୟୀ ଅର୍ଥରେ. ଇକ)—
Kshaurika ଭଣ୍ଡାରି—Barber.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଳ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**କ୍ଷୌରି**—ସ. ବି. ( କ୍ଷୌର+ଇ ) ୧ । କ୍ଷୁର—1. Razor.
Kshauri ୨ । ଛଣପଟର ସୂତା—2. Linen ( M. W. ).

**କ୍ଷ୍ଣୁ** ( ଧାତୁ )—ସ—ପଜାଇବା—
Kshnu ( root ) To sharpen; to whet.

**କ୍ଷ୍ଣୁତ**—ସ. ବଣ. ( କ୍ଷ୍ଣୁ ଧାତୁ+କର୍ମ. ତ )—ପଜା ଯାଇଥିବା—
Kshnuta Sharpened; whetted.

**କ୍ଷ୍ଣୋତ୍ର**—ସ.ବି. (କ୍ଷ୍ଣୁ ଧାତୁ+କର୍ମ. ତ୍ର )—(ବୈଦିକ)—ସାହାଣ ପଥର—
Kshnotra ( vedic ) Whetstone ( M. W. )

**କ୍ଷ୍ୱିଡ଼୍** ( ଧାତୁ )—ସ.—୧ । ଗୁଣୁଗୁଣୁ ଶବ୍ଦ କରିବା—
Kshwirda ( root ) 1. To hum.
୨ । ଗର୍ଜନ କରିବା—2. To roar; to growl.
୩ । ମର୍ମର ଶବ୍ଦ କରିବା; ଅବ୍ୟକ୍ତ ରବ କରିବା—
3. To murmur.
୪ । ସିଟି ମାରିବା—4. To whistle.
୫ । ଫଁ ଫଁ ହେବା—5. To hiss.
୬ । ଘଡ଼ଘଡ଼ ଶବ୍ଦ କରିବା—
6. To rattle ( M. W. ).
୭ । ଓଦା ହେବା; ସନ୍ତାଇବା—
7. To be wet ( M. W. )
୮ । ( ବୃକ୍ଷାଦି ଦେହରୁ ) ରସ ବୁହାଇବା—
8. To exude; to emit sap ( M. W. )
୯ । ଚକ୍କଣିଆ ବା ତେଲିଆ ହେବା—
9. To be unctuous ( M. W. )

**କ୍ଷ୍ୱିଣ୍ଣ**—ସ. ବଣ. ( କ୍ଷ୍ୱିଡ଼୍ ଧାତୁ+କର୍ତ୍ତୃ. ଅ )—
Kshwinna ୧ । ଗୁଣୁଗୁଣୁ ଶବ୍ଦ କରୁଥିବା—
1. Sounding inarticulately; humming.
୨ । କୋମଳ—2. Soft.
୩ । ଚକ୍କଣିଆ—3. Oily; unctuous.

**କ୍ଷ୍ୱେଡ଼** ସ. ବି. ( କ୍ଷ୍ୱିଡ଼୍ ଧାତୁ=ଶବ୍ଦ କରିବା+ଅ )—
Kshwerda ୧ । ସିଂହନାଦ—
1. Roar ( like that of a lien ).
୨ । ଧ୍ୱନି—2. Sound; noise.
୩ । ବିଷ—3. Poison,
୪ । ଗରଳ—4. Venom.
୫ । ଓଦା କରିବା—5. Moistening.
୬ । ପରିତ୍ୟାଗ—6. Abandonment.
୭ । ଅସ୍ପଷ୍ଟଧ୍ୱନି—7. Inarticulate sound.
୮ । କର୍ଣ୍ଣରୋଗବିଶେଷ; କାନଗଇ ଟାଣ ହେବା ଯୋଗୁ କାନରେ ଭଁ ଭଁ ଶବ୍ଦ ଅନୁଭୂତି—
8. A disease of the ear; buzzing in the ear due to hardening of the wax.
୯ । ଝଡ଼ି ( ଲତା ଓ ଫଳ )—
9. Luffa Acutangula (creeper and fruit).
୧୦ । ନାଲି ଅରଖ ଗଛର ଫଳ—
10. The fruit of the red swallow-wort.
ସ. ବଣ—୧ । ନିଷ୍ଠୁର—1. Cruel.
୨ । କୁତ୍ସିତ—2 Dirty; nasty.
୩ । ବକ୍ର; କୁଟିଳ—3. Crooked; curved.
୪ । ଶଠ; ଦୁଷ୍ଟ—4. Wicked; depraved.

**କ୍ଷ୍ୱେଡ଼ନ**—ସ. ବି. ( କ୍ଷ୍ୱିଡ଼୍ ଧାତୁ+ଭାବ. ଅନ )—ଫଁ ଫଁ ଶବ୍ଦ—
Kshwerdana Hissing sound.

**କ୍ଷ୍ୱେଡ଼ିତ**—ସ. ବଣ. ( କ୍ଷ୍ୱିଡ଼୍ ଧାତୁ+ଇତ )—
Kshwerdita ୧ । ସିଂହ ନାଦ—
1. Loud roar ( of a lion ).
୨ । ମର୍ମର ଧ୍ୱନି—2. Murmur.
୩ । ଯୁଦ୍ଧ ନାଦ—3. A war-cry.
୪ । ଗର୍ଜନ—4. Growling.

**କ୍ଷ୍ୱେଲ** (ଧାତୁ)—ସ. ( ତୁଳ. ଓ ଖେଳିବା )—
Kshwela (root) ୧ । ଡିଆଁ—
1. To leap; to jump.
୨ । ଖେଳିବା—2 To play.
୩ । ଗତି କରିବା—3. To move.
୪ । ଥରିବା; କମ୍ପିବା—
4. To shake; to tremble.

**କ୍ଷ୍ୱେଲ**—ସ. ବି—କ୍ଷ୍ୱେଡ଼ ( ଦେଖ )
Kshwela Kshwerda ( See )

**କ୍ଷ୍ୱେଲନ**—ସ. ବି. ( କ୍ଷ୍ୱେଲ ଧାତୁ+ଭାବ. ଅନ )—
Kshwelana ୧ । କ୍ରୀଡ଼ା—1. Sport.
୨ । ଖେଳ—2. Play.
୩ । ଥଟ୍ଟା—3 Jest; joke.

**କ୍ଷ୍ୱେଲା**—ସ. ବି. ( କ୍ଷ୍ୱେଲ ଧାତୁ+ଭାବ. ଆ )—
Kshwelā କ୍ଷ୍ୱେଲନ ( ଦେଖ )
Kshwelana ( See )

**କ୍ଷ୍ୱେଲିକା**—ସ. ବି. ( କ୍ଷ୍ୱେଲ+କ+ଆ )—
Kshwelikā କ୍ଷ୍ୱେଲନ ( ଦେଖ )
Kshwelana ( See )

**କ୍ଷ୍ୱେଲୀ**—ସ. ବି. ( କ୍ଷ୍ୱେଲ+ଈ)—
Kshwelī କ୍ଷ୍ୱେଲନ ( ଦେଖ ).
Kshwelana ( See ).

**କ୍ଷ୍ୱେଲ୍ୟ**—ସ. ବି. ( କ୍ଷ୍ୱେଲ ଧାତୁ+ଭାବ. ଯ )—
Kshwelya କ୍ଷ୍ୱେଲନ ( ଦେଖ )
Kshwelana ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ସ୍ଥାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସ୍ଥାନରେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**କ୍ଷ୍ମା**—ସଂ. ବି. ସ୍ତ୍ରୀ. ( କ୍ଷମ ଧାତୁ=ସହ୍ୟ କରିବା+କର୍ତ୍ତୃ. ଅ+ଆ )—
Kshmā ପୃଥିବୀ; ସର୍ବଂସହା —The earth.

**କ୍ଷ୍ମାଜ**—ସଂ. ବି. ( କ୍ଷ୍ମା=ପୃଥିବୀ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ. ଅ
Kshmāja ପୃଥିବୀରୁ ଉତ୍ପନ୍ନ )—
୧ । ମଙ୍ଗଳ ଗ୍ରହ—1. The planet Mars.
୨ । ଦିଗ୍‌ବଳୟ—2. The horizon.

**କ୍ଷ୍ମାଧର**—ସଂ. ବି. ( କ୍ଷ୍ମା+ଧୃ ଧାତୁ+କର୍ତ୍ତୃ. ଅ )—
Kshmādhara ୧ । ରାଜା—1. King.
୨ । ପର୍ବତ—2. Mountain.
୩ । ସାତ ସଂଖ୍ୟା—3. The number 7 ( M. W. )

**କ୍ଷ୍ମାପତି**—ସଂ. ବି. ( ୬ଷ୍ଠୀ ତତ୍; କ୍ଷ୍ମା+ପତି ) – ରାଜା—
Kshmāpati King.

**କ୍ଷ୍ମାଫେନ**—ସଂ. ବି—ଅଫିମ ( ହରେକୃଷ୍ଣ. ଦ୍ରବ୍ୟଗୁଣ)—
Kshmāphena Opium.

**କ୍ଷ୍ମାଭୁକ୍**—ସଂ. ବି. ( କ୍ଷ୍ମା+ଭୁଜ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା ୧ବ )—
Kshmābhuk ରାଜା—King.

**କ୍ଷ୍ମାଭୃତ୍**—ସଂ. ବି. ( କ୍ଷ୍ମା+ଭୃ ଧାତୁ+କର୍ତ୍ତୃ. କ୍ୱିପ୍ )—
Kshmābhrut କ୍ଷ୍ମାଧର ( ଦେଖ )
Kshmādhara ( See )

**କ୍ଷ୍ମାୟ** (ଧାତୁ)—ସଂ—ଥରିବା—
Kshmāya (root) To tremble.

**କ୍ଷ୍ମାୟିତ**—ସଂ. ବିଣ. ( କ୍ଷ୍ମାୟ ଧାତୁ=କମ୍ପିବା+ଣିଚ+ତ )—
Kshmāyita ଅନ୍ୟ ଦ୍ୱାରା କମ୍ପିତ; କମ୍ପିତ—
Made to tremble; shaken; agitated.

**କ୍ଷ୍ମୀଳ** (ଧାତୁ)—ସଂ—ଆଖି ବନ୍ଦ କରିବା; ଆଖି ବୁଜିବା—
Kshmīla (root) To wink; to shut the eye; to twinkle.

# ଖ

**ଖ**—ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣ—The second consonant in
Kha Sanskrit and Oriā.
[ ଦ୍ର—ଏହାର ଉଚ୍ଚାରଣ ସ୍ଥାନ କଣ୍ଠ । ଏହା କ ବର୍ଗର ଦ୍ୱିତୀୟ ବର୍ଣ୍ଣ । ଅନ୍ୟ ବର୍ଣ୍ଣ ସଙ୍ଗେ ଯୁକ୍ତ ହେଲେ କୌଣସି ମାତ୍ରା ବା ଚିହ୍ନରେ ପରିଣତ ନ ହୋଇ ଏହା ଗୋଟା ରୂପରେ ଯୁକ୍ତ ହୁଏ । ଯଥା—ଖ୍ୟ, ଙ୍ଖ; ଡ ସଙ୍ଗେ ଯୋଗ ହେଲା ବେଳେ ଯୁକ୍ତାକ୍ଷର ଙ୍ଖ ବା ଙ୍ଖ ରୂପ ଧାରଣ କରେ । ]

ସଂ. ବି.—( ଖନ୍ ଧାତୁ=ବିଦାରଣ କରିବା+କର୍ତ୍ତୃ. ଅ )—
୧ । ସୂର୍ଯ୍ୟ—1. The Sun.
୨ । ( +କର୍ମ. ଅ )—ଶୂନ୍ୟ; ଆକାଶ—
2. The sky; atmosphere; space; the ether.
୩ । ସ୍ୱର୍ଗ—3. Heaven.
୪ । ସୁଖ—4. Happiness.
୫ । ( ଖଦ ଧାତୁ=ସ୍ଥିର ହେବା+କର୍ତ୍ତୃ. ଅ )—ଇନ୍ଦ୍ରିୟ—
5. An organ of sense.
୬ । ( ଖର୍ବ ଧାତୁ=ଗର୍ବ କରିବା+କର୍ତ୍ତୃ. ଅ ) ଦେହ—
6. Body.
୭ । (ଖଞ୍ଜ ଧାତୁ=ସଂବରଣ କରିବା+କର୍ତ୍ତୃ.ଅ)—ନଗର—
7. Town.
୮ । (ଖର୍ ଧାତୁ=ଉତ୍ପନ୍ନବସ୍ତୁକୁ ପୁନରୁତ୍ପାଦନ କରିବା+କର୍ତ୍ତୃ.ଅ)
ବ୍ରହ୍ମ—8 The Supreme Spirit.
୯ । ଜ୍ଞାନ— 9. Knowledge.
୧୦ । ଶରୀରର ନବଦ୍ୱାର ( ପାଟି, ଦୁଇ ଆଖି, ଦୁଇ କାନ, ଦୁଇ ନାକପୁଡ଼ା, ଗୁହ୍ୟ ଓ ଜନନେନ୍ଦ୍ରିୟ )—
10. One of the 9 apertures of the body. ( M. W )
୧୧ । ( ଗଣିତ ) ଶୂନ୍ୟ ସଂଖ୍ୟା—
11. ( arithmetic ) Zero; cypher (M.W.)
୧୨ । ମେଘନାଳ; ଅଭ୍ର—12. Talc ( M. W. )
୧୩ । କର୍ମ—13. Action ( M. W. )
୧୪ । ସୁଖ—14. Happiness ( M. W. )
୧୫ । ବୋଧ—15. Understanding ( M. W. )
୧୬ । ମୋକ୍ଷ, ନିର୍ବାଣ ( ହୃ. ଶବ୍ଦସାଗର )—
16. Spiritual Emancipation.
୧୭ । (ଜ୍ୟୋତିଷ) ଜନ୍ମ କୁଣ୍ଡଳୀରେ ଦଶମ ସ୍ଥାନ— ( ହୃ. ଶବ୍ଦସାଗର )
17. ( Astrology ) The tenth astrological mansion in a horoscope. ( M. W.)

**ଖଇ**—ଦେ. ବି. ( ସଂ. ଖଇକା )—୧ । ଧାନ, ଜହ୍ନଁବେଣ୍ଟ, ବାଜରା-
Khai ଆଦି ଶସ୍ୟ ଭାଜିଲେ ଚହିଁରୁ ଉତ୍ପନ୍ନ ଲିଆ; ଲାଜ; ଭୃଷ୍ଟଧାନ୍ୟ;
ଖଈ ଲିଆ—1. Fried paddy and other grains.
**ଖୀଲ; ଲାବା; ଲାଈ** ଉଢ଼ିଲା ଖଇ ଗୋବଦାସ୍ ସ୍ୱାହା । ଠଗ ।
[ ଦ୍ର—ଖଇ ସୁପାଚ୍ୟ ଖାଦ୍ୟ; ଏଥିଯୋଗୁଁ ଜ୍ୱରଆଦି ରୋଗରେ ପଥ୍ୟ । ଏହା ଭାର ହାଲୁକା ଥିବାରୁ ସାମାନ୍ୟ ପବନରେ ଉଡ଼ିଯାଏ । ଖଇ ହିନ୍ଦୁମାନଙ୍କର ଅନେକ ମଙ୍ଗଳ କାର୍ଯ୍ୟରେ ବ୍ୟବହୃତ ହୁଏ । ରାଜାଆଦି ଶୁଭଯାତ୍ରା କଲାବେଳେ ପ୍ରଜାମାନେ ରାଜାଙ୍କ ଉପରେ ଖଇ ବୃଷ୍ଟି କରନ୍ତି । ସଧବା ସ୍ତ୍ରୀ ମଲେ ସ୍ୱାମୀ ଶବ ଆଗେ ଆଗେ ଖଇ ଓ କଉଡ଼ି ବୁଣିବୁଣିକା ଶ୍ମଶାନ ପର୍ଯ୍ୟନ୍ତ ଯାଆନ୍ତି । ଆଶୀର୍ବାଦଗର ଉପଲକ୍ଷରେ ସାଇପଡ଼ିଶାଙ୍କୁ ଖଇନଡ଼ିଆ ବଣ୍ଟାଯାଏ । ବରବେଦ-ଉପରେ କନ୍ୟା ଅଞ୍ଜୁଳାଏ ଖଇ ଧରେ ଓ ବର କନ୍ୟାର ଅଞ୍ଜୁଳାକୁ ଧରି ସେ ଖଇକୁ ହୋମାଗ୍ନିରେ ପକାନ୍ତି—ଏହାକୁ 'ଲାଜାହୋମ' କହନ୍ତି । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍, ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ, ଷ | ଙ୍କ | ଇଯ୍ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ |

୨ । ଯେଉଁ ଲିଆରୁ ଧାନର ଚୋପା ପୃଥକ୍ ହୋଇ ନ ଥାଏ—
2. Parched paddy from which the husks have not been separated.
୩ । ଉଖୁଡ଼ା—3. Parched paddy seasoned with sugar.
( ଯଥା—ଗୁଡ଼ଖଇ । )
ଗ୍ରା. ବି—ଖୋଇ; ମନ୍ଦ ଅଭ୍ୟାସ—Bad habit.

**ଖଇଉଖୁଡ଼ା**—ଦେ. ବି—ଉଖୁଡ଼ାମିଶା ଖଇ—
Khaiukhurdā Parched paddy mixed with
খইমুড়কি sweetened parched paddy.
[ ଦ୍ର—ଉଖୁଡ଼ା ଖାଇବାକୁ ମିଠା ଲାଗେ ବୋଲି ତହିଁ ସଙ୍ଗେ, ମୁଢ଼ି, ଚୁଡ଼ାଭଜା, ଚୁଡ଼ା ଓ ଖଇ ମିଶାଇ ଲୋକେ ଜଳଖିଆ କରନ୍ତି ।]

**ଖଇଁଚା**—ପ୍ରାଦେ. (ସମ୍ବଲପୁର) ବି ଓ ବିଣ—ଖଇଚା ( ଦେଖ )
Khaiñchā Khaichā ( See )

**ଖଇଖନା**—ପ୍ରାଦେ. (ସମ୍ବଲପୁର) ବିଣ—୧ । କୁତ୍ସିତ—1. Ugly.
Khaikhanā ୨ । ଅସୁନ୍ଦର—2. Not nice.
୩ । ଅପରିଷ୍କୃତ; ମଇଲା—3 Unclean.
୪ । କର୍କଶ—4. Hoarse; rough.

**ଖଇଖାନା**—ପ୍ରାଦେ. (ସମ୍ବଲପୁର) ବିଣ—ଖଇଖନା ( ଦେଖ )
Khaikhānā Khaikhanā ( See )

**ଖଇଙ୍ଗା**—ଦେ. ବି—ଏକଜାତୀୟ ବଡ଼ ସାମୁଦ୍ରିକ ଖାଦ୍ୟ ମାଛ
Khaingā ( ପୁରୀଜିଲ୍ଲାରେ ଓ ଚିଲିକାରେ ମିଳେ )—
A species of edible sea-fish.

**ଖଇଚଡ଼ା**—ଦେ. ବି—ଦରଫୁଟା ଖଇ; ମୁଡ଼ୁକା ଖଇ—
Khaichardā Paddy which has been left half-fried.
খইচড়া; খইছাড়া [ ଦ୍ର—ଧାନକୁ ଭାଜିଲେ ସେଥିରୁ ଯାହା ଉତ୍ତମରୂପେ ଫୁଟିଯାଏ ତାକୁ ଖଇ କୁହାଯାଏ । ଯାହା ଉତ୍ତମରୂପେ ନ ଫୁଟି ଅର୍ଦ୍ଧ ଖଇ ଅବସ୍ଥାରେ ଧାନଖୋଳପା ମଧ୍ୟରେ ଲାଗିରହିଥାଏ, ତାକୁ ଖଇଚଡ଼ା କହନ୍ତି । ଏ ଗୁଡ଼ିକ ସହଜରେ ଧାନରୁ ପୃଥକ୍ କରାଯାଇପାରେ ନାହିଁ । ଉକ୍ତ ଖଇଚଡ଼ା ଗୁଡ଼ିକ ଢିଙ୍କିରେ କୁଟି ପାଛୁଡ଼ି ଦେଲେ ଧାନ ଚୋପାଗୁଡ଼ିକ ସ୍ୱତନ୍ତ୍ର ହୋଇଯାଏ ଓ ଖଇଚଡ଼ା ଗୁଡ଼ିକ ଚୁଡ଼ା ପରି ବାହାରେ ।
ଅନେକ ସ୍ଥଳରେ ଧାନକୁ ଭାଜିବାପରେ ଖଇ ମିଶା ଧାନକୁ ହାତରେ ସାମାନ୍ୟଭାବରେ ମଳି ଦେଲେ ଖଇରୁ ଧାନଚୋପା ଗୁଡ଼ିକ ଅଲଗା ହୋଇଯାଏ । ସେ ଗୁଡ଼ିକ ସାଧାରଣତଃ ଲୋକେ ଫୋପାଡ଼ି ଦିଅନ୍ତି ଏବଂ ଅତି ଗରିବ ବା ହୀନବୃତ୍ତିର ଲୋକେ ଏହାକୁ ଖାଆନ୍ତି । ]

**ଖଇଚଡ଼ା ଖୁଣ୍ଟା**—ଦେ. ବିଣ. ପୁଂ—ଗାଳିବିଶେଷ; ଯେଉଁ ନୀଚାଶୟ
Khaichardā khuntā ବ୍ୟକ୍ତି ଭୂମିରୁ ଖଇଚଡ଼ାଦି ଖୁଣ୍ଟିକରି
(ଖଇଚଡ଼ାଖୁଣ୍ଟୀ—ସ୍ତ୍ରୀ) ଖାଏ—A term of abuse; one who picks up the thrown away half-fried paddy from the ground.

[ ଦ୍ର—ମାଇପେ କହନ୍ତି ଯେ ବ୍ରହ୍ମାଙ୍କର ସାତଟି କନ୍ୟା; ସେମାନଙ୍କ ନାମ ଧରି ବିଛଣାରେ ଶୋଇଲେ ରାତିଟି ସୁଖରେ କଟେ; ଅର୍ଥାତ୍ ରାତିରେ କିଛି ଆପଦ ଘଟେ ନାହିଁ; ଯଥା—"ଅଉଆଡ଼ୀ, ଅମଙ୍ଗୁଳି, ନାହିଁ ନାହିଁ ଭୁଣ୍ଡୀ, ଅପାଳକ ମୁଣ୍ଡୀ, ଖଇଚଡ଼ାଖୁଣ୍ଟୀ, ଦାନ୍ତ ନିକୁଟୀ, ଲେଢ଼େବିରମୁଣୀ—ଏ ସାତଙ୍କ ନାଆଁ ଧରନ୍ତେ, ଅଜ ରାତି ସୁଫଳେ ପାଆନ୍ତେ" (ଶଯ୍ୟାକୁ ଯିବା ପୂର୍ବରୁ ମାଇପଙ୍କ ବଚନ ।) ]

**ଖଇଚଲା**—ଦେ. ବି.—ଭଜା ହୋଇଥିବା ଧାନରୁ ତଳେ ଧାନଚୋପା
Khaichalā ଗଳି ପଡ଼ିବ, ଅଥଚ ଖଇ (ବଡ଼ ଆକାରର ଥିବାରୁ )
খইচালনা ଓ ଖଇଚଡ଼ା ଗଳି ପଡ଼ିବ ନାହିଁ, ଏହିପରି ଭାବରେ
खईचाला ଖଡ଼ିକା ବା ବାଉଁଶକାଠିରେ ବୁଣା ହୋଇଥିବା ଖଇ ଚଲାଇବାର ଚାଲୁଣି; ଟୁଙ୍ଗା—A sieve with long narrow openings for sifting the husks from fried paddy.

**ଖଇ ଚଲାଇବା**—ଦେ. କ୍ରି.—ଚାଲୁଣିରେ ହଲାଇ ଭଜା ଧାନରୁ ଧାନଚୋପା
Khai chalāibā ବା ଭୁଷ ଅଲଗା କରିବା—To sift the
খইচালান husks of fried paddy by means of a sieve.

**ଖଇଚା**—ବୈଦେ. ବି. (ଫା. ଖୈଞ୍ଚ; ତୁଲ. ସଂ. ଖଚନ—
Khaichā Beams. )
খেলাফ ୧ । ସାମାନ୍ୟ ଦୋଷ ବା ତ୍ରୁଟି—
खेचा; खिलाफ 1. Slight blemish or fault; defect.
୨ । କାର୍ଯ୍ୟରେ ହେଳା—
2. Neglect of duty or work.
ବିଣ.—୧ । ଦରପନ୍ତରିଆ; ଅଧାପନ୍ତରିଆ; ଅସମ୍ପୂର୍ଣ୍ଣ—
1. Half done; incomplete.
୨ । ତ୍ରୁଟିଯୁକ୍ତ—2. Faulty; defective.

**ଖଇଚା କରିବା**—ଦେ. କ୍ରି—୧ । କାର୍ଯ୍ୟରେ ହେଳା କରିବା—
Khaichā karibā 1. To do a thing defectively or
খেলাফকরা negligently.
खेचाकरना ୨ । ଅସମ୍ପୂର୍ଣ୍ଣରୂପେ କାର୍ଯ୍ୟ କରିବା—
2 To do a thing by halves.

**ଖଇଚୁର**—ଦେ. ବି.—ଖଇଚୂନାରେ ମିଠା ଦିଆଯାଇ ପ୍ରସ୍ତୁତ ହୋଇଥିବା
Khaichura ମିଷ୍ଟାନ୍ନ—A sweetmeat prepared with
খইচুর pounded fried paddy and sugar.

**ଖଇଚୁରା**—ଦେ. ବି.—ଖଇଚୂନା (ଦେଖ)
Khaichurā Khaichūnā (See)

**ଖଇଚୂନା**—ଦେ. ବି.—( ସଂ. ଖଦିକା + ଚୂର୍ଣ୍ଣ )—ଖଇକୁ ଢିଙ୍କିରେ ପେଷି
Khaichūnā ଚୂନ କରା ଯାଇଥିବା ଚୂର୍ଣ୍ଣ—
Pounded powder of fried paddy.
[ ଦ୍ର—ଏହା ସତ୍ୟବାଦୀ ଶ୍ରୀ ଗୋପୀନାଥଙ୍କର ଗୋଟିଏ ଉପାଦେୟ ଭୋଗ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖଇଛଡ଼ା**—ଦେ. ବି.—ଖଇଚଡ଼ା (ଦେଖ)
Khaichharda — Khaicharda (See)

**ଖଇ ଛଡ଼ାଇବା**—ଦେ. କ୍ରି.—ଖଇ ଚଲାଇବା (ଦେଖ)
Khai chhardaiba — Khai chalaiba (See)

**ଖଇଞ୍ଚି**—ଦେ. ବି. (ସଂ. କଞ୍ଚ=ବାଉଁଶର ସରୁ କାଠି; ତୁଳ. ହି. ଖପଚୀ—ବାଉଁଶ ପାତିଆ)—୧ । ବାଉଁଶ କାଠି ବା ଖଡ଼ିକାରେ ବୁଣା ହୋଇଥିବା ପିଞ୍ଜରାକୃତି ମାଛ ଧରିବାର ଯନ୍ତ୍ର ବିଶେଷ—1. Fishing contrivance or trap with a pocket or trap-door for catching fish in shallow flowing water.
Khainchi
ମାଛଧରା ଖାଁଚି
ଝାଁଚା

[ଦ୍ର—ଏହାର ଗୋଟିଏ ମୁଣ୍ଡ ବୃତ୍ତାକାର, ଅନ୍ୟ ଗୋଟିଏ ମୁଣ୍ଡ ଗୋଜ ହୋଇ ବନ୍ଦ ହୋଇ ଥାଏ । ଏହାକୁ ସାମାନ୍ୟ ପାଣି ବହି ଯାଉଥିବା ହୁଡ଼ା ମଝିରେ ବସାଇଲେ ଏହାର ଛିଦ୍ର ମଧ୍ୟ ଦେଇ ପାଣି ବହି ଯାଏ, ଅଥଚ ମାଛସବୁ ଏଥିରେ ଥିବା ଫାସରେ ରହି ଯାଆନ୍ତି । ]

୨ । ଖଇ ଚଲାଇବା ଗୁଲୁଣି—2. A sieve for sifting the husks from the fried paddy.

**ଖଇଞ୍ଚିଆଦଳ**—ଦେ. ବି.—ଏକ ପ୍ରକାର ଜଳ ଘାସ (ଏହା ଘାସ ପରି ଦିଶେ; ଏଥିରେ ଧଳା ଓ ହଳଦିଆ ଫୁଲ ଫୁଟେ)—Utricularia stellaris
Khainchiadala

**ଖଇତ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. କ୍ଷତି; ତୁଳ. କଣ୍ଡା ସ୍ଥାନରେ ଗଇଦ; ଖଣ୍ଡ ସ୍ଥାନରେ ଖଏଡ଼)—୧ । କ୍ଷତି; ଲୋକ୍‌ସାନ୍—1. Loss; damage.
Khait

୨ । ଅନିଷ୍ଟ—2. Mischief.

**ଖଇଧାନ**—ଦେ. ବି.—ଲିଆଧାନ (ଦେଖ)
Khaidhana — Liadhana (See)
ଖଇଧାନ

[ଦ୍ର—କେତେ ପ୍ରକାର ଧାନରୁ ଭଲ ଖଇ ହୁଏ ଓ କେତେ ଧାନରୁ ଭଲ ଖଇ ହୁଏ ନାହିଁ । ]

**ଖଇନ୍**—ପ୍ରାଦେ (ସମ୍ବଲପୁର; ଗଡ଼ଜାତ)—କଳରେ ଯାକିବା ସକାଶେ ବ୍ୟବହୃତ ଚୂନପତ୍ର; ଚୂନ ସଙ୍ଗେ ମଲା ଯାଇଥିବା ଧୂଆଁପତ୍ର—Bits of tobacco kneaded with quick-lime and used as a chewing gum.
Khain

**ଖଇ ଫୁଟିବା**—ଦେ. କ୍ରି—୧ । ଖଇ ଭାଜିଲାବେଳେ ଅଗ୍ନି ଉପରେ ବସିଥିବା ହାଣ୍ଡି ମଧ୍ୟରେ ଧାନସବୁ ଉତ୍ତାପ ଯୋଗେ ଯେଉଁପରି ଚଡ଼ ଚଡ଼ ଶବ୍ଦ କରି ଇତସ୍ତତଃ ବହୁ ଫାଙ୍କାରେ ଡେଇଁ ଉଠୁଥାଏ ସେହିପରି ଅପର୍ଯ୍ୟାପ୍ତରୂପେ ଡେଇଁବା ।
Kshai phutiba
ଖଇଫୁଟା

1. To frisk about all over the place like paddy while being fried.

[ଦ୍ର—ଅନେକଗୁଡ଼ିଏ ଛୋଟ ମାଛ ଅଳ୍ପ ପାଣିରେ ପଡ଼ିଗଲେ କିମ୍ବା ପାଣି ଶୁଖିଗଲେ ହାଣ୍ଡିରେ ଖଇ ଫୁଟିବା ପରି ମାଛମାନେ ଉପର୍ଯ୍ୟୁପରି ଡିଅନ୍ତି ଓ ଲୋକେ କହନ୍ତି—ସେଠାରେ ମାଛ ଖଇ ଫୁଟୁଛନ୍ତି]—

୨ । ବିଶେଷ ଉଷ୍ଣ ହେବା (ଏପରି ଉଷ୍ଣତା ଯେ ଯାହାଦ୍ୱାରା ଧାନକୁ ଭାଜିଲେ ଖଇ ହୋଇ ପାରେ; ଦେହରେ ଜ୍ୱରର ତାପ ଖୁବ୍ ବୃଦ୍ଧି ପାଇଲେ ଲୋକେ କହନ୍ତି—ତା ଦେହରେ ଜଳ ବା ତାଛ ଖଇ ଫୁଟୁଛି)—2. To be exceedingly warm or hot (said of a body heated with high fever and temperature).

୩ । ଖଇ ଭାଜିଲାବେଳେ ଯେପରି ଉପର୍ଯ୍ୟୁପରି ଚଡ଼ ଚଡ଼ ଶବ୍ଦ ହୁଏ, ସେହିପରି ବେଗରେ ଉପର୍ଯ୍ୟୁପରି ପ୍ରହାର କରିବା—3. (strokes) To sound like the cracking sound of paddy while being fried.
(ଯଥା—ମାଡ଼ରେ ତା ଦେହରେ ଖଇ ଫୁଟିଲା ।)

୪ । ଖଇ ଭାଜିଲାବେଳେ ଧାନ ଫାଟିଯାଇ ଯେପରି ଅତି ଚଞ୍ଚଳ ଚଞ୍ଚଳ ଚୁଟ୍‌ଚାଟ୍ ଶବ୍ଦ ହୁଏ, ସେହିପରି ଶବ୍ଦ କରିବା—4. To emit a cracking sound (like paddy while being fried)

**ଖଇ ଭାଜିବା**—ଦେ. କ୍ରି—ଧାନକୁ ଭାଜି ଖଇରେ ପରିଣତ କରିବା—To fry paddy.
Khai bhajiba

[ଦ୍ର—ହାଣ୍ଡିକୁ ନିଆଁ ଉପରେ ବସାଇ ତହିଁରେ ବାଲି ପକାଇ ସେହି ବାଲି ଗରମ ହେଲେ ସେଥିରେ ଧାନ ପକାଇ ଖଇଲେ ସେ ଧାନ ଫୁଟିକରି ଖଇ ହୁଏ ।

ଏ ସମ୍ପର୍କରେ ଓଡ଼ିଆ ଭାଷାର ନିମ୍ନଲିଖିତ ବକ୍ରିଷ୍ଠତା ଲକ୍ଷ୍ୟଣୀୟ ଅଟେ ।

ଖଇ ଭାଜିବାର ଅର୍ଥ—ଧାନକୁ ଭାଜି ଖଇ କରିବା; ମୁଢ଼ି ଭାଜିବା—ଚାଉଳକୁ ଭାଜି ମୁଢ଼ି କରିବା; ଭାତ ରାନ୍ଧିବା—ଚାଉଳକୁ ରାନ୍ଧି ଭାତ କରିବା; ଚୁଡ଼ା କୁଟିବା—ଧାନକୁ କୁଟି ଚୁଡ଼ା କରିବା, କୋଡ଼ି ହାଣିବା—କୋଡ଼ି ଦ୍ୱାରା ମାଟି ହାଣିବା; କାଙ୍କ ହାଣିବା—କାଙ୍କ ଦ୍ୱାରା ମାଟି ହାଣିବା; ପୋଖରୀ ଖୋଳିବା—ମାଟି ଖୋଳି ପୋଖରୀ କରିବା; କୂଅ ଖୋଳିବା—ମାଟି ଖୋଳି କୂଅ କରିବା, ଅଣ୍ଟା ପେଷିବା—ଗହମ ପେଷି ଅଟା କରିବା; ବିଲ ବାଛିବା—ବିଲରେ ଥିବା ଅନାବନା ଗଛ ଗୁଡ଼ାକ ଓପାଡ଼ି ଧାନଗଛ ଗୁଡ଼ିକ ରଖିବା ବା ବିଲରେ ଥିବା ଘାସକୁ ବାଛି ଧାନଗଛକୁ ଭଲ ଅବସ୍ଥାରେ ରଖିବା । ପାଇଖାନା ଖଟିବା—ପାଇଖାନାରେ ( ମଇଳା ପରିଷ୍କାର ) କାର୍ଯ୍ୟ କରିବା । ]

**ଖଇମଣ୍ଡ**—ଦେ. ବି—ଲିଆମଣ୍ଡ (ଦେଖ)
Khaimanda — Liamanda (See)

**ଖଇମଣ୍ଡି**—ଦେ. ବି—ଖଇମଣ୍ଡ (ଦେଖ)
Khaimandi — Khaimanda (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ୱ | ଉଅ | ଊ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଓ | ନ୍ବ |

**ଖଇର**—ଦେ. ବ ( ସଂ. ଖଦିର )—
Khaira ୧ । ବବୁର ଜାତୀୟ ଏକପ୍ରକାର ଗଛ ଓ ତହିଁରୁ
ସଂ ଖଦିର, ଗାୟତ୍ରୀ, ବାହାରବା ନିର୍ଯ୍ୟାସ—
କଣ୍ଟକୀ, ବାଲପତ୍ର, ବହୁଶଲ୍ୟ, 1. Catechu; a gum extracted
ରକ୍ତସାର, ଦନ୍ତଧାବନ, ଦନ୍ତ- from Acacia Catechu
ଧାପନ, କୁଷ୍ଠାର, ଯଜ୍ଞିୟ Acacia Donaldi ( Haines).
**কথ; কথা; খৈর** [ ଦ୍ର—ଏହା ସାଧାରଣତଃ କଳା ।
ଖଏର୍, खयर् ଏହାକୁ ପାନରେ ଚୂନ ସଙ୍ଗେ ଲଗାଇ
ମ. ଖୈର ଖାଆନ୍ତି; ଏହା ଏ ଦେଶରେ ଜନ୍ମେ । ଏ
ତେ. ଚଣ୍ଡ୍ରଚେଟ୍ଟୁ ଗଛ କଣ୍ଟାଳିଆ ଓ ଏଥିରେ ଫଳ ଧରେ
ଗୁ. ଖେରସ୍ପୋ ନାହିଁ । ]
୨ । ଅନ୍ୟ ଏକଜାତୀୟ ଫିକା ଖଇର ( ଏହା ମାଲକ୍କା, ରେଙ୍ଗୁନ
ଆଦି ସ୍ଥାନରୁ ଆସେ । ଏ ଖଇରକୁ ପାକଡ଼ା ଖଇର
(ବ. ପାପଡ଼ୀ ଖୟର) କହନ୍ତି । ଏହାର ବର୍ଣ୍ଣ ପାଣ୍ଡୁର ।
ଏହାକୁ ମଧ୍ୟ ପାନ ସଙ୍ଗେ ଖାଆନ୍ତି । ଏ ଖଇର ଅନ୍ୟ-
ଜାତୀୟ ଗୁଳ୍ମରୁ ଜାତ ହୁଏ ଓ ଚାରିକୋଣିଆ ଛୋଟ ଛୋଟ
ଟେକା ଆକାରରେ ବିକି ହୁଏ )—
2. Pale Catechu produced from Uncaria Gambier tree.

[ ଦ୍ର— ଖଇରକୁ ଘୋର ମାଇପେ କପାଳରେ ଟୋପି ଦେନ୍ତି ।
ଖଇର ପାଣି ଉଷୁମ କରି ଘାଆ ଧୋଇଲେ ଘାଆରୁ ଦୁର୍ଗନ୍ଧ ଛାଡ଼େ ଓ
ଘାଆ ଚଞ୍ଚଳ ଶୁଖିଯାଏ । ଘାଆରେ ଖଇର ଚୂନା ପକାଇଲେ ଘାଆ
ଚଞ୍ଚଳ ଶୁଖେ ଓ ଖଇରକୁ ଚୂନା କରି କାଦୁଅ କରି କଥା ଓ
କେତକୀ ପାଖୁଡ଼ାରେ ରଖି ଶୁଖାଇଲେ ସୁବାସ ଖଇର ହୁଏ ।
ଏପରି ଖଇରକୁ କଥା ଖଇର ବା କେତକୀ ଖଇର କହନ୍ତି । ଖଇର
ମଧ୍ୟ ଔଷଧରେ ଲାଗେ—ପାନରେ ଖଇର ଥିବାରୁ ପାଟି ଓ ଦାନ୍ତ
ଲାଲ ହୁଏ; ବୈଦ୍ୟଶାସ୍ତ୍ରମତରେ ଏହା ଶୀତବୀର୍ଯ୍ୟ, ଦନ୍ତର ହିତକର
ଓ ତିକ୍ତକଷାୟରସ । ଏହା କଣ୍ଡୁ, କାଶ, ଅରୁଚି, ମେଦୋଦୋଷ,
କ୍ରିମି, ପ୍ରମେହ, ଜ୍ୱର, ବ୍ରଣ, ଶ୍ୱିତ୍ର, ଶୋଥ, ଆମଦୋଷ, ପିତ୍ତ, ରକ୍ତ-
ଦୋଷ, ପାଣ୍ଡୁ, କୁଷ୍ଠ, କଫ, ଅଗ୍ନିମାନ୍ଦ୍ୟ, ଅତିସାର ଓ
ପ୍ରଦରନାଶକ । ]

**ଖଇରଖାଇ**—ଦେ. ବ. ( ଭୁଲ. ଚୂନଖାଇ )—ପାନଖିଆଳମାନଙ୍କର
Khairakhai ଖଇର ରଖିବାର ପାତ୍ର—
A vessel for holding catechu.

**ଖଇରଚୂଳ**—ଦେ. ବ—ମିଷ୍ଟାନ୍ନବିଶେଷ—
Khairachūla A kind of sweetmeat.

**ଖଇରଟୋପି**—ଦେ. ବ—ସ୍ତ୍ରୀ ଲୋକମାନେ କପାଳରେ ଯେଉଁ ଖଇରର
Khairaṭopi ଟୋପା ଦେନ୍ତି—The tips or points
(black) worn by females on the brow.

**ଖଇରା**—ଦେ. ବଣ. ( ସଂ. ଖଦିର )—
Khairā ୧ । ଖଦିର ବା ଖଇରରଙ୍ଗବିଶିଷ୍ଟ—
খয়রা 1. Sepia coloured.
**खैरा** ୨ । ଧଳା ଓ କଳାମିଶା ପାଣ୍ଡୁର—2. Grey.
ପ୍ରାଦେ. ( ସମ୍ବଲପୁର )—ବ.—ଖଦିର ପ୍ରସ୍ତୁତ କରିବା
ଜାତିଜାତିବିଶେଷ—
A caste manufacturing Catechu.
ପ୍ରାଦେ. ( ବାଲେଶ୍ୱର ) ବ. ( ଭୁ. ବ. ଖୟରା )—ଏକପ୍ରକାର
ମଧୁରମାଛ; ମାକେନ୍ଦମାଛ—
A species of fresh wate-rfish.

**ଖଇରାତ**—ବୈଦେ. ବ. ( ଆ. ଖୈରାତ )—୧ । ଦାନ—
Khairāta 1. Charity; gift.
খয়রাত ୨ । ଏକକାଳୀନ ଏବ ଚିରସ୍ଥାୟୀ ଦାନ—
**खैरात** 2. Temporary and permanent gifts.
୩ । ପୁଣ୍ୟକର୍ମ—3. Pious act.

**ଖଇରାତ କରିବା**—ଦେ. କ୍ରି. ( ଆ. ଖୈରାତ )—ଦାନ କରିବା—
Khairāta karibā To bestow on charity or alms.
খয়রাতকরা
**खैरातकरना**

**ଖଇରାତଖଞ୍ଜା**—ଦେ. ବ—ଦାନପାଇଁ ଯାହା ନିର୍ଦ୍ଦିଷ୍ଟ ବା ଖଞ୍ଜା
Khairātakhañjā ହୋଇଥାଏ—An endowment for charity.

**ଖଇରାତ ଦେବା**—ଦେ. କ୍ରି—ଖଇରାତ କରିବା ( ଦେଖ ).
Khairāta debā Khairāta karibā ( See )
খয়রাতদেওয়া
**खैरात करदेना**

**ଖଇରାତ ବାଜ୍ୟାପ୍ତି**—ବୈଦେ. ବ. ( ଫା. ଖଏରାତ୍ + ବଯେପ୍ତାପ୍ତିଂ )—
Khairāta bājyāpti ଯେଉଁ ଜମି ପୂର୍ବେ ରାଜାମାନେ ଚିରକାଳ
ପାଇଁ ନିଷ୍କରରୂପେ ଦାନ ନିମିତ୍ତ ଖଞ୍ଜା କରିଥିଲେ, କିନ୍ତୁ
ଇଂରାଜଗଭର୍ଣ୍ଣମେଣ୍ଟ କେତେକ କାରଣରୁ ଯେଉଁ
ବୃତ୍ତିମାନ ବାଜ୍ୟାପ୍ତି କରି ତହିଁ ଉପରେ କର ବସାଇ
ଅଛନ୍ତି—Resumed revenue free charitable
tenure originally granted as revenue-free for purpose of charity by the old Rājās of Orissa and Moghuls and Marhattas but resumed by the British Government.

**ଖଇରାତ ବାହେଲ୍**—ବୈଦେ. ବ. ( ଫା. ଖୈରାତ ବାହେଲ୍ )—ଯେଉଁ
Khairāta bāhel ଭୂମିକୁ ପୂର୍ବରୁ କୌଣସି ରାଜା ଖଇରାତ ବା
ସଦାବ୍ରତରେ ଖଞ୍ଜି ସନନ୍ଦ ଦେଇଥିବାରୁ ଇଂରାଜ-
ସରକାର ତାହା ଉପରେ ଭୂ-ରାଜସ୍ୱ ବସାଇ ନାହାନ୍ତି—
Tenure originally granted for charitable

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ସାଧାରଣେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଜାଇ' ନ ମିଳିଲେ 'ଯାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ନ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଟ' ନ ପାଇଲେ ଅଲ୍‌ବଟ୍ ଦେଖିବେ ।

purposes by a grantor or Rājā and held revenue-free in perpetuity and confirmed as revenue-free by the British Government.

**ଖଇରାତ ଲାଖରାଜ ବାହେଲ୍**—ବୈଦେ. ବି. ( ଫା )—
Khairāta lākharāji bāhel ଖଇରାତ ବାହେଲ୍ ( ଦେଖ )
Khairāta bāhel ( See )

**ଖଇରାତି**—ବୈଦେ. ବିଣ—ଖଇରାତ ହୋଇଥିବା; ଦତ୍ତ—
Khairāti Given as charity.
খয়রাতি ବି—ଦାନ—Charity.
ख़ैराति

**ଖଇରାତିଆ**—ଦେ. ବିଣ. ( ଅ. ଖଇରାତି )—
Khairātiā ୧ । ଦତ୍ତ ହୋଇଥିବା; ଦାନ ସକାଶେ ଲଗ୍ନା ହୋଇଥିବା—1. Assigned for the purposes of charity.
୨ । ଯେ ଖଇରାତ ଉପରେ ନିର୍ଭର କରେ—
2. Depending on charity.
୩ । ମାଗଣା ମିଳିବା—
3. Received without payment (i. e. as a gift.)

**ଖଇରାତି ମଠ**—ଦେ. ବି—୧ । ଯେଉଁ ମଠ ଖଇରାତି ସମ୍ପତ୍ତିର ଆୟରେ
Khairāti maṭha ପରିଚାଳିତ—
খয়রাতিমঠ 1. A maṭha or religious institution which
ख़ैरातिमठ is conducted from the income of gift properties.
୨ । ଯେଉଁ ମଠରେ ଅତିଥି ଅଭ୍ୟାଗତମାନଙ୍କୁ ଖଇରାତ ଦିଆଯାଏ—
2. A maṭha in which charitable gifts or alms are given away.

**ଖଇରି**—ଦେ. ବି—ରକ୍ତାଭାଙ୍ଗପୃ ବର୍ଷାୟୁଃ ଶାକବିଶେଷ—
Khairi A kind of kitchen herb; Papulia Stropurpurea.
[ ବି—ଏହାର ପତ୍ର ଅଗ୍ରମୁଖୀ, ସବୁଜ ଓ ଅଣ୍ଡାକାର; ଶାଖା ଛିଦ୍ରା ହୋଇଥାନ୍ତି—ଯୋଗେଶଚନ୍ଦ୍ର । ]

**ଖଇରି ଖପରା ବଇରିବା**—ଦେ. ବି—ଅତି ଗରିବ ଅବସ୍ଥା; ସର୍ବନାଶ
Khairi khaparā bairibā ଅବସ୍ଥା; ଅଇରି ଖପରା ବଇରିବା—
A destitute condition.
ଦେ. ବିଣ—ଯାହା ଘରେ ବାସି ଓଳିକୁ ଦାନା ନଥାଏ; ଯାହା ଘରେ ଭଙ୍ଗା ଖପରା (ଭୋଜନ ପାତ୍ର) ସୁଦ୍ଧା ନ ଥାଏ;ଅତି ଗରିବ—( a person ) Who has got nothing ( not even a broken earthen pot) in his house; very poor.

**ଖଇରିଚୂଳ**—ଦେ. ବି— ଖଇରଚୂଳ ( ଦେଖ )
Khairichūḻa Khairachūḻa ( See )

**ଖଇରି ମଇରି ହାକୁଟି**—ଦେ. ବି—ଖଇରି ହାକୁଟି ( ଦେଖ )
Khairi mairi hākuṭi Khairi hākuṭi ( See )

**ଖଇରି ହାକୁଟି**—ଦେ. ବି—ଅଜୀର୍ଣ୍ଣଜନିତ ଅମ୍ଳିଳ ହାକୁଟି—
Khairi hākuṭi Acidish belching due to indigestion.
অম্লঢেকুর
खट्टाडकार

**ଖଇଶ**—ପ୍ରାଦେ. ( ସମ୍ବଲପୁର ) ବି—ବୃକ୍ଷବିଶେଷ ( ଏଥିର ପତ୍ରରେ
Khaiśa ବିଡ଼ି ବନ୍ଧା ଯାଏ )—
A kind of tree.

**ଖଇ ହାକୁଟି**—ଦେ. ବି—ଖଇରି ହାକୁଟି ( ଦେଖ )
Khai hākuṭi Khairi hākuṭi ( See )

**ଖଉଦିବା**—ଦେ. ବି—ଖେଉଦିବା ( ଦେଖ )
Khaudibā Kheudibā ( See )

**ଖଉରିଆ**—ଦେ. ବିଣ. ( ସଂ. ରୁକ୍ଷ, ବର୍ଣ୍ଣବିପର୍ଯ୍ୟୟ )—
Khauriā ଲୁଖୁରା; ରୁକ୍ଷ; ତୈଳବିହୀନ—
Looking scabby; not having been anointed with oil; scabrous.

**ଖଉରି ଖାଇବା**—ଦେ. କ୍ରି—ବାଳକ ବାଳିକାମାନେ ବିପଥଗାମୀ ହେବା-
Khauri khāibā To run astray ( said of children ).

**ଖଉରିବା**—ଦେ. କ୍ରି. ( ସଂ. କ୍ଷୌର )—କ୍ଷୌର କରିବା—
Khauribā To shave.

ଲାଜ ନ ଥାଏ ଯେଉଁ ମୁହିଁକୁ
ଭଣ୍ଡାରି ନ ଥାଏ ଖଉରିବାକୁ—ଢଗ ।

**ଖଏଁଡ଼୍**—ପ୍ରାଦେ. ( ସମ୍ବଲପୁର ) ବି—
Khaeṅrḍ ନଦୀଆଦିର କୂଳ—
Bank of a stream or river.

**ଖଏଁଡ଼କା**—ପ୍ରାଦେ. ( ସମ୍ବଲପୁର ) ବି—ଖଡ଼ିକା—
Khaeṅrḍkā The back-bone of a cocoanut or palm leaf.

**ଖଏଚା**—ଗ୍ରା. ବି ଓ ବିଣ—ଖଇଚା ( ଦେଖ )—
Khaechā Khaichā ( See )

**ଖଏତ୍**—ପ୍ରାଦେ. (ସମ୍ବଲପୁର) ବି. ( ସଂ. କ୍ଷତି )—
Khaet ୧ । କ୍ଷତି—1. Loss; damage.
୨ । ଅନିଷ୍ଟ—2. Mischief.

**ଖଏନ୍**—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଖନି )—
Khaen ୧ । ଖଣି—1. Mine.
୨ । ଖଏତ୍ ( ଦେଖ )
2. Khaet ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଳ | ଶ,ଷ | କ୍ଷ | ଇଯ୍ | ଉଅ | ଭ |
| ୬ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଶ୍ୟ | ଇଅ | ● | ଟ୍ଟ |

୩ । ଖଇନ୍ ( ଦେଖ )—
3. Khain ( See )

ଖଏରଖା—ଦେ. ବଣ. ( ଆ. ଖୈର୍‌ଖାହ୍; ଖୈର୍ = ଅଚ୍ଛା; ଭଲ)—
Khaerkhā ୧ । ଶୁଭକାଂକ୍ଷୀ—1. Well-wisher.
ଖୟରଖାଁ ୬ । ବଡ଼ ଲୋକଙ୍କ ମୁଖାନୁସୃତ ସବୁ କଥାରେ ଯେ
**खयरखाँ** 'ଅଚ୍ଛା' 'ଅଚ୍ଛା' ବା 'ହଁ ହଁ' ମାରେ, ଯେ ସବୁ
କଥାରେ 'ହାଁ ଜୀ' 'ହାଁ ଜୀ' କରେ—
2. Toady; hanger-on.

ଖଏରା—ଦେ. ବଣ—ଖଇରା ( ଦେଖ )
Khaerā Khairā ( See )

ଖଁ ଖଁ—ଦେ. (ଧ୍ୱନ୍ୟନୁକରଣ) ଅ-(ଭୁଲ. ସଂ. ଖକ୍‌ଖ ଧାତୁ = ହସିବା)—
Khañ khañ ମୃଦୁ କାଶଜନିତ କଣ୍ଠ ଧ୍ୱନି—
ଖକ, ଖକଖକ Continuous sound of
**खरखर** coughing.
[ ଦ୍ର—ଉପଯୁର୍ୟପରି କାଶିବା ଓ ଖେଙ୍କିବା ବସ୍ତୁକୁ ଲକ୍ଷ କରି ଅନୁକରଣ ଅବ୍ୟୟ ରୂପେ ଖାଁ ଖାଁ, ଖଁ ଖାଁ, ଖୁଁ ଖୁଁ, ଖେଁ ଖେଁ, ଖୋଁ ଖୋଁ, ଖେଁ ଖାଁ, ଖୁଁ ଖାଁ, ଖୋଁ ଖାଁ ପ୍ରଭୃତି ଶବ୍ଦମାନ ବ୍ୟବହୃତ ହୁଏ; ଖାଁ ଖାଁ ଶବ୍ଦ ଠୁଁ ଠୁଁ ଅପେକ୍ଷା ଉଚ୍ଚତର । ]

ଖଁ ଖଁ କାଶ—ଦେ. ବି—ଅଳ୍ପ ଅଳ୍ପ କାଶ—( ଏ କାଶ ସହଜରେ ଛାଡ଼େ ନାହିଁ )—
Khañ khañ kāsa
ଖକଖୁକାନି Slight and continuous
**घों घों** coughing.
( ଯଥା—ଖଁ ଖଁ କାଟ, ଖର ନିଶ୍ୱାସ, ସଖି ଗୋ ମନ୍ଦ ଏ—ଦଶା । )

ଖଁଡ୍ ମଧୁର—ପ୍ରାଦେ. ( ସମ୍ବଲପୁର ) ବଣ—
Khañḍ madhura ଖଣ୍ଡ ମଧୁର ( ଦେଖ )
Khanḍa madhura ( See )

ଖଁଡାବହିରା—ପ୍ରାଦେ. (ସମ୍ବଲପୁର) ବ—ବମି ମାଛ—
Khañḍābahirā A kind of fish.

ଖଁଡି—ପ୍ରାଦେ. ( ସମ୍ବଲପୁର ) ବ—
Khañḍi ୧ । ନଦୀ ଅବର କୂଳ—
1. Bank of river.
୬ । ଗଭୀର ଗର୍ତ୍ତର ଧାର—
2. The edge of a deep pit.

ଖକ୍‌ଶା—ପ୍ରାଦେ. (ସମ୍ବଲପୁର) ବ— ଖକ୍‌ଶି ( ଦେଖ )
Khaksā Khaksi ( See )

ଖକ୍‌ଶି—ପ୍ରାଦେ. (ଗଡ଼ଜାତ) ବ—ଗଡ଼ିଶା ମାଛ—
Khaksi A kind of fresh-water fish living in muddy tanks.

ଖକ୍‌ଶୋ—ପ୍ରାଦେ. (ସମ୍ବଲପୁର) ବଣ. (ସଂ. କକ୍କଟ = କର୍କଶ, ଦୃଢ଼)—
Khakso ଖଚ୍ଚା—Rotten.

ଖକାମିନୀ—ସଂ. ବ. ( ଖ + କାମ ଧାତୁ + ଇନ୍ + ଈ )—
Khakāminī ୧ । ମାଈ ଖଙ୍ଖଚିଲ—1. The female of the Faleo Cheela bird. ( M.W. )
୬ । ଦୁର୍ଗା—2. Goddess Durgā. ( M. W. )

ଖକୋ—ପ୍ରାଦେ. ( ସମ୍ବଲପୁର ) ବ—ବାଳକବାଳିକାମାନଙ୍କର କ୍ରୀଡ଼ା-
Khako ବିଶେଷ—A game of children.

ଖକ୍ର—ପ୍ରାଦେ. ( ଗଡ଼ଜାତ ) ବ—କୁକ୍ର ( ଦେଖ )
Khakra Kukra ( See )

ଖଖ୍‌ରୋ—ପ୍ରାଦେ. ( ସମ୍ବଲପୁର ) ବ. ( ସଂ. କୋଟର )—
Khakhro ବୃକ୍ଷ କୋଟର—The hollow of a tree.

ଖଗ୍‌ଲା—ପ୍ରାଦେ. (ସମ୍ବଲପୁର) ବ—ଖଗଲା; ଗଳାର ଅଳଙ୍କାର ବିଶେଷ—
Khaglā A kind of necklace.

ଖଗ୍‌ସା—ପ୍ରାଦେ. (ସମ୍ବଲପୁର) ବ—ଖକ୍‌ସା ( ଦେଖ )
Khagsā Khaksā ( See )

ଖଗ—ସଂ. ବଣ. ( ଖ = ଆକାଶ + ଗମ୍ ଧାତୁ = ଯିବା + କର୍ତ୍ତ୍ର. ଅ )—
Khaga ଆକାଶଚର—Moving in the sky.
ସଂ. ବ—୧ । ବିହଙ୍ଗ; ପକ୍ଷୀ—1. Bird.
୬ । ବାଣ—2. Arrow.
୩ । ସୂର୍ଯ୍ୟ—3. The sun.
୪ । ମେଘ—4. Cloud.
୫ । ଦେବତା—5. Gods of the Hindus.
୬ । ଶଲଭ; ଝିଣ୍ଟିକା—6. Locust; grass-hopper.
୭ । ବାୟୁ—7. Wind.
୮ । ଗ୍ରହ—8. Planet.
୯ । ଗନ୍ଧର୍ବ—9. A clan of heavenly choristers.
୧୦ । ଚନ୍ଦ୍ରମା—10. The moon.
୧୧ । ପକ୍ଷଯୁକ୍ତ କୀଟ—
11. An airmoving insect. ( M. W. )
ଦେ. ବ. ( ସଂ. ଖଡ୍ଗ )—କୁମ୍ଭୀରର ଖଡ୍ଗ ପରି ଦୋଳଥିବା ଲାଙ୍ଗୁଳର ଚଟକା ଓ ଲମ୍ବ ଲାଞ୍ଜ—
The saw-like tail of an alligator.
ସରସ୍ୱତୀଙ୍କ ଖଣ ଚରେ, ଖଗମୁଣ୍ଡ ଦେଖା ମିଳେ । ଶିଶୁଗୀତ ।
[ ଦ୍ର—ଏହି ଖଗ କୁମ୍ଭୀରକୁ ପହଁରିବାରେ ସାହାଯ୍ୟ କରେ; ଏହାଦ୍ୱାରା କୁମ୍ଭୀର ଆକାନ୍ତ ଜନ୍ତୁ ଉପରେ ପିଟି ଦେଇ ଜନ୍ତୁକୁ ପାଣି ଭିତରକୁ ଘୋଷି ନିଏ । ]

ଖଗଆସନ—ଦେ. ବ—୧ । (ସଂ. ଖଗାସନ; ଖଗ ଅର୍ଥାତ୍ ଖଗରାଜ ବା
Khagaāsana ଗରୁଡ଼,ଆସନ ଅର୍ଥାତ୍ ବସିବାର ସ୍ଥାନ ଯାହାଙ୍କର)-
ବିଷ୍ଣୁ—1. Bishṇu who rides on the bird Garurḍa.
ଖଗ ଆସନ ଖଗ ପତି
ଚକ୍ରେ ଲକ୍ଷ୍ମୀ ସରସ୍ୱତୀ । କଳସମ ଦାଶ. କମଳଲୋଚନ ଚଉତିଶା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁ ର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଵୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଯୋଗାସନବିଶେଷ—2. A posture in Jogа.

ଖଗ ଆସନରେ ଯେବ୍ଧ ରହିଣ
ସୁବର୍ଣ୍ଣମାଳା ଜପ କରଇ । ପ୍ରାଚୀ—ସରଳଗୀତା ।

**ଖଗଚର**—ସଂ. ବି. ( ଖଗ = ପକ୍ଷୀ + ଚର ଧାତୁ = ଗମନ କରିବା; ଭୁଲିବା + କର୍ତ୍ତୃ. ଅ ଯେ ଖଗପକ୍ଷୀବାହାନରେ ଗମନାଗମନ କରନ୍ତି)—ବିଷ୍ଣୁ—Bishṇu.
Khagachara

**ଖଗଡ଼ା**—ପ୍ରାଦେ. (ମେଦିନୀପୁର) ବି. (ସଂ. ଖଗୋଡ଼; ଭୁଲ ବ. ଖାଗଡ଼ା)— ଇକ୍କଡ଼; କାଣ୍ଡଶର ତୃଣ—A kind of reed Saccharum Spontaneum.
Khagarḍā

**ଖଗପତି**—ସଂ. ବି. ( ୬ଷ୍ଠୀ ତତ୍ ; ଖଗ + ପତି )—୧ । ଗରୁଡ଼ ( ଏ ପକ୍ଷୀମାନଙ୍କ ମଧ୍ୟରେ ରାଜା )—
Khagapati
1. Garurḍa, the king of birds who is said to carry Bishṇu on his back.
୨ । ସୂର୍ଯ୍ୟ ( ବୃ. ଶବ୍ଦସାଗର )—2. The sun.

**ଖଗ ପିଟିବା**—ଦେ. କ୍ରି.—( କୁମ୍ଭୀର ) ତା ଲାଞ୍ଜକୁ ପିଟି ଦେବା—
Khaga piṭibā (of a crocodile) To strike (an animal on the bank) with its tail.
[ ଦ୍ର—ପାଣିକୂଳରୁ ଅଳ୍ପ ଦୂରରେ ମନୁଷ୍ୟ ବା ଅନ୍ୟ କୌଣସି ଜନ୍ତୁ ଥିଲେ କୁମ୍ଭୀର ତା ଖଗକୁ ସେ ଜନ୍ତୁ ଉପରେ ଏପରି ଜୋରରେ ପିଟି ଦିଏ ଯେ ସେ ଜୀବଟି ସେହି ଆଘାତରେ ପାଣିରେ ପଡ଼େ ଓ କୁମ୍ଭୀର ସେ ଜନ୍ତୁକୁ ଧରି ଖାଏ । ]

**ଖଗବଧୀ**—ଦେ. ବି. (ସଂ. ଖଗ = ପକ୍ଷୀ + ବଧ, ଯେ ପକ୍ଷୀ ବଧ କରେ)—
Khagabadhī ଶବର; ଚଢ଼େଇମାରୁ—A fowler.

ଖଗବଧୀର ପ୍ରାପ୍ତେ ହୋଇ
ପିଣ୍ଡ ଛାଡ଼ନ୍ତେ ଅସ୍ଥା ଥାଇ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

**ଖଗବଳିଆ**—ପ୍ରାଦେ. (ଗଡ଼ଜାତ) ବି—ବଡ଼ ବଣିଆକୁକୁର—
Khagabaḷiā A large breed of wild dogs.
[ ଦ୍ର—ଏହା ଦେହ ଧଳା-ପାଣ୍ଡୁର, ଏ ବଳୁଆଠାରୁ ବଡ଼ । ]

**ଖଗବହ**—ଦେ. ବି. ( ସଂ. ଖଗ + ବହ ଧାତୁ; ଖଗବାହନ )—
Khagabaha ନାରାୟଣ; ବିଷ୍ଣୁ—Bishṇu.

ବୋଲେ କେ ଖଗବହ ପକ୍ଷୀ ଏବେ
ନାଶେଷରେ ତେଜ କେ ସ୍ୱବେ । ଭକ୍ତ. ବୈଦେହୀଶବିଳାସ ।

**ଖଗବୁଲାଇବାକୁ ଥାନ ନ ଥିବା**—ଦେ. ବି—ଖଗ ବୁଲିବାକୁ ଥାନ ନ ହେବା ( ଦେଖ )
Khagabulāibāku thāna na thibā Khaga bulibāku thāna na hebā ( See )

**ଖଗବୁଲିବାକୁ ଥାନ ନ ହେବା**—ଦେ. ବି.—(କୁମ୍ଭୀରକୁ ଲକ୍ଷ କରି)—
Khagabulibāku thāna na hebā ୧ । ( ଲକ୍ଷଣାର୍ଥ ) ଚଳପ୍ରଚଳ ହେବା ପାଇଁ ଯଥେଷ୍ଟ ସ୍ଥାନ ନ ଥିବା—
1. (figurative) The state of having no sufficient scope to move about freely.
୨ । (ଲକ୍ଷଣାର୍ଥ) ମନ ଇଚ୍ଛା ବ୍ୟୟ କରିବାକୁ ଅର୍ଥର ଅନାଟନ ହେବା—2. ( figurative ) The state of not having enough money to spend.
୩ । (ଲକ୍ଷଣାର୍ଥ) ନିଜର ମନ ମୁତାବକ୍ କାମ କରିବାକୁ ସୁବିଧା ନ ମିଳିବା—3. (figurative) Want of opportunities to do as one likes.
[ ଦ୍ର—କୁମ୍ଭୀରର ଶରୀର ଅପେକ୍ଷା ଖଗଟି ବଡ଼ ଥିବାରୁ ଯଥେଷ୍ଟ ଆୟତନର ଜଳ ନ ହେଲେ କୁମ୍ଭୀର ସ୍ୱଚ୍ଛନ୍ଦରେ ପହଁରି ପାରେ ନାହିଁ କିମ୍ବା ଜୀବଙ୍କୁ ଲକ୍ଷ କରି ଖଗକୁ ପିଟିବା ପାଇଁ ସୁବିଧା ପାଏ-ନାହିଁ । ]

**ଖଗରାଜ**—ସଂ. ବି. (୬ଷ୍ଠୀ ତତ୍; ଖଗ + ରାଜା)—ଖଗପତି (ଦେଖ)
Khagarāja Khagapati (See).

**ଖଗଲା**—ପ୍ରାଦେ. (ଗଡ଼ଜାତ) ବିଣ.—ହସୁରା—
Khagalā Addicted to laughter.
ପ୍ରାଦେ. ( ସମ୍ବଲପୁର ) ବି.—ଗଳାର ହଂସୁଲି ପରି ଅଳଙ୍କାରବିଶେଷ (ଗୋପୀନାଥ ନନ୍ଦ)—A silver ornament worn round the neck.

**ଖଗସା**—ପ୍ରାଦେ. (ସମ୍ବଲପୁର) ବି.—ଗଡ଼ିଶାମାଛ—
Khagasā A small fresh-water fish living in muddy tanks.

**ଖଗା**—ଦେ. ବିଣ.—ନିର୍ବୁଦ୍ଧିଆ—
Khagā Stupid; not intelligent.
ଖଗା ମୂର୍ଖ ଦେ.ବି.—ଯେଉଁ ଛାତ୍ର ଭଲରୂପେ ପଢ଼ା କରେ ନାହିଁ—
ଗାଡଡ଼ି A dunce; a dullard; blockhead.

**ଖଗାନ୍ତକ**—ସଂ. ବି. (୬ଷ୍ଠୀ ତତ୍; ଖଗ + ଅନ୍ତକ)—ବାଜପକ୍ଷୀ; ଶ୍ୟେନପକ୍ଷୀ—Falcon; hawk.
Khagāntaka

**ଖଗାବଗା**—ଦେ. ବିଣ.—୧ । ନୀଚ—
Khagābagā 1. Mean.
୨ । ମନ୍ଦ—2. Bad.
୩ । ନିକୃଷ୍ଟ—3. Inferior.
୪ । ଘୃଣିତ—4. Contemptible.
୫ । ମୂର୍ଖ (ଛାତ୍ର)—5. Dunce (student).

**ଖଗାସନ**—ସଂ. ବି.—(ବହୁବ୍ରୀହି; ଖଗ + ଅସନ)—୧ । ଉଦୟଗିରି—
Khagāsana 1. The name of the mountain from which the sun is said to rise.
୨ । ବିଷ୍ଣୁ—2. Bishṇu.

**ଖଗାସନ ସ୍ଥାନ**—ସଂ. ବି.—୧ । ବୃକ୍ଷର କୋରଡ଼—
Khagāsana sthāna 1. The hollow of a tree.
୨ । ପକ୍ଷୀର ବସା—2. Bird's nest.

**ଖଗେନ୍ଦ୍ର**—ସଂ. ବି. (୬ଷ୍ଠୀ ତତ୍; ଖଗ + ଇନ୍ଦ୍ର = ପତି; ଅଧୀଶ୍ୱର)—
Khagendra ଖଗପତି (ଦେଖ) Khagapati (See)

**ଖଗେଶ୍ୱର**—ସଂ. ବି. (୬ଷ୍ଠୀ ତତ୍; ଖଗ + ଈଶ୍ୱର)—ଖଗପତି (ଦେଖ)
Khageśwara Khagapati (See).

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ଋ,ଌ | • ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଭ |
| ୬ | ଳ | ଡ଼ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ | ଇଅ | ଊ | ନ୍ତ |

ଖଗୋଳ—ସଂ. ବି.—(ଖ=ଆକାଶ+ଗୋଳ=ମଣ୍ଡଳ)—୧। ଆକାଶ-
Khagoḻa ମଣ୍ଡଳ—**1.** The celestial sphere.
(ଭୂଗୋଳ—ବିପରୀତ) ୨। ଆକାଶମଣ୍ଡଳରେ କଳ୍ପିତ ସୌରଜଗତ-
2. The solar system.
୩। ଆକାଶର ପ୍ରତିରୂପକ କୃତ୍ରିମ ଗୋଳକ—
3. The celestial globe.

ଖଗୋଳକ—ସଂ. ବି. (ଖଗୋଳ+ସ୍ୱାର୍ଥେ. କ)—ଖଗୋଳ (ଦେଖ)
Khagoḻaka Khagoḻa (See)
(ଭୂଗୋଳକ—ବିପରୀତ)

ଖଗୋଳବିଦ୍ୟା—ସଂ. ବି. (ଖଗୋଳ+ବିଦ୍ୟା)—ଗଣିତ ଜ୍ୟୋତିଷ—
Khagoḻabidyā Astronomy.

ଖଗ୍ଗଡ଼—ସଂ. ବି.—(ଏହି ସଂସ୍କୃତ ଶବ୍ଦ ଅବଧି ଗଞ୍ଜାମରେ ଚଳେ; ଭୂଲ
Khaggarḏa ବି. ଖାଗଡ଼ା)—୧। ଇକଡ଼; କାଣ୍ଡଶର ତୃଣ—
Saccharum Spontaneum (reed).

ଖଙ୍କର—ସଂ. ବି.—୧। ଚୂର୍ଣ୍ଣକୁନ୍ତଳ—
Khaṅkara **1.** A ringlet of hair; a curl of hair.
[ ଦ୍ର—ଏ ଶବ୍ଦ ଗଞ୍ଜାମରେ ଏ ପର୍ଯ୍ୟନ୍ତ ଚଳୁଅଛି । ]
୨। କେଶର ବାଳ—2. A lock of hair. (M. W)

ଖଙ୍କା—ଦେ. ବିଣ—(ସଂ. କଙ୍କ; କଙ୍କାଳ)—୧। ଶୂନ୍ୟ—
Khaṅkā 1. Empty.
খাঁকা ୨। ଫୁଙ୍କା; ଫମ୍ପା—
**छूछा खाल** 2. Hollow.
୩। ଭୋକଲା—3. Empty-bellied.
୪। ଅର୍ଥଶୂନ୍ୟ; ଧନହୀନ—
4. Penniless; empty handed.

ଖଙ୍କା କରିବା (ପେଟକୁ)—ଦେ. କ୍ରି.—୧। ପେଟକୁ ଖାଙ୍କିବା; (ପେଟକୁ)
Khaṅkā karibā ଖାଲୁଆ କରିବା; ସଙ୍କୁଚିତ କରିବା—
খাঁকাকরা **1.** To draw the belly inside so as it looks
**खलाना** like a hollow.
୨। ଖାଲି କରିଦେବା—2. To empty.

ଖଙ୍କାର—ଦେ. ବି. ( ଖଟ=ଖଙ୍କାର; କିମ୍ବା କାଶିବା ସମୟର ଖଁ ଖଁ
Khaṅkāra ଶବ୍ଦରୁ; ଭୂଲ ସଂ. କ୍ଷୟୁକାର )—
খাকার କଫ ମିଶ୍ରିତ ଗାଢ଼ ଛେପ; କାଶିଲାବେଳେ ଗଳାରୁ
**बलगम; खखार** ଯେଉଁ ଗାଢ଼ କ୍ଲେଦ ବାହାରେ—
Sputum; phlegm spittle.
ସେ ଋଷିଙ୍କ ମୁଣ୍ଡେ ଖଙ୍କାର ପକାଇଲା । କୃଷ୍ଣସିଂହ. ମହାଭାରତ. ବନ ।

ଖଙ୍କାର କାଢ଼ିବା—ଦେ. କ୍ରି—ଅନ୍ୟ ବ୍ୟକ୍ତି ପକାଇ ଥିବା ଛେପ ଖଙ୍କାରକୁ
Khaṅkārakārḏhibā ଭୂମିରୁ ଉଠାଇ ନେଇ ଉକ୍ତ ସ୍ଥାନକୁ
ପରିଷ୍କାର କରିବା—To throw away or cleanse the spittle thrown by another man in a place.

[ ଦ୍ର—ଏହା ଅତ୍ୟନ୍ତ ତୁଚ୍ଛକାର୍ଯ୍ୟ ମଧ୍ୟରେ ଗଣ୍ୟ । ହୀନ ଭୃତ୍ୟ ଛଡ଼ା ଏ କାର୍ଯ୍ୟ ଅନ୍ୟ କେହି କରେ ନାହିଁ । ଏଥିପାଇଁ "ମୁଁ ତୁମ୍ଭର ଖଙ୍କାର କାଢ଼ିବାକୁ ପ୍ରସ୍ତୁତ ଅଛି"ର ଅର୍ଥ ମୁଁ ତୁମ୍ଭର ନୀଚତମ ଘୃଣ୍ୟ ଦାସତ୍ୱ କରିବାକୁ ମଧ୍ୟ ପ୍ରସ୍ତୁତ ଅଛି । ]

ଖଙ୍କାରଖା—ଦେ. ବି. ( ଧ୍ୱନ୍ୟନୁକରଣ )—୧। ଖଣ୍ତିକାଶ କାଶିବାଦ୍ୱାରା
Khaṅkārakhā ଗଳାର କାନ୍ଥିରେ ଲାଗିଥିବା କଫକୁ ପରିଷ୍କାର
খাখারী କରିବା; ଗଳା ମଧ୍ୟରେ ବସିଥିବା ଖଙ୍କାର ବା
**खँखाराहट** କଫର ସ୍ତରକୁ ଗଳାଧଃକରଣ କରି ଗଳାକୁ
ପରିଷ୍କାର ରଖିବା ଉଦ୍ଦେଶ୍ୟରେ ମନୁଷ୍ୟ ଯେଉଁ ଖଣ୍ତିକାଶ କାଶେ—1. Hawking; clearing the wall of the throat of its layer of phlegm by coughing.
[ ଦ୍ର—ଗଳାର କାନ୍ଥିରେ କଫର ସ୍ତର ବସିଗଲେ ମନୁଷ୍ୟର ସ୍ୱର ପରିଷ୍କାର ଶୁଣାଯାଏ ନାହିଁ । ଏଥିପାଇଁ ସ୍ପଷ୍ଟ ବା ଉଚ୍ଚତର ସ୍ୱରରେ କଥା କହିବା ପାଇଁ ଲୋକେ ଖଣ୍ତିକାଶ କାଶି ଉକ୍ତ ଖଙ୍କାର-ସ୍ତରକୁ ଗଳାଧଃକରଣ କରନ୍ତି ଏବଂ ବେଳେ ବେଳେ ତାହା ପାଟିବାଟେ ବାହାରକୁ ବାହାର କରି ପକାନ୍ତି । ]
୨। ଅନ୍ୟ ବ୍ୟକ୍ତିଙ୍କୁ ସାବଧାନ କରିବା କିମ୍ବା ଆପଣାର ଉପସ୍ଥିତି ଅନ୍ୟଙ୍କୁ ଜଣାଇବା ପାଇଁ ସମୟେ ସମୟେ ମନୁଷ୍ୟ ଗଳାରୁ ଖଙ୍କାର ପରିଷ୍କାର କରିବା ପରି କରିବା ଶବ୍ଦ—
2. The sound of clearing the throat produced by a person to make his presence known to others.

ଖଙ୍କାରଖା ମାରିବା—ଦେ. କ୍ରି—ଗଳାର କାନ୍ଥି ଦେହରେ ଲାଗିଥିବା
Khaṅkārakhā māribā ଖଙ୍କାରର ସ୍ତରକୁ ପେଟମଧ୍ୟକୁ ନେବା
খাখারি দেওয়া ପାଇଁ ଖଣ୍ତିକାଶ କାଶିବା—To clear the
**खखारना** throat of the accumulated layer of sputum by coughing; to make a hawking sound.

ଖଙ୍କାରିବା—ଦେ. କ୍ରି—୧। ଗଳଧ୍ୱନିପୂର୍ବକ କାଶି କରି ଗଳା ମଧ୍ୟରୁ
Khaṅkāribā ଖଙ୍କାରକୁ ପାଟିରୁ କାଢ଼ିବା—1. To throw
খাখারি দেওয়া out spittle after coughing; to hawk.
**खखारना** ୨। କାଶିବା ପରି ଗଳଧ୍ୱନି କରିବା—
2. To clear the throat as by coughing.
୩। ଖଙ୍କା କରିବା ( ଦେଖ )
3. Khaṅkā karibā ( See )

ଖଙ୍କାଳ—ଦେ. ବିଣ. ( ସଂ. କଙ୍କାଳ )—ଖାଲି ହେବା ହେତୁରୁ ପେଟର
Khaṅkāḻa ଉପର ଚମ ଭିତରେ ପଶିଯାଇ କୋରଡ଼ ପରି
**खुखला** ଦିଶୁଥିବା ( ଉଦର )—( belly ) Hollowed towards the back owing to its being empty of food.
ଖଙ୍କାଳ ପେଟ ତାର ପିଠିକି ଲାଗିଛି । କୃଷ୍ଣସିଂହ. ମହାଭାରତ. ଅଦି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖଙ୍କାଳିଆ**—ଦେ. ବିଣ—ଖଙ୍କାଳ ( ଦେଖ )
Khaṅkālīā Khaṅkāla ( See )

**ଖଙ୍କାଳିବା**—ଦେ. କ୍ରି—ଖଙ୍କା କରିବା ( ଦେଖ )
Khaṅkāḷibā Khaṅkā karibā ( See )

**ଖଙ୍କିବା**—ଦେ. କ୍ରି—ଖଙ୍କା କରିବା ( ଦେଖ )
Khaṅkibā Khaṅkā karibā ( See )

**ଖଙ୍କେଇବା**—ଦେ. କ୍ରି—ଖଙ୍କା କରିବା ( ଦେଖ )
Khaṅkeibā Khaṅkā karibā ( See )

**ଖଙ୍ଖାଳ**—ଗ୍ରା. ବିଣ—ଖଙ୍କାଳ ( ଦେଖ )
Khaṅkhāḷa Khaṅkāḷa ( See )

ଖଙ୍ଖାଳ ପେଟ ଭାବ ପିଠିକି ଲାଗିଛି । କୃଷ୍ଣସିଂହ, ମହାଭାରତ, ବନ ।

**ଖଙ୍ଖାଳିଆ**—ଗ୍ରା. ବିଣ—ଖଙ୍କାଳ ( ଦେଖ )
Khaṅkhāḷīā Khaṅkāḷa ( See )
ସଂ. ବି—ଖଡ୍ଗ—Sword. ( M. W. )

**ଖଙ୍ଗ**—ଦେ. ବି—୧ । ଅଭିମାନ—1. Secret displeasure.
Khaṅga ୨ । ମନୋଦୁଃଖ—2. Displeasure.

ଛାଅରଲେ ପିତା କଥାକୁ କରି ଖଙ୍ଗ
କହୁଅଛୁ କଥା ତୁ ଭୁଦେ ଧରି ରାଗ । କୃଷ୍ଣସିଂହ, ମହାଭାରତ ଉଦ୍ୟୋଗ ।

୩ । କୌଣସି ଭଲ ଅର୍ଥରେ କଥା କହିଲେ ତାହାକୁ ମନ୍ଦ ଅର୍ଥରେ ବୁଝିବା—3. Misunderstanding of any person's meaning.

ଦେ. ବିଣ—୧ । ଅଭିମାନଯୁକ୍ତ—
1. Mentally displeased.
୨ । ଦୁଃଖିତ—2. Displeased; sorry.
୩ । ଅଭିମାନିଆ—3. Prone to take offence.

**ଖଙ୍ଗ କରିବା**—ଦେ. କ୍ରି—୧ । କୌଣସି କଥାକୁ ଭଲ ଅର୍ଥରେ କହିଲେ
Khaṅga karibā ମନ୍ଦ ଅର୍ଥରେ ଗ୍ରହଣ କରିବା—
1. To misunderstand a thing; to take offence at small things.

ଛାଅରଲେ ପିତା କଥାକୁ କରି ଖଙ୍ଗ
କହୁଅଛୁଁ କଥା ଧରି ଭୁଦେ ରାଗ । କୃଷ୍ଣସିଂହ, ମହାଭାରତ ଉଦ୍ୟୋଗ ।

୨ । ଦୁଃଖିତ ହେବା—2. To be displeased or sorry.

ଏ ବାହାରେ ତ କୋଡ଼ି ସହସ୍ର ଦୁରନ୍ତ
ସେ ଦ୍ରବ୍ୟ କହୁବାରେ ମନ କଲେ ଖଙ୍ଗ । କୃଷ୍ଣସିଂହ, ମହାଭାରତ ।

**ଖଙ୍ଗ ଘେନିବା**—ଦେ. କ୍ରି—ଖଙ୍ଗ କରିବା ( ଦେଖ )
Khaṅga ghenibā Khaṅga karibā ( See )

**ଖଙ୍ଗଟ** (ଇତ୍ୟାଦି)—ଦେ.—ଖଙ୍ଗ (ଇତ୍ୟାଦି) (ଦେଖ)
Khaṅgaṭa (etc) Khaṅga etc. (See)

**ଖଙ୍ଗଟିଆ**—ଦେ. ବିଣ.—୧ । ଯେ ଭଲ କଥାକୁ ମନ୍ଦ ଅର୍ଥରେ ଗ୍ରହଣ
Khaṅgaṭiā କରେ—1. One who misunderstands a thing.
୨ । ଅଭିମାନିଆ—2. Prone to take offence at small things

**ଖଙ୍ଗଣା**—ସଂ. ବି. (ଧ୍ୱନ୍ୟନୁକରଣ)—ଘଣ୍ଟିର ଝୁଣ୍ ଝୁଣ୍ ଶବ୍ଦ—
Khaṅgaṇā The twinkling sound of a bell(Wilson)

**ଖଙ୍ଗ ପାଇବା**—ଦେ. କ୍ରି—ଖଙ୍ଗ କରିବା ( ଦେଖ )
Khaṅga pāibā Khaṅga karibā ( See )

**ଖଙ୍ଗ ବୁଝିବା**—ଦେ.କ୍ରି.—ଖଙ୍ଗ କରିବା (ଦେଖ)
Khaṅga bujhibā Khaṅga karibā (See)

**ଖଙ୍ଗର**—ପ୍ରାଦେ. (ସିଂହଭୂମ)—ଗାତ; ଗର୍ତ୍ତ—
Khaṅgara Hole; pit.

**ଖଙ୍ଗସ** (ଇତ୍ୟାଦି) ଦେ. ବି.—ଖଙ୍ଗ ଇତ୍ୟାଦି (ଦେଖ)
Khaṅgasa (etc.) Khaṅga etc. (See)

**ଖଙ୍ଗସିଆ**—ଦେ. ବିଣ.—ଖଙ୍ଗଟିଆ (ଦେଖ)
Khaṅgasiā Khaṅgaṭiā (See)

**ଖଙ୍ଗ ହେବା**—ଦେ. କ୍ରି.—ଖଙ୍ଗ କରିବା (ଦେଖ)
Khaṅga hebā Khaṅga karibā (See)

**ଖଙ୍ଗା**—ଦେ. ବି.—ଖଇଙ୍ଗା (ଦେଖ)
Khaṅgā Khaiṅgā (See)

**ଖଙ୍ଗିବା**—ପ୍ରାଦେ. (ସମ୍ବଲପୁର) କ୍ରି.—ନ୍ୟୁନ ହେବା; କମ୍ ହେବା—
Khaṅgibā To become deficient.
(ଯଥା—ଗଣାରେ ଦଶ ଟଙ୍କା ଖଙ୍ଗିଲା )

**ଖଙ୍ଗୋଟ** (ଇତ୍ୟାଦି)—ଦେ.—ଖଙ୍ଗ ଇତ୍ୟାଦି (ଦେଖ)
Khaṅgoṭa etc. Khaṅga etc. (See)

**ଖଙ୍ଗୋଟିଆ**—ଦେ. ବିଣ—ଖଙ୍ଗଟିଆ (ଦେଖ)
Khaṅgoṭiā Khaṅgaṭiā (See)

**ଖଙ୍ଗୋସ** (ଇତ୍ୟାଦି) ଦେ.—ଖଙ୍ଗ ଇତ୍ୟାଦି (ଦେଖ)
Khaṅgosa (etc) Khaṅga. etc. (See)

**ଖଙ୍ଗୋସିଆ**—ଦେ. ବିଣ.—ଖଙ୍ଗସିଆ (ଦେଖ)
Khaṅgosiā Khaṅgasiā (See)

**ଖଚ୍** (ଧାତୁ)—ସଂ.—୧ । ବାହାରକୁ ବାହାରିବା—
Khach (root) 2. To come forth; to project.
୨ । ଉଦିତ ହେବା; ଦେଖା ଦେବା—2. To appear.
୩ । ଶୁଦ୍ଧ କରିବା—3. To purify.
୪ । ପୁନର୍ବାର ଜନ୍ମିବା—4. To be born again.
୫ । ସମୃଦ୍ଧି ଜନ୍ମାଇବା—
5. To cause prosperity. (M. W.)
୬ । ବାନ୍ଧିବା—6. To fasten; to bind.
୭ । ଧାତୁ ଉପରେ ମଣି ଆଦି ବସାଇବା—
7. To set or inlay (gems on metals)

**ଖଚ୍‌ଖଚାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ବିରକ୍ତ କରିବା—
Khachkhachāibā 1. To vex.
୨ । ଉପର୍ଯ୍ୟୁପରି ପ୍ରଶ୍ନ କରି ବିରକ୍ତ କରିବା—
2. To vex by repeated questionings.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

**ଖଚ**—ଦେ.ବି.—(ସଂ.ଖୁଚର=ପରର ଦୋଷ ବାହାର କରିବା ଲୋକ)—
Khacha ଚୁଗୁଲି; ପରର ଅନିଷ୍ଟ କାମନାରେ ପର ଛିଦ୍ର ବା ତ୍ରୁଟିକୁ ସ୍ୱଳ୍ପ ବା ପ୍ରଭୁ ପ୍ରଭୃତିଙ୍କ ଅଗରେ ପ୍ରକାଶ କରିବା—
চুকলি. চুগলি Verbal confidential report of the
चुगल private matters or defects of a person to his master or superior with a view to injure him behind his back; backbiting; slander.

ଖଚଚଉକୁ ସଭ ମଣି କରେ। କବିସୂର୍ଯ୍ୟ ସଙ୍ଗୀତ।

**ଖଚ କରିବା**—ଦେ. କ୍ରି.—ଖଚ କହିବା (ଦେଖ)
Khacha kariba Khacha kahiba (See)

**ଖଚ କହିବା**—ଦେ.କ୍ରି.—ଜଣକର ଛିଦ୍ର ବା ତ୍ରୁଟି ତାହାର ପ୍ରଭୁ ଅଗରେ
Khacha kahiba ପ୍ରକାଶ କରିବା; ଚୁଗୁଲି କରିବା—
চুগলিকরা To verbally report a matter; to back-
चुगलकरना bite a person before his master or superior; to back-bite.

**ଖଚକୁହା**—ଦେ. ବିଣ. ପୁଂ.—ଖଚୁଆ (ଦେଖ)
Khachakuha Khachua (See)

**ଖଚଡ଼**—ଦେ. ବି. ( ସଂ. ଖେସର=ଘୋଡ଼ା; ସଂ. ଅଶ୍ୱତରଜ=
Khacharda ଖଚର )—
খচ্চর ଘୋଡ଼ା ଓ ଗଧ ସଙ୍ଗମରେ ଉତ୍ପନ୍ନ ଜୀବ; ଅଶ୍ୱତର—
खच्चर Mule.

[ ଦ୍ର—ଏମାନେ ସାଧାରଣତଃ ଭାର କଷ୍ଟସହିଷ୍ଣୁ ଓ ଦୁଷ୍ଟ ହୁଅନ୍ତି । ]

ବୈଦେ. ବିଣ. (ଫା.ଖଚଡ଼; ଭୁଲ.ସଂ.କଞ୍ଚୁର—ପରସ୍ତ୍ରୀଗାମୀ)—

୧ । (ଗାଳିବିଶେଷ) ସଙ୍କର; ଦୋମିଶା; ଦୋଗୋସଲା—
1. A person of mixed descent; hybrid.

୨ । ବଗୁଲିଆ; ଅତି ଦୁଷ୍ଟ—
2. Very wicked; wanton; mean.

୩ । ଅଶ୍ଳୀଳ; ଖେଳୁଆଡ଼ିଆ—3. Indecent.

୪ । ଦୁଷ୍ଟସ୍ୱଭାବ; ନଷ୍ଟଚରିତ—
4. Vicious; immoral.

୫ । ଅନ୍ୟମନସ୍କ—
5. Inattentive; of a roving mind.

**ଖଚଡ଼ କରିବା**—ଗ୍ରା. କ୍ରି—ଖଚଡ଼ା କରିବା ( ଦେଖ )
Kharda kariba Khacharda kariba (See)

**ଖଚଡ଼ା**—ଦେ. ବିଣ. ପୁଂ. ( ସଂ. ଖଚନ Beams; ସଂ. କଞ୍ଚୁର=
Khacharda ପରସ୍ତ୍ରୀଗାମୀ )—
(ଖଚଡ଼ୀ—ସ୍ତ୍ରୀ) ୧ । ବଗୁଲିଆ; ଅତି ଦୁଷ୍ଟ—
খেচড়া 1. Wicked; vicious.
खचरा; खचड़ा ୨ । ଖେଳୁଆଡ଼ିଆ; ଅଶ୍ଳୀଳକାର୍ଯ୍ୟକାରୀ—
2. Wanton; obscene; indecent.

**ଖଚଡ଼ା କରିବା**—ଗ୍ରା. କ୍ରି—୧ । କୌଣସି କାର୍ଯ୍ୟକୁ ଉତ୍ତମରୂପେ
Khacharda kariba ସମ୍ପାଦନ ନ କରି ବଗାଡ଼ିବା ବା ଅସମ୍ପୂର୍ଣ୍ଣ କରିବା—2. To do a thing half-heartedly; to leave a work half-done.

୨ । ମନ ଦେଇ କାମ ନ କରିବା; କାମରେ ତ୍ରୁଟି କରିବା—
2. To commit neglect of duty; to do a thing by fits and starts.

୩ । କୌଣସି କାର୍ଯ୍ୟକୁ ଜଣେ ଧାରାବାହିକରୂପେ ସମ୍ପାଦନ ନ କରି ଏକାଧିକ ବ୍ୟକ୍ତି ତହିଁରେ ଏକାବେଳକେ ହାତ ଦେବା—
3. To have a thing done by more than two ( which makes the thing faulty or badly done ).

**ଖଚଡ଼ାଙ୍ଗି**—ଗ୍ରା. ବିଣ—୧ । ବଗୁଲିଆ ପଣିଆଁ; ଦୁଷ୍ଟାମି—
Khachardangi 1. Wickedness.
খেচড়ামি ୨ । ଖେଳୁଆଡ଼ିଆ ପଣିଆ—
खचड़ाई 2. Indecency.

୩ । ମନ୍ଦ ଆଚରଣ; ନଷ୍ଟ ଚରିତ—
3. Immoral conduct.

୪ । ବ୍ୟଭିଚାର—4. Adultery.

**ଖଚନ**—ସଂ. ବି. ( ଖଚ ଧାତୁ + ଭାବ. ଅନ )—
Khachana ୧ । ଧାତୁ ଉପରେ ହୀରାଦି ବସାଇବା କର୍ମ; ଜଡ଼ାଉ କାମ; କୁନ୍ଦନ—1. Gem-setting.

୨ । ଚିତ୍ରଣ; ଅଙ୍କନ ( ହି. ଶବ୍ଦସାଗର )—
2. Drawing.

**ଖଚବଚ**—ଦ୍ରେ. ପଦ୍ୟ. ବି—ଖଚ କଥା—
Khachabacha Back-biting.

ଖଚବଚ ନୃପର ପ୍ରବୀଣ କୋଟି ମାର।
କବିସୂର୍ଯ୍ୟ ସଙ୍ଗୀତ।

**ଖଚମିଛ**—ଦେ. ବି. (ସହଚର ଶବ୍ଦ) [ଖଚ=ଚୁଗୁଲି+ମିଛ=ମିଥ୍ୟା ବା
Khachamichha ଅପ୍ରକୃତ କଥା ବା ମନଗଢ଼ା କଥା ]—
ଅନିଷ୍ଟ କାମନାରେ କୌଣସି ଲୋକ ବିପକ୍ଷରେ ତାହାର ପ୍ରଭୁ ଅଗରେ ତା' ପରୋକ୍ଷରେ କୁହାଯିବା ସତ୍ୟ ଓ ମିଥ୍ୟା କଥାମାନ; ଚୁଗୁଲି ଓ ଦୁର୍ନାମ—
True and untrue confidential reports against a person with a view to injure him; back-bitings.

[ ଦ୍ର—ସାଧାରଣତଃ ଦେଖାଯାଏ ଯେ ଝଗଡ଼ୁଆମାନେ ଅନ୍ୟ ବ୍ୟକ୍ତି ନାମରେ କେତେକ ସତ୍ୟ ଓ କେତେକ ମନଗଢ଼ା କଥା କହି ପ୍ରଭୁଙ୍କର ମନକୁ ବଗାଡ଼ି ଦିଅନ୍ତି । ]

**ଖଚ ମିଛ ଲଗାଇ କହିବା**—ଦେ. କ୍ରି—ଖଚ କହିବା ( ଦେଖ )
Khacha michha lagai kahiba
Khacha kahiba (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଜୁଅ' ନ ମିଳିଲେ 'ଜୁଆ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଖଚର**—ସଂ. ବିଣ. ପୁଂ. ( ଖ=ଅକାଶ+ଚର ଧାତୁ+କର୍ତ୍ତୃ. ଅ; ଏ
Khachara ଶବ୍ଦର ଅନ୍ୟ ରୂପ ଖେଚର )—
(ଖଚରୀ—ସ୍ତ୍ରୀ) ୧ । ଆକାଶଗାମୀ—
1. Moving in the sky.
୨ । ଉଡ଼ୁଥିବା—2. Flying.
ସଂ. ବି. ପୁଂ—୧ । ଖଗ ( ଦେଖ )
1. Khaga ( See )
୨ । ରାକ୍ଷସ—2. Demon.
୩ । ଭୂତ—3. Aerial spirits.
୪ । ଗନ୍ଧର୍ବ; ବିଦ୍ୟାଧର—
4. Aerial beings.
୫ । ପାରଦ—5. Quick-silver.
୬ । ଜ୍ୟୋତିଷୋକ୍ତ ରାଶି—6. Sign of the Zodiac.
୭ । ରୂପକ ତାଳବିଶେଷ—
7. A kind of measure in music.
ଦେ. ବି—ଅଶ୍ୱତର; ଖଚଡ଼—Mule.

**ଖଚରୀ**—ସଂ. ବି. ଓ ବିଣ. ସ୍ତ୍ରୀ—ଖଚରର ସ୍ତ୍ରୀଲିଙ୍ଗ—
Khachari Feminine of Khachara.
ଦେ. (ପଦ୍ୟ) ବିଣ. ପୁଂ. (ସଂ. ଖଚାରୀ)—ଆକାଶଚାରୀ; ଖଚର;
ଖେଚର—Moving in the sky.
ବୁଲିଲେ ସବୁ ଦେଶେ ଗରୁଡ଼ ଖଚରୀ । କୃଷ୍ଣସିଂହ. ମହାଭାରତ. ଅଦି ।

**ଖଚା**—ପ୍ରାଦେ. (ସମ୍ବଲପୁର) ବି. (ସଂ. କଚ୍ଛ)—କଚ୍ଛ—
Khachā That end of the cloth which is tucked back along the private parts.
(ଯଥା—ତାର ଖଚା ତାକେ ନାଗସାପ ହୋଇଛେ ।)

**ଖଚାରୀ**—ସଂ. ବିଣ ( ଖ=ଆକାଶ+ଚର ଧାତୁ=ବୁଲିବା+କର୍ତ୍ତୃ. ଣିନ୍;
Khachāri ୧ମା.୧ବ.—ଆକାଶଗାମୀ ) Moving in the sky.
( ଖଚାରିଣୀ—ସ୍ତ୍ରୀ ) ସଂ. ବି—୧ । କାର୍ତ୍ତିକେୟ—
1. Kārttikeya.
୨ । ଖଚର (ଦେଖ)
2. Khachara ( See )

**ଖଚିତ**—ସଂ. ବିଣ (ଖଚ୍ ଧାତୁ=ଯୁକ୍ତ ହେବା+କର୍ମ. ତ)—
Khachita ୧ । ଜଡ଼ିତ; ରଚିତ—1. Studded; set.
୨ । ମିଶ୍ରିତ; କଲମ୍ବିତ—
2. Mixed; combined with ( M. W. )
୩ । ବ୍ୟାପ୍ତ—3. Spread.
୪ । ଅନ୍ତର୍ନିହିତ; ମଝିରେ ବସା ଯାଇଥିବା—
4. Inlaid.
୫ । ବଦ୍ଧ—5. Bound.
୬ । ରଞ୍ଜିତ – 6. Adorned.

**ଖଚୁଆ**—ଦେ. ବିଣ. ପୁଂ ( ଯେ ପ୍ରଭୁ ଆଗରେ ଭୃତ୍ୟର ପରୋକ୍ଷରେ ନିନ୍ଦା
Khachuā କରେ) — Back-biting.
ଚୁଗଲିଖୋର ଖଚୁଆ ଯେ ଶୁଣିଥିଲେ ଏ କଥାଯାକ—କୃଷ୍ଣସିଂହ. ମହାଭାରତ ଉଦ୍ୟୋଗ ।
**चुगलखोर** ଦେ. ବି.—୧ । କେଳାମାନଙ୍କ ବାଜିଗିର ସମୟରେ ରଖା ଯାଇଥିବା କନା ତିଆରି କଣ୍ଢେଇ—
1. A doll made of rags and set up by magicians representing a backbiter.
[ଦ୍ର—କେଳାମାନେ କୁହୁକ ଦେଖାଇବା ସମୟରେ କନାର ଗୋଟିଏ ମନୁଷ୍ୟାକୃତି ମୂର୍ତ୍ତି ବା କଣ୍ଢେଇ ପାଖରେ ରଖି ଥାଆନ୍ତି ଓ କଥାକଥାକେ ତା' ମୁହଁରେ ଛେପ ପକାଉ ଥାଆନ୍ତି; ସଙ୍ଗେ ସଙ୍ଗେ କହୁଥାନ୍ତି "ପ୍ରଭୁ ଅର୍ଥାତ୍ ଯାହାଙ୍କ ଆଗରେ ସେ ବାଜିଗିର ଦେଖାଉଥାଏ ଯେ ରାଜଦ୍ୱାରରେ ଚୁଗୁଲି କହୁଛି, ତା ମୁହଁରେ ଥୁକ୍ ।" କେଳାମାନେ ଏ କନାରେ ତିଆରି ପିତୁଳାକୁ ଖଚୁଆ ଏବଂ ଅଡ଼ଆ ଏ ଦୁଇ ନାମ ଦେଇ ଥାଆନ୍ତି । ]
୩ । ଖଚୁଆ ତରା (ଦେଖ)
Khachuā tarā (See)

**ଖଚୁଆ ଚୁଗୁଲିଆ**—ଦେ. ବିଣ ( ଏକାର୍ଥକ ସହଚର )—
Khachuā chuguliā ଖଚୁଆ (ଦେଖ)
Khachuā ( See )

**ଖଚୁଆ ତରା**—ଦେ. ବି—ପାହାନ୍ତିଆ ତାରା—
Khachuā tarā Morning Star.
[ଦ୍ର—ଏ ତାରା କେତେକ ମାସ ରାତି ନ ପାହୁଣୁ ଓ କେତେକ ମାସ ରାତି ପହରକ ପର୍ଯ୍ୟନ୍ତ ଦେଖାଯିବାରୁ ଲୋକ ବିଶ୍ୱାସ ଯେ ଏ ପୃଥିବୀର ଲୋକଙ୍କ ନାମରେ ଯମ ଆଗରେ ଯାଇ ଖଚ କହେ । ]

**ଖଚୁଆ ରାଜ୍ୟ**—ଦେ. ବି—ଯେଉଁ ରାଜ୍ୟର ରାଜା ବା ହାକିମମାନେ
Khachuā rājya ଚୁଗୁଲି ଶୁଣନ୍ତି, ଚୁଗୁଲିଆଙ୍କୁ ପ୍ରଶ୍ରୟ ଦିଅନ୍ତି ଓ ସେହି ଶୁଣା ଚୁଗୁଲି କଥାରେ ବିଶ୍ୱାସ କରି ଲୋକଙ୍କୁ ଦଣ୍ଡନ୍ତି—
A place or kingdom where back-biters reign supreme (i e. where the authorities are led to act on the report of the back-biters.)

**ଖଚ୍ଚଡ଼**—ବୈଦେ. ବିଣ (ଫା. ଖଚ୍ଚଡ଼)—ଖଚଡ଼ (ଦେଖ)
Khachcharda Khacharda (See)

**ଖଚ୍ଚର**—ଦେ. ବି. ଓ ବିଣ—ଖଚର (ଦେଖ)
Khachchara Khachara (See)

**ଖଜ୍** (ଧାତୁ)—ସଂ.—ମନ୍ଥନ କରିବା—
Khaj (root) To churn.

**ଖଜୁରିଆ**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଖର୍ଜୁରକ=କଙ୍କଡ଼ାବିଛା)—
Khajriā ୧ । ଶତପଦୀ; ଝିନ୍ଦୁଳିଆ ବିଛା—
1. Centipede.
୨ । ଖଜୁରି ଗଛରୁ ତାଡ଼ି ସଂଗ୍ରହ କରିବା ଜାତିବିଶେଷ—
2. The class of persons who prepare wine out of date trees.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣ | ଯ | ସ | ଗଁ | ଇଅ | ଃ | ନ |

**ଖଜ**—ସଂ. ବି (ଖଜ ଧାତୁ=ମନ୍ଥନ କରିବା+କର୍ତ୍ତୃ. ଅ)—୧ । ମନ୍ଥନ-
Khaja ଦଣ୍ଡ; ଖୁଆ—1. Churning stick; churner.
୨ । ଅଣଲ—2. A ladle or spoon.
୩ । ( +ଭାବ. ଅ ) ଆଲୋଡ଼ନ—
3. Stirring; agitating.
୪ । ମନ୍ଥନ—4. Churning.
୫ । ଯୁଦ୍ଧ—5. War.

**ଖଜକ**—ସଂ. ବି ( ଖଜ୍ ଧାତୁ+କର୍ତ୍ତୃ. ଅକ )—ମନ୍ଥନଦଣ୍ଡ; ଦହଣୁଆ—
Khajaka Churning stick; churner.

**ଖଜଞ୍ଚି**—ଦେ. ବି—ଖାଞ୍ଜାଞ୍ଚି ( ଦେଖ )—
Khajañchi Khāñjāñchi (See )

**ଖଜଣଚି**—ଗ୍ରା. ବି—ଖାଞ୍ଜାଞ୍ଚି ( ଦେଖ )—
Khajaṇchi Khāñjāñchi (See)

**ଖଜଣଞ୍ଚି**—ଗ୍ରା. ବି—ଖାଞ୍ଜାଞ୍ଚି ( ଦେଖ )—
Khajaṇañchi Khāñjāñchi (See)

**ଖଜଣା**—ବୈଦେ. ବି ( ଫା. ଖଜାନା=ଧନାଗାର, ଭଣ୍ଡାର, ରାଜସ୍ୱ )—
Khajaṇā ୧ । ଭୂମିରାଜସ୍ୱ—1. Land-rent; revenue.
खाजना ୨ । ରାଜକୀୟ ଶୁଳ୍କ—2. Any kind of public
खजाना cess or customs or rate.

**ଖଜଣାଖାନା**—ବୈଦେ. ବି ( ଫା. ଖଜାନା+ଫା. ଖାନା )—ରାଜକୀୟ
Khajaṇākhānā ଧନାଗାର; ଯେଉଁଠାରେ ରାଜ୍ୟର ଅସୁଲ
खाजनाखाना ହେବା ଧନ ଜମା ହୁଏ—Treasure; Govern-
खजानाअमीरा ment-treasury.

**ଖଜଣାଚି**—ଗ୍ରା. ବି—ଖାଞ୍ଜିଞ୍ଚି ( ଦେଖ )—
Khajaṇāchi Khāñjiñchi (See)

**ଖଜଣାପତ୍ର**—ଦେ. ବି—ରାଜସ୍ୱ ଦାଖଲ—
Khajaṇāpatra Payment or deposit of revenue or rent.

**ଖଜଣା ପଟେଇବା**—ଦେ. କ୍ରି—ରାଜାଙ୍କର ବା ଜମିଦାରଙ୍କର ନିର୍ଦ୍ଦିଷ୍ଟ
Khajaṇā pateibā କର୍ମଚାରୀଙ୍କ ନିକଟରେ ଆପଣାର ଦେୟ
खाजनादाखिलकरा ରାଜସ୍ୱ ଦାଖଲ କରିବା— To pay or depo-
खजानापटाना sit one's public demands at the Government's or Landlord's Treasury.

**ଖଜଣୀ**—ପ୍ରାଦେ (ସମ୍ବଲପୁର) ବି (ସଂ. ଖଞ୍ଜରୀ)— ଖଞ୍ଜଣି ( ଦେଖ )—
Khajaṇi Khāñjaṇi (See)
खञ्जनी
खजरी

**ଖଜପ**—ସଂ. ବି ( ଖଜ ଧାତୁ=ମନ୍ଥନ କରିବା+କର୍ମ. ଅପ)—ଘୃତ—
Khajapa Ghee.

**ଖଜବଜ**—ଦେ. ବିଣ— (ସଂ. ଖଜ ଧାତୁ=ଘାଣ୍ଟିବା)—ଅସ୍ଥିର—
Khajabaja Restless.
अस्थिर ( ଯଥା—ମାଡ଼ ଦେବାପାଇଁ ତା ହାତ ଖଜବଜ
बेचैन ହେଉଛି । )

**ଖଜବଜିଆ**—ଦେ. ବିଣ ( ସଂ. ଖଜ ଧାତୁ )—ଖଜବଜ ( ଦେଖ )—
Khajabajiā Khajabaja (See)

**ଖଜରବଜର**—ଦେ. ବିଣ—ଖଜବଜ (ଦେଖ)—
Khajarabajara Khajabaja (See)

**ଖଜରା**—ଦେ. ବି—ଖଜୁରୀ ୧ (ଦେଖ)—
Khajarā Khajurā 1 (See)

**ଖଜଳ**—ସଂ. ବି (୬ଷ୍ଠୀ ତତ୍; ଖ+ଜଳ)—୧ । ବର୍ଷାପାଣି—
Khajaḷa 1. Rain-water.
୨ । ଖାକର—2. Dew; hoarfrost.

**ଖଜା**—ସଂ. ବି ( ଖଜ୍ ଧାତୁ=ମନ୍ଥନ କରିବା+କର୍ତ୍ତୃ. ଅ+ଆ )—
Khajā ୧ । ଖୁଆ; ମନ୍ଥନଦଣ୍ଡ—1. Churning stick; churner.
୨ । ଦର୍ବୀ; ଚଟୁ—2. A flat spoon to dip into and stir hot and boiled food in preparation.
୩ । ଅଣଲ—3. Ladle; spoon with a long handle.
୪ । ମନ୍ଥନ—4. Churning.
୫ । ଘଣ୍ଟା; ଘାଣ୍ଟିବା—5. Agitating; stirring.
୬ । ମାରଣ—6. Killing.
୭ । ଯୁଦ୍ଧ—7. Battle.
୮ । ବିସ୍ତୃତ ଅଙ୍ଗୁଳି ସହ ହସ୍ତ (ଏହା ଚଟୁ ପରି ଦେଖା-
ଯାଉଥିବାରୁ )—
8. The hand with fingers extended.

**ଖଜା** ଦେ. ବି ( ସଂ. ଖାଦ୍ୟ; ପ୍ରା. ଖଜ୍ଜଂ; ସଂ. ଖର୍ଜୁରିକା=
खाजा, खजुआ, खजला ମିଷ୍ଟାନ୍ନବିଶେଷ )—
୧ । ତିଳୁଅ, ଗୁଡ଼ ବା ଚିନି ଅଉଟା ହୋଇ ଢଅର ହୋଇଥିବା
ପିଠା (ଏହା ଉପରେ ରାଶି ବା ତିଳ ଗୋଟି ଗୋଟି
ହୋଇ ଲୁଣା ହେଲା ପରେ ଦିଆଯାଇଥାଏ) ଫେଣା—
1. Sugarplum; a sweetmeat or chocolate made from sugar boiled and ladled, on which sessamum seeds are strewn, a pie crust.
[ ଦ୍ର—ତିଳୁଅ ବା ମକର (ମାଘ ମାସ) ସଂକ୍ରାନ୍ତିରେ ଦେବତାଙ୍କୁ
ଖଜା ବା ତିଳୁଅ ଭୋଗ ହୁଏ । ]
୨ । ଫେଣୀ; ଜଗନ୍ନାଥମହାପ୍ରଭୁଙ୍କ ଶୁଖିଲା ମହାପ୍ରସାଦ ଘୃତ-
ପକ୍ୱପିଷ୍ଟକବିଶେଷ (ସଂ. ନାମ. ଫେନକା)—
2. A kind of sewet cake offered to Jagannath at Puri.
[ ଦ୍ର—ଘୃତବହୁଳ ମଇଦାକୁ ଚକଟି ଚଉଁରେ ପାର୍ଶ୍ୱାଭିଭ ବର୍ତ୍ତି
ପ୍ରସ୍ତୁତ କରି ତାକୁ ପଟା ଉପରେ ରଖି ବେଲି ମୋଟା ରୁଟି କରାଯାଏ;
ସେ ରୁଟି ଉପରେ ଶୁଖିଲା ଚୂନା ଓ ଘିଅମିଶା ପିଠଉ ବୋଳି ତାକୁ

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ ।

୨।ୟ ଓଡ଼ା ଭଳି ଲମ୍ବ ବର୍ତ୍ତି କରି ପୁଣି ଲମ୍ବାକାର ବେଲଣାକୁ ହୁଏ। ଏହି ଲମ୍ବ ଚଟକା ଗୁଡ଼ିକୁ ଘିଅରେ ଛାଣିଲେ ତାହା ପତଳା ପତଳା ବହୁପ୍ରସ୍ତଯୁକ୍ତ ପିଠା ହୁଏ । ଉକ୍ତ ପିଠାକୁ ଶିରାରେ ବୁଡ଼ାଇ ମିଠା କରାଯାଏ । ]

ପ୍ରାଦେ—୧ । (ଗଞ୍ଜାମ) ବି.—ଗୁଡ଼ ବା ଚିନିରେ ତିଆରି ମିଠେଇ—
1. Any sweetmeat.

ଏହା କହି ପଣା ପଇଡ଼ ନାନା ଖଜା
ଖୁଆଇଲେ ହରି ନେବାକୁ ତାଙ୍କ ମଜା—କୃଷ୍ଣସିଂହ. ମହାଭାରତ. ବନ ।

[ଦ୍ର—ଗଞ୍ଜାମରେ ସାଧାରଣତଃ ମିଠାଇର ନାମ ଖଜା । ]

**ଖଜାକ**—ସଂ. ବି (ଖଜ ଧାତୁ + କର୍ତ୍ତୃ. ଅକ)—ପକ୍ଷୀ—
**Khajāka** Bird (M. W.)

**ଖଜାକା**—ସଂ. ବି. (ଖଜ୍ ଧାତୁ + କର୍ତ୍ତୃ. ଅକ + ଆ)—
**Khajākā** ୧ । ଅଣଢ—1. Wooden spoon.
୨ । ଡଙ୍କୁ—2. Ladle (M. W.)

**ଖଜାଜିକା**—ସଂ. ବି (ଖଜ ଧାତୁ + କର୍ତ୍ତୃ. ଅଜକ + ଆ)—
**Khajājikā** ଖଜାକା (ଦେଖ)
Khajākā (See)

**ଖଜାଖିଆ**—ଦେ. ବି—୧ । ଖଜା ବା ମିଠାଇ ଖାଇବା ନିମନ୍ତେ ଆପଣାର
**Khajākhiā** ବା ଜନ୍ତୁର ଚାକରଙ୍କୁ କିମ୍ବା ମୂଲିଆଙ୍କୁ ସେମାନଙ୍କ ପ୍ରାପ୍ୟ ଉପରେ ଅଧିକା ଯାହା ଧନ ଦିଆଯାଏ; ବକ୍ସିସ୍; ମିଠେଇଖିଆ—
1. Bakhshish; tip given to sevants.
୨ । ଯାତ୍ରା ଖରଚ—
2. Tips given to servants on the occasion of festivals.

**ଖଜାଚଣା**—ଦେ. ବି ( ଦ୍ୱନ୍ଦ୍ୱ; ସଂ. ଖର୍ଜ୍ଜୂରିକା + ଚଣକ )—
**Khajāchaṇā** ଖଜା ଓ ଚଣା —
Sugar plums and fried chickpea.
[ ଦ୍ର—ଦୋଳପୂର୍ଣ୍ଣିମା ସମୟରେ ଠାକୁରଙ୍କୁ ଖଜା ଓ ଚଣା ଭୋଗ ଦିଆଯାଏ । ]

**ଖଜାପଟା**—ଦେ. ବି—ଗୁଡ଼ିଆମାନେ ଯେଉଁ ପଟାରେ ଅଉଟା ହେଉଥିବା ଖଣ୍ଡକୁ ଖଜା କରିବାପାଇଁ ଲୁଡ଼ି ଲୁଡ଼ି କରି ଛାଟନ୍ତି—A plank on which confectioners lay masses of boiled sugar to make Khajā.
**Khajāpaṭā**

**ଖଜାପଣସ**—ଦେ. ବି ( ସଂ. ଖର୍ଜ୍ଜୂର; ପଣସଫୁଟର ଅନୁରୂପ କାରୁଜ ଖଜୁରି ପରି ହୋଇଥିବାରୁ)—ଏକପ୍ରକାର କଠିନ ସୁମିଷ୍ଟ କୋଷବିଶିଷ୍ଟ ସୁଖାଦ୍ୟ ପଣସ; ଯେଉଁ ପଣସରୁ ଖଜୁରି ମଞ୍ଜି ପରି ଫୁଟେ ବାହାରେ—
**Khajāpaṇasa**
খাজাকাঁঠাল
A class of jackfruits the kernels of which are easily eaten as they are not sticky and are rather crisp; crispy jackfruit.

**ଖଜାପିଠା**—ଦେ. ବି (ସହଚର ସଂ. ଖର୍ଜ୍ଜୂରିକା + ପିଷ୍ଟକ)—
**Khajāpithā** ଖଜା ଓ ପିଠା—
Sugar plums and cakes.

**ଖଜୁର**—ଦେ. ବି. (ସଂ. ଖର୍ଜ୍ଜୂର)—୧ । କାବୁଲି ଖଜୁରି କୋଳି; ପିଣ୍ଡ-ଖର୍ଜ୍ଜୂର; ଆରବ ଓ ତୁରସ୍କ ଆଦି ସ୍ଥାନରୁ ଏ ଦେଶକୁ ଆମଦାନି ଶୁଖିଲା ଖଜୁରି ଫଳ—
**Khajura**
খেজুর
खजूर
1. Luscious Arabian date-fruit.
[ଦ୍ର—ଭାରତରେ ଜନ୍ମିବା ଖଜୁରି ମାଂସଳ ନୁହେଁ ଏବଂ ସେଗୁଡ଼ିକର ମଞ୍ଜି ବଡ଼ ବଡ଼ । ]
୨ । ଖଜୁରି (ଦେଖ)
2. Khajuri (See)

ବରଷାକାଳେ ବନଭୂଇଁ,
ଖଜୁରି ଜାମୁ ଯେ ପାଚଇ । ଜଗନ୍ନାଥ. ଭାଗବତ ।

**ଖଜୁରା**—ଦେ. ବି. ( ସଂ. ଖର୍ଜ୍ଜୂରୀ )—୧ । ଆରବଦେଶରୁ ଆମଦାନି ଶୁଖିଲା ଖଜୁରି ଫଳ; ଛୁର୍ମା—
**Khajurā**
খুর্মা
Dried date of Arabia.
खुरमा ୨ । ଏକଜାତୀୟ ମୋଟା ଧାନ—
2. Name of a coarse paddy.

**ଖଜୁରା ପଣସ**—ଦେ. ବି.—ଖଜାପଣସ (ଦେଖ)
**Khajurā paṇasa** Khajā paṇasa (See)

**ଖଜୁରି**—ଦେ. ବି ( ସଂ. ଖର୍ଜ୍ଜୂର )—ତାଳାଦି ଶ୍ରେଣୀର ଦେଶୀୟ ଜେଙ୍ଗା ବୃକ୍ଷ ଓ ତହିଁର କୋଳି—The date-palm and its berries; the wild date Phoenix Sylvestris; Indian date-palm (Haines).
**Khajuri**
ସଂ. ଖରସ୍କନ୍ଧା, ଦୁରାରୋହା ସ୍ୱାଦ୍ୱୀ; ଦୁଷ୍ପ୍ରଧର୍ଷ; ଯବନେଷ୍ଟା; ଖର୍ଜ୍ଜୂର; ଖର୍ଜ୍ଜୂରୀ, ନିଃଶ୍ରେଣୀ ।
খেজুর
खजूर
सेन्धि; खजि, खजूरा
ତେ. ଇଣ୍ଟା, ଖର୍ଜୁର
ମ. ଶିନ୍ଦି, ଖଜୁରୀ
ଗୁ. ଖଜୁରୀ, ଖାରକ
ପଞ୍ଜ. ଡମରଚୁଡ଼ିବ୍
ଆ. ଖୁର୍ମାଭର

[ଦ୍ର—ଏହାର କୋଳିରେ ଗୋପା ଓ ମାଂସ ଅତି କମ୍; ତଥାପି ଏହା ପାଚିଲେ ପିଲାମାନେ ଓ ଇତରଲୋକେ ଖାଆନ୍ତି । ଗଛରେ ଅସଂଖ୍ୟ ଫଳ ପେନ୍ଥା ପେନ୍ଥା ହୋଇ ଫଳେ । ପ୍ରଥମେ ନେଳ; ପରେ ହଳଦିଆ; ପୂର୍ଣ୍ଣରୂପେ ପାଚିଗଲେ ନାଲି ହୁଏ । ଏହି ଗଛର ପତ୍ର ସରୁ ଓ ଖରର ମୁନିଆଁ । ଏହାର ଗୁଣ୍ଡି ବା ଡାଳରେ ପିଞ୍ଛ ( ବା ଗୋରୁଙ୍କ ଦେହରୁ ମାଛି ଉଡ଼ାଇବା ପାଇଁ ଓ ଧାନଗଛକୁ ଗୋରୁଙ୍କ ମୁହଁରୁ ରକ୍ଷା କରିବା ପାଇଁ ଗୋବର ଛାଟିବା ନିମନ୍ତେ ଚାମର) ଓ ଝାଡ଼ୁଣୀ ହୁଏ । ଏଥିର ପତ୍ରରେ ଏକପ୍ରକାର ଆସନ ବା ପଟି ପୁଷ୍ପୁରିଆଜାତୀୟ ସ୍ତ୍ରୀଲୋକେ ବୁଣନ୍ତି; ଏହାର କନ୍ଦା ବା ବୃକ୍ଷାଗ୍ରର କୋମଳ କନ୍ଦ ସୁଖାଦ୍ୟ ଓ ମିଠା । ଆମ ଦେଶରେ ସିଅଳମାନେ ଏ ଗଛର ବେକ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଜ୍ଞ | ଇଯ୍ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ତ୍ୟ | ଇଅ | ଢ଼ | ନ୍ତ |

କାଟି ସେଥିରୁ ରସ ବାହାର କରନ୍ତି । ସେ ରସର ନାମ ତାଡ଼ି । ଖରା ବାଜିଗଲେ ଏ ରସ ଭାରି ମାଦକ ହୁଏ । ଏହି ତାଡ଼ିରୁ ଇତରଲୋକେ ମଦ କହନ୍ତି । ଏହି ତାଡ଼ି ସରକାରଙ୍କ ମାଦକଦ୍ରବ୍ୟ-ତାଲିକାର ଅନ୍ତର୍ଭୁକ୍ତ; ତେଣୁ ଗଛରୁ ତାଡ଼ି ବାହାର କରିବା ଓ ବିକ୍ରି କରିବା ନିମନ୍ତେ ସରକାର କର ନିଅନ୍ତି । ଏଥିର ରସରୁ ବଙ୍ଗଦେଶରେ ଗୁଡ଼ ଓ ଚିନି ତିଆରି ହୁଏ । ବଙ୍ଗଦେଶରେ ଖଜୁରିରସ ପିଇବା ସମ୍ବନ୍ଧେ ସେତେ ବାରଣ ନାହିଁ । କିନ୍ତୁ ଆମ ଦେଶରେ ପାଣ, କଣ୍ଡରା, ବାଉରି, ଡମ, ଚମାର, ହାଡ଼ିଆଦି ନୀଚଜାତୀୟ ଲୋକଙ୍କ ଛଡ଼ା ଅନ୍ୟମାନେ ପ୍ରକାଶ୍ୟରେ ଏହା ସେବନ କଲେ ଜାତି ହରାନ୍ତି ।

ଖଜୁରିଗଛ ଦୁଇ ପ୍ରକାର ଯଥା—(୧) ବଡ଼ ଖଜୁରି; (୨) ଭୁଇଁ ଖଜୁରି । ସିନ୍ଧୁ, ଆରବ, ପାରସ୍ୟ, ମିସର ଆଦି ଦେଶରେ ଖଜୁରିଫଳ ଖୁବ୍ ମିଠା ଓ ମାଂସଲ; ଏହାକୁ ପିଣ୍ଡଖର୍ଜୁର କହନ୍ତି । ନେପାଳ ତରାଇ ପ୍ରଦେଶରେ ହାତେ ଦେଢ଼ହାତ ଉଚ୍ଚ ଗଛରେ ଫଳିବା ଖଜୁରିକୋଳି ଛୋଟ ଛୋଟ ଓ ଏଥିର ମଞ୍ଜି ଅତି ବଡ଼ ଓ ଶସ ଖୁବ କମ୍ ଥାଏ । ଆଉ ଏକପ୍ରକାର ଖଜୁରିଫଳ ଦ୍ରାକ୍ଷାପରି ଆକୃତିବିଶିଷ୍ଟ, ଏହା ଦ୍ୱୀପାନ୍ତରରୁ ଏ ଦେଶକୁ ଆସେ; ଏହାକୁ ଛୁଆରା କହନ୍ତି । ପଶ୍ଚିମଦେଶୀୟ ପାଚିଲା ଖଜୁରିଫଳକୁ ଶୁଖାଇ କାବୁଲିମାନେ ବିକନ୍ତି । ଏହାକୁ ଖୁର୍ମା କହନ୍ତି । ବୈଦ୍ୟଶାସ୍ତ୍ର ଅନୁସାରେ ଖଜୁରିକୋଳି ଶୀତବୀର୍ଯ୍ୟ, ମଧୁରରସ, ମଧୁରବିପାକ, ସ୍ନିଗ୍ଧ, ରୁଚିକର, ହୃଦୟଗ୍ରାହୀ, କ୍ଷତ ଓ କ୍ଷୟନାଶକ, ରକ୍ତପିତ୍ତ-ନାଶକ, ପୁଷ୍ଟିକର, ବିଷ୍ଟମ୍ଭି, ଶୁକ୍ରବର୍ଦ୍ଧକ ଓ ବଳକାରକ । ଏହା କୋଷ୍ଠଗତବାୟୁ, ବମି, ବାତଶ୍ଳେଷ୍ମଦୋଷ, ଜ୍ୱର, ଅତିସାର, କ୍ଷୁଧା, ତୃଷ୍ଣା, କାଶ, ଶ୍ୱାସ, ମତ୍ତତା, ମୂର୍ଚ୍ଛା, ମଦାତ୍ୟୟ ଓ ବାତପିତ୍ତ-ନାଶକ, ଖଜୁରିରସ ମତ୍ତତାଜନକ, ପିତ୍ତକାରକ, ବାତଘ୍ନ, କଫ-ନାଶକ, ରୁଚିଜନକ, ଅଗ୍ନିଦୀପକ, ବଳକର ଓ ଶୁକ୍ରବର୍ଦ୍ଧକ । ]

ଖଜୁରି ଗଛର କି ଗୁଣ ବାହୁନିବ ମୂଳରୁ ପାହାଚ ପାହାଚ । ପ୍ରବଚନ ।

୨ । ଗଜା; ଏକପ୍ରକାରର ମସକା ଘିଅପକ୍ୱ ମିଠାଇ— 2. A kind of fragile sweetmeat.

**ଖଜୁରିଆ**—ଦେ. ବି.—(ଖଜୁରି ଗଛର ପତ୍ର ଡାଳରେ ସଜ୍ଜିତ ହୋଇଥିବା ପରି ଇଟାଗୁଡ଼ିକ ସଜ୍ଜିତ ହେବାରୁ)—୧ । କୋଠାର ଗାନ୍ଥିଣୀ ବା ମେଢ଼ିଆରେ ଚୂନ ଦେଇ ଇଟାକୁ ଠିଆ ବାଗରେ ବସାଇବାର ପ୍ରଣାଳୀ—Mode of setting bricks in a standing position in masonry-work.
Khajuriā
খেজুরে গাঁথনী
খড়ঞ্জা

୨ । ଖଜୁରିପତ୍ର ପରି ତଳେଇ ବା ପଟ୍ଟୀକୁ ବାଉଁଶପାତିଆ ବୁଣିବା ପ୍ରଣାଳୀ—2 Mode of weaving wicker-work like a row of date palm leaves.

**ଖଜୁରିଆ ଛପା**—ଦେ. ବି.—ଖଜୁରିପଟି (ଦେଖ)
Khajuriā chhapā — Khajuripaṭi (See)

**ଖଜୁରିଆପଟି**—ଦେ. ବି.—ଖଜୁରିପଟି (ଦେଖ)
Khajuriā paṭi — Khajuripaṭi (See)

**ଖଜୁରିକଣ୍ଟା**—ଦେ. ବି.—ଖର୍ଜୁରିପତ୍ରର ଟାଣ କଣ୍ଟା—
Khajurikaṇṭā — The sharp and hard points of date leaves.

**ଖଜୁରିକନ୍ଦା**—ଦେ. ବି (ସଂ. ଖର୍ଜୁର+ସ୍କନ୍ଧ)—ଖଜୁରି ଗଛର ବେକପାଖରେ ଥିବା ସୁଖାଦ୍ୟ କୋମଳ ଅଂଶ—The soft edible inner substance at the bulb of a date palm tree.
Khajurikandā

**ଖଜୁରିକୋଳି**—ଦେ. ବି—ଖଜୁରିଗଛରୁ ଜନ୍ମିବା ପେନ୍ଥା ପେନ୍ଥା କୋଳି—Date-plum.
Khajuri koḷi

**ଖଜୁରିଗଛ କାଟିବା**—ଦେ. କ୍ରି.—ଖଜୁରିଗଛ ବସାଇବା (ଦେଖ)
Khajurigachha kāṭibā — Khajurigachha basāibā (See)

**ଖଜୁରିଗଛ ବସାଇବା**—ଦେ.କ୍ରି.—ରସ ବାହାର କରିବା ନିମନ୍ତେ ଖଜୁରି-ଗଛର ସ୍କନ୍ଧ ପାଖ କାଟି ତହିଁରେ ଭରା ଟାଙ୍ଗିବା—To tap the neck of a date-palm for extracting toddy.
Khajurigachha basāibā

**ଖଜୁରିଗୁଡ଼**—ଦେ. ବି.—ଖଜୁରି ରସରୁ ପ୍ରସ୍ତୁତ ଗୁଡ଼—
Khajurigurḍa — Date-sugar.
খেজুর গুড়
খজুরগুড়

[ ଦ୍ର—ଏ ଗୁଡ଼ରେ ଏକ ପ୍ରକାର ସୁଖାଦ୍ୟ ସନ୍ଦେଶ ପ୍ରସ୍ତୁତ ହୁଏ । ]

**ଖଜୁରିଛପା**—ଦେ. ବି—ଖଜୁରିପଟି ( ଦେଖ )—
Khajurichhapā — Khajuripaṭi (See)

**ଖଜୁରିଛାଞ୍ଚୁଣୀ**—ଦେ. ବି—ଏକାଧିକ ଖଜୁରି ଡାଳରେ ବନ୍ଧାହୋଇ ତିଆରି ହୋଇଥିବା ସମ୍ମାର୍ଜନୀ—The sweeping brush made of date-branches tied together.
Khajurichhañchuṇi

**ଖଜୁରିଛାଲି**—ଦେ. ବି ( ସଂ. ଖର୍ଜୁର ଓ ଛଲି )—୧ । ଖଜୁରିର ଡାଳ ( ଏ ଡାଳରେ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ସରୁ ସରୁ କଣ୍ଟାଳିଆ ଲମ୍ବ ପତ୍ର ଥାଏ; ଏହି ଛାଲି ଅନେକ ଦୈନନ୍ଦିନ କାର୍ଯ୍ୟରେ ଲାଗେ )—1 Branch of date palm tree.
Khajurichhāli

୨ । ଖଜୁରି ଡାଳର ମୂଳରେ ଥିବା ଅତି ଟାଣୁଆ ଓ ମୁନିଆଁ ଖଜୁରିପତ୍ର—
2. The long, hard and sharp pointed leaves of a date palm near the trunk.

[ ଦ୍ର—ଏହା ଗୋଡ଼ରେ ଭୂଷିଗଲେ ବଡ଼ କଷ୍ଟ ହୁଏ । ଫସଲ ସ୍ଥଳରେ ଲୋକଙ୍କ ଯିବାଆସିବା ବନ୍ଦ କରିବାପାଇଁ କ୍ଷେତ୍ରସ୍ୱାମୀ ଗୁଡ଼ିଏ ଖଜୁରି ଛାଲି ପକାଇ ଥାଏ । ମାଛଥିବା ପୋଖରୀରେ ରାତିରେ ଲୋକ ପଶି ଚୋରି ନ କରି ପାରିବାପାଇଁ ମଧ୍ୟ କେହି କେହି ପାଣି ଭିତରେ ଖଜୁରି ଛାଲିଆ ପକାନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଲ' ଦେଖିବେ; 'ଅଲ୍ପବୟ' ନ ପାଇଲେ 'ଅଲ୍‌ପବୟ' ଦେଖିବେ ।

**ଖଜୁରିଛାଲିଆ**—ଦେ. ବି.—୧ । ଖଜୁରିଛାଲି (ଦେଖ)
Khajurichhālia — Khajurichhāli (See)
୨ । କବାଟରେ ଲାଗିବା ଏକପ୍ରକାର ପାତଳା କଣ୍ଟା—
2. A kind of iron nails which are driven into door planks.

**ଖଜୁରିପଟି**—ଦେ. ବି ( ସଂ. ଖର୍ଜୁର + ପଟ୍ଟିକା ) —ଖଜୁରି ପତ୍ରରେ ବୁଣା ହୋଇଥିବା ପଟି ବା ଅସନ—
Khajuripaṭi
A mat made of date leaves intertwined.
[ ଦ୍ର—ଆମ ଦେଶରେ ଧୁପୁରିଆ ଜାତିର ସ୍ତ୍ରୀମାନେ ଏହାକୁ ବୁଣିବାରୁ ଏହାକୁ 'ଧୁପୁରିଆ ପଟି' ବୋଲାଯାଏ । ଏ ପଟିର ମୂଲ୍ୟ ଅଳ୍ପ ତେଣୁ ଗରିବ ଲୋକମାନେ ମସିଣା ଓ ମୁନ୍ଦୁରି ପରିବର୍ତ୍ତେରେ ଏହାକୁ ବ୍ୟବହାର କରନ୍ତି । ]

**ଖଜୁରିପନି**—ଦେ. ବି—ଖଜୁରି ଗଛର ଡାଳ ଓ ପତ୍ର ମୂଳରେ ଥିବା ପତଳା ଜାଲିଜାଲିଆ ପରଦା—
Khajuripani
Net-like thin layers at the foot of the branches of date trees.

**ଖଜୁରିପିଞ୍ଛ**—ଦେ. ବି—ଖଜୁରିପତ୍ରରେ ନିର୍ମିତ ଚାମର—
Khajuripiñchha — A fan-like chourie made from a date branch.
[ଦ୍ର—ଖଜୁରିର ଡାଳକୁ ଆଣି ମୂଳ ପତ୍ରଯାକ ଛେଳିଦେଇ ଅଗ୍ର ପତ୍ର ଡାଳରେ ଲାଗିଥିବା ଅବସ୍ଥାରେ ତାହା ଚାମର ଭଳିଆ ଦିଶେ; ତାକୁ ଗୋବର ପାଣିରେ ବୁଡ଼ାଇ ଚତ୍ୱାଳି ଧାନ ଗଛରେ ଗୋବର ପାଣି ଛାଟିଲେ ଗୋବର ଧାନ ଗଛରେ ବୋଳି ହୋଇଯାଏ ଓ ଗୋବର ଗନ୍ଧରେ ଗୋରୁ ଛେଳି ଧାନ ଗଛକୁ ଖାଆନ୍ତି ନାହିଁ ।
ଆହୁରି ମଧ୍ୟ ଗୋରୁମାନଙ୍କ ଦେହରେ ମସା ଡାଆଁଶ ଆଦି ବସି ତାଙ୍କୁ କାଲୁବାଲୁ କଲେ ଗୋରୁରଖୁଆଣ ଏ ଚାମରକୁ ଗୋରୁଙ୍କ ଦେହରେ ଅସ୍ତେ ଅସ୍ତେ ବାଡ଼େଇ ମାଛି ଡାଆଁଶଆଦିକୁ ଉଡ଼ାଇଦିଏ । ]

**ଖଜୁରିରସ**—ଦେ. ବି—ଖଜୁରି ଗଛରୁ ବାହାରିବା ନିର୍ଯ୍ୟାସ; ତାଡ଼ି ମଦ—
Khajurirasa — Date juice; toddy.
খেজুরেররস; রস
खजुरकारस
[ଦ୍ର—ଏହା ଟାଟକା ଥିଲେ ଏଥିରେ ନିଶା ହୁଏ ନାହିଁ, ଏହା ସେ ଅବସ୍ଥାରେ ପୁଷ୍ଟିକର ଓ ରୋଚକ । କିନ୍ତୁ ଏହା ବାସି ହୋଇଗଲେ ଅର୍ଥାତ୍ ସୂର୍ଯ୍ୟୋଦୟ ପରେ ଆମ୍ବିଳା ଓ ମଦୁଆ (ମାଦକ) ହୋଇଯାଏ । ଏ ଦେଶରେ ଛୋଟ ଜାତିର ଲୋକମାନେ ଏ ରସକୁ ପିଅନ୍ତି ଓ ଏହାକୁ 'ମଦ' ବୋଲି ଡାକନ୍ତି । ବଙ୍ଗଦେଶରେ ଖଜୁରି ରସରୁ ଗୁଡ଼ ତିଆରି ହୁଏ । ମଇଦାରେ ଖଜୁରି ରସ ମିଶାଇଲେ ପାଉଁରୁଟି ଖୁବ୍ ଫୁଲୁକା ହୁଏ । ]

**ଖଦ୍ୟୋତଃ**—ସଂ. ବି. ( ବହୁବ୍ରୀହି; ଖ + ଦ୍ୟୋତଃ ) —
Khajyotiḥ — ଜୁଳୁଜୁଳିଆ ପୋକ; ଖଦ୍ୟୋତ—Fire fly.

**ଖଞ୍ଜ୍ (ଧାତୁ)**—ସଂ—ଖୋଟେଇବା; ଖୋଟେଇ ଚାଲିବା—
Khañja (root) — To limp; to halt; to walk lame.

**ଖଞ୍ଜିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଖଞ୍ଜିବା—
Khañjbā — To fit; to set in proper place.

**ଖଞ୍ଜ**—ସଂ. ବିଣ. ( ଖଞ୍ଜ୍ ଧାତୁ = ଖୋଟେଇ ଚାଲିବା + କର୍ତ୍ତୃ. ଅ )—
Khañja — ଖୋଟା; ଲେଙ୍ଗଡ଼ା; ବିକଳ ପଦ—
Lame; cripple; limping.
ବଢେ ଗଜ ଖଞ୍ଜଗତି ଖଞ୍ଜ ଅଗେ ବହୁ ଯେ । ଉପେ. ବୈଦେହୀଶବିଳାସ ।

ସଂ. ବି—ଏକପ୍ରକାର ରୋଗ ଯଦ୍ୱାରା ମନୁଷ୍ୟର ଗୋଡ଼ ଅଚଳ ହୋଇ ମନୁଷ୍ୟ ଚାଲିବାକୁ ଅସମର୍ଥ ହୁଏ—
( ହି. ଶବ୍ଦସାଗର )
A disease which disables a person from walking

ଦେ. ବି—୧ । ଉପାୟ—1. Means.
दाँव
ଯହିଁକି ଯେମନ୍ତେ ସାକେ ଲଗାଇଛି ଖଞ୍ଜ । ପ୍ରାଚୀ—ବ୍ରହ୍ମକରୁପଣ ଗୀତା
सुतार; सुभीता; मौका
୨ । ଅବସର; ସୁବିଧା—
2. Opportunity; convenience.
୩ । ସୂତ୍ର; କୌଶଳ—
3. Artifice; secret contrivance.
୪ । ଗୋପନୀୟ ଉପାୟ—4. Secret means.
୫ । ଓର—5. Suitable opportunity or opening.
୬ । ସଞ୍ଚଳ—6. Preparation.
୭ । ଢଙ୍ଗ; ପ୍ରକାର—7. Mode; manner.
କ କୀଡ଼ା କରୁଛ ସୁରଙ୍ଗ, ଚ୍ରୀଡ଼ା ଛଡ଼ା ଖଞ୍ଜରେ ।
ମଧୁସୂଦନ—ବ୍ୟଙ୍ଗ କବିତା ।
୮ । ଷଡ଼ଯନ୍ତ୍ର—8. Conspiracy.

**ଖଞ୍ଜ ଅଖଞ୍ଜ**—ଦେ. ବି. ( ବିପରୀତାର୍ଥକ ସହଚର )—
Khañja akhañja — ସୁବିଧା ଅସୁବିଧା—Convenience and inconvenience.
ବିଦେଶୀ ଲୋକ କୌଣସି ଗ୍ରାମରେ କାହାରି ଖଞ୍ଜଅଖଞ୍ଜରେ ଘର ରନ୍ଧା ହୋଇ ନ ପାରିଲେ ପୂଜାହାରୀ ପାଖରେ ଯୋଡ଼ାଏ ପଇସା ପକାଇ ଦେଲେ ପେଟେ ପ୍ରସାଦ ଖାଇବାକୁ ମିଳେ । ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖଞ୍ଜ ଉଣ୍ଡିବା**—ଦେ. କ୍ରି—ସୂତ୍ର ବା ସୁବିଧା ଖୋଜିବା—
Khañja uṇḍibā — To be on the lookout for a suitable opportunity or opening.

**ଖଞ୍ଜକ**—ସଂ. ବିଣ. ପୁଂ. ( ଖଞ୍ଜ୍ ଧାତୁ + କର୍ତ୍ତୃ. ଅକ )—
Khañjaka — ୧ । ଖୋଟେଇ ଖୋଟେଇ ଚାଲୁଥିବା—1. Limping.
(ଖଞ୍ଜିକା—ସ୍ତ୍ରୀ) ୨ । ଖୋଟା—2. Lame.

**ଖଞ୍ଜ କରିବା**—ଦେ. କ୍ରି—୧ । କୌଶଳଦ୍ୱାରା କୌଣସି କାର୍ଯ୍ୟ ସାଧନ କରିବା—1. To bring about by contrivance a thing to happen,
Khañja karibā
୨ । ସଞ୍ଚଳ କରିବା—2. To be able to collect or gather or get.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଥ | ଉଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ୍ୟ | ଇଅ | ● | ନ୍ତ |

**ଖଞ୍ଜଖାଞ୍ଜ**—ଦେ. ବି—୧ । ସୁବିଧା—1. Opportunity.
Khañjakhāñja ୨ । ଚାଲବଲକ; ଗୋପନରେ ଉପାୟ—
2. Secret contrivance.

**ଖଞ୍ଜଖାଞ୍ଜିଆ**—ଦେ. ବିଣ—ଖଞ୍ଜିଆ ( ଦେଖ )
Khañjakhāñjia Khañjia ( See )

**ଖଞ୍ଜଖେଟ**—ସଂ. ବି. ( ଖଞ୍ଜ + ଖେଟ )—ଖଞ୍ଜନ ( ଦେଖ )
Khañjakheta Khañjana ( See )

**ଖଞ୍ଜଖେଳ**—ସଂ. ବି. (ଖଞ୍ଜ + ଖେଳ)—ଖଞ୍ଜନ ( ଦେଖ )
Khañjakhela Khañjana ( See )

**ଖଞ୍ଜ ଚାଲିବା**—ଦେ. ବି—ଦୁଇ ଜଣଙ୍କ ମଧ୍ୟରେ ଗୋପନ ଉପାୟ ବା
Khañja chāliba ପରାମର୍ଶ ଚାଲୁଥିବା—A state of two persons carrying out some plans or conversation in secret.

**ଖଞ୍ଜାଞ୍ଚି**—ଦେ. ବି—ଖାଞ୍ଜିଞ୍ଚି ( ଦେଖ )
Khañjāñchi Khāñjiñchi ( See )

**ଖଞ୍ଜଡ଼**—ପ୍ରାଦେ. (ସମ୍ବଲପୁର) ବି—ବେଲୁଚସ୍ଥାନର ଲୋକ—
Khañjarda A man of Beluchistān.

**ଖଞ୍ଜଣା**—ଗ୍ରା. ବୈଦେ. ବି. ( ଫା. ଖଜାନା )—୧ । ଖଜଣା (ଦେଖ)
Khañjaṇā 1. Khajaṇā (See)
୨ । ସଜା; ସଜାଇବା—2. Act of furnishing; equipping; equipment.

**ଖଞ୍ଜଣାଖାନା**—ଦେ. ବି—ଖଜଣାଖାନା ( ଦେଖ )
Khañjaṇākhānā Khajaṇākhānā ( See )

**ଖଞ୍ଜଣି**—ଦେ. ବି. ( ସଂ. ଖଞ୍ଜଗତି=ସଙ୍ଗୀତର ତାଳବିଶେଷ )—
Khañjaṇi ୧ । ଏକ ମୁହାଁ ଚମ ଛୁଆଣି ମାଟି ବା କାଠର ବାଦ୍ୟ
ଖଞ୍ଜଣୀ ଯନ୍ତ୍ର—1. Tambour; tambourine; a small
ଖଞ୍ଜରୀ flat drum with only one skin, the other side being open.

[ ଦ୍ର—ଏହା ଗୋଟିଏ ଗୋଲ୍ ୩।୪ ଅଙ୍ଗୁଳ ଉଚ୍ଚତା କାଠ ବା ମାଟିର ବଳୟର ଏକ ପାଖରେ ଚମଡ଼ା ଛୁଆଣି ଓ ଅନ୍ୟପାଖ ଖୋଲାଥିବା ବାଦ୍ୟ । ଏହାକୁ ବାମହାତରେ ଧରି ଡାହାଣ ହାତ ଅଙ୍ଗୁଠିରେ ବଜାନ୍ତି; ଏଥିରେ ସମୟସମୟରେ କ୍ଷୁଦ୍ର ଝାଞ୍ଜ ଖଞ୍ଜା ଥାଏ । ଖଞ୍ଜଣି ବଜାଇବା ସଙ୍ଗେ ସଙ୍ଗେ ସଂଯୁକ୍ତ ଝାଞ୍ଜ ମଧ୍ୟ ବାଜେ । ଭଜନାଦି ବୋଲିବା ବେଳେ ଏହି ଯନ୍ତ୍ରକୁ ବଜାନ୍ତି । ]

୨ । ସଜା; ଅଳଙ୍କରଣ; ସଜାଇବା—
2. Equipment; decoration.
କେତେଠାରେ କେତେ ଭଳି ଖଞ୍ଜଣି । ପ୍ରାଚୀ. ରହସ୍ୟମଞ୍ଜରୀ ।

**ଖଞ୍ଜଣିଚକ୍ର**—ଦେ. ବି—( ବୃକ୍ଷଙ୍କଳ ମତରେ ) ଗୋଡ଼ର ନଳହାଡ଼
Khañjaṇichakra ଉପରେ ଥିବା ଅଣ୍ଠୁର ହାଡ଼ଚକ—
Knee-bone.
ତହିଁ ଉପରେ ଅଣ୍ଠୁ ଅଛି ଚକ୍ର ତାହାକୁ ବୋଲନ୍ତି ଖଞ୍ଜଣି ଚକ୍ର ।
ପ୍ରାଚୀ. ଚଉତିଶିତା ।

**ଖଞ୍ଜଣିମାର୍ଡ଼**—ଦେ. ବି.—ଖଞ୍ଜଣି ବଜାଇବା—
Khañjaṇimārda Striking a tambourine.

**ଖଞ୍ଜନ**—ସଂ. ବି. (ଖଞ୍ଜ ଧାତୁ = ଖୋଚାଇ ଚାଲିବା + କର୍ତ୍ତୃ. ଅନ)—
Khañjana ୧ । ଗୁଣ୍ଡୁଚାଲଳା ଚଢ଼େଇ—
ଖଞ୍ଜରୀଟ 1. Wagtail (a bird).
ଖଞ୍ଜରୀଟ

[ ଦ୍ର—ଏ ପକ୍ଷୀ ସବୁବେଳେ ପୁଚ୍ଛ ହଲାଉଥାଏ । ଏହା ଦୁଇ ପ୍ରକାର (୧) ଭୂମି ଖଞ୍ଜନ, ଏହାର ଶୁଭ୍ର ଧଳା—Pied wagtail Montacilla Lugubris; Montacilla Alba. ହଳଦିଆ ଖଞ୍ଜନ—Montacilla Melanope; Yellow wagtail—ଏହାର ବର୍ଣ୍ଣ କଳା ଓ ଶୁଭ୍ର ହଳଦିଆ । ଖଞ୍ଜନ ସବୁବେଳେ ଲାଙ୍ଗୁଡ଼ ହଲାଉ ଥିବାରୁ ସୁଲକ୍ଷଣା, ଚଞ୍ଚଳନୟନା ସ୍ତ୍ରୀଙ୍କୁ ଖଞ୍ଜନନୟନା, ଖଞ୍ଜନାକ୍ଷୀ, ଖଞ୍ଜନନେତ୍ରୀ ବୋଲାଯାଏ । ଏହାର ଚକ୍ଷୁ ଅତି ସୁନ୍ଦର ଗାଢ଼ କୃଷ୍ଣବର୍ଣ୍ଣ ଓ ଚଞ୍ଚଳ । ]

୨ । ହଳଦିଆ ଖଞ୍ଜନ—2. Yellow wagtail.
୩ । କଜଳପାତି (ଚଢ଼େଇ) (ଦେଖ)
3. Kajalapāti (See)
୪ । ( + ଭାବ. ଅନ) ଖୋଚେଇ ଚାଲିବା—
4. Walking lamely.
୫ । ନୀଳକଣ୍ଠ ପକ୍ଷୀ; ଭଦଭଦଳିଆ—5. The Blue jay.
ଦେ. ବି.—ଅଳଙ୍କରଣ; ଖଞ୍ଜିବା—
Setting; arraying; decoration.
ଚଉଦ କୁସୁମ ମାଳା ଖଞ୍ଜନ । ଉତ୍ତ. ବୈଦେହୀଶବିଳାସ ।

**ଖଞ୍ଜନକ**—ସଂ. ବି.—(ଖଞ୍ଜନ + ସ୍ୱାର୍ଥେ. କ)—ଖଞ୍ଜନ ୧ ଓ ୨ (ଦେଖ)
Khañjanaka Khañjana 1 and 2 (See)

**ଖଞ୍ଜନନୟନା**—ସଂ. ବିଣ. ସ୍ତ୍ରୀ ( ବହୁବ୍ରୀହି; ଖଞ୍ଜନନୟନ ପରି ନୟନ
Khañjananayanā ଯାହାର ) (ଖଞ୍ଜନ + ନୟନ + ଆ)—
ଖଞ୍ଜନନୟନୀ (ଦେଖ)
Khañjananayani (See)

**ଖଞ୍ଜନନୟନୀ**—ଦେ. ବିଣ. ସ୍ତ୍ରୀ.(ସଂ. ଖଞ୍ଜନନୟନା)—ଯେଉଁ ସ୍ତ୍ରୀର ଆଖିର
Khañjananayani ଗୋଲକ କଳା ଓ ଖଞ୍ଜନପକ୍ଷୀପରି ସର୍ବଦା ଅସ୍ଥିର—A woman whose eye-balls are black and moving like the wagtail.

**ଖଞ୍ଜନରତ**—ସଂ.ବି. (ଖଞ୍ଜନ + ରତ; ଖଞ୍ଜନପକ୍ଷୀର ରତି ଅତି ଗୁପ୍ତ ଥିବାରୁ)
Khañjanarata —ଋଷିମାନଙ୍କର ଗୋପନୀୟ ମୈଥୁନ—
Cohabitation of saints ( which they do very secretly).

**ଖଞ୍ଜନା**—ସଂ. ବି. (ଖଞ୍ଜନ+ଆ)—୧ । ଏକପ୍ରକାର ଜଳପକ୍ଷୀ—
Khañjanā A kind of bird.
୨ । ସୋରିଷ—2. Mustard.
୩ । ବୃତ୍ତିଶିବିଶେଷ—
3. Name of several metres (M. W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଠିକ୍ ଜାଣନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଯାଠ' ନ ମିଳିଲେ 'ଜାଠ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଖୋଜିବେ; 'ବର୍ଣ୍ଣ' ନ ମିଳିଲେ 'ବର୍ଣ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

**ଖଞ୍ଜନାକ୍ଷୀ**—ଦେ. ବଣ. ସ୍ତ୍ରୀ. (ବହୁବ୍ରୀହି; ଖଞ୍ଜନ + ଅକ୍ଷି + ସ୍ତ୍ରୀ. ଈ)—
**Khañjanākshī** ଖଞ୍ଜନନୟନା (ଦେଖ) Khañjananayanī (See)

ଗେଲା ଲେଲା ଖଞ୍ଜନାକ୍ଷୀ ବାହୁଙ୍କ ଉଲ୍ଲାସରେ ।
ଭଞ୍ଜ ଗ୍ରଂ. ରସୋଲ୍ଲାସ. ୧ ଗୀତ ।

**ଖଞ୍ଜ ପଡ଼ିବା**—ଦେ. କ୍ରି—୧ । କୌଣସି ସାଧନରେ ଉପଯୁକ୍ତ ସୁବିଧା
**Khañja paṭibā** ଯୁଟିବା ବା ଅବସର ମିଳିବା—
1. The happening of a suitable opportunity for doing a thing.
୨ । ଗୋପନ ପରାମର୍ଶ ନିମନ୍ତେ ମନ ମିଳିବା—
2. Secret agreement between two persons.
( ଯଥା—ସେ ଦୁହିଙ୍କର ଖୁବ ଖଞ୍ଜ ପଡ଼ୁଛି । )

**ଖଞ୍ଜ ପଡ଼ିବା**—ଦେ. କ୍ରି—ଖଞ୍ଜପଟିବା ( ଦେଖ )
**Khañja parḍibā** Khañjapaṭibā ( See )

**ଖଞ୍ଜର**—ବୈଦେ. ବି. (ଫା)—କଟାର; ଛୋରା—
**Khañjara** Dagger.
ଖଞ୍ଜର [ ଦ୍ର—ଗୋପୀନାଥ ନନ୍ଦ ଏ ଶବ୍ଦକୁ 'ଯାବନିକ'
खञ्जर ଉଲ୍ଲେଖ କରି ଏହାର ଅର୍ଥ 'ଗୋଲା' ଥିବାର ଲେଖି ଅଛନ୍ତି । ଏହା ଭ୍ରମାତ୍ମକ । ]

**ଖଞ୍ଜରୀ**—ଦେ. ବି—ଖଞ୍ଜ ୧ ( ଦେଖ )
**Khañjari** Khañja 1 ( See )

ସନ୍ଧ୍ୟା ସମୟରେ ଖଞ୍ଜରୀ ବଜାଇ ଗାଉଛନ୍ତି ଗାନ୍ଧୁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖଞ୍ଜରୀଟ**—ସଂ. ବି. ( ଖଞ୍ଜ + ର ଧାତୁ + କର୍ତ୍ତୃ. ଇଟ )—
**Khañjariṭa** ଖଞ୍ଜନପକ୍ଷୀ; କଳଲପାଚ—
A species of wagtail.

ଚଢାଳସ ବାଟପଟୁ ଖଞ୍ଜରୀଟ ପକ୍ଷୀଏ ଅଶିବ ଦଳିଛ ।
ଦେବଦୁର୍ଲ୍ଲ. ରସୋଲ୍ଲାସ. ୨ ଗୀତ ।

**ଖଞ୍ଜରୀଟକ**—ସଂ. ବି—୧ । ଖଞ୍ଜରୀ ( ଦେଖ )
**Khañjarīṭaka** 1. Khañjari ( See )
୨ । ଖଞ୍ଜନପକ୍ଷୀ—2. The wagtail.

**ଖଞ୍ଜଲେଖ**—ସଂ. ବି. ( ଖଞ୍ଜ + ଲେଖ )—
**Khañjalekha** ଖଞ୍ଜରୀଟ ( ଦେଖ ) Khañjarīṭa ( See )

**ଖଞ୍ଜା**—ସଂ. ବି—ବର୍ଣ୍ଣାର୍ଦ୍ଧସମ ବୃତ୍ତ ମଧ୍ୟରୁ ଏକତମ ବୃତ୍ତ (ଛ. ଶବ୍ଦସାଗର)—
**Khañjā** Name of metre.
বাকুলি ଦେ. ବି.—୧ । ଚତୁର୍ଦ୍ଦିଗରେ ଗୃହ ବା ପ୍ରାଚୀର-
आँगन, আঙ্গিনা ବେଷ୍ଟିତ ସ୍ଥାନ; ଅଗଣା; ପ୍ରାଙ୍ଗଣ; ଅଙ୍ଗନ—
1. Court-yard; an open space surrounded by houses or walls on all sides.
୨ । ନିଯୁକ୍ତି—2. Engagement.
୩ । ନିୟମିତ ବନ୍ଦୋବସ୍ତ—
3. Regular arrangement; arrangement of regular supply of a thing or service.
୪ । ଉତ୍ସର୍ଗ; ସେବା ଅବଦରେ ଖଞ୍ଜିବା—
4. Endowment; dedication.
୫ । ଯୋଡ଼ା; ସଂଯୋଗ; ଦୁଇ ବସ୍ତୁର ଏକତ୍ର ସଲଗ୍ନ ହୋଇଥିବା ସ୍ଥାନ—
5. Joint; place where two things are attached to each other.

କଚ୍ଛ ଦୂର ପଦ୍ମପତ୍ରେ ଖଞ୍ଜାରୁ ଖଡ଼ଇ
ନାଃଶ୍ରସ ଶୋଷନ୍ତେ ଗୃହ ବାହୁଡ଼ ବସଇ । ସାରଳା ମହାଭାରତ ।

୬ । ନିୟମିତରୂପେ ଉତ୍ସର୍ଗୀକୃତ ବସ୍ତୁର ପରିମାଣ ବା ମୂଲ୍ୟ—
6. Value; amount or quantity of things endowed.
୭ । ଦୁଇ ହାଡ଼କୁ ଯୋଡୁଥିବା ଗଣ୍ଠି ଦୁଇ ଖଣ୍ଡ ହାଡ଼ର ଯୋଡ଼ ମୁଣ୍ଡ—7. Bone-joint
ଦେ. ବଣ—୧ । ସଜ୍ଜିତ ହୋଇଥିବା—1. Equipped.
୨ । ପେନ୍ଧା ଯାଇଥିବା—2. Worn (as ornament).

ଝଣ ଝଣ ନୂପୁର ଏ ଖଞ୍ଜା ପାଦ୍ମୂଡ଼ ଚରଣେ ।
ଉପେ. ଲାବଣ୍ୟବତୀ ।

୩ । ଯୋଡ଼ା ହୋଇଥିବା—3. Joined together.
୪ । ନିୟମିତ ରୂପେ ବନ୍ଦୋବସ୍ତ କରା ଯାଇଥିବା—
4. Regularly settled; prearranged; arranged to be regularly supplied.

ମୋ ଚିତ୍ତ ଖଞ୍ଜା ତାମ୍ବୂଳ ପଦ୍ମ ଦଳ ଶଯ୍ୟାକୁ ନେଲ ତହିଁ ପାଇଁ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । ସେବାରେ ନିଯୁକ୍ତ—
5. Engaged in service.
୬ । ଖଇରାତ ବା ଦେବ ସେବା ପାଇଁ ଉତ୍ସର୍ଗୀକୃତ—
6. Dedicated; endowed ( for religious and charitable purposes ).

**ଖଞ୍ଜାଇବା**—ଦେ. କ୍ରି—ଖଞ୍ଜିବାର ଣିଜନ୍ତ ରୂପ—
**Khañjaibā** The causative form of Khañjibā.

**ଖଞ୍ଜାକାଟ**—ଦେ. ବି—୧ । ଦେବତାମାନଙ୍କ ସେବକମାନେ ଯେଉଁ
**Khañjākāṭa** ଦେବୋତ୍ତର ବୃତ୍ତି ଭୂମି ବା ଦଖଲ କରୁଥାନ୍ତି, ସେମାନଙ୍କ ଦ୍ୱାରା ସମ୍ପନ୍ନ ସେବା ଓ ଭୋଗ ଆଦିର ମୂଲ୍ୟ ନିମନ୍ତେ ସେ ଜମିର ଖଜଣାରୁ ଯେଉଁ ଅଂଶ କଟି ଯାଏ—
1. Amount deducted from the proper rent of lands held by the servants of a Deity in lieu of services rendered or offerings supplied by them.
୨ । ଉକ୍ତ ରୀତି ବା ପ୍ରଥା—2. The above system or custom of deducting the price of action.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଗ୍,ଙ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଡ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଇଅ | ● | ନ୍ତ |

୩ । ସେବାର ନିଯୁମିତ ବ୍ୟୟରୁ କର୍ତ୍ତିତ—
3. Deducted from the regular expense of service.

ଦେ. ବଣ—ଖଞ୍ଜାକାଟ ପ୍ରଣାଳୀରେ ସେବକମାନେ ଭୋଗ କରୁଥିବା ଜମି)—(Land) Held under the system of Khañjākāṭa.

ଖଞ୍ଜାଖଞ୍ଜି—ଦେ. ବି—୧ । ଖଞ୍ଜିବା କର୍ମ; ସଜ୍ଜୀକରଣ—
Khañjākhañji — 1. Act of equipping or furnishing.

୨ । ନାନାବି ବସ୍ତୁ ଖଞ୍ଜିବା କର୍ମ—
2. The act of equipping or decorating many things.

ଖଞ୍ଜାଖଞ୍ଜି କରିବା—ଦେ. କ୍ରି—୧ । ସଜ୍ଜିତ କରିବା—
Khañjākhañji karibā — 1. To furnish or equip.

୨ । ବନ୍ଦୋବସ୍ତ କରିବା—
2. To arrange or settle.

୩ । ଦୁଇ ଜଣଙ୍କୁ ବିବାହ ବନ୍ଧନରେ ବାନ୍ଧିବା—
3. To cause two persons to be united by marriage.

ଖଞ୍ଜା ପାହୁଡ଼—ଦେ. ବି—ପାଦର ଅଳଙ୍କାରବିଶେଷ—
Khañjā pāhurḍa — An ornament for the leg.
ଚରଣରେ ହୋଏ ଖଞ୍ଜା ପାହୁଡ଼ ଚରଣେ—ଭଞ୍ଜ. ଲାବଣ୍ୟବତୀ ।

ଖଞ୍ଜାବାଡ଼ି—ଦେ. ବି—ଜମିବାଡ଼ି; ବୃତ୍ତି—
Khañjābārḍi — Landed tenures or holdings; landed property.
ସୁଖେ ଏବେ ଆମ୍ଭଙ୍କୁ ମିଳିବ ଖଞ୍ଜାବାଡ଼ି,
ଶୁଣି ତା ନୃଥା ଜମ ବସିଲେ କଣ ମୋଡ଼ି । ପୀତାମ୍ବର. ନୃସିଂହପୁରାଣ ।

ଖଞ୍ଜାଶାଳ—ଦେ. ବି—୧ । ଖନ୍ଦାଶାଳ ( ଦେଖ )—
Khañjāśāḷa — 1. Khandāśāḷa (See)

୨ । ଉତ୍ସବ ଓ ଯଜ୍ଞ ଆଦିରେ ବହୁଲୋକ ରହିବା ପାଇଁ ତାଟିର ବଡ଼ବଡ଼ ଅସ୍ଥାୟୀ ଘର—2. Big temporary houses of palm leaf frames set up to accomodate many people during festive occasions.

ଖଞ୍ଜାହାଡ଼—ଦେ. ବି—ମେରୁଦଣ୍ଡ; ମେରୁହାଡ଼—
Khañjāhārḍa — Backbone
[ ଦ୍ର—ଏହା ଅନେକଗୁଡ଼ିଏ ହାଡ଼ର ସମଷ୍ଟି । ]
ସେ ଘାତରେ ମୋହର ପିଠି ଖଞ୍ଜାହାଡ଼,
ଟଳଟଳ ପରି ଶୁଭିଲା ମଡ଼ ମଡ଼ । କୃଷ୍ଣସିଂହ. ମହାଭାରତ. ବିରାଟ ।

ଖଞ୍ଜିଆ—ଦେ. ବିଣ. ପୁଂ—୧ । ତାକତରକିଆ; ଯେଉଁ ବ୍ୟକ୍ତି ଖଞ୍ଜ ବୁଝି
Khañjiā କାମ କରେ—1. One who knows to successfully watch proper opportunities.
(ଖଞ୍ଜେଇ—ସ୍ତ୍ରୀ).

୨ । କୌଶଳୀ; ଯେ କୌଶଳରେ କାର୍ଯ୍ୟ ହାସଲ କରେ—
2. Artful; tactful.

ଖଞ୍ଜିଖାଞ୍ଜି—ଦେ. କ୍ରି. ବିଣ—ସୁସଜ୍ଜିତରୂପେ; ଗଢ଼ିଗାଢ଼ି—
Khañjikhāñji — In a well-equipped or befitting manner.
ଗେହେଗୁହେ

ଖଞ୍ଜିତ—ଦେ. ବିଣ (ସଂ. ଖଚିତ)—ଖଞ୍ଜା ହୋଇଥିବା—
Khañjita — Equipped with
ପିକ କପୋତ ଶୁକ ସାରୀ ଖଞ୍ଜିତ ହୋଇଛି ପିଞ୍ଜରା—
ଭୂପତି. ପ୍ରେମପଞ୍ଚାମୃତ ।

ଖଞ୍ଜିବା—ଦେ. କ୍ରି—( ସଂ. ଖଚ୍ ଧାତୁ )—୧ । ବନ୍ଦୋବସ୍ତ କରିବା—
Khañjibā — 1. To settle; to arrange.

୨ । ସୁସ୍ଥିରରୂପେ ଯୋଡ଼ିବା; ସଜ୍ଜିତ କରିବା—
2. To equip; to arrange methodically or fittingly.

୩ । ଉପଯୁକ୍ତ ସ୍ଥଳରେ ଅଳଙ୍କାର ପିନ୍ଧାଇବା ବା ପିନ୍ଧିବା—
3. To put on proper ornaments at proper places.
କାହାର କର୍ଣ୍ଣେ କୁଣ୍ଡଳ ଖଞ୍ଜିବଲେ ମୋର ବାଳ
କାହାପାଇଁ କରୁଥିବ ହନ୍ତାରେ ଜୀବଧନ । ଉତ୍କଳଚରଣ. ମଥୁରାମଙ୍ଗଳ ।

୪ । କୌଣସି ଦେବକାର୍ଯ୍ୟ ବା ସେବା ଉଦ୍ଦେଶ୍ୟରେ ସମ୍ପତ୍ତିକୁ ସ୍ଥାୟୀ ଭାବରେ ଅର୍ପଣ କରିବା—4. To endow or settle properties for particular purposes.

୫ । ପୂର୍ବରୁ ବନ୍ଦୋବସ୍ତ କରିବା—
5. To arrange before-hand; to prearrange.
ଦଇବ ଖଞ୍ଜିଛି ଅହାର ଏହା ମୋତେ—କୃଷ୍ଣସିଂହ. ମହାଭାରତ. ବନ ।

୬ । ସ୍ଥାପନ କରିବା—6. To set; to fix.
ରତ୍ନେ ପଡକଞ୍ଚ ଖଞ୍ଜେ ଧରଣୀ ତଳେ—କବିସୂର୍ଯ୍ୟ. କଳଶୋପଚମ୍ପୂ. ଭ ଗୀତ ।

୭ । କର୍ମରେ ବା କପାଳରେ ଲେଖିବା; ବିଧାନ କରିବା—
7. To ordain.
ଦୁର୍ଯ୍ୟୋଧନ ବଶରେ ଲଗାଇଲ ଯା ତୁମ୍ଭଙ୍କୁ,
ତହିଁର ଫଳ ବିହି ଖଞ୍ଜିଲା ଆମ୍ଭଙ୍କୁ । କୃଷ୍ଣସିଂହ. ମହାଭାରତ. ବନ ।

୮ । ବିଧାନ କରିବା; ସୃଷ୍ଟି କରିବା—
8. To create; to enact; to formulate.
କେତେ କଷ୍ଟକୁ ମୋତେ ଖଞ୍ଜିଲା ଦଇବ ।
କୃଷ୍ଣସିଂହ. ମହାଭାରତ. ବନ ।

୯ । ନିବେଶିତ କରିବା—9. To set.
ମଞ୍ଜୀର ଚିଞ୍ଚିତେ ଖଞ୍ଜି କାଳ ନିବେଶି ବସିଛୁ ପଥ ।
କବିସୂର୍ଯ୍ୟ. କଳଶୋପ ଚମ୍ପୂ. ଝ ଗୀତ ।

୧୦ । ନିଯୁକ୍ତ କରିବା—10. To engage; to employ.
ଏମନ୍ତେ ଶୀଘ୍ର ବେନିଜଣ, ବନ ନ ବୁହାରେ ଖଞ୍ଜିଲା ।
ଜଗନ୍ନାଥ. ଭାଗବତ ।

ଖଞ୍ଜିହେବା—ଦେ. କ୍ରି.—ଭରିବା; ଲଗାଇବା; ନିଜ ଦେହରେ ଅଳଙ୍କାର ଲଗାଇବା—
Khañji hebā — To put on ornaments on one's self.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ଉପରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ନାନା ଜାତର ଅଳଙ୍କାର ଖଞ୍ଜିହେଲେ ।

ବୃନ୍ଦାବନ, ମହାଭାରତ, ବନ ।

**ଖଞ୍ଜୁଆ**— ଦେ. ବିଣ. ପୁଂ.—ଖଞ୍ଜିଆ (ଦେଖ)
Khañjuā — Khañjiā (See)

ଖଞ୍ଜେଇ }
ଖଞ୍ଜୋଇ }

**ଖଟ୍ (ଧାତୁ)**—ସ.—୧ । ଇଚ୍ଛା କରିବା—1. To desire; to wish.
Khaṭ (root) ୨ । ଅନ୍ୱେଷଣ କରିବା—2. Search for.

**ଖଟ୍‌କା**—ଦେ. ବି. (ହିନ୍ଦୀ ଖଟ୍‌କା, ଧ୍ୱନ୍ୟନୁକରଣ, ଖଟ୍‌ଖଟ୍ ଶବ୍ଦଜ)—
Khaṭkā ୧ । କଳହ; ଦ୍ୱନ୍ଦ୍ୱ, ବିବାଦ—
খটকা — 1. Dispute; quarrel.
खटका ୨ । କଷ୍ଟ— 2. Difficulty.
୩ । ସନ୍ଦେହ—3. Doubt.
୪ । ସମସ୍ୟା—4. Problem.
ଆପଣମାନଙ୍କ ମନରେ ଅଛ କୋଉଠାଏ ଖଟ୍‌କା ଲାଗିଯାଉଛି ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଖଟ୍‌ଖଟ୍**— ଦେ. ବି. (ଧ୍ୱନ୍ୟନୁକରଣ)— ୧ । ସାମାନ୍ୟ ଗାଳିମନ୍ଦମିଶା ଘର
Khaṭkhaṭ କଳି; କନ୍ଦଳ— 1. Domestic or internal
খটমটি quarrel accompanied with bickerings.
खटपट
୨ । କଠିଣ ପଦାର୍ଥର ଖ୍ରଟ୍‌ଖଟ୍ ଶବ୍ଦ—
2. Sound of hard things striking; jarring sound.

ଦେ. ବିଣ—କଠିନ ବା ଯୋଡ଼ା ପଦାର୍ଥ ଢିଲା ହୋଇଥିବା—
Slack; loose (said of two things becoming loose or slackened)

**ଖଟ୍‌ଖଟିଆ**—ପ୍ରାଦେ. (ସମ୍ବଲପୁର) ବି.—ଏକପ୍ରକାର ଲତା—
Khaṭkhaṭiā — A kind of creeper.
[ ଦ୍ର—ଏହାର ଚୂନିର ମଞ୍ଜି ସୁବାସଯୁକ୍ତ । ଏହାର ମଞ୍ଜିକୁ ମାଇପେ ମଥାଘଷା ସଙ୍ଗେ ମସଲାରୂପେ ବାଣ୍ଟ ବ୍ୟବହାର କରନ୍ତି । ]
ଦେ. ବିଣ.—କଳହୀ; କଳିହୁଡ଼ା—Quarrelsome.

**ଖଟ୍‌ପଟ୍ ଲଗାଇବା**—ଦେ. କ୍ରି.—ବିବାଦ ବା କଳହ ଲଗାଇବା—
Khaṭpaṭ lagāibā — To pick up a quarrel.
খটমটিলাগান
खटपटलगाना

**ଖଟ**—ସ. ବି. (ଖଟ୍ ଧାତୁ=ଇଚ୍ଛା କରିବା; ଖୋଜିବା+କର୍ମ. ଅ)—
Khaṭa ୧ । ତୃଣ; ଘାସ—1. Grass.
୨ । ଟଙ୍କ ନାମକ ଶସ୍ତ୍ର; ଟାଙ୍ଗିଆ—
2. A hatchet used as a weapon of offence; axe.
୩ । ପ୍ରହାର—3. Beating; assault.
୪ । ଶ୍ଳେଷ୍ମା; କଫ—4. Phlegm.
୫ । ଅନ୍ଧକୂପ; ଅନ୍ଧାରିକୂଅ—
5. A dark dungeon; a blind well.
୬ । ମୁଠା; ମୁଷ୍ଟି—6. Closed fist.
୭ । ବଟାଲି—7. Chisel (M. W.)
୮ । ହଳ—8. A plough (M. W.)
୯ । ବିଧା; ମୁଥ—9. A blow with the closed doubled fist (Wilson)
୧୦ । ଘର ଛୁଆଣି କରିବା ତୃଣ—
10. Grass used to thatch houses (M. W.)

ଦେ. ବି (ସ. ଖଟ୍ଟା)—୧ । ଶୋଇବା ନିମନ୍ତେ କାଠରେ ତିଆରି ହୋଇଥିବା ଖୁରାଥିବା ଆସନ ( ଏଥିରେ ବାଡ଼ ନ ଥାଏ)—1. Bed-stead ( without side-rails ).
ଖାଇ ଶଣ୍ଢ ଧାଇଁ ଖଟ ଉପର ଶୋଇଲୁ ରେ—
କବିସୂର୍ଯ୍ୟ, କଳୋଣସରଣ, ଗୀତ ।
খাট ୨ । ପଲଙ୍କ—2. Ornamental and railed bedstead.
खटिया, खाट
[ ଦ୍ର—ଭିନ୍ନ ଭିନ୍ନ ପ୍ରକାର ଖଟ; ଯଥା—
ଗଛ ଖଟ—Bedstead with mosquito-frames and railings.
ବେତବୁଣା ଖଟ—
Bedstead framed with cane.
ପଟା ଖଟ ବା ତକ୍ତପୋଷ—
Bedstead made of planks.
ଭଙ୍ଗା ବା ଗଣ୍ଡା ଖଟ—Camp-bedstead.
ଦଉଡ଼ି ଖଟ —Stringed bedstead.
ଲେବାର ଫିତା ଖଟ—Taped bedstead.

**ଖଟକ**—ସ. ବି. (ଖଟ୍ ଧାତୁ+କର୍ତ୍ତୃ. ଅକ)—୧ । ଘଟକ—
Khaṭaka 1. Marriage-broker; a negotiator of marriages.
୨ । ଅର୍ଦ୍ଧମୁଦ୍ରିତ ହସ୍ତ—
2. Half-closed hand.
୩ । ମଲ୍ଲମାନଙ୍କର ଯୁଦ୍ଧାର୍ଥ ସଙ୍କୁଚିତ ବଦ୍ଧମୁଷ୍ଟି—
3. The doubled fist of wrestlers.

**ଖଟକଟାହକ**— ସ. ବି. (ମଧ୍ୟପଦଲୋପୀ; ଖଟ=ଖଙ୍କାର+କଟାହକ)—
Khaṭakaṭāhaka ଛିଙ୍କଦାନି; ଛେପ ପକାଇବାର ବଡ଼ ପାତ୍ର—
Spittle-pot; spitting box (M. W.)

**ଖଟକାମୁଖ** —ସ. ବି ( ଖଟକ+ଆ+ମୁଖ )—
Khaṭakāmukha ୧ । ନୃତ୍ୟରେ ଏକପ୍ରକାର ଚେଷ୍ଟା
(ହି. ଶବ୍ଦସାଗର)—
1. A particular gait in dancing.
୨ । ବାଣ ମାରିବା ସମୟରେ ହାତ ଟେକିବାର ପ୍ରଣାଳୀବିଶେଷ
(ହି. ଶବ୍ଦସାଗର)—
2. A particular position of hands in shooting.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ଶ | କ୍ଷ | ଇଯ଼ | ଊଅ | ଲ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ● | ନୃ |

**ଖଟକ୍କିକା**—ସଂ. ବି—ଖଡ଼କ୍କିକା (ଦେଖ)
Khaṭakkikā Khardakkikā (See)

**ଖଟଖ**—ସଂ. ବି. ପୁଂ (ଖଟ ଧାତୁ + କର୍ତ୍ତୃ. ଅଖ)—
Khaṭakha ବାଣ ମାରିବାକୁ ଉଦ୍ୟତ ବ୍ୟକ୍ତି—
A man in the attitude of shooting.

**ଖଟଖଟିଆ**—ପ୍ରାଦେ (କଟକ) ବିଣ—ଢ଼ିଗୁଲା; କାର୍ଦ୍ଦିଷ୍ଟ ସ୍ଥାନରୁ ଢ଼ିଗୁଳ ଯାଇଥିବା—
Khaṭakhaṭiā
ଢିଲା Slackened; loosened out of its
ଖିଲା socket.

ପ୍ରାଦେ. ( ସମ୍ବଲପୁର ) ବିଣ ( ସଂ. ଖଟଖଟ୍ଟା )—
ବୃକ୍ଷ ଡାଳରେ ଘର ଏକପ୍ରକାର ଲତା—
A sort of creeper.

[ ଦ୍ର—ଏହାର ମଞ୍ଜିରେ ସ୍ତ୍ରୀଲୋକେ ମୁଣ୍ଡର କେଶକୁ ଧୋଇ ସଫା କରନ୍ତି । ଏହାର ପତ୍ରରେ ପିତଳବାସନ ମାଜିଲେ ବାସନ ଖୁବ୍ ସଫା ହୁଏ । ଏହାର ଫଳମାନଙ୍କରେ ଖଡ଼ିକା ଫୋଡ଼ି ଶିଶୁମାନେ ଖଟ, ରଥ ଆଦି ତିଆରି କରି ଖେଳନ୍ତି । ]

**ଖଟଖଟୁଆ**—ପ୍ରାଦେ. ( ସମ୍ବଲପୁର ) ବି—ଖଟଖଟିଆ ( ଦେଖ )
Khaṭakhaṭuā Khaṭakhaṭiā ( See )

**ଖଟଖାଦକ**—ସଂ. ବି. ( ଖଟ + ଖାଦକ )—୧ । ବିଲୁଆ—
Khaṭakhādaka 1. Jackal.
୨ । କୁଆ—2. Crow.
୩ । କାଚପାତ୍ର—3. Glass-vessel.

**ଖଟଖୁରା**—ଦେ. ବି. ( ସଂ. ଖଟ୍ଟା + ଖୁର )—ଖଟର ଗୋଡ଼—
Khaṭakhurā Bed-post.

**ଖଟଣୀ**—ଦେ.ବି—୧ । ଦେବତା ବା ରାଜାଙ୍କ ପ୍ରାତ୍ୟହିକ ସେବା ବା ନୀତି—
Khaṭaṇi 1. Programme of personal service said of kings and Deities.

ଖଟଣିରେ ଅବେ ନେଇ ସେବାନ୍ତ ଅବୋର—ପ୍ରତାପ. ଷଷ୍ଠିସେଣା ।

୨ । ଦେବତାଙ୍କ ନିକଟରେ ଖଞ୍ଜା ଥିବା ଦୈନିକ ଭୋଗ—
2. Fixed daily offerings before a Deity.
୩ । ରାଜା ବା ଦେବତାଙ୍କ ପିନ୍ଧିବା ବସ୍ତ୍ର—
3. Wearing apparel of a king or Deity.
୪ । ଗହଣ; ରାଜା ବା ଦେବତାଙ୍କ ସେବାରେ ନିୟୋଜିତ ଭୃତ୍ୟଦଳ—4 Retinue.

ଆସିଥିଲେ ଖଟଣିରେ ଶ୍ରୀପତି ସମୂରେ ଅଳ ମୁହିଁ—ରଘୁନାଥ. ମହାଯାତ୍ରା ।

୫ । କର୍ମ—5. Duty.

ଅନନ୍ତେ ବସିଲେ ହରଷ
ନୃତ୍ୟ ଖଟଣି ଗୀତ ରସ—ଜଗନ୍ନାଥ. ଭାଗବତ ।

ଦେ. ବିଣ—୧ । ରାଜା ଓ ଦେବତାଙ୍କ ସେବାରେ ନିୟୋଜିତ ( ଭୃତ୍ୟ )—1. ( servants ) Engaged in rendering personal service to kings and Deities.

ଜାତ ନନ୍ଦନ ଖଟଣି ମାତନ୍ତ ସେଣ୍ଟ କରିତଲେ ଏ ଭବ—
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ରାଜା ବା ଠାକୁରଙ୍କ ଲାଗି ହେବା ( ମାଲ୍ୟାଦି )—
2. ( flowers etc ) Worn by kings or Deities.

ଖଟଣି ପୁଷ୍ପକ ପଦ୍ମେ ମୋଗଲରେ ଗୁନ୍ଥ—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । ଠାକୁରଙ୍କଠାରେ ଭୋଗ ଲାଗିବା (ପଦାର୍ଥ; ମହାପ୍ରସାଦ)—
3. (offerings) Made to Gods; (articles) offered to Gods.

**ଖଟଣିକାର**—ଦେ. ବି—ଖଟଣିକିଙ୍କର ( ଦେଖ )
Khaṭaṇikāra Khaṭaṇikiṅkara ( See )

ଯାହାର ଅଙ୍କରେ ଅଛି ଦଶଦିଗପାଳ
ଖଟଣିକାର ହୋଇ ଖଟନ୍ତି ସାତତଳ—ପୀତାମ୍ବର. କୃଷ୍ଣହପୁରାଣ ।

**ଖଟଣିକିଙ୍କର**—ଦେ. ବି—୧ । ରାଜା ଓ ଦେବତାଙ୍କ ସେବାରେ ନିଯୁକ୍ତ
Khaṭaṇikiṅkara ଚାକର—
1. Servants of a king or a Deity.

ଖଟଣିକିଙ୍କରଙ୍କର ମେଳେ ଖଟୁଥିବ ଯେ ତୋ ଖଟଣେ—
କବିସୂର୍ଯ୍ୟ. କବିତା ।

୨ । ରାଜାଙ୍କର ପ୍ରାତ୍ୟହିକ ଦୈହିକ ନୀତି ବା ସେବା କରିବା ଚାକର; ଶ୍ରୀଅଙ୍ଗଲଗା ସେବକ—
2. Servants doing the different duties connected with the bodily services of a Rājā.

ଖଟଣିକିଙ୍କର ପାଟେ ହୋଇ ତୋର କି କିବ ମଣନ୍ତି ତୃଣ—
ରଘୁନାଥ. ପରୀକ୍ଷା ।

୩ । ଆଜ୍ଞାକାରୀ ଭୃତ୍ୟ; ଅର୍ଦ୍ଦଳି ଚାକର—
3. 'Orderly' servant; one who carries out Rāja's orders.

**ଖଟଣି ଫୁଲ**—ଦେ. ବି—ସେବକ ନିତ୍ୟନିୟମିତରୂପେ ଦେବତା ଓ ରାଜାଙ୍କୁ ଦେବା ଫୁଲ—
Khaṭaṇi phula
Flower for the daily use of a king or Deity.

ତୋ ଖଟଣି ଫୁଲ ମୋର, ଏଣୁ ଭଲ ବାନ୍ଧା ତୋର—
ଭକ୍ତ. ଲବଣ୍ୟବତୀ ।

**ଖଟଣି ସାମନ୍ତ**—ଦେ. ବି—ଖଟଣି କିଙ୍କର (ଦେଖ)
Khaṭaṇi sāmanta Khaṭaṇi kiṅkara ( See )

ଖଟଣିସାମନ୍ତମାନେ ଭଉତ ଧେଇଁଧାନେ କାଟିଲାଗି ମାକଣୀ ସେବାକୁ କଲନ୍ତି—
ଧନଭୃତ୍ୟ. ରସକଲୋଦ ।

**ଖଟଣି ସେବକ**—ଦେ. ବି—ଖଟଣିକିଙ୍କର (ଦେଖ )
Khaṭaṇisebaka Khaṭaṇikiṅkara ( See )

**ଖଟ ଦଣ୍ଡା**—ଦେ. ବି. ( ସଂ. ଖଟ୍ଟା + ଦଣ୍ଡ )—ଖଟର ଚାରି ଖୁରାକୁ ଯୋଡ଼ିବା ଲମ୍ବ ଦଣ୍ଡ—
Khaṭa daṇḍā
खटपाटि The beams of a bedstead.

**ଖଟଣୀ**—ସଂ. ବି—ଖଟୀ ( ଦେଖ )
Khaṭaṇi Khaṭi ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଜାଣି ପାରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବ୍ୟତିକ୍ରମ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଖଟପଲଙ୍କ** — ଦେ. ବି. ( ସହଚର; ସଂ. ଖଟ୍ବା ଓ ପର୍ଯ୍ୟଙ୍କ )—
Khaṭapalaṅka — ନାନାପ୍ରକାର ଶଯ୍ୟା ଯନ୍ତ୍ର— Many kinds of bedsteads.

**ଖଟପୁଆ** — ପ୍ରାଦେ. (ସମ୍ବଲପୁର) ବି (ସଂ. ଖଟ୍ବା + ପାଦ )—
Khaṭapuā — ଖଟଖୁରା — The legs of a bedstead.
ସି ସି ଧ୍ୱ ଧ୍ୱ ହୋଇଥିବ ବେଳ ଖଟପୁଅ — ପ୍ରାଚୀ. ଚନ୍ଦ୍ରନବ୍ଧପଣଗୀତା ।

**ଖଟବାଡ଼** — ଦେ. ବି — ଖଟର ଚାରିପାଖେ ଦିଆ ଯାଇଥିବା ଆବରଣ
Khaṭabāṛda — ବାଡ଼—Railings round a bedstead.

**ଖଟମ୍ଚୁଆ** — ପ୍ରାଦେ. ( ସମ୍ବଲପୁର ) ବି—ଖଟଗୋଡ଼; ଖଟର ପାଦ;
Khaṭamchuā — ଖଟଖୁରା—The legs of a bedstead.

**ଖଟମଲ୍** — ଦେ. ବି. (ସଂ. ଖଟ୍ବା + ମଲ)—ଛାରପୋକ; ଓଡ଼ଶ—
Khaṭamal — Bed bug.
ছাটপোকা
खटमल
[ ଦ୍ର—ଏକଜାତୀୟ ଚେପଟା ଲାଲ ପୋକ । ଏମାନେ ଖଟ, ଚଉକି, ମଶାରି, ଶେଯ ବା କନ୍ଥା ଆଦିର ସନ୍ଧିରେ ରହି ମନୁଷ୍ୟ ଦେହରୁ ରକ୍ତ ଶୋଷଣ କରି ବଞ୍ଚନ୍ତି । ମାରୱାଡ଼ୀ ଓ ଜୈନମାନେ "ଜୀବେ ଦୟା" ଦେଖାଇବା ପାଇଁ ଖଟମଲ୍ପୂର୍ଣ୍ଣ ଖଟରେ ଧନହୀନ ଲୋକଙ୍କୁ ପଇସା ଦେଇ ଶୁଆନ୍ତି । ଅର୍ଥବିନିମୟରେ ଦରିଦ୍ର ନରର ରକ୍ତରେ ଏହି ନୀଚ ଜୀବମାନଙ୍କୁ ତୃପ୍ତ କରାଇଲେ ଧର୍ମ ଲାଭ ହୁଏ ବୋଲି ଜୈନ ଓ ମାରୱାଡ଼ୀମାନଙ୍କର ଧାରଣା । ]

**ଖଟଲା** — ପ୍ରାଦେ. (ପୁରୀ) ବି.—ପାନ ଭୋଜନାଦିର ସୁବ୍ୟବସ୍ଥା—
Khaṭalā Good arrangements for food and lodging.

**ଖଟଲି** — ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଖଟୋଲା )—ଛୋଟ ଖଟ;
Khaṭali — ଖଟୁଆ— A small bedstead.

**ଖଟା** — ଦେ. ବି. (ସଂ ଖଟ୍ଟ)—୧ । ଅମ୍ଳରସ; ଅମ୍ଳିଆ —
Khaṭā — 1. Acid taste.
୨ । ଅମ୍ଳରସ ବା ଅମ୍ଳିଆରସର ବ୍ୟଞ୍ଜନ—
টক, খটা — 2. Curry prepared with acid; tart.
खट्टा — ୩ । ଅଚାର—3. Pickled tart.
୪ । ପରିଶ୍ରମ; ଖାଟୁଣି—4. Labour; exertion.
୫ । ଖଟିବା; ସେବା କରିବା—
5. Serving; rendering service.
୬ । ମନୋଦୁଃଖ—6. Sorrow.
ଖଟଲେଣି ଚିତ୍ତେ କି ରଖି ଲଢଲେ କେଳା ଏ ବାଳା ପୁଚଲେ ।
କବିସୂର୍ଯ୍ୟ. ରଘୁନାଥବିଳାସ. ଶ ଛାନ୍ଦ ।
ଦେ. ବିଣ—୧ । ଅମ୍ଳିଆ; ଅମ୍ଳ—1. Sour; of acid taste.
୨ । ବିରସ; ଦୁଃଖଯୁକ୍ତ—2. Sorrowful; sorry.

**ଖଟାଇ** — ଦେ. ବି.—ଅମ୍ଳରସଯୁକ୍ତ ଖାଦ୍ୟ—
Khaṭāi — Food with acid taste (cooked or preserved.)
খটাই

**ଖଟାଇବା** — ଦେ. କ୍ରି. (ଖଟିବାର ଣିଜନ୍ତ ରୂପ)—
Khaṭāibā — ୧ । ଖୁଣ୍ଟ ଦେହରେ କୌଣସି ବସ୍ତୁକୁ ବା ଜୀବକୁ ବା ନୌକାକୁ ରଜ୍ଜୁରେ ବାନ୍ଧିବା—1. To tie a thing or animal or boat to a post by a rope.
খাটান
खटाना
ତ୍ରିବେଣୀ ତୀ ପାଶ ନଗର ଅର ବନରେ ନାଆ ଖଟାଇ ସେଠେଇବାସ କରେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । କାର୍ଯ୍ୟରେ ଲଗାଇବା; ପରିଶ୍ରମ କରାଇବା—
2. To cause to work; to cause to labour.
୩ । ଖଟୁଣି ସେବକରୂପେ ନିଯୁକ୍ତ କରିବା—
3. To engage another person as one's orderly servant.
ଖଟାଅ ମୋତେ ଯେ ବେଢ଼ୁରଣ ଫୁଲ ଗାଉ ଭଲେ ବନ୍ଧା ନଣା ।
କବିସୂର୍ଯ୍ୟ. ରଘୁନାଥବିଳାସ ।
୪ । କୌଣସି ନିୟମ ବା ସୂତ୍ରକୁ ଉପସ୍ଥିତ କ୍ଷେତ୍ରରେ ପ୍ରୟୋଗ କରିବା—4. To apply a principle or rule to a certain matter; to cite a thing or matter by way of comparison.
୫ । ପ୍ରୟୋଗ କରିବା—5. To apply.
ସୁବୁଦ୍ଧି ଖଟାଇ ତପୋରେ ମୁଁ ଯାଇ
ଲଭିବି ସୁଜଶ କହ୍ୟା ଉଚ୍ଚ । ନନ୍ଦକଶୋର. କୃଷ୍ଣକୁମାରୀ ।
୬ । କୌଣସି ନଜିର ବା ଆଇନକୁ ମକଦ୍ଦମାରେ ଦେଖାଇବା—
6. To cite; to bring to bear a ruling or law to a case.

**ଖଟା କରିବା (ମନ)** — ଦେ. କ୍ରି. (ଲକ୍ଷଣାର୍ଥ)—ମନୋଦୁଃଖ କରିବା—
Khaṭā karibā (mind) — To be sorry.

**ଖଟା କରିବା (ମୁହଁ)** — ଦେ. କ୍ରି. (ଲକ୍ଷଣାର୍ଥ)—ମୁହଁକୁ ବିରସ କରିବା ବା ଶୁଖାଇବା—To frown
Khaṭā karibā (face)

**ଖଟାକିଆ** — ଦେ. ବିଣ.—ଖଟାଳିଆ (ଦେଖ)
Khaṭākiā — Khaṭāḻiā (See)

**ଖଟା ଖାଇଲାପରି ମୁହଁ କରିବା** — ଦେ. କ୍ରି. (ଲକ୍ଷଣାର୍ଥ)—ଭ୍ରୂକୁଟି କରିବା; ମୁଖ ଭଙ୍ଗୀ ଦ୍ୱାରା ଅସନ୍ତୋଷ; ବିରକ୍ତି ବା ଅନିଚ୍ଛା ଆଦି ପ୍ରକାଶ କରିବା; ଅପ୍ରସନ୍ନ ହେବା—To scowl; to frown; to give vent to one's displeasure.
Khaṭā khāilāpari muhaṅ karibā
मुँह बनाना

**ଖଟାଙ୍ଗପୁରାଣ** — ଦେ. ବି. (ସଂ. ଖଟ୍ବାଙ୍ଗ ଓ ପୁରାଣ) - ୧ । କୌଣସି ଅପ୍ରାକୃତ ଅଶ୍ରୁତପୂର୍ବ ବର୍ଣ୍ଣନା—
Khaṭāṅga purāṇa — 1. Any strange or unheard of narration.
[ ଦ୍ର—ପ୍ରବାଦ ଅଛି ଯେ ଜଣେ ମୂର୍ଖ ବ୍ରାହ୍ମଣଙ୍କୁ ରାଜା ଗୋଟିଏ ନୂତନ ଧରଣର ପୁରାଣ ରଚନା କରିବାର ଆଦେଶ ଦେବାରୁ ମୂର୍ଖ ବ୍ରାହ୍ମଣ ଗୋଟିଏ ଖଟର ଖୁରାକୁ ବୋଲେଇ କନା ଓ କନାଖଣ୍ଡରେ ଗୁଡ଼ାଇ ଗୁଡ଼ାଇ ଏକ ବିଶାଳକାୟ ବସ୍ତୁ କରି ରାଜାଙ୍କ ନିକଟରେ ଭେଟିଲେ ଓ କହିଲେ ଉକ୍ତ ପୁରାଣର ନାମ ଖଟାଙ୍ଗ ପୁରାଣ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଗ,ଵ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଚ | ଶ,ଷ | ଛ | ଇୟ | ଚ୍ଛ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ | ଯ | ସ | ଙ୍ଗ | ଇଅ | ଛ | ଳ |

ସେହି କନାଗୁଡ଼ା ଖଟାଳଗାସ୍ଥ ବସ୍ତୁ ରାଜକୋଷରେ ରହିଥିଲା। ପଣ୍ଡିତେ କହିଲେ ଯେ ଖାଙ୍କ ମୃତ୍ୟୁପରେ ସେ ପୁରାଣ ପ୍ରକଟିତ ହେବ। ବ୍ରାହ୍ମଣର ମୃତ୍ୟୁପରେ ରାଜାଦେଶରେ ସେ କନାଗୁଡ଼ିଆ ପୁରାଣରୁ ଆବରଣର ସ୍ତରମାନ ଖୋଲା ହୋଇ ଦେଖାଗଲା ଯେ ତାହା ମଧ୍ୟରେ ଗୋଟିଏ ଖଟଖୁରା ବିଦ୍ୟମାନ। ସେଥିପାଇଁ କୌଣସି ଅସଙ୍ଗତ ଅଶ୍ରୁତପୂର୍ବ କଥା କହି ବସିଲେ ଲୋକେ କହନ୍ତି— 'ଏ ଖଟାଙ୍ଗ ପୁରାଣ କହୁଛି।' ]

୨। ଭର୍ତ୍ସନାବାକ୍ୟରେ ଗାଳିମନ୍ଦ; ଅଶ୍ଳୀଳ ଉଚ୍ଚାର— 2. Evil names; obscene words used in rebuking.

**ଖଟାପାଳଙ୍ଗ**—ଦେ. ବି—ଏକ ପ୍ରକାର ଖଟା ଶାଗ— Khatāpālanga A kind of sorrel; (pot herb) with sour taste Rumex Vesicarius; Bladder dock (Haines).
ସଂ. ଅମ୍ଳବେତସ, ଶତବେଧୀ; ଶାସ୍ତ୍ରମ୍; ଚୁକ୍ରକେଶୁ; ମାଂସଦ୍ରାବୀ; ଚକ୍ର
थैकड़; राका; चुकापालम
आमलतास; चुका
ତେ. ପୁଣ୍ଟିବାଗୁଲ

**ଖଟାଳିଆ**—ଦେ. ବିଣ—ଈଷତ୍ ଅମ୍ଳ; ସାମାନ୍ୟରେ ଖଟା— Khatālia Sourish; acidish.

**ଖଟି**—ଦେ. ବି—୧। ମାଦକସେବୀମାନଙ୍କର ମିଳନ ସ୍ଥାନ; ମାଦକଦ୍ରବ୍ୟ ଓ ସେବନ ସ୍ଥଳ—1. A den or rendezvous for drinkers and smokers i. e. those who take intoxicating drugs.
Khati
আড্ডা
अड्डा
( ଯଥା—ମଦଖଟି, ଅଫିମଖଟି, ମଦକଖଟି, ଗଞ୍ଜେଇଖଟି। )
୨। ( ଚିଲିକା ) ଜଳାଶୟ ବା ସମୁଦ୍ରର ଯେଉଁ ସ୍ଥାନରେ ମାଛ ମରାଯାଏ ତହିଁ ନିକଟରେ ଧୀବରମାନେ ଖରାବର୍ଷା ପାଳିବା ପାଇଁ ନିର୍ମାଣ କରିଥିବା ଘର— 2. A resting house for fishermen near a place where fishes are caught in a lake or sea.
୩। ( ସଂ. ଖଟୀ ) ଖଡ଼ି—3 Chalk.
ପ୍ରାଦେ. ( ପୁରୀ ) ବି—ଯେଉଁ ସ୍ଥାନରେ ମାଛ, ଶୁଖୁଆ ଆଦିର କାରବାର ହୁଏ—A mart where fish and salted fish are sold.

**ଖଟିଆ**—ଦେ. ବି. ( ସଂ. ଖଟ୍ୱିକା; ଖଟ୍ଟିକା )—୧। କାନ୍ଧରେ ବୁହାଯିବା ବାଉଁଶ ଲାଗିଥିବା ଯାନବିଶେଷ; ଡୋଲି; ଡୁଲି— 1. Dooly; a small bed-like conveyance borne on the shoulders of men by poles.
Khatia
খাটিআ
खटिया
[ ଦ୍ର—ଯେଉଁ ଗରିବ ଲୋକମାନଙ୍କର ସବାରି ଆଦି ବ୍ୟବହାର କରିବା ପାଇଁ ସମ୍ବଳ ନ ଥାଏ ଏ ଯାନରେ ସେମାନେ ଘଟନା-ବିଶେଷରେ ଯାତାୟାତ କରନ୍ତି। ଏହା ଦୁଇ ଜଣ ମନୁଷ୍ୟଙ୍କଦ୍ୱାରା ବୁହାଯାଏ। ]
୨। ଛୋଟ ଖଟ; ଦଉଡ଼ିଆ ଖଟ— 2. A small bedstead.
୩। ରୋଗୀ, ମୁର୍ଦାର ଆଦିଙ୍କୁ ବହିବାରେ ବ୍ୟବହୃତ ଯାନବିଶେଷ; ରୋଗୀବୁହା ଡୋକେଇ— 3. Stretcher; carrier or a small bed-like conveyance for carrying dead bodies, wounded men or sick men to the hospital; a bier.
ପ୍ରାଦେ. ( ପୁରୀ ) ବି—ଶୂଦ୍ରଜାତିବିଶେଷ— A class of Sūdras.
ଦେ. ବିଣ—ଯେ ଖଟେ—One who labours or serves or renders service.

**ଖଟିଆ ମୂଷା**—ପ୍ରାଦେ. ( ସମ୍ବଲପୁର ) ବି—ବଡ଼ ମୂଷା— Khatia mūsha A big rat.

**ଖଟିକ**—ସଂ. ବି. ( ଖଟ ଧାତୁ=ଅନ୍ୱେଷଣ କରିବା+କର୍ମ. ଅକ; ଇ. ଆଗମ )—ଅର୍ଦ୍ଧମୁଦ୍ରିତ କରତଳ— Half-closed palm.
Khatika
ସଂ. ବି—ଚକ୍ରମ ହସ୍ତ; କୁବ୍ଜପାଣି— Having a crooked hand.

**ଖଟିକା**—ସଂ. ବି. ( ଖଟିକ+ଆ )—୧। ଖଡ଼ି— 1. Writing chalk.
Khatikā
୨। କାନର ବହିର୍ଦେଶସ୍ଥ ଗହ୍ୱର— 2. The outer cavity of the ear.
୩। ଘାସବିଶେଷ—3. Andropogen Muricatus.

**ଖଟିନୀ**—ସଂ. ବି. ସ୍ତ୍ରୀ. ( ଖଟ ଧାତୁ=ଅନ୍ୱେଷଣ କରିବା+ଇନ୍+ସ୍ତ୍ରୀ. ଈ )—କଠିନୀ; ଖଡ଼ି— Writing chalk; chalkstone.
Khatini

**ଖଟିବା**—ଦେ. କ୍ରି. ( ସଂ. ଖଟ୍ଟ ଧାତୁ=ଆଚ୍ଛାଦନ କରିବା )— ୧। ସେବା କରିବା— 1. To render personal service.
Khatibā
খাটা
कामकरना
ଖଟେ ଅଷ୍ଟ ଦୁର୍ଗ ନାଥ ତୋ ପଦେ ପଦ୍ମଭୂରେ।
ବନ୍ଧ ଯଂ ଉପେନ୍ଦ୍ରଭଞ୍ଜ ଏ ଗୀତ।
୨। ବିଶେଷ ପରିଶ୍ରମ କରିବା—2. To labour hard.
୩। ଚାକିରି ସ୍ୱୀକାର କରିବା— 3 To accept service.
ଖଟିବ ଗୁଣିକା ଜାଣିଛ ପାଶ—ତର।
୪। ପ୍ରଯୁକ୍ତ ହେବା—4. To fit; to suit.
୫। କାର୍ଯ୍ୟ କରିବା—5. To work.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବ୍ଧ' ନ ପାଇଲେ 'ଅଲ୍‌ବ୍ଧ' ଦେଖିବେ ।

୬ । ସ୍ୱାମୀର ସେବା ଅର୍ଥରେ ଅର୍ଥାତ୍ ସ୍ତ୍ରୀ ରଜସ୍ୱଳା ହୋଇ ସର୍ବ ପ୍ରଥମେ ସ୍ୱାମୀ ଘରକୁ ଯାଇ ସ୍ୱାମୀଙ୍କ ସଙ୍ଗେ ସଂସାର କରିବା; ପହୁଲିପାଳି ଯିବା—
6. ( said of a girl ) To be with the husband after puberty.

୭ । ( ମେହେନ୍ତରାଣୀ ପାଇଖାନାକୁ )— ସାଫ କରିବା; ପାଇଖାନା ଖଟିବା—
7. ( said of a sweeper woman ) To sweep the latrine clean.

୮ । ଭୃତ୍ୟ ପରି ଆଜ୍ଞାବହ ହେବା—
8. To wait on another like a servant.

୯ । ମିଳିବା; ଯୁଟିବା—
9. To be obtained; to be had.

ଯେ ପାଣି ଅଛି କର୍ମିଙ୍କ
କର୍ମେ କ ଖଟେ ତାକୁ ଅନ୍ନ । ଉପେନ୍ଦ୍ର· ପ୍ରେମପଞ୍ଚାମୃତ ।

୧୦ । ଯୋଗାଇବା; ଯୁଟାଇବା—1. To supply.

କୋଠ ଗଇଡ଼ ଅଛେ ଅଛୁଁ
ନ ଯୋଗ ବୁଧ ସବୁ ଖଟୁଁ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୧୧ । (ମନକୁ) ପାଇବା; ପସନ୍ଦ ହେବା—
11. To meet with the approvals of ( one's mind ).

ସେମା ସଦୃଶେ ଏହି କର ହୋଇ
ଦେଖି ଅମର ମନକୁ ଖଟଇ । ଗୃହଲକ୍ଷ୍ମୀଗୀତା ।

୧୨ । ଆଶ୍ରୟ କରିବା—12. To depend on.

ବେହର ଛଇ ଭଳ ଭୂମର ଭୁଞ୍ଜି
ଅନୁଗତ ହୋଇ ଧର୍ମକୁ ଅଛି ଖଟି । କୃଷ୍ଣସିଂହ ମହାଭାରତ. ବନ ।

୧୩ । ( ଜେଲ୍‌ଖାନାରେ ) ଦଣ୍ଡ ଭୋଗ କରିବା—
13. To undergo ( the sentence of imprisonment ).

**ଖଟିଯିବା**—ପ୍ରାଦେ. (ଗଞ୍ଜାମ; ସମ୍ବଲପୁର )କ୍ରି—
Khaṭijibā ବାଳିକା ରଜସ୍ୱଳା ହେବା ପରେ ପ୍ରଥମେ ଶାଶୁ ଘରକୁ ଯିବା; ପହୁଲିପାଳି ଯିବା—
( said of a girl ) To go to live with the husband after the appearance of menses.

**ଖଟୀ**—ସଂ. ବି. ( ଖଟ୍ ଧାତୁ=ଅନ୍ୱେଷଣ କରିବା+ଇ )—
Khaṭī ଖଡ଼ିମାଟି; ଖଡ଼ି—Writing chalk

**ଖଟୁ**—ସଂ. ବି—ମୁଠା—The fist (M. W.)
Khaṭu

(ଅଖଟୁ—ବିପରୀତ) ଦେ. ବିଣ—ପରିଶ୍ରମୀ—
Laborious; habituated to work.

**ଖଟୁଆ**—ଦେ. ବି—୧ । ଦିନ ମୂଲିଆ—
Khaṭuā 1. Day-labourer.

୨ । ଶୂଦ୍ର ଜାତିଙ୍କର ଉପାଧିବିଶେଷ—
2. The family-title of a class of Śūdras.

**ଖଟୁଲି**—ଦେ. ବି. ( ସଂ. ଖଟ୍ୱା; ଭୁଲ—ତା. କଟ୍ଟିଲ୍=ଛୋଟ ଖଟ )—
Khaṭuli ୧ । ଶାଳଗ୍ରାମ ଆଦି ଦେବତା ଓ ଭାଗବତ ଗ୍ରନ୍ଥ ଆଦି
ଖଟୋଲା ରଖିବାର କ୍ଷୁଦ୍ର କାଷ୍ଠାସନ; କ୍ଷୁଦ୍ର ବିମାନ—
1. A small stool ( with railings ) for keeping small idols or sacred books.

[ ଦ୍ର—(ଦରଁ ଗିଳି) ଖଟୁଳି ଗିଳିବା—ଦେ. ପ୍ରବଚନ— କୌଣସି ପଦାର୍ଥ ତାହାର ରଖାଯିବା ଆସନକୁ ଗିଳିବା ଅର୍ଥାତ୍ ମହାଜନଠାରୁ କରଜ କରି ସେହି ମୂଳ ଧନରେ ବ୍ୟବସାୟ ଆରମ୍ଭ କରିଥିବା ବ୍ୟକ୍ତି କ୍ରମେ କ୍ରମେ ମୂଳ ଧନକୁ ଖରଚ କରିବାର ଦେଖା ଗଲେ ଏ ପ୍ରବଚନଟି ଲୋକେ କହନ୍ତି ଏହି ଅର୍ଥରେ ମଧ୍ୟ 'ଖଟୁଳି ଖାଇ ଦରଁକୁ ଖାଇବା, ଖଟୁଳି ଖାଇ ଦରଁଙ୍କୁ ଦାନ୍ତ ବଢ଼ାଇବା' ମଧ୍ୟ ବୋଲାଯାଏ । ]

୨ । କ୍ଷୁଦ୍ର ଠାକୁର ବିମାନ—
2. A small conveyance for a Deity.

୩ । ଛୋଟ ଖଟ—3 A small bedstead.

ଶୋଇବାକୁ ଦେଇ ଖଟୁଳି ମାଳ ଖରୁ ମୁଁ ଅଣି ।
ନନ୍ଦକିଶୋର, ନଙ୍ଗଳାଣୀ ।

**ଖଟୁଲ୍**—ପ୍ରାଦେ. (ସମ୍ବଲପୁର) ବି—ଖଟୁଳି ( ଦେଖ )
Khaṭuli Khaṭuli ( See )

**ଖଟୁଲିରେ ବସାଇବା**—ଦେ. କ୍ରି. ( ଲକ୍ଷଣାର୍ଥ ଖଟୁଳିରେ ଦେବତାଙ୍କ
Khaṭulire basāibā ବସାଇ ପୂଜା କରି ଯିବାରୁ )—
କୌଣସି ବ୍ୟକ୍ତି ବା ପଦାର୍ଥକୁ ବିଶେଷ ଆଦର ସହିତ ପୂଜା ବା ସମ୍ମାନ କରିବା—
To permit a person to sit idle; not to allow a person to do any thing.

**ଖଟୁଲିରେ ବସିବା**—ଦେ. କ୍ରି—କୌଣସି କାର୍ଯ୍ୟ ବା ପରିଶ୍ରମ ନ କରି
Khaṭulire basibā ( ଶାଳଗ୍ରାମ ଖଟୁଳିରେ ବସିବା ଭଳି )·
ନିଷ୍କର୍ମୀ ବା ସୁସ୍ଥୀ ହୋଇ ବସି ରହିବା—
To sit idly without doing any thing.

**ଖଟୂ**—ସଂ. ବି—୧ । ହାତ ଗଣ୍ଠିରେ ପିନ୍ଧାଯିବା ବଳୟ; ହାତ ଖଡ଼ୁ—
Khaṭū 1. Bracelet ( Wilson )

୨ । ଗୋଡ଼ ଗଣ୍ଠିରେ ପିନ୍ଧା ଯିବା ବଳୟ; ଗୋଡ଼ ଖଡ଼ୁ—
2. Anklet ( Wilson )

**ଖଟେଇ**—ଦେ. ବି—ଖଟାଇ ( ଦେଖ )
Khaṭei Khaṭāi ( See )

**ଖଟେଇବା**—ଦେ. କ୍ରି—ଖଟାଇବା ( ଦେଖ )
Khaṭeibā Khaṭāibā ( See )

**ଖଟ୍ଟ (ଧାତୁ)**—ସଂ—ଘୋଡ଼ାଇବା—
Khaṭṭa (root) To cover; to screen.

**ଖଟ୍ଟ**—ସଂ. ବିଣ—ଖଟା, ଅମ୍ଳ—
Khaṭṭa Sour (M W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | କ୍ଷ | ଇପ୍ସ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଚ୍ୟ | ଇଅ | ଓ | ନୃ |

ଖଟ୍ଟନ—ସଂ. ବି—(ଖଟ୍ଟ ଧାତୁ = ଆଚ୍ଛାଦନ କରିବା + କର୍ମ. ଅନ)--ବାମନ;
Khaṭṭana ଗେଡ଼ାଲୋକ—A dwarf.
(ଖଟ୍ଟନା—ସ୍ତ୍ରୀ) ବି. ବିଣ—ବାମନ; ବାଙ୍ଗର; ଗେଡ଼ା—
Dwarfish; stunted.

ଖଟ୍ଟା—ସଂ. ବି ( ଖଟ୍ଟ ଧାତୁ + କର୍ମ. ଥ + ସ୍ତ୍ରୀ. ଆ )—୧ । ଖଟ୍ୱା; ଖଟ;
Khaṭṭā ପଲଙ୍କ—1. Bedstead.
୨ । ତୃଣବିଶେଷ—2. A kind of grass.
୩ । ମଡ଼ାବୁହା ଖଟ—
3. A framework for carrying a corpse.
ଦେ. ବି (ସଂ. ଖଟ୍ଟ)—୧ । ଅମ୍ଳରସ—
1. Acid taste.
୨ । ଅମ୍ଳରସଯୁକ୍ତ ଖାଦ୍ୟ—
2. A food with acid taste.
ଦେ. ବିଣ – ଅମ୍ଳରସଯୁକ୍ତ—Having acid taste.

ଖଟ୍ଟାଶ—ସଂ. ବି. ପୁଂ (ଖଟ୍ଟ ଧାତୁ + କର୍ତ୍ତୃ. ଅଶ୍ + ଅ; କିମ୍ବା ଖଟ୍ଟ = ଅମ୍ଳରସ + ଅଶ ଧାତୁ = ଖାଇବା + କର୍ତ୍ତୃ. ଅ)—
Khaṭṭāśa
(ଖଟ୍ଟାଶୀ—ସ୍ତ୍ରୀ) ଗାଳଅପତନୀ; ଗନ୍ଧମାର୍ଜାର—A civet;
polecat; Viverra Zibetha.
[ ଦ୍ର—'କଟାଶ' ଶବ୍ଦ ଏଥିରୁ ଅପଭ୍ରଷ୍ଟ ହୋଇଅଛି । ]

ଖଟ୍ଟାଶୀ—ସଂ. ବି. ପୁଂ (ଖଟ୍ଟାଶ + ଈ)—କଟାଶ; ବଣଭୁଆ—
Khaṭṭāśī Wild cat; Felis Chaus.

ଖଟ୍ଟି—ସଂ. ବି—(ଖଟ୍ଟ ଧାତୁ = ଆଚ୍ଛାଦନ କରିବା + କର୍ମ. ଇ)--କୋକେଇ—
Khaṭṭi A bier. (Apte)

ଖଟ୍ଟିକ—ସଂ. ବି (ଖଟ୍ଟ ଧାତୁ + ଇକ)—୧ । କଂସେଇ—
Khaṭṭika 1. Butcher.
୨ । ବ୍ୟାଧ; ଶିକାରୀ; ବାଣୁଆ—2. Hunter; fowler.
୩ । ମଇଁଷି ଦୁଧର ସର—
3. The cream of buffalo-milk. (M. W.)

ଖଟ୍ଟିକା—ସଂ. ବି (ଖଟ୍ଟ + ସ୍ୱାର୍ଥେ. କ + କ୍ଷୁଦ୍ରାର୍ଥେ. ଆ)—୧ । ଛୋଟ ଖଟ—
Khaṭṭikā 1. A small bedstead.
୨ । କୋକେଇ—2. A bier.
[ ଦ୍ର—ଖଟିଆ ଶବ୍ଦ ଏହି ଶବ୍ଦରୁ ଅପଭ୍ରଷ୍ଟ । ]

ଖଟ୍ଟେରକ—ସଂ. ବିଣ (ଖଟ୍ଟ ଧାତୁ + କର୍ମ. ଏରକ )—ଗେଡ଼ା; ବାମନ—
Khaṭṭeraka Dwarfish.

ଖଟ୍ୱା—ସଂ. ବି. ସ୍ତ୍ରୀ (ଖଟ୍ ଧାତୁ = ଅନ୍ୱେଷଣ କରିବା + କର୍ମ. ବ + ଆ )—
Khaṭwā ୧ । ଖଟ—1. Bedstead.
୨ । ଝୁଲାଖଟ—2. A hammock.
୩ । ଦୋଳି—3. A swing.
୪ । ପଲଙ୍କ—4. Couch.
୫ । ଘାଭରେ ବନ୍ଧାଯିବା ଏକପ୍ରକାର ପଟି—
5. A kind of bandage for wounds.

ଖଟ୍ୱାକା—ସଂ. ବି (ଖଟ୍ୱା + କ + ଆ)—ଛୋଟଖଟ; ଖଟିଆ—
Khaṭwākā A small bedstead; a cot.

ଖଟ୍ୱିକା—ସଂ. ବି—ଖଟ୍ୱାକା ( ଦେଖ )—
Khaṭwikā Khaṭwākā (See)

ଖଟ୍ୱାଙ୍ଗ—ସଂ. ବି (ଖଟ୍ୱା + ଅଙ୍ଗ)—
Khaṭwāṅga ୧ । ଖଟରଗୋଡ଼; ଖଟରଖୁରା—
1. The foot of a bedstead
୨ । ମହାଦେବଙ୍କ ଅସ୍ତ୍ରବିଶେଷ—2. A mace-like weapon wielded by Mahādeba; a staff with a skull at the top.
୩ । ଖଟଖୁରାପରି ଆକାରବିଶିଷ୍ଟ ମୁଦ୍ଗର—
3. A club or mace like a bedpost.
୪ । ପୃଷ୍ଠବଂଶ; ମେରୁହାଡ଼—4. Backbone.
୫ । ଦିଲୀପ; ସୂର୍ଯ୍ୟବଂଶୀୟ ରାଜାବିଶେଷ—
5. Name of a king of the solar dynasty of India; king Dilipa.

ଖଟ୍ୱାଙ୍ଗଧର—ସଂ. ବି—(ଉପପଦ ସମାସ)—୧ । ମହାଦେବ—
Khaṭwāṅgadhara 1. An epithet of Mahādeba (who wields a mace of that name)
୨ । ( ଖଟ୍ୱାଙ୍ଗ ଘେନି ରାଜାଙ୍କ ଗହଣରେ ଯିବା ବ୍ୟକ୍ତି )
ଚୋପଦାର; ଛଡ଼ିଦାର—2. Mace-bearer; staff-bearer.
ସଂ. ବିଣ—ଖଟ୍ୱାଙ୍ଗଧାରୀ—Bearing a mace.

ଖଟ୍ୱାଙ୍ଗଧାରୀ—ସଂ. ବିଣ—ଖଟ୍ୱାଙ୍ଗଧର (ଦେଖ)—
Khaṭwāṅgadhārī Khaṭwāṅgadhara (See)

ଖଟ୍ୱାଙ୍ଗପୁରାଣ—ଦେ. ବିଣ. ପୁଂ—ଖଟାଙ୍ଗପୁରାଣ ( ଦେଖ )
Khaṭwāṅgapurāṇa Khaṭwāṅgapurāṇa ( See )

ଖଟ୍ୱାଙ୍ଗଭୃତ୍—ସଂ. ବିଣ. ପୁଂ. (ଖଟ୍ୱାଙ୍ଗ + ଭୃ ଧାତୁ + କର୍ତ୍ତୃ. କ୍ୱିପ୍)—
Khaṭwāṅgabhṛut ଖଟ୍ୱାଙ୍ଗଧର (ଦେଖ)
Khaṭwāṅgadhara (See)

ଖଟ୍ୱାଙ୍ଗୀ—ସଂ. ବିଣ. ପୁଂ.—(ଖଟ୍ୱାଙ୍ଗ + କର୍ତ୍ତୃ. ଇନ୍ ୧ମା. ୧ବ.)—
Khaṭwāṅgī ଖଟ୍ୱାଙ୍ଗଧର (ଦେଖ)
Khaṭwāṅgadhara (See)
ସଂ. ବି.—ଶିବ—Śiba

ଖଟ୍ୱାପ୍ଲୁତ—ସଂ. ବିଣ. (୭ମୀ ତତ୍; ଖଟ୍ୱା + ଆପ୍ଲୁତ)—
Khaṭwāpluta ଖଟ୍ୱାରୂଢ଼ (ଦେଖ)
Khaṭwārūrdha (See)

ଖଟ୍ୱାରୂଢ଼—ସଂ. ବିଣ. (ଦ୍ୱିତୀୟା ତତ୍; ଖଟ୍ୱା + ଆରୂଢ଼)—୧ । ଖଟରେ
Khaṭwārūrdha ବସିଥିବା ବା ଶୋଇଥିବା—
1. Lying or sitting on a bedstead.
୨ । ଅଳସୁଆ—2. Idle.
୩ । ନିର୍ବୋଧ—3. Silly.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିର ଦଶସ୍ଥ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

୪ । ବିପଥଗାମୀ—4. Going astray.
୫ । ଦୁଷ୍ଟ—5. Wicked.
୬ । ନୀଚ; ହୀନ—6. Mean; low; vile.
୭ । ବ୍ୟସନପ୍ରାପ୍ତ; ବ୍ୟସନଯୁକ୍ତ—7. Addicted to luxury.

**ଖଡ଼୍ (ଧାତୁ)**—ସଂ.—ଖଣ୍ଡ୍ (ଧାତୁ) (ଦେଖ)—
Khard (root) — Khand (root) (See)

**ଖଡ଼୍ଖଡ଼୍**—ଦେ. ଅ. (ଧ୍ୱନ୍ୟନୁକରଣ)—ଶୁଖିଲା ବାଲୁକା କିମ୍ବା ଅନ୍ୟ କଠିନ ସଙ୍ଗେ ବାଜିବାର ଶବ୍ଦ—
Khardkhard — Sound of two dry things striking together.
খড়খড় खड़खड़

**ଖଡ଼୍ଖାଡ଼୍**—ଦେ. ଅ. (ଧ୍ୱନ୍ୟନୁକରଣ)—ଖଡ଼୍ଖଡ଼୍ (ଦେଖ)—
Khardkhārd — Khardkhard (See)

**ଖଡ଼୍ଦମ୍**—ଦେ. ଅ—ଖଡ଼େଦମ୍ (ଦେଖ)
Kharddam — Khardedam (See)

**ଖଡ଼**—ସଂ. ବି. (ଖଡ଼୍ ଧାତୁ=ଭେଦ କରିବା+ଭାବ. ଅ)—
Kharda ୧ । ଭଙ୍ଗ—1. Breaking
୨ । ବିଭାଗକରଣ—2. Dividing.
୩ । ତୃଣଜାତୀୟ କ୍ଷୁଦ୍ର ଗୁଳ୍ମବିଶେଷ (ଏଥିରେ ଘରଛପରଣି ହୁଏ)—3. Name of a grass-reed used in thatching.
୪ । ନଡ଼ା—4. Straw.

ପରସ୍ତ୍ରୀଭୋଗୀଠାରେ କରଣ ନଇଁ ସ୍ପୃହା
ଖଡ଼ ଗୁଡ଼ାଅଛି ଯେ ଜାଳିଦେବ ନାହିଁ । କୃଷ୍ଣସିଂ. ମହାଭାରତ. ଶାନ୍ତି ।

୫ । ଦହିକଢ଼ି; ପରିବା ସଙ୍ଗେ ଦହି ସିଦ୍ଧ ହୋଇ ପ୍ରସ୍ତୁତ ତରକାରୀ—Buttermilk boiled with vegetables and spices. (M. W).
୬ । ଶ୍ୟୋନାକ; ଫଣଫଣା (ଗୁଳ୍ମ) (ହି. ଶବ୍ଦସାଗର)—Bignonia Indica (plant).
ଦେ.ବି.—ଲତାର ନାଡ଼—The stem of a creeper.
ପ୍ରାଦେ. (ସିଂହଭୂମ) ବି.—ଏକପ୍ରକାର ଘାସ—A kind of grass.

**ଖଡ଼ଉ**—ଦେ. ବି. (ସଂ. କାଷ୍ଠ ପାଦୁକା; ତେ. ପାକୋଡ଼ୁ)—କଠଉ; କାଷ୍ଠ ପାଦୁକା; ଖଡ଼ମ—Wooden sandals.
Khardau
খড়ম खड़ाउँ

**ଖଡ଼କ**—ସଂ. ବି.—ଖିଲ; ଖୁଣ୍ଟି—Bolt or pin. (M. W.)
Khardaka

**ଖଡ଼କା**—ଦେ. ବି—୧ । ଖଡ଼କା; ନଡ଼ିଆ ଓ ତାଳପତ୍ରର ମଝି ଶିରା—
Khardakā 1. The twiglike long back-bone of a palm-leaf or cocoanut-leaf.
নারকেল পাতার শিরা सींक

୨ । ଖଡ଼କାରେ ତିଆରି ଝାଡ଼ୁ—2. A broom-stick made of cocoanut twigs.
୩ । ଓଡ଼ିଶାରେ ଉତ୍ପାଦିତ ଏକପ୍ରକାର ଉତ୍ତରଭାରତୀୟ ବିଲାତିଆଳୁ—A species of potato acclimatised in Orissa.
[ଦ୍ର—ଏହି ଆଳୁ ଏହି ଦେଶରେ ଉତ୍ପନ୍ନ ମଞ୍ଜିରୁ ଲଗାଯାଏ]

**ଖଡ଼କାବାଜ୍**—ଦେ.ବି. (ସମ୍ଭବତଃ ଫରକାବାଦରୁ ପ୍ରଥମେ ଆସିଥିବାରୁ)—
Khardakābāj ଓଡ଼ିଶାରେ ଉତ୍ପାଦିତ ଏକପ୍ରକାର ଉତ୍ତରଭାରତୀୟ ବିଲାତି ଆଳୁ—A species of potato acclimatised in Orissa.
[ଦ୍ର—ଏହି ଆଳୁ ଏହି ଦେଶର ମଞ୍ଜିରୁ ଲଗାଯାଏ । ଏ ଆଳୁ ଗଛରେ ଫୁଲ ଧରେ ଏବଂ ଟମାଟୋ ଭଳି ଫଳ ହୁଏ ।]

**ଖଡ଼କାବାଦ୍**—ଦେ. ବି.—ଖଡ଼କାବାଜ୍ (ଦେଖ)
Khardakābād — Khardakābāj (See)

**ଖଡ଼କି**—ଦେ. ବି. (ସଂ. ଖଡ଼୍)—ଏକ ପ୍ରକାର ହସ୍ତ ବଳୟ—
Khardaki — A species of armlet.

ଭୁଜ ଟେକି କରେ ଧରି ଖଡ଼କିମାନଙ୍କୁ
ପୋଷକରି ଯୋଡ଼ିକ ଦେଲେ ମଦନଙ୍କୁ । କୃଷ୍ଣସିଂ. ମହାଭାରତ. ଅଦି ।

**ଖଡ଼କିନା**—ଦେ. କ୍ରି. ବିଣ—୧ । ଖଡ଼ ଖଡ଼ ଶବ୍ଦରେ—
Khardakinā 1. By making a creaking sound.
খট্‌করে
୨ । ଧଡ଼୍କିନା; ହଠାତ୍; ତୁରନ୍ତ—2. At once.
खट्‌से

**ଖଡ଼କିନି**—ଦେ. କ୍ରି. ବିଣ—ଖଡ଼କିନା (ଦେଖ)
Khardakini — Khardakinā (See)

**ଖଡ଼କିବା**—ଦେ. କ୍ରି—ଖରକିବା; ଝାଡ଼ୁ କରିବା; ଓଳାଇବା—
Khardakibā — To sweep a place clean.

**ଖଡ଼କୁଟା**—ଦେ.ବି (ସହଚର ଶବ୍ଦ)—ନଡ଼ାକୁଟା; ଛଣପାଳ; କାଠିକୁଟା—
Khardakuṭā — Cut straw and trodden straw.
খড়কুটা कूड़ाकरकट; घासफूस

**ଖଡ଼କୁଢ଼ା**—ପ୍ରାଦେ. (ବସ୍ତର) ବି—କୁଟାଗଦା—
Khardakurdhā — A heap of fodder.

**ଖଡ଼କ୍କିକା**—ସଂ. ବି. ସ୍ତ୍ରୀ—ଖଡ଼କ୍କୀ (ଦେଖ)
Khardakkikā — Khardakkī (See)

**ଖଡ଼କ୍କୀ**—ସଂ. ବି. ସ୍ତ୍ରୀ (ଖଡ଼କ୍—ଅବ୍ୟକ୍ତ ଶବ୍ଦ+କୃ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—
Khardakkī
୧ । ଖିଡ଼କି; ଝରକା; ଜାଲାକବାଟ—1. Window.
୨ । ଗୁପ୍ତ ଦ୍ୱାର—2. Secret door
୩ । ବାଡ଼ି କବାଟ; ବାସଗୃହର ପଛଦୁଆର—3. Back door of a residence.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
| ୨ | ଈ | ଊ | ଋୂ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ | ନ୍ |

[ଦ୍ର—ଏଥିର ଅପଭ୍ରଂଶ ଖିଡ଼କ । ]

ଏକେହୁ ବୋଇଲ ଭଲ ଗଳେ ଭାଉକା

ନୋହିଲେ ବଳୁଛକ ଖଡ଼କ୍କୀ ବୈକୁଳକା—କୃଷ୍ଣସିଂହ. ମହାଭାରତ. ବନ ।

୪ । ଖଡ଼ଖଡ଼ି; ସବାରି—4. Palki; a chair carried on the shoulders by bearers.

[ଦ୍ର—ଏଥିର ଅପଭ୍ରଂଶ ଖଡ଼ଖଡ଼ି ।]

**ଖଡ଼ଖଡ଼**—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଶୁଖିଲା ହାଲୁକା ବସ୍ତୁମାନ ପରସ୍ପର ବାଜିବାର ଶବ୍ଦ—
Khar**d**akhar**d**a
खड़खड़
1. The sound of dry light things striking.
खड़खड़

୨ । କଠିନ ବସ୍ତୁ ଉପର୍ଯ୍ୟୁପରି ଆଘାତ ପାଇବାର ଶବ୍ଦ—
2. Sound of hard things being repeatedly struck.

୩ । କୌଣସି ଫମ୍ପା ଜିନିଷ ( ଯଥା ବଡ଼ ହାଣ୍ଡି ) ଇତସ୍ତତଃ ହେଲେ ତହିଁ ମଧ୍ୟରେ ଥିବା ଛୋଟ ପଦାର୍ଥ (ଯଥା ଘଡ଼ି, ନଡ଼ିଆ) ଏ ପାଖ ସେପାଖ ବାଜିବାର ଶବ୍ଦ—
3. Sound of small things being made to strike against the sides of a large empty thing when moved.

ଖଡ଼ଖଡ଼ ଶୁଭେ ତରୁପର୍ଣ୍ଣେ ଶ୍ୱାପଦର ସଞ୍ଚରଣ ଧ୍ୱନି—ରାଧାନାଥ ।

ଦେ. ବିଣ—୧ । ଶୁଖିଲା ଓ ହାଲୁକା—1. Dry and light.

खड़खड़े

ଶୁଖା ଖଡ଼ଖଡ଼, ମିଛ ମାୟାରେ ପଡ଼ି ତୁ ନଡ଼ବଡ଼ ନଡ଼ବଡ଼—
ବୈରାଗ୍ୟଭଜନ ।

୨ । ନୀରୋଗ ଓ ଭାରଶୂନ୍ୟ (ଦେହ)—
2. ( body) Feeling healthy and light.

୩ । ଢିଲା—3. Slack or loose.

**ଖଡ଼ଖଡ଼ି**—ଦେ. ବି—କାଷ୍ଠନିର୍ମିତ ଶିବିକା; ପାଲିଙ୍କି—
Khar**d**akhar**d**i
Palki; palanquin.
खड़खड़ि

ନୂଆ ଖଡ଼ଖଡ଼ି, ନୂଆ ଗଉଡ଼ କ, ମୋ ନୂଆବୋହୂ ।
ଶିଶୁଗୀତ ।

खड़खड़िआ

[ ଦ୍ର—ଏହା ଗଉଡ଼ଙ୍କ କାନ୍ଧରେ ବୁହା ହେବା ବେଳେ ଏଥିରେ ଥିବା ଭଲ ଭଲ କାଷ୍ଠ ଖଣ୍ଡମାନ ଖଡ଼ଖଡ଼ ଶବ୍ଦ କରୁଥିବାରୁ ଏହି ନାମ । ]

୨ । ଝିଲମିଲ; ଶିବିକା ଓ କବାଟ ଆଦିରେ ଲଗାଯିବା ଉପରକୁ ଉଠିବା ଓ ତଳକୁ ଖସିବା ପଟା; ପାଲଏଲ—
2. A venitian window.

**ଖଡ଼ଖଡ଼ିଆ**—ଦେ. ବିଣ—ଶୁଖିଲା (ବାଟ)—
Khar**d**akhar**d**iā
Dry (road).
खड़खड़िआ
सुखा खड़खड़

**ଖଡ଼ଖାଡ଼୍**—ଦେ. ଅ—ଖଡ଼ଖଡ଼ ( ଦେଖ )
Khar**d**akhār**d**
Khar**d**akhar**d**a (See)

**ଖଡ଼ଗ**—ଗ୍ରା. (ପଦ୍ୟ ) ବି.—୧ । (ସଂ. ଖଡ୍ଗ)—ଖଣ୍ଡା—
Khar**d**aga
Sword.
खड़ग
खड्ग

ଧନୁ ଗଦା ଖଡ଼ଗ ଚର୍ମେ ଛାଇ ପରି ।
କୃଷ୍ଣସିଂହ. ମହାଭାରତ, ଆଦ ।

୨ । (ସଂ. ଖଡ୍ଗୀ) ଗଣ୍ଡା ପଶୁ—2. Rhinoceros.

ବୋଲେ ଖଡ଼ଗ ପ୍ରହାରୁ ଗଡ଼ଗ ପଗଏ ।
ବଶ୍ୱାଏ ନଭେଦ ଦେହ ବକର୍ଣ୍ଣିତ ହୋଏ । ଉକ୍ତ. ବୈଦେହୀଶବିଳାସ ।

**ଖଡ଼ଘର**—ପ୍ରାଦେ. (ସମ୍ବଲପୁର) ବି.—(ତୁଲ. ବ. ଖଡ଼େର୍ ଘର୍)—
Khar**d**aghara
ପୁଆଳଘର (ଦେଖ)
Puā**l**a ghara (See)

**ଖଡ଼ଙ୍ଗା**—ପ୍ରାଦେ ( ସମ୍ବଲପୁର ) ବି—ମହାନଦୀର ଉପନଦୀ ତେଲ ନଦୀ କୂଳରେ ଥିବା କନ୍ଧମାନଙ୍କ ଅଧ୍ୟୁଷିତ ଇଲାକା—
Khar**d**aṅgā
An estate inhabited by the Kandhas on the bank of the Tela river, a tributary of the Mahānadī.

**ଖଡ଼ଞ୍ଜାଦେବା**—ପ୍ରାଦେ (ସମ୍ବଲପୁର) କ୍ରି (ତୁଲ. ହି. ଖଡଂଜା ଜୋଡ଼ନା)—
Khar**d**añjā debā
ଗାନ୍ଥିଣିରେ ଇଟାକୁ ଠିଆ ବା ତେଢ଼ା ବା ତେରଛା କରି ରଖିବା ( ଏହା ଦ୍ୱାରା ଗାନ୍ଥିଣୀ ସୁନ୍ଦର ଦିଶେ ); ଖଜୁରିଆ ବସାଇବା—
To put bricks in a slanting or erect style in brick-masonry.

**ଖଡ଼ଣ୍‌ଖଡ଼ଣ୍ କରିବା**—ପ୍ରାଦେ (ସମ୍ବଲପୁର) କ୍ରି. (ଧ୍ୱନ୍ୟନୁକରଣ)—
Khar**d**aṇkhar**d**aṇ karibā
ଉପର୍ଯ୍ୟୁପରି ଆଘାତ ପାଇବା ଯୋଗୁଁ ଖଡ଼ ଖଡ଼ ଶବ୍ଦ କରିବା—
To resound as a result of being repeatedly struck.

**ଖଡ଼ଦ**—ସଂ. ବି (ନାମ)—କିଷ୍କିନ୍ଧ୍ୟାର ରାଜା ( ଏ ବାଲି ଓ ସୁଗ୍ରୀବଙ୍କୁ ପାଳନ କରିଥିଲେ)—
Khar**d**ada
A king of Kiskindhyā (who brought up Bā**l**i and Sugrība)

**ଖଡ଼ଦମ୍**—ବୈ. କ୍ରି. ବିଣ—ଖଡ଼ାଦମ୍ (ଦେଖ)
Khar**d**adam
Khar**d**ādam (See)

**ଖଡ଼ପ**—ଦେ. ଅ—ସବାରିକାନ୍ଧିଆ ଗଉଡ଼ମାନେ ସବାରି କାନ୍ଧେଇ ଗଲା-ବେଳେ ବାଟରେ ଗୋଡ଼ରେ କଣ୍ଟା ମାଡ଼ିଲେ ଆଉ ଆଗକୁ ନ ଯାଇ ସେହି କଣ୍ଟା ବାହାର କରିବା ନିମନ୍ତେ ସବାରିର ଅନ୍ୟ କାନ୍ଧିଆ ଗଉଡ଼ମାନଙ୍କୁ କହିବା ସଙ୍କେତ ବଚନ—ଏଥିର ଅର୍ଥ ମୋ ଗୋଡ଼ରେ କଣ୍ଟା ପଶିଲା, ଟିକିଏ ରହ—
Khar**d**apa
An expression used by a palki bearer to indicate that a thorn has run into his foot while engaged in carrying the palki and that ,the other bearers should stop a while to enable him to draw out the thorn.

ସାଧାରଣ ଲେଖେ ଶବର ପୃଷ୍ଠାରେ ବୃହତ ୧ ଚଲ୍ଟିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲ୍ଟିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରୁ ନାହୁଁ । ଅତଏବ ୧ ବା ୨ ଚଲ୍ଟିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚଳୁଥ ବଦଳରେ ୨ ବା ୧ ଚଲ୍ଟିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଳ' ଦେଖିବେ; 'ଅଲବଳ' ନ ପାଇଲେ 'ଅଲ୍‌ବଳ୍‌' ଦେଖିବେ ।

**ଖଡ଼ପା**—ଦେ. ଅ—ଖଡ଼ପ (ଦେଖ)
Khardapā — Khardapa (See)

**ଖଡ଼ପାଲଗା**—ଦେ. ଅ—ସବାରୀକାନ୍ଧିଆ ଗଉଡ଼ଙ୍କ ଡାକବିଶେଷ—
Khardapālagā (ଏଥିର ଅର୍ଥ—ଆମ୍ଭମାନେ ଚାଲୁଥିବା ପଥ କଣ୍ଟକମୟ, ସମସ୍ତେ ସାବଧାନ ହୋଇ ଚାଲ)—
Beware, the way is beset with thorns. An exclamation used by palki-bearers (to indicate to the other bearers carrying the palki that the way through which they are passing is beset or strewn with thorns).

**ଖଡ଼ମ୍**—ଦେ. ବି (କାଷ୍ଠମୟ; କାଷ୍ଠପାଦୁକା; ଭୁଲ. ତେ. ପାକୋଭୁ)—
Khardam — କାଷ୍ଠନିର୍ମିତ ପାଦୁକା; କଠାଉ—
खड़म — Wooden sandals; patten; clog.
**पाँवड़ा, खराउँ, खड़ाउँ**

**ଖଡ଼ମା**—ଦେ. ବିଣ—ଘରର ଖୁଣ୍ଟ ଉପରେ ଶେଣୀ ବଅସିବା ପୂର୍ବରୁ ଖୁଣ୍ଟ ଅଗରେ କଟ୍ଟିସିବା ସଗ୍ ବା ଖାନ୍ଧରେ ଯେଉଁ କଠାଉ ବା ଖଡ଼ମ୍ ଆକାରର କାଷ୍ଠଖଣ୍ଡ ବସାଯାଏ—
Khardamā
A piece of wood in the shape of a clog put in the groove on the top of a pillar over which the wall-plate passes.

**ଖଡ଼ରଖଡ଼ର**—ଦେ. ଅ. ( ଧ୍ୱନ୍ୟନୁକରଣ )—ଖଡ଼ଖଡ଼ ଶବ୍ଦ—
Khardarakhardara — Sound imitating that produced by small things striking against one another.
खड़खड़; खटखट
**खड़खड़**

ଚଢ଼ଇଆଣୀମାନେ ଖଡ଼ର ଖଡ଼ର କରି ନଖେଇ ବୁଲଇ ପବାଳ ଅଛନ୍ତି—
ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଖଡ଼ରା**— ପ୍ରାଦେ. ( ସମ୍ବଲପୁର ) ବି— ଖଡ଼ୁରା ( ଦେଖ )
Khardarā — Khardurā ( See )

**ଖଡ଼ରାବୁରୁସ୍**—ଦେ. ବି. ( ସହଚର; ସଂ. ଖରଦଂଷ୍ଟ୍ରା+ଇଂ. ବ୍ରସ୍ )—
Khardarāburus — ଘୋଡ଼ାର ଦେହମାର୍ଜନ ନିମନ୍ତେ ବ୍ୟବହୃତ ଲୁହାର ଦାନ୍ତୁଆ ପାନଅି ଓ ଟାଁଉସା ଘୁଷୁରି ଲୋମରେ ତିଆରି ବ୍ରୁସ୍ ବା ପାନଅ—Curry-comb and brush for horse.
खरराबुरूस
**खरहराबुरुस**

[ ଦ୍ର—ପ୍ରଥମରେ ଘୋଡ଼ା ଦେହରେ ଖରଡ଼ା ମାରଲେ ତା ଦେହରୁ ଅଡ଼ୁଆ ଲୋମ, ଧୂଳ ଓ ରୁପୀ ଆଦି ଝଡ଼େ । ତା ପରେ ବୁରୁସ୍ଦ୍ୱାରା ତା ଲୋମକୁ ସାଉଁଳବାକୁ ହୁଏ । ]

**ଖଡ଼ା**—ଦେ. ବି. ( ସଂ. ନାମ. ; ତଣ୍ଡୁଲୀୟକ; କାଣ୍ଡେର; ତଣ୍ଡୁଲେରକ; ମାରିଷ )—
Khardā

ନଟିଆ;ଖଡ଼ା ୧ । ବର୍ଷଜୀବୀ ଶାକବିଶେଷ; ମାରିଷଶାଗ—
**चौलाई** 1. Amaranthus Frumentacens; Amaranthus Gangeticus ( Haines ).
[ ଦ୍ର—ଖଡ଼ାଶାଗ ବର୍ଣ୍ଣଭେଦରେ ତିନପ୍ରକାର—ଧଳା, ନାଲି ଓ ଧଳା-କଳାମିଶା; ସ୍ୱାଦଭେଦରେ ଖଡ଼ା ଦୁଇ ପ୍ରକାର ଯଥା—ସୁଆଦିଆ ବା ମିଠା ଓ ଖାରିଆ ବା ଗୋବରିଆ । ]
ଡେଁଗୋ; ଡାଁଟା; ଖାଡ଼ା ୨ । ( ସଂ. ଖଡ଼=ତୃଣାଦିର ନାଡ଼ )—
**डाँठ** ଶାକାଦିର ବଡ଼ ବଡ଼ ଡାଙ୍ଗ ବା ନାଡ଼; ଖାଡ଼—
2. Long stalk or stem of potherbs.
( ଯଥା—ପୋଇଖଡ଼ା । )
ଖାଡ଼ା ୩ । ବାଟୁଲଖଡ଼ା—
3. A bow or sling for throwing out pellets of earth at monkeys, birds etc.
୪ । ( ଲକ୍ଷଣାର୍ଥ ) ସ୍ୱଳ୍ପ ମୂଲ୍ୟର ସାମାନ୍ୟ ବସ୍ତୁ—
4. A thing of very slight or no value.

ତା ଘରେ ଖଡ଼ା ନାହିଁ—ପ୍ରବଚନ

[ ଦ୍ର—ଓଡ଼ିଶାରେ ସାଧାରଣ ଗରିବ ଗୃହସ୍ଥମାନେ ଭାତ ସଙ୍ଗେ ଖରଡ଼ା କରି ଖାଇବା ନିମନ୍ତେ ଖରାଦିନେ ଓ ବର୍ଷାଦିନେ ଅଧିକରୁଆଧିକ ଅଳ୍ପ ବହୁତ ଖଡ଼ାଶାଗ ବାଡ଼ିରେ ରୋପିଥାଆନ୍ତି । ଏ ଶାଗ ଏତେ ଜନ୍ମେ ଯେ ଏହା ମାଗଣା ମିଳେ ବା ଅତି ଅଳ୍ପ ଅର୍ଥାତ୍ ନାମ ମାତ୍ର ମୂଲ୍ୟରେ ବିକାଯାଏ । ]
ପ୍ରାଦେ. ( ମେଦିନୀପୁର ) ବି ( ଭୁଲ; ବ. ଶଙ୍କନାଖାଡ଼ା )—
ଛୁଇଁ—Pod.
ପ୍ରାଦେ. (ସମ୍ବଲପୁର) ବି—୧ । ଖଣ୍ଡା; ଢେଣ୍ଡୁ—1. Sword.
୨ । ବମିମାଛ ( ଦେଖ )
2. Bami ( fish ) ( See ).

ଖାଡ଼ା ବୈଦେ.ବିଣ. (ସଂ. ଖଡ଼କ=ଖୁଣ୍ଟି)—ଦଣ୍ଡାୟମାନ; ଠିଆ—
**खड़ा** Standing upright.

**ଖଡ଼ାଓପାସ**—ଦେ. ବିଣ—ଖାଡ଼ା ଉପବାସ (ଦେଖ)—
Khardāopāsa — Khardāupabāsa (See).

**ଖଡ଼ାଖଡ଼୍**—ଦେ. ଅ—ଖଡ଼ାଦମ୍ (ଦେଖ)
Khardākhard — Khardādam (See)
**खड़ाखड़**

**ଖଡ଼ାଦମ୍**—ବୈଦେ. କ୍ରି. ବିଣ—୧ । ଠିଆ ଠିଆ—
Khardādam — 1. Standing.
खाड़ादम ୨ । ଠିଆହେଠିଆରେ—
**खड़ेदम; खड़ेखड़े** 2. Without sitting.
୩ । ବରାବର ଠିଆ ହୋଇ—
3. Standing throughout.
୪ । ଯଥାଶୀଘ୍ର ବିଳମ୍ବ ନ କରି—
4. Instantly; without the least delay.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଐ | ଔ | ଞ |
| ୬ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଗଂ୍ୟ | ଇଅ | ଊ | ନ୍ତ |

**ଖଡ଼ାପତ୍ରଂ ନ ଦୀୟତେ**—ଦେ. ପ୍ରବଚନବାକ୍ୟ ( ସଂ. ବାକ୍ୟର ଅର୍ଥ; Khardāpatraṁ na dīyate ଖଡ଼ାପତ୍ର ଗୋଟିଏ ଦିଆ ହେଉ ନାହିଁ )—ଯେଉଁଠାରେ ମୁହଁଭକ୍ତି ଦେଖାଇବାରେ ସୀମା ନ ଥାଏ କିନ୍ତୁ ଦେଲାବେଳକୁ 'ଖଡ଼ାପତ୍ର' ଭଳି ମୂଲ୍ୟହୀନ ଓ ଅସାର ବସ୍ତୁ ସୁଦ୍ଧା ଦିଆ ନ ଯାଏ, ସେହିଠାରେ ଏ ପ୍ରବଚନ ପ୍ରୟୋଗ କରାଯାଏ—A saying meaning 'not giving a thing of the slightest value'.

**ଖଡ଼ାପହରା**—ଦେ. ବି—୧ । ଠିଆ ହୋଇ ପହରା ବା ଚଉକି ଦେବା—
Khardāpaharā — 1. Watching by standing throughout.
খাড়াপাহারা
**खड़ापहरा** ୨ । ଠିଆ ହୋଇ ଅନେକ ସମୟ ଅତିବାହିତ କରିବା—2. Spending a long time standing throughout; being on one's legs long.

**ଖଡ଼ାବଇଠା**—ଦେ. ବି—୧ । ଉଠାବଇଠା; ଉଠବସ; ଉଠିବା ବସିବା—1. Act of standing up and sitting down by turns.
Khardābaiṭhā
খাড়াবৈঠা
**खड़ाबैठा** ୨ । ଅପରାଧୀକୁ ଏକାଧିକ ଥର ଉଠିବା ଓ ବସିବାକୁ ଦିଆଯିବାରୂପ ଦଣ୍ଡ— 2. A punishment of making a culprit stand up and sit down alternately.
[ଦ୍ର—ପୂର୍ବେ ଓଡ଼ିଶାରେ ଚାଟଶାଳୀରେ ଅପରାଧୀ ଛାତ୍ରଙ୍କୁ ଏ ଦଣ୍ଡ ଦିଆ ଯାଉଥିଲା । ]

**ଖଡ଼ାବଇରା**—ପ୍ରାଦେ. (ସମ୍ବଲପୁର) ବି—ବମି (ମାଛ) ( ଦେଖ )—
Khardābairā — Bami (fish) (See)

**ଖଡ଼ାବହିରା**—ପ୍ରାଦେ (ସମ୍ବଲପୁର) ବି - ବମି (ମାଛ) (ଦେଖ) —
Khardābahirā — Bami (fish) (See)

**ଖଡ଼ି**—ଦେ. ବି. ( ସଂ. ଖଡ଼ୀ; ଖଟିକା )—୧ । ଶ୍ୱେତ ଓ ନରମ ପଥର; ଶୁକ୍ଳପାଷାଣ—1. Chalk; a kind of steatite or soapstone.
Khardi
ସଂ. ନାମ—ଶ୍ୱେତଧାତୁ, କଠିନୀ, ଧାତୁଫଳ, ଧବଳମୃତ୍ତିକା, ଖଡ଼ୀ, ଖଟିକା, ଖଟୀ
খড়ী
**खड़िया; खड़ी**
[ ଦ୍ର—ଏହାଦ୍ୱାରା ଭୂମିରେ ଗାର ପଡ଼େ । ଏଥିରେ ପିଲାମାନେ ଭୂମିରେ ଲେଖନ୍ତି । ଆଗେ କାଗଜ, ସୀସା-ପେନ୍ସିଲ୍ ବା ସ୍ଲେଟ୍-ପେନ୍ସିଲ୍‌ର ପ୍ରଚଳନ ନ ଥିଲା; ଚାଟଶାଳୀରେ ପିଲାମାନେ ଖଡ଼ିଦ୍ୱାରା ଭୂମିରେ ପାଠ ଲେଖୁଥିଲେ ଓ ବୟସ୍କମାନେ ଅଣ୍ଟାରେ ସର୍ବଦା ଖଡ଼ି-ଗୋଟାଳ ଖୋସୁଥିଲେ ଓ ହିସାବପତ୍ରଆଦି ଟିପିବାର ଆବଶ୍ୟକ ପଡ଼ିଲେ ଭୂମି ବା କାନ୍ଥରେ ଉକ୍ତ ଗୋଟାଳଦ୍ୱାରା ଲେଖୁଥିଲେ । ଜ୍ୟୋତିଷମାନେ ଖଡ଼ିରେ ଜ୍ୟୋତିଷଗଣନା ଅଙ୍କ ମଧ୍ୟ ଏବେ ଲେଖନ୍ତି । ବିଲାତରୁ ଏକପ୍ରକାର ବାଲୁକା ଖଡ଼ି ଆମଦାନୀ ହୁଏ—ତାକୁ ଚକ୍‌ଖଡ଼ି କହନ୍ତି । ]

୨ । ଏକଜାତୀୟ ତେଙ୍ଗା ତୃଣ ବା କୁଶ; ଖର—2. A kind of reed or grass; Saccharum Fuscum.
୩ । ବାଉଁଶ ଚିଖା ହୋଇ ପ୍ରସ୍ତୁତ କରାଯିବା ସରୁଆ ଖଡ଼ିକା—3. Slender twigs prepared from cleft bamboo.
୪ । ଖଡ଼ିଆମାଟି; ଖଡ଼ି ପରି ଧଳା ମାଟି—4. Chalky soil.

**ଖଡ଼ିଆ**—ଦେ. ବିଣ—ଖଡ଼ି ଭଳି ଶ୍ୱେତ—
Khardiā — White as chalk.
খড়িয়া
**खड़िया** ପ୍ରାଦେ. (ସମ୍ବଲପୁର) ବି—ବାଉରୀଙ୍କ ପରି ନୀଚ ଅନାର୍ଯ୍ୟ-ଜାତିବିଶେଷ—Name of low caste Non-aryan tribe in Sambalpur.

**ଖଡ଼ିଆକନ୍ଦା**—ଦେ. ବି—ଖଡ଼ିକନ୍ଦା ( ଦେଖ )
Khardiākandā — Khardikandā ( See )

**ଖଡ଼ିଆଳ**—ଦେ. ବିଣ—ଯେଉଁ ସ୍ଥାନର ମୃତ୍ତିକା ଖଡ଼ିମୟ—
Khardiāla — Chalky.
ଦେ. ବି. ( ନାମ )—ବର୍ତ୍ତମାନ ମଧ୍ୟପ୍ରଦେଶଭୁକ୍ତ ଉତ୍କଳଭାଷୀ ଗୋଟିଏ ରାଜ୍ୟ—An Oriya speaking estate now included in the Central Province.

**ଖଡ଼ିଆଳି**—ଦେ. ବିଣ (ସଂ. ଖଳ)—ବୈରୀ; ବିରୋଧୀ; ପ୍ରତିବାଦୀ—
Khardiāli — Opponent; disputant; adversary.

**ଖଡ଼ିକନା**—ଦେ. ବି—ମାଟିପିତୁଳାକୁ ଚିତ୍ର ବା ରଙ୍ଗ କରିବା ପୂର୍ବରୁ ପିତୁଳାର ଦେହସାରା ବିଛାଯିବା କନା—
Khardikanā — The layer of cloth laid over an earthen image before it is painted.

**ଖଡ଼ିକନ୍ଦା**—ଦେ. ବି. ( ସଂ. ଦୁଗ୍ଧପାଷାଣ )—ଚକ୍‌ଖଡ଼ି ପରି ଶ୍ୱେତ କନ୍ଦା-ପଥର—Chalk-like white sandstone.
Khardikandā
দুধখড়ি
**दुद्धी**
[ ଦ୍ର—ଏହା ସାଧାରଣତଃ କନ୍ଦାପଥର ଅପେକ୍ଷା ନରମ ଓ ଏଥିଦ୍ୱାରା ଭୂମିରେ ଧଳା ଗାର ଟାଣିହୁଏ; ଏହା ଚକଖଡ଼ି ଅପେକ୍ଷା ଟାଣୁଆ; କିନ୍ତୁ ସାଧାରଣ ଖଡ଼ି ଅପେକ୍ଷା ହାଲୁକା । ]

**ଖଡ଼ିକା**—ସଂ. ବି. ( ଖଡ଼ ଧାତୁ+ଅକ+ସ୍ତ୍ରୀ. ଆ )—ଚକ୍‌ଖଡ଼ି—
Khardikā — Chalk. ( M. W. )
নারকেলপাতার শিরা
**सीक**
ଦେ. ବି—୧ । ନଡ଼ିଆପତ୍ର ଓ ତାଳପତ୍ର ମଧ୍ୟସ୍ଥ ଟାଣୁଆ ଶିରା—1. The twiglike long backbone of the leaves of palm or cocoanut tree.
[ ଦ୍ର—ଏଥିରେ ଗୃହସ୍ଥର ଅନେକ କାର୍ଯ୍ୟ ଚଳେ । ଏଥିରୁ ଗୋଛାଏ ବାନ୍ଧି ଖଡ଼ିକାମୁଠା ବା ଝାଡ଼ୁ କରାଯାଏ । ଝଡ଼ାଝଡ଼ି କରିବା ନିମନ୍ତେ ମଧ୍ୟ ଖଡ଼ିକାମୁଠା ବ୍ୟବହୃତ ହୁଏ । ଲଥା, ଫାନ୍ଦବିର, ଫାଳମୁଗ ଆଦି ଚଳାଇବାର କଳୁଶୀ, ମାଛ ଧରିବାର ବନ୍ଧା, ଖଇଞ୍ଚା ଆଦି ଜାଲଜାଲୁଆ ଯନ୍ତ୍ରମାନ ଏଥିରେ ତିଆରି ହୁଏ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ ଗାଇ ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

କୌଣସି ସରୁ, କାଠିଭଳିଆ ବସ୍ତୁ ବା ବ୍ୟକ୍ତିକୁ ଖଡ଼ିକା ସଙ୍ଗେ ଉପମା ଦିଆଯାଏ; ଲୋକେ କହନ୍ତି—'ଅମୁକ ପିଲାଟି ଖଡ଼ିକାଟିଏ'।

ଜଗନ୍ନାଥ ମହାପ୍ରଭୁ ରଥରେ ବିଜେ କରିବାକୁ ପହଣ୍ଡି ବିଜେ କରିବା ସମୟରେ ପୁରୀର ରାଜା ତାଙ୍କ ଆଗେ ଆଗେ ସୁନାଖଡ଼ିକା ଧରି ବାଟ ଓଳାଇ ଓଳାଇ (ପହଁରା କରି) ଓ ସୁଗନ୍ଧ ଜଳ ଛିଞ୍ଚି ଛିଞ୍ଚି (ଛେରା କରି) ଯାଆନ୍ତି।

ତେଲଭଣ୍ଡିରେ ପିଠା ଲେଉଟାଇବା ଓ ଭଜା ଆଦି ଲେଉଟାଇବା ପାଇଁ (ଖଡ଼ିକା ପରି ପତଳା କଳୁ ଗୋଟାଏ ମୁହଁ ଚଟକା) ଲୁହା-ଖଡ଼ିକା ବ୍ୟବହୃତ ହୁଏ।]

୨। ଦାନ୍ତ ଖୁଣ୍ଟା—2. Tooth-pick.

ପ୍ରାଦେ. (ସମ୍ବଲପୁର) ବି—ଛୋଟ କାଠି—
A small twig.

**ଖଡ଼ିକାମୁଠା**—ଦେ. ବି—୧। ଏକତ୍ର ସଂଗୃହୀତ ହୋଇ ବନ୍ଧା ହୋଇଥିବା ହାତର ମୁଠାରେ ଧରି ହୋଇ ପାରିବା ଭଳି ଖଡ଼ିକାର ବିଡ଼ା; ନଡ଼ିଆଖଡ଼ିକାରେ ତିଆରି ଝାଡ଼ୁ ବା ପହଁରାମୁଠା; ବାଢ଼ଣା—
**Khardikāmuṭhā**
1. A handful of tough twigs tied together for being used as a broom; broom-stick.

୨। ଧାନ, ଚୂଡ଼ା, ମୁଗ ଆଦି ବାଲିରେ ଭାଜିବା ସମୟରେ ତାକୁ ଲେଉଟାପାଉଟ କରିବା ନିମନ୍ତେ ବ୍ୟବହୃତ ନଡ଼ିଆ ଖଡ଼ିକାରେ ବନ୍ଧା ହୋଇଥିବା ବିଡ଼ା; ଭଜାଭଜି-ଖଡ଼ିକାମୁଠା—
2. A small handful of tough twigs tied together to agitate paddy etc in the frying pan.

**ଖଡ଼ିକାର**—ଦେ. ବି—ଖଡ଼ିରତ୍ନ (ଦେଖ)
**Khardikāra** — Khardiratna (See)

**ଖଡ଼ିକୁଦା**—ଦେ. ବି—ନଦୀର ବାଲି ମଧ୍ୟରେ ଯେଉଁ ଉଚ୍ଚ ସ୍ଥାନରେ
**Khardikudā** ମନଲୁ ଖଡ଼ି ଗଛ ଉଠେ—
Sandy dunes in the bed of rivers on which Khardi reed thrives.

**ଖଡ଼ି ଗଡ଼ିବା**—ଦେ. ବି—ପାଠାର୍ଥୀ ଶିଶୁ ଖଡ଼ି ଧରି ପଢ଼ିବା ସମୟରେ
**Khardi gardibā** ତା ହାତରୁ ଖଡ଼ି-ଗୋଟାଲ ଚାଟଶାଳୀର ପିଣ୍ଡା ଉପରୁ ତଳକୁ ଗଡ଼ି ପଡ଼ିବା—
The sliding away of a piece of writing chalk from the hand of a boy while engaged in writing with it on the floor or varanda of the school room.

[ ବ୍ରୁ—ଜଣେ ପିଲା ଲେଖୁ ଲେଖୁ ତା ହାତରୁ ଖଡ଼ି ଗଡ଼ିଗଲେ ଆଉ ଜଣେ ସାଙ୍ଗ ପିଲା ତାହା ଗୋଟାଇ ଆଣି ଦିଏ, କିନ୍ତୁ ଓଡ଼ିଶାର କାହାଣୀମାନଙ୍କରେ ଦେଖାଯାଏ ଯେ ଅଙ୍କାତପିଚ୍ଛକ (ଅଣବାରୁଆ) ଛାତ୍ରର ଖଡ଼ି ଗଡ଼ି ଗଲେ ତାହାର ଖଡ଼ିକୁ ସାଙ୍ଗ ପଡ଼ୁଆମାନେ ଗୋଟାଇ ଆଣି ଦେବାକୁ ରାଜି ହୁଅନ୍ତି ନାହିଁ।]

**ଖଡ଼ିଗାରକୁ ଆସିବା**—ଦେ. କ୍ରି—(ଅମୁକର ନାମ) ବିଶିଷ୍ଟ
**Khardigāraku āsibā** ବ୍ୟକ୍ତିଙ୍କ ତାଲିକାରେ ଚଢ଼ିବା—
(a person's name) To be enlisted amongst the notables.

**ଖଡ଼ି ଗୋଟାଲ**—ଦେ. ବି—ଖଡ଼ିର ଗୋଲାକାର ଖଣ୍ଡ—
**Khardi goṭāli** A small ball of chalk.

[ ବ୍ରୁ—ଆଗେ ଲୋକେ ସବୁବେଳେ ଅଣ୍ଟାରେ ଗୋଟିଏ ଲେଖାଁଏ ଛୋଟ ଖଡ଼ିର ଗୋଲକ ଖୋସଣିରେ ଖୋସି ରଖୁଥିଲେ। ଏହା କରିବା ଯୋଗୁଁ ଖୋସଣି ଖସି ଯାଇ ନ ଥିଲା ଏବଂ କିଛି କଥା ଲେଖିବାର ଆବଶ୍ୟକ ପଡ଼ିଲେ ଅଣ୍ଟାରେ ଥିବା ଖଡ଼ି ଗୋଟାଲ ଦ୍ୱାରା ଲେଖାଲେଖି ବା ହିସାବ ଭୂମିରେ ବା କାନ୍ଥରେ ହେଉଥିଲା।]

**ଖଡ଼ି ଘଷିବା**—ଦେ. କ୍ରି—ଖଡ଼ି ଘୋରିବା (ଦେଖ)—
**Khardi ghashibā** Khardi ghoribā (See)

**ଖଡ଼ିଘୋରିବା**—ଦେ. କ୍ରି—ବହୁ ଲିଖନ ସାପେକ୍ଷ କୌଣସି ଗାଣିତିକ
**Khardi ghoribā** ସମସ୍ୟା ବା ହିସାବ ସମାଧାନ କରିବା ନିମନ୍ତେ ଭୂମିରେ ବହୁତ ଲେଖି ଲେଖି ଖଡ଼ିମୁଣ୍ଡାର ଆକାରକୁ କ୍ରମଶଃ ଛୋଟ କରିଦେବା—To wear out a piece chalk by extensive writing on the ground for solving an arithmetical problem or account.

**ଖଡ଼ିଚୂନ**—ଦେ. ବି—ପଥରଚୂନ—
**Khardichūna** Lime prepared by of calcination lime-stone.

**ଖଡ଼ିଛୁଆଁ**—ଦେ. ବି—ହିନ୍ଦୁବାଳକର ସର୍ବପ୍ରଥମେ ହାତରେ ଖଡ଼ି
**Khardichhuān** ଧରିବାର ଅନୁଷ୍ଠାନ; ବାଳକର ବିଦ୍ୟାରମ୍ଭ-
ହାତେଖଡ଼ି ସଂସ୍କାର—The initiation of a Hindu boy into the act of writing (one of the ceremonies which must be observed by every Hindu boy.)

[ ବ୍ରୁ—ଏ ସଂସ୍କାର ସମୟରେ ଗୁରୁ ବା ପିତା ବାଳକହସ୍ତରେ ଖଡ଼ି ଖଣ୍ଡିଏ ଦେଇ ପ୍ରଥମେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଧରି ତିନିଗୋଟି ମଣ୍ଡଳା ଭୂମିରେ ଲେଖନ୍ତି; 'ସିଦ୍ଧିରସ୍ତୁ' (ସିଦ୍ଧିହେଉ) ବୋଲି ମୁଁହରେ ଉଚ୍ଚାରଣ କରି ପିଲାର ହାତକୁ ଧରି ସେହି ମଣ୍ଡଳା ଉପରେ ମଡ଼ାନ୍ତି। ଦ୍ୱିଜାତି ଶିଶୁର ଜୀବନର ଉପନୟନ ପର୍ଯ୍ୟନ୍ତ ଦଶଗୋଟି ସଂସ୍କାର ମଧ୍ୟରୁ ଏହା ନବମ ବା ବିଦ୍ୟାରମ୍ଭ-ସଂସ୍କାର।]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋ | ଳ | ଯେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ | ଇଅ | ଭ | ନ୍ |

ଖଡ଼ି ଛୁଆଁଇବା—ଦେ. କ୍ରି—(ଗୁରୁ ବା ପିତା ) ଶିଶୁର ବିଦ୍ୟାରମ୍ଭବେଳେ
Khardi chhuāniba ତାହାର ହାତରେ ପ୍ରଥମେ ଖଣ୍ଡିଏ ଖଡ଼ି
ହାତେଖଡ଼ିଦେଓୟା ଦେବା—To initiate a boy into the act of writing by putting a piece of chalk to his hand.

ଖଡ଼ି ଛିଣ୍ଡାଇବା—ଦେ. କ୍ରି—ଖଡ଼ି ଘୋରିବା ( ଦେଖ )—
Khardi chhindāiba Khardi ghoriba (See)

ଖଡ଼ି ଛୁଇଁବା—ଦେ. କ୍ରି—(ଶିଶୁ) ବିଦ୍ୟାରମ୍ଭ କରିବା; ବିଦ୍ୟାରମ୍ଭ କରିବା
Khardi chhuinbā ନିମନ୍ତେ ପ୍ରଥମେ ଖଡ଼ି ଧରିବା—( a child ) To begin the act of writing for the first time in life.

ଖଡ଼ି ଟୋକେଇ—ଦେ. ବି— ବାଉଁଶର ସରୁକାଠି ବା ବାଉଁଶ କଣିରେ
Khardi tokei ବୁଣା ହୋଇଥିବା ଟୋକେଇ— A basket made of small twigs of bamboo.

ଖଡ଼ିଦିଆ—ଦେ. ବି—ଖଡ଼ିଛୁଆଁ ( ଦେଖ )—
Khardidiā Khardichhuān (See)

ଖଡ଼ି ଧରିବା—ଦେ. କ୍ରି— ୧ । ବିଦ୍ୟାରମ୍ଭ କରିବା—
Khardi dhariba 1. The begin the art of writing at the intiation ceremony.

୨ । କୌଣସି ଗାଣିତିକ ପ୍ରଶ୍ନ ବା ହିସାବ ସମାଧା କରିବା ନିମନ୍ତେ ଭୂମିରେ ଅଙ୍କ ଲେଖିବାକୁ ହାତରେ ଖଡ଼ି ନେବା—2. To take a piece of chalk for writing on the ground to solve an arithmetical problem or account.

ଖଡ଼ି ପକାଇବା— ଦେ. କ୍ରି—୧ । ଭବିଷ୍ୟତ୍ ଘଟନା ଜାଣିବା ନିମନ୍ତେ
Khardi pakāibā ଭୂମିରେ ଖଡ଼ିଦ୍ୱାରା ମଣ୍ଡଳୀ କାଟି ଫଳାଫଳ
ଖଡ଼ିପାତା ନିର୍ଣ୍ଣୟ କରିବା—1. To draw lines on the ground by a piece of chalk in order to calculate one's fortune.

ଧର୍ମି ନାମେ ମର୍ମିକ୍ରୋଷୀ ପକାଇତା ଖଡ଼ି—ମଧୁସୂଦନ. କବିତା ।

[ ଦ୍ର—କେହି କୌଣସି ପ୍ରଶ୍ନ କଲେ ଜ୍ୟୋତିଷିକ ବ୍ୟକ୍ତି ଭୂମିରେ ଖଡ଼ି ଦ୍ୱାରା ଜ୍ୟୋତିଷୋକ୍ତ ମଣ୍ଡଳ ଲେଖି ତହିଁ ମଧ୍ୟରୁ ମଣ୍ଡଳର ଯେଉଁ ଘରେ ଇଚ୍ଛା ସେ ଘରରେ ଖଡ଼ିଟି ଥୋଇ ଦେବା ନିମନ୍ତେ କୌଣସି ଉପସ୍ଥିତ ବ୍ୟକ୍ତିଙ୍କୁ ବା ଶିଶୁକୁ କହନ୍ତି; ଶିଶୁ ଯେଉଁ ଘର ଉପରେ ଖଡ଼ିଟି ରଖିଦିଏ ଗଣକ ତାହା ଦେଖି ପ୍ରଶ୍ନକର୍ତ୍ତାଙ୍କ କୃତ ପ୍ରଶ୍ନର ସଫଳତା ବା ନିଷ୍ଫଳତା ନିର୍ଣ୍ଣୟ କରନ୍ତି । ଏହି ପ୍ରକ୍ରିୟାକୁ 'ଖଡ଼ି ପକାଇବା' ବୋଲାଯାଏ ।]

୨ । ଖଡ଼ି ପକାଇବା ପ୍ରଣାଳୀ ଦ୍ୱାରା ଭବିଷ୍ୟତ୍ ସମ୍ବନ୍ଧରେ ପ୍ରଶ୍ନର ସମାଧାନ କରିବା—
2. To solve questions about a man's fortune by drawing lines and figures on the ground with a piece of chalk.

ଗଲା ଗୁରୁବାର ଦିନ ଖଡ଼ି ପକାଇ କହିଥିଲେ ପରା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୩ । ଫଳିତ ଜ୍ୟୋତିଷ ସମ୍ବନ୍ଧେ ଗଣନା କରିବା—
3. To make astrological calculations.

ଖଡ଼ି ପଡ଼ିବା—ଦେ. କ୍ରି—୧ । କୌଣସି ବିଷୟର ଉଲ୍ଲେଖ କରାଯିବା—
Khardi pardiba 1. Mention of any thing.
ଖଡ଼ିପଡ଼ା ୨ । କୌଣସି କାର୍ଯ୍ୟର ପ୍ରଥମ ଆରମ୍ଭ କରାଯିବା—
2. Beginning of some work.

୩ । ଭବିଷ୍ୟତ ଗଣନା ସମ୍ବନ୍ଧେ ଭୂମିରେ ଗାର କଟାଯିବା—
3. Drawing of figures on the ground for calculating the future.

୪ । ( ଅମୁକଙ୍କ ନାମରେ ) ଖଡ଼ି ପଡ଼ିବା; ( ଅମୁକ ) ଜଣେ ବିଶିଷ୍ଟ ବ୍ୟକ୍ତି ବୋଲି ପରିଗଣିତ ହେବା—
4. To be included in the list of notables.

୫ । (କୌଣସି ବ୍ୟକ୍ତିଙ୍କ ନାମ) ଉଲ୍ଲେଖ ହେବା—
3. ( the name of a person ) Being mentioned.

ଖଡ଼ିପଥର—ଦେ. ବି.—୧ । ଧଳା ରଙ୍ଗର ନରମ ପଥରବିଶେଷ;
Khardipathara ଧଳା କଡ଼ା ପଥର—
ଖଡ଼ିପାଥର 1. Limestone.

୨ । ଚକ୍ ଖଡ଼ି—2. Chalk stone.

[ ଦ୍ର—ଏ ପଥର କଡ଼ାପଥର ଠାରୁ ନରମ ଓ ଏଥିଦ୍ୱାରା ଭୂମିରେ ଓ କଳାପଟାରେ ଲେଖିଲେ ଲେଖିହୁଏ । ଢଙ୍କାନାଳ ଓ ପ୍ରାନ୍ତର ଉପକୂଳରେ ଏ ଖଡ଼ିପଥରର ପାହାଡ଼ମାନ ଅଛି । ]

୩ । ଖଡ଼ି ୧ ଦେଖ
Khardi 1 ( See )

ଖଡ଼ିପାଠ—ଦେ. ବି—୧ । ଚଟଶାଳୀରେ ପିଲାମାନେ ଅବଧାନଙ୍କ ନିକଟରେ
Khardipātha ଭୂମିରେ ଖଡ଼ିଦ୍ୱାରା ଲେଖି ଶିଖିବା ବିଦ୍ୟା ( ଯଥା—ପଣକିଆ, ହରଗୁଣ, ଫେଡ଼ାମିଶା, ସତରଫଳା ଇତ୍ୟାଦି)—
1. The elementary writing and rules of arithmetic learnt by students in primary schools.

ଦୁଆର ବୋଇଲ ତୁ ଖଡ଼ିପାଠ ପଢ଼ି
ଭୁଲା ମୋତେ ଗୁଡ଼େ କି କହ ଅଗଡ଼ି ।
କୃଷ୍ଣସିଂହ. ମହାଭାରତ. ବନ ।

୨ । ଅଙ୍କ ବା ଗଣିତ ବିଦ୍ୟା (ଯେଉଁ ବିଦ୍ୟା ସାଧନ କରିବା ପାଇଁ ଭୂମିରେ ଖଡ଼ିଦ୍ୱାରା ହିସାବ ଆଦି ଲେଖାଲେଖି କରିବାକୁ ହୁଏ)—2. Arithmetic.

ଖଡ଼ିପାଣି—ଦେ. ବି.—ଖଡ଼ିଚୂନା ବା ଚୂନ ଗୋଳା ହେଲା ଭଳି
Khardipāni ଦେଖା ଯାଉଥିବା ପାଣି—Water coloured white like chalk.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଖଡ଼ିଫୋଟକା—ଦେ. ବି.—ଖରିଫୋଟକା (ଦେଖ)
Khardiphotakā Khariphotakā (See)

ଖଡ଼ିଲାଗି—ଦେ. ବି.—ସ୍ନାନପୂର୍ଣ୍ଣିମା ପରେ ରଥଯାତ୍ରା ପୂର୍ବରୁ ଜଗନ୍ନାଥଙ୍କ
Kardilāgi ବିଗ୍ରହରେ ଖଡ଼ିଆଦି ଲଗାଇ ଚିତ୍ର କରିବାର ଅନୁଷ୍ଠାନ ବା ଉତ୍ସବ—The ceremony of smearing chalk on the image of the Deity Jagannātha after the Bath ceremony.
[ ଦ୍ର—କେବଳ 'ମୁଦିରଥ' ବଂଶୀୟ ସେବକ ଏହି ଖଡ଼ିର ପ୍ରଲେପ ବ୍ୟବହାର କରନ୍ତି; ଅନ୍ୟ କେହି କରନ୍ତି ନାହିଁ । ]

ଖଡ଼ିସିଝୁ—ଦେ. ବି.—ଲଙ୍କାସିଝୁ (ଦେଖ)
Khardisijhu Lankāsijhu(See)

ଖଡ଼ୀ—ସଂ. ବି. (ଖଡ୍ ଧାତୁ=ଭେଦ କରିବା+ଭାବ. ଅ+ସ୍ତ୍ରୀ. ଈ)—
Khardi ୧ । ସ୍ୱନାମପ୍ରସିଦ୍ଧ ଶୁକ୍ଳବର୍ଣ୍ଣ କୋମଳ ଖନିଜ ବସ୍ତୁବିଶେଷ (ପ୍ରକୃତିବାଦ)—
1. Grey chalk; a kind of steatite.
୨ । ଖଡ଼ିଆ ମାଟି—2. Chalky soil.
୩ । ଏକଜାତୀୟ ଡେଙ୍ଗା ତୃଣ; ଖର—
3. Saccharum Fuscum; a kind of reed or grass.
[ଦ୍ର—ଏ ଗଛ ଆଖୁ ଗଛ ପରି; ଏହାର ନାଡ଼ ଫମ୍ପା; ଉଚ୍ଚତା ୪।୫ ହାତ ।]
ଦେ. ବି.—ବାଉଁଶରୁ ନିର୍ମିତ ଖଡ଼ିକା—
Slender twigs made from split bamboo.

ଖଡ଼ୀନ—ସଂ. ବି. (ଖ+ଡୀନ)—ପକ୍ଷୀମାନଙ୍କର ଗତିବିଶେଷ—
Khardina A particular motion of birds during flight.

ଖଡ଼ୁ—ଦେ. ବି. (ସଂ. ଖଡ଼ୁକା)—ହାତଗଣ୍ଠି ବା ଗୋଡ଼ଗଣ୍ଠି ଉପରେ
Khardu ପିନ୍ଧା ଯିବା ବଳୟାକାର କଙ୍କଣବିଶେଷ; ହାତଖଡ଼ୁ; ଗୋଡ଼ଖଡ଼ୁ—Bracelet for the wrist or ankle
ଖାଡ଼ୁ
ଖଡୁଆ, କଡ଼ା
[ ଦ୍ର—ପୂର୍ବେ ବଙ୍ଗ ଦେଶରେ ସ୍ତ୍ରୀମାନେ ହାତରେ ବଡ଼ ଫମ୍ପା ଖଡ଼ୁ ପିନ୍ଧୁ ଥିଲେ । ଏବେ ବଙ୍ଗଦେଶର ସ୍ତ୍ରୀମାନେ ତାହା ପରିବର୍ତ୍ତେ ସରୁଆ ବାଲା ପିନ୍ଧୁଛନ୍ତି । କିନ୍ତୁ ଓଡ଼ିଶା ଓ ଆସାମର ସ୍ତ୍ରୀଲୋକମାନେ ଅବଧି ଖଡ଼ୁ ପିନ୍ଧୁଅଛନ୍ତି; ତୁଳ. ଆସାମୀ ଖାରୁ । ]

ଖଡ଼ୁ ଓହ୍ଲାଇବା—ଦେ. କ୍ରି.—ଖଡ଼ୁ କାଢ଼ିବା (ଦେଖ)
Khardu ohlāibā Khardu kārdhibā (See)

ଖଡ଼ୁକଣ୍ଠି—ଦେ. ବି. (ସହଚର)—ଖଡ଼ୁ ଏବଂ କଣ୍ଠି—
Khardukanthi Bracelet and necklace.
[ ଦ୍ର—ଓଡ଼ିଶାରେ ନବଜାତ ଶିଶୁମାନଙ୍କୁ ବନ୍ଧୁମାନେ ଓ ଅନୁଗୃହୀତ ବ୍ୟକ୍ତିଙ୍କୁ ରାଜାମାନେ ଖଡ଼ୁକଣ୍ଠି ଉପହାର ଦିଅନ୍ତି । ]

ଖଡ଼ୁକଢ଼ା—ଦେ. ଧଣ. ପୁଂ—(ଗାଳିରେ ବ୍ୟବହୃତ) ଯେ ପୁରୁଷ କୌଣସି
Khardukardha ସ୍ତ୍ରୀର ହାତରୁ ଖଡ଼ୁ କାଢ଼ିବା ବା ବିଧବା କରିବା ରୂପ କୁତ୍ସିତ କର୍ମ କରେ—( a term of abuse )
A person who does nasty acts.

ଖଡ଼ୁକା—ସଂ. ବି.—ହାତ ଓ ଗୋଡ଼ରେ ପିନ୍ଧାଯିବା ଖଡ଼ୁ—
Kharduka Bracelet and anklet. (M. W.)

ଖଡ଼ୁକାଚ—ଦେ. ବି. ( ସହଚର )—ସଧବା ସ୍ତ୍ରୀଲୋକଙ୍କର ପ୍ରଧାନ
Khardukācha ଅଳଙ୍କାର ଦ୍ରବ୍ୟ, ଧାତୁନିର୍ମିତ ଖଡ଼ୁ ଓ କାଚ—
Metal bracelet and glass-bangles worn by females who have their husbands living.

ଖଡ଼ୁ କାଢ଼ିବା—ଦେ. କ୍ରି—୧ । ହାତଗଣ୍ଠିରେ ପିନ୍ଧିଥିବା ଖଡ଼ୁକୁ
Khardu kardhibā ହାତରୁ ବାହାର କରିବା—
1. To take off the khardu from the wrist.
୨ । ( ଲକ୍ଷଣାର୍ଥ ) କୌଣସି ସଧବା ସ୍ତ୍ରୀ ବିଧବା ହେଲେ ତା ହାତରୁ ସଧବାର ଚିହ୍ନ ଖଡ଼ୁକୁ ବାହାର କରିବା—
2. To take off the bracelets from the wrists of a woman just widowed.
[ ଦ୍ର—କୌଣସି ସଧବା ସ୍ତ୍ରୀଙ୍କ ସ୍ୱାମୀ ମଲେ ବିଧବାକୁ କୌଣସି ଜଳାଶୟ ନିକଟକୁ ନେଇ ଭଣ୍ଡାରୁଣୀ ବା ଗ୍ରାମସେବକ ତା ହାତରୁ ସଧବାର ଚିହ୍ନ ଖଡ଼ୁ ଓ କାଚକୁ ବାହାର କରି ପକାଇବାର ପ୍ରଥା କେତେକ ଅଞ୍ଚଳରେ ଚଳେ । ]

ଖଡ଼ୁ ଗୁଞ୍ଜିର—ଦେ. ବି—ଗୁଞ୍ଜିର ( ଦେଖ )
Khardu gunjara Gunjara ( See )

ଖଡ଼ୁ ଛୁଇଁବା—ଦେ. କ୍ରି.—(ସଧବା ସ୍ତ୍ରୀ) ନିଜ ହାତର ଖଡ଼ୁକୁ ସ୍ପର୍ଶ କରି
Khardu chhuinbā ଶପଥ କରିବା—To swear by touching the bangle ( said of a woman having her husband ).
[ ଦ୍ର—ଖଡ଼ୁ ଛୁଇଁ ମିଛ କହିବା ସ୍ତ୍ରୀ ଶୀଘ୍ର ବିଧବା ହେବାର ଲୋକବିଶ୍ୱାସ ଅଛି । ]

ଖଡ଼ୁନୋଳି—ଦେ. ବି. ( ସହଚର )—ଖଡ଼ୁ ଏବଂ ନୋଳି—
Khardunoli Bracelet and ear-ring.
[ ଦ୍ର—ଓଡ଼ିଶାର ରାଜାମାନେ ଅନୁଗୃହୀତ ବ୍ୟକ୍ତିଙ୍କୁ ଓ ପଣ୍ଡିତମାନଙ୍କୁ ରାଜକୀୟ ଅନୁଗ୍ରହର ଚିହ୍ନ ସ୍ୱରୂପ ଖଡ଼ୁନୋଳି ଉପହାର ଦେବାର ରୀତି ପୂର୍ବେ ଅନେକ ରାଜସଭାରେ ଚଳୁଥିଲା । ]

ଖଡ଼ୁ ବଜ୍ରହେବା—ଦେ. ବି—(ବାଳିକା ଓ ସଧବାସ୍ତ୍ରୀମାନଙ୍କ ପ୍ରତି ପ୍ରଯୁଜ୍ୟ
Khardu bājrahebā ଆଶୀର୍ବାଦ ବିଶେଷ)—ଚିରକାଳ ହାତରେ ଖଡ଼ୁ ପିନ୍ଧିବା; ଆଜୀବନ ସଧବା ରହିବା—
To continue to be blessed with her husband till death; ( a term of blessing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଉଅ | ଙ୍ଘ |
| ୨ | ଈ | ଊ ⌐ ରୁ | | ଳୁ | ଘ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

used by elderly females to girls and young women; denoting "May your bracelet or bangle continue for ever i.e. may your husband live for ever".

[ ଦ୍ର—ହିନ୍ଦୁ ସ୍ତ୍ରୀମାନେ ଆଜୀବନ ସଧବା ବା ଅହିଅ ହୋଇ ରହିବାକୁ ସୁଖମୟ ମଣନ୍ତି; ସ୍ୱାମୀ ବଞ୍ଚି ଥାଉଁ ଥାଉଁ ଯେଉଁ ସ୍ତ୍ରୀ ମରନ୍ତି ସେ ସ୍ତ୍ରୀ ଭାଗ୍ୟବତୀ ବୋଲି ପରିଗଣିତ ହୁଅନ୍ତି । କୌଣସି ବୃଦ୍ଧା ସ୍ତ୍ରୀ ଯୁବତୀ ବା ବାଳିକାକୁ ଆଶୀର୍ବାଦ କଲେ କହନ୍ତି "ତୋ ଖଡ଼ୁ ବଜ୍ର ହେଉ", ଅର୍ଥାତ୍ ବଜ୍ରପରି ଚିରସ୍ଥାୟୀ ହେଉ, ଅର୍ଥାତ୍ ତୁ ଚିରକାଳ ସଧବା ହୋଇ ଥା । ]—

ଖଡ଼ୁବାହି—ଦେ. ବି—୧ । ହାତର କଚଟିଠାରୁ ବାହା ପର୍ଯ୍ୟନ୍ତ ପିନ୍ଧାଯିବା
Khar̤ḍubāhi ପିତ୍ତଳ ବା କଂସାର ଏକାଧିକ ପଟ ଖଡ଼ୁ—
1. Ornament of brass or bellmetal ( consisting of several bits) worn on the hands of females from the wrist to the elbow.

କମ ଆଦ ଖଡ଼ୁବାହି ହସ୍ତରେ ଗୋହିଏ । ଭଞ୍ଜ, ଲାବଣ୍ୟବତୀ ।

୨ । ଓଡ଼ିଶାର ଗଉଡ଼ୁଣୀ, କେଉଟୁଣୀ, ଧୋବଣୀ, ବାଉରୀଣୀ, କଣ୍ଡରୁଣୀ ଆଦି ହାତରେ ପିନ୍ଧିବା ପିତ୍ତଳର ଏକାଧିକ ଖଡ଼ୁ ( ଏହା ହାତଗଣ୍ଠିଠାରୁ ବାହାପର୍ଯ୍ୟନ୍ତ ପିନ୍ଧା ଯାଇ-ଥାଏ )—2 Heavy and clumsy brass bracelets and bangles worn by some Śūdra and low caste women in Orissa.

[ ଦ୍ର—ଗଉଡ଼ୁଣୀ, କେଉଟୁଣୀ ପ୍ରଭୃତିଙ୍କର ଦୁଇ ହାତର ଖଡ଼ୁ ଓଜନରେ ପ୍ରାୟ ୫।୬ ସେର ହେବାର ଦେଖାଯାଏ ।]

ଖଡ଼ୁମୁଷା—ଦେ. ବି—ସ୍ତ୍ରୀ ବା ବାଳକର ଖଡ଼ୁପିନ୍ଧା ହାତଦ୍ୱାରା କରାଯିବା
Khar̤ḍumushā ଖଡ଼ୁଦ୍ୱାରା ଆଘାତ—Blow given by the hand wearing bracelet.

ଖଡ଼ୁମୁଷା ମାରିବା—ଦେ. କ୍ରି—( ସ୍ତ୍ରୀ ବା ବାଳକ) ପିନ୍ଧିଥିବା ଖଡ଼ୁଦ୍ୱାରା
Khar̤ḍumushā māribā ଅନ୍ୟକୁ ଆଘାତ କରିବା—
To strike a blow with the bracelet.

ଖଡ଼ୁରା—ଦେ.ବି—୧ । ଖରୁଡ଼ା; କଂସା ଓ ପିତ୍ତଳର ଖଡ଼ୁ ତିଆରି
Khar̤ḍurā କରିବା ଜାତିବିଶେଷ —
( ଖଡ଼ୁରୀ—ସ୍ତ୍ରୀ ) 1 A caste of artisans who manufacture brass or bell-metal bracelets.

୨ । ଖରଡ଼ା;ଘୋଡ଼ା ଦେହ କୁଣ୍ଡାଇବାର ଲୁହା ପାନିଆ—
2. Curry-comb for combing the body of a horse.

ଖଡ଼ୁ ଶୀତଳେଇବା—ଦେ. କ୍ରି—ଖଡ଼ୁ କାଢ଼ିବା ( ଦେଖ )
Khar̤ḍu śītaḷeibā Khar̤ḍu kār̤ḍhibā (See)

[ ଦ୍ର—ହାତରୁ ଖଡ଼ୁ କାଢ଼ିବା ବିଧବାର ଲକ୍ଷଣ । ସାଧାରଣତଃ ସଧବା ସ୍ତ୍ରୀର ହାତରୁ ଖଡ଼ୁ କଢ଼ାଯିବାର ଦରକାର ପଡ଼ିଲେ ଖଡ଼ୁ 'କାଢ଼ିବା' ରୂପ ଅମଙ୍ଗଳସୂଚକ ଶବ୍ଦ ବ୍ୟବହାର ନ କରି ଖଡ଼ୁ 'ଶୀତଳେଇବା' ରୂପ କୋମଳତର ଶବ୍ଦ ବ୍ୟବହାର କରନ୍ତି । ]

ଖଡ଼େଖଡ଼େ—ବୈଦେ. କ୍ରି. ବିଣ—୧ । ଠିଆଠିଆ; କୌଣସିଠାରେ
Khar̤ḍekhar̤ḍe ନ ବସି—
खाड़ाय़ खाड़ाय़ 1. Standing; without sitting anywhere.
खडेखडे

୨ । ତତ୍କ୍ଷଣାତ୍; ତୁରନ୍ତ —2. Immediately.

ଖଡ଼େଦମ୍—ବୈଦେ. କ୍ରି. ବିଣ—ଖଡ଼ାଦମ୍ ( ଦେଖ )
Khar̤ḍedam Khar̤ḍādam ( See )

ଖଡ଼ୋରା—ଦେ. ବି—ଖଡ଼ୁରା ( ଦେଖ )
Khar̤ḍorā Khar̤ḍurā ( See )

ଖଡ୍ଗ—ସଂ. ବି. ( ଖଡ଼୍ ଧାତୁ = ଭେଦ କରିବା + କର୍ତ୍ତୃ. ଗ )—
Khaḍga ୧ । ଖଣ୍ଡା; ତରବାରି—
1. Sword; scimitar.

୨ । ଗଣ୍ଡାପଶୁ; ଗଣ୍ଡା—2. Rhinoceros.

୩ । ଗଣ୍ଡାର ଥୋମଣି ଉପରେ ବାହାରିଥିବା ଶିଙ୍ଘ—
3. The snout or horn of a rhinoceros.

୪ । କୁମ୍ଭୀରର ଖଗ—
4. The spiked tail of an alligator.

୫ । ଲୌହ—5. Iron.

ଦେ. ବି—୧ । ଠାକୁରାଣୀଙ୍କ ଆଗରେ ବୋଦାକୁ ହାଣିବାର ହତିଆର—
1. The sword used for killing animals in sacrifice before a Goddess.

୨ । ଚଣ୍ଡୀ ବା କାଳୀଠାକୁରାଣୀ ହାତରେ ଧରିଥିବା ଶସ୍ତ୍ର ବା ଖଣ୍ଡା—2. The sword held by Goddess Kāli or Chaṇḍī.

ଖଡ୍ଗକୋଷ—ସଂ. ବି. ( ୬ଷ୍ଠୀ ତତ୍; ଖଡ୍ଗ+କୋଷ )—ଖଣ୍ଡାର ଖାପ
Khaḍgakośa ବା ଖୋଳ—The sheath or scabbard of a sword.

ଖଡ୍ଗତ—ସଂ. ବି—ବୃହତ୍ କାଶ; ତୃଣବିଶେଷ—
Khaḍgata A large kind of reed; Saccharum Spontaneum.

ଖଡ୍ଗଧର—ସଂ. ବିଣ. ( ଖଡ୍ଗ+ଧୃ ଧାତୁ+କର୍ତ୍ତୃ. ଅ )—
Khaḍgadhara ଖଡ୍ଗଧାରୀ—Holding a sword; armed with a sword.
( ଖଡ୍ଗଧରା—ସ୍ତ୍ରୀ )

ଖଡ୍ଗଧାର—ସଂ. ବି. ( ୬ଷ୍ଠୀ ତତ୍; ଖଡ୍ଗ+ଧାର )—ଖଣ୍ଡାର ଧାର—
Khaḍgadhāra The edge of sword.

ଖଡ୍ଗଧାରିଣୀ—ସଂ. ବିଣ. ସ୍ତ୍ରୀ. ( ଖଡ୍ଗଧାରିନ୍+ସ୍ତ୍ରୀ. ଈ )—ଯେଉଁ ସ୍ତ୍ରୀ
Khaḍgadhāriṇī ଖଡ୍ଗ ଧରିଥାଏ—
( woman ) Holding a sword.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରୁତ ୧ ଚଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କ' ନ ପାଇଲେ ଅଲ୍‌ବର୍ ଦେଖିବେ ।

[ ଦ୍ର—ଏ ଶବ୍ଦ ସାଧାରଣତଃ କାଳୀଠାକୁରାଣୀଙ୍କର ବିଶେଷଣ ରୂପେ ବ୍ୟବହୃତ ହୁଏ ]—

**ଖଡ୍ଗଧାରୀ**—ସଂ. ବିଣ. ପୁଂ. ( ଖଡ୍ଗ+ଧୃ ଧାତୁ+କର୍ତ୍ତ୍ରି. ଇନ୍; ୧ମା. ୧ବ. )—ଯେ ଖଡ୍ଗ ଧରିଥାଏ—Holding a sword; armed with a sword.
Khaḍgadhārī
( ଖଡ୍ଗଧାରିଣୀ—ସ୍ତ୍ରୀ )

**ଖଡ୍ଗଧେନୁ**—ସଂ. ବି. ( ଖଡ୍ଗ+କ୍ଷୁଦ୍ରାର୍ଥେ. ଧେନୁ )—
Khaḍgadhenu
୧ । ଛୋଟ ଖଣ୍ଡା—1. A small sword; rapier.
୨ । ମାଈଗଣ୍ଡା—2. A female rhinoceros.

**ଖଡ୍ଗଧେନୁକା**—ସଂ. ବି—ଖଡ୍ଗଧେନୁ ( ଦେଖ ) Khaḍgadhenu ( See )
Khaḍgadhenukā

**ଖଡ୍ଗପତ୍ର**—ସଂ. ବି. ( ଖଡ୍ଗ+ପତ୍ର )—୧ । ( ମ. ପ. ଲୋ; ଖଡ୍ଗାଘାତରୁ ରକ୍ଷା ପାଇବା ପାଇଁ ବ୍ୟବହୃତ ପତ୍ର)—ଢାଲ—1. Shield.
Khaḍgapatra
୨ । (୬ଷ୍ଠୀ ତତ୍) ଖଣ୍ଡାର ଦାଢ଼ୁଆ ଫଳକ; ଖଡ୍ଗର ଫଳ—2. The blade of a sword.

**ଖଡ୍ଗପାଣି**—ସଂ. ବିଣ.—(ବହୁବ୍ରୀହି; ଖଡ୍ଗ+ପାଣି)—ଖଡ୍ଗହସ୍ତ (ଦେଖ) Khaḍgahasta (See)
Khaḍgapāṇi

**ଖଡ୍ଗପାଲି**—ସଂ. ବି.—(୬ଷ୍ଠୀ ତତ୍; ଖଡ୍ଗ+ପାଲି)—ଖଣ୍ଡାର ତୀକ୍ଷ୍ଣଧାର—The edge of a sword.
Khaḍgapāli
ବନ୍ଧ୍ୟ କି ଖଡ୍ଗପାଳି ପଡଗ କଲେ କଳଙ୍କ ହିଁ ।
ଭଞ୍ଜ. ବୈଦେହୀଶବିଳାସ ।

**ଖଡ୍ଗପିଧାନ**—ସଂ. ବି. (୬ଷ୍ଠୀ ତତ୍; ଖଡ୍ଗ+ପିଧାନ)—ଖଣ୍ଡାର ଖୋଳ—The scabbard of a sword.
Khaḍgapidhāna

**ଖଡ୍ଗପିଧାନକ**—ସଂ. ବି.—ଖଡ୍ଗପିଧାନ (ଦେଖ) Khaḍgapidhāna (See)
Khaḍgapidhānaka

**ଖଡ୍ଗପୁଚ୍ଛୀ**—ସଂ. ବିଣ. (ଖଡ୍ଗ+ପୁଚ୍ଛ+ଇନ୍; ୧ମା. ୧ବ—(ଆଧୁନିକ ବିଜ୍ଞାନ ପରିଭାଷା)—ଯେଉଁ ଜୀବର ଢାଲ ପରି ଦେହାବରଣ ତଳେ ଖଡ୍ଗାକାର ଶଳାକା ଥାଏ(ଯଥା—ସମୁଦ୍ରକଙ୍କଡ଼ା) (ପ୍ରକୃତିବାଦ)—(animals)Having a sword-like bone below the shield-like shell; Zyphosura.
Khaḍga puchchhī

**ଖଡ୍ଗପୁତ୍ରିକା**—ସଂ. ବି. (୬ଷ୍ଠୀ ତତ୍; ଖଡ୍ଗ+କ୍ଷୁଦ୍ରାର୍ଥେ ପୁତ୍ରିକା)—
Khaḍgaputrikā
୧ । ଛୋଟ ଖଣ୍ଡା—1. Rapier.
୨ । ଛୁରୀ—2. A knife.

**ଖଡ୍ଗଫଳ**—ସଂ. ବି. (୬ଷ୍ଠୀ ତତ୍; ଖଡ୍ଗ+ଫଳ)—ଖଣ୍ଡାର ଫଳକ ବା ଦାଢ଼ୁଆ ପାତଅ—The blade of a sword.
Khaḍgaphaḷa

**ଖଡ୍ଗପ୍ରହାର**—ସଂ. ବି. (୬ଷ୍ଠୀ ତତ୍; ଖଡ୍ଗ+ପ୍ରହାର)—ଖଣ୍ଡା ଚୋଟ—A stroke with the sword; a sword-cut.
Khaḍgaprahāra

**ଖଡ୍ଗବନ୍ଧ**—ସଂ. ବି.—ଖଣ୍ଡା ଆକୃତିବିଶିଷ୍ଟ କ୍ଷେତ୍ରରେ ଅକ୍ଷର ସନ୍ନିବେଶ-ରୂପ ରଚନାବିଶେଷ—A kind of artificial composition, the letters being arranged to form a sword.
Khaḍgabandha

**ଖଡ୍ଗମୃଗ**—ସଂ.ବି. (ମଧ୍ୟପଦଲୋପୀ; ଖଡ୍ଗବିଶିଷ୍ଟ ମୃଗ; ଖଡ୍ଗ+ମୃଗ)—ଗଣ୍ଡା—Rhinoceros.
Khaḍga mṛuga
ଭିନ୍ନ କି ବ୍ୟସ୍ତ ଖଡ୍ଗମୃଗ, ଯେବା ସଙ୍ଗରେ ମହାବେଗ । ଜଗନ୍ନାଥ. ଭାଗବତ ।

**ଖଡ୍ଗଶିମ୍ବୀ**—ସଂ. ବି. (ମଧ୍ୟପଦଲୋପୀ; ଖଡ୍ଗାକୃତି ଶିମ୍ବୀ)—ଫରାସ୍‌ବିନ୍—French bean. (M. W.)
Khaḍgaśimbī

**ଖଡ୍ଗହସ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଖଡ୍ଗ+ହସ୍ତ )—୧ । ଯେ ଖଣ୍ଡା ଧରି ଥାଏ—1. Holding a sword in hand.
Khaḍgahasta
(ଖଡ୍ଗହସ୍ତା—ସ୍ତ୍ରୀ)
୨ । ଖଡ୍ଗଦ୍ୱାରା ଅନ୍ୟକୁ ପ୍ରହାର କରିବାକୁ ଉଦ୍ୟତ—2. Ready to strike with the sword.
୩ । ଅନ୍ୟପ୍ରତି ବିଶେଷ କୋପିତ ବା ପ୍ରତିକୂଳ—3. Inimical; violently opposed.
୪ । କୌଣସି ମତ ବା ବ୍ୟକ୍ତିର ବିରୁଦ୍ଧାଚରଣ; ବିରୁଦ୍ଧବାଦୀ—4. Holding a diametrically opposite view-leading a violent opposition against a view or a person.

**ଖଡ୍ଗହସ୍ତତା**—ସଂ. ବି. (ଖଡ୍ଗହସ୍ତ+ଭାବ. ତା)—ବିପକ୍ଷତା; ବିରୋଧ—Opposition; enmity.
Khaḍgahastatā

**ଖଡ୍ଗାଘାତ**—ସଂ. ବି. ( ୩ୟା ତତ୍; ଖଡ୍ଗ+ଆଘାତ )—ଖଡ୍ଗପ୍ରହାର; ଖଣ୍ଡାର ଚୋଟ—A stroke with the sword; sword-cut.
Khaḍgāghāta

**ଖଡ୍ଗାଧାର**—ସଂ. ବି. (୬ଷ୍ଠୀ ତତ୍; ଖଡ୍ଗ+ଆଧାର)—ଖଣ୍ଡାର ଖୋଳ—A scabbard; a sheath for the sword.
Khaḍgādhāra

**ଖଡ୍ଗାମିଷ**—ସଂ. ବି. (ଖଡ୍ଗ+ଆମିଷ)—ଗଣ୍ଡାର ମାଂସ—Rhinoceros-meat.
Khaḍgāmisha

**ଖଡ୍ଗାରିଷ୍ଟ**—ସଂ. ବି—୧ । ଗଣ୍ଡାର ଫଳକ—1. Sword-blade. (M.W.)
Khaḍgāriṭa
୨ । ଉତ୍ତପ୍ତ ଖଣ୍ଡା ଦାଢ଼ରେ ଚାଲିବାରୂପ ବୌଦ୍ଧବ୍ରତ—2. A Buddhistic penance consisting of walking on the edge of a red-hot sword.

**ଖଡ୍ଗିକା**—ସଂ. ବି ( ଖଡ୍ଗ+କ+କ୍ଷୁଦ୍ରାର୍ଥେ.ଆ )—ଦାଆ—Sickle; small scythe. (M. W.)
Khaḍgikā

**ଖଡ୍ଗୀ**—ସଂ. ବିଣ ( ଖଡ୍ଗ+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ. )—୧ । ଯେ ଖଣ୍ଡା ଧରିଥାଏ; ଖଡ୍ଗଧାରୀ—1. One who holds a sword; a swordsman.
Khaḍgī
(ଖଡ୍ଗିନୀ—ସ୍ତ୍ରୀ)
ସଂ. ବି—୧ । ଶିବ; ମହାଦେବ—1. God Śiba.
୨ । ଗଣ୍ଡା ପଶୁ—2. Rhinoceros.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇୟ | ହ୍ୟ | ଞ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ତ |

ଖଡ୍ଗୀକ—ସଂ. ବ ( ଖଡ୍ଗ + ସଦୃଶାର୍ଥେ. ଈକ )—ଦାଆ—
Khadgīka A sickle; scythe.

ଖଡ୍ଗୀନ— ବ (ଖଡ୍ଗ + ବଦ୍ୟମାନତା ଅର୍ଥରେ ଇନ)— ଗଣ୍ଡା—
Khadgīna Rhinoceros.
ବଣ—ଖଡ୍ଗଧାରୀ—Armed with a sword.
ବଣ ସେ ଖଡ୍ଗୀକ ହୋଇ ଖଡ୍ଗୀନ ସଙ୍ଗତ,
ବନ୍ଧାଇଲେ ଗୁହ ଶବରେଣ ସଙ୍ଗେ ମିତ । ଭଞ୍ଜ. ବୈଦେହୀଶବିଳାସ ।

ଖଡ୍ଗୋତ୍ତୋଳନ—ସଂ. ବ ( ୬ଷ୍ଠୀ ତତ୍; ଖଡ୍ଗ+ଉତ୍ତୋଳନ )—ପ୍ରହାର
Khadgottolana କରିବା ନିମନ୍ତେ ଖଣ୍ଡା ଉଞ୍ଚେଇବା—
Raising the sword for striking a victim.

ଖଡ୍ଡାପହରା—ଦେ. ବ—ଖଡ଼ାପହରା (ଦେଖ)—
Khaddāpaharā Khardāpaharā (See)

ଖଣ୍‌ଖଣ୍—ଦେ. ଅ ( ଧ୍ୱନ୍ୟନୁକରଣ; ସଂ. ଖଣଖଣାୟ ନାମ ଧାତୁ )—
Khankhan ଖଇଦ ହେବା ଯୋଗୁଁ ବା ଖନା ହୋଇଥିବାରୁ ଉଚ୍ଚାରିତ ବାକ୍ୟର ଅନୁନାସିକ ଧ୍ୱନି—Nasal sound due to cough or some bodily defect.

ଖଣଖଣାୟିତ—ସଂ. ବଣ ( ଖଣଖଣାୟ ନାମ ଧାତୁ+କର୍ତ୍ତୃ. ତ )—
Khanakhanāyita ଝୁଣୁଝୁଣୁ ଶବ୍ଦ କରିବା—
Tinkling. (M. W.)

ଖଣତା—ଦେ. ବ (ସଂ. ଖନିତ୍ର)—ଖଣତି; ମାଟି ଖୋଳିବା ଶସ୍ତ୍ରବିଶେଷ—
Khanatā A spud or paddle for digging holes in the earth.
ଖନ୍ତା
**ଖଁତା** [ ଦ୍ର—ଏଥିରେ ଲମ୍ବ କାଠ ବେଣ୍ଟ ଥାଏ ଓ ଅଗରେ ଲୁହାର ଗୋଟିଏ ଚଉଡ଼ା ଦାନ୍ତୁଆ ଶସ୍ତ୍ର ଯୁକ୍ତ ହୋଇ ଥାଏ । ]

ଖଣତାବେଣ୍ଟ—ଦେ. ବ—ଖଣତିରେ ଲାଗିଥିବା କାଠ ବା ବାଉଁଶର
Khanatābenṭa ବେଣ୍ଟ—The wooden or bamboo handle of a spud.
ପ୍ରାଦେ (ମେଦନୀପୁର) ବ—ପିଠାଖଡ଼ିକା—
Frying iron stick.

ଖଣତି—ଦେ. ବ—ଖଣତା (ଦେଖ)
Khanati Khanatā (See)
ବସୁଧାକୁ ସେ ନଖ ଖଣତିରେ ଖୋଳି
ସେ ବାଟେ ପାତାଳ ତଳକୁ ଗଲେ ଗଳି—କୃଷ୍ଣସିଂହ. ମହାଭାରତ. ବନ ।

ଖନ୍‌ଖନ୍—ଦେ. ଅ—ଖଣ୍‌ଖଣ୍ (ଦେଖ)
Khankhan Khankhan (See)

ଖଣନ୍ତା—ଗ୍ରା. ବ—ଖଣତା (ଦେଖ)
Khanantā Khanatā (See)

ଖଣନ୍ତି—ଗ୍ରା. ବ—ଖଣତା (ଦେଖ)
Khananti Khanatā (See)

ଖଣା—ଦେ. ବ (ସଂ. ଖନ)—୧ । ମାଟିରେ ଖୋଳା ହୋଇଥିବା ଗାତ;
Khanā ଖଣି ଗାତ; ବଡ଼ ଓ ଗଭୀର ଗର୍ତ୍ତ—
ଖଟୀ 1. A large deep hole in the earth; a big pit.
**ଖନ୍ଦାନ, ଖାଦ**
ଅଣାଇ କପଟେ ବଣା କରି ବାଟେ ଖଣାକୁ ଦେବାର ପେଲି—କବିସୂର୍ଯ୍ୟ. ସଙ୍ଗୀତ ।
୨ । ପରିଖା; ଖାଇ—2. Trench; ditch.
ଚମ୍ପାର ପାବେଗ ବହଳ,
ଖଣା ଗଭୀର ଶୁଦ୍ଧ ଜଳ—ଜଗନ୍ନାଥ. ଭାଗବତ ।

ଖଣା ଖୋଳିବା—ଦେ. କ୍ରି—୧ । ଭୂମି ଖୋଳି ଖଣି ବା ଗର୍ତ୍ତ କରିବା—
Khanā kholibā 1. To dig a large hole in the ground.
୨ । ( ଲକ୍ଷଣାର୍ଥ ) ପରର ଅନିଷ୍ଟ ସାଧନ ନିମନ୍ତେ ଉପାୟ କରିବା—
2. ( figurative ) To dig pits for ( injuring ) others.

ଖଣା ଜଗାଇବା—ଦେ. କ୍ରି—କୌଣସି ବ୍ୟକ୍ତିର ଅଗରେ ଗଳି ବାଟରେ
Khanā jagāibā ଥିବା ବଡ଼ବଡ଼ ଗାତ ଦେଖି ତାକୁ ସାବଧାନ କରାଇ ଦେବା—
To warn a follower of pits on the road.
ଅତି ଖାଲି ବାଟରେ ତୁ ଖଣା ଜଗାଇବୁ—ବଳରାମ. ରାମାୟଣ ।

ଖଣି—ଦେ. ବ (ସଂ. ଖନି; ତୁଳ. ଫା. କାନ୍)—
Khani ୧ । ଭୂଗର୍ଭରୁ ସ୍ୱର୍ଣ୍ଣ, କୋଇଲା ଆଦି ଖନିଜ ପଦାର୍ଥ ଖୋଳି
ଖାନି, ଖାନ ବାହାର କରିବା ନିମନ୍ତେ ଭୂଗର୍ଭରେ ଖୋଳା ହୋଇଥିବା
**ଖାନ** ବଡ଼ ଗର୍ତ୍ତ ବା ଗହ୍ୱର; ଆକର—
1. A mine; a pit.
୨ । କେତେମାସ ପାଇଁ ଧାନ ସଞ୍ଚୟ କରିବା ନିମନ୍ତେ ଭୂଇଁରେ ଖୋଳା ହେବା ବଡ଼ ଗାତ—
2. A large pit or hole dug in the ground to store paddy for some months.

[ ଦ୍ର—ପୂର୍ବେ ଖଣି ପରି ଗାତ ଖୋଳି ତାହା ତଳେ **କଣ୍ଟା** ପକାଇ କଣ୍ଟା ଉପରେ ଅପରାଧୀକୁ ରଖି ତାହା ଉପରେ ପୁଣି କଣ୍ଟା ପକାଇ ( ଉପରକଣ୍ଟା ତଳକଣ୍ଟା କରି ) ଅପରାଧୀକୁ ପୋତି ମାରି-ପକାଇବାର ଏକପ୍ରକାର ଭୟାନକ ନିଷ୍ଠୁର ପ୍ରାଣଦଣ୍ଡ ବ୍ୟବସ୍ଥା ଥିଲା । ଅନ୍ୟର ମଧ୍ୟ ଅପରାଧୀକୁ ଖଣି ଭିତରେ ଠିଆ କରାଇ ବେକ ପର୍ଯ୍ୟନ୍ତ ମାଟିରେ ପୋତି ରଖୁଥିଲେ ଏବଂ କେବଳ ମୁହଁଟି ଉପରକୁ ରହୁଥିଲା । ଏହିପରି କିଛିକ୍ଷଣ ରହିଲା ପରେ ଲୋକଟି ମରି-ଯାଉଥିଲା । ]

ଖଣି କାଢ଼ିବା—ଦେ, କ୍ରି—ଖଣିରେ ସଞ୍ଚିତ ଧାନଆଦି ପଦାର୍ଥକୁ ବାହାର
Khani kārdhibā କରିବା ନିମନ୍ତେ ଖଣିରୁ ମାଟି କାଢ଼ିବା—
To open a pit for bringing out paddy etc. already stored therein.

ଖଣିଗାଡ଼—ଗ୍ରା. ବ—ଖଣିଗାତ ( ଦେଖ )
Khanigārda Khanigāta (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଗଡ଼ି ର ଉପସ୍ଥିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ଘା' ନ ପାଇଲେ 'ଅଙ୍ଘା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖଣିଗାତ**—ଦେ. ବି (ସଂ. ଖନି+ଗର୍ତ୍ତ)—ଭୂଗର୍ଭରେ ଖୋଲା ହେବା ବଡ଼ ଗର୍ତ୍ତ ବା ଖାତ—
Khaṇigāta — A large hole dug in the ground.
[ ଦ୍ର—ଅରଣ୍ୟରେ ଏପରି ଗାତ ଖୋଳି ତା ଉପରେ ଡାଳପତ୍ର ଢାଙ୍କି ଦେଇ ଲୋକେ ହାତୀ ଧରନ୍ତି । ଖଣି ଖୋଳି ଲୋକେ ତହିଁ ମଧ୍ୟରେ କେତେ ମାସ ପାଇଁ ଧାନ ସଞ୍ଚୟ କରନ୍ତି ଓ ବର୍ଷାଋତୁ ହେବାରୁ ଖଣିରୁ ଧାନ କାଢ଼ି ନିଅନ୍ତି । ]

**ଖଣିଜ**—ଦେ. ବଣ (ସଂ. ଖନିଜ)—ଖନିଜ (ଦେଖ)
Khaṇija — Khanija (See)

**ଖଣି ପକାଇବା**—ଦେ. କ୍ରି—ଖଣିଗାତରେ କୌଣସି ପଦାର୍ଥ (ଧାନ ଆଦି) ରଖି ଖଣିକୁ ମାଟିଦ୍ୱାରା ଆବୃତ କରିବା—
Khaṇi pakāibā — To shut up a pit after stocking things (paddy etc) in it.

**ଖଣିପଚା (ଧାନ)**—ଦେ. ବଣ—ଖଣିରେ ପାଣି ଝରି ସେଥିରେ ଗମ ହୋଇ ନଷ୍ଟ ହୋଇ ଯାଇଥିବା ( ଧାନ )—
Khaṇipachā (paddy) — (paddy) Damaged by the underground water leaking into a pit.

**ଖଣି ପଡ଼ିବା**—ଦେ. କ୍ରି—ଖଣିଗାତରେ ସଞ୍ଚିତ ହେବା—
Khaṇi paṛibā — Being preserved or stocked or stored inside a pit.
( ଯଥା—ଏ ବରଷ ଆଙ୍କର ୫ ଭରଣ ଧାନ ଖଣି ପଡ଼ିଛି । )

**ଖଣି ପୋତିବା**—ଦେ. କ୍ରି—ଖୋଲା ହୋଇଥିବା ଗାତକୁ ମାଟି ଦ୍ୱାରା ପୂର୍ଣ୍ଣ କରିବା—
Khaṇi potibā — To fill up a pit ( already dug) with earth.

**ଖଣି ଫିଟାଇବା**—ଦେ. କ୍ରି—ଖଣି କାଢ଼ିବା (ଦେଖ )
Khaṇi phiṭāibā — Khaṇi kāṛhibā (See)

**ଖଣି ଫିଟିବା**—ଦେ. କ୍ରି—ଖଣିଗାତରେ ସଞ୍ଚିତ ଥିବା ଧାନ ଆଦି ବାହାରିବା ନିମନ୍ତେ ଖଣିରୁ ମାଟି କଢ଼ା ହେବା—
Khaṇi phiṭibā — Opening of a pit for bringing out the articles ( paddy etc ) stored therein.
( ଯଥା—ଜ୍ୟେଷ୍ଠମାସରେ ଜମିଦାରଙ୍କର ଖଣି ଫିଟିବ ବୋଲି ଖାତକମାନେ ଗୃହିଁ ବସିଅଛନ୍ତି । )

**ଖଣି ବାହାରିବା**—ଦେ. କ୍ରି—ଖଣି ଫିଟିବା ( ଦେଖ )
Khaṇi bāhāribā — Khaṇi phiṭibā ( See )

**ଖଣିଲୁଣ**—ଦେ. ବି. ( ସଂ. ଖନିଜ ଲବଣ )—ସୈନ୍ଧବ; ଲବଣବିଶେଷ—
Khaṇiluṇa — Fossil salt.

**ଖଣ୍ଟ**—ଦେ. ବି.—(ସଂ. ଖଡ୍ଗ ?; ଏମାନେ ଖଡ୍ଗ ଧାରଣ କରି ଲୋକଙ୍କୁ ଭୟ ଦେଖାଇ ମାରପିଟ କରି ଧନାଦି ଅପହରଣ କରିବାରୁ; ତୁଳ. ଖନକ=ସିନ୍ଧିଆଳ ଚୋର)—
Khaṇṭa
ଖଣ୍ଡ
ଖାଣ୍ଟ
୧ । ଡକାଏତ; ବଳପୂର୍ବକ ଚୋରି କରି ଧନ ହରଣ କରିବା ବ୍ୟକ୍ତି; ଡାକୁ—1. Dacoit; robber; highway-man.
ବଡ଼ ଭୟେ ଚୋରି ସେ ଖଣ୍ଟ ଯାଏ ମୁହିଁ ସେ । ଉକ୍ତ. ବୈଦେହୀଶବିଳାସ ।
୨ । ଧପାବାଜ୍ ଲୋକ; ଠକ—
2. A cheat; swindler.
ଖଣ୍ଟ କରେ ଧନ ଦେଇ ପଦେ ନ କହିଲୁ ଭେ । କବିସୂର୍ଯ୍ୟ ବଳଦେବରଥ୍ ଷ ଗୀତ ।
୩ । ଖଣ୍ଡାଏତ (ଜାତି); ଜାତିବିଶେଷ—
3. A caste; the Khandayet caste in Orissa.
ପୁବୋତ୍ତର ବନେ ଯେତେକ ଖଣ୍ଟ ଥିଲେ;
ଅର୍ଜୁନଙ୍କ ବାଣ ଅଗ୍ନି ଗୁଣେ ସେ ଉଡ଼ିଲେ ।
କୃଷ୍ଣସିଂ ହ. ମହାଭାରତ. ସଭା ।

**ଖଣ୍ଟ ଖାଇବା**—ଦେ. କ୍ରି—ଖଣ୍ଟ ମାରିବା (ଦେଖ)—
Khaṇṭa khāibā — Khaṇṭa māribā (See)

**ଖଣ୍ଟଖିଆ (ଧନ)**—ଦେ. ବଣ—( ଗାଳରେ ବ୍ୟବହୃତ ) ଯେଉଁ ଧନ ଡକାଏତମାନେ ନେଇଥାଆନ୍ତି ବା ନେଇଯିବା ଉଚିତ—
Khaṇṭakhiā — ( property ) Which ought to go or has gone to robbers or dacoits.

**ଖଣ୍ଟବୁହା (ଧନ)**—ଦେ. ବଣ—ଖଣ୍ଟଖିଆ (ଦେଖ)—
Khaṇṭabuhā — Khaṇṭakhiā (See)

**ଖଣ୍ଟ ବୋହିନେବା**—ଦେ. କ୍ରି—ଖଣ୍ଟ ମାରିବା (ଦେଖ)—
Khaṇṭa bohinebā — Khaṇṭa māribā (See)

**ଖଣ୍ଟମରା (ଧନ)**—ଦେ. ବଣ—ଯେଉଁ ଧନକୁ ଖଣ୍ଟମାନେ ଡକାଇତି କରି ଆଣି ଥାଆନ୍ତି—
Khaṇṭamarā — ( property ) Acquired by robbery or dacoity; (any property) acquired by unfair means or extortion; looted (property).

**ଖଣ୍ଟ ମାରିବା**—ଦେ. କ୍ରି—ଖଣ୍ଟମାନେ ଆକ୍ରମଣ କରି ସମ୍ପତ୍ତି ବୋହି ନେବା; ଦସ୍ୟୁଙ୍କ ଧନଲୁଣ୍ଠନ—
Khaṇṭa māribā — The removal of property by robbers and dacoits; robbery; dacoity; looting.

**ଖଣ୍ଡ୍ (ଧାତୁ)**—ସଂ.—୧ । ଭାଙ୍ଗି ଦେବା—
Khaṇḍ (root) — 1. To break.
୨ । ଚିରିବା—2. To tear.
୩ । ଟୁକୁଟୁକୁ କରି କାଟିବା—
3. To cut to pieces.
୪ । ବିନାଶ କରିବା—4. To destroy; to crush.
୫ । ସମ୍ପୂର୍ଣ୍ଣରୂପେ ପରାଜିତ କରିବା—
5. To defeat completely.
୬ । ନିଷ୍ଫଳ କରିବା—6 To frustrate.
୭ । ଠକାଇବା —7 To cheat
୮ । ବାଧା ଦେବା—8. To interrupt (M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଞ୍ଚ | ନ୍ତ |

୯ । (ଆଜ୍ଞା) ଅବଜ୍ଞା କରିବା—
9. To disregard (an order). (M. W.)

୧୦ । ନିରାଶ କରିବା—10. To disappoint. (M. W.)

ଖଣ୍ଡ—ପ୍ରାଦେ. (ସମ୍ବଲପୁର) ବି—ଖଣ୍ଡ; କନ—
Khaṇḍ Roughly refined powder sugar.

ଖଣ୍ଡ—ସଂ. ବି ( ଖଣ୍ଡ୍ ଧାତୁ=ଭଗ୍ନ କରିବା+ଭାବ. ଅ )—
Khaṇḍa ୧ । କ୍ଷୁଦ୍ର ଅଂଶ—1. Small piece; tiny portion; bit.

୨ । ଟୁକୁରା; ଛେଦିତ ଅଂଶ—
2. Slice; fragment; cut piece.

୩ । ଗୋଟିଏ ପଦାର୍ଥରୁ ଭିନ୍ନ ହୋଇଥିବା ଅଂଶ—
3. A part cut or taken out from a whole thing.

୪ । ଗୋଟା; ଖଣ୍ଡି; ପରିମିତ ସଂଖ୍ୟା—
4. (one) Copy; (one) piece or number

୫ । ମିଶ୍ରି—5. Candied sugar.

୬ । ପୁସ୍ତକର ଭାଗ ବା କାଣ୍ଡ—
6. One part or volume of a book ( of many volumes ).

୭ । ଅଧ୍ୟାୟ—
7. Chapter or section of a book.

୮ । କନ ବା ଗୁଡ଼ର ବିକାର; ଗୁଡ଼କୁ ନିଆଁରେ ଅଉଟି ଶୁଖାଇ ପ୍ରସ୍ତୁତ କରାଯିବା ମିଠା-ଚୂର୍ଣ୍ଣ—
8. Powder prepared from treacle; molasses partially dried by heat.

ଖଣ୍ଡକୁ ତ କେହି ହେପର ନ କରେ ଗଣ୍ଡକୁ ମୋ ଯାହା କର ସୁରତେ—
କବିସୂର୍ଯ୍ୟ. ସଙ୍ଗୀତ ।

୯ । ପୁଞ୍ଜ; ଦଳ; ପୁଞ୍ଜା—
9. Group; assemblage; multitude.

୧୦ । ଗହ୍ବର—10. Chasm.

୧୧ । ଫାଟ—11. Fissure.

୧୨ । ଦେଶ ବା ମହାଦେଶର ଏକାଂଶ—
12. Part of a country or continent.
( ଯଥା—ଉତ୍କଳଖଣ୍ଡ, ଅସିଆଖଣ୍ଡ । )

୧୩ । ମଣିରେ ଥିବା ଦୋଷ—
13. A flaw or defect in a jewel.

୧୪ । ଆଖୁବିଶେଷ—
14. A kind of sugarcane.

୧୫ । କଳାଲୁଣ (ହି· ଶବ୍ଦସାଗର)—15. Black salt.

୧୬ । ଧାରାବାହିକତାର ଭଙ୍ଗ—
16. A break in continuity.

୧୭ । ଫାଙ୍କ—17. Gap.

୧୮ । ( ବୀଜଗଣିତ ) ସମୀକରଣର ଗୋଟିଏ ପୁଞ୍ଜରାଶି—
18. ( algebra ) One of the terms in an equation.

୧୯ । ନୂଆ ଶିଙ୍ଗ ଗଜୁରିଥିବା ବାଛୁରି—
19. A calf with horns half-grown. (M.W.).

୨୦ । ନଅ ସଂଖ୍ୟା ( ହି. ଶବ୍ଦସାଗର )—
20. The number nine.

୨୧ । ଦିକ୍; ଦିଗ ( ହି. ଶବ୍ଦସାଗର )—
21. Direction, quarter of the globe.

୨୨ । ସଙ୍ଗୀତର ତାଳବିଶେଷ—
22. A kind of measure in music. ( M. W. ).

ବିଣ.—୧ । ଖଣ୍ଡିତ; କ୍ଷୁଦ୍ର କ୍ଷୁଦ୍ର ଅଂଶରେ ଭିନ୍ନ ବା ବିଭକ୍ତ କରାଯାଇଥିବା—
1. Sliced; broken.

୨ । ବିଭକ୍ତ—2. Divided.

୩ । କ୍ଷୁଦ୍ର—3. Small.

୪ । ଗହ୍ବରଯୁକ୍ତ—4. Having chasms.

୫ । ଦୋଷଯୁକ୍ତ—5. Defective.

୬ । ଅପୂର୍ଣ୍ଣ—6. Not full.
( ଯଥା—ଖଣ୍ଡେନ୍ଦୁ । )

ଖଣ୍ଡଇନ୍ଦୁ-ଶେଖର. ଖଣ୍ଡ ମୋ କ୍ଲେଶକର—ଗୋଲମଣି · ଭକ୍ତିଧାର ।

୭ । ବିକଳାଙ୍ଗ—7. Crippled. ( M. W. ).

୮ । ନ୍ୟୂନ—8. Deficient. ( M. W. ).

୯ । ଅସମ୍ପୂର୍ଣ୍ଣ—9. Incomplete.

ପ୍ରାଦେ. ( ସମ୍ବଲପୁର ) ବି—ଗଉଡ଼ମାନଙ୍କ ଶ୍ରେଣୀବିଶେଷ—
A subcaste of Gaurdas in Sambalpur.

ଦେ. ବି—ଆଚରଣ; ଧରଣ; ପ୍ରଣାଳୀ; ବ୍ୟବହାର—
Conduct.

ଶିଖଣ୍ଡଚୂଳଆର ଗୁଣ ଭୁଲେ,
ଏ ଖଣ୍ଡ ଅଛି ବୋଲି ଜାଣିଥିଲେ—କବିସୂର୍ଯ୍ୟ. ସଙ୍ଗୀତ ।

ଖଣ୍ଡ 'ଅ' କାର—ଦେ. ବି—ଲୁପ୍ତ 'ଅ' କାର ବା 'ଅ' ଅକ୍ଷରର ଚିହ୍ନ;
Khaṇḍa 'a' kāra ଯେଉଁଠାରେ ସନ୍ଧି ଯୋଗୁଁ 'ଅ' ଅକ୍ଷର ଲୁପ୍ତ ହୋଇଥାଏ ତାହା ସୂଚନା କରିବା ପାଇଁ ଦିଆଯିବା ଚିହ୍ନ; 'ऽ'—
( ଯଥା—ତତଃ+ଅଧିକ=ତତୋଽଧିକ । )

[ ଦ୍ର—ହାତରେ ଚମ୍ପାଫୁଲଟିଏ ଧରି ଫୋପାଡ଼ି ଦେଲେ, ହାତରେ ତାହାର ଯେଉଁପରି ସୁଗନ୍ଧ ରହିଯାଏ, ଖଣ୍ଡଅକାରରେ 'ଅ' ଅକ୍ଷରର ସେହିପରି ଗନ୍ଧ ବା ସମ୍ବନ୍ଧ ମାତ୍ର ରହେ । ]

ଖଣ୍ଡ ଅକ୍ଷର—ଦେ. ବି. (ସଂ. ଖଣ୍ଡିତ ଓ ଅକ୍ଷର)—ଅକ୍ଷରର ମାତ୍ରା ବା ଫଳା;
Khaṇḍa akshara ଯେଉଁ ଅକ୍ଷର ପୂର୍ଣ୍ଣରୂପେ ବ୍ୟବହୃତ ନ-ହୋଇ ଖଣ୍ଡ ବା ଅଂଶ ମାତ୍ର ବ୍ୟବହୃତ ହୁଏ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା—'ଚ' ପରବର୍ତ୍ତୀ 'ୟ' ; 'ର୍' ସ୍ଥାନରେ '' ଇତ୍ୟାଦି ।)
A part of a letter used for the whole in diphthongs and triphthongs.

**ଖଣ୍ଡଅକ୍ଷରିଆ**—ଦେ. ବଣ. (ସଂ. ଖଣ୍ଡ + ଅକ୍ଷର)—ଯେ ସାମାନ୍ୟ ପଢ଼ି
Khanda aksharia — ଥାଏ; ଯେ ଭଲ କରି ଅକ୍ଷର ଲେଖି ଜାଣେ-ଖୁଁଟିଆଁ ଖିରିଆ ନାହିଁ—Half literate; one who can not write letters fully.

**ଖଣ୍ଡକ**—ସଂ. ବଣ. (ଖଣ୍ଡ ଧାତୁ + କର୍ତ୍ତୃ. ଅକ)—୧ । ଯେ ଖଣ୍ଡନ କରେ—
Khandaka 1. Destroying; breaking into pieces; tearing.
(ଖଣ୍ଡିକା—ସ୍ତ୍ରୀ)
୨ । ଯାହାର ନଖ ନାହିଁ—2. Having no nails.
ସଂ. ବି. (ଖଣ୍ଡ+ସ୍ୱାର୍ଥେ. କ —୧ । ଖଣ୍ଡ—1. Piece.
୨ । ଅଂଶ—2. Part; fragment.
୩ । ଗୁଡ଼—3. Treacle, molasses. (M. W.)
ଖାଣ୍ଡେକ ଦେ. ବି. (ଭୁଲ. ମାଣକ; ସେରକ; କୋଶକ)—ଏକଖଣ୍ଡ ମାତ୍ର—One piece only.

**ଖଣ୍ଡକଥା**—ସଂ. ବି. (ଖଣ୍ଡ + କଥା)—୧ । କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ
Khandakatha ଗଳ୍ପ—1. A tale or story divided into sections (Wilson).
୨ । ଛୋଟ ଗଳ୍ପ—2. Small story.
୩ । ଏକ ଶ୍ରେଣୀର କରୁଣରସ-ପ୍ରଧାନ ଗଳ୍ପ—
3. A class of pathetic story.
[ ଦ୍ର—ଏଥିରେ ମନ୍ତ୍ରୀ ବା ବ୍ରାହ୍ମଣ ନାୟକ ହୋଇ ଥାଏ ଓ ଚାରି ପ୍ରକାରର ବିରହ ଥାଏ; କଥାଟି ଶେଷ ନ ହେଉଣୁ ଗ୍ରନ୍ଥ ଶେଷ ହୋଇଯାଏ—ହି. ଶବ୍ଦସାଗର । ]
୪ । ଉପନ୍ୟାସର ଏକ ଭେଦ—
4. A class of novels.
[ ଦ୍ର—ଏଥିର ପ୍ରତ୍ୟେକ ଖଣ୍ଡରେ ଗୋଟିଏ ପୂର୍ଣ୍ଣ କାହାଣୀ ଥାଏ; କାହାଣୀମାନଙ୍କ ସଙ୍ଗେ ପରସ୍ପର ସମ୍ବନ୍ଧ ନ ଥାଏ । ଏହା ଦୁଇ ଶ୍ରେଣୀର ଯଥା—ସତ୍କାବ୍ୟ ଓ ଉତ୍କାବ୍ୟ,—ହି. ଶବ୍ଦସାଗର । ]

**ଖଣ୍ଡକର୍ଣ୍ଣ**—ସଂ. ବି. (ବହୁବ୍ରୀହି; ଖଣ୍ଡ ପରି ମିଷ୍ଟ କର୍ଣ୍ଣ ଅର୍ଥାତ୍ ମୂଳ ଯାହାର)—
Khandakarnna ଖଣ୍ଡକାଳୁ (ଦେଖ)
Khandakalu (See)

**ଖଣ୍ଡକଳା**—ପ୍ରାଦେ. (ଗଡ଼ଜାତ) ବି.—ଏକଜାତୀୟ ବନ୍ୟ କୋଳଗଛ—
Khandakala A kind of wild edible berry-plant.
[ ଦ୍ର—ଏହା ପ୍ରାୟ ୧୦ ଫୁଟ ଉଚ୍ଚ ହୁଏ । ଗଛରେ କଣ୍ଟା ନ ଥାଏ । ଏହାର ଡାଳ ସରୁ, କୋଳ ଗୋଲ, ପାଚିଲେ ନାଲି ଦିଶେ ଏବଂ କୋଳ ଭିତରେ ଗୋଟିଏ ବଡ଼ ମଞ୍ଜି ଥାଏ । ପେଟ୍ଟା-ପେଡ୍ଟା ଛୁଆଇ ଏ କୋଳ ଫଳେ ଏବଂ ଲୋକେ ଏହାକୁ ଖାଆନ୍ତି । ]

**ଖଣ୍ଡକାବ୍ୟ**—ସଂ. ବି. (ଖଣ୍ଡ + କାବ୍ୟ)—ଏକ ବିଷୟାତ୍ମକ କ୍ଷୁଦ୍ର କାବ୍ୟ
Khandakabya (ଯଥା—ସଂ. ମେଘଦୂତ, ଋତୁସଂହାର; ଓଡ଼ିଆ ଚଳିକା, ପାବଂଶ, ସୁବର୍ଣ୍ଣରେଖା)—A small poem or lyrical composition.
[ ଦ୍ର—କାବ୍ୟର ଗୋଟିଏ ଅଂଶ ବା ଗୋଟିଏ ଘଟଣାକୁ ଅବଲମ୍ବନ କରି ଖଣ୍ଡକାବ୍ୟ ଲେଖା ହୋଇଥାଏ । ]

**ଖଣ୍ଡକାଳୁ**—ସଂ. ବି. (ଖଣ୍ଡକ + ଆଳୁ)—ଦେଶୀ ମିଠାଆଳୁ—
Khandakalu Sweet potato.

**ଖଣ୍ଡକୁମ୍ଭକାମୋଡ଼ୀ**—ଦେ. ବି—ରାଗବିଶେଷ (ରାଗ ଶବ୍ଦ ନୋଟ୍ ଦେଖ)—
Khanda kumbhakamodi A kind of metre.

**ଖଣ୍ଡକ୍ଷୀର**—ଦେ. ବି—ଖଣ୍ଡ ମିଶିଥିବା ଦୁଧ; ସଶର୍କର ଦୁଗ୍ଧ—
Khandakhira Milk sweetened with sugar.
क्षीरखण्ड

**ଖଣ୍ଡକ୍ଷୀରି**—ଦେ. ବି—ଯେଉଁ ଖୀରିରେ ଖଣ୍ଡ ବା ମିଠା ଦିଆ ଯାଇଥାଏ—
Khandakshiri Sweetened gruel.

**ଖଣ୍ଡଖଣ୍ଡ**—ଦେ. ଅ—ଟିକି ଟିକି—
Khandakhanda Small pieces; bits; lumps.
খানখান ଦେ. ବଣ—ଟିକି ଟିକି କରି ଯାଇଥିବା—
टुकड़ा टुकड़ा, टुकटुक Sliced into small pieces; cut into small bits.
କଲେ ରଣକାଣ୍ଡେ ଶରରେ ଖଣ୍ଡ ଖଣ୍ଡ—କୃଷ୍ଣସିଂହ. ମହାଭାରତ. ସଭା ।

**ଖଣ୍ଡଖଣ୍ଡିଆ**—ଦେ. ବଣ—୧ । ଖଣ୍ଡିତ—
Khandakhandia 1. Cut; divided.
୨ । ବହୁତ ଅଂଶରେ ବିଭକ୍ତ—
2. Divided into small parts.
୩ । ଟିକିଟିକି ହୋଇଥିବା—3. Sliced; chopped.
୪ । ଯହିଁରେ ଟିକିଟିକି ଖଣ୍ଡ ମିଶିଥାଏ—
4. Mixed with small lumps or bits.
୫ । ଅଶୁଦ୍ଧ ଉଚ୍ଚାରଣବିଶିଷ୍ଟ; ଅସ୍ପଷ୍ଟ—
5. Indistinct.
( ଯଥା—ଖଣ୍ଡଖଣ୍ଡିଆ ବଙ୍ଗଳା କଥା । )
୬ । ଦର୍ଗେଟ ( କଥା )—
6. Half-uttered ( words ); lisping.
( ଯଥା—ଶିଶୁର ଖଣ୍ଡଖଣ୍ଡିଆ କଥା )

**ଖଣ୍ଡଖୀର**—ଦେ. ବି—ଖଣ୍ଡକ୍ଷୀର (ଦେଖ)
Khandakhira Khandakshira (See)
କୋଇଲିଲେ ଖଣ୍ଡଖୀର ଦେବ ମୁଁ କାହାକୁ—କେଶବକୋଇଲି. ଗ ଗୀତ ।

**ଖଣ୍ଡଖୀରି**—ଦେ. ବି—ଖଣ୍ଡକ୍ଷୀରି (ଦେଖ)
Khandakhiri Khandakshiri (See)
ତୁରନାମ ଖଣ୍ଡଖୀରି ସୋଡ଼ି ସୋଡ଼ି ପି ରେ ମନ ସୋଡ଼ି ସୋଡ଼ି ପି—ଭଜନ ।

**ଖଣ୍ଡଖୋଷୀ**—ଦେ. ବି—ମିଷ୍ଟାନ୍ନବିଶେଷ—
Khandakhoshi A kind of sweetmeat.

**ଖଣ୍ଡଗିରି**—ସଂ. ବି (୬ଷ୍ଠୀ ତତ୍; ପୂର୍ବନିପାତ, ଗିରିର ଖଣ୍ଡ)—
Khandagiri ପାହାଡ଼ବିଶେଷ—Name of a hill.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଝ |
| ୨ | ଈ | ଊ | ରୁ | ଲୁ | ଯୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ଞ | ନ୍‌ |

[ ଦ୍ର—ଖଣ୍ଡଗିରିପର୍ବତ ପୁରୀଜିଲ୍ଲାର ଭୁବନେଶ୍ୱରଠାରୁ ଛଅ ମାଇଲ ପଶ୍ଚିମରେ ଅବସ୍ଥିତ । ଏହାର ଉଚ୍ଚତା ୧୨୩ ଫୁଟ । ଏଥିରେ ୧୯ ଗୋଟି ଗୁମ୍ଫା ଅଛି । ଏହା ନିକଟକୁ ଲାଗି ଆଉ ଗୋଟିଏ ପାହାଡ଼ର ନାମ ଉଦୟଗିରି । ସେଥିରେ ମଧ୍ୟ କେତେ-ଗୋଟି ଗୁମ୍ଫା ଅଛି; ଏ ଦୁଇ ପାହାଡ଼ ସାଧାରଣତଃ ଖଣ୍ଡଗିରି ନାମରେ ପରିଚିତ । ଗୁମ୍ଫାମାନଙ୍କ କାରୁକାର୍ଯ୍ୟରୁ ସେ କାଳର ସାମାଜିକ ଓ ପାରିବାରିକ ଜୀବନର ପରିଚୟ ମିଳେ । ଏହାର ପ୍ରାକୃତିକ ଶୋଭା ବଡ଼ ମନୋରମ । ଏଠାରେ ଜୈନମାନଙ୍କର ମନ୍ଦିର ଅଛି । ମହାରାଜ ଐର ଓ ଖାରବେଳଙ୍କ ଧର୍ମାନୁଶାସନମାନ ଏଥିରେ ଖୋଦିତ ହୋଇଅଛି; ଏ ସ୍ଥାନର ପ୍ରାକୃତିକ ଦୃଶ୍ୟ ଅତୀବ ମନୋହର ।]

**ଖଣ୍ଡଚିନି**—ପ୍ରାଦେ (ଗଞ୍ଜାମ) ବି—ଛୋଟ ମିଠା ପାଚିଲା କାଠିଆ କଦଳୀ—
Khaṇḍachini — A species of small sweet bananas.

**ଖଣ୍ଡଛଡ଼ା**—ଦେ. ଅ—ଖଣ୍ଡେଛଡ଼ା (ଦେଖ)
Khaṇḍachhar̲d̲a — Khaṇḍechhar̲d̲ā (See)

**ଖଣ୍ଡଜ**—ସଂ. ବି (ଖଣ୍ଡ+ଜନ୍ ଧାତୁ+କର୍ତ୍ତୃ. ଅ)—
Khaṇḍaja — ଶୁଖିଲା ଚୂର୍ଣ୍ଣରେ ପରିଣତ ଗୁଡ଼—
Molasses fried into powder.

**ଖଣ୍ଡଜମି**—ପ୍ରାଦେ ( ଗଡ଼ଜାତ ) ବି—ଏକ ଶ୍ରେଣୀର ( ଅର୍ଥାତ୍ ଏକ
Khaṇḍajami — ଦେବତାଙ୍କର ବା ଏକ ଜାଗିରଦାରର ବା ଏକ ଖଞ୍ଜାଦାରର ) ଜମି ଯାହା ଅନେକଗୁଡ଼ିଏ ମଉଜାରେ ଖଣ୍ଡ ଖଣ୍ଡ ହୋଇଥାଏ—
Lands belonging to one person but lying scattered in several villages.

**ଖଣ୍ଡଣ**—ଗ୍ରା. ପଦ୍ୟ. ବି (ସଂ. ଖଣ୍ଡନ)—ଖଣ୍ଡନ ( ଦେଖ )—
Khaṇḍaṇa — Khaṇḍana (See)

**ଖଣ୍ଡଣୀ**—ଗ୍ରା. (ପଦ୍ୟ) ବି (ସଂ. ଖଣ୍ଡନ)—ଖଣ୍ଡନ (ଦେଖ)
Khaṇḍaṇi — Khaṇḍana (See)

ଗ୍ରା. ବିଣ—ଖଣ୍ଡନକାରିଣୀ—Destroying.

ଅରିଷ୍ଟ ଆପଦ ଅଦ୍ଭୁତ ଖଣ୍ଡଣି,
ପର ଦୁଃଖେ କାତର ଗୋବିନ୍ଦ ଗୋସାମଣି । ସାରଳା ମହାଭାରତ ।

**ଖଣ୍ଡଦୂର**—ଦେ. ବି ଓ ବିଣ—ଖଣ୍ଡେଦୂର (ଦେଖ)—
Khaṇḍadūra — Khaṇḍedūra (See)

ସେ ସକାଶୁଁ କାତର ହୋଇଣ ଅର୍ଜ୍ଜୁନ,
ଖଣ୍ଡଦୂରରେ ଯାଇଁ ପଡ଼ିଲା ବହନ । କୃଷ୍ଣସିଂହ. ମହାଭାରତ ବନପର୍ବ ।

**ଖଣ୍ଡଧାର**—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ଖଣ୍ଡ+ଧାରା)—କତୁରୀ; କଇଁଚି—
Khaṇḍadhārā — Scissors; shears.

**ଖଣ୍ଡଧୂର**—ଗ୍ରା. (ଉତ୍ତର) ବି ଓ ବିଣ—ଖଣ୍ଡେଦୂର (ଦେଖ)—
Khaṇḍadhūra — Khaṇḍedūra (See)

**ଖଣ୍ଡନ**—ସଂ. ବି ( ଖଣ୍ଡ ଧାତୁ=ଭଗ୍ନ କରିବା+ଭାବ. ଅନ )—
Khaṇḍana ୧ । ଭଙ୍ଗନ; ଭଞ୍ଜନ; ଭାଙ୍ଗିବା—1. Breaking.

୨ । ଆଘାତ କରଣ—
2. Striking; hurting; injuring.

୩ । ଛେଦନ; କାଟିବା; କର୍ତ୍ତନ—
3. Cutting; chopping.

୪ । ବିଭାଗ କରଣ—4. Dividing.

୫ । ନିବାରଣ—5. Thwarting; preventing.

୬ । ପ୍ରତାରଣ—6. Cheating; deceiving.

୭ । ବିନାଶନ—7. Destroying.

ଖଣ୍ଡନକର ମୋର ଦୁଷ୍କୃତ ଭବରି—ଖାଲମଣି. ଭକ୍ତିଧାର ।

୮ । ଯୁକ୍ତି ଦ୍ୱାରା ନିରାକରଣ—
8. Refuting in argument; rebutting.

୯ । ଆଶାର ବିଫଳୀକରଣ; ନିଷ୍ଫଳକରଣ—
9. Undoing; frustrating; disappointing.

୧୦ । ବିନାଶ—10. Destruction; ruin.

୧୧ । ବିଘ୍ନକରଣ; ବାଧାଦେବା—11. Interrupting.

୧୨ । ଅଦଲ କରିବା; ରଦ କରିବା—12. Nullifying; setting aside; setting at naught.

୧୩ । ବିଦ୍ରୋହାଚରଣ—13. Rebellion.

୧୪ । ବିରୋଧାଚରଣ—14 Opposition.

୧୫ । ନିଜ ସ୍ୱାମୀ ଅଙ୍ଗରେ ପରନାରୀର ସଙ୍ଗଚିହ୍ନ ଦର୍ଶନହେତୁକ ନାୟିକାର ଅପମାନବୋଧ (ପ୍ରକୃତିବାଦ)—15. The humiliation of a woman on seeing indications on the body of her lover of having been in the company of another lady.

୧୬ । ଆଘାତକରଣ; ଅନିଷ୍ଟ ଘଟାଇବା—
16. Hurting; injuring. (M. W.)

୧୭ । ନୃତ୍ୟରେ ମୁହଁ ଓ ଓଠର ଚାଳନକ୍ରିୟା, ଯଦ୍ୱାରା ପଢ଼ିବା, ଖାଇବା ଆଦି କର୍ମର ଭାବ ପ୍ରକାଶିତ ହୁଏ ( ହି. ଶବ୍ଦସାଗର)—17. Making particular gestures with the mouth and face during dancing so as to indicate speaking, eating etc.

ସଂ. ବିଣ—ଯେ ଖଣ୍ଡନ କରେ—One who destroys, prevents, cuts or breaks.

[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଲାଗେ; ଯଥା—ଭବଖଣ୍ଡନ । ]

**ଖଣ୍ଡନମଣ୍ଡନ**—ସଂ. ବି ( ବିପରୀତାର୍ଥ ସହଚର )—କୌଣସି ଯୁକ୍ତିର
Khaṇḍanamaṇḍana — ନିରସନ ଓ ସମର୍ଥନ—Refutation and supporting of an argument.

**ଖଣ୍ଡନୀ**—ଗ୍ରା. (ପଦ୍ୟ) ବିଣ. (ସଂ. ଖଣ୍ଡନ)—ଯେ ଖଣ୍ଡନ କରେ—
Khaṇḍanī — One who removes.

ସର୍ବଦୁଃଖ ଦାରିଦ୍ର୍ୟ ଖଣ୍ଡନୀ—ପ୍ରାଚୀ. ରହସ୍ୟମଞ୍ଜରୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଳିର ଉପସ୍ଥିତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୁ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

**ଖଣ୍ଡନୀୟ**—ସଂ. ବିଣ ( ଖଣ୍ଡ ଧାତୁ + କର୍ମ. ଅନୀୟ )—୧ । ଖଣ୍ଡିତ ହେବା ଯୋଗ୍ୟ—1. To be broken or set aside.
Khandaniya
୨ । ମସୃଣ; ଭଙ୍ଗୁର—
2. Fragile; brittle; breakable.

**ଖଣ୍ଡପଞ୍ଜର**—ଦେ. ବିଣ.—ଯେଉଁ ବଳଦର ଦୁଇ ପାଖର ପଞ୍ଜରା ସମାନ ନ ଥାଏ—(a bullock) Having unequal sides or ribs.
Khandapanjara

**ଖଣ୍ଡପଞ୍ଜରା**—ଦେ. ବିଣ.—ଖଣ୍ଡପଞ୍ଜର (ଦେଖ)
Khandapanjarā Khandapanjara (See)

**ଖଣ୍ଡପଡ଼ା**—ଦେ. ବି. (ନାମ)—ଓଡ଼ିଶାର ଗଡ଼ଜାତ ରାଜ୍ୟବିଶେଷ—
Khandaparda One of the Gurjat states of Orissa.
[ ଦ୍ର—ଖଣ୍ଡପଡ଼ାର ରାଜାମାନେ ବଘେଲ କ୍ଷତ୍ରିୟ; ଏମାନଙ୍କର ସମ୍ବନ୍ଧ ବ୍ୟାଘ୍ରମୁଖ । ]

**ଖଣ୍ଡପତି**—ସଂ. ବି. ୬ଷ୍ଠୀ ତତ୍; ଖଣ୍ଡ + ପତି)—ରାଜା—
Khandapati King.

**ଖଣ୍ଡପରଶୁ**—ସଂ. ବି. ( ବହୁବ୍ରୀହି; ଖଣ୍ଡ + ପରଶୁ )—ଯେ ଶତ୍ରୁମାନଙ୍କୁ ପରଶୁଦ୍ୱାରା ଖଣ୍ଡ ଖଣ୍ଡ କରିଥିଲେ—
Khandaparasu
୧ । ପରଶୁରାମ; ଜାମଦଗ୍ନ୍ୟ—1. Parasurāma.
୨ । ଶିବ; ମହାଦେବ—2. God Siba.

ଖଣ୍ଡପରଶୁମୋହନା ଖଣ୍ଡପରଶା ବଚନକୁ କହୁ ।
କନ୍ଦର୍ପସୂନ୍ଦ ଛାନ୍ଦା ଗୀତ ।

୩ । ଚୂର୍ଣ୍ଣ ଲେପନକାରୀ ବ୍ୟକ୍ତି—
3. One who anoints or spreads unguents and fragrant powders.
୪ । ରାହୁ—4. The Ascending Node.
୫ । ଭଗ୍ନଦନ୍ତ ହସ୍ତୀ—5. An elephant whose tusk has been broken.
୬ । ବିଷ୍ଣୁ—6. Bishnu. (M. W.)

**ଖଣ୍ଡପରଷା**—ଦେ. ବିଣ. ( ସଂ. ଖଣ୍ଡ+ପରିବେଷଣ )—୧ । ମିଷ୍ଟାନ୍ନ ପରିବେଷଣ କରୁଥିବା—
Khanda parashā
1. Serving sweetmeats.
୨ । ( ଲକ୍ଷଣାର୍ଥ ) ଅତି ମଧୁର—
2. ( figurative ) Very sweet.

ଖଣ୍ଡପରଶୁମୋହନା ଖଣ୍ଡପରଷା ବଚନକୁ କହୁ—
କନ୍ଦର୍ପସୂନ୍ଦ—ଛାନ୍ଦାଗୀତ ।

ଦେ. ବି—ଖଣ୍ଡ ପରିବେଷଣ କରିବା—
The serving of sweetmeats.

**ଖଣ୍ଡପର୍ଶୁ**—ସଂ. ବି. ( ବହୁବ୍ରୀହି; ଖଣ୍ଡ + ପର୍ଶୁ )—
Khandaparsu ଖଣ୍ଡପରଶୁ ( ଦେଖ )
Khandaparasu ( See )

**ଖଣ୍ଡପାକ**—ସଂ. ବି. ( ଖଣ୍ଡ + ପାକ )—ମସଲାଦ୍ୱାରା ସୁବାସିତ ପାନୀୟ ବା ସିରା—Syrup prepared with spices. ( M. W. ).
Khandapāka

**ଖଣ୍ଡପାଠୁଆ**—ଦେ. ବିଣ. ପୁଂ. ( ସଂ. ଖଣ୍ଡ ଓ ପାଠକ )—
Khandapāthuā
( ଖଣ୍ଡପାଠୋଇ—ସ୍ତ୍ରୀ )
୧ । ଅଧାପାଠୁଆ; ଯେ ସାମାନ୍ୟ ପଢ଼ା କରିଥାଏ; ଯେ ପାଠ ସମାପ୍ତି ନ କରି ପଢ଼ା ଛାଡ଼ିଥାଏ—
1. Half-literate; one who has given up his education half-done.
୨ । ଯେ କୌଣସି ପୋଥି ବା ଲେଖାକୁ ଗଡ଼ଗଡ଼କରି ପଢ଼ି ନ ପାରି ଅଟକି ଅଟକି ପଢ଼େ—
2. One who halts while reading a book.

**ଖଣ୍ଡପାଳ**—ସଂ. ବି (ଉପପଦ ତତ୍ପୁରୁଷ; ଖଣ୍ଡ + ପାଳ)—ଗୁଡ଼ିଆ—
Khandapāla A confectioner.

**ଖଣ୍ଡପୂରି**—ଦେ. ବି ( ସଂ. ଖଣ୍ଡ + ପୂରକ)—ଏକପ୍ରକାର ପୂର ପିଠା, ଯହିଁ ମଧ୍ୟରେ ଚିନିମିଶା ମେଞ୍ଚା ଓ ମସଲା ପୂରରୂପେ ଦିଆ ଯାଇଥାଏ—
Khandapūri
A kind of sweetmeat;sandwich.

**ଖଣ୍ଡପ୍ରତିମା**—ଦେ. ବି—ଛାଞ୍ଚରେ ଢଳା ହୋଇ ତିଆର ହୋଇଥିବା ଖଣ୍ଡ ବା ଚିନିର କୁଣ୍ଢେଇ—
Khandapratimā
Dolls moulded out of boiled sugar.
[ଦ୍ର—ଖଣ୍ଡକୁ ନିଆଁ ଉପରେ ବସାଇ ପାଗ କରି ଛାଞ୍ଚରେ ଢାଳି ହାତୀ, ଘୋଡ଼ା, ସିଂହ ଆଦି ଭିନ୍ନ ଭିନ୍ନ ମୂର୍ତ୍ତି ଗଢ଼ାଯାଏ । ]

**ଖଣ୍ଡପ୍ରଳୟ**—ସଂ. ବି ( କର୍ମଧା; ଖଣ୍ଡ + ପ୍ରଳୟ )—
Khandapralaya
୧ । କ୍ଷୁଦ୍ର ପ୍ରଳୟ; ଏକଦେଶବ୍ୟାପୀ ପ୍ରଳୟ—
1. A partial destruction of the created universe; a cataclysm.
[ ଦ୍ର—ବ୍ରହ୍ମା ସକାଳେ ସୃଷ୍ଟିକରି ସନ୍ଧ୍ୟାରେ ଯେଉଁ ପ୍ରଳୟ କରନ୍ତି ତାହାର ନାମ 'ଖଣ୍ଡପ୍ରଳୟ'; ଏହାକୁ ଦୈନନ୍ଦିନ ପ୍ରଳୟ ମଧ୍ୟ କୁହାଯାଏ । ଏଥିରେ ସୃଷ୍ଟିର ପ୍ରାଣୀମାନେ ଲୟ ପ୍ରାପ୍ତ ହୁଅନ୍ତି, ସୂର୍ଯ୍ୟଙ୍କ ତେଜ ସହସ୍ର ଗୁଣ ବଢ଼ିଯାଏ ଓ ରୁଦ୍ର ସମସ୍ତ ପ୍ରାଣୀଙ୍କୁ ସଂହାର କରନ୍ତି ।]
୨ । କଳହ—2. A quarrel. (M. W.)

**ଖଣ୍ଡବ**—ସଂ. ବି (ଖଣ୍ଡ + ବିକାରାର୍ଥେ.ବ)—ମିଠେଇ—
Khandaba Sweetmeat. (M. W.)

**ଖଣ୍ଡବିକାର**—ସଂ. ବି ( ୬ଷ୍ଠୀ ତତ୍; ଖଣ୍ଡ + ବିକାର ) ଗୁଡ଼, ଶାକର, ଚିନି ଆଦି—Sugar etc.
Khandabikāra

**ଖଣ୍ଡବିଖଣ୍ଡ**—ଦେ.ଅ ଓ ବିଣ (ସଂ.ଖଣ୍ଡ + ବିଖଣ୍ଡ)— ଖଣ୍ଡଖଣ୍ଡ (ଦେଖ)—
Khandabikhanda Khandakhanda (See)

**ଖଣ୍ଡମଣ୍ଡଳ**—ସଂ. ବି ( ୬ଷ୍ଠୀ ତତ୍; ଖଣ୍ଡ+ମଣ୍ଡଳ )—୧ । ବୃତ୍ତାଂଶ—
Khandamandala 1. A segment of a circle.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ଯ଼ | ଙ୍ଗ | ଇଅ | ଙ | ନ୍ନ |

୨ । କର୍ତ୍ତିତ ଗୋଲକ—2. Section of a globe.
ସଂ ବଣ—ଯାହା ପୂର୍ଣ୍ଣ ମଣ୍ଡଳାକାର ନୁହେଁ—Not fully round; gibbous.

ଦେ. ବି—୧ । ସମଗ୍ର ପୃଥିବୀ—
1. The whole earth.
୨ । ପ୍ରଦେଶ—2. Province.

ପଙ୍କଜ୍ଞ ଅତି ଭଯ଼ ମନେ,
ଖଣ୍ଡମଣ୍ଡଳ-ପତି ସେନ୍ତେ—ଜଗନ୍ନାଥ ଭାଗବତ ।

**ଖଣ୍ଡମଧୁର**— ପ୍ରାଦେ. ( ସମ୍ବଲପୁର ) ବିଣ—ଖଣ୍ଡ ବା କନ୍ଦ ପରି ମିଠା—
Khaṇḍamadhura Sweet as sugar.

**ଖଣ୍ଡୟିତବ୍ୟ**—ସଂ. ବିଣ. ( ଖଣ୍ଡ ଧାତୁ. ଣିଚ୍ + କର୍ମ. ତବ୍ୟ )—
Khaṇḍayitabya ଖଣ୍ଡନୀୟ ( ଦେଖ )
Khaṇḍanīya ( See )

**ଖଣ୍ଡଯୁଦ୍ଧ**—ଦେ. ବି—ସାମାନ୍ୟ ଯୁଦ୍ଧ; ଅଳ୍ପ ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ;
Khaṇḍajuddha ଯେଉଁ ଯୁଦ୍ଧ ଦୁଇ ବିପକ୍ଷ ଦଳର ପୂର୍ଣ୍ଣାଙ୍ଗ ସୈନ୍ୟଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଯୁଦ୍ଧଭୂମିରେ ବା ଏକସ୍ଥାନରେ ନ ହୋଇ ବିପକ୍ଷୀୟ ଦଳ ଦଳଙ୍କ ମଧ୍ୟରେ ଏଠାରେ ସେଠାରେ ଲାଗେ—Guerilla warfare.

**ଖଣ୍ଡର**—ସଂ. ବି. ( ଖଣ୍ଡ + ସ୍ୱାର୍ଥେ. ର )—ମିଠେଇ—
Khaṇḍara Sweetmeat. ( M. W. ).

**ଖଣ୍ଡଲବଣ**—ସଂ. ବି—୧ । ଏକପ୍ରକାର ଲୁଣ; ଗୋଡ଼ାଲୁଣ; ବଡ଼ ବଡ଼
Khaṇḍalabaṇa ଦାନାଦାର ଲୁଣ—
1. Crystallised salt.
୨ । କଳାଲୁଣ—2. Black salt.

**ଖଣ୍ଡଶଃ**—ସଂ. ଅ. ( ଖଣ୍ଡ + ଶସ୍ )—୧ । ଖଣ୍ଡ ଖଣ୍ଡ କରି—
Khaṇḍaśaḥ 1. In pieces; piece by piece.
୨ । ଟିକି ଟିକି କରି—
2. By bits; into fragments.
୩ । ଖଣ୍ଡିଏ ଖଣ୍ଡିଏ ହୋଇ ( ପ୍ରକାଶିତ ପୁସ୍ତକାଦି )—
3. By parts or volumes ( published and composed books ).

**ଖଣ୍ଡଶର୍କରା**—ସଂ. ବି. ( ପରନିପାତ ବା ମ. ପ. ଲୋ; ଖଣ୍ଡ + ଶର୍କରା )—
Khaṇḍaśarkarā ୧ । ମିଶ୍ରି—
1. Candied sugar; sugarcandy.
୨ । କନ୍ଦ ବା ଗୁଡ଼ର ଟେଳା—
2. Sugar in pieces. ( M. W. )

**ଖଣ୍ଡଶାକର**—ଦେ. ବି. (ସଂ. ଖଣ୍ଡ + ଶର୍କରା)—ଖଣ୍ଡଦ୍ୱାରା ପ୍ରସ୍ତୁତ ମିଷ୍ଟାନ୍ନ-
Khaṇḍaśākara ବିଶେଷ—Confectionery; sweetmeat made of sugar.

**ଖଣ୍ଡଶୀଳା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଖଣ୍ଡ + ଶୀଳ + ସ୍ତ୍ରୀ. ଆ )—
Khaṇḍaśīḻā ୧ । ଅସତୀ ସ୍ତ୍ରୀ—1. An unchaste wife.
୨ । ଦୁଶ୍ଚରିତ୍ରା ସ୍ତ୍ରୀ—
2. A loose or profligate woman.

**ଖଣ୍ଡଶ୍ୱ**—ସଂ. ବିଣ. ( ଖଣ୍ଡ ଧାତୁ + କର୍ମ ଅଶ୍ୱ )—୧ । ଖଣ୍ଡନୀୟ—
Khaṇḍaśwa 1. Breakable.
୨ । ମସକା; ଭଙ୍ଗୁର—2. Fragile. ( Apte ).

**ଖଣ୍ଡସର**—ଦେ. ବି—ଖଣ୍ଡ ମିଶା ହୋଇଥିବା ଦୁଧସର—
Khaṇḍasara Milk-cream mixed with sugar.

**ଖଣ୍ଡସାର**—ସଂ. ବି.—ଗୁଡ଼—
Khaṇḍasāra Treacle; molasses. ( M. W. )

**ଖଣ୍ଡସେଲା**—ଦେ. ବି—ବୃକ୍ଷବିଶେଷ—
Khaṇḍaseḻā A kind of plant.

ଅତବେଥୁ କଣ୍ଟାଇତୋଳ ଖଣ୍ଡସେଲା—କୃଷ୍ଣସିଂହ. ମହାଭାରତ. ବନ ।

**ଖଣ୍ଡସ୍ଫୁଟ ପ୍ରତିସଂସ୍କରଣ**—ସଂ. ବି. ( ଖଣ୍ଡ + ସ୍ଫୁଟ + ପ୍ରତିସଂସ୍କରଣ )—
Khaṇḍasphuṭa pratisaṁskaraṇa ଭଙ୍ଗା କୋଠା ଓ ଘର ଆଦିର ମରାମତି; ଜୀର୍ଣ୍ଣସଂସ୍କାର—
Repairing of dilapidations. ( M. W. )

**ଖଣ୍ଡା**—ଦେ. ବି. ( ସଂ. ଖଡ୍ଗ )—୧ । ଖଡ୍ଗ; ତରବାରି—
Khaṇḍā 1. Sword.
খণ্ডা; খাঁড়া ହାଣିବେ ଶତ୍ରୁ ସୈନ୍ୟ ଧରି ଫରି ଖଣ୍ଡା—କୃଷ୍ଣସିଂହ. ମହାଭାରତ. ବନ ।
**खाँड़ा** ୨ । କାଳୀଠାକୁରାଣୀଙ୍କ ଶସ୍ତ୍ର—
2. Sword held by Goddess Kāḻī.
୩ । ( ସଂ. ଖଣ୍ଡ ) ବିଶି ( ଦେଖ )—
3. Biśi ( See ).

**ଖଣ୍ଡାଇତ**—ଦେ. ବି—ଖଣ୍ଡାଏତ ( ଦେଖ )
Khaṇḍāita Khaṇḍāeta ( See )

ଖଣ୍ଡାବଳେ କେତେ ଖଣ୍ଡାଇତଙ୍କର ଛଡ଼ାଇ ନେଲେ ମୂଲକ—
ବ୍ରଜନାଥ, ସମରତରଙ୍ଗ ।

**ଖଣ୍ଡାଇତି (ଇତ୍ୟାଦି)**—ଦେ. ବି.—ଖଣ୍ଡାଏତି ଇତ୍ୟାଦି (ଦେଖ)
Khaṇḍāiti (etc.) Khaṇḍāeti etc. (See)

**ଖଣ୍ଡାଇବା**—ଦେ. କ୍ରି.—ଖଣ୍ଡିବା କ୍ରିୟାର ଣିଜନ୍ତ ରୂପ—
Khaṇḍāibā Causative form of khaṇḍibā.
খণ্ডান ଖଣ୍ଡାଇଲୁ ତୋ ନାଥର ନଯ଼ନର ଲିପି ।
**खँड़वाना** ରାଧାନାଥ. ପାର୍ବତୀ ଚରିତ ।

**ଖଣ୍ଡାଉଞ୍ଚାଇବା**—ଦେ. କ୍ରି.—( ସଂ. ଖଡ୍ଗ + ଉତ୍ତୋଳନ )—ଅନ୍ୟ
Khaṇḍā uñchāibā ବ୍ୟକ୍ତିକୁ ଆକ୍ରମଣ ବା ଆଘାତ କରିବା
খাঁড়া উঁচান ନିମନ୍ତେ ଖଣ୍ଡାକୁ ଉଠାଇବା—
**खाँड़ा उठाना** To lift a sword for action.

**ଖଣ୍ଡାଏତ**—ଦେ. ବି.—୧ । ଓଡ଼ିଶାର କ୍ଷତ୍ରିୟ ଜାତିବିଶେଷ—
Khaṇḍāeta 1. A Kshatria caste in Orissa.
[ ଦ୍ର—ପୂର୍ବରେ ଯେଉଁମାନେ ରାଜ୍ୟର ଆପଦ ବିପଦବେଳେ ଖଣ୍ଡା ଧରି ବାହାରୁଥିଲେ ସେମାନଙ୍କୁ ଖଣ୍ଡାଏତ ଉପାଧି ଦିଆ ଯାଉଥିଲା । ସବୁ ଶ୍ରେଣୀର ଲୋକେ ଖଣ୍ଡାଏତ ଉପାଧି ପାଇ ପାରୁଥିଲେ । ଏଥିପାଇଁ ଏମାନେ ଜାତିର ପାଉଥିଲେ । ଆଜି ପର୍ଯ୍ୟନ୍ତ ଗୋପାଳ ଜାତିରେ ଖଣ୍ଡାଏତ ଜାତିର ଅଛି ଓ ଓଡ଼ମାନେ ଖଣ୍ଡାଏତଜାତିର

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଣ' ନ ମିଳିଲେ ଗାଣ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଖୋଜିବେ; 'ବଖୁ' ନ ମିଳିଲେ 'ବଖୁ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଭୋଗ କରୁଅଛନ୍ତି । ଅଳଗିଳାଙ୍କର ପାଇକ ସରଦାରମାନେ ଭିନ୍ନ ଭିନ୍ନ ଜାଗିର, ଯଥା—ଖଣ୍ଡାଏତ, ଗଉଡ଼, ମଙ୍ଗ୍ଳା ଇତ୍ୟାଦି । ଏମାନଙ୍କ ଜାଗିରର ନାମ ଖଣ୍ଡାଏତ ଏବଂ ଖଣ୍ଡାସରଦାର ଜାଗିର । ଖଣ୍ଡାଏତ ଜାଗିର ଗଉଡ଼ ମଙ୍ଗ୍ଳା ପ୍ରଭୃତିଙ୍କୁ ଦଆ ଯାଇଥିବାରୁ ସ୍ପଷ୍ଟ କହି ହେବ ଯେ 'ଖଣ୍ଡାଏତ' ଗୋଟିଏ ଉପାଧି ମାତ୍ର । ଆଉ ଗୋଟିଏ ପ୍ରମାଣ ଏହି ଯେ ଖଣ୍ଡାଏତ ଶବ୍ଦର କୌଣସି ପୌରାଣିକ ବା ଐତିହାସିକ ସତ୍ତା ବା ଉତ୍ପତ୍ତି ନାହିଁ । ପୁରାଣ ଓ ଇତିହାସ ମାନଙ୍କରେ ଚଷାର ଉଲ୍ଲେଖ ଅଛି; କିନ୍ତୁ 'ଖଣ୍ଡାଏତ'ର ଉଲ୍ଲେଖ ନାହିଁ । ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ସାରଳାଦାସ ପ୍ରଭୃତିଙ୍କ ଗ୍ରନ୍ଥରେ ଚଷାମାନଙ୍କର ଭୂରି ଭୂରି ଉଲ୍ଲେଖ ଅଛି; ମାତ୍ର ଖଣ୍ଡାଏତ ସମ୍ବନ୍ଧରେ କିଛି ବର୍ଣ୍ଣନା ନାହିଁ । ଆଜିକାଲି ଚଷା ବୋଲି ପରିଚୟ ଦେବାକୁ ଅନେକେ ଲଜ୍ଜା ବୋଧକରି ଖଣ୍ଡାଏତ ହୋଇଅଛନ୍ତି ।— ଲକ୍ଷ୍ମୀନାରାୟଣ ସାହୁ—ଦୈନିକ ଆଶା ୨୭।୫।୨୯ ।

ଦ୍ର—ଖଣ୍ଡାଇତ, ଖଣ୍ଡାୟିତ, ଖଣ୍ଡାଏତ ଓ ଖଣ୍ଡାସ୍ୱେତ ଏହି ସବୁ ଶବ୍ଦ ମରହଟ୍ଟି ଭାଷାରେ ମଧ୍ୟ ଏହି ଅର୍ଥରେ ବ୍ୟବହୃତ ହୁଏ । ବିମ୍ସଙ୍କ ମତରେ ମରହଟ୍ଟାମାନେ ଓଡ଼ିଆଙ୍କଠାରୁ ଏ ଶବ୍ଦ ସବୁ ଗ୍ରହଣ କରିଅଛନ୍ତି । ଖଣ୍ଡା ଓ କାଣ୍ଡ ଖଣ୍ଡାଏତର ସମ୍ବନ୍ଧ । ].

୨ । ବିଶୋଇ ( ଦେଖ )—
2. Bisoi ( See )

୩ । ପ୍ରାଚୀନ ଉତ୍କଳରେ କ୍ଷୁଦ୍ର କ୍ଷୁଦ୍ର ଭୂଖଣ୍ଡର ରାଜା—
3. Chiefs ruling over small tracts of country in ancient Orissa.

ଓଡ଼ିଶାର ପ୍ରକୃତ ଭୂମ୍ୟଧିକାରୀ ଖଣ୍ଡାଏତମାନେ ଥିଲେ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖଣ୍ଡାଏତି**—ଦେ. ବି.—ଖଣ୍ଡାଏତର କାର୍ଯ୍ୟ—
Khandaeti The duties of a Khandaeta.

**ଖଣ୍ଡାଏତି ଜାଗିରି**—ଦେ. ବି.—ଖଣ୍ଡାଏତ କାର୍ଯ୍ୟ କରିବା ନିମନ୍ତେ ଦିଆ
Khandaeti jagiri ଯାଇଥିବା ରାଜଦତ୍ତ ଭୂମି—
Service-lands assigned to a Khandaeta for his service

**ଖଣ୍ଡାଖପର**—ଦେ. ବି. (ସହଚର; ସଂ. ଖଡ୍‌ଗ+ଖର୍ପର)—ଖଡ୍‌ଗ ଓ
Khanda khapara ମନୁଷ୍ୟମୁଣ୍ଡର ଖୋଲପା ( ଯାହା କାଳୀ ଠାକୁରାଣୀ ହସ୍ତରେ ଧରି ଥାଆନ୍ତି )—Sword and human skull held by Goddess Kali

**ଖଣ୍ଡାଖାଇ**—ଦେ ବି. ସ୍ତ୍ରୀ (ଗାଳି)—ଦୁଷ୍ଟା ସ୍ତ୍ରୀ—
Khandakhai A virago; a wicked woman.

[ ଦ୍ର—ଏହି ଗାଳି ସଙ୍ଗେ ମଣ୍ଡାଗିଲୀ ଶବ୍ଦ ମଧ୍ୟ ଯୁକ୍ତ ହୋଇ ବ୍ୟବହୃତ ହୁଏ । ]

**ଖଣ୍ଡାଖାପ**—ଦେ. ବି.—(ସଂ. ଖଡ୍‌ଗ+ସଂ. ଖର୍ପର ବା ଫା. ଖାମ୍=
Khandakhapa ଆବରଣ )—ଖଣ୍ଡାର ଖୋଳ—
खाँड़ारखाँप Sheath of a sword; scabbard.
खाँड़ामियान

**ଖଣ୍ଡାଖୋଳ**—ଦେ. ବି.—ଖଣ୍ଡାଖାପ (ଦେଖ)
Khandakhola Khandakhapa (See)

**ଖଣ୍ଡାଗିଲା**—ଦେ. ବିଣ. ପୁଂ. (ଗାଳି)—( ଖଣ୍ଡାକୁ ମନୁଷ୍ୟ ଗିଳିଦେବା
Khandagila ଭଳି ଯେ ଅସମ୍ଭବ ମିଛ କଥା କହେ ) ମିଛୁଆ;
(ଖଣ୍ଡାଗିଲୀ—ସ୍ତ୍ରୀ) ମିଥ୍ୟାବାଦୀ; —(a term of abuse) A deliberate liar (male).

**ଖଣ୍ଡାଦାଢ଼**—ଦେ. ବି. (ସଂ. ଖଡ୍‌ଗ+ଧାର)—ଖଣ୍ଡାର ତୀକ୍ଷ୍ଣ ଅଂଶ—
Khandadardha The edge of a sword.
खाँड़ारधार
खाँड़ाकाधार

**ଖଣ୍ଡାଦାଢ଼ରେ ବାଟ ଚାଲିବା**—ଦେ. ପ୍ରବଚନ—୧ । କଠୋର
Khandadardhare bata chaliba ନିୟମାଧୀନ ହୋଇ କାର୍ଯ୍ୟ କରିବା—1. To work under very strict rules.

୨ । ଖୁବ୍ ସାବଧାନ ହୋଇ ଚଳିବା—
2. To move about very cautiously.

**ଖଣ୍ଡାଦାଢ଼ୁଆ**—ଦେ. ବିଣ—ଖଣ୍ଡାପରି ଧାରୁଆଳ—
Khandadardhua Keen-edged like the sword.
खाँड़ारमतनधाराल
खाँड़ाकामाफक नुकीला

**ଖଣ୍ଡାଧରା**—ଦେ. ବିଣ—(ସଂ. ଖଡ୍‌ଗଧାରୀ)—ଖଣ୍ଡା ଧରି ଯୁଦ୍ଧ କରିବା
Khandadhara (ଯୋଦ୍ଧା); ଖଡ୍‌ଗଧାରୀ—
(warrior) Having a sword.
ଦେ ବି—ଖଡ୍‌ଗଧାରୀ ଯୋଦ୍ଧା—Swordsman.

ଖଣ୍ଡାଧରାମାନଙ୍କ ମୁଣ୍ଡ ଶ୍ରେଣୀ ଶ୍ରେଣୀ—କୃଷ୍ଣସିଂ. ମହାଭାରତ.ବନ ।

**ଖଣ୍ଡାଧାର**—ଦେ. ବି. ( ସଂ. ଖଡ୍‌ଗ+ଧାର )—ଖଣ୍ଡାଦାଢ଼ (ଦେଖ)
Khandadhara Khandadardha (See).

**ଖଣ୍ଡାଧାରା**—ଦେ. ବି—ଖଣ୍ଡାଧାର (ଦେଖ)
Khandadhara Khandadhara (See)

ଅର ଶ୍ରୋଧାର ଖଣ୍ଡ ବଳୟ ଶୋଭିଲୁରେ—
ଜଗନ୍ନାଥ. ଜଗୋସରତନ୍ତ୍ର ଗୀତ ।

**ଖଣ୍ଡାଧାରୁଆ**—ଦେ. ବିଣ—ଖଣ୍ଡାଦାଢ଼ୁଆ (ଦେଖ)—
Khandadharua Khandadardhua (See)

**ଖଣ୍ଡାଧିପତି**—ଦେ. ବି—ବିଶୋଇ (ଦେଖ )
Khandadhipati Bisoi ( See)

**ଖଣ୍ଡାପାଟଳି**—ଦେ. ବି—ଅଠ ଫୁଟ ଉଚ୍ଚ ହୋଇବାଶିଷ୍ଟ ବନ୍ୟ କାଠଗଛ-
Khandapatali ବିଶେଷ—A wild timber tree. (Haines)

**ଖଣ୍ଡାପାତୁଆ**—ଦେ. ବି—ଚିଲିକାରେ ମିଳୁଥିବା ଏକ ପ୍ରକାର ମାଛ—
Khandapatua A kind of fish found in the Chilka lake.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଙ୍ଗ | ଇଅ | ଡ | ନ |

**ଖଣ୍ଡାଫଳା**—ଦେ. ବି. (ସଂ. ଖଡ୍ଗ+ଫଳା)—
Khaṇḍāphaḷā ଖଣ୍ଡାର ପାତ; ଖଡ୍ଗର ପତ୍ର—
খাঁড়ারফলা The blade of a sword.
खँडाका फल

ଦ୍ରୋଣ ଅମିଷକୁ ସନ୍ଧାଣ ପର ଧାର୍ଯ୍ୟ
ରହିଲେ ଖଣ୍ଡାଫଳା ଧର ହୋଇ କୋଟୀ—କୃଷ୍ଣସିଂହ-ମହାଭାରତ, ଦ୍ରୋଣ ।

**ଖଣ୍ଡା ବୁଲାଇବା**—ଦେ. କ୍ରି—କ୍ରୀଡ଼ା ବା ଆତ୍ମରକ୍ଷା ନିମନ୍ତେ ଖଣ୍ଡାକୁ
Khaṇḍā bulāibā ହାତରେ ଧରି ନିଜ ଶରୀରର ଚତୁର୍ପାଖରେ
খাঁড়াঘুরান ଘୁରାଇବା—To brandish a sword round
खाँड़ाघुमाना one's body in self-defence or sport.

**ଖଣ୍ଡାଭ୍ର**—ସଂ. ବି. (କର୍ମଧା; ଖଣ୍ଡ+ଅଭ୍ର)—
Khaṇḍābhra ୧ । ଖଣ୍ଡ ଖଣ୍ଡ ମେଘ—1. Broken clouds.
୨ । ଛିନ୍ନାଭ୍ର; ଯେଉଁ ଖଣ୍ଡିକିଆ ମେଘ ବଡ଼ ମେଘ ଦେହରୁ
ଛିଣ୍ଡି ହୋଇଥାଏ—
2. A piece of cloud detached from the big mass.

**ଖଣ୍ଡାମଗର**—ଦେ. ବି—ମୁହଁ ଆଗରେ ଖଣ୍ଡା ବା କରତ ପରି ଦାନ୍ତୁଆ
Khaṇḍāmagara ଅଂଶ ବାହାରିଥିବା ମଗର ଜାତୀୟ ଜଳଜନ୍ତୁ
ବା ମତ୍ସ୍ୟବିଶେଷ—
Swordfish; sawfish; Pristis Pectinatus.
[ ଦ୍ର—ଏମାନେ ସମୁଦ୍ରରେ ରହନ୍ତି; କେବେ କେବେ ନଦୀକିଳିକୁ
ସମୁଦ୍ରରୁ ଉଠି ଆସନ୍ତି ।]

**ଖଣ୍ଡାହଣା**—ଦେ. ବି (ନାମ)—ଓଡ଼ିଶା ମୋଗଲବନ୍ଦିର ପର୍ବତବିଶେଷ—
Khaṇḍāhaṇā A mountain in the coastal districts of Orissa.

କହୁନ୍ତୁ ଶ୍ରାକୃତ ଗିରି ଖଣ୍ଡାହଣା—ଗ୍ରାମନାଥ-ଚିଲିକା ।

**ଖଣ୍ଡି**—ଦେ. ବି. (ସଂ. ଖଣ୍ଡ)—
Khaṇḍi ୧ । କ୍ଷୁଦ୍ର ଖଣ୍ଡ ବା ଭାଗ—1. A small bit.
୨ । ଏକ ଗୋଟିଏ ବା ସଂଖ୍ୟା—
2. One bit or number.
୩ । ଏକାଧିକ ବସତିବିଶିଷ୍ଟ ଗ୍ରାମର ଗୋଟିଏ ଅଂଶ ବା ବସ୍ତି—
3 A part of a village consisting of a number of hamlets.
୪ । ହଳଦୀ, ଗୁଡ଼ ଆଦି ମାପ କରିବାର ପରିମାଣବିଶେଷ;
୨୦ ସେରର ପରିମାଣ—
4. A standard of measure for turmeric and molasses, about 20 seers.
ପ୍ରାଦେ (ଗଡ଼ଜାତ, ସିଂହଭୂମ, ଧଳଭୂମ ଓ ସମ୍ବଲପୁର) ବି—
ଧାନ ମାପର ପରିମାଣବିଶେଷ—
A standard measure for paddy.
ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ ଓ ପ୍ରାଚୀନ ପଦ୍ୟ) ବି—
ନଦୀକୂଳ; ନଦୀକୂଳ; ନଦୀତଟ—
Bank of a river.
ପ୍ରାଦେ (ପୁରୀ) ବି—ବ୍ରାହ୍ମଣଶାସନର ଗୋଟିଏ ଭାଗ ବା ଅଂଶ—
A part of a Brahman village consisting of groups of houses.
[ ଦ୍ର—ପୁରୀ ଜିଲ୍ଲାର କେତେକ ବଡ଼ ବଡ଼ ବ୍ରାହ୍ମଣଶାସନ
ଏକାଧିକ ଖଣ୍ଡିରେ ବିଭକ୍ତ । ପ୍ରତ୍ୟେକ ଖଣ୍ଡିର ପ୍ରଶସ୍ତ ଗ୍ରାମ-ଦାଣ୍ଡର
ଦୁଇପାଖରେ ସନ୍ନାଜନମାନଙ୍କର ଧାଡ଼ିମୂଳଆ ଘର ଥାଏ ଏବଂ ଦୁଇଟି
ଖଣ୍ଡିର ମଝିରେ ମେଲା ଜାଗା ବା ଦଣ୍ଡା ଥାଏ । ପ୍ରତ୍ୟେକ ଖଣ୍ଡିର
ମୁଣ୍ଡରେ ସେ ଖଣ୍ଡିର ଗ୍ରାମଦେବତାଙ୍କ ମନ୍ଦିର ଥାଏ । ଖଣ୍ଡିମୁଣ୍ଡର
ଦଣ୍ଡାରେ ଉକ୍ତ ଖଣ୍ଡିର ଯାତଯାତ ହୁଏ ।]
ଦେ. ବିଣ (ଆଦରାର୍ଥକ)—ଏକସଂଖ୍ୟକ; ଗୋଟିଏ; ଖଣ୍ଡେ—
Numbering one.

ଖଣ୍ଡି ଅମ୍ବର ପରିଧାନ
ବେଣୀ ପ୍ରବନ୍ଧେ କେଶମାନ—ଜଗନ୍ନାଥ, ଭାଗବତ ।

**ଖଣ୍ଡିଅ**—ଦେ. ବିଣ ( ସଂ. ଖଣ୍ଡିତ )—
Khaṇḍiā ୧ । ବିକଳାଙ୍ଗ—1. Maimed; crippled; devoid of limbs.
୨ । ଅସ୍ତ୍ରାଦି ଦ୍ୱାରା କ୍ଷତଯୁକ୍ତ; କ୍ଷତବିକ୍ଷତ—
2. Wounded with weapons.
୩ । ଭଗ୍ନ—3. Broken.

ଖଣ୍ଡିଅ ଖଣ୍ଡା ଖଣ୍ଡି ଶିଖଣ୍ଡୀ ବୁଲଇ—କୃଷ୍ଣସିଂହ, ମହାଭାରତ, ଭୀଷ୍ମ ।

୪ । ଅସମାପ୍ତ; ଅସମ୍ପୂର୍ଣ୍ଣ—
4. Incomplete; unfinished.
( ଯଥା—ଖଣ୍ଡିଅ ମାସ )
୫ । ଅର୍ଦ୍ଧକୃତ୍ୟ—5. Half done.
(ଖଣ୍ଡୀ—ସ୍ତ୍ରୀ) ୬ । ପୁଂ. ( ଇତର ଲୋକସମାଜରେ ସ୍ତ୍ରୀମାନଙ୍କର
ପୁରୁଷପ୍ରତି ବ୍ୟବହୃତ ଗାଳି)—ପଙ୍ଗୁ; ଗଳତକୁଷ୍ଠ-
ରୋଗଜନିତ କ୍ଷତ ଯୋଗୁଁ ବିକଳାଙ୍ଗ—
6. (a term of abuse) Maimed; leprous.
୭ । କର୍ତ୍ତିତ; ଛିନ୍ନ; ବିଖଣ୍ଡିତ—7. Cut.

ସମ କାଣ୍ଡେ ହୋଇ ମୂର୍ଚ୍ଛିତ ଦୂରନ୍ତେ
ଖଣ୍ଡିଅ ଅଙ୍ଗ ପରି ପଡ଼ିଲା ମହୀ ମଣ୍ଡେ—କୃଷ୍ଣସିଂହ, ମହାଭାରତ, ବନ ।

୮ । ଯାହାର ଆଶା ଚୂର୍ଣ୍ଣ ହୋଇଅଛି—
8. Disappointed.
ଦେ. ବି—୧ । କୁଷ୍ଠରୋଗ ଯୋଗୁଁ ବିକଳାଙ୍ଗ ବ୍ୟକ୍ତି;
ଗଳିତ କୁଷ୍ଠରୋଗଗ୍ରସ୍ତ ବ୍ୟକ୍ତି—
1. A crippled leper.
୨ । ବିକଳାଙ୍ଗ ବ୍ୟକ୍ତି—
2. Maimed person; a cripple.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲବତ' ଦେଖିବେ

ପ୍ରାଦେ ( ସମ୍ବଲପୁର ) ବି—ଗଉଡ଼ମାନଙ୍କ ଶ୍ରେଣୀବିଶେଷ—
A subcaste of cowherds in Sambalpur.

**ଖଣ୍ଡିଆକୋଢ଼ିଆ**—ଦେ. ବିଣ. ପୁଂ (ସହଚର)—ବିକଳାଙ୍ଗ ଓ କୁଷ୍ଠୀ—
Khaṇḍiākorḍhiā — Maimed and leprous.

**ଖଣ୍ଡିଆଖବିରା**—ଦେ. ବିଣ (ସହଚର)—କ୍ଷତ ଓ ଖୋଡ଼ା—
Khaṇḍiākhabirā — Wounded and lame.

**ଖଣ୍ଡିଆଖୋବରା**—ଦେ. ବିଣ—ଖଣ୍ଡିଆଖବିରା ( ଦେଖ )—
Khaṇḍiākhobarā — Khaṇḍiākhabirā (See)

**ଖଣ୍ଡିଆଡଣ୍ଡିଆ**—ଦେ. ବିଣ—୧ । କ୍ଷତବିକ୍ଷତ ଓ ସ୍ଖଳିତାଙ୍ଗ—
Khaṇḍiāḍaṇḍiā — 1. Wounded and devoid of some limbs.
୨ । (ଶରୀରର) ଅନେକ ସ୍ଥାନରେ କ୍ଷତ—
2. Wounded at many places (of the body).

**ଖଣ୍ଡିଆଦଣ୍ଡିଆ**—ଦେ. ବିଣ—ଖଣ୍ଡିଆଡଣ୍ଡିଆ ( ଦେଖ )—
Khaṇḍiādaṇḍiā — Khaṇḍiāḍaṇḍiā (See)

**ଖଣ୍ଡିଆଦନ୍ତା**—ଦେ. ବିଣ. ପୁଂ ( ସଂ. ଖଣ୍ଡିତ ଦନ୍ତ )—୧ । ଯାହାର ଦନ୍ତପଂକ୍ତି ଅସଂଲଗ୍ନ—1. One who has his teeth standing separate from each other.
Khaṇḍiādantā
(ଖଣ୍ଡିଆଦାନ୍ତୀ—ସ୍ତ୍ରୀ)
୨ । ଭଙ୍ଗା ଦାନ୍ତବିଶିଷ୍ଟ—2. Having broken teeth.
୩ । ଯାହାର କେତୋଟି ଦାନ୍ତ ପଡ଼ି ଯାଇଅଛି—
3. Having lost some teeth
ଖଣ୍ଡିଆଦାନ୍ତୀ ମୁଗପଇଡ, ଗୃହଳ ସେରକ ଲଥ—ଚଗ ।

**ଖଣ୍ଡିଆଭୂତ**—ଦେ. ବି—ଚକ୍ରବାତ; ଘୂର୍ଣ୍ଣୀବାୟୁ—
Khaṇḍiābhūta — Whirlwind; tornado.
ঘূর্ণীবাতাস
बवण्डर, चक्रवाह
[ ଦ୍ର—ଏ ପବନ ସୀମାବଦ୍ଧ ହୋଇ ବୃତ୍ତାକାରରେ ବୁଲି ବୁଲି କେନ୍ଦ୍ର ନିକଟରେ ଉପରକୁ ଉଠିଯାଏ । ଏହା ଏକ ସ୍ଥାନରେ ନ ରହି ଗତି କରି ଚାଲିଥାଏ । ]

**ଖଣ୍ଡିଆମୁଣ୍ଡ**—ଦେ. ବି—ଗ୍ରାମର ଯେଉଁ ମୁଣ୍ଡରେ ସାଇର ଘରମାନଙ୍କର ଧାଡ଼ିମାନ ଶେଷ ହୋଇଥାଏ ଓ ଯେଉଁ ମୁଣ୍ଡରେ କୌଣସି ଗ୍ରାମଦେବତାଙ୍କ ମନ୍ଦିର ଆଦି ନ ଥାଏ—The end of a village containing no temple or Deity.
Khaṇḍiāmuṇḍa
[ ଦ୍ର—ସାଧାରଣତଃ ଓଡ଼ିଶାର ଗ୍ରାମମାନଙ୍କରେ ଓ ବିଶେଷତଃ ବ୍ରାହ୍ମଣ ଶାସନମାନଙ୍କର ଦାଣ୍ଡର ଦୁଇ ମୁଣ୍ଡରେ କୌଣସି ଦେବତାଙ୍କର ( ଯଥା—ଶିବ, ବିଷ୍ଣୁ, ମହାମାୟା, ମଙ୍ଗଳା ଇତ୍ୟାଦିଙ୍କର ) ମନ୍ଦିର ବା ଅସ୍ଥାନ ଥାଏ । ]

**ଖଣ୍ଡିଆଳି**—ଦେ. ବିଣ—ବିରୋଧୀ ( ନିନ୍ଦ )—
Khaṇḍiāḷi — Opposing.
ପର୍ବତ ତୁଲ୍ୟ ଗଲେ ତାହାଙ୍କ ଦେହେ ପଶି
କାଳସର୍ପ ସଙ୍ଗେ ଭୁଜଙ୍ଗ କୁତ୍ସ ଖଣ୍ଡିଆଳି—ସାରଳା, ମହାଭାରତ, ଆଦି ।

**ଖଣ୍ଡିଉଡ଼ା**—ଦେ. ବି—ପକ୍ଷିଶାବକ ବା କ୍ଷୁଦ୍ର ପକ୍ଷବିଶିଷ୍ଟ ପକ୍ଷୀମାନଙ୍କର ସାମାନ୍ୟଭାବରେ ଉଡ଼ିବା ( ଅର୍ଥାତ୍ ସମ୍ପୂର୍ଣ୍ଣରୂପେ ଉଡ଼ି ପାରୁ ନ ଥିବା ଯୋଗୁଁ ଖଣ୍ଡିଦୂର ବାଟ ଉଡ଼ି ବିଶ୍ରାମ ନେଇ ପୁଣି ଉଡ଼ିବା )—
Khaṇḍiurḍā
Incomplete flying of fledglings and small-winged birds.
କେତେବେଳେ ଢେଣା ମେଲାଇ ଖଣ୍ଡିଉଡ଼ା ଦେଇ ପର ଗଲେ—
ଫକୀରମୋହନ, ଛଅମାଣଆଠଗୁଣ୍ଠ ।

**ଖଣ୍ଡିଉଡ଼ା ଦେବା**—ଦେ. କ୍ରି—(ପକ୍ଷୀଛୁଆ ବା ଛୋଟ ପକ୍ଷବିଶିଷ୍ଟ ଚଢ଼େଇ) ସମ୍ପୂର୍ଣ୍ଣରୂପେ ଉଡ଼ି ନ ପାରୁ ଥିବାରୁ ଖଣ୍ଡିଦୂର ବାଟ ଉଡ଼ିଯିବା ପରେ ବସିଯାଇ ପୁଣି ଉଡ଼ିବା—To fly for a small distance and then take rest and then fly and so on alternately ( said of half fledged birds ).
Khaṇḍiurḍā debā
ଇନ୍ଦ୍ରଧନୁଖଣ୍ଡ—ପ୍ରାଏ ଖଣ୍ଡିଉଡ଼ା ଦେଇ ବୁଲେ ବାଳଶୁଆ—
ରାଧାନାଥ, ପାର୍ବତୀ ।

**ଖଣ୍ଡିଉଡ଼ା ମାରିବା**—ଦେ. କ୍ରି—ଖଣ୍ଡିଉଡ଼ା ଦେବା ( ଦେଖ )
Khaṇḍiurḍā māribā — Khaṇḍiurḍā debā ( See ).

**ଖଣ୍ଡିଏ**—ଦେ. ବି—୧ । ଏକଖଣ୍ଡ ମାତ୍ର—
Khaṇḍie — 1. One piece only.
खानेक — ୨ । ଏକସଂଖ୍ୟା—2. One only.
एकठो — ଦେ. ବିଣ—ଏକସଂଖ୍ୟକ; ଗୋଟିଏ—One; a

**ଖଣ୍ଡିଏଦୂର**—ଦେ. ବି. ଓ ବିଣ—ଖଣ୍ଡେଦୂର ( ଦେଖ )
Khaṇḍiedūra — Khaṇḍedūra ( See ).
ଜଣାଇ ଦିଲେ କର ଦେଇ
ଖଣ୍ଡିଏଦୂରେ ଭଲ ହୋଇ—ଭୂପତି, ପ୍ରେମପଞ୍ଚାମୃତ ।

**ଖଣ୍ଡିଓଡ଼ିଆ**—ଦେ. ବି—ଦରଖଣ୍ଡିଆ ଓଡ଼ିଆମିଶା କଥା—
Khaṇḍiorḍiā — Language mined with indistinct Oriya dialects.

**ଖଣ୍ଡିଓଢ଼ଣା**—ଦେ. ବି—ଅଧା ଓଢ଼ଣା; ଯେଉଁ ଓଢ଼ଣାଦ୍ୱାରା ମୁହଁ ଲୁଚି ନ ଥାଏ—Half drawn veil; veil which does not hide the face.
Khaṇḍiorḍhaṇā

**ଖଣ୍ଡିକ**—ଦେ. ବି. ( ଅଦରାର୍ଥକ )—୧ । ଖଣ୍ଡେମାତ୍ର—
Khaṇḍika — 1. One piece only.
खानि — ୨ । ଗୋଟିଏ—2. One only.
एकठो — ସଂ. ବି. ( ଖଣ୍ଡ + ଇକ ) ୧ । ( ଯେ ପୁସ୍ତକକୁ ଖଣ୍ଡ ଖଣ୍ଡ କରି ପଢ଼େ ) ଛାତ୍ର; ଶିଷ୍ୟ—
1. Pupil. ( M. W. ).
୨ । ଗୁଡ଼ ରାନ୍ଧିବା ବ୍ୟକ୍ତି—
2 A sugar boiler. ( M. W. ).
୩ । କାଖସନ୍ଧି—3. Armpit. ( M. W. ).
୪ । ମଟରମଞ୍ଜି—4. Pease. ( M. W. ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଋ | ଊ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇପ୍ସ | ଡ୍ଥ | ଘ |
| ୬ | ଝ | ଭ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଥ | ● | ନ୍ବ |

**ଖଣ୍ଡିକଥା**—ଦେ. ବ—ଶିଶୁମାନଙ୍କର ଦପ୍ରୋଷ୍ଟ ଭାଷା—
Khandikatha — Lisping words of children.

**ଖଣ୍ଡିକାଶ**—ଦେ. ବ—ଧୀରେ ଧୀରେ ଉପର୍ଯ୍ୟୁପରି କାଶିବା; ସାମାନ୍ୟ
Khandikāsa — କାଶ; ଖୁଁଖୁଁ କାଶ—Slight repeated
ଖୁକୁ; ଖୁକୁଆକାଶି; ଖୁକ୍‌ଖୁକାନି — coughing.
ଖୋଷୀ

**ଖଣ୍ଡିଆ**—ଦେ. ବଣ—ଏକଖଣ୍ଡବିଶିଷ୍ଟ—
Khandikiā — Consisting of one piece only.

**ଖଣ୍ଡିକୁହା**—ଦେ. ବଣ—୧। ଯେ ଅନ୍ୟର ମର୍ମକୁ ବାଧିବା ଭଳି କଥା
Khandikuhā — କହେ; ଯେ ଛିଗୁଲାଇ କରି ଅନ୍ୟକୁ କଥା କହେ—
1. One who by his speech wounds the feelings of others.
୨। ଯେ ପରିଷ୍କାର କରି କଥା କହି ପାରେ ନାହିଁ; ଖନା—
2. One who can not talk clearly or fluently; lisping; stammering.
ଦେ. ବ—୧। ଛିଗୁଲା କଥା; ମର୍ମଭେଦ ବାକ୍ୟ—
1. Speech or words wounding the feelings of others.
୨। ଅପରିଷ୍କାର ବା ଅସମ୍ପୂର୍ଣ୍ଣ ବାକ୍ୟ—
2. Broken words; lisping words.
୩। ଖନା କଥା—3. Stammering speech.

**ଖଣ୍ଡିଖଣ୍ଡି**—ଦେ. ଅ—ଖଣ୍ଡଖଣ୍ଡ ( ଦେଖ )
Khandikhandi — Khandakhanda ( See )

**ଖଣ୍ଡିଖଣ୍ଡିଆ**—ଦେ. ବଣ—ଖଣ୍ଡଖଣ୍ଡିଆ ( ଦେଖ )
Khandikhandiā — Khandakhandiā ( See )

**ଖଣ୍ଡିଗଣା**—ଦେ. ବଣ—ଖଣ୍ଡିଗଣିଆଁ ( ଦେଖ )
Khandiganā — Khandiganiān ( See )

**ଖଣ୍ଡିଗଣିଆଁ**—ଦେ. ବଣ—୧। କୁତ୍ସିତ ପ୍ରକାରେ ଖାଦ୍ୟଲୋଭୀ; କୃପଣ;
Khandiganiā — ଯେ ଖାଦ୍ୟ ଦ୍ରବ୍ୟାଦ ( ଯଥା—କଣ୍ଟାମାଛ; ପରିବା ଆଦ) ସ୍ୱକୁଣିର ଜମା ଦେବା ପୂର୍ବରୁ ଖଣ୍ଡ ଖଣ୍ଡ କରି ଗଣେ—1. Niggardly; meanly selfish in the matter of food.
ଖଣ୍ଡ ଗଣିଆଁ ତ ବଗୁଣ ସଲେ—ଠଗ।
୨। ଅଳ୍ପରୁଷିଆ—2. Easily offended

**ଖଣ୍ଡିଗୁଣା**—ଦେ. ବ.—ସ୍ତ୍ରୀଲୋକମାନଙ୍କର ନାକପୁଡ଼ାରେ ପିନ୍ଧାଯିବା ଶ୍ରେଷ୍ଠ
Khandiguna — ଗୁଣା (ଏହାର ଦୁଇ ପାଖରେ ଦୁଇଟି ଶୃଙ୍ଗ ଥାଏ)—
A small circular plated nose-ring with two tapering points worn by females.

**ଖଣ୍ଡିଗୁଣିଆଁ**—ଦେ. ବଣ.—ଖଣ୍ଡିଗଣିଆଁ (ଦେଖ)
Khandiguniān — Khandiganiān (See)

**ଖଣ୍ଡି ଝୁରି**—ପ୍ରାଦେ. (ସମ୍ବଲପୁର) ବ.—ମାଛର ଖଣ୍ଡ—
Khandijhuri — A bit or piece of fish.

**ଖଣ୍ଡିତ**—ସଂ. ବଣ. (ଖଣ୍ଡ ଧାତୁ + କର୍ମ. ତ)—୧। ଖଣ୍ଡଖଣ୍ଡ ହୋଇ
Khandita — କର୍ତ୍ତିତ—1. Cut into pieces; chopped.
୨। ଛିନ୍ନବିଚ୍ଛିନ୍ନ—2. Torn to pieces.
୩। ବିନାଶିତ—3. Destroyed; annihilated.
୪। କ୍ଷୟିତ—4. Decayed.
୫। ଯୁକ୍ତିଦ୍ୱାରା ନିରସିତ—
5. Refuted by argument; controverted; successfully met or answered.
୬। ଅଦଳ କରା ଯାଇଥିବା—
6. Nullified; set at naught.
୭। ଅନାଦୃତ; ପରିତ୍ୟକ୍ତ—
7. Abandoned; disregarded.
(ଖଣ୍ଡିତା—ସ୍ତ୍ରୀ) ୮। ପୁଂ—ନିରାଶ; ବିଫଳକାମ—8. Disappointed.
୯। ଯାହା ପୂର୍ଣ୍ଣମାତ୍ରାରେ ନିଷ୍ପନ୍ନ ନ ହେଉଣୁ ବନ୍ଦ କରାଯାଏ—
9. Broken at the middle; not completed; discontinued.
୧୦। ଯେଉଁ ବିଗ୍ରହର କୌଣସି ଅଙ୍ଗ କଟିଯାଇ ଥାଏ—
10. Mutilated (image).
୧୧। ବିରୁଦ୍ଧ ପ୍ରମାଣଦ୍ୱାରା ନିରାକୃତ—
11. Refuted; rebutted by evidence.
୧୨। ବିଘ୍ନ ବା ବାଧାପ୍ରାପ୍ତ—12. Obstructed.
୧୩। ଯାହା ଏଡ଼ା ଯାଇ ଥାଏ—13. Evaded.
୧୪। ବିଭକ୍ତ—12. Divided.

**ଖଣ୍ଡିତଦନ୍ତ**—ସଂ. ବଣ. ପୁଂ. (ବହୁବ୍ରୀହି; ଖଣ୍ଡିତ + ଦନ୍ତ)—
Khanditadanta — ଖଣ୍ଡିଆଦନ୍ତା (ଦେଖ)
(ଖଣ୍ଡିତଦନ୍ତୀ—ସ୍ତ୍ରୀ) — Khandiādantā (See)

**ଖଣ୍ଡିତବିଗ୍ରହ**—ସଂ. ବଣ. ପୁଂ.—(ବହୁବ୍ରୀହି; ଖଣ୍ଡିତ + ବିଗ୍ରହ)—
Khanditabigraha — ଯାହାର ବିଗ୍ରହ ବା ଦେହର ଅଂଶ ଖଣ୍ଡିତ
(ଖଣ୍ଡିତବିଗ୍ରହା—ସ୍ତ୍ରୀ) ହୋଇଅଛି; ବିକଳାଙ୍ଗ—
Mutilated; maimed.
ସଂ. ବ. ( କର୍ମଧା; ଖଣ୍ଡିତ+ବିଗ୍ରହ )—ଯେଉଁ ଦେବପ୍ରତିମାର କୌଣସି ଅଙ୍ଗ କଟା ଯାଇ ଅଛି—A mutilated image.

**ଖଣ୍ଡିତବୃତ୍ତ**—ସଂ. ବଣ. ପୁଂ. ( ବହୁବ୍ରୀହି; ଖଣ୍ଡିତ + ବୃତ୍ତ )—ଦୁଶ୍ଚରିତ୍ର;
Khanditabrutta — ଲମ୍ପଟ; ଦୁରାଚାର—
(ଖଣ୍ଡିତବୃତ୍ତା—ସ୍ତ୍ରୀ) — Dissolute; immoral.

**ଖଣ୍ଡିତା**—ସଂ. ବଣ. ସ୍ତ୍ରୀ.—(ଖଣ୍ଡିତ + ସ୍ତ୍ରୀ. ଆ)—୧। ଖଣ୍ଡିତର ସ୍ତ୍ରୀଲିଙ୍ଗ—
Khanditā — 1. Feminine of Khandita.
୨। କାବ୍ୟୋକ୍ତବର୍ଣ୍ଣିତ ଆଠ ଶ୍ରେଣୀର ନାୟିକା ମଧ୍ୟରୁ ଏକ; ଯେଉଁ ନାୟିକାର ନାୟକ ଅନ୍ୟ ସ୍ତ୍ରୀ ପ୍ରତି ଆସକ୍ତ ହୋଇ ଥାଏ; ଯେଉଁ ନାୟିକାର ପତି ଅନ୍ୟ ସ୍ତ୍ରୀସମ୍ଭୋଗଚିହ୍ନ-

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ର ଚ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଜ୍ର' ଦେଖିବେ; 'ଅବଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଚଳିତ ହୋଇ ନାୟିକା ନିକଟକୁ ଆସିବାରୁ ନାୟିକା ଏବଂଭୂତ ନାୟକକୁ ଦେଖି ଈର୍ଷାକଷାୟିତା ହୁଏ—
2. One of the 8 classes of heroines of Hindu novels and dramas; a disappointed mistress; a jealous woman whose lover is found by her carrying on his person indications of having enjoyed the company of another lady.

ଖଣ୍ଡିତାଶଂସ—ସଂ. ବଣ. ପୁଂ. (ବହୁବ୍ରୀହି; ଖଣ୍ଡିତ+ଆଶଂସା)—ଯାହାର
Khanditāsamsa ଆଶା ଭୁଷ୍ଟ ଯାଇଅଛି; ଯେ ଆଶା କରି ପରେ
(ଖଣ୍ଡିତାଶଂସା—ସ୍ତ୍ରୀ) ନିରାଶ ହୋଇଅଛି—
Having the hopes disappointed; frustrated (Wilson).

ଖଣ୍ଡିନୀ—ସଂ. ବଣ. ସ୍ତ୍ରୀ—(ଖଣ୍ଡିନ+ସ୍ତ୍ରୀ. ଈ)—ଖଣ୍ଡୀର ସ୍ତ୍ରୀଲିଙ୍ଗ—
Khandini Feminine of Khandi.
ସଂ. ବି. ସ୍ତ୍ରୀ.—ପୃଥିବୀ—The earth.

ଖଣ୍ଡିପହଁରା—ଦେ. ବି.—ନୂଆଶିଖାଳିର ପାଣିରେ ଅଳ୍ପଦୂର ମାତ୍ର
Khandipahanrā ପହଁରିବା.—Swimming of a beginner for a small distance.

ଖଣ୍ଡିପାଳକ—ଦେ. ବି. (ସଂ. ଖଣ୍ଡ+ପାଳକ)—ପାଞ୍ଜି ଅନୁସାରେ ଆଗାମୀ
Khandipālaka ବର୍ଷ ଦେଶର ଏକ ଅଂଶରେ ମେଘ ବର୍ଷିବା ଓ ଅନ୍ୟ ଅଂଶରେ ବର୍ଷା ନ କରିବା—Irregular monsoon during the coming year according to the almanac.

ଖଣ୍ଡିବନ୍ଧ—ଦେ. ବି—ଅଡ଼ିବନ୍ଧ ( ଦେଖ )
Khandibandha Ārdibandha ( See )

ଖଣ୍ଡିବା—ଦେ. କ୍ରି. (ସଂ. ଖଣ୍ଡ ଧାତୁ )—୧ । ନାଶ କରିବା—
Khandibā 1. To destroy.
ଖଣ୍ଡ ଖଣ୍ଡିଲଦୁଶେଖର, ଖଣ୍ଡ ମୋ କ୍ଳେଶଚୟ ।
ସଂଭୃମା ଓଲମଣି, ରକ୍ଷିଥାଅ ।
୨ । ଛେଦନ କରିବା; କାଟିବା; ହାଣିବା—2. To cut.
କଳୁଷିରେ ଅଳକାକୁ ନୂତନ ଖଣ୍ଡିଛି । ଭଞ୍ଜ. ଲାବଣ୍ୟବତୀ ।
୩ । ଖଣ୍ଡିତ ବା ଛେଦିତ ହେବା—
3. To be cut off; to be dispelled.
କହ ଏହାର ହେତୁ କର୍ମ, ଯେଣେ ଖଣ୍ଡଇ ଭବଭ୍ରମ ।
ଭୂପତି. ପ୍ରେମପଞ୍ଚାମୃତ ।
୪ । ହରଣ କରିବା—4 To undo.
୫ । ଦୂର କରିବା—5. To remove; to take away.
୬ । ( ଅନୁଷ୍ଠାନ ) ବନ୍ଦ କରିବା—
6. To obstruct or to put obstacles to.
୭ । ଭାଙ୍ଗିବା—7. To break.
୮ । ( ବିପଦ ) ବାରଣ କରିବା—
8. To thwart ( a danger ).
୯ । ( ଦୁଃଖ ) ନିରାକରଣ କରିବା—
9. To enable one to evade ( a danger ).
୧୦ । ( ଅପରାଧ, ପାପ ) କ୍ଷମାଦେବା—
10. To forgive ( a fault or sin ).
୧୧ । ( ଯୁକ୍ତି ବା ତର୍କଆଦିକୁ ପ୍ରତିଯୁକ୍ତିଦ୍ୱାରା ) କାଟିବା—
11. To refute or rebut ( an argument by counter-argument ).
୧୨ । ରଦ୍ଦ କରିବା—12. To set aside; to nullify.
୧୩ । ( ଆଦେଶ ) ଅମାନ୍ୟ କରିବା—
13. To disobey; to set at naught; to disregard ( an order ).
୧୪ । ବିଭକ୍ତ କରିବା—14. To divide.
୧୫ । ପୃଥକ୍ କରିବା—15. To separate.

ଖଣ୍ଡିମା—ସଂ. ବି. ( ଖଣ୍ଡ+ଇମନ୍; ୧ମା. ୧ବ. )—
Khandimā ନ୍ୟୂନତା; ଖଣ୍ଡିତ ଅବସ୍ଥା—
Defectiveness. ( M. W. )

ଖଣ୍ଡିଲଗାଣ—ଦେ. ବି—ପାଞ୍ଜି ଅନୁସାରେ ଆଗାମୀ ବର୍ଷ କୌଣସି
Khandilagāna ଅଞ୍ଚଳରେ ଖୁବ୍ ବର୍ଷା ଓ ଝଡ଼ ହେବା ଓ ଅନ୍ୟ ଅଞ୍ଚଳରେ ନ ହେବା—
Irregular monsoon during the coming year according to the almanac.

ଖଣ୍ଡିଲାଙ୍ଗୁଡ଼ା—ଦେ. ବଣ. ପୁଂ—ଯାହାର ଲାଙ୍ଗୁଡ଼ ଖଣ୍ଡିତ ବା କଟା
Khandilāngurdā ହୋଇଥାଏ; ଲାଙ୍ଗୁଡ଼ଖଣ୍ଡିଆ; ଯେଉଁ ଜନ୍ତୁର
(ଖଣ୍ଡିଲାଙ୍ଗୁଡ଼ୀ—ସ୍ତ୍ରୀ ଲାଙ୍ଗୁଡ଼ର ଅଗ କଟିଯାଇ ତହିଁରୁ ଖଣ୍ଡେ ମାତ୍ର ଥାଏ—Having the tail lopped off.

ଖଣ୍ଡିଲାଙ୍ଗୁଡ଼ିଆ—ଦେ. ବଣ. ପୁଂ—ଖଣ୍ଡିଲାଙ୍ଗୁଡ଼ା ( ଦେଖ )
Khandilāngurdiā Khandilāngurdā ( See )

ଖଣ୍ଡିହେବା—ଦେ. ( ପ୍ରାଚୀନ ପଦ୍ୟ ) କ୍ରି. ( ସଂ. ଖଣ୍ଡ ଧାତୁ )—
Khandihebā ହାଣିହେବା—To be cut.
ବଂଶ ପରଶ୍ୱ ତହିଁ ପଦାର୍ଥ ଖଣ୍ଡି ହୋଇ ବହୁବାର ପ୍ରଶ୍ୱୋତେ ସେ ।
ଭଞ୍ଜ. ବୈଦେହୀଶବିଳାସ ।

ଖଣ୍ଡୀ—ସଂ. ବଣ. ପୁଂ ( ଖଣ୍ଡ ଧାତୁ+ଇନ; ୧ମା. ୧ବ. )—
Khandi ୧ । ବିଭକ୍ତ—1. Divided.
୨ । ବହୁଖଣ୍ଡବିଶିଷ୍ଟ; ଅଂଶବିଶିଷ୍ଟ—
2. Consisting of many parts or pieces.
ଦେ. ବଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀର ବା ସ୍ତ୍ରୀଜାତିର କୌଣସି ଗୋଟିଏ ଅଙ୍ଗ ନ ଥାଏ—1. (a female) Having lost one of her limbs; maimed or crippled ( female ).
୨ । ଖଣ୍ଡିଆର ସ୍ତ୍ରୀଲିଙ୍ଗ—2. Feminine of Khandiā.
୩ । ଯେଉଁ ସ୍ତ୍ରୀର ଅଙ୍ଗୁଠି ଛିଣ୍ଡି ଯାଇଥାଏ—
3. ( a woman ) Having some of her fingers gone.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ଥ | ଉଅ | ଞ |
| ୨ | ଈ | ଊ | ରୁ | ଲ୍ଲୁ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ଚ୍ୟ | ଇଅ | ● | ନ୍ତ |

**ଖଣ୍ଡୀକୃତ**—ସଂ. ବିଣ. (ଖଣ୍ଡ+ଅଭୂତ ତଦ୍ଭାବେ. ଚ୍ୱି+କୃ ଧାତୁ+କର୍ମ. ତ )—ଖଣ୍ଡଖଣ୍ଡ କରାଯାଇ ଥିବା; ଖଣ୍ଡଖଣ୍ଡ ହୋଇ ଚିରାଯାଇଥିବା—Cut or torn or divided into pieces.
Khaṇḍikṛuta

**ଖଣ୍ଡୁ**—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ ଖଣ୍ଡିତଦନ୍ତ )—ଖଣ୍ଡିଆଦନ୍ତା—(a person) Who has lost some teeth.
Khaṇḍu

**ଖଣ୍ଡୁଆ**—ଦେ. ବି. ( ସଂ. ଶିଖଣ୍ଡୀ=ଶିଖା ବା ଅଞ୍ଚଳଯୁକ୍ତ; ତୁଳ. ହି. ଝୁଡ଼ୁଆ=ବର୍ଷା ବା ଶୀତର ଦାଉରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ମୋଡ଼ା ହୋଇ ପକାଯିବା କମ୍ବଳ ବା ଲୁଗା )—
Khaṇḍuā
ଶିଖଣ୍ଡୀ
**घुंघट; घाघी**

୧ । ଭଦ୍ରବଂଶୀୟା ସ୍ତ୍ରୀମାନେ ପ୍ରକାଶ୍ୟରେ ବାହାରିବା ସମୟରେ ପିନ୍ଧିଥିବା ଲୁଗା ଉପରେ ପକାଇବା ଓଢ଼ଣୀ; ନାନାବର୍ଣ୍ଣ ଓ ଚିତ୍ର ସମ୍ବଳିତ ଓଢ଼ଣୀ—
1. A variegated scarf or upper sheet put on by respectable females over the cloth worn and hanging from the head downwards when they come out of the house; a multicoloured wrapper for female wear.

ବଡ଼ନ ଖଣ୍ଡୁଆ ହୋସଡ଼ା । ଗୋପକୃଷ୍ଣ. ଜଗମୋହନ ।

[ ଦ୍ର—ଖଣ୍ଡୁଆ ପାଟ ବା ତସର ସୂତାରେ ବୁଣାଯାଏ । ଖଣ୍ଡୁଆ ଉପରେ ନାନାଦି ପଶୁ, ପକ୍ଷୀ, ଜୀବ, ମନୁଷ୍ୟ, ବୃକ୍ଷ, ଲତା, ମନ୍ଦିର ଓ ଦେବତାଙ୍କର ଚିତ୍ର ଭିନ୍ନ ଭିନ୍ନ ରଙ୍ଗରେ ଖୁବ୍ କୌଶଳକ୍ରମେ ବୁଣା ଯାଇଥାଏ । ଓଡ଼ିଶାର କେତେକ ଗଡ଼ଜାତର ତନ୍ତୀମାନେ ଅତି ଉତ୍କୃଷ୍ଟ ଓ ଚିତ୍ରବିଚିତ୍ରିତ ଖଣ୍ଡୁଆ ବୁଣୁଥିଲେ । ଆଧୁନିକ ଶିକ୍ଷିତ ସମାଜରୁ ଏହାର ଆଦର କ୍ରମଶଃ କମି ଯିବାରୁ ଆଜିକାଲି ଖଣ୍ଡୁଆ ବୁଣିବା କାମ କମି ଯାଇଅଛି । ଖଣ୍ଡୁଆ ବୁଣିବା ପାଇଁ ଭିନ୍ନ ଭିନ୍ନ ରଙ୍ଗର ଓ ମାପର ଅନେକ ଗୁଡ଼ିଏ ଭରଣୀ ସୂତା ସଂଗ୍ରହ କରି ତନ୍ତରେ ସଜାଇ ରଖିବାକୁ ହୁଏ । ଭିନ୍ନ ଭିନ୍ନ ଚିତ୍ରସମ୍ବଳିତ ଖଣ୍ଡୁଆ ବୁଣିବା ପାଇଁ କେଉଁ କେଉଁ ରଙ୍ଗର ଓ ମାପର ସୂତା ଲାଗିବ ତତ୍ସମ୍ବନ୍ଧେ ଉପଦେଶ ଓ ବର୍ଣ୍ଣନା ଲେଖାଥିବା ପୋଥି କେତେକ ବିଶିଷ୍ଟ ଓ ଖାନ୍‌ଦାନ୍ ତନ୍ତୀଙ୍କ ଘରେ ପୁରୁଷାନୁକ୍ରମେ ବ୍ୟବହୃତ ହୋଇ ଆସୁଅଛି । ଖଣ୍ଡୁଆ ବୁଣିବା ପ୍ରାଚୀନ ଉତ୍କଳରେ ତନ୍ତୀମାନଙ୍କର ଗୋଟିଏ ବିଶିଷ୍ଟ ଶିଳ୍ପକଳା ଥିଲା । ]

୨ । ବମ୍ବେ ପ୍ରଦେଶର ଜିଲ୍ଲାବିଶେଷ —
2. A district in Bombay presidency.

**ଖଣ୍ଡୁଆଳ**—ଦେ. ବି—ଓଡ଼ିଶାରେ ଶୂଦ୍ରଙ୍କ ବଂଶୋପାଧିବିଶେଷ—A family title of Śūdras in Orissa.
Khaṇḍuāḷa

**ଖଣ୍ଡେ**—ଦେ. ବି ଓ ବିଣ—
Khaṇḍe
୧ । ଖଣ୍ଡେଦୂର ( ଦେଖ )
1. Khaṇḍedūra ( See )

୨ । ଖଣ୍ଡିଏ ( ଦେଖ )
2. Khaṇḍie ( See )

ଦେ. ଅ. ( ଅନ୍ୟ ପରିମାଣବାଚକ ଶବ୍ଦ ସଙ୍ଗେ ବ୍ୟବହୃତ )—ପ୍ରାୟ—About; or thereabouts.
( ଯଥା—ଦିନେ ଖଣ୍ଡେ, ଘଣ୍ଟାଏ ଖଣ୍ଡେ, କୋଶେ ଖଣ୍ଡେ, ଟଙ୍କାଏ ଖଣ୍ଡେ । ]

ପ୍ରାଦେ. (ସମ୍ବଲପୁର; ଲରିଆ) ବିଣ—(ପାଣି) ମୁନ୍ଦାଏ—A little (water).
( ଯଥା—ପାନି ଖଣ୍ଡେ ଦେବ କାଗା । )

**ଖଣ୍ଡେଇତ**—ଦେ. ବି—ଖଣ୍ଡାଏତ ( ଦେଖ )
Khaṇḍeita — Khaṇḍāeta ( See )

**ଖଣ୍ଡେ ଛଡ଼ା**—ଦେ. କ୍ରି. ବିଣ—ଅଳ୍ପ ଦୂରରେ—At a little distance.
Khaṇḍechhaṟḍā

**ଖଣ୍ଡେଦୂର**—ଦେ. ବି—ଅଳ୍ପ ଦୂରତ୍ୱ; ସାମାନ୍ୟ ଦୂରତ୍ୱ—A small distance.
Khaṇḍedūra

ଦେ. ବିଣ—ଅଳ୍ପ ଦୂରବର୍ତ୍ତୀ; କିଛି ଦୂରରେ ସ୍ଥିତ—A little distant; situated at a small distance.

ଦେ. କ୍ରି. ବିଣ—୧ । ସାମାନ୍ୟ ଦୂରତ୍ୱ ପର୍ଯ୍ୟନ୍ତ; କିଛିଦୂର—
1. Up to a small distance.

ଖଣ୍ଡେଦୂର ଯାଇଁ ଦେଖିଲେ ରୂପତ ଭୂତଳେ ଏକ ସୁନ୍ଦରୀ ।
ରଘୁନାଥ. ହରିବଂଶୀ ।

୨ । ଅଂଶତଃ—2. Partially; in part.

୩ । ଅଳ୍ପ ଦୂରରେ—
3 A little way off; at a short distance.

**ଖତ୍‌ନା**—ବୈଦେ. ବି (ଆ)—ସୁନ୍ନତ୍; ୟିହୁଦୀ ଓ ମୁସଲ୍‌ମାନ୍ ଧର୍ମର ସଂସ୍କାରବିଶେଷ—Circumcision amongst the Mahomedans and Jews.
Khatnā
খতনা
**खतना**

[ ଦ୍ର—ପୁରୁଷ ପିଲାର ଲିଙ୍ଗର ଅଗକୁ ଘୋଡ଼ି ବାହାରି ପଡ଼ିଥିବା ପତଳା ଚମର ପରଦାକୁ ମୂଳ ପାଖରୁ ବୃତ୍ତାଇ କାଟି ଦେଲେ ମୁଣ୍ଡଟି ଆବରଣମୁକ୍ତ ହୁଏ । ଏତଦ୍ୱାରା ଚୁଲୁକ୍ନି ଆଦି ରୋଗର ମଧ୍ୟ ଆଶଙ୍କା ନ ଥାଏ । ]

**ଖତ୍‌ମା**—ପ୍ରାଦେ. (ସମ୍ବଲପୁର) ବୈଦେ. ବି. (ଆ), ( ଆ. ଖତମ୍=ପୂର୍ଣ୍ଣ, ଶେଷ; ତୁଳ. ହି. ଖତମା )—କୌଣସି ବିଷୟର ଅନୁସନ୍ଧାନ ଶେଷ ହେଲେ ତତ୍ସମ୍ବନ୍ଧେ ଦିଆଯିବା ରିପୋର୍ଟ—Final report submitted after the completion of an enquiry.
Khatmā

**ଖତ୍‌ୱା**—ବୈଦେ. ବି. (ଆ)—ମସ୍‌ଜିଦ୍‌ରେ ମୁସଲ୍‌ମାନ୍‌ମାନଙ୍କର ଶୁକ୍ରବାର ଦିନ କରାଯିବା ପ୍ରାର୍ଥନା ( ଏଥିରେ ରାଜାଙ୍କ ମଙ୍ଗଳ କାମନାରେ ଈଶ୍ୱରଙ୍କୁ ପ୍ରାର୍ଥନା ମଧ୍ୟ କରାଯାଏ )—
Khatwā
খতবা

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ତ୍ରଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅନ୍ଧା' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**खतबा** The public prayer of the Mahomedans in a mosque at the Friday service in which they pray to God for the welfare of the sovereign also.

**ଖତ**—ଦେ. ବି. ( ସଂ. ଖାଦ୍ୟ; ଏହା ଭୂମିର ଖାଦ୍ୟ )—
Khata ୧ । କ୍ଷେତର ଉତ୍ପାଦିକା ଶକ୍ତି ବଢ଼ାଇବା ପାଇଁ
सार କ୍ଷେତରେ ଦିଆଯିବା ସାର—
खाद् 1. Manure; fertiliser.
୨ । ପଚା ଗୋବର—
2. Putrefied cowdung.
୩ । ପଚି ସଡ଼ି ନଷ୍ଟ ହୋଇଥିବା ବସ୍ତୁ—
3. Completely spoiled thing.
୪ । ପାଉଁଶ—4. Ashes.
[ଦ୍ର—ଭୂମିର ଉତ୍ପାଦିକା ଶକ୍ତି ବଢ଼ାଇବା ପାଇଁ କ୍ଷେତରେ ପାଉଁଶ, ବହୁକାଳର ସଢ଼ା ଗୋବର, ନାନାପ୍ରକାର ପଚା ସଢ଼ା ବସ୍ତୁ, ପଶୁପକ୍ଷୀଙ୍କ ମଳ, ମୂତ୍ରକ୍ଷାର, ଲୁଣ, ଚୂନ, ହାଡ଼ଚୂନା ଆଦି ଦିଆଯାଏ । ସାଧାରଣ ଗୃହସ୍ଥର ଘର ପାଖରେ ଥିବା ଗୋଟିଏ ଖାତରେ ବର୍ଷତମାମ୍ ଗୃହର ଆବର୍ଜନା, ପାଉଁଶ, ଗୋବର ଓ ଗୋରୁମୂତ୍ର ଆଦି ସ୍ତୂପାକାରରେ ଜମା କରି ଯାଉଥାଏ । ସେଗୁଡ଼ିକ ସଢ଼ି 'ଖତ' ହେବା ପରେ କ୍ଷେତ ଚାଷର ଉପଯୋଗୀ ହେବା ସମୟରେ ଗୃହସ୍ଥ ଉକ୍ତ ଖତକୁ ଖତଗଦାରୁ ନେଇ କ୍ଷେତରେ ପକାଏ । ଭିନ୍ନଭିନ୍ନ ଫସଲ ପାଇଁ ଓ ଭିନ୍ନ ଭିନ୍ନ ଶ୍ରେଣୀର ଜମି ପାଇଁ ଭିନ୍ନ ଭିନ୍ନ ଖତ ଲୋଡ଼ା ହୁଏ । ]
ଦେ. ବିଣ—୧ । ପଚି ସଢ଼ି ନଷ୍ଟ ହୋଇଥିବା—1. Putrefied.
୨ । ସମ୍ପୂର୍ଣ୍ଣ ବିନଷ୍ଟ—2. Entirely damaged.

ଖତ୍ ବୈଦେ. ବି (ଆ. ଖତ୍=ଚିଠି; ପତ୍ର)—ଖତପତ୍ର (ଦେଖ)—
खत Khatapatra (See)

**ଖତକୁଡ଼**—ଦେ. ବି ( ସଂ. ଖାଦ୍ୟ+କୂଳ ) ୧ । ପ୍ରତିଦିନ ଗୃହର ଅଳିଆ,
Khatakurda ଗୋବର, ପାଉଁଶ ଆଦି ଖତରେ ପରିଣତ ହେବା
आँस्ताकूड़ ପାଇଁ ଜମା ହେବା ସ୍ଥାନ ବା ଗଦା—1. A place
घुरा, कतवारखाना where cowdung and refuse of the house are amassed for being putrefied to be used as manure; a manure-heap, dung-hill.
୨ । ଅଳିଆଗଦା—2. A heap of refuse or rubbish.

**ଖତକୁଢ଼**—ଦେ. ବି—ଖତକୁଡ଼ ( ଦେଖ )—
Khatakurdha Khatakurda (See)

**ଖତକୁର**—ପ୍ରାଦେ. (ସମ୍ବଲପୁର) ବି—ଖତକୁଡ଼ ( ଦେଖ )—
Khatakura Khatakurda (See)

**ଖତଗଦା**—ଦେ. ବି—ଖତକୁଡ଼ ( ଦେଖ )—
Khatagadā Khatakurda (See)

**ଖତଗାଡ଼**—ଗ୍ରା. ବି—୧ । ଖତକୁଡ଼ ( ଦେଖ )—
Khatagarda 1. Khatakurda (See)
୨ । ଯେଉଁ ଗାତରେ ଖତ ହେବାପାଇଁ ଗୋମୟାଦି ଜମା କରାଯାଏ—
2. A pit where cowdung etc is stored for manure.
ବାଡ଼ ଦୁଆରା ସମସ୍ତଙ୍କ ଦୁଆର ଆଗରେ ଖତଗାଡ଼—
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖତପତ୍ର**—ଦେ. ବି (ଆ. ଖତ୍+ସଂ. ପତ୍ର)— ତମସୁକ; ଋଣପତ୍ର—
Khatapatra A money-bond.
ଖତ୍ ପ୍ରାଦେ (ପୁରୀ) ବି—ତୀର୍ଥକୁ ଦେବଦର୍ଶନାର୍ଥ ଆସିଥିବା ଯାତ୍ରୀ-
खत ମାନେ ଦକ୍ଷିଣା ନଗଦ ଦେଇ ନ ପାରି ବା ଟଙ୍କା ଧାର ନେଇ ପଣ୍ଡାଙ୍କୁ ଲେଖି ଦେଇଯିବା ଋଣପତ୍ର (ଯାହା ପଣ୍ଡାଗୁମାସ୍ତାମାନେ ପରେ ଯାତ୍ରୀଙ୍କ ଘରକୁ ଯାଇ ଆଦାୟ କରି ଆଣନ୍ତି)—Bonds or handnotes executed by pilgrims in favour of their Paṇḍās while visiting places of pilgrimage.

**ଖତମ୍**—ବୈଦେ. ବି ( ଆ. ଖତମ୍=ସମାପ୍ତ; ସମ୍ପୂର୍ଣ୍ଣ )—
Khatam ୧ । ଅବସାନ; ଶେଷ—1. End; finish.
খতম ୨ । ମୃତ୍ୟୁ—2. Death.
खतम ୩ । ଲୋପ—3. Disappearance; cessation.
୪ । ବିନାଶ—4. Destruction.
୫ । ସମାପ୍ତି—5. Completion.
ବୈଦେ. ବିଣ—୧ । ସମାପ୍ତ; ସମ୍ପୂର୍ଣ୍ଣ—
1. Finished; completed.
୨ । ବିନଷ୍ଟ—2. Destroyed.
୩ । ହତ—3. Murdered; killed.
୪ । ମୃତ—4. Dead.
୫ । ଲୁପ୍ତ—5. Ceased; annihilated; disappeared.
୬ । ଅବସାନପ୍ରାପ୍ତ—6. Ended.

**ଖତମ୍ କରିବା**—ଦେ. କ୍ରି (ଆ. ଖତମ୍=ସମାପ୍ତ; ସମ୍ପୂର୍ଣ୍ଣ)—
Khatam karibā ୧ । ଶେଷକରିବା; ସମାପନ କରିବା—
খতমকরা 1. To bring to an end; to
खतमकरना conclude.
ଦାରୋଗା ମାମଲା ତଦାରଖ ଖତମ୍ କଲେ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ବିନାଶକରିବା—2. To destroy.
୩ । ମାରିପକାଇବା—3. To kill.

**ଖତମା**—ପ୍ରାଦେ (ସମ୍ବଲପୁର) ବି—ଖତ୍ମା (ଦେଖ)
Khatamā Khatmā (See)

**ଖତମାଳ**—ସଂ. ବି ( ଖ=ଆକାଶ+ତମାଳ; ତମାଳ ବୃକ୍ଷ ପରି
Khatamāla ଆକାଶରେ ଦୃଷ୍ଟ କୃଷ୍ଣବର୍ଣ୍ଣ ବସ୍ତୁ )—
୧ । ମେଘ—1. Cloud.
ଖତମାଳ ଦେଖିଲେ ଗ୍ରାମେ ତପନ—ଅଭିମନ୍ୟୁ. ଭକ୍ତିଧାର ।
୨ । ଧୂମ; ଧୂଆଁ—2. Smoke.

| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଈ | ନ୍ |

**ଖତର୍**—ଦେ. ବିଣ ( ସଂ. କ୍ଷୟପ୍ରାପ୍ତ; ଖତରେ ପରିଣତ )—
Khatarā ୧ । ପୋରିହା; ବହୁ ପୁରାତନ ହେବାରୁ ପଚି
ଖତୁଆ, ଖତୋ ନଷ୍ଟ ହୋଇ ଯାଇଥିବା; କ୍ଷୟପ୍ରାପ୍ତ
( କାଠ ଇତ୍ୟାଦି )—
1. Rotten or damaged ( wood etc ); decayed.

[ ଦ୍ର— କାଠ, ପୋଥି ଆଦି ବହୁକାଳ ପଡ଼ିରହିଲେ ଖରା, ପାଣି ପବନ ବାଜି ସେମାନେ ସାରଶୂନ୍ୟ ଓ ଭଙ୍ଗପ୍ରବଣ ହୋଇଯାଏ । ଗୋବର, ଅଳିଆଆଦି ଖତ ହେଲେ ଯେଉଁପରି ଝୁରୁଝୁରିଆ ହୋଇଯାଏ କାଠ ଆଦି ସେହିପରି ହେଲେ ତାକୁ 'ଖତର୍' ବୋଲାଯାଏ; ସେଥିରେ ହାତ ମାରିଦେଲେ ତାହା ଛିନ୍ନଛିନ୍ନ ହୋଇ ଝଡ଼ିପଡ଼େ । ]

୨ । ଖତମିଶା ( ମାଟି )—
2 ( soil ) Mixed with manure.

୩ । ପୋକରା — 3. Worm-eaten (Grundy).

ପ୍ରାଦେ ( ସମ୍ବଲପୁର ) ବି—
୧ । ଥଟ୍ଟା; ପରିହାସ—1. Jest; joke.
୨ । ଉପହାସ—2. Sneer; gibe; jeer.

**ଖତର୍ କରିବା**—ଦେ. କ୍ରି—କୌଣସି ପଦାର୍ଥକୁ ବହୁକାଳ ଅଯତ୍ନ
Khatarā kariba ସହକାରେ ରଖି ପୋରିହା କରିବା; ପଚାଇ ସଢ଼ାଇ ନଷ୍ଟ କରିବା—
To cause a thing to be rotten or damaged for want of due care.

ପ୍ରାଦେ ( ସମ୍ବଲପୁର ) କ୍ରି—୧ । ଥଟ୍ଟା ପରିହାସ କରିବା—
1. To jest; to joke.
୨ । ଉପହାସ କରିବା—
2 To jeer at; to sneer at.

**ଖତା**—ଦେ. ବି—ମୁଖ, ଦନ୍ତ ଓ ଜିହ୍ୱା ଆଦି ବିକୃତ କରି ଅନ୍ୟ ବ୍ୟକ୍ତିକୁ
Khatā ପରିହାସ କରିବା—
Making faces; grin.

**ଖତାଇବା**—ଦେ. କ୍ରି—ମୁଖ ଜିହ୍ୱା ଓ ଦନ୍ତ ଆଦିର ବିକୃତ ଭଙ୍ଗି କରି
Khatāibā ଅନ୍ୟ ବ୍ୟକ୍ତିକୁ ପରିହାସ କରିବା; ଖତାଇଦେବା—
ভেঙান, ভেঙ্গান, ভেঙ্গচান To make faces by distorting the mouth, tongue
मुँह बनाना, चिढ़ाना, मुँह चिढ़ाना and teeth for teasing another person; to grimace.

ଶ୍ରବଣ ମୁଖରୁ ଛଳୀ ଏ ବଚନ ଶୁଣି
ବୋଇଲେ ରେ ଅଧମ ଖତାଇ କଂସପାଣି—ବସ୍ତ୍ରହରଣ, ଦଶମସ୍କନ୍ଧ ।

**ଖତାଇ ହେବା**—ଦେ. କ୍ରି—ଖତାଇବା (ଦେଖ)
Khatāi hebā Khatāibā (See)

**ଖତାଖତି**—ଦେ. ବି.—ପରସ୍ପରକୁ ଲକ୍ଷ୍ୟ କରି ଖତାଇ ହେବା—
Khatākhati Making faces at each other.
ভেঙ্গচাভেঙ্গচি
चिढ़ाचिढ़ी

**ଖତାଡ଼ି**—ପ୍ରାଦେ. (ଗଞ୍ଜାମ) ବିଣ.—ଖତ ବା ସାରର ଭାଗ ବେଶୀ ଥିବାରୁ
Khatārdi ଉର୍ବର (ଭୂମି)—Fertile land owing to a large quantity of manure.

**ଖତାନ୍**—ବୈଦେ. ବି.—୧ । ଖତିଆନ୍ (ଦେଖ)
Khatān 1. Khatiān (See)
୨ । ଗଣନ; ହିସାବରେ ନିଷ୍ପନ୍ନକରଣ (ନକେ)—
2. Calculation.
୨ । ଗଣତି—2. Counting.
୩ । ହିସାବ ଲେଖିବା—3. Accounting.

**ଖତାମୁହାଁ**—ଦେ. ବିଣ. ପୁଂ.—ଖତିମୁହାଁ (ଦେଖ)
Khatāmuhān Khatimuhān (See)
(ଖତାମୁହାଁ—ସ୍ତ୍ରୀ)

**ଖତାରି**—ପ୍ରାଦେ. (ଗଡ଼ଜାତ) ବିଣ—ଖତାଡ଼ି (ଦେଖ)
Khatāri Khatardi (See)

**ଖତି**—ଗ୍ରା. ବି—୧ । (ସଂ. କ୍ଷତି) କ୍ଷତି, ହାନି—
Khati 1. Loss; damage.
খতি ୨ । କ୍ଷେତ୍ରମଣି ନାମ୍ନୀ ସ୍ତ୍ରୀର ଡାକନାମ—
खति 2. A name for calling a woman Kshetramani.

**ଖତିଆ**—ଦେ. ବି. ପୁଂ—କ୍ଷେତ୍ରମୋହନର ଡାକ ନାମ—
Khatiā Name for calling Kshetramohana.

**ଖତିଆଖତି**—ଦେ. ବି—ଖତାଖତି ( ଦେଖ )—
Khatiākhati Khatākhati (See)

**ଖତିଆଖତେଇ**—ଦେ. ବି—ଖତାଖତି ( ଦେଖ )—
Khatiākhatei Khatākhati (See)

**ଖତିଆନ୍**—ବୈଦେ. ବି ( ଫା; ଅ. ଖତ୍=ଲେଖା, ଚିଠି )—
Khatiān ୧ । ରାଜସ୍ୱ ବନ୍ଦୋବସ୍ତ ହାକିମମାନେ ଯେଉଁ କାଗଜରେ
খতেন ଜମିଦାର ଓ ପ୍ରଜାଙ୍କ ଜମି ଜମା ଆଦିର ବିବରଣ ଲିପିବଦ୍ଧ
खतियौनी କରନ୍ତି; ଭୂସ୍ୱତ୍ୱଲିପି—1. Record of rights prepared during a Revenue Settlement.
୨ । ବ୍ୟବସାୟରେ ଖରିଦ୍‌ବିକ୍ରିର ଦୈନିକ ହିସାବ ଲେଖାଯିବା ଖାତା—2. Daily ledger or account-book of business.
୩ । ଦୈନିକ ଆୟ ବ୍ୟୟକୁ ଶ୍ରେଣୀବଦ୍ଧ କରି ଲେଖିବା—
3. Classification of daily income and expenditure under different heads.
୪ । ଜମିଦାରୀ ସିରସ୍ତାରେ ଯେଉଁ କାଗଜରେ ପ୍ରଜାର ଜମିଜମାର ବିବରଣ ଲେଖାଥାଏ—4. A register maintained by a Zamindar showing the area and rent of each tenant.

**ଖତିଆନା**—ବୈଦେ. (ଫା) ବି—ଖତିଆନ୍ ( ଦେଖ )—
Khatiānā Khatiān (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଳା' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

**ଖଟିମୁହାଁ**—ଦେ. ବିଣ. ପୁଂ.—ଯେଉଁ ବ୍ୟକ୍ତିର ମୁହଁ ସ୍ୱତଃ ଖଟେଇ ହେଲା ପରି ଦେଖାଯାଏ—
Khatimuhā̃
(ଖଟିମୁହିଁ—ସ୍ତ୍ରୀ) (man)Having a naturally distorted face.

**ଖଟିରା**—ଦେ. ବିଣ—ଖଟରା (ଦେଖ)
Khatirā Khatarā (See)

**ଖଟି**—ଦେ. ବି. ସ୍ତ୍ରୀ—କ୍ଷେତ୍ରମଣିର ଡାକ ନାମ—
Khatī Name for calling Kshetramaṇi.
ଦେ. ବିଣ. ସ୍ତ୍ରୀ—ଖଟିମୁହିଁ (ଦେଖ)
Khatimuhĩ (See)

**ଖଟୁଆ**—ଦେ. ବିଣ—ଖଟରା (ଦେଖ)
Khatuā Khatarā (See)
ଦେ. ବି—କ୍ଷେତ୍ରମୋହନର ଡାକନାମ—
Name for calling Kshetramohana.

**ଖଟୁଆଲ୍**—ପ୍ରାଦେ (ସମ୍ବଲପୁର) ବିଣ—ଖଟରା (ଦେଖ)
Khatuāl Khatarā (See)

**ଖଟେଇବିଗୁଲେଇ ହେବା**—ଦେ. କ୍ରି—ଖଟେଇହୋଇ ଛିଗୁଲାଇବା—
Khateibigulei hebā To tease one by making faces or grimaces.

**ଖଟେଇମୁହାଁ**—ଦେ. ବିଣ. ପୁଂ.—ଖଟିମୁହାଁ (ଦେଖ)
Khateimuhā̃ Khatimuhā̃ (See)
(ଖଟେଇମୁହିଁ—ସ୍ତ୍ରୀ)

**ଖଟେଇ ହେବା**—ଦେ. କ୍ରି—ଖଟାଇବା (ଦେଖ)
Khatei hebā Khatāibā (See)

**ଖଟ୍ୟାନ୍**—ବୈଦେ. ବି.—ଖଟାନ୍ (ଦେଖ)
Khatyān Khatān (See)

**ଖଦ୍** (ଧାତୁ)—ସ—୧ । ଦୃଢ଼ ହେବା—
Khad (root) 1. To be steady or firm.
୨ । ଆଘାତ କରିବା—
2. To strike or hurt.
୩ । ହତ୍ୟା କରିବା—3. To kill.

**ଖଦ୍‌ଖଦ୍**—ଦେ. ଅ—ଖଦ୍‌ଖାଦ୍ ( ଦେଖ )
Khadkhad Khadkhād ( See )

ଶୁଣି ଣ ପୁତ୍ରମାନେ ଉଠିଲେ ଖଦଖଦ
ନୃସିଂହ ଖମ୍ବରେ ଯାଇ ମିଳିଲେ ପ୍ରହ୍ଲାଦ—ପୀତାମ୍ବର. ନୃସିଂହପୁରାଣ ।

**ଖଦ୍‌ଖାଦ୍**—ଦେ. ଅ. ( ଧ୍ୱନ୍ୟନୁକରଣ )—
Khadkhād ୧ । ଅତି ଚଞ୍ଚଳ ଚାଲୁଥିବା ବହୁ ବ୍ୟକ୍ତିଙ୍କର ପଦକ୍ଷେପର ଶବ୍ଦ—1. Sound of brisk walking of several persons or animals.
୨ । ଚଞ୍ଚଳ ଗତିବିଶିଷ୍ଟ; ବିଭିନ୍ନ ଦିଗକୁ ଚଞ୍ଚଳ ଗତିକାରୀ—
2. Of swift motion; swiftly flying away in different directions.
୩ । ସତ୍ୱର (ବହୁସଂଖ୍ୟକ ଜୀବ ଶୀଘ୍ର ପଳାଇଯିବା ପ୍ରକାରେ)–
3. Swiftly ( said of many animals fleeing away ).
( ଯଥା— ଆମ୍ଭମାନଙ୍କୁ ଦେଖି ମିରିଗମାନେ ଖଦ୍‌ଖାଦ୍ ହୋଇ ପଳାଇ ଗଲେ । )

**ଖଦଖଦଡ଼ା**—ଦେ. ବିଣ—ଖଦଖଦଡ଼ିଆ ( ଦେଖ )
Khadakhadarda Khadakhadardiā ( See )

**ଖଦଖଦଡ଼ିଆ**—ଦେ. ବିଣ—୧ । ଯେଉଁ ପାନୀୟ ବା ଜଳୀୟ ପଦାର୍ଥରେ
Khadakhadardiā କାଲି ବା ମଣ୍ଡ ଥାଏ—
1. ( liquid ) Having lumps in it.
खुरदुरा; खुरखुरा ୨ । ଅମସୃଣ; ଅଚିକ୍କଣ—2. Rough.

**ଖଦଡ଼**—ଦେ. ବି—୧ । ଖଣ୍ଡଖଣ୍ଡିଆ କ୍ଷୁଦ୍ର ବସ୍ତୁ—
Khadarda 1. Small lumps or particles.
खदड़; खादि ୨ । ( ସଂ. କ୍ଷୁଦ୍ର ) ହାତକଟା ସୂତାରେ ଦେଶର
खद्दर; खादी ତନ୍ତୀଙ୍କଦ୍ୱାରା ବୁଣା ହେବା ମୋଟ ଲୁଗା ବା ଖଦି—
2. Country-made coarse cloth.
( ଯଥା— ମହାତ୍ମା ଗାନ୍ଧୀ ଦେଶବାସୀଙ୍କୁ ଖଦଡ଼ ପିନ୍ଧିବାକୁ ଉପଦେଶ ଦେଇଥିଲେ । )
୩ । ଚୋପାଆ ଓ ବଟା ଜଳୀୟ ପଦାର୍ଥ ଛଣା ହେଲା ପରେ ଯେଉଁ କଠିନ ଅଂଶମାନ ରହିଯାଏ, ସିଠା—
3. Coarse particles left after some liquid is strained.
ଦେ. ବିଣ—ଖଦଡ଼ିଆ ( ଦେଖ )
Khadardiā ( See )

**ଖଦଡ଼ା**—ଦେ. ବିଣ—ଖଦଡ଼ିଆ ( ଦେଖ )
Khadardā Khadardiā ( See )

ତ୍ରିଦିବଜ ପ୍ରୀତ-ପୀୟୂଷ-ପ୍ରବାହ ହୁଅଇ ଯେବେ ଖଦଡ଼ା ରେ—
କବିସୂର୍ଯ୍ୟ. ସଙ୍ଗୀତ—

**ଖଦଡ଼ିଆ**—ଦେ. ବିଣ—୧ । ବଗଡ଼ା—
Khadardiā 1. Coarse.
୨ । ଅଚିକ୍କଣ—2. Rough.
୩ । ଅନିର୍ମଳ—
3. Not clear; not transparent.
୪ । ଖଣ୍ଡଖଣ୍ଡିଆ, ମଣ୍ଡମଣ୍ଡିଆ ( ଜଳୀୟ ବସ୍ତୁ )—
4. ( liquid ) Mixed with lumps.

**ଖଦା**—ଦେ. ବି. ( ସଂ. କ୍ଷୋଦ )—୧ । ସିଠା ବା ମଇଳା—
Khadā 1. Dregs.
गाद; खाद ୨ । ମଣ୍ଡ—2. Sediment.
गाद्

| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲ୍ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଡ଼ | ନ୍ତ |

ଖେଦା ୩ । (ସଂ. ଖେଟ) ହାତୀ ଧରିବା ନିମନ୍ତେ ବାଡ଼ାବନ୍ଧ ହୋଇ
**ଖେଦ୍ଦା** ଏକଆଡ଼ ମେଲାଥାଇ ଅନ୍ୟଆଡ଼ ସବୁ ବାଡ଼ ଦିଆ ଯାଇଥିବା ସ୍ଥାନ; ଖେଦା—
3. Kheddah or enclosure for catching wild elephants.

୪ । (ସଂ. ଖଣ୍ଡ)—ଗୋରୁ ଅବା ଖାଇବା ଓ ମାଡ଼ିବା ଦ୍ୱାରା କ୍ଷେତରେ ଥିବା ଫସଲର ଖଣ୍ଡ ବା ଲୋକସାନ—
4. Damage done to crops by stray cattle.

୫ । (ସଂ. ଖଣ୍ଡ) ବିବାହାଦି ବ୍ୟୟସାଧ୍ୟ କାର୍ଯ୍ୟ—
5. Expensive family ceremonies.

୬ । ଆଖୁ ପେଡ଼ାହେଲା ପରେ ରହିଯିବା ନୀରସ ଆଖୁ ଦଣ୍ଡା—
6. Pressed sugarcane.

ଖଡାଇ—ଦେ. ବି. (ସଂ. ଖଣ୍ଡ)—୧ । ଏକ ଶ୍ରେଣୀର ପ୍ରଜା (ଜନେ)
Khadāi 1. A class of tenants.

ରାଜାହିଁ କରନ୍ତି ଋଣ ଖଡାଇଙ୍କ ଭଳି ।
ତେଣୁ କରି ତାର ତନ୍ତ୍ରା ନ ସରଇ କହି ।
କାମରହଗୀତା (ଜନେ)

୨ । ରାଜ୍ୟର ଚାଷଜମି ବା ଜମିବାଡ଼ି ନ ଥିବା ରଇତ; ଗୃହନା ରଇତ—2. A tenant having no culturable holding under the Zamindar but only a homestead.

ଖଡା କରିବା—ଦେ. କ୍ରି.—(ଗୋରୁଙ୍କ ଦ୍ୱାରା) ଜମିର ଫସଲ ନଷ୍ଟ
Khadā karibā କରିବା—To damage the crop of a field (by cattle).

ଖଦାନ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଖାତ; ଭୁଲ ହି. ଖଦାନ)—
Khadān ୧ । ଖଣି—1. Mine.
୨ । ଉତ୍ପତ୍ତିସ୍ଥାନ—2. Place of origin or production.

ଖଦାଭୁଷା—ପ୍ରାଦେ. (ସମ୍ବଲପୁର) ବିଣ—ଅଚିକ୍କଣ; ଅମସୃଣ—
Khadābhushā Rough.

ଖଦାଲ—ପ୍ରାଦେ. ୧ । (ଗଞ୍ଜାମ, ସମ୍ବଲପୁର) ବି—
Khadāla ଅସ୍ପୃଶ୍ୟ ତନ୍ତୀ ଜାତିବିଶେଷ; ବାଉରିବୁଣା—
1. An untouchable caste who weave cloth.

ଖଳ କହନ୍ତି ଯେଉ ଜନ, ଖଦାଳ ବୁଣନ୍ତି ସେମାନ ।
ବଳରାମ. ବସ୍ତ୍ରପୁରାଣ ।

[ଦ୍ର—ଏମାନେ ଖଦିଲୁଗା ବୁଣନ୍ତି, ତେଣୁ ଏମାନଙ୍କର ଏପରି ନାମ ହୋଇଅଛି । ]

୨ । (ବାଲେଶ୍ୱର)ପରିବା ବିକ୍ରୟ କରିବା ଶୂଦ୍ର ଜାତିବିଶେଷ—
2. A caste of Sūdra greengrocers.

୩ । (ଗାଳି) ମୂର୍ଖ ଅଶାଡ଼ୁଆ ବ୍ୟକ୍ତି—
1. A stupid illiterate person.

ଖଦି—ଦେ. ବି.—୧ । ବାଉଁଶ ବା କାଠର ମୁଠାରେ ଲୁଗା ବନ୍ଧା
Khadi ହୋଇ କରାଯିବା ଏକପ୍ରକାର ଚାମର—
1. A kind of fan made of cloth.

ଖଦ ଚାମର ଛନ୍ଦ ଉପରେ, ଧରି କେହି କେହି କରେ ପ୍ରଚାର ।
ଉପେ. ଲାବଣ୍ୟବତୀ ।

[ଦ୍ର—ଏହା ରାଜା ଓ ଦେବତାଙ୍କ ଉପକରଣବିଶେଷ । ]

୨ । ଛୋଟ ମୋଟା ଲୁଗା—2. Small coarse cloth.

ପଲ୍ଲବ ଖଦ ତେଜ ଧୀର ବାତ ଜାତ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । ହାତବୁଣା ସୂତାରେ ଦେଶୀ ତନ୍ତୀ ବୁଣିଥିବା ମୋଟା ଲୁଗା; ଖଦଡ଼—3. Coarse country-made cloth.

୪ । ରାଜା ଓ ଦେବତାଙ୍କ ଉପରେ ଚାମର ଓ ପଙ୍ଖା ପରି ସଞ୍ଚାଳିତ ହେବା ପାଟ ଲୁଗା—
4. A silk cloth waved over a Deity or a king as a mark of respect.

ଖଦ ଚାମର ଛନ୍ଦ ଉପରେ, ଧରି କେହି କେହି କରେ ପ୍ରଚାର ।
ଉପେ. ଲାବଣ୍ୟବତୀ ।

ଖଦିଆ—ପ୍ରାଦେ. (ସମ୍ବଲପୁର) ବି.—୧ । ଛୋଟ ଖଦି—
Khadiā 1. A small cloth.
୨ । ଲୁଗାର କଚ୍ଛ—2. The end of a cloth which is tugged back along the private parts of the wearer.
୩ । ଲୁଗାର ଫେର—3. The end of a cloth which hangs down in front of the wearer.

ଖଦିକା—ସଂ. ବି. ସ୍ତ୍ରୀ—ଖଇ; ଲିଆ—
Khadikā Fried paddy.

ଖଦିଜା—ବୈଦେ. ବି. (ନାମ) (ଆ.)—ମହମ୍ମଦଙ୍କ ସ୍ତ୍ରୀ—
Khadijā Name of the wife of Prophet Mahomed.
خدیجه (ମହମ୍ମଦ ଚଲେ ନୋଟ୍ ଦେଖ )
**خدیجه**

ଖଦିର—ସଂ. ବି. (ଖଦ୍ ଧାତୁ=ହିଂସା କରିବା+କର୍ତ୍ତ୍ର. ସଜ୍ଞାର୍ଥେ. ଇର)—
Khadira ୧ । ଖଇର (ଦେଖ)
1. Khaira (See)
୨ । ଇନ୍ଦ୍ର—2. God Indra
୩ । ଚନ୍ଦ୍ର—3. The moon.

ଖଦିରକୁଣ —ସଂ. ବି. ( ଖଦିର+କୁଣ )—ଖଦିର ଗଛର ଫଳ ଫଳିବା
Khadirakuna ଋତୁ—The season of the catechu-tree bearing fruits. (M.W.)

ଖଦିରସାର—ସଂ. ବି. ( ୬ଷ୍ଠୀ ତତ୍ ଖଦିର+ସାର )—ଖଇର ଗଛରୁ
Khadirasāra ଉତ୍ପନ୍ନ ଅଠା ବା ଖଇର—Catechu.

ଖଦିରିକା—ସଂ. ବି. (ଖଦ୍ ଧାତୁ=ହିଂସା କରିବା+ଇର+କ+ସ୍ତ୍ରୀ.
Khadirikā ଆ)—୧ । ଲଜ୍ଜାଳୁ ଲତା—
1. Mimosa Pudica (creeper).
୨ । ଲାକ୍ଷା; ଜତୁ—2. Shell lac.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖଦ୍ୟୋତ**—ସଂ ବି. (ଖ=ଆକାଶ+ଦ୍ୟୁତ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)—୧ । ଜ୍ୟୋତିରିଙ୍ଗଣ; ଜୁଳୁଜୁଳିଆ ପୋକ—Fire-fly.
Khadyota

୨ । ସୂର୍ଯ୍ୟ—2. The sun.

୩ । (ଲକ୍ଷଣାର୍ଥ) କ୍ଷଣକାଳସ୍ଥାୟୀ ସୁଖ—
3. (figurative) Transient happiness. (M. W.)

୪ । ଚକ୍ଷୁ; ଆଖି—4. Eye.

ଖଦ୍ୟୋତ, ଅନର୍ଥ୍ୟ ଲକ୍ଷୀ ଦୁଇ,
ଚକ୍ଷୁର ନାମ ସେ ଅଟଇ । ଜଗନ୍ନାଥ. ଭାଗବତ ।

**ଖଦ୍ୟୋତନ**—ସଂ. ବି. (ଖ—ଦ୍ୟୁତ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅନ) ସୂର୍ଯ୍ୟ—The sun.
Khadyotana

**ଖଦ୍ୟୋତିକା**—ସଂ. ବି. (ଖ+ଦ୍ୟୁତ୍ ଧାତୁ+ସ୍ତ୍ରୀ. ଅକ+ସ୍ତ୍ରୀ. ଆ)—
Khadyotikā ଖଦ୍ୟୋତ ୧ (ଦେଖ) Khadyota 1 (See)

**ଖଧୂପ୍**—ସଂ. ବି. (୭ମୀ ତତ୍; ଖ+ଧୂପ)—୧ । ହାଉଇବାଣ—
Khadhūpa Rocket; a firework going up into the sky and emitting sparks.

୨ । ତୋପ (ପ୍ରକୃତିବାଦ)—Cannon.

୨ । ବାୟୁବ୍ୟାପୀ ସୁଗନ୍ଧ—
2. Air-pervading perfume. (M.W.)

**ଖଧେର୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଖାଦ୍ୟ)—ଖାଦ୍ୟ; ଆହାର—Food.
Khadher

**ଖନ୍** (ଧାତୁ)—ସଂ.—୧ । ଖୋଳିବା—
Khan (root) 1. To dig.

୨ । ପୋତିବା—2 To bury. (M. W. and Apte.)

୩ । ବେଧନ କରିବା; ଭେଦିବା—3. To pierce.

**ଖନ୍‌ଖନ୍**—ଦେ. ଅ.—ଖଣ୍‌ଖଣ୍ (ଦେଖ)
Khankhan Khaṇkhaṇ (See)

**ଖନକ**—ସଂ. ବି. ପୁଂ.( ଖନ୍ ଧାତୁ=ମାଟି ଖୋଳିବା+କର୍ତ୍ତୃ. ଅକ )—
Khanaka ୧ । ଯେ ମାଟିରେ ଗାତ ଖୋଳେ—
1. Digger of earth; excavator.

ଖନକା } ସ୍ତ୍ରୀ
ଖନକୀ }

୨ । ଘରେ ସିନ୍ଧିଗାତ ଖୋଳି ଚୋର କରିବା ( ବ୍ୟକ୍ତି ); ସିନ୍ଧିଆଳ—
2. One who digs holes in the walls for stealing; house-breaker.

୩ । ମୂଷା; ଗାତୁଆ ମୂଷା; ମୂଷିକ—
3 Rat; mouse.

୪ । ଖଣି ଖୋଳାଳି; ଖଣି ଖୋଳିବା ବ୍ୟକ୍ତି—
4. A miner.

୫ । ଖଣି ଗାତ—5. Mine.

୬ । ଆକରଜ୍ଞ ବ୍ୟକ୍ତି—6. A mineralogist.

**ଖନତ୍କାର**—ଦେ. ବି. ( ସଂ. ଖନତକାର )—
Khanatkāra ମାଟିଖୋଳାଳି; ମାଟି ଖୋଳିବା ବ୍ୟକ୍ତି—
खनतकार A digger; a miner.

**ଖନନ**—ସଂ. ବି. ( ଖନ୍ ଧାତୁ=ମାଟି ଖୋଳିବା+ଭାବ. ଅନ )—
Khanana ୧ । ମାଟିରେ ଗାତ ଖୋଳିବା—
1. Act of digging

୨ । ପୋତିବା—2. Burying.

୩ । ଖନିତତ୍ତ୍ୱାବିତ୍ ବ୍ୟକ୍ତି—
3. A mineralogist.

**ଖନୟିତ୍ରୀ**—ସଂ. ବି (ଖନ ଧାତୁ=ଖୋଳିବା+କରଣ. ତୃ+ସ୍ତ୍ରୀ. ଈ)—
Khanayitrī ୧ । କୋଡ଼ି—1. Spade. ( M.W. )

୨ । ଖଣତି—
2. Digging instrument; a spud with a long handle.

**ଖନା**—ଦେ. ବଣ. ପୁଂ. ( ସଂ. ସ୍ଖଳିତବାକ୍; ଖଣ୍ଡିତବାକ୍ )—
Khanā ୧ । ସ୍ଖଳିତବାକ୍; ଦବୋଟି ବା ଖନ୍‌ଖନ୍ କଥା
खना, तोतला କହୁଥିବା; ବିକୃତ ଉଚ୍ଚାରଣ ବିଶିଷ୍ଟ; ଯାହାର
तोतला ଜିଭ ଲେଟ ଥିବାରୁ କଥା ସ୍ପଷ୍ଟ ପ୍ରକାଶ ପାଏ
(ଖନୀ, ଖନେଇ—ସ୍ତ୍ରୀ) ନାହିଁ; ଯେ ଅନୁନାସିକ କଥା କହେ—
1. Stammering.

[ ଦ୍ର—ତିନିପ୍ରକାରର ଖନା ଅଛନ୍ତି । ଯଥା—

୧—ଶିଶୁମାନେ 'ଳ' ଓ 'ର' ସ୍ଥାନରେ 'ଲ', 'ସ' ସ୍ଥାନରେ 'ଛ', ଠ ସ୍ଥାନରେ ତ ଆଦି ଉଚ୍ଚାରଣ କରନ୍ତି, ମାତ୍ର ବଡ଼ ହୋଇଗଲେ ଏ ସବୁ ସଂଶୋଧିତ ହୋଇଯାଏ ।

୨—କେତେକ ଖନା ଗୋଟିଏ ଅକ୍ଷର ପରିବର୍ତ୍ତେ ଅନ୍ୟ ଅକ୍ଷର ଉଚ୍ଚାରଣ କରି ପକାନ୍ତି ।

୩—କେତେକ ଖନା ଶବ୍ଦର ଆଦ୍ୟ ଅକ୍ଷରକୁ ଉଚ୍ଚାରଣ କରୁ କରୁ ତାକୁ ଏକାଧିକ ଥର ହଲନ୍ତ ବର୍ଣ୍ଣ କରି ଉଚ୍ଚାରଣ କରନ୍ତି । ଯଥା—

'ମ୍—ମ୍—ମୁଁ;' 'ଘ୍—ଘ୍—ଘ୍—ଘରକୁ'; ଯ୍—ଯ୍—ଯ୍—ଯିବି । ]

ଦେ. ବି. ପୁଂ—୧ । ତୋତଲା; ତୋତା; କଥା କହିଲା ବେଳେ ଯାହାର ପାଟି ଲାଗେ—
1 A stammerer.

ଖନା ପ୍ରାୟେ ରହି ରହି କହି ନାନା କଥା ଅଣୁଅଛି ମଥା ।
ରାଧାନାଥ, ମହାଯାତ୍ରା ।

खना ୨ । ପୁରାତନ ଋଷିବିଶେଷ—
मसल 2. A sage.

[ ଦ୍ର—ଏ ଋଷିଙ୍କ ରଚିତ ଅନୁଭବ ଓ ଜ୍ଞାନପୂର୍ଣ୍ଣ, ଏବଂ ବର୍ଷା, କୃଷି ଓ ଜ୍ୟୋତିଷ ଆଦି ଅନେକ ବ୍ୟାବହାରିକ ବିଷୟକ 'ପ୍ରବଚନ' ଭାଷାରେ ଅଦ୍ୟାବଧି ଚଳୁଅଛି ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଞ | ନ୍ |

କେହି କେହି କହନ୍ତି ଯେ ଏ ଜଣେ ସ୍ତ୍ରୀ ଲୋକ ଥିଲେ ଓ ବିକ୍ରମାଦିତ୍ୟଙ୍କ ରାଜସଭାର ପ୍ରଧାନ ଜ୍ୟୋତିଷୀ ବରାହଙ୍କ ପୁତ୍ର ମିହିରଙ୍କୁ ବିବାହ କରିଥିଲେ । କିନ୍ତୁ ଏ ଜ୍ୟୋତିଷବିଦ୍ୟାରେ ସ୍ୱାମୀଙ୍କୁ ଓ ଶ୍ୱଶୁରଙ୍କୁ ବଳିପଡ଼ିବାରୁ ଏହାଙ୍କର ଜିଭ କଟା ହୋଇଥିଲା, ତେଣୁ ଏ ଖନା ହୋଇଥିଲେ । ଆଚାର୍ଯ୍ୟ ଯୋଗେଶଚନ୍ଦ୍ରଙ୍କ ମତରେ ଏ ଜଣେ ବଙ୍ଗବାସୀ ପୁରୁଷ ଥିଲେ ଓ ୫୦୦।୬୦୦ ବର୍ଷ ପୂର୍ବେ ଜୀବିତ ଥିଲେ । ]

**ଖନାଇବା**—ଦେ. କ୍ରି—ଖନେଇବା ( ଦେଖ )
Khanāibā . Khaneibā ( See )

**ଖନାବଚନ**—ଦେ. ବି—୧ । ଖନାଲୋକର କଥା; ସ୍ଖଳିତବାକ୍-
Khanābachana ବ୍ୟକ୍ତିର ଦନ୍ତୋଷ୍ଠ କଥା—
1. Nasal words of a stammerer.
খনারবচন ୨ । ପୁରାତନ ଖନାଋଷିଙ୍କ ପ୍ରବର୍ତ୍ତିତ ପ୍ରବାଦ ବାକ୍ୟ—
**मसल** 2. The sayings of the astrologer Khanā prevalent in the country.

**ଖନି**—ସଂ. ବି. ( ଖନ୍ ଧାତୁ=ମାଟି ଖୋଳିବା+କର୍ମ. ଇ; ଯାହାକୁ ଖୋଳନ୍ତି )—
Khani
୧ । ଧାତୁଦ୍ରବ୍ୟାଦିର ଉତ୍ପତ୍ତିସ୍ଥାନ ବା ଭୂଗର୍ଭ; ଆକର; ଖଣି—
1. Mine; quarry.
୨ । ଭୂଗର୍ଭରେ ଖୋଳା ହେବା ବିବର ବା ଗର୍ତ୍ତ—
2, Pit dug in the earth.
୩ । ବଡ଼ ଗାତ ବା ଗାଡ଼—
3. Ditch; a large pit or hole; trench.
୪ । ଗୁହା—4. A cave.
୫ । ( +ଭାବ. ଇ ) ଖୋଳିବା—
5. Digging. ( M. W. ).

**ଖନିକ**—ସଂ. ବି. ( ଖନ ଧାତୁ + କର୍ତ୍ତୃ. ଇକ )—ସିନ୍ଧିଆଳ ଚୋର—
Khanika A house-breaker. ( M. W )

**ଖନିଜ**—ସଂ. ବିଣ. ( ଖନି + ଜନ ଧାତୁ + କର୍ତ୍ତୃ. ଅ )—ଖଣିରୁ ଜାତ—
Khanija Mineral.

**ଖନିଜବାଷ୍ପ**—ସଂ. ବି. (ଆଧୁନିକ ବ୍ୟବହାର) (କର୍ମଧା; ଖନିଜ+ବାଷ୍ପ)—
Khanijabāshpa କୋଇଲାଖଣିରୁ ଉଠୁଥିବା ଏକପ୍ରକାର ବିଷାକ୍ତ ବାଷ୍ପ; ଅଙ୍ଗାରାମ୍ଳ ବାଷ୍ପ –
A kind of poisonous and inflammable gas which issues from coal-mines; carbon-diozide.

**ଖନିତ**—ସଂ. ବିଣ. ( ଖନ ଧାତୁ+କର୍ମ. ତ )—
Khanita ୧ । ଯାହା ଖୋଳା ଯାଇଅଛି—
1. Dug; excavated.
୨ । ଯାହା ଖୋଳା ଯାଇ ବାହାର କରା ଯାଇଅଛି—
2. Dug out.

**ଖନିତା**—ସଂ. ବି. ପୁଂ. ( ଖନ୍ ଧାତୁ+କର୍ତ୍ତୃ. ତୃ. ୧ମା. ୧ବ. )—
Khanitā ଯେ ଖୋଳେ; ଖନକ—
( ଖନିତ୍ରୀ—ସ୍ତ୍ରୀ ) Digger; excavator.

**ଖନିତ୍ର**—ସଂ. ବି. ( ଖନ୍ ଧାତୁ=ମାଟି ଖୋଳିବା+କରଣ. ଇତ୍ର; ଯାହାଦ୍ୱାରା ଖୋଳାଯାଏ )—
Khanitra
୧ । ମାଟିରେ ଗାତ ଖୋଳିବା ଅସ୍ତ୍ରବିଶେଷ; ଖଣତି; ଖଣତା—
1. A spud.
୨ । କୋଡ଼ି; କାଙ୍କି—
2. Spade; a small shovel.
୩ । ଗଇନ୍ତି; ପିକାସ—3. A pickaxe.

**ଖନିତ୍ରକ**—ସଂ. ବି. ( ଖନିତ୍ର+ସ୍ୱାର୍ଥରେ. କ )—ଖନିତ୍ର ( ଦେଖ )
Khanitraka Khanitra ( See )

**ଖନିତ୍ରିକା**—ସଂ. ବି. (ଖନିତ୍ର+କ+ସ୍ତ୍ରୀ. ଆ)—ଖନିତ୍ର ( ଦେଖ )
Khanitrikā Khanitra ( See )

**ଖନିତ୍ରୀ**—ସଂ. ବି. ( ଖନିତ୍ର+ସ୍ତ୍ରୀ. ଈ )—ଖନିତ୍ର ( ଦେଖ )
Khanitrī Khanitra ( See )

**ଖନି ବାଜିବା**—ଦେ. କ୍ରି—ଖନି ମାରିବା ( ଦେଖ )
Khani bājibā Khani māribā ( See )

**ଖନି ମାରିବା**—ଦେ. କ୍ରି—୧ । ଅତ୍ୟନ୍ତ ଶୈତ୍ୟ ହେତୁ ପାଟି କୋଲି ମାରି ଯିବାରୁ ଓଠ ଲାଗିବା ଓ ପାଟିରୁ କଥା ସ୍ପଷ୍ଟ ହୋଇ ନ ବାହାରିବା—
Khani māribā
1. Stammering due to intense cold.
୨ । ଅତ୍ୟନ୍ତ ଭୟ ଯୋଗୁଁ ସ୍ପଷ୍ଟ କଥା କହିବାର ଶକ୍ତି ଲୋପ ହେବା—2. Stammering due to sudden fear.
୩ । ସ୍ୱଭାବଦୋଷରୁ ଅସ୍ପଷ୍ଟ ଉଚ୍ଚାରଣ—
3 Constitutional inability to utter words distinctly.
( ଯଥା—ଶୀତରେ ତା ପାଟି ଖନି ମାରିଗଲା । )

**ଖନୀ**—ସଂ. ବି. ସ୍ତ୍ରୀ—ଖନି ( ଦେଖ )
Khanī Khani ( See )
ଦେ. ବିଣ. ସ୍ତ୍ରୀ—ଖନାର ସ୍ତ୍ରୀଲିଙ୍ଗ—
Feminine of Khanā.

**ଖନେଇବା**—ଦେ. କ୍ରି—୧ । ଖଣ୍ଡିତ ବାକ୍ୟ ଉଚ୍ଚାରଣ କରିବା; ଅସ୍ପଷ୍ଟ ବା ଖଣ୍ଡିଖଣ୍ଡିଆ କଥା କହିବା—1. To stammer
Khaneibā
তোতলান ୨ । ଶିଶୁଙ୍କ ପରି ଟ ସ୍ଥାନରେ ତ, ର ସ୍ଥାନରେ ଲ, ସ.
**तुतलाना** ସ୍ଥାନରେ ଛ ଆଦି ଉଚ୍ଚାରଣ କରିବା—2. To lisp.

**ଖନ୍ଦ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ସ୍କନ୍ଧ )—
Khand ୧ । କାନ୍ଧ; କନ୍ଧ—1. Shoulder.
୨ । ବର୍ଷକର ଫସଲ—2. The crop of a season.

ସାଧାରଣ ଲେଖକେ ଅନେକ ସ୍ଥଳରେ ସୂଚକ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖନ୍ଦ**—ଦେ. ବି. ( ସଂ. କନ୍ଦ=ଖାଦ୍ୟମୂଳ )—
Khanda ୧ । ଶସ୍ୟାଦି; ଫସଲ; ଫଳମୂଳାଦି—
खन्द 1. A harvest; a crop.
उपज ୨ । ବର୍ଷକର ଫସଲ—
2. Crop of a particular season or year; current year's crop.
ପ୍ରଜାଙ୍କୁ ବୋଇଲେ ଏ ବରଷ ଖନ୍ଦ ଖାଅ
ଯେତେ ପାଇବ ତଷି ଘରକୁ ବୋହୁନଅ—ପୀତାମ୍ବର. ନୃସିଂହପୁରାଣ ।

**ଖନ୍ଦ ଉଜାଡ଼ିବା**—ଦେ. କ୍ରି—ଫସଲ ନଷ୍ଟ କରିବା—
Khanda ujārdibā To damage a crop ( said of stray cattle ).

**ଖନ୍ଦକ**—ଦେ. ବି. ( ସଂ. ଖନ୍ ଧାତୁ; ତୁଳ. ଫା. ଖନ୍‌ଦକ୍=ଗର୍ତ୍ତ )—
Khandaka ୧ । ଭୂମିରେ ଖୋଳା ହୋଇଥିବା ଗାତ—
खन्दक 1. Ditch; trench.
खन्दक ୨ । ( ସଡ଼କଆଦିରେ ମାଟି ପକାଇବା ପାଇଁ ) ଯେଉଁ ସ୍ଥାନରୁ ମାଟି ଖୋଳନେଇ ଖାତ କରାଯାଇ ଥାଏ—
2. Ditches from which earth is taken out ( for earth-work ).

**ଖନ୍ଦକ ମାପ**—ଦେ. ବି—ଭୂମିରେ ଖାତ ଖୋଳା ହୋଇ ତହିଁରୁ ମାଟି
Khandaka māpa ନିଆଯାଇ କୌଣସି ଯାଗାରେ ମାଟି ପଡ଼ିଥିଲେ ସେହି ମାଟିର ପରିମାଣ ନିର୍ଣ୍ଣୟ କରିବା ନିମନ୍ତେ ଉକ୍ତ ଗର୍ତ୍ତର ଲମ୍ବା, ଚଉଡ଼ା ଓ ଗହିରାକୁ ମାପ କରିବା; କୌଣସି ଗର୍ତ୍ତର ଘନ ପରିମାଣ—
The cubic measurement of the ditches from which earth has been taken.
[ ଦ—ଖନ୍ଦକର ଘନପରିମାଣ ଅନୁସାରେ ମାଟିକାମରେ ଲାଗିଥିବା ମାଟିର ପରିମାଣ ନିର୍ଣ୍ଣୟ କରାଯାଏ । ଗୋଟିଏ ଖନ୍ଦକର ମାପ ୧ ଫୁଟ × ୧୦ ଫୁଟ × ୧୦ ଫୁଟ ହେଲେ ମାଟି ପଡ଼ିଥିବା ସ୍ଥାନରେ ୧୦୦ ଘନଫୁଟ ବା ୧୦୦ ଫୁଟ ମାଟି ପଡ଼ିଛି ବୋଲି ଧରାଯାଏ । ]

**ଖନ୍ଦ ଖାଇବା**—ଦେ. କ୍ରି—ଖନ୍ଦ ଉଜାଡ଼ିବା ( ଦେଖ )
Khanda khāibā Khanda ujārdibā ( See )

**ଖନ୍ଦଗାତ**—ଦେ. ବି—ଘରର ଖମ୍ବ ପୋତିବା ପାଇଁ ଖୋଳା ଯାଇଥିବା
Khandagāta ଗାତ—A pit dug in the ground for fixing a post or pillar of a house.
ଖନ୍ଦଗାତ ବାହୁଦଣ୍ଡରେ ୧୪ ଅଙ୍ଗୁଳ । ଜଗବନ୍ଧୁ. ପ୍ରାଚୀନ-ଉତ୍କଳ ।

**ଖନ୍ଦା**—ଦେ. ବି. ( ସଂ. ଖନ୍ ଧାତୁ )—
Khandā ୧ । ଭୂମିରେ ଖୋଳା ହେବା ଗାତ—
खन्द; खन्दल 1. Pit made in the ground.
गढ़ा ଶବ ପକାଇ ମହାସତୀ—ଆପଣେ ଖନ୍ଦାଏ ଖୋଳନ୍ତି ।
ରାମଦାସ. ଦାର୍ଢ୍ୟତାଭକ୍ତି ।
୨ । ବହୁ ହାଣ୍ଡି ବସିବା ପାଇଁ ଖୋଳା ଯାଇଥିବା ଲମ୍ବ ଚୁଲି—
2. A long trench used as an oven for setting many pots.
୩ । ଧାଡ଼ି ଧାଡ଼ି ହୋଇ ଏକସ୍ଥାନରେ ବସିଥିବା ଚୁଲି ବା ଅହିଆ—3. Long pits dug in rows for cooking in order to prepare food for many on festive occasions.
୪ । ରଜା ଓ ଦେବତାଙ୍କ ପାଇଁ ରୋଷେଇ ବା ପାକ—
4. Cooking done for Rajas or Deities.
ଘୃତ ବରତନ ଦେଇଣ ତୁମ୍ଭ କରେ
କରାଇବ ନିଯୁକ୍ତ ଯୋଗଣ ଖନ୍ଦାରେ । କୃଷ୍ଣସିଂହ. ମହାଭାରତ. ବିରାଟ ।
୫ । ( ଗ. ସ୍ୱବ ) ପଣକିଆର ଗୋଟିଏ ଧାଡ଼ି ବା ସୋପାନ—
5. One column of the arithmetical multiplication-table.
[ ଦ୍ର—ପ୍ରତି ସଂଖ୍ୟାର ପଣକିଆରେ ଏକକଠାରୁ ଦଶକ ପର୍ଯ୍ୟନ୍ତ ୧୦ଟି ଖନ୍ଦା ଥାଏ । ]

**ଖନ୍ଦା କରିବା**—ଦେ. କ୍ରି—ରଜା ଓ ଦେବତାଙ୍କ ପାକର ଯୋଗାଡ଼
Khandā karibā କରିବା—To arrange for cooking food for Rajas and Deities.

**ଖନ୍ଦା ଖୋଳିବା**—ଦେ. କ୍ରି—ଭୂମିରେ ଲମ୍ବ ଗାତ ଖୋଳିବା—
Khandā kholibā To dig a long trench in the ground.

**ଖନ୍ଦା ଘର**—ଦେ. ବି—ଖନ୍ଦାଶାଳ ( ଦେଖ )
Khandā ghara Khandāśāla ( See )
ଦ୍ରୌପଦୀ ଆସୁ ଅଛୁ ଭୀମଙ୍କୁ ଦେଖିଲେ
ବଲ୍ଲଭ ଖନ୍ଦାଘରେ ଛିଡ଼ା ହୋଇଥିଲେ । କୃଷ୍ଣସିଂହ. ମହାଭାରତ. ବିରାଟ ।

**ଖନ୍ଦାଳ**—ଦେ. ( ପ୍ରାଚୀନ ପଦ୍ୟ ) ବି—ଖଦାଳ ( ଦେଖ )
Khandāla Khadāla ( See )
ଜାତରେ ଅଟଇ ଖନ୍ଦାଳ
ନ ଜାଣେ ପାପ ପୁଣ୍ୟ ଫଳ । ରାମଦାସ. ଦାର୍ଢ୍ୟତାଭକ୍ତି ।

**ଖନ୍ଦାଶାଳ**—ଦେ. ବି—୧ । ରଜା ଓ ଦେବତାଙ୍କ ପାକ ଗୃହ—
Khandāśāla 1. The cook room of a king or a Deity.
୨ । ବିବାହାଦି ଉତ୍ସବରେ ଯେଉଁ ଅଗଣାରେ ଖନ୍ଦା ବା ଲମ୍ବ ଚୁଲି ଖୋଳା ହୋଇଥାଏ ଓ ଯାହା ଉପରେ ଛାମୁଣ୍ଡିଆ ହୋଇଥାଏ—2. A courtyard in which pit like long ovens are made on festive occasions and which courtyard is shaded with branches.

**ଖପ୍ କରି**—ଦେ. ଅ—ଖପ୍‌କିନା ( ଦେଖ )
Khap kari Khapkinā ( See )

**ଖପ୍‌କିନା**—ଦେ. କ୍ରି. ବିଣ. ( ସଂ. କ୍ଷିପ୍ର )—
Khapkinā ୧ । ହଠାତ୍; ଅତର୍କିତ—
खपकरे; खामचाकरे 1. Suddenly; all on a sudden.
୨ । ଡିଆଁମାରି—2. By leaping up.
( ଯଥା—ବିରାଡ଼ି ମୂଷାକୁ ଖପ୍‌କିନା ମାଡ଼ି ବସିଲା । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ପ୍ତ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଗଁ | ଇଅ | ଡ଼ | ନ୍ତ |

**ଖପକନ**—ଦେ. କ୍ରି. ବିଣ—ଖପକନା ( ଦେଖ )—
Khapkini                    Khapkinā (See)
ରାବଣକୁ ଖପ୍‌କନ ଧରି ପକାଇ କାଟରେ ଯାକି ଦେଲ—
ନୀଳକଣ୍ଠ ଦାସ. ପିଲାଙ୍କ ରାମାୟଣ ।

**ଖପଖପ୍**—ଦେ. ଅ ( ଧ୍ୱନ୍ୟନୁକରଣ ବା ସଂ. କ୍ଷିପ୍ର; ବହୁବାର ଡେଇଁବା
Khapkhap    ସୂଚକ ଶବ୍ଦ)—ଶୀଘ୍ର ଗତିରେ ଅନେକ ଜୀବ ଡେଇଁ-
खप्‌खप्    ପଡ଼ିବା ପ୍ରକାରେ—Quickly together; simultaneously.

**ଖପ୍‌ଖାପ୍**—ଦେ. ଅ—ଖପ୍‌ଖପ୍ ( ଦେଖ )—
Khapkhāp                    Khapkhap (See)

**ଖପ୍‌ରା**—ପ୍ରାଦେ (ସମ୍ବଲପୁର) ବି—ଭଙ୍ଗାହାଣ୍ଡି—
Khaprā                    A broken earthen pot.

**ଖପ୍‌ରେଲ୍**—ପ୍ରାଦେ. (ସମ୍ବଲପୁର) ବି—ଖପ୍ରେଲ୍ ( ଦେଖ )—
Khaprel                    Khaprel (See)

**ଖପ୍‌ସୁରତ୍**—ବୈଦେ. ବିଣ (ଆ. ଖୁବ୍‌ସୁରତ୍)—ଅତିସୁନ୍ଦର; ମନୋହର—
Khapsurat                    Very attractive; graceful.
खुबसूरत
**खुबसुरत**

**ଖପ୍‌ସୁରତି**—ବୈଦେ. ବି (ଆ. ଖୁବ୍‌ସୁରତି)—ସୌନ୍ଦର୍ଯ୍ୟ—
Khapsurati                    Beauty; gracefulness.
खुबसूरति
**खुबसुरति**

**ଖପ୍‌ସୁର୍ତି**—ବୈଦେ. ବି (ଆ)—ଖପ୍‌ସୁରତି (ଦେଖ)—
Khapsurti                    Khapsurati (See)

**ଖପତି**—ଦେ. ବିଣ (ସଂ. କ୍ଷିପ୍ର; କ୍ଷେପକ)—୧ । ଦୁଷ୍ଟ—
Khapati                    1. Wicked.
उड़ाउ    ୨ । ଅତିରିକ୍ତ ବ୍ୟୟଶୀଳ ବା ଅପବ୍ୟୟୀ—
2. Spendthrift; extravagant; prodigal.
୩ । ଉନ୍ମତ୍ତ; ପାଗଳ; ଅସ୍ଥିରପ୍ରକୃତିକ—
3. Insane; of deranged brain.

**ଖପତିଆ**—ଦେ. ବିଣ—ଖପତି ( ଦେଖ )—
Khapatiā                    Khapati ( See )

**ଖପତିପଣ**—ଦେ. ବି—ଅପବ୍ୟୟିତା—
Khapatipaṇa    Spendthriftness; extravagance.

**ଖପର୍**—ପ୍ରାଦେ. (ସମ୍ବଲପୁର) ବି—ଖପରା ( ଦେଖ )—
Khapar                    Kháparā ( See )

**ଖପର୍‌ଖପର୍**—ଦେ. ଅ—ଖପ୍‌ଖପ୍ ( ଦେଖ )—
Khaparkhapar                    Khapkhap (See)

**ଖପର୍‌ଖାପର୍**—ଦେ. ଅ—ଖପ୍‌ଖପ୍ ( ଦେଖ )—
Khaparkhāpar                    Khapkhap (See)

**ଖପର**—ଦେ. ବି (ସଂ. ଖର୍ପର)—୧ । ନିକୃଷ୍ଟ ଧାତୁବିଶେଷ; ଦସ୍ତା—
Khapara                    1. Zinc; calamine.
खापर    ୨ । (ସଂ. କର୍ପର) ଶସ୍ତ୍ରବିଶେଷ; କାଳୀ ଠାକୁରାଣୀ ଧରିଥିବା
**खपरिआ**    ଖଣ୍ଡା—2. Sword held by Goddess Kāḻī.
खुलि, खापरा    ୩ । ( ସଂ. ଖର୍ପର ) ମଡ଼ାମୁଣ୍ଡର ଖୋଲପା; ଶବର
**खोपड़ी**    ଖପୁରି—3. The human skull.
୪ । ନଡ଼ିଆ ସଢ଼େଇ—
4. The shells of cocoanut fruit.
ଲଉ। ଲଗି କରା ତାର ଖପରରେ ଯୋଡ଼ି,
ଖପରକୁ ଦେନ ରସଗୁଦାହିଁ ନ ଛାଡ଼ି । ପ୍ରାଚୀ. ଚନ୍ଦ୍ରନଖପଞ୍ଚଗୀତା ।

**ଖପରକାତି**—ଦେ. ବି ( ସଂ. କର୍ପର=ଖଡ୍ଗବିଶେଷ; କିମ୍ବା ଖର୍ପର=
Khaparakāti                    ଖପୁରି + କୃତ ଧାତୁ )—
୧ । କାଳୀ ଠାକୁରାଣୀଙ୍କ ହାତରେ ଥିବା ଛୋଟ ଖଡ୍ଗ—
1. Small scimitar held by Goddess Kāḻī.
୨ । କାଳୀ ଠାକୁରାଣୀ ଏକହାତରେ ଧରି ଥିବା ଖଣ୍ଡା ଓ ଅନ୍ୟ ହାତରେ ଧରିଥିବା ମନୁଷ୍ୟ ମୁଣ୍ଡର ଖପୁରି—
2. The human skull and sword held by Goddess Kāḻī.

**ଖପରଛାଆଣି**—ଦେ. ବି—ଖପରଛାଉଣି ( ଦେଖ )
Khaparachhāāṇi    Khaparachhāuṇi ( See )

**ଖପରଛାଉଣି**—ଦେ. ବିଣ—ଖପରା ବା ଖପରଲିରେ ଛାଆଣି ହୋଇ-
Khaparachhāuṇi                    ଥିବା ( ଘର )—
( house ) Thatched with tubular tiles; having tiled roofs.
ଦେ. ବି—ଖପରଲିରେ ଘରକୁ ଛାଇବା—
Thatching with tubular tiles.

**ଖପରଲି**—ଦେ. ବି. ( ସଂ. ଖର୍ପର; ପ୍ରା. ଖପ୍ପର )—
Khaparali    ଘର ଛାଆଣି କରିବାର ଖପରା ବା ମାଟିର ଟାଇଲ୍—
खपरेल, खपरालि    Thin tubular tiles for thatching houses.
**खपड़ा, खपरा, खपरैल**
ଦେ. ବିଣ—ଖପରାରେ ଛାଉଣି ହୋଇଥିବା ( ଘର )—
( house ) Thatched with tiles.

**ଖପରା**—ଦେ. ବି. ( ସଂ ଖର୍ପର )—
Khaparā    ୧ । ଭଙ୍ଗା ହାଣ୍ଡି ମାଠିଆ ଆଦି ପୋଡ଼ା ମାଟିପାତ୍ରର
खापरा, खावरा    କ୍ଷୁଦ୍ର କ୍ଷୁଦ୍ର ଅଂଶ—
**ठीकरा, ठीकरी**    1. A potsherd.
ଖପରା ଭୂଲେ ମିଶି ପାଇଁଶ ବର୍ଷିଲା ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ଘର ଛାଉଣି କରିବା ନିମନ୍ତେ ବ୍ୟବହୃତ ମାଟିର ପୋଡ଼ା ଟାଇଲ୍; ଖପରଲି—
2. A thin tile used in thatching houses.
୩ । କଟାହାକାର ହାଣ୍ଡିର ଅଂଶ—
3. Part of an earthenware in the shape of of a frying pan.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଧାରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ସଂଖ୍ୟାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ପ୍ରାଦେ. ( ସିଂହଭୂମ) ବି—୧ । ମୁଢ଼ି ଭଜାଭଜା ହାଣ୍ଡି—
1. An earthen pot used for frying rice.
୨ । ଖପରଲି ( ଦେଖ )
2. Khaparali ( See )

**ଖପରାଖାଇ**—ଦେ. ବିଣ. ସ୍ତ୍ରୀ. ( ଗାଳି )—
Khaparākhāi ୧ । ଖପରାଖିଆର ସ୍ତ୍ରୀ ଲିଙ୍ଗ—.
1. Feminine of Khaparākhia.
୨ । ଚଣ୍ଡୀଙ୍କ ପରି ଅତିଶୟ ଉଗ୍ରପ୍ରକୃତିକା; ଚଣ୍ଡୀ ଠାକୁରାଣୀ ଯେପରି ଖପରା (ମନୁଷ୍ୟ ମୁଣ୍ଡର ଖପୁରି) ରେ ରକ୍ତପାନ କରନ୍ତି ସେହିପରି ପାନାହାର କରୁଥିବା ଓ ଉଗ୍ରସ୍ୱଭାବସମ୍ପନ୍ନା ( ସ୍ତ୍ରୀ )—2. A virago.

**ଖପରାଖିଆ**—ଦେ. ବିଣ. ( ଗାଳି )—
Khaparākhiā (ଖପରାଖାଇ—ସ୍ତ୍ରୀ) ଅତି ଗରିବ (ଲୋକ); ଖାଦ୍ୟପାତ୍ର ନ ଥିବାରୁ ଯେ ଖପରା ଖଣ୍ଡକରେ ଭାତ ଖାଏ—
Very poor ( man ); having not even a piece of broken earthenware to be used as a plate.

**ଖପରାଖେଳ**—ଦେ. ବି—ଖପରାଡିଆଁ ୧ ( ଦେଖ )
Khaparākhela Khaparādiān 1 ( See )

**ଖପରା ଖେଳିବା**—ଦେ. କ୍ରି—ପାଣିରେ ଚଟକା କରି ଖପରା ଫୋପାଡ଼ି
Khaparā khelibā ଖେଳିବା ( ଯେପରି ଖପରା ଖଣ୍ଡମାନ ପାଣି
ছিনিমিনিখেলাকরা ଉପରେ ଡେଇଁ ଡେଇଁ ଖଣ୍ଡିଦୂର ଚାଲିଯିବ)-
To play at ducks and drakes on the surface of water by throwing flat small pieces of potsherd so that they go on skipping over the surface for some distance.

**ଖପରାଛଆଣି**—ଦେ. ବିଣ—ଖପରଛଉଣି ( ଦେଖ )
Khaparāchhaāṇi Khaparachhāuṇi ( See )

**ଖପରାଛଉଣି**—ଦେ. ବିଣ—ଖପରଛଉଣି ( ଦେଖ )
Khaparāchhāuṇi Khaparachhāuṇi ( See )

**ଖପରାଡିଆଁ**—ଦେ. ବି—୧ । ଖପରା ଖେଳିବା ଖେଳ; ( ପାଣି ଉପରେ
Khaparāḍiān ଖପରାକୁ ଏପରି ଭାବରେ ଫୋପାଡ଼ିବାକୁ
ছিনিমিনিখেলা ହୁଏ ଯେପରି କି ଖପରା ଖଣ୍ଡିକ ଖଣ୍ଡିଦୂର ବାଟ ଚଟକା ହୋଇ ଡେଇଁ ଡେଇଁ କା ପାଣି ଉପରେ ଚାଲି ଯାଏ )—
1. Playing at ducks and drakes on the surface of water.
୨ । ଫୁ. (ବ୍ୟଙ୍ଗୋକ୍ତି)—ଅତିଶୟ କଷ୍ଟାପନ୍ନ ବ୍ୟକ୍ତି; (ଯେଉଁ
(ଖପରାଡେଇଁ—ସ୍ତ୍ରୀ) ଲୋକ ବାଟରେ ପଡ଼ିଥିବା ଅଇଁଠା ହାଣ୍ଡିରଖପରା କାଲେ ମାଡ଼ ପକାଇବ, ଏଥିଲାଗି ଚାଲିଲା ବେଳେ ତଳକୁ ଚାହିଁ ଡେଇଁ ଡେଇଁ ବାଟ ଚାଲୁଥାଏ)—

2. Over-rigid in observing rules of outward purity.

**ଖପରାରୁଟି**—ପ୍ରାଦେ. ( ସମ୍ବଲପୁର, ଲରିଆ ଭାଷା )—
Khaparāruṭi ପୋଡ଼ପିଠା ( ଦେଖ )
Porḍapiṭhā ( See )

**ଖପରାଲୁକାଣି**—ଦେ. ବି—ଯେଉଁ ଖେଳରେ ଜଣେ ଖେଳାଳି ବାଲିରେ
Khaparālukāṇi ଖଣ୍ଡେ ଖପରା ଲୁଚାଏ ଓ ଅନ୍ୟ ଖେଳାଳିମାନେ ତାକୁ ଖୋଜି ବାହାର କରିବାକୁ ଚେଷ୍ଟା କରନ୍ତି-
A game in which a bit of potsherd is kept concealed inside a heap of sand by one player and searched for by others.

**ଖପରି**—ପ୍ରାଦେ. (ସମ୍ବଲପୁର) ବି—ସାନ ଖପରା—
Khapari Small bits of potsherds.

**ଖପରେଲି**—ଦେ. ବି ଓ ବିଣ—ଖପରଲି (ଦେଖ)
Khapareli Khaparali (See)

**ଖପର୍ଲି**—ଦେ. ବି ଓ ବିଣ—ଖପରଲି (ଦେଖ)
Khaparli Khaparali (See)

**ଖପା**—ବୈଦେ. ବି. (ଫା. ଖଫା=ଅପ୍ରସନ୍ନ, ଅସନ୍ତୁଷ୍ଟ; ଭୁଲ. ସଂ କ୍ଷିପ୍=
Khapā କ୍ରୋଧ—Anger
খাপ্পা
खफा
ବିଣ—କ୍ରୋଧଯୁକ୍ତ; ବିରକ୍ତ—Angry; enraged.
ବାବୁମାନେ ଏ କଥା ଶୁଣିଲେ ଖପା ହୋଇଯିବେ—
ଫକୀରମୋହନ• ଛମାଣଆଠଗୁଣ୍ଠ ।

**ଖପିବା**—ଦେ. କ୍ରି—(ସଂ. କ୍ଷିପ୍ ଧାତୁ)—୧ । ରାଗ ହେବା; ରାଗାନ୍ୱିତ
Khapibā ହେବା—1. To be angry; to be enraged.
খেপা
खपना
ছিপেযাওয়া; খপা ୨ । କୌଣସି ବସ୍ତୁରେ ମିଶି ଲୁଚିଯିବା; ବାରି ନ ହେବା-
क्षिपना 2. To commingle so as not to be distinguished or marked.
(ଯଥା—ଏତେ ବାଉଁଶ ଯୋଗାଡ଼ କରିଥିଲି, ମାତ୍ର ତୁଲି ବଖରା ଘରରେ ସବୁତକ କୁଆଡ଼େ ଖପିଗଲା । )
୩ । ଲୁଚିବା; ଛପିଯିବା—3. To be concealed or hidden.
୪ । ଖାପ ଖାଇବା—4. To fit in; to tally with.
(ଯଥା—ଏ ଅଣକାଳି ଖଣ୍ଡ ଖପିକରି ଥିବାରୁ ଶଗଡ଼ ଖଣ୍ଡି ଅନେକ ଦିନ ଯାଏ ଭଲ ଗଡ଼ୁଥିଲା । )
खपना ୫ । ବ୍ୟୟିତ ହେବା—5. To be spent.
(ଯଥା—ଆମ ସାଆନ୍ତାଣୀଙ୍କ କୋଠା କାମରେ ଟଙ୍କା ପାଞ୍ଚ ହଜାର ଖପିଗଲା ।)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଘ |
| ୨ | ଈ | ଊ | ଋ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

ପ୍ରାଦେ. (ସମ୍ବଲପୁର) କ୍ରି—୧. ଝାଉଁଳ ପଡ଼ିବା—
1. To wither (said of plants and trees).
୨ । (ଧାନର ପାଚିବା ସମୟ) ଅତିରିକ୍ତ ହେବା; ବଳିଯିବା; ଗଡ଼ିଯିବା—
2. To exceed the time of harvest (said of crops).
[ଦ୍ର—ଏ କ୍ରିୟାର ଅସମାପିକା-ରୂପ ସଙ୍ଗେ ଯିବା କ୍ରିୟାଯୁକ୍ତ ହୁଏ; ଖପିଯିବା । ]

**ଖପୁର**—ସଂ. ବି. (ମ. ପ. ଲୋ. ଖ ବା ଆକାଶରେ ନିର୍ମିତ ପୁର)—
Khapura ୧ । ଶୂନ୍ୟରେ ନିର୍ମିତ ପୁରାଣୋକ୍ତ ନଗର
(ଯଥା—କାଳକେୟମାନଙ୍କର ଗୃହ, ହରିଶ୍ଚନ୍ଦ୍ରଙ୍କର ଆବାସ ।)—
1. A mythological city built in the sky.
୨ । ମୃଗତୃଷ୍ଣା; ସମୟେ ସମୟେ ଆକାଶରେ ଦେଖାଯିବା ନଗର—
2. Fata Morgana. (M. W.)
୩ । କଳଶ—3. Water jar. (M. W.)
୪ । ପେଟଫମ୍ପାରୋଗ—
4. Tympany; wind-dropsy. (M. W.)
୫ । ଗୁଆଗଛ—5. The betel-nut tree. (M. W.)
୬ । ଏକପ୍ରକାର ମୁଥା—
6. Cyperus Pertemis. (M. W.)
୭ । ବଳାଲ; ନଖୀନାମକ ସୁଗନ୍ଧ ଦ୍ରବ୍ୟ—
7. A kind of medicinal perfume (M.W.)

**ଖପୁରି**—ଦେ. ବି. (ସଂ. ଖର୍ପର)—
Khapuri ୧ । ମନୁଷ୍ୟମୁଣ୍ଡର ଖୋଲପା; ନର-କପାଳ; କରୋଟି—
खूली; खप्‌रा 1. Human skull.
**खोपडी**
୨ । ( ହାଣ୍ଡିଆଦିର ) ତଳଅଂଶ; ତଳି—
2. The bottom part (of an earthen pot).
ପ୍ରାଦେ. (ପୁରୀ) ବି—ପାଗୁଆଳି ହାଣ୍ଡି ( ଦେଖ )
Pāguāḻi hāṇḍi (See)
ପ୍ରାଦେ. ( ସିଂହଭୂମ ) ବି—୧ । ଡେଲହୁଣୀ; ପଲମ; କଟାହାକାର ମୃତ୍ପାତ୍ର—
1. Earthen lid for a pot used as frying pan.
୨ । ମାଟିର ବଡ଼ ମେଲାମୁହାଁ ହାଣ୍ଡି ବା କହୁଡ଼ି—
2. A big earthen pot having a wide mouth.
ପ୍ରାଦେ. (ବାଲେଶ୍ୱର, ମେଦିନୀପୁର; ତୁଳ. ବ ଖାପରା) ବି.—
ଯେଉଁ ହାଣ୍ଡିରେ ଉଖୁଡ଼ା ତିଆରି କରାଯାଏ ବା ମୁଢ଼ି ଭଜାଯାଏ—Earthen pot in which fried paddy is seasoned with molasses or rice is fried.

**ଖପୁରୁଲି**—ଦେ. ବି ଓ ବିଣ—ଖପରଲି (ଦେଖ)
Khapuruli Khaparali (See)

**ଖପୁରେଲି**—ଦେ ବି ଓ ବିଣ.—ଖପରଲି (ଦେଖ)
Khapureli Khaparali (See)

**ଖପୁଷ୍ପ**—ସଂ. ବି (ମଧ୍ୟପଦଲୋପୀ. କର୍ମଧା; ଖ+ପୁଷ୍ପ; ତୁଳ. ଶଶଶୃଙ୍ଗ)—
Khapushpa ୧ । ଆକାଶକୁସୁମ; ଅସ୍ତିତ୍ୱହୀନ ବା ଅବାସ୍ତବ ପଦାର୍ଥ—
1. An imaginary thing (like a flower of the sky).
୨ । କାଳ୍ପନିକ ବା ଅସମ୍ଭବ ବସ୍ତୁ—
2. Absurdity; an impossibility; chimera.

**ଖପୂର**—ସଂ. ବି (ଖ=ଇନ୍ଦ୍ରିୟ; ଆକାଶ + ପୃ ଧାତୁ=ପୁଷ୍ଟି କରିବା+
Khapūra ଅ)—୧ । ଗୁବାକ; ଗୁଆ—1. Betel nut.
୨ । ମାଟିର ଘଟ; କଳସ; ମାଠିଆ—
2. Earthen jar.
୩ । ପେଟଫମ୍ପା—3. Flatulence.
ସଂ. ବିଣ—ଅଳସ—Idle.

**ଖପ୍ତି**—ଦେ. ବିଣ—ଖପଟି (ଦେଖ)
Khapti Khapati (See)

**ଖପ୍ତିଆ**—ଦେ. ବିଣ—ଖପଟି (ଦେଖ)
Khaptiā Khapati (See)

**ଖପ୍ପା**—ବୈଦେ. ବି. ଓ ବିଣ—ଖପା (ଦେଖ)
Khappā Khapā (See)

**ଖପ୍ପିବା**—ଦେ. କ୍ରି.—ଖପିବା (ଦେଖ)
Khappibā Khapibā (See)

**ଖପ୍ରଲି**—ଦେ. ବି. ଓ ବିଣ—ଖପରଲି (ଦେଖ)
Khaprali Khaparali (See)

**ଖପ୍ରୁଲି**—ଦେ. ବି. ଓ ବିଣ—ଖପରଲି (ଦେଖ)
Khapruli Khaparali (See)

**ଖପ୍ରେଲ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଖର୍ପର)—ଘର ଛୁଆଣି ପାଇଁ
Khaprel ମାଟିରେ ତିଆରି ହୋଇ ଥିବା ପତଳା ଟାଇଲ୍—Thin burnt tubular tiles used in thatching houses.

**ଖପ୍ରେଲି**—ଦେ. ବି. ଓ ବିଣ.—ଖପରଲି (ଦେଖ)
Khapreli Khaparali (See)

**ଖବ୍ ଧାତୁ**—ସଂ.—୧ । ଧନ ବା ସମ୍ପତ୍ତି ଜନ୍ମାଇବା—
Khab (root) 1. To produce wealth or prosperity.
୨ । ଶୁଦ୍ଧ କରିବା; ପରିଷ୍କାର କରିବା—
2. To purify.

**ଖବର**—ବୈଦେ. ବି. (ଆ. ଖବର୍)—୧ । ତତ୍ତ୍ୱାବଧାନ; ଯତ୍ନ—
Khabara 1. Care; supervision.
खबर ୨ । ବାର୍ତ୍ତା; ସମ୍ବାଦ; ସନ୍ଦେଶ; ସମାଚାର; ବୃତ୍ତାନ୍ତ—
**ख़बर** 2. News; information; intelligence.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼'ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୩ । ବନ୍ଧୁମାନଙ୍କ ନିକଟକୁ ପ୍ରେରିତ ମୃତ୍ୟୁ ସମ୍ବାଦ—
3. Death-news sent to relations.

୪ । ସ୍ଥାନାନ୍ତରରୁ ପ୍ରେରିତ ବାର୍ତ୍ତା—
4. News sent from abroad.

୫ । ଖୋଜଖୋଲା; ତତ୍ତ୍ୱାନୁସନ୍ଧାନ; ତଥ୍ୟ ବୁଝିବା—
5. Enquiry.

ବୈଦେ. ବଣ.— ଜ୍ଞାତ—Known.
(ଯଥା—ତାଙ୍କୁ ଏ କଥା ଖବର ନାହିଁ ।)

**ଖବରଅନ୍ତର**—ଦେ. ବି.—(ଅନର୍ଥକ ଦ୍ୱିତୀୟ ସହଚର)—
Khabaraantara ୧ । ଖବର (ଦେଖ)
1. Khabara (See)
୨ । ନାନାବିଧ ସମ୍ବାଦ—2. Various informations.

**ଖବର ଆଣିବା**—ଦେ. କ୍ରି.— କୌଣସି ବ୍ୟକ୍ତି ଠାରୁ ବା ଦୂରଦେଶରୁ
Khabara ānibā ସମ୍ବାଦ ଆଣିବା—To bring news from a distant place or person.

**ଖବର କରିବା**—ଦେ. କ୍ରି.—୧ । ଅନ୍ୟର ପ୍ରେରିତ ସମ୍ବାଦକୁ ପ୍ରକାଶ
Khabara karibā କରିବା—
खबरकरा 1. To publish or convey news.
खबरकरना ୨ । (ଭଣ୍ଡାରି) ଏକ ଗ୍ରାମର ମୃତ୍ୟୁସମ୍ବାଦ ଅନ୍ୟ ଗ୍ରାମର ବନ୍ଧୁମାନଙ୍କ ନିକଟ ପହଞ୍ଚାଇବା—2. (a barber) To convey a death-news to the relations staying at a distant place.

**ଖବରକାଗଜ**—ଦେ. ବି.— ସମ୍ବାଦପତ୍ର—
Khabarakāgaja News-paper.

**ଖବରଖାଇ**—ଗ୍ରା. ଅ.—ଖବରଦାର (ଦେଖ)
Khabarakhāi Khabaradāri (See)

**ଖବରଗୀର୍**—ବୈଦେ. ବି. (ଫା.)—୧ । ସମ୍ବାଦଦାତା—
Khabargir 1. Supplier of news; informant;
खबरगीर correspondent.
खबरगीर ୨ । ତତ୍ତ୍ୱାବଧାରକ—2. Superintendent.
୩ । ଗୋଇନ୍ଦା; ଗୁପ୍ତଚର—3. Informer; spy.

**ଖବରଗୀରି**—ବୈଦେ. ବି. (ଫା.)—୧ । ସମ୍ବାଦଦାତାର କର୍ମ—
Khabaragiri 1. The act of supplying news.
खबरगीरी ୨ । ତତ୍ତ୍ୱାବଧାରଣ—
खबरगीरि 2. Supervision.
୩ । ଗୋଇନ୍ଦାଗିରି—3. The state of being an informer.
୪ । ସହାନୁଭୂତି ଓ ସହାୟତା (ହି. ଶବ୍ଦସାଗର)—
4. Sympathy and help.

**ଖବରଦାର**—ବୈଦେ. ବଣ. (ଫା. ଖବର୍‌ଦାର୍)—ସାବଧାନ; ସତର୍କ—
Khabaradār Careful; cautious; watchful.
खबरदार
खबरदार

ବୈଦେ. ଅ.—୧ । ସାବଧାନ ହୁଅ—
1. Be careful ! Take care !
ଗାଁ ଲୋକେ ହୁସିଆର, ସର୍ବାଲେ ଖବରଦାର୍ !
ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । (ନିଷେଧାର୍ଥକ) ହୁସିଆର !—
2. Take care ! Beware !.
ଖବରଦାର ! ଚମ୍ପାକୁ କେହି ହରକତ କହିବ ନାହିଁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖବରଦାରି**—ବୈଦେ. ବି. ( ଫା.— ଖବର୍‌ଦାରୀ)—୧ । ତତ୍ତ୍ୱାବଧାନ;
Khabaradāri ଦେଖାଶୁଣା କରିବା—
खबरदारी 1. Superintendence; supervision.
खबरदारी
(ଯଥା—ଘରେ ବୁଢ଼ାର ଖବରଦାରି କରିବାକୁ କେହି ନାହିଁ ।)
୨ । ଜଗାରଖା; ଯତ୍ନ—2. Care.
୩ । ହୁସିଆରି—3. Carefulness.
ଦେ. ଅ—(ସବାରି ବେହେରାଙ୍କ ଡାକବିଶେଷ)—ସାବଧାନ ହୋଇ ଗତି କର—(A vociferation of Palki-bearers) Proceed with caution ! take care ! beware of the road !
[ ଦ୍ର—ପଛ ବେହେରାଙ୍କୁ ବାଟରେ ପଡ଼ିଥିବା କଣ୍ଟାଆଦି ବିଷୟରେ ସାବଧାନ କରିଦେବା ପାଇଁ ଆଗ ବେହେରାମାନେ ଏ ଡାକ ମାରନ୍ତି । ]

**ଖବର ଦେବା**—ଦେ. କ୍ରି—ଅନ୍ୟ ସ୍ଥାନକୁ ସମ୍ବାଦ ପଠାଇବା—
Khabara deba To send news to another place.
खबरदेओआ
खबरदेना

**ଖବର ନେବା**—ଦେ. କ୍ରି—୧ । ସମ୍ବାଦ ବୁଝିବା—
Khabara nebā 1. To ascertain news.
खबरदेओआ ୨ । ତଥ୍ୟ ବୁଝିବା; ତଦନ୍ତ କରିବା—
खबरलेना 2. To enquire.
୩ । ଯତ୍ନନେବା—3. To take care of.
୪ । ( ବ୍ୟଙ୍ଗୋକ୍ତି ) କୌଣସି ବ୍ୟକ୍ତିର ନାମ ଉଲ୍ଲେଖ କରି ଗାଳି ମନ୍ଦ କରିବା—4. To abuse by mentioning the name of some person.
[ ଯଥା—ତୋର ମୋର ତ କଳି ଲାଗିଲା, ତୁ କାହିଁ ମୋ ସାତ-ପୁରୁଷଙ୍କ ଖବର ନେଲୁ ? ]

**ଖବର ପଠାଇବା**—ଦେ. କ୍ରି—ଖବର ଦେବା—
Khabara pathāibā To send news or word.
खबरपाठान
खबरभेजना

**ଖବର ବୁଝିବା**—ଦେ. କ୍ରି—ଖବର ନେବା ( ଦେଖ )—
Khabara bujhibā Khabara nebā ( See )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଂଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତୃ |

ଖବର ରଖିବା—ଦେ. କ୍ରି—୧ । ଅନ୍ୟ ସ୍ଥାନର ବା ବ୍ୟକ୍ତିର ସମ୍ବାଦ
Khabara rakhibā ଜାଣିବା—1. To keep one's self
खबररखा informed of news of others.
खबररखना ୨ । ଆବଶ୍ୟକ ହେବା; ଲୋଡ଼ା ହେବା—
2. To be required; to be necessary.
( ଯଥା—ପୁଅ ବାହାଘର ପାଇଁ ମୋତେ ହଜାରଟଙ୍କା ଯୋଗାଡ଼ କରିବା ଖବର ରଖେ । )

ଖବରାଖବର୍—ଦେ. ବି ( ଆ. ଖବର୍ )—୧ । ନାନାପ୍ରକାର ସମ୍ବାଦ—
Khabarākhabar 1. Various news.
खबराखबर ୨ । କୌଣସି ସ୍ଥାନ ବିଷୟରେ ଜ୍ଞାତବ୍ୟ ନାନାବିଧ ତଥ୍ୟ
( ମାଳକଣ୍ଠ ଦାଶଙ୍କ ପ୍ରବର୍ତ୍ତିତ ଶବ୍ଦ )—
2. Statistics of a locality.
୩ । ଭଲ ଖବର ଓ ମନ୍ଦ ଖବର—
3. Good and bad news.
୪ । ତତ୍ତ୍ୱାବଧାନ; ଯତ୍ନ—4. Supervision; care.

ଖବଲ୍ଖାବଲ୍—ପ୍ରାଦେ. (ସମ୍ବଲପୁର) ବି—ଅସ୍ପଷ୍ଟ ଶବ୍ଦ—
Khabalkhābal Unclear sound.

ଖବାଡବା—ଦେ. କ୍ରି. ବିଣ—ଅସୁନ୍ଦର ବା ଅସମ୍ପୂର୍ଣ୍ଣ ଭାବରେ ( କାର୍ଯ୍ୟ
Khabāḍaba କରିବା)—( to do a work) Clumsily or incompletely.
ଦେ. ଅ—ଆବାଖାବା ( ଦେଖ )—
Ābākhābā ( See )
ଦେ. ବିଣ—ଅସୁନ୍ଦରରୂପେ କରା ଯାଇଥିବା—
Done clumsily.

ଖବାରି—ସଂ. ବି (ମଧ୍ୟପଦଲୋପୀ; ଖ ଜାତ ବାରି)—୧ । ବର୍ଷାପାଣି—
Khabāri 1. Rain-water.
୨ । କାକର—2. Dew.
୩ । ବାଷ୍ପ—3. Vapour. (M. W)

ଖବାଷ୍ପ—ସଂ. ବି (ମଧ୍ୟପଦଲୋପୀ. କର୍ମଧା; ଖ+ବାଷ୍ପ)—୧ । କୁହୁଡ଼ି—
Khabāshpa 1. Frost; fog.
୨ । କାକର—2. Dew.

ଖବିରା—ଦେ. ବିଣ—୧ । ଆଘାତ ଆଦି ଯୋଗୁଁ ଯାହାର ଗୋଡ଼ ଖୋଟା
Khabirā ହୋଇଯାଏ—1. Lamed.
नेंगड़ा ( ଯଥା—ଆମ ବଛଆ କୁକୁରର ଗୋଡ଼ ଗାଡ଼ିରେ ମୋଡ଼ି
लंगड़ा ହୋଇ ଯିବାରୁ ସେ ଖବିରା ହୋଇଗଲା । )
୨ । ଖୋଟା—2. Lame; limping.
[ ଦ୍ର—ଏ ଶବ୍ଦ ଖଣ୍ଡିଆ ଶବ୍ଦ ପରେ ସହଚରରୂପେ ମଧ୍ୟ ବ୍ୟବହୃତ ହୁଏ । ]

ଖବିସ—ବୈଦେ. ବିଣ. ( ଆ. ଖବିସ୍=ପଠାଣଭୂତ )—
Khabisa ୧ । ଦୁଷ୍ଟ; ଖେଚଡ଼ା; ଖଳ—
खबीस 1. Very wicked; wanton
खबीस ୨ । ଈର୍ଷାପର—2. Malicious.
୩ । ମଦନାତୁର—3. Libidinous.
ବୈଦେ. ବି—ଦୁଷ୍ଟବ୍ୟକ୍ତି—A wicked person.

ଖବିସା—ବୈଦେ. ବିଣ. ( ଆ. ଖବାସ୍ )—ଖବିସ ( ଦେଖ )
Khabisā Khabisa ( See )

ଖବିସାପଣ—ଦେ. ବି—ଶଠତାଙ୍ଗି; ଦୁଷ୍ଟାମି—
Khabisāpaṇa Wickedness. wantonness.
खबासत; खबीसी

ଖବେର୍—ବୈଦେ. ପ୍ରାଦେ. ( ସମ୍ବଲପୁର ) ବି. ( ଆ. ଖବର୍ )—
Khaber ଖବର ( ଦେଖ )
Khabara ( See )

ଖଭ୍ରାନ୍ତି—ସଂ. ବି. ( ଖ+ଭ୍ରମ ଧାତୁ+କର୍ତ୍ତୃ. ତି )—ଚିଲପକ୍ଷୀ—
Khabhranti A kind of falcon. ( M. W. )

ଖମ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ସ୍ତମ୍ଭ )—ସ୍ତମ୍ଭ; ଖମ୍ବ—
Khaṁ Pillar; post.

ଖମ—ଗ୍ରା. ବି. ( ସଂ. ସ୍ତମ୍ଭ; ମୂଳ—ପ୍ରା. ଖଂଭ )—ଖମ୍ବ; ସ୍ତମ୍ଭ—
Khama Pillar; post.
थाम; खम्बा ଅଲେଖ ପ୍ରଭୁ ଏ ବ୍ରହ୍ମାଣ୍ଡରେ ମେରୁ ଖମ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
खम्भा

ଖମଆଳୁ—ପ୍ରାଦେ. ( ମେଦିନୀପୁର ) ବି—ଖମ୍ବଆଳୁ ( ଦେଖ )
Khamaālu Khambaālu ( See )

ଖମଣ—ଦେ. ବି—୧ । ପର୍ବତମୂଳସ୍ଥ ନୀଚ ଭୂମି—
Khamaṇa 1. Declivity or lowland at the foot of
खाना a mountain.
गढ़ा ୨ । ପାର୍ବତ୍ୟସ୍ଥ ନାଳ—
2. A water channel in the hills.
୩ । ଗହ୍ୱର; ଖାତ; ଖାଲ—3. Pit; hole.
୪ । ରେଳ ସଡ଼କରେ ବସିଥିବା କାଳ—
4. Causeway in the rail-road.

ଖମଣା—ଦେ. ବିଣ—ଖମଣଯୁକ୍ତ; ଖାଲୁଆ—
Khamaṇā Low; full of pits or holes.

ଖମଣି—ସଂ. ବି. ( ୬ଷ୍ଠୀ ତତ୍; ଖ+ମଣି )—
Khamaṇi ୧ । ସୂର୍ଯ୍ୟ—1. The sun.
୨ । ଚନ୍ଦ୍ର—2. The moon.

ଖମଣିମଣ୍ଡଳ—ସଂ. ବି. ( ୬ଷ୍ଠୀ ତତ୍; ଖମଣି+ମଣ୍ଡଳ )—ସୂର୍ଯ୍ୟମଣ୍ଡଳ—
Khamaṇimaṇḍala The sun's disc.
ଖମଣିମଣ୍ଡଳକୁ ଦୃ କର ବଢ଼ାଇଲୁ ରେ—
କବିସୂର୍ଯ୍ୟ. କଳୋପାତକୃ୍. ୫-ଗୀତ ।

ଖମଧ୍ୟ—ସଂ. ବି. ( ୬ଷ୍ଠୀ ତତ୍; ଖ+ମଧ୍ୟ )—
Khamadhya ଖମଧ୍ୟବିନ୍ଦୁ ( ଦେଖ )
Khamadhyabindu ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ର୍ୟ' ନ ପାଇଲେ 'ଅଗ୍ର' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖମଧ୍ୟବିନ୍ଦୁ**—ସଂ. ବି. ( ୬ଷ୍ଠୀ ତତ୍ ; ଖ+ମଧ୍ୟ+ବିନ୍ଦୁ )—
Khamadhybindu ମନୁଷ୍ୟର ମସ୍ତକୋପରି କଳ୍ପିତ ନଭୋବିନ୍ଦୁ; ମନୁଷ୍ୟ ଠିଆ ହେବା ସ୍ଥାନର ଠିକ୍ ମୁଣ୍ଡ ଉପରେ ଥିବା ଆକାଶର ବିନ୍ଦୁ—Zenith.

**ଖମା**—ଦେ. ବି ( ସଂ. ଖନ୍ ଧାତୁ )—
Khamā ୧ । ଖାଲ; ଲମ୍ବ ଗାତ; ଖଣା; ପଡ଼ଣି—
खाना 1. A long pit; a hole in the earth.
**गढ़ा**
୨ । ଗାଡ଼ିଆଦି ଚାଲିବା ଯୋଗୁଁ ସଡ଼କରେ ହୋଇଥିବା ଖାଲ— 2. Ruts or grooves on the road due to excessive constant passing of vehicles on it; broken places on a road.

**ଖମାଚ**—ଦେ. ବି—ଖମ୍ବାଜ (ଦେଖ)
Khamācha Khambāja (See)

**ଖମାର**—ଦେ. ବି (ତୁଳ. ସଂ. ଖଳ=ଖଳା )—
Khamāra ୧ । ଧାନ୍ୟାଦି ସଞ୍ଚୟ କରିବା ସ୍ଥାନ—
खामार, गोला 1. Granary.
**कामत, खती** ୨ । ଗୃହଘର—2. Barn.
୩ । ଚାଷ ଧାନ ଓ ଫସଲ ଆଦି ରଖିବା ସ୍ଥାନ— 3. A place for storing agricultural produce.
୪ । ଖମାରଚାଷ (ଦେଖ)
4. Khamārachāsha (See)

**ଖମାରଘର**—ଦେ. ବି—ଖମାର ୧-୩ (ଦେଖ)
Khamāraghara Khamāra 1-3 (See)

**ଖମାରଚାଷ**—ଦେ. ବି—ଜମିଦାରଙ୍କ ନିଜର ଚାଷରେ ଥିବା ଜମି; ଜମିଦାରଙ୍କ ନିଜଜୋତ ଜମି—
Khamārachāsha
खासखामार Nijjote or land cultivated by the
**खुदकाश्त** Zamindar; Zamindar's private lands.

**ଖମାରି**—ଦେ. ବି—୧ । ଜମିଦାରଙ୍କ ଖମାରର ଭାର ଯେଉଁ ଚାକର ଉପରେ ଥାଏ; ଖମାରେଇ—
Khamāri 1. The servant in charge of the granary.
୨ । ଯେଉଁ ଚାକର ଜମିଦାର ଓ ମହାଜନଙ୍କ ଚାଷ ଓ ମହାଜନ ବାବଦ୍ ଧାନ ଦେବାନେବା ଆଦି କରେ— 2. The servant in charge of cultivation and paddy investment.

**ଖମାରିଆ**—ଦେ. ବି—ଖମାରି (ଦେଖ)
Khamāriā Khamāri (See)

**ଖମାରେଇ**—ଦେ. ବି—ଖମାରି (ଦେଖ)
Khamārei Khamāri (See)

**ଖମାରୋଇ**—ଦେ. ବି—ଖମାରି (ଦେଖ)
Khamāroi Khamāri (See)

**ଖମିଆ**—ଦେ. ବି—ଛୋଟ ଖମା—
Khamiā A small hole.

**ଖମିରା**—ବୈଦେ. ବିଣ ( ଆ. )—
Khamirā ଖମ୍ବିରା (ଦେଖ)
Khambirā ( See )

**ଖମୀଳନ**—ସଂ. ବି—୧ । ନିଦ୍ରାଳୁତା—
Khamīḷana 1. Sleepiness. ( M. W. )
୨ । ଅବସାଦ; କ୍ଲାନ୍ତି—
2. Lassitude. ( M. W. )

**ଖମୂଳି**—ସଂ. ବି ( ଖ+ମୂଳ+ଇ )—
Khamūḷi ଏକପ୍ରକାର ଦଳ; ବୋରଝାଞ୍ଜି—
( ଖମୂଳିକା—ଅନ୍ୟରୂପ ) A kind of aquatic plant; Pistia Stratiotes. ( M. W. )

**ଖମ୍ବ**—ଦେ. ବି. ( ସଂ. ସ୍ତମ୍ଭ )—
Khamba ୧ । ଖୁଣ୍ଟ—1. Post.
खाम ୨ । ସ୍ତମ୍ଭ—2. Pillar.
**खम्बा** ହେଲେ କ ସେ ସେ ଘର ସୁନା ଖମ୍ବ ବାଡ଼—
କୃଷ୍ଣସିଂହ, ମହାଭାରତ. ବନ ।

**ଖମ୍ବଅଡ଼ୁଆ ବୁଝାମଣା**—ଦେ. ବି.—ଓଲଟା ନିସାପ; ଅବିଚାର; ଅବୁଝାମଣା—
Khambaārḍuā bujhāmaṇā Injustice.

**ଖମ୍ବଅଡ଼ୁ ବୁଝାମଣା**—ଦେ. ବି—ଖମ୍ବଅଡ଼ୁଆ ବୁଝାମଣା (ଦେଖ)
Khambaārḍu bujhāmaṇā Khambaārḍuā bujhāmaṇā (See)

**ଖମ୍ବଅଡ଼ୁ ବୁଝାମଣା କରିବା**—ଦେ. କ୍ରି—ଅବିଚାର କରିବା—
Khambaārḍu bujhāmaṇā karibā To do injustice.

**ଖମ୍ବଅଡ଼ୁ ବୁଝିବା**—ଦେ. କ୍ରି—ଅବିଚାର କରିବା—
Khambaārḍu bujhibā To do injustice.

**ଖମ୍ବଆଳୁ**—ଦେ. ବି (ସଂ. ସ୍ତମ୍ଭାଳୁ)—ଲମ୍ବଆକୃତିବିଶିଷ୍ଟ ଆଳୁବିଶେଷ—
Khambaāḷu The long yam; Dioscorea Alata
खाम्‌आलू [ ଦ୍ର—ଏହା ମାଟିର ତଳେ ଲତାର ମୂଳରେ ଜନ୍ମେ । ]

**ଖମ୍ବଆଳୁଆ ବୁଝାମଣା**—ଦେ. ବି—ଖମ୍ବଅଡ଼ୁଆବୁଝାମଣା (ଦେଖ)—
Khambaāḷuā bujhāmaṇā Khambaārḍuā bujhāmaṇā (See)

**ଖମ୍ବଆଳୁ ବୁଝାମଣା**—ଦେ. ବି—ଖମ୍ବଅଡ଼ୁଆବୁଝାମଣା ( ଦେଖ )—
Khambaāḷu bujhāmaṇā Khambaārḍuā bujhāmaṇā (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ଷ | କ୍ଷ | ଇୟୃ | ଉଅ | ୱ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନୃ |

**ଖମ୍ବ ଖୁନ୍ଦିବା**—ଦେ. କ୍ରି—୧ । ଗାତରେ ସ୍ତମ୍ଭ ବସାଇ ତା ମୂଳରେ ମାଟି ଦେଇ ତାକୁ ଶକ୍ତ କରିବା—
Khamba khundibā
1. To strengthen the foot of a pillar after it is put in a pit, by filling the interstices with earth.
୨ । ( ଲକ୍ଷଣାର୍ଥ ) କଠିନ ଶ୍ରମସାଧ୍ୟ କର୍ମ କରିବା—
2. To perform a difficult task.

**ଖମ୍ବ ଖୋଳିବା**—ଦେ. କ୍ରି—ସ୍ତମ୍ଭ ପୋତିବା ନିମନ୍ତେ ଗାତ ଖୋଳିବା—
Khamba kholibā To dig a pit for putting a pillar in it.

**ଖମ୍ବଦିଆ**—ଦେ. ବି—ନୂତନ ଗୃହ ନିମନ୍ତେ ସ୍ତମ୍ଭାରୋପଣ; ନୂଆ ଘର ତୋଳିବା ଉଦ୍ଦେଶ୍ୟରେ ଶୁଭ ଦେବା—Setting of the 1st pillar for a new house.
Khambadiā

**ଖମ୍ବ ଦେବା**—ଦେ. ବି—ନୂତନ ଗୃହ ନିମନ୍ତେ ସ୍ତମ୍ଭାରୋପଣ କରିବା ବା ପ୍ରଥମ ଖମ୍ବ ପକାଇବା—To set the 1st pillar for a new house.
Khamba debā

**ଖମ୍ବ ପକାଇବା**—ଦେ. କ୍ରି—ଖମ୍ବ ଦେବା ( ଦେଖ )
Khamba pakāibā Khamba debā (See)

**ଖମ୍ବ ପଡ଼ିବା**—ଦେ. ବି—ଖମ୍ବଦିଆ ( ଦେଖ )
Khambapaṛibā Khambadiā ( See )

**ଖମ୍ବସିଝୁ**—ଦେ. ବି—ନାଗଫେଣିଆ ( ଦେଖ )
Khambasijhu Nāgapheṇiā ( See )

**ଖମ୍ବାଜ**—ଦେ. ବି ( ସଂ. ସ୍କମ୍ଭାବତୀ. ଗୁଜରାଟର ଅଞ୍ଚଳବିଶେଷ )—ରାଗ-ବିଶେଷ—A kind of metre.
Khambāja
ଖାମ୍ବାଜ [ ଦ୍ର—ଏହାର ଗାଇବା କାଳ ରାତ୍ରିର ପ୍ରଥମ ଓ
ଖମାଚ ଦ୍ୱିତୀୟ ପ୍ରହର । ଏଥିରେ ଆରୋହଣ ଓ ଅବରୋହଣରେ ସାତଟି ସ୍ୱର ଲାଗେ । ମତାନ୍ତରରେ ଆରୋହଣରେ ଛଅଟି ଓ ଅବରୋହଣରେ ସାତଟି ଲାଗେ । ଆରୋହଣରେ 'ରେଖବ' ଲାଗେ ନାହିଁ । ଦୁଇଟି ନିଷାଦ ସ୍ୱର ବ୍ୟବହୃତ ହୁଏ । ଆରୋହଣରେ ଶୁଦ୍ଧ ଓ ଅବରୋହଣରେ କୋମଳ ନିଷାଦବାଦୀ, ଗାନ୍ଧାର, ସମ୍ବାଦି ଓ ଧୈବତ ସ୍ୱର ଲାଗେ; ଏହା ମାଲକୋଷ ରାଗର ଏକ ରାଗିଣୀ; ହିନ୍ଦୁସ୍ଥାନୀ ସଙ୍ଗୀତରେ ଏ ରାଗିଣୀମିଶ୍ରିତ ଖମ୍ବାଚକାନଡ଼ା ଓ ଖମ୍ବାଚ-ଟୋଡ଼ି ନାମରେ ଦୁଇଟି ସଙ୍କରରାଗିଣୀ ଅଛି । ହିନ୍ଦୁସ୍ଥାନୀ ସଙ୍ଗୀତଜ୍ଞ-ମାନଙ୍କ ମତରେ ଖମ୍ବାଚ ଷାଡ଼ବଜାତିର ରାଗିଣୀ ଓ ରାତ୍ରିର ଦ୍ୱିତୀୟ ପ୍ରହରର ଶେଷ ମୁହୂର୍ତ୍ତ ବା ଘଡ଼ିରେ ଗେୟ—ହି. ଶବ୍ଦସାଗର । ]

**ଖମ୍ବାଳୁ**—ପ୍ରାଦେ. ( ସିଂହଭୂମ ) ବି—କୃଷିଜାତ ଆଳୁବିଶେଷ—
Khambālu Dioscora Alata ( Haines ).

**ଖମ୍ବିରା**—ବୈଦେ. ବିଣ. ( ଆ. ଖମୀର=ବାସି ହୋଇ ସଢ଼ିଥିବା ଅଟାର ପିଣ୍ଡଳ; ବାସି ପିଠଉ; ଏଥିରେ ପିଠା କଲେ ପିଠା ଫୁଲେ )—
Khambirā
ଖମୀରା
ଖମୀର ୧ । ବାସି ପିଠଉରେ ତିଆରି ହୋଇ ଫୁଲିଥିବା ( ପିଠା ବା ରୁଟି )—
1. ( cake ) Made from fermented dough.
୨ । ପଣସ, ସପୁରି ଆଦିକୁ ସଢ଼ାଇ ତାହା ସୁବାସ ନିମନ୍ତେ ମିଶା ଯାଇଥିବା ( ଗୁଡ଼ାଖୁ )—
2. ( tobacco-mixture ) Scented by the mixture of fermented fruits.
୩ । ଚିନିରସ ବା ସୀରାରେ ପାଗ କରା ଯାଇଥିବା (ଫଳଆଦି)-
3. ( preserved fruit ) Seasoned with syrup.

**ଖୟରଖାଁ**—ବୈଦେ. ବିଣ. (ଆ)—ଖଏରଖାଁ ( ଦେଖ )
Khayarkhāṅ Khaerakhāṅ ( See )

**ଖୟରା**—ଦେ. ବିଣ—ଖଇରା ( ଦେଖ )
Khayarā Khairā ( See )

**ଖୟରାତ** ( ଇତ୍ୟାଦି )—ବୈଦେ. ବି. ( ଆ )—
Khayarāta ( etc ) ଖଇରାତ ଇତ୍ୟାଦି ( ଦେଖ )
Khairāta etc ( See )
[ ଦ୍ର—ଏ ଶବ୍ଦ 'ଦାନ' ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ; ଦାନଖୟରାତ । ]

**ଖୟରାତି** ( ଇତ୍ୟାଦି )—ଦେ. ବି. ଓ ବିଣ—ଖଇରାତି ଇତ୍ୟାଦି (ଦେଖ)
Khayarāti ( etc ) Khairāti etc ( See )

**ଖୟରାତିଆ**—ଦେ. ବିଣ—ଖଇରାତିଆ ( ଦେଖ )
Khayarātiā Khairātiā ( See )

**ଖୟାଲ** ( ଇତ୍ୟାଦି )—ଦେ. ବି—ଖିଆଲ ଇତ୍ୟାଦି ( ଦେଖ )
Khayāl ( etc ) Khiāl etc ( See )

**ଖର**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଖର=ଉଷ୍ଣ )—ଉଷ୍ଣତା )—Heat.
Khar
( କୁତ୍—ବିପରୀତ ) ୧ । ଉଷ୍ଣ—1. Warm; hot.
୨ । ତୀକ୍ଷ୍ଣ—2 Sharp.

**ଖରଖଶ**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କର୍କଶ )—କର୍କଶ—
Kharkhas Rough; uneven.

**ଖରଖଶା**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କର୍କଶ )—ବନ୍ଧୁର; ଉଚ୍ଚନୀଚ—Rough; undulating.
Kharkhasā

**ଖରଜୁଡ଼**—ପ୍ରାଦେ. ( ସମ୍ବଲପୁର ) ବି—୧ । ଶରଦ ଗରମ—
Kharjuṛd 1. Cold and heat.
୨ । ମଥା ଶରଦ ଓ ପେଟ ଗରମ ହେଲେ ହେବା ରୋଗ; କୋଠା ଗରମ—
2. The condition in which the head suffers from cold and the belly from heat.
ବିଣ—ଗରମ ଓ ଥଣ୍ଡା—Hot and cold.

**ଖରଜୁଡ଼ି**—ପ୍ରାଦେ. ( ସମ୍ବଲପୁର ) ବି—ଖରଜୁଡ଼ ( ଦେଖ )
Kharjuṛdi Kharjuṛd ( See )

**ଖରପାଣି**—ପ୍ରାଦେ. ( ସମ୍ବଲପୁର ) ବି—ଖର୍ପାଣି ( ଦେଖ )
Kharpāṇi Kharpāṇi ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍‌କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଢ଼ିଁର ବିପରୀତ ୨ ବା ୧ ପଙ୍‌କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖର୍‌ବା**—ପ୍ରାଦେ. ( ସମ୍ବଲପୁର ) କ୍ରି—( ଗଛରୁ ପତ୍ର ) ଝଡ଼ିବା—
Kharbā To fall down. ( said of leaves from a tree ).

ଝର୍ ଝର୍ ରେ ବାଉବାଏ
ଖଜୁର୍ ପତର୍ ଖର୍‌ବା ଯାଏ—ଗୁଣି ଅଙ୍କ ମନ୍ତ୍ର ।

**ଖର୍‌ଲଖଟ୍**—ପ୍ରାଦେ. (ସମ୍ବଲପୁର) ବି—ବିଛଣା ଆଦି ନ ପଡ଼ିଥିବା ଖାଲି-
Kharlakhaṭ ଖଟ—A sofa without any bed; a bed less bedstead.

**ଖର୍‌ଲା**—ପ୍ରାଦେ. (ସମ୍ବଲପୁର) ବି.—ଦୁଆରର କିଳଣୀ—
Kharlā The bolt of a door.

**ଖର୍‌ଲାଖଟ୍**—ପ୍ରାଦେ. (ସମ୍ବଲପୁର) ବି.—ଖର୍‌ଲଖଟ୍ (ଦେଖ)
Kharlā khaṭ Kharla khaṭ (See)

**ଖର୍‌ଶା**—ପ୍ରାଦେ. (ସମ୍ବଲପୁର) ବି.—ପନୀର; ଛେନା—
Kharṡā Cheese.

**ଖର**—ସଂ. ବି. (ଖ=ମୁଖବିବର+ଅସ୍ତି. ଅର୍ଥରେ. ର; ଯାହାର ବଡ଼
Khara ପାଟି ଅଛି)—୧ । ଗର୍ଦ୍ଦଭ; ଗଧ—1. Ass.
(ଖରୀ—ସ୍ତ୍ରୀ) ୨ । ବକ; ବଗ—2. Heron.
୩ । ଅଶ୍ୱତର; ଖଚର—3. Mule.
୪ । କାକ; କୁଆ—4. Crow.
୫ । ରାବଣର ସାବତ ଭାଇ; ଦୈତ୍ୟବିଶେଷ—
5. Name of a demon; younger step-brother of Rābaṇa.
[ ଦ୍ର—ରାମ ଏହାଙ୍କୁ ଦଣ୍ଡକାରଣ୍ୟରେ ବିନାଶ କରିଥିଲେ ।]
୬ । ଅସୁର—6. Demon.
୭ । ବର୍ଷ ବା ଦେଶବିଶେଷ—
7. Name of a country.
୮ । ସୂର୍ଯ୍ୟାନୁଚର ବିଶେଷ—
8 An attendant of the sun.
୯ । ଶିବାନୁଚର ବିଶେଷ—
9. An attendant of Ṡiba.
୧୦ । ଘର୍ମ; ଝାଳ—10. Sweat.
୧୧ । ଉଷ୍ଣତା—11, Warmth.
୧୨ । କଣ୍ଟକୀ ଗୁଳ୍ମବିଶେଷ—12. The prickly Night-shade.
Alhagi Maurorum. (M. W.)
୧୩ । ବାର୍ହସ୍ପତ୍ୟ ଯୁଗର ( ୬୦ ବର୍ଷର ) ପଞ୍ଚବିଂଶ ବର୍ଷ—
13. The 25th year of the 60 years' cycle of the planet Jupiter. (M. W.)
୧୪ । ସୁଗନ୍ଧବିଶେଷ—14. Name of a perfume. (M.W.)
୧୫ । ମୂଳଦୁଆ; ଘରତିଆରି ହେବା ପାଇଁ ମାଟି ପଡ଼ିଥିବା ଭିତ୍ତି—15. A place arranged for building a house upon. (M.W.)
୧୬ । ହରିବଂଶୋକ୍ତ ଧେନୁକ ଅସୁର—
16. Name of demon Dhenuka.
୧୭ । ତୃଣ; ଘାସ (ହି. ଶବ୍ଦସାଗର)—17. Grass.

ସଂ. ବିଣ.—୧ । ତୀକ୍ଷ୍ଣସ୍ପର୍ଶ; ଠାଆଁଶା—1. Tough.
(ଖରା—ସ୍ତ୍ରୀ) (ଯଥା—ଖରଲୋମ)
(ମୃଦୁ—ବିପରୀତ) ୨ । ଉଷ୍ଣ; ତାତିଲା—2. Warm; hot.
(ଯଥା—ଖରାଂଶୁ ।)
୩ । ଉଗ୍ରସ୍ୱାଦ; ରାଗ—3. Pungent.
୪ । ଅତିଉତ୍କଟ—4. Sharp; acute; severe.
(ଦ୍ରବ—ବିପରୀତ) ୫ । କଠିନ—5. Hard; solid.
୬ । ଦାଢ଼ୁଆ; ତୀକ୍ଷ୍ଣ—6. Sharp-edged; sharp.
ବିଦାରି ଖରନଖର ଖର ରକ୍ତ ସ୍ରବ । ଉ. ବୈଦେହୀଶବିଳାସ ।
୭ । ଆମ୍ବିଲା—7. Acid; sour.
୮ । ଦ୍ରୁତ; କ୍ଷିପ୍ର—8. Brisk; swift.
ଚାଲ ଖର ବୋଇ ବଡ଼, ଯିବୁ କାଣିବ କପା—ଭଗ ।
ଖଣ୍ଡେ ତପସ୍ୟା ଫଳେ ଖେଦବାରିଧି ଜଳେ ଖର ସ୍ରୋତରେ ବାହୁମାନ ଗୋ କୃପାମୟୀ ।
ନୀଳମଣି, ଭକ୍ତିସାର ।
୯ । ନିଷ୍ଠୁର—9. Cruel.
୧୦ । କର୍କଶ; ଅଚିକ୍କଣ; ରାଡ଼ୁରାଡ଼ୁଆ—10. Rough.
୧୧ । ଘନ—11. Dense; thick.
(ଯଥା—ମେଘ)
୧୨ । ଅନିଷ୍ଟକର—12. Injurious.
୧୩ । ଅସ୍ଥିର—13. Restless.
୧୪ । ମର୍ମଭେଦୀ; ଯାତନାପ୍ରଦ—14. Cutting.
( ଯଥା—ବାକ୍ୟ )

ଦେ. ବି—୧ । ଯେଉଁ ତିଅଣ ବା ଭଜା ଆଦି ଆତ୍ୟଧିକ ପକ୍ୱ ବା ଭଜା ହୋଇ ଥାଏ—1. Excessively cooked.
୨ । ବଘାରିଲା ବେଳେ ହାଣ୍ଡି ମସଲା ବେଶି ପୋଡ଼ିଯିବା ଯୋଗୁଁ ବିସ୍ୱାଦୁ ହୋଇଥିବା (ତିଅଣ)—
2. (curry) Which has become bad owing to overfrying.

ଦେ. କ୍ରି. ବିଣ—ଶୀଘ୍ର—Briskly; swiftly.
ଚାଲିବ ଖର, ଖାଇବ ସହଳ, ପିନ୍ଧିବ ମହଳ,
ଦାଣ୍ଡ ଘର ଖଣ୍ଡି ଅଳୁଅଁା କର,
ତେବେ ଓଳିଆରେ କହିବ ଘର—ଢଗ ।

ପ୍ରାଦେ.—୧ । ( ସିଂହଭୂମ ) ବି.—ସ୍ରୋତ; ସୁଅ—
1. Stream.
୨ । (ସମ୍ବଲପୁର) ବି.—ଖଡ଼; ନଡ଼ା—2. Straw.

**ଖରକଣା**—ଦେ. ବି.—ଝାଡ଼ୁଣୀ; ଖଡ଼ିକାମୁଠା; ଝାଡ଼ୁ—
Kharakaṇā A broomstick.
ঝাঁটা
झाड़ु; बढ़नी

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଳ | ଭ୍ର | ର୍‌,ର୍ଳ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଋଅ | ଘ |
| ୨ | ଛ | ଭ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଥ | ଞ | ନ୍ତ |

**ଖରକର**—ସଂ. ବି (ବହୁବ୍ରୀହି; ଖର+କର)—୧ । ସୂର୍ଯ୍ୟ—
Kharakara 1. The sun.

ଖରକରକ ପ୍ରଭଇ ଅତ୍ୟନ୍ତ ଦେଖାଇ,
ଧୂଳ କର ବଦାଇ ଜୀବନ ହର ନେଇ । ଭଞ୍ଜ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।

୨ । (କର୍ମଧାରୟ) ତୀକ୍ଷ୍ଣ କିରଣ—2. Sharp rays.

**ଖରକରଜା**—ସଂ. ବି. ସ୍ତ୍ରୀ ( ଖରକର=ସୂର୍ଯ୍ୟ+ଜନ ଧାତୁ=ଜନ୍ମିବା +କର୍ତ୍ତୃ. ଅ+ସ୍ତ୍ରୀ. ଆ )—ଯମୁନାନଦୀ—
Kharakarajā The river Jamna.

ବରଜରମଣୀ ମେଳରେ ଖରକରଜା ତଟେ,
ବନମାଳୀ ବନ ବହାର କଲ ପ୍ରୀତି-ଲମ୍ପଟେ । ଗୋପୀଭାଷା ରକ୍ଷିଧାର ।

**ଖରକା**—ଦେ. ବି—ଘରଆଦି ଝାଡ଼ୁଲୀଦ୍ୱାରା ଓଳାଇବା—
Kharakā Brushing or sweeping a house clean.
ଝାଁଟା

**ଝାଡ଼ା** ଦେ. ବିଣ—ଓଳଆ ହୋଇଥିବା—
Well swept or cleansed.

**ଖରକାଇବା**—ଦେ. କ୍ରି—ଖରକିବା କ୍ରିୟାର ଣିଜନ୍ତ ରୂପ—
Kharakāibā Causative form of kharakibā.

**ଖରକାଛୁ**—ଦେ. ବି—କୁଣ୍ଡିଆକାଛୁ; କଣ୍ଡୁରୋଗ—
Kharakāchhu Itches.

**ଖରକାମୁଠା**—ଦେ. ବି—ଖଡ଼ିକାମୁଠା; ଝାଡ଼ୁ—
Kharakāmuṭhā A broomstick.
ଝାଟା, ବାଢନୀ
**ଝାଡ଼ୁ, ଖରହରା**

**ଖରକିବା**—ଦେ. କ୍ରି—ଝାଡ଼ୁ କରିବା—
Kharakibā To sweep or brush a place clean.
(ଖରକାଇବା—ଣିଜନ୍ତ)
ଝାଁଟଦେଓୟା
**ବୁହାରନା, ଝାଡ଼ନା** ଅଗଣା ଖରକ ପର୍ବତ
**ଖରହରନା** ଚନ୍ଦନ ଗୋଳ ଦ୍ୟନ୍ତୁ ଛେରା । ଜଗନ୍ନାଥ. ଭାଗବତ ।

**ଖରକୁଟୀ**—ସଂ. ବି ( ୬ଷ୍ଠୀତତ୍; ଖର+କୁଟୀ )—୧ । ଗର୍ଦ୍ଦଭଶାଳା—
Kharakuṭī 1. A stable for asses.
୨ । ଭଣ୍ଡାରୀର ଦୋକାନ—
2. A barber's shop (M. W.)

**ଖରକୋମଳ**—ସଂ. ବି ( କର୍ମଧାରୟ; ଖର+କୋମଳ; ଖର ଅଥଚ କୋମଳ ମାସ)—ଜ୍ୟେଷ୍ଠମାସ—
Kharakomaḷa Month of Jyeshṭha.

**ଖରଖଣ୍ଡୀ**—ଦେ. ବିଣ (ସଂ. ଖର+ଖଣ୍ଡ ଧାତୁ)—ଖରନାମକ ରାକ୍ଷସକୁ ଯେ ମାରିଥିଲେ; ଖରହନ୍ତା ( ରାମଚନ୍ଦ୍ର )—
Kharakhaṇḍī (Rāmachandra) Who killed the demon Khara.

ବାରଣରଚର ଖର ଶ୍ରେଣୀକର ଖରକର ତାର ତାର—
ଭଞ୍ଜ. ବୈଦେହୀଶବିଳାସ ।

**ଖରଖର**—ଦେ. ଅ—୧ । କ୍ରୋଧରେ ଜର୍ଜର—
Kharakhara 1. Raging; foaming with anger.
୨ । କ୍ଷିପ୍ର; ତରତର—2. Very swift; hasty.
୩ । ସ୍ଫୂର୍ତ୍ତିଯୁକ୍ତ; ସତେଜ—3. Active.
ଦେ. ବି—୧ । କ୍ଷିପ୍ରତା; କ୍ଷିପ୍ରକାରିତା—1. Haste.
୨ । (କ୍ରୋଧଜନିତ) ମାନସିକ ଅସ୍ଥିରତା—
2. Excitement or irritation due to anger.

**ଖରଖରିଆ**—ଦେ. ବିଣ. ପୁଂ—୧ । ସାମାନ୍ୟ କାରଣରେ ଯେ ରାଗି ଯାଏ—1. Irritable; irascible.
Kharakhariā
(ଖରଖରୀ—ସ୍ତ୍ରୀ) ୨ । ଅସ୍ଥିର; ଚଞ୍ଚଳ—2. Restless.
୩ । କଳହପ୍ରିୟ; କଳକଭୁରା—3. Quarrelsome.
୪ । ଚପଳସ୍ୱଭାବ—4. Fickle minded.
୫ । ଯେ କୌଣସି କଥା କିଛିକାଳ ମନରେ ରଖି ନ ପାରି ପ୍ରକାଶ କରିଦିଏ—5 (a person) Who babbles out matters.
ପ୍ରାଦେ (ଗଡ଼ଜାତ) ବି—ଖରଖରୀ ( ଦେଖ )—
Kharakharī ( See )

**ଖରଖରି ଓଷା**—ପ୍ରାଦେ. (ଗଞ୍ଜାମ) ବି—ବ୍ରତ ବା ଉପବାସ ବିଶେଷ—
Kharakhari oshā A religious fast.
[ ଦ୍ର—ଚୈତ୍ରମାସର ପ୍ରତି ରବିବାର ଦିନ ଘରର ଅବିଆହି ଝିଅମାନେ ଏ ଓଷା କରନ୍ତି । ଏ ଦିନମାନଙ୍କରେ ସେମାନେ ଅଁଳା, ହଳଦୀ ଲଗାଇ ପୋଖରୀରେ ଗାଧୋଇ ସାରି ବାଲି ଓ ଅଁଳାଗଛ ଆଣି ଦେବତା-ବିଗ୍ରହ ଗଢନ୍ତି । ସନ୍ଧ୍ୟାରେ ଏହି ଦେବତାଙ୍କଠାରେ ପିଠା, ଆମ୍ବ, ନଡ଼ିଆ ଆଦି ପୂଜା ହୁଏ ଏବଂ ତହିଁ ଆରଦିନ ଏ ଓଷା ଉଜୁଆଁ ହୁଏ । ]

**ଖରଖରିଗୀତ**—ପ୍ରାଦେ. ( ଗଞ୍ଜାମ ) ବି—ଖରଖରି ଓଷା କରିଥିବା ବାଳିକାମାନେ ବୋଲିବା ଗାନ—Songs sung by girls observing the Kharakhari vow.
Kharakharigita

ଖରଖରିକି ବରିବରେଇ ଛଅ ବରଷର ପାଣି,
କଇନାଳ ମାଡ଼ି ଅଇଲଣି କାନ୍ଦାଇଦାଣୀ—
(ଗୋଟିଏ ଖରଖରି ଗୀତ)

**ଖରଖରୀ**—ଦେ. ବିଣ. ସ୍ତ୍ରୀ—ଖରଖରିଆର ସ୍ତ୍ରୀ ଲିଙ୍ଗ—
Kharakharī Feminine of Kharakhariā.
ପ୍ରାଦେ (ଗଡ଼ଜାତ) ବି—ଲତାବିଶେଷ—
A kind of creeper.
[ ଦ୍ର—ଏହା ତାଳ ଆଦି ଗଛରେ ମାଡ଼େ । ଏହାର ପତ୍ରର ପେଟ ପାଖ ଶିରିଷ କାଗଜ ପରି ଅଂଶୁଅଂଶୁଆ । ଏ ପତ୍ରରେ ବାଡ଼ ଆଦି ପାଲିସ୍ କରାଯାଏ । ]

**ଖରଗୃହ**—ସଂ. ବି (୬ଷ୍ଠୀ ତତ୍; ଖର+ଗୃହ)—
Kharagṛuha ୧ । ଗଧଶାଳା—
1. A stable for asses
୨ । ତମ୍ବୁ; ବାହୁଟ—2. Tent ( M. W. )

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଖରଗେହ**—ସଂ. ବି—ଖରଗୃହ (ଦେଖ)
Kharageha Kharagruha (See)

**ଖରଗୋସ୍**—ବୈଦେ. ବି (ଫା. ଖର୍=ଗଧ+ଗୋଶ୍=କାନ; ଯାହା କାନ ଗଧକାନ ପରି ଲମ୍ବ)—
Kharagos
खरगोस
খরগোশ
ଖାନ ଠେକୁଆ; ଶଶକ—Hare; rabbit.

**ଖରଙ୍ଗା**—ପ୍ରାଦେ (ସମ୍ବଲପୁର) ବି (ସଂ. କର)—
Kharangā
ତାଳଗଛର ବାହୁଙ୍ଗା—The bough of a palm tree.

**ଖରଚ**—ବୈଦେ. ବି (ଫା. ଖର୍ଚ୍ଚ; ଆ. ଖର୍ଜ୍)—
Kharacha
खरच
খরচ
(ଜମା—ବିପରୀତ)
୧ । ବ୍ୟୟ—1. Expenses; expenditure.
୨ । ବ୍ୟୟିତ ଧନ—2. Amount spent.
(ଯଥା—ବାଟଖରଚ; ଘରଖରଚ; ଜମାଖରଚ; ବଦଖରଚ; ପକ୍ଷ-ଖରଚ; ଯାତାଖରଚ)

**ଖରଚ କରିବା**—ଦେ. କ୍ରି—୧ । ବ୍ୟୟ କରିବା—
Kharacha karibā
खरचकरा
খরচনা
1. To spend; to expend.
୨ । (ଲକ୍ଷଣାର୍ଥ) (ବୁଦ୍ଧି) ପ୍ରୟୋଗ କରିବା—2. To apply (intellect).
୩ । ବ୍ୟବହାରରେ ଲଗାଇବା—3. To use.

**ଖରଚ ଚଳାଇବା**—ଦେ. କ୍ରି—୧ । ବ୍ୟୟ ନିର୍ବାହ କରିବା—
Kharacha chaḻāibā
खरचचालान
খরচচলানা
1. To spend money.
୨ । ଆବଶ୍ୟକ ବ୍ୟୟ ପାଇଁ ଧନ ଦେବା—2. To meet the necessary expenses.

**ଖରଚ ପକାଇବା**—ଦେ. କ୍ରି—କୌଣସି ଧନ ହିସାବ ବହିରେ ବ୍ୟୟ ଘରେ ଲେଖିବା; କୌଣସି ଅର୍ଥ ବ୍ୟୟିତ ହୋଇଅଛି ବୋଲି ହିସାବରେ ଦେଖାଇବା—
Kharacha pakāibā
खरचफेला
খরচডালন
To enter a sum under the heading of expense in the accounts.

**ଖରଚ ପଡ଼ିବା**—ଦେ. କ୍ରି—୧ । (ଏତେ ଧନ) ବାଧ୍ୟ ହୋଇ ଖରଚ ହେବା—
Kharacha pardibā
खरचपड़ा
খরচম পড়না
1. (a sum of money) To be necessarily spent.
(ଯଥା—ଏ ମକଦ୍ଦମାର ନକଲ ଆଣିବାକୁ ଟ ୩୧ ଖରଚ ପଡ଼ିଲା ।)
୨ । (ଏତେ ଧନ) ବ୍ୟୟିତ ହେଲା ବୋଲି ହିସାବରେ ଲେଖାଯିବା—
2. (a sum of money) To be entered or shown in accounts as spent.
୩ । (ଏତେ ଧନ) ବ୍ୟୟିତ ହେବାପାଇଁ ଲୋଡ଼ା ହେବା—
3. (a sum of money) To be required to be spent.

**ଖରଚପତର**—ଗ୍ରା. ବି—ଖରଚପତ୍ର (ଦେଖ)
Kharachapatara Kharachapatra (See)

**ଖରଚପତ୍ର**—ଦେ. ବି (ସହଚର; ଭୁଲ-ପଇସାପତ୍ର; କାଗଜପତ୍ର)—
Kharachapatra
खरचपतर
খরচপতর
୧ । ବ୍ୟୟାଦି—1. Expenses etc.
୨ । ବ୍ୟୟାର୍ଥ ଧନ—2. Money for expenses.
୩ । ଯେଉଁ ତାଳପତ୍ର ବା କାଗଜରେ ଖରଚ ଲେଖା ହୋଇଥାଏ—3. A palm leaf or paper on which expenses are noted down.

**ଖରଚବାରଚ**—ଦେ. ବି—ଖରଚବାର୍ଚ୍ଚ (ଦେଖ)
Kharachabāracha Kharachabārcha (See)

**ଖରଚବାର୍ଚ୍ଚ**—ଦେ. ବି (ସହଚର; ଭୁଲ. ଗଉଡ଼ବାଉଡ଼, ଖିଅରବାଅର)—
Kharachabārcha
୧ । ବ୍ୟୟାଦି—1. Expenses.
୨ । ବ୍ୟୟାର୍ଥ ଧନ—2. Money for expenses.

**ଖରଚରି**—ପ୍ରାଦେ (ସମ୍ବଲପୁର) ବି—ରକ୍ଷିତ ଜଙ୍ଗଲରେ ଗୋରୁ ଚରିବା ପାଇଁ ଗୋସ୍ୱାମୀଙ୍କ ପ୍ରଦତ୍ତ ଟିକସ—
Kharachari
Grazing tax for cattle grazing in the reserved forest.

**ଖରଚ ଲଗାଇବା**—ଦେ. କ୍ରି—୧ । ଉପର୍ଯ୍ୟୁପରି ବ୍ୟୟ କରିବା—
Kharacha lagāibā
खरचलागान
খরচলাগানা
1 To go on spending.
୨ । ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଆବଶ୍ୟକ ଧନ ବ୍ୟୟ କରିବା—2. To spend the necessary amount of money in a particular work.

**ଖରଚ ଲାଗିବା**—ଦେ. କ୍ରି—୧ । କୌଣସି ନିର୍ଦ୍ଦିଷ୍ଟ କର୍ମ ପାଇଁ ଏତେ ପରିମିତ ଧନ ଲୋଡ଼ା ହେବା—
Kharacha lagibā
खरचलागा
খরচলাগনা
1. So much money being required for a given work.
(ଯଥା—ଭାଷାକୋଷ ମୁଦ୍ରଣ ପାଇଁ ଷାଠିଏ ହଜାର ଟଙ୍କା ଖରଚ ଲାଗିବ ।)
୨ । କୌଣସି ନିର୍ଦ୍ଦିଷ୍ଟ କର୍ମରେ ନିର୍ଦ୍ଦିଷ୍ଟପରିମିତ ଧନ ବ୍ୟୟିତ ହେବା—
2. (so much money) Being spent on a certain work; the incurring of expenditure

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଝ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ |

(ଯଥା— ଭାଷାକୋଷର ସମ୍ମାର୍ଜନ ପାଇଁ ଦଶ ହଜାର ଟଙ୍କା ଲାଗିଲା ।)

୩ । ଉପର୍ଯ୍ୟୁପରି ଧନ ବ୍ୟୟ କରାଯାଉଥିବା—

3. The continuance or recurrence of expenditure.

(ଯଥା— ରାଜା ସାହେବଙ୍କ କୋଠା ଛାଉଣିରେ ଚାରି ମାସ ହେଲା ଶହ ଶହ ଟଙ୍କା ଖରଚ ଲାଗିଛି)

**ଖରଚ୍**—ବୈଦେ. ବି. (ଆ. ଖର୍ଜ୍; ଫା. ଖର୍ଚ୍)—
Kharachā ୧ । ବ୍ୟୟ—1. Expenses; charges.
खरच, खरचा ୨ । ପକ୍ଷ ମକଦ୍ଦମାରେ କରିଥିବା ବ୍ୟୟ—
**खरच, खर्चा** 2. Costs of a suit undergone by a party.

୩ । କୌଣସି କାର୍ଯ୍ୟ ବା ବସ୍ତୁ ପାଇଁ ଲୋଡ଼ା ବ୍ୟୟ—

3. Costs or charges necessary for any work or thing.

**ଖରଚାନ୍ତ**—ଦେ. ବିଣ—୧ । ବ୍ୟୟଯୁକ୍ତ (ବ୍ୟକ୍ତି)—
Kharachānta 1. (person) Put to expenses.

୨ । ବ୍ୟୟ ଲୋଡ଼ା ହେବା (କର୍ମ)—

2. Expensive (work).

**ଖରଚିଆ**—ଦେ. ବିଣ—ଖରଚି (ଦେଖ)
Kharachiā Kharachi (See)

**ଖରଚି**—ବୈଦେ.ବିଣ. ପୁଂ ଓ ସ୍ତ୍ରୀ. (ଫା. ଖର୍ଚୀ)—ଅତିରିକ୍ତ ବ୍ୟୟଶୀଳ;
Kharachi ଖର୍ଚ୍ଚି; ସାହା ଖରଚ କରିବା (ବ୍ୟକ୍ତି)—
खरची, खरचे Extravagant; wasteful.
**खर्ची, खरची** (ଯଥା— ବଦଖରଚି; ସାହାଖରଚି)

**ଖରଚ୍ଛଦ**—ସଂ. ବି. (ଖର+ଛଦ; ଯାହାର ପତ୍ର ଖଣ୍ଡୁଆ ଖଡ଼ୁଆ)—
Kharachchhada ୧ । ଶାଖୋଟ, ସାହାଡ଼ାଗଛ—

Strepuls Asper (tree).

୨ । ଭୂମୀସହ ନାମକ ବନ୍ୟ ବୃକ୍ଷ (ହି. ନାମ ଭୁରଂସହ)—

Name of a wild tree.

(ଅନ୍ୟ ସଂ. ନାମ ଭୂମୀସହ, ହାରଦାରୁ, ବରଦାରୁ)

**ଖରଜନ୍ତୁ**—ଦେ.ବି (ସଂ. ଖର=ଉଗ୍ର; ଉତ୍କଟ+ଜନ୍ତୁ)—ବିଷାକ୍ତ ସର୍ପ—
Kharajantu (an euphemism) Poisonous serpent.

[ଦ୍ର—ସାପର ନାମ ଉଚ୍ଚାରଣ କରିବା ଅଶୁଭସୂଚକ ବୋଲି ଲୋକେ 'ସାପ' ନ କହି 'ଖରଜନ୍ତୁ' 'ଲମ୍ବଜନ୍ତୁ' 'ଲଅ' ଆଦି ଶବ୍ଦ ବ୍ୟବହାର କରନ୍ତି; ଏହିପରି 'ସାପ କାମୁଡ଼ିବା' ନ କହି ଲୋକେ 'ଲଅ ଛୁଇଁବା' କହନ୍ତି ।

**ଖରଡ଼**—ଦେ. ବି. (ତୁଳ. ଆ. କାଲୀନ୍)—୧ । ଗାଲିଚ୍—
Kharar̲da 1. A carpet.
गालिचा } ୨ । ମେଷଲୋମନିର୍ମିତ ମୋଟ ଆସନ—
**गलीचा, कालीन** } 2. A thick seat made of wool.

ଖରଡ଼ରେ ଦେବ ମୁଁ ଅଠର ସହସ୍ର—କୃଷ୍ଣସିଂ. ମହାଭାରତ. ଉଦ୍ଯୋଗ ।

୩ । ରଥ ଚକର କ୍ଷିପ୍ର ଗତିକୁ ବାଧା ଦେବା ନିମନ୍ତେ ଚକର ଆଗରେ ରଖାଯିବା କାଠଖଣ୍ଡ—

3. Short logs of wood used to be put before the wheel of a car in motion to retard its progress; a clog.

[ଦ୍ର—ଏହା ଦ୍ୱାରା ରଥର ଗତିକୁ ମଧ୍ୟ ବାଗେଇ ଦିଆଯାଏ । ଏହାର ଗୋଟିଏ ପାଖ ମୁନିଆଁ; ଭୁବନେଶ୍ୱର ଓ ପୁରୀର ରଥମାନ ଚଳିବା ସମୟରେ ତା ଆଗରେ ଖରଡ଼ ପକାଇ ରଥର ଚକମାନଙ୍କ ଗତିର ଦିଗକୁ ନିୟନ୍ତ୍ରିତ କରାଯାଏ ।]

**ଖରଡ଼ା**—ଦେ. ବି—୧ । ଶାଗର ଶନ୍ତୁଳା;—
Kharar̲dā 1. Fried kitchen herb; slightly
সড়সড়ি, ছেঁচকি roasted pot-herb.

୨ । ଶାଗଆଦିକୁ କଡ଼ାଇଁରେ ବସାଇ ସାମାନ୍ୟ ଭାଜିବା—

2. Slight roasting of potherb.

[ଦ୍ର—ଶାଗକୁ କଡ଼ାଇଁରେ ବସାଇଲେ ସେଥିରୁ ଯେଉଁ ପାଣି ବାହାରେ ସେହି ପାଣିତକ ମରିଗଲେ 'ଖରଡ଼ା' ବୋଲାଯାଏ, କିନ୍ତୁ ଖରଡ଼ା ହୋଇଥିବା ଶାଗରେ ପୁଣି ତେଲ ପକାଇ କଡ଼ାଇଁରେ ବସାଇ ଭାଜିବାକୁ 'ଭଜା' ବୋଲାଯାଏ ।]

खड़रा, खररा ୩ । ଘୋଡ଼ାଙ୍କ ଦେହ ପରିଷ୍କାର କରିବା ନିମନ୍ତେ
**खरैरा; खरेरा; खरहरा** ବ୍ୟବହୃତ ଲୁହା ପାନିଆଁ—

3. Iron comb for the horse; curry comb.

୪ । କାରୁକାର୍ଯ୍ୟବିଶିଷ୍ଟ ଗାଲିଚ୍—

4. A well-worked carpet.

୫ । ଖରଡ଼ (୩) (ଦେଖ)

5. Khara r̲da (3) (See)

ରତ୍ନ ଖରଡ଼ାରେ ଯେ ଢାଅନ୍ତି କମଯୋଡ଼
ପୁଞ୍ଜି ପୁଞ୍ଜି କରି ଚହିଁ ଲେଖିଲେ ଧାଗୁଡ଼—ଗୋପୀନାଥନନ୍ଦ ମ. ସଂ. ।

୬ । ବାଉରିବୁଣା ଜାତି—

6. A low caste of weavers amongst the Bāuris.

ଦେ. ବିଣ—ଅଳ୍ପ ଜଳ ଥାଉଁ ଥାଉଁ କଡ଼ାଇଁ ଉପରୁ ଓହ୍ଲାଇ କଞ୍ଚା ହୋଇଥିବା (ଶାଗ)—

Partially roasted (potherb).

**ଖରଡ଼ାଖରଡ଼ି**—ଦେ.ବି—(ଶାଗ ଆଦି) ସାମାନ୍ୟ ଜଳ ଦେଇ ଭାଜିବା—
Kharar̲dā kharar̲di To fry with a little water.

**ଖରଡ଼ାପଣି**—ଦେ.ବି—ପ୍ରଜାଠାରୁ ଖଜଣା ଆଦାୟ କରିବାର ପାରିଶ୍ରମିକ
Kharar̲dāpaṇi ସ୍ୱରୂପ ଜମିଦାର ବା ତହସିଲଦାର ଆଦାୟ କରିବା ବାଜେ କର (ଯାହା ସରକାରଙ୍କର ଧାର୍ଯ୍ୟ କରିଭୁକ୍ତ ବା ଆଇନ ଅନୁମୋଦିତ ନୁହେ ।)

An illegal exaction realised by zamindars or rent-collectors from raiyats to defray the expenses of collecting the legal rent.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଖରଡ଼ାବୁରୁସ୍—ବୈଦେ. ବ (ଅ.)—ଖଡ଼ରାବୁରୁସ୍ (ଦେଖ)
Khararḍāburus  Kharḍarāburus (See)
खरड़ा बुरूस
खरहराबुरुस

ଖରଡ଼ିଆ—ଦେ. ବି—ଧାନଆଦି ଶସ୍ୟ ରଖିବା ପାଇଁ ବେତ ବା
Khararḍiā  ବାଉଁଶ ପାତିଆରେ ବୁଣା ବଡ଼ ଆଧାର; କୋଡ଼ମେଇ—
A large basket of wickerwork for storing grain.

ଖରଡ଼ିବା—ଦେ. କ୍ରି—(ଶାକାଦି) ପଦାର୍ଥକୁ ସାମାନ୍ୟ ଜଳଦ୍ୱାରା ସିଦ୍ଧ
Khararḍibā  କରିବା ବା ସାମାନ୍ୟ ଜଳ ଥିବା ଅବସ୍ଥାରେ ତାହା
সাঁতলান  ଓଟାଯାଇ ପାରିବ, ଏପରି ସିଝାଇବା—
तलना
To roast slightly; to fry kitchen-herb etc. with a little water.
[ ଦ୍ର—ବଟା ହଳଦୀକୁ ଦେହରେ ଲଗାଇବା ପୂର୍ବରୁ କୌଣସି ପାତ୍ରରେ ଚୁଲି ଉପରେ ବସାଇ ଟିକିଏ ଉଷୁମ ହେବା ପର୍ଯ୍ୟନ୍ତ ସାନ୍ତାଳିବାକୁ ମଧ୍ୟ ଖରଡ଼ିବା କହନ୍ତି ।]

ଖରଡ଼ିବୁଣା—ଦେ. ବି.—ବିଲ ଶୁଖିଥିବା ଅବସ୍ଥାରେ ଚଷ କରି ତହିଁରେ
Khararḍi buṇā  ଧାନଆଦି ବୁଣିବାର ପ୍ରକ୍ରିୟା—Mode of
(ବତୁର ବୁଣା—ବିପରୀତ)  sowing paddy etc. in a field while dry.

ଖରଡ଼ି ବୁଣିବା—ଦେ. କ୍ରି.—ଶୁଖିଲା କ୍ଷେତ୍ରରେ ଧାନ ବୁଣିବା—
Khararḍi buṇibā  To sow paddy in a dry field.

ଖରଡ଼ି ହେବା—ଦେ. କ୍ରି.—୧ । ସିଦ୍ଧ ହେବା—
Khararḍi hebā  1. To be boiled.
୨ । ଦହଗଞ୍ଜ ହେବା—2. To be troubled.
(ଯଥା—ମୁଁ କଷ୍ଟରେ ଖରଡ଼ି ହେଲିଣି ।)
୩ । କଷ୍ଟଭୋଗ କରିବା—3. To undergo trouble.

ଖରଣସ—ସଂ. ବିଣ. ପୁଂ. (ବହୁବ୍ରୀହି; ଖର=ତୀକ୍ଷ୍ଣ+ନାସା)—
Kharaṇasa  ୧ । ତୀକ୍ଷ୍ଣନାସିକାଯୁକ୍ତ; ନାକୁଆ—1. Sharp-
(ଖରଣସୀ—ସ୍ତ୍ରୀ)  nosed; having a tapering nose.
୨ । ଯାହାର ନାକ ଗର୍ଦ୍ଦଭ ନାକ ପରି ଠିଆ—
2. With ears standing erect; ass-eared.

ଖରଣାସ—ସଂ. ବିଣ. ପୁଂ.—ଖରଣସ (ଦେଖ)
Kharaṇāsa  Kharaṇasa (See)
(ଖରଣାସୀ—ସ୍ତ୍ରୀ)

ଖରତର—ସଂ. ବିଣ. (ଖର+ତର)—୧ । ତୀକ୍ଷ୍ଣତର; ଅପେକ୍ଷାକୃତ ତୀକ୍ଷ୍ଣ—
Kharatara  1. Sharper.
୨ । ଦ୍ରୁତତର—2. Swifter.
୩ । ଅତି ଦ୍ରୁତ—3. Very swift.
ଖରତର ହୋଇ ବାର ବେଗେ ଚଳ ଗଲା । ବଶ୍ୱନାଥ. ବିଚିତ୍ରରାମାୟଣ ।
୪ । ଅତି ତୀକ୍ଷ୍ଣ—4. Excessively sharp or keen; very sharp.
ଦେ. କ୍ରି. ବିଣ.—ଅତି ଶୀଘ୍ର; ଅତି ଚଞ୍ଚଳ—
Very swiftly; very soon.

ଖରତରେ—ଦେ. ପଦ୍ୟ. କ୍ରି. ବିଣ.—ଖରତର (ଦେଖ)
Kharatare  Kharatara (See)

ଖରତ୍ୱକ୍—ସଂ. ବି. (ବହୁବ୍ରୀହି; ଖର+ତ୍ୱକ୍)—ଅଲମ୍ବୁଷା; ସୋଲ—
Kharatwak  A sensitive aquatic plant; sola.
(ଅନ୍ୟ ସଂ. ନାମ ଅଲମ୍ବୁଷା, ମେଦୋଗଲା ।)

ଖରଦଣ୍ଡ—ସଂ. ବି. ( ବହୁବ୍ରୀହି; ଖର+ଦଣ୍ଡ; ଯାହାର ଦଣ୍ଡ ବା ନାଡ଼
Kharadaṇḍa  କଣ୍ଟକମୟ )—ପଦ୍ମ—Lotus.

ଖରଦଳା—ସଂ. ବି. ( ବହୁବ୍ରୀହି; ଖର+ଦଳ+ଆ; ଯାହାର ପତ୍ର
Kharadaḷā  କର୍କଶ)—ଡମ୍ବିରି—The opposite-leaved fig tree,

ଖରଦ—ବୈଦେ. ବି. (ଫା. ଖରିଦ୍)—କ୍ରୟ; କିଣିବା—
Kharadi  Purchase.
खरिद
खरीद्
ବୈଦେ. ବିଣ.—କ୍ରୀତ; କିଣା ଯାଇଥିବା—Purchased.

ଖରଦ କରିବା—ଦେ. କ୍ରି.—କିଣିବା—
Kharadi karibā  To purchase.
खरिदकरा
खरीदना

ଖରଦଦାର—ବୈଦେ. ବିଣ. (ଫା. ଖରିଦାର୍)—କ୍ରେତା—
Kharadidāra  Purchaser.
खरिद्दार
खरीदार

ଖରଦୂଷଣ—ସଂ. ବି—୧ । ( ବହୁବ୍ରୀହି; ଖର=ଉଗ୍ର+ଦୂଷଣ=
Kharadūshaṇa  ଦୋଷ)—ଧାତୁରା—1. Thorn-apple.
୨ । ବି. ( ଦ୍ୱନ୍ଦ୍ୱ ) ରାବଣର ଦୁଇ ଭାଇ ଖର ଓ ଦୂଷଣ ରାକ୍ଷସ ଦ୍ୱୟ—
2. Two demons named Khara and Dūshaṇa, brothers of Rābaṇa.

ଖରଧାର—ସଂ. ବିଣ. ( ବହୁବ୍ରୀହି; ଖର+ଧାରା )—ଦାଢ଼ୁଆ—
Kharadhāra  Sharp-edged.

ଖରଧ୍ୱଂସୀ—ସଂ. ବି. ( ଖର+ଧ୍ୱଂସ୍ ଧାତୁ=ବିନାଶ କରିବା+କର୍ତ୍ତୃ.
Kharadhwaṁsi  ଇନ୍, ଖରଧ୍ୱଂସିନ୍ ୧ମା. ୧ବ. )—ଖର-
ରାକ୍ଷସହନ୍ତା ରାମଚନ୍ଦ୍ର—Rāmachandra who killed the demon Khara.

ଖରନାଦ—ସଂ. ବିଣ—୧ । ( ୬ଷ୍ଠୀ ତତ୍; ଖର+ନାଦ )—ଗର୍ଦ୍ଦଭର
Kharanāda  ଧ୍ୱନି—1. The braying of the ass.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଓ |
| ୨ | ଈ | ଊ | -ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ତୁ |

୨ । ( କର୍ମଧା ) ତୀକ୍ଷ୍ଣ ରବ—
2. Sharp or shrill sound.

**ଖରନାଦୀ**—ସଂ. ବଣ. ପୁଂ. ( ଖର+ନଦ୍ ଧାତୁ=ଶବ୍ଦ କରିବା+ କର୍ତ୍ତୃ. ଇନ୍; ଖରନାଦିନ୍ ୧ମା. ୧ବ. )—କର୍କଶ-ରବକାରୀ—Making a harsh sound.
Kharanādi
(ଖରନାଦିନୀ—ସ୍ତ୍ରୀ)

**ଖରନାଳ**—ସଂ. ବି. (ବହୁବ୍ରୀହି; ଖର=କଣ୍ଟକମୟ+ନାଳ=ମୃଣାଳ)—ପଦ୍ମ—Lotus.
Kharanāla

**ଖରନିଃଶ୍ୱାସ**—ସଂ. ବି. (କର୍ମଧା; ଖର+ନିଃଶ୍ୱାସ )—ଖରଶ୍ୱାସ ( ଦେଖ ) Kharaśwāsa ( See )
Kharanihśwāsa

**ଖରନିଶ୍ୱାସ**—ଦେ. ବି. ( ସଂ. ଖରନିଃଶ୍ୱାସ )—ଖରଶ୍ୱାସ ( ଦେଖ ) Kharaśwāsa ( See )
Kharaniśwāsa

ଖୁଁ ଖୁଁ କାଶ, ଖରନିଶ୍ୱାସ, ସଖି ଗୋ ! ମନ୍ଦ ଏ—ଚଉ ।

**ଖରପତ୍ର**—ସଂ.ବି (ବହୁବ୍ରୀହି, ଖର+ପତ୍ର)— ସାଗୁଆନ ଗଛ (ଦ୍ରବ୍ୟଗୁଣ)—Teak tree ( Teoctona Grandis ).
Kharapatra
( ଯଥା—ଅନ୍ୟ ସଂ. ନାମ—ଶାକ, କ୍ରକଚପତ୍ର, ସ୍ଥିରସାର, ଗୃହଦ୍ରୁମ, ଶ୍ରେଷ୍ଠକାଷ୍ଠ, ଖରପତ୍ର, ଅର୍ଜୁନୋପମ । )

**ଖରପର**—ଦେ. ବି. ( ୬ଷ୍ଠୀ ତତ୍, ଖର+ପର=ଶତ୍ରୁ )—ଖରରାକ୍ଷସ-ହନ୍ତା ରାମଚନ୍ଦ୍ର—Rāmachandr a who killed the demon Khara.
Kharapara

ବହୁତ ଅନାଦ ଗ୍ରହି ହେଲେ ଖରପର—ଭଞ୍ଜ. ବୈଦେହୀଶବିଳାସ ।

**ଖରପରଜ୍ଞା**—ପ୍ରାଦେ. ( ସମ୍ବଲପୁର ) ବି— ଖରବଘରା ( ଦେଖ ) Kharabagharā ( See )
Kharaparajnā

**ଖରପରଝନା**—ପ୍ରାଦେ. ( ସମ୍ବଲପୁର ) ବି— ଖରବଘରା ( ଦେଖ ) Kharabagharā ( See )
Kharaparajhanā

**ଖରପର୍ଣ୍ଣିନୀ**—ସଂ. ବି. ( ଖର+ପର୍ଣ୍ଣ+ଇନ୍+ଈ )—ଗୋଜିହ୍ୱା ଶାକ-ବିଶେଷ—A kind of pot-herb; Elephantopus Scabar.
Kharaparṇṇini
ଅନ୍ୟ ସଂ. ନାମ— ଗୋଜିହ୍ୱା, ଗୋଜିକା, ଗୋଜୀ, ଦାର୍ବିକା
गोजियाशाक
**गोजिया; गोभी**
ତେ. ଯେଦୁନାଲୁକଚେଟ୍ଟୁ,
ଭୀରଲକଚେଟ୍ଟୁ
ମ. ପାଥରୀ
ଗୁ. ଭୋପାଥରୀ
ଫା. କମଲରୁଖୀ
[ ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବାୟୁବର୍ଦ୍ଧକ, ଶୀତବୀର୍ଯ୍ୟ, ଧାରକ, କଫପିତ୍ତନାଶକ, ହୃଦୟ-ଗ୍ରାହୀ, ଲଘୁ, କୋମଳ, ତିକ୍ତ-କଷାୟ-ମଧୁରରସ, ମଧୁରବିପାକ ଏବଂ ମେହ, କାସ, ରକ୍ତଦୋଷ, ବ୍ରଣ ଓ ଜ୍ୱରନାଶକ । ]

**ଖରପା**—ଦେ. ବି.—ନଈକଢ଼ି ଯୋଗୁଁ ନଦୀଗର୍ଭରେ ପଡ଼ିଥିବା ପତଳା ସ୍ତରର ପଟୁମାଟିଯୁକ୍ତ ଅଂଶ; ଉପରେ ପଟୁମାଟି ପତଳା ହୋଇ ପଡ଼ିଥିବା ନଈବାଲି—Part of the sandy river-bed over which a thin layer of silt is deposited and left after the flood subsides.
Kharapā

**ଖରପାତ୍ର**—ସଂ. ବି (କର୍ମଧା; ଖର=କଠିନ+ପାତ୍ର )—ଲୌହପାତ୍ର—Iron vessel.
Kharapātra

**ଖରପାଦାଢ୍ୟ**—ସଂ. ବି—କଇଥ—Wood-apple.
Kharapādāḍhya

**ଖରପାଳ**—ସଂ. ବି ( ଖର+ପାଳ )—କାଠପାତ୍ର—Wooden vessel.
Kharapāla

**ଖରପୁଷ୍ପା**—ସଂ. ବି (ଖର+ପୁଷ୍ପ+ଆ)—ବବୁରୀ; ଦୁଲରୀ—Ocimum Gratissimum.
Kharapushpā
ଅନ୍ୟ ସଂ. ନାମ ବର୍ବରୀ, ବର୍ବରୀ,
ତୁବରୀ, ତୁଙ୍ଗୀ, ଅଜଗନ୍ଧିକା,
ପର୍ଣ୍ଣାସ
बाबुई, तुलसी
**बर्बरी, बनतुलसी**
ମ. ଆଜବଲ୍ଲୀ, ରାନତୁଲସ
ତେ. ତେଲ୍ଲଗଗ୍ଗେରଚେଟ୍ଟୁ
ଗୁ. ରାନତୁଲସୀ
ଫା. ପଲଙ୍ଗମୁଷ୍କ
ଆ. କରଂଜମୁଷ୍କ

**ଖରପୋଡ଼ା**—ଦେ. ବଣ—ଯେଉଁ ଖାଦ୍ୟ ଦ୍ରବ୍ୟ ବା ଫଳାଦି ଅତିରିକ୍ତ ରୂପେ ପୋଡ଼ି ହୋଇ ଯାଇଥାଏ—Over burnt (food).
Kharapordā

**ଖରପ୍ରିୟ**—ସଂ. ବି ( ବହୁବ୍ରୀହି; ଖର=ଉଷ୍ଣତା+ପ୍ରିୟ )—ପାରାବତ; ପାରା—A pigeon.
Kharapriya

**ଖରବ**—ଗ୍ରା. (ପଦ୍ୟ) ବି (ସଂ. ଖର୍ବ)—ଖର୍ବ (ଦେଖ )—Kharba (See)
Kharaba
खरब
**खरब**

**ଖରବଘରା**—ଦେ. ବି (ଖର+ବଘରା )—ଛଅଣ ଆଦିର ଯେଉଁ ବଘାରି ବେଳେ ହାଣ୍ଡିମଧ୍ୟ ଅତିରିକ୍ତରୂପେ ଭଜା ହୋଇ ଯାଇଥାଏ ବା ଜଳିଯାଇଥାଏ—Over frying of curry.
Kharabagharā

**ଖରବୁଜ**—ଦେ. ବି (ସଂ, ଖର୍ବୁଜ)—ଖରଭୁଜ ( ଦେଖ )—Kharabhuja (See)
Kharabuja

**ଖରବୁଜା**—ଦେ. ବି—ଖରଭୁଜ ( ଦେଖ )—Kharabhuja (See)
Kharabujā

**ଖରଭଜା**—ଦେ. ବଣ ( ସଂ. ଖର+ଭର୍ଜିତ )—ଅତିରିକ୍ତ ରୂପେ ଭଜା ହୋଇଥିବା ( ଦ୍ରବ୍ୟ )—( things ) Over-boiled; overdone; excessively roasted or baked; over-baked.
Kharabhajā
खरभजा
**कड़ाभाजा**

ସାଧାରଣ ଲୋକେ ଅନେକ ସ୍ଥଳରେ ସୂଚକ ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ କରସ୍ଥିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଖରଭୁଜ**—ବୈଦେ. ବି [ଫା. ଖର୍ବୁଜାର ସଂସ୍କୃତରେ ଗୃହୀତ ରୂପ ଖର୍ବୁଜ (M. W.)]—କାବୁଲ ଦେଶୀୟ ତରଭୁଜ—
Kharabhuja — खरभुज, खरबूजा — Watermelon grown in Kabul; Cucumis Melo.
[ ଦ୍ର—ଏହା କାବୁଲର ଜାତୀୟ ମିଷ୍ଟରସବିଶିଷ୍ଟ ତୃଷାନିବାରକ ଲତା-ଫଳ । ଦେଶୀ ତରଭୁଜ ଠାରୁ ଏହା ଆକାରରେ ବଡ଼ ଓ ବେଶୀ ମିଠା । ଏହି ଫଳର ଶସ୍ୟରେ ମଧ୍ୟ ସୁଗନ୍ଧ ଅଛି । ପୂଷ ମାସରେ ନଇକୂଳ ଜମିରେ ଖାତ ଖୋଳି ଏହି ମଞ୍ଜିକୁ ପୋତନ୍ତି ଓ ଏହା ଚୈତ୍ର ଠାରୁ ଆଷାଢ଼ ପର୍ଯ୍ୟନ୍ତ ଫଳେ, ଏହାର ଲତା ଭୂମିରେ ବହୁ ଦୂର ମାଡ଼େ । ଏଥିର ସଫେଦା, ଚିନା ଆଦି ଅନେକ ଜାତୀୟ ଫଳ ଅଛି । ଏଥିର ମଞ୍ଜିକୁ ଲୋକେ ଭାଙ୍ଗସଙ୍ଗେ ବାଟି ଖାଆନ୍ତି । ଏବଂ ମଞ୍ଜି ଭିତରର ଶସ୍ୟକୁ ଚିନିରେ ପାଗ କରି ଖାଆନ୍ତି । ଏ ମଞ୍ଜିରୁ ବାହାରିବା ତେଲକୁ ଲୋକେ ଖାଆନ୍ତି ଓ ତେଲରୁ ସାବୁନ ହୁଏ—ହି. ଶବ୍ଦସାଗର । ]

**ଖରଭୁଜା**—ଦେ. ବି—ଖରଭୁଜ (ଦେଖ)
Kharabhujā — Kharabhuja (See)

**ଖରମଞ୍ଜରୀ**—ସଂ. ବି ( ବହୁବ୍ରୀହି; ଖର+ମଞ୍ଜରୀ )—
Kharamañjarī — ଅପାମାର୍ଗ ଗୁଳ୍ମ—Achyranthes Aspera (plant).

**ଖରମରା**—ଦେ. ବିଣ (ଖର+ମରା)—ଲହୁଣୀରୁ ପ୍ରସ୍ତୁତ ହେବାବେଳେ
Kharamarā — ଯେଉଁ ଘିଅରୁ ଜଳୀୟ ଅଂଶ ସମ୍ପୂର୍ଣ୍ଣ ଶୁଷ୍କ ହୋଇ ଯାଇଥାଏ; ଯେଉଁ ଘିଅ ପାଣି ମରିବା ପରେ ବେଶିବେଳ ଜାଆଁରେ ବସିବା ଯୋଗୁଁ ଈଷତ୍ ପୋଡ଼ି ଯାଇଥାଏ—Ghee which has been put over fire for some time after the water has fully evaporated.

**ଖରମୁଜ**—ଦେ. ବି—ଖରଭୁଜ (ଦେଖ)
Kharamuja — Kharabhuja (See)

**ଖରମୁଜା**—ଦେ. ବି—ଖରଭୁଜ (ଦେଖ)
Kharamujā — Kharabhuja (See)

**ଖରଯାନ**—ସଂ. ବି ( ମ. ପ. ଲୋ. କର୍ମଧା; ଖର+ଯାନ)—
Kharajāna — ଗଧଟଣା ଗାଡ଼ି—Cart drawn by asses.

**ଖରରଶ୍ମି**—ସଂ. ବି ( ବହୁବ୍ରୀହି; ଖର+ରଶ୍ମି )—ସୂର୍ଯ୍ୟ—
Khararaśmi — The sun.

**ଖରଶବ୍ଦ**—ସଂ ବି—୧ । ( ୬ଷ୍ଠୀ ତତ୍; ଖର+ଶବ୍ଦ)—
Kharaśabda — ଗର୍ଦ୍ଦଭର ଧ୍ୱନି; ଗଧବୋବାଳି—1. The braying of the ass.
୨ । ( କର୍ମଧା )—କର୍କଶ ଶବ୍ଦ—2. Harsh sound.

**ଖରଶା**—ପ୍ରାଦେ (ଗଡ଼ଜାତ) ବି—କାଶତର ତୃଣ—
Kharaśā — Reed.

**ଖରଶାକ**—ସଂ. ବି—ଭାର୍ଗୀ; ବ୍ରାହ୍ମଣଯଷ୍ଟିଆ ଗୁଳ୍ମ—
Kharaśāka — Clerodendron Syphonanthus (plant).

**ଖରଶାଣ**—ସଂ. ବିଣ ( ବହୁବ୍ରୀହି; ଖର+ଶାଣ )—ଖରଧାର;
Kharaśāṇa — ଅତ୍ୟନ୍ତ ଧାରୁଆ—Very sharp.
ବେଗେଣ ବଳର ବାର ଖରଶାଣ ଶର—ରଘୁନାଥ, ବେଣୀସଂହାର ।

**ଖରଶୋଧା**—ଦେ. ବି—ଖରସଦା (ଦେଖ)
Kharaśodhā — Kharasadā (See)
ଦେଉଳ ଖରଶୋଧାପଣେ
ଖାଉଛି ସେ ଦେଖ ତୁ ଆପଣେ—ରାମଦାସ, ଦାର୍ଢ୍ୟଭକ୍ତି ।

**ଖରଶ୍ୱାସ**—ସଂ. ବି ( କର୍ମଧା; ଖର+ଶ୍ୱାସ )—
Kharaśwāsa — ୧ । ଧଇଁସଇଁ ହେବା—1. Gasping.
୨ । ଦୀର୍ଘଶ୍ୱାସ—2 Sighing.
୩ । ଅଣଶ୍ୱାସ ବୋହିବା—3. Gasping before death.

**ଖରଷି**—ପ୍ରାଦେ (ସମ୍ବଲପୁର) ବି ( ସଂ. କରୀଷ )—
Kharashi — ୧ । ଗୋବର—1. Cowdung.
୨ । ଖତ—2. Manure.
୩ । ଘସି—3. Dried cowdung-cake.
୪ । ତୁଷମିଶ୍ରିତ ଗୋବର ଘସି—4. Cakes of cowdung dried in the sun after being mixed with bran.

**ଖରସଙ୍ଗ**—ଦେ. ବି—ବାଉଁଶଜାତୀୟ ଗୁଳ୍ମବିଶେଷ—
Kharasaṅga — ମୁକ୍ତାପାତା — A bush-like bamboo; Clenogyne Dichotoma. ( Haines ).
[ ଦ୍ର—ଏହା ପ୍ରାୟ ୧୦।୧୨ ଫୁଟ ଉଚ୍ଚ ହୁଏ । ]

**ଖରସଣ**—ପ୍ରାଦେ. (ଗଞ୍ଜାମ) ବି (ତୁଳ.ସଂ. ଖରଦଳା)—ଡମିରି (ଦେଖ)
Kharasaṇa — Ḍimiri (See)

**ଖରସଦା**—ଦେ. ବି—ଦେବାଳୟ ବା ରାଜବାଟୀର ଆୟ ବ୍ୟୟର ହିସାବରକ୍ଷକ କର୍ମଚାରୀବିଶେଷ—
Kharasadā — A ministerial officer or accountant of a palace or temple.
ପ୍ରାଦେ. ୧ ( ଗଡ଼ଜାତ ) ବି—କରଣଜାତିର ରାଜପ୍ରଦତ୍ତ ଉପାଧି ବିଶେଷ—1. Title given to Karanas in the Gardajāt States.
୨ । (ଗଞ୍ଜାମ) ବି.—ନାୟକଜାତିର ଅଧିକାରୀବିଶେଷ—2. The 3rd. grade headman of the Nāyaka (astrologer) caste in Ganjam.
[ ଦ୍ର—ଏ ଜାତିରେ ସୋପାନକ୍ରମେ ନାୟକ, ପାତ୍ର, ଖରସଦା ଭଳିଆଇ ଏପରି ଗୃହଜଣ ଅଧିକାରୀ ରହନ୍ତି । ]

**ଖରସଧା**—ଦେ. ଓ ପ୍ରାଦେ. (ଗଡ଼ଜାତ ଓ ଗଞ୍ଜାମ)—ଖରସଦା (ଦେଖ)
Kharasadhā — Kharasadā ( See )

| ୧ | ଇ | ଉ | ର,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ● | ନୃ |

**ଖରସୁଅ**—ଦେ. ବି. ( ସଂ. ଖରସ୍ରୋତା )—
Kharasuā ୧ । କଟକଜିଲ୍ଲା ଯାଜପୁର ଅଞ୍ଚଳର ବ୍ରାହ୍ମଣୀନଦୀର ଶାଖାବିଶେଷ—
1. Name of a river; branch of the Brāhmaṇī in Orissa.
୨ । ଛୋଟନାଗପୁର ସିଂହଭୂମଜିଲ୍ଲା ସଂଲଗ୍ନ ଉତ୍କଳୀୟ ଗଡ଼ଜାତରାଜ୍ୟବିଶେଷ—
2. A feudatory state in Chhoṭa-nāgpur under the Orissa Agency.
[ ଦ୍ର—ଏ ରାଜ୍ୟ ଓଡ଼ିଶାର ପୋଲିଟିକାଲ୍ ଏଜେଣ୍ଟଙ୍କ ଅଧୀନ । ଏ ରାଜାଙ୍କର ଉପାଧି 'ଠାକୁର'; ବେଙ୍ଗଲନାଗପୁର ରେଲର ଆମଦା-ଷ୍ଟେସନଠାରୁ ଏ ରାଜ୍ୟର ରାଜଧାନୀ ଶୂର ମାଇଲ ଦୂର । ]
୩ । କଉଫାସିଆ ( ମାଛ ) ( ଦେଖ )
3. Kauphāsiā ( fish ) ( See )
ଦେ. ବିଣ. ( ବହୁବ୍ରୀହି; ଖର+ସୁଅ+ସ୍ତ୍ରୀ. ଆ )—ପ୍ରଖର ସ୍ରୋତବିଶିଷ୍ଟା ( ନଦୀ )—
( river ) With a swift current.

**ଖରସୁଅଁ**—ଦେ. ବି—ଖରସୁଅ ୨ ( ଦେଖ )
Kharasuāṅ Kharasuā 2 ( See )

**ଖରସୁଧା**—ଦେ. ଓ ପ୍ରାଦେ. ( ଗଡ଼ଜାତ ) ବି—ଖରସଦା ( ଦେଖ )
Kharasudhā Kharasadā ( See )

**ଖରସ୍କନ୍ଧ**—ସଂ. ବି. ( ବହୁବ୍ରୀହି; ଖର+ସ୍କନ୍ଧ )—ପିୟାଳବୃକ୍ଷ—
Kharaskandha Buchanania Latifolia ( tree ).

**ଖରସ୍ପର୍ଶ**—ସଂ. ବିଣ. ପୁଂ ( ବହୁବ୍ରୀହି; ଖର+ସ୍ପର୍ଶ )—
Kharasparśa ଖରସ୍ପର୍ଶୀ ( ଦେଖ )
( ଖରସ୍ପର୍ଶା—ସ୍ତ୍ରୀ ) Kharasparśi ( See )

**ଖରସ୍ପର୍ଶୀ**—ସଂ. ବିଣ. ( ଖରସ୍ପର୍ଶ+ଅସ୍ତି ଅର୍ଥରେ. ଇନ୍ ୧ମା. ୧ବ.)—
Kharasparśi ଠାଆଁଶା; ରାଡ଼ରାଡ଼ିଆ; କରଡ଼ା—
( ଖରସ୍ପର୍ଶିନୀ—ସ୍ତ୍ରୀ ) Rough to the touch.

**ଖରସ୍ୱରା**—ସଂ. ବି. ( ବହୁବ୍ରୀହି; ଖର+ସ୍ୱର+ସ୍ତ୍ରୀ. ଆ )—ବଣମଲ୍ଲୀ—
Kharaswarā Wild jasmine.

**ଖରସ୍ରୋତା**—ସଂ. ବିଣ. ( ବହୁବ୍ରୀହି; ଖର+ସ୍ରୋତସ୍. ୧ମା. ୧ବ.)—
Kharasrotā ପ୍ରଖର ସୁଅ ଥିବା ( ନଦୀ )—
( river ) Having a swift current.
ଦେ. ବି. ( ନାମ )—ଖରସୁଅ ୧ ( ଦେଖ )
Kharasuā 1 ( See )

**ଖରା**—ଦେ. ବି—୧ । ( ସଂ. ଖରାଂଶୁ; ଖର=ତୀକ୍ଷ୍ଣ )—ସୂର୍ଯ୍ୟଙ୍କ ଉତ୍ତାପ—1 Rays of the sun.
Kharā
ରୋদ; খরা ଖରସ୍ପର ଝାଉଁଳିବା ଶ୍ରୀଅଙ୍ଗ ପାଇଲୁ ରେ—
ଧূপ କବିସୂର୍ଯ୍ୟ. କଶୋରଚନ୍ଦ୍ର. ୫ ଗୀତ ।
୨ । ଖାରବାକର୍ମ; ଅସ୍ତ୍ରରେ କାଟିବା—
2. Cutting with a sharp instrument.

ପ୍ରାଦେ—୧ । ( ସମ୍ବଲପୁର ) ବି. ( ଭୁଲ. ବଂ. ଖରିଗୋସ୍; ସଂ. ଖର=ଗର୍ଦ୍ଦଭ+ଫା. ଗୋସ୍+କାନ—ଭୁଲ. ହି. ଖରହା; ଖରଗୋସ୍; ଫା. ଖରଗୋସ୍) ଠେକୁଆ; ଶଶା—
1. Hare; rabbit.
୨ । ( ବସ୍ତର ) ବି. ( ଭୁଲ. ସଂ. ଖର=ତୃଣ; ଘାସ )—ଘାସ—2. Grass.

**ଖରାଂଶୁ**—ସଂ. ବି—୧ । କର୍ମଧା, ଖର+ଅଂଶୁ )—ସୂର୍ଯ୍ୟ କିରଣ—
Karāṁśu 1. Sun's rays.
୨ । ଟାଣଖରା—2. Hot rays of the sun.
୩ । ( ବହୁବ୍ରୀହି ) ସୂର୍ଯ୍ୟ—3. The sun.

**ଖରା କାଟିବା**—ଦେ. ବି—ଖରାର ତେଜ ଶରୀରକୁ କ୍ଳେଶ ଦେବା—
Kharā kāṭibā The feeling of discomfort due to the sun's rays scorching the body.
କାଟୁବାଯାଏଁ ଖରା ପିଠିକି ତାହାଙ୍କର—କୃଷ୍ଣସିଂହ. ମହାଭାରତ, ଅର ।

**ଖରା ଖାଇବା**—ଦେ. କି.—( ନିର୍ଜୀବ ପଦାର୍ଥ ) ସୂର୍ଯ୍ୟଉତ୍ତାପଦ୍ୱାରା ତପ୍ତ ହେବା—( any thing ) To lie in the sun.
Kharā khāibā
রোদে খাওয়া
धूपखाना ( ଯଥା—ପାଟଲୁଗାଯାକ ଛାଡ଼ିଦେଇ ଖରା ଖାଉଛି । )

**ଖରାଖିଆ**—ଦେ. ବିଣ—ଅନାବୃତ ସ୍ଥାନରେ ରହିଥିବା ଯୋଗୁଁ ଯାହା ଉପରେ ସର୍ବଦା ସୂର୍ଯ୍ୟକିରଣ ପଡ଼ୁଥାଏ; ଫୁଙ୍ଗା—
Kharākhiā Always exposed to the rays of the sun; directly under the rays of the sun.
( ଯଥା—ଖରାଖିଆ ମହାଦେବ । )

**ଖରାଟି**—ଦେ. ବିଣ—୧ । ଗ୍ରୀଷ୍ମକାଳୀନ; ଖରାଟି—
Kharāṭi 1. Happening in or produced in the summer.
୨ । ଯେଉଁ ସ୍ଥାନରେ ଅଧିକାଂଶ ସମୟ ଖରା ପଡ଼େ; ଅନାବୃତ—
2. Sunny; exposed to the direct rays of the sun.

**ଖରାଟିଆ**—ଦେ. ବିଣ—ଖରାଟି ( ଦେଖ )
Kharāṭiā Kharāṭi ( See )

**ଖରାତରା**—ଦେ. ବି. ( ବିପରୀତାର୍ଥକ ସହଚର )—ଦିନ ଓ ରାତି—
Kharātarā Day and night.
দিনরাত
दिनराति

**ଖରାତାତି**—ଦେ. ବି—ସୂର୍ଯ୍ୟୋତ୍ତାପ—
Kharātāti The heat of the sun.
রোদেরঝাঁঝ ପୂର୍ଣ୍ଣିତ ପଡ଼ୁଅଛି ଦେହେ ଖରାତାତି ।
धूपका गर्मी କୃଷ୍ଣସିଂହ. ମହାଭାରତ. ବନ୍ତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୟୁତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଜଣା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଖରାଟୋଡ଼**—ପ୍ରାଦେ. ( ବାଲେଶ୍ୱର ) ବି—ପାଣି ଶୁଖିଯିବାରୁ କେବଳ
Kharātorḏi କାଦୁଅ ବା ପଙ୍କ ଭିତରେ ବଞ୍ଚି ରହିଥିବା ଟୋଡ଼ ମାଛ
—A kind of fish subsisting inside clay after water dries up in summer.

**ଖରାଦିନ**—ଦେ. ବି—ଗ୍ରୀଷ୍ମକାଳ—
Kharādina Summer time or season

**ଖରାଦିନିଆ**—ଦେ. ବିଣ—ଗ୍ରୀଷ୍ମକାଳୀନ—
Kharādinia Happening in summer.

**ଖରା ଦେବା**—ଦେ. କ୍ରି—ଖରାରେ ଶୁଖାଇବା—To dry in the sun; to sun ( a thing ).
Kharā debā
রোদদেনা
**धूपदेना; धूपदिखाना**

**ଖରାପ**—ବୈଦେ. ବିଣ. ( ଆ. ଖରାବ୍ )—୧ । ଦୁଷ୍ଟ— 1. Wicked; vile.
Kharāpa
খারাপ ୨ । ମନ୍ଦ; କୁତ୍ସିତ—2. Bad; evil.
**खराब** ୩ । ସଢ଼ା—3. Rotten.
(ବିପରୀତ—ଅଚ୍ଛା) ୪ । ନଷ୍ଟ; ବିନଷ୍ଟ—
4. Spoiled; damaged; ruined.
୫ । ଅସତ୍—5. Dishonest.
୬ । ( ଦେହ ) ପୀଡ଼ିତ—6 Sick.
୭ । ବ୍ୟର୍ଥ; ବିଫଳ; ନିଷ୍ଫଳ —7. Frustrated.
ଖରାପ ନ କର ଏତେ ଆଶା । କବିସୂର୍ଯ୍ୟ. ସଙ୍ଗୀତ ।
୮ । ଦୁଷ୍ଟବୃତ୍ତି—8. Of vile propensities.
୯ । ( ମନ ) ବ୍ୟସ୍ତ; କଷ୍ଟପ୍ରାପ୍ତ; ଦୁର୍ଦ୍ଦଶାଗ୍ରସ୍ତ—
9. ( mind ) Troubled; pained; in trouble; suffering.
ଖରାପ ତୁ ହେଲୁ ରେ । କବିସୂର୍ଯ୍ୟ—ଦଣ୍ଡୋଷ ଚମ୍ପୂ
୧୦ । ମର୍ଯ୍ୟାଦାଭ୍ରଷ୍ଟ—10. Dishonoured.
୧୧ । ଅପବିତ୍ର—11. Impure.
୧୨ । ( ଶୁଭବାଚନ ) ମୃତ; ହତ—
12. ( euphemism ) Dead; killed.
( ଯଥା—ଲଢ଼େଇରେ ହଜାର ହଜାର ଲୋକ ଖରାପ ହୋଇଗଲେ । )
୧୩ । ମନ୍ଦଚରିତ୍ର—13. Of bad character.

**ଖରାପ ଲାଗିବା**—ଦେ. କ୍ରି—୧ । କୌଣସି ବିଷୟ କୌଣସି ବ୍ୟକ୍ତିକୁ
Kharāpa lāgibā ସୁଖକର ଜଣା ନ ଯିବା—1. To seem
খারাপলাগা disagreeable; not to seem pleasant
**खराब मालुम होना** ( ଯଥା—ଅକର୍ମୀ ଲୋକଙ୍କୁ ହିତବଚନ ଖରାପ ଲାଗେ । )
୨ । ଅସ୍ୱାଦ ଜଣାଯିବା—2. To taste bad.
( ଯଥା—ଆଜି ମାଛତିଅଣ ଖରାପ ଲାଗୁଛି । )
ଦେ. ବି. ( କୌଣସି ବ୍ୟକ୍ତିର ) ସ୍ୱାଚ୍ଛନ୍ଦ୍ୟ ବା ସୁଖ ଅନୁଭୂତିର ଅଭାବ—Want of an easy feeling.
(ଯଥା—ନିକମା ହୋଇ ବସି ରହିବାକୁ ମୋତେ ଖରାପ ଲାଗୁଛି ।)

**ଖରାପ ହେବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ମରିବା; ମୃତହେବା—
Kharāpa hebā To die.

**ଖରାପି**—ସ୍ତ୍ରୀ. ବିଣ—ଖରାପ ( ଦେଖ )
Kharāpi Kharāpa ( See )

**ଖରାପିଠିଆ**—ଦେ. ବିଣ. ( ସଂ. ଖର + ପୃଷ୍ଠ )—
Kharāpiṭhiā ୧ । ଖରାକୁ ପିଠି ଦେଇଥାଇ ବସିଥିବା—
1. Having one's back to the sun; basking in the sun

**ଖରା ପୁଇଁବା**—ପ୍ରାଦେ. (ଯାଜପୁର) କ୍ରି—ଖରା ପୋଇବା ( ଦେଖ )
Kharā puiñbā Kharāpoibā ( See )

**ଖରା ପୋଇବା**—ଦେ. କ୍ରି—ଦେହରେ ସୂର୍ଯ୍ୟଙ୍କ ଉତ୍ତାପ ଗ୍ରହଣ କରିବା—
Kharā poibā To bask in the sun.
রোদপোআনা
**धूपखाना**

**ଖରାବରଷା**—ଦେ. ବି. (ବିପରୀତାର୍ଥକ ସହଚର)—ଖରା ଏବଂ ବର୍ଷା—
Kharā barashā Sun and shower.
রোদবৃষ্টি
**धूपबरषात**

**ଖରାବରଷା ପାରିବା**—ଦେ. କ୍ରି.—ଖରା ମଠାଳିବା (ଦେଖ)
Kharābarashā pāribā Kharā maṭāḻibā (See)

**ଖରାବେଠି** - ପ୍ରାଦେ. (ଗଡ଼ଜାତ) ବି.—ଖୋଦ୍ ରାଜାଙ୍କର, ସରକାରୀ ଓ
Kharābeṭhi ରାଜକର୍ମଚାରୀମାନଙ୍କ ଘର ମରାମତି, ଛାଉଣି ଏବଂ ଛପରବନ୍ଧ କାର୍ଯ୍ୟ ( ଯାହା କି ବିନା ପାରିଶ୍ରମିକରେ ବା ନାମମାତ୍ର ପାରିଶ୍ରମିକ ନେଇ ପ୍ରଜାମାନେ ପ୍ରତିବର୍ଷ ଖରାଦିନେ ସମ୍ପାଦନ କରନ୍ତି)—
Impressed labour consisting of thatching and building houses for the Raja and his officers in summer season.

**ଖରାବେଳ**—ଦେ. ବି.—ଦିବସର ପ୍ରଚଣ୍ଡ ରୌଦ୍ରର ସମୟ; ଦିପହର
Kharā beḻa ବେଳା; ଉଦୁଉଦିଆ ଦିପହର—
রোদেরবেলা Midday.
**धूपकावक्त**

**ଖରାବେଳିଆ**—ଦେ. ବିଣ.—ଖରାବେଳସମ୍ପର୍କୀୟ ବା ସମ୍ବନ୍ଧୀୟ—
Kharābeḻiā Pertaining to the midday.

**ଖରା ମଠାଳିବା**—ଦେ.କ୍ରି.—କୌଣସି ସ୍ଥାନରେ ଖରାବେଳ ବା ଦ୍ୱିପ୍ରହର
Kharā maṭāḻibā ଗତ କରିବା—To let the time of noon pass; to pass the noon time at some place.

**ଖରା ମଡୁଳିବା**—ଦେ. ବି.—ଖରା ଲେଉଟିବା; ଦ୍ୱିପ୍ରହର ସମୟ ଗଡ଼ିବା—
Kharā maduḻibā The time after the sun passes the meridian.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | ଙ୍କ | ଇଯ୍ | ଙ୍ଖ | ● |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଗ | ଇଅ | ● | ନ୍ତ |

**ଖର ମାରିବା**—ଦେ. କ୍ରି.—ଖରା କାଟିବା (ଦେଖ)
Kharā māribā Kharā kāṭibā (See)

**ଖରାମୁହାଁ**—ଦେ. ବିଣ.—ଖରାଆଡ଼କୁ ଯେ ମୁହଁ କରି ଥାଏ—
Kharāmuhāñ Facing the sun.

**ଖରାଶ୍ୱା**—ସଂ. ବି.—ଅଜମୋଦା; ବଣଜୁଆଣି (ଦ୍ରବ୍ୟଗୁଣ)—
Kharāśwā Seseli Indicum.

**ଖରି**—ଦେ. ବି. (ସଂ. ଖଡ଼ୀ)—ଏକଜାତୀୟ ଲମ୍ବା ତୃଣ—
Khari A kind of long grass used in thatching;
ଖଡୀ Saccharum Fuscum.

କରମକୁ ଆଦର ହେଲା ମୁଁ ଏତେ ଘର,
ପୋଡ଼ିଲା ଅଗ୍ନିରେ ବଳି ହୋଇଲା ଖରି। ଉପେନ୍ଦ୍ରଭଞ୍ଜ. ଗୀତଲହରୀ।

[ ଦ୍ର—ଏହା ବଡ଼ ଠାଆଁଶା; ଏଥିରେ ଘର ଛପରି କରାଯାଏ;
ଏହାର ଗଛ ଓ ପତ୍ର ଆଖୁଗଛ ଓ ପତ୍ରପରି; କିନ୍ତୁ ସରୁଆ।]

ଦେ. ବିଣ.—୧। ଖରାସମ୍ବନ୍ଧୀୟ—
1. Relating to sun's rays.
୨। ଖରାଦିନିଆ—2. Of the summer.

ପ୍ରାଦେ. (ସମ୍ବଲପୁର) ବି.—ଧାନବିଡ଼ାର ଗଦା—
Heap of paddy-sheaves.

ବୈଦେ. ବିଣ.—(ଆ. ଖରିଫ୍)—ହୈମନ୍ତିକ (ଶସ୍ୟ)—
ଖରିଫ (grains) Growing in winter.
खरीफ [ ଦ୍ର—ଖରିଫସଲ ଯଥା—ଶାରଦଧାନ, ବାଜରା, ମୁଗ,
ହରଡ଼ ଆଦି ଫସଲ। ]

**ଖରିଆ**—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି. (ତୁଳ. ହି. ଖରହା)—
Khariā ଠେକୁଆ—Hare; rabbit.
(ଖଡ଼ିଆ—ଅନ୍ୟରୂପ)

**ଖରିକା**—ସଂ.ବି. (ଖର+କ+ଆ)—ମୃଗନାଭି ଚୂର୍ଣ୍ଣ; ଧୂଳି ପରି ଦାନା—
Kharikā ବିଶିଷ୍ଟ କସ୍ତୁରୀ—Powdered musk.

ଗ୍ରା. (ଶୂଦ୍ର ଭାଷା) ବି.—ଖଡ଼ିକା (ଦେଖ)
Khaṛikā (See)

**ଖରିତା**—ବୈଦେ. ବି. (ଆ. ଖରୀତା=ବଡ଼ ଲଫାଫା)—ଏକ ଶାସନ-
Kharitā କର୍ତ୍ତାଙ୍କଠାରୁ ଅନ୍ୟ ଶାସନକର୍ତ୍ତାଙ୍କ ନିକଟ (ଲଫାପାରେ
ଖରିତା ବନ୍ଦ ହୋଇ) ପଠାଯିବା ସରକାରୀ ଚିଠି—An official
खरीता letter (contained in a big envelope)
sent from the governor of one province
or the head of one department to
another.

**ଖରିଦ୍ (ଇତ୍ୟାଦି)**—ବୈଦେ.—(ଫା. ଖରୀଦ୍)—ଖରିଦ ଇତ୍ୟାଦି (ଦେଖ)
Kharid (etc) Kharadi etc. (See)

**ଖରିଦ୍‌ବିକ୍ରି**—ଦେ.ବି. (ଉପଯୋଗାର୍ଥ ସହିତର; ଫା. ଖରୀଦ୍+ସଂ. ବିକ୍ରୟ)
Kharid bikri କଣା ବିକା—Purchase and sale.

**ଖରିଦ୍‌ମୂଲ୍ୟ**—ଦେ. ବି. (ଫା. ଖରୀଦ୍+ସଂ. ମୂଲ୍ୟ)—ଯେଉଁ ମୂଲ୍ୟରେ
Kharid mulya ଜିନିଷ କିଣା ହୋଇଥାଏ—
Purchase-price.

**ଖରିଦ୍‌ସ୍ୱତ୍ୱ**—ଦେ. ବି. (ଫା. ଖରୀଦ୍+ସଂ. ସ୍ୱତ୍ୱ)—କିଣିବାଦ୍ୱାରା କୌଣସି
Kharid swattwa ପଦାର୍ଥ ଉପରେ କେତାର ଯେଉଁ ଅଧିକାର
ପ୍ରବର୍ତ୍ତେ—Right or title acquired by
purchase.

**ଖରିଦା**—ଦେ. ବିଣ.—କ୍ରୀତ—
Kharidā Purchased.
ଖରିଦା ଦେ. ବି.—୧। କ୍ରୀତ ବସ୍ତୁ—
खरीदा Thing acquired by sale.
୨। ଖରିଦା ଜମାବନ୍ଦି (ଦେଖ)—
2. Kharidā jamābandi (See)

**ଖରିଦାଗି**—ଦେ. ବି—ଖରିଦା ଜମାବନ୍ଦି (ଦେଖ)—
Kharidāgi Kharidā jamābandi (See)

**ଖରିଦା ଜମାବନ୍ଦି**—ଦେ. ବି—ଓଡ଼ିଶାରେ ଏକପ୍ରକାର ଭୂସ୍ୱତ୍ୱ (ଯାହା
Kharidā jamābandi ପୂର୍ବେ ନିଷ୍କର ଥିଲା ମାତ୍ର ଦାନଗ୍ରହୀତାର
ବଂଶଧରମାନେ ଅନ୍ୟ ବ୍ୟକ୍ତିକୁ ବିକି କରି ଦେବାରୁ ତହିଁ
ଉପରେ ଗଭର୍ଣ୍ଣମେଣ୍ଟ ଜମା ବା କର ଧାର୍ଯ୍ୟ କରିଅଛନ୍ତି)—
A tenure originally given rent-free but
now assessed to a quit-rent for having
been alienated by sale to a stranger.

**ଖରିଦାସତ୍ୱ**—ଦେ. ବି—ଖରିଦ୍‌ସତ୍ୱ (ଦେଖ)—
Kharidāsatwa Kharidsatwa (See)

**ଖରିଦିସତ୍ୱ**—ଦେ. ବି—ଖରିଦ୍‌ସତ୍ୱ (ଦେଖ)—
Kharidisatwa Kharidsatwa ( See )

**ଖରିନ୍ଧମ**—ସଂ. ବିଣ. ପୁଂ. (ଖରୀଂ+ଧମ ଧାତୁ+ଅ)—ଗଧ ଦୁଧ ପାନ
Kharindhama କରୁଥିବା—Drinking asses' milk.
(ଖରିନ୍ଧମା—ସ୍ତ୍ରୀ)

**ଖରିନ୍ଧୟ**—ସଂ. ବିଣ. ପୁଂ—ଖରିନ୍ଧମ (ଦେଖ)—
Kharindhaya Kharindhama (See)
(ଖରିନ୍ଧୟୀ—ସ୍ତ୍ରୀ)

**ଖରିଫ୍**—ବୈଦେ. ବି (ଆ)—୧। ହୈମନ୍ତିକ ଫସଲ; ଯେଉଁ ଫସଲ
Khariph ଶୀତଦିନରେ ହୁଏ—1. Winter-crop.
ଖରିଫ (ଯଥା—ଶାରଦଧାନ, ମୁଗ, କୋଳଥ, ଚଣା।)
खरीफ ୨। ଶାରଦଧାନ—2. Autumnal paddy.

**ଖରିଫୋଟକା**—ଦେ. ବି—ଗୋରୁଙ୍କ ଖୁରାସନ୍ଧିରେ ବାହାରିବା ଫୋଟକା
Kharipho̤ṭakā ପରି ବ୍ରଣବିଶେଷ—An eruption in the
hoofs of cattle.

[ ଦ୍ର—ଏ ବ୍ରଣ ବାହାରିଲେ ଗୋରୁଙ୍କୁ ୨୨ଦିନ ଜର ହୁଏ।
ତା ପରେ ଜର ଛାଡ଼ିଯାଏ ଓ ବ୍ରଣ ଭଲ ହୋଇଯାଏ। ]

ସାଧାରଣ ଲୋକେ ଅନେକ ସ୍ଥଳରେ ୨ୟ ଓ ୧ମ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ୟ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖରୀ**—ସଂ. ବି. ସ୍ତ୍ରୀ (ଖର+ସ୍ତ୍ରୀ. ଈ)—ମାଈ ଗଧ—
Kharī A she-ass.

**ଖରୀଜଙ୍ଘ**—ସଂ. ବି—ଶିବ; ମହାଦେବ—
Kharījamgha An epithet of Śiba. (Apte)

**ଖରୁ**—ସଂ. ବିଣ ( ଖନ୍ ଧାତୁ+କର୍ତ୍ତୃ. ଉ; ନପାତନ )—୧ । ଧଳା—
Kharu 1. White.
୨ । ନିର୍ବୋଧ—2. Foolish; stupid.
୩ । ନିଷ୍ଠୁର—3. Cruel.
୪ । ନିଷିଦ୍ଧ ବସ୍ତୁ ପାଇଁ ଲାଳାୟିତ—
4. Hankering after prohibited things.
ସଂ. ବି. ପୁଂ—୧ । ଘୋଡ଼ା—1. Horse.
୨ । ଦାନ୍ତ—2. Tooth.
୩ । ଗର୍ବ—3. Pride.
୪ । କାମ; ମଦନ—4. Cupid.
୫ । ଶିବ; ମହାଦେବ—5. God Śiba.
୬ । ନିଷିଦ୍ଧ ଦ୍ରବ୍ୟ ପ୍ରତି ଆଗ୍ରହ—
6. Desire for prohibited things.
ସଂ. ବି. ସ୍ତ୍ରୀ—ପତିମ୍ବରା କନ୍ୟା—A girl who chooses her own husband.

**ଖରୁଆ**—ଦେ. ବିଣ (ସଂ. ଖର)—୧ । ଚଞ୍ଚଳିଆ—
Kharuā 1. Swift; pert; active.
୨ । ଚଞ୍ଚଳଗତିଶୀଳ—2. Swift-footed.
୩ । ଯେ ଅଳସୁଆ ନୁହେ—3. Brisk.

**ଖରୁଡ଼ା**—ଦେ. ବି—ଖଡ଼ୁରା (୧) (ଦେଖ)
Kharurḍā Khardurā (1) (See)
ଗ୍ରା. ବି—ଖରଡ଼ା (ଦେଖ)
Khararḍā (See)

**ଖରୁଡ଼ିଆ**—ଦେ. ବିଣ ( ସଂ. ଖରରୁ ଉତ୍ପନ୍ନ ଖରା )—ମରୁଡ଼ିଆ; ମରୁଡ଼ି ଯେଉଁ ସ୍ଥଳକୁ ବାଧେ—
Kharurḍiā (land) Which is subject to drought.
ଖରୁଡ଼ିଆରୁ ମାଣେ ଯୋଉଥରୁ କଣେ—ଢଗ ।

**ଖରୁଡ଼ିବୁଣା**—ଦେ. ବି—ଖରଡ଼ିବୁଣା (ଦେଖ)
Kharurḍibuṇā Khararḍibuṇā (See)

**ଖରେ**—ଦେ. କ୍ରି. ବିଣ (ସଂ. ଖର)—୧ । କ୍ଷିପ୍ରଗତିରେ—
Khare 1. Briskly; swiftly.
ଗୃହୁଁ ହେବା ପରେ ଠକାଇଲ ବାଳ
ନନେରା ପ୍ରଣସ୍ତ ଚରନ୍ତ ଶଙ୍ଖାଳ—ଅଜ୍ଞାତ । ଗୋଷ୍ଠବଣୀ ଖରଗା ।
୨ । ଶୀଘ୍ର—2. Soon.

**ଖରୋଟି**—ପ୍ରାଦେ ( ପୁରୀ ) ବିଣ—ଖରାଦିନେ ବା ଗ୍ରୀଷ୍ମକାଳରେ ଜନ୍ମିବା ( ଫସଲ )—
Kharoṭi (crop) Growing in summer.
(ଯଥା—ଖରୋଟି ଜଖାରୁ )

**ଖରୋଷ୍ଠୀ**—ସଂ. ବି—ଅଶୋକଙ୍କ ରାଜତ୍ୱ ସମୟରେ ଭାରତର ପଶ୍ଚିମୋତ୍ତର ସୀମାରେ ଚଳୁଥିବା ଲିପିବିଶେଷ—
Kharoshṭrī Name of a script prevalent in the North-western frontier of India during the reign of Emperor Asoka.
[ ଦ୍ର—ଏ ଲିପି ପାରସୀ ପରି ଡାହାଣରୁ ବାଁଆଁକୁ ଲେଖାଯାଉଥିଲା । ଏହାକୁ ଗାନ୍ଧାରଲିପି ମଧ୍ୟ କହନ୍ତି । ]

**ଖରୋଷ୍ଠୀ**—ସଂ. ବି—ଖରୋଷ୍ଟ୍ରୀ (ଦେଖ)
Kharoshṭhī Kharoshṭrī (See)

**ଖର୍ଚ (ଇତ୍ୟାଦ)**—ବୈଦେ. ବି ( ଫା. ଖର୍ଚ୍; ଅ. ଖର୍ଚ୍ )—
Kharcha (etc.) ଖରଚ ଇତ୍ୟାଦ (ଦେଖ)
Kharacha etc. (See)

**ଖର୍ଚା**—ବୈଦେ. ବି—ଖରଚା (ଦେଖ)
Kharchā Kharachā (See)

**ଖର୍ଚାନ୍ତ**—ଦେ. ବିଣ—ଖରଚାନ୍ତ (ଦେଖ)
Kharchānta Kharachānta (See)

**ଖର୍ଚୀ**—ବୈଦେ. ବିଣ—ଖରଚୀ (ଦେଖ)
Kharchī Kharachī (See)

**ଖର୍ଜ** ( ଧାତୁ )—ସଂ—୧ । କୁଣ୍ଡେଇହେବା—
Kharja (root) 1. To itch.
୨ । ସଫାକରିବା—2. To cleanse.
୩ । ପୂଜାକରିବା—3. To worship.
୪ । କଟକଟ ଶବ୍ଦ କରିବା—5. To creak.
୫ । କଷ୍ଟଦେବା—
5. To pain; to make uneasy ( Apte ).

**ଖର୍ଜନ**—ସଂ. ବି (ଖର୍ଜ ଧାତୁ=କୁଣ୍ଡାଇହେବା+ଭାବ. ଅନ)—
Kharjana କଣ୍ଡୂୟନ; କୁଣ୍ଡାଇହେବା—
Scratching for satiating the itching sensation.

**ଖର୍ଜିକା**—ସଂ. ବି (ଖର୍ଜ ଧାତୁ+ଅକ+ସ୍ତ୍ରୀ. ଆ)—
Kharjikā ୧ । କଣ୍ଡୁ; କାଛୁ—1. Itches.
୨ । ଗରମି ବେମାର—2. Syphilis.
୩ । ରୁଚିବା—3. Relish.

**ଖର୍ଜୁ**—ସଂ. ବି ( ଖର୍ଜ୍ ଧାତୁ+ଭାବ. ଉ )—
Kharju ୧ । କୁଣ୍ଡାଇହେବା—1. Scratching.
୨ । ଗଲୁ—2. Itching.
୩ । (+କର୍ତ୍ତୃ. ଉ) ଖଜୁରୀଗଛ—3. Date-palm.
୪ । ଧଳୁରାଗଛ; ଦୁଦୁରା—4. Thorn-apple.
୫ । କୀଟ ବିଶେଷ; ଅଂଶୋଇ—5. Worm; maggot.
ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଖର୍ଜନ ) କୁଣ୍ଡିଆ (ରୋଗ)—
Dry itches.
ପରେ ନାହିଁ ଖରନ୍ ଜନ୍ ଦେହେ କରୁଛ ଖୁର୍ଜୁ ଖ—ଢଗ ।

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇପ୍ସ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତ |

ଖର୍ଜୁରି—ସଂ. ବି. ( ଖର୍ଜ ଧାତୁ + ଉର )—ରୁପା—
Kharjura — Silver.

ଖର୍ଜୂ—ସଂ. ବି. ( ଖର୍ଜ ଧାତୁ + ଊ )—ଖୁଜୁଲି; କାଛୁ—
Kharjū — Itches.

ଖର୍ଜୂର—ସଂ. ବି. ( ଖର୍ଜ ଧାତୁ, ଣିଜନ୍ତ = ଖର୍ଜି ଧାତୁ + କର୍ତ୍ତୃ. ଊର )—
Kharjūra ୧ । ଖଜୁରି ଗଛ—1. Date-palm.
୨ । ଖଜୁରିକୋଳି—2. Date plum.
୩ । ରୁପା—3. Silver.
୪ । କୀଟବିଶେଷ; ସମ୍ବାଳୁଆ ପୋକ—
4. Hairy caterpillar.
୫ । ବୃଶ୍ଚିକ; ବିଛା—5. Centipede; scorpion.
୬ । ହରିତାଳ—6. Yellow orpiment; arsenic sulphide.

ଖର୍ଜୂରକ—ସଂ. ବି ( ଖର୍ଜୂର + ସ୍ୱାର୍ଥେ. କ )—ବିଛା—
Kharjūraka — Scorpion.

ଖର୍ଜୂରବେଧ—ସଂ. ବି—ଜ୍ୟୋତିଷୋକ୍ତ ଯୋଗବିଶେଷ—
Kharjūrabedha — Name of an astrological conjunction.
[ ଦ୍ର—ଏଥିରେ ବିବାହାଦି ଶୁଭକର୍ମ ନିଷିଦ୍ଧ । ଏହାର ଅନ୍ୟ ନାମ ଏକାର୍ଗଳ ଯୋଗ; ହି. ଶବ୍ଦସାଗର । ]

ଖର୍ଦ୍ଦ ( ଧାତୁ )—ସଂ—କାମୁଡ଼ିବା—
Kharda ( root ) — To bite.

ଖର୍ପର—ସଂ. ବି. ( କୃପ୍ ଧାତୁ = ପାରଗ ହେବା + କର୍ତ୍ତୃ. ଅର )—
Kharpara ୧ । ଚୋର—1. Thief.
୨ । ଧୂର୍ତ୍ତବ୍ୟକ୍ତି; ଠକ—2. Cheat; rogue.
୩ । ଭିକ୍ଷାଭାଣ୍ଡ—
3. A beggar's bowl; a begging dish.
୪ । ଖପରଲି—4. Tubular tile for roofs.
୫ । ମାଟିପାତ୍ରର ଭଗ୍ନ ଅଂଶ; ଖପରା—5. A potsherd.
୬ । ଛତା—6. Umbrella.
୭ । ମୁଣ୍ଡର ଖୋଲ; ଖପୁରି—7 Skull.
[ ଦ୍ର—ଚଣ୍ଡୀ ବା କାଳୀଠାକୁରାଣୀ ଏକ ହାତରେ ଖଣ୍ଡା ଓ ଅନ୍ୟ ହାତରେ ମନୁଷ୍ୟ ମୁଣ୍ଡର ପାତ୍ରାକାର ଖୋଲ (ଖର୍ପର) ଧରି ଥାଆନ୍ତି ଏବଂ ଶତ୍ରୁକୁ ଖଣ୍ଡାରେ ହାଣି ତାହାର ରକ୍ତକୁ ଖର୍ପରରେ ରଖି ସେ ରକ୍ତ ପାନ କରନ୍ତି । ]
୮ । ଖପର ନାମକ ଉପଧାତୁ; ଦସ୍ତା—
8. Zinc or bronze.
୯ । ଥାଳି ପରି ଚଟକା ମାଟି ବାସନ ( ହି. ଶବ୍ଦସାଗର )—
9. A flat earthen plate.

ଖର୍ପରିକା—ସଂ. ବି. ( ଖର୍ପର + ଇକ + ଆ )—
Kharparikā ଆଖିର ଅଞ୍ଜନବିଶେଷ; କଜ୍ଜଳ—
A kind of collyrium.

ଖର୍ପରୀ—ସଂ. ବି. ( ଖପର + ସ୍ତ୍ରୀ. ଈ )—
Kharparī ଖର୍ପରିକା ( ଦେଖ )
Kharparikā (See )

ଖର୍ପାଣି—ପ୍ରାଦେ. (ସମ୍ବଲପୁର) ବି—ଅନାର୍ଯ୍ୟ ବିଞ୍ଝାଲମାନଙ୍କ ମୃତାହ ଶୁଦ୍ଧିକ୍ରିୟାରେ ନବମ ଓ ଦଶମ ଦିନର ଅନୁଷ୍ଠାନବିଶେଷ—
Kharpāṇi — A rite observed amongst the Binjals of Sambalpur on the 9th and 10th days of the funerals.
[ ଦ୍ର—ନବମ ଦିନ ସନ୍ଧ୍ୟାବେଳେ ମୃତବ୍ୟକ୍ତିର କୁଟୁମ୍ବ ଗାଁଆଁମୁଣ୍ଡେ ଗୁଣ୍ଡଲଗୁଣ୍ଡିଏ କୁଢ଼ାଇ ତହିଁ ପାଖେ ଧାପ ଜାଳି ଜଗି ବସନ୍ତି, ଧାପରେ ପୋକ ଆସି ପଡ଼ିଲେ ତାକୁ ମୃତଲୋକର ଆତ୍ମା ଜ୍ଞାନ କରି ସେ ପୋକକୁ ଧରିକୁ ଆଣି ପୂଜା କରି ଦଶମ ଦିନ ତାକୁ ନେଇ ନଦୀରେ ବିସର୍ଜନ କରନ୍ତି ଏବଂ ଫେରୁ ଫେରିଆସି ଭୋଜନ କରି ଶୁଦ୍ଧିକ୍ରିୟା ସମାପନ କରନ୍ତି । ]

ଖର୍ବ (ଧାତୁ)—ସଂ.—୧ । ଗମନ କରିବା—
Kharba (root) 1. To move; to go.
୨ । ଗର୍ବ କରିବା—2. To arrogate.

ଖର୍ବ—ସଂ. ବି. (ଖର୍ବ ଧାତୁ = ଗମନ କରିବା; ଗର୍ବ କରିବା + କର୍ତ୍ତୃ. ଅ)
Kharba ୧ । ୧୦୦୦୦୦୦୦୦୦୦; ଏକ ସହସ୍ର କୋଟି ସଂଖ୍ୟା; ଦଶ ବୃନ୍ଦ—1. 10 billions in number.
୨ । ବାରବୃନ୍ଦ ବା ୧୨ଶହ କୋଟି ସଂଖ୍ୟା—
2. 12 billions.
୩ । କୁବେରଙ୍କ ନିଧିବିଶେଷ—3. One of the valuable gems of the Hindu God of wealth.
୪ । କୁବ୍ଜ ବୃକ୍ଷ; କୁଢ଼ିଆ ଗଛ—4. A dwarfish tree; a tree of stunted growth.
୫ । ଅଗଣନ; ଅଗଣିତ ସଂଖ୍ୟା—
5. Countless number.
୬ । ପୁଷ୍ପବିଶେଷ; ସେବତି ଫୁଲ—
6. Rosa Moschata; musk-rose.
୭ । ଦ୍ୱାଦଶ ସ୍ଥାନର ସଂଖ୍ୟା (ହି. ଶବ୍ଦସାଗର)—
7. The digit at the twelvth place.
ସଂ. ବିଣ.—୧ । ବାମନ; ବାଙ୍ଗରା; ବାଙ୍ଗୁରା—
1. Dwarfish; of short stature.
ଖର୍ବ ହୋଇ ସୁରତରୁ କୁସୁମ ବାଞ୍ଛିଲୁରେ । କନ୍ଦର୍ପ. କପୋତକକ୍ଷ୍ମ. ଷ. ଗୀତ ।
୨ । ବିନଷ୍ଟ; ନାଶପ୍ରାପ୍ତ—2. Destroyed.
ସେହି ରାଜ୍ୟରେ ରାଜାର ଉପଦ୍ରବେ ଖର୍ବ ହୋଇଲେ ସର୍ବଦେଶ ।
ପ୍ରତାପ. ଶଶିସେଣା ।
୩ । ହ୍ରାସପ୍ରାପ୍ତ—3. Faded; diminished.
୪ । ଏକ ଖର୍ବ ସଂଖ୍ୟକ—
4. Numbering 10 billions.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଅଗଣିତ; ଅସଂଖ୍ୟ—
5. Innumerable; unnumbered.
୬ । ବିକଳାଙ୍ଗ—6. Mutilated; crippled.

**ଖର୍ବ କରିବା**—ଦେ. କ୍ରି.—୧ । (ଗର୍ବ) ଚୂର୍ଣ୍ଣ କରିବା; ଅପମାନ ଦେବା—To humiliate; to make one eat the humble pie.
Kharba kariba
खर्बकरना
খর্বকরা
୨ । କମାଇଦେବା; ହ୍ରାସ କରିବା—2. To diminish.

**ଖର୍ବକାୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଖର୍ବ + କାୟ )— କ୍ଷୁଦ୍ରାବୟବ-ବିଶିଷ୍ଟ; ବାମନ; ବାଙ୍ଗର—
Kharbakāya
(ଖର୍ବକାୟା—ସ୍ତ୍ରୀ) Dwarfish; of stunted growth

**ଖର୍ବଖର୍ବ**—ଦେ. ବିଣ.— ଅସଂଖ୍ୟ; ଅଗଣିତ—
Kharbakharba Innumerable; countless.
( ତୁଳ. କୋଟିକୋଟି, ଲକ୍ଷଲକ୍ଷ, ସହସ୍ରସହସ୍ର, ଶତଶତ । )

**ଖର୍ବଟ**—ସଂ. ବି. (ଖର୍ବ + ଅଟ୍ ଧାତୁ=ଗମନ କରିବା + କର୍ତ୍ତୃ. ଅ)—
Kharbata ୧ । ଚାରିଶତ ଗ୍ରାମ ମଧ୍ୟସ୍ଥ ଗ୍ରାମ—1. A village in the centre of 400 villages.
୨ । ଯେଉଁ ଗ୍ରାମରେ ବଜାର ବା ହାଟ ବସେ; ପାଟଣା—
2. A market-town.
ବୈକୁଣ୍ଠ ଖର୍ବଟ ପରି, ବଲୋକଇ ଏକପୁରୀ । ଭଞ୍ଜ. ବୈଦେହୀଶବିଳାସ ।
୩ । ପର୍ବତ ପ୍ରାନ୍ତବର୍ତ୍ତୀ ଗ୍ରାମ—
3. A village at the foot of a hill.
ଖେଟ ଖର୍ବଟ ବାଟୀବନେ, ଦୁର୍ଗମ ପର୍ବତ କାନନେ । ଜଗନ୍ନାଥ. ଭାଗବତ ।
[ଦ୍ର—'କରବାଡ଼' ଶବ୍ଦ ଏହି ଶବ୍ଦର ଅପଭ୍ରଂଶ ।]

**ଖର୍ବତା**—ସଂ ବି. (ଖର୍ବ + ଭାବ. ତା)— ୧ । ବାଙ୍ଗରପଣିଆ—
Kharbata 1. Dwarfishness.
୨ । ବିନାଶ —2. Destruction; loss.
୩ । ଅପମାନ—3. Humiliation.
୪ । ହ୍ରାସ— 4. Diminution.

**ଖର୍ବତ୍ୱ**—ସଂ. ବି ( ଖର୍ବ+ଭାବ. ତ୍ୱ )— ଖର୍ବତା ( ଦେଖ )—
Kharbatwa Kharbatā ( See )

**ଖର୍ବାକାର**—ସଂ. ବିଣ. ପୁଂ ( ବହୁବ୍ରୀହି; ଖର୍ବ + ଆକାର )—
Kharbākāra ଖର୍ବକାୟ (ଦେଖ)—
(ଖର୍ବାକାରା—ସ୍ତ୍ରୀ) Kharbakāya (See)

**ଖର୍ବାକୃତି**— ସଂ. ବିଣ. ( ବହୁବ୍ରୀହି; ଖର୍ବ + ଆକୃତି )—
Kharbākruti ଖର୍ବକାୟ ( ଦେଖ )—
Kharbakāya ( See )

**ଖର୍ବିବା**— ଦେ. କ୍ରି (ପଦ୍ୟ) ( ସଂ. ଖର୍ବ )—(ଗର୍ବ, ଦମ୍ଭ ) ଚୂର୍ଣ୍ଣ କରିବା; ଖର୍ବ କରିବା—To diminish; to subdue.
Kharbibā
କେ ରଚଣ କନ୍ଦ ଭଲିଲେ ଖର୍ବି ପର୍ବତ ଦମ୍ଭ—ମଧୁସୂଦନ. ଭଜନଗାଥା ।

**ଖର୍ବୁଜ**—ସଂ. ବି— ତରଭୁଜ; ଖରଭୁଜ—
Kharbuja Water-melon; musk-melon.

**ଖଲ୍ (ଧାତୁ)**—ସଂ.—୧ । ଗତି କରିବା—
Khal (root) 1. To move.
୨ । କମ୍ପିବା—2. To tremble.
୩ । ସଂଗ୍ରହ କରିବା—3. To gather; to collect.
୪ । ହାନି କରିବା—4. To do harm; to injure.

**ଖଲ୍‌ଖାଲ୍**—ଦେ. ଅ (ଧ୍ୱନ୍ୟନୁକରଣ)— ବୃକ୍ଷର ମଞ୍ଜ ଶୁଖିଗଲେ ଉପରର ବକଳ ହୁଗୁଳା ହୋଇ ଖସି ପଡ଼ିବାର ଶବ୍ଦ—
Khalkhāl
Hollow sound of dry barks peeling off from a tree.

**ଖଲ୍‌ପଚ୍ କରିବା**— ପ୍ରାଦେ. (ସମ୍ବଲପୁର) କ୍ରି ( ସଂ. ଖଲ )—କପଟାଚରଣ କରିବା— To act fraudulently or deceitfully.
Khalpach kariba

**ଖଳ**— ସଂ. ବି—୧ । ( ଖଲ୍ ଧାତୁ=ସଂଗ୍ରହ କରିବା; ହାନି କରିବା + ଅଧି. ଅ ) ଧାନ୍ୟାଦିର ଖଳା—1. A threshing floor; grain-yard.
Khala
୨ । ଉଦୂଖଳ; ଔଷଧାଦି ମର୍ଦ୍ଦନ କରିବା ପାତ୍ର; ଖଲ—
2. A mortar for pounding small things.
୩ । ଚକି—3. Mill.
୪ । ( + କର୍ମ. ଅ ) ତେଲର ସିଠା ବା କାଣ୍ଟି; କଲ୍କ—
4. Dregs or sediment of oil etc.
୫ । ସ୍ଥାନ— 5. Place; site.
୬ । ମୃତ୍ତିକା; ମାଟି— 6. Earth; soil.
୭ । ମଳ—7. Impurities; dirt.
୮ । ଧୂଳଗଦା— 8. Heap of dust.
୯ । ଜଞ୍ଜାଳ; ଅଳଅଛ—
9. Complications; refuse matter.
୧୦ । ଯୁଦ୍ଧ—10. Contest; fight; battle.
୧୧ । ଦୁର୍ଜନ ବ୍ୟକ୍ତି—
11. A villain; a wicked person.
୧୨ । ( ଖ=ଆକାଶ + ଲୀ ଧାତୁ=ସଂଶ୍ଳିଷ୍ଟହେବା + କର୍ତ୍ତୃ. ଅ) — ସୂର୍ଯ୍ୟ—12. The sun.
୧୩ । (ଖ=ଆକାଶ + ଲା ଧାତୁ=ଗ୍ରହଣକରିବା + କର୍ତ୍ତୃ. ଅ)— ଧାତୁରା—13. The thorn-apple.
୧୪ । ( ଖ + ଲା ଧାତୁ ଗ୍ରହଣ କରିବା + କର୍ତ୍ତୃ. ଅ )— ତମାଳ ବୃକ୍ଷ—14. The Tamāla tree.
୧୫ । ଦହିକଢ଼ି ( ସୁଶ୍ରୁତ )—15. Butter milk boiled with acid vegetables and spices. (M. W.)
ସଂ. ବିଣ—୧ । ଦୁର୍ଜନ—1. Wicked.
୨ । ନୀଚ—2. Mean; base; vile.
୩ । ହିଂସ୍ରକ—3. Revengeful.

| ’ | ଇ | ଉ | ର୍,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଏ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୵ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ୟ | ଇଅ | ୭ | ନ୍ଥ |

୪ । କୁଟିଳ—4. Crooked; artful.

୫ । ଶଠ—5 Deceitful.

ଦେ. ବ (ସଂ. କଳହ)—ଖଲବ; କଳହ—Quarrel.

**ଖଲ**—ସଂ. ବ (ଖଲ୍ ଧାତୁ + ଅଧି ଅ)—
Khala  ୧ । ଔଷଧାଦି ବାଟିବା ପାଇଁ ବ୍ୟବହୃତ ପ୍ରସ୍ତର ପାତ୍ରବିଶେଷ; ଖଲ  ଖଲ୍ଲ—1. A mortar for pounding medicine.
ଖରଲ, ଖଲ
[ ଦ୍ର—ଖାଲୁଅ ପାତ୍ରକୁ ଖଲ ଓ ଯେଉଁ ଲମ୍ବ ପ୍ରସ୍ତରଖଣ୍ଡଦ୍ୱାରା ତହିଁରେ ବଟାଯାଏ ତାହାକୁ ପୁଆ ବୋଲାଯାଏ । ]

ଖଳନୀ  ୨ । (ଫା. ଖାଲି)—ବଣିଆମାନଙ୍କର ଏକ ଛାଞ୍ଚ, ଯାହା ସାହାଯ୍ୟରେ ବଣିଆମାନେ ଗୋଲ ପମ୍ପା କରି ଅତି ଛାଞ୍ଚର କରନ୍ତି; ଠସା—
2. A kind of goldsmith's mould.

**ଖଲକ**—ସଂ. ବ (ଖଲ ଧାତୁ + ଅକ)—କୁମ୍ଭ; ମାଠିଆ—
Khalaka  Pitcher (Apte).

**ଖଲଖଟିଆ**—ପ୍ରାଦେ (ସଂ ଦ୍ରୁମ ଓ ବଣାଇ) ବ—
Khalakhatiā  ବନଜାତ ଶାକବିଶେଷ — Ipomoea Quinata.
[ ଦ୍ର—ଏହାର ପତ୍ର ବାଳ ପରି ସରୁ ଓ ଲମ୍ବ; ତାହା ଗୁଡ଼େଇ ଗୁଡ଼େଇ ହୋଇଥାଏ । ]

**ଖଲଖଲ**—ଦେ. ଅ (ଧ୍ୱନ୍ୟନୁକରଣ; ସଂ. କଲକଲ)—
Khal̲akhal̲a  ୧ । ଜଳ ଅତି ବେଗି ପରିମାଣରେ ବହିବାର ଶବ୍ଦ; କଲକଲଧ୍ୱନି—
1. Hollow sound of water flowing copiously.
ସେହିକାଳରେ ଦୁଇ ସେନା ତହିଁ ଭେଦ
ଖଲଖଲେ ହୋଇ ବହୁଲା ରକ୍ତ ନଦୀ—କୃଷ୍ଣସିଂହ, ମହାଭାରତ, ଶଲ୍ୟ ।
୨ । ବୃକ୍ଷର ଗଣ୍ଡି ଓ ଶାଖାରୁ ଶୁଖିଲା ବକଳ ଛାଡ଼ିପଡ଼ିବାର ଶବ୍ଦ—
2. Hollow sound of dry barks peeling off from a tree.
୩ । ପର୍ଯ୍ୟାପ୍ତ—3. Plentiful; abundant.
୪ । ବହୁପରିମିତ—4. Excessive; copious.
ବାଣ ପଡ଼ି ଶୋଣିତ ବହିଲା ଖଲଖଲ—ପୀତାମ୍ବର, ନୃସିଂହପୁରାଣ ।
୫ । ଯଥେଷ୍ଟ ଅପେକ୍ଷା ବେଶି—5. More than enough.
(ଯଥା—ତା ଅଣ୍ଟାରେ ଟଙ୍କା ଖଲଖଲ ହେଉଛି । ]
୬ । ଢିଲା; ଢଗଢଗ—6. Loose.
୭ । ଖଲ୍‌ଖଲ (ଦେଖ)
7. Khalakhala (See)
[ ଦ୍ର—ସଂସ୍କୃତରେ ଖଲଖଲାୟ ନାମକ ନାମଧାତୁର ପ୍ରୟୋଗ ଅଛି । ]

**ଖଲ୍‌ଖଲ**—ଦେ. ଅ (ଧ୍ୱନ୍ୟନୁକରଣ; ତୁଲ. ସଂ. ଖଲ ଧାତୁ ସଞ୍ଚଳନ; ଗଲ ଧାତୁ = ପ୍ରଗଳିତ)—
Khalakhala
ଖିଲଖିଲ, ଖଲଖଲ  ୧ । ଉଚ୍ଚହାସ୍ୟଧ୍ୱନି—
କହକହ  1. Sound of loud laughter.
୨ । ଉଚ୍ଚହାସ୍ୟ ସହକାରେ—2. (laughing) Loudly.
ଶୁଣି ହସିଲେ କଶ୍ୟପ ଋଷି ଖଲଖଲ—ପୀତାମ୍ବର, ନୃସିଂହପୁରାଣ ।
୩ । ପର୍ଯ୍ୟାପ୍ତ; ଅତ୍ୟଧିକ—
3. Being in excess; abundant.
(ଯଥା—ତା ପାଖରେ ଟଙ୍କା ଖଲଖଲ ହେଉଛି । )
୪ । (ପାଟି, ଜିଭ) କଥା କହିବାକୁ ଆଗ୍ରହାନ୍ୱିତ; ଖଜବଜ—
4. (tongue or mouth) Over-eager or restless to speak out.
୫ । ଉଚ୍ଚ ବା ଅତିରିକ୍ତ (ହାସ୍ୟ)—
5. Immoderate or loud (laughter).

**ଖଲଖଲି**—ପ୍ରାଦେ (ଗଡ଼ଜାତ) ବ—ଖରଖରି (ଦେଖ)
Khal̲akhal̲i  Kharakharī (See)

**ଖଲଖଲିଆ**—ଦେ. ବଣ (ପୁଂ)—୧ । ତରତରିଆ; ଯେଉଁ ଲୋକ ପେଟରେ
Khal̲akhal̲iā  କୌଣସି ଗୁପ୍ତ କଥା ସମ୍ଭାଳି ରଖି ପାରେ ନାହିଁ—
(ଖଲଖଲେଇ—ସ୍ତ୍ରୀ)  1. (a person) Who can not keep a secret; babbling (person).
୨ । ପରିଷ୍କାରରୂପେ ହୋଇଥିବା (ଝାଡ଼ା)—
2. Copiously or well evacuated (stools).
୩ । ଯଥେଷ୍ଟ—3. Adequate; ample.
୪ । ପର୍ଯ୍ୟାପ୍ତ—4. Plentiful; abundant.
୫ । ବହୁପରିମିତ—5. Copious; profuse.

**ଖଲତ**—ପ୍ରାଦେ (ଗଞ୍ଜାମ) ବ (ସଂ. କଳହ ବା ଖଲତା)—
Khal̲ata  ୧ । କଳହ; ଦ୍ୱନ୍ଦ—1. Quarrel.
୨ । ଗୋଳମାଳ—2. Noise; row.
୩ । ଅନର୍ଥ—
3. Dispute; misunderstanding.

**ଖଲତ ବାଢ଼ିବା**—ପ୍ରାଦେ (ଗଞ୍ଜାମ) କ୍ରି—ହିହିଲଗାଇବା; ଅନର୍ଥର
Khal̲ata bārdhibā  ସୂତ୍ରପାତ କରିବା—
To foment a quarrel; to create a row.

**ଖଲତା**—ସଂ. ବ (ଖଲ + ଭାବ. ତା)—
Khal̲atā  ୧ । ଖଲର ଆଚରଣ—
1. Mean or low conduct.
୨ । ଶଠତା—2. Deceit.
୩ । ନିଷ୍ଠୁରତା—3. Cruelty.
୪ । ଦୁଷ୍ଟାମି—4. Wickedness.
୫ । ହିଂସା—5. Revengeful spirit.
୬ । କପଟତା—6. Artfulness.

ବୈଦେ. ବ (ଆ. ଖଶ୍ରିତା)—୧ । କଲମ ପେନ୍‌ସିଲ୍ ଆଦି ରଖିବା
ଖଲତା  ପାଇଁ ବଡ଼ ଖୋଲ ବା ମୁଣି—
ଖରିତା, ଖଲୀତା  1. A big envelop or pouch for keeping pens, pencils etc.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରି ଘ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖାଇଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍‌'ଦେଖିବେ ।

୨ । ବଡ଼ ଲଫାଫା—2. Big envelop.

**ଖଲ୍‌ତା**—ବୈଦେ. ବ—ଖଲତା (ଦେଖ)
Khalatā Khaḻatā (See)

**ଖଲତି**— ସଂ. ବଣ. ପୁଂ. (ସ୍ଖଲ ଧାତୁ=ଖସିବା + ସଂଜ୍ଞାର୍ଥ. ଅତି)—
Khaḻati ଟାଙ୍ଗରମୁଣ୍ଡା—Bald-headed.
(ଖଲତୀ—ସ୍ତ୍ରୀ) ସଂ. ବ.—ଟାଙ୍ଗର ରୋଗ; ଇନ୍ଦ୍ରଲୁପ୍ତ ରୋଗ—Baldness.

**ଖଲତିକା**—ସଂ. ବ. (ଖଲତି + କ + ଆ)—
Khaḻatikā ପର୍ବତ—Mountain.

**ଖଲଧାନ**—ସଂ. ବ. (ଖଳ + ଧା ଧାତୁ=ଧରିବା + ଅଧି. ଅନ)—
Khaḻadhāna ଖଳା—Threshing floor.

**ଖଲପୁ**—ସଂ. ବ.—ଖଳପୂ (ଦେଖ)
Khaḻapu Khaḻapū (See)

**ଖଲପୁଆ**—ଦେ. ବ (ସମ୍ବଲପୁର)—ଖଲ ବା ମର୍ଦ୍ଦନ ପାତ୍ର ଓ ମର୍ଦ୍ଦନ ପାଇଁ
Khalapuā ବ୍ୟବହୃତ ପ୍ରସ୍ତର ଦଣ୍ଡ—Mortar and pestle.
खलबट्टा; खलमूड़ी
खल्लबट्टा

**ଖଲପୂ**—ସଂ. ବ. (ଖଲ=ମଇଳା + ପୂ ଧାତୁ=ମାର୍ଜନ କରିବା + କର୍ତ୍ତୃ
Khaḻapū କ୍ୱିପ)—ଫରାସ୍; ଝାଡ଼ୁ; ମେହେନ୍ତର—A sweeper.

**ଖଲପ୍ରକୃତ**—ସଂ. ବଣ. (ବହୁବ୍ରୀହି; ଖଲ + ପ୍ରକୃତି)—ଦୁଷ୍ଟସ୍ୱଭାବଯୁକ୍ତ—
Khaḻaprakṛuti Of wicked disposition.

**ଖଲପ୍ରକୃତିକ**—ସଂ. ବଣ. ପୁଂ—ଖଲପ୍ରକୃତି (ଦେଖ)
Khaḻaprakṛutika Khaḻaprakṛuti (See)
(ଖଲପ୍ରକୃତିକା—ସ୍ତ୍ରୀ)

**ଖଲବ**—ଦେ. ବଣ. ପୁଂ.—ଖଲବା (ଦେଖ)
Khaḻaba Khaḻabā (See)
খল ଦେ. ବ.—(ସଂ. କଳହ)—ଝଗଡ଼ା; ଅନର୍ଥ—
बखेड़ा Quarrel.

**ଖଲବ କାଢ଼ିବା**—ଦେ. କି.—ଖଲବ ଲଗାଇବା (ଦେଖ)
Khaḻaba kāṛhibā Khaḻaba lagāibā (See)

**ଖଲବଚନ**—ସଂ. ବ. (ଷଷ୍ଠୀ ତତ୍; ଖଲ + ବଚନ)—
Khaḻabachana ଦୁଷ୍ଟଲୋକର କଥା; ଚୁଗୁଲି—Words reported by a wicked or evil-minded person.

**ଖଲବ ବାଢ଼ିବା**—ଦେ. କି.—ଖଲବ ଲଗାଇବା (ଦେଖ)
Khaḻaba bāṛhibā Khaḻaba lagāibā (See)

**ଖଲବଲ**—ଦେ. ବଣ—୧ । ଭୀତ—1. Frightened.
Khaḻabaḻa ୨ । ତ୍ରସ୍ତ ଓ କମ୍ପିତ; ଥରଥର—2. Trembling through fright.
୩ । ହଠାତ୍ ଭୟଯୋଗୁଁ ଇତସ୍ତତଃ ପଳାୟମାନ—3. Fleeing away in different directions through a sudden fright.

> ସେ ପୃଥ୍ୱୀ ଜନ ଭୟ ହୋଇଲେ ଖଳବଳ
> ପଳାଇ ପଶିଲେ ଯାଇ ପର୍ବତ କନ୍ଦର ।
> ପୀତାମ୍ବର. ନୃସିଂହପୁରାଣ ।

୪ । ଅସ୍ଥିର—4. Restless.
ଦେ. ବ.—ଗୋଳ; ହୁଲ୍ଲା—Noise; row; ado.
हैचै; खलल ଖଳବଳ ଲାଗିଥିବ ନିଷ୍ଠଳ ଜୁହର—
खरभर; खलबल ପ୍ରାଚୀ· ଶ୍ରୀଗୁରୁଭକ୍ତିଗୀତା ।

**ଖଲବଲ**—ଦେ. ବଣ.—ବ୍ୟାକୁଳ; ଅସ୍ଥିର—
Khalabala Restless.
खलबल

**ଖଲବ ଲଗାଇବା**—ଦେ. କି·—ଅନର୍ଥର ସୂତ୍ରପାତ କରିବା—
Khaḻaba lagāibā To create or initiate a quarrel.
झगडा लागाना
बखेड़ा निकालना

**ଖଲବା**—ଦେ. ବଣ (ସଂ. କଳହ; ଖଲ)—୧ । କଳହପ୍ରିୟ; କାଣ୍ଡୁଆ—
Khaḻabā 1. Quarrelsome.
झगड़ाटे ୨ । ଦୁଷ୍ଟ—2. Wicked.
बखेड़िया
(ଖଲବୀ—ସ୍ତ୍ରୀ)

**ଖଲବାଟିକା**—ସଂ. ବ (ଖଲ=ଖଳା + ବାଟିକା)—ଖଳାବାଡ଼; ଶସ୍ୟାଦି
Khaḻabāṭikā ଫସଲ ଜମା କରି ଅମଳ କରିବା ନିମନ୍ତେ ବାଡ଼ ଘେରା ଯାଇଥିବା ସ୍ଥାନ—Enclosed grain-yard.

**ଖଲମୂର୍ତ୍ତି**—ସଂ. ବ (ଖଲ=ସ୍ଥାନ + ମୂର୍ତ୍ତି=ଆକୃତି; ସ୍ଥାନାନୁରୂପ ଆକୃତି
Khaḻamūrtti ପ୍ରାପ୍ତ ହୁଏ ବୋଲି )—ପାରଦ; ପାରା—Quicksilver.

**ଖଲମ୍ବ**—ପ୍ରାଦେ. (ଗଞ୍ଜାମ) ବ—ଖଲବ; କଳହ—
Khaḻamba Quarrelling.

**ଖଲ ଲଗାଇବା**—ଦେ. କି ( ସଂ. କଳହ )—କଳହ ଲଗାଇବା—
Khaḻa lagāibā To create or foment a quarrel.

**ଖଲସ୍ୱଭାବ**—ସଂ. ବଣ. ପୁଂ (ବହୁବ୍ରୀହି; ଖଲ + ସ୍ୱଭାବ)—ଦୁଷ୍ଟ ସ୍ୱଭାବ-
Khaḻaswabhāba ବିଶିଷ୍ଟ; ଖଲପ୍ରକୃତିକ—Of wicked
(ଖଲସ୍ୱଭାବା—ସ୍ତ୍ରୀ) disposition.

**ଖଲା**—ଦେ. ବ (ସଂ. ଖଳ)—ଧାନ ଫସଲ ଆଦି ଜମା କରିବା ଓ ଅମଳ
Khaḻā କରିବା ସ୍ଥାନ—Threshing floor; grain-yard.
खामार ଉଭାଇ ଗୋଶାଳା, ଖଳା, ମଞ୍ଚ, ଧାନକୋଠୀ—
खलिहान ରାଧାନାଥ· ମହାଯାତ୍ରା ।

**ଖଲ୍ଲ**—ଦେ. ବ—ଖଲ୍ଲବାଡ଼ିଆ—
Khaḻā Act of pestling.
ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) ବ—ଖଳା—Threshing floor.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଂ | ଉଥ | ଝ |
| ୬ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ |

**ଖଲାଇ**—ପ୍ରାଦେ. (ସମ୍ବଲପୁର) ବି (ସଂ. କୁବେଣୀ)—ମତ୍ସ୍ୟାଧାନୀ; ଖାଲୋଇ;
Khalāi କେଉଟମାନଙ୍କର ମାଛ ରଖିବା ପାଇଁ ବ୍ୟବହୃତ ସଂକୀର୍ଣ୍ଣ-ମୁଖ ବିଶିଷ୍ଟ ବାଉଁସିଆ—Fisherman's basket.

**ଖଲଇବା**—ଦେ. କ୍ରି—୧ । ଖଲେଇବା ( ଦେଖ )
Khalāiba 1. Khaleiba ( See )
୨ । 'ଖଲବା' କ୍ରିୟାର ଣିଜନ୍ତରୂପ—
2. Causative form of Khaliba.

**ଖଲାଉଠା**—ଦେ. ବି—ପଡନଉଠା ଭୋଗ; ଯେଉଁ ଦିନ କୃଷକର
Khalāuṭhā ଖଳାରେ ଜମାଥିବା ଧାନ ଦବାକ୍ ଅମଲ ହୋଇ ଯାଏ ସେଦିନ ଖଳାରେ ମେଉମୂଳେ ଜଳଖିଆ ବା କ୍ଷୀରି ଖେଚୁଡ଼ି ଆଦି ଲକ୍ଷ୍ମୀଙ୍କୁ ଭୋଗ ଦେବା ଉତ୍ସବ—A ceremony accompanied by the offering of cooked or uncooked food to Goddess Lakshmī when the last grain is gathered from the grain-yard.

**ଖଲାଛେଦ୍**—ପ୍ରାଦେ. ( ସମ୍ବଲପୁର ) ବି—ଖଳାରେ ଧାନ ଅମଲ ଶେଷ
Khalāchhed ହେବା ଦିନର ଉତ୍ସବ; ଖଲାଉଠା—
A festival observed by a cultivator on the last day of his threshing.
[ ଦ୍ର—ଏହିଦିନ ଯାହା ଧାନ ଅମଲ ହୁଏ କୃଷକ ତହିଁରୁ ଅଧେ ଦୁଃଖୀରଙ୍କୀ, ବୈଷ୍ଣବ ଓ ମୂଲିଆଙ୍କୁ ବିତରଣ କରେ । ]

**ଖଲାବାଡ଼ି**—ଦେ. ବି. ( ସଂ. ଖଲବାଟିକା )—
Khalābāṛdi ଖଲବାଟିକା ( ଦେଖ )
Khalabāṭikā ( See )

**ଖଲାସ୍**—ବୈଦେ. ବି. ( ଆ. ଖଲାଶୀ＝ମୁକ୍ତି )—୧ । ମୁକ୍ତି—
Khalās 1. Liberation; deliverance.
खालास ୨ । ବିପଦରୁ ଉଦ୍ଧାର ପାଇବା ବା ପାର ହେବା—
खलास 2. Coming out of a danger.
୩ । କାରାମୁକ୍ତି—
3. Release from imprisonment.
୪ । ବିପଦ ବା ଦାୟିତ୍ୱରୁ ଉଦ୍ଧାର କରିବା—
4. Rescuing from danger or liability.
୫ । ଯନ୍ତ୍ରଣାରୁ ମୁକ୍ତି—
5. Release from pain.
୬ । ଗର୍ଭବେଦନାରୁ ମୁକ୍ତିଲାଭପୂର୍ବକ ପ୍ରସବ—
6. Delivery of a pregnant woman by giving birth.
୭ । ଦାୟିତ୍ୱରୁ ମୁକ୍ତି—
7. Discharge from a liability.
ବୈଦେ. ବିଣ. ( ଆ. ଖଲାଶ୍＝ମୁକ୍ତ )—୧ । ବନ୍ଧନମୁକ୍ତ—
1. Released.
୨ । ବିପଦମୁକ୍ତ—2. Rescued; delivered from danger.
୩ । ଦାୟିତ୍ୱମୁକ୍ତ—
3. Discharged from a responsibility.
୪ । ଋଣମୁକ୍ତ—4. Freed from a debt.
୫ । କାରାମୁକ୍ତ—5. Liberated from imprisonment.
୬ । ଶିଶୁ ପ୍ରସବ କରିବାଦ୍ୱାରା ଗର୍ଭବେଦନାରୁ ମୁକ୍ତ ( ସ୍ତ୍ରୀ )—
6. ( woman ) Delivered of the pangs of child birth.
୭ । ଖତମ୍; ସମାପ୍ତ—
7. Finished; completed.

**ଖଲାସ୍ କରିବା**—ଦେ. କ୍ରି—୧ । କାରାମୁକ୍ତ କରିବା—
Khalās karibā 1. To set free.
खालासकरा ୨ । ରେଲ ବା ଡଙ୍ଗାରୁ ବୋଝ ଉତାରିବା—
खलासकरना 2. To unload.
୩ । ଅବରୁଦ୍ଧ ସ୍ଥାନରୁ ଜଳ ଆଦି ଛାଡ଼ିବା—
3. To release; to discharge ( liquid ).
୪ । ବିପଦରୁ ମୁକ୍ତ କରିବା—
4. To liberate from danger.
୫ । ସମ୍ପତ୍ତିକୁ ବନ୍ଧକ-ଦାୟିତ୍ୱରୁ ଅବ୍ୟାହତି ଦେବା—
5. To free from encumbrance or lien.
୬ । ମନ୍ତ୍ରସନ୍ଧାଦିଦ୍ୱାରା ଗର୍ଭସ୍ଥ ଭ୍ରୂଣକୁ ବାହାର କରିବା—
6. To cause the child in the womb to be delivered.
୭ । ବୀର୍ଯ୍ୟମୋକ୍ଷଣ କରିବା—
7. To discharge one's semen.
୮ । କୌଣସି ବ୍ୟକ୍ତିକୁ ଋଣରୁ ମୁକ୍ତ ବା ଅବ୍ୟାହତି କରିବା—
8. To free or dischange a person from a debt or liability.
୯ । କୌଣସି ସ୍ତ୍ରୀଲୋକକୁ ପ୍ରସବ କରିବା ବିଷୟରେ ସାହାଯ୍ୟ କରିବା—
9. To assist a woman in child-birth.

**ଖଲାସ୍ ଦେବା**—ଦେ. କ୍ରି—୧ । କାରାମୁକ୍ତ କରିବା—
Khalās debā 1. To discharge from jail.
খালাসদেওয়া ୨ । ଦାୟିତ୍ୱରୁ ମୁକ୍ତ କରିବା—
खलासदेना 2. To liberate from any responsibility.

**ଖଲାସ୍ ପାଇବା**—ଦେ. କ୍ରି—୧ । ବନ୍ଧନ, ଦାୟିତ୍ୱ, ଯନ୍ତ୍ରଣା, ବିପଦ
Khalās pāibā ଆଦିରୁ ମୁକ୍ତ ହେବା—
খালাসপাওয়া 1. To be freed from any liability, debt, imprisonment, danger or trouble.
खलासपाना
୨ । ବନ୍ଧନରୁ ମୁକ୍ତ ହେବାର ଆଦେଶ ପ୍ରାପ୍ତ ହେବା—
2. To get an order for one's release.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଉ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଗର୍ଭଯନ୍ତ୍ରଣାରୁ ମୁକ୍ତ ହେବା; ପ୍ରସବ କରିବା—
3. To be delivered of a child.

**ଖଲାସ୍ ହେବା**—ଦେ. କ୍ରି.—୧ । (ଜମା ହୋଇଥିବା ପାଣି) କୌଣସି ବାଟ ବା ନାଲ ଦେଇ ବୋହି ଯିବା—
Khalās hebā
खलासहओया
**खलास होना**
1. (accumulated water) To be discharged through a channel or outlet.

୨ । ଖଲାସ୍ ପାଇବା (୧, ୩) (ଦେଖ)
2. Khalās pāibā (1, 3) (See)

**ଖଲାସି**—ବୈଦେ. ବି. (ଅ. ଖଲାସି)—୧ । ଜାହାଜ, ଅଗ୍ନିବୋଟ, ରେଲ ଓ କେନାଲ୍‌ରେ ଓ ତମ୍ବୁ ଟାଣିବା ଆଦିରେ ନିଯୁକ୍ତ ନିମ୍ନତମ ଭୃତ୍ୟ; କୁଲୀ—1. A cooly or menial servant engaged in boats, railway etc ( e. g. a sailor, a tent–pitcher).
Khalāsi
खालासी
**खलासी**

୨ । ଖଲାସ୍ (ଦେଖ)
2. Khalās (See)

ପ୍ରାଦେ. (ପୁରୀ) ବି.—ଡୋରର ବିନା ସାହାଯ୍ୟରେ ସ୍ତ୍ରୀଲୋକମାନଙ୍କର କେଶ ବାନ୍ଧିବାର ଏକପ୍ରକାର ଖୋସା ବା ଗଣ୍ଠି—
A mode of tying the hair into a knot.

ବୈଦେ. ବିଣ.—ଖଲାସ୍ (ଦେଖ)
Khalās (See)

**ଖଲାସିନାଲ**—ଦେ. ବି—ସଫେଇ ନାଲ; ଯେଉଁ ନାଲଦ୍ୱାରା କୌଣସି ସ୍ଥାନରେ ଜମିବା ପାଣି ଖଲାସ୍ ହୁଏ ବା ବହିଯାଏ—
Khalāsināla
खालासीनाला
**खलासी नाला**
A drainage or channel for the discharge of surplus or collected water from a place

**ଖଲାସି ନିକାସି**—ଦେ. ବି. ( ଅ. ଖଲାସି ଓ ସଂ. ନିଷ୍କାସନ; କଚେରିଆ ଭାଷା; ସଦ୍ଭାବ )—କୌଣସି ଦାବୀ ବା ଦାୟିତ୍ୱ ଆଦିରୁ ମୁକ୍ତି ବା ସମ୍ପୂର୍ଣ୍ଣ ଅବ୍ୟାହତି —
Khalāsi nikāsi
खालासी ओ निकासी
**खालासी ओर निकासी**
Complete release from or discharge of any claim or liability.
(ଯଥା—ବିକ୍ରି ସମ୍ପତ୍ତିରେ କେହି ଦାବୀଦାର ଉପସ୍ଥିତ ହେଲେ ସେଥିର ଖଲାସିନିକାସିର ଭାର ଆମ୍ଭତକ୍ ରହିଲା—କବାଲାର ଶରେହ୍ ।)

**ଖଳି**—ସଂ. ବି. (ଖଲ୍ ଧାତୁ=ସଂଗ୍ରହ କରିବା+କର୍ମ. ଇ)—
Khaḷi
୧ । ତେଲାଦିର ସିଠା ବା କାଣ୍ଟି; କଲ୍କ—
1. Sediment of oil.

୨ । ପିଡ଼ିଆ—2. Oilcake

ଦେ. ବି.—୧ । ଧୋବା ଓ ତନ୍ତୀମାନେ ବସ୍ତ୍ରକୁ ଟାଣୁଆ କରିବା ନିମନ୍ତେ ତହିଁରେ ଦେବା ମଣ୍ଡ—1. Starch applied to a washed or newly woven cloth to make it stiff.

୨ । ପିଠା ନିମନ୍ତେ ପ୍ରସ୍ତୁତ ଶସ୍ୟଚୂର୍ଣ୍ଣ ଓ ଗୁଡ଼ ମିଶ୍ରିତ ଅଗ୍ନିପକ୍ୱ କୋମଳ ଲେହ୍ୟ ଦ୍ରବ୍ୟ ବିଶେଷ—
2. A paste made of corn-flour kneaded with sugar and boiled for some time for preparing cakes; dough.

୩ । ଔଷଧର ଗୁଳାବିଶେଷ (ନଜେ)—3. A medicinal paste made into a ball.

୪ । ଅରଣ୍ୟରେ ବନ୍ୟଜନ୍ତୁଙ୍କ ପ୍ରିୟ ଆର୍ଦ୍ର ଲବଣାକ୍ତ ସ୍ଥାନ (ଯେଉଁଠାରେ ମୃଗମହିଷାଦି ବନ୍ୟ ଜନ୍ତୁ ସମବେତ ହୋଇ ସେଠାର ମାଟି ଗ୍ରହିବାକୁ ସୁଖ ପାଆନ୍ତି )—4 A resort of wild beasts (deer; buffalo etc) in the jungle where they love to gather and lick the briny earth.

୫ । ଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ଚିତ୍ର ହେବା ସମୟରେ କାଠର ମୂର୍ତ୍ତି ଉପରେ ମଡ଼ା ଯାଇଥିବା କନା ଉପରେ ବୋଳା ଯିବା ଚାଉଳସିଝା କାଠୁଆ ସାରୁ—5. Starch consisting of boiled rice-flour prepared for causing the cloth to stick to the wooden image of Lord Jagannātha at Puri before it is painted.

ପ୍ରାଦେ. (ଗଡ଼ଜାତ) ବି.—ଚିକିଟା ରଙ୍ଗିଆ ମୃତ୍ତିକାବିଶେଷ—
A kind of clayey and reddish soil.

**ଖଲି**—ଦେ. ବି.—୧ । ପୁଞ୍ଜି ବୁଣା ଯାଇଥିବା ଧାନକିଆରିରେ ପୁଞ୍ଜିଗଛ ଛଡ଼ା ଗୋଟିକିଆ ଧାନଗଛ ଓ ଘାସ—1. Single weeds and paddy plants growing in a field where paddy is grown in clusters.
Khali

୨ । ଖାଦ୍ୟ ବାଢ଼ିବା ପାଇଁ ଏକତ୍ର ସିଆଁ ହୋଇଥିବା ଶାଳ ଆଦି ଗଛର ପତ୍ରମାନ; ଶଲାକାସ୍ୟୂତ ଶାଳପତ୍ର; ଖଲିପତ୍ର—
2. Leaves sewn together for being used as food-plates.

ମାତା ଖାଲେଣି କ ପୁନ ସେ ଭଣ୍ଡାର କାଶେ ଯାକ ଅଛ ଖଲି ।
ପୀତାମ୍ବର- କୃଷ୍ଣଚରିତ୍ର ।

୩ । ଥଟ୍ଟା—3. Joke; jesting

୪ । ଗୋରୁଗାଈଙ୍କର ଗୋଡ଼ ଘୋଷାରି ଚାଲିବା ରୋଗ ବିଶେଷ—4. Stringhalt of cattle; chronic muscular spasms on the legs of cattle.

୫ । ରସମୟ ବାକ୍ୟ; ବାକ୍ୟରେ ରସିକତା—
5 Wit and humour in speech.

୬ । କୌଣସି ବ୍ୟକ୍ତିକୁ ପରୋକ୍ଷଭାବରେ ଲକ୍ଷ୍ୟକରି କୁହାଯିବା ବ୍ୟଙ୍ଗ୍ୟ ବଚନ—6. Innuendo; side-hint.

୭ । ( ସଂ. ଖଲ୍ଲୀ ) ଦୁର୍ବଳତା ବା ବାତ ବିକାର ଯୋଗୁଁ ହାତ ଗୋଡ଼ର ସାମୟିକ ସ୍ତମ୍ଭନ—7. Cramp in the hands and legs.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଯ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ୍ଯ | ସ | ଗଁ | ଇଅ | ● | ନ୍ତ |

ପ୍ରାଦେ. (ସମ୍ବଲପୁର) ବ—ଖଳି ( ଦେଖ )— Khali ( See )

**ଖଳଅ**—ଦେ. ଢଣ—୧ । ଖଳପରି ଅଠାଳିଆ— Khalia 1. Clayey; sticky; doughy.
୨ । ଗେଙ୍ଗୁଟି ମିଶ୍ରିତ ଓ କୃଷିର ଅଯୋଗ୍ୟ (ମୃତ୍ତିକା)— 2. Gravelly (soil).

**ଖଲ୍ଲଆ**—ଦେ. ବ ( ସଂ. ଖଞ୍ଜୀ )—ଖଞ୍ଜୀ; ଗୋରୁମାନଙ୍କ ଗୋଡ଼ର ରୋଗ ବିଶେଷ—Stringhalt of cattle; chronic muscular spasms on the leg; springhalt.
Khalia
ঝনকা
लंग; लंगड़ाहट

ଦେ. ଢଣ—୧ । ଖଲ୍ଲରୋଗାକ୍ରାନ୍ତ ( ଗୋରୁ )— 1. (cattle) Suffering from stringhalt.
ঝনকা
लंगड़ा

୨ । ଥଟ୍ଟାପ୍ରିୟ; ଥଟିଳି — 2. Jestive; jocular; witty.

ପ୍ରାଦେ. (ସମ୍ବଲପୁର)—ଖଳଅ ( ଦେଖ )— Khalia (See)

ପ୍ରାଦେ. ( ସମ୍ବଲପୁର ) ବ—୧ । କୃଷିର ଅଯୋଗ୍ୟ ଜଳମଗ୍ନ ଖାଲ ଜମି—1. A low marshy land unfit for cultivation.
୨ । ଚକଟା ମାଟିରେ ପାଣି ପଡ଼ି ଖସଡ଼ା ହେବା ଅବସ୍ଥା— 2. Slippery condition of the ground owing to the accumulation of water.
୩ । ପାହାଡ଼ ତଳେ ଖରାଦିନେ ପାଣି ଜମି ରହିଥିବା ଚଉରା ବା ଖାଲ—3. A small pool at the foot of a hill where water is left in summer.
[ ଦ୍ର—ବନ୍ୟ ପଶୁମାନେ ଏଠାକୁ ପାଣି ପିଇବାକୁ ଆସନ୍ତି । ]

**ଖଲ୍ଲଆରି**—ପ୍ରାଦେ. ( ପୁରୀ ) ବ—ବର୍ଷା ସମୟରେ ବହୁଥିବା ଦକ୍ଷିଣା ପବନ—Breeze blowing from the south in the rainy season.
Khaliāri

[ ଦ୍ର—ଏ ପବନ ଆକାଶରେ ବଉଦକୁ ଦକ୍ଷିଣରୁ ଉତ୍ତରପଶ୍ଚିମ ଆଡ଼କୁ ଅର୍ଥାତ୍ ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶ ଆଡ଼କୁ ଉଡ଼ାଇ ନିଏ । ସେ ଅଞ୍ଚଳରେ ବର୍ଷା ହେଲେ ମହାନଦୀ ବଢ଼େ । ମହାନଦୀରେ ବଢ଼ିହେଲେ ତାହାର ଶାଖା ପ୍ରଶାଖାମାନ ବଢ଼ିବାରୁ ପୁରୀଜିଲ୍ଲାରେ ବଢ଼ିପାଣି ପଶେ । ଅତଏବ ପୁରୀ ଜିଲ୍ଲାର ଲୋକଙ୍କ ପକ୍ଷେ ଖଲ୍ଲଆରି ପବନ ଶୀଘ୍ର ନଈବଢ଼ି ହେବାର ସୂଚନା କରେ । ]

**ଖଲ୍ଲକାଗଜ**—ଦେ. ବ—ଅଠାଉପରେ କାଚଗୁଣ୍ଡା ଛିଞ୍ଚା ହୋଇ ଶୁଖା ଯାଇଥିବା କାଗଜ; ସିରିସକାଗଜ— Sand paper.
Khalikāgaja
सिरिसकागज
[ ଦ୍ର—ଏହାଦ୍ୱାରା କାଠନିର୍ମିତ ବସ୍ତୁ ଉପରେ ଘଷିଲେ ତାହା ଚିକ୍କଣ ହୁଏ । ]

**ଖଲିକାର**—ଦେ. ବ (ଭୁଲ. ସଂ. ଖଳୀକାର=ଅନିଷ୍ଟକରଣ )—ସାପୁଆ କେଳା—A snake-charmer.
Khalikāra

ଖଲିକାର ନୋହି କଳା ନାଗକୁ ଗଳିଲୁ ରେ—
କବିସୂର୍ଯ୍ୟ—କଳାଗୋଚନ୍ଦ୍ର. ଗୀତ ।

**ଖଲିକୁହା**—ଦେ. ଢଣ—ଯେ ଥଟ୍ଟା କଥା କହେ— One who speaks jesting words or puns.
Khalikuhā

**ଖଲିଚୁନା**—ଦେ. ବ—ପିଠା ପାଇଁ ଖଳି କରିବା ନିମନ୍ତେ ଅଭିପ୍ରେତ ଶସ୍ୟଚୂର୍ଣ୍ଣ—Corn-flour for preparing dough for cakes.
Khalichūnā

**ଖଲିଛତୁ**—ପ୍ରାଦେ (ଗଡ଼ଜାତ) ବ—ହୁଙ୍କାରେ ହେବା ବଡ଼ ବଡ଼ ଛତି ଥିବା ଛତୁ—Mushroom with big heads growing on ant-hills.
Khalichhatu

**ଖଲିଟୋକେଇ**—ପ୍ରାଦେ (ଗଡ଼ଜାତ) ବ—ଖଡ଼ିଟୋକେଇ ( ଦେଖ )— Kharditokei (See)
Khalitokei

**ଖଲିନ**—ସଂ. ବ—ଖଲୀନ ( ଦେଖ )— Khalina (See)
Khalina

**ଖଲିନୀ**—ସଂ. ବ (ଖଳ + ସମୂହାର୍ଥେ ଇନ୍ + ସ୍ତ୍ରୀ. ଈ) ବହୁସଂଖ୍ୟକ ଖଳା— A multitude of threshing floors or grain-yards.
Khalini

**ଖଲିପତ୍ର**—ଦେ. ବ—୧ । ଶାଳ ପ୍ରଭୃତି ଗଛର ଏକାଧିକ ପତ୍ର ଖଡ଼ିକାଦ୍ୱାରା ପରସ୍ପର ସଙ୍ଗେ ସିଲାଇହୋଇ ପ୍ରସ୍ତୁତ ହୋଇଥିବା ବୃହଦାକାର ଗୋଲ ଓ ବର୍ତ୍ତୁଳ ପତ୍ର— 1. Eating plate prepared by sewing many Sal-leaves together.
Khalipatra
୨ । ଖଡ଼ିକାରେ କାଠପତ୍ର ସିଆଁ ହୋଇ ତିଆରି ହୋଇଥିବା ପାତ୍ର ବା ଡଉପଣି—2 Improvised plates or cups prepared by sewing leaves together.
୩ । ଯେଉଁ ପତ୍ର ( ଶାଳ, ଭୁମିର ଆଦି ) ସିଆଁ ହୋଇ ଖଲି ତିଆରି ହୁଏ—3. Sal and other tough leaves fit for being sewn into plates.

**ଖଲିପଶିବା**—ଦେ. ବ ( ସଂ. ଖଲ୍ଲୀ—ଯୋଗେଶଚନ୍ଦ୍ର )—ବାତ ବିକାର ବା ଦୁର୍ବଳତାରୁ କମ୍ପା ଗଣ୍ଠିରେ ପବନ ଅଟକି ଯିବାରୁ ହାତଗୋଡ଼ର ସ୍ତମ୍ଭନ ବା ଜଡ଼ୁକ୍ଷଣ ଦେଖା ହେଲା ପର ଜଣାଯିବା— Cramp; temporary numbness of limbs due to wind in the body or weakness.
Khalipasibā
খালধরা, খিলধরা
हातबधटना

ହସ୍ତ ଖଲି ପଶଇ ଅଙ୍ଗ ସ୍ତବ୍ଧ ହୁଏ ମୋର—ଗାଳାମ୍ବର. ନୃସିଂହପୁରାଣ ।

**ଖଲିପା**—ବୈଦେ. ବ. (ଆ.)—ଖଲିଫା (ଦେଖ) Khaliphā (See)
Khalipā

**ଖଲିପିଠା**—ଦେ. ବ (ପିଠଉ ପିଣ୍ଡୁଲାର ଗୃହପାଖରେ ଖଲିପତ୍ର ଦିଆ ଯାଉଥିବାରୁ )—ପୋଡ଼ପିଠା—
Khalipithā

> ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

Cake made by putting the dough in a packet of leaves and putting it inside live charcoal.

**ଖଲଫା**—ବୈଦେ. ବି (ଆ. ଖଲୀଫା = ଧର୍ମଗୁରୁ)—
Khaliphā — ୧ । ମୁସଲ୍‌ମାନ୍‌ମାନଙ୍କର ସର୍ବପ୍ରଧାନ ଧର୍ମଗୁରୁ—
ଖଲୀଫା — 1. The Caliph or the prime spiritual
**ख़लिफा** — preceptor of all Mahomedans, viz. the Sultan or elected ruler of Turkey.

[ ଦ୍ର—ତୁରସ୍କର ସୁଲ୍‌ତାନ୍ ବଂଶାନୁକ୍ରମେ ମୁସଲ୍‌ମାନ୍‌ମାନଙ୍କ ଧର୍ମଗୁରୁ ଥିବାରୁ ତାଙ୍କୁ ଖଲଫା ବୋଲାଯାଉଥିଲା । ମୁସଲ୍‌ମାନ୍‌ମାନଙ୍କ ଶାସ୍ତ୍ର ଅନୁସାରେ ଧର୍ମଗୁରୁ (ଖଲଫା) ଓ ସମ୍ରାଟ ଏହି ଦୁଇଟି ଅଧିକାର ଅବିଚ୍ଛେଦ୍ୟଭାବରେ ପରସ୍ପର ସମ୍ବଦ୍ଧ ।

ଏହି ଖଲଫାଙ୍କ ସମ୍ବନ୍ଧୀୟ ସମସ୍ୟା ( ଅର୍ଥାତ୍ ଖିଲାଫତ୍ ) ର ମୀମାଂସା ନିମନ୍ତେ ଗତ ( ଖ୍ରୀ. ୧୯୧୪—୨୧ ) ଇଉରୋପୀୟ ମହାସମର ପରେ ମୁସଲ୍‌ମାନ୍ ଜଗତରେ ଓ ବିଶେଷତଃ ଭାରତୀୟ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ପ୍ରବଳ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ତୁରସ୍କ ସାମ୍ରାଜ୍ୟରେ ଧର୍ମଗୁରୁ ଓ ରାଜ୍ୟଶାସକଙ୍କ ପଦବୀମାନ ପୃଥକ୍ କରି ଯାଇଅଛି । ]

୨ । ମୁସଲ୍‌ମାନ୍ ଦରଜି—
2. A Mahomedan tailor.

୩ । ମଲ୍ଲବିଦ୍ୟାର ଓସ୍ତାଦ୍ —
3. A teacher of or trainer of gymnastics.
[ ଦ୍ର—ଏହାଙ୍କ ଅଧୀନ ଶିକ୍ଷାର୍ଥୀମାନଙ୍କୁ ସାଗିରଦ୍ ବୋଲାଯାଏ । ]

୪ । ମୁସଲ୍‌ମାନ୍‌ମାନଙ୍କ କୁସ୍ତିଆଖଡ଼ାର ଅବୈତନିକ ସମ୍ପାଦକ—
4. Honorary Secretary of a party of Mahomedans formed for sport or exercise.

୫ । କୌଣସି ବିଦ୍ୟାର ଗୁରୁ ବା ଓସ୍ତାଦ୍—
5. A teacher in any art or sport.

ବୈଦେ. ବିଣ—୧ । ସୁଶିଳ୍ପୀ—
1. Expert; deft-handed.

୨ । କୌଣସି ବିଦ୍ୟାରେ ସିଦ୍ଧହସ୍ତ—
2. Adept in any art.

୩ । ନିପୁଣ; ପାରଙ୍ଗମ—
3. Experienced; skilful.

୪ । ( ବ୍ୟଙ୍ଗ ) ଯେଉଁ ବ୍ୟକ୍ତି କାମରେ ହେଳା ବା ମଠ କରେ; ମଠୁଆ—
4. Slow-coach; laggard.

**ଖଲଫୋଟକା**—ଦେ. ବି—ଖରଫୋଟକା (ଦେଖ)
Khaliphotakā — Khariphotakā (See)

**ଖଲବକଟିଆ**—ପ୍ରାଦେ ( ଗଡ଼ଜାତ ) ବି—ଚିକଟାମାଟି ( ଯାହା ଓଦା
Khalibakatiā — ଥିବାବେଳେ ଗୋରୁ ଗାଈ ତାକୁ ଖୁରରେ ଚିକଟିକରି ଖାଲଡିପ କରି ଦେଇ ଥାଆନ୍ତି )—
Hard clayey soil.

**ଖଲିବଛା**—ଦେ. ବି—ପୁଞ୍ଜି ବୁଣା ଧାନ କିଆରୁ ଗୋଟିକିଆ ଧାନଗଛ
Khalibachhā — ଓ ଘାସସବୁ ବାଛି ଓପାଡ଼ିଦେବା—
The weeding out of single paddy-plants and weeds from a paddy-field in which paddy is grown in clusters.

**ଖଲିବା**—ଦେ. କ୍ରି. (ସଂ. ଖଲ୍ଲ)—୧ । ଖଲରେ ମର୍ଦ୍ଦନ କରିବା—
Khalibā — 1. To pound with pestle and mortar.
ଖଲେମାଡ଼ା
**खरलकरना; खलना**

ଖଲ ମୃଗମଦ ଚର୍ଚ୍ଚିବ ପ୍ରମୋଦଭରେ ଭବେଜ ନିଜ୍ଞା ।
କବିସୂର୍ଯ୍ୟ- ରତ୍ନାକରଚମ୍ପୂ- ୩ ଗୀତ ।

୨ । ସୁନାରୁପାର ପାତିଆକୁ ଟୋଲକା କରିବା ପାଇଁ ଠସାରେ ରଖି ବାଡ଼େଇବା—2. To beat bits of gold or silver leaf into globular shape in a mould.

**ଖଲମାଟି**—ଦେ. ବି—କାଦୁଅ ମୃତ୍ତିକା—
Khalimāṭi — Clayey soil.

**ଖଲରୁଟି**—ଦେ. ବି—ମଇଦାକୁ ଦଳି ଉକ୍ତ ଦଳାପିଣ୍ଡକୁ ପାଣିରେ ସିଦ୍ଧ
Khaliruṭi — କରିବା ପରେ ତହିଁରେ ପ୍ରସ୍ତୁତ ହେବା ରୁଟି—
Bread prepared from flour after it is kneaded and the lump boiled in water.
[ ଦ୍ର—ଏହା ସାଧାରଣ ରୁଟି ଅପେକ୍ଷା ନରମ ଓ ଲଘୁପାକ । ]

**ଖଲିଶ**—ସଂ. ବି (ଖଲ+ଶୀ ଧାତୁ=ଶୟନ କରିବା+କର୍ତ୍ତୃ. ଅ)—
Khaliśa — ମତ୍ସ୍ୟବିଶେଷ; ଇଣ୍ଡୁଲା ମାଛ—
ଖଲିଶା — A kind of fresh-water fish; Mugil Corsula;
**खलसा** — Trichopodus Colisa. (Wilson).
(ଖଲ୍ଲିଶ—ଅନ୍ୟରୂପ) [ ଦ୍ର—ଏହାର ଦେହ ପୋହୋଳା ମାଛ ପରି କିନ୍ତୁ ମୁଣ୍ଡ ଶେଉଳ ମାଛର ମୁଣ୍ଡ ପରି । ଏହାର କାତି ଅଛି; ପିଠି ନେଳିଆ ଏବଂ ଦୁଇପାଖ ଓ ପେଟ ଧଳା । ଏହାର ଦୁଇଟି ବଡ଼ ଅଖି ମୁଣ୍ଡ ଉପରକୁ ବାହାରିଥାଏ । ଏ ନଈରେ ପହଁରିଲା ବେଳେ ଅଖି ଯୋଡ଼ିକ ମୁଣ୍ଡ ଉପରେ ଦିଶୁଥାଏ । ଏ ଲମ୍ବରେ ୧୮ ଆଙ୍ଗୁଳ ପର୍ଯ୍ୟନ୍ତ ବଢ଼େ; ଏହାର ପିଠି ଉପରେ ଥିବା ଡେଣାରେ ୪ଟା କଣ୍ଟା ଅଛି । ]

**ଖଲିସିଆଁ**—ଦେ. ବି—ଖଲି କରିବା ନିମନ୍ତେ ଗୁଡ଼ିଏ ପତ୍ରକୁ ସିଲେଇ
Khalisiāṅ — କରିବା—The sewing together of leaves for forming a circular plate.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତ |

**ଖଲ ସେଇଁବା**—ଦେ. କ୍ରି—ଏକାଧିକ ପତ୍ରକୁ ଖଲ୍ଲପତ୍ର କରିବା ନିମନ୍ତେ
Khali seiñbā ଖଡ଼ିକାଦ୍ୱାରା ସିଲାଇ କରିବା—To sew a number of leaves together with small pin-like twigs.

**ଖଲୀ**—ସଂ. ବି. (ଖଲ୍ ଧାତୁ+ଇନ୍; ୧ମା ୧ବ)—
Khalī ୧ । ଶିବ; ମହାଦେବ—1. Name of Śiba.
୨ । ଖଳ (ଦେଖ)—2. Khali (See)

**ଖଲୀକରଣ**—ସଂ. ବି. [ ଖଲ+ଅଭୂତଭାବେ. ଚ୍ୱି (ଈ)+କରଣ ]—
Khalīkaraṇa ୧ । ଦଳନ; ଦଳିବା; ଚକଟିବା—
1. Crushing; kneading.
୨ । ଆଘାତକରଣ—2. Hurting.
୩ । ଅବମାନନା କରିବା—3. Ill-treating; slighting.

**ଖଲୀକାର**—ସଂ. ବି. (ଖଲ+କୃ ଧାତୁ=କରିବା+ଅ; ଈ. ଆଗମ)—
Khalīkāra ୧ । ଆଘାତକରଣ—1. Hurting.
୨ । ଅନିଷ୍ଟକରଣ—2. Injuring.
୩ । ଅବମାନନ—3. Slighting; ill-treating.
୪ । ବିପଦ—4. Danger.
୫ । ଅଶୁଭ; ଅମଙ୍ଗଳ—5. Evil.

ଖଲୀକାର ନିକର ଖଣ୍ଡନ କର ମୋର ।
ଗୋପାଳ. ଭକ୍ତିଧାର ।

**ଖଲୀକୃତ**—ସଂ. ବି.—ଖଲୀକାର (ଦେଖ)
Khalīkṛuti Khalīkāra (See)

**ଖଲୀନ**—ସଂ. ବି. ( ଖ=ମୁଖ+ଲୀନ=ସଂଲଗ୍ନ; ଯାହା ମୁହଁରେ
Khalīna ଲଗାଯାଏ )—୧ । କଡ଼େଇ; ଘୋଡ଼ାର ମୁହଁରେ ଲଗାମ ବା ବଲ୍ଗାରେ ସଂଲଗ୍ନ ଲୌହ—
1. The bit of the bridle of a horse (which passes through its mouth).

ବାହାରିଲେ ଦର୍ପେ କରି ଖଲୀନ ଚର୍ବଣ ।
ମଧୁସୂଦନ. ଛନ୍ଦମାଳା ।

୨ । ଘୋଡ଼ାର ଲଗାମ (ହି. ଶବ୍ଦସାଗର)—
2. Bridle of a horse.

**ଖଲୁ**—ସଂ. ଅ.—୧ । (ନିଷେଧ) ନାଁ—1 (prohibition) No.
Khalu ୨ । (ବାକ୍ୟାଲଙ୍କାର) ତ; ତ—
2. (used to add grace to a sentence) Too.
୩ । ନିଶ୍ଚେ; ନିଶ୍ଚୟ—3. Verily; surely.
୪ । (ଅନୁନୟ) ମୁଁ ପ୍ରାର୍ଥନା କରୁଛି—
4. I pray (as in Pray tell me).
୫ । (ଅନୁଜ୍ଞା) ହଁ—5. Yes (as in Let him do so).
୬ । (ପ୍ରଶ୍ନାର୍ଥକ) କି ?—6. (interrogatory) What ?
୭ । କାରଣ; ହେଉଛି—7. For; because.
[ଦ୍ର—ଏ ଶବ୍ଦର ପ୍ରୟୋଗ ଓଡ଼ିଆ ଭାଷାରେ ନାହିଁ ବୋଇଲେ ଚଳେ । ]

**ଖଲୁଆ**—ଦେ. ବିଣ. (ସଂ. ଖଲ; କଳହ)—
Khluā ୧ । ଖଳ; ଦୁଷ୍ଟ—1. Wicked.
ଖଲୁଆ ୨ । କଳହୀ; କଳିହୁଡ଼ା—2. Quarrelsome.
୩ । ଯେ ପରଘରେ କଳି ଲଗାଇ ଦିଏ—
3. One who foments quarrel amongst other people.

**ଖଲୁରି**—ଦେ. ବି. (ସଂ. ଖଲୂରିକା=ବ୍ୟାୟାମଭୂମି)—
Khaluri ଦାଣ୍ଡିଘରର ଆଡ଼ବାଗରେ ଥିବା ଘର—
ଏଡୋଘର House built crosswise joining two long rows of houses at the ends.
[ ଦ୍ର—ଖଞ୍ଜାର ଦୁଇ ବିପରୀତ ଦିଗରେ ଥିବା ଲମ୍ବ ଘରକୁ ଯୋଡ଼ୁଥିବା ଘର ଓ ଆଡ଼ବାଗରେ କରାଯାଇଥିବା ଘରକୁ ଖଲୁରି ବୋଲାଯାଏ । ]

**ଖଲୁରିଘର**—ଦେ. ବି.—ଖଲୁରି (ଦେଖ)
Khalurighara Khaluri (See)

**ଖଲୂରିକା**—ସଂ. ବି. (ଖଲ୍ ଧାତୁ=ଭାଙ୍ଗିବା+ସଂଜ୍ଞାର୍ଥେ. ଊର+କ+ଆ)—୧ । ବ୍ୟାୟାମଭୂମି; ଆଖଡ଼ା—
Khalūrikā
1. Field or place for athletic exercises.
୨ । ଯୁଦ୍ଧବିଦ୍ୟା ସାଧନାର ସ୍ଥାନ; ପରେଡ୍ ପଡ଼ିଆ—
2. A place for military exercise (Apte); parade-ground (M. W.).

**ଖଲେଇ**—ପ୍ରାଦେ. (ସମ୍ବଲପୁର) ବି—ଖଲାଇ (ଦେଖ)
Khalei Khalāi (See)

**ଖଲେଇବା**—ଦେ. କ୍ରି—୧ । (ଗୋରୁଗାଈ) ଝେଟେଇ କରି ବା ଗୋଟିଏ ଗୋଡ଼କୁ ଘୋଷାରି ଚାଲିବା—
Khaleibā
ଝନକାନ 1. (cattle) To walk by dragging a leg on
लंगखाना, लंगड़ाना the ground; to walk haltingly.
୨ । ଖଲି କହିବା; ଥଟ୍ଟିଲ କଥା କହିବା—
2. To talk humorously or wittily.
୩ । ଥଟ୍ଟା କରିବା—3. To joke.
୪ । ଖଲିବା କ୍ରିୟାର ଣିଜନ୍ତ ରୂପ—
4. Causative form of Khalibā; to pestle.
୫ । ଅପରୋକ୍ଷଭାବରେ ବ୍ୟଙ୍ଗ କରିବା—
To use innuendoes.

**ଖଳେଧାନୀ**—ସଂ. ବି ( ଖଳେ=ଖଳାରେ+ଧା ଧାତୁ=ଧରିବା+କର୍ତ୍ତୃ. ଅନ+ସ୍ତ୍ରୀ. ଈ)—ଖଳାର ମେଢ଼ି ବା ମଳିଖୁଣ୍ଟ—
Khledhānī
The centre-post of a threshing floor.

**ଖଳେବାଳୀ**—ସଂ. ବି (ଖଳେ=ଖଳାରେ+ବଲ ଧାତୁ+ଅଧିକରଣ. ଈ)
Khalebālī —ଖଳେଧାନୀ (ଦେଖ)
Khaledhānī (See)

ସାଧାରଣ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ସେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଖଲେଶୟ**—ସଂ. ବି(ଖଲେଶ=ଜଳର ଊର୍ଦ୍ଧ୍ୱଭାଗ+ଶୀ ଧାତୁ+କର୍ତ୍ତୃ.ଅ)—
Khaleśaya ଖଳଶ (ଦେଖ)
(ଖଲେଶ—ଅନ୍ୟରୂପ) Khaliśa (See)

**ଖଲୋକ୍ତି**—ସଂ. ବି (କର୍ମଧା; ଖଲ+ଉକ୍ତି)—
Khalokti ୧ । ଗାଳି—1. Abuse.
୨ । ନୀଚବାକ୍ୟ; ଦୁଷ୍ଟଜନୋଚିତ ଭାଷା—
2. Wicked language.

**ଖଲ୍ୱ**—ସଂ. ବି—୧ । ଚଣା ଶସ୍ୟ (ହି. ଶବ୍ଦସାଗର)—1. A kind of
Khalwa leguminous plant or grain.
୨ । ମୁଣ୍ଡ ଚନ୍ଦା ହେବା ରୋଗ (ହି. ଶବ୍ଦସାଗର)—
2. Baldness of the head.
୩ । ଖଲ୍ଲ—3. Mortar or stone-cup for grinding drugs. (M.W.)

**ଖଲ୍ୱାଟ**—ସଂ. ବିଣ. ପୁଂ—ଖଲ୍ଲିଟ (ଦେଖ)
Khalwāṭa Khalliṭa (See)

**ଖଲ୍ୟକାର**—ଦେ. ବି.—୧ । (ସଂ. ଖଲୀକାର=ଅନିଷ୍ଟକରଣ)
Khalyakāra ଖଳକାର (ଦେଖ)
1. Khalikāra (See)
୨ । (ସଂ. ଖଲ୍ଲକାର)—ଖନତ୍କାର (ଦେଖ)
2. Khanatkāra (See)

**ଖଲ୍ୟା**—ସଂ. ବି. ସ୍ତ୍ରୀ (ଖଲ+ସମୂହାର୍ଥରେ ଯ+ସ୍ତ୍ରୀ.ଆ)—ଖଳା ସମୂହ—
Khalyā A number of grain-yards.

**ଖଲ୍ଲ**—ସଂ. ବି. (ଖଲ+ଲା ଧାତୁ+କର୍ମ. ଅ)—
Khalla ୧ । ଔଷଧ ମର୍ଦ୍ଦନାର୍ଥ ପ୍ରସ୍ତରପାତ୍ର; ଖଲ—1. Mortar.
୨ । ଚାତକ ପକ୍ଷୀ—
2. Pied-crested cuckoo; Coccyster.
୩ । ଚର୍ମ; ଚମଡ଼ା—3. Skin; leather.
୪ । ଚମମୁଣା—4. Leathern water-bag.
୫ । ଖାଲ; ଗର୍ତ୍ତ—5. Hole; pit.
୬ । ପହଣୀ; ନାଳ—6. Canal; trench.

**ଖଲ୍ଲକାର**—ସଂ ବି (ଖଲ୍ଲ+କୃ ଧାତୁ+କର୍ତ୍ତୃ.ଅ)—ଯେ ପହଣୀ ଖୋଳେ—
Khallakāra
A digger of trenches.

**ଖଲ୍ଲନ**—ସଂ. ବି—ଖଲିବା କର୍ମ; ଖଲ୍ଲରେ ପେଷିବା—
Khallana Pestling in the mortar.

**ଖଲ୍ଲି**—ଦେ. ବି—ଖଲି ୨ (ଦେଖ)
Khalli Khali 2 (See)

**ଖଲ୍ଲିକା**—ସଂ. ବି (ଖଲ୍ଲ+ସଦୃଶାର୍ଥେ. କ+ସ୍ତ୍ରୀ. ଆ)—କରେଇ—
Khallikā Frying pan.

**ଖଲ୍ଲିକୋଟ**—ଦେ. ବି. (ନାମ)—
Khallikoṭa ଗଞ୍ଜାମ ଜିଲ୍ଲାର ଏକ ବୃହତ୍ ରାଜ୍ୟ—
A big estate in Ganjam district.

[ ଦ୍ର—ଏହା ପ୍ରାକୃତିକ ଉତ୍କଳର ଗୋଟିଏ କରଦ ଜମିଦାରୀ-ରାଜ୍ୟ । ରାଜବଂଶାବଳୀରୁ ଜଣାଯାଏ ଯେ ମହାରାଷ୍ଟ୍ର ଦେଶବାସୀ ଜନୈକ ସୂର୍ଯ୍ୟବଂଶୀୟ ରାଜକୁମାରଙ୍କ ଦ୍ୱାରା ଏ ରାଜ୍ୟ ସ୍ଥାପିତ ହୋଇଥିଲା । ଖଲ୍ଲି=ଶଲାକାଯୁକ୍ତ ଶାଳପତ୍ର+କୋଟ=ଦୁର୍ଗ; ଉକ୍ତ ରାଜ୍ୟ ଅନେକ ଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ସମବାୟରେ ଗଠିତ ହୋଇ-ଥିବାରୁ ଏହାର 'ଖଲ୍ଲିକୋଟ' ନାମ ହୋଇଅଛି । ପରେ ଆଠଗଡ଼ ରାଜ୍ୟକୁ ରାଜସ୍ୱ ବାକି ପାଇଁ ଗଭର୍ଣ୍ଣମେଣ୍ଟ ନିଲାମ କରିବାରେ ଖଲ୍ଲିକୋଟର ତଦାନୀନ୍ତନ ରାଜା ଏହାକୁ ନିଲାମରେ କିଣିବାରୁ ଏହା ଖଲ୍ଲିକୋଟ ରାଜ୍ୟ ସଙ୍ଗେ ମିଶିଅଛି । ଏଥିର କ୍ଷେତ୍ରଫଳ ୫୦୦ ବର୍ଗ-ମାଇଲ; ଆୟ ୬ ଲକ୍ଷ ଓ ପେଶ୍‌କସ୍ ୧ ଲକ୍ଷ ୧୫ ହଜାର ଟଙ୍କା] ।

**ଖଲ୍ଲିଟ**—ସଂ. ବିଣ. ପୁଂ—ଟାଙ୍ଗରା ମୁଣ୍ଡିଆ—
Khalliṭa Bald headed.
(ଖଲ୍ଲିଟା—ସ୍ତ୍ରୀ)
(ଖଲ୍ଲୀଟ—ଅନ୍ୟରୂପ)

**ଖଲ୍ଲିତ**—ସଂ. ବିଣ. ପୁଂ—ଟାଙ୍ଗରା—Bald headed (M. W.)
Khallita
(ଖଲ୍ଲିତା-ସ୍ତ୍ରୀ)

**ଖଲ୍ଲୀ**—ସଂ. ବି—୧ । ଗୋଡ଼ହାତର ଅଗରେ ଛୁଞ୍ଚି ମାରିବାପରି ବେଦନା—
Khallī 1. Shooting pain in the extremities of the limbs.
୨ । ବହୁସମୟ ଏକ ଜାଗାରେ ହାତ ବା ଗୋଡ଼ ଅଚଳ ହୋଇ ରହିଯିବା ଯୋଗୁଁ ଜାତ ହେବା ସାମୟିକା ସ୍ତମ୍ଭନ ବା ଅବଶତା—
2. Cramp in the hands or legs.

**ଖଲ୍ଲୀଟ**—ସଂ. ବି.—ଖଲ୍ଲିଟ (ଦେଖ)
Khallīṭa. Khalliṭa (See)

**ଖଶ୍**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କର୍କଶ )—କର୍କଶ—
Khaś Rough.

**ଖଶ୍‌ଲତ୍**—ବୈଦେ. ବି. ( ଫା. ଖସ୍‌ଲତ୍=ସ୍ୱଭାବ; ପ୍ରକୃତି )—
Khaślat ୧ । ସ୍ୱଭାବ; ପ୍ରକୃତି—1. Nature.
ख़सलत ୨ । ଅଭ୍ୟାସ; ଖୋଇ—2. Habit
خصلت ୩ । ଦୁଷ୍ଟପଣ; ଦୁଷ୍ଟକର୍ମ—3. Wicked act; wickedness.
୪ । ଜ୍ଞାନକୃତ ତ୍ରୁଟୀ—
4. Conscious defect; culpable negligence.
ଏଥିରେ ପୁଣି ଗ୍ରନ୍ଥକାରଙ୍କର ଖସ୍‌ଲତ୍ ଅଛି—ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖଶ**—ସଂ. ବି.—୧ । କାଛୁ; ଖୁଣ୍ଡିଆ—
Khaśa 1. Itches; scab.
୨ । ଭାରତର ଉତ୍ତରରେ ଥିବା ପାର୍ବତ୍ୟ ଦେଶ ଓ ତହିଁର ଅଧିବାସିଗଣ—
2. Name of a mountainous country in the northern India and its inhabitants.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଘ |
| ୨ | ଈ | ଊ | ରୁ | ଲୃ | ପ୍ତ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଥ | ଢ଼ | ନ୍ତ |

[ ଦ୍ର—ଉତ୍ତର ଭାରତର ଗଡ଼ୱାଲ ଓ ତନ୍ନିକଟବର୍ତ୍ତୀ ଅଞ୍ଚଳର ପ୍ରାଚୀନ ନାମ । ଏଥିର ଅଧିବାସୀମାନେ ପତିତ କ୍ଷତ୍ରିୟ ଥିବାର ବିଷୟ ମନୁସଂହିତାରେ ଲେଖାଅଛି । ଏମାନଙ୍କ ବଂଶଧରମାନେ ନେପାଳ, କାଶ୍ମୀର ଆଦି ଅଞ୍ଚଳରେ ଖାସିଆ ନାମରେ ବିଖ୍ୟାତ । ଏମାନେ ଆପଣାକୁ କ୍ଷତ୍ରିୟ ବୋଲି ପରିଚୟ ଦିଅନ୍ତି । ଏମାନେ ଖୁବ୍ ପରିଶ୍ରମୀ ଓ ସାହସୀ । ହି. ଶବ୍ଦସାଗର । ]

**ଖଶା**—ସଂ. ବି. ସ୍ତ୍ରୀ —୧ । ଦକ୍ଷକନ୍ୟା; କଶ୍ୟପ ପତ୍ନୀ—
Khaśā — 1. Name of wife of sage Kaśyapa.

[ ଦ୍ର—ଏ ଯକ୍ଷ ଓ ରାକ୍ଷସମାନଙ୍କ ମାତା ଥିଲେ । ]

୨ । ମୁରାନାମକ ଗନ୍ଧ ଦ୍ରବ୍ୟ—
2. A kind of scented herb.

ବାଷ୍ପ ଖଶା ଖସାଇଲା ବଡ଼ ଚନ୍ଦ୍ରାକୁଳେ
ବର୍ଷି ହେଲା ଅଜ ମୋ ପୁତ୍ରଙ୍କ ଅନୁକୂଳେ—ଉପେ. ବୈଦେହୀଶବିଳାସ ।

**ଖଶୀର**—ସଂ. ବି—ଖଶ ( ଦେଖ )
Khaśira — Khaśa ( See )

**ଖଶ୍ୱାସ**—ସଂ. ବି. (୭ମୀ ତତ୍, ଖ=ଆକାଶ + ଶ୍ୱାସ)— ବାୟୁ; ପବନ—
Khaśwāsa — Air; atmosphere.

**ଖଷ୍ (ଧାତୁ)**—ସଂ.— ହିଂସା କରିବା—
Khash (root) — To injure; to hurt; to kill.

**ଖଷ**—ସଂ. ବି.—ଖଶ (ଦେଖ)
Khasha — Khaśa ( See )

ବଶିଷ୍ଠ ବ୍ରାହ୍ମଣେକ ଜନକ ଖଷ ଶକ—ନନ୍ଦେ-ଦା-ପ-ନା ।

ବୈଦେ. ଫା. ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଖସ୍‌ଖସ୍; ଫା. ଖସ୍; ବ. ଖସ୍‌ଖସ୍ )— ୧ । ବେଣା (ଦେଖ)
1. Beṇā (See)

୨ । ବେଣାଚେର—2. The root of Beṇā grass.

**ଖଷ୍ଣ**—ସଂ. ବି. (ଖଷ୍ ଧାତୁ + ଭାବ. ନ)—୧ । କ୍ରୋଧ—
Khashṇa — 1. Anger.

୨ । ବଳାତ୍କାର—2. Use of force; violence.

୩ । ଅତ୍ୟାଚାର—3. Oppression. (M. W.)

**ଖଷ୍ପ**—ସଂ. ବି. (ଖଷ୍ ଧାତୁ + ଭାବ. ପ)— ଖଷ୍ଣ (ଦେଖ)—
Khashpa — Khashṇa (See)

**ଖସ୍**—ଦେ. ଅ. (ଧ୍ୱନ୍ୟନୁକରଣ)—ଖସଖସ (ଦେଖ)
Khas — Khasakhasa (See)

ଅଶ୍ୱତ୍ଥ ପତ୍ର ଗୋଟାଏ ମଧ୍ୟ ଖସ୍ କରିବାକୁ ନାହିଁ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଖସ**—ସଂ. ବି. (ଖ + ସୋ ଧାତୁ = ଅବସନ୍ନ କରିବା + କର୍ତ୍ତୃ. ଅ)—
Khasa — ଖଶ (ଦେଖ)
Khaśa (See)

**ଖସଖସ**—ଦେ. ଅ. ( ଧ୍ୱନ୍ୟନୁକରଣ )—୧ । ଶୁଖିଲା ଲୁଗା ବା ଚମଡ଼ା ପରସ୍ପରସଙ୍ଗେ ଘଷିହେବାର ଓ ଶୁଖିଲା ପତ୍ର ଉପରେ ପାଦକ୍ଷେପ କରିବାର ଶବ୍ଦ—
Khasakhasa — 1. Rustling sound produced by treading on dry leaves or by the friction of dry and soft things, e. g. clothes, leather.

୨ । ଖସଖସିଆ (ଦେଖ)
2. Khasakhasiā (See)

ପ୍ରାଦେ. (ସମ୍ବଲପୁର) ବି. (ସଂ. ଖସ୍ଖସ)—
ପୋସ୍ତଦାନା—Poppy seed.

ବୈଦେ. (ଫା. ଖସ୍)—ବେଣାଚେର—
The fibrous root of Beṇā grass.

**ଖସଖସିଆ**—ଦେ. ବିଣ (ସଂ. କର୍କଶ) —୧ । କର୍କଶ; ଅଚିକ୍କଣ—
Khasakhasiā — 1. Rude; uncouth; rough.

খস্‌খস;খসখসে ୨ । ଲୁଖୁରା (ଦେହ)—
खुरखुरा — 2. Rough (body); not glossy (due to want of oiling).

୩ । ଖସଖସ ଶବ୍ଦ କରୁଥିବା—
3. Rustling.

ବୈଦେ. ବି. (ଫା. ଖସ୍ )—ବେଣାଚେର—
Root of Beṇā grass.

**ଖସଖସୁଆ**—ଦେ. ବିଣ.—ଖସଖସିଆ (ଦେଖ)
Khasakhasuā — Khasakhasiā (See)

**ଖସଡ଼ା**—ଦେ. ବିଣ. (ସଂ. କର୍ଦ୍ଦମ)—୧ । କାଦୁଅଯୋଗୁଁ ଲଟପଟିଆ—
Khasarḍā — 1. Slushy; muddy.

পিছল ୨ । ଚିକ୍କଟା; ଯହିଁରେ ଗୋଡ଼ ଖସେ; ପିଚ୍ଛିଳ—
खसरा — 2. Slimy; slippery.

ପୀରତି ପଥ ଖସଡ଼ା, ନଜାଣି ଇହିଁକି ପାଦ ବଢ଼ାଇଲେ
ପଦପଦକେ କଚଡ଼ା—ପ୍ରାଚୀନ ସଙ୍ଗୀତ ।

ବୈଦେ. ବିଣ (ଅ) ଚଠା କରି ଯାଇଥିବା—Rough; drafted.

ବୈଦେ. ବି ( ଅ. ଖସ୍‌ରା=ଗ୍ରାମର କ୍ଷେତ୍ର ସମୂହର ତାଲିକା )—
খসড়া ୧ । ପ୍ରଥମ ଲେଖା ବା ଚଠା (ଯାହା ପରେ ସଂଶୋଧିତ ହୁଏ)—
खसरा — 1. Draft; rough copy of any document; rough manuscript.

୨ । ସେଟ୍‌ଲ୍‌ମେଣ୍ଟ୍ ବା ରାଜସ୍ୱ ବନ୍ଦୋବସ୍ତ ସମୟରେ କୌଣସି ଗ୍ରାମର ଜମିର ବିବରଣ ଆଦି ଯହିଁରେ କଚାକାର ଲିପିବଦ୍ଧ ହୋଇଥାଏ—2. The preliminary list of the plots of a village prepared after cadastral survey in the course of a Revenue Settlement.

୩ । ଗ୍ରାମର କ୍ଷେତ୍ରମାନଙ୍କର ନମ୍ବର ଓ କ୍ଷେତ୍ରଫଳର ତାଲିକା ବା ସ୍ଥୂଳ ବିବରଣ; ଉର୍ଦ୍ଧରିଆ—3. Rough index of all the fields of a village drawn up seriatim; field-book.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ପ୍ରସ୍ତାବିତ ଆଇନର ପ୍ରଥମ ଚଠା; ଆଇନର ପାଣ୍ଡୁଲିପି, (ଯାହା ଆଲୋଚନାର୍ଥ ସାଧାରଣରେ ପ୍ରକାଶିତ ହୁଏ)—
4. Bill published for discussion before being passed into law.

୫ । ମହାଜନୀ ସିରସ୍ତାରେ ଯେଉଁ କାଗଜରେ ଦୈନନ୍ଦିନ କ୍ରୟବିକ୍ରୟର ବିବରଣ ସାଙ୍ଗେସାଙ୍ଗେ ଲେଖା ହୁଏ—
5. Daily ledger of a merchant's office.

**ଖସଡ଼ା କରିବା**—ଦେ. କ୍ରି—୧ । ପାଣ୍ଡୁଲିପି ବା ଚଠା କରିବା—
Khasarḍā karibā 1. To draw up a rough sketch or draft.
୨ । କୌଣସି ସ୍ଥାନକୁ ଚିକ୍କଣ କରିବା—
2. To make a place slippery.

**ଖସଡ଼ା ଖତିଆନ୍**—ଦେ. ବି (ସଦରର)—ସେଟ୍‌ଲ୍‌ମେଣ୍ଟ୍‌ରେ ପ୍ରସ୍ତୁତ କରାଯିବା ଅସମ୍ପୂର୍ଣ୍ଣ ଭୂସ୍ୱତ୍ୱବର୍ଣ୍ଣନାଯୁକ୍ତ ତାଲିକା ଏବଂ ସମ୍ପୂର୍ଣ୍ଣ ଓ ସଂଶୋଧିତ ଦଲିଲ—
Khasarḍā khatiān
खसड़ा खतियान
**खसराखतियोनी**
Incomplete (rough) and complete (finally published) Records of Rights prepared in the course of a Revenue Settlement.

**ଖସଡ଼ିବା**—ଦେ. କ୍ରି (ସଂ. ସ୍ଖଳନ)—(ଗୋଡ଼) ଘସିଯିବା—
Khasarḍibā To slip or lose one's footing on a slippery ground (said of the leg).
पिछला
**खिसलना, फिसलना**
ଚାଲୁ ଚାଲୁ ଅତି ସାବଧାନେ ଖସଡ଼ି ତା ଗୋଡ଼—ରାଧାନାଥ, ମହାଯାତ୍ରା ।

**ଖସତିଳ**—ସଂ. ବି (ମଧ୍ୟପଦଲୋପୀ କର୍ମଧା; ଖସ=ଖସଦେଶ+ତିଳ)—
Khasatila
୧ । ପୋସ୍ତଦାନା—1. Poppy-seed.
୨ । ଅଫିମ ଗଛ—2. Poppy plant.

**ଖସମ୍**—ବୈଦେ. ବି (ଆ.)—ସ୍ୱାମୀ; ଭର୍ତ୍ତା—
Khasam Husband.
खसम
**खसम**

**ଖସମେରା**—ପ୍ରାଦେ (ବାଲେଶ୍ୱର) ବି—
Khasamerā ଏକପ୍ରକାର ମଧୁର ମାଛ—
A kind of fresh-water fish.

**ଖସରା**—ଗ୍ରା. ବି—୧ । ଅଧିକାର—
Khasarā 1. Authority.
୨ । କାଦୁଅ ଯୋଗୁଁ ଗୋଡ଼ ଖସିଯିବା ଭଳି ପଥ—
2. Slippery road.
ପ୍ରାଦେ. (ସମ୍ବଲପୁର) ବି—ଖସଡ଼ା; ଚଠା—Draft.
ଦେ. ବିଣ—ଖସଡ଼ା—Slippery.

**ଖସରିପଟ**—ପ୍ରାଦେ. (ସମ୍ବଲପୁର) ବିଣ—
Khasaripaṭa ୧ । ମନ୍ଦ—1. Bad.
୨ । ଦୁଷ୍ଟ—2. Wicked.

**ଖସରିବା**—ଗ୍ରା. କ୍ରି—ଖସଡ଼ା ଜାଗାରେ ଗୋଡ଼ ଖସିଯିବା—
Khasaribā To slip or lose one's footing on a slipppery ground.
पिछला
**खिसलना**
ଖସରି ତା ଗୋଡ଼ ଦୁଷ୍ଟ ପଡ଼ିଲ କଗୁଡ଼—ରାଧାନାଥ, ମହାଯାତ୍ରା ।
ପ୍ରାଦେ. (ସମ୍ବଲପୁର) କ୍ରି—୧ । ଘୁଞ୍ଚିବା—1. To move.
୨ । ତଳକୁ ଘୁଞ୍ଚିବା—2. To move down wards.
୩ । ଗୋଡ଼ ଖସି କଚଡ଼ାଖାଇ ପଡ଼ିବା—
3. To fall down by the slipping of legs.

**ଖସା**—ଦେ. ବି—୧ । ରାଶି; ତିଳ—
Khasā 1. Sesame (plant and seed); gingili.
तिल्
**मिठातिल; तिल्**
୨ । ଶରୀରରେ ଥିବା କୃଷ୍ଣବର୍ଣ୍ଣ ଦାଗ—
2. A black mole on the body.
୩ । ତଳକୁ ଖସିବା ବା ପଡ଼ିବା କ୍ରିୟା—
3. Act of falling down.
ପ୍ରାଦେ. (ମେଦନୀପୁର) ବି—ତୁଷ—Husks.

**ଖସାଇବା**—ଦେ. କ୍ରି—୧ । ଖସିବା କ୍ରିୟାର ଣିଜନ୍ତ ରୂପ—
Khasāibā 1. Causative form of Khasibā.
खसान
**खसकवाना**
୨ । ପେଟରେ ହାତଲେଉଟାଇ ଛାତିଆଡ଼ୁ ତଳପେଟ ଆଡ଼କୁ ଘଷିବା—
2. To rub the palm on the belly downwards.

**ଖସାଖସି**—ଦେ. ବି—ବହୁବାର ଖସାଇବା କର୍ମ—
Khasākhasi Acts of Khasāibā.

**ଖସାଗୁଣ୍ଡି**—ଦେ. ବି—ଏକପ୍ରକାର ସରୁ ଧାନ—
Khasāgundi Name of a fine kind of paddy.

**ଖସାତେଲ**—ଦେ. ବି—ରାଶିମାଲପା—
Khasātela Sesamum oil.

**ଖସାଲଡ଼ୁ**—ଦେ. ବି—ରାଶି ଓ ଗୁଡ଼ରେ ପ୍ରସ୍ତୁତ ଲଡ଼ୁବିଶେଷ—
Khasālarḍu A sweetmeat prepared from sesamum seed and sugar.

**ଖସି**—ଦେ. ବି—ନଦୀତୀରସ୍ଥ ତେରଛ ବା ଗଡ଼ାଣିଆ ଜମି—
Khasi Precipitous land on the river-side.
ବୈଦେ. ବି ଓ ବିଣ. (ଆ. ଖାସୀ)—ଖାସି (ଦେଖ)
Khāsi (See)

**ଖସିଆ**—ପ୍ରାଦେ. (ଯାଜପୁର) ବି—କଉଫାସିଆ (ଦେଖ)
Khasiā Kauphāsiā (See)

**ଖସିକାଣ୍ଟି**—ପ୍ରାଦେ. (ବାଲେଶ୍ୱର) ବି—ଏକପ୍ରକାର ଛୋଟ ମାଛ—
Khasikāṇṭi A species of small fish.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ |

**ଖସିବା**—ଦେ. କ୍ରି (ସଂ. ସ୍ଖଳନ)—୧ । ସ୍ଖଳିତ ହେବା; ସ୍ଥାନଭ୍ରଷ୍ଟ ହେବା—
Khasibā 1. To be dislocated; to slip.
খসা ଯାବନବଶେ ଖସେ ନିତମ୍ବବାସ । କବିସୂର୍ଯ୍ୟ—ସଙ୍ଗୀତ ।
**खसकना, खसना** ୨ । ପତିତ ହେବା; ପଡ଼ିବା; ଝଡ଼ିବା—
2. To fall down; to drop down.
ତାକର ଆକାଶରୁ ଖସେ । ଭୂପତି. ପ୍ରେମପଞ୍ଚାମୃତ ।
୩ । ଉପରୁ ତଳକୁ ଓହ୍ଲାଇବା; ଅବତରଣ କରିବା—
3. To descend; to alight.
ଶବ ଘେନି ତଳକୁ ଯେ ଖସିଲେ ସ୍ୱଜନ । ନନ୍ଦେ—ବେତାଳପଞ୍ଚବିଂଶତି ।
୪ । ପଳାଇ ଯିବା; ସ୍ଥାନାନ୍ତରକୁ ଯିବା—
4. To flee away; to escape.
ବସିଲେ ବସ୍, ନଇଲେ ବେଳହୁଁ ଖସ୍ । ଢଗ ।
୫ । ଊଣା ହେବା; କମି ହେବା—
5. To be less than; to abate.
ବନ୍ଧଣ ଅର୍ଦ୍ଧବୟସୀ ଏଥିରୁ ଖସି । ନନ୍ଦେ. ସୁଭଦ୍ରାପରିଣୟ ।
୬ । ଧୀରେ ଧୀରେ ସ୍ୱସ୍ଥାନରୁ ସ୍ଥାନାନ୍ତରିତ ହେବା—
6. To move slowly from one place to another.
୭ । ବିବର୍ଣ୍ଣ ହେବା; ମଳିନ ହେବା—
7. To be discoloured; to lose colour.
( ଯଥା—ତା ଅଙ୍ଗ ଚେହେରା ଖସି ଗଲାଣି । )
୮ । ଅଧୋମୁଖ ହେବା; ତଳକୁ ମୋହିଁବା—
8. To hang down; to face downwards.
(ଯଥା—ଏତେ ଅଳ୍ପ ବୟସରେ ତା ଗାଲ ଖସି ପଡ଼ିଲା କାହିଁକି ?)
୯ । ଭାଉ କମିବା—9. To come down in price.
( ଯଥା—ଏବେ ଜିନିଷପତ୍ରର ଦର ବହୁତ ଖସିଛି । )
୧୦ । ଖସଡ଼ିବା; ଝୁଣ୍ଟି ପଡ଼ିବା—
10. To slip down or to lose one's foothold; to stumble; to trip down.
( ଯଥା—ଆସୁ ଆସୁ ବୁଢ଼ାର ଗୋଡ଼ ଖସିଗଲା । )
୧୧ । ଅଦୃଶ୍ୟ ହେବା—11. To disappear.
୧୨ । ଅସ୍ତୋନ୍ମୁଖ ହେବା—12. To begin to set.
୧୩ । ଗୋପନରେ ବା ଅଲକ୍ଷରେ ସ୍ଥାନ ତ୍ୟାଗ କରିବା—
13. To stealthily leave a place; to slip out unperceived.
ଗଲା ମନ ତାର ନନ୍ଦ ବଣୁଁ ଖସି । ରାଧାନାଥ—ନନ୍ଦିକେଶ୍ୱରୀ ।
୧୪ । କୌଣସି ଦାୟିତ୍ୱ ବା ବନ୍ଧନରୁ ମୁକ୍ତ ହେବା—
14. To be freed from a bondage or liability.
୧୫ । ବ୍ୟୟିତ ହେବା—15. To be spent.
୧୬ । ଢ଼ିଲା ହେବା—
16. To be slackened or loosened.
( ଯଥା—ହାରମଣିର ଖୋପା ଖସି ଯାଉଛି । )
୧୭ । (ଖୋଳପା) ଛାଡ଼ି ପଡ଼ିବା—
17. (the peel) To come off.
୧୮ । ଯୌବନରୁ ବୃଦ୍ଧାବସ୍ଥା ଆଡ଼କୁ ଗତି କରିବା—
18. To advance in years; to advance towards old age.
( ଯଥା—ବୟସ ଖସିଲେ ଆଉ ବଳ ଆସିବ କାହୁଁ ? )

**ଖସୁ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଖସ )—
Khasu ୧ । କାଛୁ—1. Itches.
୨ । ଛୁଣ୍ଡିଆ—2. Dry itches.

**ଖସୁଆ**—ଦେ. ବି—ଶାରଦ ଧାନ କ୍ଷେତରେ ଜନ୍ମିବା ଏକ ପ୍ରକାର ଘାସ—
Khasuā A sort of weed growing in paddy fields.
[ ଦ୍ର—ଏହାର ପତ୍ର ପାଣିକେନ୍ଦୁଲ ଗଛର ପତ୍ର ପରି କିନ୍ତୁ ଅପେକ୍ଷାକୃତ ସରୁ; ଏଥିର ମୂଳରୁ ଗୋଛାଏ ପତ୍ର ବାହାରେ । ମୂଳରୁ ୪।୫ଟା ଡେଙ୍ଗା ବାହାରି ସେଥିର ଅଗରେ କେଶରଯୁକ୍ତ ଧଳା ଗୋଲ ( କଦମ୍ବ ଫୁଲ ପରି ) ଫୁଲ ଫୁଟେ । ]
ପ୍ରାଦେ. (ସମ୍ବଲପୁର) ବି—ଖସୁ ( ଦେଖ )
Khasu ( See )
ପ୍ରାଦେ. (ସମ୍ବଲପୁର) ବିଣ—କାଛୁରା; କାଛୁରୋଗାକ୍ରାନ୍ତ—
Suffering from itches.

**ଖସେଇବା**—ଦେ. କ୍ରି—ଖସାଇବା ( ଦେଖ )
Khaseibā Khasāibā ( See )

**ଖସ୍ଖସ**—ସଂ. ବି—୧ । ଅଫିମ ଗଛ—1. Poppy plant.
Khaskhasa ୨ । ପୋସ୍ତଦାନା—2. Poppy seed.

**ଖସ୍ଖସରସ**—ସଂ. ବି. ( ୬ଷ୍ଠୀ ତତ୍; ଖସ୍ଖସ + ରସ )—ଅଫିମ—
Khaskhasarasa Opium.

**ଖା**—ଦେ. ଅ—(ବିରକ୍ତିସୂଚକ)—ହାତ୍‌ତେରିକେ !
Khā ( Interjection used in annoyance)—Fie !
ଦେ. କ୍ରି—'ଖାଇବା' କ୍ରିୟାର ଅନୁଜ୍ଞାରେ ଅନାଦରାର୍ଥକ ରୂପ—
Imperative form of the verb 'Eat'.

**ଖାଆଣ ପିଆଣ**—ଦେ. ବି—୧ । ଖିଆପିଆ; ବହୁଲୋକଙ୍କ ପାନଭୋଜନ-କ୍ରିୟା—1. Eating and drinking of many persons.
Khāāṇa piāṇa
খাঅনপিঅন, খাওয়াদাওয়া
**खानापिना, खानपान** ୨ । ଭୋଜି—2. A feast.

**ଖାଆପିଅ**—ଦେ. ବି—ଖାଆଣ ପିଆଣ ( ଦେଖ )
Khāāpia Khāāṇa piāṇa ( See )

**ଖାଆପିଆ**—ଦେ. ବି—ଖାଆଣ ପିଆଣ ( ଦେଖ )
Khāāpiā Khāāṇa piāṇa ( See )

**ଖାଇ**—ଦେ. ବି—୧ । ( ସଂ. ଖାତ; ଖାନ; ପ୍ରା. ଖାଇ )—ଗଡ଼ଖାଇ; ଗଡ଼ର ଚତୁର୍ପାଖ ବେଢ଼ିଥିବା କୃତ୍ରିମ ଖାଲ ବା ଜଳଖାତ; ଖନ୍ଦକ—1. Ditch; trench; moat round a castle.
Khāi
খাই
**खाई**

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

আখমাড়াগুড়ি ୨ । ( ସଂ. ଖାଦ ଧାତୁ )—ଆଖୁକୋଲ୍ହୁଅ;
कोल्हू ଆଖୁରୁ ଚିପୁଡ଼ି ରସ ବାହାରିବା ଯନ୍ତ୍ରବିଶେଷ— 2. Sugar-pressing machine.

খাঅই ୩ । କପାଖାଇ; କପାରୁ ମଞ୍ଜିକୁ ଅଲଗା କରି ତୂଳା
रुइवलनेकीकल ବାହାର କରିବା ଯନ୍ତ୍ରବିଶେଷ— 3. Cotton-ginning machine.

୪ । (ସଂ. ଖାଦ୍ ଧାତୁ)—ଯେଉଁ ପାତ୍ରରେ କୌଣସି ଖାଇବା ଦ୍ରବ୍ୟ ରଖାଯାଏ—4. A plate for eating.

[ ଯଥା— ଚୂନଖାଇ; ଲୁଣଖାଇ ।]

ଦେ. ପ୍ରତ୍ୟୟ— ଯେ କୌଣସି ପଦାର୍ଥ ଖାଏ—
খেগো Eater.

(ଯଥା— କୋଚଲାଖାଇ, ଖଙ୍କାରଖାଇ ।)

**ଖାଇଖରଚ**— ଦେ. ବି.— ମନୁଷ୍ୟର ଭୋଜନର ବ୍ୟୟ ନିମନ୍ତେ ଆବଶ୍ୟକ
Khāikharacha ଧନ—Fooding expenses.
খাইখরচ

**ଖାଇ ଖାଇବା**— ଦେ. କ୍ରି.—ଥରେ ପୂର୍ଣ୍ଣ ଭୋଜନ କରି ସାରି ଜୀର୍ଣ୍ଣ ନ
Khāi khāibā ହେଉଣୁ ଅନତିବିଳମ୍ବରେ ପୁଣି ଖାଇବା; ଖାଇବା
খেয়ে খাওয়া ଉପରେ ଫେରି ଖାଇବା—To take a meal
खाकर खाना immediately after a full meal.

ଖାଇ ଶୋଇଲେ ବଢ଼ଇ ଅସୂ, ଖାଇ ଗାଧୋଇଲେ ବଢ଼ଇ ବାସୂ ।
ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ । ପ୍ରବଚନ ।

**ଖାଇଗୋଡ଼ାଇବା**— ଦେ. କ୍ରି.—୧ । ମୁଖ ବ୍ୟାଦାନ କରି ଖାଇବାକୁ
Khāigordāibā ଆସିବା—1. To come forward to
খাঁখাঁকরা eat or devour by yawning the mouth.

୨ । ( କୌଣସି ସ୍ଥାନ ) ନିର୍ଜନତା ଯୋଗୁଁ ଉପସ୍ଥିତ ବ୍ୟକ୍ତି ମନରେ ଭୟ ସଞ୍ଚାର କରାଇବା—2. (a desolate place) To produce a feeling of fear by its utter desolation.

**ଖାଇଦ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଖାଦ୍ୟ)—ଖାଦ୍ୟ—
Khāid Food.

**ଖାଇଧୁଁର୍**—ପ୍ରାଦେ.(ସମ୍ବଲପୁର) ବିଣ. (ସଂ. ଖାଦ ଧାତୁ ଓ ଧୂର୍ବର)—
Khāidhunr ୧ । ଉଦରମ୍ଭରି; ପେଟୁ—1. Gluttonish.

୨ । ପେଟୁ ଓ ଆଳସ୍ୟପରାୟଣ— 2. Gluttonous and idle.

**ଖାଇଧୁନ୍ଦୁର୍**—ପ୍ରାଦେ. (ସମ୍ବଲପୁର) ବିଣ.—ଖାଇଧୁଁର୍ (ଦେଖ)
Khāidhundur Khāidhunr (See)

**ଖାଇଧୁମା**—ପ୍ରାଦେ. (ସମ୍ବଲପୁର) ବିଣ.—ଖାଇଧୁଁର୍ (ଦେଖ)
Khāidhumā Khāidhunr (See)

**ଖାଇନି**— ପ୍ରାଦେ. (ସିଂହଭୂମ) ବି.—ଚୂନପତ୍ର; ପାଟିରେ ଜାକିବା ପାଇଁ
Khāini ବ୍ୟବହୃତ ଚୂନ ସଙ୍ଗେ ମଳା ଯାଇଥିବା ତମାଖୁପତ୍ରଖଣ୍ଡ—Bits of tobacco leaves crushed with lime and used as a chewing gum.

**ଖାଇପକାଇବା**—ପ୍ରାଦେ. ( ମେଦିନୀପୁର ) କ୍ରି.—( ସମ୍ପତ୍ତିକୁ ) ଅପବ୍ୟୟ
Khāipakāibā କରି ଉଡ଼ାଇ ଦେବା—To waste away or squander property.

**ଖାଇବାର୍**—ଦେ. ବି. ( ନାମ )—ଭାରତରୁ ଆଫଗାନିସ୍ଥାନକୁ ଯିବା
Khāibar ବାଟରେ ପଡ଼ିବା ଘାଟୀ ବା ଗିରିସଙ୍କଟ—
খাইবার The Khyber pass between India and
ख़ैबर Afganistan.

**ଖାଇବା**—ଦେ. କ୍ରି. (ସଂ. ଖାଦ୍ ଧାତୁ)—୧ । ଭୋଜନ କରିବା—
Khāibā 1. To eat.
খাওয়া ୨ । ଘୋଟିବା; ଅଧିକାର କରିବା—
खाना 2. To overspread; to occupy.

[ ଦୃ—ଏଥରକ ଗ୍ରହଣ ଚନ୍ଦ୍ରକୁ ଖାଇ ଆକାଶରୁ କିଛି ଖାଇଲା; ନଈ ଏ ବର୍ଷ କୂଳକୁ ଖାଉଛି । ]

(ଶିଷ୍ଟ—ଖୁଆଇବା; ଖୋଇବା) ୩ । ସର୍ବନାଶ ଘଟାଇବା; ସର୍ବନାଶ କରିବା—3. To cause ruin.

( ଯଥା— ଦାଉଁ ଖାଇ ଖଟିଲ ଖାଇବାକୁ ହାତ ବଢ଼ାଉଛି । )

୪ । ନଷ୍ଟ କରିବା—4. To destroy; to spoil.

(ଯଥା— ଖଳୁଆ ତୁମ୍ଭଲୁଅ ମିଳି ସେ ରାଜ୍ୟକୁ ଖାଇଗଲେ ।)

୫ । ବ୍ୟୟ କରିବା—5. To spend.

କର୍ଜ ଖାଇଲେ ନହବାଲୁ ସରେ—ଢଗ ।

୬ । ଗ୍ରହଣ କରିବା—6. To take; to accept.

ବଚନନ ଖାଇଣ ତାହାଙ୍କୁ ସେବନ୍ତି । କୃଷ୍ଣସିଂହ. ମହାଭାରତ. ବନ ।

୭ । ସହିବା—7. To bear.

(ଯଥା—ମାଡ଼ ଖାଇବା; ହାଣ ଖାଇବା; ଗାଳି ଖାଇବା)

୮ । (ନଡ଼ା ବା ଛଣ) ଲୋଡ଼ିବା; ଆବଶ୍ୟକ କରିବା— 8. To need; to require

(ଯଥା—ଏ ଘର ୫ ଗାଡ଼ି ଛଣ ଖାଇବ । )

୯ । (ଗାଳରେ ବ୍ୟବହୃତ) ( ପୁତ୍ର, ସ୍ୱାମୀ ଆଦି ) କୌଣସି ବ୍ୟକ୍ତିର ମୃତ୍ୟୁ ଘଟାଇବା—9. To kill; to cause the death of.

(ଯଥା—ସେ ପୁତ୍ରଖାଇ ପୁଅକୁ ଖାଇ ଏବେ ବଂଶଯାକ ଖାଇବ ବୋଲି ବସିଛି ।)

୧୦ । (ଅମୁକ ଅମୁକର ଅମୁକ ଅଙ୍ଗ; ଯଥା—ବେକ, ଛାତି, ମୁଣ୍ଡ) ପର୍ଯ୍ୟନ୍ତ ଉଚ୍ଚ ବା ଡେଙ୍ଗା ହେବା— 10. To be tall up to (any limb of a person); to be of the height of.

(ଯଥା—ବଚଭାନନ ସଜ୍ଞାନବାବୁଙ୍କ ବେକ ଖାଇବ ।)

୧୧ । (ଧନ) ଭୋଗଦଖଲ ବା ଆତ୍ମସାତ୍ କରିବା— 11. To appropriate to one's own use.

ଜୟ ହୋଇବ ! କବ ସ୍ୱଷ୍ଟିରୁ କବ ଖାଇବ !—ଢଗ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ଥ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଙ୍ଗ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଞ୍ଚ | ନ୍ତ |

୧୨ । ( ଧନ ) ଅପବ୍ୟୟ କରିବା; ଉଜାଡ଼ିବା—
12. To squander or waste.

୧୩ । ଲାଭ କରିବା; ଲଭିବା; ପାଇବା—
13. To get; to acquire.
(ଯଥା—ଅନ୍ୟ ଲୋକର କଥାରୁ ଭୁ କ ଖାଇବୁ ? ତୋ ନିଜ କଥା ଭୁ ବୁଝ୍ । )

୧୪ । ଆଘାତ କରିବା—14. To hurt.
( ଯଥା— ଶଗଡ଼ର ଚକ ବଳଦଙ୍କ ଗାଣ୍ଡି ଖାଉଛି । )

୧୫ । ( ଖାଲି ଆଦି ) ପୂର୍ଣ୍ଣ ହେବା ପାଇଁ ( ମାତ୍ରା ଆଦି ) ଗର୍ଭରେ ଧରିବା; ଧାରଣ କରିବା—
15. To contain or hold so much quantity to be filled up.
(ଯଥା—ଖଣି ଗାଡ଼ରେ ୧୦୦ ଗାଡ଼ି ମାଟି ଖାଇଲା । )

୧୬ । (ସାପ) କାମୁଡ଼ିବା—16. To bite.
ସାତ ଖଣ୍ଡ ଛତରେ ତକ୍ଷକ ଚାଲୁ ଖାଇ—କୃଷ୍ଣସିଂହ. ମହାଭାରତ. ଆଦି ।

୧୭ । ( ହୁକ୍କା, ଧୂଆଁ ) ସେବନ କରିବା; ଶ୍ୱାସ ଦ୍ୱାରା ଗ୍ରହଣ କରିବା—
17. To inhale.
(ଯଥା – ସମୁଦ୍ର ହାଓ୍ୱା ଖାଇବାକୁ ଏଠାରେ ବସିଛ କି ? )

୧୮ । ଘୋରକର ନଷ୍ଟ କରିବା—
18. To wear away by friction; to corrode.
(ଯଥା—ଲୁହାଅଖ ଚକର ନାହିଁଆକୁ ଖାଇଯାଉଛି । )

୧୯ । ଭୋଗ କରିବା—19. To enjoy.
(ଯଥା—ଏ ଲୁଗା ଖର୍ଚ୍ଚ ଖାଉଛି । )

୨୦ । ଅଙ୍ଗେ ନିଭାଇବା; ଅନୁଭବ କରିବା—
20. To experience; to undergo.
(ଯଥା—ଏ ପିଲାକୁ ଜନ୍ମ କଲାବେଳକୁ ମାଆ ବହୁତ ଶୂଳ ଖାଇଲେ)

୨୧ । ନିଷ୍ପେଷଣ କରିବା—21. To gin; to press.
(ଯଥା—ଏ ଆଖୁଖାଇ ୫ ଗାଡ଼ି ଆଖୁ ଦିନକେ ଖାଇବ । )

**ଖାଇବାଘର**—ଦେ. ବି—୧ । ଭୋଜନଶାଳା—
Khāibāghara 1. Dining room.
খাবারঘর
খানাকামরা

୨ । ଯେଉଁ ପରିବାରର ବ୍ୟକ୍ତିମାନଙ୍କୁ ଅପର୍ଯ୍ୟାପ୍ତ ଭୋଜନ ମିଳେ—
2. A family where members get enough to eat.

**ଖାଇବା ପିଇବା**—ଦେ. ବି (ସହଚର) – ପାନ ଭୋଜନ; ଭୋଜନକ୍ରିୟା; ଖିଆପିଆ—
Khāibā piibā
খাওয়াদাওয়া Act of taking meal (solid and liquid).
खानापिना

**ଖାଇବା ହାତ**—ପ୍ରାଦେ. ବି (ବାଲେଶ୍ୱର)—ଖାଇବହାତ; ଦକ୍ଷିଣହସ୍ତ—
Khāibā hāta Right hand.

**ଖାଇବହାତ**—ଦେ. ବି (ଯେଉଁ ହାତ ଦ୍ୱାରା ମନୁଷ୍ୟ ଖାଏ)—
Khāibihāta ଡାହାଣ ହାତ; ଦକ୍ଷିଣ ହସ୍ତ—
ডানহাত Right hand.
दहनाहात

ଡେବରିହାତରେ ଧନୁ, ଖାଇବହାତରେ ଶର ।
ଗୋଲକଣ୍ଡ ଦାଶ. ପେଙ୍କ ରାମାୟଣ

**ଖାଇବୁଡ଼ୁକା**—ଦେ. ବିଣ—ଯାହାର ସର୍ବଦା ଖାଇବାରେ ମନ ବା ଲାଳସା ଥାଏ; ଔଦରିକ—
Khāiburḍukā
খাওনিয়া Greedy of eating; covetuous of food.
खाउ

**ଖାଇଭାଲୁ**—ପ୍ରାଦେ (ବାଲେଶ୍ୱର) ବିଣ—ଭାରି ଅଳସୁଆ; ଯେ ଖାଇପିଇ ଆନନ୍ଦରେ ରହୁଥାଏ ମାତ୍ର କୌଣସି କାମ କରେ ନାହିଁ—Lazy; given to eating and drinking only.
Khāibhālu

**ଖାଇମନ**—ଦେ. ବି—୧ । କୌଣସି ପଦାର୍ଥ ଭୋଜନ କରିବାର ଇଚ୍ଛା; ଭୋଜନଲାଳସା—1. Hankering after a particular article of food.
Khāimana
খাঁই
चाह, साध

୨ । ଗର୍ଭିଣୀର ଦୋହଦ—2. A pregnant woman's longing for particular articles of food.

**ଖାଇମନ କରିବା**—ଦେ. କ୍ରି—୧ । କୌଣସି ପଦାର୍ଥ ଖାଇବାକୁ ଇଚ୍ଛା କଲାଇବା—1. To crave after some delicacy.
Khāimana karibā
খাঁইকরা, খেতেমনকরা

ଆଉକରି ଯେ ଖାଇମନ କରେ ତା ମୁହିଁ ପୋଡ଼ୁ—ତଗ ।
ସେ କାହିଁ ଲଭିବେ ତୋହର ଫଳ, ମାନବ ଜନମ ତାଙ୍କ ବିଫଳ
ଖାଇକଲେ ମନ, ବିଦେଶୁଁ ଆଣିବେ ପଠାଇ ଧନ । ଗୋଲମଣି. ଚନ୍ଦ୍ରାବଲୀ ।

୨ । (ଗର୍ଭିଣୀ ସ୍ତ୍ରୀ) ବିଶିଷ୍ଟ ଖାଦ୍ୟ ପ୍ରତି ସ୍ପୃହା କରିବା—
2. ( a pregnant woman ) To long for particular articles of food or delicacies.

**ଖାଇମେଦୁ**—ଦେ. ବିଣ (ଗାଳ)—ଖାଇ ପିଇ ହୃଷ୍ଟପୁଷ୍ଟ ଅଥଚ ଅଳସୁଆ; ଉଦରସର୍ବସ୍ୱ—One who eats much and does nothing.
Khāimedu

**ଖାଇଯିବା**—ଦେ. କ୍ରି—୧ । ଅତ୍ୟନ୍ତ ହରକ୍ତ କରିବା—
Khāijibā 1. To vex or pester a person much
খেয়েযাওয়া
खाजाना

୨ । କୌଣସି ବ୍ୟକ୍ତିର ସର୍ବନାଶ ଘଟାଇବା—
2. To ruin a person.

୩ । କୌଣସି ପଦାର୍ଥକୁ ନିଃଶେଷ କରି ଖାଇବା—
3. To eat up a thing.
( ଯଥା—ଗୁଡ଼ମାଟିଆକ ଜଳା ଖାଇଗଲେ । )

**ଖାଇଲାଘର**—ଦେ. ବି—ଖାଇବାଘର ( ଦେଖ )—
Khāilāghara Khāibāghara (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖାଇଲାପିଇଲା**—ଦେ. ବିଣ—ଯେ ଅଭିଲଷିତ ଖାଦ୍ୟ ଖାଇବାକୁ ପାଏ—
Khāilāpiilā One who gets things he desires to eat.

ଖାଇଲାପିଇଲା ଘରର ପିଲା କି ରଙ୍ଗ !—ଢଗ ।

**ଖାଇଲିହାତ**—ପ୍ରାଦେ. ( ଗଡ଼ଜାତ ) ବି—ଡାହାଣହାତ; ଦକ୍ଷିଣହସ୍ତ—
Khāilihāta Right hand.

**ଖାଇଲୁଡ଼ୁକା**—ଦେ. ବିଣ— ଖାଇବୁଡ଼ୁକା ( ଦେଖ )—
Khāilurḍukā Khāiburḍukā (See)

**ଖାଇହଗା**—ଦେ. ବିଣ. ପୁଂ—ଖାଇହଗୁରା ( ଦେଖ )—
Khāihagā Khāihagurā (See)
( ଖାଇହଗୀ—ସ୍ତ୍ରୀ )

**ଖାଇହଗୁରା**—ଦେ. ବିଣ. ପୁଂ—୧ । ଖାଇସାରି ଝାଡ଼ା ଫେରିଯିବା ଯେଉଁ ବ୍ୟକ୍ତିର ଅଭ୍ୟାସ—1. Having the habit of easing one's self after meals.
Khāihagurā
খেয়েহাগা
(ଖାଇହଗୁରୀ—ସ୍ତ୍ରୀ) ୨ । ଅକୃତଜ୍ଞ; ଯେଉଁ (ବ୍ୟକ୍ତି ଖାଇଲା ପତ୍ରରେ ହଗେ ଅର୍ଥାତ୍ ) ଉପକାରୀର ଅପକାର କରେ—
2. Ungrateful.

**ଖାଈ**— ଦେ. ବିଣ. ସ୍ତ୍ରୀ (ସଂ. ଖାଦିକା )—୧ । ( ଏହା ଅନ୍ୟ ଶବ୍ଦ ସଙ୍ଗେ ଲାଗେ ଓ ବିଶେଷତଃ ଗାଳିରେ ବ୍ୟବହୃତ ହୁଏ; ଯଥା— ପୁଭୁଖାଈ, ଘଇତାଖାଈ) ଯେ ଅମୁକ ପଦାର୍ଥକୁ ଖାଏ—
Khāi
খাগী
**खैरनी**
1. Eating (such or such thing).
(ଖିଆ—ପୁଂ) ( ଯଥା— ଗୁହଖାଈ, ହେଡ଼ାଖାଈ । )

୨ । ଯେ ଅମୁକର ମୃତ୍ୟୁ ଘଟାଏ—
2. Causing the death of.
( ଯଥା— ବଂଶଖାଈ । )

୩ । ଯେ ଅମୁକର ମୃତ୍ୟୁ ପରେ ବଞ୍ଚି ରହେ—
3. Surviving (such or such a person)
( ଯଥା—ଘଇତାଖାଈ; ପୁଭୁଖାଈ । )

୪ । ଯେ ଅମୁକ ପାତ୍ରାଦିରେ ଖାଏ—
4. Eating from such or such a pot.
( ଯଥା—ହାଣ୍ଡିଖାଈ; ଖାଣ୍ଡିଖାଈ । )

୫ । ଯେ ଅମୁକ ସ୍ଥାନରେ ଖାଏ—
5. Eating at such or such a place.
( ଯଥା— ଛତରଖାଈ । )

**ଖାଉଁ**—ଦେ. ଅ (ଧ୍ୱନ୍ୟନୁକରଣ)—ହଠାତ୍ ମୁଖବ୍ୟାଦାନପୂର୍ବକ କାମୁଡ଼ିବା ଶବ୍ଦ; ଖେଙ୍କାରିବା ଧ୍ୱନି—Snarling sound made with yawning jaws.
Khāuñ

**ଖାଉଁକିନା**—ଦେ. କ୍ରି. ବିଣ—୧ । କାମୁଡ଼ିବାକୁ ମୁଖବ୍ୟାଦାନ କରି—
Khāuñkinā 1. With yawning jaws to bite.
থেঁককরে ୨ । ଖାଉଁ ଖାଉଁ ଶବ୍ଦ କରି—
**गुर्राकर** 2. With a snarling sound.

**ଖାଉଁଖାଉଁ**—ଦେ. ଅ. ( ଧ୍ୱନ୍ୟନୁକରଣ )—
Khāuñkhāuñ ୧ । ( କୁକୁର, ବିଲୁଆ ଆଦି ) କାମୁଡ଼ିବା ପାଇଁ କରିବା ଶବ୍ଦ—
খাঁকখাঁক; থেঁকথেঁক
1. Snarling sounds uttered for the purpose of biting.

୨ । କୁକୁର ପରି ଶବ୍ଦ କରି କାମୁଡ଼ିବାକୁ ଗୋଡ଼ାଉଥିବା—
2. Ready to bite by yawning the jaws and uttering short abrupt sound like a dog.

**ଖାଉଁଖାଉଁ କରିବା**—ଦେ. କ୍ରି—୧ । (କୌଣସି ସ୍ଥାନ) ଅତ୍ୟନ୍ତ ନିର୍ଜନ ହେବାରୁ ଉପସ୍ଥିତ ବ୍ୟକ୍ତି ମନରେ ଭୀତିର ଉଦ୍ରେକ କରିବା—
Khāuñkhāuñ karibā
খাঁখাঁকরা
**गुर्राना; घुड़कना** 1. (a place) To raise in one's mind a feeling of terror due to its being very solitary.

୨ । କୁକୁର ପରି କାମୁଡ଼ି ମିଶିବାକୁ ଖେଙ୍କାରି ହେବା—
2. To yelp like a dog setting on its prey.

**ଖାଉକି**—ଦେ. ବିଣ—ଖାଉଟିଆ ୩ ( ଦେଖ )
Khāuki Khāuṭiā 3. ( See )

**ଖାଉଟି**— ଦେ. ବିଣ—ଖାଉଟିଆ ( ଦେଖ )
Khāuṭi Khāuṭiā ( See )

**ଖାଉଟିଆ**—ଦେ. ବିଣ—୧ । ଯେ କରଜ ନେଇ ସୁଝେ ନାହିଁ—
Khāuṭiā 1. One who does not pay off his debts.
খাঅনিয়া; খাঅন্তা ୨ । ଯେ କୌଣସି ପଣ୍ୟ ବା ଭକ୍ଷ୍ୟ ଦ୍ରବ୍ୟ ନିଜେ ଖାଇବା ନିମନ୍ତେ ଦୋକାନରୁ ବା ମହାଜନଠାରୁ ବ୍ୟସ୍ତ କରେ—
**खाउ**
2. One who regularly takes victuals from a shop-keeper or trader.

୩ । ଯେ ବିଶେଷ ପରିମାଣରେ ଖାଏ—
3. Gluttonous; greedy; one who takes a large quantity of food.

**ଖାଉଣ୍ଡ**—ଦେ. ବି. ( ଭୁଲ. ଇ. କାଉଣ୍ଡ୍ )—ଦଳ; ପଞ୍ଝା; ପଲ—
Khāurḍa A crowd; horde; multitude.
ঝাঁক
**भीड़**

**ଖାଉଣିଆ**—ଦେ. ବିଣ—ଯେ ବିଶେଷ ପରିମାଣରେ ଖାଏ—
Khāuṇiā Greedy; gluttonous; one who takes a large quantity of food.
খাওনিয়া

**ଖାଉତି**—ଦେ. ବି. ( ସଂ. ଖାଦ ଧାତୁ )—
Khāuti ୧ । ଆହାର—1. Eating.

୨ । କୌଣସି ବ୍ୟକ୍ତିଙ୍କ ଅଧିକୃତ ସ୍ଥାନରେ ଭୋଜନ କରିବାକୁ ଅନୁମତି ପାଇବା ନିମନ୍ତେ ଖାଇବାଲୋକ ଯେଉଁ ନିର୍ଦ୍ଦିଷ୍ଟ କର ଦିଏ—2. Fees paid by persons who take their meals in a place belonging to another.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ହ୍ମ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଥ | ନ୍ଥ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

[ ଦ୍ର—ଲିଙ୍ଗରାଜ ଆଦିଙ୍କ ମନ୍ଦିରର ବେଢ଼ା ମଧ୍ୟରେ ଯାତ୍ରୀମାନେ ମହାପ୍ରସାଦ ଖାଇବା ପରେ ସେ ସ୍ଥାନ ପରିଷ୍କାର କରିବା ପାଇଁ ଯାତ୍ରୀଙ୍କଠାରୁ ମନ୍ଦିରକର୍ତ୍ତୃପକ୍ଷ ଖାଉନ୍ଧ ଆଦାୟ କରନ୍ତି । ]

ଦେ. ବଣ—୧ । ଯେ ଦୋକାନରୁ ପଣ୍ୟଦ୍ରବ୍ୟ ବା ସଉଦା କାଳରେ ଆଣେ—
1. One who takes necessaries on credit from a shop.

୨ । ପେଟୁ; ଉଦରମ୍ଭରି—
2. Greedy; voracious.

**ଖାଉନ୍ଦ**—ବୈଦେ. ବି. ପୁଂ. (ଫା. ଖାୱିଂଦ୍=ସ୍ୱାମୀ)—୧ । ମାଲିକ—
Khāunda 1. Owner; proprietor.
ଖାମିନ୍ଦ ୨ । ସ୍ୱାମୀ—2. Husband.
**ଖାୱିନ୍ଦ, ଖାବନ୍ଦ** ୩ । କର୍ତ୍ତା; ପ୍ରଭୁ; ମୁନିବ—
3. Master; lord.

ଏହି ସର୍ପ ହେଲା ତୋ ଖାଉନ୍ଦ—ତୋ ଠାକୁର ଦେବତା—ଯା କଥା ଏଡ଼ିବୁ ନାହିଁ ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

(ଖାଉନ୍ଦାଣୀ—ସ୍ତ୍ରୀ) ୪ । ଗୃହକର୍ତ୍ତା—4. Master of the house.

**ଖାଉନ୍ଦାନ୍**—ବୈଦେ. ବଣ. (ଫା. ଖାନ୍ଦାନ୍ )—ଖାନ୍ଦାନ୍ (ଦେଖ)
Khāundān Khandān (See)

**ଖାଏଦ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଖାଦ୍ୟ)—ଖାଦ୍ୟ—
Khāed Food.

**ଖାଏଧୁଁର୍**—ପ୍ରାଦେ. (ସମ୍ବଲପୁର) ବଣ—ଖାଇଧୁଁର୍ (ଦେଖ)
Khāedhuñr Khāidhuñr (See)

**ଖାଏଧୁନ୍ଦୁର୍**—ପ୍ରାଦେ. (ସମ୍ବଲପୁର) ବଣ—ଖାଇଧୁଁର୍ (ଦେଖ)
Khāedhundur Khāidhuñr (See)

**ଖାଏଧୁମା**—ପ୍ରାଦେ. (ସମ୍ବଲପୁର) ବଣ—ଖାଇଧୁଁର୍ (ଦେଖ)
Khāedhumā Khāidhuñr (See)

**ଖାଏବା**—ପ୍ରାଦେ. (ସମ୍ବଲପୁର) କ୍ରି—ଖାଇବା—
Khāebā To eat.

**ଖାଁ**—ବୈଦେ. ବି ( ତାତାର୍ ବା ମୋଗଲଭାଷାର ଶବ୍ଦ ଖାନ୍‌ରୁ ଆଗତ ଫା.
Khāñ ଖାନ୍)—୧ । ବିଦ୍ୱାନ୍ ଓ ଧନୀ ମୁସଲ୍‌ମାନଙ୍କ ଉପାଧିବିଶେଷ—
ଖାଁ 1 A title of respect among the Muslims.
**ଖାନ** ୨ । ଖିଲ୍ଲାତ୍ ପ୍ରଭୃତି କେତେକ ମୁସଲ୍‌ମାନ୍ ରାଜ୍ୟର ରାଜାଙ୍କ ଉପାଧି—2. Title of the ruler of some Muslim States (e.g. Khillat).

**ଖାଁ ଖାଁ କରିବା**—ଦେ. କ୍ରି—କୌଣସି ସ୍ଥାନ ନିର୍ଜ୍ଜନତା ଯୋଗୁଁ
Khāñ khāñ karibā ଆଗନ୍ତୁକ ବ୍ୟକ୍ତିର ମନରେ ଭୟ ଜନ୍ମାଇବା—
ଖାଁ ଖାଁ କରା (ଯଥା;—ଏ ଜାଗାଟା ଖାଁ ଖାଁ କରୁଛି) ।—
(a place) To cause a feeling of fear for its solitude (as if the place is coming to eat you up).

**ଖାଁପ୍ରିବା**—ପ୍ରାଦେ. (ସମ୍ବଲପୁର) କ୍ରି—କାଖେଇବା—
Khāñpribā To carry (a child or a water-jar) between the side and the arm.

**ଖାଁ ବାହାଦୁର୍**—ବୈଦେ. ବି (ଫା. ଖାନ୍+ବାହାଦୁର୍)—
Khāñ Bāhādur ରାଜଭକ୍ତି ବା ସାଧାରଣ ହିତକର କାର୍ଯ୍ୟ ପାଇଁ ଭାରତର ମୁସଲ୍‌ମାନ୍‌ମାନଙ୍କୁ ବଡ଼ଲାଟଙ୍କ ପ୍ରଦତ୍ତ ଉପାଧି-
ख़ाँ बाहादुर ବିଶେଷ—
**खानबाहादुर्**
A title of distinction given by the Viceroy to Muslims of India for loyalty or public services.

[ଦ୍ର—ଏହି ଉପାଧି ହିନ୍ଦୁଙ୍କୁ ପ୍ରଦତ୍ତ 'ରାୟ ବାହାଦୁର' ଉପାଧି ସଙ୍ଗେ ସମାନ, ମାତ୍ର 'ଖାଁ ସାହେବ୍' ଉପାଧିଠାରୁ ଉଚ୍ଚତର ।]

**ଖାଁ ସାହେବ**—ବୈଦେ. ବି ( ଫା. ଖାନ୍+ଆ. ସାହିବ୍)—
Khāñ Sāheb ବଡ଼ଲାଟଙ୍କ ପ୍ରଦତ୍ତ ବିଶିଷ୍ଟ ମୁସଲ୍‌ମାନଙ୍କ
ख़ाँ साहेब ଉପାଧିବିଶେଷ—
**खान साहेब** A title of distinction given to eminent Muslims of India by the Viceroy.

**ଖାକ୍**—ପ୍ରାଦେ. (ସମ୍ବଲପୁର) ବଣ (ଭୁଲ.ହି. ଓ ଫା. ଖାକ୍=ଧୂଳି ମାଟି,
Khāk ଭସ୍ମ)—୧ । ଶୂନ୍ୟ; ଶୂନ୍ୟଗର୍ଭ (ବସ୍ତୁ)—1. Empty.
୨ । ନିର୍ଦ୍ଧନ; ଧନହୀନ; ଦରିଦ୍ର (ବ୍ୟକ୍ତି)—
2. Poor; destitute (person).
୩ । ଶୂନ୍ୟ (ଗୃହ); ଯେଉଁ ଘରେ କେହି ରହନ୍ତି ନାହିଁ—
3. Unoccupied or empty (house).
ପ୍ରାଦେ. (ସମ୍ବଲପୁର) ବି (ସଂ. କକ୍ଷ)—କାଖ (ଦେଖ)
Kākha (See)

**ଖାକ୍ ହେବା**—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ.ହି. ଖାକ୍ ହୋନା)—
Khāk hebā ୧ । ଶୂନ୍ୟ ହେବା — 1. To be empty.
୨ । ନିର୍ଦ୍ଧନାବସ୍ଥା ପ୍ରାପ୍ତ ହେବା—
2 To be reduced to poverty.
୩ । (ଶିଶୁ ଆଦି ବଡ଼ ମନୁଷ୍ୟଙ୍କ ଦ୍ୱାରା) କାଖହେବା—
3. To be borne on the sides (i.e. between the side and the arm).

**ଖାକି**—ବୈଦେ. ବି. (ଫା. ଖାକ୍=ପାଉଁଶ; ଖାକୀ=ପାଉଁଶିଆ)—
Khāki ୧ । ପାଉଁଶିଆ ବର୍ଣ୍ଣର କନା; ମାଟିଆ ରଙ୍ଗର କନା—
**खाकी** 1. A kind of grey stuff.
खाकी ୨ । ଦେହରେ ପାଉଁଶ ବୋଳି ହେବା ସାଧୁସମ୍ପ୍ରଦାୟବିଶେଷ—
2. A class of ascetics who besmear the body with ashes.
ବୈଦେ. ବଣ—୧ । ପାଂଶୁବର୍ଣ୍ଣବିଶିଷ୍ଟ; ପାଉଁଶିଆ; ମାଟିଆ—
1. Grey; ash coloured.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସ୍ୱଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଉପୋଷିତ; ଅଭୁକ୍ତ—
2. Starving; famishing.

**ଖାକି ମଠ**—ଦେ. ବି.—ଖାକି ବା ଭସ୍ମବିଲେପିତାଙ୍ଗ ବାବାଜିମାନଙ୍କ ରହିବା ମଠ—
**Khāki maṭha**
खाकीमठ A maṭha which is resorted to by ascetics
**खाकीमठ** who besmear their bodies with ashes.

**ଖାଙ୍କ୍**—ଦେ ବି.(ସଂ. ଶୁଷ୍କ)—୧ । ଖାଲି ବା ଲୁଚ ହେବା ଅବସ୍ଥା—
**Khāṅk** 1. Hollowness; void.
खाङ्कति ୨ । ଅନଟନ; ନଅଣ୍ଟ; ଅଭାବ—
**खोकला** 2. Utter want.
୩ । ଫାଙ୍କ; ଖାଲିଜାଗା—3. Empty place.

**ଖାଙ୍କ୍ତି**—ଦେ. ବି.— ଖାଙ୍କ୍ (ଦେଖ)
**Khāṅkti** Khāṅk (See)

**ଖାଙ୍କର**—ଦେ. ବିଣ.—୧ । ମୁଖବ୍ୟାଦାନଯୁକ୍ତ—
**Khāṅkara** 1. Yawning (mouth).
୨ । ଭୟଙ୍କର; ବିକଟ—2. Fierce; frightful; awful.

ଖାଙ୍କରମୁଖୀ ମା ଗୋ ଖେଚରୀ ଖଗେଶ୍ୱରୀ ।
ପୀତାମ୍ବର. ନୃସିଂହପୁରାଣ ।

୩ । ରୁକ୍ଷ; ଲୁଖୁରା (ଦେହ; କେଶ)—
3. Not smooth (for want of oil); scabrous.
୪ । ମୁକୁଳା (କେଶ)—4. Dishevelled (hair).
୫ । ପୋଲା; ଶୂନ୍ୟଗର୍ଭ—5. Hollow; empty.

**ଖାଙ୍କର କେଶ**—ଦେ. ବି.—ରୁକ୍ଷ ଓ ମୁକୁଳା କେଶ—
**Khāṅkara keśa** Uncouth and dishevelled hair.

ଖଣ୍ଡପର୍ବତ ସ୍ତନ ବେନି । ଖାଙ୍କର କେଶ ତା ମୂର୍ଦ୍ଧନି ।
ଜଗନ୍ନାଥ. ଭାଗବତ ।

**ଖାଙ୍କରମୁଖୀ**—ଦେ.ବିଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀର ପାଟି ସର୍ବଦା ଆଁ ହେଲା ଭଳିଆ ଦେଖାଯାଏ—
**Khāṅkaramukhī**
1. (woman) With a yawning mouth.
୨ । ବିକଟ ମୁଖବିଶିଷ୍ଟା (ସ୍ତ୍ରୀ)—
2. (woman) With a frightful face.

**ଖାଙ୍କା**—ଦେ. ବିଣ (ସଂ.ଶୁଷ୍କ; ସଂ.ଲୁଚ୍ଛ, ପ୍ରା.ଲୁଚ୍ଛ)—୧ । ଶୂନ୍ୟ; ପୋଲା—
**Khāṅkā** 1. Hollow.
फाँक; खाँक ୨ । ଲୁଚ୍ଛା; ଖାଲି—2. Empty.
**खुकला; खोखला** ୩ । ଉପବାସକ୍ଳିଷ୍ଟ—3. Starving; famishing.
୪ । ନିର୍ଦ୍ଧନ—4. Impoverished; reduced to poverty; penniless.

**ଖାଙ୍କି**—ଦେ. ବି. (ଫା. ଖାକୀ=ଭସ୍ମଲେପିତ; ପାଉଁଶିଆ)—
**Khāṅki** ଖାକ;ବୈରାଗୀବିଶେଷ (ଯେ ଦେହରେ ଭସ୍ମ ବୋଳି ହୁଅନ୍ତି)–
1. A class of ascetics who besmear their bodies with ashes.

ନାଗା ନର୍ମୋସ୍ତା ଖାଙ୍କି ଯେତେ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

୨ । ଉପବାସ; ଅନାହାର—2. Fasting.
ଦେ. ବିଣ.—ଖାଙ୍କା (ଦେଖ)
Khāṅkā (See)

**ଖାଙ୍କି ଆଖଡ଼ା**—ଦେ. ବି.—ଖାଙ୍କିମଠ (ଦେଖ)
**Khāṅki ākharḍā** Khāṅkimaṭha (See)

**ଖାଙ୍କିବା**—ଦେ. କ୍ରି.—୧ । (ଧ୍ୱନ୍ୟନୁକରଣ) ମାଙ୍କଡ଼ ପରି ଖେଙ୍କିବା; ଖିଙ୍କିବା; ଦାନ୍ତ ଦେଖାଇ ଖତାଇହେବା—
**Khāṅkibā**
1. To chatter and show teeth (like monkeys defying children).
୨ । (ସଂ. ଶୁଷ୍କ) ପେଟକୁ ଖଙ୍କା କରିବା; ଖଙ୍କାଇବା—
2. To make the belly concave.

**ଖାଙ୍କିମଠ**—ଦେ. ବି.—ଖାଙ୍କି ବୈରାଗୀମାନଙ୍କ ଅଧିଷ୍ଠିତ ମଠ—
**Khāṅki maṭha** A maṭha or monastery where the Khāṅki ascetics congregate.

**ଖାଙ୍କେରୀ**—ଦେ ବି. ସ୍ତ୍ରୀ—ଗ୍ରାମ ଦେବତାବିଶେଷ; ଗାଁଆଁ ଠାକୁରାଣୀ
**Khāṅkerī** (ଯେ ପାଟି ଆଁ କରି, ପେଟକୁ ଖାଙ୍କି ଓ ଚକ୍ଷୁ କୋଟରଗତ କରି ଠିଆ ହୋଇ ଥାଆନ୍ତି)—A village Goddess with yawning mouth, sunken eyes and hollow stomach.
ଦେ. ବିଣ. ସ୍ତ୍ରୀ—୧ । ଖାଙ୍କର; ବିକଟବଦନା—
1. With frightful face.
୨ । ଉପବାସକ୍ଳିଷ୍ଟ ହୋଇ ଯାହା ପେଟ ପିଠି ଆଡ଼କୁ ପଶି ଯାଇଥାଏ—2. Having the belly hollowed empty owing to fasting.

ମାତା ଖାଙ୍କେରୀ କି ପୁତ୍ର ଯେ ଲଣ୍ଡାର
କାହିଁ ଯାଉଅଛ ଖଲ । ପୀତାମ୍ବର. ନୃସିଂହପୁରାଣ ।

**ଖାଙ୍କୋଳୀ**—ଦେ. ବି. ସ୍ତ୍ରୀ—ଖାଙ୍କେରୀ (ଦେଖ)—
**Khāṅkoḻī** Khāṅkerī (See)

ଖାଙ୍କୋଳୀ ବେତାଳୀ ପୁଣି ଅଭଯ୍ୟା ବାମେଳୀ—ସାରଳା, ମହାଭାରତ ।

**ଖାଙ୍ଗର**—ଦେ. ବିଣ—ଖାଙ୍କର ( ଦେଖ )—
**Khāṅgara** Khāṅkara (See)

**ଖାଜଣା (ଇତ୍ୟାଦି)**—ବୈଦେ. ବି. (ଆ. ଖଜାନା)—
**Khājaṇā (etc.)** ଖଜଣା ଇତ୍ୟାଦି (ଦେଖ)
Khajaṇā etc. (See)

**ଖାଜାଣିଚି**—ବୈଦେ. ବି.—(ଆ. ଖଜାଞ୍ଚି)—ଖାଞ୍ଜାଞ୍ଚି (ଦେଖ)
**Khājāṇichi** Khāñjāñchi (See)

**ଖାଜିକ**—ସଂ. ବି. (ଖଜ ଧାତୁ+କର୍ତ୍ତୃ. ଇକ)—ଖଇ—
**Khājika** Fried grain.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ର | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**ଖାଜିନିଚ**—ବୈଦେ. ବ. (ଅ.)—ଖାଞ୍ଜାଞ୍ଚି (ଦେଖ)
Khajinichi Khañjañchi (See)

**ଖାଞ୍ଚ**—ଦେ. ବ.—(ସଂ. କର୍ଷଣ)—ଓଟରା; ଆକର୍ଷଣ; ଖେଞ୍ଚା—
Khañcha Drawing.
खाँच ପ୍ରାଦେ. (ସମ୍ବଲପୁର) ବ. ( ଭୁଲ. ହ. ଖାଁଗ୍=ଛିଦ୍ର)—
**खोचाँई** ଗର୍ତ୍ତବିଶେଷ—A sort of pit.

**ଖାଞ୍ଚଖାଞ୍ଚିଆ**—ଦେ. ବଣ.—୧। ଓଟରା ହୋଇ ଖୋସା ହୋଇଥିବା—
Khañchakhañchia 1. Drawn up; tucked up.
୨। ନଅଣ୍ଟିଆ—2. Wanting; deficient.
୩। ଟୁସ୍; କସ୍—3. Tight.

**ଖାଞ୍ଚା**—ଦେ. ବ. (ବଙ୍ଗଳାରୁ ଅନୁକୃତ; ସଂ. କଞ୍ଚ=ବାଉଁଶ କଣି)—
Khañcha ପକ୍ଷୀ ଆଦି ରଖିବା ପଞ୍ଜୁରି—A cage for birds.
खाँचा
**खाँचा**

**ଖାଞ୍ଚି**—ପ୍ରାଦେ. (ସିଂହଭୂମ) ବ. ସଂ. କଞ୍ଚ=ବାଉଁଶକଣି; ଭୁଲ. ହ. ଖାଁଗ୍
Khañchi =ବାଉଁଶ ବା ବେତ ପାତିଆରେ ବୁଣା ଟୋକେଇ)
ବାଉଁଶ ବା ବେତର ପାତିଆରେ ବୁଣା ବଡ଼
ଟୋକେଇ;ବେତା—Big wicker-work basket.

**ଖାଞ୍ଚିବା**—ଦେ. କ୍ରି. (ସଂ. କର୍ଷଣ; କମ୍ବା ସଂ. ଖଚ ଧାତୁ=ବନ୍ଧନେ)—
Khañchiba ଓଟାରିବା; ଟାଣିବା; ଖେଞ୍ଚିବା—
खिंचा To draw a thing tightly.
**खाँचना, खीचना**
ପ୍ରାଦେ. ( ସମ୍ବଲପୁର ) କ୍ରି—୧। ତଳକୁ ନୁଆଁଇବା—
1. To bend downwards.
୨। ଠେସି ଠେସି ଭର୍ତ୍ତି କରିବା—
2. To thrust by repeated pushing; to ram.
୩। ଜାକି ଧରିବା—
3. To hold tightly.
ପ୍ରାଦେ.(ବାଲେଶ୍ୱର)—(ଦଉଡ଼ି ଆଦିକୁ) ଟାଣି କରି ବାନ୍ଧିବା—
To tie (rope etc) by pulling tightly.
( ଯଥା—ମଶାରି ଖାଞ୍ଚିବା । )

**ଖାଞ୍ଜ**—ଦେ. ବ—୧। ( ସଂ. କୋଷ )—ଖୋଲ; ଖାପ—
Khañja 1. Sheath; scabbard.
खाँज ୨। (ସଂ.ଖଞ୍ଜ, କମ୍ବା ସଂ. ଖଚ ଧାତୁ=ବନ୍ଧନ କରିବା)—
**खुर्री; दर्ग** ଏକ ବସ୍ତୁ ଅନ୍ୟ ବସ୍ତୁରେ ଅଟକି ରହିବା ପାଇଁ ଦ୍ୱିତୀୟ
ବସ୍ତୁରେ ହୋଇଥିବା ଦ୍ୱାର କରାଯିବା ଘର; ଖାଜ—
2. A notch or groove in which one thing
is set to fit into another; mortise.
[ ଦ୍ର—ଗୋଟିଏ କାଠରେ ଖାଞ୍ଜ କାଟି ତହିଁରେ ଅନ୍ୟ ଗୋଟିଏ
କାଠକୁ ବସାଇ ବାନ୍ଧିଲେ ସେ ବନ୍ଧନଟି ଦୃଢ଼ ହୁଏ । ପକ୍କାକୋଠାର
କାନ୍ଥରେ ଖାଞ୍ଜ ରଖା ଯାଇଥାଏ; ସେହି କାନ୍ଥକୁ ଲଗାଇ ନୂଆ
କାନ୍ଥ କଲାବେଳେ ଖାଞ୍ଜ ସଙ୍ଗେ ଜୋଡ଼ମୁହଁ ମିଳାଇ ନୂଆ ଗାନ୍ଥିଣି
କରାଯାଏ । ]

**ଖାଞ୍ଜଚି**—ବୈଦେ. ବ. ( ଅ. ଖଜାନ୍ଚୀ )—
Khañjachi ଖାଞ୍ଜାଞ୍ଚି ( ଦେଖ )
Khañjañchi ( See )

**ଖାଞ୍ଜଣା** ( ଇତ୍ୟାଦି )—ଗ୍ରା. ବୈଦେ. ବ. ( ଅ )—
Khañjaṇa ( etc ) ଖଜଣା ଇତ୍ୟାଦି ( ଦେଖ )
Khajaṇa etc ( See )

**ଖାଞ୍ଜଣିଚ**—ଗ୍ରା. ବୈଦେ. ବ. (ଅ. ଖଜାନ୍ଚୀ)—ଖାଞ୍ଜାଞ୍ଚି ( ଦେଖ )
Khañjaṇichi Khañjañchi ( See )

**ଖାଞ୍ଜାଞ୍ଚି**—ବୈଦେ. ବ (ଅ. ଖଜାନ୍ଚୀ)—୧। କୋଷାଧ୍ୟକ୍ଷ; ଧନଭଣ୍ଡାରର
Khañjañchi ରକ୍ଷକ ବା ଜମ୍ମାଦାର—1. Treasurer.
खाजांचि ୨। ଧନାଗାରର ପ୍ରଧାନ କର୍ମଚାରୀ—
**खजानची** 2. Head of a Treasury.

**ଖାଞ୍ଜିନିଚ**—ଗ୍ରା. ବୈଦେ. ବ (ଅ)—ଖାଞ୍ଜାଞ୍ଚି ( ଦେଖ )—
Khañjinichi Khañjañchi (See)

**ଖାଞ୍ଜିବା**—ଦେ. କ୍ରି (ସଂ. ଖଚ ଧାତୁ)—ଏକ ବସ୍ତୁକୁ ଅନ୍ୟ ବସ୍ତୁର ଖାଞ୍ଜ
Khañjiba ମଧ୍ୟରେ ପ୍ରବିଷ୍ଟ କରାଇବା—To thrust a thing
खाँजेभरा into the notch or groove of another so
**दाँतामेभरना** as to fit the former into the latter.

**ଖାଟ**—ସଂ. ବ (ଖଟ୍ ଧାତୁ=ଆଚ୍ଛାଦନ କରିବା+କର୍ମ. ଅ)—ମଡ଼ାବୁହା
Khaṭa ଖଟିଆ; କୋକେଇ—A stretcher or dooly to
carry a dead body to the cremation-
ground; hearse.

**ଖାଟା**—ସଂ. ବ—ଖାଟ ( ଦେଖ )—
Khaṭa Khaṭa ( See )

**ଖାଟି**—ସଂ. ବ ( ଖଟ୍ ଧାତୁ=ଆଚ୍ଛାଦନ କରିବା+କର୍ମ. ଇ )—
Khaṭi ୧। ଖାଟ ( ଦେଖ )—
1. Khaṭa ( See )
୨। କ୍ଷତ ଚିହ୍ନ ବା ଦାଗ—2. Scar; cicatrix.
୩। ଖାମ୍‌ଖେୟାଲ୍—3. Caprice; whim.
ଦେ. ବଣ—ଖାଣ୍ଟି ( ଦେଖ )—
Khaṇṭi ( See )

**ଖାଟିକା**—ସଂ. ବ (ଖଟ ଧାତୁ+ ଅକ+ସ୍ତ୍ରୀ. ଆ)—ଖାଟ ( ଦେଖ )—
Khaṭika Khaṭa ( See )
[ ଦ୍ର—ଏଥିର ଅପଭ୍ରଂଶ—ଖଟିଆ । ]

**ଖାଟିବା**—ପ୍ରାଦେ. ( ବାଲେଶ୍ୱର ) କ୍ରି (ସଂ. ଖଟ୍ ଧାତୁ=ଆଚ୍ଛାଦନ
Khaṭiba କରିବା)—୧। ପରିଶ୍ରମ କରିବା; ଖଟିବା—
खाटा 1. To labour hard.
**लगना** ୨। ପ୍ରଯୋଜ୍ୟ ହେବା; ଯୋଗ୍ୟ ହେବା—
2. To fit in; to apply.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଖାଟୀ**— ସ୍ତ୍ରୀ. ବି—ଖାଟ ( ଦେଖ )—
Khāṭī Khāṭa ( See )

**ଖାଟୁ**—ପ୍ରାଦେ (ବାଲେଶ୍ୱର) ବିଣ (ଭୁଲ. ବ. ଖାଟିଯିବା)—ପରିଶ୍ରମୀ—
Khāṭu Laborious.

**ଖାଟୁଣି**—ପ୍ରାଦେ.(ବାଲେଶ୍ୱର) ବି (ଭୁଲ.ବ.ଖାଟୁନି)—ବିଶେଷ ପରିଶ୍ରମ—
Khāṭuṇi Hard labour.

**ଖାଡ଼**—ଗ୍ରା. ବି—ଥଟ୍ଟାରେ ସାଙ୍ଗୀର ଭଲ କଥାର ଉତ୍ତରରେ ବ୍ୟବହୃତ ଅଶ୍ଳୀଳ ବା ଶ୍ଳେଷାର୍ଥକ ଶବ୍ଦ—
Khāṛḍa
Slang words used in pun in reply to a good word uttered by a boon-companion.

**ଖାଡ଼ଙ୍ଗା**—ଦେ. ବି—ଦେଶୀୟ ରଜାଙ୍କ ଦ୍ୱାରା ପ୍ରଦତ୍ତ ବ୍ରାହ୍ମଣମାନଙ୍କ ଉପାଧିବିଶେଷ—
Khāṛḍaṅgā
A title given to Brahmans by a Raja.

**ଖାଡ଼ ଦେବା**—ଗ୍ରା. କ୍ରି—ଥଟ୍ଟାଲୋକ ସଙ୍ଗେ ପରିହାସଛଳରେ ତାହାଙ୍କ କଥିତ ଭଲ କଥାର ପ୍ରତ୍ୟୁତ୍ତରରୂପେ ଅଶ୍ଳୀଳ ବା ଶ୍ଳେଷାର୍ଥକ କଥା କହିବା—
Khāṛḍa debā
To give a ready retort to a word uttered by an intimate friend or associate by using slang or indecent puns.
[ ଦ୍ର—କଥାପ୍ରସଙ୍ଗରେ ଜଣେ ଲୋକ ହଁ, ହୁଁ, ହେଁ ଆଦି କହିଲେ ଅଶ୍ଳୀଳତାପ୍ରିୟ ପରିହାସୀ ସଙ୍ଗୀ ଗୋଟାଏ ଅଶ୍ଳୀଳ ଶବ୍ଦ ସଙ୍ଗେ ଡଁ, ଡୁଁ, ଡେଁ ଲଗାଇ ଖାଡ଼ ଦିଏ। ]

**ଖାଡ଼ ମାରିବା**—ଗ୍ରା. କ୍ରି—ଖାଡ଼ ଦେବା (ଦେଖ)
Khāṛḍa māribā Khāṛḍa debā (See)

**ଖାଡ଼ା**—ଦେ. ବି (ସଂ. ଖଡ଼କ=ସ୍ତମ୍ଭ; ସଂ. ଖଡ଼=ତୃଣାଦିର ନାଡ଼)—
Khāṛḍā
खाड़ा
खड़ा
୧। ଠିଆହେବା—1. Standing posture.
୨। ଉପବାସ—2. Fasting.
ଦେ. ବିଣ—ଦଣ୍ଡାୟମାନ—Erect; standing.

**ଖାଡ଼ା ଉପବାସ**—ଦେ. ବି—ସମ୍ପୂର୍ଣ୍ଣରୂପେ ଅନାହାର—
Khāṛḍā upabāsa Rigorous fast.

**ଖାଡ଼ା ପହରା**—ଦେ. ବି—ଅନେକ ସମୟ ଏକାଦିକ୍ରମେ ଠିଆ ହେବା ଅବସ୍ଥା—
Khāṛḍā paharā
খাড়াপাহারা
खाड़ापहरा
State of standing up for a long time (without sitting down).

**ଖାଡ଼ି**—ଦେ. ବି ( ସଂ. କାଷ୍ଠ; ସଂ. ଖଡ଼—ତୃଣନାଡ଼ )—
Khāṛḍi
খাড়া
ডাঁটল
୧। କାଠି; ଡାଙ୍ଗ—1. Twig.
(ଯଥା— ଅତର ଖାଡ଼ି।)
୨। ଲମ୍ବା ଛୁଇଁ—
2. A long legume or pod.
( ଯଥା—ସଜନା ଖାଡ଼ି। )
୩। ଗଛ ବା ଲଟାର ପତ୍ରବର୍ଜିତ ଡାଙ୍ଗ ବା ନାଡ଼—
3. A long stem of a pot-herb or plant shorn of leaves.
( ଯଥା—ପୋଇଖାଡ଼ି। )
୪। ଧୂଆଁପତ୍ରରୁ ପତ୍ରାଂଶ କାଢ଼ି ନେବା ପରେ ଯେଉଁ ଡାଙ୍ଗ ରହିଯାଏ—
4. Backbone or ridge of the tobacco leaf.
ছালা
पलान, लादी
୫। ପଲ୍ଲାଣ; ବଳଦଙ୍କ ପିଠିରେ ଶସ୍ୟାଦି ବୁହାଯିବା ନିମନ୍ତେ ପ୍ରସ୍ତୁତ ମୁଣି; ଥୋର; ଥୋଡ଼—
5. Gunny bag; bale; pack for carrying things on the back of beasts of burden.
୬। ହଳର ଯୁଆଳିର ଦୁଇ ମୁଣ୍ଡରେ ଲାଗିଥିବା ସରୁଆ ଖିଲ—
6. Wooden pegs attached to the ends of the yoke of a plough.
୭। ମୁଣି—7. Wallet.
୮। ଦୁଇ ପାଖରେ ଥଳି ଥିବା ଜାଉଁଳ ବା ଲମ୍ବ ମୁଣି; ଖାଡ଼ିଆ—
8. A long wallet with two pouches at the two ends.
(ପ୍ରାଦେ) (ସମ୍ବଲପୁର ) ବି—
୧। ଦିଆସିଲିକାଠି—1. Match-stick.
୨। ଦିଆସିଲି ପେଡ଼ା—2. Match-box.

**ଖାଡ଼ିଆ**—ଦେ. ବି—୧। କାନ୍ଧର ଦୁଇପାଖରେ ଜାଉଁଳ କରି ପକାଇବା ପାଇଁ ପଥିକମାନଙ୍କ ବ୍ୟବହୃତ ଲମ୍ବ କନାର ମୁଣି—
Khāṛḍiā
1. A long cloth-bag with two pouches at both ends and carried on the shoulder, the ends hanging in front and back sides.
୨। ଖାଡ଼ି ଜାଲ ( ଦେଖ )
2. Khāṛḍijāla (See)
୩। ଅଡ଼ୁଆ; ଗୋଳମାଳ—
3. Confusion; disorder.
୪। କଳି; ବିବାଦ—4. Quarrel; dissension.
ଦେ. ବିଣ—ଥୋରିଆ ( ଜାତି )—
( people ) Carrying on trade by means of pack-bullocks.
ପ୍ରାଦେ ( ମେଦିନୀପୁର ) ବି ( ଭୁଲ. ବ. ଖାଡ଼ୀ )—
ରୂପା ବା ସୁନାର ସରୁ କାଠି—
Long and thick bar or ingot of gold and silver.

**ଖାଡ଼ିଆ ପୂରାଇବା**—ଦେ. କ୍ରି—କୌଣସି ଆଲୋଚନା ମଧ୍ୟରେ ଗୋଳମାଳିଆ କଥା ଆଣି ପକାଇବା—
Khāṛḍiā pūrāibā
To set up a knotty question in the course of a smooth discussion.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ଁ | ଇଅ | ଡ଼ | ନ୍ନ |

**ଖାଡ଼ଅଶିଂଘ**—ଦେ. ବ—ସିଧା ଓ ସରୁ ହୋଇ ଠିଆ ହୋଇଥିବା ଶୃଙ୍ଗ—
Khardiasimgha Straight and slender horn.

**ଖାଡ଼ଅଶିଂଘା**—ଦେ. ବଣ—ଯେଉଁ ବଳଦର ଶିଂଘମାନ କାଠି ପରି
Khardiasimgha ସରୁ ଓ ସିଧା ହୋଇ ଉଠିଥାଏ—
(a bullock) Having the horns rising straight from the root.

ଖାଡ଼ଅଶିଂଘା ସବୁଠୁଁ ହାଣ—କୃଷିବଚନ ।

**ଖାଡ଼ଗୁଣ୍ଡି**—ଦେ. ବ—ଧୂଆଁ ପତ୍ରରୁ ପତ୍ରସାକ କାଢ଼ି ନେଇ କେବଳ
Khardigundi ଡାଙ୍ଗକୁ ଛେଚ ଚୂନା କରି ତହିଁରେ ମସଲ୍ଲାଆଦ ମିଶାଇ ଭଅର କରାଯିବା ଗୁଣ୍ଡି—Gundi or tobacco-powder prepared by crushing the stems of tobacco leaves (after shearing the tobacco leaves altogether).

**ଖାଡ଼ଜାଲ**—ଦେ. ବ—ଲୁଗାର ଖିଅ ପରି ଓ ମଝିରେ ମଝିରେ ଦୁଇପାଖର
Khardijala ଧଡ଼ି ଖୁଦ୍ର ଖୁଦ୍ର କାଠିଦ୍ୱାରା ବନ୍ଧା ଯାଇଥିବା
गाँतिजाल ଏକପ୍ରକାର ଖୁଦ୍ର କମଚଉଡ଼ା ଅଥଚ ଲମ୍ବ ଜାଲ; କାଠିଜାଲ—A long and narrow fishing net in which small twigs are attached at intervals joining the two hems.

[ ଦ୍ର—ଏହା ଦଶ ବାର ହାତ ଲମ୍ବ ଓ ଦୁଇ ତିନ ହାତ ଚଉଡ଼ା । ଦୁଇଜଣ ଲୋକ ଅକ୍ଲେଶରେ ଏହାର ଦୁଇମୁଣ୍ଡର ଖାଡ଼କୁ ଧରି ପାଣିରେ ଖିଅ ଦେବା ପରି ଚଳାଇ ପାରନ୍ତି । ଏଥିରେ ଅଳ୍ପ ପରିମାଣରେ ଛୋଟ ମାଛ ଧରାଯାଆନ୍ତି । ]

**ଖାଡ଼ତେଲି**—ଦେ. ବ—ତେଲିମାନଙ୍କର ଶାଖାବିଶେଷ—
Kharditeli A class of oilmen.

[ ଦ୍ର—ଏହି ଶ୍ରେଣୀର ତେଲିମାନେ ଖାଡ଼ବଳଦଙ୍କ ଉପରେ ବିଦେଶରୁ ଶସ୍ୟ, ଗବ, ସୋରିଷ ପ୍ରଭୃତି ବୋଝାଇ କରି ଆଣି ତେଲ ପେଡ଼ନ୍ତି । ]

**ଖାଡ଼ପତ୍ର**—ଦେ. ବ—ଏକପ୍ରକାର ଧୂଆଁ ପତ୍ର—A kind of tobacco
Khardipatra with long stems.

**ଖାଡ଼ବଳଦ**—ଦେ. ବ—ଯେଉଁ ବଳଦମାନେ ଖାଡ଼ଦ୍ୱାରା ପିଠିରେ
Khardibalada ଶସ୍ୟାଦ ବୁହାନ୍ତି; ଥୋରିବଳଦ—
छालाबलद Bullocks carrying grains etc in
লম্বুবলদ bags on their backs; pack-bullocks.

[ ଦ୍ର—ପୂର୍ବେ ଏ ଦେଶରେ ଗାଡ଼ି ଯିବା ଆସିବା ପାଇଁ ସୁବିଧାଜନକ ରାସ୍ତା ନ ଥିବାରୁ ଲୋକେ ଖାଡ଼ବଳଦଙ୍କ ଉପରେ ବୋଝ ଲଦି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନଆ ଅଣା କରି ବ୍ୟବସାୟ କରୁଥିଲେ । ଏବେ ଏହା କ୍ରମଶଃ ଲୋପ ପାଉଅଛି । ]

**ଖାଡ଼ବୁହା**—ଦେ. ବଣ—୧ । ଯେଉଁ ବେପାରୀ ଖାଡ଼ଦ୍ୱାରା ବଳଦଙ୍କ
Khardibuha ପିଠିରେ ପଣ୍ୟଦ୍ରବ୍ୟ ଏକସ୍ଥାନରୁ ଅନ୍ୟ ସ୍ଥାନକୁ ନିଏ; ଥୋରିଆ—

1. Carrying on trade by meaus of pack-bullocks.

୬ । ଯେଉଁ ଜନ୍ତୁ ଖାଡ଼ ବୁହେ; ଥୋରିଆ—
2. (animal) Carrying packs on its back.

**ଖାଡ଼ ବୋହିବା**—ଦେ. କ୍ରି—ବେପାର କରିବା ନିମନ୍ତେ ବଳଦମାନଙ୍କ
Khardi bohiba ପିଠିରେ ଶସ୍ୟାଦ ଏକସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା କରିବା—To carry on trade with the help of pack-bullocks.

**ଖାଡ଼ମରା ସଂକ୍ରାନ୍ତି**—ପ୍ରାଦେ. ( ବାଲେଶ୍ୱର ) ବ—
Khardimara samkranti ଗର୍ଭଣାସଂକ୍ରାନ୍ତି ( ଦେଖ )
Garbhanasamkranti ( See ).

**ଖାଡ଼ଯୋତ**—ଦେ. ବ—ବଳଦଙ୍କୁ ହଳରେ ଯୋଚିବା ପାଇଁ ଯୁଆଳର
Khardijota ଦୁଇ ମୁଣ୍ଡରେ ଲାଗିଥିବା ଛୋଟ ଦଉଡ଼ି—
शनिदड़ि Small ropes attached to the two ends
जोतनी of the yoke for yoking the bullocks to the plough.

**ଖାଡ଼ସିଝୁ**—ଦେ. ବ—ଖଡ଼ସିଝୁ ( ଦେଖ )
Khardisijhu Khardisijhu ( See )

**ଖାଡ଼ୁ**—ପ୍ରାଦେ. (ସମ୍ବଲପୁର) ବ—୧ । ଏକତ୍ର ଯାତ୍ରା କରୁଥିବା ବଣିକ୍-
Khardu ଦଳ—1. A caravan of traders.
୬ । ଥୋରି—2. Pack-saddle.
ପ୍ରାଦେ. ( ମେଦିନୀପୁର ) ବ. ( ଭୁଲ. ବ. ଖାଡ଼ୁ )—
ଖଡ଼ୁ ( ଦେଖ )
Khardu ( See )

**ଖାଡ଼ୁ ଖାଡ଼ୁ**—ଦେ. ଅ. ( ଧ୍ୱନ୍ୟନୁକରଣ )—ଖଡ଼ ଖଡ଼ ( ଦେଖ )
Khardu khardu Kharda kharda ( See )

**ଖାଡ଼ୁ ବଳଦ**—ପ୍ରାଦେ. ( ସମ୍ବଲପୁର ) ବ—ଖାଡ଼ ବଳଦ ( ଦେଖ )
Khardu balada Khardi balada ( See )

**ଖାଡ଼େ**—ଦେ. (ଇତର) ଅ—ଥରେ; ଏକବାର—
Kharde Once.

**ଖାଡ଼େ ଖାଡ଼େ ରହିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ହି ଖଡ଼େ
Kharde kharde rahiba ଖଡ଼େ ରହନା )—
ବହୁକ୍ଷଣ ଠିଆ ହେବା—To remain standing for a long time.

**ଖାଡ୍ଗ**—ସଂ. ବଣ. ( ଖଡ୍ଗ + ସମ୍ବନ୍ଧାର୍ଥେ. ଅ )—ଗଣ୍ଡାସମ୍ବନ୍ଧୀୟ—
Khadga Relating to rhinoceros.

**ଖାଡ୍ଗିକ**—ସଂ. ବଣ. ( ଖଡ୍ଗ + ସମ୍ବନ୍ଧ ଓ ବିଦ୍ୟମାନାର୍ଥେ. ଇକ )—
Khadgika ୧ । ଖଡ୍ଗସମ୍ବନ୍ଧୀୟ—
1. Relating to a sword.
୬ । ଖଡ୍ଗଧାରୀ; ଖଡ୍ଗଦ୍ୱାରା ସଜ୍ଜିତ ( ବ୍ୟକ୍ତି )—
2. Armed with or bearing a sword.
ସଂ. ବି. ପୁଂ—ଖଡ୍ଗଧାରୀ ବ୍ୟକ୍ତି—A swordsman.

ସାଧାରଣ ସ୍ଥେଳେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗର୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଖାଣ୍ଟି**—ଦେ. ବଣ. ( ସଂ. ଖର )—୧ । ନିର୍ଭେଜାଲ—
Khāṇṭi 1. Undiluted; unadulterated.
খাঁটি ୨ । ବିଶୁଦ୍ଧ—2. Pure.
खालिस; खरा ୩ । ଅମିଶ୍ରିତ—3. Unmixed.
୪ । ଅକୃତ୍ରିମ—4. Genuine.
୫ । ତେଲ ବା ଖାଦରହିତ—5. Unalloyed.
କରନ୍ତୁ ତେଲକୁ ଚୁଡ଼ ସୁନା ଖାଣ୍ଟି । ରାଧାନାଥ. ଦରବାର ।
୬ । ନିୟମପରତନ୍ତ୍ର—6. Strict.
୭ । ସତ୍—7. Honest; impartial.
୮ । ନ୍ୟାୟପର—8. Righteous.
୯ । ଧର୍ମର ନିୟମକୁ କଠୋରରୂପେ ପାଳନକାରୀ; ଗୋଡ଼ା—
9. Orthodox.

**ଖାଣ୍ଟି ଖୁଣ୍ଟି ହେବା**—ଦେ. କ୍ରି (ସଂ. କୁଣ୍ଠିତ)—୧ । କୁଣ୍ଠିତ ହେବା—
Khāṇṭi khuṇṭi hebā 1. To hesitate.
୨ । କୃପଣତା ଦେଖାଇବା—
2. To show niggardliness.

**ଖାଣ୍ଟିବା**—ଦେ. କ୍ରି. ( ସଂ. ଖଣ୍ଡ ଧାତୁ=ବନ୍ଧନେ )—
Khāṇṭibā ୧ । ଖେଣ୍ଟିବା; କସିଦେବା; କମି କରିବା—
খাঁচা; খিঁচা 1. To reduce in quantity or supply.
खींचना ୨ । ଖେଞ୍ଚିବା; ଅଳ୍ପମାତ୍ରାରେ ଦେବା—2. To dole out a thing with niggardliness.

**ଖାଣ୍ଟୁ**—ଦେ. ବି—୧ । କ୍ଷମତା; ଶକ୍ତି—1. Power
Khāṇṭu ୨ । ସାମର୍ଥ୍ୟ—2. Potency.
୩ । ବଳ—3. Strength.

**ଖାଣ୍ଡ**—ସଂ. ବି. ( ଖଣ୍ଡ ଧାତୁ+ଭାବେ. ଅ )—ଫଟା ହେବା ଅବସ୍ଥା—
Khāṇḍa State of having fractures.

**ଖାଣ୍ଡବ**—ସଂ. ବି. ( ଖଣ୍ଡ ଧାତୁ+ଅ+ବ )—
Khāṇḍaba ୧ । ପ୍ରାଚୀନ ବନବିଶେଷ—
1. An ancient forest near modern Delhi.
୨ । ଯମୁନାତୀରସ୍ଥ ପ୍ରଦେଶ; କୁରୁକ୍ଷେତ୍ର ବା ଇନ୍ଦ୍ରପ୍ରସ୍ଥ ସନ୍ନିହିତ ଦେଶବିଶେଷ; ଖାଣ୍ଡବପ୍ରସ୍ଥ—
2. A country on the banks of the Jamunā near Delhi.
[ ଦ୍ର—ମଧ୍ୟଭାରତରେ ଭୌଁସାଭାଲ ନାମକ ରେଲଷ୍ଟେସନରୁ ଖାଣ୍ଡୋଆ ନଗର ପର୍ଯ୍ୟନ୍ତ ବିସ୍ତୃତ ଦେଶବିଶେଷ । ଏହି ପ୍ରଦେଶରେ ଗୋଟିଏ ଅରଣ୍ୟ ଥିଲା, ତାହାକୁ ଖାଣ୍ଡବାରଣ୍ୟ ବୋଲା ଯାଉଥିଲା । ସୁଭଦ୍ରାହରଣ ପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ସାହାଯ୍ୟରେ ଅଗ୍ନିଙ୍କୁ ପରିତୁଷ୍ଟ କରିବା ପାଇଁ ଏହି ଅରଣ୍ୟକୁ ଅଗ୍ନି ଦ୍ୱାରା ଦଗ୍ଧ କରାଇଥିଲେ (ମହାଭାରତ) । ଏହି ବନରେ ଇନ୍ଦ୍ରପ୍ରସ୍ଥ ନଗର ସ୍ଥାପିତ ହୋଇଥିଲା । ]
୩ । ( ଖଣ୍ଡ+ଅ )—ମିଶ୍ରି—3. Sugar-candy.
୪ । ଖଣ୍ଡରେ ତିଆରି ମିଠାଇ—
4. Sweetmeat made of coarse sugar.

**ଖାଣ୍ଡବଦହନ**—ସଂ. ବି. ( ପୌରାଣିକ )—
Khāṇḍabadahana ଅଗ୍ନିଙ୍କର କ୍ଷୁଧାନିବୃତ୍ତି ନିମନ୍ତେ ଅର୍ଜୁନଙ୍କ ଦ୍ୱାରା ଖାଣ୍ଡବ ବନ ଓ ତହିଁରେ ଥିବା ସବୁ ଜୀବ ଜନ୍ତୁଙ୍କର ପୋଡ଼ାପୋଡ଼ି—
The burning of the forest of Khāṇḍaba and its animals by Arjuna in order to propitiate the hunger of the Fire-God.

**ଖାଣ୍ଡବଦାହ**—ସଂ. ବି. ( ପୌରାଣିକ )—
Khāṇḍabadāha ଖାଣ୍ଡବଦହନ ( ଦେଖ )
Khāṇḍabadahana ( See )

**ଖାଣ୍ଡବପ୍ରସ୍ଥ**—ସଂ. ବି. ( ଖାଣ୍ଡବ+ପ୍ରସ୍ଥ )—
Khāṇḍabaprastha ଇନ୍ଦ୍ରପ୍ରସ୍ଥ; ପ୍ରାଚୀନ ଦିଲ୍ଲୀ—
The place now called Delhi.
[ ଦ୍ର—ଧୃତରାଷ୍ଟ୍ର ଖାଣ୍ଡବପ୍ରସ୍ଥ ଗ୍ରାମକୁ ପାଣ୍ଡବମାନଙ୍କୁ ବାସ କରିବାକୁ ଦେଇଥିଲେ ଓ ପାଣ୍ଡବମାନେ ଏହିଠାରେ ଇନ୍ଦ୍ରପ୍ରସ୍ଥ ନଗର ବସାଇ ଥିଲେ । ]

**ଖାଣ୍ଡବିକ**—ସଂ. ବି (ଖାଣ୍ଡବ=ମୋଦକାଦି+ପ୍ରସ୍ତୁତକାରୀ ଅର୍ଥରେ.ଇକ)—
Khāṇḍabika ଗୁଡ଼ିଆ—Confectioner.

**ଖାଣ୍ଡି**—ପ୍ରାଦେ. ( ପୁରୀ ) ବି. ( ସଂ. ଖଣ୍ଡ )—
Khāṇḍi ମହାପ୍ରସାଦ କୁଡ଼ୁଆର ଭଙ୍ଗା ଅଂଶ—
Broken portion of a pot of cooked offering used as plate to eat the rice-offering.
[ ଦ୍ର—ସାଧାରଣତଃ ଯେଉଁମାନେ ପୁରୀ ବଡ଼ଦେଉଳରେ ଅନ୍ନ-ମହାପ୍ରସାଦ ଖାଆନ୍ତି ସେମାନଙ୍କ ସଙ୍ଗେ ଖାଇବା ନିମନ୍ତେ ପାତ୍ର ନ ଥିବାରୁ ମହାପ୍ରସାଦ କୁଡ଼ୁଆକୁ ଭାଙ୍ଗି ତହିଁରୁ ଖଣ୍ଡେ ପାତ୍ରରୂପେ ବ୍ୟବହାର କରନ୍ତି ଓ ଏଥିରେ ମହାପ୍ରସାଦ ଖାଆନ୍ତି । ]

**ଖାଣ୍ଡିଆ**—ପ୍ରାଦେ. ( ସିଂହଭୂମ ) ବଣ—ଖଣ୍ଡିଆ—
Khāṇḍiā Broken.

**ଖାଣ୍ଡିକ**—ସଂ. ବି. ( ଖଣ୍ଡ+ପ୍ରସ୍ତୁତକାରୀ ଅର୍ଥରେ. ଇକ )—ଗୁଡ଼ିଆ—
Khāṇḍika Confectioner.

**ଖାଣ୍ଡିଖିଆ**—ପ୍ରାଦେ. ( ପୁରୀ ) ବଣ. ( ଗାଳିରେ ବ୍ୟବହୃତ )—
Khāṇḍikhiā ୧ । ଯେ ଖାଣ୍ଡିରେ ଖାଏ—
(ଖାଣ୍ଡିଖାଇ—ସ୍ତ୍ରୀ) 1. One who takes food from the broken part of a pot.
୨ । ଦରିଦ୍ର—2. Poor.
୩ । ମାଗିଖିଆ; ବିଠାଳ—
3. Beggar; a person who begs his morsel.
୪ । ପୁରୀ ବଡ଼ଦେଉଳର ଅନ୍ନମହାପ୍ରସାଦ ମଠଧାରୀମାନଙ୍କ ଦ୍ୱାରା ଖଇରାତ୍ ହୋଇ ବଣ୍ଟା ହେବା ସମୟରେ ଯେଉଁମାନେ ଖଣ୍ଡିଏ-

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଚ | ଶ,ଷ | କ୍ଷ | ଇଏ | ଉଥ | ଘ |
| ୨ | ଈ | ଊ | ରୁ | ଲୁ | ଣ୍ଡ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗଁ୍ୟ | ଇଥ | ● | ନ୍ତ |

ଲେଖାଁଏ ଖାଣ୍ଡି ବା ଭଙ୍ଗା ମହାପ୍ରସାଦକୁ ଭୁଆଁ ଘେନି ଉପସ୍ଥିତ ହୁଅନ୍ତି ଓ ସେଥିରେ ପରଷା ହେବା ମହାପ୍ରସାଦକୁ ଖାଆନ୍ତି—

4. (beggars) Partaking of food offered to Lord Jagannath at Puri and served as charity-doles by the trustees of local endowments.

ବଡ଼ଦେଉଳରେ ବାଜିଲା ଘଣ୍ଟା
ଖାଣ୍ଟିଆଙ୍କର ଉଠିଲା ଅଣ୍ଟା—ଢଗ ।

**ଖାତ**—ସଂ. ବି (ଖନ୍ ଧାତୁ=ଖୋଳିବା+କର୍ମ. ତ)—
**Khāta** ୧ । ଅଳ୍ପ ଗଭୀର କୂପ—
1. A shallow well.
୨ । ଗର୍ତ୍ତ—2. Pit; hole; excavation.
୩ । ଗୁମ୍ଫା; ଗହ୍ୱର—3. Cavern; cave.
୪ । ଗଡ଼ଖାଇ; ପରିଖା—4. A moat; ditch.
୫ । ପୟଃଣି—5. Channel; trench.
୬ । ଆୟତାକାର ପୋଖରୀ—6. An oblong pond.
୭ । (+ଭାବ. ତ) ଖୋଳିବା; ଖନନ—7. Digging.
ଗ୍ରା (ପଦ୍ୟ) ବି—ଖାତକ; ଅଧମର୍ଣ୍ଣ—Borrower.
ଆପେ ହୋଏ ମହାଜନ ଆପେ ସାଇ ଖାତ—ପ୍ରାଚୀ. ବ୍ରହ୍ମଜନ୍ମପଣଗୀତା ।
ସଂ. ବିଣ—୧ । ଖନିତ; ଖୋଳା ହୋଇଥିବା—
1. Dug; excavated.
୨ । ଚିରା ହୋଇଥିବା—2. Torn; rent.

**ଖାତକ**—ସଂ. ବି. ୧ । ( ଖାତ+ସ୍ୱାର୍ଥରେ. କ )—
**Khātaka** ପରିଖା; ଗଡ଼ଖାଇ—
1. A moat or ditch round a castle.
୨ । ( ଖାତ+କୈ ଧାତୁ+ଅ )—
ଅଧମର୍ଣ୍ଣ; ଯେଉଁ ବ୍ୟକ୍ତି ଋଣ କରେ—
2. Debtor; borrower.
୩ । ଋଣଗ୍ରସ୍ତ ବ୍ୟକ୍ତି; ଦେଣାଦାର; କରଜିଆ ଲୋକ—
3. An indebted person.
୪ । ( ଖନ୍ ଧାତୁ+କର୍ତ୍ତୃ. ଅକ ) ଖନକ—
4. Digger; miner.
୫ । ପରସୈନ୍ୟଭେଦକାରକ—
5. One who pierces into the ranks of the enemy.

**ଖାତକି**—ଦେ. ବି—ଦେଣା କରିବାର ଅବସ୍ଥା—
**Khātaki** The state of being a debtor.
खातकालि

**ଖାତବନ୍ଦି**—ଦେ. ବି—କୌଣସି ସ୍ଥାନରେ ମାଟି ପକାଇବା ନିମନ୍ତେ
**Khātabandi** ଯେବେ ଖାତରୁ ମାଟି ଉଠା ଯାଇଥାଏ ସେ ସ୍ଥାନରେ କେତେ ପରିମାଣରେ ମାଟି ପଡ଼ିଛି ଏହା ଜାଣିବା ନିମନ୍ତେ ଖୋଳା ହୋଇଥିବା ଖାତମାନଙ୍କର ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତା ମାପିବାର ପ୍ରଣାଳୀ—
Cubical measurement of the pits from which earth has been taken out for an earthwork.

**ଖାତବ୍ୟବହାର**—ସଂ. ବି—ଗର୍ତ୍ତ, ପୋଖରୀ ଆଦିର ଘନଫଳ ସ୍ଥିର
**Khātabyabahāra** କରାଯିବା ଗଣିତଶାସ୍ତ୍ର (ବୃ. ଶବ୍ଦସାଗର)—
The branch of mathematics which treats of the cubical measurement of tanks and pits.

**ଖାତଭୂ**—ସଂ. ବି—ଖାଇ; ପରିଖା—
**Khātabhū** Moat; ditch.

**ଖାତର**—ବୈଦେ. ବି. (ଫା. ଖାତିର୍)—୧ । ଅନୁରୋଧ; ଉପରୋଧ—
**Khātara** 1. Request.
खातिर ୨ । ଜାମିନ୍—2. Security.
خاطر ୩ । ଧନ—3. Property; assets.
୪ । ମନୋଯୋଗ;—4. Attention; heed.
୫ । ସୁନାମ—5. Credit; prestige.
୬ । ଶ୍ରଦ୍ଧା—6. Attachment; affection.
୭ । ମହତ୍ତ୍ୱ; ମର୍ଯ୍ୟାଦା; ସମ୍ମାନ; ଆଦର—
7. Respect; honour.
ବାସଗିହ ଉଥସରେ ମାଣିକର ଭଲ ଖାତର । ଫକୀରମୋହନ. ଛମାଣଆଠଗୁଣ୍ଠ ।
୮ । ପରବାୟୁ; ପରୱା—8. Care; regard.
୯ । ପ୍ରଭାବ—9. Influence.
୧୦ । ଜାମିନ୍‌ଦାର୍; ପ୍ରତିଭୂ—10. Surety.
ବୈଦେ. ଅ.—(ନିର୍ଦ୍ଦିଷ୍ଟକାଳ) ନିମନ୍ତେ; ସକାଶେ; ପାଇଁ—
For (a fixed time).
(ଯଥା—ତୁମେ ଏଠାରୁ ଦିନକ ଖାତର ଆସିବ ।)

**ଖାତର କରିବା**—ଦେ. କ୍ରି.—୧ । ଆଦର କରିବା; ସମ୍ମାନ କରିବା—
**Khātara kariba** 1. To show regard or respect.
खातिरकरना ୨ । (କଥା ବା ଉପଦେଶକୁ) ଗ୍ରାହ୍ୟ କରିବା; ଗ୍ରହଣ
خاطر کرنا କରିବା—2. To pay any regard to.
୩ । ପରବାୟୁ କରିବା—3. To care for anything.

**ଖାତରକୁ ଆଣିବା**—ଦେ. କ୍ରି.—ଖାତର କରିବା (ଦେଖ)
**Khātaraku āṇibā** Khātara kariba (See)

**ଖାତରଜମା**—ବୈଦେ. ବି. (ଆ. ଖାତିର୍‌ଜମା)—ସନ୍ତୋଷ—
**Khātarajamā** Cententment.
खातिरजमा
خاطر جمع

**ଖାତରଦାର୍**—ବୈଦେ. ବିଣ. (ଫା)—ଖାତରିଆ ( ଦେଖ )
**Khātaradār** Khātariā ( See )

**ଖାତରଦାରି**—ବୈଦେ. ବି. (ଫା. ଖାତିର୍‌ଦାରୀ)—ସମ୍ମାନପ୍ରଦର୍ଶନ—
**Khātaradāri** Paying of homage; showing respect.
खातिरदारी
خاطر داری

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷ୍ଣିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ଣିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ଣିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ଷ୍ଣିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗ୍ନ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖାତର ନଦାରଦ୍**—ବୈଦେ. ବି. (ଫା. ଖାତିର୍=ସମ୍ମାନ+ନଦାରଦ୍=ନାହିଁ)—ବେଖାତିର; ଅବହେଳା; ଅବଜ୍ଞା; ଅଯତ୍ନ; ଅଶ୍ରଦ୍ଧା—Disregard; want of regard or respect.
Khātara nadārad

ବିଣ.—ବେଖାତିର—Regardless; careless.

ବାକ୍ୟ—ଖାତର ବା ସମ୍ମାନ ନାହିଁ—There is no regard or respect.

(ଯଥା—ମୁଁ ସେଠାକୁ ଗଲି ଯେ ସେଠାରେ ମୋତେ ଖାତର ନଦାରଦ୍ ।)

**ଖାତର ନ ଦିଶିବା**—ଦେ. କ୍ରି.—ଆଦର ବା ସମ୍ମାନର ପାତ୍ର ବୋଲି ବିବେଚିତ ନ ହେବା—Not being considered worth caring for.
Khātara na disibā

ତାଙ୍କୁ ଖାତର ଦିଶିଲା ନାହିଁ । ସେ ନର୍ଦ୍ଦମ୍ବରେ ଅସି ଋଷିମାନଙ୍କୁ ମାର ଖାଇବ ବୋଲି ବସିଲା । ନୀଳକଣ୍ଠ ଦାସ· ପିଲଙ୍କ ରାମାୟଣ ।

**ଖାତରପାସ୍**—ପ୍ରାଦେ· (କଟକ) ବି.—(ଫା. ଖାତିର୍+ଅନର୍ଥକ ଦ୍ୱିତ୍ୱ ସହିତର ପାସ୍)—୧ । ମର୍ଯ୍ୟାଦା; ସମ୍ମାନ; ଆଦର—1. Respect.
Khātarapās

୨ । ଖରେଇ—2. Regard; attention.

ପ୍ରାଦେ. (କଟକ) ବିଣ—ଯେଉଁ ବ୍ୟକ୍ତି ଅନ୍ୟକୁ ମର୍ଯ୍ୟାଦା ଦେଖାଏ—Respectful.

**ଖାତରଯାମିନ୍**—ବୈଦେ. ବି.(ଫା)—ବ୍ୟକ୍ତିଗତ ଜାମିନ୍—Personal security.
Khātara jāmin
खातिरजामीन
खातीरजमिन

**ଖାତରରେ ଆଣିବା**—ଦେ. କ୍ରି.—ଖାତର କରିବା (ଦେଖ) Khātara karibā (See)
Khātarare āṇibā

**ଖାତରିଆ**—ଦେ. ବିଣ.—୧ । ଯେ ଅନ୍ୟକୁ ସମ୍ମାନ ଦେଖାଏ—1. Respectful to others.
Khātariā
खातिरदार ୨ । ମାନ୍ୟାସ୍ପଦ—2. Respectable; deserving regard.
खातीरदार

**ଖାତରୂପକାର**—ସଂ. ବି ( ଖାତ+ରୂପକାର)—କୁମ୍ଭାର—A potter.
Khātarūpakāra

**ଖାତା**—ସଂ. ବି ( ଖାତ+ଆ )—କୃତ୍ରିମ ଜଳାଶୟ—An artificial pond.
Khātā

ଦେ. ବି ( ସଂ. ଖାତକ; ଖାତକର ବିବରଣ ପୁସ୍ତକ )—
खाता · ୧ । ହିସାବ ବହି—1. Account book; khata
खाता ୨ । ଲେଖିବା ନିମନ୍ତେ ବନ୍ଧା ଯାଇଥିବା ବହି—2. A stitched book for writing.

୩ । ପଣ୍ଡାମାନଙ୍କର ନିଜ ନିଜ ଯାତ୍ରୀଙ୍କ ନାମଧାମ ଓ ଦସ୍ତଖତ ଥିବା ପୁସ୍ତକ—3. The book containing particular address etc. of the Pandas' respective pilgrims.

୪ । ମହାଜନମାନଙ୍କ ଦୈନିକ ହିସାବ (ଜମି ଖରଚ) ଲେଖା ହେବା ପୁସ୍ତକ—4. Daily account-book of a trader; daily ledger.

୫ । ମହାଜନମାନଙ୍କର ଯେଉଁ ବହିରେ ବେପାରୀ ଓ ଖାତକ ମାନଙ୍କର ନାମଧାମ ଓ ଦସ୍ତଖତ ରହେ; କାରବାରୀ ଖାତା—5. Book embodying business-loans advanced to debtors and transactions made with debtors.

୬ । କାରବାରୀ ବହିରେ ବା ସେଟ୍ଲମେଣ୍ଟ ଖତିଆନରେ ଚଢ଼ାଯିବା ଗୋଟିଏ ଲୋକର ବିଷୟ—6 Separate items of individuals entered in the account book or Settlement Record of Rights.

**ଖାତା ଅସୁଲ**—ଦେ. ବି—ଖାତାର ହିସାବ ଦେଖି ଦେଣାଦାରମାନଙ୍କଠାରୁ ପାଉଣା ଆଦାୟ—Realisation of money due from a person after referring to the entries appearing in the account-book.
Khātā asul

**ଖାତା କରିବା**—ଦେ. କ୍ରି—୧ । ଖାତାରେ ଲେଖିବା—1. To enter in the accounts.
Khātā karibā

୨ । କୌଣସି ବ୍ୟକ୍ତିର ନାମରେ ପ୍ରଥମେ କାରବାର ବିଷୟ ଉଲ୍ଲେଖ କରିବା—2. To open an account in the name of a person.

୩ । ମହାଜନର ଖାତାରେ ଖାତକ ଆପଣାର ଦାୟିତ୍ୱ ବା ଦେଣା ବିଷୟ ସ୍ୱୀକାର କରି ଲେଖି ସ୍ୱାକ୍ଷର କରି ଦେବା—3. To write and sign in the creditor's account book one's debts and dues.

**ଖାତା ଚଢ଼ାଇବା**—ଦେ. କ୍ରି—ଖାତାରେ ଲେଖିବା—•To enter in the accounts.
Khātā charḍhaibā

**ଖାତା ଦାଦନ**—ଦେ. ବି—ଖାତାରେ ଲେଖି କରଜ ଦେବା—Advancing loans by entering them in books of business.
Khātā dādana

**ଖାତା ଦୋରସ୍ତ**—ଦେ. ବି—ଖାତାରେ ଆୟ ବ୍ୟୟ ଗଡ଼ାଯିବା କର୍ମ—Squaring of accounts of receipts and disbursements.
Khātā dorasta

୨ । କାଗଜପତ୍ର ଅନୁସାରେ ସବୁକାମ ଠିକ ଥିବାର ଦେଖାଯିବା ଅବସ୍ଥା—2. The state of everything appearing all right on paper.

**ଖାତା ଦୋରସ୍ତ ରଖିବା**—ଦେ. କ୍ରି—ଖାତାପତ୍ରରେ ଆୟବ୍ୟୟର ହିସାବ ଠିକ୍ ମତେ ଲେଖି କୈଫିୟତ ଗଡ଼ାଇବା—To square up accounts on paper.
Khātā dorasta rakhibā

୨ । କାଗଜ ପତ୍ରରେ ସବୁ ଠିକ୍ ଥିବାର ଦେଖାଇବା—2. To show in the papers that everything is all right.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ନୃ |

**ଖାତାପତ୍ର**—ଦେ. ବି— ସବୁ ପ୍ରକାରର ହିସାବ ପୁସ୍ତକ ଓ କାଗଜ—
Khātāpatra All sorts of accounts
খাতাপত্র (in books and papers).

**ଖାତାବନ୍ଦି**—ଦେ. ବି—ଖାତା ଅନୁସାରେ ଭୂମିର କର ନିର୍ଦ୍ଧାରଣ—
Khātābandi Setting rents on holdings
খাতাবন্দী according to entries in the khatas.
ଦେ. ବିଣ—ଖାତାରେ ଲେଖା ହୋଇଥିବା—
Entered in the account book.

**ଖାତାବହି**—ଦେ. ବି—୧ । ଆୟବ୍ୟୟର ହିସାବଲେଖା ବହି—
Khātābahi 1. Account book for entering daily
খাতাবহি accounts of receipts and disbursements;
खाताबहि ledger.
୨ । ଖୁଦ୍ରଏ କାଗଜ ଏକତ୍ର ବନ୍ଧା ହୋଇଥିବା ବହି—
2. Papers bound or stitched into a book.

**ଖାତାବାକି**—ଦେ. ବି—କୌଣସି ବ୍ୟକ୍ତିଠାରେ ଖାତାରେ ଲେଖାଥିବା
Khātābāki ଦେଣନେଣ ବା ଜମାଖରଚ ହିସାବ ହେବା ପରେ ଯାହା
খাতাবাকী ବାକି ପଡ଼େ—Amount shown as out-
खातेबाकी standing due from a person after adjustment of his transactions and payments.

**ଖାତା ମିଳାଇବା**—ଦେ. କ୍ରି—୧ । ଖାତାରେ ଲେଖାଥିବା ଆୟ ସଙ୍ଗେ ବ୍ୟୟର ମେଳ କରିବା—
Khātā milāibā 1. To square up accounts.
খাতামেলান
खातामिलाना ୨ । ମହାଜନ ଓ ଖାତକଙ୍କ ଖାତାଦ୍ୱୟରେ ଲେଖାଥିବା ବିଷୟମାନ ମୁକାବିଲା କରିବା—
2. To check and compare the entries in the account books of the creditor and the debtor.

**ଖାତି**—ସଂ. ବି. (ଖନ୍ ଧାତୁ + ଭାବ. ତି)—ଖୋଳିବା—
Khāti Digging (Apte).
ପ୍ରାଦେ. (ସମ୍ବଲପୁର) ବି—ବଢ଼େଇ ବା କାଇଗର ଜାତିବିଶେଷ—
A caste of artisans.

**ଖାତର୍** (ଇତ୍ୟାଦି)—ବୈଦେ. ବି (ଫା.)—ଖାତର ଇତ୍ୟାଦି (ଦେଖ)
Khātir (etc.) Khātara etc. (See)

**ଖାତର୍ ମଦାର୍**—ବୈଦେ. ବି (ସହଚର; ଫା)—୧ । ସମ୍ମାନ—
Khātir madār 1. Respect.
୨ । ପତିଆରା; ବ୍ୟାବସାୟିକ ପ୍ରତିପତ୍ତି—
2. Credit in business.

**ଖାତିରି** (ଇତ୍ୟାଦି)—ବୈଦେ. ବି. (ଫା.)—ଖାତର ଇତ୍ୟାଦି (ଦେଖ)
Khātiri (etc.) Khātara etc. (See)

**ଖାଟୁ**—ପ୍ରାଦେ. (ସମ୍ବଲପୁର) ବି—୧ । ଠାଣି; ଢଙ୍ଗ—
Khātu 1. Mien; bearing.
୨ । ଅଭିମାନ—2. Sullenness; sulks
୩ । ଆତ୍ମଶ୍ଳାଘା—3. Self-praise.
ପ୍ରାଦେ. (ଉତ୍ତର) ବି—ଖତ—Manure.

**ଖାତ୍ର**—ସଂ. ବି. (ଖନ ଧାତୁ + କରଣ. ତ୍ର)—୧ । ଖନିତ୍ର—
Khātra 1 Spud; digging implement.
୨ । କୋଡ଼—2. A spade.
୩ । (+କର୍ମ. ତ୍ର) ଆୟତ ପୁଷ୍କରିଣୀ—
3. An oblong pond.
୪ । ସୂତା—4. Thread.
୫ । ଜଙ୍ଗଲ; ବନ—5. Forest.
୬ । ଅତି ଭୟ—6. Horror.

**ଖାଦ୍** (ଧାତୁ)—ସଂ.—ଖାଇବା—
Khād (root) To eat.

**ଖାଦ**—ସଂ. ବି (ଖାଦ୍ ଧାତୁ + ଭାବ.ଅ)—୧ । ଖାଇବା—
Khāda 1. Eating.
୨ । ଚର୍ବଣ—2. Chewing.
୩ । (+କର୍ମ. ଅ) ଖାଦ୍ୟ ବସ୍ତୁ—3. Food; eatables.
ଦେ. ବି. (ସଂ. କ୍ଷୋଦ)—୧ । ମେଳ; ଉତ୍ତମ ଧାତୁ ସଙ୍ଗେ ମିଶା-
খাদ ଯାଇଥିବା ଅଧମ ଧାତୁ—1. Alloy.
खोट ୨ । (ସଂ. ଷଡ଼ଜ) ସଙ୍ଗୀତର ସ୍ୱରବିଶେଷ; ନିମ୍ନ ଓ ଗମ୍ଭୀର
খাদ ସୁର—2. Low deep tone in music.
खरज

**ଖାଦକ**—ସଂ ବିଣ. ପୁଂ. (ଖାଦ୍ ଧାତୁ = ଖାଇବା + କର୍ତ୍ତୃ. ଅକ)—
Khādaka ୧ । ଭକ୍ଷକ; ଭୋଜନକାରୀ—
(ଖାଦିକା—ସ୍ତ୍ରୀ) 1. Eating; devouring.
[ ବୃ—ଏହା ଅନ୍ୟ ବିଶେଷ୍ୟପଦ ସଙ୍ଗେ ଯୁକ୍ତ ହୁଏ; ଯଥା—, ଗୋଖାଦକ । ]
୨ । ଅଧମର୍ଣ୍ଣ, ଋଣୀ—2. Borrowing; indebted.
୩ । ହିଂସ୍ର—3. Mischievous; malicious; injurious.
ସଂ. ବି—ଖାତକ; ଦେଣଦାର—Debtor.

**ଖାଦତବମତା**—ସଂ. ବି. (ଖାଦତ = ଭୁଞ୍ଜିମାନେ ଖାଉଥାଅ + ବମତ = ଭୁଞ୍ଜିମାନେ ବାନ୍ତି କରୁଥାଅ + ଆ)—
Khādatabamatā ଭୁକ୍ତୋତ୍ତର ପର କେବଳ ଖାଦ୍ୟ ଖାଉଥିବା ଓ ବାନ୍ତି କରୁଥିବା ଅବସ୍ଥା—State of eating and vomiting constantly.

**ଖାଦତମୋଦତା**—ସଂ. ବି ( ଖାଦତ = ଭୁଞ୍ଜିମାନେ ଖାଉଥାଅ + ମୋଦତ = ମଉଜ କରୁଥାଅ + ଆ)—ସବୁବେଳେ
Khādatamodatā କେବଳ ଖାଇବା ଓ ମଉଜ କରିବା—
The state of constantly eating, drinking and being merry.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; ବର୍ଥ ନ ପାଇଲେ 'ବର୍ତ୍ତ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖାଦତାଚମତା**—ସଂ. ବି ( ଖାଦତ=ଭୁମ୍ଭେମାନେ ଖାଉଥାଅ + ଆଚମତ =ଆଚମନ କରୁଥାଅ + ଆ )— ଉପର୍ଯ୍ୟୁପରି କେବଳ ଖାଇବା ଓ ଆଚମନ କରିବା ଅବସ୍ଥା—
Khādatāchamatā
The state of eating and washing the face repeatedly.

**ଖାଦନ**—ସଂ. ବି (ଖାଦ୍ ଧାତୁ + ଭାବ. ଅନ)—୧ । ଆହାର, ଭୋଜନ—
Khādana
1. Eating.
୨ । ଚୋବାଇବା—2 Chewing.
୩ । (+କର୍ମ. ଅନ) ଖାଦ୍ୟ—3. Food.
୪ । (+କର୍ତ୍ତୃ. ଅନ) ଖାଦକ—4. Eater.
୫ । (+କରଣ. ଅନ) ଦାନ୍ତ—5. Tooth.

**ଖାଦନୀୟ**—ସଂ. ବିଣ. ( ଖାଦ୍ ଧାତୁ + କର୍ମ. ଅନୀୟ )—ଖାଇବାର
Khādanīya
ଯୋଗ୍ୟ; ଯାହା ଖିଆଯିବା ଉଚିତ—Eatable.

**ଖାଦି**—ସଂ. ବି. (ଖାଦ୍ ଧାତୁ + ଇ)—
Khādi
୧ । ଖାଦ୍ୟଦ୍ରବ୍ୟ, ଭକ୍ଷ୍ୟବସ୍ତୁ (ହି. ଶବ୍ଦସାଗର)—
1. Food.
୨ । କବଚ ହି. ଶବ୍ଦସାଗର)—
2. Armour; coat of mail.
୩ । ଦସ୍ତାନା (ହି. ଶବ୍ଦସାଗର)—
3. Gloves.
୪ । ଆଡ଼ମ୍ବର (ପ୍ରକୃତିବାଦ)—4 Pomp.
ଦେ. ବି. (ସଂ. ଖାଦ୍ୟ)—୧ । ଉପଯୁକ୍ତ ଖାଦ୍ୟଦ୍ରବ୍ୟ—
1. Proper food.
୨ । ଯଥେଷ୍ଟ ଖାଦ୍ୟଦ୍ରବ୍ୟ—
2. Sufficient food.
(ଯଥା—ଏ ଘୋଡ଼ାକୁ ମଫସଲରେ ଖାଦି ମିଳୁନାହିଁ ।)
୩ । ଭୋଜନ—3. Eating.
( ଯଥା—ଆଗପରି ମୋର ଆଉ ଏବେ ଖାଦି ନାହିଁ । )

**ଖାଦିତ**—ସଂ. ବିଣ. ( ଖାଦ୍ ଧାତୁ + କର୍ମ. ତ )—
Khādita
ଭୁକ୍ତ; ଭକ୍ଷିତ—
Eaten; partaken.

**ଖାଦିତବ୍ୟ**—ସଂ. ବିଣ. ( ଖାଦ୍ ଧାତୁ + କର୍ମ. ତବ୍ୟ )—
Khāditabya
ଖାଇବାର ଯୋଗ୍ୟ—
Eatable; fit to be partaken of.

**ଖାଦିପିଡି**—ପ୍ରାଦେ. (ଗଞ୍ଜାମ) ବି. ( ସଂ. ଖାଦ୍ୟ + ପାନ)—
Khādipidi
ଭୋଜନ (ଗୋପୀନାଥ ନନ୍ଦ)—Eating.
ପ୍ରାଦେ. (ଗଞ୍ଜାମ) ବିଣ—ଖାଦ୍ୟ (ଗୋପୀନାଥ ନନ୍ଦ)—
Eatable.

**ଖାଦିର**—ସଂ. ବିଣ. ( ଖଦିର + ବିକାରାର୍ଥେ. ଅ )—
Khādira
ଖଦିର କାଷ୍ଠରେ ନିର୍ମିତ—
Made of catechu wood.

**ଖାଦୀ**—ସଂ. ବିଣ. ପୁଂ. ( ଖାଦ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ. )—
Khādī
(ଖାଦିନୀ—ସ୍ତ୍ରୀ)
୧ । ଖାଦକ ( ଦେଖ )
1. Khādaka ( See )
୨ । ଶତ୍ରୁବିନାଶକ ( ହି. ଶବ୍ଦସାଗର )—
2. Destroying one's foes.
୩ । କଣ୍ଟାଳିଆ ( ହି. ଶବ୍ଦସାଗର )—3. Thorny.

**ଖାଦୁକ**—ସଂ. ବିଣ. ପୁଂ. ( ଖାଦ୍ ଧାତୁ + କର୍ତ୍ତୃ. ଓ ସ୍ୱାର୍ଥେ. ଉକ )—
Khāduka
(ଖାଦୁକା—ସ୍ତ୍ରୀ)
୧ । ଖାଦକ ( ଦେଖ )
1. Khādaka ( See )
୨ । ହିଂସାଳୁ ( ହି. ଶବ୍ଦସାଗର )—
2. Malicious.

**ଖାଦ୍ୟ**—ସଂ. ବିଣ. ( ଖାଦ୍ ଧାତୁ + କର୍ମ. ଯ )—
Khādya
୧ । ଭୋଜ୍ୟ; ଭୋଜନର ଉପଯୁକ୍ତ—
1. Eatable; edible; fit to be eaten.
୨ । ପଥ୍ୟ—
2. Beneficial to the health.
ସଂ. ବି—ଭକ୍ଷ୍ୟ ବସ୍ତୁ—Food; victuals.

**ଖାଦ୍ୟଖାଦକସମ୍ବନ୍ଧ**—ସଂ. ବି. ( ଖାଦ୍ୟ + ଖାଦକ + ସମ୍ବନ୍ଧ; ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍ )—ଭକ୍ଷ୍ୟ ବସ୍ତୁ ଓ ଭକ୍ଷକ ମଧ୍ୟରେ ବିଦ୍ୟମାନ ସମ୍ପର୍କ; ପ୍ରାକୃତିକ ଶତ୍ରୁତା—
Khādyakhādakasambandha
The relationship existing between the eater and the eatable; natural antagonism.

**ଖାଦ୍ୟସାର**—ସଂ. ବି. ( ୬ଷ୍ଠୀ ତତ୍; ଆଧୁନିକ ପ୍ରୟୋଗ; ବିଜ୍ଞାନ-ପରିଭାଷା )—
Khādyasāra
খাদ্যসার
खाद्यसार
ଖାଦ୍ୟ ପଦାର୍ଥରେ ଥିବା ଶରୀରର ପୁଷ୍ଟିସାଧକ ଉପାଦାନବିଶେଷ—Vitamin.

**ଖାଦ୍ୟାଖାଦ୍ୟ**—ସଂ. ବିଣ. ( ଦ୍ୱନ୍ଦ୍ୱ; ଖାଦ୍ୟ + ଅଖାଦ୍ୟ )—
Khādyākhādya
ଭୋଜନ ଯୋଗ୍ୟ ଓ ଅଭୋଜ୍ୟ (ବସ୍ତୁ)—
Edible and inedible; ( things ) fit and (things) unfit for food.

**ଖାଦ୍ୟାଖାଦ୍ୟବିଚାର**—ସଂ. ବି. ( ଖାଦ୍ୟ + ଅଖାଦ୍ୟ + ବିଚାର; ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ )—କଅଣ ଖାଇବା ଉଚିତ ଓ କଅଣ ଅଖାଦ୍ୟ ଏ ସମ୍ବନ୍ଧରେ ବିଚାର—
Khādyākhādyabichāra
Discrimination between articles which are fit to be taken and those which are not.

**ଖାନ୍‌କା**—ବୈଦେ. ବି. (ଆ. ଖାନ୍‌କାହ୍)—ମୁସଲ୍‌ମାନ୍ ସାଧୁ ଓ ଧର୍ମ-ଶିକ୍ଷକମାନଙ୍କର ରହିବା ମଠ—A place for the accomodation of Mahomedan saints and religious teachers.
Khān-kā
খানকা
खानकाह

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଛ | ଷ,ଷ | ଙ୍କ | ଇଯ୍ | ଢ଼ଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୵ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଢ଼ | ନ୍ତ |

**ଖାନ୍କୀ**— ବୈଦେ. ବି. ( ଫା. ଖାନ୍‌ଗୀ )—
Khān-kī ୧ । ତୁଚ୍ଛ ବେଶ୍ୟା; ଯେଉଁ ସ୍ତ୍ରୀର ବେଶ୍ୟାବୃତ୍ତିହିଁ
खानकी ଏକମାତ୍ର ଅବଲମ୍ବନ—
খানগী 1. A low class of prostitutes
୨ । ( ଗାଳି ) ଦୁଷ୍ଟଚରିତ୍ରା ସ୍ତ୍ରୀ—
2. ( a term of abuse) Immoral or corrupt woman.

**ଖାନ୍‌ଗୀ**—ବୈଦେ. ବି—ଖାନ୍‌କୀ ( ଦେଖ )
Khān-gī Khān-kī ( See)

**ଖାନ୍‌ତଲାସ୍**—ବୈଦେ. ବି ( ଫା. ଖାନାତଲାଶୀ )—
Khān-talās ଖାନାତଲାସି ( ଦେଖ )
Khānatalāsi ( See )

**ଖାନ୍‌ତଲାସି**—ବୈଦେ. ବି ( ଫା )—ଖାନାତଲାସି (ଦେଖ)
Khān talāsi Khānatalāsi (See)

**ଖାନ୍‌ଦାନ୍**—ବୈଦେ. ବିଣ ( ଫା. ଖାନ୍‌ଦାନ୍=ବଂଶ )—
Khān-dān ୧ । ଉଚ୍ଚବଂଶୀୟ; କୁଳୀନ—
खान्दान 1. Of respectable family.
খানদান ୨ । ବଂଶପରମ୍ପରାଗତ—
(ବିପରୀତ—ବେଖାନ୍‌ଦାନ) 2. Transmitted from generation to generation in a family.
୩ । ପିତୃପୈତାମହିକ; ପୈତୃକ—3 Ancestral.

**ଖାନ୍‌ଦାନ୍ ପଣିଆଁ**—ଦେ. ବି.—ଖାନ୍‌ଦାନି (ଦେଖ)
Khān-dān-paniān Khān-dāni (See)

**ଖାନ୍‌ଦାନି**—ବୈଦେ. ବି ( ଫା. ଖାନ୍‌ଦାନୀ )—କୌଳୀନ୍ୟ—
Khān-dāni Respectability.
खान्दानी ବୈଦେ. ବିଣ (ଫା.)—ଖାନ୍‌ଦାନ୍ (ଦେଖ)
খানদানী Khān-dān (See)

**ଖାନ୍‌ସୁମାର୍**— ବୈଦେ.ବି ( ଫା.ଖାନାସୁମାରୀ=ଗୃହମାନଙ୍କ ଗଣନା )—
Khān-sumār ରାଜାଦେଶରେ କୌଣସି ଗ୍ରାମ ବା ଦେଶର ମନୁଷ୍ୟ-
खानसुमार, खानासुमारी ଗଣନା — A public census.
খানাসুমারি

**ଖାନ୍‌ସୁମାରି**—ବୈଦେ. ବି ( ଫା. )—ଖାନ୍‌ସୁମାର୍ (ଦେଖ)
Khān-sumāri Khān-sumār (See)

**ଖାନକୀ**—ବୈଦେ. ବି (ଫା. ଖାନ୍‌କୀ)—ଖାନ୍‌କୀ (ଦେଖ)
Khānakī Khān-kī (See)

**ଖାନସମା**—ବୈଦେ. ବି ( ଫା. ଖାନ୍‌ସାମା )—ଖାନସାମା (ଦେଖ)
Khānasamā Khānasāmā (See)

**ଖାନସାମା**—ବୈଦେ. ବି ( ଫା. ଖାନ୍‌ସାମାଁ )—
Khānasāmā ୧ । ସାହେବ ଓ ମୁସଲ୍‌ମାନ୍ ଭଦ୍ରଲୋକଙ୍କ ଗୃହର
खानसामा ଯାବତୀୟ ପଦାର୍ଥର ରକ୍ଷକ ଭୃତ୍ୟ ବା ସରଦାର—
খানসামা 1. A household servant; a butler of a European or Mahomedan gentleman.
୨ । ରନ୍ଧନାଗାରର ପରିଦର୍ଶକ ଭୃତ୍ୟ—
2. The servant superintending the cook-room; head cook.
ବକସିସ୍ ଦେଇ ତପସ୍ୱିଣି ଖାନସାମାଙ୍କ ଗୋଡ଼ ହାତ ଧରିବାକୁ ନାହିଁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । ଗାର୍ହସ୍ଥ୍ୟ ଖାଦ୍ୟଭଣ୍ଡାରର ଅଧିକାରୀ—
3. Domestic store-keeper; steward.

**ଖାନା**—ବୈଦେ. ବି ( ଫା. ଖାନା=ଖାଇବା; ତୁଲ. ସଂ. ଖାଦ୍ ଧାତୁ=
Khānā ଖାଇବା )—
खाना ୧ । ( ସାହେବ ଓ ମୁସଲମାନ୍‌ମାନଙ୍କ) ଭୋଜନ—
খানা 1. Meal (of Europeans or Mahomedans).
ତକେ ଓପରଓଳି ଅଶ୍ୱିନୀ୍‌ସାହେବ୍ ଖାନା ଖାଇ ତଡ଼ ହୋଇ ଶୋଇଥିଲେ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଭୋଜି—2. Feast; picnic.
୩ । ସାହେବୀ ବା ମୁସଲମାନୀ ଧରଣର ଭୋଜନ—
3. Food provided or eaten in a European or Mahomedan style.
୪ । ସାହେବମାନଙ୍କର ସନ୍ଧ୍ୟା ପରେ ହେବା ପ୍ରଧାନ ଭୋଜନ—
4. Dinner (of Europeans).
୫ । (ଫା. ଖାନା=ସ୍ଥାନ) କୌଣସି କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ-
5. A place set apart for a particular purpose.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ନାଚ୍‌ଖାନା; କବର୍‌ଖାନା; ଗୋସଲ୍‌ଖାନା; ଡାକ୍ତରଖାନା; କସ୍‌ବାଖାନା । ]
ପ୍ରାଦେ. (ଗଞ୍ଜାମ) ବି—ପୋଲ—Bridge.

**ଖାନାକାମର**—ବୈଦେ. ବି (ଫା. ଖାନା. ତୁଲ. ସଂ. ଖାଦନ+ପର୍ତ୍ତୁ ଗୀଜ୍.
Khānākāmara କାମାରା)—ଖାଇବାଘର; ଯେଉଁ କୋଠରିରେ
खानाकामरा ସାହେବଆଦି ଖାନା ଖାଆନ୍ତି—Dining hall;
খানাকামরা dining room of a European.

**ଖାନାଖରାପ୍**—ବୈଦେ. ବିଣ ( ଫା—ଖାନାଖରାବ୍=ସର୍ବନାଶକାରୀ,
Khānākharāp ଧ୍ୱଂସକାରୀ ଓ ଖାନାଖରାବୀ=ସର୍ବନାଶ, ବିଧ୍ୱଂସ)—
खानाखाराबी ସମୂଳେ ନଷ୍ଟ; ବିଧ୍ୱସ୍ତ—Ruined; devastated.
খানাখরাবি ବି.—ସର୍ବନାଶ; ସମୂଳ ବିନାଶ—Devastation

**ଖାନାଜଙ୍ଗୀ**—ବୈଦେ. ବି (ଫା)—୧ । ଦୁଇଜଣଙ୍କ ମଧ୍ୟରେ ଲଢ଼େଇ—
Khānājangi 1. Duel.
खानाजंगी ୨ । ପରସ୍ପର ଝଗଡ଼ା—2. Mutual quarrel.
খানাজংগী ୩ । ଯୁଦ୍ଧ—3. Fight; battle.
ଭାରତୀଙ୍କର ସାର ଭଣ୍ଡାର, ଲୁଣ୍ଠନ ଖାନାଜଙ୍ଗୀ—କବିସୂର୍ଯ୍ୟ. ରଘୁନାଥଚରିତ ।

**ଖାନାତଲସ୍**—ବୈଦେ. ବି (ଫା)—ଖାନାତଲାସି ( ଦେଖ )—
Khānātalās Khānātalāsi (See)

**ଖାନାତଲାସି**—ବୈଦେ. ବି (ଫା. ଖାନାତଲାସୀ)—ରାଜାଦେଶରେ ସନ୍ଦେହ-
Khānātalāsi ଯୁକ୍ତ ବ୍ୟକ୍ତିର ଘର ରାଜକର୍ମଚାରୀ ବା ପୁଲିସଙ୍କ

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

খানাতলাসী
**खानातलाशी** ଦ୍ୱାର୍ ତଦାରଖ ବା ଖୋଜାଖୋଜି—House-search by the police or by a public servant.

ପ୍ରଥମେ ସ୍ୱାମୀମାନଙ୍କୁ ଏକତରଫ କରି ବନ୍ଧାଯାଇ ଘର
ଖାନାତଲାସି ଆରମ୍ଭ ହେଲା । ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଖାନାପିନା**— ପ୍ରାଦେ. ( ସମ୍ବଲପୁର ) ବି. ( ଭୁଲ. ହି. ଖାନାପୀନା )—
Khānāpinā ୧ । ଖିଆପିଆ; ଭୋଜି; ଉତ୍ସବ—
1. Feast.

୨ । ଖିଆଣପିଆଣ; ଭୋଜନ ଓ ପାନକର୍ମ—
2. Eating and drinking.

**ଖାନାପୁରି**— ଦେ. ବି (ଫା. ଖାନା=ଗୃହ; ସଂ. [ଖଣ୍ଡ=ଭୂମିର ଉପବିଭାଗ
Khānāpuri ଖଣ୍ଡ+ସଂ. ପୂରଣ; ନକ୍ସାରେ ଗୃହପୂରଣ )—
খানাপুরী ୧ । ନକ୍ସାର ଅଙ୍ଗପୂରଣ—
**खानापुरी** 1. Filling up of a map.

୨ । ଭୂରାଜସ୍ୱବନ୍ଦୋବସ୍ତ ବା ସେଟ୍‌ଲ୍‌ମେଣ୍ଟ୍‌ର ଗୋଟିଏ ପ୍ରାଥମିକ କ୍ରିୟା; ଜମିମାନ କଡାକ୍ସାରେ ମାପ ହେବା ପରେ ତାହା ନକ୍ସାରେ ଯଥା ସ୍ଥାନରେ ପୂରଣ କରିବା କର୍ମ—
2. The operation of filling up the map by entering the different plots in their respective positions after they are measured in the course of a Revenue-Settlement operation.

[ ଦ୍ର—ଭୂରାଜସ୍ୱ ବା ଖଜଣା ବନ୍ଦୋବସ୍ତ କାର୍ଯ୍ୟପ୍ରସଙ୍ଗରେ ପ୍ରଥମେ ରାଜ୍ୟର ଜମିମାନ କିସ୍ତିୱାର୍ ମାପ (ସର୍ଭେ) କରାଯାଇ ତାହା ନକ୍ସାରେ ପୂରଣ କରିବାର ପଦ୍ଧତିକୁ ଖାନାପୁରି ବୋଲାଯାଏ; ସେଟ୍‌ଲ୍‌ମେଣ୍ଟ୍ ବା ରାଜସ୍ୱବନ୍ଦୋବସ୍ତ ପ୍ରସଙ୍ଗରେ ପ୍ରଥମେ ମୌଜାର ଜମିମାନ ଖଣ୍ଡଖଣ୍ଡ ମାପ କରାଯାଇ ତହିଁର ଖସଡ଼ା ତିଆରି କରାଯାଏ ଓ ପରେ ତାହା ନକ୍ସାରେ ପୂରଣ କରାଯାଏ । ଏହାକୁ ଖାନାପୁରି ବୋଲାଯାଏ । ଖାନାପୁରି ପରେ ଅଟେଷ୍ଟେସନ୍ ବା ପ୍ରମାଣ ବା ମୁକାବିଲା କରାଯାଇ ମୌଜାର ଖତିଆନ୍ (ଭୂସ୍ୱତ୍ୱଲିପି) ର ପାଣ୍ଡୁଲିପି ପ୍ରସ୍ତୁତ ହୁଏ । ତା ପରେ ଉକ୍ତ ଖତିଆନ୍‌ରେ ଭିନ୍ନ ଭିନ୍ନ କ୍ଷେତ୍ରବିଷୟମାନ ପୂରଣ କରାଯାଏ । ଖାନାପୁରି କାର୍ଯ୍ୟ 'ସର୍ଭେ' ବା ମାପର ଗୋଟିଏ ଅଙ୍ଗ । 'ସର୍ଭେ' ହେବା ପରେ 'ସେଟ୍‌ଲ୍‌ମେଣ୍ଟ୍' ବା ରାଜସ୍ୱବନ୍ଦୋବସ୍ତ କର୍ମ କରାଯାଏ । ]

**ଖାନାବାଡ଼ି**— ଦେ. ବି. ( ଫା. ଖାନା ଓ ସଂ. ବାଟିକା )—
Khānābārdi ଘରବାଡ଼ି; ଅବାସଗୃହ ଓ ତହିଁର ହତା; ଗୃହର
খানাবাড়ি ବାସ୍ତୁ—Premises; house and its compound; homestead.
**खानाबाड़ी**

ଗୃହବାସ, ଘରସଂସାର, ଖାନାବାଡ଼ି, ଯାହା କହୁଅଛ
ସମସ୍ତ ବନ୍ଧକ ଦେଇଅଛନ୍ତି । ଉତ୍କଳସଂବରଣ—ସଂସ୍କାରତତ୍ତ୍ୱ ।

**ଖାନି**— ସଂ. ବି. ( ଖନ୍ ଧାତୁ=ଖୋଳିବା + ଇ; ଭୁଲ. ଫା. କାନ୍ )—
Khāni ଆକର; ଖଣି—Mine; quarry.

ଦେ. ବି. (ସଂ. ସ୍ଥାନ; ଭୁଲ. ଫା. ଖାନା=ଘର)—୧ । ସ୍ଥାନ—
1. Place.

୨ । ଦିଗ—2. Quarter of the globe.

୩ । ଭାରତର ଚାରିଦିଗରେ ଥିବା ଚାରିଗୋଟି ତୀର୍ଥ—
3. Four sacred places in the four quarters of India.

୪ । ପ୍ରକାର—4. Kind.

ସ୍ୱେଦଜ ଅଣ୍ଡଜ ଆଦି ଯେତେ ଜୀବ ଖାନି । ସାରଳା. ମହାଭାରତ ।

୫ । ଶ୍ରେଣୀ—5. Class.

ଚାରିଖାନି ଭିତରେ କେବଳ ଜନ୍ତୁ ଶ୍ରେଷ୍ଠ—ନାମରତ୍ନଗୀତା ।

**ଖାନିକି**— ଗ୍ରା. ବୈଦେ. ବି. (ଫା. ଖାନ୍‌ଗୀ)—୧ । ବେଶ୍ୟା; ବାରାଙ୍ଗନା—
Khāniki 1. Prostitute; whore.

୨ । ( ଗାଳି ) ପରପୁରୁଷସଂସର୍ଗକାରିଣୀ ସ୍ତ୍ରୀ; ଦୁଶ୍ଚରିତ୍ରା—
2. (a term of abuse) Adulteress.

**ଖାନ୍ଦାନ**— ବୈଦେ. ବିଣ— ଖାନ୍‌ଦାନ୍ ( ଦେଖ )
Khāndān Khān dān ( See )
(ବେଖାନ୍ଦାନ୍—ଅପଭ୍ରଂଶ)

**ଖାନ୍ଦାନି**— ବୈଦେ. ବି. ଓ ବିଣ—ଖାନ୍‌ଦାନି ( ଦେଖ )
Khāndāni Khān-dāni ( See )

**ଖାନ୍ଦାନିଆଁ**— ବୈଦେ. ବିଣ— ଖାନ୍‌ଦାନ୍ ( ଦେଖ )
Khāndāniān Khān-dān ( See )

**ଖାନ୍ଦି**— ଦେ. ବି—୧ । ପଥର ବା କାଠରେ ଖୋଳା ହେବା ଘର—
Khāndi 1. Groove.
খাপী ୨ । କଦଳୀର କାନ୍ଦି; ପେଣ୍ଡା—
**ताज** 2. A bunch of plantains.

**ଖାପଖାପଚ୍ଛ**— ଦେ. ବିଣ—ଜାଲୁଜାଲୁଆ—Blurred.
Khāpkhāpchā ( ଯଥା—ଦର୍ପଣଟା ଖାପଖାପଚ୍ଛ ଦିଶୁଛି । )

**ଖାପ**— ଦେ. ବି. ( ଫା. ଖାମ୍=ଲଙ୍ଗାପା; ଭୁଲ ସଂ. କବଳ )—
Khāpa ୧ । ଅସିକୋଷ; ଖଣ୍ଡାର ଖୋଳ—
খাপ; খাপি 1. Sheath; scabbard.
**मियान**

ଅର୍ଜୁନ ତା ଦେଖି ଖାପରୁ ଖଣ୍ଡା ଫେଇ ।
କୃଷ୍ଣସିଂହ. ମହାଭାରତ. ବନ ।

୨ । ମେଳ—2. Coincidence; agreement.

୩ । ବସ୍ତ୍ରର ସୂତାମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ବା ଫାଙ୍କ—
3. The space between the woof and warf of a cloth.

୪ । ଖାନ୍ଦି ( ଦେଖ )
4. Khāndi ( See ).

ପ୍ରାଦେ. ବି ୧ । ( ଗଞ୍ଜାମ )—ଘୋଡ଼ଣୀ—1. Cover; lid.

୨ । ( ସମ୍ବଲପୁର )—ଶସ୍ତ୍ରଦ୍ୱାରା ଛେଦିତ ଛିଦ୍ର ବା ରନ୍ଧ୍ର—
2. A hole made by a cutting instrument.

ଦେ. ବିଣ—ଖୁବ୍ ଗାଢ଼ଭାବରେ ବୁଣା ହୋଇଥିବା ( ଲୁଗା )—
Thickly and closely woven ( cloth ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଋ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଅ | ◉ | ନ୍ |

**ଖାପଖାଇ**—ଦେ. ବିଣ—ଖାପଯୁକ୍ତ; ଖୋଳରେ ପୂରାଯାଇଥିବା (ଅସି)—
Khāpakhāi Sheathed ( sword ).

ଏ ଅନ୍ତେ ଖ୍ରାମ ଗଲେ ବଘଃ ନଚରେ
ଖାପଖାଇ ଖଣ୍ଡା ଗୋଟିଏ ଧରି କରେ—କୃଷ୍ଣସିଂହ. ମହାଭାରତ. ବଘଃ ।

**ଖାପ ଖାଇବା**—ଦେ. କ୍ରି—୧ । ସମ୍ପୂର୍ଣ୍ଣରୂପେ ମେଳ ହେବା—
Khāpa khāibā 1. To closely fit in; to coincide; to correspond; to tally.
খাপখাওয়া
**मिलनाजुलना** ୨ । ଉପଯୋଗୀ ହେବା—
2. To befit.

**ଖାପଛଡ଼ା**— ଦେ. ବିଣ—୧ । ଅମେଳ—
Khāpachharḍā 1. Unsuitable.
খাপছাড়া ୨ । ପରସ୍ପରପ୍ରତି ଅନୁପଯୋଗୀ—
**बेलगाव** 2. Not suiting each other.
୩ । ସ୍ୱସ୍ଥାନଭ୍ରଷ୍ଟ—3. Out of place; displaced; dislocated.
୪ । ଅସୁନ୍ଦର—4. Unsymmetrical.
୫ । ପ୍ରସଙ୍ଗବହିର୍ଭୂତ ( ବାକ୍ୟ )—
5. Irrelevant ( speech ).

**ଖାପଡ଼**—ପ୍ରାଦେ. ( ଗଡ଼ଜାତ ) ବି—ଫାପଡ଼ ( ଦେଖ )
Khāparḍ Phāparḍ ( See )

**ଖାପଡ଼ଖାଇ ଖଣ୍ଡା**—ଦେ. ବି—ଯୁଦ୍ଧ କଲାବେଳେ ଯେଉଁ ଖଣ୍ଡାର ଅଗ
Khāparḍkhāi khanḍā ଅଧକ ଭାଙ୍ଗି ଯାଇ ବାକି ଅଧକ ଯୋଦ୍ଧାର ହାତରେ ଥାଏ—
A sword broken halfway during a fight and the hilt-half of which remains in the hand of the fighter.

ଖାପଡ଼ଖାଇ ଖଣ୍ଡା ଖଣ୍ଡେ ଧରି କରେ
ଖଣ୍ଡେ ବାହାଇଲେ ଗର୍ଜିଣ ସ୍ୱରରେ—ସାରଳା, ମହାଭାରତ ।

**ଖାପମାରିଯିବା**—ପ୍ରାଦେ. ( ଗଞ୍ଜାମ ) କ୍ରି—ଦୃଢ଼ରୂପେ ରହିଯିବା; ସ୍ଥାୟୀ-ଭାବରେ ରହିବା—
Khāpamārijibā To stay permanently.

**ଖା ପି**—ଦେ. ବି. ( ସଂ. ଖାଦ୍ୟ ଓ ପାନ )—
Khā pi ୧ । ଖିଆପିଆ; ଖାଦ୍ୟ ଓ ପାନ—
খাওয়াদাওয়া 1. Eating and drinking.
**खानपान** ୨ । ଭୋଜନକ୍ରିୟା—
2. Act of taking meals.
୩ । ବନ୍ଧୁଲୋକଙ୍କ ଭୋଜି—3. Picnic.

**ଖା ପିଅ**—ଦେ. ବି—ଖା ପି ( ଦେଖ )
Khā pia Khā pi ( See )

**ଖା ପିଆ**—ଦେ. ବି—ଖା ପି ( ଦେଖ )
Khā piā Khā pi ( See )

**ଖାପିବା**—ଦେ. କ୍ରି—୧ । ଖପିବା ( ଦେଖ )
Khāpibā 1. Khapibā ( See )
খপান ୨ । ଖପିବାର ପ୍ରଯୋଜକ ରୂପ—
**छिपाना** 2. The causative form of Khapibā.
ପ୍ରାଦେ. ( ସମ୍ବଲପୁର ) କ୍ରି—୧ । ଢାପିବା ( ଦେଖ )
1. Ḍhāpibā ( See )
୨ । ଖାପ କରିବା; ସାଲ କରିବା—
2. To make a groove.
୩ । ଖାପ ଖାଇବା ( ଦେଖ )
3. Khāpa khāibā ( See )

**ଖାବ୍‌ଖାବୁଆ**—ଦେ. ବିଣ—୧ । ଉଚ୍ଚନୀଚ—
Khābkhābuā 1. Undulating; up and down.
আবড়াখাবড়া ୨ । ଅସମତଳ—
**खाबड़खुबड़; खाबर** 2. Rough; uneven.

**ଖାବ୍‌ଖାବୁଡ଼ା**—ଦେ. ବିଣ—ଖାବ୍‌ଖାବୁଆ ( ଦେଖ )
Khābkhāburḍā Khābkhābuā ( See )

**ଖାବଡ଼**—ପ୍ରାଦେ. ( ସମ୍ବଲପୁର ) ବି—ପ୍ରାୟ ୧୪ ହାତ ଲମ୍ବର ଯଷ୍ଟି, ଯାହାକୁ ଗଛକୁ ଫୋପାଡ଼ି ଆମ୍ବ ଆଦି ଫଳ ଝଡ଼ାଇବାକୁ ହୁଏ; ଫୋପଡ଼—
Khābarḍ A stick used in throwing it to a tree to cause mango etc to fall down.

**ଖାବଲ**—ଦେ. ବି. ( ସଂ. କବଳ )—୧ । କୌଣସି ପଦାର୍ଥକୁ ଭିତରକୁ ପୂରାଇ ରଖିବା ପାଇଁ କାଠ ବା ପଥରରେ କରାଯିବା ଘର୍ତ୍ତ ବା ଗର୍ତ୍ତ; ସାଲ—
Khābaḷa 1. A hole made to fit a thing in; a mortise; groove.
୨ । ଅଧିକାର; ଅକ୍ତିଆର—2. Hold.
୩ । ପଚରା; ସନ୍ଧିଆ; ଦୁଇଟି ବସ୍ତୁର ମଧ୍ୟରେ ଗୁଞ୍ଜା ହୋଇ ମରାଯିବା କାଷ୍ଠଖଣ୍ଡ—
3. A wedge thrust between two things.

**ଖାବଲ ମାରିବା**—ଦେ. କ୍ରି—ଦୁଇ ବସ୍ତୁର ଫାଙ୍କ ମଧ୍ୟରେ ଖଣ୍ଡିଏ କାଠ ଗୁଞ୍ଜିଦେବା—To thrust a wedge between two things.
Khābaḷa māribā

ବାବୁ ଇଂରାଜୀ ବୁଝନ୍ତି ନାହିଁ; ସାହେବ ବି ଓଡ଼ିଆ ବୁଝେ ନାହିଁ
× × × ମଝିରେ ଦୋଭାଷୀ ଖାବଲେ ମାରିଛିଏ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଖାବଲା**—ଦେ. ବି—ଏକପ୍ରକାର ମାଛ—.
Khābaḷā A kind of fish.

**ଖାବିଜାବି**—ପ୍ରାଦେ. ( ଗଡ଼ଜାତ ) ବିଣ—ସାଧାରଣ; ସେତେ ଜାକ୍-ଜମକ୍‌ରୂପେ ନୁହେ—Ordinary; rough.
Khābijābi

ଶୁଣିବାକୁ ପାଉଅଛୁଁ ଏଥର (ଛଗିରିଆରେ ଦଶହରାଦଶୀ) ଯାତ୍ରାଟି
ଖାବିଜାବି ରୂପେ ନ ହୋଇ ସୁନ୍ଦର ଜଲଡ଼ଭଲରେ ମାତ୍ର ଉଠିଥିଲା—
ଗଡ଼ଜାତବାର୍ତ୍ତିକା । ୨୨।୭।୨୯ ।

**ଖାମ୍**—ବୈଦେ. ବି. ( ଫା )—୧ । ଚିଠିର ଲଫାପା—
Khām 1. Envelope; cover of a letter.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

খাম ୨ । ହୁଙ୍କାର; ନାନାରୂପ ଭୟଙ୍କର ଶବ୍ଦ—
**खाम** 2. Various jarring and frightening sounds.

**ଖାମ୍କା**—ବୈଦେ. କ୍ରି. ବିଣ. (ଫା. ଖ୍ୱାହ୍ ମ ଖ୍ୱାହ୍=ଅବଶ୍ୟ; ଜବରଦସ୍ତି)
Khāmkā ୧ । ସହସା; ହଠାତ୍; ଦୈବାତ୍—
খামখা 1. Suddenly; unexpectedly.
**खामखाह** ୨ । ବୃଥା; ଅନର୍ଥକ; ଅକାରଣରେ—
2. In vain; for nothig.
୩ । ଅନ୍ୟାୟପୂର୍ବକ—3. Wrongly.

**ଖାମ୍ଖା**— ବୈଦେ. କ୍ରି. ବିଣ ( ଫା )—ଖାମ୍କା (ଦେଖ)
Khāmkhā Khāmkā (See)

**ଖାମ୍ଖିଆଲ୍**—ବୈଦେ. ବି. ( ଫା. ଖାମ୍=ଅପରିପୁଷ୍ଟ+ଖ୍ୟାଲ୍=ଧ୍ୟାନ; କଳ୍ପନା )—
Khāmkhiāl
খামখেয়াল ୧ । ଅବ୍ୟବସ୍ଥିତଚିତ୍ତଜନିତ ମନୋଭାବ;
**खामखयाल** ମନମର୍ଜି; ମନଇଚ୍ଛା—1. Whim.
୨ । ଚିତ୍ତର ଅସ୍ଥିରତା; ମାନସିକ ଚପଳତା; ମତର ଅସ୍ଥିରତା—
2. Caprice; fickleness of mind.
୩ । ଅସାର କଳ୍ପନା—
3. Building of castles in the air.
খামখেয়ালি ବିଣ—୧ । ଅବ୍ୟବସ୍ଥିତଚିତ୍ତ—
**खामखयाली** 1. Whimsical; capricious.
୨ । ଚପଳମନା—2. Fickle-minded.

**ଖାମ୍ଖିଆଲି**— ବୈଦେ. ବି ଓ ବିଣ ( ଫା. ଖାମ୍ଖ୍ୟାଲି )—
Khāmkhiāli ଖାମ୍ଖିଆଲ୍ ( ଦେଖ )
Khāmkhiāl ( See )

**ଖାମ୍ଖିଆଲିଆ**— ଦେ. ବିଣ ( ଫା. ଖାମ୍ଖ୍ୟାଲି )—
Khāmkhiālia ଖାମ୍ଖିଆଲ୍ ( ଦେଖ )
Khāmkhiāl ( See )

**ଖାମ୍ଖେଆଲ୍**— ବୈଦେ. ବି. ଓ ବିଣ—
Khāmkheāl ଖାମ୍ଖିଆଲ୍ ( ଦେଖ )
Khāmkhiāl (See)

**ଖାମ୍ଖେଆଲି**—ବୈଦେ. ବି. ଓ ବିଣ—
Khāmkheāli ଖାମ୍ଖିଆଲ୍ ( ଦେଖ )
Khāmkhiāl (See)

**ଖାମ୍ଚା**—ପ୍ରାଦେ (ମେଦିନାପୁର) ବି—ଖାମଚା (ଦେଖ)
Khāmchā Khāmachā (See)

**ଖାମ୍ଚିବା**—ପ୍ରାଦେ (ମେଦିନାପୁର) କ୍ରି—ଖାମୁଚିବା (ଦେଖ)
Khāmchibā Khāmuchibā (See)

**ଖାମ**—ବୈଦେ. ବି ( ଫା. ଖାମ୍ )— ଖାମ୍ ୧ (ଦେଖ)
Khāma Khām 1 (See)
খাম
**खाम**

**ଖାମଚା**—ପ୍ରାଦେ (ମେଦିନାପୁର; ଭୁଲ. ବ. ଖାମଚା ) ବି—
Khāmachā ନଖ ଓ ଅଙ୍ଗୁଠି ଦ୍ୱାରା ଚିମୁଟା—
A tight pinch with the fingers and nails.

**ଖାମଚି**—ପ୍ରାଦେ (ମେଦିନାପୁର) ବି— ଖାମଚା (ଦେଖ)
Khāmachi Khāmachā (See)

**ଖାମି**— ବୈଦେ. ବି ( ଫା. ଖାମୀ )—
Khāmi ୧ । ନ୍ୟୂନତା; କମତି; ଅଳ୍ପତା—
কম 1. Littleness, deficiency.
**खामी** ୨ । କ୍ଷତି; ନୋକ୍ସାନ୍—2. Loss.
ବୈଦେ. ବିଣ — କମି; ନ୍ୟୂନ—Deficient.

**ଖାମିନ୍ଦ**— ବୈଦେ. ବି. ପୁଂ—ଖାଉନ୍ଦ (ଦେଖ)
Khāmida Khāunda (See)
(ଖାମିନ୍ଦାଣୀ—ସ୍ତ୍ରୀ)

ଖାମିନ୍ଦ ଅସିବାବେଳେ ଯେତେ ଯାହା କହୁଥିଲେ ପାଶୋରି ସକଳ କାମ କରି ବୋଲଣା ।
ଭକ୍ତକବି. ଗୀତଲହରୀ ।

**ଖାମିନ୍ଦ**—ବୈଦେ. ବି—ଖାଉନ୍ଦ (ଦେଖ)
Khāminda Khāunda (See)
(ଖାମିନ୍ଦାଣୀ—ସ୍ତ୍ରୀ)

**ଖାମୁଚା**—ପ୍ରାଦେ (ମେଦିନାପୁର) ବି—ଖାମଚା (ଦେଖ)
Khāmuchā Khāmachā (See)

**ଖାମୁଚି** —ପ୍ରାଦେ (ମେଦିନାପୁର) ବି—ଖାମଚା (ଦେଖ)
Khāmuchi Khāmachā (See)

**ଖାମୁଚିବା**—ପ୍ରାଦେ. ( ମେଦିନାପୁର; ଭୁଲ; ବ—ଖାମଚାନ; ସଂ. କବଳ )
Khāmuchibā କ୍ରି—ଅଙ୍ଗୁଠି ଓ ନଖରେ ଘୁଳାଘୁଳା କରି ଚିମୁଟିବା—To give a tight pinch with the fingers and nails.

**ଖାର୍ଖୁକ୍ଡ଼ା**—ପ୍ରାଦେ. ( ସମ୍ବଲପୁର ) ବିଣ—୧ । ଅକିଞ୍ଚନ—
Khārkhukrdā 1. Insignificant.
୨ । ଅଭେଜା; ଅତି ଗରିବ—2 Destitute.

**ଖାର**—ସଂ. ବି. ( ଖନ୍ ଧାତୁ=ଖୋଳିବା+ଅର )—
Khāra ୧୬ ଦ୍ରୋଣ ପରିମିତ ଶସ୍ୟର ପରିମାଣ ପାତ୍ରବିଶେଷ (=୧୬ ବା ୬୪ ଆଢ଼କ )—A measure of grain (=16 dronas or 3 bushels.)
ଦେ. ବି. (ସଂ. କ୍ଷାର; ପ୍ରା. ଖାର)—୧ । ଲବଣ ରସ—
1. Saline taste.
ক্ষার ବନ୍ଧୁ କଲୁ କ ଦୁର୍ବିଣ୍ଟରକୁ ରେ
**खार** ଦର୍ଭିଲ ଖଣ୍ଡ ଅର୍ଜିଲ ଖାରକୁ ରେ । କବିସୂର୍ଯ୍ୟ. ସଙ୍ଗୀତ ।
୨ । ସୋଡ଼ା—2. Potash.
୩ । କଦଳୀ ବାସୁଙ୍ଗାର ପାଉଁଶ—
3. Ashes of the dried bark or spathe of plantain tree.

| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | କ୍ଷ | ଇଯ଼ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଙ୍କ | ନ୍ତ |

୪ । ପାଉଁଶକୁ ପାଣିରେ ଗୋଳାଇ ପାଉଁଶମିଶା ଗୋଳଅ ପାଣିକୁ ଢଗାଡ଼ ଦେବା ପରେ ପାତ୍ର ତଳେ ଯେଉଁ ଧଳା ଲୁଣିଆ ରୁଅ ବା ମଣ୍ଡ ବସିଯାଏ; ସର୍ଜ—
4 Alkali; saline matter deposited at the bottom of a pot after the ash-mixed water is poured out.

୫ । ଭସ୍ମ; ପାଉଁଶ—5. Ashes.

ଖାର ଅଙ୍ଗାର ଭସ୍ମ ଅଠା
ଘରର ବାଡ଼ ସଜ କଣ୍ଟା । ଜଗନ୍ନାଥ. ଭାଗବତ ।

**ଖାରଜ**—ବୈଦେ. ବି. ( ଆ. ଖାରିଜ୍=ବହିଷ୍କୃତ; ପୃଥକ୍‌କୃତ )—
Khāraja — खारिज — **खारिज** — (ଦାଖଲ—ବିପରୀତ)
୧ । ତାଲିକାରୁ ନାମ କାଟି ଦେବା; ନାମକର୍ତ୍ତନ—1. Striking off of a name from a list.
୨ । ବହିଷ୍କରଣ—2. Exclusion; expulsion.
୩ । ରଦ୍ କରିବା—3. Setting aside.
୪ । ଅଧିକାରଚ୍ୟୁତି ବା କର୍ମଚ୍ୟୁତି; ବରଖାସ୍ତି—
4. Dismissal or discharge from a post or service.
୫ । ଲୋପ—5. Abolition; disappearance.
୬ । ( କଚେରିଆ ବ୍ୟବହାର ) ପକ୍ଷର ଅନୁପସ୍ଥିତି ବା ଅନ୍ୟ ପ୍ରାଥମିକ ଦୋଷରୁ ବିଚାର ହେବା ପୂର୍ବରୁ ମକଦ୍ଦମା ଡିସ୍‌ମିସ୍ କରାଯିବା—6. ( Court language ) Dismissal of a case for default or some preliminary defect.

ବିଣ—୧ । ( ନାମ ) କର୍ତ୍ତିତ—
1. Struck off from the roll.
୨ । ଲୁପ୍ତ—2. Abolished; dropped.
୩ । ରଦ୍ କରାଯାଇଥିବା—3. Set aside.
୪ । କାର୍ଯ୍ୟରୁ ବରଖାସ୍ତ କରାଯାଇଥିବା; କର୍ମରୁ ଅପସାରିତ—
4. Dismissed from service.
୫ । ବହିଷ୍କୃତ; ତାଡ଼ିତ—5. Driven out; expelled.
୬ । ( କଚେରିଆ ବ୍ୟବହାର ) ଶୁଣାଣି ବା ବିଚାର ପୂର୍ବରୁ ପକ୍ଷର ଗରହାଜରରୁ ବା କୌଣସି ପ୍ରାଥମିକ ଦୋଷରୁ ତାଲିକାରୁ କଟାଯିବା ( ମକଦ୍ଦମା )—
6. ( Court language ) ( case ) Struck off the list for default or for some preliminary defect before a regular trial or hearing.

**ଖାରଜ କରିବା**—ଦେ. କ୍ରି.—୧ । ରଦ୍ କରିବା—
Khāraja karibā — खारिजकरा — **खारिज करना**
1. To set aside.
୨ । ବରଖାସ୍ତ କରିବା—
2. To dismiss.
୩ । ତାଲିକାରୁ କାଟି ଦେବା—
3. To strike off a list.

**ଖାରଜଦାଖଲ**—ବୈଦେ. ବି. (ବିପରୀତାର୍ଥକ ସହଚର; ଫା—ଖାରିଜ୍ ଓ ଦାଖିଲ୍ )—
Khārajadākhala — खारिजदाखिल — **खारिजदाखिल**
୧ । (କଚେରିଆ ଭାଷା) କୌଣସି ଭୂସମ୍ପତ୍ତି ସମ୍ବନ୍ଧେ ମୃତ ବ୍ୟକ୍ତି ବା ବିକ୍ରେତାର ନାମ କାଟି ( ଖାରଜ କରି ) ସେ ସ୍ଥାନରେ ଉତ୍ତରାଧିକାରୀ ବା କ୍ରେତାର ନାମ ସରକାରୀ ବା ଜମିଦାର ଖାତାପତ୍ରରେ ଦରଜ ( ଦାଖଲ ) କରିବା; ଦାଖଲ-ଖାରଜ—1. (court language) Striking off the name of a deceased or a vendor and substituting the name of the successor or purchaser in respect of a land in a public register.
୨ । କୌଣସି ବ୍ୟକ୍ତିର ନାମ କାଟି ଦେବା ଓ ସେଠାରେ ନୂତନ ବ୍ୟକ୍ତିର ନାମ ଲେଖିବା—2. Striking off the name of a person and adding that of another in his place.
୩ । (ସେଟଲମେଣ୍ଟ) କୌଣସି ଜମିକୁ ଏକ ମଉଜାର ତାଲିକାରୁ କାଟିଦେଇ ତାକୁ ଅନ୍ୟ ମଉଜାର ଜମିରେ ସାମିଲ୍ କରିବା—3. (Revenue Settlement) To take out a plot from the list of the lands of one village and enter it in the list of another village.
୪ । ବରଖାସ୍ତ ଓ ମୁକରର—
4. Dismissal and appointment.

**ଖାରଜ ପାଇବା**—ଦେ. କ୍ରି.—୧ । ରଦ୍ ହେବା—
Khāraja pāibā — खारिज पाओया — **खारिज पाना**
1. To be set aside.
୨ । ବରଖାସ୍ତ ହେବା—
2. To be dismissed.

**ଖାରପାଣି**—ଦେ. ବି.—୧ । ଚିଲିକାର ଏକପ୍ରକାର ମାଛ—
Khārapāṇi 1. A kind of fish (in the Chilka lake).
୨ । କ୍ଷାରମିଶ୍ରିତ ଜଳ—
2. Water mixed with alkali.

**ଖାର ପୋଡ଼ିବା**—ଦେ. କ୍ରି.—ଲୁଗା କାଚିବା ନିମନ୍ତେ ଖାର ବାହାର କରିବା ପାଇଁ (ଧୋବା) କଦଳୀବାସୁଙ୍ଗା ପୋଡ଼ିବା—
Khāra porḍibā
(a washerman) To burn of plantain spathes to get alkali for washing clothes.

**ଖାରବେଲ**—ଦେ. ବି. (ନାମ)—ଉତ୍କଳର ଜନୈକ ପ୍ରାଚୀନ ସମ୍ରାଟ—
Khārabeḻa Name of an emperor of ancient Orissa.

[ ଦ୍ର—ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗର ଚେତରାଜ-ବଂଶରେ ଖାରବେଲ ନାମକ ଏକ ମହାପରାକ୍ରାନ୍ତ ରାଜା ରାଜପଣ କରୁଥିଲେ । ତାଙ୍କ ରାଜ୍ୟର ବଣିକମାନେ ଅନ୍ତତଃ ପାରସ୍ୟ-ଉପକୂଳ

ସାଧାରଣ ଭୂମିକା ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଳା' ଦେଖିବେ; 'ଅଳବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପର୍ଯ୍ୟନ୍ତ ସମୁଦ୍ରରେ ବାଣିଜ୍ୟ କରୁଥିଲେ । ସେ ନିଜ ବଳରେ କୁମାରିକା ଅନ୍ତରୀପ ପାଖ ପାଣ୍ଡ୍ୟ ରାଜ୍ୟଠାରୁ ହିମାଳୟତଳର ମଗଧ ପର୍ଯ୍ୟନ୍ତ ସବୁ ଦେଶ ଜିଣିଥିଲେ । ପଶ୍ଚିମରେ ଅନ୍ଧ୍ରରାଜ ସାତକର୍ଣ୍ଣୀଙ୍କୁ ଜିଣି ସେ ବୋମ୍ବାଇ ପ୍ରଦେଶ ପର୍ଯ୍ୟନ୍ତ ମଧ୍ୟ ରାଜ୍ୟ ବିସ୍ତାର କରିଥିଲେ । ସେ ଜୈନ ଥିବାର ଅନୁମାନ ହୁଏ, କିନ୍ତୁ ସେ ଗୋଟିଏ ରାଜସୂୟ ଯାଗ କରିଥିଲେ ଏବଂ ରାଜସୂୟ ଯଜ୍ଞ କରିବା ବର୍ଷ ପ୍ରଜାଙ୍କୁ କର ଛାଡ଼ି ଦେଇଥିଲେ । କେତୁଭଦ୍ର ନାମକ କଳିଙ୍ଗ ଅଞ୍ଚଳରେ ଜଣେ ପ୍ରଧାନ ବୀର ମହାଭାରତ ଯୁଦ୍ଧରେ ଯୁଦ୍ଧ କରିଥିଲେ । ସେହି କେତୁଭଦ୍ରଙ୍କର ଗୋଟିଏ ନିମକାଠର ମୂର୍ତ୍ତି କଳିଙ୍ଗରେ ପ୍ରତିଷ୍ଠିତ ଥିଲା ଏବଂ ଖାରବେଳ ସେହି ମୂର୍ତ୍ତିର ରଥଯାତ୍ରା ଉତ୍ସବ କରାଉଥିବାର ଜଣାଯାଏ । ଭୁବନେଶ୍ୱର କମ୍ବା ତାହାର ଆଖପାଖ କୌଣସି ସ୍ଥାନରେ ତାହାଙ୍କର ରାଜଧାନୀ 'ତୋଶଳ' ଥିଲା । ଧୂସୀ ତାଙ୍କର ରାଣୀ ଥିଲେ । ଧୂସୀ ସିନ୍ଧୁ ନଦୀର ପଶ୍ଚିମ କୂଳରେ ପୂର୍ବ ଆଫଗାନସ୍ଥାନରେ ବଜ୍ରର ନାମକ ରାଜ୍ୟର ରାଜାଙ୍କ କନ୍ୟା ଥିଲେ । ପନ୍ଦର ବର୍ଷ ବୟସରେ ଖାରବେଳ ଯୁବରାଜ ହୋଇ ୨୪ ବର୍ଷ ବୟସରେ ରାଜା ହେଲେ ଓ ୩୦ ବରଷରୁ ଊର୍ଦ୍ଧ୍ୱ ରାଜତ୍ୱ କରି ଶେଷ-ଜୀବନରେ ସେ ରାଣୀ ଧୂସୀଙ୍କ ସହିତ ଖଣ୍ଡଗିରି ନିକଟସ୍ଥ ଉଦୟଗିରିରେ ବାନପ୍ରସ୍ଥ ଅବଲମ୍ବନ କରିଥିଲେ । ଉଦୟଗିରିର ରାଣୀହଂସପୁର ଆଦି ଗୁମ୍ଫା ଖାରବେଳଙ୍କ ସନ୍ନ୍ୟାସବାସ ପାଇଁ ଖୋଳା ହୋଇଥିଲା । ପ୍ରଥମେ ସେହି ଗୁମ୍ଫା ନିକଟରେ ଜୈନ ସନ୍ନ୍ୟାସୀମାନଙ୍କ ପାଇଁ ରାଜାଙ୍କ ବ୍ୟୟରେ ଅନେକଗୁଡ଼ିଏ ଗୁମ୍ଫା ଖୋଦିତ ହୋଇଥିଲା । ସେହି ଗୁମ୍ଫାରେ ଥିବା ଖୋଦିତ ପ୍ରସ୍ତରଲିପିରେ ଖାରବେଳଙ୍କ ଉପାଧି ଐର ବୋଲି ଲେଖା ଅଛି । ଖାରବେଳ ତୃତୀୟ ଐର ବଂଶର ରାଜା ଥିଲେ । ଖ୍ରୀଷ୍ଟପୂର୍ବ ଶତାବ୍ଦୀମାନଙ୍କରେ କଳିଙ୍ଗର ଅନେକ ରାଜବଂଶ ଐର ଥିବାର ପ୍ରମାଣ ମିଳେ ।

ନୀଳକଣ୍ଠ. ଖାରବେଳ ଗ୍ରନ୍ଥପ୍ରବେଶ । ]

**ଖାରଭୂଇଁ**—ଦେ. ବି. ( ସଂ. ଖାରଭୂମି )—
Kharabhuiñ ଖାରମାଟି; ଲୁଣିମାଟି—
ଖାରିମାଟି Saline soil; Rhe-soil
खारीमिट्टी [ ଦ୍ର— ଖାରଭୂଇଁରେ ଗଛ ଉଧାଏ ନାହିଁ । ]
ଦେ. ବିଣ—୧ । ଅନୁର୍ବର—
1. Unproductive; unfertile.
୨ । ତୁଚ୍ଛ; ବ୍ୟର୍ଥ—
2. Of no avail or value; valueless; worthless.
ଧର୍ମ ନକଲ ହସ୍ତ ଅଇ ଖାରଭୂଇଁ ।
ପୀତାମ୍ବର. ନୃସିଂହପୁରାଣ ।

**ଖାରସାତି**—ବୈଦେ. ବି. (ଫା. ଖାରିଶ୍=କୁଣ୍ଡିଆ)—ପଶୁମାନଙ୍କ ଚର୍ମରୋଗ
Kharasāti ବିଶେଷ; ଏଥିରେ ପଶୁମାନଙ୍କ ଦେହରୁ ଲୋମ ଉଠିଯାଇ
ଖାରାସାତି ଦେହସାରା ଘାଆ ହୋଇଯାଏ—A skin-disease
खारिश्त appearing in beasts, resulting in the falling off of the fur and appearance of sores on the body.

**ଖାରସ୍ତ**—ବୈଦେ. ବି—ଖାରସାତି ( ଦେଖ )—
Kharasta Kharasāti (See)

**ଖାରା**—ଦେ. ବିଣ (ସଂ. ଖର=ତୀକ୍ଷ୍ଣ)—୧ । ଅତି ତୀକ୍ଷ୍ଣ—
Khārā 1. Very sharp.
ଖାରା ଖାରା ଖରାଧାରା ଅଇ କରୁଛି, ଶୋଇଲୁ ରେ—
खरा କବିସୂର୍ଯ୍ୟ. ଭଣୋପତକମ୍ଦ୍ଦ ଷ ଗୀତ ।
(ଖାରାପଣ—ବି) ୨ । ଖାଣ୍ଟି; ନିଚ୍ଛୋଳା—2. Genuine; pure.
୩ । ଠିକ୍; ସରଳ; ଅକପଟ —
3. Honest; sincere; straightforward.
୪ । ନିୟମାନୁବର୍ତ୍ତୀ—4. Strict.
୫ । ନ୍ୟାୟନିଷ୍ଠ—
5. Impartial; fair; just; upright.
୬ । ସତ୍‌ସାହସୀ—6. Having moral courage; undaunted by frowns or favours;
୭ । ବାସ୍ତବିକ; ପ୍ରକୃତ—7. Actual; real.
୮ । ପ୍ରକୃତବାଦୀ—8. Plain-spoken.
୯ । ନିଟ୍; ସମସ୍ତ ବାଜେ ଖର୍ଚ୍ଚ ବାଦ୍ ଦେବା ପରେ ଯାହା ଅବଶିଷ୍ଟ ରହେ— 9. Nett; clear of all miscellaneous deductions.
[ ଦ୍ର—ଏକ ଟିଣ ଘିଅର ଓଜନରୁ ଟିଣର ଓଜନ ବାଦ୍‌ଦେବା ପରେ ସେଉଁ ଓଜନ ହେବ ତାହା ଟିଣରେ ଥିବା ଘିଅର ଖାରା ଓଜନ । ]
ଦେ. ବି—ଖାରବା; ଅପରେସନ—
Surgical operation.

**ଖାରା ଓଜନ**—ଦେ.ବି(ହି. ଖାରା+ଫା. ୱଜନ)—ଖାରାତଉଲ (ଦେଖ)-
Khārā ojana Khārātaula ( See )

**ଖାରାଖାରା**—ଦେ. କ୍ରି. ବିଣ—୧ । ଠିକ୍‌ମତେ—
Khārākhārā 1. Fairly; justly.
ଖାରାଖାରା ୨ । ନ୍ୟାୟ ମାର୍ଗରେ—2. Impartially.
खराखरा ୩ । ସଫାସଫା—3. Plainly.

**ଖାରାତଉଲ**—ଦେ. ବି—୧ । ଯେଉଁ ଓଜନରେ କୌଣସି ଗୋଳମାଳ
Khārātaula ନାହିଁ; ପ୍ରକୃତ ଓଜନ—1. Actual weight of a thing.
ଖାରାଓଜନ
खराएजन ୨ । ପାତ୍ରର ଓଜନ ବାଦ୍ ଦେବା ପରେ ତନ୍ମଧ୍ୟସ୍ଥ ଦ୍ରବ୍ୟର ଓଜନ—2. Nett weight of a thing contained in a vessel.

**ଖାରାସତି**—ବୈଦେ. ବି (ଅ)—ଖାରସାତି ( ଦେଖ )—
Khārāsati Khārasāti ( See )

**ଖାରି**—ଦେ. ବିଣ (ସଂ. କ୍ଷାର)—୧ । କ୍ଷାରଯୁକ୍ତ; ଲୁଣିଆ—
Khāri 1. Saline.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏଁ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ୍ଞ | ଶ,ଷ | ଙ୍କ | ଳୁ | ହ୍ୟ | ଣ୍ଡ |
| ୨ | ଇ | ଉ | ଋ | ଌ | ଏଁ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଜ୍ଞ | ସ | ଙ୍କ | ଳୁ | ହ୍ୟ | ଣ୍ଡ |

क्षारि ୨ । ଲବଣାକ୍ତ—2. Impregnated with salt.
खारा ୩ । ଯାହା ମିଠା ନୁହେଁ—
3. Unsavoury; not sweet to the taste.
୪ । ଅସୁଆଦିଆ—4. Insipid; unpalatable; vapid.
୫ । କ୍ଷାର ସ୍ୱାଦବିଶିଷ୍ଟ—5. Brackish.

**ଖାରିଆ**—ଦେ. ବିଣ (ସଂ. କ୍ଷାର)—ଖାରି ( ଦେଖ )—
Khāriā Khāri ( See )

**ଖାରିଂପଚ**—ସଂ. ବିଣ. ପୁଂ. ( ଖାରିଂ+ପଚ ଧାତୁ+କର୍ତ୍ତୃ. ଅ )—ଯେ
Khārimpacha ଏକ ଖାରି ପରିମିତ ତଣ୍ଡୁଳାଦି ରାନ୍ଧେ—
(ଖାରିଂପଚା—ସ୍ତ୍ରୀ) Cooking three bushels of rice etc.

**ଖାରିକ**—ସଂ. ବିଣ. (ଖାରି+ଇକ)—୧ । ଏକ ଖାରିପରିମିତ (ଶସ୍ୟ)—
Khārika 1. (corn) Measuring three bushels.
୨ । ଏକ ଖାରି ପରିମିତ ଶସ୍ୟ ବୁଣା ଯାଇଥିବା (କ୍ଷେତ୍ର)—
2. (field) Sown with 3 bushels of grain.

**ଖାରିଜମି**—ଦେ. ବି. (ସଂ. କ୍ଷାର + ପା. ଜମୀନ୍)—ଖାରିମାଟିଯୁକ୍ତ ଜମି—
Khārijami A field of saline soil.
क्षारीजमि ପ୍ରାଦେ. (ସମ୍ବଲପୁର) ବି—ଗାଁର ଧୋଇରା ଜମି; ଯେଉଁ
खारीजमीन ଜମିରେ ଗାଁର ଧୋଇରା ପାଣି ଗଡ଼ିଯାଇ ଜମେ—
The land into which all the rain-water of a village is drained.

**ଖାରିପାଣି**—ଦେ. ବି. ( ସଂ. କ୍ଷାର+ପାନୀୟ )—ଖାରିଆପାଣି—
Khāripāṇi Brackish water.
खारानि ପ୍ରାଦେ. (ସମ୍ବଲପୁର) ବି—ଗାଁର ଧୋଇରାପାଣି—
खारीपानी The rain-water drained from a village.

**ଖାରିବା**—ଦେ. କ୍ରି. ( ସଂ. ଚର ଧାତୁ )—ଅପରେସନ୍ କରିବା; ଶସ୍ତ୍ରାଦି
Khāribā ଦ୍ୱାରା ଶରୀରର ମାଂସକୁ ଚିରିବା—
चिरा To operate; to open the flesh by a
नस्तरकरना; चीरना sharp instrument.

**ଖାରିମାଟି**—ଦେ. ବି. ( ସଂ. କ୍ଷାର ଓ ମୃତ୍ତିକା )—
Khārimāṭi ୧ । କ୍ଷାରଯୁକ୍ତ ମୃତ୍ତିକା—1. Rhe-soil.
खारीमाटी ୨ । ଲୁଣିମାଟି—2. Saline soil.
खारीमिट्टी

**ଖାରୀ**—ସଂ. ବି. (ଖନ୍ ଧାତୁ=ଖୋଳିବା+ସଂଜ୍ଞାର୍ଥେ. ଅର+ସ୍ତ୍ରୀ. ଈ)—
Khārī ୧ । ଶସ୍ୟାଦି ମାପିବାର ପରିମାଣ ବା ପାତ୍ରବିଶେଷ ବା (ମତାନ୍ତରରେ) ୪ ଆଢ଼କ ପରିମାଣ—
1. A grain-measure equal to three bushels ( Ganguly ).
୨ । କ୍ଷତର ଦାଗ—2. A scar.

**ଖାରୀକ**—ସଂ. ବିଣ. ( ଖାରି+ଇକ )—ଖାରିକ ( ଦେଖ )
Khārika Khārika ( See )

**ଖାରୁ**—ଦେ. ବିଣ. ( ସଂ. ଖର )—କଟୁ; ଅପ୍ରୀତିକର—
Khāru Unpleasant.
( ଯଥା—ମୋ କଥାଟି ତାକୁ ଖାରୁ ଲାଗିଲା । )

**ଖାରୁଆ**—ଦେ. ବିଣ ( ସଂ. କ୍ଷାର )—ଖାରି ( ଦେଖ )
Khāruā Khāri ( See )
खारि
खारी
खारुया, खेरो ଦେ. ବି—ନାଲିରଙ୍ଗର ମୋଟା ଦେଶୀ ଲୁଗା—
खारुआ A coarse mill-made cotton stuff of red colour; coarse red cloth.

**ଖାରୁଆଣି**—ଦେ. ବି—ଖାରୁଆ ( ଦେଖ )
Khāruāṇi Khāruā ( See )

**ଖାରେଇବା**—ଦେ. କ୍ରି—ଖାରିବାର ପ୍ରଯୋଜକ ରୂପ—
Khāreibā The causative form of Khāribā.
चिरान
चीराना

**ଖାର୍କାର**—ସଂ. ବି—ଗଧ ବୋବାଳି—
Khārkāra The braying of an ass.

**ଖାର୍ବା**—ସଂ. ବି—ତ୍ରେତାଯୁଗ—
Khārbā The second age of the world.

**ଖାଲ୍**—ବୈଦେ. ବି. ( ପା. ଖାଲି=ନୀଚ ସ୍ଥାନ; ତୁଳ. ସଂ. ଖଣ୍ଡ )—
Khāl ୧ । କମି ମୂଲ୍ୟ—1. Low price.
୨ । ଘାଟି; କ୍ଷତି; ଲୋକସାନ୍—2. Loss.
୩ । ମୂଲ୍ୟର ହ୍ରାସ—
3. The coming down of price.

**ଖାଲ୍‌ଖାଲୁଆ**—ଦେ. ବିଣ. ପୁଂ—ଖାଲ୍‌ଖାଲେଇର ପୁଂଲିଙ୍ଗ—
Khālkhālua Masculine of Khālkhālei.

**ଖାଲ୍‌ଖାଲୁ କରି କଥା କହିବା**—ଦେ.କ୍ରି—ଏଣୁ ତେଣୁ ଗୁଡ଼ାଏ ଗପିବା—
Khālkhālu kari kathā kahibā
To talk incoherently; to babble.

**ଖାଲ୍‌ଖାଲେଇ**—ଦେ. ବିଣ. ସ୍ତ୍ରୀ—୧ । ଗପଡ଼ୀ ( ସ୍ତ୍ରୀ )—
Khālkhāleī 1. Talkative (woman); babbling.
୨ । ଖଲଖଲେଇ; ଯେଉଁ ସ୍ତ୍ରୀ କୌଣସି ଗୁପ୍ତ କଥା ପେଟରେ ରଖି ପାରେ ନାହିଁ—2. ( a woman ) Who can not keep any secret.
୩ । ଯେ ଅସମ୍ବଦ୍ଧ ପ୍ରଳାପ କରେ—
3. Raving ( woman ).

**ଖାଲ୍ସା**—ପ୍ରାଦେ. (ସମ୍ବଲପୁର) ବି. ( ଆ. ଖାଲସ୍=ଶୁଦ୍ଧ; ଯହିଁରେ
Khālsā କିଛି ମଇଳା ନାହିଁ; ତୁଳ. ହି. ଖାଲ୍ସା=ଯହିଁରେ କେବଳ ଜଣକର ଅଧିକାର ଅଛି )—
୧ । ଜମିଦାରଙ୍କ ଖାସ୍ ଦଖଲରେ ଥିବା ଜମି; ନିଜ୍‌ଜୋତ—
1. Land in the khas possession of the Zamindar.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନର ବପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'ଭୃଙ୍ଗ' ନ ମିଳିଲେ 'ବୃଙ୍ଗ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗ୍ନ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ଗଭର୍ଣ୍ଣମେଣ୍ଟଙ୍କ ପ୍ରତ୍ୟକ୍ଷ ଅଧିକାରଭୁକ୍ତ ଜମି; ଖାସ୍‌ମାହାଲ୍—
2. The Khasmahals; Government Estate.
ଦେ. ବ—ଶିଖସମ୍ପ୍ରଦାୟବିଶେଷ; ଶିଖମାନଙ୍କ ଦଳ—
A community or company of the Sikhs.
ପ୍ରାଦେ. (ସମ୍ବଲପୁର) ବଣ—୧ । ସରକାରୀ ଜମି—
1. (land) Belonging to the Government.
୨ । ଖାସ୍‌ମାହାଲ ସମ୍ବନ୍ଧୀୟ (ଜମି)—
2. (land) Appertaining to a Govt. Estate.

**ଖାଲ**—ଦେ. ବ. ( ସଂ. ଖଲ୍ଲ; ଢୁଲା; ଗାଡ )—
Khāla ୧ । ଗାଡ; ଗର୍ତ୍ତ—
खाल 1. Hole; pit; declivity.
**खान** ବେଢେକ ଲୋକ ଯେ ଖାଲ ମଧ୍ୟରେ ପଡ଼ି ମଲେ
କୃଷ୍ଣସିଂହ. ମହାଭାରତ. ବନ ।
नीचल ୨ । କେନାଲ୍; ନାଳ; ଢୁଲା—
**नीचा जमिन** 2. Canal.
खाल ୩ । ନିମ୍ନଭୂମି—3. Low land.
**नहर, नाला** ୪ । ନିମ୍ନତର ମୂଲ୍ୟ—4. Lower price.
ଦେ. ବଣ—୧ । ନିମ୍ନ—1. Low.
୨ । ଅଳ୍ପତର ମୂଲ୍ୟର—2. Of lower price.

**ଖାଲକ**—ସଂ. ବ—ଖାଲେଇ ( ଦେଖ )
Khālaka Khālei ( See )

**ଖାଲଖମଣ**—ଦେ. ବ. ( ଏକାର୍ଥକ ସହଚର )—
Khālakhamaṇa ୧ । ଖାଲଢିପ ( ଦେଖ )
1. Khāladhipa ( See )
୨ । ବହୁ ଗର୍ତ୍ତ—
2. Many pits and holes.
୩ । ବହୁ ଗର୍ତ୍ତପୂର୍ଣ୍ଣ ଭୂମି—
3. Land full of many pits.
ଦେ. ବଣ—୧ । ଖାଲଢିପ ( ଦେଖ )
1. Khāladhipa ( See )
୨ । ବହୁ ଗର୍ତ୍ତପୂର୍ଣ୍ଣ—2. Full of many pits.

**ଖାଲଗାଡ଼**—ପ୍ରାଦେ. (ସମ୍ବଲପୁର; ସହଚର, ଖାଡ+ଗର୍ତ୍ତ) ବ. ଓ ବଣ—
Khālagarḍa ଖାଲଢିପ ( ଦେଖ )
Khāladhipa ( See )
( ଯଥା—ରାସ୍ତାରେ ଲୋକେ ଖାଲଗାଡ଼ରେ ପଡ଼ି ହାତର କରୁଛି ଦେଉଛନ୍ତି । )

**ଖାଲଜମି**—ଦେ. ବ—ଯେଉଁ ଜମି ନିକଟବର୍ତ୍ତୀ ଜମି ତୁଳନାରେ ନୀଚ—
Khālajami Land of lower level than the
नीचाजमि adjoining land.
**नीची जमिन**

**ଖାଲଢିପ**—ଦେ. ବଣ—୧ । ଉଚ୍ଚନୀଚ—1. Undulating (land).
Khāladhipa ୨ । ଉଚ୍ଚ (ଜମି) ଏବଂ ନୀଚ (ଜମି)—
डाङ्गाड़हर 2. High (land) and low (land).
**नीचाऊँचा** ୩ । ଅସମତଳ—3. Rough; uneven.
ଖାଲଢିପ କଣ୍ଟାଳୟ ଯେତେକ ଥିଲେ
ପୃଷ୍ଠ ପଡ଼ିବାରେ ସେ ଦୈଗୋଚର ନୋହିଲେ ।
କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।
ଦେ. ବ—ଉଚ୍ଚ ଭୂମି ଓ ନୀଚ ଭୂମି—
High ground and low ground.

**ଖାଲଢିପା**—ଦେ. ବଣ ଓ ବ—ଖାଲଢିପ ( ଦେଖ )
Khāladhipā Khāladhipa ( See )

**ଖାଲଢେପ**—ଗ୍ରା. ବଣ ଓ ବ—ଖାଲଢିପ ( ଦେଖ )
Khāladhepa Khāladhipa ( See )

**ଖାଲତ୍ୟ**—ସଂ. ବ. ( ଖଲତି+ଭାବ. ଯ )—
Khālatya ଶିରଃକେଶ ବା ଚନ୍ଦା ହେବା ରୋଗ—
Morbid baldness.

**ଖାଲରେ ପକାଇବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଅସୁବିଧାରେ
Khālare pakāibā ଭର୍ତ୍ତି କରି ଦେବା—1. To put (a person) in difficulty.
୨ । ବିପଦରେ ପକାଇବା ବା ବିପନ୍ନ କରାଇବା—
2. To entangle a person in danger.

**ଖାଲି**—ବୈଦେ. ବଣ. (ଫା)—୧ । ଛୁଚ୍ଛା; ଶୂନ୍ୟଗର୍ଭ; ଶୂନ୍ୟ; ରିକ୍ତ—
Khāli 1. Empty; void.
खालि ୨ । ମାଗଣାଆ; ଫୋକଟ—2. Nominal; got gratis; gratuitous.
**खाली**
୩ । କର୍ମଶୂନ୍ୟ—3. Unemployed.
୪ । ଯେଉଁଠାରେ କେହି ନ ଥାଏ—
4. Vacant; unoccupied.
୫ । କେବଳ ମାତ୍ର—5. Only; sole; mere.
ତେବେ ନର୍ତ୍ତରତା ଖାଲି ଅଭୁକ୍ତ୍ୟ-ଲକ୍ଷଣ । ଦିନାନାଥ. ବହ୍ମାଣ୍ଡ ।
୬ । ଏକାକୀ; ଯାହା ସଙ୍ଗେ କେହି ନ ଥାଏ—6. Single.
୭ । ରିକ୍ତହସ୍ତ—7. Empty-handed.
୮ । ଅନାବୃତ ( ଶରୀର )—
8. Bare; uncovered ( body ).
୯ । ଅଳଙ୍କାରହୀନ ( ଶରୀର )—
9. Devoid of ornaments; unadorned (body).
୧୦ । ଅମିଶ୍ରିତ—10. Unmixed.
( ଯଥା—ଖାଲି ସୁନା; ଖାଲି ଭାତ । )
୧୧ । ଧନହୀନ; ନିର୍ଦ୍ଧନ—11. Penniless.
ଖାଲି ମହଜା ଫେର୍ ଫାର୍
ଦୋହୋର ପଇସା ଅଣ୍ଟାରେ ମାର୍—ଢଗ ।
୧୨ । ବୃଥା; ନିଷ୍ଫଳ—12. Vain; fruitless.
ବ—କର୍ମଶୂନ୍ୟତା—Unemployment; vacancy.
ଦେ. କ୍ରି. ବଣ—୧ । କେବଳ ମାତ୍ର; ଛୁଚ୍ଛା—
1. Only; solely; nothing but.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ତ |

ଶନ୍ୟ ଗଗନେ ସଜାଡ଼ ନବାସ ଉଡ଼ୁଛୁ ଖାଲି ବାଅରେ ।
ସ୍ୱୀକାଗ୍ନି. ଶୀତଲଦ୍ୱଗ୍ୱ ।

୨ । ବୃଥାରେ—2 In vain.

**ଖାଲକ**—ସ. ବଣ. ( ଖଳ+ସମ୍ବନ୍ଧାର୍ଥେ. ଇକ )—ଖଳାସମ୍ବନ୍ଧୀୟ—
Khā̱lika — Relating to a threshing floor.

**ଖାଲି କରିବା**—ଦେ. କ୍ରି—୧ । କୌଣସି ପାତ୍ରକୁ ଶୂନ୍ୟ କରିବା—
Khāli karibā — 1. To make a receptacle empty.
ख़ालिकरा — ୨ । କୌଣସି ସ୍ଥାନ ତ୍ୟାଗ କରିବା—
**खालीकरना; रिताना** — 2. To vacate a place.

**ଖାଲି ଖାଲି**—ଦେ. କ୍ରି. ବଣ—୧ । ରିକ୍ତହସ୍ତ ହୋଇ—
Khāli khāli — 1. Empty-handed.
खालि खलि — ୨ । ବୃଥା; ଭୁଚ୍ଛାରେ; ବିନା କାରଣରେ—
**खाली खाली** — 2. For nothing; in vain.
ଦେ. ବଣ—୧ । ଏକାକୀ—1. Alone; single.
୨ । ରିକ୍ତହସ୍ତ—2. Empty-handed.

**ଖାଲିତ୍ୟ**—ସ. ବି ( ଖଲତି+ଯ )—୧ । ଖାଲତ୍ୟ; ଇନ୍ଦ୍ରଲୁପ୍ତ ରୋଗ—
Khā̱litya — 1. Morbid baldness or loss of hair from any part of the body.
୨ । ଚନ୍ଦା ବା ଶିରଃକେଶଶୂନ୍ୟ ରୋଗ—
2. Bald-headedness; loss of hair on the head.

**ଖାଲି ପେଟ**—ଦେ. ବି—ଖାଦ୍ୟଶୂନ୍ୟ ଉଦର—
Khāli peṭa — Empty stomach.
खालिपेट
**खालिपेट**

**ଖାଲିଭାତ**—ଦେ. ବି—ଲୁଣ, ତରକାରୀ, ଘିଅ ଆଦି ବିହୀନ ଅନ୍ନ; ଭୁଚ୍ଛା
Khālibhāta — ଭାତ—Boiled rice without any of its accompaniments for the table.
खालिभात
**खालीभात**

**ଖାଲିହାତ**—ଦେ. ବି ( ଅ. ଖାଲୀ+ସ. ହସ୍ତ )—୧ । ନିରାଭରଣ ହସ୍ତ;
Khālihāta — ଖଡ଼୍‌ଆଦି ଅଳଙ୍କାରଶୂନ୍ୟ ହାତ; ସୁଣ୍ଡହାତ—
खालिहात — 1. Hand having no bracelets or ornaments.
**खालिहात**
୨ । ଧନ ନ ଥିବା ହାତ; ରିକ୍ତ ହସ୍ତ—
2. Empty or penniless hand.
୩ । କାମରେ ଲାଗି ନ ଥିବା ହାତ; କର୍ମଶୂନ୍ୟ ହାତ—
3. Hand having no employment.
୪ । କର୍ମଶୂନ୍ୟତା—4. Unemployment.
୫ । ନିର୍ଦ୍ଧନ ଅବସ୍ଥା—5. Penniless condition.
୬ । ଅସ୍ତ୍ରଶସ୍ତ୍ରହୀନ ହସ୍ତ—6. Unarmed hand.
୭ । ଅସ୍ତ୍ରଶସ୍ତ୍ରହୀନ ଅବସ୍ଥା—7. Unarmed condition.
ଦେ. ବଣ—୧ । ନିର୍ଦ୍ଧନ—1. Penniless.
୨ । ରିକ୍ତହସ୍ତ—2. Empty-handed.
୩ । ନିରାଭରଣ—3. Devoid of ornaments.
୪ । କର୍ମ ବା ବ୍ୟବସାୟଶୂନ୍ୟ—4. Unemployed.

**ଖାଲୁଆ**—ଦେ. ବଣ (ଫା. ଖାଲୀ)—୧ । ଖାଲ ବା ଗର୍ତ୍ତଯୁକ୍ତ (ଜମି)—
Khāluā — 1. (lands) With declivity; depressed.
खाल सा, खेलो — ୨ । ନିମ୍ନ; ନୀଚ—2. Of low level.
**नीचा**

**ଖାଲେ**—ପ୍ରାଦେ. (ଉତ୍ତରଭାଷା) ଅ—ତଳେ—
Khāle — Under; underneath.

**ଖାଲେଇ**—ଦେ. ବି (ସ. ଖାଲକ)—ଚଢ଼େଇଆ ବା କେଉଟମାନେ ପକ୍ଷୀ
Khā̱lei — ବା ମାଛ ଧରି ଯେଉଁ ଆଧାରରେ ରଖନ୍ତି—Creel; big-
खालई, खालुई — bellied and small-mouthed basket for
**खांची** — keeping fishes and birds after being caught ( used by fishermen and bird-catchers).

[ ଦ୍ର—ଖାଲେଇକୁ କେଉଟମାନେ ପିଠିଆଡ଼େ ଝୁଲାଇ ଥାଆନ୍ତି; ଯାହା ମାଛ ଧରୁ ଥାଆନ୍ତି, ତାହାକୁ ଅନ୍ଦାଜରେ ପଛଆଡ଼େ ଥିବା ସେହି ଖାଲେଇକୁ ଲକ୍ଷ୍ୟ କରି ପକାଉଥାଆନ୍ତି । ]

**ଖାଲେଇକୁ ମାଛ ପକାଇବା ( ନ୍ୟାୟ )**—ଦେ. ପ୍ରବଚନ—( କେଉଟ
Khā̱leiku māchha pakāibā — ପାଣିରେ ଥାଇ ଯାହା ଛୋଟ ମାଛ ଧରୁଥାଏ ତାହାକୁ ପିଠିଆଡ଼େ ଥିବା ଖାଲେଇ ଭିତରକୁ ଅନ୍ଦାଜ ଲକ୍ଷ୍ୟକରି ଫୋପାଡ଼ି ଦେଉଥାଏ । ତାହା ଖାଲେଇ ଭିତରେ ପଡ଼େ କି ପଛଆଡ଼େ ପାଣିରେ ପଡ଼େ କେଉଟ ନିଜେ ଦେଖିପାରୁ ନ ଥାଏ । ଏହି ଘଟଣାରୁ ଅନୁମାନ ଦ୍ୱାରା କୌଣସି କର୍ମ କରି ଫଳାକାଙ୍କ୍ଷା କରିବା ସ୍ଥଳରେ ଏହି ନ୍ୟାୟ ପ୍ରଯୁକ୍ତ ହୁଏ—Like the fisherman throwing the small fish caught by him into the basket hanging behind his back without seeing if the fishes fall into the basket or into the water.

**ଖାଲେ ଖାଇ ଟିକ୍‌ରାଏ ସାଖୀ**—ପ୍ରାଦେ (ସମ୍ବଲପୁର) ପ୍ରବଚନ—
Khāle khāi ṭikrāe sākhi — ଫେରାଦ ହେବା ବ୍ୟକ୍ତିର ମାନିତ ସାକ୍ଷୀ ଫେରାଦ ହେବା ବିପକ୍ଷର ସପକ୍ଷୀତ କଥା ସାକ୍ଷ୍ୟ ଦେବା ସ୍ଥଳରେ ପ୍ରଯୁଜ୍ୟ ପ୍ରବଚନ—A saying used in cases where a party's own witness speaks against his story.

[ ଦ୍ର—ଏଥିର ଅର୍ଥ; ଜଣେ ବ୍ୟକ୍ତି ଅଭିଯୋଗ କରିଛି ଯେ ଅମୁକର ଗାଈ ମୋ ଖାଲ ଜମିରୁ ଫସଲ ଖାଇଛି, କିନ୍ତୁ ତା ସାକ୍ଷୀ କହୁଛି ସେ ଗାଈ ଡିପ ଜମିରୁ ଫସଲ ଖାଇଛି । ]

**ଖାଲୋଇ**—ଦେ. ବି (ସ. ଖାଲକ)—ଖାଲେଇ (ଦେଖ)
Khā̱loi — Khā̱lei (See).

ସେ ବ୍ୟାଧ ଖାଲୋଇକି ପୃଷ୍ଠଦେଶେ ବହି
ଚଢ଼ାଇକି ସେ ମାରି ଅଣି ସୁଖ ପାଇ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଖାସ୍**—ବୈଦେ. ବଣ ( ଫା. ଖାସ୍ )—୧ । ବିଶିଷ୍ଟ—
Khās 1. Peculiar; special; particular.
खास ( ଯଥା—ଖାସ୍ କ୍ଷମତାପତ୍ର । )
**खास** ୨ । ସ୍ୱକୀୟ—2. One's own; private.
( ବିପରୀତ—ଆମ୍=ସାଧାରଣ ) ( ଯଥା—ଖାସ୍‌ଦଖଲ । )
୩ । ବ୍ୟକ୍ତିଗତ—3. Personal.
୪ । ଗଭର୍ଣ୍ଣମେଣ୍ଟଙ୍କ ନିଜ ଅଧିକୃତ ( ଯଥା—ଖାସ୍‌ମହାଲ । )
4. Belonging to Government.
୫ । ଜମିଦାର ବା ରାଜାଙ୍କ ନିଜ ଅଧିକୃତ—
5. In the khas possession of the Zamindar or landlord.
( ଯଥା—ଖାସ୍ ଖମାର । )
୬ । କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ନିଯୁକ୍ତ ବା ପ୍ରେରିତ—
6. Specially engaged or sent for a particular object.
୭ । ବିଶିଷ୍ଟ ଉଦ୍ଦେଶ୍ୟ ପାଇଁ ରକ୍ଷିତ—
7. Reserved for a special purpose.
( ଯଥା—ଖାସ୍ କାମରା । )
୮ । ମୁଖ୍ୟ; ପ୍ରଧାନ—8. Chief; prominent.
୯ । କୌଣସି ନିର୍ଦ୍ଦିଷ୍ଟ ବିଷୟସମ୍ବନ୍ଧୀୟ—
9. Relating to a particular matter.
ଦେ. କ୍ରି. ବଣ—୧ । ନିଜସ୍ୱ ରୂପେ—
1. As one's own.
୨ । ବିଶିଷ୍ଟ ଉଦ୍ଦେଶ୍ୟରେ—
2. On a particular mission; for a particular purpose.
୩ । ବିଶେଷଭାବରେ—
3. Particularly; specially.
୪ । କେବଳ—4. Solely.
୫ । ପ୍ରଧାନତଃ—5. Chiefly.
୬ । ସ୍ୱୟଂ; ଖୋଦ୍—6. Personally.

**ଖାସ୍ ଅପିଲ୍**—ବୈଦେ. ବି (କଚେରିଆଭାଷା) (ଫା. ଖାସ୍+ଇଂ. ଅପ୍ପିଲ୍)—
Khās apil ବିଶେଷ ଅପିଲ୍; ଯେଉଁ ଅପିଲ୍‌ରେ ସାଧାରଣ ନିୟମମାନ
खास अपिल ଖଟେ ନାହିଁ—Special appeal.
**खास अपिल**

**ଖାସ୍ କମିସନ୍**—ବୈଦେ. ବି—ଖାସ କମିସନର୍ (ଦେଖ)
Khās kamisan Khās kamisanar (See)

**ଖାସ୍‌କମିସନ**—ବୈଦେ. ବି (ଫା. ଖାସ୍+ଇଂ. କମିସ୍ନର୍)—
Khās kamisana ୧ । ଇଂରାଜଗଭର୍ଣ୍ଣମେଣ୍ଟ ବଙ୍ଗ, ବିହାର ଓ ଓଡ଼ିଶା ଅଧିକାର କରିବା ପରେ ଯେଉଁମାନେ ନିଜନିଜ ଦଖଲରେ ଥିବା ଜମିକୁ ଲାଖରାଜ ଦାବୀ କରୁଥିଲେ, ସେମାନଙ୍କ ସନନ୍ଦ ଓ ସ୍ୱତ୍ୱ ତଦନ୍ତ ଓ ଅନୁସନ୍ଧାନ କରିବା ପାଇଁ ନିଯୁକ୍ତ ବିଚାରପତି—
1. A Commissioner specially deputed by Government for adjudicating upon the title and the claims of the holders of revenue-free lands.
୨ । ଖାସ୍ କମିସନରଙ୍କର ଲାଖରାଜ ଜମିର ସ୍ୱତ୍ୱାସ୍ୱତ୍ୱ ଅନୁସନ୍ଧାନପୂର୍ବକ ଉକ୍ତ ଲାଖରାଜକୁ ବାହାଲ୍ ବା ବାହେଲ୍ କରିବା ସମ୍ବନ୍ଧେ ଶେଷ ଆଦେଶ ବା ଫଇସଲା—2. The decree of the special Commissioners regarding the lands claimed by the holders to be revenue-free during the investigation into their title at the first Revenue Settlement of Orissa.
[ ଦ୍ର—ଏହି ଫାର୍ସୀମିଶା ଶବ୍ଦ ଇଂରାଜ ଭାଷାରେ ମଧ୍ୟ ପଶିଲାଣି ।]

**ଖାସ୍ କମିସନର୍**—ବୈଦେ. ବି.—ଖାସ୍ କମିସନ ୧ (ଦେଖ)
Khās kamisanar Khās kamisan 1 (See)

**ଖାସକଲମ**—ବୈଦେ. ବି. (ଫା.)—ଗ୍ରନ୍ଥକରଣ; ରାଜା ଆଦିଙ୍କ ବ୍ୟକ୍ତିଗତ
Khāskalam ବିଷୟ ଲେଖାପଢ଼ି କରିବା ପାଇଁ ନିଯୁକ୍ତ କର୍ମଚାରୀ—
खासकलम Private secretary; personal clerk
**खासकलम** to a Raja or Nawab.

**ଖାସ୍‌କାମଡ଼ା**—ବୈଦେ. ବି. (ଫା. ଖାସ୍+ପର୍ତ୍ତୁଗୀଜ୍. କାମରା)—
Khāskāmarḍā ଖାସ୍‌କାମରା (ଦେଖ)
Khāskāmarā (See)

**ଖାସ୍‌କାମରା**—ବୈଦେ. ବି. (ଫା. ଖାସ୍+ପର୍ତ୍ତୁଗୀଜ୍. କାମରା)—
Khāskāmarā ଉଚ୍ଚ ରାଜକର୍ମଚାରୀଙ୍କର କଚେରୀସଂଲଗ୍ନ
खासकामरा ସ୍ୱତନ୍ତ୍ର ଓ ନିର୍ଜନ ବିଶ୍ରାମଗୃହ—Recreation-room
**खासकमारा** or rest-house of an officer adjoining the office-room.

**ଖାସ କ୍ଷମତାପତ୍ର**—ଦେ. ବି.—(ଫା. ଖାସ+ସଂ. କ୍ଷମତାପତ୍ର)—କୌଣସି
Khās kshamatāpatra ବିଶେଷ କାର୍ଯ୍ୟ ନିମନ୍ତେ ଦିଆଯିବା
खासक्षमतापत्र କ୍ଷମତାପତ୍ର ବା ଅକ୍ତିଆରନାମା—
**खास मोकतारनामा** Special power of attorney.

**ଖାସଖମାର**—ଦେ.ବି. (ଫା. ଖାସ୍+ଓ. ଖମାର )—ଜମିଦାର ଯେଉଁ ଜମି
Khāskhamāra ପ୍ରଜାଙ୍କୁ ଚାଷ କରିବାକୁ ନ ଦେଇ ନିଜେ ଚାଷ
खासखामार କରନ୍ତି; ନିଜଚାଷ ଜମି; ନିଜଜୋତ—
**खुदकास्ता** Proprietor's private lands.

**ଖାସ୍‌ତହସିଲ୍**—ବୈଦେ. ବି. (ଫା. ଖାସ୍+ତହସିଲ)—୧ । ପ୍ରଜାମାନଙ୍କ
Khās tahasil ଠାରୁ ସରକାର ବା ଜମିଦାର ନିଜେ ଖଜଣା
खास तहसिल ଆଦାୟ କରିବା—1. Direct realisation of
**खास तहसिल** rent from tenants by the Govern-

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ |

ment or Zamindar without any any intermediate agency.

୨ । ଜିଲ୍ଲାର ସଦର ସବ୍‌ଡିଭିଜନ୍—
2. The Sadar subdivision of a district.

**ଖାସ୍ତାଲୁକ**—ବୈଦେ. ବ. ( ଫା. ଖାସ୍ + ତଅଲ୍ଲୁକ୍ )—ଗଭର୍ଣ୍ଣମେଣ୍ଟଙ୍କ ନିଜ ଅଧିକୃତ ଜମିଦାରୀ—
Khāstāluka — Estate owned by Government.
খাসতালুক
खासतअल्लुक

**ଖାସ୍‌ନବିସ୍**—ବୈଦେ. ବ. ( ଫା. )—ଖାସ୍‌କଲମ୍ ( ଦେଖ )
Khāsnabis — Khāskalam ( See )

**ଖାସପୋଷାକ୍**—ବୈଦେ. ବ. ( ଫା )—କୌଣସି ବିଶିଷ୍ଟ ଉତ୍ସବ ଉପଲକ୍ଷରେ ବ୍ୟବହୃତ ଚକ୍‌ଚକିଆ ପୋଷାକ—
Khāsposhāk — Bright dress worn on special occasions.
খাসপোষাক
खासपोषाक

**ଖାସ୍‌ବଜାର**—ବୈଦେ. ବ. ( ଫା. ଖାସ୍‌ବାଜାର୍ )—ରାଜବାଟୀ ସଂଲଗ୍ନ ଯେଉଁ ବଜାରରୁ ରାଜାଙ୍କ ଆବଶ୍ୟକୀୟ ପଣ୍ୟଦ୍ରବ୍ୟମାନ ନିଆଯାଏ—A market adjoining a palace which supplies the articles for a Raja's use.
Khāsbajāra
খাসবাজার
खासबाजार

**ଖାସ୍‌ବର୍‌ଦାର୍**—ବୈଦେ. ବ. (ଫା)—୧ । ରାଜାଙ୍କର ପାର୍ଶ୍ୱଚର ଭୃତ୍ୟ— 1. An orderly servant.
Khāsbardār
খাসবরদার
खासबरदार
୨ । ଶରୀରରକ୍ଷୀ—2. Bodyguard.
୩ । ରାଜାଙ୍କ ଗହଣରେ ଆସାବାଡ଼ି ଧରି ଚାଲୁଥିବା ଚପରାସୀ—3. A peon or mace-bearer in the retinue of a great man.

**ଖାସ୍‌ମହଲ୍**—ବୈଦେ. ବ. ( ଫା. )—ଅନ୍ତଃପୁର; ରାଜାଆଦିଙ୍କ ଅନ୍ଦର ମହଲ୍—Seraglio; inner apartments reserved for the female members of a great man's family.
Khāsmahal
খাসমহল
खासमहल

**ଖାସ୍‌ମାହାଲ୍**—ବୈଦେ. ବ. ( ଫା )—ଗଭର୍ଣ୍ଣମେଣ୍ଟଙ୍କ ନିଜ ଅଧିକୃତ ଜମିଦାରୀ—Estate owned by the Government.
Khāsmāhāl
খাসমহাল
खासमाहाल

**ଖାସ୍‌ସମ୍ବାଦଦାତା**—ଦେ. ବ (ଫା. ଖାସ୍ + ସଂ. ସମ୍ବାଦଦାତା)—କୌଣସି ସ୍ଥାନର ବା ବିଷୟର ସମ୍ବାଦ ପଠାଇବା ପାଇଁ ସମ୍ବାଦପତ୍ର ପକ୍ଷରୁ ନିଯୁକ୍ତ ବିଶିଷ୍ଟ ସମ୍ବାଦଦାତା—Special correspondent to a newspaper.
Khās-sambādadātā
খাসসংবাদদাতা
खाससम्वाददाता

**ଖାସ**—ପ୍ରାଦେ. ( ସମ୍ବଲପୁର ) ଓ ଗ୍ରା. ବ. ( ସଂ. କାସ; ତୁଳ. ହି. ଖାଁସୀ )—କାଶ—Cough.
Khāsa
ଦେ. ବ. ( ନାମ ) ( ସଂ. ଖସ )—ଆସାମର ଜଇନ୍ତିଆ ପାହାଡ଼ର ନିକଟର ଅଧିବାସୀ ଖାସିଆମାନଙ୍କର ଭାଷା—A branch of Austro-Asiatic language spoken in the Khasi and Jaintiā hills in Assam.

**ଖାସା**—ବୈଦେ. ବଣ. ( ଫା. ଖାସା = ଧନୀବ୍ୟକ୍ତିର ରୁଚିକର ଖାଦ୍ୟ )—
Khāsā — ୧ । ଉତ୍କୃଷ୍ଟ—1. Excellent.
খাসা — ୨ । ଆଚ୍ଛା; ଉତ୍ତମ—2. Good.
खासा — ୩ । ଉପାଦେୟ (ଖାଦ୍ୟ)—3. Delicious (food).
୪ । ଅତି ପତଳା ( ଲୁଗା ); ବାରିକ୍—4. Very thin; delicate ( cloth).
୫ । ସୁନ୍ଦର—5. Fine; beautiful.
୬ । ରୋଗଶୂନ୍ୟ ( ଦେହ )—6. Healthy; free from illness ( body ).

**ଖାସିଆ**—ଦେ. ବ. ( ନାମ ) ( ସଂ. ଖସ )—
Khāsiā — ୧ । ଉତ୍ତରହିମାଳୟରେ, ନେପାଳରେ ଓ ଆସାମରେ ଥିବା ପାହାଡ଼ି ଜାତିବିଶେଷ ( ଏମାନେ ଅଷ୍ଟ୍ରୋଆସିଆଟିକ୍ ଭାଷା ବ୍ୟବହାର କରନ୍ତି )—
1. Name of a hill-tribe inhabiting the north-Himalayan countries.
୨ । ଆସାମରେ ଥିବା ପର୍ବତବିଶେଷ—
2. Name of range of mountains in Assam.
( ଦ୍ର—ଏହା ସିଲଙ୍ଗର ପଶ୍ଚିମ ଓ ଗୌହାଟୀର ଦକ୍ଷିଣ । ) .

**ଖାସିବା**—ଗ୍ରା. ଓ ପ୍ରାଦେ ( ସମ୍ବଲପୁର ) କ୍ରି. ( ସଂ. କାସ. ତୁଳ. ହି. ଖାଁସ୍‌ନା )—କାଶିବା—To cough.
Khāsibā
কাশা
खाँसना

**ଖାସୀ**—ବୈଦେ. ବଣ. ( ଆ. ଖସ୍ସି; ତୁଳ. ସଂ. ଛିନ୍ନକୋଷ )—
Khāsi — ପୁଂସ୍ତ୍ୱ ନଷ୍ଟ କରାଯାଇଥିବା (ଛେଳି ବା ମେଣ୍ଢା)—Castrated (sheep).
খাসী
खस्सी; खसिआ — ବ—୧ । ପୁଂସ୍ତ୍ୱ ନଷ୍ଟ କରାଯାଇଥିବା ଛେଳି ବା ମେଣ୍ଢା; ଛିନ୍ନମୁଷ୍କ ଛାଗ—
1. Castrated goat or sheep.
୨ । ଆସାମର ଜଇନ୍ତିଆ ପାହାଡ଼ ନିକଟର ଅଧିବାସୀ ଖାସିଆମାନଙ୍କର କଥିତ ଭାଷା—
2. Language spoken by the Khāsiās living near the Jaintiā hills in Assam.
୩ । ଖାସିଆ ୨ (ଦେଖ)
3. Khāsiā 2 (See)
ପ୍ରାଦେ. (ସମ୍ବଲପୁର ତୁଳ.ହି.ଖାଁସି) ବ—କାଶ—Coughing.

**ଖାସୀ କରିବା**—ଦେ. କ୍ରି. (ଆ. ଖସ୍ସୀ)—୧ । ପୁଂସ୍ତ୍ୱ ନଷ୍ଟ କରିବା—
Khāsi karibā — 1. To castrate an animal.
খাসীকরা — ୨ । ଫଳଥିବା କଦଳୀଗଛକୁ କଦଳୀପେଣ୍ଡା ଲାଗିଥିବା
खसियाना — ଅବସ୍ଥାରେ ମୂଳରୁ କାଟିବା—2. To cut from its

ସାଧାରଣ ଲୋକେ ଅପର ପୃଷ୍ଠାରେ ସଡ଼ଭ ୧ ଚଢ଼ିଭ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

root a plantain tree with the bunch of fruits clinging to it, (to keep it in a place protected from monkeys or thieves.)

[ଦ୍ର—କଦଳୀଗଛରେ କଦଳୀ ଦରପାକଲ ହୋଇ ଗଲେ ସେଠାରେ ଯେବେ ମାକଡ଼ ବା ଚୋରଙ୍କ ଉପଦ୍ରବ ଥାଏ, ତେବେ ପେଣ୍ଡା ଲାଗିଥିବା କଦଳୀଗଛକୁ ମୂଳରୁ କାଟିନେଇ ଯେଉଁ ସ୍ଥାନରେ ମାଙ୍କଡ଼ଆଦିଙ୍କ ଉପଦ୍ରବ ନାହିଁ ସେଠାରେ (ଯଥା ଖଞ୍ଜାଘରର ଅଗଣାରେ) ଲୋକେ ଗଛକୁ କେତେଦିନ ପୋତି ରଖନ୍ତି ଓ ଆବଶ୍ୟକ ହେଲେ ବେଳେ କଦଳୀପେଣ୍ଡାକୁ ଗଛରୁ କାଟି ଖରଚ କରନ୍ତି । ]

୩ । ମୂଳାଗଛର ପିଣ୍ଡକୁ କାଟିବା—3. To cut a radish plant from its bulb to plant it elsewhere so that it may run into seeds.

[ ଦ୍ର—ଯେଉଁ ମୂଳା ଗଛରେ ଭୁଇଁ ଫଳ ମଞ୍ଜି ହେବ ବୋଲି ସ୍ଥିର କରାଯାଏ ସେ ମୂଳାକୁ ଉପାଡ଼ି ଗଛ ସହିତ ସଂଲଗ୍ନ ମୂଳାର ଅଗ ପାଖ କାଟି ନିଆଯାଏ ଓ ମୂଳପିଣ୍ଡକୁ ପୁଣି ଭୁଇଁରେ ପୋତି ଦିଆଯାଏ । କେତେଦିନ ବାଦ୍ ଉକ୍ତ ମୂଳା ଗଛରେ ଫୁଲ ଫୁଟି ଭୁଇଁ ଧରେ । ]

**ଖାସୁ** (ଇତ୍ୟାଦି)—ଖାସୀ ଇତ୍ୟାଦି (ଦେଖ)
Khāsu (etc) Khāsī etc (See)

**ଖାସୁଆ**—ଗ୍ରା. ଓ. ପ୍ରାଦେ (ସମ୍ବଲପୁର) ବିଣ.—କାଶୁଆ; ଯେ ସର୍ବଦା
Khāsuā କାଶୁଥାଏ—Constantly coughing.
কাশুয়া

**ଖାସ୍ତା**—ବୈଦେ· ବିଣ.—(ଫା.ଖସ୍ତହ୍=ମସକା; ଅ.ଖାଧା=ମଅଳ୍‌ଦାର୍)
Khāsta ୧ । ଅଟାରେ ପ୍ରଥମେ ଘିଅ ଦିଆଯାଇ ପରେ ପାଣି ମିଶା-
খাস্তা ଯାଇ ଦଳା ହୋଇ ଘିଅରେ ଛଣାହୋଇଥିବା ପୁରି, ଲୁଚି;
**खस्ता, खास्ता** ମୁସୁମୁସିଆ; ମୁଡ଼ୁମୁଡ଼ିଆ; ମଅଳ୍‌ଦାର୍—1. Well-kneaded; (bread) which breaks into crumbs on light pressure.

(ଯଥା—ଖାସ୍ତା ଗଜା; ଖାସ୍ତା ପୁରି, ଖାସ୍ତା କଚୁରି ।)

୨ । ବିକୃତ; ନଷ୍ଟ—2. Deteriorated.

ସାତ ନକଲ୍‌ରେ ଅସଲ ଖାସ୍ତା—ଢଗ ।

**ଖି**—ଦେ. ବି. (ସଂ. କ୍ଷିପ)—ଖିଅ (ଦେଖ)
Khi Khia (See)

**ଖିଅ**—ଦେ. ବି. (ସଂ. କ୍ଷିପ)—୧ । ସୂତାର ସରୁ—.
Khia 1. A strand or string of thread.

ବରଷକେ କାଟେ ତିନ ଚାରିଛଡ଼ି, ଦିନକେ କାଟଇ ଖିଏ ।
ହାସ୍ୟତରଙ୍ଗ ।

খি ୨ । ମାଛ ଧରିବା ଲୁଗା—
**धज** 2. Fishing cloth.

୩ । ଅଡ଼ୁଆ ସୂତାର ଅଗ—
3. The clue of a mass of tangled thread.

୪ । ଅଡ଼ୁଆ ହେବା—
4. Obstruction; confusion; tangle.

୫ । ଜାଲ ପକାଇବାର ଥର—
5. One drag with a net for fishing.

୬ । (ଲକ୍ଷଣାର୍ଥ) କୌଣସି କଥା ବା ବିଷୟର ସାଙ୍ଗ—
6. Clue or trace of any matter.

**ଖିଅଇବା**—ପ୍ରାଦେ. (ଜାଜପୁର) କ୍ରି—ଖୁଆଇବା—
Khia-ibā To feed.

**ଖିଅ କାଢ଼ିବା**—ଦେ. କ୍ରି.—ଖିଅ ବାହାର କରିବା (ଦେଖ)
Khia kārdhibā Khia bāhāra karibā (See)

**ଖିଅ ଖୋଜିବା**—ଦେ. କ୍ରି—ସାମାନ୍ୟ ମାତ୍ର ଦୋଷ ଅନୁସନ୍ଧାନ କରିବା–
Khia khojibā To be on the look-out for some petty defect or drawback.

**ଖିଅଜାଲ**—ଦେ. ବି—ଲୁଗା ଆକୃତିର ଛୋଟ ଜାଲ—
Khiajāla A cloth-sized net for fishing.

**ଖିଅ ଦେବା**—ଦେ. କ୍ରି—ଲୁଗା ବା ଜାଲଦ୍ୱାରା ମାଛ ଧରିବା—
Khia debā To catch fish with a cloth or a net.

**ଖିଅ ଧରିବା**—ଦେ. କ୍ରି—ଖିଅ ଦେବା ( ଦେଖ )
Khia dharibā Khia debā ( See )

**ଖିଅ ବାହାର କରିବା**—ଦେ. କ୍ରି—୧ । ସାମାନ୍ୟମାତ୍ର ଦୋଷ ବା
Khia bāhāra karibā ତ୍ରୁଟି ଦେଖାଇବା—1. To bring out smallest defects.

୨ । କଥାର ସୂତ୍ର ଠିକଣା କରିବା—
2. To find out the clue of a matter.

**ଖିଅର**—ଦେ. ବି. ( ସଂ. କ୍ଷୌର )—ଖୁରଦ୍ୱାରା କେଶମୁଣ୍ଡନ—
Khiara Shaving.
ক্ষৌরী; কামানী
**क्षौर; हजामत**

**ଖିଅର କରିବା**—ଦେ. କ୍ରି. (ସଂ. କ୍ଷୌର)—କେଶମୁଣ୍ଡନ କରିବା—
Khiara karibā To shave.
ক্ষৌরীকরা; মাথাকামান
**हजामत बनाना**

**ଖିଅରବାଥର**—ଦେ. ବି. ( କାରର୍ଥକ ଦ୍ୱିତ୍ୱସୂ ସହଚର )—
Khiarabāāra ୧ । କ୍ଷୌରକର୍ମାଦି;ମସ୍ତକମୁଣ୍ଡନ ଓ ନଖକର୍ତ୍ତନାଦି-
1. Acts of shaving; shaving and clipping of nails.

୨ । ମୃତ ବ୍ୟକ୍ତିର ଦଶାହ ଉପଲକ୍ଷେ କ୍ଷୌରକର୍ମ—
2. The funeral rite of shaving of a deceased person's relatives on the 10th day of death.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଝ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ୍ୟ | ଜ୍ଞ | ଶ,ଷ | ଙ୍କ | ଇଯୃ | ଉଥ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଥ | ୠ | ନୃ |

**ଖିଅରବାର**—ଦେ. ବ ( ସଂ. କ୍ଷୌର + ବାସର )—କ୍ଷୌରକର୍ମ ନିମନ୍ତେ
Khiarabāra ପ୍ରଶସ୍ତ ଦିବସ (ଯଥା—ସୋମବାର ଓ ବୁଧବାର)—
The week-days considered by the Hindus to be auspicious for being shaved.

**ଖିଅର ହେବା**—ଦେ.କ୍ରି—୧ । ନିଜେ ନିଜର କେଶ ମୁଣ୍ଡନ କରିବା—
Khiara hebā 1. To shave one's self.
কামা ୨ । ଭଣ୍ଡାରିଦ୍ୱାରା ନିଜର କେଶ ମୁଣ୍ଡନ
**हजामत होना** କରାଇବା—2. To have one's self shaven by a barber.

**ଖିଆ**—ଦେ. ବି. ( ସଂ. ଖାଦ ଧାତୁ )—ଭୋଜନ; ଖାଇବା—
Khiā Eating.
খাওয়া
**खाना; खिलाई**

ଦେ. ବି. ପୁଂ. ( ସଂ. ଖାଦକ, ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ
খেগো ଯଥା—ହେଡ଼ାଖିଆ )—୧ । ଖାଦକ; ଭୋଜନକାରୀ—
**खोर** 1. Eating.
(ଖାଈ—ସ୍ତ୍ରୀ) ବୋଲୁଅ ବୋଇଲା ମୁଁ ମଡ଼ାଖିଆ ନାହିଁ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୨ । ଭୋଗୁଥିବା—2. Undergoing.
( ଯଥା—ମାଡ଼ଖିଆ । )
୩ । ଭୁକ୍ତ ( ବିପରୀତ-ଅଖିଆ )—
3. One who has already had his meal.

**ଖିଅଖେଇ**—ଦେ. ବି. ଓ ବିଣ—ଖିଆଖୋଇ (ଦେଖ)
Khiākhei Khiākhoi (See)

**ଖିଆଖୋଇ**—ଦେ. ବି ଓ ବିଣ—୧ । ଖାଇବା ଓ ଖୁଆଇବା—
Khiākhoi 1. Eating and feeding;mutual feasting.
୨ । ପରସ୍ପର ପରସ୍ପରକୁ ଖାଇବା—
2. Feeding on one another.
ଅରାଜକ ହେଲେ ଧର୍ମ ଯେ ନ ରହଇ
ମାଛ ପରି ଲୋକେ ହୁଅନ୍ତି ଖିଆଖୋଇ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୩ । ପରସ୍ପର ପରସ୍ପରକୁ ଖୁଆଇବା; ପରସ୍ପର ପାଖରେ ଖାଦ୍ୟ ଦିଅଦେଇ—
3. Feeding each other.

**ଖିଆନତ**—ବୈଦେ. ବି. ( ଅ. ଖୟାନତ୍ )—
Khiānat ୧ । ଅସାଧୁତା—1. Dishonesty.
খেয়ানত্, খিআনত্ ୨ । ପରଧନ ଆତ୍ମସାତ୍‌କରଣ—
**खयानत** 2. Misappropriation.
୩ । ବେଇମାନୀ; ବିଶ୍ୱାସଘାତକତା—
3. Breach of trust; breach of faith.

**ଖିଆପିଆ**—ଦେ. ବି. (ସହଚର ଶବ୍ଦ, ସଂ. ଖାଦନ + ପାନ)—
Khiāpiā ଭୋଜନ କ୍ରିୟା; ପାନ ଭୋଜନାଦି—
খাওয়া দাওয়া The act of feeding ( eating and drinking ).
**खानापिना**

**ଖିଆଲ୍**—ବୈଦେ. ବି. ( ଅ. ଖ୍ୟାଲ୍; ଖୟାଲ୍ = ମନ, ମନୋଯୋଗ )—
Khiāl ୧ । ଅନୁମାନ; କଳ୍ପନା—
খেয়াল 1. Imagination; guess; fancy.
**खयाल** ୨ । ମନୋଯୋଗ; ଧ୍ୟାନ—
2. Attention; contemplation.
୩ । ସ୍ମରଣ—3. Memory; remembrance.
୪ । ମତି; ମନୋଗତ ଭାବ—
4. Mental thoughts; ideas.
୫ । ଚିତ୍ତର ଅବ୍ୟବସ୍ଥିତତା; ଖାମ୍‌ଖିଆଲ୍—
5. Whim; caprice.
୬ । ବିଚାର—
6. Consideration; judgment.
୭ । ମନରେ ଦୃଢ଼ରୂପେ ଉଦିତ ହୋଇ ବହୁକାଳସ୍ଥାୟୀ ହେବା ଭାବ—7. A fixed idea.

ଦେ. ବି. ( ସଂ. ଖେଳ )—ପରିହାସ; ଥଟ୍ଟା—
Joke; pleasantry.
ଖିଆଲ ପରି କି ଧନ ମନରେ ଭଳିଲୁ ରେ ।
କବିସୂର୍ଯ୍ୟ. ବିଶୋଧଚମ୍ପୂ. ଖ ଗୀତ ।

**ଖିଆଲ୍ ଉଠିବା**—ଦେ. ବି—ମନରେ କୌଣସି ବିଷୟରେ ହଠାତ୍
Khiāl uṭhibā ପ୍ରବୃତ୍ତିବିଶେଷ ଜନ୍ମିବା—
A whim taking possession of the mind.

**ଖିଆଲ୍ କରିବା**—ଦେ. କ୍ରି—୧ । ଚେତିବା; ମନେ ରଖିବା—
Khiāl karibā 1. To remember.
খেয়ালকরা ୨ । ଚିନ୍ତା କରିବା—2. To think.
**खयाल करना** ପ୍ରାଦେ. ( ସମ୍ବଲପୁର ) କ୍ରି—ଥଟ୍ଟା କରିବା—
To joke.

**ଖିଆଲ୍‌ବାଜ୍**—ବୈଦେ. ବିଣ. ( ଫା. ଖୟାଲ୍‌ବାଜ୍ )—
Khiālbāj ଖିଆଲି ( ଦେଖ )
Khiāli ( See )

**ଖିଆଲି**—ବୈଦେ. ବିଣ. ( ଅ. ଖ୍ୟାଲି )—
Khiāli ୧ । କଳ୍ପନାପ୍ରିୟ—1. Imaginative.
খেয়ালী ୨ । ଥଟ୍ଟିଲ—2. Jesting; jocular.
**खयाली** ୩ । ଖାମ୍‌ଖିଆଲି; ଅବ୍ୟବସ୍ଥିତଚିତ୍ତ—
3. Whimsical.
୪ । ଯାହା ସଙ୍ଗେ ପରିହାସ କରାଯାଇପାରେ—
4. Fit to be jested with.

**ଖିଆଲିଆ**—ଦେ. ବିଣ—ଖିଆଲି ( ଦେଖ )
Khiālia Khiāli ( See )

**ଖିଆସ**—ବୈଦେ. ବି. ( ଫା. ଖ୍ୱାହିସ୍ = ଅଭିଳାଷ)—ଥଟ୍ଟା—
Khiāsa Jest.
ঠাট্টা
**ठट्ठा**

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖିଅ ହେବା**—ଦେ. କ୍ରି—ଖାଇବା କ୍ରିୟାର କର୍ମବାଚ୍ୟରେ ରୂପ—
Khiā hebā — The passive form of Khāibā; to eat.
ଖାଓୟାହওୟା

**ଖିଁ ଖିଁ**—ଦେ ( ଧ୍ୱନ୍ୟନୁକରଣ ) ଅ—୧ । ଖେଙ୍କିବାର ଧ୍ୱନି—
Khiñ-khiñ — 1. Sound of snarling.
খেঁক খেঁক ୨ । ଉଚ୍ଚହାସ୍ୟର ଧ୍ୱନି—
2. Sound of horse-laughter.

**ଖିଁ ଖିଁ କରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି (ଧ୍ୱନ୍ୟନୁକରଣ)—
Khiñ khiñ karibā ୧ । ଉଚ୍ଚହାସ୍ୟ କରିବା—
1. To laugh loudly.
୨ । ହସାଇବା—2. To cause another to laugh.
୩ । ଉଚ୍ଚୈଃସ୍ୱରରେ କାନ୍ଦିବା—3. To cry loudly.

**ଖିକାଇବା**—ପ୍ରାଦେ. (ସମ୍ବଲପୁର) କ୍ରି (ଧ୍ୱନ୍ୟନୁକରଣ)—୧ । ଖିଙ୍କାରିବା—
Khikāibā — 1. To snarl.
୨ । ଘୃଣା ପ୍ରକାଶ କରିବା—
2. To give vent to disgust or hate.

**ଖିକିନି**—ପ୍ରାଦେ. ( ସମ୍ବଲପୁର ) ବି. ( ଧ୍ୱନ୍ୟନୁକରଣ )—ଭୁଣ୍ଡଗାଲୁ; ଭୁରୁଡ଼ୁ—
Khikini — Vainglory; bragging; bombastic denial.

**ଖିକିନି କରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଭୁଣ୍ଡଗାଲୁ କରିବା; ଭୁରୁଡ଼ାଇବା—
Khikini karibā — To deny with boast; to be vainglorious..

**ଖିଖି**—ସଂ. ବି (ଖି ଧାତୁ=ଶବ୍ଦ କରିବା + କର୍ତ୍ତୃ. ଇଖି)—କୋକିଶିଆଳି—
Khikhi — Fox.
ଦେ. ( ଧ୍ୱନ୍ୟନୁକରଣ ) ଅ—୧ । ଖେଙ୍କିବାର ଶବ୍ଦ—
1. Snaring or chattering sound
୨ । ଖେଁ ଖେଁ ହସିବାର ଶବ୍ଦ—
2. Sound of grinning or loud laughter.

**ଖିଖିଖା**—ପ୍ରାଦେ. (ସମ୍ବଲପୁର) ବିଣ ( ସଂ. ରୁକ୍ଷ; କୁତ୍ସିତ )—
Khikhikhā — କୁତ୍ସିତା; ଅସୁନ୍ଦରୀ—Ugly.
( ଯଥା—ସେ ଟୁକେଲ୍‌ଟା ଖିଖିଖା ଦିଶୁଛି । )

**ଖିଙ୍କରା**—ଦେ. ( ଧ୍ୱନ୍ୟନୁକରଣ ) ବି (ସଂ. ଖି ଧାତୁ=ଶବ୍ଦ କରିବା )—
Khiṅkarā ୧ । କ୍ରୋଧରେ ମୁଖକୁ ବିକୃତ କରି କଥା କହିବା—
1. Chattering with rage; growling.
୨ । ଖେଙ୍କିବା—2. Snarling; snapping.

**ଖିଙ୍କା**—ଦେ. ବି—ଖିଙ୍କରା ( ଦେଖ )—
Khiṅkā — Khiṅkarā ( See )

**ଖିଙ୍କାରିବା**—ଦେ. କ୍ରି ( ଧ୍ୱନ୍ୟନୁକରଣ )—୧ । ଦନ୍ତମର୍କଟ ହେବା; ରାଗରେ ମୁଖବିକୃତ କରି ରୁକ୍ଷ ଭାବରେ କଥା କହିବା—
Khiṅkāribā — 1. To utter harsh, growling words on account of rage.
୨ । ଖେଙ୍କିବା—2. To snarl; to snap at.

**ଖିଙ୍କାରିହେବା**—ଦେ. କ୍ରି—ଖିଙ୍କାରିବା ( ଦେଖ )—
Khiṅkārihebā — Khiṅkāribā ( See )

**ଖିଙ୍କିବା**—ଦେ. କ୍ରି—୧ । ଖେଙ୍କିବା—
Khiṅkibā — 1. To snarl.

**ଖିଙ୍ଖାରିବା**—ଦେ. କ୍ରି—ଖିଙ୍କାରିବା ( ଦେଖ )—
Khiṅkhāribā — Khiṅkāribā ( See )

**ଖିଙ୍ଖାରିହେବା**—ଦେ. କ୍ରି—ଖିଙ୍କାରିହେବା (ଦେଖ)
Khiṅkhārihebā — Khiṅkārihebā (See)

**ଖିଙ୍ଖିର**—ସଂ. ବି. ପୁଂ—୧ । କୋକିଶିଆଳି—
Khiṅkhira — 1. Fox.
(ଖିଙ୍ଖିରୀ—ସ୍ତ୍ରୀ) ୨ । ଖଟଖୁରା—
2. The foot of a bed-stead.
୩ । ଶିବଙ୍କ ଅସ୍ତ୍ରବିଶେଷ; ଖଟ୍ବାଙ୍ଗ—
3. A weapon of God Śiba.

**ଖିଙ୍ଗିଶା**—ଦେ. ବି (ନାମ)—ରଣପୁର ଓ ନୂଆଗଡ଼ର ମଧ୍ୟସ୍ଥିତ ପର୍ବତ—
Khiṅgiśā — The mountain lying between Ranpur and Nayagarh Feudatory States of Orissa.

**ଖିଚୃଡ଼ି**—ପ୍ରାଦେ (ସମ୍ବଲପୁର) ବି—ଖେଚୃଡ଼ି (ଦେଖ)
Khichrdi — Khechārdi (See)

**ଖିଚ୍‌ପିଚାଇବା**—ପ୍ରାଦେ (ସମ୍ବଲପୁର) କ୍ରି (ତୁଳ. ବ. খিটখিট; খিটমিট)—
Khichpichāibā ୧ । ବିରକ୍ତିପ୍ରକାଶ କରିବା; ଚିଡ଼ିବା—
1. To show sings of anger.
୨ । କାମ କରିବାକୁ ଅନିଚ୍ଛା ପ୍ରକାଶ କରିବା—
2. To show or express unwillingness to work.

**ଖିଚିଙ୍ଗ**—ଦେ.ବି (ସଂ. କୀଚକଗଡ଼)—ମୟୂରଭଞ୍ଜ ରାଜ୍ୟର ପଶ୍ଚିମ ସୀମାରେ ଖଇରବନ୍ଦନ ଓ କଣ୍ଟକରା ନଦୀର ସଙ୍ଗମ ନିକଟରେ ଅବସ୍ଥିତ ଗୋଟିଏ ବଡ଼ ପଲ୍ଲୀ—
Khichiṅg — A large village situated near the confluence of the rivers Khairabandana and Kanṭakarā in the west of the Mayurbhanj Feudatory State of Orissa.

[ ଦ୍ର—ଏଠାରେ ଦୁଇଟି ଗଡ଼ର ଓ ଅନେକ ମନ୍ଦିରର ଭଗ୍ନାବଶେଷ ରହିଅଛି । ଜନଶ୍ରୁତି ଅଛି ଯେ, ଏଠାରେ ବିରାଟ ରାଜାଙ୍କର ଗଡ଼ ଥିଲା । ଏ ଗ୍ରାମରେ ପ୍ରତିଷ୍ଠିତ ଦେବତା ଖିଚିଙ୍ଗେଶ୍ୱରୀ ( କୀଚକେଶ୍ୱରୀ ) ମୟୂରଭଞ୍ଜ ରାଜବଂଶର ଇଷ୍ଟଦେବତା ଅଟନ୍ତି । ମୟୂରଭଞ୍ଜର ମହାରାଜାମାନେ ଏ ଭଗ୍ନାବଶେଷମାନ ବାହାରକରି ଅନେକଗୁଡ଼ିଏ ଜୀର୍ଣ୍ଣସଂସ୍କାର କରାଇ ଅଛନ୍ତି ଓ ଅନେକ ପ୍ରତ୍ନତତ୍ତ୍ୱ ବାହାର କରିଅଛନ୍ତି । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ଼ | ଉ଼ | ର଼,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଯ଼ | ଉଅ | ଛ |
| ୨ | ଈ | ଊ | ଋ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ଼ |

ଖିଚୁଡ଼ି—ଗ୍ରା. ବ.—ଖେଚୁଡ଼ି (ଦେଖ)
Khichur̲di Khechar̲di (See)

ଖିଜ୍‌ମତ୍ ( ଇତ୍ୟାଦି )—ବୈଦେ. ବ ( ଅ. )—
Khijmat (etc) ଖିଦ୍‌ମତ୍ ଇତ୍ୟାଦି (ଦେଖ)
Khidmat etc (See)

ଖିଜ୍‌ମଦ୍ (ଇତ୍ୟାଦି)—ବୈଦେ. ବ ( ଅ. )—
Khijmad (etc) ଖିଦ୍‌ମତ୍ ଇତ୍ୟାଦି (ଦେଖ)
Khidmat etc (See)

ଖିଜାଇବା—ପ୍ରାଦେ. କ୍ରି ( ତୁଳ. ହି. ଖିଜ୍‌ଲାନା—ବିରକ୍ତ କରିବା; ଖିଜ୍‌ଲାନା—ଚଡ଼ାଇବା )—
Khijāibā
୧ । ( ସମ୍ବଲପୁର ) ବିରକ୍ତ କରିବା—
1. To tease.
୨ । ( ସୋନପୁର ) କଳି କରିବା—
2. To quarrel.

ଖିଜାଲି—ପ୍ରାଦେ. ବ (ସୋନପୁର; ତୁଳ. ହି. ଖୀଜ୍—ଚଡ଼ାଇବା ବାକ୍ୟ; ଖିଜ୍‌ଲାନା—ଚଡ଼ାଇବା)—କଳି—
Khijālā
Quarrel.
ପ୍ରାଦେ. ବଣ.—କଳିହା—Quarrelsome.

ଖିଜିଙ୍ଗ୍—ଦେ. ବ. ( ନାମ )—ଖିଚିଙ୍ଗ୍ ( ଦେଖ )
Khijiṅg Khichiṅg ( See)

ଖିଜିଆଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଖେଙ୍କିବା—
Khijiāibā 1. To snarl; to snap at.
୨ । ଖଟେଇହେବା—2. To make faces.

ଖିଜିବା—ପ୍ରାଦେ (ସମ୍ବଲପୁର) କ୍ରି ( ତୁଳ. ହି. ଖୀଜନା; ସଂ. ଖିଦ ଧାତୁରୁ ଖିଦ୍ୟତେ—ପ୍ରା. ଖିଜ୍ଜଇ)—ବିରକ୍ତହେବା—
Khijibā
To be annoyed.

ଖିଜିମତ୍ ( ଇତ୍ୟାଦି )—ବୈଦେ. ବ—
Khijimat (etc) ଖିଦ୍‌ମତ୍ ଇତ୍ୟାଦି (ଦେଖ)
Khidmat etc (See)

ଖିଜିମିଜିଆ—ଦେ. ବଣ. ପୁଂ. ( ପୁରୁଷଙ୍କ ପ୍ରତି ପ୍ରଯୁକ୍ତ ଗାଳିବିଶେଷ)—
Khijimijiā ଖଳିବିଳିଆ; ଅସ୍ଥିର—( a term of abuse applied to males ) Restless.

ଖିଜ୍ଜିଙ୍ଗ—ଦେ. ବ. ( ନାମ )—ଖିଚିଙ୍ଗ୍‌ର ପ୍ରାଚୀନ ନାମ—
Khijjiṅg The ancient name of Khichiṅg.

ଖିଜ୍ଜିଙ୍ଗକୋଟ୍—ଦେ. ବ. ( ନାମ )—ଖିଚିଙ୍ଗ୍‌ର ପ୍ରାଚୀନ ନାମ—
Khijjiṅgkoṭ The ancient name of Khichiṅg.

ଖିଞ୍ଚିବା—ଦେ. କ୍ରି—ଖେଞ୍ଚିବା ( ଦେଖ )
Khiñchibā Kheñchibā ( See )

ଖିଟ୍‌ଖିଟିଆ—ଦେ. ବଣ. (ଧ୍ୱନ୍ୟନୁକରଣ)—ଚିଡ଼ିଲ; ସର୍ବଦା ବିରକ୍ତ—
Khiṭkhiṭiā Surly; irritable; fretful; peevish.
খিটখিটে; খিটখিটিয়া
चिड़चिड़ा

ଖିଟ୍‌ଖିଟି ହେବା—ଦେ. କ୍ରି. ( ସଂ. ଖିଟ ଧାତୁ; ତ୍ରାସେ )—
Khiṭkhiṭi hebā ୧ । ବିରକ୍ତ ହେବା; ଚିଡ଼ିବା—
খিটখিটান 1. To fret.
चिढ़ना ୨ । ବିରକ୍ତି ହେଲୁ ମୃଦୁଭର୍ତ୍ସନା କରିବା—
2. To give expression to one's displeasures; to sulk.

ଖିଟିଖିଟି—ଦେ. ଅ. ( ଧ୍ୱନ୍ୟନୁକରଣ )—ଟିକିଟିକି; ଟିକିଟିକି ( କରି ଛିଣ୍ଡାଇ ଦେବା )—Into shreds.
Khiṭikhiṭi
টুকিটুকি
टुकड़ा टुकड़ा

ଖିଟିଖିଟିଆ—ଦେ. ବଣ—ଖିଟ୍‌ଖିଟିଆ ( ଦେଖ )
Khiṭikhiṭiā Khiṭkhiṭiā ( See )

ଖିଟିଖିଟି ହେବା—ଦେ. କ୍ରି—ଖିଟ୍‌ଖିଟି ହେବା ( ଦେଖ )
Khiṭikhiṭi hebā Khiṭkhiṭi hebā ( See )

ଖିଡ଼୍‌କି—ଦେ. ବ—ଖିଡ଼ିକି ( ଦେଖ )
Khir̲dki Khir̲diki ( See )

ଖିଡ଼୍‌କିଦାର୍—ଦେ. ବଣ. ( ସଂ. ଖଡ଼କ୍କୀ=ଝରକା + ପା. ଦାର୍=ସମ୍ବଳିତ )—
Khir̲dkidār
খিড়কিদার ୧ । ଯେଉଁ କୁରୁତାର ଅଗପାଖ ବେକତଳେ କିଛି
खिड़कीदार ଅଂଶ ବୋତାମ ଲଗିବା ପାଇଁ ଖୋଲାଥାଏ—
1. ( shirt ) Having a buttoned opening below the neck.
୨ । ଯେଉଁ ପଗଡ଼ିର ଉପରପାଖେ କିଛି ଅଂଶ ଖୋଲାଥାଏ—
2. (turban) Having an opening at the top.
୩ । ଯେଉଁ ଟୋପିର ଉପରେ ଛିଦ୍ର ଥାଏ—
3. ( cap ) Having holes at the top.

ଖିଡ଼ି—ପ୍ରାଦେ. ( ଗଞ୍ଜାମ ) ବ—ଖିଡ଼ିକି ( ଦେଖ )
Khir̲di Khir̲diki ( See )

ଖିଡ଼ିକା—ଦେ. ବ—୧ । ଖିଡ଼ିକି ( ଦେଖ )
Khir̲dikā 1. Khir̲diki ( See ).
୨ । କବାଟ କିଳିବା ଅର୍ଗଳ; କିଳଣୀ; ହୁଡ଼୍‌କା—
2. Bolt of a door; bar.
ଲେଉଟ ଘରେ ପୂରଇ କିଳଲେ ଖିଡ଼ିକା—ପୀତାମ୍ବର. ନୃସିଂହପୁରାଣ ।

ଖିଡ଼ିକି—ଦେ. ବ. ( ସଂ. ଖଟକ୍କିକା; ଖଡ଼କ୍କୀ=ଝରକା )—
Khir̲diki ୧ । ଝରକା—
খিড়কি 1. Window; shutter; a venetian.
खिड़की ୨ । ପାନିଏଲି ଲଗା ଝରକା—
2. Panelled window.
୩ । ଗୁପ୍ତକବାଟ—
3. A secret door; a trap-door.
୪ । ବାଡ଼ିଦୁଆର—4. Back-door.
୫ । କଙ୍କଣବିଶେଷ—5. A kind of bracelet.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୬। ଘରର ପଛ ଅଂଶ—
.6 The back part of a house.

**ଖିଡ଼କିଚି କଣ୍ଟା**— ପ୍ରାଦେ. (ଗଡ଼ଜାତ) ବି.—୧। ଅତି କ୍ଷୁଦ୍ର କଣ୍ଟକଯୁକ୍ତ
Khirdikichi kanta ଗୁଳ୍ମବିଶେଷ—1. Mimosa
সেয়াকুল Himalayana (Haines).
**शिहाकमाटा** ୨। କାନକୋଳି (ଦେଖ)
2. Kanakoli (See)

**ଖିଡ଼କିଦୁଆର**— ଦେ. ବି. (ଫ. ଖିଡ଼କୀ+ଦ୍ୱାର)—୧। ବାଡ଼ିଦୁଆର—
Khirdiki duara 1. Back-door of a house.
খিড়কিদুয়ার ଖିଡ଼କି ଦୁଆର ବାଟେ ଯଥ ବେଗେ କାଢ଼। ଜଦେ. ବେ. ପ.
**खिड़किदरवाजा** ୨। ଗଳିଦୁଆର—2. A trap-door.

**ଖିଡ଼କି ଦେବା**—ଦେ. କ୍ରି.—ଝରକା ବନ୍ଦ କରିବା—
Khirdiki deba To shut the window.
খিড়কিদেওয়া
**खिड़कि बन्द करना**

**ଖିଡ଼କି ବାଟ**—ଦେ. ବି.—ଗଳିକିବାଟ (ଦେଖ)
Khirdiki bata Galikabata (See)
খিড়কিপথ

**ଖିତାପ୍**—ବୈଦେ. ବି. (ଫା. ଖିତାବ୍)—ରାଜଦତ୍ତ ସମ୍ମାନସୂଚକ ଉପାଧି—
Khitap Honorary title given by the king or
খেতাব Government.
**खिताब**

**ଖିତାପୀ**—ବୈଦେ. ବିଣ. (ଅ. ଖିତାବୀ)—ରାଜଦତ୍ତ ପଦବୀଦ୍ୱାରା ଭୂଷିତ—
Khitapi Titled; one who has been given some
খেতাবী honorary title by the king or
**खिताबी** Government.

**ଖିତାବ**—ବୈଦେ. ବି. (ଅ)—ଖିତାପ୍ (ଦେଖ)
Khitab Khitap (See)

**ଖିତାବୀ**— ବୈଦେ. ବିଣ. (ଅ)—ଖିତାପୀ (ଦେଖ)
Khitabi Khitapi (See)

**ଖିତି**—ଗ୍ରା. ବି.—(ସ. କ୍ଷତି)—କ୍ଷତି; ଲୋକସାନ୍—
Khiti Loss; damage.

**ଖିଦ୍ (ଧାତୁ)**—ସ.—୧। ଦୁଃଖିତ ହେବା—
Khid (root) 1. To suffer pain; to be troubled.
୨। କ୍ଳାନ୍ତ ହେବା—
2. To feel tired or exhausted.

**ଖିଦ୍‌ମତ୍**—ବୈଦେ. ବି. (ଫା ଓ ଅ)—୧। ଚାକିରି—
Khidmat 1. Service; personal service.
খিদ্মৎ ୨। ଶୁଶ୍ରୂଷା; ସେବା—2. Attending or waiting
**खिदमत** on.
୩। ନୀଚ ଚାକିରି—3. Menial service.

**ଖିଦ୍‌ମତ୍‌କାର୍**—ବୈଦେ. ବି. (ଫା. ଖିଦ୍‌ମତ୍‌ଗାର୍)—୧। ଭୃତ୍ୟ;
Khidmatkar ସେବକ—1. Servant.
খিদ্মৎগার ୨। ସର୍ଦ୍ଦାର ବେହେରା; ପ୍ରଧାନ ଚାକର—
**खिदमतगार** 2. Butler; table servant.
[ ଦ୍ର—ଏ ଫାରସୀ ଶବ୍ଦ ଇଂରାଜୀ ଭାଷାରେ ଚଳନ୍ତି। ]
୩। ଅର୍ଦ୍ଦଳି; ଟହଲିଆ—3. An orderly.
୪। ଯେଉଁ ଚାକର ଘରର ସାମାନ୍ୟ ବା ନୀଚ କର୍ମମାନ କରେ—4. Menial servant.
୫। ଶାମିନ୍ଦଙ୍କ ଦେହସେବାକାରୀ ଚାକର—
5. Personal servant.

**ଖିଦ୍‌ମତ୍‌କାରି**—ବୈଦେ. ବି.—(ଫା. ଖିଦ୍‌ମତ୍‌ଗାରୀ)—
Khidmatkari ୧। ଚାକରପଣ—
খিদ্মৎগারী 1. The state of being a servant.
**खिदमतगारी** ୨। ଖିଦ୍‌ମତ୍‌କାରର ଚାକରି—
2. The service or post of a khidmatkar.

**ଖିଦ୍‌ମତ୍‌କାରିଆ**—ବୈଦେ. ବିଣ. ( ଫା. ଖିଦ୍‌ମତ୍‌ଗାରୀ )—
Khidmatkaria ୧। ଭୃତ୍ୟପରି ସେବାକାରୀ—
1. Attending like a servant
୨। ଖିଦ୍‌ମତ୍‌କାର କାର୍ଯ୍ୟ କରୁଥିବା
2. Serving as a khidmatgar.

**ଖିଦ୍‌ମତ୍‌ଗାର୍**—ବୈଦେ. ବି. (ଫା)—ଖିଦ୍‌ମତ୍‌କାର୍ ( ଦେଖ )
Khidmatgar Khidmatkar ( See )

**ଖିଦ୍‌ମତ୍‌ଗାରି**—ବୈଦେ. ବି. ( ଫା. ଖିଦ୍‌ମତ୍‌ଗାରୀ )—
Khidmatgari ସେବକର କାର୍ଯ୍ୟ—The work or post
of a menial servant.

**ଖିଦ୍‌ମତ୍‌ଗାରିଆ**—ବୈଦେ. ବିଣ. ( ଫା. ଖିଦ୍‌ମତ୍‌ଗାର୍ )—
Khidmatgaria ଖିଦ୍‌ମତ୍‌କାରିଆ ( ଦେଖ )
Khidmatkaria ( See )

**ଖିଦ୍‌ମତି**—ବୈଦେ. ବିଣ. ( ଫା. ଖିଦ୍‌ମତୀ )—ଚାକରିସମ୍ବନ୍ଧୀୟ—
Khidmati Relating to service
খিদ্মতী ( ଯଥା ଖିଦ୍‌ମତି ଜାଗିର୍; ଖିଦ୍‌ମତି ମାଫୀ। )
**खिद्मती** ବୈଦେ. ବି—୧। ( ଫା. ଖିଦ୍‌ମତ )—
ଖିଦ୍‌ମତ ( ଦେଖ )
1. Khidmat ( See )
୨। ( ଫା. ଖିଦ୍‌ମତ୍‌ଗାରୀ )—ଖିଦ୍‌ମତ୍‌କାରି ( ଦେଖ )
2. Khidmatkari ( See )

**ଖିଦ୍‌ମତି ଜାଗିରି**—ବୈଦେ. ବି. ( ଫା. ଖିଦ୍‌ମତୀ+ଜାଗୀର୍ )—
Khidmati jagiri ଚାକରାନ୍ ଜାଗିର୍; ଦରମା ପରିବର୍ତ୍ତରେ
খিদ্মতী জায়গীর ଚାକରକୁ ମିଳିଥିବା ଜମି—
**खिदमतीजागीर** Land given to a servant in lieu
of pay.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଦ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ଦ |

ଖିଦ୍‌ମତ୍ ମାଫି—ବୈଦେ. ବି. ( ଫା. ଖିଦ୍‌ମତ୍ + ମୁଆଫୀ )—
Khidmati māfi — ଚାକିରି ପରିବର୍ତ୍ତେ ଚାକରକୁ ମିଳିଥିବା ନିଷ୍କରଭୂମି—
खिदमती माफ़ी — Rent-free land given to a servant in lieu of pay.
**खिदमतीमाफी**

ଖିଦିଭ୍—ବୈଦେ. ବି. ( ଫା. ଖେଦିଭ୍ )—ପୂର୍ବେ ତୁରସ୍କର ସୁଲ୍‌ତାନଙ୍କ
Khidibh — ଅଧୀନସ୍ଥ ମିତ୍ରରାଜ୍ୟ ଓ ବର୍ତ୍ତମାନ ସ୍ୱାଧୀନ ପ୍ରଜାମାନଙ୍କ
খেদিভ — ପ୍ରତିନିଧିରୂପେ ମିଶରଦେଶକୁ ଶାସନ କରୁଥିବା ମୁସଲ୍‌ମାନ୍
**खेदीव** — ଶାସକଙ୍କ ଉପାଧି—The title of the Ruler of Egypt which was formerly a feudatory state under the Sultan of Turkey and is now a republic presided over by the President.

ଖିଦିର—ସଂ. ବି. ପୁଂ. ( ଖିଦ୍ ଧାତୁ=ଦୁଃଖିତ ହେବା+କର୍ତ୍ତୃ. ଇର )—
Khidira — ୧ । ମୁନି; ଋଷି—1 An ascetic; a sage.
୨ । ଚନ୍ଦ୍ର—2. The moon.
୩ । ଗରିବ ଲୋକ —3. Poor man.
୪ । ଇନ୍ଦ୍ର—4. Indra.

ଖିଦ୍ୟମାନ—ସଂ. ବିଣ. ପୁଂ. ( ଖିଦ ଧାତୁ=ଦୁଃଖିତ ହେବା+କର୍ତ୍ତୃ.
Khidyamāna — ଅନ )—୧ । ଯେ ଦୁଃଖ ପାଉଅଛି—
(ଖିଦ୍ୟମାନା—ସ୍ତ୍ରୀ) — 1 Suffering; distressed.
୨ । ଯେ ଖେଦ କରୁଅଛି; ଯେ ଶୋକ କରୁଅଛି; ଶୋକକାରୀ—2. Lamenting; wailing; being grieved.

ଖିଦ୍ର—ସଂ. ବି. ( ଖିଦ ଧାତୁ+ସଂଜ୍ଞାର୍ଥେ. ର )—୧ । ରୋଗ—
Khidra — I. Disease; illness.
খুদ্দ — ୨ । ଦାରିଦ୍ର୍ୟ; ଦରିଦ୍ରତା—2. Poverty.
**खुदरा** — ଗ୍ରା. ବିଣ. ( ସଂ. କ୍ଷୁଦ୍ର )—୧ । କ୍ଷୁଦ୍ର; ଛୋଟ—
1 Small; petty.
୨ । ହେୟ—2. Insignificant.
ଗ୍ରା. ବି. ( ସଂ. ଛିଦ୍ର )=୧ । ଗୃହଛିଦ୍ର—
1. Family-secrets.
୨ । ( ସଂ. କ୍ଷୁଦ୍ର )—ତୁଚ୍ଛ ବିଷୟ—
2. Insignificant matter.

ଖିଧା—ପ୍ରାଦେ. (ମେଦିନୀପୁର) ବି. (ତୁଳ. ବଂ. ଖିଦା)—କ୍ଷୁଧା; ଭୋକ—
Khidhā — Hunger.

ଖିନ୍—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. କ୍ଷୀଣ )—
Khin — କ୍ଷୀଣ; ଶୀର୍ଣ୍ଣକାୟ; ସରୁ—
Weak; thin.

ଖିନ୍‌ଖରାପ୍—ଦେ. ବିଣ. ( ଫା. ଖାନାଖରାବ୍ )—
Khin-kharāp — ୧ । ନଷ୍ଟ—1. Damaged; spoiled.
खानाखाराप — ୨ । ଅପବ୍ୟୟିତ—2. Wasted; squandered.
**खानाखराब** — ୩ । ଉଚ୍ଛନ୍ନ; ସର୍ବସ୍ୱାନ୍ତ; ବିଧ୍ୱସ୍ତ—
3. Devastated; utterly ruined.

ଖିନ୍‌ଖରାପି—ବୈଦେ. ବିଣ. ( ଫା. ଖାନାଖରାବ୍ )—
Khin-kharāpi — ଖିନ୍‌ଖରାପ୍ ( ଦେଖ )
Khin-kharāp ( See )
ବୈଦେ. ବି. ( ଫା. ଖାନାଖରାବୀ )—୧ । ବିନାଶ—
खानाखाराबी — 1. Destruction; devastation.
**खानाखराबी** — ୨ । ଅପବ୍ୟୟ—2. Waste.
୩ । ସର୍ବନାଶ—3. Utter ruination.

ଖିନ୍‌ଖରାବ୍—ବୈଦେ. ବି ଓ ବିଣ (ଅ)—ଖିନଖରାପି ( ଦେଖ )
Khin-kharāb — Khin-kharāpi ( See )

ଖିନ୍‌ଖରାବି—ବୈଦେ. ବି ଓ ବିଣ—ଖିନ୍‌ଖରାପି ( ଦେଖ )
Khin-kharābi — Khin-kharāpi ( See )

ଖିନ୍‌ଖିନ୍—ଦେ. ବିଣ. ( ସଂ. ଛିନ୍ନଭିନ୍ନ; ଛିନ୍ନଭିନ୍ନ )—
Khin-khin — ପୁଙ୍ଖାନୁପୁଙ୍ଖ—Thorough.
( ଯଥା—ସେ ଖିନ୍ ଖିନ୍ କରି ସେ କଥାଟି ମୋଠାରୁ ବୁଝିଗଲା । )
ଦେ. କ୍ରି. ବିଣ—୧ । ପୁଙ୍ଖାନୁପୁଙ୍ଖରୂପେ—
1. Thoroughly.
୨ । ଟିକିଟିକି କରି—2. Into shreds.

ଖିନ୍‌ଭିନ୍—ଦେ. କ୍ରି. ବି ଓ ବିଣ—ଖିନ୍‌ଖିନ୍ ( ଦେଖ )
Khin-bhin — Khin-khin ( See )

ଖିନ—ଗ୍ରା. ବିଣ. ( ସଂ. କ୍ଷୀଣ )—୧ । କ୍ଷୀଣ; କୃଶ—
Khina — 1. Weak; emaciated.
୨ । ( ସଂ. ଖିନ୍ନ )—ଖିନ୍ନ ( ଦେଖ )
2. Khinna ( See )

ଖିନିଖରାପ୍—ଗ୍ରା. ବୈଦେ. ବି ଓ ବିଣ—ଖିନ୍‌ଖରାପ୍ ( ଦେଖ )
Khinikharāp — Khin-kharāp ( See )

ଖିନିଖରାପି—ଗ୍ରା. ବୈଦେ. ବି ଓ ବିଣ—ଖିନ୍‌ଖରାପି ( ଦେଖ )
Khinikharāpi — Khin-kharāpi ( See )

ଖିନ୍ନ—ସଂ. ବିଣ. ପୁଂ. ( ଖିଦ ଧାତୁ=ଦୁଃଖିତ ହେବା+କର୍ତ୍ତୃ. ତ )—
Khinna — ୧ । ଦୁଃଖିତ—
1 Sorrowful; grieved; distressed; dejected
(ଖିନ୍ନା—ସ୍ତ୍ରୀ) — ୨ । ଶ୍ରାନ୍ତ; କ୍ଳାନ୍ତ—2. Fatigued; tired.
୩ । ଅଳସ—3. Idle.
୪ । କୃଶ—4. Thin; emaciated.
ଅକୂଳେ ବସୁ ଖିନ୍ନ କଲା ସନ୍ତୁଁ—ପ୍ରାଚୀ. ରସବାରିଧି ।

ଖିପ—ପ୍ରାଦେ. (କଟକ) ବି. ( ସଂ. କ୍ଷିପ ଧାତୁ )—
Khipa — ୧ । ପାନ ପିକ; ପାନ ଖାଇବା ଲୋକର ନିଷ୍ଠୀବନ—
থুথু — 1. Spittle ejected by a person chewing betel.
**थूक**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଲ୍ଲିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲ୍ଲିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଲ୍ଲିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ତହିଁର ବିପରୀତ ୨ ବା ୧ ଚଲ୍ଲିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ପାନ ଚୋବାଇବା ପରେ ପାଟିରେ ଅବଶିଷ୍ଟ ରହୁଯିବା
ସିଠି—2. Pressed dregs left in the mouth after the juice of the chewed betel is sucked.
ସିଟି
ଖାଦ୍

**ଖିରୁପିନ**—ପ୍ରାଦେ. ( ସମ୍ବଲପୁର ) ବି—
Khir-pini ୧ । ବାଉଁଶ ନିର୍ମିତ କବାଟକୁ ଘରର ଭିତରଅଡ଼ୁ ବନ୍ଦ ରଖିବା ପାଇଁ କାଠ ବା ବାଉଁଶର ଖିଲକ; ଧଡ଼ା—
1. A bar or peg to keep a bamboo-framed door shut from inside.
୨ । (ବୈଦେ) (ଇଂ. ହେଅରପିନ୍)—ସ୍ତ୍ରୀମାନଙ୍କର ଜୁଡ଼ା ବା ଗଣ୍ଠିରେ ଗୁଞ୍ଜାଯିବା ସୂକ୍ଷ୍ମାଗ୍ର କଣ୍ଟା—2. Hair-pin.

**ଖିର**— ଦେ. ବି ( ସଂ. କ୍ଷୀର )—୧ । ଦୁଗ୍ଧ—
Khira 1. Milk.
[ ଦ୍ର—ଗଡ଼ଜାତ ଓ ଗଞ୍ଜାମ ଅଞ୍ଚଳରେ ଲୋକେ 'ଦୁଧ' କହିଲେ ସାଧାରଣତଃ ସ୍ତ୍ରୀସ୍ତନକୁ ବୁଝନ୍ତି; ଏଥିପାଇଁ ଦୁଧକୁ ଖିର, କ୍ଷୀର, ନଳାପାଣି, ଗୋରସ, ନିତ୍ୟାନ, ପ୍ରଭୃତି ନାମରେ ଅଭିହିତ କରନ୍ତି । ]
୨ । ବୃକ୍ଷନିର୍ଯ୍ୟାସ—2. Juice from trees.

**ଖିରକାଞ୍ଚଲା**— ଦେ. ବି ( ସଂ. କ୍ଷୀରକକ୍କୋଲ )—ଏକପ୍ରକାର ଗଛ; କ୍ଷୀର-
Khirakānchalā କାକ୍କୋଲ—A kind of plant.
ক্ষীরকাংকলা [ ଦ୍ର—ଏହାର ମୂଳ କନ୍ଦମୂଳ ପରି; ସ୍ତ୍ରୀମାନଙ୍କ ସ୍ତନରୁ
क्षीरकाकोली ସ୍ତନ୍ୟ ଶୁଖିଗଲେ ଏହି ମୂଳକୁ ଖାଇଲେ ସ୍ତନ୍ୟ ବଢ଼େ ।]

**ଖିରକୋଳି**—ଦେ. ବି (ସଂ. କ୍ଷୀର+କୋଳ)—କ୍ଷୀରକୋଳି (ଦେଖ)—
Khirakoḷi Kshīrakoḷi ( See )

**ଖିରଚାଉଳ ହେବା**— ଦେ. କ୍ରି–(ଧାନଗଛ ) କ୍ଷୀର ହୋଇବା ପରେ ଧାନ
Khirachāuḷa hebā ଭିତରର ଶସ୍ୟ ଟାଣ ହେବାକୁ ଆରମ୍ଭ କରିବା-
( a paddy-plant) To have the kernel hardered inside the paddy-grain.

**ଖିରସମୁଦ୍ର**—ଦେ. ବି— କ୍ଷୀରସମୁଦ୍ର ( ଦେଖ )—
Khirasamudra Kshīrasamudra (See)

**ଖିରସା** (ଇତ୍ୟାଦି)—ଦେ. ବି—କ୍ଷିରସା ଇତ୍ୟାଦି ( ଦେଖ )—
Khirasā (etc) Kshirisā etc (See)

**ଖିରସାଗର**—ଦେ· ବି—କ୍ଷୀରସାଗର ( ଦେଖ )—
Khirasāgara Kshīrasāgara ( See )

**ଖିରସ୍ତାନ୍**—ଦେ. ବି. ପୁଂ (ଇଂ. କ୍ରିଶ୍ଚିଆନ୍)—୧ । ଖ୍ରୀଷ୍ଟଧର୍ମାବଲମ୍ବୀ—
Khirastān 1. Christian
(ଖିରସ୍ତାନଆଣୀ—ସ୍ତ୍ରୀ) ୨ । (ବ୍ୟଙ୍ଗ) ହିନ୍ଦୁ ହୋଇ ହିନ୍ଦୁଧର୍ମର ଶାସ୍ତ୍ରବିହିତ
খ্রীষ্টান ବର୍ଣ୍ଣାଶ୍ରମ ପ୍ରତି ଅନାସ୍ଥାକାରୀ ବ୍ୟକ୍ତି—2. (ironical)
**ईसाई, खिरस्तान, क्रस्तान** A hetorodox Hindu; a Hindu who does not observe the rigid rules of caste-system.

**ଖିରସ୍ତାନି**— ଦେ. ବି— ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକମାନଙ୍କର ଚାଲିଚଳନ (ଯଥା
Khirastāni —ଜାତିଭେଦ ଅସ୍ୱୀକାର, ପ୍ରତିମାପୂଜା ଅସ୍ୱୀକାର,
খ্রীষ্টানী ଖାଦ୍ୟାଖାଦ୍ୟରେ ଭେଦ ନ ରଖିବା ଆଦି ଆଚରଣ )
**क्रस्तानी** Conduct of a Christian ( who does not admit the caste-system, idol-worship and restrictions about food).

**ଖିରସ୍ତାନିଆଁ** —ଦେ. ବିଣ— ଖ୍ରୀଷ୍ଟାନ୍‌ଧର୍ମସୁଲଭ; ଖ୍ରୀଷ୍ଟାନ୍‌ଧର୍ମର ଅନୁରୂ—
Khirastāniān ବ୍ୟବହାର ପାଳନକାରୀ; ହିନ୍ଦୁଧର୍ମ-ବିହିତ ଆଚାରର
খ্রীষ্টানী ବିରୋଧୀ—Following rules of conduct
**क्रस्तानी** observed or followed by the Christians; opposed to the Hindu rules of conduct.

**ଖିରସ୍ତାନି ପାଠ**—ଦେ. ବି—ଆଧୁନିକ ଇଂରାଜୀ ଶିକ୍ଷା—
Khirastāni pāṭha Modern English education.
[ ଦ୍ର—ପ୍ରଥମେ ଏ ଦେଶରେ ଇଂରାଜୀ ଶିକ୍ଷା ପ୍ରବର୍ତ୍ତିତ ହେବା ସମୟରେ ଅଧିକାଂଶ ନବ୍ୟଶିକ୍ଷିତମାନେ ଇଂରାଜୀ ପଢ଼ି ହିନ୍ଦୁମାନଙ୍କ ଆଚାରବ୍ୟବହାର ପ୍ରତି ଅନାସ୍ଥା ଦେଖାଇଲେ, ମଦମାଂସ ଖାଇଲେ ଓ ପ୍ରତିମାପୂଜା କଲେ ନାହିଁ । ଏଥିପାଇଁ ସେକାଳର ନୈଷ୍ଠିକ ହିନ୍ଦୁମାନଙ୍କର ଧାରଣା ହେଲା ଯେ ଇଂରାଜୀ ପାଠ ପଢ଼ିଲେ ଖିରସ୍ତାନ୍ ହେବାକୁ ହୁଏ ଓ ଖିରସ୍ତାନ ଶବ୍ଦର ଅର୍ଥ ମଦମାଂସ ଖାଇବା ଓ ହିନ୍ଦୁଧର୍ମର ଜାତିମାତିରୁ ବହିର୍ଭୂତ ହେବା ଇତ୍ୟାଦି; ଏଥିପାଇଁ ପିଲାଏ ଇଂରାଜୀ ପାଠ ପଢ଼ିଲେ ଖିରସ୍ତାନ୍ ହୋଇଯିବେ ଏହି ଭୟରେ ବାପମାଆମାନେ ସେମାନଙ୍କୁ ଇଂରାଜୀ ପଢ଼ାଇବାକୁ ସାହସ କରୁନଥିଲେ । ଏବେ ଏ ଧାରଣା କ୍ରମଶଃ ଦୂରୀଭୂତ ହେଉଅଛି ଓ ଇଂରାଜୀପଢ଼ୁଆଙ୍କ ପୂର୍ବକାର କଳାପାହାଡ଼ୀ ଭାବ କମିଯାଇଛି । ]

**ଖିରା**—ପ୍ରାଦେ (ସମ୍ବଲପୁର) ବି—( ଭୁଲ. ହି. ଖୀରା; ସଂ. କ୍ଷୀରକ)—
Khirā କ୍ଷିରା (ଦେଖ)—
Kshirā (See)
क्षीर ଦେ. ବି—ଖୁବ୍ ଘନ ହୋଇ ଅଉଟା ହୋଇ କ୍ଷିର ପରି
**मलाई** ଗାଢ଼ା ହୋଇଥିବା ଦୁଧ; ରାବଡ଼ୀ—
Condensed milk; milk thickened by boiling.

**ଖିରାଜ୍**—ବୈଦେ. ବି ( ଅ. )—ଭୂମିରାଜସ୍ୱ; ମାଲଗୁଜାର—
Khirāj Land-revenue.
खिराज [ ଦ୍ର—ଏହି ଶବ୍ଦରୁ ଲାଖିରାଜ୍ ( ନିଷ୍କର ) ଶବ୍ଦ
**खिराज** ନିଷ୍ପନ୍ନ ହୋଇଅଛି । ]

**ଖିରି** (ଇତ୍ୟାଦି)—ଦେ. ବି—କ୍ଷିରି ଇତ୍ୟାଦି (ଦେଖ)
Khiri (etc) Kshiri etc (See)

**ଖିରିକୋଇ**—ଦେ. ଅ ( ଧ୍ୱନ୍ୟନୁକରଣ )—ଷଣ୍ଢମାନଙ୍କୁ ଡାକିବା ବା
Khirikoi ଲଢ଼େଇ ପାଇଁ ଉତ୍ତେଜିତ କରିବା ପାଇଁ ବ୍ୟବହୃତ ଧ୍ୱନି—
The sound uttered for calling or goading bulls to fight.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ରି | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | 'ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଖ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ୟ | ଇଅ | ୱ | ନ୍ତ |

**ଖିରକୋଳ**—ଦେ. ବି—କ୍ଷୀରକୋଳି (ଦେଖ)
Khirikoli — Kshīrakoli (See)

**ଖିରସା (ଇତ୍ୟାଦି)**—ଦେ. ବି—କ୍ଷିରସା ଇତ୍ୟାଦି (ଦେଖ)
Khirisā (etc) — Kshirisā etc (See)

ପୂରଇଲେ ନେଇ ପିଠା ଖିରସା ଯେ ସର—ସାରଳା- ମହାଭାରତ ।

ପ୍ରାଦେ ( ସମ୍ବଲପୁର ) ବି—ଛେନା—Cheese.

**ଖିରସାଣି**—ଦେ. ବି ( ସଂ. ହ୍ରେଷା, ହ୍ରେଷଣ )—
Khirisāṇi — ଘୋଡ଼ାର ହ୍ରେଷାରବ; ହେଁ ହେଁ ଶବ୍ଦ—
हेषानि — Neighing of a horse.
**हिनहिनाहट**

ହସ୍ତୀଙ୍କର ଘଣ୍ଟାରବ ଗର୍ଜନର ବାଣୀ
ଘନ୍ତିର ଝଙ୍କାର ଅଶ୍ୱଙ୍କର ଖିରଷାଣି—ସାରଳା, ମହାଭାରତ ।

**ଖିରୁଆ**—ଦେ. ବି—ବନ୍ୟବୃକ୍ଷବିଶେଷ—
Khiruā — Somneratia Apetala (tree) Haines)

**ଖିରେଇବା**—ଦେ. କ୍ରି ( ସଂ. କ୍ଷୀର )—(ଗଛ) କ୍ଷୀରସ୍ରାବୀ ହେବା; କ୍ଷୀର ସ୍ରବଣ କରିବା—
Khireibā — (a tree) To exude juice.

**ଖିର୍ନି**—ପ୍ରାଦେ ( ସମ୍ବଲପୁର ) ବି ( ସଂ. କ୍ଷୀରିଣୀ )—
Khirni — ୧ । ବନ୍ୟ ବୃଦାବିଶେଷ
1. A wild herbarious plant.

[ ଦ୍ର—ଏହା ନାଲି ଗଛ ପରି ଦେଖାଯାଏ । ଏହାର ଫଳ କଳା-କଳା ଓ କୋଳଥ ପରି କିନ୍ତୁ କୋଳଥଠାରୁ ସାନ; ଏଥିର ମଞ୍ଜିର ଶସକୁ ଚୂନା କରି ଅଖିବିଥ ବା ଆଲୁଅରେ ଦେଲେ ଆରାମ ବୋଧହୁଏ । ]

୨ । କ୍ଷୀରକୋଳି ଗଛ (ଦେଖ) ( ତୁଲ. ହି. ଖିରନୀ)—
2. Kshīrakoli tree (See)

**ଖିଲ୍**—ପ୍ରାଦେ ( ସମ୍ବଲପୁର ) ବି ( ତୁଲ. ହି. ଖରଲ୍ )
Khil — ଶୃଙ୍ଖଳ କୁଟିବା ଉଦୂଖଳ—
A mortar for husking paddy into rice.

**ଖିଲ**—ଦେ. ବି (ସଂ. କୀଲ)—୧ । ଖିଲା; ମେଖ—
Khila — 1. A peg; a thick pin.
खील — ୨ । ଖିଡ଼ୁକା; ଅର୍ଗଳ; କବାଟର କିଳଣୀ—
**कील, खिली** — 2. A pin or bolt of a door.

୩ । (ସଂ. କୁଡ଼ଲ) ପାନ ଖିଲିଆ; ଭଙ୍ଗାପାନ; ପାନରେ ଚୂନ ଲଗାଇ ଖଇର, ମସଲା, ଭଙ୍ଗାଗୁଆ, ଗୁଣ୍ଡି ଆଦି ଦେଇ
खिलि — ମୋଡ଼ା ଯିବା କାହାଲୀ—3. A betel furnished
**खीली** — and folded with pieces of nut, spices catechu and smeared with quick-lime.

ପ୍ରାଦେ. ( କଳାହାଣ୍ଡି ) ବି—ଶଗଡ଼ର ଖାଲୁଳ—Pegs fixed on both ends of the yoke of a cart.

ପ୍ରାଦେ. ( ପୁରୀ ) ବି—କୃଷିକ୍ଷେତ୍ରରେ ଉଠିଥିବା ଗଇଶ ପ୍ରଭୃତି ଅନାବନା ଗଛ—
Weeds growing on cultivated land.

**ଖିଲ**—ସଂ. ବିଣ. (ଖ=ଶୂନ୍ୟ+ଲା ଧାତୁ=ପାଇବା+ଅ. କର୍ତ୍ତୃବାଚ୍ୟ)—
Khila — ୧ । ପ୍ରତିହତ; ଅପ୍ରହତ—.
1. Obstructed.
୨ । ଦୁର୍ଗମ—2. Impassable.
୩ । ପଡ଼ିଆ; ଅକୃଷ୍ଟ ( ଭୂମି ); ପଡ଼ିଆ—
3. Uncultivated; waste.
୪ । ଅବଶିଷ୍ଟ ରହିଥିବା—
4. Remaining; outstanding.
୫ । ଉତ୍ପନ୍ନ—5. Produced.
୬ । ପରିଶିଷ୍ଟ—6 Supplementary.
( ଯଥା—ଖିଲ ହରିବଂଶ । )

ଦେ. ବିଣ. ( ସଂ. ଅଖିଳ )—ସମଗ୍ର—
All; whole; entire.

ମିଶୁ ପଞ୍ଚଭୂତେ ଏ ଅମ୍ବର ତନୁ
ଘୋଷୁ ଅଛୁ ଯଶ ଖିଲ ଅ- ଖା—ଜଦକଣୋର, ବୃନ୍ଦାବନୀସ ।

ସଂ. ବି—୧ । ବିଷ୍ଣୁ—1. Bishṇu.
୨ । ବ୍ରହ୍ମା—2. Brahmā.
୩ । ଶୂନ୍ୟସ୍ଥାନ—3. A vacant place.
୪ । ପଡ଼ିଆ ବା ପଡ଼ିଆଭୂମି—
4 Uncultivated or waste land; waste.
୫ । ଫାଙ୍କ—5 A gap.
୬ । ଖଡ୍ଗ—6. Sword.
୭ । ମରୁଭୂମି—7. Desert.
୮ । ଅତିରିକ୍ତ ପତ୍ର; କୋଡ଼ପତ୍ର—
8. A supplement.
୯ । ସଂଗ୍ରହ—
9. A compendium; compilation.
୧୦ । ବାୟୁଶୂନ୍ୟ ସ୍ଥାନ—10. Vacuity.

**ଖିଲକାଣିଆଁ**—ଦେ. ବିଣ—ଯେଉଁ କୁସି, ଗୁଆକାତି ବା କଉଁସର ଖିଲ
Khilakāṇiān̄ — ହୁଗୁଳା ହୋଇଯିବାରୁ ତାହାଦ୍ୱାରା ଠିକ୍‌ମତେ କାର୍ଯ୍ୟସାଧନ ହୋଇ ପାରେ ନାହିଁ—
(instrument) With a slackend or disordered rivet or pivot-pin.

ପ୍ରାଦେ. ( ପୁରୀ ) ବିଣ—ଅନାବନା ଗଛରେ ପୂର୍ଣ୍ଣ (କୃଷିକ୍ଷେତ୍ର)—
(a cultivated field) Overgrown with weeds.

**ଖିଲକାତି**—ଦେ. ବି—୧ । ଯେଉଁ ଛୁରିର ପତ୍ର ଓ ବେଣ୍ଟ ମଧ୍ୟରେ
Khilakāti — ଖିଲ ଦିଆ ଯାଇଥିବାରୁ ତାହା ବନ୍ଦ କରାଯାଇ ପାରେ—
चाकू, छूरी — 1. A small folding knife; clasp-knife.
**चाकू** — ୨ । ଗୁଆକାତି—2. Nut-cracker.

**ଖିଲତ୍**—ବୈଦେ. ବି. ( ଆ. ଖିଲ୍‌ଅତ୍ )—ରାଜାଙ୍କଠାରୁ ସମ୍ମାନସୂଚକ
Khilat — ଉପାଧି ପାଇଥିବା ବ୍ୟକ୍ତିଙ୍କୁ ଦିଆଯିବା ସମ୍ମାନସୂଚକ

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଖିଲାତ୍; ଖେଲାତ୍ ପରିଚ୍ଛଦ; ଶିରୋପା—A robe presented to a recepient of a title of honour by the king or government as a token of favour.
**ख़िलअत्**

[ ଦ୍ର—ଯେଉଁ ବ୍ୟକ୍ତିଙ୍କୁ ଗଭର୍ଣ୍ଣମେଣ୍ଟ ରାୟସାହେବ୍, ରାୟ-ବାହାଦୁର୍ ଆଦି ଉପାଧି ଦିଅନ୍ତି ସେମାନେ ଭକ୍ତିର ନିଦର୍ଶନସ୍ୱରୂପ ସରକାରଙ୍କୁ ଭେଟି (ନଜରାନା) ଦିଅନ୍ତି ଓ ସରକାର ତାଙ୍କୁ ଅନୁଗ୍ରହର ଚିହ୍ନସ୍ୱରୂପ ଶିରୋପା ( ଖିଲାତ୍ ) ଦିଅନ୍ତି । ଏହା ବହୁମୂଲ୍ୟ ପୋଷାକ, ତରବାରି, ଘଡ଼ି ଆଦି ରୂପେ ଦିଆଯାଏ । ପୂର୍ବକାଳରେ ଆମଦେଶର ରାଜାମାନେ ପଦସଙ୍ଗେ ଶିରପା ବା ଶାଢ଼ୀ ଦେଉଥିଲେ । ]

**ଖିଲ ମାରିବା**—ଦେ. କ୍ରି—ଗୋଟିଏ କିଲାକୁ ଜୋରରେ ଭୂଇଁ ବା କାଠ ଆଦିରେ ପ୍ରବେଶ କରାଇବା— To drive a bolt or peg into the ground or wood.
Khilamāribā
कीलमारा
**खीलमारना**

**ଖିଲାଇବା**—ଦେ. କ୍ରି. ( ଖାଇବା କ୍ରିୟାର ହିନ୍ଦୀ ଣିଜନ୍ତ ରୂପ )— ଖୁଆଇବା—To feed.
Khilāibā
खाओस़ान
**खिलाना**

ଖିଲାଇ ମାନିକ କେଳିତ ମଧୁ ବନ୍ଧୁ କି ବନ୍ଧୁ ଅଧିରୁ ।
କବିସୂର୍ଯ୍ୟ. କଳୋଦରଚମ୍ପୂ. ୪ ଗୀତ ।

**ଖିଲାଣ**—ଦେ. ବି. ( ହିନ୍ଦୀ )—ଇଷ୍ଟକାଦିର ବୃତ୍ତାକାର ଗ୍ରନ୍ଥନବିଶେଷ; ତୋରଣ; ଉପରେ କଡ଼ି ନ ଥିବା ଛାତ; ମେହେରାବ୍— An arch; dome.
Khilāṇa
खिलान
**मेहराब; खिलान**

**ଖିଲାତ୍**—ବୈଦେ. ବି. ( ଅ. ଖିଲ୍ଅତ୍ )— ଖିଲାତ ( ଦେଖ ) Khilat ( See )
Khilāt

**ଖିଲାନ୍**—ଦେ. ବି—ଖିଲାଣ ( ଦେଖ ) Khilāṇa ( See )
Khilān

ବିରଳ ତରଳ ତାରକା ଗୁମ୍ଫିତ ସୁନୀଳ ନଭଃଖିଲାନ ।
ରାଧାନାଥ. ପାର୍ବତୀ ।

**ଖିଲାପ୍**—ବୈଦେ. ବି. ( ଅ. ଖିଲାଫ୍=ବିପରୀତ, ପ୍ରତିକୂଳ )—
Khilāp ୧ । କର୍ତ୍ତବ୍ୟର ତ୍ରୁଟି—
खेलाप 1. Neglect of duty; laches.
**ख़िलाफ़** ୨ । ଅନାସ୍ଥା; ପ୍ରତିକୂଳତା—
2. Opposition; disregard.
୩ । ଭୁଲ୍—3. Wrong; mistake
ବୈଦେ. ବିଣ—୧ । ଅନ୍ୟଥାକୃତ—
1. Done otherwise.
୨ । ତ୍ରୁଟିଯୁକ୍ତ—2. Defective.
୩ । ବିରୁଦ୍ଧ—3. Opposite.

**ଖିଲାଫ୍**—ବୈଦେ. ବି ଓ ବିଣ. (ଅ)—ଖିଲାପ୍ ( ଦେଖ ) Khilāp ( See )
Khilāph

**ଖିଲାଫତ୍**—ବୈଦେ. ବି. (ଅ)—ମୁସଲ୍‌ମାନଙ୍କର ସର୍ବ ପ୍ରଧାନ ଧର୍ମଗୁରୁ ବା ଖଲିଫାଙ୍କର ପଦ, ଅଧିକାର, କାର୍ଯ୍ୟ ବା ଆସନ— The Khalifate or the position of the Khalif, the chief religious head of the Muslims; the elected ruler of Turkey.
Khilāphat

[ ଦ୍ର—ମୁସଲ୍‌ମାନ୍‌ମାନେ ଅବହମାନ କାଳରୁ ତୁରସ୍କର ସୁଲ୍‌ତାନଙ୍କୁ ଖଲିଫା ବା ପ୍ରଧାନ ଧର୍ମଗୁରୁ ବୋଲି ସ୍ୱୀକାର କରି ଆସୁଥିଲେ । ବିଗତ ଇଉରୋପୀୟ ମହାଯୁଦ୍ଧରେ ସମ୍ମିଳିତ ବିଜେତା ମିତ୍ରଶକ୍ତିମାନେ ଏହି ଖଲିଫାଙ୍କଠାରୁ ଅନେକ ରାଜ୍ୟ ଛଡ଼ାଇ ନେବାରୁ ଏ ସମ୍ବନ୍ଧରେ ପୃଥିବୀର ( ବିଶେଷତଃ ଭାରତର ) ମୁସଲ୍‌ମାନ୍‌ମାନେ ତୀବ୍ର ଆନ୍ଦୋଳନ ଉପସ୍ଥିତ କରି, ସ୍ଥାନେସ୍ଥାନେ ସଭା ଓ ଚାନ୍ଦା କରି ଧର୍ମଗୁରୁ ଖଲିଫାଙ୍କର ରାଜ୍ୟଚ୍ୟୁତି ନ ହେବା ନିମନ୍ତେ ବଦ୍ଧପରିକର ହୋଇଥିଲେ ଓ ଏହି 'ଖିଲାଫତ୍ ସମସ୍ୟା' ସମାଧାନ ପାଇଁ ସମଗ୍ର ମୁସଲମାନ ଜଗତ କ୍ଷିପ୍ରପ୍ରାୟ ହୋଇ ଉଠିଥିଲା । ବର୍ତ୍ତମାନ ତୁରସ୍କର ମୁସଲ୍‌ମାନ୍‌ମାନେ ସୁଲ୍‌ତାନଙ୍କୁ ଅଯୋଗ୍ୟ ବିବେଚନା କରି, ତାଙ୍କଠାରୁ ରାଜ୍ୟ ଓ ଧର୍ମଗୁରୁ ଅଧିକାର କାଢ଼ି ନେଇ ତୁରସ୍କ ସାମ୍ରାଜ୍ୟକୁ ପ୍ରଜାତନ୍ତ୍ର ପ୍ରଣାଳୀରେ ଶାସନ କରୁ ଅଛନ୍ତି ଓ ତୁରସ୍କ ସୁଲ୍‌ତାନଙ୍କ ବଂଶଧର ଅନ୍ୟ ଜଣଙ୍କୁ ଖଲିଫା ନିର୍ବାଚନ କରିଅଛନ୍ତି । ବିଗତ ମହାଯୁଦ୍ଧ ସମୟରେ ଏହି ପ୍ରସଙ୍ଗର ଆଲୋଚନା ଓ ଆନ୍ଦୋଳନ ପାଇଁ ଏବଂ ତୁରସ୍କର ସୈନ୍ୟମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଭାରତର ନାନା ସ୍ଥାନରେ ଖିଲାଫତ୍ ସମିତି, ଖିଲାଫତ୍ ଫଣ୍ଡ, ଖିଲାଫତ୍ ସ୍ୱେଚ୍ଛାସେବକ ଦଳମାନ ଗଠିତ ଓ ପ୍ରତିଷ୍ଠିତ ହୋଇଥିଲା ଓ ଏମାନେ ଚାନ୍ଦା ଉଠାଇ ଲକ୍ଷଲକ୍ଷ ଟଙ୍କା ତୁରସ୍କର ଶାସନକର୍ତ୍ତାମାନଙ୍କ ନିକଟକୁ ପ୍ରେରଣ କରୁଥିଲେ । ]

**ଖିଲାଫତ୍ କମିଟି**—ବୈଦେ. ବି. ( ଅ. ଖିଲାଫତ+ଇଂ. କମିଟି )— ଭାରତର ରାଜନୈତିକ ମୁସଲ୍‌ମାନସମିତିବିଶେଷ—A modern political society of Mahomedans in India.
Khilāphat kamiṭi

**ଖିଲି**—ଦେ. ବି. ( ସଂ. ଖିଲ )—ଖିଲ ୩ ( ଦେଖ ) Khila 3 ( See )
Khili

**ଖିଲିକାଣିଆଁ**—ଦେ. ବି—ଖିଲକାଣିଆଁ ( ଦେଖ ) Khilakāṇiān ( See )
Khilikāṇiān

**ଖିଲିକାତି**—ଦେ. ବି—ଖିଲକାତି ( ଦେଖ ) Khilakāti ( See )
Khilikāti

**ଖିଲିଖିଲି**—ଦେ. ଅ. ( ଧ୍ୱନ୍ୟନୁକରଣ )—ଉଚ୍ଚହାସ୍ୟଧ୍ୱନି; କରିକରି— Sound of loud giggling laughter.
Khilikhili
खिलखिल
**खिलखिल; कहकह**

**ଖିଲିଖିଲେଇବା**—ଦେ. କ୍ରି. ( ଧ୍ୱନ୍ୟନୁକରଣ )—ଉଚ୍ଚହାସ୍ୟ କରିବା— To laugh vociferously.
Khilikhileibā
खिलखिल हासा
**खिलखिल हँसना**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇସ୍ମ | ଢ଼ଥ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

**ଖିଲଜୀ**—ବୈଦେ. ବ. (ନାମ) ( ଫା. ଖିଲ୍‌ଜୀ )—
Khiliji ଅଫଗାନିସ୍ଥାନର ସୀମାବାସୀ ପଠାଣ ଜାତିବିଶେଷ—
A tribe of Pathans inhabiting the Afgan border.

[ ଦ୍ର—ଏହି ବଂଶର ରାଜାମାନେ ଭାରତବର୍ଷରେ ଖ୍ରୀ ୧୨୮୮ ସାଲଠାରୁ ୧୩୨୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଅଲ୍ଲାଉଦ୍ଦିନ୍ ଏହି ବଂଶୀୟ ରାଜାମାନଙ୍କ ମଧ୍ୟରେ ପ୍ରସିଦ୍ଧ ସମ୍ରାଟ ଥିଲେ । ]

**ଖିଳୀକୃତ**—ସଂ. ବିଣ. ( ଖିଳ + ଅଭୂତ ତଦ୍ଭାବେ (ଚ୍ୱି) ଈ + କୃତ )—
Khilikruta ୧ । ଯାହାକୁ ଦୁର୍ଗମ କରାଯାଇ ଅଛି—
1. Made unapproachable or impassable.
୨ । ପ୍ରତିହତ; ବାଧାପ୍ରାପ୍ତ—2. Obstructed.
୩ । ନିରୁଦ୍ଧ—3. Shut; blocked up.

**ଖିଳୀଭୂତ**—ସଂ. ବିଣ. ( ଖିଳ + ଅଭୂତ. ତଦ୍ଭାବେ (ଚ୍ୱି) ଈ + ଭୂତ)—
Khilibhūta ୧ । ଅଗମ୍ୟ ହୋଇଥିବା—
1. Become impassable.
୨ । ବନ୍ଦ କରାଯାଇଥିବା—2. Blocked up.

**ଖିଲ୍ଲାତ**—ବୈଦେ. ବ. (ଆ)—ଖିଲତ୍ ( ଦେଖ )
Khillāt Khilat ( See )

**ଖିଲ୍ଲି**—ଦେ. ବ—ଖିଲ ୩ ( ଦେଖ )
Khilli Khila 3 ( See )

**ଖିଶା**—ବୈଦେ. ବ. ( ଫା. ଖୀଶା )—୧ । ପଇସା ରଖିବାର ଲୁଗାମୁଣି;
Khiśā କନାଥଳି—1. A small cloth-bag for keeping money.
থলিয়া
**कीशा, खीसा** ୨ । ମୁଣି; ଖଲତା—2 Wallet.

**ଖିଶାରତ**—ଦେ. ବ. ( ଫା. ଖ୍ୱଶାର୍ )—କ୍ଷତି—
Khiśārat Damage or loss.
খেসারাৎ
**खिसारा**

**ଖିଶାର**—ବୈଦେ. ବ. ( ଆ. ଖିଶାର୍ )—କ୍ଷତି—
Khiśārā Damage or loss.
খেসারা
**खिसारा**

**ଖିଷ୍ଟ୍‌ମସ୍**—ବୈଦେ. ବ. (ଇଂ. ଖ୍ରୀଷ୍ଟ୍‌ମାସ୍)—ଖ୍ରୀଷ୍ଟ୍‌ମସ୍ ( ଦେଖ )
Khishtmas Khrishtmas ( See )

**ଖିସମସ୍**—ବୈଦେ. ବ. ( ଇଂ. ଖ୍ରୀଷ୍ଟ୍‌ମାସ୍ )—ଖ୍ରୀଷ୍ଟ୍‌ମସ୍ ( ଦେଖ )
Khismas Khrishtmas ( See )

**ଖିସ୍‌ମିସ୍**—ଦେ. ବ—କିସ୍‌ମିସ୍ ( ଦେଖ )
Khismis Kismis ( See )

**ଖିସାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. କୃଶ ଧାତୁ = ଦୁର୍ବଳ କରିବା )—୧ । ମନ ମାରିବା; ବିମର୍ଷ ହେବା—
Khisāibā 1. To look sorrowful.
୨ । ( ଜାଜପୁର ) ରାଗିବା— 2. To be angry.

**ଖିସାରି**—ଦେ. ବ. (ସଂ. ଖଣ୍ଡିକା?)—ଖେସାରି ( ଦେଖ )
Khisāri Khesāri ( See )

**ଖିସାଳିବାଗିର ହେବା**—ପ୍ରାଦେ. (ସମ୍ବଲପୁର ଓ ଜାଜପୁର)—
Khisāla bāgir hebā ଖିସାଇବା (ଦେଖ)
Khisāibā (See)

**ଖୀ**—ପ୍ରାଦେ. (କଟକ) ଅ.—ହି !—
Khi Oh

[ ଦ୍ର—କୌଣସି କଥା କୌଣସି ଲୋକର ମନକୁ ନ ପାଇଲେ ସେ 'ହି' ସ୍ଥାନରେ 'ଖୀ' କହେ । ]

**ଖୀନ**—ଗ୍ରା. ବିଣ. (ସଂ. କ୍ଷୀଣ)—କୃଶ—
Khina Slender.

ଦୁର୍ବଳ ମଧ୍ୟା ଅଟ ଖୀନ; ଏହାର ଦୋଷ ଗୋ ନ ଘେନ ।
ଭୂପତି. ପ୍ରେମପଞ୍ଚାମୃତ ।

**ଖୀରକୋଳି ପାରୁଡ଼ାପୋକ**—ଦେ. ବ.—ପାରୁଡ଼ାପୋକଙ୍କ ଠାରୁ ସାନ
Khirakoli pārurdā poka ଓ କଳା ଏବଂ ହଳଦି ରଙ୍ଗ ଚେପ୍ଟା ଓ ଦୁର୍ଗନ୍ଧମୟ ପୋକ; (ଏମାନେ ଖୀରକୋଳି ଗଛରେ ଥାଆନ୍ତି)—A kind of insect smaller than tortoise-beetle emitting a stinking smell.

**ଖୀରଯଷ୍ଟିକା**—ଦେ. ବ.—ନାଗବଳା (ଦେଖ)
Khirajashtikā Nāgabalā (See)

**ଖୁ** (ଧାତୁ)—ସଂ.—ଶବ୍ଦ କରିବା; ଧ୍ୱନି କରିବା—
Khu (root) To sound.

**ଖୁଅ**—ଦେ. ବ.—ଖୁଆ ୬ (ଦେଖ)
Khua Khuā 6 (See)

ଦେଉଳ ନବଦ୍ୱାର ସେ ଅଟଇ,
କରକର ପରେ ଖୁଅ ସେ ଦେଇ । ପ୍ରାଚୀ. ପରଦେଶୀଗୀତ ।

**ଖୁଆ**—ଦେ. ବ.—୧ । (ସଂ. କ୍ଷୁବ୍ଧ=ମଥିତ, କ୍ଷୋଭକ; ସଂ. କ୍ଷ୍ୱେଲ )—
Khuā ଦଧିମନ୍ଥନ ଦଣ୍ଡ—1. The churning rod.
মন্থনী କାହିଁ ଦଧିମନ୍ଥନେ ଖୁଆ ଧରି । ପ୍ରାଚୀ. ପରଦେଶୀଗୀତ ।
**मथानी, गलर, महनी** ୨ । ବାହୁମୂଳର ପୃଷ୍ଠାଂଶ; କାନ୍ଧର ପଛ;
বগল ଡେଣା—2. The arm; the root of the
**बाँह, भुजा** arm; the shoulder-blade.

ସେ ଭୁଇ ଭାଇ ତାର ଦୁଇବାହୁ ଧରି,
ଭୂଇଁ ପକାଇଲେ ଖୁଆକୁ ମୋଡ଼ିକରି । କୃଷ୍ଣସିଂହ. ମହାଭାରତ. ବନ ।

পেড়া ୩ । ଦୁଧ ଓ ଚିନି ମିଶ୍ରିତ ଏକପ୍ରକାର ମିଠାଇ—
**खोआ** 3. A sweet-meat made with milk and sugar
ক্ষীর ୪ । ମଲାଇ; ଘନୀକୃତ ଅଉଟା ଦୁଧ—
**खोया** 4. Thickened boiled milk; condensed milk.
খাওয়ান ୫ । ଅନ୍ୟବ୍ୟକ୍ତିକୁ ଭୋଜନ କରାଇବା—
**खिलाई** 5. Feeding another person.

**ଖୁବ୍**—ବୈଦେ. କ୍ରି. ବଣ. (ପା. ଖୁବ୍=ଉତ୍ତମ)—୧ । ଅତ୍ୟନ୍ତ—
Khub 1. Exceedingly; excessively; very; greatly; too much.
খুব
ख़ूब ୨ । ଅଚ୍ଛା କରି; ଉତ୍ତମରୂପେ—
2. Well; thoroughly; very much.
ବଣ.—୧ । ଅତ୍ୟଧିକ; ବେଜାୟ; ଅତିରିକ୍ତ—
1. Excessive; too much.
୨ । ଉତ୍ତମ—2. Good; excellent.
୩ । ପ୍ରଶଂସାର୍ହ—3. Praise-worthy.

**ଖୁବି**—ଦେ. ବଣ.—ଖୁବ୍‌ଗୁଡ଼ାଏ; ଅନେକଗୁଡ଼ାଏ—
Khu-bi Too much; very much.

**ଖୁବ୍ ଗୁଡ଼ାଏ**—ଦେ. ବି. ଓ ବଣ.—୧ । ବହୁତ—
Khub gurdāe 1. Very many.
୨ । ଅତ୍ୟନ୍ତ—2. Very much.

**ଖୁବ୍ ଗୁରେ**—ଗ୍ରା. (ଉତ୍ତର) ବି. ଓ ବଣ.—ଖୁବ୍ ଗୁଡ଼ାଏ (ଦେଖ)
Khub gure Khub gurdāe (See)

**ଖୁବ୍ ସୁରତ୍**—ବୈଦେ. ବି. ( ପା )—
Khub surat ଅତ୍ୟନ୍ତ ସୁନ୍ଦର; ସୁଶ୍ରୀ—
খুবসুরত Very beautiful; imposing; grand;
ख़ूबसूरत charming.

**ଖୁବ୍ ସୁରତି**—ଦେ. ବି. ( ପା. ଖୁବ୍‌ସୁରତ୍ )—
Khub surati ୧ । ବିଶେଷ ସୌନ୍ଦର୍ଯ୍ୟ—
খুবসুরতি 1. Imposing beauty; charm.
ख़ूबसूरती ୨ । ସୁନ୍ଦରପଣ—
2. The state of being charming.

**ଖୁବା**—ପ୍ରାଦେ. ( ସମ୍ବଲପୁର ) ବି—ସ୍କନ୍ଧ—
Khubā Shoulder.

**ଖୁବାନି**—ବୈଦେ. ବି. ( ପା. ଖୁବାନି )—
Khubāni ଖୋବାନି; ସ୍ୱାଦୁ କାବୁଲି ଫଳବିଶେଷ; ଜରଦାଲୁ—
খোবানী Apricot; a sweet fruit imported
ख़ुबानी from Kabul.
[ ଦ୍ର—ଏହା ପଶ୍ଚିମ-ହିମାଳୟ ଓ କାବୁଲଆଦି ପାର୍ବତ୍ୟ ଅଞ୍ଚଳର ବାଦାମଜାତୀୟ ଗଛ ( Prunus Armeniaca ) । ଏଥିର ପାଚିଲା ଫଳକୁ ଶୁଖାଇ ମହାଜନମାନେ ଭାରତର ଅନ୍ୟ ଅଞ୍ଚଳମାନଙ୍କରେ ମେଵାଫଳ ରୂପେ ବିକନ୍ତି । ଏ ଫଳ ମେ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପାଚେ; ଏଥିର ମଞ୍ଜିରୁ ଏକ ପ୍ରକାର ତେଲ ( କଡୁଆ ବାଦାମ ତେଲ ) ବାହାରେ । ଏ ଗଛରୁ ଏକ ପ୍ରକାର ଅଠା ( Cherry gum ) ବାହାରେ । ଏ ଗଛ ପ୍ରତିବର୍ଷ ପତ୍ରଝଡ଼ା ହୁଏ । ହି. ଶବ୍ଦସାଗର । ]

**ଖୁବି**—ଦେ. କ୍ରି. ବଣ. ( ପା. ଖୁବ୍+ସ. ହି )—ଖୁବ୍ ( ଦେଖ )
Khubi Khub ( See )
খুবই, খুবী
ख़ूबही

**ଖୁବେ**—ପ୍ରାଦେ. ( ଭଞ୍ଜ ) କ୍ରି. ବଣ—ଖୁବ୍ ( ଦେଖ )
Khube Khub ( See )

**ଖୁବେର୍**—ପ୍ରାଦେ. (ସମ୍ବଲପୁର) ବି—ଖୁଗୁର ( ଦେଖ )
Khuber Khugura ( See )

**ଖୁମା**—ଦେ. ବଣ—୧ । ମୋଟା—1. Fat.
Khumā ୨ । ବଳେପଣା—2. Meddlesome.
ଖୁମୀ, ଖୁମେଇ } ସ୍ତ୍ରୀ.

**ଖୁମାଇଁ ପଶିବା**—ଗ୍ରା. କ୍ରି—ବଳେ ପଶିବା; ଗୃହାଧିକାରୀ ବା ସ୍ଥାନାଧିକାରୀର ଅନିଚ୍ଛାସତ୍ତ୍ୱେ କୌଣସି ସ୍ଥାନରେ ପ୍ରବେଶ କରିବା—
Khumāiṅ pasibā
To enter or push one's way into a place against the master's wish.

**ଖୁମାଇଁ ହେବା**—ଗ୍ରା. କ୍ରି—୧ । ଗୃହସ୍ୱାମୀର ଅନିଚ୍ଛାସତ୍ତ୍ୱେ କୌଣସି ସ୍ଥାନରେ ପ୍ରବେଶ କରିବାକୁ ଚେଷ୍ଟା କରିବା—
Khumāiṅ hebā
1. To try to enter or push one's way into a place against the wishes of its master.
୨ । ରୁଷି କରି ଗାରୁଗାରୁ ହେବା—
2. To grumble with displeasure.
୩ । ଅନାହୂତ ହୋଇ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବା—
3. To meddle with a matter unasked.

**ଖୁମାଣ**—ଗ୍ରା. ବି—ରୁଷା ସହିତ ଗାରୁଗାରୁ; ଅଭିମାନ ମାରିବା—
Khumāṇa Grumbling.
गुनगुनाना, कुनकुना

**ଖୁମାଣ ପୋତିବା**—ଗ୍ରା. କ୍ରି—ରୁଷି କରି ଗାରୁଗାରୁ ହୋଇ ମୁହଁ ତଳକୁ ପୋତିବା—
Khumāṇa potibā
To grumble and hang down one's head.

**ଖୁମାଣି**—ଗ୍ରା. ବଣ. ପୁଂ—ଯେଉଁ ପୁରୁଷ ସାମାନ୍ୟ କଥାରେ ରୁଷିକରି ଗାରୁଗାରୁ ହୁଏ; ଅଭିମାନୀ—
Khumāṇi
Prone to grudge at petty things; (male) of a grumbling nature.
ଗ୍ରା. ବି—ଖୁମାଣ ( ଦେଖ )
Khumāṇa ( See )

**ଖୁମାଣିଆଁ**—ଗ୍ରା. ବଣ. ପୁଂ—ଖୁମାଣି ( ଦେଖ )
Khumāṇiāṅ Khumāṇi ( See )

**ଖୁମାଣୀ**—ଗ୍ରା. ବଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ ସାମାନ୍ୟ କଥାରେ ରୁଷି କରି ଗାରୁ ଗାରୁ ହୁଏ—1. ( woman ) Of a grumbling nature.

| ୧ | ଇ | ଈ | ର,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ଼ | ଷ,ଶ | ଜ୍ଞ | ଉସ୍ଥ | ଋଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୨ | ନ୍ତୁ |

୨ । ପୁଂ.—ଖୁମାଣି ( ଦେଖ )
2. Khumāṇi ( See )

ଖୁମୁଲା—ପ୍ରାଦେ. ( ଗଞ୍ଜାମ ) ବଣ—ଅଲଗା; ପୃଥକ୍—
Khumulā Separate; isolated.

ଖୁମୁଳୀ—ଗ୍ରା. ବଣ. ସ୍ତ୍ରୀ. ( ଝିଅମାନଙ୍କ ପ୍ରତି ମାଆମାନଙ୍କର ଗାଳି )—
Khumuḷi ୧ । ଅଡଙ୍ଗିଆ; ଅବାଗିଆ—1. Unsystematic.
୨ । ଅମାନିଆଁ—2. Disobedient.

ଖୁମ୍ପା—ଦେ. ବ—୧ । ଥଣ୍ଟଦ୍ୱାରା ଜୋରରେ ଅଘାତ—
Khumpā 1. Pecking by the bill.
चुगना ୨ । ମୂଷା କାଟିବାଦ୍ୱାରା ଫମ୍ପା ହୋଇଥିବା (ନଡ଼ିଆ)—
2. The hollowed shell of cocoanuts eaten by rats.
ଦେ. ବଣ—ଥଣ୍ଟଦ୍ୱାରା ଆଘାତପ୍ରାପ୍ତ—
Pecked with the beak.

ଖୁମ୍ପାଇବା—ଦେ. କ୍ରି—୧ । ଖୁମ୍ପିବା ( ଦେଖ )
Khumpāibā 1. Khumpibā ( See )
୨ । ଖୁମ୍ପିବାର ପ୍ରଯୋଜକ ରୂପ—
2. The causative form of Khumpibā.

ଖୁମ୍ପିବା—ଦେ. କ୍ରି—୧ । ଥଣ୍ଟଦ୍ୱାରା ଅଘାତ କରିବା—
Khumpibā 1. To peck at a thing with the beak.
ठोंटमारा; खूँटा ୨ । ( ଲକ୍ଷଣାର୍ଥ ) ଅତ୍ୟନ୍ତ ବିରକ୍ତ କରିବା—
चुगाना 2. To tease.

ଖୁମ୍ପି ଖାଇ ଥାନ୍ତି ମୋତେ ପକ୍ଷେ ହୋଇ ଠୁଳ ।
ଫକୀରମୋହନ, ଉତ୍କଳଭ୍ରମଣ ।

ଖୁରୁଖୁରୁ—ଦେ. କ୍ରି. ବଣ. ( ସଂ. ଖର )—କ୍ଷିପ୍ର ଗତିରେ ଓ ସୁନ୍ଦର-
Khurkhur ରୂପରେ ( ଚାଲିବା )—( to walk ) Briskly
खुर्खुर and in a charming manner.
( ଯଥା—ଟଟ୍ଟୁ ଘୋଡ଼ାଟି ଖୁରୁଖୁରୁ ହୋଇ ଚାଲୁଛି । )

ଖୁରୁଖୁରାଇ—ପ୍ରାଦେ (ସମ୍ବଲପୁର) ବ—ଖୁରଯୁକ୍ତ କଂସା—
Khurkhurāi A metal pot with a hoof.

ଖୁରୁଖୁରିଆ—ଦେ. ବଣ. ପୁଂ—ଯେଉଁ ଘୋଡ଼ା ବା ବାଳୁତ ସୁନ୍ଦରରୂପେ
Khurkhuriā ଖୁରୁଖୁରୁ ହୋଇ ଚାଲେ—
खुर्खुरे Walking briskly and charmingly.
(ଖୁରୁଖୁରେଇ—ସ୍ତ୍ରୀ)

ଖୁରୁଚି—ବୈଦେ. ବ. ( ଫା. କୁରସୀ )—ଖୁରୁସୀ ( ଦେଖ )
Khurchi Khursi ( See )

ଖୁରୁଡ଼ିଆ—ଦେ. ବ—ବାୟା ଚଢ଼େଇ ( ଦେଖ )
Khurṛiā Bāyā chaṛhei ( See )

ଖୁରୁଦା—ଗ୍ରା. ବ. (ନାମ)—ଖୋରଧା ( ଦେଖ )
Khurdā Khoradhā ( See )

ଖୁରୁଦି—ପ୍ରାଦେ. (ସମ୍ବଲପୁର) ବଣ—ଗୁଡ଼ାଏ; ବହୁତ; ଅନ୍ୟୂନ—
Khurdi Much; many.

ଖୁରୁଧା—ଗ୍ରା. ବ. (ନାମ)—ଖୋରଧା ( ଦେଖ )
Khurdhā Khoradhā ( See )

ଖୁରୁପି—ପ୍ରାଦେ (ସମ୍ବଲପୁର) ବ—୧ । କାଠରେ ନିର୍ମିତ ହୋଇଥିବା
Khurpi ଗୁଡ଼ଅଳ୍ପର ଚଟୁ—1. Wooden ladle.
୨ । ଖୁରୁପି ( ଦେଖ )
2. Khurupi ( See )

ଖୁରୁସୀ—ବୈଦେ. ବ ( ଫା. କୁରସୀ)—କାଷ୍ଠ ବେତ୍ରାସନ; ଚେଅର—
Khursi Chair (made of wood and cane).
कुर्सी, खुरसी
कुर्सी

ଖୁରୁହା—ପ୍ରାଦେ. (ସମ୍ବଲପୁର) ବ ( ସଂ. ଖୁର; ତୁଳ. ହି. ଖୁରହା )—
Khurhā ଗୋରୁଙ୍କ ଖୁରାରେ ହେବା ରୋଗବିଶେଷ; ଫାଟୁଆ-ରୋଗ—A disease attacking the hoof of cattle; foot and mouth disease of cattle.

ଖୁର (ଧାତୁ)—ସଂ.—୧ । ଖାମ୍ପିବା—
Khura (root) 1. To scratch.
୨ । କାଟିବା—2. To cut.
୩ । ଖଣ୍ଡ ଖଣ୍ଡ କରିବା—3. To break into pieces.

ଖୁର—ସଂ. ବ ( ଖୁର ଧାତୁ=ଛେଦନ କରିବା+କରଣ. ଅ )—
Khura ୧ । କ୍ଷୌର କରିବାର ଶସ୍ତ୍ର—1. Razor.
୨ । ଘୋଡ଼ା, ଗୋରୁଆଦି ପଶୁଙ୍କ ପାଦର ନଖ, ଟାପୁ ବା ଖୁରା—
2. Hoof of some beasts.
୩ । ନଖୀନାମକ ସୁଗନ୍ଧ ଦ୍ରବ୍ୟ ( ଏହା ସାମୁଦ୍ରିକ ଶାମୁକାର ଖୋଳ; ପୋଡ଼ିଲେ ସୁଗନ୍ଧ ହୁଏ । )—
3. Fasciolaria ( a scented herb ) (a kind of horny marine substance emitting odour on being heated and used in making scented oil).
୪ । ଖଟର ଖୁରା—4. Bed-post.
୫ । ପାଦ—5. Foot.

ନରେନ୍ଦ୍ର ହୋଇ କଣ୍ଟ ହାର, ବସ୍ତ୍ରାରକରେ ଗରି ଖୁର—
ଜଗନ୍ନାଥ, ଭାଗବତ ।

ଖୁରକ୍ଷେପ—ସଂ. ବ (୭ମୀ ତତ୍; ଖୁର+କ୍ଷେପ)—ନାଡ—
Khurakshepa A beast's kick.

ଖୁରଙ୍ଗ—ଦେ. ବ (ସଂ. କୁରଙ୍ଗ)—୧ । ମୃଗ—
Khuraṅga 1. Deer.
୨ । ଏକଜାତୀୟ ଶ୍ରେଷ୍ଠ ମୃଗ—
2. A small species of deer.

ଖୁରଡ଼ା—ପ୍ରାଦେ. ( ସମ୍ବଲପୁର ) ବ—ପତ୍ରରେ ସିଆଁ ହୋଇଥିବା ବଡ଼
Khurarḍā ପତ୍ରପଦା—Big plates made of leaves sewn together.

ସାଧାରଣ ଯେବେ ଅପର ପୃଷ୍ଠାରେ ସଚର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖୁରଣସ୍**—ସଂ. ବଣ. ପୁଂ ( ଖୁର+ନାସିକା; ନିପାତନ; ଖୁର ପରି ନାକ ଯାହାର )—୧ । ଚେପଟା ନାକ—
Khuraṇas — 1. Flat nosed.
ଖୁରଣସା } ସ୍ତ୍ରୀ
ଖୁରଣସୀ }
୨ । ନାକୁଆ—2. Having a pointed nose.

**ଖୁରଣସ**—ସଂ. ବଣ. ପୁଂ—ଖୁରଣସ୍ ( ଦେଖ )—
Khuraṇasa — Khuraṇas (See)

**ଖୁରଣି**—ଦେ. ବ—ପିତାକୋରୁଆଁ ( ଦେଖ )—
Khuraṇi — Pitākoruān̄ (See)

**ଖୁରଣ୍ଟା**—ଦେ. ବ ( ହି. ଖୋଟା=ଦୂଷିତ; ମନ୍ଦ )—୧ । ହିନ୍ଦୁସ୍ଥାନୀ—
Khuraṇṭā — 1. Inhabitant of Hindusthān.
খোট্টা, খোট্টা ୨ । ହିନ୍ଦୀଭାଷୀ ବ୍ୟକ୍ତି—
2. One whose language is Hindi.

**ଖୁର ଧାରରେ ଚାଲିବା**—ଦେ. କ୍ରି—ଅତି ସତର୍କରୂପେ ନିୟମପରତନ୍ତ୍ର ହୋଇ ଚଳିବା—To do some work with extreme caution and under strict rules.
Khura dārdhare chāliba

**ଖୁର ଧରାଇବା**—ଦେ. କ୍ରି—କମାର ଦ୍ୱାରା ଖୁରକୁ ଶାଣ ଦିଆଇବା—
Khura dharāibā — To cause a razor to be sharpened by a smith.

**ଖୁର ଧରିବା**—ଦେ. କ୍ରି—୧ । ଖୁରକୁ ଦାଢ଼ କରିବା—
Khura dhribā — 1. To sharpen a razor.
୨ । ଖୁରକୁ ହାତରେ ଧରିବା—
2. To hold a razor by the hand.

**ଖୁରଧାର**—ଦେ. ବ—ଖୁରର ତୀକ୍ଷ୍ଣ ପ୍ରାନ୍ତ—
Khuradhāra — Sharp blade of a razor.

**ଖୁରନ୍ୟାସ**—ସଂ. ବ (୬ଷ୍ଠୀ ତତ୍; ଖୁର+ନ୍ୟାସ)—ଖୋଜ; ଖୁରର ଚିହ୍ନ—
Khuranyāsa — Hoof-marks; hoof-prints.

**ଖୁରପ**—ଦେ. ବ ( ସଂ. ଖୁରପ୍ର; ତୁଳ—ଇଂ. ସ୍କ୍ରାପର୍)—ଭୂମିରୁ ଘାସ ଛେଲିବାର ଅର୍ଦ୍ଧଚନ୍ଦ୍ରାକୃତି ଓ ବେଣ୍ଟ ଲାଗିଥିବା ହତିଆର—A grass-scraper.
Khurapa
ଖୁରପୀ
खुरपा

**ଖୁରପଦବୀ**—ସଂ. ବ ( ୬ଷ୍ଠୀ ତତ୍; ଖୁର+ପଦବୀ )—
Khurapadabī — ଖୁରର ଚିହ୍ନ; ଖୋଜ—Hoof-marks.

**ଖୁରପା**—ଦେ. ବ—ଖୁରପ ( ଦେଖ )—
Khurapā — Khurapa ( See )

**ଖୁରପାଣି**—ଦେ. ବ (ସଂ. ଖୁର+ପାନୀୟ)—ମନୁଷ୍ୟ ଖିଅର ହେଉଥିବା ବେଳେ ଭଣ୍ଡାରି ଯେଉଁ ଗିନାରେ ପାଣି ରଖିଥାଏ, ଖିଅର ହେବା ପରେ ସେ ଗିନାରେ ବଳକା ରହୁଥିବା ପାଣି; କ୍ଷୌରାବଶିଷ୍ଟ ଜଳ—
Khurapāṇi
Water left after use in a barber's basin after shaving a person.

**ଖୁରପି**—ଦେ. ବ—୧ । ଖୁରପ ( ଦେଖ )
Khurapi — 1. Khurapa ( See )
ଖୁରପୀ ୨ । ମୋଚିଙ୍କର ଚମଡ଼ା ଛେଲିବା ଯନ୍ତ୍ର—
खुरपा 2. The scraping instrument of a cobbler.

**ଖୁରପ୍ର**—ସଂ. ବ (ଖୁର—ପ୍ରଥ୍ ଧାତୁ=ପ୍ରୋଥିତ କରିବା+ଭାବ. ଅ)—
Khurapra — ଅର୍ଦ୍ଧଚନ୍ଦ୍ରାକୃତି ଫଳକବିଶିଷ୍ଟ ଶର—
An arrow with a semi-circular head.

**ଖୁରମା**—ବୈଦେ. ବ ( ଫା. ଖୁର୍ମ୍‌ଲିଶ୍ ଗୁକ୍ )—
Khuramā — ୧ । ଲୁଣିଆ ଘୃତପକ୍ୱ ମସକା ପିଷ୍ଟକବିଶେଷ—
ଖୁର୍ମା 1. A fragile cake fried in ghee and
खुरमा seasoned with salt.
୨ । (ଫା—ଖୁର୍ମାଦ୍)—ଶୁଖିଲା କାବୁଲି ଖଜୁରକୋଳି—
2. Dry date-fruits; dried fruits of Phoenix Dactylifera.

[ ଦ୍ର—ଏ ଖଜୁରି ଗଛ ଉଚ୍ଚରେ ୬୦।୭୦ ହାତ ବଢ଼େ; ଏ ଖଜୁରି ଗଛର ସଂ. ନାମ ପିଣ୍ଡ ଖର୍ଜୁର; ଏ ଗଛର ମୂଳରୁ ଯେଉଁ ଖଣ୍ଡମାନ କଦଳୀ ଗଛ ମୂଳରୁ ବାହାରିବା ପୁଅ ପରି ବାହାରେ ସେ ଖଣ୍ଡମାନଙ୍କୁ କାଟିଦେଇ ଅନ୍ୟତ୍ର ଭୂଇଁରେ ପୋତିଲେ ସେଥିରୁ ନୂଆ ଗଛ ଜନ୍ମେ । ଏହି ଗଛର ଗଛପାଚିଲା ଫଳକୁ ଶୁଖାଇଲେ ତାହା 'ଖୁରମା' ହୁଏ ଓ କଞ୍ଚା ଫଳକୁ ଶୁଖାଇଲେ 'ଛୁଆରା' ହୁଏ । ]

୩ । (ତୁର୍କୀ—କୋର୍ମା)—କୁରୁମା; ଭଜା ମାଂସ ଦ୍ୱାରା ପ୍ରସ୍ତୁତ ତରକାରି ( ଏଥିରେ ହଳଦୀ ପଡ଼ି ନ ଥାଏ )—
3. Curry prepared with roasted meat without the addition of turmeric.

**ଖୁରମୁଠି**—ଦେ. ବ—ଯେଉଁ ପ୍ରକୋଷ୍ଠଯୁକ୍ତ ପେଟିକାରେ ଭଣ୍ଡାରି ଖୁର ଆଦି ରଖେ—
Khuramuṭhi — Barber's razor-wallet.

**ଖୁରଲି**—ସଂ. ବ ( ଖୁର ଧାତୁ+ଭାବ. ଅଲ+ସ୍ତ୍ରୀ. ଈ)—
Khuralī — ୧ । ଯୁଦ୍ଧବିଦ୍ୟାଭ୍ୟାସ—
1. Military exercise or practice.
୨ । ବ୍ୟାୟାମ—2. Gymnastics.
୩ । ଅସ୍ତ୍ରଶିକ୍ଷା—3. Training in the art of using weapons.
୪ । ବିପକ୍ଷ ଆକ୍ରମଣରେ କିପରି ଆତ୍ମରକ୍ଷା କରିବାକୁ ହୁଏ ତାହାର ଅଭ୍ୟାସ—
4. Exercises of self defence.

**ଖୁରଶାଣିଆଁ**—ଦେ. ବ—ଏକ ପ୍ରକାର କାତିଯୁକ୍ତ ମିଠା ପାଣିରେ ଥିବା ଶ୍ରେଷ୍ଠ ମାଛ—(ଏହା ମିରିକାଳି ମାଛଠାରୁ ସାନ ଓ ଚେପଟା)—A kind of medium-sized fresh-water fish with scales.
Khuraśāṇiān̄
खरसा

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ଵ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଉଅ | ଞ |
| ୨ | ଇ | ଉ | ରୁ | ଲୁ | ସ୍ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ଵାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

ଖୁରୁଆଳିବା—ଦେ. କ୍ରି (ସଂ. କୃଷ୍ ଧାତୁ ବା କ୍ଷୁରଧାତୁ; ଭୁଲ—ହି.
Khurasāibā ଖୁରଚ୍ନା = କୋଡ଼ିବା )—ଛୋଟ ଖଣତିଦ୍ଵାରା ଗଛର ମୂଳପାଖ ମାଟିକୁ ଅଗଭୀର ଭାବରେ ଲେଉଟ-ପାଉଟ କରି ଶିଥିଳ କରିବା—
To turn up and loosen the earth superficially with a hoe.

ଖୁରସିଆ—ଦେ. ବି— ଖୁରଶାଣିଆଁ (ଦେଖ)
Khurasiā Khuraśāṇiāṅ (See)

ଖୁରା—ଦେ. ବି (ସଂ. ଖୁର)—୧ । ଘୋଡ଼ାଆଦି ପଶୁଙ୍କ ଟାପୁ—
Khurā 1. Hoof.
खुर; खुरा ସେ ବଗହଖୁରରେ ଖୋଳ ହୋଇ ମଲା—କୃଷ୍ଣସିଂହ. ମହାଭାରତ. ବନ ।
खुर [ଦ୍ର—ସାଧାରଣତଃ ଦେଖାଯାଏ ଯେ ଯେଉଁ ପଶୁମାନଙ୍କର ଶିଂଘ ନାହିଁ (ଯଥା ଘୋଡ଼ା, ଗଧ) ସେମାନଙ୍କର ଗୋଡ଼ର ଶେଷଭାଗରେ ଥିବା ଖୁରା ଶୃଙ୍ଗମୟ ଏବଂ ଗୋଲାକାର, ଏହାକୁ ଟାପୁ ବୋଲାଯାଏ; ଯେଉଁ ପଶୁମାନଙ୍କର ଶିଂଘ ଅଛି (ଯଥା ଗୋରୁ, ମୃଗ, ସମ୍ବର ଛେଳି, ମେଣ୍ଢା ) ସେମାନଙ୍କର ଗୋଡ଼ତଳର ଶୃଙ୍ଗମୟ ବସ୍ତୁ ଦୁଇଫାଳିଆ, ଏହାକୁ ଖୁରା ବୋଲାଯାଏ ।]
୨ । ଖଟପାହୁଆ; ଖଟଗୋଡ଼—
2. Bed-posts.
୩ । ପାତ୍ରର ବଇଠି—3. The circular stand below a pot; the ring at the bottom of an utensil.
ଖୁରାରୁ ତଷକ ଝଟତ ଅଲଗା ହୋଇଗଲେ ଯଥା ବଣେ—
ରାଧାନାଥ. ପାର୍ବତୀ ।
୪ । (ଲକ୍ଷଣାର୍ଥ) ଗୋଡ଼—4. Leg.
କରୁଣ ଖୁରାରେ ଦଣ୍ଡବତ—କୁନ୍ତଳାକୁମାରୀ. ନଅଭୁଣ୍ଡୀ ।
ପ୍ରାଦେ. ୧ । (ସମ୍ବଲପୁର) ବି—ଛୁରୀ—1. Dagger.
୨ । ( ବାଲେଶ୍ଵର) ବି—(ଗୋରୁଙ୍କ ରୋଗ) ଫାଟୁଆ (ଦେଖ)
2. Phāṭuā (See)

ଖୁରାକ—ସଂ. ବି. ପୁଂ (ଖୁର ଧାତୁ + ଅକ)—ଜୀବ; ଜନ୍ତୁ—
Khurāka Animal.
(ଖୁରାକା-ସ୍ତ୍ରୀ) ବୈଦେ. ବି (ଆ. ଖୁରାକ୍)—ଖୋରାକ୍ (ଦେଖ)
Khorāk (See)

ଖୁରାକି—ଗ୍ରା. ବି—ଖୋରାକ୍ (ଦେଖ)
Khurāki Khorāk (See)

ଖୁରାଘା—ପ୍ରାଦେ (ସମ୍ବଲପୁର) ବି (ସଂ. ଖୁର ଓ ଘାତ)—
Khurāghā ଗୋରୁଙ୍କ ଖୁରାରେ ହେବା କ୍ଷତ ରୋଗ; ଫାଟୁଆରୋଗ—
Ulcer in the hoofs of cattle; foot-diseases of cattle.

ଖୁରାଟି—ଦେ. ବି (ସଂ. ଖୁର ଓ ମୃତ୍ତିକା)—
Khurāṭi ୧ । ଗୋରୁଙ୍କ ଖୁରାଦ୍ଵାରା ଉଠିବା ମାଟି—
खुराटि 1. Earth and dust blown or displaced by the hoofs of animals.
୨ । କାଦୁଅରେ ଗୋରୁ ବା ଛେଳିଆଦି ଚାଲିବା ପରେ କାଦୁଅ ଶୁଖିଗଲେ ସେମାନଙ୍କ ଖୁରାର ଯେଉଁ ଦାଗ ମାଟିରେ ଖାଲ-ଢିପ ହୋଇ ରହିଯାଏ—
2. Dry uneven foot-marks left by the cattle after going over a muddy spot.

ଖୁରାଣି—ଦେ. ବି. ( ପ୍ରାଚୀନ ଓଡ଼ିଆ; ପୁରାତନ ଗ୍ରନ୍ଥମାନଙ୍କରେ
Khurāṇi ଦେଖାଯାଏ; ସଂ. ଖର୍ବ )—୧ । ବୃହତ୍ ସଂଖ୍ୟାବିଶେଷ—
1. A large number.
୨ । ଅଶ୍ଵବିଶେଷ; ଖୁରଶାଣ—
2. A class of excellent horses.
ରଥ କୋଟିଏକ ଛହିଁ ଗଜ ପାଞ୍ଚ ଅର୍ବ
ପର ପରାର୍ଦ୍ଧ ଖୁରାଣି ଲେଖା ଯେ ତୁରଙ୍ଗ ।
ସାରଳା. ମହାଭାରତ. ଆଦି ।

ଖୁରାଣ୍ଟ—ପ୍ରାଦେ. (ପୁରୀ) ବି.—କୁରାଣ୍ଟ (ଦେଖ)
Khurāṇṭa Kurāṇṭa (See)

ଖୁରାଣ୍ଟି—ଦେ. ବି. (ସଂ. ଖୁର)—୧ । ନ୍ୟଙ୍କୁ (ଦେଖ)
Khurāṇṭi 1. Nyaṅku (See)
୨ । ନଈକୂଳ ବନ୍ଧର ଅଗ୍ରଭାଗ—
2. The summit of an embankment.
୩ । ଏକପ୍ରକାର ଲୁଣି ମାଛ—
3. A species of sea-water fish.
୪ । ହିନ୍ଦୀଭାଷା—4. The Hindi language.

ଖୁରାଣ୍ଟି ଚଳେଇବା—ଦେ. କ୍ରି—ଓଡ଼ିଆଭାଷାରେ ହିନ୍ଦୀ ଶବ୍ଦ ବା ବାକ୍ୟ-
Khurāṇṭi chaleibā ମାନ ବ୍ୟବହାର କରିବା—
To intersperse Hindi words and expressions while speaking the Oriya language.
[ ଦ୍ର—ଓଡ଼ିଆମାନେ ରାଗିଗଲେ ବା ତେଜରେ କଥା କହିଲେ ହିନ୍ଦୀଶବ୍ଦମାନ ବ୍ୟବହାର କରିବାର ଦେଖାଯାଏ । ଖୋଟ୍ଟି ଚଲେ ନୋଟ୍—ଦେଖ । ]

ଖୁରାଳକ—ସଂ. ବି. (ଖୁର + ଅଳକ)—ଲୌହଶର—
Khurāḻaka Iron-arrow.

ଖୁରାଳିକ—ସଂ. ବି. (ଖୁର + ଅଲ୍ ଧାତୁ + କର୍ତ୍ତୃ. ଅକ ) -
Khurāḻika ୧ । କ୍ଷୁରମୁଠି—1. A razor-wallet.
୨ । ଲୌହଶର—2 Iron-arrow.
୩ । ତକିଆ—3. Pillow.

ଖୁରାସାନୀ ଜୁଆଣି—ଦେ. ବି. (ସଂ. ପାରସିକଯମାନୀ)—
Khurāsānī juāṇi ଖୋରାସାନି ଜୁଆଣି (ଦେଖ)
Khorāsāni juāṇi (See)

ଖୁରି—ଦେ. ବି. (ସଂ. ଖୁର; ଏହାର ଫନ ଖୁରପରି ଦାନ୍ତିଆ ଥିବାରୁ)—
Khuri ୧ । ପାଣି ପିଇବା ନିମନ୍ତେ ବ୍ୟବହୃତ ଛୋଟ ମୃତ୍ତିକା ପାତ୍ର; ମାଟିଗିଲାସ—
खुरी
खूरिया, खोरिया 1. Earthen pot used for drinking; earthen glass.

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନ ଭିତରୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସମୟର ପରିମାଣବିଶେଷ; ଏକ ଘଣ୍ଟା—
2. A fixed measure of time; one hour.

ବାଜିଲା କ୍ଷଣେ ପ୍ରଥମ ନାଡ଼ୀ ଖୁରି ।
ସାଜିଲା ମାଳଣୀକୁ ସେ ବିଚକ୍ଷଣା ମାଳଜ ମୁକୁରସ୍ୟ ଶିରୀ ।
କବିସୂର୍ଯ୍ୟ. ଚନ୍ଦ୍ରକଳା ।

୩ । ଦଣ୍ଡ (ସମୟ) (ଦେଖ)—
3. Danda (time) (See)

ଖୁରି ଅର୍ଦ୍ଧ ନ ଥାଇ ମ୍ଳେହରେ ହେଲା
ଖଣ୍ଡପରଶୁ ମନମୋହନଶୀଳା ।
କବିସୂର୍ଯ୍ୟ. କବିତା ।

୪ । ଗଣ୍ଡ, ବଳଦ ଆଦି ଖୁରା ବା ଶୃଙ୍ଗରେ ଆଘାତ କରି ମାଟିକୁ ଖୋଳିବା—4. Pawing of cattle or stamping or tearing the ground by their hoofs and horns.

ଖୁରି ବାହୁରସ୍ୱେ କରି ପ୍ରଖର—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୫ । କଳହାଦିର ପ୍ରଥମ ସୂତ୍ରପାତ—5. Initiation of a quarrel; provocation of a quarrel.

୬ । ପୂର୍ବକାଳରେ ସମୟ ମାପିବା ପାଇଁ ବ୍ୟବହୃତ ଛିଦ୍ରଯୁକ୍ତ ପାତ୍ରବିଶେଷ (ଏଥିରେ ବାଲି ବା ଜଳ ଭର୍ତ୍ତି କରାଯାଏ ଏବଂ ସେ ଛିଦ୍ରବାଟେ ପାତ୍ରରୁ ବାଲି ବା ଜଳ ନିଃଶେଷିତ ହେବାକୁ ନିର୍ଦ୍ଦିଷ୍ଟ ସମୟ ଲାଗେ । ପାତ୍ରରୁ ଯେତିକି ପାଣି ବା ବାଲି କମିଯାଏ, ସେହି ଅନୁସାରେ ସମୟ ନିରୂପିତ ହୁଏ)—6. Sand-glass or water-glass with a hole at the bottom for measuring time.

୭ । ଅଶ୍ୱାଦିର ଠାପୁ—7. Hoof.

ଉତ୍ତ୍ରାସେ ଖୁରିକ ସ୍ଥାନ, ଉତ୍ରାସେ କୋହିବ ପୁଚ୍ଛ ।
ଉ୍ଛ. କୋଷ୍ଠଚୁଡ଼ାମଣିଲକ୍ଷଣ ।

ପ୍ରାଦେ. (ସମ୍ବଲପୁର) ବି—୧ । କଂସା—
1. A bell-metal pot.

୨ । ଖୁରପରି ଧାରୁଆ ଫନ୍ଦବିଶିଷ୍ଟ କଂସା; ପିଞ୍ଜା—
2. A bellmetal pot with a sharp rim.

**ଖୁରିଆ**—ଦେ. ବିଣ.—୧ । କୌତୁକିଆ (କଥା); ହାସ୍ୟୋଦ୍ଦୀପକ (କଥା)—
Khuriā 1. Curious; comical (speech).
ଖୁରଖୁରେ

୨ । ଚିଙ୍ଗିଶୂଳା; ଚିଡ଼ଚିଡ଼ିଆ (ଲୋକ)—
2. (person) Easily vexed; surly; of irritable temper.

**ଖୁରି କରିବା**—ଦେ. କ୍ରି—ଘୋଡ଼ା ଚାଲିବା ବା ଦଉଡ଼ିବା ବେଳେ
Khuri karibā ଟାଣ ଭୂମିରେ ଠାପୁ ବାଜିବାରୁ ଶବ୍ଦ ଉତ୍ପାଦନ କରିବା—(a horse) To produce a sound by the hoofs striking on the hard ground while running.

ବାଜି ଖୁରି କରିବାରେ ବହୁତ
ନଗ୍ରକନେ ଶୁଣି ଅତି ଉଚାଟ । ପ୍ରତାପ. ଶଶିସେଣା ।

**ଖୁରି ଖାଇବା**—ଦେ. କ୍ରି—୧ । (ସଂ. ଖୁର; ଖୁରାଦ୍ୱାରା ମାଟି ଖୋଳିବାରୁ)—
Khuri khāibā ପରସ୍ପର ଯୁଦ୍ଧ କରିବା ପୂର୍ବରୁ ଶୃଙ୍ଗ ବା ଠାପୁ-
ଖାବାମାରା ଦ୍ୱାରା ପଶୁମାନଙ୍କର ମୃତ୍ତିକା ତାଡ଼ନ କରିବା—
खुरो करना 1. To paw with the hoofs or tear the
खुरु करना earth with the horn (said of cattle etc before fighting with each other).

୨ । (ଲକ୍ଷଣାର୍ଥ) ପ୍ରଥମେ ଥଟ୍ଟା ଲଗାଇବା—
2. To play jokes at first; to provoke joke.

**ଖୁରିଙ୍ଗ**—ଗ୍ରା. ବି. (ସଂ. କୁରଙ୍ଗ)—ଖୁରଙ୍ଗ (ଦେଖ)
Khuringa Khuranga (See)

**ଖୁରି ଲଗାଇବା**—ଦେ. କ୍ରି. (ଲକ୍ଷଣାର୍ଥ)—ଖୁରି ଖାଇବା ୨ (ଦେଖ)
Khuri lagāibā Khuri khāibā. 2 (See)

**ଖୁରିଶାଣ**—ଦେ. ବି. (ପ୍ରାଚୀନ ଗ୍ରନ୍ଥାଦିରେ ବ୍ୟବହୃତ) (ସଂ. ଖର-
Khurisāna ଶାସନାତ୍—ଗୋପୀନାଥ ନନ୍ଦ)—ଉଲ୍ଲମ୍ଫନକାରୀ ଅଶ୍ୱବିଶେଷ— A high-mettled horse.

**ଖୁରିଶାଣି**—ଦେ. (ପ୍ରାଚୀନ) ବି—ଖୁରିଶାଣ (ଦେଖ)
Khurisāni Khurisāna (See)

ଶ୍ୱେତପୃଷ୍ଠରେ ଖୁରିଶାଣି ଦଶାରବ ଭେଦ । ପୀତାମ୍ବର. ନୃସିଂହପୁରାଣ ।

**ଖୁରିଶାସି**—ଦେ. (ପ୍ରାଚୀନ) ବି. (ସଂ. ଖର ଶାସନାତ୍—ଗୋପୀନାଥ ନନ୍ଦ)-
Khurisāsi ଖୁରିଶାଣ (ଦେଖ)
Khurisāna (See)

ମଉଅଳ ବାଦ୍ୟରେ ମତ୍ତର ଗମ ଭାଲ
ଗୁଲନ୍ତି ଖୁରିଶାସି ଅଶ୍ୱକ ଗମଭାଲ ।
ସାରଳା. ମହାଭାରତ ।

**ଖୁରିସାଣିଆଁ**—ଦେ. ବିଣ—କ୍ଷୁଦ୍ର ଓ ମନୋହର (ଜୀବ)—
Khurisāniān Small and beautiful (animal).

**ଖୁରୀ**—ସଂ. ବିଣ. (ଖୁର+ଅସ୍ତ୍ୟର୍ଥରେ; ଇନ୍. ୧ମା ୧ବ)—
Khurī ଖୁରଥିବା; ଖୁରବିଶିଷ୍ଟ (ଜନ୍ତୁ)—
Hoofed (animal).

ଦେ. ବି—ଖୁରି (ଦେଖ)
Khuri (See)

**ଖୁରୁଖୁରି**—ପ୍ରାଦେ. (ସିଂହଭୂମ) ବି—ରହାଡ଼ି (ଦେଖ)
Khurukhuri Rahārdi (See

**ଖୁରୁଖୁରିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଯେଉଁ ଘୋଡ଼ା ବା ବାଛୁରୀ
Khurukhuriā ସୁନ୍ଦର ରୂପେ ଖୁରୁଖୁରୁ ହୋଇ ଚାଲେ—
(ଖୁରୁଖୁରେଇ—ସ୍ତ୍ରୀ) Walking briskly and charmingly.

**ଖୁରୁଖୁରୁ**—ଦେ. କ୍ରି. ବିଣ. (ସଂ. ଖର)—
Khurukhuru ଝୁରୁଖୁରୁ (ଦେଖ)
Khurkhur (See)

**ଖୁରୁଙ୍ଗ**—ଦେ. ବି. (ସଂ. କୁରଙ୍ଗ)—ଖୁରଙ୍ଗ (ଦେଖ)
Khurunga Khuranga (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍କ | ଜ୍ଞ | ଶ,ଷ | ଙ୍ଗ | ଇଂ | ଡ୍ଅ | ଡ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଖ | ଯ | ସ | ଗଁ | ଇଅ | ଢ଼ | ନ, |

ଖୁରୁଚ—ବୈଦେ. ବି. ( ଆ. କୁର୍ସୀ )—ଚଉକି; ବେତ୍ରାସନ—
Khuruchi — Chair.
कुर्सी
कुरसी

ଖୁରୁଡ଼—ଦେ. ବି. ( ତେ. ଖୁରୁଡ଼ =ନଡ଼ିଆ )—ଶୁଖିଲା ନଡ଼ିଆ; ଯେଉଁ
Khururda ନଡ଼ିଆ ଭିତରୁ ପାଣିଯାକ ଶୁଖିଯାଇ ମର ଯାଇଥାଏ, ( ଯେଉଁ ନଡ଼ିଆରୁ ପାଣି ଶୁଖିଯିବାରୁ ତାହାର ଶସ ଖପୁରିରୁ ଛାଡ଼ିଯାଏ, ସେହି ହେତୁରୁ ଉକ୍ତ ନଡ଼ିଆକୁ ହାତରେ ହଲାଇଲେ ତାହା ଖଡ଼ଖଡ଼ ହୋଇ ବାଜେ)—
झुना
खुरहा
Dried cocoanut ( the kernel of which becomes separated from the shell when the water inside it dries up ).

ଶୁଖି ଶୁଖି ଥାଏ ଗୋ ଫଳ ଘରେ
କେହି ଖାଏ କେହି ଖୁରୁଡ଼ କରେ—କାଳମଣି . ଚନ୍ଦ୍ରାଭରଣିଣୀ ।

ଖୁରୁଡୁ—ଗ୍ରା. ବି—ଖୁରୁଡ଼ ( ଦେଖ )
Khururdu — Khururda ( See )

ଖୁରୁଣ୍ଟି—ଗ୍ରା. ବି—ଖୁରୁଡ଼ ( ଦେଖ )
Khurunti — Khururda ( See )

ଖୁରୁପା—ଦେ. ବି—ଖୁରପ ( ଦେଖ )
Khurupā — Khurapa ( See )

ଖୁରୁପି—ଦେ. ବି— ଘାସଅଦିକୁ ଖୁଣ୍ଟି ବାହାର କରିଦେବାର ଯନ୍ତ୍ର—
Khurupi — Grass-scraper.

ଖୁରୁପିବା—ଦେ. କ୍ରି. ( ସଂ. କ୍ଷୁରପ୍ର )—
Khurupibā ଖୁରୁପିରେ ଘାସ ଛେଲିବା—
चाँचा
खुरचना
To scrape off grass with a scraper.

ଖୁରୁପେଇବା—ଦେ. କ୍ରି. ( ସଂ. କ୍ଷୁରପ୍ର )—ଖୁରୁପିବା ( ଦେଖ )
Khurupeibā — Khurupibā ( See )

ଖୁରୁମା—ଦେ. ବି—ଖୁରମା ( ଦେଖ )
Khurumā — Khuramā ( See )

ଖୁରୁଲା—ପ୍ରାଦେ. ( ଗଞ୍ଜାମ ) ବି.—ଘୋଡ଼ାର ଦେହ ଘଷିବା ନିମନ୍ତେ
Khurulā ବ୍ୟବହୃତ ଲୁହାପାନିଆଁ; ଖରଡ଼ା—Iron-comb for a horse; curry-comb.

ଖୁରୁଶାଣ—ଦେ. (ପ୍ରାଚୀନ) ବି—ଖୁରଶାଣ (ଦେଖ)
Khuruśāṇa — Khuriśāṇa (See)

ଖୁରୁଶାଣି—ଦେ. (ପ୍ରାଚୀନ) ବି.—ଖୁରଶାଣ (ଦେଖ)
Khuruśāṇi — Khuriśāṇa (See)

ଖୁରୁସାଇବା—ଦେ. କ୍ରି.—ଖୁରସାଇବା (ଦେଖ)
Khurusāibā — Khurasāibā (See)

ଖୁରୁସାଣିଆଁ— ଦେ. ବିଣ.—ଖୁରସାଣିଆଁ (ଦେଖ)
Khurusāṇiāṅ — Khurisāṇiāṅ (See)

ଖୁରୁସିଆ—ଦେ. ବି.— ଖୁରଶାଣିଆଁ (ଦେଖ)
Khurusiā — Khuraśāṇiāṅ (See)

ଖୁରୁସୀ—ବୈଦେ. ବି.—ଖୁର୍ସୀ (ଦେଖ)
Khurusī — Khur-sī ( See )

ଖୁରେଇବା—ପ୍ରାଦେ. (ସମ୍ବଲପୁର) କ୍ରି.—( ସଂ. ଖୁରରୁ ଓଡ଼ିଆ ନାମ
Khureibā ଧାତୁ)—୧ । ଗୋଡ଼ଦ୍ୱାରା ଅଡ଼େଇବା—1. To separate or push a thing to one side by the leg.
୨ । ଖୁରଖାଇବା; ଖୁରଦ୍ୱାରା ଭୂମିକୁ ଘର୍ଷିବା—
2. To paw the ground with the hoof.

ଖୁର୍କି—ଦେ. ବି—ନେପାଳର ଗୁର୍ଖାମାନଙ୍କ ବ୍ୟବହୃତ ବାଙ୍କିଆ କଟୁରି—
Khurki Kookrie knife used by the Gurkhas of Nepal.
कुक्री
खुखड़ी

ଖୁର୍ଜି—ପ୍ରାଦେ. (ସମ୍ବଲପୁର) ବି (ସଂ. ଖର୍ଜନ)—
Khurji ଖଜୁ; ଲୁଣ୍ଡିଆ ରୋଗ—Dryitches.

ଘରେ ନାହିଁ ଚରନ୍ ଭଣ୍ଡୁ
ଛେନ୍ କରୁଛ ଖୁଜ ଭଣ୍ଡୁ—ତଗ ।

ଖୁର୍ଦ (ଧାତୁ)—ସଂ. ଖେଳିବା—To play.
Khurda (root)

ଖୁର୍ପା—ଦେ. ବି—ଖୁରପ (ଦେଖ)
Khurpā — Khurapa (See)

ଖୁର୍ପି—ଦେ. ବି—ଖୁରପ (ଦେଖ)
Khurpi — Khurapa (See)

ଖୁର୍ମା—ଦେ. ବି—ଖୁରମା (ଦେଖ)
Khurmā — Khuramā (See)

ଖୁଲ୍‌ଖୁଲ୍—ଦେ. (ଧ୍ୱନ୍ୟନୁକରଣ) ଅ. (ଭୁଲ. ସଂ. ସ୍ଖଲଧାତୁ.)— ମୁଷା ମାଟି
Khuḻkhuḻ ଖାଳିବାର ଅନୁରୂପ ଶବ୍ଦ; କୌଣସି ଘନ ଓ କ୍ଷୁଦ୍ର ପଦାର୍ଥକୁ ଅସ୍ତେ ଅସ୍ତେ ଅଜାଡ଼ିବାର ଶବ୍ଦ ବା ଗଛରୁ ବକଳ ଖସି ପଡ଼ିବାର ଶବ୍ଦ; ଗୁଳ୍‌ଗୁଳ—
Sound resembling that of dried barks peeling off a tree or of small articles being slowly or profusely poured out.

ଖୁଲ୍‌ଖୁଲ୍‌ଟେଲ୍—ପ୍ରାଦେ. (ସମ୍ବଲପୁର ) କ୍ରି. ବିଣ—ଉଚ୍ଚଧ୍ୱନି-ସହକାରେ
Khulkhulātel (ହାସ୍ୟ କରିବା)—( to laugh ) Very loudly.

ଖୁଲ୍‌ଖୁଲିଆ—ଦେ. ବି—ଧାନ ଖେତରେ ବାଲୁଙ୍ଗାପରି ଜାତ ହେବା—
Khuḻkhuḻiā ତୃଣବିଶେଷ—
A grass-like weed growing with paddyplants.

ଖୁଲ୍ତା —ଦେ. ବି—ଖଲତା (ଦେଖ)
Khultā — Khaḻatā (See)

ଖୁଲ୍ସା—ଦେ. ବିଣ—ଖୁଲ୍‌ସା (ଦେଖ)
Khulsā — Khulāsā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଇଁଠା' ନ ପାଇଲେ 'ଅଣ୍ଠା' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଖୁଲଣା**—ଦେ. ବି. ସ୍ତ୍ରୀ—୧ । କାହାଣୀବର୍ଣ୍ଣିତ ଧନପତିନାମ୍ନୀ ବଣିକର ପତ୍ନୀ—
Khulaṇā 1. Name of a wife of a rich merchant mentioned in the folk-tales.
খুল্লনা
[ଦ୍ର—'ଖୁଲଣା' ଏକ ଲକ୍ଷପତି ବଣିକର କନ୍ୟା । ଏ ଗୋଟିଏ ଧନପତି ବଣିକଙ୍କୁ ବିବାହ କରିଥିଲା । ପୂର୍ବଜନ୍ମରେ ଏ ରତ୍ନମାଳା ନାମ୍ନୀ ଅପ୍ସରା ଥିଲା । ଦୁର୍ଗାଙ୍କ ଅଭିଶାପରେ ବଣିକଘରେ ଜନ୍ମ ଲଭି ସେ ଏହି ନାମ ନେଇଥିଲା । ଏ ଶ୍ରୀମନ୍ତ ସଉଦାଗରର ମାତା । ପ୍ରାଚୀନ ବଙ୍ଗଳା ଓ ଓଡ଼ିଆଗ୍ରନ୍ଥରେ ଏହାର କାହାଣୀ ବର୍ଣ୍ଣିତ ହୋଇଅଛି ।]
୨ । ଜଣେ ଅପ୍ସରାର ନାମ—
2. Name of a celestial Nymph.
୩ । ଏହି ସ୍ତ୍ରୀର ଚରିତାବଲମ୍ବନରେ ରଚିତ ଓଡ଼ିଆ-ପୁସ୍ତକ—
3. An Oriya-book describing the said damsel.

**ଖୁଲଣାସୁନ୍ଦରୀ**—ଦେ. ବି. ସ୍ତ୍ରୀ—ଖୁଲଣା (ଦେଖ)
Khulaṇāsundarī Khulaṇā (See)

**ଖୁଲମ୍‌ଖୁଲା**—ବୈଦେ. କ୍ରି. ବିଣ. ଓ ବିଣ—( ଅ. )—
Khulamkhulā ଖୁଲ୍ଲମ୍‌ଖୁଲ୍ଲା (ଦେଖ)
খোলাখোলি Khullamkhulā (See)
खुल्लमखुल्ला

**ଖୁଲମ**—ପ୍ରାଦେ ( ଗଡ଼ଜାତ ) ବି—ମାର୍ଗ; ପଥ—
Khulama Road; way.

**ଖୁଲସା**—ବୈଦେ. ବିଣ (ଅ. ଖୁଲ୍; ଖୁଲାସା)—୧ । ଅକୁଟିଳ; ନିଷ୍କପଟ; ନିର୍ମଳାନ୍ତଃକରଣ—1. Frank; sincere.
Khulāsā
খোলসা, খোলাসা ୨ । ମୁକ୍ତ; ଅବରୋଧରହିତ—
खुलासा 2. Unobstructed; free.
୩ । ସଂକ୍ଷିପ୍ତ ସାର—
3. Simple; extracted; abbreviated.
୪ । ପରିଷ୍କୃତ—4. Clean.
୫ । ମେଲା—5. Open.
୬ । ସ୍ପଷ୍ଟ—6. Clear.
ବି—୧ । ସ୍ପଷ୍ଟ କଥା—1. Clear words; frank words.
୨ । ସଂକ୍ଷିପ୍ତ ରୂପ; ସାରାଂଶ—
2. Import; extract; abbreviated form.
୩ । ତାଲିକା—3. List; detail.
୪ । ବ୍ୟାଖ୍ୟା—4. Explanation.

**ଖୁଲସା ଝାଡ଼ା**—ଦେ. ବି—ପରିଷ୍କାର ଝାଡ଼ା—
Khulāsā jhārḍā Clearance of bowels.
খোলাসা দাস্ত [ ଦ୍ର—ଖୁଲସା ଦାସ୍ତ; ଖୁଲାସା ଦସ୍ତ, ମଧ୍ୟ ଏହି ଅର୍ଥରେ ହୁଏ । ]
खुलासा झाड़ा

**ଖୁଲି**—ପ୍ରାଦେ. (ସମ୍ବଲପୁର) ବି—୧ । ଦାଣ୍ଡ; ଗ୍ରାମ୍ୟ ପଥ—
Khuli 1. Village-road; road.
ଛୋଟ ବାଟକୁ ବାହୁଡ଼ା ଗଳି, ଚୁଡୋପାଲର ମଝା ଖୁଲି—ଚଗ ।
୨ । ଛୋଟ ଛୋଟ ଗଳି—2. Byelane.

**ଖୁଲିବା**—ପ୍ରାଦେ. (ବାଲେଶ୍ୱର) କ୍ରି—ଖୋଲିବା ( ଦେଖ )—
Khulibā Kholibā (See)

**ଖୁଲୁଖୁଲିଆ**—ଦେ. ବି—ଖୁଲ୍‌ଖୁଲିଆ (ଦେଖ)
Khulukhuliā Khulkhuliā (See)

**ଖୁଲୁଖୁଲୁ**—ଦେ (ଧ୍ୱନ୍ୟନୁକରଣ) ଅ—ଖୁଲ୍‌ଖୁଲ୍ (ଦେଖ)
Khulukhulu Khulkhul (See)

**ଖୁଲ୍ୟତାତ**—ସଂ. ବି ( ସ. ଖୁଲ୍ଲତାତ )—
Khulyatāta ଖୁଡୁତା ( ଦେଖ )
Khurḍutā ( See )

**ଖୁଲ୍ଲ**—ସଂ. ବିଣ (ଖୁଡ୍ + ଲା ଧାତୁ = ପାଇବା + ଅ)—
Khulla ୧ । କ୍ଷୁଦ୍ର—1. Small; little.
୨ । କନିଷ୍ଠ—2. Younger.

**ଖୁଲ୍ଲତାତ**—ସଂ. ବି ( ଖୁଲ୍ଲ = କନିଷ୍ଠ + ତାତ = ପିତା )—
Khullatāta ଖୁଡୁତା; କକେଇ—
Junior paternal uncle.

**ଖୁଲ୍ଲମ୍‌ଖୁଲ୍ଲା**—ଦେ. କ୍ରି. ବିଣ—୧ । ପରିଷ୍କାରରୂପେ; ସ୍ପଷ୍ଟଭାବରେ—
Khullamkhulā 1. Clearly; plainly.
খুলাখুলা ୨ । ନିଷ୍କପଟଭାବରେ—2. Frankly.
खुल्लमखुल्ला ୩ । ପ୍ରକାଶ୍ୟରୂପେ—3. Openly.
୪ । ଅବାଧରେ—4. Without restraint.
ଦେ. ବିଣ—୧ । ପରିଷ୍କୃତ; ସଫା; ସ୍ପଷ୍ଟ—
1. Pure; plain, clear.
୨ । ବନ୍ଧନରହିତ; ମୁକ୍ତ; ଅବାଧ—
2. Free from restriction or restraint.
୩ । ନିଷ୍କପଟ—3. Frank
୪ । ପ୍ରକାଶ୍ୟ—4. Open.

**ଖୁଲ୍ଲମ**—ସଂ. ବି—ରାସ୍ତା; ସଡ଼କ—
Khullama Road (Apte).
खुल्लम

**ଖୁସ୍**—ଦେ. ( ଧ୍ୱନ୍ୟନୁକରଣ ) ଅ—ଛିଦ୍ରପଥରେ ଧୀରେ ଧୀରେ ପବନ ବାହାରି ଯିବା ପରି ଅନୁଚ୍ଚ ସୁସୁ ଶବ୍ଦ—
Khus
খুস Low hissing sound ( like wind escaping from an opening ).
खोस; खुस
[ ଦ୍ର—ଏହା ଖସ୍‌ଖସ୍‌ଠାରୁ ଅନୁଚ୍ଚତର । ]
ବୈଦେ ବିଣ. ( ଫା )—୧ । ଆନନ୍ଦଜନକ; ପ୍ରୀତିପ୍ରଦ—
1. Pleasant; agreeable.
( ଯଥା—ଖୁସ୍‌ଖବର । )
୨ । ଆନନ୍ଦିତ; ପ୍ରସନ୍ନ—2. Pleased.
( ଯଥା—ଖୁସ୍ ମିଜାଜ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

୩ । ସ୍ୱେଚ୍ଛାରେ କୃତ—
3. Done out of one's free will.
( ଯଥା—ଖୁସ୍‌କବଲା । )
[ ଦ୍ର—ଏହି ଅର୍ଥରେ ଏ ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୁଏ । ]

ଖୁସ୍ କବାଲା—ବୈଦେ. ବି. ( ଫା. ଖୁସ୍‌କବାଲା )—୧ । କ୍ରେତା ଓ
Khus kabālā ବିକ୍ରେତାଙ୍କ ଆପୋସିରେ ସମ୍ପତ୍ତିର ବିକ୍ରୟପତ୍ର—
খোসকবালা 1. A deed of private sale.
खुसकबाला ୨ । ବିନାଗରଜରେ ବା ଜରୁର ବା ଅଭାବ ନ ଥାଇ ବିକ୍ରେତା ବିକି କରିବା ସମ୍ପତ୍ତିର ବିକ୍ରୟପତ୍ର—
2. A deed of sale without necessity.
୩ । ବିନାସର୍ତ୍ତରେ କବାଲା—
3. An unconditional deed of sale.
[ ଦ୍ର—ଯେଉଁ ସମ୍ପତ୍ତିକୁ ବିକ୍ରେତା ସ୍ୱେଚ୍ଛାକ୍ରମେ ବିକି ନ କରି ଘଟନାଚକ୍ରରେ ବା ଅଦାଲତଙ୍କଦ୍ୱାରା ବାଧ୍ୟ ହୋଇ ବିକି କରେ ତହିଁର କବାଲାକୁ ଖୁସ୍ କବାଲା ବୋଲାଯାଏ ନାହିଁ । ]

ଖୁସ୍କି—ବୈଦେ. ବି. ( ଫା; ତୁଳ—ସଂ. ଶୁଷ୍କ )—
Khuski ୧ । ଅନାବୃଷ୍ଟିଜନିତ ମରୁଡ଼ି; ଅନାବୃଷ୍ଟି—
( ଯୋଇ—ବିପରୀତ) 1. Draught; want of rain.
খুস্কী ୨ । ଶୁଖିଲା କୁଣ୍ଡିଆ—
खुस्की 2. Dry itches; scurf.
୩ । ଶୁଷ୍କତା—3. Dryness.
ବୈଦେ. ବିଣ—୧ । ଶୁଷ୍କ—1. Dry.
୨ । ବୃଷ୍ଟିହୀନ ( ସମୟ ବା ସ୍ଥାନ )—
2. Rainless ( time or country ).

ଖୁସ୍କିନି—ଗ୍ରା. କ୍ରି. ବିଣ—ଅଜ୍ଞାତଭାବରେ—
Khuskini Imperceptibly; stealthily.
খুস্‌করে
चुपके

ଖୁସ୍ ଖବର—ବୈଦେ. ବି. ( ଫା. ଖୁସ୍‌ଖବର )—ସୁସମ୍ବାଦ—
Khus khabara Good tidings.
খোসখবর
खुसखबरी

ଖୁସ୍‌ଖାସ୍ —ଦେ. ( ଧ୍ୱନ୍ୟନୁକରଣ ) ଅ—୧ । ଚୁପ୍‌ଚାପ୍—
Khuskhās 1. Secretly; quietly.
୨ । ( ଖସ୍‌ଖସ୍‌ଠାରୁ ଅନୁଚ୍ଚଧ୍ୱନି ) ଧୀର ଧୀର ସୁସୁ ଶବ୍ଦ—
2. Very low hissing sound.

ଖୁସ୍‌ଖାସ୍ ହେବା—ଦେ. କ୍ରି—୧ । ତୁନି କରି ପରସ୍ପର କଥାବାର୍ତ୍ତା ହେବା—
Khuskhās hebā
खुसहोना 1. To whisper to one another.
୨ । ଖସ୍‌ଖସ୍ ଶବ୍ଦ କରିବା—
2. To make low hissing sounds.

ଖୁସ୍‌ଖୁସ୍ ( ଇତ୍ୟାଦି )—ଦେ. ଅ—ଖୁସ୍‌ଖାସ୍ ଇତ୍ୟାଦି ( ଦେଖ )
Khuskhus ( etc ) Khuskhās etc ( See )

ଖୁସ୍‌ଗପ—ଦେ. ବି. ( ଫା. ଖୁସ୍+ସଂ. ଗଳ୍ପ )—
Khus gapa ଆମୋଦଜନକ କଥାବାର୍ତ୍ତା; ମଜାଦାର କାହାଣୀ—
( ଖୁସ୍‌ଗପ—ଅନ୍ୟରୂପ ) Pleasant talk; chitchat.
খোসগপ
खुसबात

ଖୁସ୍ ଗଳ୍ପ—ଦେ. ବି. (ଫା. ଖୁସ୍+ସଂ. ଗଳ୍ପ )—ଖୁସ୍‌ଗପ ( ଦେଖ )
Khus galpa Khusgapa ( See)

ଖୁସ୍‌ଦିଲ—ବୈଦେ. ବିଣ. ( ଫା. ଖୁସ୍‌ଦିଲ୍ )—
Khusdili ୧ । ଯେ ସବୁ ଦଶାରେ ପ୍ରସନ୍ନ ଥାଏ—
खुसदिल 1. One who is cheerful under any circumstances.
୨ । ହସୁରା; ଥଟ୍ଟାଳ—
2. Jocular; full of fun and laughter.

ଖୁସ୍‌ନାମ୍—ବୈଦେ. ବି. ( ଫା. ଖୁସ୍‌ନାମେହ )—
Khusnām ୧ । ସୁନାମ; ସୁଖ୍ୟାତି; ସୁଯଶ—
খোসনাম 1. Good name; reputation.
खुसनामा ୨ । ନେକ୍‌ନାମୀ; ପ୍ରଶଂସା— 2. Praise.

ଖୁସ୍‌ନାମା—ବୈଦେ. ବି. ( ଫା. ଖୁସ୍‌ନାମେହ )—
Khusnāmā ଖୁସ୍‌ନାମ୍ ( ଦେଖ )
Khusnām ( See )

ଖୁସ୍‌ନାମି—ବୈଦେ. ବି. ( ଫା. ଖୁସ୍‌ନାମେହ )—
Khusnāmi ଖୁସ୍‌ନାମ୍ ( ଦେଖ )
Khusnām ( See )

ଖୁସ୍‌ବାସ୍—ବୈଦେ. ବି. (ଆ)—୧ । ଆନନ୍ଦ; ସୁଖ—
Khusbās 1. Happiness.
खुस्‌बास् ୨ । ସ୍ୱାଚ୍ଛନ୍ଦ୍ୟ—2. Ease; comfort.

ଖୁସ୍‌ବାସ୍ ପ୍ରଜା—ଦେ. ବି—ଖୁସ୍‌ବାସୀ ପ୍ରଜା ( ଦେଖ )
Khusbās prajā Khusbāsi prajā ( See )

ଖୁସ୍‌ବାସ୍ ରଇତ—ଦେ. ବି—ଖୁସ୍‌ବାସୀ ପ୍ରଜା ( ଦେଖ )
Khusbās raita Khusbāsi prajā ( See )

ଖୁସ୍‌ବାସୀ—ବୈଦେ. ବି. (ଆ)—ଖୁସ୍‌ବାସ୍ ( ଦେଖ )
Khusbāsi Khusbās ( See )
ବୈଦେ. ବିଣ. (ଆ)—୧ । ଆନନ୍ଦିତ; ସୁଖୀ—
1. Happy.
୨ । ସ୍ୱଚ୍ଛନ୍ଦ—2. Easy; comfortable.
୩ । ସୌଖୀନ; ନବୋଦ୍ୟମୀ; ଅବ୍ୟବସାୟୀ (ଯାତ୍ରାଦଳାଦି)—
3. Amateur.

ଖୁସ୍‌ବାସୀ ପ୍ରଜା—ଦେ.. ବି—ଜମିଦାରର ସମ୍ଭ୍ରାନ୍ତ ବା ଭଦ୍ର ଶ୍ରେଣୀର
Khusbāsi prajā ପ୍ରଜା ( ଯଥା—ବ୍ରାହ୍ମଣ; କରଣ । )—
Respectable tenents of a zamindary.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧,୨ଠ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧେ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖୁସ୍‌ବିକ୍ରି**—ଦେ. ବି. ( ଫା. ଖୁସ୍ + ସ. ବିକ୍ରୟ )—
Khusbikri ବିକ୍ରେତାର ସ୍ୱଇଚ୍ଛା ଅନୁସାରେ ସମ୍ପତ୍ତିର ବିକ୍ରୟ;
ଖୋସବିକ୍ରି ଅଦାଲତଦ୍ୱାରା ବା ଘଟଣାଚକ୍ରରେ ବା ଦେଣାଦାୟରେ ବାଧ ନ ହୋଇ ବା ଗରଜ ନ ଥାଇ ବିକ୍ରେତାଦ୍ୱାରା ସମ୍ପତ୍ତିବିକ୍ରି—
Voluntary sale; private sale.

**ଖୁସ୍‌ବୁ**—ବୈଦେ. ବି ଓ ବିଣ. ( ଫା. ଖୁସ୍‌ବୁ )—
Khusbu ଖୁସ୍‌ବୋଇ ( ଦେଖ )
Khusboi ( See )

**ଖୁସ୍‌ବୋ**—ବୈଦେ. ବି ଓ ବିଣ. (ଫା)—ଖୁସ୍‌ବୋଇ ( ଦେଖ )
Khusbo Khusboi ( See )

**ଖୁସ୍‌ବୋଇ**—ବୈଦେ.ବି. ( ଫା. ଖୁସ୍‌ବୁ; ଖୁସ୍‌ବୋ = ଆନନ୍ଦଜନକ ଗନ୍ଧ;
Khusboi ତୁଳ—ସ. ବଃ = ଗନ୍ଧନ; ମେଦିନୀ କୋଷ )—
ଖୋସବୋ ସୁଗନ୍ଧ; ସୁବାସ—Sweet smell.
খুসবু ବିଣ—ସୁଗନ୍ଧଯୁକ୍ତ—Sweet-scented.

**ଖୁସ୍ ମିଜାଜ୍**—ବୈଦେ. ବି. ( ଫା. ଖୁସ୍‌ମିଜାଜ୍ )—
Khus mijāj ଚିତ୍ତର ପ୍ରଫୁଲ୍ଲ ଅବସ୍ଥା—
খোস মেজাজ Mental delight; good humour; state
खुसमिजाज of being in good humour.
ଖୁସ୍ ମେଜାଜ୍, ଖୁସ୍ ମିଜାସ୍, ଖୁସ୍ ମିଜାସ୍ } ଅନ୍ୟ ରୂପ

**ଖୁସ୍‌ମିଜାଜି**—ଦେ. ବିଣ—ପ୍ରଫୁଲ୍ଲଚିତ୍ତ—
Khus mijāji Of delightful nature; sweet-
খুসমেজাজি natured.
खुसमिजाजि
ଖୁସ୍ ମେଜାଜି, ଖୁସ୍ ମିଜାସି, ଖୁସ୍ ମିଜାସି } ଅନ୍ୟରୂପ ବି—ପ୍ରଫୁଲ୍ଲଚିତ୍ତତା—
State of being in good humour.

**ଖୁସା**—ପ୍ରାଦେ. (ସମ୍ବଲପୁର) ବି. ( ସ. କୋଷ )—
Khusā ୧ । ପଣସ, ଆତଆଦିର ବୀଜକୋଷ; କୋଷା—
1. The seed-capsules of jack and other fruits.
୨ । ଖୋସା; ସ୍ତ୍ରୀମାନଙ୍କର ଜୁଡ଼ା—
2. Chignon of a woman.

**ଖୁସାଇବା**—ଗ୍ରା. କ୍ରି—ଖୁରସାଇବା ( ଦେଖ )
Khusāibā Khurasāibā ( See )

**ଖୁସାମତ୍**—ବୈଦେ. ବି. ( ଫା. ଖୁଶ୍ ଆମଦ୍ )—ଅନ୍ୟକୁ ପ୍ରସନ୍ନ କରିବା
Khusāmat ପାଇଁ କରାଯିବା ମିଥ୍ୟାପ୍ରଶଂସା; ତୋଷାମୋଦ;
খোসামদ; খোসামোদ ଚାଟୁବାଦ; ଚାଟୁବୃତ୍ତି—Flattery.
खुशामद

**ଖୁସାମତି**—ଦେ. ବିଣ. ( ଫା. ଖୁସାମଦ୍ )—ଖୁସାମତିଆ ( ଦେଖ )
Khusāmati Khusāmatiā ( See )
খোসামদি ଦେ. ବି—୧ । ଖୁସାମତ୍ ( ଦେଖ )
खुसामदी 1. Khusāmat ( See )
୨ । ଖୁସାମତ୍ କରିବା ଅଭ୍ୟାସ—
2. Habit of flattering others.
୩ । ଖୁସାମତ୍ କରିବା ଜୀବିକା—3. Earning one's livelihood by flattering others.

**ଖୁସାମତିଆ**—ଦେ. ବିଣ. ( ଫା. ଖୁସାମଦ୍ + ଓଡ଼ିଆ ପ୍ରତ୍ୟୟ. ଇଆ)—
Khusāmatiā ୧ । ଚାଟୁକାର; ସ୍ତାବକ ( ବ୍ୟକ୍ତି )—
খোসামুদে; খোসামদিয়া 1. Flattering (person).
खुसामद् तालाब ୨ । ପ୍ରୀତିଜନକ; ଚାଟୁପୂର୍ଣ୍ଣ ( ଉକ୍ତି )—
खुसामदी टट्टू 2. Flattering ( words ).
୩ । ଚାଟୁପ୍ରିୟ ( ବ୍ୟକ୍ତି )—3. Fond of flattery.
୪ । ଖୁସାମତ କରିବା ଯାହାର ଅଭ୍ୟାସ ବା ଜୀବିକା—
4. Making a living by flattery; flatterer by habit.

**ଖୁସାମଦ**—ବୈଦେ ବି. (ଫା)—ଖୁସାମତ୍ ( ଦେଖ )
Khusāmada Khusāmat ( See )

**ଖୁସାମଦିଆ**—ଦେ. ବିଣ—ଖୁସାମତିଆ ( ଦେଖ )
Khusāmadiā Khusāmatiā ( See )

**ଖୁସାଲି**—ପ୍ରାଦେ. ( ବାଣପୁର ) ବି—ଚୁଅ ମୁଣ୍ଡର ଛିଦ୍ର ଭିତରେ ପଶିଥିବା
Khusāli କାଣ୍ଡିଆ—Thin strips of bamboo running through the holes at the ends of bamboo-rafters ( in a thatched house).

**ଖୁସି**—ବୈଦେ. ବି. ( ଫା. ଖୁଶୀ )—୧ । ଆନନ୍ଦ—1. Delight.
Khusi ୨ । ଆମୋଦ—2. Pleasure.
খুসী ୩ । ମନଖୁସି; ଇଚ୍ଛା—3. Wish.
खुसी ୪ । ସନ୍ତୋଷ—4. Contentment.
୫ । ସ୍ୱାଚ୍ଛନ୍ଦ୍ୟ—5. Comfort; ease.
খুসী ବୈଦେ. ବିଣ. ( ଫା. ଖୁଶ୍ )—୧ । ଆନନ୍ଦିତ—
खुस 1. Delighted.
୨ । ପ୍ରୀତ; ଆହ୍ଲାଦିତ—2. Pleased.
୩ । ସନ୍ତୁଷ୍ଟ—3. Contented.
୪ । ଆନନ୍ଦଜନକ—4 Delightful.

[ ଦ୍ର—ଫା. 'ଖୁସ୍' ଶବ୍ଦ ସଙ୍ଗେ ଯେତେ ଶବ୍ଦ ଲାଗେ, ସେତେ ଶବ୍ଦ ଭାଷାରେ 'ଖୁସି' ଶବ୍ଦ ସଙ୍ଗରେ ଲାଗି ମଧ୍ୟ ସେହି ଅର୍ଥ ଦିଏ ।]

ଗ୍ରା. ବି—ଅଗୁପ୍ତ ଅପାନବାୟୁ ( ସାଧାରଣତଃ ଏପରି ବାୟୁ ଅତ୍ୟନ୍ତ ଦୁର୍ଗନ୍ଧଯୁକ୍ତ ହୁଏ )—Wind passed down stealthily, that is without any sound.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଏ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଙନ୍, ଞନ୍ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ୟ | ଇଅ | ● | ନ୍ବ |

ଖୁସିବାସୀ—ଦେ. ବଣ. ( ଫା. ଖୁସ୍‌ବାସ୍ )—୧ । ଆନନ୍ଦିତ—
Khusibāsi 1. Merry; delighted.
୨ । ସୁଖୀ—2. Happy.

ଖୁସୁର୍ ଖାସର୍—ଦେ. ( ଧ୍ୱନ୍ୟନୁକରଣ ) ଅ—୧ । ମର୍ମର; ଶୁଷ୍କପତ୍ରର
Khusur khāsar ବା ଚାଲିବା ବେଳେ ପିନ୍ଧିଥିବା ଲୁଗାର ଘର୍ଷଣ-
ଖୁସ୍‌ର ଫୁସ୍‌ର ଜନିତ ଅନୁଚ୍ଚ ଶବ୍ଦ—1. Low sound of
**खुसुर फुसुर** rustling of leaves or cloth.
୨ । ପରସ୍ପର କାନ ପାଖେ ଅତି ଅଳ୍ପ ଶବ୍ଦ କରି କଥାବାର୍ତ୍ତା
ହେବା; ଫୁସ୍ ଫୁସ୍—2. Whispering.
ଦେ. କ୍ରି.ବଣ.—୧ । ନିଃଶବ୍ଦରେ ଖସିଯିବା ପ୍ରକାରେ—
1. Stealthily; like one slipping away unnoticed
୨ । ଫୁସୁରୁ ଫୁସୁରୁ ବା କାନେକାନେ କଥାବାର୍ତ୍ତା ହେବା-
ପ୍ରକାରେ—2. In a whispering tone.

ଖୁସୁରୁଖାସୁରୁ—ଦେ. ଅ. ଓ କ୍ରି. ବଣ.—ଖୁସର୍‌ଖାସର୍ (ଦେଖ)
Khusurukhāsuru Khusur khāsar (See)

ଖୁସୁରୁଖୁସୁରୁ—ଦେ. ଅ. ଓ କ୍ରି. ବଣ.—ଖୁସୁର୍‌ଖାସର୍ (ଦେଖ)
Khusurukhusuru Khusurkhāsar (See)

ଖୁସୁରୁମୁସୁରୁ ହେବା—ପ୍ରାଦେ. (ସମ୍ବଲପୁର) କ୍ରି.—ଅପ୍ରତିଭ ହେବା—
Khusurumusuru hebā To be nonplussed; to be at one's wit's end.

ଖୁସ୍କି—ବୈଦେ. ବି. (ଫା. ଖୁସ୍କ୍ = ଶୁଷ୍କ; ଖୁସ୍କୀ = ଶୁଷ୍କତା; ମୂଳ-ସଂ. ଶୁଷ୍କ)—
Khuski ୧ । ଶୁଷ୍କତା—1. Dryness.
ख़ुश्कि ୨ । ମଲ୍ଲଚର୍ମ—2. Dead tissues of skin.
**ख़ुश्की** ୩ । ରୂପୀ; ରୁପି—3. Dandruff.
(ଧୋଇ—ବପସାଡ) ୪ । ମରୁଡ଼ି; ବର୍ଷାଭାବଜନିତ ଶସ୍ୟହାନି—
4. Draught; failure of crop due to want of rain.
୫ । ଶୁଖିଲା ବାଟ—5. Dry road.
୬ । ସ୍ଥଳପଥ—6. Road on the land.

ଖୂର୍ଦ୍ଦ (ଧାତୁ)—ସଂ.—ଖେଳିବା—
Khūrda (root) To play.

ଖୂର୍ପ—ଦେ. (ପଦ୍ୟ) ବଣ. (ସଂ. ଖର୍ବ)—ଖର୍ବକାୟ; ବାମନ—
Khūrpa Dwarfish.
କନ୍ୟା ବଳକ କପଟିଲ ମୁରାରି,
ଖୂର୍ପକି ବନ୍ଧମ ସୁରୁଚି ସୁରୂପ ସି । ପ୍ରାଚୀ. ରସବାରିଧି ।

ଖୃପ—ଦେ. (ପଦ୍ୟ) ବଣ. (ସଂ. ଖର୍ବ)—ଖର୍ବକାୟ—
Kṛupa Dwarfish.
ଆସି ଖୃପରୂପ ଧରି, ପ୍ରଭୁଙ୍କୁ ଦର୍ଶନ କରି,
ସନ୍ତୋଷ ହୋଇ ମୁନିବର ଅଇଲେ ପିଠି । ପ୍ରାଚୀ. ରହସ୍ୟମଞ୍ଜରୀ ।

ଖୃଷ୍ଟ (ଇତ୍ୟାଦି)—ବୈଦେ. ଗ୍ରା. ବି. (ଇଂ. କ୍ରାଇଷ୍ଟ)—
Khṛushṭa (etc) ଖ୍ରୀଷ୍ଟ ଇତ୍ୟାଦି (ଦେଖ)
Khrishṭa etc. (See)

ଖେଇ—ଦେ. ବି. ( ସଂ. ଖାଦ୍ ଧାତୁ )—ଦେବତାଙ୍କଠାରେ ଦୈନିକ
Khei ଭୋଗ ଲାଗିବା ପଦାର୍ଥରୁ ସେବକମାନଙ୍କୁ ଦୈନିକ ଖୋରାକ-
खाई ରୂପେ ଦିଆଯିବା ନିର୍ଦ୍ଦିଷ୍ଟ ଅଂଶ—A certain part of the offerings distributed to different Sebakas or servants of a Deity as fooding-allowance

ଖେଉଦା—ଦେ. ବି.—ଘଉଡ଼ିବା; ଧକ୍କା ମାରି ତଡ଼ିବା; ତଡ଼ା—
Kheudā Driving or pushing away.

ଖେଉଦାଇବା—ଦେ. କ୍ରି.—ଖେଉଦିବାର ଣିଜନ୍ତରୂପ—
Kheudāibā Causative form of Kheudibā.
ତ୍ରିଜେ ତାଙ୍କୁ ବନକୁ ଖେଉଦାଇ ଦେଲେ ।
କୃଷ୍ଣସିଂହ. ମହାଭାରତ, ବନ ।

ଖେଉଦିବା—ଦେ. କ୍ରି. (ସଂ. ଖେଟ = ମୃଗୟା)—
Kheudibā ୧ । ଘଉଡ଼ିବା (ଦେଖ)
তাড়িএ দেওয়া 1. Kshaudibā (See)
**खेदना** ଗାଳି ଦେଇ ତାଙ୍କୁ ବନକୁ ଖେଉଦିଲା । କୃଷ୍ଣସିଂହ. ମହାଭାରତ. ବନ
୨ । ଖେଦିବା (ଦେଖ)
2. Khedibā (See)
୩ । ଶିକାର ପଛରେ ଗୋଡ଼ାଇବା—
3. To chase an animal.
ବନେ ସେ ଦୁର୍ଯ୍ୟୋଧନ ବନାଇଣ ଜାଲ
ଖେଉଦିଲେ ବନମୃଗଙ୍କୁ ପଲ ପଲ । କୃଷ୍ଣସିଂହ. ମହାଭାରତ. ବନ

ଖେଉରି—ପ୍ରାଦେ. (ବାଲେଶ୍ୱର) ବି—ପ୍ରଭାବ—
Kheuri Influence.
ବାବୁଙ୍କର ନିଶାର ଖେଉରିରେ ଦେହଟା ନିଲୁଥିଲା—
ଫକୀରମୋହନ. ଗଳ୍ପସ୍ୱଳ୍ପ

ଖେଉରିବା—ଗ୍ରା. କ୍ରି (ସଂ. କ୍ଷୌର)—କ୍ଷୌର କରିବା—
Kheuribā To shave.
ক্ষৌরিকরা ଧନ ନ ଥାଏ ସେହିଁ ମୁଣ୍ଡିକୁ,
**हजामत बनाना, मुँडना** ଭଣ୍ଡାର ନ ଥାଏ ଖେଉରିବାକୁ—ପ୍ରବଚନ ।

ଖେଁଖାଁ—ଦେ ( ଧ୍ୱନ୍ୟନୁକରଣ; ମୂଳ. ସଂ. ଖୁ ଧାତୁ = ଶବ୍ଦ କରିବା; ସଂ.
Kheṅkhāṅ ଖିଖି = ଅନୁକରଣଧ୍ୱନି ) ଅ—୧ । ଉଚ୍ଚହାସ୍ୟ ଶବ୍ଦ
খিলখিল ( ଖୁଁ ଖୁଁ ଠାରୁ ଉଚ୍ଚତର )—
**कहकहा** 1. Sound of loud laughter.
খেঁকখেঁক ୨ । କ୍ରୁଦ୍ଧ ଶୃଗାଳ ଓ ମାକଡ଼ଙ୍କର ଶିଙ୍କାରହେବା ଶବ୍ଦ—
**खुर्राना** 2. Snarling of enraged monkeys and jackals.

ଖେଁଖାରି—ପ୍ରାଦେ (ସମ୍ବଲପୁର) ବି (ମୂଳ.ସଂ.ଖିଖି = ଶୃଗାଳ; ବ. ଖେଁକ-
Kheṅkhāri ଶିୟାଲ )—କୋକଶିଆଳି—Fox.

ଖେଁଖେଁ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଖେଁଖାଁ ( ଦେଖ )—
Kheṅkheṅ 1. Kheṅkhāṅ (See)
ସେହି ଅନ୍ଧକାର ରାତି ଭିତରେ ଦୂରରେ ପଶୁର ଖେଁ ଖେଁ କାମୁଡ଼ାକାମୁଡ଼ି ଶବ୍ଦ ଶୁଣି ଗୋବିନ୍ଦ
ଚମକି ପଡ଼ି ଉଠାଇଲା । ଫକୀରମୋହନ. ଛମାଣଆଠଗୁଣ୍ଠ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅରଣ୍ୟ' ନ ପାଇଲେ 'ଅରଣ୍ୟ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । କାଶର ଉଚ୍ଚ ଶବ୍ଦ—
2. Sound of loud coughing.

**ଖେଁଖେଁୟାଁ**—ସ. ବଣ. ପୁଂ—୧ । ଉଚ୍ଚହାସ୍ୟକାରୀ—
Khenkhenyan̄ 1. Making loud laughing sound.
(ଖେଁଖେଁଇ—ସ୍ତ୍ରୀ)
୨ । ଉଚ୍ଚସ୍ୱରରେ କାଶୁଥିବା—2. Coughing loudly.

**ଖେକରୁଲି**—ପ୍ରାଦେ. ( ସମ୍ବଲପୁର ) ବ ( ଭୁଲ—ବ. ଖେଁକଶିୟାଳ )—
Khekarli କୋକିଶିଆଳ—Fox.

**ଖେକିବା**—ଦେ (ଧ୍ୱନ୍ୟନୁକରଣ) କ୍ରି—ଖେଙ୍କିବା ( ଦେଖ )—
Khekibā Khenkibā (See)

**ଖେଖେ**—ପ୍ରାଦେ (ମେଦିନୀପୁର) ଅ—ମେଦିନୀପୁର ଓ ଉତ୍ତର-ବାଲେଶ୍ୱର-
Khekhe ଅଞ୍ଚଳରେ ସବାରିବାହକ ବେହେରା ( ବାହୁ, ପାଣ-ଆଦି ) ମାନଙ୍କର ନିରର୍ଥକ ଡାକବିଶେଷ—An unmeaning vociferation of palki-bearers in North-Balasore and Midnapur.

**ଖେଖୋ**—ପ୍ରାଦେ (ମେଦିନୀପୁର) ଅ—ଖେଖେ ( ଦେଖ )—
Khekho Khekhe (See)

**ଖେଙ୍କଶିଆଳ**—ପ୍ରାଦେ. (ବାଲେଶ୍ୱର) ବ ( ଭୁଲ. ବ. ଖେଁକଶିୟାଲ; ସଂ.
Khenksiāla ଖୁ ଖୁ=ଶୃଗାଳ)—ଶୃଗାଳବିଶେଷ; କୋକିଶିଆଳ-Fox; Vulpis Bengalensis.
[ ଦ୍ର—ଏମାନେ ବିଲୁଆଙ୍କ ପରି ସ୍ଥାୟୀ ସ୍ୱରରେ ନ ବୋବାଇ ଖେଁଖେଁ ସ୍ୱରରେ ବୋବାନ୍ତି । ]

**ଖେଙ୍କଶିଆଳି**—ପ୍ରାଦେ (ବାଲେଶ୍ୱର) ବ—ଖେଙ୍କଶିଆଳ ( ଦେଖ )—
Khenksiāli Khenksiāla (See)

**ଖେଙ୍କା**—ଦେ (ଧ୍ୱନ୍ୟନୁକରଣ) ବ [ ସଂ. ଖୁ ଖୁ (ଧ୍ୱନ୍ୟନୁକରଣ) ]—ଖୁଙ୍କାର
Khenkā ଦେବା; ଖେଙ୍କିବା; ଦାନ୍ତ ବାହାର କରି ଖେଁଖେଁ ଶବ୍ଦ
খেঁকানি କରିବା—To make a snarling sound.
**खुर्राना** ଦେ. ବଣ—୧ । ଯେ ଖିଙ୍କାରି ହୁଏ, ଚିଡ଼ା—
1. Snarling.
୨ । ଅବାଧ (ଭୃତ୍ୟ); ଉତ୍ତରଦାୟକ (ଭୃତ୍ୟ)—
2. Refractory; insubordinate (servant)

**ଖେଙ୍କାଖେଙ୍କି**—ଦେ. ବ. ଓ ବଣ—
Khenkākhenki ୧ । ଅନ୍ୟୋନ୍ୟରେ ଖିଙ୍କାରିହେବା—
খেঁকাখেঁকি 1. Snarling or yelping at each other.
୨ । ପରସ୍ପରକୁ ଅଗ୍ରାହ୍ୟ କରିବା—
2. Disregarding each other.

**ଖେଙ୍କିବା**—ଦେ. (ଧ୍ୱନ୍ୟନୁକରଣ )କ୍ରି —
Khenkibā ୧ । ଦାନ୍ତ ଦେଖାଇ ଖେଁ ଖେଁ ଶବ୍ଦ କରିବା;
খেঁকান ଖୁଙ୍କାରିବା—
**खिसाना।** 1. To snarl at.
୨ । ଭୁଣ୍ଡ ଗାଲୁ କରିବା—2. To show bravado.

୩ । କୌଣସି ବ୍ୟକ୍ତିର ଆଦେଶ ପାଳନ ନ କରି ଫେଁସି-ଦେବା ବା ମୁହେଁ ମୁହେଁ ତାହାର କଥାକୁ ଅଗ୍ରାହ୍ୟ କରିବା—
3. To fret at an order given by a superior.

**ଖେଚଡ଼**—ଦେ. ବଣ ( ସଂ. ଖଚର କମ୍ବା କୁଚରିତ )—
Khecharda ୧ । ଅବାଧ; ଦୁଷ୍ଟ; ପାଜି—
খেঁচড়া,খেচড়া 1. Wicked; wanton.
**खचरा, खचड़ा** ୨ । ନଷ୍ଟଚରିତ୍ର; ମନ୍ଦଚରିତ୍ର—
2. Profligate; libertine; immoral; libidinous.
୩ । ସଙ୍କର—3. Mongrel.
୪ । ଅମନୋଯୋଗୀ—4. Inattentive.
୫ । ଅସମ୍ପୂର୍ଣ୍ଣ; ଅଙ୍ଗହୀନ; ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ଅର୍ଦ୍ଧକୃତ ( କାର୍ଯ୍ୟ )—
5. Incomplete; spoiled by having been partly done by several hands.

**ଖେଚଡ଼ କରିବା**—ଦେ. କ୍ରି—(କାମ) ବିଗାଡ଼ିବା; ଖଇଚ୍ କରିବା—
Khecharda karibā To spoil a work by having it
খেচড়ান done in a haphazardly fashion.
**बिगाड़ना।**

**ଖେଚଡ଼ା**—ଦେ. ବଣ —ଖେଚଡ଼ (ଦେଖ)
Khechardā Khecharda (See)
ଦେ. ବ (ସଂ କୃସର; ଖେଚରାନ୍ନ)—ଖେଚୁଡ଼ି (ଦେଖ)
Khechārdi (See)
ପ୍ରାଦେ (ସମ୍ବଲପୁର) ବ—ଖେଚର (ଦେଖ)
Khecharā (See)

**ଖେଚଡ଼ାଙ୍ଗି**—ଦେ. ବ—ଦୁଷ୍ଟାମି—
Khechardāngi Wickedness.
খেচড়ামি, খেচড়াপানা
**खचड़ाई**

**ଖେଚଡ଼ାମି**—ଦେ. ବ—ଦୁଷ୍ଟାମି—
Khechardāmi Wickedness.

**ଖେଚଡ଼ି**— ଦେ. ବ—ଖେଚୁଡ଼ି (ଦେଖ)
Khechardi Khechārdi (See)

**ଖେଚଡ଼ିଆ**—ଦେ. ବଣ—ଖେଚଡ଼ ( ଦେଖ )—
Khechardiā Khecharda (See)

**ଖେଚନ**— ଦେ. ବ—ଖୁଞ୍ଚା ମାରିବା; ଘରର ଉଜୁଡ଼ି ଯାଇଥିବା ଅଂଶରେ
Khechana କୁଟା ବା ନଡ଼ା ଗୁଞ୍ଜିବା (ଗୋପୀନାଥ ନନ୍ଦ)—Putting new straw into a dishevelled thatch.

**ଖେଚର**—ସ. ବଣ—ଖଚର ( ଦେଖ )—
Khechara Khachara (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଲ | ଶ,ଷ | କ୍ଷ | ଇପ୍ସ | ଉଅ | ଢ |
| ୨ | ଈ | ଊ | ଋୂ | ଲୃ | ଯୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ଓ | ନ୍ |

ସଂ. ବି—ଖଚର ( ଦେଖ )—
Khachara ( See )

ବଳସିଂଲେ । ବ୍ୟବସ୍ଥିତରେ କବନ୍ଧ କୋଟି ।
ବହୁ ରେରେକାର ଗିରେ ଖେଚର କୋଟି ସଂଖ୍ୟାରେ
ଏକଘଣ୍ଟି କୋଦଣ୍ଡରେ ଉଥାପି ରଟି । ଉପେନ୍ଦ୍ର- ବୈଦେହୀଶବିଳାସ ।

**ଖେଚରା**—ପ୍ରାଦେ. (ସମ୍ବଲପୁର) ବି—ଖଇଚଢ଼ା; ଖଇ ବା ଲିଆରେ ରହି-
Khecharā ଯିବା ଧାନ—Grains of paddy left in fried paddy.

**ଖେଚରାନ୍ନ**—ସଂ. ବି—ଖେଚୁଡ଼ି ( ଦେଖ )—
Khecharānna Khechārdi ( See )

**ଖେଚରୀ**—ସଂ. ବି. ସ୍ତ୍ରୀ (ଖେଚର+ସ୍ତ୍ରୀ. ଈ)—୧ । ଦେବଯୋନିବିଶେଷ—
Khecharī 1. A semi-divine class of female beings having wings.

୨ । ଦୁର୍ଗା—2. Goddess Durgā.

୩ । ତନ୍ତ୍ରୋକ୍ତ ମୁଦ୍ରାବିଶେଷ; ଦୁଇ ଭ୍ରୂର ମଧ୍ୟସ୍ଥାନକୁ ଦୃଷ୍ଟି ଦେବାରୂପ ମୁଦ୍ରା—3. Name of Tantric exercise consisting of directing the sight of both the eyes to the middle of both the eye-brows.

୪ । ଖେଚୁଡ଼ି (ପ୍ରକୃତିବାଦ) ( ଦେଖ )—
Khechārdi ( See )

**ଖେଚରୀ ମୁଦ୍ରା**—ଦେ. ବି—ତନ୍ତ୍ରୋକ୍ତ ମୁଦ୍ରାବିଶେଷ; ଦୁଇ ଭ୍ରୂର ଅନ୍ତର୍ଗତ
Khecharī mudrā ବିନ୍ଦୁଠାକୁ ଦୃଷ୍ଟିକୁ ନିଯୁକ୍ତ କରିବା ରୂପ ସାଧନ—The Tantric exercise of directing the sight of both the eyes to the middle-most portion between the two eye brows.

ଖେଚରୀ ମୁଦ୍ରାର କରିଛ ଶୁଣ, ଅଛନ୍ତି ସେହୁ ଅଗୋଚର ସ୍ଥାନ ।
ପ୍ରାଚୀ. ଯଶୋବେଗୀତା ।

[ ଦ୍ର—ଏଥିର ଶାସ୍ତ୍ରବଚନ—ଭ୍ରୂବୋରନ୍ତର୍ଗତା ଦୃଷ୍ଟିର୍ମୁଦ୍ରା ଭବତି ଖେଚରୀ । ]

**ଖେଚୁଡ଼ି**—ଦେ. ବି ( ସଂ. ଖେଚରାନ୍ନ; କୃଶର; ଖେଚରୀ; କୃଶରା= ଦ୍ୱିଦଳ ମିଶ୍ରିତାନ୍ନ )—୧ । ଘିଅ, ମସଲା, କୋରା-
Khechārdi
ଖିଚଡ଼ି, ଖଁଚଡ଼ୀ ନଡ଼ିଆ, ହଳଦ, ଡାଲି ପ୍ରଭୃତି ମିଶି ରନ୍ଧା ହୋଇଥିବା
**खिचड़ी** ଅନ୍ନ—1. A hotchpot made of rice and spilt pulse boiled together and seasoned with spices, turmeric, cocoa-nut-scrapings and ghee.

୨ । ବହୁ ବସ୍ତୁର ଏକତ୍ର ସମ୍ମିଶ୍ରଣ—
2. Medley of many things.

**ଖେଚୁଡ଼ି**—ପ୍ରାଦେ. (ଯାଜପୁର, ବାଲେଶ୍ୱର) ବି—ଖେଚୁଡ଼ି ( ଦେଖ )—
Khechurdi Khechārdi (See)

ଊଠ ନକଟରେ ବିଟପି ଭେକ କୋଳନା ହୋଇଛ ବଣ୍ଟୁଛି,
ଭଲ ଭଣ୍ଡୁଳରେ ସୁଧାରସ ଭୋଗ ଧାଡା କରିଛ କ ଖେଚୁଡ଼ି—ମାଳମଣି-ଭକ୍ତଚରଙ୍ଗିଣୀ ।

**ଖେଚେଡ଼ା** (ଇତ୍ୟାଦି)—ଗ୍ରା. ବିଣ—ଖେଚଡ଼ା ଇତ୍ୟାଦି ( ଦେଖ )—
Khecherdā (etc) Khechardā etc (See)

**ଖେଚେଡ଼ି**—ଦେ. ବିଶ—ଖେଚୁଡ଼ି ( ଦେଖ )—
Khecherdi Khechārdi ( See )

ସଞ୍ଜ୍ଞ ବ୍ରଜବାସୀ ଧେନୁ ବନାଶବ,
ନ ଦେଇ କ୍ଷୀର ପିଠା ଖେଚେଡ଼ି ଭକ୍ଷବ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଖେଚେଡ଼ିଆ**—ଦେ. ବିଣ—ଖେଚଡ଼ା (ଦେଖ)
Khecherdiā Khechardā (See)

**ଖେଜା**—ଦେ. ବି—୧ । ସମୂହ; ପଙ୍କ୍ତି; ଦଳ—
Khejā 1. Crowd; collection; herd.

୨ । ଧାନଅାଦିର ଅବଶିଷ୍ଟାଂଶ—
2. Remnants of corn etc.

୩ । ନିର୍ଦ୍ଦିଷ୍ଟ ମୂଲ୍ୟ ( ଯଥା—ପଇସାଏ, ଦୁଇ ପଇସା, ଏକ ଅଣା ) ରେ ବିକ୍ରୟ କରାଯିବା ପାଇଁ ସ୍ଥାପିତ ପଣ୍ୟଦ୍ରବ୍ୟର ଛୋଟ ଛୋଟ ଗଦା—
3. Small heaps of commodities to be sold at a fixed price.

ପ୍ରାଦେ—୧ । ( ଗଞ୍ଜାମ ) ବି—ଖେଦା; ପୋଥି—
1. A book.
(ଯଥା—ଖେଜାଏ ପାଠ)

୨ । (ବାଲେଶ୍ୱର) ବି—ବିଡ଼ା—2. Bundle; sheaf.
( ଯଥା—ପାନ ଖେଜା । )

**ଖେଜି**—ଦେ. ବି ( ଅଦର୍ଥକ ଅକାର; ତୁଳ. ପୁଞ୍ଜି, ଗୋଛି; ବିଡ଼ି )—
Kheji ଖେଜା ( ଦେଖ )
Khejā ( See )

ଖେଜି ଖେଜି ପୁଞ୍ଜ ପୁଞ୍ଜ କୁଦା କୁଦା ହୋଇ
ପଳାଇ ଅରୁ କେହି ପଛରେ ଲୁଚି ଦାନ୍ତି—ପୀତାମ୍ବର. କୃଷ୍ଣହସ୍ତବଣ ।

**ଖେଞ୍ଚ୍**—ଦେ. ବି (ସଂ. ଖଚ ଧାତୁ=ବନ୍ଧନ; ଖିଦ ଧାତୁ=ଦୁଃଖ ଦେବା; ତୁଳ. ସଂ. ସଙ୍କୋଚନ )—
Kheñch
ଖେଁଚ ୧ । ଅକୁଲାନ; ଅନଟନ; ଅଭାବ; ଅଯଥେଷ୍ଟତା—
**खींच** 1. Insufficiency; want.

୨ । କେଞ୍ଚା; ଖିଲା; ମେଖ—2. Peg.

୩ । ଅନର୍ଥ; ବାଧା—3. Obstacle.

ଦେ. ବିଣ ( ସଂ. ସଙ୍କୁଚିତ )—୧ । ଛୋଟ—
1. Smaller than necessary.

୨ । ଅଭାବଗ୍ରସ୍ତ—2. Wanting

୩ । ଅପରିସର—3. Narrow.

୪ । ଅଯଥେଷ୍ଟ—4. Insufficient.

**ଖେଞ୍ଚଖାଞ୍ଚ**—ଦେ. ବି—୧ । ଅନଟନ, ଅଭାବ—
Kheñchkhāñch 1. Insufficiency; want.
କଷାକଷ ୨ । ଧଣାଓଟରା—2. Mutual pulling
**खींचखाँच** and dragging.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅଣ୍ଣା' ଦେଖିବେ; 'ଅଳବଳ' ନ ପାଇଲେ 'ଅଲ୍‌ବଲ୍' ଦେଖିବେ ।

ଦେ. ବଣ—ଅଭାବଗ୍ରସ୍ତ—Wanting, deficient; pennyless.

**ଖେଞ୍ଚଣା**—ଦେ. ବି—୧ । ଯେଉଁ ବାଉଁଶରେ ଚିତାନଳରେ ପୋଡ଼ା-
Khenchanā ଯାଉଥିବା ମୃତଦେହକୁ ଖେଞ୍ଚାଖେଞ୍ଚି କରନ୍ତି—
1. A bamboo for poking at a corpse which is being cremated.
୨ । ଗେଞ୍ଚଣାକାଠି; ଯେଉଁ ସରୁ ଲମ୍ବ ବାଡ଼ିରେ ଚୁଲିର ନିଆଁକୁ ଭିତରକୁ ଠେଲି ଦିଆଯାଏ—2. A poker.

**ଖେଞ୍ଚଣାବାଡ଼ି**—ଦେ. ବି.—ଖୋଞ୍ଚଣାକାଠି; ଗେଞ୍ଚଣାକାଠି; ଯେଉଁ
Khenchanābardi କାଠିରେ ଚୁଲିର ନିଆଁକୁ ଭିତରକୁ ଦିଆଯାଏ—A poker.

**ଖେଞ୍ଚା**—ଦେ. ବି—୧ । ଝିଙ୍କିବା; ଝିଙ୍କା; ଟାଣିବା; ଟଣା—
Khenchā 1. A tight pull; a tug.
খেচা, খেঁচা, খিঁচা ୨ । ପେଟ କାମୁଡ଼ ହେବା; ପେଟଟଣା;
खींचा ପେଟମୋଡ଼—2. Colic.
୩ । ଏକାବେଳକେ ଉପରକୁ ଓ ତଳକୁ ଟାଣିବା—
3. To pull up and down.
୪ । ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବାର କୃତ୍ରିମ ଉପାୟ—
4. Self-polution.
୫ । ଖେଞ୍ଚା; ଖିଲା—5. Protruding peg.

**ଖେଞ୍ଚାଇବା**—ଦେ. କ୍ରି—ଖେଞ୍ଚିବାର ଣିଜନ୍ତ ରୂପ—
Khenchaibā The causative form of Khenchibā.
খেঁচান, খাঁচান
खीचवाना

**ଖେଞ୍ଚାଖେଞ୍ଚି**—ଦେ. ବି—୧ । ପରସ୍ପର ଟଣାଟଣି; ଝିଙ୍କାଝିଙ୍କି; ଟଣାଓଟରା—
Khenchākhenchi 1. Mutual tugging or pulling.
খাঁচাখাঁচি ୨ । କମି କରିବା—2. Curtailment.
खाँचतान

**ଖେଞ୍ଚିବା**—ଦେ. କ୍ରି. ( ସଂ. କୃଷ ଧାତୁ )—୧ । ଓଟାରିବା; ଟାଣିବା—
Khenchiba 1. To pull; to draw up.
খাঁচা; খিঁচা ୨ । ଝିଙ୍କିବା—2. To tug.
खींचना ୩ । ଖେଞ୍ଚିବା—3. To poke.
୪ । ( ବୋଝ ) ଉଠାଇବାକୁ ବା ବହନ କରିବାକୁ ସମର୍ଥ ହେବା—
4. To be able to bear or carry ( a load ).
୫ । ଉପର୍ଯ୍ୟୁପରି ଉପରକୁ ତଳକୁ ଟାଣିବା—
5. To push repeatedly up and down.
୬ । କାର୍ଯ୍ୟପାତନାର୍ଥ ହସ୍ତଦ୍ୱାରା ଲିଙ୍ଗକୁ ବାରଂବାର ଅଗ୍ରୋଲନ କରିବା—
6. To practise masturbation or onanism.
୭ । ( ପେଟ ) ଟାଣିବା; କାମୁଡ଼ ହେବା—
7. To have colic or pangs ( said of belly ).

୮ । ଜମା କରିବା—8. To heap; to amass.
୯ । ସଂଗ୍ରହ କରିବା—9. To gather; to collect.
୧୦ । ( ସଂ. ସଙ୍କୁଚନ )—ଖେଞ୍ଚିବା; ସଙ୍କୁଚିତ କରିବା; କମାଇବା—
10. To diminish; to curtail; to lessen.
ପ୍ରାଦେ. ( ସମ୍ବଲପୁର ) କ୍ରି—ଅନ୍ୟାୟରେ ଆଣିବା—
To bring a thing wrongly or unjustly.

**ଖେଟ** ( ଧାତୁ )—ସଂ. ଖାଇବା—
Kheta ( root ) To eat.

**ଖେଟ**—ସଂ. ବି. ( ଖେଟ ଧାତୁ=ଭୋଜନ କରିବା+କର୍ତ୍ତୃ. ଅ )—
Kheta ୧ । ଭକ୍ଷକ—1. Eater.
୨ । ଘୋଟକ—2. Horse.
୩ । ଗ୍ରାମ—3. Village.
୪ । ଫଳକ ବା ଢାଲ—4. Shield.
୫ । କୃଷକମାନଙ୍କ ଅଧ୍ୟୁଷିତ ଗ୍ରାମ ( ହି. ଶବ୍ଦସାଗର )—
5. A village inhabited by agriculturists.
୬ । ପଲ୍ଲିଗ୍ରାମ—6. A small village; hamlet.
ଖେଟ କର୍ବଟ ବାଟୀ ବନେ, ତୁମ୍ଭେ ପବତ କାନନେ ।
ଜଗନ୍ନାଥ. ଭାଗବତ ।
୭ । ବଳରାମଙ୍କ ମୁଷଳ ବା ଗଦା—
7. The club of Balarāma.
୮ । କଫ—8. Phlegm.
୯ । ଚର୍ମ; ଛାଲ—9. Hide; skin.
୧୦ । ତୃଣ—10. Grass.
୧୧ । ମୃଗୟା—11. Sport; chase; hunting.
୧୨ । ( ସଂ. ଖେ=ଆକାଶରେ+ଅଟ୍ ଧାତୁ=ଗମନ କରିବା +କର୍ତ୍ତୃ. ଅ )—ସୂର୍ଯ୍ୟାଦି ଗ୍ରହ—
12. The Sun and the other planets.
୧୩ । ରାହୁ—13. The ascending Node.
୧୪ । ଯଷ୍ଟି; ବାଡ଼ି ( ହି. ଶବ୍ଦସାଗର )—14. Stick.
ସଂ. ବଣ—୧ । ଅଧମ—1. Low.
୨ । ନୀଚ—2. Mean.
୩ । ଅସ୍ତ୍ରାଦି ଧାରଣ କରିଥିବା—
3. Armed with weapons.

**ଖେଟକ**—ସଂ. ବି. ( ଖେଟ୍+ସ୍ୱାର୍ଥେ. କ )—
Khetaka ୧ । ପଲ୍ଲୀ ଗାଁ—1. Hamlet; small village.
୨ । ଢାଲ—2. Shield.
୩ । ବଳରାମଙ୍କ ଗଦା—
3. The mace of Balarāma.

**ଖେଟା**—ଦେ. (ପ୍ରାଚୀନ) ବି—୧ । ମାଳା—
Khetā 1. A garland.
ଲେଉଡ଼ି ବର୍ଣ୍ଣ ଶରୀର ଅଟେ ଅଂଶୁ ଅଙ୍ଗ
ନଖ ଖେଟା ଯେନ ମଣ୍ଡଳେ ଧବଳାଙ୍ଗୀ । ସାରଳା. ମହାଭାରତ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଷ | ଜ୍ଞ | ଇସ୍ | ଉଥ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ୍ଥ | ଗ୍ୟ | ଇଅ | ଙ | ଋ |

୨ । ଗଭା; ଫୁଲତୋଡ଼ା—2. A bunch of flowers put a nosegay.

ବୈଦେ. ପ୍ରାଦେ. (ଗଞ୍ଜାମ) ବଣ (ତେଲଗୁ)—ପୃଥକ୍—Separate.

**ଖେଟିତାନ**—ସଂ. ବ—ବୈତାଳିକ; ଭାଟ—
Khetitana Ministrel; bard.

**ଖେଟିତାଳ**—ସଂ. ବ—ଖେଟିତାନ ( ଦେଖ )
Khetitala Khetitana ( See )

**ଖେଟିବା**—ଗ୍ରା. କ୍ରି—୧ । ଅଣିବା—
Khetiba 1. To suffice.
୨ । ସମାନ ହେବା—
2. To be equal; to coincide.
୩ । ପହଞ୍ଚିବା—3. To reach.
୪ । କଷିବା; ଟାଣିବା—4. To pull tightly.

**ଖେଟୀ**—ସଂ. ବ. ପୁଂ ( ଖେଟ ଧାତୁ + ଇନ୍; ୧ମା. ୧ବ )—
Kheti ୧ । ନାଗରିକ—1. A citizen.
୨ । ଗ୍ରାମବାସୀ—2. A villager.
୩ । କାମୁକ; ଲମ୍ପଟ ବ୍ୟକ୍ତି—3. A lecher.

**ଖେଡ଼**—ଗ୍ରା. (ଉତ୍ତର) ବ. ( ସଂ. ଖେଳ; କ୍ରୀଡ଼ା )—
Kherda ୧ । କ୍ରୀଡ଼ା—1. Play; sports.
୨ । ଜୁଆ—2. Gambling.
୩ । ବ୍ୟାୟାମ କ୍ରୀଡ଼ା; ମଲ୍ଲକ୍ରୀଡ଼ା—
3. Sports; athletics.
୪ । କୌତୁକ—5. Jest; amusement.
ଗ୍ରା. (ପଦ୍ୟ) ବ ( ସଂ. କ୍ଷ୍ୱେଡ଼ )—
୧ । ବିଷ—1. Poison.
ବାଣ ସମ ସଦନ ମନ୍ତ୍ର, ଖେଳ କୌତୁକ ଖେଡ଼ରେ ଗଣନ୍ତୁ ।
ଗୋପକୃଷ୍ଣ. ରସକଲ୍ଲୋଳ ।
୨ । (ସଂ. କ୍ଷ୍ୱେଡ଼=ଗଢ଼ବନ୍ଧନ ସ୍ତମ୍ଭ; ତୁଳ. ବ. ଖୋୟାଡ଼)—
ଅଟେଇ; ଚାରିଆଡ଼େ ଘେରା ହୋଇଥିବା ସ୍ଥାନ—
2. Enclosure; enclosed space.
ଯେ ଯେତେ ହୋଇଲେ ତାହା ଭିତରେ ଖେଡ଼
ନବ୍ୟମଣ୍ଡଳକୁ ବେଢ଼ି ହୋଇଛି ବାଡ଼—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଖେଡ଼ଘର**—ଗ୍ରା. ବ. ( ସଂ. ଖେଳାଗାର )—ଖେଳଘର ( ଦେଖ )
Kherdaghara Khelaghara ( See )
ମାୟା ସଂସାର ଏ ମିଛ ଖେଡ଼ଘର । ପ୍ରାଚୀ. ନଳଚରିତ ।

**ଖେଡ଼ାଇବା**—ଗ୍ରା. (ଉତ୍ତର) କ୍ରି—ଖେଡ଼ିବାର ଣିଜନ୍ତ ରୂପ—
Kherdaiba Causative form of Kherdiba.

**ଖେଡ଼ାଳି**—ଗ୍ରା. (ଉତ୍ତର) ବ—ଖେଳାଳି; ଯେ ଖେଳ ପାରେ—
Kherdali Player.

**ଖେଡ଼ିଆ**—ପ୍ରାଦେ. (ସିଂହଭୂମ) ବ ( ତୁଳ. ହି. ଖରହା )—
Kherdia ଶଶକ; ଠେକୁଆ—Hare.

**ଖେଡ଼ିବା**—ଗ୍ରା. (ଉତ୍ତର) କ୍ରି—ଖେଳିବା ( ଦେଖ )
Kherdiba Khelibā ( See )
ପ୍ରାଦେ. (ସମ୍ବଲପୁର) କ୍ରି—ଚଷିବା—To plough.

**ଖେଡ଼ୁ**—ପ୍ରାଦେ. (ସମ୍ବଲପୁର) ବଣ—ଖେଳୁ ( ଦେଖ )
Kherdu Khelu ( See )

**ଖେଡ଼ୁଆଡ଼**—ଗ୍ରା. (ଉତ୍ତର) ବଣ ଓ ବ—ଖେଳୁଆଳ ( ଦେଖ )
Kherduarda Kheluala ( See )

**ଖେଡ଼ୁଆଳ**—ଗ୍ରା. (ଉତ୍ତର) ବଣ ଓ ବ—ଖେଳୁଆଳ ( ଦେଖ )
Kherduala Kheluala ( See )
ଖେଡ଼ୁଆଳ ମତ୍ତ ଯଡ଼ରେ ବାହୁ । ଶ୍ରୀଚେୈତନ୍ୟ, ଚଉତିଶା ।

**ଖେଡ଼ୁଆଳି**—ଗ୍ରା. (ଉତ୍ତର) ବଣ. ଓ ବ.—ଖେଳୁଆଳ (ଦେଖ)
Kherduali Kheluala (See)

**ଖେଡ଼ୁଆଳି ଲାଗିବା**—ଗ୍ରା. କ୍ରି. (ସଂ. ଖେଳ)—ଆନନ୍ଦରେ ମାତିବା—
Kherduali lagiba To be overjoyed.
ସୁଜନ-ପାଦପଦ୍ମେ ସଙ୍ଗେ ମୁଁ ଖେଡ଼ୁଆଳି
ଦେଖିଲେ ମୂର୍ଖଜନ ଯେଠାରୁ ଯାଏ ଚଳି । ପୀତାମ୍ବର. ନୃସିଂହପୁରାଣ ।

**ଖେଡ଼ୁତ**—ପ୍ରାଦେ. (ସମ୍ବଲପୁର) ବ.—କୃଷକ—
Kherdut A cultivator.

**ଖେଣା**—ଦେ. ବ.—ଅକର୍ମଣ୍ୟ ବୁଢ଼ା—
Khena Useless old man.

**ଖେଣ୍ଟ୍‌ଖାଣ୍ଟ୍**—ଦେ. ବଣ.—କସାକସି; ଅନଟନ; ନ ଅଣିବା; ଖେଣ୍ଟ୍‌ଖାଣ୍ଟ୍—
Khentkhant Less or shorter than necessary.

**ଖେଣ୍ଟ୍‌ଖେଣ୍ଟ୍**—ଗ୍ରା. ବଣ.—ଚିରକୁଟ; ଚଢ଼ଚଢ଼ିଆ—
Khent khent Growling.

**ଖେଣ୍ଟ୍‌ଖେଣ୍ଟିଆ**—ଗ୍ରା. ବଣ. ପୁଂ.—୧ । ଚଡ଼ଲ; ଯାହାର ଚଡ଼ା ସ୍ୱଭାବ—
Khentkhentia 1. Surly; growling.
(ଖେଣ୍ଟ୍‌ଖେଣ୍ଟେଇ—ସ୍ତ୍ରୀ) ୨ । ଖଉଟିଆ—2. Back-biting.

**ଖେଣ୍ଟ**—ଗ୍ରା. ବ. ୧ । (ସଂ. ଖୁଣ୍ଟ ଧାତୁ)—କଳହ—
Khenta 1. Quarrel.
୨ । (ସଂ. ଖେଟ ଧାତୁ)—ଭୋଜନ—2. Eating.

**ଖେଣ୍ଟା**—ଗ୍ରା. ବଣ. ପୁଂ. (ସଂ. ଖିଟ ଧାତୁ)—୧ । ଚଡ଼ଲ; ଚଢ଼ଚଢ଼ା—
Khenta 1. Surly; of irritable temper.
(ଖେଣ୍ଟେଇ—ସ୍ତ୍ରୀ) ଅଟପ ଖେଣ୍ଟା ମାଇପ ଖେଣ୍ଟା ମଠିଆ ବଳଦ ଯାର,
ଖିଟିଖିଟେ; ଖିଟଖିଟା } ଯମ ଘର ଯାଉ ବା ଫଳ ହେବ ନାହିଁ ମରଣ ତାର ।
[illegible]
୨ । (ଗାଳି) ଅପତ୍ୟ ବା ପରିବାରହୀନ—2. (person) Without children or kindred.
୩ । ଗୃହର କଳଙ୍କସ୍ୱରୂପ—
3. A curse to the family.
୪ । ନିର୍ଲଜ; ଭାରଦା—4. Shameless.
୫ । (ସଂ. କୃଶ)—କୃପଣ; ବ୍ୟୟକୁଣ୍ଠ—
5. Miserly; niggardly.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଇଁଠା' ନ ପାଇଲେ 'ଅଣ୍ଠା' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'ଦେଖିବେ।

୬ । ଚୁଗୁଲିଆ—6. Backbiting.

୭ । ଯେଉଁ ବ୍ୟକ୍ତି ଦୁଇଜଣଙ୍କ ମଧ୍ୟରେ କଳି ଲଗାଇ ଦିଏ—
7. ( a person ) Who brings about a quarrel or dissension between two persons.

ପ୍ରାଦେ ( ଗଡ଼ଜାତ ) ବି—ଯେଉଁ ବ୍ୟକ୍ତି ଜାରପୁରୁଷମାନଙ୍କ ନିକଟରେ ସ୍ତ୍ରୀ ଜୁଟାଏ—Panderer; go-between.

ଦେ. ବି.—୧ । ( ସଂ. କ୍ଷେଡ଼=ଶଲ୍ୟବନ୍ଧନସ୍ତମ୍ଭ )—ମୁନିଆଁ ଖିଲା; ଖେଣ୍ଟା—1. A pointed peg.

୨ । ସମାନ ବାହାରିଥିବା ଖିଲା—2. A pointed peg bulging out of a plain surface.

୩ । (ସଂ. କଣ୍ଟକ) କଣ୍ଟା—3. Thorn.

୪ । (ସଂ. ଖେଟ)  ଭୋଜନ—4. Eating.

**ଖେଣ୍ଟାଇବା**—ଦେ. କ୍ରି.—୧ । ଚିଡ଼ାଇବା—
Khentaiba  1. To tease.

୨ । ଦୁଇଜଣଙ୍କ ମଧ୍ୟରେ ବିବାଦ ଜନ୍ମାଇବା ପାଇଁ ଖଚ କହିବା—
2. To create dissension between two persons by backbiting.

୩ । ବାରମ୍ବାର ବିରକ୍ତିକର ଭାବରେ କୌଣସି କଥା କହିବା; ଫଟେଇ ହେବା—3. To speak the same thing with importunity.

**ଖେଣ୍ଟିଆ**—ଦେ. ବିଣ. ପୁଂ ଓ ବି—ଖେଣ୍ଟା ( ଦେଖ )
Khentia  Khenta ( See )

**ଖେଣ୍ଟିବା**—ଦେ. କ୍ରି. ( ସଂ. କୁଣ୍ଠ ଧାତୁ )—
Khentiba  ୧ । କମିଦେବା; ଛେଟେଇ ଦେବା—
ଘଟାନା  1. To shorten; to curtail; to lessen.

୨ । କାର୍ଯ୍ୟ ନ କରି ଖୁଣ୍ଟ ପରି ବସିବା—
2. To sit idle and motionless like a post.

୩ । ସଙ୍କୁଚିତ କରିବା—3 To contract.

୪ । ବ୍ୟୟ ସଙ୍କୋଚ କରିବା; କୃପଣ ହେବା—
4. To be niggardly; to spend in a niggardly way.

**ଖେଣ୍ଟେଇବା**—ଦେ. କ୍ରି—ଖେଣ୍ଟାଇବା ( ଦେଖ )
Khenteiba  Khentaiba ( See )

**ଖେଣ୍ଟେଇ**—ଦେ. ବିଣ. ସ୍ତ୍ରୀ—୧ । ଚିଡ଼େଇ; ଚିଡ଼ିଲ-ସ୍ୱଭାବା; ବିରକ୍ତି-
Khentei  ସ୍ୱଭାବଯୁକ୍ତ ( ସ୍ତ୍ରୀ )—
(ଖେଣ୍ଟା—ପୁଂ)  1. Ill-tempered (woman); virago.

୨ । ଯେଉଁ ସ୍ତ୍ରୀ ପରଆଗେ ଖଚ କହେ—
2. Backbiting ( woman ).

ଖେଣ୍ଟେଇ କି ଦେବ ବଡ଼ ଭଗ
ନଇଲେ ଖେଣ୍ଟେଇ କହିବ । ଭଗ ।

୩ । କଳହପ୍ରିୟା—3. Quarrelsome (woman).

**ଖେଣ୍ଡିଆ**—ପ୍ରାଦେ. ( ସମ୍ବଲପୁର ) ବିଣ (ସଂ. ଖଣ୍ଡିତ)—ଖଣ୍ଡିଆ—
Khendia  Wounded.

**ଖେଣ୍ଡିଆ ଡେଣ୍ଡିଆ**—ପ୍ରାଦେ. ( ସମ୍ବଲପୁର ) ବିଣ—
Khendia dendia  ଖଣ୍ଡିଆଦଣ୍ଡିଆ ( ଦେଖ )
Khandia dandia ( See )

**ଖେତ**—ଦେ. ବି. ( ସଂ. କ୍ଷେତ୍ର )—୧ । ଚାଷ ଜମି—
Kheta  1. Agricultural land.
খেত  ୨ । କିଆରି; ବିଲ—2. A plot; a field of corn.
खेत

୩ । କୃଷିକର୍ମ—3. Agriculture; husbandry.

୪ । ଫସଲ—4. Harvest; crop.

ପ୍ରାଦେ. ( ସମ୍ବଲପୁର ) ବି—ଜମି; ଭୂସମ୍ପତ୍ତି—
Land; landed property.

ଦେ. ବି. ପୁଂ—କ୍ଷେତ୍ରମୋହନ ବା କ୍ଷେତ୍ରବାସୀର ଡାକ ନାମ—
Name for calling Kshetramohana or Kshetrabasi.

**ଖେତଉଠା**—ଦେ. ବି—ବିଲରୁ ଫସଲ କଟା ହୋଇ ଯିବାର ଶେଷଦିନ
Kheta-utha  ବିଲରେ ଲକ୍ଷ୍ମୀଙ୍କୁ କରାଯିବା ଭୋଗ—
Offering made to the Goddess of Plenty on the last day of harvesting.

**ଖେତ ଉଜାଡ଼ିବା**—ଦେ. କ୍ରି. ( ଗୋରୁ ଚରାଇବାଦ୍ୱାରା ବା ଦଳାଦଳି
Kheta ujardiba  କରିବାଦ୍ୱାରା ) ବିଲରେ ହୋଇଥିବା
খেত উজড়ান  ଫସଲକୁ ନୁକ୍‌ସାନ୍ କରିବା—
खेत उजाड़ना  To damage a standing crop; to commit depredations on a standing crop.

**ଖେତ ଖଦା କରିବା**—ଦେ. କ୍ରି—ଖେତ ଉଜାଡ଼ିବା ( ଦେଖ )
Kheta khada kariba  Kheta ujardiba ( See)

**ଖେତପାପଡ଼ା**—ଦେ. ବି. ( ସଂ. କ୍ଷେତ୍ରପର୍ପଟୀ )—
Khetapaparda  ଘରପୋଡ଼ିଆ (ଗୁଳ୍ମ) ( ଦେଖ )
খেতপাপড়া  Gharapordia (shrub) ( See )
पित्तपापड़ा

**ଖେତପାପଡ଼ି**—ଦେ. ବି. ( ସଂ. କ୍ଷେତ୍ରପର୍ପଟୀ )—
Khetapapardi  ଘରପୋଡ଼ିଆ (ଗୁଳ୍ମ) ( ଦେଖ )
Gharapordia (shrub) ( See )

**ଖେତବର୍ଦ୍ଧା**—ଦେ. ବି—ଖେତଉଠା ( ଦେଖ )
Khetabardha  Kheta-utha ( See )

**ଖେତବାଡ଼ି**—ଦେ. ବି. ( ଏକାର୍ଥକ. ସହଚର )—୧ । ଚାଷବାସ—
Khetabardi  1. Agriculture.
খেতবাড়ী  ୨ । ଜମିବାଡ଼ି; ଭୂ-ସମ୍ପତ୍ତି—
खेतीबारी  2. Landed property.

| ୧ | ଇ | ଢ଼ | ର୍,ର୍‌ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଭ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତୁ |

**ଖେତର୍**—ଦେ. ବଣ. ପୁଂ—ଛତର୍ ( ଦେଖ )
Khetarā — Chhatarā ( See )
( ଖେତରୀ—ସ୍ତ୍ରୀ ) ଦେ. ବି. ପୁଂ. ( ଅନାଦରାର୍ଥକ )—କ୍ଷେତ୍ରବାସୀ ବା କ୍ଷେତ୍ରମୋହନ ଆଦି ନାମଧାରୀ ବ୍ୟକ୍ତିର ଡାକନାମ—
Name for calling Kshetrabāsi or Kshetramohana.

**ଖେତା**—ଦେ. ବଣ—ଓଲୁ; ନିର୍ବୁଦ୍ଧିଆ—
Khetā — Dunce; idiotic; stupid.
ବାଉଳ ଖେତା ଲୋକ ଜାଣେ ବ ଭଲ ନ୍ୟାୟେ—
ପୀତାମ୍ବର, ନୃସିଂହପୁରାଣ ।

**ଖେତାପ୍**—ବୈଦେ. ବି. ( ଆ. ଖିତାବ୍ )—ରାଜଦତ୍ତ ଉପାଧି—
Khetāp — A title of distinction; honorary title given by the king.
ଖেতাব
**ख़िताब**

**ଖେତାବ୍**—ବୈଦେ. ବି. ( ଆ )—ଖେତାପ୍ ( ଦେଖ )
Khetāb — Khetāp ( See )

**ଖେତି**—ଗ୍ରା. ବି. ( ସଂ. କ୍ଷତିର ଅଶୁଦ୍ଧ ଉଚ୍ଚାରଣ )—ଲୋକ୍‌ସାନ୍—
Kheti — Loss; damage.
খতি
ବି. ସ୍ତ୍ରୀ—କ୍ଷେତ୍ରମଣିର ଡାକନାମ—
**खति** — Name for calling Kshetramaṇi.

**ଖେତୁଆ**—ଦେ. ବି. ( ସଂ. କ୍ଷେତ୍ରିନ୍ )—୧ । କୃଷକ—
Khetuā — 1. Cultivator.
**खेतीहर** ୨ । କ୍ଷେତ୍ରସ୍ୱାମୀ—
2. Land-owner; owner of a field.

**ଖେତ୍ର** ( ଇତ୍ୟାଦି )—ଗ୍ରା. ବି—କ୍ଷେତ୍ର ଇତ୍ୟାଦି ( ଦେଖ )
Khetra ( etc ) — Kshetra etc ( See )

**ଖେତ୍ରୀ**—ଗ୍ରା. ବି. ( ସଂ. କ୍ଷତ୍ରିୟ )—୧ । କ୍ଷତ୍ରିୟ ବା ରାଜପୁତ ଜାତି—
Khetrī — 1. The Kshatriya caste.
খেত্রী ୨ । ବୀରପୁରୁଷ—2. A hero
**क्षत्री; खतरी**
( ଖେତ୍ରିଆଣୀ—ସ୍ତ୍ରୀ )

**ଖେଦ**—ସଂ. ବି. ( ଖିଦ୍ ଧାତୁ=ଶୋକ କରିବା+ଭାବ. ଅ )—
Kheda ୧ । ଶୋକ—1. Sorrow; grief.
(ଖିନ୍ନ—ବଣ) ୨ । ମାନସିକ ଦୁଃଖ—
2. Mental trouble; distress.
୩ । ଶାରୀରିକ ଦୁଃଖ; କ୍ଳେଶ—
3. Physical trouble.
୪ । ପରିଶ୍ରମ; ଶ୍ରମ—4. Exertion.
୫ । ଅବସନ୍ନତା; କ୍ଳାନ୍ତି—
5. Exhaustion; fatigue.
୬ । ଅନୁତାପ; ଅପ୍‌ଶୋଷ୍—6. Regret.
୭ । ( ସଂ. ଛିଦ୍ର ) ଗୁହଚ୍ଛିଦ୍ର—7. Family-secrets.

**ଖେଦ କରିବା**—ଦେ. କ୍ରି. ( ସଂ. ଖିଦ୍ ଧାତୁ )—ଶୋକ କରିବା—
Kheda karibā — To grieve.
খেদকরা
**खेदकरना**

**ଖେଦଜ**—ସଂ. ବଣ. ( ଖେଦ+ଜନ୍ ଧାତୁ=ଜାତ ହେବା+ଅ )—
Khedaja ୧ । ଦୁଃଖରୁ ଉତ୍ପନ୍ନ; ଯାହା ଦୁଃଖର ଫଳ—
1. Due to grief; resulting from grief.
୨ । ପରିଶ୍ରମଜନିତ—2. Due to labour.

**ଖେଦଜନକ**—ସଂ. ବଣ. ( ଖେଦ+ଜନ ଧାତୁ=ଜାତ କରିବା+କର୍ତ୍ତୃ. ଅକ )—୧ । ଯାହା ଖେଦ ଜନ୍ମାଏ; ଦୁଃଖପ୍ରଦ—
Khedajanaka
1. Sorrowful; lamentable; causing grief.
୨ । ଶ୍ରମଦାୟକ—2. Exhausting; tiresome.

**ଖେଦଜନ୍ୟ**—ସଂ.ବଣ (ଖେଦ+ଜନ୍ ଧାତୁ+ଯ)—ଖେଦଜ (ଦେଖ)—
Khedajanya — Khedaja (See)

**ଖେଦ ନିବାରଣ କରିବା**—ଦେ. କ୍ରି—୧ । ଅନ୍ୟର ମନୋଦୁଃଖକୁ ଶାନ୍ତ କରିବା—1. To assuage another's grief.
Kheda nibāraṇa karibā
খেদনিবারণকরা
**खेद निवारण करना** ୨ । ଶ୍ରମାପନୋଦନ କରିବା; ଶ୍ରାନ୍ତି ଦୂର କରିବା—2. To assuage one's fatigue.

**ଖେଦମନା**—ଦେ. ବଣ (ଖେଦଯୁକ୍ତ ମନଃ ଯାହାର; ସଂ. ରୂପ. ଖିନ୍ନମନା)—
Khedamanā — ଖିନ୍ନମନା; ଉଦ୍‌ବିଗ୍ନ; ଅସ୍ଥିର—
Restless; anxious.
କାମିନୀଙ୍କ ମଣ୍ଡନ ଉପ୍ରଦନନ୍ଦନ,
ଦେଖି କାମେ ହେଲ ଜାତକ ଖେଦମନା । କୃଷ୍ଣସିଂହ. ମହାଭାରତ. ଆଦି ।

**ଖେଦା**—ଦେ. ବି ( ସଂ. ଖାତ କିମ୍ବା ସଂ. ଖେଟ=ମୃଗୟା )—
Khedā ୧ । ବଣରେ ହାତୀ ଧରିବା ନିମନ୍ତେ କରାଯିବା
খেদা ଖୁଆଡ଼—1. Khedda; an enclosure for
**हाथीका खेदा** trapping wild elephants.
୨ । କୌଶଳକ୍ରମେ ଖାଦ୍ୟବସ୍ତୁର ପ୍ରଲୋଭନ ଦେଖାଇ ଚାରିଆଡ଼େ ବଡ଼ ଖୁଣ୍ଟ ପୋତା ହୋଇଥିବା ଗୋଟିଏ ସ୍ଥାନ ଭିତରେ ହାତୀ ପଲକୁ ଭରତି କରି ସେ ଖୁଆଡ଼ର ବାଟ ବନ୍ଦ କରିବା ଉପାୟରେ ହାତୀ ଧରିବା ପ୍ରଣାଳୀ—
2. The operation of trapping wild elephants in a khedda or big enclosure.
পাল ୩ । କ୍ଷୁଦ୍ର ଜୀବଙ୍କର ପଙ୍କ୍ତି ବା ପଙ୍କ୍ତା; ଦଳ—
**झुण्ड** 3. A herd of small animals (e. g a shoal of fish; a swarm of bees.
পুঁথি ୪ । ତାଳପତ୍ରର ଛୋଟ ପୋଥି—4. A small manus-
**पोथी** cript composed of palm-leaves; small palm-leaf manuscript.
ଚେତା ପାଇ ବସ୍ତ୍ରକୁ ହୃଦରେ ସୁମରନ୍ତେ
ଗଣେଶ ଧ୍ୟାନ କରି ଧରିଲେ ଖେଦା ହସ୍ତେ—ପୀତାମ୍ବର. ନୃସିଂହପୁରାଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

[ ଦ୍ର—ଅଳ୍ପସଂଖ୍ୟକ ତାଳପତ୍ରସମ୍ବଳିତ ପୋଥିକୁ ଖେଦା ଓ ବେଶି ସଂଖ୍ୟକ ପତ୍ରଯୁକ୍ତ ପୁସ୍ତକକୁ ପୋଥି ବୋଲାଯାଏ। ପୋଥିର ତାଳପତ୍ରମାନଙ୍କୁ ରକ୍ଷା କରିବା ପାଇଁ ଦୁଇପାଖରେ ପଟା ଥାଏ। ଖେଦାରେ ପଟା ଲାଗି ନ ଥାଏ। ]

खेप ୫। ଜାଲକୁ ପାଣିରେ ଏକଥର ପକାଇବା; ଜାଲ ପକାଇବାର
खेप ଏକ କ୍ଷେପ—5. One throw of a net; one drag of a net.

खेदा ୬। ( ସଂ. ଖିଦ୍ ଧାତୁ ଣିଚ ଖେଦ ଧାତୁ=ଶୋକାନ୍ୱିତ
खेदाई କରିବା, ଅନ୍ୟର ମନରେ ଦୁଃଖ ଦେବା)—
ଘଉଡ଼ିବା; ତଡ଼ିବା—6. A drive.

चक्कर ୭। ଫେରି; ଏକଥର ଗୃହପାଖେ ବୁଲି ଆସିବା; ପରିକ୍ରମା—
घेरा, चक्कर 7. Going round; a circuit.

୮। ଖେଦିବା; ଗୃହପାଖ ବୁଲି ଆସିବା—
8. Making a circuit; circumambulation.

ପ୍ରାଦେ. ( ସମ୍ବଲପୁର ) ବି (ତୁଳ. ଏହି ଅର୍ଥରେ ହି. ଖେଦା)—
(ଏଥିପାଇଁ ମୃଗମାନଙ୍କୁ ଖେଦିବା ବା ଘଉଡ଼ାଇବାକୁ ହୁଏ ବୋଲି )—ମୃଗୟା; ଶିକାର; ପାରିଧି—Hunt.

୯। ପଲ; ଦଳ—9. Herd; batch.

**ଖେଦା କରିବା**—ଦେ. କ୍ରି—ବନ୍ୟ ହାତୀକୁ ଧରିବା ନିମନ୍ତେ ଖୁଆଡ଼ି କରି
Khedā karibā ହାତୀ ଧରିବା—To catch wild elephants by setting up enclosures.

**ଖେଦାଖେଦା**—ଦେ. ବି—ପଲ ପଲ—
Khedā khedā Shoals; clusters; different groups.
दलेदले ଦେ. ବିଣ—ପଲ ପଲ ହୋଇଥିବା—
झुन्डकेझुन्ड Herding together; grouped together.

ଦେ. କ୍ରି. ବିଣ—୧। ପଲ ପଲ ହୋଇ—
1. In groups; in clusters; in shoals.
୨। ଦଳ ପରେ ଦଳ—2. Batch by batch.

**ଖେଦାଣ**—ଦେ. ବି—୧। ଘଉଡ଼ିବା; ତଡ଼ିବା—
Khedāṇa 1. Driving.
खेदान ୨। ଗୁଣିଆଁମାନେ ଡାହାଣୀ ଓ ଭୂତଆଦି ଛଡ଼ାଇବା
खेदाइ ପାଇଁ ଭୂତାବିଷ୍ଟ ଲୋକକୁ ଝାଡ଼ିବା ବେଳେ ଯେଉଁ ମନ୍ତ୍ରବାକ୍ୟ ଆବୃତ୍ତି କରନ୍ତି—
2. Passages muttered by exorcists while expelling evil spirits from persons.

**ଖେଦାପାଠ**—ଦେ. ବି—୧। ଖେଦା ବା ପୋଥିରେ ଲେଖାଥିବା ବିଦ୍ୟା;
Khedāpāṭha ପୋଥି ପାଠ—
1. Book-learning; learning written in books.
୨। ପୁସ୍ତକଗତ ବିଦ୍ୟା; ଅନଧିତ ବିଦ୍ୟା—
2. Learning confined to books but not mastered.

**ଖେଡ଼ି**—ଦେ. ବି. ( ଅଦରାର୍ଥକ )—
Khedi ୧। ପଲ; ଦଳ—1. Herd.
୨। କ୍ଷୁଦ୍ର ଦଳ—2 A small batch.

**ଖେଡ଼ି ଆସିବା**—ଦେ. କ୍ରି—ଖେଡ଼ି ଖାଡ଼ି ଆସିବା ( ଦେଖ ).
Khedi āsibā Khedi khādi āsibā ( See )

**ଖେଡ଼ିଖାଡ଼ି ଆସିବା**—ଦେ. କ୍ରି—ସବୁ ସ୍ଥାନ ଉତ୍ତମରୂପେ ଅନୁସନ୍ଧାନ
Khedikhādi āsibā କରିବା—
To make a thorough search in every conceivable place.

**ଖେଡ଼ି ଖେଡ଼ି**—ଦେ. ବି. ବିଣ ଓ କ୍ରି. ବିଣ. ( ଅଦରାର୍ଥକ )—
Khedi khedi ୧। ଖେଦାଖେଦା ( ଦେଖ )
1. Khedākhedā ( See )
୨। କ୍ଷୁଦ୍ର କ୍ଷୁଦ୍ର ଦଳରେ—2. In small batches.

ଦେବ ଖେଡ଼ି ହୋଇ ବଢ଼ଦାଣ୍ଡଯାକେ ପୂରି
ପକାନ୍ତି ଜୁଳହୁଳି ମଙ୍ଗଳ ଧ୍ୱନି କରି। ପୀତାମ୍ବର. କୃଷ୍ଣହିପୁରାଣ।

**ଖେଦିତ**—ସଂ. ବିଣ. (ଖିଦ୍ ଧାତୁ=ଦୁଃଖ କରିବା; ଣିଚ + କର୍ତ୍ତୃ. ତ)—
Khedita ୧। ଦୁଃଖିତ; ବିଷାଦଗ୍ରସ୍ତ—1. Grieved.
୨। କ୍ଳାନ୍ତ; ଅବସନ୍ନ; ଥକାମରା—2. Tired.

**ଖେଦିବା**—ଦେ. କ୍ରି—୧। ଗୃହ ପାଖ ବୁଲି ଆସିବା—
Khedibā 1. To make a circuit.
खेदा ୨। ଗୃହ ଦିଗରେ ବ୍ୟାପିବା—
खेदना, पैठना 2. To be scattered in all directions; to pervade through.

ତେବେହେଁ ତାର ନ ଦହିଲ ଅଙ୍ଗ
ମନରେ ଖେଦି ନ ପାରେ ଅନଙ୍ଗ। ପ୍ରାଚୀ· ପରତେ ଗୀତା।

୩। ( ସଂ. ଖିଦ୍ ଧାତୁ ଣିଚ )—ଖେଉଦିବା; ଘଉଡ଼ିବା; ତଡ଼ିବା; ପଛରେ ଗୋଡ଼ାଇ ଗୋଡ଼ାଇ ତଡ଼ିଦେବା—
3. To drive away; to chase away.

ଚକ୍ଷୁ ବରେ ନବାଡକବଟେ ଅବଧ
ହୋଇ ଏଥି ଖେଦିଲେ ଇନ୍ଦ୍ରେ କରି ଯୁଦ୍ଧ। କୃଷ୍ଣସିଂହ. ମହାଭାରତ. ବନ।

୪। ଭ୍ରମଣ କରିବା—4 To travel.
୫। ଆସକ୍ତ ହେବା—5. To be attached to.

ସାଧୁ ଚରିତ ତୋର ବୁଦ୍ଧି
କୃଷ୍ଣ ଚରଣେ ଚିତ୍ତ ଖେଦି। ଜଗନ୍ନାଥ. ଭାଗବତ।

ପ୍ରାଦେ. ( ଗଡ଼ଜାତ ) କ୍ରି—ଶିକାରୀ ଜଗିଥିବା ସ୍ଥାନଆଡ଼କୁ ବଣଜନ୍ତୁଙ୍କୁ ହୁରୁଡ଼ାଇ ତଡ଼ି ଆଣିବା; ଅଡ଼ି କରିବା—
To beat the jungle and drive in wild beasts towards the hunter.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍, ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ, ଷ | ଜ୍ଞ | ଇଯ୍ | ଉଅ | ଛ୍ଳ |
| ୨ | ଈ | ଊ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

ପ୍ରାଦେ (ସମ୍ବଲପୁର) କ୍ରି—ଗୋରୁ ଅଦଙ୍କୁ ଅଡ଼ାଇବା—
To drive cattle.

**ଖେଦୁ**—ଦେ. ବଣ—ଯେ ଖେଦେ ବା ଘଉଡ଼ାଏ—
Khedu — One who drives away.

**ଖେଦୁଆ**—ଦେ. ବଣ. ପୁଂ—ଯେ ଗୃହର ଗୁପ୍ତ କଥା ବାଣ୍ଡରେ ପ୍ରକାଶ କରେ—Divulging family-secrets.
Khedua

ଖେଦେଇ } ସ୍ତ୍ରୀ.
ଖେଦୋଇ }

**ଖେଣ୍ଟେଇବା**—ପ୍ରାଦେ (ସମ୍ବଲପୁର) କ୍ରି—ଖଟାଇ ହେବା (ଦେଖ)
Khenteibā — Khatāi hebā (See)

**ଖେପ୍‌ଚାଇବା**—ପ୍ରାଦେ (ସମ୍ବଲପୁର) କ୍ରି—ଆତ୍ମସାତ୍ କରିବା—
Khepchāibā — To appropriate any thing

**ଖେପ**—ଦେ. ବ (ସଂ. କ୍ଷେପ)—୧ । ନିକ୍ଷେପ—
Khepa — 1. Throwing; casting.
ଚନ୍ଦ୍ରଁର ଭିତରେ ପୁଣି ଅଛି ରସକୂପ
ଅଷ୍ଟସ୍ନେହ ପଡ଼ିଲେ ବଢ଼ଇ ରସ ଖେପ—ସାରଳା. ମହାଭାରତ. ଆଦ୍ୟ ।

ଖେପ — ୨ । କୌଣସି କାର୍ଯ୍ୟର ବାର, ଥର, ଟେକ ବା ଦଫା—
खेप — 2. One time or turn of an act.

୩ । ଗଦା; ରାଶି—3. Heap.

୪ । ବେପାର ନିମନ୍ତେ ପଣ୍ୟଦ୍ରବ୍ୟ ବିଦେଶକୁ ନେଇ ସେଠାରେ ତାହା ବିକ୍ରୟ କରି ଧନ ନେଇ ଫେରିବାର ଥର—
4. A trip of trading (taking commodities to a distant place and returning home with the sale proceeds).

୫ । ଖେପାଜାଲ—5. A casting net.

୬ । ଇୟତ୍ତା—6. Definiteness.

୭ । ପୂର୍ଣ୍ଣ ବିବରଣ—
7. Exhaustive or complete statement.
ବୃନ୍ଦାବନରୂପଣ କଥା କହି ନୁହେ ଖେପ
ଗୁରୁ ବେଦ ବାହାରେ ରହିଛି ତାର ରୂପ—ପ୍ରାଚୀ. ବୃନ୍ଦାବନରୂପଣଗୀତା ।

୮ । (ସଂ. ପ୍ରକ୍ଷେପ) ପ୍ରକ୍ଷିପ୍ତ ବାକ୍ୟ; ମୂଳ ବା ଅସଲ ଗ୍ରନ୍ଥରେ ନ ଥିବା ଓ ପରେ ଗ୍ରନ୍ଥରେ ଯୋଡ଼ା ଯାଇଥିବା ଅଂଶ—
8. Interpolated passage which does not belong to the original work.

୯ । ଗାଡ଼ି ବା ଡଙ୍ଗାରେ ମାଲ ଆଣିବାର ଥର—
9. Cartload or boatload of articles.
(ଯଥା—ଏ ଗୋଡ଼ିଆଙ୍କ ଶଗଡ଼ରେ ତିନି ଖେପ ହେବ ।)

ଦେ. ବଣ—ପ୍ରକ୍ଷିପ୍ତ; ମୂଳ ଗ୍ରନ୍ଥରେ ନ ଥାଇ ପରେ ଯୋଗ କରା ଯାଇଥିବା—Interpolated (passage).

**ଖେପଣୀ**—ଦେ. ବ (ସଂ. କ୍ଷେପଣୀ)—ଆହୁଲ—
Khepaṇi — Oar.
खेपड़ी — ଧୀରେ ଧୀରେ ବହି ସୁତରଣୀକ ସେ
ଛାଡ଼ିଦେଲେ ଖେପଣୀକ ହେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଖେପା**—ଦେ. ବ (ସଂ. କ୍ଷିପ ଧାତୁ)—୧ । ଲମ୍ଫ ବା ଡିଆଁ; କୁଦା—
Khepā — 1. Leap; springing; jumping.
ଏହା ଶୁଣି ହନୁମାନ ଭାରି ଖୁସି ହୋଇ ଗୋଟିଏ ଖେପାରେ ଆସି ସୀତାଙ୍କ ପାଖେ ପହଞ୍ଚିଗଲେ ।
ଗୋଲକଣ୍ଠ. ପିଲଙ୍କ ରାମାୟଣ ।

୨ । ନଡ଼ିଆ ଆଦି ଡେଙ୍ଗା ଗଛରେ ଚଢ଼ିବା ନିମନ୍ତେ ଚଢ଼ାଳୀର ଦୁଇ ଗୋଡ଼କୁ ଗଛର କାଣ୍ଡ ସଙ୍ଗେ ଅଟକାଇ ରଖିବା ନିମନ୍ତେ ବ୍ୟବହୃତ କୁଣ୍ଡଳାକୃତି ଦଉଡ଼ି—
2. A coiled ring of rope used to keep the feet of the climber attached to the trunk of a tall tree (e. g. cocoanut) while climbing.

୩ । ମାଛ ଧରିବା ନିମନ୍ତେ ବୁଲେଇକରି ପାଣି ଭିତରକୁ ନିକ୍ଷେପ କରାଯିବାର ଏକପ୍ରକାର ଜାଲ; ଘାଞ୍ଜିର ଜାଲ; ଭଉଁର ଜାଲ—
3. A throwing net used in fishing.

ପ୍ରାଦେ ( କୁଜଙ୍ଗ ) ବ—କେଉଟଙ୍କ ବ୍ୟବହୃତ ମାଛ ରଖିବାର ପାତ୍ର; ଖାଲେଇ—
A basket for putting fishes in.

**ଖେପାଜାଲ**—ଦେ. ବ. (ସଂ. କ୍ଷେପ ଓ ଜାଲ)—ଭଉଁର ଜାଲ—
Khepājāla — A casting net.
ক্ষেপ্‌লা জাল

[ ଦ୍ର—ଏ ଜାଲ ଗୋଲାକାର ଓ ଲମ୍ବ ମୁଣି ପରି । ଏହାର ଏକ ପ୍ରାନ୍ତରେ ଲମ୍ବ ଦଉଡ଼ି ଲାଗିଥାଏ । ଜାଲର ମେଲା ପାଖର ପରିଧିରେ ଗୁଡ଼ିଏ ସୀସାଗୁଳି ବନ୍ଧା ଥାଏ । ମାଛ ଧରିବା ବ୍ୟକ୍ତି ଡଙ୍ଗାରେ ବା ପାଣିକୂଳରେ ଠିଆ ହୋଇ ଦଉଡ଼ିର ଶେଷ ଭାଗକୁ ଆପଣା ହାତରେ ଅଳ୍ପିଆର କରି ରଖି ଏ ଜାଲକୁ ଘୂରେଇ କରି ଦୂରକୁ ଗଭୀର ପାଣି ଆଡ଼କୁ ନିକ୍ଷେପ କରେ । ଜଳମଧ୍ୟରେ ଗୋଟିଏ ଗୋଲାକାର ସୀମାକୁ ଅଧିକାର କରି ଏ ଜାଲ ପଡ଼େ ଓ ସୀସା ଗୁଳିର ଭାରରେ ଜାଲର ମେଲା ମୁହଁ ପାଣି ତଳକୁ ବୁଡ଼ିଯାଏ । ସେହି ପରିଧିର ସୀମା ମଧ୍ୟରେ ଥିବା ମାଛଗୁଡ଼ିକ ସେ ଜାଲରେ ରହି ଯାଆନ୍ତି ଓ କ୍ଷେପଣକାରୀ ତାହା ଧୀରେଧୀରେ କୂଳକୁ ବା ନୌକା ପାଖକୁ ଟାଣି ଆଣିଲାବେଳେ ଜାଲର ମେଲା ମୁହଁ ସୀସାଗୁଳିର ଭାର ଯୋଗୁଁ ମୁଦ ହୋଇ ଯାଏ ଓ ମାଛ ଯାକ ସେହି ମୁଦ୍ରିତ ମୁଣି ଭିତରେ ରହି ଯାଆନ୍ତି ।]

**ଖେପା ମାରିବା**—ଦେ. କ୍ରି. (ସଂ. କ୍ଷିପ ଧାତୁ)—୧ । କୁଦା ମାରିବା; ଲମ୍ଫ ଦେବା—1. To jump or spring up.
Khepā māribā

লাফান — ୨ । ଖେପା ଦଉଡ଼ି ସାହାଯ୍ୟରେ ଗଛ ଚଢ଼ିବା—
কুদনা — 2. To climb a tree with the help of a ring-rope.

୩ । କୁଦାମାରି ଯିବା—3. To stride; to walk with big strides.

**ଖେପି**—ଦେ. ବ.—କ୍ଷେପି (ଦେଖ)
Khepi — Kshepi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖେପିଜାଲ**—ଦେ. ବି.—ଖେପାଜାଲ (ଦେଖ)
Khepijāla — Khepājāla (See)

**ଖେପିବା**—ଦେ. କ୍ରି. (ସଂ. କ୍ଷିପ ଧାତୁ)—କ୍ଷେପିବା (ଦେଖ)
Khepibā — Kshepibā (See)

ଉତ୍ତାଣ୍ଡ ପରେ ବସି ସକ୍ରୋଧେ ଶୂନ୍ୟେ ଗଦା ସେ ଖେପି । (ଗୋପୀନାଥ ନନ୍ଦ) ସୁଭଦ୍ରାପରିଣୟ ।
ଛଗଳ ପଲେ ଯେସନ୍ତେ ଖେପେ ମତ୍ତ ବ୍ୟାଘ୍ର ।
(ଗୋପୀନାଥ ନନ୍ଦ) ସାରଳାମହାଭାରତ ।
ମଇବା ବେଳକୁ ବେଗେ ଖେପଇ ପବନ ।
(ଗୋପୀନାଥ ନନ୍ଦ) କାମରତ୍ନ ଗୀତା ।

ପ୍ରାଦେ. (ସମ୍ବଲପୁର) କ୍ରି.—୧ । ପହଞ୍ଚିବା—1. To reach.
୨ । ପ୍ରବେଶ କରି ପାରିବା—2. To be able to enter.
୩ । ଅଣ୍ଟିବା—3. To suffice.
୪ । ସମାନ ହେବା—4. To be equal.

**ଖେପି ମାରିବା**—ଦେ. କ୍ରି.—ଖେପା ମାରିବା (ଦେଖ)
Khepi māribā — Khepā māribā (See)

**ଖେବ୍ (ଧାତୁ)**—ସଂ.—ସେବା କରିବା—
Kheb (root) — To serve; to wait upon.

**ଖେବ**—ଗ୍ରା. ବି. (ସଂ. କ୍ଷୋଭ)—କ୍ଷୋଭ (ଦେଖ)
Kheba — Kshobha (See)

**ଖେବଡ଼ିବା**—ପ୍ରାଦେ. (ସମ୍ବଲପୁର) କ୍ରି.—ଫୋପାଡ଼ିବା—
Khebarḍibā — To throw away.

**ଖେମ୍‌ଟା**—ଦେ. ବି. (ତୁଳ. ସଂ. କମ୍ପିତା=କାମୁକ—ଯୋଗେଶଚନ୍ଦ୍ର)—
Khemṭā ୧ । ଚାରି ବା ଛଅ ତାଳବିଶିଷ୍ଟ ଚଞ୍ଚଳ ବଜାଯିବା
খেমটা ବାଦ୍ୟବିଶେଷ—1. A light air in music
खेमटा with four or six short measures.
୨ । ଉକ୍ତବାଦ୍ୟସମ୍ବନ୍ଧୀୟ—2. A light dance accompanying the Khemṭā music.
୩ । ସଙ୍ଗୀତର ତାଳବିଶେଷ—3. A measure of music.
[ଦ୍ର—ଏଥିରେ ୧୨ ଟି ମାତ୍ରା ଥାଏ ଓ ୩ ଅଘାତ ଓ ୧ ଖାଲି ଥାଏ । ଦ୍ର. ଶବ୍ଦସାଗର ।]

**ଖେମ୍‌ଟୀ**—ଦେ. ବି.—ଖେମଟାୱାଲୀ (ଦେଖ)
Khemṭī — Khemaṭāwālī (See)

**ଖେମ୍‌ତା**—ଗ୍ରା. ବି. (ସଂ. କ୍ଷମତାର ଅଶୁଦ୍ଧ ଉଚ୍ଚାରଣ)—କ୍ଷମତା—
Khemtā — Power.

**ଖେମ**—ଗ୍ରା. ବିଣ. (ସଂ. କ୍ଷମର ଅଶୁଦ୍ଧ ଉଚ୍ଚାରଣ)—କ୍ଷମ (ଦେଖ)
Khema — Kshama (See)

ସେ ଉଦରେ ପଶିବାକୁ କେହି ନାହିଁ ଖେମ ।
ପ୍ରାଚୀ, ବ୍ରହ୍ମନିରୂପଣଗୀତା ।

**ଖେମଟା**—ଦେ. ବି—ଖେମ୍‌ଟା ( ଦେଖ )
Khemaṭā — Khemṭā ( See )

ଖେମଟା ତାଳ (୧) ବଜାଇ ତନ୍ମୟରେ ଥାନ୍ତି ।
ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା ।
ବାଜନ୍ତି ବଜଘୋଷ ଯେ ମୃଦଙ୍ଗ ଦାଉଣ୍ଡି
ପ୍ରବେଶି ଯୋଦ୍ଧା ଦେଖି ଖେମଟା (୨)ନାଟ ଗଣ୍ଡି । ସାରଳା. ମହାଭାରତ ।

**ଖେମଟାୱାଲୀ**—ଦେ. ବି. ସ୍ତ୍ରୀ—ଖେମଟା ଗାଇବା ଓ ନାଚିବା ନର୍ତ୍ତକୀ—
Khemaṭāwālī A dancing girl singing and
খেমটাআলী dancing a light air.
खेमटावाली
ଏହି ଯେ ଖେମଟାୱାଲୀ ଗାଉନ୍‌ଥିଲେ ସେ ଅସି ଅଛନ୍ତି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖେମଡ଼ି**—ଦେ ବି. (ନାମ)—ଖେମଣ୍ଡି ( ଦେଖ )
Khemarḍi — Khemaṇḍi ( See )

**ଖେମଣ୍ଡି**—ଦେ. ବି. ( ନାମ )—ଗଞ୍ଜାମର ଉତ୍କଳଭାଷୀ ତିନଗୋଟି
Khemaṇḍi ଜମିଦାରୀ ରାଜ୍ୟ—Three zamindary estates in the district of Ganjam.
[ ଦ୍ର—ବର୍ତ୍ତମାନର ପାରଲାଖେମଣ୍ଡି, ବଡ଼ଖେମଣ୍ଡି, ସାନ-ଖେମଣ୍ଡି ଓ ମାଳ ପ୍ରଦେଶ ନେଇ ଖେମିଣ୍ଡି ରାଜ୍ୟ ପୂର୍ବେ ଗଠିତ ହୋଇଥିଲା । ଗଙ୍ଗବଂଶର ରାଜପୁରୁଷମାନେ ଏଠାରେ ରାଜତ୍ୱ କରୁଥିଲେ । ବର୍ତ୍ତମାନ ସୁଦ୍ଧା ଏସବୁ ରାଜ୍ୟର ରାଜାମାନେ ଗଜପତି-ଆଖ୍ୟାଧାରୀ । ପାରଲାଖିମୁଣ୍ଡିନାମକ ଜଣେ ଅନାର୍ଯ୍ୟ ପ୍ରଥମେ ପାରଲାଖେମୁଣ୍ଡିର ରାଜା ଥିଲେ । ଓଡ଼ିଶାର ଗଜପତି-ରାଜା କପିଳେନ୍ଦ୍ର ଦେବଙ୍କର ରାଜଦ୍ରୋହୀ ପୁତ୍ରମାନଙ୍କମଧ୍ୟରୁ ଜଣେ ଦକ୍ଷିଣକୁ ଯାଇ ଅନାର୍ଯ୍ୟମାନଙ୍କୁ ପରାସ୍ତ କରି ଖେମୁଣ୍ଡି ଅଧିକାର କରିଥିଲେ । ୧୬୦୭ ଖ୍ରୀଷ୍ଟାବ୍ଦରେ ପାରଲାଖେମୁଣ୍ଡି ରାଜାଙ୍କର ଏକ ପୁତ୍ରକୁ ଅନଙ୍ଗଭୀମ ଖେମଣ୍ଡିନାମକ ରାଜ୍ୟ ଦେଇଥିଲେ । ସେହି ରାଜ୍ୟ ପରେ ଦୁଇ ଭାଇଙ୍କ ମଧ୍ୟରେ ବିଭକ୍ତ ହୋଇ ବଡ଼ଖେମୁଣ୍ଡି ଓ ସାନଖେମୁଣ୍ଡି ରାଜ୍ୟ ହେଲା । କୃପାସିନ୍ଧୁ. ଉତ୍କଳ-ଇତିହାସ । ]

**ଖେମା**—ଗ୍ରା. ବି. ( ସଂ. କ୍ଷମାର ଅଶୁଦ୍ଧ ଉଚ୍ଚାରଣ )—
Khemā ୧ । କ୍ଷମା ( ଦେଖ )
খেমা 1. Kshamā ( See )
क्षमा ୨ । ରୋଗମୁକ୍ତି; ରୋଗନିବୃତ୍ତି—2. Recovery from illness.
খেমা ବୈଦେ. ବି. ( ଅ )—ତମ୍ବୁ; ରାଉଟି—Tent.
खेमा

**ଖେମିଡ଼ି**—ଦେ. ବି. ( ନାମ )—ଖେମଣ୍ଡି ( ଦେଖ )
Khemirḍi — Khemaṇḍi ( See )

**ଖେମିବା**—ଦେ. (ପଦ୍ୟ) କ୍ରି. ( ସଂ. କ୍ଷମା )—୧ । କ୍ଷମା କରିବା—
Khemibā 1. To forgive.
ক্ষেমা ୨ । ରଚିତ ଗୀତକୁ ସମାପ୍ତ କରିବା; ଭଣିବା; ଭଣିତା କରିବା—
क्षमना 2. To conclude a song by mentioning the name of the author himself.
[ ଦ୍ର—ପ୍ରାଚୀନ ଓଡ଼ିଆ ଗୀତମାନଙ୍କର ରଚୟିତାମାନେ ଶେଷ ଧାଡ଼ିରେ ଏହି ଶବ୍ଦ ବହୁ ସ୍ଥଳରେ ବ୍ୟବହାର କରିଅଛନ୍ତି । ଯଥା—ଖେମିଲେ ବଳରାମ ଦାସ ।]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଲ୍ପ | ତ୍ଥ | ଞ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଲଥ | ● | ନ୍ |

**ଖେମୁଣ୍ଡି**—ଦେ. ବି. (ନାମ)—ଖେମଣ୍ଡି ( ଦେଖ )
Khemuṇḍi — Khemaṇḍi ( See )

**ଖେୟ**—ସଂ. ବିଣ. ( ଖନ୍ ଧାତୁ=ଖୋଳିବା+କର୍ମ. ଯ )—
Kheya — ଖୋଳାଯିବାର ଯୋଗ୍ୟ—
To be dug; fit to be dug.
ସଂ. ବି—ଗଡ଼ଖାଇ; ପରିଖା—
Moat or ditch round a castle.

**ଖେୟାଲ୍**—ବୈଦେ. ବି. ( ଆ. ଖ୍ୟାଲ୍=ମନ; ମନୋଯୋଗ )—
Kheyāl — ୧ । କଳ୍ପନା—1. Imagination.
খেয়াল — ୨ । ଅନୁମାନ—2. Guess.
ख़याल; खयाल — ୩ । ସ୍ମରଣ—
3. Remembrance; memory.
୪ । ଖାମ୍‌ଖିଆଲ୍; ମନର ଅସ୍ଥିର କଳ୍ପନା—
4. Whim; caprice; hobby.

**ଖେୟାଲି**—ଦେ. ବିଣ— ଅବ୍ୟବସ୍ଥିତଚିତ୍ତ —
Kheyāli — Whimsical; capricious.
খেয়ালিয়া
ख़याली

**ଖେର୍‌ଖେସା**—ଗ୍ରା ଓ ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. କର୍କଶ; ତୁଳ. ହି. ଖୁର୍‌ଖୁରା )—୧ । କର୍କଶ; ବନ୍ଧୁର—
Kherkhesā — 1. Rough.
୨ । ଦେଖିବାକୁ ଅସୁନ୍ଦର—2. Uncouth.

**ଖେର୍‌ଖେସି**—ଗ୍ରା ଓ ପ୍ରାଦେ. ବିଣ. ( ସଂ. କର୍କଶ )—
Kherkhesi — ଖେର୍‌ଖେସା ( ଦେଖ )
Kherkhesā ( See )

**ଖେର୍‌ୱାରି**—ଦେ. ବି—ଛୋଟନାଗପୁର ଓ ଓଡ଼ିଶାରେ ବାସ କରୁଥିବା ମୁଣ୍ଡାରି ଭାଷାର ଏକ ଶାଖା—
Kherwāri — A dialect of the Muṇḍāri language.

**ଖେରାଗୁଡ଼ି**— ପ୍ରାଦେ. (ସମ୍ବଲପୁର) ବି.—ଏକ ପ୍ରକାର ଛତୁ—
Kherāgudi — A kind of ball-headed mushroom.
[ ଦ୍ର—ଏହାର ଅଗ ଟେନିସ୍-ବଲ୍ ପରି ଗୋଲ୍ ।]

**ଖେରିଆ**—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଖରହା)—ଠେକୁଆ—
Kheriā — Hare.

**ଖେରିହା**—ପ୍ରାଦେ. (ସମ୍ବଲପୁର) ବି.—ଖେରିଆ (ଦେଖ)
Kherihā — Kheriā (See)

**ଖେର୍ଟା**—ଦେ. ବି—(ତୁଳ. ହି. ଖୋଟା=ଦୁଷ୍ଟ; ମନ୍ଦ)—
Kherṭā — ୧ । ହିନ୍ଦୁସ୍ଥାନୀ ବା ପଶ୍ଚିମା ଲୋକ; ହିନ୍ଦୀଭାଷୀ ବ୍ୟକ୍ତି—
খোট্টা, খেট্টা — 1. An inhabitant of Hindustan or the North Western Provinces of India; a Hindī-speaking person.
୨ । ହିନ୍ଦୀଭାଷା—2. The Hindī language.

**ଖେଲ୍**—ପ୍ରାଦେ. (ସମ୍ବଲପୁର) ବି—ଖେଳ (ଦେଖ)
Khel — Kheḷa (See)

**ଖେଳ୍ (ଧାତୁ)**—ସଂ. ୧ । ଖେଳିବା; କ୍ରୀଡ଼ା କରିବା—
Kheḷ (root) — 1. To play; to sport.
୨ । ଥରିବା; କମ୍ପିଯିବା—2. To tremble; to shake.
୩ । ଇତସ୍ତତଃ ଚଳିବା; ହଲିବା—
3. To move to and fro

**ଖେଳ**—ଦେ. ବି (ସଂ. ଖେଳା)—
Kheḷa — ୧ । କ୍ରୀଡ଼ା—1. Play.
খেলা — ୨ । ବ୍ୟାୟାମପ୍ରଦର୍ଶନ; କସରତ୍
खेल — 2. Athletic sports; gymnastics.
୩ । କୌଶଳ—3. Artifice.
୪ । କୌତୁକ—4 Amusements.
୫ । ପରିହାସ; ଥଟ୍ଟା—5. Jest.
୬ । କାର୍ଯ୍ୟ—6. Act; action; work.
୭ । ଜୁଆଖେଳ—7. Gambling; a game at hazards.
୮ । ଆଖି ବୁଲାଇବା—8. Furtive glance.
୯ । ବ୍ୟାୟାମ ବା ଶାରୀରିକ ପରିଶ୍ରମଯୁକ୍ତ କ୍ରୀଡ଼ା (ଯଥା—ଫୁଟ୍‌ବଲ୍, କ୍ରିକେଟ୍, ଡୁଡୁ )—9. Games; sports:
୧୦ । ଲୋକରଞ୍ଜନାର୍ଥ ସମ୍ପାଦିତ ତାମସା ଆଦି କୌତୁକ—
10. Performances done for pleasing the public.
୧୧ । ନାଟକାଦିର ଅଭିନୟ—11. Dramatic performance.
୧୨ । ପରିଶ୍ରମ ବା କାର୍ଯ୍ୟରୁ ମୁକ୍ତି ପାଇଁ ନିଜର ଚିତ୍ତବିନୋଦନାର୍ଥ କରାଯିବା କୌତୁକ—
12. Recreations; pastimes.
ସଂ. ବିଣ. ପୁ (ଖେଳ ଧାତୁ+କର୍ତ୍ତୃ. ଅ )—
(ଖେଳା—ସ୍ତ୍ରୀ) — ୧ । କ୍ରୀଡ଼ନକାରୀ—1. Playing; sporting.
୨ । କାମୁକ—2. Amorous.
୩ । କମ୍ପୁଥିବା—3. Shaking; trembling.
୪ । ଇତସ୍ତତଃ ଚଳନ୍ତ—4 Moving to and fro;
ଖେଳ ଖେଳ ଖଞ୍ଜନାକ୍ଷି କି ସାହସ କଲୁରେ—
କବିସୂର୍ଯ୍ୟ, କଳୋପବଂଶ୍, ଖ-ଗୀତ ।

**ଖେଳଗତି**—ସଂ. ବିଣ. ପୁଂ ଓ ସ୍ତ୍ରୀ—(ବହୁବ୍ରୀହି; ଖେଳ+ଗତି)—
Kheḷagati — ଯେ ଖେଳନ୍ତା ପରି ଚାଲେ—Having a playful gait.

**ଖେଳଗମନ**—ସଂ. ବିଣ. ପୁଂ. (ବହୁବ୍ରୀହି; ଖେଳ+ଗମନ)—
Kheḷagamana — ଖେଳଗତି (ଦେଖ)
(ଖେଳଗମନା-ସ୍ତ୍ରୀ) — Kheḷagati (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ୍ର୍ର ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚନ୍ଦ୍ରବିନ୍ଦୁ ବଦଳରେ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଇଁ' ଖୋଜିବେ; 'କୁଅ' ନ ମିଳିଲେ 'କୁଅଁ' ଦେଖିବେ 'ବଧୂ' ନ ପାଇଲେ 'ବଧୂଁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳବଟ' ନ ପାଇଲେ 'ଅଳବଟ୍ଟ' ଦେଖିବେ ।

**ଖେଳଘର**—ଦେ. ବି. ( ସଂ. ଖେଳାଗୃହ )—
Khelaghara ୧ । କ୍ରୀଡ଼ାସ୍ଥଳ; କ୍ରୀଡ଼ାଗାର—
খেলাঘর 1. Play-house; club.
୨ । ଧୂଳିଘର; ପିଲାମାନଙ୍କର ଖେଳବେଳେ ଧୂଳିରେ ଗଢ଼ିବା ଅସ୍ଥାୟୀ ଘର—2. Doll-house; temporary mock-houses raised by children in sport.
ଲିପ୍ତ ହୋଇବ ଜଗତର ଘଳାଦଙ୍ଗା ଭୋ ଖେଳଘର—
ଗାଳମଣି. ଭକ୍ତିଧାରା।
୩ । ଥଟ୍ଟା—3. Jest; matter of joke.

**ଖେଳନ**—ସଂ. ବି. କ୍ଲୀ (ଖେଳ୍ ଧାତୁ=କ୍ରୀଡ଼ା କରିବା+ଭାବ.ଅନ)—
Khelana ଖେଳା ( ଦେଖ )
Khelā ( See )

**ଖେଳନା**—ଦେ. ବି. ( ସଂ. ଖେଳନ )—
Khelanā କ୍ରୀଡ଼ନକ ବସ୍ତୁ; ଯେଉଁ ବସ୍ତୁକୁ ଲୋକେ ବା ପିଲାଏ
খেলনা ଖେଳରେ ବ୍ୟବହାର କରନ୍ତି; କ୍ରୀଡ଼ାସାମଗ୍ରୀ—
**खेलौना, खिलौना** Play-thing; toy.

**ଖେଳନି**—ସଂ. ବି. ( ଖେଳନ + ଇ )—
Khelani ୧ । ସତରଞ୍ଚ ବା ପଶାଆଦି ଖେଳର ଗୋଟି—
1. A piece at chess or dice.
୨ । ଯେଉଁ ଦ୍ରବ୍ୟ ବା ସରଞ୍ଜାମ ଦ୍ୱାରା ଲୋକେ ଖେଳନ୍ତି; କ୍ରୀଡ଼ନକ—2. Play-thing; playing materials; accessories of a game.

**ଖେଳନ୍ତା**—ଦେ. ବିଣ. ( ସଂ. ଖେଳତ୍ )—
Khelantā କ୍ରୀଡ଼ାକାରୀ; ଖେଳୁଥିବା; କ୍ରୀଡ଼ା କରୁଥିବା—
খেলাকরা Playing.
**खेलता, खेलताहुआ** ଚନ୍ଦ୍ରମଣି ପ୍ରାୟେ ଶୋହୁଛ ଉଦ-ଇମିରହୁଥା
ମୁନି-ମନମାନସ ଘରେ ହଂସରୂପେ ଖେଳନ୍ତା ।
ପ୍ରାଚୀ. ରସବୀରସ୍ଥ ।

**ଖେଳବାଡ଼**—ଦେ. ବି—ଖେଳୁଆଡ଼ ( ଦେଖ )
Khelabārda Kheluārda ( See )
ବାହୁଁ ଚଳିବାର ଖେଳବାଡ଼କରେ । ସ୍ୱଧାକାଧ. ନନ୍ଦକେଶ୍ୱର ।

**ଖେଳଲୋଳ**—ଦେ. ବିଣ. ( ଖେଳ ଯୋଗୁଁ ଲୋଳ )—
Khelalola କ୍ରୀଡ଼ାହେତୁରୁ ଚଞ୍ଚଳ ବା ଅସ୍ଥିର—
Moving or restless on account of play or sport; sporting and therefore restless.
ସଂ. ବିଣ. ( ଏକାର୍ଥକ ଦ୍ୱନ୍ଦ୍ୱ )—କ୍ରୀଡ଼ନଶୀଳ ଓ ଚଞ୍ଚଳ—
Sportive and moving.
ଖେଳଲୋଳ ଖଞ୍ଜନାଦି କି ସାହସ କରୁରେ ।
କବିସୂର୍ଯ୍ୟ. କଳୋସଲଚନ୍ଦ୍ର ଶ ଗୀତ ।

**ଖେଳା**—ସଂ. ବି. (ଖେଳ୍ ଧାତୁ=କ୍ରୀଡ଼ା କରିବା+ଭାବ.ଅ+ସ୍ତ୍ରୀ.ଆ)—
Khelā ୧ । କ୍ରୀଡ଼ା—1. Play.
୨ । କୌତୁକ—2. Amusements.
୩ । ପରିହାସ—3. Jest.
୪ । କମ୍ପିବା—4. Shaking.
୫ । ନାଟକାଭିନୟ—5. Dramatic performance.
ଦେ. ବିଣ—କ୍ରୀଡ଼ାରତ—Playful: sportive.
ଅହାର କେଉ ତା କ ହାତରେ ଖେଳା ଖଞ୍ଜନ ଲେଉଥା ଅଣ ।
ସ୍ୱଧାକାଧ. ଯଯାତି

ଦେ. ବି. ( ସଂ. ଖେଳନ )—୧ । ଖେଳାଇବାର କର୍ମ—
খেলন 1. The act of Khelāibā.
**खेलाइ** ( ଯଥା – ସାପ ଖେଳା । )
୨ । ଖେଳଆଇବାର କର୍ମ—
2 The act of Kheliāibā.
( ଯଥା—ଗଦାର ମାଡ଼ଖେଳା । )

**ଖେଳାଇ**—ଦେ. ବି. ସ୍ତ୍ରୀ— ବାଲେଶ୍ୱରଜିଲ୍ଲାର ସୋରୋର ପ୍ରସିଦ୍ଧ
Khelāi ଦେବତା—The chief Deity of Soro ( in Balasore district )

**ଖେଳାଇବା**—ଦେ. କ୍ରି. ( ସଂ. ଖେଳ୍ ଧାତୁର ଣିଜନ୍ତ )—
Khelāibā ( ଖେଳିବାର ଣିଜନ୍ତ ରୂପ )—
খেলান Causative form of Khelibā.
**खेलाना** ୧ । ଅନ୍ୟକୁ କ୍ରୀଡ଼ା କରାଇବା—
1. To cause another to play.
୨ । ଇତସ୍ତତଃ ଗତି କରିବାକୁ ଅବସର ବା ସୁଯୋଗ ଦେବା—
2. To allow to move to and fro; to let one move freely.
( ଯଥା—ଢେଲା ସାପ ଖେଳାଉଛି । )
ଖେଳାଇ ଖେଳାଇ ଦଂଶିବ
ଗରଳ ସବାଙ୍ଗେ ମିଶିବ । ଭୂପତି. ପ୍ରେମପଞ୍ଚାମୃତ ।
୩ । ନଚାଇବା—3. To cause to dance
୪ । ପିତା, ମାତା, ଧାଈଆଦି ନିକଟରେ ଉପସ୍ଥିତ ଥିବା ଅବସ୍ଥାରେ ଶିଶୁକୁ ସେମାନଙ୍କ ନିକଟରେ ଖେଳିବାର ସୁଯୋଗ ଦେବା—
4. To cause or let a child play or amuse itself near by in the presence of its parents or keeper.
( ଯଥା—ସାଆନ୍ତାଣୀ ବାଳକଦାସକୁ କୋଳରେ ଖେଳାଉଛନ୍ତି; ସେଉଳମାନ ତା ଜାଆଁଳକୁ ଭୁଇଁପାଖେ ଖେଳାଉଛି । )
୫ । ସଙ୍ଗୀ ପିଲାକୁ ଆପଣା ସାଙ୍ଗରେ ବା ଦଳରେ ମିଶି ଖେଳିବା ପାଇଁ ଅନୁମତି ବା ସୁଯୋଗ ଦେବା—
5. To take a boy or girl as one's play-mate or as a player in one's party.
୬ । ଚଳାଇବା; ଚାଳିତ କରିବା—
6. To move about.
( ଯଥା—ବୃନ୍ଦାମିଶ୍ର ପୋଖରୀରେ ବନସି ଖେଳାଉଛି । )
ଖେଳା ଚଞ୍ଚଳ ଭୂଷଣ ତାଙ୍କରେ—କବିସୂର୍ଯ୍ୟ. ସଙ୍ଗୀତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍କ୍ୟ | ଇଅ | ● | ନ୍ତ |

୭ । ପ୍ରକଟିତ ବା ବିକଶିତ କରାଇବା—
7. To express; to bring to light; to manifest.

କୁନ୍ଦଦନ୍ତାଂଶୁକୁ ନନ୍ଦବାହାସକୁ ଖେଳାଇ ଦେଉଛନ୍ତି ଗଲେ—
କବିସୂର୍ଯ୍ୟ. ସଙ୍ଗୀତ ।

୮ । ବିଚ୍ଛୁରାଇବା; ଏକାଠେଇଁ ଥିବା ଜିନିଷକୁ ଇତସ୍ତତଃ କରିବା—
8. To disperse; to disturb the compactness of a mass of things.
( ଯଥା—ତୁମେ ପଇସାକର ମାଛ ନେବ ବୋଲି ଠୋକେଇକ ଯାକ ମାଛ କାହିଁ ଖେଳାଉଛ ? )

୯ । ଗଦା ଥିବା ବା ଘନ ହୋଇଥିବା ବସ୍ତୁକୁ ବେଶି ସ୍ଥାନରେ ବ୍ୟାପ୍ତ କରାଇବା—
9. To scatter; to thin out, to rarefy; to spread out.
( ଯଥା—କୁଟାଗଦାକୁ ଖେଳାଇ ଦେଲେ କୁଟାତକ ଶୀଘ୍ର ଶୁଖିଯିବ । )

୧୦ । ଖେଳୁଆ କରିବା ( ଦେଖ )
10. Khelua kariba ( See )

**ଖେଳାଇ ଲଇ**—ପ୍ରାଦେ. ( ଗଞ୍ଜାମ ) ବି—ଶୁଆଁଲଇ ( ଦେଖ )
Khel̲āi lai — Suān̄lai ( See)

**ଖେଳାଖେଳି**—ଦେ. ବି—୧ । ବହୁପ୍ରକାର ଖେଳ—
Khel̲ākhel̲i — 1. Various sports.
୨ । ଖେଳିଆଖେଳି ( ଦେଖ )
2. Khel̲iākhel̲i ( See )
ଦେ. ବିଣ—ଖେଳିଆଖେଳି ( ଦେଖ )
Khel̲iākhel̲i ( See )

**ଖେଲାତ୍**—ବୈଦେ. ବି. ( ଆ. ଖିଲ୍ଅତ୍ )—
Khelāt — ରାଜଦତ୍ତ ସମ୍ମାନସୂଚକ ପୋଷାକ—
ଖେଲାৎ — Robe of honour bestowed by the king
**खिलात** — or Government.

**ଖେଲାପ୍**—ବୈଦେ. ବି. ( ଆ. ଖେଲ୍ଲାଫ୍; ଖିଲାଫ )—
Khelāp — ୧ । ବିପରୀତାଚରଣ—1. Acting in opposition.
ଖেলাপ — ୨ । କାମରେ କୁଣ୍ଠ—2. Neglect of duty.
**खिलाफ** — ୩ । ନିୟମଭଙ୍ଗନ—3. Violation of a rule.
୪ । ଅନ୍ୟଥାକରଣ—4. Alteration; undoing.
୫ । ପରିବର୍ତ୍ତନ—5. Change.

**ଖେଳାରି**—ପ୍ରାଦେ· (ସମ୍ବଲପୁର) ବି. (ତୁଳ. ହି. ଖେଲାଡ଼ୀ, ଖେଲାଡ଼ି )—
Khelāri — ଖେଳୁଆଡ଼ ( ଦେଖ )—Khel̲uārd̲a ( See)

**ଖେଳାଳି**—ଦେ. ବି. ଓ ବିଣ—ଖେଳୁଆଡ଼ (ଦେଖ)
Khel̲āl̲i — Khel̲uārd̲a (See)

**ଖେଳି**—ସଂ. ବି. (ଖେଲ୍ ଧାତୁ + ଭାବ.ଇ.)—୧ । ଖେଳ; କ୍ରୀଡ଼ା—
Khel̲i — 1. Sport; play.
୨ । ଶର—2. Arrow.
୩ । ପ୍ରାଣୀ; ଜୀବ—3. Animal.
୪ । ପକ୍ଷୀ—4. Bird.
୫ । ସୂର୍ଯ୍ୟ—5. The sun.
୬ । ସ୍ତବ—6. Hymn; psalm.
୭ । ସଙ୍ଗୀତ—7. Song.

**ଖେଳିଆ**—ଦେ. ବିଣ.—୧ । ଇତସ୍ତତଃ ବିକ୍ଷିପ୍ତ—
Khel̲iā — 1. Scattered here and there.
୨ । ଖେଳୁଆ (ଦେଖ)—2. Khel̲uā (See)

**ଖେଳିଆଇବା**—ଦେ. କ୍ରି. (ସଂ. ଖେଲ ଧାତୁ)—ଖେଳାଇବା (ଦେଖ)
Khel̲iāibā — Khel̲āibā (See)

**ଖେଳିଆଖେଳି**—ଦେ. ବି.—ଏକତ୍ର ଥିବା ବହୁ ବସ୍ତୁକୁ ଇତସ୍ତତଃ ବିକ୍ଷିପ୍ତ
Khel̲iākhel̲i — କରିବା—Strewing of things put together.
ଦେ. ବିଣ.—ଇତସ୍ତତଃ ବିକ୍ଷିପ୍ତ; ଘଣ୍ଟାଘଣ୍ଟି ହୋଇଥିବା—
Disturbed or scattered.

**ଖେଳିଆଖେଳେଇ**—ଦେ. ବି. ଓ ବିଣ—ଖେଳିଆଖେଳି (ଦେଖ)
Khel̲iākhel̲ei — Khel̲iā khel̲i (See)

**ଖେଳିବା**—ଦେ. କ୍ରି. (ସଂ. ଖେଲ୍ ଧାତୁ)—୧ । କ୍ରୀଡ଼ା କରିବା—
Khel̲ibā — 1. To play; to sport.
ଖେଳা
**खेलना**
(ଖେଳାଇବା—ପ୍ରଯୋଜକ ରୂପ)
[ଦ୍ର—କେବେ ସମସ୍ତ କଠୋର ପରିଶ୍ରମ କରିବା ପରେ ବା ଚିତ୍ତବିନୋଦନାର୍ଥ ବା ଅନ୍ୟର ମନକୁ ପ୍ରଫୁଲ୍ଲିତ କରିବା ପାଇଁ, ବା. ବ୍ୟାୟାମ ପାଇଁ ଲୋକେ ଖେଳନ୍ତି । ଲୋକେ ନାନା ପ୍ରକାର ଖେଳ ଖେଳନ୍ତି । କେତେକ ଖେଳ ବହୁ ଶାରୀରିକ ପରିଶ୍ରମସାଧ୍ୟ (ଯଥା; କ୍ରିକେଟ୍, ଡୁଡୁ ), କେତେକରେ ମସ୍ତିଷ୍କଚାଳନା କରିବାକୁ ପଡ଼େ ( ଯଥା; ପଶା, ସତରଞ୍ଜି, ବାଘବକରୀ ) ଓ କେତେକରେ ଅନ୍ୟର ଚିତ୍ତବିନୋଦନ କରାଯାଏ (ଯଥା—ବାଜିଗରୀ, ଇନ୍ଦ୍ରଜାଲ) । ]

୨ । ଇନ୍ଦ୍ରଜାଲ ବା ବ୍ୟାୟାମ ପ୍ରଦର୍ଶନ କରିବା—
2. To exhibit athletic or magical feats.
୩ । ଥଟ୍ଟା କରିବା; ପରିହାସ କରିବା—
3. To joke; to play jests.
୪ । ଇତସ୍ତତଃ ବିଚରଣ କରିବା—
4. To move here and there.
ରସାଳରସାଳ ଶାଖାରେ ଖେଳ । କବିସୂର୍ଯ୍ୟ. କବିତା ।
୫ । ଶରୀରଅଡ଼େ ଘୋଟିଯିବା ବା ବହିଯିବା; ବ୍ୟାପିବା; ବ୍ୟାପ୍ତ ହେବା—5. To pervade or circulate; to be diffused; to spread.
( ଯଥା—ଡେଙ୍ଗାବୁହା ପାଣି ବିଲଯାକ ଖେଳ ଗଲାଣି; ମେଘ ଆକାଶଯାକ ଖେଳ ଗଲାଣି । )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୬ । ଅନୁଭୂତ ହେବା; ମନକୁ ଅଧିକାର କରିବା—
6. To be felt; to reign supreme in the mind.

ମାର ମନେ ଖେଳୁଥିବ, ପ୍ରଦୀପ ଯେ ଜଳୁଥିବ—ବନମାଳୀ. ସଙ୍ଗୀତ ।

୭ । (ବ୍ୟବସାୟରେ) ଲାଗିବା; ଲଗାଯିବା; ଖଟାଯିବା—
7. To be invested (in business).

ସେମାନେ କହନ୍ତି ତାଙ୍କର ଗୁଳସ ପଞ୍ଚାଶ ହଜାର ଟଙ୍କା
ମହାଜନରେ ଖେଳୁଅଛି—ଫକୀରମୋହନ. ଛମାଣଆଠଗୁଣ୍ଠ ।

୮ । ନାଚିବା—8. To dance.

ପୁଣି ଯା ଗୀତଗୋବିନ୍ଦ-ପ୍ରବନ୍ଧ ଖେଳେ ମହୋତ୍ସବଜନେ—
ରଘୁନାଥଚରଣ. ଗୀତଗୋବିନ୍ଦ ।

୯ । ଇତସ୍ତତଃ ଚାଳିତ ହେବା—
9. To be moved to and fro.

୧୦ । ଆଗକୁ ପଛକୁ ଗତି କରିବା—
10. To move to and fro.
( ଯଥା—ସାପ ଖେଳୁଛି । )

୧୧ । ନାଟକାଦିର ଅଭିନୟ କରିବା—11. To play ( a drama ); to make dramatic performances.

୧୨ । ଜୁଆ ଖେଳିବା—12. To gamble.

୧୩ । କମ୍ପିବା—13. To shake; to dangle; to oscillate.

**ଖେଲବା**—ପ୍ରାଦେ. (ସମ୍ବଲପୁର; ଳ ସ୍ଥାନରେ ଲ ଉଚ୍ଚାରଣ) କ୍ରି—
Khelibā ଖେଳିବା ( ଦେଖ )—Khe*l*ibā ( See )

**ଖେଳିଯିବା**—ଦେ. କ୍ରି—୧ । ଖେଳେଇ ହୋଇଯିବା—
Khe*l*ijibā 1. To be scattered.

୨ । ପ୍ରସର ଯିବା; ବ୍ୟାପ୍ତ ହେବା—
2. To spread; to be diffused.

**ଖେଳୁ**—ଦେ. ବି—କ୍ରୀଡ଼ାକାରୀ ବ୍ୟକ୍ତି—
Khe*l*u A player.

ଦେ. ବିଣ—୧ । ଖେଳରେ ସିଦ୍ଧହସ୍ତ—
1. Expert in playing.

୨ । ଅତିରିକ୍ତ କ୍ରୀଡ଼ାସକ୍ତ—2. Addicted to sports.

୩ । କ୍ରୀଡ଼ାପ୍ରିୟ—3. Fond of play.

୪ । ଜୁଆରୀ—4. Gambling.

**ଖେଲୁ**—ପ୍ରାଦେ. (ସମ୍ବଲପୁର) ବି ଓ ବିଣ—ଖେଳୁ ( ଦେଖ )—
Khelu Khe*l*u ( See )

**ଖେଳୁଆ**—ଦେ. ବି—୧ । ଧାନ କିଆରିରେ ଘଞ୍ଚ ବା ଘନ ଭାବରେ
Khe*l*uā ଉଠିଥିବା ଧାନଗଛମାନଙ୍କୁ ଉପାଡ଼ି ଧାନଗଛ ନ ଥିବା ସ୍ଥାନମାନଙ୍କରେ ରୋପଣ କରିବା ( ଏହା ବେଉଷଣ ସମୟରେ ବା ବୁଣା ସମୟରେ କରାଯାଏ )—

1. The process of thinning out paddy-plants from a field by taking them out from a thickly set place and planting them at another where there are no plants.

୨ । କ୍ଷେତ୍ରର ଉଚ୍ଚ ସ୍ଥାନରେ ଗଦା ହୋଇଥିବା ମାଟିକୁ ସ୍ଥାନାନ୍ତରିତ କରି ନେଇ ଖାଲ ଜାଗାରେ ପକାଇ କ୍ଷେତ୍ରକୁ ସମତୁଲ କରିବା—2. Levelling of a field by taking out accumulated earth from high places and distributing it evenly throughout the field.

**ଖେଳୁଆ କରିବା**—ଦେ. କ୍ରି—କ୍ଷେତରେ ବହଳିଆ ଧାନ ଗଛ ଥିବା
Khe*l*uā karibā ସ୍ଥାନରୁ କିଛି ଧାନଗଛ ଉପାଡ଼ି ଅନ୍ୟ ପାତଳ ସ୍ଥାନରେ ପୋତିବା—

To evenly distribute paddy-plants in a field by thinning out the densely set plants and planting them at empty spots.

**ଖେଳୁଆଡ଼**—ଦେ. ବିଣ ( ସଂ. ଖେଳ୍ ଧାତୁ )—
Khe*l*uā*rd*a ୧ । କ୍ରୀଡ଼ା କରୁଥିବା; କ୍ରୀଡ଼ାରତ—
খেলআড়, খেলোয়াড় 1. Playing.
खेलार, खेलाड़ी, खेलबाड़ी ୨ । କ୍ରୀଡ଼ାରେ ଅତିରିକ୍ତରୂପେ ଆସକ୍ତ—
2. Addicted to play.

୩ । କ୍ରୀଡ଼ାରେ ଅନୁରକ୍ତ—3. Gamesome.

୪ । କ୍ରୀଡ଼ାରେ ଦକ୍ଷ—
4. Skilful or expert at play.

ଦେ. ବି—୧ । ଖେଳୁଥିବା ବ୍ୟକ୍ତି; ଖେଳାଳି—1. A player.

୨ । କ୍ରୀଡ଼ାସଙ୍ଗୀ; ଖେଳସାଙ୍ଗ—2. A play-fellow.

୩ । ଦକ୍ଷ ଖେଳାଳି—3. An expert player.

**ଖେଳୁଆଡ଼ି**—ଦେ. ବି. ଓ ବିଣ—ଖେଳୁଆଡ଼ (ଦେଖ)
Khe*l*uā*rd*i Khe*l*uā*rd*a (See)

**ଖେଳୁଆ ପକାଇବା**—ଦେ. କ୍ରି—ଖେଳୁଆ କରିବା (ଦେଖ)
Khe*l*uā pakāibā Khe*l*uā karibā (See)

**ଖେଳୁଆ ପଡ଼ିବା**—ଦେ. କ୍ରି—( ଗାଈ )ବତର ପଡ଼ିବା; ଋତୁମତୀ ହେବା;
Khe*l*uā pa*rd*ibā ଝଳୁଆ ପଡ଼ିବା—
Menstruation ( of a cow ).

**ଖେଳୁଆଳ**—ଦେ. ବି. ଓ ବିଣ—ଖେଳୁଆଡ଼ (ଦେଖ)
Khe*l*uā*l*a Khe*l*uā*rd*a (See)

**ଖେଳୁଆଳି**—ଦେ. ବି. ଓ ବିଣ—ଖେଳୁଆଡ଼ (ଦେଖ)
Khe*l*uā*l*i Khe*l*uā*rd*a (See)

**ଖେଳେଇ ଲଇ**—ପ୍ରାଦେ (ଗଞ୍ଜାମ) ବି—ଶୁଆଁ ଲଇ (ଦେଖ)
Khe*l*ei lai Suān̐ lai (See)

**ଖେୱାଟ୍**—ଦେ. ବି (ସଂ. କ୍ଷେତ୍ର + ବଣ୍ଟନ)—ଭୂମିକରବନ୍ଦୋବସ୍ତସମ୍ବନ୍ଧୀୟ
Khewā*t* ଯେଉଁ କାଗଜରେ ଜମିଦାରୀରେ ଥିବା ଜମିଦାର ଓ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ଼ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ |

খেবাট ମଧ୍ୟସତ୍ୱାଧିକାରୀମାନଙ୍କର ସ୍ୱତ୍ୱ ଓ ହିସା ବର୍ଣ୍ଣିତ ହୋଇଥାଏ-
खेवट A paper prepared during a Revenue-Settlement showing the interests and shares of the various classes of proprietors in an estate. Proprietary khewat prepared in the course of a Revenue-Settlement.

ଖେଶୟ—ସଂ. ବଣ ( ଉପପଦ ତତ୍ ; ଖେ=ଆକାଶରେ+ଶୀ ଧାତୁ +କର୍ତ୍ତୃ. ଅ )—
Kheśaya
୧ । ଆକାଶବାସୀ—1. Living in the air.
୨ । ଆକାଶରେ ବିଶ୍ରାମକାରୀ—
2. Resting in the air.

ଖେଶରତ୍—ବୈଦେ. ବି ( ଆ. ଖିସାରତ୍=କ୍ଷତି )—
Kheśarat ୧ । ହାନି; କ୍ଷତି; ଲୋକସାନ୍—
খেসারত 1. Damage; loss.
खिसारा ୨ । କ୍ଷତିପୂରଣ—2. Compensation.
୩ । କ୍ଷତିପୂରଣ ପାଇବା ସକାଶେ କ୍ଷତିଗ୍ରସ୍ତ ଲୋକର ଦାଏର୍ ମକଦମା—
3. A suit for damage.

ଖେଶରା—ବୈଦେ. ବି ( ଆ. ଖିସାରତ୍ )—ଖେଶରତ୍ (ଦେଖ)
Kheśarā Kheśarat (See)

ଖେଶରାତ୍—ବୈଦେ. ବି (ଆ. ଖିସାରତ୍)—ଖେଶରତ୍ (ଦେଖ)
Kheśarāt Kheśarat (See)

ଖେଶାରତ୍—ବୈଦେ. ବି (ଆ. ଖିସାରତ୍)—ଖେଶରତ୍ (ଦେଖ)
Kheśārat Kheśarat (See)

ଖେଶାରା—ବୈଦେ. ବି (ଆ. ଖିସାରତ୍)—ଖେଶରତ୍ (ଦେଖ)
Kheśārā Kheśarat (See)

ଖେଷ୍ଟାଙ୍ଗ୍—ପ୍ରାଦେ. (ବାଲେଶ୍ୱର) ବି:—ଖଷ୍ଟାଙ୍ଗ୍ ; ସ୍ଥାନତ୍ୟାଗ—
Kheshṭāṅg Going away from a place.
ଶ୍ରୀନାଥଙ୍କେ କହିଲେ, ସ୍ୱାମୀ ସୁମା ବାବୁ, ଆପଣ ଖେଷ୍ଟାଙ୍ଗ କରିବେ ନାହିଁ; ଆପଣ ହିଁ ଏ ମୋ କଥା ଶୁଣନ୍ତୁ—ଫକୀରମୋହନ. ଚକ୍ରସ୍ୱଳ୍ପ ।

ଖେସର—ସଂ. ବି. ( ଖେ=ଆକାଶରେ+ସୃ ଧାତୁ+କର୍ତ୍ତୃ. ଅ )—
Khesara ଖଚର; ଗଧମିଶା ଘୋଡ଼ା; ଅଶ୍ୱତର—Mule.

ଖେସାରି—ଦେ. ବି. ( ସଂ. ଖଞ୍ଜକାରୀ, ତୁଳ. ହି. ଖୁସାରୀ )—ଶିମ୍ବାଦି-
Khesāri ବର୍ଗରେ କୃଷିଜାତ ଶସ୍ୟବିଶେଷ;
ସଂ. ନାମ—ଖଞ୍ଜକାରୀ, ସାନ ଚଣା; ଘୋଡ଼ାଅ ଚଣା —
ତ୍ରିପୁଟ, ତ୍ରିପତ୍ର A leguminous grain;
খেঁসারি; খেসারি; খেঁড়ীকলাই Lathyrus Sativus; Phaseolus Aconitifolius.
खिसारि; केसारि; खेसारि
[ ଦ୍ର—ଏହାର ଚୁଇଁ ଓ ଶସ୍ୟ ଚେପ୍ଟା । ଏଥିର ଡାଲି ସକୋଣ; ବୈଦ୍ୟଶାସ୍ତ୍ର ମତରେ ଏହାକୁ ବେଶି ଦିନ ଖାଇଲେ ମନୁଷ୍ୟ ଖଞ୍ଜ ବା ପଙ୍ଗୁ ହୋଇଯାଏ । ଖେସାରି ଡାଲି ଖାଇଲେ ମନୁଷ୍ୟ ସନ୍ଧି- ବାତାକ୍ରାନ୍ତ ହୁଏ, ଅତଏବ ସଂ. ଖଞ୍ଜକାରୀ ଶବ୍ଦରୁ ଖେସାରି ଶବ୍ଦ ଅପଭ୍ରଷ୍ଟ ହୋଇଛି ବୋଲି ଅନୁମିତ ହୁଏ । କେତେକ ଗଡ଼ଜାତରେ ବର୍ଷାଦିନେ ଧାନ ଉଠିଥିବା ବିଆରରେ କାଦୁଅ ଭିତରେ ଲୋକେ ଖେସାରି ବୁଣି ଦିଅନ୍ତି ଓ ପୁଷ ମାସରେ ବିଲରୁ ପାଚିଲା ଧାନ କାଟି ନେଇ ଖେସାରିଗଛକୁ ଛାଡ଼ିଯାଆନ୍ତି ଓ ମାସେ ପନ୍ଦର ଦିନ ପରେ ଖେସାରି ଚୁଇଁ ପାଚି ଗଲେ ଗଛ ଉପାଡ଼ି ନେଇ ଖେସାରି ଅମଳ କରନ୍ତି । ଏହିପରି ଏକ କ୍ଷେତରେ ଏକ ସମୟରେ ଦୁଇଟି ଫସଲ କୃଷୀ ଉଠାଇ ନିଏ । ଅନେକ ସ୍ଥାନରେ ମାର୍ଗଶିର ମାସରେ ଖେସାରି ବୁଣାଯାଏ ଓ ଫଗୁଣ ମାସରେ ଗଛ ଉପଡ଼ାଯାଏ । ]

ଖୈ—ଦେ. ବି. ( ଖଇର ଅଶୁଦ୍ଧ ଉଚ୍ଚାରଣ )—ଖଇ ( ଦେଖ )
Khai Khai ( See )

ଖୈଚୁର—ଦେ. ବି. ( ସଂ. ଖଦିକା+ଚୂର୍ଣ୍ଣ )—ଖଇର ଚୂନା ଓ କନ୍ଦମିଶ୍ରିତ
Khaichur ମିଷ୍ଟାନ୍ନ—Sweetmeat prepared by pounding fried paddy and mixing it with sugar.
[ ଦ୍ର—ପୁରୀଜିଲ୍ଲା ସତ୍ୟବାଦୀ ଗୋପୀନାଥ ( ଗୋପାଳଜୀ )ଙ୍କୁ ଅର୍ପିତ ଖୈଚୁର ଭୋଗ ଅତି ଉପାଦେୟ ଓ ଲଘୁପାକ ଅଟେ; ଏହାର ସ୍ଥାନୀୟ ନାମ ଛତୁ ବା ଛତୁଆ । ]

ଖୈଚୁରା—ଦେ. ବି—ଖୈଚୁର ( ଦେଖ )
Khaichurā Khaichur ( See )

ଖୈରଖାଁ—ବୈଦେ. ବଣ—ଖଏରଖାଁ ( ଦେଖ )
Khairkhāṅ Khaərkhāṅ ( See )

ଖୈର—ଦେ. ବି. ( ସଂ. ଖଦିର )—ଖଇର ( ଦେଖ )
Khaira Khaira ( See )

ଖୈରଚୁର—ଦେ. ବି—ଘିଅରେ ପୁଆ ହୋଇଥିବା ଚାଉଳ ଚୂନା ଓ କନ୍ଦରେ
Khairachura ପ୍ରସ୍ତୁତ ଏକପ୍ରକାର ମିଠାଇ—A sweetmeat prepared with rice-flour and sugar and fried in ghee.

ଖୈରଚୁଲ—ଦେ. ବି—ଖୈରଚୁର ( ଦେଖ )
Khairachula Khairachura ( See )

ଖୈରା—ଦେ. ବଣ—ଖଇରା ( ଦେଖ )
Khairā Khairā ( See )

ଖୈରାତ୍ ( ଇତ୍ୟାଦି )—ବୈଦେ. ବି—ଖଇରାତ୍ ଇତ୍ୟାଦି ( ଦେଖ )
Khairāt ( etc ) Khairāt etc ( See )

ଖୈରିଚୁଲ—ଦେ. ବି—ଖୈରଚୁର ( ଦେଖ )
Khairichula Khairachura ( See )

ଖୈରିୟତ୍—ବୈଦେ. ବି. ( ପା. )—୧ । ମଙ୍ଗଳ; କୁଶଳ; କ୍ଷେମ—
Khairiyat 1. Welfare.
খৈরিয়ৎ ୨ । ସ୍ୱୀକୃତ—2. Consent.
खैरियत

ଖୈରି ହାକୁଟି—ଦେ. ବି—ଖଇରି ହାକୁଟି ( ଦେଖ )
Khairi hākuṭi Khairi hākuti ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଖୈଲିକ—ସଂ. ବିଣ. ( ଖିଲ+ଇକ )—୧ । ଅଧିକା—
Khailika 1. Additional.
୨ । ଅତିରିକ୍ତ—
2. Supplementary; supernumerary.

ଖୋ—ପ୍ରାଦେ. ( ସମ୍ବଲପୁର ) ଅ. ( ସଂ. ଖଳୁ; ତୁଳ—ଗ୍ରା. କ୍ଷୁ )—
Kho ନିଶ୍ଚୟ; ହଁ—Certainly; yes.

ଖୋଇ—ବୈଦେ. ବି. ( ଫା. ଖୂ ) ( ମନ୍ଦାର୍ଥରେ ବ୍ୟବହୃତ )—
Khoi ୧ । ଅଭ୍ୟାସ—1. Habit.
বদঅভ্যাস ୨ । ପ୍ରକୃତି; ସ୍ୱଭାବ—2. Nature; disposition.
**खो, खू; टेव; खोय** ୩ । ବଦ୍‌ଅଭ୍ୟାସ—3. Bad habit.
ଗୁଲିବା ଶଗଡ଼େ ହାତ ଦେବା ଖୋଇ ଗଣ୍ଡକୁ ନାହିଁ ରେ ଭୁହି ।
ବାଳମଣି, ଚନ୍ଦ୍ରାଭଙ୍ଗିଣୀ ।

ଖୋଇଦେବା—ଗ୍ରା. ଦେ. କ୍ରି—୧ । ଶିଶୁ ବା ରୋଗୀଙ୍କ ପାଟିରେ ଖାଦ୍ୟ
Khoidebā ଦେବା—1. To feed an infant or sick
খাইএ দাওয়া person.
**खिलादेना** ୨ । ଗୋରୁମାନଙ୍କୁ ଫସଲ ଖାଇବା ପାଇଁ ଛାଡ଼ିଦେବା—
2. To let cattle feed on crops.

ଖୋଇପେଇ ମନୁଷ୍ୟ କରିବା—ଗ୍ରା. କ୍ରି—ଶିଶୁକୁ ଲାଳନ-ପାଳନ କରି
Khoipei manushya karibā ବଢ଼ାଇବା; ଖାଦ୍ୟାଦି ଦେଇ
খাইয়ে দাইয়ে মানুষকরা ପାଳି ଆଣିବା—To bring up a
**खिलापिलाकर बढ़ाना** child.

ଖୋଇବା—ଗ୍ରା. କ୍ରି. ( ସଂ. ଖାଦ ଧାତୁରୁ ଣିଚ୍; ଖାଇବା କ୍ରିୟାର ଣିଜନ୍ତ
Khoibā ରୂପ )—ଖୁଆଇବା ( ଦେଖ )
Khuāibā ( See )

ଖୋଇବା ପେଇବା—ଗ୍ରା. କ୍ରି. ( ସଂ. ଖାଦ ଓ ପା ଧାତୁରୁ ଣିଚ )—
Khoibā peibā ୧ । କୌଣସି ବ୍ୟକ୍ତିର ଖାଦ୍ୟପାନର ସବୁ
খাওয়ান দাওয়ান ପ୍ରକାରର ବ୍ୟବସ୍ଥା ବା ଉପାୟ କରିବା—
**खिलाना पिलाना** 1. To look after a person's eating and drinking.
୨ । ଅନ୍ୟ ବ୍ୟକ୍ତିକୁ ଭୋଜନ ଓ ପାନ କରାଇବା—
2. To cause another to eat and drink.

ଖୋଁଚ—ପ୍ରାଦେ. ( ବସ୍ତର ) ବିଣ. ( ତୁଳ. ହି. ଖୋଁଚ୍=କଣ୍ଟାଲାଗି
Khoñchā ଲୁଗା ଚିରିଯିବା )—ଚିରା ( ଲୁଗା )—
Torn ( cloth ).

ଖୋକଲି—ପ୍ରାଦେ. ( ବସ୍ତର ) ବି. ( ତୁଳ. ହି. ଖୋଁଖୀ=କାଶ )—
Khokali କାଶ—Cough.

ଖୋକା—ପ୍ରାଦେ. ( ବାଲେଶ୍ୱର, ମେଦିନୀପୁର ) ବି. ପୁଂ. (ବଙ୍ଗୀୟମାନଙ୍କ
Khokā ପ୍ରଭାବରେ ପ୍ରଭାବିତ ପରିବାରରେ ବ୍ୟବହୃତ ଗେହ୍ଲାଡାକ),
(ଖୋକୀ—ସ୍ତ୍ରୀ) ( ସଂ. ଖକ୍କ ଧାତୁ; କକ୍କ ଧାତୁ, କଖ ଧାତୁ=ହସିବା,
খোকা ସଂ. ଖୁ ଧାତୁ=ଶବ୍ଦ କରିବା )—୧ । କୋଳପୋଛ ପୁଅ;
**खोखा** ସ୍ତନନ୍ଧୟ ଶିଶୁ—1. (form of endearment ) Male-child; infant.
୨ । ପରିବାରର କର୍ତ୍ତାଙ୍କ ଶିଶୁପୁତ୍ରର ଗେହ୍ଲା ନାମ—
2. Pet name of the infant-son of the master of a house.

ଖୋଖୋ—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର ଓ ଗଡ଼ଜାତ; ନିରର୍ଥକ)
Khokho ଅ—ଓଡ଼ିଶା-ଗଡ଼ଜାତ, ବାଲେଶ୍ୱର ଓ ମେଦିନୀପୁର
ଅଞ୍ଚଳରେ ଶିବିକାବାହୀମାନଙ୍କର ଡାକ—
A singsong vociferation of the Palki-bearers in the Orissa agency tracts, Balasore and Midnapur.
ଦେ. ( ଧ୍ୱନ୍ୟନୁକରଣ ) ଅ—କୌଣସି ଫମ୍ପା ବା ଦଦରା ବସ୍ତୁକୁ
ଆଘାତ କଲେ ତହିଁରୁ ଉତ୍ପନ୍ନ ହେବା ଶବ୍ଦ—
The sound of hollow and broken things when struck.

ଖୋଜ୍—ବୈଦେ. ବି. ( ଅ. ଖୌଜ୍=ଅନ୍ୱେଷଣ; ତୁଳ. ସଂ. ଖୁଜ ଧାତୁ
Khoj =ଚୋରାଇବା; ସଂ. ଖଜ ଧାତୁ=ବିଲୋଡ଼ନ )—
খোঁজ; খোজ ୧ । ଅନ୍ୱେଷଣ—1. Search.
**खोज** ୨ । ଅନୁସନ୍ଧାନ—2. Investigation.
୩ । ହଜିବାଲୋକ ବା ବସ୍ତୁର ଅନୁସନ୍ଧାନ—
3. Inquiry after a missing thing or person.

ଖୋଜ୍ ଖବର୍—ବୈଦେ. ବି. ( ଆ. ଖୌଜ୍+ଖବ୍ର୍; ଏକାର୍ଥକ
Khoj khabar ସହଚର )—
খোঁজখবর ୧ । ଅନ୍ୱେଷଣ—1. Search.
**खोजखबर** ୨ । ସମ୍ବାଦ - 2. News.
୩ । ତତ୍ତ୍ୱ; ସନ୍ଧାନ—3. Inquiry; investigation.
୪ । ପତ୍ତା—4. Trace; clue.

ଖୋଜ୍ ଖବର୍ କରିବା—ଦେ. କ୍ରି—୧ । ଅନ୍ୱେଷଣ କରିବା—
Khoj khabar karibā 1. To search.
খোজখবর লওয়া ୨ । ସମ୍ବାଦ ନେବା; ତତ୍ତ୍ୱ ନେବା—
**खोजखबर लेना** 2 To make inquiries; to enquire after.

ଖୋଜ୍ ଖବର୍ ନେବା—ଦେ. କ୍ରି—ଖୋଜ୍ ଖବର୍ କରିବା ( ଦେଖ )
Khoj khabar nebā Khoj khabar karibā ( See )

ଖୋଜ—ଦେ. ବି. ( ଆ. ଖୌଜ୍=ଅନୁସନ୍ଧାନ; ପଦଚିହ୍ନକୁ ଦେଖି
Khoja ପ୍ରାଣୀର ପତ୍ତା ଲଗାଇବାର ଚେଷ୍ଟାରୁ ଏ ବ୍ୟବହାରର
পায়ের দাগ ଉତ୍ପତ୍ତି )—
**पैरका चिह्न, खोज** ୧ । ଜୀବ ଚାଲି ଯାଇଥିବା ବାଟରେ ଅଙ୍କିତ ପଦ-ଚିହ୍ନ—1. Foot-print; track.
ଗୋରୁଙ୍କ ଖୋଜ (୧) ଅନୁସରି, ବାଳକ୍ଷ ଗାଇ ନାମ ଧରି ।
ଜଗନ୍ନାଥ, ଭାଗବତ ।
୨ । ପାଦକ୍ଷେପ; ପାହୁଣ୍ଡ—2. Step.

ଖୋଜ (ଇତ୍ୟାଦି)—ଦେ. ବି—ଖୋଜ୍ ଇତ୍ୟାଦି ( ଦେଖ )
Khoja (etc) Khoj etc. ( See )

| ୧ | ଳ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | କ୍ଷ | ଶ,ଷ | ଜ୍ଞ | ଇଯ୍ | ଢ଼ଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୬ | ଇ | ଉ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଥ | ଢ଼ | ନ୍ |

**ଖୋଜତଲାସ**—ବୈଦେ. ବ. (ଆ.ଖୌଜ୍+ତଲାସ୍; ଏକାର୍ଥକ ସହଚର)—
Khojatalāsa ଅନୁସନ୍ଧାନ—Search.
খোঁজ তলাস
खोज तलास
ଗୃହ ଧରପଗଡ଼ ହେଲା; ଦୂର ବନ ପର୍ଯ୍ୟନ୍ତ ଖୋଜତଲାସ ହେଲା, ମାତ୍ର......କାହିଁ ଠିକଣା ମିଳଇ ନାହିଁ । ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖୋଜ ମାରିବା**—ଦେ. କ୍ରି—ନିଜର ପଦଚିହ୍ନକୁ ଲୋପ କରିବା; ଯେପରିକି କେହି ଖୋଜ ଠଉରାଇ ଅନୁସନ୍ଧାନ କରି ନ ପାରେ—
Khoja māribā
खोजमारना
To efface the traces of one's foot-prints so that no one can follow the track.

**ଖୋଜା**—ବୈଦେ. ବ. ( ଆ. ଖୌଜ୍=ଅନୁସନ୍ଧାନ )—
Khojā ୧ । ନଷ୍ଟ ବସ୍ତୁ ବା ଜୀବର ଅନୁସନ୍ଧାନ; ଅନ୍ୱେଷଣ—
খোঁজা, খুঁজা, খোজা 1. Search after a lost thing or animal.
खोज
୨ । ଚତୁର୍ଦ୍ଦିଗରେ ଏବଂ କ୍ରମାଗତ ଭାବରେ ଅନୁସରଣ;ସନ୍ଧାନ—
2. Lasting and vigorous search.
୩ । ( ଫା. ଖ୍ୱାଜା )—ନପୁଂସକ—Eunoch.
খোজা ୪ । ପୂର୍ବକାଳରେ ସୁଲତାନମାନଙ୍କ ଅନ୍ତଃପୁରର ସ୍ତ୍ରୀମାନଙ୍କୁ
खोजा ଜଗିବା ନିମନ୍ତେ ନିଯୁକ୍ତ ନଷ୍ଟପୁଂସ୍ତ୍ୱ ଭୃତ୍ୟ—
4. Castrated servants employed by Sultans to watch the harem; eunoch-slave.
୫ । ( ଫା. ଖୋଜା=ସମ୍ଭ୍ରାନ୍ତ ବ୍ୟକ୍ତି )—
ବମ୍ବେଇ ପ୍ରଦେଶ ଅଧିବାସୀ ମୁସଲ୍‌ମାନ୍‌ସମ୍ପ୍ରଦାୟବିଶେଷ—
5. A sect of Mohomedans chiefly residing in the Bombay-presidency.

**ଖୋଜାଇବା**—ଦେ. କ୍ରି. ( ଖୋଜିବାର ଣିଜନ୍ତ ରୂପ )—
Khojāibā ନଷ୍ଟ ବା ଚୂତ ଦ୍ରବ୍ୟକୁ ପାଇବା ପାଇଁ
খোঁজান, খোজান ଅନ୍ୱେଷଣ କରାଇବା—
खोजवाना, खोजाना To institute a search for a missing thing.

ଚୂତ ଯାଇଥିଲେ ଖୋଜାଇ ଦେବ,
ଘାଟ ଯାଇଥିଲେ ଗଢ଼ାଇ ଦେବ,
ଚିର ଯାଇଥିଲେ ସିଲାଇ ଦେବ;
ମୋ ଧନ ! କାହିଁକି ରୁଷିଛୁ ? ଶିଶୁରଞ୍ଜନ ପଦ୍ୟ ।

୨ । ବିବାହୋପଯୁକ୍ତ ପୁତ୍ରକନ୍ୟାଙ୍କ ପାଇଁ ପାତ୍ର ଅନୁସନ୍ଧାନ କରାଇବା—2. To make a search for a suitable bride or bridegroom for a marriagable boy or girl.
ଯିଏ ଅନୁରୂପ ବରକୁ ଖୋଜାଇଲେ । କୃଷ୍ଣସିଂ. ମହାଭାରତ. ବନ ।

**ଖୋଜା କରିବା**—ଦେ. କ୍ରି.—ଖୋଜିବା (ଦେଖ)
Khojā karibā Khojibā (See)
খোজকরা
खोजकरना
ସେ ଜନ୍ତୁ ମାଗ୍ନା ବନେ ବନ୍ତୁ,
ଖୋଜା ନ କର ମୋତେ ପନ୍ତୁ । ପ୍ରାଚୀ. ନର୍ମ୍ମଣମାହାତ୍ମ୍ୟ ।

**ଖୋଜାଖୋଜି**—ଦେ. ବ. (ନିରର୍ଥକ ସହଚର)—ଖୋଜା (ଦେଖ)
Khojākhoji Khojā (See)
খোঁজখুজি
खोजतलास

**ଖୋଜା ପଡ଼ିବା**—ଦେ. ବ.—କୌଣସି ପଦାର୍ଥ ବା ବ୍ୟକ୍ତିକୁ ପାଇବା
Khojā paṛibā ନିମନ୍ତେ ତୀବ୍ର ଅନୁସନ୍ଧାନ ଲାଗିବା—
খোজাপড়া Searching enquiry after a particular
खोजहोना thing or animal; persevering and eager searching after something.

**ଖୋଜା ଲାଗିବା**—ଦେ.ବ.—ଖୋଜା ପଡ଼ିବା (ଦେଖ)
Khojā lāgibā Khojā paṛibā (See)

**ଖୋଜାଲୋଡ଼ା**—ଦେ. ବ. (ସହଚର)—୧ । ଅନୁସନ୍ଧାନ ଏବଂ ଲୋଡ଼ିବା-
Khojāloṛā 1. Searching and wanting a thing or person.
খোজতলাস
खोजतलास ୨ । କୌଣସି ପ୍ରକାରର ତତ୍ତ୍ୱ ନେବା—2. Enquiry.

**ଖୋଜିଆ**—ଦେ. ବ.—ନଷ୍ଟ ପଦାର୍ଥକୁ ଅନୁସନ୍ଧାନ କରିବା ନିମନ୍ତେ
Khojiā ନିଯୁକ୍ତ ବ୍ୟକ୍ତି—Person engaged to search
खोजी, खोजक after lost things.
ଦେ. ବଣ.—(ଅନ୍ୟ ଜନ୍ତୁବାଚକ ଶବ୍ଦମାନଙ୍କ ସଙ୍ଗରେ ବ୍ୟବହୃତ ହେଲେ, ଯଥା—ଘୋଡ଼ାଖୋଜିଆ; ବାଘହାଖୋଜିଆ ଇତ୍ୟାଦି)
୧ । କୌଣସି ଜନ୍ତୁର ପଦତଳ ପରି ପଦତଳବିଶିଷ୍ଟ
1. Hoofed; having hoofs resembling those of a certain animal.
୨ । (କୌଣସି ଜନ୍ତୁର) ପଦଚିହ୍ନ ଆକୃତି ବିଶିଷ୍ଟ (ଯଥା ହାତୀ-ଖୋଜିଆ)—2. Resembling the foot-prints of a certain animal in shape.

**ଖୋଜି ଆଣିବା**—ଦେ. କ୍ରି.—କୌଣସି ନଷ୍ଟ ବସ୍ତୁକୁ ଅନ୍ୱେଷଣ କରି
Khoji ānibā ଅନୟନ କରିବା—To search after a thing and bring it.
খুঁজেআনা
खोजकरलाना

**ଖୋଜିଖାଜି**—ଦେ. ଅ. (ସହଚର) ଅନୁସନ୍ଧାନପୂର୍ବକ ସଂଗ୍ରହ କରି—
Khojikhāji Collecting after search.

**ଖୋଜିଦେବା**—ଦେ. କ୍ରି.—ଅନ୍ୟର କୌଣସି ହଜିଥିବା ବସ୍ତୁକୁ ଅନୁ-
Khojidebā ସନ୍ଧାନ କରି ତାହା ମିଳାଇ ଦେବା—
খুঁজেদেওয়া To cause a lost or missing thing to
खोजदेना be recovered after searching.

**ଖୋଜିନେବା**—ଦେ. କ୍ରି.—ହଜିଥିବା ବା ମିଳୁ ନ ଥିବା ବସ୍ତୁକୁ ନିଜେ
Khojinebā ଖୋଜି ପାଇବା—To recover or find out a lost thing after search.
খুঁজেদেওয়
खोजलेना

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ।

**ଖୋଜି ପାଇବା**—ଦେ. କ୍ରି.—ହଜିଥିବା ବସ୍ତୁକୁ ଖୋଜି କରି ପ୍ରାପ୍ତହେବା—
Khoji pāibā — To get a thing after search.
খুঁজে পাওয়া
खोजकर पाना

**ଖୋଜିବା**—ଦେ. କ୍ରି. (ଅ. ଖୌଜ୍=ଅନୁସନ୍ଧାନ; ଭୁଲ ସଂ. ଖୁଜ ଧାତୁ
Khojibā ଚୋରି କରିବା, ଓ ସଂ. ଖଜ ଧାତୁ=ବିଲୋଡ଼ନ କରିବା)—
খোঁজা ୧ । ଅନ୍ୱେଷଣ କରିବା—1. To search after.
खोजना ଅଙ୍ଗୁଳି ମାତ୍ର ସ୍ଥାନ ନ ଥିଲା ଖୋଜିବ—
(ଖୋଜାଇବା—ଣିଜନ୍ତ) କୃଷ୍ଣସିଂହ. ମହାଭାରତ. ବନ ।
୨ । ଅନୁସନ୍ଧାନ କରିବା—2. To enquire after.
ବୋଇଲେ ଖୋଜ ଯିଅ ପୁଅଁ ଇକ ମୋର—କୃଷ୍ଣସିଂହ. ମହାଭାରତ, ବନ ।
୩ । ବରପାତ୍ର ବା କନ୍ୟାପାତ୍ରର ସନ୍ଧାନ କରିବା—
3. To look after a suitable bride or bridegroom.
[ ଦ୍ର—ଏହି କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ନେବା, ପାଇବା ସମାପିକା କ୍ରିୟାମାନ ଯୁକ୍ତ ହୁଏ । ]

**ଖୋଜିଲୋଡ଼ି ଆଣିବା**—ଦେ. କ୍ରି ( ଏକାର୍ଥକ ସହଚର )—
Khojilordi āṇibā — ଖୋଜି ଆଣିବା ( ଦେଖ )—
Khoji āṇibā ( See )

**ଖୋଜେ**—ଦେ. ଅ—୧ । ଏକ ଖୋଜ ବା ପଦଣ୍ଡ ମାତ୍ର—
Khoje — 1. One step only.
( ଯଥା—ମୁଁ ଆଉ ଖୋଜେ ମାତ୍ର ଚାଲି ପାରୁ ନାହିଁ । )
୨ । ଖୋଜ ବା ପାଦକୁ ଯେତିକି ସ୍ଥାନ ସୀମାବଦ୍ଧ ହେବ ସେତିକି ସ୍ଥାନ—2. That much space as can be covered by one foot only.
ମଙ୍ଗରାଜେ ଚଉକୋଣ ମଧ୍ୟରେ କାହାରି ଖୋଖୋଜକୁ
ଖୋଜେ ଜମି ରଖିଲେ ନାହିଁ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଖୋଟ (ଧାତୁ)**—ସଂ—୧ । ଖୋଟେଇବା—
Khoṭa (root) — 1. To limp.
୨ । ଖୋଟା ହେବା—2. To be lame.

**ଖୋଟ**—ସଂ. ବଣ—( ଖୋଟ ଧାତୁ=ଖୋଟେଇ ଚାଲିବା+ଅ )—ଖଞ୍ଜ;
Khoṭa — ଲେଙ୍ଗଡ଼ା—Lame; limping.

**ଖୋଟା**—ଦେ. ବଣ (ସଂ. ଖୋଟ)—ଦୂଷିତ; ଦୋଷଯୁକ୍ତ—
Khoṭa — Defective.
खोटा

**ଖୋଟି**—ସଂ. ବି. ସ୍ତ୍ରୀ—୧ । ଚତୁର ସ୍ତ୍ରୀ—
Khoṭi — 1. Shrewd woman. (M. W.)
୨ । ଷଡ଼ଯନ୍ତ୍ରକାରିଣୀ ସ୍ତ୍ରୀ—
2. A scheming woman.

**ଖୋଟୀ**—ସଂ. ବି. ସ୍ତ୍ରୀ—୧ । ଖୋଟି ( ଦେଖ )—
Khoṭī — 1. Khoṭi ( See )
୨ । ବନ୍ୟ ବୃକ୍ଷବିଶେଷ—
2. Boswellia Thurifera (M. W.)

**ଖୋଟ୍ଟା**—ଦେ. ବଣ—(ସଂ. କୂଟ. ଭୁଲ-ହି. ଖୋଟା=ଦୁଷ୍ଟ)—
Khoṭṭā — ୧ । ହିନ୍ଦୁସ୍ଥାନୀ; ପଶ୍ଚିମା(ବ୍ୟକ୍ତି) 1. (a person) Belonging to Western India.
୨ । ବିହାରର ଶୂଦ୍ର-ଶ୍ରେଣୀର ଶ୍ରେଣୀସ୍ଥ (ଲୋକ)—
2. (a person) Of the Śūdra caste working as menial domestic servant in Behar.

**ଖୋଡ଼ (ଧାତୁ)**—ସଂ.—ଖୋଟେଇ ଚାଲିବା—
Khorḍa (root) — To limp.

**ଖୋଡ଼**—ସଂ. ବଣ (ଖୋଡ଼ ଧାତୁ=ଖୋଟେଇ ଚାଲିବା+କର୍ତ୍ତୃ. ଅ )—
Khorḍa — ଖୋଟ ( ଦେଖ )—
Khoṭa ( See )
ସଂ. ବଣ—୧ । ପଙ୍ଗୁ—1. Crippled; maimed.
୨ । କୁଷ୍ଠରୋଗ ଯୋଗୁଁ ପଙ୍ଗୁ—
2. Crippled by leprosy.
ସଂ. ବି—୧ । କୁଷ୍ଠରୋଗ—1. Leprosy.
ଖୋଡ଼ରୋଗ ବଣଜାଣ ପ୍ରାପତ ଅଙ୍ଗରେ—ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା।
୨ । କୁଷ୍ଠରୋଗଜନିତ ପଙ୍ଗୁତା—
2. Deprivation of limbs by leprosy.

**ଖୋଡ଼ପା**—ଗ୍ରା. ବି—ଖୋଲପା ( ଦେଖ )—
Khorḍapā — Kholapā ( See )

**ଖୋଡ଼ା**—ପ୍ରାଦେ (ଗଞ୍ଜାମ) ବି—ନିଆଁହୁଳା; ନିଆଁଖୁଣ୍ଟା—
Khorḍā — Torch; fire-brand.

**ଖୋଡ଼ିଆ**—ଦେ. ବଣ (ସଂ. ଖୋଡ଼)—କୁଷ୍ଠରୋଗୀ—
Khorḍiā — Leprous.
ଦେ. ବି—କୁଷ୍ଠରୋଗାକ୍ରାନ୍ତ ବ୍ୟକ୍ତି—A leper.

**ଖୋଡ଼ିଆଚଣା**—ପ୍ରାଦେ (ଗଡ଼ଜାତ) ବି (ଭୁଲ. ବ. ଖେଡ଼ୀ କଲାଇ)—
Khorḍiāchaṇā — ଖେସାରି ( ଦେଖ )
Khesāri ( See )
[ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବହୁତ ଦିନ ଖାଇଲେ ଲୋକେ ପଙ୍ଗୁ ବା ଖୋଡ଼ିଆ ହୋଇଯାଆନ୍ତି । ]

**ଖୋଣ୍ଟି**—ଦେ. ବି—ଖୁରଣ୍ଟା (ଦେଖ)
Khoṇṭi — Khuraṇṭā (See)

**ଖୋଦ୍**—ବୈଦେ. ଅ ( ପା. ଖୁଦ୍ )—ସ୍ୱୟଂ; ନିଜେ; ଆପେ—
খুদ — Oneself; own self; per self; in person.
खुद
ଗୋଟା ମିଆଁ ଓଇଫ୍ ସେକ୍ ହଲ୍‌ଦାର୍ ବର୍ତ୍ତମାନ ଖୋଦ୍ ମାଲିକ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
ବଣ—୧ । ସ୍ୱକୀୟ—1. Own; proper.
୨ । ବ୍ୟକ୍ତିଗତ—2. Personal.

**ଖୋଦ୍‌କାସ୍ତା**—ବୈଦେ. ବଣ—ଖୁଦ୍‌କାସ୍ତା (ଦେଖ)
Khodkāstā — Khudkāstā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଃ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ଲ୍ଲ |
| ୨ | ଈ | ଊ | ଌ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍‌ |

ଖୋଦ୍‌ଗରଜୀ—ବୈଦେ. ବିଣ.—(ଫା. ଖୁଦ୍ ଗରଜ୍)—ସ୍ୱାର୍ଥପର—
Khodgaraji Selfish.
খদগরজি ବୈଦେ. ବି (ଫା. ଖୁଦ୍‌ଗରଜୀ)—ସ୍ୱାର୍ଥପରତା—
खुदगरज़ि Selfishness.

ଖୋଦ୍‌ଡ଼ା—ପ୍ରାଦେ (ବଲାଙ୍ଗିର) ବି—ଗାତ; ଗର୍ତ୍ତ—
Khod-rā Pit.

ଖୋଦନ—ଦେ. ବି (ସଂ. ଖୋଦନ; ସଂ. ଖୁଦ ଧାତୁ=ଭେଦନ କରିବା)—
Khodana ପ୍ରସ୍ତରାଦିରେ ଖୋଳା ଯାଇଥିବା କାରୁକାର୍ଯ୍ୟ—
খোদান Engraving-work; carvings.
खोदना

ଖୋଦା—ବୈଦେ. ବି—ଖୁଦା (ଦେଖ)
Khodā Khudā (See)

ଖୋଦାଇ—ଦେ. ବିଣ (ସଂ. ଖୁଦ୍)—କାଠ, ପଥର ବା ଧାତୁରେ ଛୁଞ୍ଚ ବା
Khodāi ନଭରୁଣୀ ପରି ମୁନିଆଁ ଶସ୍ତ୍ରରେ ଖୋଳା ହୋଇଥିବା—
খোদাই Engraved on wood, stone or metal.
खोदाई

ଖୋଦାଇକାମ—ଦେ. ବି.—ପଥରଆଦିରେ ଛୁଞ୍ଚରେ ଖୋଳା ହେବା
Khodāikāma କର୍ମ—Engravings.
খোদাইকাজ
खोदाइकाम

ଖୋଦାଇବା—ଦେ. କ୍ରି—ଖୋଦିବାର ଣିଜନ୍ତରୂପ—
Khodāibā The causative form of Khodibā.
খোদান
खोदवाना

ଖୋଦାଖୋଦି—ଦେ. ବି ( ସଂ. ଖୋଦନ )—
Khodākhodi ନାନାପ୍ରକାର ଖୋଦନ କାର୍ଯ୍ୟ—
খোদাখোদি Many kinds of engraving-work.

ଖୋଦାବନ୍ଦ—ବୈଦେ. ବି—ଖୁଦାବନ୍ଦ (ଦେଖ)
Khodāband Khudāband (See)
খোদাবন্দ ଗୋବର୍ଦ୍ଧ ହାତଯୋଡ଼ି କହୁଲ, ଗୋଦାବନ୍ଦ୍ ।
खुदाबन्द ଫକୀରମୋହନ. ଛମାଣଆଠଗୁଣ୍ଠ ।

ଖୋଦିତ—ଦେ. ବିଣ (ସଂ. ଖୋଦିତ)—ଉତ୍କୀର୍ଣ୍ଣ; ଖୋଳା ହୋଇଥିବା
Khodita (କାରୁକାର୍ଯ୍ୟ)—Engraved; carved.
খোদিত
खोदाहुआ

ଖୋଦିବା—ଦେ. କ୍ରି (ସଂ. ଖୁଦ ଧାତୁ)—ପଥର, ଧାତୁ ଆଦି ଉପରେ
Khodibā ଅକ୍ଷର, ଚିତ୍ର ଆଦି ଖୋଳାଇବା—
খোদা To engrave; to inscribe; to carve.
खोदना

ଖୋପ୍—ପ୍ରାଦେ (ସମ୍ବଲପୁର) ବିଣର ବିଣ ଓ କ୍ରି. ବିଣ—
Khop ଖୁବ୍; ଅତ୍ୟନ୍ତ—Much; very; very much.

ଖୋପ—ଦେ. ବି (ସଂ. କ୍ଷୁପ)—
Khopa ୧ । କ୍ଷୁଦ୍ର କ୍ଷୁଦ୍ର କୋଠରି—1. Pigeon-hole; tiny
খোপ compartment.
ताखा, ताक ୨ । କ୍ଷୁଦ୍ର ଗାତ ବା ଗହ୍ୱର—2 Small hole or groove.
୩ । କାନ୍ଥରୁମ୍ବ—3. Niche; recess.

ଖୋପା—ଦେ. ବି—(ସଂ. କ୍ଷୁପ=ଚୂଡ଼ା; ଚୂଡ଼ାପରି ହୋଇଥିବାରୁ; କମ୍ପା; ଖର୍ପର=ଖପୁରି; ଖପୁରି ଉପରେ ବନ୍ଧା ହେବାରୁ—
Khopā
খোঁপা ଭୁଲ—ଇଂ. କୋଫ୍ୟୁର୍; ଭୁଲ—ପର୍ତ୍ତୁଗୀଜ୍. କୋଇଫା;
खोपा ଫ୍ରେଞ୍ଚ. କୋଫେ)—ଜୁଡ଼ା; ଖୋସା; ବନ୍ଧା ହୋଇଥିବା କେଶର ଗୁଚ୍ଛ; ଗଣ୍ଠି—A chignon; a fillet or tress of hair tied into a knot; coiffure.
[ଦ୍ର—ସ୍ତ୍ରୀଲୋକମାନଙ୍କର ଖୋପା ବାନ୍ଧିବାର ଅନେକ ପ୍ରକାର ରୀତି ଅଛି । ଯେଉଁମାନଙ୍କର ବେଶି ବାଳ ନ ଥାଏ, ସେମାନେ ନିଜ ବାଳ ଭିତରେ ଏଣ୍ଟୁ ଚେଣ୍ଟୁ ବାଳ ଓ କନା ଆଦି ପୂରାଇ, ଖୋପା ବଡ଼ ଦେଖାଯିବା ଭଳି ବାନ୍ଧନ୍ତି । ଡେଙ୍ଗା, ଶ୍ଳେଟଣୀ, ଏକପାଖିଆ, ଠିଆ, ଜାଉଁଳ, ସାଉଁଳ, ମନା, ଓଲଟ ଇତ୍ୟାଦି, ବେଣୀଆଁ, ଲେମ୍ବୁପତ୍ର, ବେଲପତ୍ର, କଦଳୀପତ୍ର, ବେକମୂଳରେ, କପାଳ ଉପରେ, କାନମୂଳରେ, ଡାହାଣ ପାଖରେ, ବାଆଁ ପାଖରେ ଏହିପରି ବହୁତ ପ୍ରକାରର ଓ ବଡ଼ ସାନ ବହୁତ ଆକାରର ଖୋପା ବନ୍ଧାଯାଏ ।]
ଦେ. ବିଣ. (ଅ. ଖପ୍ପା)—ଖପ୍ପା; କ୍ରୁଦ୍ଧ—Angry; enraged.

ଖୋପି—ଦେ. ବି—ଛୋଟ ଖୋପା—A small chignon.
Khopi

ଖୋବା—ଦେ.ବି—୧ । ବାଉଁଶ ବା କାଠର ଛୋଟ ଏବଂ ମୋଟ ଖିଲା—
Khobā 1. Short stout peg.
୨ । ଛୋଟ ବାଡ଼ିର ମୁଣ୍ଡି ଦ୍ୱାରା ଭୁସିବା—
2. Ramming with the thick end or butt of a cudgel.
୩ । ବାଡ଼ିରେ ପ୍ରହାର କରିବା—
3. Cudgelling; beating.
୪ । ଅବୁ—4. Protuberance.
୫ । କୋବା (ଦେଖ)—5. Kobā (See)
୬ । ଠେଙ୍ଗଣି—6. Cudgel.

ଖୋବାଇବା—ଦେ. କ୍ରି—ଖୋବିବାର ଣିଜନ୍ତ ରୂପ—
Khobāibā The causative form of Khobibā.
ঠাসান
ठुंसाना

ଖୋବା ଖୋବା—ଦେ. ବିଣ—୧ । ଉଚ୍ଚ ନୀଚ; ଅବୁଅବୁଆ; ଅବୁଡ଼ା, ଖାବୁଡ଼ା—1. Undulating; abounding
Khobā khobā
আবুড়া খাবুড়া with projecting peg-like things; full
खाबड़खुबड़ of protuberances.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**ଖୋବାନି**—ବୈଦେ. ବି (ପାଂ. ଖୁବାନି)—ଖୁବାନି (ଦେଖ)
Khobāni — Khubāni (See)

**ଖୋବାଳି**—ଗ୍ରା. ବିଣ (ସ୍ତ୍ରୀ ଲୋକମାନଙ୍କ ପ୍ରତି ପ୍ରଯୁକ୍ତ ମନ୍ଦାର୍ଥକ ଗାଳି ବିଶେଷ)—ଛିଣ୍ଡାଳ; କାମାତୁରା—
Khobāḷa — (A term of abuse applied to females) — Libidinous; adulterous.

**ଖୋବି**—ଦେ. ବି—ଖୋଇ (ଦେଖ)
Khobi — Khoi (See)

**ଖୋବିବା**—ଦେ. କ୍ରି (ସ. କ୍ଷୁଭ ଧାତୁ ଜାତ ଖୋଭୃସ୍ଥିତ; ଭୁଲ. ପ୍ରା-ଖୋବେଈ)—
Khobibā
ଠାସ୍ନା
ठाँसना
୧ । ଠେଙ୍ଗାର ମୁଣ୍ଡିରେ କେଞ୍ଚ ପ୍ରହାର କରିବା—1. To ram or poke with the thick end of a cudgel.
୨ । ବିଶେଷ ପ୍ରହାର କରିବା—2. To give a sound cudgelling.
୩ । ଠେଙ୍ଗେଣି ବଳ ହାତିଆରମୁଣ୍ଡିରେ ପୁନଃପୁନଃ ଆଘାତ କରିବା—3. To give lusty strokes with a short stout weapon.
୪ । ( ଅଶ୍ଳୀଳାର୍ଥ ) ସ୍ତ୍ରୀସଙ୍ଗମ କରିବା—4. (slang) To cohabit a woman.

**ଖୋବେଇବା**—ଗ୍ରା. କ୍ରି—୧ । (ଅଶ୍ଳୀଳ)—
Khobeibā
ଠାସାନା
ठुँसाना
( ସ୍ତ୍ରୀ ପକ୍ଷେ ) ପୁରୁଷଦ୍ୱାରା ଆପଣାର କାମପ୍ରବୃତ୍ତି ଚରିତାର୍ଥ କରିବା—( said of females ) To have one's lust satiated by cohabiting a male.
୨ । ଖୋବାଇବା (ଦେଖ)—2. Khobāibā (See)

**ଖୋବେଇ ହେବା**—ଗ୍ରା. କ୍ରି (ଅଶ୍ଳୀଳ)—ଖୋବେଇବା ୧ (ଦେଖ)
Khobei hebā — Khobeibā 1. (See)

**ଖୋବେଈ**—ଗ୍ରା. ବିଣ. ସ୍ତ୍ରୀ—ଛିଣ୍ଡାଳ; ବେଧୋଇ; କାମୁକୀ; ବୃଷସ୍ୟନ୍ତୀ—
Khobeī — Lustful or adulterous (woman);(a woman) addicted to sensual pleasures.

**ଖୋର୍ (ଧାତୁ)**—ସ—ଖୋଟ (ଧାତୁ) ( ଦେଖ )
Khor (root) — Khoṭa (root) ( See )

**ଖୋର୍**—ବୈଦେ. (ଫା) ବିଣ. ପ୍ରତ୍ୟୟ. ( ଅନ୍ୟ ବିଶେଷ୍ୟ ଶବ୍ଦ ସଙ୍ଗେ ଲାଗିଲେ )—ଅସଲ୍ଲ; ଅଭ୍ୟସ୍ତ ( ଯଥା—ସୁଦଖୋର୍, ଲଞ୍ଚଖୋର୍, ଘୁସ୍‌ଖୋର୍ ଇତ୍ୟାଦି )—
Khor
খোর
ख़ोर
An adjectival suffix denoting one who eats ( when added to the name of a thing ).

**ଖୋର୍ଟା**—ଦେ. ବିଣ—ଖୋଟ୍ଟା ( ଦେଖ )
Khor-ṭā — Khoṭṭā ( See )

**ଖୋର୍ଟା** ଦେ. ବି—ଖୁରଣ୍ଟା ( ଦେଖ )
খোর্টা
Khuraṇṭā ( See )

**ଖୋର୍‌ଦକ୍**—ବୈଦେ. ବି. (ଅ)—ଏକ ପ୍ରକାର ନାଗରା—
Khor-dak — A kind of kettle-drum.

**ଖୋର୍‌ପୋଷ୍**—ବୈଦେ. ବି. ( ଅ ଓ ଫ )—
Khor-posh — ଖୋରାକ ପୋଷାକ ( ଦେଖ )
খোরপোষ — Khorāka poshāka ( See )
खोरपोष

**ଖୋର**—ସ. ବିଣ—ଖୋଟ ( ଦେଖ )
Khora — Khoṭa ( See )

**ଖୋରଠା**—ଦେ. ବିଣ—ଖୋଟ୍ଟା ( ଦେଖ )
Khoraṭhā — Khoṭṭā ( See )

**ଖୋରଠା ବୋଲି**—ଦେ. ବି—ହିନ୍ଦୀ ଭାଷା—
Khoraṭhā boli — The Hindi language.

ସଂସ୍କୃତ ପରକୃତ ଖୋରଠା ବୋଲି
ନାନା ଭାଷାରେ ଗୀତ କବିତା କଲି । ବ୍ରଜନାଥ- ସମରତରଙ୍ଗ ।

**ଖୋରଣୀ**—ଦେ. ବିଣ. ସ୍ତ୍ରୀ—କଳହପ୍ରିୟା—
Khoraṇī — Quarrelsome ( woman ).
( ଖୋରଣୀପଣ—ବି )

**ଖୋରଦା**—ଦେ. ବି. ( ନାମ )—ଖୋରଧା ( ଦେଖ )
Khoradā — Khoradhā ( See )

**ଖୋରଧା**—ଦେ. ବି. ( ନାମ ) (ଭା. ଖୋରଦା=ପାର୍ବତ୍ୟ ପ୍ରଦେଶ)—
Khoradhā — ପୁରୀଜିଲ୍ଲାର ଗୋଟିଏ ସବ୍‌ଡିଭିଜନ୍ ଓ ସହର୍—Name of a subdivision and a town in the district of Purī.

[ ଦ୍ର—ଏହା ପୂର୍ବେ ଓଡ଼ିଶା ରାଜାଙ୍କ ଅଧୀନ ଥିଲା । ଗଭର୍ଣ୍ଣମେଣ୍ଟ ଏହାକୁ ଖାସ୍‌ଦଖଲ କରି, ପୁରୀରାଜାଙ୍କୁ ଏଥିପାଇଁ ପେନ୍‌ସନ୍ ଦଅନ୍ତି । ଏଠାରେ ଗୋଟିଏ ହାଇସ୍କୁଲ୍, ଥାନା ଓ ଗଭର୍ଣ୍ଣମେଣ୍ଟଙ୍କ ଖାସ୍‌ମାହାଲ୍ କଚେରୀ ଅଛି । ଏହାର ଅଳ୍ପ ଦୂରରେ 'ଅଟ୍ରି' ଗ୍ରାମରେ ଗୋଟିଏ ଉଷ୍ଣପ୍ରସ୍ରବଣ ଅଛି ଓ ଏ ସହରର କିଛି ଦୂରରେ କାଇପଦର ଗ୍ରାମରେ ବୁଖାରୀସାହେବ୍ ନାମକ ପୀରଙ୍କର ଆସ୍ଥାନ ଅଛି । ]

**ଖୋରଧା ରୋଡ୍**—ଦେ. ବି. (ନାମ)—ବେଙ୍ଗଲ୍ ନାଗପୁର ରେଲ୍‌ୱେର
Khoradhā rorḍ — ଅସଲ ଲାଇନ୍‌ରୁ ପୁରୀଶାଖା ବାହାରିଥିବା ଜଙ୍କ୍‌ସନ୍ ( ଏହାର ଅନ୍ୟ ନାମ ଯଟଣୀ )—A junction of the B. N. Ry. for the Puri line; Jatni.

**ଖୋରା**—ଦେ. ବି. ( ସ. କ୍ଷୁର; ଖୁର )—
Khorā
খুরা
खुर
খোরা
खोरा
୧ । ଖୁରା—1. Hoof.
୨ । ଖଟର ଗୋଡ଼—2. Bed-post.
୩ । ( ସ. ଖୋଲକ; ଅର୍. ଖୋରା )—ପାନପାତ୍ରବିଶେଷ; ଗିଲାସ୍—3. A drinking vessel; a glass.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନାସିକ ଯୁକ୍ତାକ୍ଷର | ଯ | ଜ | ଶ,ସ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସଂ | ଗଁ୍ୟ | ଇଅ | ୱ | ନ୍ତ |

**ଖୋରାକ୍**—ବୈଦେ. ବି. (ଆ. ଖୁରାକ୍)—୧ । ଖାଦ୍ୟ—
Khorāk — 1. Food.
খোরাক ୨ । ଭୃତ୍ୟାଦିଙ୍କୁ ଖାଦ୍ୟନିମନ୍ତେ ପ୍ରଦତ୍ତ ଅର୍ଥ—
**ख़ुराक, खोराक** 2. Allowance granted to a servant for meals.
୩ । ଭୋଜନ—3. Eating.
୪ । ଖାଦ୍ୟପାନୀୟ ବା ଔଷଧର ଏକ ପାନ—
4. One doze or measure of food, drink or medicine.
୫ । ଥରେ ଭୋଜନ କରିବା ପରିମିତ ଦ୍ରବ୍ୟ—
5. Quantity of food sufficient for one meal.
ଦେ. ବିଣ.—ଖାଦ୍ୟ ଉପଯୋଗୀ—
Fit for being eaten; edible.

**ଖୋରାକ୍ ପୋଷାକ୍**—ବୈଦେ.ବି. (ଆ. ଓ ଫା.)—୧ । ଗ୍ରାସାଚ୍ଛାଦନ—
Khorāk poshāk — 1. Food and raiment.
খোরাক পোষাক ୨ । ଲାଳନପାଳନ—
**ख़ुराक पोषाक** 2. Maintenance.
୩ । ଗ୍ରାସାଚ୍ଛାଦନ ନିମନ୍ତେ ପ୍ରଦତ୍ତ ଧନ—
3. Allowance for one's maintenance; subsistence-money.

**ଖୋରାକମ**—ଦେ. ବି.—ପାନପାତ୍ରବିଶେଷ—
Khorākama — Drinking glass.

**ଖୋରାକି**—ଦେ. ବି—୧ । ଖୋରାକ୍ ( ଦେଖ )—
Khorāki — Khorāk ( See )
খোরকী ୨ । ଭୃତ୍ୟଙ୍କ ଅନ୍ନ ଖାଦ୍ୟଦ୍ରବ୍ୟ ବଦଳରେ ଦିଆଯିବା ଧନ—
**ख़ुराकी, खोराकी** 2. Money given to servants in lieu of food.
ଦେ. ବିଣ—୧ । ଖୋରାକ୍ ( ଦେଖ )—
1. Khorāk ( See )
ବଙ୍ଗଳା ଦେଶର ପ୍ରାୟ ଅର୍ଦ୍ଧାଂଶ ଚାଷା ଲୋକଙ୍କ ଖୋରାକି ଲୁଣ ବାଲେଶ୍ୱର ଜାହାଜ ବହନ କରୁଥିଲା । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ଖୁବ୍ ଖାଇପାରିବା (ବ୍ୟକ୍ତି)—
2. (a person) Who can eat much.

**ଖୋରାକି ପୋଷାକି**—ବୈଦେ. ବି (ଆ. ଖୁରାକ୍ ପୋଷାକ୍)—
Khorāki poshāki — ଖୋରାକ୍ ପୋଷାକ୍ (ଦେଖ)—
Khorāk poshāk (See)

**ଖୋରାସାନ୍**—ଦେ. ବି ( ନାମ )—ପାରସ୍ୟର ପୂର୍ବପ୍ରାନ୍ତରେ ଥିବା ପ୍ରଦେଶ ବିଶେଷ—
Khorāsān
খোরাসান — A province in the east of Persia.
**ख़ुरासान**

**ଖୋରାସାନି**—ବୈଦେ. ବିଣ—ପାରସ୍ୟଦେଶସ୍ଥ ଖୋରାସାନ୍ ନାମକ ଅଞ୍ଚଳରେ ଉତ୍ପନ୍ନ ବା ସେଠାରୁ ଆନୀତ—
Khorāsāni
খোরাসানী — Produced in or brought from
**ख़ुरासानी** — Khorāsān, a province of Persia.

**ଖୋରାସାନି ଜୁଆଣି**—ଦେ.ବି (ଖୋରାସାନ୍ ଦେଶୀୟ ଜମାନୀ)—ଜୁଆଣିପର ଏକପ୍ରକାର ବିଷାକ୍ତ ଫଳ (ଏ ଗଛ ପଞ୍ଜାବ, ଭାରତ ଓ ହିମାଳୟରେ ଜନ୍ମେ ।)—
Khorāsāni juāni
খোরাসানী জোয়ান;বাঙ্গুল
**ख़ुरासानी अज्वान** — A Himalayan plant producing
**केहिमाङ्ग; बाङ्गुल** — a poisonous seed.
[ଦ୍ର—୧ । ପଶ୍ଚିମ-ହିମାଳୟରେ ଜନ୍ମିବା ଗଛ—
1. Hyoscyamus Niger.
୨ । ପଶ୍ଚିମ-ଭାରତରେ ଜନ୍ମିବା ଗଛ—
2. Hyoscyamus Pusillus.
୩ । ପଶ୍ଚିମ-ପଞ୍ଜାବ, ସିନ୍ଧୁ ଓ ବେଲୁଚିସ୍ଥାନରେ ଜନ୍ମିବା ଗଛ—
3. Hyoscyamus Muticus or Insanus.]

**ଖୋରି**—ଦେ. ବି—ଖୁରି ୧ (ଦେଖ)
Khori — Khuri. 1 (See)
ବୈଦେ. ପ୍ରତ୍ୟୟ. ବି—(ଲାଞ୍ଚ ଆଦି) ଖାଇବାର ଅଭ୍ୟାସ—
Habit of being given to (e.g. bribery).
( ଯଥା —ଲାଞ୍ଚଖୋରି; ଗୁଲଖୋରି । )

**ଖୋରିୟା**—ଦେ. ବି—ବନ୍ୟ ଶିମ୍ବଜାତିବିଶେଷ—
Khoriyā — Lablab Vulgaris; a kind of wild bean.
ବୈଦେ. ବିଣ—ଖୋର୍ (ଦେଖ)
Khor (See)

**ଖୋଲ୍**—ପ୍ରାଦେ (ସମ୍ବଲପୁର) ବି—ଖୋଲ (ଦେଖ)
Khol — Khoḷa (See)

**ଖୋଲ୍ (ଧାତୁ)**—ସଂ.—ଖୋଟ (ଧାତୁ) (ଦେଖ)
Khoḷ (root) — Khoṭa (root) (See)

**ଖୋଲ**—ଦେ. ବି (ସଂ. ଖଣ୍ଡ)—୧ । ଗହ୍ୱର; ଗର୍ତ୍ତର ଅଂଶ—
Khola — 1. Hole.
ফাটল ପ୍ରଭୁ ଲୋକନାଥ ଅଧିଷ୍ଠିତ ଶୁଭ୍ର ବାଲୁକାପାଦରୀ ଖୋଲେ—ରାଧାନାଥ. ପାର୍ବତୀ ।
**खोह, खोखला**
୨ । ଗୁମ୍ଫା; ଗହ୍ୱର—2. Cave; chasm.
ଗିରିଖୋଲ, ନାସି, କାନ୍ତାର, କନ୍ଦର—ରାଧାନାଥ. ଚିଲିକା ।
୩ । ବଢ଼େଇ ବା ପଥୁରିଆଙ୍କ ଗୋଲଧାରୁଆ ବଟାଳି ବା ଚଢ଼ାଣ; ଗୋଲବଟାଳି—
3. Circular-edged chisel for engraving wood or stone.
୪ । ପର୍ବତର ଗଭା—4. The hollow or declivity between two mountains.
୫ । କୋଢ଼ାଗାତ; ଜଙ୍ଘ ଓ ତଳପେଟର ସନ୍ଧି—5. Groin.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଖୋଳ**—ସଂ. ବି. ( ସଂ. ଖୁ ଧାତୁ+ଲ )—
Khola ୧ । ପଦାର୍ଥର ବାହ୍ୟ ଆବରଣ; ଘୋଡ଼ଣୀ—
1. Outer cover or a case of a thing.
୨ । ବକ୍କଳ; ଗଛର ଚୋପା ବା ଛାଲ ବା ଖୋଳପା—
2. Bark or rind of a tree.
୩ । ଶେଯ ଓ ତକିଆ ବା ମାଣ୍ଡିର ବହିରାବରଣ; ଗିଲାପ—
3. The covering or case for a quilt or pillow.
୪ । ମୃଦଙ୍ଗ ବାଦ୍ୟ—4. A longish drum covered with skin on both sides.
୫ । ଫଳର ଖୋଳପା—5. Shell of a fruit.
୬ । ବାଉଁଶ; କଦଳୀ ଓ ବାଉଁଶଆଦି ଗଛର ଉପପତ୍ର ବା ଖୋଳପା—6. Stipule; bract.
୭ । ସାପ ଓ ଅନ୍ୟାନ୍ୟ କୀଟଙ୍କ ଦେହର ଉପରେ ଥିବା ଟାଣୁଆ ଆବରଣ, ଯାହାକି ସମୟେ ସମୟେ ସେମାନେ ଛାଡ଼ନ୍ତି—(ହି. ଶବ୍ଦସାଗର)—
7. Hard skin of serpents and some insects which is cast off at particular seasons.
୮ । ମୋଟ ଚଦର ( ହି. ଶବ୍ଦସାଗର)—
8. Coarse sheet.
ପ୍ରାଦେ. (ବାଲେଶ୍ୱର) ବି. ( ଜାହାଜିଆ ଶବ୍ଦ)—ଜାହାଜ ଭିତରେ ମାଲ ରହିବାର ଜାଗା; ନୌକାଦିର ଗର୍ଭ—
The hold of a ship.

ସେ ଜାହାଜ ଗୁପଦାର ଆଉ ଖୋଳ ଭିତରୁ ଅଡାଳ-ଭିଡିକୋଠରୁ
ବାହାରେ ଗପ୍ ଗପ୍ କରି ଅମ ଜାହାଜକୁ ଡେଇଁ ପଡ଼ିଲେ—ଫକୀରମୋହନ- ଗଳ୍ପସ୍ୱଳ୍ପ ।

**ଖୋଳକ**—ସଂ. ବି. ( ଖୋଳ+କ)—୧ । ମୁକୁଟ; ଟୋପି—
Kholaka 1. Helmet; hat.
୨ । ବଲ୍ମୀକ—2. Ant-hill.
୩ । ଗୁଆଆଦି ଫଳର ଚୋପା—
3. The shell of betel-nut and other fruits.
୪ । କରେଇ—4. Sauce pan.
୫ । ହାଣ୍ଡି; ପାତ୍ର—5. Pot.
୬ । ମୃଦଙ୍ଗ—6. A kind of drum.
୭ । ଆବରକ ବସ୍ତ୍ର; ତକିଆଆଦିର ଖୋଳ—
7. Outer cover or case made of cloth.

**ଖୋଳ କରତାଳ**—ଦେ. ବି (ସହଚର ଶବ୍ଦଦ୍ୱୟ)—ଚୈତନ୍ୟଙ୍କ ପ୍ରବର୍ତ୍ତିତ
Khola karatala ନାମସଂକୀର୍ତ୍ତନର ଦୁଇଟି ବାଦ୍ୟଯନ୍ତ୍ର, ମୃଦଙ୍ଗ ଓ
খোলকত্তাল ଝାଞ୍ଜ—Drum and cymbals, the two
तालमृदङ्ग concomitants of Samkirttana.

**ଖୋଳଟା**—ଦେ. ବି—ଖୁରଣ୍ଟା ( ଦେଖ )
Kholata Khuranta ( See )

**ଖୋଳଣ୍ଟି**—ଦେ. ବି—ଖୁରଣ୍ଟି ( ଦେଖ )
Kholati Khuranti ( See )

**ଖୋଳତା**—ଦେ. ବି. ( ସଂ. ଖୋଳକ )—
Kholata ମସ୍ତକର ପଗଡ଼ି; ଟୋପି—Turban; cap.
পাগড়ী
पगड़ी
खरीता ବୈଦେ. ବି. ( ଫା. ଖରୀତା )—ଥଳିଆ; କାଗଜର ଲମ୍ବା ମୁଣି—Big envelope.

**ଖୋଳତାଡ଼**—ଦେ. ବି—୧ । ଖୋଳିବା ଓ ତାଡ଼ିବା; ଗୁରୁଆଡ଼ ଖୋଳ
Kholatarda ତାଡ଼ି କୌଣସି ପଦାର୍ଥକୁ ଖୋଜିବା—
তোলপাড় 1. A searching or vigorous enquiry;
हालाडोला; हलचल a thorough and sifting enquiry.
୨ । ଗୁରୁତର ଆନ୍ଦୋଳନ—2. Serious agitation.

**ଖୋଳ ପର୍ବତ ମାର ମୂଷା**—ଦେ. ପ୍ରବଚନ—ମୂଷାକୁ ମାରିବା ନିମନ୍ତେ
Khola parbata mara musha ପର୍ବତକୁ ଖୋଳିବା ନ୍ୟାୟ—
To dig through a mountain to kill a mouse hidden in it.
[ ଦ୍ର—ବହୁ ପରିଶ୍ରମ କରି ଅଳ୍ପ ବା ଅକିଞ୍ଚିତ୍କର ଫଳ ପାଇବା ସ୍ଥଳରେ ଏ ପ୍ରବଚନ ପ୍ରଯୁକ୍ତ ହୁଏ । ]

**ଖୋଳପା**—ଦେ. ବି. ( ସଂ. ଖୋଳ )—୧ । ଉପରସ୍ଥ ଆବରଣ; ଛାଲ—
Kholapa 1. Outer covering.
খোলা ୨ । ବକଳ—2. Bark.
खाल ୩ । ଶୁଖିଯିବା ଘା ବା ବସନ୍ତରୁ ଛାଡ଼ି ପଡ଼ିବା ଚୋପା ବା ମଲ୍ଲ ଚମ; ବଳ୍କଳ—
3. The skin or slough falling off a recovered sore or small-pox.
୪ । ଗୁଆଗଛ; ବାଉଁଶ, କଦଳୀଗଛଆଦିର ମୂଳକୁ ପ୍ରଥମେ ଆବୃତ କରି ରଖିଥିବା ଆବରଣ ବା ଉପପତ୍ର—
4. Stepule or bract.
খোলস ୫ । ସାପ ଦେହରୁ ଛାଡ଼ିଥିବା ଚୋପା—
5. Slough of a serpent.

**ଖୋଳପୂଜା**—ଦେ. ବି—ସଂକୀର୍ତ୍ତନ ଶେଷରେ ସଂକୀର୍ତ୍ତନର ଉପକରଣ
Kholapuja ମୃଦଙ୍ଗ ଓ ଝାଞ୍ଜକୁ ଫୁଲ, ନୈବେଦ୍ୟଆଦି ଦେଇ କରାଯିବା ପୂଜା—Worshipping the drum and cymbals after Samkirttana.

**ଖୋଲପୋଲ**—ଦେ. ବି. ( ଏକାର୍ଥକ ସହଚର )—ଫାଙ୍କ—
Kholapola Chinks

ଖୋଲପୋଲ ନାହିଁ କବାଟ ତାଙ୍କ ଦାଏ—
ପ୍ରାଚୀ. ବୃନ୍ଦାବନଭ୍ରମଣଗୀତା ।

**ଖୋଲବଟାଳି**—ଦେ. ବି—ଗୋଲ କଣା କରିବା ପାଇଁ ବୃତ୍ତାଗ୍ର ବଟାଳି—
Kholabatali Round-headed chisel.
খোলবাটালি
खोलिया

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ‿ | ଜ | ଶ,ଷ | କ୍ଷ | ଇୟ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ● | ନ୍ଥ |

**ଖୋଲରି**—ଦେ. ବି. ( ସଂ. ଖୋଲକ )— ମସ୍ତକର ପଗଡ଼ି; ଟୋପି—
Kholari Turban; cap.

**ଖୋଲସ**—ପ୍ରାଦେ. ( ମେଦନୀପୁର; ମୂଳ—ବ. ଖୋଲସ ) ବି. ( ସଂ. ଖୋଲକ )— ସାପଛାଡ଼—
Kholasa The slough of a serpent.

**ଖୋଲସା**—ପ୍ରାଦେ. ( ଗଞ୍ଜାମ ) ବି—ଖୋବା; ଖିଲା (ଏହାକୁ ବାଡ଼ରେ ପୋତନ୍ତି)—Short stout pegs ( used in fences ).
Kholasā

ଦେ. ବି ଓ ବିଣ—ଖୋଲସା ( ଦେଖ )
Kholāsā ( See )

ସବୁ ଖୋଲସା କରି କହିଦେବା ଉଚିତ।
ଫକୀରମୋହନ• ଛମାଣଆଠଗୁଣ୍ଠ।

**ଖୋଲା**—ଦେ. ବି. ( ସଂ. ଖନ ଧାତୁ )—
Kholā ୧। ଖନନ; ଖୋଲିବାକାର୍ଯ୍ୟ—
খোঁড়া 1. Digging.
খোদনা

ଏ ସକାଶେଁ ପ୍ରାଣୀଏ ପକାଇଲେ ଉଚ୍ଚ
ଯେତେକ ସେମାନେ ନ ଗଲେ ଖୋଳା ଲଚ୍ଚ।
କୃଷ୍ଣସିଂହ ମହାଭାରତ. ବନ।

୨। ଖୋଲ ୧ ( ଦେଖ )
2. Khola. 1 ( See )

ଉତ୍ତର ଖୋଲା ଉପରେ ଛବଣୀ ବଢ଼ଇ।
ପ୍ରାଚୀ. ବୃନ୍ଦାବନଚନ୍ଦ୍ରଗୀତା।

ଦେ. ବିଣ—୧। ଖନିତ—1. Dug.
୨। ଖୋଦିତ—2. Engraved.

**ଖୋଲା**—ବୈଦେ. ବିଣ. ( ଅ; ଖୁଲା )—
Kholā ୧। ଅନାବୃତ—1. Open; bare.
খুলা ୨। ଉନ୍ମୁକ୍ତ—2. Uncovered.
खुला ୩। ବନ୍ଧନରୁ ମୁକ୍ତ—3. Unloosed; freed.
୪। ସହଜ—4. Easy.
୫। ଯେ ଅପ୍ରିୟ ସତ୍ୟ କହି ପକାଏ—
5. Plain-spoken.
୬। ସରଳ; ଅକପଟ—6. Sincere.
୭। ଅବରୋଧରହିତ—7. Unobstructed.
୮। ସ୍ପଷ୍ଟ; ପ୍ରକଟିତ; ପ୍ରକାଶିତ—
8. Not concealed or hidden; open to the view.

ଦେ. ବି—(ସଂ. ଖୋଲକ)—୧। ମାଟିର ସାନ କୁଡ଼ୁଆ—
খোলা 1. Small earthen pot.
୨। କୋଳି; ଲେମ୍ବୁ ଆଦି ଫଳର ଚଲୁଡ଼ା—
2. A pod or seed-vessel of oranges etc.
୩। ଖୋଲ ( ଦେଖ )
3. Khola ( See )

୪। ଗୁଡ଼ିଏ ଚାଲସଜ ରଖିବା ବା ବନ୍ଧୁ ଦୂରକୁ ନେବା ପାଇଁ ତାଳପତ୍ରର ମୃଦଙ୍ଗାକାର ମୁଣି—
4. An improvised basket prepared by tying the ends of the fan-shaped palm-leaf with a wallet.

**ଖୋଲାଇବା**—ଦେ. କ୍ରି—ଖୋଲିବାର ଣିଜନ୍ତ ରୂପ—
Kholāibā The causative form of Kholibā.

**ଖୋଳାଇବା**—ଦେ. କ୍ରି—ଖୋଳିବାର ଣିଜନ୍ତ ରୂପ—
Kholāibā The causative form of Kholibā.
খোঁড়ান
खोदाना

**ଖୋଳାଇ ହେବା**—ଦେ. କ୍ରି—ଦୋଷ ପ୍ରକାଶର ଚେଷ୍ଟା କରିବା—
Kholāi hebā To make repeated efforts to speak out one's own faults.

**ଖୋଳାଖୋଳି**—ଦେ. ବି—୧। ଖୋଳିବାର କର୍ମମାନ—
Kholākholi 1. Acts of kholibā.
୨। ପରସ୍ପର ଛିଦ୍ର ଲୁହାକୋହି ହେବା—
2. Mutual recriminations consisting of exposing each other's faults or family-secrets.

ଦେ. ବିଣ—ପରସ୍ପର ଛିଦ୍ର ଲୁହାକୋହି ହେଉଥିବା—
Exposing each other's faults or family-secrets.

ଦେ. କ୍ରି. ବିଣ—ସ୍ପଷ୍ଟ ଓ ସରଳ ରୂପେ—
Frankly and plainly.

**ଖୋଲାଖୋଲି**—ଦେ. ବି.—୧। ଅକପଟ ବା ସରଳ ବ୍ୟବହାର ବା କଥାଭାଷା—1. Frank talk and conduct.
Kholākholi
খুলাখুলি ୨। ଖୋଲିବାର କର୍ମମାନ—
खुल्लमखुल्ला 2. Acts of opening.

ଦେ. ବିଣ.—ସ୍ପଷ୍ଟ ଓ ସରଳ (ବାକ୍ୟ)—
Plain and frank (words).

**ଖୋଲା ଘର**—ଦେ. ବି. (ବଙ୍ଗଳାରୁ ଅନୁକୃତ)—ଖପରିଲ ଘର—
Kholā ghara A tile-roofed house; a house thatched with potsherds.
খোলাঘর
खपरैल

**ଖୋଲା ପତ୍ର**—ଦେ. ବି.—ସ୍ୱତନ୍ତ୍ର ପୃଷ୍ଠା; ଏକତ୍ର ସିଲାଇ ବା ବନ୍ଧା ନ ହୋଇଥିବା ଗ୍ରନ୍ଥ—Printed books consisting of open leaves of paper without any stitching.
Kholā patra
খুলাপাতা

**ଖୋଲାଭାଟି**—ଦେ. ବି.—ଯେଉଁ ସ୍ଥାନରେ ମଦ ତିଆରି ହୁଏ—
Kholā bhāti A still; brewery.
খোলাভাটী

ସାଧାରଣ ଲେଖେ ଅପର ପୃଷ୍ଠାରେ ୧ଠାରୁ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଖୋଲସା**—ବୈଦେ. ବିଣ. ଓ ବି—(ଆ. ଖୁଲ୍ସ; ଖୁଲସା)—
Kholāsā ଖୁଲସା (ଦେଖ)
খুলাসা Khulāsā (See)
खुलासा

ମହର୍ଷି ବାଲ୍ମୀକି ସେ କଥା ଖୋଲସା (ବିଣ. ୪) କରି ଲେଖି ଯାଇ ନାହାନ୍ତି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଖୋଳି**—ସଂ. ବି. (ଖୋଳ ଧାତୁ + ଇ)—ତୂଣୀର; ତୂଣୀ—
Khoḷi Quiver for arrows.

ଖୋଲ ଦେ. ବି. (ସଂ. ଖୋଳ)—୧ । ବଲ୍କଲ; ଚୋପା—
খোল 1. Rind; bark.
खोल

୨ । ଶୁଖିଲା ଘା ରୁ ଛାଡ଼ିବା ଚମ ବା ବକଳ—
2. The skin or slough cast off a healing sore.

**ଖୋଲି**—ଦେ. ବି.—୧ । ଛୋଟ ନିହାଣ ବା ଭାଗି—
Kholi 1. A small chisel of carpenters.

୨ । (ସଂ. ଖୋଲ)—ଛୋଟ କୁଡ଼ୁଆ ବା ମାଟି ଗିନା—
2. A small earthen pot.

୩ । (ସଂ. ଖଲ୍ଲ) ପର୍ବତ ବା ଜଙ୍ଗଲର କନ୍ଦ; ଖୋଲି—
3. Narrow gully in a hill or jungle.

**ଖୋଲିକରି କହିବା**—ଦେ. କ୍ରି.—ସ୍ପଷ୍ଟ କରି କହିବା—
Kholikari kahibā To speak plainly.
খুলেবলা
खुलकर बोलना

**ଖୋଳିତାଡ଼ି**—ଦେ. କ୍ରି. ବିଣ.—ପୁଙ୍ଖାନୁପୁଙ୍ଖରୂପେ, ତନ୍ନ ତନ୍ନ କରି
Khoḷitāṛdi (କୌଣସି କଥା ବୁଝିବା)—( to enquire into a matter) Minutely.

**ଖୋଳିବା**—ଦେ.କ୍ରି.—୧ । (ସଂ. ଖନ ଧାତୁ; ତୁଳ. ପ୍ରା—ଖୁଡ୍ଡ ଧାତୁ)—
Khoḷibā ଖନନ କରିବା; ମାଟିରେ ଗର୍ତ୍ତ କରିବା—
খোঁড়া 1. To dig; to cut a pit in the earth.
खोदना

୨ । ( ସଂ. କ୍ଷୁଦ୍ ଧାତୁ ) ଖୋଦନ କରିବା; କାଠ ପଥର ଆଦିରେ ହତିଆର ସାହାଯ୍ୟରେ ଗର୍ତ୍ତ, ଅକ୍ଷର ବା ମୂର୍ତ୍ତି ଅଙ୍କନ କରିବା—2. To engrave.

୩ । ( ଆ. ଖୁଲ୍ନା ) ପରର ଗୋପନୀୟ ବିଷୟ ବା ଗୃହ-ଛିଦ୍ରକୁ ପଦାରେ ପ୍ରକାଶ କରିବା; ଖୋଲିଦେବା—
3. To expose another's faults; to expose another's family-secrets.

( ଯଥା— ଗଇ ଖୋଳିବା । )

୪ । ( ଲକ୍ଷଣାର୍ଥ ) ହୃଦୟରେ ଗୁରୁତର ଆଘାତ ( କଷ୍ଟ ) ଜନ୍ମାଇବା—
4. ( figurative ) To cause intense mental pain.

ବଚନ-ଶରେ ଖୋଳୁଅଛୁ ମୋର ଗାତ୍ର । କୃଷ୍ଣସିଂହ. ମହାଭାରତ. ସଭା ।

୫ । ( ଲକ୍ଷଣାର୍ଥ ) ପ୍ରବେଶ କରିବା—
5. ( figurative ) To enter.

ପ୍ରଦ୍ୟୁମ୍ନ କାଣ୍ଡର ମୂନ କର୍ଣ୍ଣଙ୍କର
କର୍ଣ୍ଣମୂଳ ଖୋଳିବ ଅଟଇ ଯଦୁବୀର । କୃଷ୍ଣସିଂହ. ମହାଭାରତ. ବନ ।

୬ । ( ସଂ. ଖନ ଧାତୁ ) ଉପାଡ଼ିବା; ଉତ୍ପାଟିତ କରିବା—
6. To root out; to pull off.

ଅମ୍ବର ତକ୍ଷୁ ବନମାଳୀ, ତୁ ଏହା ନେଇଅଛୁ ଖୋଳି ।
ଜଗନ୍ନାଥ. ଭାଗବତ ।

**ଖୋଲିବା**—ବୈଦେ. କ୍ରି. ( ଆ. ଖୁଲ୍ନା )—୧ । (ସକର୍ମକ) ଉଦ୍ଘାଟନ
Kholibā କରିବା; ଉନ୍ମୁକ୍ତ କରିବା; ଆବରଣ ମୁକ୍ତ କରିବା;
খুলা ମେଲା କରିବା—1. To open; to uncover.
खुलना; खोलना

୨ । ( ସକର୍ମକ ) ବନ୍ଧନରୁ ଫିଟାଇବା—
2. To untie; to unloosen.

୩ । ( ସକର୍ମକ ) ଗୁପ୍ତ ବିଷୟ ପ୍ରକାଶ କରିବା—
3. To publish a hidden thing; to bare.

୪ । ( ସକର୍ମକ ) ଯୋଡ଼ା ହୋଇଥିବା ବସ୍ତୁର ଅଙ୍ଗମାନଙ୍କୁ ପୃଥକ୍ କରିବା—4. To separate the parts of a composite thing.

୪ । (ସକର୍ମକ) (କୌଣସି ବିଷୟକୁ) ସ୍ପଷ୍ଟ ଭାବରେ ବୁଝାଇବା—
4. To explain.

୫ । ( ଅକର୍ମକ ) (ଆବୃତ ପଦାର୍ଥ) ଉନ୍ମୁକ୍ତ ହେବା—
5. To be uncovered.

୬ । ( ଅକର୍ମକ ) ଅବସର ବା ଛୁଟିପରେ କଚେରି ଓ ସ୍କୁଲ ଆଦିର କାର୍ଯ୍ୟ ଆରମ୍ଭ ହେବା; ଫିଟିବା—
6. (schools, offices) To open after holidays.

୭ । (ଅକର୍ମକ) ସୁନ୍ଦର ଦେଖାଯିବା; ସୁଦୃଶ୍ୟ ହେବା—
7. To look beautiful.

୮ । ( ସକର୍ମକ ) ପ୍ରତିଷ୍ଠା କରିବା; ନୂତନ କରି ବସାଇବା; ନୂଆ ଅନୁଷ୍ଠାନ ବା କର୍ମ ଆରମ୍ଭ କରିବା—
8. To found; to set up anew; to begin a work or institution.

ପ୍ରାଦେ. ( ସମ୍ବଲପୁର ) କ୍ରି. ( ସକର୍ମକ )—ଖୋଳିବା (ଦେଖ)
Khoḷibā (See)

**ଖୋଲିମି**—ଦେ. ବି—କାଠରେ କମ ବା କାରୁକାର୍ଯ୍ୟ ଖୋଳିବା ନିମନ୍ତେ
Kholimi ବଢ଼େଇଙ୍କର ବକ୍ରାଗ୍ର କ୍ଷୁଦ୍ର ନିହାଣ ବା ଭାଗୀ—
খোলবাটালী A small round-edged narrow chisel
खालिया used for engraving delicate images on wood or stone.

**ଖୋଲେଇ ହେବା**—ଦେ. କ୍ରି—ସ୍ୱଦୋଷ ପ୍ରକାଶରେ ସହାୟତା କରିବା;
Khoḷei hebā ନିଜେ ପ୍ରଥମେ କଳହ ସୂତ୍ରପାତ କରିବାଦ୍ୱାରା ଆପଣାର ଦୁର୍ଗୁଣ ପ୍ରକାଶ କରିବା ନିମନ୍ତେ ଅନ୍ୟ ବ୍ୟକ୍ତିକୁ ବାଧ୍ୟ କରିବା—To provoke a person to expose one's ownself.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଏ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ବ |

ଖୋସ୍ (ଇତ୍ୟାଦି)—ବୈଦେ. ବି. (ଫା) —ଖୁସ୍ ଇତ୍ୟାଦି ( ଦେଖ )
Khos (etc) Khus etc ( See )

ଖୋସଣି—ଦେ. ବି—୧ । ପିନ୍ଧିବା ଲୁଗାକୁ ଦେହରେ ଦୃଢ଼ କରି
Khosaṇi ଅଟକାଇ ରଖିବା ନିମନ୍ତେ ଅଣ୍ଟାପାଖରେ ପଡ଼ିବା ଗଣ୍ଠି
टाँक् ବା ଖୋସିବା ଅଂଶ; ପରିହିତ-ବସ୍ତ୍ର-ବନ୍ଧନ-ଗ୍ରନ୍ଥି—
**गिरह; गाँठ** 1. Knot of cloth tucked round the loins while wearing a cloth.
୨ । ଅଣ୍ଟାରେ ଲୁଗା ଖୋସିବା—2. Tucking of cloth; act of tying a knot at the waiste.
୩ । ଲାଞ୍ଚ; ଉତ୍କୋଚ—3. Bribe; illegal gratification.
୪ । ଗୁଡ଼ିଆମାନେ କଣାରେ ଥିବା ଟାଣୁଆ ଗୁଡ଼କୁ ଖୋଳିବା ନିମନ୍ତେ ବ୍ୟବହାର କରିବା ଲୁହାର ସ୍ଥୂଳ ଖଣ୍ଡ—
4. A small long iron-rod to dig hard molasses from a pot.
ପ୍ରାଦେ ( ସିଂହଭୂମ ) ବି—ଲୁହାଖଡ଼ିକା—
The frying iron-rod.

ଖୋସଣିଗୁଞ୍ଜା—ଦେ. ବି— ଅଣ୍ଟାଗୁଞ୍ଜା; ଲାଞ୍ଚ—
Khosaṇigun̄jā Bribe.

ଖୋସଣିଫିଟା (ଭୋଜନ)—ଦେ. ବିଣ—ଅତିରିକ୍ତ (ଭୋଜନ)—
Khosaṇiphiṭā Excessive (eating).
टाँक्खोला [ ଦ୍ର—ଯଥା-ଖୋସଣିଫିଟା ଭୋଜନ = ଯେଉଁ ଭୋଜନ କଲେ ଭୋଜନାଧିକ୍ୟ ଯୋଗୁଁ ପେଟର କଲେବର ବଢ଼ିଯିବାରୁ ପେଟ ମଝିରେ ( ନାହି ଉପରେ ) କସିକରି ପିନ୍ଧା ଯାଇଥିବା ଲୁଗାକୁ ଢିଲା କରିବା ପାଇଁ ଖୋସଣି ଫିଟାଇବା ଆବଶ୍ୟକ ହୁଏ ।]

ଖୋସଣି ଫିଟାଇବା—ଦେ. କ୍ରି—ଅଣ୍ଟା ନିକଟରେ ପଡ଼ିଥିବା ପିନ୍ଧା ଲୁଗାର
Khosaṇi phiṭāibā ଗଣ୍ଠିକୁ ଶ୍ଲଥ ବା ଉନ୍ମୁକ୍ତ କରିବା—
टाँक् खोला To slacken the loin-cloth by
**गिरहखुलना, गाँठखुलना** untying the knot.

ଖୋସଣି ମାରିବା—ଦେ. କ୍ରି—୧ । ପିନ୍ଧିବା ଲୁଗାକୁ କସି କରି ପିନ୍ଧିବା
Khosaṇi māribā ନିମନ୍ତେ ପିନ୍ଧା ଲୁଗାର ଅଂଶକୁ ଦୃଢ଼କରି
टाँक मारा ଅଣ୍ଟାର ଏକପାଖରେ ଖୋସିବା—1. To tie the
**गिरहमारना** loin-cloth into a knot after tucking it round the waist.
୨ । ଖୋସିଣିଗଣ୍ଠି ମଧ୍ୟରେ କୌଣସି କ୍ଷୁଦ୍ର ପଦାର୍ଥ (ଯଥା—ଟଙ୍କା, ପଇସା, କଉଡ଼ି, ଡବା ଇତ୍ୟାଦି) ରଖିବା—
2. To put any small article (e.g. cash etc) in the knot of the waist-cloth.

ଖୋସଲା—ପ୍ରାଦେ (ମେଦିନୀପୁର) ବି—କୋଶଲାଶାଗ—
Khosaḷā A species of pot-herbs.

ଖୋସା—ଦେ. ବି (ସଂ. କୋଷ)—୧ । ନଡ଼ିଆଫୁଲର ବୃନ୍ତ ବା ଶଣ୍ଢାର
Khosā ଖାପଭଳି ଖୋଳ; ନଡ଼ିଆ ଚଅଁର ଯେଉଁ ନୌକାକୃତି
चुमरी, चुम्नुरी, चाँप ଖୋଳରୁ ପ୍ରଥମେ ବାହାରେ —
1. The sheath or capsule from which cocoanut chauries burst forth before the flowers develop into fruits.
খোসা ୨ । ଫଳ, ଶସ୍ୟାଦିର ଆବରଣ, ଚୋପା ବା ଛାଲି—
**छिलका** 2. Husk, rind, peel or skin of a fruit.
কোয়া ୩ । ପଣସ, ଲେମ୍ବୁଆଦିର ଫୁଟ—
**कोया** 3. Seed-capsule of jack, orange etc.
୪ । ଏକପ୍ରକାର ଖଜା ବା ମିଷ୍ଟାନ୍ନ—
4. A kind of sweetmeat.
খোঁপা ୫ । କବରୀ ବା ଜୁଡ଼ା (କେଶରେ ଗଣ୍ଠି ପକାଇ ସାରି ଉକ୍ତ
**खोपा** ଗଣ୍ଠିକୁ ଲେଉଟାଇ ନେଇ କେଶ ମଧ୍ୟରେ ଖୋସି ଦେଲେ ଯେଉଁ ଜୁଡ଼ା ହୁଏ ତାହାକୁ ଖୋସା କହନ୍ତି )—
5. Chignon; hair dressed into an inverted knot.

ଯାହାକୁ ଅଧିକୃତ ଦେଇଥାଏ ସୁଦତୀ ଖୋସା ଉପରେ ଫୁଲଭୂଷାକୁ ରେ—
କବିସୂର୍ଯ୍ୟ. ସଙ୍ଗୀତ ।

ଖୋସାଇବା—ଦେ. କ୍ରି—ଖୋସିବାର ଣିଜନ୍ତ ରୂପ—
Khosāibā Causative form of Khosibā.

ଖୋସାଣି—ବୈଦେ. ( ଗଞ୍ଜାମ ) ବି—୧ । ଛୋଟ ଛୋଟ ଗଛର ମୂଳ
Khosāṇi ନିକଟସ୍ଥ ମାଟିକୁ ଖୋଳିବା ନିମନ୍ତେ ବ୍ୟବହୃତ ଖଣ୍ଡ—
1. A small instrument for digging the earth round the foot of a plant lightly.
୨ । ଗଛର ମୂଳନିକଟରୁ ମାଟିକି ଛୋଟ ଖଣ୍ଡଦ୍ୱାରା ଶିଥିଳ କରିବା; ଖୁରୁସେଇବା—2. Digging the earth lightly to turn it up.

ଖୋସାମତ—ଦେ. ବି ( ଭୁଲ. ଫା. ଖୁଶ୍ଆମଦ୍ )—
Khosāmata ଖୁସାମତ୍ (ଦେଖ)
Khusāmat (See)

ଖୋସାମତିଆ—ଦେ. ବିଣ—ଖୁସାମତିଆ (ଦେଖ)
Khosāmatiā Khusāmatiā (See)

ଖୋସାମଦ—ଦେ. ବି—ଖୁସାମତ୍ (ଦେଖ)
Khosāmada Khusāmat (See)

ଖୋସାମଦିଆ—ଦେ. ବିଣ—ଖୁସାମତିଆ (ଦେଖ)
Khosāmadiā Khusāmatiā (See)

ଖୋସାମଦିଆଯାକ ଆଗ ପରି କହିଲେ—ନୀଳକଣ୍ଠ ଦାଶ. ପିଲାଙ୍କ ରାମାୟଣ ।

ଖୋସାହୁଳା—ଦେ. ବି—ଶୁଖିଲା ନଡ଼ିଆ-ଖୋସା ବା ଶିପକୁ ସରୁ ସରୁ
Khosāhuḷā କରି ଚିରି ସେଥିରେ ଦଉଡ଼ା ବନ୍ଧାଯିବା ଅଠା ବା ବଢ଼ିଆ (ଏହା ଧୂଆଁରେ ମଶା ରହି ପାରନ୍ତି ନାହିଁ ।)—

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

A faggot made of the fibres of cocoanut branch-sheaths.

**ଖୋସିଅଣି**—ପ୍ରାଦେ (ଗଞ୍ଜାମ) ବି—ଖୋସାଣି (ଦେଖ)
Khosiāṇi — Khosāṇi (See)

**ଖୋସିବା**—ଦେ. କ୍ରି ( ସଂ. କୋଷ )—୧ । କୌଣସି ଛୋଟ ପଦାର୍ଥକୁ ଗୁପ୍ତ ସ୍ଥାନରେ ଲୁଚାଇକରି ରଖିବା—
Khosibā
ଖୁଁଜା
ଖୌଁସନା
1. To keep a small thing concealed.

ଅନ୍ଧାର ଘରେ କାଣୀ ବଳଦେ, ଯାହା ପାଉଥାଏ ଅଣ୍ଟାରେ ଖୋସେ—ଢଗ ।

୨ । କୌଣସି ପଦାର୍ଥକୁ ଗୁଞ୍ଜିବା—
2. To put a thing inside the fold of another.

ଗୀତକୁ ରସେ, ଗୀତ ନେଇକରି ଖୁଲରେ ଖୋସେ—ଢଗ ।

୩ । କୌଣସି ପଦାର୍ଥ ( ଯଥା—ଲୁଗାର ଫେର, ବାଳର ଗଣ୍ଠି ) କୁ ଲେଉଟାଇ କରି ମାରିବା—
3. To tuck up by giving a turn.

୪ । ଛୋଟ ଖଣତିରେ ଗଛମୂଳ ନିକଟର ମାଟିକୁ ଲେଉଟ-ପାଲଟ କରି ଶିଥିଳ କରିବା—
4. To slacken the earth round the foot of a plant by digging and turning it up lightly.

୫ । ( ଅକ୍ଷି ) ଉପରକୁ ଟେକିବା—
5. To turn (eyes) upwards.

ଭ୍ରୂୟୁଗ ଭଙ୍ଗି ମୋ ଅଧର ବଦନେ ଯାଚ୍ଛ ନେତ୍ରକଞ୍ଜ ଖୋସି—କବିସୂର୍ଯ୍ୟ. ସଙ୍ଗୀତ ।

**ଖ୍ୱାଇବା**—ଦେ. କ୍ରି—ଖୁଆଇବା (ଦେଖ)
Khwāibā — Khuāibā (See)

**ଖ୍ୱାନ୍‌ଚା**—ବୈଦେ. ବି ( ଫା )—ପରାତ; ଦୋକାନରେ ମିଠାଇଆଦି ସଜାଇବା ଓ ବନ୍ଧୁବାନ୍ଧବମାନଙ୍କ ନିକଟକୁ ମିଷ୍ଟାନ୍ନାଦି ଉପହାର ଦେବାରେ ବ୍ୟବହୃତ ଧାତୁର ଖୁବ୍ ବଡ଼ ଥାଳି—
Khwānchā
 খোয়াঞ্চা
ख़ान्चा
Big metal-plate or tray in which sweetmeats are arranged for sale or present.

**ଖ୍ୟା** (ଧାତୁ)—ସ—୧ । କହିବା —
Khyā (root) — 1. To tell.

୨ । ପ୍ରଚାରକରିବା—
2. To declare; to publish.

୩ । ନାମରେ ଖ୍ୟାତ ହେବା; ଡକାଯିବା —
3. To be called or styled.

୪ । ବିଖ୍ୟାତ ହେବା—4. To be famous.

୫ । ଜ୍ଞାତ ହେବା—5. To be known.

**ଖ୍ୟାତ**—ସଂ. ବିଣ. ( ଖ୍ୟା ଧାତୁ—କହିବା + କର୍ମ. ତ )—
Khyāta — ୧ । କଥିତ—1. Spoken.
(ଖ୍ୟାତା—ସ୍ତ୍ରୀ) — ୨ । ପ୍ରସିଦ୍ଧ; ବିଖ୍ୟାତ—
2. Renowned; famous; celebrated;

କାଠ ହୋଇଣ ଖ୍ୟାତ ହୋଇଲେ ବଳରେ—କୃଷ୍ଣସିଂ ହ. ମହାଭାରତ. ଆଦି ।

୩ । ପ୍ରକାଶିତ; ସର୍ବତ୍ର ଘୋଷିତ; ପ୍ରକଟିତ—
3. Widely published.

୪ । ନାମରେ ଡକା ଯାଉଥିବା; ଆହୂତ—
4. Called; styled; termed.

୫ । ଜ୍ଞାତ—5. Known.

ସଂ ବି. ( + ଭାବ. ତ )—୧ । ଇସ୍ତିହାର—
1. Proclamation.

୨ । ଉଲ୍ଲେଖ—2. Mention ( Apte ).

**ଖ୍ୟାତଗର୍ହଣ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଖ୍ୟାତ—ପ୍ରସିଦ୍ଧ + ଗର୍ହଣ—ନିନ୍ଦା )—ଯାହାର ନିନ୍ଦା ଲୋକରେ ବିଖ୍ୟାତ, ପ୍ରସିଦ୍ଧ ବା ଘୋଷିତ ହୋଇଅଛି; ଲୋକନିନ୍ଦିତ—Notorious.
Khyātagarhaṇa
(ଖ୍ୟାତଗର୍ହଣା—ସ୍ତ୍ରୀ)

**ଖ୍ୟାତନାମା**—ସଂ. ବିଣ. ( ବହୁବ୍ରୀହି; ଖ୍ୟାତ + ନାମନ୍; ୧ମା. ୧ବ )—
Khyātanāmā — ଲୋକପ୍ରସିଦ୍ଧ—Famous.

**ଖ୍ୟାତବ୍ୟ**—ସଂ. ବିଣ. (ଖ୍ୟା ଧାତୁ + କର୍ମ. ତବ୍ୟ )—୧ । କଥିତବ୍ୟ—
Khyātabya — 1. To be styled or called; to be told.

୨ । ବିଖ୍ୟାତ ହେବାର ଯୋଗ୍ୟ—
2. Fit to be famous.

**ଖ୍ୟାତାପନ୍ନ**—ସଂ. ବିଣ. ପୁଂ. (ଦ୍ୱିତୀୟା ତତ୍; ଖ୍ୟାତ + ଆପନ୍ନ )—ବିଖ୍ୟାତ; ପ୍ରସିଦ୍ଧ—Famous.
Khyātāpanna
( ଖ୍ୟାତାପନ୍ନା—ସ୍ତ୍ରୀ )

**ଖ୍ୟାତି**—ସଂ. ବି. ( ଖ୍ୟା ଧାତୁ + ଭାବ. ତି )—୧ । ପ୍ରସିଦ୍ଧି; ଯଶଃ—
Khyāti — 1. Fame; glory; celebrity; renown; reputation.
( ଖ୍ୟାତ—ବିଣ )

୨ । ନାମ—2. Name; appellation.

୩ । ଉପାଧି—3. Title.

୪ । ପ୍ରଶଂସା—4. Praise.

୫ । ଜ୍ଞାନ—5. Knowledge (Apte).

୬ । ବର୍ଣ୍ଣନ; ଉଲ୍ଲେଖ—6. Narration ( Apte ).

**ଖ୍ୟାତିକର**—ସଂ. ବିଣ. ( ଖ୍ୟାତି + କୃ + କର୍ତ୍ତୃ. ଅ )—ଯଦ୍ଦ୍ୱାରା ମନୁଷ୍ୟ ଖ୍ୟାତି ଲାଭ କରେ—Glorious.
Khyātikara

**ଖ୍ୟାତିଜନକ**—ସଂ. ବିଣ. ( ଖ୍ୟାତି + ଜନ + କର୍ତ୍ତୃ. ଅକ )—
Khyātijanaka — ଖ୍ୟାତିକର ( ଦେଖ ) — Kyātikara ( See )

**ଖ୍ୟାତିବନ୍ତ**—ଗ୍ରା. ବିଣ. ( ସଂ. ଖ୍ୟାତିମତ୍ )—
Khyātibanta — ଖ୍ୟାତିମାନ୍ ( ଦେଖ ) — Khyātimān ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଇୟ | ଉଅ | ଛ |
| ୨ | ଈ | ଊ | ଌ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ର୍ଯ୍ୟ | ଇଅ | ଞ | ନୃ |

**ଖ୍ୟାତିବିରୁଦ୍ଧତା**—ସଂ. ବି—ଅର୍ଥଦୋଷବିଶେଷ—
Khyātibiruddhatā A fault in composition.
[ ଦ୍ର—ଲୋକପ୍ରସିଦ୍ଧ ବା କବିସମୟପ୍ରସିଦ୍ଧ ବିଷୟ ବିପରୀତ-ଭାବରେ ବର୍ଣ୍ଣିତ ହେଲେ ଏହି ଦୋଷ ହୁଏ, ଯଥା—
ରବିକରେ ମ୍ଳାନ କମଳ ପଲ୍ଲବ
ଖଣ୍ଡିତ ମୃଣାଳ ଗଳେ ଶୋଭା ପାଏ—ମୃତ୍ୟୁଞ୍ଜୟ· କବିତା । ]

**ଖ୍ୟାତିମନ୍ତ**—ଗ୍ରା. ବିଣ. ( ସଂ. ଖ୍ୟାତିମତ୍ )—
Khyātimanta ଖ୍ୟାତିମାନ୍ ( ଦେଖ ) Khyātimān ( See )

**ଖ୍ୟାତିମାନ୍**—ସଂ. ବିଣ. ପୁଂ. ( ଖ୍ୟାତି + ମତ୍ ; ୧ମା. ୧ବ. )—
Khyātimān ପ୍ରସିଦ୍ଧ—Renowned; famous.
( ଖ୍ୟାତିମତୀ—ସ୍ତ୍ରୀ )

**ଖ୍ୟାତ୍ୟାପନ୍ନ**—ସଂ. ବିଣ. ( ଦ୍ୱିତୀ ତତ୍ ; ଖ୍ୟାତି + ଆପନ୍ନ )—
Khyātyāpanna ପ୍ରସିଦ୍ଧ; ଜଗଦ୍‌ବିଖ୍ୟାତ—World-famed; famous.

**ଖ୍ୟାପକ**—ସଂ. ବିଣ. ପୁଂ. (ଖ୍ୟା ଧାତୁ + ଣିଚ୍ = ଖ୍ୟାପି ଧାତୁ + କର୍ତ୍ତୃ. ଅକ)-
Khyāpaka ୧ । ପ୍ରଚାରକ; ଘୋଷଣାକାରୀ—
( ଖ୍ୟାପିକା—ସ୍ତ୍ରୀ ) 1. Publishing; declaring.
୨ । ପ୍ରକାଶକ—2. Divulging.
୩ । ବିଖ୍ୟାତକାରୀ—3. Celebrating.

**ଖ୍ୟାପନ**—ସଂ. ବି. (ଖ୍ୟା ଧାତୁ + ଣିଚ = ଖ୍ୟାପି ଧାତୁ + ଭାବ. ଅନ)—
Khyāpana ୧ । ଘୋଷଣା—1. Publication.
୨ । ପ୍ରଚାର—2. Declaration.
୩ । କୀର୍ତ୍ତନ; କଥନ— 3. Speaking.
୪ । ପ୍ରସିଦ୍ଧ କରିବା—4. Celebrating.

**ଖ୍ୟାପନା**—ସଂ. ବି. ସ୍ତ୍ରୀ ( ଖ୍ୟାପନ + ସ୍ତ୍ରୀ. ଆ )—
Khyāpanā ଖ୍ୟାପନ ( ଦେଖ ) Khyāpana ( See )

**ଖ୍ୟାଲ**—ବୈଦେ. ବି—ଖିଆଲ ( ଦେଖ )
Khyāla Khiāla ( See )

**ଖ୍ରଚ**—ଗ୍ରା. ବି. (କଟକଅ)—ଖରଚ ( ଦେଖ )
Khracha Kharacha ( See )

**ଖ୍ରିକୋ**—ଦେ. ଅ—ଖିରିକୋ ( ଦେଖ )
Khriko Khiriko ( See )

**ଖ୍ରିସ୍ଚିଆନ୍**—ବୈଦେ. ବି ଓ ବିଣ. ( ଇଂ. ଖ୍ରୀଷ୍ଟିଆନ୍ )—
Khrischiān ଖ୍ରୀଷ୍ଟିଆନ୍ ( ଦେଖ ) Khrishṭiān ( See )

**ଖ୍ରୀଷ୍ଟ**—ବୈଦେ. ବି. ( ଇଂ. ଖ୍ରାଇଷ୍ଟ ; ଖ୍ରୀଷ୍ଟ )—ଯିଶୁ—
Khrishṭa Jesus Christ.
ਖ੍ਰਾਇਸ୍ਟ
ख्रीष्ट
**खीष्ट, ईसा**

**ଖ୍ରୀଷ୍ଟଧର୍ମ**—ଦେ. ବି—ଯୀଶୁଙ୍କ ପ୍ରବର୍ତ୍ତିତ ଧର୍ମ—
Khrishṭadharma Christianity.
খ্রীষ্ট ধর্ম
**खीष्ट धर्म**

**ଖ୍ରୀଷ୍ଟପୂର୍ବ**—ଦେ. ବିଣ—୧ । ଯୀଶୁଙ୍କର ଜନ୍ମର ପୂର୍ବବର୍ତ୍ତୀ ସମୟ—
Khrishṭapūrba 1. B. C.; before Christ.
খ্রীষ্টপূর্ব ୨ । ଯୀଶୁଙ୍କର ଜନ୍ମର ପୂର୍ବବର୍ତ୍ତୀ ବର୍ଷ—
**खीष्टपूर्व** 2. The year before Christ.

**ଖ୍ରୀଷ୍ଟମସ୍**—ବୈଦେ. ବି. ( ଇଂ )—
Khrishṭamas ଖ୍ରୀଷ୍ଟାନ୍‌ମାନଙ୍କର ବର୍ଷର ଡିସେମ୍ବର ମାସ ୨୫
খ্রীষ্টমাস তାରିଖରେ ହେବା ଉତ୍ସବ ( ସେ ଦିନ ଯୀଶୁ-
**बड़ादिन** ଖ୍ରୀଷ୍ଟ ଜନ୍ମଗ୍ରହଣ କରିଥିଲେ)—
Christmas

**ଖ୍ରୀଷ୍ଟମସ୍ କାର୍ଡ୍**—ବୈଦେ. ବି. ( ଇଂ )—
Khrishṭamas kārḍ ଖ୍ରୀଷ୍ଟମସ୍-ପର୍ବ ଉପଲକ୍ଷରେ ବନ୍ଧୁମାନେ
খ্রীষ্টমাস কাড় ପରସ୍ପର ନିକଟକୁ ପଠାଇବା ମଙ୍ଗଳକାମନା-
**ख्रिष्टमास कारड** ସୂଚକ ପତ୍ର ( ଏ ପ୍ରଥା ୧୮୪୫ ସାଲରେ ଇଂଲଣ୍ଡବାସୀ ସାର୍ ହେନେରୀ କୋଲ୍ ପ୍ରଥମେ ପ୍ରବର୍ତ୍ତାଇ ଥିଲେ )—Christmas-card.

**ଖ୍ରୀଷ୍ଟମସ୍ କେକ୍**—ବୈଦେ. ବି. ( ଇଂ )—
Khrishṭamas kek ପୁଡ଼ିଙ୍ଗ୍; ଖ୍ରୀଷ୍ଟମସ୍-ଉତ୍ସବରେ ପାରିବାରିକ
খ্রীষ্টমাস কেক ଭୋଜିରେ ଖିଆଯିବା ବଡ଼ ପିଠା—
**खीष्टमास केक** Christmas cake and pudding.

**ଖ୍ରୀଷ୍ଟାବ୍ଦ**—ଦେ. ବି. ( ଇଂ. ଖ୍ରୀଷ୍ଟ + ସଂ. ଅବ୍ଦ )—
Khrishṭābda ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଠାରୁ ଗଣା ଯାଉଥିବା ବର୍ଷ—
খ্রীষ্টাব্দ A. D; year computed from the birth
**इसाइ सन** of Jesus Christ.
[ ଦ୍ର—ମୋଟାମୋଟି କହିବାକୁ ଗଲେ ଶକାବ୍ଦରେ ୭୮ ଯୋଗ କଲେ ଖ୍ରୀଷ୍ଟାବ୍ଦ ଧରା ପଡ଼େ । ଖ୍ରୀଷ୍ଟାବ୍ଦ ଜାନୁଆରୀମାସରୁ ଆରମ୍ଭ ହୁଏ । ଓଡ଼ିଆ ସନ ଭାଦ୍ର ବା ଆଶ୍ୱିନ ମାସରୁ ଆରମ୍ଭ ହୁଏ । ]

**ଖ୍ରୀଷ୍ଟିଆନ୍**—ଦେ. ବି. ପୁଂ—ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତି; ଖ୍ରିସ୍ତାନ୍—
Khrishṭiān Christian.
খ্রীষ্টান ଦେ. ବିଣ. ପୁଂ—ଖ୍ରୀଷ୍ଟ-ଧର୍ମାବଲମ୍ବୀ—
**खीष्टान, इसाइ** Professing Christianity.
(ଖ୍ରୀଷ୍ଟିଆନୀ—ସ୍ତ୍ରୀ)

**ଖ୍ରୀଷ୍ଟୀୟ**—ଦେ. ବିଣ. ( ଇଂ. ଖ୍ରୀଷ୍ଟ + ସଂ. ପ୍ରତ୍ୟୟ ଈୟ )—
Khrishṭiya ଯୀଶୁ ଖ୍ରୀଷ୍ଟସମ୍ବନ୍ଧୀୟ—
খ্রীষ্টীয় Relating to Christ.
**इसाइ**

**ଖ୍ରୀସ୍ମସ୍ (ଇତ୍ୟାଦି)**—ଖ୍ରୀଷ୍ଟମସ୍ ଇତ୍ୟାଦି ( ଦେଖ )
Khrishmas (etc) Khrishṭamas etc ( See )

ସାଧାରଣ ଯେତେ ଅପର ପୃଷ୍ଠାରେ ଧଡ଼ିର ୧ ଚିହ୍ନ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ସାଇ' ନ ମିଳଲେ 'ଶାଇ' ଖୋଜିବେ; 'ବୃଥ' ନ ମିଳଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

# ଗ

**ଗ**—ତୃତୀୟ ବ୍ୟଞ୍ଜନ ବର୍ଣ୍ଣ—The third consonant of Sanskrit
Ga and Oriya; corresponding to the hard (gutteral) sound of the English letter 'G'
[ ଦ୍ର—ଏହାର ଉଚ୍ଚାରଣ ସ୍ଥାନ କଣ୍ଠ; ଏହା କ ବର୍ଗର ତୃତୀୟ ବର୍ଣ୍ଣ । ]

ସଂ. ବି. (ଗୈ ଧାତୁ=ଗାନ କରିବା; ଶବ୍ଦ କରିବା+କର୍ତ୍ତୃ. ଅ)—
୧ । ଗଣେଶ—1. Ganesa, the younger son of Mahādeba.
୨ । ଗନ୍ଧର୍ବ—2. A class of Heavenly Beings expert in singing and music.
୩ । ଗଗନ—3. Sky.
୪ । ( +ଭାବ. ଅ ) ଗାନ—4. Singing.
୫ । ( +କର୍ମ. ଅ ) ସଙ୍ଗୀତ; ଗୀତ—5. Song.
୬ । ( ଗମ୍ ଧାତୁ+କର୍ମ. ଅ ) ସୁମେରୁ—
6. The Sumereu Mountain.
୭ । ସ୍ୱର୍ଗ—7. Heaven.
୮ । ଗୁରୁ—8. Preceptor; teacher.

ସଂ. ବିଣ. ପୁଂ—୧ । ( ଗୈ ଧାତୁ+କର୍ତ୍ତୃ. ଅ )—ଗାୟକ; ଗାନକାରୀ—1. Singing.
୨ । ( ଗମ ଧାତୁ+କର୍ତ୍ତୃ. ଅ ) ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଏହି ଆକାର ଧାରଣ କରେ, ଯଥା—ଊର୍ଦ୍ଧ୍ୱଗ, ଶୀଘ୍ରଗ )—ଗତିକାରୀ; ଗମନକାରୀ—
2. ( a suffix ) Going; moving.

ଗ୍ରା. ବି—ଗଅ ( ଦେଖ )
Gaa ( See )

**ଗଅ**—ଗ୍ରା. ବି. ( ଶିଶୁବଚନ ) ( କଥା କହିବାକୁ ଆରମ୍ଭ କରୁଥିବା
Gaa ଶିଶୁମାନେ 'ଗୁହ' ବୋଲି ଉଚ୍ଚାରଣ କରି ନ ପାରି 'ଗ' ବା
ଗୁ 'ଗଅ' ବୋଲି କହନ୍ତି )—୧ । ଗୁହ; ମଳ—
1. Night-soil.
୨ । ( ଲକ୍ଷଣାର୍ଥ ) ଶିଶୁର ଅସ୍ପୃଶ୍ୟ ପଦାର୍ଥ—2. (figurative) A thing which should not be touched by an infant.
[ ଦ୍ର—ଶିଶୁମାନଙ୍କ ପକ୍ଷରେ ଯେଉଁ ବସ୍ତୁ ଛୁଇଁବା ଉଚିତ ନୁହେଁ ବୋଲି ମାତାପିତା ମନେ କରନ୍ତି, ଶିଶୁ ସେ ବସ୍ତୁକୁ ଧରିବାକୁ ଗଲେ ମାତାମାନେ କହୁଥାଆନ୍ତି; ଏହାକୁ ଧରନା ! ଛିଃ ! ଗଅ । ]
୩ । ମଇଳା ପଦାର୍ଥ—
3. A dirty thing; a filthy article.

**ଗଅଁ ଗଅଁ**—ଦେ. ବି. ( ଧ୍ୱନ୍ୟନୁକରଣ; ତୁଳ—ଇଂ. ଗ୍ରୋନ୍ )—
Gaangaan ୧ । ଅତ୍ୟଧିକ ପ୍ରହାର ଓ ମୂର୍ଚ୍ଛାଦିଜନିତ କଷ୍ଟଯୋଗୁଁ
ଗୌଁଗୌ, ଗୌଁ ଗାଁନି ମନୁଷ୍ୟ ବା ପଶୁ କଣ୍ଠରୁ ଯେଉଁ ଅବ୍ୟକ୍ତ ଓ ଆର୍ତ୍ତ
कराह ଧ୍ୱନି ବାହାରେ—1. A person's or an animal's groaning sound ( due to pain caused by excessive beating or fit of any illness.

**ଗଅଁଠଗଣ୍ଠିଆ**—ଗ୍ରା. ବିଣ. (ସଂ. ଗ୍ରନ୍ଥିବିଶିଷ୍ଟ )—ବହୁଗ୍ରନ୍ଥିଯୁକ୍ତ (ଲୁଗା)—
Gaanthaganthia (cloths) Full of knots.

ଗଅଁଠଗଣ୍ଠିଆ କନାର ଗଣ୍ଠିଆ ଗଣ୍ଠି କେ ଧରଇ କଣ,
କୋଉ ସାଆନ୍ତଙ୍କ ଝିଅ କି ଘରେ ଠାଆରେ ନ ବସ ଆସି ।
ବାଳକମାନଙ୍କ ଖୁଆଁ ଉପୁକେଇଁ ଗୀତ ।

**ଗଅଁଠଗଣ୍ଠିଆ ପାଟ**—ଗ୍ରା. ବି. (ବ୍ୟଙ୍ଗ୍ୟ)—ଛିଣ୍ଡା କନା—
Gaanthaganthia pata Rags; tattered clothes.

**ଗଅଁତି**—ଦେ. ଉ.—ଗଇନ୍ତି (ଦେଖ)
Gaanti Gainti (See)

**ଗଅଁତିଆ**—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଗ୍ରାମାଧିପତି )—୧ । ଗ୍ରାମର
Gaantia ପ୍ରଜାମାନଙ୍କଠାରୁ ରାଜସ୍ୱ କର ଅଦାୟ କରି ରାଜକୋଷରେ ଦାଖଲ କରିବାପାଇଁ ସରକାରଙ୍କଠାରୁ ଭାରପ୍ରାପ୍ତ ବ୍ୟକ୍ତି-
1. The Revenue-collector of a village.
୨ । ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ କୌଣସି ଗ୍ରାମପକ୍ଷରୁ ରାଜସ୍ୱ ବ୍ୟବହାର କରିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ନିର୍ବାଚିତ ବ୍ୟକ୍ତି—2. Village head man.

ଗାଏଁ ଗଅଁତିଆ ଘରକେ ଉକା—ଠଗ ।

**ଗଅଁଲି**—ପ୍ରାଦେ. (ସମ୍ବଲପୁର) ବିଣ.—(ସଂ. ଗ୍ରାମ୍ୟ;ଗ୍ରାମୀଣ)—
Gaanli ୧ । ଗ୍ରାମ୍ୟ; ଗାଉଁଲି—1. Belonging to a village.
୨ । ମଫସଲିଆ—2. Living in mofassal.
୩ । ଏକ ଗ୍ରାମବାସୀ—
3. Living in or resident of the same village.

**ଗଅଁଲିଆ**—ପ୍ରାଦେ. (ସମ୍ବଲପୁର) ବିଣ.—ଗଅଁଲି (ଦେଖ)
Gaanlia Gaanli (See)

**ଗଅଁଲିଧାନ**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗ୍ରାମ୍ୟ+ଧାନ୍ୟ )—
Gaanlidhan ଏକପ୍ରକାର ସୁଗନ୍ଧ ଶାରଦଧାନ—
A species of winter-paddy.

**ଗଅତ୍**—ଗ୍ରା. ବି. (ତୁଳ—ସଂ. ଗତ)—ଗତବର୍ଷ; ଗୋଦୁସ୍ତା—
Gaat Last year.

**ଗଅଦ**—ଗ୍ରା. ବି. ଓ ବିଣ.—ଗହଦ (ଦେଖ)
Gaada Gahada (See)

**ଗଅଦି**—ଗ୍ରା. ବି—ଗହଦି ( ଦେଖ )—
Gaadi Gahadi (See)

**ଗଅନ୍ତି**—ଦେ. ବି.—ଗଇନ୍ତି (ଦେଖ)
Gaanti Gainti (See)

| ୧ | ଇ | ଉ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟୁ | ଋଥ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ୭ | ନ୍ |

**ଗଅସ**—ଗ୍ରା. (ଇତର) ବି—ଗୟୃସ (ଦେଖ)
Gaasa Gayasa (See)

**ଗଇ**—ଦେ. ବି. (ସଂ. ଗୂଥ=ମଳ)—୧ । କର୍ଣ୍ଣମଳ; କାନଗଇ—
Gai 1. Dirty matter of the ear; wax of the ear.
୨ । ବାଳକମାନଙ୍କର ଝାଡ଼ା ରୋଗ—
2 Infantile diarrhœa.
୩ । (ସଂ. ଗୁପ୍ତ) ଗୁପ୍ତ ଦୋଷ—
3. Secret or unpublished defect.
ଶୁଣି ଶ ମନେମନେ ହସିଲେ ଜଗନାଥ,
ବୋଇଲେ ଗଇ ଜାଉ ଅଛଇ ଶୁଣ ଯାହା । ଦାଣ୍ଡିରାମାୟଣ, ଲୁବ ହରିବଂଶ ।
୪ । ଝିକା; ଦେହର ଅଂଶବିଶେଷରେ ଅଟକି ଯିବା ପବନ—
4. A stitch; acute spasmodic pain caused inside the body due to the suspension of the circulation of air in that part.
( ଯଥା—ମୋ ଖୁଆରେ ଗଇ ପଶିଛି । )

**ଗଇଁ**—ଦେ. ବି—ବହୁତ କାମ କରିବା ଯୋଗୁଁ କାମ କରିବା ଅଙ୍ଗ
Gaiñ (ଯଥା—ଆଙ୍ଗୁଠି, ବାହୁ, କାନ୍ଧ, ଖୁଆମୂଳ) ରେ ଜାତ ହେବା ବେଦନାଯୁକ୍ତ ବ୍ରଣବିଶେଷ—A painful boil on a joint or a limb due to over-work; corns.
ପ୍ରାଦେ (ସମ୍ବଲପୁର; ସିଂହଭୂମ) ବି (ସଂ. ଜାମାତା)—
ଭଗିନୀପତି; ଭଣୋଇ—One's sister's husband
ପ୍ରାଦେ. (ମେଦିନୀପୁର) ବି—୧ । ଭଉଣୀର ଶ୍ୱଶୁର—
1. Sister's father-in-law.
୨ । ସ୍ତ୍ରୀଲୋକର ଭଉଣୀ-ଜ୍ୱାଇଁ—2. Sister's husband.
ପ୍ରାଦେ. ( ବାଲେଶ୍ୱର ) ବି—ସ୍ତ୍ରୀ ଲୋକ ଆପଣାର ବଡ଼ ବା ସାନ ଭଉଣୀର ସ୍ୱାମୀଙ୍କୁ ଡାକିବାର ସମ୍ବୋଧନ—
A word used by a woman in addressing her sister's husband.
ପ୍ରାଦେ. ( କଟକ, କେନ୍ଦ୍ରାପଡ଼ା ) ବି—ବହୁତ ମାଡ଼ ଖାଇବା ଯୋଗୁଁ ଅଙ୍ଗରେ ଜାତ ହେବା ବେଦନା—Pain due to excessive beating.

**ଗଇଁଛିଣୀ**—ଦେ. ବି—୧ । ଗଇଛିଣୀ ( ଦେଖ )—
Gaiñchhiṇi 1. Gaichhiṇi ( See )
୨ । ଗଉଛୁଣୀ ( ଦେଖ )—
2. Gauchhuṇi ( See )

**ଗଇଁଛିବା**—ଦେ. କ୍ରି ( ସଂ. ଗ୍ରନ୍ଥ+ଛନ )—ଦେହରେ ଛନ୍ଦିକରି ଲୁଗା
Gaiñchhibā ପିନ୍ଧିବା—To wear a cloth by tucking it up with various tangles.

**ଗଇଁଠା**—ଦେ. ବି (ସଂ. ଗୁଣ୍ଠିକ=ପିଣ୍ଡି; ଏହା ପିଣ୍ଡିପରି ହାତରେ ବଳାଯିବାରୁ)
Gaiñṭhā —ଗୁଣ୍ଡିଲ ଚୂନାକୁ ପ୍ରଥମେ ବାମ୍ଫରେ ସିଝାଇ
ସିଦ୍ଧପିଠା ସେ ଖଳକୁ ଗୋଟା କରି ବଳ ପରେ ପାଣିରେ ସିଝାଇ ତିଆରି କରିବା ପିଠା; ଗେଟେଇ—A cake made of rice-flour boiled in steam.
ଆଜ ଖୁଡସାଉ, କାଲ ଗଇଁଠା,
ପଅର ଦିନକୁ ଦାଣ୍ଡଅଇଁଠା—ଢଗ ।
ଦେ. ବିଣ ( ସଂ. ଗ୍ରନ୍ଥି )—ଦୁଇଖଣ୍ଡି ସୂତା ବା ଦଉଡ଼ି ବା ଲୁଗା ଏକତ୍ର ଗଣ୍ଠି ପଡ଼ି ସଂଯୁକ୍ତ କରି ଯାଇଥିବା ( ବସ୍ତ୍ର )—
(cloth) Consisting of two tattered pieces of rags or strings knotted together.

**ଗଇଁଠାଇବା**—ଦେ. କ୍ରି (ସଂ. ଗ୍ରନ୍ଥନ; ପ୍ରା. ଗଣ୍ଠନ)—୧ । ଦୁଇଖଣ୍ଡି ସୂତା,
Gaiñṭhāibā ଲୁଗା ବା ଦଉଡ଼ିକୁ ପରସ୍ପର ସଂଯୁକ୍ତ କରିବା ନିମନ୍ତେ
ଗାଁଠଦେଓୟା ଗଣ୍ଠି ପକାଇବା—1. To tie two pieces of
**गाँठना** strings, cloths or rags into a knot.
୨ । ଗଣ୍ଠି ପକାଇ ଏକାଧିକ ଲମ୍ବ ଓ କୋମଳ ପଦାର୍ଥକୁ ପରସ୍ପର ସଙ୍ଗେ ସଂଯୁକ୍ତ କରିବା—2. To tie up two pieces of pliant things into a knot.

**ଗଇଁଠାଗଅଁଠି**—ଦେ. ବିଣ ( ସଂ. ଗ୍ରନ୍ଥି )—
Gaiñṭhāgaañṭhi ୧ । ଯେଉଁ ଦୁଇଜଣଙ୍କ ପିନ୍ଧିଥିବା ଲୁଗା ପରସ୍ପର
ଗାଁଠାଗାଁଠି ଗଣ୍ଠିଦ୍ୱାରା ଆବଦ୍ଧ ହୋଇଥାଏ—
**गाँठागाँठी** 1. Having one's cloth tied to another's by the ends.
୨ । ପରସ୍ପର ଗଣ୍ଠି ପଡ଼ି ଛନ୍ଦାଛନ୍ଦି ହୋଇଥିବା—
2. Tied to or bound with each other.
୩ । ଛନ୍ଦାଛନ୍ଦି—
3. Knotted together; entangled.
ଦେ. ବି—ବହୁ ବସ୍ତୁକୁ ଗଣ୍ଠିଦ୍ୱାରା ସଂଯୁକ୍ତ କରିବା କର୍ମ—
Act of tying many things into knots.

**ଗଇଁଠାଗଇଁଠି**—ଦେ. ବିଣ—ଗଇଁଠାଗଅଁଠି (ଦେଖ)
Gaiñṭhāgaiñṭhi Gaiñṭhāgaañṭhi (See)

**ଗଇଁଠାପାଉଁଶ**—ଦେ. ବି ( ସଂ. ଗୁଣ୍ଠିକ=ବନସ୍ଥଳଗୋମୟ+ପାଂଶୁ; ଦେଶ୍ୟ
Gaiñṭhāpāuñsa ଗୋବରଗୁଣ୍ଡି+ପାଂଶୁ )—ଗୋବର ଲଣ୍ଡିକୁ
ঘুঁটেপাঁশ ଜାଆଁରେ ପୋଡ଼ିଲେ ତହିଁରୁ ଯେଉଁ ପାଉଁଶ ହୁଏ—
**गोइँटाराख** Ashes produced by burning cowdung in its natural shape.

**ଗଇଁଠାଲ**—ଦେ. ବି ( ସଂ. ଗ୍ରନ୍ଥିଳ )—ବିବାହସମୟରେ ବିବାହ-
Gaiñṭhāla ବେଦିରେ ବରର ଉତ୍ତରୀ ( ପାଛୁଡ଼ା ) ଓ କନ୍ୟାର
ଗାଁଠ ଓଢ଼ଣୀ (ବଉଳପାଟ ) କୁ ସଂଯୁକ୍ତ କରିବା ନିମନ୍ତେ
**गँटबंधन** ପକାଯିବା ଗଣ୍ଠି ବା ଗ୍ରନ୍ଥି—
Marital knot; knotting of one end of the bride's sheet with that of the bride-groom.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚକ୍ର ଚ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରଚିହ୍ନ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରଚିହ୍ନ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ର ର ବଦଳରେ ୨ ବା ୧ ଚକ୍ରଚିହ୍ନ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'ଦେଖିବେ ।

**ଗଇଁଠାଲପିଠା**—ଦେ. ବି ( ସଂ. ଗ୍ରନ୍ଥିମୋଚନ )—
Gaiṅṭhālaphiṭā ବିବାହର ପରବର୍ତ୍ତୀ ଶୁକ୍ଳ ଦ୍ୱିତୀୟା ଦିନ
গাঁঠছাড়া ବର-କନ୍ୟାଙ୍କ ଚନ୍ଦ୍ର ବନ୍ଦାପନା ହେବା ପରେ ବିବାହ
গঁঠখোলনা ବେଦିରେ ପାଣ୍ଡି ଓ ବନ୍ଧୁଳପାଠରେ ପଢାଯାଇଥିବା
ଗଇଁଠାଲ (ଗଣ୍ଠି ) ଫିଟାଯିବା ବିଧି—
The ceremony of untying the marriage-knot.
[ ଦ୍ର—ଅନେକ ଅଞ୍ଚଳରେ ବିବାହର ଏକବର୍ଷ ପରେ ଏହି ବିଧି ଅନୁଷ୍ଠିତ ହୁଏ । ]

**ଗଇଁମାଡ଼**—ପ୍ରାଦେ. ( କଟକ ) ବି—ବେଳାଯୁ ପ୍ରହାର; ଯେଉଁ ମାଡ଼ରେ
Gaiṅmāṛda ଲୋକ ଗଇଁ ହୋଇଯାଏ—
Excessive flogging; severe beating.

**ଗଇଁମାରୁ**—ଦେ. ବିଣ— ଗଇମାରୁ (ଦେଖ)
Gaiṅmāru Gaimāru (See)

**ଗଇ କାଢ଼ିବା**—ଦେ. କ୍ରି.—୧ । କର୍ଣ୍ଣରୁ ଖଡ଼କା ବା ନଖରୁଣିର ଅଗ୍ର-
Gai kaṛdhibā ଦ୍ୱାରା ମଳ ବାହାର କରିବା—1. To bring
গু কাঢ়া out the wax from the ear.
ईफसाकरना; खोलना ୨ । ( ଲକ୍ଷଣାର୍ଥ ) ଅନ୍ୟ ବ୍ୟକ୍ତିର ଗୁପ୍ତ
ଦୋଷ ବା କଳଙ୍କ ପ୍ରକାଶ କରିବା—
2. ( figurative ) To publish or expose another's family-secrets or scandals.

**ଗଇ ଖୋଲିବା**—ଦେ. କ୍ରି—ଗଇ କାଢ଼ିବା (ଦେଖ)
Gai kholibā Gai kaṛdhibā (See)

**ଗଇଛିଣୀ**—ଦେ. ବି—୧ । ଅରଟର ଯେଉଁ କାଠିମାନଙ୍କ ଉପରେ ମାଲ-
Gaichhiṇi ଦଉଡ଼ି ଦିଆଯାଏ ସେହି କାଠିରେ ପରସ୍ପରକୁ ଯୋଡ଼ି
ଛନ୍ଦା ହୋଇ ଦିଆ ଯାଇ ଥିବା ଦଉଡ଼ି—
1. The string which joins together the horns or spokes of a spinning wheel.
୨ । ଗଉଛୁଣୀ (ଦେଖ)
2. Gauchhuṇi (See)

**ଗଇଝାଡ଼ା**—ଦେ. ବି—ଶିଶୁମାନଙ୍କର ଅତିସାର ରୋଗ—
Gaijhāṛdā Infantile dysentry or diarrhœa.

**ଗଇଣ୍ଠା**—ଦେ. ବି—ଗଇଁଠା (ଦେଖ)
Gainṭhā Gaiṅṭhā (See)

**ଗଇତାଡ଼ୁ**—ଦେ. ବି—ଗୋତାଡ଼ୁ (ଦେଖ)
Gaitāṛdu Gotāṛdu (See)

**ଗଇଦି**—ଦେ. ବି.—ଗହଦି (ଦେଖ)
Gaidi Gahadi (See)

**ଗଇନ୍ତି**—ଦେ. ବି. (ସଂ. ଖନକ)—
Gainti ମାଟି ଖୋଳିବା ନିମନ୍ତେ ବ୍ୟବହୃତ ଲୁହାମୁଣ୍ଡିଆ ମୁଠିଆଁ ଦାଣ୍ଡିବିଶେଷ
গাঁতিকোদাল (ଏହାର ଏକ ପାଖେ ମୁନ ଓ ଏକ ପାଖେ ଧାର ଥାଏ)—
कुदाली, गैंत Pickaxe sharpened at one end and pointed at the other.

**ଗଇନ୍ଦା**—ବୈଦେ. ବି.—ଗୋଇନ୍ଦା (ଦେଖ)
Gaindā Goindā (See)

**ଗଇବ୍**—ବୈଦେ. ବି ଓ ବିଣ.- ଗଏବ୍ (ଦେଖ)
Gaib Gaeb (See)

**ଗଇବି**—ବୈଦେ. ବିଣ. (ଅ. ଗାୟବ୍, ଗୈବ=ଗୁପ୍ତ; ପରୋକ୍ଷ, ଅଦୃଶ୍ୟ;
Gaibi ଭୂଲ—ସଂ. ଗୁପ୍ତ)—
গৈবী; গায়ব ୧ । ଗୁପ୍ତ—1. Secret.
गैबी ୨ । ଅଜ୍ଞାତ—2. Unknown.
୩ । ଲୁକ୍କାୟିତ—3. Concealed; covert.
୪ । ଅଦୃଶ୍ୟ; ଅନ୍ତର୍ଦ୍ଧାନ—4. Disappeared.
୫ । ଅନୁପସ୍ଥିତ—5. Absent.

**ଗଇବି ଖେଳ**—ଦେ.ବି. (ଅ. ଗାୟବ୍; ଗଏବ୍; ଗୈବ୍+ସଂ. ଖେଳା)—
Gaibi kheḷa ଦାବା ବା ସତରଞ୍ଚି ଖେଳରେ ପାଲର ଛକ ନ ଦେଖି
গয়েবীখেলা ପାଲଠାରୁ ଦୂରରେ ବସି ଗୋଟି ଚଳାଇବା—
গয়েবীচাল Chess-play carried on from a distance
गायब without looking at the chess-board.

**ଗଇମାରୁ**—ଦେ. ବିଣ (ସଂ. ଗୁପ୍ତ+ମାରକ)—
Gaimāru ୧ । ଗୁପ୍ତହତ୍ୟାକାରୀ—1. Assassinating.
গুমীখুনে; গুমখুনে ୨ । ବିଶ୍ୱାସଘାତକ—2. Treacherous.
गुमीखुनी ଦେ. ବି—୧ । ଗୁପ୍ତଘାତକ ବ୍ୟକ୍ତି—1. An assassin.
୨ । ବିଶ୍ୱାସଘାତକ ବ୍ୟକ୍ତି—
2. A treacherous person.
୩ । ଗୁପ୍ତହତ୍ୟା—3. Assassination

**ଗଇର୍**—ବୈଦେ. ବିଣ (ଅ. ଗୈର୍=ଅନ୍ୟ; ଭିନ୍ନ)—
Gair ୧ । (ଅନ୍ୟ ଶବ୍ଦ ପୂର୍ବେ ଲାଗେ) ନୁହେଁ—
গৈর 1. Not; the English prefix—Un.
गैर (ଯଥା, ଗଇର୍ ହାଜର୍)
୨ । ଅନ୍ୟ—2. Other than; another.
(ଯଥା—ଗଇର୍ ଇଲାକା)
୩ । ଗଇର୍ ଖରଚ୍ଚ (ଦେଖ)
3. Gairkharachā (See)
ଦେ. ବିଣ—ଗଇରି (ଦେଖ)
Gairi (See)

**ଗଇର୍ ଖରଚ୍ଚ**—ବୈଦେ. ବି. (ଅ)—
Gair kharachā କୌଣସି ପଣ୍ୟଦ୍ରବ୍ୟ ବା ବସ୍ତୁ ନିର୍ଦ୍ଦିଷ୍ଟକାଳ ପାଇଁ
গৈর খরচা ଅନ୍ୟ ବ୍ୟକ୍ତିର ଅଧିକୃତ ସ୍ଥାନରେ ରଖି ନିରୂପିତ ସମୟରେ
हरजाना; गहरी खर्चा ସେ ସ୍ଥାନରୁ ଉଠାଇ ନ ନେଲେ ଅତିରିକ୍ତ
ସମୟ ପାଇଁ ବସ୍ତୁସ୍ୱାମୀ ସ୍ଥାନସ୍ୱାମୀଙ୍କୁ ଯେଉଁ ଅର୍ଥଦଣ୍ଡ ଦିଅନ୍ତି—Demurrage.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଇଯୁ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଊ | ନ୍ |

**ଗଇର୍‌ହାଜର୍**—ବୈଦେ· ବଣ. ( ଅ. ଗୈର୍‌ହାଜର୍ )—ଅନୁପସ୍ଥିତ—
Gairhājar Absent.
গরহাজির
**ग़ैरहाज़िर**

**ଗଇର୍‌ହାଜିରୀ**—ବୈଦେ. ବ. ( ଅ. ଗୈର୍‌ହାଜରୀ )—ଅନୁପସ୍ଥିତି—
Gairhājiri Absence; non-attendance.
গরহাজিরী
**ग़ैरहाज़िरी**

**ଗଇର**—ଦେ. ବ. ଓ ବଣ—(ସ. ଗମ୍ଭୀର)—ଗହୀର (ଦେଖ)—
Gaira Gahira (See)

**ଗଇରତ୍**—ବୈଦେ. ବ. ( ଅ. ଗୈରତ୍ )—
Gairat ୧ । ଲଜ୍ଜା—1. Shame.
গৈরৎ ୨ । ଗୋପନ—2. Concealment ( Howells ).
**ग़ैरत**

**ଗଇରି**—ଗ୍ରା. ବଣ. ( ସ. ଗମ୍ଭୀର; ପ୍ରା. ଗମ୍ଭୀର )—ଗମ୍ଭୀର—
Gairi Deep.
গইরা ଦେ. ବ—ଗହୀର ( ଦେଖ )
**गहरा** Gahira ( See )

**ଗଇରିକ**—ଗ୍ରା. ( ପଦ୍ୟ ) ବ. ( ସ. ଗୈରିକ )—
Gairika ଗୈରିକ; ଗେରୁମାଟି—
গইরিক Red chalk; red ochre.
**गइरिक** ବଡ଼ନ୍ତ ଚନ୍ଦନେ ଗଇରିକେ ପତ୍ର ଲେଖିଥିଲେ ତହିଁ ଭଲେ—
ଉପେ. ବୈଦେହୀଶବିଳାସ ।

**ଗଇଲ**—ଗ୍ରା. ବ. ( ସ. ଗବୟ )—ଗୟଳ ( ଦେଖ )
Gaila Gayala ( See )
ସିଂହ ବ୍ୟାଘ୍ର ମହିଷ ଗଇଲ ଭଲୁ ଗଣ୍ଡା—କୃଷ୍ଣସିଂହ. ମହାଭାରତ. ବନ ।

**ଗଇଶ**—ଦେ. ବ—ଗୟସ ( ଦେଖ )
Gaiśa Gayasa ( See )

**ଗଇହଗା**—ଦେ. ବ—ଗଇଝାଡ଼ା ( ଦେଖ )
Gaihagā Gaijhārdā ( See )

**ଗଉଁ**—ଦେ. ବ. ( ସ. ଗମ୍ୟ; ହି. ଗୌଁ=ମତଲବ୍; ଉଦ୍ଦେଶ୍ୟ; ତୁଳ.
Gauṅ ଅ. ଗମ୍=ମନୋଦୁଃଖ; ଫା. ଗୁମାନ୍=ଅଭିମାନ )—
গুমর; গোঁ ୧ । ମତଲବ୍; ଉଦ୍ଦେଶ୍ୟ—1. Intention.
**गौं; गँवँ** ୨ । ମନର ଭାବ—2. Mental attitude.
୩ । ଅଭିମାନ; ଗୁମାନ—3. Sullenness; sulks.
୪ । ଗର୍ବଜନିତ ତୂଷ୍ଣୀଭାବ—4. Silence due to pride.
୫ । ଗର୍ବ—5 Pride.
୬ । ଗାମ୍ଭୀର୍ଯ୍ୟ—6. Graveness, gravity.

**ଗଉଁଆଁ**—ଦେ. ବଣ. ( ହି. ଗୌଁଦାର୍ )—
Gauṅāṅ ୧ । ଗର୍ବିତ—1. Proud; arrogant.
**গুমরদার** ୨ । ଅଭିମାନୀ—2. Sullen.
**गौंदार** ୩ । ଯେଉଁ ଲୋକର ମନମରଜି ବୁଝିବା କଷ୍ଟକର;
ଗମ୍ଭୀର—3. Grave; a person whose mind it is very difficult to fathom.

**ଗଉଁଚିବା**—ଦେ. କି—ଗଇଁଛିବା ( ଦେଖ )
Gauṅchibā Gaiṅchhibā ( See )

**ଗଉଁଛୁଣି**—ଦେ. ବ—ଗଉଛୁଣୀ ( ଦେଖ )
Gauṅchhuṇi Gauchhuṇī ( See )

**ଗଉଁଦାର**—ଦେ. ବଣ. ( ହି. ଗୌଁଦାର୍ )—
Gauṅdār ଗଉଁଆଁ ( ଦେଖ )
Gauṅāṅ ( See)

**ଗଉଁଦାରିଆ**—ଦେ. ବଣ—ଗଉଁଆଁ ( ଦେଖ )
Gauṅdāriā Gauṅāṅ ( See )

**ଗଉଁ ପାଇବା**—ଦେ. କି.—୧ । କୌଣସି ବ୍ୟକ୍ତିର ମନର ଅବସ୍ଥା ବୁଝି
Gauṅ pāibā ପାରିବା; ମରଜି ପାଇବା—
মরজি পাওয়া 1. To divine a person's mind.
**गौं पाना** ୨ । କୌଣସି ବ୍ୟକ୍ତିର ଅଭିମାନର କାରଣ ଠଉରାଇବା—
2. To guess the cause of a person's sullenness.

**ଗଉଁ ପାରିବା**—ଦେ. କି.—ଗଉଁ ମାରିବା (ଦେଖ)
Gauṅ pāribā Gauṅ māribā (See)

**ଗଉଁ ମାରିବା**—ଦେ. କି.—ଗର୍ବ ବା ଅଭିମାନରେ ତୁନି ହେବା—
Gauṅ māribā To be silent or sullen on account of
গোঁধরা pride or anger; to sulk.

**ଗଉଁଲି**—ପ୍ରାଦେ. (ସମ୍ବଲପୁର) ବଣ.—ଗଅଁଲି (ଦେଖ)
Gauṅli Ga-aṅli (See)

**ଗଉଁଲିଆ**—ପ୍ରାଦେ. (ସମ୍ବଲପୁର) ବଣ.—ଗଅଁଲି (ଦେଖ)
Gauṅliā Ga-aṅli (See)

**ଗଉ**—ପ୍ରାଦେ. ( ସମ୍ବଲପୁର ) ବ. ( ସ. ଗୋ; ତୁଳ—ହି. ଗଉ )—
Gau ୧ । ଗାଈ—1. Cow.
୨ । ଗୋରୁ—2. Cattle.

**ଗଉଆ**—ପ୍ରାଦେ. ( ସମ୍ବଲପୁର ) ବଣ. ( ସ. ଗବ୍ୟ )—ଗୁଆ; ଗୋରୁ-
Gauā ଠାରୁ ଉତ୍ପନ୍ନ ( ଯଥା—ଘିଅ, ଲହୁଣୀ, ଦହି )—
Produced from the cow.

**ଗଉଛଣି**—ଦେ. ବ.—ଗଉଛୁଣୀ (ଦେଖ)
Gauchhaṇi Gauchhuṇi (See)

**ଗଉଛୁଣୀ**—ଦେ. ବ.—( ସ. ଗ୍ରନ୍ଥନ; ପ୍ରା. ଗଣ୍ଠନ )—୧ । ଦେହରେ
Gauchhuṇi ଛନ୍ଦି କରି ପିନ୍ଧାଯିବା ଲୁଗା—
2. Cloth worn in an entangled manner.
୨ । ଦେହରେ ଛନ୍ଦିକରି ଲୁଗା ପିନ୍ଧିବା—
2. Wearing of cloth in an entangled manner.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗଉଡ଼**—ଦେ. ବି. ପୁଂ. (ସଂ. ଗୌଡ଼; ଗୋପାଳ; ପ୍ରା. ଗୋଆଳ)—
Gaurda ୧ । ଗୌଡ଼ (ଦେଖ)
(ଗଉଡ଼ୁଣୀ—ସ୍ତ୍ରୀ) 1. Gaurda (See)
ଗୋଆଳା; ଗୟଲା ୨ । ଓଡ଼ିଶାର ଗୋପାଳ ଜାତି—
गोपाल, ग्वाल 2. The cow-herd caste of Orissa.
[ ଦ୍ର—ଏମାନେ ଗୋରୁ ଜଗନ୍ତି, ଭାର ବୁହନ୍ତି । ଏମାନେ ପାଣି-ଛୁଆଁ ଓ ହାନ୍ଡିଆ ଜାତି । ଏମାନଙ୍କ ସ୍ତ୍ରୀମାନେ ହାଣ୍ଡିରେ ଦହି ଦୁଧ ବିକନ୍ତି । କଟକ ଜିଲ୍ଲାର ନେମାଳ ମଠର ଅଚ୍ୟୁତାନନ୍ଦ ଦାସ ଗୋସାଇଁଙ୍କ ଗାଦିର ମହନ୍ତ ପୁରୁଷାନୁକ୍ରମେ ଓଡ଼ିଶାର ଗଉଡ଼-ମାନଙ୍କର ଗୁରୁ । ଗଉଡ଼ମାନେ ପ୍ରାଚୀନ ବୈଶ୍ୟଜାତୀୟ ବୋଲି ପଣ୍ଡିତମାନେ ମତ ପ୍ରକାଶ କରିଅଛନ୍ତି । ଶ୍ରୀକୃଷ୍ଣ ଏମାନଙ୍କର ଆରାଧ୍ୟ । ଏମାନେ ଦୁଇ ଶ୍ରେଣୀୟ; ଯଥା—ମଥୁରାପୁରିଆ ଓ ଗୋପପୁରିଆ । ଦୋଳପୂର୍ଣ୍ଣିମା ଏମାନଙ୍କର ପ୍ରଧାନ ପର୍ବ । ଦୋଳପୂର୍ଣ୍ଣିମା ଦିନ ଏମାନେ ଗାଈ ବନ୍ଦାନ୍ତି ଓ ନଉଡ଼ିଖେଳ କରନ୍ତି ଓ ଶ୍ରୀକୃଷ୍ଣ ଚରିତବିଷୟକ ଗୀତ ବା ଢଗାଳି ବୋଲନ୍ତି । ଏହାଙ୍କ ବଂଶରେ ଶ୍ରୀକୃଷ୍ଣ ଜନ୍ମ ହୋଇ-ଥିଲେ ବୋଲି ଏମାନେ କହନ୍ତି । ସମ୍ବଲପୁରରେ ଗଉଡ଼ମାନଙ୍କର ନିମ୍ନଲିଖିତ ଶ୍ରେଣୀ ଦେଖାଯାଏ, ଯଥା—ମଗଧା, ଝାଡ଼ୁଆ, ନନ୍ଦ, ଖଣ୍ଡିଆ, ଯାଚକ, ଡୁମାଲ, ଅବାବ, ଖଣ୍ଡ ଏବଂ ଏହି ଶ୍ରେଣୀମାନଙ୍କ ମଧ୍ୟରେ ନାନା ବର୍ଗ ବା ଉପଶ୍ରେଣୀ ମଧ୍ୟ ଅଛି । ]

**ଗଉଡ଼କଷା**—ପ୍ରାଦେ. (ଗଡ଼ଜାତ) ବି.—ବନ୍ୟଲତାବିଶେଷ—
Gaurdakashā Maba Buxifolia (Haines).
अंगारु
[ ଦ୍ର—ଏଥିରେ ପେଣ୍ଡା ପେଣ୍ଡା ହୋଇ ଶିମ୍ବ ଗଞ୍ଜି ପରି କୋଳି ଧରେ । କୋଳି ପାଚିଲେ ମଧୁରିଆ ଓ କଷା ଲାଗେ; ଲୋକେ ଏ କୋଳି ଖାଆନ୍ତି । ]

**ଗଉଡ଼କେରା**—ପ୍ରାଦେ. (ଗଡ଼ଜାତ) ବି—ଲକ୍ଷ୍ମୀବିଳାସ ( ଦେଖ )
Gaurdakerā Lakshmibiḷāsa ( See )

**ଗଉଡ଼ଗଡ଼କା**—ପ୍ରାଦେ. ( ଗଞ୍ଜାମ ) ବି—ଗଙ୍ଗଶିଉଳି ଫୁଲ ଓ ଗଛ;
Gaurdagardakā ସେଫାଳିକା—The weeping Nyctanthes ( flower and tree ).

**ଗଉଡ଼ଗୋଖା**—ଦେ. ବି. ( ସହଚର )—ଓଡ଼ିଶାର ଗାଈଚରା ଗଉଡ଼
Gaurdagokhā ଜାତି ଓ ମାଛଧରା ଗୋଖା ଜାତି—
The cowherd and the fisherman castes of Orissa.
ଦେ. ବିଣ. ପୁଂ. ( ପୁରୁଷଙ୍କୁ ଦିଆଯିବା ଗାଳି; ଓଡ଼ିଶାର ଏ ଦୁଇ ଜାତି ନିର୍ବୁଦ୍ଧିଆ ଥିବାର ପ୍ରବାଦ ଥିବାରୁ )—
୧ । ଗଜମୂର୍ଖ; ଅତି ନିର୍ବୁଦ୍ଧିଆ—
1 ( a form of abuse ) Very stupid.
୨ । ଅଖାଡ଼ୁଆ—2. Fool-hardy.
୩ । ମଗର୍—3. Obstinate; headstrong.

**ଗଉଡ଼ଗୋଖିଆ**—ଦେ. ବିଣ—ଗଉଡ଼ ଗୋଖା ( ଦେଖ )
Gaurdagokhiā Gaurda gokhā ( See )

**ଗଉଡ଼ଗୋଠିଆ**—ଦେ. ବି—ଗାଈଆଳ; ଗୋରୁଜଗୁଆଳ—
Gaurdagothiā A cowherd.
ଦେ. ବିଣ—୧ । ଗଉଡ଼ଗୋଖା ( ଦେଖ )
1. Gaurdagokhā ( See )
୨ । ଯେଉଁ ଗାଈମାନେ ଗଉଡ଼ଙ୍କ ଗୋଠରେ ଗୋରୁପଲଙ୍କ ସଙ୍ଗେ ରହି ଏକତ୍ର ବିଚରଣ କରନ୍ତି—
2. ( kine ) Which herd together in a cowherd's flock.

**ଗଉଡ଼ଗୋବିନ୍ଦ**—ଦେ. ବି—ଗରୁଡ଼ଗୋବିନ୍ଦ ( ଦେଖ )
Gaurdagobinda Garurdagobinda ( See )

**ଗଉଡ଼ପାନ**—ପ୍ରାଦେ. ( ଗଡ଼ଜାତ ) ବି—ଅନୁଗୁଳ ପ୍ରଭୃତି ଅଞ୍ଚଳରେ
Gaurdapāna ଗଉଡ଼ପିଲାଏ ଚୋବାଇବା ମୂଷାକାନି ପତ୍ର ଓ ଖଇର (ଏହା ଚୋବାଇଲେ ଓଠ ପାନ ଖାଇଲା ପରି ନାଲିଆ ଦେଖାଯାଏ)—Leaves of Mūshākāni plant chewed with catechu by poor cowherd lads and producing redness in the mouth and lips.

**ଗଉଡ଼ବାଡ଼ି**—ପ୍ରାଦେ. ( ସମ୍ବଲପୁର ) ବି—
Gaurdabārdi କଉ ମାଛ ( ଦେଖ )
Kau māchha ( See )

**ଗଉଡ଼ିଆ**—ଦେ. ବିଣ—୧ । ଗୋପାଳ ଜାତିସମ୍ବନ୍ଧୀୟ—
Gaurdiā 1. Pertaining to the cow-herd caste.
চাষাড়ে
୨ । ( ଗାଳି ) ଅଖାଡ଼ୁଆ—
2. ( a term of abuse ) Fool-hardy.
୩ । ( ଗାଳି ) ମୂର୍ଖ—3. (abuse) Illiterate.
୪ । ( ଗାଳି ) ନିର୍ବୁଦ୍ଧିଆ—4. (abuse) Stupid.
୫ । ( ଗାଳି ) ମଗର୍; ଏକବାଗିଆ —
5. ( abuse ) Headstrong; obstinate.
गौड़ीय ଦେ. ବି. ( ସଂ. ଗୌଡ଼ୀୟ )—
ଗୌଡ଼ୀୟ ବୈଷ୍ଣବମାନଙ୍କର ଶାଖାବିଶେଷ—
A sect of Baishnabas of Bengal (followers of Chaitanya).

**ଗଉଡ଼ିଆ କେଳା**—ଦେ. ବି—କେଳାମାନଙ୍କର ଏକ ଶ୍ରେଣୀ—
Gaurdiā keḷā A class of Keḷās.
[ ଦ୍ର—ଏ ଜାତିର ପୁରୁଷମାନେ ସାପଖେଳା କରନ୍ତି ଓ ମାଇପେ ଚିତା କୁଟନ୍ତି । ଏମାନଙ୍କର ଗୋତ୍ର ମୟୂର । ]

**ଗଉଡ଼ିଆ ଚିତା**—ଦେ. ବି—୧ । ବୈଷ୍ଣବଧର୍ମରେ ଦୀକ୍ଷିତ ଗୌଡ଼-
Gaurdiā chitā ମାନଙ୍କର ସ୍ୱତନ୍ତ୍ର ତିଳକ—
1. The special mark of sandal-paste on the brow of cowherds initiated into Baishnabism.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଖ | ଯ | ସ | ଗଂ | ଇଅ | ୠ | ନ୍ତ |

**ଗଉଡ଼ିଆ ଛତା**—ଦେ. ବି—ଗଉଡ଼ମାନଙ୍କର ବ୍ୟବହାର୍ଯ୍ୟ ବଡ଼ ତାଳପତ୍ର
Gaurdiā chhatā ଛତା—Large palm-leaf-umbrella
রাখালে ছাতা used by cow-herds.

**ଗଉଡ଼ିଆ ତିଳକ**—ଦେ. ବି—ଗଉଡ଼ିଆ ଚିତା (ଦେଖ)—
Gaurdiā tilaka Gaurdiā chita (See)

**ଗଉଡ଼ିଆ ପାନ**—ପ୍ରାଦେ (ଗଡ଼ଜାତ) ବି—ଗଉଡ଼ପାନ (ଦେଖ)—
Gaurdiā pāna Gaurdapāna (See)

**ଗଉଡ଼ିଆ ବଇଷମ**—ଗ୍ରା. ବି. (ଗୌଡ଼ୀୟ ବୈଷ୍ଣବ)-ଗଙ୍ଗାଠାରୁ ଋଷିକୁଲ୍ୟା
Gaurdiā baishama ପର୍ଯ୍ୟନ୍ତ ଯେଉଁ ଗଉଡ଼ମାନେ ଅଚ୍ୟୁତାନନ୍ଦ
গৌড়ীয়বৈষ্ণব ଗୋସ୍ୱାମୀ ଓ ତାଙ୍କ ଶିଷ୍ୟପ୍ରଶିଷ୍ୟଙ୍କ ଦ୍ୱାରା ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଅଛନ୍ତି ସେହିମାନେ—The cow-herds who were initiated into Baishnabism by Achutānanda Dāsa and his disciples.

**ଗଉଡ଼ିଆ ବୈଷ୍ଣବ**—ଦେ. ବି—ଗଉଡ଼ିଆ ବଇଷମ (ଦେଖ)—
Gaurdiā baishnaba Gaurdiā baishama (See)

**ଗଉଡ଼ୁଣୀ**—ପ୍ରାଦେ (ସମ୍ବଲପୁର) ବି—ଗଉଡ଼ୁଣୀ (ଦେଖ)—
Gaurdinī Gaurdunī (See)

**ଗଉଡ଼ୁଣୀ**—ଦେ. ବି. ସ୍ତ୍ରୀ—ଗୋପାଳଜାତୀୟା ସ୍ତ୍ରୀ—
Gaurdunī A cow-herd female.
গয়লানী
ग्वालिन

ପ୍ରାଦେ (ଗଡ଼ଜାତ) ବି—ବନ୍ୟ କ୍ଷୀରୀ ଗୁଳ୍ମ—
A wild plant with white sap.

[ ଦ୍ର—ଏହା ୪।୫ ହାତ ଉଚ୍ଚ, ଏହାର ଫୁଲ ଅରଖ ଫୁଲ ପରି ଦିଶେ । ଏ ଫୁଲକୁ ଲୋକେ ରାନ୍ଧି, ଭାଜି ଓ ପୋଡ଼ିକରି ଖାଆନ୍ତି । ]

**ଗଉଡ଼ୁଣୀଆଁ ପୋକ**—ଦେ. ବି—ଗଉଡ଼ୁଣୀ ପୋକ (ଦେଖ)—
Gaurduniān poka • Gaurdunī poka (See)

**ଗଉଡ଼ୁଣୀ ପୋକ**—ଦେ. ବି (ସଂ. ଗଣ୍ଡଗୋପାଳିକା)—ବର୍ଷାଦିନେ ଜାତ
Gaurdunī poka ହେବା ଏକଜାତୀୟ କଳା ରଙ୍ଗର ଶତପଦୀ
কালকেন্নো ପୋକ; କାଳଗଉଡ଼ୁଣୀ ପୋକ—
ग्वालिन A black Myriapod or milliped.

**ଗଉଡ଼ୁଣୀମାଇ**—ପ୍ରାଦେ (ସମ୍ବଲପୁର) ବି—ଗଉଡ଼ୁଣୀ (ଦେଖ)—
Gaurdunimāi Gaurdunī (See)

ପଚରକଥା (ମହାନ୍ତି, କରଣ) ଉତ୍ତରକଥା (ଉକ୍ତ)
ପାଣିଓଡ଼ା (ଗୁଣ୍ଡି) ଗଉଡ଼ୁଣୀମାଇ, ଏ ଗୀତ ଜାତକୁ
ବିଶ୍ୱାସ ନାହିଁ—ପ୍ରବଚନ ।

**ଗଉଣି**—ଦେ. ବି (ସଂ. ଗୋଣୀ)—ଶସ୍ୟାଦିର ପରିମାଣ ପାତ୍ର—
Gauni A corn-measure.
গোণী [ ଦ୍ର—ଏହା ବେତ ବନ୍ଧା ପିତଳନିର୍ମିତ । ଭିନ୍ନ ଭିନ୍ନ ଅଞ୍ଚଳରେ
गोन ଗଉଣିର ପରିମାଣ କହିବ ୨ସେର ଠାରୁ ୮ସେର; ଏଥିର ସାଙ୍କେତିକ ଚିହ୍ନ 'ଗୌ'; ସାତ ଗୌଣି ଲେଖିବାକୁ ହେଲେ ଗୌ ୭୯ ଲେଖାଯାଏ । ୨୦ ଗୌଣି=୧ ପଉଟି । ୪୦ ଗୌଣି=୧ ଡୋଲି । ୮୦ ଗୌଣି=୧ ଭରଣ । ଗଉଣିର ୧୬ ଭାଗ ପରିମିତ ପାତ୍ରକୁ ସେର ବା କଠା ବା ପାହୁଲି ବୋଲାଯାଏ । ]

ପ୍ରାଦେ. (ଗଞ୍ଜାମ) ବି—ଭୂମିର ପରିମାଣବିଶେଷ—
A standard area of land.

ଗ୍ରାମରେ ଗଉଣିଏ ଗୋଚର ଭୂମି ରହିଲା ନାହିଁ—ପଲ୍ଲୀବାସୀ ୧୬।୩।୨୧ ।

**ଗଉଣିଆଁ**—ଦେ. ବି ( ଏହାର ଶିଖର ଉପୁଡ଼ା ହେଲା ଗଉଣି ପରି
Gauniān ଦେଖାଯିବାରୁ)—ଓଡ଼ିଶା ଗଡ଼ଜାତ ରଣପୁରଅନ୍ତର୍ଗତ ପ୍ରସିଦ୍ଧ ପର୍ବତ—
Name of a mountain in the Feudatory State of Ranapur in Orissa.

ଅତ୍ୟୁଚ୍ଚଶିଖର ଗିରି ଗଉଣିଆ—ସ୍ୱାଧୀନ ରାଜ୍ୟ ଚନ୍ଦ୍ରିକା ।

**ଗଉଣିଏ ଗେଲ**—ପ୍ରାଦେ ( ଗଡ଼ଜାତ ) ବି—ଖୁବ୍ ବେଶି ଆନନ୍ଦ—
Gaunie gela Great joy.

**ଗଉତମ**—ଗ୍ରା (ପଦ୍ୟ) ବି—ଗୌତମ (ଦେଖ)
Gautama Gautama (See)

ବ୍ୟଜନ ଗ୍ରଜନ କରୁଥିଲେ ଗଉତମ—ଭକ୍ତ. ବୈଦେହୀଶବିଳାସ ।

**ଗଉତାଡ଼ୁ**—ପ୍ରାଦେ (ଗଞ୍ଜାମ; ତେଲିଙ୍ଗା) ବି—ଗୋତାଡ଼ୁ (ଦେଖ)
Gautardu Gotardu (See)

**ଗଉନ୍ତିଆ**—ପ୍ରାଦେ (ସମ୍ବଲପୁର) ବି—ଗଅଁତିଆ (ଦେଖ)
Gauntiā Ga-āntiā (See)

**ଗଉନ୍ତିସତ୍ତ୍ୱ**—ଦେ. ବି—ମାଲିକରୁ ପ୍ରଜାଙ୍କଠାରୁ ଗଉନ୍ତିଆ ଅସୁଲ କରିବା
Gauntisattwa ମାଲଗୁଜାରି ବା ମୋଟ ଖଜଣାରୁ ଯେଉଁ ଶତକଡ଼ା ଟ ୪୦ ମାଲିକାନା ଗଉନ୍ତିଆ ନିଏ—
The mālikānā or commission (at 40 percent) retained by the Gauntiā as remuneration for collecting rent from the tenants.

[ ଦ୍ର—ଯାହା ଗଉନ୍ତିଆ ଗବର୍ଣ୍ଣମେଣ୍ଟରେ ଦାଖଲ କରେ ତାକୁ କାମିଲ୍ ଜମା ବୋଲାଯାଏ । ]

**ଗଉର**—ଗ୍ରା (ପଦ୍ୟ) ବି (ସଂ. ଗୌରବ)—୧ । ଖାତିର—
Gaura 1. Regard.
গৌর ୨ । ସମ୍ମାନ—2. Respect.
गौर [ ଦ୍ର—ଅତି ପରିଚୟେ ଗଉର ନଷ୍ଟ । ]
୩ । ସମ୍ମାନପ୍ରଦର୍ଶନ—3. Honouring.
୪ । ଗୌରବ—4. Glory; dignity.
୫ । ଆଦର; ସ୍ନେହ—5. Affection; fondness.
୬ । ( ସଂ. ଗୌର ) ଗୋରା—6. Fair-skinned.

ଗଉରକାନ୍ତି ମନୋହର
ସୁନ୍ଦର ବଦନମଣ୍ଡଳ—ଜଗନ୍ନାଥ. ଭାଗବତ ।

୮ । (ଏ ଗୌରାଙ୍ଗ ଥିବାରୁ) ଚୈତନ୍ୟଦେବ; ବିଷ୍ଣୁଙ୍କର ଚୈତନ୍ୟ ଅବତାର—
8. The name of Chaitanya; a Hindu Baishnabite reformer born in Nabadwipa.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

୯ । ( ପୁଂ ) ପୁରୁଷଙ୍କ ନାମ—
9. Name given to males.

ଦେଶ୍ୟ. ବି ( ଅ. ଗୌର୍ )—
୧ । ଚିନ୍ତନ—1. Thinking.
୨ । ଖିଆଲ—2. Minding.

ଦେ. ବିଣ—୧ । ସମ୍ମାନସୂଚକ—1. Honourable.
୨ । ଗୌରବମୟ—2. Glorious.

ପ୍ରାଦେ (ସମ୍ବଲପୁର) ବି—ଗଉଡ଼—A cow-herd.

**ଗଉର କରିବା**—ଗ୍ରା. କ୍ରି ( ସଂ. ଗୌରବ )—
Gaura kariba ୧ । ( ସଂ. ଗୌରବ ) ସମ୍ମାନ କରିବା—
1. To respect or regard.
୨ । ( ଅ. ଗୌର୍ )—ଅବଗତ ହେବା—
2. To come to know; to take cognisance of.

**ଗଉରଚନ୍ଦ୍ର**—ଗ୍ରା. ବି—ଗଉର ୮ ( ଦେଖ )—
Gaurachandra Gaura 8 ( See )
गौरचन्द्र
গৌরচন্দ্র

ଗଉରଚନ୍ଦ୍ର ଅଙ୍କ ଦେଲେ
ସୁରଣ କରି ହୋ ବୋଇଲେ—ଭୂପତି, ପ୍ରେମପଞ୍ଚାମୃତ ।

**ଗଉରବ**—ଗ୍ରା. ( ପଦ୍ୟ ) ବି. ( ସଂ. ଗୌରବ )—
Gauraba ଗୌରବ ( ଦେଖ )
Gauraba ( See )

ତରୁଣୀ ତୋ ବାଣୀ ମୃଦୁ ମୃଦୁ ଠାଣି ଶୁଣିଥିବ ପୁଣି ଯାହା କାନ
ସେ କି ଗଉରବ ଯୋଗ୍ୟ କରିବ ଶୁକ ପିକ ବେଣୁ ବୀଣା ଗାନ ।
କବିସୂର୍ଯ୍ୟ. ସଙ୍ଗୀତ ।

**ଗଉରବୀ**—ଗ୍ରା. (ପଦ୍ୟ) ବିଣ. ସ୍ତ୍ରୀ—ମାନ୍ୟା; ପୂଜ୍ୟା—
Gaurabi Adorable; respectable.

ହୁଇଲେ ଗଉରବୀ ମାଇଁ
ସୁରୁଚନ୍ଦ୍ରମ ହେବ କାହିଁ । ଗ୍ରାଚୀ. ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରୋଦୟ ।

**ଗଉରମୋହନ**—ଗ୍ରା. ବି—ଗଉର ୮ ( ଦେଖ )
Gauramohana Gaura 8 ( See )

**ଗଉରହରି**—ଗ୍ରା. ବି—ଗଉର ୮ ( ଦେଖ )
Gaurahari Gaura 8 ( See )

**ଗଉର ହେବା**—ଦେ. କ୍ରି. (ଅ. ଗୌର୍)—( କୌଣସି ବିଷୟ କୌଣସି
Gaura heba ବ୍ୟକ୍ତିଙ୍କର ) ଅବଗତିକୁ ଆସିବା—
To come to one's knowledge or cognisance.

**ଗଉରା**—ଗ୍ରା. ବି. ସ୍ତ୍ରୀ. ( ସଂ. ଗୌରୀ )—୧ । ପାର୍ବତୀ—
Gaura 1. Name of Goddess Parbati.
गौरा ୨ । ଗୌରୀଙ୍କ ଡାକ ନାମ—
2. Name for calling Gauri.
୩ । (ପୁଂ) ଗୌରଚନ୍ଦ୍ର ଆଦିଙ୍କ ଅନାଦରସୂଚକ ଡାକ ନାମ—
3. A name for calling a male named Gaura.

**ଗଉରାଙ୍ଗ**—ଗ୍ରା. ବି ଓ ବିଣ—ଗୌରାଙ୍ଗ ( ଦେଖ )
Gauranga Gauranga ( See )
( ଗଉରାଙ୍ଗୀ—ସ୍ତ୍ରୀ )

**ଗଉରାଙ୍ଗ ଦାସ**—ଦେ. ବି. ( ବ୍ୟଙ୍ଗ; ଲକ୍ଷଣାର୍ଥ )—ବାଳକମାନଙ୍କୁ
Gauranga dasa ଶାସନାର୍ଥ ବ୍ୟବହୃତ ବେତ—
Cane used for caning boys.

**ଗଉରୀ**—ଗ୍ରା. ( ପଦ୍ୟ ) ବି. ( ସଂ. ଗୌରୀ )—
Gauri ୧ । ପାର୍ବତୀ—1. Parbati.

ବାମଦେବ କର୍ମୀ ଗଉରୀକ ଜାଣୀ ବୋଲନ୍ତି ଅଙ୍ଗ ଏ ସଣସ୍—
ଭକ୍ତ. ବୈଦେହୀଶବିଳାସ ।

୨ । ଗୋରୋଚନା—2. Bright yellow pegment
obtained from a dead cow.

ବଇଦ ମାଭ୍ର ଗଉରୀ ଲଭ ବୋଲି ଗଉରୀ ଚନ୍ଦ୍ରକ ତେଜ—
ଭକ୍ତ. ବୈଦେହୀଶବିଳାସ ।

୩ । ଗୌରୀ ( ଦେଖ )
3. Gauri ( See ).

ଗ୍ରା. ( ପଦ୍ୟ ) ବିଣ—ଗୋରୀ—
( woman ) Of fair complexion.

କାଞ୍ଚନ ଗଉରୀ ବପୁର, ବଚନ ବଧିକ ଚରଡବାର, ମୁଖ ଧନ ମୁଁ ପଦଗୁର ।
କବିସୂର୍ଯ୍ୟ. ସଙ୍ଗୀତ ।

**ଗଉରୀବେତ**—ଦେ. ବି—ଗ୍ରାମ ଠାକୁରାଣୀ ବା ପାର୍ବତୀ ରାତ୍ରିକାଳରେ
Gauribeta ବୁଲେ କଲାବେଳେ ଯେଉଁ ବେତ ହାତରେ ଧରନ୍ତି
ବୋଲି ଲୋକେ ବିଶ୍ୱାସ କରନ୍ତି—
Ratan cane supposed to be held by the village Goddess or by Parbati on her nocturnal rounds (according to the superstition of the villagers ).

**ଗଉରୀତୀର୍ଥ**—ଗ୍ରା. ବି. (ସଂ. ଗୌରୀତୀର୍ଥ )—ତୀର୍ଥବିଶେଷ—
Gauritirtha Name of a sacred place of pilgrimage.

ସଙ୍କେତ ଯେ ଗଉରୀତୀର୍ଥ ମୋର । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

[ ଦ୍ର—ବୃନ୍ଦାବନ ନିକଟରେ ପ୍ରବାହିତ ହେଉଥିବା ଯମୁନା ନଦୀରେ ଏହି ତୀର୍ଥ ଅଛି । ଏହା ଚନ୍ଦ୍ରାବଳୀଙ୍କର ଶ୍ରୀକୃଷ୍ଣଙ୍କ ସହିତ ମିଳନର ସଙ୍କେତସ୍ଥଳ ଥିଲା । ]

**ଗଉରେନ**—ପ୍ରାଦେ. (ସମ୍ବଲପୁର) ବି.—ଗଉଡୁଣୀ—
Gauren A milk-maid.

**ଗଏଁଗଏଁ**—ପ୍ରାଦେ. ( ସମ୍ବଲପୁର ) ବିଣ ଓ ବିଣ—ଚିହଚିହ; ଝେହଝେହ;
Gaengaen ଅତ୍ୟନ୍ତ—Very much.

[ ଦ୍ର—ଏହା ଅନ୍ୟ ବର୍ଣ୍ଣ ବା ରଙ୍ଗବାଚକ ବିଶେଷଣ ପରେ ଲାଗେ । ଯଥା—ଲାଲ ଗଏଁ ଗଏଁ (ଅତ୍ୟନ୍ତ ନାଲିଆ) । ]

**ଗଏଁଠ**—ପ୍ରାଦେ (ସମ୍ବଲପୁର) ବି (ସଂ. ଗ୍ରନ୍ଥି) ବି—ଗଣ୍ଠି—
Gaenth Knot.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଫ୍ସ | ଉଅ | ଃ |
| ୨ | ଈ | ଊ | ରୁ | ଲ୍ରୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଁ୍ୟ | ଇଅ | ଙ୍ | ନ୍ନ |

ଗଏଁଠ୍ଲା—ପ୍ରାଦେ. (ସମ୍ବଲପୁର) ବି—ଗଇଣ୍ଠାଲ—
Gaeṅṭhlā Nuptial knot.

ଗଏନ୍ତି—ପ୍ରାଦେ (ସମ୍ବଲପୁର) ବି—ଗଇନ୍ତି ( ଦେଖ )—
Gaenti Gainti ( See )

ଗଏନ୍ଦା—ଦେ. ବ.—ଗୋଇନ୍ଦା (ଦେଖ )
Gaendā Goindā (See)

ଗଏବ୍—ବୈଦେ. ବ. (ଆ. ଗାୟେବ୍; ଗୈବ୍)—
Gaeb ଗୋପନ କରିବା; ଲୋପ କରିବା—
গায়েব Causing disappearance; hushing up, concealing.
গৈব
ବୈଦେ. ବଣ.—ଗୁପ୍ତ—Hushed up; secret.

ଗଏର—ବୈଦେ ଓ ଗ୍ରାମ୍ୟ. ବଣ—ଗର (ଦେଖ)
Gaera Gar (See)

ଗଏରା—ପ୍ରାଦେ. (ସମ୍ବଲପୁର) ବ.—ଟିଙ୍କ—
Gaerā Tick; Argas Persicus.

ଗଏଳ—ଗ୍ରାମ୍ୟ. ବ.—ଗୟଳ (ଦେଖ)
Gaeḻa Gayaḻa (See)

ଗଏସ—ଦେ. ବ—ଗୟସ (ଦେଖ)
Gaesa Gayasa (See)

ଗଁ—ଦେ. ଅ (ଧ୍ୱନ୍ୟନୁକରଣ)—ଗଅଁ ଗଅଁ (ଦେଖ)
Gaṅ Ga-aṅ ga-aṅ (See)

ଗଁ ଗଁ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଗଅଁ ଗଅଁ (ଦେଖ)
Gaṅ gaṅ Ga-aṅ ga-aṅ.

ଘର ମଧ୍ୟରେ ଉଚ୍ଚ ଗଁ ଗଁ ଶବ୍ଦ, ଚୋଡ଼ ହାତ ବାଡ଼େଇବା ଶବ୍ଦ ପୁର
ନସ୍ତବ୍ଧ ହୋଇଗଲା ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

୨ । ଝଡ଼ ଓ ବର୍ଷାର ଶବ୍ଦ—
2. Sound of rain and wind.

ଗଁଧରୀ କୀଡ଼ା—ପ୍ରାଦେ. (ବସ୍ତର) ବ.—ଅଂଶେଇ—
Gaṅdharī kīṛā Maggots.

ଗଗ୍ରା—ପ୍ରାଦେ (ବସ୍ତର) ବ.—ଗଗରା (ଦେଖ )
Gag-rā Gagarā (See)

ଗଗଛ—ଦେ. ବ. (ସଂ. ଗୋବତ୍ସ; ଗର୍ଭସ୍ରାବ)—
Gagachha ଗାଈପ୍ରଭୃତିଙ୍କ ଗର୍ଭସ୍ରାବ—
Miscarriage of a cow or other beast.

ଗଗଛ ଉଡ଼ାଇବା—ଦେ. କ୍ରି.—ବିଶେଷଭାବରେ ମାଡ଼ ବା ପ୍ରହାର
Gagachha uṛāibā କରିବା—To give a sound
গোবাড়ান দেওয়া beating; to horse-whip.
[ଯଥା—ତା ଉପରେ ମୁଁ ଗଗଛ ଉଡ଼ାଇ ଦେବି । ]

ଗଗଛବାଡ଼ିଆ—ଦେ. ବ. (ସଂ. ଗୋବତ୍ସ)—
Gagachhabāṛiā ନିର୍ମମ ପ୍ରହାର; ଜୋରରେ ମାଡ଼—
গোবাড্ডান Sound thrashing or beating (as administered to cows by the cowherd).

ଗଗଛିବା—ଦେ. କ୍ରି. (ସଂ. ଗୋବତ୍ସ)—
Gagachhibā (ଗାଈ ପ୍ରଭୃତି) ଗର୍ଭସ୍ରାବ କରିବା; ଗଭୁରିବା—
To miscarry (said of cows).

ଗଗନ—ସଂ. ବ. (ଗମ ଧାତୁ=ବ୍ୟାପିବା+କର୍ତ୍ତୃ. ଅନ)—
Gagana ୧ । ଆକାଶ—1. The sky.
୨ । (ଗଣିତ) ଶୂନ୍ୟ—2. (mathematics) Zero.
ଦେ. ବ. ପୁଂ.—ଗଗନବିହାରୀର ଡାକନାମ—
Name for calling Gaganabihārī.

ଗଗନକୁସୁମ—ସଂ ବି. (ମ. ପ. ଲୋ. ଗଗନରେ କଳ୍ପିତ କୁସୁମ)—
Gaganakusuma ୧ । ଅଲଭ୍ୟବସ୍ତୁ—1. Unattainable thing.
୨ । ଆକାଶରେ ଫୁଟିବା ଫୁଲ; ଅସମ୍ଭବ କଥା—
2. An unreal thing.

ଗଗନକୁସୁମ ପରି ଏଥି ଭ୍ରମ ।
କବିସୂର୍ଯ୍ୟ. ଚଉପଦୀ ଚନ୍ଦ୍ର ।

ଗଗନଗତି—ସଂ. ବି. (ବହୁବ୍ରୀହି; ଗଗନରେ ଗତି ଯାହାର)—
Gaganagati ୧ । ଦେବତା—1. Deity.
୨ । ଗ୍ରହ—2. Planet.
୩ । ପକ୍ଷୀ—3. Bird.
୪ । ଦେବଯୋନି—4. Celestial being.
୫ । ରାଶିଚକ୍ର—Zodiacal sign.
୬ । ନକ୍ଷତ୍ର—6. Star; lunar mansion.
ସଂ. ବଣ—ଆକାଶଚର—
Moving in the sky.

ଗଗନଚର—ସଂ. ବ. ( ଗଗନ+ଚର ଧାତୁ+କର୍ତ୍ତୃ. ଅ )—
Gaganachara ଗଗନଗତି ( ଦେଖ )
(ଗଗନେଚର—ଅନ୍ୟରୂପ) Gaganagati ( See )
ସଂ. ବଣ—ଯେ ଆକାଶରେ ବିଚରଣ କରେ—
Sporting or travelling in the sky.

ଗଗନଚାରୀ—ସଂ. ବ ଓ ବଣ. ( ଗଗନ+ଚର ଧାତୁ+କର୍ତ୍ତୃ. ଇନ୍ )—
Gaganachārī ଗଗନଚର ( ଦେଖ )
( ଗଗନଚାରିଣୀ—ସ୍ତ୍ରୀ ) Gaganachara ( See )

ଗଗନଚୁମ୍ବିତ—ସଂ. ବଣ. ( ୩ୟା ତତ୍; ଗଗନ+ଚୁମ୍ବିତ )—ଅତ୍ୟୁଚ୍ଚ;
Gaganachumbita ଆକାଶଭେଦୀ—Very high; kissing the sky; reaching to the clouds.

ଗଗନଚୁମ୍ବୀ—ସଂ. ବଣ. (ଉପପଦତତ୍; ଗଗନ+ଚୁମ୍ବିନ୍; ୧ମା. ୧ବ)—
Gaganachumbī ଗଗନଚୁମ୍ବିତ ( ଦେଖ )
( ଗଗନଚୁମ୍ବିନୀ—ସ୍ତ୍ରୀ ) Gaganachumbita ( See )

ଗଗନତଳ—ସଂ. ବ. ( ୬ଷ୍ଠୀ ତତ୍; ଗଗନ+ତଳ )—
Gaganataḻa ଗଗନମଣ୍ଡଳ ( ଦେଖ )
Gaganamaṇḍaḻa ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଅ' ନ ମିଳିଲେ 'ବଅ' ଦେଖିବେ 'ବନ୍ଧ୍ୟ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖୋ' ନ ପାଇଲେ 'ଅଙ୍ଖ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗଗନବିହାରୀ**— ସଂ. ବି ଓ ବିଣ. (ଗଗନ+ବିହାର+ଇନ୍; ୧ମା. ୧ବ)—
Gaganabihārī ଗଗନଚର ( ଦେଖ )
(ଗଗନବିହାରିଣୀ—ସ୍ତ୍ରୀ) Gaganachara ( See )
ଦେ. ବି—ପୁରୁଷଙ୍କ ନାମ—
A name given to males.

**ଗଗନଭେଦୀ**— ସଂ. ବିଣ. ( ଗଗନ+ଭିଦ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ. )—୧ । ଗଗନଚୁମ୍ବିତ ( ଦେଖ )
Gaganabhedī
1. Gaganachumbita ( See )
୨ । ଯେଉଁ ଶବ୍ଦ ଆକାଶକୁ ଭେଦ କରେ; (ଅତିଉଚ୍ଚଧ୍ୱନି); ଉଚ୍ଚୈଃ ( ସ୍ୱର )—
2. Very loud ( sound ); rending the sky.

**ଗଗନମଣ୍ଡଳ**— ସଂ. ବି. ( ୬ଷ୍ଠୀ ତତ୍; ଗଗନ+ମଣ୍ଡଳ )—ଆକାଶ; ଅନ୍ତରୀକ୍ଷ; ନଭୋମଣ୍ଡଳ; ଶୂନ୍ୟମଣ୍ଡଳ—
Gaganamaṇḍala
Sky; firmament; the space; welkin.

**ଗଗନସିଞ୍ଝୁ**— ଦେ. ବି—ନିର୍ମୂଳି ( ଦେଖ )
Gaganasijhu Nirmūḷi ( See )

**ଗଗନସ୍ପର୍ଶ**— ସଂ. ବି.—୧ । ପବନ—
Gaganasparśa 1. Air.
୨ । ଅଷ୍ଟ ମରୁତରୁ ଏକତମ—
2. One of the eight Maruta Deities.

**ଗଗନସ୍ପର୍ଶୀ**— ସଂ. ବିଣ. (ଉପପଦତତ୍; ଗଗନ+ସ୍ପର୍ଶିନ୍; ୧ମା. ୧ବ.)—
Gaganasparśī ଗଗନଚୁମ୍ବିତ ( ଦେଖ )—
Gaganachumbita ( See )

**ଗଗନସ୍ପୃକ୍**— ସଂ. ବିଣ. ( ଗଗନ+ସ୍ପୃଶ ଧାତୁ+କର୍ତ୍ତୃ. କ୍ୱିପ୍ )—
Gaganaspṛuk ଗଗନଚୁମ୍ବିତ ( ଦେଖ )
Gaganachumbita ( See )

**ଗଗନାଙ୍ଗନା**— ସଂ. ବି. (ମ. ପ. ଲୋ. କର୍ମଧା; ଗଗନସ୍ଥିତରଣୀ ଅଙ୍ଗନା)—
Gaganāṅganā ଅପ୍ସରା—Heavenly nymph.

**ଗଗନାମ୍ବୁ**— ସଂ. ବି. ( ମ. ପ. ଲୋ; ଗଗନ+ଅମ୍ବୁ ) – ବର୍ଷାଜଳ; ମେଘଜଳ—Rain-water.
Gaganāmbu
( ଯଥା — ବୈଦ୍ୟକ ଅନୁସାରେ ଏହା ତ୍ରିଦୋଷଘ୍ନ, ବଳକାରକ, ରସାୟନ, ଶୀତଳ ଓ ବିଷନାଶକ । )

**ଗଗନେଚର**— ସଂ. ବି. ଓ ବିଣ. ପୁଂ ( ଅଲୁକ୍ ସମାସ; ଗଗନେ=ଆକାଶରେ+ଚର ଧାତୁ+କର୍ତ୍ତୃ. ଅ )—
Gaganechara
ଗଗନଚର ( ଦେଖ )—Gaganachara ( See )

**ଗଗରା**— ପ୍ରାଦେ. ( ସମ୍ବଲପୁର, ଗଡ଼ଜାତ ) ବି—
Gagarā ( ସଂ. ଗର୍ଗର=କଳଶୀ; ତୁଳ. ହି. ଗଗରା)—
ତମ୍ବା ବା ପିତଳର ବଡ଼ ଗରା ବା ମାଠିଆ—
A big water-jar made of brass or other metal.
ଗଡୁଆ ଗଗରା କେତେ ବାସନ, କେତେ ଯାଚ ଦେଲେ ହୋଇ ପ୍ରସନ୍ନ ।
ବ୍ରଜନାଥ- ସମର ତରଙ୍ଗିଣୀ ।

**ଗଗରି**— ପ୍ରାଦେ. (ଲରିଆ) ବି— ୧ । ମାଠିଆ—
Gagari 1. Water-jar.
୨ । (ସଙ୍ଗୀତ) ସ୍ୱରକୁ ଦୀର୍ଘ କରି ତୋଳିବା—
2. Raising of the tune; elongation of a tune.

**ଗଗୈଶ**— ପ୍ରାଦେ. ( ଗଞ୍ଜାମ ) ବି—ଗୟଶ ( ଦେଖ )
Gagaiśa Gayasa ( See )

**ଗଗ୍ରା**— ପ୍ରାଦେ. ( ସମ୍ବଲପୁର ) ବି—ଗଗରା ( ଦେଖ )
Gagrā Gagarā ( See )

**ଗଗ୍ରି**— ପ୍ରାଦେ. ( ଲରିଆ ) ବି—ଗଗରି ୧ ( ଦେଖ )
Gagri Gagari 1 ( See )

**ଗଙ୍ଗକା**— ସଂ. ବି. ( ଗଙ୍ଗା+କ+ଆ )—
Gaṅgakā ଗଙ୍ଗା ନଦୀ—
The river Ganges ( M. W. ).

**ଗଙ୍ଗଦତ୍ତ**— ସଂ. ବି. (ନାମ)—ପଞ୍ଚତନ୍ତ୍ରୋକ୍ତ ଭେକରାଜ—
Gaṅgadatta Name of a king of frogs mentioned in the Sanscrit work Pañchatantra.

**ଗଙ୍ଗବଂଶ**— ବି—ଓଡ଼ିଶାର ପ୍ରାଚୀନ ରାଜବଂଶବିଶେଷ—
Gaṅgabaṁśa Name of a dynasty of ancient kings of Orissa.

[ ଦ୍ର— ଉତ୍କଳର ଗଙ୍ଗବଂଶୀୟ ରାଜାମାନେ ୧୦୪୨ ଖ୍ରୀଷ୍ଟାବ୍ଦ ଠାରୁ ୧୪୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏମାନେ ଦାକ୍ଷିଣାତ୍ୟର କର୍ଣ୍ଣାଟକ ଦେଶରୁ ଆସି ପ୍ରଥମେ ଦକ୍ଷିଣକଳିଙ୍ଗ ଅଧିକାର କରି ପ୍ରଥମେ ଗଙ୍ଗବାଡ଼ି (ବର୍ତ୍ତମାନ ପାରଳାଖେମୁଣ୍ଡି ରାଜ୍ୟର ମୁଖଲିଙ୍ଗ ନଗର) ନାମକ ସ୍ଥାନରେ ରାଜତ୍ୱ କଲେ । ଏମାନେ ଚନ୍ଦ୍ରବଂଶୀୟ ରାଜା ବୋଲି ଆପଣାକୁ ପରିଚୟ ଦେଉଥିଲେ । ଗଙ୍ଗବଂଶର ପଞ୍ଚମ ରାଜା କାମାର୍ଣ୍ଣବଦେବ ସମସ୍ତ କଳିଙ୍ଗ ଅଧିକାର କରି ଉଡ୍ର (ବର୍ତ୍ତମାନ କଳାହାଣ୍ଡି, ବସ୍ତର) ଅଧିକାର କଲେ । ଷଷ୍ଠ ରାଜା ଅନନ୍ତବର୍ମା ବା ଚୋଳଗଙ୍ଗଦେବ ବା ଚୁଡ଼ଗଙ୍ଗଦେବ ଉତ୍କଳ ଅଧିକାର କଲେ । ଉତ୍କଳ ସିଂହାସନରେ ଏ ଗଙ୍ଗବଂଶର ପ୍ରଥମ ରାଜା । ଗଙ୍ଗବଂଶ ଓ ତତ୍ପରବର୍ତ୍ତୀ ସୂର୍ଯ୍ୟବଂଶର ରାଜତ୍ୱ ଉତ୍କଳର ମହାଗୌରବମୟ କାଳ ଥିଲା । ସେତେବେଳେ ଉତ୍କଳ ରାଜାଙ୍କ ରାଜ୍ୟର ସୀମା ପଶ୍ଚିମରେ କଳାହାଣ୍ଡି ବସ୍ତର, ପୂର୍ବରେ ସମୁଦ୍ର, ଉତ୍ତରରେ ଗଙ୍ଗା ଓ ଦକ୍ଷିଣରେ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ଥିଲା । ଚୁଡ଼ଗଙ୍ଗଦେବଙ୍କ ପୁତ୍ରମାନେ ଯଥାକ୍ରମେ କାମାର୍ଣ୍ଣବ ବା ଗଙ୍ଗେଶ୍ୱରଦେବ, ରାଘବଦେବ ବା ଏକଜଟା କାମଦେବ, ରାଜରାଜଦେବ, ଅନଙ୍ଗଭୀମଦେବ; ତତ୍ପରେ ଅନଙ୍ଗଙ୍କ ପୁତ୍ର ରାଜରାଜେଶ୍ୱର ବା ପୁରୁଷୋତ୍ତମଦେବ; ତାଙ୍କ ପୁତ୍ର ଅନଙ୍ଗଭୀମଦେବ; ତାଙ୍କ ପୁତ୍ର ଲାଙ୍ଗୁଲାନରସିଂହଦେବ; ତାଙ୍କ ପୁତ୍ର ଭାନୁଦେବ; ତାଙ୍କ ପରେ ଦ୍ୱିତୀୟ ନରସିଂହଦେବ ଓ ତାଙ୍କ ପରେ ଆଉ ୯ଜଣ ରାଜା ରାଜତ୍ୱ କଲେ । ଗଙ୍ଗବଂଶର ଶେଷ ରାଜାଙ୍କର ପୁତ୍ର ନ ଥିବାରୁ ସେ ସୂର୍ଯ୍ୟବଂଶୀୟ କ୍ଷତ୍ରିୟ କପିଳେନ୍ଦ୍ରଦେବଙ୍କୁ ରାଜା

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଅ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

ମନୋନୀତ କରଗଲେ । ଗଙ୍ଗବଂଶର ରାଜାମାନଙ୍କ ଅମଳରେ କଟକ ବାରବାଟି ରାଜଧାନୀ ଥିଲା । ଏହି ଗଙ୍ଗବଂଶ ଅମଳରେ ଦେଉଳ, ପୁଷ୍କରଣୀ, ବ୍ରାହ୍ମଣଶାସନ ପ୍ରତିଷ୍ଠା, ଦେଶରକ୍ଷା, ସାହିତ୍ୟ ଓ ଧର୍ମ ଚର୍ଚ୍ଚା ହୋଇଥିଲା । ଏ ବଂଶର ଶେଷ ଅମଳରୁ ଚଉଦିଗରେ ପଠାଣ ଶକ୍ତିମାନେ ପ୍ରବଳ ହୋଇ ଉଠିଲେ ।

କୃପାସିନ୍ଧୁ. ଉତ୍କଳ ଇତିହାସ । ]

**ଗଙ୍ଗବାଡ଼ି**—ଦେ. ବି—ଗଙ୍ଗାବାଡ଼ି ( ଦେଖ )—
Gangabardi — Gangabardi ( See )

**ଗଙ୍ଗବାଣ**—ଦେ. ବି—ଏକଜାତୀୟ ଶ୍ରେଷ୍ଠ ନଡ଼ିଆ—
Gangabana — A species of cocoanut.

ସାତ ଡାଳ ଗଙ୍ଗବାଣ ନିଶାଣ ପଢ଼ଡ଼—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଗଙ୍ଗଶିଉଳି**—ଦେ. ବି ( ସଂ. ଗଙ୍ଗା ଓ ଶେଫାଳୀ )—ଶେଫାଳୀକାଗଛ ଓ
Gangasiuli — ତାହାର ଶୁକ୍ଳପାଖୁଡ଼ା ଓ ନାଲି ଡେମ୍ଫୁଯୁକ୍ତ ସୁଗନ୍ଧ-
ସଂ. ଶେଫାଳିକା, ଗନ୍ଧଯୁକ୍ତ ଫୁଲ—Night-flowering Jasmine;
ଶୁକ୍ଳାଙ୍ଗୀ — the weeping Nyctanthus ( flowers
ଶିଉଳୀ — with white petals and red stalks.
ହରଶିଙ୍ଗାର
ଦେ. ପାରିଜାତପୁ

**ଗଙ୍ଗଶିମିଳି**—ଗ୍ରା. ବି—ଗଙ୍ଗଶିଉଳି ( ଦେଖ )—
Gangasimili — Gangasiuli ( See )

**ଗଙ୍ଗଶିମୁଳି**—ଗ୍ରା. ବି—ଗଙ୍ଗଶିଉଳି ( ଦେଖ )—
Gangasimuli — Gangasiuli ( See )

**ଗଙ୍ଗା**—ସଂ. ବି. ସ୍ତ୍ରୀ ( ଗାଂ=ପୃଥିବୀକୁ+ଗମ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ;
Ganga — କିମ୍ବା ଗମ ଧାତୁ+କର୍ତ୍ତୃ+ଗ+ଆ)—୧ । ହିମାଳୟର
ଅନ୍ୟ ସଂ. ନାମ—ଭାଗୀରଥୀ, — ଗଙ୍ଗୋତ୍ରୀ ଶୃଙ୍ଗରୁ ବାହାରି ଦକ୍ଷିଣ ଓ
ଜାହ୍ନବୀ, ତ୍ରିପଥଗା, ତ୍ରିସ୍ରୋତା, — ପୂର୍ବ ଅଭିମୁଖରେ ଯୁକ୍ତପ୍ରଦେଶ, ବିହାର
ବିଷ୍ଣୁପଦୀ, ସ୍ୱରନିମ୍ନଗା, — ଓ ବଙ୍ଗପ୍ରଦେଶ ବାଟେ ବଙ୍ଗୋପ-
ସୁରନଦୀ, ସୁରାପଗା, ମନ୍ଦାକିନୀ, — ସାଗରରେ ପଡ଼ିଥିବା ନଦୀ—
ଅଳକନନ୍ଦା, ଅଧ୍ୱଗା । — 1. The river Ganges.

[ ଦ୍ର—ଗଙ୍ଗାଙ୍କର ଉତ୍ପତ୍ତି ଓ ମର୍ତ୍ତ୍ୟକୁ ଆଗମନ ବିଷୟରେ ଦୁଇଟି ପୌରାଣିକ ଆଖ୍ୟାୟିକା ଅଛି ।

୧ । ଏକଦା ନାରଦଙ୍କ ଅନୁରୋଧରେ ମହାଦେବ ସଙ୍ଗୀତ ଗାନ କଲେ । ବିଷ୍ଣୁ ଓ ବ୍ରହ୍ମା ଶ୍ରୋତାରୂପେ ସେଠାରେ ଉପସ୍ଥିତ ହେଲେ । ବିଷ୍ଣୁ ଉତ୍କଣ୍ଠରଣରେ ଦ୍ରବୀଭୂତ ହେବାରୁ ବ୍ରହ୍ମା ଉକ୍ତ ଦ୍ରବୀଭୂତ ବିଷ୍ଣୁଙ୍କୁ ଆପଣା କମଣ୍ଡଳୁରେ ପୂରାଇ ରଖିଲେ । ଏହି ଦ୍ରବୀଭୂତ ବିଷ୍ଣୁ ଗଙ୍ଗା ଅଟନ୍ତି । କପିଳ ମୁନିଙ୍କ କୋପାନଳରେ ସଗର ରାଜାଙ୍କ ଷଷ୍ଟି-ସହସ୍ର ପୁତ୍ର ଧ୍ୱଂସ ହେବାରୁ ସଗରବଂଶର ଉତ୍ତରାଧିକାରୀ ଭଗୀରଥ ଭସ୍ମୀଭୂତ ପୂର୍ବପୁରୁଷମାନଙ୍କୁ ଉଦ୍ଧାର କରିବା ପାଇଁ କଠୋର ତପସ୍ୟା କରି ବ୍ରହ୍ମାଙ୍କଠାରୁ ଗଙ୍ଗାଙ୍କୁ ପ୍ରାପ୍ତ ହେଲେ । ଗଙ୍ଗା ବ୍ରହ୍ମାଙ୍କ କମଣ୍ଡଳୁରୁ ବାହାରି ମହାଦେବଙ୍କ ଜଟାରେ ପଡ଼ି ହିମାଳୟ ବାଟେ ଓହ୍ଲାଇ ୭ଟି ଧାରା ହେଲେ । ପଶ୍ଚିମକୁ ସୀତା, ସିନ୍ଧୁ ଓ ଚକ୍ଷୁ ନାମରେ ୩ ଧାରା ଗଲେ । ପୂର୍ବକୁ ହ୍ଲାଦିନୀ, ପାବନୀ ଓ ନଳିନୀ ନାମରେ ୩ ଧାରା ଗଲେ ଏବଂ ଏକ ଧାରା ଭଗୀରଥଙ୍କ ପଛେ ପଛେ ଯାଇ ସମୁଦ୍ରରେ ପଡ଼ି ଭସ୍ମୀଭୂତ ସଗରସନ୍ତାନମାନଙ୍କୁ ଉଦ୍ଧାର କଲେ । ଏହି ଧାରାର ନାମ ଭାଗୀରଥୀ । ହିମାଳୟର ଗୋମୁଖୀ ବା ଗଙ୍ଗୋତ୍ରୀ ନାମକ ସ୍ଥାନରେ ଗଙ୍ଗା ଭାରତବର୍ଷରେ ଭୂତଳସ୍ପର୍ଶ କଲେ । ଭଗୀରଥଙ୍କ ପଛେ ପଛେ ଆସୁ ଆସୁ ଜହ୍ନୁ ମୁନିଙ୍କ ଯଜ୍ଞ-ଭୂମିକୁ ପ୍ଲାବିତ କରିବାରୁ ମୁନି କ୍ରୁଦ୍ଧ ହୋଇ ଗଙ୍ଗାଙ୍କୁ ପିଇ ଦେଲେ । ଗଙ୍ଗା ଅଦୃଶ୍ୟ ହେବାରୁ ଭଗୀରଥ ତପସ୍ୟାରେ ଜହ୍ନୁ ମୁନିଙ୍କୁ ତୁଷ୍ଟ କଲେ ଓ ଜହ୍ନୁମୁନି ନିଜର ଜାନୁ ବିଦାରଣପୂର୍ବକ ( ମତାନ୍ତରରେ ତାଙ୍କ କର୍ଣ୍ଣ ବାଟେ) ଗଙ୍ଗାଙ୍କୁ ଛାଡ଼ିଦେଲେ ଓ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି ସାଗରରେ ପଡ଼ିଲେ । ଜହ୍ନୁମୁନିଙ୍କ ଦେହରୁ ଜନ୍ମିବାରୁ ଗଙ୍ଗାଙ୍କର ଅନ୍ୟ ନାମ ଜାହ୍ନବୀ । ଭଗୀରଥଙ୍କ ତପସ୍ୟା ଯୋଗୁଁ ପୃଥିବୀକୁ ଆସିଥିବାରୁ ଏହାଙ୍କ ନାମ ଭାଗୀରଥୀ । ଏକଦା ଗଙ୍ଗା ବ୍ରହ୍ମାଙ୍କ ନିକଟରୁ ପ୍ରତ୍ୟାଗମନ କରୁଥିବାବେଳେ ବାଟରେ ଅଭିଶପ୍ତ ଅଷ୍ଟାବସୁମାନଙ୍କ ପ୍ରାର୍ଥନାକ୍ରମେ ମାନବୀବେଶ ଧାରଣ କରି ରାଜା ଶାନ୍ତନୁଙ୍କୁ ବିବାହ କଲେ ଓ ଶାନ୍ତନୁଙ୍କୁ ସତ୍ୟ କରାଇଲେ ଯେ ପତ୍ନୀଙ୍କ ଇଚ୍ଛାନୁରୂପ କର୍ମରେ ଶାନ୍ତନୁ ବାଧା ଦେବେ ନାହିଁ; ବାଧାଦେଲେ ଗଙ୍ଗା ଅନ୍ତର୍ହିତା ହେବେ । ପରେ ଶାନ୍ତନୁଙ୍କ ଔରସରେ ଜନ୍ମିବା ତାଙ୍କ ୭ ପୁତ୍ରଙ୍କୁ ଗଙ୍ଗାଦେବୀ ଜନ୍ମହେବାମାତ୍ରେ ଜଳରେ ପକାଇଦେଲେ, କିନ୍ତୁ ପ୍ରତିଜ୍ଞାବଦ୍ଧ ଶାନ୍ତନୁ କିଛି କହିଲେ ନାହିଁ । ଅବଶେଷରେ ୮ମ ପୁତ୍ର ଭୀଷ୍ମଙ୍କୁ ଜନ୍ମ କରି ଜଳରେ ପକାଇବାବେଳକୁ ଶାନ୍ତନୁ ଏଥିରେ ବାଧା ଦେବାରୁ ଗଙ୍ଗା ଉକ୍ତ ପୁତ୍ରଙ୍କୁ ପାଣିରେ ପକାଇଲେ ନାହିଁ, ସତ୍ୟ, କିନ୍ତୁ ଆଉ ଶାନ୍ତନୁଙ୍କ ଭାର୍ଯ୍ୟା ହୋଇ ରହିଲେ ନାହିଁ ଓ ଭୀଷ୍ମଙ୍କୁ ନେଇ ଅନ୍ତର୍ହିତା ହେଲେ । ପରେ ଭୀଷ୍ମ ବୟଃପ୍ରାପ୍ତ ହେବାରୁ ତାଙ୍କୁ ଆଣି ଶାନ୍ତନୁଙ୍କୁ ଅର୍ପଣ କଲେ । ଗଙ୍ଗାଦେବୀ ମଧ୍ୟ ଶିଶୁ କାର୍ତ୍ତିକେୟଙ୍କୁ ସ୍ୱଗର୍ଭସ୍ଥ ଶରବଣରେ ବଢ଼ାଇଥିଲେ ।

୨ । ମତାନ୍ତରରେ ଗଙ୍ଗା ଗିରିରାଜ ହିମାଳୟ ଓ ତତ୍ପତ୍ନୀ ମେନାଙ୍କର ଜ୍ୟେଷ୍ଠା କନ୍ୟା । ଦେବମାନଙ୍କ ଚେଷ୍ଟାରେ ଏ ମହାଦେବଙ୍କୁ ବିବାହ କରିଥିଲେ । ଏ ପାର୍ବତୀଙ୍କ ଜ୍ୟେଷ୍ଠା ଭଗ୍ନୀ ଓ ସପତ୍ନୀ । ଏହାଙ୍କ ଅଦର୍ଶନରେ ମେନା ଶୋକଦଗ୍ଧା ହୋଇ ଅଭିଶାପ ଦେବାରୁ ଏ ଜଳରେ ପରିଣତ ହୋଇ ତଦବଧି ବ୍ରହ୍ମାଙ୍କ କମଣ୍ଡଳୁରେ ରହିଲେ ଓ ପରେ ଭଗୀରଥଙ୍କ ତପସ୍ୟା ଦ୍ୱାରା ମର୍ତ୍ତ୍ୟକୁ ଆସିଲେ ! ଗଙ୍ଗାନଦୀ ହିନ୍ଦୁମାନଙ୍କର ପ୍ରଧାନ ତୀର୍ଥ ଓ ଗଙ୍ଗାଜଳ ହିନ୍ଦୁର ପବିତ୍ର ପାନୀୟ । ମୁମୂର୍ଷୁ ବ୍ୟକ୍ତିର ପାରଲୌକିକ ମୁକ୍ତିକାମନାରେ ସ୍ୱଜନମାନେ ତାକୁ ନେଇ ଗଙ୍ଗାକୂଳରେ ଶୁଆନ୍ତି । ଗଙ୍ଗାନଦୀ ଗର୍ଭସ୍ଥ ମାଟିକୁ ଘୋରି ଲୋକେ ଟିକା ଦେଉନ୍ତି । ମୃତବ୍ୟକ୍ତିର ଅସ୍ଥି ଗଙ୍ଗାରେ ପକାଇଲେ ତାହାର ପାରଲୌକିକ ସଦ୍ଗତି ହୁଏ । ଏଥିପାଇଁ ହିନ୍ଦୁ-

ସାଧାରଣ ଲୋକେ ଅପର ପୃଷ୍ଠାରେ ୨ ତଳେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣ୍ଯ' ନ ପାଇଲେ 'ଅଗଣ୍ୟ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ମାନେ ଶ୍ମଶାନରୁ ଚିତାବଶିଷ୍ଟ ଅସ୍ଥି ସଂଗ୍ରହ କରି ଗଙ୍ଗାରେ ପକାଇବା ପାଇଁ ସାଇତି ରଖନ୍ତି । ଗଙ୍ଗାଜଳ ସିଞ୍ଚିବାଦ୍ୱାରା ଅପବିତ୍ର ବସ୍ତୁ, ଦେହ ଓ ସ୍ଥାନ ପବିତ୍ର ହୁଏ ବୋଲି ହିନ୍ଦୁଙ୍କର ବିଶ୍ୱାସ ।

ରାମଗଙ୍ଗା, କାଳୀ, ଇଶା, ଯମୁନା, ଗୋମତୀ, ସରଯୂ, ଗୋଗରା ବା ଘର୍ଘରା, ଶୋଣ, ଗଣ୍ଡକୀ, ଫଲ୍ଗୁ, ବେଗବତୀ, କୌଶିକୀ ବା କୁଶୀ ଓ ମହାନନ୍ଦା ଏମାନେ ଗଙ୍ଗାର ଉପନଦୀ ଅଟନ୍ତି ଓ ହୁଗୁଳି, ଅଦି-ଗଙ୍ଗା ଏମାନେ ଶାଖାନଦୀ ଅଟନ୍ତି । ]

ଗଙ୍ଗା ନଦୀ ବ୍ରହ୍ମପୁତ୍ର ସଙ୍ଗେ ମିଳିତ ହୋଇ ଦୁଇ ନଦୀ ପଦ୍ମା ବା ମେଘନା ନାମ ଧାରଣ କରି ବଙ୍ଗୋପସାଗରରେ ପଡ଼ିଅଛି । ଗଙ୍ଗାରୁ ଆଉ ଗୁଡ଼ିଏ ଶାଖା ବାହାରି ମଧ୍ୟ ବଙ୍ଗୋପସାଗରରେ ପଡ଼ିଅଛି । ଗଙ୍ଗାର ଭିନ୍ନ ଭିନ୍ନ ଶାଖାମାନ ବଙ୍ଗୋପସାଗରରେ ଯେଉଁ ସ୍ଥାନରେ ପଡ଼ିଅଛି ତାହାକୁ ସୁନ୍ଦରବଣ ବୋଲାଯାଏ । କଲିକତା ଗଙ୍ଗାର ଗୋଟିଏ ଶାଖା ହୁଗୁଳି ଉପରେ ଅବସ୍ଥିତ । ଗଙ୍ଗାନଦୀର କୂଳରେ ଅନେକ ପ୍ରଧାନ ନଗର ଓ ବାଣିଜ୍ୟକେନ୍ଦ୍ର ଅବସ୍ଥିତ, ଯଥା ଦେଉଲି, ପ୍ରୟାଗ ବା ଆଲ୍ଲାହାବାଦ, କାଶୀ, ପାଟଣା, ଭାଗଲପୁର । ଗଙ୍ଗାସାଗର-ସଙ୍ଗମ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥ । ଫଳତଃ ଗଙ୍ଗାନଦୀ ଭାରତର ଉତ୍ତରପୂର୍ବ ଅଂଶକୁ ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା କରିଅଛି । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖି ଅଛନ୍ତି ଯେ ଗଙ୍ଗାଜଳକୁ ବହୁକାଳ ବନ୍ଦ କରି ରଖି ଦେଲେ ସେଥିରେ ଅନ୍ୟାନ୍ୟ ନଦୀର ଜଳ ପରି କୀଟାଣୁ ଜନ୍ମନ୍ତି ନାହିଁ ଓ ଗଙ୍ଗାଜଳ ଖୁବ୍ ସ୍ୱାସ୍ଥ୍ୟକର । ]

୨ । ଗଙ୍ଗାଦେବୀ; ଶାନ୍ତନୁଙ୍କ ସ୍ତ୍ରୀ ଓ ଭୀଷ୍ମଙ୍କ ମାତା—
2. A nymph said to have espoused king Śāntanu and borne him eight sons of whom Bhīshma was the youngest.

ଗଙ୍ଗା ବୋଇଲେ ଏକ ଗାଙ୍ଗୀ ବୋଇଲେ ସିଏ । ପ୍ରବଚନ ।

୩ । ପଦ୍ମପୁରାଣୋକ୍ତ ଧର୍ମଦେବଙ୍କ ପତ୍ନୀ—
3. The wife of the Deity Dharma.

୪ । ଆକାଶଗଙ୍ଗା—
4. The mythological Ganges of the sky.

୫ । ନୀଳକଣ୍ଠଙ୍କ ସ୍ତ୍ରୀ ଓ ଶଙ୍କରାଚାର୍ଯ୍ୟଙ୍କ ମାତା—
5. Name of the mother of Śankarāchārjya (M. W.)

ଦେ. ବି—୧ । (ସ୍ତ୍ରୀ) ସ୍ତ୍ରୀଲୋକଙ୍କ ନାମ—
1. A woman of that name.

୨ । (ପୁଂ) ଗଙ୍ଗାଧର ନାମକ ପୁରୁଷକୁ ଡାକିବା ନାମ—
2. Name by which a person named Gangādhara is called.

**ଗଙ୍ଗାଇ**—ଦେ. ବି—ଗଙ୍ଗେଇ ( ଦେଖ )
Gangāi Gangei ( See )

**ଗଙ୍ଗାକା**—ସଂ. ବି. ( ଗଙ୍ଗା + କ + ଆ )—ଗଙ୍ଗାନଦୀ—
Gangākā The river Ganges (Apte).

**ଗଙ୍ଗାକୂଳିଆ**—ଦେ. ବିଣ—୧ । ଗଙ୍ଗା ନଦୀର କୂଳରେ ଜାତ—
Gangākūḻiā 1. Produced on the shores of the Ganges.

୨ । ଗଙ୍ଗାକୂଳରେ ସ୍ଥିତ—2. Situate on the Ganges.

୩ । ଗଙ୍ଗବଂଶୀୟ—3. Pertaining to the Ganga dynasty of Orissa-kings.

**କାଗଜୀ** ଦେ. ବି—କାଗଜୀ; ଏକପ୍ରକାର ବଡ଼ କାଗଜୀଲେମ୍ବୁ—
A kind of oval lime-fruit.

**ଗଙ୍ଗାଚିଲ୍ଲୀ**—ସଂ. ବି—ଜଳପକ୍ଷୀବିଶେଷ; କଳାମୁଣ୍ଡିଆ ଚିଲପକ୍ଷୀ—
Gangāchillī The Gangetic kite; black-headed gull; Larus Ridibundus.

**ଗଙ୍ଗାଜ**—ସଂ. ବି. ( ଗଙ୍ଗା + ଜନ୍ ଧାତୁ + କର୍ତ୍ତୃ. ଅ )—
Gangāja ୧ । ଗଙ୍ଗାଦେବୀଙ୍କ ପୁତ୍ର ଭୀଷ୍ମ—
1. Bhīshma, the son of Gangā.

୨ । ଗଙ୍ଗାଙ୍କ ପାଳିତପୁତ୍ର କାର୍ତ୍ତିକେୟ—
2. Kārttikeya, the foster-son of Gangā.

**ଗଙ୍ଗାଜଳ**—ସଂ. ବି. (ଷଷ୍ଠୀ ତତ୍)—ଗଙ୍ଗାନଦୀର ଜଳ—
Gangājaḻa The water of the Ganges.

[ ଦ୍ର—ଏ ଜଳ ହିନ୍ଦୁଙ୍କ ଚକ୍ଷୁରେ ଅତି ପବିତ୍ର । ଏହି ଜଳରେ ସ୍ନାନ କଲେ ବହୁଜନ୍ମର ପାପ ନାଶ ହୁଏ । ଏହି ଜଳ ଦେହରେ ଲାଗି ମୃତ୍ୟୁ ହେଲେ ମୁକ୍ତିଲାଭ ହୁଏ । ଏହି ଜଳ ଛୁଇଁ ମିଥ୍ୟା କହିଲେ ଶପଥକାରୀର ନରକଗତି ହୁଏ । ବନ୍ଧୁମାନେ ପରସ୍ପରଙ୍କ ମୁହଁରେ ଗଙ୍ଗାଜଳ ଦେଇ 'ଗଙ୍ଗାଜଳ' ବନ୍ଧୁ ବସନ୍ତି । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଅଛନ୍ତି ଯେ ଗଙ୍ଗାଜଳ ଅତ୍ୟନ୍ତ ସ୍ୱାସ୍ଥ୍ୟକର ଓ ରୋଗ-କୀଟାଣୁଶୂନ୍ୟ । ]

**ଗଙ୍ଗାଜଳ** ଦେ. ବି—ଦୁଇବନ୍ଧୁ ପରସ୍ପରର ମୁଖରେ ଗଙ୍ଗାଜଳ ଦେଇ
**गंगाजल** ବସିବା ବନ୍ଧୁତା—Friendship contracted between two persons by mutual giving of the sacred water of the Ganges in the mouth.

**ଗଙ୍ଗାଜଳି**—ଦେ. ବି—୧ । ଗଙ୍ଗାଜଳ ପରି ଈଷତ୍ ନୀଳବର୍ଣ୍ଣ—
Gangājaḻi 1. Slightly blue colour like the
**गंगाजली** water of the Ganges,
**गङ्गाजली** ୨ । ବଙ୍ଗ ଦେଶରେ ତିଆରି ପତଳା କାଚ ଶିଶି—
2. A kind of thin glass bottle manufactured in Bengal.

୩ । ଗଙ୍ଗାଜଳ ସ୍ପର୍ଶପୂର୍ବକ ଶପଥ—
3. Taking oath by touching the Ganges-water.

୪ । ବଙ୍ଗର ଏକ ଜାତୀୟ ବ୍ରାହ୍ମଣ—
4. A sect of Brahmans of Bengal.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଉ,ଊ | ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଜ୍ଞ | ଇଅ | ଉଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଟ୍ୟ | ଇଥ | ● | ନ୍ଦ |

୫ । ଗଙ୍ଗାଜଳ ସଞ୍ଚୟ କରି ରଖିବା ନିମନ୍ତେ ବ୍ୟବହୃତ ଏକ ପ୍ରକାର ପାତ୍ର ବା ବୋତଲ ବା ଶିଶି—
5. A narrow-mouthed pitcher or glass-bottle for storing and carrying Ganges-water.

ଦେ. ବଣ—ଗଙ୍ଗାଜଳ ପରି ସ୍ୱଚ୍ଛ ଓ ଈଷତ୍ ନୀଳ—
Slightly blue and transparent like the water of the Ganges ( which is very deep ).

**ଗଙ୍ଗାଜଳିଆ**—ଦେ. ବି ଓ ବଣ—ଗଙ୍ଗାଜଳି ( ଦେଖ )
Gangājalia — Gangājali ( See )

**ଗଙ୍ଗାଜଳି କରିବା**—ଦେ. କ୍ରି—୧ । ଅନ୍ତିମ କାଳରେ ମୁମୂର୍ଷୁ ବ୍ୟକ୍ତିର ମୁଖରେ ଗଙ୍ଗାଜଳ ଦେବା—
Gangājali karibā
गङ्गाजलीकरा — 1. To put Ganges-water to the mouth of a dying person.

୨ । ହାତରେ ଗଙ୍ଗାଜଳ ନେଇ ଶପଥ କରିବା—
2. To swear by touching the Ganges-water.

୩ । ଅନ୍ତିମ କାଳରେ ମୁମୂର୍ଷୁ ବ୍ୟକ୍ତିକୁ ଗଙ୍ଗାକୂଳକୁ ନେଇ ତାହା ଅଙ୍ଗକୁ ଗଙ୍ଗାନଦୀର ଜଳ ସ୍ପର୍ଶ କରିବା ଅବସ୍ଥାରେ ଗଙ୍ଗାକୂଳରେ ଶୁଆଇବା—
3. To lay a dying man on the shore of the Ganges so that a part of the body touches the water. ( the idea of the Hindus is that a man goes to heaven if he dies touching the Ganges-water).

**ଗଙ୍ଗାଟ**—ସଂ. ବି. (ଗଙ୍ଗା + ଅଟ୍ ଧାତୁ + କର୍ତ୍ତୃ. ଅ)—ଗାଙ୍ଗଟ (ଦେଖ)
Gangāṭa — Gāngaṭa (See)

**ଗଙ୍ଗାଟେୟ**—ସଂ. ବି. (ଗଙ୍ଗା+ଅଟ ଧାତୁ+ଏୟ)—
Gangāṭeya ୧ । ଗଣିଅଁ ତୋଡ଼ି (ଦେଖ)
1. Ganiṅtoṛdi (See)
୨ । ଚିଙ୍ଗୁଡ଼ିମାଛ—2. Shrimp; prawn (M. W.).

**ଗଙ୍ଗାତିରିଆ**—ଦେ. ବି.—ଏକପ୍ରକାର (ଈଷତ୍ ନୀଳ) ବାଇଗଣ ଫଳ—
Gangātiriā A kind of (slightly blue-coloured) brinjal.

**ଗଙ୍ଗାତୁଳସୀ**—ଦେ. ବି.—ଏକପ୍ରକାର କ୍ଷୁଦ୍ର-ପୁଷ୍ପବିଶିଷ୍ଟ ତୁଳସୀଗଛ—
Gangātuḻasi — Hyptis Snaveolens (Haines).

**ଗଙ୍ଗାତେରିଆ**—ଗ୍ରା. ବି.—ଗଙ୍ଗାତିରିଆ (ଦେଖ)
Gangāteriā — Gangātiriā (See)

**ଗଙ୍ଗାଦ୍ୱାର**—ସଂ. ବି. (ନାମ)—ହରଦ୍ୱାର—
Gangādwāra — Haradwar (in North India).
[ ଦ୍ର—ଗଙ୍ଗା ସମୁଦ୍ର ପତ୍ତନରୁ ୧୩୮୦୦ ଫୁଟ ଉଚ୍ଚ ଗଙ୍ଗୋତ୍ରୀ ପାହାଡ଼ରୁ ବାହାରି ମନ୍ଦାକିନୀ ଓ ଅଳକନନ୍ଦା ଏପରି ଦୁଇଟି ଶାଖାରେ ହରଦ୍ୱାରଠାରେ ପଥୁରିଆ ସ୍ଥାନରେ ପୃଥିବୀରେ ଅବତୀର୍ଣ୍ଣ ହୋଇଅଛି । ଏହିଠାରେ ଦକ୍ଷପ୍ରଜାପତି ଯଜ୍ଞ କରିଥିବାର ପୁରାଣରେ ବର୍ଣ୍ଣିତ । ]

**ଗଙ୍ଗାଧର**—ସଂ. ବି. (ଗଙ୍ଗା+ଧୃ ଧାତୁ+କର୍ତ୍ତୃ. ଅ)—୧ । ମହାଦେବ
Gangādhara (ମୁଣ୍ଡରେ ଗଙ୍ଗାଙ୍କୁ ଧାରଣ କରି ଥିବାରୁ; ପୁରାଣରେ ଅଛି ଯେ ଗଙ୍ଗା ପୃଥିବୀରେ ଅବତୀର୍ଣ୍ଣ ହେବା ପୂର୍ବରୁ ମହାଦେବଙ୍କ ମସ୍ତକରେ ପଡ଼ି ତାଙ୍କ ମସ୍ତକରୁ ପୃଥିବୀକୁ ଓହ୍ଲାଇ ଥିଲେ)—1 Name of Mahādeba (who is said to have held the river Ganges on his head before it descended upon the earth.)
୨ । ସମୁଦ୍ର—2. The Ocean.
୩ । (ନାମ) ସୂର୍ଯ୍ୟସିଦ୍ଧାନ୍ତ ଅନୁସାରେ ଗଣିତ ଚନ୍ଦ୍ରମାନ-ନାମକ ଜ୍ୟୋତିଷଗ୍ରନ୍ଥର ରଚୟିତା—
3. Name of the author of an astronomical treatise.
[ ଦ୍ର—ଏ ମହାତ୍ମା ବିନ୍ଧ୍ୟଗିରିର ଦକ୍ଷିଣ ଅଞ୍ଚଳରେ ଚତୁର୍ଦ୍ଦଶ ଶତାବ୍ଦରେ ଜନ୍ମଗ୍ରହଣ କରିଥିଲେ । ]
୪ । ୨୪ ଅକ୍ଷରବିଶିଷ୍ଟ ବୃତ୍ତବିଶେଷ—
4. Name of a Sanscirt metre
୫ । ଗଙ୍ଗାଧର ରସ (ଦେଖ)
5. Gangādhara rasa (See)
ଦେ. ବି—ମନୁଷ୍ୟଙ୍କ ନାମ—Name given to male-persons.

**ଗଙ୍ଗାଧର ମେହେର**—ଦେ. ବି. (ନାମ) ଉତ୍କଳର ଜଣେକ ଆଧୁନିକ କବି—A modern poet of Utkaḻa.
Gangādhara Mehera
[ ଦ୍ର—ଏ ସମ୍ବଲପୁରବାସୀ ତୁଳଅଜାତୀୟ ସ୍ୱର୍ଗୀୟ ଓଡ଼ିଆ କବି । ଏ 'କୀଚକବଧ' ଓ 'ଇନ୍ଦୁମତୀ' ପ୍ରଭୃତି ଅନେକ ଗ୍ରନ୍ଥ ପ୍ରଣୟନ କରିଅଛନ୍ତି—ଭାରଣୀ. ଉତ୍କଳ ସାହିତ୍ୟ ଇତିହାସ । ]

**ଗଙ୍ଗାଧରରସ**—ସଂ. ବି.—(ବୈଦ୍ୟକ) ନାଗରମୁଥା, ମୋଚରସଆଦିଦ୍ୱାରା ପ୍ରସ୍ତୁତ ସଂଗ୍ରହଣୀରୋଗର ଔଷଧବିଶେଷ—
Gangādhararasa — Name of a medicinal preparation for dysentery.

**ଗଙ୍ଗାପୁତ୍ର**—ସଂ. ବି ( ୬ଷ୍ଠୀ ତତ୍; ଗଙ୍ଗା+ପୁତ୍ର )—୧ । ଭୀଷ୍ମ—
Gangāputra 1. Bhishma the son of Sāntanu.
୨ । କାର୍ତ୍ତିକେୟ—
2. Kārttikeya, the foster son of Gangā.
୩ । କାଶୀକ୍ଷେତ୍ରରେ ଯେଉଁ ବ୍ରାହ୍ମଣମାନେ ଗଙ୍ଗାକୂଳରେ ଯାତ୍ରୀମାନଙ୍କୁ ସଙ୍କଳ୍ପ କରାଇ ସେହି ଭୋଗ ଓ ଦକ୍ଷିଣାଦ୍ୱାରା ଜୀବିକା ନିର୍ବାହ କରନ୍ତି—
3. Brāhmaṇas of Benares who subsist upon the offerings made to the Ganges by pilgrims.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଘାଇ' ନ ମିଳିଲେ 'ଘାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ବ୍ରହ୍ମବୈବର୍ତ୍ତପୁରାଣ ଅନୁସାରେ ଲେଟ୍ଟ ପିତା ଓ ତୀବରୀ-ମାତା ଗର୍ଭସମ୍ଭୂତ ବର୍ଣ୍ଣସଙ୍କର ଜାତିବିଶେଷ ( ଦ୍ର. ଶବ୍ଦ-ସାଗର ) —4. Name of a mongrel caste.

**ଗଙ୍ଗାପୂଜା**—ସଂ. ବି—ନୈବେଦ୍ୟାଦିଦ୍ୱାରା ଗଙ୍ଗାଦେବୀଙ୍କର ପୂଜା—
Gaṅgāpūjā Offering sweets and worshipping the Goddess Ganges at the end of the month of Baiśākha.

**ଗଙ୍ଗାପ୍ରାପ୍ତି**—ସଂ. ବି—ଗଙ୍ଗାଲାଭ ( ଦେଖ )
Gaṅgāprāpti Gaṅgālābha ( See )

**ଗଙ୍ଗାବଂଶ**—ସଂ. ବି—ଗଙ୍ଗବଂଶ ( ଦେଖ )
Gaṅgābaṁśa Gaṅgabaṁśa ( See )

**ଗଙ୍ଗାବତାର**—ସଂ. ବି—ଗଙ୍ଗାଦ୍ୱାର ( ଦେଖ )
Gaṅgābatāra Gaṅgādwāra ( See )

**ଗଙ୍ଗାବାଡ଼ି**—ଦେ. ବି—ପ୍ରାଚୀନ କଳିଙ୍ଗର ଏକ ପ୍ରଧାନ ନଗର
Gaṅgābāṛi (ବର୍ତ୍ତମାନ ପାରଳାଖେମୁଣ୍ଡିର ମୁଖଲିଙ୍ଗ ନଗର)—
A famous town of ancient Kaḻiṅga ( the modern Mukhaliṅgam in Pāraḻākhemuṇḍi ).

[ ଦ୍ର—କେଶରୀବଂଶର ରାଜା ଅନନ୍ତବର୍ମା ଦାକ୍ଷିଣାତ୍ୟର କର୍ଣ୍ଣାଟ-ପ୍ରଦେଶରୁ ଆସି ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଦକ୍ଷିଣ-କଳିଙ୍ଗର ଯେଉଁ ସ୍ଥାନ ଅଧିକାର କରିଥିଲେ ତାହା 'ଗଙ୍ଗବାଡ଼ି' ନାମରେ ଖ୍ୟାତ ଥିଲା । ସେହି ରାଜ୍ୟର ରାଜଧାନୀର ( ବର୍ତ୍ତମାନ ପାରଳା-ଖେମୁଣ୍ଡିର ମୁଖଲିଙ୍ଗ ନଗରୀ ) ନାମ 'ଗଙ୍ଗାବାଡ଼ି' ଥିଲା । ଗଙ୍ଗାବାଡ଼ିରେ ରାଜତ୍ୱ କରିବାରୁ ଅନନ୍ତବର୍ମାଙ୍କ ବଂଶ 'ଗଙ୍ଗାବଂଶ' ନାମରେ ପରିଚିତ । ଅନନ୍ତବର୍ମା ପ୍ରଥମେ ଗଙ୍ଗାବାଡ଼ି ଅଧିକାର କଲେ ଓ ଅଳ୍ପକାଳ ମଧ୍ୟରେ ଗଙ୍ଗବଂଶର ( ଖ୍ରୀଷ୍ଟୀୟ ୧୦୪୨—୧୪୩୫ ) ପ୍ରଭାବ ସମସ୍ତ ଦକ୍ଷିଣ-କଳିଙ୍ଗ ଅର୍ଥାତ୍ ସୀମାଚଳଠାରୁ ଋଷିକୁଲ୍ୟା ଓ ଜୟପୁର-ଅଞ୍ଚଳରେ ବିସ୍ତୃତ ହେଲା ( କୃପାସିନ୍ଧୁ. ଉତ୍କଳ ଇତିହାସ ଓ ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ) ]

**ଗଙ୍ଗାବାଲି**—ଦେ. ବି—୧ । ଗଙ୍ଗାନଦୀ-ଗର୍ଭର ବାଲି—
Gaṅgābāli 1. The sand of river Ganges.
୨ । ଲୋକେ ପରସ୍ପର ମୁହଁରେ ଗଙ୍ଗାବାଲି କଣିକାଏ ଦେଇ ବସିବା ବନ୍ଧୁତା—
2. Friendship set up between two persons by putting a little of the sand of the Ganges into each other's mouth.

**ଗଙ୍ଗାମାତା**—ସଂ. ବି—ଜଗତର ମାତାସ୍ୱରୂପା ଗଙ୍ଗାଦେବୀ; ଦେବତାରୂପେ
Gaṅgāmātā କଳ୍ପିତା ଗଙ୍ଗାଦେବୀ—River Ganges deified.
[ ଦ୍ର—ସବୁ ସ୍ଥାନର ଜଳରେ ଗଙ୍ଗାଦେବୀ ଅଛନ୍ତି ବୋଲି କଳ୍ପନା କରି ଲୋକେ ସାଧାରଣତଃ ନଦୀ ଓ ପୁଷ୍କରିଣୀଆଦିକୁ ଗଙ୍ଗାମାତା ବୋଲି ସମ୍ବୋଧନ କରନ୍ତି । ]

**ଗଙ୍ଗାମୁର୍ତ୍ତିକା**—ଗ୍ରା. ବି. ( ସଂ. ଗଙ୍ଗାମୃତ୍ତିକା )—
Gaṅgāmurtikā ଗଙ୍ଗାମୃତ୍ତିକା ( ଦେଖ )
Gaṅgāmruttikā ( See )

**ଗଙ୍ଗାମୁର୍ତ୍ତିକିଆ**—ଗ୍ରା. ବି. ( ସଂ. ଗଙ୍ଗାମୃତ୍ତିକା )—
Gaṅgāmurtikiā ଗଙ୍ଗାମୃତ୍ତିକା ( ଦେଖ )
Gaṅgāmruttikā ( See )

**ଗଙ୍ଗାମୁଥା**—ଦେ. ବି—ଗାଙ୍ଗେୟ ମୁସ୍ତକ ( ହରେକୃଷ୍ଣ. ଦ୍ରବ୍ୟଗୁଣ )—
Gaṅgāmuthā A kind of bulbuous grass-root.

**ଗଙ୍ଗାମୃତ୍ତିକା**—ସଂ. ବି. ( ୬ଷ୍ଠୀ ତତ୍; ଗଙ୍ଗା+ମୃତ୍ତିକା )—
Gaṅgāmruttikā ଗଙ୍ଗାନଦୀ-ଗର୍ଭର ମାଟି—
A bit of earth from the bed of the Ganges ( deemed very sacred ).
[ ଦ୍ର—ଏହାକୁ ପବିତ୍ର ଜ୍ଞାନ କରି ହିନ୍ଦୁମାନେ ତିଳକରୂପେ କପାଳରେ ଲଗାନ୍ତି । ]

**ଗଙ୍ଗାଯମୁନା**—ଦେ. ବି. ( ଗଙ୍ଗାର ଜଳ ଶୁଭ୍ର ଓ ଯମୁନାର ଜଳ
Gaṅgājamunā କୃଷ୍ଣବର୍ଣ୍ଣ; ଏହି ଦୁଇ ନଦୀର ସଙ୍ଗମ ସ୍ଥଳରେ
गंगायमुना ଗଙ୍ଗାଯମୁନାର ଜଳ ସ୍ୱତନ୍ତ୍ର ହୋଇ ବାରି ହେଉ-
गंगाजमनी ଥିବାରୁ )—୧ । ସ୍ପଷ୍ଟଭାବରେ ସ୍ୱତନ୍ତ୍ର ଜଣା-ଯାଉଥିବା ଦ୍ୱିବର୍ଣ୍ଣ ଦ୍ରବ୍ୟର ମିଶ୍ରଣ—
1. Mixture of two things of distinct colour.
( ଯଥା—ଛାଲ, ଶାଲ, ଲୁଗା, ମାଳା ଓ ଅଳଙ୍କାର ଇତ୍ୟାଦି )
୨ । ସ୍ପଷ୍ଟରୂପେ ପୃଥକ୍ ଜଣାପଡ଼ୁଥିବା ସୁନାରୁପାରେ ନିର୍ମିତ ଭୂଷଣ; ପିତଳ ଓ ତମ୍ବାନିର୍ମିତ ପଦାର୍ଥ—
2. An article or ornament made of two metals ( silver and gold; brass and copper etc ) which appear separately on it.
୩ । ଧଳା ଓ କଳା ଫଣି ଗୁନ୍ଥା ହୋଇଥିବା ମାଳା; ଧଳା ଓ ନେଳ ଫୁଲରେ ଗୁନ୍ଥା ମାଳ—3. A garland having flowers or beads of separate colours in groups strung together.

**ଗଙ୍ଗାଯାତ୍ରା**—ସଂ. ବି—ଗଙ୍ଗାତୀରରେ ମୃତ୍ୟୁ ଘଟିଲେ ସ୍ୱର୍ଗଲାଭ ହେବ ଏହି
Gaṅgājātrā କାମନାରେ ମୁମୂର୍ଷୁ ବ୍ୟକ୍ତିଙ୍କର ଗଙ୍ଗାକୂଳକୁ ଗମନ—
( a dying man ) Starting for the Ganges to die on its shore.
गंगायात्रा ଦେ. ବି—ମୃତ୍ୟୁ—Death.
गङ्गायात्रा

**ଗଙ୍ଗାରାମ୍**—ଦେ. ବି—ତୋତାକୁ ପଢ଼ାଇବା ବେଳେ ତୋତାକୁ ଡାକିବା
Gaṅgāram ନାମ—A fond name by which parrots
गंगाराम are addressed while being taught to
गंगाराम talk.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ସ | ଙ୍କ | ଇଯ଼ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଡ଼ | ନ୍ |

( ଯଥା—"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ରାମ୍ ରାମ୍, ପଞ୍ଚୁ ବାବା, ଗଙ୍ଗାରାମ୍ !" )

ଗଙ୍ଗାଲ—ଦେ. ବି. ( ସଂ. ଗର୍ଗର; ଭୁଲ—ପର୍ତ୍ତୁଗୀଜ୍. ଗାମେଲା )—
Gangāla ବହୁତ ଖାଦ୍ୟ ଦ୍ରବ୍ୟ ( ଭାତ, ତରକାରୀ, କ୍ଷୀରଆଦି )
ଗାମଲା ବା ଜଳ ସମ୍ଭାଳିବା ଲାଗି ଦୁଇ ପାଖରେ କଡ଼ାଲଗା
गंगाल ବଡ଼ ପିତଳ କୁଣ୍ଡବିଶେଷ—Big brass-vessel with rings as holders intended to carry a large quantity of food to some distance to serve to many people in a feast.

ଗଙ୍ଗାଲାଭ—ସଂ. ବି—ଗଙ୍ଗା ତୀରରେ ମୃତ୍ୟୁ—Death in the shore
Gangālābha or water of the Ganges.
গঙ্গালাভ ଦେ. ବି—ମୃତ୍ୟୁ—Death.
गंगालाभ ଦନ ଦନୀ ଭଲରେ ସଙ୍କଟରେ ବାବୁ ଗୋପାଳବନ୍ଧୁ ମହାପାତ୍ରଙ୍କର ଗଙ୍ଗାଲାଭ । ପଣ୍ଡିତମୋହନ. ଚକ୍ରବର୍ତ୍ତୀ ।

ଗଙ୍ଗାଶିମୁଳି—ଦେ. ବି.—ଗଙ୍ଗଶିଉଳି (ଦେଖ)
Gangāsimuli Gangāsiuli (See)

ଗଙ୍ଗାସାଗର—ସଂ. ବି.—ଗଙ୍ଗା ସମୁଦ୍ରରେ ମିଳିତ ହେବାର ପ୍ରସିଦ୍ଧ
Gangāsāgara ସ୍ଥାନ—The estuary of the Ganges; the place of special sanctity where the river Ganges joins the ocean.

[ ଦ୍ର—ଏଠାରେ କପିଳମୁନିଙ୍କ ଆଶ୍ରମ ଥିବାର କଥିତ ଅଛି ଓ ଏହିଠାରେ ସଗରପୁତ୍ରମାନେ ଭସ୍ମୀଭୂତ ହୋଇଥିଲେ । ଏଠାରେ ସହସ୍ର ସହସ୍ର ଯାତ୍ରୀ ମକର ସଂକ୍ରାନ୍ତିରେ ସ୍ନାନାର୍ଥେ ଉପସ୍ଥିତ ହୁଅନ୍ତି । ]

ଗଙ୍ଗାସାଗରସଙ୍ଗମ—ସଂ. ବି.—ଗଙ୍ଗାସାଗର (ଦେଖ)
Gangāsāgarasangama Gangāsāgara (See)

ଗଙ୍ଗାସୁତ—ସଂ. ବି.—ଗଙ୍ଗାପୁତ୍ର (ଦେଖ)
Gangāsuta Gangāputra (See)

ଗଙ୍ଗାସ୍ନାନ—ସଂ. ବି.—୧ । ଗଙ୍ଗାନଦୀରେ ଗାଧୋଇବା—
Gangāsnāna 1. A bath in the Ganges.
୨ । ଜ୍ୟେଷ୍ଠ ଶୁକ୍ଳ ଦଶମୀ ଦିନ ଗଙ୍ଗାରେ ସ୍ନାନ—
2. A dip in the Ganges on the tenth day of the bright fortnight of Jyeshtha.

[ ଦ୍ର—ସାଧାରଣତଃ ଗଙ୍ଗାଜଳରେ ସ୍ନାନ କଲେ ପାପ ନାଶ ହୁଏ । ପୁଣି ନିର୍ଦ୍ଦିଷ୍ଟ ସମୟରେ ଗଙ୍ଗାର ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ନାନ କଲେ ଆହୁରି ବେଶି ପୁଣ୍ୟ ହୁଏ ବୋଲି ହିନ୍ଦୁମାନଙ୍କର ଦୃଢ଼ ବିଶ୍ୱାସ । ]

ଗଙ୍ଗାସ୍ନାନ କରିବା — ଦେ. କ୍ରି. — ୧ । ପୁଣ୍ୟମୟ ଗଙ୍ଗାନଦୀରେ
Gangā snāna karibā ଗାଧୋଇବା—1. To take a bath
গঙ্গায় স্নানকরা in the sacred river Ganges.
गङ्गा नहाना ୨ । (ଲକ୍ଷଣାର୍ଥ) କୃତାର୍ଥ ହେବା; ସିଦ୍ଧକାମ ହେବା—
2. (figurative) To attain one's desires.
(ଯଥା—ଏ ଭାଷାକୋଷର ମୁଦ୍ରଣ ଶେଷ ହେଲେ ମୁଁ ଗଙ୍ଗାସ୍ନାନ କରିବି । )
୩ । କୌଣସି ଗୁରୁ ଦାୟିତ୍ୱରୁ ମୁକ୍ତି ଲାଭ କରିବା—
3. To be freed from heavy liability.
(ଯଥା—ସାଆନ୍ତାଣୀଙ୍କ ଟଙ୍କା ତକ ଶୁଝି ଦେଲେ ମୁଁ ଗଙ୍ଗାସ୍ନାନ କରନ୍ତି । )

ଗଙ୍ଗାସ୍ନାହାନ—ଗ୍ରା. ବି.—ଗଙ୍ଗାସ୍ନାନ (ଦେଖ)
Gangāsnāhāna Gangāsnāna (See)

ଗଙ୍ଗିକା—ସଂ. ବି. (ଗଙ୍ଗା + କ + ଆ)—ଗଙ୍ଗାନଦୀ —
Gangikā The Ganges (Apte).

ଗଙ୍ଗୀଭୂତ—ସଂ. ବିଣ. (ଗଙ୍ଗା + ଅଭୂତ, ତଦ୍ଭାବେ ଚ୍ୱି (ଈ) + ଭୂତ)—
Gangibhūta ଗଙ୍ଗାନଦୀ ପରି ପବିତ୍ରୀକୃତ—
Become as sacred as the Ganges (Apte).

ଗଙ୍ଗୁଆ—ଦେ. ବି.—(ପ୍ରାଚୀନ ନାମ ଗନ୍ଧବତୀ)—କ୍ଷୁଦ୍ର ନଦୀବିଶେଷ—
Ganguā Name of a rivulet flowing near Bhubaneswara.

[ ଦ୍ର—ଏହି ନଦୀ ପଶ୍ଚିମ ଅଞ୍ଚଳରୁ ବାହାରି ଭୁବନେଶ୍ୱର ନିକଟରେ ପ୍ରବାହିତ ହୋଇ ଦୟାନଦୀ ସଙ୍ଗେ ମିଶି ଅଛି । ]

ଗଙ୍ଗୁଳାଈ—ଦେ.ବି ସ୍ତ୍ରୀ.—(ନାମ)—ଗ୍ରାମଦେବତା ବା ଠାକୁରାଣୀବିଶେଷ-
Gangulāi Name of a popular village Goddess.

ଗଙ୍ଗେଇ—ଦେ. ବି. ( ସଂ. ଗାଙ୍ଗେୟ )—
Gangei ୧ । ଦୀର୍ଘ ଥଣ୍ଟ ଓ ନୀଳବର୍ଣ୍ଣ-ପକ୍ଷବିଶିଷ୍ଟ
মাছরাঙা ମାଛରଙ୍କା ଚଢ଼େଇ—
रामचिरेया 1. King-fisher; a bird (with long beak, and blue body ).

[ ଦ୍ର—ଏମାନେ ଶୂନ୍ୟରୁ ଖସି ପାଣିରେ ବୁଡ଼ି ଛୋଟ ଛୋଟ ମାଛ ଧରି ପୁନର୍ବାର ଉପରକୁ ଉଡ଼ି ଯାଆନ୍ତି । ]

कुरकि ୨ । ତରୁବିଶେଷ—
2. Malastoma Malabarica (Harines).

[ ଦ୍ର—ଏହି ତରୁ କ୍ଷୟିବହୁଳ ଉପତ୍ୟକା ଓ ନାଳ ବା ପାଣି-ଜାଗାରେ ବଢ଼େ । ]

ପ୍ରାଦେ. ( ସିଂହଭୂମ ) ବି—ବାଜର୍ (ଦେଖ )
Bājarā ( See )

ଗଙ୍ଗେଇ ଚଢ଼େଇ—ଦେ. ବି.—ଗଙ୍ଗେଇ ୧ ( ଦେଖ )
Gangei chardhei Gangei 1 ( See )

ଗଙ୍ଗେଇ ଟୋଡ଼ି—ଦେ. ବି.—ଗଣିଆଁ ଟୋଡ଼ି ( ଦେଖ )
Gangei tordi Ganiāṅ tordi ( See )

ଗଙ୍ଗୋତର—ପ୍ରାଦେ. ( ବାଲେଶ୍ୱର ) ବି—
Gangotarā ନଈ ମୁହାଣରୁ ଧରାପଡ଼ିବା ଏକପ୍ରକାର ଲୁଣି ମାଛ—
A species of sea-fish caught in the mouth of a river.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧ୍ୱନିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନରେ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କର' ଦେଖିବେ ।

**ଗଙ୍ଗୋତ୍ତରୀ**—ଦେ. ବି. ( ସଂ. ଗଙ୍ଗା + ଅବତରଣ; ଯେଉଁଠାରେ ଗଙ୍ଗା-
Gangottari ନଦୀ ପୃଥିବୀରେ ଅବତୀର୍ଣ୍ଣ ହୋଇଅଛି )—
ଗଙ୍ଗୋତ୍ରୀ ଗଡ଼ୱାଲ ରାଜ୍ୟର ଅନ୍ତର୍ଗତ ହିମାଳୟର ଏକ କ୍ଷୁଦ୍ର
**गङ्गोत्तरी** ଶୃଙ୍ଗ, ଯେଉଁଠାରେ ଗଙ୍ଗା ପର୍ବତ ଦେହରୁ ବାହାରି ତଳେ ଭୂମିରେ ପଡ଼ିଅଛି (ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ )—
Name of a small peak of the Himalayas whence the Ganges descends to the earth.

**ଗଙ୍ଗୋତ୍ରୀ**—ଦେ. ବି—ଗଙ୍ଗୋତ୍ତରୀ ( ଦେଖ )
Gangotri Gangottari ( See )

**ଗଙ୍ଗୋଦକ**—ସଂ. ରି. ( ୬ଷ୍ଠୀ ତତ୍; ଗଙ୍ଗା + ଉଦକ )—ଗଙ୍ଗା ଜଳ—
Gangodaka Ganges-water.

**ଗଙ୍ଗୋପାଧ୍ୟାୟ**—ପ୍ରାଦେ. ( ବଙ୍ଗ ) ବି.—ବଙ୍ଗୀୟ ବ୍ରାହ୍ମଣମାନଙ୍କର
Gangopādhyāya ବଂଶୋପାଧିବିଶେଷ; ଗାଙ୍ଗୁଲି—
One of the family-titles of Bengali-Brāhmaṇas; Gangooly.

[ ଦ୍ର—ବଙ୍ଗୀୟ ବ୍ରାହ୍ମଣମାନଙ୍କର ଶ୍ରେଷ୍ଠଗୋଷ୍ଠ ବଂଶୋପାଧି ମଧ୍ୟରୁ ୧—ଗଙ୍ଗୋପାଧ୍ୟାୟର ଡାକ ନାମ—ଗାଙ୍ଗୁଲି; ୨—ଚଟ୍ଟୋପାଧ୍ୟାୟର ଡାକ ନାମ—ଚାଟୁର୍ଜ୍ଜୀ; ୩—ମୁଖୋପାଧ୍ୟାୟର ଡାକ ନାମ—ମୁଖର୍ଜ୍ଜୀ ଓ ୪—ବନ୍ଦୋପାଧ୍ୟାୟର ଡାକ ନାମ—ବାନୁର୍ଜ୍ଜୀ । ଏହି ଗଙ୍ଗୋପାଧ୍ୟାୟ ଉପାଧିରୁ ଏମାନେ ପୂର୍ବେ ଗଙ୍ଗାତୀରବାସୀ ଥିଲେ ଓ ଶିଷ୍ୟକବୃତ୍ତି କରୁଥିଲେ ବୋଲି ଅନୁମାନ କରାଯାଏ । ]

**ଗଙ୍ଗୋଳ**—ସଂ. ବି—ଗୋମେଦ ମଣି—
Gangoḷa A kind of gem ( Apte ).

**ଗଚ୍ଛ**—ସଂ. ବି. ( ଗମ୍ + କର୍ତ୍ତୃ. ଅ; ନିପାତନ )—
Gachchha ୧ । ଗଛ; ବୃକ୍ଷ—1. Tree.
୨ । (ଗଣିତ) ଓଡ଼ାଙ୍କ ବା କ୍ରମ ବୃଦ୍ଧିର ରାଶି ସଂଖ୍ୟା—
2. The period ( i e. the number of terms ) of a progression in mathematics ( Apte ).

**ଗଚ୍ଛଜଳା**—ଗ୍ରା. ବିଣ. ପୁଂ. (ଗାଳ)—ଗଛଜଳା ( ଦେଖ )
Gachchhajaḷā Gachhajaḷā ( See )

**ଗଚ୍ଛନ୍ତି**—ସଂ. କି. ( ଗମ ଧାତୁ. ବର୍ତ୍ତମାନକାଳ ପ୍ରଥମପୁରୁଷ ବହୁବଚନ-
Gachchhanti ରୂପ; ପ୍ରାଚୀନ ଓଡ଼ିଆକବିମାନେ କେତେକ-ସ୍ଥଳରେ ଏହି ପରି ସଂସ୍କୃତ ଶବ୍ଦମାନ ପ୍ରୟୋଗ କରିଥିବାର ଦେଖାଯାଏ )—
(ସେମାନେ) ଇଚ୍ଛା କରନ୍ତି—(they) Do wish.

ଯେମନ୍ତେ ଯେ ଘନ ତରୁତ
ଉଦ୍ୟେ ସାଧବେ ନ ଗଚ୍ଛନ୍ତି । ଜଗନ୍ନାଥ. ଭାଗବତ ।

**ଗଚ୍ଛା**—ଦେ. ବି—ଗଛା ( ଦେଖ )—
Gachchhā Gachhā ( See )

**ଗଚ୍ଛାଇବା**—ଦେ. କି—ଗଛାଇବା ( ଦେଖ )—
Gachchhāibā Gachhāibā ( See )

**ଗଚ୍ଛାଗଚ୍ଛି**—ଦେ. ବି ( ସଂ. ଗୁଚ୍ଛ )—୧ । ବହୁ ବସ୍ତୁକୁ ସଜ୍ଜିତ କରିବା;
Gachchhāgachchhi ସଜ୍ଜା—1. Fitting up many
**गछागछि** things; arranging.
୨ । ଦୁଇ ବସ୍ତୁକୁ ପରସ୍ପର ସଙ୍ଗେ ତୁଳନା କରିବା; କଷ୍ଟକଷ୍ଟି—
2. Comparison between two things.
ଦେ. ବିଣ—୧ । ସୁସଜ୍ଜିତ—1. Well-arranged; fitted up.
୨ । ପରସ୍ପର ସଙ୍ଗେ ମେଳ ଖାଉଥିବା (ଦୁଇ ବସ୍ତୁ)—
2. ( two things ) Exactly tallying with each other.

ଅସ୍ଥି ଚର୍ମର ଗଚ୍ଛାଗଚ୍ଛି
ବାନ୍ଧି ଯୋଉଛି ପ୍ରାୟେ ଅଛି—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**ଗଚ୍ଛିତ**—ଦେ. ବିଣ (ସଂ. ଗୁଚ୍ଛ)—୧ । ସ୍ତୂପୀକୃତ; ପୁଞ୍ଜୀକୃତ—
Gachchhita 1. Gathered; amassed; hoarded.
गच्छित ୨ । ନ୍ୟସ୍ତ; ନିକ୍ଷିପ୍ତ; ଅନ୍ୟ ବ୍ୟକ୍ତି ନିକଟରେ ରକ୍ଷିତ—
**जमा** 2. Deposited; entrusted; kept.
୩ । ନିହିତ—3. Contained in.

**ଗଚ୍ଛିବା**—ଦେ. କି—ଗଛିବା ( ଦେଖ )—
Gachchhibā Gachhibā ( See )

**ଗଛୱାଲ୍**—ପ୍ରାଦେ. ( ସମ୍ବଲପୁର ) ବି ( ସଂ. ଗଚ୍ଛ + ହି. ୱାଲ୍ )—
Gachhwāl ବୃକ୍ଷାରୋହଣରେ ପଟୁ—Able to go up a tree.

**ଗଛ**—ଦେ. ବି—(ସଂ. ଗଚ୍ଛ)—୧ । ବୃକ୍ଷ—
Gachha 1. Tree.
गाछ ୨ । ଗଛ ପରି ଶାଖାବିଶିଷ୍ଟ ହୋଇ ପୋଡାଯିବା ବାଣ—
**दरकत, गाछ,** 2. Fire-works fitted along a bamboo
**पौदापेड़** which is driven into the soil.
୩ । ବୃକ୍ଷର କାଣ୍ଡ—3. Trunk of a tree.
୪ । ପୋଡାଯିବା ବାଣର ସଂଖ୍ୟା—
4. The number of fire-works arranged along a bamboo which is driven into the soil.

( ଯଥା—ପାଞ୍ଚଗଛ ବମ୍ବାଣ । )

୫ । (ସଂ. ଗୁଚ୍ଛ) ଲୋକଙ୍କ ସମୂହ—
5. Multitude; crowd.
୬ । (ପାନବରଜ ଭାଷା) ଭୂମିରେ ପୋତା ହୋଇଥିବା ପରସ୍ପର ନିକଟବର୍ତ୍ତୀ ଦୁଇଧାଡ଼ି ( ପାଶ ) ଇକଡ଼କାଠିରେ ମଡ଼ାଯାଇଥିବା ପାନଲତା—6. Two rows of betel-creepers trained on two adjoining rows of reeds driven into the ground.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଷ | କ୍କ | ଇୟ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଶ | ନ୍ତ |

**ଗଛ ଉଠିବା**—ଦେ ବ—୧ । ଭୂମିରୁ ମଞ୍ଜିରୁ ଗଛ ଉତ୍ପନ୍ନ ହେବା—
Gachha uṭhibā — 1. The coming out or growing of a plant from the ground.
ଗାଛଉଠা

୨ । ମଞ୍ଜିମାନ ଗଜୁରି କରି ଗଛରେ ପରିଣତ ହେବା—
2. The sprouting up of plants.

**ଗଛ ଉତାରିବା**—ଦେ. କ୍ରି—ମଞ୍ଜିରୁ ଉଠିବା ଗଛ କମ୍ବା ଗୁଳ୍ମଗଛ କ୍ରମଶଃ ସତେଜ ଓ ବଡ଼ ହେବା ପର୍ଯ୍ୟନ୍ତ ତାହାର ଯତ୍ନ ନେବା—
Gachha utāribā — To rear up a small plant into a big one.
গাছবাড়ান

**ଗଛ ଉପାଡ଼ିବା**—ଦେ.କ୍ରି—ପାଳିଜର ଓ କଣ୍ଠଜରରେ ଆକ୍ରାନ୍ତ ରୋଗୀର ନାମ ସହିତ ନିର୍ଦ୍ଦିଷ୍ଟ ମନ୍ତ୍ର ଉଚ୍ଚାରଣପୂର୍ବକ ଜରର ପାଳି ଦିନ ବଜ୍ରମୂଳୀଆଦି ଗୁଳ୍ମକୁ ଉପାଡ଼ିବା—
Gachha upāṛdibā — To uproot the Bajramūḻi or some other plant by uttering some secret formulæ on the day on which intermittent fever or ague is expected to attack a person.
গাছতোলা

[ ଦ୍ର—ଗଛ ଉପାଡ଼ିଲେ ପାଳିଜର ଓ କଣ୍ଠଜର ଛାଡ଼ିଯାଏ, ଏହା ଅନୁଭବରେ ଦେଖା ଯାଇଅଛି । ]

**ଗଛ କାଟିବା**—ଦେ.କ୍ରି—୧ । ଶିଅଳମାନେ ତାଡ଼ି ବାହାର କରିବାପାଇଁ ଖଜୁରି ଗଛର ବେକ ପାଖରେ ଛିଦ୍ର କରିବା—
Gachha kāṭibā
গাছকাটা

1. To tap a date-tree for juice.

୨ । ଗଛକୁ ତଳରେ ପକାଇବା ନିମନ୍ତେ ମୂଳ ହାଣିବା—
2. To fell a tree.

**ଗଛ କାଟିଲାପରି**—ଦେ.କ୍ରି.ବିଣ—ଗୋଟାଏ ବଡ଼ ଗଛକୁ ମୂଳରୁ କାଟିଲେ ତାହା ଯେପରି ଶବ୍ଦ କରି ହଠାତ୍ ପଡ଼ିଯାଏ ସେହିପରି—
Gachha kāṭilā pari
গাছকাটামতন

Like a large tree falling down with a crash when felled at the root.

**ଗଛଖଟ**—ଦେ. ବି—ଗଛପଲଙ୍କ (ଦେଖ)
Gachhakhaṭa — Gachhapalaṅka (See)
ছপ্পরখাট

**ଗଛଘିଅ**—ଦେ. ବି—ଇଉରୋପରୁ ଆମଦାନୀ ହୋଇ ଭାରତକୁ ଆସୁଥିବା ଏକପ୍ରକାର ଉଦ୍ଭିଜ୍ଜ ଘୃତ—
Gachhaghia — Vegetable ghee.

[ ଦ୍ର—ଏହା ଘିଅପରି ଚକଣା ଜିନିଷ ମାତ୍ର ଏଥିରେ ବାସନା ନ ଥାଏ । ]

**ଗଛ ଜମିବା**—ଦେ. ବି—ରୋପିତ ଗୁଳ୍ମ ବା ଗଛର ଚେର ଭୂମିରେ ଦୃଢ଼ ହେବା—
Gachha jamibā
গাছজমা — The taking of root of a tree planted.



**ଗଛଜଲା**—ଦେ. ବି. ପୁଂ—ସ୍ତ୍ରୀଲୋକମାନେ ପୁରୁଷଙ୍କୁ ଦେବା ଗାଳିବିଶେଷ—
Gachhajaḻā — A term of abuse used by females to males.

[ ଦ୍ର—ଯେଉଁ ଲୋକ ମରିଗଲେ ତାହାର ମୃତଦେହ ସହଜରେ ପୋଡ଼ି ହେବ ନାହିଁ ଓ ଯାହା ପୋଡ଼ିବା ନିମନ୍ତେ ଗଛପରିମାଣରେ କାଠ ଲୋଡ଼ା ହେବ (ଲୋକଙ୍କର ବିଶ୍ୱାସ ଯେ ପାପୀମାନଙ୍କ ଶବ ସହଜରେ ଭସ୍ମରେ ପରିଣତ ହୁଏ ନାହିଁ ) ଏହି ଅର୍ଥରେ ଏ ଗାଳି ବ୍ୟବହୃତ ହୁଏ । ]

**ଗଛ ପକାଇବା**—ଦେ. କ୍ରି—୧ । ଗଛକୁ କାଟି ଭୂମିସାତ୍ କରିବା—
Gachha pakāibā — 1. To fell down a tree; to bring down a tree to the ground by felling it.
গাছকাটা

গাছলাগান — ୨ । ନୂଆ ଗଛ ଲଗାଇବା—
2. To plant a tree newly.

**ଗଛ ପତର**—ଗ୍ରା. ବି ( ସହଚର; ସଂ. ଗଚ୍ଛ + ପତ୍ର )—ବୃକ୍ଷ ଓ ପଲ୍ଲବ; ଉଦ୍ଭିଦଜାତୀୟ ବସ୍ତୁ—
Gachha patara — Vegetation.
গাছপালা

**ଗଛପଲଙ୍କ**—ଦେ.ବି—ଯେଉଁ ପଲଙ୍କ ବା ଖଟର ପ୍ରତ୍ୟେକ ଖୁରା ଓ ମଶାରି-ଖୁଣ୍ଟ ଗୋଟିଏ କାଠରେ ନିର୍ମିତ—
Gachhapalaṅka
ছাপরখাট — A bed-stead having each of its bedposts made of a single piece of wood with the curtain-post.

**ଗଛପାଚିଲା**—ଦେ. ବିଣ—ଯେଉଁ ଫଳ ଗଛରେ ପାଚିଥାଏ—
Gachhapāchilā — Fruits naturally ripened on the tree.
গাছপাকা

**ଗଛବାଣ**—ଦେ. ବି—ବୃକ୍ଷଆକୃତିରେ ତିଆରି ହୋଇଥିବା ଅଗ୍ନିକ୍ରୀଡ଼ା-ବିଶେଷ—
Gachhabāṇa — Fire-work in the shape of a standing tree which assumes the shape of a tree on fire when ignited.

**ଗଛବିଜୁଳି**—ଦେ. ବି—ଏକ ମୂଳରେଖାରେ ବହୁ ଶାଖାଯୁକ୍ତ ବିଦ୍ୟୁତ୍-ପ୍ରଭା—
Gachhabijuḻi — Branched lightning; forked lightning.

**ଗଛବୁରୁଛ**—ଗ୍ରା.ବି.—(ଗୀତ ଭାଷା) (ଏକାର୍ଥକ ସହଚର ଶବ୍ଦ) (ସଂ. ଗଚ୍ଛ ଓ ବୃକ୍ଷ)—ବୃକ୍ଷଆଦି; ଉଦ୍ଭିଦ୍—
Gachhaburuchha
গাছপালা — Plants and trees; vegetation.

**ଗଛମୂଳରେ ବସିବା**—ଦେ. କ୍ରି—୧ । ଗୃହଶୂନ୍ୟ ହୋଇ ବୃକ୍ଷଛାୟା ଆଶ୍ରୟ କରିବା—
Gachhamūḻare basibā — 1. To take shelter under a tree after becoming homeless.
গাছের তলায় বসা

୨ । ( ଲକ୍ଷଣାର୍ଥ ) ଆଶ୍ରୟହୀନ ହେବା—
2. ( figurative ) To be shelterless and homeless.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଲ୍‌ଙ୍କର' ଦେଖିବେ ।

ଗଛରେ ଚଢ଼ାଇବା—ଦେ. କ୍ରି—୧ । ଖୁବ୍ ଆଶା ଦେବା—
Gachhare cha<u>rdh</u>āibā 1. To give a high hope.
গাছেচড়ান ୨ । ଖୁବ୍ ଗୋଟାଏ ବଡ଼ କାର୍ଯ୍ୟରେ ପୂରାଇ ଦେବା—
2. To push one into a big affair.

ଗଛ ଲଗାଇବା—ଦେ. କ୍ରି—କୌଣସି ସ୍ଥାନରେ ଗଛ ହେବା ପାଇଁ
Gachha lagāibā ଭୂମିରେ ମଞ୍ଜି ବା ଶିଶୁଗଛ ପୋତିବା—
গাছলাগান To grow a tree (by putting seeds
पेड़लगाना or seedlings in the ground ).

ଗଚ୍ଛା—ଦେ. ବି—୧ । ତୁଳନା କରିବା—
Gachhā 1. Comparison.
গছা ୨ । କୌଣସି ପଦାର୍ଥକୁ ଅନ୍ୟ ପଦାର୍ଥ ସଙ୍ଗେ ତୁଳନା କରିବା ପାଇଁ ପ୍ରଥମ ପଦାର୍ଥକୁ ଦ୍ୱିତୀୟ ପଦାର୍ଥ ସଙ୍ଗେ ମିଳାଇବା—
2. Setting a thing on another to see if it fits to the other.

ଗଚ୍ଛାଇବା—ଦେ. କ୍ରି. ( ଅମୁକ ପଦାର୍ଥ ସଙ୍ଗେ ତୁଳନାରେ )—
Gachhāibā ୧ । ସମାନ ହେବା—
গছান; গতান 1. To be equal to; to tally with
गच्छाना another thing in comparison.

କଳ୍ପଲତ୍ରୁ ଯେଉଁ ସେ ତଲକୁ ବହୁସ
ଚେତେବେଳେ ମୁଖେ ତାଙ୍କୁ ଗଚ୍ଛାଇବ—କୃଷ୍ଣସିଂହ, ମହାଭାରତ, ବନ ।

୨ । ସଜାଇବା—2. To furnish; to equip.

ଅଛି ଯେତେ ଜାତି ଫୁଲ, ସବୁ ମୁଁ କରିବ ତୁଳ
ଗଚ୍ଛାଇବ ପରିଶେଷେ ଯଥାଯଥ ସ୍ଥାନେ—ଉପେନ୍ଦ୍ର. କଳ୍ପଲତା ।

୩ । ( ସଂ. ଗୁଚ୍ଛ ) ଗଦା କରିବା—
3. To accumulate; to amass.

୪ । ଗଚ୍ଛିବାର ଣିଜନ୍ତରୂପ—
4 The causative form of Gachhibā.

୫ । ଖଟାଇବା; ପ୍ରଯୁକ୍ତ କରିବା—5. To apply.

ଗଚ୍ଛାଗଚ୍ଛି—ଦେ. ବି. ଓ ବିଣ—ଗଚ୍ଛାଗଚ୍ଛି ( ଦେଖ )
Gachhāgachhi Gachchhāgachchhi ( See )

ଗଚ୍ଛିଗାଚ୍ଛି—ଦେ. କ୍ରି. ବିଣ—୧ । ଏକ ପଦାର୍ଥର ସମସ୍ତ ଅଂଶ ଅନ୍ୟ
Gachhigāchhi ପଦାର୍ଥର ସମସ୍ତ ଅଂଶ ସଙ୍ଗେ ଯଥାକ୍ରମେ ମେଳ-
গেছেগুছে ହେବା—1. In a completely fitting manner; completely fitting with each other ( said of two things ).

୨ । ଉତ୍ତମରୂପେ ସଜ୍ଜିତ କରି—
2. In a well-arranged manner; in a shipshape manner.

ଦେ. ବିଣ—ପରସ୍ପର ଯୋଗ୍ୟ ବା ସମକକ୍ଷ—
Befitting each other; tallying with each other.

ଗଚ୍ଛିଗାଚ୍ଛିବା—ଦେ. କ୍ରି—୧ । ଜାଗ୍ରତ କରିବା; ଅଭିପ୍ରେତ କାର୍ଯ୍ୟ
Gachhigāchhibā ନିମନ୍ତେ ପ୍ରସ୍ତୁତ କରି ରଖିବା—
গাছানগুছান 1. To keep things ready.

୨ । ସୁସଜ୍ଜିତ କରିବା—
2. To equip well; to fit out.

ଗଚ୍ଛିବା—ଦେ. କ୍ରି. ( ସଂ. ଗୁଚ୍ଛ )—୧ । ଲକ୍ଷ୍ୟ ଦେବା—
Gachhibā 1. To allude to.
গছান, গতান କାନ୍ତିରେ ତୋର ଅଗ୍ନି ଅଛି
जोड़ना ଅଗ୍ନି କି ତୋର ତୁଲେ ଗଚ୍ଛି—ଉପେନ୍ଦ୍ର, ପ୍ରେମପଞ୍ଚାମୃତ ।

୨ । ଅର୍ପଣ କରିବା—2. To entrust.

୩ । ଯୋଗ୍ୟ ହେବା; ଯୋଗାଇବା—
3. To be fit; to suit.

ନୃପଙ୍କ ଭୂଷଣ ତହିଁ କି ନ ଗଚ୍ଛଇ—କୃଷ୍ଣସିଂହ, ମହାଭାରତ, ସଭା ।

୪ । ଉପମା ଦେବା; ତୁଳନା କରିବା—
4. To compare.

୫ । ମିଳାଇବା; ତୁଲ୍ୟ କରିବା—
5. To cause to fit in; to equalise.

୬ । କୌଣସି ଅଳଙ୍କାରକୁ ଦେହରେ ଲଗାଇବା—
6. To measure and test an ornament if it fits the body.

୭ । ସମାନ ହେବା; ତୁଲ୍ୟ ହେବା—
7. To be equal to; to fit into.

ବୁଦ୍ଧିମନ୍ତ ପଣେ ତୁମ୍ଭଙ୍କୁ ତୁମ୍ଭେ ଗଚ୍ଛ । କୃଷ୍ଣସିଂହ, ମହାଭାରତ, ବନ ।

୮ । ପ୍ରାପ୍ତହେବା; ଲାଭହେବା—
8. To get; to attain.

୯ । ଖଟିବା; ଉପଯୁକ୍ତ ହେବା—
9. To be fitting; to be applicable.

ସଞ୍ଜୟ କହୁଲେ ହେ କୁରୁକୁଳ-ଶିଖ,
ବଚନ ଯେତେ ତୁମ୍ଭେ କହିଲ ହେଁ ମୂର୍ଖ । କୃଷ୍ଣସିଂହ, ମହାଭାରତ, ବନ ।

୧୦ । ସାଜିବା; ମାନିବା; ଶୋଭା ପାଇବା—
10. To look smart.

୧୧ । ଗ୍ରହଣ କରିବା—11. To accept.

ଧର୍ମପୁରାଣ ଭାବ ଦୋଷ, କେବଳ-ଭାବ ମାତ୍ର ଗଚ୍ଛ । ଉପେନ୍ଦ୍ର, ପ୍ରେମପଞ୍ଚାମୃତ ।

୧୨ । ନିହିତ ହେବା—12. To be contained in.

ପ୍ରଭୁ ସେବକ ଭାବ ଗଚ୍ଛ, ଏ ପ୍ରେମେ ଏତେ ଗୋଳ ଅଛି । ଉପେନ୍ଦ୍ର, ପ୍ରେମପଞ୍ଚାମୃତ ।

୧୩ । ମିଳିବା; ପ୍ରାପ୍ତ ହେବା—13. To be got.

ସ୍ୱାମୀ ମାଇଲେ ଧର୍ମ ନ ଗଚ୍ଛେ ମୋତେ କେବେ । ପୀତାମ୍ବର, ନୃସିଂହପୁରାଣ ।

ଗଚ୍ଛିହେବା—ଦେ. କ୍ରି.—୧ । ତୁଲ୍ୟ ହେବା—
Gachhiheba 1. To be compared.

୨ । ସମାନ ହେବା—2. To be equal to.

ମୂଳ ଗୁରୁ ସଙ୍ଗତେ ଯେ କେହି ନୋହେ ଗଚ୍ଛ । କୃଷ୍ଣସିଂହ, ମହାଭାରତ, ଆଦି ।

ଗଛୁଆ—ଦେ. ବି.—ଯେଉଁ ବ୍ୟକ୍ତି ଖଜୁରି ଗଛ କାଟି ତାଡ଼ି ବାହାର
Gachhuā କରିବାକୁ ସରକାରଙ୍କ ଠାରୁ ଅନୁମତି (ଲାଇସେନ୍ସ)
গাছুআ ପାଇଥାଏ—A person who obtains license from excise-officers to tap a date-tree for taddy.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଷ,ଶ | ଙ୍କ | ଇଯ୍ | ଜ୍ଞ | ଛ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଜ୍ଞ | ନ, |

ଦେ. ବଣ.—ଯେ ଗଛରେ ଚଢ଼େ—
One who climbs a tree.

ଗଚ୍ଛୁଆଲ୍—ଦେ. ବଣ—ଗଚ୍ଛ୍ୱାଲ୍ (ଦେଖ)
Gachhuāl Gachh-wāl (See)

ଗଜ୍‌ଗଜ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । (ନର୍ଦ୍ଦମା ବା ନାଳର ମଇଳା-
Gaj-gaj ପାଣି ମଧ୍ୟରେ ବହୁ ସଂଖ୍ୟକ ଲକ୍ଷୁଡ଼ା ପୋକ ଉପୁଜିବା
गजगज ଭଳି) କୌଣସି ପଦାର୍ଥ ଅଧିକ ସଂଖ୍ୟାରେ ଦେଖାଯିବା—
1. To appear on the surface (of a drain or gutter) in myriads (like maggots).
୨ । ଅପରିମିତ ବା ଅସଂଖ୍ୟ ହେବା—
2. To become innumerable; to abound.
(ଯଥା— ତାଙ୍କ ପାଖରେ ଟଙ୍କା ଗଜ୍‌ଗଜ୍ ହେଉଛି ।)
୩ । ତରଳ ପଦାର୍ଥର କୋମଳ ପତନଶବ୍ଦ—
3. Soft sound of a liquid falling down.
୪ । ଅଜୀର୍ଣ୍ଣ ଦୋଷରେ (ପେଟ) ଶବ୍ଦ କରିବା—
4. To rumble (as undigested) food in the stomach.
୫ । ଉଛୁର ପଡ଼ିବା; ପୂର୍ଣ୍ଣ ହେବା—
5. To be full to the brim.

ଗଜ (ଧାତୁ)—ସଂ—୧ । ଶବ୍ଦ କରିବା—1. To make a sound.
Gaja (root) ୨ । ଗର୍ଜ୍ଜନ କରିବା—2. To roar.
୩ । ନିଶାରେ ଭୋଳ ହେବା—
3. To be intoxicated.

ଗଜ—ସଂ. ବି. ( ଗଜ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ )—
Gaja ୧ । ହସ୍ତୀ; ହାତୀ—1. elephant.
(ଗଜୀ—ସ୍ତ୍ରୀ) ୨ । ( ଦିଗ୍‌ଗଜମାନଙ୍କ ସଂଖ୍ୟାରୁ ) ୮ ସଂଖ୍ୟା—
2. The number eight.
୩ । ରାମଚନ୍ଦ୍ରଙ୍କ ସେନା, ବାନରବିଶେଷ—
3. Name of a monkey in the army of Rāmachandra.
୪ । ଗଜାସୁର—4. A demon killed by Śiba.
[ ଦ୍ର—ଏ ମହିଷାସୁରର ପୁତ୍ର ଥିଲା ଓ ଶିବଙ୍କଦ୍ୱାରା ନିହତ ହୋଇଥିଲା । ]
୫ । ଦିଗ୍‌ଗଜ—5. Mythological elephants guarding the quarters of the globe.
୬ । ବାସ୍ତୁବିଶେଷ; ଘରର ମୂଳଦୁଆ—
6. Foundation of a house.
୭ । ଗଜପୁଟ ( ଦେଖ )
7. Gajapuṭa ( See )
୮ । ପାଦେୀନ ହସ୍ତଦ୍ୱୟ ପରିମାଣ; ୨୦ଅଙ୍ଗୁଳ ଲମ୍ବ ପରିମାଣ—
8. Yard; a lineal measure.
[ ଦ୍ର—ଭୁଲ. ଏହି ଅର୍ଥରେ ଫା. ଗଜ; ୧ ଗଜ=୩ ଫୁଟ; ୧ ଫୁଟ=୧୨ ଇଞ୍ଚ; ୧ ଇଞ୍ଚ=ପ୍ରାୟ ୧୪ ଅଙ୍ଗୁଳ; ୧ ଗଜ=୧୬ ଗିର୍‌; ୧ ଗଜ=୪ ପାଅ; ଗଜ ଦୁଇ ପ୍ରକାର ଯଥା—ସାଧାରଣ ଗଜ=୩୬ ଇଞ୍ଚ; ଇଲାହୀ ଗଜ ବା ଆକବର ବାଦଶାହାଙ୍କ ପ୍ରବର୍ତ୍ତିତ ଗଜ=୪୧ ଇଞ୍ଚ; ଗଜ ଶବ୍ଦର ଏହି ଅର୍ଥ ସଂସ୍କୃତ ଅଭିଧାନମାନଙ୍କରେ ମିଳେ । ମନିଅର୍ ୱିଲିଅମ୍ସ୍; ଶବ୍ଦକଳ୍ପଦ୍ରୁମ; ମେଦିନୀ । ]
ଦେ. ବି—୧ । ମାପକାଠି—1. A measuring rod.
ନକକୁ ନକର ବଢ଼ିମାର ଗଜେ
ମାପି ଚଢ଼ ତୁମ୍ଭେ ହେଉଛ ସହଜେ । ରାଧାନାଥ. ଦରବାର ।
୨ । ବାଡ଼ି; ଯଷ୍ଟି; ଛଡ଼—2. Rod.
( ଯଥା— ଆଖୁଗଜ, ଲୁହାଗଜ ଇତ୍ୟାଦି । )
୩ । ବନ୍ଧୁକ ନଳୀମଧ୍ୟରେ ବାରୁଦ ଗୁନ୍ଦିବାର କାଠି—
3. A ram-rod.
୪ । ଝରକା ବା ଫାଟକ ମଧ୍ୟସ୍ଥ ଲମ୍ବ ଶଳାକା—
4. A bar fixed inside a gate or window.
୫ । ସରୁଶଳାକା—5. A probe.
୬ । ହୁକାନଳ ସଫା କରିବା କାଠି—
6. A rod to clear the tube of a Hookka.
୭ । ବାଉଁଶକିଆ ଗଛରୁ ବାହାରି ଥିବା ମଞ୍ଜି ଛଡ଼—
7. A tall stem of the Agave plant.
୮ । ଆଖୁର ଅଗ୍ରଭାଗରେ ପତ୍ର ମଧ୍ୟରେ ଥିବା କଅଁଳ—
8. The tender tops of a sugarcane-plant.
ପ୍ରାଦେ. ( ସିଂହଭୂମ ) ବି—ଶଗଡ଼ର ଅର—
The spokes of a cart-wheel.
ପ୍ରାଦେ. ( ଅଳ ) ବି—ଘରର ଚାଳର ଓଳପାଖରୁ ଥିବା ରୁଅମାନଙ୍କ ମୁଣ୍ଡରେ କଣା ହୋଇ ଗଳା ଯାଇଥିବା ସରୁ ବାଉଁଶ ଖଣ୍ଡମାନ—Slender bits of split bamboo thrust into the eyes made at the lower ends of the rafters of a thatch.

ଗଜଉଦ୍ଧାରଣବେଶ—ଦେ. ବି. ( ସଂ. ଗଜୋଦ୍ଧରଣ+ବେଶ )—
Gajauddhāraṇabeśa ଗଜୋଦ୍ଧରଣ ବେଶ ( ଦେଖ )
Gajoddharaṇa beśa ( See )

ଗଜକଚ୍ଛପଯୁଦ୍ଧ—ବି—୧ । ମହାଭାରତ ବର୍ଣ୍ଣିତ ହାତୀ ଓ କଇଁଛ ମଧ୍ୟରେ
Gajakachchhapajuddha ଯୁଦ୍ଧ (ଏହାଙ୍କୁ ଗରୁଡ଼ ନେଇ ଭକ୍ଷଣ କରିଥିଲା)—1. The fight between the elephant and the tortoise described in the Mahābhārata.
୨ । (ଲକ୍ଷଣାର୍ଥ) ଦୁଇ ସ୍ଥୂଳକାୟ ବ୍ୟକ୍ତିଙ୍କ ମଧ୍ୟରେ ମଲ୍ଲଯୁଦ୍ଧ—
2. Fight between two stout and hardy persons.

ଗଜକନ୍ଦ—ସଂ. ବି—ସୁଖାଦ୍ୟ ମୂଳବିଶେଷ—
Gajakanda A large esculent root.

ସାଧାରଣ ଭେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସମ୍ପର୍କିତ ଅଥଚ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗଜକପାଳ**—ଦେ. ବି—କପାଳର ମଧ୍ୟଦେଶ—
Gajakapāḷa — The middle of the eye-brows.

କସ୍ତୁରୀ ତିଳକ ଗଜକପାଳେ ପ୍ରକାଶ । ଯାଦୁମଣି. ରସକଲ୍ଲୋଳ ।

**ଗଜକର୍ଣ୍ଣିକା**—ସଂ. ବି—ଏକପ୍ରକାର କନ୍ଦ ବା ମୂଳ—
Gajakarṇṇikā — A kind of esculent root.
[ ଦ୍ର—ଏହାର ପତ୍ର ହସ୍ତୀ କର୍ଣ୍ଣପରି ଆକୃତିବିଶିଷ୍ଟ । ଏହା ତିକ୍ତରସ, ମଧୁରବିପାକ, ଉଷ୍ଣବୀର୍ଯ୍ୟ, ବାତକଫନାଶକ । ଏହା ଶୀତ, ଜ୍ୱର, ପାଣ୍ଡୁ, ଶୋଥ, କୃମି, ପ୍ଲୀହା, ଗୁଳ୍ମ, ଆନାହ, ଉଦରରୋଗ, ଗ୍ରହଣୀ ଓ ଅର୍ଶରୋଗରେ ହିତକର । ]

**ଗଜକର୍ଣ୍ଣୀ**—ସଂ. ବି—ଗଜକର୍ଣ୍ଣିକା ( ଦେଖ )—
Gajakarṇṇī — Gajakarṇṇikā (See)

**ଗଜକାଠି**—ଦେ. ବି—୧ । ମାଟିଆମାନଙ୍କର ଖନ୍ଦକ ଓ ମାଟିକାମ ମାପିବା ଦଣ୍ଡବିଶେଷ—1. A yard-measure to measure ditches and earth-work (used by earth-diggers).
Gajakāṭhi
ଗଜକାଠୀ
୨ । ଗଜ, ଫୁଟ ଓ ଇଞ୍ଚ ମାପିବା ପରିମାଣ-ଦଣ୍ଡବିଶେଷ—
2. A rod marked with divisions of inches feet and yards.
୩ । ବନ୍ଧୁକରେ ବାରୁଦ ଝୁନ୍ଦିବାର କାଠି—3. Ram-rod.

ଗଜ ଭଙ୍ଗାର ଗଜକାଠି,
ନଳୀରେ ଧରିଥାଅ ଯୋଗି । ରାମଦାସ. ଦାର୍ଢ୍ୟତାଭକ୍ତି ।

**ଗଜକୁମ୍ଭ**—ସଂ. ବି—( ୬ଷ୍ଠୀ ତତ୍; ଗଜ+କୁମ୍ଭ )—୧ । ହାତୀମୁଣ୍ଡରେ ମାଠିଆପରି ବାହାରିଥିବା ଦୁଇଟି ଅଂଶ—
Gajakumbha
1. The rounded protuberances on both sides of an elephant's brow.
୨ । ହାତୀ ତାର ଶୁଣ୍ଢରେ ଧରିଥିବା ପାଣି ମାଠିଆ—
2. A pitcher of water held by an elephant with its trunk.
[ ଦ୍ର—ପ୍ରବାଦ ଅଛି ଯେ ପୂର୍ବକାଳରେ କୌଣସି ଦେଶର ରାଜା ଅପୁତ୍ରକ ଅବସ୍ଥାରେ ପ୍ରାଣତ୍ୟାଗ କଲେ ରାଜକର୍ମଚାରୀମାନେ ରାଜାଙ୍କ ପାଟହାତୀର ଶୁଣ୍ଢରେ ଗୋଟିଏ ଜଳପୂର୍ଣ୍ଣ ମାଠିଆ ଧରାଇ ହାତୀକୁ ରାଜ୍ୟସାରା ବୁଲାଉଥିଲେ ଓ ହାତୀ ସେ ପାଣି ମାଠିଆକୁ ନେଇ ଯାହା ମୁଣ୍ଡରେ ଢାଳି ଦେଉଥିଲା ସେହି ବ୍ୟକ୍ତିକୁ ଆଣି ରାଜଗାଦିରେ ବସାଇ ରାଜା କରାଉଥିଲେ । ଶିକ୍ଷାଗୁଣରେ ହାତୀମାନେ ପାଣିମାଠିଆ ଶୁଣ୍ଢରେ ଧରି ମନୁଷ୍ୟ ଉପରେ ଢାଳିବାର ଦେଖାଅଛି । ]

**ଗଜକୂର୍ମଯୁଦ୍ଧ**—ଦେ. ବି—ଗଜକଚ୍ଛପଯୁଦ୍ଧ ( ଦେଖ )—
Gajakūrmajuddha — Gajakachchhapajuddha (See)

**ଗଜକୃତ୍ତି**—ସଂ ବି—୧ । ହାତୀର ଚର୍ମ—
Gajakṛutti — 1. The hide of an elephant.
୨ । ଗଜାସୁରର ଚମଡ଼ା ( ଯାହା ଶିବ ପରିଧାନ କରିବାର କଥିତ ଅଛି )—2. The hide of the demon Gaja put on by Siba.

ହରଜ ମହେଶ ହରନ୍ତ ପାପ,
ଖାଲ ଗୋଳ ଗଜକୃତ୍ତି ଯୋଡ଼ାଇ । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଗଜଗତି**—ସଂ. ବି—(୬ଷ୍ଠୀ ତତ୍; ଗଜ+ଗତି)—ହାତୀର ଧୀର ଚାଲି—
Gajagati — The stately gait of an elephant.
(ଗଜଗତି—ସ୍ତ୍ରୀ) ସଂ. ବିଣ (ବହୁବ୍ରୀହି)—ହାତୀପରି ଧୀରେ ଧୀରେ ଚାଲିବା (ବ୍ୟକ୍ତି)—(person) Having the stately gait of an elephant.

**ଗଜଗମନା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ଗଜର ଗମନ ପରି ଗମନ ଯାହାରି )—
Gajagamanā
(ଗଜଗମନ—ପୁଂ) ଯେଉଁ ସ୍ତ୍ରୀ ହାତୀ ଭଳି ନିଃଶବ୍ଦରେ ଚାଲେ—
(a woman) Having the stately and leisured gait of the elephant.

**ଗଜଗମଣୀ**—ଦେ. ବିଣ. ସ୍ତ୍ରୀ ( ସଂ. ଗଜଗମନା )—
Gajagamaṇī — ଗଜଗମନା ( ଦେଖ ) Gajagamanā ( See )

**ଗଜଗାମିଣୀ**—ଗ୍ରା. ବିଣ. ସ୍ତ୍ରୀ—ଗଜଗମନା ( ଦେଖ )
Gajagāmiṇī — Gajagamanā ( See )

**ଗଜଗାମୀ**—ସଂ. ବିଣ. ପୁଂ. (ଗଜ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Gajagāmī — ୧ । ହସ୍ତ୍ୟାରୋହୀ; ଯେ ହାତୀରେ ଚଢ଼ି ବାଟ ଚାଲେ-
(ଗଜଗାମିନୀ—ସ୍ତ୍ରୀ) 1. (a person) Riding on an elephant.
୨ । ହାତୀ ପରି ଯେ ଧୀରେ ଧୀରେ ଚାଲେ—
2. (a person) Whose gait is like that of an elephant; of stately gait.

**ଗଜଘଣ୍ଟା**—ଦେ. ବି. ( ସଂ. ଗଜ ଓ ଘଣ୍ଟ )—
Gajaghaṇṭā — ହାତୀ ବେକରେ ଓହଳା ହୋଇଥିବା ଘଣ୍ଟି—
ଗଜଘଣ୍ଟା — A bell hung on the elephant's neck.

**ଗଜଘଣ୍ଟି**—ଦେ. ବି. ( ସଂ. ଗଜ ଓ ଘଣ୍ଟି )—
Gajaghaṇṭi — ଗଜଘଣ୍ଟା ( ଦେଖ ) Gajaghaṇṭā ( See )

**ଗଜଚକ୍ଷୁ**—ସଂ. ବିଣ. ( ବହୁବ୍ରୀହି; ଗଜ+ଚକ୍ଷୁ )—
Gajachakshu — (ଲକ୍ଷଣାର୍ଥ) ଯାହାର ଆଖି ହାତୀର ଆଖି ପରି ଛୋଟ—
(figurative) (a person) Having comparatively small eyes.
[ ଦ୍ର—ହାତୀ ଶରୀରର ଆକାର ଅନୁପାତରେ ଚକ୍ଷୁ କ୍ଷୁଦ୍ର । ]

**ଗଜଛାୟା**—ସଂ. ବି. ( ଗଜ+ଛାୟା )—( ଏହା ହାତୀ ପରି ଦେଖାଯାଉଥିବାରୁ ) ନକ୍ଷତ୍ର ପୁଞ୍ଜ ବିଶେଷ—
Gajachchhāyā
Name of a particular constellation ( M. W. )

**ଗଜଢକ୍କା**—ସଂ. ବି. ( ମ. ପ. ଲୋ; ଗଜ ଉପରେ ବାହିତ ଢକ୍କା )—
Gajaḍhakkā — ହାତୀ ଉପରେ ବାହିତ ବଡ଼ ନାଗରା—
A big kettle-drum carried on an elephant ( M. W. )

| ୧ | ଋ | ଌ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଞ୍ଚ | ଇସ୍ତ | ଉଷ୍ମ | ଭ |
| --- | --- | --- | --- | --- | --- | --- | --- | --- | --- | --- | --- | --- | --- | --- |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉଦନ୍ତ ହକ୍ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଚଂ | ଇଅ | ଓ | ନ୍ତୁ |

**ଗଜତା**—ସଂ. ବ.—୧ । ( ଗଜ+ସମୂହାର୍ଥେ. ତା; ଭୁଲ. ଜନତା )—
Gajatā ହସ୍ତି ସମୂହ; ହାତୀ ପଲ—
1. A herd of elephants.
୨ । ( ଗଜ+ଭାବାର୍ଥେ. ତା )—ହାତୀର ଅବସ୍ଥା—
2. The state of an elephant ( M. W. )

**ଗଜଦଘ୍ନ**—ସଂ. ବଣ. ପୁଂ. ( ଗଜ+ପରମାଣାର୍ଥେ. ଦଘ୍ନ )—
Gajadaghna ହାତୀସମାନ ଉଚ୍ଚ—
As high as an elephant.

**ଗଜଦନ୍ତ**—ସଂ. ବ. ( ୬ଷ୍ଠୀ ତତ୍; ଗଜ+ଦନ୍ତ )—
Gajadanta ୧ । ହାତୀ ଦାନ୍ତ—
1. Ivory; tusk of an elephant.
୨ । କାନ୍ଥରେ ଲୁଗାପଟା ରଖିବା ପାଇଁ ମରା ଯାଇଥିବା କାଠି—2. A cloth-peg.
୩ । ଗଣେଶ—3. God Gaṇeśa ( having the head and tusk of an elephant )
୪ । ଉପଦନ୍ତ; ବାହାଡ଼ା ଦାନ୍ତ; ଦାନ୍ତ ଉପରେ ଉଠିବା ଦାନ୍ତ—
4. Redundant tooth.
୫ । କରମୁଦ୍ରାବିଶେଷ—
5. A particular position of the hands (M. W.)

(ଗଜଦନ୍ତୀ—ସ୍ତ୍ରୀ) ସଂ. ବଣ. ପୁଂ—ହାତୀଦାନ୍ତ ପରି ଦାନ୍ତ ପାଖରେ ବା ସମ୍ମୁଖରେ ଯେଉଁ ମନୁଷ୍ୟର ଦାନ୍ତ ବାହାରିଥାଏ; ଦନ୍ତୁର—
Having teeth protruding out of the jaw.

**ଗଜଦନ୍ତପଲଙ୍କ**—ଦେ. ବ ( ସଂ. ଗଜଦନ୍ତ ଓ ପଲଙ୍କ )—
Gajadantapalaṅka ଯେଉଁ ପଲଙ୍କରେ ଗଜଦନ୍ତ ଦ୍ୱାରା ଫୁଲ, ଲତାଆଦି ନାନାପ୍ରକାର କାରୁକାର୍ଯ୍ୟ ରଚିତ ହୋଇଥାଏ—
A bedstead artfully carved with ivory.

**ଗଜଦନ୍ତା**—ଦେ. ବଣ. ପୁଂ (ସଂ. ଗଜ ଓ ଦନ୍ତୁର )—
Gajadantā ଶମ୍ଭୁଦାନ୍ତୁରା; ଯେଉଁ ବ୍ୟକ୍ତିର ଆଗର ଶମ୍ଭୁଦାନ୍ତ ( ଗଜଦାନ୍ତୀ—ସ୍ତ୍ରୀ ) ଦୁଇଟି ଅତି ବଡ଼—
(a person) Having two of the front teeth very big and protruding.

**ଗଜଦାନ**—ସଂ. ବ ( ୬ଷ୍ଠୀ ତତ୍; ଗଜ+ଦାନ )—
Gajadāna ୧ । ମତ୍ତହସ୍ତୀର ଗଣ୍ଡରୁ ବୋହିବା ମଦବାରି—
1. Ichor exuding from the temple of elephants.
୨ । ଶାସ୍ତ୍ରୋକ୍ତ ହସ୍ତିଦାନ—
2. Gift of an elephant.

**ଗଜଦାନ୍ତୁରା**—ଦେ. ବଣ. ପୁଂ ( ସଂ. ଗଜ ଓ ଦନ୍ତୁର )—
Gajadānturā ଗଜଦନ୍ତା ( ଦେଖ )
(ଗଜଦାନ୍ତୁରୀ—ସ୍ତ୍ରୀ) Gajadantā (See)

**ଗଜଦ୍ୱୟସ**—ସଂ. ବଣ. ପୁଂ (ଗଜ+ପରମାଣାର୍ଥେ. ଦ୍ୱୟସ )—
Gajadwayasa ଗଜଦଘ୍ନ (ଦେଖ)
Gajadaghna (See)

**ଗଜଧ୍ୱଜ**—ସଂ. ବ ( ବହୁବ୍ରୀହି; ଗଜ+ଧ୍ୱଜା )—କର୍ଣ୍ଣଙ୍କ ରଥର ନାମ—
Gajadhwaja The name of the war-chariot of Karṇṇa.
ଗଜ ଗଜଧ୍ୱଜ ବେଗେ ନକ୍ଷତ୍ର ଆକାର—ପ୍ରଧାନାଥ. ବେଣୀସଂହାର ।

**ଗଜନକ୍ର**—ସଂ. ବ ( ଗଜ+ନକ୍ର; ଏହାର ଶରୀର ହାତୀର ଶରୀର ପରି ଓ ମୁହଁ କୁମ୍ଭୀର ପରି ଥିବାରୁ )—ଗଣ୍ଡା ପଶୁ—
Gajanakra Rhinoceros (M. W.)

**ଗଜନବୀ**—ବୈଦେ. ବଣ (ଫା. ଗଜ୍‌ନବୀ)—ଗଜନୀନଗରର ଅଧିବାସୀ—
Gajanabī Of Gajni, inhabitant of the town of Gazni.
गजनवी
**गजनवी** ( ଯଥା—ମାହାମୁଦ ଗଜନବୀ । )

**ଗଜନାଳ**—ସଂ. ବ—ଖୁବ୍ ଭାରି ତୋପ, ଯାହାକୁ ହାତୀମାନେ ଟାଣନ୍ତି
Gajanāla (ହି. ଶବ୍ଦସାଗର)—
Heavy cannon drawn by elephants.

**ଗଜନାଶା**—ସଂ. ବ (୬ଷ୍ଠୀ ତତ୍; ଗଜ+ନାଶା)—ହାତୀ ଶୁଣ୍ଢ—
Gajanāśā Elephant's trunk.

**ଗଜନୀ**—ବୈଦେ. ବ ( ଫା. ନାମ )—ଅଫଗାନିସ୍ଥାନର ପ୍ରାଚୀନ ନଗରବିଶେଷ—
Gajanī
गजनी Name of an ancient town of
**गजनी** Afganistan.
[ ଦ୍ର—ଏହି ସ୍ଥାନର ଅଧିବାସୀ ମାହମୁଦ୍ ନାମକ ଜଣେ ପଠାଣ-ରାଜା ଭାରତକୁ ୧୭ ଥର ଆକ୍ରମଣ କରି ଭାରତରୁ ବହୁ ଧନ ଲୁଣ୍ଠନ କରି ନେଇଥିଲେ । ]

**ଗଜପତି**—ସଂ. ବ. ( ୬ଷ୍ଠୀ ତତ୍; ଗଜ+ପତି )—
Gajapati ୧ । ଗଜରାଜ; ଶ୍ରେଷ୍ଠ ହସ୍ତୀ—
1. A lordly or stately elephant.
୨ । ଇନ୍ଦ୍ରଙ୍କ ହସ୍ତୀ; ଐରାବତ ହସ୍ତୀ—
2. Name of Indra's elephant.
୩ । ହସ୍ତୀର ରକ୍ଷକ—
3. A keeper of an elephant.
୪ । ଯାହାର ଅନେକ ହସ୍ତୀ ଅଛନ୍ତି—
4. Owner of many elephants.
୫ । ଓଡ଼ିଶାର ପ୍ରାଚୀନ ରାଜବଂଶର ସମ୍ମାନସୂଚକ ଗୋଟିଏ ଉପାଧି—5. The title of the ancient kings of Orissa.
[ ଦ୍ର—ସମ୍ଭବତଃ ଏମାନଙ୍କର ବହୁସଂଖ୍ୟକ ଯୁଦ୍ଧ ହସ୍ତୀ ଥିବାରୁ ଏହି ଉପାଧି ହୋଇଥିଲା । ବର୍ତ୍ତମାନପର୍ଯ୍ୟନ୍ତ ପୁରୀର ରାଜା ଓ ବଡ଼ ଖେମଣ୍ଡି, ପରଲାଖେମଣ୍ଡି ଓ ସାନ ଖେମଣ୍ଡିର ରାଜବଂଶ ଏହି ଉପାଧିରେ ଭୂଷିତ । ପ୍ରାଚୀନ ଓଡ଼ିଶା ରାଜାଙ୍କର "ବୀର ଶ୍ରୀ ଗଜପତି-

ସାଧାରଣ ଦେଖିବେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗଣା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଲବର୍ଗେଶ୍ୱର ବୀରାଧିବୀରବର ପ୍ରତାପ ଶ୍ରୀ" ଏହି ଉପାଧି ଅଦ୍ୟାବଧି ପୁରୀ ରାଜାଙ୍କର ନାମ ସଙ୍ଗେ ବ୍ୟବହୃତ ହେଉଅଛି । ଗଙ୍ଗବଂଶୀୟ ରାଜାମାନଙ୍କ ଅମଳରୁ ଓଡ଼ିଶା ରାଜାଙ୍କର ଏହି ଉପାଧି ଥିବାର ଦେଖାଯାଏ । ]

**ଗଜପାଦପ**—ସଂ. ବି—ବୃକ୍ଷବିଶେଷ—Bignonia Suaveolens (tree). (M. W.).
Gajapādapa

**ଗଜପାଳ**—ସଂ. ବି. ( ଗଜ+ପାଳ ଧାତୁ+କର୍ତ୍ତୃ. ଅ )—ମାହୁନ୍ତ—
Gajapāḻa The keeper or driver of an elephant.

**ଗଜପିପଲା**—ଦେ. ବି—ଗଜପିପ୍ପଳୀ ( ଦେଖ )
Gajapipaḻā Gajapippaḻī ( See )

**ଗଜପିପ୍ପଳୀ**—ସଂ. ବି. ( ଗଜ+ପିପ୍ପଳୀ )—
Gajapippaḻī ବଣପିପଲା—A creeper; Pothos or Scindapsus Officinalis.
ସଂ. କରିପିପ୍ପଳୀ; କପିବଲ୍ଲୀ; ବଶିର; କୋଲବଲ୍ଲୀ; ଚବ୍ୟଫଳ; ଗ୍ରାର୍ଘଗ୍ରନ୍ଥୀ; ଶ୍ରେୟସୀ; ଇଭକଣା; କପିବଲ୍ଲିକା
ଗଜପିପାଲ; ଗଜପିପুল
**गजपिप्लि; हातिपिप्लि;**
**गजपीपर**
ତେ. ଗଜପିପ୍ପଲୁ
[ ଦ୍ର—ଏହା ଅଙ୍କୁଲତା ପରି ଏକ ପ୍ରକାର ଲତା । ଏହାର ପ୍ରତ୍ୟେକ ଗଣ୍ଠିରେ ଚେର ବାହାରେ ଓ ଏହି ଚେରଦ୍ୱାରା ଏ ଲତା ଅନ୍ୟ ଗଛ ଉପରକୁ ମାଡ଼େ । ଏଥିର ଫଳ ପିପ୍ପଳୀ ଆକୃତିବିଶିଷ୍ଟ ବଡ଼ ବଡ଼ । ଏହା ଔଷଧରେ ଲାଗେ । ଏଥିର ଫଳକୁ ସଂସ୍କୃତରେ 'ଚବିକା' କହନ୍ତି । ]

**ଗଜପୁଙ୍ଗବ**—ସଂ. ବି. ( ୭ମୀ ତତ୍; ଗଜ+ପୁଙ୍ଗବ )—
Gajapuṅgaba ୧ । ଶ୍ରେଷ୍ଠ ଗଜ—
1. An excellent elephant.
୨ । ଐରାବତହସ୍ତୀ—
2. Indra's elephant named Airābata.

**ଗଜପୁଟ**—ସଂ. ବି. ( ଗଜ+ପୁଟ )—( ଆୟୁର୍ବେଦୋକ୍ତ ) ଔଷଧ ପାକ
Gajapuṭa କରିବା ବା ପୋଡ଼ିବା ନିମିତ୍ତ ଭୂମିରେ ଖୋଳାଯିବା ଦୁଇ ହାତ ଗଭୀର ଓ ଦୁଇ ହାତ ବ୍ୟାସବିଶିଷ୍ଟ ଗର୍ତ୍ତ—
A hole dug in the ground ( one yard deep and one yard in diameter ) for burning ingredients to prepare certain medicines.

**ଗଜପୁର**—ସଂ.ବି. (ମ.ପ. ଲୋ; ଗଜ+ପୁର; ଗଜ ନାମରେ ଖ୍ୟାତପୁର)—
Gajapura ହସ୍ତିନାପୁର; ଯୁଧିଷ୍ଠିରଙ୍କ ରାଜଧାନୀ—Hastinā the capital of Judhishṭhira (modern Delhi).

**ଗଜପୁଷ୍ପ**—ସଂ. ବି.—ନାଗଦଅଣା ( ଦେଖ ),
Gajapushpa Nāgadaaṇā ( See )
( ଗଜପୁଷ୍ପୀ—ଅନ୍ୟରୂପ )

**ଗଜବକ୍ତ୍ର**—ସଂ. ବି. ( ବହୁବ୍ରୀହି; ଗଜ+ବକ୍ତ୍ର )—
Gajabaktra ଗଜବଦନ ( ଦେଖ )
Gajabadana ( See )

**ଗଜବତା**—ଦେ. ବି.—୧ । ଗଜକାଠି (ଦେଖ)
Gajabatā 1. Gajakāṭhi (See)
୨ । କବାଟ ମଝିରେ ଅଡ଼ବାଗରେ ଲଗାଯିବା ପତଳା କାଠ—
2. Thin bits of wood put across a door.

**ଗଜବଦନ**—ସଂ. ବି. (ବହୁବ୍ରୀହି. ଗଜ+ବଦନ)—ଗଣେଶ; ଗଜାନନ—
Gajabadana Lord Gaṇeśa ( having the head of an elephant).

**ଗଜବନ୍ଧ**—ଦେ. ବି.—୧ । ଶିଳ୍ପ ଓ ଖୋଦନ କାର୍ଯ୍ୟରେ ହାତୀଚିତ୍ର
Gajabandha ଅଙ୍କନର ବନ୍ଧ ବା ରୀତିବିଶେଷ—1. A kind of depicting elephants in architecture and carving.
୨ । ଚାଳଘର ଛାଆଁର କରିବାର ଦେଶୀୟ ଶିଳ୍ପପ୍ରଣାଳୀ ବା ଭାଗବିଶେଷ—2. One of the designs for building a thatched house (prevalent in India.)
୩ । ଚିତ୍ରକାବ୍ୟବିଶେଷ; ଏଥିର ଅକ୍ଷରମାନଙ୍କୁ ସଜାଇଲେ ଗୋଟିଏ ହାତୀର ଆକାର ହୁଏ—(ହି. ଶବ୍ଦସାଗର)
3. A kind of picturesque composition.

**ଗଜବନ୍ଧନ**—ସଂ. ବି. (ଗଜ+ବନ୍ଧନ)—୧ । ହାତୀଶାଳ—
Gajabandhana 1. Stable or shed for elephants.
୨ । ହାତୀବନ୍ଧା ଦଉଡ଼ି—2. A chain for tying the elephant to a post; tether.
୩ । ଆଲାନ; ହାତୀଖୁଣ୍ଟ—
3. Post for tying elephants.

**ଗଜବନ୍ଧନୀ**—ସଂ. ବି. ସ୍ତ୍ରୀ (ଗଜ+ବନ୍ଧନ+ସ୍ତ୍ରୀ. ଈ)—ଗଜବନ୍ଧନ (ଦେଖ)
Gajabandhanī Gajabandhana (See)

**ଗଜବଳି**—ପ୍ରାଦେ. (ଗଞ୍ଜାମ, ବଡ଼ଖେମୁଣ୍ଡି) ବି.—ସାତଟି ପୋଢ଼ ବା ଅଣ୍ଡିରା ମଇଁଷିଙ୍କୁ ଧାଡ଼ି କରି ଠିଆ କରାଇ ଠାକୁରାଣୀଙ୍କ ଆଗେ ଯୁଗପତ୍ ହଣାଯିବା ବଳି (ଦେ.ଅଷା.୧୬।୧୦।୩୧)—
Gajabaḻi The slaughter of seven buffaloes simultaneously before a Goddess after making them stand in a row.

**ଗଜବାଗ**—ଦେ. ବି. ( ସଂ. ଗଜ ଓ ବଲ୍ଗ )—ଅଙ୍କୁଶ; ହସ୍ତି-ତାଡ଼ନା-
Gajabāga ଦଣ୍ଡ—A goad to drive elephants; a hook for goading elephants.
**डाङ्गस, अङ्कुश**
**गजबाग, गजबांक**

**ଗଜବାଙ୍କ**—ଦେ. ବି. ( ସଂ. ଗଜ ଓ ବଙ୍କ )—ଗଜବାଗ (ଦେଖ)
Gajabāṅka Gajabāga (See)

**ଗଜବୀଥି**—ସଂ. ବି.—(୬ଷ୍ଠୀ ତତ୍; ଗଜ+ବୀଥି)—୧ । ଗଜଶ୍ରେଣୀ—
Gajabīthi 1. A row of elephants.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | ଞ୍ଜ | ଙ୍ଘ | ଝ୍ଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ୟ | ଇଅ | ● | ନ୍ଦ |

୨ । ହାତୀଦାଣ୍ଡ; ଅରଣ୍ୟରେ ଯେଉଁ ପ୍ରଶସ୍ତ ବାଟରେ ହାତୀମାନେ ଯିବା ଆସିବା କରନ୍ତି—2. The road frequented by the herds of elephants in a jungle.

୩ । ରୋହିଣୀ, ଆର୍ଦ୍ରା ଓ ମୃଗଶିରା ନକ୍ଷତ୍ର ତ୍ରୟ—
3. The 4th, 5th and 6th lunar mansions.
[ ଦ୍ର—ଏ ନକ୍ଷତ୍ରମାନଙ୍କ ମଧ୍ୟ ଦେଇ ଶୁକ୍ରଗ୍ରହର ଗତି ହୁଏ ।
ହି. ଶବ୍ଦସାଗର । ]

**ଗଜବୀଥୀ**—ସଂ. ବି.—ଗଜବୀଥି ୩ (ଦେଖ)
Gajabīthī — Gajabīthi 3 (See)

**ଗଜବେଲ**—ଦେ.ବି. (ସଂ.ଗଜ + ବଳ)—ଏକପ୍ରକାର ଲୁହା; କାନ୍ତଲୌହ—
Gajabela — A species of iron; cast-iron.
गजवेलो — ସବୁ ଲୁହାମାନେ ଲୁହା ଯେ କହନ୍ତି ଲୁହା ଅଟଇ ଗଜବେଲ ।
ଧର୍ମଗୀତ ।

**ଗଜବ୍ରଜ**—ସଂ. ବି. (୬ଷ୍ଠୀ ତତ୍; ଗଜ+ବ୍ରଜ)—ଗଜଯୂଥ ( ଦେଖ )
Gajabraja — Gajajūtha ( See )

**ଗଜଭକ୍ଷକ**—ସଂ. ବି. ( ବହୁବ୍ରୀହି; ଗଜ ଅଟେ ଭକ୍ଷକ ଯାହାର )—
Gajabhakshaka — ଅଶ୍ୱତ୍ଥ ଗଛ—Ficus Religiosa ( M. W. ).

**ଗଜଭକ୍ଷା**—ସଂ. ବି—ଲୋବାନ୍ ବା ଗୁଗ୍ଗୁଲ ଗଛ—
Gajabhakshā — The gum Olibanum tree (M.W.)

**ଗଜଭୁକ୍ତ କପିତ୍ଥ ବତ୍**—ଦେ. ପ୍ରବଚନ—ହାତୀ ଖାଇଥିବା କଇଥ ଫଳ
Gajabhukta kapittha bat — ପରି ବାହାରେ ଅକ୍ଷୁଣ୍ଣ କିନ୍ତୁ ଭିତରଫମ୍ପା ( ପ୍ରବାଦ ଅଛି ଯେ ହାତୀକୁ କଇଥ ଫଳ ଖାଇବାକୁ ଦେଲେ ହାତୀଲଣ୍ଡିରେ କଇଥଟି ଗୋଟାସୁଦ୍ଧା ବାହାରେ; କିନ୍ତୁ ସେ କଇଥମଧ୍ୟରୁ ଶସ କିଛି ନ ଥାଏ ଓ କଇଥଟି ଫମ୍ପା ବାହାରେ )—
Whole outside but empty inside ( like a wood-apple which when swallowed whole by an elephant is said to pass out at the anus in its entirety, but on breaking the shell the apple is found to be quite empty within ).

[ ଦ୍ର—କେହି କେହି କହନ୍ତି ଏହା ସତ୍ୟ । କିନ୍ତୁ ପରୀକ୍ଷା କରି ହାତୀକୁ କଇଥ ଖାଇବାକୁ ଦେଇ ଲେଖକ ଦେଖିଅଛନ୍ତି ଯେ ପ୍ରଥମେ ହାତୀ ସେ କଇଥଟିକୁ ମଡ଼ ମଡ଼ କରି ଚୋବାଇ ଖାଏ ଓ ହାତୀ ଲଣ୍ଡିରେ ଖଣ୍ଡ ଖଣ୍ଡ କଇଥର ଖୋଳ ବାହାରେ । କେହି କେହି କହନ୍ତି ଯେ ଗଜନାମକ ଏକଜାତୀୟ ପୋକ କଇଥଫଳ ମଧ୍ୟରେ ପଶି କଇଥର ଶସକୁ ଏପରି ଖାଆନ୍ତି ଯେ କଇଥର ଆକାରଟି ପୂର୍ବପରି ଥାଏ କିନ୍ତୁ ଭିତରଟି ଫମ୍ପା ହୋଇଯାଏ । ଲକ୍ଷ୍ମୀ ପ୍ରସନ୍ନା ହେଲାବେଳେ ନଡ଼ିଆଭିତରରେ ପାଣି ପଶିଲା ଭଳି ( ନାରିକେଳ ଫଳାମ୍ବୁବତ୍ ) ମନୁଷ୍ୟର ଘରେ ପଶନ୍ତି ଓ ଲକ୍ଷ୍ମୀ ଛାଡ଼ିଗଲାବେଳେ ଗଜ ଖାଇଲା କଇଥ ଭଳି ମନୁଷ୍ୟର ଘର ଭିତର ଫମ୍ପା କରି ଦେଇ ଯାଆନ୍ତି । ଏହି କଥାର ଉପମାରେ ଏ ପ୍ରବଚନ ବ୍ୟବହୃତ ହୁଏ । ]

**ଗଜମଣ୍ଡନ**—ସଂ. ବି—ହସ୍ତୀକୁ ମଣ୍ଡିବା ପଦାର୍ଥ—Ornaments or
Gajamandana — decorations for an elephant.
[ ଦ୍ର—ହାତୀ କପାଳରେ ଚିତ୍ର ଓ ଅଳଙ୍କାର ଓ ଝୁଲ ଇତ୍ୟାଦିକୁ 'ଗଜମଣ୍ଡନ' କୁହାଯାଏ । ]

**ଗଜମଣ୍ଡଳିକା**—ସଂ. ବି. ( ମ. ପ. ଲୋ; ଗଜମାନଙ୍କଦ୍ୱାରା ଗଠିତ
Gajamandalikā — ମଣ୍ଡଳିକା )—ଶୁଣ୍ଢଅଡ଼େ ହାତୀ ଘେରିବାଦ୍ୱାରା କୃତ ମଣ୍ଡଳ—A ring or circle formed by elephants.

**ଗଜମଣ୍ଡଳୀ**—ସଂ. ବି—ଗଜମଣ୍ଡଳିକା ( ଦେଖ )
Gajamandalī — Gajamandalikā ( See )

**ଗଜମଣ୍ଡା**—ଦେ. ବି—ମଝିରେ ଗୋଟିଏ ଟେକ ବା ଭୁଣ୍ଡି ବାହାରିଥିବା
Gajamandā — ବଡ଼ ମଣ୍ଡାପିଠା—A round cake having a
ବଡ଼ମୁଣ୍ଡୀ — big button-like protuberance at the top.

**ଗଜମତା**—ଦେ. ବି—ଆଷାଢ଼ମାସର ପ୍ରଥମ ଅସରା ବର୍ଷା ବା ଶିଆଣୀ
Gajamatā — ବର୍ଷା ପରେ ଆଖୁଗଛମାନଙ୍କର ଫୁଲିଯିବା ଓ ଫମ୍ପା ହୋଇଯିବା ରୋଗବିଶେଷ—
A disease attacking sugarcane-plants after the fall of first showers in the month of Āshārdha ( by which the cane becomes hollow and swollen ).

**ଗଜମତି**—ଗ୍ରା. ବି. ( ସଂ. ଗଜମୋତି )—ଗଜମୁକ୍ତା ( ଦେଖ )
Gajamati — Gajamuktā ( See )

**ଗଜମନଠାଇଁ**—ଦେ. ବି—ଶୂଦ୍ରଙ୍କ ବିଧବା ବିବାହ ବା ଦ୍ୱିତୀୟ ବିବାହଜାତ ସନ୍ତାନ—The offspring of a
Gajamanathāyãn — 
(ଗଜମନଠାଇଁଣୀ—ସ୍ତ୍ରୀ) — widow-marriage amongst the Sūdras.

**ଗଜମାଣିକ**—ଦେ. ବି—ଗଜମୁକ୍ତା ( ଦେଖ )
Gajamānika — Gajamuktā ( See )
गजमानिक

**ଗଜମୁଆଁ**—ଦେ. ବି—ଯେଉଁ ମୁଆଁର ଉପରି ଦେଉଳ ବା ଦେଉଳର
Gajamuãn — ଚୂଳ ପରି ହୋଇଥାଏ—
A sugared ball of fried paddy tapering to a point.

**ଗଜମୁକୁତା**—ଗ୍ରା. ବି—ଗଜମୁକ୍ତା ( ଦେଖ )
Gajamukutā — Gajamuktā ( See )
ଗଜ ମୁକୁତା ଝୁମ୍ପାମାଳ । ଉପଚ. ପ୍ରେମପଞ୍ଚାମୃତ ।

**ଗଜମୁକ୍ତା**—ସଂ. ବି. ( ମ. ପ. ଲୋ; ଗଜ ମସ୍ତକରୁ ଜାତ ମୁକ୍ତା )—
Gajamuktā — ହାତୀ ମୁଣ୍ଡରୁ ବାହାରିବା ଏକପ୍ରକାର ବହୁମୂଲ୍ୟ ମୁକ୍ତା—
A pearl said to be got from the head of the elephant.

ସାଧାରଣ ଶ୍ରେବେ ଅପର ପୃଷ୍ଠାରେ ଧରତ ୧ ଚନ୍ଦ୍ରର ଅକ୍ଷର ଓ ମାତ୍ରା ଏବ ୨ ଚନ୍ଦ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚନ୍ଦ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚନ୍ଦ୍ରର ଅପରର ୨ ବା ୧ ଚନ୍ଦ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଉ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ ଦେଖିବେ 'ବଧୂ' ନ ପାଇଲେ 'ବଣ୍ଟ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

[ ଦ୍ର—ଗଜ ମୁଣ୍ଡରୁ ମୁକ୍ତା ବାହାରିବା କବିକଳ୍ପନା ମାତ୍ର । ଭୂକାପି ଏପରି ମୁକ୍ତା ମିଳିବାର ଦେଖା ନାହିଁ । ]

**ଗଜମୁଖ**—ସଂ. ବି. ( ବହୁବ୍ରୀହି; ଗଜ+ମୁଖ )—
Gajamukha — ଗଜବଦନ ( ଦେଖ ) — Gaja badana ( See )

**ଗଜମୁରୁଖ**—ଗ୍ରା. ବଣ. ( ସଂ. ଗଜ + ମୂର୍ଖ )—
Gajamurukha — ବଡ଼ା ମୁରୁଖ; ଅତି ମୂର୍ଖ—
हस्तीमूर्ख — Totally illiterate.

**ଗଜମୁହାଁ**—ଦେ. ବି—ଗଜମୁଆଁ ( ଦେଖ )
Gajamuhā̃ — Gajamuā̃ ( See )

**ଗଜମୂର୍ଖ**—ଦେ. ବଣ. ( ଉପମା )—
Gajamūrkha — ୧ । ଗଜ ପରି ମୂର୍ଖ; ଅତି ମୂର୍ଖ ବା ନିର୍ବୁଦ୍ଧିଆ—
हस्तीमूर्ख — 1. Very stupid or foolish; dunce.
ବାଣୀରେ ରଚତ ମୋହ
ଗଜମୂର୍ଖ ନୋହେ ମୁହିଁ । ଉକ୍ତ. ବୈଦେହୀଶବିଳାସ ।
୨ । ଗଣେଶ (ପ୍ରକୃତିବାଦ)—2. Deity Ganeṣa.

**ଗଜମୋଚନ**—ସଂ. ବି—ବିଷ୍ଣୁ ପୁରାଣୋକ୍ତ ଗଜଙ୍କର ଜଳରେ କୁମ୍ଭୀର ଦ୍ୱାରା
Gajamochana — ଧୃତ ହସ୍ତୀର ବିଷ୍ଣୁଙ୍କ ଦ୍ୱାରା କୁମ୍ଭୀର ମୁଖରୁ ଉଦ୍ଧାର-
The deliverance or rescue of an elephant from the grip af an alligator as described in the Bishṇupurāṇa.

**ଗଜମୋତି**—ସଂ. ବି. ( ସଂ. ଗଜ+ମୌକ୍ତିକ )—
Gajamoti — ଗଜମୁକ୍ତା ( ଦେଖ ) — Gajamuktā ( See )

**ଗଜମୌକ୍ତିକ**—ସଂ. ବି—ଗଜମୁକ୍ତା ( ଦେଖ )
Gajamauktika — Gajamuktā ( See )

**ଗଜଯୂଥ**—ସଂ. ବି—ହାତୀଙ୍କ ଦଳ—
Gajajūtha — A herd of elephants.

**ଗଜଯୋଧୀ**—ସଂ. ବଣ. ପୁଂ. ( ଗଜ + ଯୋଧିନ୍; ୧ମା. ୧ବ )—
Gajajodhi — ଗଜାରୋହୀ; ହାତୀ ଉପରେ ଚଢ଼ି ଯୁଦ୍ଧ କରୁଥିବା (ସେନା)—Fighting on an elephant
ଗଜଯୋଧୀ ଅଶ୍ୱଯୋଧୀ ଯେ ଅଗଣିତ
ମଦଛନ୍ନ ଅର୍ଜୁନ ବହୁତ ରଥେତ । କୃଷ୍ଣସିଂହ. ମହାଭାରତ- କର୍ଣ୍ଣ ।

**ଗଜର୍**—ବୈଦେ. ବି. (ଅ)—ଗଜଲ୍ ୨ ( ଦେଖ )
Gajar — Gojal 2 ( See )

**ଗଜର**—ଗ୍ରାଦେ. (ଉତ୍ତରଭାଷା) ବି— ଗହଳ; ଗୋଳମାଳ—
Gajara — Noise.

**ଗଜରା**—ଦେ. ବି—ବଡ଼ ମୋତି ଥିବା କର୍ଣ୍ଣଭୂଷଣବିଶେଷ—
Gajarā — An ear-ring with a large pearl.
गाँजना — ଦେ. ବଣ—୧ । ଟାଟକା (ଦୁଧ); ଗାଈଠାରୁ ତାଟକା ଦୁହାଁ ( ଦୁଧ )—
1. Fresh ( cow's milk ); (milk) drawn fresh from the cow.

୨ । ନୂତନ ଗଜା ମାରିଥିବା (ବୃକ୍ଷ)—
2. Newly sprouted (plant).
୩ । ସଦ୍ୟପ୍ରସୂତା (ଗାଈ)—
3. Recently delivered (cow).
ଦେ. ବି—ଗଜଲ୍ ( ଦେଖ )—
Gajal ( See )
ଗ୍ରାଦେ (ସମ୍ବଲପୁର) ବି.—ଗୁଚ୍ଛ—Nosegay.

**ଗଜରାଇବା**—ଦେ. କି—୧ । ଗଜୁରିବା କ୍ରିୟାର ଣିଜନ୍ତ ରୂପ—
Gajarāibā — 1. The causative form of 'Gajuribā'.
भिजाना — ୨ । ବୁଣିବା ପାଇଁ ଧାନ ଆଦିକୁ ଦିନକ ଆଗରୁ ବତୁରାଇବା -
2. To moisten paddy and other seeds on the day previous to sowing.
୩ । ମଞ୍ଜି ବା ଶସ୍ୟ ( ବୁଟ, ମୁଗ ) ଆଦିକୁ ପାଣିରେ ବତୁରାଇ ଅଙ୍କୁରିତ କରାଇବା—3. To cause grains to sprout by moistening them overnight.

**ଗଜରା ଖଡୁ**—ଦେ. ବି—ସ୍ତ୍ରୀ ଲୋକମାନଙ୍କର ହାତରେ ପିନ୍ଧିବା ଏକପ୍ରକାର
Gajarā khardu — ମୋଟା ଖଡୁ—A very big bracelet worn by females.

**ଗଜରାଜ**—ଦେ. ବି—ଗଜପତି ୧ ଓ ୨ ( ଦେଖ )—
Gajarāja — Gajapati 1 and 2 (See)

**ଗଜରା ଦୁଧ**—ଦେ. ବି—୧ । ସଦ୍ୟ ପ୍ରସୂତା ଗାଈର ଦୁଗ୍ଧ—
Gajarā dudha — 1. Milk of a newly-delivered cow.
गाँजनादूध — ୨ । ସଦ୍ୟ ଦୁହାଁ ହୋଇଥିବା ( ଫେଣଯୁକ୍ତ ) ଦୁଧ—
2. Newly-milched cow-milk with froth still apparent on the surface.

**ଗଜରାଦେବା**—ଦେ. କି—୪ଟା, ୮ଟା, ୧୨ଟା ବେଳେ ଘଣ୍ଟାରେ ଯଥା-
Gajarādebā — କ୍ରମେ ୪, ୮ ଓ ବାରଥର ପିଟି ସାରିବା ପରେ
गुजान, गुजिरे- — ପୁଣି କେତେଥର ଧୀରେ ଧୀରେ ଘଣ୍ଟାରେ ପିଟିବା—
देओया, गजल देओया — To strike small additional
गजरदेना — strokes on the gong after striking the actual number of strokes at 4, 8 and 12 o'clock respectively.

**ଗଜରା ମାଳ**—ଦେ. ବି—ଫୁଲରେ ଘନ ଭାବରେ ଗୁନ୍ଥା ହୋଇଥିବା ବଡ଼
Gajarā māla — ମାଳା ବା ଧଣ୍ଡା—A thick and tightly
गोड़ेमाला — strung garland of flowers.

**ଗଜରା ମାଳା**—ଦେ. ବି—ଗଜରା ମାଳ ( ଦେଖ )—
Gajarā mālā — Gajarā māla ( See )

**ଗଜରଥ**—ସଂ. ବି ( ମଧ୍ୟପଦଲୋପୀ; ଗଜ + ରଥ)—ହାତୀଟାଣିବା ବଡ଼ରଥ—
Gajaratha — A big car drawn by elephants.

**ଗଜରିପୁ**—ସଂ. ବି (ଷଷ୍ଠୀ ତତ୍; ଗଜ+ରିପୁ )—ସିଂହ—
Gajaripu — Lion.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଡ଼ୁଅ | ଝ |
| ୨ | ଈ | ଉ | ଋ | ଌ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ୟ | ଇଅ | ଡ଼ | ନ୍ତ |

**ଗଜରିବା**—ଦେ. କି—ଗଜୁରିବା ( ଦେଖ )—
Gajaribā — Gajuribā ( See )

**ଗଜଲ୍**—ବୈଦେ. ବି ( ଫା )—ଫାର୍ସୀ ଓ ଉର୍ଦ୍ଦୁଭାଷାରେ ରଚିତ ପ୍ରଣୟ-ବର୍ଣ୍ଣନାତ୍ମକ କବିତା; ପ୍ରେମସଙ୍ଗୀତ—
Gajal — Persian and Urdu love-song or love-lyric.
ଗଜଲ
**ଗଜ़ल**

[ ଦ୍ର—ଗଜଲ୍ ସଙ୍ଗୀତରେ ଶୃଙ୍ଖଳାବଦ୍ଧ କଥାର ବର୍ଣ୍ଣନା ନ ଥାଏ । ପ୍ରେମିକ ବା ପ୍ରେମିକାର ସାମୟିକ ମନୋଭାବ ଏ ସଙ୍ଗୀତରେ ପ୍ରକଟିତ ହୋଇଥାଏ । ଏଥିର କୌଣସି ନିର୍ଦ୍ଦିଷ୍ଟ ଛନ୍ଦ ନାହିଁ—
ହି. ଶବ୍ଦସାଗର । ]

**ଗଜର; ଗୁଜାର** ଦେ. ବି ( ସଂ. ଗର୍ଜ୍ଜ )—୪ଟା, ୮ଟା ଓ ୧୨ଟା ସମୟରେ ଘିଣ୍ଟା ଘଣ୍ଟାରେ ଯଥାକ୍ରମେ ୪, ୮ ଓ ୧୨ ଥର ବାଡ଼େଇବା ପରେ କିଛି ସମୟ ରହି ଯେଉଁ ଏକାଧିକ ବାର ଠଣ୍ ଠଣ୍ ଶବ୍ଦ କରି ପିଟାଯାଏ—
**गजर**
The small strokes given at the end when a gong is struck 4, 8 and 12 times to indicate the hours 4, 8 and 12 o'clock respectively.

**ଗଜ ଲକ୍ଷ୍ମୀ**—ଦେ. ବି—ଯେଉଁ ଲକ୍ଷ୍ମୀମୂର୍ତ୍ତିଙ୍କର ଦୁଇ ପାଖରେ ଦୁଇଟି ହାତୀ କଳଶରେ ଜଳ ଢାଳୁଥାଆନ୍ତି—
Gaja Lakshmī — An image of Goddess Lakshmī represented by two elephants pouring water from jars held by their trunk on both sides.

**ଗଜଶାଳା**—ସଂ. ବି ( ୬ଷ୍ଠୀ ତତ୍; ଗଜ + ଶାଳା )—ହାତୀଶାଳ—
Gajaśālā — Elephants' stall.

**ଗଜସାହ୍ୱୟ**—ସଂ. ବି ( ଗଜ + ସମ + ଆହ୍ୱୟ; ହସ୍ତୀର ନାମରେ ଯାହାର ନାମକରଣ ହୋଇଅଛି )—ହସ୍ତିନା; ପ୍ରାଚୀନ ଦିଲ୍ଲୀନଗରୀ—
Gajasāhwaya — Hastinā; ancient Delhi.
[ ଦ୍ର—ଗଜନାମକ ରାଜା ଏହି ପୁର ପ୍ରତିଷ୍ଠା କରିଥିଲେ । ]

**ଗଜସ୍ଥାନ**—ସଂ. ବି—ହାତୀଶାଳ; ହାତୀ ରହିବା ଜାଗା—
Gajasthāna — A place where elephants are kept; elephants' stall (M. W.)

**ଗଜସ୍ନାନ**—ସଂ. ବି—୧ । ହାତୀଗାଧୁଆ—
Gajasnāna — 1. A bath of an elephant.
୨ । ( ଲକ୍ଷଣାର୍ଥ ) ଗଜସ୍ନାନ ପରି ବୃଥା ଚେଷ୍ଟା—
2. (figurative) Useless acts; unproductive efforts.
[ ଦ୍ର—ହାତୀ ସ୍ନାନ କଲା ପରେ ନିଜର ଦେହ ଉପରକୁ ଶୁଣ୍ଢଦ୍ୱାରା ଧୂଳି ଓ କାଦୁଅ ଫିଙ୍ଗି ଦେହକୁ ପୁଣି ମଇଳା କରିପକାନ୍ତି । ]

**ଗଜା**—ଦେ. ବି—୧ । (ଦୁଲ. ସଂ. ଖର୍ଜ୍ଜିକା )—ଅଟା ବା ସୁଜିର ଚୂନାକୁ ଘିଅ ଭିତରେ ଜଳ ମିଶାଇ ଚକଟି ଦଳ ଦଳା ଖଣ୍ଡକୁ ଗୋଲ୍, ଲମ୍ବା ବା ଚଉକୋଣିଆ କରି କାଟି ଘିଅରେ ଛାଣି ସିରାରେ ପକାଇ ପ୍ରସ୍ତୁତ କରାଯିବା ମିଷ୍ଟାନ୍ନବିଶେଷ—
Gajā
ଗଜା
**गाजा**
1. A kind of sweetmeat fried in ghee and soaked in syrup.
୨ । (ସଂ. ଅଗ୍ରଜ )—ଅଙ୍କୁର; ମଞ୍ଜିରୁ ଫୁଟି ବାହାରିଥିବା ସରୁ କୋମଳ ଖିଲ, ଯହିଁରୁ ପରେ ପତ୍ର ବାହାରେ—
2. A shoot or sprout; germ.
୩ । ଶାଖାଗ୍ରରୁ ବାହାରିଥିବା କୋମଳ ଓ ନୂତନ ଶାଖା —
ଗଜା
**अंखुआ, गोजा**
3. Tender new leaves.
ଦେ. ବିଣ—୧ । ତରୁଣବୟସ୍କ—1. Of tender age.
( ଯଥା—ଗଜା ବୟସ । )
୨ । ନୂତନ—2. Young; new.
(ଯଥା—ଗଜା ଗଛ; ଗଜା ତୋଟା । )
ଗଜା ବଉଦକୁ ପ୍ରବଳ ପବନ ଉଡ଼ାଇ ନେଉଯାଏ—ନନ୍ଦକିଶୋର, ଶର୍ମିଷ୍ଠା ।
୩ । ନୂତନ ଗଜା ହୋଇଥିବା—
3. Recently sprouted.

**ଗଜାଇବା**—ଦେ. କି—୧ । ଗଜୁରିବା ( ଦେଖ )—
Gajāibā — 1. Gajuribā ( See )
୨ । କୌଣସି ଶସ୍ୟ ବା ମଞ୍ଜିକୁ କିଛି କାଳ ପାଣିରେ ବତୁରାଇ ତହିଁରୁ ଗଜା ବାହାରିବାର ଉପାୟ କରିବା—
ଗଜାନ
**अंखुआना**
2. To cause seeds to sprout by keeping them immersed in water for some time.

**ଗଜା କଢ଼ା**—ଦେ. ବି—( ଗଛର ) ଅତି କୋମଳ କଢ଼—
Gajā kaṛhā — New shoots ( of a tree ).

**ଗଜାଗଛ**—ଦେ. ବି—ଛୋଟ ଗଛ; ଯେଉଁ ଗଛରେ ଫଳ ଧରି ନ ଥାଏ—
Gajāgachha — Young trees.
चारागाछ

**ଗଜାଗ୍ରଣୀ**—ସଂ. ବି. ( ୭ମୀ ତତ୍; ଗଜ + ଅଗ୍ରଣୀ )—
Gajāgraṇī — ଗଜପତି ୧ ଓ ୨ ( ଦେଖ )
Gajapati 1 and 2. ( See)

**ଗଜାଜିନ**—ସଂ. ବି. ( ୬ଷ୍ଠୀ ତତ୍; ଗଜ + ଅଜିନ = ଚର୍ମ )—ହସ୍ତୀର ଚର୍ମ—
Gajājina — The hide of an elephant.

**ଗଜାଜୀବ**—ସଂ. ବି. ( ଗଜ + ଆଜୀବ )—ହସ୍ତୀପକ; ହାତୀମାହୁନ୍ତ—
Gajājiba — The keeper of an elephant.

**ଗଜା ତଳି**—ଦେ. ବି—୧ । ଧାନ-ବିହନକୁ ଗଜା କରି ବୁଣାଯିବା ପରେ ତହିଁରୁ ଯେ ତଳି ( ଘାସ ) ଉଠେ—
Gajā taḷi — 1. Paddy seedlings grown from sprouted paddy-seeds.
୨ । ରୁଆ ହେବାର ଉପଯୋଗୀ କ୍ଷୁଦ୍ର ଧାନ ଗଛ—
2. Seedlings of paddy.

**ଗଜା ତୋଟା**—ଦେ. ବି—ଯେଉଁ ତୋଟାରେ ଗଛଗୁଡ଼ିକ ନୂଆ ହୋଇ ଲାଗିଅଛି—A group or tope of young or recently-planted trees.
Gajā toṭā
**नयाबाग**

ସାଧାରଣ ଲୋକେ ଅପର ପୃଷ୍ଠାରେ ସଡକ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳଲେ 'ଗାଈ' ଖୋଜିବେ; 'ବୃଷ' ନ ମିଳଲେ 'ବୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗଜା ଦେବା—ଦେ. କ୍ରି—ଗଜୁରିବା ( ଦେଖ )
Gajā debā — Gajuribā ( See )

ଗଜାଧିପ—ସଂ. ବି—ଗଜପତି ୧ ଓ ୨ ( ଦେଖ )
Gajādhipa — Gajapati 1 & 2 ( See )

ଗଜାଧିପତି—ସଂ. ବି—ଗଜପତି ୧ ଓ ୨ ( ଦେଖ )
Gajādhipati — Gajapati 1 & 2 ( See )

ଗଜାଧ୍ୟକ୍ଷ—ସଂ. ବି. ( ୬ଷ୍ଠୀ ତତ୍; ଗଜ+ଅଧ୍ୟକ୍ଷ )—ଗଜାଙ୍କ ହସ୍ତୀଶାଳାର ପ୍ରଧାନ ତତ୍ତ୍ୱାବଧାରକ—
Gajādhyaksha — Head servant amongst the elephant-keepers.

ଗଜାନନ—ସଂ. ବି. ( ବହୁବ୍ରୀହି. ଗଜ+ଆନନ )—
Gajānana — ଗଜବଦନ ( ଦେଖ )—Gajabadana ( See )

ଗଜାନୀକ—ସଂ. ବି. ୧ । ( ରୂପ. କର୍ମ. ଗଜ+ଅନୀକ=ସୈନ୍ୟ )—
Gajānika — ହସ୍ତୀରୂପସୈନ୍ୟ—1. The army consisting of elephants.

୨ । ( ୬ଷ୍ଠୀ ତତ୍; ଗଜ+ଅନୀକ=ଯୁଦ୍ଧ )—ହସ୍ତୀର ଯୁଦ୍ଧ—The fighting of elephants.

ଗଜାପସଦ—ସଂ. ବି. ( ୭ମୀ ତତ୍; ଗଜ+ଅପସଦ )—ନିକୃଷ୍ଟ ଗଜ—
Gajāpasada — An inferior elephant.

ଗଜା ବଉଦ—ଦେ. ବି—ନୂଆ ଉଠିଥିବା ମେଘ; ମେଘାଙ୍କୁର; ବର୍ଷାସୂଚକ ବିଗନ୍ତବିସ୍ତୃତ ବୃକ୍ଷାକାର ନୀଳ ମେଘ —
Gajābauda — Newly risen black extensive clouds indicating impending showers.
କাজলমেঘ

ଗଜା ବଉଦର ଭ୍ରମ ତଳେ ଲୁଚିଲେ—ଜଗନ୍ନାଥ. ମହାଯାତ୍ରା ।

ଗଜା ବୟସ—ଦେ. ବି—ଅଳ୍ପ ବୟସ; ଯୌବନ—
Gajā bayasa — Tender age; prime of life.
কাঁচাবয়স
কম্বাউমর

ଗଜା ବୟସିଆ—ଦେ. ବିଣ. ପୁଂ—୧ । ତରୁଣବୟସ୍କ, ଯୁବକ—
Gajā bayasiā — 1. ( a young man ) In the prime of life.
কাঁচাবয়সে

୨ । (ଗଡ଼ଜାତ. ଗାଳି) ଭେଣ୍ଡାବଅଁଶିଆ (ଦେଖ)
2. Bhenḍābaaśiā ( See ).

ଗଜା ବରଡ଼ା—ପ୍ରାଦେ. ( ବାଣପୁର ଓ ଯାଜପୁର ) ବି.—ଗୁଷ ଓ ମଇ ଦିଆ ଯାଇଥିବା କାଦୁଅ ଜମିରେ ଗଜା କରାଯାଇଥିବା ଧାନକୁ ଛିଞ୍ଚିବା—
Gajā barar̲ḍā — The process of casting sprouted paddy-seeds in a clayey field after ploughing and levelling it up.

ଗଜା ବେଉଷା—ଦେ. ବି.—ଧାନଗଛ ଗଜା ହୋଇଥିବା ଅବସ୍ଥାରେ ବେଉଷଣ କରି ଦିବା —
Gajā beushā — Puddling of paddy-plants while mere shoots.

ଗଜାମରୁଡ଼ି—ଦେ. ବି.—କ୍ଷେତରେ ବୁଣା ହୋଇଥିବା ଧାନ ଗଜା ହେବା ସମୟରେ ବର୍ଷା ନ ହେଲେ ଖରାତେଜରେ ଧାନଗଛଗୁଡ଼ିକ ମରିଯିବା—
Gajāmarur̲ḍi — The withering of newly sprouting paddy-plants caused by draught.
গজামরা

ଗଜା ମାରିବା—ଦେ. କ୍ରି.—ଗଜୁରିବା (ଦେଖ)
Gajā māribā — Gajuribā (See)

ନେଘ ବରଷିଲ୍ଲ ଟପର ଟପର କେଶୁର ମାଇଲ୍ଲ ଗଜା । ଶିଶୁ ସଙ୍ଗୀତ ।

ଗଜା ମାରୁ—ଦେ. ବି.—ଗଜା ମରୁଡ଼ି (ଦେଖ)
Gajāmāru — Gajā marur̲ḍi (See)

ଗଜାମୁଗ—ଦେ. ବି.—୧ । ଓଷାଅବରେ ଖାଇବା ପାଇଁ ପାଣିରେ ବତୁରି ହୋଇ ଗଜୁରିଥିବା ଗୋଟା ମୁଗ—
Gajāmuga — 1. Grains of muga made to germinate by being kept immersed in water for some time.
গজামুগ

ମହାପ୍ରସାଦ ଜୋମ୍ବ, ସେ ନାନା ବଧି ତୋର ଭୋଗ । ଭୂପତି. ପ୍ରେମପଞ୍ଚାମୃତ ।

୨ । ଦେବଭୋଗ ଗଜାମୁଗ ପରସ୍ପର ମୁଖରେ ଦିଅଦେଇ ହୋଇ ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ ଥିବା ବ୍ୟକ୍ତି ଦ୍ୱୟ—
2. Two persons who form god-relationship by feeding each other grains of sprouted 'muga' which has been offerd to a Deity.

ଅସ ଅସ ଗଜାମୁଗ ଗଞ୍ଜଣି ବଜାଇ—ଶିଶୁଗୀତ ।

ଗଜାମୁରୁଖ—ଦେ. ବିଣ.—ଗଜମୁରୁଖ (ଦେଖ)
Gajāmurukha — Gajamurukha (See)

ଗଜାୟୁର୍ବେଦ—ସଂ. ବି. — ହସ୍ତି-ଚିକିତ୍ସା ଶାସ୍ତ୍ର—
Gajāyurbeda — The science of the medical treatment of elephants.

ଗଜାରି—ସଂ. ବି.—(୬ଷ୍ଠୀ ତତ୍; ଗଜ+ଅରି)—୧ । ସିଂହ—
Gajāri — 1. Lion.

୨ । ଆସାମଦେଶ-ଜାତ ଶାଳବୃକ୍ଷବିଶେଷ (ହି. ଶବ୍ଦସାଗର)—
2. A species of Sal tree growing in Assam.

୩ । ଗଜାସୁର-ନାଶକ ଶିବ —3. God Śiba who killed the demon 'Gaja'.

ଗଜାରୂଢ଼—ସଂ.ବିଣ. ପୁଂ—(ଗଜ+ଆରୂଢ଼)—ଯେ ହାତୀରେ ଚଢ଼ିଥାଏ—
Gajārūr̲ḍha — Riding an elephant; mounted on an elephant.
(ଗଜାରୂଢ଼ା—ସ୍ତ୍ରୀ)

ଗଜାରୋହ—ସଂ. ବି.—(ଗଜ+ଆରୋହ)—ହସ୍ତ୍ୟାରୋହୀ ସୈନ୍ୟ—
Gajāroha — Part of the army consisting of soldiers on elephants.

ସଂ. ବିଣ.—ଜମାଦା; ହସ୍ତୀପୃଷ୍ଠରେ ଉପବିଷ୍ଟ—
Riding an elephant.

ଗଜାରୋହା—ଦେ. ବିଣ.—ହାତୀରେ ଚଢ଼ିଥିବା-
Gajārohā — Mounted on elephant.

ଘୋଡ଼ା-ଗଜାରୋହା ପାଇକ ରଥରଥୀ,
କାଣ୍ଡରେ ଦେଲେ ଦ୍ରୋଣ ଯୁଦ୍ଧଦାଣ୍ଡେ ମଛି । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ହ୍ଅ | ଙ୍ଗ |
| ୨ | ଈ | ଉ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ |

**ଗଜାଶନ**—ସଂ. ବି. ( ୬ଷ୍ଠୀ ତତ୍ )—
Gjāśana ଗଜଭକ୍ଷକ ( ଦେଖ )
Gajabhakshaka ( See).

**ଗଜାସୁର**—ସଂ. ବି. ( ସଂ. ଗଜ + ଅସୁର )—
Gajāsura ଶିବଙ୍କଦ୍ୱାରା ନାଶପ୍ରାପ୍ତ ଗଜାକୃତି ଅସୁର ବିଶେଷ—
A demon of that name killed by God Śiba.

[ ଦ୍ର—ନାରଦଙ୍କ ଅଭିଶାପରେ ମହେଶନାମକ ଜଣେ ରାଜା ଗଜଯୋନି ପ୍ରାପ୍ତ ହୋଇ ଦେବଦ୍ୱେଷୀ ହେବାରୁ ମହାଦେବ ତାହାଙ୍କୁ ବଧ କରି ତାହାର ଚର୍ମ ନିଜ ବ୍ୟବହାରାର୍ଥ ଗ୍ରହଣ କରିଥିଲେ । ]

**ଗଜାସ୍ୟ**—ସଂ. ବି. ( ବହୁବ୍ରୀହି; ଗଜ + ଆସ୍ୟ )—
Gajāsya ଗଜବଦନ ( ଦେଖ )
Gajabadana ( See )

**ଗଜାହ୍ୱ**—ସଂ. ବି. ( ବହୁବ୍ରୀହି; ଗଜ + ଆହ୍ୱ )—
Gajāhwa ହସ୍ତିନାପୁର; ପ୍ରାଚୀନ ଦିଲ୍ଲୀ—
A name of ancient Delhi.

**ଗଜାହ୍ୱୟ**—ସଂ. ବି. ( ବହୁବ୍ରୀହି; ଗଜ + ଆହ୍ୱୟ = ନାମ )—
Gajāhwaya ଗଜାହ୍ୱ ( ଦେଖ )
Gajāhwa ( See )

**ଗଜି**—ଦେ. ବି—୧ । କ୍ଷୁଦ୍ର କେଶ-କୀଟ; ଅତି ଛୋଟ ଉକୁଣୀ—
Gaji 1. Small louse.
ছোটউকুন [ ଦ୍ର—ଉକୁଣୀ ଡିମ୍ବଙ୍କୁ ନିଖ, ନିଖରୁ ଫୁଟିବା ଛୋଟ
ज्रुहँ ଉକୁଣୀଙ୍କୁ ଗଜି ଓ ବଡ଼ ଉକୁଣୀଙ୍କୁ ଡିଙ୍ଗା କହନ୍ତି । ]
୨ । ଗଜେନ୍ଦ୍ର ନାମକ ବ୍ୟକ୍ତିର ଡାକ ନାମ—
2. Name for calling 'Gajendra'.
ଦେ. ବିଣ. (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ, ଯଥା—
গজী ପାଞ୍ଚଗଜି, ତିନିଗଜି)—ଏତେ ଗଜ ପରିମିତ—
गजी Measuring so many yards.

**ଗଜିଆ**—ଦେ. ବିଣ—ଗଜି ( ଦେଖ )
Gajiā Gaji ( See )

**ଗଜିରି**—ପ୍ରାଦେ. (ଗଞ୍ଜାମ) ବି—ଗଜୁରି ( ଦେଖ )
Gajirī Gajuri ( See )

**ଗଜୀ**—ସଂ. ବି. ସ୍ତ୍ରୀ. ( ଗଜ + ସ୍ତ୍ରୀ. ଈ )—ହାତୁଣୀ; ମାଈହାତୀ—
Gajī A female elephant.
গজী ବୈଦେ. ବି. ( ଫା )—
गजी ମୋଟ କମ ଓସାରିଆ ଦେଶୀ ବୁଣା ସୂତା ଲୁଗା; ଖଦି—
A coarse and narrow loin-cloth woven in this country.

**ଗଜୁରାଇବା**—ଦେ. କ୍ରି—ଗଜୁରିବାର ଣିଜନ୍ତ ରୂପ—
Gajurāibā The causative form of 'Gajuribā.

**ଗଜୁରି**—ଦେ. ବି—ଶିଶୁମାନଙ୍କୁ ଧରିବା ଶ୍ୱାସରୋଗ ( ଏହାର ପ୍ରକୋପ
Gajuri ଅତେଇ ଦିନ ପର୍ଯ୍ୟନ୍ତ ରହେ )—
Infantile Asthma.

**ଗଜୁରିବା**—ଦେ. କ୍ରି. ( ତୁଳ ସଂ. ଅଗ୍ରଜ )—
Gajuribā ୧ । ଅଙ୍କୁରିତ ହେବା; ଗଜାରିବା—
गजाना 1. To sprout forth; to germinate.
उठना, अँखुँआना ପ୍ରେମ ମଞ୍ଜରୀ କି ଗଜୁରି ଅମୃତ ଚକୋରମିଥୁନ ହୃଦରେ ।
ଭକ୍ତଚରଣ ଦାସ. ମଥୁରାମଙ୍ଗଳ ।
୨ । (କେଶ ଆଦି) ନୂଆ ଉଠିବା—
2. To come out fresh (said of the hair).

**ଗଜେଇବା**—ଦେ. କ୍ରି—ଗଜାଇବା ( ଦେଖ )
Gajeibā Gajāibā ( See )
ତା ଉପରେ ଯିମିତ ଟୋପାଏ ପାଣି ପକାଇଛନ୍ତି ସିମିତ ଗଜେଇ ଗଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଗଜେନ୍ଦ୍ର**—ସଂ. ବି. ( ୭ମୀ ତତ୍; ଗଜ + ଇନ୍ଦ୍ର )—
Gajendra ଗଜପତି ୧ ଓ ୨ ( ଦେଖ )
Gajapati 1 and 2 ( See )
ଦେ. ବି. ପୁଂ—ପୁରୁଷ ଲୋକଙ୍କ ନାମ—
Name given to males.

**ଗଜେନ୍ଦ୍ରଗମନ**—ସଂ. ବିଣ. ପୁଂ ( ବହୁବ୍ରୀହି; ଗଜେନ୍ଦ୍ର + ଗମନ )—
Gajendragamana ଯାହାର ଚାଲି ହାତୀ ଚାଲି ପରି ଧୀର—
(ଗଜେନ୍ଦ୍ରଗମନା—ସ୍ତ୍ରୀ) Having the gait of an elephant, o graceful and stately gait.

**ଗଜେନ୍ଦ୍ରଗାମୀ**—ସଂ. ବିଣ. ପୁଂ. ( ଗଜେନ୍ଦ୍ର + ଗମ୍ ଧାତୁ + ଇନ୍. ୧ମା.
Gajendragāmī ୧ବ. )—ହାତୀ ପରି ଧୀର-ଗମ୍ଭୀରଭାବରେ
(ଗଜେନ୍ଦ୍ରଗାମିନୀ—ସ୍ତ୍ରୀ) ଚାଲୁଥିବା (ବ୍ୟକ୍ତି)—(a person) Having a stately gait compared to that of an elephant.

**ଗଜୋଦ୍ଧରଣ**—ସଂ. ବି. ( ୬ଷ୍ଠୀ ତତ୍; ଗଜ + ଉଦ୍ଧରଣ = ଉଦ୍ଧାର)—
Gajoddharaṇa ଗଜମୋଚନ ( ଦେଖ )
Gajamochana ( See )

**ଗଜୋଦ୍ଧରଣ ବେଶ**—ସଂ. ବି. ( ଗଜୋଦ୍ଧରଣ + ବେଶ )—
Gajoddharaṇa beśa ଜଗନ୍ନାଥଆଦି ଦେବବିଗ୍ରହଙ୍କର କୁମ୍ଭୀରମୁଖରୁ ଗଜୋଦ୍ଧରଣରୂପ ପୌରାଣିକ ଉପାଖ୍ୟାନର ଅଭିନୟରୂପକ ବେଶ—The fitting up of the image of Lord Jagannātha in the act of rescuing the elephant from the grip of an alligator as narrated in Hindu Mythology.

[ ଦ୍ର—ଏହି ଗଜୋଦ୍ଧରଣବେଶ କରିବା ଉପଲକ୍ଷରେ ଜଗନ୍ନାଥଙ୍କ ବିଗ୍ରହରେ ଚତୁର୍ଭୁଜ ଓ ସୁଦର୍ଶନଚକ୍ର ଓ ଗୋଡ଼ ଆଦି ଖଞ୍ଜି, ତାଙ୍କ ଗୋଡ଼ ତଳେ ଗୋଟିଏ ହାତୀକୁ କୁମ୍ଭୀର ଧରି ଥିବାରି

ସାଧାରଣ ନିୟମରେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ପାଚ' ନ ମିଳିଲେ 'ପାଚ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍' ଦେଖିବେ।

ମୂର୍ତ୍ତି ଖଞ୍ଜାଯାଏ । ପୂର୍ବେ କେବଳ ଜଗନ୍ନାଥଙ୍କ ମୂର୍ତ୍ତିଙ୍କୁ ଗଜୋଦ୍ଧରଣ-ବେଶରେ ସଜ୍ଜିତ କରା ଯାଉଥିଲା । ଏବେ ସ୍ଥାନେ ସ୍ଥାନେ ( ଯଥା— ସତ୍ୟବାଦୀରେ) ଶ୍ରୀକୃଷ୍ଣ ଓ ବଳରାମଙ୍କର ଅନ୍ୟ ବିଗ୍ରହମାନଙ୍କୁ ମଧ୍ୟ ଗଜୋଦ୍ଧରଣବେଶ କରାଯିବାର ଦେଖାଯାଏ । ପୁରୀରେ ମାଘ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କର ଗଜୋଦ୍ଧରଣ-ବେଶ ହୁଏ । ]

**ଗଜୋଦ୍ଧାରଣ ବେଶ**—ଦେ. ବି. ( ସଂ. ଗଜୋଦ୍ଧରଣ+ବେଶ )—
Gajoddhārana besa ଗଜୋଦ୍ଧରଣ ବେଶ ( ଦେଖ )
Gajoddharana besa ( See )

**ଗଞ୍ଜହିଆ**—ପ୍ରାଦେ. ( ସମ୍ବଲପୁର ) ବିଣ—ଗଞ୍ଜେଡ଼ି—
Gañj-hiā (a person) Addicted to smoking 'gañjā'

**ଗଞ୍ଜ** (ଧାତୁ)—ସଂ—୧ । ଶବ୍ଦ କରିବା—1. To make a sound.
Gañja (root) ୨ । ଅବଜ୍ଞା କରିବା—2. To disregard.
୩ । ଅପମାନ ଦେବା—3. To insult; to humiliate.

**ଗଞ୍ଜ**—ସଂ. ବି. ( ଗଜ୍ଜ୍ ଧାତୁ=ଶବ୍ଦ କରିବା+ଅ )—୧ । ଅବଜ୍ଞା—
Gañja 1. Disrespectful treatment.
୨ । ଗଞ୍ଜଣା—2. Reproachful language.
୩ । ଅବମାନନା—3. Disrespect; disregard.
୪ । ଗୋଗୃହ—4. Cattle-house; cow-house; a station of cowherds.
୫ । ରତ୍ନାଗାର—5. A repository for jewellery.
୬ । ଭଣ୍ଡାର ଗୃହ; ଧନାଗାର—6. Treasury.
୭ । ଅଡ଼ତ; ଯେଉଁଠାରେ ଧାନଚାଉଳପ୍ରଭୃତି ବହୁ-ପରିମାଣରେ କ୍ରୟ ବିକ୍ରୟ ହୁଏ; ହାଟ—
7. Market; mart; emporium.
[ ଦ୍ର—ଏହି ଅର୍ଥରେ ଏହି ଶବ୍ଦ ଫାର୍ସୀରେ ମଧ୍ୟ ଅଛି । ]
୮ । ପଣ୍ୟାଗାର—8. A repository for merchandise.
୯ । ରତ୍ନାଦିର ଖଣି—9. Mine.
୧୦ । ମଦ୍ୟପାତ୍ର—10. Wine-cup.
୧୧ । ପର୍ଣ୍ଣଶାଳା; କୁଡ଼ିଆଘର—
11. Cottage; hut; hovel.
୧୨ । ଗଞ୍ଜେଇ—12. Hemp. (M. W.)
୧୩ । ମଦଭାଟି—13. Tavern. (M. W.)
୧୪ । ଗୁଞ୍ଜା; କାଇଚ—
14. Abrus Precatorius. (M. W.)

**ଗଞ୍ଜଗୋଲା**—ଦେ. ବି (ସଂ. ଗଞ୍ଜ+ଗୋଳକ)—ଭିତରେ ଅନେକଗୁଡ଼ିଏ
Gañjagolā ଛୋଟ ଗୁଳି ଭରିକି ବନ୍ଧ ପ୍ରସ୍ତୁତ କରାଯିବା ତୋପର
ବୋମଗୋଳା ଗୁଳି—
गंजगोला Shrapnel.

**ଗଞ୍ଜଡ଼**—ଦେ. ବି (ଭୁଲ. ଭଙ୍ଗଡ଼ )—୧ । ଗଞ୍ଜାଖୋର୍—
Gañjarda 1. One addicted to taking Gañja.
ଗେଁଜେଲ, ଗେଁଜେଡ଼ୀ ୨ । ଯେ ବିଶେଷ ଗଞ୍ଜେଇ ଖାଏ—
गँजेड़ी 2. A hemp-smoker.
ଦେ. ବିଣ—ଗଞ୍ଜାଖୋର୍ ସୁଲଭ—Befitting or becoming to a hemp-smoker.

**ଗଞ୍ଜଡ଼ି**—ଦେ. ବି ଓ ବିଣ (ଭୁଲ—ଭଙ୍ଗଡ଼)—ଗଞ୍ଜଡ଼ ( ଦେଖ )—
Gañjardi Gañjarda ( See )

**ଗଞ୍ଜଡ଼ିଆ**—ଦେ. ବି ଓ ବିଣ—ଗଞ୍ଜଡ଼ ( ଦେଖ )—
Gañjardia Gañjarda ( See )

**ଗଞ୍ଜଣା**—ଦେ. ବି (ସଂ. ଗଞ୍ଜନା)—୧ । ଖୁଣ୍ଟା; ଦୋଷପ୍ରଦର୍ଶନପୂର୍ବକ-
Gañjanā କଟୁକ୍ତି—1. Harsh reference to one's
ଗଞ୍ଜନା faults accompanied with reproach.
गंजना ଗଞ୍ଜଣା କରଣ କୋପେ କହନ୍ତ ବାଣୀ । ପ୍ରାଚୀ. ଭଗିଶେଣା ।
୨ । ଭର୍ତ୍ସନା; ଗାଳି—2. Abuse.
୩ । ଲାଞ୍ଛନା; ଅବମାନନା; ଅବଜ୍ଞା—
3. Disrespect; slight.
୪ । ଅନ୍ୟର ତିରସ୍କାର ଦ୍ୱାରା ଉତ୍ପନ୍ନ ଯନ୍ତ୍ରଣା—
4. Pain given by abusive language.
୫ । ଯାତନାଭୋଗ; କଷ୍ଟଭୋଗ—
5. Harassment; suffering.
୬ । (ଗଞ୍ଜନାର ବିଷୟ) ଲୋକାପବାଦ; କଳଙ୍କ—
6. Scandal; slander.

**ଗଞ୍ଜନ**—ସଂ. ବି ( ଗଞ୍ଜ୍ ଧାତୁ=ଶବ୍ଦକରିବା+ଭାବେ. ଅନ )—
Gañjana ୧ । ତିରସ୍କରଣ; ଗାଳିଦେବା—1. Abusing.
୨ । ଅତ୍ୟାଚାର—2. Oppression
୩ । ଦଣ୍ଡଦେବା—3. Punishing.
୪ । ଅବମାନନା—4. Slighting.
୫ । ପରାଜିତ କରିବା—5. Defeating; crushing.
୬ । ବଳି ପଡ଼ିବା—6. Surpassing.
୭ । ସଙ୍ଗୀତର ଅଷ୍ଟତାଳର ଆଠଭେଦ ମଧ୍ୟରୁ ଏକଭେଦ (ହି. ଶବ୍ଦସାଗର)—7. One of the 8 modifications of each of the 8 musical tones.

ସଂ. ବିଣ—୧ । (ଗଞ୍ଜ ଧାତୁ+କର୍ତ୍ତୃ.ଅନ)—ତିରସ୍କାରକ—
1. One who abuses.
୨ । ତୁଚ୍ଛକାରକ—
2. One who disregards (another).
୩ । ପରାଜୟକାରୀ—3. Defeating; crushing.
୪ । ଦଣ୍ଡଦେବାବାଲା; ଦମନକାରୀ—
4. One who punishes; punishing.
୫ । ( ଲକ୍ଷଣାର୍ଥ ) ଯେ ( ଅମୁକଙ୍କୁ ) ବଳି ପଡ଼ିଥାଏ—
5. Excelling; surpassing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଃ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଫ୍ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଖ୍ୟ | ଯ | ସ | ଗଁ୍ୟ | ଇଅ | ଈ | ନ୍ |

**ଗଞ୍ଜନା**—ସଂ. ବି (ଗଞ୍ଜନ + ଆ)—୧ । ଯାତନା; ଦୁଃଖ—
Gañjanā 1. Pain.
୨ । ହଇରାଣ ହେବା—2. Harassment.
୩ । ଲାଞ୍ଛନା—3. Disrespectful treatment.
୪ । ଗ୍ଳାନିଜନକ ବାକ୍ୟ; ଭର୍ତ୍ସନା; ତିରସ୍କାର—
4. Abuse; reproach.

ଶାଣ ଶୁଣ୍ଠା ଗୁରୁଜନ ଗଞ୍ଜନାରୁ ମୋ ପ୍ରାଣସଖୀ ସରବ ।
କବିସୂର୍ଯ୍ୟ. ବିଶୋରଚମ୍ପୂ. ୫ ଗୀତ ।

**ଗଞ୍ଜାପା**—ବୈଦେ. ବି [ଫା. ଗଂଜୀଫା ( ଫା. ଗଞ୍ଜ=ଧନ; ଏ ଖେଳକୁ
Gañjapā ତୁରସ୍କରେ ଧନୀ ବଣିକମାନେ ଖେଳୁଥିଲେ), ଗଞ୍ଜଫା=
ଗଞ୍ଜିଫା ତାସ୍]— ତାସ୍ ଖେଳପରି ଏକପ୍ରକାର ଦେଶୀ ଖେଳ—
गंजीफा A country-game of cards.

[ ଦ୍ର—ଏ ଖେଳ ତୁରସ୍କଦେଶରେ ପ୍ରଥମେ ପ୍ରବର୍ତ୍ତିତ ହୁଏ । ପରେ ମୋଗଲମାନଙ୍କ ଦ୍ୱାରା ଭାରତକୁ ଆନୀତ ହୋଇ ଏବଂ ଭାରତୀୟ ହିନ୍ଦୁମାନଙ୍କ ଦ୍ୱାରା ପରିବର୍ତ୍ତିତ ହୋଇ ଏହା ଚଳୁଅଛି । ଗଞ୍ଜପା ଖେଳର ବିବରଣ—ଏ ଖେଳରେ ଖେଳାଳିମାନଙ୍କ ବିଶେଷ ମସ୍ତିଷ୍କଚାଳନା ଦ୍ୱାରା ଖେଳିବାକୁ ହୁଏ । ପ୍ରାଚୀନ ଗଞ୍ଜପାରେ ୧୪୮ ଖଣ୍ଡ ତାସ ଥିଲା ଓ ରାମାୟଣର ଅନେକ ଘଟନା (ଗନ୍ଧମାଦନ ପର୍ବତ, ପଞ୍ଚବଟୀ, ରାମ ଲକ୍ଷ୍ମଣ, ରାବଣ ଇତ୍ୟାଦି ) ସେଥିରେ ଚିତ୍ରିତ ଥିଲା । ମାତ୍ର ଆଧୁନିକ ଗଞ୍ଜପା ଖେଳରେ ୯୬ ଖଣ୍ଡ ଗୋଲାକାର ତାସ ବା ସାର ବ୍ୟବହୃତ ହୁଏ । ଏଥିରେ ରଙ୍ଗ ସଂଖ୍ୟା ୮ ଗୋଟି, ଯଥା— ୧ । ଫୁଲ—ନାଲି ଭୂମିରେ ହଳଦିଆ ଚିହ୍ନ । ୨ । ସୋମେଶ୍ୱର ବା ସମଶେର—ନାଲି ଭୂମିରେ ଧଳା ଲମ୍ବ ଚିହ୍ନ । ୩ । ଚନ୍ଦ୍ର—କଳା ଭୂମିରେ ଧଳା ଚିହ୍ନ । ୪ । ଗୋଲାମ—ଧଳା ଭୂମିରେ ନାଲି ଗୋଲ ଚିହ୍ନ । ୫ । ଚେଙ୍ଗ—ନେଳ ଭୂମିରେ ହଳଦିଆ ଲମ୍ବ ଚିହ୍ନ । ୬ । ବରାତ—ନାଲି ଭୂମିରେ ଧଳା ଚତୁଷ୍କୋଣୀ ଚିହ୍ନ । ୭ । ସୂର୍ଯ୍ୟ—ନେଳ ଭୂମିରେ ହଳଦିଆ ଗୋଲ ଚିହ୍ନ । ୮ । କୁମାଚ ବା କାମାଚ—ହଳଦିଆ ଭୂମିରେ ନାନା ରଙ୍ଗର ଗୋଲକ ଚିହ୍ନ । ଏ ଖେଳରେ ୩ ବା ୪ ଜଣ ଖେଳାଳି ଖେଳନ୍ତି ଓ ୪ ଜଣ ଖେଳିଲେ ପରସ୍ପରଙ୍କ ବିପରୀତ ଦିଗରେ ଉପବିଷ୍ଟ ୨ ଖେଳାଳି ଏକ ଦଳ ବୋଲି ପରିଗଣିତ ହୁଅନ୍ତି । ପ୍ରତ୍ୟେକ ରଙ୍ଗରେ ୧୨ ଖଣ୍ଡି ତାସ୍ ଥାଏ । ୧ ଟିପଠାରୁ ୧୦ ଟିପ; ମନ୍ତ୍ରୀ=୧୧; ରାଜା=୧୨ । ତାସ୍ ଖେଳ ପରି ଏ ଖେଳରେ 'ରଙ୍ଗ' କଟାଯାଏ । ଏହି ଖେଳରେ ତାସର ମୂଲ୍ୟ ଗଣନା କରିବାର ୨ଟି ବାକ୍ୟ ଅଛି । ଯଥା—

୧ । "ଫୁଲ, ସୋମେଶ୍ୱର, ଚନ୍ଦ୍ର, ଗୋଲାମ
ଏକେଇ ଖରଚ ଦହିଲା କାମ ।"

ଅର୍ଥାତ୍ ପ୍ରଥମୋକ୍ତ ୪ ଗୋଟି ରଙ୍ଗରେ, ରାଜା ତାସର ମୂଲ୍ୟ =୧୨, ମନ୍ତ୍ରୀ ତାସ=୧୧, ଦଶଟିପବାଲା=୧୦, ୯ ଟିପବାଲା=୯, ୮ ଟିପବାଲା=୮, ୭ ଟିପବାଲା=୭, ୬ ଟିପବାଲା=୬, ୫ ଟିପବାଲା=୫, ୪ ଟିପବାଲା=୪, ୩ ଟିପବାଲା=୩, ୨ ଟିପବାଲା=୨, ୧ ଟିପବାଲା=୧ ।

୨ । ଚେଙ୍ଗ ବରାତ ସୂର୍ଯ୍ୟ କୁମାଚ
ଏକେଇ କାମ ଦହିଲା ଖରଚ ।

ଅର୍ଥାତ୍ ଦ୍ୱିତୀୟୋକ୍ତ ୪ ଗୋଟି ରଙ୍ଗରେ—ରାଜାତାସର ମୂଲ୍ୟ=୧୨, ମନ୍ତ୍ରୀ ତାସ=୧୧, ଟିକା ବା ଏକା ତାସ=୧୦, ଦୁଆ ତାସ=୯, ୩ ଟିପଯୁକ୍ତ=୮, ୪ ଟିପଯୁକ୍ତ=୭, ୫ ଟିପଯୁକ୍ତ =୬, ୬ ଟିପଯୁକ୍ତ=୫, ୭ ଟିପଯୁକ୍ତ=୪, ୮ ଟିପଯୁକ୍ତ=୩, ୯ ଟିପଯୁକ୍ତ=୨, ୧୦ ଟିପଯୁକ୍ତ=୧ । ଉଦାହରଣସ୍ୱରୂପ ୧୦ ଟିପଯୁକ୍ତ ତାସର ମୂଲ୍ୟ (୧) ଠାରୁ ୪ ଟିପଯୁକ୍ତ ତାସର ମୂଲ୍ୟ (୭) ବେଶି । ଯେଉଁ ରଙ୍ଗର ତାସ୍ କଟା ଯାଇଥାଏ ସେହି ରଙ୍ଗର କଟା ହୋଇଥିବା ସଂଖ୍ୟାର ଜମ୍ମତର ସାରଯାକ ବେକାମିକା ହୁଏ । ସେହି ରଙ୍ଗର ରାଜା ଯେଉଁ ଖେଳାଳିଙ୍କ ହାତରେ ଥିବ ସେ ଉକ୍ତ ତାସ୍-ପଟକ ପକାଇ ଏକ ସାର ତାସ ନ ପାଇବା ପର୍ଯ୍ୟନ୍ତ ଅନ୍ୟ କେହି ଖେଳାଳି ସେହି ରଙ୍ଗର ଅନ୍ୟ ତାସରେ ଖେଳ ପାରିବେ ନାହିଁ । ତାସ୍ ଖେଳରେ କଟା ରଙ୍ଗ ଛଡ଼ା ଅନ୍ୟ ରଙ୍ଗର ତାସ୍ 'ପାଶ୍' ହୋଇଯିବା ଭଳି ଗଞ୍ଜପାରେ ଏହାକୁ 'ହୁକୁମ୍' ବୋଲାଯାଏ । ତାସ୍ ଖେଳ ପ୍ରଥମେ ତୁରସ୍କ ଦେଶରେ ପ୍ରବର୍ତ୍ତିତ ହୋଇ ଯବନଶାସନ କାଳରେ ମୋଗଲମାନଙ୍କ ଦ୍ୱାରା ଭାରତରେ ପ୍ରବର୍ତ୍ତିତ ହୋଇଥିଲା । ମୁସଲମାନମାନଙ୍କ ତାସ୍ଖେଳ ଅନୁକରଣରେ କେତେକ ହିନ୍ଦୁ-ନରପତି ଏହି ଗଞ୍ଜପା ଖେଳ ଆବିଷ୍କାର କଲେ । ଫାର୍ସୀ—'ଗଞ୍ଜ'ର ଅର୍ଥ ଧନ; 'ଗଞ୍ଜୀ'ର ଅର୍ଥ ଧନୀ । ବଣିକ, ମହାଜନ, ଅମୀର ଆଦି ଧନୀମାନେ ଏ ଖେଳ ଖେଳୁଥିବାରୁ ଏହାର ନାମ ଗଞ୍ଜୀଫା । ଉର୍ଦ୍ଦୁ ଭାଷାରେ ପ୍ରବର୍ତ୍ତିତ ଏହି ଗଞ୍ଜୀଫା ଶବ୍ଦ ତାସ୍ ଅର୍ଥରେ ଫାର୍ସୀ ଭାଷାରେ ଗୃହୀତ ହେଲା ।

ଜ୍ଞାନେନ୍ଦ୍ରମୋହନ ଉଦ୍ଧୃତ. ଐତିହାସିକ ଚିତ୍ର । ]

**ଗଞ୍ଜଫରାକ୍**—ବୈଦେ. ବି. ( ଇଂ )—ଗଞ୍ଜି ( ଦେଖ )
Gañjapharāk Gañji ( See )

**ଗଞ୍ଜଫରାସ୍**—ବୈଦେ. ବି. ( ଇଂ )—ଗଞ୍ଜି ( ଦେଖ )
Gañjapharās Gañji ( See )

**ଗଞ୍ଜବର**—ସଂ. ବି—ଭଣ୍ଡାରରକ୍ଷକ—
Gañjabara A treasurer. (-M. W. ).

**ଗଞ୍ଜମାନ୍**—ଦେ. ବିଣ. ( ସଂ. ଗଞ୍ଜ ଧାତୁ )—
Gañjamān ୧ । ଲାଞ୍ଛିତ—
1. Humiliated; insulted.
୨ । ହଇରାଣ—2. Harassed.
୩ । ଦୁଃଖ ବା କଷ୍ଟପ୍ରପୀଡ଼ିତ—3. Troubled.
୪ । ପ୍ରପୀଡ଼ିତ—4. Oppressed.

**ଗଞ୍ଜା**—ଦେ. ବି. ( ସଂ. ଗଞ୍ଜ; ଗଞ୍ଜିକା=ମଦ୍ୟଗୃହ ଶବ୍ଦର ଭାବରୁ;
Gañjā ସଂ. ଗଞ୍ଜକା—Beams; ସଂ. ଗଞ୍ଜ—M. W. ).—
गाँजा ୧ । ସିଦ୍ଧିଗଛର ଶୁଷ୍କ ମଞ୍ଜରୀ; ଉତ୍କଟ ମାଦକଦ୍ରବ୍ୟ-
गांज ବିଶେଷ—1. Cannabis Sativa; the intoxicating Indian hemp.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜନ୍ତେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଗଞ୍ଜାଇକୁ ଜାଣି ଲାଗି ଭାର ପୁଣି—
କବିସୂର୍ଯ୍ୟ- ଜଗୋଲବଣ୍ଡ- ଗ-ଗୀତ ।

[ ଦ୍ର—ଏହାକୁ ବାଟି କରି ପିଆଯାଏ ଓ ଚିଲମରେ ରଖି ନିଆଁ ଲଗାଇ ଏହାର ଧୂଆଁ ପିଆଯାଏ । ]

ସଂ. ଜୟା, ହର୍ଷିଣୀ, ଗଞ୍ଜାକିନୀ, ମାତୁଳୀ, ମାଦନୀ, ଗଞ୍ଜା, ଗଞ୍ଜିକା, ଗଂଜକା, ଭୃଙ୍ଗୀ, ଜୟା, ବିଜୟା, ଭଙ୍ଗା, ଗଞ୍ଜାଶନ, ବିଜୟା, ଆନନ୍ଦା, ସମ୍ବିଦା, ଶକ୍ରାଶନ, ଚପଳବାଦନୀ, ମଦକୁଣାଳ
ଗଞ୍ଜା; ଭାଂ; ସିଦ୍ଧି; ଗାଂଜା
गञ्जा; भाङ्ग; भाङ्ग; कन्नाब
ତେ. ଗଞ୍ଜାୟି

୨ । ଗଞ୍ଜାଇ ( ଗଛ )—
2. Cannabis Sativa ( plant ).

[ ଦ୍ର—ଏହା ଭାରତରେ ଓ ଆସିଆର ଅନ୍ୟାନ୍ୟ ପାର୍ବତ୍ୟ ଓ ବନ୍ୟ ଦେଶରେ ଜନ୍ମେ । ପୁଂ ଓ ସ୍ତ୍ରୀ ଗଛ ପୃଥକ୍ । ସ୍ତ୍ରୀ ଗଛର କୃଷି ହୁଏ । ଏହି ଗଛର ମଞ୍ଜରୀ ବା ଜଟା ଗଞ୍ଜାଇ ହୁଏ । ଏହାର ପତ୍ରକୁ ପତ୍ର ( ବଙ୍ଗଳାରେ ପତ୍ର ଓ ହିନ୍ଦୁସ୍ଥାନରେ ସବଜୀ, ଠଣ୍ଡାଇ) ବୋଲାଯାଏ ଏବଂ ଏହାର ଜଟାରୁ ଏକପ୍ରକାର ରସ ବାହାର କରାଯାଏ ତାହାକୁ 'ଚରସ୍' କହନ୍ତି । ଏହାର ମଞ୍ଜି ଶ୍ଳେଷ୍ମ ଓ ରେଚକ, ଧନ୍ୟାର୍ଥ ମଞ୍ଜି ପରି । ଏହି ମଞ୍ଜିରୁ ଏକପ୍ରକାର ମାଦକଗୁଣଯୁକ୍ତ ତେଲ ପ୍ରସ୍ତୁତ ହୁଏ । ଏହି ଗଛର ଅଂଶରୁ ଛୋଟ ଦଉ ସୂତା ବାହାରେ । ଏହାର ପତ୍ରକୁ ( ପତ୍ରକୁ ) ମରିଚ ଓ ଅନ୍ୟାନ୍ୟ ମସଲା ସଙ୍ଗେ ବାଟି ଭାଙ୍ଗ କରି ପିଅନ୍ତି । ଗଞ୍ଜାଇକୁ ବାଟି ପିଅନ୍ତି କିମ୍ବା ଚିଲମରେ ପୂରାଇ ଧୂଆଁ କରି ଟାଣନ୍ତି ଓ ଚରସ୍କୁ ଖାଆନ୍ତି ।

ଏହାକୁ ସରକାର ଅବକାରୀ ବିଭାଗଭୁକ୍ତ କରିଅଛନ୍ତି ଓ ସରକାରଙ୍କ କଣ୍ଟ୍ରୋଲରେ ଭାରତର କେତେକ ସ୍ଥାନରେ ଏ ଗଛର କୃଷି ହୁଏ । ]

୩ । ଗଞ୍ଜାମ ଜିଲ୍ଲାର ପୂର୍ବତନ ରାଜଧାନୀ—
3. Name of the former capital of the district of Ganjam.

ଦେ. ଭଣ. ( ସଂ. ଗଞ୍ଜନ )—ଗଞ୍ଜନକାରୀ—
Vanquishing; crushing.

[ ଦ୍ର—ଏହା ଅନ୍ୟ ଶବ୍ଦ ପରେ ଲାଗେ । ]
ବୋଇଲେ ଭଣନ୍ତା ଚେନ୍ତ୍ରିୟ ଗର୍ବ-ଗଞ୍ଜା—କୃଷ୍ଣସିଂହ- ମହାଭାରତ, ବନ ।

ପ୍ରାଦେ. ( ଗଡ଼ଜାତ ) ବି.—( ଗାଳି ) ନପୁଂସକ; ପୁରୁଷତ୍ୱହୀନ; ନାମର୍ଦ୍ଦା—Impotent; eunoch.

ବୈଦେ. ବି. (ଫା)—୧ । ଅଣ୍ଡିରା କୁକୁଡ଼ା—1. Cock.
୨ । ଖାସି କୁକୁଡ଼ା—2. Castrated cock.

**ଗଞ୍ଜାଇ**—ଦେ. ବି. (ସଂ. ଗଞ୍ଜାକିନୀ)—ଗଞ୍ଜା ୧ ଓ ୨ (ଦେଖ)
Gaṅjāi Gaṅjā 1 and 2 (See)

ପଢ଼ୁଲୁ ଗଞ୍ଜାଇ ଗରବ ଗଞ୍ଜାଇ ସମ୍ଭବାଏ ପରମାଦ ।
କବିସୂର୍ଯ୍ୟ- ରତ୍ନାକର-ଚଉପ- ପ-ଗୀତ ।

**ଗଞ୍ଜାଇଖୋର**—ଦେ. ବିଣ—ଯେ ବିଶେଷ ପରିମାଣରେ ଗଞ୍ଜାଇର ଧୂଆଁ ଖାଏ; ଗଞ୍ଜେଡ଼ି—Addicted to taking Indian hemp (specially by smoking).
Gaṅjāikhor
गाँजाखोर
गांजाखोर

**ଗଞ୍ଜାଇଖୋରି**—ଦେ. ବି—ଗଞ୍ଜାଖୋରି ( ଦେଖ )
Gaṅjāikhori Gaṅjākhori ( See )

**ଗଞ୍ଜାଇଗୋଲା**—ଦେ. ବି—ଗଞ୍ଜାଗୋଲା ( ଦେଖ )
Gaṅjāigolā Gaṅjāgolā ( See )

**ଗଞ୍ଜାଇ ଚିଲମ୍**—ଦେ. ବି—ଗଞ୍ଜା ଚିଲମ୍ ( ଦେଖ )
Gaṅjāi chilam Gaṅjāchilam ( See )

**ଗଞ୍ଜାଇବା**—ଦେ. କ୍ରି—ଗଞ୍ଜିବା କ୍ରିୟାର ଣିଜନ୍ତରୂପ—
Gaṅjāibā The causative form of 'Gaṅjibā'.
গঞ্জান

ପଢ଼ୁଲୁ ଗଞ୍ଜାଇ ଗରବ ଗଞ୍ଜାଇ ସମ୍ଭବାଏ ପରମାଦ ।
କବିସୂର୍ଯ୍ୟ- ରତ୍ନାକରଚଉପ- ପ ଗୀତ ।

**ଗଞ୍ଜାଇ ମୁଣି**—ଦେ. ବି—ଗଞ୍ଜାମୁଣି ( ଦେଖ )
Gaṅjāi muṇi Gaṅjāmuṇi ( See )

**ଗଞ୍ଜାକିନୀ**—ସଂ. ବି—ଗଞ୍ଜାଇ ଗଛର ଅଗରେ ବାହାରିବା କଳି—
Gaṅjākini The points of hemp. ( M. W. )

**ଗଞ୍ଜାଖୋର**—ଦେ. ବିଣ—ଗଞ୍ଜାଇଖୋର ( ଦେଖ )
Gaṅjākhor Gaṅjāikhor ( See )

**ଗଞ୍ଜାଖୋରି**—ଦେ. ବି—ବିଶେଷ ଗଞ୍ଜା ଖାଇବାର ଅଭ୍ୟାସ—
Gaṅjākhori A habit of smoking hemp.
गाँजाखोरि
ଦେ. ବିଣ—ଗଞ୍ଜାଖୋରସୁଲଭ; ଗଞ୍ଜାଖୋରର କପୋଳକଳ୍ପିତ ( ଗାଳଗଳ୍ପ )—
गांजाखोरी
( unreal or fanciful story ) Befitting a hemp-smoker; evolved from the brain of a hemp-smoker.

**ଗଞ୍ଜାଗୋଲା**—ଦେ. ବି—ଯେଉଁ ଗୋଦାମରେ ଗଭର୍ଣ୍ଣମେଣ୍ଟ-କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଗଞ୍ଜାଇ ସଞ୍ଚିତ ହୋଇଥାଏ—
Gaṅjāgolā The Government store-house whence licenses indent ganja.
গাঁজাগোলা
गांजागोला

**ଗଞ୍ଜାଚିଲମ୍**—ଦେ. ବି. ( ଗଞ୍ଜା+ଫା. ଚିଲମ୍ )—ଯେଉଁ ଧାତୁର ପୁଷ୍ପାକୃତି ନଳରେ ଗଞ୍ଜାଇକୁ ରଗଡ଼ି ଭରିଦ କରି ନିଆଁ ଲଗାଇ ଲୋକେ ଧୂଆଁ ଖାଆନ୍ତି—The bowel through which Ganja is smoked.
Gaṅjāchilam
গাঁজার ছিলিম
गांजाकाचिलम

**ଗଞ୍ଜାମରୁଡ଼ି**—ପ୍ରାଦେ. ( ଗଞ୍ଜାମ ) ବି. ( ଗାଳି)—୧ । ଗଞ୍ଜାମର ପୂର୍ବତନ ନଗର ଗଞ୍ଜାରେ ହୋଇଥିବା ମରୁଡ଼ି ବା ମହାମାରୀ—1. A pestilence which devastated the town of Ganja which had been the former headquarters of the district of Ganjam.
Gaṅjāmarurdi

[ ଦ୍ର—ଗଞ୍ଜାମ ଜିଲ୍ଲାର ପୂର୍ବତନ ରାଜଧାନୀ ଗଞ୍ଜାମ ବା ଗଞ୍ଜାନଗର ବଙ୍ଗୋପସାଗର କୂଳରେ ଅବସ୍ଥିତ । ଆଗେ ଏହି ନଗର ଅତ୍ୟନ୍ତ ସମୃଦ୍ଧିଶାଳୀ ଓ ଜନପୂର୍ଣ୍ଣ ଥିଲା । କେତେକ ବର୍ଷ ପୂର୍ବେ ହଠାତ୍ ପ୍ରବଳ ମାଲେରିଆଦ୍ୱାରା ଏହି ଧନଜନପୂର୍ଣ୍ଣ ସୁବୃହତ୍ ମନୋହର ନଗରଟି ଏକାବେଳକେ ଜନଶୂନ୍ୟ ଓ ଛାରଖାର ହୋଇଗଲା ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର, ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ, ଷ | କ୍ଷ | ଇଯ୍ଯ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଙ୍କ | ନ୍ତ |

ଏହାର ଧ୍ୱଂସାବଶେଷ ଯେ କୌଣସି ଦର୍ଶକର ମନରେ କ୍ଷଣକ ମଧ୍ୟରେ ସଂସାରର ନଶ୍ୱରତାର ଗୋଟିଏ ସୁନ୍ଦର ଚିତ୍ର ଅଙ୍କିଦିଏ । କ୍ରମେ ଏଠାରୁ ରାଜକୀୟ କାର୍ଯ୍ୟାଳୟମାନ ସ୍ଥାନାନ୍ତରିତ ହୋଇଅଛି । ଜନସମାଗମଶୂନ୍ୟ ସୁପ୍ରଶସ୍ତ ରାଜପଥମାନ ନଗର ମଧ୍ୟରେ ଅଦ୍ୟାପି ବର୍ତ୍ତମାନ । ଆମ୍ଭେମାନେ ଥରେ ଏହି ଧ୍ୱଂସାବଶେଷ ଚିତ୍ର ନିରୀକ୍ଷଣ କରି ସ୍ତବ୍ଧ ହୋଇ ଯାଇଥିଲୁଁ । ମାଲେରିଆର ପ୍ରକୋପ କମିଯିବାରୁ ବର୍ତ୍ତମାନ କେତେକ ଲୋକ ଏଠାରେ ବାସ କରୁଅଛନ୍ତି । ଗଞ୍ଜାର ସେହି ପ୍ରଳୟପ୍ରକାଶ ଭୟାନକ ମହାମାରୀକୁ ଲକ୍ଷ୍ୟ କରି ଗଞ୍ଜାମ-ଜିଲ୍ଲାର ଗ୍ରାମ୍ୟ ଲୋକମାନେ ଅନ୍ୟକୁ ଗାଳି ଦେବାରେ "ଗଞ୍ଜାମରୁଡ଼ି" କଥା ବ୍ୟବହାର କରନ୍ତି । ]

୨ । (ଲକ୍ଷଣାର୍ଥ) ସର୍ବନାଶ ବା ଧ୍ୱଂସକାରୀ ମହାମାରୀ— 2. (figurative) An all-devastating pestilence.

**ଗଞ୍ଜାମୁଣି**—ଦେ. ବି.—ଯେଉଁ ଝୁଲି ବା ମୁଣିରେ ଗଞ୍ଜାଇ ଓ ଚିଲମ ଆଦି ଗଞ୍ଜାଖୋରମାନେ ସାଇତି ରଖନ୍ତି—
ganjāmuṇi
गाँजाझुलि
**गाँजाका झोला**
A wallet in which 'Ganja' and its tube are kept.

**ଗଞ୍ଜି**—ବୈଦେ. ବି. (ଇଂ ଗର୍ଣ୍ଣ ବା ଗର୍ଣ୍ଣସି ଫ୍ରକ୍)—ମୋଟା ସୂତାରେ ଜାଲି-ବୁଣା ଶାଢରେ ବୁଣା ହୋଇଥିବା ଓ କୁର୍ତ୍ତା ତଳରେ ଦେହ ଉପରେ ପିନ୍ଧାଯିବା ଏକ ପ୍ରକାର ଛୋଟ ଜାମା—
Ganji
गँजि, गँजी
**गंजी**
A guernsey frock or netlike under-wear; banian.

[ ଦ୍ର—ଏ କୁର୍ତ୍ତା ପିନ୍ଧିବାଲୋକର ଦେହରେ ଚାପି ହୋଇ ଲାଗି ରହେ । ]

**ଗଞ୍ଜିଆ**—ପ୍ରାଦେ. (ସମ୍ବଲପୁର) ବିଣ.—ଗଞ୍ଜଡ଼ା (ଦେଖ)
Ganjiā — Ganjarda (See)

**ଗଞ୍ଜିକା**—ସଂ. ବି.—୧ । (ଗଞ୍ଜ+ଇକ+ଆ)—ମଦ୍ୟବିକ୍ରୟଗୃହ; ମଦଦୋକାନ—
Ganjikā 1. A grog-shop; tavern; a liquor-shop.
୨ । ଗଞ୍ଜା; ଗଞ୍ଜେଇ—2. Ganjā; Indian hemp.

[ ଦ୍ର—ଗଞ୍ଜେଇ ଅର୍ଥରେ ଏହା ସଂସ୍କୃତ ଶବ୍ଦ ନୁହେ ବୋଲି କେତେକ ସଂସ୍କୃତ ଅଭିଧାନକାରଙ୍କ ମତ; ସଂସ୍କୃତ ନାମ ଭଙ୍ଗା । କେତେକ ସଂସ୍କୃତ କୋଷରେ ଗଞ୍ଜେଇ ଅର୍ଥରେ ଗଞ୍ଜ, ଗଞ୍ଜଛଟା, ଗଞ୍ଜାକିନୀ, ଗଞ୍ଜିକା, ବ୍ୟବହୃତ ହେବାର ଦେଖାଯାଏ । ମହାଦେବ ଭାଙ୍ଗ ପିଉଥିଲେ ଗଞ୍ଜାଇଧୂଆଁ ଖାଉ ନ ଥିଲେ; ଗଞ୍ଜାଇ ଧୂଆଁ ଖାଇବା ଅପେକ୍ଷାକୃତ ଆଧୁନିକ କାଳର ସୃଷ୍ଟି ବୋଲି ଅନୁମିତ ହୁଏ ।]

**ଗଞ୍ଜିକାସେବୀ**—ସଂ. ବି.—ଯେ ଗଞ୍ଜାଇ ଖାଏ; ଗଞ୍ଜାଖୋର—
Ganjikāsebī — One addicted to 'ganjā'.

**ଗଞ୍ଜିତ**—ସଂ. ବିଣ—(ଗଞ୍ଜ ଧାତୁ+କର୍ମ. ତ)—୧ । ଗଞ୍ଜନାପ୍ରାପ୍ତ; ଦହଗଞ୍ଜ-
Canjita 1. Humiliated; pained.
୨ । ଅବମାନିତ—2. Insulted.

**ଗଞ୍ଜିଫରକ୍**—ବୈଦେ. ବି. (ଇଂ—ଗର୍ନ୍‌ସୀ ଫ୍ରକ୍)—ଗଞ୍ଜି (ଦେଖ)
Ganjipharāk — Ganji (See)

**ଗଞ୍ଜିଫରସ୍**—ବୈଦେ. ବି. (ଇଂ)—ଗର୍ନ୍‌ସୀ ଫ୍ରକ୍)—ଗଞ୍ଜି (ଦେଖ)
Ganjipharās — Ganji (See)

**ଗଞ୍ଜିଫା**—ବୈଦେ. ବି. (ଫା)—ଗଞ୍ଜପା (ଦେଖ)
Ganjiphā — Ganjapā (See)

**ଗଞ୍ଜିଫ୍ରକ୍**—ବୈଦେ. (ଇଂ) ବି.—ଗଞ୍ଜି (ଦେଖ)
Ganjiphrak — Ganji (See)

**ଗଞ୍ଜିବା**—ଦେ. କ୍ରି.—(ସଂ. ଗଞ୍ଜନ)—୧ । ଭର୍ତ୍ସନା କରିବା—
Ganjibā 1. To abuse.
गञ्जनादेओया ୨ । ଅପମାନିତ କରିବା—
**गंजना** 2. To insult; to humiliate.
୩ । ନିନ୍ଦିବା; ନିନ୍ଦା କରିବା—3. To blame.
ଏହି ସେ ଅଧର, ଯାର ରମ୍ୟ ଅରୁଣିମା ଗଞ୍ଜୁଥାଇ ପଦ୍ମବନ୍ଧେ ।
ରାଧାନାଥ. ଶ୍ମଶାନଦୃଶ୍ୟ ।
୪ । ପ୍ରପୀଡ଼ିତ କରିବା; ପୀଡ଼ା ଦେବା—
4. To oppress; to torment.
୫ । ଦଣ୍ଡ ଦେବା—5. To punish.
୬ । ଜିଣିବା; ପରାଜିତ କରିବା—
6. To defeat; to vanquish.
ନିଜ ତେଜେ ଅନଳ ଦେବତାଙ୍କୁ ଗଞ୍ଜି ।
କୃଷ୍ଣସିଂହ. ମହାଭାରତ. ସଭା ।
୭ । ( ଲକ୍ଷଣାର୍ଥ ) ବଳିଯିବା—
7. ( figurative ) To exceed.
ଚନ୍ଦ୍ରକୁ କନ୍ଦର୍ପ ରୂପକୁ ହେଲେ ସକ ।
କୃଷ୍ଣସିଂହ, ମହାଭାରତ. ବନ ।
୮ । ଭାଙ୍ଗିବା; ଦମନ କରିବା—8. To check.
ଗର୍ବ ଗଞ୍ଜିଲେ ତୃଷ୍ଣାଙ୍କର । ଭୂପତି. ପ୍ରେମପଞ୍ଚାମୃତ ।

**ଗଞ୍ଜିହେବା**—ଦେ. କ୍ରି. ( ସଂ. ଗଞ୍ଜନ )—
Ganjihebā ୧ । ଅପେ କାର୍ଯ୍ୟରେ ବ୍ୟସ୍ତ ହେବା—
1. To be awfully busy.
୨ । ଅପମାନିତ ହେବା—2. To be insulted.
୩ । ବ୍ୟସ୍ତ ବା ଦହଗଞ୍ଜ ହେବା—
3 To be troubled or harassed.
ବସ୍ତ୍ର ରଖିବାକୁ ହେଉଅଛୁ ଗଞ୍ଜି । ଦାଶରଥି. ବ୍ରଜବିହାର ।

**ଗଞ୍ଜୀ**—ସଂ. ବିଣ. (ଗଞ୍ଜ୍ ଧାତୁ=ଅବଜ୍ଞା କରିବା+କର୍ତ୍ତୃ. ଇନ ୧ମା. ୧ବ.)—
Ganjī ୧ । ଗଞ୍ଜନକାରୀ—1. Oppressing; harassing.
୨ । ଜୟକାରୀ—2. Defeating; surpassing.
କାଣାଟଙ୍କାର ଗଞ୍ଜୀ ମଧୁ ସଙ୍ଗୀତ । ରାଧାନାଥ. ମେଘଦୂତ ।

**ଗଞ୍ଜେଇ (ଇତ୍ୟାଦି)**—ଦେ. ବି—ଗଞ୍ଜା ଇତ୍ୟାଦି ( ଦେଖ )
Ganjei (etc) — Ganjā etc ( See )

**ଗଞ୍ଜେଇଆ**—ଦେ ବିଣ. ପୁଂ—ଗଞ୍ଜାଇଖୋର ( ଦେଖ )
Ganjeiā — Ganjāikhor ( See )

**ଗଞ୍ଜେଇ ଖାଇବା**—ଦେ. କ୍ରି—୧ । ଗଞ୍ଜେଇ ଟାଣିବା ( ଦେଖ )
Ganjei khāibā — 1. Ganjei ṭāṇibā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଚ' ନ ପାଇଲେ 'ଅଲ୍‌ବଚ' ଦେଖିବେ ।

୨ । ଗଞ୍ଜାକୁ ବାଟି ଭାଙ୍ଗ କରି ଖାଇବା—
2. To drink water mixed with ganja-paste.

**ଗଞ୍ଜେଇ ଟାଣିବା**—ଦେ. କ୍ରି—ଚିଲମରେ ଗଞ୍ଜେଇ ପୂରାଇ ନିଆଁ ଲଗାଇ ତାହାଁରୁ ଧୂଆଁ ପିଇବା—
Ganjei tāniba
गाँजा खाओवा
**गांजापीना**
To smoke Ganja.

**ଗଞ୍ଜେଇ ଟିପିବା**—ଦେ. କ୍ରି—ଗଞ୍ଜେଇକୁ ଚିଲମରେ ରଖି ତାହାଁର ଧୂଆଁ ପିଇବା ପୂର୍ବରୁ ବାମ ହାତର ପାପୁଲିରେ ରଖି ଗଞ୍ଜାଇ ରଖି ତାକୁ ଡାହାଣ ହାତର ବୁଢ଼ା ଅଙ୍ଗୁଠିର ଟିପରେ ମଳିବା—
Ganjei tipibā
गाँजाटेपा
**गांजा टीपना**
To crush Ganja in the hollow of the left palm by the tip of the right thumb before smoking it.

**ଗଞ୍ଜେଇବା**—ଦେ. କ୍ରି—୧ । ଗଞ୍ଜିବା ( ଦେଖ )
Ganjeibā 1. Ganjibā ( See )
୨ । ଗଞ୍ଜାଇବା ( ଦେଖ )
2. Ganjāibā ( See )

**ଗଞ୍ଜୋଡ଼୍**—ଦେ. ବିଣ— ଗଞ୍ଜଡ଼ ( ଦେଖ )
Ganjord Ganjarda ( See )

**ଗଟ୍**—ଦେ. କ୍ରି. ବିଣ. ( ସଂ. ଘଟ; ଭୁଲ. ଇଂ. ଟାଇଟ୍ )—
Gat ୧ । ଘଟିତ ଭାବରେ; ଅଚଳିତ ଭାବରେ—
गट, गेंट 1. In a fixed condition; unmoved.
**गट्** ୨ । ଦୃଢ଼ରୂପେ—
2. Firmly; steadily; tightly.
୩ । କୌଣସି ଅଭିପ୍ରେତ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ହୋଇ—
3. In a fit or shipshape condition; in a ready condition; prepared.
( ଯଥା—ବାବୁ କଚେରୀକୁ ଯିବାକୁ ଗଟ୍ ହୋଇ ବସି ଅଛନ୍ତି । )

**ଗଟାଡାଙ୍ଗ୍**—ପ୍ରାଦେ. (ସମ୍ବଲପୁର) ବି—ଗୁଲି ବା ମଦକ୍ ହୁକାର ଧୂମ-ନିଃସାରଣ-ନଳ—The smoking tube in a hubble-bubble for smoking opium.
Gatādāng

**ଗଟାପର୍ଚ୍ଚା**—ବୈଦେ. ବି ( ମାଲୟ ଭାଷା. ଗଟା=ଅଠା+ପର୍ଚ୍ଚା=ଗଛ; ଇଂ. ଗଟାପର୍ଚ୍ଚା )—ମାଲୟ ଦ୍ୱୀପପୁଞ୍ଜର କେତେକ ବୃକ୍ଷର ଅଠାକୁ ଶୁଖାଇ ସଙ୍କୁଚିତ କରି ତାହାଁରୁ ପ୍ରସ୍ତୁତ କରିବା ରବରପରି ବସ୍ତୁ—Guttapercha.
Gatāparchā
गटापार्चा
**गटापारचा**
[ ଦ୍ର—ଏହା ରବର ପରି କୋମଳ ନୁହେଁ ରବରଠାରୁ ବହୁକାଳସ୍ଥାୟୀ, ଏହା ଜଳନଳବନ୍ଧ ଓ ଟେଲିଗ୍ରାଫ ଅଦିର ତାର ଉପରେ ମଡ଼ାଯାଏ ଓ ଏଥିରେ ନାନାଦି ଖେଳନା ତିଆରି ହୁଏ । ]

**ଗଟିଆ**—ପ୍ରାଦେ. (ବସ୍ତର) ବି—ଖଟ—
Gatiā Sofa.

**ଗଠ୍ଠା**—ଦେ. ବି—୧ । (ସଂ. ଗ୍ରନ୍ଥି) ବଡ଼ ଗଣ୍ଠିଲି; ଗଣ୍ଠିରି—
Gatthā 1. Big package.
**गट्ठागड्डा** ୨ । ମାପିବା ଚେନ୍ ବା ଜରୀବର ତିନି ଭାଗରୁ ଏକ ଭାଗ—
2. One third of a land-measuring chain.
ପ୍ରାଦେ. (ମେଦିନୀପୁର) ବି—(ଏତେ) ଗୋଟା—
(so many) Pieces, bits or persons.

**ଗଠ୍**—ଦେ. କ୍ରି. ବିଣ (ସଂ. ଘଟ୍) ଗଟ୍ ( ଦେଖ )—
Gath Gat ( See )

**ଗଠ (ଧାତୁ)**—ସଂ. (ଭୁଲ—ପ୍ରା. ଗଢ଼)—ଗଢ଼ିବା; ନିର୍ମାଣ କରିବା; ରଚନା କରିବା—To build; to make; to form.
Gatha (root)

**ଗଠଣ**—ଦେ. ବି—( ସଂ. ଗଠନ; ଗ୍ରନ୍ଥନ ଭୁଲ—ପ୍ରା. ଗଣ୍ଠନ )—
Gathana
गढ़न, गठन
**गठन** ଗଠନ ( ଦେଖ )—
Gathana ( See )

**ଗଠନ**—ସଂ. ବି ( ଗଠ୍ ଧାତୁ=ନିର୍ମାଣ କରିବା+ଭାବ. ଅନ )—
Gathana ୧ । ନିର୍ମାଣ—1. Building.
୨ । ରଚନା—2. Formation.
୩ । ଗଢ଼ା; ପ୍ରସ୍ତୁତ କରଣ—3. Construction
୪ । ରଚନା ପ୍ରଣାଳୀ; ଗଢ଼ଣ—
4. The build; form; make; shape.

**ଗଠନଶୀଳ**—ଦେ. ବିଣ (ବହୁବ୍ରୀହି; ଗଠନ+ଶୀଳ)—କୌଣସି ବସ୍ତୁକୁ ଗଢ଼ିବାର ପ୍ରବୃତ୍ତିବିଶିଷ୍ଟ; ଗଢ଼ିବାରେ କୁଶଳ—
Gathanasila
Constructive.

**ଗଠିତ**—ସଂ. ବିଣ ( ଗଠ୍ ଧାତୁ=ନିର୍ମାଣ କରିବା+କର୍ମ. ତ )—
Gathita ୧ । ନିର୍ମିତ; ରଚିତ—1. Built; formed
୨ । ଆକାରବିଶିଷ୍ଟ—2. Shaped.

**ଗଡ଼୍ (ଧାତୁ)**—ସଂ—୧ । ବକ ଯନ୍ତ୍ରଦ୍ୱାରା ଅରକ କାଢ଼ିବା—
Gard (root) 1. To distil; to draw out.
୨ । କ୍ଷରିତ ହେବା—2. To ooze.
୩ । (ଜଳାଦି) ବହିବା—
3. (liquids) To flow; to run.
୪ । ଭୂମିରେ ଲୋଟିବା—4. To roll on the ground.

**ଗଡ଼୍ କରିବା**—ପ୍ରାଦେ (ମେଦିନୀପୁର) କ୍ରି. (ଭୁଲ .ବ. ଗଡ଼କରା; ସଂ. ଗଡ଼୍ ଧାତୁ=ଭୂମିରେ ଲୋଟିବା; ଓ.ଗଡ଼=ଲମ୍ବ ମୋଟ କାଠ; ଗଡ଼ିବା=ଭୂମିରେ ଲୋଟିବା )—ଗୋଡ଼ତଳେ ପଡ଼ି ନମସ୍କାର କରିବା; ଦେବତା ଓ ମାନ୍ୟ ବ୍ୟକ୍ତିଙ୍କ ପାଦ ପାଖେ ମୁଣ୍ଡ ଲଗାଇ ନମସ୍କାର କରିବା; ମୁଣ୍ଡିଆ ମାରିବା—To lie prostrate before a person and make obeisance; to touch the ground with the head to make obeisance to one's superiors or to a Deity.
Gard karibā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଂଘ | ଜ | ଶ,ଷ | କ୍ଷ | ଇଏଁ | ଉଅ | ଣ୍ଠ |
| ୨ | ଈ | ଊ | ଋ | ଌ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଙ୍ଗ୍ୟ | ·ଇଅ | ● | ନ୍ |

**ଗଡ଼୍‌ଗଡ଼୍**—ଦେ. ଅ ( ଧ୍ୱନ୍ୟନୁକରଣ; ସଂ. ଘର୍ଘର )—
Gardgard ୧ । ଟାଣ ଭୂମିରେ ଶଗଡ଼ ଗଡ଼ିଯିବା ଶବ୍ଦ—
গড়গড় 1. Rattling sound ( as of a cart rolling on hard ground).
गड़गड़
୨ । ଉଚ୍ଚସ୍ୱରରେ ବିନା ବାଧାରେ କଥା କହିଯିବା ପ୍ରକାରେ—
2. Babbling or talking fluently.
୩ । ଘଡ଼ଘଡ଼ିଠାରୁ କମ୍ ସ୍ୱର ( ଯଥା—ହୁକା ଟାଣିବାର ଶବ୍ଦ )—
3. Low rumbling sound.

**ଗଡ଼ଗଡ଼ିବା**—ଦେ. କ୍ରି—ଗଡ଼ଗଡ଼ାଇବା (ଦେଖ)
Gardgardiba Gardagardaiba (See)

**ଗଡ଼ଗାଡ଼୍**—ଦେ. ଅ—ଟାଣ ଭୁଇଁରେ ଶଗଡ଼ ଗଡ଼ିଯିବା ଶବ୍ଦ—
Gardgard Rattling sound.

**ଗଡ଼ଡମ୍‌ଗୋଲ୍**—ପ୍ରାଦେ ( ସମ୍ବଲପୁର ) ବି—
Gard-dam-gol ୧ । ହଟ୍ଟଗୋଲ; ଗୋଲମାଲ; ଘୋଷା—
1. Ado.
୨ । ଦଙ୍ଗାବାଙ୍ଗାମା; କଳଗୋଳ—2. Affray.

**ଗଡ଼୍‌ବଡ଼୍**—ଦେ. ବି ( ଧ୍ୱନ୍ୟନୁକରଣ )—
Gard-bard ୧ । ଗୋଲମାଲ; କୋଳାହଳ; ଘୋଷା—
গোলমাল, গড়বড় 1. Noise; uproar; excitement; tumult.
गड़बड़
୨ । ଲେଉଟପାଲଟ; ବିପର୍ଯ୍ୟସ୍ତ ଅବସ୍ଥା; ଅବ୍ୟବସ୍ଥା—
2. Confusion; disorder; unsettled condition.
୩ । ପେଟ ବିଗିଡ଼ିବା—
3. The stomach being out of order; disorder in the stomach.
୪ । ଓଲଉଠା—4. Cholera.
୫ । କୌଣସି ଅଞ୍ଚଳରେ ଓଲଉଠାର ପ୍ରାବଲ୍ୟଜନିତ ଆତଙ୍କ—
5. Cholera-scare in a certain locality.
୬ । ମନରେ ଜନ୍ମିବା ସନ୍ଦେହ—
6. Doubt; suspicion.
୭ । କପଟ—7. Insincerity.

**ଗଡ଼ବଡ଼ି**—ଦେ. ବି—ଗଡ଼୍‌ବଡ଼୍ (ଦେଖ)
Gard-bardi Gard-bard (See)

**ଗଡ଼ବଡ଼ିଆ**—ଦେ. ବିଣ—୧ । ଗୋଲମାଲିଆ—
Gard-bardia 1. Confused.
গোলমেলে ୨ । ଅସରଳ; କପଟୀ—
गड़बड़िया 2. Not frank; insincere.
୩ । ସନ୍ଦେହୀ—3. Suspicious.
୪ । ଉପଦ୍ରବକାରୀ—4. Making a row.

**ଗଡ଼୍‌ବା**—ପ୍ରାଦେ (ଢଶାଖାପାଟଣା) ବି—ଗୋଣ୍ଡି (ଦେଖ)
Gardba Gondi (See)

**ଗଡ଼ (ଧାତୁ)**—ସଂ.—୧ । ଭୂମିରେ ଲୋଟିବା—
Garda (root) 1. To roll on the ground.
୨ । ଉପରୁ ତଳକୁ ଖସିବା—2. To descend.
୩ । କ୍ଷରିତ ହେବା—3. To ooze.

**ଗଡ଼**—ସଂ. ବି ( ଗଡ଼ ଧାତୁ + କର୍ତ୍ତୃ. ଅ )—
Garda ୧ । ବାଧା; ଅଟକ—
1. Obstacle; hindrance.
୨ । ବାଡ଼—2. Fence; enclosure.
୩ । ପଟ; ପରଦା—3. Partition; screen.
୪ । ପରିଖା—4. Ditch; moat.
୫ । ଗଡ଼େଇ; ଗଡ଼ିଶା ମାଛ—
5. A kind of fresh-water-fish living in muddy water and pools; Ophicephalus Punctatus.
[ ଦ୍ର—ଏହି ମାଛର ପିଠି ଈଷତ୍ ନେଳ, ପେଟ ହଳଦିଆ, ମୁଣ୍ଡପାଖେ କଳା ଓ ନେଳିଆ ଦାଗ ଥାଏ । ଲମ୍ବ ୧୨ ଅଙ୍ଗୁଳରୁ ଛୋଟ । ଏହି ଜାତିର ବଡ଼ ମାଛକୁ ଶେଉଳ କହନ୍ତି, ଏ ପଙ୍କ ଓ ବନ୍ଦିଆ ପାଣିରେ ରହି ପାରେ । ]
୬ । ( ଭୂଲ. ଚା. ଅଗର=ଦୁର୍ଗ )—
ଦୁର୍ଗ; କିଲ୍ଲା—6. A fort.
୭ । ଗଡ଼ଜାତ ରାଜ୍ୟର ରାଜଧାନୀ—
7. The capital city of a state.
୮ । ଦେଶବିଶେଷ; ଗଡ଼ମଣ୍ଡଳ ଦେଶ—
8. Name of a country.
ଦେ. ବି—୧ । ସାମାନ୍ୟ ରାଜ୍ୟ—
1. A small kingdom.
୨ । କୌଣସି ଲମ୍ବ ପଦାର୍ଥର ଖଣ୍ଡିତ ଅଂଶ—
2. A piece cut from a longer thing.
୩ । ବୃକ୍ଷର ଶାଖାହୀନ ଗଣ୍ଡି—
3. Branchless trunk of a tree.
( ଯଥା—ନଡ଼ିଆ ଗଡ଼, ତାଳ ଗଡ଼ । )
୪ । କାଠର ମୋଟ ଓ ଲମ୍ବ ଖଣ୍ଡ—
4. Log of wood.
୫ । ଲମ୍ବ ଓ ସ୍ଥୂଳ ବସ୍ତୁ—
5. A long and thick article.
୬ । ଦେହ—6. Body.
୭ । ମସ୍ତକହୀନ ଦେହ—7. Headless trunk.
୮ । ବିଭାଗ—8. Division.
୯ । ଖଣ୍ଡ—9. Piece.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୧୦ । ଗୋଲକାଠକୁ ଫାଳଫାଳ କରି ଚିରିବା ପୂର୍ବରୁ ଲମ୍ବ କାଠଖଣ୍ଡରୁ କଟାଯିବା କ୍ଷୁଦ୍ର ଓ ସ୍ଥୂଳ ଖଣ୍ଡମାନ—
10. Long and stout bits of wood cut from a long log before they are split into strips for fuel.

୧୧ । ଏକ ପ୍ରକାର ବଡ଼ କାଠ ଗଛ—
11. A kind of timber-tree; Chyptolipsis Buchanani.

୧୨ । ଲତାଳିଆ ଗୁଳ୍ମବିଶେଷ—
12. Chyptolipsis Elegans; a large twining shrub.

ପ୍ରାଦେ. (ଜୟପୁର) ବି—୧ । ଶସ୍ୟାଦି ମାପିବାର ପରିମାଣବିଶେଷ—
1. A standard of measuring corn.

୨ । ଧାନକଲାର ନିର୍ଦ୍ଦିଷ୍ଟ ସଂଖ୍ୟା—
2. A unit of a certain number of the sheaves of paddy.

**ଗଡ଼କ**—ସଂ. ବି. ( ଗଡ଼+କ )—
Gar̲daka ୧ । ଶ୍ରେଷ୍ଠ ଗୋଡ଼ିଳ ମାଛ; ଗଡ଼ିଶା ମାଛ; ଗଡ଼େଇ—
1. A fresh-water-fish living in muddy water.

୨ । ଚେଙ୍ଗ ମାଛ—
2. Ophicephalus Punctatus.

**ଗଡ଼ଖାଇ**—ଦେ. ବି. ( ସଂ. ଗଡ଼+ଖାତ )—
Gar̲dakhāi ଦୁର୍ଗର ଚାରି ପାଖର ନାଳ; ପରିଖା—
ଗଡ଼ଖାଇ A moat round a fort; a trench.
ଗଡ଼ଖାଈ

**ଗଡ଼ଗଡ଼**—ଦେ. ଅ—୧ । ଖଣ୍ଡ ଖଣ୍ଡ—
Gar̲dagar̲da 1. Cut into small pieces.
ଖଣ୍ଡଖଣ୍ଡ ୨ । ଗଡ଼ଗଡ଼୍ ( ଦେଖ )
2. Gar̲dgar̲d ( See )

**ଗଡ଼ଗଡ଼ ହେବା**—ଦେ. କ୍ରି — ଗଡ଼ଗଡ଼ାଇବା ( ଦେଖ )
Gar̲dagar̲da hebā Gar̲dagar̲daibā ( See )

**ଗଡ଼ଗଡ଼ା**—ଦେ. ବି ( ସଂ. ଗଡ଼ ଧାତୁ=ଭୂମିରେ ଲୋଟିବା )—
Gar̲dagar̲dā ୧ । ଭୂମିରେ ଶଗଡ଼ଚକପରି ଗଡ଼ିଗଡ଼ି ଯିବା—
ଗଡ଼ାଗଡ଼ି 1. Rolling on the ground like a wheel.
ଲୁଢ଼କା

୨ । ଚକ ଘେର ଥରେ ବୂଲିବା—2. Completion of one rolling or circuit while moving.
(ଯଥା— ସେ ଢିଳ ଗଡ଼ଗଡ଼ା ଦେଇ ବଜାରଲେ ଯାଇଁ ପଡ଼ିଲେ ।)

୩ । ଭୂମିରେ ଗୋଲାକାର ବସ୍ତୁର ଗଡ଼ିବା ଅବସ୍ଥା—
3. State of a round thing rolling on the ground.

୪ । କାମ ସରିବା ପରେ ଖାଲି ପାତ୍ର ଭୂମିରେ ଗଡ଼ୁଥିବା—
4. Rolling on the ground of empty pots after the contents have been used.

୫ । (ଲକ୍ଷଣାର୍ଥ) ଦରକାର ବା ବ୍ୟବହାର ଶେଷ ହେବା ପରେ ଅନାଦୃତ ହେବା—5. Being neglected after use.

ବଇଦ ପଇଡ଼ ମଉସଡ଼ା, କାମ ସରିଲେ ଗଡ଼ଗଡ଼ା । ଢଗ ।

ଗୁଡ଼ଗୁଡ଼ି ୬ । (ଧ୍ୱନ୍ୟନୁକରଣ) ଗୁଡ଼ାଖୁ ଖାଇବାର ଶ୍ରେଷ୍ଠ ହୁକା—
ଗଡ଼ଗଡ଼ା 6. Hubble-bubble.

ଦେ. ବିଣ.—ଗଡ଼ଗଡ଼ିଆ (ଦେଖ)
Gar̲dagar̲diā (See)

**ଗଡ଼ଗଡ଼ାଇବା**—ଦେ. କ୍ରି.—୧ । ଏଣେ ତେଣେ ଗଡ଼ିବା—
Gar̲dagar̲daibā 1. To roll about.
ଗଡ଼୍‌ଗଡ଼ାନ୍ ୨ । ଶଗଡ଼ଚକ ଟାଣୁଆ ସମତଳ ଭୂମିରେ ଗଡ଼ିଯିବା
ଲୁଢ଼କନା ଭଳି ଶବ୍ଦ କରି ଗଡ଼ି ଯିବା—2. To roll on the ground with a rattling sound like that of a wheel rolling on a solid surface.

୩ । ଭୂମିରେ ଗଡ଼ପଡ଼ ହେବା; ନିଜ ଶରୀରକୁ ଭୂମିରେ ଲୋଟାଇ ଚକ ପରି ଗଡ଼ିବା; ଭୂମିରେ ଲୋଟିବା—
3. To roll one's body on the ground.

କଡ଼ବଡ଼ୁଥି ହୋ ! ଅଲୁଏ ଅସ ଅଦାରେ ଯାଅ,
ବାଇସିପାହାଚରେ ମହାପ୍ରସାଦ ଖାଇ ଗଡ଼ଗଡ଼ାଇ ଥାଅ । ପ୍ରବଚନ ।

୪ । ଅପର୍ଯ୍ୟାପ୍ତ ସଂଖ୍ୟାରେ ଅଯତ୍ନରୂପେ ମିଳିବା ବା ଦେଖାଯିବା ବା ପଡ଼ି ରହିବା—4. To be found everywhere; to abound (connoting a great number and neglect.)
(ଯଥା—ଆଜିକାଲି ଗଣ୍ଡ ଗଣ୍ଡ ବି.ଏ. ପାଶ୍ କଲ୍‌ବାଲ୍ ଦେଶରେ ଗଡ଼ଗଡ଼ାଉ ଅଛନ୍ତି ।)

୫ । ଖାଲି ହାଣ୍ଡି ମାଠିଆ ଭଳି ଇତସ୍ତତଃ ଗଡ଼ିବା—
5. To roll here and there like empty pots.

**ଗଡ଼ଗଡ଼ିଆ** — ଦେ. ବିଣ.—୧ । ରଙ୍କ—1. Starving; not
Gar̲dagar̲diā getting anything to eat.

୨ । ଯେ ଖାଇବାକୁ ନପାଇ ଭୂମିରେ ଗଡ଼ୁଥାଏ—2. One who rolls on the ground without getting anything to eat.

**ଗଡ଼ଗଡ଼ିବା**—ଦେ. କ୍ରି.— ଗଡ଼ଗଡ଼ାଇବା (ଦେଖ)
Gar̲dagar̲dibā Gar̲dagar̲daibā (See)

**ଗଡ଼ଘାଲି**—ଦେ.(ପ୍ରାଚୀନ) କ୍ରି.ବିଣ—୧ । ମୁଣ୍ଡକୁ ଭୂମିରେ ଲଗାଇ (ପ୍ରଣାମ
Gar̲daghāli କରିବା )—1. In a crouching manner.
ଗଡ଼କରେ ୨ । ଦଣ୍ଡବତ ପ୍ରକାରେ—2. Touching the ground with one's head; bowing one's-self low on the ground.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲୁ | ସ୍ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଘ | ଇଅ | ଢ଼ | ନ୍ତ |

ପିଢା ସମୀପେ ଥେନୁ ଥୋଇ,
ଚରଣେ ଗଡ଼ଘାଲି ଶୋଇ । କବିଲୋଚନ. ଭାଗବତ ।

**ଗଡ଼ ଘାଲିବା**—ଦେ. କ୍ରି. (ପ୍ରାଚୀନ)—୧ । ମୁଣ୍ଡକୁ ଭୂଇଁରେ ଲଗାଇ ଦଣ୍ଡବତ କରିବା—1. To bow down one's head to the ground; to make obeisance; to crouch.
Garda'ghāliba
ଗଡ଼କରା
**पाँवपड़ना**

ଉଠି କୃଷ୍ଣ ଗଡ଼ଘାଲି ଗୁଡିଲେ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ମୁଣ୍ଡ ଘାଲିବାରୁ ଭୂଇଁରେ ପଡ଼ିଯିବା ବା ଠେଲ ପଡ଼ିବା—
2. To topple on the ground.

୩ । ଗାଲେଇ କରି ବା ଛଟାଗାଳ ଶୋଇବା—
3. To feign sleep.

୪ । ମୁଣ୍ଡ ନୁଆଇଁ ଶୀକାରକୁ ଜଗି ରହିବା—
4. To lie crouching in wait for the prey.

**ଗଡ଼ଜାତ**—ଦେ. ବି—୧ । ରାଜୋଡ଼ା ଇଲାକା; ଦେଶୀୟ ରାଜାମାନଙ୍କ ଶାସିତ ରାଜ୍ୟ—1. States governed by Indian Chiefs; native states.
Gardajāta
গড়জাত

[ ଦ୍ର—ସମଗ୍ର ଭାରତ ସାମ୍ରାଜ୍ୟର ବର୍ଗଫଳ ପ୍ରାୟ ୧୮ ଲକ୍ଷ ବର୍ଗ-ମାଇଲ; ତନ୍ମଧ୍ୟରୁ ଦେଶୀୟ ରାଜାମାନଙ୍କ ଶାସିତ ରାଜ୍ୟ ବା ଗଡ଼ଜାତର ବର୍ଗଫଳ ପ୍ରାୟ ୭ ଲକ୍ଷ ବର୍ଗମାଇଲ । ସମଗ୍ର ଭାରତର ଲୋକ ସଂଖ୍ୟା ୩୧ କୋଟି ମଧ୍ୟରୁ ଗଡ଼ଜାତ ରାଜ୍ୟମାନଙ୍କରେ ପ୍ରାୟ ୭ କୋଟି ଲୋକ ରହନ୍ତି । ଭାରତରେ ସବୁସୁଦ୍ଧା ବଡ଼ସାନ ୭୦୦ ଦେଶୀୟ ବା କରଦ ଓ ମିତ୍ର ରାଜ୍ୟ ଅଛି । ତହିଁ ମଧ୍ୟରୁ କାଶ୍ମୀର, ହାଇଦ୍ରାବାଦ, ଗୁଆଲିୟର ବରୋଦା ଓ ମହୀଶୂର ପ୍ରଧାନ । ଏହା ଛଡ଼ା ନେପାଳ, ଭୂଟାନ ଓ ସିକିମ ନାମରେ ୩ଟି ସ୍ୱାଧୀନ ରାଜ୍ୟ ହିମାଳୟର ପାଦ ଓ ସାନୁ ଦେଶରେ ଅବସ୍ଥିତ ।

ଗଡ଼ଜାତମାନଙ୍କ ରାଜ୍ୟଶାସନ ତତ୍ତତ୍ ରାଜାମାନଙ୍କଦ୍ୱାରା ପରିଚାଳିତ ହୁଏ । କିନ୍ତୁ ପ୍ରଜାମାନଙ୍କ ପ୍ରତି ଯେପରି ଅତ୍ୟାଚାର ନ ହୁଏ ଓ ରାଜାମାନେ ନିଜ ନିଜ ମଧ୍ୟରେ ଯେପରି ଯୁଦ୍ଧବିବାଦ ଆଦି ନ କରନ୍ତି ଏଥିପାଇଁ ଇଂରାଜ ସରକାରଙ୍କ ପକ୍ଷରୁ ଜଣେ ଲେଖାଏ ପ୍ରତିନିଧି (ପୋଲିଟିକାଲ୍ ଏଜେଣ୍ଟ) ଗୋଟିଏ ଗୋଟିଏ ରାଜ୍ୟ ବା ରାଜ୍ୟପୁଞ୍ଜ ପାଇଁ ନିଯୁକ୍ତ ଅଛନ୍ତି ।

୨ । ଓଡ଼ିଶାର ଦେଶୀୟ ନରପତିମାନଙ୍କ ଦ୍ୱାରା ଶାସିତ ରାଜ୍ୟ—
2. The Feudatory States of Orissa; Agency tracts of Orissa, formed into different states under Ruling Chiefs.

[ ଦ୍ର—ଏ ରାଜ୍ୟମାନ ଇଂରାଜ ସରକାରଙ୍କ ଦ୍ୱାରା ସାକ୍ଷାତ ଭାବରେ ଶାସିତ ହୁଏ ନାହିଁ ପୂର୍ବେ ଯେଉଁ ସାମନ୍ତ ରାଜାମାନେ ଅର୍ଦ୍ଧସ୍ୱାଧୀନ ଭାବରେ ରାଜ୍ୟ ଭୋଗ କରୁଥିଲେ ତୋଡ଼ରମଲ୍ଲଙ୍କ ଓଡ଼ିଶା ବନ୍ଦୋବସ୍ତ ବେଳେ ସେମାନେ ସେହିପରି ରହିଲେ ଏବଂ ସେହି ସବୁ ରାଜ୍ୟ ସେହି ଦିନରୁ ଗଡ଼ଜାତ ନାମରେ ଅଭିହିତ ହେଲା ।
(କୃପାସିନ୍ଧୁ. ଇତିହାସ)

ପ୍ରାକୃତିକ ଉତ୍କଳର ସାମନ୍ତ ରାଜାମାନେ ଏକ ଏକ ଭୂଖଣ୍ଡର ଅଧିକାରୀ ହେଲେ ଏବଂ ସେହି ସ୍ଥାନମାନଙ୍କରେ ଓଡ଼ିଶା ରାଜାମାନଙ୍କର ଗୋଟିଏ ଗୋଟିଏ ଗଡ଼ ଥିଲା । (ଜଗବନ୍ଧୁ. ପ୍ରାଚୀନ ଉତ୍କଳ)

ଗଡ଼ଜାତମାନ ସାଧାରଣତଃ ପର୍ବତ ଏବଂ ଅରଣ୍ୟପୂର୍ଣ୍ଣ ଓ ଏଥିରେ ବନ୍ୟ ଆଦିମନିବାସୀ ଲୋକଙ୍କ ସଂଖ୍ୟା ବେଶୀ । ଏ ରାଜାମାନେ ସାଧାରଣତଃ ଇଂରାଜ ସରକାରଙ୍କୁ କର ବା ପେସ୍‌କସ୍ ଦିଅନ୍ତି ।

ଓଡ଼ିଶା ଗଡ଼ଜାତମାନଙ୍କ ତତ୍ତ୍ୱାବଧାନ ପୂର୍ବେ ଓଡ଼ିଶାର କମିସନରଙ୍କ ଦ୍ୱାରା ହେଉଥିଲା । ବର୍ତ୍ତମାନ ସମ୍ବଲପୁରରେ ଜଣେ ଉଚ୍ଚ କର୍ମଚାରୀ (ପୋଲିଟିକାଲ୍ ଏଜେଣ୍ଟ) ଗଡ଼ଜାତମାନଙ୍କର ତତ୍ତ୍ୱାବଧାନ କରନ୍ତି ।

ଓଡ଼ିଶା ଗଡ଼ଜାତର ରାଜାମାନଙ୍କ ଅଧିକାର ଓ ବିଶେଷତ୍ୱ ଅନୁସାରେ ଶାସନସୌକର୍ଯ୍ୟାର୍ଥ ଓଡ଼ିଶାର ଗଡ଼ଜାତମାନଙ୍କୁ ତିନି ଗୋଟି ପୁଞ୍ଜରେ ବିଭକ୍ତ କରା ଯାଇଅଛି ।

୧ମ ପୁଞ୍ଜ—୫ଗୋଟି ରାଜ୍ୟ, ଯଥା—ପାଟଣା, କଳାହାଣ୍ଡି, ସୋନପୁର ବାମଣ୍ଡା, ରେଢ଼ାଖୋଲ ।

୨ୟ ପୁଞ୍ଜ—୨ଟି ରାଜ୍ୟ, ଯଥା—ଗାଙ୍ଗପୁର, ବଣେଇ ।

୩ୟ ପୁଞ୍ଜ—୧୭ଟି ରାଜ୍ୟ, ଯଥା—ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବଉଦ, ଖଣ୍ଡପଡ଼ା, ଦଶପଲ୍ଲା, ନୂଆଗଡ଼, ତାଳଚେର, ନୀଳଗିରି, ହିନ୍ଦୋଳ, ଆଠମଲ୍ଲିକ, ରଣପୁର, ନରସିଂହପୁର, ଆଠଗଡ଼, ପାଲଲହଡ଼ା, ବଡ଼ମ୍ବା ଓ ତିଗିରିଆ ।

ଏହା ଛଡ଼ା ଛୋଟନାଗପୁରର ସୀମାଭୁକ୍ତ ଖରସୁଆଁ ଓ ସରାଇକଲା ଓଡ଼ିଶା ଗଡ଼ଜାତର ପୋଲିଟିକାଲ୍ ଏଜେଣ୍ଟଙ୍କ ତତ୍ତ୍ୱାବଧାନଭୁକ୍ତ ଅଟେ ।

ଓଡ଼ିଆ ରାଜାମାନେ ପୂର୍ବେ ୧୫୬୮ ସାଲ ପର୍ଯ୍ୟନ୍ତ ଉତ୍କଳର ସ୍ୱାଧୀନ ନରପତିମାନଙ୍କ ଅଧୀନରେ ସାମନ୍ତରାଜାରୂପେ ଥିଲେ । ପରେ ୧୮୦୨ ସାଲ ପର୍ଯ୍ୟନ୍ତ ଗଡ଼ଜାତମାନ ମରହଟ୍ଟା (ନାଗପୁର ଭୋଁସଲା) ମାନଙ୍କର କରଦ ରାଜ୍ୟ ଥିଲା । ମରହଟ୍ଟାମାନେ ସନ୍ଧିଦ୍ୱାରା ଇଂରାଜ-ସରକାରଙ୍କୁ ୧୭ଗୋଟି ରାଜ୍ୟ ଦେଇ ଆଉ ୪୪ଗୋଟି ରାଜ୍ୟ ନିଜ ଅଧୀନରେ ରଖିଥିଲେ । ଇଂରାଜମାନେ ଓଡ଼ିଶାର ଏହି ଗଡ଼ଜାତ-ମାନଙ୍କୁ ଓଡ଼ିଶାର ସାମିଲ୍ କରି ରଖିଲେ । ପରେ ୧୯୦୫ ସାଲରେ ସମ୍ବଲପୁର ଜିଲା ଓଡ଼ିଶା ବିଭାଗକୁ ଆସିବା ସମୟରେ କେତେଗୁଡ଼ିଏ ରାଜ୍ୟ (ବାମଣ୍ଡା, ସୋନପୁର ଆଦି) ମଧ୍ୟପ୍ରଦେଶର ଛତିଶଗଡ଼ରୁ ଅଣାଯାଇ ଓଡ଼ିଶାର ଅନ୍ତର୍ଭୁକ୍ତ ହେଲା । ପୁଣି ୧୯୧୬ ସାଲରେ ଛୋଟନାଗପୁରର ଦୁଇଟି ଗଡ଼ଜାତ (ଖରସୁଆଁ, ସରାଇକଲା) ଓଡ଼ିଶାର ଅନ୍ତର୍ଭୁକ୍ତ ହେଲା ।

ଓଡ଼ିଶା ବଙ୍ଗପ୍ରଦେଶର ଅନ୍ତର୍ଭୁକ୍ତ ଥିବା ସମୟରେ ୧୯୦୫ ସାଲର ୧୨।୧୩ ଓ ୧୪ କାନୁନ୍ ଅନୁସାରେ ମୋଗଲବନ୍ଦିରେ ଚଳୁଥିବା ଆଇନ ଗଡ଼ଜାତମାନଙ୍କରେ ଚଳିବ ନାହିଁ ବୋଲି ସବୁକାନ୍ତ ଆଇନ୍

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'; ଦେଖିବେ ।

କଲେ ଓ କଟକର ଜଜ ଏବଂ ମାଜିଷ୍ଟ୍ରେଟ ଗଡ଼ଜାତ ବିଷୟର ଭାର ପ୍ରାପ୍ତ ହେଲେ । ତତ୍‌ପରେ ୧୮୧୬ ସାଲର ୧୧ ଆଇନ୍ ଓ ୧୮୫୦ ସାଲର ୨୧ ଆଇନ୍ ଅନୁସାରେ ଓଡ଼ିଶାର କମିସନର୍ ସାହେବ ଗଡ଼ଜାତର ବିଷୟମାନ ବୁଝିବାର ଭାର ପ୍ରାପ୍ତ ହେଲେ । କଲିକତା ହାଇକୋର୍ଟ ମୀମାଂସା କଲେ ଯେ ଓଡ଼ିଶାର ଗଡ଼ଜାତମାନ ଓଡ଼ିଶାରେ ପ୍ରତିଷ୍ଠିତ ସରକାରୀ କୋର୍ଟମାନଙ୍କ ଇଲାକାର ବହିର୍ଭୂତ ଅଟେ, ଏପରିକି ସେମାନେ ଇଂରାଜଶାସିତ ଭାରତର (British India) ଅନ୍ତର୍ଭୁକ୍ତ ବୋଲି ଗୃହୀତ ହୋଇ ନ ପାରେ । ୧୮୯୪ ସାଲରୁ ଗଡ଼ଜାତ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର କରଦରାଜ୍ୟ (Feudatory States) ଆଖ୍ୟା ଦିଆଗଲା । ଛତିଶଗଡ଼ ଓ ଛୋଟନାଗପୁରରୁ କେତେକ ଗଡ଼ଜାତ ଆସି ଓଡ଼ିଶାରେ ମିଶିବା ପରେ ଏ ରାଜାମାନଙ୍କୁ ଶାସକ ରାଜା (Ruling chief) ଉପାଧି ଦିଆଗଲା ଓ ଏମାନଙ୍କୁ ସମ୍ବଲପୁରରେ ଅବସ୍ଥିତ ପୋଲିଟିକାଲ୍ ଏଜେଣ୍ଟଙ୍କ ପରାମର୍ଶ ଓ କର୍ତ୍ତୃତ୍ୱାଧୀନ କରାଗଲା ।
(୨୨।୭।୨୭ ଯୁଗ୍ମ ଉତ୍କଳ—ବିଶ୍ୱନାଥ ଦାଶ )

ମୋଗଲ ସମ୍ରାଟ ଅକବରଙ୍କ ଅମଳର ରାଜା ମାନସିଂହଙ୍କ ବନ୍ଦୋବସ୍ତ କାଗଜରୁ ଦେଖାଯାଏ ଯେ ଦକ୍ଷିଣ ଓଡ଼ିଶାରେ ୩ ଗୋଟି ରାଜବଂଶ ( ଖୋର୍ଦ୍ଧା, ସାରଙ୍ଗଗଡ଼ ଓ ଆଳି ) ପ୍ରଧାନ ଥିଲେ । ଏହି ୩ ରାଜ୍ୟର ରାଜାମାନେ ମୋଗଲ ଦରବାରରେ ମାନ୍‌ସବଦାର୍ ହୋଇଥିଲେ, ମାତ୍ର ଜଗନ୍ନାଥ ଦେବଙ୍କ ସେବକ ବୋଲି ଖୋର୍ଦ୍ଧା ରାଜାଙ୍କର ପ୍ରାଧାନ୍ୟ ସର୍ବାପେକ୍ଷା ଅଧିକ ଥିଲା । ଏମାନଙ୍କର ଅଧୀନ ଅନେକ ସାମନ୍ତରାଜା ଥିଲେ । ଖୋର୍ଦ୍ଧା ରାଜାଙ୍କ ଅଧୀନରେ ୧—ବାଙ୍କି, ୨—ରମପଡ଼ା, ୩—ଅଠ୍ରୀ, ୪—ବାଲୁପଡ଼ା, ୫—ବଡ଼ମ୍ବା, ୬—ତିଗିରିଆ, ୭—ନରସିଂହପୁର, ୮—ଅନୁଗୁଳ, ୯—ହିନ୍ଦୋଳ, ୧୦—ତାଳଚେର, ୧୧—ମୁଦ୍ରେଶ୍ୱର, ୧୨—ଆଠଗଡ଼, ୧୩—ଢେଙ୍କାନାଳ, ୧୪—ସାରଣ୍ଡା, ୧୫—ଅଙ୍କାରି, ୧୬—ବଜ୍ରକୁଟ, ୧୭—ଅଚଳକୁଟ, ୧୮—ନୟାଗଡ଼, ୧୯—ଖଣ୍ଡପଡ଼ା, ୨୦—ରଣପୁର, ୨୧—ବାଣପୁର, ୨୨—ଦଶପଲ୍ଲା, ୨୩—ଘୁମସର, ୨୪—ଖଲ୍ଲିକୋଟ, ୨୫—ସେରଗଡ଼, ୨୬—ଟେକାଲି ରଘୁନାଥପୁର ଓ ଆଉ ୫ଟି ଏପରି ୩୧ ସାମନ୍ତରାଜା ଥିଲେ । ଇଂରାଜ ପର୍ଯ୍ୟଟକ ମୋଟ୍ଟେ ସାହେବଙ୍କ ୧୭୬୬ ସାଲର ଭ୍ରମଣବୃତ୍ତାନ୍ତରୁ ଦେଖାଯାଏ ଯେ ଖୋରଧା ରାଜାଙ୍କ ଅଧୀନସ୍ଥ ଢେଙ୍କାନାଳ, ବାଙ୍କି, ନରସିଂହପୁର, ତିଗିରିଆ, ବଡ଼ମ୍ବା, ତାଳଚେର, ଖଣ୍ଡପଡ଼ା, ଦଶପଲ୍ଲା, ହିନ୍ଦୋଳ, ଅନୁଗୁଳ ଓ ବୌଦ ଏହି ୧୧ଟି ରାଜ୍ୟକୁ ରଘୁଜୀ ଭୋଁସଲା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ତାଲୁକରେ ବିଭକ୍ତ କରିଥିଲେ; ତେଣୁ ଇଂରାଜମାନେ ଏହି ରାଜ୍ୟମାନଙ୍କ ସହିତ ସ୍ୱତନ୍ତ୍ର ସମ୍ବନ୍ଧ ସ୍ଥାପନ କଲେ । ସାମନ୍ତରାଜାମାନେ ଗଜପତିଙ୍କଠାରୁ ବଡ଼ବଡ଼ ପଦବୀ ପାଇଥିଲେ । କେବଳ ଅଳ୍ପ ସଂଖ୍ୟକ ସାମନ୍ତ ( ଯଥା— ଆଳି, କୁଜଙ୍ଗ, କେନ୍ଦୁଝର, ମୟୂରଭଞ୍ଜ, ପଟିଆ ଓ ଦଶପଲ୍ଲା ) ପ୍ରଥମରୁ ରାଜା ଥିଲେ । ଅନ୍ୟମାନେ ଖଣ୍ଡାଏତ ବା ମହାନାୟକ ନାମରେ ପରିଚିତ ଥିଲେ, ମାତ୍ର ସେମାନଙ୍କ ପ୍ରଜାମାନେ ତାଙ୍କୁ ରାଜା ବୋଲି ଡାକୁଥିଲେ । ଏମାନେ ଗଜପତିଙ୍କ ଦରବାରରେ ଥିଲା ବେଳେ ଭିନ୍ନ ଭିନ୍ନ ଖଟଣି (ସେବା) କରୁଥିଲେ । ମାନସିଂହଙ୍କ ବନ୍ଦୋବସ୍ତ କାଗଜରୁ ଦେଖାଯାଏ ଯେ ମୋଗଲ ରାଜତ୍ୱ ପ୍ରାରମ୍ଭରେ ଉତ୍ତର ଓଡ଼ିଶାରେ କେନ୍ଦୁଝର, ମୟୂରଭଞ୍ଜ ଓ ବିଷ୍ଣୁପୁର ଏହି ୩ଟି ବଡ଼ ରାଜ୍ୟ ଥିଲା । କେନ୍ଦୁଝର ରାଜାଙ୍କ ଅଧୀନରେ ୧୪ ଜଣ ସାମନ୍ତାଧିପତି ଥିଲେ । ଧଲଭୂମ, ସିଂହଭୂମ, ନୀଲଗିରି, କପଟିପଦା, ଜାମକୁଣ୍ଡାର ସାମନ୍ତମାନେ ମୟୂରଭଞ୍ଜ ଅଧୀନରେ ଥିଲେ । ସମ୍ବଲପୁର ରାଜାଙ୍କ ଅଧୀନରେ କୋଡ଼ିଏ ସାମନ୍ତ ବା ଜମିଦାର ଥିଲେ । ରେଢ଼ାଖୋଲ ଆଦି ରାଜ୍ୟରେ ସମ୍ବଲପୁର ରାଜାଙ୍କ ଅଧୀନ ସାମନ୍ତମାନେ ରାଜତ୍ୱ କରୁଥିଲେ । ଲହଡ଼ା ( ପାଲଲହଡ଼ା ) ପ୍ରଥମେ ସମ୍ବଲପୁର ରାଜାଙ୍କ ଅଧୀନ ସାମନ୍ତରାଜ୍ୟ ଥିଲା । ପରେ ସମ୍ବଲପୁର ରାଜା ଯୌତୁକ ସ୍ୱରୂପ ଏହି ସାମନ୍ତରାଜ୍ୟକୁ କେନ୍ଦୁଝର ରାଜାଙ୍କୁ ସମର୍ପଣ କଲେ । ଲହଡ଼ାର ସାମନ୍ତ ସମ୍ବଲପୁର ରାଜାଙ୍କୁ ଭେଟି ବା ପେସ୍‌କସ୍ ଦେବାକୁ ଗଲାବେଳେ ସ୍ତ୍ରୀ ବେଶରେ ଯାଉଥିଲେ । ରେଢ଼ାଖୋଲର ରାଜା ସମ୍ବଲପୁର ରାଜାଙ୍କ ନିକଟକୁ ଗଲାବେଳେ କୁମ୍ଭୀର ପରି ଭୂଇଁରେ ଲୋଟି ଲୋଟି ଯାଉଥିଲେ ।
( ପରମାନନ୍ଦ ଆଚାର୍ଯ୍ୟ. ଉତ୍କଳ ସାହିତ୍ୟ । )

ମୋଗଲ ରାଜତ୍ୱରେ ସମ୍ରାଟରକ୍ଷିତ ରାଜ୍ୟ ମୋଗଲବନ୍ଦି ଏବଂ ସୈନିକ ଅଧିପତିଙ୍କ ଅଧିକୃତ ରାଜ୍ୟ ଗଡ଼ଜାତ ନାମରେ ଅଭିହିତ ହେଲା । ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ]

**ଗଡ଼ଜାତି**—ଦେ. ବିଣ—ଗଡ଼ଜାତିଆ ( ଦେଖ )
Gardajāti — Gardajātiā ( See )

**ଗଡ଼ଜାତିଆ**—ଦେ. ବିଣ—୧ । ଗଡ଼ଜାତବାସୀ—
Gardajātiā — 1. Resident of the Gardajāts.
ଗଡଜାতের — ୨ । ଗଡ଼ଜାତ ସମ୍ବନ୍ଧୀୟ—
2. Pertaining to the Gardajāts.
୩ । ଗଡ଼ଜାତ ପରି ଜଙ୍ଗଲି—3. Jungly; wild.
୪ । ଓଲୁ (ବ୍ୟକ୍ତି)—4. Stupid; simpleton.
[ ଦ୍ର—ଭୁଲ. ମଫସଲିଆ, ଅଳିଆ, ଭଲହଟିଆ । ]

**ଗଡ଼ତଡ଼**—ଦେ. ଦ—ଗଡ଼ତ ପଡ଼ତ ( ଦେଖ )
Gardatarda — Gardata pardata ( See)

**ଗଡ଼ତଡ଼ ହେବା**—ଦେ. କ୍ରି—ଗଡ଼ତ ପଡ଼ତ ହେବା (ଦେଖ )
Gardatarda hebā — Gardata pardata hebā ( See)

**ଗଡ଼ତ ପଡ଼ତ**—ଦେ. ବି. ( ସଂ. ଗଡ଼ ଧାତୁ+ପତ ଧାତୁ )—
Gardata pardata — ୧ । ଗୋପନ କରିବା—1. Hiding.
ଗড়তপড়ত, ଗড়পড় — ୨ । ଭୂମିରେ ଲମ୍ବ ହୋଇ ଶୋଇବା ବା ଗଡ଼ିବା—2. Lying down or rolling on the ground.

| ୧ | ଇ | ଉ | ର,ର୍ | ଞ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଜ୍ଞ | ଇପ୍ସ | ଉଥ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଚ୍ୟ | ଇଥ | ଙ୍ଗ | ନ୍ନ |

୩ । କୌଣସି କାର୍ଯ୍ୟ ଶୀଘ୍ର କରା ନ ଯାଇ ପଡ଼ି ରହିବା ଅବସ୍ଥା—3. The state of a work being left undone.

ଦେ. ବିଣ—ଭୂମିରେ ଗଡ଼ୁଥିବା — Rolling on the ground.

**ଗଡ଼ତପଡ଼ତ ହେବା**—ଦେ. କ୍ରି. ( ସଂ. ଗଡ଼ ଧାତୁ + ପତ ଧାତୁ )—
Gardatapardata hebā ୧ । ଭୂମିରେ ଲମ୍ବ ଭାବରେ ଶୋଇବା ବା ଗଡ଼ିବା —
गड़तपड़त हओया, गड़पड़हओया
**लेटना**
1. To lie or roll on the ground.
୨ । ଶୋଇ କରି ଏକାଧିକ ଥର ଅଳସ ମେଣ୍ଟାଇବା ପାଇଁ କଡ଼ ଲେଉଟାଇବା— 2. To turn one's sides on the ground.
୩ । (କୌଣସି କାର୍ଯ୍ୟ) ଅସମ୍ପନ୍ନ ହୋଇ ବହୁକାଳ ପଡ଼ିରହିବା— 3. ( a work ) To be left undone for a long time.

**ଗଡ଼ତା**—ପ୍ରାଦେ. (ବାଙ୍କି) ବି—ମୁଠିଏ; ଅତି ଅଳ୍ପ ପରିମାଣ —
Gardatā Merely a handful; a little.

**ଗଡ଼ତିଆ**—ପ୍ରାଦେ. ( ସମ୍ବଲପୁର ) ବି—
Gardatiā ୧ । ଗଡ଼ ରକ୍ଷକ, ଜମିଦାର ଓ ଗଡ଼ନାୟକଙ୍କ ଉପାଧି—
(ଗଡ଼ତିଆଣୀ—ସ୍ତ୍ରୀ) 1. The title of the keeper of a castle, of Zamindars and Gardanāyakas.
୨ । କୁଲତା ଜାତିର ବଂଶୋପାଧିବିଶେଷ— 2. The family-title of 'Kultā' caste.

**ଗଡ଼ନ୍**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଗଠନ )—
Gardan ଗଢ଼ଣ ( ଦେଖ ) Gardhana ( See )

**ଗଡ଼ ନ ଉଠିବା**—ଦେ. କ୍ରି—ଗଡ଼ ପଡ଼ିବା ( ଦେଖ )
Garda na uthibā Garda pardibā ( See )

**ଗଡ଼ନାୟକ**—ଦେ. ବି—୧ । ଗଡ଼ରକ୍ଷୀ ପାଇକଙ୍କ ସର୍ଦ୍ଦାର—
Gardanāyaka 1. Head-guard of a fort.
୨ । ଗଡ଼ଜାତର ପାଇକମାନଙ୍କ ଉପାଧିବିଶେଷ — 2. A title given to Pāikas.

**ଗଡ଼ନ୍ତି**—ଦେ. ବି—କ୍ରମନିମ୍ନ ପଥ ବା ସ୍ଥାନ; ଢାଲୁ ରାସ୍ତା—
Gardanti Sloping road.
गड़ाने
**ढालु**
ପାପ ହ୍ରଦର କୂଳରେ ଗଡ଼ନ୍ତି ଚର୍କଣା କରିବାର କଠିନ ।
ରାଧାନାଥ. ବିବେକୀ ।

ଦେ. ବିଣ—ଗଡ଼ନ୍ତିଆ ( ଦେଖ ) Gardantiā ( See )

**ଗଡ଼ନ୍ତିଆ**—ଦେ. ବିଣ—କ୍ରମନିମ୍ନ; ଗଡ଼ାଣିଆ; ଢାଲୁ—
Gardantiā Sloping.
गड़ाने
**ढाल**

**ଗଡ଼ପ୍**—ଦେ. ବିଣ. ( ସଂ. ଗୋପନ )—
Gardap ୧ । ଗୋପନ କରାଯାଇ ଥିବା—
गाप् 1. Hidden; concealed; suppressed; hushed up.
**गड़प**
୨ । ହଜିଥିବା—2. Lost; missing.
୩ । ଅନିର୍ଦ୍ଦେଶ୍ୟ—3. Untraceable; untraced.
୪ । ଆତ୍ମସାତ୍କୃତ — 4. Misappropriated; embezzled.

**ଗଡ଼ପ୍ କରିବା**—ଦେ. କ୍ରି—୧ । କୌଣସି ବସ୍ତୁକୁ ଲୁଚାଇ ଦେବା—
Gardap karibā 1. To suppress or conceal anything.
गापकरा
**गड़पकरना** ୨ । କୌଣସି ଅପରାଧ ଘୋଡ଼ାଇଦେବା — 2. To suppress or hush up an offence.
୩ । ଟଙ୍କାଆଦି ଆତ୍ମସାତ୍ କରିବା — 3. To misappropriate; to embezzle.

**ଗଡ଼ପଡ଼**—ଦେ. ବି—ଗଡ଼ତପଡ଼ତ ( ଦେଖ )
Gardaparda Gardatapardata ( See )

**ଗଡ଼ପଡ଼ ହେବା**—ଦେ. କ୍ରି—ଗଡ଼ତପଡ଼ତ ହେବା ( ଦେଖ )
Gardaparda hebā Gardatapardata hebā (See)

**ଗଡ଼ପଡ଼ି**—ଦେ. ବି—ଗଡ଼ତପଡ଼ତ ( ଦେଖ )
Gardapardi Gardatapardata ( See )

**ଗଡ଼ ପଡ଼ିବା**—ଦେ. ବି—ରୋଗରୁ ବା ଖାଦ୍ୟାଭାବରୁ ଶରୀର ଅବସନ୍ନ ହେବା ଓ ଭୂମିରୁ ଉଠିବାକୁ ଶକ୍ତି ନ ରହିବା—
Garda pardibā
पापड़े याओया The body becoming reduced and losing the power of rising from the ground on account of disease or starvation.

ଦେ. କ୍ରି—ଗଡ଼ତପଡ଼ତ ହେବା ( ଦେଖ ) Gardatapardata hebā ( See )

**ଗଡ଼ ପଡ଼ିଯିବା**—ଦେ. କ୍ରି—ଗଡ଼ ପଡ଼ିବା ( ଦେଖ )
Garda pardijibā Garda pardibā ( See )

**ଗଡ଼ପଡ଼ି ହେବା**—ଦେ. କ୍ରି—ଗଡ଼ତପଡ଼ତ ହେବା ( ଦେଖ )
Gardapardi hebā Gardatapardata hebā ( See )

**ଗଡ଼ପାକ**—ଦେ. (ପ୍ରାଚୀନ) ବି—ନ୍ୟାଯ୍ୟାନୁମୋଦିତ ସାଂସାରିକ ବ୍ୟବହାର
Gardapāka ( ଗୋପୀନାଥ ନନ୍ଦ )—Wordly usage; common usage.

ଥିବ ନ ଥିଲେ ସାନ ବଡ଼ ପରିଯନ୍ତେ
ଗଡ଼ପାକ ଭିଆଣ ଅଛିର ଏହି ମତେ । କାମରତ୍ନଗୀତା ।

**ଗଡ଼ ଫଶର୍ (ଇତ୍ୟାଦି)**—ଦେ. ବିଣ—୧ । ଗଡ଼ପ୍ ଇତ୍ୟାଦି ( ଦେଖ )
Garda phaśar etc) 1. Gardap etc ( See )
୨ । ଗଡ଼ ଫସଲ ( ଦେଖ ) 2. Garda phasala ( See )

ସାଧାରଣ ଯେବେ ଅପର ପୃଷ୍ଠାରେ ସଚରେ ୧ ଚକ୍ଷୁ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ଷୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠି ଯଥାକ୍ରମେ ଚକ୍ଷୁର ବଦଳରେ ୨ ବା ୧ ଚକ୍ଷୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଧ୍ୟ ନ ପାଇଲେ 'ବଧ୍ୟ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

**ଗଡ଼ଫସଲ**—ଦେ. ବି. ( ଭୁଲ. ହି. ଦଗଲ୍ ଫସଲ୍ )—
Gardaphasala ୧ । ଭଣ୍ଡାଭଣ୍ଡି କରିବା—
दागाबाजी; गड़िमसि 1. Putting off on various excuses.
**दगल फसल** ୨ । ଦଗାବାଜି; ପ୍ରତାରଣା—2. Cheating.
୩ । କୌଣସି କାର୍ଯ୍ୟକୁ ହଁ କରିବା ହଁ କରିବା ବୋଲି ପକାଇ ରଖିବା—3. Putting off the accomplishment of an act from time to time.

**ଗଡ଼ବଡ଼**—ଦେ. ବି—ଗଡ଼୍‌ବଡ଼୍ ( ଦେଖ )
Gordabarda Gardbard ( See )
ତେବେ ଅଛ ଏ ଅଙ୍ଗନ ଭୂମିରେ କହ ଗଡ଼ବଡ଼ କାହିଁ କାହିଁକି ?
ମଧୁସୂଦନ. ଉତ୍ତରରାମଚରିତ ।

**ଗଡ଼ବଡ଼ି**—ଦେ. ବି—ଗଡ଼୍‌ବଡ଼୍ ( ଦେଖ )
Gardabardi Gardbard ( See )
ଏଇକ୍ଷଣି ବାହାଘର ଗଡ଼ବଡ଼ିରେ ଆଉ କହ ଠିକଣା ରହି ପାରୁ ନାହିଁ ।
ଉପାସ. ସୌରଭ ।

**ଗଡ଼ବନ୍ଧ**—ଦେ. ବି—ଗଡ଼ ବନ୍ଧନ; ଗଡ଼ ନିର୍ମାଣ—
Gardabanda The building of a fort.
गड़बन्दि
**गढ़बन्दी**
ଯାଜ ବସି ଭଣି; ଗଡ଼ବନ୍ଧ କହେ ଯୋଡ଼ଣ ପାଣି ।
ବଳ୍ପନାଥ. ଚତାସମାସ୍ୟଣ ।

**ଗଡ଼ବିଷାଇ**—ପ୍ରାଦେ. ( ହିନ୍ଦୁମ ) ବି—ଗଡ଼ ବା କିଲ୍ଲାର ତତ୍ତ୍ୱାବଧାରକ
Gardabishai ରାଜକୀୟ କର୍ମଚାରୀ—An overseer of a fort.

**ଗଡ଼ମ୍ ପକାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ବେଶ୍ରା ବା ଉଚ୍ଚ
Gardam pakaiba ମୂଲ୍ୟରେ କୌଣସି ଦ୍ରବ୍ୟକୁ ନେବାକୁ ଅନ୍ୟକୁ ବାଧ କରିବା—To force a person to purchase a thing at a very high price.

**ଗଡ଼ମଠ**—ଦେ. ବି—୧ । ବିଳମ୍ବ; ଡେରି—1. Delay.
Gardamatha ଗଡ଼ମଠ କରି ପାଠଶାଳା ଗଲେ ଅବଧାନେ ଦେବେ ଶପା ।
मठ ଗଜମଣି. ଚନ୍ଦ୍ରାବଳୀ ।
**टाल; टालमटोल** ୨ । ଦୀର୍ଘସୂତ୍ରତା—
2. Dilatoriness; procrastination.
୩ । ଟାଳମଟୁଳ; ହଁ କରିବା ହଁ କରିବା ବୋଲି କହି ବିଳମ୍ବ କରିବା—3. Putting off of a work for a long time.

**ଗଡ଼ମଠୁଆ**—ଦେ. ବିଣ. ପୁଂ—ମଠୁଆ; ଦୀର୍ଘସୂତ୍ରୀ—
Gardamathua Dilatory; procrastinating.
गैंतो
**लीचड़**
(ଗଡ଼ମଠୋଇ—ସ୍ତ୍ରୀ)

**ଗଡ଼ମଣ୍ଡଳ**—ସଂ. ବି. (ନାମ)—ମଧ୍ୟଭାରତର ରାଜ୍ୟବିଶେଷ—
Gardamandala Name of a kingdom in Central India; a part of Malwa.
[ ଦ୍ର—ଇତିହାସପ୍ରସିଦ୍ଧା ରାଣୀ ଦୁର୍ଗାବତୀ ସମୟରେ ଏହି ରାଜ୍ୟ ଖଣ୍ଡର ଅଧୀନସ୍ଥ ଥିଲେ । ]

**ଗଡ଼ମାରୁ**—ଦେ. ବି—୧ । ଡକାଇତି—1. Dacoity.
Gardamaru ୨ । ଗଡ଼ ଜୟ କରିବାରୂପ ଉତ୍ପାତ ବା କେଲାମାରା ଅତ୍ୟାଗ୍ରହ—2. Depredation ( like that of attacking a fort ).
**गढ़तोड़**
ଦେ. ବିଣ—୧ । ଅବିଶ୍ୱାସୀ—1. Treacherous.
୨ । ଡକାଇତିଯୁକ୍ତ ( କର୍ମ )—2. Robbing; (act) attended with robbery.
( ଯଥା—ଆମେ ତୁମର ଏପରି କି ଗଡ଼ମାରୁ କାମ କରିଛୁଁ ଯେ ତୁମେ ଆମ ଉପରେ ଏତେ ରାଗୁଛ । )

**ଗଡ଼ମାଳ**—ଦେ. ବି. ( ଭୁଲ. ଜଳମାଳ; ଉପରମାଳ )—
Gardamala ଗଡ଼ଜାତ ପରି ସ୍ଥାନ ବା ଅଞ୍ଚଳ—
Hilly country like the Gurjats.

**ଗଡ଼ମାଳି**—ଦେ. ବି—ଗଡ଼ମାଳିଆ ( ଦେଖ )
Gardamalia Gardamalia ( See )

**ଗଡ଼ମାଳିଆ**—ଦେ. ବି—୧ । ଗଡ଼ଜାତର ଧନୀ ଓ ରାଜଦ୍ୱାରରେ
Gardamali ସମ୍ମାନିତ ପରିବାର ବା ବଂଶ—
**गढ़वाल** 1. Rich and respectable family living in the Gurjats.
ମାଅ ସଂଅନ୍ତାଣୀ ରାଣୀ । ଦେଇଥିବ ଗଡ଼ମାଳିଆ ଘରେ ଲୋ,
ଗାଉଡ଼ ବୋହିବେ ପାଣି । ଶିଶୁରଞ୍ଜନ ଗୀତ ।
୨ । ଓଡ଼ିଆ ଭଣ୍ଡାରି ଜାତିର ଶାଖାଭେଦ—
2. A sect of Oriya barbers.
ଦେ. ବିଣ—ଗଡ଼ଜାତର ଅଧିବାସୀ ସମ୍ଭ୍ରାନ୍ତ ( ପରିବାର )—
( a family ) Respectable and residing in the Gardjats.

**ଗଡ଼ୟନ୍ତ**—ସଂ. ବି. ( ଗଡ଼ ଧାତୁ + ଣିଚ. ଅନ୍ତ )—ମେଘ—
Gardayanta Cloud.

**ଗଡ଼ୟିତ୍ନୁ**—ସଂ. ବି. (ଗଡ଼ ଧାତୁ + ଣିଚ. ଇତ୍ନୁ)—ଗଡ଼ୟନ୍ତ (ଦେଖ)
Gardayitnu Gardayanta (See)

**ଗଡ଼ରା**—ପ୍ରାଦେ. ( ସମ୍ବଲପୁର ) ବି—( ସଂ. ଗଡ୍ଡର )—୧ । ମେଣ୍ଢା—
Gardara 1. Ram; sheep.
୨ । ମାଈ ମେଣ୍ଢା—2 An ewe.

**ଗଡ଼ରେ**—ଦେ. କ୍ରି. ବିଂ—୧ । ସ୍ଥୂଳତଃ; ମୋଟାମୋଟି—
Gardare 1. Roughly; on the whole.
गड़े ୨ । ହାରାହାରି—2. On the average.

**ଗଡ଼ଲବଣ**—ସଂ. ବି—ଗଡ଼ଦେଶର ଖଣିରୁ ବା ପାହାଡ଼ରୁ ମିଳିବା
Gardalabana ଲୁଣ—A kind of rock-salt found in Central India.

**ଗଡ଼ା**—ଦେ. ବି. ( ସଂ. ଗାଢ଼ )—
Garda ୧ । ମୋଟ ଲୁଗାର ଥାନ—
गड़ा 1. A long piece of coarse cloth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଡ଼ଅ | ଢ |
| ୬ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଞ | ନ୍ |

୨ । ଉଚ୍ଚ ସଡ଼କ ଓ ବନ୍ଧ ଉପରୁ ତଳକୁ ଗାଡ଼ି ଆଦି ସହଜରେ ଓହ୍ଲାଇବା ନିମନ୍ତେ ପ୍ରସ୍ତୁତ ହୋଇଥିବା କ୍ରମନିମ୍ନ ପଥ; ଗଡ଼ାନେ ଢାଲ ଘୋସରା—2. A sloping road made to enable carts and people to descend from a high road or bandh.

ଗଡ଼ା ଲୁଢ଼କା ୩ । ଭୂମିରେ ଗଡ଼ିବା—
3. Rolling on the ground.

ଆଡ଼ଗଡ଼ା ଘେରା ୪ । ଗୃହବଗରେ କାଠବାଡ଼ ଘେରବେଷ୍ଟିତ ସ୍ଥାନ—
4. Enclosure; place enclosed by fence or railings.

୫ । ଯେଉଁ ନାଳଦ୍ୱାରା ପାଣି ଗଡ଼ାଇ ମାଛ ଧରାଯାଏ—
5. A channel in which fishes are caught after its water is drained.

ନଦୀ ପାଲା ୬ । ଡୁଡୁ ଖେଳରେ ଉଭୟ ପକ୍ଷ ଖେଳାଳିଙ୍କର ମଧ୍ୟବର୍ତ୍ତୀ ସୀମାନିର୍ଦ୍ଦେଶକ ରେଖା—
6. The line of demarkation just in the middle of the field of 'Doodoo' game.

ଦେ. ବିଣ. (ଅନ୍ୟ ଶବ୍ଦ ସଙ୍ଗେ ଲାଗେ—ଯଥା; ଭୂଇଁ ଗଡ଼ା)— ଲୋଟୁଥିବା; ଗଡ଼ୁଥିବା—Rolling on (such or such bed or land).

ଜଗଦେବ ଗାଦେ ବୋଇଲେ କର ମୋହେ ଅଳପ
ତଳପ-ଗଡ଼ାରେ—କବିସୂର୍ଯ୍ୟ- ସଙ୍ଗୀତ ।

ପ୍ରାଦେ. (ସମ୍ବଲପୁର) ବି—ନିଦା ଛୋଟ ଚକ ଲଗିଥିବା ଗାଡ଼ି; ଗୋଡ଼ୁଆ—A cart having small solid wheels.

**ଗଡ଼ାଇବା**—ଦେ. କ୍ରି—୧ । ଗଡ଼ିବାର ଣିଜନ୍ତରୂପ—
Gar**d**āibā 1.Causative form of Gar**d**ibā (to roll).

ଗଡ଼ାନ ୨ । କୌଣସି ତରଳ ବସ୍ତୁକୁ ଉଚ୍ଚ ସ୍ଥାନରୁ ନିମ୍ନକୁ ବୁହାଇବା—
2. To cause a liquid to run down or to flow down.

(ଯଥା—ଚାଳରୁ ପାଣି ଗଡ଼ାଇବା ।)

୩ । (ଚକ ପ୍ରଭୃତି) ବର୍ତ୍ତୁଳାକାର ପଦାର୍ଥକୁ ଭୂମିରେ ଗଡ଼ି କରାଇବା ବା ଲୋଟାଇବା—
3. To roll a round thing on the ground.

୪ । (ସମୟ) ଅତିକାନ୍ତ କରିବା; (ନିରୂପିତ କାଳକୁ) ଟପାଇବା—
4. To let the time pass.

୫ । (ମାଳାକୁ) ଗୋଟି ଗୋଟି କରି ଜପିବା—
5. To tell beads.

୬ । (ଶଗଡ଼ ଆଦିକୁ) ନିମ୍ନକୁ ଗଡ଼ି କରାଇବା—
6. To cause downward motion.

୭ । ବେଖାତିର କରିବା; ଅନାଦର କରିବା; ଏଡ଼ିବା—
7. To disregard.

ଏହୁ ସବାଙ୍କରୁ ମୁଁ କହୁଛି ଭୂଷକୁ
ନ ଗଡ଼ାଇବ ମୋର କଥାଟ ବୃଥାକୁ—କୃଷ୍ଣସିଂ. ମହାଭାରତ- ବର୍ଣ୍ଣ ।

୮ । ବଡ଼ ଗଛକୁ ବା କାଠକୁ ସାନ ସାନ ଗଡ଼ରେ ପରିଣତ କରିବା; ତାଳ ନଡ଼ିଆ ପ୍ରଭୃତି ଲମ୍ବା କାଠଗଣ୍ଡିକୁ ଖଣ୍ଡେ ଖଣ୍ଡେ ଗଡ଼ କରିବା; ଗଡ଼ ଗଡ଼ କରି କାଟିବା—
8. To cut into small lengths or pieces.

[ ଦ୍ର—ଧୋବାମାନେ ଜାଳକାଠକୁ ଚିରିବା ପୂର୍ବରୁ ଗୋଟିଏ ଗଛର ବଡ଼ ଗଣ୍ଡିକୁ ଖଣ୍ଡେ ଖଣ୍ଡେ ଗଡ଼ରେ ଗଡ଼ାନ୍ତି । ତା ପରେ ଉକ୍ତ ଗଡ଼ମାନଙ୍କୁ ଫାଳ ଫାଳ କରନ୍ତି । ]

୯ । ପାତ୍ରରୁ ତରଳ ବସ୍ତୁକୁ ତଳକୁ ଅଜାଡ଼ିବା—
9. To pour down (liquids).

୧୦ । ଶସ୍ୟଆଦି ପାଛୁଡ଼ିବା ସମୟରେ କୌଶଳପୂର୍ବକ କୁଲାକୁ ଚାଳିତ କରି ତହିଁରୁ ଗୋଡ଼ି ଆଦିକୁ ଶସ୍ୟରୁ ପୃଥକ୍ କରିବା; ଗୁରେଇଁବା—10. To cause pebbles etc slide down in the winnowing fan from the grains by skilful handling of the fan.

୧୧ । (ସଂ. ଗଡ଼ ଧାତୁ)—(ଆଖିରୁ ଲୁହ; ପାଟିରୁ ନାଳ) ବୁହାଇବା; ସ୍ରାବିତ କରିବା—
11. To shed; to let down (saliva from the mouth or tear from the eyes).

**ଗଡ଼ାଇ ଦେବା**—ଦେ. କ୍ରି—ଗଡ଼ାଇବା (ଦେଖ)
Gar**d**āi debā Gar**d**āibā (See)

**ଗଡ଼ାଇ ମାରିବା**—ଦେ. କ୍ରି—ଖାଦ୍ୟ ନ ଦେଇ ବା ଅଳ୍ପଖାଦ୍ୟ ଦେଇ
Gar**d**āi māribā କୌଣସି ବ୍ୟକ୍ତି ଛଟପଟ ହୋଇ ମରିବାର ଉପାୟ କରିବା—To cause a man to die of starvation.

**ଗଡ଼ାକାଟି**—ପ୍ରାଦେ. (ସିଂହଭୂମ) ବି—ନଳ—
Gar**d**ākāti Straw.

**ଗଡ଼ାଖୁରୁଡ଼**—ପ୍ରାଦେ. (ପୁରୀ) ବି—ଯେଉଁ ଝୁନା ଶୁଖିକରି ଖଡ଼େଇରୁ
Gar**d**ākhurur**d**a ସମ୍ପୂର୍ଣ୍ଣରୂପେ ଛାଡ଼ି ଯାଇ ଥିବାରୁ ଖଡ଼ଖଡ଼ ହୋଇ ବାଜୁଥାଏ—A cocoanut which has become completely dry and its kernel-ball separated from the outer shell.

**ଗଡ଼ାଗଡ଼ି**—ଦେ ବି—ଭୂମିରେ ପଡ଼ି ଦେହକୁ ଲୋଟାଇବା—
Gar**d**āgar**d**i Rolling on the ground.
ଗଡ଼ାଗଡ଼ି ବିଣ—ଭୂମିରେ ଲୁଣ୍ଠିତ—
ଲୁଢ଼କା Wallowing or rolling on the ground.

ଧସ୍ୱଧର ହୋଇଣ ଗଡ଼ାଗଡ଼ି ହେଲେ । କୃଷ୍ଣସିଂ. ମହାଭାରତ-ଆଦି ।

**ଗଡ଼ାଗଡ଼ି କରିବା**—ଦେ. କ୍ରି—ଭୂମିରେ ଲୁଣ୍ଠିତ ହେବା—
Gar**d**āgar**d**i karibā To roll on the ground.
ଗଡ଼ାଗଡ଼ି କରା (ଦେଓୟା),
ଲୁଢ଼କନା]

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ରୂଅ' ନ ମିଳିଲେ 'ରୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗଡ଼ାଗଡ଼ି ଦେବା**—ଦେ. କ୍ରି—ଗଡ଼ାଗଡ଼ି କରିବା ( ଦେଖ )
Gardagardi deba — Gardagardi kariba ( See )

**ଗଡ଼ାଗଡ଼ି ଯିବା**—ଦେ. କ୍ରି—ଗଡ଼ ଗଡ଼ ଗଡ଼ କରିବା; ଚକପରି ଘୂରି ଘୂରି ଗଡ଼ି କରିବା—To roll on.
Gardagardi jiba
ବଡ଼ ଗଣ୍ଡି ବାଟେ ଗଡ଼ାଗଡ଼ି ଯାଉଛି । ଉଦ୍ଧ. ବୈଦେହୀଶବିଳାସ ।

**ଗଡ଼ାଣି**—ଦେ. ବିଣ—ଗଡ଼ାଣିଆ ( ଦେଖ )
Gardani — Gardania ( See )
ଦେ. ବି—ଗଡ଼ନ୍ତି ( ଦେଖ )
Gardanti ( See )

**ଗଡ଼ାଣିଆ**—ଦେ. ବିଣ—୧ । ନିମ୍ନଗ—1. Sloping.
Gardania — ୨ । କ୍ରମନିମ୍ନ—2. Gradually descending.
ଗଡ଼ାନିୟା — ୩ । ଢାଲୁ—3. Slanting.
ଢାଲୁ

**ଗଡ଼ି**—ସଂ. ବି. ( ଗଡ଼୍ ଧାତୁ=କ୍ଷରିତ ହେବା + କର୍ତ୍ତୃ. ଇ )—
Gardi — ୧ । ବାଛୁରି—1. Calf.
୨ । ଅଳସ ପଶୁ; ମଠୁଆ ବଳଦ—
2. An idle beast; a lazy ox.
୩ । ଅମଣିଆ ବଳଦ—3. An unbroken ox; untrained ox.
୪ । ମୃଗଛୁଆ—4. A young deer.

ପ୍ରାଦେ. ( ପୁରୀ; ଗଡ଼ଜାତ ) ବି—୧ । ଶଗଡ଼; ବଳଦ ଗାଡ଼ି—
1. Bullock-cart; a vehicle drawn by oxen.
ଗୁଳ ବାଡ଼ିଦ ଗଡ଼ିମାନ ଭର, ଲଦା ବଳିଦ ହୋଇ ଲେଖା କର । ଦୁକନାଥ. ସମରତରଙ୍ଗ ।

କାଠେରଗୁଁଡ଼ି — ୨ । ଲମ୍ବ ଓ ମୋଟ କାଠ; ମୁଣ୍ଡି—
2. A log of timber.
୩ । ଘର ଚାଳର ଲମ୍ବ ପଟ୍ଟ ବା ଅଂଶ; ପଣ—
3. One of the long belts of a thatch of a house.

[ ଦ୍ର—ଘରର ଚାଳ ମଥାନ ବା ଭୁଜଠାରୁ ୨ ଅଡ଼କୁ ଢାଲୁ ହୋଇ ଢୁଆଣି ହୋଇଥାଏ । ଏକ ପାଖର ଢାଲୁ ଚାଳକୁ ପଞ୍ଚସ୍ତ ବୋଲାଯାଏ । ପ୍ରତି ପଞ୍ଚସ୍ତ ଚାଳରେ ଅନେକ ଲମ୍ବ ଲମ୍ବ ପଟ୍ଟ ଥାଏ । ଲମ୍ବ ପଟ୍ଟମାନଙ୍କୁ ଗଡ଼ି ବୋଲାଯାଏ । ଭୁଜ ବା ମଥାନକୁ ଲାଗିଥିବା ଗଡ଼ିକୁ 'କାନ୍ଧସ୍ତଗଡ଼ି' ବା 'କାନ୍ଧଗଡ଼ି' ଓ ତତ୍ପରବର୍ତ୍ତୀ ଗଡ଼ିକୁ 'କାନ୍ଧଆଗଡ଼ି' ଓ ତଳ ତଳର ଝଲନ୍ତ ଗଡ଼ିକୁ 'ମୂଳଗଡ଼ି ବା ମୂଳାଗଡ଼ି' ବୋଲାଯାଏ । ]

୪ । ସ୍ରୋତସ୍ୱତୀ ନଦୀର ଯେଉଁ ଉଚ୍ଚ ଅଂଶରୁ ଗଭୀରତର ନିମ୍ନ ଅଂଶକୁ ପାଣି ସ୍ରୋତ ଗଡ଼ି କରି ବହେ; ଘର—
4. Shallow part of a river with current from which water flows down.

**ଗଡ଼ିଆ**—ଦେ. ବି. ( ସଂ. ଗଡ଼୍ ଧାତୁ )—
Gardia — ୧ । କ୍ଷୁଦ୍ର ପୁଷ୍କରିଣୀ—1. Small tank.
ଗେଡ଼େ; ଗାଡ଼ା — [ ଦ୍ର—ଗଡ଼ିଆରେ ହଜାଇ ପୋଖରୀରେ ଖୋଜିବା ନ୍ୟାୟ; କୌଣସି ବସ୍ତୁକୁ ଏକ ସ୍ଥାନରେ ପକାଇ ଅନ୍ୟ ସ୍ଥାନରେ ତଲ୍ଲାସ କଲେ ଏ ନ୍ୟାୟର ଉପମା ଦିଆଯାଏ । ]
ତଲାବ

ଗଡ଼ିୟା, ଗଢ୍ୟେ — ୨ । ଗଡ଼ଜାତିଆ ଲୋକ; ଗଡ଼ୁଆ—
2 Man of the Gurjats.
୩ । ( ସଂ. ଗଡ଼ି=ମଠୁଆ ବଳଦ )—
ଯେଉଁ ବଳଦ ହଳ ବା ଶଗଡ଼ରେ ଯୋଗ ହେଲେ ଭୂଇଁରେ ଶୋଇ ପଡ଼େ ଓ ଗଡ଼େ ( ଚାଲେ ନାହିଁ )—
4. A bullock which has the habit of lying down on the ground when yoked to a cart or plough.

ପ୍ରାଦେ. ( ବାଲେଶ୍ୱର ) ବି—ବଡ଼ ମାକଡ଼ସା—
Big spider.

ଦେ. ବିଣ—୧ । ଗଡ଼ଜାତିଆ; ଗଡ଼ୁଆ—
1. Belonging to the Gurjats.
୨ । ଗଡ଼ ସମ୍ବନ୍ଧୀୟ—2. Pertaining to a fort.

**ଗଡ଼ିଏ**—ଦେ. ବି ଓ ବିଣ. ( ଅବଧାର୍ଥ )—
Gardie — ଏକଗଡ଼ି ମାତ୍ର; ଗଡ଼େ—
One piece or bit only.
ପ୍ରାଦେ. (ପୁରୀ) ବି ଓ ବିଣ—ଏକ ଗାଡ଼ି ପରିମିତ—
One cart-load of a thing.

**ଗଡ଼ିଗଡ଼ିକା ଖେଳ**—ଦେ. ବି—ପିଲାମାନଙ୍କର ଭୂଇଁରେ ଗଡ଼ି ଗଡ଼ି ଖେଳିବା ଏକପ୍ରକାର ଖେଳ—
Gardigardika khela
ଗଡ଼ାଗଡ଼ି ଖେଳା — A sort of play in which children go on rolling on the ground.

**ଗଡ଼ିଧରଣା**—ପ୍ରାଦେ. ( ସମ୍ବଲପୁର ) ବି—
Gardidharsa — ଶଗଡ଼ ଯିବାର କଚ୍ଚା ରାସ୍ତା—
Cutcha road for carts; cart-road.

**ଗଡ଼ିପଡ଼ିବା**—ଦେ. କ୍ରି—ଉଚ୍ଚ ଯାଗାରୁ ତଳକୁ ପଡ଼ିଯିବା—
Gardipardiba — To roll or fall down from high.
ଗଡ଼ିୟେଆସା
ଗିରନା

**ଗଡ଼ିବତା**—ଦେ. ବି—ଯେଉଁ ଫାଳିଆ ବାଉଁଶ ଦିଆଯାଇ ଛପରର ଗଡ଼ିର
Gardibata — ନିମ୍ନଭାଗ ଚାଳର ରୁଅ ଆଦି ସଙ୍ଗେ ବନ୍ଧା ହୋଇ ଲାଗି ରହେ ଅର୍ଥାତ୍ ଉଡ଼ିକରି ଯାଏ ନାହିଁ; ଗଡ଼ବତା—
Split bamboo put on the thatch to keep a belt of the thatch tight to the frame.

**ଗଡ଼ିବଡ଼ି**—ପ୍ରାଦେ. ( ଗଞ୍ଜାମ ) ବିଣ—ବ୍ୟତିବ୍ୟସ୍ତ—
Gardibardi — Troubled.
( ଯଥା—ଜ୍ୱର ହେଉଥିବାରୁ ସେ ଲୋକଟି ବଡ଼ ଗଡ଼ିବଡ଼ି ହେଲା । )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ହ୍ଵ | ଛ | ଏ | ହସନ୍ତବର୍ଣ୍ଣ | ଅନନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ଁ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

**ଗଡ଼ିବା**— ଦେ. କ୍ରି. ( ସଂ. ଗଡ଼୍ ଧାତୁ; ଗଲ ଧାତୁ )—
Gar̤dibā — ୧ । ଲୁଣ୍ଠିତ ହେବା; ଭୂମିରେ ଲୋଟିବା—
गड़ा — 1. To roll or wallow on the ground.
लुड़कना, गिरना

ଭୃଙ୍ଗେ ସେ ତରୁଣୀ ଶୁଳିବା ସରଣୀ ପଙ୍କଜେ ଗଡ଼ିବା ଜାଗିଲେ ।
ବଳଦେବ. ସଙ୍ଗୀତ ।

୨ । ( କାଳ ) ଅତିବାହିତ ହେବା; ଟପିଯିବା—
2. To expire (time.)

୩ । ଅତିକ୍ରାନ୍ତ ହେବା—2. To pass.

ଦିନ ତିନ ପହର ଗଡ଼ି ଗଲାଣି । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୪ । ଉପରୁ ତଳକୁ ଖସିବା—
4. To come down or fall down.

ଧନୁ ଛାଡ଼ି ଣ ରଥରୁ ଗଡ଼ିଲେ । ଜଗନ୍ନାଥ. ବଡଦାଣ୍ଡମହାପୁରାଣ ।

୫ । ( ଶଗଡ଼ଚକ ଓ ବଲ୍ ଆଦି ) ଭୂମିରେ ଘୂରି ଘୂରି ଗତି କରିବା—5. To move in a wheeling or rolling manner.

୬ । ( ଜଳସ୍ରୋତ ) ଉପରୁ ତଳକୁ ବହିବା—
6. To flow down (current).

୭ । ମନୁଷ୍ୟର ଆଖିରୁ ଲୁହ ଓ ପାଟିରୁ ନାଳର ଧାର ବହିବା.
7. To be shed or to trickle down (said of tear or saliva).

୮ । (ଖାଦ୍ୟାଭାବରୁ ଭୋକରେ ଶବ ପରି ଭୂମିରେ ଲୋଟିବା ବା ଛଟପଟ ହେବା —8. To starve; to famish.

୯ । ( ଖାଦ୍ୟ ) ଜୀର୍ଣ୍ଣ ନ ହୋଇ ପେଟରେ ଗଡ଼ଗଡ଼ ହେବା ବା ମନ୍ଥିତ ହେବା—9. (undigested food) To roll in the stomach.

୧୦ । ରଙ୍କ ପରି ହେବା—10. To act like a famished person.

୧୧ । ( ହିଂସ୍ରଜନ୍ତୁ ) ପର୍ବତ ବା ଅରଣ୍ୟ ପ୍ରଦେଶରୁ ନିମ୍ନଭୂମିକୁ ବା ଗ୍ରାମକୁ ଆସିବା—
11 ( wild animal ) To come down from the hill to the forest or the plains.

୧୨ । ଓହ୍ଲାଇ ଆସିବା—
12. To descend; to come down.

୧୩ । ଆସିବା—13. To come.

( ଯଥା— ସମାଗତ ବନ୍ଧୁବାନ୍ଧବମାନେ ଗ୍ରାମର କାହା ଘରକୁ ଆସିଲେ ସମସ୍ତରେ ସ୍ତ୍ରୀଲୋକକୁ (ଗ୍ରାମର କୋଠଘରକୁ) ଗଡ଼ିଆସନ୍ତି ।)

୧୪ । ( ବର୍ତ୍ତୁଳବସ୍ତୁ ) ଇତସ୍ତତଃ ସଞ୍ଚାଳିତ ହେବା—
14. To roll here and there on the ground.

୧୫ । ରୋଗ ଯୋଗୁଁ ଦେହର କୌଣସି ଅଂଶରୁ ଜଳ ବା ରକ୍ତ ଅନ୍ୟ ଅଂଶରେ ଆସି ଜମା ହେବା—
15. ( blood and lymph ) To accumulate in any particular part of the body.

୧୬ । କୌଣସି ସ୍ଥାନରେ ଆସି ଉପସ୍ଥିତ ହେବା—
16. To come and arrive at a place.

ବଣରୁ ଗୋପି, ବେଳକାଳ ଜାଣି ଗଡ଼ିଲେ ଗୋପୀ—ଦୀନ ।

୧୭ । ( ଗୋଲ ବସ୍ତୁ, ଯଥା—ମନୁଷ୍ୟମୁଣ୍ଡ; ବାଇଗଣାଦି ) ବହୁ ପରିମାଣରେ ଇତସ୍ତତଃ ପଡ଼ିବା—
17. To lie scattered.

୧୮ । ନିଦ ନ ଲାଗିବାରୁ ଶେଯରେ ପଡ଼ି ଏପଟ ସେପଟ ହେବା; ଗଡ଼ୁଗଡ଼ୁ ହେବା—
18. To roll on the bed sleeplessly.

ଗଡ଼ୁଥିଲା ବାଳା ଶଯ୍ୟାରେ ତନୁକୁ ଏପଟେ ସେପଟେ ରଖି—
ରାଧାନାଥ. ଯଯାତିକେଶରୀ ।

୧୯ । ( ତାରିଖ ) ସ୍ଥଗିତ ହେବା—
19. To be adjourned.

ବହୁ ଗରଜପତ୍ର କଲେ ତେର ଦିନ ଯାଏ ମାମଲା ତାରିଖ ଗଡ଼ି ଯିବ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨୦ । ଗର୍ଭାଧାନ ଯୋଗୁଁ ( ମାସ ବା ମାସିକ ଋତୁକାଳର ) ସମୟ ଟପିଯିବା—
20. ( the time of monthly course ) To be stopped owing to pregnancy.

[ ଦ୍ର—ଏହି ଅର୍ଥରେ ଗଡ଼ିବା ଶବ୍ଦ 'ମାସ ଗଡ଼ିବା'ରେ କେବଳ ବ୍ୟବହୃତ ହୁଏ । ଯଥା— ଚାରି ମାସ ଗଡ଼ିଲାଣି = ସେ ଗର୍ଭବତୀ ହେଲାଣି । ]

**ଗଡ଼ି ମରିବା**—ଦେ. କ୍ରି—ଅନାହାରରେ ମରିବା; ଖାଦ୍ୟାଭାବରୁ ଛଟପଟ ହୋଇ ପ୍ରାଣ ତ୍ୟାଗ କରିବା—
Gar̤di maribā — To die rolling on the ground owing to starvation; to be starved to death.

**ଗଡ଼ିଯିବା**—ଦେ. କ୍ରି. ( ଜାହାଜୀଆ ଭାଷା )—
Gar̤dijibā — (ଜାହାଜ) କୂଳ ଛାଡ଼ି ଗଭୀର ସମୁଦ୍ରର ସୀମାକୁ ଯିବା—
( a ship ) To go to deep waters.

ଆଜି ତେର ଜାହାଜ ଗଡ଼ି ଯିବାର ସ୍ଥିର ହୋଇଅଛି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଗଡ଼ିରହିଏନ୍**—ପ୍ରାଦେ. ( ସମ୍ବଲପୁର ) ବି—
Gar̤dirāhāen — ଗଡ଼ିଧର୍ଷା ( ଦେଖ )
Gar̤didharsā ( See )

**ଗଡ଼ିଶ**—ଦେ. ବି. ( ସଂ. ଗଡ଼ିକ )—ଗଡ଼ିଶା ( ଦେଖ )
Gar̤disa — Gar̤disā ( See)

**ଗଡ଼ିଶା**—ଦେ. ବି. ( ସଂ. ଗଡ଼ିକ )—ଶେଉଳ ଜାତୀୟ ଛୋଟ ମାଛ—
Gar̤disā — ( Opheocephalus Lata ) A small round-shaped fresh-water fish living in muddy water.
गड़ई; गड़ाई; गड़ुई; नेठामाछ

ଗରେଇ [ ଦ୍ର—ଏମାନେ ପାଣିରେ ଓ ପଙ୍କରେ ମଧ୍ୟ ରହି ପାରନ୍ତି । ଶେଉଳ ( ବଡ ), ଶେଉଳକଡ଼ା ( ମଧ୍ୟମ ), ଗଡ଼ିଶା ( ଛୋଟ )

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଓ ତେଙ୍ଗ ( ଅତି ଶ୍ରେଷ୍ଠ ), ଏମାନେ ପ୍ରାପ୍ତ ଏକ ଜାତିର ମାଛ; ଏମାନଙ୍କର ମୁଣ୍ଡ ଚେପ୍ଟା ଓ ଦେହ ଗୋଲ । ]

ପ୍ରାଦେ. ( ଗଞ୍ଜାମ ) ବି—ଛଅଗଣ୍ଡି ପୌଣ୍ଟି ବା ସାତ ଭରଣ ଅଧେ ଶସ୍ୟାଦିର ପରିମାଣ—

A measure of corn.

[ ଦ୍ର—୧. ଗଡ୍ଡିଶା=କଟକୀ ଆଠ ସେରିଆ ନଉତିରେ ୧୫୦ ନଉତି । ]

**ଗଡ୍ଡୁ**—ସଂ. ବି. ( ଗଡ଼ ଧାତୁ=କ୍ଷରିତ ହେବା+କର୍ତ୍ତୃ. ଉନ୍; ୧ମା. ୧ବ )—୧ । ପିଠିର କୁବ୍ଜ—
Gar̲du

1. Hump or protuberance on the back.

୨ । ପିଠିର ଯେଉଁ ଅଂଶ ଉପରକୁ ବାହାରି ପଡ଼େ—

2. Humped back.

୩ । ଅନ୍ତର୍ଗଡ୍ଡୁ; ବେଦର୍କାରୀ ବସ୍ତୁ—

3. An useless thing.

୪ । ଅର୍ବୁଦ; ଶରୀରର ଅବୁ—4. Tumour.

୫ । ଗଳଗଣ୍ଡ—5. Goitre.

୬ । ଗ୍ରନ୍ଥି; ଗଣ୍ଠି—6. A knot.

୭ । କୁଜା ବ୍ୟକ୍ତି—7. Hump-backed person.

୮ । କେଞ୍ଚୁଆ; ଜିଆ—8. Earth-worm.

୯ । ବର୍ଚ୍ଛା—9. A javelin.

୧୦ । ଶଲ୍ୟାସ୍ତ୍ର—

10. A kind of weapon; a dart.

୧୧ । ଜଳପାତ୍ର—11. Water-pot.

ସଂ. ବିଣ—କୁବ୍ଜ; କୁଜା—Hump-backed; crooked.

ଦେ. ବି. (ସଂ. ଗଡ୍ଡୁ; ଗଡ୍ଡୁକ; ଗଳନ୍ତିକା )—
ଗାଡୁ ପାଣି ଗଳିବା ପାଇଁ ନଳ ଲାଗିଥିବା ଜଳପାତ୍ରବିଶେଷ; ଝରି—
ଗଡୁଆ

A spouted water-jug.

ଏ ବାହାରେ ସ୍ୱର୍ଣ୍ଣ ଗଡ୍ଡୁ ପାତ୍ରମାନ । କୃଷ୍ଣସିଂ. ମହାଭାରତ. ସଭା ।

ପ୍ରାଦେ. ( ସମ୍ବଲପୁର ) ବି—ଲୋଟା; ଠାଳ; ଧାତୁର ସଟ୍ଟ—

A small metal water-jug.

**ଗଡ୍ଡୁଆ**—ଦେ. ବି. ( ସଂ. ଗଡ୍ଡୁକ )—
Gar̲dua ୧ । ଗଡ୍ଡୁ; ଝରି—1. A spouted water-jug.
ଗାଡୁ ଗଡ୍ଡୁଆ ଗାଗରୀ କେତେ ବାସନ
ଗଡୁଆ କେତେ ଯାତ ଦେଲେ ହୋଇ ପ୍ରସନ୍ନ । ବ୍ରଜନାଥ. ସମରତରଙ୍ଗ ।

ଦେ. ବିଣ—୧ । ଗଡ୍ଜାତବାସୀ (ବ୍ୟକ୍ତି)—

1. Resident of the Gar̲dajātas.

ସେହି ସୈନ୍ୟରେ ଥିଲେ ଯେତେ ଗଡ୍ଡୁଆ
ଶତ୍ରୁକରେ ଗୋଟିଏ କଲେ ସେ ଚାଡ୍ଡୁଆ ।
କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

୨ । ଗଡ୍ଜାତର ରାଜଧାନୀ ବା ଗଡ଼ରେ ବାସ କରୁଥିବା (ବ୍ୟକ୍ତି)—

2. Resident of the capital of a native state.

**ଗଡ୍ଡୁକ**—ସଂ. ବି. ( ଗଡ୍ଡୁ+କ )—
Gar̲duka ୧ । ଜଳପାତ୍ର; ଠାଳ—1. Water-jug.
୨ । ହାତ ଅଙ୍ଗୁଠିର ମୁଦି—2. Finger-ring.

**ଗଡ୍ଡୁପାତ୍ରି**—ଦେ. ବି. ( ଦ୍ୱନ୍ଦ୍ୱ )—ବ୍ରାହ୍ମଣମାନଙ୍କ ପୂଜାର ୨ଟି ପ୍ରଧାନ
Gar̲dupātri ବାସନ ( ଉପକରଣ ); ବେଶି ପାଣି ରଖିବାର ଝରି
କୋଷାକୁଶୀ ଓ ଝରିରୁ ପାଣି ଢାଳି ସଙ୍କଳ୍ପ ଆଦି କରିବା ନିମନ୍ତେ ଆବଶ୍ୟକ ପାତ୍ରୀ—

A large spouted water- jgu and a small boat-shaped pot necessary for the performance of ceremonial rites by a Brāhmaṇa.

**ଗଡ୍ଡୁପିଢ଼ା**—ଦେ. ବି. ( ଦ୍ୱନ୍ଦ୍ୱ )—ବ୍ରାହ୍ମଣମାନଙ୍କର ଖାଇବସିବା ବେଳେ
Gar̲dupir̲dhā ପ୍ରୟୋଜନୀୟ ଜଳପାତ୍ର ଓ କାଷ୍ଠ ଆସନ—

A spouted water-jug and wooden seat necessary for a Brāhmaṇa while dining.

( ଯଥା—ପଦ୍ମରାଜ ଅପଣେ ! ଗଡ୍ଡୁପିଢ଼ା ନେଇ ପୀତାମ୍ବର ମିଶ୍ରଙ୍କ ଗଙ୍ଗଡ୍ଡି ସଙ୍ଗରୁ ଆସିବା ହଉ । )

**ଗଡ୍ଡୁର**—ସଂ. ବି. ପୁଂ. ( ଗଡ୍ଡୁ=କୁବ୍ଜ+ଅସ୍ତି ଅର୍ଥରେ. ର )—
Gar̲dura କୁବ୍ଜ; କୁଜା—Hump-backed.
(ଗଡ୍ଡୁରୀ—ସ୍ତ୍ରୀ) ଗ୍ରା. ( ଉତ୍ତର ) ବି. ( ସଂ. ଗରୁଡ଼ର ଅଶୁଦ୍ଧ ଉଚ୍ଚାରଣ )—ଗରୁଡ଼ ପକ୍ଷୀ—

The sacred bird of Bishṇu.

**ଗଡ୍ଡୁଲ**—ସଂ. ବି. ପୁଂ. ( ଗଡ୍ଡୁ=କୁବ୍ଜ+ଅସ୍ତ୍ୟର୍ଥେ. ଲ )—
Gar̲dula ଗଡ୍ଡୁର ( ଦେଖ )
(ଗଡ୍ଡୁଲା—ସ୍ତ୍ରୀ) Gar̲dura ( See )

**ଗଡ୍ଡେ**—ଦେ. ଅ—ଗଡ୍ଡରେ ( ଦେଖ )
Gar̲de Gar̲dare ( See )
ଗଡ଼େ ଦେ. ବି ଓ ବିଣ—ଏକ ଗଡ଼ ବା ଖଣ୍ଡ—

One piece only.

**ଗଡ୍ଡେଇ**—ଦେ. ବି. (ସଂ. ଗଡ୍ଡକ)—ଗଡ୍ଡିଶା ( ଦେଖ )
Gar̲dei Gar̲disā ( See )

**ଗଡ୍ଡେଇତଡ୍ଡେଇ ମାରିବା**—ଦେ. କ୍ରି—ଗୋଟିଏ ବ୍ୟକ୍ତି ଭୂମିରେ ପଡ଼ିବା
Gar̲deitar̲dei māribā ଓ ଗଡ଼ୁଥିବା ଅବସ୍ଥାରେ ତାକୁ ନିର୍ଦ୍ଦୟ
ଗଡ଼ିଯେ ଗଡ଼ିଯେ ମାରା ମାଡ଼ ଦେବା—To belabour a person soundly while he is rolling on the ground.

**ଗଡ୍ଡେଇତଡ୍ଡେଇ ହେବା**—ଦେ. କ୍ରି—ଭୂମିରେ ଉପର୍ଯ୍ୟୁପରି ପାର୍ଶ୍ୱ-
Gar̲deitar̲dei hebā ପରିବର୍ତ୍ତନ କରି ଲୋଟିବା—
ଗଡ଼ାଗଡ଼ି ଦେଓଯା To roll or wallow on the ground.
ଲୋଟନା, ଲୁଢ଼କନା

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୠ | ନ୍ଦୃ |

ଗଡ୍ଡେଇପଡ୍ଡେଇ ମାରିବା—ଦେ. କ୍ରି—ଗଡ୍ଡେଇ ତଡ୍ଡେଇ ମାରିବା
Gardeipardei māribā ( ଦେଖ )
Gardei tardei māribā ( See )

ଗଡ୍ଡେଇପଡ୍ଡେଇ ହେବା—ଦେ. କ୍ରି—ଗଡ୍ଡେଇତଡ୍ଡେଇ ହେବା
Gardeipardei hebā ( ଦେଖ )
Gardeitardei hebā ( See )

ଗଡ୍ଡେର—ସଂ. ବି. ( ଗଡ୍ ଧାତୁ + କର୍ତ୍ତୃ. ଏର )—୧ । ମେଣ୍ଢା—
Gardera 1. A ram.
୨ । ଜଳସ୍ରୋତଃ—2. Current of water.
୩ । ମେଘ—3. Cloud.

ଗଡ୍ଡୋତ୍ଥ—ସଂ. ବି. ( ଗଡ୍=ଗଡ୍ମଣ୍ଡଳ ଦେଶରୁ + ଉତ୍ଥ=ଉତ୍ପନ୍ନ )—
Gardottha ଗଡ୍ଡଲବଣ ( ଦେଖ )
Gardalabana ( See )

ଗଡ୍ଡୋଲ—ସଂ. ବି. ( ଗଡ୍ ଧାତୁ=କ୍ଷରିତ ହେବା + ଓଲ )—
Gardola ୧ । ଗ୍ରାସ; ଗୁଣ୍ଡା—
1. A gulp or mouthful ( of food ).
୨ । ଗୁଡ଼—2. Molasses.

ଗଡ୍ଡୁକ—ସଂ. ବି. (ଗଡ୍ ଧାତୁ + ଉକ)—ସୁନାର କୁମ୍ଭ; ସ୍ୱର୍ଣ୍ଣଘଟ—
Gaddaka A golden vase.

ଗଡ୍ଡର—ସଂ. ବି. ( ଗଡ୍ ଧାତୁ=କ୍ଷରିତ ହେବା + କର୍ତ୍ତୃ. ଅର )—
Gaddara ୧ । ମେଷ; ମେଣ୍ଢା; ଗାଡ଼ର—1. Sheep; ram.
୨ । ମେଘ—2. A cloud.
୩ । ଗୁଡ଼—3. Molasses; raw sugar.

ଗଡ୍ଡରିକ—ସଂ. ବିଣ. (ଗଡ୍ଡର + ଇକ)—ମେଣ୍ଢା ସମ୍ବନ୍ଧୀୟ—
Gaddarika Relating to sheep.
ସଂ. ବି—ମେଣ୍ଢା ରଖିବା ଯାହାର ବ୍ୟବସାୟ—
A keeper of sheep by profession

ଗଡ୍ଡରିକା—ସଂ. ବି. (ଗଡ୍ଡର + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—
Gaddarikā ୧ । ମେଣ୍ଢା ପଲ ଆଗରେ ଯିବା ମେଣ୍ଢୀ—
1. The leading ewe in a flock.
୨ । ପ୍ରବାହ; ସ୍ରୋତ—2. A current; continuous line; stream.
୩ । ଅବିଚ୍ଛିନ୍ନଗତି, ଅଜ୍ଞାତପ୍ରବାହ ମୂଳଧାରବାହିନୀ ନଦୀ-ବିଶେଷ—3. Name of a river of untraced origin.
୪ । ଜଳପ୍ରସ୍ରବଣ—4. Water-spring.

ଗଡ୍ଡରିକା ପ୍ରବାହ—ସଂ. ବି—ଆଗମେଣ୍ଢାର ପିଛାଧରି ଅନୁଗମନ କରିବା
Gaddarikā prabāha ମେଣ୍ଢାମାନଙ୍କ ସ୍ରୋତଃ—
The run of a flock of sheep.
[ ଦ୍ର—ଯେଉଁପରି ମେଣ୍ଢାପଲ ମଧ୍ୟରୁ ଆଗ ମେଣ୍ଢା ଯେଉଁ ଆଡ଼କୁ ଯାଏ, ପଲର ଅନ୍ୟ ସମସ୍ତ ମେଣ୍ଢା ବିଚାର ନ କରି ତାହାର ପଛେ ପଛେ ସେହି ଆଡ଼କୁ ଗତି କରନ୍ତି, ସେହିପରି କୌଣସି ପ୍ରଧାନ ଲୋକ ଯାହା କରେ ଅନ୍ୟ ବ୍ୟକ୍ତିମାନେ ଆଗ ପଛ ବିଚାର କରି ତାଙ୍କର କଥାର ଅନୁବର୍ତ୍ତୀ ହେଲେ 'ଗଡ୍ଡରିକା ପ୍ରବାହ' ନ୍ୟାୟ ବୋଲି ଉଲ୍ଲେଖ କରାଯାଏ । ]

ଗଡ୍ଡଳ—ସଂ. ବି.—(ଗଡ୍ ଧାତୁ=କ୍ଷରିତ ହେବା + ଅଳ)—
Gaddala ଗଡ୍ଡର (ଦେଖ)
Gaddara (See)

ଗଡ୍ଡଳିକା—ସଂ. ବି. (ଗଡ୍ଡଳ + କ + ସ୍ତ୍ରୀ. ଆ)—ଗଡ୍ଡରିକା (ଦେଖ)
Gaddalikā Gaddarikā (See)

ଗଡ୍ଡଳିକା ପ୍ରବାହ—ସଂ. ବି.—ଗଡ୍ଡରିକା ପ୍ରବାହ (ଦେଖ)
Gaddalikā prabāha Gaddarikā prabāha (See)

ଗଡ୍ଡୁକ—ସଂ. ବି. (ଗଡ୍ ଧାତୁ + ଉକ)—ଗଡ଼ୁ; ଝୁରି—
Gadduka A spouted water-jug.

ଗଡ୍ଡୂକ—ସଂ. ବି.—(ଗଡ୍ ଧାତୁ + ଊକ)—ଗଡ୍ଡୁକ (ଦେଖ)
Gaddūka Gadduka (See)

ଗଢ—ପ୍ରାଦେ. (ଗଡ଼ଜାତ) ବି.—(ଭୁଲ. ହି. ଗଢ଼ ଏହି ଅର୍ଥରେ; ସଂ. ଗଡ଼)—ଗଡ଼; କିଲ୍ଲା—Fort; head-quarters.
Gardha

ଗଢ଼ଣ—ଦେ. ବି. (ସଂ. ଗଠନ; ଘଟନ)—୧ । ନିର୍ମାଣ—
Gardhana 1. Building.
ଗଢ଼ନ୍; ଗଡ଼ନ ୨ । ରଚନା; ଗଢ଼ିବା—
ଗଢ଼ନ 2. Making.
୩ । ରଚନାର କୌଶଳ ବା ଶ୍ରୀ ବା ଭଙ୍ଗୀ—
3. Build; get-up; make.

ଗଢ଼ନ୍—ପ୍ରାଦେ. (ସମ୍ବଲପୁର) ବି.—ଗଢ଼ଣ (ଦେଖ)
Gardhan Gardhana (See)

ଗଢ଼ନ୍ମୂଲ୍—ପ୍ରାଦେ. (ସମ୍ବଲପୁର) ବି.—ଗଢ଼ାମୂଲ; କରମୂଲ; ଅଳଙ୍କାର
Gardhanmūl ବାସନଆଦିର ଗଢ଼ାମୂଲ—Making charges for an article.

ଗଢ଼ା—ଦେ. ବି.—(ସଂ. ଗଠନ)—ଗଠନ; ନିର୍ମାଣ; ରଚନ—
Gardhā Building.
(ଭଙ୍ଗା—ବିପରୀତ) ବିଣ.—ନିର୍ମିତ; ରଚିତ—
ଗଡ଼ା Built.
ଗଢ଼ାଇଁ ବସନ ଭୂଷଣ ଯେତେ ଗଢ଼ା ସୌରଭରେ । ଜଗନ୍ନାଥ. ମହାଯାତ୍ରା
ପ୍ରାଦେ. (ବାଲେଶ୍ୱର) ବି.—ଗର୍ତ୍ତ; ଗାତ—Pit.
(ଯଥା—ଖତଗଢ଼ା ।)

ଗଢ଼ାଇବା—ଦେ. କ୍ରି.—୧ । ଗଢ଼ିବାର ଣିଜନ୍ତ ରୂପ—
Gardhaibā 1. The causative form of 'Gardhibā.'
ଗଡ଼ାନ
ଗଢ଼ାନା ୨ । ରଚନା କରାଇବା; ନିର୍ମାଣ କରାଇବା—
(ଭଙ୍ଗାଇବା—ବିପରୀତ) 2. To cause to be built; to cause to be made.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । କାରିଗରଦ୍ୱାରା ଅଳଙ୍କାର ନିର୍ମିତ କରାଇବା—
3. To have a thing prepared.

ସୁନାରକୁ ଢାଳଣ ଗଢ଼ାଅ ବୋଇଲେ । କୃଷ୍ଣସିଂହ. ମହାଭାରତ. ବନ ।

୪ । ମିଥ୍ୟା ପ୍ରମାଣଦ୍ୱାରା ମକଦ୍ଦମା ସଜାଇବା—
4. To cause a false case to be got up or fabricated.

**ଗଢ଼ାଗଢ଼ି**—ଦେ. ବି—୧ । ନିର୍ମାଣପ୍ରକ୍ରିୟା; କୌଣସି ବସ୍ତୁ ସମ୍ପୂର୍ଣ୍ଣଭାବରେ ନିର୍ମିତ ହେବା ନିମନ୍ତେ ପ୍ରୟୋଜନୀୟ ପ୍ରକ୍ରିୟାମାନ—
Gardhāgardhi
ଗଡ଼ାଗଡ଼ି
1. Building-operations.
ଗଢ଼ାଗାଢ଼ି
୨ । ଅନେକ ବସ୍ତୁ ଗଢ଼ିବା କର୍ମ—
2. The act of making many thing.

**ଗଢ଼ାଭଙ୍ଗା**—ଦେ. ବି. ( ବିପରୀତାର୍ଥକ ସହଚର; ସଂ. ଗଠ ଧାତୁ + ଭନ୍ଜ୍ ଧାତୁ )—
Gardhābhangā
ଭାଁଗାଗଡ଼ା
ନିର୍ମାଣ ଓ ଧ୍ୱଂସ; ସୃଷ୍ଟି ଓ ପ୍ରଳୟ—
Building and demolishing.

**ଗଢ଼ାମୂଲ**—ଦେ. ବି. ( ସଂ. ଗଠନ + ମୂଲ୍ୟ )—
Gardhāmūla
ବାନୀ
ଗଢ଼ାଇ
୧ । ଅଳଙ୍କାର ପ୍ରସ୍ତୁତ କରିବା ବଣିଆର ମଜୁରି—
1. Wages of a goldsmith for making an ornament.
୨ । ବସ୍ତୁ ତିଆରି କରିବାର ମୂଲ—
2. Manufacturing wages.

**ଗଢ଼ାଳି**—ଦେ. ବିଣ. ( ସଂ. ଗଠ ଧାତୁ )—
Gardhāli
ଗଢ଼ୈୟା
ନିର୍ମାତା; ରଚୟିତା; ଯେ ନିର୍ମାଣ କରେ—
Builder; maker.

**ଗଢ଼ିବା**—ଦେ. କ୍ରି. ( ସଂ. ଗଠ୍ ଧାତୁ )—
Gardhibā
ଗଢ଼ା
ଗଢ଼ନା
୧ । ଗଠନ କରିବା; ନିର୍ମାଣ କରିବା—
1. To build.
୨ । ଅଳଙ୍କାର ଆଦି ପ୍ରସ୍ତୁତ କରିବା—
2. To mould.
୩ । ସୃଷ୍ଟି କରିବା—3. To construct.
୪ । ଉପାଦାନ ଓ ଉପକରଣରୁ ଅଭିପ୍ରେତ ପଦାର୍ଥ ତିଆରି କରିବା—
4. To build a thing from materials.
୫ । ମିଥ୍ୟା ପ୍ରମାଣ ଦ୍ୱାରା ମକଦ୍ଦମା ସୃଷ୍ଟି କରିବା—
5. To fabricate a case by false evidence.
୬ । ରଚନା କରିବା—6 To compose.

**ଗଣ୍ (ଧାତୁ)**—ସଂ.—୧ । ସଂଖ୍ୟା କରିବା; ସୁମାର କରିବା—
Gaṇ (root)
1. To number; to enumerate.
୨ । ଗଣିବା—2. To count.
୩ । ମିଶାଇବା—3. To add up; to total.
୪ । ବିବେଚନା କରିବା—4. To take into consideration; to consider.

**ଗଣ**—ସଂ. ବି. ( ଗଣ୍ ଧାତୁ = ସଂଖ୍ୟା କରିବା + କର୍ମ. ଅ)—୧ । ସମୂହ—
Gaṇa
1. Multitude; collection.
୨ । ଫଉଜ; ଦଳ; ପଲ—2. Herd; troop; group.
୩ । ଯାତିକ; ଜାତି—3. Caste; tribe.
୪ । ଏକଜାତୀୟ ବହୁସଂଖ୍ୟକ ଜୀବ—4. Flock.
୫ । ଶ୍ରେଣୀ—5. Class; series.
୬ । ଚତୁରଙ୍ଗ ସେନାବିଶେଷ; ହସ୍ତୀ-୨୭, ରଥ-୨୭, ଅଶ୍ୱ ୮୧, ପଦାତି-୧୩୫ ସମ୍ବଳିତ ସେନା—6. An army consisting of 27 elephants, 27 cars, 81 horses and 135 foot-soldiers.

ତଜେ ଦୂଷଣ ଅର୍ଥ ଖ୍ରିଷଣ ଗଣ ମାତ୍ର ଲକ୍ଷଣ ସହିତରେ ଯେ ।
ଉପେ. ବୈଦେହୀଶବିଳାସ ।

୭ । ସ୍ୱପକ୍ଷ; ସ୍ୱଜାତୀୟ ବନ୍ଧୁ—7. Many of one class.
୮ । ଅନୁଚରଙ୍କ ଦଳ—8. A body of followers or attendants.
୯ । ଗଣନା—9. Calculation.
୧୦ । (ଗଣିତ) ସଂଖ୍ୟା—
10. (arithmatic) A number.
୧୧ । ଦେବତା ଓ ରାଜାଙ୍କ ଅନୁଚରବର୍ଗ—
11. Retinue of a king or Deity.
୧୨ । ପ୍ରମଥଗଣ; ଶିବଙ୍କ ଅନୁଚର ସେନାଦଳ; ଶିବଗଣ—
12. The retinue of Lord Śiba.
[ ଦ୍ର—ଏମାନଙ୍କ ସେନାପତି ଗଣେଶ । ]
୧୩ । ( ବ୍ୟାକରଣ ) ସଂସ୍କୃତ ଧାତୁମାନଙ୍କର ଭିନ୍ନ ଭିନ୍ନ ଶ୍ରେଣୀ ବା ପୁଞ୍ଜ—13. Different groups of Sanskrit roots of verbs.
( ଯଥା—ଭ୍ୱାଦିଗଣ, ଅଦାଦି ଓ ତନାଦି । )
[ ଦ୍ର—ସଂସ୍କୃତ ଧାତୁମାନଙ୍କର ଆଦର୍ଶ ଧାତୁ ନାମରେ ଗଣମାନଙ୍କର ନାମକରଣ ହୁଏ । ]
୧୪ । ଏକ ଉଦ୍ଦେଶ୍ୟରେ ଗଠିତ ଦଳ, ସମାଜ ବା ସଙ୍ଘ—
14. A society formed for a particular object; association.
୧୫ । କୋମ୍ପାନି; ସଙ୍ଘ—15 Company.
୧୬ । ( ସଙ୍ଗୀତ ) ପ୍ରଥମ ସମ ବା ତାଳଠାରୁ କୌଣସି ରାଗର ମିଶ୍ରଣକୁ ପୃଥକ୍ କରିବା ତିନୋଟି ସ୍ୱରର ସମଷ୍ଟି—
16. ( Music ) A cluster of three tones dividing the combination of a Rāga from the 1st Sama.
୧୭ । ଦେବ, ମନୁଷ୍ୟ ଓ ଅସୁର ଏହିପରି ୩ ଶ୍ରେଣୀରେ ବିଭକ୍ତ ହୋଇଥିବା ନକ୍ଷତ୍ରମାନଙ୍କର ଶ୍ରେଣୀ—
17. ( astronomy ) A series of lunar mansions classed under three heads (Deities, men and demons),

| ୧ | ଇ | ଊ | ରୃ,ଋ | ଓ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଊଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୂ | ଲୃ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଈଅ | ଙ୍କ | ନ୍ମ |

୧୮ । ଗଣେଶ—18. An epithet of 'Ganeśa'.

୧୯ । ଶ୍ଳୋକର ପାଦ—19. A foot in prosody.

ଦେ. ବି—ଗଣପତି ଓ ଗଣନାଥ ଆଦିଙ୍କ ଡାକ ନାମ— A name for calling 'Ganapati' and Gananātha'.

**ଗଣକ**—ସଂ. ବିଣ. ( ଗଣ୍ ଧାତୁ+କର୍ତ୍ତୃ. ଅକ )—
Ganaka ୧ । ଯେ ଗଣନା କରେ ବା ସଂଖ୍ୟା ନିରୂପଣ କରେ—
(ଗଣିକା—ସ୍ତ୍ରୀ) 1 One who counts; reckoning.

୨ । ବହୁ ଧନଦ୍ୱାରା କ୍ରୀତ—
2. Bought for a large sum.

୩ । ଅଙ୍କ ଶାସ୍ତ୍ରରେ ପାରଙ୍ଗମ—
3. Versed in mathematics.

(ଗଣକୀ—ସ୍ତ୍ରୀ) ସଂ. ବି—୧ । ଜ୍ୟୋତିର୍ବିଦ୍; ଦୈବଜ୍ଞ—
1. Astrologer.

୨ । ଅଙ୍କଶାସ୍ତ୍ରବିଦ୍ ବ୍ୟକ୍ତି—
2. A mathematician.

୩ । ଆଠଗୋଟି ନକ୍ଷତ୍ରର ସମୂହ—
3. An assemblage of eight stars.

**ଗଣକ କାଳିଦାସ**—ସଂ. ବି. ( ନାମ )—'ଜ୍ୟୋତିର୍ବିଦାଭରଣ' ନାମକ
Ganaka kālidāsa ଜ୍ୟୋତିଷ ଗ୍ରନ୍ଥର ରଚୟିତା—
Name of an author of an astrological work.

[ ଦ୍ର—ଏ କବି କାଳିଦାସ ନୁହନ୍ତି । ଓଡ଼ିଶାର ଶୁଭଚନ୍ଦ୍ର ଦୀ ନାମକ ଖଣ୍ଡିଏ ଜ୍ୟୋତିଷଗ୍ରନ୍ଥର ରଚୟିତାଙ୍କ ନାମ ମଧ୍ୟ କାଳିଦାସ ଥିଲା । ]

**ଗଣକାର**—ସଂ. ବି. ( ଗଣ=ସୈନ୍ୟ+କୃ+କର୍ତ୍ତୃ. ଅ; ଯେ ସୈନ୍ୟ
Ganakāra ଗଠନ କରେ )—
୧ । ଯେ ଶ୍ରେଣୀ ବିଭାଗ କରେ—1. A classifier.

୨ । ଯେ ସଂଖ୍ୟା ବା ସୁମାରି କରେ—
2. Counter; enumerater.

୩ । ଭୀମସେନଙ୍କ ନାମ—
3. Name of Bhimasena.

**ଗଣଗଣ**—ଦେ. ଅ. ( ଧ୍ୱନ୍ୟନୁକରଣ )—
Ganagana ୧ । ମାଛିଙ୍କ ଗୁଣୁଗୁଣୁ ଶବ୍ଦ—
ଭଣଭଣ 1. Humming or buzzing sound of
ভিনভিনা; गुनगुना flies.

୨ । କାଶ ସର୍ଦ୍ଦି ଧରିଥିବା ବ୍ୟକ୍ତିର ଅନୁନାସିକ ବାକ୍ୟୋଚ୍ଚାରଣ ଧ୍ୱନି—
2. Buzzing nasal sound or voice due to cough.

**ଗଣଗଣା**—ଦେ. ବିଣ. ପୁଂ—ଗଣଗଣିଆଁ ( ଦେଖ )
Ganagana Ganaganiañ ( See)
गुनगुना ନିତାକୁ ହାତେ ସେ ପକାଇଲ କାଢ଼ି
ଗଣଗଣା ମାଛ ବସିଲେ ତହିଁ ବେଢ଼ି—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

**ଗଣଗଣିଆଁ**—ଦେ. ବିଣ. ପୁଂ—୧ । ଯେ ଗଣଗଣ କରି କଥା କହେ;
Ganaganiañ ଅସ୍ପଷ୍ଟ ଅନୁନାସିକ ବାକ୍ୟ ଉଚ୍ଚାରଣକାରୀ—
ଗଣଗଣୀ } ସ୍ତ୍ରୀ 1. One who utters nasal or buzzing
ଗଣଗଣେଇ } sound while talking.
ଗୁଣଗୁଣେ ୨ । ଚିଡ଼ିଲ; ଗାଉଁଗାଉଁଆ—
गुनगुना 2. Growling or grumbling ( person ).
ভনভনেমাছি ଦେ. ବି—ଏକପ୍ରକାର ବଡ଼ ମାଛି—
भिनभिनामच्छड़ A kind of buzzing flea; the blue-bottle.

[ ଦ୍ର—ଏମାନେ ଖାଦ୍ୟ ଦ୍ରବ୍ୟରେ ବସନ୍ତି । ଏ ସାଧାରଣ ମାଛି ଅପେକ୍ଷା ଆକାରରେ ବଡ଼ ଓ ସ୍ଥୂଳ । ଏମାନଙ୍କ ବର୍ଣ୍ଣ ନୀଳ । ଏମାନେ ମଳାଦିରେ ବସି ମଳାଦିରୁ ଦୂଷିତ କୀଟାଣୁ ଆଣି ଖାଦ୍ୟ ଦ୍ରବ୍ୟରେ ସଂକ୍ରମିତ କରନ୍ତି ଓ ଉକ୍ତ ଦୂଷିତ ଖାଦ୍ୟ ଦ୍ରବ୍ୟ ଯୋଗୁଁ ଅନେକ ସଂକ୍ରାମକ ବ୍ୟାଧି ( ଓଲାଉଠା ଆଦି )ର କୀଟାଣୁ ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି ଓ ରୋଗ ସୃଷ୍ଟି କରନ୍ତି । ]

**ଗଣଗଣିଆଁ ମାଛି**—ଦେ. ବି—ଗଣଗଣିଆଁ ( ଦେଖ )
Ganaganiañ māchhi Ganaganiañ ( See.)

**ଗଣଗୋଷ୍ଠୀ**—ଦେ. ବି—ପରିବାରର ସମସ୍ତେ—
Ganagoshthi Whole family; each member of a
গুষ্টিপরিবার family considered together.

**ଗଣଚକ୍ରକ**—ସଂ. ବି—ସାଧୁ ବା ଧର୍ମିଷ୍ଠ ବହୁଲୋକ ଏକତ୍ର ବା ଗୋଷ୍ଠୀରେ
Ganachakraka ବସି କରିବା ପଙ୍କ୍ତିଭୋଜନ—
Dinner eaten in community by a party of virtuous or pious men.

**ଗଣଚ୍ଛନ୍ଦଃ**—ସଂ. ବି—ବୃତ୍ତି ( ଦେଖ )
Ganachhandah Brutti ( See )

**ଗଣତ୍କାର**—ଦେ. ବି—ଗଣକ ( ଦେଖ ),
Ganatkāra Ganaka ( See )
গণৎকার
गणक

**ଗଣତନ୍ତ୍ର**—ସଂ. ବି. ( ଗଣ+ତନ୍ତ୍ର )—
Ganatantra ୧ । ସାଧାରଣତନ୍ତ୍ର-ଶାସନପ୍ରଣାଳୀ; ପ୍ରଜାତନ୍ତ୍ର—
1. Democracy.

୨ । ଯେଉଁ ଶାସନପ୍ରଣାଳୀରେ ଏକ ଦଳ ବ୍ୟକ୍ତିଙ୍କଠାରେ ରାଜ୍ୟଶାସନର ଭାର ଥାଏ—2. Oligarchy.

**ଗଣତନ୍ତ୍ରୀ**—ସଂ. ବିଣ. ( ଗଣତନ୍ତ୍ର+ଇନ୍. ୧ମା. ୧ବ )—ଯେଉଁ ବ୍ୟକ୍ତି
Ganatantri ଗଣତନ୍ତ୍ର-ଶାସନପ୍ରଣାଳୀର ପକ୍ଷପାତୀ—One who is an advocate of the democratic system of administration.

**ଗଣତା**—ସଂ. ବି. ( ଗଣ+ଭାବ. ତା )—
Ganatā ୧ । ପକ୍ଷପାତ—1. Partiality; party-spirit.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖାଇଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଶ୍ରେଣୀବନ୍ଧନ—2. Classification.

୩ । ସମୂହତା—3. Gathering together; conglomeration.

୪ । ମେଳ—4. Collusion; combination.

୫ । ଏକତ୍ରାବସ୍ଥିତ—5. Collection.

୬ । ବହୁ ଲୋକ ମିଳି ବାନ୍ଧିଥିବା ଦଳ; ଗୋଷ୍ଠୀ—
6. A Cabal.

୭ । ଗଣିତ ଶାସ୍ତ୍ର—7. Mathematics.

**ଗଣତି**—ଦେ. ବି. ( ସଂ. ଗଣନ )—୧ । ସଂଖ୍ୟା—
Gaṇati — 1. Number.
ଗୁଣତି; ଗଣତି; ଗନ୍ତି — ୨ । ସଂଖ୍ୟା କରିବା; ସୁମାରି
**गिनती** — 2. Counting; numbering.

୩ । ଗଣନା—3. Calculation.

ଅତି ପ୍ରଚୁର ବୃନ୍ଦା, ଗଣତିରେ ଶହେ ସାତ ଲକ୍ଷ ଅଟନ୍ତି—
ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ । — ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦେ. ବିଣ. ( ସଂ. ଗଣିତ)—ଗଣିତ—Counted.

ବିହଙ୍ଗିଳ ଅଣ୍ଡ ରଥରେ ଗଣତ—କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**ଗଣତିଥ**—ସଂ. ବିଣ—ଦଳ ଗଠନ କରିଥିବା—
Gaṇatitha — Forming a troop and collection.

**ଗଣତିରେ**—ଦେ. କ୍ରି. ବିଣ—ଗଣନାରେ; ସଂଖ୍ୟାରେ—
Gaṇatire — In number.
ଗୁଣତିରେ — ପଢଣ ସହସ୍ର ସେ ଏକା ଗଣତିରେ
**गिनतीमें** — ବସିଲେ ଯାଇ କରି ଯମଙ୍କ କଡରେ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ

**ଗଣତ୍ୱ**—ଦେ. ବି. ( ଗଣ+ଭାବ. ତ୍ୱ )—ଗଣତା ( ଦେଖ )
Gaṇatwa — Gaṇatā ( See )

**ଗଣଦୀକ୍ଷା**—ସଂ. ବି—୧ । ଗୁରୁଙ୍କଠାରୁ ବହୁ ଶିଷ୍ୟଙ୍କର ଏକ ସମୟରେ ମନ୍ତ୍ରଗ୍ରହଣ—
Gaṇadīkshā — 1. Simultaneous initiation of a number of persons.

୨ । ବହୁଲୋକଙ୍କ ପାଇଁ ଏକସଙ୍ଗେ କରାଯିବା ପୌରୋହିତ୍ୟ—
2. Performance of religious rites as priest for a number of persons.

**ଗଣଦେବ**—ସଂ. ବି. (୬ଷ୍ଠୀ ତତ୍ )—୧ । ଗଣନାଥ; ଗଣେଶ—
Gaṇadeba — 1. Gaṇeśa.

୨ । (ମ ପ. ଲୋ.) ଗଣ ବା ଶ୍ରେଣୀରେ ଥିବା ଏକାଧିକ ଦେବ—ଗଣଦେବତା ( ଦେଖ )
2. Gaṇadebatā ( See )

**ଗଣଦେବତା**—ସଂ. ବି. ( ଗଣ+ଦେବତା )—
Gaṇadebatā — ଯେଉଁ ଦେବତାମାନେ ଏକାଧିକ ସଂଖ୍ୟକ ଅଟନ୍ତି—
Some Deities worshipped and represented in certain groups.

[ ଦ୍ର—ଗଣଦେବତାଙ୍କ ଗଣର ସଂଖ୍ୟା ୯; ଯଥା—ଆଦିତ୍ୟଗଣ—୧୨, ବିଶ୍ୱେଦେବାଗଣ—୧୦, ବସୁ—୮, ତୁଷିତ—୩୬, ଅଭାସ୍ୱର—୬୪, ବାତ—୪୯, ମାହାରାଜିକ—୨୨୦, ସାଧ୍ୟ—୧୨ ରୁଦ୍ର—୧୧ । ]

**ଗଣଦେବୀ**—ସଂ. ବି—ପାର୍ବତୀଙ୍କ ଅନୁଚର ଦେବୀମାନେ—
Gaṇadebī — The female retinue or attendants of Pārbatī.

ଗଣଦେବୀ ଜଣକୁ ଏମନ୍ତ ଆଜ୍ଞା ଦେଲେ । ଉପେ. ଲାବଣ୍ୟବତୀ ।

**ଗଣଦ୍ରବ୍ୟ**—ସଂ. ବି. ( ଗଣ+ଦ୍ରବ୍ୟ )—
Gaṇadrabya — ୧ । ବହୁ ପ୍ରକାରର ବସ୍ତୁ—
1. A variety of articles.

୨ । ସାଧାରଣଙ୍କ ଅଧିକାରରେ ଥିବା ବସ୍ତୁ; ଇଜମାଲି ଧନ—
2. Public property; common fund.

**ଗଣଧର**—ସଂ. ବି. ( ଗଣ+ଧୃ ଧାତୁ+କର୍ତ୍ତୃ. ଅ )—
Gaṇadhara — ୧ । ଶ୍ରେଣୀର ପ୍ରଧାନ ବ୍ୟକ୍ତି—
1. The head of a class.

୨ । ବିଦ୍ୟାଳୟର ଶିକ୍ଷକ—2. School-master.

୩ । ଜୈନାଚାର୍ଯ୍ୟ ବିଶେଷ—
3. A class of Jaina-preceptors.

**ଗଣନ**—ସଂ. ବି. ( ଗଣ୍ ଧାତୁ+ଭାବ. ଅନ )—
Gaṇana — ଗଣନା ( ଦେଖ )
Gaṇanā ( See )

**ଗଣନପତି**—ସଂ. ବି—୧ । ଅଙ୍କ ଶାସ୍ତ୍ରଜ୍ଞ ବ୍ୟକ୍ତି—
Gaṇanapati — 1. A mathematician.

୨ । ଗଣେଶ—2. Lord Gaṇeśa.

**ଗଣନ ମହାମାତ୍ର**—ସଂ. ବି—ରାଜ୍ୟର ଅର୍ଥବିଭାଗର ମନ୍ତ୍ରୀ—
Gaṇana mahāmātra — Finance-Minister.

**ଗଣନା**—ସଂ. ବି. ( ଗଣ୍ ଧାତୁ+ଭାବ. ଅନ+ସ୍ତ୍ରୀ. ଆ )—
Gaṇanā — ୧ । ଗଣତି; ସୁମାରି—1. Calculation.

୨ । ସଂଖ୍ୟା କରିବା—
2. Counting; reckoning; calculating.

୩ । ଗ୍ରାହ୍ୟ କରିବା—3. Paying regard.

୪ । (ଗଣିତ) ଯୋଗ କରଣ—4. Adding together.

୫ । ଅବଧାରଣ—5. (Arithmetic) Ascertainment.

୬ । ବିଚାରକରଣ—
6. Consideration; thinking.

୭ । ହିସାବ—7. Account.

୮ । ଗ୍ରହନକ୍ଷତ୍ରାଦିଙ୍କର ଅବସ୍ଥିତି ଓ ଶୁଭାଶୁଭ ଫଳ ନିରୂପଣ—
8. Ascertaining the result of the positions of planets.

୯ । ଉଲ୍ଲେଖ—9. Enumeration.

୧୦ । ସଂଖ୍ୟା—10. Number.

| ୧ | ଇ | ଢ଼ | ର୍‌,ହ୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ | ଉଥ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟ | ଇଥ | ଢ଼ | ନ୍ |

ଗଣନାଥ—ସଂ. ବି. ( ୬ଷ୍ଠୀ ତତ୍; ଗଣ+ନାଥ )—
Gaṇanātha ୧ । ଗଣେଶ; ମହାଦେବଙ୍କ କନିଷ୍ଠ ପୁତ୍ର; ପ୍ରମଥ ଗଣର ସେନାଧ୍ୟକ୍ଷ—1. Gaṇesa, the commander of Śiba's hosts.
୨ । ମହାଦେବ—2. Śiba.
୩ । ବୃହସ୍ପତି—3. A name of Bṛuhaspati.
୪ । ଇନ୍ଦ୍ର—4. A name of Indra.
୫ । ଅନେକ ବ୍ୟକ୍ତିଙ୍କର କର୍ତ୍ତା ବା ସ୍ୱାମୀ ବା ନାୟକ—
5. Master; headman; leader.
୬ । ଦଳପତି—6. Leader of a class.
୭ । ସେନାପତି—
7. Commander or general of an army.
ସେ ଯୁଦ୍ଧେ କାହାକୁ ନ ଦେଖି ଗଣନାଥ
ଭାଳିଲେ ଦେବସୈନ୍ୟ ଭଗ୍ନ ଯୁଦ୍ଧପଥ । କୃଷ୍ଣସିଂ ହ. ମହାଭାରତ. ବନ ।
ଦେ. ବି. ପୁଂ—ଲୋକର ନାମ—Name given to males.

ଗଣନାୟକ—ସଂ. ବି—୧ । ଜନନାୟକ ବା ନେତା—
Gaṇanāyaka 1. A leader of people; popular leader.
୨ । ଗଣନାଥ ( ଦେଖ )
2. Gaṇanātha ( See )
୩ । ଶିବ—3. Śiba. ( ହ. ଶବ୍ଦସାଗର )

ଗଣନାୟିକା—ସଂ. ବି. ସ୍ତ୍ରୀ—ଦୁର୍ଗା—
Gaṇanāyikā An epithet of Durgā.

ଗଣନାର୍ହ—ସଂ. ବିଣ. ( ଗଣନ+ଅର୍ହ )—ଗଣନାଯୋଗ୍ୟ—
Gaṇanārha Countable; fit to be counted.

ଗଣନୀୟ—ସଂ. ବିଣ. (ଗଣ୍ ଧାତୁ+କର୍ମ. ଅନୀୟ )—
Gaṇanīya ୧ । ଗଣନାର ଯୋଗ୍ୟ; ସଂଖ୍ୟେୟ—
1. Fit to be counted; numerable.
୨ । ଯାହା ଗଣାଯାଇ ପାରେ—2. Calculable.
୩ । ଗ୍ରାହ୍ୟ—3. Worthy to be reckoned; acceptable.
୪ । ଯାହାକୁ ଶ୍ରେଣୀବିଭାଗ କରାଯାଇ ପାରେ—
4. Fit to be classified.
୫ । ଉଲ୍ଲେଖଯୋଗ୍ୟ—5. Worthy of being mentioned.

ଗଣନ୍ତି—ଗ୍ରା. ବି. ( ସଂ. ଗଣନ )—ଗଣତି ( ଦେଖ )
Gaṇanti Gaṇati ( See )

ଗଣପ—ସଂ. ବି. ( ଗଣ+ପା ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ )—
Gaṇapa ଗଣନାଥ ( ଦେଖ )
Gaṇanātha ( See )

ଗଣପତି—ସଂ. ବି. ( ୬ଷ୍ଠୀ ତତ୍; ଗଣ+ପତି )—ଗଣନାଥ ( ଦେଖ )
Gaṇapati Gaṇanātha ( See )

ଗଣପତି ଉତ୍ସବ—ଦେ. ବି — ଗଣେଶଚତୁର୍ଥୀ ଦିନ ମରହଟ୍ଟାମାନଙ୍କର
Gaṇapati utsaba ଉତ୍ସବ—A festival of the Marhattas on the Gaṇesa-chaturthī day.
[ ଦ୍ର—ପୁନାରେ ମହାସମାରୋହରେ ଶୋଭାଯାତ୍ରା ସହିତ ଏହା ସମ୍ପନ୍ନ ହୋଇଥାଏ । ]

ଗଣପର୍ବତ—ସଂ. ବି. (ମ. ପ. ଲୋ; ଗଣ+ପର୍ବତ)—ଶିବାନୁଚର ଓ ଯକ୍ଷ
Gaṇaparbata କିନ୍ନରଗଣ ଯେଉଁ ପର୍ବତରେ ବାସ କରନ୍ତି; କୈଳାଶ ପର୍ବତ—The mountain Kailāsa ( inhabited by Śiba's hosts ).

ଗଣପୂର୍ବ—ସଂ. ବି. ( ୬ଷ୍ଠୀ ତତ୍; ଗଣ+ପୂର୍ବ )—
Gaṇapūrba ଦଳ ବା ଜାତିର ନାୟକ—
Leader of a class or tribe.

ଗଣବତୀ—ସଂ. ବି. ( ନାମ )—ଧନ୍ୱନ୍ତରି ଦିବୋଦାସଙ୍କ ମାତା—
Gaṇabatī Name of the mother of Dhanwantari Dibodāsa.

ଗଣଭର୍ତ୍ତା—ସଂ. ବି. ( ୬ଷ୍ଠୀ ତତ୍; ଗଣ+ଭର୍ତ୍ତୃ. ୧ମା. ୧ବ. )—
Gaṇabharttā ୧ । ମହାଦେବ—1. Śiba.
୨ । ଗଣେଶ—2. Deity Gaṇeśa.
୩ । ଦଳପତି—3. Leader of a class.

ଗଣଭୂଷଣ—ସଂ. ବି. ( ୬ଷ୍ଠୀ ତତ୍; ଗଣ+ଭୂଷଣ)—ସିନ୍ଦୂର—
Gaṇabhushaṇa Red lead; vermillion.

ଗଣଭୋଜନ—ସଂ. ବି. (୬ଷ୍ଠୀ ତତ୍; ଗଣ+ଭୋଜନ)—୧ । ଜାତିଗଣ
Gaṇabhojana ଭୋଜି—1. Caste-dinner.
୨ । ପଂକ୍ତିଭୋଜନ; ବହୁଲୋକ ଏକସମୟରେ ଓ ଏକ-ସ୍ଥାନରେ ବସି ଖାଇବା—2. Picnic; a dinner participated by many persons.
୩ । ବହୁଲୋକଙ୍କର ଏକ ଚୁଲିରେ ପାକ ଓ ଭୋଜନ—
3. Common messing.

ଗଣରାଜ୍ୟ—ସଂ. ବି—୧ । (ନାମ) ଦାକ୍ଷିଣାତ୍ୟର ରାଜ୍ୟବିଶେଷ—
Gaṇarājya 1. Name of a kingdom in the Deccan.
୨ । ପ୍ରଜାପ୍ରତିନିଧି ଶାସକଙ୍କଦ୍ୱାରା ଶାସିତ ସାଧାରଣତନ୍ତ୍ର ରାଜ୍ୟ ( ହ. ଶବ୍ଦସାଗର )—
2. A country ruled by a representative of the people

ଗଣରାତ୍ର—ସଂ. ବି. (ରାତ୍ରି+ଗଣ )—ନିଶାସମୂହ; ବହୁ ସଂଖ୍ୟକ ରାତ୍ରି—
Gaṇarātra Many nights in succession, a series of nights.

ଗଣଶ (ଇତ୍ୟାଦି)—ଗ୍ରା. ବି—ଗଣେଶ ଇତ୍ୟାଦି ( ଦେଖ )
Gaṇasa (etc) Gaṇesa etc ( See )

ଗଣଶଃ—ସଂ. କ୍ରି. ବିଣ. (ଗଣ+ବାହୁଲ୍ୟାର୍ଥରେ. ଶସ୍ )—୧ । ଦଳଦଳ—
Gaṇaśah 1. Group by group.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଦଳଦଳ ହୋଇ; ପଲପଲ; ଦଳେଦଳେ— 2. In crowds; in herds; in troops.

୩ । ଶ୍ରେଣୀଶ୍ରେଣୀ ହୋଇ—3. In classes.

**ଗଣଶକ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଗଣ+ଶକ୍ତି )— Ganaśakti ଜନଶକ୍ତି; ଜନସଙ୍ଘର ଶକ୍ତି— Power of the people.

**ଗଣହାସକ**—ସଂ. ବି—ସୁଗନ୍ଧବିଶେଷ— Ganahāsaka A species of perfume.

**ଗଣା**—ଦେ. ବି. (ସଂ. ଗଣନ) —୧ । ଗଣନ—1. Counting. Gaṇā ୨ । ସଂଖ୍ୟା କରିବା—2. Reckoning. ଗୁନା; ଗୁନତି; ଗଣତି ୩ । ଗଣତି; ସୁମାରି—3. Enumeration. **गिनना; गिनति**

ଏଣୁ କରି ଶିଷ୍ୟ ମନ୍ତ୍ର କରୁଥିବ ଗଣା ।
ଗ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

ଦେ. ବିଣ—ଗଣିତ ହୋଇଥିବା; ସଂଖ୍ୟା କରାଯାଇ ଥିବା— Counted; reckoned.

**ଗଣାଇବା**—ଦେ. କ୍ରି. ( ଗଣିବା କ୍ରିୟାର ପ୍ରେରଣାର୍ଥ ରୂପ )— Gaṇāibā ୧ । ଅନ୍ୟଦ୍ୱାରା ସୁମାର କରାଇବା— ଗୁନାନ 1. To get something counted or **गिनवाना; गिनना** calculated by another.

ତଡ଼ମା ! ଗ୍ରହ ଶୁଭ ଗଣାଇବ । ଉକ୍ତ. ପ୍ରେମସୁଧାନିଧି ।

୨ । ରାଜକୋଷାଧ୍ୟକ୍ଷଙ୍କ ନିକଟରେ ରାଜସ୍ୱ ନେଇ ଦାଖଲ କରିବା—2 To pay revenue to the Government treasury.

( ଯଥା—ସିଦ୍ଧେଶ୍ୱରପୁର ଶାସନ ମକଦମ ନଗଦ ଗଣାଇଲା— ବା. ୮୬୩/୪୪—ତାଲପତ୍ର ଲେଖାଳଙ୍କ ହସ୍ତାକ୍ଷରର ଆଦର୍ଶ । )

**ଗଣାକ୍ରାନ୍ତ**—ସଂ. ବିଣ. ( ୩ୟା ତତ୍; ଗଣ+ଆକ୍ରାନ୍ତ )—ଦଳଭୁକ୍ତ— Gaṇākrānta Included in groups; formed into herds.

**ଗଣାଗ୍ରଣୀ**—ସଂ. ବି. ( ୬ଷ୍ଠୀ ତତ୍ ବା ୭ମୀ ତତ୍; ଗଣ+ଅଗ୍ରଣୀ )— Gaṇāgraṇi ୧ । ଗଣନାୟକ—1. Leader.

୨ । ଗଣେଶ—2. God Gaṇesa.

୩ । ମହାଦେବ—3. Śiba.

**ଗଣାଚଳ**—ସଂ. ବି. (ମ. ପ. ଲୋ. ଶିବଗଣମାନଙ୍କ ଅଧ୍ୟୁଷିତ ଅଚଳ)— Gaṇāchala କୈଳାସ ପର୍ବତ—A name of the Kailāsa mountains.

**ଗଣାଧିପ**—ସଂ. ବି. (୬ଷ୍ଠୀ ତତ୍; ଗଣ+ଅଧିପ)—ଗଣନାଥ ( ଦେଖ ) Gaṇādhipa Gaṇanātha ( See )

**ଗଣାଧିପତି**—ସଂ. ବି.— ଗଣନାଥ ( ଦେଖ ) Gaṇādhipati Gaṇanātha (See)

**ଗଣାଧ୍ୟକ୍ଷ**—ସଂ. ବି.— ଗଣନାଥ (ଦେଖ) Gaṇādhyaksha Gaṇanātha (See)

**ଗଣାନ୍ନ**—ସଂ. ବି.—( ମ. ପ. ଲୋ.; ଗଣର ଅଧିକାରଭୁକ୍ତ ଅନ୍ନ; ଗଣ+ଅନ୍ନ)— Gaṇānna ୧ । ବହୁସ୍ୱାମିକ ଅନ୍ନ; ଅନେକ ପ୍ରଭୁଙ୍କ ଦ୍ୱାରା ଦାନ—1. Food dispensed by many masters.

୨ । ଅନେକ ପ୍ରଭୁଙ୍କ ଅଧୀନରେ ଚାକିରି— 2. Service under joint masters.

୩ । ସାଧାରଣଙ୍କ ନିମନ୍ତେ ପ୍ରସ୍ତୁତ ଖାଦ୍ୟ—3. Food intended for distribution amongst the public.

୪ । ବହୁଲୋକଙ୍କ ପାଇଁ ଏକ ହେସେଲରେ ପ୍ରସ୍ତୁତ ଖାଦ୍ୟ— 4. Food prepared together for many; a mess.

**ଗଣାପୁଚ୍ଛା**—ଦେ. ବି. (ସଂ. ଗଣ ଓ ପ୍ରଚ୍ଛ ଧାତୁ)—୧ । ଶୁଭକର୍ମ ନିମନ୍ତେ Gaṇāpuchhā ଜ୍ୟୋତିଷୋକ୍ତ ଶୁଭଲଗ୍ନ ଆଦି ବୁଝିବା— ठिकुजीमिलान 1. Foretelling or calculating of the future by astrology.

୨ । ବିବାହ ନିମନ୍ତେ ବରକନ୍ୟାଙ୍କ କୋଷ୍ଠୀ ଗଣନା— 2. Casting of the horoscopes of the bride and bridegroom-elect.

**ଗଣାପୋଚ୍ଛା**—ଦେ. ବି.—(ସଂ. ଗଣ ଓ ପ୍ରଚ୍ଛ ଧାତୁ)— Gaṇāpochhā ଗଣାପୁଚ୍ଛା ( ଦେଖ ) Gaṇāpuchhā (See)

**ଗଣାବିଦ୍ୟା**—ଦେ. ବି. (ସଂ. ଗଣନା+ବିଦ୍ୟା)—୧ । ଗଣିତ ଶାସ୍ତ୍ର— Gaṇābidyā 1. Mathematics.

୨ । ଗଣନା କରିବାର ବିଦ୍ୟା— 2. The art of calculation.

ଋତୁପର୍ଣ୍ଣ ବୋଇଲେ ଗଣାବିଦ୍ୟା ଭୁଲେ,
ଅଶ୍ୱବିଦ୍ୟା ମଧ୍ୟ ମୁଁ ଜାଣିଅଛି ଭଲେ । କୃଷ୍ଣସିଂ. ମହାଭାରତ. ବନ ।

**ଗଣାଯିବା**—ଦେ. କ୍ରି.—(ଗଣିବାର କର୍ମବାଚ୍ୟ)—ଗଣିତ ହେବା— Gaṇājibā To be counted. गुनाजाना **गिनाजाना**

**ଗଣାହେବା**—ଦେ. କ୍ରି. (ଗଣିବାର କର୍ମବାଚ୍ୟ )—ଗଣାଯିବା (ଦେଖ) Gaṇāhebā Gaṇājibā (See).

**ଗଣି**—ସଂ. ବିଣ.—(ଗଣ+ଇ)— ଗଣନା କରୁଥିବା— Gaṇi Counting

ବି. ପୁଂ.—୧ । ବେଦବେଦାଙ୍ଗପାରଗ ବ୍ୟକ୍ତି—1. One versed in the scriptures and auxiliary sciences (Apte).

୨ । ତର୍କ—2. Argument.

ଦେ. ବି.—(ସଂ. ଗଣେଶ) ଗଣେଶ ନାମର ସସ୍ନେହ ସମ୍ବୋଧନ Name by which a person named Gaṇeśa is called in endearment.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଞ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଙ୍ଘ | ଞ୍ଚ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗ୍ୟଁ | ଙ୍ଖ | ● | ନ୍ତ |

**ଗଣିଅାଁ**—ଦେ. ବ. (ସଂ. ଗଣେଶ)—୧ । ଗଣେଶ ନାମର ଅନାଦରାର୍ଥକ ପ୍ରୟୋଗ—1. Name by which a person named Gaṇeśa is called in familiarity or contempt.
Gaṇiāṅ
ଗଣାଇ

୨ । ଗଣିଅାଁ ତୋଡ଼ି (ଦେଖ)
2. Gaṇiāṅtorḍi (See)

**ଗଣିଅାଁ ଚଢ଼େଇ**—ଦେ. ବ.—ଗଙ୍ଗେଇ ୧ (ଦେଖ)
Gaṇiāṅ charḍhei — Gaṅgei 1 (See)

**ଗଣିଅାଁ ତୁଡ଼ି**—ଦେ. ବ.—ଗଣିଅାଁ ତୋଡ଼ି (ଦେଖ)
Gaṇiāṅturḍi — Gaṇiāṅtorḍi (See)

**ଗଣିଅାଁ ତୋଡ଼ି**—ଦେ. ବ. (ସଂ. ଗଙ୍ଗାଟେୟ)—ତୋଡ଼ିଜାତୀୟ କ୍ଷୁଦ୍ର କାଉଯୁକ୍ତ ମାଛବିଶେଷ—A small slender fish; Belone Gaucila.
Gaṇiāṅtorḍi
ଗାଙ୍ଗଦାଡ଼ା

[ ଦ୍ର—ଏମାନେ ଲମ୍ବରେ ୧୪।୧୫ ଅଙ୍ଗୁଳ ବଢ଼ନ୍ତି, ଥଣ୍ଟ ଲମ୍ବ ଓ ମୁହଁ ଗୋଲିଆ । ଲୋକେ ବିଶ୍ୱାସ କରନ୍ତି ଯେ ଏ ମାଛ ଖାଇଲେ ରାତିରେ ପିଲାଙ୍କର ଶୋଯରେ ମୁତିବା ରୋଗ ଭଲ ହୁଏ । ]

**ଗଣିଆରି**—ପ୍ରାଦେ. (ମେଦିନୀପୁର) ବ.– (ସଂ. ଗଣିକାରିକା; ତୁଳ. ବଂ. ଗନ୍ୟାରି)—ଗଣିକାରିକା (ଦେଖ)
Gaṇiāri — Gaṇikārikā (See)

**ଗଣିକା**—ସଂ. ବି. ସ୍ତ୍ରୀ.—(ଗଣ=ସମୂହ+ଇକ+ସ୍ତ୍ରୀ. ଆ; ଭର୍ତ୍ତା ରୂପରେ ଯାହାର ଗଣ ବା ବହୁଲୋକ ଅଛନ୍ତି)—୧ । ବେଶ୍ୟା; ବାରନାରୀ—1. Prostitute; harlot; courtesan.
Gaṇikā

୨ । ହସ୍ତିନୀ—2. She-elephant.
୩ । ଜୁଇଫୁଲ; ଜୁଇ ଲତା—3 A kind of single-petalled and slender jasmine.

ବିଟପ ବନାରେ ସୁମନରେ ହେସେ ଗଣିକାପନ୍ତି ହବା ଗତ ।
ଭଞ୍ଜ. ବୈଦେହୀଶବିଳାସ ।

**ଗଣିକାରିକା**—ସଂ. ବି. (ଗଣି=ତର୍କ+କୃ ଧାତୁ+କର୍ତ୍ତୃ. ଅକ+ଆ; ଅମରଟୀକା; ଏହାର ଡାଳ ଭାଙ୍ଗିଲେ ଶବ୍ଦ ହୁଏ)—ଅଗ୍ନିମନ୍ଥ; ଅଗବଥୁ ଗଛ (ଦେଖ)
Gaṇikārikā
An ever green plant; Premna Integrifolia.

[ ଦ୍ର—ପୂର୍ବକାଳରେ ଏହାର ଶୁଖିଲା ଡାଳ ଦୁଇଖଣ୍ଡକୁ ଘର୍ଷଣ କରି ନିଆଁ ବାହାର କରାଯାଉଥିଲା । ଏହାର ପତ୍ର ମଣ୍ଡଳାକାର, ଫୁଲ ଛୋଟ, ଈଷତ୍‌ପୀତ, ବର୍ଷାକାଳରେ ଫୁଟେ, ଛୋଟ ଗଛ ହୁଏ, କାଠ ଓ ପତ୍ର ଈଷତ୍ ସୁଗନ୍ଧ । ଲୋକେ କହନ୍ତି ଦେହରେ ଅଗ୍ୟାବାତ ଫଳି ଗଲେ ଏ ଗଛ ପାଖକୁ ଯାଇ ତା ସଙ୍ଗେ ସଙ୍ଗାତ ବସି ତାକୁ କୁଣ୍ଢାଇଲେ ଅଗ୍ୟାବାତ ଫୁଲା କମିଯାଏ । ଡାଳ ଭାଙ୍ଗିଲେ ଶବ୍ଦ ହୁଏ । ]

**ଗଣିତ**—ସଂ. ବିଣ. (ଗଣ୍ ଧାତୁ+କର୍ମ. ତ)—
Gaṇita — ୧ । ଯାହା ଗଣତି ହୋଇଅଛି—
1. Counted; reckoned; calculated.

୨ । ସଂଖ୍ୟାତ—2. Enumerated.

ସଂ. ବି—୧ । ଗଣନାବିଷୟକ ଶାସ୍ତ୍ର; ଅଙ୍କ ଶାସ୍ତ୍ର—
1. Arithmetic; mathematics.

[ ଦ୍ର—ଗଣିତ ଶାସ୍ତ୍ର ତିନି ଭାଗରେ ବିଭକ୍ତ, ଯଥା—ବୀଜଗଣିତ ବା ଅବ୍ୟକ୍ତ ଗଣିତ—Algebra, ପାଟୀଗଣିତ ବା ବ୍ୟକ୍ତଗଣିତ—Arithmetic, ରେଖା ଗଣିତ—Mensuration. ]

୨ । ପରିମାଣବିଷୟକ ଶାସ୍ତ୍ର—
2. The science of measurement.

୩ । (ଗଣ୍ ଧାତୁ+ଭାବ. ତ) ଗଣନା; ସଂଖ୍ୟାନ; ସୁମାରି—
3. Calculation.

୪ । ( ଗଣିତ ଶାସ୍ତ୍ର ) ଓଡ଼ାଙ୍କ—
4. ( mathematics ) A sum of progression.

୫ । ଗଣିତବିଷୟକ ପ୍ରଶ୍ନ ବା ସମସ୍ୟା—
5. A mathematical sum or problem.

**ଗଣିତ ଜ୍ୟୋତିଷ**—ସଂ. ବି—ଗ୍ରହ ନକ୍ଷତ୍ରାଦିଙ୍କ ଗତିସ୍ଥିତି; ଗଣନ କରିବାର ବିଦ୍ୟା—Astronomy.
Gaṇita jyotisha
( ଫଳିତ ଜ୍ୟୋତିଷ—ବିପରୀତ )

**ଗଣିତଜ୍ଞ**—ସଂ. ବିଣ. ପୁଂ. ( ଗଣିତ+ଜ୍ଞା ଧାତୁ+କର୍ତ୍ତୃ. ଅ )—
Gaṇitajña — ଅଙ୍କ ଶାସ୍ତ୍ରରେ ପାରଦର୍ଶୀ—
Mathematician; versed in mathematics.

**ଗଣିତା**—ଦେ. ବ. ( ସଂ. ଗଣିତ )—ସୁମାରି; ଗଣତି—
Gaṇitā — Calculation.
ଗୁଣ୍ଡି

କାହିଁ କେତେ ଛନ୍ତି ଏହା ଗଣିତା ନାହିଁ—ପ୍ରାଚୀ. ରହସ୍ୟମଞ୍ଜରୀ ।

गिनती — ଦେ. ବିଣ—୧ । ଗଣାହେବା; ଗଣିତ—
1. Counted.

ତୁ ଏବେ ଉହ ଜମା ବଳରେ
ଅଳ୍ପ ଗଣିତା ସାତ ଜନେ—ଜଗନ୍ନାଥ. ଭାଗବତ ।

୨ । ଯୋଗ୍ୟ—2. Fit.

ଏ ହାରକୁ ଏମାନେ ଗଣିତା ନୁହନ୍ତି—ପ୍ରାଚୀ, ରହସ୍ୟମଞ୍ଜରୀ ।

**ଗଣିତି**—ଦେ. ବ—ଗଣତି ( ଦେଖ )
Gaṇiti — Gaṇati ( See )

**ଗଣିତୀ**—ସଂ. ବିଣ. ପୁଂ. ( ଗଣିତ+କରିବା ଅର୍ଥରେ. ଇନ୍; ୧ମା. ୧ବ. )—
Gaṇitī
( ଗଣିତିନୀ—ସ୍ତ୍ରୀ ) ୧ । ଗଣନାକାରୀ—1. Calculating.

୨ । ଗଣିତଜ୍ଞ—2. Mathematician.

୩ । ଦୈବଜ୍ଞ—
3. Versed in the art of foretelling.

**ଗଣି ଦେବା**—ଦେ. କ୍ରି—୧ । ଅନ୍ୟକୁ ଧନ ଆଦି ଗଣନା କରି ଦେବା—
Gaṇidebā — 1. To pay a sum to another by counting it up.
ଗୁଣେଦେଓ୍ୱା
गिनदेना — ୨ । ଗଣନା କାର୍ଯ୍ୟ ଶେଷ କରିବା—
2. To end or complete a reckoning.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୩ । ( ଲକ୍ଷଣାର୍ଥେ ) ନଗଦ ଧନର ଅଧିକାରୀ ହେବା—
3. (figurative) To be master of cash.
( ଯଥା—ଅମୁକ ଲୋକ ନଗଦ ଟ ୫୦୦୦୯ ଗଣିଦେବ । )
୪ । ନଗଦ ଧନ ଦେବା—4. To pay in cash.

**ଗଣିନେବା**—ଦେ. କ୍ରି—ପଦାର୍ଥ ବା ଧନକୁ ଗଣନା କରି ଅନ୍ୟ ବ୍ୟକ୍ତି ଠାରୁ ବୁଝି ନେବା—
Ganinebā
গুণেলিওয়া To take money or things from another by counting.
गिनलेना

**ଗଣିବା**—ଦେ. କ୍ରି. ( ସଂ. ଗଣ୍ ଧାତୁ )—
Ganibā ୧ । ଗୁମାର କରିବା; ସଂଖ୍ୟା କରିବା—
গুনা 1. To count; to enumerate.
गिनना ୨ । ଗୋଟି ଗୋଟି କରି ଗଣନା କରି ପ୍ରଦାନ କରିବା—
2. To pay by counting one by one.
ଭେଟି ଦେବାପାଇଁ ପୃଥ୍ୱୀ ନୃପ ଶ୍ରେଣୀ
ଭେଟି ଯୁଧିଷ୍ଠିରଙ୍କୁ ତାହା ଦେଲେ ଗଣି—କୃଷ୍ଣସିଂହ. ମହାଭାରତ. ସଭା ।
୩ । ତୁଳନା କରିବା—3. To compare.
୪ । ବିଚାରିବା —4. To consider; to deem.
କମଳଗଣେ କମଳ ଗଣେ ନୟନକାକୁ ଯଥା—
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୫ । ଅବଧାରଣା କରିବା —5. To ascertain.
୬ । ( ପ୍ରମାଦ ) ଆଶଙ୍କା କରିବା—
6. To apprehend or fear.
ଅତଙ୍ଗେ ପାଣ୍ଡବବଳ ଗଣିଲେ ପ୍ରମାଦ—ଜଗନ୍ନାଥ, ବେଣୀସଂହାର ।
୭ । ଲକ୍ଷ୍ୟ କରିବା—7. To aim.
୮ । ମାନିବା; ଆଦର କରିବା—8. To regard.
ଅହାର ବହାର ନଦ୍ରାବେଶ କଷ ହେଉ ତାକୁ ମୁଁ ନ ଗଣେ—
କବିସୂର୍ଯ୍ୟ. ସଙ୍ଗୀତ କଳ୍ପଲତା ।
୯ । ନଗଦ ଧନ ଦେବା—9. To pay cash.
୧୦ । ( କୌଣସି ବସ୍ତୁ ସଙ୍ଗେ ) ଲେଖା କରିବା; ସମାନ କରିବା—
10. To count or deem as.
ହେମନ୍ତକାଳେ ଯେବେ ପୋଖରୀରେ ପାଣି
ଆଏ ବହୁ ସୁବର୍ଣ୍ଣ ଯାଗ ଫଳେ ଗଣି—କୃଷ୍ଣସିଂହ. ମହାଭାରତ. ଅନୁଶାସନ ।
୧୧ । ଗଣନାପୂର୍ବକ ନିର୍ଣ୍ଣୟ କରିବା—
11. To ascertain by calculation.
ଅଶ୍ୱମେଧ କରିବାକୁ ଶୁଭଦିନ ଗଣ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।
୧୨ । ସମ୍ମାନ କରିବା—
12. To show respect or regard.
ଯେ ଦକ୍ଷ ସ୍ୱଭାବେ ଶ୍ୱଶୁର
ତାଙ୍କୁ ନ ଗଣିଲେ ଈଶ୍ୱର । ଜଗନ୍ନାଥ. ଭାଗବତ ।
୧୩ । ସ୍ମରଣ କରିବା—1. To remember
ହୋଇ ତୋ ଚରଣ ଧ୍ୟାୟି ଝୁରୁଥିବି ନିଜ ଭାଗ୍ୟ ଗଣି ଗଣି ।
ଉପେନ୍ଦ୍ରଭଞ୍ଜ. ଗୀତ ଲହରୀ ।

**ଗଣୀ**—ସଂ. ବିଣ. ପୁଂ. ( ଗଣ+ଇନ୍; ୧ମା ୧ବ )—
Gaṇī ଯାହାର ଦଳ ବା ଦଳ ଥାଏ—
Having or owning a flock.
ସଂ. ବି. ପୁଂ—ବିଦ୍ୟାଳୟର ଶ୍ରେଣୀର ଛାତ୍ରଙ୍କୁ ପଢ଼ାଉଥିବା ଶିକ୍ଷକ;
(ଗଣିନୀ—ସ୍ତ୍ରୀ) ସ୍କୁଲ ମାଷ୍ଟର—
A class-teacher; a school-master.

**ଗଣୀଭୂତ**—ସଂ. ବିଣ. ( ଗଣ+ଅଭୂତ ତଦ୍ଭାବେ (ଚ୍ୱି) ଈ+ଭୂତ )—
Gaṇībhūta ଦଳଭୁକ୍ତ; କୌଣସି ଗଣରେ ସ୍ଥିତ; ଗଣାନ୍ତର୍ଗତ—
Included in or belonging to a party or class.

**ଗଣୀୟ**—ସଂ. ବିଣ. ( ଗଣ+ଈୟ )—ଗଣସମ୍ବନ୍ଧୀୟ—
Gaṇīya Relating to a Gaṇa or 'class'.

**ଗଣେଇ**—ଦେ. ବି—୧ । ଗଣିଆ ତୋଡ଼ି ମାଛର ଛୁଆ; କ୍ଷୁଦ୍ର ଗଣିଆ ତୋଡ଼ି—
Gaṇei
1. The fry or Gaṇiā torḍi fish.
୨ । ଏକ ଜାତୀୟ ମାଛରଙ୍କା ଚଢ଼େଇ—
2. A kind of King-fisher.

**ଗଣେଇ ତୋଡ଼ି**—ଦେ. ବି—ଗଣିଆଁ ତୋଡ଼ି ( ଦେଖ )
Gaṇei torḍi Gaṇiāṅ torḍi ( See )

**ଗଣେୟ**—ସଂ. ବି. ( ଗଣ୍ ଧାତୁ+କର୍ମ. ଯ ନିପାତନ )—
Gaṇeya ଗଣନୀୟ ( ଦେଖ )
Gaṇanīya ( See )

**ଗଣେରୁ**—ସଂ. ବି. ସ୍ତ୍ରୀ. (ଗଣ=ସଂଖ୍ୟା+ଇର୍ ଧାତୁ=ଯିବା+କର୍ତ୍ତୃ. ଉ)—
Gaṇeru ୧ । ବେଶ୍ୟା—1. Prostitute; harlot.
୨ । ହସ୍ତିନୀ—2. A female elephant.
୩ । କର୍ଣ୍ଣିକାର ବା କନିଅର ଗଛ—
3. Bastard oleander.

**ଗଣେରୁକା**—ସଂ. ବି. ସ୍ତ୍ରୀ. ( ଗଣେରୁ+କ+ସ୍ତ୍ରୀ. ଆ )—
Gaṇerukā ୧ । ଦୂତୀ—1. Procuress.
୨ । କୁଟ୍ଟିନୀ—2. Panderess.
୩ । ନଷ୍ଟଚରିତ୍ରା ସ୍ତ୍ରୀ—3. Adulteress.
୪ । ଦାସୀ—
4. Female servant; maid servant.

**ଗଣେଶ**—ସଂ. ବି. ( ୬ଷ୍ଠୀ ତତ୍; ଗଣ=ବିଘ୍ନକାରୀ ସମୂହ+ଈଶ )—
Gaṇeśa ୧ । ଗଣନାଥ—1. God Gaṇeśa.
[ ଦ୍ର—ଏ ମହାଦେବ ଓ ପାର୍ବତୀଙ୍କର କନିଷ୍ଠ ଓ ମତାନ୍ତରରେ ଜ୍ୟେଷ୍ଠ ପୁତ୍ର । ମତାନ୍ତରରେ ପାର୍ବତୀଙ୍କ ଦେହର ମଳ ଚମରୁ ଜନ୍ମିଥିଲେ । ଏ ବିଦ୍ୟାର ଅଧିଷ୍ଠାତା ଦେବ ଓ ସମସ୍ତ ବିଘ୍ନବିନାଶକ ଅଟନ୍ତି । ଏଥିପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ଏହାଙ୍କୁ ପ୍ରଥମେ ଆବାହନପୂର୍ବକ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଥନ୍ଦଲ ପେଟ ଓ ସାପ ପଇତା । ଏହାଙ୍କର ବାହନ ମୂଷା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ୱ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

ଏ ହାତରେ ଗୋଟିଏ ଲଡ଼ୁ ଧରି ଥାଆନ୍ତି । ପରଶୁରାମଙ୍କ ସହିତ ଯୁଦ୍ଧ କରି ଏହାଙ୍କର ଗୋଟିଏ ହାତୀଦାନ୍ତ ଭାଙ୍ଗି ଯାଇଥିଲା । ମହାଦେବ ଏକ ଅସୁରକୁ ବଧ କରିବାକୁ ଯାଇଥିବା ସମୟରେ ଏ ପାର୍ବତୀଙ୍କଠାରୁ ଜାତ ହେଲେ ଓ ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇଥିଲେ । ମହାଦେବ ଘରକୁ ଫେରି ଆସିଲା ବେଳେ ଏ ତାଙ୍କୁ ଆପଣା ପିତା ବୋଲି ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ ଓ ମହାଦେବ ଏହାଙ୍କ ଶିର ଛେଦନ କରି ଭିତରକୁ ଯାଇ ପାର୍ବତୀଙ୍କଠାରୁ ଏହାଙ୍କର ପରିଚୟ ପାଇ, ଫେରି ଆସି ଦେଖିଲା ବେଳକୁ ମୁଣ୍ଡଟି ନାହିଁ, ଗଣ୍ଡିଟି ପଡ଼ିଅଛି । ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରକୁ ମୁଣ୍ଡ କରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଦେଇ ଏହାଙ୍କୁ ବଞ୍ଚାଇଲେ ଓ ତଦନୁସାରେ ଏହାଙ୍କର ହାତୀମୁଣ୍ଡ ହେଲା । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି । କଥିତ ଅଛି ଯେ ବ୍ରହ୍ମା ଏହାଙ୍କୁ ବ୍ୟାସୋକ୍ତ ମହାଭାରତର ଲେଖକରୂପେ ନିଯୁକ୍ତ କରିଥିଲେ । ରକ୍ତ ଚନ୍ଦନ, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ; ଗଣେଶ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ଏହାଙ୍କର ଅନ୍ୟ ନାମ—ଗଣନାଥ, ଗଣପତି, ଗଣାଗ୍ରଣୀ, ଗଣାଧିପ; ଗଣାଧିପତି, ଗଣେଶ୍ୱର, ଗଣେଶାନ, ଗଣନାୟକ, ଏକଦନ୍ତ, ଏକଦଂଷ୍ଟ୍ର, ଗଜାସ୍ୟ, ଗଜବଦନ, ବିଘ୍ନରାଜ, ବିନାୟକ, ଦ୍ୱିପ୍ରୀବ, ଦ୍ୱୈମାତୁର, ଲମ୍ବୋଦର, ହେରମ୍ବ, ଗଜାନନ, ବିଘ୍ନେଶ, ପରଶୁପାଣି, ଆଖୁଗ, ଶୂର୍ପକର୍ଣ୍ଣ । ]

୨ । (ନାମ) 'ଜାତକାଲଙ୍କାର' ନାମକ ପ୍ରସିଦ୍ଧ ଫଳିତ ଜ୍ୟୋତିଷ ଗ୍ରନ୍ଥର ରଚୟିତା—2. Name of the author of a Sanscrit astrological treatise.

[ ଦ୍ର—ଏ ଜାତିରେ ବ୍ରାହ୍ମଣ ତାପ୍ତୀ ନଦୀର ତୀରବର୍ତ୍ତୀ ସୂର୍ଯ୍ୟପୁର ନାମକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ]

**ଗଣେଶ ଚଉଠୀ**—ଦେ. ବି—ଗଣେଶ ଚତୁର୍ଥୀ ( ଦେଖ )
Gaṇeṡa chauṭhi — Gaṇeṡa chaturthī ( See )

**ଗଣେଶ ଚଉଠୀ ଚନ୍ଦ୍ର**—ଦେ. ବି—ଗଣେଶ ଚଉଠୀ ଶଶାଙ୍କ ( ଦେଖ )
Gaṇeṡa chauṭhi chandra — Gaṇeṡa chauṭhi ṡaṡāṅka ( See )

**ଗଣେଶ ଚଉଠୀ ଶଶାଙ୍କ**—ଦେ. ବି—୧ । ଗଣେଶ ଚତୁର୍ଥୀ ରାତ୍ରିରେ ଉଦିତ ଚନ୍ଦ୍ର—
Gaṇeṡa chauṭhī ṡaṡāṅka
1. The moon appearing in the night of 'Gaṇeṡa-chaturthī.'

୨ । (ଉକ୍ତ ଚନ୍ଦ୍ରଙ୍କୁ ଦର୍ଶନ କରିବା ନିଷିଦ୍ଧ ଥିବାରୁ ଲକ୍ଷଣାର୍ଥରୁ) ଅଦର୍ଶନୀୟ ପଦାର୍ଥ—
2. Anything which should not be seen.

ବଦନ ପର ଯୁବତୀଙ୍କ, ଗଣେଶ ଚଉଠୀ ଶଶାଙ୍କ—,
ଭୂପତି—ପ୍ରେମପଞ୍ଚାମୃତ ।

[ ଦ୍ର—ବ୍ରହ୍ମପୁରାଣବଚନ ଅନୁସାରେ ନାରାୟଣ ଅଭିଶପ୍ତ ହୋଇ ଗଣେଶଚତୁର୍ଥୀ ରାତ୍ରିରେ ଚନ୍ଦ୍ରକିରଣରେ ଥାଆନ୍ତି ଓ ସେ ରାତ୍ରିରେ ଚନ୍ଦ୍ରଙ୍କୁ ଦର୍ଶନ କଲେ ଉକ୍ତ ଅଭିଶାପ ଦର୍ଶନକାରୀବ୍ୟକ୍ତି ଉପରେ ପଡ଼େ । ଗଣେଶଚତୁର୍ଥୀ ରାତ୍ରିରେ ଉଦିତ ଚନ୍ଦ୍ରଙ୍କ ନଷ୍ଟଚନ୍ଦ୍ର ବୋଲାଯାଏ ଓ ତାଙ୍କୁ ଦେଖିବା ନିଷିଦ୍ଧ । ଦୈବାତ୍ ଦର୍ଶନ କଲେ ପୂର୍ବ ବା ଉତ୍ତର ମୁଖ ହୋଇ ଧାତ୍ରେୟିକା ବାକ୍ୟ 'ସିଂହଃ ପ୍ରସେନମବଧୀତ୍, ସିଂହୋ ଜାମ୍ବବତା ହତଃ । ସୁକୁମାରକ ମାରୋଦୀସ୍ତବ ହ୍ୟେଷ ସ୍ୟମନ୍ତକଃ' ବାକ୍ୟ ପାଠ କଲେ ଓ ସ୍ୟମନ୍ତକ ଉପାଖ୍ୟାନ ଶୁଣିଲେ ଦୋଷ କ୍ଷୟ ହୁଏ ।
ଖଡ଼ିରତ୍ନ. ନୂତନ ପଞ୍ଜିକା. ଇତ୍ୟାଦିତନ୍ତ୍ର । ]

**ଗଣେଶ ଚତୁର୍ଥୀ**—ସଂ. ବି—ଭାଦ୍ରମାସ ଶୁକ୍ଳ ଚତୁର୍ଥୀ—
Gaṇeṡa chaturthī — The fourth day of the bright fort night of the month of Bhādra.

[ ଦ୍ର—ଏ ଦିନ ଗଣନାଥଙ୍କୁ ପୂଜା କରାଯାଏ । ]

**ଗଣେଶପେଟ**—ଦେ. ବି—ଅନ୍ତୁଲ ପେଟ—
Gaṇeṡapeṭa — Pot-belly.

**ଗଣେଶପେଟା**—ଦେ. ବିଣ. ପୁଂ—ଅନ୍ତୁଲପେଟା, ତୋନ୍ଦୁଆ—
Gaṇeṡapeṭā — Pot-bellied.

**ଗଣେଶପେଟିଆ**—ଦେ. ବି. ପୁଂ—ଗଣେଶପେଟା ( ଦେଖ )
Gaṇeṡapeṭiā — Gaṇeṡapeṭā ( See )

**ଗଣେଶବାହନ**—ସଂ. ବି. ( ୬ଷ୍ଠୀ ତତ୍; ଗଣେଶ+ବାହନ )—ମୂଷା—
Gaṇeṡabāhana — Mouse.

**ଗଣେଶବିଭୂତି**—ଦେ. ବି. ( ନାମ )—ଭକ୍ତକବି ଭୂପତି ଭଞ୍ଜଙ୍କ ପ୍ରଣୀତ ପୁରାତନ ଓଡ଼ିଆ ଗ୍ରନ୍ଥବିଶେଷ—
Gaṇeṡabibhūti — Name of an oriya poem by Bhūpati Bhañja.

[ ଦ୍ର—ଏଥିରେ ଗଣେଶ ଏବଂ ଶିବଙ୍କ ପ୍ରଶ୍ନୋତ୍ତର ଛଳରେ ବୌଦ୍ଧ ଯୋଗଶାସ୍ତ୍ର, ଅବନା ଆଦି ମନ୍ତ୍ର, ବାୟୁ ସାଧନା ଏବଂ ଭକ୍ତି ତତ୍ତ୍ୱ ଜାତିର ପ୍ରକୃତି ବର୍ଣ୍ଣିତ ହୋଇଅଛି । ]

**ଗଣେଶ୍ୱର**—ସଂ. ବି. ( ୬ଷ୍ଠୀ ତତ୍; ଗଣ+ଈଶ୍ୱର )—
Gaṇeṡwara — ଗଣନାଥ ( ଦେଖ ) Gaṇanātha ( See )

**ଗଣୋତ୍ସାହ**—ସଂ. ବି. ( ବହୁବ୍ରୀହି; ଗଣ+ଉତ୍ସାହ; ଦଳରେ ମିଶିଲେ ଯେଉଁମାନଙ୍କର ଉତ୍ସାହ ବଢ଼େ )—
Gaṇotsāha — ଗଣ୍ଡା ନାମକ ପଶୁ—Rhinoceros.

**ଗଣ୍ଟୁର**—ଦେ. ବି. (ନାମ)—ଗୁଣ୍ଟୁରୁ ( ଦେଖ )
Gaṇṭur — Guṇṭuru ( See )

**ଗଣ୍ଠ୍ରିଆ**—ପ୍ରାଦେ. (ସମ୍ବଲପୁର) ବି—କଙ୍କନ ( ଦେଖ )
Gaṇṭhriā — Kaṅgana ( See )

**ଗଣ୍ଠ୍ଲା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗ୍ରନ୍ଥି)—ଗଣ୍ଠିଲା ( ଦେଖ )
Gaṇṭhlā — Gaṇṭhilā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ୧୦ଡ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଛୁଅ' ନ ମିଳିଲେ 'ଛୁଅ ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

**ଗଣ୍ଠ୍‌ଲା ଦେବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଅଦୃଷ୍ଟରଜା କନ୍ୟାକୁ Ganṭhlā debā ଶାଶୁଘରକୁ ପଠାଇବା ଉପଲକ୍ଷ୍ୟରେ ଭାର ପଠାଇବା—To send presents with an unmatured girl on the occasion of her going to her husband's house.

**ଗଣ୍ଠରା**—ଦେ. ବି. (ସଂ. ଗ୍ରନ୍ଥି)—ଗଣ୍ଠିଲା ( ଦେଖ ) Ganṭharā Ganṭhilā ( See )

**ଗଣ୍ଠରି**—ଦେ. ବି. (ସଂ. ଗ୍ରନ୍ଥି)—ଗଣ୍ଠିଲା ( ଦେଖ ) Ganṭhari Ganṭhilā ( See )

**ଗଣ୍ଠା**—ଦେ. ବି. (ସଂ. ଗ୍ରନ୍ଥି)- ଯୋଡ଼ିବା; ଦୁଇଟି ପଦାର୍ଥ ଗଣ୍ଠି ପକାଇ Ganṭhā ବାନ୍ଧିବା—Joining of two things with a knot.

**ଗଣ୍ଠାଇବା**—ଦେ. କ୍ରି. (ସଂ. ଗ୍ରନ୍ଥି)—ଗଇଁଠାଇବା ( ଦେଖ ) Ganṭhāibā Gaiṅṭhāibā ( See )

**ଗଣ୍ଠି**—ଦେ. ବି. (ସଂ. ଗ୍ରନ୍ଥି)—୧ । ବନ୍ଧନ; ଗ୍ରନ୍ଥି—1. Knot. Ganṭhi ୨ । କେଶ; ଦଉଡ଼ି ବା ଲୁଗାଆଦିକୁ ମଣ୍ଡଳାକାରରେ ଗାଇଁଠ; गाँठ; গাঁঠি ଗଢ଼ ବାନ୍ଧିବାର ପ୍ରଣାଳୀ— **गाँठ** 2. Mode of tying up hair; rope or cloth into coils

କର କରୁଣା ବୋଲି ଯେବେ ଗୃହୁ ଉଠିଲ ତୋ ଗ୍ରାମକ
ଗଣ୍ଠି ତ ନ ଫିଟିଲାରେ । କବିସୂର୍ଯ୍ୟ. ସଙ୍ଗୀତ ।

Gatidāyi ଗତିକର (ଦେଖ)
(ଗତିଦାୟିନୀ—ସ୍ତ୍ରୀ) Gatikara (See)

**ଗତିବିଧି**—ଦେ. ବି. (୬ଷ୍ଠୀ ତତ୍; ଗତି+ବିଧି)—୧ । ମୁକ୍ତିର ଉପାୟ—
Gatibidhi 1. Means of salvation.
ଗତିବିଧି ୨ । କାର୍ଯ୍ୟକଳାପ; କ୍ରିୟାକଳାପ—2. Mode of life; conduct.
୩ । ଗମନାଗମନ—3. Intercourse.
୪ । ଚଳଚଳଣ; ଢଙ୍ଗଢାଙ୍ଗ—4. Movements.
( ଯଥା—ସେନାପତି ଦୁର୍ଗଶିଖରରେ ଠିଆ ହୋଇ ବିପକ୍ଷ ପକ୍ଷର ଗତିବିଧି ଲକ୍ଷ କରୁ ଅଛନ୍ତି । )

**ଗତିଭଙ୍ଗ**—ସଂ. ବି. (୬ଷ୍ଠୀ ତତ୍; ଗତି+ଭଙ୍ଗ)—ଗତିରୋଧ (ଦେଖ)
Gatibhaṅga Gatirodha (See)

**ଗତିମାନ**—ସଂ. ବିଣ. ପୁଂ.—( ଗତି+ମତ୍; ୧ମା. ୧ବ. )—୧ । ଗତି
Gatimān କରୁଥିବା—1. Moving; in motion.
(ଗତିମତୀ—ସ୍ତ୍ରୀ) ୨ । ଯାହାର ଘାଆରୁ ପୂଜ ବୋହୁ ଅଛି—
2. Having running sores.

**ଗତିମୁକ୍ତି**—ସଂ. ବି. ( ଏକାର୍ଥକ ସହଚର ଶବ୍ଦ; ଗତି+ମୁକ୍ତି )—
Gatimukti ୧ । ସଦ୍‌ଗତି; ସମ୍ୟକ୍ ଉଦ୍ଧାର—
1 Redemption.
୨ । ଜୀବନକୁ କଷ୍ଟ ବା ପାପରୁ ଉଦ୍ଧାର କରିବା—
2. Salvation.

**ଗତିରୋଧ**—ସଂ. ବି. ( ୬ଷ୍ଠୀ ତତ୍; ଗତି+ରୋଧ )—ଗତିରେ ବିଘ୍ନ;
Gatirodha ଅଗ୍ରସର ବା ଗମନକ୍ରିୟା ବନ୍ଦ ହେବା ବା କରିବା; ପଥରୋଧ—Stoppage of movement; detention.

**ଗତିଲା**—ସଂ. ବି. (ଗତି+ଲା ଧାତୁ+ଅ+ସ୍ତ୍ରୀ. ଆ)—୧ । ନଦୀ—
Gatilā 1. A river.
୨ । କ୍ରମ—2. Series; succession.

**ଗତିଶକ୍ତି**—ସଂ. ବି. (୬ଷ୍ଠୀ ତତ୍ ଗତି+ଶକ୍ତି)—ଚଳନଶକ୍ତି—
Gatiśakti Power of movement.

**ଗତିଶକ୍ତିରହିତ**—ସଂ. ବିଣ. ( ୩ୟା ତତ୍; ଗତିଶକ୍ତି+ରହିତ )—
Gatiśaktiaahita ୧ । ଗତି କରିବାର ଶକ୍ତି ଯାହାର ନାହିଁ; ନିଶ୍ଚଳ—
1. Destitute of locomotion.
୨ । ନିରାଶ୍ରୟ—2. Helpless.

**ଗତିଶକ୍ତିହୀନ**—ସଂ. ବିଣ—ଗତିଶକ୍ତିରହିତ ( ଦେଖ )
Gatiśaktihīna Gatiśaktirahita ( See )

**ଗତିହୀନ**—ସଂ. ବିଣ—୧ । ଗତିଶକ୍ତିରହିତ ( ଦେଖ )
Gatihīna 1. Gatiśaktirahita ( See )
୨ । ଅଗତିକ—
Having no other alternative.

**ଗତେ**—ଦେ. (ପଦ୍ୟ) ( ଗତି ବା ଗତ ଶବ୍ଦର ୩ୟା ବା ୭ମୀ
Gate ବିଭକ୍ତି ରୂପ )—

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନୃ |

୧ । ଗତି ଦ୍ୱାରା—1. By the movement of.

ଦାନ ନ ଦେବ କର ହସ୍ତେ
ତୀର୍ଥ ନ ଯିବ ପାଦଗତେ । ଜଗନ୍ନାଥ. ଭାଗବତ ।

୨ । ଅଭ୍ୟନ୍ତରରେ—2. Inside.

ଚର୍ମିକ-ତନ୍ତ୍ର-ବାଦ୍ୟ ଯେତେ
ସକଳ ବଜାଇ ରନ୍ଧ୍ରଗତେ । ଭୂପତି. ପ୍ରେମପଞ୍ଚାମୃତ ।

**ଗତୋତ୍ସାହ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଗତ + ଉତ୍ସାହ )—
Gatotsāha ୧ । ହତୋତ୍ସାହ—
(ଗତୋତ୍ସାହା—ସ୍ତ୍ରୀ) 1. Dejected; dispirited; disheartened.
୨ । ନିରୁତ୍ସାହ—2. Discouraged.

**ଗତ୍ତର**—ସଂ. ବିଣ. ( ଗମ୍ ଧାତୁ + ଶୀଳାର୍ଥେ ତର )—
Gattara ଗତ୍ୱର ( ଦେଖ )
Gatwara ( See )

**ଗତ୍ୱର**—ସଂ. ବିଣ. ( ଗମ୍ ଧାତୁ + ଶୀଳାର୍ଥରେ ବର )—
Gatwara ୧ । ଗମନଶୀଳ—
(ଗତ୍ୱରୀ—ସ୍ତ୍ରୀ) 1. Moving by nature.
(ଗତ୍ୱରତା—ବି) ୨ । ଗତିବିଶିଷ୍ଟ—2. Moving.
୩ । ଚଞ୍ଚଳ ଗତିବିଶିଷ୍ଟ—
3. Having swift motion.
୪ । ବିନଶ୍ୱର—4. Perishable.
୫ । ଅସ୍ଥାୟୀ; ପରିବର୍ତ୍ତନଶୀଳ—5. Changeable.
୬ । ଅଚିରସ୍ଥାୟୀ—
6 Transity; transient, temporary; passing.
୭ । ଅସ୍ଥିର—7. Unstable; restless.

**ଗତ୍ୱରା**—ଦେ. ବି —ପ୍ରାଚୀନ ଅର୍ଣ୍ଣବ ପୋତବିଶେଷ—
Gatwarā ( ଜଗବନ୍ଧୁ ପ୍ରାଚୀନ ଉତ୍କଳ )
A kind of sea-going vessel of old days.

**ଗଦ୍ରା**—ପ୍ରାଦେ. ( ସମ୍ବଲପୁର ) ବି—
Gadrā ୧ । ଗୁଡ଼ ରଖିବାର ଚଉଡ଼ାମୁହାଁ ବଡ଼ ମାଠିଆ—
1. A wide-mouthed jug for storing molasses.
୨ । ଆଖୁ ଦୋରୁଅ ରଖିବାର ପାତ୍ର ବା ମାପବିଶେଷ—
2. A peculiar pot for keeping or measuring sugarcane-juice.
ବିଣ. ( ଭୁଲ. ହି. ଗଦର )—ଦର ପାଚିଲା ଫଳ—
Half-ripe ( fruit ).

**ଗଦ୍ହା**—ପ୍ରାଦେ. ( ବସ୍ତର ) ବିଣ—
Gadhā ( ସଂ. ଗର୍ଦ୍ଦଭ; ଭୁଲ. ହି. ଗଦହା )—
ଗଧା; ଅକର୍ମଣ୍ୟ ( ବ୍ୟକ୍ତି )—
Useless; worthless ( person ).
ବି—ଗଧ—Ass.

**ଗଦ (ଧାତୁ)**—ସ—୧ । କହିବା—
Gada (root) 1. To speak; to say.
୨ । ମୁଖରେ ବର୍ଣ୍ଣନା କରିବା—2. To relate.
୩ । ସଂଖ୍ୟା କରିବା—3. To enumerate.
୪ । ପୀଡ଼ିତ ହେବା—
4. To ail; to be sick; to feel pain.
୫ । ଘଡ଼ଘଡ଼ି ମାରିବା—5. To thunder.

**ଗଦ**—ସଂ. ବି. ( ଗଦ ଧାତୁ + ଅ )—
Gada ୧ । ( + କର୍ମ. ଅ ) ରୋଗ ପୀଡ଼ା—
1. Disease; sickness; illness.
୨ । ( + କର୍ତ୍ତୃ. ଅ ) ଶ୍ରୀକୃଷ୍ଣଙ୍କର ସାନ ଭାଇ—
2. Younger brother of Śrīkṛushṇa.
୩ । ( + ଭାବ. ଅ ) କଥନ; କହିବା—
3. Speaking.
୪ । ବାକ୍ୟ—4. Speech; sentence.
୫ । ( + କରଣ. ଅ ) ବିଷ—5. Poison.
୬ । ( କର୍ତ୍ତୃ. ଅ ) ଘଡ଼ଘଡ଼ି—6. Thunder.
ଦେ. ବି. ( ସଂ. ଅଗଦ )—
୧ । ସାପ କାମୁଡ଼ା ଓ ଶିଶୁମାନଙ୍କ ଉଦର ରୋଗର ମହୌଷଧିବିଶେଷ; ଏକ ପ୍ରକାର ଗୁଳ୍ମର ସୁଗନ୍ଧ ଚେର—
1. Sweet-scented root of a plant used as antidote against infantile diarrhoea and serpent-bite.

ମରମେ ଗଲା ତାଙ୍କ ହାଣି, କମ୍ପା ନ ଦେଲ ଗଦ ଆଣି ।
ଭୂପତି. ପ୍ରେମପଞ୍ଚାମୃତ ।

[ ଦ୍ର—ଗଦ ନାନା ପ୍ରକାର ଯଥା—କେଦାର, ଚନ୍ଦ୍ରକେଦାର, ନୀଳକଣ୍ଠ, ପଦ୍ମକେଦାର, କୁମୁଦାକର, ପରଶୁକେଦାର, ବାଉଁଶପତ୍ରିଆ ଇତ୍ୟାଦି । ]

୨ । ମହୌଷଧ—
2. Specific; antidote; medicament.

ଅଭୟ ଗତି ମୋର ପଦ, ତ୍ରିଗୁଣ ବନ୍ଧକୁ ମୁଁ ଗଦ ।
ପ୍ରାଚୀ. ନଗ୍ନଶମାହାତ୍ମ୍ୟ ।

**ଗଦଗଦ**—ସଂ. ବି. ( ଗଦ୍ ଧାତୁ = କହିବା + ଗଦ, ଧ୍ୱନ୍ୟନୁକରଣ )—
Gadagada ଅସ୍ପଷ୍ଟ ଉଚ୍ଚାରଣ—Indistinct utterance.
ଦେ. ଅ. ( ସଂ. ଗଦ୍‌ଗଦ )—୧ । ଆନନ୍ଦାତିଶଯ୍ୟଜନିତ ପୁନଃ-ପୁନଃ କମ୍ପନ ସହ ଉଚ୍ଚାରିତ ବାକ୍ୟର ଅବ୍ୟକ୍ତ ଅବସ୍ଥା—
1. The state of the voice ,being choked by a paroxysm of joy.
୨ । ନଦୀ ବା ପ୍ରପାତାଦିର ଜଳର ଉଚ୍ଚରୁ ପତନ ହେବା ଶବ୍ଦର ଅନୁକରଣ; ମେଘର ଗମ୍ଭୀର ଶବ୍ଦର ଅନୁକରଣ—
2. Rumbling or roaring sound (of water falling down from high or of thunder ).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାର' ନ ମିଳିଲେ 'ଗାର୍' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗା' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'ଦେଖିବେ।

ଦେ. ବିଣ. ( ସଂ. ଗଦ୍ଗଦ )—୧ । ଭାବବିହ୍ୱଳ କଣ୍ଠ; ଗଭୀର ଉଲ୍ଲାସ ବା ଦୁଃଖ ଯୋଗୁଁ ରୁଦ୍ଧକଣ୍ଠ—
1. With a voice choked in a paroxysm of feeling.
୨ । ଭାବାତିଶଯ୍ୟ ଯୋଗୁଁ କମ୍ପିତ ସ୍ୱର—
2. With a tremulous voice due to intense feeling.

ଧରି ମୋ ପିତାଙ୍କ ପଦ, କହନ୍ତି ମା ଗଦଗଦ—ମଧୁସୂଦନ. ଛନ୍ଦମାଳା ।

୩ । ଆନନ୍ଦ, ପ୍ରେମ, ଭକ୍ତି ଆଦିରେ ଯାହାର ପାଟି ଖନ୍ଧ ମାରିଯାଏ କମ୍ବା କଣ୍ଠନିଃସୃତ ସ୍ୱର ସ୍ପଷ୍ଟରୂପେ ବୁଝା ପଡ଼େ ନାହିଁ—3. Deprived of the power of clear or articulate expression owing to intensity of joy, love or devotion.

ନିନ୍ଦହିଁ ଧରି ତାଙ୍କ ପାଦ, ବୁହେଁ ଅନନ୍ଦେ ଗଦଗଦ—
ଭୂପତି. ପ୍ରେମପଞ୍ଚାମୃତ ।

ଦେ. କ୍ରି. ବିଣ— ଗଦ୍ଗଦ ( ଦେଖ )
Gadgada ( See )

**ଗଦଗଦନାଦୀ**— ସଂ. ବିଣ. ପୁଂ. ( ଗଦଗଦ+ନଦ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ.)—ଅବ୍ୟକ୍ତ ଗମ୍ଭୀର ଶବ୍ଦକାରୀ—
Gadagadanādi
(ଗଦଗଦନାଦିନୀ—ସ୍ତ୍ରୀ) Making tremulous sounds; with acents choked by feelings.

**ଗଦଗଦଭାଷୀ**— ସଂ. ବିଣ. ପୁଂ. ( ଗଦଗଦ+ଭାଷ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ. )—ଗଦଗଦନାଦୀ (ଦେଖ)
Gadagadabhāshi
( ଗଦଗଦଭାଷିଣୀ—ସ୍ତ୍ରୀ ) Gadagadanādi (See)

**ଗଦଗଦେ**—ଦେ. ( ପଦ୍ୟ ) କ୍ରି. ବିଣ. ( ସଂ. ଗଦଗଦ; ଗଦ୍ଗଦ )—
. Gadagade ଗଦ୍ଗଦ ( ଦେଖ )
गदगदे Gadgada ( See )

ଅଶ୍ରୁନୟନେ କହଇ ଗଦଗଦେ—ଦାଶରଥି. ଚନ୍ଦ୍ରହାର ।

**ଗଦଡ଼ା**—ସଂ. ବିଣ. ( ତୁଲ. ହି. ଗୁଦଡ଼ୁ=କନ୍ଥା; ଫା. ଗର୍ଦ=ଧୂଳି; ପାର୍ସି )—୧ । ମୋଟା ( ବସ୍ତ୍ର )—
Gadarḍā
मोटा 1. Coarse ( cloth ).
୨ । ମଇଳା; ମଳିନ—2. Dirty.

**मोटा** ବି—୧ । ଝୋଟ; ଛଣପଟ ଇତ୍ୟାଦିର ଜଟିଳ ଅଂଶ ବା ଆବର୍ଜନା ବା ଅଳଆ; ଗରଦ—
1. Refuse matter from carded jute or hemp; worsted.

**गुदड़ी** ୨ । ଛିଣ୍ଡା ଲୁଗା ଓ କନ୍ଥାକୁ ଅନେକ ପରସ୍ତ କରି ସିଲାଇ କରିବାଦ୍ୱାରା ପ୍ରସ୍ତୁତ ମୋଟ ବସ୍ତ୍ର; ଗୋଦଡ଼ି—
2. A thick covering or sheet made of several layers of rags patched up and sewn together.

**ଗଦୟିତ୍ନୁ**—ସଂ. ବିଣ. ( ଗଦ ଧାତୁ+କର୍ତ୍ତୃ. ଇତ୍ନୁ )—
Gadayitnu ୧ । ଗପଡ଼ି; ବହୁଭାଷୀ—
1. Loquacious; garrulous.
୨ । କାମୁକ—2. Libidinous; lustful.
ବି—କାମଦେବ—Cupid.

**ଗଦଲା**—ଦେ. ବି— ହାତୀ ପିଠିରେ ପକାଯିବା ଗଦି; କଠଲା—
Gadalā A cushion put on the back of an elephant.
**गद्‌ला**

**ଗଦା**— ସଂ. ବି. (ଗଦ୍ ଧାତୁ=ପୀଡ଼ିତ ହେବା+କରଣ. ଅ+ସ୍ତ୍ରୀ. ଆ)—
Gadā ଲୌହ ବା କାଠର ମୁଦ୍ଗର; ଲୌହମୟ ସ୍ଥୂଳଶସ୍ତ୍ରବିଶେଷ ( ସାଧାରଣତଃ ଏହାର ମୂଳାଂଶ ସରୁ, ଅଗ୍ରଭାଗ ମୋଟା ହୋଇ ଥାଏ )—Club, mace, bludgeon.

[ଦ୍ର—ବିଷ୍ଣୁଙ୍କର ଚାରି ହାତରେ ଧରିଥିବା ଚାରି ଗୋଟି ପଦାର୍ଥ ମଧ୍ୟରୁ (ଶଙ୍ଖ, ଚକ୍ର, ଗଦା, ପଦ୍ମ) ଗଦା ଏକତମ; ଏହା ଭୀମଙ୍କର ପ୍ରିୟ ଶସ୍ତ୍ର । ଏହାଦ୍ୱାରା ଭୀମ ଦୁର୍ଯ୍ୟୋଧନଙ୍କର ଊରୁ ଭାଙ୍ଗିଥିଲେ । ]

गादा ଦେ. ବି.—୧ । ସ୍ତୂପ; ଏକ ଜାତୀୟ ବହୁବସ୍ତୁର ଏକବ
**ढेर** ଉପର୍ଯ୍ୟୁପରି ସମାବେଶ—( ଯଥା— ନଡ଼ାଗଦା; ଧାନ ଗଦା; କୁଟାଗଦା)—1. Heap; mass.
୨ । ବହୁ ମନୁଷ୍ୟ ଏକ ସ୍ଥାନରେ ଠୁଳ ବା ଭିଡ଼ ହେବା—
2. Gathering of people; crowd.

ରଙ୍ଗସ୍ଥଳେ ଦଳେ ଦଳେ ଆସି ହେଲେ ଦର୍ଶକେ ଗଦା । ରାଧାନାଥ. ଉଷା ।

୩ । ବହୁତ; ପ୍ରଚୁର—3. Too much; plenty.
(ଯଥା—ଗଦାଏ ପାଣି; ଗଦାଏ ଲୋକ ।)
ଦେ. ବିଣ.—୧ । ଏକ ସ୍ଥାନରେ ଜମା ହୋଇଥିବା—
1. Amassed; heaped.
୨ । ଏକତ୍ର ସମାବିଷ୍ଟ; ଭିଡ଼ ହୋଇଥିବା—
2. Crowded; collected or gathered.

**ଗଦାଏ**—ଦେ. ବି. ଓ ବିଣ— ୧ । ଏକଗଦା ମାତ୍ର—
Gadāe 1. One heap of.
( ଯଥା—ଗଦାଏ କୁଟା; ଗଦାଏ ଧାନ ।)
୨ । ବହୁତ—2. Much; too much.
( ଯଥା—ଗଦାଏ ପାଣି । )

**ଗଦାକରିବା**—ଦେ. କ୍ରି.—ଗଦେଇବା (ଦେଖ)
Gadākaribā Gadeibā (See)

**ଗଦାଗଦା**—ଦେ. ବି. ଓ ବିଣ. ଓ କ୍ରି. ବିଣ— (ବହୁବଚନାର୍ଥରେ
Gadāgadā ଶବ୍ଦର ଦ୍ୱିତ୍ୱ )— ସ୍ତୂପୀକୃତ; ଭୂରି ଭୂରି —
गादा गादा In many heaps; heaps and heaps.
**ढेर ढेर**

ଗଦା ଗଦା ହୋଇ ଜଳରେ ପଡ଼ି ଗଦା ।
ଦୁଇ ଆଠ ଧାଡ଼ିକୁ କରି ଦେଲେ ଗଦା । କୃଷ୍ଣସିଂହ. ମ. ଶାନ୍ତି ।

**ଗଦାଗଡ଼**—ଦେ. ବି.—ବହୁ ବସ୍ତୁର ସ୍ତୂପୀକରଣ; ଏକତ୍ର ଠୁଳ କରିବା—
Gadāgadi Amassing; heaping together of many things.
गादागादि

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ |

**ଗଦାଗ୍ରଜ**—ସଂ. ବି. (୬ଷ୍ଠୀ ତତ୍; ଗଦର ଅଗ୍ରଜ)—ଶ୍ରୀକୃଷ୍ଣ—
Gadāgraja — Name of Śrikṛushṇa.

**ଗଦାଗ୍ରଣୀ**—ସଂ. ବି. (୭ମୀ ତତ୍; ଗଦ=ରୋଗମାନଙ୍କ ମଧ୍ୟରେ, ଅଗ୍ରଣୀ=
Gadāgraṇi ପ୍ରଧାନ)—ରାଜଯକ୍ଷ୍ମା ରୋଗ—
Consumption; pthisis.

**ଗଦାଘାତ**—ସଂ. ବି. (୩ୟା ତତ୍, ଗଦା+ଆଘାତ)—ଗଦାଦ୍ୱାରା ମାଡ଼—
Gadāghāta — Stroke with a mace or bludgeon.

**ଗଦାଣ**—ଦେ. ବି.—ସ୍ତୂପୀକରଣ; ଗଦା କରିବା—
Gadāṇa — Heaping up.
ଗାଦାନା

**ଗଦାଧର**—ସଂ. ବି. ପୁଂ. (ଗଦା=ଧୃ ଧାତୁ=କର୍ତ୍ତୃ. ଅ)—୧ । ବିଷ୍ଣୁ—
Gadādhara — 1. Bishṇu.
୨ । ଶ୍ରୀକୃଷ୍ଣ—2 Śrikṛushṇa.
ବିଣ—ଗଦା ଧରିଥିବା—Armed with a mace.
ଦେ. ବି.—ପୁରୁଷଙ୍କୁ ଦିଆଯିବା ନାମ—
A name given to males.

**ଗଦାଧର ପଟ୍ଟନାୟକ**—ଦେ. ବି. ( ନାମ )—'ରସକଲ୍ପଲତା' ନାମକ
Gadādhara pattanāyaka ଗ୍ରନ୍ଥ ପ୍ରଣେତା (ତାରିଣୀ. ଉତ୍କଳ ସାହିତ୍ୟ ଇତିହାସ)—An author of an Oriya poem Rasakalpalatā.

**ଗଦାଧର ପଦ୍ଧତି**—ଦେ. ବି. (ନାମ)—ଗଦାଧର ରାଜଗୁରୁଙ୍କ ପ୍ରଣୀତ
Gadādhara paddhati ସ୍ମୃତିଗ୍ରନ୍ଥ—The title of a collection of Hindu law in sanscrit compiled by Gadādhara Rājaguru, an Oriya compiler of the Rājā of Puri.
[ ଦ୍ର—ଏ ଗ୍ରନ୍ଥକୁ ବହୁ ପରିଶ୍ରମ ସହକାରେ ଏକାଧିକ ତାଳପତ୍ର ପୋଥିରୁ ଉଦ୍ଧାର କରି ଅଠମଲ୍ଲିକର ସ୍ୱର୍ଗୀୟ ରାଜା ଓଡ଼ିଆ ଅକ୍ଷରରେ ମୁଦ୍ରିତ କରାଇ ଉତ୍କଳରେ ବିତରଣ କରିଥିଲେ । ]

**ଗଦାଧର ରାଜଗୁରୁ**—ଦେ. ବି. (ନାମ)—ସୁପ୍ରସିଦ୍ଧ ଉତ୍କଳୀୟ ସ୍ମୃତିଶାସ୍ତ୍ର-
Gadādhara rājaguru ପ୍ରଣେତା; ଗଦାଧର ପଦ୍ଧତିର ରଚୟିତା—The compiler of the 'Gadādhara paddhati', a collection of Hindu Law and social customs.
[ ଦ୍ର—ଏ ପୁରୀ ଜିଲ୍ଲା ବୀରହରେକୃଷ୍ଣପୁର ଶାସନର ପ୍ରତିଷ୍ଠାତା ଓ ଖୋରଧା ରାଜାଙ୍କର ମନ୍ତ୍ରୀ ଥିଲେ । ଏହାଙ୍କ ଗ୍ରନ୍ଥ ଉତ୍କଳରେ ଓ ଦାକ୍ଷିଣାତ୍ୟରେ ବିଶେଷ ଆଦୃତ । ]

**ଗଦାପାଣି**—ସଂ. ବିଣ. (ବହୁବ୍ରୀହି; ଗଦା+ପାଣି )—ଯେ ହାତରେ ଗଦା
Gadāpāṇi ଧରିଅଛି—Armed with or holding a mace.
ବି—ବିଷ୍ଣୁ—A name of Bishṇu.

**ଗଦାପ୍ରହାର**—ସଂ. ବି. ( ୩ୟା ତତ୍; ଗଦା+ପ୍ରହାର )—
Gadāprahāra ଗଦାଘାତ ( ଦେଖ )—Gadāghāta ( See )

**ଗଦାବାଡ଼ି**—ଦେ. ବି—ଗଦାଘାତ ( ଦେଖ )
Gadābārdi — Gadāghāta ( See )
ଶଙ୍ଖଙ୍କର ଯେ ଗୃହଯୋଦ୍ଧାଙ୍କର ପ୍ରାଣ
ଗୁରୁ ଗଦାବାଡ଼ିରେ ନେଲେ ଆପଣ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଗଦାଭୃତ୍**—ସଂ. ବି ଓ ବିଣ. ( ଗଦା+ଭୃ ଧାତୁ, କର୍ତ୍ତୃ. କ୍ୱିପ୍ )—
Gadābhṛut ଗଦାଧର ( ଦେଖ )—Gadādhara ( See )

**ଗଦାମାରିବା**—ଦେ. କ୍ରି—ଗଦେଇବା ( ଦେଖ )
Gadāmāribā — Gadeibā ( See )

**ଗଦାମ୍ବର**—ସଂ. ବି. ( ମ. ପ. ଲୋ; ଗଦ + ଅମ୍ବର; ଘଡ଼ଘଡ଼ିଯୁକ୍ତ
Gadāmbara ଅମ୍ବର )—୧ । ଘଡ଼ଘଡ଼ିଯୁକ୍ତ ମେଘ—
1. Thunder cloud.
୨ । ମେଘ—2. Cloud.

**ଗଦାଯୁଦ୍ଧ**—ସଂ. ବି. ( ୩ୟା ତତ୍; ଗଦା+ଯୁଦ୍ଧ )—ଗଦାଦ୍ୱାରା ଯୁଦ୍ଧ;
Gadājuddha ଯେଉଁ ଯୁଦ୍ଧରେ ପ୍ରତିପକ୍ଷମାନେ ଗଦା ବ୍ୟବହାର କରନ୍ତି—A fight with maces on both sides; a battle with clubs.

**ଗଦାରାତି**—ସଂ. ବି. ( ୬ଷ୍ଠୀ ତତ୍, ଗଦ=ରୋଗ+ଅରାତି=ଶତ୍ରୁ )—
Gadārāti ମହୌଷଧ—Drug; medicament; antidote.

**ଗଦାସାହାଣ**—ପ୍ରାଦେ. (ପୁରୀ) ବି. ( ସଂ. ଗଦା ଓ ସାଧନ, ପୁରୀ ସହରର
Gadāsāhāṇa ଯାଗାଘରମାନଙ୍କରେ ବ୍ୟବହୃତ ସହରର ଶବ୍ଦ )—
ବ୍ୟାୟାମ ସାଧନାର୍ଥ ଡାହାଣ ହାତରେ ଲୁହା ଗଦା ଓ ବାମ ହାତରେ ପଟାପରି ଲମ୍ବ ଲୁହାଖଣ୍ଡ ଧରି ବୁଲାଇବା—
A gymnastic exercise consisting of holding a long piece of flat iron in the left hand while brandishing the mace in the right hand.

**ଗଦାହସ୍ତ**—ସଂ. ବିଣ ଓ ବି. ( ବହୁବ୍ରୀହି, ଗଦା+ହସ୍ତ )—
Gadāhasta ଗଦାପାଣି ( ଦେଖ )—Gadāpāṇi ( See )

**ଗଦି**—ଦେ. ବି. ( ସଂ. ଗର୍ଦ୍ଦ ଧାତୁ, ହିନ୍ଦି ଗଦୀ )—
Gadi ୧ । ସିମିଳି ତୁଳା; ଛେଳି ବାଳ ଆଦିରେ ପୂର୍ଣ୍ଣ
गदी ସ୍ଥୂଳ କୋମଳ ବିଛଣା—
**गद्दा, गदेला, गद्दी** 1. Cushion; thick and soft mattress.
୨ । ରାଜଗାଦି; ରାଜସିଂହାସନ—2. Throne.
୩ । କାର୍ଯ୍ୟାଳୟ ବା ଅଫିସରେ ବଣିକ ବା ବ୍ୟବସାୟୀଙ୍କର ବସିବାର ଆସନ; ମାଲିକଙ୍କ ସ୍ୱତନ୍ତ୍ର ଆସନ—
3. The business seat of a merchant.
୪ । ସବାରି କାନ୍ଧିଆ ବେହେରାମାନେ କାନ୍ଧରେ ପକାଇବା ମୋଟ ଲୁଗା ବା ମୁରୁଲା—
4. A thick cushion or pad of cloth put on the shoulder of a palky bearer.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୫ । ବଣିକ ବା ବ୍ୟବସାୟୀର କାର୍ଯ୍ୟାଳୟ—
5. Business-office of a merchant; commercial house.

**ଗଦିଅଣ୍ଟା**—ଦେ. ବଣ—ଗଦିଆ ( ଦେଖ )
Gadiaṇṭā — Gadiā ( See )

**ଗଦିଆ**—ଦେ. ବଣ—୧ । ଯେଉଁ ବିଛଣା ଅଦରେ ଗଦି ମଡ଼ା ହୋଇଥାଏ-
Gadiā — 1. Cushioned ( bed )
ଗଦ୍ଦୀଆଁଟା — ୨ । ଗଦିଯୁକ୍ତ; ତୁଳା ବା ଢଳାର ମୋଟ ଆସ୍ତରଣଯୁକ୍ତ
गद्दीदार — ଖଟ—2. Padded ( bed stead )

ଦେ. ବି—୧ । ଗଦିଆନ ( ଦେଖ )
1. Gadiāna ( See )
୨ । ଗଦେଇବା ( ଦେଖ )
2. Gadeibā ( See )

**ଗଦିଆଗଦି (ଇତ୍ୟାଦି)**—ଦେ. ବି—ଗଦାଗଦି ଇତ୍ୟାଦି ( ଦେଖ )
Gadiāgadi (etc) — Gadāgadi etc. ( See )

**ଗଦିଆଗଦେଇ (ଇତ୍ୟାଦି)**—ଦେ. ବି—ଗଦାଗଦି ଇତ୍ୟାଦି ( ଦେଖ )
Gadiāgadei (etc) — Gadāgadi etc. ( See )

**ଗଦିଆନ**—ଦେ. ବଣ—୧ । ଯେଉଁ ମହାଜନ ବ୍ୟବସାୟ ବାଣିଜ୍ୟ ପାଇଁ
Gadiāna — ନିଜର ସ୍ୱତନ୍ତ୍ର ବଡ଼ କାର୍ଯ୍ୟାଳୟ ସ୍ଥାପନ କରି ଥାଏ—
গদিআন — 1. A merchant owning a big business-house of his own.
गद्दीवाला

ବାବୁ ବଳରାମ ବଳ କଲିକତା ବଡ଼ ବଜାରର ଜଣେ ଗଦିଆନ ମହାଜନ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଗଦିଆଳ ( ଦେଖ )
2. Gadiāla ( See )

**ଗଦିଆଳ**—ଦେ. ବି—ବାଣିଜ୍ୟ ଗଦିର କର୍ତ୍ତା; ଗଦିର ମାଲିକ—
Gadiāla — The head of a commercial house.
গদিআন
गद्दीवाला

**ଗଦିଏ**—ଦେ. ବି ଓ ବଣ. ( ଅଦସ୍ୱାର୍ଥିକ ଓ କ୍ଷୁଦ୍ରାର୍ଥିକ )—
Gadie — ଗୋଟିଏ ଛୋଟ ଗଦା ମାତ୍ର—
One small heap only.

**ଗଦିତ**—ସଂ. ବି. ( ଗଦ୍ ଧାତୁ+କର୍ମ. ତ )—କଥିତ; ଉକ୍ତ—
Gadita — Spoken; said.

**ଗଦିନଶିନ**—ବଣ. (ଉ. ଗଦି+ନସିନ୍ )—
Gadinaśina — ୧ । ସିଂହାସନାରୂଢ଼; ରାଜପଦରେ ଅଭିଷିକ୍ତ—
গাদীনসীন — 1. Installed on the throne.
गद्दीनसीन — ୨ । ସିଂହାସନରେ ଉପବିଷ୍ଟ—
2. Seated on the throne.

**ଗଦିମର୍ଦ୍ଦା**—ଦେ. ବଣ—ଗଦିଆ ( ଦେଖ )
Gadimarḍā — Gadiā ( See )

**ଗଦୀ**—ସଂ. ବଣ. ପୁଂ. ( ଗଦା+ଅସ୍ତ୍ର ଅର୍ଥରେ ଇନ୍; ୧ମା. ୧ବ )—
Gadī — ୧ । ଗଦାଧର; ଗଦାଧାରୀ—
(ଗଦିନୀ—ସ୍ତ୍ରୀ) — 1. Armed with a mace; holding a mace; mace-bearing.
୨ । (ଗଦ+ଇନ୍ ୧ମା. ୧ବ)—ରୋଗୀ; ପୀଡ଼ାଗ୍ରସ୍ତ—
2. Sick; ailing.
ବି—ବିଷ୍ଣୁ—Bishṇu.

**ଗଦେଇବା**—ଦେ. କ୍ରି—ବହୁ ବସ୍ତୁକୁ ଏକତ୍ର ସ୍ତୂପ ବା ଠୂଳ ବା ପୁଞ୍ଜ
Gadeibā — କରିବା—To collect things together into
গাদাকরা — a heap; to heap up.
ढेरकरना

**ଗଦ୍ଗଦ**—ସଂ. ବି (ଧ୍ୱନ୍ୟନୁକରଣ; ସଂ. ଗଦ ଧାତୁ=କହିବା—
Gadgada — ୧ । ଖନାଇବା; ଖନ ଖନ କଥା କହିବା—
1. Stammering; stuttering; faltering.
୨ । ଅସ୍ପଷ୍ଟ ବାକ୍ୟ—
2. Inarticulate or indistinct speech.
୩ । କ୍ରୋଧ ଆନନ୍ଦାଦିଜନିତ ଅସ୍ପଷ୍ଟ ବାକ୍ୟ—
3. Convulsive speech ( due to paroxysm of joy, devotion, anger).

ସଂ. ବଣ—୧ । ହର୍ଷଶୋକାଦିର ଅତିଶଯ୍ୟବଶତଃ କଣ୍ଠରୋଧ ହେବାରୁ ଯେଉଁ କଥା ସ୍ପଷ୍ଟ ଉଚ୍ଚାରିତ ହୁଏ ନାହିଁ—
1. Indistinctly uttered ( speech ) due to a paroxysm of feeling.
୨ । ମୋହିତ; ଅଧୈର୍ଯ୍ୟ—2. Impatient.
୩ । ଭାବବିହ୍ୱଳତା ଯୋଗୁଁ କମ୍ପିତ ସ୍ୱର—
3. Tremulous (voice) due to intensity of feelings.
୪ । ଭାବାବେଗ ଯୋଗୁଁ ପୁନଃ ପୁନଃ ଅର୍ଦ୍ଧୋଚ୍ଚାରିତ (ଧ୍ୱନି)—
4. Repeatedly choked ( voice ) due to intensity of feeling.
୫ । ଖନାଇ ଖନାଇ ଉଚ୍ଚାରିତ (ବାକ୍ୟ)—
5. Faltering (words).

ସଂ. କ୍ରି. ବଣ—ଖନାଇ ଖନାଇ—In a faltering or stammering manner.

**ଗଦ୍ଗଦନାଦୀ**—ସଂ. ବଣ. ପୁଂ ( ଗଦ୍ଗଦ+ନଦ ଧାତୁ+କର୍ତ୍ତୃ. ଇନ୍; ୧ମା.
Gadgadanādī — ୧ବ)—୧ । ଅସ୍ପଷ୍ଟ ଧ୍ୱନି କରୁଥିବା—Making
(ଗଦ୍ଗଦନାଦିନୀ—ସ୍ତ୍ରୀ) — inarticulate sound; on account of intense feelings.
୨ । ପୁନଃ ପୁନଃ କମ୍ପିତ ସ୍ୱରରେ କଥା କହୁଥିବା—
2. Tremulous.
୩ । ଖନାଉଥିବା—3. Faltering.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ଯ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇପ୍ସ | ଢ଼ଅ | ଖ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟିଂ | ଇଅ | ୠ | ନ୍ତ |

ଗଦ୍ଗଦବାକ୍—ସଂ. ବଣ. ପୁଂ (ଗଦ୍ଗଦ+ବାକ୍)—ଶୋକ, କ୍ରୋଧ, ଭକ୍ତିଆଦି
Gadgadabāk ଯୋଗୁଁ କଣ୍ଠ ରୁଦ୍ଧ ହେବାରୁ ଯେ ଅର୍ଦ୍ଧୋଚ୍ଚାରିତ
(ଗଦ୍ଗଦବାଗୀ—ସ୍ତ୍ରୀ) ବା କମ୍ପିତ କଥା କହେ—Speaking inarticulately or tremulously (on account of the voice being choked by joy, grief, anger or devotion.)
ସଂ. ବି—ଅର୍ଦ୍ଧୋଚ୍ଚାରିତ କଥା—Inarticulate and tremulous words.

ଗଦ୍ଗଦଭାଷୀ—ସଂ. ବଣ. ପୁଂ (ଗଦ୍ଗଦ+ଭାଷିନ୍ ୧ମା. ୧ବ)—
Gadgadabhāshi ଗଦ୍ଗଦବାକ୍ ( ଦେଖ )—
Gadgadabāk ( See )

ଗଦ୍ଗଦସ୍ୱର—ସଂ. ବି—୧ । ଗଦ୍ଗଦଧ୍ୱନି ( ଦେଖ )—
Gadgadaswara Gadgadadhwani ( See )
(ଗଦ୍ଗଦସ୍ୱରା—ସ୍ତ୍ରୀ) ୨ । ମଇଁଷି—2. Buffalo.
ବଣ. ପୁଂ—ଗଦ୍ଗଦବାକ୍ ( ଦେଖ )—
Gadgadabāk ( See )

ଗଡ୍ଡି—ଦେ. ବି—୧ । ଗଦି ( ଦେଖ )—
Gaddi 1. Gadi ( See )
୨ । ଥଟ୍ଟା; ପରିହାସ—
2. Jest; pleasantry; practical joke.

ଗଦ୍ୟ—ସଂ. ବଣ (ଗଦ୍ ଧାତୁ=କହିବା+କର୍ମ. ଯ)—କଥନୀୟ—
Gadya Speakable.
(ପଦ୍ୟ—ବିପରୀତ) ସଂ. ବି—୧ । ଛନ୍ଦୋବନ୍ଧରହିତ ରଚନା—
Composition without rhyme or metre.
[ ଦ୍ର—ଓଡ଼ିଆ ଭାଷାରେ ସାଧାରଣତଃ ତ୍ରିବିଧ ଗଦ୍ୟ ରଚନା ଦେଖାଯାଏ । ଯଥା—ମୁକ୍ତକ, ଉତ୍କଳିକା ପ୍ରାୟ ଓ ଚୂର୍ଣ୍ଣକ । ]
୨ । କଥିତ ଭାଷା ବା ବାକ୍ୟ ପ୍ରବାହ .( ଯାହା କବିତା ଭଳି ଛନ୍ଦୋମୟ ନୁହେ )—
2. Spoken language or common prose.

ଗଦ୍ୟପଦ୍ୟ—ସଂ. ବି (ଦ୍ୱନ୍ଦ୍ୱ ସମାସ; ଗଦ୍ୟ+ପଦ୍ୟ)—ଗଦ୍ୟ ଓ ପଦ୍ୟ—
Gadyapadya Prose and poetry.

ଗଦ୍ୟମୟ—ସଂ. ବି (ଗଦ୍ୟ+ମୟ)—
Gadyamaya ୧ । ଯାହା ଗଦ୍ୟରେ ପୂର୍ଣ୍ଣ (ରଚନା)—
1. (composition) Full of prose.
୨ । ଯେଉଁ ବିଷୟରେ କବିତା ପରି କଳ୍ପନାର ଖେଳ ନାହିଁ—
2. Prosy (matter).
୩ । ବାସ୍ତବ—3. Practical.

ଗଦ୍ୟାଣକ—ସଂ. ବି—ଗଦ୍ୟାନକ (ଦେଖ)
Gadyāṇaka Gadyānaka (See)

ଗଦ୍ୟାନକ—ସଂ. ବି—୧ । ୪୮ ରତି ଓଜନର ପରିମାଣବିଶେଷ—
Gadyānaka 1. A standard of weight equal to 48 'ratis'
୨ । ବୈଦ୍ୟମତରେ ୬୪ ଗୁଞ୍ଜା ପରିମାଣ—
2. A standard of weight equal to 64 seeds of Abrus Prectorus.

ଗଦ୍ୟାଲକ—ସଂ. ବି—ଗଦ୍ୟାନକ (ଦେଖ)
Gadyālaka Gadyānaka (See)

ଗଧ୍ (ଧାତୁ)—ସଂ.—ଏକତ୍ର ମିଶିବା—
Gadh (root) To be mixed together.

ଗଧ୍ପୁରନି—ପ୍ରାଦେ (ସମ୍ବଲପୁର) ବି—(ଭୁଲ. ହି. ଗଦହପୁର୍ନା)—
Gadhpurni ଏକପ୍ରକାର ଶାଗ; ଘେଉପୁରୁଣି ଶାଗ; ପୁନର୍ନବା—
A kind of pot-herb.

ଗଧ୍ରା—ପ୍ରାଦେ (ସମ୍ବଲପୁର ) ବି—ଗଦ୍ରା (ଦେଖ)—
Gadhrā Gadrā (See)

ଗଧ—ଦେ. ବି ( ସଂ. ଗର୍ଦ୍ଦଭ; ଗଦହ )—ଖର; ଅଶ୍ୱଜାତୀୟ ଜନ୍ତୁବିଶେଷ
Gadha ଭାରବାହୀ ପଶୁ ( ଏମାନେ ନିର୍ବୋଧ ଓ ମନ୍ଥର ଅଥଚ
ଗାଧା ପରିଶ୍ରମୀ, ଗୁରୁ ଭାର ବହିବାରେ ଅଭ୍ୟସ୍ତ)—
**गदहा, गधा** Equns Assinus; Ass (proverbially idle, slow and stupid yet laborious).
[ଦ୍ର—ଏମାନଙ୍କ ବୋବାଳି ଶବ୍ଦ ବଜାଇବା ପରି ଶୁଭେ, ଲାଞ୍ଜ ଗୋରୁ ଲାଞ୍ଜ ପରି, କାନ ଲମ୍ବା ଓ ଠିଆ, ଗଧର ଖୁରା ଘୋଡ଼ା ଖୁରା ପରି । ]
ଦେ. ବି ଓ ବଣ—ଗଧା (ଦେଖ)
Gadhā (See)

[ଦ୍ର—ଗଧ ଚନ୍ଦନ କାଠ ବୋଝ ବୋହିବା ନ୍ୟାୟ (ସଂ. ଯଥା—ଖରଶ୍ଚନ୍ଦନ ଭାରବାହୀ ଭାରସ୍ୟବେତ୍ତା ନ ତୁ ଚନ୍ଦନସ୍ୟ) ଯେପରି କାଠୁରିଆ ଜଙ୍ଗଲରୁ ଚନ୍ଦନ କାଠ କାଟି ଗଧ ଉପରେ ଲଦି ଆଣିବା ସମୟରେ ଗଧ ଉକ୍ତ କାଠର ବୋଝ ବା ଗୁରୁତା କଥା ଅବଶ୍ୟ ଅନୁଭବ କରେ, କିନ୍ତୁ ତାହା ବହୁମୂଲ୍ୟ ଚନ୍ଦନ କାଠ କି ସାଧାରଣ ଜାଳ କାଠ ତାହା ବୁଝି ନ ପାରେ, ସେହିପରି ସ୍ଥଳରେ ଏ କଥାର ଉଲ୍ଲେଖ ହୁଏ । ]

ଗଧଟୋପି—ଦେ. ବି—ଗଧାଟୋପି (ଦେଖ)
Gadhatopi Gadhātopi (See)
ଗାଧାଟୁପି

ଗଧଡ଼ା—ଦେ. ବି. ଓ ବଣ—ଗଧା (ଦେଖ)
Gadharda Gadhā (See)

ଗଧଡ଼ି—ଦେ. ବି. ଓ ବଣ—ଗଧା (ଦେଖ)
Gadhardi Gadhā (See)

ଗଧଦୁଧ—ଦେ. ବି—ମାଈ ଗଧର ଦୁଧ—
Gadhadudha Asse's milk.
[ ଦ୍ର—ଏହାକୁ ଶିଶୁମାନଙ୍କୁ ଖୁଆଇଲେ ଶିଶୁମାନେ ନୀରୋଗ ହୁଅନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡଡ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

**ଗଧପାଦ ଧରିବା**—ଦେ. ପ୍ରବଚନ (ନ୍ୟାସ୍ତ)—କାର୍ଯ୍ୟୋଦ୍ଧାର ନିମନ୍ତେ
Gadhapāda dharibā ଅସମୟରେ ଅଯୋଗ୍ୟ ବ୍ୟକ୍ତିର ଅନୁସରଣ ବା ସେବା କରିବା—Like a great man humouring a low person in a time of necessity when the former is at the mercy of the latter or when exigency requires it.

[ ଦ୍ର—ପୁରାଣରେ ଲିଖିତ ଅଛି ଯେ—ଜରାସନ୍ଧର ଦୁଆରେ ଦନ୍ଦୁଭି ଅଗ ଗିରିମିଳ ଗଛରେ ଗୋଟିଏ ଗଧ ବନ୍ଧା ଥାଏ । ଶତ୍ରୁ ଆସିଲେ ସେ ଗଧ ରଡ଼ି କରେ । ଗଧରଡ଼ି ଶୁଣି ଜରାସନ୍ଧ ସାବଧାନ ହୁଏ । ଏଥିପାଇଁ କୌଣସି ଶତ୍ରୁ ତାହାକୁ ଆକ୍ରମଣ କରି ପାରୁ ନ ଥାଏ । ଶ୍ରୀକୃଷ୍ଣ ଜରାସନ୍ଧଙ୍କୁ ବଧ କରିବାକୁ ଆସିବା ସମୟରେ ପ୍ରଥମେ ଏ ଗଧପାଦ ଧରି ତାଙ୍କୁ ସ୍ତୁତି କରିଲେ ତା ମୁହଁରେ ଶଙ୍ଖ ଗୋଟିଏ ଗୁଞ୍ଜି ଦେଲେ ଓ ସେ ଶଙ୍ଖରଡ଼ି ପରି ବୋବାଳି କଲା । ଜରାସନ୍ଧ ସେ ଶଙ୍ଖଧ୍ୱନି ଶୁଣି ଶତ୍ରୁ ଆସୁଥିବା କଥା ଜାଣି ପାରିଲା ନାହିଁ ଓ ପୂର୍ବରୁ ସାବଧାନ ହୋଇ ପାରିଲା ନାହିଁ । ଏଣୁ ଶ୍ରୀକୃଷ୍ଣ ତାହାକୁ ବଧ କରାଇଲେ । ]

**ଗଧବୋଝ**—ଦେ. ବି—ଗଧ ଉପରେ ଲଦାଯିବା ବୋଝ ଭଳି ଭାର ବୋଝ—
Gadhabojha An excessive load like one borne by the ass.
ଗାଧାର ବୋଝ
**गदहाका बोझ**

**ଗଧବୋବାଳି**—ଦେ. ବି—ଗଧରଡ଼ି ( ଦେଖ )
Gadhabobāli Gadharardi ( See )

**ଗଧଭୋଜନ**—ଦେ. ବି—ଗଧର ଖାଦ୍ୟ ପରି ନିକୃଷ୍ଟ ଖାଦ୍ୟ—
Gadhabhojana Coarse food like that of the ass.

[ ଦ୍ର—ସାଧାରଣତଃ ଗଧର ଖାଇବା ବିଷୟରେ କେହି ଯତ୍ନ କରନ୍ତି ନାହିଁ । ସେ ଘାସ ଚରି ବୁଲେ, କିନ୍ତୁ କାମ ବେଳକୁ ଖୁବ୍ ବୋଝ ବହେ । ]

**ଗଧରୁଲା** (ଫଳ)—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. ଅର୍ଦ୍ଧପକ୍ୱ )—
Gadharlā ଅର୍ଦ୍ଧପକ୍ୱ ( ଫଳ )—Half-ripe ( fruit ).

**ଗଧରଡ଼ି**—ଦେ. ବି—୧ । ଗଧର ବୋବାଳି—
Gadharardi 1. The harsh braying of an ass.
୨ । ଗଧର ବୋବାଳି ପରି କର୍ଣ୍ଣକଟୁ ରବ—
2. Any grating sound ( compared to the braying of an ass ).

[ ଦ୍ର—ପ୍ରବାଦ ଅଛି ଯେ, ଶ୍ରୀକୃଷ୍ଣ ଜରାସନ୍ଧଙ୍କୁ ମାରିବା ପୂର୍ବରୁ ଜରାସନ୍ଧ ଦନ୍ଦୁଭି ଅଗ ଗିରିମିଳଗଛରେ ବନ୍ଧା ହୋଇଥିବା ଗଧମୁହଁରେ ଶଙ୍ଖଟିଏ ପୁରାଇ ଦେବାରୁ ସେହି ଦିନଠାରୁ ଗଧର ଶବ୍ଦ ଶଙ୍ଖଶବ୍ଦ ପରି ହୋଇଗଲା । ]

**ଗଧରାଇବା** (ଫଳ)—ପ୍ରାଦେ. (ସମ୍ବଲପୁର) କ୍ରି. ( ସଂ. ଅର୍ଦ୍ଧପକ୍ୱ; ଭୁଲ.
Gadharāibā ହି. ଗଦ୍‌ରାନା )—୧ । ଅର୍ଦ୍ଧପକ୍ୱ ହେବା—
1. To be half ripe.
( ଯଥା—ଆମ୍ବ ଗଧରାଇଲାଣି । )

୨ । ପୂର୍ଣ୍ଣ ପକ୍ୱ ହେବାର ପୂର୍ବାବସ୍ଥା ପ୍ରାପ୍ତ ହେବା—
2. To be about to ripen.

**ଗଧା**—ଦେ. ବି. ( ସଂ. ଗର୍ଦ୍ଦଭ )—୧ । ଅଜ୍ଞ ନିର୍ବୋଧ ବ୍ୟକ୍ତି; ଓଲୁ—
Gadhā 1. A fool; simpleton; a block head.
ଗାଧା ୨ । ମଠୁଆ ବ୍ୟକ୍ତି; ଅଳସୁଆ ବ୍ୟକ୍ତି—
**गदहा** 2. An idler; a lazy fellow.
ଦେ. ବିଣ—୧ । ମଠୁଆ; ଅଳସୁଆ—1. Indolent; idle.
୨ । ଓଲୁ; ନିର୍ବୋଧ—2. Stupid; dunce.

**ଗଧାଇବା**—ଦେ. କ୍ରି—୧ । ଗେଧାଇବା ( ଦେଖ )
Gadhāibā 1. Gedāibā ( See )
୨ । କାମରେ ମଠ କରିବା—
2. To be lazy in doing a work.

**ଗଧାଟୋପି**—ଦେ. ବି—ବିଦ୍ୟାଳୟରେ ଅପାରଗ ବା ଅମନୋଯୋଗୀ
Gadhātopi ଛାତ୍ରର ମୁଣ୍ଡ ଉପରେ ଦଣ୍ଡସ୍ୱରୂପ ଶିକ୍ଷକ ଯେଉଁ
ଗାଧାଟୁପି କାଗଜର ଟୋପି ପିନ୍ଧାଇ ଦିଅନ୍ତି—
**गदहाटोपी** A paper-cap put on the head of a dunce or inattentive student under the teacher's order to humiliate him in the eyes of his fellow-students.

**ଗଧାଡ଼ି**—ଦେ. ବି—ଗଧା ( ଦେଖ )
Gadhārdi Gadhā ( See )
ଗାଧାଡ଼ି

**ଗଧାବୋଟ୍**—ଦେ. ବି—ଗଧ ପରି ମନ୍ଥରଗତିବିଶିଷ୍ଟ ଭାରବାହୀ ବଡ଼
Gadhābot ନୌକା—A flat-bottomed slow boat
ଗାଧାବୋଟ capable of carrying a large load.

[ ଦ୍ର—ଏ ସ୍ଥୂଳକାୟ ବୋଟକୁ କାତଦ୍ୱାରା ଚଳାଇଲେ ଏହା ବେଶି ଗତି କରି ପାରେ ନାହିଁ । ଏହାକୁ ଷ୍ଟିମର୍ ବା ଷ୍ଟିମ୍‌ଲଞ୍ଚ ପଛରେ ବାନ୍ଧି ଦିଆଯାଏ । ]

**ଗଧାମି**—ଦେ. ବି. ( ବଙ୍ଗଳା ଗାଧାମିର ଅନୁକରଣ )—
Gadhāmi ୧ । ଅଳସୁଆପଣ— 1. Idleness; laziness.
୨ । ନିର୍ବୁଦ୍ଧିଆପଣ—
2. Foolishness; stupidity.

**ଗଧିଆ**—ଦେ. ବି. ( ସଂ. ଗର୍ଦ୍ଦଭ )—ହେଟାବାଘ—
Gadhiā Wolf; the striped hyena.
ନେକେଡ଼େବାଘ [ ଦ୍ର—ଏମାନଙ୍କ ଉଚ୍ଚତା ପ୍ରାୟ ୩ ଫୁଟ । ଦେହର
(ଗଧେଇ—ସ୍ତ୍ରୀ) ରଙ୍ଗ ମାଟିଆ, ଦେହରେ କଳାକଳା ପଟା ଥାଏ । ଏମାନେ ଶବ ଓ ଛୋଟ ପଶୁ (ବାଛୁରି, ଛେଳି, ମେଣ୍ଢା) ଖାଆନ୍ତି । ]
ବିଣ. ପୁଂ—( ଗଧ ପରି ) ଅଳସୁଆ; ମଠୁଆ—Idle; lazy.

**ଗଧୁଆ**—ଦେ. ବି. ଓ ବିଣ—ଗଧିଆ ( ଦେଖ )
Gadhuā Gadhiā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ଼୍ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ. |

**ଗଧୁଣୀ**—ଦେ. ବି. ସ୍ତ୍ରୀ—ମାଈ ଗଧ—
Gadhuṇi Female ass; she ass.

ଯେତେକ ଗଧୁଣୀ ଯ ଦ ହୁଇ
ଗଧକୁ ପ୍ରହାର କରଇ—ଜଗନ୍ନାଥ. ଭାଗବତ ।

**ଗଧେଇବା**—ଦେ. କ୍ରି—୧ । ଗଧ ପରି ମଠରେ କାମ କରିବା—
Gadheibā 1. To work lazily like an ass.
୨ । ଗେଧେଇବା ( ଦେଖ )
2. Gedheibā ( See )

**ଗନ୍‌ଗନାଟ୍**—ପ୍ରାଦେ. ( ସମ୍ବଲପୁର ) ଅ.—ସଙ୍କେତ ( ସରଳତା ଓ
Ganganāt ଚଞ୍ଚଳତାବ୍ୟଞ୍ଜକ; ଚଞ୍ଚଳଗତିରେ ଓ ସିଧାରେ )—
Straightly and swiftly.
( ଯଥା—କାଣ୍ଡ ମାରିଦେଲ୍ ଯେ କାଣ୍ଡଟା ଗନ୍‌ଗନାଟ୍ ଗଲ୍ ।)

**ଗନ୍‌ସନ୍ଦ୍**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଗନ୍ଧବାସ )—
Gansand ଗନ୍ଧଷଣ ( ଦେଖ )
Gandhashaṇa ( See )

**ଗନରିଆ**—ବୈଦେ. ବି. ( ଇଂ. ଗନେରିୟା )—ମେହରୋଗ —
Ganariā Gonorrhoea.

**ଗନସନ**—ପ୍ରାଦେ. ( ଗଞ୍ଜାମ ) ବି—ଗନ୍ଧଷଣ ( ଦେଖ )
Ganasana Gandhshaṇa ( See )

**ଗନିମତ୍**—ବୈଦେ. ବି. ( ଆ )—୧ । ବିଧର୍ମୀ ବା କାଫେରକୁ ଯୁଦ୍ଧରେ
Ganimat ପରାସ୍ତ କରି ତାଠାରୁ ମୁସଲମାନ୍ ବିଜେତାଦ୍ୱାରା ପ୍ରାପ୍ତ
गनीमत ମାଲମତା—1. Spoils of war obtained by a Mahomedan warrior from a vanquished infidel.
୨ । ମୋଫତ୍ ବା ବିନା ପରିଶ୍ରମରେ ମିଳିବା ମାଲ —
2. Anything got gratis.

**ଗନେରିଆ**—ବୈଦେ. ବି. ( ଇଂ. ଗନୋରିଆ )—ମେହରୋଗ—
Ganeriā Gonorrhoea.
गनेरिया
गनोरिया

**ଗନ୍ତବ୍ୟ**—ସଂ. ବିଣ. ( ଗମ୍ ଧାତୁ = ଯିବା + କର୍ମ. ତବ୍ୟ )—
Gantabya ୧ । ପ୍ରାପ୍ୟ—
1. Proper or fit to be attained.
୨ । ଗମନୀୟ; ଯେଉଁ ସ୍ଥାନକୁ ଯିବାକୁ ହେବ —
2. (place) Of destination.
୩ । ଯେଉଁ ସ୍ଥାନକୁ ଯିବା ଉଚିତ —
3. ( a place ) Proper to be gone to.
୪ । ଯେଉଁ ସ୍ଥାନକୁ ପର୍ଯ୍ୟଟନ କରିବାରେ ମନୁଷ୍ୟର ଶକ୍ତି ଥାଏ-
4. ( a place ) Capable of being travelled by a person.
୫ । ଜ୍ଞେୟ—
5. Proper to be known; knowable.
୬ । ବୋଧଗମ୍ୟ—
6. Fit to be understand; comprehensible.
୭ । ନିଷ୍ପାଦନୀୟ —7. To be accomplished.
୮ । ଯିବାର ଉପଯୁକ୍ତ ( ସମୟ )—
8. ( time ) Fit or proper for starting.

**ଗନ୍ତବ୍ୟସ୍ଥାନ**—ସଂ. ବି—ଯେଉଁ ସ୍ଥାନକୁ ଯିବାକୁ ମନୁଷ୍ୟର ଲକ୍ଷ୍ୟ ଥାଏ—
Gantabyasthāna Place of destination; limit of a journey.

**ଗନ୍ତା**—ସଂ. ବିଣ. ପୁଂ. ( ଗମ୍ + କର୍ତ୍ତୃ. ତୃ ୧ମା ୧ବ )—
Gantā ୧ । ଯେ ଗମନ କରିଅଛି ବା ଯିବ—
(ଗନ୍ତ୍ରୀ—ସ୍ତ୍ରୀ) 1. ( a person ) Who has gone or will go.
୨ । ପ୍ରାପ୍ତିଶୀଳ—2. Attainer.
୩ । ଗମନଶୀଳ; ଗମ୍ୟମାନ—3. Moving.
୪ । ଭ୍ରମଣକାରୀ—4. Travelling.
୫ । ସ୍ତ୍ରୀସହବାସକାରୀ—
5 Having sexual intercourse with a woman.
୬ । ଯେ ଗୋଡ଼ରେ ଚାଲି ଗତି କରେ—
6. Walking.
ଦେ. ବି—୧ । ଏକପ୍ରକାର କୁରୁତା ( ଏ କୁରୁତାର ଦୁଇ କଡ଼ରେ ପଟ୍ଟ ବା କବାଟରେ ଡୋରି ଲାଗି ଥାଏ; କୁର୍ତ୍ତାକୁ ଦେହରେ ପିନ୍ଧି ସାରି ଦୁଇ ଅଡ଼ାକୁ ଡୋରିକୁ ଟାଣି ଅଣି ଗଣ୍ଠି ପକାଇଲେ କୁର୍ତ୍ତାଟି ଦେହରେ କସି ହୋଇ ଲାଗି ରହେ)—
1. A rough coat with tapes for buttons.
୨ । ଗନ୍ତାଘର ( ଦେଖ )
2. Gantāghara ( See )

**ଗନ୍ତାଇ**—ଦେ. ବି—ପାଇଜାମା; ଗାଣ୍ଡିମୁଣା—
Gantāi Pantaloon; a pair of drawers.

**ଗନ୍ତାଇତ**—ଦେ. ବି—୧ । ରାଜାଙ୍କ ବସ୍ତ୍ରାଗାରର ରକ୍ଷକ ଭୃତ୍ୟ—
Gantāita 1. A servant in charge of a Raja's wardrobe.
भाण्डारी
୨ । ସରଘରିଆ—2. Store keeper.

ଗନ୍ତାଇତ ଗନ୍ତା ଏଣକୁ ଲୁଟାଇ । କୃଷ୍ଣସିଂହ. ମହାଭାରତ. ବନ ।

**ଗନ୍ତାଏତ**—ଦେ. ବି—ଗନ୍ତାଇତ ( ଦେଖ )
Gantāeta Gantāita ( See )

**ଗନ୍ତାଘର**—ଦେ. ବି—୧ । ଭଣ୍ଡାର ଘର—
Gantāghara 1. Repository; for daily required articles; store-room.
भाण्डार
गोदाम
ଗନ୍ତାଘର ହେଲ ଭୂଷର ସର୍ବସ୍ୱ । ରାଧାନାଥ. ଦରବାର ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଯେଉଁ ଘରେ ରାଜାଙ୍କ ପୋଷାକ ଅଦ ଥାଏ—
2. A Raja's wardrobe.
ଗନ୍ତାଇତ ଗନ୍ତାଘରକୁ ଲୁଚାଇ । କୃଷ୍ଣସିଂହ, ମହାଭାରତ, ବନ ।

**ଗନ୍ତାଘରିଆ**—ଦେ. ବି. ପୁଂ—ଗନ୍ତାଇତ—
Gantāgharia Store keeper incharge of Raja's store.
(ଗନ୍ତାଘରିଆଣୀ—ସ୍ତ୍ରୀ)

**ଗନ୍ତାଣୀ**—ଦେ. ବି. ସ୍ତ୍ରୀ—୧ । ରାଣୀଙ୍କ ଭଣ୍ଡାରର ଭାରପ୍ରାପ୍ତ ଦାସୀ—
Gantāṇi 1. A female store keeper of a Rāṇi
୨ । ରାଣୀଙ୍କ ବସ୍ତ୍ରାଗାର ଯେଉଁ ଦାସୀର ଜିମା ଥାଏ—
2. A maidservant in charge of a Rāṇi's wardrobe.

**ଗନ୍ତୁ**—ସଂ. ବି. ( ଗମ୍ ଧାତୁ + ତୁ )—୧ । (+ଅଧିକରଣ. ତୁ ) ବାଟ;
Gantu ପଥ—1. Way. (ବୈଦିକ ପ୍ରୟୋଗ)
୨ । ( +କର୍ତ୍ତୃ. ତୁ ) ପଥିକ—2. Traveller.

**ଗନ୍ତୁକାମ**—ସଂ. ବିଣ. ପୁଂ. (ଗନ୍ତୁଂ=ଯିବାକୁ+କାମ ଧାତୁ+କର୍ତ୍ତୃ. ଅ)—
Gantukāma ଗନ୍ତୁକାମୀ ( ଦେଖ )
(ଗନ୍ତୁକାମା—ସ୍ତ୍ରୀ) Gantukāmi ( See )

**ଗନ୍ତୁକାମୀ**—ସଂ. ବିଣ. ପୁଂ. ( ଗନ୍ତୁଂ=ଯିବାକୁ+କାମ+ଇନ୍; ୧ମା. ୧ବ. )—ଗମନେଚ୍ଛୁକ; ଯିବାକୁ ଉଦ୍ୟତ—
Gantukāmi
(ଗନ୍ତୁକାମା—ସ୍ତ୍ରୀ) ( a male ) Intent upon going or walking.

**ଗନ୍ତେଇ**—ଦେ. ବି—ଗନ୍ତାଇ ( ଦେଖ )
Gantei Gantāi ( See )

**ଗନ୍ତେଇତ**—ଦେ. ବି—ଗନ୍ତାଇତ ( ଦେଖ )
Ganteita Gantāita ( See

**ଗନ୍ତ୍ରୀ**—ସଂ. ବିଣ. ସ୍ତ୍ରୀ. ( ଗମ୍ ଧାତୁ+ତୃ+ସ୍ତ୍ରୀ. ଈ )—
Gantri ୧ । ଗମନଶୀଳା—1. ( female ) Moving, having motion.
(ଗନ୍ତା—ପୁଂ)
୨ । ଯେଉଁ ଯାନାଦଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରାଯାଏ—2. (conveyance)Conveying or taking a person from one place to another.
ବି. (ଗମ୍ ଧାତୁ+କରଣ ତୃ+ସ୍ତ୍ରୀ ଈ)—ଗନ୍ତ୍ରୀରଥ (ଦେଖ)
Gantriratha ( See )

**ଗନ୍ତ୍ରୀରଥ**—ସଂ. ବି (କର୍ମଧା; ଗନ୍ତ୍ରୀ + ରଥ)—ଗୋରୁଗାଡ଼ି; ବଳଦ ଶଗଡ଼—
Gantriratha Bullock-cart.

**ଗନ୍ଥଡ଼ା**—ଦେ. ବି. ( ସଂ. କନ୍ଥା )—ଅନେକ ପରସ୍ତ ଛିଣ୍ଡା ଓ ପୁରୁଣା
Ganthar̤ā ଲୁଗା ଓ କନା ଏକତ୍ର ସିଅଁ ହୋଇଥିବା ବସ୍ତଣା;
ଗୁଦଡ଼ୀ ଗୋଦଡ଼—Thick layers of rags pitched up together.
**गुदड़ी**

**ଗନ୍ଥା**—ଦେ. ବି. (ସଂ. କନ୍ଥା)—ଗନ୍ଥଡ଼ା ( ଦେଖ )
Ganthā Ganthar̤ā ( See )

**ଗନ୍ଦ୍**—ବୈଦେ. ବି. (ପା)—ଗୋନ୍ଦ୍ ( ଦେଖ )
Gand Gond ( See )

**ଗନ୍ଦା**—ପ୍ରାଦେ. (ସମ୍ବଲପୁର) ବି. ( ଭୁଲ. ବ. ଗୋନ୍ଦା )—
Gandā ୧ । ଗେଣ୍ଡୁଫୁଲ—1. Safflower.
୨ । (ସଂ. କନ୍ଥା) ଛିନ୍ନବସ୍ତ୍ର; କନ୍ଥା—2. Rag.

**ଗନ୍ଦି**—ପ୍ରାଦେ. (ସମ୍ବଲପୁର) ବି—ପୁଚ୍ଛ ( ଦେଖ )
Gandi Puchhā ( See )

**ଗନ୍ଧ୍ (ଧାତୁ)**—ସଂ.—୧ । ଆଘାତ କରିବା—
Gandh (root) 1. To hurt; to strike.
୨ । ହିଂସା କରିବା; ଅନିଷ୍ଟ କରିବା—2. To injure.
୩ । ମାଗିବା; ଭିକ୍ଷା କରିବା—3. To ask; to beg.
୪ । ଗତି କରିବା—4. To go; to move.
୫ । ଭୂଷିତ କରିବା—5. To adorn.
୬ । ପୀଡ଼ା ଦେବା—6. To oppress.
୭ । ବଧ କରିବା—7. To kill.

**ଗନ୍ଧ**—ସଂ. ବି. ( ଗନ୍ଧ୍ ଧାତୁ=ଆଘାତ କରିବା+କର୍ତ୍ତୃ. ଅ, ଭୁଲ ପା.
Gandha ଗନ୍ଧ୍ )—୧ । ପଦାର୍ଥର ଯେଉଁ ସତ୍ତ୍ୱ ବା ଗୁଣ ନାକଦ୍ୱାରା ଆଘ୍ରାଣ କରାଯାଏ—1. Smell.
୨ । ବାସ; ବାସନା—2. Scent; odour; perfume.
[ ଦ୍ର—ବହୁବ୍ରୀହି ସମାସରେ ସୁ, ଉତ୍, ପୂତି ଓ ସୁରଭି ଶବ୍ଦ ପୂର୍ବେ ଥିଲେ ଅଳ୍ପ ସଂଯୋଗ ଅର୍ଥରେ ଓ ଉପମାର୍ଥରେ 'ଗନ୍ଧ' ଶବ୍ଦ 'ଗନ୍ଧି'ରେ ପରିଣତ ହୁଏ । ( ଯଥା—ସୁଗନ୍ଧି=ଅଳ୍ପ ସୁଗନ୍ଧଯୁକ୍ତ; କସ୍ତୁରୀ ଗନ୍ଧି=କସ୍ତୁରୀ ପରି ଗନ୍ଧଯୁକ୍ତ) ଦ୍ରବ୍ୟାନ୍ତରର ଗନ୍ଧ ସଂଯୋଗ ହେଲେ ଅର୍ଥାତ୍ କୃତ୍ରିମ ଗନ୍ଧଯୁକ୍ତ ହେଲେ ସମାସରେ ଗନ୍ଧ ଶବ୍ଦ ଗନ୍ଧି-ରୂପରେ ପରିଣତ ହୁଏ ନାହିଁ ( ଯଥା—ସୁଗନ୍ଧ ବାୟୁ; ସୁଗନ୍ଧ-ପ୍ରଦାନକ । ) ବସ୍ତୁ ଦ୍ରବ୍ୟାନ୍ତର ଗନ୍ଧସଂଯୁକ୍ତ ନ ହେଲେ ଅର୍ଥାତ୍ ସ୍ୱାଭାବିକ ବା ସ୍ୱକୀୟ ଗନ୍ଧଯୁକ୍ତ ହେଲେ 'ଗନ୍ଧ' ଶବ୍ଦ ସମାସରେ 'ଗନ୍ଧି' ରୂପରେ ପରିଣତ ହୁଏ (ଯଥା—ସୁଗନ୍ଧି ପୁଷ୍ପ; ସୁଗନ୍ଧି ଚନ୍ଦନ)। କର୍ମଧାରୟ ସମାସରେ 'ଗନ୍ଧ' ଶବ୍ଦର ପରିବର୍ତ୍ତନ ଘଟେ ନାହିଁ (ସୁଗନ୍ଧ =ମନୋହର ଗନ୍ଧ ) ] ।
୩ । ସୁବାସିତ ଦ୍ରବ୍ୟ—
3. Scents; perfumes, scented article.
୪ । ଘୋରା ଚନ୍ଦନ—4. Sandalwood-paste.
୫ । ଗନ୍ଧକ—5. Sulphur.
୬ । ଅହଂକାର; ଗର୍ବ—
6. Pride; arrogance.
୭ । ସମ୍ପର୍କ; ସମ୍ବନ୍ଧ—
7. Connection; relationship.
ହରଣାକ୍ଷିରେ ନାନା, ହରଗନ୍ଧକୁ ଯାନା—କବିସୂର୍ଯ୍ୟ, ସଙ୍ଗୀତ ।
୮ । ଲେଶ; ଅଳ୍ପମାତ୍ର—8. Trace.
୯ । ନୃତ୍ୟ—9. Dance.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ତ |

୧୦ । କୃଷ୍ଣାଗୁରୁ—10. An aromatic substance used in burning incense; black aloes wood.

୧୧ । ପ୍ରତିବେଶୀ—11 A neighbour.

୧୨ । ଶିବ—12. An epithet of Siba.

୧୩ । ଦେବତାଙ୍କୁ ଅର୍ପିତ ହେବା ପାଇଁ ପ୍ରସ୍ତୁତ ସୁବାସିତ ଦ୍ରବ୍ୟାଦି—13. Scents prepared for being offered to a deity.

୧୪ । ବୈଶେଷିକଦର୍ଶନୋକ୍ତ ୨୪ଟି ଗୁଣ ମଧ୍ୟରୁ ପୃଥିବୀର ଗୋଟିଏ ଗୁଣ ଅଟେ—14. One of the 24 properties of the earth according to the Baiseshika Philosophy.

ଦେ. ବି.—୧ । ଦୁର୍ଗନ୍ଧ—1. Rancid or bad smell; foul smell.

୨ । ଉଗ୍ରଗନ୍ଧ—2. Strong odour.

ଦେ. ବିଣ—ଦୁର୍ଗନ୍ଧମୟ—Foul-smelling .

**ଗନ୍ଧକ**—ସଂ. ବି ( ଗନ୍ଧ + ସ୍ୱାର୍ଥେ. କ )—
Gandhaka
ପୀତବର୍ଣ୍ଣ ଉପଧାତୁବିଶେଷ—Sulphur; brimstone.
ଅନ୍ୟ ସଂ. ନାମ—
ଗନ୍ଧପାଷାଣ, ପାମାଘ୍ନ,
କୁଷ୍ଠାରି; କୀଟଘ୍ନ

**ଗନ୍ଧକକାଠି**—ଦେ. ବି ( ସଂ. ଗନ୍ଧକ + କାଷ୍ଠ )—ଅଗରେ ଗନ୍ଧକ ଦିଆ-
Gandhakakāthi
ଯାଇଥିବା ଦିଆସିଲାଇକାଠି—Match-stick; a twig of which the end has been dipped into sulphur.

**ଗନ୍ଧ କରିବା**—ଦେ. କ୍ରି—ଗନ୍ଧେଇବା (ଦେଖ)
Gandha kariba Gandheibā (See)

**ଗନ୍ଧକାରିକା**—ସଂ. ବି. ସ୍ତ୍ରୀ ( ଗନ୍ଧ + କାରକ + ସ୍ତ୍ରୀ. ଆ )—
Gandhakārikā
୧ । ଯେଉଁ ଦାସୀ ପ୍ରଭୁଙ୍କ ବେଶବିନ୍ୟାସ ନିମନ୍ତେ ସୁଗନ୍ଧ ଓ ଚନ୍ଦନାଦି ପ୍ରସ୍ତୁତ କରି ରଖେ—1. Maid servant preparing scents for her lord or lady's toilette.

୨ । ସୈରନ୍ଧ୍ରୀ; ପରଗୃହସ୍ଥିତା ଶିଳ୍ପକରୀ ସ୍ୱାଧୀନା ରମଣୀ—2. A maid versed in various arts and staging in the family of another with freedom of moments ( corresponding to a modern governess or lady's maid.

**ଗନ୍ଧକାଳିକା**—ସଂ. ବି. ସ୍ତ୍ରୀ ( ଗନ୍ଧ + କଳ ଧାତୁ=ବିସ୍ତାର କରିବା + ଅ
Gandhakālikā
+ ସ୍ତ୍ରୀ. ଇ + କ + ଆ; ଯେ ସ୍ୱୀୟ ଗାତ୍ରଗନ୍ଧ ପ୍ରସାରିତ କରୁଥିଲେ )—ବ୍ୟାସଜନନୀ; ମତ୍ସ୍ୟଗନ୍ଧା—The mother of sage Vyāsa.

**ଗନ୍ଧକାଳୀ**—ସଂ. ବି. ସ୍ତ୍ରୀ (ଗନ୍ଧ + କଳ ଧାତୁ + କର୍ତ୍ତୃ. ଅ + ଈ )—
Gandhakālī
ଗନ୍ଧକାଳିକା ( ଦେଖ )—Gandhakālikā ( See )

**ଗନ୍ଧକାଳୁକା**—ଦେ. ବି (ସଂ. ଏଳବାଳୁକ)—ଏଳବାଳୁ ( ଦେଖ )—
Gandhakālukā Elabālu ( See

**ଗନ୍ଧକାଷ୍ଠ**—ସଂ. ବି ( ମଧ୍ୟପଦଲୋପୀ; ଗନ୍ଧଯୁକ୍ତ କାଷ୍ଠ )—
Gandhakāshtha
୧ । ଚନ୍ଦନକାଷ୍ଠ—1. Sandal wood.

୨ । କୃଷ୍ଣାଗୁରୁ ( ଦେଖ )—2. Krushnāguru ( See )

୩ । ଶମ୍ବରକାଷ୍ଠ ( ଦେଖ ) ?—3. Sambara kāshtha ( See )

୪ । ସୁଗନ୍ଧ କାଷ୍ଠ—4. Any fragrant wood.

**ଗନ୍ଧକୁଟୀ**—ସଂ. ବି—ମୁରାନାମକ ଗନ୍ଧ ଦ୍ରବ୍ୟ—
Gandhakūti A kind of medicinal scent.

**ଗନ୍ଧକେଳିକା**—ସଂ. ବି. ସ୍ତ୍ରୀ (ଗନ୍ଧ+କେଳିକା)—ଗନ୍ଧଚେଳିକା (ଦେଖ)—
Gandhakelikā Gandhachelikā (See)

**ଗନ୍ଧଗଜ**—ସଂ. ବି (ମଧ୍ୟପଦଲୋପୀ; ଗନ୍ଧଯୁକ୍ତ ଗଜ)—ଏକପ୍ରକାର ଉତ୍କୃଷ୍ଟ
Gandhagaja
ହସ୍ତୀ; ମଦଗନ୍ଧଯୁକ୍ତ ହସ୍ତୀ—A very excellent elephant; an elephant emitting a strong smelling juice from its temples (while intoxicated ), an elephant in rut.

[ ଦ୍ର—କଥିତ ଅଛି ଯେ ଏହାର ଗନ୍ଧ ସୁଙ୍ଘି ଶତ୍ରୁମାନେ ପଳାନ୍ତି । ]

**ଗନ୍ଧଗୁହାରିଆ**—ଦେ. ବି—ଗନ୍ଧଗୁହିରିଆ ( ଦେଖ )
Gandhaguhāriā Gandhaguhiriā ( See )

**ଗନ୍ଧଗୁହିରା**—ପ୍ରାଦେ. ( ଗଡ଼ଜାତ ) ବି—ଗନ୍ଧଗୁହିରିଆ ( ଦେଖ )
Gandhaguhirā Gandhaguhiriā ( See )

**ଗନ୍ଧଗୁହିରିଆ**—ପ୍ରାଦେ. (ଗଡ଼ଜାତ) ବି—ଦେହରୁ ଦୁର୍ଗନ୍ଧ ବାହାରୁଥିବା
Gandhaguhiriā
ବବୁର ଜାତୀୟ କଣ୍ଟକୀ (ଗଛ)—Acacia Lencopplœa (tree)
ସଂ. ବିଟ୍‌ଖଦିର, ଅରିମେଦ,
କାଳସ୍କନ୍ଧ
सफेदकिकार, रेरू, रोंझ
सफेद बबूल, गुयेबबुर

**ଗନ୍ଧଗୋକୁଳ**—ଦେ. ବି—ଗନ୍ଧମାର୍ଜ୍ଜାର ( ଦେଖ )
Gandhagokula Gandhamārjjāra ( See )

**ଗନ୍ଧଗୋକୁଳା**—ଦେ. ବି—ଗନ୍ଧମାର୍ଜ୍ଜାର ( ଦେଖ )
Gandhagokulā Gandhamārjjāra ( See )

**ଗନ୍ଧଗୋହିରା**—ପ୍ରାଦେ. (ଗଡ଼ଜାତ) ବି—ଗନ୍ଧଗୁହିରିଆ ( ଦେଖ )
Gandhagohirā Gandhaguhiriā ( See )

**ଗନ୍ଧଗୋହିରିୟା**—ପ୍ରାଦେ. (ଗଡ଼ଜାତ) ବି—ଗନ୍ଧଗୁହିରିଆ ( ଦେଖ )
Gandhagohiriyā Gandhaguhiriā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଗନ୍ଧଗ୍ରହ**—ସଂ. ବି. ( ଗନ୍ଧ + ଗ୍ରହ ଧାତୁ + କରଣ ଅ; ଯାହାଦ୍ୱାରା ଗନ୍ଧ
Gandhagraha ଗ୍ରହଣ କରାଯାଏ )—ନାସିକା—Nose.

ଛନ୍ଦିତ ଗନ୍ଧଗ୍ରହ ଖଗବର। ରଙ୍ଗ. ପ୍ରେମସୁଧାନିଧି।

**ଗନ୍ଧଚନ୍ଦନ**—ଦେ. ବି—ଘୋରା ଚନ୍ଦନ—
Gandhachandana Sandal-paste.

**ଗନ୍ଧଚେଳିକା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଗନ୍ଧ + ଚେଳିକା = ବସ୍ତ୍ର;
Gandhachelikā ଯାହା ବସ୍ତ୍ରକୁ ସୁବାସିତ କରେ )—
ମୃଗନାଭି; କସ୍ତୁରୀ—Musk.

**ଗନ୍ଧଛତୁ**—ପ୍ରାଦେ. (ଗଡ଼ଜାତ) ବି—ଭୂଇଁରୁ ଉଠିବା ଏକପ୍ରକାର ଛତୁ-
Gandhachhatu A kind of mushroom.
[ ଦ୍ର—ଏହାକୁ ଗୁଣ୍ଡ କରି ପୋଖତ ମଇଁଷିଙ୍କୁ ଖୁଆନ୍ତି। ]

**ଗନ୍ଧଜଳ**—ସଂ. ବି. ( ମ. ପ. ଲୋ; ଗନ୍ଧଯୁକ୍ତ ଜଳ )—ସୁବାସିତ ଜଳ—
Gandhajala Scented water.

**ଗନ୍ଧଜାତ**—ସଂ. ବି—୧। ତେଜ ପତ୍ର—
Gandhajāta 1. Cinnamomum Tamala; a tree having aromatic leaves used in flavouring curry.
୨। ଗନ୍ଧ ଦ୍ରବ୍ୟ ସମୂହ—
2. A collection of sweet scents.
ବିଣ—ଗନ୍ଧରୁ ଉତ୍ପନ୍ନ—Produced from smell.

**ଗନ୍ଧଣା**—ପ୍ରାଦେ. (ଗଞ୍ଜାମ) ବି—ଅଗ୍ନିମନ୍ଥ ( ଦେଖ )
Gandhaṇā Agnimantha ( See )
ପ୍ରାଦେ. ( କଟକ ) ବି—କଅଁଆ ଶାଗ—
A kind of pot-herb.

**ଗନ୍ଧଣାଝକମକି**—ପ୍ରାଦେ. (ଗଡ଼ଜାତ) ବି—ଘର୍ଷଣ ଦ୍ୱାରା ଅଗ୍ନି ଉତ୍ପାଦନାର୍ଥ
Gandhaṇājhakamaki ବ୍ୟବହୃତ ଅଗରୁ କାଠର ଖଣ୍ଡିଏ ପଟା ଓ ତହିଁ ଉପରେ ଠିଆ ବାଗରେ ଘୂରାଇବା ପାଇଁ ବ୍ୟବହୃତ ଖଣ୍ଡିଏ ସେହି କାଠର ବାଡ଼ି—
A contrivance consisting of a flat bit of Agabathu wood and another stick of the same tree which is churned over the flat bit to produce fire-sparks.

**ଗନ୍ଧତଣ୍ଡୁଳ**—ସଂ. ବି. ( ମ. ପ. ଲୋ; ଗନ୍ଧଯୁକ୍ତ ତଣ୍ଡୁଳ )—
Gandhataṇḍula ବାସବତୀ ଚାଉଳ—
A kind of fine fragrant rice.

**ଗନ୍ଧତୁଳସୀ**—ସଂ. ବି—ଏକପ୍ରକାର ତୁଳସୀ; ବଣତୁଳସୀ—
Gandhatulasī A kind of Basil plant; ocymum Gratissimum.
রামতুলসী
**रामतुलसी** ପ୍ରାଦେ. (ମେଦିନୀପୁର) ବି—ଦୋଲଭା ( ଦେଖ )
Dolabhā ( See )

**ଗନ୍ଧତୈଳ**—ସଂ. ବି. ( ମ. ପ. ଲୋ; ଗନ୍ଧଯୁକ୍ତ ତୈଳ )—
Gandhataila ସୁଗନ୍ଧ ତେଲ; ଫୁଲର ତେଲ, ସୁବାସିତ ତୈଳ—
1 Scented oil.
୨। ( ମ. ପ. ଲୋ; ଗନ୍ଧଜାତ ତୈଳ ) ଚନ୍ଦନ ଅତର—
2. Otto from sandal-wood.

**ଗନ୍ଧତ୍ୱକ୍**—ସଂ. ବି—ଗନ୍ଧବଲ୍କଲ ( ଦେଖ )
Gandhatwak Gandhabalkala ( See )

**ଗନ୍ଧତୃଣ**—ସଂ. ବି. ( ମ. ପ. ଲୋ; ଗନ୍ଧଯୁକ୍ତ ତୃଣ )—
Gandhatruṇa ଧାନ୍ୟାଦି ବର୍ଗର ବେଣାପରି ଦେଖା ଯାଉଥିବା
गन्धबेणा ସୁଗନ୍ଧ ତୃଣବିଶେଷ; ଧନନ୍ତ୍ରୀ ଗଛ—
**গংন্ধবেণা** Andropogen schoenanthus; cymbopogen of Watt; Lemon-scented grass.
( ଯଥା—ଏଥିର ପତ୍ର ମଳିଲେ ଲେମ୍ବୁଗ୍ରେପା ପରି ବାସେ )
[ ଦ୍ର—ଏହାର ପତ୍ର ଗୋରୁଙ୍କ ପେଟ ମରିବା ପ୍ରଧାନ ଔଷଧ। ଏଥିରୁ ଏକପ୍ରକାର ସୁଗନ୍ଧ ତୈଳ ( Indian Rusa oil ) ବାହାରେ। ]

**ଗନ୍ଧଦାରୁ**—ସଂ. ବି—ଗନ୍ଧକାଷ୍ଠ ( ଦେଖ )
Gandhadāru Gandhakāshtha ( See)

**ଗନ୍ଧଦ୍ୱିପ**—ସଂ. ବି—ଗନ୍ଧଗଜ ( ଦେଖ )
Gandhadwipa Gandhagaja ( See )

**ଗନ୍ଧଦ୍ରବ୍ୟ**—ସଂ. ବି. ( ମ. ପ. ଲୋ; କର୍ମଧାରୟ; ଗନ୍ଧପ୍ରଧାନ ଦ୍ରବ୍ୟ)—
Gandhadrabya ୧। ଗନ୍ଧ ପ୍ରଧାନ ବସ୍ତୁ; ସୁଗନ୍ଧ ପଦାର୍ଥ—
1. Scent; any sweet scented or aromatic thing.
୨। ନାଗକେଶର ( ଦେଖ )
2. Nāgakeśara ( See )

**ଗନ୍ଧଧୂଳି**—ସଂ. ବି. ସ୍ତ୍ରୀ. ( ମ. ପ. ଲୋ; ଗନ୍ଧଯୁକ୍ତ ଧୂଳି )—
Gandhadhūli ମୃଗନାଭି; କସ୍ତୁରୀ—Musk.

**ଗନ୍ଧନ**—ସଂ. ବି. ( ଗନ୍ଧ୍ ଧାତୁ + ଭାବ. ଅନ )—୧। ସୂଚନା—
Gandhana 1. Allusion.
୨। ହିଂସା—2. Revenge.
୩। ଉତ୍ସାହ—3. Encouragement.
୪। ଯୁଦ୍ଧ—4. Fight.
୫। ( + କର୍ତ୍ତୃ. ଅନ )—ଗନ୍ଧତୃଣ ( ଦେଖ )
5. Gandhatruṇa ( See )

**ଗନ୍ଧ ନକୁଳ**—ସଂ. ବି—ଗନ୍ଧମୂଷିକ ( ଦେଖ )
Gandha nakula Gandhamūshika ( See )

**ଗନ୍ଧନକୁଳୀ**—ସଂ. ବି—ଗନ୍ଧନାକୁଳୀ ( ଦେଖ )
Gandhanakulī Gandhanākulī ( See )

**ଗନ୍ଧନାକୁଳୀ**—ସଂ. ବି. (ଅନ୍ୟ ସଂ. ନାମ—ଗଣ୍ଡାଲୀ; ସର୍ପାକ୍ଷୀ)—
Gandhanākulī ୧। ସ୍କନ୍ଦ ବର୍ଗର ସୁଗନ୍ଧ ବୃକ୍ଷବିଶେଷ—
गन्धनकुली 1. Acamphe Papillosa. ( tree )

| ୧ | ଇ | ଉ | ଋ,ଋ | ଞ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ଁ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଌ | ଌ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଟ୍ୟ | ଇଅ | ଔ | ନୃ |

**घोड़ासन** ୨ । ଆସାମ ଓ ବ୍ରହ୍ମଦେଶର ସୁଗନ୍ଧ ବୃକ୍ଷବିଶେଷ—
2. Ophiorrhiza Mungos ( tree ).

**ଗନ୍ଧନାଳିକା**—ସଂ. ବି. ( ମ. ପ. ଲୋ; ଗନ୍ଧଗ୍ରାହିଣୀ ନାଳିକା )—
Gandhanālikā ନାକ—The nose.

**ଗନ୍ଧନାଳୀ**—ସଂ. ବି. ( ମ. ପ. ଲୋ; ଗନ୍ଧଗ୍ରାହିଣୀ ନାଳୀ )—ନାକ—
Gandhanāli The nose.

**ଗନ୍ଧନାଳୁକା**—ଦେ. ବି—ଏଲବାଳୁ ( ଦେଖ )
Gandhanālukā Elabālu ( See )

**ଗନ୍ଧପତ୍ରା**—ସଂ. ବି. ( ଗନ୍ଧ+ପତ୍ର+ଆ )—ଗଦବିଶେଷ—
Gandhapatrā A species of zedoary.
**कपूरकचरी**

**ଗନ୍ଧପଲାଶ**—ପ୍ରାଦେ. ( ଗଡ଼ଜାତ ) ବି—ବୃକ୍ଷବିଶେଷ—
Gandhapalāsa Miliusa Vetulina ( Haines ).
ଗନ୍ଧପଳାଶ [ ବି—ଏ ବୃକ୍ଷ ଉମପଡ଼ା ଜଙ୍ଗଲରେ ବିଶେଷ
**डोमसाल; कारि;** ଭାବରେ ଦେଖାଯାଏ । ]
**गन्धपलाश; पटमस्तु**

**ଗନ୍ଧପଲାଶିକା**—ସଂ. ବି—ହଳଦୀ—
Gandhapalāsikā Turmeric.

**ଗନ୍ଧପଲାଶୀ**—ସଂ. ବି. ( ବୈଦ୍ୟକ )—ଗନ୍ଧପତ୍ରା ( ଦେଖ )
Gandhapalāsi Gandhapatrā ( See )

**ଗନ୍ଧପାଷାଣ**—ସଂ. ବି. ( ବୈଦ୍ୟକ; ମ. ପ. ଲୋ; ଗନ୍ଧଯୁକ୍ତ ପାଷାଣ )—
Gandhapāshāna ଗନ୍ଧକ—Sulphur.

**ଗନ୍ଧପିପ୍ପଳି**—ଦେ. ବି. ( ସଂ ଉନାମ. ଭବ ) ( ହରେକୃଷ୍ଣ. ଦ୍ରବ୍ୟଗୁଣ )—
Gandhapippali ଏକପ୍ରକାର ପିପ୍ପଳିଗୁଳ୍ମ—A kind of shrub resembling that of long-pepper.

**ଗନ୍ଧପିଶାଚିକା**—ସଂ. ବି—ଝୁଣାର ଧୂଆଁ; ଧୂପ—
Gandhapisāchikā Smoke from burnt fragrant resin; incense.

**ଗନ୍ଧପୁଷ୍ପ**—ସଂ. ବି.—୧ । ( ବହୁବ୍ରୀହି; ଗନ୍ଧଯୁକ୍ତ ପୁଷ୍ପ ଯାହାର )—
Gandhapushpa ବେତସ ଲତା—1. The Ratan cane.
୨ । କେତକୀ ( ଗଛ ଓ ଫୁଲ )—
2. Screwpine ( plant and flower ).
୩ । ( ଦ୍ୱନ୍ଦ୍ୱ ) ଚନ୍ଦନ ଓ ଫୁଲ—
3. Sandal-paste and flower ( offered to idols during worship ).
୪ । ( କର୍ମଧା )—ସୁଗନ୍ଧ ଫୁଲ—
4. Any sweet-scented flower
୫ । ଅଶୋକ—5 Asoka tree.

**ଗନ୍ଧପୁଷ୍ପା**—ସଂ. ବି. ସ୍ତ୍ରୀ—୧ । କେତକୀ—
Gandhapushpā 1. Screwpine ( flower and plant ).
୨ । ନୀଳଗୁଳ୍ମ—2. Indigo plant ( Apte).

୩ । ଗଣିକାରୀ; ଅଗବଥୁ—
3 Premna Serratifolia (tree).

**ଗନ୍ଧପ୍ରସାରିଣୀ**—ସଂ. ବି. ( ଅନ୍ୟ ସଂ. ନାମ; ଗନ୍ଧଭଦ୍ରା; ପ୍ରସାରିଣୀ )—
Gandhaprasārini ପଶାରୁଣୀ ଲତା ( ଦେଖ )
ଗନ୍ଧଭାଦୁଲୀ; ଗାନ୍ଧାଲୀ Pasāruni ( See )
**गन्धपसार; गन्धपसारी**

**ଗନ୍ଧପ୍ରିୟଙ୍ଗୁ**—ସଂ. ବି. ( ବୈଦ୍ୟକ )—ପ୍ରିୟଙ୍ଗୁ ( ଦେଖ )
Gandhapriyangu Priyangu ( See )

**ଗନ୍ଧଫଳ**—ସଂ. ବି. ( ବୈଦ୍ୟକ )—
Gandhaphala ୧ । ଗନ୍ଧଫଳୀ ( ଦେଖ )
1. Gandhaphali ( See )
୨ । କଇଥ ( ହ୍ର. ଶବ୍ଦସାଗର )—2. Woodapple.

**ଗନ୍ଧଫଳା**—ସଂ. ବି. ( ବୈଦ୍ୟକ )—୧ । ପ୍ରିୟଙ୍ଗୁ ( ଦେଖ )
Gandhaphalā 1. Priyangu ( See )
୨ । ମେଥି—2. Fenugreek.

**ଗନ୍ଧଫଳୀ**—ସଂ. ବି. ( ବୈଦ୍ୟକ )—୧ । ଚମ୍ପକ ବୃକ୍ଷ—
Gandhphali 1. The Champaka tree ( Michelia Champaka ).
୨ । ପ୍ରିୟଙ୍ଗୁ ( ଦେଖ )
2. Priyangu ( See )

**ଗନ୍ଧବଣିଆଁ**—ଦେ. ବି. ( ସଂ. ଗନ୍ଧବଣିକ୍ )—ଗନ୍ଧଦ୍ରବ୍ୟ ବ୍ୟବସାୟୀ
Gandhabaniān ସୋଡ଼ଳ ବଣିଆ ଜାତି ( ଏମାନେ ଔଷଧର
ଗନ୍ଧବେଣେ ଚେର ମୂଳ ବିକନ୍ତି )—A caste of Hindus
**बनिया** trading in drugs, spices and scents.

**ଗନ୍ଧବଣିକ୍**—ସଂ. ବି. ( ମ. ପ. ଲୋ; ଗନ୍ଧ ବ୍ୟବସାୟୀ ବଣିକ୍ )—
Gandhabanik ଗନ୍ଧବଣିଆଁ ( ଦେଖ )
Gandhabaniān ( See )

**ଗନ୍ଧବତୀ**—ସଂ. ବି. ସ୍ତ୍ରୀ. ( ଗନ୍ଧ+ଅସ୍ତି ଅର୍ଥରେ ବତ୍+ଈ )—
Gandhabati ୧ । ପୃଥିବୀ—1 The earth.
ବର କୋଳରେ ଗନ୍ଧବତୀ ଅଶୋଭା, ସହଜେ ହୋଇବ ଜନକ—
ଭଞ୍ଜ. ବୈଦେହୀଶବିଳାସ ।
୨ । ମତ୍ସ୍ୟଗନ୍ଧା; ବ୍ୟାସଦେବଙ୍କ ମାତା—
2. The mother of sage Byāsa.
୩ । ଧୀବରୀ—3. Wife of a fisherman.
୪ । ସୁରା; ମଦ୍ୟ—4. Wine.
୫ । ନବମଲ୍ଲିକା; ବଣମଲ୍ଲୀ ଫୁଲ—
5. Wild jasmine.
୬ । ବରୁଣଙ୍କ ପୁରୀବିଶେଷ—
6. A residence of the sea-god Baruna.
୭ । ପଦ୍ମ—7. Lotus.
ସଂ. ବିଣ. ସ୍ତ୍ରୀ—ସୁଗନ୍ଧବିଶିଷ୍ଟା—Sweet-smelling.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

ଦେ. ବି. ( ନାମ )—ଭୁବନେଶ୍ୱର ନିକଟରେ ପ୍ରବାହିତ ହେଉ- ଥିବା ଗଙ୍ଗୁଆନଈ ( ଏହା ଦୟାର ଗୋଟିଏ ଉପନଦୀ ଅଟେ )—Name of a rivulet flowing near Bhubaneśwar.

**ଗନ୍ଧବନ୍ଧୁ**—ସଂ. ବି—ଆମ୍ବଗଛ—
Gandhabandhu Mango tree.

**ଗନ୍ଧବବୁର**—ଦେ. ବି—କୁଆବାବୁର ( ଦେଖ )
Gandhababur Kuābāburi ( See )

**गन्धवल्कल**

**ଗନ୍ଧବଲ୍କଲ**—ସଂ. ବି. (ମ. ପ. ଲୋ; ଗନ୍ଧ + ବଲ୍କଲ )—
Gandhabalkala ଦାରୁଚିନି; ଗୁଡ଼ତ୍ୱକ୍—Cinnamon.

**ଗନ୍ଧବହ**—ସଂ. ବିଣ. (ଗନ୍ଧ + ବହ ଧାତୁ + କର୍ତ୍ତୃ. ଅ)—୧ । ଗନ୍ଧଯୁକ୍ତ—
Gandhabaha 1. Scented; emitting smell.
(ଗନ୍ଧବହା—ସ୍ତ୍ରୀ) ୨ । ଯେ ଗନ୍ଧକୁ ଇତସ୍ତତଃ ସଞ୍ଚାଳିତ କରେ—
2. Wafting fragrance.
ସଂ. ବି—୧ । ପବନ; ବାୟୁ—1. Air; the wind.
ମଧୁରେ ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରନ୍ତି କଦମ୍ବ ନିକୁଞ୍ଜ ସୀମାରେ ।
କବିସୂର୍ଯ୍ୟ. କଶୋସବଶ୍ଯୂ ମ. ଗୀତ ।
୨ । କସ୍ତୁରୀ ମୃଗ—2. Musk-deer.
୩ । ନାୟକବିଶେଷ—3. A class of heroes described in love-stories.

**ଗନ୍ଧବହା**—ସଂ. ବି. ସ୍ତ୍ରୀ. ( ଗନ୍ଧବହ + ସ୍ତ୍ରୀ. ଅ )—ନାସିକା; ନାକ—
Gandhabahā Nose; nostril.
(ଗନ୍ଧବାହୀ—ପୁଂ)

**ଗନ୍ଧବାନ୍**—ସଂ. ବିଣ. (ଗନ୍ଧ+ବତ୍; ୧ମା. ୧ବ.)—ସୁବାସିତ—
Gandhabān Scented; odorous.

**ଗନ୍ଧବାସ**—ଦେ. ବି. ( ସଂ. ଗନ୍ଧାଧିବାସ )—ବିବାହର ପୂର୍ବଦିନ ବର- Gandhabāsa କନ୍ୟାଙ୍କଠାରେ ଗନ୍ଧାଦି ଲେପନ ବିଧି; ଗନ୍ଧଷଣ— Annointing the bride and bridgroom with turmeric and scented paste etc on the night previous to marriage.

**ଗନ୍ଧବାହ**—ସଂ. ବିଣ ଓ ବି—ଗନ୍ଧବହ ( ଦେଖ )
Gandhabāha Gandhabaha ( See )
(ଗନ୍ଧବାହା—ସ୍ତ୍ରୀ)

**ଗନ୍ଧବାହା**—ଦେ. (ପଦ୍ୟ) ବି. (ସଂ. ଗନ୍ଧବହ)—ପବନ—
Gandhabāhā Air; the wind.
ବାହାରେ ଗନ୍ଧବାହା ବାହାରେ ସର୍ବସହାଧରମାନେ କମ୍ପିଲେ ।
ଉପେ. ବୈଦେହୀଶବିଳାସ ।

ସଂ. ବି—ନାସିକା—The nose.

**ଗନ୍ଧବାହୀ**—ସଂ. ବିଣ. ପୁଂ. ( ଗନ୍ଧ+ବାହିନ୍; ୧ମା. ୧ବ. )—
Gandhabāhi ଗନ୍ଧବହ ( ଦେଖ )
(ଗନ୍ଧବାହିନୀ—ସ୍ତ୍ରୀ) Gandhabaha ( See )

**ଗନ୍ଧବିତ**—ଦେ. ବିଣ. (ସଂ. ଗନ୍ଧବିଦ୍)—୧ । ଯେ ଗନ୍ଧବିଷୟ ଜାଣେ—
Gandhabida 1. Versed in the knowledge of scents.
୨ । ଯେ ଗନ୍ଧ ବାରି ପାରେ—
2. One whocan distinguish odours.
ଗନ୍ଧବିତ ଯେ ଭ୍ରମରକୁ
ତହୁଁ ସର୍ପାଦି ଶବ୍ଦବେତ୍ତା । ଜଗନ୍ନାଥ. ଭଗବତ ।

**ଗନ୍ଧବିରଜା**—ଦେ. ବି. (ସଂ. ଗନ୍ଧବୀର୍ଯ୍ୟା)—ଗନ୍ଧବୀର୍ଯ୍ୟା ( ଦେଖ )
Gandhabirajā Gandhabīrjyā ( See )

**ଗନ୍ଧବିରିଜା**—ଗ୍ରା. ବି—ଗନ୍ଧବୀର୍ଯ୍ୟା ( ଦେଖ )
Gandhabirijā Gandhabīrjyā ( See )

**ଗନ୍ଧବିହ୍ୱଳ**—ସଂ. ବିଣ. ପୁଂ. ( ୩ୟା ତତ୍; ଗନ୍ଧ + ବିହ୍ୱଳ )—
Gandhabihwala କୌଣସି ଗନ୍ଧଦ୍ରବ୍ୟର ଆଘ୍ରାଣଦ୍ୱାରା ବିବଶ ବା
(ଗନ୍ଧବିହ୍ୱଳା—ସ୍ତ୍ରୀ) ମତ୍ତ—Intoxicated with the strong smell of scented things.
ବି—ଗୋଧୂମ—Wheat.

**ଗନ୍ଧବୀର୍ଯ୍ୟା**—ସଂ. ବି—ହିମାଳୟ ପ୍ରଦେଶ ଓ ପାରସ୍ୟର ଦେବଦାରୁ ଜାତୀୟ
Gandhabīrjyā ବୃକ୍ଷବିଶେଷର ତୈଳବତ୍ ନିର୍ଯ୍ୟାସ; ଶ୍ରୀବାସ-ସାର—
ଅନ୍ୟ ସଂ. ନାମ—ସରଳଦ୍ରବ; ଶ୍ରୀବାସ-ସାର; ଶ୍ରୀବେଷ୍ଟ; ବୃକ୍ଷଧୂପକ; ଶ୍ରୀପିଷ୍ଟ; ପଦ୍ମଦର୍ଶନ; ବୃକଧୂପ; ଯାସ; ବାୟୁସ; ଚିତାଗନ୍ଧ; କ୍ଷୀରସ; ଧୂପାଙ୍ଗ; ଛଳପର୍ଣ୍ଣି
गन्धबिरिजा
**गन्धबिरोजा**
The aromatic juice of the Himalayan Pine; ( Pinus Longifolia or the Long-leaved pine ).
[ ଦ୍ର—ଏଥିରୁ ଵାର୍ଣ୍ଣିସ ଓ ଟାର୍ପିନ୍ ତେଲ ହୁଏ ଓ ଏହା ଔଷଧରେ ବ୍ୟବହୃତ ହୁଏ । ]

**ଗନ୍ଧବେଣା**—ଦେ. ବି—ଗନ୍ଧତୃଣ ( ଦେଖ )
Gandhabeṇā Gandhatṛuṇa ( See )

**ଗନ୍ଧବ୍ୟାକୁଳ**—ସଂ. ବି—କକ୍କୋଲ ( ଦେଖ )
Gandhabyākula Kakkola ( See )

**ଗନ୍ଧଭଦୁଲି**—ଦେ. ବି—ଗନ୍ଧଭଦ୍ରା ( ଦେଖ )
Gandhabhaduli Gandhabhadrā ( See )

**ଗନ୍ଧଭଦୁଲିୟା**—ଦେ. ବି—ଗନ୍ଧଭଦ୍ରା ( ଦେଖ )
Gandhabhaduliyā Gandhabhadrā ( See )

**ଗନ୍ଧଭଦ୍ରା**—ସଂ. ବି—ଦୁର୍ଗନ୍ଧ ଲତାବିଶେଷ; ପ୍ରସାରଣୀ ଲତା; ପସାରୁଣୀ
Gandhabhadrā ଲତା—Paedoria Foetida (creeper).
गन्धभादुली; गाँधाल
**गंधपसार; गंधाली**
[ ଦ୍ର—ଏହାର ଫୁଲ କଲମ ଶାଗର ଫୁଲ ପରି ଦେଖାଯାଏ ଓ ଶରତ୍ କାଳରେ ଫୁଟେ । ରାତିରେ ଏ ଲତାରୁ ଦୁର୍ଗନ୍ଧ ବାହାରେ । ଏହାର ପତ୍ରକୁ ଝୋଳ କିମ୍ବା ତରକାରି କରି ଖାଇଲେ ଅନେକ ରୋଗରେ ଉପକାର ହୁଏ । ଏହି ପତ୍ରର ରସ ମର୍ଦ୍ଦନ କଲେ ଅଙ୍ଗ ପ୍ରସାରିତ ହୁଏ ବୋଲି ଏହାର ନାମ ପ୍ରସାରଣୀ; ଏ ଲତାର ପତ୍ର ଗନ୍ଧାଏ, କିନ୍ତୁ ଏ ପତ୍ରକୁ ତରକାରି କଲେ ତରକାରିରେ ଦୁର୍ଗନ୍ଧ ଆଦୌ ରହେ ନାହିଁ । ]

| ୧ | ଇ | ଢ଼ | ର୍,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଘ୍ୟ | ଯ | ସ | ଗଁ୍ୟ | ଇଥ | ଈ | ନ୍ |

ଗନ୍ଧମାତା—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଗନ୍ଧ + ମାତୃ; ସବୁ ଗନ୍ଧମାନଙ୍କ
Gandhamātā ଉତ୍ପତ୍ତିସ୍ଥଳ )—ପୃଥିବୀ—
The earth (origin of all scents).

ଗନ୍ଧମାତ୍ରୀ—ଦେ. ବି—୧ । ଔଷଧ ଦ୍ରବ୍ୟବିଶେଷ—
Gandhamātrī 1. An aromatic drug.
୨ । ଇକ୍କଡ଼ ଗଛ—( ହରେକୃଷ୍ଣ ଦ୍ରବ୍ୟଗୁଣ )
2. A kind of reed.

ଗନ୍ଧମାଦ—ଦେ. (ପଦ୍ୟ) ବି. ( ସଂ. ଗନ୍ଧମାଦନ )—
Gandhamāda ଗନ୍ଧମାଦନ ( ଦେଖ )
Gandhamādana ( See )

ସୁଗ୍ରୀବ ଲକ୍ଷ୍ମଣ ସମେତ
ଗନ୍ଧମାଦ ଯେ ହନୁମନ୍ତ । ଜଗନ୍ନାଥ. ଭାଗବତ ।

ଗନ୍ଧମାଦନ—ସଂ. ବି. ( ଗନ୍ଧ + ମଦ୍ ଧାତୁ = ମତ୍ତ ହେବା + ଣିଚ + କର୍ତ୍ତୃ. ଅନ )—
Gandhamādana
୧ । ରାମାୟଣବର୍ଣ୍ଣିତ ସର୍ବୌଷଧିପୂର୍ଣ୍ଣ ହିମାଳୟସ୍ଥ ଗିରିବିଶେଷ ଓ ତହିଁର ଗୋଟିଏ ବନ—
1. Name of a mountain and a forest in the Himalayan range said to contain rare medicinal drugs which can revive the dead.

ଯୁଧିଷ୍ଠିର ଜାଣିଣ ଭାଇଙ୍କର ମନ
ଗନ୍ଧମାଦନକୁ କରି ପ୍ରଦକ୍ଷିଣ । କୃଷ୍ଣସିଂହ. ମହାଭାରତ. ବନ ।

[ ଦ୍ର—ରାମାୟଣବର୍ଣ୍ଣିତ ଏହି ପର୍ବତ ଇଲାବୃତ ଓ ଭଦ୍ରାଶ୍ୱ ବର୍ଷର ମଧ୍ୟରେ ଅବସ୍ଥିତ । ଯୋଜନଶତ ପର୍ଯ୍ୟନ୍ତ ଏହାର ବିସ୍ତାର । ଶକ୍ତିବିଦ୍ଧ ହୋଇ ଲକ୍ଷ୍ମଣ ଭୂପତିତ ହେବାରୁ ହନୁମାନ ଏହି ପର୍ବତରୁ ବିଶଲ୍ୟକରଣୀନାମକ ଔଷଧ ଆଣି ତାହାଙ୍କୁ ପୁନରୁଜ୍ଜୀବିତ କରିଥିଲେ । ଏ ପର୍ବତର ଉଚ୍ଚତା ୩୪୭୯ ଫୁଟ । ]

୨ । ଗନ୍ଧକ—2. Sulphur.
୩ । ରାବଣର ନାମ—3. A name of Rābaṇa.
୪ । ଭ୍ରମର—4. Black bee.
୫ । ବାନରବିଶେଷ; ରାମାୟଣବର୍ଣ୍ଣିତ ବାନର ସେନାପତି—
5. Name of a monkey-general described in the Rāmāyaṇa.

ବପୁ ଗନ୍ଧମାଦନ (୧) ପରି ଗନ୍ଧମାଦନ (୫) ମାତ୍ର ପଡ଼ିଲା ଅବହିତ ।
ଉପେ. ବୈଦେହୀଶବିଳାସ ।

ଦେ. ବି (ନାମ)—କେନ୍ଦୁଝର ରାଜ୍ୟର ଗୋଟିଏ ପର୍ବତର ନାମ—
Name of a mountain in the Keonjhar State.

ବୈତରଣୀ ତହିଁ ଧାଇଁ ଅସିଥିବ ପଲକେ ଗନ୍ଧମାଦନେ—
ରାଧାନାଥ. ପାର୍ବତୀ ।

ସଂ. ବିଣ—ଯାହା ଗନ୍ଧଦ୍ୱାରା ଲୋକଙ୍କୁ ମତ୍ତ କରାଏ—
Intoxicating people with its fragrance.

ଗନ୍ଧମାଦନୀ—ସଂ. ବି. ସ୍ତ୍ରୀ (ଗନ୍ଧମାଦନ + ସ୍ତ୍ରୀ. ଈ) ସୁରା; ମଦ୍ୟ—
Gandhamādanī Wine; spirit.

ଗନ୍ଧମାଦିନୀ—ସଂ. ବି. ସ୍ତ୍ରୀ—ଲାଖ—
Gandhamādinī Lac.

ଗନ୍ଧମାରଦନ—ଗ୍ରା (ପଦ୍ୟ) ବି—ଗନ୍ଧମାଦନ ୧ ( ଦେଖ )—
Gandhamāradana Gandhamādana 1 (See)

ଯେମନ୍ତ ତୀର୍ଥ ଯାତ୍ରା ଗନ୍ଧମାରଦନ, ବନବାସ ଏହିଠାରେ ଶେଷ ହେଲା ଜାଣ ।
କୃଷ୍ଣସିଂହ. ମହାଭାରତ. ବନ ।

ଗନ୍ଧମାର୍ଜ୍ଜାର—ସଂ. ବି (ମଧ୍ୟପଦଲୋପୀ; ଗନ୍ଧଯୁକ୍ତ ମାର୍ଜ୍ଜାର)—ଖଟାଶପତନୀ
Gandhamārjjāra ନାମକ ନେଉଳ ଜାତୀୟ ବନ୍ୟ ଜୀବ;
गन्धगोकुला ଖଟ୍ଟାଶ—The small civet-cat; Viverricula
गन्धबिलाव; Malacencusis; a variety of
मुष्काबिलाव pole-cat.
[ ଦ୍ର—ଏହାର ଲାଞ୍ଜ ମୋଟ ଓ ଲୋମବିଶିଷ୍ଟ । ଦେହର ବର୍ଣ୍ଣ କୃଷ୍ଣାଭ ପାଉଁଶିଆ । ଏହାର ଅଣ୍ଡକୋଷରୁ ଏକପ୍ରକାର ଗନ୍ଧଦ୍ରବ୍ୟ ବାହାରେ; ଏହା ସାମାନ୍ୟ କସ୍ତୁରୀ ପରି ଗନ୍ଧବିଶିଷ୍ଟ । ]

ଗନ୍ଧମାର୍ଦ୍ଦନ—ଗ୍ରା. ବି—ଗନ୍ଧମାଦନ ( ଦେଖ )—
Gandhamārddana Gandhamādana (See)

ଗନ୍ଧମାଳତୀ—ସଂ. ବି. ସ୍ତ୍ରୀ—ମାଳତୀ (ଲତା ଓ ଫୁଲ)—
Gandhamāḷatī Echites Caryophyllata (creeper and flowers).

ଗନ୍ଧମାଳିନୀ—ସଂ. ବି. ସ୍ତ୍ରୀ—ମୁରା ନାମକ ସୁଗନ୍ଧ ଔଷଧ—
Gandhamāḷinī A sweet scented drug.

ଗନ୍ଧମୁଖା—ସଂ. ବି. ସ୍ତ୍ରୀ—ଗନ୍ଧମୂଷିକ (ଦେଖ)
Gandhamukhā Gandhamūshika (See)

ଗନ୍ଧମୂଳ—ସଂ. ବି—ଅଦାଜାତୀୟ ସୁଗନ୍ଧ ମୂଳବିଶେଷ—
Gandhamūla Alpina Calanga; a species of Curcuma; Curcuma Zedoaria.

ଗନ୍ଧମୂଷିକ—ସଂ. ବି—୧ । ଏକପ୍ରକାର ସୁଗନ୍ଧଶରୀରବିଶିଷ୍ଟ ମୂଷିକ—
Gandhamūshika A mouse emitting an aromatic musk-like smell from the body; the musk-rat; Sorex Moscatus.
୨ । ଛୁଚୁନ୍ଦ୍ରା—2. Shrew; mole.

ଗନ୍ଧମୂଷୀ—ସଂ. ବି. ସ୍ତ୍ରୀ—ଗନ୍ଧମୂଷିକ (ଦେଖ)
Gandhamūshī Gandhamūshika (See)

ଗନ୍ଧମୃଗ—ସଂ. ବି ( ମଧ୍ୟପଦଲୋପୀ; ଗନ୍ଧଯୁକ୍ତ ମୃଗ )—
Gandhamṛuga ୧ । କସ୍ତୁରୀ ମୃଗ; ଯେଉଁ ମୃଗର ନାଭିରୁ କସ୍ତୁରୀ ବାହାରେ—1. Musk-deer.
୨ । ଖଟାଶପତନ—2. The Civet-cat.

ଗନ୍ଧମୋଦନ—ସଂ. ବି—ଗନ୍ଧକ—
Gandhamodana Sulphur.

ସାଧାରଣ ସଙ୍କେତ ଅପର ପୃଷ୍ଠାରେ ସହିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ଣ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗନ୍ଧମୋହିନୀ**—ସଂ. ବି—ଚମ୍ପା ଫୁଲର କଢ଼ି—
Gandhamohini The bud of the Champaka flower.

**ଗନ୍ଧମୈଥୁନ**—ସଂ. ବି—ଷଣ୍ଢ—
Gandhamaithuna A bull.

**ଗନ୍ଧରବ**—ଗ୍ରା. ପଦ୍ୟ. ବି (ସଂ. ଗନ୍ଧର୍ବ)—ଗନ୍ଧର୍ବ (ଦେଖ)
Gandharaba Gandharba (See)

କେତେକ ଗନ୍ଧରବେ ଗଲେ ଯମଦାଣ୍ଡେ—କୃଷ୍ଣସିଂହ. ମହାଭାରତ. ବନ ।

**ଗନ୍ଧରସ**—ସଂ. ବି—୧ । ଗୁଗ୍ଗୁଳ—
Gandharasa 1. Myrrh (a sweet incense ); Frankincense.
୨ । ସୁଗନ୍ଧସାର—2. Scented essence.

**ଗନ୍ଧରା**—ପ୍ରାଦେ. ( ସମ୍ବଲପୁର ) ବି. ପୁଂ. ( ସଂ. ଗନ୍ଧର୍ବ )—ରସିକ
Gandharā ବା ପରିହାସପ୍ରିୟ ବ୍ୟକ୍ତି—
A witty or jocular person
ଦେ. ବିଣ. ପୁଂ—ଦୁର୍ଗନ୍ଧମୟ—Bad-smelling.

**ଗନ୍ଧରାଜ**—ସଂ. ବି—୧ । ଏକପ୍ରକାର ତୀବ୍ର ସୁଗନ୍ଧବିଶିଷ୍ଟ ଧଳା ଫୁଲର
Gandharāja ଗୁଳ୍ମ—1. Gardenia Florida ( flower
গন্ধরাজ and plant ).
**মোগরাবেলা** [ ଦ୍ର—ଏହା ଚୀନଦେଶୀୟ ଗଛ ଓ ୪।୫ ହାତ ଉଚ୍ଚରେ ବଢ଼େ, ଏଥିର ଫୁଲ ଧଳା ଓ ଫୁଲର ପାଖୁଡ଼ା ମୋଟ ଓ ଭାରି ସୁଗନ୍ଧ । ]
୨ । ଚନ୍ଦନ—2. Sandal.
୩ । ଅତର—3. Otto.
୪ । ସୁଗନ୍ଧ ଅର୍କ—5. Scented essence.

**ଗନ୍ଧରାସ୍ନା**—ଦେ. ବି—୧ । ଏକପ୍ରକାର ରାସ୍ନା—
Gandharāsnā 1. Ophioxylon Serpentinum.
ସଂ.ସର୍ପାକ୍ଷୀ, ମହାସୁଗନ୍ଧା, ନାକୁଲୀ, ସୁରସା, ନକୁଲେଷ୍ଟା, ଫଣିହନ୍ତ୍ରୀ, ଗନ୍ଧନାକୁଲୀ, ଭୁଜଙ୍ଗାକ୍ଷୀ, ବିଷନାଶିନୀ, ନାଗସୁଗନ୍ଧା [ ଦ୍ର—ଏହା ସାପ, ମାଙ୍କଡ଼ସା, ବିଛା ଓ ମୂଷାମାନଙ୍କର ବିଷନାଶକ ଏବଂ ଜ୍ୱର, କୃମି ଓ ବ୍ରଣନାଶକ । ]
୨ । ଗନ୍ଧନାକୁଲୀ ( ଦେଖ )
2. Gandhanākuli ( See )

**ଗନ୍ଧରି ତେଲ**—ପ୍ରାଦେ. (ସମ୍ବଲପୁର ) ବି—କେରାସିନ୍ ତେଲ—
Gandhari tela Kerosine oil.

**ଗନ୍ଧର୍ବ**—ସଂ. ବି. ( ଗ=ଗାନ+ଧର୍ମ; ନିପାତନ; ଗାୟନ କରିବା ଯାହାର
Gandharba ଧର୍ମ )—୧ । (ପୁଂ) ସ୍ୱର୍ଗଗାୟକ; ଦେବଯୋନିବିଶେଷ—
(ଗନ୍ଧର୍ବୀ—ସ୍ତ୍ରୀ) 1. A class of demigods or aerial beings said to be the choristers of heaven.

[ ଦ୍ର—ଗନ୍ଧର୍ବମାନେ ପୁରାଣମତରେ ଦେବତାଙ୍କ ଶ୍ରେଣୀ-ବିଶେଷ, ଏମାନେ ସ୍ୱର୍ଗରେ ବାସ କରନ୍ତି ଓ ଗାନ କରନ୍ତି । ଅଗ୍ନିପୁରାଣରେ ଗନ୍ଧର୍ବଙ୍କର ୧୧ ଶ୍ରେଣୀ କଳ୍ପିତ ହୋଇଅଛି । ହାହା, ହୁହୁ, ଚିତ୍ର, ହଂସ, ବିଶ୍ୱାବସୁ, ଗୋମାୟୁ, ତୁମ୍ବୁରୁ, ନନ୍ଦୀ ଗନ୍ଧର୍ବମାନଙ୍କ ମଧ୍ୟରେ ପ୍ରଧାନ । ବେଦରେ ଗନ୍ଧର୍ବଙ୍କୁ ୨ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି । ୧—ସ୍ୱର୍ଗବାସୀ, ୨—ଅନ୍ତରୀକ୍ଷବାସୀ । ଗନ୍ଧର୍ବମାନଙ୍କର ସ୍ୱାମୀ ବରୁଣ ଓ ମତାନ୍ତରରେ କୁବେର । ଉପନିଷଦ ଓ ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ଗନ୍ଧର୍ବଙ୍କର ୨ ଶ୍ରେଣୀ ବିଭାଗ କରାଯାଇଅଛି; ୧ ଦେବ ଗନ୍ଧର୍ବ ଓ ୨ ମନୁଷ୍ୟ ଗନ୍ଧର୍ବ । ଗନ୍ଧର୍ବମାନଙ୍କର ଅନ୍ୟ ନାମ ବିଦ୍ୟାଧର—( ହି. ଶବ୍ଦସାଗର ); ଗନ୍ଧର୍ବୀମାନେ ପରମା ସୁନ୍ଦରୀ ବୋଲି ପୁରାଣବିଖ୍ୟାତ । ]
୨ । ସୁଗାୟକ—2. A good singer.
୩ । ମୁନି; ଋଷି—3. Sage; anchorite.
୪ । କୋକିଳ; ପୁଂସ୍କୋକିଳ—
4. The Indian songster or cuckoo bird.

ଏତେ ସୁଗୀତ ଗନ୍ଧର୍ବ ଲୀଳାମାନ ରତି । ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

୫ । କସ୍ତୁରୀ ମୃଗ—5. Musk-deer.

ବହନ୍ତି ବାଦ ଅରମ୍ଭ ଗନ୍ଧର୍ବ ପଦକୁ, ଚଞ୍ଚଳ କୁରଙ୍ଗ ଶବ୍ଦ କରି ତା ମଦକୁ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

୬ । ଘୋଟକ—6. Horse.
୭ । ଯୁଦ୍ଧଘୋଟକ—7. War-horse.
୮ । ସୂର୍ଯ୍ୟ—8. The sun.
୯ । ମୃତ୍ୟୁ ପରେ ଏବଂ ପୁନର୍ଜନ୍ମ ପୂର୍ବରୁ ଆତ୍ମା ଯେଉଁ ରୂପ ଧାରଣ କରେ; ( ଭୂତ )—
9. The soul after death and previous to its being born again; ( ghost ) ( M. W. )
୧୦ । ଚତୁର୍ଦ୍ଦଶ କଳ୍ପ—
10. Name of the 14th Kalpa or period of the world ( M. W. )
୧୧ । ସଙ୍ଗୀତର ସ୍ୱରବିଶେଷ; ଗାନ୍ଧାର—
11. Name of a swara or tone of the gamut; Gāndhāra ( M, W. )
୧୨ । ମୃଗ ( ହି. ଶବ୍ଦସାଗର )—12. Deer.
୧୩ । ସ୍ତ୍ରୀମାନଙ୍କର ଯେଉଁ ବୟସରେ ସ୍ୱରରେ ମାଧୁର୍ଯ୍ୟ ଉତ୍ପନ୍ନ ହୁଏ ( ହି. ଶବ୍ଦସାଗର )—
13. A stage in the life of a woman when her tone becomes very sweet.
୧୪ । ବୈଦ୍ୟକ ଅନୁସାରେ ଉନ୍ମାଦ ରୋଗବିଶେଷ—
14. A kind of insanity.

[ ଦ୍ର—ଏ ରୋଗଗ୍ରସ୍ତ ବ୍ୟକ୍ତି ବନ, ବଗିଚା, ନଦୀ, ଝରଣା ଆଦି ନିକଟରେ ବୁଲିବାକୁ ସୁଖ ପାଏ, ଗନ୍ଧ ଓ ମାଳ୍ୟ ଧାରଣ କରିବାକୁ ସୁଖପାଏ, ସବୁବେଳେ ହସେ, ନାଚେ ଓ ଗୀତ ବୋଲେ ଓ ଅନ୍ୟ ଲୋକ ସଙ୍ଗେ ଖୁବ୍ ଅଳ୍ପ କଥାବାର୍ତ୍ତା କରେ—
ହି. ଶବ୍ଦସାଗର । ]

୧୫ । ବିଧବା ସ୍ତ୍ରୀର ଦ୍ୱିତୀୟ ପତି ( ହି. ଶବ୍ଦସାଗର )
15. The second husband of a widow.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇମ୍ବ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ୱ | ନ୍ |

ଦେ. ବି. ପୁଂ—୧ । ଲୋକଙ୍କ ନାମ—
1. Name given to males.
୨ । କମାଉନ୍ ପାହାଡ଼ ଓ କାଶୀଅଞ୍ଚଳରେ ବାସ କରୁଥିବା ସଙ୍ଗୀତବ୍ୟବସାୟୀ ଜାତିବିଶେଷ ( ହି. ଶବ୍ଦସାଗର )
2. A caste of musicians found in the Kamaun Hills and Benares.
[ ଦ୍ର—ଏମାନଙ୍କ କନ୍ୟାମାନେ ନୃତ୍ୟ ଓ ଗାନ କରନ୍ତି । ]

ଗନ୍ଧର୍ବପୁର—ବି—୧ । ( ବିଜ୍ଞାନ ପରିଭାଷା; ଆଧୁନିକ ପ୍ରୟୋଗ )—
Gandharbapura ମେରୁ ପ୍ରଦେଶରେ ଦେଖାଯିବା ସାମୟିକ ଆଲୋକପୁଞ୍ଜ; ମେରୁଜ୍ୟୋତିଃ—
1. Aurora Borealis
୨ । ମୃଗତୃଷ୍ଣା—2. Mirage; Fata Morgana; ( M. W. and Apte )
୩ । ଗନ୍ଧର୍ବନଗର; ମହାଭାରତୋକ୍ତ ଆକାଶରେ କଳ୍ପିତ ଗନ୍ଧର୍ବମାନଙ୍କର ବାସସ୍ଥାନ—3. A mythological abode of the Gandharbas in the sky.
[ ଦ୍ର—ଏହା ମାନସରୋବର ନିକଟରେ ଥିଲା ଓ ଗନ୍ଧର୍ବମାନେ ଏ ନଗରକୁ ରକ୍ଷା କରୁଥିଲେ । ଅର୍ଜୁନ ଏହି ନଗରକୁ ଜୟ କରି ତିତ୍ତିର, କଲ୍ମାଷ ଓ ମଣ୍ଡୂକନାମକ ଅଶ୍ୱ ଆଣିଥିଲେ । ହି. ଶବ୍ଦସାଗର । ]

ଗନ୍ଧର୍ବପୂଜା—ଦେ. ବି. ( ବଙ୍ଗଳା )—ପ୍ରଥମେ ଆଦର ଅଭ୍ୟର୍ଥନାପୂର୍ବକ
Gandharbapūjā ପରେ ପ୍ରହାର କରି ନିମନ୍ତ୍ରିତ ବ୍ୟକ୍ତିଙ୍କୁ ବିଦାୟ କରିବା—Courteously inviting one and then abusing and beating him.

ଗନ୍ଧର୍ବବିଦ୍ୟା—ସଂ. ବି—ଗନ୍ଧର୍ବବେଦ ( ଦେଖ )
Gandharbabidyā Gandharbabeda ( See )

ଗନ୍ଧର୍ବ ବିବାହ—ସଂ. ବି—ସ୍ମୃତିଶାସ୍ତ୍ରୋକ୍ତ ଅଷ୍ଟବିଧ ବିବାହରୁ ଏକତମ;
Gandharba bibāha ଯେଉଁ ବିବାହରେ ସ୍ତ୍ରୀପୁରୁଷ କର୍ତ୍ତୃପକ୍ଷଙ୍କ ଅଗୋଚରରେ ବା ସମ୍ମତି ଗ୍ରହଣ ନ କରି ବିବାହ କାର୍ଯ୍ୟ ସମ୍ପାଦନ କରନ୍ତି—Marriage in which parties enter into marriage by mutual selection without consulting parents and guardians; a love-marriage.

ଗନ୍ଧର୍ବବେଦ—ସଂ. ବି—୧ । ଚତୁର୍ବିଧ ଉପବେଦ ମଧ୍ୟରୁ ଏକତମ (ଏଥିରେ
Gandharbabeda ସଙ୍ଗୀତ ବିଦ୍ୟାର ସ୍ୱର, ତାଳ, ରାଗରାଗିଣୀ ଆଦିର ଚର୍ଚ୍ଚା ହୋଇଅଛି )—
1. One of the 4 subordinate Bedas treating of music.
୨ । ସଙ୍ଗୀତ ବିଦ୍ୟା—2. The science or art of music.

ଗନ୍ଧର୍ବମତ—ଦେ. ବି. ( ସଂ. ଗାନ୍ଧର୍ବମତ )—
Gandharbamata ଗନ୍ଧର୍ବମାନଙ୍କ ମଧ୍ୟରେ ପ୍ରଚଳିତ ମତ—
Opinion prevailing amongst the Gandharbas.

ଗନ୍ଧର୍ବରାଜ—ସଂ. ବି. ( ୬ଷ୍ଠୀ ତତ୍; ଗନ୍ଧର୍ବ + ରାଜା )—
Gandharbarāja ୧ । ଗନ୍ଧର୍ବମାନଙ୍କ ମଧ୍ୟରେ ପ୍ରଧାନ ବା ନେତା; ଚିତ୍ରରଥ ଗନ୍ଧର୍ବ—1. Chitraratha; the chief of the Gandharbas.
୨ । କୁବେର—2. God Kubera.
୩ । ବରୁଣ ( ହି. ଶବ୍ଦସାଗର )—
3. The sea-god Baruṇa.

ଗନ୍ଧର୍ବୋନ୍ମାଦ—ସଂ. ବି—ଗନ୍ଧର୍ବ ୧୪ ( ଦେଖ )
Gandharbonmāda Gandharba 14 ( See )

ଗନ୍ଧଳାଳୁକା—ଦେ. ବି. (ସଂ. ଏଲବାଲୁକ)—ଏଲବାଲୁ ( ଦେଖ )
Gandhalāḷukā Eḷabāḷu ( See )

ଗନ୍ଧଲୋଲୁପା—ସଂ. ବି. ସ୍ତ୍ରୀ. ( ଗନ୍ଧ + ଲୋଲୁପ + ସ୍ତ୍ରୀ. ଆ )—
Gandhalolupā ମାଛି; ମକ୍ଷିକା—The common flea.

ଗନ୍ଧଶୁଣ୍ଠି—ଦେ. ବି—ଅଦାଜାତୀୟ ସୁଗନ୍ଧ ଔଷଧ ମୂଳବିଶେଷ—
Gandhasunthi Alpina Galanga; Curcuma Zedoaria (Kirtikar); a sweet-scented drug like ginger.
ସଂ. କର୍ଚ୍ଚୂର; ଜଟାମୂଳକ
ଗନ୍ଧସାର
ଶଠୀ; ଏକାଙ୍ଗୀ
କଚ୍ଚୁର; କଚୁରକେଚରୀ
ତେ. କାଚ୍ଚେରାଲୁ; କଚ୍ଚୋରମୁ

ଗନ୍ଧଶେଖର—ସଂ. ବି. ( ଗନ୍ଧ + ଶେଖର )—
Gandhasekhara ଗନ୍ଧଚେଲିକା ( ଦେଖ )
Gandhacheḷikā ( See )

ଗନ୍ଧଷଣ—ଦେ. ବି. (ସଂ. ଗନ୍ଧାଧିବାସ)—ଗନ୍ଧବାସ ( ଦେଖ )
Gandhashana Gandhabāsa ( See )
ବିହାଇଲେ ଗନ୍ଧଷଣ ମହାଉତ୍ସବରେ । ଉତ୍କ. ବୈଦେହୀଶବିଳାସ ।

ଗନ୍ଧଷଣଗୀତ—ଦେ. ବି.—ବିବାହର ପୂର୍ବରାତ୍ରି ବା ମଙ୍ଗଳକୃତ୍ୟ ଦିନ
Gandhashaṇagita ଗନ୍ଧାନୁଲେପନ ବେଳେ ସ୍ତ୍ରୀଲୋକମାନେ ମିଳିତ ହୋଇ ଯେଉଁ ମଙ୍ଗଳଗୀତ ବୋଲନ୍ତି—The songs chanted by females while the bride and bridegroom have their bodies besmeared with scents on the eve of marriage.

ଗନ୍ଧଶିବା—ଦେ. କ୍ରି.—(ସଂ. ଗନ୍ଧାଧିବାସ) —୧ । (ବିବାହର ପୂର୍ବରାତ୍ରିର
Gandhashibā ବର କନ୍ୟା ) ଗନ୍ଧଗଣ ବିଧି ପାଳନ କରିବା; ବିବାହର ପୂର୍ବଦିନରେ ହଳଦୀ ଆଦି ଲଗାଇବା—
1. To have the bodies (of the bride and bridegroom) annointed with scents on the eve of marriage.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ବରକନ୍ୟାଙ୍କୁ ମଙ୍ଗଳ ଦିନ ମଙ୍ଗୁଳିବା; ବରକନ୍ୟାଙ୍କୁ ମଙ୍ଗଳସୂଚକ ବନ୍ଦାପନା ବା ସମ୍ବର୍ଦ୍ଧନା କରିବା—
2. To welcome the bride and bridegroom on the eve of marriage.

ବନ୍ଧାଇ ବରଧ ଖାଦ୍ୟ ଦେବା ଗନ୍ଧିତିଲେ । ଭକ୍ତ. ଲାବଣ୍ୟବତୀ ।

ଗନ୍ଧସାର—ସଂ. ବି.—୧ । ( ୭ମୀ ତତ୍; ଗନ୍ଧ+ସାର; ଗନ୍ଧମାନଙ୍କ
Gandhasāra ମଧ୍ୟରେ ସାର ବା ଶ୍ରେଷ୍ଠ) ଚନ୍ଦନ—
1. Sandal paste.
୨ । (ବହୁବ୍ରୀହି; ଗନ୍ଧ ଅଟେ ସାର ଯାହାର ) ଚନ୍ଦନ ବୃକ୍ଷ—
2. Sandal wood tree.
୩ । (ମ. ପ. ଲୋ; ଗନ୍ଧଯୁକ୍ତ ବସ୍ତୁରୁ ନିଷ୍କାସିତ ସାର)— ସୁଗନ୍ଧ ପଦାର୍ଥରୁ ବୈଜ୍ଞାନିକ ପ୍ରକ୍ରିୟାରେ ଉତ୍ପାଦିତ ତରଳ ସାର—3. Sweet-scented essence or extract.
୪ । ମୁଗୁରା ମଲ୍ଲି; ଫୁଲବିଶେଷ—
4. A kind of double-petalled jasmine.
୫ । ଗନ୍ଧଶୁଣ୍ଠି (ଦେଖ)
5. Gandhasuṇṭhi (See)

ଗନ୍ଧସୁଖୀ—ସଂ. ବି. (ଗନ୍ଧ+ସୁଖିନ୍)—ଗନ୍ଧମୂଷିକ (ଦେଖ)
Gandhasukhī Gandhamūshika (See)

ଗନ୍ଧସୂୟୀ—ସଂ. ବି.—ଗନ୍ଧମୂଷିକ (ଦେଖ)
Gandhasūyī Gandhamūshika (See)

ଗନ୍ଧସୋମ—ସଂ. ବି. ( ଗନ୍ଧ+ସୋମ=ଚନ୍ଦ୍ର; ରାତିରେ ଏହା ଫୁଟେ
Gandhasoma ବୋଲି)—୧ । କୁମୁଦ; କଇଁ—1. Lily.
୨ । ଶ୍ୱେତୋତ୍ପଳ—2. White lily.

ଗନ୍ଧହସ୍ତୀ—ସଂ. ବି.—୧ । ଗନ୍ଧଗଜ (ଦେଖ)
Gandhahastī 1. Gandhagaja (See)
୨ । ବୌଦ୍ଧବିଶେଷ—2. A sect of Buddhists.
୩ । ହସ୍ତୀ ଆକାରର ବୌଦ୍ଧସ୍ତୂପ—3. A Buddhistic mound constructed in the shape of an elephant.

ଗନ୍ଧହାରିକା—ସଂ. ବି. ସ୍ତ୍ରୀ.—ଗନ୍ଧକାରିକା (ଦେଖ)
Gandhahārikā Gandhakārikā (See)

ଗନ୍ଧହୀନ—ସଂ. ବିଣ. (୬ଷ୍ଠୀ ତତ୍; ଗନ୍ଧ+ହୀନ)—ନିର୍ଗନ୍ଧ—
Gandhahīna Odourless; scentless.

ଗନ୍ଧା—ପ୍ରାଦେ. (ସମ୍ବଲପୁର) ବି.—(ସଂ. କନ୍ଦ)—୧ । ମୁସ୍ତକ; ମୁଥା—
Gandhā 1 Grass-root-bulb.
୨ । ନଦୀକୂଳଜାତ ଘାସବିଶେଷ—2. A kind of grass growing in river-banks.
[ ଦ୍ର—ଏଥିରେ ମଶିଣା ବୁଣା ଯାଏ । ]
ଦେ. ବି.—ଜଡ଼ାଗଛ ପରି ଏକପ୍ରକାର ଗୁଳ୍ମ—A plant like the castor-seed plant.

ଗନ୍ଧାଖୁ—ସଂ. ବି. (ଗନ୍ଧ+ଆଖୁ)—ଗନ୍ଧମୂଷିକ (ଦେଖ)
Gandhākhu Gandhamūshika (See)

ଗନ୍ଧାଜୀବ—ସଂ. ବି.—(ଗନ୍ଧ+ଆଜୀବ)—ଗନ୍ଧୋପଜୀବୀ (ଦେଖ)
Gandhājība Gandhopajībī (See)

ଗନ୍ଧାଢ୍ୟ—ସଂ. ବିଣ. (୩ୟା ତତ୍; ଗନ୍ଧ+ଆଢ୍ୟ)—ବିଶେଷ ସୁଗନ୍ଧଯୁକ୍ତ—
Gandhāḍhya Rich in smell; very sweet-smelling.
ବି.—୧ । ବଉଳଫୁଲ—1. The Bakul flower.
୨ । ଶ୍ୱେତ ଚନ୍ଦନ—2. White sandal wood.
୩ । ଲେମ୍ବୁ ଗଛ—3. Orange tree.

ଗନ୍ଧାଧିବାସ—ସଂ. ବି. (ଗନ୍ଧ+ଅଧିବାସ)—୧ । ଆଭ୍ୟୁଦୟିକାଦି କର୍ମରେ
Gandhādhibāsa ଚନ୍ଦନ ଓ ପୁଷ୍ପମାଲାଦି ଦ୍ୱାରା ସଂସ୍କାର—
1. Offering of scents in ceremonial rites.
୨ । ଗନ୍ଧସଣ (ଦେଖ)—2. Gandhasaṇa (See)

ଗନ୍ଧାର—ସଂ. ବି. (ନାମ) (ଗନ୍ଧ+ଆର)—ଗାନ୍ଧାର ୧ ଓ ୨ (ଦେଖ)
Gandhāra Gāndhāra 1 and 2 (See)

ଗନ୍ଧାଳୀ—ସଂ. ବି.—୧ । ବିରୁଡ଼ି—
Gandhāḷī 1. Wasp.
୨ । ପସାରୁଣୀ ଲତା—
2. Paederia Foetida ( a creeper ).
୩ । ଜାଇଫଳ—3. Nutmeg.
୪ । ପାରୁଡ଼ା ପୋକ—4. The flying bug (emitting an offensive smell).
୫ । ବହୁକାଳସ୍ଥାୟୀ ଗନ୍ଧ—5. Continued fragrance.

ଗନ୍ଧି—ଦେ. ବି—୧ । ବିଲ ଓ ହିଆରମାନଙ୍କରେ ହୋଇଥିବା ଶିଉଳ—
Gandhi 1. The slimy moss growing in paddy-fields and ridges when full of water.
୨ । ଦୁର୍ଗନ୍ଧ; ବଦ୍‌ବୋଇ—2. Offensive smell.
୩ । ଅପାନବାୟୁ; ପାଦ—
3. Offensive wind passed through the anus.
୪ । ଛାରପୋକ—4. Bug.
୫ । ପାରୁଡ଼ାପୋକ—
5. A kind of insect emitting a foul smell.
ଦେ. ବିଣ—୧ । ଦୁର୍ଗନ୍ଧମୟ—
1. Of offensive smell; foul-smelling.
୨ । ଉଗ୍ରଗନ୍ଧବିଶିଷ୍ଟ—2. Of strong odour.
[ ଦ୍ର—ସମାସରେ ଗନ୍ଧ ଶବ୍ଦର ଗନ୍ଧିରୂପରେ ପରିଣତ ବିଷୟରେ ଗନ୍ଧ ତଳେ ନୋଟ ଦେଖ । ]

ଗନ୍ଧିଆ—ଦେ. ବିଣ. ( ସଂ. ଗନ୍ଧମୟ )—
Gandhiā ୧ । ଦୁର୍ଗନ୍ଧମୟ—
ଗନ୍ଧିୟା 1. Of offensive smell; putrid.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଡ଼ଅ | ଘ |
| ୨ | ଈ | ଡ଼ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

**गंधैला** ୨ । ଯେଉଁ ପୁରୁଷର ଦେହ ଦୁର୍ଗନ୍ଧମୟ—
(ଗନ୍ଧେଇ—ସ୍ତ୍ରୀ) 2. ( man ) Emitting offensive smell from the body.

ଗନ୍ଧିଆ ତେଲ—ଦେ. ବ—ଗନ୍ଧରି ତେଲ (ଦେଖ)
Gandhiā tela Gandhari tela ( See )

ଗନ୍ଧିକ—ସଂ. ବ. ( ଗନ୍ଧ+ଇକ )—୧ । ଗନ୍ଧକ—
Gandhika 1. Sulphur.
୨ । ( ପୁଂ ) ଗନ୍ଧବଣିଆ ( ଦେଖ )
2. Gandhabaṇiā ( See )

(ଗନ୍ଧିକା—ସ୍ତ୍ରୀ) ସଂ. ବଣ. ପୁଂ. (ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ) —୧ । ଅମୁକ ପରି ଗନ୍ଧବିଶିଷ୍ଟ (ଯଥା—ଉତ୍ପଳଗନ୍ଧିକ)—
1. ( in compounds ) Having the smell of; smelling like.
୨ । ( ଅମୁକ ସଙ୍ଗେ ) ନାମ ମାତ୍ର ସମ୍ବନ୍ଧଯୁକ୍ତ ( ଯଥା—ଭ୍ରାତୃଗନ୍ଧିକା )—
2. Resembling only in name.
୩ । ( ଅମୁକ ପରି ) ନାମମାତ୍ର ଗନ୍ଧବିଶିଷ୍ଟ—
3. Having a slight smell of.
୪ । ( ଅମୁକର ) ଅଳ୍ପମାତ୍ର ଅଂଶବିଶିଷ୍ଟ—
4. Having a small quantity of.

ଗନ୍ଧି କରିବା—ଦେ. କ୍ରି—ଗନ୍ଧେଇବା ( ଦେଖ )
Gandhi karibā Gandheibā ( See)

ଗନ୍ଧିଛତୁ—ପ୍ରାଦେ. ( ଗଡ଼ଜାତ ) ବି—ଗନ୍ଧଛତୁ ( ଦେଖ )
Gandhichhatu Gandhachhatu ( See )

ଗନ୍ଧିଣା—ଦେ. ବିଣ. ( ଯେଉଁ ଘୋଡ଼ାକୁ ମନୁଷ୍ୟ ଗନ୍ଧାନ୍ତି )—ଯେଉଁ
Gandhiṇā ଘୋଡ଼ା କାକଟକୁ ଗଲେ ସେ ହେଁକାରି ହୋଇ କାମୁଡ଼େ ଗୋଡ଼ାଏ—A vicious horse which neighs and snaps at persons approaching it.

ଗନ୍ଧିନୀ—ଗ୍ରା. ବି. ସ୍ତ୍ରୀ—୧ । ଗନ୍ଧକାରିକା ( ଦେଖ )
Gandhinī 1. Gandhakārikā ( See )
[ ଦ୍ର—କୁବୁଜା କଂସର ଗନ୍ଧିନୀ ଥିଲା । ]
୨ । ମଦିରା; ସୁରା ( ଦ୍ର. ଶବ୍ଦସାଗର )—2. Wine.

ଗନ୍ଧିପୋକ—ଦେ. ବି. ( ସଂ. ଗନ୍ଧ+ପୂତିକା )—
Gandhipoka ୧ । ଧାନ ଓ ମକା ଆଦି ଗଛକୁ ନଷ୍ଟ କରିବା ଏକ-
गान्धिपोका ପ୍ରକାର ଦୁର୍ଗନ୍ଧବିଶିଷ୍ଟ କୀଟ—
**गँधिया** 1. Rice-bug; Leptocorisa Acuta.
୨ । ପାରୁଡ଼ାପୋକ; କଖାରୁ ଫୁଲରେ ବସିବା ଏକପ୍ରକାର ଦୁର୍ଗନ୍ଧବିଶିଷ୍ଟ ପୋକ—2. Ladybird ( insect ).

ଗନ୍ଧିରସ—ଦେ. ବି. ( ବଙ୍ଗଳାରୁ ଅନୂଦିତ )—ନଶାଦଲ—
Gandhirasa Ammonia.
गन्धिरस
**नशादर**

ଗନ୍ଧୀ—ସଂ. ବଣ. ( ଗନ୍ଧ+ଇନ୍; ୧ମା. ୧ବ )—
Gandhī ବାସୁଥିବା—Smelling.
(ଗନ୍ଧିନୀ—ସ୍ତ୍ରୀ) ବ. ୧ । ଛାରପୋକ; ଓଡ଼ଶ—1. Bug.
୨ । ସୁଗନ୍ଧବ୍ୟବସାୟୀ—2. A dealer in scents.

ଗନ୍ଧେଇବା—ଦେ. କ୍ରି. ( ସଂ. ଗନ୍ଧ )—
Gandheibā ୧ । ଦୁର୍ଗନ୍ଧ କରିବା; ( କୌଣସି ବସ୍ତୁରୁ ) ଦୁର୍ଗନ୍ଧ
गन्धकरा, गन्धान ବାହାରିବା—1. To emit foul smell.
**गंध देना, गँधाना** ୨ । ଦୁର୍ଗନ୍ଧ ହେବା—
2. To become evil-smelling.
୩ । ପାଦିବା; ଅପାନ ବାୟୁ ତ୍ୟାଗ କରିବା—
3. The crack wind.
୪ । ( ଲକ୍ଷଣାର୍ଥ ) (କୌଣସି କଥା) ମନକୁ ନ ପାଇବା ବା ବିରକ୍ତିକର ବୋଧ ହେବା—
4. To be felt unpleasant; not to be liked.
( ଯଥା—ସେତେବେଳେ ପରା ଆମ କଥା ଗନ୍ଧେଇଲା । )

ଗନ୍ଧେନ୍ଦ୍ରିୟ—ସଂ. ବି. ( ମ. ପ. ଲୋ; ଗନ୍ଧଗ୍ରାହୀ ଇନ୍ଦ୍ରିୟ )
Gandhendriya ଘ୍ରାଣେନ୍ଦ୍ରିୟ; ନାକ—
The nose; organ of smell.

ଗନ୍ଧେଲି—ଦେ. ବ— ଗନ୍ଧିଣା ( ଦେଖ )
Gandheli Gandhiṇā ( See )

ଗନ୍ଧେଶ୍ୱରୀ—ଦେ. ବି. ସ୍ତ୍ରୀ. ( ବଙ୍ଗଳାରୁ ଅନୂଦିତ )—
Gandheśwarī ଗନ୍ଧବଣିକମାନଙ୍କର କୁଳଦେବତା—
गन्धेश्वरी The Goddess worshipped by the Gandhabaṇikas.

ଗନ୍ଧୋତୁ—ସଂ. ବି. ( ମଧ୍ୟପଦଲୋପୀ; ଗନ୍ଧ+ଓତୁ )—
Gandhotu ଗନ୍ଧମାର୍ଜାର; ଖଟାଶ—Civet-cat

ଗନ୍ଧୋତ୍ତମା—ସଂ. ବି. ସ୍ତ୍ରୀ. ( କସ୍ୟା ତତ୍; ଗନ୍ଧ+ଉତ୍ତମ+ଆ )—
Gandhottamā ମଦିରା; ସୁରା; ମଦ୍ୟ—
Wine; spirituous liquor.

ଗନ୍ଧୋଦ—ସଂ. ବି—ଗନ୍ଧୋଦକ ( ଦେଖ )
Gandhoda Gandhodaka ( See )

ଗନ୍ଧୋଦକ—ସଂ. ବି. ( ମ. ପ. ଲୋ; ଗନ୍ଧଯୁକ୍ତ ଉଦକ )—
Gandhodaka ୧ । ସୁବାସିତ ଜଳ—1. Scented water.
୨ । ଯେଉଁ ପାଣିରେ ଚନ୍ଦନ ଗୋଳା ହୋଇଥାଏ—
2. Water mixed with sandal-paste.

ଗନ୍ଧୋପଜୀବୀ—ସଂ. ବି—ଗନ୍ଧଦ୍ରବ୍ୟବ୍ୟବସାୟୀ; ଗନ୍ଧବଣିକ—
Gandhopajībī A dealer in perfumery.

ଗନ୍ଧୋଲୀ—ସଂ. ବି. ( ଗନ୍ଧ ଧାତୁ=ପୀଡ଼ା ଦେବା+କର୍ତ୍ତୃ ଓଲ+
Gandholī ସ୍ତ୍ରୀ. ଈ )—
୧ । ବିରୁଡ଼ି—1. Wasp.
୨ । ଶୁଣ୍ଠି—2. Dried ginger

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗନ୍ଧୌତୁ—ସଂ. ବି—ଗନ୍ଧୋତୁ ( ଦେଖ )
Gandhautu Gandhotu ( See )

ଗପ୍‌ଗପ୍—ଦେ. ଅ. ( ଧ୍ୱନ୍ୟନୁକରଣ ) (ମୂଳ. ଇଂ. ଗଲ୍ପ )—
Gapgap ୧ । ଖାଦ୍ୟ ଦ୍ରବ୍ୟକୁ ନ ଚୋବାଇ ଚଞ୍ଚଳ ଗିଳି
গপগপ ଦେବା ନିମନ୍ତେ ପାଟିକୁ ନିକ୍ଷେପ କରିବାର
गपागप ଶବ୍ଦର ଅନୁକରଣ—
1. Sound produced by gulping or voraciously devouring something.

ଗପ୍‌ମାରିବା—ଦେ. କ୍ରି. (ସଂ. ଗୁପ ଧାତୁ=ଲୁଚାଇବା)—ପ୍ରଥମେ ଦେଖା
Gapmāribā ଦେଇ ପରେ ସମସ୍ତଙ୍କ ଚକ୍ଷୁ ଅନ୍ତରାଳରେ ଲୁଚିଯିବା—
To conceal one's self under the eyes of others.

ଗପ୍‌ସପ୍—ଦେ. ବି. ( ସଂ. ଜଳ୍ପ+ସ୍ୱଳ୍ପ —କଥୋପକଥନ; କଥାଭାଷା;
Gapsap ଏଣୁତେଣୁ କଥାବାର୍ତ୍ତା—Conversation; talk;
গল্পস্বল্প; গপটপ tittle-tattle; chat.
गपशप

ଗପ—ଦେ. ବି. ( ସଂ. ଜଳ୍ପ ) (ମୂଳ. ଫା. ଗପ୍; ଇ. ଗସ୍‌ସିପ୍ )—
Gapa ୧ । ଗଳ୍ପ—1. Story; tale.
গপ্প ୨ । ମୂଲ୍ୟହୀନ ବା ବୃଥା କଥାଭାଷା; ବୃଥା ବାକ୍ୟ; ବକବାଦ—
गप 2. Idle prate; chitchat; gossip.
୩ । କାହାଣୀ—3. Folktale.
୪ । ଉଡ଼ା ଖବର—4. News carried from mouth to mouth; verbal report; rumour.

ଗପଡ଼ି—ଦେ. ବିଣ—ଯେଉଁ ଲୋକ ବେଶିଗୁଡ଼ାଏ ଗଳ୍ପ କରେ ବା
Gapardi କଥା କହେ—Talkative.
গপ্পিয়া
गप्पी

ଗପ ମାରିବା—ଦେ. କ୍ରି—ବୃଥା ଗଳ୍ପରେ ସମୟ କଟାଇବା—
Gapa māribā To waste time in idle talk.
গপ্পকরা
गपमारना

ଗପା—ଦେ. ବି—୧ । (ସଂ. ଜଳ୍ପ) ବେଶିଗୁଡ଼ାଏ କଥା କହିବା—
Gapā 1. Excessive talking.
୨ । ( ଧ୍ୱନ୍ୟନୁକରଣ ) ଚଞ୍ଚଳ ଚଞ୍ଚଳ ଖାଦ୍ୟ ଦ୍ରବ୍ୟ ପାଟିକୁ ନିକ୍ଷେପ କରିବା—2. Gulping.
୩ । ( ସଂ. ଗୁପ ଧାତୁ ) ଲୋକ ଚକ୍ଷୁ ଅନ୍ତରାଳରେ ଲୁଚି ରହିବା—
3. Hiding or concealing one's self.

ଗପାଇବା—ଦେ. କ୍ରି—୧ । ଗପିବାର ଣିଜନ୍ତରୂପ—
Gapāibā 1. The causative form of Gapibā.
୨ । ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ ଚକ୍ଷୁ ଆଗେ ଲୁଚାଇ ଦେବା—
2. To conceal a thing before the eyes of others.

ଗପାଗପ୍—ଦେ. ଅ—ଗପ୍‌ଗପ୍ ( ଦେଖ )
Gapāgap Gapgap ( See )

ଗପା ମାରିବା—ଦେ. କ୍ରି—୧ । ଅନେକ ଲୋକଙ୍କ ଆଖି ଆଗରେ
Gapā māribā କୌଣସି ଗୁପ୍ତ ସ୍ଥାନରେ ଲୁଚିଯିବା—
ছিপা 1. To hide or conceal one's self before the eyes of others.
छिपना
गप्पामारना ୨ । ଖାଦ୍ୟ ପଦାର୍ଥକୁ ବଡ଼ ବଡ଼ ଗୁଣ୍ଡା କରି ଚଞ୍ଚଳ ଚଞ୍ଚଳ ପାଟିକୁ ନିକ୍ଷେପ କରିବା—
2. To gulp a thing; to gobble; to throw food into the mouth; to devour without chewing.

ଗପି—ଦେ. ବିଣ—ଗପଡ଼ି ( ଦେଖ )
Gapi Gapardi ( See )
গপ্পো
गप्पी

ଗପିବା—ଦେ. କ୍ରି. ( ସଂ. ଜଳ୍ପ; ସଂ. କଳ୍ପ )—
Gapibā ୧ । ବେଶିଗୁଡ଼ାଏ କଥା କହିବା—
গপ্পকরা 1. To talk too much.
गपना ୨ । ବୃଥା ଗଳ୍ପ କରିବା—
2. To talk idly; to prate.
୩ । ଲୁଚିବା; ଛପିଯିବା—3. To conceal one's self before the eyes of others.

ଗପୁଆ—ଦେ. ବିଣ—ଗପଡ଼ି; ଯେ ବେଶି ଗଳ୍ପ କରେ; ବକୁଆ—
Gapuā Talkative; garrulous; loquacious.
গপ্পিয়া
गपया

ଗପୁଡ଼ି—ଦେ. ବିଣ—ଗପୁଆ ( ଦେଖ )
Gapurdi Gapuā ( See )

ଗଫ୍—ବୈଦେ. ବିଣ. (ଫା)—ଘନ ଭାବରେ ବୁଣାଯାଇ ଥିବା (ଲୁଗା)—
Gaph Closely woven (cloth).
গফ
गफ

ଗଫ୍ ଗଫ୍—ଦେ. ଅ—ଗପ୍ ଗପ୍ ( ଦେଖ )
Gaph gaph Gap gap ( See )

ଗଫ୍‌ଲତ୍—ବୈଦେ. ବି. ( ଆ. ଗଫ୍‌ଲତ୍; ଗାଫ୍‌ଲତ୍ )—
Gaphlat ୧ । ଅମନୋଯୋଗ—1 Inattention.
গাফলৎ ୨ । ଅବହେଳା; ତଞ୍ଚ—2 Negligence; laches.
गफलति ୩ । ଅସାବଧାନତା—3 Carelessness.
୪ । ଭ୍ରମ—4 Mistake.

ଗଫ୍‌ଲତି—ବୈଦେ. ବି. (ଆ. ଗାଫ୍‌ଲତ୍)—ଗଫ୍‌ଲତ୍ ( ଦେଖ )
Gaphlati Gaphlat ( See )
গাফলতি ତୁମେ ତାହାଙ୍କର କାର୍ଯ୍ୟରେ ଗଫ୍‌ଲତି, କହିବ ଠିକ୍ ।
गाफिल ଫକୀରମୋହନ. ଛମାଣଆଠଗୁଣ୍ଠ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଡ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୵ | ଢ | ଭ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନ୍ତ |

ବଣ. ( ଫା. ଗାଫିଲ୍ )—ଗଫ୍‌ଲଡିଆ ( ଦେଖ ) Gaphlatiā ( See )

**ଗଫ୍‌ଲତିଆ**—ବୈଦେ. ବଣ. ( ଫା. ଗାଫିଲ୍ )—ଅବହେଳାକାରୀ—Negligent.
Gaphlatiā
ଗାଫଲତିଆ
**गाफिल**

**ଗଫ୍‌ଲୟତ୍**—ବୈଦେ. ବି. (ଅ. ଗଫ୍‌ଲତ୍)—ଗଫ୍‌ଲତ୍ ( ଦେଖ )
Gaphliyat — Gaphlat ( See )
ଗାଫଲିୟତ — ଦାରୋଗା ସାହେବଙ୍କର ଲହମାଏ ଗଫ୍‌ଲୟତ୍ ନ ଥିଲା ।
**गफलत** — ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗଫ୍‌ଲୟତି**—ବୈଦେ. ବି ଓ ବଣ—ଗଫ୍‌ଲତି ( ଦେଖ )
Gaphliyati — Gaphlati ( See )

**ଗଫ**—ଗ୍ରା. ବି—ଗପ ( ଦେଖ )
Gapha — Gapa ( See )

**ଗଫଡ଼ି**—ଗ୍ରା. ବି—ଗପଡ଼ି ( ଦେଖ )
Gapha<u>r</u>di — Gapa<u>r</u>di ( See )

**ଗଫା**—ଦେ. ବି—ଗପା ( ଦେଖ )
Gaphā — Gapā ( See )

**ଗଫାଗଫ୍**—ଦେ. ଅ—ଗପ୍ ଗପ୍ ( ଦେଖ )
Gaphāgaph — Gap gap ( See )

**ଗଫା ମାରିବା**—ଦେ. କ୍ରି—ଗପା ମାରିବା ( ଦେଖ )
Gaphā māribā — Gapā māribā ( See )

**ଗଫିବା**—ଗ୍ରା. କ୍ରି—ଗପିବା ( ଦେଖ )
Gaphibā — Gapibā ( See )

**ଗଫୁଆ**—ଗ୍ରା. ବଣ—ଗପୁଆ ( ଦେଖ )
Gaphuā — Gapuā ( See )

**ଗବ୍ ଗବ୍**—ଦେ. ଅ. ( ଧ୍ୱନ୍ୟନୁକରଣ )—ନିଆଁଉପରେ ସ୍ଥାପିତ ପାତ୍ରସ୍ଥ
Gab gab — ପାଣିରେ ଗୁଳ ଆଦି ଫୁଟିବା ଶବ୍ଦର ଅନୁକରଣ—
1. Bubbling sound; sound like that of
**बुलबुल; खदबद** — rice briskly boiling in a pot on the fire.

୨ । ସରୁମୁହାଁ ମାଠିଆରୁ ଏକାବେଳେକେ ପାଣି ଅଜାଡ଼ିବାର ଶବ୍ଦ—2. Sound like that of pouring out water profusely from a narrow-mouthed pitcher.

**ଗବ୍‌ଦଲ୍‌ଖାସୁ**—ଦେ. ବଣ. (ବ୍ୟଙ୍ଗୋକ୍ତି; ଭୁଲ ହି. ଗବଦ୍=ଜଡ଼ବୁଦ୍ଧି)—
Gabdalkhāsu — ସ୍ଥୂଳକାୟ ଓ ଅକାମିକା (ବ୍ୟକ୍ତି)—
Fat and idle (fellow).

**ଗବ**—ଦେ. ବି. (ସଂ. ଗାଲବ=କେନ୍ଦୁ)—ଏରଣ୍ଡ (ଦେଖ)
Gaba — Eranda (See)
ଗାବ; ଗେଡ଼ୀ — ଗବ ଦଣ୍ଡ ବନ୍ଧ ହି କୋଦଣ୍ଡ ଭଙ୍ଗ ହେଲ ସୀତାକାନ୍ତ ହେ ।
**रेंड़ी** — ଦୀନକୃଷ୍ଣ. ରାମାୟଣ ।

ପ୍ରାଦେ. (ମେଦନୀପୁର) ବି. (ଭୁଲ. ବ. ଗାବଭେରେଣ୍ଡା)—
ବାଇଗବା (ଦେଖ)—Bāigabā (See)

**ଗବକାଲ**—ଦେ. ବି.—ଜଡ଼ା ଫଳକୁ ଛେଚି ତାକୁ ସିଦ୍ଧ କରି ତହିଁରୁ ତେଲ
Gabakāla — ବାହାର କରି ନେବା ପରେ ଯେଉଁ ଦୁର୍ଗନ୍ଧମୟ ଜଳମିଶ୍ରିତ କିଟ୍ଟାଦି ଅବଶିଷ୍ଟ ରହେ—Offensive sediment or refuse left after oil is extracted from castor-oil-seeds by boiling.

[ ଦ୍ର—ନଡ଼ିଆଗଛରେ ପୋକ ଲାଗି ଗଛର କଢ଼ାକୁ ନଷ୍ଟ କରୁଥିଲେ ନଡ଼ିଆ ଗଛମୂଳେ ଖାଣ୍ଡିରେ ଗବକାଲ କିଛିଦିନ ଥୋଇଲେ ପୋକସବୁ ମରି ଯାଆନ୍ତି । ]

**ଗବଗଛିଆ କରିବା**—ଦେ. କ୍ରି.—କୌଣସି ବ୍ୟକ୍ତିକୁ ଅତିମାତ୍ରାରେ
Gabagachhiā karibā — ପ୍ରଶଂସା କରିବା—
To raise a person on to the sky.

[ ଦ୍ର—ଯେଉଁ ସ୍ଥାନରେ ଅନ୍ୟ କୌଣସି ଗଛ ନ ଥାଏ ସେଠାରେ ଗବଗଛଟାକୁ ବଡ଼ ଗଛ ବୋଲି ଯାଏ ବୋଲି ସଂସ୍କୃତରେ ଗୋଟିଏ ଉକ୍ତି ଅଛି:—

"ନିରସ୍ତେ ପାଦପେ ଦେଶେ,
ଏରଣ୍ଡୋଽପି ଦ୍ରୁମାୟତେ ।"

ଏହି ଉକ୍ତିକୁ ଲକ୍ଷ କରି ଏ ବାକ୍ୟ ବ୍ୟବହୃତ ହୁଏ । ]

**ଗବଗରଡ଼ିଆ**—ଗ୍ରା. ବଣ.—ଏଣୁ ତେଣୁ; ସାର ଅସାର ଅଂଶ ମିଶ୍ରିତ—
Gabagara<u>r</u>diā — Promiscously mixed or adulterated.

**ଗବଗାଣ୍ଡୁ**—ଦେ. ବଣ. (ଗାଳି) (ସଂ. ଗୋ; ଗୋରୁପରି ଲଦୁଁକିଆ; ଭୁଲ
Gabagāndu — ସଂ. ଅତିଗବ=ଅତ୍ୟନ୍ତ ମୂର୍ଖ)—୧ । ଲଦୁଁକିଆ—
ଗବା — 1. Stupid.
**गोबरगणेश** — ୨ । ମୂର୍ଖ—2. Illiterate.

**ଗବଗାଣ୍ଡୁଆ**—ଦେ. ବଣ. (ଗାଳି)—ଗବଗାଣ୍ଡୁ (ଦେଖ)
Gabagānduā — Gabagāndu (See)

**ଗବନଳ**—ଦେ. ବି.—( ସଂ. ଗାଲବ ଓ ନାଳ )—ଗବଗଛର ଫମ୍ପା
Gabana<u>l</u>a — ନଳାକାର ନଡ଼ା ବା ଡେଙ୍ଗ—The hollow stem of a castor-oil-seed plant.

**ଗବନଡ଼**—ଦେ. ବି. (ସଂ. ଗାଲବ+ନାଳ)—ଗବନଳ (ଦେଖ)
Gabana<u>r</u>da — Gabana<u>l</u>a See)

**ଗବୟ**—ସଂ. ବି. ପୁଂ. (ଗୋ=ଗୋରୁ+ଅୟ୍ ଧାତୁ=ଗମନ କରିବା+
Gabaya — କର୍ତ୍ତୃ. ଅ)—୧ । ଅରଣା ମଇଁଷି; ଗୟଳ—
(ଗବୟୀ—ସ୍ତ୍ରୀ) — 1. Bison; the Gayal; a wild animal like the ox; Bos Frontalis.
গয়াল
**गयाल, गवय**

[ ଦ୍ର—ଏମାନେ ବନ୍ୟଜନ୍ତୁ ଓ ଗଳକମ୍ବଳଶୂନ୍ୟ ଗୋରୁ ପରି ଦେଖା ଯାଆନ୍ତି । ଏମାନଙ୍କ ଶିଙ୍ଗ ଗୋରୁଶିଙ୍ଗ ଅପେକ୍ଷା ମୋଟା

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚ୍ଚି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍' ଦେଖିବେ।

ଓ ସ୍ଥୂଳ । ଏମାନେ ପଲପଲ ହୋଇ ଅରଣ୍ୟରେ ରହନ୍ତି । ଏମାନେ ତୃଣାଶୀ; ଏମାନେ ପୋଷ ମାନନ୍ତି ନାହିଁ; ମଇଁଷିମାନଙ୍କର ଶିଙ୍ଘ ଚେପଟା କିନ୍ତୁ ଗବୟମାନଙ୍କ ଶିଙ୍ଘ ଗୋଲ । ]

୨ । ରାମାୟଣବର୍ଣ୍ଣିତ ମର୍କଟ ଯୂଥପତିବିଶେଷ—
2. Name of a monkey-general.

ବଳନି ସେପରୁ ଅସେ ଗବୟ ଅସନ୍ତେ ।
ଉକ୍ତ. ବୈଦେହୀଶବିଳାସ ।

ଗବର—ପ୍ରାଦେ. (ସମ୍ବଲପୁର) ବି—ଗୋବର—
Gabara — Cowdung.

ଗବରାଜ—ସଂ. ବି. ( ଗବ=ଗୋସମୂହ+ରାଜା )—ବୃଷଭ; ଷଣ୍ଢ—
Gabarāja — Bull.

ଗବର୍ଣ୍ଣମେଣ୍ଟ (ଇତ୍ୟାଦି)—ବୈଦେ. ବି. ( ଇଂ. ଗଭର୍ଣ୍ଣମେଣ୍ଟ )—
Gabarṇṇameṇṭ (etc) ଗଭର୍ଣ୍ଣମେଣ୍ଟ ଇତ୍ୟାଦି ( ଦେଖ )
Gabharṇṇameṇṭ etc ( See )

ଗବର୍ଣ୍ଣର (ଇତ୍ୟାଦି)—ବୈଦେ. ବି. (ଇଂ. ଗଭର୍ଣ୍ଣର )—
Gabarṇṇar (etc) ଗଭର୍ଣ୍ଣର ଇତ୍ୟାଦି ( ଦେଖ )
Gabharṇṇar etc ( See )

ଗବଳ—ସଂ. ବି. (ଗୁ ଧାତୁ=ଶବ୍ଦ କରିବା+ଅଳ; ଗୋ+ଅଳ)—
Gabaḷa ୧ । ବନ୍ୟ ମହିଷ; ଅରଣା ମଇଁଷି—
1. Wild buffalo; bison.
୨ । (+କରଣ. ଅ) ମଇଁଷି ଶିଂଘ—
2. The horn of a buffalo.

ଗବଷଣ୍ଡା—ଦେ. ବି—ଗବଷଣ୍ଢା ( ଦେଖ )
Gabashaṇḍā — Gabashaṇḍhā ( See )

ଗବଷଣ୍ଢା—ଦେ. ବି—୧ । ଗବଗଛର ଅଗ୍ରଭାଗର ଥିବା କୋମଳ ଅଙ୍କୁର—
Gabashaṇḍhā 1. The tender sprouts of a castor-oil-seed-plant.
୨ । ଗବପତ୍ରରେ ଲାଗିଥିବା ସମ୍ଭାଳୁଅପରି ଏକପ୍ରକାର ପୋକ—
2. A kind of caterpillar attacking the leaves of castor-oil-seed-plant.
[ଦ୍ର—ଗବପତ୍ର ଖାଉ ଖାଉ ଯେବେ ଗୋରୁ ଦୈବାତ୍ ଏ ପୋକ ଖାଇ ଦିଏ ତେବେ ଗୋରୁର ପେଟ ଫୂଲିଯାଇ ଗୋରୁ ମରି ଯାଏ ।]

ଗବସାହାଣୀ—ଦେ. ବି—ପ୍ରାଚୀନ ଉତ୍କଳର ରାଜୋପାଧିବିଶେଷ—
Gabasāhāṇī A title bestowed by kings in ancient Utkaḷa.

ଗବା—ପ୍ରାଦେ. (ସମ୍ବଲପୁର) ବିଣ—ପାଗଲ; ବାୟା—
Gahā — Mad.

ଗବାକ୍ଷ—ସଂ. ବି. ( ଗୋ=କିରଣ+ଅକ୍ଷ୍ ଧାତୁ=ବିସ୍ତୃତ କରିବା+
Gabāksha କର୍ତ୍ତୃ. ଅ; କିରଣର ପ୍ରବେଶପଥ; ଗୋ=ଗୋରୁ +ଅକ୍ଷି=ଆଖି; ଏହାର ଛିଦ୍ରଗୁଡ଼ିକ ଗୋରୁଙ୍କ ଆଖି ପରି ଥିବାରୁ )—
୧ । ବାତାୟନ; ଝିଅଡ଼ି; ଝରକା; ଜାଲିକବାଟ; ପଞ୍ଜର—
1. A window with holes like bull's eyes; air-hole.

ବେଳେ ବେଳେ ଅନାଇଲେ ଗବାକ୍ଷ ବୋଲନ୍ତେ ।
ଉକ୍ତ. ବୈଦେହୀଶବିଳାସ ।

୨ । ବଡ଼ଆଖିଆ ବାନରବିଶେଷ—
2. A kind of monkey with large eyes.
୩ । ରାମାୟଣବର୍ଣ୍ଣିତ ମର୍କଟ ସେନାପତି—
3. Name of a monkey-general mentioned in the Rāmāyaṇa.

ବେଳେ ବେଳେ ଅନାଇଲେ ଗବାକ୍ଷ ବୋଲନ୍ତେ ।
ଉକ୍ତ. ବୈଦେହୀଶବିଳାସ ।

ଗବାଚନ୍ଦ୍ର ମନ୍ତ୍ରୀ—ଦେ. ବି. ( ବଙ୍ଗଦେଶ ପ୍ରଚଳିତ କାହାଣୀରେ
Gabāchandra mantrī ବର୍ଣ୍ଣିତ ହବାଚନ୍ଦ୍ର ବା ହବୁଚନ୍ଦ୍ରନାମକ
গবাচন্দ্র মন্ত্রী ନିର୍ବୋଧ ରାଜାଙ୍କର ଏହି ନାମଧାରୀ
गवगन्ड ନିର୍ବୋଧ ମନ୍ତ୍ରୀ; ତୁଳ. ଓଡ଼ିଶାରେ ପାଳିବଣ୍ଡା ମନ୍ତ୍ରୀ )—
(ବ୍ୟଙ୍ଗ) ଅତି ନିର୍ବୋଧ ପରାମର୍ଶଦାତା; ମୂର୍ଖ ମନ୍ତ୍ରୀ—
Very foolish adviser or counsellor.

ଗବାଦନ—ସଂ. ବି. (ଗୋ+ଅଦ୍ ଧାତୁ=ଖାଇବା+କର୍ମ. ଅନ)—
Gabādana ଗୋଗ୍ରାସ; ଘାସ; ତୃଣ—
Grass; fodder for cattle.

ଗବାଦନୀ—ବି. (ଗୋ+ଅଦ୍ ଧାତୁ=ଖାଇବା+ଅଧିକରଣ ଅନ+ସ୍ତ୍ରୀ. ଈ)—୧ । ଗୋରୁ ଯେଉଁ କୁଣ୍ଡରେ ଘାସ ଖାଏ—
Gabādanī 1. Manger for cattle.
୨ । ନୀଳ ଅପରାଜିତା—2. The blue variety of the Clitoris flower.

ଗବାରାମ୍—ଦେ. ବି.—ଗବାଚନ୍ଦ୍ର ମନ୍ତ୍ରୀ (ଦେଖ)
Gabārām — Gabāchandra mantrī (See)

ଗବାଶନ—ସଂ. ବିଣ. (ଗୋ+ଅଶ୍ ଧାତୁ+କର୍ତ୍ତୃ. ଅନ; ୧ମା. ୧ବ)—
Gabāśana ୧ । ଗୋଖାଦକ; ଗୋମାଂସଭକ୍ଷକ—
1. Beef-eating.
ସଂ. ବି.—ହେଡ଼ାଖିଆ ଜାତି; ଗୋଖାଦକ ଜାତି—
Castes eating cow's flesh or beef.
(ଯଥା—ପାଣ, ହାଡ଼ି, ଡମ ଆଦି ।)

ଗବାଶୀ—ସଂ. ବିଣ.—(ଗୋ+ଅଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ.)—
Gabāśī ଗବାଶନ (ଦେଖ)
Gabāśana (See)

ଗବାଶ୍ୱ—ସଂ. ବି. (ଦ୍ୱନ୍ଦ୍ୱ; ଗୋ+ଅଶ୍ୱ)—ଗୋରୁ ଏବଂ ଘୋଡ଼ା—
Gabāśwa — Cow and horse

ଗଵିବା—ଦେ. କ୍ରି.—(ଉତ୍ତରକୂଳ) ପଶିଯିବା; ଦବିଯିବା—
Gabibā — To enter inside.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ସ | ଉଅ | ଙ୍କ |
| ୨ | ଈ | ଊ | ଋୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନୃ |

ਢੁਕਾ (ଯଥା—ଏ ଖୁଣ୍ଟା ଦୁଇ ହାତ ଭୂମି ଭିତରକୁ ଗବଗଲା)

**घुसना**

ଗବୀ—ସଂ. ବି. ସ୍ତ୍ରୀ. (ଗୋ + ସ୍ତ୍ରୀ. ଈ)—୧ । ମାଈ ଗୋରୁ; ଗାଈ—
Gabī 1. Cow.
୨ । ବାକ୍ୟ; ବାଣୀ—2. Words; utterance

ଗବୀୟ—ସଂ. ବିଣ. (ଗୋ + ଈୟ)—ଗବ୍ୟ (ଦେଖ)
Gabīya Gabya (See)

ଗବେଡ଼ୁ—ସଂ. ବି. (ଗୋ = ଗୋରୁ, ପୃଥିବୀ + ଏଡ଼ ଧାତୁ = ରକ୍ଷା କରିବା
Gaberdu + କର୍ତ୍ତୃ. ଉ)—୧ । ମେଘ—1. Cloud.
୨ । (+ କର୍ମ. ଉ) ଗରଗଡ଼ (ଦେଖ)
2. Garagarda (See)

ଗବେଡ଼ୁକା—ସଂ. ବି. (ଗବେଡ଼ୁ + କ + ସ୍ତ୍ରୀ. ଆ)—
Gaberdukā ଗରଗଡ଼ (ଦେଖ)
Garagarda (See)

ଗବେଧୁ—ସଂ. ବି. (ଗୋ = ଜଳ + ଏଧ୍ ଧାତୁ = ବୃଦ୍ଧି ପାଇବା + କର୍ତ୍ତୃ.
Gabedhu ଉ)—ଗରଗଡ଼ (ଦେଖ)
Garagarda (See)

ଗବେଧୁକା—ସଂ. ବି.—( ଗୋ = ଜଳ + ଏଧ୍ ଧାତୁ = ବୃଦ୍ଧି ପାଇବା +
Gabedhukā କର୍ତ୍ତୃ. ଉ + କ + ଆ)—ଗରଗଡ଼ (ଦେଖ)
Garagarda (See)

ଗବେଷ (ଧାତୁ)—ସଂ.—୧ । ଅନ୍ୱେଷଣ କରିବା—
Gabesha (root) 1. To enquire; to search.

ଗବେଷଣ—ସଂ. ବି.—( ଗବେଷ ଧାତୁ = ଅନ୍ୱେଷଣ କରିବା + ଭାବ.
Gabeshana ଅନ)—୧ । ଖୋଜାଖୋଜି; ଅନ୍ୱେଷଣ—
1. Searching.
୨ । କୌଣସି ବିଷୟର ତତ୍ତ୍ୱନିରୂପଣାର୍ଥ ଅନୁସନ୍ଧାନ—
2. Investigation; inquiry; research.
୩ । (ଗୋ = ଜଳ + ଏଷଣ = ଅନ୍ୱେଷଣ)—ଜଳର ଅନୁସନ୍ଧାନ—
3. Search after water.
୪ । ନୃପବିଶେଷ—4. Name of a king.

ଗବେଷଣା—ସଂ. ବି.—ଗବେଷଣ (ଦେଖ)
Gabeshanā Gabeshana (See)

ଗବ୍ୟ—ସଂ. ବିଣ. ( ଗୋ + ସମ୍ବନ୍ଧାର୍ଥେ, ଭବାର୍ଥେ, ହିତାର୍ଥେ. ଯ )—
Gabya ୧ । ଗୋରୁଠାରୁ ଉତ୍ପନ୍ନ—
1. Produced from the cow
୨ । ଗୋ ସମ୍ବନ୍ଧୀୟ—2. Pertaining to the cow.
୩ । ଗୋହିତ—3. Beneficial to the cow
ବି.—ଗୋରୁଠାରୁ ଉତ୍ପନ୍ନ ଦ୍ରବ୍ୟ (ଯଥା; ଘୃତ, ଦୁଗ୍ଧ, ଦଧି)—
1. Things produced from the cow
(e. g. ghee, milk, curd).

[ ଦ୍ର—ପାପର ପ୍ରାୟଶ୍ଚିତ୍ତାଦିରେ ହିନ୍ଦୁମାନେ 'ପଞ୍ଚଗବ୍ୟ' ( ଦୁଧ, ଦହି, ଘିଅ, ଗୋବର ଓ ଗୋମୂତ୍ର ମିଶ୍ରିତ ପାନୀୟ ) ପାନ କରି ଶରୀରକୁ ଶୁଦ୍ଧ କରନ୍ତି । ]

ଗବ୍ୟଘୃତ—ସଂ. ବି. ( କର୍ମଧା; ଗବ୍ୟ + ଘୃତ )—ଗୁଆଘିଅ—
Gabyaghruta Ghee from cow's milk.

ଗବ୍ୟା—ସଂ. ବିଣ. ସ୍ତ୍ରୀ. ( ଗବ୍ୟ + ସ୍ତ୍ରୀ. ଆ )—୧ । ଗୋରୋଚନା—
Gabyā 1. A yellow pigment found in the bile of a dead cow.
୨ । ଗୋସମୂହ; ଗୋରୁପଲ—
2. Cattle; kine; a herd of cattle.
୩ । ଧନୁର ଜ୍ୟା—3. Bow-string.
୪ । ଲୁଗାର ଦଶୀ—
4. The hanging threads at the end of a long cloth.

ଗବ୍ୟୁତ—ସଂ. ବି. ( ଗୋ = ପୃଥିବୀ + ଯୁ ଧାତୁ = ଯୋଗ କରିବା +
Gabyuta କର୍ମ. ତ )—ଦୁଇ କୋଶ ପରିମାଣ ଦୂରତ୍ୱ—
A distance of 2 Kros or 4 miles.

ଗବ୍ୟୁତି—ସଂ. ବି. (ଗୋ = ପୃଥିବୀ + ଯୁ ଧାତୁ = ଯୋଗ କରିବା + କର୍ମ. ତି)
Gabyuti —ଗବ୍ୟୁତ ( ଦେଖ )—Gabyuta ( See )

ଗବ୍ୟୂତି—ସଂ. ବି. (ଗୋ = ପୃଥିବୀ + ଯୁ ଧାତୁ = ଯୋଗ କରିବା + କର୍ମ. ତି)
Gabyūti —ଗବ୍ୟୁତ (ଦେଖ)—Gabyuta ( See )

ଗଭର୍ ଦେ. ବିଣ. ( ସଂ. ଗମ୍ଭୀର )—
Gabhar ୧ । ଗମ୍ଭୀର—1. Grave.
गभीर ୨ । ଗଭୀର—2. Deep.
**गहरा** ଦେ. ବି—୧ । ଗମ୍ଭୀରତା—1. Graveness.
୨ । ମହତ୍ତ୍ୱ—2. Prestige; majesty.
୩ । ( ଜାହାଜିଆଭାଷା ) ଜାହାଜର ବ୍ୟବହୃତ ପାଲବିଶେଷ—
3. (nautical term) A kind of ship's sail.
ଡୋଲ ଉପରେ ସବର, ଗଭର, ଝଭର, ପଛକୁ କଲମ୍ଡୋଲ ଆଉ ବରଗାମାନ ଟେକ ଦେଇ ଶେଡ଼ ଗୁଡ଼ାକ ଠିକ୍ କରି ରଖିଦେଇ ଅଛନ୍ତି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଗଭର ପକାଇବା—ଦେ. କ୍ରି—ଗଭୁରିବା ( ଦେଖ )
Gabhari pakāibā Gabhuribā ( See )

ଗଭରିବା—ଦେ. କ୍ରି—ଗଭୁରିବା ( ଦେଖ )
Gabharibā Gabhuribā ( See )

ଗଭର୍ଣ୍ଣମେଣ୍ଟ—ବୈଦେ. ବି. (ଇଂ. ଗଭର୍ଣ୍ଣମେଣ୍ଟ୍ )—
Gabharnnament ୧ । ରାଜ୍ୟ ଶାସନ—
गवर्मेण्ट 1. Administration of a
**गवर्नमेंट** country.

ଗଭର୍ଣ୍ଣମେଣ୍ଟ୍ ଗେଜେଟ୍—ବୈଦେ. ବି. ( ଇଂ. ଗଭର୍ଣ୍ଣମେଣ୍ଟ୍ ଗଜେଟ୍ )—
Gabharnnament gejet ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ପ୍ରକାଶିତ
गवर्मेण्ट गेजेट ସମ୍ବାଦ ପତ୍ର—
**गवर्नमेंट गजेट** Government Gazette.

ସାଧାରଣ ସୂଚନା — ଅପର ପୃଷ୍ଠାରେ ସଚିତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃତ୍ତ' ନ ମିଳିଲେ 'ବୃତ୍ତ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗଭର୍ଣ୍ଣମେଣ୍ଟ୍ ସର୍ଭିସ୍**—ବୈଦେ. ବି. (ଇଂ)—ସରକାରଙ୍କ ଅଧୀନରେ ଚାକିରି—
Gabharṇṇament sarvis
ଗবর্নেন্ট সার্বিস
सरकारी नौकरी
Government service; service under the Government.

**ଗଭର୍ଣ୍ଣର**—ବୈଦେ. ବି. ( ଇଂ. ଗଭର୍ନର୍ )—
Gabharṇṇar ପ୍ରାଦେଶିକ ଶାସନକର୍ତ୍ତା; ଛୋଟଲାଟ—
গবর্ণর
गवर्नर
Provincial Governor.
[ ଦ୍ର—ବର୍ତ୍ତମାନ ଇଂରେଜଶାସିତ ଭାରତର ବଡ଼ ପ୍ରଦେଶମାନଙ୍କରେ ( ବଙ୍ଗ, ବିହାରୋତ୍କଳ, ମାନ୍ଦ୍ରାଜ, ବମ୍ବେ, ଆସାମ, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ, ମଧ୍ୟପ୍ରଦେଶ, ବ୍ରହ୍ମଦେଶ, ଅଯୋଧ୍ୟା ଓ ସନ୍ନିକଟ ପ୍ରଦେଶ ପ୍ରଭୃତିରେ ) ଜଣେ ଲେଖାଏଁ ଗଭର୍ଣ୍ଣର ପଦଧାରୀ ଶାସନକର୍ତ୍ତା ନିଯୁକ୍ତ ଅଛନ୍ତି, ଏମାନେ ଗଭର୍ଣ୍ଣର-ଜେନରଲ୍ ବା ବଡ଼ଲାଟଙ୍କ ଅଧୀନ । ]

**ଗଭର୍ଣ୍ଣର୍ ଜେନରଲ**—ବୈଦେ. ବି. (ଇଂ. ଗଭର୍ନର୍ ଜେନେରାଲ୍)—
Gabharṇṇar genaral ଇଂରାଜଙ୍କ ଅଧିକାରଭୁକ୍ତ ସମସ୍ତ ଭାରତ ସାମ୍ରାଜ୍ୟର ଶାସନକର୍ତ୍ତା ବା ରାଜ-ପ୍ରତିନିଧି; ବଡ଼ଲାଟ; ଭାଇସ୍‌ରଏ—
গবর্ণর জেনারল
गवर्नर जनरल
Governor General; Viceroy.

**ଗଭର୍ଣ୍ଣିଂ ବଡ଼ୀ**—ବୈଦେ. ବି. ( ଇଂ. ଗଭର୍ନିଙ୍ଗ୍ ବଡ଼ୀ )—
Gabharṇṇing baḍi ବିଦ୍ୟାଳୟାଦି ଅନୁଷ୍ଠାନର ଶାସନକାର୍ଯ୍ୟ ସମ୍ବନ୍ଧେ ପରାମର୍ଶ ଦେବା ପାଇଁ ମନୋନୀତ ବ୍ୟକ୍ତିମାନଙ୍କ ସଙ୍ଘ—
গবর্ণিঙ্গবডি
गवर्निंग बडि
The governing body of an institution.

**ଗଭସ୍ତି**—ସଂ. ବି. (ସ୍ୱର୍ଗାର୍ଥ ଗୋ ଶବ୍ଦର ଗ + ଭସ୍ ଧାତୁ = ଦୀପ୍ତି ପାଇବା + କର୍ତ୍ତୃ. ତି )—
Gabhasti
୧ । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ତେଜଃ; କିରଣ—
1. A ray or pencil of light; sun-beam; moon-beam.
୨ । ହାତ—2. The hand.
୩ । ବାହୁର ଆଗ ପାଖ—
3. The forefront of the arm.
ସଂ. ବି. ସ୍ତ୍ରୀ—ଅଗ୍ନି ପତ୍ନୀ; ସ୍ୱାହା—A wife of Fire-god.

**ଗଭସ୍ତିକର**—ସଂ. ବି. ( ବହୁବ୍ରୀହି; ଗଭସ୍ତି + କର )—
Gabhastikara ଗଭସ୍ତିମାଳୀ ( ଦେଖ )—
Gabhastimāḻi ( See )

**ଗଭସ୍ତିନେମି**—ସଂ. ବି. ( ବହୁବ୍ରୀହି; ଗଭସ୍ତି + ନେମି )—ବିଷ୍ଣୁ—
Gabhastinemi A name of Bishṇu.

**ଗଭସ୍ତିପାଣି**—ସଂ. ବି. ( ବହୁବ୍ରୀହି; ଗଭସ୍ତି + ପାଣି )—
Gabhastipāṇi ଗଭସ୍ତିମାଳୀ ( ଦେଖ )
Gabhastimāḻi ( See )

**ଗଭସ୍ତିମାନ୍**—ସଂ. ବି. ପୁଂ. ( ଗଭସ୍ତି + ମତ୍; ୧ମା. ୧ବ. )—
Gabhastimān ୧ । ଗଭସ୍ତିମାଳୀ ( ଦେଖ )
1. Gabhastimāḻi ( See )
୨ । ସପ୍ତ ପାତାଳର ଅନ୍ତର୍ଗତ ଏକ ପାତାଳ; ତଳାତଳ—
2. Name of a netherworld.

**ଗଭସ୍ତିମାଳୀ**—ସଂ. ବି. ପୁଂ ( ଗଭସ୍ତି + ମାଳିନ୍; ୧ମା. ୧ବ. )—
Gabhastimāḻi ସୂର୍ଯ୍ୟ—The sun.

**ଗଭସ୍ତିହସ୍ତ**—ସଂ. ବି. ( ବହୁବ୍ରୀହି; ଗଭସ୍ତି ଅଛି ହସ୍ତ ଯାହାର )—
Gabhastihasta ଗଭସ୍ତିମାଳୀ ( ଦେଖ )
Gabhastimāḻi ( See )

**ଗଭସ୍ତୀ**—ସଂ. ବି. ସ୍ତ୍ରୀ—ଅଗ୍ନିପତ୍ନୀ ସ୍ୱାହାଦେବୀ—Swāhā ( incantation used while offering oblations into the fire ), a wife of the fire-god.
Gabhasti

**ଗଭା**—ଦେ. ବି—୧ । (ସଂ. ଗର୍ଭ; ପ୍ରା. ଗବ୍ଭ )—
Gabhā କେଶଗୁଚ୍ଛରେ ଖୋସାଯିବା ଫୁଲତୋଡ଼ା; ପୁଷ୍ପଗର୍ଭକ—
তোড়া
गभा
1. Nosegay; bouquet.

ଅଣିଥିଲୁ ଭଳ କେତେ କଥା,
ଘନପୁଷ୍ପ ସୂକ୍ଷ୍ମ-ଗଭା ଅତି ଯତନେ ସକାଡ଼ ରେ—କବିସୂର୍ଯ୍ୟ ସଙ୍ଗୀତ ।

খোঁপা
जूड़ा
୨ । ଖୋପା; ଜୁଡ଼ା—2. Chignon; hair of the head tied into a knot.

ମେରୁ ଗଭୁଅ ହେଲା ଗଭାଫୁଲ—କବିସୂର୍ଯ୍ୟ, ସଙ୍ଗୀତ ।

୩ । ( ଗଡ଼ଜାତ ରାଜାଙ୍କ ପ୍ରତି ପ୍ରଯୁଜ୍ୟ ଭାଷା ) ରାଜାମାନଙ୍କର ମସ୍ତକ—3. ( an euphemistic term) The head ( of a king ).
୪ । ଛଣ ବା ଧାନ କଲେଇ ଗଦାର ଉପରସ୍ଥ ଯେଉଁ ତ୍ରିଭୁଜାକାର ଅଂଶ କ୍ରମଶଃ ଟାଳୁ ହୋଇଥାଏ—
4. The triangular top of a square heap of paddy–sheaves.

গাওয়া ବୈଦେ. ବି. ( ଫା. ଗବାହ୍ )—ଗୁହା; ସାକ୍ଷୀ—
गवाह
Witness.

**ଗଭାଇ**—ବୈଦେ. ବି. ( ଫା. ଗବାହୀ )—ସାକ୍ଷୀଦ୍ୱାରା କଥିତ ଘଟନାର ପ୍ରମାଣ; ସାକ୍ଷ୍ୟ—Testimony.
Gabhāi
গাওয়াই; গাভাই
गवाही

**ଗଭୀର**—ସଂ. ବିଣ. ( ଗମ୍ ଧାତୁ = ଯିବା + କର୍ମ. ଈର; ନିପାତନ )—
Gabhira ୧ । ଅତି ନିମ୍ନ—1. Very low; abysmal.
୨ । ( କୂପ; ଜଳତଡ଼ାଗ ) ଅଗାଧ ଜଳପୂର୍ଣ୍ଣ; ଗମ୍ଭୀରଅ—
2. Deep.
୩ । ଦୁର୍ବାର; ଦୁର୍ଦ୍ଧର୍ଷ—3. Unfathomable.
୪ । ( ଗର୍ତ୍ତ ) ଦୁଷ୍ପ୍ରବେଶ; ଦୁର୍ଗମ—4 Inaccessible.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଭ୍ର | ଋ,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ରମ୍ପ | ତ୍ର୍ୟ | ଛ୍ଲ |
| ୨ | ଈ | ଊ | ଋୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶଂ | ଯ | ସ | ଗଂ | ରଥ | ଶ | ଜ |

୫ । ( ବୁଦ୍ଧି ) ଅପ୍ରମେୟ; ଯାହା ଅନାୟାସରେ ଜାଣି ହୁଏ ନାହିଁ ବା କଳନା ହୋଇ ପାରେ ନାହିଁ—
5. Inscrutable.
୬ । ( ପ୍ରକୃତି ) ଉଦାର—6. Liberal; sagacious.
୭ । ( ଅରଣ୍ୟ; ସୃଷ୍ଟି ) ଗହନ; ଘୋର; ବହୁଦୂରବ୍ୟାପୀ; ନିବିଡ଼—7. Dense; thick.
୮ । ( ଶବ୍ଦ; ଗର୍ଜନ ) ଗମ୍ଭୀର; ଉଚ୍ଚ ଓ ବହୁସମୟସ୍ଥାୟୀ—
8. Profound; grave.
୯ । ( ନିଦ୍ରା ) ଅତ୍ୟଧିକ; ଖୁବ୍; ଗାଢ଼—9. Profound.

**ଗମ୍ଭୀରତା**—ସଂ. ବି. ( ଗମ୍ଭୀର+ଭାବାର୍ଥ. ତା )—୧ । ଅଗାଧତା—
Gabhiratā 1. Depth.
୨ । ଉଦାରତା—2 Profundity.
୩ । ନିବିଡ଼ତା—3. Density.
୪ । ନୀଚତା ବା ନିମ୍ନତା—4. Lowness.

**ଗମ୍ଭୀରତ୍ୱ**—ସଂ. ବି—ଗମ୍ଭୀରତା ( ଦେଖ )
Gabhiratwa Gabhiratā ( See )

**ଗମ୍ଭୀରବେଧ**—ସଂ. ବିଣ. ( ବହୁବ୍ରୀହି; ଗମ୍ଭୀର+ବେଧ )—
Gabhirabedha ଯେ ବହୁଦୂର ଭେଦ କରିପାରେ—
Very penetrating.

**ଗମ୍ଭୀରିକା**—ସଂ. ବି. ( ଗମ୍ଭୀର+ଇକ+ଆ )—
Gabhirikā ୧ । ଗମ୍ଭୀର ଶବ୍ଦକାରୀ ବଡ଼ ଢୋଲ; ଢିସା—
1. A big drum with a deep sound.
୨ । ପିତ୍ତଳ ଘଣ୍ଟା; ଘଣ—2. Gong.

**ଗଭୁର**—ଗ୍ରା. ବି ଓ ବିଣ. ( ସଂ. ଗମ୍ଭୀର )—ଗଭୋର ( ଦେଖ )
Gabhura Gabhora ( See )

**ଗଭୁରି ପକାଇବା**—ଦେ. କ୍ରି—ଗଭୁରିବା ( ଦେଖ )
Gabhuri pakāibā Gabhuribā ( See )

**ଗଭୁରିବା**—ଦେ. କ୍ରି—(ଗବାଦି) ଅକାଳରେ ଅର୍ଦ୍ଧଗଠିତ ଭ୍ରୂଣ ପ୍ରସବ
Gabhuribā କରିବା—To miscarry (said of cattle).
**अराङ्ज्ञाना**

**ଗଭେଇ (ଇତ୍ୟାଦି)**—ବୈଦେ. ବି. (ଅ)—ଗୁହାଇ ଇତ୍ୟାଦି ( ଦେଖ )
Gabhei etc) Guhāi etc ( See )

**ଗଭୋର**—ଗ୍ରା. ବିଣ. ( ସଂ. ଗମ୍ଭୀର )—
Gabhora ୧ । ଗମ୍ଭୀର—1. Deep.
୨ । ଅପ୍ରମେୟ—
2. Profound, inscrutable; unfathomable.
୩ । ଉଦାର; ଗମ୍ଭୀର—3. Grave.
୪ । ଆଡ଼ମ୍ବରଯୁକ୍ତ—4. Gorgeous; grand.
ଗ୍ରା. ବି—୧ । ଗଭୀରତା—
1. Ascertainment of depth or gravity.
୨ । ଆଡ଼ମ୍ବର—2. Grandeur.

୩ । ଉଦାରତା; ଗାମ୍ଭୀର୍ଯ୍ୟ—3. Gravity.
୪ । କଳନା—4. Fathom.
୫ । ଗମ୍ଭୀରତା—5 Depth.

**ଗଭୋଲିକ**—ସଂ ବି କ୍ଷୁଦ୍ର ଗୋଲ ମାଣ୍ଡି—
Gabholika A small round pillow.

**ଗମ୍ ଖାଇବା**—ଦେ କ୍ରି. ( ଅ. ଗମ୍=ଚିନ୍ତା, ଧ୍ୟାନ; ଫା. ଖଦ୍‌ଗୁରୁ=ସହନ୍ତ )—
Gam khāibā
गम् खाना ୧ । ଚୁପ୍ ହୋଇଯିବା; ତୁନି ହୋଇ ରହିବା; ଗମ୍
गमखाना ଖାଇବା—1. To keep silent.
୨ । ଚିନ୍ତା କରୁ କରୁ ତୁନି ହେବା—
2. To keep silent while thinking.

**ଗମ୍‌ଗମିଆଁ**—ଦେ. ବିଣ. ( ସଂ. ଘର୍ମ )—
Gamgamiān ୧ । ଯେଉଁ ସମୟରେ ଅତ୍ୟନ୍ତ ଗରମ ବୋଧ
पसागरमी ହୋଇ ଦେହରୁ ଝାଳ ବୁହେ—
1. Hot ( summer ).
୨ । ବହୁ ପରିମାଣରେ ବୋହୁଥିବା (ଝାଳ)—
2 Profuse ( sweat ).

**ଗମ୍‌ଗମୁଆଁ**—ଦେ. ବିଣ—ଗମ୍‌ଗମିଆ ( ଦେଖ )
Gamgamuān Gamgamiān ( See )

**ଗମ୍‌ଗମେଇଯିବା**—ପ୍ରଦେ. (ସମ୍ବଲପୁର) କ୍ରି. (ତୁଳ. ହି. ଗମକ୍=
Gamgameijibā ମହକ; ସୁଗନ୍ଧ )—
ମହକିବା—To give out smell.

**ଗମ୍‌ପୋକ**—ପ୍ରାଦେ. ( ସମ୍ବଲପୁର ) ବି—ଡେଲୁଣି ପୋକ—
Gampokā Galley-worm.

**ଗମ ଧାତୁ**—ସଂ—୧ । ଯିବା; ଗତି କରିବା—
Gama (root) 1. To go; to move.
୨ । ରମଣ କରିବା—2. To cohabit.
୩ । ପାଇବା—3. To get; to attain.

**ଗମ**—ସଂ. ବି ( ଗମ ଧାତୁ+ଭାବ ଅ )—
Gama ୧ । ଗମନ—1. Going
୨ । ପ୍ରସ୍ଥାନ—2. Departure.
୩ । ଦୂରତ୍ୱ—3. Distance.
୪ । ଗତି—4. Motion.
୫ । ଗତାଗତ; ସାହସ—5. Intercourse.
୬ । (+ଅଧିକରଣ. ଅ)—ପଥ—6. Way, road.
ଦେ. ବିଣ. (ଖାଦ୍ୟାଦି) ଅନେକ ଦିନ ବ୍ୟବହୃତ ନ ହେବାରୁ ସଢ଼ି ବା ପଚି ଯାଇଥିବା; ଗମସ୍ତ—Stale; fermented; musty; mouldy.
ଦେ. ବି.- କୌଣସି ପଦାର୍ଥ (ଖାଦ୍ୟାଦି) ବହୁଦିନ ସଢ଼ିବା ଅବସ୍ଥା—Fermentation; state of becoming mouldy.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃ.୨୦ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗମକ**—ସଂ. ବିଣ.—( ଗମ ଧାତୁ + ପ୍ରେରଣାର୍ଥେ ଣିଚ ( ଇ ) + କର୍ତ୍ତୃ. ଅକ)—୧ । ଯାହା କୌଣସି ବିଷୟ ସୂଚିତ କରାଏ—
Gamaka
(ଗମିକା—ସ୍ତ୍ରୀ) 1. Indicative or suggestive of.
୨ । ଜ୍ଞାପକ—2. Explaining
୩ । କୌଣସି ବିଷୟର ପ୍ରମାଣ ବା ସୂଚକରୂପେ ବିରାଜିତ—3. Being a proof or index of.
୪ । ବୋଧକ—4. Making others understand; convincing.
୫ । ପ୍ରେରକ—5. Sending.
୬ । ଗମୟିତା—6. Remitting.
୭ । ଯେ ଅନ୍ୟକୁ ଗମନ ବା ଗତି କରାଏ—7. One who causes another to go.
୮ । (ଗମ ଧାତୁ + କର୍ତ୍ତୃ. ଅକ)—ଯେ ଗମନ କରେ—8. Walking; going.

ସଂ. ବି.—୧ । ସଙ୍ଗୀତର ଆଦ୍ୟ ସମ୍ବନ୍ଧରେ ଏକ ସ୍ୱରରୁ ଅନ୍ୟ ସ୍ୱରକୁ ଦ୍ରୁତ ଗମନ ବା ସ୍ୱରର କମ୍ପନ; ଯେଉଁ ସ୍ୱର ମୂର୍ଚ୍ଛନା ପ୍ରାପ୍ତ ହୁଏ—1. Sudden ascent or vibration of voice or note in music; a deep expectorated tone in singing.

ବାଦ୍ୟ ଶବଦର ଗମକ ଚମକ ଦାନବେନ୍ଦ୍ର ଦାନକରଣ ।
ଉଦ୍ଧ. ବୈଦେହୀଶବିଳାସ ।

[ ଦ୍ର—ସଙ୍ଗୀତରେ ଗମକର ୭ ଭେଦ ଅଛି:—କମ୍ପିତ, ସ୍ଫୁରିତ, ଲୀନ, ଭିନ୍ନ, ସ୍ଥବିର, ଆହତ, ଆନ୍ଦୋଳିତ । କିନ୍ତୁ ସାଧାରଣତଃ ଗାଇଲାବେଳେ ସ୍ୱରର କମ୍ପନକୁ ଗମକ ବୋଲାଯାଏ ।
ହି. ଶବ୍ଦସାଗର ।]

୨ । ଗୋମୁଖୀ; ଜପମାଳା ରଖିବାର ଥଳି—2. A bag for the beads of a rosary.
୩ । ତବଲାର ଗମ୍ଭୀର ସ୍ୱର (ହି. ଶବ୍ଦସାଗର)—3. The deep tone of a tabalā-drum.

ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଗମକ୍) ସୁଗନ୍ଧ; ବାସନା—Sweet scent.
(ଯଥା—ଗୋଲାପର ଗମକ ଚମତ୍କାର)

ବୈଦେ. ବି. (ଫା. ଗମ୍ମାତ୍; ମରହଟ୍ଟୀ. ଗମ୍ମତ)—ଗମାତ୍; ଆମୋଦ—Merriment; amusements.

**ଗମଗମ**—ଦେ. ଅ. (ସଂ. ଗ୍ରୀଷ୍ମ; କମ୍ବା ସଂ. ଗମ ଧାତୁ = ଗତି କରିବା—
Gamagama ୧ । ଗ୍ରୀଷ୍ମାନୁଭୂତି ଯୋଗୁଁ ବିଶେଷ ପରିମାଣରେ (ଦେହରୁ ଝାଳ ବୋହିବା)—(sweating) Profusely.
(ଯଥା— ତା ଦେହରୁ ଝାଳ ଗମଗମ ବହୁଛି ।)
୨ । (ଧ୍ୱନ୍ୟନୁକରଣ) ଗାଡ଼ିଆଦି ଚଳିବାର ଗମ୍ଭୀର ଶବ୍ଦ—2. Deep reverberating rattling sound.
ବି.—୧ । ଗ୍ରୀଷ୍ମ ସମୟ—1 Mid-summer.
୨ । ଅଧିକ ପରିମାଣରେ ଝାଳ ବହିବା କ୍ରିୟା—Profuse perspiration.

ସ୍ୱେଦର ଗମଗମ ବଦନ ଚମଚମ ହସଇ ସାତ ଆଠ ଥର ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଗମତ୍**—ବୈଦେ. ବି. (ଫା. ଗମ୍ମାତ୍; ମରହଟ୍ଟୀ. ଗମ୍ମତ)—୧ । ମଉଜ—
Gamat 1. Amusement.
गम्मत ୨ । ଆମୋଦପ୍ରମୋଦର ପରାକାଷ୍ଠା—
गम्मात 2. Climax of pastime or merriment.
୩ । ଉଚ୍ଛୃଙ୍ଖଳ ଆମୋଦପ୍ରମୋଦ—3. Unrestricted enjoyment.
୪ । ନୃତ୍ୟଗୀତାଦିଜନିତ ପ୍ରମୋଦ—4. Dancing and musical sports.

**ଗମଥ**—ସଂ. ବି. ( ଗମ ଧାତୁ + ଅଥ )—୧ । ( + କର୍ତ୍ତୃ. ଅଥ )
Gamatha ପର୍ଯ୍ୟଟକ—1. Traveller.
୨ । (+ ଅଧିକରଣ. ଅଥ ) ପଥ—2. Road.
୩ । ଆମୋଦପ୍ରମୋଦ ( ହି. ଶବ୍ଦସାଗର )—3. Amusements; merriment.

**ଗମନ**—ସଂ. ବି. ( ଗମ ଧାତୁ + ଭାବ. ଅନ )—
Gamana ୧ । ଗତି; ଚାଲି; ଭ୍ରମଣ—1. Going; walking; motion.
୨ । ପ୍ରସ୍ଥାନ; ଯିବା—2. Travelling.
୩ । ଚାଲିର ଢଙ୍ଗ—3. Gait.
୪ । (+ ଅଧିକରଣ. ଅନ) ପଥ—4. Way.
୫ । ନିକଟକୁ ଯିବା—5. Approaching.
୬ । ରମଣ; ସହବାସ; ମୈଥୁନ—6. Cohabitation.

ମଦ ପିଇଣ ଗୁରୁଭାର୍ଯ୍ୟାଗମନ
କଥା ଭଲ କରି ସେ ଘେନିଥିବେ ମନ । କୃଷ୍ଣସିଂହ. ମହାଭାରତ. ବନ ।

୭ । ପ୍ରାପ୍ତି—7. Obtaining; attaining.
୮ । ଶତ୍ରୁର ଆକ୍ରମଣାର୍ଥ ଯାତ୍ରା—8. March of an assailant against the foe.
୯ । ଭୋଗ—9. Undergoing; suffering.
୧୦ । (ବୈଶେଷିକ ଦର୍ଶନ) ପାଞ୍ଚଗୋଟି କର୍ମ ମଧ୍ୟରୁ ଏକତମ—10. One of the 5 actions in Baiseshika Philosophy.
୧୧ । ( + କରଣ. ଅନ ) ରଥ; ଶକଟ ପ୍ରଭୃତିଯାନ—11. Conveyance.

**ଗମନପତ୍ର**—ସଂ. ବି. ( ମ. ପ. ଲୋ; ଗମନାର୍ଥ ଅନୁମତିଜ୍ଞାପକ ପତ୍ର )—
Gamanpatra ଯେଉଁ ପତ୍ରଦ୍ୱାରା କୌଣସି ବସ୍ତୁ ବା ବ୍ୟକ୍ତି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାର ଅନୁମତି ଦିଆଯାଏ—A pass; permit; passport.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ଂ | ଢ଼ଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

ଗମନାଗମନ—ସଂ. ବି. ( ଗମନ+ଆଗମନ )—
Gamanāgamana ୧ । ଯିବା ଓ ଆସିବା—
1. Going and coming.
୨ । ଚଳାଚଳ; ଯାତାୟାତ କରିବା—
2. Free intercourse.

ଗମନାର୍ହ—ସଂ. ବିଣ. ( ୬ଷ୍ଠୀ ତତ୍; ଗମନ+ଅର୍ହ )—
Gamanārha ଗମନ କରିବାର ଉପଯୁକ୍ତ ( ସ୍ଥାନ )—
( place ) Fit to be gone to.

ଗମନୀୟ—ସଂ. ବିଣ. ( ଗମ ଧାତୁ+କର୍ମ. ଅନୀୟ )—
Gamaniya ୧ । ଗମନଯୋଗ୍ୟ—
1. Fit to be gone to; approachable.
୨ । ଯିବାର ଉପଯୁକ୍ତ ବା ଉଚିତ (ସ୍ଥାନ ବା କାଳ)—
2. Aimed at as one's destination.
୩ । ସହଜରେ ବୋଧଗମ୍ୟ—
3. Easily comprehensible.
୪ । କରଣୀୟ—
4. Fit to be practised or observed.
୫ । ସହବାସ କରିବା ଯୋଗ୍ୟ—5. Cohabitable.
୬ । ସଙ୍ଗମ ସମ୍ବନ୍ଧୀୟ—
6. Relating to sexual intercourse.

ଗମନେଚ୍ଛା—ସଂ. ବି—( ୭ମୀ ବା ୬ଷ୍ଠୀ ତତ୍; ଗମନ+ଇଚ୍ଛା )—
Gamanechchhā ଯିବାକୁ ଇଚ୍ଛା—Wish to go.

ଗମନେଚ୍ଛୁ—ସଂ. ବିଣ—( ଗମନ+ଇଚ୍ଛୁ ) ଯିବାକୁ ଇଚ୍ଛୁକ—
Gamanechchhu Wishing to go.

ଗମନେଚ୍ଛୁକ—ସଂ. ବିଣ. ପୁଂ—( ୭ମୀ ତତ୍; ଗମନ+ଇଚ୍ଛୁକ )—
Gamanechchhuka ଗମନେଚ୍ଛୁ ( ଦେଖ )—
(ଗମନେଚ୍ଛୁକା—ସ୍ତ୍ରୀ) Gamanechchhu (See)

ଗମରା—ଦେ. ବିଣ—୧ । ଛତୁଆ ବା ଫିମ୍ପି ମାରି ଯାଇଥିବା—
Gamarā 1. Stale; musty; mouldy.
ଭମ୍‌ସା ୨ । ବେଶିକାଳ ଅବ୍ୟବହୃତ ଓ ଅବଦ୍ଧ ରହିଥିବା ଯୋଗୁଁ
ଫଫୁନ୍ଦା ନଷ୍ଟ (ଶସ୍ୟାଦି)—2. Fermented (grains).

ଗମଲା—ବୈଦେ. ବି (ପର୍ତ୍ତୁଗୀଜ୍. ଗାମେଲ୍ଲା)—ଗାମଲା ( ଦେଖ )—
Gamalā Gāmalā ( See )

ଗମା—ଦେ. ବି—୧ । ଗମାଇବା ( ଦେଖ )—
Gamā 1. Gamāibā ( See )
୨ । ଗମାଗୋଇ ( ଦେଖ )—
2. Gamāgoi ( See )
ଦେ. ବିଣ—୧ । ହଜି ଯାଇଥିବା—1. Lost.
୨ । ଗମରା—2. Mouldy.

ଗମା (ଇତ୍ୟାଦି)—ଗ୍ରା ବି.—ଗମ୍ଭା ଇତ୍ୟାଦି (ଦେଖ)—
Gamā (etc) Gamhā etc ( See )

ଗମାଇଦେବା—ଦେ. କ୍ରି—ଗମାଇବା ( ଦେଖ )—
Gamāidebā Gamāibā ( See )

ଗମାଇବା—ଦେ. କ୍ରି(ସଂ. ଗମଧାତୁ. ଣିଚ)—୧ । ଗମିବାର ଣିଜନ୍ତ ରୂପ—
Gamāibā 1. The causative form of 'Gamibā'.
ଗମାନ ୨ । ( କାଳ ) କାଟିବା ବା ଗତ କରିବା; ଅଳବାହିତ
ଗଁବାନା, ଗମାନା କରିବା; କଟାଇବା—2. To waste (time); to pass (time); to lose (time).
୩ । ( ସଂ. ଗୁପଧାତୁ=ଲୁଚାଇବା; ତୁଳ. ଫା. ଗୁମ୍=ଗୁପ୍ତ ) ହଜାଇବା—3. To lose (a thing ).
୪ । ଅନୁଭବ କରିବା—4. To experience.
୫ । କୌଣସି ପଦାର୍ଥକୁ ଗମରା କରିବା; ସଢ଼ାଇବା—
5. To cause a thing to become mouldy; to cause to ferment.

ଗମାଗମ—ସଂ. ବି ( ଦ୍ୱନ୍ଦ୍ୱ; ଗମ+ଆଗମ )—୧ । ଚରାଚର; ସଂସାର;
Gamāgama ସ୍ଥାବର ଜଙ୍ଗମ ବସ୍ତୁଚୟ—1. The universe consisting of things movable and immovable.
୨ । ଗମନାଗମନ; ଯାତାୟାତ—
2. Intercourse; going and coming.
ଦେ. ଅ (ଧ୍ୱନ୍ୟନୁକରଣ)—ଗମଗମ ( ଦେଖ )—
Gamagama ( See )

ଗମାଗୋଇ—ଦେ. ବି—ଦୁଇପାଖରେ ବାଡ଼ ବା କାନ୍ଥ ଥିବା ସଙ୍କୀର୍ଣ୍ଣ
Gamāgoi ଗଳି—A narrow lane enclosed on both sides by high wall or fencing.

ଗମାଗୋହରି—ଦେ. ବି—ଗମାଗୋଇ ( ଦେଖ )—
Gamāgohari Gamāgoi ( See )

ଗମାଗୋହିରି—ଦେ. ବି—ଗମାଗୋଇ ( ଦେଖ )—
Gamāgohiri Gamāgoi ( See )

ଗମାତ୍—ବୈଦେ. ବି (ଫା)—ଗମତ୍ ( ଦେଖ )—
Gamāt Gamat ( See )

ଗମାର—ଦେ. ବି (ସଂ. ଗ୍ରାମନର; ଗ୍ରାମ୍ୟ=ମଫସଲିଆ)—
Gamār ୧ । ଓଲୁ; ନିର୍ବୁଦ୍ଧିଆ; ନିର୍ବୋଧ—
ଗୋୟଁାର 1. Foolish; stupid.
ଗମାର; ଗଁଵାର ୨ । ଦୁଷ୍ଟ—2. Wicked.
ଗମାରପଣ } ବି. ଗମାର ମାଇ ମାରୁ ନାଗରେ ।
ଗମାରପଣିଆଁ } ରାଧାନାଥ. ମେଘଦୂତ ।

ଗମିତ—ସଂ. ବିଣ (ଗମ୍ ଧାତୁ ଣିଚ୍=ଗମି ଧାତୁ+କର୍ମ. ତ)—
Gamita ୧ । ପ୍ରାପିତ—1. Caused to be attained; got.
୨ । ଜ୍ଞାପିତ—2. Informed.
୩ । (କାଳ) ଗତ କରାଯାଇଥିବା; କ୍ଷେପିତ; ଅତିବାହିତ—
3. Elapsed; expired; wasted.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବିଣ (ସଂ. ଗମ ଧାତୁରୁ ଗତ)—( ଅମୁକ ସ୍ଥାନକୁ ) ଗତ; ଉପଗତ—Gone.

ତଥିଲା ଶୋଭିତ ଭିତ ହେବ ଲା ନାଗର ସବ ଦେଖ ହୋଇଣ ଗମିତ ମିତ ।
ଭକ୍ତ. ପ୍ରେମସୁଧାନିଧି ।

**ଗମିବା**—ଦେ. କ୍ରି (ସଂ. ଗମ ଧାତୁ)—୧ । ଗତି କରିବା; ଗମନ କରିବା—
Gamibā 1. To go; to move.
ଗମ୍ବା
ଗମନା

ରକ୍ତପର୍ଣ୍ଣ ରଥ ଗମିଲ ଅତିବେଗେ—କୃଷ୍ଣସିଂହ. ମହାଭାରତ. ବନ ।

୨ । (ଲକ୍ଷଣାର୍ଥ ) ପ୍ରବେଶ କରିବା—2. To enter.

ଧୀମନ୍ତ ଯୁଧିଷ୍ଠିର ସଙ୍ଗତେ ପୁରଜନ
ବନ ମଧ୍ୟେ ଗମିବାକୁ କଲେ ମନ—କୃଷ୍ଣସିଂହ. ମହାଭାରତ. ଆଦି ।

୩ । ପାଠକରିବା—3. To read; to peruse.

୪ । ବୁଝିବା; କୌଣସି ବିଷୟକୁ ଉତ୍ତମରୂପେ ବୋଧ କରିବା—
4. To understand a thing; to comprehend.

ଗମି ଗମି ନ ପାରନ୍ତି ବେଦ ବେଦାନ୍ତରେ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

୫ । ଧାରଣା କରିବା—5. To realise.

ବିଷୟ ଅନ୍ତରେ ମନ ନ ଗମିବା ପାଇଁ
ତେଣୁ କର ମଧ୍ୟରେ ଅନ୍ତର ରଖି ନାହିଁ । ଶିଶୁଶଙ୍କର. ଉଷାଭିଳାଷ ।

୬ । (କାଳ) ଗତ ହେବା ବା ଅତିବାହିତ ହେବା—
6. To expire (time ; to pass.

୭ । (କାଳ) କଟାଇବା ବା ଅତିବାହିତ କରିବା—
7. To spend (time).

ଦିନ ଗମଇ ବହୁ ଖେଦ ଦୁଃଖରେ—ସ୍ୱାଧୀନାଥ, ମେଘଦୂତ ।

୮ । ଅନୁଭବୀ ବା କୁଶଳୀ ହେବା—
8. To be versed or experienced in.
(ଯଥା—ସେ ଅନେକ କାମରେ ଗମି ଗଲାଣି । )

୯ । ଗମ ହେବା; ଫିମ୍ପି ମାରିବା—
9. To become mouldy or stale.

ବୈଦେ ( ଅ. ଗୁମ୍‌ନା )— ହଜିବା; ଗୁମିବା—
To be missing.

**ଗମୁଆଁ**— ଦେ. ବିଣ – ଗମରା (ଦେଖ)
Gamuāṅ Gamarā (See)

ଦେ. ବି.— ଗୋମୁହାଁ (ଦେଖ)
Gomuhāṅ (See)

**ଗମୁହାଁ**—ଦେ. ବି—ଗୋମୁହାଁ (ଦେଖ)
Gamuhāṅ Gomuhāṅ (See)

**ଗମେଇବା**—ଦେ. କ୍ରି—ଗମାଇବା (ଦେଖ)
Gameibā Gamāibā (See).

**ଗମ୍ଫ**— ଦେ. ବି (ପାନବରଜ ଭାଷା)—ପାନବରଜର ୧ 'ଗଛ'ରେ ଥିବା
Gampha ଦୁଇ ଧାଡ଼ି ପାନଲତାର ମଝି ସ୍ଥାନ—The space between two rows of betel creepers planted contiguously.

**ଗମ୍ବୁଜ**—ବୈଦେ.ବି (ଫା. ଗୁଂବଜ୍)—ମୁସଲମାନ ଭଜନାଳୟର ଅଗ୍ରଭାଗର
Gambuja ଅର୍ଦ୍ଧ ଗୋଲାକାର ଛାତ; ମନ୍ଦିରର ଗୋଲାକାର ଚୂଡ଼ା—
ଗମ୍ବୁଜ, গুম্বজ Dome at the top of a mosque or
गुंबज building or temple.

**ଗମ୍ଭରା**— ଦେ. ବି (ସଂ. ଗମ୍ଭୀର ବା ଗର୍ଭାଗାର)—ଗମ୍ଭିରା ( ଦେଖ ) —
Gambharā Gambhirā ( See )

ଅକର୍ମୀ ଯେତେ ଯାଏ, ଟେମ୍ଭଲ ଇଙ୍ଗ ଛାନ୍ଦି ପଳାଏ । ଡଗ ।

**ଗମ୍ଭାରିକା**—ସଂ. ବି— ଗମ୍ଭାରି ( ଦେଖ )—
Gambhārikā Gambhāri ( See )

**ଗମ୍ଭାରି**—ସଂ. ବି— ବନ୍ୟ କାଷ୍ଠବୃକ୍ଷବିଶେଷ –
Gambhāri Gmelina Arborea (a timber tree).

ସଂ. କାଶ୍ମୀରୀ, କାଶ୍ମୀରୀ, ଶ୍ରୀପର୍ଣ୍ଣୀ, ମଧୁରସା, ମହାପର୍ଣ୍ଣୀ, ଭଦ୍ରପର୍ଣ୍ଣୀ, ଭଦ୍ରା, ସର୍ବତୋଭଦ୍ରା, ଗୋପଭଦ୍ରା, କୃଷ୍ଣଫଳା, କଟଫଳା, କୃଷ୍ଣବୃନ୍ତକ, କମ୍ଭାରି, ଗୃଷ୍ଟି, ହୀର, ସ୍ନିଗ୍ଧପର୍ଣ୍ଣୀ, ବାତଘ୍ନୀ, ମୋହିନୀ, ମହାମୁଦ୍ରା, କୃଷ୍ଣା, ରୋହିଣୀ, ସୁଫଳା
गामार, गामारी
कुम्हार, गम्भार, गंभारी
গুম্হার, কাকোডুম্বরি
ତେ. ଗୁମ୍ମାଡ଼ି

[ ଦ୍ର—ଏହା ଭଣ୍ଡୀରାଦି ବର୍ଗର ଆରଣ୍ୟ ତରୁ; ପତ୍ର ବଡ଼ବଡ଼ ପାନ ପରି । ଫୁଲ ବଡ଼ବଡ଼ ଓ ପୀତବର୍ଣ୍ଣ । ଏହାର କାଠ ହାଲୁକା ଓ ଧଳା ଏବଂ ଈଷତ୍ ପୀତ । ଏ କାଠ ଭଲ ପାଲିସ୍ କରାଯାଇ ପାରେ । ଏ କାଠରେ ସବାରି, ଚଉକି, ଟେବୁଲ ଇତ୍ୟାଦି କରାଯାଏ । ଏହା ହୋମର ସମିଧ ହୁଏ । ଏହାର ଛାଲି ଓ ଫଳ ଔଷଧରେ ଲାଗେ; ଏହା ପାଚକ, ଦୀପକ, ମେଧାଜନକ, ବୃଷ୍ୟ ଓ ରେଚକ; ଅମଶୂଳ, ବାତୀ, ଶୋଷ, ଭ୍ରମ ଓ ଜ୍ୱରରେ ଉପକାରୀ । ଏହାର ଫଳ ପାଚିଲେ କଷା ଓ ଖଟା-ମିଠା ଲାଗେ । ]

ପ୍ରାଦେ. (ଗଡ଼ଜାତ) ଏକପ୍ରକାର ମୋଟ ଲତା—
A kind of thick creeper.
[ ଦ୍ର - ଏହାକୁ ଡୋରି ଲଇ କରାଯାଏ । ]

**ଗମ୍ଭିରଘର**— ଦେ. ବି— ଗମ୍ଭିରିଘର (ଦେଖ)
Gambhiraghara Gambhirighara (See)

**ଗମ୍ଭିର ସାଆନ୍ତ**— ଦେ. ବି ( ସଂ. ଗମ୍ଭୀର ଓ ସାମନ୍ତ )—
Gambhira sā-ānta ଗମ୍ଭିରି ସାଆନ୍ତ (ଦେଖ)
Gambhiri sā-ānta (See)

**ଗମ୍ଭିରା**—ଦେ. ବି (ସଂ. ଗମ୍ଭୀର ବା ଗର୍ଭାଗାର)—ଗମ୍ଭିରି (ଦେଖ)
Gambhirā Gambhiri (See)
গম্ভীরা

ଅନେକ କନ୍ଦର ଗମ୍ଭିରା
ବହନ୍ତି ପ୍ରସ୍ରବଣ ଧାରା—ଜଗନ୍ନାଥ. ଭାରତ ।

**ଗମ୍ଭିରି**— ଦେ. ବି ( ସଂ. ଗମ୍ଭୀର ବା ଗର୍ଭାଗାର )—
Gambhiri ୧ । ଗୁପ୍ତ ଓ ଅନ୍ଧକାରମୟ ଗୃହ ବା ଦେବାଳୟ—
1. A dark windowless house or temple.

୨ । ଅନ୍ଧକାରମୟ କୋଠରି ବା ଗୁମ୍ଫା ବା ଗର୍ତ୍ତ—
2. A dark cave or pit.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଚ୍ୟ | ଇଅ | ଙ | ନ୍ |

୩ । ଝଲାକବାଟ ନ ଥିବା ଘର—3. Dungeon.

ଶିକାରେ ଅଛ ମୋର ଘର
ଗମ୍ଭିର ବଢ଼ଇ ଅନ୍ଧାର—ଜଗନ୍ନାଥ. ଭାଗବତ ।

୪ । ଦେଉଳରେ ଶିବଲିଙ୍ଗ ବା ଦେବବିଗ୍ରହ ଥିବା ନିମ୍ନ ଓ ଅନ୍ଧକାରମୟ ସ୍ଥାନ; ମନ୍ଦିରର ଅଭ୍ୟନ୍ତର—4. A pit inside a temple where the idol is set.

ପ୍ରାଦେ. (ସମ୍ବଲପୁର) ବି—ଛବା ବା ଅଠୁ ଘର— Mud-roofed thatch-house.

**ଗମ୍ଭିର ଘର**—ଦେ. ବି—୧ । ଭିତର ଘର; ଗୃହର ଅଭ୍ୟନ୍ତରରେ ନିର୍ମିତ ଗୁପ୍ତ ଗୃହ—1. Inner room; a secret room inside a room.
Gambhiri ghara
ଚୋରକୁଠରୀ

୨ । ଝଲାକବାଟ ବା ଝରକା ନ ଥିବା ଘର—
2. A dark unventilated room.

ଗମ୍ଭିରଘରରେ ଗୋ ଗ୍ରୀଷମେ ନୋହେ ଶୋଇ—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଗମ୍ଭିର ଦୋଉ**—ଗ୍ରା. ବି—ଗମ୍ଭିର ସାଆନ୍ତ (ଦେଖ)
Gambhiri dou — Gambhiri sā-ānta ( See)

**ଗମ୍ଭିର ଭିତର**—ପ୍ରାଦେ. ( ସମ୍ବଲପୁର ) ବି—ଛବା ବା ଅଠୁଘରର ମଧ୍ୟସ୍ଥଳ ବା ଅନ୍ତର୍ଦ୍ଦେଶ—
Gambhiri bhitara
The inside of a mud-roofed house.

**ଗମ୍ଭିର ରା**—ଦେ. ବି—ପ୍ରାଚୀନ ଓଡ଼ିଶା ଗଡ଼ଜାତର ରାଜାମାନଙ୍କର ପ୍ରଦତ୍ତ ଉପାଧିବିଶେଷ—A title conferred by the ancient Rajas of the Gardajāts.
Gambhiri rā

**ଗମ୍ଭିର ସାଆନ୍ତ**—ଦେ. ବି. ( ସଂ. ଗମ୍ଭୀର ଓ ସାମନ୍ତ )—ଯୁବରାଜ— Heir-apparent.
Gambhiri sā-ānta

[ ଦ୍ର—ପୂର୍ବକାଳରେ ଏ ଦେଶରେ ଯୁବରାଜମାନେ ରାଜକାର୍ଯ୍ୟ ନ ବୁଝି ଅଧିକାଂଶ ସମୟ ଉଆସରେ ଅପଣାର ନିଭୃତ କକ୍ଷରେ ରହୁଥିବାରୁ ବୋଧହୁଏ ଏ ଶବ୍ଦ ଚଳିଅଛି । ]

**ଗମ୍ଭୀର**—ସଂ. ବିଣ. ପୁଂ. ( ଗମ୍ ଧାତୁ + କର୍ତ୍ତୃ. ଈର; ନିପାତନ )—
Gambhīra — ୧ । ଗଭୀର—1. Deep.
(ଗମ୍ଭୀରା—ସ୍ତ୍ରୀ) — ୨ । ଅଗାଧ—2. Unfathomable.
ଗାମ୍ଭୀର୍ଯ୍ୟ, ଗମ୍ଭୀରତା, ଗମ୍ଭୀରତ୍ୱ } ବି. — ୩ । ନିବିଡ଼—3. Dense.
୪ । ମାନସିକ ଦୃଢ଼ତାଯୁକ୍ତ; ଗାମ୍ଭୀର୍ଯ୍ୟଯୁକ୍ତ—
4. Serious; solemn; profound.

୫ । ଉଦାର—
5. Liberal-minded; having liberal ideas.

୬ । ପୂର୍ଣ୍ଣ—6. Full.

ସଂ. ବି. ପୁଂ—୧ । ପଦ୍ମ—1. Lotus.

୨ । ଲେମ୍ବୁ—2. Citron.

**ଗମ୍ଭୀରକ**—ସଂ. ବିଣ. ( ଗମ୍ଭୀର + ସ୍ୱାର୍ଥେ. କ )—ଅତି ଗଭୀରଭାବରେ ଅବସ୍ଥିତ—Lying very deep.
Gambhīraka
( ଗମ୍ଭୀରକା—ସ୍ତ୍ରୀ )

**ଗମ୍ଭୀରବେଦୀ**—ସଂ. ବି. ପୁଂ. ( ଗମ୍ଭୀର + ବିଦ୍ ଧାତୁ = ଜାଣିବା + କର୍ତ୍ତୃ. ଇନ୍; ୧ମା. ୧ବ. )—
Gambhīrabedī

୧ । ମତ୍ତହସ୍ତୀ; ଯେଉଁ ହାତୀର ରକ୍ତକ୍ଷରଣ ଓ ମାଂସ-ଚ୍ଛେଦନରେ ମଧ୍ୟ ଚୈତନ୍ୟ ହୁଏ ନାହିଁ—
1. A 'must' elephant which disregards any amount of punishment inflicted by its keeper to keep him under control.

୨ । ଯେଉଁ ହାତୀ ଅଙ୍କୁଶ ମାନେ ନାହିଁ—
2. Restive elephant; an elephant not minding the goad.

୩ । ଯେଉଁ ହାତୀ ଚିରପରିଚିତ ଶିକ୍ଷା ବିସ୍ମୃତ ହୁଏ ( ହି. ଶବ୍ଦସାଗର )—
3. An elephant which forgets the training given him for a long time.

**ଗମ୍ଭୀରା**—ସଂ. ବି—ନଦୀବିଶେଷ—
Gambhīrā — Name of a river.

**ଗମ୍ଭୀରିକା**—ସଂ. ବି—୧ । ଗମ୍ଭୀରା ( ଦେଖ )
Gambhīrikā — 1. Gambhīrā ( See )

୨ । ବଡ଼ ଢୋଲ (ହି. ଶବ୍ଦସାଗର )—2. A big drum.

**ଗମ୍ଭେର**—ପ୍ରାଦେ. ( ସମ୍ବଲପୁର ) ବି—ଗମ୍ଭାରି ( ଦେଖ )
Gambher — Gambhāri ( See )

**ଗମ୍ମାର**—ଦେ. ବିଣ—ଗମାର ( ଦେଖ )
Gammār — Gamār ( See )

**ଗମ୍ୟ**—ସଂ. ବିଣ. ( ଗମ୍ ଧାତୁ + କର୍ମ. ଯ )—
Gamya — ୧ । ଗମନଯୋଗ୍ୟ; ଯେଉଁଠାକୁ ଗମନ କରାଯାଇପାରେ—
(ଗମ୍ୟା—ସ୍ତ୍ରୀ) — 1. Approachable; accessible.

୨ । ପ୍ରାପ୍ୟ—2. Attainable.

୩ । ବୋଧ୍ୟ—3. Understood; implied.

୪ । ଯାହା କରାଯାଇ ପାରେ—4. Feasible.

୫ । ଅନୁମେୟ—5. Thinkable; inferrable.

୬ । ଉଦ୍ଦିଷ୍ଟ—6. Intended; meant.

୭ । କଳ୍ପନାସିଦ୍ଧ—7. Imaginary.

୮ । ବୋଧଗମ୍ୟ—8. Intelligible.

୯ । ଜ୍ଞେୟ—9. Comprehensible; knowable.

୧୦ । ଅକାଙ୍କ୍ଷଣୀୟ—10. Desirable.

୧୧ । ଭୋଗ୍ୟ—11. Enjoyable.

୧୨ । ଉପଯୋଗୀ—12. Suitable; fit.

୧୩ । ସହବାସ ବା ଉପଭୋଗର ଯୋଗ୍ୟ (ବ୍ୟକ୍ତି)—
13. Cohabitable; ( person ) fit or proper to be cohabited with.

୧୪ । ଔଷଧାଦି ଦ୍ୱାରା ଯାହା ଆରୋଗ୍ୟ କରାଯାଇ ପାରେ (ରୋଗ)—14. Curable (disease).

ସାଧାରଣ ଲୋକେ ଅପର ପୃଷ୍ଠାରେ ସରଳ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ଣ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବି. ପୁଂ.—୧ । ଯେଉଁ ପୁରୁଷ ସଙ୍ଗେ ସ୍ତ୍ରୀର ସହବାସ କରିବା ବିଷୟରେ ଶାସ୍ତ୍ରୀୟ ବାଧା ନାହିଁ—
(ଗମ୍ୟା — ସ୍ତ୍ରୀ) 1. A man with whom a woman may have sexual intercourse according to the behests of the śāstras.
୨ । କାମୁକ ବ୍ୟକ୍ତି—2. A lecher; a libidinous man.
୩ । ନାଗର; ଜାର—3. Paramour; gallant.
୪ । ପ୍ରେମିକ—4. Lover.

**ଗମ୍ୟମାନ**—ସଂ. ବିଣ. ପୁଂ—(ଗମ ଧାତୁ+କର୍ମ. ଅନ)—୧ । ଯେଉଁଠାକୁ
Gamyamāna ଗମନ କରାଯାଉ ଥାଏ—1. (a place) which
(ଗମ୍ୟମାନା — ସ୍ତ୍ରୀ) is being gone into; a place to which a person is going.
୨ । ଯେଉଁବ୍ୟକ୍ତି ନିକଟକୁ କେହି ଯାଉଥାଏ—
2. A person to whom one is going.
୩ । ଜ୍ଞାୟମାନ—3. Which is being known.
୪ । ଅନୁମୀୟମାନ—
4. Which is being inferred or guessed.

**ଗମ୍ୟା**—ସଂ. ବିଣ. ସ୍ତ୍ରୀ.—(ଗମ୍ୟ+ଆ)—ଉପଭୋଗ ବା ସହବାସ ନିମନ୍ତେ
Gamyā ଉପଯୁକ୍ତା (ସ୍ତ୍ରୀ)—(woman) fit to be cohabited
(ଅଗମ୍ୟା—ବିପରୀତ) with or enjoyed; enjoyable.
ଦେ. ବି.—ସହବାସ ନିମନ୍ତେ ଉପଯୁକ୍ତା ସ୍ତ୍ରୀ—A woman fit to be cohabited with or enjoyed.

ଗମ୍ୟା ପାଶେ ଗଲେ ନ ସିବ ବୋଲି କହି । କୃଷ୍ଣସିଂହ. ମହାଭାରତ ଅଦି ।

**ଗମ୍ହା**—ଦେ. ବି.—୧ । ଗମ୍ହା ବେଦୀ (ଦେଖ)
Gamhā 1. Gamhābedi (See)
୨ । ଗମ୍ହାପୂର୍ଣ୍ଣିମୀ (ଦେଖ)
2. Gamhā pūrṇṇami (See)

**ଗମ୍ହାକଠା**—ଦେ. ବି.—ଗମ୍ହାପୂର୍ଣ୍ଣିମୀ ସମୟକୁ ଗଛରେ ପାଚ ଯାଇଥିବା
Gamhākaṭhā ଶ୍ରେଷ୍ଠ ନଡ଼ିଆ — Small ( yet fully developed ) cocoanuts ready to be plucked from the tree at the time of 'Gamhā pūrṇṇami.'
[ ଦ୍ର—ନଡ଼ିଆ କଷି ହେବାଠାରୁ ପାଚିବା ପର୍ଯ୍ୟନ୍ତ ୧୦ ମାସ ସମୟ ଲାଗେ । ମାର୍ଗଶିର ମାସରେ ଯେଉଁ ନଡ଼ିଆ କଷି ଧରି ଥାଏ ତାହା ସାଧାରଣତଃ ଶ୍ରେଷ୍ଠ ଓ ଅପୁଷ୍ଟ ଓ ତାହା ଗମ୍ହାପୂର୍ଣ୍ଣିମୀକୁ ତୋଳା ହେବା ସମୟରେ ସାଧାରଣ ନଡ଼ିଆ ଅପେକ୍ଷା ଶ୍ରେଷ୍ଠ (କଠା) ଥିବା ଦେଖା ଯାଏ । ]

**ଗମ୍ହାଡକରା**—ପ୍ରାଦେ. (ପୁରୀ) ବି—୧ । ଗମ୍ହାପୂର୍ଣ୍ଣିମୀଦିନ ଗମ୍ହାବେଦୀଠାରେ
Gamhāḍakarā ବଳଦେବଙ୍କୁ ଭୋଗ ହୋଇଥିବା ହକରା ନେବାକୁ ଉପସ୍ଥିତ ହେବାପାଇଁ ବ୍ରାହ୍ମଣଶାସନଗ୍ରାମବାସୀ ମହାଜନମାନଙ୍କ ତାଲିକା ଅନୁସାରେ ଆହ୍ୱାନ କରିବା—
1. Summons or call to the villagers of a Brahman Śāsan to take their respective shares of the offering made at the Gamhā-bedi on the Gamhā-pūrṇṇimā day.
୨ । ବିବାହର ପ୍ରଥମ ବର୍ଷମଧ୍ୟରେ ଗମ୍ହାପୂର୍ଣ୍ଣିମୀଦିନ ଶ୍ୱଶୁରଘରକୁ ଯିବାପାଇଁ ଜ୍ୱାଇଁକୁ ନିମନ୍ତ୍ରଣ—2. Invitation sent to the son-in-law to attend the father-in-law's house on the Gamhāpūrṇṇami during the first year of marriage.
[ ଦ୍ର—ବିବାହର ପ୍ରଥମବର୍ଷ ମଧ୍ୟରେ ଜ୍ୱାଇଁକୁ ଶ୍ୱଶୁରଘରକୁ କୁମାରପୂର୍ଣ୍ଣିମୀ, ଗମ୍ହାପୂର୍ଣ୍ଣିମୀ, ପାଣ୍ଡୁ ବା ମହାନ୍ତରରେ ପୁଷ ପୂର୍ଣ୍ଣିମୀ ଓ ଦୋଳପୂର୍ଣ୍ଣିମୀକୁ ନିମନ୍ତ୍ରଣ କରାଯାଇ ନୂଆଲୁଗା ଦିଆଯାଏ । ]

**ଗମ୍ହାଡାକରା**— ପ୍ରାଦେ. (ପୁରୀ) ବି—ଗମ୍ହାଡକରା ( ଦେଖ )
Gamhāḍākarā Gamhāḍakarā ( See )

**ଗମ୍ହାଡିଆଁ**—ଦେ. ବି — ଗମ୍ହାପୂର୍ଣ୍ଣିମୀଦିନ ବଳଦେବପୂଜା ଉପଲକ୍ଷରେ
Gamhādiāṅ ଗୋଟିଏ ଅଣ୍ଡିରା ବାଛୁରିକୁ ନେଇ ଗମ୍ହାବେଦୀକୁ ଡିଆଁଇ ଦେବା ବିଧି—The ceremony of causing a bull-calf to jump the Gamhābedi crosswise on the Gamhāpūrṇṇami day.

**ଗମ୍ହାପୂର୍ଣ୍ଣିମୀ**—ଦେ. ବି— ଶ୍ରାବଣ ପୂର୍ଣ୍ଣିମା—
Gamhāpūrṇṇami The fullmoon of the month of
ରାଖୀପୂର୍ଣ୍ଣିମା Śrābaṇa.
**ଗହ୍ମାପୂର୍ଣ୍ଣିମା** [ ଦ୍ର— ଏହା ହିନ୍ଦୁମାନଙ୍କର ଗୋଟିଏ ପର୍ବ ଦିନ । ନିଜ ନିଜ ଗୃହରେ ସମସ୍ତେ ବଳଦେବଙ୍କୁ ପୂଜା କରନ୍ତି । ଗ୍ରାମପ୍ରାନ୍ତରେ ଗୋଟିଏ ହସ୍ତପଦ ଅଙ୍କିତ ବଳଦ ଶୋଇବା ଆକାରର ମୃତ୍ତିକାସ୍ତୂପ ନିର୍ମିତ କରାଯାଇ ଏଠାରେ ଗ୍ରାମର ସାଧାରଣ ବଳଦେବ ପୂଜା ଓ ଭୋଗ ହୁଏ ଓ ଗୋଟିଏ ଅଣ୍ଡିରା ବାଛୁରିକୁ ଏ ସ୍ତୂପକୁ ଅଡ଼ବାଗରେ ଡିଆଁନ୍ତି ଓ ସେଠାରେ ହୋଇଥିବା ଭୋଗ ଗ୍ରାମବାସୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ । ଏ ଭୋଗକୁ ହକରା ବୋଲାଯାଏ । ଗ୍ରାମର ସେବକ ତାଲିକା ଅନୁସାରେ ଜଣ ଜଣକର ଗ୍ରାମବାସୀଙ୍କ ନାମ ଡାକେ; ଯାହାଙ୍କ ନାମ ଡକା ହେଉଥାଏ ସେ ଉପସ୍ଥିତ ହୋଇ ତାଙ୍କର ହକରାକୁ ଗ୍ରହଣ କରନ୍ତି । ]

**ଗମ୍ହାପୋକ**—ପ୍ରାଦେ. (ସମ୍ବଲପୁର) ବି—ତେଲୁଣି ପୋକ—
Gamhāpoka Galley-worm.

**ଗମ୍ହାବେଦୀ**—ଦେ. ବି—ଶ୍ରାବଣ ପୂର୍ଣ୍ଣିମାଦିନ ବଳଦେବପୂଜା କରାଯିବା
Gamhābedi ଉପଲକ୍ଷରେ ନିର୍ମିତ ବଳୀବର୍ଦ୍ଦାକୃତି ମୃତ୍ତିକାସ୍ତୂପ—
A long mound of earth representing a bullock sleeping on the ground, raised

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର | ଚ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଘ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ | ଯ | ସ | ଗଁ | ଇଅ | ଢ଼ | ଡ଼ |

on the fullmoon of the month of Śrābaṇa for worshipping Baḻadeba, and over which a bull-calf is made to jump.

**ଗମ୍ହାହକରା**—ପ୍ରାଦେ. ( ପୁରୀ ) ବି—ପୁରୀଜିଲ୍ଲାର ଶାସନମାନଙ୍କରେ
Gamhāhakarā ଗମ୍ହାପୂର୍ଣ୍ଣିମା ଦିନ ଗମ୍ହାବେଦୀଠାରେ ହୋଇଥିବା ଭୋଗରୁ (ଯାହା କି ଗ୍ରାମ ମହାଜନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଭାଗ ଅନୁସାରେ ବଣ୍ଟାଯାଏ) ପ୍ରତ୍ୟେକ ମହାଜନଙ୍କ ଭାଗ— Share of every proprietor-villager out of the common offering made at the Gamhābedī.

**ଗମ୍ହୁଆଁ**—ପ୍ରାଦେ. (ସମ୍ବଲପୁର) ବି—ଗମୁଆଁ ( ଦେଖ )
Gamhuāñ Gamuāñ ( See )

**ଗୟ**—ସଂ. ବି ( ଗମ୍ କିମ୍ବା ଗୈ ଧାତୁ+କର୍ତ୍ତୃ. ଅ )—୧ । ଗୟାସୁର;
Gaya ବିଷ୍ଣୁଙ୍କ ଦ୍ୱାରା ନିହତ ଅସୁରବିଶେଷ—1. Name of a demon killed by Bishṇu

୨ । ରାମଚନ୍ଦ୍ରଙ୍କ ସେନାପତି ବାନରବିଶେଷ—
2. Name of a monkey-general who fought in the army of Rāma.

୩ । ଗୟା ଅଞ୍ଚଳ—
3. The district or country round 'Gayā'.

୪ । ଗୟା ଅଧିବାସୀ ଲୋକସକଳ—
4. People living in Gayā.

୫ । ମହାଭାରତ ଦ୍ରୋଣପର୍ବୋକ୍ତ ରାଜର୍ଷିବିଶେଷ—
5. Name of a recluse king mentioned in the Mahābhārata.

ଶୁଣ ମୋ ଠାରୁ ଏବେ କଥା ଗୟଙ୍କର—କୃଷ୍ଣସିଂ. ମହାଭାରତ. ବନ ।

୬ । ଧନ; ସମ୍ପତ୍ତି— 6. Wealth; riches.

୭ । ଘର—7. House; residence.

୮ । ପରିବାର—8. Family.

୯ । ଅପତ୍ୟ; ସନ୍ତାନ—9. Offspring; progeny.

୧୦ । ଆକାଶ; ଅନ୍ତରୀକ୍ଷ—10. The sky.

୧୧ । ନିଜର ବାସସ୍ଥାନ—11. One's abode.

୧୨ । ପ୍ରାଣ (ହି. ଶବ୍ଦସାଗର)—12. Life.

**ଗୟର** (ଇତ୍ୟାଦି)—ବୈଦେ. ଅ (ଆ. ଗୈର୍)—ଗର ଇତ୍ୟାଦି (ଦେଖ)—
Gayar (etc) Gar etc (See)

**ଗୟଳ**—ଦେ. ବି (ସଂ. ଗବୟ)—୧ । ଗବୟ ୧ ( ଦେଖ )—
Gayaḻa 1. Gabaya 1 (See)

ଗୟାଲ ଗୟଳ ଶଲ୍ଲକି କୁଞ୍ଜର,
नीलगाय ତରକ୍ଷୁ ହରିଣ ଶୂକର । ଜଗନ୍ନାଥ. ଭାଗବତ ।
চারা ୨ । ଲମ୍ବା ଓ ସରୁ ଶାଳ ପିଆଶାଳ, ଅସନ ଆଦି କାଠ—
खिरवा 2. Thick long shoots of Sal or other trees used as posts; saplings of timber-trees.

**ଗୟସ**—ଦେ. ବି ( ସଂ. ଗୋଶୀର୍ଷକ )—ପଡ଼ିଆରେ ଓ କ୍ଷେତ୍ରରେ ମନଇଚ୍ଛା
Gayasa ଉଠୁଥିବା ତୁଳସୀଜାତୀୟ ବର୍ଷାୟୁ କ୍ଷୁପବିଶେଷ—

ସଂ. ଦ୍ରୋଣା, ଦ୍ରୋଣପୁଷ୍ପୀ; ସୁପୁଷ୍ପା, Leucas plant; Phlomis
କ୍ଷବପତ୍ରୀ, ପଲପୁଷ୍ପା Zeylanica.
ঘলঘসা, হালকুসা, গয়েস [ ଦ୍ର—ଏହାର ଫୁଲ ଧଳା,
ঘলঘসিয়া, দণ্ডকলস ଶ୍ୱେତ, ଏକପାଖୁଡ଼ିଆ ଓ ଅତି
गूमा, गोमा କୋମଳ । ଏହା ବେଣ୍ଟା ଧରି
ଗୁ. କୁବୋ ଫୁଟେ । ଫୁଲ ଡଙ୍ଗା ଆକାରର
ତେ. ଲୁଭୁଗଭୁମ୍ମି ବୋଲି ଏ ଗଛକୁ ଦ୍ରୋଣପୁଷ୍ପ
ଗଞ୍ଜାମ. ଗଦେଶି କୁହାଯାଏ । ଆଉ ଏକପ୍ରକାର ଫୁଲ
ମ. ତୁମ୍ବା; କୁମ୍ବା ଅଛି ଏହା କଳା । ଏ ଫୁଲକୁ ମହାଦେବଙ୍କଠାରେ ଚଢ଼ାଯାଏ ।

ଏ ଗଛ ୩ ପ୍ରକାରର—

୧ । ଶ୍ୱେତ, ସୁଗନ୍ଧ—1. Leucas Aspera.

୨ । ବଡ଼, ଗନ୍ଧହୀନ—2. Leucas Cephalotus.

୩ । ତନ୍ଵଙ୍ଗ, ସୁଗନ୍ଧ—3. Leucas Linifolia;

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ରୁକ୍ଷ, ଉଷ୍ଣବୀର୍ଯ୍ୟ, ବାୟୁ ଓ ପିତ୍ତବର୍ଦ୍ଧକ, ମଧୁରବିପାକ ଓ ଭେଦକ; ଏହା କଫ, ଆମ, କାମଳ, ଶୋଥ, ତମକଶ୍ୱାସ ଓ କୃମିନାଶକ । ]

ପ୍ରାଦେ. (ଗଡ଼ଜାତ) ବି—ଗୟଳ ୨ ( ଦେଖ )—
Gayaḻa 2 ( See )

**ଗୟା**—ସଂ. ବି. ସ୍ତ୍ରୀ—(ଗୟ+ଅ+ସ୍ତ୍ରୀ. ଆ)—୧ । ବିହାର ପ୍ରଦେଶର
Gayā ଏହି ନାମର ନଗର ଓ ଜିଲ୍ଲା—1. Name of a district and town in Bihar; Gya.

୨ । ସ୍ୱନାମପ୍ରସିଦ୍ଧ ମଗଧ ଦେଶର ହିନ୍ଦୁ ତୀର୍ଥସ୍ଥାନ [ଏଠାରେ ଶ୍ରାଦ୍ଧ କଲେ ଓ ପିଣ୍ଡ ଦେଲେ ପିତୃମାନେ ସଦ୍ଗତି ପ୍ରାପ୍ତ ହୁଅନ୍ତି]—2. A famous place of pilgrimage in Bihar where Hindus offer 'Piṇḍa' to their deceased ancestors.

[ ଦ୍ର— ଏ ପୁଣ୍ୟସ୍ଥାନର ଉଲ୍ଲେଖ ରାମାୟଣ, ମହାଭାରତ ଓ ପୁରାଣମାନଙ୍କରେ ଦେଖାଯାଏ । ଏହା ରାଜର୍ଷି 'ଗୟ'ଙ୍କର ରାଜଧାନୀ ଥିଲା । ଏଠାରେ ଗୟଶିର ପର୍ବତ ଉପରେ ଏ ରାଜର୍ଷି ଯଜ୍ଞ କରିଥିଲେ ଓ ବ୍ରହ୍ମସର ନାମକ ଗୋଟିଏ ବଡ଼ ପୁଷ୍କରିଣୀ ଖୋଳାଇଥିଲେ । ବୁଦ୍ଧଦେବଙ୍କ ସମୟରେ ମଧ୍ୟ ଏ ସ୍ଥାନ ଗୋଟିଏ ପ୍ରସିଦ୍ଧ ଯଜ୍ଞସ୍ଥଳ ଥିଲା । ରାଜଗୃହରୁ ଆସି ବୁଦ୍ଧଦେବ ପ୍ରଥମେ ଏଠାରେ ଏକ ଯଜ୍ଞମାନଙ୍କ ଅତିଥି ହୋଇଥିଲେ, ତତ୍ପରେ ଏଠାରୁ କିଛି ଦୂର ନିରଞ୍ଜନା ନଦୀ କୂଳରେ ଉରୁବେଲା ଗ୍ରାମରେ ତପସ୍ୟା କଲେ । ବୁଦ୍ଧଦେବଙ୍କର ଏହି ତପସ୍ୟା-ସ୍ଥାନକୁ ବର୍ତ୍ତମାନ ବୋଧଗୟା କହନ୍ତି । ଗୟାତୀର୍ଥ ଶ୍ରାଦ୍ଧ ଓ ପିଣ୍ଡଦାନ ପାଇଁ ପ୍ରଶସ୍ତ ଅଟେ । ପୁତ୍ର ଏଠାରେ ପିଣ୍ଡଦାନ ନ କରିବା ପର୍ଯ୍ୟନ୍ତ ମୃତ ପିତାଙ୍କର ମୋକ୍ଷ-

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଭାଇ' ନ ମିଳିଲେ 'ଭାୟ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ଳ' ନ ପାଇଲେ 'ଅର୍ଗଳ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍‌'ଦେଖିବେ।

ଲାଭ ହୁଏ ନାହିଁ ବୋଲି ହିନ୍ଦୁଙ୍କର ବିଶ୍ୱାସ । ବିଷ୍ଣୁ ଏହିଠାରେ ଗୟ ନାମକ ଅସୁରକୁ ବଧ କରିଥିଲେ । ବାୟୁପୁରାଣରେ ଗୟାମାହାତ୍ମ୍ୟ, ଗୟାଶ୍ରାଦ୍ଧବିଧି ଓ ଗୟାର ବ୍ରାହ୍ମଣ (ପଣ୍ଡା)ଙ୍କ ପୂଜାବିଧି ବର୍ଣ୍ଣିତ ହୋଇଅଛି । ଏଠାରେ ୫ଦିନ ମଧ୍ୟରେ ୬୪ଟି ସ୍ଥାନରେ ସ୍ନାନ, ତର୍ପଣ, ପୂଜା ଓ ଶ୍ରାଦ୍ଧାଦି କରାଯାଏ । ଏହା ଫଲ୍‌ଗୁନଦୀ କୂଳରେ ଅବସ୍ଥିତ; ଗୟାରେ ମୁଗୁନି ଓ ପାଣ୍ଡରା ପଥରର ବାସନ ମିଳେ । ]

**ଗୟାଆଳୁ**—ଦେ. ବି—ଶକରକନ୍ଦ ( ଦେଖ )—
Gayā ālu Śakarakanda ( See )

**ଗୟାଓସ୍ତ**—ଦେ. ବି (ବୈଦ୍ୟକ)—ଏକଜାତୀୟ ଅଶ୍ୱତ୍ଥ ବୃକ୍ଷ—
Gayāosta A kind of Pipal tree.
ସଂ. ପ୍ରରୋହୀ, ଗଜପାଦପ, ସ୍ଥାଲୀ-ବୃକ୍ଷ, କ୍ଷୟିତରୁ, ବନସ୍ପତି, ନନ୍ଦୀ-ବୃକ୍ଷ, କୁଠେରକ, କାନ୍ତଲକ, କ୍ଷୀରୀ
[ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଉଷ୍ଣବୀର୍ଯ୍ୟ, କଟୁବିପାକ ଓ ଧାରକ; ଏହା ବିଷ, ପିତ୍ତ, କଫ ଓ ରକ୍ତଦୋଷନାଶକ ।
गया अश्वथ
**बेलिआ पिपर**
ତେ. ଗଙ୍ଗାରାବି; ବନ୍ଟି ଚେଟ୍ଟୁ

**ଗୟାଁ**—ଦେ. ବିଣ.—( ସଂ. ଅଜ୍ଞ? )—ଉପର୍ଯ୍ୟୁପରି ବା ବହୁ ଥର ମାଡ଼ ଖାଇ ଖାଇ ଶେଷକୁ ମାଡ଼ ଖାଇଲେ ଯାହାକୁ ବାଧେ ନାହିଁ—One who has become callous or hardened to beating; deadened or insensible to pain.
Gayān
कोलकुठे
**बेजान**
[ ଦ୍ର—ଯେ ଅତ୍ୟଧିକ ମାଡ଼ ଖାଇ ଖାଇ ଶେଷକୁ ମାଡ଼କୁ ଖାତିର କରେ ନାହିଁ ତାକୁ ମାଡ଼ଗୟାଁ କହନ୍ତି; ଯେ ଅତ୍ୟଧିକ ପାଠ ପଢ଼ି ପଢ଼ି ସବୁବେଳେ ବହି ଧରି ବସିଥାଏ ତାକୁ ପାଠଗୟାଁ କହନ୍ତି । ଯେ ଅତ୍ୟଧିକ ଖାଇ ଖାଇ ପରକୁ ଖାଦ୍ୟର ସ୍ୱାଦ ବାରି ପାରେ ନାହିଁ ତାକୁ ଭାତଗୟାଁ କହନ୍ତି । ]

**ଗୟାକଲରା**—ଦେ. ବି. (ସଂ. ଚୀର୍ଭିଟ)—ଏକପ୍ରକାର କଲରା—
Gayākalarā A kind of memordica.

**ଗୟାଖଡ଼ା**—ଦେ. ବି.—ବଡ଼ପତ୍ରଯୁକ୍ତ ଏକପ୍ରକାର ଖଡ଼ା—
Gayākharḍā A species of pot-herb.
[ ଦ୍ର—ଏହାର ପତ୍ର ଶାଗ ହୁଏ, ମାତ୍ର ଏହାର ଡାଙ୍ଗ ଅସ୍ୱାଦ ।]

**ଗୟାଳି**—ଦେ. ବି.—୧ । ଗୟା ତୀର୍ଥର ପଣ୍ଡା—
Gayāḻi 1. Paṇḍā of pilgrims visiting Gaya.
गयाली ୨ । ଗୟାବାସୀ ବ୍ୟକ୍ତି—
**गयावाल** 2. A resident of Gaya.

**ଗୟାଶ୍ରାଦ୍ଧ**—ସଂ. ବି—ଗୟାରେ ଫଲ୍‌ଗୁନଦୀର ଗର୍ଭରେ ଓ ପଞ୍ଚତୀର୍ଥରେ ପାଞ୍ଚ ଦିନ କରାଯିବା ଶ୍ରାଦ୍ଧ ଓ ତର୍ପଣାଦି ବିଧି—
Gayāśrāddha Oblations offered and rites performed at Gayā to the deceased ancestors by the Hindus.

**ଗୟାସୁର**—ସଂ. ବି. ( ଗୟ+ଅସୁର )—ବିଷ୍ଣୁଙ୍କଦ୍ୱାରା ନିହତ ଗୟନାମକ ଅସୁର—A demon of that name killed by Bishṇu at Gayā.
Gayāsura
[ ଦ୍ର—ଏ ପ୍ରଥମେ ରାଜର୍ଷି ଥାଇ ଗୟାନଗର ପ୍ରତିଷ୍ଠା କରିଥିଲେ, ପରେ ରାକ୍ଷସରୂପେ ଜନ୍ମ ହୋଇ ଗୟାରେ ତୀବ୍ର ତପ ଆଚରଣ କରିବାକୁ ଲାଗିବାରୁ ଦେବତାମାନେ ଭୟ ପାଇ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ସଂସାରମଙ୍ଗଳ ନିମନ୍ତେ ତାହାର ଶରୀର ଦେବତାମାନଙ୍କୁ ଅର୍ପଣ କରିବା ସକାଶେ ବ୍ରହ୍ମା ତାକୁ ଅନୁରୋଧ କରିବାରୁ ସେ ତହିଁରେ ସମ୍ମତ ହୋଇ ଏହି ବର ମାଗିଲା ଯେ ମୁଁ ଯେଉଁଠାରେ ମରିବି ତାହା ହିନ୍ଦୁମାନଙ୍କର ତୀର୍ଥ ହେବ । ଏହା କହି ସେ ଶୋଇଲା ଓ ଦେବତାମାନେ ପଥରରେ ଛେଚି ତାକୁ ମାରି ପକାଇଲେ । ଏହାର ମୃତଶରୀରର ଭିନ୍ନଭିନ୍ନ ଅଂଶ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଛିଟିକି କରି ପଡ଼ିବାରୁ ସେହି ସ୍ଥାନମାନ ତୀର୍ଥରୂପରେ ପରିଣତ ହେଲା । ନାଭି ଯେଉଁଠାରେ ପଡ଼ିଲା ତାହାର ନାମ ନାଭିଗୟା, ପାଦ ଯେଉଁଠାରେ ପଡ଼ିଲା ତାହାର ନାମ ପାଦଗୟା, ଗୟାଠାରେ ଏହାର ମୁଣ୍ଡ ପଡ଼ିଥିଲା । ଏ ବୃତ୍ତାନ୍ତ ବାୟୁପୁରାଣରେ ବର୍ଣ୍ଣିତ ଅଛି । ]

**ଗୟି**—ଦେ. ବି—ଗଇ ( ଦେଖ )
Gayi Gai ( See )

**ଗୟିଣ୍ଟିଆ**—ପ୍ରାଦେ. ( ଗଞ୍ଜାମ ) ବି—ଗଞ୍ଜାମର ଜାତି ବା ଶୂଦ୍ରବିଶେଷ—
Gayintiā Name of a Śūdra caste in Ganjam.

**ଗୟେର୍ ଜିଲ୍ଲା**—ବୈଦେ. ବି. (ଆ)—ଅନ୍ୟଜିଲ୍ଲା—
Gayer jillā Another district or country.

**ଗର୍**—ବୈଦେ. ଅ. ( ଆ. ଗୈର୍; ଏହି ପଦ ଅନ୍ୟ ଶବ୍ଦ ପୂର୍ବେ ଲାଗିଲେ ନିମ୍ନଲିଖିତ ଅର୍ଥମାନ ବୁଝାଏ) —୧ । ଅଭାବ ଯଥା, ଗର୍‌କବୁଲ୍)— 1. Want of.
Gar
गर
**गैर**
୨ । ଅନ୍ୟ (ଯଥା, ଗର୍‌ଜିଲ୍ଲା)—2. Another.
୩ । ବିନା; ବ୍ୟତୀତ (ଯଥା, ଗର୍‌ଇତଲା—3. Without.
୪ । ବିପରୀତ (ଯଥା, ଗର୍‌ଉଆଜିବ୍)—4. Opposite of.
୫ । ନ; ନାଁ (ଯଥା, ଗର୍‌ହାଜର୍)—5. Not.
୬ । ହୀନ (ଯଥା, ଗର୍‌ଇନ୍‌ଶାଫ୍)—6. Devoid of.
୭ । ଆପଣାର ପରିବାର, ସମାଜ ବା ଦଳର ବହିର୍ଭୂତ—
7. Outside one's family society or circle.

**ଗର୍‌ଇତ୍‌ଲା**—ବୈଦେ. ବି. ( ଆ. ଗୈର୍+ଇତଲାହ୍ )—
Garitlā ଅବଗତିର ଅଭାବ—
गरएतला Want of information; non-report.
**गैरइतला**

**ଗର୍‌ଇନ୍‌ଶାଫ**—ବୈଦେ. ବି. ( ଆ. ଗୈର୍+ଇନ୍‌ସାଫ୍ )—
Gar-inśāp ଗର୍‌ନିଶାଫ୍ ( ଦେଖ )
गरइंसाफ Garniśāp ( See )
**गैरइनसाफ**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ୍ଞ | ଷ,ଶ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ୍ୟ | ଘ୍ନ | ସ | ଙ୍ଗ୍ୟ | ଇଅ | ● | ନ୍ନ |

**ଗରୁଜ୍ଅଜାବ୍**—ବୈଦେ. ବଣ. ( ଅ. ଗୈର୍ + ଜାଜାବ୍ )—
Gar-uājib ୧ । ଅନ୍ୟାଯ୍ୟ—1. Not right; wrong.
ଗରଓଯ଼ାଜୀବ ୨ । ଅନୁଚିତ—2. Improper.
**गैरवाजीब**

**ଗରୁଏତଲା**—ବୈଦେ. ବି.—ଗରୁଇତ୍‌ଲା (ଦେଖ)
Gar-etalā Gar-itlā (See)

**ଗରୁକବୁଲ୍**—ବୈଦେ. ବି. ( ଅ. ଗୈର୍ + କବୁଲ୍ )—
Gār-kabul ୧ । ଅସ୍ୱୀକାର; ଅସମ୍ମତି—
ଗରକବୁଲ 1. Denial; disagreement.
**गरकबुल** ୨ । ଦୋଷ ନ ମାନିବା—2. Non-confession.

**ଗରୁକବୁଲିୟତ୍**—ବୈଦେ. ବଣ. (ଅ. ଗୈର୍ + କବୁଲିୟତ୍)—
Gar-kabuliyat ଗରୁକବୁଲିୟତି (ଦେଖ)
Garkabuliyati (See)

**ଗରୁକବୁଲିୟତି**—ବୈଦେ. ବଣ. (ଅ. ଗୈର୍ + କବୁଲିୟତ୍)—୧ । ପଟ୍ଟା
Gar-kabuliyati ଦିଆ ଯାଇ ନ ଥିବା—1. Not leased out
୨ । କବୁଲିୟତର ବହିର୍ଭୂତ—
2 Not covered by a lease.

**ଗରୁଖର୍ଚ୍ଚ**—ବୈଦେ. ବି.—(ଫା. ଗାହ୍ = ସମୟ; ହି. ଗହର୍ = ବିଳମ୍ବ +
Gar-kharchā ଫା. ଖର୍ଚ୍ଚ)—କୌଣସି ପଣ୍ୟଦ୍ରବ୍ୟ ଡଙ୍ଗାରୁ
ଗହିରଖର୍ଚା ବା ଜାହାଜରୁ ବା ରେଳରୁ ବା ଗୋଦାମରୁ
**हरजाना; गहरखरचा** ନିରୂପିତ ସମୟରେ ଖଲାସ ନ ନେବା ଯୋଗୁଁ
ସେ ଦ୍ରବ୍ୟ ନେବା ବ୍ୟକ୍ତିରୁ ଯେଉଁ ଦଣ୍ଡ ବା
ଜୋରିମାନା ଦେବାକୁ ପଡ଼େ—Demurrage.

**ଗରୁଗଜା**—ଦେ. ବି. ( ସଂ. ଗର୍ଜନ )—ଗରୁଗାଜି ( ଦେଖ )
Gar-gajā Gargāji ( See)

**ଗରୁଗଜିବା**—ଦେ. କ୍ରି—ଗରୁଗାଜିବା ( ଦେଖ )
Gar-gajibā Gargājibā ( See )

**ଗରୁଗଡ଼ା**—ପ୍ରାଦେ. ( ସମ୍ବଲପୁର ) ବି—ଗଡ଼ଗଡ଼ା ( ଦେଖ )
Gar-gardā Gardagardā ( See)

**ଗରୁଗଡ଼ିଆ**—ପ୍ରାଦେ. ( ସମ୍ବଲପୁର ) ବଣ—ଗଡ଼ାଣିଆ—
Gar-gardiā Sloping.
ଦେ. ବି—୧ । ଗରଗଡ଼ାରେ ଗ୍ରଥିତ ମାଳ—
1. Necklace strung with grains of
Garagardā or Job's tears.
୨ । ଯେଉଁ ଶସ୍ୟ ଭିତରେ ବହୁତ ଗରଗଡ଼ ଥାଏ—
2. Grainfull Garagarda-grains.
୩ । ଗରଗଡ଼ିଆ ( ଦେଖ )
3. Garagardiyā ( See )
ଦେ. ବଣ—୧ । ଗରଗଡ଼ାରେ ଗ୍ରଥିତ ( ମାଳ )—
1. ( necklace ) Strung with grains of
Garagarda.
୨ । ଯେଉଁ ମାଳ ବା ଅଳଙ୍କାରରେ ଗରଗଡ଼ା ଆକୃତିର
ସୁନା ବା ରୁପାର ମାଳ ବା ଦାନା ଥାଏ—
2. ( necklace or ornament ) Having
Garagarda-like beads or globules of
gold or silver.

**ଗରୁଗଡ଼ିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଗଡ଼ଗଡ଼ାଇବା (ଦେଖ)
Gar-gardibā Gardagardāibā ( See )

**ଗରୁଗରୁ**—ଦେ. ବଣ. ( ସଂ. ଜର୍ଜର )—
Gar-gar ୧ । ରାଗଜର୍ଜରିତ; ଅତି ରାଗାନ୍ୱିତ—
ଗରଗର 1. Foaming with rage.
**जरजर** ୨ । ଜଡ଼ିତ; ଆକ୍ରାନ୍ତ—3. Overpowered with.
( ଯଥା—ରାଗରେ ଗରୁଗରୁ । )
୩ । ବିଶେଷଭାବରେ ରଞ୍ଜିତ; ସରସର—
3. Painted; profusely coloured with; tinged
or besmeared with.
( ଯଥା—ହଳଦି ଗରୁଗରୁ; ତେଲ ଗରୁଗରୁ । )

**ଗରୁଗରାଇବା**—ଦେ. କ୍ରି. ( ଧ୍ୱନ୍ୟନୁକରଣ )—
Gar-garāibā ୧ । ଖାରୁ ଆଦି ଖାଇବାରୁ ତଣ୍ଟି ଗରୁଗରୁ
କୁଟକୁଟକରା; ଖସଖସକରା ହେବା—1. ( the throat ) To
**सुराना** have an itching sensation.
ଗୁରଗୁରକରା; ଗୋଁଗୋଁକରା ୨ । ଗରଗର ଶବ୍ଦ କରିବା; ଗଁ ଗଁ ଶବ୍ଦ
**कराहना; गड़गड़ाना** କରିବା—2. To groan.

**ଗରୁଗାଜି**—ଦେ. ବି. ( ସଂ. ଗର୍ଜନ )—୧ । ଗଳଗାଜି; ଉଚ୍ଚୈଃସ୍ୱରରେ
Gar-gāji ଗର୍ଜନ—1 High roar.
ଗର୍ଜାନି ୨ । ବିପନ୍ନଜୀବର ଅଭୁତାପୂର୍ଣ୍ଣ ଗର୍ଜନ—
**कराह; कड़क** 2. Groaning of an animal in distress.

**ଗରୁଗାଜିବା**—ଦେ. କ୍ରି. ( ସଂ. ଗର୍ଜନ )—
Gar-gājibā ୧ । ଗଳଗାଜିବା; ଉଚ୍ଚୈଃସ୍ୱରରେ ଗରଜିବା—
ଗର୍ଜା 1. To roar loudly.
**कड़कना; गरजना**
୨ । ଅତି ଆକ୍ରାନ୍ତ ହୋଇ ଜୀବନବିକଳରେ ଗର୍ଜିବା—
2. To groan in distress.
୩ । ( ମେଘ ) ଗର୍ଜନ ସହିତ ମୂଷଳଧାରରେ ବର୍ଷା କରିବା—
3. To rain cats and dogs accompanied
with thunder.

**ଗରୁଡ଼ି**—ପ୍ରାଦେ. ( ସମ୍ବଲପୁର ) ବି—ଝଡ଼; ତୋଫାନ—
Gar-rdi Tempest; strong wind.

**ଗରଣ**—ଗ୍ରା. ( ଇତର ) ବି. ( ସଂ. ଗ୍ରହଣ )—ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟ
Garana ପରାଗ—Lunar or solar eclipse.

**ଗରୁଦନ୍** (ଇତ୍ୟାଦି)—ବୈଦେ. ବି. ( ଫା. ଗରୁଦନ୍ )—
Gar-dan (etc) ଗର୍ଦ୍ଦନ୍ ଇତ୍ୟାଦି ( ଦେଖ )
Gardan etc ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଅ' ନ ମିଳିଲେ 'ଭୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

**ଗର୍‌ଦନା**—ପ୍ରାଦେ. (ସମ୍ବଲପୁର) ବି. ( ଭୁଲ. ହି. ଗର୍‌ଦନ୍ )—
Gar-danā ଗଳା; ବେକ—Neck.

ଯାହାର ଶୁନ୍ ତାର ଗରଦନା । ଡଗ ।

**ଗର୍‌ଧନା**—ପ୍ରାଦେ. (ସମ୍ବଲପୁର) ବି—ଗର୍‌ଦନା ( ଦେଖ )
Gar-dhanā Gar-danā ( See )

**ଗର୍‌ନ**—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଗ୍ରହଣ )—
Gar-na ଗ୍ରହଣ ( ଦେଖ )
Grahaṇa ( See )

**ଗର୍‌ନିଶାପ୍**—ବୈଦେ. ବି. ( ଅ. ଗୈର୍+ଇନ୍‌ଶାଫ୍ )—
Gar-niśāp ଗର୍‌ନିଶାଫ୍ ( ଦେଖ )
Gar-niśāph ( See )

**ଗର୍‌ନିଶାପି**—ବୈଦେ. ବିଣ. ( ଅ. ଗୈର୍+ଇନ୍‌ଶାଫୀ )—
Gar-niśāpi ଗର୍‌ନିଶାଫି ( ଦେଖ )
Gar-niśāphi ( See)

**ଗର୍‌ନିଶାଫ୍**—ବୈଦେ. ବି. ( ଅ. ଗୈର୍+ଇନ୍‌ଶାଫ୍ )—
Gar-niśāph ୧ । ଅବିଚାର—1. Injustice.
गरइन्साफ् ୨ । ଅନ୍ୟାୟ—2. Inequity.
**गैरइनसाफ** ବିଣ—ଅନ୍ୟାୟୀ—Inequitous; unjust.

**ଗର୍‌ନିଶାଫି**—ବୈଦେ. ବିଣ. ( ଅ. ଗୈର୍+ଇନ୍ସାଫୀ )—ଅନ୍ୟାୟୀ—
Gar-niśāphi Inequitous; unjust.
**गरइन्साफी**
**गैरइनसाफी**

**ଗର୍‌ପସନ୍ଦ୍**—ବୈଦେ. ବିଣ. ( ଅ. ଗୈର୍+ପସନ୍ଦ୍ )—
Gar-pasand ୧ । ଯାହା ପସନ୍ଦକୁ ଆସେ ନାହିଁ; ବିଶ୍ୱାସର
गरपछन्द ଅଯୋଗ୍ୟ—1. Incredible.
**गैरपसन्द** ୨ । ଅମନୋନୀତ—2. Unapproved.
ବି—ମନୋନୟନର ଅଭାବ; ଅନନୁମୋଦନ—
Want or absence of approval; disapproval.

**ଗର୍‌ଭିଣି**—ଗ୍ରା. ବିଣ. ସ୍ତ୍ରୀ. ( ସଂ. ଗର୍ଭିଣୀ )—ଗର୍ଭିଣୀ ( ଦେଖ )
Gar-bhini Garbhiṇi ( See)

**ଗର୍‌ମଜ୍‌ବୁଦ୍**—ବୈଦେ. ବିଣ. ( ଅ. ଗୈର୍+ମଜ୍‌ବୁଦ୍ )—
Gar-majbud ଗର୍‌ମଜ୍‌ଭୁତ୍ ( ଦେଖ )
Gar-majbhut ( See)

**ଗର୍‌ମଜ୍‌ଭୁତ୍**—ବୈଦେ. ବିଣ. ( ଅ. ଗୈର୍+ମଜ୍‌ବୁଦ୍ )—
Gar-majbhut ୧ । ଦୁର୍ବଳ—1. Weak.
बेमजबुद; गरमजबुद् ୨ । ଅଦୃଢ଼—2. Not strong.
**गैरमजबुद**

**ଗର୍‌ରାଜ୍**—ବୈଦେ. ବିଣ. (ଅ)—ଗର୍‌ରାଜି ( ଦେଖ )
Gar-rāj Gar-rāji ( See)

**ଗର୍‌ରାଜି**—ବୈଦେ. ବିଣ. ( ଅ. ଗୈର୍+ରାଜୀ )—
Gar-rāji ୧ । ଅସ୍ୱୀକୃତ; ଅସମ୍ମତ—
बेराजी 1. Not agreeable or approving.
**गैरराजी** ୨ । ଅନିଚ୍ଛୁକ—2. Unwilling.

**ଗର୍‌ଲାଏକ୍**—ବୈଦେ. ବିଣ. ( ଅ. ଗୈର୍+ଲାୟକ୍ )—
Gar-lāek ଅଯୋଗ୍ୟ; ନାଲାଏକ୍—Unfit; unworthy.
नालाएक ବି—ଯେଉଁ ଜମିରେ ଶସ୍ୟ ଜନ୍ମେ ନାହିଁ; ପଡ଼ିଆ ଜମି;
**नालायक** ପଡ଼ିଆ—Barren or waste land.

**ଗର୍‌ଲି**—ପ୍ରାଦେ. (ସମ୍ବଲପୁର) ବି—ଗର୍‌ଡ଼ି ( ଦେଖ )
Gar-li Gar-ṛdi ( See )

**ଗର୍‌ଲିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ଗର୍ଜ ଧାତୁ; ଭୁଲ. ହି. 
Gar-libā ଗର୍‌ରାନା=ଭୀଷଣ ଗର୍ଜନ କରିବା )—
ମରଣ ସମୟରେ ଆର୍ତ୍ତନାଦ କରିବା; ଗର୍ଜନ କରିବା—
To utter a loud groan before death.

**ଗର୍‌ସା**—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଗ୍ରାସ; ଭୁଲ. ହି. ଗସ୍ସା)—
Gar-sā (ଖାଦ୍ୟର) ଗୁଣ୍ଡା; ଗ୍ରାସ—A mouthful (of food).

**ଗର୍‌ହନ୍**—ପ୍ରାଦେ. (ସମ୍ବଲପୁର) ବି.—ଗ୍ରହଣ (ଦେଖ)
Gar-han Grahaṇa (See)

**ଗର୍‌ହାଜର୍**—ବୈଦେ. ବି. (ଅ. ଗୈର୍+ହାଜର୍)—ଅନୁପସ୍ଥିତ—
Gar-hājar Absent.
गरहाजिर
**गैरहाजिर**

**ଗର୍‌ହାଜିର୍**—ବୈଦେ. ବିଣ. (ଅ. ଗୈର୍‌ହାଜର୍)—ଗର୍‌ହାଜର୍ (ଦେଖ)
Gar-hājir Garhājar (See)

**ଗର୍‌ହାଜିରା**—ବୈଦେ. ବି. (ଅ. ଗୈର୍‌ହାଜିରୀ)—ଅନୁପସ୍ଥିତି—
Gar-hājirā Absence.

**ଗର୍‌ହାଜିରି**—ବୈଦେ. ବି. (ଅ. ଗୈର୍‌ହାଜିରୀ)—ଅନୁପସ୍ଥିତି—
Gar-hājiri Absence.

**ଗର୍‌ହିସାବ**—ବୈଦେ. ବି. (ଅ. ଗୈର୍+ହିସାବ୍)—ହିସାବର ଅଭାବ—
Gar-hisāba Want of account, method or system.
बेहिसाब
**बेहिसाब**

**ଗର୍‌ହିସାବି**—ବୈଦେ. ବିଣ. ( ଅ. ଗୈର୍ ହିସାବୀ )—୧ । ବେହିସାବୀ;
Gar-hisābi ଅପବ୍ୟୟୀ—Spend-thrift, extravagant.
बेहिसाबी ୨ । ଯାହାର ଆୟବ୍ୟୟର ଜମାଖରଚର ହିସାବ ନାହିଁ—
**बेहिसाबी** 2. One who does not keep his accounts.
୩ । ଧାରାବାହିକ—
3. Unmethodical; unsystematic.

**ଗର୍‌ହୁକୁମ୍**—ବୈଦେ. ବି. (ଅ. ଗୈର୍+ହୁକୁମ୍)—ଆଦେଶର ଅଭାବ—
Gar-hukum Absence of order.
बेहुकुम
**गैरहुकुम**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଜ୍ଞ | ଇଯ଼ | ଉଅ | ୱ |
| ୨ | ଈ | ଊ | ରୁ | ଲ୍ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

**ଗର**—ସଂ. ବି.—(ଗୃ ଧାତୁ = ଖାଇବା + କର୍ମ. ଅ)—୧ । ବିଷ; ଜହର—
Gara 1. Poison.
୨ । ଗିଳିବା—2. Swallowing.
୩ । ମନ୍ତ୍ରୌଷଧ—3. Antidote.
୪ । ରୋଗ—4. Disease; sickness.
୫ । ପାନୀୟ ଦ୍ରବ୍ୟ—5. Drink; beverage.
୬ । ସେଚନ—6. Sprinkling.
୭ । ଜ୍ୟୋତିଷ ଶାସ୍ତ୍ରୋକ୍ତ ୫ମ କରଣ—7. The 5th of the 11 periods of time of the day according to the Hindu astrology.
[ଦ୍ର—ଏହି କରଣରେ ମନୁଷ୍ୟ ଜନ୍ମ ହେଲେ ପରୋପକାରୀ ହୁଏ ।]
୮ । ରୋଗବିଶେଷ ( ଏଥିରେ ଗଳା ବନ୍ଦ ହୋଇ ଯାଏ ଓ ରୋଗୀର ମୂର୍ଚ୍ଛା ହୁଏ, ହି. ଶବ୍ଦସାଗର )—8. A disease resulting in the choking of the throat and loss of consciousness.
୯ । ବଚ୍ଛନାଭ; ମହୁରା—(ହି. ଶବ୍ଦସାଗର)—9. Aconite.

ଗ୍ରା. (ଇତର) ବି. ( ଗଡ଼ ଶବ୍ଦର ବିକୃତ ଉଚ୍ଚାରଣ)—
୧ । ଗଡ଼କାଠ; ମୁଣ୍ଡିକାଠ; ଗଛର ଶାଖାହୀନ ଗଣ୍ଡି—1 Branchless trunk of a tree
୨ । ବଡ଼ ଖଣ୍ଡ—2. Big piece.
୩ । ଖଣ୍ଡ—3. Piece.
୪ । ଶରୀରର ଗଣ୍ଡି—4. Trunk of the body proper.
୫ । କୁରାଢ଼ି ଲୁହାର ମଝି—5. The middle portion of the blade of an axe.

ଦେ. ଅ. ଉପପଦ—ଗର୍ ( ଦେଖ )—Gar ( See )

**ଗରକଣ୍ଠ**—ସଂ. ବି. ( ବହୁବ୍ରୀହି; ଗର = ବିଷ ଅଛି କଣ୍ଠରେ ଯାହାର )—
Garakantha ମହାଦେବ—Siba.
ଗରକଣ୍ଠ ସେବ ମୁଁ ବିଷମ-ଗର
ଗତଚେତନ ଅଛ ଉଦ୍ଧର ହର ହେ—ଷଡ଼ଙ୍ଗ. ଭକ୍ତିଧାର ।

**ଗରକଣ୍ଠପର**—ସଂ. ବି. ( ୬ଷ୍ଠୀ ତତ୍; ଗରକଣ୍ଠ + ପର )—କାମ;
Garakanthapara କନ୍ଦର୍ପ; ମଦନ—Cupid.

**ଗରଗଡ଼**—ଦେ. ବି. ( ସଂ. ଗବେଧୁ; ଗବେଧୁକା )—ଧାନ୍ୟକ୍ଷେତ୍ରରେ
Garagarda ଜାତ ଅକର୍ମଣ୍ୟ ଟାଣୁଆ ତୃଣବିଶେଷ—
ସଂ. ମହାଫଳା, ନାଗବଳା, A hard pearl-like grain
ଖରଗନ୍ଧା, ମହାପତ୍ରା, ଗବେଧୁ growing wild in paddy fields;
ଗବେଧୁକ; ଗୋରକ୍ଷତଣ୍ଡୁଳ; Coix Lachrima-jobi; Sida
ଗବେଡ଼ୁ Spinosa; Job's tears.
ଗୋରକ୍ଷଚାଉଳ; ଗରଗଡ଼; କୁଟିବିକ ସ୍ଥଳ ଗୁମ୍ଫା ଗରଗଡ଼ ପ୍ରିୟ—
ଗଡ଼ଗଡ଼ା ଚନ୍ତାମଣି. ବିଶ୍ଵନାଥ ।

ଗନ୍ଧ୍ରେଲ; ସଂଗ୍ରୁ, ଗୁରନ୍ତ; [ ଦ୍ର—ଏହା ଧଳା, କଳା, ବାଦାମୀ
ଗରଗଡ଼ ଘାସ ମୋଟି ପରି ହୁଏ । ଏହାକୁ ଗରିବ ଲୋକେ ଓ ଯୋଗୀମାନେ ମାଳ କରି ପିନ୍ଧନ୍ତି । ଏହାର ଗାଛ ୨।୩ ହାତ ଲମ୍ବ ହୁଏ । ]

**ଗରଗଡ଼ି**—ପ୍ରାଦେ. ( ମେଦିନୀପୁର ) ବି—ମୁଣ୍ଡିଆରି ( ଦେଖ )
Garagardi Musiari ( See )

**ଗରଗଡ଼ିଆ**—ଦେ. ବି. ( ଏଥିରେ ଗରଗଡ଼ ଭଳି ଗୁଣ୍ଡିମାନ ବସା ଯାଇ
Garagardiya ଥାଏ )—ହାତର ଖଡ଼ୁ ବିଶେଷ—A kind of bracelet.
ଶଙ୍ଖିକରେ ଚୂଡ଼ି ଗୁଞ୍ଜର ବନ୍ଧ ସମନାଥ ଗରଗଡ଼ିଆ—ପ୍ରାଚୀ. ଉଦ୍ଧସ୍ୟନ୍ତ ।

**ଗରଘ୍ନ**—ସଂ. ବି.—(ଗର + ହନ୍ ଧାତୁ + କର୍ତ୍ତୃ. କ୍ୱିପ୍)—୧ । ବିଷନାଶ-
Garaghna କାରୀ—1. Destroying poison.
୨ । ରୋଗନାଶକାରୀ—2. Curing disease.
୩ । ସ୍ୱାସ୍ଥ୍ୟପ୍ରଦ—3. Health-giving; healthy.

**ଗରଜ**—ବୈଦେ. ବି. (ଆ. ଗରଜ୍)—୧ । ଜରୁରି ଦରକାର ପଡ଼ିବା;
Garaja ଜରୁରତ୍—1. Exigency; urgent necessity.
ଗରଜ ୨ । ପ୍ରୟୋଜନ; ଆବଶ୍ୟକତା—
ଗର୍‌ଜ 2. Necessity; need.
୩ । ଘଟଣା ବା ସମୟ—3. Occasion.
୪ । ଅଭାବ—4. Want.
୫ । ଅନନ୍ୟୋପାୟ ହେବା ଅବସ୍ଥା—5. Helpless condition; state or condition in which one has no other alternative or resource to fall upon.
୬ । ଔତ୍ସୁକ୍ୟ; ଯତ୍ନ—6. Care
୭ । ମତଲବ୍ (ହି. ଶବ୍ଦସାଗର)—7. Intention.

**ଗରଜ ଚଳାଇବା**—ଦେ. କ୍ରି—ପ୍ରୟୋଜନ ବା ଅଭାବ ସମୟରେ ଅନ୍ୟ
Garaja chalaiba ବ୍ୟକ୍ତିର ସହାୟ ହେବା—To help one
ଗରଜଚାଲାନ in one's time of need.
ଗର୍‌ଜ ଚଲାନା
ତୁମେ ତୋଷୁବେଳେ ଏକ ମନୁଷ୍ୟ ବୋଲି ବେବର୍ଗ କାମ କରି ଦେଲ, ଗରଜ ଚଳାଇ ପାରୁ ନାହଁ । ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗରଜ ଚୁଲିବା**—ଦେ. କ୍ରି.—ଗରଜ ଚଳାଇବା (ଦେଖ)
Garaja chaliba Garaja chalaiba (See)

**ଗରଜନ**—ଗ୍ରା. ପଦ୍ୟ. ବି.—(ସଂ. ଗର୍ଜ୍ଜନ)—କଠୋର ଓ ଗମ୍ଭୀର ଉଚ୍ଚ
Garajana ଶବ୍ଦ—Roaring sound.
ଗରଜନ
ଗର୍‌ଜନ

**ଗରଜନଘାତ**—ଗ୍ରା. ବି—ଘୋର ଗର୍ଜନ ଶବ୍ଦ—
Garajanaghata A loud or thundering roar.
ଗର୍ଜନଘାତ ଗରଜନଘାତେ ପୂରିଲା ତେଉ ବୃଷ୍ଟି
ଗର୍ଜ୍ଜନଘାତ. ଧାଇଁଲେ ମହାଦେବ ଉପରକୁ ଘୋଟି । କୃଷ୍ଣସିଂ. ମହାଭାରତ. ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍'  ଦେଖିବେ ।

**ଗରଜ ପଡ଼ିବା** (ମୋର)—ଦେ. ବି—ଆବଶ୍ୟକ ହେବା; ଜରୁରତ୍ କାମ ଉପସ୍ଥିତ ହେବା—Arising of a need or necessity; urgency.
Garaja pardibā
গরজপড়া
गरजपड़ना

**ଗରଜବନ୍ତ**—ବୈଦେ. ବିଣ. ( ଫା. ଗରଜମଂଦ୍ )—
Garajabanta ୧ । ଯାହାର ଜରୁରକାମ ପଡ଼ିଥାଏ—1. Needy.
୨ । ଇଚ୍ଛୁକ—2. Desirous; wishing.

**ଗରଜା**—ଦେ. ବି—ଦୁଧକୁ ଗରଜାଇବା ବା ଉଷୁମାଇବା କର୍ମ—
Garajā Act of simmering milk on fire.
ଦେ. ବିଣ—ସାମାନ୍ୟରେ ଉଷୁମାଯାଇଥିବା (ଦୁଧ)—Simmered (milk).

**ଗରଜାଇ** (ଇତ୍ୟାଦି)— ବୈଦେ. ବି—ଗରଜାଏ ଇତ୍ୟାଦି ( ଦେଖ )
Garajāi (etc) Garajāe etc ( See )

**ଗରଜାଇବା**—ଦେ. କ୍ରି. ( ସଂ. ଗର୍ଜଧାତୁ )—
Garajāibā ୧ । ଗରଜିବାର ଣିଜନ୍ତରୂପ—1 The causative form of 'Garajibā'.
গরমকরা; আঁচদেওয়া
गरमाना
୨ । କଞ୍ଚାଦୁଧକୁ ଅଗ୍ନି ଉପରେ ସାମାନ୍ୟ ଉଷୁମାଇବା—2. To heat milk on fire till it simmers.
[ ଦ୍ର—କଞ୍ଚାଦୁଧ ଅପେକ୍ଷା ଗରଜା ହୋଇଥିବା ଦୁଧ ବେଶି ସମୟ ଅବିକୃତ ରହେ । ]

**ଗରଜା ହେବା**—ଦେ. କ୍ରି. ( ଗରଜାଇବାର କର୍ମବାଚ୍ୟ)
Garajā hebā ଦୁଧ ଚୁଲିଉପରେ ସାମାନ୍ୟ ଉଷୁମା ଯିବା—(milk) To be boiled over fire till it simmers.
गरमाया हुआ

**ଗରଜାଏ**—ବୈଦେ. ବିଣ. (ଫା. ଗୈର୍ + ଜାୟ୍ )—
Garajāe ୧ । ଧନହୀନ—1 Poor.
গরজাএ ୨ । ପ୍ରାପ୍ୟ ଅର୍ଥ ଦେବାକୁ ଅକ୍ଷମ—2. Unable to pay one's dues.
गैरजाय
୩ । ଦେମଗ୍‌ଦୁର୍—3. Insolvent.
୪ । ଆଦାୟହେବାର ଅଯୋଗ୍ୟ—4. Unrealisable.

**ଗରଜାଏ ଅସାମୀ**— ବୈଦେ (ଫା)—ଯେଉଁ ଅସାମୀ (ପ୍ରଜା ବା ଖାତକ) ଆପଣା ଉପରେ ପଡ଼ିଥିବା ବାକି ଦେବାକୁ ଅକ୍ଷମ—Insolvent person.
Garajāe āsāmi
গরজাএ আসামী
गैरजाय आसामी

**ଗରଜାଏ ଖାତକ**— ବୈଦେ. ବି. (ଫା. ଗୈର୍‌ଜାୟ୍ + ସଂ. ଖାଦକ)—
Garajāe khātaka ଦେବାଳିଆ; ଯେଉଁ ଖାତକ ଋଣ ପରିଶୋଧ କରିବାକୁ ଅକ୍ଷମ—An insolvent.
গরজাএ খাতক
गैरजाय खातक

ଅନେକ ଗରଜାଏ ଖାତକ ସାଥନ୍ତ୍ରାଣୀଙ୍କ ସତ୍ତ୍ୱରେ ମଙ୍ଗରାଜଙ୍କ ହାତରୁ ମୁକ୍ତି ପାଇଥିବାର ଶୁଣାଯାଏ ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଗରଜାଏ ବାକି**—ବୈଦେ. ବି. (ଫା. ଗୈର୍‌ଜାୟ୍ + ବାକୀ)—
Garajāe bāki ଯେଉଁ ବାକି ବା ପ୍ରାପ୍ୟ ଅକ୍ଷମ ବାକିଦାରଙ୍କଠାରୁ ଆଦାୟ ହୋଇପାରିବ ନାହିଁ—Unrealisable arrears.
(ଜାଏ ବାକି—ରୂପାନ୍ତର)

**ଗରଜି**—ବୈଦେ. ବିଣ—ଗରଜିଆ (ଦେଖ)
Garaji Garajiā (See)

**ଗରଜିଆ**—ବୈଦେ.ବିଣ.(ଅ. ଗରଜୀ)—୧ । ଅଭାବଗ୍ରସ୍ତ—1.Needy.
Garajiā ୨ । ଯେ କୌଣସି ବସ୍ତୁ ଲୋଡ଼ୁଥାଏ—2. Wanting some thing.
গরজী
गरजी
୩ । ଅନ୍ୟ ବ୍ୟକ୍ତିର ଯେ ଗରଜ ଚଳାଇନଏ—3. One who helps another out of difficulties.
୪ । ଆଦାୟ ହେବାର ଅଯୋଗ୍ୟ—4. Unrealisable.

**ଗରଜିବା**—ଦେ. କ୍ରି (ସଂ. ଗର୍ଜ ଧାତୁ)—୧ । ଗର୍ଜନ କରିବା—
Garajibā 1. To roar.
୨ । ଉଚ୍ଚ ଧ୍ୱନି କରିବା—2. To make a loud and long sound.
୩ । ବଡ଼ପାଟିକରି ଟାଣି ହୋଇ କଥା କହିବା—3. To talk loudly with a strain.

**ଗରଜି ମରିବା**—ଦେ. କ୍ରି—ବଡ଼ପାଟିକରି କହିକହି ଥକି ଯିବା—
Garaji maribā To become tired by loud and repeated talking.

ଶିଖରିଦସରେ ମରୁ ଗରଜି—କବିସୂର୍ଯ୍ୟ. କବିତାକଲ୍ଲୋଳକ ।

**ଗରଟା**—ଦେ. ବି—ଉଚ୍ଚ ବନ୍ୟ ବୁଦାଳିଆ ଗୁଳ୍ମବିଶେଷ—
Garaṭā A kind of wild tall shurb; Coriopo Roxborghiana (Haines).
গোরান

**ଗରଡ଼**—ଦେ. ବି—୧ । ଛୋଟ ଛୋଟ ଆମ୍ବ; ଗୁରୁଡ଼—
Garaṛda 1. Small mango.
୨ । (ସଂ. ଗଡ୍ଡୁଳା) ମେଣ୍ଢା—2. Sheep.

**ଗରଣ୍**—ଗ୍ରା. (ଇତର) ବି (ସଂ. ଗ୍ରହଣ)—ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ—
Garaṇ Eclipse.

**ଗରଣ**—ସଂ. ବି (ଗୃ ଧାତୁ=ସେଚନ, ଗ୍ରାସ କରିବା + ଭାବ. ଅନ )—
Garaṇa ୧ । ଛିଞ୍ଚିବା; ସେଚନ—1. Sprinkling
୨ । ଗିଳିବା—2. Swallowing.
୩ । ଭକ୍ଷଣ—3. Eating.
୪ । ବିଷ—4. Poison.
ଗ୍ରା. ବି (ସଂ. ଗ୍ରହଣ)—ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ—Eclipse.

**ଗରଣଖଣ୍ଡିଆ**—ଗ୍ରା. ବିଣ (ପୁଂ) ( ସଂ. ଗ୍ରହଣ + ଖଣ୍ଡିତ )—
Garaṇakhaṇḍiā ଗ୍ରହଣଖଣ୍ଡିଆ ( ଦେଖ )—Grahaṇakhaṇḍiā (See)
(ଗରଣଖଣ୍ଡୀ—ସ୍ତ୍ରୀ)

**ଗର ତୋଳିବା**—ପ୍ରାଦେ (ଗଡ଼ଜାତ) କ୍ରି—( ଗୋରୁକୁ ବାଘ ଧରିଲେ ଗୋରୁ ) ପ୍ରାଣବିକଳରେ ଗଁ ଗଁ ହୋଇ ରଡ଼ି ଛାଡ଼ିବା—To groan in agony.
Gara toḷibā

| ୧ | ଲ | ଢ଼ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଲପ୍ତ | ଡ଼ଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଭ | ରୁ | ଲୁ | ଙ୍ଘ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ୟ | ଯ | ସ | ତ୍ୟ | ଲଥ | ଞ | ନ |

**ଗରଦ**—ସଂ. ବି. ପୁଂ. (ଗର=ବିଷ+ଦା ଧାତୁ+କର୍ତ୍ତୃ. ଅ)—
Garada ୧ । ଯେ ବିଷ ଦିଅଏ; ବିଷଦାତା—1. Poisoner;
(ଗରଦା—ସ୍ତ୍ରୀ) one who kills another by poisoning.
୨ । ବିଷ—2. Poison (M. W.)
ସଂ. ବିଣ—ବିଷଦାନକାରୀ—Adminstering poison.

**ଗରଦ** ଦେ. ବି. (ସଂ. ଗର୍ଧିକା=ଲକ୍ଷାକୀଟ)—ତୁଡ଼ପୋକଠାରୁ
गरद ଉତ୍ପନ୍ନ ପାଟ; କ୍ଷୌମବସ୍ତ୍ର; ପାଟ ଲୁଗା—A sort of silk.
गरद ପ୍ରାଦେ (ସମ୍ବଲପୁର) ବି—ଗାଲମୁଞ୍ଚ; କାନଯାଏ ଲାଗିଥିବା
ଦାଢ଼ୀ—Whiskers.

**ଗରଦା**—ବୈଦେ. ବି (ଫା. ଗର୍ଦ୍=ଧୂଳି)—୧ । ଧୂଳି—
Garadā 1. Dust.
गर्दा ୨ । କୌଣସି ଦ୍ରବ୍ୟରୁ ବାହାରିଥିବା ଅକାମିକା ଅଂଶ—
गरदा 2. Refuse matters.
୩ । ମଳ; ମଇଳା—3. Dirt.

**ଗରଧର**—ସଂ. ବିଣ ପୁଂ. (ଗର=ବିଷ+ଧୃ ଧାତୁ+କର୍ତ୍ତୃ. ଅ)=
Garadhara ବିଷଧର—Poisonous.
ସଂ. ବି—ବିଷାକ୍ତ ସର୍ପ—A poisonous snake.

ଗର ଭକ୍ଷିଲ ମଣେ ଦେଖି ଚଗର
ଗରଧର ଏକାଳେ ହେଲେ ନାଗର—ଗୋପେଶ. ଚନ୍ଦ୍ରରେଖା ।

**ଗରନ୍**—ପ୍ରାଦେ (ସମ୍ବଲପୁର) ବି.—ଗରଣ୍ (ଦେଖ)
Garan Garaṇ (See)

**ଗରନାଳ ବାଣ**—ଦେ. ବି—ଏକପ୍ରକାର ବଡ଼ ବନ୍ଧୁକ—
Garanāla bāṇa A kind of big gun.

ପେଟକଟା ସାତ ହାତ ବନ୍ଧୁକ
ଗରନାଳବାଣ ସବୁହିଁ ଠେକ—ବ୍ରଜନାଥ. ସମରତରଙ୍ଗ ।

**ଗରନ୍ଥ**—ପ୍ରାଦେ. (ସମ୍ବଲପୁର) ବି—ଗ୍ରନ୍ଥ; ଧର୍ମଶାସ୍ତ୍ର—
Garanṭh Book; gospel.

**ଗର ପାରିବା**—ଦେ. କ୍ରି—ଗଁ ଗଁ ଶବ୍ଦ କରିବା—
Gara pāribā To groan.

**ଗରବ**—ଗ୍ରା ଓ ପଦ୍ୟ. ବି. (ସଂ. ଗର୍ବ)—
Garaba ୧ । ଗର୍ବ; ଅହଙ୍କାର—1. Pride.
गरब ୨ । (ସଂ. ଗର୍ଭ) ସବାରିର ଆଗ ପଛ ବାଉଁଶର ନିକଟବର୍ତ୍ତୀ
गरब ସବାରିର ଅଂଶ; ସବାରିବାଉଁଶର ମୂଳଦେଶ—
2. The part of the palky-pole adjoining the body of the palky.
गरभ
गरभ ଗ୍ରାମ୍ୟ. ବି. (ସଂ. ଗର୍ଭ)—ଗର୍ଭ (ଦେଖ)
Garbha (See)

**ଗରବଖାଇ**—ଦେ. ବିଣ. ସ୍ତ୍ରୀ. (ସଂ. ଗର୍ଭ+ଖାଦ ଧାତୁ)—
Garabakhāi ୧ । (ଗାଳିବିଶେଷ; ଯେଉଁ ସ୍ତ୍ରୀ ଗର୍ଭସ୍ଥ ଶିଶୁକୁ ଖାଏ) ଯାହାର ଶିଶୁ ଗର୍ଭରୁ ମରେ; ମୃତବତ୍ସା-ପ୍ରସବକାରିଣୀ)—1. (a term of abuse) A woman who devours her own offspring in the womb i. e. a woman who brings forth stillborn children.
୨ । (ସଂ. ଗର୍ବ+ଖାଦ ଧାତୁ) ଯେଉଁ ସ୍ତ୍ରୀ ନିଜ ଅହଙ୍କାର ହେତୁ ଅକାଳରେ ବିନଷ୍ଟ ହୁଏ—2. A woman who dies an early death on account of her pride.

**ଗରବଖିଆ**—ଦେ. ବିଣ. ପୁଂ. (ସଂ. ଗର୍ବ+ଖାଦ ଧାତୁ)—(ଗାଳିବିଶେଷ)
Garabakhiā ଯେଉଁ ପୁରୁଷ ନିଜ ଅହଙ୍କାର ହେତୁରୁ ଧ୍ୱସ୍ତ ହୁଏ—
A term of abuse to a male person who meets with an early death on account of his pride.

**ଗରବଗଞ୍ଜନ**—ଗ୍ରା. (ପଦ୍ୟ) ବିଣ. (ସଂ. ଗର୍ବଗଞ୍ଜନ)—ଗର୍ବହାରକ;
Garabagañjana ଯେ ଅନ୍ୟର ଗର୍ବକୁ ନାଶ କରେ—
गरबगञ्जन One who crushes the pride of another.
गरबगंजन ତନ୍ତ୍ର ଅର୍କଙ୍କର ତ ଗରବଗଞ୍ଜନ—କୃଷ୍ଣସିଂହ, ମହାଭାରତ. ଆଦି ।

**ଗରବ ଗଞ୍ଜିବା**—ଦେ. (ପଦ୍ୟ) କ୍ରି—ଗର୍ବ ଚୂନା କରିବା—
Garaba gañjibā To crush the pride of another.

**ଗରବଣା (ଇତ୍ୟାଦି)**—ଗ୍ରା. ବି—ଗର୍ଭଣା ଇତ୍ୟାଦି (ଦେଖ)
Garabaṇā (etc) Garbhaṇā etc (See)

**ଗରବ ଦଳିବା**—ଗ୍ରା. (ପଦ୍ୟ) କ୍ରି. (ସଂ. ଗର୍ବ+ଦଳ ଧାତୁ)—
Garaba daḷibā ୧ । ଗର୍ବ ଚୂନା କରିବା—
1. To crush a man's pride.
୨ । (ଲକ୍ଷଣାର୍ଥ) ସୌନ୍ଦର୍ଯ୍ୟାଦିରେ ଅନ୍ୟକୁ ଜିଣିବା—
2. To exceed another in beauty.

ଜାଣିବାର ବାର ବାରଶେଣ୍ଡଙ୍କର ଗରବ ଦଳିବା ଲକ୍ଷୁ—
କବିସୂର୍ଯ୍ୟ, ସଙ୍ଗୀତ ।

**ଗରବ ଭାଙ୍ଗିବା**—ଗ୍ରା. କ୍ରି.—
Garaba bhāṅgibā ୧ । ଆପଣାର ଗର୍ବକୁ ଦମନ ଓ ସଂଯତ କରିବା—1. To control one's own pride.
୨ । ପରର ଗର୍ବ ଭଞ୍ଜନ କରିବା—
2. To crush another's pride.

**ଗରବିଆ**—ଦେ. ବି. (ସଂ. ଗର୍ଭ)—ଆଗର ଓ ପଛର ସବାରିବାଉଁଶର
Garabiā ମୂଳରେ କାନ୍ଧେଇ ଥିବା ଗଉଡ଼—The palky-bearer who puts his shoulder to the part of the pole which is just near the body of the palky.

**ଗରବିଣୀ**—ଗ୍ରା. (ପଦ୍ୟ) ବିଣ. ସ୍ତ୍ରୀ. (ସଂ. ଗର୍ବିଣୀ)—ଗର୍ବିଣୀ;
Garabiṇī ଗର୍ବିତା; ଗର୍ବଯୁକ୍ତା—Proud (female);
गरबिनी arrogant (woman).

ଉତ୍କଳୀନ ! ହା ଅଭାଗି ! କ ଦଶା ସେ ତୋର
ଥିଲୁ ଭୁଲି ଗରବିଣୀ ସୁଷମାବାରିଧି—ପଦ୍ମାମଣି. ବିଜୟାଦତ୍ୟ ।

**ଗରବିନୀ**—ଗ୍ରା. (ପଦ୍ୟ) ବିଣ. ସ୍ତ୍ରୀ. (ସଂ. ଗର୍ବିଣୀ)—ଗରବିଣୀ (ଦେଖ)
Garabinī Garabiṇī (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ୪ଠଠ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଖୀ' ନ ପାଇଲେ 'ଅଖି' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

**ଗରଭୀ**—ଗ୍ରା. ବଣ. ପୁଂ. (ପଦ୍ୟ) (ସଂ. ଗର୍ବୀ)—୧ । ଗର୍ବିତ; ଗର୍ବଯୁକ୍ତ—
Garabi 1. Proud.
गर्वी ୨ । ଅହଂକାରୀ—
गर्वीला 2. Arrogant.

**ଗରବ୍ରତ**—ସଂ. ବି. (ବହୁବ୍ରୀହି; ଗର + ବ୍ରତ)—ମୟୂର—
Garabrata Peacock.

**ଗରଭ**—ପ୍ରାଦେ. (ସମ୍ବଲପୁର). ବି. (ସଂ. ଗର୍ଭ)—ଗର୍ଭ (ଦେଖ)
Garabh Garbha (See)

**ଗରଭ୍ ଖସିବା**—ପ୍ରାଦେ. (ସମ୍ବଲପୁର) କ୍ରି.—ଗର୍ଭପାତ ହେବା—
Garabh khasibā Abortion; miscarriage.

**ଗରଭ**—ସଂ. ବି.—(ଗୃ ଧାତୁ + ଅଭ)—ଭ୍ରୂଣ—
Garabha Foetus; embreyo (Apte)
गरभ ଗ୍ରା. ପଦ୍ୟ. ବି. (ସଂ. ଗର୍ଭ)—୧ । ଗର୍ଭାବସ୍ଥା—
गरभ 1. Pregnancy.
୨ । ଗର୍ଭ—2. Womb.
ରକ୍ଷୋଯୂଥ ତକ୍ଷକ ଭଡ଼ାଳେ,
ଝଟିତ ଅଜ୍ଞାତ ସେହି ଦୁଃଶୀଳା ଗରଭ । ରାଧାନାଥ. ମହାଯାତ୍ରା ।
୩ । ପେଟ; ଉଦର—3. Belly; abdomen.
ଏହା ପାଇଁ ରତ୍ନପୁର ରାଜଧାନୀ ଉଜ୍ଜଳ ବାଳଗରଭ । ରାଧାନାଥ. ପାର୍ବତୀ ।
୪ । ଅନ୍ତଃସ୍ଥଳ; ଅଭ୍ୟନ୍ତର—4. Interior.
କି ଭାଗ୍ୟ ପଡ଼ିବ ଉଜ୍ଜଳ-ଗରଭରେ । ରାଧାନାଥ. ନନ୍ଦିକେଶରୀ ।
୫ । ଗର୍ଭ (ଦେଖ)
5. Garbha (See)
ଗ୍ରା. ବଣ.— ଗର୍ଭବତୀ; ଗର୍ଭିଣୀ—Pregnant.
ଗରଭ ହୋଇଥିବା ଗାଈମାନଙ୍କ
ନାମ ପକାଇଲେ କରଣେ କରୁ ଠିକ । କୃଷ୍ଣସିଂହ. ମହାଭାରତ. ବନ ।

**ଗରଭଣା** (ଇତ୍ୟାଦି)—ଗ୍ରା. ବି.—ଗର୍ଭଣା ଇତ୍ୟାଦି (ଦେଖ)
Garabhaṇā (etc) Garbhaṇā etc (See)

**ଗରଭଣୀ**—ଗ୍ରା. ବଣ. ସ୍ତ୍ରୀ. (ସଂ. ଗର୍ଭିଣୀ)—ଗର୍ଭିଣୀ (ଦେଖ)
Garabhaṇi Garbhiṇi (See)

**ଗରଭିଣୀ**—ଗ୍ରା. (ପଦ୍ୟ) ବଣ. ସ୍ତ୍ରୀ.—ଗର୍ଭିଣୀ (ଦେଖ)
Garabhinni Garbhiṇi (See)

**ଗରମ୍**—ବୈଦେ. ବି. (ଫା. ଗର୍ମ୍ =ଉତ୍ତପ୍ତ, ଉଷ୍ଣ; ମୂଳ ସଂ. ଗ୍ରୀଷ୍ମ)
Garam ଘର୍ମ)—୧ । ଉଷ୍ଣତା; ଗ୍ରୀଷ୍ମ; ତାପ; ତାତି—
(ଶରଦ୍—ବିପରୀତ)—1. Heat; warmth.
गरम ୨ । କ୍ରୋଧ; ରାଗ—
गरम 2. Anger; rage.
୩ । ଔଦ୍ଧତ୍ୟ; ଗର୍ବ—3. Pride; arrogance.
୪ । ଅଜୀର୍ଣ୍ଣ—4. Indigestion.
୫ । ଦେହର ଅଭ୍ୟନ୍ତରିକ ତାପ—
Internal heat of the system.
ବୈଦେ. ବଣ. (ଫା. ଗର୍ମ୍)—୧ । ଉତ୍ତପ୍ତ; ତାତିଲା; ଉଷ୍ଣ—
(ଥଣ୍ଡା; ନରମ୍—ବିପରୀତ) 1. Hot.
୨ । ଉଦ୍ଧତ; ଗର୍ବିତ—2. Proud; arrogant.
୩ । ଉଗ୍ର; ରାଗୀ; କ୍ରୁଦ୍ଧ (ପ୍ରକୃତି)—
3. Angry; hot-headed; irritable.
୪ । ମହର୍ଘ (ପଣ୍ୟ ଦ୍ରବ୍ୟ)—4. Dear (commodity).
୫ । ଗ୍ରୀଷ୍ମଯୁକ୍ତ (ସମୟ)—
5. Pertaining to summer.
୬ । କଡ଼ା; କ୍ରୋଧୋକ୍ତ (କଥା)—6. Due to anger.
୭ । ଉଷ୍ଣତାଦାୟକ (ଲୁଗା)—
7. Warm; which makes one warm.
୮ । ଅଜୀର୍ଣ୍ଣକାରୀ (ଔଷଧ; ଖାଦ୍ୟ)—
8. Producing indigestion.
୯ । ଉଷ୍ଣବୀର୍ଯ୍ୟ (ମସଲା)—
9 Hot or pungent (spices),

**ଗରମ୍ ଗରମ୍** (ଖାଦ୍ୟ)—ଦେ. ବଣ—୧ । ଚୁଲି ଉପରୁ ସାଙ୍ଗେ ସାଙ୍ଗେ
Garam garam ଓହ୍ଲାଯାଇ ଅବଧି ଶୀତଳ ହୋଇ ନ ଥିବା—
गरम गरम 1 Newly roasted; still warm (food).
गरम गरम ୨ । ତଟକା ଓ ତପ୍ତ—
2. Fresh and hot; piping hot.

**ଗରମଇ**—ଦେ. ବି—୧ । ଧାନବଣାରରେ ଉଠିଥିବା ଧାନଗଛକୁ ଦୁଇ
Garamai ଓଡ଼ ବିଦା ହୋଇଯିବା ପରେ ତାହା ଉପରେ ଚଲାଯିବା ଦୁଇ ଏକ ଓଡ଼ ମଇ—1. The operation of levelling the paddy field after raking the paddy plants twice.
୨ । ବିଆଳିଧାନ ଗଛ ଉପରେ ବୁଲାଯିବା ମଇ—
2. A ladder drawn over small Biāḷi paddy-plants.

**ଗରମ କଥା**—ଦେ. ବି—୧ । କଡ଼ା କଥା; କଠୋର ବାକ୍ୟ—
Garama kathā 1. Rough or harsh words.
गरम कथा ୨ । କ୍ରୋଧପୂର୍ଣ୍ଣ ବାକ୍ୟ—
गरम बात 2. Angry or hot words.

**ଗରମ କପଡ଼ା**—ଦେ. ବି—ଶୀତଲୁଗା; ଯେଉଁ ଲୁଗା ପିନ୍ଧିଲେ ଶରୀର
Garama kapaṛā ଗରମ ରହେ—Warm clothing or
गरम कापड़ dress.
गरम कपड़ा

**ଗରମକାଳ**—ଦେ. ବି—ଗ୍ରୀଷ୍ମ ସମୟ—
Garamakāḷa Summer.

**ଗରମ ଖବର**—ଦେ. ବି—ତାଜା ବା ତଟକା ଖବର; ଅଧୁନାତନ ସମ୍ବାଦ—
Garama khabara Recent news.
गरम खबर
गरमागरम खबर

**ଗରମ ଦିନ**—ଦେ. ବି—୧ । ଗ୍ରୀଷ୍ମଯୁକ୍ତ ଦିବସ—
Garama dina 1. A very hot day.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଏ | ଉଅ | ଈ |
| ୨ | ଈ | ଊ | ରୁ | ଳୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ଦ |

୨ । ଗ୍ରୀଷ୍ମ ସମୟ—2. Summer.

ଗରମ ପୋଷ୍—ବୈଦେ. ବି. ( ଫା. ଗର୍ମ୍ + ପୋଷ୍ )—
Garama posh ଗରମ କପଡ଼ା ( ଦେଖ )
Garama kaparḍā ( See )

ଗରମ ପୋଷାକ—ବୈଦେ. ବି. (ଫା)—ଗରମ କପଡ଼ା ( ଦେଖ )
Garama poshāka Garama kaparḍā ( See )

ଗରମ ପ୍ରକୃତି—ଦେ. ବି—ଉଗ୍ର ପ୍ରକୃତି—Irritable temper;
Garama prakṛuti passionate nature; hot temper.
গরম মেজাজ ;
**गरम मिजाज**

ଗରମ ବିଜୁଳି—ଦେ. ( ଆଧୁନିକ ବିଜ୍ଞାନ ପରିଭାଷା ) ବି—
Garama bijuḷi ବିଦ୍ୟୁତ ଶକ୍ତିର ଅବସ୍ଥାବିଶେଷ—
গরম্ বিজলি Positive electricity.
ଥଣ୍ଡାବିଜୁଳି—ବିପରୀତ }
Negative electricity }

ଗରମ ମସଲା—ଦେ. ବି—ଲବଙ୍ଗ, ଡାଲଚିନି, ତେଜପତ୍ର ଓ ଧନିଆ
Garama masalā ଇତ୍ୟାଦି ମସଲା; ଉଷ୍ଣବୀର୍ଯ୍ୟ ମସଲା—
গরমমস্‌লা Mixture of certam pungent or hot
**गरमसाला** spices for seasoning curry.

ଗରମ ମିଜାଜ୍—ବୈଦେ. ବି. (ଫା)—ଗରମ ପ୍ରକୃତି (ଦେଖ)
Garama mijāj Garama prakṛuti (See)
[ ଦ୍ର—ମିଜାଜ୍‌ର ଅନ୍ୟାନ୍ୟ ଦେଶଜରୂପ ପୂର୍ବେ ଗରମ ଶବ୍ଦ ବ୍ୟବହୃତ ହୁଏ, ଯଥା—ଗରମ ମିଜାସ୍, ଗରମ ମିଞ୍ଜାସ୍, ଗରମ ମେଜାଜ୍ ଗରମ ମେଜାସ୍, ଗରମ ମେଞ୍ଜାସ୍ । ]

ଗରମରିଆ—ପ୍ରାଦେ. ( ଗଡ଼ଜାତ ) ବି—ଉରୁମ୍ଭି ( ଦେଖ )
Garamariā Urumbhi ( See )

ଗରମ ଲୁଗା—ଦେ. ବି—ଗରମ କପଡ଼ା ( ଦେଖ )
Garama lugā Garama kaparḍā ( See )

ଗରମ ହେବା—ଦେ. କ୍ରି—୧ । ରାଗିବା—
Garama hebā 1. To be in a rage.
গরম হওয়া ୨ । ଉତ୍ତେଜିତ ହେବା—
**गरमहोना, गरमाना** 2. To be irritated.
୩ । ମତ୍ତ ହେବା—3. To be maddened.
୪ । ଉତ୍ତପ୍ତ ହେବା—4. To be heated.
ଦେ. ବି—୧ । ( ଦେହର ) ଉତ୍ତାପ ବୃଦ୍ଧି ହେବା—
1. Rising of temperature in the body,
୨ । ( ଦେହରେ ) ଗ୍ରୀଷ୍ମାନୁଭୂତି—
2. Feeling of closeness in the body owing to heat.
୩ । ( ମୁଣ୍ଡ ) ରାଗ ବା ବାତୁଳତା ଯୋଗୁଁ ଉଷ୍ଣ ହେବା—
3. Hot-headedness; madness.
୪ । ( ସ୍ତ୍ରୀଜାତି ) ରଜସ୍ବଳା ହେବା—
4. The state of being menstruated.
୫ । ( ବଜାର ) ମହର୍ଗ ହେବା—
5. ( market or article ) Becoming dear or high.
୬ । ( ପଣ୍ୟାଦିର ଭାଉ ) ବଢ଼ିବା—
6. Rise in the price of commodities.
୭ । ( ପେଟ ) ଅଜୀର୍ଣ୍ଣ ହେବା—
7. Indigestion.

ଗରମାଗରମ—ଦେ. ବିଣ—ଗରମ୍ ଗରମ୍ ( ଦେଖ )
Garamāgarama Garam garam ( See)
गरमागरम
**गरमागरम**

ଗରମାଗରମି—ଦେ. ବିଣ—ଗରମ୍ ଗରମ୍ ( ଦେଖ )
Garamāgarami Garam garam ( See)

ଗରମି—ବୈଦେ. ବି. ( ଫା. ଗର୍ମୀ; ତୁଳ. ସଂ. ଘର୍ମ )—
Garami ୧ । ଉଷ୍ଣତା; ତାପ—1. Heat; warmth.
গরমি ୨ । ଗ୍ରୀଷ୍ମକାଳ—2. Summer.
**गर्मी** ୩ । ଜ୍ୱରଯୋଗୁଁ ଶରୀରର ତାପ—
3. High temperature of body ( in fever ).
୪ । ଗର୍ବ; ଔଦ୍ଧତ୍ୟ—4. Pride; arrogance.
୫ । ଗରମି ବେମାର ( ଦେଖ )
5. Garimi bemāri ( See )
ବୈଦେ. ବିଣ—୧ । ଉଷ୍ଣ—1. Warm.
୨ । ତାପ ଉତ୍ପାଦକ—2. Producing heat.
୩ । ଗ୍ରୀଷ୍ମଋତୁଜନିତ—3. Due to summer.
୪ । ଗ୍ରୀଷ୍ମ ସମ୍ବନ୍ଧୀୟ—
4. Pertaining to the summer season.

ଗରମି ଘାଆ—ଦେ. ବି—ଉପଦଂଶଜନିତ ବ୍ରଣ—
Garami ghā-ā Syphilitic eruption.

ଗରମି ବେମାରି—ଦେ. ବି—ଗରମି ବେମାର ( ଦେଖ )
Garami bemāri Garimi bemāri ( See )

ଗରଳ—ସଂ. ବି. ( ଗର=ବିଷ+ସ୍ୱାର୍ଥେ ଲ; ଗୃ ଧାତୁ+ଅଳ )—
Garaḷa ୧ । ବିଷ—1. Poison.
୨ । ସର୍ପବିଷ—2. Venom; poison from the fangs of a serpent.

ଗରଳ ଭୁଲେ ତାହା ପିଇଲୁ ରେ ।
ବଳଭଦ୍ରଦାସ. ବଗୋରନାମ୍ବୁ. ଗୀତ ।

୩ । ଘାସ ବିଡ଼ା—3. A sheaf of grass; a bundle of grass.

ସାଧାରଣ ଲୋକେ ଅପର ସ୍ଥାନରେ ସତତ ୧ ଚକ୍ଷ୍ଟ୍ର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ଟ୍ର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ଟ୍ର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷୁର ବଦଳରେ ୨ ବା ୧ ଚକ୍ଷ୍ଟ୍ର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'ଭୂଅ' ନ ମିଳିଲେ 'ଭୂଞ' ଦେଖିବେ; ବଧୂ ନ ପାଇଲେ 'ବଧୁଁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଳ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍ବଡ଼' ଦେଖିବେ ।

୪ । ପରିମାଣବିଶେଷ—4. A standard of measure.

ଦେ. ବି.—ସୁପ୍ତବ୍ୟକ୍ତିର ପାଟିରୁ ବହୁବା ନାଳ—Saliva running down from the mouth of a sleeping person.

**ଗରଲାରି**—ସଂ. ବି.—ମରକତ ମଣି; ନୀଳମଣି—
Garalāri — Emerald.

**ଗରଲି**—ପ୍ରାଦେ. (ସମ୍ବଲପୁର)— ବି.—ଗରେଲ୍ (ଦେଖ)
Garali — Garel (See)

**ଗରଳୀ**—ସଂ. ବିଣ. ପୁଂ. (ଗରଳ+ଇନ୍; ୧ମା. ୧ବ.)—ବିଷଧର—
Garalī — Poisonous; venomous
(ଗରଳିନୀ—ସ୍ତ୍ରୀ) ୨ । (+ସ୍ତ୍ରୀ. ଈ )— ଗଡ଼ିଶାମାଛ—
A kind of fish.

**ଗରଲ୍ଲି**—ସଂ. ବି.—(ଧ୍ୱନ୍ୟନୁକରଣ)— ଗଳା ଭିତରର ଘଡ଼ ଘଡ଼ ଶବ୍ଦ—
Garalli — Hoarse gurgling sound inside the throat (Apte).

**ଗରଶ୍ରୀ**—ସଂ. ବି.—ଏକପ୍ରକାର ମାଛ; ଗଡ଼ିଶା ମାଛ ?—
Garaśri — A kind of fish (Apte).

**ଗରସା**—ପ୍ରାଦେ. (ସମ୍ବଲପୁର)—ବି. (ସଂ. ଗ୍ରାସ)— ଅନ୍ନାଦିର ଗୁଣ୍ଡା—
Garasā — Mouthful (of food).
ମଦା ବରଷା, ସୁଖୀ ଚଷା, ସେହି ବରଷେ ଭଲ ଗରସା । ପ୍ରବଚନ

**ଗରହିତ**—ଗ୍ରା. (ପଦ୍ୟ) ବିଣ.—(ସଂ. ଗର୍ହିତ; ଭୁଲ ଅ. ଗୈର୍+ସଂ. ହିତ)—୧ । ଗର୍ହିତ—1. Not beneficial.
Garahita
୨ । ଅନିଷ୍ଟକର—2. Injurious.
ମିଥ୍ୟା ଯେ ଗରହିତ କର୍ମ ଯେବେ ପଡ଼େ । କୃଷ୍ଣସିଂ. ମହାଭାରତ. ବନ ।

ଦେ. ବି.— ଅହିତ; ଅମଙ୍ଗଳ; ଅପକାର—Evil; injury.

**ଗରହୁସିଆର**—ବୈଦେ. ବିଣ.—(ଅ. ଗୈର୍+ହୋସିୟାର୍)—ଅସତର୍କ;
Garahusiār — ଅସାବଧାନ—Careless.
गरहुसिआर
बेहोसियार

**ଗରହୁସିଆରି**—ବୈଦେ. ବି. (ଅ)—ଅସାବଧାନତା; ଅସତର୍କତା—
Garahusiārī — Carelessness.
गरहुसिआरी
बेहोसियारी

**ଗରା**—ସଂ. ବି—ଦେବଦାଲୀ ଲତା (ଶ. ଶବ୍ଦସାଗର) —A creeper.
Garā
ଦେ. ବି (ସଂ. ଗର୍ଗରୀ)—ପିତଳ ମାଠିଆ—
घड़ा — A brass water-pitcher.
गगरा
ଗ୍ରା. ବି—ଗୁଡ଼ା; ଗୁଡ଼ାଏ—Many (a suffix denoting plural number.)
ପ୍ରାଦେ ( ସମ୍ବଲପୁର ) ବି—୧ । ଗଡ଼; ଖଣ୍ଡ—
1. Piece; bit.
୨ । କୁକୁଡ଼ା ଡିମ୍—2 Hen's egg.

୩ । ମହୁଲ ମଞ୍ଜି—
3. The seed inside the Mahua fruit.
୪ । ଅଣ୍ଡକୋଷ; ମୁଷ୍କ—4. Testicle.

**ଗରାକ**—ଗ୍ରା. ବି ( ସଂ. ଗ୍ରାହକ )—୧ । ଦୋକାନରୁ ନିୟମିତରୂପେ
Garāka — ପଣ୍ୟଦ୍ରବ୍ୟ କିଣିବା ଲୋକ—1. A regular customer of a shop.
୨ । ପଣ୍ୟଦ୍ରବ୍ୟ କିଣିବା ଲୋକ—2. Purchaser of commodities.

**ଗରାଖ**—ଗ୍ରା. ବି—ଗରାକ ( ଦେଖ )—
Garākha — Garāka ( See )
ଦର୍ଶି ପେଷେ ଗରାଖଙ୍କୁ ଫାଙ୍କଇ—ଲାଳମଣି. ଚନ୍ଦ୍ରାଚରଙ୍ଗିଣୀ ।

**ଗରାଗରା କରିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଖଣ୍ଡଖଣ୍ଡ କରିବା; ଗଡ଼ଗଡ଼
Garāgarā karibā — କରିବା—To reduce to pieces.

**ଗରା ତେଲ୍**—ପ୍ରାଦେ. ( ସମ୍ବଲପୁର ) ବି —ମହୁଲ ତେଲ—
Garā tela — The oil from Mahua seeds.

**ଗରାଧିକା**—ସଂ. ବି. (ଗର+ଅଧିକ+ଆ )—
Garādhikā — ୧ । ଲାଖ ପୋକ—
1. Insect producing lac.
୨ । ଅଲତା; ଲାକ୍ଷାରସ—
2. Red dye obtained from lac.

**ଗରାବଡୁ**—ଦେ. ବି. ( ସଂ. ଗର୍ଗବଟୁ )—
Garābardu — ୧ । ଭୁବନେଶ୍ୱରରେ ଦେବତାଙ୍କୁ ସ୍ନାନ କରାଇବା ବ୍ରାହ୍ମଣ ସେବକବିଶେଷ—
1. A Brāhmaṇa Sebaka who bathes the idol.
୨ । ପୂଜା ବା ଦେବତାଙ୍କ ପୂଜା ସମୟରେ ଜଳ, ଫୁଲ ଓ ଚନ୍ଦନାଦି ଯୋଗାଇବା ବ୍ରାହ୍ମଣ ସେବକ—
2. A Brāhmaṇa servant who supplies sandal-paste, flower and water at the time of worship.

**ଗରାଳିଆ**—ଦେ. ବିଣ—୧ । ଦୀର୍ଘସୂତ୍ରୀ—
Garālia — 1. Lazy; procrastinatory.
୨ । ମଗର—2. Insubordinate.

**ଗରାସ**—ଗ୍ରା. (ପଦ୍ୟ) ବି—ଗ୍ରାସ ( ଦେଖ )
Garāsa — Grāsa ( See )
गरास — କ୍ଷୁଦ୍ରକ୍ଷେତ୍ରେ ପଡ଼ିଲେ ସେ ଗୋମାୟୁ ଗରାସେ ।
ରାଧାନାଥ. ଦେଶୀଗହାର ।

**ଗରାସିବା**—ଦେ. କ୍ରି. ( ସଂ. ଗ୍ରାସ )—୧ । ବ୍ୟାପିବା—
Garāsiba — 1. To pervade; to spread.
ପୁଲକ ବେପଥୁ ଗରା ତନୁରେ ଗରାସି । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଘୋଟିବା—2. To overspread.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଂ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଷ୍ୱ | ଯ | ସ | ଙ୍ଗ | ଇଅ | ● | ନ୍ |

୩ । ଗ୍ରାସ କରିବା—3. To devour.

(୨ ଓ ୩) ବ୍ୟାପି ଶୋଭ ବଶେ ଭୟଙ୍କର ବଶେ
ଗରାସେ ସନାତନ ହରି । ଭକ୍ତ. ବୈଦେହୀଶବିଳାସ ।

୪ । ଗ୍ରାସିବା ( ଦେଖ )
4. Grāsibā ( See )

**ଗରାହକ**—ଗ୍ରା. ବି. ( ସଂ. ଗ୍ରାହକ )—ଗରାକ ( ଦେଖ )—
Garāhaka — Garāka ( See )

**ଗରାହି**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗ୍ରହ ଧାତୁଜ ଗ୍ରାହୀ; ତୁଳ. ହି- ଗର୍ଁହି)—ଗୋରୁଗାଈ ବନ୍ଧାଯିବା ପଘା—
Garāhi — A string to tie cattle.

**ଗରି**—ଦେ. ବି—୧ । ଛପରଘରର ଚାଳର ଲମ୍ବପଟି; ଗଡ଼ି—
Gari — 1. A belt of thatching.

୨ । ସ୍ରୋତସ୍ୱତୀ ନଦୀରେ ଉଚ୍ଚ ସ୍ଥାନରୁ ନିମ୍ନ ସ୍ଥାନକୁ ଜଳ ଗଡ଼ିବାର ସ୍ଥାନ—2. The shallow part of a river from which the current flows down to a deeper part

୩ । ଖଣ୍ଡ—3. Piece.

ପ୍ରାଦେ. ( ସମ୍ବଲପୁର ) ବି—ବନସି—Angling rod.

**ଗରିଆ**—ପ୍ରାଦେ. ( ବାଲେଶ୍ୱର ଓ ସମ୍ବଲପୁର ) ବି. (ସଂ. ଗର୍ଗରୀ)—
Gariā — ଗରା—A brass water-pitcher.

ଗରିଆ ପୋତ ବଡକରିଆ ପେଟ—ବାଲେଶ୍ୱର. ପ୍ରବଚନ ।
ଗରିଆ ଉପରେ ଗୋଡ଼ଟା ରଖା,
ପଚାର ପଚାର ହେଲଭ ମଖା । ସମ୍ବଲପୁର. ଢଗ ।
ଋଷି ବୋଇଲେ ଅଗୋ ମ୍ଲାନ ପାଇଁ ପାଣି
ଗରିଆ ଟାର ଅଣ ହେ ବୃଦ୍ଧା ଘରୁଣି । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

**ଗରିଆନ**—ଦେ. ବିଣ. ( ସଂ. ଗରୀୟସ୍. ପୁଂଲିଙ୍ଗ ୧ମା. ୧ବ. ଗରୀୟାନ୍ )—ଗରିଷ୍ଠ ( ଦେଖ )
Gariāna — Garishṭha ( See )

ଗରିଆନ ଶଶିଠାର ଶୀତଳଚ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଗରିଆବଡୁ**—ଗ୍ରା. ବି—ଗରାବଡ଼ୁ ( ଦେଖ )
Gariābarḍu — Garābarḍu ( See )

**ଗରିଆବୁଡ଼ୁ**—ଗ୍ରା. ବି—ଗରାବଡ଼ୁ ( ଦେଖ )
Gariāburḍu — Garābarḍu ( See )

**ଗରିକଣ୍ଟା**—ପ୍ରାଦେ. ( ସମ୍ବଲପୁର ) ବି—ବନସିକଣ୍ଟା—
Garikaṇṭā — Angling hook.

**ଗରିତ**—ସଂ. ବି. ( ଗର + ଇତ )—
Garita — ୧ । ଯାହାକୁ ବିଷ ଦିଆ ଯାଇଥାଏ—1. Poisoned.
୨ । ବିଷମିଶ୍ରିତ—2. Mixed with poison.

**ଗରିବ**—ବୈଦେ. ବିଣ. ( ଅ. ଗରୀବ୍; ତୁଳନାକର—ସଂ. ଗର୍ବହୀନ)—
Gariba — ୧ । ଦରିଦ୍ର—1. Poor.
গরিব — ୨ । ବେଚାରା; ନିଃସହାୟ—2. Helpless.
गरीब — ୩ । ନିରହଙ୍କାର—3. Free from pride.

**ଗରିବ ଗୁରୁବା**—ବୈଦେ.ବି (ଅ) (ଧ୍ୱନ୍ୟନୁକରଣ ଦ୍ୱିତ୍ୱସ୍ଥ ସହଚର ଶବ୍ଦ)—
Gariba gurubā — ୧ । ସାଧାରଣ ଦରିଦ୍ର ଲୋକମାନେ—
গরিবগুর্বা — 1. The poor
गरीबगुरबा — ୨ । ଦରିଦ୍ର ଏବଂ ତଦ୍ରୂପଶ୍ରେଣୀସ୍ଥ ଲୋକମାନେ—
2. The poor and the like.

**ଗରି ବତା**—ଦେ. ବି—ଚାଳର ଗରିକୁ ଚାଳ ସଙ୍ଗେ ବାନ୍ଧି ଅଟକାଇ
Gari batā — ରଖିବା ଫାଳବାଉଁଶ — The split bamboo which is tied to a belt of thatching to keep it attached to the frame.

**ଗରିବପରୱାର୍**—ବୈଦେ. ବିଣ (ଅ. ଗରୀବ୍‌ପର୍‌ୱର୍)—ଦୁଃଖିଜନପାଳକ;
Garibaparawār — ଦୀନଜନରକ୍ଷକ; ଦୀନଶରଣ—
গরীবপরোয়ার — Protector of the poor.
गरीबपरवर

**ଗରିବ ବିଚରା**—ବୈଦେ. ବି. ପୁଂ (କରୁଣାର୍ଥକ)(ଅ. ଗରୀବ+ବେଚାରା)—
Gariba bichārā — ଅତି ଦୀନ ଗରିବଲୋକ—Poor fellow.
গরিববেচারা
गरीबबेचारा

**ଗରିବ ମିଜାଜ୍**—ବୈଦେ. ବି. (ଅ. ଗରୀବ + ମିଜାଜ୍ )—ନିରହଙ୍କାର-
Gariba mijāj — ସ୍ୱଭାବ—Sweet nature; unassuming nature.
গরীবমেজাজ
गरीबमिजाज

**ଗରିବାନା**—ବୈଦେ. ବିଣ. (ଫା)—ଦରିଦ୍ରଜନୋଚିତ—Becoming
Garibānā — a poor man; humble; poorly
গরীবানা
गरीबाना

**ଗରିବାନି**—ବୈଦେ. ବିଣ. ( ଫା. ଗରୀବାନା )—
Garibāni — ଗରିବାନା ( ଦେଖ )
Garibānā ( See )

**ଗରିବାନି ଚାଲ୍**—ଦେ. ବି. ( ଫା. ଗରୀବାନା + ସଂ. ଚଳନ )—
Garibāni chāl — ୧ । ଦରିଦ୍ରଜନୋଚିତ ଶୈଳୀ—
গরীবানাচাল — 1. Humble or poorly style.
गरीबानाचाल — ୨ । ନିରହଙ୍କାର ଚାଲିଚଳନ ବା ଢଙ୍ଗ—
2. Unassuming manner or conduct.

**ଗରିବିଆନା**—ବୈଦେ. ବିଣ. ( ଫା. ଗରୀବାନା )—
Garibiānā — ଗରିବାନା ( ଦେଖ )
Garibānā ( See )

**ଗରିବିଆନି**—ବୈଦେ. ବିଣ. ( ଫା. ଗରିବାନା)—
Garibiāni — ଗରିବାନା ( ଦେଖ )
Garibānā ( See )

**ଗରିବୀ**—ଦେ. ବିଣ—ଗରିବାନା ( ଦେଖ )
Garibi — Garibānā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗରିଭଙ୍ଗା**—ପ୍ରାଦେ. ( ଗଡ଼ଜାତ ) ବି—
Garibhaṅgā ଅଣ୍ଡିରି ମଇଁଷିଙ୍କର ଏକପ୍ରକାର ବାତରୋଗ—
A kind of disease of male buffaloes.
[ ଦ୍ର—ଏ ରୋଗ ହେଲେ ମଇଁଷି ଯୌବନରେ ମଧ୍ୟ ବଢ଼ା ହୋଇଯାଏ । ତାକୁ ଏ ଅବସ୍ଥାରେ ଗୋମାଂସ ଓ ଚର୍ବି ଖୁଆନ୍ତି । ]

**ଗରିମା**—ସଂ. ବି. ( ଗୁରୁ+ଭାବାର୍ଥେ. ଇମନ୍; ୧ମା. ୧ବ; ତୁଳ—
Garimā ଦ୍ରଢ଼ିମା; ଲଘିମା; ବଢ଼ିମା )—୧ । ମର୍ଯ୍ୟାଦା; ଗୌରବ—
(ଲଘିମା—ବିପରୀତ) 1. Greatness; dignity.
୨ । ମାହାତ୍ମ୍ୟ; ଉତ୍କର୍ଷ—2. Excellence.
୩ । ଗୁରୁତ୍ୱ—3. Gravity; importance.
୪ । ଭାର—4. Weight; heaviness.
୫ । ମହିମା—5. Glory; worth.
୬ । ଅହଙ୍କାର; ଦର୍ପ—6 Pride; vanity.
୭ । ଆତ୍ମଶ୍ଳାଘା; ବଡ଼େଇ—
7. Arrogance; conceit; self-adulation.
୮ । ଅଣିମାଦି ଅଷ୍ଟ ସିଦ୍ଧି ମଧ୍ୟରୁ ଏକତମ ( ଯାହା ବଳରେ ସାଧକ ଅତି ବଡ଼ ବା ଅତି ଭାରି ହୋଇ ପାରନ୍ତି )—
8. One of the eight extraordinary faculties of Divinity.

**ଗରିମ ବେମାରି**—ଗ୍ରା. ବି—ଫିରଙ୍ଗ; ଉପଦଂଶରୋଗ—
Garimi bemāri Syphilis; venerial disease.
गरमिरोग
**गरमी; आतशक**

**ଗରିଲାଠି**—ପ୍ରାଦେ. (ସମ୍ବଲପୁର) ବି—ବନସିଖଡ଼ା—
Garilāṭhi The angling rod.

**ଗରିଷ୍ଟ**—ଗ୍ରା. ବିଣ. (ସଂ. ଗରିଷ୍ଠ)—ଗରିଷ୍ଠ ( ଦେଖ )
Garishṭa Garishṭha ( See )

**ଗରିଷ୍ଠ**—ସଂ. ବିଣ. (ଗୁରୁ+ଅତ୍ୟର୍ଥେ. ଇଷ୍ଠ )—
Garishṭha ( Superlative of Guru )
(ଗରିଷ୍ଠା—ସ୍ତ୍ରୀ) ୧ । ଅତ୍ୟନ୍ତ ମର୍ଯ୍ୟାଦାପନ୍ନ—
1. Very respectable.
୨ । ଗୁରୁତମ—2. Most important; greatest.
୩ । ବିଶେଷ ଭାରି—3. Heaviest; weightiest.
୪ । ବୃହତ୍ତମ; ଅତିମହତ୍—4. Greatest.
୫ । ଅତିଶୟ ଗୌରବାନ୍ୱିତ—5. Noblest.
୬ । ଅତି ଉତ୍କୃଷ୍ଟ—6. Most excellent.
୭ । ଅତି ପୂଜନୀୟ—7. Most honourable.
୮ । ସାର୍ଥକ—8. Significant; successful.
୯ । ଅର୍ଥବାନ୍—9. Having a meaning.
ଦେ. ବିଣ—ସହଜରେ ଜୀର୍ଣ୍ଣ ନ ହେବା (ପଦାର୍ଥ); ଗୁରୁପାକ (ଦ୍ରବ୍ୟ)—
Not digested easily; indigestible.
ଯେବେ ଲୋକ ଗରିଷ୍ଠ ଆହାର ଖାଇବ । କୃଷ୍ଣସିଂହ. ମହାଭାରତ, ଅନୁ ।

**ଗରିଷ୍ଠ ସାଧାରଣ ଗୁଣନୀୟକ**—ସଂ. ବି. (ଗଣିତ)—ଦୁଇ ବା ତତୋଽଧିକ
Garishṭha sādhāraṇa guṇanīyaka ରାଶିର ସାଧାରଣ
(ଲଘିଷ୍ଠ ସାଧାରଣ ଗୁଣିତକ ଲ: ସା: ଗୁ—ବିପରୀତ ) ଗୁଣନୀୟକମାନଙ୍କ ମଧ୍ୟରେ ଯେଉଁ ସଂଖ୍ୟାଟି ସବୁଠାରୁ ବଡ଼—
(mathematics) Highest Common Factor; Greatest Common Measure; H. C. F; G. C. M.
[ ଦ୍ର—ଏଥିର ସାଙ୍କେତିକ ଚିହ୍ନ ଗ: ସା: ଗୁ । ]

**ଗରିହଣା**—ପ୍ରାଦେ. (କଟକ) ବି—(ତୁଳ. ସଂ. ଗ୍ରହଣା=ନିନ୍ଦା) ହେଳା;
Garihaṇā ଅବହେଳା—Neglect.

**ଗରୀୟସୀ**—ସଂ. ବିଣ. ସ୍ତ୍ରୀ. ( ଗରୀୟସ୍+ଈ )—ଗରୀୟାନ୍‌ର ସ୍ତ୍ରୀଲିଙ୍ଗ—
Garīyasī Feminine of Garīyān

**ଗରୀୟାନ୍**—ସଂ. ବିଣ. ପୁଂ. ( ଗୁରୁ+ଦୁଇ ମଧ୍ୟରେ ଏକର ଅତିଶଯ୍ୟ
Garīyān ଅର୍ଥରେ. ଈୟସ୍; ୧ମା. ୧ବ. )—
(ଗରୀୟସୀ—ସ୍ତ୍ରୀ) ( comparative of Guru )
୧ । ଗୁରୁତର; ବେଶି ଭାରି—1. Heavier.
୨ । ବୃହତ୍ତର—2. Greater; larger.

**ଗରୁ**—ଦେ. ବିଣ. ( ସଂ. ଗୁରୁ )—
Garu ୧ । ଅତ୍ୟଧିକ—1. Excessive.
**गरुआ** ୨ । ମହତ୍—2. Great.
ସଙ୍ଗେ ମନସିଜ, ବଳଯୁ କଲ ଗୁରୁତର ତେଜ । ପ୍ରାଚୀନ—ରସବାରିଧି ।
୩ । ବଡ଼—3. Large.
୪ । ଭାରି—4. Heavy.
ବଳକୃତା ଉପୁଜଇ ସୁଗ୍ରୀବେ
ବଡ଼ ଗୁରୁଏ ହୋଇଥିଲା ପୂର୍ବେ । ଉପେ. ବୈଦେହୀଶବିଳାସ ।
୫ । ଅତ୍ୟନ୍ତ ଭାରି—5. Very heavy.
ଗରୁ ପୟୋଧର ନତମ୍ବ
ବଧୂରେ ଗମନ ବଳମ୍ବ । ଭୂପତି, ପ୍ରେମପଞ୍ଚାମୃତ ।
୬ । ଗର୍ଭଭାର ଯୋଗୁଁ କ୍ଳାନ୍ତ ( ଶରୀର )—
6. Tired on account of pregnancy.
୭ । କଷ୍ଟକର—7. Grievous; troublesome.
ମୋହର ମନେ ଖେଦ କରୁ
ଏ କଥା ମୋତେ ବଡ଼ ଗରୁ । ଜଗନ୍ନାଥ. ଭାଗବତ
ଦେ. ବିଣର ବିଣ—ଅତ୍ୟନ୍ତ—Very much.
ଶୋକଭରେ ହୋଇଲେ ଗରୁ ଦୁଃଖୀ । ପ୍ରାଚୀ. ପ୍ରତାପ—ଶଶିସେଣା ।
ପ୍ରାଦେ. ( ସମ୍ବଲପୁର ) ବି ( ତୁଳ. ବ. ଗରୁ )—
ଗୋରୁ—Cattle.

**ଗରୁଆ**—ଦେ. ବିଣ. ( ସଂ. ଗୁରୁ )—
Garuā ୧ । ଭାରି—1. Heavy.
**गरुआ** ଉଶ୍ୱାସ ଭର ଉଠିଲା, କରୁଅ ତଳକୁ ଗଲା ।
ଉଚ ନୀଚ ନୀଚ ଉଚ ଜଣା ବଧିରେ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଗ,ଶ | ଙ୍କ | ଇସ୍ତ | ଛଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୨ । ଅତ୍ୟନ୍ତ ଭାର—2. Very heavy.

ମେରୁ ଗରୁଆ ହେଲା ଗର୍ଭ ଫୁଲ । କବିସୂର୍ଯ୍ୟ- ସଙ୍ଗୀତ ।

୩ । ଗରୁ ( ଦେଖ )

3. Garu ( See )

ପ୍ରାଦେ. (ପୁରୀ) ବିଣ—(ନଡ଼ିଆ) ଯେଉଁ ନଡ଼ିଆରୁ ପରେ ପାଣି ମରି ଗଲେ ତାହା ଖୁରୁଡ଼ା ହୋଇ ପାରିବ ନାହିଁ ବୋଲି ଆଗରୁ ବାଛି ଦିଆଯାଏ—

(cocoanut ) Which is found beforehand not to be fit to turn into Khururda afterwards.

[ ଦ୍ର—ନଡ଼ିଆ ଗଛରୁ ତୋଳା ହେଲା ପରେ ସେଥିରୁ ଗରୁ ନଡ଼ିଆସାକ ବାଛି ଦିଆଯାଏ; ଯେଉଁ ନଡ଼ିଆ ସାଧାରଣ ନଡ଼ିଆ ଅପେକ୍ଷା ହାତକୁ ଗରୁ ବା ଭାରି ଜଣାଯାଏ ସେ ନଡ଼ିଆକୁ ବେଶି ଦିନ ରଖିଲେ ତାହାର ଭିତରର ଶସରୁ ପାଣି ମରି ନ ଯାଇ ତାହା ସଢ଼ି ଯିବ ଅର୍ଥାତ୍ ଖୁରୁଡ଼ା ହୋଇ ପାରିବ ନାହିଁ ବୋଲି ଜଣା ପଡ଼େ । ଏପରି ଗରୁ ନଡ଼ିଆକୁ ଖୁରୁଡ଼ା ପାଇଁ ସାଇତା ନ ଯାଇ ତାହା ନଗଦ ବିକ୍ରି କରି ଦିଆଯାଏ । ]

**ଗରୁଗର**—ଦେ. ବିଣ. ସ୍ତ୍ରୀ. ( ସଂ. ଗର୍ଭ )—
Garugara ଗରୁଘର ( ଦେଖ )
Garughara ( See )

**ଗରୁଗାଏ**—ପ୍ରାଦେ. ( ସମ୍ବଲପୁର ) ବି—ଗୋରୁ ଗାଈ—
Garugāe Cattle.

**ଗରୁଗାଏଡୁକା**—ପ୍ରାଦେ. (ସମ୍ବଲପୁର) ବି—ଗୋଧୂଳି ସମୟ—
Garugāedhukā Dusk.

**ଗରୁଘର**—ଦେ. ବିଣ. ସ୍ତ୍ରୀ ( ସଂ. ଗର୍ଭ )—ଗର୍ଭିଣୀ; ଗର୍ଭବତୀ—
Garughara Pregnant.

ଗର୍ଭ ଦେ. ବି—ଗର୍ଭାବସ୍ଥା—Pregnancy.

**आगाभारि; हामीला; भारी; पेटसे; दुजीया; दोजीया**

**ଗରୁଚରୁହା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଗୋ+ଚାରକ )—
Garucharuhā ଗୋରକ୍ଷକ—A cowherd.

**ଗରୁଟାଣ**—ଦେ. ବିଣ—ବିଚକ୍ଷଣ; ଦକ୍ଷ—
Garuṭāṇa Expert.

ଅକ୍ଷ କ୍ରୀଡ଼ାରେ ଗରୁଟାଣ, ନଳକୁ ଜିଣାଇ ସୁଜନ
ଅଶ୍ୱ ବିଦ୍ୟାକୁ ନଳୁ ନେଇ, ବନେ ପଶିଲା ଭୟ ଧାଇ—
ଜଗନ୍ନାଥ. ଭାଗବତ ।

**ଗରୁଡ଼**—ସଂ. ବି. ( ଗର=ବିଷ+ଉଡ଼ ଧାତୁ=ନାଶ କରିବା+କର୍ତ୍ତୃ.
Garurda ଅ; ଅଥବା ଗରୁତ୍=ପକ୍ଷ+ଡୀ ଧାତୁ=ଉଡ଼ିବା+ କର୍ତ୍ତୃ. ଅ; ବା ଗୁରୁ+ଡୀ ଧାତୁ+ଅ )—

୧ । ବିନତାନନ୍ଦନ; ବିଷ୍ଣୁଙ୍କର ବାହନ; ପକ୍ଷିରାଜ—

1. The mythological king of birds.

[ ଦ୍ର—ଗରୁଡ଼ ବିନତାଙ୍କ ଗର୍ଭରେ କଶ୍ୟପଙ୍କ ଔରସରେ ମାଆ ପେଟରୁ ଡିମ୍ବ ହୋଇ ଜନ୍ମିଥିଲେ । ବିନତା ଦୁଇଟି ଡିମ୍ବ ପ୍ରସବ କରିଥିଲେ । ଗୋଟିକରୁ ଗରୁଡ଼ ଓ ଅନ୍ୟଟିରୁ ଅରୁଣ ଜାତ ହେଲେ । ଏ ଅରୁଣଙ୍କ ବଡ଼ ଭାଇ । ଏକଦା ଏହାଙ୍କ ମାତା ବିନତା ଓ ସର୍ପମାତା କଦ୍ରୁ ଉଚ୍ଚୈଃଶ୍ରବା ଘୋଡ଼ାର ବର୍ଣ୍ଣ ବିଷୟରେ ବାଦ ମତାମତ ହୋଇଥିଲେ ଓ ବିନତାଙ୍କ ଅନୁମାନ ମିଥ୍ୟା ହେବାରୁ ବିନତା କଦ୍ରୁଙ୍କର ଦାସୀ ହୋଇ ରହିଲେ । ସ୍ୱର୍ଗରୁ ଅମୃତ ଆଣି କଦ୍ରୁଙ୍କୁ ଦେଲେ ବିନତା ଦାସୀତ୍ୱରୁ ମୁକ୍ତି ପାଇବେ, କଦ୍ରୁ ଏହିପରି ଆଦେଶ କରିବାରୁ ଗରୁଡ଼ ସ୍ୱର୍ଗକୁ ଯାଇ ଇନ୍ଦ୍ରଙ୍କ ସଙ୍ଗେ ଯୁଦ୍ଧ କରି ଅମୃତ ଆଣି କଦ୍ରୁଙ୍କୁ ଦେଲେ ଓ ମାତାଙ୍କ ଦାସୀତ୍ୱରୁ ମୁକ୍ତ କଲେ । କିନ୍ତୁ କଦ୍ରୁଙ୍କ ସନ୍ତାନ ସର୍ପମାନେ ସେ ଅମୃତ ଖାଇବା ପୂର୍ବରୁ ଇନ୍ଦ୍ର ତାହା ହରି ନେଲେ ଓ କୁଶରେ ଲାଗିଥିବା ଅମୃତ କଣିକାକୁ ଚାଟି ସର୍ପମାନଙ୍କର ଜିଭ ଦୁଇଫାଳ ହୋଇଗଲା । ସର୍ପମାନେ ତଦବଧି ଦ୍ୱିଜିହ୍ୱ ହେଲେ । ଗରୁଡ଼ ପରମ ବୈଷ୍ଣବ; ଏହାଙ୍କର ପକ୍ଷ ବଡ଼ ଓ ନାକ ବଡ଼ । ଏ ବିଷ୍ଣୁଙ୍କ ବାହନ । ଏ ସର୍ପମାନଙ୍କର ଶତ୍ରୁ ଓ ବିନାଶକ, ପ୍ରବଳପରାକ୍ରମୀ ବୀର ଓ ପକ୍ଷୀମାନଙ୍କର ରାଜା । ବିଷ୍ଣୁଙ୍କ ରଥର ପତାକାରେ ଗରୁଡ଼ର ଚିହ୍ନ ଥାଏ । ]

୨ । ବ୍ୟୂହ ବା ସୈନ୍ୟ ରଚନାବିଶେଷ—

2. Name of a kind of battle-array.

୩ । ମଝି ମୋଟା ଓ ଦୁଇ ମୁଣ୍ଡ ଗୋଜିଆ ଘର—

3. A building broad at the middle and pointed at the ends.

ଦେ. ବି.—ଇଗଲ ପକ୍ଷୀ—The Eagle.

**ଗରୁଡ଼ ଆସନ**—ଦେ. ବି. (ସଂ. ଗରୁଡ଼ାସନ)—୧ । ବିଷ୍ଣୁ—
Garurda-āsana 1. Bishnu.

ଗରୁଡ଼ ଆସନ ମୁରାରି
ଗୋପରେ ପଶିଲେ ବାହୁଡ଼ି । କମଳଲୋଚନ ଚଉତିଶା ।

୨ । ଯୋଗାସନବିଶେଷ—

2. A sitting posture in joga exercise.

ଗରୁଡ଼ ଆସନ କହିବା ଶୁଣ
ଯେମନ୍ତେ କରିବ ଯୋଗସାଧନ । ପ୍ରାଚୀ ପରବେ ଗୀତା ।

**ଗରୁଡ଼ ଖମ୍ବ**—ଦେ. ବି. ( ସଂ. ଗରୁଡ଼ସ୍ତମ୍ଭ )—ବିଷ୍ଣୁମନ୍ଦିର ସମ୍ମୁଖରେ
Garurda khamba ହାତ ଯୋଡ଼ି ଅଣ୍ଟେଇ ଥିବା ଗରୁଡ଼ ମୂର୍ତ୍ତି ଯେଉଁ ଖମ୍ବ ଉପରେ ସ୍ଥାପିତ ହୋଇଥାଏ—

A pillar put in front of the temple of Bishnu on the top of which is placed an image of Garurda.

ପ୍ରାଦେ. (ଗଞ୍ଜାମ) ବି—ନୂଆ ଖୋଳା ହୋଇଥିବା ପୋଖରୀ ଭିତରର ଯାପଦଣ୍ଡି—The central post in the midst of a newly dug tank.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗରୁଡ଼ ଗୋବିନ୍ଦ**—ଦେ. ବି—୧ । ବୃକ୍ଷବିଶେଷ ( ଏଥିର ଛେଲି ଔଷଧରେ ଲାଗେ )—1. A kind of tree ( bark used in medicine ).
Garurda gobinda
୨ । ଗରୁଡ଼ ଉପରେ ଆସୀନ ବିଷ୍ଣୁଙ୍କ ବିଗ୍ରହବିଶେଷ—
2. An idol representing Bishnu riding on the back of Garurda.

**ଗରୁଡ଼ଧ୍ୱଜ**—ସଂ. ବି. ( ବହୁବ୍ରୀହି; ଗରୁଡ଼+ଧ୍ୱଜ )—ବିଷ୍ଣୁ—Bishnu.
Garurdadhwaja
[ ଦ୍ର—ଏହାଙ୍କ ରଥର ପତାକାରେ ଗରୁଡ଼ର ରୂପ ଶୋଭାପାଏ]

**ଗରୁଡ଼ପକ୍ଷୀ**—ଦେ. ବି—୧ । ଗରୁଡ଼ ( ଦେଖ )
Garurdapakshī 1. Garurda ( See )
୨ । ଆକାଶ ଗରୁଡ଼ ( ଦେଖ )
2. Ākāśa garurda ( See )

**ଗରୁଡ଼ ପକ୍ଷୀ**—ଦେ. ବି—ଏକପ୍ରକାର ମଲ୍ଲଙ୍ଗ—
Garurda pakhī A kind of orchid; Drynaria
ଜାଲୁର Ruercifolia (Haines).
[ ଦ୍ର—ଏହା ଅନ୍ୟ ବୃକ୍ଷର ଶାଖା ଉପରେ ମାଡ଼େ । ]

**ଗରୁଡ଼ ପୁରାଣ**—ସ. ବି. ( ମଧ୍ୟପଦଲୋପୀ; ଗରୁଡ଼+ପୁରାଣ )—
Garurda purāṇa ଅଷ୍ଟାଦଶ ପୁରାଣାନ୍ତର୍ଗତ ଗରୁଡ଼ର ଜନ୍ମ ଓ କର୍ମ ବର୍ଣ୍ଣନାତ୍ମକ ପୁରାଣ—
One of the eighteen Purāṇas dealing with the birth and life of Garurda.
[ ଦ୍ର—ଏଥିରେ ଯମପୁର ଓ ଅନେକ ନରକର ବର୍ଣ୍ଣନା ଅଛି । ]

**ଗରୁଡ଼ବାହନ**—ସ. ବି. ( ବହୁବ୍ରୀହି; ଗରୁଡ଼+ବାହନ )—
Garurdabāhana ୧ । ବିଷ୍ଣୁ—
1. An epithet of Bishṇu.
୨ । (ରୂପକ)—ବାହନ ରୂପେ ବିଷ୍ଣୁଙ୍କ ଦ୍ୱାରା ବ୍ୟବହୃତ ଗରୁଡ଼—
2. Garurda used as a vehicle by Bishṇu.

**ଗରୁଡ଼ବ୍ୟୂହ**—ସ. ବି—ଯୁଦ୍ଧରେ ସୈନ୍ୟରଚନାବିଶେଷ—
Garurdabyūha A kind of battle-array.
[ ଦ୍ର—ଏଥିର ଅଗ୍ରଭାଗ ଗୋଜିଆ, ମଧ୍ୟଭାଗ ବିସ୍ତୃତ ଓ ଶେଷଭାଗ ପତଳା ହୋଇଥାଏ । ହି. ଶବ୍ଦସାଗର ]

**ଗରୁଡ଼ସ୍ତମ୍ଭ**—ସ. ବି. ( ମଧ୍ୟପଦଲୋପୀ; ଗରୁଡ଼ମୂର୍ତ୍ତିଯୁକ୍ତସ୍ତମ୍ଭ )—
Garurdastambha ଗରୁଡ଼ ଖମ୍ବ ( ଦେଖ )
Garurda khamba ( See )

**ଗରୁଡ଼ାଈ**—ଦେ. ବି. ସ୍ତ୍ରୀ—ଗ୍ରାମ୍ୟ ଠାକୁରାଣୀବିଶେଷ—
Garurdāī Name of a popular Goddess

**ଗରୁଡ଼ାଗ୍ରଜ**—ସ. ବି. ( ୬ଷ୍ଠୀ ତତ୍; ଗରୁଡ଼+ଅଗ୍ରଜ )—
Garurdāgraja କଶ୍ୟପପତ୍ନୀ ବିନତାଙ୍କ ଗର୍ଭଜାତ ଦୁଇ ଅଣ୍ଡ ମଧ୍ୟରୁ ଗୋଟିଏ ଅଣ୍ଡରୁ ଅକାଳଜାତ ସନ୍ତାନ; ଅରୁଣ; ସୂର୍ଯ୍ୟସାରଥି—The Dawn personified; the sun's charioteer, the elder son of Binatā; wife of Kaśyapa.
[ ଦ୍ର—ଅରୁଣ ଓ ଗରୁଡ଼ଙ୍କ ଜନ୍ମବୃତ୍ତାନ୍ତ ଗରୁଡ଼ପୁରାଣରେ ବର୍ଣ୍ଣିତ ହୋଇଅଛି । ଅରୁଣ ଗରୁଡ଼ଙ୍କର କନିଷ୍ଠ କିନ୍ତୁ ଅକାଳରେ ପୂର୍ବରୁ ଡିମ୍ବରୁ ଜନ୍ମିଥିଲେ । ]

**ଗରୁଡ଼ାଙ୍କ**—ସ. ବି. ( ବହୁବ୍ରୀହି; ଗରୁଡ଼ ଅଟେ ଅଙ୍କ=ଚିହ୍ନ ଯାହାଙ୍କର )—
Garurdāṅka
ବିଷ୍ଣୁ—An epithet of Bishṇu.

**ଗରୁଡ଼ାଙ୍କିତ**—ସ. ବିଣ. ( ୩ୟା ତତ୍; ଗରୁଡ଼+ଅଙ୍କିତ )—
Garurdāṅkita ଗରୁଡ଼ଚିହ୍ନ ଯହିଁରେ ଅଙ୍କିତ ହୋଇ ଥାଏ (ବିଷ୍ଣୁଙ୍କ ରଥର ପତାକା)—(the flag of Bishṇu's car ) Bearing the figure of Garurda.
ସ. ବି—ଗରୁଡ଼ାଶ୍ମା ( ଦେଖ )
Garurdāśmā ( See )

**ଗରୁଡ଼ାଶ୍ମା**—ସ. ବି. ( ଗରୁଡ଼+ଅଶ୍ମନ୍; ୧ମା. ୧ବ )—
Garurdāśmā . ନୀଳମଣି—Emerald.

**ଗରୁଡ଼ାସନ**—ସ. ବି. ( ବହୁବ୍ରୀହି; ଗରୁଡ଼+ଆସନ )—
Garurdāsana ୧ । ବିଷ୍ଣୁ—
1. Bishṇu (who sits on Garurda).
୨ । (ରୂପକ) ରୁଦ୍ରଯାମଳୋକ୍ତ ଯୋଗାସନବିଶେଷ—
2. A pose or seat in joga described in Rudra Jāmaḷa, a work on Joga.

**ଗରୁଡ଼ିଆ**—ପ୍ରାଦେ. ( ଗଞ୍ଜାମ ) ବି—ଶୂଦ୍ର ଜାତିବିଶେଷ—
Garurdiā A class of Śūdras in Ganjam.

**ଗରୁଡ଼େଈ**—ଦେ. ବି. ସ୍ତ୍ରୀ—ଗରୁଡ଼ାଈ ( ଦେଖ )
Garurdei Garurdāī ( See )

**ଗରୁଡ଼ୋତ୍ତୀର୍ଣ୍ଣ**—ସ. ବି—ନୀଳମଣି—Emerald.
Garurdottīrṇṇa

**ଗରୁଡ଼ୋଦ୍ଗାର**—ସ. ବି—ନୀଳମଣି—Emerald.
Garurdodgāra

**ଗରୁଣ**—ଦେ. ବି—ଏକପ୍ରକାର ଜଳଚର ପକ୍ଷୀ—
Garuṇa An aquatic bird.

**ଗରୁତ୍**—ସ. ବି. ( ଗୃ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଉତ୍ )—
Garut ୧ । ଡେଣା; ପକ୍ଷ—1. Wing; feather.
୨ । ଜାହାଜ ବା ନୌକାର ପାଲ—
2. Sail of a ship or boat

**ଗରୁତ୍ମତୀ**—ସ. ବିଣ. ସ୍ତ୍ରୀ. ( ଗରୁତ୍+ମତ୍+ସ୍ତ୍ରୀ. ଈ )—
Garutmatī ୧ । ପକ୍ଷବିଶିଷ୍ଟା; ପାଲଥିବା ( ନୌକାଦି )—
1. (boat) With sails unfurled.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ଦ୍ଧ | ଋ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଚ୍ୟ | ଇଅ | ଜ୍ଞ | ନ୍ |

୨ । ଗରୁତ୍ମାନ୍‌ର ସ୍ତ୍ରୀଲିଙ୍ଗ—
2. Feminine of Garutmān.

ଗରୁତ୍ମାନ୍—ସଂ. ବି. ପୁଂ. (ଗରୁତ୍+ମତ୍; ୧ମା. ୧ବ.)—୧ । ଗରୁଡ଼—
Garutmān 1. Garurda, king of birds.
(ଗରୁତ୍ମତୀ—ସ୍ତ୍ରୀ) ୨ । ପକ୍ଷୀ —2. Bird.
୩ । ଅଗ୍ନି —3. Fire.
ସଂ. ବିଣ—ପକ୍ଷବିଶିଷ୍ଟ—Winged; feathered.

ଗରୁତ୍‌ଯୋଧୀ—ସଂ. ବି. ( ଗରୁତ୍+ଯୁଧ ଧାତୁ+ଇନ୍; ୧ମା. ୧ବ; Garutjodhī ପକ୍ଷଦ୍ୱାରା ଯୁଦ୍ଧ କରେ ଯେ )—ତିତ୍ତିରପକ୍ଷୀ— A quail ( Apte )

ଗରୁଳ—ସଂ. ବି. (ଗର+ଉଡ଼ ଧାତୁ+ଅ)—ଗରୁଡ଼ (ଦେଖ)
Garul̤a Garurda (See)

ଗରୁଶୀଳ—ଦେ. ବିଣ—ନିପୁଣ—
Garusīl̤a Expert; adept.

ଗରୁହଂସ—ଦେ. ବିଣ—୧ । ଉତ୍କୃଷ୍ଟ—1. Excellent.
Garuhamsa ୨ । ଯେ ଅନ୍ୟ କାହାରିକୁ ଖାତିର କରେ ନାହିଁ—
2. One who does not pay any regard to others.

ଗରୁହଂସୀ—ଦେ. ବିଣ—ଗରୁହଂସ ( ଦେଖ )
Garuhamsī Garuhamsa ( See )

ଗରେଲ୍—ପ୍ରାଦେ. (ସମ୍ବଲପୁର) ବି—୧ । ଝଡ଼; ତୋଫାନ—
Garel 1. Tempest.
୨ । ଘୂର୍ଣ୍ଣିବାୟୁ—2. Whirl wind.

ଗରେଲ୍‌ଧୁକା—ପ୍ରାଦେ. (ସମ୍ବଲପୁର) ବି—ଗରେଲ୍ ( ଦେଖ )
Gareldhukā Garel ( See )

ଗରେଷ୍ଠ—ଗ୍ରା. ବିଣ—ଗରିଷ୍ଠ ( ଦେଖ )
Gareshtha Garishtha ( See )
· ଗ୍ରା. ବି—ଜୋର; ବଳ—Strength.
ଗୁରୁଥିଲା ଗରେଷ୍ଠରେ ବାନ୍ଧି ଅଛି ପଦ । ପ୍ରାଚୀ—ବୃନ୍ଦାବନରୂପଣ ଗୀତା ।

ଗର୍ଗ—ସଂ. ବି. ( ଗୃ ଧାତୁ=ଭୋଜନ କରିବା+କର୍ତ୍ତୃ. ଗନ୍ )—
Garga ୧ । ଯାଦବମାନଙ୍କ କୁଳପୁରୋହିତ ମୁନିବିଶେଷ—
1. A sage, the family-priest of the Jadu-line of kings of ancient India.
[ ଦ୍ର—ଏ ବ୍ରହ୍ମାଙ୍କର ଅନେକ ମାନସପୁତ୍ର; ଋଗ୍ବେଦର ୬ଷ୍ଠ ମଣ୍ଡଳର ୪୭ ସୂକ୍ତ ଗର୍ଗଙ୍କ ଦ୍ୱାରା ରଚିତ । ଅଥର୍ବବେଦର ପରିଶିଷ୍ଟରେ ଗର୍ଗନାମକ ଏକ ଋଷିଙ୍କ ନାମ ଅଛି । ]
୨ । ଷଣ୍ଢ 2. Bull.
୩ । ଜିଆ; କେଞ୍ଚୁଆ—3. Earth-worm.
୪ । ବାଦ୍ୟର ତାଳବିଶେଷ—
4. Name of a pause or time in music.
୫ । ମାଠିଆରେ ପାଣି ପଶିବାର ଧ୍ୱନି; ଘଡ଼ ଘଡ଼ ଶବ୍ଦ—
5. Jingling sound of water entering into a narrow mouthed pitcher.

ଗର୍ଗବଟୁ—ସଂ. ବି. ( ଗର୍ଗ+ବଟୁ )—ଗର୍ଗବଟୁ; ଦେବତାଙ୍କ ପୂଜା-
Gargabaṭu ସମୟରେ ଜଳଚନ୍ଦନାଦି ଯୋଗାଇବା ବ୍ରାହ୍ମଣ-ସେବକ—A Brāhmaṇa Sebaka whose duty is to supply water,sandal-paste etc to the worshipper at the time of offering being given before a Deity.

ଗର୍ଗର—ସଂ. ବି.—(ଗର୍ଗ; ଅନୁକରଣ ଧ୍ୱନି+ର ଧାତୁ=ଦାନ କରିବା+
Gargara କର୍ତ୍ତୃ. ଅ)—ଏଥିରେ ପାଣି ପଶିଲେ ବେଳେ ଘଡ଼ ଘଡ଼ ଶବ୍ଦ ହେବାରୁ— ୧ । ମାଠିଆ; ଘଟ; ଗରା; କଳସ-ଗଗରା—1. A narrow-mouthed water-pitcher or jar.
୨ । ଜଳଭଉଁରୀ—2. Eddy; whirlpool.
୩ । ଦଧିମନ୍ଥନ ପାତ୍ର—3. Churning pot; churn.
୪ । ଏକପ୍ରକାର ଢୋଲ—4. A kind of drum.
୫ । ଗାଗରମାଛ; ଏକଜାତୀୟ ମାଛ—
5. A kind of fish.

ଗର୍ଗରୀ—ସଂ. ବି. (ଗର୍ଗ; ଅନୁକରଣ ଧ୍ୱନି+ର ଧାତୁ=ଦାନ କରିବା+ଅ
. Gargarī +ସ୍ତ୍ରୀ. ଈ)—୧ । ଗର୍ଗର (ଦେଖ)
1. Gargara (See)
୨ । ଦଧିମନ୍ଥନ ଦଣ୍ଡ ( ଦ୍ର. ଶବ୍ଦସାଗର)—
2. Churning rod.

ଗର୍ଗାଟ—ସଂ. ବି.—ଗାଗରମାଛ—A kind of fish.
Gargāṭa

ଗର୍ଜ (ଧାତୁ)—ସଂ—୧ । ଗର୍ଜନ କରିବା—
Garja (root) 1. To roar; to growl.
୨ । ଘଡ଼ଘଡ଼ି ପରି ଶବ୍ଦ କରିବା—
2. To thunder; to rumble.

ଗର୍ଜ—ସଂ. ବି.—(ଗର୍ଜ ଧାତୁ=ଗର୍ଜନ କରିବା+ଭାବ. ଅ)—୧ । ମେଘ
Garja ଓ ହାତୀର ଗମ୍ଭୀର ଧ୍ୱନି—1. Rumbling sound of clouds or of an elephant.
୨ । ଗର୍ଜନ—2. Thundering sound; roaring; roar; growl.
ବୈଦେ. ବି. (ଅ. ଗରଜ)—୧ । ଗରଜ; ଆବଶ୍ୟକ—
1. Necessity; need.
୨ । ଅଭାବ—2. Want.

ଗର୍ଜକ—ସଂ. ବିଣ. ପୁଂ. (ଗର୍ଜ ଧାତୁ+କର୍ତ୍ତୃ. ଅକ)—ଗର୍ଜନକାରୀ—
Garjaka Roaring; thundering.
(ଗର୍ଜିକା—ସ୍ତ୍ରୀ)

ଗର୍ଜନ୍—ଦେ. ବି.—ଚଟ୍ଟଗ୍ରାମସ୍ଥ ଉଚ୍ଚ ଓ ସର୍ବଦା ଫଳ, ଫୁଲ ଧରିବା ତରୁ-
Garjan ବିଶେଷ—A tree found in Chittagong-tract;
তিলিয়াগর্জন Dipterocarpus Turbinatus; Diptero-
गर्जन carpus Tuburculatus; Dipterocarpus Altus (Kirtikar).

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ଏ ଗଛ ଉଚ୍ଚରେ ୧୦୦ ହାତ ପର୍ଯ୍ୟନ୍ତ ବଢ଼େ; ଏ ଗଛର କାଠ ଖାରୁଡାବୁଆ, ଶକ୍ତ; ପଲଗା ଧଳା, ମଞ୍ଜ ନାଲି ଓ ପାଉଁଶିଆ-ମିଶା କିନ୍ତୁ ବେଶି ଦିନ ସ୍ଥାୟୀ ନୁହେ । ପତ୍ର ଅଣ୍ଡାକାର । ପୂର୍ବବଙ୍ଗ ଓ ପୂର୍ବଭାରତରେ ଜନ୍ମେ । ଏହାର ତେଲ ଯାଦୁ, କୁଣ୍ଡିଆ ଏବଂ ଅନ୍ୟାନ୍ୟ ଚର୍ମରୋଗର ଔଷଧରେ ବ୍ୟବହୃତ ହୁଏ । ଗଛର ମୂଳ ପାଖ ଚିର ତଳେ ନିଆଁ ଜାଳିଲେ ସେଥିରୁ ଯେଉଁ ନିର୍ଯ୍ୟାସ ବାହାରେ ତାହା ଗର୍ଜନ ତେଲ; ଗର୍ଜନ ତେଲ ବାର୍ନିସ୍ ଓ ରଙ୍ଗରେ ମିଶାଯାଏ । ]

**ଗର୍ଜନ୍‌ତେଲ**—ଦେ. ବି.—ଉଦ୍ଭିଜ୍ଜ ତୈଳବିଶେଷ; ଏହା ରଙ୍ଗ, ବାର୍ଣ୍ଣିସ୍
Garjantela ଇତ୍ୟାଦିରେ ମିଶାଯାଏ—A vegetable oil used in mixing with paints and varnish.

**ଗର୍ଜନ**—ସଂ. ବି.—(ଗର୍ଜ୍ ଧାତୁ+ଭାବ. ଅନ)—୧ । ମେଘର ଘଡ଼ଘଡ଼ି
Garjana 1. Sound of thunder.
(ଗର୍ଜ୍ଜନ—ଅନ୍ୟରୂପ) ୨ । ଉଚ୍ଚ ଗମ୍ଭୀର ଶବ୍ଦ; ରଡ଼ି—
2. Roaring sound; rumbling sound; thundering sound; loud continuous sound.
୩ । ରାଗ; କ୍ରୋଧ—3. Anger; passion.
୪ । ଯୁଦ୍ଧ—4. Battle.
୫ । ଉଚ୍ଚୈଃସ୍ୱରରେ ଗାଳି—
5. Roaring reproach.
୬ । ନାଦ; ଶବ୍ଦ ( ପ୍ରକୃତିବାଦ )—6. Sound.
୭ । କ୍ରୁଦ୍ଧ ଜୀବର ଶବ୍ଦ—
7. The roar of an enraged animal.
୮ । ସ୍ପର୍ଦ୍ଧା ( ପ୍ରକୃତିବାଦ )—
8. Defiance; arrogance.

**ଗର୍ଜନଫଟା**—ଦେ. ବିଣ—ଗଛରେ ଶୁଖି ଉପରେ ଫାଟି ମରି ଯାଇଥିବା
Garjanaphaṭā ( ନଡ଼ିଆ )—(cocoanut) From which water has dried up on account of some fissure while still on the tree.

**ଗର୍ଜନା**—ସଂ. ବି. ( ଗର୍ଜ୍+ଅନ+ଆ )—ଗର୍ଜନ ( ଦେଖ )
Garjanā Garjana ( See )
(ଗର୍ଜ୍ଜନା—ଅନ୍ୟରୂପ)

**ଗର୍ଜନୀ**—ପ୍ରାଦେ. ( ଗଡ଼ଜାତ ) ବି—
Garjanī ଗଉଡ଼ମାନେ ଜଙ୍ଗଲରେ ମଇଁଷି ଦୁଧ ଅଉଟିବା ପାଇଁ ଯେଉଁ କାଠି ବା କାଠର ଚଟୁ ବ୍ୟବହାର କରନ୍ତି—A wooden stick or ladle used by cow-herds in stirring buffalo-milk over fire.

**ଗର୍ଜନ୍ତା**—ଦେ. ବିଣ. ( ସଂ. ଗର୍ଜତ୍ )—ଗର୍ଜନକାରୀ—
Garjantā Making a roaring sound; thundering.
ଗର୍ଜନ୍ତା ମେଘ ବରଷେ ନାହିଁ—ଢଗ ।

**ଗର୍ଜମାନ**—ସଂ. ବିଣ. ( ଗର୍ଜ୍+କର୍ତ୍ତୃ. ଆନ )—
Garjamāna ଗର୍ଜନ କରୁଥିବା; ଗର୍ଜନଶୀଳ—Roaring.
(ଗର୍ଜମାନା—ସ୍ତ୍ରୀ)

**ଗର୍ଜର**—ଦେ. ବି—ଗାଜର; ବିଦେଶୀୟ ଖାଦ୍ୟ ମୂଳବିଶେଷ—
Garjara Carrot.

**ଗର୍ଜିତ**—ସଂ. ବିଣ. ( ଗର୍ଜ ଧାତୁ+କର୍ତ୍ତୃ. ତ )—
Garjita ୧ । ଧ୍ୱନିତ—1. Sounded.
(ଗର୍ଜ୍ଜିତ—ଅନ୍ୟରୂପ) ୨ । ଗର୍ଜନ କରୁଥିବା—2. Roaring.
ସଂ. ବି. ( +ଭାବ. ତ )—
୧ । ଗର୍ଜନ ( ଦେଖ )
1. Garjana ( See )
୨ । ମେଘ ଗର୍ଜନ; ଘଡ଼ଘଡ଼ି—
2. Thunder of clouds.
୩ । ଗର୍ଜନ କରୁଥିବା ମତ୍ତହସ୍ତୀ—
3. A roaring elephant in rut.

**ଗର୍ଜିବା**—ଦେ. କ୍ରି. ( ସଂ. ଗର୍ଜ ଧାତୁ )—
Garjibā ଗର୍ଜନ କରିବା; ଉଚ୍ଚ ଧ୍ୱନି କରିବା—
ଗରଜା To roar; to make a thundering
ଗର୍ଜନା sound.
ସର୍ବେ ଦମ୍ଭେ ଗର୍ଜିଲେ ହୁଙ୍କାରେ ।

**ଗର୍ଣ୍ଣ**—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଗ୍ରହଣ )—
Garṇṇa ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ—Eclipse.

**ଗର୍ତ୍ତ**—ସଂ. ବି. ( ଗୃ ଧାତୁ=ଭୋଜନ କରିବା+କର୍ତ୍ତୃ. ତ )—
Gartta ୧ । ବିବର; ଗହ୍ୱର—
(ଗର୍ତ—ଅନ୍ୟରୂପ) 1. Hollow; cavity.
୨ । ଭୂମିରେ ଖୋଳା ଖାତ—
2. Pit; hole in the ground.
୩ । ରନ୍ଧ୍ର; ଛିଦ୍ର—3. Small hole.
୪ । କବର—4. Grave.
୫ । ପର୍ବତ-ଗହ୍ୱର—5. Cave; cavern.
୬ । ସ୍ତ୍ରୀ ନିତମ୍ବର ଅବର୍ତ୍ତାକାର ଚିହ୍ନ; କୁକୁନ୍ଦର—
6. The cavities on the back of a woman's loins; the hollows of the loins.
୭ । ରୋଗବିଶେଷ—7. A kind of disease.
୮ । ତ୍ରିଗର୍ତ୍ତଦେଶର ଅଂଶ ବା ପ୍ରଦେଶ—8. Name of a part of the Trigartta Deśa.
୯ । ରଥ—9. Chariot.
୧୦ । ଗୃହ; ଘର—10. House.
୧୧ । ସଭାଗୃହର ସ୍ତମ୍ଭ—
11. Post of an assembly-room
୧୨ । ଜଳାଶୟ ( ଶ୍ରୁ. ଶବ୍ଦସାଗର )—12. Tank.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଥ | ଭ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗଁ୍ୟ | ଇଥ | ● | ନ୍ |

୧୩ । ନରକବିଶେଷ ( ହ୍ରୁ. ଶବ୍ଦସାଗର )—
13. A part of hell.

**ଗର୍ତ୍ତାଶ୍ରୟୀ**—ସଂ. ବିଣ—ଗର୍ତ୍ତାଶ୍ରୟ ( ଦେଖ )
Garttāśrayī Garttāśraya ( See )

**ଗର୍ତ୍ତା**—ସଂ. ବି. ( ଗୃ ଧାତୁ + କର୍ତ୍ତୃ. ତନ୍ + ଆ )—ଗର୍ତ୍ତ ( ଦେଖ )
Garttā Gartta ( See )
( ଗର୍ତ୍ତା—ଅନ୍ୟରୂପ )

**ଗର୍ତ୍ତାଶ୍ରୟ**—ସଂ.ବିଣ. (ବହୁବ୍ରୀହି; ଗର୍ତ୍ତ ଅଟେ ଆଶ୍ରୟ ଯାହାର)—ଗାତୁଆ;
Garttāśraya ଗାତରେ ବାସ କରିବା ( ଜୀବ )—Living in
(ଗର୍ତ୍ତାଶ୍ରୟ—ଅନ୍ୟରୂପ) holes under the ground.
ସଂ. ବି—ଯେଉଁ ଜୀବ ଗାତରେ ରହେ; ଗାତୁଆ ଜୀବ—
Animals living in holes under the ground.

**ଗର୍ତ୍ତି**—ସଂ. ବି. ( ଗୃ ଧାତୁ + କର୍ତ୍ତୃ. ତି + ଇ )—ଗର୍ତ୍ତ ( ଦେଖ )
Gartti Gartta ( See )
( ଗର୍ତ୍ତି—ଅନ୍ୟରୂପ )

**ଗର୍ତ୍ତିକା**—ସଂ. ବି. ( ଗର୍ତ୍ତ + ଅଳ୍ପ ଅର୍ଥରେ. ଇକ + ସ୍ତ୍ରୀ. ଆ )—
Garttikā ତନ୍ତଶାଳ; ତନ୍ତଘର—Weaver's house.
( ଗର୍ତ୍ତିକା—ଅନ୍ୟରୂପ ) [ ଦ୍ର—ତନ୍ତରେ ବୁଣିଲାବେଳେ ତନ୍ତି ଗୋଡ଼ ଲମ୍ବାଇ ବସିବାକୁ ତନ୍ତ ତଳେ ଗୋଟିଏ ଗାତ ଥାଏ । ]

**ଗର୍ଦ୍ଦ** ( ଧାତୁ )—ସ.—ଗର୍ଜ୍ଜ ( ଧାତୁ ) ( ଦେଖ )
Garda ( root ) Garja ( root ) ( See )

**ଗର୍ଦ୍ଦନ୍**—ବୈଦେ. ବି. ( ଫା. ଗରୁଦନ୍ )—
Gardan ୧ । ମୁଣ୍ଡ—1. Head.
गर्दान ୨ । ବେକ—2. Neck.
**गरदन** ୩ । ଗଳାଧକ୍କା—3. A push by the neck.
ଗର୍ଦ୍ଦନ ମାର ପଞ୍ଚ ଗୋସାଇଁ ଏକଥା କେହ୍ନେ ପାରିବ ସହି
ରଙ୍ଗବଦନ ଅଙ୍ଗ ତାଙ୍କର କ୍ରୋଧରେ ଅରେ—ବ୍ରଜନାଥ, ସମରତରଙ୍ଗ ।

**ଗର୍ଦ୍ଦନ୍ ତୋଡ଼**—ବୈଦେ. ବିଣ. ( ଫା )—ବେକ ଫିଟା—
Gardan torḍa Hurting the neck ( said of a load ).
गर्दानतोड़ ବୈଦେ. ବି—କୁସ୍ତିର ଏକ ପେଞ୍ଚ; ଯହିଁରେ ଆକ୍ରମଣ-
**गरदनतोड़** କାରୀ ପ୍ରତିଦ୍ୱନ୍ଦ୍ୱୀର ବେକକୁ ଦୁଇ ହାତରେ ସଣ୍ଡୁଆସି ପଛ ଚପି ଦେଇ ତାକୁ ତଳେ ପକାଇ ଦିଏ—
A kind of athletic feat in a duel consisting of holding the neck of the adversary by the two hands as by a vice and giving a strong jerk.

**ଗର୍ଦ୍ଦନ୍ ତୋଡ଼ା**—ବୈଦେ. ବି ଓ ବିଣ—ଗର୍ଦ୍ଦନ୍ ତୋଡ଼ ( ଦେଖ )
Gardan torḍā Gardan torḍa ( See )

**ଗର୍ଦ୍ଦନ୍ ତୋଡ଼ିବା**—ଦେ. କ୍ରି—୧ । ବେକକୁ ଆଘାତ କରିବା—
Gardan torḍibā 1. To strike or hurut the nape of the neck.
**गरदनतोड़ना**
୨ । ବେକରେ ଦୁଇ ହାତଦ୍ୱାରା କଠା ପକାଇ ବେକକୁ ଭାଙ୍ଗି ଦେବା—2. To break the neck by pressing it into both the hands as by a voice.

**ଗର୍ଦ୍ଦନା**—ବୈଦେ. ବି—୧ । ଗର୍ଦ୍ଦନ ( ଦେଖ )
Gardanā 1. Gardana ( See )
୨ । ଗର୍ଦ୍ଦନିଆଁ ( ଦେଖ )
2. Gardaniāñ ( See )

**ଗର୍ଦ୍ଦନିଆଁ**—ଦେ: ବି—ଗଳାଧକ୍କା; ହାତୁକା; ଅର୍ଦ୍ଧଚନ୍ଦ୍ର—
Gardaniāñ A push given on the nape of the neck
गर्दानी by the hands or palms.
**गरदनिया**

**ଗର୍ଦ୍ଦନୀ**—ଦେ. ବି—୧ । ଗର୍ଦ୍ଦନିଆଁ ( ଦେଖ )
Garddanī 1. Gardaniāñ ( See )
गर्दानी ୨ । କୁର୍ତ୍ତାର ବେକ ପାଖ—
**गरदनी** 2. Part of a coat which covers the neck.
୩ । ଘୋଡ଼ାର ବେକ ପାଖେ ଗୋଟିଏ ମୁଣ୍ଡ ବନ୍ଧା ଯାଇ ବାକି ଅଂଶ ଘୋଡ଼ାର ଦେହରେ ପକାଯିବା ଲୁଗା—
3. A piece of cloth covering the body of a horse and tied at one end to its neck.
୪ । କୋଠାର କାନ୍ଥର ବା ଖୁଣ୍ଟର କାନୁସ—4. Cornice.
୫ । ଜଣେ ପହଲମାନ୍ ଅନ୍ୟ ପହଲମାନର ବେକ ଗୁରପାଖେ ଦୁଇ ହାତଦ୍ୱାରା ଯେଉଁ କଠା ପକାଏ—
5. The tight hold of an athlete on the neck of the adversary with the two hand.

**ଗର୍ଦ୍ଦଭ**—ସଂ. ବି. ( ଗର୍ଦ୍ଦ୍ ଧାତୁ = ଶବ୍ଦ କରିବା + ସଜ୍ଞାର୍ଥେ. ଅଭ )—
Garddabha ୧ । ଗଧନାମକ ପଶୁ—1. Ass.
( ଗର୍ଦ୍ଦଭୀ—ସ୍ତ୍ରୀ ) [ ଦ୍ର—ଗଧଠାରୁ ତିନିଗୋଟି ଗୁଣ ଶିକ୍ଷା
( ଗର୍ଦ୍ଦଭ—ଅନ୍ୟରୂପ) କରାଯାଏ, ଯଥା—ଅବଶ୍ରାନ୍ତ ଭାର ବହନ, ଶିତୋଷ୍ଣସହନ, ଘାସଆଦି ସାମାନ୍ୟ ଆହାରରେ ଚିତ୍ୟ ସନ୍ତୋଷ ।]
୨ । ଶ୍ୱେତ କୁମୁଦ; ଧଳା କଇଁ—
2. White water-lily.
୩ । ଗନ୍ଧ; ବାସନା—3. Smell; odour.
୪ । ବିଡ଼ଙ୍ଗ—4. A vegetable substance used as a vermifuge; Emblelia Ribes.

ଦେ. ବି—୧ । ଗଧପରି ଅଳସୁଆ ଲୋକ—1. Idle person.
୨ । ନିର୍ବୁଦ୍ଧିଆ ବ୍ୟକ୍ତି—2. A fool; Simpleton.
ଦେ. ବିଣ—ଗଧା ( ଦେଖ )—Gadhā ( See )

**ଗର୍ଦ୍ଦଭକ**—ସଂ. ବି. ( ଗର୍ଦ୍ଦଭ + ସ୍ୱାର୍ଥେ. କ )—
Garddabhaka ୧ । ଏକ ପ୍ରକାର ପୋକ—
(ଗର୍ଦ୍ଦଭକ—ଅନ୍ୟରୂପ) 1. A kind of insect.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସତତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ଉପସ୍ଥିତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଷ୍ଣ' ନ ମିଳିଲେ 'କୃଷ୍ନ' ଦେଖିବେ; ବଂଶୁ ନ ପାଇଲେ 'ବଂଶ୍ୟ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଗର୍ଦ୍ଦଭଗଦ ( ଦେଖ )
2. Garddabhagada ( See )

**ଗର୍ଦ୍ଦଭଗଦ**—ସଂ. ବି—ଚର୍ମ ରୋଗବିଶେଷ—
Garddabhagada — A sort of skin-disease.
(ଗର୍ଦ୍ଦଭଗଦ—ଅନ୍ୟରୂପ) [ ଦ୍ର—ଏଥିରେ ଦେହସାରା ଗୋଲ ଗୋଲ ନାଲିଆ ବ୍ରଣ ବାହାରେ ଓ ବ୍ରଣମାନ ଘାଉ ଦରଜ ହୁଏ । M.W.]

**ଗର୍ଦ୍ଦଭାଣ୍ଡ**—ସଂ. ଚ. ( ଗର୍ଦ୍ଦଭ+ଅଣ୍ଡ )—
Garddabhāṇḍa — ୧ । ପ୍ଲକ୍ଷ ( ଦେଖ )
(ଗର୍ଦ୍ଦଭାଣ୍ଡ—ଅନ୍ୟରୂପ) — 1. Plaksha ( See )
୨ । ଅଶ୍ୱତ୍ଥ ବୃକ୍ଷ ( ଦେଖ )
2 Aśwattha bṛuksha ( See )

**ଗର୍ଦ୍ଦଭାଣ୍ଡକ**—ସଂ. ବ. ( ଗର୍ଦ୍ଦଭାଣ୍ଡ+ସ୍ୱାର୍ଥେ. କ )—
Garddabhāṇḍaka — ଗର୍ଦ୍ଦଭାଣ୍ଡ ( ଦେଖ )
(ଗର୍ଦ୍ଦଭାଣ୍ଡକ—ଅନ୍ୟରୂପ) — Garddabhāṇḍa ( See )

**ଗର୍ଦ୍ଦଭାହ୍ୱୟ**—ସଂ. ବ. ( ଗର୍ଦ୍ଦଭ+ଆ+ହ୍ୱେ ଧାତୁ+ଅ )—
Garddabhāhwaya — ଧଳା କଇଁ—White water-lily.
(ଗର୍ଦ୍ଦଭାହ୍ୱୟ—ଅନ୍ୟରୂପ)

**ଗର୍ଦ୍ଦଭିକା**—ସଂ. ଚ. ( ଗର୍ଦ୍ଦଭକ+ଆ )—
Garddabhikā — ଗର୍ଦ୍ଦଭ ଗଦ; ଚର୍ମରୋଗବିଶେଷ—
(ଗର୍ଦ୍ଦଭିକା—ଅନ୍ୟରୂପ) — A kind of skin disease, blotch; eruption.

**ଗର୍ଦ୍ଦଭୀ**—ସଂ. ବ. ସ୍ତ୍ରୀ. ( ଗର୍ଦ୍ଦଭ+ସ୍ତ୍ରୀ. ଈ )—
Garddabhī — ୧ । ମାଈ ଗଧ—1. She-ass.
(ଗର୍ଦ୍ଦଭୀ—ଅନ୍ୟରୂପ) — ୨ । ଗୋବର ପୋକ—2. A kind of insect generated in cow-dung.

**ଗର୍ଦ୍ଦା**—ବୈଦେ. ବ.—(ଫା. ଗର୍ଦ୍ଦା; ସଂ. କର୍ଦ୍ଦ)—୧ । ଧୂଳି—
Garddā — 1. Dust.
(ଗର୍ଦ୍ଦା—ଅନ୍ୟରୂପ) — ୨ । ମଇଳା; ମଳ—
गर्दा — 2. Dirt.
गरदा — ୩ । ପଣ୍ୟଦ୍ରବ୍ୟାଦି ଛଣା ହେବା ପରେ ପଡ଼ି ରହିଥିବା ଧୂଳିଆ ଅଂଶମାନ—3. Refuse left out of commodities after handling.
୪ । ଗଞ୍ଜେଇ ଡାଳରୁ ଝଡ଼ିବା କ୍ଷୁଦ୍ର କ୍ଷୁଦ୍ର ଅଂଶ—
4. Small particles of gañjā-shoots.

**ଗର୍ଦ୍ଦାନ** (ଇତ୍ୟାଦି)—ବୈଦେ. ବ. (ଫା. ଗରୁଦନ୍)—
Garddāna (etc) — ଗର୍ଦ୍ଦନ ଇତ୍ୟାଦି (ଦେଖ)
(ଗର୍ଦ୍ଦାନ୍—ଅନ୍ୟରୂପ) — Garddanna etc (See)

**ଗର୍ଦ୍ଦାଲୁ**—ଦେ. ବ.—ଅଲୁବୋଖାର (ଦେଖ)
Garddālu — Ālubokhārā (See)
(ଗର୍ଦ୍ଦାଲୁ—ଅନ୍ୟରୂପ)
गर्दालू
गरदालू

**ଗର୍ଦ୍ଦାନି**—ବୈଦେ. ବ. (ଫା)—ଗର୍ଦ୍ଦନୀ (ଦେଖ)
Garddāni — Garddanī (See)
(ଗର୍ଦ୍ଦାନି—ଅନ୍ୟରୂପ)

**ଗର୍ଦ୍ଧ**—ସଂ. ବ.—(ଗୃଧ ଧାତୁ=ଲାଭ କରିବାକୁ ଇଚ୍ଛା କରିବା+ଭାବ. ଅ)—୧ । ଲୋଭ—
Garddha
(ଗର୍ଧ—ଅନ୍ୟରୂପ) — 1. Avarice; greediness.
୨ । ଆକାଂକ୍ଷା; ଲାଳସା; ସ୍ପୃହା—2. Eagerness to get a thing; desire.

**ଗର୍ଦ୍ଧନ**—ସଂ. ବିଣ.—(ଗୃଧ ଧାତୁ=ଲୋଭ କରିବା+କର୍ତ୍ତୃ. ଅନ)—
Garddhana — ୧ । ଲାଳାୟିତ; ଇଚ୍ଛୁକ—
(ଗର୍ଧନ—ଅନ୍ୟରୂପ) — 1. Desirous; eager.
(ଗର୍ଦ୍ଧନା—ସ୍ତ୍ରୀ) — ୨ । ଲୋଭୀ; ଲୁବ୍ଧ—
2. Avaricious; covetuous.
୩ । ପେଟୁ—3. Greedy; voracious.
୪ । କୃପଣ—4. Niggardly; miserly.

**ଗର୍ଦ୍ଧନା**—ସଂ. ଚ. ( ଗୃଧ ଧାତୁ+ଭାବ. ଅନ+ଆ )—ପେଟୁପଣ—
Garddhanā — Greediness ( M.W. )
(ଗର୍ଧନା—ଅନ୍ୟରୂପ)
ସଂ. ବିଣ. ସ୍ତ୍ରୀ—ଗର୍ଦ୍ଧନର ସ୍ତ୍ରୀଲିଙ୍ଗ—
Feminine of Garddhana ( M. W. )
ଦେ. ଚ—ଗର୍ଦ୍ଦନା ( ଦେଖ )
Gardanā ( See )

**ଗର୍ଦ୍ଧବ**—ଗ୍ରା. ବ. (ସଂ. ଗର୍ଦ୍ଦଭ)—ଗର୍ଦ୍ଦଭ ( ଦେଖ )
Garddhaba — Garddabha ( See )
(ଗର୍ଧବ—ଅନ୍ୟରୂପ)

**ଗର୍ଦ୍ଧଭ**—ଗ୍ରା. ବି. (ସଂ. ଗର୍ଦ୍ଦଭ)—ଗର୍ଦ୍ଦଭ ( ଦେଖ )
Garddhabha — Garddabha ( See )
(ଗର୍ଧଭ—ଅନ୍ୟରୂପ)

**ଗର୍ଦ୍ଧିତ**—ସଂ. ବିଣ. ( ଗୃଧ ଧାତୁ+କର୍ତ୍ତୃ. ତ )—୧ । ଲୋଭୀ—
Garddhita — 1. Covetuous.
(ଗର୍ଧିତ—ଅନ୍ୟରୂପ) — ୨ । ଇଚ୍ଛୁକ; ଲାଳାୟିତ—
2. Desirous; eager.

**ଗର୍ନ**—ପ୍ରାଦେ. (ସମ୍ବଲପୁର) ବି—ଗର୍ଣ୍ଣ ( ଦେଖ )
Garna — Garṇna ( See )

**ଗର୍ନିସାପ**—ଦେ. ବି—ଗର୍ ଇନ୍‌ସାଫ୍ ( ଦେଖ )
Garnisāpa — Gar-insāph ( See )

**ଗର୍ନିସାପୀ**—ଦେ. ବିଣ—ଗର୍ ଇନ୍‌ସାଫି ( ଦେଖ )
Ganrisāpi — Gar-insāphi ( See )

**ଗର୍ବ** (ଧାତୁ)—ସଂ—ଅହଙ୍କାର କରିବା—
Garba (root) — To be proud or arrogant.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଚ୍ୟ | ଇଅ | ● | ନ୍ତ |

ଗର୍ବ—ସଂ. ବି (ଗର୍ବ୍ ଧାତୁ + ଭାବ. ଅ)—୧ । ଅହଙ୍କାର—
Garba  1. Pride; vanity; arrogance.

ଛଡ଼ାହେଲେ ଥରେ ମନଗର୍ବ ଗଞ୍ଜ—କୃଷ୍ଣସିଂହ. ମହାଭାରତ. ସଭା ।

୨ । ବଡ଼ିମା; ଆତ୍ମଶ୍ଳାଘା—
2. Emulation; self-adulation.

୩ । ଅବିନୟ—3. Want of modesty.

୪ । ଅନ୍ୟ ପ୍ରତି ଅବଜ୍ଞା —4. Disregard for another.

୫ । ସ୍ପର୍ଦ୍ଧା—5. Arrogance.

ଗର୍ବକାରୀ—ସଂ. ବିଣ (ଗର୍ବ + କୃ ଧାତୁ+ଇନ୍ ୧ମା; ୧ବ)—
Garbakārī  ୧ । ଗର୍ବିତ—1. Proud.
(ଗର୍ବକାରିଣୀ—ସ୍ତ୍ରୀ)  ୨ । ଅହଙ୍କାରୀ—2. Arrogant.

ଗର୍ବ ଖର୍ବ କରିବା— ଦେ. କ୍ରି (ସଂ. ଗର୍ବ + ଖର୍ବ + କୃ ଧାତୁ)—
Garba kharba karibā  ଅହଙ୍କାରୀ ବ୍ୟକ୍ତିର ଅହଙ୍କାରକୁ ଚୂର୍ଣ୍ଣ
गर्वखर्वकरा  କରିବା – To humiliate a proud person; to
**गर्वखर्वकरना**  make another eat the humble pie or kiss the dust; to crush another's arrogance.

ଗର୍ବର—ସଂ. ବିଣ (ଗର୍ବ + ଅସ୍ତି ଅର୍ଥେ. ର)—ଗର୍ବକାରୀ (ଦେଖ)
Garbara  Garbakārī (See)
(ଗର୍ବରା—ସ୍ତ୍ରୀ)

ଗର୍ବାଟ—ସଂ. ବି (ଗର୍ବ + ଅଟ୍ ଧାତୁ + କର୍ତ୍ତୃ. ଅ)—ଦ୍ୱାରୀ; ଦ୍ୱାରପାଳ
Garbāṭa  Door-keeper; gate-keeper.

ସଂ. ବିଣ—ଯେ ଗର୍ବଭରେ ଚାଲେ—
One who walks with pride; struthing.

ଗର୍ବିତ—ସଂ. ବିଣ. ପୁଂ ( ଗର୍ବ + କର୍ତ୍ତୃ. ତ; ବା ଗର୍ବ + ସଞ୍ଜାତ ଅର୍ଥରେ.
Garbita  ଇତ )—୧ । ଅହଙ୍କୃତ; ଗର୍ବଯୁକ୍ତ—1. Proud.
(ଗର୍ବିତା—ସ୍ତ୍ରୀ)  ୨ । ଅହଙ୍କାରୀ—2. Arrogant.

ଗର୍ବିତା—ସଂ. ବି ( ଗର୍ବିନ୍ + ଭାବ. ତା )— ଗର୍ବ—
Garbitā  Pride; arrogance.

ବନ୍ଧା ହୋଇବେ ସତ୍ତ୍ୱ ଧରମ୍ୟ ଗର୍ବିତା—କୃଷ୍ଣସିଂହ. ମହାଭାରତ. ବନ ।

ଗର୍ବିତାପଣ—ଗ୍ରା. ବି—ଗର୍ବ—
Garbitāpaṇa  Pride; arrogance.

ଗର୍ବିତାପଣ ତାର ବଡ଼—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ଗର୍ବୀ—ସଂ. ବିଣ. ପୁଂ ( ଗର୍ବ+ଇନ୍; ୧ମା. ୧ବ. )— ଗର୍ବିତ ( ଦେଖ )
Garbī  Garbita ( See )
( ଗର୍ବିଣୀ—ସ୍ତ୍ରୀ )

ଗର୍ବେଶ୍ୱର—ଦେ. ବି. ପୁଂ—ଅତି ଗର୍ବୀ ବ୍ୟକ୍ତି—
Garbeśwara  Very proud person.

କୁରୁର ପୁତ୍ରମାନେ ଗର୍ବେଶ୍ୱରପଣେ—କୃଷ୍ଣସିଂହ. ମହାଭାରତ. ସଭା ।

ଗର୍ବ୍ଭ—ସଂ. ବି. ( ଗୃ ଧାତୁ=ଗ୍ରାସ କରିବା + କର୍ମ. ଭ)—ଗର୍ଭ (ଦେଖ )
Garbbha  Garbha ( See)

ଗର୍ଭ—ସଂ. ବି. ( ଗୃ ଧାତୁ = ଗ୍ରାସ କରିବା + କର୍ମ. ଭ )—
Garbha  ୧ । ଗର୍ଭାଶୟସ୍ଥ ଶୁକ୍ରଶୋଣିତମୟ ପିଣ୍ଡ; ଭ୍ରୂଣ—
1. Foetus; an embryo.

୨ । ( + ଅଧି. ଭ ) ଜରାୟୁ —2. Womb.

୩ । ଗର୍ଭଧାରଣ—3. Pregnancy; conception.

୪ । ଗର୍ଭସ୍ଥ ଶିଶୁ—4. The child in the womb.

୫ । ଗର୍ଭଧାରଣ କାଳ—
5. Time of conception; period of pregnancy.

୬ । ଶିଶୁ—6. Child.

ପଟ୍ଟାର ଗର୍ଭ ଗଲେ ଇନ୍ଦ୍ରଙ୍କର ପୁରେ—କୃଷ୍ଣସିଂହ. ମହାଭାରତ. ଆଦି ।

୭ । ଉଦରସ୍ଥ ଅଗ୍ନି; ଜଠରାଗ୍ନି—7. The digestive fire or energy in the system.

୮ । କୁକ୍ଷି; ଉଦର, ପେଟ—8. Belly; abdomen.

୯ । କୌଣସି ବସ୍ତୁର ଅଭ୍ୟନ୍ତର; ମଧ୍ୟସ୍ଥଳ—
9. Interior; a recess inside of any thing.

୧୦ । ନଦୀର ତଳ; ନଦୀର ଯେଉଁ ଅଂଶରେ ସାଧାରଣତଃ ବର୍ଷାଦିନେ ପାଣି ଥାଏ ( ବିଶେଷତଃ ଭାଦ୍ରମାସ କୃଷ୍ଣ-ଚତୁର୍ଦ୍ଦଶୀ ଦିନ ନଦୀର ଯେଉଁ ଅଂଶ ଜଳରେ ପୂର୍ଣ୍ଣ ଥାଏ )—10. The bed of a river ( especially the part which is filled with water on the 14th day of the dark fortnight of the month of Bhādraba.)

୧୧ । ଗମ୍ଭୀର ଘର; ଭିତର ଘର—
11. Inner apartment; an inner room.

୧୨ । ଅନ୍ତୁଡ଼ିଶାଳ—12. Lying-in chamber.

୧୩ । ଗର୍ତ୍ତ—13. Hole.

୧୪ । ଅଗ୍ନି—14. Fire.

୧୫ । ପଦ୍ମ ଫୁଲର ମଧ୍ୟରେ ଥିବା ବୀଜାଧାର; ପଦ୍ମକୋଷ—
15 The calyx of a lotus.

୧୬ । ସଂଯୋଗ—16. Joining, union.

୧୭ । ପୁତ୍ର—17. Male child.

୧୮ । ଖାଦ୍ୟ; ଅନ୍ନ—18. Food.

୧୯ । କଦଳୀ, ଗୁଆ, ନଡ଼ିଆ, ବାଉଁଶ ଆଦି ଗଛର ଖୋଲପା—
19. The spathe of a plant

୨୦ । ପନସ କଣ୍ଟକ; ପଣସ ଫଳର ଚୋପାର କଣ୍ଟକ—
20. The pointed pyramids of the rind of a jackfruit.

୨୧ । ନାଟ୍ୟରେ ସନ୍ଧିବିଶେଷ—
21. Interlude in a drama.

୨୨ । ପକ୍ଷିଶାବକ—
22. Brood or young ones of birds; fledglings.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ଦଧି' ନ ମିଳିଲେ 'ଦହି' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

[ ଦ୍ର—ସମାସରେ ମଧ୍ୟ ଅନ୍ତଃସ୍ଥଳ, ଅଭ୍ୟନ୍ତରଆଦି ଅର୍ଥରେ ଗର୍ଭଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ମିଶେ । ଯଥା;. ଅଗ୍ନିଗର୍ଭ, ସାରଗର୍ଭ, ହିରଣ୍ୟଗର୍ଭ, ଗର୍ଭାଙ୍କ । ]

**ଗର୍ଭକ**—ସଂ. ବି. (ଗର୍ଭ+ସ୍ଥିତ ଅର୍ଥରେ. କ)—୧ । କେଶ ବା ଖୋସା
Garbhaka ମଧ୍ୟରେ ଥିବା ଫୁଲମାଳ; କେଶଭୂଷଣ ପୁଷ୍ପ—
1. A garland or flower for the hair or the chignon.

ଗର୍ଭକି କଲ ଚଉଁରି ପ୍ରକାଶେ ରତ୍ନଭର୍ତ୍ତିସ,
ଖଞ୍ଜି ଅଛି ଗୋଟି ଚମ୍ପା ଧଇର୍ଯ୍ୟ କମ୍ପା । ଉଞ୍ଜ. ଲାବଣ୍ୟବତୀ ।

୨ । ପୁଷ୍ପଗୁଚ୍ଛ—2. A bunch of flowers.
୩ । ଫୁଲ ତୋଡ଼ା—3. Nosegay.
୪ । ଦୁଇରାତ୍ରି ଓ ତନ୍ମଧ୍ୟବର୍ତ୍ତୀ ଏକ ଦିନ ସମୟ—
4. An aggregate of two nights and one day between them (period of 36 hours).

ସଂ. ବିଣ. (ବହୁବ୍ରୀହି ସମାସରେ ଅନ୍ୟ ଶବ୍ଦ ପରେ ଗର୍ଭଶବ୍ଦ ଯୁକ୍ତ ହୋଇ ତହିଁରେ କ ଯୋଗ ହୋଇ ନିଷ୍ପନ୍ନ ରୂପ; ଯଥା—ନୀତିଗର୍ଭକ )—The form assumed by the word Garbha when joined to another word in a compound.

[ ଦ୍ର—ଏହି ଶବ୍ଦଯୁକ୍ତ ବିଶେଷଣ ପଦର ଏଥିଯୋଗୁଁ ଅର୍ଥ ।]
୧ । ଅମୁକରେ ପୂର୍ଣ୍ଣ—( ଯଥା; ସାରଗର୍ଭକ, ନୀତିଗର୍ଭକ )—
1. Full of (so and so).
୨ । ଅମୁକକୁ ଅନ୍ତଃସ୍ଥଳରେ ଧାରଣ କରିଥିବା (ଯଥା ଅଗ୍ନିଗର୍ଭକ—2. Holding (so and so) within.

**ଗର୍ଭକଣ୍ଟକ**—ସଂ. ବି. ( ବହୁବ୍ରୀହି; ଗର୍ଭ+କଣ୍ଟକ )—ପଣସ ଫଳ ଓ
Garbhakaṇṭaka ବୃକ୍ଷ—Jackfruit and its tree.

**ଗର୍ଭକର**—ସଂ. ବିଣ.—( ଗର୍ଭ+କୃ ଧାତୁ+କର୍ତ୍ତୃ. ଅ )—ଯାହା ଗର୍ଭ
Garbhakara ଜନ୍ମାଏ—Impregnating.

**ଗର୍ଭ କରିବା**—ଦେ. କ୍ରି.—ଗର୍ଭବତୀ କରିବା—
Garbha karibā To impregnate.
ଗର୍ଭକରା ଲୋମପାଦ ଦୁହିତାଙ୍କୁ ସେ ଗର୍ଭ କଲେ !
**ଗାଭିନକରନା** କୃଷ୍ଣସିଂ. ମହାଭାରତ. ବନ ।

**ଗର୍ଭକାର**—ସଂ. ବିଣ.—ଗର୍ଭକର (ଦେଖ)
Garbhakāra Garbhakara (See)

**ଗର୍ଭକାଳ**—ସଂ. ବି. (୬ଷ୍ଠୀ ତତ୍ )—୧ । ଗର୍ଭ ଧାରଣର ସମୟ—
Garbhakāḻa 1. Time of pregnancy.
୨ । ଋତୁସ୍ନାନର ପରବର୍ତ୍ତୀ ଗର୍ଭାଧାନର ଉପଯୁକ୍ତ ସମୟ—
2. Fit time for conception after menses.

**ଗର୍ଭକେଶର**—ସଂ. ବି.—( ମ. ପ. ଲୋ. ଗର୍ଭମଧ୍ୟସ୍ଥ କେଶର )—
Garbhakesara ଫୁଲର ମଧ୍ୟସ୍ଥ ବଡ଼ କେଶର ଯହିଁରେ ପୁଂ. କେଶର ପଡ଼ିଲେ ଫଳ ହୁଏ; ପୁଷ୍ପ ଯୋନି—Pistil of a flower.

**ଗର୍ଭକୋଷ**—ସଂ. ବି.—(ମ. ପ. ଲୋ; ଗର୍ଭ ମଧ୍ୟସ୍ଥ କୋଷ—ଜରାୟୁ;
Garbhakosha ଗର୍ଭାଶୟ—Womb; Uterus.

**ଗର୍ଭକ୍ଲେଶ**—ସଂ. ବି. ( ମଧ୍ୟପଦଲୋପୀ; ଗର୍ଭଧାରଣଜନିତ କ୍ଲେଶ )—
Garbhakḻeśa ୧ । ଗର୍ଭଧାରଣ କାଳରେ ଭ୍ରୂଣର ଗତି ଓ ସ୍ଥିତି ଜନିତ ଗର୍ଭିଣୀର ଅନୁଭୂତ କ୍ଲେଶ—1. Pain caused by the embryo to the mother.
୨ । ପ୍ରସବ ବେଦନା—2. Throes of child-birth.

**ଗର୍ଭକ୍ଷୟ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+କ୍ଷୟ )—
Garbhakshaya ଗର୍ଭସ୍ରାବ ( ଦେଖ )
Garbhasrāba ( See )

**ଗର୍ଭଗୃହ**—ସଂ. ବି. ( ମ. ପ. ଲୋ; ଗର୍ଭରେ ଅବସ୍ଥିତ ଗୃହ )—
Garbhagṛuha ୧ । ଘରଭିତରେ ଥିବା କୋଠରି; ଅଭ୍ୟନ୍ତର ଗୃହ; ଗମ୍ଭୀର ଘର—1. Inner house; a dark unventilated room inside many houses.
୨ । ଦେଉଳର ଗମ୍ଭୀର; ଯେଉଁ ଘରେ ଦେବତା ଥାଆନ୍ତି—
2. The sanctuary of a temple.
୩ । ସୂତିକାଗାର; ପ୍ରସବ ଗୃହ—3. Lying-in room.

**ଗର୍ଭଗ୍ରହଣ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ଗ୍ରହଣ )—
Garbhagrahaṇa ପେଟରେ ହେବା; ଗର୍ଭଧାରଣ—
Conception; pregnancy.

**ଗର୍ଭଘାତ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ଘାତ )—
Garbhaghāta ଅସମୟରେ ଗର୍ଭସ୍ଥ ଭ୍ରୂଣର ହତ୍ୟା—
Causing abortion.

**ଗର୍ଭଘାତକ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; ଗର୍ଭ+ଘାତକ )—
Garbhaghātaka ଯେ ଗର୍ଭସ୍ଥ ଭ୍ରୂଣକୁ ହତ୍ୟା କରେ—
(ଗର୍ଭଘାତିକା—ସ୍ତ୍ରୀ) One who causes abortion.

**ଗର୍ଭଘାତନ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ଘାତନ )—
Garbhaghātana ଗର୍ଭଘାତ ( ଦେଖ )
Garbhaghāta ( See )

**ଗର୍ଭଘାତୀ**—ସଂ. ବିଣ. ପୁଂ. ( ଉପପଦ; ଗର୍ଭ+ଘାତିନ୍ ୧ମା.୧ବ. )—
Garbhaghātī ଗର୍ଭଘାତକ ( ଦେଖ )
(ଗର୍ଭଘାତିନୀ—ସ୍ତ୍ରୀ) Garbhaghātaka ( See )

**ଗର୍ଭଚଳନ**—ସଂ. ବି. ( ଗର୍ଭ+ଚଳନ )—ଗର୍ଭର ପଞ୍ଚମ ମାସ ପରେ
Garbhachaḻana ପେଟରେ ଛୁଆ ବା ଭ୍ରୂଣର ବୁଲିବା—
Quickening; motion of the foetus in the uterus.

**ଗର୍ଭଚିକିତ୍ସା**—ସଂ. ବି. (ମ. ପ. ଲୋ; ଗର୍ଭ ସମ୍ବନ୍ଧୀୟ ଚିକିତ୍ସା )—
Garbhachikitsā ଗର୍ଭିଣୀର ଚିକିତ୍ସା—
Treatment of a woman during pregnancy.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ଦ୍ଧ |

**ଗର୍ଭଚ୍ୟୁତ**—ସଂ. ଋଣ. ( ୫ମୀ ତତ୍; ଗର୍ଭ+ଚ୍ୟୁତ )—
Garbhachyuta ୧ । ଗର୍ଭରୁ ପତିତ; ଜାତ—
1. Born; issuing from the womb.
୨ । ଅସମୟରେ ଗର୍ଭରୁ ନିଃସୃତ—
2. Abortive; miscarried.

**ଗର୍ଭଚ୍ୟୁତି**—ସଂ. ବି. ( ୫ମୀ ତତ୍; ଗର୍ଭ+ଚ୍ୟୁତି )—
Garbhachyuti ୧ । ଜନ୍ମ; ପ୍ରସବ; ଜନ୍ମ—
1. Birth; delivery.
୨ । ଗର୍ଭସ୍ରାବ—2. Miscarriage.

**ଗର୍ଭଜ**—ସଂ. ବିଣ. ( ଉପପଦ; ଗର୍ଭ+ଜନ ଧାତୁ+କର୍ତ୍ତୃ. ଅ )—
Garbhaja ଗର୍ଭରୁ ଉତ୍ପନ୍ନ—Born of the womb ( of a particular woman).
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ଶୂଦ୍ରାଗର୍ଭଜ; ଦାସୀଗର୍ଭଜ । ]

**ଗର୍ଭଜାତ**—ସଂ. ବିଣ. ( ୫ମୀ ତତ୍; ଗର୍ଭ+ଜାତ )—
Garbhajāta ଗର୍ଭଜ ( ଦେଖ )
Garbhaja ( See )

**ଗର୍ଭଣା**—ଦେ. ବି. ( ସଂ. ଗର୍ଭ )—୧ । ଗର୍ଭଣା ସଂକ୍ରାନ୍ତି (ଦେଖ)
Garbhaṇā 1. Garbhaṇā saṁkrānti (See)
ଆଗେ ତୁଣ୍ ପଛେ ତୁଣ୍ ଗର୍ଭଣାରୁ ତୁନ୍ ତୁନ୍ । କୃଷିବଚନ ।
୨ । ଗର୍ଭଣା ଗଛ ( ଦେଖ )
2. Garbhaṇā gachha ( See )
ଦେ. ବିଣ—୧ । କେଣ୍ତା ବାହାରିବା ପୂର୍ବରୁ ଧାନଗଛର କାଣ୍ଡମଧ୍ୟରେ କେଣ୍ତାଥିବା ( ଧାନ ଗଛ )—
1. ( paddy plant ) Impregnated with the ears of corn; having the ears of corn still inside it.
୨ । ଗର୍ଭିଣୀ ( ଦେଖ )
2. Garbhaṇi ( See )

**ଗର୍ଭଣାକାଠି**—ଦେ. ବି—ଗର୍ଭଣା ସଂକ୍ରାନ୍ତି ଦିନ ପୂଜା କରାଯାଇ ଧାନ
Garbhaṇākāṭhi ବିଲରେ ପୋତା ଯିବା ଗର୍ଭଣା ଗଛର ଡାଳ—
Branch of the Cordiamyxa tree fixed in a paddy-field on the Tuḷa Saṁkrānti day.

**ଗର୍ଭଣାଗଛ**—ଦେ. ବି. ( ସଂ. ବହୁବାର )—
Garbhaṇā gachha ଶ୍ଳେଷ୍ମାତ ବନ୍ୟ ଓ ଗ୍ରାମ୍ୟ ତରୁବିଶେଷ—A wild tree; Cordiamyxa; the narrow- leaved sepistum
ସଂ. ନାମ—ବହୁବାର, ଶୀତ, ଉଦ୍ଦାଳ, ବହୁବାରକ, ଶେଲୁ, ଶ୍ଳେଷ୍ମାତକ, ପିଚ୍ଛିଲ, ଭୂତବୃକ୍ଷକ
ବହୁଆରୀ, ବହୁଆରୀ
**ଲିସୋଡ଼ା, ଲମେରା**
ମ. ଭୋକର, ଶେଲବଣ
ଗୁ. ଗୁନ୍ଦୋମୋଟୋ
ତେ. ନାକେରୁ, ନୁକେରୁ
ତା. ତେକୁଗୋଦ୍ଧଣୀ
ଫା. ସିପିସ୍ତାନ୍
ଆ. ସେପିସ୍ତାନ୍
[ ଦ୍ର—ଏ ଗଛ ବଡ଼ କାଠିଆ, କାଠ ଧଳା ଓ ହାଲୁକା, ଡାଳଗୁଡ଼ିକ ଝାମ୍ପୁଡ଼ା ହୋଇ ବଢ଼େ । ପତ୍ର ଏକୋଡ଼ିର ଓ ଅଣ୍ଡାକାର ଫୁଲ ଧଳା ଓ ଛୋଟ, ଗ୍ରୀଷ୍ମ ଦିନେ ଫୁଟେ । ଫଳ ବରକୋଳ ପରି ଗୋଲ ଓ ପାଚିଲେ ହଳଦିଆ ଦିଶେ । ଫଳ ଭିତର ଚଟଚଟିଆ ଅଠାଳିଆ ବୈଦ୍ୟଶାସ୍ତ୍ର ମତରେ ଏହା ବିଷ, ବିସ୍ଫୋଟକ, ବ୍ରଣ, ବିସର୍ପ, କୁଷ୍ଠ, କଫ ଓ ପିତ୍ତନାଶକ, ଏହା କେଶର ହିତକର; ଅପକ୍ୱ ଫଳ ବସ୍ତମ୍ଭୀ, ରୁକ୍ଷ, ପିତ୍ତ, କଫ ଓ ରକ୍ତଦୋଷନାଶକ; ପକ୍ୱ ଫଳ ମଧୁର ରସ, ସ୍ନିଗ୍ଧ, କଫକର, ଶୀତବୀର୍ଯ୍ୟ ଓ ଗୁରୁ । ଗର୍ଭଣା ସଂକ୍ରାନ୍ତି ଦିନ ଏ ଗଛର ଡାଳ ( ଗର୍ଭଣା କାଠି ) ଖଣ୍ଡିଏ ନେଇ ଧାନ କିଆରିରେ ଲୋକେ ପୋତନ୍ତି । ]

**ଗର୍ଭଣାସଂକ୍ରାନ୍ତି**—ଦେ. ବି. ( ଗର୍ଭିଣୀ ଶବ୍ଦରୁ; ଏ ସମୟରେ ଧାନ କେଣ୍ତା
Garbhaṇā saṁkrānti ଧାନ ଗଛର ଗର୍ଭରେ ଥାଏ ବୋଲି)—
( କାର୍ତ୍ତିକ ) ତୁଳ ମାସ ସଂକ୍ରାନ୍ତି—
The first day of the solar month of Tuḷa.
[ ଦ୍ର—ଏ ଦିନ ଗର୍ଭଣା ଗଛର କେତେ ଖଣ୍ଡ ଡାଳ ଆଣି ପୂଜା କରି ଧାନ ବିଲରେ ପୋତା ଯାଏ । ]

**ଗର୍ଭଣୀ**—ଗ୍ରା. ବିଣ. ସ୍ତ୍ରୀ. ( ସଂ. ଗର୍ଭିଣୀ )—
Garbhaṇi ଗର୍ଭିଣୀ ( ଦେଖ )
Garbhiṇi ( See )

**ଗର୍ଭଣ୍ଡ**—ସଂ. ବି. ( ଗର୍ଭ+ଅଣ୍ଡ; ନିପାତନ )—
Garbhaṇḍa ନାଭିର ଗୋଟମା ବା ଗେଣ୍ଡୁ—
The protuberance of the navel; enlargement of the navel.

**ଗର୍ଭଦୋହଦ**—ସଂ. ବି. ( ମଧ୍ୟପଦଲୋପୀ; ଗର୍ଭଜନିତ ଦୋହଦ=ଅଭିଳାଷ )—
Garbhadohada
ଗର୍ଭିଣୀର ଅଭିଳାଷ ବା ଖାଇମନକରିବା—
Yearnings or longings of a pregnant woman after particular articles or delicacies.

**ଗର୍ଭଦୌହୃଦ**—ସଂ. ବି—ଗର୍ଭଦୋହଦ ( ଦେଖ )
Garbhadauhada Garbhadohada ( See )

**ଗର୍ଭଧରା**—ସଂ. ବିଣ. ସ୍ତ୍ରୀ. ( ଗର୍ଭ+ଧୃ ଧାତୁ+ଅ, ଆ )—
Garbhadharā ଗର୍ଭଧାରିଣୀ ( ଦେଖ )
Garbhadhāriṇi ( See )

**ଗର୍ଭଧାରଣ**—ସଂ. ବି. ( ୬ଷ୍ଠୀ ତତ୍ )—
Garbhadhāraṇa ଗର୍ଭରେ ସନ୍ତାନ ଗ୍ରହଣ; ଅନ୍ତଃସତ୍ତ୍ୱା ହେବା; ପେଟରେ ହେବା—Pregnancy; gestation; impregnation.

**ଗର୍ଭଧାରଣକାଳ**—ଦେ. ବି—ଗର୍ଭରେ ଶିଶୁ ରହିବାର ପୂର୍ଣ୍ଣ ସମୟ—
Garbhadhāraṇakāḷa The full period of pregnancy ( between 9 and 10 months ).

| |
|---|
| ସାଧାରଣ ଲୋକେ ଅପର ପୃଷ୍ଠାରେ ଲେଖା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍', ଦେଖିବେ । |

[ ଦ୍ର—କେହି କେହି ୯ ମାସଠାରୁ ୧୦ ମାସ ଓ କେହି କେହି ୧୦ ମାସ ୧୦ ଦିନ କହନ୍ତି ]

**ଗର୍ଭଧାରଣା**—ସଂ. ବି. ( ୬ଷ୍ଠୀ ତତ୍ )—ଗର୍ଭଧାରଣ (ଦେଖ)
Garbhadhāraṇā Garbhadhāraṇa (See)

**ଗର୍ଭଧାରିଣୀ**—ଦେ. ବି. ସ୍ତ୍ରୀ. ( ଗର୍ଭ+ଧୃ ଧାତୁ+ଇନ୍; ସ୍ତ୍ରୀ. ଈ )—
Garbhadhāriṇī ଜନନୀ; ମାତା—Mother.

**ଗର୍ଭଧାରୀ**—ଗ୍ରା. ବି. ସ୍ତ୍ରୀ. ( ସଂ. ଗର୍ଭଧାରିଣୀ )—
Garbhadhārī ଗର୍ଭଧାରିଣୀ ( ଦେଖ )
Garbhadhāriṇī ( See )

ଯାଉଛୁ ବଦେଶେ ଅସିବ ଫେରି, ଥାଅରେ ଗର୍ଭଧାରି । ପାଲାଗୀତ ।

**ଗର୍ଭଧ୍ୱଂସ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ଧ୍ୱଂସ )—
Garbhadhwaṁsa ୧ । ଗର୍ଭସ୍ରାବ—1. Miscarriage.
୨ । ଗର୍ଭବିଚ୍ୟୁତି—2. Abortion.

**ଗର୍ଭନାଡ଼ୀ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ନାଡ଼ୀ )—
Garbhanāṛī ଗର୍ଭସ୍ଥ ଫୁଲ-ନାଡ଼; ଗର୍ଭସ୍ଥ ଶିଶୁର ନାଭିଠାରୁ ଯେଉଁ ନାଡ଼ ଫୁଲ ସହିତ ସଂଯୁକ୍ତ ଥାଏ—
Umbilical cord.

**ଗର୍ଭନାଶ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ନାଶ )—ଗର୍ଭବିଚ୍ୟୁତି—
Garbhanāśa Abortion.

**ଗର୍ଭନିଃସୃତ**—ସଂ. ବିଣ. ( ୫ମୀ ତତ୍; ଗର୍ଭ+ନିଃସୃତ )—
Garbhaniḥsṛuta ୧ । ଗର୍ଭଚ୍ୟୁତ—
1. Fallen from the womb.
୨ । ଜାତ—2. Born.

**ଗର୍ଭନିପାତ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ନିପାତ )—ଗର୍ଭସ୍ରାବ—
Garbhanipāta Abortion.

ଗର୍ଭ ନିପାତେ ଖେଦମତ
ପ୍ରାଣଛାଡ଼ିଲା ମୃଗ ସତୀ । ଜଗନ୍ନାଥ. ଭାଗବତ ।

**ଗର୍ଭପରିସ୍ରବ**—ସଂ. ବି. ( ଗର୍ଭ+ପରିସ୍ରବ )—ଗର୍ଭସ୍ଥ ଶିଶୁର ନାଭିସଙ୍ଗେ
Garbhaparisraba ନାଡ଼ ଦ୍ୱାରା ଲାଗିଥିବା ଫୁଲ—
Placenta; secundines or foetal membranes (collectively).

**ଗର୍ଭପାକୀ**—ସଂ. ବି. (ଗର୍ଭ+ପାକ+ଇନ୍; ୧ମା. ୧ବ)—ଷାଠିଏାଧାନ—
Garbhapākī Rice ripening in sixty days.

**ଗର୍ଭପାତ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ପାତ )—ଗର୍ଭସ୍ରାବ; ୪ର୍ଥ
Garbhapāta ମାସ ପରେ ଅସମୟରେ ଗର୍ଭସ୍ଥ ଭ୍ରୂଣର ପତନ—
Miscarriage after the 4th month of pregnancy.

**ଗର୍ଭପାତକ**—ସଂ. ବି. ( ଗର୍ଭ+ପତ ଧାତୁ ଣିଚ୍+ଅକ)—୧ । ଭ୍ରୂଣ-
Garbhapātaka ହତ୍ୟାକାରୀ; ଯେଉଁ ପୁରୁଷ ଗର୍ଭିଣୀର ଗର୍ଭପାତ
ଗର୍ଭପାତିକା }
ଗର୍ଭପାତକୀ } କରାଏ—1. A man who causes abortion.

୨ । ରକ୍ତ ଶୋଭାଞ୍ଜନ ଗଛ; ରକ୍ତ ସଜନା ଗଛ—
2. Red sajina tree; horse hadish tree.

ସଂ. ବିଣ. ପୁଂ.—୧ । ଯେଉଁ ବ୍ୟକ୍ତି ଗର୍ଭସ୍ରାବ କରାଏ—
(a person) Causing abortion.
୨ । ଯେଉଁ ବସ୍ତୁ ବା ଔଷଧ ସେବନ କଲେ ଗର୍ଭପାତ ଘଟେ—
(things) causing abortion.

**ଗର୍ଭପାତନ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ପାତନ )—
Garbhapātana ଔଷଧାଦି ପ୍ରୟୋଗରେ ଗର୍ଭପାତ—
Causing abortion by artificeal means.

**ଗର୍ଭପୀଡ଼ା**—ସଂ. ବି. ( ମ. ପ. ଲୋ; ଗର୍ଭଜନିତ ପୀଡ଼ା )—
Garbhapīṛā ଗର୍ଭବେଦନା ( ଦେଖ )
Garbhabedanā ( See )

**ଗର୍ଭପୋଷଣ**—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭପୋଷଣ )—
Garbhaposhaṇa ୧ । ଗର୍ଭସ୍ଥ ଭ୍ରୂଣ ସଂରକ୍ଷଣ ବା ବର୍ଦ୍ଧନ—
1. Nourishment of the embryo.
୨ । ଗର୍ଭଧାରଣ—2 Gestation.

**ଗର୍ଭବତୀ**—ସଂ. ବି. ସ୍ତ୍ରୀ. ( ଗର୍ଭ+ବତ୍+ସ୍ତ୍ରୀ. ଈ. )—ଗର୍ଭିଣୀ; ଅନ୍ତଃ
Garbhabatī ସତ୍ତ୍ୱା ସ୍ତ୍ରୀ—Pregnant woman; big with child; in the family way.
ସଂ. ବିଣ. ସ୍ତ୍ରୀ—ଅନ୍ତଃସତ୍ତ୍ୱା—Pregnant.

**ଗର୍ଭବସତି**—ସଂ. ବି—୧ । ଭ୍ରୂଣର ଗର୍ଭରେ ଅବସ୍ଥାନ—
Garbhabasati 1. Being in the womb.
୨ । ଗର୍ଭ; କୁକ୍ଷି; ଜରାୟୁ—2. Uterus; womb.

**ଗର୍ଭବାରତା**—ଦେ. ବି.—ଅନ୍ତରର କଥା; ଗୁପ୍ତକଥା—
Garbhabāratā Secret matter.

ଶ୍ରୀହରି ବୋଇଲେ ଶୁଣ କୃପାକଟାକ୍ଷି
ସବୁ ଗର୍ଭବାରତା କି ଓହ୍ଲାଡ଼େ ଅଛି—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଗର୍ଭବାସ**—ସଂ. ବି. ( ରୂପକ କର୍ମଧାରୟ; ଗର୍ଭ+ବାସ )—
Garbhabāsa ୧ । ଯେଉଁଠାରେ ଗର୍ଭସ୍ଥ ଭ୍ରୂଣ ବାସ କରେ; କୁକ୍ଷି; ଜରାୟୁ—1. Womb; uterus.
୨ । ଭ୍ରୂଣର ଗର୍ଭରେ ଅବସ୍ଥାନ—
2. Being in the womb; existence of the foetus in the womb.

ଦେ. ବି—ଗର୍ଭଧାରଣ; ପେଟରେ ହେବା—Pregnancy.
ଲୋପାମୁଦ୍ରା ତହୁଁ ଲଭିଲେ ଗର୍ଭବାସ—କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବିଣ—ଗର୍ଭବତୀ—
Pregnant; heavy with child.
ସେ ନାରୀ ହେଲା ଗର୍ଭବାସ । ଯଶୋବନ୍ତ ପ୍ରେମଭକ୍ତି ବ୍ରହ୍ମ ଗୀତା ।

**ଗର୍ଭବିଚ୍ୟୁତି**—ସଂ. ବି. ( ମ. ପ. ଲୋ; ଗର୍ଭସ୍ଥ ଭ୍ରୂଣର ବିଚ୍ୟୁତି )—
Garbhabichyuti ଭ୍ରୂଣ ଜୀବ ନ ପାଉଣୁ ପେଟ ଭାଙ୍ଗିଯିବା—
Abortion in the beginning of pregnancy.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଙ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଡ଼ | ଢ଼ | ଞ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଣ | ଯ | ସ | ଗଁ | ଢ଼ | ଡ଼ | ନ |

ଗର୍ଭବିପତ୍ତି – ସଂ. ବି. ( ମ. ପ. ଲୋ; ଗର୍ଭସ୍ଥ ଭ୍ରୂଣର ବିପତ୍ତି )—
Garbhabipatti ଗର୍ଭରେ ଭ୍ରୂଣର ମୃତ୍ୟୁ—
Death of the foetus.

ଗର୍ଭବେଦନା—ସଂ. ବି. ( ମ. ପ. ଲୋ; ଗର୍ଭଜନିତ ବେଦନା )—
Garbhabedanā ୧ । ଗର୍ଭାବସ୍ଥାରେ ଶିଶୁ ଦ୍ୱାରା ଅନୁଭୂତ କ୍ଲେଶ—
1. ( supposed ) Throes of a child while in the womb.
୨ । ଗର୍ଭାବସ୍ଥାରେ ଗର୍ଭିଣୀଦ୍ୱାରା ଅନୁଭୂତ କ୍ଲେଶ—
2. Throes of a pregnant woman during pregnancy.
୩ । ପ୍ରସବକାଳରେ ଜନନୀର ଯନ୍ତ୍ରଣା—
3. Throes of child-birth; travail; labour in child-birth.

ଗର୍ଭବ୍ୟଥା – ସଂ. ବି. ( ମ. ପ. ଲୋ; ଗର୍ଭ + ବ୍ୟଥା )—
Garbhabyathā ଗର୍ଭବେଦନା ( ଦେଖ )
Garbhabedanā ( See )

ଗର୍ଭବ୍ୟାକରଣ—ସଂ. ବି—୧ । ଗର୍ଭସ୍ଥ ଭ୍ରୂଣର ଗଠନ—
Garbhabyākaraṇa 1. Formation or developement of the embryo.
୨ । ଗର୍ଭିଣୀ ବ୍ୟାକରଣ ( ଦେଖ )
2. Garbhiṇī byākaraṇa ( See )

ଗର୍ଭଭର୍ମା—ସଂ. ବି. ( ଗର୍ଭ+ଭର୍ମ )—ଗର୍ଭସ୍ଥ ଶିଶୁ ବା ଭ୍ରୂଣର ଭରଣ-
Garbhabharmā ପୋଷଣ—The nourishment of the child in the womb.

ଗର୍ଭ ଭାଜିଯିବା—ଦେ. ବି. ( ସଂ. ଗର୍ଭ + ଭଞ୍ଜ ଧାତୁ )—ଗର୍ଭପାତ;
Garbha bhājijibā ଗର୍ଭସ୍ରାବ ହେବା—Abortion.
गर्भपात्‌हओया
गर्भगिरना

ଗର୍ଭଭାର—ସଂ. ବି. ( ମ. ପ. ଲୋ; ଗର୍ଭଜନିତ ଭାର )—ଗର୍ଭିଣୀର
Garbhabhāra ଅନୁଭୂତ କ୍ଳାନ୍ତି—Fatigues due to pregnancy.

ଗର୍ଭଭାରା—ଦେ. ବି. ( ସଂ. ଗର୍ଭଭାର )—
Garbhabhārā ଗର୍ଭଭାର ( ଦେଖ )
Garbhabhāra ( See )

ଗର୍ଭମଣ୍ଡପ—ସଂ. ବି. ( ମ. ପ. ଲୋ; ଗର୍ଭସ୍ଥ ମଣ୍ଡପ )—
Garbhamaṇḍapa ୧ । ଗୃହମଧ୍ୟସ୍ଥ ଶୟନ-ମଣ୍ଡପ—
1. Bed-chamber in the inner apartment.
୨ । ଗର୍ଭଗୃହ ( ଦେଖ )
2. Garbhagṛuha ( See )

ଗର୍ଭମାସ—ସଂ. ବି. ( ୬ଷ୍ଠୀ ତତ୍ ) —
Garbhamāsa ୧ । ଗର୍ଭୋତ୍ପତ୍ତିର ମାସ—
1. The month of pregnancy.
୨ । ଗର୍ଭାଧାନଠାରୁ ଗଣନା ହେବା ମାସକ୍ରମ—
2. Month of pregnancy.
[ ଦ୍ର—ହିନ୍ଦୁଶାସ୍ତ୍ରମତେ ଗର୍ଭରେ ଭ୍ରୂଣ ଦଶମାସ ଦଶଦିନ ରହେ । ]

ଗର୍ଭମୋଚନ—ସଂ ବି. ( ୬ଷ୍ଠୀ ତତ୍ ; ଗର୍ଭ + ମୋଚନ )—
Garbhamochana ପେଟରୁ ପିଲା ଖଲାସ ହେବା; ପିଲା ଭୂମିଷ୍ଠ ହେବା—Safe delivery of a child.

ଗର୍ଭଯନ୍ତ୍ରଣା—ସଂ. ବି. ( ମ. ପ. ଲୋ; ଗର୍ଭ + ଯନ୍ତ୍ରଣା )—
Garbhajantraṇā ଗର୍ଭବେଦନା ( ଦେଖ )
Garbhabedanā ( See )

ଗର୍ଭଯୋଷା—ସଂ. ବି. ( ମ. ପ. ଲୋ; ଗର୍ଭଧାରିଣୀ ଯୋଷା )—
Garbhajoshā ୧ । ଗର୍ଭିଣୀ ସ୍ତ୍ରୀ—1. Pregnant woman.
୨ । ( ଲକ୍ଷଣାର୍ଥ ) ଦୁଇକୂଳ ଖାଉଥିବା ଗଙ୍ଗାନଦୀ—
2. The river Ganges overflowing its banks.

ଗର୍ଭରକ୍ଷଣ—ସଂ. ବି. ( ୬ଷ୍ଠୀ ତତ୍ ; ଗର୍ଭ + ରକ୍ଷଣ )—ଗର୍ଭପୋଷଣ;
Garbharakshaṇa ଭ୍ରୂଣର ଲାଳନପାଳନ—Protecting the foetus.

ଗର୍ଭରା—ଦେ. ବି—ପ୍ରାଚୀନ ଜଳଯାନବିଶେଷ—A kind of vessel
Garbharā or boat used in ancient time.

ଗର୍ଭରୂପ—ସଂ. ବିଶ. ପୁଂ—ଶିଶୁସୁଲଭ; ବାଲ୍ୟ—
Garbharūpa Childish; youthful.
(ଗର୍ଭରୂପା—ସ୍ତ୍ରୀ) ସଂ. ବି—ଶିଶୁ—Child; infant.

ଗର୍ଭରୂପକ—ସଂ. ବି—ଶିଶୁ—
Garbharūpaka Child.

ଗର୍ଭଲକ୍ଷଣ—ସଂ. ବି. ( ୬ଷ୍ଠୀ ତତ୍ ; ଗର୍ଭ + ଲକ୍ଷଣ )—ନାରୀ ଗର୍ଭବତୀ
Garbhalakshaṇa ହେବାର ନିଦର୍ଶନ ( ଯଥା—ପେଟ ଉଚ୍ଚ ଦେଖାଯିବା, ସ୍ତନସ୍ଫୀତି, ସ୍ତନ ଚିପିଲେ ଧଳା ରସର ନିଦର୍ଶନ ଆଦି )—Signs of pregnancy.

ଗର୍ଭଲମ୍ଭନ—ସଂ. ବି—ଗର୍ଭାଧାନ; ପେଟରେ ହେବା—
Garbhalambhana Pregnancy; conception.

ଗର୍ଭଶଙ୍କୁ—ସଂ. ବି. ( ମ. ପ. ଲୋ; ଗର୍ଭରେ ବ୍ୟବହୃତ ଶଙ୍କୁ )—
Garbhaśanku ମୃତବତ୍ସାକୁ ଗର୍ଭରୁ ନିଷ୍କାସନ କରିବା ପାଇଁ ବ୍ୟବହୃତ ସୂକ୍ଷ୍ମ ଚୋଙ୍ଗି ଶସ୍ତ୍ରବିଶେଷ—
A surgical instrument for extracting a dead foetus.

ଗର୍ଭଶଯ୍ୟା—ସଂ. ବି. ( ରୂପକ କର୍ମଧା; ଗର୍ଭ + ଶଯ୍ୟା )—
Garbhaśajyā ୧ । ଗର୍ଭରେ ଭ୍ରୂଣର ବାସ ବା ଅବସ୍ଥାନ—
1. The existence of the foetus in the womb.
୨ । ଜରାୟୁ—2. Uterus.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗର୍ଭସଙ୍ଗୀ**— ଦେ. ବିଣ— ଗର୍ଭବତୀ—
Garbhasaṅgi Pregnant.

ସ୍ୱେଦେହିତ ମନ୍ତ୍ର ବଳେ ଯେ ଧୂମ ସୃଜି
ହୋଇଲେ ସବୁ ନାଗମାନେ ଗର୍ଭସଙ୍ଗୀ । କୃଷ୍ଣସିଂହ. ମହାଭାରତ. ବନ ।

**ଗର୍ଭସଞ୍ଚାର**— ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ସଞ୍ଚାର )—
Garbhasañchāra ଗର୍ଭଧାରଣ; ଗର୍ଭରେ ରଜୋବୀର୍ଯ୍ୟର ମିଳନ-ଯୋଗୁଁ ଭ୍ରୂଣର ସୃଷ୍ଟି—Conception.

**ଗର୍ଭସୂଚନା**— ସଂ. ବି— ଗର୍ଭବତୀ ହେବାର ପୂର୍ବ ବା ସମସାମୟିକ ଲକ୍ଷଣ—
Garbhasūchanā Symptoms of pregnancy.

**ଗର୍ଭସ୍ଥ**— ସଂ. ବିଣ. ( ଗର୍ଭ+ସ୍ଥା ଧାତୁ+କର୍ତ୍ତୃ. ଅ )—
Garbhastha ୧ । ଉଦରସ୍ଥ; ଗର୍ଭମଧ୍ୟସ୍ଥ; ଗର୍ଭରେ ଥିବା—
1. In the womb; in the belly.
୨ । ଅନ୍ତରସ୍ଥ; ମଧ୍ୟସ୍ଥ—
2. Situate inside; internal.

**ଗର୍ଭସ୍ଥାୟୀ**— ସଂ. ବିଣ. ( ଗର୍ଭ+ସ୍ଥା ଧାତୁ+ଇନ୍; ୧ମା. ୧ବ. )—
Garbhasthāyi ଗର୍ଭସ୍ଥ ( ଦେଖ )
Garbhastha ( See )
ଦେ. ବି— ଗର୍ଭାଧାନ—Pregnancy; conception.

**ଗର୍ଭସ୍ଥିତ**— ସଂ. ବିଣ. ( ଗର୍ଭ+ସ୍ଥା ଧାତୁ+କର୍ତ୍ତୃ. ତ )—
Garbhasthita ଗର୍ଭସ୍ଥ ( ଦେଖ )
Garbhastha ( See )

**ଗର୍ଭସ୍ରାବ**— ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ସ୍ରାବ )
Garbhasrāba ୧ । ଗର୍ଭପାତ—1. Miscarriage; abortion.
୨ । ଗର୍ଭନାଶ; ଗର୍ଭପାତନ—
2. Causing abortion

ପାଞ୍ଚ ମାସେ ଗର୍ଭେ ଥାଇଣ ଗର୍ଭସ୍ରାବ
ହୋଇଥିଲେ ପାଇ ଥାଆନ୍ତୁ ସୁଖ ଭବ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଗର୍ଭହେବା**— ଦେ. କ୍ରି— ଗର୍ଭବତୀ ହେବା—
Garbhahebā To be pregnant.
গর্ভহওয়া ତଣିଷ୍ଣ ସଙ୍ଗେ ସଙ୍ଗ କରି
गाभीन होना ଗର୍ଭ ହୋଇଲା ତାର ନାଶ । ଜଗନ୍ନାଥ. ଭାଗବତ ।

**ଗର୍ଭାଗାର**— ସଂ. ବି. ( ଗର୍ଭ+ଅଗାର )—
Garbhāgāra ୧ । ଅନ୍ତୁଡ଼ଶାଳ; ସୂତିକାଗାର—
1. Lying-in room.
୨ । ଗର୍ଭଗୃହ ( ଦେଖ )
2. Garbhagṛuha ( See )

**ଗର୍ଭାଙ୍କ**— ସଂ. ବି. ( ଗର୍ଭ+ଅଙ୍କ )—
Garbhāṅka ନାଟକର ଗୋଟିଏ ଅଙ୍କ ମଧ୍ୟରେ ଥିବା କ୍ଷୁଦ୍ର ଅଙ୍କ—
Scenes in an act of a drama.

**ଗର୍ଭାଧାନ**— ସଂ. ବି. ( ଗର୍ଭ+ଆଧାନ=ଉତ୍ପାଦନ )—
Garbhādhāna ୧ । ନିଷେକ; ସ୍ତ୍ରୀ ରଜସ୍ୱଳା ହେବା ପରେ ଶୁଭ ଦିବସରେ ସ୍ୱାମୀଙ୍କର ସହବାସ ଉପଲକ୍ଷରେ ଅନୁଷ୍ଠିତ କର୍ମ ( ଏହା ଦ୍ୱିଜାତିମାନଙ୍କର ଗୋଟିଏ ସଂସ୍କାର )—
1. The ceremony of consummation of marriage.
୨ । ଗର୍ଭୋତ୍ପାଦନାର୍ଥ ସ୍ତ୍ରୀ ସହବାସ—
2. Cohabitation with a view to ensure conception.
୩ । ସ୍ତ୍ରୀ ଗର୍ଭରେ ଶୁକ୍ର ଶୋଣିତ ସଂଯୋଗରେ ଗର୍ଭୋତ୍ପାଦନ--
3. Impregnation; conception.
ଦେ. ବିଣ— ଗର୍ଭବତୀ —Pregnant.

ବୃକ୍ଷକୁ ମଧ୍ୟ ତପସ୍ତେ ଆଲିଙ୍ଗନ
କରୁ ସେ ବୃକ୍ଷ ନାରୀ ହେଲେ ଗର୍ଭାଧାନ । କୃଷ୍ଣସିଂହ. ମହାଭାରତ. ବନ ।

**ଗର୍ଭାଶଙ୍କା**— ସଂ. ବି. (୬ଷ୍ଠୀ ତତ୍; ଗର୍ଭ+ଆଶଙ୍କା)— ସ୍ତ୍ରୀ ଗର୍ଭବତୀ
Garbhāśaṅkā ହେବାର ସନ୍ଦେହ—Suspicion of pregnancy.

**ଗର୍ଭାଶୟ**— ସଂ. ବି. (୬ଷ୍ଠୀ ତତ୍; ଗର୍ଭ+ଆଶୟ)— ଜରାୟୁ; ସ୍ତ୍ରୀ ଗର୍ଭର
Garbhāśaya ଯେଉଁ ସ୍ଥାନରେ ଭ୍ରୂଣ ରହେ—
Womb; uterus.

**ଗର୍ଭାଷ୍ଟମ**— ସଂ. ବି.—(ଗର୍ଭ+ଅଷ୍ଟମ — ୧ । ଗର୍ଭଧାରଣର ଅଷ୍ଟମ ମାସ--
Garbhāshṭama 1. The 8th month of pregnancy.
୨ । ଗର୍ଭୋତ୍ପତ୍ତିଠାରୁ ଅଷ୍ଟମ ବର୍ଷ—
2. The 8th year from conception.
[ ଦ୍ର— ବ୍ରାହ୍ମଣ ବାଳକର ଗର୍ଭାଷ୍ଟମରେ ଉପନୟନ ଅନୁଷ୍ଠିତ ହେବା ଶାସ୍ତ୍ରସିଦ୍ଧ । ]
ସଂ. ବିଣ.— ଗର୍ଭାରମ୍ଭ ହେବାଠାରୁ ଅଷ୍ଟମ (ମାସ ବା ବର୍ଷ)—
The eighth (month or year) from pregnancy or conception.

**ଗର୍ଭିଣୀ**— ସଂ. ବି. ସ୍ତ୍ରୀ. (ଗର୍ଭ+ଇନ୍+ସ୍ତ୍ରୀ. ଈ)— ୧ । ଅନ୍ତଃସତ୍ତ୍ୱା ସ୍ତ୍ରୀ—
Garbhiṇi Pregnant female.

ତାଙ୍କ ନାମ ଶୁଣିଲେ ଲୋକେ ଅଇନ୍ତି, ଗର୍ଭିଣୀ ଗାଈ ବାଛି ଛାଡ଼ି ଦିଏ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୨ । ନବସନ୍ତାନବତୀ; ପୁଅତୀ—
2. A woman who has been recently delivered of a child.
୩ । ପ୍ରାଚୀନ ଭାରତରେ ଚଳୁଥିବା ବଡ଼ ଅର୍ଣ୍ଣବପୋତବିଶେଷ—
3. A kind of big sea-going vessel used in ancient India.
[ଦ୍ର— ଏହା ଲମ୍ବରେ ୮୦ ହାତ । ଚଉଡ଼ାରେ ୪୦ ହାତ ଓ ଉଚ୍ଚରେ ୪୦ ହାତ ଏଥିରେ ଯାତ୍ରା କରିବା ଅଶୁଭ ଓ ଅକଲ୍ୟାଣକର ବୋଲି ବିବେଚିତ ହେଉଥିଲା । ହି. ଶବ୍ଦସାଗର ।]

| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଊ | ନ୍ତ |

ସଂ. ବିଣ,—୧ । ଅନ୍ତଃସତ୍ତ୍ୱା—1. Pregnant; big with child; in the family way.
୨ । ନବସନ୍ତାନବତୀ—2. Recently delivered of a child

ଗର୍ଭିଣୀଦୋହଦ—ସଂ. ବି.—ଗର୍ଭଦୋହଦ (ଦେଖ)
Garbhiṇī dohada Garbhadohada (See)

ଗର୍ଭିଣୀଦୌହଦ—ସଂ. ବି.—ଗର୍ଭଦୋହଦ (ଦେଖ)
Garbhiṇī dauhada Garbhadohada (See)

ଗର୍ଭିଣୀ ବ୍ୟାକରଣ—ସଂ. ବି. (ମ. ପ. ଲୋ; ଗର୍ଭିଣୀ + ବ୍ୟାକରଣ)—
Garbhiṇī byākaraṇa ଆୟୁର୍ବେଦର ଗର୍ଭଚିକିତ୍ସାସମ୍ବନ୍ଧୀୟ—ଭାଗ ଗର୍ଭସ୍ଥ ଭ୍ରୂଣ ଓ ନବଜାତ ଶିଶୁର ଚିକିତ୍ସା ସମ୍ବନ୍ଧେ ଆୟୁର୍ବେଦଗ୍ରନ୍ଥର ଅଂଶ—The branch of Hindu medical treatise dealing with the treatment of the foetus and the child; midwifery.

ଗର୍ଭିଣୀ ବ୍ୟାକୃତି—ସଂ. ବି.—ଗର୍ଭିଣୀ ବ୍ୟାକରଣ (ଦେଖ)
Garbhiṇī byākṛuti Garbhiṇī byākaraṇa (See)

ଗର୍ଭିଣ୍ୟବେକ୍ଷକ—ସଂ. ବି. ପୁଂ. ଗର୍ଭଚିକିତ୍ସାରେ ନିପୁଣ ପୁରୁଷ—
Garbhiṇyabekshaka A male skilled in midwifery.
(ଗର୍ଭିଣ୍ୟବେକ୍ଷିକା—ସ୍ତ୍ରୀ)

ଗର୍ଭିଣ୍ୟବେକ୍ଷଣ—ସଂ. ବି.—(୬ଷ୍ଠୀ ତତ୍; ଗର୍ଭିଣୀ+ଅବେକ୍ଷଣ)—
Garbhiṇyabekshaṇa ୧ । ଗର୍ଭ ଚିକିତ୍ସା (ଦେଖ)
1. Garbha chikitsā (See)
୨ । ଗର୍ଭସ୍ଥ ଭ୍ରୂଣ ଓ ନବଜାତ ଶିଶୁର ଯତ୍ନ ନେବା କର୍ମ—
2. Midwifery care.

ଗର୍ଭିତ—ସଂ. ବିଣ. ( ଗର୍ଭ + ଯୁକ୍ତାର୍ଥେ. ଇତ )—୧ । ଗର୍ଭଯୁକ୍ତ—
Garbhita 1. With a belly; impregnated
(ଗର୍ଭିତା—ସ୍ତ୍ରୀ) ୨ । ଅନ୍ତର୍ଗତ—2. Situate inside.
ସଂ. ବି—ପଦ୍ୟ ରଚନାରେ ଦୋଷବିଶେଷ—
A defect in poetical composition.

ଗର୍ଭିନି—ପ୍ରାଦେ. (ସମ୍ବଲପୁର) ବି ଓ ବିଣ—ଗର୍ଭିଣୀ (ଦେଖ)
Garbhini Garbhiṇī (See)

ଗର୍ଭେତୃପ୍ତ—ସଂ. ବିଣ. ପୁଂ. (ଅବ୍ୟୟୀଭାବ; ଗର୍ଭେ+ତୃପ୍ତ )—
Garbhetṛupta ୧ । ଖାଦ୍ୟ ଓ ସନ୍ତାନାଦରେ ନିଶ୍ଚିନ୍ତ—
(ଗର୍ଭେତୃପ୍ତା—ସ୍ତ୍ରୀ) 1. Contented as to food and issue.
୨ । ଅଳସୁଆ—2. Indolent; lazy.

ଗର୍ଭେଶ୍ୱର—ସଂ. ବି. ପୁଂ—ଯେଉଁ ବ୍ୟକ୍ତି ଜନ୍ମତଃ ଧନୀ ବା ରାଜା—
Garbheśwara One born rich; a king or rich man by birth; one born with a silver spoon in the mouth.

ଗର୍ଭୋତ୍ପତ୍ତି—ସଂ. ବି—ମାତୃଗର୍ଭରେ ଶୁକ୍ରରୁ ଭ୍ରୂଣ ଉତ୍ପନ୍ନ ହେବା ଅବସ୍ଥା—
Garbhotpatti Formation of the embryo from the father's semen in the mother's womb.

ଗର୍ଭୋତ୍ପାଦନ—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ଉତ୍ପାଦନ )—
Garbhotpādana ୧ । ଗର୍ଭବତୀ ହେବା—
1. Conception; pregnancy.
୨ । ପେଟରେ କରିବା; ଗର୍ଭବତୀ କରିବା—
2. Impregnation.

ଗର୍ଭୋପଘାତ—ସଂ. ବି. ( ୬ଷ୍ଠୀ ତତ୍; ଗର୍ଭ+ଉପଘାତ )—
Garbhopaghāta ଗର୍ଭସ୍ରାବ; ଜାତଗର୍ଭର ନାଶ; ଗଭୂର ପକାଇବା—
Miscarriage; abortion.

ଗର୍ଭୋପଘାତିନୀ—ସଂ. ବିଣ. ସ୍ତ୍ରୀ (ଗର୍ଭ+ଉପଘାତ+ଇନ୍+ସ୍ତ୍ରୀ. ଈ)—
Garbhopaghātinī ଯେଉଁ ଗାଈ ବା ସ୍ତ୍ରୀ ଅସମୟରେ ପୁନର୍ବାର ବୃଷ ବା ପୁରୁଷୋପଗମନାଦି ଯୋଗୁ ଗଭୂର ପକାଏ—
A cow or female which miscarries; female miscarrying from unseasonable gestation.

ଗର୍ହ୍ (ଧାତୁ)—ସଂ—ନିନ୍ଦା କରିବା—
Garh (root) To blame.

ଗର୍ହଣ—ସଂ. ବି. ( ଗର୍ହ୍ ଧାତୁ+ଭାବ. ଅନ )—୧ । ନିନ୍ଦା—
Garhaṇa 1. Censure; blame.
୨ । ଅଭିଯୋଗ; ଦୋଷାରୋପ—2. Laying blame; finding fault; charge; accusation.
୩ । ତିରସ୍କାର—3. Rebuking; reproach.
ଗ୍ରା. (ଇତର) ବି. ( ସଂ. ଗ୍ରହଣ )—
ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ—
Solar or lunar eclipse.

ଗର୍ହଣା—ସଂ. ବି. ( ଗର୍ହ୍ ଧାତୁ+ଭାବ. ଅନ+ଆ )—
Garhaṇā ଗର୍ହଣ ( ଦେଖ )
Garhaṇa ( See )

ଗର୍ହଣୀୟ—ସଂ. ବିଣ. ( ଗର୍ହ୍ ଧାତୁ+କର୍ମ. ଅନୀୟ )—
Garhaṇiya ୧ । ନିନ୍ଦ୍ୟ; ନିନ୍ଦନୀୟ—1. Blameworthy.
୨ । ମନ୍ଦ—2. Vile; bad; abominable.

ଗର୍ହନ୍—ପ୍ରାଦେ. (ସମ୍ବଲପୁର) ବି—ସୂର୍ଯ୍ୟୋପରାଗ ବା ଚନ୍ଦ୍ରଗ୍ରହଣ—
Garhan Solar or lunar eclipse.

ଗର୍ହା—ସଂ. ବି. (ଗର୍ହ ଧାତୁ+ଭାବ. ଅ+ଆ)—୧ । ନିନ୍ଦା—
Garhā 1. Censure.
୨ । ତିରସ୍କାର—2. Reproach.

ଗର୍ହିତ—ସଂ. ବିଣ. (ଗର୍ହ ଧାତୁ+କର୍ମ. ତ)—୧ । ନିନ୍ଦିତ—
Garhita 1. Blamed; censured.
୨ । ମନ୍ଦ—2. Bad; wrong.
୩ । କୁତ୍ସିତ—3. Reprehensive; vile.
ଗ୍ରା. (ଇତର) ବି—ଗରହିତ; ଅହିତ; ଅମଙ୍ଗଳ; ଅପକାର—Harm.
ଗ୍ରା. (ଇତର) ବିଣ—ଅନିଷ୍ଟଜନକ—Injurious.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳଲେ 'ଗାଇ ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଖୋଜିବେ; 'ବନ୍ଧୂ' ନ ମିଳଲେ 'ବନ୍ଧୁ' ଦେଖିବେ; ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗର୍ହ୍ୟ**—ସଂ. ବିଣ (ଗର୍ହ୍ ଧାତୁ + କର୍ମ. ଯ)—ଗର୍ହଣୀୟ ( ଦେଖ )—
Garhya — Garhaniya ( See)

**ଗଲ୍** (ଧାତୁ)—ସ—୧ । କ୍ଷରିତ ହେବା—
Gal (root) — 1. To ooze out.
୨ । ଭୋଜନ କରିବା—2. To eat.
୩ । ତରଳିବା—3. To melt.

**ଗଲ୍‌କିନା**—ଦେ. କ୍ରି. ବିଣ—୧ । କୁସୁଲା ଅଳଙ୍କାର ଅଙ୍ଗ ଦେହରୁ
Galkina ଦୂଠାରୁ ଖସି ପଡ଼ିବା ପ୍ରକାରେ—1. Loosely (like an ornament falling loose from a slender limb).
୨ । ଜଳୀୟ ପଦାର୍ଥ ଦୂଠାରୁ ପାତ୍ରରୁ ବୋହିଯିବା ପ୍ରକାରେ—
2. Gushingly (like liquid falling down from an upturned pot.)

**ଗଲ୍‌କିନି**—ଦେ. କ୍ରି. ବିଣ—ଗଲକିନା ( ଦେଖ )—
Galkini — Galkina ( See )

**ଗଲ୍‌ଗଲ୍**—ଦେ. ଅ (ଧ୍ୱନ୍ୟନୁକରଣ)—୧ । କୁସୁଲା ହେବା—
Galgal — 1. To become slack or loose.
ଗଳଗଳ ୨ । ଅବଲୀଳାକ୍ରମେ ତରଳ ପଦାର୍ଥ ଗଳାଧଃକରଣ ଶବ୍ଦ—
2. The gutteral sound due to gulping liquid down the throat.
ଦେ. ବିଣ—ଗଲଗଲିଆ ( ଦେଖ )—
Galagalia ( See )

**ଗଲ୍‌ଗଲ୍**—ଦେ. ଅ—୧ । କୁଣ୍ଡାଇ ହେବା—
Galgal — 1. To itch; an irritating sensation.
कनकन; खसखस
**कनकनाहट; चुनचुनाहट** ( ଯଥା—ବର୍ଷା ସାରୁ ବା ଓଲୁଅ ଖାଇ, ତଣ୍ଟି ଗଲ୍ ଗଲ୍ ହେବା । )
୨ । ଝଟଝଟ; ଅତ୍ୟନ୍ତ—2. Very much.
( ଯଥା—ଲାଲ ଗଲ୍ ଗଲ୍ । )

**ଗଲ୍‌ଜି**—ବୈଦେ. ବି ( ଅ. ଗଲୀଜ )—୧ । ବିଷ୍ଠା; ଗୁହ—
Galji — 1. Night soil.
गलिज ୨ । ଅଳିଆ—2. Refuse.
**गलीज** ୩ । ମଇଳା—3. Dirt.
ଦେ. ବିଣ—୧ । ଦୁର୍ଗନ୍ଧମୟ—1. Foetid.
୨ । ମଇଳା—2. Dirty.
୩ । ବିଷ୍ଠାପୂର୍ଣ୍ଣ—3. Full of night soil

**ଗଲ୍‌ତି**—ବୈଦେ. ବି ( ଅ. ଗଲ୍‌ତ=ଭ୍ରମ; ଭୁଲ )—୧ । ଗୁପ୍ତ ଛିଦ୍ର; ଯାହା ଥିବା ଯୋଗୁଁ କୌଣସି ପାତ୍ରସ୍ଥ ତରଳ ପଦାର୍ଥ ଅଜ୍ଞାତ
Galti ଭାବରେ ବହିଯାଏ—1. Secret leak or fracture in a vessel.
गलती
**गलती**
୨ । ଭ୍ରାନ୍ତି; ଭୁଲ—2. Mistake.
୩ । ଦୋଷ—3. Fault.
୪ । ଗୁପ୍ତ ଦୋଷ—4. Secret or hidden flaw.
୫ । ତ୍ରୁଟି—5. Shortcoming; defect.
୬ । କାର୍ଯ୍ୟରେ ଅବହେଳା—6. Negligence.
୭ । ମିଥ୍ୟା—7. Lie.
ଦେ. ବିଣ—୧ । ଦୋଷପୂର୍ଣ୍ଣ—1. Full of flaw.
୨ । ତ୍ରୁଟିପୂର୍ଣ୍ଣ—2. Defective.

**ଗଳ**—ସଂ. ବି ( ଗଳ ଧାତୁ=ଭୋଜନ କରିବା+କରଣ. ଅ )—
Gala ୧ । ବେକ—1. Neck.

ପୁଣି ଅର୍ଦ୍ଧଚନ୍ଦ୍ର ବାଣକୁ ସେ କାଢ଼ିଲ,
ବନ୍ଧଣ କାଟି ଦେଲେ ସଙ୍ଗେ ଛାଡ଼ିଲା ଗଳ । କୃଷ୍ଣସିଂହ, ମହାଭାରତ, କର୍ଣ୍ଣପର୍ବ ।

୨ । ଗଲା; କଣ୍ଠ—2. Throat.
୩ । ଶାଲ ଗଛରୁ ବାହାରିବା ଝୁଣା—
3. Raisin from the Sala tree.
୪ । ବାଦ୍ୟବିଶେଷ—4. A kind of drum.
୫ । କଣ୍ଠନାଳୀ—5. Larynx.
୬ । ଗଳାର ସ୍ୱର—6. The voice of the throat.
୭ । ରଜ୍ଜୁ—7 Rope.
୮ । ଗଡ଼ିଶ ମାଛ—1. A kind of fish.

**ଗଳକ**—ସଂ. ବି. ( ଗଳ + ସ୍ୱାର୍ଥେ. କ )
Galaka ୧ । ଗଳା; ତଣ୍ଟି—1. Throat.
୨ । ଏକ ପ୍ରକାର ମାଛ—
2. A kind of fish.

**ଗଳକଣ୍ଟକ**—ସ. ବି—ଗଳାରେ ଉଠିବା ମାରାତ୍ମକ ବ୍ରଣ—
Galakantaka A mortal boil on the throat.

**ଗଳକମ୍ବଳ**—ସ. ବି. ( ୬ଷ୍ଠୀ ତତ୍; ଗଳଦେଶ ତଳେ ଲମ୍ବିତ
Galakambala କମ୍ବଳାକୃତି ଚର୍ମ )—
ଗୋରୁଙ୍କ ଗଳଦେଶ ତଳେ ଲମ୍ବିଥିବା କମ୍ବଳ ଆକୃତିର ଚର୍ମାଚ୍ଛାଦିତ ମାଂସ; ସାସ୍ନା—
A bull's or cow's dewlap; the flap of skin hanging down he neck of cattle.

**ଗଳଗଣ୍ଡ**—ସ. ବି. ( ୭ମୀ ତତ୍; ଗଳ+ଗଣ୍ଡ )—
Galaganda ୧ । ରୋଗବିଶେଷ, ଗଳଦେଶରେ ବାହାରିବା ସ୍ଥୂଳ-ମାଂସପିଣ୍ଡ ବା ଅର୍ବୁ—
1. Goitre; Derbyshire neck.
୨ । ଗଳାର ଗ୍ରନ୍ଥି ଫୁଲା ଓ ତଦ୍ରୂପ ରୋଗ—
2. The swelling of the glands of the neck.
୩ । ହାଡ଼ଗିଳା ପକ୍ଷୀ—3. Indian Adjutant bird.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଝ | ଙ୍କ | ଇପ୍ସ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଊ | ନ |

**ଗଲଗଲ ହେବା**—ଦେ. କ୍ରି—୧ । କୁଣ୍ଡାଇ ହେବା—1. To itch.
Galagala hebā ୨ । (ଲକ୍ଷଣାର୍ଥ) (ମନ) ଉବେଗ ଖବେଗ-
चुलकाना ହେବା—2. To feel restless to do an act.
**चुलचुलाना**

**ଗଲଗଲିଆ**—ଦେ. ଵଣ. (ଯାହା ଗଲପଡ଼େ)—୧ । ଢ଼ିଲା—
Galagaliā 1. Slack; loose.
ଢଲଢଲ ୨ । ପାତ୍ରରୁ ଢଳେଷ ପରିମାଣରେ ଅଜାଡ଼ି ହୋଇ-
**ढीला** ପଡ଼ୁଥିବା ( ତରଳ ପଦାର୍ଥ )—
2. Profusely poured; ( liquid ) flowing; profusely.

**ଗଲଗଲିଆ**—ଦେ. ଵଣ—ଯେଉଁ ପଦାର୍ଥ ( ସାରୁ, ଓଲୁଅ ) ଦେହରେ
Galagaliā ଲଗାଇଲେ ଦେହ ଗଲୁ କରେ ବା ଖାଇଲେ ତଣ୍ଟି ଗଲୁ କରେ—( things ) Which produce irritation when applied to the body or eaten.
ପ୍ରାଦେ. (ବସ୍ତର) ବି—( ଭୁଲ. ହି. ଗଲ୍‌ଗଲ୍=ଟେଭା )—
ଟେଭା-ଲେମ୍ବୁ—Big lemon.

**ଗଲଗଲୁଆ**—ଦେ. ଵଣ—ଗଲଗଲିଆ ( ଦେଖ )
Galagaluā Galagaliā ( See )

**ଗଲଗଲେଇବା**—ଦେ. କ୍ରି—ଗଲଗଲ ଲାଗିବା; ଗଡଗଡ ଲାଗିବା—
Galagaleibā To produce itching in the throat when eaten.

**ଗଲଗାଜିବା**—ଦେ. କ୍ରି. ( ସଂ. ଗଲଗର୍ଜନ )—
Galagājibā ଗଳାଦ୍ୱାରା ଗର୍ଜନ କରିବା—To produce a
**गलगाजना** roaring sound by the throat.

**ଗଲଗ୍ରହ**—ସଂ. ବି. (ଗଲ+ଗ୍ରହ)—୧ । ଅନ୍ୟର ବେକ ଧରିବା—
Galagraha 1. Seizing by the throat.
୨ । ତଣ୍ଟି ଚପିବା—2. Throttling.
୩ । ଅକାରଣରେ ଅନିଚ୍ଛାପୂର୍ବକ ଯେଉଁ ବ୍ୟକ୍ତିର ଭାର ଆପଣା-
ଉପରେ ନେବାକୁ ହୁଏ—
3. A hanger-on; a burden upon one's shoulders.
୪ । ସ୍ୱୟଂ ଉପସ୍ଥିତ ଅପରିହାର୍ଯ୍ୟ ଦାୟିତ୍ୱ ବା ଅପବାଦ—
4. An unavoidable responsibility or danger.
୫ । ବେକଫୁଲା ରୋଗ—
5. Swelling of the throat and neck.
୬ । ମାଛର କଣ୍ଟା—6. Slender fish-bone.
୭ । ଆପଣା ଉପରେ ନ୍ୟସ୍ତ ଅସମାପ୍ତ କର୍ମ—
7. A self-imposed unaccomplished task.
୮ । କୃଷ୍ଣପକ୍ଷର ଚତୁର୍ଥୀ, ସପ୍ତମୀ, ଅଷ୍ଟମୀ, ନବମୀ, ତ୍ରୟୋଦଶୀ, ଚତୁର୍ଦ୍ଦଶୀ ଓ ଅମାବାସ୍ୟା ତିଥି—
8. Name of the 4th, 7th, 8th, 9th, 13th, 14th and new moon days of the dark fortnight.
୯ । ଯେଉଁ ଦିନ ପଢ଼ା ଆରମ୍ଭ କରାଯାଏ କିନ୍ତୁ ତହିଁ ଆର-
ଦିନ ଅନଧ୍ୟୟନ ତିଥି ପଡ଼େ—
9. A day on which a course of studies is begun but the next day of which reading is prohibited according to the Hindu-scriptures.
୧୦ । ଆରମ୍ଭ ହୋଇ ହଠାତ୍ ବନ୍ଦ କରାଯିବା ପାଠ—
10. Study begun but immediately interrupted or discontinued.

**ଗଲଗ୍ରହଣ**—ସଂ. ବି—ଗଲଗ୍ରହ ( ଦେଖ )
Galagrahaṇa Galagraha ( See )

**ଗଲଘଣ୍ଟା**—ଦେ. ବି—ଗୋଳମାଳ—
Galaghaṭā Noise; ado; uproar; confusion
**गलबल** ( Hawells ).

**ଗଲଚମ**—ଦେ. ବି. ( ସଂ. ଗଲଚର୍ମ )—
Galachama ୧ । ଗଲକମ୍ବଳ—1. Dewlap.
୨ । ଅଜାଗଲସ୍ତନ—
2. Long wart hanging from the neck of a goat.

ବଦନ ଅଙ୍ଗଗ୍ରହନ, ଥନକୁ ଗଲଚମକୁ ଧର ବୋଲି
ଦୁହିଁଲେ ଗୋ—କବିସୂର୍ଯ୍ୟ. ସଙ୍ଗୀତ ।

**ଗଲଚର୍ମ**—ସଂ. ବି. ( ଗଲ+ଚର୍ମନ୍; ୬ଷ୍ଠୀ. ତତ୍. )—ତଣ୍ଟି; ଚୋଟି—
Galacharma Throat; gullet.

**ଗଲତ୍**—ସଂ. ଵଣ. (ଗଲ୍ ଧାତୁ=କ୍ଷରିତ ହେବା+କର୍ତ୍ତୃ. ଅତ୍, ଶତୃ)—
Galat କ୍ଷରିତ ହେଉଥିବା; ବୋହୁଥିବା—
Oozing; percolating.
ଦେ. ବି ଓ ଵଣ—ଗଲତ୍ ( ଦେଖ )—Galat ( See )

**ଗଲତ୍**—ବୈଦେ. ବି. ( ଅ. ଗଲତ୍=ଭ୍ରମ; ଭୁଲ୍ )—
Galat ଗଲ୍ତି ( ଦେଖ )—Galti ( See )
ଗଲତ୍ ଦଣ୍ଡିଛାରେ ଗଲତ—ଚଳ ।
**गलत** ଵଣ—୧ । ଭ୍ରମପୂର୍ଣ୍ଣ, ଭ୍ରାନ୍ତ—
1. Mistaken; full of mistakes.
୨ । ଦୋଷପୂର୍ଣ୍ଣ—2. Full of defect; defective.
୩ । ଅଶୁଦ୍ଧ—3. Incorrect.
୪ । ତ୍ରୁଟି—4. Negligence; laches.

**ଗଲତ୍‌କୁଷ୍ଠ**—ସଂ. ବି. ( ଗଲତ୍+କୁଷ୍ଠ )—ଯେଉଁ ମହାବ୍ୟାଧି ( କୁଷ୍ଠ
Galatkushṭha ରୋଗ ) ଦ୍ୱାରା ଅଙ୍ଗପ୍ରତ୍ୟଙ୍ଗରେ ଘାଆ
( ଗଲତ୍‌କୁଷ୍ଠୀ—ଷ୍ଠୀ ) ହୋଇ ରକ୍ତ ପୂଜ କ୍ଷରିତ ହୁଏ; କ୍ଷତଯୁକ୍ତ
କୁଷ୍ଠ—Oozing leprosy; Psoriasis.

**ଗଲଥନ**—ଦେ. ବି. ( ସଂ. ଗଲ ସ୍ତନ )—ଅଜାଗଲସ୍ତନ—
Galathana Long wart hanging from the neck of
**गलथना** a goat.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ବନ୍ଧ' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼', ଦେଖିବେ ।

**ଗଲଥା**—ଦେ. ବି. ( ସଂ. ଗଲହସ୍ତ )—
Galathā ୧ । ବେକର ସାମନାଅଡ଼େ ଅର୍ଥାତ୍ ତଣ୍ଟିରେ ଧକ୍କା ଦେବା; ତଣ୍ଟିଆ—
গলাধাকা
धक्का 1. A push by the throat; throttling.

ପୂର୍ବ ଭ୍ରାତୃ ପ୍ରୀତ ଗଲେ ପ୍ରଦାନ ଗଲଥା
ଅଣିଲ୍ଲ ଅନନ୍ତ କୋପ ଧର୍ଷ ଅଦ୍ଭିକା । ଚିନ୍ତାମଣି, ବଜ୍ରମାଦଳ ।

୨ । ବେକର ପଛ ଅଡ଼ରେ ଧକ୍କା ଦେବା; ଦାବୁକା—
2. A push by the neck; collaring.

ଦବେଙ୍କ ଚେକ୍ରୁ ଲଗାଏ ଗଲଥା । ଜଗନ୍ନାଥ ।

**ଗଲଥିବା**—ଦେ. କ୍ରି. ( ସଂ. ଗଲହସ୍ତ )—
Galathibā ୧ । ତଣ୍ଟିଆ ଦେବା—
গলাধাকাদেওয়া 1. To push by the neck.
ढकेलना ୨ । ବେକରେ ଧକ୍କା ମାରି ଘଉଡ଼ିବା—
2. To drive out by giving a push by the neck.

**ଗଲଦ୍**—ବୈଦେ. ବି ଓ ବିଣ—ଗଲତ୍ ( ଦେଖ )
Galad Galat ( See )

**ଗଲଦ୍ଘର୍ମ**—ସଂ. ବିଣ. ( ବହୁବ୍ରୀହି; ଗଲତ୍+ଘର୍ମ )—
Galadgharma ( ପରିଶ୍ରମ ବା ଭୟ ହେତୁରୁ ) ଯାହା ଦେହରୁ ବେଶି ଝାଳ ବୋହି ଯାଉଥାଏ—
In a state of profuse perspiration; with sweat breaking out in big drops.

ସଂ. ବି. ( କର୍ମଧା )—ଶରୀରରୁ ବୋହୁଥିବା ଝାଳ—
Running sweat.

**ଗଲଦଶ୍ରୁ**—ସଂ. ବିଣ. ( ବହୁବ୍ରୀହି; ଗଲତ୍+ଅଶ୍ରୁ )—
Galadaśru ୧ । ଯାହା ଆଖିରୁ ଲୁହ ବୋହି ଯାଉଅଛି—
1. With tears trickling or rolling down.

୨ । ଲୁହ ଗଡ଼ୁଥିବା ( ନେତ୍ର )—
2. (eys) With tears rolling down.

ଉଦ୍‌ବେଳ ସାଗର ପ୍ରାୟ ଲକ୍ଷ ଲକ୍ଷ ପ୍ରଜା
ଗଲଦଶ୍ରୁ ନେତ୍ରେ, ପୁଣ ସାଜ ସ୍ଥିର ବେଶେ । ଜଗନ୍ନାଥ. ମହାଯାତ୍ରା ।

ସଂ. ବି. ( କର୍ମଧା )—
ବୋହୁଥିବା ଲୁହ—Trickling tears

**ଗଲଦା ଚିଙ୍ଗୁଡ଼ି**—ଦେ. ବି. ( ଆ. ଗଲ୍ଲା=ଦଳ; ପୁଞ୍ଜ+ସ. ଶିଙ୍ଗଟ; ଏମାନେ ସମୁଦ୍ରରେ ଦଳ ଦଳ ହୋଇ ବିଚରଣ କରୁଥିବାରୁ )—
Galadā chiṅgurḍi
গল্লাচিঙ্গুড়ি
गल्दाझिंगा ବଡ଼ ଚିଙ୍ଗୁଡ଼ି ମାଛ; ବଡ଼ ବାଲିଆ ଚିଙ୍ଗୁଡ଼ି—
Prawn; large shrimp.

**ଗଲଦେଶ**—ସଂ. ବି. ( ରୂପକ; ଗଲ+ଦେଶ )—ବେକ; ତଣ୍ଟି; ଗଳା—
Galadēśa Neck; throat.

**ଗଲଦ୍ୱାର**—ସଂ. ବି. ( ଷଷ୍ଠୀ ତତ୍; ଗଲ+ଦ୍ୱାର )—ମୁଖ; ପାଟି—
Galadwāra Mouth.

**ଗଲନ**—ସଂ. ବି. ( ଗଲ୍ ଧାତୁ+ଭାବ. ଅନ )—
Galana ୧ । ଦ୍ରବ ହେବା; ତରଳିବା—1. Melting.
୨ । ଝରିବା; ଗଳି ପଡ଼ିବା; ବହିବା—2. Oozing.
୩ । ଠୋପା ଠୋପା ପଡ଼ିବା—3. Dripping.
୪ । କଣା ବା ଫାଟ ବାଟେ ବହିବା—4. Leaking.

**ଗଲନୀୟ**—ସଂ. ବିଣ. ( ଗଲ୍ ଧାତୁ+ଅନୀୟ )—୧ । ଦ୍ରବଣୀୟ;
Galaniya ତରଳିବାର ଯୋଗ୍ୟ—1. Fusible.
୨ । ଗୋଳି ହୋଇଯିବା ଯୋଗ୍ୟ—Soluble.

**ଗଲନ୍ତିକା**—ସଂ. ବି. ( ଗଲ୍ ଧାତୁ+ଅନ୍ତ+ସ୍ୱାର୍ଥେ. କ+ସ୍ତ୍ରୀ. ଆ )—
Galantikā ୧ । ( ଯହିଁରୁ ପାଣି ଝରେ ) ଝରି; ଗଡ଼ୁ—
1. A spouted water-pot.
୨ । ବସୁନ୍ଧରା ଘଡ଼ି; ଯେଉଁ ଘଡ଼ିର ତଳେ କଣାରୁ ପାଣି ଠୋପା-ଠୋପା ବୋହି ତୁଳସୀ ଗଛ ବା ଦେବତାଙ୍କ ଉପରେ ପଡ଼େ—2. A small water-jar with a hole at the bottom from which water drops on Tuḻasi tree or some Idol

**ଗଲପ**—ଗ୍ରା. (ପଦ୍ୟ) ବି—ଗଳ୍ପ ( ଦେଖ )
Galapa Galpa ( See )

ଅଳପବୟସୀ ଅଳପକେ ହସି ଗଲପ କରନ୍ତି ବସି ।
ନନ୍ଦକିଶୋର—ଶର୍ମିଷ୍ଠା ।

**ଗଲପିବା**—ଗ୍ରା. (ପଦ୍ୟ) କ୍ରି—ଗଳ୍ପ କରିବା—
Galapibā To talk.

ପଣ୍ଡିତା ମାଗଣ ସ୍ନାନ ସାରି ଅଛି
ତୁଅଁ ତଳପାଶେ ଗଲପନ୍ତି ବସି । ଭାଗୀରଥୀଚରଣ—ଋଷିକୁଲ୍ୟା ।

**ଗଲବନ୍ଧ**—ଦେ. ବି. ( ସଂ. ଗଲବନ୍ଧନ )—ଗଳା ଚାରିପାଖେ ଗୁଡ଼ାଯିବା ବସ୍ତ୍ର ଖଣ୍ଡ—Neck-tie.
Galabanda
গলাবন্দ
गलबन्दनी

**ଗଲବନ୍ଧନ**—ସଂ. ବି. ( ଗଲ+ବନ୍ଧନ )—
Galabandhana ୧ । ଗଳାଚାରିପାଖେ ବନ୍ଧା ହେବା ରଜ୍ଜୁ ବା ବସ୍ତ୍ର—
1. A piece of cloth tied round the neck; neck-tie.
୨ । ଗୋରୁ ଗାଈଙ୍କ ବେକର ପଘା—
2. A rope with a halter.

**ଗଲବସ୍ତ୍ର**—ସଂ. ବିଣ. ( ବହୁବ୍ରୀହି; ଗଲ+ବସ୍ତ୍ର )—
Galabastra ବେକରେ ଲୁଗା ପକାଇ ଅନୁସରଣ କରୁଥିବା; ବିନୟ, ଦୀନତା, ଦୈନ୍ୟ ପ୍ରଭୃତି ପ୍ରକାଶାର୍ଥ ଯେଉଁ ବ୍ୟକ୍ତି ପରଆଗରେ ବେକରେ ଲୁଗା ପକାଇ ଠିଆ-ହୋଇଥାଏ—In an attitude of object humility with a piece of cloth thrown round one's neck.

ମାନସେ କରି ପୂଜନ କରି ଆତ୍ମନିବେଦନ
ଗଲବସ୍ତ୍ର ହୋଇ କୃପା ଭିକ୍ଷା କରନ୍ତି । ଗୋପୀନାଥ—ଭକ୍ତିଧାରା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ |

[ ଦ୍ର—ଆମ ଦେଶରେ ଅତି ଦୈନ୍ୟସୂଚକ ପ୍ରାର୍ଥନା ବେଳେ 'ବେକରେ ପାଲଦଉଡ଼ି', 'ଦାନ୍ତରେ କୁଟା' ଧରିବାର ରୀତି ଅଛି । ]

**ଗଳବ୍ରତ**—ସଂ. ବି. ( ବହୁବ୍ରୀହି; ଗଳ=(ସର୍ପ) ଭକ୍ଷଣ + ବ୍ରତ )—
Galabrata ମୟୂର—Peacock

**ଗଳମେଖଳା**—ସଂ. ବି. ( ୬ଷ୍ଠୀ ତତ୍ )—ବେକର ହାର—
Galamekhalā Necklace.

**ଗଳଲଗ୍ନ**—ସଂ. ବିଣ. (୭ମୀତତ୍; ଗଳ + ଲଗ୍ନ)—୧ । ଗଳାରେ ଜଡ଼ିତ-
Galalagna 1. Attached to the neck.
୨ । ତଣ୍ଟିରେ ଅଟକି ଯିବା—
2. Sticking to the throat.

**ଗଳଲଗ୍ନୀକୃତବାସାଃ**—ସଂ. ବିଣ ( ବହୁବ୍ରୀହି ଗଳ + ଲଗ୍ନୀକୃତ + ବାସସ୍;
Galalagnī krutabāsāḥ ଗଳ+ଲଗ୍ନୀକୃତ ( ୭ମୀ ତତ୍ ) +ବାସଃ )—
ଗଳବସ୍ତ୍ର ( ଦେଖ )
Galabastra ( See )

**ଗଳଶୁଣ୍ଡିକା**—ସଂ. ବି. ( ଗଳ+ଶୁଣ୍ଡ+କ+ସ୍ତ୍ରୀ. ଆ; ହାତୀଶୁଣ୍ଡ ପରି
Galaśuṇḍikā ଯାହା ଗଳା ମଧ୍ୟରେ ଝୁଲୁ ଥାଏ )—
୧ । ଘଣ୍ଟିକା; ଗଳାଭିତରେ ଝୁଲୁ ଥିବା ଜିହ୍ୱାମୂଳ ମାଂସପିଣ୍ଡ—
1. Uvula.
୨ । ଘଣ୍ଟିକା ବଢ଼ିବା ରୋଗ—2. Tonsilitis; quinsy.

**ଗଳଶୁଣ୍ଡୀ**—ସଂ. ବି—ଗଳଶୁଣ୍ଡିକା ( ଦେଖ )
Galaśuṇḍī Galaśuṇḍikā ( See )

**ଗଳସ୍ତନ**—ସଂ. ବି. ( ଗଳ+ସ୍ତନ )—
Galastana ୧ । (୬ଷ୍ଠୀ ତତ୍) ଛେଳି ବେକ ତଳେ ସ୍ତନ (ଚର)-ଭଳି ଝୁଲୁଥିବା ମାଂସ ଖଣ୍ଡ—1. Long wart hanging down the neck of a goat.
ଅଜାଗଳସ୍ତନ ନ୍ୟାୟ—ପ୍ରବଚନ ।
୨ । ( ବହୁବ୍ରୀହି ) ଅଣ୍ଡିରା ଛେଳି—2. A he-goat.

**ଗଳସ୍ତନୀ**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଗଳ+ସ୍ତନ+ସ୍ତ୍ରୀ. ଈ )—
Galastanī ଛାଗୀ; ମାଈଛେଳି—A she-goat

**ଗଳହଟା**—ଦେ. ବି.—ଗଳଘଟା (ଦେଖ)
Galahaṭā Galaghaṭā (See)

**ଗଳହସ୍ତ**—ସଂ. ବି.—(୭ମୀ ତତ୍)—୧ । ଗଳଥା; ଗଳାଧକ୍କା; ତଣ୍ଟିଅ;
Galahasta ଗଳାଚିପା; ଅର୍ଦ୍ଧଚନ୍ଦ୍ର; ଅବମାନନା ସହିତ କୌଣସି ବ୍ୟକ୍ତିଙ୍କୁ ବହିଷ୍କୃତ କରିବା ନିମନ୍ତେ ତା ବେକରେ ହାତ ଦ୍ୱାରା ଧାକ୍କା ଦେବା—1. Collaring; pushing one by the neck.
୨ । ବୁଢ଼ାଅଙ୍ଗୁଠି ଓ ତର୍ଜନୀଅଙ୍ଗୁଠିର ଅର୍ଦ୍ଧଚନ୍ଦ୍ରାକୃତି ବିସ୍ତାର—2. The semicircular span of the thumb and index finger.
୩ । ତଣ୍ଟି ଚିପା—3. Throttling.

ସଂ. ବିଣ.—(ବହୁବ୍ରୀହି)—ଯେ ଅନ୍ୟକୁ ତଣ୍ଟିଆ ଦିଅଏ—
Collaring.

**ଗଳହସ୍ତିତ**—ସଂ. ବିଣ. ( ଗଳହସ୍ତ+ଇତ )—ଗଳାରେ ଧକ୍କା ଦେଇ
Galahastita ଯାହାକୁ ବାହାର କରି ଦିଆ ଯାଏ—Collared; driven away from a place by being collared.

**ଗଳା**—ଦେ. ବି. (ସଂ. ଗଳ)—୧ । ଗଳଦେଶ; କଣ୍ଠ; ତଣ୍ଟି, ଚୋଟି—
Galā 1. Throat.
ଗଲା ଆଦରରେ ଏହାକୁ କରନ୍ତି ମୁଁ ନିଜ ଗଳାର ହାର । ରାଧାନାଥ. ଉଷା ।
गला
୨ । କଣ୍ଠନାଳୀ—2. Larynx.
୩ । କଣ୍ଠସ୍ୱର; କଣ୍ଠଧ୍ୱନି—3. One's voice.
୪ । (ସଂ. ଗଳ ଧାତୁ) ଗଳିବା—
4. Piercing; thrusting.
୫ । ଭାତ ବା ତରକାରୀରୁ ପେଜ ବା ପାଣି ଗାଳିବା—
5. Sifting of water from boiled rice or curry.
ଦେ. ବିଣ. (ସଂ. ଗଳ ଧାତୁ)—୧ । ଗଳିତ; ତରଳିତ; ଦ୍ରବୀଭୂତ-
1. Melted; fused.
୨ । ଯହିଁରୁ ( ଅନ୍ନ ବ୍ୟଞ୍ଜନାଦିରୁ ) ପେଜ ବା ପାଣି ଗଳା ବା ନିଗିଡ଼ା ହୋଇ ଥାଏ—2. From which redundant water has been oozed out.

**ଗଲା**—ଦେ. ବିଣ.—୧ । (ସଂ. ଗମ ଧାତୁ)—ଗତ (ବର୍ଷ)—
Galā 1. Last (year).
গেল ୨ । ଯେ ଯାଇ ଅଛି—2. One that has gone.
गया ୩ । ଯେ ଯାଉଅଛି—3. One who is going.
(ଯଥା—ଗଲା ମନୁଷ୍ୟ ହାତରେ ଭୁବନ୍ତ ପଠାଇ ଦେବ ।)
କ୍ରିୟା—ଗମ ଧାତୁ ଅତୀତକାଳ ତୃତୀୟ ପୁରୁଷ ଅନାଦର ଏକବଚନରେ ରୂପ—The form of the verb 'To go' in past tense 3rd person singular.

**ଗଲାଅଇଲା**—ଦେ. ବିଣ.—ଯିବା ଆସିବା କରୁଥିବା; ଗମନାଗମନକାରୀ
Galāailā (ବ୍ୟକ୍ତି)—Coming and going.
**आयागया** ଦେ. ବି.—ଅତିଥି ବା ବ୍ୟକ୍ତିଗଣ—
Visitors; guests.
(ଯଥା—ଏ ଘରରେ ଗଲା ଅଇଲା ଖବର ବୁଝିବାର ଭାର ମୋ ଉପରେ ଦିଆ ଯାଇଛି ।)

**ଗଲାଅୱାଜ**—ଦେ. ବି.—( ସଂ. ଗଳ+ଫା. ଅୱାଜ୍ )—ଗଳାଦ୍ୱାରା ଶବ୍ଦ-
Galāawāj ପ୍ରକାଶ—Uttering a sound by the throat.
গলারআবাজ
**गलाकाआवाज**

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରଣ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ଦଧି' ନ ମିଳିଲେ 'ଦଧି' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଗଲାଇବା—ଦେ. କ୍ରି.—(ସଂ. ଗଲ ଧାତୁ)—(ଗଳିବାର ଣିଜନ୍ତ)—
Galāibā ୧ । ପ୍ରବେଶ କରାଇବା—1. To thrust a thing
ঢুকান (e.g. a thread) into another (e.g.
ढकेलना the eye of a needle.)
୨ । ତରଳାଇବା—2. To melt.
গলান ୩ । ଗୁନ୍ଥିବା; ଗ୍ରଥିତ କରିବା—
गलाना 3. To string together.

ତୋର ମୁଁ ସୁମନାମନାନନ୍ଦଦାୟୀ ପାଇଁ ସୂତ୍ରରେ ଗଳାଇବ ।
ଭଞ୍ଜ. ପ୍ରେମସୁଧାନିଧି ।

୪ । (ଗାଳିବାର ଣିଜନ୍ତ) ଅନ୍ୟ ବ୍ୟକ୍ତି ଦ୍ୱାରା ଭାତହାଣ୍ଡିରେ ଥିବା ସିଦ୍ଧ ଅନ୍ନରୁ ପେଜ ନିଗଡ଼ାଇବା—
4. To cause another to sift the redundant rice-water from the boiled rice.

ଗଲାଉତ୍ତାରୁ—ଦେ. ଅ—୧ । ଗିବା ପରେ—
Galāuttāru 1. After one went away.
୨ । ପରେ—2. Afterwards.
୩ । କୌଣସି କୌଣସି ବ୍ୟକ୍ତିଙ୍କର କଥା କହିବା ସମୟରେ ମୁଦ୍ରା ଦୋଷ ବା ଅଭ୍ୟାସଜନିତ ନିରର୍ଥକ ବାକ୍ୟ—
3. An unmeaning phrase repeatedly used by persons in the course of a narration or talk.

ଗଲାକଟା—ଦେ. ବି—ମୁଣ୍ଡ ବାଣିବା—
Galākaṭā Decapitation.
গলাকাটা ଦେ. ବିଣ—୧ । ଯେ ଗଳାକୁ କାଟେ—
गलाकाटना 1. One who beheads another person; murderer.
୨ । ଅନ୍ୟର ସର୍ବନାଶକାରୀ—
2. One who brings about another's utter ruin.

ଗଲାକଥା—ଦେ. ବି—ଅତୀତ ବିଷୟ; ଗତ କଥା—
Galākathā Past thing.
গতকথা ଶିଖିଣିତ ଗଲାକଥାରେ ସଙ୍ଗାତ ଗଣିଣିତ ଗଲାକଥା ।
गयाबात କବିସୂର୍ଯ୍ୟ, ଚମ୍ପୂ ।

ଗଲା କାଟିବା—ଦେ. କ୍ରି—୧ । ଦେହରୁ ମୁଣ୍ଡ ବିଚ୍ଛିନ୍ନ କରିବା—
Galā kāṭibā 1. To decapitate; to behead.
গলাকাটা ୨ । ସର୍ବନାଶ ଘଟାଇବା—
गलाकाटना 2. To utterely ruin a person.

ଗଲାକାଲି—ଦେ. ଅ—ଗତକାଲି—
Galākāli Yesterday.
গতকল্য
कलकाबातादिन

ଗଲାଖଁଖଁ—ଦେ. ବି—କାଶ ଓ ଥଣ୍ଡା ଯୋଗୁଁ ଗଳାର ସ୍ୱରବିକୃତି ଓ
Galākhaṅkhaṅ ଖଣ୍ଡିକାଶ—Interrupted cough and change of voice due to cough and cold.

ଗଲାଖଙ୍କାର—ଦେ ବି—୧ । ଗଲଗର୍ଜନ—
Galākhaṅkāra 1. Roaring by the throat.
গলাখেঁকার ୨ । କାଶିବାଦ୍ୱାରା ଗଳାର ନାଳୀକୁ ଶ୍ଳେଷ୍ମା ପରିଷ୍କୃତ
गलाखखारना କରିବା—2. Clearing of the throat by coughing up the phlegm.

ଗଲାଖଙ୍କାର ଦେବା—ଦେ. କ୍ରି—ଗଲାଖଙ୍କାର ମାରିବା (ଦେଖ)
Galākhaṅkāra debā Galākhaṅkāra māribā (See)

ଗଲାଖଙ୍କାର ମାରିବା—ଦେ. କ୍ରି—ସ୍ୱୀୟ ଉପସ୍ଥିତି ବା ଗରିମା ପ୍ରକଟିତ
Galākhaṅkāra māribā କରିବା ଉଦ୍ଦେଶ୍ୟରେ ଗଳାଦ୍ୱାରା
গলাখেঁকারা ଶବ୍ଦ କରିବା; ଖଣ୍ଡିକାଶ ମାରିବା—
गलाखखारना To cough up the phlegm and clear the throat (with a view to make one's presence felt in a crowd or in the dark).

ଗଲାଖଙ୍କାରି—ଦେ. ବି—ଗଲାଖଙ୍କାର (ଦେଖ)
Galākhaṅkāri Galākhaṅkāra (See)

ଗଲା ଖଙ୍କାରିବା—ଦେ. କ୍ରି.—୧ । ଗଲଗର୍ଜନ କରିବା—
Galā khaṅkāribā 1. To roar by the throat.
গলাখেঁকারা ୨ । ଗଳାନାଳୀକୁ ଶ୍ଳେଷ୍ମା ପରିଷ୍କାର କରିବା ନିମନ୍ତେ
गलाखखारना କାଶିବା—2. To clear the throat by coughing.

ଗଲା ଖୁଁ ଖୁଁ—ଦେ. ବି.—ଗଲା ଖଁ ଖଁ (ଦେଖ)
Galākhuṅ khuṅ Galā khaṅ khaṅ (See)

ଗଲାଖେଙ୍କା (ଇତ୍ୟାଦି)—ଦେ. ବି.—ଗଲାଖଙ୍କାର ଇତ୍ୟାଦି (ଦେଖ)
Galākheṅkā (etc) Galākhaṅkāra etc (See)

ଗଲାଗଲି—ଦେ. ବି—(ସଂ. ଗଲ)—୧ । ଅନ୍ୟୋନ୍ୟରେ ଗଳା ଧରା ଧରି
Galāgali ହୋଇ ଯୁଦ୍ଧ—1 Mutual fighting, each
গলাগলি holding the other's throat.
୨ । ଅନ୍ୟୋନ୍ୟର ଅଙ୍ଗସନ୍ଧିରେ ଅପରର ଅଙ୍ଗୁଳି ଅଗ୍ର ପ୍ରବେଶ କରାଇବା—3. Two persons poking the fingers into each other's cavities of the body.
୩ । ପରସ୍ପର ମଧ୍ୟରେ ଅତି ଘନିଷ୍ଠ ପ୍ରୀତି ବା ସଦ୍‌ଭାବ—
3. Close or very intimate friendship between two persons as if the body of one entering into the body of the other; two persons being thick with each others.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ଦନ୍ତ୍ୟବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଋପ୍ | ଢ଼ଅ | ଛ |
| ୨ | ଈ | ଊ | ରୁ | ଲ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଋଅ | ଡ଼ | ନ |

୪ । ଗଳାଇବା; ପ୍ରବେଶ କରାଇବା—
4. Thrusting.

୫ । ଅତି କଷ୍ଟରେ ବହୁଜନସମାଗମସ୍ଥଳରେ ସଙ୍କୀର୍ଣ୍ଣ ବ୍ୟବଧାନ ମଧ୍ୟରେ ଆପଣା ଶରୀରକୁ ପ୍ରବେଶ କରାଇବା —
5. Thrusting one's self into a thickly pressing assembly.

ହିଂ. ଭଣ—୧ । ଅନ୍ୟୋନ୍ୟରେ ଗଳା ଧରାଧରି ହୋଇ ଯୁଦ୍ଧ କରୁଥିବା—1. Fighting with each other by holding the neck.

୨ । ଅନ୍ୟୋନ୍ୟର ଅଙ୍ଗରେ ଅପରର ଅଙ୍ଗୁଳି ଆଦି ପ୍ରବେଶ କରାକରି—2. Mutually thrusting the fingers of one into the other's cavities of the body.

୩ । ପରସ୍ପର ମଧ୍ୟରେ ଅତି ଘନିଷ୍ଠ ପ୍ରୀତି ବା ସଦ୍ଭାବ ଥିବା—
3. In deep or intimate friendship with each other.

୪ । ଅନ୍ୟୋନ୍ୟରେ ଗଳାଉଥିବା; ପ୍ରବେଶ କରାକରି ହେଉଥିବା—4. Mutually thrusting.

ଅନ୍ୟୋନ୍ୟରେ ଦୁହେଁ କବଚ ଗଳାଗଳି-
ହେଲେ ସରଳନା କହିଣ ଶରାବଳି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୫ । ଅତି କଷ୍ଟରେ ବହୁଜନସମାଗମ ସ୍ଥଳରେ ବ୍ୟବଧାନ ମଧ୍ୟରେ ଆପଣା ଶରୀରକୁ ପ୍ରବେଶ କରାଉଥିବା—
5. Thrusting one's self with great difficulty into a crowd.

**ଗଳା ଘଁଘଁ**—ଦେ. ବ—ଗଳା ଖଁଖଁ ( ଦେଖ )
Ga*l*ā ghañghañ — Ga*l*ā khañkhañ ( See )

**ଗଳା ଘଡ଼ଘଡ଼**—ଦେ ବ. ( ସଂ. ଗଳା+ଘର୍ଘର )—ସରଦି, ସନ୍ନିପାତ ବା ଆସନ୍ନ ମୃତ୍ୟୁ ଯୋଗୁଁ ଗଳାରେ ଶ୍ଳେଷ୍ମା ଜମିବାରୁ ନିଶ୍ୱାସପ୍ରଶ୍ୱାସ ସମୟରେ ଶ୍ଳେଷ୍ମା-ଜନିତ ଘଡ଼ଘଡ଼ ଶବ୍ଦ—Gurgling sound due to the breath passing through the larynx choked with phlegm ( due to cold or impending death).
Ga*l*ā ghar*d*aghar*d*a
गलाघड़घड़ानि
**गलाकाहड़दड़**

**ଗଳାଚପା** - ପ୍ରାଦେ. ( ବାଲେଶ୍ୱର ) ବ. ( ଭୁଲ. ଗଳାଚୁପା )—
Ga*l*āchāpā — ଶ୍ୱାସରୋଧ—Strangulation.

**ଗଳାଚିପିବା**—ଦେ. କ୍ରି—ଅଙ୍ଗୁଠିଦ୍ୱାରା ତଣ୍ଟି ଚିପି ଶ୍ୱାସରୋଧ କରି ମାରି ପକାଇବା—To throttle or strangle a person by compressing the throat with the fingers.
Ga*l*āchipibā
गलाटिपा
**गलाटिपना**

**ଗଳାଟିପା**—ଦେ. ବ—ତଣ୍ଟିକୁ ଅଙ୍ଗୁଠିଦ୍ୱାରା ଚିପିବା—
Ga*l*āṭipā — Throttling.
गलाटिपा; गलाटेपा

**ଗଳା ଟିପିବା**—ଦେ. କ୍ରି—ଗଳା ଚିପିବା ( ଦେଖ )
Ga*l*ā ṭipibā — Ga*l*ā chipibā ( See )

**ଗଳାଧଃକରଣ**—ସଂ. ବ. ( ଗଳା+ଅଧଃକରଣ )—ଗିଳିବା; କୌଣସି ବସ୍ତୁକୁ ଖାଇବା—
Ga*l*ādhaḥkaraṇa
Devouring or gulping up of any food.

**ଗଳାଧକ୍କା**—ଦେ. ବ—ତଣ୍ଟିଆ; ଗଳାରେ ଢାକୁକା ମାରିବା—A push given on the throat or neck.
Ga*l*ādhakkā
गलाधक्का
**गलाधक्का**

**ଗଳାଧରା**—ଦେ. ବ—୧ । ସରଦି ବା ଶ୍ଳେଷ୍ମା ଯୋଗୁଁ ଗଳାର ସ୍ୱର ବନ୍ଦ ହେବା—1. Stringency in the throat; hoarseness; loss of voice due to cough and phlegm in the larynx.
Ga*l*ādharā
गलाधरा
**गलापड़ना**

୨ । ସରଦି ଯୋଗୁଁ ତଣ୍ଟିର ବାହାରେ ଓ ଭିତରେ ଦରଜ ହେବା ଓ ଫୁଲିବା ରୋଗ—2. Swelling and affectation of the larynx and throat ( a disease ).

**ଗଳା ଧରିବା**—ଦେ. ବ—୧ । ( ଯମ, ମୃତ୍ୟୁ ) ପରଲୋକକୁ ନେବା ପାଇଁ ତଣ୍ଟି ଧରିବା ବା ଅଗ୍ରସର କରିବା—
1. ( said of the God of Death) To take a firm grip of a person's throat.
Ga*l*ā dharibā
गलाधरा
**गलापकड़ना**

କଳା କେଶ ହେଲା ଧଳା, ମୃତ୍ୟୁ ଧରିଅଛି ଗଳା—ମଧୁସୂଦନ ।

୨ । ଗଳାଧରା ( ଦେଖ )
2 Ga*l*ādharā ( See ).

**ଗଳାପୁଞ୍ଛ**—ଦେ. ବ—ବହୁଜନାକୀର୍ଣ୍ଣ ସ୍ଥାନରେ ଗହଳ ମଧ୍ୟରେ ଯେନତେନ ପ୍ରକାରେ ଆପଣା ଶରୀରକୁ ଅନ୍ୟର ଅଲକ୍ଷିତରେ ପ୍ରବେଶ କରାଇବା—Thursting one's self clandestinely into a dense crowd.
Ga*l*āpuchhā

**ଗଳାପୋଛା**—ଦେ. ବ—ଗଳାପୁଞ୍ଛ ( ଦେଖ )
Ga*l*āpochhā — Ga*l*āpuchhā ( See )

**ଗଳାଫୁଲା** - ଦେ. ବ—ଗଳାଫୁଲିବା ରୋଗ—
Ga*l*āphulā — Swelling of the neck and throat; (a disease.)
गलाफोला
**गलासुजना**

**ଗଳାବନ୍ଦ**—ବୈଦେ. ବ. ( ଫା. ଗୁଲୁବନ୍ଦ; ସଂ. ଗଳ+ବନ୍ଧନ )—
Ga*l*āband — ଗଳାରେ ବାନ୍ଧିବା ବସ୍ତ୍ରଖଣ୍ଡ—
Neck-tie; a comforter for the neck.
गलाबन्द
**गलबन्दनी**

**ଗଳାବନ୍ଧ**—ଦେ. ବ. ( ସଂ. ଗଳ+ବନ୍ଧ )—
Ga*l*ābanda — ୧ । ସରଦିଆଦି ଯୋଗୁଁ ସ୍ୱରବନ୍ଦ—
1. Loss of voice.
गलाबन्द

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**गलाघोंटना** ୨ । ଗଳାଦ୍ୱାରା ଯାଉଥିବା ଶ୍ୱାସ ବନ୍ଦହେବା; ଶ୍ୱାସରୋଧ— 2. Suffocation.

**ଗଳାବନ୍ଧ୍**—ଦେ. ବି. ( ଫା. ଗୁଲୁବନ୍ଦ୍ )—
Galābandh ଗଳାବନ୍ଦ୍ ( ଦେଖ )
Galāband ( See )

**ଗଳା ବସିବା**—ଦେ. କ୍ରି—ବେଶି ପାଟି କରିବା ବା ସର୍ଦ୍ଦି ଯୋଗୁ ଗଳାର
Galā basibā ସ୍ୱର ନ ଶୁଭିବା; ସ୍ୱର ବନ୍ଦହେବା—
গলাবসে যাওয়া Loss of voice.
**गलाबैठना**

**ଗଳାବାଜି**—ଦେ. ବି—୧ । ଉଚ୍ଚୈଃସ୍ୱରରେ ଚିତ୍କାର—
Galābāji 1. Vociferation; too much exercising of
গলাবাজী the lungs.
**गुलगपाड़ा** ୨ । ଉଚ୍ଚୈଃସ୍ୱରରେ ବକ୍ତୃତା—
2. Very loud address or harangue.
୩ । ନିଷ୍ଫଳ ବା ବୃଥା ଆସ୍ଫାଳନ—3. Vain bragging.

**ଗଳାଭଙ୍ଗା**—ଦେ. ବି—ଗଳା ଭାଙ୍ଗିବା ( ଦେଖ )
Galābhangā Galā bhāngibā ( See )

**ଗଳା ଭାଙ୍ଗିବା**—ଦେ. କ୍ରି—ସ୍ୱରଭଙ୍ଗ ହେବା; ( ବୟୋବୃଦ୍ଧି; ସର୍ଦ୍ଦି ବା
Galā bhāngibā ବହୁତ ଗପିବା ଯୋଗୁଁ) ସ୍ୱର କର୍କଶ ହେବା—
গলাভাঙ্গা Hoarseness of voice.
**गलापड़ना**

**ଗଳା ଭାରିହେବା**—ଦେ. କ୍ରି—ଗଳାରସ୍ୱର ଗମ୍ଭୀର ହେବା; ଗମ୍ଭୀରସ୍ୱର
Galā bhārihebā ବା ଆବାଜ—
Grave voice; muffled voice.

**ଗଳା ମେଲିବା**—ଦେ. କ୍ରି—୧ । ବଡ଼ପାଟି କରିବା; ଚିତ୍କାର କରିବା—
Galā melibā 1. To cry out.
গলাফাড়না ଅନ ଧନୁ ଧରିଣ ଦ୍ରୁପଦଙ୍କ ବେଟା
ରହ ରହ ବୋଇଲେ ମେଲିଣ ଗଳାଟା—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ଉଚ୍ଚୈଃସ୍ୱରରେ କାନ୍ଦିବା—2. To cry aloud.

**ଗଳା ମୋଟ କରିବା**—ଦେ. କ୍ରି—ଉଚ୍ଚୈଃସ୍ୱର କରିବା—
Galā moṭa karibā To utter a loud cry.

ଉଲୂକ ନକୁଳଙ୍କୁ ବନ୍ଧ କାଣ୍ଡସଙ୍ଗ
ଧାଇଁଲେ ଗଳାମୋଟ କରିଣ ଗରଜ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଗଳାରେ ଦଉଡ଼ିଦେବା**—ଦେ. କ୍ରି—ଉଦ୍‌ବନ୍ଧନଦ୍ୱାରା ଆତ୍ମହତ୍ୟା କରିବା
Galāre daurḍidebā ନିମନ୍ତେ ବେକରେ ଦଉଡ଼ିର ଫାଶ
গলায় দড়ি দেওয়া ଲଗାଇବା—To tie a noose
**गलामें रस्सि देना** round the neck with a view
to commit suicide by hanging
ତେବେ ମୁହିଁ ମରିବି ଦଉଡ଼ି ଦେଇ ଗଳା । କୃଷ୍ଣସିଂହ. ମହାଭାରତ. ବିରାଟ ।

**ଗଳାସି**—ଦେ. ବି.—(ସଂ. ଗଳ+ରଜ୍ଜୁ)—ପଶୁମାନଙ୍କ ଗଳବନ୍ଧନ ରଜ୍ଜୁ
Galāsi ବା ଫାଶ; ପଘା—Noose or rope tied round
গলাসি the neck of animals.
**गलतनी**

**ଗଳି**—ଦେ. ବି.—(ସଂ. ଗଳ; ଗଳାପରି ସରୁ ଥିବାରୁ ?)—ଦୁଇପାଖେ
Gali ଘର ବା ବାଡ଼ଥିବା କନ୍ଧ; ସରୁ ବା ଅଣଓସାରିଆ ବାଟ—
গলি Narrow lane; alley.
**गली** କନ୍ଧ କନ୍ଧ ହୋଇଣ ପଶୁଛି ଦାଣ୍ଡ ଗଳି ।
ପ୍ରାଚୀ. ବ୍ରହ୍ମଜରୂପଣଗୀତ.

**ଗଳିଆ**—ଦେ ବି. (ସଂ. ଗଳିତ)—୧ । ବିଲର ହିଡ଼ ବା ଜଳାଶୟର
Galiā ବନ୍ଧ ଇତ୍ୟାଦିର ଯେଉଁ ଛିଦ୍ର ବା ଜଳାବାଟେ ପାଣି ବାହାରି
ଯାଏ—1. Breach; hole in a bandh of a
water-reservoir or paddy-field through
which water leaks.

୨ । ଗଳେଇ (ଦେଖ)
2. Galei (See)

ପ୍ରାଦେ. (ଭୁଜଙ୍ଗ) ବି.—ଛୋଟ ନଦୀ—Rivulet; stream.
[ ଦ୍ର—ଭୁଜଙ୍ଗରେ ବଣ ଭିତରେ ମହାନଦୀର ଯେଉଁ କ୍ଷୁଦ୍ର ଶାଖାମାନ ପ୍ରବାହିତ ହେଉଅଛି ସେଗୁଡ଼ିକୁ 'ଗଳିଆ' ବୋଲାଯାଏ । ଯଥା—ଘଡ଼ରଗଡ଼ ଗଳିଆ, ଅଠରବାଙ୍କି ଗଳିଆ, ଭଲ୍ଲ ଗଳିଆ ଓ ଘଣି ଗଳିଆ ।]

ଦେ. ବିଣ.—କ୍ଷୁଦ୍ର; ଅନୁଚ୍ଚ ଓ ସଂକୀର୍ଣ୍ଣ (ରାସ୍ତା); ଗଳିପରି ସଂକୀର୍ଣ୍ଣ
(ବାଟ)—Very narrow and low (road).
ଯିବାବେଳେ କ କହିବ ବାଟ ତ ଗଳିଆ । ଭକ୍ତାଭ. ଗୀତଲହରୀ ।
[ ଦ୍ର—ଯେଉଁ ବାଟ ଏତେ ସଂକୀର୍ଣ୍ଣ ଯେ ସେଠାରେ ବଣବୁଦା ଆଦି ଭିତର ଦେଇ ଗଳି ଗଳି କରି ଯିବାକୁ ହୁଏ । ]

**ଗଳିଆ ନନ୍ଦ**—ଦେ. ବି.—କୂଅ ଭିତରେ ବଡ଼ ନନ୍ଦର ଭିତରେ ଦିଆଯିବା
Galiā nanda ଛୋଟ ଛୋଟ ନନ୍ଦ—Inner double earthen
rings set in a double-ringed well.

**ଗଳିଆ ରକ୍ତ**—ଦେ. ବି.—ହାତଗୋଡ଼ରୁ ରକ୍ତ ଗଡ଼ି ପଡ଼ିବା ହେତୁରୁ
Galiā rakta ଅସ୍ଥାୟୀ ଫୁଲା ( ରୋଗବିଶେଷ )—A morbid
फूला swelling of parts of limbs a disease).
**सुजन**

**ଗଳିକବାଟ**—ଦେ. ବି.—୧ । ଛୋଟ କବାଟ—
Galikabāṭa 1. Small door.
୨ । ଚୋର କବାଟ—2. Secret-door.
୩ । ବଡ଼ କବାଟ ମଧ୍ୟରେ ଥିବା ଛୋଟ କବାଟ—
3. A small door covering an opening in a
larger door.

**ଗଳିକୁଞ୍ଚି**—ଦେ. ବି.—ସନ୍ଧିସନ୍ଧି; ଅନ୍ଧସନ୍ଧି—
Galikuñchi Creek and corner.
गलिखुँजि ଚନ୍ଦ୍ରା ପୁରେ ଅଛି ଯେତେ ଗଳିକୁଞ୍ଚି । ଲୋଚନାଥ. ଦରବାର ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଛ | ନ୍ତ |

**ଗଳିକୁଞ୍ଚି ରହିଯିବା**—ଦେ. କ୍ରି.—୧ । ଗହଳ ମଧ୍ୟରେ ଲୁଚି ଯିବା; Galikuñchi rahijibā ଅଦୃଶ୍ୟ ହେବା ବା ଦେଖା ନ ଯିବା— 1. To disappear in a crowd; to remain undetected in a medley.
୨ । ଅନ୍ୟର ଅଜ୍ଞାତସାରରେ ରହିଯିବା— 2. To remain without the knowledge of anybody else; to hide one's self from others.

**ଗଳିଗଳି**—ଦେ. କ୍ରି. ବିଣ—ପ୍ରତି ଗଳି; ସର୍ବତ୍ର; ଅନ୍ଧସନ୍ଧି— Galigali In every nook and corner; in every corner and bye-lane.
ଗଲିଗଲି
गलिगलि

**ଗଲିଜ୍**—ବୈଦେ. ବି ଓ ବିଣ. ( ଆ. ଗଲୀଜ୍ )— Galij ଗଲ୍‌ଜି ( ଦେଖ ) Galji ( See )

**ଗଲିଜ୍‌ଖୋର୍**—ବୈଦେ. ବି. ( ଅ. ଗଲୀଜ୍+ଫା. ଖୋର୍ )— Galijkhor ( ଗାଳି ) ଗୁହଖିଆ—( a term of abuse ) Eater of filth.
ଗଲିଜଖୋର
गलीज़खोर्

**ଗଲିଜି**—ଦେ. ବି ଓ ବିଣ. ( ଆ. ଗଲୀଜ )— Galiji ଗଲ୍‌ଜି ( ଦେଖ ) Galji ( See )

**ଗଳିତ**—ସଂ. ବିଣ. ( ଗଲ ଧାତୁ=କ୍ଷରିତ ହେବା+କର୍ତ୍ତୃ. ତ )— Galita ୧ । ବୋହି ପଡୁଥିବା; ସ୍ରବୁଥିବା— 1. Flowing; running.
୨ । କ୍ଷରିତ—2. Dropped.
୩ । ଦ୍ରବୀଭୂତ—3. Melted; molten.
୪ । ସ୍ଖଳିତ; ପତିତ—4. Fallen.
୫ । ପଚା; ପଚିଯାଇଥିବା—5. Rotten; mortified.
୬ । ଲୁପ୍ତ; ନଷ୍ଟ—6. Disappeared.
୭ । ଶିଥିଳ—7. Slackened.

**ଗଳିତକୁଷ୍ଠ**—ସଂ. ବି—ଶରୀରଯାକ ଘାଆ ହୋଇ ରକ୍ତ ପୂଜ ବହି ଅଙ୍ଗୁଠି Galitakushtha ଆଦି ଖସି ପଡ଼ିବା ଅବସ୍ଥା ବିଶିଷ୍ଟ କୁଷ୍ଠ ରୋଗ— Advanced leprosy ( the stage in which there are oozing sores and ulcers and the extremities drop off ); gangrenous leprosy.

**ଗଳିତକୁଷ୍ଠୀ**—ସଂ. ବି. ପୁଂ—ଯେଉଁ କୁଷ୍ଠରୋଗୀର ଶରୀରରେ ବ୍ୟାପ୍ତ Galitakushthi କୁଷ୍ଠ ରୋଗରୁ ପୂଜ ପାଣିବହି ଘାଆ (ଗଳିତକୁଷ୍ଠିନୀ—ସ୍ତ୍ରୀ) ହୋଇ ଥାଏ— A leper with gangrenous sores.

**ଗଳିତଧାତୁ**—ସଂ. ବି—ତରଳିତ ଧାତୁ— Galitadhātu Molten metal.

**ଗଳିତମାଂସ**—ସଂ. ବି—ଘାଆ ହୋଇ ସଢ଼ି ମିଳାଇ ଯିବା ମାଂସ— Galitamāmsa Mortified flesh.

**ଗଳିତଯୌବନା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ଗଳିତ+ଯୌବନ+ଆ )— Galitajaubanā ଯେଉଁ ସ୍ତ୍ରୀର ଯୁବାକାଳ ଟପି ଗଲାଣି— ( a woman ) Past her youth.

**ଗଳିତା**—ଦେ. ବି ଓ ବିଣ—ଗଡ଼ିତା ( ଦେଖ ) Galitā Gardatā ( See )
ଗଳିତାଏ ଚୂଡ଼ଳକର ଦେବାରୁ ଫଳ ତାଦୃଶ ଲଭିଲେ । କବିସୂର୍ଯ୍ୟ. କବିତା ।

**ଗଳିନନ୍ଦ**—ଦେ. ବି—ଗଳିଆନନ୍ଦ ( ଦେଖ ) Galinanda Galiānanda ( See )

**ଗଳିପଡ଼ିବା**—ଦେ. କ୍ରି. ( ସଂ. ଗଲ ଧାତୁ )— Galipardibā ୧ । ଭିତରକୁ ପ୍ରବିଷ୍ଟ ହେବା—1. To enter through or deeply.
ଗଲେପଡ଼ା
•गलजाना
୨ । ଅବିଶ୍ରାନ୍ତ ବା ବିଶେଷ ପରିମାଣରେ ସ୍ରବିବା— 2. To pour or fall down profusely.
ନରମାନଙ୍କ ଦେହରୁ ଝାଳ ଗଳି- ପଡ଼ିବାରୁ ହୋଇ ଚନ୍ଦନ ଦେହେ ବୋଳ । କୃଷ୍ଣସିଂହ. ମହାଭାରତ. ବନ ।
୩ । ବହୁ ସଂଖ୍ୟକ ବସ୍ତୁ ବା ଗହଳ ମଧ୍ୟରେ ଅଦୃଶ୍ୟ ହେବା ବା ଲୁଚି ଯିବା—3. To be hidden amidst a crowd.
୪ । ଗାଣ୍ଡି ଗଳିପଡ଼ିବା ( ଦେଖ ) 4. Gāndi galipardibā ( See )

**ଗଳିପୁଚି ରହିଯିବା**—ଦେ. କ୍ରି—ଗଳିକୁଞ୍ଚି ରହିଯିବା ( ଦେଖ )— Galipuchi rahijibā Galikuñchi rahijibā (See)

**ଗଳିପୁଞ୍ଚି ରହିଯିବା**—ଦେ. କ୍ରି—ଗଳିକୁଞ୍ଚି ରହିଯିବା ( ଦେଖ )— Galipuñchi rahijibā Galikuñchi rahijibā (See)

**ଗଳିବା**—ଦେ. କ୍ରି ( ସଂ. ଗଲ ଧାତୁ )—୧ । ସଙ୍କୀର୍ଣ୍ଣ ପଥରେ ସଙ୍କୁଚିତ Galibā ହୋଇ ପ୍ରବେଶ କରିବା—1. To enter through a narrow space.
ଘୁସା
घुसना
୨ । ସ୍ରବିବା; ବହିବା; ଝରିବା— 2. To ooze; to drop
ଗଳା
गलना
ମୋତି ପତ୍ରପରି ନସ୍ୱର ଗଳି ବାର, ଦେଖ ଦେବ ବ୍ୟାସ କହାରୁ ଓଦା କର । କୃଷ୍ଣସିଂହ. ମହାଭାରତ. ଆଦି ।
୩ । ଗଳି ପଡ଼ିବା; ସ୍ଖଳିତ ହେବା; ପତିତ ହେବା— 3. To fall down.
ଘାରକକରଙ୍କ ଘାଟଙ୍କ ଅଟଙ୍କ କ ରହ କର୍ଣ୍ଣରୁ ଗଳି— କବିସୂର୍ଯ୍ୟ. ସଙ୍ଗୀତ ।
୪ । ତରଳିବା—4. To melt away.
ଢଳେଣି ସେ ରୂପ ଗଳିବ କୁଳଶ—ନନ୍ଦକିଶୋର. ସୀତାବନବାସ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଂଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; ଅର୍ଣ୍ଣିଆ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୫ । କୌଣସି ପଦାର୍ଥ ମଧ୍ୟକୁ ପ୍ରବେଶ କରିବା—
5. To enter into a thing.
ଗର୍ତ୍ତେ ଗର୍ତ୍ତେ ଗୁଳ ଗଳିଗଲା ଗଳ—କବିସୂର୍ଯ୍ୟ. ବଳଦେବରଥ. ସଙ୍ଗୀତ ।
୬ । ଭେଦିବା—6. To pierce; to percolate.
ଖୋଳବେଉ ଅର ପାଇବ ଯିବେ ଗଳ—
କୃଷ୍ଣସିଂହ. ମହାଭାରତ. ବନ ।
୭ । ଦବିଯିବା—
7. To be pressed downwards; to sink.
କଳରେ ଭୋଳଲେ ତାହାରେ,
ଚରଣ ଗଳ ଗଲ ଘରେ । ଜଗନ୍ନାଥ. ଭାଗବତ ।

**ଗଲିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଗୃହର ଛାତ ବାଟେ ବର୍ଷା ପାଣି
Galiba ଗଳିବା—(the rain water) To leak through a leaky thatch.

**ଗଲିବାଟ**—ଦେ. ବି—କ୍ଷୁଦ୍ର ସଙ୍କୀର୍ଣ୍ଣ ରାସ୍ତା—
Galibāta 1. A low narrow way.
ଗଲିରାସ୍ତା ୨ । ଗୁପ୍ତ ପଥ—2. Secret passage.
**गलिरास्ता**

**ଗଲିରାସ୍ତା**—ଦେ. ବି—ଗଲିବାଟ ( ଦେଖ )—
Galirāsta Galibāta ( See )

**ଗଲୁ**—ଦେ. ବି—କଣ୍ଡୁ; କୁଣ୍ଡାଇ ହେବା; ଗଲଗଲ ହେବା—
Galu Itching sensation; irritation.
চলকানি
**खुल, लत**

**ଗଲୁଆ**—ଦେ. ବିଣ—ଗଲୁଗଲୁଆ ( ଦେଖ )—
Galuā Galugaluā ( See )

**ଗଲୁ ଉଠିବା**—ଦେ. ବି—କଣ୍ଡୁଯୁକ୍ତ ପ୍ରବୃତ୍ତି ଜାଗିବା; କଣ୍ଡୁ ଉଠିବା—
Galu uṭhibā Appearance or feeling of itching.
চুলকান
**खुलउठना**

**ଗଲୁଗଲୁଆ**—ଦେ. ବିଣ—୧ । ଯେଉଁ ପଦାର୍ଥ ଖାଇଲେ ବା ଦେହରେ
Galugaluā ଲାଗିଲେ କଣ୍ଡୁ ଜାତ ହୁଏ ବା କୁଣ୍ଡେଇ ହୁଏ—
1. (article) Producing itching or irritation.
୨ । ଯେଉଁ ଜନ୍ତୁ ବା ମନୁଷ୍ୟର ଦେହସାକ କୁଣ୍ଡେଇ ହୁଏ—
2. (person) Having itching sensation.
୩ । ଯେଉଁ ରୋଗରେ ଶରୀର କୁଣ୍ଡାଇ ହୁଏ—
3. (disease e. g. ringworm) Accompanied by itching.

**ଗଲୁ ଛାଡ଼ିବା**—ଦେ. ବି—ଗଲୁ ମରିବା (ଦେଖ)
Galu chhārdibā Galu maribā (See)

**ଗଲୁ ମରିବା**—ଦେ. ବି—କଣ୍ଡୁ ନିବୃତ୍ତି—
Galu maribā Subsidence of itching sensation.
চুলকানি মিটা
**चूलमिटना**

**ଗଲୁ ମାରିବା**—ଦେ. କ୍ରି—ଉପଚାର ବା କୁଣ୍ଡାଇବାଦ୍ୱାରା କଣ୍ଡୁ ନିବାରଣ
Galu māribā କରିବା—To pacify or soothe an
চুলকানিমেটান itching sensation (with medicine
**चुलमिटाना** or scratching )

**ଗଲେଇ**—ଦେ. ବି (ସଂ. ଗୁଳଞ୍ଚ)—ଗୁଳଞ୍ଚ (ଦେଖ)
Galei Gulañcha (See)

**ଗଲେଇବା**—ଦେ. କ୍ରି—ଗଲାଇବା (ଦେଖ)
Galeibā Galāibā (See)

**ଗଲେଗଣ୍ଡ**—ସଂ. ବି ( ବହୁବ୍ରୀହି; ଗଲେ=ଗଳାରେ+ଗଣ୍ଡ=ମାଂସପିଣ୍ଡ;
Galeganda ଗଳାରେ ଗୋଟାଏ ଚମର ଥଳି ଥିବାରୁ)—
ହାଡ଼ଗିଲା ଚଢ଼େଇ—
The Adjutant bird; Leptoptilus Dubins.

**ଗଳ୍ପ**—ଦେ. ବି (ସଂ. ଜଳ୍ପ ଧାତୁ)—୧ । ଉପକଥା; କାହାଣୀ—
Galpa 1. Story; folk-tale.
গল্প ୨ । କଥାବାର୍ତ୍ତା; କଥୋପକଥନ—
**गल्प** 2. Conversation; talk.

**ଗଳ୍ପଚତୁର**—ଦେ. ବି. ପୁଂ (୭ମୀ ତତ୍; ଗଳ୍ପ+ଚତୁର)—
Galpachatura ଯେ ବିଶେଷ ଗଳ୍ପ କହି ପାରେ—
(ଗଳ୍ପଚତୁରୀ—ସ୍ତ୍ରୀ) One who is a store-house of stories.

**ଗଳ୍ପଚାତୁରୀ**—ସଂ. ବି (୭ମୀ ତତ୍; ଗଳ୍ପ+ଚାତୁରୀ)—
Galpachāturi ଗଳ୍ପ କହିବାରେ ଚତୁରତା—
Adeptness in relating stories.

**ଗଳ୍ପଚାତୁର୍ଯ୍ୟ**—ସଂ. ବି—ଗଳ୍ପଚାତୁରୀ (ଦେଖ)
Galpachāturjya. Galpachāturi (See)

**ଗଳ୍ପସଳ୍ପ**—ଦେ. ବି (ଅନର୍ଥକ ଦ୍ୱିରୁକ୍ତ ସହଚର)—
Galpasalpa ୧ । ଗପସପ; କଥୋପକଥନ—
গল্পস্বল্প 1. Talk; conversation.
**गपसप** ୨ । ବାଜେ ଗପ—2. Chit-chat.
୩ । ନାନା ବିଷୟରେ କଥାବାର୍ତ୍ତା—
3. Tittle-tattle.

**ଗଳ୍ପସାଗର**—ଦେ. ବି—ଗଳ୍ପଚତୁର (ଦେଖ)
Galpasāgara Galpachatura (See)

**ଗଳ୍ପସ୍ୱଳ୍ପ**—ଦେ. ବି—ଗଳ୍ପସଳ୍ପ (ଦେଖ)
Galpaswalpa Galpasalpa (See)

**ଗଲ୍ଫ**—ବୈଦେ. ବି (ଇଂ)—କୌଣସି ବ୍ୟକ୍ତି ଘୋଡ଼ା ଉପରେ ଚଢ଼ି ବା
Galph ଚାଲେ ଚାଲେ ଚଉଡ଼ା ହାତରେ ଗୋଟିଏ ଲମ୍ବ ଅଗବଙ୍କା
ବାଡ଼ି ଧରି ଚଲେ ନିର୍ଦ୍ଦିଷ୍ଟ ସୀମାକୁ ଲକ୍ଷ୍ୟକରି ଗୋଟିଏ ପେଣ୍ଡୁକୁ
ଚଳାଇବାରୂପ ପାଶ୍ଚାତ୍ୟ ଖେଳ—The game of Golf.

**ଗଲ୍ଭ (ଧାତୁ)**—ସଂ.—ଗର୍ବ (ଧାତୁ) (ଦେଖ)
Galbha (root) Garba (root) (See)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଏ | ଉଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଓ | ୯ |

**ଗଲ୍ଭ**—ସଂ. ବଣ ( ଗଲ୍ଭ ଧାତୁ+କର୍ତ୍ତୃ. ଅ )—
Galbha ଗର୍ବକାରୀ; ଧୃଷ୍ଟ—
Arrogant; overbearing.

**ଗଲ୍ଲ**—ସଂ. ବ (ଗଲ୍ ଧାତୁ+ସଂଜ୍ଞାର୍ଥ. ଲ)—ଗାଲ—
Galla Cheek.

**ଗଲ୍ଲକ**—ସଂ. ବ (ଗଲ୍ଲ+ସଂଜ୍ଞାର୍ଥେ. କ)—ଚଷକ; ମଦ୍ୟପାତ୍ର—
Gallaka Wine-vessel; goblet; drinking cup.

**ଗଲ୍ଲଚାତୁରୀ**—ସଂ. ବଣ ( ଗଲ୍ଲ=ଗାଲ+ଚାତୁରୀ=ତକିଆ )—ଶୋଇବା
Gallachāturī ବ୍ୟକ୍ତିର ଗାଲ ତଳେ ଯେଉଁ ତକିଆ ବ୍ୟବହାର କରାଯାଏ; ଗାଲତକିଆ—A small round pillow put underneath the cheek of a person while sleeping.

**ଗସ୍ତ**—ବୈଦେ. ବ ( ଫା. ଗସ୍ତ=ପହରା ଦେବା ପାଇଁ ବୁଲିବା )—
Gasta ୧ । ରାଜକୀୟ କାର୍ଯ୍ୟଉପଲକ୍ଷେ ଭ୍ରମଣ—
गस्त 1. Official tour.
गश्त ୨ । ରୁନ୍ଦ୍; ପହରା ଦେବା ପାଇଁ ବୁଲିବା—
2. A watchman's round on duty.

**ଗସ୍ତ ଖର୍ଚ୍ଚା**—ବୈଦେ. ବ (ଫା)—୧ । ସରକାରୀ କାର୍ଯ୍ୟ ଉପଲକ୍ଷରେ ଭ୍ରମଣ
Gasta kharchchā ଜନିତ ଭ୍ରମଣକାରୀ କରିଥିବା ବ୍ୟୟ—
गस्तखर्चा 1. Tour-expenses; travelling
गश्तखरचा expenses.
୨ । ଗସ୍ତକାରୀଙ୍କୁ ମିଳିବା ପାଥେୟ-ବ୍ୟୟ—
2. Travelling allowance.

**ଗସ୍ତ ଖିଲାଇବା**—ପ୍ରାଦେ. ( କଟକ ସହର ) କ୍ରି—ବନ୍ଧା ହୋଇ ରହିଥିବା
Gasta khilāibā ଘୋଡ଼ା ବା ଗୋରୁଆଦି ପଶୁଙ୍କ ଗୋଡ଼ ଖେଳିଯିବା ପାଇଁ ଟହଲାଇ ଆଣିବା—To give an airing to a horse or cow for exercise.

**ଗସ୍ତନିର୍ଘଣ୍ଟ**—ଦେ. ବ—ଗସ୍ତ କରିବା ସମ୍ପର୍କରେ କେଉଁ ସ୍ଥଳକୁ କେଉଁ
Gastanirghanṭa ଦିନ ଓ କେଉଁ ସମୟରେ ଯିବାକୁ ହେବ ପୂର୍ବରୁ ତାହାର ନିର୍ଦ୍ଧାରଣ ଓ ପ୍ରକାଶ—
Tour programme.

**ଗସ୍ତ ଭତ୍ତା**—ବୈଦେ. ବ (ଫା)—ଗସ୍ତ ଖର୍ଚ୍ଚା ( ଦେଖ )
Gasta bhattā Gasta kharchchā ( See )

**ଗସ୍ତାନୀ**—ବୈଦେ. ବ. ସ୍ତ୍ରୀ ( ଫା. ଗଶ୍ତନୀ )—ଯେଉଁ ସ୍ତ୍ରୀ ନାଗର ବା
Gastānī ପରପୁରୁଷସଂସର୍ଗ ନିମନ୍ତେ ବାହାରଆଡ଼େ ବୁଲେ; ବୁଲଣୀ;
गस्तानी ପରପୁରୁଷାର୍ଥ ଅଭିସାରିକା—Whorish woman.
गश्तानी

**ଗସ୍ତିଦାର**—ବୈଦେ. ବ. (ଫା)—ଯେଉଁ ଗୁମାସ୍ତା ବଣିକମାନଙ୍କ ତରଫରୁ
Gastidār ପଣ୍ୟଦ୍ରବ୍ୟାଦିର ଗାହକ ବୁଝିବା ନିମନ୍ତେ ଭିନ୍ନ ଭିନ୍ନ ସ୍ଥାନ
गस्तिदार ବୁଲନ୍ତି—A travelling commercial agent.
गश्तीदार

**ଗହ ( ଧାତୁ )**—ସଂ—ନିବିଡ଼ ହେବା; ବୁଝିବାକୁ କଠିଣ ହେବା—
Gah (root) To be dense or difficult.

**ଗହକି**—ଗ୍ରା. (ଇତର) ବ. (ସଂ. ଗ୍ରାହକ)—ଗରାଖ; ପଣ୍ୟଦ୍ରବ୍ୟର କ୍ରେତା—
Gahaki Customer; constituent of a tradesman;
ଗ୍ରାହକ purchaser.
गहकौड़ा ଦୋକାନ କଣେ ଗହକ ଉପରେ ଖପା ହୋଇ କହିଲା—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଗହଗହ**—ଦେ. ବି. ଓ ବଣ. ( ଧ୍ୱନ୍ୟନୁକରଣ )—
Gahagaha ୧ । ବହୁ ଲୋକ ସମାଗମଜନିତ କୋଳାହଳ—
गमगम 1. The aggregate of confused sounds
गहगह arising out of a big crowd.
ଗହଗହ ଶବ୍ଦରେ ପୂରିଲା ମଣ୍ଡ—ପୀତାମ୍ବର, ଜଗନ୍ନାଥବିଜେ ।
୨ । ନିର୍ଜ୍ଜନ ଓ ଭୟଙ୍କାରକ—2. Frightful and lonely.
ଗହଗହ ପାଟ ମାଡ଼ଇ ଭର—ନନ୍ଦକିଶୋର. ନର୍ମଦାଣୀ ।

**ଗହଡ଼ିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଘଉଡ଼ିବା—
Gahaṛibā To drive away.

**ଗହଣ**—ଦେ. ବ—୧ । ( ସଂ. ଗହନ ) ବନ—
Gahaṇa 1. Dense jungle.
୨ । ( ସଂ. ଗଣ ) ରାଜାଦିଙ୍କ ସଙ୍ଗେ ଯିବା ବହୁ ଅନୁଚର—
2. Retinue of a distinguished personage.
୩ । ( ସଂ. ଗଣ ) ସମଭିବ୍ୟାହାର ବା ସଙ୍ଗ—
3. Following or company.
ତକେ କ୍ଷଣା ସ୍ୱଣ୍ଣୀ-ଗହଣେ ପ୍ରଭୃତେ ମହାକୌତୁକେ
ବଢ଼ିଚି ମୃଗୟା ପାଇଁ ସୂର୍ଯ୍ୟ ଗଲା ପଶ୍ଚିମ ମୁଖେ—ରାଧାନାଥ. ଉଷା ।
୪ । ( ସଂ. ଗଣ ) ଜନତା; ସମୂହ; ଗଣ; ଦଳ—
4 Crowd; multitude.
ଭୂମ୍ନ ଯୋଦ୍ଧା ଗହଣ ହୀରା ଦେଖି ଜାଳ
ଧାଇଁଲେ ଗୃହଠାକୁ ଯେସ ଦୁର୍ଯ୍ୟୋଧନ—କୃଷ୍ଣସିଂହ. ମହାଭାରତ. ଗ୍ରାମ ।
୫ । ( ସଂ. ଗ୍ରହଣ ) ପୋଷାକ—5. Dress, fitting.
୬ । ( ସଂ. ଗ୍ରହଣ ) ଅଳଙ୍କାର; ଗହଣା—6. Ornament.

**ଗହଣ ଲଗାଇବା**—ଦେ. କ୍ରି—ସଦଳବଳ ହେବା; ଯାତ୍ରା କରିବା ପାଇଁ
Gahaṇa lagāibā ବହୁ ଲୋକଙ୍କ ସହିତ ଯିବା; ଶୋଭାଯାତ୍ରା କରିବା—To be accompanied by a retinue of attendants; to go in a procession.
ଯୁଧିଷ୍ଠିର ରାଜା ସେ ଯାଗ ଦୀକ୍ଷା ପାଇ
ଗଲେ ଯାଗଶାଳାକୁ ଗହଣ ଲଗାଇ—କୃଷ୍ଣସିଂହ. ମହାଭାରତ. ସଭା ।

**ଗହଣା**—ଦେ. ବ. ( ସଂ. ଗ୍ରହଣ; ଯାହା ଧାରଣ କରାଯାଏ )—
Gahaṇā ୧ । ଅଳଙ୍କାର—1. Ornament.
गहना; गश्ना ଫୁଲର ହେଣା ପିନ୍ଧି ଫୁଲର ମୁକୁଟ
गहना ବସନ୍ତର ଫୁଲର ହାସ ନିର୍ଭିଲଙ୍କରେ—ଚନ୍ତାମଣି. ଦକ୍ଷମାଧୁରୀ ।
୨ । ସାଜସଜ୍ଜା—2. Ornamental fittings.
ପ୍ରାଦେ. ( ଗଞ୍ଜାମ ) ବ—୧ । ତେଲ ପେଡ଼ିବାର ଯନ୍ତ୍ର; ଘଣା—
1. Oil-mill.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧୦୨୦ ୧ ଚକ୍ଷ୍ମ ଓ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ମ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ମ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷୁ ର ବଦଳରେ ୨ ବା ୧ ଚକ୍ଷ୍ମ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ରୂଅ' ନ ମିଳିଲେ 'ରୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଅଙ୍ଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

୨ । ( ସଂ. ଗଣ ) ସମୂହ; ଗଦା; ଗ୍ରନ୍ଥି —2 A heap.
( ଯଥା— ଧାନର ଗହଣା । )

୩ । ନୂଆ ଗଛମାନଙ୍କର ରକ୍ଷାର୍ଥ ନିର୍ମିତ ଆବରଣ; ଅଟେଇ— 3. A bamboo frame-work for protecting young trees.

ପ୍ରାଦେ. ( ସମ୍ବଲପୁର ) ବି. ( ଭୁଲ. ହି. ଗହନ୍=ବନ୍ଧକ )— ବନ୍ଧକ—Pledge; pawn.

**ଗହଣା କରିବା**—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ ହି. ଗହନ୍ କରନା)—
Gahaṇā karibā ଚଳନ୍ତି ସମ୍ପତ୍ତି ବନ୍ଧକ ଦେବା— To pledge; to pawn.

**ଗହଣା ଗଣ୍ଠି**—ଦେ. ବି. (ଓ. ଗହଣା+ସଂ. ଗ୍ରନ୍ଥି; ସହଚର)—
Gahaṇā ganṭhi ୧ । ସମସ୍ତ ପ୍ରକାରର ଅଳଙ୍କାର; ଅଳଙ୍କାର-
গয়নাগাঁঠি ପତ୍ର—1 Jwellery; all sorts of ornaments; ornaments all and sundry.

୨ । ଅଳଙ୍କାର ଓ ଲୁଗାପଟାର ବୋଝସୁ— 2. Luggage consisting of ornaments and other movables; dress and ornaments; clothes and ornaments.

୩ । ସୁନାରୁପାର ଗହଣା ଓ ତାହା ଗୁନ୍ଥା ହୋଇ ଥିବା ସୂତ୍ରାଦି—3. Gold and silver ornaments and the strings with which they are strung.

**ଗହଣା ଗାଣ୍ଠି**—ଦେ. ବି. (ସହଚର)—ଗହଣା ଗଣ୍ଠି ( ଦେଖ )
Gahaṇā gānṭhi Gahaṇā ganṭhi ( See )

ଅଛି ଗହଣା ଗାଣ୍ଠି, ସାଉକିଲି ? ଭଞ୍ଜ । ଦୌତୁକ ।

**ଗହଣାପତ୍ର**—ଦେ. ବି. (ଅନର୍ଥକ ଦ୍ୱିତୀୟ ସହଚର)—ଗହଣାଗଣ୍ଠି (ଦେଖ)
Gahaṇāpatra Gahaṇāganṭhi ( See )

**ଗହଡ**—ପ୍ରାଦେ. (ସମ୍ବଲପୁର) ବି—ଝାଳ—
Gahada Sweat; perspiration.

গুমসা ଦେ. ବି ଓ ବିଣ—ଗହଡି (ଦେଖ)
Gahadi ( See )

**ଗହଡି**—ଦେ. ବି—ଗରମ; ଗୁମଗୁମିଆ ବା ଝାଳବୁହା ଗରମ—
Gahadi Perspiring heat.

গুমসানি ବିଣ—ଗୁମଗୁମିଆ; ଯେଉଁ ସମୟରେ ଭୀଷଣ ଗ୍ରୀଷ୍ମ ଯୋଗୁଁ ଭାରି କାଉଳି ଲାଗେ ଓ ଝାଳ ବହେ— (season) Of perspiring heat.

**ଗହଡିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଝାଳେଇବା; ସ୍ୱେଦାର୍ଦ୍ର ହେବା;
Gahadibā ଝାଳ ବହିବା—To perspire

**ଗହନ**—ସଂ. ବି. (ଗହ୍ ଧାତୁ=ନିବିଡ଼ ହେବା+କର୍ତ୍ତୃ. ଅନ )—
Gahana ୧ । ବନ; ଜଙ୍ଗଲ— 1. Jungle; forest; wood; thicket.

ଗହନ କି ସୁଖ ହୋଇସ ସଙ୍ଗେ । କବିସୂର୍ଯ୍ୟ. ଉଷାଭିଳାଷ ।

୨ । ( +ଅଧିକରଣେ. ଅନ )—ଯାତନା; ଦୁଃଖ— 2. Pain.

୩ । ଗମ୍ଭୀରତା—3. Depth.

୪ । ଗହ୍ୱର—4. Cave.

୫ । ଗଭୀର ଗର୍ତ୍ତ—5. Abyss; deep hole.

୬ । ପରମେଶ୍ୱର—6. God.

ସଂ. ବିଣ. ( ଗହ୍ ଧାତୁ+କର୍ମ. ଅନ )—୧ । ଦୁର୍ଗମ— 1. Inaccessible.

୨ । ଦୁଷ୍ପ୍ରବେଶ୍ୟ—2. Impervious; impenetrable.

୩ । ଦୁରୂହ; ଦୁର୍ବୋଧ— 3. Difficult to understand.

ଭୁଞ୍ଜେ ଯାହା ପରଗୁରୁ ମତେ ସେ ଗହନ । କୃଷ୍ଣସିଂହ. ମହାଭାରତ. ସଭା ।

୪ । ଘନ; ନିବିଡ଼—4 Dense; thick.

ମାୟାରେ ଚହିଁ ପ୍ରବେଶିଣ
ସେ ଭବ ଗହନ ଅରଣ୍ୟ । ଜଗନ୍ନାଥ. ଭାଗବତ ।

୫ । ଅତି ଗମ୍ଭୀର—5. Very deep; abysmal.

ଦେ. ବି—ଗହଣ ୩ ( ଦେଖ )
Gahaṇa. 3 ( See )

ପ୍ରବେଶନ୍ତ ଭଣା ଏହିରୂପେ ଯାଇ ନୃପ-ଗହନେ । ରାଧାନାଥ. ଭଣା ।

ଦେ. ବିଣ—୧ । ଘୋର କଷ୍ଟକର— 1. Very difficult; beset with difficulties.

ଗହନ କଥାଏ ହେଉଛି ଅତ—ଗୋପୀନାଥ. ଉଦ୍ଭେଦ ।

୨ । ଅତି ଗୁଢ଼—2 Mysterious.

ମନ ବୋଲନ୍ତି ନାରାୟଣ, ଗହନ ତୁମ୍ଭ ଚରଣ ।
ଜଗନ୍ନାଥ. ଭାଗବତ ।

**ଗହନଦଳ**—ପ୍ରାଦେ. (ଗଡ଼ଜାତ ଓ ସିଂହଭୂମ) ବି. (ସଂ. ଗଣ+ଦଳ)—
Gahandaḷa ରାଜାଙ୍କ ଗହଣରେ ଯିବା ଅନୁଚରଗଣ— The body of retainers accompanying a Raja.

**ଗହବ**—ଦେ. ବିଣ. ( ସଂ. ଗହନ; ଘନ )—
Gahaba ଗହବା ( ଦେଖ )
Gahabā ( See )

ଗହବ ଚଣା ଧଣ୍ଡା । କବିସୂର୍ଯ୍ୟ. ସଙ୍ଗୀତ ।

**ଗହବା**—ଦେ. ବିଣ. ( ସଂ. ଗହନ )—ଗହଳିଆ; ଘନ—
Gahabā Dense; thickly set.
( ଯଥା—ଗହବା ବାଳ; ଗହବା ଧଣ୍ଡା । )

**ଗହବିବା**—ଦେ. କ୍ରି—ଫଶିଯିବା; ଖୁବ୍ ହୃଷ୍ଟ ପୁଷ୍ଟ ହୋଇ ବଢ଼ିବା—
Gahabibā To grow superfluosly.

**ଗହଭା**—ଦେ. ବିଣ. ( ସଂ. ଗହନ )—
Gahabhā ଗହବା ( ଦେଖ )
Gahabā ( See )

**ଗହମ୍ପୋକ**—ପ୍ରାଦେ. (ସମ୍ବଲପୁର) ବି—ତେଲୁଣି ପୋକ—
Gahampoka Galley-worm.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ଷ | ଙ୍କ | ଇସ୍ଥ | ଉଥ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଞ୍ୟ | ଯ | ସ | ଙ୍ଗ୍ୟ | ଇଥ | ଡ଼ | ନ୍ |

**ଗହମ**—ଦେ. ବି. ( ସଂ. ଗୋଧୂମ )—
Gahama ୧ । ଧାନ୍ୟାଦି ବର୍ଗର ପ୍ରସିଦ୍ଧ ଶସ୍ୟ—
ସଂ. ଗୋଧୂମ, ମ୍ଳେଚ୍ଛଭୋଜନ 1. Wheat; Treticum Sativum
ଗମ, ଗୋମ (Haines).
गेहूँ ୨ । ଗହମ କାକୁଡ଼ି ( ଦେଖ )
ତେ. ଗୋଦୁଂ 2. Gahamakākurdi ( See )
ମ. ଗହୁଁ

**ଗହମକାକୁଡ଼ି**—ଦେ. ବି. (ସଂ. ଗୋଧୂମ+କର୍କଟୀ)—ସୁସ୍ୱାଦୁ ଧଳା କାକୁଡ଼ି—
Gahamakākurdi A white sweet variety of cucumber.

**ଗହମଘାସ**—ପ୍ରାଦେ. ( ଗଡ଼ଜାତ ) ବି—ଘାସବିଶେଷ—
Gahamaghāsa A kind of grass.
[ ଦ୍ର—ଏହା ଏକ ହାତ ଉଚ୍ଚ, ଏଥିର ଗଣ୍ଠି ଫମ୍ପା ଓ ଏହାର ଫଳ ଗହମ ପରି । ]

**ଗହମତ୍**—ଦେ. ବି—ଗମତ୍ ( ଦେଖ )
Gahamat Gamat ( See )

**ଗହମ ନିଦ**—ଦେ. ବି. ( ସଂ. ଘନ ଓ ନିଦ୍ରା )—ଗାଢ଼ ନିଦ୍ରା—
Gahama nida Deep or profound sleep.
অঘোর নিদ্রা
गहरी नींद

**ଗହମାଗୋଖର**—ଦେ. ବି. (ଏହାର ବର୍ଣ୍ଣ ଗହମ ପରି ଫିକା ଥିବାରୁ)—
Gahamā gokhara ଏକ ପ୍ରକାର ଗୋଖର ସାପ—
A kind of cobra snake.
( ସାପ ତଳେ ନୋଟ ଦେଖ )—
( See notes under Sāpa ).

**ଗହରା**—ପ୍ରାଦେ. ( ବସ୍ତର ) ବି—ଗଉଡ଼—
Gaharā Cowherd.

**ଗହରି**—ଦେ. ବି. ( ହି. ଗହରୁ=ବିଳମ୍ବ; ଫା. ଗାହ=ସମୟ; ତୁଳ. ସଂ. ଗ୍ରହ )—
Gahari
গহরি ୧ । ବିଳମ୍ବ—1. Delay.
गहर ୨ । ଗହରିଖର୍ଚ୍ଚା ( ଦେଖ )
2. Gaharikharchā ( See )

**ଗହରିଖର୍ଚ୍ଚା**—ଦେ. ବି—ଗହିରିଖର୍ଚ୍ଚା ( ଦେଖ )
Gaharikharchā Gahirikharchchā ( See)

**ଗହରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ଗର୍ବ; ତୁଳ. ହି. ଗହରନା=ଭୂଷିବା )—
Gaharibā
ଗର୍ବ ଅନୁଭବ କରିବା—To feel proud.

**ଗହଲ୍**—ପ୍ରାଦେ. (ସମ୍ବଲପୁର) ବି—ଗହଳ—
Gahal Ado or uproar due to a crowd.

**ଗହଳ**—ଦେ. ବି (ସଂ. ଗହନ)—୧ । ଗୋଳମାଳ; ବହୁ ଜନ ସମାଗମ—
Gahaḷa ଜନିତ ଗଣ୍ଡଗୋଳ—1 Uproar or noise due to
গোল a crowd; turmoil.
ଖଳବଳ ଚଣ୍ଡିକା ଦେଖିଲେ ସଚିତ୍ର ଗହଳ—
ରାଧାନାଥ. ଚନ୍ଦ୍ରଭାଗା ।
୨ । ବହୁଜନସମାଗମ; ଭିଡ଼; ଜନତା—2. Crowd.
୩ । ପ୍ରାଚୁର୍ଯ୍ୟ; ବହୁଳତା—3. Density; excess.
ଗୁଳ୍ମ ଗହଳେ ପଥ ଗଳନ୍ତି ହରି—ରାଧାନାଥ. ତୁଳସୀ ସ୍ତବକ ।
୪ । ସମଭବ୍ୟାହାର; ସଙ୍ଗ—4. Company.
ସଖିବୃନ୍ଦଙ୍କ ଗହଳେ—ନନ୍ଦକିଶୋର. ଚର୍ଚ୍ଚରୀ ।
ଦେ. ବିଣ (ସଂ. ଗହନ)—ଘନ; ନିବିଡ଼; ଘଞ୍ଚ—
Dense; thickly set.
ଅଳକର ଭ୍ରଭ ନସ୍ୱନେ ବୋଲ,
ରସାଳ ଗହଳ ଶାଖାରେ ଲେଟ । କବିସୂର୍ଯ୍ୟ. ବଜରା ।
ଗ୍ରାମ୍ୟ. ବିଣ—୧ । ଦୁର୍ବୋଧ୍ୟ—1. Difficult to understand.
ଅତି ଗହଳ କଥା ଏହି, ତୋ ଆଗେ କହିଦେବା କେତେ ।
୨ । ଗୂଢ଼—2. Mysterious.

**ଗହଳଚହଳ**—ଦେ. ବି (ସହଚର)—ଗହଳ ( ଦେଖ )
Gahaḷachahaḷa Gahaḷa ( See )

**ଗହଳ ପଡ଼ିବା**—ଦେ. ବି—ଧୁମ୍‌ଧାମ୍ ଲାଗିବା; ଗହଳ ଚହଳ ଲାଗିବା—
Gahaḷa pardibā The state of a great uproar.
ପଡ଼ିଲା ଦେଖାଇ ପଦଗାରେ ଶଳାମାଳା,
ଦେବାରେ ମହା ଉତ୍ସବେ ଗହଳ ପଡ଼ିଲା । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଗହଳମାଆଳ**—ଗ୍ରା. ବି—ଗୋଳମାଳ; ଗୋଳ—
Gahaḷamā-āḷa Uproar; confusion.

**ଗହଳମାହାଳ**—ଗ୍ରା. ବି—ଗହଳମାଆଳ ( ଦେଖ )—
Gahaḷamāhāḷa Gahaḷamā-āḷa ( See )

**ଗହଳା**—ପ୍ରାଦେ. ( ସିଂହଭୂମ ଓ ଧଳଭୂମ ) ବି—କୃଷିଜୀବୀ ଶୂଦ୍ର ଜାତି-
Gahaḷā ବିଶେଷ—A caste of agriculturist Sūdras of Singhbhum and Dhalbhum.

**ଗହଳାଗହଳି**—ଦେ. ବି (ସହଚର)—ଅତିଶୟ କୋଳାହଳ—
Gahaḷāgahaḷi Much ado or uproar.
ଅଗଣ ତେଜା ଶ୍ରାବଣ, ଭାଦ୍ରବ ଚରଣ ଧନ,
ଅଶ୍ୱିନ ମାସରେ ଗହଳାଗହଳି, କାର୍ତ୍ତିକେ ଯାଇବ ଜନ । କୃଷିବଚନ ।

**ଗହଳି**—ଦେ. ବି ଓ ବିଣ—ଗହଳ ( ଦେଖ )—
Gahaḷi Gahaḷa ( See )
ଗହଳି ନ ଥିବା ବେଳେ—କବିସୂର୍ଯ୍ୟ. କଳୋଗବଳମ୍ ।

**ଗହଳିଆ**—ଦେ. ବିଣ—ଗହଳ ( ଦେଖ )—
Gahaḷiā Gahaḷa ( See )

**ଗହଳିଚହଳି**—ଦେ. ବି—ଗହଳ ( ଦେଖ )—
Gahaḷichahaḷi Gahaḷa ( See )

**ଗହା**—ଗ୍ରା. ବି—୧ । (ସଂ. ଗୁହା)—ଗୁହା; କନ୍ଦର; ପର୍ବତଗୋଲ—
Gahā 1. Mountain-cave.
୨ । (ଫା. ଗବା )—ଗୁହା; ସାକ୍ଷୀ—2. Witness.

**ଗହି**—ଦେ. ବି—୧ । ଗଇ ( ଦେଖ )—
Gahi Gai ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ି ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ବିଲର କଡ଼ରେ ଥିବା ସରୁ ପହଣୀ—
2. Narrow ditch on the side of a field.

**ଗହିଡ଼ା**—ଗ୍ରା. ବି. (ସଂ. ଗମ୍ଭୀର; ଗହ୍ୱର)—୧ । ବଡ଼ଖାତ; ଗାତ—
Gahirḍā 1. Big hole; pit.
गहरा, गहेरा ୨ । ଗମ୍ଭୀର ପ୍ରଦେଶ—
**गहरा, गहिरा** 2. Deep place.
୩ । ସବୁ ନିମ୍ନସ୍ଥାନ—3. Declivity.
ଦେ. ବିଣ. (ସଂ. ଗମ୍ଭୀର)—ଗମ୍ଭୀର—Deep.

**ଗହିର**—ଦେ. ବି.—ଗହିର ବିଲ (ଦେଖ)
Gahira Gahira bila (See)
गहीर
**गहान**
ଦେ. ବିଣ.—୧ । ଗମ୍ଭୀର—1. Deep.
୨ । ଜଳର ଯେଉଁ ଅଂଶରେ ମନୁଷ୍ୟ ଚାଲି ଯାଇ ପାରେ ନାହିଁ—
2. Unfordable.

**ଗହିରଗେଣ୍ଡୁ**—ପ୍ରାଦେ. ( ପୁରୀ ) ବି—ଚିଲିକାରେ ଦେଖାଯିବା ଏକ
Gahiragenḍu ପ୍ରକାର ପକ୍ଷୀ—A species of birds found in the Chilkā lake.

**ଗହିରଚିଲିକା**—ପ୍ରାଦେ. ( ପୁରୀ ) ବି.—ପୁରୀ ଜିଲ୍ଲାର ଚିଲିକା ହ୍ରଦର
Gahira chilikā ଯେଉଁ ଅଂଶ ଗମ୍ଭୀର—The deep or unfordable part of the Chilka lake.

**ଗହିର ବିଲ**—ଦେ. ବି. (ସଂ. ଗମ୍ଭୀର)—ମୌଜାର ନିମ୍ନ ସମତଳ ଅଞ୍ଚଳ;
Gahira bila ଯେଉଁ ଅଞ୍ଚଳରେ ଜଳଜମିରେ ଧାନ ଫସଲର ସୁବିଧା ହୁଏ; ବୃହତ ଅଞ୍ଚଳର ମଧ୍ୟବର୍ତ୍ତୀ ନିମ୍ନଭୂମି; ନିମ୍ନ ସମତଳ ପ୍ରଦେଶ—A great expanse of low-land in a village.

**ଗହିରା**—ଦେ. ବି. ଓ ବିଣ.—ଗହିଡ଼ା (ଦେଖ)
Gahirā Gahirḍā (See)

**ଗହିରି**—ଦେ. ବି.—ଗହରି (ଦେଖ)
Gahiri Gahari (See)

**ଗହିରିଆ**—ଦେ. ବିଣ.—୧ । ଗହିଡ଼ା (ଦେଖ)
Gahiriā 1. Gahirḍā (See)
୨ । ଅଳ୍ପ ଗମ୍ଭୀର—
2. Slightly deep.

**ଗହିରିଖର୍ଚ୍ଚା**—ବୈଦେ. ବି. (ଆ)—ଗଇରିଖରଚ୍ (ଦେଖ)
Gahirikharchchā Gairkharachā (See)

**ଗହିରିବିଲ**—ଦେ. ବି. (ସଂ. ଗମ୍ଭୀର)—ଗହିରବିଲ (ଦେଖ)
Gahiribila Gahirabila (See)

**ଗହିରେଇବା**—ଦେ. କ୍ରି.—(ସଂ. ଗମ୍ଭୀର)—ଗମ୍ଭୀର କରିବା—
Gahireibā To deepen.

**ଗହୁଁ**—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଗେହୁଁ)—ଗହମ—
Gahuñ Wheat.

**ଗହ୍ୱର**—ସଂ. ବି ( ଗୋ=ପୃଥିବୀ+ହ୍ୱୃ ଧାତୁ=କୁଟିଳ ହେବା+କର୍ମ
Gahwara ସଙ୍କାର୍ଥ. ଅ.)—୧ । ଦେବଖାତ—1. Natural tank.
୨ । ଗର୍ତ୍ତ—2. Hole; cavity.
୩ । ଗିରିଗୁହା; ଗୁମ୍ଫା—3. Cave; ravine; defile.
୪ । ନିକୁଞ୍ଜ; ଲତାଗୃହ—4. Bower.

**ଗହ୍ମା (ଇତ୍ୟାଦି)**—ଦେ. ବି.—ଗମା ଇତ୍ୟାଦି (ଦେଖ)
Gahmā (etc) Gamā etc (See)

**ଗା**—ପ୍ରାଦେ. (ସମ୍ବଲପୁର) ଅ.—(ଭାଇ, ସମାନସ୍କନ୍ଧ ଓ ବନ୍ଧୁଙ୍କୁ ସମ୍ବୋଧନ)
Gā ହେ; ଗୋ—Interjection used in addressing a brother or friend.
[ ଦ୍ର—ଗାଙ୍ଗପୁର ଅଞ୍ଚଳରେ ଏ ସ୍ଥଳରେ 'ହୋ' ବ୍ୟବହୃତ ହୁଏ । ]
ପ୍ରାଦେ. (ସିଂହଭୂମ) ଅ—(ଅନାଦରାର୍ଥକ ବହୁବଚନର ପ୍ରତ୍ୟୟ)
ଗୁଡ଼ାକ—The sign of plural number.

**ଗାଆଁ**—ଦେ. ବି. ( ସଂ. ଗ୍ରାମ; ପ୍ରା. ଗାଁଆଁ)—ଗ୍ରାମ—
Gā āñ Village.
गाँ
**गाँव**

**ଗାଆଁପରିମଳ**—ଦେ. ବି. ( ସଂ. ଗ୍ରାମ ଓ ପରିମଳ=ସୁବାସ )—
Gā-āñparimaḷa ଗ୍ରାମର ମାହାତ୍ମ୍ୟ ବା ସୁଖ୍ୟାତି—The greatness or reputation of a village.
ଗାଆଁପରିମଳ ଧୋବା ଭୂଠରୁ ଜଣା—ଢଗ ।

**ଗାଆଁମୁଣ୍ଡ**—ଦେ. ବି—ଗ୍ରାମର ପ୍ରାନ୍ତ—
Gā-āñmuṇḍa Extremity of a villaga.
ଗାଆଁମୁଣ୍ଡ ଘର ଟେରକୁ—ଢଗ ।

**ଗାଆଁମୁଣ୍ଡିଆ**—ଦେ. ବିଣ—ଗ୍ରାମପ୍ରାନ୍ତରେ ଅବସ୍ଥିତ—Situate at
Gā-āñmuṇḍiā one extremity of the village.

**ଗାଆଣ**—ଗ୍ରା. ବି. ( ସଂ. ଗାନ )—୧ । ଗାନ; ଗୀତ ଗାଇବା—
Gā-āṇa 1. Singing.
গাওনা ୨ । ଗୀତ—2. Song; vocal music.
**गाना**
गाइन, गायेन ୩ । ଗାୟକ ( ଦେଖ )
**गवया** 3. Gāyaka ( See )

**ଗାଆଣ ବଜାଣ**—ଦେ. ବି. ( ଗାନ+ବାଦନ)—
Gā-āṇa bajāṇa ୧ । ଗୀତ ଓ ବାଦ୍ୟ—
গাওনাবাজনা 1. Vocal and instrumental music.
**गानाबाजना** ୨ । ଗାନ କରିବା ଓ ବାଦ୍ୟ ବଜାଇବା—
2. Singing and playing on musical instruments.

**ଗାଆଣ ବାଜଣ**—ଦେ. ବି—ଗାଆଣ ବଜାଣ ( ଦେଖ )
Gā-āṇa bājaṇa Gā-āṇa bajāṇa ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ପ | ଉଅ | ଝ |
| ୨ | ଈ | ଊ | ରୁ | ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ● | ନ୍ |

ଗାଆଣା—ଗ୍ରା. ବି—ଗାଆଣ ୧ ଓ ୨ ( ଦେଖ )
Gā-āṇā Gā-āṇa. 1 and 2 ( See )

ଗାଆଣା ବାଜଣା—ଦେ. ବି—ଗାଆଣ ବଜାଣ ( ଦେଖ )
Gā-āṇa bājaṇā Gā-āṇa bajāṇa ( See )

ଗାଆଣିଆ—ଗ୍ରାମ୍ୟ. ବି. ( ସଂ. ଗାନକାରୀ )—ଗାୟକ—
Gaāṇia Singer.
ଗ୍ୟାଇନ, ଗାୟେନ
ଗବୈୟା
କୌଣସି ସ୍ଥାନରେ ବାଦୀପାଲି ହେଲେ ଦେଖଣାହାରିମାନେ ଯେପରି ଗାଆଣିଆମାନଙ୍କ ବେଶ ବାନ୍ଧିବା ଆଗରୁ ଜମି ଯାଆନ୍ତି ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଗାଆଣୀ—ଗ୍ରା. ବି. ସ୍ତ୍ରୀ. ( ସଂ. ଗାୟିକା )—
Gā-āṇi ୧ । ଗାୟିକା—
ଗାନେବାଲୀ 1. A female singer; songstress.
ଗାନେବାଲୀ ୨ । ଋଜାନ୍ତଃପୁରରେ ଥିବା ଗୀତବ୍ୟବସାୟରତା ଦାସୀ—
2. A female singer in a Raja's harem.
ଦେ. ବିଣ. ସ୍ତ୍ରୀ—ଗୀତ ଗାଇବାରେ ସୁନିପୁଣା—
( woman ) Well-versed in singing.

ଗାଆନ୍ ବାଜଣା—ଦେ. ବି—ଗାଆଣ ବାଜଣା ( ଦେଖ )
Gā-ān bājaṇā Gā-āṇa bājaṇā ( See )

ଗାଆଳି—ଦେ. ବି. ପୁଂ—ଗାୟକ ବ୍ୟକ୍ତି—
Gāāḷi Singer.
ଗାଇନ
ଗବୈୟା

ଗାଇଆ ଶୋଲ—ଦେ. ବି—ଏକ ପ୍ରକାର ଶୋଲ—
Gāiā śola A kind of śola-plant.
[ ଦ୍ର—ଶୋଲାସାହା ଆଦିରେ ସକ୍ରାର୍ଥ ବାହୁତ ଫୁଲକାମଆଦି କାରିଗରମାନେ ଏଥିରୁ ପ୍ରସ୍ତୁତ କରନ୍ତି । ]

ଗାଇଁଗୁଇଁ ହେବା—ପ୍ରାଦେ. ( ଗଡ଼ଜାତ ) କ୍ରି—କୌଣସି କାର୍ଯ୍ୟ
Gāiṅguiṅ hebā କରିବାକୁ ଅନିଚ୍ଛା ପ୍ରକାଶ କରିବା—
To grumble to do anything.

ଗାଇଁଶଗୁଇଁଶ୍ ହେବା—ପ୍ରାଦେ (ଗଡ଼ଜାତ) କ୍ରି—କୌଣସି କାର୍ଯ୍ୟ କରି-
Gāiṅsguiṅs hebā ବାକୁ ଅନିଚ୍ଛା ପ୍ରକାଶ କରିବା—To give vent to one's unwillingness to do any work.

ଗାଇକ—ଗ୍ରା. ବି. ( ସଂ. ଗାୟକ )—ଗାୟକ ( ଦେଖ )
Gāika Gāyaka ( See )

ଗାଇକବାଡ଼—ଦେ. ବି—ଗାଇକୁଆଡ଼ ( ଦେଖ )
Gāikabāṛd Gāikuāṛd ( See )

ଗାଇକୁଆଡ଼—ଦେ. ବି. ( ମରହଟ୍ଟୀ=ଗାଇକବାଡ଼ )—ବରୋଦାର
Gāikuāṛd ମହାରାଜାଙ୍କ ଉପାଧି—
ଗାୟକବାଡ଼ The title of the Ruler of Baroda-state
ଗାୟକବାଡ଼

ଗାଇ ଗିଲ—ଦେ.ବି—ଗିଲଜାତୀୟ କଣ୍ଟାଯୁକ୍ତ ଏକପ୍ରକାର ଲଟାଳିଆ ଗୁଳ୍ମ—
Gāi gila A kind of small gila-plant.
[ ଦ୍ର—ଗୋରୁମାନେ ଏହାର ଡାଳ ଓ ପତ୍ର ସଙ୍ଗେ ଏହାର ଫଳକୁ ଖାଇ ଗୋଟା ଗୋଟା ଫଳ ହଗନ୍ତି । ]

ଗାଇଗେଣ୍ଡାଳିଆ—ଦେ. ବି—ଗେଣ୍ଡାଳିଆ ୨ ( ଦେଖ )
Gāigeṇḍāḷiya Geṇḍāḷiyā 2 ( See )

ଗାଇଗୋବରା—ଦେ. ବି. ( ବୈଦ୍ୟକ )—ବୃକ୍ଷବିଶେଷ—
Gāigobarā A kind of tree.

ଗାଇଚିରା—ପ୍ରାଦେ. ( ବାଲେଶ୍ୱର ) ବି—ଶତାବରୀ ( ଦେଖ )
Gāichirā Śatābarī ( See )

ଗାଇଚିରିଆ—ଦେ. ବି. ( ଏହାର ମୂଳ ଗାଇଚର ଭଳି ସରୁ ସରୁ ଦେଖା-
Gāichiriā ଯିବାରୁ )—ଶତାବରୀ ( ଦେଖ )
Śatābarī ( See )

ଗାଇଚେରିଆ—ଦେ. ବି—ଶତାବରୀ ( ଦେଖ )
Gāicheriā Śatābarī ( See )

ଗାଇଚେରିଆ ମାଣ୍ଡିଆ—ଦେ. ବି—୧ । ଏକ ପ୍ରକାର ମାଣ୍ଡିଆ—.
Gāicheriā māṇḍiā 1. A kind of Māṇḍiā-gram.
୨ । ମାଣ୍ଡିଆ ତଳର ନୋଟ ( ଦେଖ )
2. Notes under Māṇḍiā ( See )

ଗାଇଡ୍—ବୈଦେ. ବି. (ଇଂ)—୧ । ପଥପ୍ରଦର୍ଶକ; ଆଗେ ଆଗେ ଗୁଲି
Gāid ଯେ ବାଟ ଦେଖାଏ—1. A guide.
୨ । କୌଣସି ପ୍ରସିଦ୍ଧ ବା ଦର୍ଶନୀୟ ସ୍ଥାନରେ ଯେଉଁ ବ୍ୟକ୍ତି ଆଗନ୍ତୁକମାନଙ୍କୁ ଉକ୍ତ ସ୍ଥାନର ଭିନ୍ନ ଭିନ୍ନ ଦର୍ଶନୀୟ ବସ୍ତୁ ବା ବିଷୟମାନଙ୍କ ନିକଟକୁ ନେଇ ସେ ସବୁ ବସ୍ତୁକୁ ଚିହ୍ନାଇ ଦିଏ—2 A guide to visitors in a place of interest.
୩ । ଯେଉଁ ପୁସ୍ତକରେ ରେଲ, ଡାକ, ଟେଲିଗ୍ରାଫ୍ଆଦି ବିଭାଗର ନିୟମ ଓ ଜ୍ଞାତବ୍ୟ ବିଷୟମାନ ବିବୃତ ହୋଇ-ଥାଏ—3. A guide-book (e.g. postal guide; railway guide ).

ଗାଇତିରି—ଗ୍ରା. ବି. ( ସଂ. ଗାୟତ୍ରୀ )—ଗାୟତ୍ରୀ ( ଦେଖ )
Gāitiri Gāyatrī ( See )

ଗାଇତ୍ରୀ—ଗ୍ରା. ବି. ( ସଂ. ଗାୟତ୍ରୀ )—ଗାୟତ୍ରୀ ( ଦେଖ )
Gāitrī Gāyatrī ( See )

ଗାଇବା—ଦେ. କ୍ରି. ( ସଂ. ଗୈ ଧାତୁ )—
Gāibā ୧ । ଗାନ କରିବା; ଗୀତ ବୋଲିବା—1. To sing.
ଗାଓୟା ସଳିତ୍ତ ଗାଏ ନକ୍ଷତ୍ର ବାଏ ଅତ ବେହୁସା ନାଚ ନଚ ଯାଏ—ଢଗ ।
ଗାନା ୨ । ପଦ୍ୟ ଆବୃତ୍ତି କରିବା—
2. To recite a poem.
୩ । ବହଲେଇବା; ବାହୁଲ୍ୟ କରି କହିବା—
3. To speak extensively or too much.
ସେତାଙ୍କ ସମୁରେ ମିଛ ସତ ଗାଇ—ଭ୍ରଧାନାଥ, ଦରବାର ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୪ । ବାରଂବାର କହିବା—
4. To speak repeatedly.
ପିତୃଦେବ ଅତଏବ ଯେ ଅଳ୍ପ ଦାଏ
ତା ପୁଣ୍ୟ ଗାଇଲେ ନ ସରିବ ହେ ଭାଏ—କୃଷ୍ଣସିଂହ. ମହାଭାରତ. ଅନୁ ।
୫ । ନାମ ଗାନ କରିବା—
5. To sing the name of ( in respect ).
ଭଜ ବଞ୍ଚନ୍ତ କୃଷ୍ଣ ଗାଇ
ଅନ୍ତରେ ତାର ପଦ ଧ୍ୟାଇ—ଜଗନ୍ନାଥ. ଭାଗବତ ।
[ ଦ୍ର— ଗାଇବା ସଙ୍ଗେ ବଜା (ଜେ) ଇବା ଶବ୍ଦ ସହଚରରୂପେ ବ୍ୟବହୃତ ହୁଏ । ]

**ଗାଈ**—ଦେ. ବି. ସ୍ତ୍ରୀ. (ସଂ. ଗବୀ; ଭୂଲ ଇଂ. କା'ଉ)—୧ । ମାଈଗୋରୁ—
Gāi . Cow.
গাঈ ଗାଈକି ମାଇଲେ ମଲ. ଗାଈ ମାଇଲେ ମଲ । ତଗ ।
गाय
[ ଦ୍ର—ପ୍ରସବ ନ କରି ଥିବା ମାଈ ବାଛୁରୀକୁ 'ଠଡ଼ା' ବୋଲାଯାଏ ଓ ବୁଢ଼ା ଗାଈକୁ 'ବୁଢ଼ି' ବୋଲାଯାଏ । ]
୨ । ଗୁଆଫଳର ଦଶ ଗୋଟି ସଂଖ୍ୟା—
2. Ten betel-nuts.
[ ଦ୍ର— ବଶିଷ୍ଟବ୍ୟକ୍ତି, ବନ୍ଧୁ ବା ରାଜାଙ୍କୁ କୌଣସି ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଏକ ଗାଈଗୁଆ ଭେଟି ଦେଇ ନିମନ୍ତ୍ରଣ କରିବାକୁ ହୁଏ ।]

**ଗାଈଅଇଲାବେଳ**—ଦେ. ବି.—ସନ୍ଧ୍ୟାବେଳେ ଗୋଠରୁ ଗାଈଗୋରୁ ଫେରି ଆସୁଥିବା ସମୟ; ଗୋଧୂଳି ସମୟ—
Gāiailābeḷa
The evening when the cattle come back after grazing on the fields; dusk.

**ଗାଈଆ**—ଦେ. ବିଣ.—୧ । ଗାଈର ସେବାରେ ନିଯୁକ୍ତ—
Gāiā 1. Bent upon taking care of cows.
গাওয়া, গাইয়া ୨ । ତାହାପର ଛୋଟ ଆକୃତିବିଶିଷ୍ଟ—
गवा 2. Of comparatively smaller dimensions (said of fruits).
[ ଦ୍ର—ଫଳପ୍ରଭୃତି ଦୁଇଜାତୀୟ ଦେଖା ଗଲେ ଛୋଟ ଫଳକୁ ଗାଈଆ ଓ ବଡ଼ ଫଳକୁ ମଇଁଷିଆ ବୋଲାଯାଏ; ଯଥା—ଗାଈଆ-କୁଆମରିଚା (ଛୋଟ), ମଇଁଷିଆ କୁଆମରିଚା (ବଡ଼) । ]
୩ । (ସଂ. ଗବ୍ୟ)—ଗାଈଠାରୁ ଉତ୍ପନ୍ନ (ଯଥା; ଗାଈଆ ଘିଅ)-
3. Produced from the cow.

**ଗାଈଆଳ**—ଦେ. ବି. (ସଂ. ଗବାପାଳ)—ଗାଈରଖୁଆଳ; ଗାଈକୁ ଯେ ଜଗେ—Cow-herd; one who tends cows.
Gāiāḷa
রাখাল
चरवाहा

**ଗାଈ କଅଁଳେଇବା**—ଦେ. କ୍ରି.—ଗାଈ ପ୍ରସବ କରିବା—
Gāi kaan̲ḷeibā A cow being delivered of a calf.

**ଗାଈକଟା**—ଦେ. ବିଣ. (ଗାଳ)—ଯେ ଖାଦ୍ୟ ନିମନ୍ତେ ଗୋରୁ ହାଣେ-
Gāikaṭā Slaughtering cows for food.
ଦେ. ବି.—୧ । ଗାଈକୁ ହାଣିବା—
1. The slaughter of a cow.
୨ । ଗୋଘାତକ—2. Cow-killer.
୩ । ଅହିନ୍ଦୁ—3. A Non-Hindu.

**ଗାଈଗଙ୍ଗା**—ଦେ. ବିଣ.—୧ । ଅତି ପବିତ୍ର ଓ ଧାର୍ମିକ (ଲୋକ)—
Gāigaṅgā 1. Very pious and virtuous (person)
গোবেচারা ୨ । ଯେ ଗାଈ ଓ ଗଙ୍ଗାପରି ଅତି ନିରୀହ—
গোবেচারী 2. Very quiet and unoffending (person).
गाय

**ଗାଈଗଙ୍ଗାପରି**—ଦେ. ବିଣ.—ଗାଈଗଙ୍ଗା । (ଦେଖ)
āigaṅgā pari Gāigaṅgā (See)

**ଗାଈଗାଧୁଆ**—ଦେ. ବି—ଦୋଳପୂର୍ଣ୍ଣିମା ଦିନ ଗଉଡ଼ମାନେ ଗାଈମାନଙ୍କୁ ଗାଧୋଇବାରୂପ ଉତ୍ସବ—The ceremony of bathing the cows on the fullmoonday of Phālguna by the cowherds.
Gāigādhuā

**ଗାଈଗୋଠ**—ଦେ. ବି—୧ । ଗାଈପଲ ( ଦେଖ )
Gāigoṭha 1. Gāipala ( See )
গোঠ ୨ । ଗାଈମାନଙ୍କର ରହିବା ସ୍ଥାନ—
गाइगोठ 2. A cattle-pen; an enclosure for cows.
୩ । ଗୋଗୋଷ୍ଠ; ଗୋଚାରଣ ସ୍ଥଳ—
3. A grazing place for cows.

**ଗାଈଗୋରୁ**—ଦେ. ବି. (ସହଚର)—ଗାଈ, ବଳଦ, ବାଛୁରୀ, ଷଣ୍ଢ ଆଦି—
Gāigoru Cattle.
গাঈগোরু
चौपाए

**ଗାଈଚରା**—ଦେ. ବିଣ—ଯେ (ଭୃତ୍ୟ) ଗାଈକୁ ଜଗେ—
Gāicharā (one) Who tends the cows.
রাখাল
चरवाहा

**ଗାଈ ଚରାଇବା**—ଦେ. କ୍ରି—ଗାଈ ପଡ଼ିଆରେ ଘାସଆଦି ଚରିବା ସମୟରେ ତା ପଛେ ପଛେ ଦୃଷ୍ଟି ରଖିବା—
Gāi charāibā
গাঈচরান To tend a cow while grazing.
गौ चरवाना

**ଗାଈଜଗା**—ଦେ. ବିଣ—ଗାଈଚରା ( ଦେଖ )
Gāijagā Gāicharā ( See )

**ଗାଈଜଗିଆ**—ଗ୍ରା. ବି—ଗାଈଜଗୁଆଳ ( ଦେଖ )
Gāijagiā Gāijaguāḷa ( See )

**ଗାଈ ଜଗୁଆଳ**—ଦେ. ବି—ଯେଉଁ ଲୋକ ବା ଭୃତ୍ୟ ଗାଈମାନଙ୍କୁ ଚରାଇବାକୁ ନିଏ—A cow-herd; a person who tends the cows.
Gāi jaguāḷa
রাখাল
चरवाहा

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଘ |
| ୬ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଇଅ | ଔ | ନ୍ |

ଗାଇଦୁହାଁ—ଦେ. ବି. ( ସଂ. ଗୋଦୋହନ )—ଗୋଦୋହନ—
Gāiduhañ — Milking of a cow.
गाईदोहा
गौदुहना

ଗାଇ ଦୁହିଁବା—ଦେ. କ୍ରି. ( ସଂ. ଗୋ+ଦୁହ ଧାତୁ )—
Gāi duhiñbā — ଗାଈଠାରୁ ଦୁଧ ଦୋହନ କରିବା—
गाईदोहा — To milch a cow.
दुहना

ଗାଇ ଦୋହିଁବା—ଦେ. କ୍ରି—ଗାଇ ଦୁହିଁବା ( ଦେଖ )
Gāi dohiñbā — Gāi duhiñbā ( See )

ଗାଇଧନ—ଦେ. ବି. (ସଂ. ଗୋଧନ)—ଗୋରୁରୂପ ସମ୍ପତ୍ତି—
Gāidhana — Property consisting of cattle.
କାଂସାଧନ ଅର୍ଦ୍ଧେ ଧନ, ଗାଇ ଧନ ନଧନ । ପ୍ରବଚନ ।

ଗାଇଧରା—ଦେ ବି—ଗାଇ ପ୍ରସବ କରିବା ପରେ ଦୁଧ ଦୁହିଁବା ବେଳେ
Gāidharā — ନାଡ ମାଇଲେ ବା ଦୁଷ୍ଟାମି କଲେ ଗଉଡ଼ମାନେ ତା
फोंका; फूंका — ଯୋନି ଦ୍ୱାରରେ ମୁହଁ ଲଗାଇ ତା ପେଟକୁ ଫୁଙ୍କିବା-
फुंका — ରୂପ ନୃଶଂସ ପ୍ରଣାଳୀ—The cruel system practised by Indian cow-herds of blowing wind into the belly of a milch cow through its generative organ and thus reducing the cow to a helpless condition and forcing it to submit to being milched without giving any trouble.

[ ଦ୍ର—ଏପରି ପବନ ଫୁଙ୍କିଲେ ଗାଇଟି କାବୁ ହୋଇ ଯାଏ ଓ ଗଉଡ଼ମାନେ ଅକ୍ଳେଶରେ ଦୁଧ ଦୁହନ୍ତି । ]

ଗାଇ ଧରିବା—ଦେ. କ୍ରି—ନବପ୍ରସୂତା ଗାଈକୁ ଆୟତ୍ତ କରିବା ପାଇଁ ତା
Gāi dharibā — ପେଟ ଭିତରକୁ ମୁହଁଦ୍ୱାରା ପବନ ଫୁଙ୍କିବା—
To blow wind into the belly of a newly-delivered cow.

ଗାଇପଲ—ଦେ. ବି—ବହୁସଂଖ୍ୟକ ଗାଈଙ୍କର ଏକତ୍ରାବସ୍ଥିତି—
Gāipala — A herd of kine.

ଗାଇପଲ୍ହ—ଦେ. ବି—ଗାଇପଲ ( ଦେଖ )
Gāipalha — Gāipala ( See )

ଗାଇଫିଟାବେଳ—ଦେ. ବି—ସକାଳ ପହର—
Gāiphitābela — That time in the morning when the cattle are set free to graze on the open fields ( under the cow-herd ).

ଗାଇବଗୁଲା—ଦେ. ବି. ( ସଂ. ଗୋ+ବକ )—
Gāibagulā — ଏକ ପ୍ରକାର ଧଳା ବଗ—
बक, बक — Egret ( bird ); Bubulens
गायबगला — Coromandus.

[ ଦ୍ର—ଏମାନଙ୍କ ଗୋଡ଼ ହଳଦିଆ; ଏମାନେ ଗୋରୁ ଗାଈଙ୍କ ପିଠିରେ ବା ନିକଟରେ ବସି ସେମାନଙ୍କ ଦେହରୁ ଟିଙ୍କ ଖୁମ୍ପି କରି ଖାଆନ୍ତି । ଗୋରୁ ଗାଈଙ୍କ ପଲ ସଙ୍ଗେ ଏମାନେ ବିଚରଣ କରିବାର ଦେଖାଯାଏ । ]

ଗାଇ ବତରପଡ଼ିବା—ଦେ. ବି—ଗାଈ ଋତୁମତୀ ହେବା—
Gāi batarapardibā — Appearing menses in a cow.
କଳଙ୍ଗା ଗାଇ ବତର ପଡ଼ିଲେ ବୁଢ଼ଙ୍ଗ ଷଣ୍ଢକୁ ପାଇବ—ଢଗ ।

ଗାଇବଳଦ—ଦେ. ବି. ( ସହଚର; ଗାଈ; ଗବୀ+ଗୋ )—
Gāibalada — ଗାଇଗୋରୁ ( ଦେଖ )
गाई बलद — Gāigoru ( See )

ଗାଇବାଛୁରି—ଦେ. ବି. (ସହଚର; ସଂ. ଗାଭୀ; ଗବୀ+ବତ୍ସତରୀ)—
Gāibāchhuri — ଗାଇଗୋରୁ ( ଦେଖ )
गाई बाछुरी — Gāigoru ( See )

ଗାଇ ବିଗାଡ଼ିବା—ଦେ. କ୍ରି—ଦୁଧ ଦୁହିଁବା ବେଳେ ଦୁଗ୍ଧବତୀ ଗାଈ ଅସ୍ଥିର
Gāi bigārdibā — ହେବ ଓ ନାଡ ଉଠାଇ ଦୁଧ ଦୁହାଁଇ ଦେବ-ନାହିଁ ଏ ଉଦ୍ଦେଶ୍ୟରେ ଗାଇ ପ୍ରତି ମନ୍ତ୍ର ଯନ୍ତ୍ର ବା ଔଷଧାଦି ପ୍ରୟୋଗ କରିବା—
To spoil a cow ( so as it will become restive when being milched ) by malicious application of charms and medicines.

ଗାଇ ବିଷ୍କିବା—ଦେ. ବି—ଦୁହାଁଳ ଗାଇ କେତେକ ସମୟ ଦୁଧ ଦେବା
Gāi bishkibā — ପରେ ତାର ଦୁଧର ପରିମାଣ କମି ଆସିବା—
A milch cow becoming dry or exhausted after a time.

ଗାଇରଖା—ଦେ. ବିଣ—ଗାଇଚରା ( ଦେଖ )
Gāirakhā — Gāicharā ( See )

ଗାଇରଖୁଆ—ଦେ. ବି—ଗାଇଜଗୁଆଳ ( ଦେଖ )
Gāirakhuā — Gāijaguāla ( See )

ଗାଇରଖୁଆଳ—ଦେ. ବି—ଗାଇଜଗୁଆଳ ( ଦେଖ )
Gāirakhuāla — Gāijaguāla ( See )

ଗାଇ ଲେଉଟାଇବା—ଦେ. ବି—ଥରେ ବୃଷ ସଙ୍ଗମ ପରେ ଗାଈ ଗର୍ଭବତୀ
Gāi leutāibā — ନ ହୋଇ ପୁନର୍ବାର ଋତୁମତୀ ହେବା—
A cow becoming menstruated a second time after having once been cohabited or crossed by a bull

ଗାଇ ହମାଳିବା—ଦେ. ବି—ଗାଇର ବୋବାଳି—
Gāi hamālibā — The braying of a cow.

ଗାଉଁଆଁ—ଦେ. ବିଣ—ଗାଉଁଲି ( ଦେଖ )
Gāuñāñ — Gāuñli ( See )

ଗାଉଁକିନ—ଦେ. କ୍ରି. ବିଣ—କୁକୁର ବାଘ ଇତ୍ୟାଦି ଆକ୍ରମଣ କରୁଥିବା
Gāuñkini — ଜନ୍ତୁକୁ ମାଡ଼ି ବସିବାବେଳେ ଶବ୍ଦ କରିବା ପ୍ରକାରେ—.
Like a dog or tiger attacking the victim with a grumbling or grunting sound.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଷ' ନ ମିଳିଲେ 'କୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗାଉଁଗାଉଁ**—ଦେ. ଅ (ଧ୍ୱନ୍ୟନୁକରଣ)—କୁକୁର ଆଦିଙ୍କର ଅସନ୍ତୋଷ ବା
Gāuṅgāuṅ ରାଗସୂଚକ ମୁହୁର୍ମୁହୁ ଉଚ୍ଚାରିତ ଶବ୍ଦ—
গাঁগাঁ Growling; grumbling sonnd indicating
**गुर्राहट** anger or discontent etc.

**ଗାଉଁଗାଉଁହେବା**—ଦେ. କ୍ରି—ବିରକ୍ତ ହୋଇ ଅସ୍ପଷ୍ଟ ଧ୍ୱନି କରିବା—
Gāuṅgāuṅhebā To grumble; to growl.
গাঁগাঁকরা
**गुर्राना**

**ଗାଉଁଟି**—ଦେ. ବଣ—ଗାଉଁଲି ( ଦେଖ )—
Gāuṅṭi Gāuṅli ( See )
ପ୍ରାଦେ. (ସମ୍ବଲପୁର) ବି—ଗଉନ୍ତିଆର କର୍ମ—
The position of a Gauntiā.

**ଗାଉଁଟିଆ**—ପ୍ରାଦେ. (ସମ୍ବଲପୁର) ବି—ଗାଉନ୍ତିଆ ( ଦେଖ )—
Gāuṅṭiā Gāuntiā ( See )

**ଗାଉଁଲଗାଁ**—ଦେ. ବି—ପଲ୍ଲି ଗ୍ରାମ—
Gāuṅligāṅ Hamlet.
পাড়াগাঁ ଦେ. ବଣ—୧ । ଗ୍ରାମ୍ୟ; ପଲ୍ଲିଗ୍ରାମବାସୀ; ମଫସଲିଆ—
**खेड़ा** 1. Belonging to a village; simple and unsophisticated; rustic.
গাঁইয়া ୨ । ଓଲ୍ଲୁ; ନିର୍ବୋଧ—
**गँवार** 2. Foolish; stupid.

**ଗାଉଁଲି**—ଦେ. ବଣ (ସଂ. ଗ୍ରାମ୍ୟ)—୧ । ଗ୍ରାମ୍ୟ—
Gāuṅli 1. Rural.
গাঁআলী ୨ । ଗ୍ରାମସମ୍ବନ୍ଧୀୟ—
**गँवार, देहाती, गमार** 2. Relating to village.
୩ । ଗ୍ରାମବାସୀ; ମଫସଲି (ଲୋକ)—
3. Inhabiting a village.

ଭୋଟରେ ଧନସ୍ୱତ୍ୱ ଖଣ୍ଡିଏ ଡଙ୍ଗା ବନ୍ଧା ହୋଇଥାଏ, ଗାଉଁଲି ଲୋକେ,
ସ୍ନାନ ତୁଞ୍ଚ ଲୋକେ ପାର ହୁଅନ୍ତି । ଫକୀରମୋହନ. ଛମାଣଆଠଗୁଣ୍ଠ ।

୪ । ଅମାୟିକ; ସରଳପ୍ରକୃତିକ—
4. Simple; unsophisticated.
୫ । ଓଲ୍ଲୁ; ନିର୍ବୋଧ—5. Foolish; stupid.

**ଗାଉଁଲିଆ**—ଦେ. ବି—୧ । ଗ୍ରାମବାସୀ ବ୍ୟକ୍ତି—
Gāuṅliā 1. Villager.
গাঁই ୨ । ମଫସଲିଆ ଲୋକ—
**गँवार, देहात** 2. Rustic.
୩ । ଓଲ୍ଲୁ ଲୋକ—3. Simpleton; fool.
ଦେ. ବଣ—ଗାଉଁଲି ( ଦେଖ )—
Gāuṅli ( See )

**ଗାଉଣା**—ଦେ. ବି (ସଂ. ଗାନ)—ଗାଆଣା ୧ ଓ ୨ ( ଦେଖ )
Gāuṇā Gā-āṇa 1 & 2 ( See )

**ଗାଉଣାବଜଣା**—ଦେ. ବି (ଦ୍ୱନ୍ଦ୍ୱ)—ଗାଆଣା ବଜାଣ ( ଦେଖ )—
Gāuṇābajaṇā Gā-āṇa bajāṇa (See)

**ଗାଉଣାବାଜ**—ଦେ. ବଣ—ସଙ୍ଗୀତପ୍ରିୟ—
Gāuṇābāj Fond of songs and music.
গাওনাবাজ
**गानाबाज**

**ଗାଉଣାବାଜଣା**—ଦେ. ବି (ଦ୍ୱନ୍ଦ୍ୱ)—ଗାଆଣବଜାଣ (ଦେଖ)
Gāuṇābājaṇā Gā-āṇabajāṇa (See)

**ଗାଉତକିଆ**—ବୈଦେ. ବି (ଫା. ତକିୟା)—ଆଉଜିକରି ବସିବା ନିମନ୍ତେ
Gāutakiā ବଡ଼ ମାଣ୍ଡି—A big pillow for inclining on
তাকিয়া it while sitting.
**गावतकीया**

**ଗାଉନ୍**—ବୈଦେ. ବି (ଇଂ. ଗାଉନ୍)—୧ । ଇଉରୋପୀୟ ସ୍ତ୍ରୀଲୋକଙ୍କ
Gāun ଘାଗରା—1. Woman's gown.
গাউন, গৌন କେତେ ଶୋଭୁ ଦିଶୁଥାନ୍ତେ ସଧବା ଶାଢ଼ୀ ସାଜରେ
**गाउन** କଣ୍ଠରେ ଲମ୍ବିତ ଗାଉନ୍ ଶୋଭୁଥାନ୍ତା ଭୂତଳରେ ।
ଉତ୍କଳ. ଗୀତଲହରୀ ।

୨ । ଜଜ୍, ଓକିଲ ଓ ବାରିଷ୍ଟରଙ୍କ କୁର୍ତ୍ତା ଉପରେ ପିନ୍ଧାଯିବା
ଲୁଗାର ପରିଧାନ—2. Gown worn by Pleaders
Barristers and Judges.

**ଗାଉନ୍ତି**—ପ୍ରାଦେ (ସମ୍ବଲପୁର) ବି—ଗାଉଁଟି (ଦେଖ)
Gāunti Gāuṅṭi (See)

**ଗାଉନ୍ତିଆ**—ପ୍ରାଦେ (ସମ୍ବଲପୁର) ବି—୧ । ଗଅଁତିଆ (ଦେଖ)
Gāuntiā 1. Gaāṅtiā (See)
୨ । ସମ୍ବଲପୁର ଅଞ୍ଚଳରେ ଶୂଦ୍ରଜାତିଙ୍କ ଉପାଧିବିଶେଷ—
2 Family-title of certain Sūdras in Sambalpur.

**ଗାଉନ୍ତିଆଲି ମୌଜା**—ପ୍ରାଦେ ( ସମ୍ବଲପୁର ) ବି—ଯେଉଁ ମଉଜାରେ
Gāuntiāḷi mauja ଗାଉନ୍ତିଆ ପ୍ରଜାମାନଙ୍କଠାରୁ ରାଜସ୍ୱ ଅସୁଲ
କରି ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ଦାଖଲ କରେ—
A village the revenue of which is realised by the Gauntiā and deposited in the Government Treasury.

**ଗାଉଳି**—ଦେ. ବି. ପୁଂ—ଗାଅଳି (ଦେଖ)
Gāuḷi Gā-āḷi (See)

**ଗାଉଳିଆ**—ଦେ. ବି. ପୁଂ—ଗାଅଳି (ଦେଖ)
Gāuḷiā Gāāḷi (See)

**ଗାଏ**—ବୈଦେ. ଅ (ଫା)—ସର୍ବମୋଟ—
Gāe Total; altogether; the sum total of many items.
একুন; একুনে
**जोड़**
[ ଦ୍ର—ଏଥିର ସାଙ୍କେତିକ ଚିହ୍ନ "୦୦" ]
ପ୍ରାଦେ. (ସମ୍ବଲପୁର) ବି. (ସଂ. ଗାଭୀ; ଗବୀ)—ଗାଈ Cow.

| ୧ | ଇ | ଋ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଷ | ଙ୍କ | ଇସ୍ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ସ୍ୱ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଊ | ନ୍ତ |

ଗାଏଁଗାଏଁ — ଦେ. ଅ. —୧ । ଗ୍ରାମେ ଗ୍ରାମେ; ଏକ ଗ୍ରାମରୁ ଅନ୍ୟ
Gāeṅgāeṅ ଗ୍ରାମକୁ—1. In every village; from
ଗାଯେଁଗାଯେଁ village to village.
୨ । ଅନେକ ଗ୍ରାମର ମଧ୍ୟ ଦେଇ—
2. Through many villages.
୩ । ଗ୍ରାମ ଦାଣ୍ଡଦେଇ—
3. Through the village-road.

ଗାଏଁଣ୍ଡ —ପ୍ରାଦେ (ସମ୍ବଲପୁର) ବ—ଗାଣ୍ଡି (ଦେଖ)
Gāeṅrd Gāndi (See)

ଗାଏକ—ଗ୍ରା. ବ (ସଂ. ଗାୟକ-ଭୁଲ. ନାୟକ ସ୍ଥଳରେ ନାଏକ ଉଚ୍ଚାରଣ)-
Gāeka ଗାୟକ (ଦେଖ)
Gāyaka (See)

ଗାଏ କରିବା—ଦେ. କ୍ରି —କେତେଗୁଡ଼ିଏ ସଂଖ୍ୟାକୁ ମୋଟ କରିବା—
Gāe karibā To total up some items.
ଏକୁନକରା ସବୁ ମିଶାଇ କର ଗାଏ । ଠୁଳେ ପାଇବ କଡ଼ାଏ ।
ଜୋଡ଼ନା ଭୂପତ ପ୍ରେମପଞ୍ଚାମୃତ ।

ଗାଏଣୀ—ଦେ. ବ. ସ୍ତ୍ରୀ.—(ସଂ. ଗାୟିକା)—ଗାଅଣୀ (ଦେଖ)
Gāeṇi Gāaṇi (See)

ଗାଓଁ—ପ୍ରାଦେ. (ବସ୍ତର ଓ ଭଡ଼ିଭାଷା) ବ.—ଗ୍ରାମ; ଗାଁଅ—
Gāoṅ Village.

ଗାଁ—ଦେ. ବ.—(ସଂ. ଗ୍ରାମ)—୧ । ଗ୍ରାମ; ଜନପଦ—
Gāṅ 1. Village.
ଗାଁ ୨ । ପଲ୍ଲୀ—2. Hamlet.
ଗାଁବ ଗାଁ ଗୁରୁପ'ଣ ଭୁଲ ଅଇଲ,
ଦେହ୍ନ କ କହୁଛ ବସ ବୋଲ—ଢଗ ।
୩ । ଧୋବା ଭଣ୍ଡାରି ଆଦି ସେବାକାରୀମାନେ ଯେଉଁ ସକଳ
ପରିବାର ସେବା କରନ୍ତି ସେ ସବୁର ସମଷ୍ଟି—
3. The aggregate of families served
by a particular washerman or barber.
ଗାଁ କାହାର ? ଧୋବା ଭଣ୍ଡାରି କହନ୍ତି ଅମର ଅମର—ଢଗ ।

ଗାଁ କନିଆ—ଗ୍ରା. ବ. ସ୍ତ୍ରୀ. ( ସଂ. ଗ୍ରାମ+କନ୍ୟା )—ଅପଣା ଗ୍ରାମର ଅବି-
Gāṅ kaniā ବାହିତା ବାଳିକା—A girl of one's village.
ଗାଁ କନିଅଁ ଚିଂଗାଣିକାଙ୍କ—ପ୍ରବଚନ

ଗାଁ ଗାଁ—ଦେ. ଅ—ଗାଏଁ ଗାଏଁ ( ଦେଖ )
Gāṅ gāṅ Gāeṅ gāeṅ ( See )

ଗାଁ ଗାଁକେ—ଦେ. ବ—୧ । ଭିନ୍ନ ଭିନ୍ନ ଗ୍ରାମରେ—
Gāṅ gāṅke 1. In different villages.
୨ । ପ୍ରତି ଗ୍ରାମରେ—2. In every village.

ଗାଁ ଗଣ୍ଡା—ଦେ ବ. ( ସଦରର )—୧ । ଧୋବା ଭଣ୍ଡାରିଙ୍କ ସେବିତ
Gāṅ gaṇḍā ଗ୍ରାମବାସୀପରିବାରବର୍ଗଙ୍କ ସମଷ୍ଟି—
ଗାଁବଗାଁବ 1. The aggregate of families of villagers
served by a particular washerman or
barber.

୨ । ମଫସଲ ଅଞ୍ଚଳ—
2. The mofassal; the interior.

ଗାଁ ଗତି—ଦେ. ଉଣ. ( ସଂ. ଗ୍ରାମଗତ )—ଗ୍ରାମଗତ ( ଦେଖ )
Gāṅ gati Grāmagata (See )

ଗାଁବ୍—ପ୍ରାଦେ. ( ବସ୍ତର ) ବ. ( ଭୁଲ. ହି. ଗାଁବ )—ଗାଁ; ଗ୍ରାମ—
Gāṅb Village.

ଗାଁ ମା—ପ୍ରାଦେ. (ସମ୍ବଲପୁର) ବ. ( ସଂ. ଗ୍ରାମ+ମାତା )—
Gāṅ mā ଗ୍ରାମଦେବତା—Village-Goddess.
ଗାଁ ମାକୁ ଗୁହାରି କରି ଯା—ସମ୍ବଲପୁର ଢଗ ।

ଗାଁ ମାକୁ ପାଏନ୍ ଧାର୍ କରିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଗ୍ରାମରେ
Gāṅ māku pāen dhār karibā ମହାମାରୀ ଆଦି ଉପସ୍ଥିତ
ହେଲେ ଗ୍ରାମଦେବତାଙ୍କୁ ପାଣିଫୁଲଲାଗି ବା ମାଜଣା-
କରିବା—To have the ceremony of bath
and offering of flowers to the village-
Goddess on occasions of divine visitations.

ଗାଁ ରେ ବାଡ଼ି—ଦେ. ବ—ଗ୍ରାମବାସୀମାନଙ୍କ ମଧ୍ୟରେ ହୋଇଥିବା ଦଳ—
Gāṅ re bārdā Factions created in a village.

ଗାଗ୍ବା—ପ୍ରାଦେ. ( ବସ୍ତର ) କ୍ରି—କାନ୍ଦିବା—
Gāgbā To cry; to weep.

ଗାଗର—ଦେ. ବ. (ସଂ ଗର୍ଗର)—ଏକଜାତୀୟ କାତି ନ ଥିବା ମାଛ—
Gāgara A kind of fish without scales.
[ ଦ୍ର—ଏ ମାଛ ବହୁଜାତୀୟ; ମୁଣ୍ଡାଗାଗର—The fish
with a large head; ଖଣ୍ଡାଗାଗର—The fish with a
bill or saw on its upper jaw. ]

ଗାଗରା—ପ୍ରାଦେ. ( ସିଂହଭୂମ ) ବ. ( ଭୁଲ. ହି. ଗାଗର )—
Gāgarā ଗରା ( ଦେଖ )—Garā ( See )

ଗାଗରି—ପ୍ରାଦେ. ( ମେଦନାପୁର ) ବ. (ସଂ. ଗର୍ଗରୀ; ଭୁଲ. ବ—ଗାଗରୀ
Gāgari =କ୍ଷୁଦ୍ର କଳସ )—ପିତଳର ଗରା ବା ମାଠିଆ —
Brass water-pitcher.

ଗାଗ୍ରବ—ଗ୍ରା. ବ. ( ସଂ. ଗାର୍ଗବ )—ଯଦୁବଂଶର କୁଳଗୁରୁ ଗର୍ଗ ମୁନିଙ୍କର
Gāgraba ପୁତ୍ର—Son of sage Garga, the family-
priest of the Jadu dynesty of kings
of ancient India.

ଗାଗ୍ରେବ—ଗ୍ରା, ବ—ଗାଗ୍ରବ ( ଦେଖ )
Gāgreba Gāgraba ( See )

ଗାଙ୍ଗ—ସଂ. ବ ଓ ଉଣ. ( ଗଙ୍ଗା+ସମ୍ବନ୍ଧାର୍ଥରେ. ଅ )—
Gāṅga ଗାଙ୍ଗେୟ ( ଦେଖ )
( ଗାଙ୍ଗୀ—ସ୍ତ୍ରୀ ) Gāṅgeya ( See )

ଗାଙ୍ଗଟ—ସଂ. ବ. ( ଗଙ୍ଗା+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ.
Gāṅgaṭa ଅ )—
୧ । ଗଙ୍ଗାନଦୀରେ ମିଳୁଥିବା ବଡ଼ ଚିଙ୍ଗୁଡ଼ି ମାଛ—
1. Prawns abounding in the Ganges.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । କଙ୍କଡ଼ା ( ହି. ଶବ୍ଦସାଗର )—2. Crab.

ଗାଙ୍ଗଟେୟ—ସଂ. ବି. (ଗାଙ୍ଗଟ+ସ୍ୱାର୍ଥେ. ଏୟ)—୧ । ଗାଙ୍ଗଟ (ଦେଖ)
Gāṅgaṭeya 1. Gāṅgaṭa (See)
ଗାଙ୍ଗଦାଡ଼ା ୨ । ବଗପରି ଦୀର୍ଘ ଥଣ୍ଟବିଶିଷ୍ଟ ଲମ୍ବ ଛୋଟ ମାଛ; ଗଣିଆ-ତୋଡ଼ମାଛ—A kind of fish with beak-like jaws (long and tender); Belone Caucila.
[ ଦ୍ର—ଏହାର ଦେହ ଗୋଲ ଏବଂ ଦେହରେ ଲମ୍ବାଳଗରେ ନେଳିଆ ଓ ଧଳା ଡୋରିମାନ ଥାଏ । ଏହା ଦୀର୍ଘରେ ଅଠର ଅଙ୍ଗୁଳି ବଢ଼େ । ]

ଗାଙ୍ଗପୁର—ଦେ. ବି.—ଓଡ଼ିଶାର ଗଡ଼ଜାତ ରାଜ୍ୟବିଶେଷ—
Gāṅgapura Name of a feudatory state of Orissa.
[ ଦ୍ର—ଏ ରାଜ୍ୟର ପ୍ରଧାନ ଜାତି ଭୂୟାଁ । ପୂର୍ବେ ଓଡ଼ିଶାର କେଶରୀ ବଂଶୀୟ ଜଣେ ସାମନ୍ତ ଏ ରାଜ୍ୟ ଶାସନ କରୁଥିଲେ । ଜଗବନ୍ଧୁ. ପ୍ରାଚୀନ ଉତ୍କଳ । ]

ଗାଙ୍ଗବ—ଗ୍ରା. ବି. (ଗଙ୍ଗା+ଅପତ୍ୟାର୍ଥେ. ଅ)—ଭୀଷ୍ମଦେବ—
Gāṅgaba Bhīshma.

ଗାଙ୍ଗଲାଇ—ଦେ. ବି.—ଗଙ୍ଗୁଲାଇ (ଦେଖ)
Gāṅgal̲āi Gaṅgul̲āi (See)

ଗାଙ୍ଗାଟ—ସଂ. ବି. (ଗଙ୍ଗା+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—
Gāṅgāṭa ଗାଙ୍ଗଟ (ଦେଖ)
Gāṅgaṭa (See)

ଗାଙ୍ଗିଣୀ—ଦେ. ବି.—ମୁରଶିଦାବାଦର ଉତ୍ତରରୁ ଗଙ୍ଗାନଦୀରୁ ବାହାରି
Gāṅginī ବ୍ରହ୍ମପୁତ୍ର ସଙ୍ଗେ ମିଳିତ ହୋଇଥିବା ଗଙ୍ଗାନଦୀର ଶାଖା-ବିଶେଷ—A branch of the Ganges joining the river Brahmaputra.

ଗାଙ୍ଗୀ—ଗ୍ରା. ବି. ସ୍ତ୍ରୀ.—(ସଂ. ଗଙ୍ଗା)—ଗଙ୍ଗାଦେବୀ—
Gāṅgī Gaṅgā (wife of Śāntanu and mother of Bhīshma).
ଗଙ୍ଗା ବୋଇଲେ ଯିବ ଗାଙ୍ଗୀ ବୋଇଲେ ଥିବ—ଢଗ ।

ଗାଙ୍ଗୁଲା—ଦେ. ବି.—ଗଙ୍ଗାଳ (ଦେଖ)
Gāṅgulā Gaṅgāl̲a (See)

ଗାଙ୍ଗୁଲୀ—ଦେ. ବି.—ଗଙ୍ଗୋପାଧ୍ୟାୟ (ଦେଖ)
Gāṅgulī Gaṅgopādhyāya (See)

ଗାଙ୍ଗେୟ—ସଂ. ବି. ପୁଂ. (ଗଙ୍ଗା+ଅପତ୍ୟାର୍ଥେ. ଏୟ)—୧ । ଗଙ୍ଗାପୁତ୍ର;
Gāṅgeya ଭୀଷ୍ମ—1. A name of Bhīshma.
(ଗାଙ୍ଗେୟୀ—ସ୍ତ୍ରୀ) ୨ । କାର୍ତ୍ତିକେୟ—
2. A name of Kārttikeya.
୩ । ଇଲିଶି ମାଛ—3. The Hilsa fish.
୪ । ସ୍ୱର୍ଣ୍ଣ—4. Gold.
୫ । ଭଦ୍ରମୁସ୍ତକ; କେଶୁର ତୃଣ—5. A kind of grass with succulent roots.
୬ । ଗଙ୍ଗାଜଳ—6. Ganges-water.
୭ । ଧାତୁରା—7. Thorn-apple.
୮ । ଦୁବ; ମୁଥା—8. Doob-grass.
୯ । ଗଙ୍ଗାବଂଶ (ଦେଖ)
9. Gaṅga baṁśa (See)
ସଂ. ବିଣ.—୧ । ଗଙ୍ଗାସମ୍ବନ୍ଧୀୟ—
1. Pertaining to the Ganges.
୨ । ଗଙ୍ଗାଠାରୁ ଜାତ—2. Born of Gaṅgā.
୩ । ଗଙ୍ଗାରେ ମିଳୁଥିବା—
3. Abounding in the Ganges.

ଗାଙ୍ଗେୟ ମୁସ୍ତକ—ସଂ. ବି.—ଗଙ୍ଗାମୁଥା—(ହରେକୃଷ୍ଣ-ଦ୍ରବ୍ୟଗୁଣ)—
Gāṅgeya mustaka A kind of root-bulb of grass.

ଗାଙ୍ଗୋଇ—ଦେ. ବି.—ଗଙ୍ଗୋଇ; ମାଛରଙ୍କା ଚଢ଼େଇ—
Gāṅgoi The kingfisher bird.
माछरँगा ଜଳ-ମଧ୍ୟେ ଚଞ୍ଚୁ ମାରନ୍ତି ଗାଙ୍ଗୋଇ ।
रामचिरैया ରାଧାନାଥ, ଚିଲିକା ।
[ ଦ୍ର—ଏ ପକ୍ଷୀ ଲମ୍ବରେ ଦଶ ଅଙ୍ଗୁଳି ବଢ଼େ । ଏହାର ଥଣ୍ଟ ଲମ୍ବ; ପକ୍ଷ ନେଳି; ଏ ଜଳର ଦଶ କୋଡ଼ିଏ ହାତ ଉପରେ ଉଡ଼ି ଶୂନ୍ୟରେ ଏକସ୍ଥାନରେ ସ୍ଥିର ହୋଇ ରହି ପାଣିରେ ପହଁରୁ-ଥିବା ଛୋଟ ମାଛକୁ ଲକ୍ଷ୍ୟ କରେ ଓ ଠିକ୍ ଲମ୍ବଭାବରେ ସେହି ଜାଗାକୁ ଖସିପଡ଼ି ସେ ମାଛଟିକୁ ଥଣ୍ଟରେ ଧରି ନେଇ ଉପରକୁ ଉଡ଼ିଯାଇ କୌଣସି ବୃକ୍ଷର ଡାଳରେ ବସି ସେ ମାଛଟିକୁ ଗିଳିଦିଏ । ]

ଗାଙ୍ଗ୍ୟ—ସଂ. ବିଣ. ( ଗଙ୍ଗା+ସମ୍ବନ୍ଧାର୍ଥେ. ଯ )—
Gāṅgya ଗଙ୍ଗାସମ୍ବନ୍ଧୀୟ ( ହି. ଶବ୍ଦସାଗର )—
Relating to Gaṅgā.

ଗାଜର—ଦେ. ବି. ( ସଂ. ଗର୍ଜର )-ଧନ୍ୟାକାଦି ବର୍ଗର କୃଷିଜାତ ଶାକମୂଳ
Gājara ବିଶେଷ (ନାଲି ଓ ହଳଦିଆ ରଙ୍ଗର ); ଗୃଞ୍ଜନ—
গাজর Daucus Carrota ( Haines )
गाजर [ ଦ୍ର—ଏହାର ମୂଳ ମୂଳା ପରି ଗୋଲ ଓ ଏହାକୁ ତରକାରି କରାଯାଏ । ପଶ୍ଚିମ ଭାରତ ଓ ଇଉରୋପରେ ଏହାର ମୂଳକୁ ଗୋରୁ ଓ ଘୋଡ଼ାଙ୍କୁ ଖାଇବାକୁ ଦିଆଯାଏ । ]

ଗାଜରା—ଦେ. ବି. ( ବର୍ଣ୍ଣାନୁକ ଶବ୍ଦ )—କଙ୍ଗନ ( ଦେଖ )
Gājarā Kaṅgana ( See )

ଗାଜି—ବୈଦେ. ବି. (ଆ. ଗାଜୀ=ବିଧର୍ମୀଙ୍କ ସଙ୍ଗେ ଧର୍ମ ଯୁଦ୍ଧକାରୀ ବୀର)—
Gāji ଯୋଦ୍ଧା; ବୀର—Warrior.
[ ଦ୍ର—ଏ ଶବ୍ଦଭାଷାରେ ସ୍ୱତନ୍ତ୍ର ଦେଖାଯାଏ ନାହିଁ । କିନ୍ତୁ 'ମର୍ଦ୍ଦଗାଜି' ଶବ୍ଦରେ ଦେଖାଯାଏ । ]

ଗାଜିଦେବା—ପ୍ରାଦେ. (ସିଂହଭୂମ) କ୍ରି—ଖାମିଦର କଥାକୁ ଏଡ଼ିଦେବା
Gājidebā ବା ଅବଜ୍ଞା କରିବା; ଠେଲି ଦେବା—
To disobey the words of one's master.

| | ଋ | ଌ | ଋ,ଢ଼ | ଝ | ଏ | ଦସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଋପ୍ତ | ଭୃଅ | ଝ |
|---|---|---|---|---|---|---|---|---|---|---|---|---|---|---|
| ୬ | ଛ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଁ୍ୟ | ଋଅ | ● | ନ. |

ଗାଜିବା—ଦେ. କ୍ରି—୧ । ( ସଂ. ଗଜ ) ବନ୍ଧୁକରେ ବା ବାଣରେ
Gajiba ବାରୁଦ ଖୁନ୍ଦଲା ଭଳି ଖୋଦିବା—
गांदा 1. To ram (like ramming powder into a
ठाँसना gun with a rod )
୨ । ( ସଂ. ଗର୍ଜ ) ବହୁ ପରିମାଣରେ ବା ମୁଷଳଧାରରେ
ବର୍ଷା କରିବା—2. To rain in torrents; to
pour rain profusely.
୩ । ( ସଂ. ଗର୍ଜ ) ଖୁବ୍ ବଢ଼େ ପିଟିବା ବା ମାଡ଼ଦେବା—
3. To administer a sound thrashing.
गाजा ୪ । ( ସଂ. ଗର୍ଜ ) ଗର୍ଜନ କରିବା—
गाजना 4. To thunder; to roar.
ଗାଜିଲେ ଗଗନେ ମେଘ ସାଜିଲେ ବରଷା । ପ୍ରାଚୀ. ରହସ୍ୟମଞ୍ଜରୀ ।

ଗାଞ୍ଜ—ଦେ. ବି—୧ । କଳସୀ ମୁହଁର ବିଣ୍ଡା—
Ganja 1. A pack ( of rag, grass, straw etc ) to
stop the narrow mouth of a water-
pitcher.
୨ । ବାଣ ଭିତରକୁ ବାରୁଦ ଖୁନ୍ଦିବା ପାଇଁ ବ୍ୟବହୃତ
କାଷ୍ଠଦଣ୍ଡ—2. A piece of wood used in
ramming gunpowder into fireworks.

ଗାଞ୍ଜିଆ—ଦେ. ବି. ( ସଂ. ଗଞ୍ଜ )—ଯେଉଁ ସରୁ ଲମ୍ବା ଜାଲମୁଣିରେ
Ganjia ଟଙ୍କା ପଇସା ରଖି ଲୋକେ ଅଣ୍ଟାରେ ଝୁଲାନ୍ତି—
गाँजिआ; गेंजे A small and long net purse tied to
जालदार कीसा the girdle.
[ ଦ୍ର—ଏହାକୁ ଲୋକେ ଅଣ୍ଟାର କରିଧରେ ବାନ୍ଧି ଲୁଗା-
ଭିତରେ ଅଣ୍ଟାରେ ଖୋସି ରଖନ୍ତି । ]

ଗାଞ୍ଜିବା—ଗ୍ରା. କ୍ରି—ଗାଜିବା ( ଦେଖ )
Ganjiba Gajiba ( See )

ଗାଟ୍—ଗ୍ରା. ବୈଦେ. ବି. ( ଇଂ. ଗାର୍ଡ୍ )—
Gat ୧ । ରାଜକୀୟ ଧନ ବା ବ୍ୟକ୍ତିଙ୍କୁ ରକ୍ଷା କରିବା ନିମନ୍ତେ
गार्ड ନିଯୁକ୍ତ ପ୍ରହରୀଦଳ—
गार्ड 1. A company of police or soldiers to
guard treasure or a high official; a
guard.
୨ । ଚଳନ୍ତିଥିବା ରେଲ ଗାଡ଼ିର ତତ୍ତ୍ୱାବଧାରକ କର୍ମଚାରୀ—
2. A guard of a Railway train.

ଗାଟର୍—ବୈଦେ. ବି. ( ଇଂ. ଗାର୍ଟର୍ )—
Gatar ମୋଜାକୁ ଗୋଡ଼ରେ ଅଟକାଇ ରଖିବା ନିମନ୍ତେ ଗୋଡ଼
गार्टार ଗୁଣ୍ଠି ପାଖରେ ଗୁଡ଼ା ହେବା ଫିତା—Garter.
गेटिस

ଗାଟି—ଦେ. ବିଣ—୧ । କୃପଣ ( ଗୋପୀନାଥ ନନ୍ଦ )—
Gati 1. Miserly.
୨ । ଲୋଭୀ ( ଗୋପୀନାଥ ନନ୍ଦ )—
2. Avaricious.

ଗାଟିବା—ଦେ. କ୍ରି—ଗାଣ୍ଠିବା ( ଦେଖ )
Gatiba Ganthiba ( See )

ଗାଟୁ—ପ୍ରାଦେ. ( ଗଞ୍ଜାମ ) ବି. ( ଭୂଲ. ତେ. ଗାଟ୍ଟୁ )—ବନ୍ଧ—
Gattu Ridge.

ଗାଠିବା—ଦେ. କ୍ରି—ଗାଣ୍ଠିବା ( ଦେଖ )
Gathiba Ganthiba ( See )

ଗାର୍ଡ୍—ବୈଦେ. ବି. ( ଇଂ. ଗାର୍ଡ୍ )—
Gard ୧ । ଗାଟ୍ ( ଦେଖ )
1. Gat ( See )
୨ । ଗାର୍ଡ୍ ( ଦେଖ )
2. Gard ( See )

ଗାଡ଼—ଗ୍ରା. ବି. ( ସଂ. ଗର୍ତ୍ତ; ପ୍ରା. ଗଡ୍ଡ )—
Garda ଗର୍ତ୍ତ; ଗାତ; ଛିଦ୍ର; କଣା—Hole; pit.
गाड़ा ପ୍ରାଦେ. (ସମ୍ବଲପୁର) ବିଣ. (ଭୂଲ.ହି. ଗଢ୍ଢା; ଗଢା)—
गाड़ ଗମ୍ଭୀର—Deep.

ଗାଡ଼ ଖୋଳିବା—ଗ୍ରା. କ୍ରି. ( ସଂ. ଗର୍ତ୍ତ+ଖୁଦ ଧାତୁ )—
Garda kholiba ୧ । ଭୂମିରେ ଗର୍ତ୍ତ କରିବା—
गाड़ा खोदा 1. To dig a hole in the ground.
गढ़ा खोदना ୨ । ( ଲକ୍ଷଣାର୍ଥ )—
ଅନ୍ୟ ବ୍ୟକ୍ତିର ଅନିଷ୍ଟ କରିବାର ଉପାୟ କରିବା—
2 To lay a snare to injure another.

ଗାଡ଼ନ୍‌ପାର୍ଟି—ବୈଦେ. ବି. ( ଇଂ. ଗାର୍ଡେନ୍ ପାର୍ଟି )—
Gardanpati ନିମନ୍ତ୍ରିତ ବନ୍ଧୁମାନଙ୍କ ସହିତ ଉଦ୍ୟାନରେ
गार्डनपार्टी ସମ୍ମିଳନ ଓ ମଉଜ—Garden-party.
गार्डनपार्टी

ଗାଡ଼ପଶା—ଗ୍ରା. ବିଣ. ପୁଂ. (ଗାଳି)—ଗାତପଶା ( ଦେଖ )
Gardapasa Gatapasa ( See )

ଗାଡ଼ଭାଲୁ—ଦେ. ବି—୧ । ଭୂମିରେ ଗର୍ତ୍ତ କରି ରହିବା ଏକ ଜାତୀୟ
Gardabhalu ଛୋଟ ଭାଲୁ—
1. A species of small-sized bear
burrowing in the ground.
[ ଦ୍ର—ଏମାନେ ଏକ ଫୁଟ ଉଚ୍ଚ ଓ ଆକାରରେ ଲମ୍ବ, ବର୍ଣ୍ଣ କଳା,
ଲମ୍ବ ଲାଙ୍ଗୁଡ଼ ବିଶିଷ୍ଟ, ମୁହଁ କୁକୁର ମୁହଁ ପରି । ରାତିରେ ଗ୍ରାମର
ବାଡ଼ିଆଡ଼ ଖତ ଗାତ ଓ କୁଙ୍କା ଖୋଳି ପୋକ ଜୋକ ଖାଆନ୍ତି । ]
୨ । ( ଅଶ୍ଳୀଳ ) ସ୍ତ୍ରୀ ପୁରୁଷଙ୍କ ଜନନେନ୍ଦ୍ରିୟ—
2. ( slang ) Male or female organ.

ଗାଡ଼ରଗଡ୍ଡା—ପ୍ରାଦେ (ସମ୍ବଲପୁର) ବି—ପୁରୁଷଙ୍କୁ ପ୍ରଯୁଜ୍ୟ ଏକପ୍ରକାର
Gardaragardma ଗାଳି—A term of abuse to males.

ଗାଡ଼ୱାନ୍—ବୈଦେ. ବି—୧ । ରଥଚାଳକ; ଶଗଡ଼ିଆ—
Gardawan 1. Driver of a cart; cart-man.
गाड़ोयान् ୨ । କୋଚମାନ୍—2. Coachman.
गाड़ीवान

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗାଡ଼ଶୁଆ**—ଗ୍ରା. ବଣ (ଗାଳ)—ଗାତଶୁଆ (ଦେଖ)
Gārdaśwā Gātasuā (See)

**ଗାଡ଼ା**—ପ୍ରାଦେ (ଗଞ୍ଜାମ) ବ—ଏକପ୍ରକାର ପିତଳ ଗଡ଼ୁ—
Gārdā A kind of brass water-pitcher.

**ଗାଡ଼ି**—ଦେ. ବ (ସଂ. ଗୁଣ୍ଠ; ଗନ୍ତ୍ରୀ; ଗାନ୍ତ୍ରୀ)—
Gārdi ୧ । ରଥ—1. Car.
ଗାଡ଼ି ୨ । ଶଗଡ଼—2. Cart.
गाड़ी ୩ । ବଗି—3. Carriage.
୪ । ରେଲଗାଡ଼ି—4. Railway train
[ଦ୍ର—ସାଧାରଣତଃ ଚକ୍ରଯୁକ୍ତ ବାହନକୁ ଗାଡ଼ି କହନ୍ତି । ଗାଡ଼ି ନାନାପ୍ରକାରର ଅଛି । କୌଣସି କୌଣସି ଗାଡ଼ି ମନୁଷ୍ୟ, ବଳଦ, ମଇଁଷି, ଘୋଡ଼ା, ଛେଳି, ଓଟ, ହାତୀ, ହରିଣ ଆଦି ଦ୍ୱାରା ଚାଳିତ ହୁଏ । କୌଣସି କୌଣସି ଗାଡ଼ି ବାଷ୍ପ, ବିଦ୍ୟୁତ୍ ଆଦି ବୈଜ୍ଞାନିକ ଶକ୍ତି ଦ୍ୱାରା ଚାଳିତ ହୁଏ; କୌଣସି କୌଣସି ଗାଡ଼ି ଆରୋହୀର ହସ୍ତ ପଦାଦିର ବଳପ୍ରୟୋଗ ଦ୍ୱାରା ଚାଳିତ ହୁଏ ।]

**ଗାଡ଼ିଅଡ୍ଡା**—ଦେ. ବ—ଗାଡ଼ିଆଡ୍ଡା (ଦେଖ)
Gārdi-arddā Gārdiāddā (See)

**ଗାଡ଼ି ଅଡ଼ାଇବା**—ଦେ. କ୍ରି—ଗାଡ଼ିରେ ଲାଗିଥିବା ଜନ୍ତୁ ବା ଶକ୍ତିକୁ ଇଚ୍ଛାଧୀନ ରଖି ଗାଡ଼ିର ଗତି କରାଇବା—
Gārdi ardāibā To drive a cart or carriage.
गाडिचालान

**ଗାଡ଼ିଅନ୍**—ବୈଦେ. ବ (ଇଂ. ଗାର୍ଡିଅନ୍=ଗାର୍ଜିଅନ)—
Gārdian ୧ । ପାଗଳ ବା ନାବାଳଗର ଶରୀର ଓ ସମ୍ପତ୍ତି ରକ୍ଷକ ବ୍ୟକ୍ତି; ମୁରବି—1. Guardian or keeper of the person and property of a minor or mad person.
गार्जन
निगहबान
୨ । ଗୃହ ବା ପରିବାର କର୍ତ୍ତା; ଅଭିଭାବକ—
2. Headman or Karttā of a family; Paterfamilias.

**ଗାଡ଼ିଆ**—ଗ୍ରା (ଶୂଦ୍ରଭାଷା) ବ—(ସଂ. ଗର୍ତ୍ତ) କ୍ଷୁଦ୍ର ଜଳାଶୟ—
Gārdiā Small tank.
ଗଡ଼ିଆ; ଡୋବା ଗାଡ଼ିଆରେ ହଜାଇ ପୋଖରୀରେ ଖୋଜିବା ନ୍ୟାୟ—ରଗ ।
तलाव; गढेया [ଦ୍ର—ବ୍ରାହ୍ମଣମାନେ ଏହାକୁ ଗଡ଼ିଆ କହନ୍ତି ।]

**ଗାଡ଼ିଆଡ୍ଡା**—ଦେ. ବ. (ହି.)—ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଭଡ଼ାଗାଡ଼ିମାନ ଭଡ଼ାପ୍ରତୀକ୍ଷାରେ ଅପେକ୍ଷା କରୁଥାଏ—
Gārdi āddā Carriage-stand; cart-stand.

**ଗାଡ଼ିଆଳ**—ଦେ. ବ.—ଗାଡ଼ିୱାନ୍ (ଦେଖ)
Gārdiāla Gārdawān (See)

**ଗାଡ଼ି କରିବା**—ଦେ. କ୍ରି—ଗାଡ଼ିକୁ ଭଡ଼ାରେ ନିଯୁକ୍ତ କରିବା—
Gārdi kariba To engage a cart on hire.
ଗାଡ଼ିକବା
गाड़ीकरना

**ଗାଡ଼ିଖାନା**—ଦେ. ବ (ହି.)—୧ । ଯେଉଁ ଘରେ ଗାଡ଼ି ରଖାଯାଇଥାଏ—
Gārdikhānā Garage; carriage-shed.
ଗାଡ଼ୀଖାନା ୨ । ଗାଡ଼ିଅଡ୍ଡା (ଦେଖ)
गाड़ीखाना 2. Gārdiāddā (See)

**ଗାଡ଼ିଚଳାଇବା**—ଦେ. କ୍ରି—ଗାଡ଼ି ଅଡ଼ାଇବା (ଦେଖ)
Gārdi chalāibā Gārdi ardāibā (See)
ଗାଡ଼ିଚାଲାନ
गाड़ीचलाना

**ଗାଡ଼ିଚକ୍**—ପ୍ରାଦେ (ବସ୍ତର) ବ—(ଶଗଡ଼ ଆଦିର) ଅଖ—
Gārdichāk The axle (of a cart or carriage).

**ଗାଡ଼ିବା**—ଦେ. କ୍ରି. ହ୍ର. (ସଂ. ଗର୍ତ୍ତ)—୧ । ଗାତରେ ପୋତିବା—
Gārdibā 1. To bury a thing in a hole in the ground.
ଗାଡ଼ା; ଗେଡ଼େଦେଓୟା
गाड़ना
ଅଗାଡ଼ି ଲସକର ଚଳଗଲେ,
ମହିଷେକ ଅସି ଧନ୍ଦା ଗାଡ଼ିଲେ । ବ୍ରଜନାଥ. ସମରତରଙ୍ଗ ।
୨ । (ଗୁଣ୍ଡୁ ଚମ୍ପୁଆଦି) ଖଟାଇବା—
2. To fix up tents and canopies.

**ଗାଡ଼ିବାଲା**—ଦେ. ବ.—ଗାଡ଼ିୱାଲା (ଦେଖ)
Gārdibālā Gārdiwālā (See)

**ଗାଡ଼ିବେଠି**—ଦେ. ବ.—ବିନା ଭଡ଼ାରେ କୌଣସି ବିଶିଷ୍ଟ କାର୍ଯ୍ୟ ଉପଲକ୍ଷରେ (ରାଜା ବା ଜମିଦାର ଆଦିଙ୍କୁ) ଗାଡ଼ି ଯୋଗାଇଦେବା କାର୍ଯ୍ୟ—Commandering of carts by Rajas and Zamindars for free service.
Gārdibethi

**ଗାଡ଼ିଯୋଚିବା**—ଦେ. କ୍ରି.—ଗାଡ଼ିକୁ ଟାଣିବା ନିମନ୍ତେ ଜନ୍ତୁକୁ ଗାଡ଼ିରେ ଲଗାଇବା—To yoke an animal to a cart or carriage.
Gārdijotibā
ଗାଡ଼ୀଜୋତା
गाड़ी जोतना

**ଗାଡ଼ିୱାଲା**—ଦେ. ବ.—୧ । ଗାଡ଼ିର ଅଧିକାରୀ—
Gārdiwālā 1. Owner of a cart.
୨ । ଗାଡ଼ିର ଚାଳକ—2. Driver of a cart.

**ଗାଡ଼ୁଆ**—ଦେ. ବଣ. (ସଂ. ଗର୍ତ୍ତ)—୧ । ଗର୍ତ୍ତମୟ—
Gārduā 1. Full of holes.
୨ । ଗଭୀର—2. Deep.
୩ । ଯେ ଗର୍ତ୍ତରେ ବାସ କରେ—3. Diving in holes.

**ଗାଡ଼ୁଆନ୍**—ଦେ. ବ.—ଗାଡ଼ୱାନ୍ (ଦେଖ)
Gārduān Gārdawān (See)

**ଗାଡ଼ୁ ଗାଡ଼ୁ**—ଦେ. ବଣ—ଗାରୁଗାରୁ ( ଦେଖ )
Gārdu gārdu Gārugāru ( See )

**ଗାଡ଼ୋଆନ୍**—ଦେ. ବ—ଗାଡ଼ୱାନ୍ ( ଦେଖ )
Gārdoān Gārdawān ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଝ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୭ | ନ୍ |

ଗାଢ଼—ସଂ. ବିଣ. (ଗାହ୍ ଧାତୁ=ଗାଧୋଇବା; ଘାଣ୍ଟିବା+କର୍ମ. ତ)—
Gārdha ୧ । ଦୃଢ଼—1. Tight; firm.
୨ । କଠିନ; ଘନ; ଅତରଳ —2. Solid; hard; thick.
୩ । ପ୍ରଗାଢ଼; ଅତ୍ୟନ୍ତ; ଅତ୍ୟଧିକ—
3. Excessive; profound.
୪ । ଖୁବ୍ ଚୁପି ହୋଇଥିବା—
4. Pressed tightly; fast.
୫ । ଭାରି—5. Heavy.
୬ । ଗମ୍ଭୀର—6. Deep.
୭ । ସେବିତ—7. Resorted to.
୮ । ନିମଗ୍ନ; ନିମଜ୍ଜିତ—8. Sunk; plunged into.
୯ । ମନୋଯୋଗବିଶିଷ୍ଟ—9. Attentive.
ଦେ. ବିଣ—ଶ୍ରେଷ୍ଠ; ପ୍ରଧାନ—Chief; principal.

ତୁ ଏ ସଂସାର ମଧ୍ୟେ ଗାଢ଼,
ତୋ ତନ୍ତୁଁ ଅଛି କେ କେ ବଡ଼ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ଗାଢ଼କର୍ଣ୍ଣ—ସଂ. ବି ( କର୍ମଧା; ଗାଢ଼+କର୍ଣ୍ଣ )—
Gārdhakarṇṇa ମନୋଯୋଗପୂର୍ବକ ଶୁଣୁଥିବା କାନ—
Attentive ear.

ଗାଢ଼କେଶ—ସଂ. ବି. ( କର୍ମଧା; ଗାଢ଼+କେଶ )—ଘନକେଶ—
Gārdhakeśa Thick-set hair (of the head).

ଗାଢ଼କେଶା } ସ୍ତ୍ରୀ
ଗାଢ଼କେଶୀ } ସଂ. ବିଣ. ପୁଂ. ( ବହୁବ୍ରୀହି )—
ଯାହାର କେଶ ଘନ—
Having a thick bunch of hair on the head.

ଗାଢ଼ନିଦ୍ରା—ସଂ. ବି. ( କର୍ମଧା; ଗାଢ଼+ନିଦ୍ରା )—
Gārdhanidrā ଘୋର ନିଦ୍ରା; ଗହମ ନିଦ—
( ଗାଢ଼ନିଦ୍ରିତ—ବିଣ ) Profound or sound sleep.

ଗାଢ଼ପ୍ରବାସ—ସଂ. ବି. ( କର୍ମଧା; ଗାଢ଼+ପ୍ରବାସ )—
Gārdhaprabāsa ବହୁକାଳ ବିଦେଶ ବାସ—
A prolonged sojourn.

ଗାଢ଼ପ୍ରୀତି—ସଂ. ବି. ( କର୍ମଧା; ଗାଢ଼+ପ୍ରୀତି )—ଅଚ୍ଛେଦ୍ୟପ୍ରେମ; ପାଣି
Gārdhapriti ନ ଗଳିବା ପ୍ରୀତି—Close intimacy; intense love; doting fondness.

ଗାଢ଼ମୁଷ୍ଟି—ସଂ. ବି. ( କର୍ମଧା; ଗାଢ଼+ମୁଷ୍ଟି )—
Gārdhamushṭi ୧ । ଶକ୍ତ ବା ଉତ୍ତମରୂପେ ମୁଠା କରାଯାଇଥିବା କରତଳ ଓ ଅଙ୍ଗୁଳିଚୟ; ଦୃଢ଼ବଦ୍ଧ ମୁଷ୍ଟି—
1. Clenched fist.
୨ । (ବହୁବ୍ରୀହି)—ଖଡ୍ଗ; ଖଣ୍ଡା—2. A sword.
ସଂ. ବିଣ. ( ବହୁବ୍ରୀହି )—୧ । ଯେ ହାତକୁ ଉତ୍ତମରୂପେ ମୁଠା କରିଥାଏ—1. With clenched fist.
୨ । ଚପା; କୃପଣ—
2. Close-fisted; miserly; niggardly.

ଗାଢ଼ମୈଥୁନ—ସଂ. ବି. ( କର୍ମଧା; ଗାଢ଼+ମୈଥୁନ )—
Gārdhamaithuna ଗାଢ଼ାଲିଙ୍ଗନ ସହିତ ସ୍ତ୍ରୀ ସହବାସ—
Cohabitation with embrace.

ଗାଢ଼ସୁରତ—ସଂ. ବି—ଗାଢ଼ମୈଥୁନ ( ଦେଖ )
Gārdhasurati Gārdhamaithuna ( See )

ଗାଢ଼ସୁରତ ଯହିଁ ପାଇ, ତା ମନ ତାହାକୁ ଇଚ୍ଛଇ ।
ଉପେନ୍ଦ୍ର, ପ୍ରେମସୁଧାମୃତ ।

ଗାଢ଼ା—ଦେ ବିଣ ( ସଂ. ଗାଢ଼ )—ବସି ଯାଇଥିବା; କାଠୁଆ; ବହଳିଆ;
Gārdhā ଘନ ( ତରଳ ପଦାର୍ଥ ପ୍ରତି ପ୍ରଯୁଜ୍ୟ )—Thick;
गाढ़ा semi-solid ( said of a liquid ); jelly-like
গাঢ় ( said of a liquid after evaporation or heating).

ଗାଢ଼ାଲିଙ୍ଗନ—ସଂ. ବି. ( କର୍ମଧା; ଗାଢ଼+ଆଲିଙ୍ଗନ )—ଦେହକୁ ଦେହ
Gārdhāliṅgana ଲଗାଇ ଜୋରରେ ବା ଚପିଚୁପି କରି କୁଣ୍ଢାଇବା; ଅନ୍ୟର ଶରୀରକୁ ଅଙ୍ଗରେ ଚାପିବା—Close embrace; a tight embrace.

ଗାଢ଼ୁଆ—ଦେ. ବିଣ ( ସଂ. ଗାଢ଼ )—
Gārdhuā ୧ । କଠିନ; କାଠୁଆ—1. Hard.
गाढ़ा ୨ । କୃପଣ—2. Miserly; close-fisted.
গাঢ় ୩ । ଅଣ୍ଟ—3. Tight.
୪ । ନିଷ୍ଠୁର; ନିର୍ଦ୍ଦୟ—4. Cruel.

ଗାଢ଼ୁସିକ—ଦେ. ବିଣ. ପୁଂ ( ସ୍ୱର୍ଣ୍ଣ ବଣିକମାନଙ୍କଦ୍ୱାରା ବ୍ୟବହୃତ;ବାର୍ଦ୍ଧୁଷିକ
Gārdhusika ଶବ୍ଦର ଅନୁକରଣରେ )—ବିଶେଷ ଧନୀ—
Immensely rich.

ଗାଢ଼େ—ଦେ. ( ପଦ୍ୟ ) କ୍ରି. ବିଣ—
Gārdhe ୧ । ଗାଢ଼ଭାବରେ; ଅତ୍ୟନ୍ତ; ଅତ୍ୟଧିକ—
गाढ़े 1. Deeply; excessively.
গাঢ়ে ନିଶ୍ୱର କଷପୁସୁଖେ ଗାଢ଼େ ମଜ୍ଜିଲ—ନୀଳମଣି. ଭକ୍ତିଆସ ।
୨ । ଦୃଢ଼ତା ସହିତ—2. Tightly; firmly.

ଗାଣ (ଇତ୍ୟାଦି)—ଦେ. ବି ( ସଂ. ଗାନ )—
Gāṇa (etc) ୧ । ଗାଅଣ ଇତ୍ୟାଦି ( ଦେଖ )
1. Gā-āṇa etc ( See )
୨ । ( ସଂ. ଗାୟକ ) ଗାୟକ—2. Singer.

ଗାଣପତ୍ୟ—ସଂ. ବିଣ ( ଗଣପତି+ଯ )—
Gāṇapatya ଗଣପତି ବା ଗଣେଶଙ୍କ ସମ୍ବନ୍ଧୀୟ—
Pertaining to the God Gaṇeśa.
ସଂ. ବି—୧ । ଗଣେଶ ଉପାସକ ହିନ୍ଦୁସମ୍ପ୍ରଦାୟ—
1. A sect of Hindus worshipping God Gaṇeśa.
୨ । ଗଣେଶଭକ୍ତ; ଗଣପତି ଉପାସକ—
2. A devotee of Gaṇeśa.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ସାଧାରଣତଃ ହିନ୍ଦୁମାନଙ୍କ ମଧ୍ୟରେ ପଞ୍ଚଦେବତାଙ୍କ ଉପାସନା-ଭେଦରେ ପଞ୍ଚ ସମ୍ପ୍ରଦାୟ ଦେଖାଯାନ୍ତି । ଯଥା—ବୈଷ୍ଣବ ( ବିଷ୍ଣୁ ଭକ୍ତ ); ଶୈବ ( ଶିବ ଭକ୍ତ ); ଶାକ୍ତ ( ଦୁର୍ଗା ଉପାସକ ); ସୌର ( ସୂର୍ଯ୍ୟ ଉପାସକ ) ଓ ଗାଣପତ୍ୟ ( ଗଣେଶ ଉପାସକ ) । ]

୨ । ସେନାପତି କର୍ମ; ଗଣନାୟକତ୍ୱ—
2. Leadership of a party or host.

**ଗାଣା** (ଇତ୍ୟାଦି)—ଗ୍ରାମ୍ୟ. ବି. ( ସଂ. ଗାନ )—
Gāṇā (etc) ଗାଆଣ ଇତ୍ୟାଦି ( ଦେଖ )
Gā-āṇa etc. ( See )

**ଗାଣିତିକ**—ସଂ. ବିଣ. ( ଗଣିତ + ଇକ )—
Gāṇitika ଗଣିତ ବିଦ୍ୟାସମ୍ବନ୍ଧୀୟ—
Mathematical.
ସଂ. ବି. ପୁଂ—ଗଣିତ ଶାସ୍ତ୍ରଜ୍ଞ ବ୍ୟକ୍ତି—
A mathematician.

**ଗାଣୀ**—ଗ୍ରା. ବି. ସ୍ତ୍ରୀ—ଗାଆଣୀ ( ଦେଖ )
Gāṇī Gāāṇī ( See )

**ଗାଣ୍ଠି**—ଦେ. ବି. ( ସଂ. ଗ୍ରନ୍ଥି; ପ୍ରା. ଗଂଠି )—
Gāṇṭhi ୧ । ବହୁତ ଗୁଡ଼ିଏ ଜିନିଷ ବା ଲୁଗାପଟା ଏକତ୍ର ଦୃଢ଼ ଭାବରେ ବନ୍ଧା ଯାଇଥିବା ବୋଝ ବା ଗଣ୍ଠିରି—
गाँइट्, गाँइठ्
**गाँठ** 1. A tightly packed bale or package ( of cloth ).
୨ । ଦୃଢ଼ ଭାବରେ ଧରିବା; ପୀଡ଼ନ—
2. Tight grasp.

**ଗାଣ୍ଠିବା**—ଦେ. କ୍ରି. ( ସଂ. ଗ୍ରନ୍ଥନ; ପ୍ରା. ଗଣ୍ଠନ )—
Gāṇṭhibā ୧ । ଦୃଢ଼ ବା ଗାଢ଼ ଭାବରେ ଧରିବା; ଜାବୁଡ଼ିବା—
गाँठा 1. To hold or grasp tightly.
**गाँठना** ୨ । ଘେରିଆଡ଼ୁ ଚପିବା—
2. To press tightly from all sides.
୩ । କାବୁ କରିବା; ଅବଶ କରିବା; ଜବତ କରିବା—
3. To push one into a tight corner.
( ଯଥା—ତାକୁ ରୋଗ ଗାଣ୍ଠିଛି । )

**ଗାଣ୍ଠିରି**—ଦେ. ବି. (ସଂ. ଗ୍ରନ୍ଥି)—ଗାଣ୍ଠି ( ଦେଖ )
Gāṇṭhiri Gāṇṭhi ( See )

**ଗାଣ୍ଡି**—ସଂ. ବି. ( ଗଣ୍ଡ୍ ଧାତୁ + ଇ )—ଗ୍ରନ୍ଥି; ଗଣ୍ଠି—
Gāṇḍi Knot.
गाँड़, पौंद् ଦେ. ବି. ( ସଂ. ଗଣ୍ଡ = ଚିହ୍ନ; ତୁଳ୍ୟ ସଂ. ଗର୍ତ୍ତ = ପ୍ରା. ଗଡ୍ଡ )—୧ । ପିଚ୍ଛା; ଶରୀରର ପଛ ଭାଗ—
**चूतड़, गाँड़**
1. Buttocks.
୨ । କୌଣସି ପଦାର୍ଥର ପଛ ଭାଗ—
2. The back side of a thing.
୩ । କୌଣସି ପଦାର୍ଥର ତଳ ଭାଗ—
3. The bottom of a thing.
୪ । ଶେଷ ଭାଗ—4. The end.
୫ । ଗିନା, କଂସା, ମାଠିଆ ଆଦି ପାତ୍ରର ତଳଭାଗ ( ଯାହା ଭୂମିରେ ଲାଗେ; ମନୁଷ୍ୟ ଯେଉଁପରି ବସିଲା ବେଳେ ଭୂମିରେ ତାହାର ଗାଣ୍ଡି ଲାଗେ ପାତ୍ରର ସେହିପରି ଅଂଶ); ପେନ୍ଦ—5. The stable bottom of a pot.
୬ । ଗୁହ୍ୟଦ୍ୱାର; ପାୟୁ; ଗୁଦ—6. Anus.
୭ । ( ଅଶ୍ଳୀଳ ) ସ୍ତ୍ରୀ ଜନନେନ୍ଦ୍ରିୟ; ଯୋନି—
7. Vagina.
[ ଦ୍ର—ଗୁହ୍ୟଦ୍ୱାରକୁ ସିଂହଭୂମରେ ପିଚ୍ଛା କହନ୍ତି ଏବଂ ସେଠାରେ ଗାଣ୍ଡିର ଏକମାତ୍ର ଅର୍ଥ ଯୋନି । ]
[ ଦ୍ର—ପିଚ୍ଛା ବା ଗୁହ୍ୟଦ୍ୱାର ଅର୍ଥରେ ଗାଣ୍ଡି ଶବ୍ଦର ବ୍ୟବହାର କ୍ରମଶଃ ଶିଷ୍ଟସମାଜରୁ ଲୁପ୍ତ ହୋଇ ତତ୍ପରିବର୍ତ୍ତେ 'ପିଚ୍ଛା', 'ଗୁହ୍ୟଦ୍ୱାର' ଆଦି ଶବ୍ଦ ବ୍ୟବହୃତ ହେଉଅଛି । ]

**ଗାଣ୍ଡିଆ**—ଦେ. ବି—୧ । ଗାଣ୍ଡିଆ ବତା ( ଦେଖ )
Gāṇḍiā 1. Gāṇḍiā batā ( See )
गेँड़े ୨ । (ଅଶ୍ଳୀଳ) ଯେଉଁ ବାଳକ ବା ପୁରୁଷ ସଙ୍ଗେ ଅନ୍ୟପୁରୁଷ
**गाँडू** ଅସ୍ୱାଭାବିକ ପ୍ରକ୍ରିୟା ବା ଗୁଦାମୈଥୁନପୂର୍ବକ ସହବାସ କରେ—
2. A catamite (a passive agent); a sodomite in sodomy; a male who is habitually subjected to unnatural intercourse by another male.
ଦେ. ବିଣ—୧ । (ଅଶ୍ଳୀଳ) ଅସ୍ୱାଭାବିକ ପ୍ରକ୍ରିୟାରେ ଗୁଦାମୈଥୁନ-
पौंदा ଦ୍ୱାରା ଅନ୍ୟ ପୁରୁଷର କାମବୃତ୍ତି ଚରିତାର୍ଥ କରିବାରେ ନିଯୁକ୍ତ (ବ୍ୟକ୍ତି)—1. (a person) Who is used as a passive agent in sodomy.
୨ । ଯେଉଁ ପାତ୍ରର ଗାଣ୍ଡି ବା ବଇଠି ଅଛି—
2. (a pot) Having a stable bottom.
୩ । ଅନ୍ୟାୟ ( ବୁଝାମଣା )—
3. Unjust ( consideration ).
୪ । ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ଯଥା, ହେଣ୍ଟା ଗାଣ୍ଡିଆ )—ଅମୁକ ପରି ପିଚ୍ଛାବିଶିଷ୍ଟ—4. ( in compound words) Having buttocks like.

**ଗାଣ୍ଡିଅଉଁସା**—ଗ୍ରା. ବି. (ଲକ୍ଷଣାର୍ଥ)—ଖୋସାମତ—
Gāṇḍi āuṅsā Mean flattery.
**गाँडघसनी** ଗ୍ରା. ବିଣ—ଖୋସାମଦିଆ—Flattering.
ପ୍ରାଦେ. (ସମ୍ବଲପୁର) ବିଣ. (ଭୁଲ. ଏହି ଅର୍ଥରେ ହି. गाँडू)—
୧ । ଅଣପୁରୁଷା—1. Impotent (person).
୨ । ଅମନୁଷ୍ୟ; ଡରୁଆ—2. Timid; unmanly.

**ଗାଣ୍ଡିଅଡ଼ୁଆ ବୁଝାମଣା**—ଗ୍ରା. ବି—ଗାଣ୍ଡିଆ ବୁଝାମଣା ( ଦେଖ )
Gāṇḍiāṛḍuā bujhāmaṇā Gāṇḍiā bujhāmaṇā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଡ଼ଅ | ଢ |
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ୟ | ଇଅ | ଢ଼ | ନ୍ |

**ଗାଣ୍ଡିଅଡ଼ୁ ବୁଝାମଣା**—ଗ୍ରା. ବ—ଗାଣ୍ଡିଅ ବୁଝାମଣା ( ଦେଖ )
Gāṇḍiārḍu bujhāmaṇā Gāṇḍiā bujhāmaṇā (See)

**ଗାଣ୍ଡିଅଡ଼େ**—ଦେ. ଅ—୧ । ପଛଅଡ଼େ; ପଶ୍ଚାଦ୍ଭାଗରେ—
Gāṇḍiārḍe 1. On the backside (of a person).
पेछूने
**पीछे**
୨ । ( ଲକ୍ଷଣାର୍ଥ ) ଅଲକ୍ଷରେ—
2. (figurative) Behind (a person).

**ଗାଣ୍ଡିଅ ନିଶାପ**—ଗ୍ରା. (ଅଶିଷ୍ଟ) ବ—ଗାଣ୍ଡିଅ ବୁଝାମଣା (ଦେଖ)
Gāṇḍiā nisāpa Gāṇḍiā bujhāmaṇā (See)

**ଗାଣ୍ଡିଅ ବତା**—ଦେ. ବ.—ଗୃହଘରେ ଗୃହ ଉପର କର ସାର ମୂଳଗଢ଼ ବା
Gāṇḍiā bata ଛାତଗଢ଼ର ନଡ଼ାକୁ ପବନରୁ ରକ୍ଷା କରିବା ପାଇଁ ସେହି ଗଢ଼ର ମୂଳରେ ଗୃହ ଉପରେ ନଡ଼ାକୁ ଚପି କରି ବାନ୍ଧିବାରେ ବ୍ୟବହୃତ ବତା—
Split bamboo put over the lowest belt of straw in a thatched house to keep it pressed to the frame.

**ଗାଣ୍ଡିଅ ବୁଝାମଣା**—ଦେ. ବ. (ଅଶିଷ୍ଟ)—ଅବିଚାର; ଅଖାଡ଼ୁଆ ବିଚାର;
Gāṇḍiā bujhāmaṇā ଅବୁଝାମଣା—Injustice.
अविचार
**बेइन्साफी**

**ଗାଣ୍ଡାଭାଣ୍ଡ**—ଦେ. ବ—ପୁରୀଜିଲ୍ଲାର ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ
Gāṇḍābhāṇḍa କ୍ଷୁଦ୍ର ପର୍ବତବିଶେଷ—
A small hill in Puri district.
ଦେ. ବିଣ. ପୁଂ—(ଅଶ୍ଳୀଳ) ଅସ୍ୱାଭାବିକ ପ୍ରକ୍ରିୟାରେ ଯେ ଅନ୍ୟକୁ
गाँड़िया ଗୁଦାମୈଥୁନ କରେ—
**लौंडेबाज** Committing sodomy.

**ଗାଣ୍ଡିଏ ଗାଣ୍ଡିଏ ରହିବା**—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର ପଛେ ପଛେ
Gāṇḍie gāṇḍie rahibā ଲାଗିବା—1. To be tied to
पेंदेपोंदे थाका the apron-string of another; to follow another slavishly.
**पीछेपीछे रहना**
୨ । କୁକୁର ପରି ଅନ୍ୟ ବ୍ୟକ୍ତିର ପଶ୍ଚାଦ୍ଧାବନ କରିବା—
2. To dog another's foot-steps.

**ଗାଣ୍ଡିକଚା**—ଦେ. ବ—୧ । କୌଣସି ବ୍ୟକ୍ତି ବା ବସ୍ତୁକୁ ଉପରକୁ ଉଠାଇ
Gāṇḍikachā ପୁନର୍ବାର ତଳେ କଚାଡ଼ିଦେବା ବା ଛେଚି ଦେବା—
1. Dashing down (a person or thing) after lifting up.
୨ । କଚାଡ଼ି ହୋଇ ଭୂମିରେ ଗାଣ୍ଡି ମାଡ଼ି ବସିଲା ଭଳି ପଡ଼ିବା—
2. Act of falling down with the buttocks on the ground.

**ଗାଣ୍ଡି କଚିବା**—ଦେ. କ୍ରି ( ଅଶିଷ୍ଟ )—କୌଣସି ବ୍ୟକ୍ତିକୁ ବସିବା ପରି
Gāṇḍi kachibā ଧରି ଭୂମିରେ ତାହାର ପିଚାକୁ ଛେଚି ଦେବା—
**पटकना** To dash a person to the ground by the buttocks.

**ଗାଣ୍ଡିକନା ମୁଣ୍ଡରେ ବାନ୍ଧିବା**—ଦେ. କ୍ରି—(ଲକ୍ଷଣାର୍ଥ) ଅତ୍ୟନ୍ତ ବିରକ୍ତ
Gāṇḍikanā muṇḍare bāndhibā ହେବା; ଅତ୍ୟନ୍ତ ଚଢ଼ି
**गांड़जलना** ଯିବା—To become very much enraged or irritated; to be besides one-self in anger.

**ଗାଣ୍ଡିକି କିଲା ସଜାଡ଼ିବା**—ଗ୍ରା. କ୍ରି—ଗାଣ୍ଡିକି ମେଖ ସଜାଡ଼ିବା—
Gāṇḍiki kilā sajārḍibā
Gāṇḍiki mekha sajārḍibā (See)

**ଗାଣ୍ଡିକି ଗୋଜ ସଜାଡ଼ିବା**—ଗ୍ରା. କ୍ରି.—ଗାଣ୍ଡିକି ମେଖ ସଜାଡ଼ିବା—
Gāṇḍiki goja sajārḍibā
Gāṇḍiki mekha sajārḍibā (See)

**ଗାଣ୍ଡିକି ମେଖ ସଜାଡ଼ିବା**—ଗ୍ରା. କ୍ରି—( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିର
Gāṇḍiki mekha sajārḍibā ଅନିଷ୍ଟ କରିବାର ଉପାୟ କରିବା—To plan injury to a person.

**ଗାଣ୍ଡି ଗଳି ପଡ଼ିବା**—ଦେ. ବ—ରୋଗ ଆଦି ହେତୁରୁ ରୋଗୀ ନ ଜାଣି
Gāṇḍi gaḷi parḍibā ପାରିବା ଅବସ୍ଥାରେ ତରଳ ମଳ ନିର୍ଗତ
**गाँड़ चलना** ହେବା—Passing of liquid stools at unawares.

**ଗାଣ୍ଡିଗୁଆ**—ଦେ. ବ—ବର ଚିରକାଳ କନ୍ୟାର ବଶବର୍ତ୍ତୀ ହୋଇ
Gāṇḍiguā ରହିବ ଏହି ଆଶାରେ ବିବାହ ସମୟରେ କନ୍ୟାର ପାଟରେ ଗୋଟିଏ ଗୁଆ କିଛି କାଳ ପୁରାଇ ରଖି ତାହା କାଢ଼ି ତାକୁ ଗୁଆକୁ ଭାଙ୍ଗି ପାନ ସଙ୍ଗେ ବରର ଅଜ୍ଞାତରେ ତାକୁ ଖାଇବାକୁ ଦେବାର ରୀତି ଅନୁସାରେ ବରକୁ କନ୍ୟା ପକ୍ଷୀୟ ଲୋକେ ବିବାହ ଦିବସରେ ପାନସଙ୍ଗେ ଖାଇବାକୁ ଦେବା ଗୁଆ ଫଳ—
A betel-nut kept for some time in the mouth of a bride and afterwards given with the betel to the bridgeroom to ensure his uxorious conjugal life.

**ଗାଣ୍ଡି ଗୁଞ୍ଜିବା**—ଦେ. କ୍ରି—କୌଣସି ସ୍ଥାନରେ ଅତି କଷ୍ଟରେ ଅବସ୍ଥାନ
Gāṇḍi guñjibā କରିବା—To lay one's body at a place; to sit at some place with great difficulty.

**ଗାଣ୍ଡିଘସାରା ପାଡ଼ିବା**—ଦେ. କ୍ରି—( ବିରାଡ଼ି, କୁକୁର, ବିଲୁଆ ଆଦି )
Gāṇḍighasarā pārḍibā ଝାଡ଼ା ଫେରିସାରିବା ପରେ ଛୁଡ଼ ଆଦି ଉଚ୍ଚ ଭୂମି ବା ପଦାର୍ଥକୁ ବାହାରିଥିବା ବସ୍ତୁରେ ଗାଣ୍ଡିକୁ ଘୋଷାରିବା-(cats, dogs, jackals etc) To rub the anus against protruding hard things after passing stools.

**ଗାଣ୍ଡି ଦେଖାଇବା**—ଗ୍ରା. କ୍ରି—ଗାଣ୍ଡି ମରାଇବା ( ଦେଖ )
Gāṇḍi dekhāibā Gāṇḍi marāibā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖାଇଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଢ଼ି ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗାଣ୍ଡି ଧକ୍ ଧକ୍ ହେବା**—ଗ୍ରା. କ୍ରି—ଗାଣ୍ଡି ପୁଚୁ ପୁଚୁ ହେବା ( ଦେଖ )
Gāṇḍi dhak dhak hebā — Gāṇḍi puchu puchu hebā ( See )

**ଗାଣ୍ଡିଧରା**—ଦେ. ବଣ. ପୁଂ—ଗାଣ୍ଡିପଶା ( ଦେଖ )
Gāṇḍidharā — Gāṇḍipasā ( See )

**ଗାଣ୍ଡି ଧୋଇ ନ ଆସିବା**—ଦେ. କ୍ରି—ଅତି ଶୈଶବ ଅବସ୍ଥା ଛଡ଼ି ନ ଥିବା—Not having passed one's infancy.
Gāṇḍi dhoi na āsibā
**गाँड़ धोने न आना**
[ ଦ୍ର—ଶିଶୁମାନେ ମଳତ୍ୟାଗ ପରେ ନିଜେ ନିଜହାତରେ ଜଳଶୌଚ କିମ୍ବା ସମ୍ପାଦନ କରି ପାରନ୍ତି ନାହିଁ । ଏଥି ଯୋଗୁଁ ଅତି ଶିଶୁମାନଙ୍କ ପ୍ରତି ଏ ବାକ୍ୟ ବ୍ୟବହୃତ ହୁଏ, ଯଥା—ତାକୁ ଗାଣ୍ଡି ଧୋଇ ଆସି ନାହିଁ ତା ବାପମାଆ ମରି ଗଲେ । ]

**ଗାଣ୍ଡି ଧୋଇବା**—ଦେ. କ୍ରି—ଝାଡ଼ା ଫେରସାରି ଜଳଶୌଚ କରିବା; ଛୁଉଁଥିବା—To wash the anus after passing stools.
Gāṇḍi dhoibā
**गाँड़धोना**

**ଗାଣ୍ଡିପଶା**—ଦେ. ବଣ. ପୁଂ—ପରର ଅନୁସରଣୀଅ; ଯେ ସବୁବେଳେ ପରର ବୁଦ୍ଧିରେ ଚଳେ—A hanger on; a toady; one who slavishly follows another person.
Gāṇḍipasā
(ଗାଣ୍ଡିପଶୀ—ସ୍ତ୍ରୀ)
**गाँड़घिसनेवाला**

**ଗାଣ୍ଡିପାଡ଼ି ବସିବା**—ଦେ. କ୍ରି—୧ । ଭୂମିରେ ପିଚ୍ଛ ଲଗାଇ ବସିବା—1. To sit with the buttocks on the ground.
Gāṇḍipāṛdi basibā
পোঁদ থাবড়াইয়াবসা
**आल्थी पाल्थी मारना**
୨ । ( ଲକ୍ଷଣାର୍ଥ ) କୌଣସି ବିଷୟରେ ଦୃଢ଼ତା ଧରି ରହିବା—2. ( figurative ) To sit tight over any matter.

**ଗାଣ୍ଡି ପୁଚୁ ପୁଚୁ ହେବା**—ଗ୍ରା. କ୍ରି—ଅତ୍ୟନ୍ତ ଭୟରେ ସଙ୍କୁଚିତ ହେବା; ଅତ୍ୟନ୍ତ ଭୟତ୍ରସ୍ତ ହେବା—To be overcome with abject fear.
Gāṇḍi puchu puchu hebā
**गाँड़ फटकर हौजहोना**

**ଗାଣ୍ଡି ପୋଡ଼ିବା**—ଦେ. କ୍ରି—ଲଙ୍କାମରିଚ ଆଦି ବେଶି ପରିମାଣରେ ଖାଇଲେ ମଳୋତ୍ସର୍ଗ ସମୟରେ ଗୁହ୍ୟଦ୍ୱାରରେ ଯନ୍ତ୍ରଣା ବୋଧ ହେବା—A burning sensation felt in the anus when passing stools after eating pungent or hot things.
Gāṇḍi poṛdibā
পোঁদজলা
**गाँड़जलना**

**ଗାଣ୍ଡି ଫାଟିବା**—ଦେ. କ୍ରି—(ଅଶ୍ଳୀଳ) (ଲକ୍ଷଣାର୍ଥ)—୧ । କୌଣସି କାର୍ଯ୍ୟ ସମାଧାନରେ ସାହସର ଅଭାବ ଅନୁଭବ କରିବା—1. Not having the heart or courage to do any act
Gāṇḍi phāṭibā
পোঁদ ফাটা
**गाँड़ फटना**
୨ । ଅତିଶୟ କ୍ଳାନ୍ତ ହେବା—2. Being much tired.
୩ । ଅତ୍ୟନ୍ତ ଭୟ ତ୍ରସ୍ତ ହେବା—3. Being overcome with fear.

**ଗାଣ୍ଡିଫୋଡ଼**—ଦେ. ବି.—ଗୁହ୍ୟଦ୍ୱାର ବା ଛିଦ୍ର—Anus
Gāṇḍiphorda

**ଗାଣ୍ଡିବ**—ସଂ. ବି. ( ଗାଣ୍ଡି=ଗଣ୍ଠି+ଅସ୍ତି ଅର୍ଥରେ ବ )—୧ । ଅର୍ଜ୍ଜୁନଙ୍କ ଧନୁ—Name of the bow wielded by Arjuna.
Gāṇḍiba
[ ଦ୍ର—ଏହା ବ୍ରହ୍ମାଙ୍କ ନିର୍ମିତ; ପ୍ରଥମେ ଏହା ଚନ୍ଦ୍ରଙ୍କ ନିକଟରେ ଥିଲା; ଚନ୍ଦ୍ରଙ୍କ ଠାରୁ ବରୁଣ ଓ ବରୁଣଙ୍କ ଠାରୁ ଅଗ୍ନିଙ୍କ ପ୍ରାର୍ଥନା ଅନୁସାରେ ଅର୍ଜ୍ଜୁନ ଏହା ପ୍ରାପ୍ତ ହୋଇଥିଲେ । ]
୨ । ଧନୁ—1. Arrow.

**ଗାଣ୍ଡିବଧନ୍ୱା**—ସଂ. ବି. ପୁଂ. (ଗାଣ୍ଡିବ+ଧନୁ+ଅସ୍ତି ଅର୍ଥରେ ଅନ; ଗାଣ୍ଡିବ-ଧନ୍ୱନ୍, ୧ମା. ୧ବ.)—ଅର୍ଜ୍ଜୁନ—Arjuna.
Gāṇḍibadhanwā

**ଗାଣ୍ଡିବୀ**—ସଂ. ବି. ପୁଂ. (ଗାଣ୍ଡିବ+ଇନ୍; ୧ମା. ୧ବ.)—୧ । ଅର୍ଜ୍ଜୁନ—1. Arjuna.
Gāṇḍibi
୨ । ଧାନୁଷ୍କ; ଧନୁର୍ବିଦ୍ୟା ବ୍ୟକ୍ତି—2. An archer.
୩ । ଅର୍ଜ୍ଜୁନ ବୃକ୍ଷ (ଦେଖ)—3. Arjuna tree (See)

**ଗାଣ୍ଡି ବୁଲାଇବା**—ଦେ. କ୍ରି.—୧ । ଶରୀରକୁ ଚାଳନ କରିବା—1. To move one's body.
Gāṇḍi bulāibā
(ଯଥା—ଏଠାରେ ଗାଣ୍ଡି ବୁଲାଇବା ପାଇଁ ସ୍ଥାନ ନାହିଁ ।)
୨ । ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା—2. To go away from one place.

•**ଗାଣ୍ଡିମ**—ଗ୍ରା. ବି.—(ସଂ. ଗାଣ୍ଡିବ)—୧ । ଗାଣ୍ଡିବ ଧନୁ—1. Arjuna's bow.
Gāṇḍima
୨ । ଅର୍ଜ୍ଜୁନ—2. Arjuna.
ସେହି ଗାଣ୍ଡିମ ସେହି ପାର୍ଥ, ସେହି ଗାଣ୍ଡିମ ଏବେ ମାଥ । ଗ୍ରାମ୍ୟ ପ୍ରବଚନ ।

**ଗାଣ୍ଡିମରା**—ଗ୍ରା. ବି. (ଅଶ୍ଳୀଳ)—ଗୁଦାମୈଥୁନ; ଅସ୍ୱାଭାବିକ ପ୍ରକ୍ରିୟାରେ ବା ଗୁହ୍ୟଦ୍ୱାର ବାଟେ ଏକ ପୁରୁଷର ଅନ୍ୟ ପୁରୁଷ ସଙ୍ଗେ ସହବାସ—Sodomy.
Gāṇḍimarā
গাঁড়মারা
**गाँड़मारना; लौंडेबाजी**
ଦେ. ବଣ.—ଅସଦୁପାୟରେ ଅର୍ଜିତ—Earned by unfair means.
(ଯଥା—ଗାଣ୍ଡିମରା କଉଡ଼ି କାହିଁ ପୁଅଁରେ ଯାଏ ।)

**ଗାଣ୍ଡି ମରାଇବା**—ଗ୍ରା. କ୍ରି. (ଅଶ୍ଳୀଳ)—୧ । ଏକ ପୁରୁଷ ଅନ୍ୟପୁରୁଷଦ୍ୱାରା ଅପଣାର ଗୁହ୍ୟଦ୍ୱାର ବାଟେ ଅସ୍ୱାଭାବିକ ମୈଥୁନ କରାଇବା—1. To let oneself be subjected to unnatural cohabitation or sodomy.
Gāṇḍi marāibā
গাঁড়মারান
**गाँड़ मराना**
୨ । (ସ୍ତ୍ରୀ) ପୁରୁଷ ଦ୍ୱାରା ମୈଥୁନ କରାଇବା—2. (a female) To let oneself be cohabited by a male.
୩ । (ଲକ୍ଷଣାର୍ଥ) ଠକାମିରେ ପଡ଼ିବା; ଓଲୁ ବନିବା—3. (figurative) To be cheated or duped.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଅ | ଉଅ | ଢ |
| ୨ | ଙ | ଉ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | • | ଙ |

୪ । ପଛେ ଅନୁତାପ କରିବା ଭଳି କାର୍ଯ୍ୟ କରିବା; ବେଙ୍କୁଆ କାମ କରିବା—4. To do a thing for which one has to repent afterwards.

ଗାଣ୍ଡି ମାଡ଼ି ବସିବା – ଦେ. କ୍ରି – ଗାଣ୍ଡି ପାଡ଼ି ବସିବା ( ଦେଖ )
Gāṇḍi mārḍi basibā Gāṇḍi pārḍi basibā ( See )

ଗାଣ୍ଡି ମାରିବା—ଗ୍ରା. ( ଅଶ୍ଳୀଳ ) କ୍ରି—୧ । ଏକ ପୁରୁଷ ଅନ୍ୟପୁରୁଷକୁ
Gāṇḍi māribā ଅସ୍ୱାଭାବିକ ପ୍ରଣାଳୀରେ ଗୁହ୍ୟଦ୍ୱାର ବାଟେ ମୈଥୁନ
**गाँड़मारा** କରିବା—1. To satiate lust by cohabiting
**गाँड़मारना** a male through the anus; to be the active agent in sodomy.

୨ । ସ୍ତ୍ରୀ ସହବାସ କରିବା—
2. To cohabit a woman.

୩ । (ଲକ୍ଷଣାର୍ଥ) ଅନ୍ୟକୁ ଠକାଇବା; ଛଳ କାଟିବା—
3. (figurative) To cheat or deceive another.

୪ । ଛପର ଘର ଖୁଲର ଶେଷ ବା ଓଳପାଖେ ଝୁଲିଥିବା ନଡ଼ାର ଶେଷ ମୁଣ୍ଡ (ଗାଣ୍ଡି)କୁ ହାତ ବା ପଥା ବା ନଡ଼ାବଡ଼ାଦ୍ୱାରା ବାଡ଼େଇ ଖୁଲକୁ ସମତୁଲ କରିବା—4. To level up the protruding ends of the straw bulging beyond the eve of a thatch by beating it with the palm or a plate.

ପ୍ରାଦେ. (ବାଲେଶ୍ୱର) କ୍ରି—୧ । ଦୁଇଜଣ ବସିଥିବା ଅବସ୍ଥାରେ ତୃତୀୟ ବ୍ୟକ୍ତି ତାଙ୍କ ମଧ୍ୟରେ ବସି ପାରିବ ଏଥିପାଇଁ ସେ ଦୁହେଁ ବା ଦୁହିଁମଧ୍ୟରୁ ଜଣେ ଘୁଞ୍ଚି ବସିବା—
1. (two persons who are sitting together) To move in order to make room for a third person to sit between them.

୨ । ବସିଥିବା ଲୋକ ବସି ବସି ଘୁଞ୍ଚିବା—
2. To move on while in a sitting posture.

ଗାଣ୍ଡିମୁଣା—ଗ୍ରା. ବି—ପାଇଜାମା; ଗୋଡ଼ବାଟେ ଟିକାଯିବା ପେଣ୍ଟଲୁନ୍—
Gāṇḍimuṇā Trousers; pantaloons.
**पाजामा**
**पायजामा**

ଗାଣ୍ଡିମୁଣ୍ଡ—ଦେ. ବି ( ଉପସର୍ଗାର୍ଥକ ସହଚର )—
Gāṇḍimuṇḍa ୧ । କୌଣସି କଥାର ଶେଷ ଓ ମୂଳ; ଅଦ୍ୟ-
**माथामुंड़** ପ୍ରାନ୍ତ; **आदि** ଓ **अन्त** —1. The begining and end of a thing.

୨ । ଠିକଣା; ସ୍ଥିରତା—2. Certainty.
( ଯଥା – ତା କଥାରେ ଗାଣ୍ଡିମୁଣ୍ଡ ମଧ୍ୟ କିଛି ମିଳୁ ନାହିଁ )

୩ । କୌଣସି କଥାର ସମାପ୍ତି ବା ଆରମ୍ଭ—
3. The beginning or end of anything; head or tail.

ଗାଣ୍ଡିରେ ପଶିବା – ଦେ. କ୍ରି. ( ଲକ୍ଷଣାର୍ଥ )—୧ । ଅତି ନୀଚଭାବରେ
Gāṇḍire paśibā ଅନ୍ୟକୁ ଖୋସାମତ କରିବା—
**गाँड़में घुसना** 1. To flatter a persen very meanly.

୨ । ଦାସାନୁଦାସ ରୂପେ କୌଣସି ବ୍ୟକ୍ତିର ଅଜ୍ଞାବହ ହେବା-
2. To be slavishly subservient to another.

୩ । କୁକୁର ପରି କୌଣସି ବ୍ୟକ୍ତିର ପଛେ ପଛେ ରହିବା—
3. To be tied to the apron-strings of another.

ଗାଣ୍ଡି ଶୁଖିବା—ଦେ. କ୍ରି—୧ । ( ଲକ୍ଷଣାର୍ଥ ) ଖାଦ୍ୟାଭାବରୁ ଜୀର୍ଣ୍ଣଶୀର୍ଣ୍ଣ
Gāṇḍi śukhibā ହୋଇ ଯିବା—1. Becoming weak and
**गाँड़सुखजाना** emaciated for want of proper sustenance.

୨ । ଖାଦ୍ୟାଭାବରୁ କୋଷ୍ଠବଦ୍ଧ ହେବା—
2. Constipation due to want of food.

ଗାଣ୍ଡି ହଡ଼କମ୍ପ ହେବା—ଦେ. କ୍ରି—ଗାଣ୍ଡି ପୁଚୁ ପୁଚୁ ହେବା (ଦେଖ)
Gāṇḍi harḍakampa hebā Gāṇḍi puchu puchu hebā (See)

ଗାଣ୍ଡିବ—ସଂ. ବି—ଗାଣ୍ଡୀବ ( ଦେଖ )
Gāṇḍiba Gāṇḍiba ( See )

ଗାଣ୍ଡିବି—ସଂ. ବି—ଗାଣ୍ଡିବି ( ଦେଖ )
Gāṇḍibi Gāṇḍibi ( See )

ଗାଣ୍ଡୁ—ଦେ. ବି—୧ । କୁଣ୍ଡମାଛଙ୍କ ନାଭିରୁ ବାହାରିବା ଶକ୍ତଅ ମାଂସ-
Gāṇḍu ପିଣ୍ଡ—1. A hard bony ball found inside the navel of some sea-fishes.

୨ । ( ଗାଳିରେ ବ୍ୟବହୃତ ) ଅମନୁଷ୍ୟ—
2. Worthless person

୩ । ( ସଂ. ଗୋଣ୍ଡ; ଗର୍ଭାଣ୍ଡ ) ମନୁଷ୍ୟର ଅନୁପର ବଢ଼ିଥିବା ନାଭି —3. Fleshy protuberance of the navel.

ଦେ. ବଣ—୧ । ଯାହାର ବଡ଼ ଗାଣ୍ଡି ବା ପିଚ୍ଛ ଥାଏ—
1. Having large buttocks.

୨ । (ଗାଳି) ଅମନୁଷ୍ୟ; ଡରକୁଳା—
2. (abuse) Unmanly; coward; timid.

୩ । (ଗାଳିବିଶେଷ) ପର ବୁଦ୍ଧିରେ ଚାଳିତ; ଲର୍ବୁଝିଆ—
3. (a term of reproach) One who is completely led by another person.

୪ । ନିକମ୍ମା—4. Worthless (person).

ପ୍ରାଦେ. (ସମ୍ବଲପୁର) ବଣ. (ଭୁଲ. ଏହି ଅର୍ଥରେ ହି. ଗାଣ୍ଡୁ)—
୧ । ଅପୁରୁଷ—1. Impotent.
୨ । ଗାଣ୍ଡିଆ ( ଦେଖ )
2. Gāṇḍiā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ୪୬୬ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଂଶ' ନ ମିଳିଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' କୁ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ।

**ଗାଣ୍ଡୁଆ**—ଦେ. ବି. ( ଭୁଲ. ସଂ. ଗେଣ୍ଡୁକ, ଗଣ୍ଡୁ=ଗେଣ୍ଡା; ଏହାର ଆକୃତି ଗେଣ୍ଡା ପରି ଥିବାରୁ )—ବାଉଁଶରେ ବୁଣା ହୋଇଥିବା ନୌକାକୃତି ଚଟକା ଟୋକାଇ—
**Gāṇḍuā** A shallow boat-shaped basket made of bamboo straps.

**ଗାଣ୍ଡେଇବା**—ଦେ. କ୍ରି.—୧। ଗାଣ୍ଡିଦ୍ୱାରା ବସିବା—
**Gāṇḍeibā** 1. To sit on the ground on the buttocks.
୨। ଭୂମିରେ ବସିକରି ପିଚା ଭୂମିରେ ଘୋଷାରି ଘୋଷାରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୁଞ୍ଚିବା—2. To move on the ground in a sitting posture.
୩। କୌଣସି ବ୍ୟକ୍ତିର କଥାକୁ ଖାତର ନ କରି ତା ଆଡ଼କୁ ପଛ କରିବା—3. To treat one's words with disregard ( by turning one's back to him.)
୪। ଆଦେଶକୁ ଏଡ଼ିଦେବା—4. To disobey an order.

**ଗାତ**—ଦେ. ବି.—(ସଂ. ଗର୍ତ୍ତ; ପ୍ରା. ଗଡ୍ଡ)—୧। ଗର୍ତ୍ତ; ଛିଦ୍ର; ରନ୍ଧ୍ର-
**Gāta** 1. A hole.
**ଗର୍ତ୍ତ** ଶୁଣିଲେ ସେ ଭଗବଦଶିଷ୍ୟେ କରି ଗାତ
**ଗଡ୍ଢା** ଧନ ମାନ ପୋତିଣ ଅଛନ୍ତି ବହୁତ। କୃଷ୍ଣସିଂହ ମହାଭାରତ. ଆଦି।
୨। ଶବ ପୋତିବାର ଗର୍ତ୍ତ; କବର (ଯଥା—ଗାତପଶା)—
2. Grave; a pit for interring a dead body.
୩। ଗହ୍ୱର—3. Cave.
୪। ପଶୁଆଦି ରହିବା ନିମନ୍ତେ ଭୂମିରେ ଖୋଳିବା ଗହ୍ୱର—4. Den of a beast.
ଗ୍ରା. ବି. ( ବରକ୍ତିରେ ବ୍ୟବହୃତ ) କୌଣସି ନଷ୍ଟ ବସ୍ତୁ ବା ବିଷୟ—Any spoilt thing or matter.
[ଦ୍ର—ଲୋକେ ବରକ୍ତ ହୋଇ କହନ୍ତି :—ତୋ କଥା ଆଉ ଚଳି ହେବ, ଗାତ ହେବ। ଏହିପରି ବରକ୍ତିରେ ଲେମ୍ବୁ, ଲୁଣ, ପାଉଁଶ, ଗେଣ୍ଡା, ଗୁଡ଼ ଆଦି ଗୁଡ଼ିଏ ଅପ୍ରାସଙ୍ଗିକ ଶବ୍ଦ ଲୋକେ ବରକ୍ତିରେ ବ୍ୟବହାର କରନ୍ତି ]

**ଗାତପଶା**—ଦେ. ବିଣ. ପୁଂ ( ଗାଳି )—
**Gātapaśā** ୧। ଯେଉଁ ବ୍ୟକ୍ତି ଶୀଘ୍ର ମରି ଗାତରେ ପୋତାଯିବ—
(ଗାତପଶୀ—ସ୍ତ୍ରୀ) 1. (abuse) ( a person ) Who will shortly die and be buried in a pit.
୨। ଭୟାଳୁ ; ଡରୁଆ—2. Coward; timid.

**ଗାତବ୍ୟ**—ସଂ. ବିଣ. ( ଗୈ ଧାତୁ=ଗାନ କରିବା+କର୍ମ. ତବ୍ୟ )—
**Gātabya** ୧। ଯାହା ଗାନ କରାଯିବ—
1. To be sung.
୨। ଗାଇବାର ଯୋଗ୍ୟ—2. Fit to be sung.

**ଗାତରେ ପଶିବା**—ଦେ. କ୍ରି—୧। ଗାତ ମଧ୍ୟରେ ପ୍ରବେଶ କରିବା—
**Gātare pasibā** 1. To enter into a hole.
୨। ( ଗାଳି ) ମରି ପୋତାହେବା; ମରିବା—
2. (a term of abuse) To die and be buried in a hole.

**ଗାତଶୁଆ**—ଦେ. ବିଣ. ପୁଂ. ( ଗାଳି )—ଯେ ଶୀଘ୍ର ମରି ଗାତରେ
**Gātaśuā** ଶୋଇବ—(a term of abuse) (a person)
(ଗାତଶୋଇ—ସ୍ତ୍ରୀ) Who will shortly die and be buried in the grave.

**ଗାତା**—ସଂ. ବିଣ. ପୁଂ. ( ଗୈ ଧାତୁ=ଗାନ କରିବା+କର୍ତ୍ତୃ. ତୃ.
**Gātā** ୧ମା. ୧ବ. )—୧। ଗାନକାରୀ—
( ଗାତ୍ରୀ—ସ୍ତ୍ରୀ ) 1. Singing; reciting
୨। ରାଗୀ; କ୍ରୁଦ୍ଧ—2. Angry.
ସଂ. ବି. ପୁଂ—୧। ଗାୟକ—1. Singer.
୨। ଗନ୍ଧର୍ବ—2 A class of heavenly singers.

**ଗାତୁ**—ସଂ. ବି. ( ଗୈ ଧାତୁ=ଗାନ କରିବା + କର୍ତ୍ତୃ. ତୁ )—
**Gātu** ୧। କୋକିଳ—1. The Indian cuckoo.
୨। ଭ୍ରମର—2. The humming black-bee.
୩। ଗନ୍ଧର୍ବ—3. Heavenly chorister.
୪। ( ଗା ଧାତୁ=ଗମନ କରିବା + ଅଧିକରଣେ. ତୁ )—
ପୃଥିବୀ—4. The earth.
ସଂ. ବିଣ. ( ଗା ଧାତୁ=ସ୍ତବ କରିବା+କର୍ତ୍ତୃ. ତୁ )—
୧। କ୍ରୁଦ୍ଧ—1. Angry, enraged.
୨। ସ୍ତୁତିକାରକ—2 Praying.
୩। ପ୍ରଶଂସାକାରୀ—3. Praising; eulogising.

**ଗାତୁଆ**—ଦେ. ବିଣ. ( ସଂ. ଗର୍ତ୍ତାଶ୍ରୟୀ )—
**Gātuā** ୧। ଯେ ଗାତରେ ବାସ କରେ—
1. One who lives or dwells in a hole.
୨। ଯେ ଭୂମିରେ ଗାତ ଖୋଳି ରହେ—2. That which burrows into the ground and lives in it.
( ଯଥା—ଗାତୁଆ ମୂଷା। )
୩। ( ଗାଳି ) ଗାତପଶା ୧ ( ଦେଖ )
3. ( a term of abuse ) Gātapaśā 1 ( See )

**ଗାତ୍ର**—ସଂ. ବି. ( ଗମ୍ ଧାତୁ=ଯିବା+କର୍ତ୍ତୃ. ସଜ୍ଞାର୍ଥେ. ତ୍ରନ୍ )—
**Gātra** ୧। ଶରୀର; ଅଙ୍ଗ—1. Body.
୨। ହସ୍ତୀର ଅଗ୍ରଜଙ୍ଘର ଅଗ୍ରଭାଗ—
2. The upper part of an elephant's thigh.

**ଗାତ୍ରକଣ୍ଡୁ**—ସଂ. ବି. (୬ଷ୍ଠୀ ତତ୍, ଗାତ୍ର+କଣ୍ଡୁ)—୧। ଶରୀର କୁଣ୍ଡାଇ
**Gātrakaṇḍu** ହେବା—1. Itching of the body.
୨। କୁଣ୍ଡିଆ—2. Itches.

**ଗାତ୍ରଦାହ**—ସଂ. ବି. ( ୬ଷ୍ଠୀ ତତ୍; ଗାତ୍ର+ଦାହ )—
**Gātradāha** ୧। ଦେହ ପୋଡ଼ିବା—
1. Burning sensation in the skin.

| ୧ | ଇ | ଉ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଷ୍ଟ | ଋଥ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଁ୍ୟ | ଇଥ | ଊ | ନ୍ମ |

୨ । (ଲକ୍ଷଣାର୍ଥ) ମନ ପୋଡ଼ିବା; ଈର୍ଷା ବା କ୍ରୋଧଜନିତ ମାନସିକ ଅଶାନ୍ତି—2. (figurative) Heart-burning.

ଗାତ୍ରମାର୍ଜନ—ସଂ. ବି. ( ୬ଷ୍ଠୀ ତତ୍; ଗାତ୍ର + ମାର୍ଜନ )—
Gātramārjana ଦେହକୁ ଲୁଗାଆଦିଦ୍ୱାରା ଘଷି ପରିଷ୍କାର କରିବା—Cleansing of the body.

ଗାତ୍ରମାର୍ଜନୀ—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଗାତ୍ର + ମାର୍ଜନ + ଈ )—
Gātramārjani ୧ । ଗାମୁଛା—1. Napkin; cloth used for brushing the body.
୨ । ତଉଲିଆ—2. Towel.

ଗାତ୍ରଯଷ୍ଟି—ସଂ. ବି. ( ରୂପକ; ଗାତ୍ର + ଯଷ୍ଟି )—
Gātrajashti ଅତି ସରୁଆ ଅଥଚ ସୁନ୍ଦର ଦେହ—A slim figure; a thin and tender body; a slender frame.

ଗାତ୍ରରୁହ—ସଂ. ବି. (ଗାତ୍ର + ରୁହ୍ ଧାତୁ = ଉତ୍ପନ୍ନ ହେବା + କର୍ତ୍ତୃ. ଅ)—
Gātraruha ଲୋମ—Soft hair growing on the skin.

ଗାତ୍ରସମ୍ମିତ—ସଂ. ବଣ. ( ବହୁବ୍ରୀହି; ଗାତ୍ର + ସମ୍ମିତ = ପୂର୍ଣ୍ଣ )—
Gātrasammita ପୂର୍ଣ୍ଣାବୟବ; ସର୍ବାବୟବସମ୍ପନ୍ନ—Fully developed in body.

ଗାତ୍ରସ୍ପର୍ଶ—ସଂ. ବି. ( ୬ଷ୍ଠୀ ତତ୍; ଗାତ୍ର + ସ୍ପର୍ଶ )—ଦେହକୁ ଛୁଇଁବା—
Gātrasparṡa Touching of a person's body.

ଗାତ୍ରା—ପ୍ରାଦେ. ( ଗଞ୍ଜାମ ) ବଣ—ପରିଷ୍କୃତ—
Gātrā Clean.

ଗାତ୍ରାନୁଲେପନ—ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଗାତ୍ର + ଅନୁଲେପନ )—
Gātrānulepana ଅଙ୍ଗରାଗ; ଦେହରେ ବୋଳା ହେବା ନିମନ୍ତେ ବଟା ହୋଇଥିବା ସୁଗନ୍ଧ ଦ୍ରବ୍ୟାଦି—Paste for anointing the body; scented ointment.

ଗାତ୍ରାନୁଲେପନୀ—ସଂ. ବି. ସ୍ତ୍ରୀ. ( ଗାତ୍ରାନୁଲେପନ + ଈ )—
Gātrānulepani ଶରୀରରେ ଅଙ୍ଗରାଗ ବୋଳିବାର ତୁଳିକା—A brush for anointing the body with scented pastes.

ଗାତ୍ରାବରଣ—ସଂ.ବି.(୬ଷ୍ଠୀ ତତ୍; ଗାତ୍ର + ଆବରଣ)—୧ । ଜାମା; କୁର୍ତ୍ତା—
Gātrābarana 1. Coat.
୨ । ବର୍ମ୍ମ; କବଚ—2. Armour; coat of mail.

ଗାତ୍ରୋତ୍ଥାନ—ସଂ. ବି. ( ୬ଷ୍ଠୀ ତତ୍; ଗାତ୍ର + ଉତ୍ଥାନ )—
Gātrotthāna ୧ । ବସିବା ବା ଶୋଇବା ଅବସ୍ଥାରୁ ଉଠିବା—1. Rising up or sitting up from a lying or sitting posture.
୨ । ନିଦରୁ ଉଠିବା—2. Getting up from sleep.
୩ । କୌଣସି ସ୍ଥାନରୁ ଉଠିଯିବା—3. Rising up from a place.

ଗାଥ—ସଂ. ବି. ( ଗୈ ଧାତୁ + ଭାବ. ଥ )—୧ । ଗୀତ—
Gātha 1. Song.
୨ । ଗାନ ଗାଇବା କର୍ମ—2. Singing.

ଗାଥକ—ସଂ. ବି. ପୁଂ. ( ଗୈ ଧାତୁ = ଗାନ କରିବା + ଶିଳ୍ପୀ ଅର୍ଥରେ କର୍ତ୍ତୃ. ଥକ )—୧ । ଓସ୍ତାଦ ଗାୟକ—
Gāthaka (ଗାଥିକା—ସ୍ତ୍ରୀ) 1. An expert singer or musician.
୨ । ଗାନକାରୀ; ଗାୟକ—2. A singer.
୩ । ପୁରାଣ ବା ସ୍ତବାଦିର ଗାୟକ—3. A reciter of sacred songs.

ଗାଥା—ସଂ. ବି. ( ଗୈ ଧାତୁ = ଗାନ କରିବା + କର୍ମ ଥନ୍; ସ୍ତ୍ରୀ. ଆ )—
Gāthā ୧ । ଶ୍ଳୋକ; ପଦ୍ୟ—1. Poem; couplet; quartet; rhyme.
୨ । ପଦ୍ୟର ଏକକ ସମାପ୍ତ ପୁଞ୍ଜ—2. Stanza.
୩ । ରଚନାରେ ସାଧାରଣତଃ ବ୍ୟବହୃତ ହେଉ ନ ଥିବା ଛନ୍ଦ—3. A metre not ordinarily used in composition.
୪ । କବିତା—4. Poetry; verse.
୫ । ଗାନ; ଗୀତ—5. Song; ballad.
୬ । ( + ଭାବ. ଥନ୍ + ଆ) ବର୍ଣ୍ଣନ—6. Description; lyrics.

ଶୁଣ ଭର୍ଗବ ମୋର କଥା
ପୂର୍ବେ ସେ ଇତିହାସ ଗାଥା । ଜଗନ୍ନାଥ. ଭାଗବତ ।

୭ । ବେଦ ଛଡ଼ା ଅନ୍ୟ ସ୍ତବସ୍ତୋତ୍ର—7. Hymn not belonging to the Vedas.
୮ । ଆର୍ଯ୍ୟା ଛନ୍ଦ—8. Name of a Sanskrit metre.
୯ । ପ୍ରାକୃତ ଭାଷା—9. A spoken dialect; a vernacular.

ଗାଥିକ—ସଂ. ବି. ପୁଂ. ( ଗାଥା + ଇକ )—ଗାଥକ ( ଦେଖ )
Gāthika (ଗାଥିକା—ସ୍ତ୍ରୀ) Gāthaka ( See )

ଗାଥିକା—ସଂ. ବି. ସ୍ତ୍ରୀ. ( ଗାଥକ, ଗାଥିକ + ଆ )—
Gāthikā ୧ । ଗାଥକର ସ୍ତ୍ରୀଲିଙ୍ଗ—1. Feminine of Gāthaka.
୨ । ଗୀତ—2. Song.
୩ । ପଦ୍ୟ—3. Verse, poem.

ଗାଡ—ପ୍ରାଦେ. ( ମେଦିନୀପୁର ) ବି. ( ସଂ. କର୍ଦ୍ଦମ; ଫା. ଗର୍ଦ୍ଦ; ତୁଳ. ବ ଓ ହି. ଏହି ଅର୍ଥରେ ଗାଦ୍ )—
Gāda ତୈଳାଦିର ଛାଣି ବା ମଳ—Sediment; dreg.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଠିକ ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରାଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଗାଟି ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରାଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଇ' ଖୋଜିବେ, 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; ବସ୍ତୁ ନ ପାଇଲେ 'ବସ୍ତୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ ଅର୍ଘ୍ୟ ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍ଟ' ଦେଖିବେ ।

**ଗାଦ**—ସଂ. ବି. ( ଗଦ—କୃଷ୍ଣଙ୍କ ସାନ ଭାଇ + ଅପତ୍ୟାର୍ଥରେ. ଇ )—
Gādi ଗଦଙ୍କ ପୁଅ; କୃଷ୍ଣଙ୍କ ପୁତୁରା—
The son of Śrikṛushṇa's younger brother.
ବୈଦେ. ବି. ( ଫା. ଗଦି )—୧ । ରାଜସିଂହାସନ—
ଗାଦୀ 1. Throne.
**गद्दी** ୨ । ( ଦେବତା, ମହନ୍ତ, ମହାପୁରୁଷ ଓ ହାକିମଆଦିଙ୍କ ) ଆସନ ବା ବସିବାର ସ୍ଥାନ—
2. Seat of a Deity or great man or judge.
୩ । ରାଶି; ସ୍ତୂପ; ଗଦା—
3. Heap; mass; mound.
୪ । ପଥର ଆଦିର ଗଦା—
4. A heap of stones.
୫ । ଏକତ୍ରୀକରଣ—5. Amassing.
୬ । ମହନ୍ତ ବା ମହାପୁରୁଷ ଆଦିଙ୍କ ମଠ—
6. A place occupied by a great anchorite.
୭ । ପୋଥି ଆଦି ଏକତ୍ର ରଖାଯିବା ସ୍ଥାନ; ଭାଗବତ ଗାଦି—
7. A massed library of religious books.
୮ । ମଞ୍ଚ; ଉଚ୍ଚସ୍ଥାନ—8. Raised platform
୯ । ମହାପୁରୁଷମାନଙ୍କ କବର ସ୍ଥାନ ବା ସମାଧି; (ଯହିଁ ମଧ୍ୟରେ ମୃତ ମହାପୁରୁଷଙ୍କ ଅସ୍ଥି ରଖା ହୋଇ ମାଟି ଗଦା ହୋଇଥାଏ)-
9. Burial place of a saint; a mound under which the ashes of a great man or saint are laid.
୧୦ । ଶାସନକର୍ତ୍ତାଙ୍କ ପଦ ବା ଅଧିକାର—
10. The post of a ruler or governor.
( ଯଥା—ଅମୁକ ସାଲରେ ବଙ୍ଗଳା ଗାଦିରେ ଅମୁକ ଲାଟ ବସିଥିଲେ । )

**ଗାଦି ଗୋସାଇଁ**—ଦେ. ବି—୧ । ଦେବତାରୂପେ ପୂଜିତ ଭାଗବତ ଆଦି
Gādi gosāiṅ ବହୁ ପୁସ୍ତକର ରାଶି —1. A mass of religious books worshipped as a Deity.
୨ । ଦେବତାରୂପେ ପୂଜିତ ମହାପୁରୁଷଙ୍କ କବର—
2. A burial ground of some saint containing the ashes of a saint and worshipped by the people.

**ଗାଦି ମାଡ଼ି ବସିବା**—ଦେ.କ୍ରି—କୌଣସି ସ୍ଥାନରେ ଆସନ ଜମାଇ ବସିବା;
Gādi mārdi basibā କୌଣସି ସ୍ଥାନ ସ୍ଥାୟୀଭାବରେ ଅଧିକାର କରିବା—To occupy a place permanently; to sit tight.

**ଗାଦିରେ ବସିବା**—ଦେ. କ୍ରି—୧ । ରାଜସିଂହାସନରେ ଆରୂଢ଼ ହେବା—
Gādire basibā 1. To ascend the throne.
गादिमेंबसना ୨ । ରାଜ୍ୟ ଶାସନ କରିବା; ରାଜତ୍ୱ କରିବା—
**गद्दिमे बैठना** 2. To rule; to reign; to govern.

**ଗାଦୁର**—ପ୍ରାଦେ. ( ବସ୍ତର ) ବି. (ମୂଳ. ଏହି ଅର୍ଥରେ ହି. ଗାଦୁର )—
Gādur ବାଦୁଡ଼ି—Bat.

**ଗାଧ୍ (ଧାତୁ)**—ସଂ—୧ । ଗାନ୍ଥିବା—
Gādh (root) 1. To build in a row; to set.
୨ । ଗୁନ୍ଥିବା—2. To string together.
୩ । ରଚନା କରିବା—3. To make; to compose.
୪ । ପ୍ରତିଷ୍ଠା କରିବା—4. To establish.
୫ । ପ୍ରତିଷ୍ଠିତ ହେବା—
5. To be set or established.
୬ । ଠିଆ ହେବା—6. To stand.
୭ । ସ୍ଥିତ ହେବା—7. To stay.
୮ । ପାଣିରେ ବୁଡ଼ିବା; ଅବଗାହନ କରିବା—
8. To dive or plunge into water.
୯ । ଇଚ୍ଛା କରିବା—9. To wish.

**ଗାଧିବା**—ପ୍ରାଦେ. ( ସମ୍ବଲପୁର ) କ୍ରି (ସଂ. ଗାଧ ଧାତୁ; ଗାହ ଧାତୁ)—
Gādhbā ଗାଧୋଇବା—
To bathe; to take a bath.

**ଗାଧ**—ସଂ. ବି. ( ଗାଧ୍ ଧାତୁ=ଇଚ୍ଛା କରିବା; ଠିଆ ହେବା + କର୍ତ୍ତୃ. ଅ )—
Gādha ୧ । କୌଣସି ପଦାର୍ଥର ତଳ ସ୍ପର୍ଶ କରିବା ବା ତଳ ସ୍ଥାନ ଛୁଇଁବା—1. Touching of the bottom or the lowest part of a thing.
୨ । ସ୍ଥାନ—2. Place.
୩ । ଲାଭର ଆଶା; ଲୋଭ—3. Desire of gain: hankering after a thing; cupidity.
୪ । ତଳ ଦେଶ —4 Bottom.
୫ । ନଦୀଆଦିର ଥଳ ହେବା ଜାଗା—5. A ford.
ସଂ. ବିଣ—୧ । ଅଗଭୀର—1. Shallow.
୨ । ଯେଉଁ ଜଳରେ ଲୋକ ପଶି ଯାଆସ କରିପାରନ୍ତି—
2. Fordable (water).

**ଗାଧା**—ସଂ. ବି—ଗାୟତ୍ରୀ ସ୍ୱରୂପା ମହାଦେବୀ (ହି. ଶବ୍ଦସାଗର)—
Gādhā The incantation Gāyatrī deified.
ଦେ. ବି. ( ଗାଧ ଧାତୁ; ଗାହ ଧାତୁ )—ଗାଧୁଆ; ସ୍ନାନ—Bath.

**ଗାଧ ଗାଧି**—ଦେ. ବି—ଗାଧୁଆ ଗାଧି ( ଦେଖ )
Gādhāgādhi Gādhuāgādhi ( See )

**ଗାଧି**—ସଂ. ବି. ( ଗାଧ୍ ଧାତୁ=ପ୍ରତିଷ୍ଠିତ ହେବା + କର୍ତ୍ତୃ. ଇ )—
Gādhi ବିଶ୍ୱାମିତ୍ରଙ୍କ ପିତା; ଚନ୍ଦ୍ରବଂଶୀୟ କାନ୍ୟକୁବ୍ଜର ନରପତି ବିଶେଷ—Name of an ancient king of the lunar dynasty and father of Biśwāmitra

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍, ଋ | ୠ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ, ଷ | ଜ୍ଞ | ଉପ୍ପ | ଉଅ | ଲ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଉଅ | ଢ଼ | ନ୍ |

ଉଣାମ୍ଭ ସୁତ ଗାଧି ନାମ
ଅତ ସୁନ୍ଦର ଗୁଣ ଧାମ । ଜଗନ୍ନାଥ, ଭାଗବତ ।

[ ଦ୍ର—ଏ କୁଶିକରାଜାଙ୍କ ପୁତ୍ରଥିଲେ । କୁଶିକ ତପସ୍ୟା କରି ଇନ୍ଦ୍ରଙ୍କ ଅଂଶଧାରୀ ବିଶ୍ୱାମିତ୍ରଙ୍କୁ ପୁତ୍ରରୂପେ ପାଇଥିଲେ । ]

ଗାଧିଆ—ପ୍ରାଦେ. ( ସିଂହଭୂମ ) ବି—ଗଧିଆ ( ଦେଖ )
Gādhiā Gadhiā ( See )

ଗାଧିଜ—ସଂ.ବି. ( ଗାଧି+ଜନ୍ ଧାତୁ+କର୍ତ୍ତୃ. ଅ )—ବିଶ୍ୱାମିତ୍ର ଋଷି—
Gādhija Sage Biswāmitra.

ଗାଧିପୁର—ସଂ.ବି. (ଷଷ୍ଠୀ ତତ୍ ଗାଧି+ପୁର)—କାନ୍ୟକୁବ୍ଜ ବା କନାଉଜ
Gādhipura ନଗର— The city of Kānyakubja.

ଗାଧିବା—ପ୍ରାଦେ. ( ସମ୍ବଲପୁର; ସିଂହଭୂମ ) କ୍ରି. ( ସଂ. ଗାହ୍, ଗାଧ ଧାତୁ )— ଗାଧୋଇବା—To bathe.
Gādhibā

ଗାଧୀ—ସଂ. ବି—ଗାଧି ( ଦେଖ )
Gādhī Gādhi ( See )

ଗାଧୁ—ଦେ. ବିଣ. ( ସଂ. ଗାତ୍ରଧୌତ )—ସ୍ନାତ—
Gādhu Bathed.
( ଅଗାଧୁ—ବିପରୀତ )

ଗାଧୁଆ—ଦେ. ବି. ( ସଂ. ଗାତ୍ରଧାବନ )—ସ୍ନାନ—
Gādhuā Bath; washing the body; ablution.
গাধুয়া ଦେ. ବିଣ—ସ୍ନାତ; ସ୍ନାନ କରିଥିବା (ବ୍ୟକ୍ତି)—
गाहन; नहाना Bathed; washed.
( ଅଗାଧୁଆ—ବିପରୀତ )

ଗାଧୁଆଗାଧି—ଦେ. ବି—୧ । ଗାଧୁଆ ପାଧୁଆ ( ଦେଖ )
Gādhuāgādhi 1. Gādhuā pādhuā ( See )
୨ । ଦୁଇଜଣ ପରସ୍ପରକୁ ସ୍ନାନ ଓ ଗାତ୍ରମାର୍ଜନାରେ ସାହାଯ୍ୟ କରିବା—2. ( two persons ) Helping each other during bath.

ଗାଧୁଆ ଗାଧେଇ—ଦେ. ବି—ଗାଧୁଆଗାଧି ( ଦେଖ )
Gādhu gādhei Gādhuāgādhi ( See )

ଗାଧୁଆ ଗାଧୋଇ—ଦେ. ବି—ଗାଧୁଆଗାଧି ( ଦେଖ )
Gādhuā gādhoi Gādhuāgādhi ( See )

ଗାଧୁଆଘର—ସଂ. ବି—ସ୍ନାନାଗାର; ଯେଉଁ ଘରେ ଲୋକେ ସ୍ନାନ କରନ୍ତି—
Gādhuāghara Bath room.
गुसलखाना

ଗାଧୁଆତୁଠ—ଦେ. ବି—ଜଳାଶୟ ବା ନଦୀରେ ଲୋକମାନଙ୍କର ସ୍ନାନ କରିବା ଘାଟ—Bathing ghat.
Gādhuātuṭha

ଗାଧୁଆ ପାଧୁଆ—ଦେ. ବି (ସହଚର; ସଂ. ଗାତ୍ରଧାବନ ଓ ପାଦଧାବନ)—
Gādhuā pādhuā ସ୍ନାନାଦି କର୍ମ; ଗୋଡ଼, ହାତ ଓ ଶରୀର ଧୋଇବା
স্নানটান କର୍ମ—Ablution; bath and wash.
गुसलउसल

ଗାଧୁଆବେଳ—ଦେ. ବି. ( ସଂ. ଗାତ୍ରଧାବନ+ବେଳା )—ସାଧାରଣ
Gādhuābeḷa ଲୋକଙ୍କର ଗାଧୋଇବା ସମୟ—
স্নানেরবেলা Bathing time.
गुसलकिवक्त [ ଦ୍ର—ସାଧାରଣତଃ ଯେଉଁ ସମୟରେ ଭିନ୍ନ ଭିନ୍ନ ବ୍ୟବସାୟରତ ବ୍ୟକ୍ତିମାନେ ବା ଜୀବମାନେ ସ୍ନାନ କରନ୍ତି ସେହି ସେହି ସମୟକୁ ସେହି ସେହି ନାମ ଯୁକ୍ତ ଗାଧୁଆବେଳ କହନ୍ତି; ଯଥା—ଭୂଆଶୁଣୀଗାଧୁଆ ବେଳ ବା ରନ୍ଧୁଣୀଗାଧୁଆ ବେଳ=ପ୍ରାୟ ସକାଳ ୭ଟା; କଅଁଳ ଗାଧୁଆ ବେଳ=ପ୍ରାୟ ସକାଳ ୯ଟା; ଠାଣ ଗାଧୁଆ ବେଳ=ପ୍ରାୟ ଦିନ ୧୧ଟା; ମୂଲିଆ ଗାଧୁଆ ବେଳ=ପ୍ରାୟ ଦିନ ୧୨ଟା; ଗାଈ ଗାଧୁଆ ବେଳ=ପ୍ରାୟ ଅପରାହ୍ଣ ୪ଟା; ଚଢ଼େଇ ବା କୁଆ ଗାଧୁଆ ବେଳ=ପ୍ରାୟ ସନ୍ଧ୍ୟା ୫ଟା । ]

ଗାଧୁଇବା—ଗ୍ରା. କ୍ରି. ( ସଂ. ଗାତ୍ର+ଧାବନ )—ଗାଧେଇବା ( ଦେଖ )
Gādhuibā Gādheibā ( See )

ଗାଧେଇଦେବା—ଗ୍ରା. କ୍ରି—ଅନ୍ୟ ବ୍ୟକ୍ତିକୁ ସ୍ନାନ କରାଇବା—
Gādhei debā To cause a person to bathe.
नहाना

ଗାଧେଇବା—ଗ୍ରା. କ୍ରି. ( ସଂ. ଗାତ୍ରଧାବନ; ସଂ, ଗାହ୍ ଧାତୁ )—
Gādheibā ୧ । ସ୍ନାନ କରିବା—
গাধোয়ান 1. To take a bath.
गुसलकरना; नहना ୨ । ( ଶିଶୁ ଆଦିଙ୍କୁ ) ସ୍ନାନ କରାଇବା—
2 To give a bath to a person or child.
୩ । ( ଲକ୍ଷଣାର୍ଥ ) ଗାଧୋଇବା ପରି ଦେହ ତମାମ (ଝାଳରେ) ଜର୍ଜରିତ ହେବା—
3. To be profusely besmeared (with sweat) throughout the body; to perspire profusely.
( ଯଥା—ମିହନ୍ତ କରି ମୁଁ ଝାଳରେ ଗାଧେଇ ସାରିଲିଣି । )

ଗାଧେଇବା ପାଧେଇବା—ଦେ. କ୍ରି. ( ସହଚର )—ସ୍ନାନ କାର୍ଯ୍ୟ
Gādheibā pādheibā କରିବା—To have bath; to
স্নানটানকরা have one's bath and ablution.
गुसलउसल करना

ଗାଧୋଇ ପଡ଼ିବା—ଦେ. କ୍ରି. (ତୁଲ. ବସିପଡ଼ିବା; ଉଠିପଡ଼ିବା; ଫେରିପଡ଼ିବା )—ସ୍ନାନ କ୍ରିୟା ଶୀଘ୍ର ସମ୍ପନ୍ନ
Gādhoi paṛibā
স্নানকরেফেলা କରିବା—To finish one's bath
गुसलकरडालना soon.
[ ଦ୍ର—କେତେକ କ୍ରିୟାର ଅସମାପିକା ଅକାର ପରେ ପଡ଼ିବା କ୍ରିୟା ଲାଗିଲେ ପ୍ରଥମ କ୍ରିୟାର ଶୀଘ୍ର ସମ୍ପାଦନ ସୂଚନା କରେ । ]

ଗାଧୋଇବା—ଦେ. କ୍ରି ( ସଂ. ଗାତ୍ରଧାବନ; ସଂ. ଗାହ୍ ଧାତୁ )—
Gādhoibā ଗାଧେଇବା ( ଦେଖ )—Gādheibā ( See )

ଏ ଦ୍ୱାରପାଳ ତୀର୍ଥରେ ଗାଧୋଏ ଯେ ଲୋକେ—
କୃଷ୍ଣସିଂହ. ମହାଭାରତ. ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗାଧୋଇ ଯିବା**—ଦେ. କ୍ରି—୧ । ସ୍ନାନ କରିବାକୁ ଜଳାଶୟ ନିକଟକୁ
Gādhoi jibā ଗମନ କରିବା—1. To go to bathe.

ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ—ଡଗ ।

୨ । ( ଲକ୍ଷଣାର୍ଥ ) କୌଣସି ଲାଭ ବା କ୍ରିୟାରୁ ବଞ୍ଚିତ ହେବା—
2. To be deprived of certain previlage or enjoyment.

ଯେ ଉବତ ଖାଇଛି ସେ ପଖାଳ ଖାଉ,
ଯେ କିଛି ନ ଖାଇଛି ସେ ଗାଧୋଇ ଯାଉ । ଡଗ ।

୩ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତି ବା ବିଷୟ ଉପସ୍ଥିତ-ଆଲୋଚନାରେ ଆଲୋଚିତ ନ ହେବା—3. To be left out or omitted from present discussion or consideration.

( ଯଥା—ତାଙ୍କର କୋଠା ତୋଳିବା କଥା ଗାଧୋଇ ଯାଉ, ତାଙ୍କରତ ଖଣ୍ଡିଏ କୁଡ଼ିଆଘର କରିବାର ସାମର୍ଥ୍ୟ ନାହିଁ ।)

**ଗାନ**—ସଂ.ବି. (ଗୈ ଧାତୁ=ଗୀତଗାଇବା+ଭାବ. ଅନ)—୧ । ଗାଇବା;
Gāna ଗୀତ ବୋଲିବା; ଗାଉଣା—1. Act of singing.

୨ । ଗୀତ—2. Song; vocal music.

୩ । ସାମବେଦର ଧ୍ୱନି—3. Singing of the hymns of Sāma Beda.

୪ । ପ୍ରଶଂସା କରଣ—4. Praising; eulogizing.

୫ । କୀର୍ତ୍ତନ—5. Chanting; reciting.

୬ । ପୁନଃପୁନଃ କଥନ—
6. Repeated talk or recital.

**ଗାନ** (ଇତ୍ୟାଦି)—ଦେ. ବି.—ଗାଉଣା (ଇତ୍ୟାଦି) (ଦେଖ)
Gāna (etc) Gāuṇā (etc) (See)

**ଗାନବାଦ୍ୟ**—ସଂ. ବି. (ଦ୍ୱନ୍ଦ୍ୱ; ଗାନ+ବାଦ୍ୟ)—
Gāna bādya ଗାଆଣା ବାଜଣା (ଦେଖ)
Gā-āṇā bājaṇā (See)

**ଗାନା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗାନ; ତୁଳ. ହି. ଗାନା)—
Gānā ଗୀତଗାଇବା; ଗାଉଣା—Singing.

**ଗାନା** (ଇତ୍ୟାଦି)—ଦେ. ବି.—ଗାଉଣା (ଇତ୍ୟାଦି) (ଦେଖ)
Gānā (etc) Gāuṇā (etc) (See)

**ଗାନୀ**—ସଂ. ବିଣ. ପୁଂ. (ଗାନ+ଇନ୍; ୧ମା. ୧ବ.)—୧ । ଗାନକାରୀ—
Gāni 1. Singing.

(ଗାନିନୀ—ସ୍ତ୍ରୀ) ୨ । (ଗମ ଧାତୁ+ଇନ୍; ୧ମା. ୧ବ; ନିପାତନ)—
ଗାମୀ; ଗମନକାରୀ—2. Going; moving.

**ଗାନ୍ତୁ**—ସଂ. ବି. (ଗମ ଧାତୁ+କର୍ତ୍ତୃ. ତୁ)—୧ । ପର୍ଯ୍ୟଟକ—
Gāntu 1. Traveller.

୨ । (ଗୈ ଧାତୁ+କର୍ତ୍ତୃ ତୁ)—ଗାୟକ—2. Singer.

**ଗାନ୍ତ୍ରୀ**—ସଂ. ବି. ସ୍ତ୍ରୀ. (ଗନ୍ତ୍ରୀ+ଅ+ସ୍ୱାର୍ଥେ. ଈ)—
Gāntri ୧ । ଶଗଡ଼; ଗୋରୁଗାଡ଼ି—1. Bullock-cart.

୨ । ପୃଥିବୀ—2. The earth.

୩ । ଗୋରୁ; ବଳଦ—3. Bullock.

**ଗାନ୍ଥଣୀ**—ଦେ. ବି.—(ସଂ. ଗ୍ରନ୍ଥନ)—୧ । କାଦୁଅ ବା ଚୂନଦ୍ୱାରା ଇଟା
Gānthaṇi ବା ପଥରକୁ ଏକତ୍ର ବସାଇବା—
ଗାନ୍ଥନି 1. Masonry; setting of bricks or
**गचकारी** stones with clay or lime.

[ ଦ୍ର—ଚୂନ ମସଲାଦ୍ୱାରା ଇଟା ପଥର ବସାଇବାକୁ ପକ୍କାଗାନ୍ଥଣୀ ଓ କାଦୁଅଦ୍ୱାରା ଇଟା ପଥର ଯୋଡ଼ିବା କାମକୁ କଚ୍ଚାଗାନ୍ଥଣୀ ବୋଲିଯାଏ । ]

୨ । ଗୁନ୍ଥିବା କର୍ମ—2. Threading or stringing of beads etc.

**ଗାନ୍ଥନୀ**—ଦେ. ବି. ( ସଂ. ଗ୍ରନ୍ଥନ )—ଗାନ୍ଥଣୀ ( ଦେଖ )
Gānthani Gānthaṇi ( See )

**ଗାନ୍ଥିଣୀ**—ଦେ. ବି. ( ସଂ. ଗ୍ରନ୍ଥନ )—ଗାନ୍ଥଣୀ ( ଦେଖ )
Gānthini Gānthaṇi ( See )

**ଗାନ୍ଥିବା**—ଦେ. କ୍ରି. ( ସଂ. ଗ୍ରଥ ଧାତୁ ; ଗ୍ରନ୍ଥନ )—
Gānthibā ୧ । କାନ୍ଥଆଦି କାମ ପାଇଁ କାଦୁଅ ବା ଚୂନଦ୍ୱାରା
गाँथना ଇଟା ପଥର ଆଦି ଯୋଡ଼ିବା; ଇଟା ପଥରଆଦି କାଦୁଅ
**गाथना** ବା ଚୂନରେ ବସାଇବା—
1. To set stones or bricks with mortar.

୨ । ମାଳାଆଦି ଗୁନ୍ଥିବା—
2. To string together (beads etc).

**ଗାନ୍ଥୁଣୀ**—ଗ୍ରା. ବି. ( ସଂ. ଗ୍ରନ୍ଥନ )—ଗାନ୍ଥଣୀ ( ଦେଖ )
Gānthuṇi Gānthaṇi ( See )

**ଗାନ୍ଦିକା**—ପ୍ରାଦେ. ( ଜୟପୁର ) ବି—ଅନର୍ଥ; ଅଖାଡ଼ୁଆ ବିଷୟ;
Gāndikā ଗୋଳମାଳ—Confusion; dispute.

( ଯଥା—ତାଙ୍କେ ଏଠାକୁ ଆସି ବଡ଼ ଗାନ୍ଦିକା ଲଗେଇଲେ । )

**ଗାନ୍ଦିନୀ**—ସଂ.ବି. ( ଗୋ—ସ୍ୱର୍ଗ, ପୃଥିବୀ+ଦା ଧାତୁ=ଶୁଦ୍ଧ କରିବା+ଇନ୍
Gāndini +ସ୍ତ୍ରୀ. ଈ )—୧ । ଭାଗୀରଥୀ; ଗଙ୍ଗାନଦୀ—
1. The river Ganges.

୨ । ଗଙ୍ଗାଦେବୀ; ଭୀଷ୍ମମାତା—
2. The mother of Bhishma.

୩ । ଅକ୍ରୂର ଜନନୀ ଓ ଶ୍ୱଫଳ୍କଙ୍କ ସ୍ତ୍ରୀ—
3. The mother of Akrūra.

**ଗାନ୍ଦିନୀସୁତ**—ସଂ ବି. ( ୬ଷ୍ଠୀ ତତ୍; ଗାନ୍ଦିନୀ+ସୁତ )—୧ । ଭୀଷ୍ମ—
Gāndinisuta 1. Bhishma.

୨ । ଅକ୍ରୂର—2. Akrūra.

୩ । କାର୍ତ୍ତିକେୟ—3. Kārttikeya.

**ଗାନ୍ଧର୍ବ**—ସଂ. ବିଣ. (ଗନ୍ଧର୍ବ=ଦେବଗାୟକ ବିଶେଷ+ସମ୍ବନ୍ଧାର୍ଥେ ଅ)—
Gāndharba ୧ । ଗନ୍ଧର୍ବମାନଙ୍କ ସମ୍ବନ୍ଧୀୟ—
1. Belonging to or pertaining to the Gandharbas, the celestial choristers.

| ୧ | ଈ | ଊ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | [illegible] | ଜ | ଶ,ଷ | [illegible] | ଇଯ୍ୟ | ଉଅ | ଭ୍ର |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | [illegible] | [illegible] |

୨ । ଗନ୍ଧର୍ବଦେଶ ସମ୍ବନ୍ଧୀୟ—
2 Relating to the Gandharba country.

ସଂ. ବି—୧ । ବରକନ୍ୟାଙ୍କର ଇଚ୍ଛାନୁସାରେ ବିବାହ ( ହିନ୍ଦୁଶାସ୍ତ୍ର ଲିଖିତ ୮ ପ୍ରକାର ବିବାହରୁ ଏକତମ )—
1. Marriage by mutual consent and love (one of the 8 forms of marriage mentioned in the Hindu Śāstras).

୨ । ଘୋଟକ—2. Horse.

୩ । ସଙ୍ଗୀତଶାସ୍ତ୍ର; ଗାନବାଦ୍ୟ ଶାସ୍ତ୍ର—
3. The art of music.

ଚାତୁରୀ କଳାରେ ଗାନ୍ଧର୍ବ ଯେ ଗାୟନାଚ
ଚନ୍ଦ୍ରସ୍ୱରେ ଏମାନ ସାଧିଲେ ହୋଏ ସିଦ୍ଧି । ପ୍ରାଚୀ. ଶିବସ୍ୱରୋଦୟ ।

୫ । ଗନ୍ଧର୍ବ—5. A celestial chorister.

୬ । ସାମବେଦର ଉପବେଦ ବିଶେଷ ( ଏଥିରେ ସଙ୍ଗୀତ-ବିଦ୍ୟା ଆଲୋଚିତ ହୋଇଅଛି )—
6. A subordinate Beda of the Sāmabeda, treating of music.

୭ । ହିମାଳୟର ପ୍ରାନ୍ତସ୍ଥ ପୌରାଣିକ ଦେଶବିଶେଷ—
7. Name of a mythological couutry at the end of the Himalayas.

[ ଦ୍ର—ଏହାର ଅନ୍ୟ ନାମ ଗନ୍ଧର୍ବଦ୍ୱୀପ, ଏହା ଭାରତର ଗୋଟିଏ ଭାଗ ଥିଲା । ଏଠାର ଲୋକେ ଗାନବାଦ୍ୟରେ ବିଶେଷ ପାରଗ ଥିଲେ । ଏଠାରେ ବରକନ୍ୟାଙ୍କ ପରସ୍ପର ନିର୍ବାଚନରେ ବିବାହ କରାଯାଉଥିଲା । ଏଠାର ସ୍ତ୍ରୀମାନେ ରୂପବତୀ ଥିଲେ; ଏଠାର ଘୋଡ଼ାମାନେ ଉତ୍କୃଷ୍ଟ ଥିଲେ । ହି. ଶବ୍ଦସାଗର ]

**ଗାନ୍ଧର୍ବକ**—ସଂ. ବି. ପୁଂ. ( ଗାନ୍ଧର୍ବ + କ )—
Gāndharbaka ୧ । ଗାୟକ—1. A singer.
(ଗାନ୍ଧର୍ବିକା—ସ୍ତ୍ରୀ) ୨ । ଗାନବାଦ୍ୟବିଦ୍ୟାରେ ପ୍ରବୀଣ ବ୍ୟକ୍ତି—
2. An expert musician.

**ଗାନ୍ଧର୍ବବେଦ**—ସଂ. ବି—୧ । ସଙ୍ଗୀତ ବିଷୟକ ଆଲୋଚନାପୂର୍ଣ୍ଣ ସାମ-
Gāndharbabeda ବେଦର ଉପବେଦବିଶେଷ—
1. A branch of the Sāma Beda treating of music.

୨ । ସଙ୍ଗୀତ ଶାସ୍ତ୍ର—2. The art of music.

**ଗାନ୍ଧର୍ବିକ**—ସଂ. ବି. ପୁଂ. ( ଗନ୍ଧର୍ବ + ଇକ )—
Gāndharbika ଗାନ୍ଧର୍ବକ ( ଦେଖ )
(ଗାନ୍ଧର୍ବିକା—ସ୍ତ୍ରୀ) Gāndharbaka ( See )

ସଂ. ବିଣ. ପୁଂ—ସଙ୍ଗୀତବିଦ୍ୟାକୁଶଳ—
Versed in the art of music.

**ଗାନ୍ଧର୍ବୀ**—ଦେ. ବି. ସ୍ତ୍ରୀ. ( ଗନ୍ଧର୍ବ + ଅ + ଈ )—
Gāndharbī ୧ । ନବଯୁବତୀ—1. A young woman; a lady in the prime of her youth.

୨ । ଦୁର୍ଗା (ହି. ଶବ୍ଦସାଗର)—2. Goddess Durgā.

**ଗାନ୍ଧାର**—ସଂ.ବି. (ଗନ୍ଧ + ଋ ଧାତୁ = ଗମନ କରିବା + କର୍ତ୍ତୃ. ଅ; ଅଥବା
Gāndhāra ଗାନ୍ଧାର + ସ୍ୱାର୍ଥେ. ଅ )—
୧ । ପ୍ରାଚୀନ ଭାରତର ଦେଶବିଶେଷ; ଆଧୁନିକ ଅଫଗାନି-ସ୍ଥାନ ଦେଶସ୍ଥ କାନ୍ଦାହାର ପ୍ରଦେଶ—
1 One of the provinces of ancient India, corresponding with the modern province of Kandahar in Afganistan.

[ ଦ୍ର—ଗାନ୍ଧାର ଦେଶ ସିନ୍ଧୁ ନଦୀର ପଶ୍ଚିମରେ ଥିଲା । ଏହା ପେଶୱାରଠାରୁ କାନ୍ଦାହାର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ସୀମା ସମୟକ୍ରମେ ପରିବର୍ତ୍ତିତ ହୋଇଥିବା ପ୍ରମାଣ ମିଳେ । ଚୀନ ପର୍ଯ୍ୟଟକ ହୁଏନ୍‌ସାଙ୍ଗ୍ ଭାରତକୁ ଆସିବା ସମୟରେ ଏହି ପ୍ରଦେଶ ସିନ୍ଧୁ ନଦୀଠାରୁ ଜଲାଲାବାଦ୍ ପର୍ଯ୍ୟନ୍ତ ଓ ସ୍ୱାତ୍‌ଠାରୁ କାଲାବାଗ୍ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଋଗ୍ବେଦରେ ଏ ଦେଶରେ ଉତ୍କୃଷ୍ଟ ମେଣ୍ଢା ଥିବାର ଉଲ୍ଲେଖ ଅଛି । ଏହି ଦେଶର ରାଜକନ୍ୟା ଗାନ୍ଧାରୀ ଧୃତରାଷ୍ଟ୍ରଙ୍କର ମହିଷୀ ଥିଲେ । ହି. ଶବ୍ଦସାଗର ]

୨ । ଗାନ୍ଧାର ଦେଶବାସୀ ଜାତି—
2 People of Gāndhāra country.

୩ । ସଙ୍ଗୀତର ସପ୍ତସ୍ୱର ସା ରେ ଗା ମା ପା ଧା ନି ମଧ୍ୟରୁ ତୃତୀୟ ସ୍ୱର ( ଏହାର ସାଙ୍କେତିକ "ଗା" )—
3. The third primary tone of the Hindu musical gamut.

[ ଦ୍ର—ଏହି ସ୍ୱର ଛାଗଧ୍ୱନି ତୁଲ୍ୟ ଓ ଏହା ନାଭିସମୁଦ୍ଭୂତ ବାୟୁ, କଣ୍ଠ ଓ ଶୀର୍ଷର ଆଘାତ ଦ୍ୱାରା ଉତ୍ପନ୍ନ ହୁଏ—(ପ୍ରକୃତିବାଦ) ଏ ସ୍ୱରର ୨ ଭେଦ, ଶୁଦ୍ଧ ଓ କୋମଳ । ]

୪ । ସିନ୍ଦୂର—4. Vermilion; red lead.

୫ । ଗୁଗ୍ଗୁଲ; ଗନ୍ଧରସ—
5. Gum myrrh; bdellium.

୬ । ଗନ୍ଧକ—6. Sulpher.

୭ । ଗାନ୍ଧାର ଦେଶର ରାଜା ବା ରାଜକୁମାର—
7. A king or prince of the Gāndhāra country.

୮ । ପ୍ରାତଃକାଳଠାରୁ ୪ ଦଣ୍ଡ ପର୍ଯ୍ୟନ୍ତ ଗେୟ ସଙ୍କୀର୍ଣ୍ଣଜାତିର ରାଗବିଶେଷ ( ହି. ଶବ୍ଦସାଗର )—
8. Name of a musical tune.

୯ । ସଙ୍ଗୀତର ତିନି ସ୍ୱରଗ୍ରାମ ମଧ୍ୟରୁ ଏକତମ(ହି.ଶବ୍ଦସାଗର)-
9. Name of a Hindu musical scale.

**ଗାନ୍ଧାର ପଞ୍ଚମ**—ସଂ. ବି—ଷାଡ଼ବ ରାଗବିଶେଷ—
Gāndhāra pañchama Name of a musical tune.

[ ଦ୍ର—ଏ ମାଙ୍ଗଳିକ ରାଗ ଅଟେ । ହାସ୍ୟ, ଅଦ୍ଭୁତ ଓ କରୁଣ ରସରେ ଏଥିର ପ୍ରୟୋଗ ହୁଏ । ଏଥିରେ ଋଷଭ ସ୍ୱର ଲାଗେ ନାହିଁ; ଏହାକୁ କେବଳ ଗାନ୍ଧାର ମଧ୍ୟ ବୋଲାଯାଏ । ହି. ଶବ୍ଦସାଗର ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗାନ୍ଧାରବିଦ୍ୟା** —ଦେ. ବି—(ସଂ. ଗାନ୍ଧର୍ବ ଓ ବିଦ୍ୟା)—ସଙ୍ଗୀତ ବିଦ୍ୟା—
Gāndhārabidyā Science of music.

**ଗାନ୍ଧାରଭୈରବ**—ସଂ. ବି—ପ୍ରାତଃକାଳରେ ଗେୟ ୭ସ୍ୱରବିଶିଷ୍ଟ ରାଗ
Gāndhārabhairaba ବିଶେଷ ( ହି. ଶବ୍ଦସାଗର )—Name of a musical tune consisting of 7 tones.

**ଗାନ୍ଧାରରାଜ**—ସଂ. ବି ( ୬ଷ୍ଠୀ ତତ୍ ) ଗାନ୍ଧାର ଦେଶର ରାଜା; ସୁବଳଙ୍କ
Gāndhārarāja ପୁତ୍ର ଓ ଦୁର୍ଯ୍ୟୋଧନଙ୍କ ମାମୁଁ; ଶକୁନି—Śakuni, the maternal uncle of Durjyodhana.

**ଗାନ୍ଧାରି**—ସଂ. ବି (ଗାନ୍ଧାର+ଇ)—ଗାନ୍ଧାରରାଜ ( ଦେଖ )—
Gāndhāri Gāndhārarāja ( See )

**ଗାନ୍ଧାରୀ**—ସଂ. ବି ( ଗାନ୍ଧାର+ଅପତ୍ୟାର୍ଥେ ଅ+ସ୍ତ୍ରୀ. ଈ )—
Gāndhārī ୧ । ଗାନ୍ଧାର ରାଜକନ୍ୟା; ଧୃତରାଷ୍ଟ୍ରଙ୍କ ସ୍ତ୍ରୀ—
1. The daughter of the king of Gāndhāra and queen of Dhṛutarāshṭra.

[ ଦ୍ର—ଏ ଗାନ୍ଧାରଦେଶର ରାଜା ସୁବଳଙ୍କ କନ୍ୟା ଓ ଧୃତରାଷ୍ଟ୍ରଙ୍କ ସ୍ତ୍ରୀ; ଧୃତରାଷ୍ଟ୍ର ଜନ୍ମାନ୍ଧ ଥିବାରୁ ଏ ସର୍ବଦା ଆଖିରେ ଗୋଟିଏ ଅନ୍ଧପୋଟଳି ବାନ୍ଧିଥିଲେ । ଏହାଙ୍କ ଗର୍ଭରୁ ଦୁର୍ଯ୍ୟୋଧନାଦି ୧୦୦ ପୁତ୍ର ଜନ୍ମିଥିଲେ । କୁରୁକ୍ଷେତ୍ର ଯୁଦ୍ଧ ପରେ ଏ ସ୍ୱାମୀଙ୍କ ସହିତ ପାଣ୍ଡବଙ୍କ ଆଶ୍ରୟରେ ରହିଲେ । ]

୨ । ରାଗିଣୀବିଶେଷ—
2. Name of a secondary musical tune.

୩ । ତନ୍ତ୍ରମତରେ ଦେହସ୍ଥ ପ୍ରଧାନ ଦଶନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ—3. Name of one of the ten veins of the body according to the Tantras.

୪ । ପାର୍ବତୀଙ୍କର ଏକ ସଖୀ (ହି. ଶବ୍ଦସାଗର)—
4. Name of a lady-companion of Pārbati.

୫ । ଯବାସକ ( ହି. ଶବ୍ଦସାଗର )—
5. A thorny shrub.

୬ । ଗଞ୍ଜାଇ (ହି. ଶବ୍ଦସାଗର)—
6. Canabis Sativa; the Indian hemp

୭ । ଗାନ୍ଧାର ଦେଶୀୟା ସ୍ତ୍ରୀ ବା ରାଜକନ୍ୟା (ହି. ଶବ୍ଦସାଗର)—
7. A woman or princess of the Gāndhāra country.

**ଗାନ୍ଧାରୀ ଏକାଦଶୀ**—ଦେ. ବି—ଅନ୍ନଦାନ ଏକାଦଶୀ ( ଦେଖ )—
Gāndhārī ekādaśī Annadāna ekādaśī ( See )

**ଗାନ୍ଧାରୀବିଦ୍ୟା**—ଦେ. ବି ( ସଂ. ଗାନ୍ଧର୍ବ ଓ ବିଦ୍ୟା )—
Gāndhārībidyā ଗାନ୍ଧାରବିଦ୍ୟା (ଦେଖ)—
Gāndhārabidyā (See)

**ଗାନ୍ଧାରେୟ**—ସଂ. ବି ( ଗାନ୍ଧାରୀ+ଅପତ୍ୟାର୍ଥେ. ଏୟ )—ଗାନ୍ଧାରୀଙ୍କର
Gāndhāreya ଦୁର୍ଯ୍ୟୋଧନ ଆଦି ଶତ ପୁତ୍ର—The hundred sons of Gāndhārī (Dhṛutarāshṭra)

**ଗାନ୍ଧି**—ଦେ. ବି—୧ । ବଂଶୋପାଧିବିଶେଷ—
Gāndhi 1. A family title.

୨ । ଗାନ୍ଧିମହାତ୍ମା ( ଦେଖ )—
2. Gāndhi mahātmā ( See )

**ଗାନ୍ଧିକ**—ସଂ. ବି (ଗନ୍ଧ+ପଣ୍ୟାର୍ଥେ ଇକ)—୧ । ଗନ୍ଧଦ୍ରବ୍ୟ ବ୍ୟବସାୟୀ;
Gāndhika ଗନ୍ଧବଣିଆ—1. A vendor in perfumery and drugs; druggist.

୨ । ପାରୁଡ଼ାପୋକ; ଦୁର୍ଗନ୍ଧମୟ କୀଟବିଶେଷ—
2. A kind of insect having strong fœtid smell; a flying bug.

୩ । ଲେଖକ; ମୋହରିର—
3. A scribe; a clerk. (Apte)

୪ । ସୁଗନ୍ଧ ଦ୍ରବ୍ୟ—
4. Scents; perfumery (Apte).

ସଂ. ବିଣ—ଗନ୍ଧଦ୍ରବ୍ୟବାହୀ—Carrying scents.

**ଗାନ୍ଧି ମହାତ୍ମା**—ବି.—ବିଂଶ ଶତାବ୍ଦୀର ବିଶ୍ୱବିଖ୍ୟାତ ଭାରତୀୟ ରାଜନୀତିଜ୍ଞ
Gāndhi mahātmā ମହାତ୍ମା ଗାନ୍ଧି; ମୋହନଦାସ କରମଚାନ୍ଦ ଗାନ୍ଧି—The world-famous Indian politician Gandhi of the modern age,

[ ଦ୍ର—ଏ ଗୁଜରାଟବାସୀ, ଜାତିରେ ବଣିଆ; ପ୍ରଥମେ ଭାରତରେ ଇଂରାଜୀ ଶିକ୍ଷା କରି ବିଲାତକୁ ଯାଇ ସେଠାରୁ ବାରିଷ୍ଟରୀ ପାଶ କରି ଆସି ପ୍ରଥମେ କିଛିକାଳ ଗୁଜରାଟ ଓ ବୋମ୍ବେଇରେ ବାରିଷ୍ଟରୀ କରିବା ପରେ ଗୋଟିଏ ମକଦ୍ଦମା ସମ୍ପର୍କରେ ଦକ୍ଷିଣ ଆଫ୍ରିକାକୁ ଯାଇଥିଲେ ଓ ସେଠାରେ ରାଜନୀତି କ୍ଷେତ୍ରରେ ନିଜକୁ ନିୟୋଜିତ କରି ତଦ୍ଦେଶବାସୀ ଭାରତୀୟମାନଙ୍କର ରାଜନୀତିକ ନେତା ହେଲେ ଓ ସେଠାରେ ସତ୍ୟାଗ୍ରହ ଦ୍ୱାରା ରାଜନୀତିକ ଶକ୍ତି ସଞ୍ଚୟ କରିବାକୁ ଭାରତବାସୀଙ୍କୁ ଶିକ୍ଷା ଦେଇ ଭାରତବର୍ଷକୁ ଫେରି ଭାରତ କଂଗ୍ରେସରେ ଯୋଗ ଦେଲେ ଓ ଏ କ୍ରମେ କ୍ରମେ ଭାରତର ରାଜନୀତିକମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କଲେ । ସତ୍ୟାଗ୍ରହ, ଅହିଂସା, ରାଜନୀତିକ ଅସହଯୋଗ, ହିନ୍ଦୁମୁସଲମାନ-ସମ୍ମିଳନ, ଅସ୍ପୃଶ୍ୟତା ନିବାରଣ, ମାଦକସେବନ ନିଷେଧ, ସୂତାକଟା ଓ ଖଦଡ଼ବ୍ୟବହାର, ଭାରତର ସ୍ୱରାଜ୍ୟ ଓ ସ୍ୱାଧୀନତା ଲାଭ ଆଦି ଗୁଡ଼ିଏ ମନ୍ତ୍ର ଏ ଭାରତରେ ପ୍ରଚାର କରି କଂଗ୍ରେସର ନେତା ରୂପେ କେତେକ ଭାରତବାସୀଙ୍କୁ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଅସହଯୋଗ ଓ ଆଇନଅମାନ୍ୟ ଆନ୍ଦୋଳନରେ ଦୀକ୍ଷିତ କରି ଅବଶେଷରେ ବିଲାତ ଓ ଭାରତର ରାଜନୀତିକମାନଙ୍କ ମିଳନକ୍ଷେତ୍ର ଗୋଲଟେବୁଲ ବୈଠକରେ କଂଗ୍ରେସ ପକ୍ଷରୁ ପ୍ରତିନିଧି ରୂପେ ଯୋଗ ଦେଲେ । ବିଲାତରୁ ଫେରି ୧୯୩୧ ସାଲର ଶେଷ ଓ ୧୯୩୨ ସାଲର ଆଦ୍ୟରେ ଭାରତବାସୀଙ୍କୁ ପୁଣି ଆଉ ଥରେ ଅସହଯୋଗ ଓ ଆଇନଅମାନ୍ୟ ଆନ୍ଦୋଳନରେ ଲଗାଇବା ପୂର୍ବରୁ ଗଭର୍ଣ୍ଣମେଣ୍ଟ ତାଙ୍କୁ କାରାବଦ୍ଧ କଲେ । ଏ ନିଜର ଜୀବନରେ ନିଜର

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଝ | ଌ | ଏ | ହ୍ରସ୍ୱ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ଷ | ଙ୍କ | ଇଯ୍ଯ | ଉଅ | ଢ |
| ୨ | ଐ | ଊ | ରୁ | ଲୃ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଚଁ | ଇଅ | ● | ନ୍ତ |

ପ୍ରଚାରିତ ଆଦର୍ଶମାନ ଅକ୍ଷରେ ଅକ୍ଷରେ ପାଳନ କରି, ଅତି ଦୀନ ଭାବରେ କଠୋର ସଂଯମ ନମ୍ରତାମୟ ସହଜ ଜୀବନ ଯାପନ କରି, ସତ୍ୟ ପ୍ରତି ନିଷ୍ଠା ଦେଖାଇ, ସାଂସାରିକ ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ ଦେଖାଇ ସମଗ୍ର ଜଗତରେ ପୂଜ୍ୟ ହୋଇ ଅଛନ୍ତି । ଏ ହିନ୍ଦୁ ସମାଜର ଅସ୍ପୃଶ୍ୟ ପ୍ରାଚୀନ ପ୍ରଥା ଉପରେ କୁଠାରାଘାତ କରି ସୁଦ୍ଧା ନିଜକୁ ସନାତନୀ ବର୍ଣ୍ଣାଶ୍ରମଧର୍ମୀ ହିନ୍ଦୁ ବୋଲି ଘୋଷଣା କରନ୍ତି ।

ଏ ବମ୍ବେଇ ପ୍ରଦେଶର ଅହାମଦାବାଦ ନିକଟବର୍ତ୍ତୀ ସବର-ମତୀଠାରେ ଗୋଟିଏ ଆଦର୍ଶ ଆଶ୍ରମ ଓ ଶିକ୍ଷାଗାର ପ୍ରତିଷ୍ଠା କରି ସେଥିରେ ଅନେକ କର୍ମୀ ଗଠନ କରୁଅଛନ୍ତି । ଇଂରାଜୀରେ ୟଙ୍ଗ୍ଇଣ୍ଡିଆ ଏବଂ ଗୁଜରାଟୀରେ ନବଜୀବନ ନାମକ ଦୁଇଟି ସାପ୍ତାହିକ ପତ୍ରର ଏ ସମ୍ପାଦକ ଥାଇ ଦେଶବିଦେଶରେ ସ୍ୱୀୟ ମତର ପ୍ରଚାର କର୍ମରେ ଲାଗିଛନ୍ତି । ଏହାଛଡ଼ା ଗୋସେବା, ଖଦ୍ଦର, ଭାରତରେ ସାର୍ବଜନୀନ ଭାଷାରୂପେ ହିନ୍ଦୀର ପ୍ରଚାର, ଦାମ୍ପତ୍ୟଜୀବନରେ ଅସିଧାରାବ୍ରତ ଆଦି ଅନ୍ୟାନ୍ୟ ଅନେକ ସାଧାରଣ ଆନ୍ଦୋଳନରେ ମଧ୍ୟ ଏ ଅଗ୍ରଣୀ ଅଛନ୍ତି । ]

ଗାପ୍—ଦେ. ବି. (ସଂ. ଗୋପନ; ଭୁଲ ଆ. ଗାୟୂବ୍=ଲୁକ୍କାୟିତ, ଲୁପ୍ତ; Gāp ଇଂ. ଗଲ୍ପ=ଗିଳ ଦେବା)—ଲୁଚାଇବା; ଗୋପନ କରିବା—
ଗାପ୍ Concealment; hushing up.
**ଗାୟବ**

ଗାପ୍ କରିବା—ଦେ. କ୍ରି. (ସଂ. ଗୋପନ)—ଗୋପନ କରିବା—
Gāp kariba To conceal or hush up.
ଗାପକରା
**ଗାୟବ କରନା**

ଗାପ୍ ମାରିବା—ଦେ. କ୍ରି—ନିଜକୁ ଗୋପନ କରିବା; ଲୁଚିଯିବା—
Gāp māriba To hide oneself.
ଗାପମାରା
**ଛିପଜାନା**

ଗାଫ୍—ବୈଦେ. ବିଣ. ( ଫା. ଗଫ୍ )—ଘନବୁଣା(ବସ୍ତ୍ର)—
Gāph Thick-woven (cloth).
ଗଫ୍
**ଗଫ୍**

ଗାଫ୍‌ଲତ୍—ବୈଦେ. ବି. ( ଆ. ଗଫ୍‌ଲତ୍ )—
Gāphlat ୧ । ଅବହେଳା; ଅସାବଧାନତା—
ଗାଫଲିୟତ୍ 1. Carelessness; negligence.
**ଗଫଲତ** ୨ । ଅମନୋଯୋଗ—2. Want of attention.
୩ । ପ୍ରମାଦ; ଭ୍ରାନ୍ତି—3. Mistake.

ଗାଫ୍‌ଲତି—ବୈଦେ. ବି. ( ଆ. ଗଫ୍‌ଲତ୍ )—ଗଫ୍‌ଲତ୍ ( ଦେଖ )
Gāphlati Gaphlat (See)
ଗାଫଲିୟତି ବିଣ. ( ଆ. ଗାଫିଲ )—୧ । ଅସାବଧାନ—
**ଗଫଲତ** 1. Careless.
୨ । ଯେ ହେଳା କରେ—2. Negligent.
୩ । ଅମନୋଯୋଗୀ—3. Inattentive.

ଗାଫ୍‌ଲିଅତ୍—ଦେ. ବି—ଗାଫ୍‌ଲତ୍ ( ଦେଖ )
Gāphliat Gāphlat (See)

ଗାଫିବା—ଦେ. କ୍ରି—୧ । ତଳକୁ ଦବାଇବା—
Gāphiba 1. To press down.
ଗାପକରା ୨ । ଗପାଇବା; ଲୁଚାଇବା—
2. To conceal; to hide.

ଗାଫିଲ୍—ବୈଦେ. ବିଣ. ( ଆ. ଗାଫିଲ୍ )—
Gāphil ୧ । ଅମନୋଯୋଗୀ—1. Inattentive.
ଗାଫିଲ ୨ । ଅବହେଳାକାରୀ—2. Negligent.
**ଗାଫିଲ** ୩ । ଅସାବଧାନ—3. Careless.
( ବେଗାଫିଲ୍—ବିପରୀତ ) ବୈଦେ. ବି. ( ଆ. ଗାଫିଲ୍‌ତି )—
୧ । ଅମନୋଯୋଗ—1. Negligence.
୩ । ଅବହେଳା—3. Carelessness.
୪ । ଅଳସୁଆପଣିଆ—4. Indolence.

ଗାଫିଲି—ବୈଦେ. ବି. ( ଆ. ଗଫ୍‌ଲତ୍ )—
Gāphili ୧ । ଅମନୋଯୋଗ—1. Inattention.
ଗାଫିଲି ୨ । ଅବହେଳା—2. Negligence.
**ଗଫଲତ** ୩ । ଅସାବଧାନତା—3. Carelessness.

ଗାଫିଲିଅତ—ବୈଦେ. ବି. ( ଆ. ଗଫ୍‌ଲଅତ୍ )—ଗାଫିଲ୍ ( ଦେଖ )
Gāphiliat Gāphil (See)

ଗାଫିଲିଅତି—ବୈଦେ. ବି. ( ଆ. ଗଫ୍‌ଲଅତ୍ )—ଗାଫିଲ୍ ( ଦେଖ )
Gāphiliati Gāphil ( See )

ଗାବ—ଦେ. ବି. ( ସଂ. ଗାଭୀ; ଗବୀ; ଭୁଲ. ସଂ. ଗୌ ଶବ୍ଦର ବହୁବଚନ Gāba' ଗାବଃ )—୧ । (ଗଦ୍ୟରେ ବ୍ୟବହୃତ) ଗାଈ—1. Cow.
ଗାଈ ଦେଇଣ ମଧୁପର୍କ ଅର୍ଘ୍ୟଲୁ ଗାବକୁ—କୃଷ୍ଣସିଂହ. ମହାଭାରତ. ସଭା ।
**ଗାୟ** ୨ । ଗୋରୁଗାଈ; ଗୋସମୂହ—2. Cattle; kine.
୩ । ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରର ଚମଡ଼ା ଉପରେ ( ଯେଉଁଠାରେ ଚାପ ଲାଗେ ) ବୋଲାଯିବା ଏକପ୍ରକାର ଲେପ—
3. An ointment spread over the hide covering a drum.

ଗାବରାଇବା—ଦେ. କ୍ରି. ( ଆ. ଗାର୍ )—ଗାରଅଗାର କରି ଲେଖିବା;
Gābarāiba ଅସୁନ୍ଦର କରି ଲେଖିବା—To write illegibly
ଗାବରାନ; ଗୁବରାନ or slovenly; to scrawl; to scribble
**ଘସୋଟନା**

ଗାବର୍ ଗାବର୍—ଦେ. ବି—ଏଣୁ ତେଣୁ ଗାରଅଗାର—
Gābarā gābari Slovenly writing and drawing of
ଗାବରା ଗାବରି lines and crosses; scrawling.
ଦେ. ବିଣ—ଅତି କଦର୍ଯ୍ୟରୂପେ ଗାରପକା ଯାଇଥିବା (ଲେଖା)—
Written with a slovenly hand; scrawled.

ଗାବର୍ ଗାବୁର—ଦେ. ବି. ଓ ବିଣ—ଗାବର୍ ଗାବର ( ଦେଖ )
Gābarā gāburi Gābarā gābari ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସହିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଂ' ନ ପାଇଲେ ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗାବର୍ ଗାବୁର୍ କରିବା—ଦେ. କ୍ରି—ଗାବରାଇବା ( ଦେଖ )
Gābarā gāburi karibā — Gābarāibā ( See )

ଗାବଲ୍ଗଣି—ସଂ. ବି. ( ଗବଲ୍ଗଣ + ଅପତ୍ୟାର୍ଥେ. ଇ )—ଗବଲ୍ଗଣଙ୍କ ପୁତ୍ର, ସଞ୍ଜୟ—Name of Sañjaya.
Gābalgaṇi

ଗାବିନ—ଗ୍ରା. ବିଣ. ସ୍ତ୍ରୀ. ( ସଂ. ଗର୍ଭିଣୀ )—ଗର୍ଭିଣୀ—Big with child; pregnant.
Gābin
ଗାବୀନ [ ଦ୍ର—ଏ ବିଶେଷଣ ପଶୁମାନଙ୍କ ପ୍ରତି ପ୍ରଯୁଜ୍ୟ । ]
**गाभीन**

ଗାବିବା—ଦେ. (ପଦ୍ୟ) କ୍ରି—୧ । ଗାନ କରିବା—
Gābibā 1. To sing.

ଗାବନ୍ତି ହରଷେ ପ୍ରଗାଢ଼ୀ ଅଚଳ । ସୁଧାନାଥ ।

୨ । ଚାଲକୁ ଚାପି ଦେବା; ଦବାଇବା—
2. To press down a thing.
୩ । ଗୋପନ ବା ଅଦୃଶ୍ୟ କରାଇବା—
3. To cause to disappear; to conceal; to hush up.
୪ । (ଲକ୍ଷଣାର୍ଥ) ପ୍ରଚୁର ଖାଦ୍ୟ ଗଳାଧଃକରଣ କରିବା—
4. (figurative) To devour a large quantity of food.

ଗାବି—ସଂ. ବି. ସ୍ତ୍ରୀ—ଗାଭି; ଗାଈ—
Gābi — Cow.

ଗାବୁକିନା—ଦେ. ଅ. ( ଧ୍ୱନ୍ୟନୁକରଣ )—
Gābukinā ହଠାତ୍ ମାଡ଼ି ବସିବା ପ୍ରକାରେ—
( to pounce ) Suddenly.

ଗାବୁକିନି—ଦେ. ଅ. ( ଧ୍ୱନ୍ୟନୁକରଣ )—
Gābukini ଗାବୁକିନା ( ଦେଖ )
Gābukinā ( See )

ଗାବୁରା ଗାବରି—ଦେ. ବି—ଗାବର୍ ଗାବରି ( ଦେଖ )
Gāburā gābari — Gābarā gābari ( See )

ଗାବୁରା ଗାବୁରି—ଦେ. ବି—ଗାବର୍ ଗାବରି ( ଦେଖ )
Gāburā gāburi — Gābarā gābari ( See )

ଗାବୁରା ଗାବୁରି କରିବା—ଦେ. କ୍ରି—ଗାବରାଇବା ( ଦେଖ )
Gāburā gāburi karibā — Gābarāibā ( See )

ଗାବୁରା ଗୁବୁରି କରିବା—ଦେ. କ୍ରି—ଗାବରାଇବା ( ଦେଖ )
Gāburā gāburi karibā — Gābarāibā ( See )

ଗାବୁରେଇବା—ଦେ. କ୍ରି—ଗାବରାଇବା ( ଦେଖ )
Gābureibā — Gābarāibā ( See )

ଗାଭିନ୍—ଦେ. ବିଣ. ସ୍ତ୍ରୀ—ଗାବିନ୍ ( ଦେଖ )
Gābhin — Gābin ( See )

ଗାଭିଲ୍—ଦେ. ବିଣ. ସ୍ତ୍ରୀ—ଗାବିନ୍ ( ଦେଖ )
Gābhil — Gābin ( See )

ଗାଭିଲି—ଦେ. ବିଣ. ସ୍ତ୍ରୀ—ଗାବିନ୍ ( ଦେଖ )
Gābhili — Gābin ( See )

ଗାଭି—ଦେ. ବି. ( ସଂ. ଗବୀ; ଗାବୀ)—
Gābhi ୧ । ଧେନୁ; ଗାଈ—1. Cow.
ଗାଭୀ ୨ । ( ଜାହାଜିଆ ଭାଷା ) ଜାହାଜର ମାସ୍ତୁଲରେ ବନ୍ଧା ହେବା ପ୍ରଧାନ ପାଲ—
**गाय**
**गाभी** 2. ( nautical ) Main sail.

[ ଦ୍ର—ଅଗ ପାଖ ପାଲ = ଛିର୍କଟ; ମଝି ପାଲ = ବଡ଼; ପିଛିଲା ପାଲ = କଲମୀ; ଗାଭି ପାଲର ଉପର ପାଲକୁ ସାବର; ତା ଉପର ପାଲକୁ ଚାବର; ତା ଉପର ପାଲକୁ ସବାଇ ପାଲ କହନ୍ତି ।
ହି. ଶବ୍ଦସାଗର । ]

ଗାମଚା—ଗ୍ରାମ୍ୟ. ବି—ଗାମୁଛା ( ଦେଖ )
Gāmachā — Gāmuchhā ( See )

ଗାମଛା—ଗ୍ରାମ୍ୟ. ବି—ଗାମୁଛା ( ଦେଖ )
Gāmachhā — Gāmuchhā ( See )

ଗାମଦ—ଦେ. ବିଣ. ( ଜାହାଜିଆ ଭାଷା ) ( ସଂ. ଗମ ଧାତୁ )—
Gāmada ୧ । ଜାହାଜର ତଳ କଣା ହୋଇ ପାଣି ପଶିବା—
**गामत्** 1. ( nautical ) Leak in the bottom of a ship.

ଅଧବାଟେ ସହସା ଜାହାଜ ଗାମଦ ହେଲା,
ସମସ୍ତେ ମିଶି ପାଣି ମଗ୍ନରେ ଲାଗି ଥାନ୍ତି । ଫକୀରମୋହନ, ଗଳ୍ପସ୍ୱଳ୍ପ ।

୨ । ନିକାଶ ( ହି. ଶବ୍ଦସାଗର ); ଜାହାଜ ବନ୍ଦର ଛାଡ଼ିବା—
2. The weighing of anchor.

ଗାମଲା—ବୈଦେ. ବି..(ପର୍ତ୍ତୁ-ଗାମେଲ୍ଲା = କାଷ୍ଠର ବଡ଼ କୁଣ୍ଡ)—
Gāmalā ୧ । ମାଟିର କୁଣ୍ଡ; ନାନ୍ଦିଆ—
ଗାମଲା 1. Earthen tub.
**गमला** ୨ । ପିତଳ ଗଙ୍ଗାଳ—2. A brass tub.
୩ । କମୋଡ୍; ପଟ୍; ସାହେବମାନେ ଯେଉଁ ଚିନାମାଟି ବା ଲୁହା କୁଣ୍ଡରେ ଝାଡ଼ାଫେରନ୍ତି—Pot; commode.

ଗାମିନି—ସଂ. ଦେ. ବି.—(ସଂ. ଗମ ଧାତୁ + ଇନ୍ + ଈ)—ଭାରତବାସୀଙ୍କ ଦ୍ୱାରା ପ୍ରାଚୀନ ଅର୍ଣ୍ଣବପୋତବିଶେଷ—A kind of sea-going vessel of ancient India.
Gāmini

[ ଦ୍ର—ଏ ଜାହାଜର ଲମ୍ବ ୧୬ ହାତ, ଓସାର ୧୨ ହାତ ଓ ଉଚ୍ଚ ୧ ହାତ । ଏଥିରେ ସମୁଦ୍ରଯାତ୍ରା ଅଶୁଭ **ବୋଲି** ବିବେଚିତ ହେଉଥିଲା—ହି. ଶବ୍ଦସାଗର; ଭୋଜରାଜାଙ୍କ ପ୍ରଣୀତ ଯୁକ୍ତିକଳ୍ପତରୁ ଗ୍ରନ୍ଥରେ ଏଥିର ବର୍ଣ୍ଣନା ଅଛି—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ସଂ. ବିଣ. ସ୍ତ୍ରୀ.—(ଗମ ଧାତୁ + ଇନ୍ + ସ୍ତ୍ରୀ. ଈ)—
ଗମନକାରିଣୀ—Going; moving.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ମିଶି ବ୍ୟବହୃତ ହୁଏ, ଯଥା—ଦୂରଗାମିନି ] ।

ଗାମୀ—ସଂ. ବିଣ. ପୁଂ (ଗମ ଧାତୁ = ଯିବା + କର୍ତ୍ତୃ. ଇନ୍; ୧ମା. ୧ବ);
Gāmi ୧ । ଗମନକାରୀ; ଗମନଶୀଳ, ଗତିବିଶିଷ୍ଟ—
(ଗାମିନି—ସ୍ତ୍ରୀ) 1. Moving; having motion; going.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇୟ | ଉଅ | ଣ |
| ୨ | ଈ | ଊ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଗ୍ୟ | ଇଅ | ● | ନ |

[ ଦ୍ର—ଅମୁକ ପରି ଗମନକାରୀ ଯଥା, ଗଜଗାମିନୀ; ଅମୁକ ପ୍ରକାର ବା ସହକାରେ ଗମନକାରୀ ଯଥା, ବେଗଗାମୀ; ଅମୁକଠାକୁ ଗମନକାରୀ ଯଥା, ସମୁଦ୍ରଗାମୀ; ଅମୁକଠାକୁ ଗମନକାରୀ ଯଥା, ନରକଗାମୀ; ଅମୁକରେ ଗମନକାରୀ ଯଥା, ବିପଥଗାମୀ ।]

୨ । ସଙ୍ଗମକାରୀ (ଯଥା, ପରସ୍ତ୍ରୀଗାମୀ)—
2. Having intercourse with.

[ ଦ୍ର—ଏ ଶବ୍ଦ ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ; ଅନ୍ୟ ଶବ୍ଦ ସଙ୍ଗେ ସଂଯୁକ୍ତ ହୋଇ ଥାଏ ଯଥା—ଦ୍ରୁତଗାମୀ, ଅଗ୍ରଗାମୀ, ସମୁଦ୍ରଗାମୀ, ନରକଗାମୀ । ]

**ଗାମୁକ**—ସଂ. ବିଣ. ପୁଂ (ଗମ ଧାତୁ=ଯିବା+କର୍ତ୍ତୃ. ଉକ)
Gāmuka ଗମନଶୀଳ; ଗତିବିଶିଷ୍ଟ—Going; having motion; moving; locomotive.

**ଗାମୁଛା**—ଦେ. ବି. (ସଂ. ଗାତ୍ରମାର୍ଜନୀ; ଗାତ୍ରପ୍ରୋଞ୍ଛନୀ)—ଗାତ୍ରମାର୍ଜନୀ; ଅଙ୍ଗ
Gāmuchhā ପୋଛିବାର ଲୁଗା—Towel; napkin.
ଗାମଛା; ଗାମୋଛା ବାହାରିଲେ ଅଣ୍ଟାରେ ଗାମୁଛା ଭିଡ଼ି ସଙ୍ଗେ ।
**ଅଙ୍ଗୋଛା** କୃଷ୍ଣସିଂହ. ମହାଭାରତ ବନ ।

ପ୍ରାଦେ. (ସମ୍ବଲପୁର) ବି.—କଷା ବା ଗେରୁଆ ଲୁଗା; କଷାୟାମ୍ବର—A cloth dyed with red ochre.

**ଗାମୋଛା**—ଗ୍ରାମ୍ୟ. ବି.—ଗାମୁଛା (ଦେଖ)
Gāmochhā Gāmuchhā (See)

**ଗାମ୍ଭୀର୍ଯ୍ୟ**—ସଂ. ବି. (ଗମ୍ଭୀର+ଭାବାର୍ଥେ. ଯ)—୧ । ଗମ୍ଭୀରତା—
Gāmbhirjya 1. Gravity; seriousness.
୨ । ପ୍ରଗାଢ଼ତା—2. Depth; profundity.
୩ । ମାହାତ୍ମ୍ୟ; ମହତ୍ତ୍ୱ—3. Dignity.
୪ । ଧୈର୍ଯ୍ୟ; ଅଚାଞ୍ଚଲ୍ୟ; ହର୍ଷ, କ୍ରୋଧ ବା ଭୟ ଯୋଗୁଁ ଅଧୀର ନ ହେବାର ଭାବ—4 Patience.
୫ । ବିକାରହୀନତା—5. Sublimity; serenity.
୬ । ଗୂଢ଼ତା; ଜଟିଳତା—6. Mystery.

**ଗାୟ**—ଦେ. ଅ.—ଗାଏ (ଦେଖ)
Gā-y Gā-e (See)

**ଗାୟ**—ସଂ. ବି. ( ଗୈ ଧାତୁ=ଗୀତ ଗାଇବା+ଭାବ. ଅ )—
Gā-ya ୧ । ଗୀତ; ଗାନ—1. Song.
୨ । ଗୀତଗାଇବା—2. Singing.

ପ୍ରାଦେ. (ବସ୍ତର) ବି. (ସଂ. ଗାବୀ; ତୁଳ. ହି. ଗାୟ)—ଗାଈ—Cow.

**ଗାୟକ**—ସଂ. ବି. ପୁଂ ( ଗୈ ଧାତୁ+କର୍ତ୍ତୃ ଅକ )—୧ । ଗାନକାରୀ—
Gāyaka 1. Singer.
(ଗାୟିକା—ସ୍ତ୍ରୀ) ୨ । ସଙ୍ଗୀତ ବ୍ୟବସାୟୀ—
2. A professional singer.
୩ । ସଙ୍ଗୀତ ବା ସଙ୍କୀର୍ତ୍ତନ ଦଳମଧ୍ୟରେ ପ୍ରଥମେ ଗାନ କରିବା ବ୍ୟକ୍ତି—3. A singer in a group of musicians.

ଦେ. ବି—ଠିଆପାଲି କରିବା ଦଳମଧ୍ୟରେ ଯେଉଁ ବ୍ୟକ୍ତି ପ୍ରଥମେ ଗୀତ ଗାଏ—The prime singer in a party of Pālā-chanters.

[ ଦ୍ର—ଏ ଦଳରେ ଯେଉଁ ଲୋକ ମୃଦଙ୍ଗ ବଜାଏ ତାକୁ ବାୟକ ଓ ଅନ୍ୟ ଯେଉଁ ୨।୩ ଜଣ ଝାଞ୍ଜ ଧରି ଗାୟକ ବୋଲିବା ଗୀତର ପାଳି ଧରନ୍ତି ତାଙ୍କୁ ପାଳିଆ ବୋଲିଯାଏ; ଗାୟକହିଁ ପାଲାବାଲା ଦଳର ନେତା ଅଟେ । ]

**ଗାୟକବାଡ଼**—ଦେ. ବି—ଗାଇକବାଡ଼ ( ଦେଖ )
Gāyakabārḍa Gāikabarḍa ( See )

**ଗାୟଣି**—ଦେ. ବି. ( ସଂ. ଗାୟନ )—୧ । ଗାନ—
Gāyaṇi 1 Singing.
୨ । ଗୀତ—2. Song.
ପିକ କୂଜିତ ଗାୟଣି ସୁମଙ୍ଗଳ ଗୀତ
ପଲ୍ଲବ ଖଣ୍ଡ ତଳିତ ଧୀର ବାତ ଜାତ ।
୩ । ଗାୟିକା; ଗୀତବିଶାରଦା ସ୍ତ୍ରୀ—
3. Songstress.
୪ । ରାଜାନ୍ତଃପୁରରେ ଗାନବିଶାରଦା ଦାସୀ—
4. A maid-servant in a Raja's harem whose duty is to sing on various occasions.
ଜନ ଲୋକ ଜନ୍ମେ ଯା ଧନୁ ଘୋଷ ଶୁଣି
ହୋଇଛନ୍ତି ଏବେ ସେ ବିରାଟ ଗାୟଣୀ । କୃଷ୍ଣସିଂହ. ମହାଭାରତ ବିରାଟ ।

**ଗାୟତରୀ**—ଗ୍ରା. ବି. ( ସଂ. ଗାୟତ୍ରୀ )—ଗାୟତ୍ରୀ ମନ୍ତ୍ର—
Gāyatiri The vedic mantra of Gāyatri.
ବ୍ରହ୍ମ ଗାୟତରୀ ଯେ ବେଦରେ ମହାଗୋପ୍ୟ । ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

**ଗାୟତ୍ର**—ସଂ. ବି. ( ଗୈ ଧାତୁ+ତ୍ର )—୧ । ସ୍ତବ—
Gāyatra 1. Hymn.
୨ । ଗାୟତ୍ରୀ ଛନ୍ଦ ( ହି. ଶବ୍ଦସାଗର )—
2. The metre of the Gāyatri hymn.

**ଗାୟତ୍ରୀ**—ସଂ. ବି. ସ୍ତ୍ରୀ. ( ସଂ. ଗାୟତ୍=ଗାନକାରୀ+ତ୍ରୈ ଧାତୁ=
Gāyatri ଉଦ୍ଧାର କରିବା+ଅ+ସ୍ତ୍ରୀ ଈ; ଯାହା ଗାନକାରୀକୁ ଉଦ୍ଧାର କରେ )—
୧ । ପ୍ରସିଦ୍ଧ ବୈଦିକ ମନ୍ତ୍ର ବା ସ୍ତବ ବିଶେଷ—
1. Name of the celebrated vedic hymn or incantation.

[ ଦ୍ର—ଏହାର ଅନ୍ୟ ନାମ ସାବିତ୍ରୀ ମନ୍ତ୍ର, ଏହା "ତତ୍ ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହିଧିୟୋଯୋନଃ ପ୍ରଚୋଦୟାତ୍" ଋଗ୍ବେଦ ୩।୬୨।୧୦ । ବ୍ରାହ୍ମଣ ଏହି ମନ୍ତ୍ରଦ୍ୱାରା ପ୍ରତିଦିନ ସକାଳେ, ସନ୍ଧ୍ୟାରେ ଓ ମଧ୍ୟାହ୍ନରେ (ତ୍ରିସନ୍ଧ୍ୟାରେ) ଉପାସନା କରନ୍ତି । ଏହି ମନ୍ତ୍ରର ଆଦ୍ୟରେ ପ୍ରଣବବୀଜ ବା 'ଓଁ' ଏବଂ ତିନି ମହାବ୍ୟାହୃତି ବୀଜ 'ଭୂଃ, ଭୁବଃ ଓ ସ୍ୱଃ' ଯୋଗ କରି ତତ୍ପରେ ଉପରୋକ୍ତ ଗାୟତ୍ରୀମନ୍ତ୍ର ଉଚ୍ଚାରଣ ପୂର୍ବକ ଗାୟତ୍ରୀ ପୁରଶ୍ଚରଣ କରନ୍ତି । ଏପରି

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରାଇ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

କରିବାର ଶାସ୍ତ୍ର ବଚନ :—ଓଁକାରମାଦିତଃ କୃତ୍ୱା ବ୍ୟାହୃତି ସ୍ତ୍ରଦନନ୍ତରଂ ତତୋଽଧୀୟୀତ ସାବିତ୍ରୀ ମେକାଗ୍ର ଶ୍ରଦ୍ଧୟାନ୍ୱିତଃ । ପୁରାକଲ୍ପେ ସମୁତ୍ପନ୍ନା ଭୂର୍ଭୁବଃସ୍ୱଃ ସନାତନାଃ, ମହାବ୍ୟାହୃତୟସ୍ତିସ୍ରଃ ସର୍ବାଶୁଭନିବର୍ହଣାଃ ।

ବଙ୍ଗଳା ପ୍ରକୃତିବାଦ । ]

୨ । ଷଡ଼କ୍ଷର ଛନ୍ଦୋବିଶେଷ—
2. Name of a Sanscrit merte of 6 syllables.

୩ । ବୈଦିକ ଛନ୍ଦୋବିଶେଷ—
3. Name of a vedic metre.

ଗାଏ ଗାୟତ୍ରୀକେ ତୋ ସଙ୍ଗେ ସଙ୍ଗୀତ ଉଦାର—ମଧୁସୂଦନ, ନନ୍ଦାସ୍ତୁତି ।

**ଗାୟନ**—ସଂ. ବି. ( ଗୈ ଧାତୁ+ଭାବ. ଅନ )—
Gāyana ୧ । ଗୀତ ବୋଲିବା—1. Singing; reciting.
୨ । ଗୀତ—2. Song.

( ଯଥା—ଗାନ ଅର୍ଥରେ 'ଗାୟନ' ଶବ୍ଦର ପ୍ରୟୋଗ ସଂସ୍କୃତ ଭାଷାରେ ବିରଳ, ବିଖ୍ୟାତ ସଂସ୍କୃତ ଅଭିଧାନ ପ୍ରଣେତା ମନୀଅର୍ ୱିଲିଅମ୍ସ କହନ୍ତି 'ଗୃଣକବ୍ୟ'ରେ ଗାଇବା ଅର୍ଥରେ 'ଗାୟନ' ଶବ୍ଦର ପ୍ରୟୋଗ ଅଛି । )

ସଂ. ବିଣ. ( ଗୈ ଧାତୁ+କର୍ତ୍ତୃ. ଅନ )—ଗାନକାରୀ—
Singing.

**ଗାୟବ୍**—ବୈଦେ. ବି. ଓ ବିଣ. ( ଅ. ଗୟେବ୍; ଗାୟବ୍=ଲୁପ୍ତ )—
Gāyab ଗାୟେବ୍ ( ଦେଖ )—Gāyeb ( See )

**ଗାୟବୀ**—ବୈଦେ. ବିଣ. ( ଅ )—ଗାୟେବୀ ( ଦେଖ )
Gāyabi Gāyebi ( See )

**ଗାୟା**—ଦେ. ବି. ( ନାମ )—ଖଲ୍ଲିକୋଟ; ଘୁମୁସର ଓ ନୂଆଗଡ଼
Gāyā ରାଜ୍ୟମାନଙ୍କର ସୀମାରେ ଥିବା ପର୍ବତବିଶେଷ—
Name of a mountain existing at the extremities of Khallikoṭa, Ghumusara and Nūāgarḍa States.

**ଗାୟିକା**—ସଂ. ବିଣ. ସ୍ତ୍ରୀ. ( ଗାୟକ+ସ୍ତ୍ରୀ. ଆ )–ଯେ ଗୀତ ଗାଏ—
Gāyikā Songstress.

**ଗାୟିନୀ**—ସଂ. ବି. ସ୍ତ୍ରୀ.—୧ । ଗାୟିକା (ହି. ଶବ୍ଦସାଗର)—
Gāyini 1. Songstress.
୨ । ଛନ୍ଦୋବିଶେଷ (ହି. ଶବ୍ଦସାଗର)—
2. Name of a Sanscrit metre.

**ଗାୟିବା**—ଗ୍ରା. କ୍ରି.—(ସଂ. ଗୈ ଧାତୁ)—ଗାନ କରିବା—

ସର୍ବେ ଗାୟନ୍ତି ହରି କଥା, ଯେ ଯାବେ ଖଣ୍ଡେ ଭବ ବ୍ୟଥା । ଜଗନ୍ନାଥ. ଭାଗବତ ।

**ଗାୟେଣୀ**—ଗ୍ରା. ବି.—ଗାଏଣୀ (ଦେଖ)
Gāyeṇi Gā-eṇi (See)

ଭାଃ ନଃ ଗାୟେଣୀ ବେଶ୍ୟାପ୍ରେ ନର୍ତ୍ତକୀବାସ । ପ୍ରାଚୀ. ପ୍ରତାପ ଶଶିରେଖା ।

**ଗାୟେବ୍**—ବୈଦେ. ବିଣ. (ଅ. ଗୟେବ୍, ଗାୟବ୍=ଲୁପ୍ତ)—୧ । ଅଦୃଶ୍ୟ—
Gāyeb 1. Invisible.
गायेब ୨ । ଗୁପ୍ତ—
**गायब** 2. Secret.

୩ । ଲୁକ୍କାୟିତ—3. Concealed; hushed up.

ବୈଦେ. ବି.—୧ । ଲୁଚାଇବା; ଗୋପନ—
1. Concealment.

୨ । ଏକପ୍ରକାର ସତରଞ୍ଜ ଖେଳ ଯହିଁରେ ଖେଳାଳି ପାଲି ଅଡ଼କୁ ପିଠି କରି ବସନ୍ତି ଏବଂ ତାହାଙ୍କ ସୂଚନା ଓ ଆଦେଶ ଅନୁସାରେ ଆଉ ଜଣେ ଲୋକ ଗୋଟିମାନଙ୍କୁ ଚଳାଏ—2. A kind of playing at chess in which the player turns his back to the chess-board and another person moves the chessmen under his instructions.

**ଗାୟେବ୍ କରିବା**—ଦେ. କ୍ରି.—ଅଦୃଶ୍ୟ କରିବା—
Gāyebkaribā 1. To cause to disappear
गायेबकरा ୨ । ଗୋପନ କରିବା—
**गायब करना** 2. To hush up; to conceal.

**ଗାୟେବୀ**—ବୈଦେ. ବିଣ. ( ଅ. ଗାୟବ୍=ଗୁପ୍ତ; ଲୁକ୍କାୟିତ )—
Gāyebi ୧ । ଗୁପ୍ତ—1. Secret.
गएबी ୨ । ଲୁକ୍କାୟିତ—2. Concealed.
**गायब**

**ଗାର୍‌ଗାର୍‌କିଆ**—ଦେ. ବିଣ—ଗାରଗାରିଆ ( ଦେଖ )
Gārgārkiā Gāragāriā ( See )

**ଗାର୍‌ଗାରିଆ**—ଦେ. ବିଣ—ଗାରଗାରିଆ ( ଦେଖ )
Gārgāriā Gāragāriā ( See )

**ଗାର୍‌ଗାରିକିଆ**—ଦେ. ବିଣ—ଗାରଗାରିଆ ( ଦେଖ )
Gārgārikiā Gāragāriā ( See )

**ଗାର୍‌ନାଟି**—ଗ୍ରା. ବୈଦେ. ବି. ( ଇଂ ଗ୍ୟାରାଣ୍ଟୀ )—
Gārnāṭi ଗାରାଣ୍ଟି ( ଦେଖ )
Gārāṇṭi ( See )

**ଗାର୍‌ନେଟି**—ଗ୍ରା. ବୈଦେ. ବି. ( ଇଂ ଗ୍ୟାରାଣ୍ଟୀ )—
Gārneṭi ଗାରାଣ୍ଟି ( ଦେଖ )
Gārāṇṭi ( See )

**ଗାର**—ବୈଦେ. ବି. ( ଅ )—
Gāra ୧ । ରେଖା, ଗିର୍ —1. A line; stripe.
ଡୋରା ୨ । ଲେଖା ବା ଗଣନା—
**लकीर, डोरी** 2. Mention; counting.
୩ । ଓଜନ କରିବା ପରିମାଣବିଶେଷ—
3. A particular standard of weight.
୪ । ଦାଗ; ଚିହ୍ନ—4. Mark.

ଅଙ୍କ ଯେ ସ୍ଥଳେ ନଶ ଚନ୍ଦ୍ରମାଗାର । ଭଞ୍ଜ. ପ୍ରେମସୁଧାନିଧି ।

୫ । ତାଲିକା—5. List.

କୃଷ୍ଣ ଅର୍ଜ୍ଜୁନରେ ଅପ୍ରାଧ କରିବାରେ
ଲେଖା ହେଲୁନ ଭୂତ ଗୁଣସଙ୍କ ଗାରେ । କୃଷ୍ଣସିଂହ. ମହାଭାରତ. ସ୍ୱର୍ଗ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ୍ଞ | ଶ,ଷ | କ୍ଷ | ଇଂ | ଇଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ● | ନ୍ |

ପ୍ରାଦେ ( ଯାଜପୁର ) ବି—
ବାଲେଶ୍ୱରୀ ଦୁଇ ସେର ଓଜନ ପରିମାଣ—
A standard of weight of 2 seers.
ପ୍ରାଦେ. (କଟକ) ବି—ଏକବିଶା ବା କଟକୀ ୧½ସେର—
A standard of weight.

**ଗାର କାଟିବା**—ଦେ. କ୍ରି—୧ । ଭୂମିଆଦିରେ ରେଖା ଅଙ୍କନ କରିବା—
Gāra kāṭibā 1. To draw a line.
গারটাঁনা ୨ । କୌଣସି ଲିଖିତ ବିଷୟ ରେଖାଦ୍ୱାରା କାଟିବା—
**लकीरकाटना** 2. To strike off or score through something by drawing a line..
୩ । ଲେଖିବା—3. To write.
କଥ ତା କ କର୍ମେ କାଟିଥିଲ ଏ ଗାର—ଭକ୍ତ ଘ. ଗୀତଲହରୀ ।
୪ । କୌଣସି କାର୍ଯ୍ୟର ସୀମା ନିର୍ଦ୍ଦେଶ କରିବା—
4. To lay down a boundary line or a line of action.
୫ । ଲିଖିତ ଆଦେଶ ଦେବା—
5. To pass an order in writing.

**ଗାରଗାର**—ଦେ. ବି—୧ । ବହୁତ ଗାର—
Gāragāra 1. Many lines.
ডোরাডোরা ୨ । ବହୁତ ଗାର ପଡ଼ିଥିବା ଅବସ୍ଥା—
**डोराडोरा** 2. State of being striped.

**ଗାରଗାରିଆ** ଦେ. ବିଣ—ଯହିଁରେ ବହୁତ ଗାର ପଡ଼ିଥାଏ—
Gāragāriā Having many lines drawn on it; striped.
ডোরডোরা
**डोरडोरा, धारीधारी**

**ଗାର ଟାଣିବା**—ଦେ. କ୍ରି—ଗାରକାଟିବା (ଦେଖ)—
Gāra ṭāṇibā Gāra kāṭibā ( See )

**ଗାରଡ଼**—ଦେ. ବି. ପୁଂ. (ସଂ. ଗଡ୍ଡର)—ଅଣ୍ଡିରା ମେଷ; ମେଣ୍ଢା—
Gārarda A ram.
গাড়ল
**गाड़र**
(ଗାରଡ଼ୀ—ସ୍ତ୍ରୀ)

**ଗାରଡ଼ମୁହାଁ**—ଦେ. ବି. ପୁଂ. (ପୁରୁଷଙ୍କ ପ୍ରତି ପ୍ରଯୁଜ୍ୟ ଗାଳିବିଶେଷ)—
Gārardamuhāñ ଯାହାର ମୁହଁ ମେଣ୍ଢାମୁହଁ ପରି ଗୋଜିଆ—
গাড়লমুখো ( a term of abuse applied to
( ଗାରଡ଼ମୁହୀଁ—ସ୍ତ୍ରୀ ) males ) Having a pointed face ( like that of a ram ).

**ଗାରଡ଼ି**—ଦେ. ବି. ( ସଂ. ଗାରୁଡ଼ )—୧ । ମାୟାବିଦ୍ୟା—
Gārardi 1. Magic; black art.
যাদু ୨ । (ସଂ. ଗାରୁଡ଼ୀ) ସାପ ବିଷଝାଡ଼ିବା ମନ୍ତ୍ର—
**गारुड़ी** 2. An incantation used for destroying the venom from a snake-bite; snake-sharm.
ଦେ. ବି. ( ସଂ. ଗଡ୍ଡରୀ )—୩ । ମାଈମେଣ୍ଢା—
3. An ewe.

**ଗାରଡ଼ିଆ**—ଦେ. ବି. ( ସଂ. ଗାରୁଡ଼ିକ )—ଗାରୁଡ଼ିଆ ( ଦେଖ )
Gārardiā Gārurdiā ( See )
କପାଳସ୍ଥଳୀକ ଭୁଲଣା ଅଛି ଦୁର
ଖେଳାଏ କବା କାମ ଗାରଡ଼ିଆ ତହୁଁ—କୃଷ୍ଣସିଂହ. ମହାଭାରତ. ବନ ।

**ଗାରଡ଼ି ବିଦ୍ୟା**—ଦେ. ବି—ଗାରଡ଼ିମନ୍ତ୍ର ( ଦେଖ )
Gārardi bidyā Gārardimantra ( See )
ଗାରଡ଼ି ବିଦ୍ୟା ତାଙ୍କୁ ଦେଲେ ପଦ୍ମାସନ—କୃଷ୍ଣସିଂହ, ମହାଭାରତ. ବନ ।

**ଗାରଡ଼ିମନ୍ତ୍ର**—ଦେ. ବି. ( ସଂ. ଗାରୁଡ଼ୀମନ୍ତ୍ର )—
Gārardimantra ୧ । ସର୍ପବଶୀକରଣ ମନ୍ତ୍ର ଓ ସର୍ପ ବିଷଝାଡ଼ା
যাদু ମନ୍ତ୍ର—1. Snake-charm.
**गारुड़ीमंत्र** ମୁହିଁ ଭୁଞ୍ଜ ବାଣୀ ଗାରଡ଼ିମନ୍ତ୍ର ପାଠ
ଅହି ପରି ରହିଛ ସିଦ୍ଧା ଶକ୍ୟ ନାହିଁ—କୃଷ୍ଣସିଂହ. ମହାଭାରତ. ବନ ।

**ଗାରଡ଼େଇବା**—ଦେ. କ୍ରି—ଗାରଡ଼ ଚାହିଁଲା ପରି ମୁହଁକୁ ପୋତି
Gārardeibā ଟେରେଇ କରି ଚାହିଁବା; ଅଡେଇ କରି ଚାହିଁବା—
আড়চোখে তাকান To ogle ( like a ram ).
**कनखियोंमे देखना**

**ଗାର ଡେଇଁବା**—ଦେ. କ୍ରି—୧ । ସୀମା ଲଙ୍ଘନ କରିବା—
Gāra deiñbā 1. To surpass the boundary.
୨ । ନିର୍ଦ୍ଦିଷ୍ଟ ବିଷୟକୁ ଟପିବା—
2. To go beyond the duty fixed.

**ଗାରଦ**—ବୈଦେ. ବି. ( ଇଂ. ଗାର୍ଡ୍ )—୧ । ପ୍ରହରୀ—
Gārada 1. Watch-man; guard.
গারদ ୨ । କାରାଗାର—2. Prison.
**गारद** ୩ । ପ୍ରହରୀରକ୍ଷିତ ସାମୟିକ ବନ୍ଦଶାଳା; ହାଜତ—
3. Temporary prison; a lock-up.
ଗାରଦ ଘରର ଗୋଟାଏ କୋଣରେ ବାଡ଼ିକୁ ଅଉଜି ଆଖି ବୁଜି
ସେ ଜଣେ ଆସାମୀ ବସିଅଛି—ଫକୀରମୋହନ. ଛମାଣ ଆଠଗୁଣ୍ଠ ।
୪ । ଜଣେ ଉଚ୍ଚ କର୍ମଚାରୀଙ୍କ ନେତୃତ୍ୱରେ କୌଣସି ନିର୍ଦ୍ଦିଷ୍ଟ କର୍ମ ପାଇଁ ନିଯୁକ୍ତ ପ୍ରହରୀଦଳ—
4. A guard of soldiers under an officer deputed for a certain work.

**ଗାରଦି**—ବୈଦେ. ବି (ଇଂ. ଗାର୍ଡ୍)—ସିପାହୀ—
Gāradi Armed sentry.
ତେଲଙ୍ଗା ଗାରଦି ଅନେକ ରଖିଲେ ବାଛି ଦିବ୍ୟ ଅସ୍ତ୍ରଧର—
ବ୍ରଜନାଥ. ସମରତରଙ୍ଗ ।

**ଗାର ଦେବା**—ଦେ. କ୍ରି—ଗାର କାଟିବା ( ଦେଖ )
Gāra debā Gāra kāṭibā ( See )

**ଗାର ପକାଇବା**—ଦେ. କ୍ରି—ଗାର କାଟିବା ( ଦେଖ )
Gāra pakāibā Gāra kāṭibā ( See)

**ଗାର ମାରିବା**—ଦେ. କ୍ରି—ଗାର କାଟିବା ( ଦେଖ )
Gāra māribā Gāra kāṭibā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଉ ୧ ଚଲ୍ତି ଅକ୍ଷର ଓ ମାତ୍ରା ଏବଂ ୨ ଚଲ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଲ୍ତି କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଉପରୁ ୨ ବା ୧ ଚଲ୍ତି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

**ଗାର୍‌**—ପ୍ରାଦେ. ( ସମ୍ବଲପୁର ) ବି—ବାଘ ଆଦିଙ୍କୁ ପ୍ରଲୋଭିତ କର ମଣ୍ଡା
Gārā ନିକଟକୁ ଆଣିବାଲାଗି ବନ୍ଧା ଯାଇଥିବା ଛେଳି ଆଦି ପଶୁ—
A kill; an animal tied to the stake to entice a tiger to come to the ambush.

গারা বৈଦେ. ବି. (ଫା)— କାଦୁଅ—Clay.
गारा ( ଯଥା—ଗାର୍‌ଗାନ୍ଥିନି । )

**ଗାରାଇବା**—ଦେ. କ୍ରି—ଗାରେଇବା ( ଦେଖ )
Gāraibā Gāreibā ( See )

**ଗାର୍‌ଗାନ୍ଥିନି**—ଦେ. ବି. ( ଫା. ଗାର୍‌ + ସଂ. ଗ୍ରନ୍ଥନ )—
Gārāganthini କାଦୁଅଦ୍ୱାରା ଗ୍ରଥିତ ଇଟା ସମୂହ—
গারাগাঁথুনি Brick-and-mud masonry.
गारागच

**ଗାରଣ୍ଟି**—ବୈଦେ. ବି. ( ଇଂ. ଗ୍ୟାରାଣ୍ଟୀ )—
Garanṭi ୧ । ଭବିଷ୍ୟତ୍‌ ଘଟଣା ସମ୍ବନ୍ଧରେ ନିଶ୍ଚିତ ଜବାବ;
গারেন্টি ନିର୍ଭର ଜବାବ; ଜବାବ ଅନୁସାରେ ଫଳ ନ ଘଟିଲେ
गेरंटी କ୍ଷତିପୂରଣ କରିବା ପାଇଁ ଦୃଢ଼ଜବାବ—
1. Guarantee or assurance for future.
୨ । ଯେଉଁ ପତ୍ରରେ ନିଶ୍ଚିତ ଜବାବ ଲେଖାଯାଏ—
2. A writing of guarantee.
୩ । ପ୍ରତିଭୂ; ଜାମିନ୍‌—3. Security; sucrefy.

**ଗାରି**—ଦେ. ବିଣ—ଗାରିଆ ୧ ( ଦେଖ )
Gāri Gāriā 1 ( See )

**ଗାରିଆ**—ଦେ. ବିଣ—୧ । ( ଅନ୍ୟ ରଙ୍ଗ ବା ସଂଖ୍ୟାବାଚକ ଶବ୍ଦ ପରେ
Gāriā ଯୁକ୍ତ ଯଥା—ନାଲିଗାରିଆ; ତିନିଗାରିଆ )—ଗାରବିଶିଷ୍ଟ—
গারি; ডোরিয়া 1. ( used in a compound ) Lined;
डोरिआ having lines; striped.
୨ । ଗାର କଟା ଯାଇଥିବା—2. Drawn with lines; having lines drawn on it.
୩ । ଅତି କଦର୍ଯ୍ୟ ହୋଇ ଲେଖା ଯାଇଥିବା—
3. Written in a very slovenly manner; scrawled.
ଦେ. ବି—ଗାରକାଟିବା କର୍ମ—
Act of drawing lines.

**ଗାରିଆଇବା**—ଗ୍ରା. କ୍ରି—ଗାରେଇବା ( ଦେଖ )
Gāriaibā Gāreibā ( See )

**ଗାରିଆ ଗାରି**—ଦେ. ବିଣ— ବହୁରେଖାଦ୍ୱାରା ଅଙ୍କିତ—
Gāriā gāri With lines drawn over (some-thing).
গারাগারি ଦେ. ବି—ବହୁରେଖା କାଟିବା କର୍ମ—
The drawing of many lines.

**ଗାରିଆ ଗାରେଇ**—ଦେ. ବିଣ ଓ ବି—ଗାରିଆ ଗାରି ( ଦେଖ )
Gāriāgārei Gāriā gāri ( See )

**ଗାରିଆ ଯିବା**—ଦେ. କ୍ରି. ( ଗାରିବା କ୍ରିୟାର କର୍ମବାଚ୍ୟ )—
Gāriā jibā ୧ । ଗାର କଟା ହେବା—1. To be drawn.
୨ । ଲିଖିତ ହେବା—2. To be written.
୩ । ଅତି କଦର୍ଯ୍ୟରୂପେ ଲେଖା ହେବା—
3. To be written in a very slovenly manner; to be scrawled.

**ଗାରିଆ ହେବା**—ଦେ. କ୍ରି. ( ଗାରିବା କ୍ରିୟାର କର୍ମବାଚ୍ୟ )—
Gāriā hebā ଗାରିଆ ଯିବା ( ଦେଖ )
Gāriā jibā ( See )

**ଗାରିକିଆ**—ଦେ. ବିଣ—ଏକରେଖାବିଶିଷ୍ଟ—
Gārikiā Consisting of a single line.
একগারি

**ଗାରି ଗାରି**—ଦେ. ବିଣ—ଗାରି ଗାରିଆ ( ଦେଖ )
Gāri gāri Gāri gāriā ( See )

**ଗାରି ଗାରିଆ**—ଦେ. ବିଣ—ବହୁ ଗାର ବା ରେଖାଯୁକ୍ତ—
Gāri gāriā Consisting of several lines or stripes; striped.

**ଗାରି ଗାରିକିଆ**—ଦେ. ବିଣ—ଗାରି ଗାରିଆ ( ଦେଖ )
Gāri gārikiā Gāri gāriā ( See )

**ଗାରିଡ଼ି**—ଦେ. ବି.—
Garirḍi ୧ । ( ସଂ. ଗଡ୍ଡର ) ଗାଡ଼ଡ଼ି; ମେଣ୍ଢା—1. Ram.
গাডল ୨ । ( ସଂ. ଗାରୁଡ଼ )—
गडर ମାୟା ବିଦ୍ୟା—2. Magic.
যাদু ୩ । ବିଷବିଦ୍ୟା—3. Snake-charm.
गारुडी ଦେ. ବିଣ—ଗାରୁଡ଼ୀ ବିଦ୍ୟା ସମ୍ବନ୍ଧୀୟ—
Relating to magic or snake-charm.

**ଗାରିଡ଼ିଆ**—ଦେ. ବି. ( ସଂ. ଗାରୁଡ଼ିକ )—
Garirḍiā ଗାରୁଡ଼ିଆ ( ଦେଖ )
Gārurḍiā ( See )

**ଗାରିଡ଼ିବିଦ୍ୟା**—ଦେ. ବି. ( ସଂ. ଗାରୁଡ଼ୀ ବିଦ୍ୟା )—
Gārirḍibidyā ଗାରଡ଼ିମନ୍ତ୍ର ( ଦେଖ )
Gārarḍimantra ( See )

**ଗାରିଡ଼ିମନ୍ତ୍ର**—ଦେ. ବି. ( ସଂ. ଗାରୁଡ଼ୀ ଓ ମନ୍ତ୍ର )—
Gārirḍimantra ଗାରଡ଼ିମନ୍ତ୍ର ( ଦେଖ )
Gārarḍimantra ( See )

**ଗାରିବା**—ଦେ.କ୍ରି—(ଅ.ଗାରୁ=ରେଖା) ୧ । ଗାର ବା ରେଖା ଟାଣିବା—
Gāribā 1 To draw lines.
গারান ୨ । ନିର୍ଣ୍ଣୟ କରିବା—
घसोटना 2. To lay down or define.
୩ । ଏଣୁ ତେଣୁ ଲେଖିବା; ଗାରେଇବା—
3. To write at random; to scrawe.
୪ । ଅଟଳ ଆଦେଶ ଦେବା—
4. To pass inviolable order.
ମାର ମୁଖୁ ବଶାଇବ ଗାରିଦେ ରେ । —କବିସୂର୍ଯ୍ୟ. ସଙ୍ଗୀତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ର | ଉ | ଋ,ଋ | ଽ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇସ୍ତ | ଉଥ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ତ୍ୟ | ଇଅ | ଡ଼ | ନୃ |

ଗାରିମା—ଦେ. ବି. ( ସଂ. ଗରିମା )—
Gārimā ଅହଙ୍କାର; ଗର୍ବ; ବଡ଼ାଇ; ଦମାକ୍—
Pride; arrogance.

ରଜା ଝିଅ ଗାରିମା ହୃଦରେ ନ ଥୋଇ
ଦାସୀ ପରି ରାଜ୍ଞ ସେବା ମୁଁ କରୁଥାଇଁ । କୃଷ୍ଣସିଂହ. ମହାଭାରତ. ବନ ।

ଦେ. ବିଣ—ଗର୍ବିତ—Proud; arrogant.

ହରିଲେ ସକଳ ମନ ଜାରିଲେ ଗାରିମା ଜନ
ଗୃହେ ଯାହିଁ ଏ ଥିଲେ, ଗଣ୍ଡି ଅଇଲେ ପ୍ରେ । ଗ୍ରାମୀ. ରହସ୍ୟମଞ୍ଜରୀ ।

ଗାରୁ—ପ୍ରାଦେ. ( ଗଞ୍ଜାମ ) ବି. ( ତେଲଗୁ )—
Gāru ଭଦ୍ରଲୋକଙ୍କ ନାମ ପରେ ବ୍ୟବହୃତ ସମ୍ମାନାର୍ଥକ ଶବ୍ଦ; ମହାଶୟ (ଯଥା—ରାମମୂର୍ତ୍ତି ନାଇଡୁ ଗାରୁ; ପାତ୍ରୁଲୁ ଗାରୁ)—
A respectful adjunct to the name of a person (like the English 'Esq' or square after the name of a gentleman).

ଗାରୁଆ—ଦେ. ବିଣ—ଗାରିଆ ୧ ( ଦେଖ )
Gāruā Gāriā 1 ( See )

ଗାରୁଗାରୁ—ଦେ. ବିଣ—୧ । ବିରକ୍ତ ବା ଅଭିମାନ ପ୍ରକାଶପୂର୍ବକ
Gārugāru ଗାଇଁ ଗାଇଁ ହେଉଥିବା—
1. Grumbling.

୨ । ବିମର୍ଷ; ଭ୍ରୂକୁଟୀଯୁକ୍ତ—
2. Scowling; sullen; frowning.

୩ । ଅସନ୍ତୁଷ୍ଟ—3. Discontented.

୪ । ବିରକ୍ତି ପ୍ରକାଶକ—
4. Showing signs of discontent.
( ଯଥା—ମୁହଁ ଗାରୁଗାରୁ କରିବା । )

ଗାରୁଗାରୁଆ—ଦେ. ବିଣ—୧ । ଯେ ସାମାନ୍ୟ କଥାରେ ଭ୍ରୂକୁଟୀ କରେ-
Gārugāruā 1. Scowling; frowning.

୨ । ସର୍ବଦା ଅସନ୍ତୁଷ୍ଟ—
2. Always discontented.

ଗାରୁଡ଼—ସଂ. ବିଣ. ( ଗରୁଡ଼+ଅ )—
Gārurda ଗରୁଡ଼ ସମ୍ବନ୍ଧୀୟ—Pertaining to Garurda, the mythological king of birds.

ସଂ. ବି.—୧ । ସାପର ବିଷ ଛଡ଼ାଇବା ମନ୍ତ୍ର—
1. Charm against snake-bite.

[ ଦ୍ର—ଗରୁଡ଼ ସର୍ପମାନଙ୍କ ଭକ୍ଷକ; ସାପର ବିଷ ଛଡ଼ାଇବା ମନ୍ତ୍ରର ଦେବତା ଗରୁଡ଼ । ]

୨ । ନୀଳମଣି; ମରକତମଣି—2. Emerald.

୩ । ସ୍ୱର୍ଣ୍ଣ—3. Gold.

୪ । ବ୍ୟୂହବିଶେଷ—
4. Name of a particular battle-array.

୫ । ଗରୁଡ଼ ପୁରାଣ—5. Name of one of the eighteen Hindu Purānas describing the birth, orgin and life of Garurda, the king of birds.

୬ । ଅସ୍ତ୍ରବିଶେଷ—6. Name of a weapon.

ଗାରୁଡ଼ି—ଦେ. ବି. (ସଂ. ଗାରୁଡ଼ିକ)—ଗାରୁଡ଼ିଆ (ଦେଖ)
Gārurdi Gārurdiā (See)

ସଂ. ବି.—୧ । ତାଳବିଶେଷ (ହି. ଶବ୍ଦସାଗର)—
1. Name of a musical measure.

୨ । ଗାରୁଡ଼ୀ (ଦେଖ)
2. Gārurdi (See)

ଗାରୁଡ଼ିଆ—ଦେ. ବି. (ସଂ. ଗାରୁଡ଼ିକ)—୧ । ବିଷବୈଦ୍ୟ; ବିଷ ଝାଡ଼ିବା
Gārurdiā ମନ୍ତ୍ରରେ ପାରଙ୍ଗମ ବ୍ୟକ୍ତି—1. One versed in the art of using charms against snake-bites.

୨ । ସାପୁଆ—2. Snake-charmer.

ଗୃହ ଭିତରେ ତା ସଙ୍ଗେ ଖେଳଇ,
ମାର ଗାରୁଡ଼ିଆ କେଉଁଠାଏ କି ଅଛି ? ଗୋପୀନାଥ. ନନ୍ଦକେଶରୀ ।

ଗାରୁଡ଼ିକ—ସଂ. ବି. (ଗରୁଡ଼+ଜ୍ଞାନାର୍ଥେ. ଇକ)—ବିଷବୈଦ୍ୟ; ବିଷ-
Gārurdika ମନ୍ତ୍ରଜ୍ଞ; ସାପୁଆ—Snake-charmer.

ଗାରୁଡ଼ିବିଦ୍ୟା—ଦେ. ବି.—ଗାରଡ଼ିମନ୍ତ୍ର (ଦେଖ)
Gārurdibidyā Gārardimantra (See)

ଗାରୁଡ଼ିମନ୍ତ୍ର—ଦେ. ବି.—ଗାରଡ଼ିମନ୍ତ୍ର (ଦେଖ)
Gārurdimantra Gārardimantra (See)

ଗାରୁଡ଼ିମନ୍ତ୍ରଯକ ନମଃ ଶିବାୟ,
ଗୁଣରେ ଶକ୍ତି ସାହ ମୋ ବିଷ-ଉଷ୍ଣ ହେ । ନୀଳମଣି. ଇନ୍ଦ୍ରିୟଧାର ।

ଗାରୁଡ଼ୀ—ସଂ. ବି. ପୁଂ (ଗରୁଡ଼+ଇନ୍; ୧ମା. ୧ବ )—ବିଷବୈଦ୍ୟ; ମନ୍ତ୍ର-
Gārurdi ଦ୍ୱାରା ସର୍ପବିଷ ଉତାରିବା ଲୋକ (ହି. ଶବ୍ଦସାଗର)—
A person versed in the art of nullifying the effect of snake-bite.

ଗାରୁତ୍ମତ—ସଂ. ବି. (ଗରୁତ୍ମତ୍=ଗରୁଡ଼+ଇବାର୍ଥେ. ଅ; ଗରୁଡ଼ଙ୍କ
Gārutmata ଶ୍ଲେଷ୍ମାରୁ ଏହି ମଣିର ଉତ୍ପତ୍ତି ବିଷୟ ପୁରାଣପ୍ରସିଦ୍ଧ)—
୧ । ମରକତମଣି—1. Emerald.

୨ । ଗାରୁଡ଼ାସ୍ତ୍ର—2. Name of a weapon

ଗାରେ—ଦେ. ଅ.—ଲବମାତ୍ର; ଟିକେ ହେଲେ—Even a bit.
Gāre ସତ୍ୟ ଯେ ସର୍ବଦୁଃ ଦେଶ ନ ଟଳେ ଗାରେ । ଗୋପୀନାଥ. କବିତା ।

ଗାରେଇବା—ଦେ. କ୍ରି.—(ଅ. ଗାର=ରେଖା)—୧ । ଗାର କାଟିବା—
Gāreibā 1. To draw lines.

गारान

खसोटना

୨ । ଲେଖିବା—2. To write.

୩ । ଏଣୁତେଣୁ ଗୁଡ଼ାଏ ଗାର କାଟିବା—3. To draw many lines at random; to scrawl.

୪ । ଅତି କଦର୍ଯ୍ୟରୂପେ ଲେଖିବା—4. To write in a very slovenly manner; to scribble.

| ସାଧାରଣ ଲୋକେ ଅପର ପୃଷ୍ଠାରେ ଏତତ୍ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଏକ ଶବ୍ଦକୁ ଲୋକେ ଯେବେ ଏ ଅଭିଧାନରେ ନ ପାଇବେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ । |
|---|

**ଗାରେଡ଼ି (ଇତ୍ୟାଦି)**—ଗ୍ରା. ବ—ଗାରଡ଼ି ଇତ୍ୟାଦି (ଦେଖ)
Gārerdi (etc) Gārardi etc (See)

**ଗାରେଡ଼ିଆ**—ଗ୍ରା. ବ. (ସଂ. ଗାରୁଡ଼ିକ)—ଗାରୁଡ଼ିଆ (ଦେଖ)
Gārerdia Gārurdia (See)

**ଗାରେଣ୍ଟି**—ବୈଦେ. ବ. (ଇଂ. ଗ୍ୟାରାଣ୍ଟି)—ଗାରାଣ୍ଟି (ଦେଖ)
Gārenti Gārānti (See)

**ଗାରୋ**—ଦେ. ବ. (ନାମ)—୧ । ଆସାମର ଦକ୍ଷିଣପଶ୍ଚିମ ବନ୍ୟ ଅଞ୍ଚଳ ଓ ପାହାଡ଼—
Gāro
गारो 1. The Garo hills in Assam.
**गारो** ୨ । ଗାରୋ ବନ୍ୟ ଅଞ୍ଚଳ ଓ ପାହାଡ଼ରେ ବାସ କରୁଥିବା ବନ୍ୟଜାତିବିଶେଷ—2. Name of a wild tribe inhabiting the Garo hills in Assam.

**ଗାର୍ଗି**—ସଂ. ବ. ପୁଂ. (ଗର୍ଗ+ଅପତ୍ୟାର୍ଥେ. ଇ)—ଗାର୍ଗ୍ୟ (ଦେଖ)
Gārgi Gārgya (See)

**ଗାର୍ଗୀ**—ସଂ. ବ. ସ୍ତ୍ରୀ. (ଗର୍ଗ+ଅପତ୍ୟାର୍ଥେ. ସ୍ତ୍ରୀ. ଈ)—
Gārgi ୧ । ଗର୍ଗଗୋତ୍ରସମ୍ଭୂତା ପ୍ରସିଦ୍ଧା ବ୍ରହ୍ମବାଦିନୀ ସ୍ତ୍ରୀ—
1. Name of a very learned woman born in the clan of Sage Garga.
[ ଦ୍ର—ଏହାଙ୍କ ବିଷୟ ବୃହଦାରଣ୍ୟକ ଉପନିଷଦରେ ବର୍ଣ୍ଣିତ ହୋଇଅଛି—ହି. ଶବ୍ଦସାଗର । ]
୨ । ଯାଜ୍ଞବଲ୍କ୍ୟ ଋଷିଙ୍କ ସ୍ତ୍ରୀ—
2. Name of the wife of sage Jājnabalkya.
୩ । ଦୁର୍ଗା (ହି. ଶବ୍ଦସାଗର)—3. Goddess Durgā.

**ଗାର୍ଗ୍ୟ**—ସଂ. ବ. ପୁଂ. (ଗର୍ଗ+ଅପତ୍ୟାର୍ଥେ ଯ)—୧ । ଗର୍ଗମୁନିଙ୍କ ପୁତ୍ର—
Gārgya 1. Son of Sage Garga.
[ ଦ୍ର—ଏ ଜଣେ ପ୍ରସିଦ୍ଧ ବୈୟାକରଣିକ ଥିଲେ । ଯାଜ୍ଞବଲ୍କ୍ୟ ଓ ପାଣିନିଙ୍କ ଗ୍ରନ୍ଥରେ ଏହାଙ୍କ ମତର ଉଲ୍ଲେଖ ଅଛି । ନିରୁକ୍ତ ଟୀକାକାର ଦୁର୍ଗାସିଂହଙ୍କ ମତ ରେ ଏ ସାମବେଦର ବେଦପାଠର ରଚକ ଥିଲେ ଏହାଙ୍କଦ୍ୱାରା ଗୋଟିଏ ସୂତ୍ର ରଚିତ ହୋଇ ଥିଲା । ହି. ଶବ୍ଦସାଗର]
୨ । ଗର୍ଗଗୋତ୍ରରେ ଉତ୍ପନ୍ନ ବ୍ୟକ୍ତି—
2. A person of the clan of sage Garga.

**ଗାର୍ଜନ୍**—ବୈଦେ. ବ. (ଇଂ. ଗାର୍ଜ୍ୟନ୍)—୧ । ଅଦାଲତନିଯୁକ୍ତ ଶିଶୁ, ନାବାଲଗ ବା ବାଉଳମାନଙ୍କର ଅଭିଭାବକ—
Gārjan
गार्जन् 1. A guardian of a minor or lunatic appointed by court.
**गार्जियन**
୨ । ଗୃହକର୍ତ୍ତା—2. Head of a family; pater familias.
୩ । ଅଭିଭାବକ; ମୁରବି—3. Guardian; one's elder.

**ଗାର୍ଟ**—ବୈଦେ. ବ. (ଇଂ ଗାର୍ଡ)—ଗାର୍ଡ୍ (ଦେଖ)
Gārt Gārd (See)

**ଗାର୍ଟର**—ବୈଦେ. ବ. (ଇଂ. ଗାର୍ଟର୍)—ପିନ୍ଧାଜାମିର ବନ୍ଧନୀ; ମୋଜାବନ୍ଧନୀ—
Gārtar Garter.
गार्टर
**गार्टर**

**ଗାର୍ଟାର**—ବୈଦେ. ବ. (ଇଂ. ଗାର୍ଟର)—ଗାର୍ଟର୍ (ଦେଖ)
Gārtār Gārtar (See)

**ଗାର୍ଡ୍**—ବୈଦେ. ବ. (ଇଂ. ଗାର୍ଡ୍)—୧ । ରେଲଗାଡ଼ିର ତତ୍ତ୍ୱାବଧାରକ—
Gārd 1. The guard of a Railway train.
गार्ड् ୨ । ଚୌକିଦାର; ପ୍ରହରୀ—
**गार्ड, गरद** 2. Watchman; guard.
୩ । ପରୀକ୍ଷା ଗୃହରେ ପରୀକ୍ଷା ଦେଉଥିବା ପିଲାଙ୍କୁ ଜଗିବାପାଇଁ ନିଯୁକ୍ତ ବ୍ୟକ୍ତି—3. The guard watching the examinees while writing answer-papers in the examination-hall.
୪ । ସଶସ୍ତ୍ର ପ୍ରହରୀ—
4. Sentry; armed soldier.
୫ । କୌଣସି ବିଶିଷ୍ଟ କର୍ମପାଇଁ ନିଯୁକ୍ତ ଅଫିସରଙ୍କ ଆଜ୍ଞାନୁବର୍ତ୍ତୀ ପ୍ରହରୀଦଳ—
5. A body of armed soldiers under a commander deputed for a certain duty.

**ଗାର୍ଡ୍ ଅଫ୍ ହନର**—ବୈଦେ. ବ. (ଇଂ)—କୌଣସି ବିଶିଷ୍ଟ ବ୍ୟକ୍ତି ବା
Gārd af hanar ଉଚ୍ଚ ରାଜକର୍ମଚାରୀ କୌଣସି ସ୍ଥାନକୁ ପରିଦର୍ଶନ
गार्ड अफ हनर କରିବା ଉପଲକ୍ଷରେ ଗଲେ ତାଙ୍କୁ ସମ୍ମାନ ଦେବା-
**गार्ड अफ हनर** ପାଇଁ ଉକ୍ତ ସ୍ଥାନରେ ବ୍ୟୂହବଦ୍ଧ ହୋଇ ଦଣ୍ଡାୟମାନ ସଶସ୍ତ୍ର ପ୍ରହରୀଦଳ—Guard of honour.

**ଗାର୍ଡ୍ ଦେବା**—ଦେ. କ୍ରି—ପହରା ଦେବା; ଜଗିବା—
Gārd debā To guard; to keep watch.
गार्डदेओया
**गारद्देना**

**ଗାର୍ଡନ ପାର୍ଟୀ**—ବୈଦେ. ବ. (ଇଂ)—ଗାର୍ଡେନ୍ ପାର୍ଟୀ (ଦେଖ)
Gārdan pārti Gārden pārti (See).

**ଗାର୍ଡେନ୍ ପାର୍ଟୀ**—ବୈଦେ. ବ. (ଇଂ)—କୌଣସି ବିଶିଷ୍ଟ ବ୍ୟକ୍ତିଙ୍କୁ
Gārden pārti ସମ୍ବର୍ଦ୍ଧନା କରିବା ପାଇଁ କିମ୍ବା କୌଣସି ଉତ୍ସବ
गार्डेन्पार्टी ଉପଲକ୍ଷରେ ବନ୍ଧୁବାନ୍ଧବଙ୍କର ଉଦ୍ୟାନସମ୍ମିଳନ ଓ
**गार्डेनपार्टी** ଭୋଜି—Garden-party.

**ଗାର୍ଦ୍ଦଭ**—ସଂ. ବିଣ. (ଗର୍ଦ୍ଦଭ+ସମ୍ବନ୍ଧାର୍ଥେ. ଅ)—ଗର୍ଦ୍ଦଭ ସମ୍ବନ୍ଧୀୟ—
Gārddabha Pertaining to the ass; asinine.
ସଂ. ବ—୧ । ଗର୍ଦ୍ଦଭର ଧ୍ୱନି ବା ଶବ୍ଦ—
1. The braying of an ass.
୨ । ଗର୍ଦ୍ଦଭ ମୂତ୍ର—2. The urine of an ass.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତ |

**ଗାର୍ନେଟ୍**—ବୈଦେ. ବି. ( ଅ. ଗାରୁନେଟ୍ )—
Gārnet ଏକ ପ୍ରକାର ଉତ୍କୃଷ୍ଟ ରଙ୍ଗୀନ୍ ରେଶମ ଲୁଗା—
ଗାରନେଟ A kind of excellent dyed silk stuff.
ग्वारनेट

**ଗାର୍ଭ**—ସଂ. ବିଣ. ( ଗର୍ଭ+ସମ୍ବନ୍ଧାର୍ଥେ. ଅ )—
Gārbha ଗର୍ଭ ସମ୍ବନ୍ଧୀୟ—
Pertaining to the womb; uterine.
ସଂ. ବି. ( ଗର୍ଭସମ୍ବନ୍ଧୀୟ କାର୍ଯ୍ୟ )—ଗର୍ଭାଧାନ କର୍ମ—
The ritual of conception amongst the Hindus.

**ଗାର୍ଭଣ**—ସଂ. ବି. ( ଗର୍ଭିଣୀ+ଅ; ନିପାତନ )—
Gārbhaṇa ଗର୍ଭିଣୀ ସମୂହ—
A host of pregnant females.

**ଗାର୍ଭିକ**—ସଂ. ବିଣ. ( ଗର୍ଭ+ଇକ )—
Gārbhika ଗାର୍ଭ ( ଦେଖ )—
Gārbha ( See )

**ଗାର୍ହପତ୍ୟ**—ସଂ. ବି. ( ଗୃହପତି+ସମ୍ବନ୍ଧାର୍ଥେ. ଯ )—
Gārhapatya ୧ । ସାଗ୍ନିକ ଗୃହସ୍ଥ ଦ୍ୱାରା ସମ୍ପାଦିତ ଯଜ୍ଞାଗ୍ନି—
1. The sacrificial fire maintained by a house-holder who daily performs Vedic Homa.
୨ । ସାଗ୍ନିକ ଗୃହସ୍ଥ ଦ୍ୱାରା ସମ୍ପାଦିତ ଯଜ୍ଞ—
2. The Vedic sacrifice performance by a house-holder who performs daily Homa
ସଂ. ବିଣ—ଗୃହପତି ସମ୍ବନ୍ଧୀୟ; ଗାର୍ହସ୍ଥ୍ୟ—
Pertaining to a house-holder.

**ଗାର୍ହପତ୍ୟାଗ୍ନି**—ସଂ. ବି. ( କର୍ମଧା; ଗାର୍ହପତ୍ୟ+ଅଗ୍ନି )—ଛଅ ପ୍ରକାର
Gārhapatyāgni ଯଜ୍ଞାଗ୍ନି ମଧ୍ୟରୁ ପ୍ରଥମ ଓ ପ୍ରଧାନ ଅଗ୍ନି—
Name of the first and chief of the six sacrificial fires.
[ ଦ୍ର—ଯଜ୍ଞରେ ପାକଚାପନାଦି କର୍ମ ଏହି ଅଗ୍ନି ଦ୍ୱାରା ସମ୍ପାଦିତ ହେଉଥିଲା । ଶ୍ରୌତସୂତ୍ର ଅନୁସାରେ ଅଗ୍ନିହୋତ୍ରୀଙ୍କଦ୍ୱାରା ଏ ଅଗ୍ନି ରକ୍ଷଣୀୟ । ସାଧାରଣ ଖାଦ୍ୟ ପାକ କରିବାଠାରୁ ଆରମ୍ଭ କରି ସଂସ୍କାର କର୍ମ ପର୍ଯ୍ୟନ୍ତ ସବୁ କର୍ମ ଏହି ଅଗ୍ନିଦ୍ୱାରା କରାଯାଏ । ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଗୃହସ୍ଥଙ୍କର ଏ ଅଗ୍ନି ରକ୍ଷା କରିବା କର୍ତ୍ତବ୍ୟ ଅଟେ—ହି. ଶବ୍ଦସାଗର । ]

**ଗାର୍ହମେଧ**—ସଂ. ବିଣ. ( ଗୃହମେଧ+ଅ )—ଗୃହୀର କର୍ତ୍ତବ୍ୟ ବା
Gārhamedha ଅନୁଷ୍ଠେୟ; ଗୃହସ୍ଥୋଚିତ; ଗୃହସ୍ଥ ସମ୍ବନ୍ଧୀୟ—
Domestic; becoming or behoving a house-holder; pertaining to a house-holder.
ସଂ. ବି—୧ । ଗୃହସ୍ଥକର୍ମ; ଗୃହସ୍ଥର କର୍ତ୍ତବ୍ୟ ବେଦାଧ୍ୟୟନ, ଅଗ୍ନିହୋତ୍ର, ପିତୃତର୍ପଣ, ଭୂତବଳି ଓ ଅତିଥି ପୂଜା ଏହି ପଞ୍ଚ ଯଜ୍ଞ; ପଞ୍ଚ ମହାଯଜ୍ଞ—1. The five duties enjoined for every house-holder.
୨ । ପ୍ରତ୍ୟେକ ହିନ୍ଦୁର ଜୀବନର ଚାରି ଆଶ୍ରମ ( ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ଭିକ୍ଷୁ ) ମଧ୍ୟରୁ ବିବାହ ଓ ପରିବାର-ପାଳନ ନାମକ ଦ୍ୱିତୀୟ ଆଶ୍ରମ, ଗୃହସ୍ଥାଶ୍ରମ—2. The second or house-holder stage in the life of a Hindu, enjoined by the Sāstras

**ଗାର୍ହସ୍ଥ**—ସଂ. ବିଣ ଓ ବି. ( ଗୃହସ୍ଥ+ସମ୍ବନ୍ଧାର୍ଥେ. ଅ )—
Gārhastha ଗାର୍ହମେଧ ( ଦେଖ )—Gārhamedha (See)

**ଗାର୍ହସ୍ଥ୍ୟ**—ସଂ. ବିଣ ଓ ବି. ( ଗୃହସ୍ଥ+ଯ )—ଗାର୍ହମେଧ ( ଦେଖ )
Gārhasthya Gārhamedha ( See )

**ଗାର୍ହସ୍ଥ୍ୟ ସ୍ୱାସ୍ଥ୍ୟବିଧି**—ସଂ. ବି. ( ଆଧୁନିକ ପ୍ରୟୋଗ )—ଯେଉଁ ନିୟମ
Gārhasthya swāsthyabidhi ପାଳନ କଲେ ପରିବାରସ୍ଥ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ହୁଏ—Domestic hygiene.

**ଗାର୍ହ୍ୟ**—ସଂ. ବିଣ. ( ଗୃହ+ସମ୍ବନ୍ଧାର୍ଥେ. ଯ )—
Gārhya ୧ । ଗୃହସ୍ଥ ସମ୍ବନ୍ଧୀୟ—1 Relating to the house-holder.
୨ । ଗୃହ ସମ୍ବନ୍ଧୀୟ—2 Relating to the house.
୩ । ପାରିବାରିକ—3. Relating to the family.

**ଗାଲ୍‌ସି**—ଦେ. ବି—ଗାଲସି ( ଦେଖ )
Gālsi Gālisi ( See )

**ଗାଲ**—ସଂ. ବି. (ଗଲ ଧାତୁ+ଭାବ. ଅ)—୧ । ଟୋପା ଟୋପା ହୋଇ
Gāḷa ତଳକୁ ପଡ଼ିବା; ଗଳିବା—1. Dropping.
୨ । ପ୍ରବାହ—2. Flux; flow.
ସଂ. ବିଣ—୧ । ବୋହୁଥିବା—1. Flowing
୨ । ଝରୁଥିବା—2. Oozing.
୩ । ଟୋପା ଟୋପା ହୋଇ ବୋହୁଥିବା—3. Dropping.
୪ । ତରଳୁଥିବା—4. Melting.

**ଗାଲ**—ଦେ. ବି. ( ସଂ. ଗଲ୍ଲ )—୧ । ଗଣ୍ଡଦେଶ; ମୁହଁର ଦୁଇପାଖେ
Gāla କାନ ଓ ପାଟି ମଧ୍ୟରେ ଥିବା ବସ୍ତୁତ କୋମଳ ଅଂଶ—
गाल 1. The cheek.
गाल ୨ । ଗାଲତଳେ ପାଟିଭିତରେ ସମ୍ଭାଇବା ବସ୍ତୁ; କଲ—
2. A mouthful of something.
( ଯଥା—ସେ ପାଟିରେ ପାନ ଗାଲେ ପୂରାଇ ସଭାରେ ବସିଛି । )

**ଗାଲକେ ଚୂନ ଗାଲକେ କଳା ଦେବା**—ଦେ. କ୍ରି—ଗାଲରେ ଚୂନ
Gālake chūna gālake kaḷā debā କଳା ଦେବା (ଦେଖ)
Gālare chūna kaḷā debā ( See)

ସାଧାରଣ ଲେଖକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗାଲଗଳ୍ପ**—ଦେ. ବି—ମିଥ୍ୟା ଗଳ୍ପ; ଅଲୀକ ପ୍ରଳାପ—
Gālagalpa — Idle talk.

> ଅଥଚ ଏହି କଥାଗୁଡ଼ିକ ସତ୍ୟ ଘଟଣା ବୋଲି, ଗାଲଗଳ୍ପ ବୋଲି, ଏଥିର ପ୍ରଧାନ ନାୟକ ନାୟିକାମାନଙ୍କର କଥା ଶୁଣିଲେ କର୍ମ ଅଟଳ ।
> ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗାଲଚିପା**—ଦେ. ବି—ଅନ୍ୟ ବ୍ୟକ୍ତିର ଗାଲକୁ ଚିପି ଆଘାତ କରିବା—
Gālachipā — Pinching the cheeks of a person.
गालटेपा
**गालतोड़ा**

**ଗାଲ ଚିପିବା**—ଦେ. କ୍ରି—କୌଣସି ବ୍ୟକ୍ତିର ଗାଲକୁ ଚିମୁଟିବା ବା ଆଘାତ କରିବା—To give a pinch in a person's cheeks.
Gāla chipibā
गालटेपा
**गालतोड़ना**

**ଗାଲତକିଆ**—ଦେ. ବି. ( ସଂ. ଗଲ୍ଲ + ଅ. ତକିୟା )—
Gālatakiā — ଗାଲତଳେ ଦେଇ ଶୋଇବା ପାଇଁ ପ୍ରସ୍ତୁତ ଛୋଟ ଗୋଲ ତକିଆ—Small circular pillow to rest the cheeks upon.
**गलतकिया**

**ଗାଲତୁର**—ଦେ. ବି—୧ । ଗାଲ ଫୁଲାଇ ମୁଖମଧ୍ୟରେ ପବନ ବନ୍ଦ କରି ଛାଡ଼ିଦେବାଦ୍ୱାରା ଉତ୍ପନ୍ନ ଶବ୍ଦ; ମୁଖବାଦ୍ୟ ବିଶେଷ—
Gālatura — 1. A kind of sound produced by suddenly emitting the wind from the mouth after closing the lips.
गालबाजना
**गलमँदरी**
୨ । ପାଟିମଧ୍ୟରେ ପବନ ବନ୍ଦ କରି ଫୁଲିକାଗାଲରେ ଅଙ୍ଗୁଠି ଆଘାତ କରି ପାଟିବାଟେ ପବନ ଛାଡ଼ିଲେ ଯେଉଁ ବମ୍‌ବମ୍ ଶବ୍ଦ ହୁଏ ( ଏହା ଶିବପୂଜା ବେଳେ କରାଯାଏ )—
2. A sound produced by striking the fingers on the puffed up cheeks while the lips are shut up.

**ଗାଲତୁରି**—ଦେ. ବି—ଗାଲତୁର ( ଦେଖ )
Gālaturi — Gālatura ( See )

> ସକଳେ ଏକତ୍ରିତ ହୋଇ,
> ନାଚନ୍ତି ଗାଲତୁରି ବାଇ । ଜଗନ୍ନାଥ. ଭାଗବତ ।

**ଗାଲତୋଡ଼ା**—ଦେ. ବି—ଗାଲଚିପା ( ଦେଖ )
Gālatorḍā — Gālachipā ( See )

**ଗାଲ ତୋଡ଼ିବା**—ଦେ. କ୍ରି—ଗାଲ ଚିପିବା (ଦେଖ )
Gāla torḍibā — Gāla chipibā ( See)

**ଗାଲଥଳି**—ଦେ. ବି— ମାଙ୍କଡ଼ଙ୍କ ଗାଲତଳେ ଥିବା ଖୋଳ, ଯହିଁରେ ସେମାନେ ଖାଦ୍ୟବସ୍ତୁକୁ ସାଇତେ ରଖନ୍ତି—The bag-like pouch below the cheeks of an ape.
Gālathali
**गलः ली**

**ଗାଲନ୍**—ବୈଦେ. ବି. ( ଇଂ. ଗାଲନ୍ )—ଇଯୁରୋପ ପ୍ରଚଳିତ ତରଳ ପଦାର୍ଥର ପରିମାଣବିଶେଷ—
Gālan — Gallon (English measure).
गेलन
**गैलन** [ ଦ୍ର—ଏହା ପ୍ରାୟ ବାଲେଣ୍ଟୀ ଅଢ଼େଇସେର ପରିମାଣ । ଆଠ ପାଇଣ୍ଟ = ୧ ଗାଲନ୍ । ]

**ଗାଳନ**—ସଂ. ବି. ( ଗଳ ଧାତୁ ଣିଚ + ଭାବ. ଅନ )—
Gāḷana — ୧ । ତରଳାଇବା—
1. Fusing; melting; liquefying.
୨ । କୌଣସି ପଦାର୍ଥରୁ ଜଳ ନିଷ୍କାସନ କରିବାର ବା ଗାଳିବାର ପ୍ରକ୍ରିୟା—2. Filtration; the act of extracting liquid from certain things (e. g. boiling rice) containing water.
୩ । ତରଳ ବସ୍ତୁକୁ ଛାଣିବା—3. Straining of fluids.

**ଗାଲପଟା**—ଦେ. ବି.—୧ । ମୁହଁର ଚାରିପାଖେ ବନ୍ଧା ଯାଇଥିବା ଓ ଗଣ୍ଡଦେଶକୁ ଆବରଣ କରିଥିବା ବସ୍ତ୍ର—1. A cloth tied round the face and passing over the cheeks and jaws.
Gālapaṭā
गालमोचा ୨ । କାନ ନିକଟରୁ ଗାଲପର୍ଯ୍ୟନ୍ତ ରଖା ଯିବା କେଶ ବା ଦାଢ଼ୀ—2. Whiskers.
**गलमुच्छा**

**ଗାଲପାଟି**—ଦେ. ବି.—ମୁହଁର ତଳପାଟି ଓ ତଳ ଗାଲ ଅଂଶ; ହନୁ—
Gālapāṭi — Part of the face consisting of the lower jaw and the lower cheeks.
चोयल; चुयाल
**गलफड़ा**

> ଶାଳ ଗୋଟିଏ ପର୍ବତ ଉପରେ ପଡ଼ି ଭାରି ବାଁ ଗାଲପାଟି (ହନୁ) ଭାଙ୍ଗିଗଲା ।
> ଶାଳକଣ୍ଠଦାସ ପିଲାଙ୍କରାମାୟଣ

**ଗାଲପାଟିଧରା**—ଦେ. ବି.—୧ । ଥଣ୍ଡି ହେଉଥିବାରୁ ଗାଲପାଟି ଫୁଲିବା ରୋଗ; ହନୁମୂଳି ରୋଗ—1. The swelling of the lower cheeks and jaws due to cold.
Gālapāṭidharā
**गलफेड़, गलसुआ** ୨ । ଦନ୍ତପଂକ୍ତିର ଲାଗି ପଡ଼ି ଯିବା—
2. Lockjaw.

**ଗାଲଫିଡ଼ିକା**—ଦେ. ବି.—ମୁଖ ମଧ୍ୟରେ ପବନ ବନ୍ଦ କରି ଛାଡ଼ି ଦେବା-ଦ୍ୱାରା ଜାତ ଶବ୍ଦ—A sound produced by sudden emission of the wind shut up in the mouth.
Gālaphirḍikā
गालबाजना
**गलमंदरि**

**ଗାଲଫିଡ଼ିକି**—ଦେ. ବି.—ଗାଲଫିଡ଼ିକା (ଦେଖ)
Gālaphirḍiki — Gālaphirḍikā (See)

**ଗାଲଫୁଡ଼ୁକି**—ଦେ. ବି.—ଗାଲଫିଡ଼ିକା (ଦେଖ)
Gālaphurḍuki — Gālaphirḍikā (See)

**ଗାଲଫୁଲା**—ଦେ. ବି.—ଗାଲୁଅରୋଗ—
Gālaphulā — Painful swelling of the glands below the cheek.
**गलसुआ**

| ୧ | ଇ | ଉ | ର,ହ | ଟ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଥୃ | ଜ୍ଞଅ | ଥ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ |

**ଗାଲଫୁଲୁକା**—ଦେ. ବଣ. ପୁଂ.—ଯେଉଁ ବ୍ୟକ୍ତିର ଗାଲ ସାଧାରଣ ଗାଲ
Gālaphulukā ଅପେକ୍ଷା ଫୁଲିଥିବା ଦେଖାଯାଏ; ଫୁଲୁକାଗାଲିଆ—
**गलफुला; गलगुथना** A person with swollen cheeks.
(ଗାଲଫୁଲୁକୀ—ସ୍ତ୍ରୀ)

**ଗାଲବ**—ସଂ. ବି.—(ନାମ)—୧ । ସ୍ୱନାମପ୍ରସିଦ୍ଧ ମୁନି—
Gālaba 1. A sage of that name.

• [ ଦ୍ର—ଏ ବିଶ୍ୱାମିତ୍ରଙ୍କ ଶିଷ୍ୟ ଥିଲେ । ଏ ବିଶ୍ୱାମିତ୍ରଙ୍କ ନିକଟ ଅଧ୍ୟୟନ ଶେଷ କରି ଯଥେଚ୍ଛ ଗୁରୁଦକ୍ଷିଣା ମାଗିବାପାଇଁ ବିଶ୍ୱାମିତ୍ରଙ୍କ-ଠାରେ ହଠ କଲେ । ବିଶ୍ୱାମିତ୍ର ଏହାଙ୍କ ହଠରେ ବିରକ୍ତ ହୋଇ ଗୁରୁଦକ୍ଷିଣାସ୍ୱରୂପ ଏହାଙ୍କୁ ୮୦୦ ଶ୍ୟାମକର୍ଣ୍ଣ ଘୋଡ଼ା ମାଗିଲେ । ଗାଲବ ୮୦୦ ଶ୍ୟାମକର୍ଣ୍ଣ ଘୋଡ଼ା ମାଗିବାପାଇଁ ରାଜା ଯଯାତିଙ୍କ ନିକଟ ଉପସ୍ଥିତ ହେଲେ । ଯଯାତିଙ୍କ ନିକଟ ଉକ୍ତ ଘୋଡ଼ା ନ ଥିବାରୁ ସେ ଗାଲବଙ୍କୁ ମାଧବୀ ନାମ୍ନୀ କନ୍ୟାଙ୍କୁ ଦେଇ କହିଲେ, ଆପଣ ଏ କନ୍ୟାଙ୍କୁ ନିଅନ୍ତୁ ଯେଉଁ ବ୍ୟକ୍ତି ଆପଣଙ୍କୁ ଦୁଇ ଶହ ଶ୍ୟାମ-କର୍ଣ୍ଣ ଘୋଡ଼ା ଦେବେ ଏ କନ୍ୟାଙ୍କଦ୍ୱାରା ଗୋଟିଏ ପୁତ୍ର ଉତ୍ପାଦନ କରିବାପାଇଁ ତାଙ୍କୁ ଏ କନ୍ୟାଙ୍କୁ ଦେବେ, ସେ ଗୋଟିଏ ପୁତ୍ର ଉତ୍ପାଦନ କରି ସାରିଲେ ଆପଣ ଏ କନ୍ୟାଙ୍କୁ ଯଥାକ୍ରମେ ଅନ୍ୟ ତିନି ଜଣଙ୍କୁ ଦେବେ, ଏହିପରି ଆପଣ ୪ ଜଣଙ୍କଠାରୁ ୮୦୦ ଘୋଡ଼ା ସଂଗ୍ରହ କରି ଗୁରୁଦକ୍ଷିଣା ଦେବେ । ଗାଲବ ଉପରୋକ୍ତ ସର୍ତ୍ତରେ ଏ କନ୍ୟାଙ୍କୁ ରାଜା ହର୍ଯ୍ୟଶ୍ୱ, ଦିବୋଦାସ ଓ ଉଶୀନରଙ୍କୁ ଦେଇ ସେମାନଙ୍କଠାରୁ ୬୦୦ ଶ୍ୟାମକର୍ଣ୍ଣ ଘୋଡ଼ା ସଂଗ୍ରହ କଲେ । ଆଉ ୨୦୦ ଘୋଡ଼ା ଦେବାପାଇଁ କୌଣସି ଗ୍ରାହକ ନ ମିଳିବାରୁ ଗାଲବ ୬୦୦ ଶ୍ୟାମକର୍ଣ୍ଣ ଘୋଡ଼ା ଓ ମାଧବୀ କନ୍ୟାଙ୍କୁ ବିଶ୍ୱାମିତ୍ରଙ୍କୁ ଦେଇ ସମସ୍ତ ବୃତ୍ତାନ୍ତ କହିବାରୁ ବିଶ୍ୱାମିତ୍ର ତାହା ଗ୍ରହଣ କରି ଏହାଙ୍କୁ ଦକ୍ଷିଣାଦାୟରୁ ମୁକ୍ତ କଲେ ଓ ମାଧବୀଙ୍କ ଗର୍ଭରେ ଗୋଟିଏ ପୁତ୍ର ଉତ୍ପାଦନ କଲେ । ହରିବଂଶରେ ଗାଲବ ବିଶ୍ୱାମିତ୍ରଙ୍କ ପୁତ୍ର ଥିବା କଥିତ ଅଛି—ହି. ଶବ୍ଦସାଗର ।]

୨ । ଲୋଧ୍ର ଗଛ—
2. A tree; Simplocos Racemosa.

୩ । ଶ୍ୱେତ ଲୋଧ୍ର—
3. The white variety of Simplocos Racemosa.

୪ । କେନ୍ଦୁ ଗଛ—
4. A tree; Diospyros Glutinosa.

୫ । ପାଣିନିଙ୍କ ଅଷ୍ଟାଧ୍ୟାୟୀରେ ଉଦ୍ଧୃତ ବୈୟାକରଣିକ—
5. Name of Sanscrit Grammarian quoted by Pāṇini.

୬ । ଜଣେ ସ୍ମୃତିକାର—
6. Name of the compiler of a code of Hindu law.

**ଗାଲବାଦ୍ୟ**—ଦେ. ବି. ( ସଂ. ଗଲ୍ଲ+ବାଦ୍ୟ )—
Gālabādya ଗାଲ ମଧ୍ୟରେ ପବନ ବନ୍ଦ କରି ଗାଲ ଉପରେ
ଗାଲବାଜନା ଆଙ୍ଗୁଠି ମାରି କରାଯିବା ବମ୍ ବମ୍ ଶବ୍ଦ—
**गलमँदरी** A sound produced by striking the fingers on the puffed up lips.

[ ଦ୍ର—ଶିବ ପୂଜକମାନେ ଶିବୋପାସନା କାଳରେ ଗାଲବାଦ୍ୟ ବଜାନ୍ତି । ]

**ଗାଲବି**—ସଂ. ବି. ପୁଂ. (ନାମ) ( ଗାଲବ+ଅପତ୍ୟାର୍ଥେ. ଇ )—
Gālabi ଗାଲବଙ୍କ ପୁତ୍ର ପ୍ରଶଙ୍ଗବନ—Name of a sage.

[ ଦ୍ର—ଏ ଭୃଗୁଗର୍ଗଙ୍କ ବୃଦ୍ଧା କନ୍ୟାଙ୍କୁ ବିବାହ କରିଥିଲେ ହି. ଶବ୍ଦସାଗର । ]

**ଗାଲମାଧବ**—ଦେ. ବି—୧ । ପ୍ରାଚୀନ ଓଡ଼ିଶାର ରାଜାବିଶେଷ—
Gālamādhaba 1. A king of ancient Orissa.

[ ଦ୍ର—କଥିତ ଅଛି ଯେ ଇନ୍ଦ୍ରଦ୍ୟୁମ୍ନ ପୁରୀ ଜଗନ୍ନାଥ ଦେଉଳ ତୋଳାଇ ତାକୁ ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ଡ଼ାକିବାକୁ ଯାଇ-ଥିଲେ । ଏହି ଅବସ୍ଥାରେ ଅନେକ କାଳ ବିତିଗଲା । ଏଣେ ବାଲି ଉଡ଼ି ଦେଉଳଟି ପୋତି ହୋଇଗଲା । ପରବର୍ତ୍ତୀ ଜଣେକ ରାଜା ଗାଲମାଧବ ଘୋଡ଼ା ଚଢ଼ି ଯାଉଥିବା ବେଳେ ଘୋଡ଼ାର ଟାପୁ ଦେଉଳର ନୀଳ ଚକ୍ରାଗ୍ରରେ ବାଜିବାରୁ ସେ ବାଲି ଖୋଳାଇ ଦେଉଳ ଦେଖିଲେ ଓ ଇନ୍ଦ୍ରଦ୍ୟୁମ୍ନ ଫେରି ଆସିବାରୁ ଗାଲମାଧବ ଏ ଦେଉଳ ତୋଳାଇଥିବା ଦାବି କଲେ; କିନ୍ତୁ ଇନ୍ଦ୍ରଦ୍ୟୁମ୍ନ ନାମକ ପୋଖରୀରେ ଥିବା କୂର୍ମମାନେ ଇନ୍ଦ୍ରଦ୍ୟୁମ୍ନ ଦେଉଳ ତୋଳାଇ ଥିଲେ ଏହା ପ୍ରମାଣ କରି ଦେଲେ । ]

୨ । ( ଲକ୍ଷଣାର୍ଥ ) ମିଥ୍ୟା ଦାବି କରିବା ବ୍ୟକ୍ତି—
2. ( figurative ) A false claimant.

**ଗାଲମୁଚା**—ଦେ. ବି—ଗାଲପଟା ୨ ( ଦେଖ )
Gālamuchā Gālapaṭā 2 ( See )

**ଗାଲମୁଛା**—ଦେ. ବି—ଗାଲପଟା ୨ ( ଦେଖ )
Gālamuchhā Gālapaṭā 2 ( See )

**ଗାଲମୋଚା**—ଦେ. ବି—ଗାଲପଟା ୨ ( ଦେଖ )
Gālamochā Gālapaṭā 2 ( See )

ଗାଲମୋଚାଥାଏ ତାଳଚେର ଗୁରୁ । ରାଧାନାଥ. ନନ୍ଦକେଶ୍ୱରୀ ।

**ଗାଲମୋଛା**—ଦେ. ବି—ଗାଲପଟା ୨ ( ଦେଖ )
Gālamochhā Gālapaṭā 2 ( See )

**ଗାଲରେ ଚୂନକଳା ଦେବା**—ଦେ. କ୍ରି—ଲଜ୍ଜାଜନକ କାର୍ଯ୍ୟକାରୀ ବା
Gālare chūnakaḻā debā ଅପରାଧକାରୀ ବ୍ୟକ୍ତିକୁ ଅପମାନିତ
गाले चून काली देओया କରିବା ଉଦ୍ଦେଶ୍ୟରେ ବା ଦଣ୍ଡ ସ୍ୱରୂପ ତାହାର ଏକ ଗାଲରେ ଚୂନ ଓ ଅନ୍ୟ ଗାଲରେ କାଳି ଲେପିବା—
To besmear one cheek of an offender white and another black as punishment.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଡ଼ ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବ୍ତ୍' ଦେଖିବେ ।

**ଗାଲରେ ହାତ ଦେବା**—ଦେ. କ୍ରି. ( ଦୁଃଖ ବା ବିପଦ ସମୟରେ
Gālare hāta debā — କିଂକର୍ତ୍ତବ୍ୟବିମୂଢ଼ ହୋଇ ଲୋକ ଗାଲରେ
গালে হাত দেওয়া — ହାତ ଦେଇଥିବା ହେତୁ)—
ଅତ୍ୟନ୍ତ ଦୁଃଖିତ ଓ ମ୍ରିୟମାଣ ହେବା—
To be very much afflicted.
ମୁଁ ଖାଉଥାଏଁ ମୋହୋର ଭାତ, ତୋହୋର କାହିଁ ଗାଲରେ ହାତ ! ଢଗ ।

**ଗାଳା**—ଦେ. ବି. (ସଂ. ଗାଳ=ଟୋପା ଟୋପା ପଡ଼ିବା)—ଚିଠିପତ୍ର ବନ୍ଦ
Gāḻā — କରିବା ବା ମୁଦିବା ନିମନ୍ତେ ଚିଠିର ଲଫାପା ଉପରେ ଦିଆ
গালা — ଯିବା ଚୁଣା ଓ ସିନ୍ଦୁରମିଶ୍ରିତ ଜଉ; ଲାଖ—
**लाख** — Sealing wax.

**ଗାଳାଗାଳି**—ପ୍ରାଦେ. (ବାଲେଶ୍ୱର)—ବି. (ତୁଳ. ବଙ୍ଗଳା ଗାଲାଗାଲି)—
Gāḻāgāḻi — ଗାଳିମନ୍ଦ (ଦେଖ)
Gāḻimanda (See)

**ଗାଳାମୋହର**—ଦେ. ବି (ସଂ. ଗାଳ + ଫା. ମୋହର୍)—ବନ୍ଦ ଚିଠିର
Gāḻāmohara — ଲଫାପା ଉପରେ ଦିଆଯାଇଥିବା ଜଉ ଉପରେ
গালামোহর — ବସାଯିବା ମୋହର ବା ମୁଦ୍ରାଚିହ୍ନ; ଜଉମୁଦ—
**लाखका मोहर** — Seal put on wax over a closed envelope or cover.

**ଗାଳି**—ସଂ. ବି. ( ଗଲ ଧାତୁ + ଇ )—୧ । କଟୁବାକ୍ୟ; ଭର୍ତ୍ସନା
Gāḻi — ( କ୍ରିୟାବିଶେଷ )—1. Abusive language; abuse; reproach.
୨ । ଅଭିସମ୍ପାତ— 2. Curse; imprecation.
[ ଦ୍ର—ଭର୍ତ୍ତୃହରିଙ୍କ ବୈରାଗ୍ୟଶତକରେ ଗାଳି ଶବ୍ଦର ଭର୍ତ୍ସନା ଅର୍ଥରେ ପ୍ରୟୋଗ ଅଛି । ]
ଦଦତୁ ଦଦତୁ ଗାଳିର୍ଗାଳିମନ୍ତୋ ଭବନ୍ତଃ
ବୟମପି ତଦଭାବାଦ୍ଗାଳିଦାନେ ଽସମର୍ଥାଃ । ]

**ଗାଲି**—ଦେ. ବି. (ସଂ. ଗଲ୍ଲ; ତୁଳନା କର ଇଂ. ଗିଲ୍ସ୍)—୧ । ମାଛ ଓ
Gāli — ଚିଙ୍ଗୁଡ଼ି ଆଦିଙ୍କ ଗାଲି ଉପରେ ଥିବା ଅର୍ଦ୍ଧଚନ୍ଦ୍ରାକାର ବର୍ତ୍ତୁଳ
ফুল্‌ক — ଅସ୍ଥି; ମାଛର ଗାଲି—1. The gills of fish; the
**गलफड़ा** — broad bony covering on the sides of the head of fishes and shrimps etc.
୨ । ଆମ୍ବ ଆଦି ଫଳର ଟାକୁଆର ଯେଉଁ ଅଂଶରୁ ଗଜା ବାହାରେ—2. That part of the stone of a fruit from which the sprout comes out.
(ଗାଲୁଆ—ପୁଂ.)—ଦେ. ବିଣ. ସ୍ତ୍ରୀ.—( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ଫୁଲୁକାଗାଲି; ଟାକୁଆଗାଲି) ଗାଲବିଶିଷ୍ଟ—( used in compounds) cheeked; having (such and such) cheeks.
ପ୍ରାଦେ. (ସମ୍ବଲପୁର) ବି.—୧ । ଗଜା—1. Sprout.
(ଯଥା—ଧାନ ଗାଲି ଦେଲାଣି । )
୨ । ଗାଳି—2. Rebuke.
୩ । କଳି—3. Quarrel.
ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଗାଲି)—ଲୁଣ ମରାଯିବା ସ୍ଥାନ—
Galley for manufucture of salt.

**ଗାଲିଓ**—ଦେ. ବି.—ମିରିଗଲେଣ୍ଡି ୧ (ଦେଖ)
Gālio — Mirigaleṇdi (1) (See)

**ଗାଳି କରିବା**—ପ୍ରାଦେ. (ଗଞ୍ଜାମ) କ୍ରି.—ଭର୍ତ୍ସନା କରିବା—
Gāḻi karibā — To abuse.

**ଗାଳି ଖାଇବା**—ଦେ. କ୍ରି.—ଅନ୍ୟ ବ୍ୟକ୍ତିଦ୍ୱାରା ଭର୍ତ୍ସିତ ହେବା—
Gāḻi khāibā — To be abused.
গালি খাওয়া
**गालीखाना**

**ଗାଳିଗଞ୍ଜଣା**—ଦେ. ବି. (ସହଚର)—ଗାଳିଗୁଲଜ (ଦେଖ)
Gāḻigañjaṇā — Gāḻigulaja (See)
ସେଥି ସକାଶେ ମଙ୍ଗରାଜଙ୍କଠାରୁ ତେର ଗାଳିଗଞ୍ଜଣା ଶୁଣିବାକୁ ହୁଏ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗାଳିଗୁଲଜ**—ଦେ. ବି. (ସହଚର)—ନାନାଦି ପ୍ରକାରେ ଭର୍ତ୍ସନା—
Gāḻigulaja — Excessive abusive language; calling names.
গালাগালি
**गालीगलौज**

**ଗାଲିଚା**—ବୈଦେ. ବି. ( ଫା. କାଲୀନ୍‌ଚ୍; ଗାଲୀଚ୍ )—
Gālichā — ମେଷଲୋମନିର୍ମିତ ମୋଟ ଚିତ୍ରବିଚିତ୍ର ଆସନ—
গালিচা — Carpet.
**गालीचा**

**ଗାଳିତ**—ସଂ. ବିଣ. (ଗଲ୍ ଧାତୁ ଣିଚ୍; ଗାଳି ଧାତୁ + କର୍ମ. ତ)—
Gāḻita — ୧ । ତରଳୀକୃତ; ଦ୍ରବୀକୃତ—
1. Melted; molten.
୨ । ଜଳୀୟ ଅଂଶ ନିଷ୍କାସିତ ହୋଇଥିବା; ଗଳା ହୋଇଥିବା—
2. Filtered or strained, of the watery portion.

**ଗାଳିଦାନ**—ଦେ. ବି—ଭର୍ତ୍ସନାକରଣ—
Gāḻidāna — Chiding.

**ଗାଳିଦିଆଦେଇ ହେବା**—ଦେ. କ୍ରି—ଦୁଇଜଣ ପରସ୍ପରକୁ ଭର୍ତ୍ସନା କରିବା—
Gāḻidiādei hebā — To reproach one another.
**गालीगुपता होना** — କାହିଁ ପାଇଁ ଏ ଦୁହେଁ ଗାଳିଦିଆଦେଇ ହୋଇଣ ରହିଛନ୍ତି ନ କହ କପାଇଁ ।
କୃଷ୍ଣସିଂହ. ମହାଭାରତ. ବନ ।

**ଗାଳି ଦେବା**—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଭର୍ତ୍ସନା କରିବା—
Gāḻi debā — To abuse or reproach.
গালিদেওয়া
**गालीदेना**

**ଗାଳିଣୀ**—ସଂ. ବି—ତନ୍ତ୍ରୋକ୍ତ ମୁଦ୍ରାବିଶେଷ—
Gāḻini — A posture or pose of the hands and fingers prescribed in the Tantras.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଶ,ଷ | କ୍ଷ | ଇଷ୍ଟ | ଋ୍ଃ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଲ୍ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଙ୍ଘ୍ୟ | ଇଅ | ଊ | ନ୍ |

**ଗାଲ ପାଡ଼ବା**—ଦେ. କ୍ରି—ଗାଲିପାରିବା ( ଦେଖ )
Gāli pārdibā Gālipāribā ( See )

**ଗାଲ ପାରିବା**—ଦେ.କ୍ରି—୧ । ଲୁକ୍କାୟିତଭାବରେ କୌଣସି କଥା ଶୁଣିବା—
Gāli pāribā 1. To eavesdrop; to overhear a conversation by concealing one's presence.
୨ । ମୁହଁରୁ ଗୋଟିଏ ପାଖକୁ ବଛଣାରେ ଲଗାଇ ପଡ଼ି ରହି ଶୋଇଥିବାର ଛଳନା କରିବା; ଡେଇଁ ଶୋଇବା—
2. To lie down on bed pretending sleep; to feign sleep.

**ଗାଲଫଜିତ୍**—ଦେ. ବି. ( ସଙ୍କର; ସଂ. ଗାଳି+ଅ. ଫଜୀହତ୍ )—
Gāliphajit ଧିକ୍କାର; ଗାଲମନ୍ଦ; ଗାଳି ଓ ଅପମାନ—
गालागाली Repeated rebuking.
**थुड़ीथुड़ी; थुकाफजीहत**

**ଗାଲିବା**—ଦେ. କ୍ରି. ( ସଂ. ଗଲ୍ ଧାତୁ ଣିଚ; ସଂ. ଗାଲନ )—
Gālibā ୧ । ଜଳ ମିଶ୍ରିତ ବସ୍ତୁରୁ ଜଳୀୟ ଅଂଶ ନିଗାଡ଼ିବା—
गाला 1. To sift or strain water from a substance
**गारना** containing water ( e.g. boiling rice ); to filter.
( ଯଥା—ଫୁଟିଲା ଭାତରୁ ପେଜ ଗାଳିବା । )
୨ । ଛିଦ୍ରବାଟେ କୌଣସି କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ( ଧାନ, ମାଟି, ଗୁଣ୍ଡ ) ବା ଧୂଳି ଅଶେଷ ପରିମାଣରେ ବାହାର କରିବା—
2. To bring out or profusely pour down small particles of things through a hole ( eg. clay; dust; paddy etc )
( ଯଥା—ଓଳିଆରୁ ଧାନ ଗାଳିବା; ମୂଷା ମାଟି ଗାଳିବା; କଙ୍କଡ଼ା ଗାତବାଟେ ଧୂଳି ଗାଳିବା । )

**ଗାଲିମ୍**—ବୈଦେ. ବି. ( ଫା )—୧ । ଶତ୍ରୁ—
Gālim 1. Enemy.
गालिम ୨ । ଅତ୍ୟାଚାରୀ ବ୍ୟକ୍ତି—
**गालिम** 2. A tyrant; oppressor.
ବୈଦେ. ବିଣ. ( ଫା )—୧ । ଅତ୍ୟାଚାରକ—
1. Oppressive; tyrannical.
୨ । ଶତ୍ରୁଭାବାପନ୍ନ—2. Inimical.
୩ । ପ୍ରବଳ; ପରାକ୍ରମଶାଳୀ—3. Mighty.

**ଗାଲିମନ୍ଦ**—ଦେ. ବି. ( ସଙ୍କର )—ଗାଲଫଜିତ୍ ( ଦେଖ )
Gālimanda Gāliphajit ( See )

**ଗାଲିମାଡ଼**—ଦେ. ବି. ( ଦ୍ୱନ୍ଦ୍ୱ )—ଗାଳି ଓ ପ୍ରହାର—
Gālimārda Rebuke and blows.

**ଗାଲିଲିଓ**—ବୈଦେ.ବି. (ନାମ)—ଗ୍ରୀସର ପ୍ରସିଦ୍ଧ ପ୍ରାଚୀନ ବୈଜ୍ଞାନିକ—
Gālilio Gālileo.

**ଗାଲି ଶୁଣିବା**—ଦେ. କ୍ରି—ଗାଳି ଖାଇବା ( ଦେଖ )
Gāli sunibā Gāli khāibā ( See )

**ଗାଲିସି**—ଦେ. ବି. ( ସଂ. ଗଲ୍ଲ=ଭୁଲ. ଇଂ ଗିଲ୍ସ—ମାଛର ଗାଲିସି )—
Gālisi ୧ । ଗାଲ; ମାଛର ଗାଲ ଉପରେ ବୃତ୍ତାକାର ଅସ୍ଥିଫଲକ
ଫୁଲକା ବା ବର୍ତ୍ତୁଳ ଅସ୍ଥିବତ୍ ବସ୍ତୁ—
**गलफड़ा** 1. The gills of a fish; the broad circular bone on the sides of the head of a fish.
୨ । ମାଛର ଗାଲ ତଳେ ଥିବା କମାଣୀ ଆକାରର ନାଲି ଅସ୍ଥି ସନ୍ଧିରେ ପାନିଆ ପରି ଶୃଙ୍ଖଳ ଦାନ୍ତ ଥାଏ—
**गलछट** 2. The red bow-like bony flaps below the gills of a fish.
ବୈଦେ. ବି. ( ଇଂ. ? )—୩ । ପାଇଜାମାକୁ ଟେକି ଧରିବାପାଇଁ
ଗାଲିସ ଦୁଇକାନ୍ଧରୁ ଲମ୍ବିଥିବା ଡୋରି—
**तस्मा** 2. Braces; suspenders for drawers or trousers.

**ଗାଲୁ**—ଦେ. ବି—୧ । ମିଛକୁ ସତ ସତକୁ ମିଛ କରି କହିବାର ଅଭ୍ୟାସ—
Gālu 1. Brazenness; impudence.
ମିଛ ସେ ମନ୍ତ୍ରକୁ ମାଗିଲେ ଦେବ ବୋଲେ
**. गाल** ପ୍ରାଣେ ଗାଲୁ କଥା କହନ୍ତି ତାକୁ ଭଲେ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ଟେଁସାପଣ; ଅବାଧ୍ୟତା; ଗୋସ୍ତାଖି—
2. Insubordination.
୩ । ଭୁରୁଡ଼ାଇବାର ପ୍ରବୃତ୍ତି; ଦାମ୍ଭିକତା; ଆସ୍ଫାଳନ, ଭୁରୁଡ଼ି; ଧୀଠପଣ—3. Boasting; bragging.
ଏବେ ଥରେ ମୋତେ ଯୁଦ୍ଧ ଦିଅ ପାଇଲି
ଆଜ ତୋର ଭାଙ୍ଗିବ ଯେବରେ ଗାଲୁଟି । କୃଷ୍ଣସିଂହ. ମହାଭାରତ. ବନ ।
୪ । ଗଲୁ; କଣ୍ଡୁ—4. Itching sensation (caused when some irritant thing is eaten or applied to the body).
୫ । ମିଥ୍ୟା କଥା—5. Falsehood.
୬ । ଓଲୁଅ, ବଣସାରୁ ଆଦି ବସ୍ତୁର ଯେଉଁ ଗୁଣ ଯୋଗୁଁ ସେମାନ ଖାଇଲେ ଗଳା ଗଲଗଲ ହୁଏ—
6. The quality of wild arum etc to produce irritation in the throat.
ଦେ. ବିଣ—୧ । ମିଥ୍ୟା, ଅସତ୍ୟ—1. False; untrue.
୨ । ମିଥ୍ୟାବାଦୀ—2. Lying.
ପ୍ରାଦେ. ( ଉତ୍ତର ଓଡ଼ିଶା ) ବି—ଜଡ଼ା; ଭେରଣ୍ଡ; ଏରଣ୍ଡ—Castor-oil-seed plant.

**ଗାଲୁଆ**—ଦେ. ବିଣ—୧ । ଯେ ଅସ୍ୱବଡ଼ିମା କରେ—
Gāluā 1. Boasting; blustering (person).
ଗାଲୁଆଙ୍କର ଧାର ବାଟ ଗୁଣ—ତଗ ।
ଗାଲେଇ; ଗାଲି } ସ୍ତ୍ରୀ. ୨ । ମିଛୁଆ—2. Lying.
ଗାଲେଇ
**ढीठ** ୩ । ଟେଁସା; ଅମାନିଆ—3. Insubordinate.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'ଲୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୪ । ପୁଂ· ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ, ଯଥା—ଫୁଲୁକା-ଗାଲୁଆ )—ଗାଲବିଶିଷ୍ଟ—
4. (in compounds) Cheeked; having such or such cheeks.

ଦେ. ବି—୧ । ଗାଲଫୁଲା ରୋଗ; ଗାଲରେ ହେବା ବ୍ରଣଶୋଥ; କୁମୁଟିରୋଗ—1. Painful swelling of the glands below the cheeks due to cold; goitre.
୨ । ଆତ୍ମବଡ଼ିମାକାରୀ ବ୍ୟକ୍ତି—2. A braggart.
୩ । ମିଛୁଆଲୋକ—3. A liar.

ଗାଲୁ କରିବା—ଦେ. କ୍ରି—୧ । କୌଣସି ସତକଥାକୁ ମିଛ ବୋଲି ଦୃଢ଼ଭାବରେ କହିବା; ଭୁରୁଡ଼ାଇବା—
Gālu kariba
**गालकरना**
1. To assert a false thing as true.
୨ । ପ୍ରଭୁ ବା ଗୁରୁଜନଙ୍କର କୌଣସି ଆଦେଶକୁ ଅମାନ୍ୟ କରି ଜବାବଦେବା ବା ଠେଁସିବା—
2. To show insubordination to a superior's order.
୩ । କଡ଼ପଟେ ଚାହିଁବା—
3. To ogle; to look askance.
ଭାଲୁ ଗାଲୁକରିଣ ଚାହେଁ ଏଣେତେଣେ—କୃଷ୍ଣସିଂହ, ମହାଭାରତ ବନ ।

ଗାଲୁ କାଢ଼ିବା—ଦେ. କ୍ରି—ଗାଲୁ କରିବା (୧ ଓ ୨) (ଦେଖ)
Gālu kā**rdh**ibā — Gālu kariba (1 and 2) (See)

ଗାଲୁ ଛଡ଼ାଇବା—ଦେ. କ୍ରି—୧ । କୌଣସି ଲୋକର ଦାମ୍ଭିକତା ବା ମିଥ୍ୟା ଆସ୍ଫାଳନକୁ ଦବାଇବା—
Gālu chha**rd**āibā
1. To shut up the mouth of a braggart or swaggerer.
୨ । କଣ୍ଡୁ ପ୍ରଶମନ କରିବା—
2. To allay itching.
୩ । ଯାହା ଖାଇଲେ ଗଳା କୁଣ୍ଡାଇ ହୁଏ ଏପରି ବସ୍ତୁ ( ଯଥା, ଓଲୁଅ, ସାରୁ, ବଣସାରୁ ) ରୁ ଉକ୍ତ ଗୁଣକୁ କାଞ୍ଜିପାଣିରେ ସିଝାଇବା ଆଦି ଦ୍ୱାରା କମ କରିବା—
3. To lessen the throat-irritating quality of certain food-stuffs (eg. wild arum).

ଗାଲୁତେଲ—ପ୍ରାଦେ (ଉତ୍ତର ଓଡ଼ିଶା) ବି—ଜଡ଼ାତେଲ—Castor oil.
Gālutela

ଗାଲୁ ବତାଇବା—ଦେ. କ୍ରି—ଗାଲୁ କରିବା (୧ ଓ ୨) (ଦେଖ)
Gālu batāibā — Gālu kariba (1 and 2) (See).

ଗାଲୁ ଭାଙ୍ଗିବା—ଦେ. କ୍ରି—ଗାଲୁ ଛଡ଼ାଇବା (ଦେଖ)
Gālu bhāṅgibā — Gālu chha**rd**āibā (See).
ହୂତ ହୋଇ ନ ଆସିଥିଲେ ତାର ଗାଲୁ
ଭାଙ୍ଗନ୍ତି ସବାଲୋକମାନେ କରି ଓଲୁ—କୃଷ୍ଣସିଂହ ମହାଭାରତ ଉଦ୍ୟୋଗ ।

ଗାଲୁଭୁରୁଡ଼ୁ—ଦେ. ବି—ମିଥ୍ୟା ଆସ୍ଫାଳନ; ଦାମ୍ଭିକତା—
Gālubhuru**rd**u — Impudence; bragging; swaggering.
**गालगूल; ढीठाइ**

ଗାଲୁ ମାରିବା—ଦେ. କ୍ରି—ଗାଲୁ ଛଡ଼ାଇବା (ଦେଖ)
Gālu māribā — Gālu chha**rd**āibā (See)

ଗାଲେଇବା—ଦେ. କ୍ରି—୧ । ମୁହଁକୁ ଏକପାଖିଆ କରି କାନ ଡେରି କୌଣସି ବିଷୟକୁ ଶୁଣିବାକୁ ମନୋଯୋଗ ଦେବା—
Gāleibā
1. To attentively listen to anything by turning the ears to one side.
୨ । ମୁହଁକୁ କଡ଼େଇବା—
2. To turn the head to one side.
୩ । ଷଣ୍ଢ ବା ମେଣ୍ଢା ଲଢ଼ିବାକୁ ବା ବିନ୍ଧିବାକୁ ଆସିଲାବେଳେ ମୁହଁକୁ କଡ଼େଇବା; ଅଡ଼ପଟେଇବା—
3. To turn the head to one side while coming to goad or fight (said of a bull).
୪ । ଗାଲ ପାରିବା—
4. To overhear a conversation secretly.
୫ । କୌଣସି କଥାକୁ ନ ଶୁଣିଲା ପରି ଏଡ଼ିଦେବା ବା ନ କରିବା—5. To disregard anything uttered in one's presence.

ଗାଲେରି—ବୈଦେ. ବି. ( ଇଂ. ଗ୍ୟାଲେରି )—ବହୁଲୋକ ବସିବା ପାଇଁ କ୍ରମୋଚ୍ଚ ସଜ୍ଜିତ ସୋପାନାକୃତି ଆସନପଙ୍କ୍ତି—Gallery.
Gāleri
গ্যালেরী
**गैलेरी**

ଗାସ୍—ବୈଦେ. ବି—ଗ୍ୟାସ୍ ( ଦେଖ )
Gās — Gyās ( See )

ଗାସିୟାର—ଦେ. ବି—ରାଜସ୍ଥାନସ୍ଥ ପର୍ବତବିଶେଷ—
Gāsiyāra — A mountain in Rājasthāna.
"ବ୍ୟାଘ୍ରମେରୁ" "ଗାସିୟାର" ଗହନ—ନନ୍ଦକିଶୋର· କୃଷ୍ଣକୁମାରୀ ।

ଗାହ୍ ( ଧାତୁ )—ସଂ—୧ । ବିଲୋଡ଼ନ କରିବା—1. To stir.
Gāh (root) — ୨ । ନିମଜ୍ଜିତ ହେବା; ବୁଡ଼ିବା—
2. To dive; to plunge.

ଗାହକ—ସଂ. ବିଣ. ପୁଂ. ( ଗାହ ଧାତୁ + କର୍ତ୍ତୃ. ଅକ )—
Gāhaka — ୧ । ଅବଗାହନକାରୀ—1. Bathing.
(ଗାହିକା—ସ୍ତ୍ରୀ) ୨ । ଯେ ବୁଡ଼େ—2. Diving.

ଗାହନ—ସଂ. ବି. ( ଗାହ୍ ଧାତୁ = ବିଲୋଡ଼ନ କରିବା + ଭାବ. ଅନ )—
Gāhana — ୧ । ବିଲୋଡ଼ନ—1. Stirring.
୨ । ନିମଜ୍ଜନ; ଡୁବା; ଗୋତା—
2. Diving; plunge.
୩ । ମୁଣ୍ଡ ବୁଡ଼ାଇ ଗାଧୋଇବା—
3. Taking a bath by plunging.

ଗାହା—ଗ୍ରା. ବି. ( ସଂ. ଗାଥା; ପ୍ରା. ଗାହା )—ଗାଥା ( ଦେଖ )
Gāhā — Gāthā ( See )
**गाहा**

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ |

ଗାହାକ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଗାୟକ; ଭୁଲ. ବି. ଏହି ଅର୍ଥରେ ଗାହକ )—ଗାୟକ—A singer.
Gāhāk

ଗାହାକ୍ ବାହାକ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗାୟକ, ବାଦକ)—
Gāhāk bāhāk ଗାୟକ ଓ ବାଦକ—
Singer and musician.

ଗାହି – ଦେ. ବି. ( ଜାହାଜିଆ ଶବ୍ଦ )—ଉତ୍ତରଦିଗ—
Gāhi ( nautical term ) North.

ଗାହିତ—ସଂ. ବିଣ. ( ଗାହ୍ ଧାତୁ + କର୍ମ ଓ କର୍ତ୍ତୃ. ତ )—
Gāhita ୧ । ସ୍ନାତ; ସ୍ନାନ କରିଥିବା—1. Bathed.
୨ । ପାଣିରେ ବୁଡ଼ା ଯାଇଥିବା; ନିମଜ୍ଜିତ—
2 Plunged; immersed.
୩ । ପୂରି ହୋଇଥିବା; ଭିତରକୁ ପ୍ରବେଶ କରି ଯାଇଥିବା—
3. Entered into; penetrated into; thrust into.
୪ । ବିଲୋଡ଼ିତ —4. Stirred up.

ଗାହିତା—ସଂ. ବିଣ. ପୁଂ. ( ଗାହ୍ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ. )—
Gāhitā ୧ । ସ୍ନାନକାରୀ; ଯେ ଗାଧୁଆଏ—1. Bathing.
(ଗାହିତ୍ରୀ—ସ୍ତ୍ରୀ) ୨ । ବୁଡ଼ାଳି—2. Diver.
୩ । ଯେ ପୂରାଏ—3. Penetrating; thrusting.
୪ । ଯେ କମ୍ପାଏ; କମ୍ପନକାରୀ—
4. Agitating; shaking.

ଗାହିମତଲେଇ—ଦେ. ବି. ( ଜାହାଜିଆ ଶବ୍ଦ )—ଉତ୍ତରପୂର୍ବଦିଗ—
Gāhimatalei ( nautical term ) North-east.

ଗିଆଁତ—ପ୍ରାଦେ. ( ବସ୍ତର ) ବି. ( ସଂ. ଜ୍ଞାତି )—ଜ୍ଞାତି; ଦାୟାଦ—
Giānta Relative; kith and kin; kinsman.

ଗିଆଁତି—ଗ୍ରା. ବି. ( ସଂ. ଜ୍ଞାତି )—ଜ୍ଞାତି; ଦାୟାଦ; କୁଟୁମ୍ବ—
Giānti Kinsman; kindred; agnate.

ଗିଆନ—ଗ୍ରା. ( ପଦ୍ୟ ) ବି. ( ସଂ. ଜ୍ଞାନ )—ଜ୍ଞାନ ( ଦେଖ )
Giāna Jnāna ( See )
গিয়ান ନ ରହେ ମନ, ଜାହୁଁ ଗିଆନ, ଯେତେକଲେ ଅର୍ଘ୍ୟ ପ୍ରମାଣେ ଉପଦଧାନ
**गिआन** ପ୍ରାଚୀ, ରହସ୍ୟମଞ୍ଜରୀ ।

ଗିଆନୀ—ଗ୍ରା. ( ପଦ୍ୟ ) ବିଣ. ( ସଂ. ଜ୍ଞାନୀ )—ଜ୍ଞାନୀ ( ଦେଖ )
Giāni Jnāni ( See )

ଗିଜ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗୁହ୍ୟ; ଗୁଦ)—ମଳଦ୍ୱାର; ଗାଣ୍ଡି—
Gij Anus.

ଗିଜ୍‌ଡ଼ିବା—ପ୍ରାଦେ. (ସମ୍ବଲପୁର) କ୍ରି—(ଦାନ୍ତ) ଲେଫେଡ଼ିବା—
Gijrdibā To grin.

ଗିଜ୍‌ମୁନା—ପ୍ରାଦେ. ( ସମ୍ବଲପୁର ) ବି. ( ହି. ଘୁଟନା )—
Gijmunā ଗାଣ୍ଡିମୁଣା; ପାଇଜାମା—
Pantaloons; drawers.

ଗିଜାଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ହେଲା କରିବା—
Gijāibā 1. To neglect to do a thing.
୨ । ଯିବାକୁ ବିଳମ୍ବ କରିବା—
2 To delay in going.

ଗିଜ୍ରିବା—ପ୍ରାଦେ. (ସମ୍ବଲପୁର) କ୍ରି. ( ହି. ଖୀସ୍‌କାଢ଼ନା )—
Gijribā ୧ । ହସି କରି ଦାନ୍ତ ଦେଖାଇବା—
1. To laugh with a grin.
୨ । ଦାନ୍ତ ଖେଞ୍ଚିବା—
2. To grin; to show the teeth.
( ଯଥା—ଗଛରେ ଚଢ଼ୁଛୁ ପଡ଼ିଲେ ଗିଜ୍‌ଦେବୁ । )

ଗିଡ଼୍‌ଗିଡ଼ିଆ—ପ୍ରାଦେ. (ଗଡ଼ଜାତ) ବି—ନୀଚ କେଉଟ ଜାତିବିଶେଷ—
Girdgirdiā A low caste of fishermen.

ଗିଡ଼ିଗିଡ଼ି—ଦେ. ଅ. ( ଧ୍ୱନ୍ୟନୁକରଣ )—୧ । ଘିଡ଼ିଘିଡ଼ି; ଶଗଡ଼ର
Girdigirdi ଚକ ଟାଣ ଭୂମିରେ ଗଡ଼ିବାର ଶବ୍ଦ—
গুড়গুড়; গড়গড় 1. Sound of the wheels of a cart
**गड़गड़ाहट** rolling on hard ground; rattling sound.
୨ । ମର୍ଦ୍ଦଳାଦି ବାଦ୍ୟର ଶବ୍ଦ—
2. Sound of drum-beating.
[ ଦ୍ର—ଗଡ଼ଗଡ଼ ଅପେକ୍ଷା ଗିଡ଼ିଗିଡ଼ି ନିମ୍ନଧ୍ୱନି । ]

ଗିଣିଗିଣା—ଦେ. ବିଣ. ପୁଂ—୧ । ଅନୁନାସିକ—
Giniginā 1. Nasal.
(ଗିଣିଗିଣୀ—ସ୍ତ୍ରୀ) ୨ । ଯେ କଥା କହିଲା ବେଳେ ଅନୁନାସିକ ଶବ୍ଦ
গুনগুন ଉଚ୍ଚାରଣ କରେ—2. Uttering nasal
**गुनगुना** sounds while speaking.
୩ । ଯେ ସର୍ବଦା ଅସନ୍ତୁଷ୍ଟ—3. Always grumbling.
୪ । ଅତ୍ୟନ୍ତ ସରୁ—4. Very slender.
୫ । ଅସମ୍ମାର୍ଜିତ—5. Unswept.
୬ । ଗୁଣୁଗୁଣୁ ସ୍ୱରକାରୀ—6. Humming; buzzing.

ଗିଣିଗିଣା ମାଛି—ଦେ. ବି—ଖାଦ୍ୟଦ୍ରବ୍ୟାଦି ଉପରେ ବସିବା ଏକପ୍ରକାର
Giniginā māchhi ବଡ଼ ନେଳମାଛି—
গুনগুনা মাছি The blue bottle; the buzzing flea.
**भिनभिना मक्खी**

ଗିଣିଗିଣି—ଦେ. ଅ. ( ଧ୍ୱନ୍ୟନୁକରଣ )—ମାଛିଙ୍କର ଶବ୍ଦବିଶେଷ—
Ginigini Buzzing sound of fleas.
গুনগুন ଦେ. ବିଣ—ଗିଣିଗିଣା ( ଦେଖ )
**भिनभिना** Giniginā ( See )

ଗିଣିଗିଣିଆ—ଦେ. ବିଣ. ପୁଂ—ଗିଣିଗିଣା ( ଦେଖ )
Giniginiā Giniginā ( See )
(ଗିଣିଗିଣିଇ—ସ୍ତ୍ରୀ)

ଗିଣିଗିଣିଆ ମାଛି—ଦେ. ବି—ଗିଣିଗିଣା ମାଛି ( ଦେଖ )
Giniginiā māchhi Giniginā māchhi ( See )

ଗିଦଡ୍—ବୈଦେ. ବି. ( ଫା. ଗୋସା; ଭୁଲ. ସଂ. ଗୃଧ୍ର=ଲୁବ୍ଧ )—
Gidard ୧ । କୋକିଶିଆଳ—1. Fox.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

শেয়াল ୨ । ଶୃଗାଳ—2. Jackal.
**गीदड़** ବିଦେ. ବଣ—ସ୍ୱେଚ୍ଛାଗୃହୀ—Wanton; autocratic.

ଗିଧ୍ଲା—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଗାଦୁର; ଗାଦର୍)—
Gidhla ସାନ ବାଦୁଡ଼ି; ଚେମେଣି—
Small bat; the house-bat.

ଗିଧ୍ଲି—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଗାଦୁର; ଗାଦର୍)—
Gidhli ୧ । ବାଦୁଡ଼ି—1. Bat.
୨ । ଚେମେଣି—2. Small bat; house-bat.

ଗିଧଡ଼—ଦେ. ବଣ. (ଗାଳି) (ସଂ. ଗର୍ଦ୍ଦଭ)—୧ । ଗଧା—
Gidhard 1. Dunce.
গিধড় ୨ । ନିର୍ବୁଦ୍ଧିଆ;ଓଲ୍ଲୁ—2. Stupid.
**गीधड़** ୩ । ଭୀରୁଲୋକ (ବ୍ୟକ୍ତି)—3. Cowardly.

ଗିଧା—ପ୍ରାଦେ. (ସମ୍ବଲପୁର) ବି. (ସଂ ଗୃଧ୍ର) (ଭୁଲ. ହି. ଗିଦ୍ଧ; ଗୀଧ୍)—
Gidha ଗୃଧ୍ର; ଶକୁନ—Vulture.
ପ୍ରାଦେ. (ବସ୍ତର) ବି.—ଚିଲ—Kite.

ଗିନ୍ତି—ଗ୍ରା. ବି.—(ସଂ. ଗଣ ଧାତୁ)—ଗଣତି—
Ginti Counting.
গুনতী
**गिनती**

ଗିନା—ଦେ. ବି. (ଭୁଲ. ତେ. ଗିନା; ଗିନ୍ନି; ଗିନ୍ନେ)—ଧାତୁ ନିର୍ମିତ
Gina ଛୋଟ କଟୋରୀ—Metal saucer or small cup.
বাটী
**कटोरा**

ଗିନାଇ ଚିଙ୍ଗୁଡ଼ି—ଦେ. ବି.—ଗିନି ଚିଙ୍ଗୁଡ଼ି (ଦେଖ)
Ginai chingurdi Gini chingurdi (See)

ଗିନି—ବିଦେ. ବି. ( ଇଂ. ଗିନି )—ଇଂଲଣ୍ଡରେ ପ୍ରଚଳିତ ୨୧ ଶିଲିଙ୍ଗ୍
Gini ମୂଲ୍ୟର ସ୍ୱର୍ଣ୍ଣ ମୁଦ୍ରା; ସଭରେନ୍—An English gold
গিনী coin (21 shillings).
**गिनी**
[ ଦ୍ର—ଏହା ଖାଣ୍ଟି ସୁନା ନୁହେଁ, ଏଥିରେ କିଛି ତମ୍ବା ମିଶିଥାଏ; ଏହା ଓଜନରେ ୧ ଭରିର ୧/୧୬ ବା ଏଗାର ଅଣା; ଏହି ସ୍ୱର୍ଣ୍ଣ ମୁଦ୍ରା ବିଲାତରେ ୧୬୬୩ ସାଲରେ ମୁଦ୍ରିତ ହେଲା ଓ ଏହାର ମୁଦ୍ରଣ ୧୮୧୩ ସାଲରୁ ବନ୍ଦ ହୋଇଅଛି । ଏହାର ମୂଲ୍ୟ ଟ ୧୫୧ ଥିଲା, କିନ୍ତୁ ସୁନାର ଭାଉ କମି ବେଶି ହେବା ସଙ୍ଗେ ଏହାର ମୂଲ୍ୟ *ଯଥାକ୍ରମେ କମି ବେଶି ହେଉଅଛି । ଆଫ୍ରିକା ଦେଶର ଗିନି ନାମକ ସ୍ଥାନରୁ ଆମଦାନୀ ହୋଇଥିବା ସୁନାରୁ ଏ ମୁଦ୍ରା ପ୍ରଥମେ ତିଆରି ହେଉଥିବାରୁ ଏ ମୁଦ୍ରାର ନାମ ଗିନି ହୋଇଥିଲା । ଭାରତର ଲୋକେ ଆଜିକାଲି ବିଲାତପ୍ରଚଳିତ ପାଉଣ୍ଡ୍ ବା ସଭରେନ୍ ନାମକ ସ୍ୱର୍ଣ୍ଣ-ମୁଦ୍ରାକୁ ଭୁଲରେ ଗିନି ନାମରେ ଡାକୁଛନ୍ତି—ହି. ଶବ୍ଦସାଗର ।]
ଦେ. ବି.—(ଏହା ଗିନ୍ ଗିନ୍ ବାଜିବାରୁ) କଂସାରେ ନିର୍ମିତ ଛୋଟ କରତାଳ—Small bell-metal cymbals.

ଗିନିଗିନା ଛୁଆଁନ୍ତି—ଗ୍ରା. ବି.—ଘରର ବାହାରେ ଅସ୍ପୃଶ୍ୟ ଲୋକ ଓ
Ginigina chhuanti ବସ୍ତୁକୁ ଛୁଇଁ ଦେଇବାରୁ ଜାତ ହେବା ଅସ୍ପୃଶ୍ୟତା—Personal untouchability due to a person touching an untouchable person or thing while going out of the home.

ଗିନି ଗ୍ରାସ୍—ବିଦେ. ବି.—(ଇଂ. ଗିନି+ଗ୍ରାସ୍)—ଏକ ପ୍ରକାର ସବୁଜ-
Gini gras ବିଦେଶୀ ମନୋହର ଘାସ—Guinea-grass.
গিনিগ্রাস্ [ ଦ୍ର—ଏ ଘାସକୁ ଲୋକେ ଅଣି ସଉକରେ
**गिनिग्रास** ବଗିଚାରେ ଲଗାନ୍ତି । ]

ଗିନି ଚିଙ୍ଗୁଡ଼ି—ଦେ. ବି.—ଅତି ଛୋଟ ଚିଙ୍ଗୁଡ଼ି—
Gini chingurdi Very small shrimp.

ଗିନି ପିଗ୍—ବିଦେ. ବି. (ଇଂ. ଗିନି+ପିଗ୍=ଘୁଷୁରି)—ଏକ ପ୍ରକାର
Gini pig ଲାଙ୍ଗୁଳହୀନ ବିଦେଶାଗତ ଧଳା ମୂଷା—Guinea-pig.
গিনিপিগ [ଦ୍ର—ଏମାନଙ୍କୁ ଲୋକେ ସଉକରେ ପାଳନ୍ତି ।]
**गिनीपीग**

ଗିନିମାଳ—ଦେ. ବି.—(ଇଂ. ଗିନି+ସଂ. ମାଳ)—ଗିନି ବା ସଭରେନ୍
Ginimala ଗୁଡ଼ିଏ ଗୁନ୍ଥା ହୋଇ ପ୍ରସ୍ତୁତ ହୋଇଥିବା ବେକର ହାର—
গিনিহার A necklace of sovereigns strung together.
**सावरीकामाला**

ଗିନିସୁନା—ଦେ. ବି ( ଇଂ. ଗିନି+ସଂ. ସ୍ୱର୍ଣ୍ଣ )—
Ginisuna ପ୍ରଚଳିତ ଗିନି ମୁଦ୍ରାରେ ବ୍ୟବହୃତ ସ୍ୱର୍ଣ୍ଣ—
গিনিসোনা Standard of gold composing the
**गिनिसुना** sovereign.
[ ଦ୍ର—ଏଥିରେ ୨୨ ଭାଗ ସୁନା ଓ ୨ ଭାଗ ତମ୍ବା ଥାଏ ] ।

ଗିନ୍ଦୁକ—ସଂ. ବି—୧ । ଖେଳିବା ପେଣ୍ଡୁ—
Ginduka 1. A ball for playing.
୨ । କେନ୍ଦୁ (ଦେଖ)—
2. Kendu (See)

ଗିନ୍ନୀ—ପ୍ରାଦେ (ମେଦିନୀପୁର)—ବି (ସଂ. ଗୃହିଣୀ; ଭୁଲ. ବ. ଗିନ୍ନୀ)—
Ginni ଗୃହିଣୀ; ଗୃହକର୍ତ୍ତ୍ରୀ—House-wife; the mistress of the house.

ଗିବ୍ରୀ—ଦେ. ବି—ବୃକ୍ଷବିଶେଷ—
Gibri Indigufera Puichella. (Haines).

ଗିମା—ପ୍ରାଦେ (ମେଦିନୀପୁର) ବି (ଭୁଲ. ବ. ଗୀମେଶାକ; ଗିମା)—
Gima ପିତାଶାଗ (ଦେଖ)
Pitasaga (See)

ଗିରୁ—ସଂ. ବି (ଗୃ ଧାତୁ=ଶବ୍ଦକରିବା+କ୍ୱିପ୍)—
Gir ୧ । ବାକ୍ୟ; ବଚନ—1 Word; speech.
୨ । କଥିତ ଭାଷା—2. Spoken language.
୩ । କଣ୍ଠସ୍ୱର—3. Voice; tone.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | .କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଙ୍କ | ନ୍ତ |

**ଗିରଗିଟୀ**—ପ୍ରାଦେ (ଉତ୍ତର ଓଡ଼ିଶା) (ସଂ. ଗଲଗଣ୍ଡ)—ଏଣ୍ଡୁଅ—
Girgiṭi — Chameleon; a species of lizard.
गिरगिटी
गिरगिट

**ଗିର୍‌ବା**—ପ୍ରାଦେ (ସମ୍ବଲପୁର) କ୍ରି—ଜାଲ ବା ଖିଅରେ ମାଛ ଧରିବା—
Girbā — To catch fish with a net or cloth.
ପ୍ରାଦେ ( ଲରିଆ ) କ୍ରି. (ଭୁଲ. ହି. ଗିର୍‌ନା)—ପଡ଼ିଯିବା— To fall down.

**ଗିର୍‌ମା**—ଦେ. ବି—ଗିରଙ୍ଗା (ଦେଖ)
Girmā — Giringā (See)

**ଗିର୍‌ମିଟ୍**—ଗ୍ରା. ବି ( ଇଂ. ଏଗ୍ରିମେଣ୍ଟ୍ )—ଏକରାରନାମା; ଚୁକ୍ତିପତ୍ର; ଯେଉଁ ଦଲିଲରେ ଦୁଇ ପକ୍ଷଙ୍କ ମଧ୍ୟରେ ତର୍କ ବିତର୍କ ପରେ ସ୍ୱୀକୃତ ସର୍ତ୍ତମାନ ଲେଖାଯାଏ—
Girmit — A deed of agreement.
गिरमेन्ट
गिरमिट
ପ୍ରାଦେ ( ସମ୍ବଲପୁର ) ବି ( ସଂ. ଗୃହମିତ୍‌; ଏହା ଗୃହସ୍ଥର ମିତ୍ର ଥିବାରୁ )—ଲୁହା ଭଅଁର—Auger.

**ଗିର**—ଦେ (ପଦ୍ୟ) ବି—ଗିର୍‌ (ଦେଖ)
Gira — Gir (See)
ନମସ୍କାର କରି କହନ୍ତେ ତାଙ୍କୁ ଗିର—କୃଷ୍ଣଙ୍କ ଦ. ମହାଭାରତ. ଅଦ ।

**ଗିରପ୍ତାର (ଇତ୍ୟାଦ)**—ବୈଦେ. ବି. ଓ ବିଣ ( ଫା. ଗିରଫ୍‌ତାର )=ରାଜାଦେଶରେ ଧୃତ ବା ରୁଦ୍ଧ)—ଗିରଫ୍‌ଦାର ଇତ୍ୟାଦ (ଦେଖ)—Giraphdār etc (See)
Giraptār (etc)

**ଗିରଫ୍**—ବୈଦେ. ବି (ଫା. ଗିରଫ୍‌)—୧ । ଧରିବା—
Giraph — 1. Catching hold.
गिरफ
गिरफ्त
୨ । ରାଜାଦେଶରେ ଅପରାଧୀ ବା ସନ୍ଦେହ ବ୍ୟକ୍ତିଙ୍କୁ ଧରିବା ବା ବନ୍ଦୀକରିବା—Arrest or imprisonment of an accused or an offendor.

**ଗିରଫ୍ କରିବା**—ଦେ. କ୍ରି.—ଧରିବା—
Giraph karibā — To catch; to arrest.
गिरफकरा
गिरफ्तकरना

**ଗିରଫ୍‌ତାର୍**—ବୈଦେ. ବି. ( ଫା. ଗିରଫ୍‌ତାର୍ )—
Giraphtār — ଗିରଫ୍‌ଦାର୍ ( ଦେଖ )—Giraphdār ( See )

**ଗିରଫ୍‌ଦାର୍**—ବୈଦେ. ବି. ( ଫା. ଗିରଫ୍‌ତାର୍ )—ରାଜାଦେଶରେ ଅପରାଧୀ ବ୍ୟକ୍ତିଙ୍କୁ ବା ଅସାମୀଙ୍କୁ ଧରିବା—
Giraphdār — Arrest of an offender or an accused; the taking into custody of an accused or suspect.
ଗ୍ରେପ୍ତାର; गिरिफ्‌तार
गिरफ्तार
ବୈଦେ. ବିଣ. ( ଫା )—ରାଜାଦେଶରେ ଧୃତ—Arrested.

**ଗିରଫ୍‌ଦାରି**—ବୈଦେ. ବି ଓ ବିଣ. ( ଫା. ଗିରଫ୍‌ତାରି )—
Giraphdāri — ଗିରଫ୍‌ଦାର୍ ( ଦେଖ )—Giraphdār ( See )
ଗ୍ରେପ୍ତାରୀ
गिरफ्तारी

**ଗିରଫ୍‌ଦାରି ପରୁଆନା**—ବୈଦେ. ବି. (ଫା. ଗିରଫ୍‌ତାରି + ପର୍‌ୱାନା)—
Giraphdāri paruānā — ଅପରାଧୀଙ୍କୁ ଧରିବା ନିମନ୍ତେ ମାଜିଷ୍ଟ୍ରେଟ ବା ରାଜକର୍ମଚାରୀଙ୍କ ଆଦେଶପତ୍ର—Warrant of arrest.
ଗ୍ରେପ୍ତାର ପରୋୟାନା
गिरफतारी परवाना

**ଗିରଲ**—ଦେ. ବି—ଗିବ୍ରୀ ( ଦେଖ )
Giraḷa — Gibri ( See )

**ଗିରସ୍ତ**—ଗ୍ରା. ବି. ( ସଂ. ଗୃହସ୍ଥ.)—୧ । ଗୃହକର୍ତ୍ତା—
Girasta — 1. Master of the house.
ଗେରସ୍ତ
गिरही
୨ । ସ୍ୱାମୀ; ଭର୍ତ୍ତା—2. Husband.
୩ । ଗୃହସ୍ଥାଶ୍ରମୀ ବ୍ୟକ୍ତି—3. A house-holder.
(ଗିରସ୍ତ; ଗେରସ୍ତ—ଅନ୍ୟରୂପ) ୪ । ଗୃହୀ; ପରିବାରବିଶିଷ୍ଟ ବ୍ୟକ୍ତି—4. A family-man.

**ଗିରସ୍ତି**—ଗ୍ରା. ବିଣ. ( ସଂ. ଗୃହସ୍ଥ )—୧ । ଗୃହସ୍ଥସମ୍ବନ୍ଧୀୟ—
Girasti — 1. Relating to a house-holder.
ଗେରସ୍ତୀ
୨ । ଗୃହସମ୍ବନ୍ଧୀୟ—2. Domestic.
ବି—ଗୃହସ୍ଥ—A house-holder.

**ଗିରା**—ସଂ. ବି. ( ଗିର୍ + ଆ )—୧ । ଗିର୍; ବାକ୍ୟ; ବଚନ—
Girā — 1. Word; speech.
୨ । ଯେଉଁ ଶକ୍ତି ବଳରେ ମନୁଷ୍ୟ କଥାଭାଷା କରେ—2. Power of speech.
୩ । ଜିଭ; ଜିହ୍ୱା—3. Tongue.
୪ । ସରସ୍ୱତୀ ଦେବୀ—4. The Hindu Goddess of learning.
୫ । ଭାଷା—5. Language.
୬ । କବିତା—6. Poetry.
୭ । ସରସ୍ୱତୀ ନଦୀ—7. The Saraswati river.
ବୈଦେ. ବି. ( ଫା. ଗିରହ୍ =ଗଣ୍ଠି )—
୧ । ରେଖା—1. Line; notch.
गिरा
गिरह, लकीर
୨ । ଗଣନାକାଳରେ ସଂଖ୍ୟା ମନେ ରଖିବାକୁ କଟାଯିବା ଗାର—2. Lines drawn on the ground to denote the number of any thing counted or measured.
୩ । କାନମଧ୍ୟସ୍ଥ କୋମଳତମ ଅଂଶ—3. The tenderest part inside the human ear; the soft membrane inside the ear.
୪ । ଏକଗଜ ପରିମାଣର ୧୬ ଭାଗରୁ ୧ ଭାଗ—4. One-sixteenth of a yard ( measure ).
୫ । ଗ୍ରନ୍ଥି; ଗଣ୍ଠି—5. A knot; joint.
୬ । ସ୍ୱୋପାର୍ଜିତ ଧନ—6. Self-acquired property.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ସେତେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବର୍ଧ୍ୟ' ନ ମିଳିଲେ 'ବନ୍ଧ୍ୟ' ଦେଖିବେ; ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଳବଳ' ନ ପାଇଲେ 'ଅଲବଲ' ଦେଖିବେ ।

୭ । ଶେଷ ସୀମା—7. Limit.

ତାରକ ମନ୍ତ୍ରକୁ ଅର୍ଦ୍ଧମାତ୍ରା କରେ ଧ୍ୟାନ
ଶ୍ୟାମପଞ୍ଚାକ୍ଷରକୁ ଓଁକାର ଗିରିସ୍ଥାନ—ପ୍ରାଚୀ. ଗୁରୁଭକ୍ତି ଗୀତା ୨ୟ ଖଣ୍ଡ ।

ଦେ. ବଣ—ନିଜର ଅର୍ଜିତ ଧନ—
Self-acquired ( property ).
( ଯଥା —ଏ କଅଣ ତୋ ବାପର ଗିରି ମାଲ ? )

**ଗିରାଇବା**—ଦେ. କ୍ରି. ( ସଂ. ଗଲ ଧାତୁ )—
Girāibā ୧ । (ଗିରିବା କ୍ରିୟାର ଣିଜନ୍ତରୂପ) ତଳେ ପକାଇବା—
ফেলা 1. (Causative form of Giribā) To cause to fall down.
गिराना
୨ । ତଳକୁ ଖସାଇ ପକାଇବା—2. To let fall.

**ଗିରାଙ୍କୁଶ**—ସଂ. ବି. ( ଗିର୍ + ଅଙ୍କୁଶ; ରୂପକ )—
Girānkuśa ବଚନାଙ୍କୁଶ; ବାକ୍ୟବାଣ—
Unpleasant words (compared to a dart).

ବାଣୀରେ ଭରତ ମୋହ, ଗଜମୂର୍ଖ କୋହେ ମୁହିଁ
ଗିରାଙ୍କୁଶ ଘାତ କରି କର । ଉଦ୍ଧ. ବୈଦେହୀଶବିଳାସ ।

**ଗିରାଣ୍**—ବୈଦେ. ବି. (ଫା. ଗିରାଁ=ମହାର୍ଘ )—ମହାର୍ଘତା; ଦୁର୍ମୂଲ୍ୟତା—
Girān Dearness in price.
আক্রা ଦେ. ବଣ—ମହଙ୍ଗା; ମହରଗ; ଦୁର୍ମୂଲ୍ୟ—
गिराँ Dear ( in price ).

**ଗିରାଣି**—ବୈଦେ. ବି. ( ଫା. ଗିରାନୀ=ମହାର୍ଘତା )—
Girāni ୧ । ଗିରାଣି କାଳ ( ଦେଖ )
আক্রা 1. Girāni kāla ( See )
गिरानी ୨ । ଗିରାଣ୍ ( ଦେଖ )
2. Girān ( See )
ବୈଦେ. ବଣ—ଗିରାଣ୍ ( ଦେଖ )
Girān ( See )

**ଗିରାନ୍**—ବୈଦେ. ବି ଓ ବଣ—ଗିରାଣ୍ ( ଦେଖ )
Girān Girān ( See )

**ଗିରାନି**—ବୈଦେ. ବି ଓ ବଣ—ଗିରାଣି ( ଦେଖ )
Girāni Girāni ( See )

**ଗିରାଣି କାଳ**—ଦେ. ବି—ମହର୍ଘ ସମୟ; ଯେଉଁ ସମୟରେ ଖାଦ୍ୟ ଓ ପଣ୍ୟ-ଦ୍ରବ୍ୟାଦି ମହର୍ଘ ହୁଏ—
Girāni kāla
অক্রারা সময় A time of rise in prices; a time
गिरानी वखत when things become dear in the market.

**ଗିରାପତି**—ସଂ. ବି. ( ୬ଷ୍ଠୀ ତତ୍; ଗିରା+ପତି )—୧ । ବିଷ୍ଣୁ—
Girāpati 1. Bishnu.
୨ । ବ୍ରହ୍ମା ( ହି. ଶବ୍ଦସାଗର )—2. Brahmā.

**ଗିରାସ**—ଗ୍ରା. ବି. ( ସଂ. ଗ୍ରାସ )—ଗ୍ରାସ ( ଦେଖ )
Girāsa Grāsa ( See )
গ্রাস
गिरास

**ଗିରାସିବା**—ଗ୍ରା. କ୍ରି. ( ସଂ. ଗ୍ରାସ )—ଗ୍ରାସିବା ( ଦେଖ )
Girāsiba Grāsibā ( See )
গ্রাসা
गिरासना

**ଗିରି**—ସଂ. ବି. (ଗୃ ଧାତୁ=ଗ୍ରାସ କରିବା+କର୍ତ୍ତୃ. ଇ)—୧ । ପର୍ବତ—
Giri 1. Mountain.
୨ । ଦଶନାମୀ ସନ୍ନ୍ୟାସୀମାନଙ୍କର ଶ୍ରେଣୀ ବା ଉପାଧିବିଶେଷ—
Title of a class of anchorites or ascetics.
[ ଦ୍ର—ପରିବ୍ରାଜକ ଓ ତାନ୍ତ୍ରିକ ସନ୍ନ୍ୟାସୀମାନେ ମଧ୍ୟ ଏ ଉପାଧି ଗ୍ରହଣ କରନ୍ତି—ହି. ଶବ୍ଦସାଗର । ]
୩ । ନେତ୍ରରୋଗବିଶେଷ—3. A disease of the eye.
୪ । ଆଠ ସଂଖ୍ୟା—4. The number '8'.
୫ । ଗେନ୍ଦୁକ; ପେଣ୍ଡୁ—5. Play-ball.
୬ । ଗିଳିବା; ଭକ୍ଷଣ—6. Eating; swallowing.
୭ । ମେଘ—7. Cloud.
୮ । (ସ୍ତ୍ରୀ) ବାଳମୂଷିକା; କ୍ଷୁଦ୍ରମୂଷା—8. A small rat.
୯ । ପାରଦ ଧାତୁର ଦୋଷବିଶେଷ, ଯାହା ଶୋଧିତ ନ ହେଲେ ସେବନକାରୀକୁ ଜଡ଼ କରିଦିଏ (ହି. ଶବ୍ଦସାଗର)
9. A defect found in crude mercury.
ସଂ. ବଣ—ପୂଜ୍ୟ, ମାନନୀୟ—Venerable; respectable
ଦେ. ବି—କାନର କୋମଳତମ ଅନ୍ତଃସ୍ଥଳ— Tenderest part inside the ear-hole; the soft membrane inside the ear.
ବୈଦେ. ପ୍ରତ୍ୟୟ (ଫା) (ସଂସ୍କୃତର, ତା ଭୃ ପ୍ରତ୍ୟୟପର) (କୌଣସି ବ୍ୟବସାୟ ବା ଅବଲମ୍ବନ ବା କାର୍ଯ୍ୟ ଅର୍ଥରେ ଅନ୍ୟ ପଦ ସଙ୍ଗେ ପ୍ରଯୁଜ୍ୟ; ଯଥା :—ବାବୁଗିରି; କିରାଣିଗିରି )—
ପଣିଆ; ଅବସ୍ଥା—A suffix denoting the state of being (corresponding to the English suffix ism.)
ପ୍ରାଦେ. ( ସମ୍ବଲପୁର )—ବନଶୀ—Angling rod.

**ଗିରିକ**—ସଂ. ବଣ (ଗିରି+ଉଦ୍ଭବାର୍ଥେ. କ)—ପର୍ବତରୁ ଉଦ୍ଭୂତ—
Girika Born of or produced from the mountains.
ସଂ. ବି—ଶିବ; ମହାଦେବ—God Śiba.

**ଗିରିକଚ୍ଛପ**—ସଂ. ବି (ମଧ୍ୟପଦଲୋପୀ କର୍ମଧା; ଗିରିବାସୀକଚ୍ଛପ)—ପର୍ବତରେ ବାସ କରୁଥିବା ଏକପ୍ରକାର ସ୍ଥଳଚର କଇଁଛ—
Girikachhapa
A species of tortoise living in the mountains.

| ୧ | ଇ | ଉ | ଋ,ଝୃ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଌ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ |

**ଗିରିକଣ୍ଟକ**—ସଂ. ବି (୬ଷ୍ଠୀ ତତ୍; ଗିରି+କଣ୍ଟକ)—ବଜ୍ର—
Girikantaka Thunder.

**ଗିରିକଣ୍ଟା**—ପ୍ରାଦେ. (ସମ୍ବଲପୁର) ବି—ବନଶୀକଣ୍ଟା—
Girikanta Angling hook.

**ଗିରିକଦଳୀ**—ସଂ. ବି ( ମଧ୍ୟପଦଲୋପୀ କର୍ମଧା; ଗିରିଜାତ କଦଳୀ )—
Girikadali ବନ୍ୟ କଦଳୀ—Wild banana.

**ଗିରିକନ୍ଦର**—ସଂ. ବି (୬ଷ୍ଠୀ ତତ୍; ଗିରି+କନ୍ଦର)—ପର୍ବତ ଗୁହା—
Girikandara Mountain-cave.

**ଗିରିକନ୍ଦରା**—ଦେ. ବି (ସଂ. ଗିରିକନ୍ଦର)—ଗିରିକନ୍ଦର ( ଦେଖ )—
Girikandarā Girikandara ( See )

**ଗିରିକର୍ଣ୍ଣିକା**—ସଂ. ବି. ସ୍ତ୍ରୀ ( ଗିରି+କର୍ଣ୍ଣ+କ+ସ୍ତ୍ରୀ. ଆ; ଗିରି
Girikarnnikā ଯାହାର କର୍ଣ୍ଣ ସ୍ୱରୂପ)—୧। ପୃଥିବୀ—
1. The earth.
୨। ଧଳା ଅପରାଜିତା ଫୁଲ ଓ ଲତା—2. A creeper and its white flower; Clitoria Ternatea (white variety).
୩। ଅପାମାର୍ଗ ଗୁଳ୍ମ (ହି. ଶବ୍ଦସାଗର)—
3. Achyranthus Aspera (plant).

**ଗିରିକର୍ଣ୍ଣୀ**—ସଂ. ବି ( ଗିରି=ବାଳମୂଷିକ+କର୍ଣ୍ଣ+ଈନ୍ )—
Girikarnni ୧। କୃଷ୍ଣ ଅପରାଜିତା—1. A creeper and its blue flower; Clitoria Ternatea (blue variety).
୨। ଜବାସା ( ଦେଖ )—
2. Jabāsā ( See )

**ଗିରିକା**—ସଂ. ବି ( ଗିରି+ସ୍ୱାର୍ଥେ କ+ସ୍ତ୍ରୀ. ଆ )—୧। କ୍ଷୁଦ୍ର ମୂଷା;
Girikā ଛୁଙ୍କେଇ ମୂଷା—1. The small rat.
୨। ( ନାମ ) କୋଲାହଳ ରାଜାଙ୍କ କନ୍ୟା ଓ ପୁରୁବଂଶୀୟ ବସୁରାଜାଙ୍କ ସ୍ତ୍ରୀ—2. Name of a queen of ancient India.
[ ଦ୍ର—ଏହାଙ୍କ ବିଷୟ ମହାଭାରତରେ ଅଛି । ]

**ଗିରିକୁମାରୀ**—ସଂ. ବି. ସ୍ତ୍ରୀ ( ଗିରି+କୁମାରୀ; ୬ଷ୍ଠୀ ତତ୍)—
Girikumāri ୧। ଉମା; ପାର୍ବତୀ—1. Pārbati.
୨। ପର୍ବତରୁ ନିର୍ଗତ ହୋଇଥିବା ନଦୀ—
2. A river flowing from a mountain.
କେତେ ଗିରିକୁମାରୀ ଚଞ୍ଚଳା ସୁକୁମାରୀ ମିଳଲେ ଆସି ତୋ ସହିତ—
ମଧୁସୂଦନ. ନଦୀସ୍ତୁତି ।

**ଗିରିକୂଟ**—ସଂ. ବି (୬ଷ୍ଠୀ ତତ୍; ଗିରି+କୂଟ)—ପର୍ବତଶୃଙ୍ଗ—
Girikūta The summit of a mountain.

**ଗିରିକ୍ଷିପ**—ସଂ. ବି (ନାମ) ପୁଂ—ଅକ୍ରୂରଙ୍କର ଏକ ଭାଇ—
Girikshipa Name of a brother of Akrūra.

**ଗିରିଗୁଡ଼**—ସଂ. ବି—କନ୍ଦୁକ; ପେଣ୍ଡୁ—
Girigurda A play-ball.

**ଗିରିଗୁହା**—ସଂ. ବି ( ୬ଷ୍ଠୀ ତତ୍; ଗିରି+ଗୁହା )—ଗିରିକନ୍ଦର (ଦେଖ)
Giriguhā Girikandara (See)

**ଗିରିଙ୍ଗା**—ଦେ. ବି—ବନ୍ଧୂକାଦି ବର୍ଗର ବନ୍ୟତରୁବିଶେଷ—
Giringā A kind of wild timber-tree; Bastard Cedar; Guazuma Tomentosa; Pterospermum Heyneanum.
[ ଦ୍ର—ଏଥିର କାଠ ଖୁବ ଶକ୍ତ ଥିବାରୁ ଏଥିରେ ଖଟଗୋଡ଼ ଓ ହଳର ଅଙ୍ଗମାନ ଓ ଘରର ଉପକରଣମାନ ତିଆରି କରାଯାଏ । ]

**ଗିରିଚର**—ସଂ. ବି (ଗିରି+ଚର୍ ଧାତୁ+କର୍ତ୍ତୃ. ଅ; ଉପପଦ ସମାସ)—
Giricharа ୧। ଯେ ପର୍ବତରେ ବିଚରଣ କରେ—
1. One who frequents the mountains.
୨। ଚୋର—2. A thief.
୩। ରୁଦ୍ରବିଶେଷ—
3. Name of a Rudra Deity.
ସଂ. ବିଣ. ପୁଂ—ପର୍ବତରେ ବିଚରଣକାରୀ—
(ଗିରିଚରୀ—ସ୍ତ୍ରୀ) Frequenting the mountains.

**ଗିରିଜ**—ସଂ. ବିଣ ( ଗିରି+ଜନ୍ ଧାତୁ+କର୍ତ୍ତୃ. ଅ )—
Girija ଗିରିରୁ ଉତ୍ପନ୍ନ—Obtained from the mountains.
୧। ଶିଳାଜତୁ—1. Bitumen; benzoin.
୨। ଲୌହ—2. Iron.
୩। ଗୈରିକ; ଗେରୁମାଟି—
3. Red chalk; red ochre.
୪। ଅଭ୍ର—4. Mica; talc.
୫। ରକ୍ତକାଞ୍ଚନ ବୃକ୍ଷ—
5 A wild tree with red flowers.
୬। ପାହାଡ଼ୀ ମହୁଲ ଗଛ (ହି. ଶବ୍ଦସାଗର)—
6. A species of Mahwa tree.

**ଗିରିଜା**—ସଂ. ବି. ସ୍ତ୍ରୀ (ଗିରି+ଜନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Girijā ୧। ହିମାଳୟକନ୍ୟା; ପାର୍ବତୀ; ଦୁର୍ଗା—
1. Pārbati; Durgā.
୨। ଗଙ୍ଗାନଦୀ—2. The Ganges.
୩। ଗିରିମଲ୍ଲିକା—3. Mountain-Jasmine
୪। ଗିରିକଦଳୀ—
4 Plantain growing on hills; wild banana.
୫। ହରଡ଼ା—5. Myrabolan.
୬। ପର୍ବତସ୍ଥ କ୍ଷୁଦ୍ର ପାଷାଣବିଶେଷ—
6. A species of stone found in hills.
(୧-୬) ବିଷକଣ୍ଠ ସୁଗୌରବରେ କୁଳଶୈଳ ଗିରିଜା ବଦାଗ ହୋଇଛି ।
ଭକ୍ତ. ବୈଦେହୀଶବିଳାସ ।

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବର୍ଣ୍ଣରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଗିର୍ଜା ବୈଦେ. ବ—(ପର୍ତ୍ତୁଗିଜ୍. ଇଗ୍ରିଜିଆ)—ଖ୍ରୀଷ୍ଟାନ୍‌ମାନଙ୍କ
**गिरजा, गिर्जा** ଉପାସନାମନ୍ଦିର—Church.

ଗିରିଜା ଦେ. ବ—୧। ଗିରିଜାକୁମାର ଆଦିଙ୍କ ଡାକ ନାମ—
**गिरिजा** 1. A name for calling Girijākumāra etc.
୨। ସ୍ତ୍ରୀମାନଙ୍କୁ ଦିଆଯିବା ନାମ—
3 A name given to females.

ଗିରିଜାକୁମାର—ସଂ. ବ. (୬ଷ୍ଠୀ ତତ୍; ଗିରିଜା+କୁମାର)—
Girijā kumāra ୧। କାର୍ତ୍ତିକେୟ—1. Kārttikeya.
୨। ଗଣେଶ—2. Gaṇeśa.
ଦେ. ବ. ପୁଂ—ପୁରୁଷମାନଙ୍କୁ ଦିଆଯିବା ନାମ—
A name given to males.

ଗିରିଜାନନ୍ଦନ—ସଂ. ବ. (୬ଷ୍ଠୀ ତତ୍; ଗିରିଜା+ନନ୍ଦନ)—
Girijā nandana ଗିରିଜା କୁମାର (ଦେଖ)
Girijā kumāra (See)

ଗିରିଜାନାଥ—ସଂ. ବ. (୬ଷ୍ଠୀ ତତ୍; ଗିରିଜା+ନାଥ)—
Girijā nātha ଗିରିଜାପତି (ଦେଖ)
Girijāpati (See)

ଗିରିଜାପତି—ସଂ. ବ. ପୁଂ. (୬ଷ୍ଠୀ ତତ୍; ଗିରିଜା+ପତି)—
Girijāpati ମହାଦେବ; ଶିବ—God Śiba.
ଦେ. ବ. ପୁଂ—ଲୋକଙ୍କ ନାମ—
A name given to males.

ଗିରିଜାବୀଜ—ସଂ. ବ. (୬ଷ୍ଠୀ ତତ୍; ଗିରିଜା+ବୀଜ)—ଗନ୍ଧକ—
Girijābija Sulphur.

ଗିରିଜାମଳ—ସଂ. ବ. (୬ଷ୍ଠୀ ତତ୍; ଗିରିଜା+ମଳ)—ଅଭ୍ରକ—
Girijāmaḷa Mica.

ଗିରିଜାୟା—ସଂ. ବ. (୬ଷ୍ଠୀ ତତ୍; ଗିରି+ଜାୟା)—
Girijāyā ହିମାଳୟଙ୍କ ପତ୍ନୀ; ପାର୍ବତୀଙ୍କ ମାତା ମେନା ଦେବୀ—
The wife of the Himalayas and mother of Pārbatī.

ଗିରିଜାଶଙ୍କର—ସଂ. ବ. (ଦ୍ୱନ୍ଦ୍ୱ; ଗିରିଜା+ଶଙ୍କର)—
Girijāśaṅkara ୧। ପାର୍ବତୀ ଓ ମହାଦେବ—
1. Pārbatī and Śiba.
୨। ଶିବଙ୍କର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି—
2. The combined form of Pārbatī and Mahādeva.
ଦେ. ବ. ପୁଂ—ଲୋକଙ୍କୁ ଦିଆଯିବା ନାମ—
A name given to males.

ଗିରିଡ଼ି—ଦେ. ବ—୧। ଗିରୁଡ଼ି (ଦେଖ)—
Girirdi 1. Girurdi (See)
୨। ଚିଲିକାରେ ମିଳୁଥିବା ଏକପ୍ରକାର ମାଛ—
2. A kind of fish found in the Chilka lake
୩। ସାରେଣି ଗିଲ—3. A kind of Gila seed.

ଦେ. ଵଣ—ଗିରୁଡ଼ି (ଦେଖ)—
Girurdi (See)

ଗିରିଡ଼ିଆ—ଦେ. ଵଣ—ଖର୍ବକାୟ; ଠୁଙ୍ଗା—
Girirdiā Dwarfish.
बाँटा
**ठिंगना, बाओना**

ଗିରିଡ଼ି ଗାରେଡ଼ି—ଦେ. ଵଣ—ଗିରୁଡ଼ିଗାରଡ଼ି (ଦେଖ)—
Girirdi gārerdi Girurdigārardi (See)

ଗିରିତ—ସଂ. ଵଣ (ଗିଲ ଧାତୁ+କର୍ମ. ତ)-ଗିଳିତ (ଦେଖ)—
Girita Giḷita (See)

ଗିରିତ୍ର—ସଂ. ବ (ଗିରି+ତ୍ରୈ ଧାତୁ+କର୍ତ୍ତୃ. ଅ)—
Giritra ୧। ମହାଦେବ; ଶିବ—1. God Śiba.
୨। (ମୈନାକ ପର୍ବତ ଇନ୍ଦ୍ରଙ୍କ ଭୟରେ ସମୁଦ୍ରରେ ଲୁଚିଥିବାରୁ) ସମୁଦ୍ର—2. The sea.

ଗିରିଦୁର୍ଗ—ସଂ. ବ (ମଧ୍ୟପଦଲୋପୀ; ଗିରି+ଦୁର୍ଗ; ଗିରି ଉପରେ
Giridurga ନିର୍ମିତ ଦୁର୍ଗ)—୧। ପାର୍ବତ୍ୟ ଗଡ଼; ଦୁର୍ଗପଛ ଚତୁର୍ଦ୍ଦିଗରେ ପର୍ବତଦ୍ୱାରା ରକ୍ଷିତ ନିରାପଦ ସ୍ଥାନ—
1. Mountain-fastness.
୨। ପର୍ବତ ଉପରେ ତିଆର ହୋଇଥିବା ଦୁର୍ଗ—
2. Hill-fort.

ଗିରିଦ୍ୱାର—ସଂ. ବ (୬ଷ୍ଠୀତତ୍; ଗିରି+ଦ୍ୱାର)—ଗିରିସଙ୍କଟ—
Giridwāra Mountain-pass.

ଗିରିଧର—ସଂ. ବ. ପୁଂ. (ଗୋବର୍ଦ୍ଧନ ଗିରିକୁ ଧାରଣ କରିଥିବାରୁ ଗିରି
Giridhara +ଧୃ ଧାତୁ+କର୍ତ୍ତୃ. ଅ)—ଶ୍ରୀକୃଷ୍ଣଙ୍କ ନାମ—
An epithet of Śrikṛushṇa.

ଗିରିଧାତୁ—ସଂ. ବ. (ମ. ପ. ଲୋ; ଗିରି+ଧାତୁ)—
Giridhātu ଗେରୁମାଟି; ଗୈରିକ—
Red chalk; red ochre.

ଗିରିଧାରୀ—ସଂ. ବ. ପୁଂ. (ଉପପଦ; ଗିରି+ଧାରିନ୍; ୧ମା. ୧ବ)—
Giridhārī ଗିରିଧର (ଦେଖ)
Giridhara (See)
ଦେ. ବ. ପୁଂ—ପୁରୁଷଙ୍କ ନାମ—
A name given to males.

ଗିରିନଗର—ସଂ. ବ. (ଗିରି+ନଗର)—ଗିର୍ଣ୍ଣାର (ଦେଖ)
Girinagara Girnār (See)

ଗିରିନଦୀ—ସଂ. ବି. (ମ. ପ. ଲୋ; ଗିରି+ନଦୀ ଗିରିସମ୍ଭୂତା ନଦୀ)—
Girinadī ପାହାଡ଼ରୁ ବହୁଥିବା କ୍ଷୁଦ୍ର ନଦୀ—
Mountain torrent; a rill.

ଗିରିନନ୍ଦିନୀ—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଗିରି+ନନ୍ଦିନୀ)—
Girinandinī ପାର୍ବତୀ—1. Pārbatī.
୨। ପର୍ବତରୁ ଜାତ ନଦୀ—
2. A river flowing from a mountain.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଯ୍ଯ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲ୍ଲ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | କ୍ଷ |

୩ । ଗଙ୍ଗାନଦୀ—3. The river Ganges

ଗିରିପକାଇବା—ପ୍ରାଦେ. (ଗଡ଼ଜାତ) କ୍ରି. (ଗୋରୁ; ପୋଢ଼ୁଅ ଅବ୍ଦ)—
Giripakāibā ବେମାର ହୋଇ ଢୁମାଇବା ଓ ଆଖିରୁ ଲୁହ ଗଡ଼ାଇବା—( cattle; buffalo ) To be attacked with a disease accompanied with dosing and watering of the eyes.

ଗିରିପୁ—ପ୍ରାଦେ. (ଗଞ୍ଜାମ) ବି. (ସଂ. ଗର୍ବ)—ଗର୍ବ—
Giripu Pride.

ଗିରିପ୍ରସ୍ଥ—ସଂ. ବି ( ୬ଷ୍ଠୀ ତତ୍; ଗିରି + ପ୍ରସ୍ଥ )—ଅଧିତ୍ୟକା—
Giriprastha Tableland of a mountain.

ଗିରିପ୍ରିୟା—ସଂ. ବି. ସ୍ତ୍ରୀ ( ବହୁବ୍ରୀହି; ଗିରି+ପ୍ରିୟ+ସ୍ତ୍ରୀ. ଆ )—
Giripriyā ଚମରୀ ମୃଗୀ—The deer with bushy tails inhabiting the Himalayas; the female of Bos Grumiens.

ଗିରିବ—ଗ୍ରା. ପଦ୍ୟ. ବି—ଗ୍ରୀବ ( ଦେଖ )—
Giriba Griba ( See )

ଜୟ ସୋହୋଡ଼ ଷଣ୍ଢ ଗିରିବ ମୋଡ଼ା—ପ୍ରାଚୀ. ରହସ୍ୟମଞ୍ଜରୀ ।

ଗିରିବର—ସଂ. ବି ( ୭ମୀ ତତ୍; ଗିରି+ବର )—୧ । ଶ୍ରେଷ୍ଠ ପର୍ବତ—
Giribara 1 Very big mountain.
୨ । ଗିରି ଶ୍ରେଷ୍ଠ ହିମାଳୟ ପର୍ବତ—2. The Himalayas, the king of mountains.

ଗିରିବା—ଦେ. କ୍ରି ( ସଂ. ଗଲଧାତୁ )—୧ । ଆରୋପିତ ହେବା; ଲଦା ଯିବା; ଅଭିଯୁକ୍ତ କରାଯିବା—
Giribā 1. To be attributed to.
गिरना, पड़ा
गिरना (ଯଥା—ତାଙ୍କ ଉପରେ ଏବେ ସବୁ ଦୋଷ ଗିରି ଗଲା ।)
(ଗିରାଇବା—ପ୍ରଯୋଜକ)
୨ । ତଳେ ପଡ଼ିବା—
2. To drop down on the ground.

ଗିରିବାଣ—ପ୍ରାଦେ. (ଗଞ୍ଜାମ) ବି—ଗର୍ବ—
Giribāṇa Pride.

ଗିରିବାନ୍ଧବ—ସଂ. ବି (୬ଷ୍ଠୀ ତତ୍; ଗିରି+ବାନ୍ଧବ) ମହାଦେବଙ୍କ ନାମ—
Giribāndhaba An epithet of Śiba.

ଗିରିବାଳା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଗିରି+ବାଳା)—ଉମା; ପାର୍ବତୀ—
Giribāḷā Pārbatī.

ଗିରିବାସୀ—ସଂ. ବିଣ (ଗିରି+ବସ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Giribāsī Mountaineer; living in the mountains.

ଗିରିବ୍ରଜ—ସଂ. ବି. ( ୬ଷ୍ଠୀ ତତ୍; ଗିରି+ବ୍ରଜ=ସମୂହ )—ବିହାର
Giribraja ପ୍ରଦେଶ ଅନ୍ତଃପାତୀ ପ୍ରାଚୀନ ନଗରବିଶେଷ; ଜରାସନ୍ଧଙ୍କ ରାଜଧାନୀ—A country in ancient Bihār,

ବନେ ଗିରିବ୍ରଜରେ ଜରାସନ୍ଧ ଥାଇ—କୃଷ୍ଣସିଂହ. ମହାଭାରତ, ସଭା ।

[ ଦ୍ର—ଏହା ଗଙ୍ଗା ଓ ଶୋଣ ନଦୀର ସଙ୍ଗମସ୍ଥଳରେ ଥିଲା । ଋଷିଗିରି, ବରାହ, ବୃଷଭ, ବୈହାର ଓ ଚୈତ୍ୟକ ଏହି ପଞ୍ଚଗିରିଦ୍ୱାରା ଘେରି 'ଗିରିବ୍ରଜ' ଆଖ୍ୟା ପାଇଥିଲା । ଏହାର ପରବର୍ତ୍ତୀ ନାମ ରାଜଗୃହ; ଏହା କେକୟ ଦେଶର ରାଜଧାନୀ ଥିଲା । ]

ଗିରିଭୂ—ସଂ. ବି. ( ଗିରି+ଭୂ ଧାତୁ+କର୍ତ୍ତୃ. କ୍ୱିପ୍ )—
Giribhū ୧ । ପର୍ବତରୁ ଜାତ ନଦୀ—
1. River rising from a mountain
୨ । ପାର୍ବତୀ—2. Pārbatī.
୩ । ଉପଲଖଣ୍ଡ—3. Piece of stone.
୪ । ଗଙ୍ଗା—4. The river Ganges.

ଗିରିମଲ୍ଲିକା—ସଂ. ବି. (୬ଷ୍ଠୀ ତତ୍ ବା ମ. ପ. ଲୋ; ଗିରି+ମଲ୍ଲିକା)—
Girimallikā କୁଟଜବୃକ୍ଷ; ପିତାକୋରୁଆ ଗଛ—
Echites Antidysenterica.
[ ଦ୍ର—ଏହାର ଫୁଲ ଧଳା ଓ ସୁଗନ୍ଧ । ]

ଗିରିମା—ଦେ. ବି—ଗିରିଙ୍ଗା ( ଦେଖ )
Girimā Giringā ( See )

ଗିରିମାଟି—ଦେ. ବି. ( ସଂ. ଗିରି+ମୃତ୍ )—ଗେରୁମାଟି—
Girimāṭi Red chalk.
गेरू
गिरिमाटी

ଗିରିରାଜ—ସଂ. ବି. ( ୬ଷ୍ଠୀ ତତ୍; ଗିରି+ରାଜା; ସମାସରେ 'ରାଜା' ସ୍ଥାନରେ 'ରାଜ' ହୁଏ )—୧ । ହିମାଳୟ ପର୍ବତ—
Girirāja 1. The Himalaya mountains.
୨ । ଉଚ୍ଚ ପର୍ବତ—2 Very high mountain.

ଗିରିଲଠି—ପ୍ରାଦେ. ( ସମ୍ବଲପୁର ) ବି—ଗରିଲଠି ( ଦେଖ )
Gīrilāṭhi Garilāṭhi ( See )

ଗିରିଶ—ସଂ. ବି. ( ଗିରି=କୈଳାଶ ପର୍ବତ+ଶୀ ଧାତୁ=ଶୟନ କରିବା +କର୍ତ୍ତୃ. ଅ; ଯେ ପର୍ବତରେ ଶୟନ କରନ୍ତି )—
Giriśa ମହାଦେବ; ଶିବ—Śiba.

ଗିରିଶୟ—ସଂ. ବି. ( ଗିରି+ଶୀ ଧାତୁ+କର୍ତ୍ତୃ. ଅ )—
Giriśaya ଗିରିଶ ( ଦେଖ )—Giriśa ( See )

ଗିରିଶୃଙ୍ଗ—ସଂ. ବି. ( ୬ଷ୍ଠୀ ତତ୍; ଗିରି+ଶୃଙ୍ଗ )—
Giriśṛuṅga ୧ । ପର୍ବତଶିଖର—1. Mountain peak.
୨ । ଗଣେଶଙ୍କର ନାମ—
2. An epithet of Gaṇeśa.

ଗିରିଷଦ୍—ସଂ. ବି. ( ଗିରି+ସଦ୍ ଧାତୁ=ବାସ କରିବା+କ୍ୱିପ୍; ୧ମା. ୧ବ. )—ଗିରିଶ ( ଦେଖ )—Giriśa ( See )
Girishad

ଗିରିଷମ—ଗ୍ରା. ( ପଦ୍ୟ ) ବି. ( ସଂ. ଗ୍ରୀଷ୍ମ )—
Girishama ୧ । ନିଦାଘକାଳ; ଗ୍ରୀଷ୍ମକାଳ—1. Summer.

କାଇତରୁ ସମ ସାମାନ୍ୟ ବାକର ଗିରିଷମ ଗିରିସମ—
କୃଷ୍ଣ. ବୈଦେହୀଶବିଳାସ ।

ସାଧାରଣ ସୂଚନା ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଳ' ନ ପାଇଲେ 'ଅଲ୍‌ବଳ' ଦେଖିବେ ।

୨ । ଅତିଶଯ୍ୟ ଗରମ—2. Intense heat.

**ଗିରିସଙ୍କଟ**—ସଂ. ବି. ( ୬ଷ୍ଠୀ ତତ୍; ଗିରି + ସଙ୍କଟ )—ଦୁଇ ପର୍ବତ ବା ପର୍ବତଶ୍ରେଣୀ ମଧ୍ୟସ୍ଥ ସଂକୀର୍ଣ୍ଣ ପଥ; ଘାଟି—
Girisankata
Mountain-pass.

**ଗିରିସମ**—ସଂ. ବିଣ. ( ଗିରି+ସମ )—ପର୍ବତାକାରବିଶିଷ୍ଟ—
Girisama Having the shape of a mountain.
ଯାହାଠାରୁ ସମ ସାମାନ୍ୟ ବାନର ଚିହ୍ନଷମେ ଗିରିସମ—
ଅଞ୍ଜ. ବୈଦେହୀଶବିଳାସ ।

ସଂ. ବି—ଖୁବ୍ ବଡ଼ ଗଦା—A big heap.
ଗିରିସମ କାଇ ରେ ଚାମା ଗିରିସମକାଇ,
ଦେଇ ମୁଁ ପାଇଛି ତୋତେ ଗିରିଶ ମନାଇ—ସଙ୍ଗୀତ ।

**ଗିରିସାର**—ସଂ. ବି—୧ । (୭ମୀ ତତ୍; ଗିରି + ସାର)—ମଳୟ ପର୍ବତ—
Girisāra 1. The Malaya mountain.
୨ । ( ୬ଷ୍ଠୀ ତତ୍ )—ଲୌହ—2. Iron.
୩ । ଟିଣ—3. Tin.
୪ । ରଙ୍ଗ (ଧାତୁ)—4. Lead.
୫ । ଶିଳାଜତୁ—5. Benzoin.

**ଗିରିସୁତ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଗିରି =ହିମାଳୟ ପର୍ବତ + ସୁତ )—ମୈନାକ ପର୍ବତ—
Girisuta
The Maināka mountain.

**ଗିରିସୁତା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଗିରି =ହିମାଳୟ ପର୍ବତ+ ସୁତା=କନ୍ୟା )—ପାର୍ବତୀ—Pārbati.
Girisutā
ଅବୁ ତାରୁ ଗିରିସୁତା, ମା ବୋଇଲେ ପଡ଼ ରେ ପୁତା । ଶିଶୁଗୀତ ।

ପ୍ରାଦେ. ( ସମ୍ବଲପୁର ) ବି—ବନଶୀ ଡୋର—
Angling line.

**ଗିରୀନ୍ଦ୍ର**—ସଂ. ବି. ( ୭ମୀ ତତ୍; ଗିରି +ଇନ୍ଦ୍ର=ଶ୍ରେଷ୍ଠ )—
Girīndra ୧ । ପର୍ବତରାଜ ହିମାଳୟ—
1. The Himalayas.
୨ । ବଡ଼ ପର୍ବତ —2. A big mountain.
୩ । ଶିବ; ମହାଦେବ (ହି. ଶବ୍ଦସାଗର)—3. Siba.

**ଗିରୀଶ**—ସଂ. ବି. ( ୬ଷ୍ଠୀ ତତ୍; ଗିରି+ଈଶ; ଗିରି =କୈଳାସ ପର୍ବତ +ଈଶ=ପୂଜ୍ୟ )—୧ । ମହାଦେବ—
Girīsa
1. Mahādeba.
୨ । ( ଗିରି=ପର୍ବତ+ଈଶ )—ହିମାଳୟ—
2. The Himalayas.
୩ । ( ଗିର୍=ବାକ୍ୟ+ଈଶ )—ବାଚସ୍ପତି; ବୃହସ୍ପତି—
2. Bruhaspati; the Preceptor of the Gods.

**ଗିରୁଡ଼ି**—ଦେ. ବି ( ସଂ. ଗଣ୍ଡୁର=ମେଣ୍ଢା ସ୍ତନାକୃତିବିଶିଷ୍ଟ ଥିବାରୁ )—
Girurdi ୧ । କ୍ଷୁଦ୍ରକାୟ ଆମ୍ବ—1. Small mango.
ବୀଜୁ ୨ । ଝାଡ଼ଜଙ୍ଗଲଜାତ—2. Small mangoes growing wild.

ଦେ. ବି. ସ୍ତ୍ରୀ—ମେଣ୍ଢୀ—Ewe.

ଦେ. ବିଣ—ଗିରୁଡ଼ିଆ ( ଦେଖ )—
Girurdiā ( See )

**ଗିରୁଡ଼ିଆ**—ଦେ. ବିଣ—୧ । ଠୁଙ୍ଗ; ଖର୍ବକାୟ—
Girurdiā 1. Dwarfish.
ठिंगना, बाओना ୨ । ଆକାରରେ ଅତିକ୍ଷୁଦ୍ର—2.Very small.

**ଗିରେଇବା**—ଦେ. କ୍ରି—୧ । ଗିରିବା 'କ୍ରିୟାର ଣିଜନ୍ତ ରୂପ—
Gireibā 1. Causative form of Giribā.
गिरान् ୨ । ତଳେ ପକାଇବା—2. To cause to fall
गिराना, गिरवाना down; to fell down.
୩ । ଦାୟିତ୍ୱ ବା ଦୋଷ ଆଦି କୌଣସି ବ୍ୟକ୍ତି ଉପରେ ପକାଇବା—3. To lay the blame or fault or responsibility on another's shoulder.
୪ । କୌଣସି ବ୍ୟକ୍ତିକୁ ଆପଦରେ ପକାଇବା—
4. To put a man in difficulty or danger.

**ଗିରେଇଶିଆଳି**—ଦେ. ବି—ଜିରେଇଶିଆଳି ( ଦେଖ )—
Gireisiāli Jireisiāli ( See )

**ଗିରେଲ୍‌ଶାଗ**—ପ୍ରାଦେ. (ସମ୍ବଲପୁର) ବି— ଏକପ୍ରକାର ଜଙ୍ଗଲି ବୁଦା—
Girelsāg A kind of bush growing in the forest.
[ ଦ୍ର—ଏହାର ଫୁଲ ଓ କୋମଳପତ୍ର ଶାଗ ହୁଏ । ]

**ଗିର୍ଜା**—ବୈଦେ. ବି (ପର୍ତ୍ତୁ. ଏଗ୍ରେଜା )—ଖ୍ରୀଷ୍ଟାନ୍‌ମାନଙ୍କର ଭଜନାଳୟ—
Girjā Church.
गिर्जा
गीर्जा

**ଗିର୍ଣ୍ଣାର**—ଦେ. ବି ( ସଂ. ଗିରି ନଗର )—
Girnnāra ୧ । ଦକ୍ଷିଣାପଥର ଜିଲ୍ଲାବିଶେଷ—
गिर्नार 1. A District in South India.
गिरनार ୨ । ଗୁଜରାଟର ପର୍ବତବିଶେଷ—
2. Name of a mountain in Gujrat.
[ ଦ୍ର—ଏହା କାଥିଆବାଡ଼ ମଧ୍ୟସ୍ଥିତ ଜୁନାଗଡ଼ ନଗରର ନିକଟବର୍ତ୍ତୀ । ଏହାର ପାଞ୍ଚଗୋଟି ପ୍ରଧାନ ଶୃଙ୍ଗ ପୂର୍ବରୁ ପଶ୍ଚିମ ଦିଗକୁ ବିସ୍ତୃତ । ପ୍ରଥମ ଶୃଙ୍ଗରେ ଜୈନମାନଙ୍କର ଉପାସ୍ୟ ଦେବତା ନେମିନାଥଙ୍କ ମନ୍ଦିର ଓ ଗୋମୁଖୀ କୁଣ୍ଡ ଅଛି । ଶ୍ରୀଭଗବାନଙ୍କ ଅଂଶରେ ମୁନିପତ୍ନୀ ଅନସୂୟାଙ୍କ ଗର୍ଭଜାତ ସନ୍ତାନ ଦତ୍ତାତ୍ରେୟ ଋଷି ଏକ ଶୃଙ୍ଗରେ ଜନ୍ମପରିଗ୍ରହ କରିଥିଲେ । ଏହି ପର୍ବତର ଏକାଂଶରେ ଏକ ବୃହତ୍ ବୌଦ୍ଧଶିଳାଲିପି ଅଛି ।

ପୁରାଣପ୍ରସିଦ୍ଧ ରୈବତକ ପର୍ବତର ଆଧୁନିକ ନାମ ଗିର୍ଣ୍ଣାର; ଏହା ଜୈନମାନଙ୍କର ଏକ ତୀର୍ଥ । ଏ ପର୍ବତର ଗୁହାମାନଙ୍କରେ ଅନେକ ତାନ୍ତ୍ରିକ ଯୋଗୀ ଓ ଯୋଗିନୀ ବାସ କରନ୍ତି । ]

**ଗିର୍ଦା**—ବୈଦେ. ବି ( ପା. ଗିର୍ଦ୍ )—୧ । ଗୋଲ ମାଣ୍ଡି—
Girdā 1. Round pillow.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ |

ଗେଦ ୨ । ମାଟିର ସ୍ତୂପ—
गिरदा 2. A raised mound of earth.
୩ । ଗୃହଆଡ଼େ ବାଡ଼ ବୁଜାଯାଇଥିବା ମାଟି ବା ପଥର ବା ଇଟାର ଗୋଲାକାର ଉଚ୍ଚ ସ୍ତୂପ—
3. A raised circular mound enclosed with a fence.

**ଗିର୍ଧନୀ**—ଦେ. ବି—ଔଷଧ ଗୁଳ୍ମବିଶେଷ—
Girdhani A herbacious plant; Drynaria.

**ଗିର୍ଧ୍ନିକନ୍ଦା**—ଦେ. ବି (ବୈଦ୍ୟକ) - ଆକାଶଗରୁଡ଼ (ଦେଖ)
Girdhnikandā Ākāsagarurda (See)

**ଗିର୍ନାର**—ଦେ. ବି ( ନାମ )—( ସଂ. ଗିରି+ନଗର )—
Girnāra ଗିର୍ଣ୍ଣାର (ଦେଖ)—Girnnāra (See)

**ଗିର୍ଲି**—ପ୍ରାଦେ ( ସମ୍ବଲପୁର ) ବି—ଡାବଲପୁଆ ( ଖେଳ ) ( ଦେଖ )
Girli Dābalapuā ( play ) ( See )

**ଗିଲ୍** ( ଧାତୁ )—ସଂ—ଗ୍ରାସ କରିବା —
Gil ( root ) To swallow
[ ଦ୍ର—ଏହା ଗୋଟିଏ ସ୍ୱତନ୍ତ୍ର ଧାତୁ ନୁହେ । 'ଗୃ' ଧାତୁରୁ ଏହା ଉତ୍ପନ୍ନ (Apte) । ]

**ଗିଲ୍‌ଗିଲ୍**—ଦେ. ବିଣ—ସନ୍ଦେହାନ ( ମନ )—
Gilgil Doubting; hesitating.
पिचपिच

**ଗିଲ୍‌ଗିଲା**—ଦେ. ବିଣ—ଗିଲ୍‌ଗିଲ୍ (ଦେଖ)
Gilgilā Gilgil (See)

**ଗିଲ୍‌ହେବା**—ପ୍ରାଦେ (ସମ୍ବଲପୁର) କି—(ଭାତ) ଲଟେଇ ହେବା; ଯାଉଅ ହେବା—(boiled rice) To be overboiled.
Gilhebā

**ଗିଲ**—ସଂ. ବି ( ଗୃ ଧାତୁ=ଗ୍ରାସ କରିବା+କର୍ତ୍ତୃ. ଅ )—
Gila ୧ । କୁମ୍ଭୀର—1. Crocodile.
୨ । ଟାଭି ଗଛ—2. The Citron tree.
ସଂ. ବିଣ—ଗ୍ରାସକ; ଯେ ଗ୍ରାସ କରେ—Devouring.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ତିମିଙ୍ଗିଳ ] ।

**ଗିଲ**—ଦେ. ବି.—୧ । ବକ୍ଲବ୍ଦ ବର୍ଗର କଣ୍ଟକ ଲତାଶିଅ କ୍ଷୁପ ଓ ତାହାର ଫଳ—1. Entada Hursaetha;
Gila
नाटाकरञ्ज गिले; गिला Mimosa Octandra, Mimosa Scandeus.
काराटाकरञ्ज, कंजा
[ ଦ୍ର—ଏହାର ଫୁଲ ଶ୍ୱେତ, ହଳଦିଆ ଏବଂ
ତେ—ଗଚ
ସଂ. ନାମ—ପୂତିକରଞ୍ଜ; ଫଳ କଣ୍ଟକଯୁକ୍ତ; ଏହା ଚାରି ପ୍ରକାର;
ପ୍ରକାର୍ଯ୍ୟ; ପୂତିକ ଯଥା—୧ । ଗାଈଗିଲ—ଏହା ଗୋଟାଳ ପର
୨ । ବଡ଼ ବା ସାରେଣୀ ଗିଲ—ଏହା ବଡ଼ ଓ ଚକା ଚକା—
୩ । ଭଉଁବାତୁଳ ଗିଲ—ଏହା ବଡ଼ ବାତୁଳ ପର, ଏଥିରେ ନାଲିଦାଗ ହୁଏ । ୪ । ଗିଲ୍ଲ ବା ଚୁଇଁ ଗିଲ—ଏହା ଅତି ଶ୍ୱେତ ।]

୨ । କଟକଲ (ଦେଖ)—2. Katakala (See)
[ ଦ୍ର—ଏହା ଗିଲଲତାଗୁଡ଼ିକରୁ ଏହାର ବାଜ ଗୋଲ ଓ ଚେପ୍‌ଟା; ଏହି ବାଜ ସାହାଯ୍ୟରେ ଲୋକେ ପିନ୍ଧା ଲୁଗାକୁ ସୁନ୍ଦରରୂପେ କୁଞ୍ଚିତ କରନ୍ତି । ]

**ଗିଲଅଗି**—ଦେ. ବି.—ଗିଲ ଲତାର ଅଗନବ କୋମଳ ଅଗ୍ରଭାଗ—
Gila agi The tips of the Gila creeper.
[ ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ । ]

**ଗିଲକୁଞ୍ଚା**—ଦେ. ବି.—କଟକଲ ଫଳ ସାହାଯ୍ୟରେ ଲୁଗା ଓ ଲୁଗା ଧଡ଼ିକୁ ସରୁ ସରୁ କୁଞ୍ଚ କରିବା—
Gila kuñchā
Plaiting of a cloth into artistic curls with the help of a Gila-seed.
ଦେ. ବିଣ.—କଟକଲ ଫଳ ସାହାଯ୍ୟରେ ଧଡ଼ି ଓ ଦେହ ସରୁ ସରୁ କୁଞ୍ଚ କରାଯାଇଥିବା (ଲୁଗା)—
(cloth) Plaited artistically with the help of a Gila.

**ଗିଲ କୁସୁମ**—ପ୍ରାଦେ. (ପୁରୀ ଓ ଗଡ଼ଜାତ) ବି.—କ୍ଷୁଦ୍ର ବନ୍ୟ ବୃକ୍ଷବିଶେଷ; ରୋହିତକ ବୃକ୍ଷ—A small tree growing in the forest; Amoora Rohituka (Haines)
Gila kusuma
পত্তরাজ
तिकराज

**ଗିଲଜଇ**—ବୈଦେ. ବି. ନାମ— ଅଫଗାନିସ୍ଥାନ ଓ ଭାରତର ଉତ୍ତର ପଶ୍ଚିମ ସୀମାନ୍ତବାସୀ ଯୁଦ୍ଧପ୍ରିୟ ପଠାଣ ଜାତିବିଶେଷ—
Gilajai
গিলজাই A martial Pathan tribe across the north western border of India.
गिलजई

**ଗିଲତ**—ବୈଦେ. ବି ( ଫା. ଗଲତ୍=ଅଶୁଦ୍ଧ; ଗଲତୀ=ଅଶୁଦ୍ଧତା )—ଦୋଷ; ତ୍ରୁଟି—Defect.
Gilat
গলতী
गलती

**ଗିଲନ**—ସଂ. ବି ( ଗୃ ଧାତୁ=ଭକ୍ଷଣ କରିବା+ଭାବ. ଅନ )—
Gilana ଗ୍ରାସକରଣ; ଗଳାଧଃକରଣ—Gulping; devouring; swallowing.

**ଗିଳା**—ଦେ. ବି (ସଂ. ଗିଲନ)—୧ । ଗଳାଧଃକରଣ; ଗ୍ରାସ କରିବା—
Gilā 1. Devouring; swallowing.
গিলা ୨ । (ବ୍ୟଙ୍ଗ) ଭୋଜନ—2 Eating.
निगलना, गिलना ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ପେଟୁ; ଉଦରମ୍ଭରି—1. Gluttonous.
୨ । ( ଅନ୍ୟ ଶବ୍ଦ ସହିତ ଯୁକ୍ତ ହୋଇ ) ଯେ (କୌଣସି ପଦାର୍ଥ ) ଗିଳିଥାଏ ବା ପାନ କରିଥାଏ—
2. Having drunk or swallowed.
ବାଳା ହଳାହଳଗିଳାଚୂଳାଭରଣ,ବିମଳା—ଦିନସୂର୍ଯ୍ୟ. ସଙ୍ଗୀତ ।

**ଗିଲା**—ବୈଦେ. ବି ( ଫା. ଗିଲା=ନିନ୍ଦା; ତୁଳ. ସଂ. ଗ୍ଲାନି କ୍ରମ୍ଭା ସଂ. ଗିଲ ଧାତୁ)—୧ । ତ୍ରୁଟି—1. Defect; flaw.
Gilā
गीला ୨ । ଆଳସ୍ୟ—2. Laziness; sloth; idleness.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରାଇ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୩ । ସନ୍ଦେହ—3. Doubt; indecision.

୪ । ଅସନ୍ତୋଷ; ଚଳଣି—4. Discontent.

୫ । ନିନ୍ଦା—5. Blame.

ପ୍ରାଦେ. ( ସମ୍ବଲପୁର ) ବି—୧ । କାଦୁଅ—1. Clay.

୨ । ସାମାନ୍ୟ ଓଦାଳିଆ ରୂପେ ଶୁଖି ନ ଥିବା ଅବସ୍ଥା— 2. Slightly moist condition.

ଦେ. ବିଣ—୧ । ଅସୁସ୍ଥ— 1. Feeling unwell; ailing; indisposed.

୨ । ଦୁଃଖିତ—2. Grieved; sorry.

୩ । ଅଠାଳିଆ ( ଦେହ )— 3. Feeling lazy or indisposed to work.

୪ । ସନ୍ଦିହାନ—4. Doubting.

୫ । ଈଷତ୍ ଓଦା—5. Slightly wet; damp.

ପ୍ରାଦେ. ( ସମ୍ବଲପୁର ) ବିଣ—୧ । କାଦୁଅମିଶ୍ରିତ— 1. Clayey; muddy.

୨ । ଓଦା—2. Moist.

୩ । କଞ୍ଚା—3. Raw; unripe.

୪ । ମଠୁଆ—4. Lazy.

**ଗିଲାଇବା**—ଦେ. କ୍ରି—୧ । ଗିଳବାର ଣିଜନ୍ତରୂପ—
Gilāiba 1. Causative form of Gilāiba.
ଗିଲାନ ୨ । ଖୁଆଇବା—
ନିଗଲାନା; ଗିଲାନା 2. To cause to swallow; to feed.

**ଗଲାଇବା**—ଦେ. କ୍ରି—୧ । କାର୍ଯ୍ୟରେ ବିଳମ୍ବ କରିବା—
Gilāiba 1. To delay; to make delay.

୨ । ହେଳା କରିବା—2. To neglect.

୩ । ଅସୁସ୍ଥତାର ପୂର୍ବଲକ୍ଷଣ ପ୍ରକାଶ କରିବା— 3. To show signs of ailing.

**ଗିଲାଗିଳି**—ଦେ. ବି—୧ । ପରସ୍ପରକୁ ଗିଳବା—
Gilāgili 1. Mutual devouring.

୨ । ବହୁବାର ଭୋଜନ କରିବା— 2. Devouring or eating many times.

୩ । ଅତି ଶୀଘ୍ର ଗଳାଧଃକରଣ କରିବା— 3. Eating voraciously; gulping down.

ଦେ. ବିଣ—ପରସ୍ପର ଗଳାଧଃକୃତ ହେବା— Devouring mutually.

ହୁଟେ ବାଘ ପଶୁଏ ଧନୁପାନ୍ତି ମେଲି
ଯୁଦ୍ଧକୁ ଗମିଲେ ହେବାକୁ ଗିଲାଗିଳି—କୃଷ୍ଣସିଂହ, ମହାଭାରତ ।

**ଗିଲାଗୁଜର**—ଦେ. ବି—୧ । ସନ୍ଦେହ—1. Doubt.
Gilāgujara ୨ । ଦୋଷ; ତ୍ରୁଟି—
ହେଲା 2. Flaw, defect.
ਗਿਲਾਗੁਜ਼ਰ; ਹਿਲਾਹਵਾਲਾ ୩ । ହେଳା—3. Negligence.

**ଗିଲାଗୁଜରା**—ଦେ. ବି—ଗିଲାଗୁଜର ( ଦେଖ )
Gilāgujarā Gilāgujara ( See )

**ଗିଲାଗୁଜରିଆ**—ଦେ. ବିଣ—ଯେଉଁ ବ୍ୟକ୍ତି କାର୍ଯ୍ୟରେ ହେଳା କରେ—
Gilāgujaria Negligent in work.

**ଗିଲାଜୋଡ଼ାଇ**—ପ୍ରାଦେ. (ସମ୍ବଲପୁର) ବି. ( ହି. ଭୁଲ. ଗିଲାଜୋଡ଼ାଇ)—
Gilājordāi ପକ୍କା ଇଟାକୁ ମାଟିରେ ଗାନ୍ଥିବା କରିବା—
Brick and mud masonry.

**ଗିଲାପ**—ବୈଦେ. ବି. ( ଆ. ଗିଲାଫ୍ )—
Gilāpa ୧ । ଦେହରେ ଘୋଡ଼ି ହେବା ମୋଟା ଖଦଡ଼—
गिलाफ 1. A coarse sheet for the body.
गिलाफ ୨ । ଢକଣି; ତେକିଆ ଆଦିର ବଡ଼ ଖୋଳ—
2. A case or cover for a pillow or cushion.

**ଗିଲାଫ୍**—ବୈଦେ. ବି. (ଆ)—ଗିଲାପ ( ଦେଖ )
Gilāph Gilāpa ( See )

**ଗିଲା ଭାତ**—ଗ୍ରା. ବି—୧ । କେବଳ ଲୁଣ ସାହାଯ୍ୟରେ ଖିଆଯିବା ଭଳି
Gilā bhāta ଭାତ—1. Boiled rice eaten with the accompaniment of salt.

୨ । (ଗଡ଼ଜାତର ଭାଷା) ବେଶୀ ସିଝିଯାଇଥିବା ବା କଅଁଳ ହୋଇ ଯାଇଥିବା ଭାତ—2. Overboiled rice.

**ଗିଲାସ**—ବୈଦେ. ବି. ( ଇଂ. ଗ୍ଲାସ୍ )—
Gilāsa ୧ । ଡେଙ୍ଗା ଓ ଗୋଲ ପାନପାତ୍ର—
গেলাস 1. Glass; tumbler.
गिलास ୨ । କାଚନିର୍ମିତ ଦୀପ—2. Glass lamp.

୩ । କାଚ—3. Glass.

**ଗିଳିତ**—ସଂ. ବିଣ. ( ଗୃ ଧାତୁ=ଭକ୍ଷଣ କରିବା + କର୍ମ. ତ )—
Gilita ୧ । ଭକ୍ଷିତ—1. Eaten.

୨ । ଗ୍ରସ୍ତ—2. Devoured; overshadowed.

**ଗିଳବା**—ଦେ. କ୍ରି. ( ସଂ. ଗୃ ଧାତୁ )—୧ । ଗ୍ରାସ କରିବା—
Giliba 1. To eat; to gobble.
গিলা; গিলেদেওয়া ୨ । ଗଳାଧଃକରଣ କରିବା—
निगलना; गिलना 2. To gulp; to devour; to swallow.

୩ । (ଲକ୍ଷଣାର୍ଥ) ପ୍ରକୃତ ଅର୍ଥ ନ ବୁଝି (ପାଠ) ମୁଖସ୍ଥ କରିବା— 3. To simply get by heart (lessons without understanding their meanings )

ଗାର୍ଗ୍ଗି ଶାସ୍ତ୍ର ତନ୍ତ୍ରମନ୍ତ୍ର ଗିଳି ଅବଶେରେ । ମଧୁସୂଦନ—ଉତ୍କଳଗାଥା ।

୪ । ବିଶେଷ ପରିମାଣରେ ଖାଇବା— 4. To eat gluttonously.

୫ । ଅଭିଭୂତ କରିବା; ଆଚ୍ଛନ୍ନ କରିବା; ଘୋଟିବା— 5. To overwhelm; to pervade.

ଗିଳିଦେଲା ପୁରନ୍ଦର ଶୀକର କୁଳକାମିନୀ ତିମିର—ବଳଦେବ. ଚମ୍ପୂ ।

| ୧ | ଙ | ଢ଼ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଉଅ | ଦ୍ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଞ | ଈ | ରୁ | ଲୁ | ପ୍ତେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଥ | ଈ | ନ୍ତ |

୬ । ( ବ୍ୟଙ୍ଗ୍ୟାର୍ଥ ) ଖାଇବା; ଭୋଜନ କରିବା—
6. To eat

୭ । ( ଲକ୍ଷଣାର୍ଥ ) ପରାସ୍ତ କରିବା—
7. (fig. meaning) To overpower.

ଏହିରୂପେ ବଳେ ବଳ ପଣ୍ଡୁ ଶୋକ,
ଗଳି ଦେଲା ଦମଘନ୍ତ ଙ୍କର ବବେକ । କୃଷ୍ଣସିଂ ହ. ମହାଭାରତ. ବନ ।

୮ । (ଲକ୍ଷଣାର୍ଥ ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବା—
8. To do any work against one's wish.

୯ । ( ଲକ୍ଷଣାର୍ଥ ) ଅନ୍ୟର ଧନ ସମ୍ପତ୍ତିକୁ ତୋଷରପ୍ ବା ଆତ୍ମସାତ୍ କରିବା—9. ( fig. meaning ) To appropriate another's property.

୧୦ । ( ଲକ୍ଷଣାର୍ଥ ) କୌଣସି ପଦ ଅର୍ଥଠାରୁ ବଳିଯିବା—
10. ( fig.use ) To excel another

**ଗିଲସି**—ପ୍ରାଦେ. ( ଗଞ୍ଜାମ ) ବି—ପରିଧେୟ ବସ୍ତ୍ରବିଶେଷ—
Gilisi A kind of wearing cloth.

**ଗିଲ୍ଟି**—ବୈଦେ. ବିଣ. ( ଇଂ. ଗିଲ୍ଟ )—
Gilṭi ୧ । କୌଣସି ପଦାର୍ଥରେ ସୁନାପାଣି ମଡ଼ାଇ ସୁନାର ରଙ୍ଗଯୁକ୍ତ କରାଯାଇଥିବା—1. Guilt.
ଗିଲ୍‌ଟି
गिलट ୨ । ( ଲକ୍ଷଣାର୍ଥ ) କୃତ୍ରିମ; ଭେଲ—
2. Got-up; not genuine.
गिलटि ବୈଦେ. ବି. ( ସଂ. ଗ୍ରନ୍ଥ )—୧ । ଦେହସନ୍ଧିର ଗ୍ରନ୍ଥି—
1. Lymphatic gland.
୨ । ଦେହର ସନ୍ଧି ଫୁଲି ଦରଜ ହେବା ରୋଗ—
2. Painful swelling of the lymphatic glands of the body.

**ଗିଲ୍ଟି କରିବା**—ଦେ. କ୍ରି. ( ଇଂ. ଗିଲ୍ଟ )—କୌଣସି ପଦାର୍ଥରେ ସୁନା ଲେପନ କରିବା—To cover with a layer of gold.
Gilṭi karibā
गिलटिकरा
गिलट करना

**ଗିଲ୍ଟି ଦରଜ**—ଦେ. ବି—ଦେହ ସନ୍ଧିର ଗ୍ରନ୍ଥିର ପୀଡ଼ାଜନକ ସ୍ଫୀତି ରୋଗ—Painful swelling of the glands; lymphangites.
Gilṭi daraja
गिलटिकादर्द

**ଗିଲ୍ଟି ଧରା**—ଦେ. ବି—ଗିଲ୍ଟି ଦରଜ ( ଦେଖ )
Gilṭi dharā Gilṭi daraja ( See )

**ଗିଲ୍ଟି ଫୁଲା**—ଦେ. ବି— ଗିଲ୍ଟି ଦରଜ ( ଦେଖ )
Gilṭi phulā Gilṭi daraja ( See )

**ଗିଲ୍ଲି**—ପ୍ରାଦେ. ( ସମ୍ବଲପୁର ) ବି—ଡାବଲପୁଆ ଖେଳର ପୁଆ—
Gilli A small bit of wood used in Dābalapuā play.

**ଗିହା**—ଗ୍ରା. ବି. ( ଅଶ୍ଳୀଳ ) ( ସଂ. ଗ୍ରେହନ )—ମୈଥୁନ; ସଙ୍ଗମ—
Gihā Copulation.
चोदन

चोदाइ; चुदाइ
चोदा ଗ୍ରା. ବିଣ. ପୁଂ—ସଙ୍ଗମକାରୀ—
चोद ( male ) Who cohabits with.
( ସେଗ୍ରା—ସ୍ତ୍ରୀ ) [ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—( ଗାଳି ) ଭଉଣୀଗିହା । ]

**ଗିହାଇବା**—ଗ୍ରା. କ୍ରି. ( ଅଶ୍ଳୀଳ )—
Gihāibā ୧ । ଗେହିବା କ୍ରିୟାର ଣିଜନ୍ତରୂପ—
चोदाना 1. Causative form of Gehibā.
चुदवाना ୨ । ( ସ୍ତ୍ରୀ ପକ୍ଷରେ ) ପୁରୁଷକୁ ଆପଣା ସଙ୍ଗେ ସହବାସ କରାଇବା—2. ( a woman ) To let or cause a male to cohabit with her.

**ଗିହାଁ**—ଗ୍ରା. ବି. ଓ ବିଣ. ( ଅଶ୍ଳୀଳ )—ଗିହା ( ଦେଖ )
Gihān̐ Gihā ( See )

**ଗିହାଁଇବା**—ଗ୍ରା. କ୍ରି. ( ଅଶ୍ଳୀଳ )—ଗିହାଇବା ( ଦେଖ )
Gihān̐ibā Gihāibā ( See )

**ଗିହାଗେହି**—ଗ୍ରା. ବି—୧ । ସଙ୍ଗମ ବା ମୈଥୁନାଦ କର୍ମ—
Gihāgehi 1. Copulation.
चुदाचुदि ୨ । ବହୁବାର ସଙ୍ଗମ—2. Repeated.
चोदाचुदि ୩ । ଉଭୟଙ୍କର ପୂର୍ଣ୍ଣ ଇଚ୍ଛା ସହିତ ସ୍ତ୍ରୀ ପୁରୁଷଙ୍କର ମୈଥୁନ—
3. Cohabitation between a male and female with the simultaneous free will of both.

**ଗିହାଣ**—ଗ୍ରା. ବି—ମୈଥୁନ—
Gihāṇa Cohabitation; copulation.
चोदन
चुदन; चोदाइ

**ଗିହାଳିଆ**—ଗ୍ରା. ବିଣ. ପୁଂ—୧ । ବଳୁଆ; ପରାକ୍ରମୀ—
Gihāḷia 1. Strong; powerful.
(ଗିହାଳୀ ସ୍ତ୍ରୀ) ୨ । ସ୍ତ୍ରୀ ସଙ୍ଗମରେ ପଟୁ—
चुदवया, चुदासा 2. Expert in the act of cohabitation.
୨ । ସ୍ତ୍ରୀ ସଙ୍ଗମ ପାଇଁ ଅତିରିକ୍ତରୂପେ ଲାଳାୟିତ—
2. Hankering after cohabitation.

**ଗିହାଳପ**—ଗ୍ରା. ବି. ପୁଂ. (ଅଶ୍ଳୀଳ)—ଗିହାଳପୋ ( ଦେଖ )
Gihāḷipa Gihāḷipo ( See )

**ଗିହାଳପୋ**—ଗ୍ରା. ବି. ପୁଂ. ( ଅଶ୍ଳୀଳ ଗାଳି )—
Gihāḷipo ନଷ୍ଟଚରିତ୍ରା ସ୍ତ୍ରୀର ପୁତ୍ର—
भाँडुलड़का Son of an adulteress.

**ଗିହାଳି ଭାଇ**—ଗ୍ରା. ବି. ପୁଂ. ( ଗାଳି ଓ ଅଧମୋକ୍ତି; ନୀଚଅଧିକ ପ୍ରତି ଅନାର ସ୍ନେହ ସମ୍ବୋଧନ )—
Gihāḷi bhāi
गाँडुभाइ ୧ । ଯାହାର ଭଗିନୀ ନଷ୍ଟା; ନଷ୍ଟା ସ୍ତ୍ରୀର ଭାଇ—
1. Brother of an adulteress.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଗିହାଳଥ ବ୍ୟକ୍ତି—2. Lustful person.

**ଗିହାଳୀ**—ଗ୍ରା. ବିଣ. ସ୍ତ୍ରୀ. (ଅଶ୍ଳୀଳ ଗାଳି) —୧ । ନଷ୍ଟଚରିତ୍ରା (ସ୍ତ୍ରୀ)—
Gihāḻī 1. Adulterous (woman).
**गँड़मरानी; गाँडू** ୨ । ମୈଥୁନରତା; କାମାତୁର—
2. Addicted to lust or cohabitation; lustful.
ଗ୍ରା. ବି— ନଷ୍ଟଚରିତ୍ରା ସ୍ତ୍ରୀ—Adulteress.

**ଗିହାଲି**—ପ୍ରାଦେ. (ସମ୍ବଲପୁର) ବି ଓ ବିଣ (ଳ ସ୍ଥାନରେ ଲ ଉଚ୍ଚାରଣ)—
Gihāli ଗିହାଳୀ ( ଦେଖ )—Gihāḻī ( See )

**ଗୀ**—ସଂ. ବି. (ସ୍ତ୍ରୀ)—୧ । ବାଣୀ; କହିବାର ଶକ୍ତି (ହି. ଶବ୍ଦସାଗର)—
Gī 1. Power of speech.
୨ । ସରସ୍ୱତୀ ଦେବୀ—2. The goddess of Learning.
୩ । ବାକ୍ୟ—3. Word.

**ଗୀଃ**—ସଂ. ବି—ଗୀ ( ଦେଖ )
Gīḥ Gī ( See )
(ଗୀର୍; ଗୀ—ଅନ୍ୟରୂପ) [ ଦ୍ର—ଏ ସଂସ୍କୃତ ଶବ୍ଦର ଓଡ଼ିଆରେ ସ୍ୱତନ୍ତ୍ର ପ୍ରୟୋଗ ନାହିଁ । ]

**ଗୀଃ ପତି**—ସଂ. ବି—ଗୀଷ୍ପତି ( ଦେଖ )
Gīḥ pati Gīshpati ( See )

**ଗୀତ**—ସଂ. ବି. ( ଗୈ ଧାତୁ=ଗାନ କରିବା+ଭାବ. ତ )—
Gīta ୧ । ଗାନ; ସଙ୍ଗୀତ—1. Song.
[ ଦ୍ର—ସଙ୍ଗୀତ ଶାସ୍ତ୍ର ଅନୁସାରେ ଧାତୁ ଓ ମାତ୍ରାଯୁକ୍ତ ବାକ୍ୟକୁ ଗୀତ ବୋଲାଯାଏ । ଗୀତ ୨ ପ୍ରକାର, ବୈଦିକ ଓ ଲୌକିକ—ବୈଦିକ ଗୀତକୁ ସାମ ବୋଲାଯାଏ । ସାମବେଦ ବୈଦିକ ଗୀତରେ ପୂର୍ଣ୍ଣ; ଲୌକିକ ଗୀତ ମଧ୍ୟ ୨ ପ୍ରକାର—ମାର୍ଗ ଓ ଦେଶୀ । ଶୁଦ୍ଧରାଗ ଓ ରାଗିଣୀମାନ ମାର୍ଗର ଅନ୍ତର୍ଗତ ଏବଂ ଆଜିକାଲି ନାନାସ୍ଥାନରେ ଚଳିବା ଗୀତକୁ ଦେଶୀ ବୋଲାଯାଏ ( ଯଥା—ଦାଦରା, ଟପ୍ପା, ଗଜଲ୍, ଠୁମରୀ )—ହି. ଶବ୍ଦସାଗର । ]
୨ । ପୁନଃ ପୁନଃ ଏକବାକ୍ୟ କଥନ—
2. Recital; repetition of a word.
গান ଦେ. ବି—୧ । ଛନ୍ଦୋବଦ୍ଧ ରଚନା—1. Poetry; poem.
**गाना** ୨ । ଗାୟନ; ଗାଇବା କର୍ମ—2. Singing.
ସଂ. ବିଣ. ( +କର୍ମ. ତ )—୧ । ଗାନ କରାଯାଇଥିବା—
1. Sung.
୨ । ଉଚ୍ଚାରିତ—2. Uttered.
୩ । ବର୍ଣ୍ଣିତ—3. Described.
୪ । କଥିତ—4. Spoken.
୫ । ପୁନଃ ପୁନଃ କଥିତ ବା ଉଚ୍ଚାରିତ—
5. Repeatedly uttered or spoken.

**ଗୀତ ଗାଇବା**—ଦେ. କ୍ରି—ପଦ୍ୟକୁ ରାଗରାଗିଣୀ ସହିତ ଗାନ କରିବା—
Gīta gāibā To sing a song.
গানগাওয়া
**गीतगाना**

**ଗୀତଗୋବିନ୍ଦ**—ସଂ. ବି— କବି ଜୟଦେବଙ୍କୃତ ସୁଲଳିତ ଛନ୍ଦରେ ରଚିତ
Gītagobinda ରାଧାକୃଷ୍ଣ ଲୀଳାବିଷୟକ ସଂସ୍କୃତ ଗୀତକାବ୍ୟ—
A series of songs in various Sanskrit metres composed by poet Jayadeba.
[ ଦ୍ର—ଏଥିରେ ସଂସ୍କୃତ ଶ୍ଳୋକ ଓ ସଂସ୍କୃତ ସଙ୍ଗୀତ ଅଛି । ]

**ଗୀତଜ୍ଞ**—ସଂ. ବିଣ. ପୁଂ (ଗୀତ+ଜ୍ଞା ଧାତୁ+କର୍ତ୍ତୃ. ଅ—ସଙ୍ଗୀତ ବିଦ୍ୟା-
Gītajña ବିଶାରଦ—Expert in singing; versed in
(ଗୀତଜ୍ଞା—ସ୍ତ୍ରୀ) the art of music.

**ଗୀତ ଧରିବା**—ପ୍ରାଦେ. ( ସିଂହଭୂମ ) କ୍ରି—ଏକାଧିକ ଲୋକ ସମସ୍ୱରରେ
Gīta dharibā ଗୀତ ଗାଇବାକୁ ଆରମ୍ଭ କରିବା—( many people) To sing simultaneously and in harmony.

**ଗୀତପ୍ରିୟ**—ସଂ. ବିଣ ( ବହୁବ୍ରୀହି; ଗୀତ+ପ୍ରିୟ ) ସଙ୍ଗୀତାନୁରକ୍ତ—
Gītapriya Fond of music.
(ଗୀତପ୍ରିୟା—ସ୍ତ୍ରୀ) ସଂ. ବି—ମହାଦେବ—God Śiba.

**ଗୀତବନ୍ଧ**—ସଂ. ବି ( ୬ଷ୍ଠୀ ତତ୍; ଗୀତ+ବନ୍ଧ )—କବିତା ବା ପଦ୍ୟର
Gītabandha ଆକାର—Shape of a poem.
ଯାହା ମୁଁ ଗୀତବନ୍ଧେ କରୁଛି ପ୍ରକାଶ—କୃଷ୍ଣସିଂହ. ମହାଭାରତ, ଅବତଵ ।

**ଗୀତ ବସାଇବା**—ଦେ. କ୍ରି—୧ । ଗାୟକ ମନୁଷ୍ୟ ପ୍ରଭୃତି ବାଦ୍ୟ ଯନ୍ତ୍ରର
Gīta basāibā ସ୍ୱର ସଙ୍ଗରେ ନିଜ ସ୍ୱର ମିଳାଇ ଗୀତ ଗାଇବା—
•গানবসান 1. To sing a song to the accompaniment of music.
**गीतबसाना**
୨ । ମୁହଁରେ ଗୀତ ନ ବୋଲି ମହୁରି, ବଂଶୀ, ହାରମୋନିୟମ୍ ଆଦି ଯନ୍ତ୍ରକୁ କୌଣସି ଗୀତର ରାଗ ଅନୁସାରେ ବଜାଇବା—2. To set a musical instrument to the tune of a song without singing the song.

**ଗୀତନାଟ**—ଦେ. ବି (ସହଚର; ଗୀତ+ନାଟ୍ୟ)—ଗାୟନ ଓ ନର୍ତ୍ତନ—
Gītanāṭa Singing and dancing.

**ଗୀତବାଦ୍ୟ**—ସଂ. ବି ( ଦ୍ୱନ୍ଦ୍ୱ; ଗୀତ+ବାଦ୍ୟ )—ଗାଇଣାବାଜଣା—
Gītabādya Song and music; music vocal and instrumental.

**ଗୀତବିଦ୍ୟା**—ସଂ. ବି (ଗୀତ+ବିଦ୍ୟା)—ସଙ୍ଗୀତ ବିଜ୍ଞାନ—
Gītabidyā Science of music; the art of singing.

**ଗୀତ ବୋଲିବା**—ଦେ. କ୍ରି—ଗୀତ ଗାଇବା—
Gīta bolibā To sing

**ଗୀତଶାସ୍ତ୍ର**—ସଂ. ବି (ଗୀତ+ଶାସ୍ତ୍ର)—ଗୀତବିଦ୍ୟା (ଦେଖ )—
Gītaśāstra Gītabidyā ( See )

**ଗୀତସଂହିତା**—ଦେ. ବି ( ପାଦ୍ରୀଙ୍କ ଭାଷାନ୍ତର )—ବାଇବଲର ସ୍ତୋତ୍ର
Gītasaṁhitā ପୁସ୍ତକ—Book of psalms or hymns of the Bible.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ |

ଗୀତା—ସଂ. ବି. ସ୍ତ୍ରୀ ( ଗୈ ଧାତୁ + କର୍ମ. ତ + ସ୍ତ୍ରୀ. ଆ )—୧ । ଗୀତ—
Gīta 1. Song.
୨ । ଗୁରୁ ଶିଷ୍ୟ କଥୋପକଥନ ଛଳରେ ଅଧ୍ୟାତ୍ମବିଦ୍ୟାର ଉପଦେଶ ( ଯଥା—ରାମଗୀତା, ଶିବଗୀତା, ପାଣ୍ଡବ ଗୀତା )—2. A book embodying philosophical dialogues or discourse between a preceptor and his student.
୩ । କୁରୁକ୍ଷେତ୍ର ଯୁଦ୍ଧ ସ୍ଥଳରେ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଅଧ୍ୟାତ୍ମବିଦ୍ୟା ସମ୍ବନ୍ଧରେ ଯେଉଁ ଆଲୋଚନା ହୋଇଥିଲା ତାହା ଯେଉଁ ଗ୍ରନ୍ଥରେ ଲିଖିତ ଅଛି; ଭଗବଦ୍‌ଗୀତା—3. The Bhagabadgita, a philosophical discourse between Arjuna and Śrikrushṇa in the Kurukshetra battle field in 18 chapters (a poem).

ଗୀତାଭିଧାନ—ଦେ. ବି ( ଗୀତ + ଅଭିଧାନ )—ଉପେନ୍ଦ୍ର ଭଞ୍ଜଙ୍କ କୃତ
Gītābhidhāna ପଦ୍ୟ ଅଭିଧାନ (ଯହିଁରୁ ଭଞ୍ଜୀୟ କବିତାଦିରେ ବ୍ୟବହୃତ ବଶିଷ୍ଟ ଶବ୍ଦମାନଙ୍କର ଅର୍ଥ ଜଣାଯାଏ )—A Dictionary of peculiar words used in Oriya poems compiled by Upendra Bhanja.

ଗୀତାର୍ଥ—ସଂ. ବି ( ୬ଷ୍ଠୀ ତତ୍; ଗୀତ + ଅର୍ଥ )—ସଙ୍ଗୀତର ଭାବାର୍ଥ—
Gītārtha The purport of a song.

ଗୀତାର୍ଥୀ—ଦେ. ବିଣ—ଯେଉଁ ବ୍ୟକ୍ତି ଦୁର୍ବୋଧ ସଙ୍ଗୀତ ଓ ଛନ୍ଦମାନଙ୍କର
Gītārthī ବିଶେଷତଃ ଉପେନ୍ଦ୍ରଭଞ୍ଜୀୟ ରଚନାବଳୀର ଅର୍ଥ ଉତ୍ତମରୂପେ ବ୍ୟାଖ୍ୟା କରିବାରେ ପଟୁ—An expert in explaining difficult passages of Oriya classical songs.

ଗୀତାୟନ—ସଂ. ବି (୬ଷ୍ଠୀ ତତ୍; ଗୀତ + ଅୟନ)—ସଙ୍ଗୀତର ଉପକରଣ
Gītāyana ( ବେଣୁମୃଦଙ୍ଗାଦି )—Instruments accompanying vocal music.

ଗୀତି—ସଂ. ବି. ସ୍ତ୍ରୀ (ଗୈ ଧାତୁ + ଭାବେ. ତି)—
Gīti ୧ । ସଙ୍ଗୀତ; ଗାନ—1. Song.
୨ । ସଂସ୍କୃତ ଛନ୍ଦୋବିଶେଷ—2. Name of a Sanskrit metre.

ଗୀତିକବିତା—ସଂ. ବି ( ଗୀତି + କବିତା )—ଗୀତ ହେବା ଉଦ୍ଦେଶ୍ୟରେ
Gītikabitā ରଚିତ କବିତା—A poem intended to be sung.

ଗୀତିକା—ସଂ. ବି. ସ୍ତ୍ରୀ ( ଗୀତି + କ + ସ୍ତ୍ରୀ. ଆ )—
Gītikā ୧ । ଗାନ କରାଯିବା ଅଭିପ୍ରାୟରେ ରଚିତ ପଦ୍ୟ—1. A poem to be sung.
୨ । କ୍ଷୁଦ୍ର ଗୀତ—2. A short song.
୩ । ଗାନ କରିବା—3. Singing.

ଗୀତିକାବ୍ୟ—ସଂ. ବି ( ଗୀତି + କାବ୍ୟ )—ଯେଉଁ କାବ୍ୟ କେବଳ
Gītikābya ସଙ୍ଗୀତମୟ—A lyric which is intended to be sung.

ଗୀତୀ—ସଂ. ବିଣ. ପୁଂ ( ଗୀତ + ଅସ୍ତ୍ୟର୍ଥରେ ଇନ୍ )—
Gītī ୧ । ଗାୟକ—1. Singing.
( ଗୀତିନୀ—ସ୍ତ୍ରୀ ) ୨ । ସଙ୍ଗୀତରେ ନିପୁଣ—2. Expert in singing

ଗୀତୁଆ—ଦେ. ବି—ଗୀତ ଗାଇବାରେ ପଟୁତା ଲାଭ କରିଥିବା ବ୍ୟକ୍ତି—
Gītuā An expert singer.

ଗୀଧଲା—ପ୍ରାଦେ (ସମ୍ବଲପୁର) ବି (ତୁଳ. ହି. ଗୀଦଡ଼)—ବାଦୁଡ଼ି (ଦେଖ)
Gīdhalā Bādurḍi See)

ଗୀର୍ଣ୍ଣ—ସଂ. ବିଣ (ଗୃ ଧାତୁ = ଗ୍ରାସ କରିବା; ଶବ୍ଦ କରିବା + କର୍ମ ତ)—
Gīrṇṇa ୧ । ପ୍ରଶଂସିତ—1. Praised; eulogised.
୨ । କଥିତ—2. Spoken
୩ । ଗିଳିତ—3. Swallowed.
୪ । ଭକ୍ଷିତ—4. Eaten.
୫ । ଗ୍ରସ୍ତ—5. Overshadowed.
୬ । ସ୍ୱୀକୃତ—6 Agreed.

ଗୀର୍ଣ୍ଣି—ସଂ. ବି (ଗୃ ଧାତୁ + ଭାବ. ତି)—୧ । ପ୍ରଶଂସା; ସ୍ତୁତି—
Gīrṇṇi 1. Praise; eulogy.
୨ । ଭକ୍ଷଣ—2. Eating.
୩ । ଗିଳିବା—3. A gulp; devouring.

ଗୀର୍ପତି—ସଂ. ବି—( ୬ଷ୍ଠୀ ତତ୍; ଗିର୍ + ପତି)—ଗୀଷ୍ପତି (ଦେଖ)
Gīrpati Gīshpati (See)

ଗୀର୍ବାଣ—ସଂ. ବି (ବହୁବ୍ରୀହି; ଗିର୍ = ବାକ୍ୟ + ବାଣ) — ବାକ୍ୟ ଯେଉଁମାନଙ୍କର କାର୍ଯ୍ୟସାଧନରୂପ ଅସ୍ତ୍ର; ଦେବତା—
Gīrbāṇa The Gods; Deity.

ଗୀର୍ବାଣକୁସୁମ—ସଂ. ବି ( ୬ଷ୍ଠୀ ତତ୍; ଗୀର୍ବାଣ + କୁସୁମ )—ଲବଙ୍ଗ—
Gīrbāṇakusuma Clove.

ଗୀର୍ବାଣବାଣୀ—ସଂ. ବି ( ୬ଷ୍ଠୀ ତତ୍; ଗୀର୍ବାଣ + ବାଣୀ )—
Gīrbāṇabāṇī ୧ । ଦେବବାଣୀ—1. Divine language.
୨ । ସଂସ୍କୃତ ଭାଷା—2. The Sanskrit voice.

ଗୀଷ୍ପତି—ସଂ. ବି ( ୬ଷ୍ଠୀ ତତ୍; ଗୀଃ = ବାକ୍ୟ + ପତି )—
Gīshpati ୧ । ଦେବଗୁରୁ ବୃହସ୍ପତି—1. Bṛuhaspati.
୨ । ପ୍ରଧାନ ପଣ୍ଡିତ—2. A learned man; Pandit.

ଗୁ (ଧାତୁ)—ସ—ମଳ ତ୍ୟାଗ କରିବା—
Gu (root) To pass stools.

ଗୁ—ଦେ. ବି (ସଂ. ଗୁ. ଧାତୁ )—ଗୁହ; ବିଷ୍ଠା; ମଳ; ପୁରୀଷ—
Gu Ordure; faeces.

ସାଧାରଣ ଲୋକେ ଅପର ପୃଷ୍ଠାରେ ଏଠାରେ ୧ ଚିହ୍ନ ଓ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗୁଆ**—ଦେ. ବି ( ସଂ. ଗୁବାକ )—ବୃକ୍ଷବିଶେଷ ଏବଂ ତାହାର ଫଳ—
Guā — Betel-nut and its tree.
ସୁପାରୀ, ଗুୱା, সুপারী; **सुपारि**; ତେ. ଵାକଲୁ; ମ. ସୁପାରି; ଉର୍ଦ୍ଦୁ. ସୁପାରି
[ ଦ୍ର—ଏହି ବୃକ୍ଷ ସମୁଦ୍ର ନିକଟବର୍ତ୍ତୀ ଦକ୍ଷିଣ ଭାରତ, ବଙ୍ଗ ଓ ବ୍ରହ୍ମଦେଶରେ ଜନ୍ମେ । ଆସାମ ଓ ଦକ୍ଷିଣ ଭାରତରେ ଏହାର କୃଷି ହୁଏ । ପୂର୍ବବଙ୍ଗରେ ଏହା ଜଙ୍ଗଲରେ ଜନ୍ମେ । ଓଡ଼ିଶାରେ ଅନେକ ସ୍ଥାନରେ ଏହାର କୃଷି କରାଯାଏ । ଗୁଆ ୪ ପ୍ରକାର :—୧ । ଅଚୀନ ବା ଜାହାଜୀ; ୨ । ସାହାପୁରୀ; ୩ । ଛଟି; ୪ । ଦେଶୀ ବା ମାଣିକ-ଗୁନ୍ଦି । ଏହା ବ୍ରତ ବିବାହାଦି ମଙ୍ଗଳ କାର୍ଯ୍ୟରେ ପବିତ୍ର ଫଳରୂପେ ଓ ବନ୍ଧୁ ନିମନ୍ତ୍ରଣ ଆଦି କାର୍ଯ୍ୟରେ ବ୍ୟବହୃତ ହୁଏ । ବୈଦିକ-ଅନୁଷ୍ଠାନର ଏହା ପ୍ରଥମ ଓ ପ୍ରଧାନ ଅଙ୍ଗ । ଏହା କଟା ହୋଇ ପାନ ସଙ୍ଗେ ଖିଆଯାଏ । ଦକ୍ଷିଣ ଓ ଗୁଜରାଟ ଅଞ୍ଚଳରେ କଞ୍ଚା ଗୁଆକୁ ସିଝାଇ ଚେକା ଚେକା କରି କାଟି ବ୍ୟବହାର କରନ୍ତି । ]
୨ । ଉତ୍ସବାଦି ଉପଲକ୍ଷରେ ବନ୍ଧୁବାନ୍ଧବମାନଙ୍କଠାକୁ ପଠାଯିବା ଗୁଆସହ ନିମନ୍ତ୍ରଣ—
2. Betel-nut sent with formal invitations to relations and friends in social functions.
୩ । ଗୁବା; ମାଂସଳ ସ୍ଥାନରେ ହଠାତ୍ ଟାଣ ବସ୍ତୁଦ୍ୱାରା ଜୋରରେ ଆଘାତ କଲେ ସେଠାରେ ବାହାରି ପଡ଼ିବା ଗୁଆପରି ଫୁଲା—3. Nut-like swelling coming out in the fleshy parts of the body when suddenly struck into a hard substance.

ଦେ. ବିଣ. ( ସଂ. ଗବ୍ୟ )—ଗାଈଠାରୁ ଉତ୍ପନ୍ନ—Produced from the cow; pertaining to the cow.
( ଯଥା—ଗୁଆଘିଅ, ଗୁଆଲହୁଣୀ, ଗୁଆଦହି । )

**ଗୁଆଇବା**—ଦେ. କ୍ରି—'ଗାଇବା' କ୍ରିୟାର ଣିଜନ୍ତରୂପ—
Guāibā — Causative form of Gāibā.
ଗାওয়ান; **गवाना**
ବେଶ୍ୟା ପରି ଚୂଡ଼ କୋଳେ ପରଲୁଚ ବସାଇ ଗୀତ ଗୁଆଇ ଦେ—ଭଞ୍ଜ. ବୈଦେହୀଶବିଳାସ ।

**ଗୁଆଁ**—ଦେ. ବି—ବନ୍ୟବୃକ୍ଷବିଶେଷ—A kind of tree growing in the forest; aegilitus annlata.
Guāñ
[ ଦ୍ର—ଏହା ୧୨ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏହାର ଫୁଲ ଧଳା ଓ ଶ୍ୱେତ । ]

**ଗୁଆଁର**—ଦେ. ବିଣ. ( ସଂ. ଗ୍ରାମ୍ୟ )—୧ । ନିର୍ବୋଧ; ମୂର୍ଖ; ଗମାର—
Guāñra — 1. Foolish; stupid
গোয়াঁর; উজবুক; **गँवार**
ନୂଆ ରସିକାରେ ଗୁଆଁର ମୋ ସମ କାହିଁ । କବିସୂର୍ଯ୍ୟ—ସଙ୍ଗୀତ ।
୨ । ଏକବାଗିଆ—2. Importunate; wilful.
(ଗୁଆଁରୀ—ସ୍ତ୍ରୀ) ୩ । ଜ୍ଞାନହୀନ; ହୁଣ୍ଡା—3. Rash.

**ଗୁଆଁରା**—ଦେ. ବି. ( ସଂ. ଗୋରାଣୀ )—ଏକପ୍ରକାର ଗୁଳ୍ମ ଓ ତାହାର ଛୁଇଁ—A kind of plant and its bean; Cyamopsis Tetragonoloba.
Guāñrā
**ग्वार; खुरथी; कौरी**
[ ଦ୍ର—ଏହା ବାର୍ଷିକ ଗୁଳ୍ମ, ଏଥିର ଛୁଇଁ ଓ ମଞ୍ଜି କୋଳଥ ପରି ଚେପଟା ଛୁଇଁ ତରକାରୀରେ ବ୍ୟବହୃତ ହୁଏ; ଏଥିର ଛୁଇଁ ପେନ୍ଥା ପେନ୍ଥା ଫଳେ । ଗଛକୁ ଗୋମେଷାଦି ଖାଆନ୍ତି । ବୈଦ୍ୟକ ଅନୁସାରେ ଏଥିର ଛୁଇଁ ରେଚକ, ପିତ୍ତନାଶକ, ଦୀପକ, କଫକାରକ ଅଟେ ଏବଂ ପତ୍ର ଅନ୍ଧାରକଣା ଓ ପିତ୍ତ ରୋଗରେ ଉପକାରୀ—ହି. ଶବ୍ଦସାଗର । ]

**ଗୁଆକଉଡ଼ି**—ଦେ. ବି. ( ସଂ. ଗୁବାକ + କପର୍ଦ୍ଦକ )—
Guākaurḍi
ଭଣ୍ଡାରି ଗଉଡ଼ଆଦି ହାଟୁଆ ଜାତିଙ୍କ ମଧ୍ୟରେ ବିବାହ ସମୟରେ ବର ଓ କନ୍ୟା ପକ୍ଷର ଜାତି ବେହେରାକୁ ନିମନ୍ତ୍ରଣ ସ୍ୱରୂପ ଭେଟିବା ୪ ଗାଈ ବା ୪୦ ଗୋଟା ଗୁଆ ଓ କଉଡ଼ି ବା କଉଡ଼ି ପରିବର୍ତ୍ତେ ଦେବା ଦୁଇ ଅଣା ପଇସା—Betel-nuts and cowrie-shells presented to the headman of the caste on the occasion of marriage amongst the Hāṭuā (cowherd; barber) castes in Orissa.

**ଗୁଆକାଟ୍**—ଦେ. ବି—ବନ୍ଧୁମାନଙ୍କ ମଧ୍ୟରେ ପରସ୍ପରଙ୍କ ବିବାହାଦି ପାରିବାରିକ ଅନୁଷ୍ଠାନରେ ନିମନ୍ତ୍ରଣ ସ୍ୱରୂପ ଦିଆଯିବା ଗୁଆର ଆଦାନପ୍ରଦାନ ବନ୍ଦ ହେବା—
Guākāṭ
The stoppage of presenting betel-nuts to invite relations to family ceremonials.

**ଗୁଆକାଟିବା**—ଦେ. କ୍ରି.—୧ । ବନ୍ଧୁବାନ୍ଧବଙ୍କୁ ପାରିବାରିକ କାର୍ଯ୍ୟ ଉପଲକ୍ଷେ ଗୁଆ ପଠାଇ ନିମନ୍ତ୍ରଣ କରିବା ପ୍ରଥା ସ୍ଥଗିତ କରିବା—1. To stop presenting betel-nuts to a relative at each other's family ceremonies.
Guā kāṭibā
**सुपारि काटना**
୨ । ଗୁଆକୁ ଖଣ୍ଡ ଖଣ୍ଡ କରିବା, ଗୁଆ ଭାଙ୍ଗିବା—
2. To cut betel-nuts into pieces.

**ଗୁଆକାଟି**—ଦେ. ବି.—ଗୁଆ କାଟିବାର ଯନ୍ତ୍ର—
Guākāti — Nut cracker.
যাঁতি; গুয়াকাতি
**सरोता**

**ଗୁଆକାଟି ଚଢ଼େଇ**—ଦେ. ବି.—କ୍ଷୁଦ୍ର ପକ୍ଷୀବିଶେଷ—
Guākāti chardhei — A kind of small bird.
[ ଦ୍ର—ଏମାନେ ଉଡ଼ିଲାବେଳେ ଏମାନଙ୍କ ଡେଣାର ଅଗ ଲାଗିକରି ଦୁଇ କଡ଼ରେ ଗୁଆକାଟିର ବେଣ୍ଟ ଭଳି ପଦାକୁ ବାହାରି ଥାଏ । ଜହ୍ନପକ୍ଷରେ ରାତି ପାହିଏ ନ ପାହିବା ପର୍ଯ୍ୟନ୍ତ ଏମାନେ ଆକାଶରେ ଉଡ଼ି ବୁଲନ୍ତି । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ‹ | ଇ | ଋ | ର,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଡ଼ଅ | ଢ |
| ୬ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ |

**ଗୁଆକୋଲି**—ଦେ. ବି.—ଏକପ୍ରକାର ବୃକ୍ଷ ଓ ତାହାର କୋଳି—
Guākoli A kind of tree and its fruit; Maba Busei folia (Haines).
[ ଦ୍ର—ଏହାର ଫଳ ସାନ ଓ ଲମ୍ବଡ଼ା; ଫଳର ରସ ଦୁଧ ପରି ଧଳା ଓ ମିଠା; ବାଳକବାଳିକାମାନେ ଏହାକୁ ଅତି ଆଦରରେ ଖାଆନ୍ତି । ]

**ଗୁଆଖୋଡ଼ପା**—ଦେ. ବି.—ଗୁଆଖୋଳପା (ଦେଖ)
Guākhordapā Guākholapā (See)

**ଗୁଆଖୋଳ**—ଦେ. ବି.—ଗୁଆଖୋଳପା (ଦେଖ)
Guā khola Guākholapā (See)

**ଗୁଆଖୋଳପା**—ଦେ. ବି.—୧ । ଗୁଆ ଫଳର ଉପରସ୍ଥ ଆବରଣ ବା ଚୋପା—1. Rind of a betel-nut.
Guākholapā
୨ । ଗୁଆ ବାହୁଙ୍ଗା ମୂଳରେ ଥିବା ଚୋପା—
2. The rind at the foot of the branch of a betel-nut tree.

**ଗୁଆଗୁଆ**—ଦେ. ବି.—ବୃକ୍ଷବିଶେଷ—
Guāguā A kind of tree.
[ ଦ୍ର—ଏହା ପ୍ରାୟ ୧୦ ଫୁଟ ଉଚ୍ଚ ହୁଏ । ]

**ଗୁଆଘିଅ**—ଦେ. ବି.—(ସଂ. ଗବ୍ୟଘୃତ)—ଗୋଦୁଗ୍ଧରୁ ଜାତ ଘୃତ—
Guāghia Ghee from cows milk.
ଗାଓଆଘି
गायका घी

**ଗୁଆ ଚଳିବା**—ଦେ. କ୍ରି.—ଗୁଆ ଦେବା (ଦେଖ)
Guā chalibā Guā debā (See)
सुपारि भेजना
ବନ୍ଧୁ ବାନ୍ଧବରୁ ସୁରୁଜ ମଉଜ ଦେଲେ ସବୁ ଗୁଆ ଚଳ ।
ଉପକାଶଚରଣ. ସାଲୁଅ ବାହା ।

**ଗୁଆଚେପି**—ଦେ. ବି.—ଏକପ୍ରକାର କ୍ଷୁଦ୍ର ମଧୁର ମାଛ—
Guāchopi A kind of small fresh-water fish.

**ଗୁଆଣି**—ଗ୍ରା. ବି. (ସଂ. ଗର୍ଭ)—ପେଟ; ଉଦର—
Guāni Belly.

**ଗୁଆତରିଆ**—ପ୍ରାଦେ. (ପୁରୀ) ବି. (ସଂ. ଗୌତ୍ରୀୟ)—ପୁରୀଜିଲାର ଶାସନବାସୀ କୁଳୀନ ବ୍ରାହ୍ମଣମାନଙ୍କର ୩ ଶାଖା ମଧ୍ୟରୁ ଏକତମ—One of the 3 branches of high caste Brahmans in the Puri sāsan village.
Guātiriā
[ ଦ୍ର—ଶାସନୀ କୁଳୀନ ବ୍ରାହ୍ମଣମାନେ ୩ ଶାଖାରେ ବିଭକ୍ତ; ଯଥା—ନନ୍ଦ, ବସ୍ତସ ଓ ଗୁଆତରିଆ । ]

**ଗୁଆଦେବା**—ଦେ. କ୍ରି—ଗୁବାକ ଅର୍ପଣପୂର୍ବକ ବନ୍ଧୁବାନ୍ଧବଙ୍କୁ ବିବାହାଦି ଅନୁଷ୍ଠାନକୁ ନିମନ୍ତ୍ରଣ କରିବା—
Guādebā
सुपारि भेजना To invite relatives by sending betel-nuts to attend family festivities.
ବାହା ପୁଣି ହେଲେ ପରମାଣିକ ଜାତରେ ଗୁଆ ଦିଏ ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଗୁଆନୋ**—ବୈଦେ. ବି. ( ଇଂ. ଗୁଆନୋ )—
Guāno ପକ୍ଷିବିଶେଷର ମଳରୁ ଉତ୍ପନ୍ନ ଖତ—
ଗୁଆନୋ Manure from a certain bird's ordure; guano.
गुआना

**ଗୁଆପକାଇବା**—ଦେ. କ୍ରି—ଗୁଆଦେବା ( ଦେଖ )
Guāpakāibā Guādebā ( See )

**ଗୁଆପଡ଼ିବା**—ଦେ. ବି—ଉତ୍ସବାଦି ଉପଲକ୍ଷରେ ବନ୍ଧୁଘରୁ ଗୁବାକସହ ନିମନ୍ତ୍ରଣ ଆସିବା—Receipt of a formal invitation from a relative for a social ceremony by means of a betel-nut being sent to him.
Guāpardibā
सुपारि मिलना

**ଗୁଆପାନ**—ଦେ. ବି. ( ସଂ. ଗୁବାକ ଓ ପର୍ଣ୍ଣ )—
Guāpāna ଚୋବାଇବା ନିମନ୍ତେ ବ୍ୟବହୃତ ଗୁଆ ଓ ପାନ—
पानसुपारी Betel-nut and betel used for chewing.
ପ୍ରାଦେ. (ଗଞ୍ଜାମ) ବି—ଚେମେଡ଼ିଲାଇ ( ଦେଖ )
Chemerdilai ( See )

**ଗୁଆପେଣ୍ଡି**—ଦେ. ବି—ଏକପ୍ରକାର ସରୁ ଧାନ—
Guāpendi A kind of fine paddy.
[ ଦ୍ର—ଏ ଧାନ କେଣ୍ଡାରେ ପେଣ୍ଡା ପେଣ୍ଡା ହୋଇ ଧରେ । ]

**ଗୁଆଭଇଁଶା**—ପ୍ରାଦେ. (ସମ୍ବଲପୁର) ବି—ଶୁକ୍ଳ ବା କୃଷ୍ଣବର୍ଣ୍ଣର ବୃକ୍ଷମଜ୍ଜା—
Guābhaiṅsā The pith or marrow of a tree.

**ଗୁଆଭାଙ୍ଗିବା**—ଦେ. କ୍ରି—ପାନ ସଙ୍ଗେ ଚୋବାଇବାପାଇଁ ଗୁଆକାତିରେ ଗୁଆକୁ ଛିକି ଛିକି କରି କାଟିବା—
Guābhāṅgibā
सुपारीकाटना To cut areca-nuts into tiny bits for chewing with betel.

**ଗୁଆମହୁରି**—ଦେ. ବି—କ୍ଷୁଦ୍ର ପାନମହୁରି—
Guāmahuri A small species of aniseed.

**ଗୁଆର ଶିମ୍ବ**—ପ୍ରାଦେ. (ସମ୍ବଲପୁର) ବି—ଏକ ଜାତୀୟ ଶିମ୍ବ—
Guāra simba A kind of bean.

**ଗୁଆରା**—ଦେ. ବି—ଗୁଆଁରା ( ଦେଖ )
Guārā Guāṅrā ( See )

**ଗୁଆଳ**—ଦେ. ବି. ( ସଂ. ଗୋପାଳ )—ଗଉଡ଼—
Guāla Cowherd; milkman.
ଗୁଆଲା; গোয়ালা
ग्वाल
(ଗୁଆଳୀ; ଗୁଆଳୁଣୀ; ଗୁଆଲୁଣୀ—ସ୍ତ୍ରୀ)

**ଗୁଆଲା**—ପ୍ରାଦେ. ( ବାଲେଶ୍ୱର ଓ ମେଦିନୀପୁର ) ବି. ( ସଂ. ଗୋପାଳ ଭୁଲ. ବ. গোয়ালা )—ଗଉଡ଼—Milkman.
Guālā
ଦାନ୍ତରି ଗୁଡ଼ାକ ଗୁଆଲାଙ୍କୁ ଦୁଇ ଘର ଠିକାରେ ଦେଇ ଦିଏ ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଗୁଆଲି**—ଦେ. ବି—ବିବାହ ପରେ ବରକନ୍ୟା ବନ୍ଧୁବାନ୍ଧବଙ୍କ ଘରକୁ ସମାରୋହରେ ଯିବା ( ନନ୍ଦ )—
Guāli
A procession formed by the newly married couple visiting the house of relatives.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବର୍ଣ୍ଣର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲିବର୍ତ୍ତ' ନ ପାଇଲେ 'ଅଲ୍‌ବର୍ତ୍ତ' ଦେଖିବେ ।

**ଗୁଆଲିଅର୍**—ଦେ. ବ ( ନାମ )—ପ୍ରସିଦ୍ଧ ଦେଶୀୟ ରାଜ୍ୟ ଓ ତାହାର Guāliar ରାଜଧାନୀ—The Marhatta State and fort of Gwalior.

[ ଦ୍ର—ମରହଟ୍ଟା ରାଜତ୍ୱର ପତନବେଳେ ମନ୍ତ୍ରୀ ପେଶବା ବାଲାଜୀ ଫଳତଃ ରାଜା ହୋଇଥିଲେ । ବାଲାଜୀଙ୍କ ପୁଅ ବାଜିରାଓଙ୍କର ଜଣେ ସେନାପତି ରାଣାଜୀ ସିନ୍ଧିଆ ଗୁଆଲିଅରରେ ରାଜତ୍ୱ କଲେ । ୧୭୮୦ ସାଲରେ ଇଂରେଜମାନେ ଗୁଆଲିଅର ଦୁର୍ଗ ଅଧିକାର କଲେ । ତା ପରେ ସିନ୍ଧିଆ ଉକ୍ତ ଦୁର୍ଗକୁ ଅଧିକାର କଲେ । ୨ୟ ମରହଟ୍ଟା ଯୁଦ୍ଧରେ ଇଂରେଜମାନେ ସିନ୍ଧିଆଙ୍କୁ ପରାସ୍ତ କଲେ । ୧୮୧୭ ସାଲରେ ୩ୟ ମରହଟ୍ଟା ଯୁଦ୍ଧରେ ସିନ୍ଧିଆ ଇଂରେଜମାନଙ୍କ ସଙ୍ଗେ ସନ୍ଧି କରି ପିଣ୍ଡାରିମାନଙ୍କ ବିପକ୍ଷରେ ଇଂରେଜଙ୍କୁ ସାହାଯ୍ୟ କଲେ । ତତ୍ପରେ ୧୮୫୭ ସାଲ ସିପାହିବିଦ୍ରୋହ ସମୟରେ ଇଂରେଜମାନେ ଗୁଆଲିଅର୍ ଦୁର୍ଗ ଅଧିକାର କଲେ ମାତ୍ର ୧୮୮୫ ସାଲରେ ଏହାକୁ ପୁଣି ସିନ୍ଧିଆଙ୍କୁ ପ୍ରତ୍ୟର୍ପଣ କଲେ; ବର୍ତ୍ତମାନ ଗୁଆଲିଅର ମଧ୍ୟଭାରତର ଗୋଟିଏ ବଡ଼ ମିତ୍ର ରାଜ୍ୟ; ଏ ରାଜ୍ୟର କ୍ଷେତ୍ରଫଳ ୨୬୪୩୦ ବର୍ଗ ମାଇଲ ଓ ଲୋକସଂଖ୍ୟା ପ୍ରାୟ ୩୨ ଲକ୍ଷ । ଏ ରାଜ୍ୟ ଦୁଇଟି ବିଭାଗରେ ବିଭକ୍ତ, ଗୁଆଲିଅର୍ ଓ ମାଲୱା । ଏ ରାଜ୍ୟ ୧୧ଟି ଜିଲ୍ଲା ଓ ୩୭ ତହସିଲରେ ବିଭକ୍ତ । ଏ ରାଜାଙ୍କ ଉପାଧି ମହାରାଜ ରାଓ ସିନ୍ଧିଆ ଅଟେ । ଏ ମହାରାଜା ଭାରତ ସରକାରଙ୍କ ସଙ୍ଗେ ସନ୍ଧିସୂତ୍ରରେ ଆବଦ୍ଧ । ]

**ଗୁଆଲିସଭା**—ଦେ. ବ—ବ୍ରାହ୍ମଣମାନଙ୍କ ବ୍ରତ ବିବାହରେ ଭୋଜନ ପୂର୍ବରୁ Guālisabhā ସନ୍ଧିରେ ସମବେତ ବନ୍ଧୁମାନେ ବରକନ୍ୟାଙ୍କୁ ବା

**आशिषसभा** ବ୍ରତ ହୋଇଥିବା ବାଳକକୁ ଆଶୀର୍ବାଦ କରିବା ଉପଲକ୍ଷେ କରାଯିବା ସଭା; ଫୁଲସଭା—A meeting of Brahmans held before the marriage or Brata feast to bless the newly married couple or the newly initiated boy.

[ ଦ୍ର—ଏ ସଭାରେ ସମବେତ ବ୍ରାହ୍ମଣମାନଙ୍କୁ ସମ୍ମାନସ୍ୱରୂପ ଗୁଆ, କଉଡ଼ି ଭେଟି ଦିଆଯାଏ । ]

**ଗୁଇ**—ଦେ. ବ ( ସଂ. ଗୁପ୍ତି )—ଗୁପ୍ତଦୋଷ— Gui Secrets.

ପ୍ରାଦେ. ( ଗଞ୍ଜାମ ) ବ ( ସଂ. ଗୋଧିକା )—ଗୋଧି— Iguana.

**ଗୁଇଁ**—ଦେ. ବ—୧ । ଖେଳରେ ଅପର ପକ୍ଷକୁ ଗୋପନ କରି Guiñ ଜିଣାଇବା—1. Unfair means used in a game to win.

ଗୁଇଁ ଥିଲେ ପୁଇଁ କାହାର ପଡ଼େ—ଚଗ ।

୨ । ଓଡ଼ିଶାରେ ସ୍ଥାୟୀ ଅଧିବାସୀ ବଙ୍ଗୀୟ ରଙ୍ଗଣୀଙ୍କ (ତନ୍ତୀ) ଉପାଧିବିଶେଷ—2. A family title of Bengali weavers.

[ ଦ୍ର—ଏମାନେ ଓଡ଼ିଶାରେ ବହୁ ପୁରୁଷ ହେଲା ସ୍ଥାୟୀ ଅଧିବାସୀ ହୋଇ ଓଡ଼ିଆ ପାଲଟି ଯାଇଅଛନ୍ତି । ]

ପ୍ରାଦେ. ( ମେଦନୀପୁର ) ବ—ଘର ଚାଳ ଘରର ମଥାନ— The summit of a thatched house.

**ଗୁଇଁଗାଇଁ**—ଦେ. ଅ (ଧ୍ୱନ୍ୟାତ୍ମକ)—୧ । ଅରଟରେ ସୂତା କଟା ହେଲା Guiñgāiñ ବେଳେ ଅରଟ ବୁଲିବାର ଶବ୍ଦ—Sound of the revolving spinning wheel.

ଅରଟ ଗୁଇଁଗାଇଁ ଲେ ବୁଢ଼ି ! ଲୋ ସୂତାକଟା କାହିଁ ?—ଅରଟଗୀତ ।

୨ । ଖେଳରେ ଗୋଳାଇବା— 2. Use of unfair means in a game.

୩ । ଗୁଁ ଗାଁ ( ଦେଖ )— 3. Guñgāñ ( See )

**ଗୁଇଁଜ୍**—ପ୍ରାଦେ (ସମ୍ବଲପୁର) ବ ( ସଂ. ଗୁଞ୍ଜା)—ଗୁଞ୍ଜା; କାଇଞ୍ଚ— Guiñj A red and white seed with black tip.

**ଗୁଇଁପୁଇଁ** (ଇତ୍ୟାଦ)—ଦେ. ଅ—ଗୁଁପୁଁ ଇତ୍ୟାଦ (ଦେଖ) Guiñpuiñ etc Guñpuñ etc (See)

**ଗୁଇଁଶ୍‌ଗାଇଁଶ୍ ହେବା**—ପ୍ରାଦେ ( ସମ୍ବଲପୁର ) କ୍ରି—କୌଣସି କାର୍ଯ୍ୟ Guiñsgāiñs hebā କରିବାକୁ ଅନିଚ୍ଛା ପ୍ରକାଶ କରିବା— To grumble to do any work.

**ଗୁଇଞ୍ଚା**—ପ୍ରାଦେ (ସମ୍ବଲପୁର) ବ—ଗୁଣ୍ଡୁଚିମୂଷା— Guinchā Squirrel.

**ଗୁଇନ୍ଦା**—ବୈଦେ ( ଫା. ଗୋଇନ୍ଦା; ଭୁଲ ସଂ. ଗୁପ୍ତଦୂତ )—ଗୁପ୍ତଚର; Guindā ଗୋଇନ୍ଦା; ଭେଦୁଆ; ଯେଉଁ ବ୍ୟକ୍ତି ଗୁପ୍ତଭାବରେ ସମାଚାର

गोयेन्दा ସଂଗ୍ରହ କରେ—Detective; spy.

**गोइंदा**

**ଗୁଇନ୍ଦା ପୁଲିସ୍**—ବୈଦେ. ବ (ଫା. ଗୋଇନ୍ଦା+ଇଂ. ପୋଲିସ୍)— Guindā pulis ସରକାରଙ୍କ ନିଯୁକ୍ତ ଯେଉଁ ପୁଲିସ ଅପରାଧୀର

गोयेन्दापुलिस ଗୁପ୍ତ ଅନୁସନ୍ଧାନ କରନ୍ତି—

**गोइंदापुलिस** Detective police.

**ଗୁଉଁପୁଉଁ**—ଦେ. ଅ—ଗୁଁପୁଁ (ଦେଖ) Guuñpuuñ Guñpuñ (See)

**ଗୁଏ**—ପ୍ରାଦେ ( ସମ୍ବଲପୁର ) ବ (ସଂ· ଗୋଧିକା)—ଗୋଧି— Gue Iguana.

**ଗୁଁ**—ସଂ. ବ—ବୈଦିକ ଅକ୍ଷର 'ଙ୍' ର ଉଚ୍ଚାରଣ— Guñ Pronunciation of the Vedic letter 'ङ्'

**ଗୁଁଗାଁ**—ଦେ. ଅ (ଧ୍ୱନ୍ୟନୁକରଣ)—ଅସ୍ପଷ୍ଟଭାବରେ ବିରକ୍ତି ବା ଅନିଚ୍ଛା- Guñgāñ ପ୍ରକାଶ—1. Grumbling.

**गुजगुज, गुज्‌गुजानि**

**गुनगुना**

**ଗୁଁଗାଁ ହେବା**—ଦେ. କ୍ରି—କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ Guñgāñ hebā କରିବା—To grumble or express

**गुनगुनकरा** unwillingness to do a thing.

**गुनगुनाना**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ |

ଗୁଁଗୁଁ (ଇତ୍ୟାଦି)—ଦେ. ଅ—ଗୁଁଗାଁ ଇତ୍ୟାଦି (ଦେଖ)
Gunguñ etc    Gungāñ etc (See)

ଗୁଁଡଚି—ପ୍ରାଦେ (ମେଦିନୀପୁର)—ବି—ଗୁଣ୍ଡୁଚିମୂଷା—
Guñdchi    Squirrel.

ଗୁଁଡ଼ିଆ—ପ୍ରାଦେ (ସମ୍ବଲପୁର) ବି—ମଶା—
Guñrdiā    Mosquito.

ଗୁଁପୁଁ—ଦେ. ଅ—୧ । ଅସ୍ପଷ୍ଟଭାବରେ ବିରକ୍ତି ବା ଅନିଚ୍ଛାପ୍ରକାଶ—
Guñpuñ    1. Grumbling.
**গুজগুজ**
**गुनगुन**
୨ । ଖେଳରେ ଗୋଲାଇବା—
2. Use of unfair means in a game.
୩ । ସିଦ୍ଧାନ୍ତର ଅସ୍ଥିରତା—
3. Hesitancy; hesitation.
୪ । ସନ୍ଦେହ—4. Suspicious.
ଦେ. ବିଣ—ଅସ୍ପଷ୍ଟଭାବରେ ଅନିଚ୍ଛାପ୍ରକାଶକାରୀ—
Grumbling.

ଗୁଁପୁଁଆ—ଦେ. ବିଣ—୧ । ଅସ୍ପଷ୍ଟଭାବରେ କୌଣସି କାର୍ଯ୍ୟ କରିବାକୁ
Guñpuñyāñ    ଅନିଚ୍ଛାପ୍ରକାଶକାରୀ ( ବ୍ୟକ୍ତି )—
1. Grumbling (person)
୨ । ଯେ ଖେଳରେ ଗୋଲାଏ—
2. Using unfair means in a game.
୩ । ସନ୍ଦିଗ୍ଧମନା—3 Suspicious by nature.

ଗୁଁପୁଁଆଁ—ଦେ. ବିଣ—
Guñpuñyāñ

ଗୁଁପୁଁ ହେବା—ଦେ. କି—୧ । କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା
Guñpuñ hebā    ପ୍ରକାଶ କରିବା—1. To grumble or
**গুজগুজকরা**    express unwillingness to do a thing.
**गुनगुनाना; गोंगिआना**
୨ । ଖେଳରେ ଗୋଲାଇବା—2. To use unfair means in a game.
୩ । କୌଣସି ବିଷୟରେ ସ୍ଥିର ସିଦ୍ଧାନ୍ତରେ ଉପସ୍ଥିତ ନ ହୋଇ ଇତସ୍ତତଃ କରୁଥିବା—Hesitating.
୪ । ସନ୍ଦେହ କରିବା—4. To suspect.

ଗୁଖର୍—ପ୍ରାଦେ. (ମେଦିନୀପୁର) ବି.—ଗୋଖର (ଦେଖ)
Gukhar    Gokhara (See)

ଗୁଖରା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଗୋକ୍ଷୁର)—
Gukharā    ଗୋଖରା (ଦେଖ)—1 Gokharā (See)
୨ । ଚାରିପାଖେ ମୁନ ଥିବା ଲୁହା କଣ୍ଟା—
2. Iron nail pointed on four sides.

ଗୁଗଳ—ଦେ. ବି.—ଗୁଗ୍ଗୁଳ (ଦେଖ)
Gugala    Guggula (See)

ଗୁଗୁଚି—ଦେ. ବି.—ଗୁଗୁପାଞ୍ଚି (ଦେଖ)
Guguchi    Gugupāñchi (See)

ଗୁଗୁଚିଆ—ଦେ. ବି. (ସଂ. କୁକାଶ)—ଧାନ୍ୟାଦିବର୍ଗର ତୃଣବିଶେଷ—
Guguchiā    Spear grass; a kind of grass having
চোরকাঁটা, কচকচে, চোঁচখড়কে, ভাটুই    awns on its grains which enter into ones cloth while walking and stick there; Loue thorn
**अघाड़ुलि**
ସଂ. ନାମ—ଶ୍ୱେତପୁଷ୍ପୀ, ଶ୍ୱେତକ, ଶ୍ୱେତକଣ୍ଟକ    Andropogen aciculatus.
[ ଦ୍ର—ଏହା ପଡ଼ିଆରେ ଜନ୍ମେ । ଏହାର ଶୁଙ୍ଗଯୁକ୍ତ ଶସ୍ୟ ବା ଫୁଲ ପଡ଼ିଆରେ ଯିବା ଲୋକର ଲୁଗାରେ ଲାଗିଯାଏ । ]

ଗୁଗୁପହଞ୍ଚି—ଗ୍ରା. ବି.—ଗୁଗୁପାଞ୍ଚି (ଦେଖ)
Gugupahañchi    Gugupāñchi (See)

ଗୁଗୁପାଞ୍ଚି—ଗ୍ରା. ବି.—ବଡ଼ ମଣିଷ ଚିତ ହୋଇ ଶୋଇ ଅଣ୍ଟୁରୁ
Gugupāñchi    ଉପରକୁ ଟେକି ଗୋଡ଼ରେ ପିଲାଙ୍କୁ ବସାଇ
**घुघुआ**    ଖେଳାଇବାର ପ୍ରଣାଳୀବିଶେଷ—The mode of rocking a child by putting him on the chair-like seat formed by the feet and legs of the elderly man while sleeping on the back.
[ ଦ୍ର—ବଡ଼ମଣିଷ ଚିତ ହୋଇ ଶୋଇ ଗୋଡ଼କୁ ଟେକି ଓ ଅଣ୍ଟୁଠାରୁ ଭାଙ୍ଗି ଦୁଇ ଗୋଡ଼ ଓ ପାଦମଧ୍ୟସ୍ଥ ଚଉକିଭଳି ସ୍ଥାନରେ ଶିଶୁକୁ ଦୋଳି ଖେଳାଇ ପଚାରୁଥାନ୍ତି, "କାହା ପତରେ ଖାଇବୁ ଶିଶୁ ଉତ୍ତର କରେ, 'ବାଧା ପତରେ'" ଏହିପରି ଅନେକ ଥର ପଚାରିବାରୁ ଶିଶୁ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ପତରେ ଖାଇବ ବୋଲି ଉତ୍ତର କରେ । ଶେଷକୁ ବଡ଼ ମଣିଷ ପଚାରନ୍ତି, "ସୁନାଗାଡ଼ିଆରେ ପଡ଼ିବୁ କି ଗୁହ ଗାଡ଼ିଆରେ ପଡ଼ିବୁ ?" ଶିଶୁ ଯାହା ଉତ୍ତର କରେ ତଦନୁସାରେ ବଡ଼ ମଣିଷ ଆପଣାର ଗୋଟିଏ କଡ଼ରେ ସୁନାଗାଡ଼ିଆ ଓ ଅନ୍ୟ କଡ଼ରେ ଗୁହ ଗାଡ଼ିଆ ଥିବାର କଳ୍ପନା କରି ଶିଶୁକୁ ସେହି ଅବସ୍ଥାରେ ଏକ ପାଖକୁ ଦୋହଲାଇ ଅନ୍ୟ ପାଖକୁ ନେଇ ଆସି ସେହି କଡ଼ରେ କଳ୍ପିତ ସୁନାଗାଡ଼ିଆ ବା ଗୁହଗାଡ଼ିଆରେ ଖସାଇ ପକାଇ କହନ୍ତି, "ଗୁହ ଗାଡ଼ିଆରେ ଧୋଇଁ ଧୋଇଁ ସୁନା ଗାଡ଼ିଆରେ ପକାଇ ଦେଇଁ ।" ଶିଶୁର ଏହି ଖେଳକୁ 'ଗୁଗୁପାଞ୍ଚି' କହନ୍ତି । ]

ଗୁଗୁର୍ଚିଆ—ପ୍ରାଦେ. (ଯାଜପୁର) ବି—ଗୁଗୁଚିଆ ( ଦେଖ )—
Gugurchiā    Guguchiā ( See )

ଗୁଗୁଳ—ଦେ. ବି—ଗୁଗ୍ଗୁଳ ( ଦେଖ )
Gugula    Guggula ( See )

ଗୁଗ୍ଗୁଳ—ସଂ. ବି. ( ଗୁଗ୍ = ବ୍ୟାଧି ଗୁଡ଼୍ ଧାତୁ = ରକ୍ଷା କରିବା + କର୍ତ୍ତୃ. ଅ )—
Guggula
ସଂ. ପର୍ଯ୍ୟାୟ—ଶମ୍ବରୀ    ୧ । ସୁଗନ୍ଧ ଧୂପ ବା ଦ୍ରବ୍ୟବିଶେଷ—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଧରଣର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅଁ' ନ ମିଳିଲେ 'କଅଁ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; ଅଗ୍ଗ୍ୟା' ନ ପାଇଲେ 'ଅଗ୍ଗା' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଶାଲଶିନିର୍ଯାସ, କୁମ୍ଭୂଲ,
ଗୁଗ୍ଗୁଲୁ, ଗୁଗ୍ଗୁଲ
ଗুগ্গুল
गुगल, लुबान
ଗୁ. ଗୁଗ୍ଗୁଲ
ମ. ଗୁଗ୍ଗୁଳ
ଫା. ବୋଏଜହୁଦାନ୍
ଆ. ମୁକିଲେଅର୍ଜକ୍
ତେ. ଗୁଗ୍ଗିଲମୁଚେଟ୍ଟୁ
ତା. କୁଙ୍ଗି, ଗୁଗୁଲ୍ଲୁ

1. Indian Bdellium.
୨ । ଶ୍ରେଷ୍ଠ ବର୍କା କଣ୍ଟାଳଥ ଗୁଳ୍ମବିଶେଷ—
2. Balsamodendron Mukul;
Amyris Agallochum.

[ ଦ୍ର—ଏହା ସିନ୍ଧୁ, ରାଜପୁତାନା ଆଦି ଶୁଷ୍କ ଦେଶ ଏବଂ ଓଡ଼ିଶାରେ ମଧ୍ୟ ଜନ୍ମେ । ଓଡ଼ିଶାରେ ଏହାର ନାମ ଶିଲା ଗଛ । ଏହାର ଛାଲ କାଗଜ ପରି ପତଳା ହୋଇ ଗଛରୁ ଛାଡ଼ି ପଡ଼େ, ଶାଖାର ପ୍ରାନ୍ତରେ ପତ୍ର ଧରେ, ପତ୍ର ତ୍ରିପର୍ଣ୍ଣୀ । ଏ ଗଛର ରସ ସୁଗନ୍ଧ, ଶୀତକାଳରେ ଗଛର ଛାଲରେ କଣା କଲେ ଝୁଣା ପରି ରସ ବାହାରେ । ଏ ରସ ଶୁଖିଲେ ଗୁଗ୍ଗୁଲ ହୁଏ । ଏହା ନିଆଁରେ ପକାଇ ଧୂପ ଦେଲେ ସୁଗନ୍ଧ ବାହାରେ । ଅଫ୍ରିକାର ଗୁଗ୍ଗୁଲ ଉତ୍କୃଷ୍ଟ । ଗୁଗ୍ଗୁଲ ୫ ପ୍ରକାର :—

୧ ମହିଷାକ୍ଷ—ଏହା ଭ୍ରମର ଓ ଅଞ୍ଜନ ବର୍ଣ୍ଣ
୨ ମହାନୀଳ—ଅତି ନୀଳବର୍ଣ୍ଣ
୩ କୁମୁଦ—କଇଁ ପରି
୪ ପଦ୍ମ—ମଣି ପରି
୫ ହିରଣ୍ୟ—ଏହା ହଳଦିଆ

ଏହା ଶରୀର ପକ୍ଷେ ଅତ୍ୟନ୍ତ ଉପକାରୀ । ଏହା ପିତ୍ତବର୍ଦ୍ଧକ, ସାରକ, ଭଗ୍ନସନ୍ଧାନକାରକ, ଶୁକ୍ରବର୍ଦ୍ଧକ, ସ୍ୱରପ୍ରସାଦକ, ରସାୟନ, ଅଗ୍ନିଦୀପକ ଓ ବଳକାରକ, ନୂତନ ଗୁଗ୍ଗୁଲ ବଡ଼ ଉପକାରୀ । ]

**ଗୁଗ୍ଗୁଲଦ୍ରୁ**—ସଂ. ବି. ( ଗୁଗ୍ଗୁଲ+ଦ୍ରୁ )—
Guggul̲adru ରକ୍ତ ସଜନା ଗଛ—
A variety of Moringa with red flowers ( M. W. )

**ଗୁଗ୍ଗୁଲୁ**—ସଂ. ବି. ( ଗୁକ୍+ଗୁଡ୍ ଧାତୁ+ଅ; ସଞ୍ଜ୍ଞାର୍ଥରେ. ଉ )—
Guggul̲u ଗୁଗ୍ଗୁଲ ( ଦେଖ )
Guggul̲a ( See )

**ଗୁଙ୍ଗ୍‌ନିଆ ହେବା**—ପ୍ରାଦେ. (ଲରିଆ) କ୍ରି—ଗୁରୁଣ୍ଡିବା—
Guṅgniā hebā To crawl.

**ଗୁଙ୍ଗା**—ବୈଦେ. ବିଣ. ପୁଂ. ( ଫା. ଗୁଙ୍ଗ୍ )—ଘୁଙ୍ଗା ( ଦେଖ )
Guṅgā Ghuṅgā ( See )
(ଗୁଙ୍ଗୀ—ସ୍ତ୍ରୀ)

**ଗୁଚାଇବା**—ପ୍ରାଦେ. ( ସିଂହଭୂମ ) କ୍ରି—ଫିଟାଇବା—
Guchāibā To open.

**ଗୁଚିଡାଣ୍ଡି**—ବୈଦେ ବି. ( ହି. ଗୁଲ୍ଲୀ ଡଂଡା; ହି. ଗୁଚୀ=ଭୂମିରେ କରାଯିବା ଶ୍ରେଷ୍ଠ ଗାତ )—
Guchitāṇḍi
ଡାବଲପୁଆ (ଖେଳ) ( ଦେଖ )
Dābalapuā (play) ( See )

**ଗୁଚିଡାଣ୍ଡୁ**—ବୈଦେ. ବି. ( ହି. ଗୁଚି=ଶ୍ରେଷ୍ଠ ଗାତ+ସଂ. ଦଣ୍ଡ )—
Guchitāṇḍu ଡାବଲପୁଆ (ଖେଳ) ( ଦେଖ )
Dābalapuā (play) ( See )

**ଗୁଚ୍ଛ**—ସଂ. ବି. ( ଗୁ ଧାତୁ=ଶବ୍ଦ କରିବା+ଅଧିକରଣ. ଛ; ଯେଉଁଠାରେ ଭ୍ରମରମାନେ ଗୁଣୁ ଗୁଣୁ ଶବ୍ଦ କରନ୍ତି )—
Guchchha
୧ । ପୁଷ୍ପସ୍ତବକ—
1. A cluster of flowers.
୨ । ପେଣ୍ଡା; ଗୋଛା—
2. A bundle; cluster; bunch.
୩ । ମୟୂରପୁଚ୍ଛ—3. The tail of a peacock.
୪ । ମୁକ୍ତାହାରବିଶେଷ—
4. A thick string of pearls.
୫ । ବତିଶସରିଆ ହାର—
5 A 32 stringed necklace.
୬ । ମଲ୍ଲିକାଦି ଗଛ—6. Plants ( like jasmine ) which shoot out in clusters from the ground.
[ ଦ୍ର—ଏହାର କାଣ୍ଡମାନ ମୂଳରୁ ଗୋଛା ଗୋଛା ହୋଇ ବାହାରେ । ]

**ଗୁଚ୍ଛକ**—ସଂ. ବି. (ଗୁଚ୍ଛ+ସ୍ୱାର୍ଥରେ କ)—ଗୁଚ୍ଛ ( ଦେଖ )
Guchchhaka Guchchha ( See )

**ଗୁଚ୍ଛପତ୍ର**—ସଂ. ବି. ( ବହୁବ୍ରୀହି; ଗୁଚ୍ଛ+ପତ୍ର )—ତାଳଗଛ—
Guchchhapatra Palm tree.
ସଂ. ବିଣ—ଯେଉଁ ଗଛର ପତ୍ର ଗୁଚ୍ଛାକୃତି—
(trees) The leaves of which are like clusters.

**ଗୁଚ୍ଛପୁଷ୍ପ**—ସଂ. ବି. ( ବହୁବ୍ରୀହି; ଗୁଚ୍ଛ+ପୁଷ୍ପ )—୧ । ଅଶୋକଗଛ—
Guchchhapushpa 1. Asoka tree.
୨ । ସପ୍ତପର୍ଣ୍ଣ ଗଛ; ଛତିଆନା ଗଛ—
2. Alstonia scholaris.
୩ । ରିଠା (ହି. ଶବ୍ଦସାଗର)—3. The soapnut tree.
୪ । ଧାତକୀ (ହି. ଶବ୍ଦସାଗର)—4. Dhātakī.
ସଂ. ବିଣ—ଯେଉଁ ଗଛର ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ—
(trees) Which flower in clusters.

**ଗୁଚ୍ଛଫଳ**—ସଂ. ବି. ପୁଂ. ( ବହୁବ୍ରୀହି; ଗୁଚ୍ଛ+ଫଳ )—
Guchchhaphal̲a ୧ । କଦଳୀ ଗଛ—
1. The banana tree.
୨ । ରିଠା (ହି. ଶବ୍ଦସାଗର)—2. The soapnut tree.
୩ । ନିର୍ମଳୀ ଗଛ ( ହି. ଶବ୍ଦସାଗର )—
3. The clearing nut tree.
୪ । କାକମାଚୀ ( ହି. ଶବ୍ଦସାଗର )—
4. Kākamāchī ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଗ,ଘ | ଙ୍କ | ଇପ୍ସ | ଡ୍ଝ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଂ୍ୟ | ଇଅ | ଡ଼ | ନ୍ |

୫ । ଅଙ୍ଗୁର ( ହି. ଶବ୍ଦସାଗର )—5. Grapes.
ସଂ. ବଣ—ଯେଉଁ ଗଛର ଫଳ ପେନ୍ଥା ପେନ୍ଥା ହୁଏ—
( trees ) With fruits in bunches.

ଗୁଚ୍ଛଫଳା—ସଂ. ବି. ସ୍ତ୍ରୀ ( ବହୁବ୍ରୀହି; ଗୁଚ୍ଛ+ଫଳ+ଆ )—
Guchchhaphalā ୧ । ଦ୍ରାକ୍ଷାଲତା—1. The vine.
୨ । କଦଳୀ ଗଛ—2. The banana tree.
ସଂ. ବଣ—ଯେଉଁ ଲତାର ଫଳ ପେନ୍ଥା ପେନ୍ଥା ହୋଇ ଧରେ—
( creepers ) Bearing fruits in clusters.

ଗୁଛା—ଦେ. ବି. ( ସଂ. ଗୁଚ୍ଛ )—ଗୁନ୍ଥା; ଗ୍ରଥନ—
Guchhā Stringing together ( as beads ).
ପ୍ରାଦେ. ( ବାଲେଶ୍ୱର ) ବି—ଗୋଛା ( ଦେଖ )
Gochhā ( See )

ଗୁଛାଇବା—ଦେ. କ୍ରି. ( ସଂ. ଗୁଚ୍ଛ )—୧ । ଗୋଛା କରିବା—
Guchhāibā 1. To tie into a bundle.
ଗୁଛାନ ୨ । ଏକତ୍ର ସଂଗ୍ରହ କରିବା—
इकट्ठाकरना 2. To gather together.
୩ । ସଜାଇବା—3. To furnish; to equip.

ଗୁଛିବା—ଦେ. କ୍ରି. ( ସଂ. ଗୁଚ୍ଛ )—ଗୁନ୍ଥିବା—
Guchhibā To string together.

ଗୁଛେଇବା—ଦେ. କ୍ରି—ଗୁଛାଇବା ( ଦେଖ )
Guchheibā Guchhāibā ( See )

ଗୁଜ (ଧାତୁ)—ସଂ—ଗୁଣ୍ ଗୁଣ୍ ଶବ୍ଦ କରିବା—
Guj (root) To buzz; to hum.

ଗୁଜ୍‌ଗାଜ୍—ଦେ. ଅ—ଗୁଜୁରୁଗାଜର ( ଦେଖ )
Gujgāj Gujurugājar ( See )

ଗୁଜ—ଦେ. ବି—ଖଡ଼ଘରମାନଙ୍କରେ ଉଁରାଉପରେ ଖୁଣ୍ଟପର ବସିଥିବା
Guja କ୍ଷୁଦ୍ର କାଷ୍ଠଖଣ୍ଡ—A piece of wood placed on the cross-beam of a thatched house to support the wall-plate.

ଗୁଜବ—ଦେ. ବି ( ହି. ଗୁଜବ୍=ଗୁଜୁବ୍; ଭୁଲ. ସଂ. ଘୁଷ ଧାତୁ )—
Gujaba ଜନରବ; ରଟନା—Rumour.
গুজব
गप

ଗୁଜରତ୍—ବୈଦେ. ଅ (ଫା. ଗୁଜର୍=ପହଞ୍ଚିବା; ଗୈଠ)—ମାରଫତ—
Gujarat Through; per; by the hand of.

ଗୁଜରତ୍‌ଖୋଦ୍—ବୈଦେ. ଅ (ଫା)—ମାରଫତ ଖୋଦ୍ ବା ନିଜେ—
Gujaratkhod Per self; personally.

ଗୁଜରାଟ୍—ଦେ. ବି ( ନାମ ) ( ସଂ. ଗୁର୍ଜ୍ଜର+ରାଷ୍ଟ୍ର )—ଭାରତର ପଶ୍ଚିମ
Gujarāṭ ଉପକୂଳସ୍ଥ ଦେଶବିଶେଷ—
গুজরাট Gujarat in Western India.
गुजरात

ଗୁଜରାଟୀ—ଦେ. ବି ( ସଂ. ଗୁର୍ଜ୍ଜର+ରାଷ୍ଟ୍ର )—୧ । ଗୁଜରାଟ ଦେଶୀୟ
Gujarāṭi ବ୍ୟକ୍ତି—1. A person belonging
গুজরাটী to Gujarat.
गुजराती ୨ । ଗୁଜରାଟ୍ ଦେଶୀୟ ଭାଷା—
2 Gujarati language.
ବଣ.—ଗୁଜରାଟସମ୍ବନ୍ଧୀୟ—Relating to gujarat.
ପ୍ରାଦେ. ( ଗଡ଼ଜାତ ) ବି—ଗୁଜରାଟ୍ ପ୍ରସ୍ତୁତ ଅତି ଉତ୍କୃଷ୍ଟ
ତରବାରି—A very good sort of sword made in Gujarat.

ଗୁଜରାଣ—ବୈଦେ. ବି ( ଫା. ଗୁଜରାନ୍=ନିର୍ବାହ; କାଳକ୍ଷେପ )—
Gujarāṇa ୧ । ଜୀବନ ଧାରଣ—1. Living.
গুজরান ୨ । ଜୀବିକା—2. Livelihood.
गुज़रान ୩ । କାଳକ୍ଷେପ; ସମୟଯାପନ—
3. The passing of time.

ଗୁଜରାଣ ଚଳାଇବା—ଦେ. କ୍ରି ( ଫା. ଗୁଜରାନ୍=କାଳକ୍ଷେପଣ+ସଂ.
Gujarāṇa chaḷāibā ଚଳ ଧାତୁ )—୧ । ଜୀବିକା ନିର୍ବାହ
গুজরান মেটান କରିବା—1. To eke out one's existence; to manage to live on.
गुज़रान चलाना
୨ । କାଳଯାପନ କରିବା—2. To pass one's time.

ଗୁଜରାଣ ଚଳିବା—ଦେ ବି—୧ । ଜୀବିକା ନିର୍ବାହ ହେବା—
Gujarāṇa chaḷibā 1. The eking out of one's
গুজরান মিটা living or existence.
गुज़रान चलना ୨ । କାଳ କଟିବା—
2. The passing of one's time.

ଗୁଜରାଣ ମେଣ୍ଟାଇବା—ଦେ. କ୍ରି—ଗୁଜରାଣ ଚଳାଇବା ( ଦେଖ )—
Gujarāṇa menṭāibā Gujarāṇa chaḷāibā (See)

ଗୁଜରାଣ ମେଣ୍ଟିବା—ଦେ. ବି—ଗୁଜରାଣ ଚଳିବା ( ଦେଖ )—
Gujarāṇa menṭibā Gujarāṇa chaḷibā (See)

ଗୁଜରାତ୍—ଦେ. ବି (ନାମ)—ଗୁଜରାଟ୍ ( ଦେଖ )—
Gujarāt Gujarāṭ ( See )

ଗୁଜରାତି—ଦେ. ବି—ସୁଗନ୍ଧ ମସଲାବିଶେଷ—
Gujarāti Small cardamum with white rind;
গুজরাতী, ছোট এলাচি Elettaria cardamomum.
छोटि एलाचि, [ ଦ୍ର—ଏହା ଭାରତର ଦକ୍ଷିଣପଶ୍ଚିମ
गुजराती ईलायची ଅଞ୍ଚଳରେ ଜନ୍ମେ । ଏହା ହଳଦିଆ ଜାତୀୟ
ସଂ. ନାମ—ଏଲା, ଗୁଳ୍ମର କୋଷମୟ ଫଳ । ଏହାର ଉପର-
ଉପକୁଞ୍ଚିକା ଭାଗରେ ଧଳା ଚୋପା ଓ ଭିତରେ କଳା
ଦାନା ଥାଏ । ]
ଗ୍ରା. ବି. ଓ ବଣ—ଗୁଜରାଟୀ ( ଦେଖ )—
Gujarāṭi ( See )

ଗୁଜରାନ୍ (ଇତ୍ୟାଦି)—ବୈଦେ. ବି (ଫା)—ଗୁଜରାଣ ଇତ୍ୟାଦି (ଦେଖ)—
Gujarān (etc). Gujarāṇa etc (See)

ସାଧାରଣ ସେତେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୃଅ' ନ ମିଳିଲେ 'କଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗୁଜରିବା**—ଦେ. କ୍ରି (ଫା. ଗୁଜର୍‌ନା =(କାଳ) ଯାପନ ହେବା)—
Gujaribā ୧ । (କାଳ) ଯାପନ ହେବା; ଅତିବାହିତ ହେବା—
1. (time) To pass away.
ଗୁଜାରିବା, ଗୁଜରାଇବା, ଗୁଜୁରାଇବା — ଣିଜନ୍ତରୂପ
୨ । କାଳକାଟିବା—2. To pass time.
ଗୁଜରା, ଗୁଜରନା
୩ । କୌଣସିପ୍ରକାରେ ଚଳିଯିବା—3. To manage to live on.
୪ । ଚଳିଯିବା—4. To pass by.
(ଯଥା—ଯେନତେନପ୍ରକାରେ ମୋ କାମ ଗୁଜରୁଛି) ।
୫ । କୌଣସି ପଦାର୍ଥ ବା ସୁଖ କିଛିକାଳ ଉପଭୋଗ କରିବା—
5. To enjoy a pleasure for some time.
୬ । ସାକ୍ଷିରୂପେ ଜବାନବନ୍ଦି କରିବା—
6. To give evidence as a witness.
(ଯଥା—ଗୁହା ଗୁଜରିବା ତାଙ୍କ ଜାତକରେ ନାହିଁ ) ।
୭ । (ମନୁଷ୍ୟ) ମୃତ ହେବା—
7. To die; to pass away.
୮ । ଘଟିବା—8. To happen.
(ଯଥା—ମୋ ଉପରେ ଗୋଟାଏ ବଡ଼ ଆପଦ ଆସି ଗୁଜରିଲା) ।

**ଗୁଜରୀ**—ଦେ. ବି (ଫ. ଗର୍ଜରି; ଏହା ଗାଜର ପରି ଗୋଲ ଥିବାରୁ)—
Gujarī ସ୍ତ୍ରୀଲୋକମାନଙ୍କର ପାଦର ଅଳଙ୍କାରବିଶେଷ—
ଗୁଜରୀ A kind of anklet.
ଗୁଜରୀ [ଦ୍ର—ଏଥିରେ ସମୟେ ସମୟେ ଘୁଙ୍ଗୁର ଲାଗିଥାଏ । ଏହା ବଳା ଉପରେ ଓ ପଞ୍ଚମ ତଳେ ପିନ୍ଧା ହୁଏ ।]
୨ । ମାରୱାଡ଼ିମାନେ ପିନ୍ଧିବା ହାତର ଖଡ଼ୁବିଶେଷ—
2. A kind of bracelet.
୩ । ରାଗିଣୀବିଶେଷ—
3. Name of a musical air.
ପ୍ରାଦେ (ଗଡ଼ଜାତ) ବି—ଦୈନିକ; ଯାହା ପ୍ରତିଦିନ ହୁଏ—
Which is held daily.
(ଯଥା—ଗୁଜରୀ ହାଟ) ।

**ଗୁଜରୀହାଟ**—ପ୍ରାଦେ (ଗଡ଼ଜାତ) ବି—ପ୍ରତିଦିନ ବସିବା ହାଟ—
Gujarī hāta Daily market.

**ଗୁଜସ୍ତା**—ବୈଦେ. ବିଣ (ଫା. ଗୁଜସ୍ତା=ଗତ, ଅତୀତ)—
Gujastā ୧ । ପୁରାତନ—1. Old.
ଗୁଜସ୍ତା, ୨ । ଅତୀତ; ସାବିକ; ଗତ—2. Late; past.
ଗୁଜସ୍ତା ୩ । ଗତବର୍ଷର—3. Of last year.
କ୍ରି. ବିଣ—ଗତବର୍ଷ—Last year.

**ଗୁଜା**—ପ୍ରାଦେ (ବାଲେଶ୍ୱର) ବି. ଓ ବିଣ—ଗୋଜା (ଦେଖ)
Gujā Gojā (See)
କେବଳ ଗୁଜାଇତ ଲେଖାଯିବ—ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗୁଜାରା**—ବୈଦେ. ପ୍ରାଦେ (ସମ୍ବଲପୁର) ବି (ଭୁଲ. ଏହି ଅର୍ଥରେ ହି. ଗୁଜାରା)—ଗୁଜରାଣ; ଜୀବିକା—Livelihood.
Gujārā

**ଗୁଜାରିବା**—ଦେ. କ୍ରି ('ଗୁଜରିବା' କ୍ରିୟାର ଣିଜନ୍ତରୂପ; ଫା. ଗୁଜାର୍‌ନା)—
Gujāribā ୧ । ଉପସ୍ଥାପିତ କରିବା; ପେଶ କରିବା—
ଗୁଜାରା To place or put up before a person;
ଗୁଜାରନା to cite.
ନ୍ୟାୟ ଯୁକ୍ତି କିଛି ଭକ୍ତି ପହିଲେ ଗୁଜାରିବା—ଭକ୍ତାବତରଣ. ଶୀଉଲହରୀ ।
୨ । ( କାଳ ) କଟାଇବା—2. To pass ( time ).

**ଗୁଜିକାଠି**—ଦେ. ବି—ସ୍ତ୍ରୀମାନେ ଜୁଡ଼ାରେ ଗୁଞ୍ଜିବା ଘୁଙ୍ଗୁରଯୁକ୍ତ କାଠି—A twig with bells thrust into the chignon; a hair-pin attached or thrust into a chignon.
Gujikāthi
ଗୁଁଜିକାଟି
ଜୁରବନ୍ଦ, ଜୁରବନ

**ଗୁଜୁଗୁଜିଆ**—ପ୍ରାଦେ (ଗଡ଼ଜାତ) ବିଣ—ଖଣ୍ଡିଗଣିଆ; ଅତି କୃପଣ—
Gujugujiā Very miserly.
ଗୁଜୁଗୁଜିଆର ବଗୁଣ ସରେ—ଢଗ ।

**ଗୁଜୁରାଇବା**—ଦେ. କ୍ରି ('ଗୁଜରିବା' କ୍ରିୟାର ଣିଜନ୍ତ ରୂପ)—
Gujurāibā ଗୁଜାରିବା (ଦେଖ)
Gujāribā (See)

**ଗୁଜୁରିବା**—ଦେ. କ୍ରି —ଗୁଜରିବା (ଦେଖ)
Gujuribā Gujaribā (See)

**ଗୁଜୁରୁ ଗାଜର**—ଦେ. ବି.—କଥାବାର୍ତ୍ତା କରି ଗୋଳମାଳ କରିବା—
Gujuru gājar To make loud sounds by talking.

**ଗୁର୍ଜ୍ଜରୀ**—ସଂ. ବି. ସ୍ତ୍ରୀ—( ଗୁର୍ଜ୍ଜର+ସ୍ତ୍ରୀ. ଈ )—ରାତ୍ରି କାଳରେ ଶୃଙ୍ଗାର-
Gujjarī ରସରେ ଗେୟ ରାଗିଣୀବିଶେଷ—A musical tone used in night time (See notes under 'Rāga'.
[ଦ୍ର—କେହିଁ କେହି ଏହାକୁ ଦୀପକ ରାଗର ଓ କେହି କେହି ମେଘ ରାଗର ରାଗିଣୀ ବୋଲି କହନ୍ତି । ]

**ଗୁଞ୍ଜ୍** (ଧାତୁ)—ସଂ—ଶବ୍ଦ କରିବା—To buzz.
Guñj (root)

**ଗୁଞ୍ଜ**—ସଂ. ବି. (ଗୁଞ୍ଜ୍ ଧାତୁ+ଅଧିକରଣ. ଅ; ଯେଉଁଠାରେ ଭ୍ରମରମାନେ ଶବ୍ଦ କରନ୍ତି)—୧ । (ପୁଷ୍ପ) ଗୁଚ୍ଛ; ସ୍ତବକ —
Guñja
1. Bunch or cluster (of flowers)
୨ । ଫୁଲତୋଡ଼ା—2. Nosegay.
୩ । (+ଭାବ. ଅ)—ଗୁଣୁଗୁଣୁ ଶବ୍ଦ—
3 Buzzing sound; humming of (bees).
୪ । କଳରବ; ଆନନ୍ଦଧ୍ୱନି (ହି. ଶବ୍ଦସାଗର)—
4. Sound of joy.
୫ । ଗୁଞ୍ଜା; କାଇଞ୍ଚ ( ହି. ଶବ୍ଦସାଗର )—
5. A black-tipped red seed.
୬ । ସୁନା ତାରରେ ଦଉଡ଼ିପରି ବୁଣା ହୋଇଥିବା ହାର; ଗୋପ (ହି. ଶବ୍ଦସାଗର )—
6. A kind of necklace woven like a rope.

| ୧ | ଌ | ଊ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ |

**ଗୁଞ୍ଜନ** — ସଂ. ବି. (ଗୁଞ୍ଜ୍ ଧାତୁ + ଭାବ. ଅନ)—
Guñjana ୧ । ଗୁଣୁଗୁଣୁ ଶବ୍ଦ; ଭ୍ରମରର ଶବ୍ଦ—
1. Buzzing sound; humming (of bees).
୨ । ଗୁଞ୍ଜା ଫଳ; କାଇଞ୍ଚ—
2. A black-tipped red seed borne in pods.

**ଗୁଞ୍ଜମାଳ** — ଦେ. ବି. (ସଂ. ଗୁଞ୍ଜ + ମାଳା)—କାଇଞ୍ଚମାଳ—
Guñjamāḷa A garland of 'Kāiñcha' seeds.
গুঞ্জমালা
गुंजमाला

**ଗୁଞ୍ଜର୍** — ପ୍ରାଦେ. (ସମ୍ବଲପୁର) ବି—୧ । କବାଟର ଶିକୁଳି—
Guñjar 1. Door-chain.
୨ । ନୂପୁର—2. Tinkling ornament or ring for the leg.
୩ । କବାଟର ଶିକୁଳିରେ ଲାଗିଥିବା ଲୌହଶଳାକାବିଶେଷ—
3. An iron-rod attached to a door-chain.
୪ । ଗୁଞ୍ଜର ପୋକ ( ଦେଖ )
4. Guñjara (beetle) ( See)

**ଗୁଞ୍ଜର** — ଦେ. ବି — ୧ । (ସଂ. ଗୁଞ୍ଜନ)— ଗୁଣୁଗୁଣୁ ଶବ୍ଦ—
Guñjara 1. Buzzing sound; humming.
ନବ୍ୟ ମୁଖର ମଧୁକର ଗୁଞ୍ଜରେ । ରାଧାନାଥ—ମେଘଦୂତ ।
୨ । ଚୂର୍ଣ୍ଣକୁନ୍ତଳ—2. A short curl of hair overhanging the brow.
୩ । (ସଂ. ଗୁର୍ଜର) ହସ୍ତାଳଙ୍କାରବିଶେଷ; ବଳୟ—
3. A kind of bracelet.
କଞ୍ଚ ମଞ୍ଜୁଳ ଗୁଞ୍ଜର ଯୁଗଳେ,
ଖଞ୍ଜିଲା କାଚ ଅଙ୍କ ଯେ । କବିସୂର୍ଯ୍ୟ—ଚନ୍ଦ୍ରକଳା ।
୪ । ଏକଜାତୀୟ ନେଳି ଡାଣୁଆ ପକ୍ଷଯୁକ୍ତ ପୋକ—
4 A beetle with hard blue wings; the blue Rutilian beetle.
[ ଦ୍ର—ଏହାର ନେଳ ଖୋଳକୁ ଗୋଲ କରି କାଟି ସ୍ତ୍ରୀମାନେ ମଥାରେ ଟିକିଲିରୂପେ ଦେଇଥାନ୍ତି । ]
୫ । (ସଂ. କୁଞ୍ଜର) ହସ୍ତୀ—5. Elephant.

**ଗୁଞ୍ଜରବନ୍ଧ** — ଦେ. ବି— ବଳୟ; ହସ୍ତାଳଙ୍କାରବିଶେଷ—
Guñjarabandha A kind of bracelet.
गुजरी
ଟାଙ୍କି ହରେ ଚୁଡ଼ି ଗୁଞ୍ଜରବନ୍ଧ ସୋମନାଥ ଶରଚନ୍ଦ୍ରିକା ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**ଗୁଞ୍ଜର ମୁଣ୍ଡାଲି** — ଦେ. ବି—ଯେଉଁ ଚୂର୍ଣ୍ଣ କୁନ୍ତଳ ମୁହଁ ଉପରକୁ ପଡ଼ିଥାଏ—
Guñjara muṇḍāḷi Curls of hair overhanging the face.

**ଗୁଞ୍ଜରା** — ଦେ. ବି—୧ । ମୁଣ୍ଡର ମାଳାପରି ଆଭରଣବିଶେଷ—
Guñjarā 1. A kind of bead used to adorn the head.
୨ । ( ସଂ. ଗୁଞ୍ଜ ) କାଇଞ୍ଚର ମାଳା—
2. A necklace of Kāiñcha seeds.
ମଣି ଗୁଞ୍ଜରା ଶିରେ ଧରି ଗାଈଙ୍କ ପଛେ ବନଗୃହ ।
ଜଗନ୍ନାଥ—ଭାଗବତ ।
୩ । ଗୁଞ୍ଜରପୋକର ଖୋଳରୁ ପ୍ରସ୍ତୁତ ଗୋଲାକାର ଟିକିଲି—
3. A tip made from the tough covering of the Rutilian beetle.
ମୟୂର ମୁକୁଟ ଶୋଭନ, ଗୁଞ୍ଜ ଗୁଞ୍ଜରା ଗୋରଚନ ।
ଭୂପତି—ପ୍ରେମପଞ୍ଚାମୃତ ।

**ଗୁଞ୍ଜରାପାଟି** — ଦେ. ବି—୧ । ମୁଣ୍ଡର ଆଭରଣବିଶେଷ—
Guñjarāpāṭi 1. A kind of ornament for the head.
ଗୁଞ୍ଜରାପାଟି ଭାଳୁମୂଳ, ଶ୍ରବଣେ ମକର କୁଣ୍ଡଳ । ଜଗନ୍ନାଥ—ଭାଗବତ ।
୨ । ଗୁଞ୍ଜରା ୩ ( ଦେଖ )
2. Guñjarā 3 ( See )

**ଗୁଞ୍ଜରିବା** — ଦେ. କ୍ରି. ( ସଂ. ଗୁଞ୍ଜ ଧାତୁ )—ଗୁଣୁଗୁଣୁ ଶବ୍ଦ କରିବା—
Guñjaribā To hum.
গুঞ্জরা
ଗୁଞ୍ଜରି ଧାଆନ୍ତି ଅଳି-ପୁଞ୍ଜେ ମଧୁ-ସୌରଭେ ଅନ୍ଧ ।
ରାଧାନାଥ. ଉଷା ।
गुञ्जरना

**ଗୁଞ୍ଜହାର** — ସଂ. ବି— ଗୁଞ୍ଜମାଳ ( ଦେଖ )
Guñjahāra Guñjamāḷa ( See )

**ଗୁଞ୍ଜା** — ସଂ. ବି ( ଗୁଞ୍ଜ + ଆ )— ୧ । କାଇଞ୍ଚ ( ଦେଖ )—
Guñjā Kāiñchā ( See )
ଅଙ୍କାର ଗୁଞ୍ଜାମାନଙ୍କୁ ପାଭୁଆ କରନ୍ତି କବି ସଗଡ଼—ରାଧାନାଥ. ପାର୍ବତୀ ।
୨ । କାଇଞ୍ଚ ପରିମିତ ଓଜନ—
2. A standard weight; $1\frac{5}{16}$ grains troy.
୩ । ଦୁଇ ଗ୍ରେନ୍ ପରିମିତ ଓଜନ—
3. A weight of 2 grains.
୪ । ଗୁଞ୍ଜନ; ଗୁଣୁ ଗୁଣୁ ଶବ୍ଦ—4. Buzzing.
୫ । ନାଗରା—5. Kettle-drum.
୬ । ମଦ୍ୟପାନଶାଳା—6. A tavern.
୭ । ଧ୍ୟାନ—7. Meditation.
୮ । ବିଷାକ୍ତମୂଳ ଗୁଳ୍ମବିଶେଷ—
8. A plant with poisonous root.
ଦେ. ବି—ଠେଲି ପେଲି କୌଣସି ପଦାର୍ଥକୁ ଅନ୍ୟ ପଦାର୍ଥ ମଧ୍ୟରେ ଭର୍ତ୍ତି କରିବା—Thrusting a thing into other things.
ଦେ. ବିଣ—୧ । ଠେଲିକରି ଭର୍ତ୍ତିକରା ଯାଇଥିବା—
Thrust in; forced in.
୨ । ଅନ୍ୟ ବ୍ୟକ୍ତି ନିକଟରେ ଅଯାଚିତ ଭାବରେ ପେଲି ହୋଇ ପଶିବା (ଲୋକ); ଲେବେଢ଼ା—2. One who thrusts himself into the company of others uninvited.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିର ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଗୁଞ୍ଜାଇବା**—ଦେ. କ୍ରି—'ଗୁଞ୍ଜିବା'ର ଣିଜନ୍ତ ରୂପ—
Gun̄jāibā — Causative form of 'Gun̄jibā'.
गोंजान
**कोचवाना, कोंचाना**

**ଗୁଞ୍ଜାଗୁଞ୍ଜି**—ଦେ. ବି—୧ । ସଙ୍କୀର୍ଣ୍ଣ ସ୍ଥାନରେ ବହୁ ବସ୍ତୁ ବା ବ୍ୟକ୍ତିଙ୍କର ଅବସ୍ଥାନ ଲାଗି ଠେଲାଠେଲି—
Gun̄jāgun̄ji — 1. Pushing one another for occupying a narrow space.
गेँजागेँजि
**कोँचाकोँचि**
୨ । ଗଲାଗଲି—2. Thrusting into one another.
୩ । ନାନା ପଦାର୍ଥ ଗୁଞ୍ଜିବା କର୍ମ—
3. Act of thrusting many things.
୪ । ଘଞ୍ଚ—4. Overcrowding; overlapping.

**ଗୁଞ୍ଜାମାଳ**—ଦେ. ବି (ସଂ. ଗୁଞ୍ଜା+ମାଳା)—କାଇଞ୍ଚମାଳ—
Gun̄jāmāḷa — A garland of Kāin̄cha seeds.

**ଗୁଞ୍ଜା ରୁଅ**—ଦେ. ବି—୧ । ଯେଉଁ ରୁଅ ପୁରୁଣା ଘରଚାଳରେ ପରେ ଠେଲି ହୋଇ ପୂରି ଯାଇଥାଏ—1. The rafter thrust into the midst of other rafters in the thatch of an old house to serve as an original one.
Gun̄jā rua
चोरकोरो
कोरचोरा
୨ । (ଲକ୍ଷଣାର୍ଥ) ଯାହା ଅସ୍ୱାଭାବିକ, ମାତ୍ର କୃତ୍ରିମ ଉପାୟରେ ସ୍ୱାଭାବିକ ଆଶ୍ରୟ ପରି ବ୍ୟବହୃତ ହୁଏ—
2. An artificial support.
( ଯଥା—ପୋଷା ପୁଅ ଗୁଞ୍ଜା ରୁଅ । )

**ଗୁଞ୍ଜାହାର**—ସଂ. ବି—ଗୁଞ୍ଜାମାଳ ( ଦେଖ )—
Gun̄jāhāra — Gun̄jāmāḷa (See)

**ଗୁଞ୍ଜିକା**—ସଂ. ବି. ସ୍ତ୍ରୀ ( ଗୁଞ୍ଜା+ସ୍ୱାର୍ଥେ. କ+ସ୍ତ୍ରୀ. ଆ )—
Gun̄jikā — ୧ । କାଇଞ୍ଚଫଳ—1. The seed of Kāin̄cha.
୨ । ଏକ କାଇଞ୍ଚ ପରିମାଣ—
2. Weight of one Kāin̄cha.

**ଗୁଞ୍ଜିଗାଞ୍ଜି ହେବା**—ଦେ. କ୍ରି—ସ୍ଥାନାଭାବରୁ ଠେଲାଠେଲି ହେବା—
Gun̄jigān̄ji hebā — To overcrowd or overlap one another.
**गोंजगाँजहेना**

**ଗୁଞ୍ଜିତ**—ସଂ. ବି (ଗୁଞ୍ଜ ଧାତୁ+କର୍ତ୍ତୃ.ତ)—ଝଙ୍କୃତ; ଶବ୍ଦାୟିତ—
Gun̄jita — Resounding; with humming; full of humming sound.
ସଂ. ବି (+ଭାବ. ତ)—ଝଙ୍କାର; ଗୁଣୁଗୁଣୁ ଶବ୍ଦ—
Humming sound.
ମଧୁପ-ଗୁଞ୍ଜିତେ ହେଉ ସେ ପୂରିତ—ରାଧାନାଥ ଋତୁସଂହାର ପଦ୍ୟ ।
ଦେ. ବିଣ—ଗୁଞ୍ଜା ହୋଇଥିବା; ଭିତରକୁ ପୂରି ଯାଇଥିବା—
Thrust in.
କଙ୍କଣ-ପୂରିତ-ଘୋଡ଼ନ ଭଳେ,
ଗଣ୍ଡମିଶା ଶିଙ୍ଘା ଗୁଞ୍ଜିତ ଗାଲେ—ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଗୁଞ୍ଜିବା**—ଦେ. କ୍ରି (ସଂ. ଗୁଞ୍ଜ ଧାତୁ)—୧ । ଗୁଣୁଗୁଣୁ ଶବ୍ଦ କରିବା—
Gun̄jibā — 1. To hum.
गौंजा
**कोँचना**
ବହୁଳଗୁଞ୍ଜିତ୍ଥିଲେ କୁଜନ୍ତି,
ମଉ ମଧୁପ ସେ ଗୁଞ୍ଜନ୍ତି—ଜଗନ୍ନାଥ, ଭାଗବତ ।
୨ । (ଭୁଲ. ଫା. ଗୁଂଜାନ୍=ଘନ; ଅବିରଳ; ଗୁଂଜାଇସ୍= ସ୍ଥାନ; ଜାଗା; ସୁବିଧା )—କୌଣସି ପଦାର୍ଥକୁ ଅନ୍ୟ ପଦାର୍ଥମାନଙ୍କ ମଧ୍ୟରେ ଠେଲି ପୂରାଇବା—2. To thrust or force a thing into other things.
୩ । ଦୁଇଟି ଲେଖା ମଧ୍ୟରେ ନୂଆ ଲେଖା ପୂରାଇବା—
3. To interpolate.
୪ । (ସଂ. ଗୁହ ଧାତୁ=ଗୋପନ କରିବା) କୌଣସି ପଦାର୍ଥକୁ ଗୁପ୍ତ ସ୍ଥାନରେ (ଅଖାରେ, ଲୁଗା ଭିତରେ) ଲୁଚାଇବା—
4. To secrete a thing.
୫ । (ଲକ୍ଷଣାର୍ଥ) ଅନିଚ୍ଛାସତ୍ତ୍ୱେ ବା ଅଯାଚିତଭାବରେ କୌଣସି ବ୍ୟକ୍ତିକୁ କୌଣସି ପଦାର୍ଥ ଦେବା—
5. To force a thing to a person unasked or against his consent.
( ଯଥା—ବାକୁଡ଼ିତଧବାଠେଇଁ ଗାଁଅଁବାଲା ଗୋଟାଏ ପୁଅ ଗୁଞ୍ଜିଦେଲେ । )

**ଗୁଞ୍ଜି ହେବା**—ଦେ. କ୍ରି—୧ । ଅନାହୂତ ହୋଇ କୌଣସି ବ୍ୟକ୍ତି ନିକଟରେ ଆଶ୍ରୟ ନେବା—
Gun̄ji hebā — 1. To take shelter with a person unasked.
घुँजियाना
୨ । (ବହୁତ ଲୋକ) କୌଣସି ସଙ୍କୀର୍ଣ୍ଣ ସ୍ଥାନରେ ମାଡ଼ମକଡ଼ ହୋଇ ରହିବା—2. (many persons) To crowd in an inadequate place.

**ଗୁଞ୍ଜୁଗୁଞ୍ଜୁ**—ଦେ. ଅ—ଆସିବାମାତ୍ରକେ; ଉପସ୍ଥିତ ହେଲାକ୍ଷଣି ( ରାତି, ସକାଳ, ସନ୍ଧ୍ୟା )—Immediately after the setting of (night, morning, evening).
Gun̄jugun̄ju
(ଯଥା—ସଞ୍ଜ ଗୁଞ୍ଜୁଗୁଞ୍ଜୁ ; ରାତି ଗୁଞ୍ଜୁଗୁଞ୍ଜୁ; ସେ ରାତି ଗୁଞ୍ଜୁଗୁଞ୍ଜୁ ହୋଇ ଆମ ଘରେ ପହଞ୍ଚିଗଲେ । )

**ଗୁଞ୍ଜୁରା**—ଦେ. ବି—ଭ୍ରମରଜାତୀୟ ନେଳପୋକ; ଗୁଞ୍ଜରପୋକ—
Gun̄jurā — A kind of blue beetle with tough covering; Rutilian beetle.

**ଗୁଞ୍ଜୁରୁଗୁଞ୍ଜା**—ପ୍ରାଦେ (ଗଡ଼ଜାତ) ବି—କେଳା ଆଦି ଜାତିଙ୍କ ଗୀତର ଧ୍ରୁବା—The refrain of a song sung by the Keḷās etc.
Gun̄jurugun̄jā
ଗଡ଼ଗଡ଼ି ଗଲେ ବେଳ, ଡମେଇ ମୁଣ୍ଡରେ ନଡ଼ଥଲେଇଲ, ମାଣ୍ଡ କଲୁଥାଏ ଗେଲ ।
ଗୁଞ୍ଜୁରୁଗୁଞ୍ଜା—କେଳା ଗୀତ ।

**ଗୁଟ୍**—ପ୍ରାଦେ (ସମ୍ବଲପୁର) ସଂ—ଗୋଟାଏ; ଏକଗୋଟା—
Guṭ — One only.
ବିଣ—(ଏତେ) ସଂଖ୍ୟକ; ଗୋଟା—(so many) In number.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଘ | ଢ଼ | ର୍,ୟ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଢ |
| ୨ | ଈ | ଊ | ଋ | ଌ | ପ୍ଟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଟ୍ୟ | ଇଥ | ଔ | ନ୍ତୃ |

ଗୁଟ୍‌କେଗୁଟ୍—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—
Guṭkeguṭ ୧ । ଗୋଟିକ ପରେ ଗୋଟିଏ—
1. One after the other.
୨ । ଏକାଦିକ୍ରମେ; ଯଥାକ୍ରମେ—2. Respectively.

ଗୁଟା—ପ୍ରାଦେ. ( ବାଲେଶ୍ୱର ) ସର୍ବ. (ଗୋ ସ୍ଥାନରେ ଗୁ ଉଚ୍ଚାରଣ)—
Guṭā ଗୋଟା ( ଦେଖ )—Goṭā ( See )

ଗୁଟାଇବା—ପ୍ରାଦେ. (ବାଲେଶ୍ୱର) କ୍ରି. (ଗୋ ସ୍ଥାନରେ ଗୁ ଉଚ୍ଚାରଣ)—
Guṭāibā ଗୋଟାଇବା ( ଦେଖ )—Goṭāibā ( See )

ଗୁଟାଏ—ପ୍ରାଦେ. ( ବାଲେଶ୍ୱର, ସମ୍ବଲପୁର ) ବି ଓ ବିଣ. ( ଗୋ
Guṭāe ସ୍ଥାନରେ ଗୁ ଉଚ୍ଚାରଣ )—ଗୋଟାଏ ( ଦେଖ )
Goṭāe ( See )

ଗୁଟାରା—ପ୍ରାଦେ. ( ସମ୍ବଲପୁର ) ବି. ( ମୂଳ. ସଂ. ଗୋଷ୍ଠ=ସମୂହ )—
Guṭārā ଗୋଳମାଳ— Confusion; ado; hubbub.

ଗୁଟି—ସଂ. ବି. ( ଗୁଡ୍ ଧାତୁ=ବେଷ୍ଟନ କରିବା+କର୍ମ. ଇ )—
Guṭi ୧ । ବଟିକା—1. Pill
୨ । ଗୁଳା; ଗୁଳି—2. Ball; globule.
୩ । ମୁକ୍ତା—3. Pearl.
୪ । ରେସମ ବା ତସର ପୋକର ଗୋଲାକାର ଖୋଳ—
5. Cocoon.
୫ । ଗୋଲ ବାଲିଗରଡ଼ା—
5. Round pebble.
ପ୍ରାଦେ. ( ବାଲେଶ୍ୱର ) ବି—ଗୋବସନ୍ତ ରୋଗ—
Rinderpest; cattle small-pox.
ସର୍ବ—ଗୋଟି ( ଦେଖ )
Goṭi ( See )
ପ୍ରାଦେ. (ମେଦିନାପୁର) ବି—ନଡ଼ିଆ ଗୋଟମା—
Very small cocoanut fruiṭ.

ଗୁଟିଏ—ପ୍ରାଦେ. ( ବାଲେଶ୍ୱର, ସମ୍ବଲପୁର ) ବିଣ ( ଗୋ ସ୍ଥାନରେ ଗୁ
Guṭie ଉଚ୍ଚାରଣ )—ଗୋଟିଏ ( ଦେଖ )—
Goṭie ( See )

ଗୁଟିକା—ସଂ. ବି. ସ୍ତ୍ରୀ (ଗୁଡ ଧାତୁ+ଇକ୍+ସ୍ତ୍ରୀ. ଆ)—ଗୁଟି (ଦେଖ)—
Guṭikā Guṭi ( See )
ଦେ. ବି—୧ । ଖୁଆର ଲଡୁ; ଘନୀଭୂତ ମିଷ୍ଟାନ୍ନଯୁକ୍ତ ଦୁଗ୍ଧପ୍ରସ୍ତୁତ ଲଡ୍ଡୁ—1. A ball of sweet-meat prepared from condensed milk.
୨ । ( ବୈଦ୍ୟକ ) ବୃକ୍ଷବିଶେଷ—
2. A kind of tree.

ଗୁଟିଗୁଟି—ପ୍ରାଦେ. ( ବାଲେଶ୍ୱର ) କ୍ରି. ବିଣ. ( ଗୋ ସ୍ଥାନରେ ଗୁ
Guṭiguṭi ଉଚ୍ଚାରଣ )—ଗୋଟି ଗୋଟି—One by one.

ଗୁଟିଗୁଟିକା—ପ୍ରାଦେ. ( ବାଲେଶ୍ୱର ) କ୍ରି. ବିଣ ( ଗୋ ସ୍ଥାନରେ
Guṭiguṭikā ଗୁ ଉଚ୍ଚାରଣ )—୧ । ଗୋଟି ଗୋଟି ହୋଇ—
1. One by one.
୨ । ଜଣକେ ଗୋଟିଏ ଲେଖାଏଁ—2. One each.

ଗୁଟିଗୁଟିକିଆ—ପ୍ରାଦେ. ( ବାଲେଶ୍ୱର ) କ୍ରି. ବିଣ. ( ଗୋ ସ୍ଥାନରେ ଗୁ
Guṭiguṭikiā ଉଚ୍ଚାରଣ )—ଗୁଟିଗୁଟିକା ( ଦେଖ )
Guṭiguṭikā ( See )

ଗୁଟୀ—ସଂ. ବି. ସ୍ତ୍ରୀ. ( ଗୁଡ୍ ଧାତୁ+କର୍ମ. ଇ+ସ୍ତ୍ରୀ. ଈ )—
Guṭī ଗୁଟି ( ଦେଖ )—Guṭi ( See)

ଗୁଟେ—ପ୍ରାଦେ. ( ସମ୍ବଲପୁର ଓ ବାଲେଶ୍ୱର ) ବି ଓ ବିଣ. ( ଗୋ
Guṭe ସ୍ଥାନରେ ଗୁ ଉଚ୍ଚାରଣ )—ଗୋଟେ ( ଦେଖ )
Goṭe ( See )

ଗୁଟେଇ—ପ୍ରାଦେ. ( ସିଂହଭୂମ ) ବିଣ—ଗୋଟିଏ—
Guṭei One only.

ଗୁଠ—ପ୍ରାଦେ. ( ବାଲେଶ୍ୱର ଓ ସମ୍ବଲପୁର) ବି. (ସଂ. ଗୋଷ୍ଠ) ( ଗୋ
Guṭha ସ୍ଥାନରେ ଗୁ ଉଚ୍ଚାରଣ )—ଗୋଠ—Cattle pen.

ଗୁଠଭଟା—ପ୍ରାଦେ. ( ସମ୍ବଲପୁର ) ବି—ଗୋରୁ ଗୋଠ ପାଇଁ ଗ୍ରାମର
Guṭhabhaṭā ବାହାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନ—A place outside the village used as a cattle-pen.

ଗୁଡ୍ ଇଭ୍‌ନିଙ୍ଗ୍—ବୈଦେ. ଅ. ( ଇଂ )—ନମସ୍କାର ( ସନ୍ଧ୍ୟା ବା
Guḍ ibhniṅg ଅପରାହ୍ନରେ )—Good evening.
ଗୁଡ଼ଇଭ୍‌ନିଙ୍ଗ
ଗୁଡ଼ଇମିନିଂ

ଗୁଡ୍‌ଗୁଡ୍—ଦେ. ଅ. ( ଧ୍ୱନ୍ୟନୁକରଣ )—ଗୁଡ଼ୁଗୁଡ଼ୁ ( ଦେଖ )
Gurdgurd Gurdugurdu ( See )

ଗୁଡ୍‌ଗୁଡ଼ି ( ଇତ୍ୟାଦି )—ଦେ. ବି—ଗୁଡ଼ୁଗୁଡ଼ି ଇତ୍ୟାଦି ( ଦେଖ )
Gurdgurdi ( etc ) Gurdugurdi etc ( See )

ଗୁଡ୍‌ଚି—ଗ୍ରା. ବି. ( ସଂ. ଗୁଳଞ୍ଚ )—ଗୁଳଞ୍ଚ ( ଦେଖ )
Gurdchi Gulañcha ( See )

ଗୁଡ୍‌ଚିଡ଼ିଆ—ପ୍ରାଦେ. ( ବାଲେଶ୍ୱର ) ବି. ( ସଂ. ଗୁଳଞ୍ଚ )—
Gurdchirdiā ଗୁଳଞ୍ଚ ( ଦେଖ )—Gulañcha ( See )

ଗୁଡ୍‌ଚିଡ଼ିଚିଡ଼ା—ପ୍ରାଦେ. ( ବାଲେଶ୍ୱର ) ବି. ( ସଂ. ଗୁଳଞ୍ଚ )—
Gurdchirdichirdā ଗୁଳଞ୍ଚ ( ଦେଖ )
Gulañcha ( See )

ଗୁଡ୍‌ଡୁ—ପ୍ରାଦେ. ( ସମ୍ବଲପୁର ) ବି ଓ ବିଣ—ଗୁଡ଼ିଏ ( ଦେଖ )
Gurddu Gurdie ( See )

ଗୁଡ୍‌ଫ୍ରାଇଡେ—ବୈଦେ. ବି. ( ଇଂ. ଗୁଡ୍=ଉତ୍ତମ+ଫ୍ରାଇଡେ= ଶୁକ୍ରବାର )—ମାର୍ଚ୍ଚ ମାସ ୨୧ ତାରିଖ ପରେ ଯେଉଁ ପୂର୍ଣ୍ଣିମା ହୁଏ ସେହି ପୂର୍ଣ୍ଣିମାର ପରବର୍ତ୍ତୀ ଶୁକ୍ରବାର—Good friday.
Guḍ phrāiḍe
ଗୁଡ଼ଫ୍ରାଇଡ଼େ
ଗୁଡ଼ଫ୍ରାଇଡେ

[ ଦ୍ର—ଏହି ଶୁକ୍ରବାର ଦିନ ଯୀଶୁଖ୍ରୀଷ୍ଟ କ୍ରୁଶ୍ ଉପରେ ବିଦ୍ଧ ହୋଇ ନଶ୍ୱର ଦେହ ତ୍ୟାଗ କରିଥିଲେ । ଏହା ଖ୍ରୀଷ୍ଟାନ୍‌ମାନଙ୍କର ପର୍ବ ଓ ଉପବାସ ଦିବସ । ଏହି ପର୍ବ ଯୀଶୁଙ୍କର କ୍ରୁଶ୍ ଆରୋହଣର ସ୍ମାରକ । ଏହି ଶୁକ୍ରବାରର ପରବର୍ତ୍ତୀ ରବିବାର ଦିନ ଯୀଶୁ କବରରୁ ସଶରୀରରେ ଉଠି କେତେକ ଶିଷ୍ୟଙ୍କୁ ଦେଖା ଦେଇଥିଲେ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ଅବଶ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍' ଦେଖିବେ ।

**ଗୁଡ୍‌ବାଇ**—ବୈଦେ. ଅ. (ଇଂ)—ବିଦାୟସୂଚକ ପାଶ୍ଚାତ୍ୟ ଅଭିବାଦନ—
Gudbāi Good bye.
गुड़बाई
গুড্বাই

**ଗୁଡ୍‌ମର୍ନିଙ୍ଗ୍**—ବୈଦେ. ଅ. ( ଇଂ. ଗୁଡ୍ =ଉତ୍ତମ+ମର୍ନିଙ୍ଗ୍ = ସକାଳ )—
Gudmarning
गुडमर्निङ्ग पାଶ୍ଚାତ୍ୟ ନମସ୍କାର; ଅଭିବାଦନ—
গুডমর্নি Good morning.
[ ଦ୍ର—ସକାଳ ବେଳା ଦିନ ୧୨ଟା ମଧ୍ୟରେ ଦେଖା ହେଲେ ଇଂରେଜମାନେ ପରସ୍ପରକୁ ଗୁଡ୍ ମର୍ନିଙ୍ଗ୍ କହି ଅଭିବାଦନ କରନ୍ତି; ସନ୍ଧ୍ୟା ଓ ଅପରାହ୍ଣରେ ଗୁଡ୍‌ଇଭ୍ନିଙ୍ଗ୍ କହନ୍ତି । ]

**ଗୁଡ଼** (ଧାତୁ)—ପ—୧ । ରକ୍ଷା କରିବା—
Gurda (root) 1. To protect.
୨ । ଆଘାତ କରିବା—2. To strike.
୩ । ହିଂସା କରିବା—3. To injure.

**ଗୁଡ଼**—ସଂ. ବି. ( ଗୁ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଡ଼ )—
Gurda ୧ । ଇକ୍ଷୁ ରସରୁ ପ୍ରସ୍ତୁତ ମିଷ୍ଟ ଦ୍ରବ୍ୟବିଶେଷ—
1. Molasses; treacle; raw sugar.
[ ଦ୍ର—ଆଖୁ ରସ ବା ଦୋରୁଅକୁ ଅଉଟି ବହଳ କରି ଏହା ପ୍ରସ୍ତୁତ କରାଯାଏ । ଭେଲି ଗୁଡ଼, ଛେଦା ବା ଛେଦରା ଗୁଡ଼ ଓ ଝୋଳ ଗୁଡ଼ ଏପରି ୩ ପ୍ରକାର ଗୁଡ଼ ହୁଏ । ]
୨ । ହସ୍ତୀର ସଜ୍ଜା—
2. Equipments for an elephant.
୩ । ଗ୍ରାସ—3. Eating.
୪ । ( ଗୁଡ଼ ଧାତୁ+କର୍ତ୍ତୃ. ଅ )—
ଗୋଲକ; ଗୋଲାକାର ବସ୍ତୁ—4. Round ball.
୫ । ଖେଳିବାର ପେଣ୍ଡୁ—5 Play-ball.
ଗ୍ରା. ବି. (ଶିଶୁରଞ୍ଜନ ଭାଷା)—ବାଳକମାନଙ୍କର ଲିଙ୍ଗ—
An infant boy's penis.
ଦେ. ବିଣ—ମିଷ୍ଟ—Sweet
ପ୍ରାଦେ. (ସମ୍ବଲପୁର) ବି. ( ତୁଳ. ଅସାମୀ ଗୁଡ଼=ଗୁଣ୍ଡ )—
୧ । ଗୁଣ୍ଡ—1. Powder; dust.
୨ । ( ବାଲେଶ୍ୱର; ଗୋ ସ୍ଥାନରେ ଗୁ ଉଚ୍ଚାରଣ ) ବି—
ଗୋଡ଼—2. Leg.
୩ । ( ଗଡ଼ଜାତ ) ବି—ଖେଳରେ ହାରିବା ଲୋକ ନେବା ବୋଝ—3. Beat received by the defeated party.

**ଗୁଡ଼କ**—ସଂ. ବି. ( ଗୁଡ଼+କ )—
Gurdaka ୧ । ଗୁଣ୍ଡା ( ଭାତ ଆଦିର )—
1. A mouthful ( of rice etc )
୨ । ଗୋଲକ—2. A ball.
୩ । ଗୁଡ଼ରେ ପକ୍ୱ ଔଷଧବିଶେଷ; ମୋଦକ—
3. Medicine sweetened with treacle.

**ଗୁଡ଼କଙ୍କ**—ଦେ. ବି—ନଦୀର ବାଲୁକାମୟ କୂଳଦେଶରେ ବିଶେଷତଃ
Gurdakanka ସମୁଦ୍ର କୂଳରେ ଲତା ପରି ମାଡ଼ିବା ଏକ ପ୍ରକାର ଖାଣୁଆ ଘାସ ଓ ତାହାର ଫଳ—
A kind of hard and pointed creeping grass growing on sand ( and its fruit ).
ଗୁଡ଼ କଙ୍କ ସେନ କଢ଼ ହ—କ୍ରୀଡ଼ା କରେ ସମୀର।
ରାଧାନାଥ. ଚିଲ୍‌କା ।
[ ଦ୍ର—ଏ ଘାସର ନୂଆ ଗଞ୍ଜା ବଡ଼ ମୁନିଆ ଓ ଲୋକଙ୍କ ଗୋଡ଼ରେ ଗଳି ଯାଏ । ଏହାର ଫଳ ବର୍ତ୍ତୁଳାକାର । ]

**ଗୁଡ଼କଣ୍ଟା**—ପ୍ରାଦେ. ( ଗଞ୍ଜାମ ) ବି—ଯେଉଁ ମାଟିପାତ୍ରରେ ଗୁଡ଼ ତିଆରି
Gurdakanta ସମୟରେ ଗୁଡ଼କୁ ଢାଳି ରଖାଯାଏ; ଗୁଡ଼ବଣା—
Earthen pot in which molasses are stored.

**ଗୁଡ଼କନ୍ଦ**—ଦେ. ବି.—ଗୁଡ଼ରୁ ପ୍ରସ୍ତୁତ ଅପରିଷ୍କୃତ ନବାତ—
Gurdakanda Raw sugar; sugar-candy.

**ଗୁଡ଼କାଣିକା**—ପ୍ରାଦେ. (ଗଞ୍ଜାମ) ବି.—ଗୁଡ଼କଣ୍ଟା (ଦେଖ)
Gurdakānikā Gurdakanta (See)

**ଗୁଡ଼କାଣ୍ଟି**—ପ୍ରାଦେ. (ଗଞ୍ଜାମ) ବି.—ଗୁଡ଼କଣ୍ଟା (ଦେଖ)
Gurdakānti Gurdakanta (See)

**ଗୁଡ଼କାର**—ସଂ. ବି. (ଗୁଡ଼+କୃ ଧାତୁ+କର୍ତ୍ତୃ. ଅ )—ଯେ ଆଖୁ
Gurdakāra ଦୋରୁଅରୁ ଗୁଡ଼ ତିଆରି କରେ—Manufacturer of molasses from sugarcane juice.
ଗୁଡ଼କାରବାଳାଙ୍କ ପସର ସନ୍ନିଧେ,
ସିତାବ୍ଧି ସ୍ୱାଦୁ ଅଛ କ ପୁଚ୍ଛନ୍ତି ବୁଧେ ! ଉପେ. ଲାବଣ୍ୟବତୀ ।

**ଗୁଡ଼କୋଚିଲା**—ଦେ. ବି.—କୋଚିଲା ଫଳ ସଙ୍ଗେ ଗୁଡ଼ ବାଟିଲେ ଯେଉଁ
Gurdakochilā ମାରାତ୍ମକ ଦ୍ରବ୍ୟ ପ୍ରସ୍ତୁତ ହୁଏ—Fatal poison prepared by pounding Nux-vomica with molasses.
[ଦ୍ର—ଏହା ଖାଇଲେ ମନୁଷ୍ୟ ମରିଯାଏ । ]

**ଗୁଡ଼ଗୁଡ଼**—ପ୍ରାଦେ. (ବାଲେଶ୍ୱର) ବି.—ଏକପ୍ରକାର ଖେଳ—
Gurda gurda Blind-man's buff; a kind of play.
[ ଦ୍ର—ବାଳକବାଳିକାମାନେ ଗୋଟିଏ ଅନ୍ଧାର ଘରେ ଥାଇ ସେମାନଙ୍କ ମଧ୍ୟରୁ ଜଣକର ଆଖିକୁ ବସ୍ତ୍ର ଇତ୍ୟାଦିରେ ଆବୃତ କରି ଦିଅନ୍ତି । ଯାହାର ଆଖି ବନ୍ଧା ଯାଇ ଥାଏ ସେ ଅନ୍ୟମାନଙ୍କୁ ଦଉଡ଼ି କରି ଧରିବାକୁ ଚେଷ୍ଟା କରେ । ସେ ଯାହାକୁ ଧରେ ସେ ଚୋର ହୁଏ । ଉକ୍ତ ଚୋରର ପୁଣି ଆଖି ବନ୍ଦ କରି ଦିଆ ଯାଏ ଏବଂ ସେ ପୁଣି ପୂର୍ବପରି ଅନ୍ୟକୁ ଖୋଜେ । ]

**ଗୁଡ଼ଗୁହାଳ**—ଦେ.ବି—ବନ୍ୟ ତରୁବିଶେଷ—A wild tree; Mars-
Gurda guhāla denia Hamiltoni (Haines).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ୍ଞ | ଶ,ଷ | କ୍ଷ | ଇଯ଼ | ଉଅ | ଳ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ● | ନ୍ | | |

ଗୁଡ଼ଚୀ—ସଂ. ବି. (ଗୁଡ଼ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅଚ+ସ୍ତ୍ରୀ. ଈ) –
Gurdachi ଗୁଳୁଞ୍ଚ (ଦେଖ)—
Gulañcha (See)

ଗୁଡ଼ତମାଖୁ—ଦେ. ବି. (ସଂ. ଗୁଡ଼ ଓ ତାମ୍ରକୂଟ)—ଗୁଡ଼ାଖୁ (ଦେଖ)
Gurda tamākhu Gurdākhu (See)

ଗୁଡ଼ତକ—ଦେ. ବି.—ଗୁଡ଼ତ୍ୱକ୍ (ଦେଖ)
Gurdataka Gurdatwak (See)

ଗୁଡ଼ତୃଣ—ସଂ. ବି. (ମ. ଧ. ଲୋ; ଗୁଡ଼ ଉତ୍ପାଦକ ତୃଣ)—ଆଖୁ—
Gurdatruṇa Sugarcane

ଗୁଡ଼ତ୍ୱକ୍—ସଂ. ବି. (ବହୁବ୍ରୀହି; ଗୁଡ଼+ତ୍ୱଚ୍; ୧ମା. ୧ବ.)—ଦାରୁଚିନି
Gurdatwak ଡାଲଚିନି (ଦେଖ)—Cinnamon.

ଗୁଡ଼ତ୍ୱଚ—ସଂ. ବି. ପୁଂ. (ବହୁବ୍ରୀହି; ଗୁଡ଼+ତ୍ୱଚ୍=ଛେଲି)—
Gurdatwacha ୧ । ଦାରୁଚିନି—1. Cinnamon.
(ଗୁଡ଼ତ୍ୱଚ୍—ଅନ୍ୟରୂପ) ୨ । ତେଜପତ୍ର ଗଛର ସୁଗନ୍ଧ ବଲ୍କଲ—
2. The aromatic bark of Lurus Cassia
୩ । ଜାଇତ୍ରୀ—3. Mace (M. W).

ଗୁଡ଼ଦାରୁ—ସଂ. ବି. (ବହୁବ୍ରୀହି; ଗୁଡ଼+ଦାରୁ)—ଆଖୁ—
Gurdadāru Sugarcane.

ଗୁଡ଼ପୁଷ୍ପ—ସଂ. ବି. (ବହୁବ୍ରୀହି; ଗୁଡ଼+ପୁଷ୍ପ)—ମହୁଲଗଛ ଓ ତାହାର
Gurdapushpa ଫୁଲ—The Mohwa tree and its sweet flower-pods.

ଗୁଡ଼ଫଳ—ସଂ. ବି. (ଗୁଡ଼+ଫଳ)—ପିଲୁ ବୃକ୍ଷ ( ଦେଖ )
Gurdaphaḷa Pilu tree ( See )

ଗୁଡ଼ବଣା—ଦେ. ବି—ଚଉଡ଼ାମୁହାଁ ଗୁଡ଼ ରହିବା ମାଠିଆ—
Gurdabaṇā Wide-mouthed jar for molasses.
**गुड़हाँड़ी**

ଗୁଡ଼ଳ—ସଂ. ବି. ( ଗୁଡ଼+ଲା ଧାତୁ=ଗ୍ରହଣ କରିବା + ଅ )—
Gurdaḷa ଗୁଡ଼ରୁ ଉତ୍ପନ୍ନ ମଦ—
Spirit made from sugar.
ସଂ. ବିଣ—ଗୁଡ଼ରୁ ଉତ୍ପନ୍ନ—Prepared from sugar.

ଗୁଡ଼ା—ସଂ. ବି. ସ୍ତ୍ରୀ. ( ଗୁଡ଼ ଧାତୁ+ଅ+ସ୍ତ୍ରୀ. ଆ )—
Gurdā ୧ । ସେହୁଣ୍ଡ; ସିଜୁଗଛ; ସ୍ନୁହୀବୃକ୍ଷ; ପତରସିଜୁ—
1. Euphorbia Tirucalli; Euphorbia Nerrifolia.
୨ । କପାଗଛ—2. Cotton plant.
୩ । ବଟିକା—3. Pill.
ଦେ. ବି—୧ । ଚିଲିକାରେ ବୁହାଯାଉଥିବା ନାହାର ଗୋଟିଏ ଧାରରେ ପୋତାଯାଇଥିବା ଦୁଇଟି ବାଉଁଶ, ଯହିଁରେ ନାହାର ପାଲକୁ ଅଟକାଇ ରଖାଯାଏ—
1. Two poles attached to one edge of the boat playing in the Chilka lake to which the sail is attached.
୨ । ବେଷ୍ଟନ କରିବା—2. Winding round.
ପ୍ରାଦେ. ( ଗଞ୍ଜାମ ) ବି—ବାଳକମାନଙ୍କର ଲିଙ୍ଗ—
Baby's penis.
ପ୍ରାଦେ. ( ସମ୍ବଲପୁର ) ବି—୧ । ମୁଗ ବିରିଆଦି ଫସଲ ଚଳିବା ଉପଯୋଗୀ ଉଚ୍ଚଭୂମି—
1. High land fit for cereals.
୨ । ପଞ୍ଜର; ଝରକା—2 Window.
ଦେ. ପ୍ରତ୍ୟୟ ( ଅନାଦରାର୍ଥ )—୧ । ଅନେକ—1. Many.
ଗୁଲୋ; ଗୁଲା; ଗୁଲା ୨ । ବହୁ ପରିମାଣ—2. Much.
**ସୂଚ** [ ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ବହୁବଚନରେ ବ୍ୟବହୃତ ହୁଏ । ଯଥା – ପିଲାଗୁଡ଼ା; ଏହାର ଅନ୍ୟରୂପ, ଗୁଡ଼ାଏ, ଗୁଡ଼ାକ । ଏହାର ଆଦରାର୍ଥକରୂପ ଗୁଡ଼ି, ଗୁଡ଼ିଏ, ଗୁଡ଼ିକ । ]

ଗୁଡ଼ାଇବା—ଦେ. କ୍ରି. ( ସଂ. ଗୁଡ଼ ଧାତୁ=ବେଷ୍ଟନ କରିବା )—
Gurdāibā ୧ । ବେଢ଼ାଇବା; ବେଷ୍ଟନ କରିବା—
ଗୁଟାନ; ଗୁଡ଼ାନ 1. To wind ( as a string round a
**लपेटना; गुड़ियाना; गुमेटना** thing ).
୨ । ସୂତାଆଦିକୁ ପିଣ୍ଡାକାରରେ ବାନ୍ଧିବା—
2. To twist a thread or rope into a ball.
୩ । ଭୂମିରୁ ଉଠାଇବା ପୂର୍ବରୁ ମସିଣାକୁ ବାରଂବାର ଲେଉଟାଇ ପିଣ୍ଡୀକୃତ କରିବା—
3 To wind up a mat.
ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) କ୍ରି. ( ଗୋ ସ୍ଥାନରେ ଗୁ ଉଚ୍ଚାରଣ )—ଗୋଡ଼ାଇବା—
To pursue; to run after.

ଗୁଡ଼ାଏ—ଦେ. ପ୍ରତ୍ୟୟ ( ଅନାଦରାର୍ଥ )—ଗୁଡ଼ା ( ଦେଖ )
Gurdāe Gurdā ( See )
ଦେ. ସର୍ବ—ବହୁତ; ବେଶୀ—Much; many.
ଗୁଡ଼ାଏ ଦ୍ରୋଣ କହୁଛ କାହିଁପାଇଁ—କୃଷ୍ଣସିଂ. ମହାଭାରତ ବନ ।

ଗୁଡ଼ାକ—ଦେ. ପ୍ରତ୍ୟୟ—ଗୁଡ଼ା ( ଦେଖ )
Gurdāka Gurdā ( See )

ଗୁଡ଼ାକା—ସଂ. ବି. ସ୍ତ୍ରୀ. (ଗୁଡ଼ ଧାତୁ+ଅକ+ସ୍ତ୍ରୀ. ଆ)—୧ । ତନ୍ଦ୍ରା—
Gurdākā 1. Nap.
୨ । ନିଦ୍ରା—2. Sleep.
୩ । ଆଳସ୍ୟ—3. Laziness.

ଗୁଡ଼ାକୁ—ଗ୍ରା. ବି—ଗୁଡ଼ାଖୁ ( ଦେଖ )
Gurdāku Gurdākhu ( See )

ଗୁଡ଼ାକେଶ—ସଂ. ବି. (ବହୁବ୍ରୀହି; ଗୁଡ଼ା=ସିଜୁଗଛ+କେଶ; ଅଥବା
Gurdākesa ଗୁଡ଼ାକା=ନିଦ୍ରା+ଈଶ=ପ୍ରଭୁ)—
୧ । ମହାଦେବ—1. Mahādeba.
୨ । ଅର୍ଜୁନ—2. Arjuna.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**ଗୁଡ଼ାଖୁ**—ଦେ. ବି ( ସଂ. ଗୁଡ଼+ତାମ୍ରକୂଟ )—ଗୁଡ଼ ଓ ଧୂଆଁପତ୍ରଗୁଣ୍ଡ ମିଶ୍ରିତ ଧୂମପାନାର୍ଥ ପ୍ରସ୍ତୁତ ଦ୍ରବ୍ୟବିଶେଷ—
Gurdākhu — A smoking mixture of tobacco and treacle.
তামাখ
**गुड़ाकू**

**ଗୁଡ଼ାକ୍ଷ୍ୟ**—ସଂ. ବି ( ବହୁବ୍ରୀହି; ଗୁଡ଼+ଆଖ୍ୟା )—ରୌମକ; ସାମ୍ଭର-ଲବଣ—Lake-salt.
Gurdākhya

**ଗୁଡ଼ାଡାଣ୍ଡ**—ପ୍ରାଦେ. ( ସମ୍ବଲପୁର ) ବି—ଗୁଡ଼ାଦାଣ୍ଡ ( ଦେଖ )—
Gurdādānda — Gurdādānda ( See )

**ଗୁଡ଼ାଦାଣ୍ଡ**—ପ୍ରାଦେ. (ସମ୍ବଲପୁର) ବି—ଗୋଚରଭୂମି —
Gurdādānda — A place for cattle grazing; grazing field.

**ଗୁଡ଼ି**—ଦେ. ବି ( ସଂ. ଗୁରୁ+ଉଡ୍ଡୀନ )—୧ । କାଗଜ ଚଙ୍ଗ—
Gurdi — 1. Paper kite.
ঘুড়ী
**गुडी, गुड्डी**

୨ । ( ସଂ. ଗୁଣ୍ଡ=ଗୋଲକ ) ସ୍ତ୍ରୀଲୋକମାନଙ୍କ ପିନ୍ଧିବା ଲୁଗାର କାନି ପଣନ୍ତରେ ବନ୍ଧାଯିବା ଗଣ୍ଠି—
2. Knot tied in the cloth worn by females at the end which hangs down the shoulder.

୩ । ମସିଣା ବା ମୁକୁରାର ଗୋଟା ଯାଇଥିବା ଅଂଶ—
3. The wound up or folded portion of a mat.

ପ୍ରାଦେ. ( ସମ୍ବଲପୁର ) ବି ( ସଂ. ଗୋଷ୍ଠୀ )—୧ । ସଭା—
1. Meeting.
( ଯଥା—ଆଜ ଗ୍ରାମପଞ୍ଚଙ୍କର ଗୁଡ଼ି ବସିଛି । )

୨ । ମନ୍ଦିର—2. Temple.

୩ । (ସମ୍ବଲପୁର; ବାଲେଶ୍ୱର; ଗୋ ସ୍ଥାନରେ ଗୁ ଉଚ୍ଚାରଣ) ଗୋଡ଼ି; ଛୋଟ ପଥର—3. Pebble.

ଦେ. ପ୍ରତ୍ୟୟ (ଅଦରାର୍ଥ)—ଗୁଡ଼ା ( ଦେଖ )—
Gurdā ( See )

**ଗୁଡ଼ିଆ**—ଦେ. ବି—୧ । ( ସଂ. ଗୁଡ଼କାର ) ଗୁଡ଼ରେ ମିଷ୍ଟାନ୍ନ ପ୍ରସ୍ତୁତ କରିବା ବ୍ୟକ୍ତି ଓ ଜାତି—1. Confectioner; a caste of confectioners.
Gurdiā
মোদক
**हलवाई, कान्दु**

୨ । ଗୁଡ଼ାଇବା କର୍ମ—
2. The act of winding.

୩ । ଅତି ଉଚ୍ଚ କଣ୍ଟାଳିଆ ବୃକ୍ଷବିଶେଷ—
3. Dalbergia Spinosa (tree).

[ ଦ୍ର—ଏହା ଉଚ୍ଚରେ ୩୦ ଫୁଟ ପର୍ଯ୍ୟନ୍ତ ବଢ଼େ । ଏହାର ପତ୍ର ଛୋଟ । ]

ଦେ. ବିଣ—୧ । ମିଠା—1. Sweet.

୨ । ଗୁଡ଼ ସମ୍ବନ୍ଧୀୟ—2. Relating to molasses.

୩ । ଛନ୍ଦା ହୋଇଥିବା—3. Bound; tied.

**ଗୁଡ଼ିଆଇବା**—ଦେ. କ୍ରି—୧ । ଗୁଡ଼ାଇବା ( ଦେଖ )—
Gurdiāibā — 1. Gurdāibā ( See )
କେତେକ ଅପସରା ଫୁଲକୁ ତୋଳାଇ,
ଗନ୍ଧ ଶୋଷି ପାଇଁ ବାନ୍ଧନ୍ତି ଗୁଡ଼ିଆଇ । କୃଷ୍ଣସିଂହ, ମହାଭାରତ. ବନପର୍ବ ।

୨ । 'ଗୁଡ଼ାଇବା'ର ଣିଜନ୍ତ ରୂପ—
2. Causative form of Gurdāibā.
ଏହା ଶୁଣି ରାବଣ ଲୁଗା ଗୁଡ଼ିଆଇ—କୃଷ୍ଣସିଂହ. ମହାଭାରତ. ବନପର୍ବ ।

**ଗୁଡ଼ିଆଗୁଡ଼ି**—ଦେ. ବି—ପରସ୍ପର ଛନ୍ଦାଛନ୍ଦି ହେବା—
Gurdiāgurdi — Intertwining.
**लपटालपटि** ଦେ. ବିଣ.—ପରସ୍ପର ଛନ୍ଦାଛନ୍ଦି—Intertwined; interwoven.

**ଗୁଡ଼ିଆଗୁଡ଼େଇ**—ଦେ. ବି. ଓ ବିଣ—ଗୁଡ଼ିଆଗୁଡ଼ି ( ଦେଖ )—
Gurdiāgurdei — Gurdiāurdi ( See )

**ଗୁଡ଼ିଆ ଜନ୍ଦା**—ଦେ. ବି—ଢଗରାଜନ୍ଦା; ଏକପ୍ରକାର ବଡ଼ ଜନ୍ଦା—
Gurdiā jandā — A sort of black ant invading sweets.
**कालीचुँटी**
[ ଦ୍ର—ଏମାନେ ଗୁଡ଼ିଆ ଜଳଖିଆରେ ଲାଗନ୍ତି । ]

**ଗୁଡ଼ିଆ ଜାତି**—ଦେ ବି—ମୁଢ଼ି, ଉଖୁଡ଼ା, ମିଠେଇ ପ୍ରସ୍ତୁତକାରୀ ଶୂଦ୍ରଜାତି-ବିଶେଷ—A Śūdra caste of sweetmeat-makers
Gurdiā jāti
মোদক
**हलवाई** [ ଦ୍ର—ଏମାନେ ନାଗସାପ ବା କାଶ୍ୟପ ଗୋତ୍ରୀ, ଏମାନଙ୍କର ଚାରି ଜାତି; ଯଥା—ଉଦରଙ୍ଗି, ହଳଦିଆ, ଝୁମୁକା ଓ ମଇରା । ଝୁମୁକାଜାତି ଛଡ଼ା ଅନ୍ୟ ତିନି ଜାତିର ସ୍ତ୍ରୀମାନେ ନାକରେ କୌଣସି ଅଳଙ୍କାର ପିନ୍ଧନ୍ତି ନାହିଁ । ଏମାନଙ୍କ ମଧ୍ୟରେ ପିଲା ଓ ବଡ଼ କନ୍ୟା ଉଭୟ ବିବାହ ଚଳେ । ଏମାନେ ବୈଁସକାନିଆ ବା ହାଣ୍ଡିଆ । ଜାତିଆଣ ଭୋଜିରେ ପୁରୁଷମାନେ ରାନ୍ଧନ୍ତି । ଗଣେଶ ଏମାନଙ୍କର ଇଷ୍ଟଦେବତା ଓ ଗଣେଶ ଚତୁର୍ଥୀ ପ୍ରଧାନ ପର୍ବ । ଏମାନଙ୍କ ଜାତିରେ ବେହେରା ଥାଏ । ପାତକ ପ୍ରାୟଶ୍ଚିତ୍ତ ପ୍ରଭୃତି କାର୍ଯ୍ୟରେ ଆଗପତ୍ରିଆ ବା ବୈଷ୍ଣବ ଗୋସାଇଁ ଆଗେ ଖାଇଲେ ତାପରେ ଅନ୍ୟମାନେ ଖାଆନ୍ତି । ଏମାନଙ୍କ ମଧ୍ୟରେ ପ୍ରଚଳିତ ସାହି ଓ ପରଗଣା ନେଇ ସାହି ସଭା ଓ ପରଗଣା ସଭା ହୁଏ ।

ହଳଦିଆ ହଳଦୀ ଚାଷ କରନ୍ତି ଓ ଝୁମୁକା ଝୁମୁଝୁମୁ କରି ଦ୍ୱାରେ ଦ୍ୱାରେ ବୁଲି ମୁଢ଼ି ଉଖୁଡ଼ା ବିକନ୍ତି ।

ଶାସ୍ତ୍ର ଅନୁସାରେ ଗୁଡ଼ିଆମାନେ ବର୍ଣ୍ଣସଙ୍କର ଜାତି, ପିତା ବୈଦେହ ମାତା ମୈତ୍ରେୟ । ]

**ଗୁଡ଼ି ଉସ୍କାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ସଭା ଭାଙ୍ଗିବା—
Gurdi uskāibā — To dissolve a meeting; to disperse after a meeting.

**ଗୁଡ଼ିଉସ୍କାରାଏତ୍**—ପ୍ରାଦେ. ( ସମ୍ବଲପୁର ) ବି—ରାତି ଦଶଟା ବେଳ ( ସଭା ଭାଙ୍ଗିବା ସମୟ )—10. P. M. ( time for dissolving a meeting ).
Gurdiuskārāet

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ |

ଗୁଡ଼ି ଉସ୍କିବା—ପ୍ରାଦେ. ( ସମ୍ବଲପୁର ) ବି—ସଭା ଭାଙ୍ଗିବା—
Gurdi uskibā The dissolving of a meeting; dispersing of a meeting.

ଗୁଡ଼ିଏ—ଦେ. ପ୍ରତ୍ୟୟ ଓ ସଂ. ( ଅଦରାର୍ଥକ )—ଗୁଡ଼ାଏ ( ଦେଖ )
Gurdie Gurdāe ( See )

ଗୁଡ଼ିକ—ଦେ. ପ୍ରତ୍ୟୟ ଓ. ସଂ ( ଅଦରାର୍ଥକ )—ଗୁଡ଼ାଏ ( ଦେଖ )
Gurdika Gurdāe ( See )

ଗୁଡ଼ିଶାଳ—ପ୍ରାଦେ. ( ବାଲେଶ୍ୱର ) ବି—ଗୋଡ଼ିଶାଳ ( ଦେଖ )
Gurdisāla Gordisāla ( See )

ଗୁଡ଼ୁଗାଡ଼ି—ପ୍ରାଦେ. ( ଗଞ୍ଜାମ ) ବି—ଉପରେ ଛାତ ବନ୍ଧା ହୋଇଥିବା ଶଗଡ଼—
Gurdugārdi Bullock cart with a thatch or covering on it.

ଗୁଡ଼ୁଗୁଡ଼ି—ଦେ. ବି ( ଶିଶୁବଚନ )—୧ । ଅକାର ଗୁଡ଼ୁଗୁଡ଼ି; ଯେଉଁ ବସ୍ତୁ ପଦବିହୀନ କାଳ୍ପନିକ ଜନ୍ତୁ ଭୂମିରେ ଗଡ଼ି ଗଡ଼ି ଯାଏ—
Gurdugurdi
ଗୁଡ଼ଗୁଡ଼ୀ
ଗୁଡ଼ଗୁଡ଼ି
1. An imaginary animal which moves rolling on the ground ( uttered by mothers to scare infants to sleep or silence ).

[ ଦ୍ର—ଅବୁଝା ଶିଶୁମାନଙ୍କୁ ଡରାଇବା ପାଇଁ ମାତାମାନେ କାଳ୍ପନିକ 'ଅକାର ଗୁଡ଼ୁଗୁଡ଼ି'ର ଭୟ ଦେଖାଇ ଥାଆନ୍ତି । ]

୨ । ( ଧ୍ୱନ୍ୟନୁକରଣ ) ସାନ ହୁକ୍କା—
2. Small hubble-bubble.

ଦେ. ବିଣ. ( ବହୁବଚନ )—ଅତି କ୍ଷୁଦ୍ର; ଖର୍ବକାୟ—
Tiny; very small ( many ).

ପ୍ରାଦେ. ( ଗଡ଼ଜାତ ) ବି—ବାଦ୍ୟବିଶେଷ—
A kind of drum.

ଧସା ନାଗରା ନହବତ ଝଞ୍ଜ, ଢୋଲଙ୍କ ବାଜା ସଙ୍ଗେ ଗୁଡ଼ୁଗୁଡ଼ି—
ବ୍ରଜନାଥ. ସମରତରଙ୍ଗ ।

ଗୁଡ଼ୁଗୁଡ଼ି ପଲ୍ଟଣ—ଦେ. ବି. ( ଶିଶୁରଞ୍ଜନ ବାକ୍ୟ )—
Gurdugurdi paltana ଅନେକଗୁଡ଼ିଏ ସାନ ସାନ ପିଲା—
ଗୁଡ଼ଗୁଡ଼ିଆ ପଲଟଣ A number of tiny children; a bevy of manikins.

ଗୁଡ଼ୁଗୁଡ଼ୁ—ଦେ. ଅ. ( ଧ୍ୱନ୍ୟନୁକରଣ )—
Gurdugurdu ୧ । ଶଗଡ଼ ଭୂମିରେ ଗଡ଼ିବାର ଶବ୍ଦ—
ଗୁଡ଼ଗୁଡ଼
ଗୁଡ଼ଗୁଡ଼
1. Rattling sound of a cart rolling on the ground.

୨ । ଗଡ଼ିଗଡ଼ି ଗୁଡ଼ିବାର ପ୍ରକାର ବା ଗତି—
2. Manner of rolling on the ground.

୩ । ହୁକ୍କା ଖାଇବାର ଶବ୍ଦ—
3. Bubbling sound of the hubble-bubble.

୪ । ( ସଂ. ଗୁର ଧାତୁ—ଗତି କରିବା )—ଶିଶୁମାନେ ଶୀଘ୍ର ଗୁଡ଼ିବା ବା ଧାଇଁବାର ମଧୁର ପ୍ରକାର; କ୍ଷୁଦ୍ର ବସ୍ତୁର ଦ୍ରୁତଗମନ—4. Act of children running; mode of little things moving.

( ଯଥା—ଜଗବନ୍ଧୁ ପିଲାଟି କସୁନତ ଗୁଡ଼ୁଗୁଡ଼ୁ ହୋଇ ଚାଲୁଛି । )

ଗୁଡ଼ୁଚୀ—ସଂ. ବି. ( ଗୁଡ଼ ଧାତୁ + ଉଚ + ସ୍ତ୍ରୀ. ଈ )—ଗୁଳଞ୍ଚ ( ଦେଖ )
Gurduchi Gulancha (See)
ଗୁଡୁଚ

ଗୁଡ଼ୁମ୍—ଦେ. ବିଣ. ( ଅ. ଗୁମ୍ )—
Gurdum ( ଲୁଚି, ଅକଲ ) ଲୁପ୍ତ – Vanished.
ଗୁଡୁମ ( ଯଥା—ଏ କାଣ୍ଡକାରଖାନା ଦେଖି ତା ଅକଲ ଗୁଡ଼ୁମ୍ । )
ଗୁଡୁମ

ଗୁଡ଼ୁମ୍ ଗୁଡ଼ୁମ୍—ଦେ. ଅ. ( ଧ୍ୱନ୍ୟନୁକରଣ )—
Gurdum gurdum ଘନ ଘନ ତୋପ ଫୁଟିବାର ଶବ୍ଦ; ତୋପଧ୍ୱନି—
ଗୁଡୁମ ଗୁଡୁମ Booming sound of cannon.
ଦନଦନା

ପଡ଼ୁଅଛି ତୋପ ଗୁଡ଼ୁମ୍ ଗୁଡ଼ୁମ୍ । ସ୍ୱାଧୀନାଥ—ଦରବାର ।

ଗୁଡ଼ୁରୁଗାଡ଼ର—ଦେ. ଅ. ( ଧ୍ୱନ୍ୟନୁକରଣ )—
Gurdurgārdar ଶୁଭମଧୁର ସାମାନ୍ୟ ଗଡ଼ୁ ଗୁଡ଼ୁ ଶବ୍ଦ—
Sweet chirping sound.

ଦେ. ବିଣ. ( ବହୁବଚନ )—ଗୁଡ଼ୁଡ଼ଗାଉଡ଼; ଛୋଟ ଛୋଟ; ଖର୍ବକାୟ (ବହୁଜୀବ)—Dwarfish ( many ).

ଗୁଡ଼ୁର ଗୁଡ଼ୁର—ଦେ. ଅ—ଗୁଡ଼ୁରୁଗାଡ଼ର ( ଦେଖ )
Gurdur gurdur Gurdurgārdar ( See )

ଗୁଡ଼ୁରୁଗାଡ଼ରୁ—ଦେ. ଅ—ଗୁଡ଼ୁରୁଗାଡ଼ର ( ଦେଖ )
Gurdurugārdaru Gurdurgārdar ( See )

ଗୁଡ଼ୁରୁଗାଡ଼ୁରୁ—ଦେ. ଅ—ଗୁଡ଼ୁରୁଗାଡ଼ର ( ଦେଖ )
Gurdurugārduru Gurdurgārdar ( See )

ଦେ. ବି. ( ବହୁବଚନ )—ଛୋଟ ଛୋଟ ଗୁଡ଼ିଏ ପିଲା—
A bevy of little children.

ଲୋକର ଛନ୍ତି ଗୁଡ଼ୁରୁଗାଡ଼ୁରୁ ହେଲେଣି ।
କୁନ୍ତଳାକୁମାରୀ—ନଅଭୁଣ୍ଡୀ ।

ଗୁଡ଼ୁରୁ ଗୁଡ଼ୁରୁ—ଦେ. ଅ—ଗୁଡ଼ୁରୁଗାଡ଼ର ( ଦେଖ )
Gurduru gurduru Gurdurgārdar ( See )

ଗୁଡ଼ୁଶଗଡ଼—ପ୍ରାଦେ. (ଗଞ୍ଜାମ) ବି—ଗୁଡ଼ୁଗାଡ଼ି ( ଦେଖ )
Gurdusagarda Gurdugārdi ( See )

ଗୁଡ଼ୁଚୀ—ସଂ. ବି. ( ଗୁଡ଼ ଧାତୁ + ଉଚ + ସ୍ତ୍ରୀ. ଈ )—
Gurduchi ଗୁଳଞ୍ଚ ( ଦେଖ )
Gulancha ( See )

ଗୁଡ଼େ—ଦେ. ପ୍ରତ୍ୟୟ ଓ ସଂ. ( ଅନାଦରାର୍ଥ )—ଗୁଡ଼ାଏ ( ଦେଖ )
Gurde Gurdāe ( See )

ଭୁଲା ମୋତେ ଗୁଡ଼େ ନ କହ ଅସଙ୍ଗତି । କୃଷ୍ଣସିଂହ. ମହାଭାରତ ବନ ।

ଗୁଡ଼େଇତୁଡ଼େଇ ହେବା—ଦେ. କ୍ରି—ଗୁଡ଼େଇପୁଡ଼େଇ ହେବା (ଦେଖ)
Gurdeiturdei hebā Gurdeipurdei hebā (See)

ସାଧାରଣ ଭେଦେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଇଁଷା' ନ ପାଇଲେ 'ଅଇଁଶା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଗୁଡ଼େଇପୁଡ଼େଇ ହେବା**—ଦେ. କ୍ରି.—୧ । (ମନ) ସାଙ୍ଗି ହେବା; ଉଦ୍‌ବେଳିତ ହେବା—
Gurdeipurdei heba
**उथलपुथल होना** 1. (mind) To be agitated.
**गटपट होना** ସମସ୍ତଙ୍କ ମନ ଗୁଡ଼େଇପୁଡ଼େଇ ହେଇ ଥାଏ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।
୨ । ପରସ୍ପର ଛନ୍ଦାଛନ୍ଦି ହେବା—
2. To be intertwined.

**ଗୁଣ୍** (ଧାତୁ)—ସ.—୧ । ପରାମର୍ଶ ଦେବା—
Guṇ (root) 1. To advise.
୨ । ମନ୍ତ୍ରଣା କରିବା—2. To plot.
୩ । ନିମନ୍ତ୍ରଣ କରିବା—3. To invite.
୪ । ଅଭ୍ୟାସ କରିବା—4. To practise.
୫ । ଗୁଣନ କରିବା—5. To multiply.

**ଗୁଣଗୁଣ**—ଦେ. ଅ. (ଧ୍ୱନ୍ୟନୁକରଣ; ଭୁଲ. ସ. ଗୁଞ୍ଜନ)—୧ । ଭ୍ରମର ଆଦିଙ୍କ ଝଙ୍କାର—
Guṇguṇ
**गुनगुन** 1. Humming of bees; buzzing.
**गुनगुन** ୨ । ଅସ୍ପଷ୍ଟ ବାକ୍ୟୋଚ୍ଚାରଣ ଶବ୍ଦ—2. Sound of whispering; inaudible talk; sound in an undertone.
୩ । ଝଙ୍କାର ଧ୍ୱନିଯୁକ୍ତ—3. Humming.

**ଗୁଣଚି**—ପ୍ରାଦେ. ( ସମ୍ବଲପୁର (ବ) ଭୁଲ. ବ.=ଘୁନ୍‌ସି; ସ. କାଞ୍ଚି)—
Gunchi ଅଣ୍ଟାସୂତା; ଅଣ୍ଟାରେ ପିନ୍ଧାଯିବା ଅଳଂକାରବିଶେଷ—
Waist-chain.

**ଗୁଣସି**— ଦେ. ବି.—ଗୁଣୁସି (ଦେଖ)
Gunsi Guṇusi (See)

**ଗୁଣ**—ସ. ବି. (ଗୁଣ୍ ଧାତୁ+କର୍ମ. ଅ)—୧ । ବସ୍ତୁ ବା ଜୀବର ପ୍ରାକୃତିକ ଧର୍ମ—1. Property; quality; attribute.
Guṇa
୨ । ପ୍ରାଚୁର୍ଯ୍ୟ; ଆଧିକ୍ୟ—
2. Excess; abundance.
୩ । (+ଭାବ. ଅ)—ଉତ୍କର୍ଷ—3. Excellence; accomplishment; advantage.
୪ । ସୁଗୁଣ—4. Virtue; good quality.
୫ । ପୁନରାବୃତ୍ତି; ଆବୃତ୍ତି—5. Recital; repetition.
୬ । ତ୍ୟାଗ—6. Giving up; abandonment.
୭ । ବସ୍ତୁର ଇନ୍ଦ୍ରିୟଗ୍ରାହ୍ୟ ଧର୍ମ ( ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ )—7. The state of being perceived by the senses.
୮ । ସୁଫଳ; ଉପକାର—8. Benefit; efficacy.
୯ । (ସାଂଖ୍ୟ ଦର୍ଶନ) ସତ୍ତ୍ୱ, ରଜଃ ଓ ତମଃ ଏହି ୩ ଗୁଣ—
9. The three natural elements or ingredients ( good, middling and bad ), composing primordial matter in Sāṃkhya philosophy.

[ ଦ୍ର—ସାଂଖ୍ୟକାର ୩ଟି ଗୁଣ ମାନି ଅଛନ୍ତି, ସତ୍ତ୍ୱ, ରଜଃ ଓ ତମଃ । ଏହି ୩ ଗୁଣର ସାମ୍ୟାବସ୍ଥାକୁ ପ୍ରକୃତି କହନ୍ତି; ପ୍ରକୃତିରୁ ସୃଷ୍ଟିର ବିକାଶ ହୋଇଅଛି । ସତ୍ତ୍ୱଗୁଣ ହାଲୁକା ଓ ପ୍ରକାଶକ, ରଜୋଗୁଣ ଚଞ୍ଚଳ ଓ ପ୍ରବର୍ତ୍ତକ, ତମୋଗୁଣ ଭାରି ଓ ରୋଧକ ଅଟେ । ବୈଶେଷିକ ଦର୍ଶନକାର ଗୁଣକୁ ଦ୍ରବ୍ୟର ଆଶ୍ରିତ ବୋଲି ମାନି ଅଛନ୍ତି । ରୂପ, ରସ, ଗନ୍ଧ, ସ୍ପର୍ଶ, ସ୍ନେହ, ସାଂସିଦ୍ଧିକ ଦ୍ରବତ୍ୱ, ବେଗ, ଗୁରୁତ୍ୱ, ପରତ୍ୱ, ଅପରତ୍ୱ, ଏମାନ ମୂର୍ତ୍ତ ଦ୍ରବ୍ୟରଗୁଣ; ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଧର୍ମ, ଅଧର୍ମ, ଭାବନା, ଶବ୍ଦ ଏମାନ ଅମୂର୍ତ୍ତ ଦ୍ରବ୍ୟର ଗୁଣ; ସଂଖ୍ୟା, ପରିମାଣ, ପୃଥକ୍‌ତ୍ୱ, ସଂଯୋଗ, ବିଭାଗ ଏମାନ ମୂର୍ତ୍ତ ଓ ଅମୂର୍ତ୍ତ ଦ୍ରବ୍ୟର ଗୁଣ । ଗୁଣ ୨ ପ୍ରକାର—ବିଶେଷ ଓ ସାମାନ୍ୟ; ରୂପ, ରସ, ଗନ୍ଧ, ସ୍ପର୍ଶ, ସ୍ନେହ, ସାଂସିଦ୍ଧିକ ଦ୍ରବତ୍ୱ, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଧର୍ମ, ଅଧର୍ମ, ଭାବନା ଓ ଶବ୍ଦ ଏମାନ ବିଶେଷଗୁଣ, ଅର୍ଥାତ୍ ଏ ଗୁଣମାନଙ୍କ ଦ୍ୱାରା ଦ୍ରବ୍ୟମାନଙ୍କର ଭେଦ ଜଣା ଯାଏ; ସଂଖ୍ୟା, ପରିମାଣ, ପୃଥକ୍‌ତ୍ୱ, ସଂଯୋଗ, ବିଭାଗ, ପରତ୍ୱ, ଅପରତ୍ୱ, ଗୁରୁତ୍ୱ, ନୈମିତ୍ତିକ ଦ୍ରବତ୍ୱ, ବେଗ ଏମାନ ସାମାନ୍ୟ ଗୁଣ । ଦ୍ରବ୍ୟ ଗୁଣମାନଙ୍କର ଆଶ୍ରୟ ହୋଇ ପାରେ, କିନ୍ତୁ ଗୁଣ କୌଣସି ଦ୍ରବ୍ୟର ଆଶ୍ରୟ ହୋଇ ନ ପାରେ । ହି. ଶବ୍ଦସାଗର]

୧୦ । ( କାବ୍ୟାଳଙ୍କାର ) ରସର ଧର୍ମ—
10. ( rhetoric ) The inherent quality of a sentiment.

[ ଦ୍ର—ଏହା ରସ ଓ ରଚନାର ପରିପୋଷକ ଓ ଶ୍ରବଣେନ୍ଦ୍ରିୟର ଆନନ୍ଦଦାୟକ ଧର୍ମ । ଏହା ଦ୍ୱାରା ପଦସନ୍ଦର୍ଭର ସୌକୁମାର୍ଯ୍ୟ, ଓଜସ୍ୱିତା ଓ ପ୍ରସନ୍ନତା ବ୍ୟକ୍ତ ହୁଏ; ଏହି ଗୁଣ ତିନି ଗୋଟି, ଯଥା—ମାଧୁର୍ଯ୍ୟ, ଓଜଃ ଓ ପ୍ରସାଦ । ]

୧୧ । (ବ୍ୟାକରଣ) ସ୍ୱରବର୍ଣ୍ଣର ପରିବର୍ତ୍ତନବିଶେଷ—
11. ( Sanskrit grammar) Change of certain vowels to other vowels or sounds.

[ଦ୍ର—ଯଥା—ଇ, ଈ ସ୍ଥାନରେ ଏ; ଉ, ଊ ସ୍ଥାନରେ ଓ; ଋ, ସ୍ଥାନରେ ଅର୍ ଓ ଌ ସ୍ଥାନରେ ଅଲ୍; କୃ ଧାତୁ+ଅନ, ଏଠାରେ କୃ ଧାତୁରେ ଥିବା ଋକାର ଗୁଣ ହୋଇ ଅର୍ ହୋଇ କର୍ ହେଲା; କର୍+ଅନ=କରଣ । ]

୧୨ । (ଗଣିତ) ଏକ ଅଙ୍କ ଦ୍ୱାରା ଅନ୍ୟ ଅଙ୍କର ପୂରଣ କ୍ରିୟା—
12. ( arithmetic ) Multiplication.
୧୩ । ( ଗଣିତ ) ବନ୍ଧୁ ସ୍ଥିତିର ଗୁଣଫଳ—
13. (arithmetic) Multiple.
୧୪ । ସୂତ୍ର; ରଜ୍ଜୁ—14. Thread; cord; rope.
୧୫ । ଧନୁର ସୂତ୍ର; ଜ୍ୟା—
15. The string of a bow; bow-string.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଙ୍କ | ଇଯ୍ | ଉଥ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ୍ୟ | ଇଥ | ଓ | ନୃ |

୧୬ । ( ଗଣିତ ) ଗୁଣକ—
16. ( arithmetic ) Multiplier.
( ଯଥା—୨୦ ସଂଖ୍ୟାରେ ୫ର ୪ ଗୁଣ ଅଟେ । )

୧୭ । ( ଜ୍ୟାମିତି ) ବୃତ୍ତଖଣ୍ଡର ଜ୍ୟା—
17. ( geometry ) The chord of an arc.

୧୮ । ଇନ୍ଦ୍ରିୟ—18. Organ of perception.

୧୯ । ଉପାୟ—
19. Expedient; course of action.

୨୦ । ଅଭ୍ୟାସ—20. Habit.

୨୧ । ବୃଦ୍ଧି—21. Increase.

୨୨ । ତିନ ସଂଖ୍ୟା—22 The number '3'.

୨୩ । ଅଂଶ; ଭାଗ—23. Part.

୨୪ । ( ବ୍ୟାକରଣ ) ବିଶେଷଣ—
24. (grammar) Adjective.

୨୫ । ସୁଧ—25. Interest.

୨୬ । କୁକୁଡ଼ା—26 A cock.

୨୭ । ନୌକା ଟାଣିବାର ରଜ୍ଜୁ—
27. Towing line for a boat.

୨୮ । ବାର ବା ଥର—28 Time.
( ଯଥା—ତିନ ଗୁଣ, ପାଞ୍ଚ ଗୁଣ ଇତ୍ୟାଦି । )

୨୯ । ବିଦ୍ୟା; କଳା—29. Learning; art.

୩୦ । ଶରୀରସ୍ଥ କଫ ବାତ ପିତ୍ତାଦି ଧାତୁ—
30. The 3 humours of the body.

୩୧ । ( ଦଣ୍ଡନୀତି ) ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧ ଓ ଆଶ୍ରୟ, ପରରାଷ୍ଟ୍ର ସଙ୍ଗେ ବ୍ୟବହାର କରିବାର ଏହି ଛଅ ଗୋଟି ଉପାୟ—
31. The 6 expedients which a king should pursue to deal with foreign kings according to the Hindu political economy.

୩୨ । ସ୍ରକ୍; ମାଳା—32. Necklace.

୩୩ । ( +କର୍ତ୍ତୃ. ଅ ) ଭୀମସେନ—
33. A name of Bhima.

୩୪ । ପାଚକ—34. Cook.

୩୫ । ନୈପୁଣ୍ୟ; ପ୍ରବୀଣତା—35 Skill; proficiency.

୩୬ । ଅଧିକାର; ପ୍ରଭାବ—36. Influence; control.

୩୭ । ପ୍ରକୃତି—37. Nature.

ଦେ. ବି—ହେତୁ; କାରଣ—Cause; reason.

କି ଗୁଣେ ସେ କି ଗୁଣେ ଭୁଲିଲେ ତ୍ରାହି ଗୁଣେ
ରଖିଲେ ଗୁରୁ କରୁଣାକେ—ଭକ୍ତ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।

**ଗୁଣକ**—ସଂ. ବି (ଗୁଣ୍ ଧାତୁ+କର୍ତ୍ତୃ. ଅକ)—(ଗଣିତ) ଯେଉଁ ଅଙ୍କଦ୍ୱାରା ମୂଳ ପିଣ୍ଡ ବା ଅଙ୍କ ଗୁଣନ କରାଯାଏ—
Gunaka
(arithmetic) Multiplier; enumerator.
ସଂ. ବିଣ—ଯେ ଗୁଣନ କରେ—One who multiplies.

**ଗୁଣକଥନ**—ସଂ. ବି (୬ଷ୍ଠୀ ତତ୍; ଗୁଣ+କଥନ)—ଅନ୍ୟର ଗୁଣ କହିବା; ଅନ୍ୟର ସୁଖ୍ୟାତି କହିବା—Description or recital of one's qualities or excellence; eulogising.
Gunakathana

**ଗୁଣକର**—ସଂ. ବିଣ ( ଗୁଣ+କୃ ଧାତୁ+କର୍ତ୍ତୃ. ଅ )—ଉପକାରୀ—
Gunakara
Beneficial.

**ଗୁଣ କରିବା**—ଦେ. କ୍ରି—୧ । ଉପକାର କରିବା—
Guna kariba 1. To benefit.
ଗୁଣକରା
୨ । ଫଳପ୍ରଦ ହେବା—
गुणकरना 2. To be efficacious.
୩ । ଗୁଣିବା; ଏକ ସଂଖ୍ୟାକୁ ଅନ୍ୟଦ୍ୱାରା ଗୁଣନ କରିବା—
3. To multiply.
( ଯଥା—୩କୁ ୫ଦ୍ୱାରା ଗୁଣ କଲେ ୧୫ ହେବ । )

**ଗୁଣ କାଢ଼ିବା**—ଦେ. କ୍ରି—(ବ୍ୟଙ୍ଗ) ଦୁର୍ଗୁଣ ଦେଖାଇବା—
Guna karhiba (ironical) To show or exhibit one's bad qualities.
গুণদেখান
गुणदिखाना

**ଗୁଣକାରକ**—ସଂ. ବିଣ ( ଗୁଣ+କୃ ଧାତୁ+କର୍ତ୍ତୃ. ଅକ )—
Gunakāraka ୧ । ଫଳପ୍ରଦ—1. Effectual; effective; efficacious.
୨ । ଉପକାରକ—2. Beneficient; advantageous.
୩ । ସହାୟକ—3. Helpful.

**ଗୁଣକାରୀ**—ସଂ. ବିଣ (ଉପପଦ; ଗୁଣ+କୃ ଧାତୁ+ଇନ୍; ୧ମା. ୧ବ)—
Gunakāri ଗୁଣକାରକ ( ଦେଖ )—
Gunakāraka (See)

**ଗୁଣ କିଣିବା**—ଦେ. କ୍ରି—ଅନ୍ୟର ଗୁଣକୁ ଆଦର କରିବା—
Guna kiniba To appreciate another's merit.

ଗୁଣ କଣ ମୋହର କୋଳିବାକୁ ଦେଖ
ଲଗାଇବ ସଜନ ଦୂର ହାତେ ଶଙ୍ଖ । କୃଷ୍ଣସିଂ. ମହାଭାରତ. ବନ ୫ ।

**ଗୁଣକୀର୍ତ୍ତନ**—ସଂ. ବି ( ୬ଷ୍ଠୀ ତତ୍; ଗୁଣ+କୀର୍ତ୍ତନ )—ଗୁଣକଥନ; ଅନ୍ୟର ଗୁଣ କହିବା—Description or recital of one's qualities or excellence; eulogising.
Gunakirttana

**ଗୁଣ ଗାଇବା**—ଦେ. କ୍ରି—ଗୁଣ କୀର୍ତ୍ତନ କରିବା; ପ୍ରଶଂସା କରିବା—
Guna gāiba To sing one's praises; to applaud another.
গুণগাওয়া
गुणगाना

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବନ୍ଧ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗୁଣଗାନ**—ସଂ. ବି ( ୬ଷ୍ଠୀ ତତ୍; ଗୁଣ+ଗାନ )—ପ୍ରଶଂସାକରଣ—
Guṇagāna Praising; applause; eulogising.

**ଗୁଣଗାରିମା**—ଦେ. ବି—( ୬ଷ୍ଠୀ ତତ୍; ଗୁଣ+ଗରିମା )—
Guṇagārimā ବଡ଼ପଣିଆ—Excellence.

ତାହାର ଗୁଣଗାରିମା ଅନୁଭବ କରିବାର ଶକ୍ତି ଯଦି
ନଥାନ୍ତି ତୁମ୍ଭର ନ ଆସ—ଫକୀରମୋହନ. ଛମାଣ ଅଠଗୁଣ୍ଠ ।

**ଗୁଣଗୌରବ**—ସଂ. ବି ( ୬ଷ୍ଠୀ ତତ୍; ଗୁଣ+ଗୌରବ )—ଉତ୍କର୍ଷ-ଜନିତ
Guṇagauraba ସମ୍ମାନ ବା ପ୍ରଶଂସା—Praise or respect due to one for one's good qualities.

**ଗୁଣଗ୍ରହଣ**—ସଂ. ବି ( ୬ଷ୍ଠୀ ତତ୍; ଗୁଣ+ଗ୍ରହଣ )—୧ । ଅନ୍ୟର ଗୁଣକୁ
Guṇagrahaṇa ଆଦର କରିବା—1. Admission or appreciation of another's good qualities.
୨ । ଅନ୍ୟର ଗୁଣକୁ ନିଜେ ନେବା—
2. Assumption of another's attributes.

**ଗୁଣଗ୍ରାମ**—ସଂ. ବି (ଗୁଣ+ସମୂହାର୍ଥେ. ଗ୍ରାମ)—ଗୁଣସମୂହ—
Guṇagrāma Aggregate of qualities.

ତାଙ୍କ ଗୁଣଗ୍ରାମ ମୁହିଁ ସୁମରି ନତେ୍ୟ—ପ୍ରାଚୀ. ରସବାରିଧି ।

**ଗୁଣଗ୍ରାହକ**—ସଂ. ବିଣ. ପୁଂ (୬ଷ୍ଠୀ ତତ୍; ଗୁଣ+ଗ୍ରାହକ)—
Guṇagrāhaka ୧ । ଯେ ଅନ୍ୟର ଗୁଣ ଗ୍ରହଣ କରେ—
( ଗୁଣଗ୍ରାହିକା—ସ୍ତ୍ରୀ ) 1. One who assumes another's qualities.
୨ । ଯେ ଅନ୍ୟର ଗୁଣକୁ ଆଦର କରେ—
2. One who appreciates the good qualities in another.

**ଗୁଣଗ୍ରାହିତା**—ସଂ. ବି ( ଗୁଣଗ୍ରାହିନ୍+ଭାବାର୍ଥେ. ତା )—ଅନ୍ୟର ଗୁଣ
Guṇagrāhitā ପ୍ରତି ଅନୁରାଗ ବା ପ୍ରଶଂସା—Praise or appreciation of one's good qualities.

**ଗୁଣଗ୍ରାହୀ**—ସଂ.ବିଣ. ପୁଂ (ଗୁଣ+ଗ୍ରହ ଧାତୁ+କର୍ତ୍ତୃ. ଇନ୍;୧ମା.୧ବ.)—
Guṇagrāhī ୧ । ଯେ ଅନ୍ୟର ଗୁଣ ଗ୍ରହଣ କରେ—
(ଗୁଣଗ୍ରାହିଣୀ—ସ୍ତ୍ରୀ) 1. One who assumes another's qualities.
୨ । ଯେ ଅନ୍ୟର ଗୁଣକୁ ଆଦର କରେ—
2. One who appreciates another's good qualities.

**ଗୁଣ ଚଢ଼ାଇବା**—ଦେ. କ୍ରି—ଧନୁକୁ ବଙ୍କା କରି ତାହାର ଦୁଇମୁଣ୍ଡରେ
Guṇa chaṛhāibā ଗୁଣକୁ ଲଗାଇବା—To string a bow.
গুণচড়ান
गुणचढ़ाना

**ଗୁଣଚିହ୍ନରା**—ଦେ. ବିଣ—ଯେ ପରର ସୁଗୁଣକୁ ଆଦର କରେ; ଗୁଣଗ୍ରାହୀ—
Guṇachihnarā Appreciating another's good qualities.
गुणचिह्ना

**ଗୁଣଚିହ୍ନା**—ଦେ. ବିଣ—ଗୁଣଚିହ୍ନରା (ଦେଖ)
Guṇachihnā Guṇachihnarā (See)

ଖଣ୍ଡିଆ ଗୁଣଚିହ୍ନା ଉପରେ ପାଶ, ସଖୀ ଗୋ ! ଭଲ ଏ—ତିଶ ।

**ଗୁଣଜ୍ଞ**—ସଂ. ବିଣ. ପୁଂ ( ଗୁଣ+ଜ୍ଞା ଧାତୁ+କର୍ତ୍ତୃ. ଅ )—
Guṇajña ୧ । ଗୁଣଗ୍ରାହୀ—1. One who appreciates another's good qualities.
( ଗୁଣଜ୍ଞା—ସ୍ତ୍ରୀ )
(ଗୁଣଜ୍ଞତା—ବି) ୨ । ଯେ ଅନ୍ୟର ଗୁଣକୁ ଜାଣେ—
2. Recognising another's merits; one who is cognisant of another's excellence.

**ଗୁଣତ୍ରୟ**—ସଂ. ବି ( ୬ଷ୍ଠୀ ତତ୍; ଗୁଣ+ତ୍ରୟ )—ସତ୍ତ୍ୱ, ରଜଃ ଓ ତମଃ
Guṇatraya ଏହି ତିନିଗୋଟି ସୃଷ୍ଟିର ପ୍ରାକୃତିକ ଗୁଣ; ଉତ୍ତମ ଗୁଣ, ମଧ୍ୟମ ଗୁଣ ଓ ଅଧମ ଗୁଣ—
The three primordial qualities of matter in Hindu philosophy (good, middling and bad).

**ଗୁଣ ଦେବା**—ଦେ. କ୍ରି—ଗୁଣ ଚଢ଼ାଇବା ( ଦେଖ )—
Guṇa debā Guṇa chaṛhāibā ( See )

**ଗୁଣଧର**—ଦେ. ବିଣ—( ସଂ. ଗୁଣାଧାର )—୧ । ଗୁଣସମ୍ପନ୍ନ—
Guṇadhara 1. Having good qualities.
୨ । ( ବ୍ୟଙ୍ଗ ) ଗୁଣହୀନ—
2. (irony) Devoid of good qualities.
( ଯଥା—ଆମ ଗୁଣଧର ପୁଅଙ୍କ କଥା କହି ବସିଲେ ସରିବ ନାହିଁ ।)

**ଗୁଣଧାମ**—ସଂ. ବି (୬ଷ୍ଠୀ ତତ୍; ଗୁଣ+ଧାମନ୍)—ସର୍ବଗୁଣର ଆଧାର—
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ଷ | ଙ୍କ | ଇଏ | ଉଅ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

ବୈଦେ. ବିଣ. (ଫା)—ତୁଷ୍ଣୀଭୂତ—Silent.

**ଗୁମ୍ ହେବା**—ଦେ. କ୍ରି—୧ । ଚୁପ୍ ହେବା—
Gum hebā 1. To keep silent.
୨ । ହଜିବା—2. To be missing; to be lost.
୩ । ଅଦୃଶ୍ୟ ହେବା; ଲୁଚିଯିବା—
3. To be hidden; to disappear.

**ଗୁମଟ**—ଦେ. ବି—୧ । ଗୁମୁଟ ( ଦେଖ )
Gumata 1. Gumuṭa ( See )
୨ । (ସଂ. ଗ୍ରୀଷ୍ମ ) ଉତ୍ତାପ; ଗ୍ରୀଷ୍ମ—2. Heat.
୩ । ଗୁଳୁଗୁଳୁ; ଜଳୀୟ ଗ୍ରୀଷ୍ମ—3. Sultriness.
ଗুমসানি ୪ । ଆକାଶ ମେଘାଚ୍ଛନ୍ନ ଥାଇ ପବନ ନ ହେଲେ ଯେଉଁ
ঘমসা ଗରମ ବୋଧ ହୁଏ—4. Sultriness or closeness felt when the weather is overclouded and there is no current of air.

**ଗୁମର**—ବୈଦେ. ବି. ( ଫା. ଗୁମାନ୍=ଗର୍ବ )—
Gumara ୧ । ଗର୍ବ; ଦମ୍ଭ; ମାତ୍ସର୍ଯ୍ୟ; ଦମାକ୍; ଦାମ୍ଭିକତା;
গুমর ଅହଂକାର; ଅଭିମାନ—1. Pride; haughtiness,
गुमान, गुमर ( as if saying 'Touch-me-not' ).
୨ । ମହତ୍ତ୍ୱ; ଇଜ୍ଜତ—
2. Prestige; ijjat; dignity; reputation.
୩ । ଗୁପ୍ତକଥା—3. Secret matter.
୪ । ଗୃହଚ୍ଛିଦ୍ର—4. Family-secret.

**ଗୁମର ଛାଡ଼ିବା**—ଦେ. କ୍ରି—ଗୁମର ଖୋଲିବା ( ଦେଖ )
Gumara kārḍhibā Gumara kholibā ( See )

**ଗୁମର ଖୋଲିବା**—ଦେ. କ୍ରି.—୧ । ଅନ୍ୟର ଗୃହଚ୍ଛିଦ୍ର, ଗୁପ୍ତକଥା ବା
Gumara kholibā ଇଜ୍ଜତ ପଦାରେ ପ୍ରକାଶ କରିବା—
গুমরখুলা 1. To divulge another's secrets; to pub-
गुमरखुलना lish family-secrets.
୨ । ଗୁପ୍ତ ବିଷୟଟିକୁ ଖୋଲି କରି ଦେବା—2. To open up a secret matter.

**ଗୁମର ପଦାରେ ପଡ଼ିବା**—ଦେ. ବି.—ଗୁମର ଫିଟିବା (ଦେଖ)
Gumara padāre parḍibā Gumara phitibā (See)

**ଗୁମର ଫିଟାଇବା**—ଦେ. କ୍ରି.—ଗୁମର ଖୋଲିବା (ଦେଖ)
Gumara phiṭāibā Gumara kholibā (See)

**ଗୁମରଫିଟିବା**—ଦେ. ବି.—୧ । ଗୁପ୍ତକଥା ପ୍ରକାଶିତ ହେବା—
Gumara phiṭibā 1. Divulging of one's secrets.
গুমর খুলে যাওয়া ୨ । ଇଜ୍ଜତ ନଷ୍ଟ ହେବା—
गुमर खुल जाना 2. Loss of prestige.

**ଗୁମର ଭାଙ୍ଗିବା**—ଦେ. କ୍ରି.—ଅନ୍ୟର ଗର୍ବ ଖର୍ବ କରିବା—
Gumara bhāṅgibā To bring down one's haughtiness; to humble down or humiliate a person.

**ଗୁମରିବା**—ଦେ. କ୍ରି.—ଅହଙ୍କାର କରିବା—To show haughti-
Gumaribā ness or arrogance.

**ଗୁମସ୍ତା**—ବୈଦେ. ବି. ( ଫା. ଗୁମାସ୍ତା )—୧ । ଜମିଦାରଙ୍କ ତରଫରୁ
Gumastā ପ୍ରଜାମାନଙ୍କଠାରୁ ଖଜଣା ଆଦାୟକାରୀ କର୍ମଚାରୀ;
গুমাস্তা ତହସିଲଦାର—1. Rent collector; Tahasildar.
गुमास्ता ୨ । ବଣିକଙ୍କର ହିସାବ ରଖିବା ମୋହରର; କିରାନି—
2. Accountant; clerk; Moharir.

ପ୍ରାଦେ॰ (ଗଞ୍ଜାମ) ବି—ଓକିଲମୋହରିର—
Pleader's clerk.

**ଗୁମା**—ଦେ. ବିଣ.—ବାଲିଗରଡ଼ାପରି ଛୋଟିଆ, ଶ୍ୱେତ ଓ ଗୋଲାକାର—
Gumā Small and round like pebbles.

**ଗୁମାଇବା**—ଦେ. କ୍ରି.—୧ । (ସଂ. ଗୁପ ଧାତୁ; ଫା. ଗୁମ୍=ଗୁପ୍ତ)—
Gumāibā ଅପକ୍ୱ ଫଳ (ଆମ୍ବ, କଦଳୀ, ପଣସ )କୁ ପଚାଇବାପାଇଁ
গুমসান ଧାନ, ପାଳ ଇତ୍ୟାଦି ମଧ୍ୟରେ ପୂରାଇ ରଖିବା—
गुमाना To put unripe fruits inside straw etc. to ripen them.
୨ । ଗମାଇବା; ହଜାଇବା—2. To lose.

**ଗୁମାଗୁମା**—ଦେ. ବିଣ.—(ବହୁବଚନ ପ୍ରୟୋଗ)—ଗୁମା (ଦେଖ)
Gumā gumā Gumā (See)

**ଗୁମାତ୍**—ବୈଦେ. ବି. (ଫା.)—ଗମାତ୍ (ଦେଖ)
Gumāt Gamāt (See)

**ଗୁମାନ**—ବୈଦେ. ବି. (ଫା. ଗୁମାନ୍=ଗର୍ବ; ଭୁଲ. ସଂ. ଗରିମନ୍)—
Gumāna ୧ । ଗର୍ବ—Haughtiness.
গুমান ପ୍ରଦ୍ୟୁମ୍ନ ତାର ଗୁମାନ ଭଙ୍ଗି ବାକୁ,
गुमान ବୃନ୍ଦାବନ ବରଜି କାହ୍ନେ ଶରକୁ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଅଭିମାନ—2. Sulkiness; sensitiveness; sullenness.
ଗୁମାନ କରି ଗୋରି ରହି ପାରିବୁ କିରେ । ପ୍ରାଚୀନ ସଙ୍ଗୀତ ।
୩ । ମହତ୍ତ୍ୱ; ଠେକ—3. Prestige.
୪ । ପରାକ୍ରମ—4. Power.

ବାହାର ଦେଖି ମାନ କରି ଗୁମାନ ମାନ ଦେଖି ତେବଳ ଭୟେ ।
ଉତ୍କ. ବୈଦେହୀଶବିଳାସ ।

**ଗୁମାନିଆ**—ଦେ. ବିଣ—ଗୁମାନୀ (ଦେଖ)
Gumāniā Gumāni (See)

**ଗୁମାନୀ**—ବୈଦେ ବିଣ. ପୁଂ ଓ ସ୍ତ୍ରୀ (ଫା. ଗୁମାନୀ=ଗର୍ବିତ)—
Gumāni ୧ । ଅଭିମାନୀ—1. Sensitive; sulky.
গুমানিয়া ୨ । ଗର୍ବୀ—2. Haughty.
गुमानी ୩ । ଆତ୍ମବହୁମାନଯୁକ୍ତ—Self-opinionated.

**ଗୁମାସ୍ତା**—ବୈଦେ. ବି (ଫା. ଗୁମାସ୍ତା)—ଗୁମସ୍ତା (ଦେଖ)
Gumāstā Gumastā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗୁମାସ୍ତାଗିରି**—ବୈଦେ. ବି (ଫା)—ଗୁମାସ୍ତାର କାର୍ଯ୍ୟ—
Gumāstāgiri Clerkship; the post of a rent-collector.
ଗୋମସ୍ତାଗିରି
गुमास्तागिरी

**ଗୁମିବା**—ଦେ. କ୍ରି (ଫା. ଗୁମ୍‌ନା)—୧ । ହଜିଯିବା—
Gumibā 1. To be missing; to be lost.
গুমা; গুমসা
गुमना
୨ । ଲୁଚିଯିବା—
2. To be hidden from view.
୩ । ( ସଂ. ଗ୍ରୀଷ୍ମ ) କୃତ୍ରିମ ଉପାୟରେ ଉତ୍ତାପ ପାଇ ଫଳ ପାଚିବା—3. ( fruits ) To ripen with heat applied by artificial means.
୪ । (ଫଳ ଆଦି) ଗରମରେ ପଚିଯିବା—
4. (fruits etc) To rot on account of excessive heat.

**ଗୁମୁଗୁମୁ**—ଦେ. ଅ.—ଗୁମ୍‌ଗୁମ୍ (ଦେଖ)
Gumugumu Gumgum (See)
ଢୁମୁଢୁମୁ ଗୁମୁଗୁମୁ ଚଳନ୍ତି ଉର୍ଦ୍ଧ୍ୱ।
ଚଳନ୍ତ ବା ଥାବନ୍ତ ବଷମ ସମସ୍ୟା—ଫକୀରମୋହନ, ଛମାଣ ଆଠଗୁଣ୍ଠ ।

**ଗୁମୁଟ**—ଦେ. ବି (ସଂ. ଗୁମ୍ଫା)—୧ । ଗୃହଆଡ଼ ବନ୍ଦ ଥିବା କ୍ଷୁଦ୍ର ଦ୍ୱାର-ବିଶିଷ୍ଟ ଛୋଟ ଘର; ଆଲୁଅ ଓ ବାୟୁଚଳନବର୍ଜିତ କ୍ଷୁଦ୍ର ଗୃହ—1. A small unventilated room with a small door.
Gumuṭa
গুম্‌ট
गुमट
୨ । ସଙ୍କୀର୍ଣ୍ଣ ଓ ଆବୃତ ଗଳି—
2. Narrow covered lane.
୩ । ଗମ୍ବୁଜାକୃତି ଘର—3. Dome-shaped house.
୪ । ଗୁମ୍ଫାକୃତି ସଙ୍କୀର୍ଣ୍ଣ ଘର—4. A house like a den.

**ଗୁମୁରି ଉଠିବା**—ପ୍ରାଦେ (ବାଲେଶ୍ୱର) କ୍ରି.—ଘୁମୁରିବା (ଦେଖ)
Gumuri uṭhibā Ghumuribā (See)

**ଗୁମୁହାଁ**—ଦେ. ବି. ପୁଂ—୧ । ଗୁହମୁହାଁ (ଦେଖ)
Gumuhāñ 1. Guhamuhāñ (See)
୨ । ଗୋମୁହାଁ (ଦେଖ)
2. Gomuhāñ (See)

**ଗୁମ୍ଫ୍** (ଧାତୁ) ସଂ.—ଗୁନ୍ଥିବା—
Gumph (root) To string into a bead.

**ଗୁମ୍ଫ**—ସଂ. ବି (ଗୁମ୍ଫ୍ ଧାତୁ+ଭାବ. ଅ)—୧ । ଗ୍ରନ୍ଥନ; ଗୁନ୍ଥିବା—
Gumpha 1. Stringing.
୨ । ରଚନ—2. Composing.
୩ । (+କର୍ମ. ଅ) ଶ୍ମଶ୍ରୁ; ଦାଢ଼ି—3. Beard.
୪ । ( ତୁଳ. ହି. ଗୋଁଫ୍ ) ମୁଚ୍ଛ; ନିଶ—
4. Mustaches.
୫ । ଗାଲମୁଚ୍ଛ—5. Whiskers.
୬ । ଗୁଚ୍ଛ—6. Bundle; bunch.
୭ । ପ୍ରବନ୍ଧ—7. An essay.
୮ । ଗୋଟି ଗୋଟି ମାଳ ଗୁନ୍ଥା ହୋଇଥିବା ବାହୁଭୂଷଣ (ଯଥା—ବଟଫଳ; ବାଙ୍କଡେଉଁରିଆ)—8. An armlet; a bracelet for the arm consisting of beads strung together.
ଦେ. ବି—୧ । ଗୁମ୍ଫା ପରି ଆଲୋକ ଓ ବାୟୁଚଳନବର୍ଜିତ ଘର—
1. A room like a cave (without light and air).
୨ । ଗୁହା; ଗହ୍ୱର—2. Cave.

**ଗୁମ୍ଫନ**—ସଂ. ବି (ଗୁମ୍ଫ୍ ଧାତୁ+ଭାବ. ଅନ)—୧ । ଗ୍ରନ୍ଥନ; ଗୁନ୍ଥିବା—
Gumphana 1. Stringing together of things into a garland.
୨ । ରଚନା ବା ବାକ୍ୟରେ ଶବ୍ଦ ଓ ଅର୍ଥର ସମ୍ୟକ୍ ବିନ୍ୟାସ—
2. A good composition; adjusting of a word to the sense.

**ଗୁମ୍ଫନା**—ସଂ. ବି ( ଗୁମ୍ଫ୍ ଧାତୁ+ଅନ+ଆ )—ଗୁମ୍ଫନ ( ଦେଖ )—
Gumphanā Gumphana ( See )

**ଗୁମ୍ଫା**—ଦେ. ବି—୧ । ( ସଂ. ଗୁମ୍ଫ )—ଗୁଚ୍ଛ; ପେନ୍ଥା—
Gumphā 1. Bunch.
গুফা
गुप्‌फा
୨ । ବାହୁର ଅଳଙ୍କାର ବିଶେଷ; ତାଡ଼; ବାହୁର ବାଙ୍କ-ଡେଉଁରିଆ—2. An armlet consisting of several amulet-pieces strung together.
୩ । ଖଡ଼ିକା ବା କାଠିରେ ଗୁନ୍ଥା ଫୁଲର ତୋଡ଼ା; ଫୁଲ-ଗଭା—3. Nosegay.
গুঁফা
गुफा
୪ । (ସଂ. ଗୁହା; ତୁଳ. ସଂ. ଗୁପ୍ ଧାତୁ=ଗୋପନ କରିବା) ପର୍ବତଗୁହା—4. Mountain-cave.
୫ । ପର୍ବତରେ ଖୋଳା ଯାଇଥିବା ଗୁହା—
4 Cave dug into a mountain; artificial cave.

**ଗୁମ୍ଫିତ**—ସଂ. ବିଣ—( ଗୁମ୍ଫ୍ ଧାତୁ+କର୍ମ. ତ )—୧ । ଗ୍ରଥିତ; ଗୁନ୍ଥା ହୋଇଥିବା—1. Strung together.
Gumphita
୨ । ନିବଦ୍ଧ—2. (several things) Attached, by means of a common thing, to one another.
୩ । ରଚିତ—3. Composed.

**ଗୁମ୍ବଜ**—ବୈଦେ. ବି ( ଫା. ଗୁମ୍‌ବଦ୍; ଉର୍ଦ୍ଦୁ. ଗୁମ୍‌ବଜ୍; ତୁଳ. ସଂ. ଗୁମ୍ଫ ଧାତୁ)—ଶିଳ୍ପଶବ୍ଦାର୍ଥ ଗ୍ରଥିତ ଗୋଲାକାର ଛାତ—
Gumbaja Vault; dome; cupola.
গুম্বজ
गुंबज, गुंबद्

**ଗୁମ୍ବୁଜ**—ବୈଦେ. ବି—ଗୁମ୍ବଜ ( ଦେଖ )—
Gumbuja Gumbaja ( See )

**ଗୁୟାଁ**—ଦେ. ବିଣ—୧ । (ଫା. ଗୁମାନ୍)—୧ । ଅତି ଅଭିମାନୀ—
Guyāñ 1. Very sensitive.

| ୧ | ଇ | ଉ | ର,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଉସ୍ଥ | ଡ଼ଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ |

୨ । ଅଳ୍ପ କଥାରେ ଅପମାନ କରିବା ବ୍ୟକ୍ତି—
2. Prone to take offence at little things.
୩ । ( ସଂ. ଗୁପ ଧାତୁ ) ଗୁପ୍ତ କ୍ରୋଧୀ—
3. Prone to be angry inwardly.
୪ । ଯେ ଖେଳରେ ଗୋଳାଏ—4. One who uses unfair means in a game.
୫ । ( ଧ୍ୱନ୍ୟନୁକରଣ ) ଗାଉଁଗାଉଁଆ—
5. Murmuring; grumbling (without openly speaking out)
ଦେ. ବି—ତାସ୍ ଆଦି ଖେଳରେ ଦୁଇପକ୍ଷ ହୋଇ ଖେଳୁଥିବା ଖେଳାଳୀଙ୍କ ମଧ୍ୟରୁ ଏକପକ୍ଷଭୁକ୍ତ ସାଥୀ-ଖେଳାଳୀ—
Partner or one of the pair on the same side in a game at cards.

**ଗୁର୍ (ଧାତୁ)**—ସ.—୧ । ଚେଷ୍ଟା କରିବା—
Gur (root) 1. To exert; to try.
୨ । ହିଂସା କରିବା—
2. To hurt; to kill; to injure.
୩ । ଯିବା—3. To go.

**ଗୁର୍**—ପ୍ରାଦେ. ( ସମ୍ବଲପୁର ) ବି (ସଂ. ଗୁଡ଼)—ଗୁଡ଼—
Gur Molasses.

**ଗୁରଗୁଡ଼ାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଗଡ଼ାଇଦେବା—
Gur-gurdāibā 1. To cause to roll.
୨ । ଗୁଡ଼ାଇବା—2 To wind up.

**ଗୁରଡ଼ା**—ପ୍ରାଦେ. (ସମ୍ବଲପୁର) ବି—ଗୁର୍ଲା ( ଦେଖ )—
Gurrdā Gurlā (See)

**ଗୁର୍‌ଦି**—ପ୍ରାଦେ. (ସମ୍ବଲପୁର) ବିଣ—ଗୁଡ଼ାଏ; ଅନେକ; ବହୁ—
Gur-di Many; very many.

**ଗୁର୍‌ଭେଲି**—ପ୍ରାଦେ. (ସମ୍ବଲପୁର) ବି—କୁରୁବେଲି (ଦେଖ)
Gur-bheli Kurubeli (See)

**ଗୁର୍‌ରୁ ଶାଗ**—ପ୍ରାଦେ. (ସମ୍ବଲପୁର) ବି—ଏକପ୍ରକାର ଶାଗ—
Gur-ru śāg A kind of pot-herb.

**ଗୁର୍ଲା**—ପ୍ରାଦେ. (ସମ୍ବଲପୁର) ବି—୧ । ଅଟେଇ—
Gurlā 1. Crib.
୨ । ଘେରବନ୍ଧ; ବାଡ଼ାବନ୍ଧ—2. Fencing; enclosure.
୩ । କ୍ଷେତ ଗଛ ଗୁଡ଼ିପାଖେ ବଣଆସିବା ବାଉଁଶ ଗୋରଡ଼ା; ଭୁଣ୍ଡଲୀ—3. Bamboo-woven ring or fence put round a young tree; gabion.

**ଗୁର୍‌ଲାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ଚକିତ ଚାହିଁବା—
Gur-lāibā To stare; to look with a fixed gaze.

**ଗୁର୍‌ଶି**—ପ୍ରାଦେ. (ଲଡ଼ିଆ) ବି—ଉମେଇ—
Gur-śi A fire-pot; brazier.

**ଗୁର୍‌ହା ହାଣ୍ଡି**—ପ୍ରାଦେ. (ସମ୍ବଲପୁର) ବି—ଆଖୁ ଦୋଳୁଅ ସିଝାଇ ଗୁଡ଼ କରିବାପାଇଁ ବ୍ୟବହୃତ ଚଉଡ଼ାମୁହାଁ ହାଣ୍ଡି—
Gur-hā hāndi A wide-mouthed earthen pot for boiling sugarcane-juice into molasses.

**ଗୁରଣ**—ସ. ବି. (ଗୁର୍ ଧାତୁ=ଚେଷ୍ଟା କରିବା + ଭାବ. ଅନ)—
Guraṇa ଉଦ୍ୟମ; ଚେଷ୍ଟା—Endeavour; effort.

**ଗୁରଥ**—ଗ୍ରା. (ଇତର) ବି. (ସଂ. ଗୃହସ୍ଥ)—ସ୍ୱାମୀ—
Guratha Husband.
(ଗୁରଥାଣୀ—ସ୍ତ୍ରୀ)

**ଗୁରଥ ଭାରିଯା**—ଗ୍ରା. (ଇତର) ବି. ପୁଂ (ସଂ. ଗୃହସ୍ଥ ଓ ଭାର୍ଯ୍ୟା)—
Guratha bhārijā ପତିପତ୍ନୀ; ସ୍ୱାମୀସ୍ତ୍ରୀ; ଦମ୍ପତି—
Husband and wife; a married couple.

**ଗୁରଣ୍ଡା**—ପ୍ରାଦେ. ( ପୁରୀ ) ବି—ଗୁରୁଣ୍ଡା ( ଦେଖ )
Gurandā Gurundā ( See )

**ଗୁରସ**—ପ୍ରାଦେ. ( ସମ୍ବଲପୁର ଓ ବାଲେଶ୍ୱର ) ବି. ( ଗୋ ସ୍ଥାନରେ ଗୁ ଉଚ୍ଚାରଣ )—ଗୋରସ; ଗାଈଦୁଧ—Cow's milk.
Gurasa

**ଗୁରସ୍ତ**—ଗ୍ରା. ବି. ( ସଂ. ଗୃହସ୍ଥ )—ପତି; ସ୍ୱାମୀ—
Gurasta Husband.
( ଗୁରସ୍ତାଣୀ—ସ୍ତ୍ରୀ )
( ଗେରସ୍ତ—ଅନ୍ୟରୂପ )

**ଗୁରସ୍ତ ଭାରିଯା**—ଗ୍ରା. ବି. ( ସଂ. ଗୃହସ୍ଥ+ଭାର୍ଯ୍ୟା )—
Gurasta bhārijā ସ୍ୱାମୀ ସ୍ତ୍ରୀ; ଦମ୍ପତି—
Husband and wife; a married couple.

**ଗୁରା**—ପ୍ରାଦେ. ( ସମ୍ବଲପୁର ) ପ୍ରତ୍ୟୟ ( ଅନାଦରାର୍ଥକ )—
Gurā ଗୁଡ଼ା ( ଦେଖ )—Gurdā ( See )

**ଗୁରାଇବା**—ଦେ. କ୍ରି—୧ । ଦରପାଛୁଡ଼ା ଧାନ ବା ଚାଉଳ ଆଦିରୁ ଗୋଡ଼ି ବା ଧାନ ଆଦି ପୃଥକ କରିବା ନିମନ୍ତେ
Gurāibā
**ଢହରାନା; ଲୁଢକାନା** କୌଶଳକ୍ରମେ କୁଲାଦ୍ୱାରା ପାଛୁଡ଼ିବା—
1. To winnow half-winnowed rice or paddy in order to separate undesirable particles from the main body.
୨ । ( ଶୂଦ୍ର ବା ନୀଚଜାତିଙ୍କ ଭାଷା; ଡ ସ୍ଥାନରେ ର ଉଚ୍ଚାରଣ; ଭୁଲକାରକ ବାଡ଼ି ସ୍ଥାନରେ ବାର ) ଗୁଡ଼ାଇବା (ଦେଖ)
2. Gurdāibā ( See )

**ଗୁରାଏ**—ପ୍ରାଦେ. ( ସମ୍ବଲପୁର ) ବିଣ—ଗୁରେ ( ଦେଖ )
Gurāe Gure ( See )

**ଗୁରଣ୍ଡି**—ଦେ. ବି—୧ । କ୍ଷେପଣୀୟ ଅସ୍ତ୍ରବିଶେଷ—
Gurāndi 1. A kind of weapon which is hurled at an enemy.
୨ । କ୍ଷୁଦ୍ର ମୃଗବିଶେଷ—
2. A kind of small deer.
[ ଦ୍ର—ଏହାର ମାଂସ ସ୍ୱାଦୁ, ରୁଚକର ଓ ବଳବର୍ଦ୍ଧକ—(ହରେକୃଷ୍ଣ. ଦ୍ରବ୍ୟଗୁଣ) । ଏ ଉଚ୍ଚରେ ୧ଫୁଟ ବଢ଼େ । ]
ଦେ. ବିଣ—ଆନ୍ଦୋଳିତ—Agitated.
( ଯଥା—ମୋ ପେଟ ଗୁରଣ୍ଡି ହେଉଛି । )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗାଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଣ' ନ ପାଇଲେ 'ଅଲବଣ' ଦେଖିବେ ।

**ଗୁରଣ୍ଡିବା**—ଦେ. କ୍ରି—୧ । ( ପେଟ ) ଗୋଳାଇ ହେବା—
Gurāṇḍibā 1. ( abdomen ) To be agitated
ଘାଁଟା ୨ । କଲବଲ ହୋଇ ଇତସ୍ତତ ହେବା; ବ୍ୟସ୍ତ ହୋଇ ତଳେ ଗଡ଼ିବା—2. To roll on the ground and stretch one's limbs in pain.
୩ । ଧାନ ବେଙ୍ଗଲା ଶେଷରେ ବଳଦ ଫିଟି ଗଲେ ମେଲ ଗୁରପଟେ ଖେଳାଇ ହୋଇ ପଡ଼ିଥିବା ପାଳକୁ ଛାଡ଼ିନେବା ପରେ ଧାନ ସଙ୍ଗରେ ମିଶିଥିବା ଗୁଣ୍ଡି କୁଟାକୁ ପାଞ୍ଚ ଅଙ୍ଗୁଠିଆ କରି ଧାନ ଉପରୁ ସଫା କରନେବା—
3. To clear away the separated straw, using the fingers as a fork, from the paddy after the treading is finished.

**ଗୁରାଳି**—ଦେ. ବି—କୋଳାହଳ; ହୋହା—
Gurāḷi Hubbub; noise.
ଗୌଗା ଦେ. ବଣ—ଅସ୍ତବ୍ୟସ୍ତ ବା କାତର ହୋଇ କୋଳାହଳ କରୁଥିବା—Making noise in a hurry.
ଧାଇଁଲେ ଗିଳିବାକୁ ହୋଇଣ ଗୁରାଳ—କୃଷ୍ଣସିଂହ. ମହାଭାରତ, ଆଦ ।

**ଗୁରିଆ**—ଦେ. ବଣ—କୁଲାଦ୍ୱାରା କୌଶଳକ୍ରମେ ଗୁରି ହୋଇଥିବା Guriā ବା ପାଛୁଡ଼ା ହୋଇଥିବା ( ଧାନ ଅଦ )—
( grain ) Carefully winnowed and thus undesirable particles separated from the main body.
ଗ୍ରା. (ଇତର) ବଣ ଓ ବି—ଗୁଡ଼ିଆ (ଦେଖ)—
Gurdiā (See)
ପ୍ରାଦେ. ( ସମ୍ବଲପୁର ) ବଣ—
୧ । ଈଷତ୍ ନାଲିଆ—1. Reddish.
୨ । ହଳଦିଆ ମିଶା ନାଲି ( ଗୋରୁ )—
2. Yellowish red (cattle).

**ଗୁରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—କୁରାଢ଼ିରେ କାଠକୁ ଫାଳ ଫାଳ
Guribā କରିବା ବା ଚିରିବା—
To split wood with an axe.

**ଗୁରୁ**—ସଂ. ବି. ( ପୁଂ ଓ ସ୍ତ୍ରୀ ) ( ଗୃ ଧାତୁ=ଶବ୍ଦ କରିବା; କହିବା+
Guru କର୍ତ୍ତୃ ଉ; ଯେ ଧର୍ମକର୍ମାଦିର ପଥ ଶିଷ୍ୟ ନିକଟରେ ପ୍ରକାଶ କରନ୍ତି )—୧ । ଶିକ୍ଷାଗୁରୁ; ଆଚାର୍ଯ୍ୟ; ଅଧ୍ୟାପକ—
1. Preceptor; teacher; tutor.
୨ । ପିତା—2 Father.
୩ । ଧର୍ମୋପଦେଷ୍ଟା; ମନ୍ତ୍ରଦାତା—
3. Spiritual guide.
୪ । ପୂର୍ବପୁରୁଷ—4. Ancestor.
୫ । ପୁରୋହିତ—5 Priest.
୬ । ସମ୍ମାନାର୍ହ ବ୍ୟକ୍ତି; ପିତା ମାତା ଆଦି ଗୁରୁଜନ—
6. One's elders.

[ ଦ୍ର—ଶାସ୍ତ୍ର ଅନୁସାରେ ଜନ୍ମଦାତା ( ପିତା ମାତା ), କନ୍ୟାଦାତା, ମନ୍ତ୍ରଦାତା, ଜ୍ୟେଷ୍ଠଭ୍ରାତା, ଅନ୍ନଦାତା ଓ ଭୟତ୍ରାତା, ଏମାନଙ୍କ ସ୍ତ୍ରୀ ଓ ଏମାନେ ଗୁରୁ ଅଟନ୍ତି । ]
୭ । ନିୟମକାରକ; ନିୟାମକ ବ୍ୟକ୍ତି—7. Ruler; guide.
୮ । ଦେବଗୁରୁ; ବୃହସ୍ପତି—8. Bruhaspati.
୯ । ବୃହସ୍ପତିଗ୍ରହ—9. Jupiter (planet).
୧୦ । ଦ୍ରୋଣାଚାର୍ଯ୍ୟ—10. Droṇāchārjya.
୧୧ । ପୁଷ୍ୟାନକ୍ଷତ୍ର ( ବୃହସ୍ପତି ଏ ନକ୍ଷତ୍ରର ଅଧିଷ୍ଠାତା )—
11. The 8th lunar mansion.
୧୨ । ଓସ୍ତାଦ୍; ନାଟ ଓ ସଙ୍ଗୀତ ଶିକ୍ଷକ—
12. Music-master.
୧୩ । ବ୍ରହ୍ମା—13. God Brahmā.
୧୪ । ଦୀର୍ଘସ୍ୱର—14. Long vowel.
୧୫ । ପରମାତ୍ମା—15. The Supreme Spirit.
୧୬ । ସଂଯୁକ୍ତାକ୍ଷରର ପୂର୍ବ ବର୍ଣ୍ଣ—
16. The vowel preceding a dipthong or tripthong.
୧୭ । ବେଦାନ୍ତ ଦର୍ଶନର ମୀମାଂସକ ଶାଖାର ପ୍ରତିଷ୍ଠାତା—
17. Name of a leader of the school of the Mimāṁsaka branch of Bedānta philosophy.
୧୮ । ବିଷ୍ଣୁ—18. Bishṇu.
୧୯ । ଶିବ—19. Ṡiba.
୨୦ । (ସଙ୍ଗୀତ) ଯେଉଁ ତାଳରେ ଏକ ଦୀର୍ଘ ବା ଦୁଇ ସାଧାରଣ ମାତ୍ରା ଥାଏ—20. (music) A measure containing one long or two short syllables.

ସଂ. ବଣ—୧ । ଭାରି—1. Heavy; weight.
(ଗୁର୍ବୀ, ଗୁର୍ବିଣୀ—ସ୍ତ୍ରୀ) ୨ । ବିଷମ; ଉତ୍କଟ—
(ଗୁରୁତା, ଗୁରୁତ୍ୱ—ବି) 2. Fearful; terrible; excessive; violent
(ଲଘୁ—ବିପରୀତ)
୩ । ଦୁର୍ଗମ—3. Inaccessible.
୪ । ଦୁସ୍ତର—4. Impassable.
୫ । ଶ୍ଳାଘ୍ୟ; ପୂଜନୀୟ—
5. Venerable; respectable; adorable.
୬ । ଅପରାଜେୟ—6. Invincible.
୭ । ଦୁର୍ବହ—
7. Unbearable; arduous; difficult to bear.
୮ । ମହତ୍—8. Great; mighty.
୯ । ପରାକ୍ରାନ୍ତ—9. Powerful.
୧୦ । ବୃହତ୍; ବଡ଼—10. Big; large.

| ୧ | ଈ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇଯ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଉ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଟ୍ୟ | ଇଅ | ଓ | ନ୍ |

୧୧ । କଠିନ—11. Hard.

୧୨ । ଅଧିକ—12. Much; great.

୧୩ । ଅତିଶୟ—13. Excessive.

୧୪ । ଯାହା ସହଜରେ ଜୀର୍ଣ୍ଣ ହୁଏ ନାହିଁ—
14. Hard of digestion.

୧୫ । ଉତ୍କୃଷ୍ଟ—15 Excellent.

୧୬ । ପ୍ରୟୋଜନୀୟ—16. Important; weighty.

୧୭ । ବହୁକାଳସ୍ଥାୟୀ—17. Long in duration; enduring.

୧୮ । ପ୍ରିୟ—18. Dear; beloved.

୧୯ । ଯେଉଁ ବର୍ଣ୍ଣ ଉଚ୍ଚାରଣ କରିବାକୁ ବେଶୀ ସମୟ ଲାଗେ; ଦୀର୍ଘ—19. Long ( letter )

[ ଦ୍ର—ଦୀର୍ଘସ୍ୱର ବା ଯେଉଁ ବର୍ଣ୍ଣରେ ଦୀର୍ଘସ୍ୱର ଯୁକ୍ତ ଥାଏ କିମ୍ବା ଯୁକ୍ତାକ୍ଷରର ପୂର୍ବବର୍ତ୍ତୀ ହ୍ରସ୍ୱସ୍ୱର ବା ହ୍ରସ୍ୱସ୍ୱର ଯୁକ୍ତ ବର୍ଣ୍ଣ 'ଗୁରୁ' ବର୍ଣ୍ଣ ଅଟେ । ]

ଦେ. ବି—୧ । ଗଉଡ଼ଙ୍କର ଉପାଧିବିଶେଷ—
1. A title of the cow-herds.

୨ । ସମ୍ବଲପୁର ଅଞ୍ଚଳର ବ୍ରାହ୍ମଣଙ୍କ ବଂଶୋପାଧିବିଶେଷ—
2 A family-title of Brāhmaṇas in Sambalpur.

୩ । କେଳାଙ୍କ ବଂଶୋପାଧିବିଶେଷ—
3. A family-title Keḷās.

**ଗୁରୁଆଣୀ**—ଦେ. ବି. ସ୍ତ୍ରୀ. ( ସଂ. ଗୁରୁପତ୍ନୀ )—
Guruāṇi ଗୁରୁପତ୍ନୀ; ଗୁରୁଙ୍କ ସ୍ତ୍ରୀ—
ଗୁ The wife of one's preceptor.
ଗୁରୁଆଇନ

**ଗୁରୁ କରିବା**—ଦେ.କ୍ରି—କୌଣସି ବ୍ୟକ୍ତିଙ୍କୁ ଆପଣାର ଗୁରୁରୂପେ ବରଣ କରି ତାଙ୍କଠାରୁ କୌଣସି ବିଦ୍ୟା ଶିକ୍ଷା କରିବା—
Guru karibā To appoint a person as one's preceptor.
গুরুকরা
गुरुकरना

**ଗୁରୁକନ୍ୟା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଗୁରୁ+କନ୍ୟା )—
Gurukanyā ବିଦ୍ୟାଗୁରୁଙ୍କ ଝିଅ—The daughter of one's spiritual preceptor.
[ ଦ୍ର—ଶାସ୍ତ୍ର ଅନୁସାରେ ଗୁରୁକନ୍ୟା ଶିଷ୍ୟର ଭଉଣୀ ସ୍ଥାନୀୟ ।]

**ଗୁରୁକର୍ଣ୍ଣ**—ସଂ. ବି (ମ.ପ.ଲୋ.)—ଗୁରୁ ଯେଉଁ କାନରେ ମନ୍ତ୍ର ଦିଅନ୍ତି; ଦକ୍ଷିଣ କର୍ଣ୍ଣ—The right ear.
Gurukarṇṇa

**ଗୁରୁକାନ**—ଦେ. ବି—ଗୁରୁକର୍ଣ୍ଣ ( ଦେଖ )
Gurukāna Gurukarṇṇa ( See )
গুরুকান
गुरुकान

**ଗୁରୁକୁଣ୍ଡଳୀ**—ସଂ. ବି—ବର୍ଷାଧିପତି ଗ୍ରହ ନିର୍ଣ୍ଣୟାର୍ଥ ଅଙ୍କିତ ଫଳିତ ଜ୍ୟୋତିଷୋକ୍ତ ଚକ୍ରବିଶେଷ—
Gurukuṇḍaḷi An astrological circle drawn to find out the planet presiding over a particular year.

[ ଦ୍ର—ଏହି ଚକ୍ରଦ୍ୱାରା କୌଣସି ବ୍ୟକ୍ତିର ଜନ୍ମନକ୍ଷତ୍ର ଅନୁସାରେ ପ୍ରତ୍ୟେକ ବର୍ଷର ଅଧିପତି ଗ୍ରହ ନିର୍ଣ୍ଣୟ କରାଯାଏ । ଏହି ଚକ୍ରର କେନ୍ଦ୍ରସ୍ଥଳରେ ଗୁରୁ ବା ବୃହସ୍ପତିଙ୍କୁ ଲେଖାଯାଏ ଓ ବୃହସ୍ପତିଙ୍କ ଆଠ ପାଖରେ ଅନ୍ୟ ୮ଟି ଗ୍ରହଙ୍କୁ ଲେଖାଯାଏ । ହି. ଶବ୍ଦସାଗର ]

**ଗୁରୁକୁଳ**—ସଂ. ବି. ( ୬ଷ୍ଠୀ ତତ୍; ଗୁରୁ+କୁଳ )—
Gurukuḷa ୧ । ଗୁରୁଙ୍କ ଗୃହ ବା ପରିବାର—
1 The house or family of one's preceptor or spiritual guide.

୨ । ବ୍ରହ୍ମଚର୍ଯ୍ୟାଶ୍ରମରେ ଦ୍ୱିଜାତି ଛାତ୍ରମାନଙ୍କ ଶିକ୍ଷାସ୍ଥାନ ଓ ବାସସ୍ଥାନରୂପେ ବ୍ୟବହୃତ ଗୁରୁଙ୍କ ଗୃହ ବା ଆଶ୍ରମ—
2. The hermitage or residence of the preceptor in which pupils used to board & lodge during their studentship.

ଗୁରୁକୁଳରେ ବାସ କଲେ,
ଲୋକରେ ଧର୍ମ ଦେଖାଇଲେ । ଜଗନ୍ନାଥ. ଭାଗବତ ।

[ ଦ୍ର—ପୂର୍ବେ ଭାରତୀୟ ହିନ୍ଦୁଛାତ୍ରମାନେ ଗୁରୁଗୃହରେ ବାସ କରି ବ୍ରହ୍ମଚର୍ଯ୍ୟ ଅବଲମ୍ବନପୂର୍ବକ ଗୁରୁଙ୍କ ସେବା ଓ ବିଦ୍ୟାଶିକ୍ଷା କରୁଥିଲେ । ଗୁରୁକୁଳ ଜନବସତିର ଦୂରରେ ଅବସ୍ଥିତ ହେଉଥିଲା । ]

**ଗୁରୁକ୍ରମ**—ସଂ. ବି ( ୬ଷ୍ଠୀ ତତ୍; ଗୁରୁ+କ୍ରମ )—୧ । ଏକାଦିକ୍ରମେ ଗୁରୁଙ୍କ ପର୍ଯ୍ୟାୟ—1. Succession of
Gurukrama teachers; successive generations of tutors

୨ । ପରମ୍ପରାକ୍ରମେ ଶିକ୍ଷା ଦିଆ ଯାଉଥିବା ବିଦ୍ୟା—
2. Traditional instruction; instruction handed down through a series of teachers.

**ଗୁରୁଖା**—ଦେ. ବି—ଗୁର୍ଖା ( ଦେଖ )—
Gurukhā Gurkhā ( See )

**ଗୁରୁଗଉରବ**—ଦେ. ପଦ୍ୟ ବି—( ସଂ. ଗୁରୁ+ଗୌରବ )—
Gurugauraba ୧ । ମାନମର୍ଯ୍ୟାଦା—1. Honour or dignity.
ଗଲେ ଜାତିମାନ ଗୁରୁ ଗଉରବ ପ୍ରୀତି କଲ ଏବେ ସବୁ—ନନ୍ଦକିଶୋର. ଶର୍ମିଷ୍ଠା

୨ । ଆପଣାର ମାନ୍ୟଗଣ୍ୟ ବ୍ୟକ୍ତି—
2. One's superiors or elders.
ଘେନ ବେଗର ବଡ଼ପଣ, ସେ ଗୁରୁ ଗଉରବ ଗଣ—ଭୂପତି. ପ୍ରେମପଞ୍ଚାମୃତ ।

୩ । ଆପଣାର ମାନ୍ୟ ବ୍ୟକ୍ତି ବା ଗୁରୁଜନଙ୍କ ପ୍ରତି ପ୍ରଦର୍ଶନୀୟ ସମ୍ମାନ—3 Respect due to one's superiors or elders.

ସାଧାରଣ ଲୋକେ ଅପର ପୃଷ୍ଠାରେ ଏବଂ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅଟି ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର୍' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ ।

**ଗୁରୁଗମ୍ଭୀର**— ସଂ. ବିଣ ( ଏକାର୍ଥକ ଦ୍ୱନ୍ଦ୍ୱ; ଗୁରୁ + ଗମ୍ଭୀର )—
Gurugambhira ଗୁରୁ ଓ ଗମ୍ଭୀର—Loud and grave; great and serious.

**ଗୁରୁଗୁରୁ**— ଦେ. ଅ— **ଗୁରୁଗୁରୁ** ( ଦେଖ )—
Gurugur Guruguru ( See )

**ଗୁରୁଗୁରୁ**—ଦେ. ଅ (ଧ୍ୱନ୍ୟନୁକରଣ)—ମଇଁଷିଙ୍କ ବେକରେ ବନ୍ଧା ଯାଇ-
Guruguru ଥିବା ବାଉଁଶ ଟପାର ଶବ୍ଦ—The tinkling sound of bamboo bells suspended from the neck of a buffalo.

ମହିଷ ଟପାର ଗୁରୁଗୁରୁ ଧ୍ୱନି,
ଶୋଭେ ମୃଦଙ୍ଗ ଅରଣ୍ୟ ସରଣୀ । ରାଧାନାଥ. ଚିଲିକା ।

**ଗୁରୁଗୃହ**—ସଂ. ବି (୬ଷ୍ଠୀ ତତ୍; ଗୁରୁ + ଗୃହ)—ଗୁରୁଙ୍କ ବାସସ୍ଥାନ—
Gurugruha The family-residence of the tutor.

**ଗୁରୁ ଗୌରବ**— ସଂ. ବି (ମ.ପ.ଲୋ.; ଗୁରୁ + ଗୌରବ)—
Gurugauraba ୧ । ମାନମର୍ଯ୍ୟାଦା—1. Honor or dignity.
୨ । ଗୁରୁଜନଙ୍କ ପ୍ରତି ପ୍ରଦର୍ଶନୀୟ ମର୍ଯ୍ୟାଦା—
2. Respect due to one's superiors

ବନାଶ ଗୁରୁଗୌରବ ତାହାଙ୍କର ସେହି ସବ
ଉଦ୍ଧତରୁ କରି ନ ପାରିଲେ ବାରଣ । ଭକ୍ତ. ବୈଦେହୀଶବିଳାସ ।

**ଗୁରୁଗ୍ରନ୍ଥସାହେବ୍**—ଦେ. ବି. ( ନାମ )—ଶିଖମାନଙ୍କର ଧର୍ମ ଗ୍ରନ୍ଥ—
Gurugranthasāheb The scripture of the Sikhs.

**ଗୁରୁଘ୍ନ**—ସଂ. ବିଣ. ପୁଂ (ଗୁରୁ + ହନ୍ ଧାତୁ + କର୍ତ୍ତୃ. ଅ)—ଗୁରୁହନ୍ତା—
Gurughna One who kills his tutor.
(ଗୁରୁଘ୍ନୀ—ସ୍ତ୍ରୀ) ସଂ. ବି— ଧଳା ସୋରିଷ (ଗୁରୁପାକ ଦ୍ରବ୍ୟ ଭୋଜନ ଜନିତ ଅଜୀର୍ଣ୍ଣକୁ ନାଶ କରିବାରୁ—
White mustard.

**ଗୁରୁଚର୍ଯ୍ୟା**— ସଂ. ବି ( ୬ଷ୍ଠୀ ତତ୍; ଗୁରୁ + ଚର୍ଯ୍ୟା )—ଗୁରୁଙ୍କ ସେବା—
Gurucharjyā Serving one's tutor.

**ଗୁରୁଚଣ୍ଡାଳି ଦୋଷ**—ଦେ. ବି — ରଚନାର ଦୋଷବିଶେଷ—
Guruchāndālidosha A defect in composition.
[ଦ୍ର—ଶୁଦ୍ଧ ସଂସ୍କୃତ ଶବ୍ଦ ବା ସାଧୁ ଶବ୍ଦ ସଙ୍ଗେ ଗ୍ରାମ୍ୟ ଶବ୍ଦର ଏକତ୍ର ସମାବେଶରେ ଏହି ଦୋଷ ଘଟେ । ଯଥା—ରାଧାନାଥଙ୍କ ଶାଣିତ ପାଣିତ ଅସି; ମେରୁ ନଭେ ସପ୍ତର୍ଷିର ସୁବର୍ଣ୍ଣ ବେଙ୍ଗଲା-ମହାଯାତ୍ରା । ]

**ଗୁରୁଚାନ୍ଦ୍ରୀ ଯୋଗ**—ସଂ. ବି. (ଗୁରୁ + ଚନ୍ଦ୍ର + ଈ)—ଫଳିତ ଜ୍ୟୋତିଷୋକ୍ତ
Guruchāndri joga ଶୁଭ ଯୋଗବିଶେଷ —Name of an auspicious astrological conjunction.
[ଦ୍ର—ବୃହସ୍ପତି ଓ ଚନ୍ଦ୍ରମା କର୍କଟ ରାଶିରେ ଥିଲେ ଏହାକୁ ଗୁରୁଚାନ୍ଦ୍ରୀଯୋଗ ବୋଲାଯାଏ । ଯାହାର ଜନ୍ମକୁଣ୍ଡଳୀରେ ଏହି ଯୋଗ ଲଗ୍ନ ବା ଦଶମ ସ୍ଥାନରେ ଥାଏ ସେ ସର୍ବଜ୍ଞାନୀ ହୁଏ ।
ବୃ. ଶବ୍ଦସାଗର । ]

**ଗୁରୁଜ**—ଦେ. ବି.—୧ । କବାଟ ବନ୍ଦ କରିବା ପାଇଁ ଦୁଆରବନ୍ଧର
Guruja ଏବୁଣ୍ଡିରେ ଯେଉଁ ବକ୍ର ଦ୍ୱିଗୁଣିତ ଲୌହଖଣ୍ଡ ଯୁକ୍ତଥାଏ—
1. The hasp to fasten the chain of a door while locking it up.
गुर्ज ୨ । (ଫା. ଗୁର୍ଜ୍) ଶସ୍ତ୍ରବିଶେଷ; ଗଦା; ସୋଟା—
बुरूज 2. A kind of weapon; mace.
गुर्जा, गुरज ୩ । ( ଅ. ବୁରଜ୍; ବହୁବଚନରେ ବୁରୁଜ୍; ଫା ବୁର୍ଜ୍ ) ନଈବନ୍ଧରେ ସ୍ରୋତର ଚୋଟ ସମ୍ଭାଳିବା ପାଇଁ ନଈବନ୍ଧର ଯେଉଁ ଅଂଶ ନଦୀ ଭିତରକୁ ଅର୍ଦ୍ଧ ବୃତ୍ତାକାର ହୋଇ ଇଟା ବା ପଥର ଗାନ୍ଥିଣୀରେ ଗାଢ଼ ହୋଇ ଥାଏ; ବୁରୁଜ—3 Convex revetment in the wall of an embankment of a river which bears the brunt of the water current striking the embankment during flood.
୪ । ଦୁର୍ଗର ପାର୍ଶ୍ୱରେ ଅର୍ଦ୍ଧଚନ୍ଦ୍ରାକୃତି ବାନ୍ଧଦ୍ୱାରା ବେଷ୍ଟିତ ଅଂଶ, ଯେଉଁଠାରେ ସୈନ୍ୟମାନେ ଲୁଚି ରହି ଆକ୍ରମଣକାରୀ ଶତ୍ରୁ ପ୍ରତି ଗୋଳା ଅବ ଚଳାଇ ପାରନ୍ତି—
4. A semicircular recess in the wall of a fort from which soldiers direct their missiles to the enemy: bastion.

**ଗୁରୁଜନ**—ସଂ. ବି. ପୁଂ. ଓ ସ୍ତ୍ରୀ— ପିତା ମାତା, ଶାଶୁ, ଶଶୁର, ବଡ଼ଭାଇ,
Gurujana ଭାଉଜ ଆଦି ଗୁରୁସ୍ଥାନୀୟ ମାନ୍ୟ ବ୍ୟକ୍ତି—One's elders whom one should treat as his superiors; one's superiors.

**ଗୁରୁଜାୟା**—ସଂ. ବି. (୬ଷ୍ଠୀ ତତ୍; ଗୁରୁ + ଜାୟା)—ଗୁରୁଙ୍କ ପତ୍ନୀ—
Guru jāyā The wife of one's preceptor.
[ ଦ୍ର— ଏ ମାତାଙ୍କପରି ସମ୍ମାନାସ୍ପଦା । ]

**ଗୁରୁଜୀ**—ଦେ.ବି. (ସଂ. ଗୁରୁ + ହି. ସମ୍ମାନାର୍ଥକ ଅବ୍ୟୟ ଜୀ; ଗୁରୁଙ୍କ ପ୍ରତି
Guruji ସମ୍ମାନାର୍ଥ ପ୍ରୟୋଗ)— ଗୁରୁ ମହାଶୟ—
गुरूजी Honorable preceptor.
गुरुजी
ଦେ.ଅ.—ହେ ଗୁରୁ ମହାଶୟ !— Oh ! revered preceptor; revered sir !
[ ଦ୍ର—କାଶୀର ବ୍ରାହ୍ମଣ-ପଣ୍ଡିତ ବା ପୁରୋହିତ ଓ ହିନ୍ଦୁସ୍ଥାନୀ ବ୍ରାହ୍ମଣଙ୍କ ପ୍ରତି ଏ ଶବ୍ଦ ମଧ୍ୟ ବ୍ୟବହୃତ ହୁଏ । ]

**ଗୁରୁଡ଼ି**—ଦେ. ବି.—୧ । ଧାନ ରଖିବା ଡୋଲି—
Gururdi 1. Wickerwork-basket for storing grain.
୨ । ଛୋଟ ଅମ୍ବ; ଗିରଡ଼ି—2. Small mangoes.

**ଗୁରୁଡ଼ିଗାରଡ଼ି**—ଦେ. ବିଣ (ବହୁବଚନ) —ଛୋଟ ଛୋଟ ବହୁ—
Gururdigārardi Small and many.

| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଛ୍ଅ | ଃ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୬ | ଙ୍ |

**ଗୁରୁଡ଼ିଗାରିଡ଼ି**—ଦେ. ବିଣ (ବହୁବଚନ) ଛୋଟ ଛୋଟ ବହୁ—
Gururdigārirdi Small and many.

ଗାଈ କରିଥିବ ଗୁରୁଡ଼ିଗାରିଡ଼ି, ବଳଦ କରିବ ଠେଙ୍ଗା
ଅଙ୍ଗୁ ବଳଦ୍ଭ ମାଣେ ନ କରିବ, ପାଏ କରିଥିବ କପ—ଡାକବଚନ ।

**ଗୁରୁଡ଼ିଗାରୁଡ଼ି**—ଦେ. ବିଣ—ଗୁରୁଡ଼ିଗାରିଡ଼ି (ଦେଖ)
Gururdigārurdi Gururdigārirdi (See)

**ଗୁରୁଣ୍ଡା**—ଦେ. ବି—୧ । ଦୁଇ ହାତ ଓ ଦୁଇ ଅଣ୍ଟୁରେ ଭର ଦେଇ ଭୂମିରେ ଗତି କରିବା; ହାମୁଡ଼ାଇବା—
Gurundā
हामागुड़ि
रेँगना
1. Creeping on fours; crawling.
୨ । ଗୁରୁଣ୍ଡା (ଦେଖ)
2. Gurundā (See)

**ଗୁରୁଣ୍ଡିବା**—ଦେ. କ୍ରି—ହାତ ଓ ଆଣ୍ଠୁରେ ଭରଦେଇ ଚାଲିବା—
Gurundibā To creep on fours; to crawl.
हामागुड़ियाओयाा
रेंगना; घुटनियोंचलना

କେ ଗୋପୀ ଉଦ୍‌ଗଲେ ଡାଣି
ଗୁରୁଣ୍ଡେ ବଜାଇ କଙ୍କଣୀ—ଜଗନ୍ନାଥ. ଭଗବତ ।

**ଗୁରୁତମ**—ସଂ. ବିଣ (ଗୁରୁ+ତମ)—ବହୁ ପଦାର୍ଥ ମଧ୍ୟରେ ଗୁରୁ; ସର୍ବାପେକ୍ଷା ଅଧିକ ଗୁରୁ—
Gurutama
Greatest or heaviest (of many things).

**ଗୁରୁତର**—ସଂ. ବିଣ (ଗୁରୁ+ତର)—ଦୁଇ ପଦାର୍ଥ ମଧ୍ୟରେ ଅପେକ୍ଷାକୃତ ଗୁରୁ ବା ଭାର—Greater or heavier (of two things).
Gurutara

**ଗୁରୁତଳ୍ପ**—ସଂ. ବି (୬ଷ୍ଠୀ ତତ୍; ଗୁରୁ+ତଳ୍ପ)—ଗୁରୁଙ୍କ ଶଯ୍ୟା—
Gurutalpa 1. The bed of one's preceptor.
୨ । ଗୁରୁଙ୍କର ସ୍ତ୍ରୀ—
2. The wife of one's preceptor.
ସଂ. ବିଣ (ବହୁବ୍ରୀହି)—ବିମାତୃଗାମୀ—
One who ravishes or cohabits with his step-mother.

**ଗୁରୁତଳ୍ପଗ**—ସଂ. ବିଣ. ପୁଂ (ଗୁରୁ+ତଳ୍ପ+ଗମ୍ ଧାତୁ+କର୍ତ୍ତୃ. ଅ)—
Gurutalpaga ୧ । ବିମାତୃଗାମୀ—
1. One who cohabits with his stepmother.
୨ । ଯେ ଗୁରୁପତ୍ନୀଙ୍କୁ ରମଣ କରେ—
2. One who ravishes or violates the wife of his spiritual preceptor.

[ଦ୍ର—ହିନ୍ଦୁ ଶାସ୍ତ୍ର ଅନୁସାରେ ଏହା ମହାପାପ । ଚନ୍ଦ୍ର ଗୁରୁପତ୍ନୀ ହରଣ କରି ରୋଗଗ୍ରସ୍ତ ହୋଇଅଛନ୍ତି; ଏ ମହାପାପର ପ୍ରାୟଶ୍ଚିତ୍ତାର୍ଥ ପାପୀ ଗୋଟିଏ ତପ୍ତ ଲୌହର ସ୍ତ୍ରୀମୂର୍ତ୍ତିକୁ ଆଲିଙ୍ଗନ କରି ମରିବାପାଇଁ ସ୍ମୃତିରେ ବିଧାନ ଅଛି । ]

ଦେ. ବି—ଗୁରୁପତ୍ନୀହରଣ ଦୋଷ—
Offence caused by ravishing the wife of one's pereceptor.

ହରିଲେ ଗନ୍ଧରଙ୍କ ମାଇଁ
ଗୁରୁ ତଳ୍ପଗ ହେଲ କାହିଁ—ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

**ଗୁରୁତଳ୍ପୀ**—ସଂ. ବିଣ. ପୁଂ (ଗୁରୁତଳ୍ପ+ଇନ୍; ୧ମା. ୧ବ.)—
Gurutalpī ଗୁରୁତଳ୍ପଗ (ଦେଖ)
Gurutalpaga (See)

**ଗୁରୁତା**—ସଂ. ବି (ଗୁରୁ+ଭାବ. ତା)—୧ । ଗୁରୁପଣିଆ; ମନ୍ତ୍ରଦାତୃତ୍ୱ—
Gurutā 1. The state of being a spiritual preceptor.
୨ । ଶିକ୍ଷକତା—2. Teachership.
(ଶିଷ୍ୟତା—ବିପରୀତ)
୩ । ମହତ୍ତ୍ୱ; ମର୍ଯ୍ୟାଦା—
3 Dignity; greatness; nobility.
(ଲଘୁତା—ବିପରୀତ)
୪ । ଭାରିପଣ; ଭାର; ଓଜନ—
4. Heaviness; weight.

[ଦ୍ର—ପଦାର୍ଥବିଜ୍ଞାନ ଅନୁସାରେ ପଦାର୍ଥର ଯେଉଁ ଶକ୍ତି ବା ଗୁଣ ଯୋଗୁଁ ଉକ୍ତ ପଦାର୍ଥ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିଦ୍ୱାରା ପୃଥିବୀର କେନ୍ଦ୍ର ଆଡ଼କୁ ଆକର୍ଷିତ ହୁଏ ତାହାର ନାମ ଗୁରୁତ୍ୱ; ବସ୍ତୁମାନଙ୍କର ଆକାର ଓ ପରିମାଣ ଅନୁସାରେ ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ କମ୍-ବେଶି ହୁଏ । ମଧ୍ୟ, ଯେଉଁ ପଦାର୍ଥ ପୃଥିବୀର କେନ୍ଦ୍ରଠାରୁ ଯେତେ ବେଶି ଦୂରରେ ଥାଏ, ତାହାପ୍ରତି ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ସେତେ କମ୍ ହୁଏ । ]

୫ । ଆତିଶଯ୍ୟ; ଆଧିକ୍ୟ—
5. Greatness; excess.
୬ । ଦୁର୍ବହଭାର—6. Great burden.
୭ । ଗାମ୍ଭୀର୍ଯ୍ୟ—7. Gravity.
୮ । କାଠିନ୍ୟ—8. Hardness.
୯ । ପୂଜ୍ୟତ୍ୱ—9. Venerableness; respectability.

**ଗୁରୁତ୍ୱ**—ସଂ. ବି. (ଗୁରୁ+ଭାବ. ତ୍ୱ)—ଗୁରୁତା (ଦେଖ)
Gurutwa Gurutā (See)

**ଗୁରୁତ୍ୱକେନ୍ଦ୍ର**—ସଂ. ବି. (ଜଡ଼ବିଜ୍ଞାନପରିଭାଷା)—ପଦାର୍ଥର ଯେଉଁ ବିନ୍ଦୁଠାରେ ପଦାର୍ଥର ସବୁ ଅଡ଼ର ଭାର ସମାନଭାବରେ ରକ୍ଷିତ ହୁଏ; ଭାରକେନ୍ଦ୍ର—
Gurutwakendra
Centre of gravity.

**ଗୁରୁଦକ୍ଷିଣା**—ସଂ. ବି. (୬ଷ୍ଠୀ ତତ୍; ଗୁରୁ+ଦକ୍ଷିଣା)—ଶିକ୍ଷା ସମାପ୍ତ ହେବା ପରେ ଶିଷ୍ୟ ବିଦ୍ୟା ଦାନର ପାରିଶ୍ରମିକ-ସ୍ୱରୂପ ଗୁରୁଙ୍କୁ ଭେଟିବା ଉପହାର—Remuneration, present or offering given to the preceptor by a student on completing his studies.
Gurudakshinā

**ଗୁରୁଦଣ୍ଡ**—ସଂ. ବି. (କର୍ମଧା. ଗୁରୁ+ଦଣ୍ଡ)—କଠୋର ଦଣ୍ଡ—
Gurudanda Hard, cruel or heavy punishment.

ସାଧାରଣ ରେଳେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚଳନ୍ତି ଅକ୍ଷର ଓ ମାତ୍ରା ଏବଂ ୨ ଟଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭ୍ରମେତ ଭଣ୍ଡା କରନ୍ତୁ ନାହିଁ । ଅତଏବ ୧ ବା ୨ ଟଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସଂଖ୍ୟାକ୍ରମେ ଚଳନ୍ତି ଉଚ୍ଚାରଣ ୨ ବା ୧ ଟଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍ଟ' ଦେଖିବେ ।

**ଗୁରୁଦଶା**—ସଂ. ବି. ( ଗୁରୁ = ଦେବଗୁରୁ + ଦଶା )—
Gurudaśā ୧ । ପିତୃ ବା ମାତୃ ବିୟୋଗଜନିତ ଦୁରବସ୍ଥା—
1. Condition due to the death of one's parent
୨ । ମହାଦଶା—2. A great or serious condition.
୩ । ( ଫଳିତ ଜ୍ୟୋତିଷ ) ଜ୍ୟୋତିଷ ଗଣନାନୁସାରେ ମନୁଷ୍ୟ ଜୀବନର ଯେଉଁ ସମୟରେ ବୃହସ୍ପତି ଗ୍ରହଙ୍କର ପ୍ରଭାବ ମନୁଷ୍ୟ ଉପରେ ପଡ଼େ—3 ( astrology ) The period of a person's life when the planet Jupitor presides over the destiny of a person.

**ଗୁରୁଦା**—ଦେ. ବି. ( ଫା. ଗୁର୍ଜ୍ )—ଗଦାସ୍ତ୍ରବିଶେଷ; ଗଦା; ସୋଠା—
Gurudā A kind of weapon; mace.
**गुर्ज**

**ଗୁରୁଦାର୍‌ା**—ସଂ. ବି—ଗୁରୁଜାୟା ( ଦେଖ )
Gurudārā Gurujāyā ( See )

**ଗୁରୁଦେବ**—ସଂ. ବି. ( ରୂପକ କର୍ମଧା; ଗୁରୁ + ଦେବ )—ଗୁରୁରୂପ
Gurudeba ଦେବତା—One's preceptor who is like a deity.
ପ୍ରାଦେ. ( ପୁରୀ )—ଦେବତାଙ୍କ ନାମରେ ସେବୀ ଅଦକ୍ଷ ହକୁମ ଦେବା ବାବାଜୀ—A term of respect used for persons who profess to be possessed of the gift of prescribes medicines suggested as a deity.

**ଗୁରୁଦୈବତ**—ସଂ. ବି. ( ବହୁବ୍ରୀହି; ଗୁରୁ + ଦୈବତ; ବୃହସ୍ପତି ଯାହାର
Gurudaibata ଅଧିଷ୍ଠାତୃ ଦେବ )—ପୁଷ୍ୟାନକ୍ଷତ୍ର—
The 8th lunar mansion

**ଗୁରୁଦ୍ୱାର୍‌ା**—ଦେ. ବି. ( ସଂ. ଗୁରୁ + ଦ୍ୱାର )—
Gurudwārā ୧ । ଗୁରୁଙ୍କ ବାସସ୍ଥାନ—
**ଗୁରଦ୍ୱାରା** 1. The residence of one's preceptor.
**गुरुद्वारा** ୨ । ଶିଖମାନଙ୍କ ଧର୍ମଗୁରୁଙ୍କ ଆଶ୍ରମ—2. The hermitage of the spiritual preceptors.
୩ । ଶିଖମାନଙ୍କର ଗ୍ରନ୍ଥ ସାହେବ ଯେଉଁ ମନ୍ଦିରରେ ପୂଜା ପାଉଥାଆନ୍ତି—3. A temple where the sacred book of the Ṡikhas is deposited or worshipped.

**ଗୁରୁନିତମ୍ବ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଗୁରୁ + ନିତମ୍ବ )—ଯାହାର
Gurunitamba ପିଚ୍ଛ ବଡ଼ ବା ସ୍ଥୂଳ—With big buttocks.
( ଗୁରୁନିତମ୍ବା—ସ୍ତ୍ରୀ ) ସଂ. ବି. ( କର୍ମଧାରୟ )—ଯୁବତୀର ସ୍ଥୂଳ ହିପ୍ ବା ପିଚ୍ଛ—Big buttocks of young lady.

**ଗୁରୁନିତମ୍ବୀ**—ସଂ. ବିଣ. ପୁଂ. ( ଗୁରୁନିତମ୍ବ + ଇନ୍ )—
Gurunitambī ଗୁରୁନିତମ୍ବ ( ଦେଖ )
(ଗୁରୁନିତମ୍ବିନୀ—ସ୍ତ୍ରୀ) Gurunitamba ( See )

**ଗୁରୁନିନ୍ଦକ**—ସଂ. ବିଣ. (ଉପପଦ ସମାସ; ଗୁରୁ + ନିନ୍ଦକ )—
Gurunindaka ଯେ ଆପଣାର ଗୁରୁଙ୍କର ନିନ୍ଦାବାଦ କରେ—
Speaking evil of one's own preceptor.

**ଗୁରୁନିନ୍ଦା**—ସଂ. ବି ( ୬ଷ୍ଠୀ ତତ୍; ଗୁରୁ + ନିନ୍ଦା )—ଗୁରୁଙ୍କର ନିନ୍ଦା—
Gurunindā Speaking evil of one's preceptor.
[ ଦ୍ର—ହିନ୍ଦୁଧର୍ମଶାସ୍ତ୍ର ଅନୁସାରେ ଗୁରୁନିନ୍ଦା ମହାପାପ; ଯେ ନିଜ ଗୁରୁଙ୍କର ନିନ୍ଦା କରେ ସେ ମହାପାପୀ ଓ ଯେ ଅନ୍ୟ ମୁଖରୁ ନିଜର ଗୁରୁଙ୍କ ନିନ୍ଦା ଶୁଣି ସେ ସ୍ଥାନ ତ୍ୟାଗ ନ କରେ ବା ତାହା ବନ୍ଦ ନ କରାଏ ସେ ମଧ୍ୟ ପାପଭାଗୀ ହୁଏ । ]

**ଗୁରୁନିନ୍ଦୁକ**—ଦେ. ବିଣ. (ସଂ. ଗୁରୁନିନ୍ଦକ)—ଗୁରୁନିନ୍ଦକ ( ଦେଖ )
Gurunindulka Gurunindaka ( See )

**ଗୁରୁଣ୍ଡା**—ପ୍ରାଦେ. (ପୁରୀ) ବି—ଘନାବର୍ତ୍ତି ଦୁଗ୍ଧ; ଅଉଟା ହୋଇ ଲାଉପରି
Gurundā ଘନ ହୋଇଥିବା ଦୁଧ—
Milk boiled into gruelly thickness.

**ଗୁରୁପତ୍ନୀ**—ସଂ. ବି. (୬ଷ୍ଠୀ ତତ୍; ଗୁରୁ + ପତ୍ନୀ)—ଗୁରୁଙ୍କ ସ୍ତ୍ରୀ—
Gurupatni The wife of one's preceptor.

**ଗୁରୁପତ୍ରା**—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଗୁରୁ + ପତ୍ର)—ତେନ୍ତୁଳି ଗଛ—
Gurupatrā The tamarind tree.

**ଗୁରୁପରିଚର୍ଯ୍ୟା**—ସଂ. ବି. ( ୬ଷ୍ଠୀ ତତ୍; ଗୁରୁ + ପରିଚର୍ଯ୍ୟା )—
Guruparicharjyā ଗୁରୁଙ୍କ ସେବା କରିବା—
Serving one's preceptor

**ଗୁରୁପାକ**—ସଂ. ବିଣ. ( ବହୁବ୍ରୀହି; ଗୁରୁ + ପାକ )—
Gurupāka ଯେଉଁ ଖାଦ୍ୟ ସହଜରେ ଜୀର୍ଣ୍ଣ ହୁଏ ନାହିଁ—
Indigestible ( food ).

**ଗୁରୁପାପ**—ସଂ. ବି. (କର୍ମଧା; ଗୁରୁ + ପାପ)—ମହାପାପ—
Gurupāpa A great sin.

**ଗୁରୁପୁତ୍ର**—ସଂ. ବି. (୬ଷ୍ଠୀ ତତ୍; ଗୁରୁ + ପୁତ୍ର)—ଗୁରୁଙ୍କର ପୁଅ—
Guruputra Son of ones spiritual preceptor.
[ ଦ୍ର—ଶାସ୍ତ୍ରମତରେ ଗୁରୁପୁତ୍ର ଆପଣାର ଗୁରୁସ୍ୱରୂପ । ]

**ଗୁରୁପୁଷ୍ୟାଯୋଗ**—ସଂ. ବି. ( ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍; ଗୁରୁ + ପୁଷ୍ୟା +
Gurupushyājoga ଯୋଗ )—(ହିନ୍ଦୁଜ୍ୟୋତିଷ) ଗୁରୁବାରଦିନ ପୁଷ୍ୟାନକ୍ଷତ୍ର ପଡ଼ିବା ଶୁଭଯୋଗ—( Hindu astrology ) A Thursday on which the 8th lunar mansion fall

ବଣିଜ୍ଞ ବଣିଜ୍ଞ ଗୁରୁପୁଷ୍ୟାଯୋଗେ ଅଭିଷେକ ହେବ ଲଗିତ ।
ଭଞ୍ଜ- ବୈଦେହୀଶବିଳାସ ।

[ ଦ୍ର—ଏ ଯୋଗରେ ଅଭିଷେକାଦି ଶୁଭକାର୍ଯ୍ୟମାନ ଅନୁଷ୍ଠିତ ହୁଏ । ]

| ୧ | ଇ | ଉ | ର୍,ର୍‌ | ୡ | ଏ | ହ୍ରସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁୟ | ଇଅ | ● | ନ୍ତ |

**ଗୁରୁପୂଜା** —ସଂ. ବି. ( ୬ଷ୍ଠୀ ତତ୍ ; ଗୁରୁ+ପୂଜା )—
Gurupūjā ଗୁରୁଙ୍କ ସେବା ଓ ସମ୍ମାନ —
Worshipping ones tutor.

**ଗୁରୁବଧ**—ସଂ. ବି. (୬ଷ୍ଠୀ ତତ୍ ; ଗୁରୁ+ବଧ)—ଗୁରୁଙ୍କୁ ମାରିବା—
Gurubadha Murder of ones own preceptor.

**ଗୁରୁବର୍ଣ୍ଣ**—ସଂ. ବି. (କର୍ମଧା; ଗୁରୁ+ବର୍ଣ୍ଣ)—୧ । ଦୀର୍ଘସ୍ୱର—
Gurubarṇṇa 1. Long vowel.
୨ । ସଂଯୁକ୍ତବର୍ଣ୍ଣର ପୂର୍ବବର୍ତ୍ତୀ ସ୍ୱର—
2. An accented vowel.
୩ । ଅନୁସ୍ୱାର ଓ ବିସର୍ଗଯୁକ୍ତ ବର୍ଣ୍ଣ —
3. A letter to which an anuswāra or bisarga is joined.

**ଗୁରୁବାର**—ସଂ. ବି. ( ୬ଷ୍ଠୀ ତତ୍ ; ଗୁରୁ+ବାର )—
Gurubāra ରବିବାରଠାରୁ ୫ମ ଦିବସ, ବୃହସ୍ପତି ବାସର—
Thursday.
[ ଦ୍ର—ହିନ୍ଦୁମାନଙ୍କ ମତରେ ଏହା ଲକ୍ଷ୍ମୀଙ୍କ ବାର; ଏ ଦିନ ଲକ୍ଷ୍ମୀପୂଜା ହୁଏ । ଓଡ଼ିଶାରେ ମାର୍ଗଶିର ମାସର ଗୁରୁବାର ଲକ୍ଷ୍ମୀପୂଜା ନିମନ୍ତେ ପ୍ରଶସ୍ତ । ]

**ଗୁରୁବାର ଉଜୁଆଁ** — ଦେ. ବି— ମାର୍ଗଶିର ମାସର ପ୍ରତି ଗୁରୁବାର ଦିନ
Gurubāraujuāṅ ଲକ୍ଷ୍ମୀପୂଜା କରି ଶେଷ ଗୁରୁବାରରେ ବିଶେଷ ଅନୁଷ୍ଠାନାଦି ସହିତ ବ୍ରତ ଉଦ୍ୟାପନ କରିବା—
The concluding ceremony and worship done on the last thursday of the month of Mārgaśira, in connection with the worship of Goddess Lakshmī.

**ଗୁରୁବାର ଓଷା**—ଦେ. ବି—ମାର୍ଗଶିର ମାସର ପ୍ରତି ଗୁରୁବାର ଦିନ
Gurubāra oshā ଲକ୍ଷ୍ମୀଙ୍କୁ ପୂଜା କରିବା ବିଧି—The ceremony of worshipping Goddess Lakshmī on every thursday of the month of Mārgasira.
[ ଦ୍ର— ଏ ବ୍ରତକୁ ମାଣବସା ଗୁରୁବାର ବୋଲିଯାଏ । ଏ ଦିନ ଶ୍ୱେତ ଧାନ ଉପରେ ମାଣ ବସାଇ ଲକ୍ଷ୍ମୀପୂଜା କରାଯାଏ । ]

**ଗୁରୁବାର ବ୍ରତ**—ଦେ. ବି— ଗୁରୁବାର ଓଷା ( ଦେଖ )—
Gurubāra brata Gurubāra oshā ( See )

**ଗୁରୁବାରିଆ**—ଦେ. ବି. ପୁଂ—ଗୁରୁବାରରେ ଜନ୍ମ ହୋଇଥିବା ବ୍ୟକ୍ତି
Gurubāriā ବା ଗୋରୁ ବା ଅନ୍ୟପାଳିତ ପଶୁପକ୍ଷୀଙ୍କ ନାମ—
(ଗୁରୁବାରି—ସ୍ତ୍ରୀ) A name given to a person or domestic animal born on thursday.

**ଗୁରୁବ୍ୟଥ**—ସଂ. ବିଣ. ପୁଂ (ବହୁବ୍ରୀହି; ଗୁରୁ+ବ୍ୟଥା)—ଅତ୍ୟନ୍ତ ବ୍ୟଥିତ—
Gurubyatha Greatly distressed or grieved.
(ଗୁରୁବ୍ୟଥା—ସ୍ତ୍ରୀ)

**ଗୁରୁବ୍ୟଥା**—ସଂ. ବି ( କର୍ମଧା; ଗୁରୁ+ବ୍ୟଥା )—ଅତ୍ୟନ୍ତ ବେଦନା—
Gurubyathā Great distress or grief.

**ଗୁରୁଭ**—ସଂ. ବି ( ଗୁରୁ+ଭା ଧାତୁ +ଅ )—୧ । ପୁଷ୍ୟାନକ୍ଷତ୍ର—
Gurubha 1. The 8th lunar mansion.
୨ । ମୀନରାଶି— 2. The sign of the fishes in astronomy.
୩ । ଧନୁ—3. A bow.
୪ । ଧନୁରାଶି—4. The sign of the bow in astronomy.

**ଗୁରୁଭକ୍ତି**— ସଂ. ବି (୭ମୀ ତତ୍; ଗୁରୁ+ଭକ୍ତି)—ଗୁରୁଙ୍କଠାରେ ଅନୁରକ୍ତି
Gurubhakti ସ୍ନେହ—Devotion to one's preceptor.

**ଗୁରୁଭକ୍ତିଗୀତା** —ଦେ. ବି ( ନାମ )—ଗ୍ରନ୍ଥବିଶେଷ —
Gurubhaktigītā Name of a book dealing on the subject of devotion to one's preceptor.

**ଗୁରୁଭାଇ**—ଦେ. ବି ( ସଂ. ଗୁରୁ+ଭ୍ରାତା )—୧ । ଆପଣାର ଗୁରୁଙ୍କ
Gurubhāi ଶିଷ୍ୟ ଥିବା ଯୋଗୁଁ ନିଜର ଭ୍ରାତୃସ୍ଥାନୀୟ ବ୍ୟକ୍ତି—
গুরুভাই 1. A disciple of one's preceptor.
**गुरुभाई** ୨ । ଏକ ଗୁରୁଙ୍କର ବହୁ ଶିଷ୍ୟମାନଙ୍କ ମଧ୍ୟରୁ ଏକତମ—
2. One of the co-disciples of the same preceptor.

**ଗୁରୁଭାର**—ସଂ. ବି ( କର୍ମଧା; ଗୁରୁ+ଭାର )—୧ । ବେଶୀ ବୋଝ—
Gurubhāra 1. A heavy weight, a great load.
୨ । ବିଶେଷ ଦାୟିତ୍ୱ—2. A great responsibility.
ସଂ. ବିଣ ( ବହୁବ୍ରୀହି )—୧ । ବିଶେଷ ଭାରି—
1. Very heavy.
୨ । ବିଶେଷ ଦାୟିତ୍ୱପୂର୍ଣ୍ଣ—
2. Having a heavy responsibility.

**ଗୁରୁମରା**—ଦେ. ବି—ଗୁରୁମାର ବିଦ୍ୟା ( ଦେଖ )
Gurumarā Gurumāra bidyā ( See )
ବିଣ— ଗୁରୁଘାତୀ; ଗୁରୁଘ୍ନ—
Killing or hurting one's preceptor.

**ଗୁରୁମାର ବିଦ୍ୟା**—ଦେ. ବି—୧ । ଯେଉଁ ବିଦ୍ୟା ପ୍ରୟୋଗରେ ସେହି
Gurumāra bidyā ବିଦ୍ୟାଦାତା ଗୁରୁଙ୍କୁ ମାରି ପକାଏ—
গুরুমারাবিদ্যা 1. The learing by means of which
**गुरुमारविद्या** the disciple kills his own preceptor.
( ଯଥା—ଅର୍ଜୁନ ଦ୍ରୋଣାଚାର୍ଯ୍ୟଙ୍କୁ ମାରିବା ନ୍ୟାୟ । )
୨ । ମଲ୍ଲ ବିଦ୍ୟା—5. Wrestling.
[ ଦ୍ର—ଏହି ବିଦ୍ୟା ଶିକ୍ଷା କରିଥିବା ବ୍ୟକ୍ତି ନିଜ ଗୁରୁଙ୍କ ସଙ୍ଗେ ମଲ୍ଲ ଯୁଦ୍ଧ କରି ତାଙ୍କୁ ପରାସ୍ତ କରିବାକୁ ପ୍ରୟାସୀ ହେବାର ଦେଖାଯାଏ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗୁରୁମୁଖୀ**—ଦେ. ବି—ଶିଖ ଜାତିର ବ୍ୟବହୃତ ବର୍ଣ୍ଣମାଳା—
Gurumukhī The alphabet of the Sikhas.
[ ଦ୍ର—ଏହା ଶିଖ ଗୁରୁ ନାନକଙ୍କ ପ୍ରବର୍ତ୍ତିତ ଲିପି । ଶିଖ ଧର୍ମ ଗ୍ରନ୍ଥମାନ ଏହି ଲିପିରେ ଲିଖିତ । ସାଧାରଣ ଲେଖାଲେଖିରେ ଶିଖମାନେ ପଞ୍ଜାବୀ (ଦେବନାଗର) ଓ ଉର୍ଦ୍ଦୁ ଲିପି ବ୍ୟବହାର କରନ୍ତି । ଶିଖ ଗୁରୁମାନେ ଧର୍ମ ଗ୍ରନ୍ଥ ସକଳ ମୁସଲମାନଙ୍କଠାରୁ ଲୁଚାଇ ମୁସଲମାନଙ୍କ ଅତ୍ୟାଚାରରୁ ଏ ସବୁ ରକ୍ଷା କରିବାକୁ ଦେବନାଗର ଅକ୍ଷରକୁ ବଦଳାଇ ତାହାର ସ୍ଥାନରେ 'ଗୁରୁମୁଖୀ' ଅକ୍ଷର ତିଆରି କରିଥିଲେ । ]

**ଗୁରୁରତ୍ନ**—ସଂ. ବି—୧ । ହିମାଳୟ ଓ ସିନ୍ଧୁ ନଦୀରେ ମିଳିବା ରତ୍ନବିଶେଷ—
Gururatna 1. A gem found in the Himalayas and the Indus.
୨ । ପୁଷ୍ପରାଗ ମଣି ( ହି. ଶବ୍ଦସାଗର )—
2 Topaz ( gem )

**ଗୁରୁଲଘୁ**—ସଂ. ବିଣ. ( ବିପରୀତାର୍ଥ ଶବ୍ଦ; ଦ୍ୱନ୍ଦ୍ୱ; ଗୁରୁ+ଲଘୁ )—
Gurulaghu ୧ । ବଡ଼ ଓ ସାନ—
1. Great and small.
୨ । ଭାରି ଓ ହାଲୁକା—
2. Heavy and tight.

**ଗୁରୁଲାଘବ**—ସଂ. ବି. ( ଗୁରୁ ଲଘୁ+ଅ )—
Gurulāghaba ଦୁଇ ବସ୍ତୁ ମଧ୍ୟରେ ପରସ୍ପରର ଆପେକ୍ଷିକ ଗୁରୁତା ଓ ଲଘୁତା—Relative importance or value of two things

**ଗୁରୁଶଙ୍କା**—ଦେ. ବି—ଝାଡ଼ା ମାଡ଼ିବା; ପୋଖରୀ ଦେଖାଇବା—
Guruśankā Call of nature.
[ ଦ୍ର—ପ୍ରସ୍ରାବ ମାଡ଼ିବାକୁ ଲଘୁଶଙ୍କା କହନ୍ତି । ]

**ଗୁରୁଶୁଶ୍ରୂଷା**—ସଂ. ବି. ( ୬ଷ୍ଠୀ ତତ୍; ଗୁରୁ+ଶୁଶ୍ରୂଷା )—
Guruśuśrūshā ଆପଣା ଗୁରୁଙ୍କୁ ପରିଚର୍ଯ୍ୟା କରିବା—
Serving one's preceptor.

**ଗୁରୁସେବା**—ସଂ. ବି. ( ୬ଷ୍ଠୀ ତତ୍; ଗୁରୁ+ସେବା )—
Gurusebā ଗୁରୁଶୁଶ୍ରୂଷା ( ଦେଖ )
Guruśuśrūshā ( See )

**ଗୁରୁହତ୍ୟା**—ସଂ. ବି. ( ୬ଷ୍ଠୀ ତତ୍; ଗୁରୁ+ହତ୍ୟା )—
Guruhatyā ଗୁରୁଙ୍କ ଜୀବନ ନେବା—
Murder of one's own preceptor.

**ଗୁରୁହନ୍ତା**—ସଂ. ବିଣ. ପୁଂ ( ୬ଷ୍ଠୀ ତତ୍; ଗୁରୁ+ହନ୍ତା )—
Guruhantā ଯେ ଆପଣା ଗୁରୁଙ୍କୁ ହତ୍ୟା କରେ—
(ଗୁରୁହନ୍ତ୍ରୀ—ସ୍ତ୍ରୀ) One who murders one's own preceptor.

**ଗୁରୁହା**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ଗୁରୁ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Guruhā ଗୁରୁହନ୍ତା (ଦେଖ)—Guruhantā (See)

**ଗୁରୁତ୍ତମ**—ସଂ. ବିଣ ( ୭ମୀ ତତ୍; ଗୁରୁ+ଉତ୍ତମ )—ଗୁରୁଶ୍ରେଷ୍ଠ;
Gurūttama ପୂଜ୍ୟତମ—Most honorable amongst the preceptors.
ସଂ. ବି—ପରମେଶ୍ୱର—God.

**ଗୁରୂପଦେଶ**—ସଂ. ବି ( ୬ଷ୍ଠୀ ତତ୍; ଗୁରୁ+ଉପଦେଶ )—
Gurūpadeśa ଗୁରୁ ମୁଖରୁ ପ୍ରାପ୍ତ ଶିକ୍ଷା—Instruction received from the preceptor.

**ଗୁରୂପାସନା**—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଗୁରୁ+ଉପାସନା)—ଗୁରୁପୂଜା—
Gurūpāsanā The worship of a preceptor.

**ଗୁରେ**—ପ୍ରାଦେ (ସମ୍ବଲପୁର) ବିଣ—ଗୁଡ଼ାଏ; ଅନେକ—
Gure Many.
ଗଉଡ଼ ବୁଦ୍ଧି ଗୁରେ, ପବନ ଦୁହେ ଘୁରେ—ପ୍ରବଚନ ।

**ଗୁର୍ଖା**—ଦେ. ବି ( ସଂ. ଗୋରକ୍ଷପୁର )—ନେପାଳବାସୀ ଯୋଦ୍ଧା ଜାତିବିଶେଷ—The Gurkha, a warlike tribe of Nepal.
Gurkhā
ଗୁର୍ଖା
गोरखा

**ଗୁର୍ଗୁଡ଼ାଇବା**—ପ୍ରାଦେ (ସମ୍ବଲପୁର) କ୍ରି—ଗୁର୍‌ଗୁଡ଼ାଇବା (ଦେଖ)
Gurgurdāibā Gurgurdāibā (See)

**ଗୁର୍ଜର**—ସଂ. ବି—୧ । ଗୁର୍ଜରୀ (ଦେଖ)
Gurjara Gurjarī (See)
୨ । ଗୁଜରାଟଦେଶ—2. The province of Gujarat in the western sea-board of India.
୩ । ଗୁଜରାଟ ଅଧିବାସୀ ବ୍ୟକ୍ତି—
3. An inhabitant of Gujarat.

**ଗୁର୍ଜରୀ**—ସଂ. ବି—୧ । ସଙ୍ଗୀତ ରାଗିଣୀବିଶେଷ—
Gurjarī 1. A musical air.
[ ଦ୍ର—ଏହା ଭୈରବ ରାଗର ସ୍ତ୍ରୀ ଓ ସମ୍ପୂର୍ଣ୍ଣ ଜାତିର ରାଗିଣୀ; ଏଥିରେ ତୀବ୍ର, ମଧ୍ୟମ ଓ ଶେଷ ସବୁ ସ୍ୱର କୋମଳ ହୁଏ । ଏହା ରାମକଲୀ ଓ ଲଳିତ ରାଗ ମିଶ୍ରଣରେ ରଚିତ ହୁଏ । ଏହା ଗାଇବାର ସମୟ ଦିନ ୧୦ ଦଣ୍ଡଠାରୁ ୧୬ ଦଣ୍ଡ ପର୍ଯ୍ୟନ୍ତ—ହି. ଶବ୍ଦସାଗର । ]
୨ । ଗୁଜରାଟଦେଶୀୟା ସ୍ତ୍ରୀ—
2 A woman of Gujerat.

**ଗୁର୍ଡ଼ା**—ପ୍ରାଦେ (ସମ୍ବଲପୁର) ବି—ଗରଲା (ଦେଖ)
Gurrdā Gurlā (See)

**ଗୁର୍ଦି**—ପ୍ରାଦେ (ସମ୍ବଲପୁର) ବିଣ—ଗୁରୁଦ (ଦେଖ)
Gurdi Gurdi (See)

**ଗୁର୍ଦିସ୍ଥାନ**—ବୈଦେ. ବି ( ନାମ )—ପାରସ୍ୟର ଉତ୍ତରାଂଶସ୍ଥ ପ୍ରଦେଶ; କୁର୍ଦ୍ଦିସ୍ଥାନ୍—Kurdistan; a province of Persia.
Gurdisthān
କୁର୍ଦ୍ଦିସ୍ଥାନ
कुर्दीस्तान

**ଗୁର୍ବ** (ଧାତୁ)—ସଂ—୧ । ଚେଷ୍ଟା କରିବା—
Gurba (root) 1. To try; to endeavour.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଋପ୍ର | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଙ୍ଗେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଚଁ୍ୟ | ଇଅ | ଊ | ନ୍ |

୨ । ଉଚ୍ଚ କରିବା; ଉଠାଇବା— 2. To raise; to elevate.

**ଗୁର୍ବଙ୍ଗନା**—ସ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍; ଗୁରୁ+ଅଙ୍ଗନା )— Gurbanganā ୧ । ଗୁରୁପତ୍ନୀ—1. Wife of one's preceptor.

୨ । ବିମାତା—2. Stepmother.

**ଗୁର୍ବର୍ଥ**—ସ. ବିଣ. (ବହୁବ୍ରୀହି; ଗୁରୁ+ଅର୍ଥ)—୧ । ଦୁରବଗାହ ଅର୍ଥଯୁକ୍ତ— Gurbartha Of great import or significance.

୨ । ସମଧିକ ପ୍ରୟୋଜନୀୟ—2. Very necessary.

ସ. ବି.—୧ । ବିଶେଷ ପ୍ରୟୋଜନ— 1. Utmost importance; great necessity.

୨ । (୬ଷ୍ଠୀ ତତ୍) ଗୁରୁଙ୍କ ଧନ— 2. The property or riches of one's preceptor.

୩ । (କର୍ମଧା)—ଶ୍ରେଷ୍ଠ ବ୍ୟାଖ୍ୟା—3. Excellent explanation or key.

**ଗୁର୍ବସ୍ତ**—ସ. ବି.—(ଗୁରୁ+ଅସ୍ତ)—ଗୁର୍ବାଦିତ୍ୟ (ଦେଖ) Gurbasta Gurbāditya (See)

**ଗୁର୍ବାଦିତ୍ୟ**—ସ. ବି. (ଗୁରୁ+ଆଦିତ୍ୟ)—(ଜ୍ୟୋତିଷ) ସୂର୍ଯ୍ୟ ଓ Gurbāditya ବୃହସ୍ପତିଙ୍କର ଏକ ରାଶିରେ ଅବସ୍ଥିତି— (Astronomy) The position of the sun piter in one Zodical sign.

[ଦ୍ର—ଏହି ସମୟରେ ହିନ୍ଦୁ ଶାସ୍ତ୍ର ମତରେ ବିବାହାଦି ଶୁଭକର୍ମ ନିଷିଦ୍ଧ । ]

**ଗୁର୍ବିଣୀ**—ସ. ବିଣ. ସ୍ତ୍ରୀ (ଗୁରୁ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ. ଈ)— Gurbiṇī ୧ । ଗର୍ଭିଣୀ; ଗର୍ଭବତୀ; ଅନ୍ତଃସତ୍ତ୍ୱା— 1. Pregnant; big with child; in an advanced stage of pregnancy.

୨ । ଗୌରବବତୀ—2. Respectable; adorable.

ସ. ବି.—୧ । ଗର୍ଭବତୀ ସ୍ତ୍ରୀ—1. Pregnant woman.

୨ । (ଗୁରୁ+ସ୍ତ୍ରୀ. ଈ) ଗୁରୁପତ୍ନୀ—2. Wife of one's spiritual preceptor.

**ଗୁର୍ବୀ**—ସ. ବି. ଓ ବିଣ. ସ୍ତ୍ରୀ (ଗୁରୁ+ସ୍ତ୍ରୀ. ଈ)—୧ । ଗୁର୍ବିଣୀ (ଦେଖ) Gurbī Gurbiṇī (See)

ସ. ବିଣ. ସ୍ତ୍ରୀ—ଗୁରୁଭାରଯୁକ୍ତା; ଖୁବ୍ ଭାରି - 2. Very heavy.

**ଗୁଲ୍**—ବୈଦେ. ବି. (ଫା.)—୧ । ଗୋଲାପଫୁଲ— Gul 1. Rose.

गुल ୨ । ଫୁଲ—2 Flower.

गुल्

ପ୍ରାଦେ. (ଗଞ୍ଜାମ) ବି. (ଫା. ଗୁଲ୍=ହଲ୍ଲା)—ଗୋଳମାଳ— Noise; confusion.

**ଗୁଲ୍ ଅନାର୍**—ଦେ. ବି.—ଗୁଲ୍‌ନାର୍ (ଦେଖ) Gul-anār Gulnār (See)

**ଗୁଲ୍ କନ୍ଦ୍**—ବୈଦେ. ବି. ( ଫା. )—ଶର୍କରାମିଶ୍ରିତ ଗୋଲାପଫୁଲ- Gul kand ପାଖୁଡ଼ା—Rose-petals impregnated with गुलकन्द sugar; confection of roses; conserve of गुल कंन्द roses.

[ଦ୍ର—ଗୋଲାପ ଫୁଲର ପାଖୁଡ଼ା ଉପରେ କନ୍ଦ ବା ମିଶ୍ରିଗୁଣ୍ଡା ଛିଞ୍ଚି ତାକୁ କେତେକାଳ ଖରାରେ ରଖି ଏହା ପ୍ରସ୍ତୁତ ହୁଏ । ଏହା ଖାଇଲେ ଝାଡ଼ା ସଫା ହୁଏ । ]

**ଗୁଲ୍‌ଗୀର୍**—ବୈଦେ. ବି. ( ଫା. )—ବତୀର ପୋଡ଼ିଯିବା ଅଂଶ Gulgīr (ଗୁଲ) କୁ କାଟିବା ପାଇଁ ବ୍ୟବହୃତ କତୁରୀ— गुलगीर A pair of scissors used to clip the burnt गुलगीर portion of a wick.

**ଗୁଲ୍‌ଗୁଲ୍**—ଦେ. ଅ.—(ଧ୍ୱନ୍ୟନୁକରଣ)—ମୂଷା ଗାତରୁ ମାଟି ବା ଓଳିଆ Gul gul କଣା କରି ଧାନ ଅଳ୍ପ ଅଳ୍ପ ଗଳିବାର ଶବ୍ଦ— ଝୁର୍ ଝୁର୍ Low continuous sound like that pro- (ଗୁଲୁଗୁଲୁ—ଅନ୍ୟ ଉଚ୍ଚାରଣ) duced when earth slowly runs out of a rat's den or paddy slowly runs out of a hole in a receptacle.

**ଗୁଲ୍‌ଗୁଲ୍**—ଦେ. ଅ.—ଗୁଲୁଗୁଲୁ (ଦେଖ) Gulgul Gulugulu (See)

**ଗୁଲ୍‌ଗୁଲା**—ଦେ. ବି. ( ହି. ଗୁଲ୍‌ଗୁଲ୍=କୋମଳ )—ବରଲଡ଼ୁ; ପିଷ୍ଟକ- Gulgulā ବିଶେଷ—A kind of round cake. गुलगुला [ ଦ୍ର—ଫେଣା ହୋଇଥିବା ଚାଉଳବଟାକୁ ଘିଅ ବା ତେଲରେ ଛାଣି ଗୁଲ୍‌ଗୁଲା ତିଆରି କରାଯାଏ । ]

ପ୍ରାଦେ. ( ସମ୍ବଲପୁର ) ବି—ସମବେଦନା ପ୍ରକାଶ; ଦୁଃଖୀ ପ୍ରତି ସହାନୁଭୂତି—Commiseration.

ପ୍ରାଦେ. ( ସମ୍ବଲପୁର ) ବିଣ—୧ । ସମବେଦନା ପ୍ରକାଶ କରୁଥିବା—1. Commiserating.

୨ । ଅତି ବିନୀତ ଓ ନମ୍ର ହୋଇ କଥା କହୁଥିବା; ନାହୁଲ ଗହୁଲ—2. Speaking humbly.

୩ । ଗୋଗୋଡ଼ବାଡ଼ିଆ— 3 Severe thrashing.

( ଯଥା—ସେ ତା ଭାଇକୁ ଗୁଲ୍‌ଗୁଲା କରି ପିଟି ପକାଇଲା । )

**ଗୁଲ୍‌ଗୁଲାଏବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ସମବେଦନା ପ୍ରକାଶ Gulgulāebā କରିବା—To commiserate or sympathise with a person.

**ଗୁଲ୍‌ଗୁଲାମୁହାଁ**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—ଯେ ବଡ଼ ନିରୀହ Gulgulāmuhā̃ ବୋଲି ଦେଖାଯାଏ ମାତ୍ର ପ୍ରକୃତରେ ଭାରି (ଗୁଲ୍‌ଗୁଲାମୁହାଁ—ସ୍ତ୍ରୀ) ଦୁଷ୍ଟ—Seeming very innocent from facial appearance but really naughty.

**ଗୁଲ୍‌ଗୁଲି**—ଦେ. ବି—ଗୁଳୁଗୁଳି ( ଦେଖ ) Gulguli Guluguli ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ଠାରୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

**ଗୁଲ୍‌ଗୁଲିଆ** —ଦେ. ଵଣ.—ଗୁଲୁଗୁଲିଆ ( ଦେଖ )
Gulgulia Guluguliā ( See )

**ଗୁଲ୍‌ଚି**—ଦେ. ଵ—ଗୁଲଞ୍ଚ ( ଦେଖ )
Gulchi Gulañcha ( See )

**ଗୁଲ୍‌ଜାର୍**—ବୈଦେ. ଵଣ. ( ଫା. ଗୁଲ୍=ଫୁଲ୍+ଜାର୍=ସ୍ଥାନ; ଫୁଲ ବଗିଚା ପରି ସୁନ୍ଦର )—
Guljār
( ଫା. ଗୁଲ୍‌ଜାର ) ୧ । ସୁଶୋଭନ; ଶୋଭାମୟ—
1. Beautiful; fine.
୨ । ଚକ୍‌ଚକ୍ କରୁଥିବା; ଝଟକୁଥିବା—
2. Attractive; grand shining

**ଗୁଲ୍‌ଜି**—ପ୍ରାଦେ. ( ସମ୍ବଲପୁର ) ଵ—ସୁଆଁ ପରି ଏକପ୍ରକାର ଖାଦ୍ୟ ଶସ୍ୟ—A kind of food-grain.
Gulji
ଗୁଲ୍‌ଜି ସୁଆଁ ପାଚିଲା, ଖାଇବ ବୁଢ଼ା ନାଚିଲା—ଢଗ ।
[ ଦ୍ର—ଖାଡ଼ିଆ ଆଦି ଗରିବ ଜାତିର ଲୋକେ ପୁଷମାସରେ ଧାନ କିଆରିରେ ମନକୁ ଉଠିଥିବା ଗଛରୁ ଏହି ଶସ୍ୟ ସଂଗ୍ରହ କରନ୍ତି । ଏଥିରୁ ଗୁଞ୍ଜିଳ ବାହାର କରି ସେମାନେ ସିଝା ଖାଆନ୍ତି । ]

**ଗୁଲ୍‌ଦସ୍ତା**—ବୈଦେ. ଵ. ( ଫା. )—୧ । ଡେମ୍ପ ଲାଗିଥିବା ଗୁଚ୍ଛିଏ ଫୁଲ ଏକତ୍ର ବନ୍ଧା ହୋଇ ଧରିବାକୁ ବେଣ୍ଟ ଥିବା ମିଶ ହୋଇଥିବା ଫୁଲତୋଡ଼ା—1. Nosegay.
Guldastā
ফুলদান
**गुलदस्ता** ୨ । ( ବର୍ଣ୍ଣିଅଙ୍କ ଶବ୍ଦ ) ଫୁଲଦାନ; ଫୁଲତୋଡ଼ା ରଖାଯିବା ପାଇଁ ପ୍ରସ୍ତୁତ ଧାତୁର ପାତ୍ର—2 Flower-vase.

**ଗୁଲ୍‌ତରାସ୍**—ବୈଦେ. ଵ. ( ଫା )—୧ । ଯେଉଁ କଇଞ୍ଚିଦ୍ୱାରା ବତିର ଜଳିଯିବା ଅଂଶ ( ଗୁଲ ) କଟାଯାଏ—1. Scissors used for cropping the burnt portion of wicks.
Gultarās
গুলতরাস
**गुलतराश**
୨ । ବତିର ଗୁଲ କାଟିବା ଚାକର—2. Servant whose duty is to crop the burnt portion of wicks.
୩ । ବଗିଚାରେ ଗଛର ଅଗକୁ କାଟିବା ଛାଣିବା କଇଞ୍ଚି—
3. Scissors used for cutting the tops of plants; pruning scissors.
୪ । ଯେଉଁ ମାଳି ବଗିଚାର ଗଛମାନଙ୍କ ଅଗକୁ କାଟିଛାଣି କରେ—4. A servant or Māli whose duty is to prune the plants in a garden.
୫ । ପଥର ଉପରେ ଫୁଲକାମ ଓ ନକସା ଖୋଳିବା ପାଇଁ ବ୍ୟବହୃତ ବେଣ୍ଟଲଗା କଟୁରୁଣୀ—5. A chisel with a wooden handle used for engraving on stone.

**ଗୁଲ୍‌ଦାନା**—ବୈଦେ. ଵ. (ଫା.)—ବୁନ୍ଦିଆ; ଲଡ଼ୁ ଦାନା—
Guldānā Small globules of flour fried in ghee and rolled up into laddus.
**गुलदाना**

**ଗୁଲ୍‌ଦାର୍**—ବୈଦେ. ଵଣ. (ଫା)—ଫୁଲଦାର୍, ଫୁଲର କାରୁକାର୍ଯ୍ୟ ବିଶିଷ୍ଟ—Embroidered with flowers.
Guldār

**ଗୁଲ୍‌ନକସ୍**—ଦେ. ଵ.—ଗୁଲ୍‌ନାର୍ (ଦେଖ)
Gulnakas Gulnār (See)

**ଗୁଲ୍‌ନଗରୀ**—ଦେ. ଵଣ.—ଓଡ଼ିଶାର କେନ୍ଦ୍ରାପଡ଼ା ନିକଟସ୍ଥ ଗୁଲ୍‌ନଗର ନାମକ ସ୍ଥାନର ତନ୍ତୀମାନଙ୍କଦ୍ୱାରା ବୁଣା ହୋଇଥିବା (ଏକ ପ୍ରକାର ପତଳା ଲୁଗା)—(a kind of fine cloth) Woven by weavers of Gulnagar (in Kendrapara in the district of Cuttack).
Gulnagari

**ଗୁଲ୍‌ନାର୍**—ବୈଦେ. ଵ. (ଫା. ଗୁଲ୍‌ନାର୍=ଡାଳିମ୍ବଫୁଲ; ଡୋଫା ନାଲି ରଙ୍ଗ; ଫା. ଗୁଲ୍ କାର୍ୟ୍ୟ--ଯନ୍ତ୍ରରେ ଓ ଦେହରେ ଭିନ୍ନ ଭିନ୍ନ ଜାତୀୟ ଫୁଲ କାମ ଓ ବୁଟା କରି ଯାଇଥିବା ବିଭିନ୍ନ ରକମର ରେଶମ ଶାଢ଼ୀ—Names given to different kinds of embroidered silk Sarees.
Gulnār
**गुलकारी**

**ଗୁଲ୍‌ପୁଚି**—ଦେ. ଵ.—ଗୁଲୁପୁଚି (ଦେଖ)
Gulpuchi Gulupuchi (See)

**ଗୁଲ୍‌ପୁଚିଆ**—ଦେ. ଵଣ.—ଗୁଲୁପୁଚିଆ (ଦେଖ)
Gulpuchiā Gulupuchiā (See)

**ଗୁଲ୍‌ବଦନ**—ବୈଦେ. ଵ. ( ଫା )—ଏକପ୍ରକାର ବହୁମୂଲ୍ୟ ରଙ୍ଗୀନ ରେଶମ ଲୁଗା—A kind of coloured silk cloth.
Gulbadan
গুলবদন
**गुलबदन** [ ଦ୍ର—ଏ ପୂର୍ବେ କାଶୀରେ ବୁଣା ଯାଉଥିଲା ଓ ଏହାର ରଙ୍ଗ ନାଲି ଗୋଲାପୀ ହେଉଥିଲା, ଏବେ ଏହା ପଞ୍ଜାବର କେତେକ ଅଞ୍ଚଳରେ ବୁଣା ହେଉଅଛି ଓ ଅନ୍ୟାନ୍ୟ ରଙ୍ଗର ହେଉଅଛି ।
ହି. ଶବ୍ଦସାଗର । ]

**ଗୁଲ୍‌ବଦନୀ**—ବୈଦେ. ଵ.—ଗୁଲ୍‌ବଦନ (ଦେଖ)
Gulbadani Gulbadan (See)

**ଗୁଲ୍‌ବାସ**—ବୈଦେ. ଵ. (ଅ)—ଗୁଲୁବାସ (ଦେଖ)
Gulbāsa Gulubāsa (See)

**ଗୁଲ୍‌ବାହାର**—ବୈଦେ. ଵ.—(ଫା. ଗୁଲ୍+ବାହାର୍=ସୁନ୍ଦର)—
Gulbāhāra ଗୁଲ୍‌ନାର୍ (ଦେଖ)
Gulnār (See)
ଦେ. ଵଣ.—ଚମତ୍କାରମୟ—Grand; enchanting; full of grandeur.

**ଗୁଲ (ଧାତୁ)**—ସଂ.—୧ । ଗମନ କରିବା—
Gula (root) 1. To go; to move.
୨ । ବେଷ୍ଟନ କରିବା—2. To surround; to enclose.

**ଗୁଳ**—ସଂ. ଵ. (ଗୁଡ଼୍ ଧାତୁ=ବେଷ୍ଟନ କରିବା+ଅ; ଡ ସ୍ଥାନରେ ଳ)
Gula ଗୁଡ଼—Molasses.
ଦେ. ଵ.—୧ । (ସଂ. ଗୋଲକ)—ଗୋଲାକାର ଛୋଟ ବସ୍ତୁ—
1. Small rolled round thing.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ୟ | ଯ | ସ | ଚ୍ୟ | ଇଅ | ଡ଼ | ନ୍ |

୨ । ବଟିକା—2. Pill.

୩ । ଖଣ୍ଡ ଖଣ୍ଡ ହୋଇ କଟା ହୋଇଥିବା ଆଖୁ ମଞ୍ଜି—
3. Pieces of sugarcane from which plants sprout forth.

୪ । ଜୁଆ ବା ଗୁଣ୍ଡି ଖେଳରେ ଓ ବଣ୍ଟନ ହେଉଥିବା ପଦାର୍ଥ ଉପରେ ପକାଯିବା ଲେଖା କାଗଜର ଗୁଟିକା—
4. Rolled paper placed on things in a lottery or partition.

**ଗୁଲ୍**—ବୈଦେ. ବି. (ଫା. ଗୁଲ୍)—୧ । ପୋଡ଼ା ଗୁଡ଼ାଖୁ ଜଳ ଯାଇଥିବା ବଳତା ବା ଚିକାର ଭସ୍ମାଂଶ—1. The ashes of burnt Gurdākhu and cigar.
Gula
**ଗୁଲ**

ଗୁଡ଼ାଖୁ ଗୁଲ, ମଦତ ଓ ଗଞ୍ଜେଇ ପାଉଁଶ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । ବଳତାର ଯେଉଁ ଅଂଶ ଜଳ ସାର ପାଉଁଶ ହୋଇଥାଏ—
2. Burnt up portion of a wick.

୩ । ଅଗ୍ନି କଣା—3. Particles of fire.

ଗ୍ରା. ବି. (ଶିଶୁରଞ୍ଜନ ବଚନ)—ଶିଶୁ ବାଳକଙ୍କ ଲିଙ୍ଗ; କୁସିଆ—An infant's penis (affectionately called so by elders comparing it with molasses.)

**ଗୁଲଗୁଞ୍ଚା**—ଦେ. ବି—ଗୁଲୁଗୁଚ୍ଚ ( ଦେଖ )
Gulaguñchā Guluguchā ( See )

ଗୁଲଲୁ ଆଗେ ଗୁଲଗୁଞ୍ଚା
କ୍ଷଣ କ୍ଷଣକେ ପଛ ଯୁଞ୍ଚା । ଜଗନ୍ନାଥ. ଭାଗବତ ।

**ଗୁଲଞ୍ଚ**—ସଂ. ବି. ( ସଂ. ଗୁଡୂଚୀ; ଗୁଡ଼ୁଚୀ )—
Gulañcha ଔଷଧାର୍ଥେ ବ୍ୟବହୃତ ଲତାବିଶେଷ—

ସଂ. ପର୍ଯ୍ୟାୟ—ଗୁଡୂଚୀ, ଗୁଡ଼ୁଚୀ, ଗୁଡ଼ୁଚୀ, ମଧୁପର୍ଣ୍ଣୀ, ମଧୁପର୍ଣ୍ଣିକା, ଅମୃତା, ଅମୃତବଲ୍ଲୀ, ଅମୃତବଲ୍ଲରୀ, ଛିନ୍ନା, ଛିନ୍ନରୁହା, ଛିନ୍ନୋଦ୍ଭବା, ବତ୍ସାଦନୀ, ଜୀବନ୍ତିକା; ଜୀବନ୍ତୀ, ତନ୍ତ୍ରିକା, ତନ୍ତ୍ରୀ, ସୋମା, ସୋମବଲ୍ଲୀ, କୁଣ୍ଡଳୀ, ଭିଷକ୍‌ପ୍ରିୟା, ଚକ୍ରଲକ୍ଷଣିକା, ଧୀରା, ବିଶାଲ୍ୟା, ରସାୟନା, ଚନ୍ଦ୍ରହାସା, ବୟଃସ୍ଥା, ଛଦ୍ମା, ଦେବନିର୍ମିତା, ଜ୍ୱରାରି, ଭିଷକ୍‌ପ୍ରିୟା, ବରା, ଜ୍ୱରାରି, ଶ୍ୟାମା, ଚକ୍ରାଙ୍ଗୀ, ନାଗକୁମାରିକା

Cocculum Cordifolia; Tinospora Cordifolia, Menispermum Glabrum.

[ ଦ୍ର—ଏ ଲତା ଦଉଡ଼ି ପରି ମୋଟ ଓ ଲମ୍ବ, ଏହା ଅନ୍ୟ ଗଛ ଉପରେ ମାଡ଼ିଯାଏ । ଏହାର ପତ୍ର ପାନ ଆକୃତିର ଓ ଲୋମଶୂନ୍ୟ, ଫୁଲ ଶ୍ୱେତ ଓ ପାଚିଲେ ନାଲି ଦିଶେ । ଏହି ଲତାକୁ ଛେଚି ପାଣିରେ ପକାଇଲେ ସେଥିରୁ ଏକ ପ୍ରକାର ଶ୍ୱେତବର୍ଣ୍ଣ ପାଉଁଆ ପାତ୍ର ତଳେ ବସିଯାଏ । ଏହି ଲତାର ଗଣ୍ଠିରୁ ଜଟା ବାହାରି ଭୂମିରେ ଲାଗି ଚେରରେ ପରିଣତ ହୁଏ ।

ଗୁଡୁଚି, ଗୁଳଞ୍ଚ
ଗୁଡ଼ୁଚ, ଗିଲୋ, ଗୁରୁଚ
ଫା. ଗିଲଇ
ଆ. ଗଲ୍‌ଜେଇ
ତେ. ତିପ୍ପତିଗା, ତିପ୍ପତିଜ୍ଞ

ଏହା କଟୁତିକ୍ତକଷାୟ, ମଧୁରବିପାକ ରସାୟନ, ମଳସଂଗ୍ରାହକ, ଉଷ୍ଣବୀର୍ଯ୍ୟ, ଲଘୁ, ବଳକର ଓ ଅଗ୍ନିଦୀପକ; ଏହା ତ୍ରିଦୋଷ, ଆମ, ତୃଷ୍ଣା, ଦାହ, ପ୍ରମେହ, କାସ, ପାଣ୍ଡୁ, କାମଳ, କୁଷ୍ଠ, ବାତରକ୍ତ, ଜ୍ୱର, କୃମି, ଶ୍ୱାସ, ବାୟୁ, ମୂତ୍ରକୃଚ୍ଛ୍ର ଓ ହୃଦ୍‌ରୋଗନାଶକ । ]

**ଗୁଲ ଦେବା**—ଦେ. କ୍ରି—ଗୁଲ ପକାଇବା ( ଦେଖ )
Gula debā Gula pakāibā ( See )

**ଗୁଲ ପକାଇବା**—ଦେ. କ୍ରି—ବଣ୍ଟନରେ ଭିନ୍ନ ଭିନ୍ନ ବସ୍ତୁ ଉପରେ କାଗଜର
Gula pakāibā ଗୁଲା ରଖି କେଉଁ ବସ୍ତୁ କେଉଁ ଅଂଶୀଦାରର ହିସାବରେ ପଡ଼ିବ ତାହା ଭାଗ୍ୟ ଅନୁସାରେ ସ୍ଥିର କରିବା—To cast lots in a partition as to what allotment will be given to which co-sharer.

**ଗୁଲମାଲ**—ପ୍ରାଦେ. (ବାଲେଶ୍ୱର) ବି. (ଫା. ଗୁଲ୍=ଗୋଲମାଲ, ହଲ୍ଲା)—
Gulamāla ଗୋଲମାଲ ( ଦେଖ )
Golamāla ( See )

**ଗୁଲର୍**—ଦେ. ବି—ବାଟୁଳି ବା ଗୋଡ଼ି ଦୂରକୁ ମାରିବାପାଇଁ ବ୍ୟବହୃତ ଛାଟବିଶେଷ—A sling for throwing pebbles or balls of earth.
Gular
ଗୁଲତଇ
**ଗୁଲେଲ୍**

**ଗୁଲସୁ**—ଦେ. ବି. (ବଣିଆ ଶବ୍ଦ)—୧ । ଦକ୍ଷିଣୀ ସୁନା ଖଡ଼ୁ—
Gulasu 1. Gold bracelet for the wrist or ankle used in Madras.

୨ । ସ୍ତ୍ରୀଲୋକମାନଙ୍କର ପିନ୍ଧିବା ସୁନା ବା ରୁପା ତାରର ଏକ ପ୍ରକାର ଜଞ୍ଜିର—4. A chain-like ornament made of gold or silver worn by females.

**ଗୁଲା**—ଦେ. ବି. (ସଂ. ଗୁଳିକା, ଗୋଲକ)—୧ । ବଟିକା; ଗୁଟିକା—
Gulā 1. Pill.
ଗୋଲା
**ଗୁଲ୍ଲା, ଗୋଲା**

୨ । ଶଗଡ଼ ଚକ ଯିବାର ମାର୍ଗ—
2 The rut or track made by cart-wheels.

୩ । ବନ୍ଧୁକର ଗୁଳି ଯେତେଦୂର ଯାଏ ସେତିକି ପରିମାଣ ଦୂରତ୍ୱ—
3. A distance; the range of a ball from a gun.

୪ । ଗୁଲ ପଡ଼ି ଭୂମିବାଡ଼ ବଣ୍ଟା ହେବା ନିରୂପଣ-ପତ୍ର—
4. The lottery-tickets for land-allotments in partition-proceedings.

୫ । ନଡ଼ିଆରୁ ଛଡ଼ା ଛଡ଼ାଇ ଦେଲାପରେ ଯେଉଁ ଗୁଟିକା ରହିଯାଏ—5. The ball-shaped seed which remains after the fibrous rind is taken away from the cocoanut fruit.

ସାଧାରଣ ଲୋକେ ଅପର ପୃଷ୍ଠାରେ ୪୭୬ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖୀ' ନ ପାଇଲେ 'ଅଖି' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ।

୬ । **ଆଖୁର ମଞ୍ଜି**—6. Small pieces of sugarcane used as seeds in sugarcane plantations.

ଖାଡିଏ ଓଡ଼ ଗୁଳା, ଚାର ଅଧ ମୂଳା, ଚାର ଅଧ ଗୁଳା, ଚାର ଅଧ ଧାନ ତେବେ ତଷା ଖାଏ ବଙ୍ଗଳା ପାନ—କୃଷିବଚନ ।

୭ । **ଶଗଡ଼ର ଜୁଆ ପାଖରେ ବନ୍ଧା ହୋଇଥିବା ଦଣ୍ଡା**— 7. Part of the poles of a bullock cart adjoining and attached to the yoke.

୮ । (ଶିଶୁରଞ୍ଜନ ବଚନ) **ବାଳକ ଶିଶୁର ଲିଙ୍ଗ**— 8. Baby's penis (affectionately used in comparision with sugarcane).

୯ । **ବନ୍ଧୁକ ବା ତୋପରେ ବ୍ୟବହୃତ ଗୋଳା**— 9. Bullet; balls for a gun or cannon.

**ଗୁଳା**—ପ୍ରାଦେ. (ବସ୍ତର) ବ.—ଗେଣ୍ଡା—
Gula Snail

**ଗୁଲାଇବା**—ପ୍ରାଦେ. (ସମ୍ବଲପୁର) କ୍ରି.—ଗୋଲାଇବା (ଦେଖ)
Gulāiba Goḻāibā (See)

**ଗୁଲଚି**—ପ୍ରାଦେ. ( ସିଂହଭୂମ ) ବ.—ଶ୍ୱେତ କରବୀର (ଦେଖ)
Gulāchi Śweta karabira (See)

**ଗୁଲାପ**—ପ୍ରାଦେ. (ସିଂହଭୂମ) ବ.—ସ୍ତ୍ରୀଲୋକଙ୍କର ନାକର ଅଳଙ୍କାର ଏକ ପ୍ରକାର ଦଣ୍ଡି; ବାହୁଲି ଦଣ୍ଡି—
Gulāpa A kind of nose-ring worn by females.

ବୈଦେ. ବ.—୧ । (ଫା. ଗୁଲ୍-ଏ-ଆବ୍ = ଗୋଲାପ ପାଣି)—
ଗୋলাপ ୧ । ଗୋଲାପ ପାଣି—
ଗୁলাব 1. Rose-water.
୨ । ( ଫା. ) ୨ । ଗୋଲାପ ଫୁଲ—
2. Rose flower.

**ଗୁଲାପ ଅତର**—ବୈଦେ. ବ. (ଫା. ଗୁଲାବ୍ ଓ ଅ. ଇତ୍ର)—
Gulāpa atara ଗୋଲାପ ଫୁଲରୁ ନିଷ୍କାସିତ ସୁଗନ୍ଧ ତୈଳାକ୍ତ ଦ୍ରବ—
গোলাপ আতর Otto de Rose; otto of roses.
गुलाब इत्र

**ଗୁଲା ପକାଇବା**—ଦେ. କ୍ରି—ଗୁଳ ପକାଇବା ( ଦେଖ )—
Guḻā pakāibā Guḻa pakāibā ( See )

**ଗୁଲାପଜଳ**—ଦେ. ବ—ଗୋଲାପଫୁଲଦ୍ୱାରା ସୁବାସିତ ଜଳ—
Guḻāpajaḻa Rose water.
গোলাপজল
गुलाबजल

**ଗୁଲାପଜାମୁ**—ଦେ. ବ ( ଫା. ଗୁଲାବ୍ + ସଂ. ଜମ୍ବୁ )—
Gulāpajāmu ଗୋଲାପଜାମୁ (ଦେଖ)—Golāpajāmu (See)

**ଗୁଳା ପଡ଼ିବା**—ଦେ. ବ—ଅଂଶ ବା ଭାଗ ନିରୂପଣ କରିବା ସକାଶେ
Guḻā pardibā ଗୁଳ ପକାଇବା—Casting of lots.

**ଗୁଲାପପାଶ୍**—ବୈଦେ. ବ ( ଫା. ଗୁଲାବ୍‌ପାଶ୍ )—ଗୋଲାପଜଳ ଛିଞ୍ଚିବା ନିମନ୍ତେ ବ୍ୟବହୃତ ପାତ୍ରବିଶେଷ—
Gulāpapāś
গোলাপপাস A syringe for sprinkling rose-water.
गुलाबपास

**ଗୁଲାବ** (ଇତ୍ୟାଦି)—ବୈଦେ. ବ (ଫା)—ଗୁଲାପ ଇତ୍ୟାଦି ( ଦେଖ )—
Gulāba etc Gulāpa etc ( See )

**ଗୁଲାମ**—ବୈଦେ. ବ—( ଅ. ଗୁଲାମ୍; ତୁଲ. ଫା. ଘୁଲାମ୍ )—
Gulāma ଗୋଲାମ ( ଦେଖ )—
গোলাম Golāma ( See )
गुलाम ଫୁଲ ମନମଥ ଗୁଲାମକୁ ମୋର ଏଣିକି ଅଭ କି ଡରରେ—
କବିସୂର୍ଯ୍ୟ. ସଙ୍ଗୀତ ।

**ଗୁଲାଲ୍**—ବୈଦେ. ବ (ଫା)—ଅବିର ( ଦେଖ )—
Gulāl Abira ( See )
আবীর ବଣ—୧ । ଲାଲ ରଙ୍ଗର—1. Red coloured.
गुलाल ୨ । ଗୋଲାପୀ ରଙ୍ଗଯୁକ୍ତ—
গুলাপী 2. Rosy; rose-coloured.
गुलाल ନବ ତରୁଣୀଙ୍କ ଅମଳ କପୋଳ ଅରୁଣ ଗୁଲାଲ ସାଜେ—
ରାଧାନାଥ. ପାର୍ବତୀ ।

**ଗୁଲାପୀ**—ଦେ. ବଣ—ଗୋଲାପୀ ( ଦେଖ )—
Gulāpi Golāpi ( See )

**ଗୁଳି**—ଦେ. ବ ( ସଂ. ଗୋଲକ )—୧ । ଗୁଟିକା; ବଟିକା—
Guḻi 1. Pills.
গুলি ୨ । ବାଟୁଲି—2. Round earthen clods.
गुली ୩ । ବନ୍ଧୁକର ଗୋଳା—3. Ball for guns; bullet.
ଗର୍ଜି ଗର୍ଜେ ଗୁଳି ଜଲାପରି ଜଳ —କବିସୂର୍ଯ୍ୟ. କଣୋଇସକମ୍ପୁଗ ଗୀତା
୪ । ଶଗଡ଼ଚକର ଚକ—4. Wheel of a cart.
ତେଲ୍ଲୀ ନାକକୁ ତା ଶଗଡ଼ ଗୁଳି ଅଛି—କୃଷ୍ଣସିଂହ. ମହାଭାରତ. ବନ ।
୫ । ବନ୍ଧୁକର ଗୁଳି ଯେତେଦୂର ବାଟ ଯାଏ ସେହି ପରିମାଣର ଦୂରତ୍ୱ—5. A distance covered by the range of a gun.
୬ । ଗୁଳ (୪) ( ଦେଖ )—
6 Guḻa (4) ( See )

**ଗୁଲି**—ଦେ. ବ—ମଦତ; ଅଫିମ ଓ ପୋଡ଼ା ପିଜୁଳିପତ୍ର କଅଁରେ ରନ୍ଧା
Guli ହୋଇ ଧୂମପାନାର୍ଥ ପ୍ରସ୍ତୁତ ହେବା ମାଦକ ଦ୍ରବ୍ୟବିଶେଷ—
গুলি 1. Madat; a smoking intoxicating preparation ( bullet ) prepared by frying opium with burnt guava leaves.
୩ । କାଖରେ ବାହାରିବା ବ୍ରଣ; କାଖତୁଲି—
3. A boil in the armpit.
୪ । ଗୁଳ ( ଦେଖ )—
3. Guḻa ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | କ୍ଷ | ଈଯ୍ | ଢ଼ଥ | ଢ଼ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଯ | ଯ | ସ | ଗଁଯ | ଈଥ | ● | ନ |

୪ । ବାଳକମାନଙ୍କର ଖେଳିବା ଗୋଲାକାର ପ୍ରସ୍ତରଖଣ୍ଡ ବା କାଚ ଗୋଟାଳ; ମାର୍ବଗୋଳି—4. Children's marbles; a little ball of marble or glass used as a play-thing by children

୫ । ପିଣ୍ଡୁଳା—5. A roll.

୬ । ଦୂରତ୍ବର ପରିମାଣବିଶେଷ; ବନ୍ଧୁକର ଗୋଳି ଯେତେ ଦୂର ପର୍ଯ୍ୟନ୍ତ ଯାଇ ପାରେ ସେହି ପରିମିତ ଦୂରତ୍ବ—6. A measure of distance; range of a bullet.

ପ୍ରାଦେ. (ଗଞ୍ଜାମ) ବି—ବାଉଁଶରେ ନିର୍ମିତ ଟୋକେଇ—Bamboo-basket.

ପ୍ରାଦେ. (ସମ୍ବଲପୁର) ବି—କୋକିଆ; ପରକଣ୍ଟା; ଲଙ୍ଗଳର ପକ୍ଷିମଞ୍ଚିରେ ମର୍ମାଯିବା ଲଙ୍ଗଳ ଲୁହାକୁ ଚପି ରଖିବାପାଇଁ ବ୍ୟବହୃତ କଣ୍ଟା—A hooked nail stuck into the plough-blade for holding the plough-share tightly.

ପ୍ରାଦେ. (ସିଂହଭୂମ) ପ୍ରତ୍ୟୟ ( ବହୁବଚନ )—ମାନେ; ଗୁଡ଼ା; ଗୁଡ଼ିକ—Many.

**ଗୁଳିଆ**—ଦେ. ବିଣ—ମଦତ ବା ଗୁଳି ଖାଇବାରେ ରତ (ବ୍ୟକ୍ତି)—
Gulia (a person) Addicted to smoking opium.
ଗୁଳିଖୋର
ଗୋଲିଖୋର
ପ୍ରାଦେ. ( ଗଞ୍ଜାମ ) ବି—୧ । ଲୁଣ ବ୍ୟବସାୟୀରେ ମହାଜନଠାରୁ ଅଗ୍ରିମ ଟଙ୍କା ଗ୍ରହଣ କରିବା ବ୍ୟକ୍ତିର ଉପାଧି—1. The title of a man who takes advance from salt-traders for manufacturing and supplying him with salt.

ପ୍ରାଦେ. (ଗଡ଼ଜାତ) ବି—୨ । ଗାଈ ବା ମଇଁଷିର ଫଡ଼ିଆ—2. Leg and thigh of a cow or buffalo; ham.

**ଗୁଳିଆଗୁଳି**—ପ୍ରାଦେ. (ଗଡ଼ଜାତ ଓ ବାଲେଶ୍ବର) ବି ଓ ବିଣ—
Guliaguli ଗୋଳିଆଗୋଳି ( ଦେଖ )
Goliagoli ( See )

**ଗୁଳିଆଗୁଳି**—ପ୍ରାଦେ. (ସମ୍ବଲପୁର) ବି—ମନ୍ଥର; ଘାଣ୍ଟିଘଣ; ଭିନ୍ନ ଭିନ୍ନ
Guliaguli ରକମର ପରିବା ମିଶି ହେବା ତରକାରି—Hotchpot.

**ଗୁଳିଆଡ଼ୁ**—ପ୍ରାଦେ. (ଗଞ୍ଜାମ) ବି—ଶଙ୍ଖ ବାଈ ଚହଁରେ କଇଥ ଅଠ
Guliardu ମିଶାଇ ପ୍ରସ୍ତୁତ କରିବା ଏକପ୍ରକାର ରଙ୍ଗ ( ଯାହା ଗଞ୍ଜପା ସାରରେ ବୋଳାଯାଏ )—
A white paint prepared for besmearing white cards for the 'Ganjapā' game; compounded of pounded conch-shell and wood-apple gum.

**ଗୁଳିଆଲୁ**—ପ୍ରାଦେ. (ଗଞ୍ଜାମ) ବି—ଗୁଳିଆଡ଼ୁ ( ଦେଖ )
Gulialu Guliardu ( See )

**ଗୁଳିକା**—ସଂ. ବି. ସ୍ତ୍ରୀ. (ଗୁଡ଼ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅକ+
Gulikā ସ୍ତ୍ରୀ. ଆ )—୧ । ଗୁଟିକା—1. Pill; globule.
୨ । ପେଣ୍ଡୁ—2. A ball.
ସେ କ୍ଷଣରେ ଲୁହା ଗୁଳିକାଟିଏ ଧରି
ଖେଳ ସେ ଆରମ୍ଭିଲେ କଉତୁକ କରି । କୃଷ୍ଣସିଂହ. ମହାଭାରତ ଆଦି ।
୩ । ମୁକ୍ତା—3. Pearl.

**ଗୁଳିକାଣ୍ଡ**—ଦେ. ବି—୧ । ବାଟୁଳି—
Gulikānda Small earthen ball; small marble-like
ଗୁଲତଈ balls of earth used in throwing to a
ଗୁଲେଲ distance by means of a bow.
୨ । ବାଟୁଳିଖଡ଼ା—
2. A bow for thowing earthen balls.
କାଣ୍ଡ ଗୁଳିକାଣ୍ଡ ପରିପ୍ରେ ଧରି । ଭଞ୍ଜ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଗୁଳିଖଟି**—ଦେ. ବି—ମଦତ ଖାଇବାର ଅଡ୍ଡା; ଯେଉଁଠାରେ ଲୋକେ
Gulikhati ଗୁଳି ଖାଆନ୍ତି—A madat-den; opium-smoking den.
ଗୁଲିଓଆଡ଼ା
ଗୋଲୀକୀଘଟ୍ଟୀ

**ଗୁଳିଖଟି ଗପ**—ଦେ. ବି—ଅସାରକଳ୍ପନା-ସମ୍ଭୂତ ଗଳ୍ପ—Tales
Gulikhati gapa emanating from opium-smoker's den.

**ଗୁଳିଖିଆ**—ଦେ. ବି—ମଦତ ଖାଇବା—
Gulikhia Smoking of opium.
ଦେ. ବିଣ— ଯେ ଗୁଳି ଖାଏ; ମଦତ ଖାଇବାରେ ରତ—Addicted to smoking opium.

**ଗୁଳିଖୋର**—ଦେ. ବିଣ—ଯେ ଗୁଳି ନିଶା ସେବନ କରେ; ମଦତି
Gulikhor ( ବ୍ୟକ୍ତି ); ଗୁଳିଆ—Addicted to smoking opium.
ଗୁଲିଖୋର
ଗୋଲିଖୋର

**ଗୁଳିଖୋରି**—ଦେ. ବି—ଗୁଳିଖୋରପଣ; ଗୁଳି ଖାଇବା ଅଭ୍ୟାସ—
Gulikhori The state of being a habitual smoker
ଗୁଲିଖୋରୀ of opium; habitual smoking of opium.
ଗୋଲିଖୋରୀ ଦେ.ବିଣ—ମଦତିମାନଙ୍କ ସ୍ବଭାବ-ସୁଲଭ—(conduct) Befitting an opium-smoker.
( ଯଥା—ଗୁଳିଖୋରି ଗପ । )

**ଗୁଳିଗେଣ୍ଡା**—ଦେ. ବି—ଏକପ୍ରକାର କ୍ଷୁଦ୍ର ଗେଣ୍ଡା—
Guligendā Small snails.
ଗେଁଡ଼ି
ଘୋଁଘା

**ଗୁଳିଙ୍କ**—ସଂ. ବି—ଘରଚଟିଆ ପକ୍ଷୀ—
Gulinka Sparrow ( Apte ).

**ଗୁଳିଗୁପଥର**—ଦେ. ବି—ବାଟୁଳି—An earthen ball thrown
Gulichāpathara with the help of a string.
ବାଟୁଲ ଯେସନେ ଗୁଳିଗୁପଥର, ଘଟଣେ ବାଜି ନ ରହେ ଥର—
ଗୁଲେଲ ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ୪ଠଣ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାହ' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଦ୍ଧୁ' ଦେଖିବେ; 'ଅରଣ୍ୟ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଗୁଲଚି ( ଇତ୍ୟାଦି )—ଗ୍ରା. ବି—ଗୁଳୁଚି ଇତ୍ୟାଦି ( ଦେଖ )
Gulichi ( etc ) Guluchi etc ( See )

ଗୁଲିଡାଙ୍ଗ—ପ୍ରାଦେ. (ମେଦନୀପୁର) ଦେ. (ହି. ଗୁଲ୍ଲିଡାଣ୍ଡା; ସ. ଗୋଲକ+ଦଣ୍ଡ) ବି—ଏକପ୍ରକାର ଖେଳ;ଡାବଲ-ପୁଆ ଖେଳ; ଗୁଚ୍ଛିଡାଣ୍ଡୁ ଖେଳ—
Gulidānga
ଗୁଲିଡ଼াণ্ডা; গুলিদাণ্ডা
गुल्लीडांडा
A kind of country-game played with a small stick and a small piece of wooden-plug.

[ ଦ୍ର—ଏ ଖେଳରେ ଦୁଇପାଖ ସରୁ ଓ ମଝି ମୋଟ ଏପରି ଖଣ୍ଡିଏ ୪।୬ ଅଙ୍ଗୁଳ କାଠି ଏବଂ ହାତକିଆ ଖଣ୍ଡେ ପାଞ୍ଚଣ ଆବଶ୍ୟକ ହୁଏ । ]

ଗୁଲିଡାଣ୍ଡା—ପ୍ରାଦେ. ( ମେଦନୀପୁର ) ଦେ. ( ହି ) ବି—
Gulidāṇdā ଗୁଲିଡାଙ୍ଗ ( ଦେଖ )
Gulidānga ( See )

ଗୁଲିଦାଣ୍ଡା—ପ୍ରାଦେ. ( ମେଦନୀପୁର ) ବୈଦେ. ( ହି ) ବି—
Gulidāṇdā ଗୁଲିଡାଙ୍ଗ ( ଦେଖ )
Gulidānga ( See )

ଗୁଲିବାଣ୍ଟ—ଦେ. ବି—୧ । ଗୁଲି ପକାଇବା—
Gulibāṇṭa 1. Casting of lots.
୨ । ଗୁଲି ପକାଇ କରାଯିବା ବଣ୍ଟନ—
2. Partition by casting lots.
୩ । ଗୁଣ୍ଡିଖେଳ—3. Lottery.

ଗୁଲିବାଣ୍ଟ—ଦେ. ବି—ଗୁଲିବାଣ୍ଟ ( ଦେଖ )
Gulibānṭa Gulibānṭa ( See )

ଗୁଲିମେଖ—ବୈଦେ. ବି. ( ଫା. ଗୁଲ୍‌ମେଖ, ଗୁଲ୍=ଫୁଲ, ମେଖ୍=କଣ୍ଟା; ଏହାର ମୁଣ୍ଡି ଫୁଲ ପରି ତିଆରି ହେବାରୁ )—ବର୍ତ୍ତୁଳାକାର ମୁଣ୍ଡି ଥିବା ଲୁହାକଣ୍ଟା—Iron nails with flat and round heads.
Gulimekha
गुलमेख
(ଗଲ୍‌ମେଖ—ଅନ୍ୟରୂପ)

ଗୁଲିସୂତା—ଦେ. ବି. ( ସ. ଗୋଲକ+ସୂତ୍ର )—ଗୋଟାଳ ପରି ଗୁଡ଼ାଥିଆ ହୋଇଥିବା କଳସୂତା—A ball of machine-spun thread for sewing.
Gulisūtā

ଗୁଲିହା—ପ୍ରାଦେ. (ସମ୍ବଲପୁର) ବିଣ—କଳହା; କଳହପ୍ରିୟ—
Gulihā Quarrelsome.

ଗୁଳୀ—ସ. ବି. ସ୍ତ୍ରୀ. (ଗୁଡ଼ ଧାତୁ=ବେଷ୍ଟନ କରିବା+ଅ+ସ୍ତ୍ରୀ. ଈ)—
Gulī ୧ । ଗୋଟାଳ; ଗୁଳି; ଗୁଣ୍ଡିକା—1. Ball.
୨ । ବସନ୍ତରୋଗ—2. Small pox.

ଗୁଳୁଗୁଚ—ଦେ. ବି—ଶିଶୁମାନଙ୍କ ପେଟେଇବା—
Guluguchā Babies' moving on the belly; crawling.
.হামাগুড়ি
रेँगना ଗୁଳୁଗୁଚରେ ଅଧିକ ବଢ଼ଇ ନାଳ । ଜଗନ୍ନାଥ—ଦଶମସ୍କନ୍ଧ ।

ଗୁଳୁଗୁଞ୍ଚା—ଦେ. ବି—ଗୁଳୁଗୁଚ ( ଦେଖ )
Guluguñchā Guluguchā ( See )

ଗୁଳୁଗୁଞ୍ଚି—ଦେ. ବି—ଏକପ୍ରକାର ଶର—
Guluguñchi A kind of arrow.

ଗୁଲୁଗୁଲା—ଦେ. ବି—ଗୁଲ୍‌ଗୁଲା ( ଦେଖ )
Gulugulā Gulgulā ( See )

ଗୁଳୁଗୁଳି—ଦେ. ବି—ବାୟୁ ସଞ୍ଚାଳନର ଅଭାବ ହେତୁରୁ ଅନୁଭୂତ ଉତ୍ତାପାଧିକ୍ୟ; ପବନ ନ ଥାଇ ହେବା ଅତ୍ୟଧିକ ଗ୍ରୀଷ୍ମ—Sultriness.
Guluguli
গুমসানি
घमसा ମହାପ୍ରଭୁ ଅଣସରକୁ ଯାଇଅଛନ୍ତି; ଭାରି ଗୁଳୁଗୁଳି । ଫକୀରମୋହନ—ଛମାଣଆଠଗୁଣ୍ଠ ।

ଗୁଳୁଗୁଳିଆ—ଦେ. ବି—ଗ୍ରୀଷ୍ମ; ରୌଦ୍ର ତାପ—
Guluguliā Heat; heat of summer.
( ଯଥା—ଆଜି ଭାରି ଗୁଳୁଗୁଳିଆ ଲାଗୁଛି । )
ଦେ. ବିଣ—୧ । ଗରମ; ଗ୍ରୀଷ୍ମସନ୍ତପ୍ତ; ବାୟୁବହୀନ ଗ୍ରୀଷ୍ମଯୁକ୍ତ (କାଳ)—
গুমসা 1. Hot; heated; sultry.
୨ । ଗୁଲୁଗୁଲିଆ ( ଦେଖ )
2. Guluguliā ( See )

ଗୁଲୁଗୁଲିଆ —ଦେ. ବିଣ—କୌତୁକିଆ; ସୁନ୍ଦର ( ଶିଶୁ )—
Guluguliā Tiny; pretty (infant).
ଦେ. ବି—ବଙ୍ଗ, ବିହାର, ଓଡ଼ିଶା ଓ ଛୋଟନାଗପୁରର ଅନାର୍ଯ୍ୟ ଯାଯାବର ଜାତି ବିଶେଷଙ୍କ କଥିତ ଭାଷା—
Gipsy language spoken by a vagrant tribe in Bengal, Behar, Orissa and Chhotanagpur.

ଗୁଳୁଗୁଳୁ—ଦେ. ଅ—ଗୁଲ୍‌ଗୁଲ୍ ( ଦେଖ )
Gulugulu Gulgul ( See )

ଗୁଲୁଗୁଲୁ—ଦେ. ଅ—୧ । ଶିଶୁପରି ସ୍ନିଗ୍ଧ ଦୃଷ୍ଟିପାତ କରିବା—
Gulugulu 1. Looking with a graceful glance like a child.
୨ । କଣ୍ଡୁ; ଗଲଗଲ; ସଲସଲ—
2. Itching sensation.
୩ । ଶିଶୁମାନଙ୍କର ଗୁଲୁଗୁଲୁ ବା ଦନ୍ତୋଷ୍ଠ କଥା କହିବାର ମଧୁର ଶବ୍ଦ—4. Sweet sound of children's lisping words.

ଗୁଳୁଞ୍ଚ—ଦେ. ବି. (ଫ. ଗୁଲଞ୍ଚ)—ଗୁଲଞ୍ଚ ( ଦେଖ )
Guluchi Gulañcha ( See )
ପ୍ରାଦେ. (ସମ୍ବଲପୁର) ବି—ଅଣ୍ଟାସୂତା ( ଦେଖ ).
Aṇṭāsūtā ( See )

ଗୁଳୁଚକାଠ—ଦେ. ବି—ମାଲଖମ୍ଭ—A pillar driven strongly to the ground against which athletes strike their arms and bodies while exercising.
Guluchikātha

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇଏ | ଉଅ | ଲ୍ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉଦନ ହଦ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

ଗୁଳୁଚିକାଷ୍ଠ—ଦେ. ବି.—ଗୁଳୁଚିକାଠ ( ଦେଖ )
Guḻuchikāshṭha Guḻuchikāṭha (See)

କାନୁ ଗୁଳୁଚିକାଷ୍ଠ ଦୋହଲଇ,
ବେନ ବେନ ମାନସକୁ ଭୁଲଇ । ଭକ୍ତ• ପ୍ରେମସୁଧାନଧି ।

ଗୁଳୁଚିପାଳୁଅ—ଦେ. ବି.—ଏକଜାତୀୟ ପାଳୁଅ—
Guḻuchi pāḻua A kind of flour.
ସଟୀ [ ଦ୍ର—ଗୁଳୁଚି ଲତାକୁ ଛେଚି ପାଣିରେ ପକାଇଲେ ଏକପ୍ରକାର
ଗୁଡ୍‌ଚକାସତ୍ ଶ୍ୱେତ ପଦାର୍ଥ ପାତ୍ରତଳେ ବସିଯାଏ; ଏହାକୁ
ଶୁଖାଇଲେ 'ଗୁଳୁଚି ପାଳୁଅ' ହୁଏ । ଏହା ଔଷଧରେ ଓ ରୋଗୀର
ପଥ୍ୟରେ ବ୍ୟବହୃତ ହୁଏ ।]

ଗୁଳୁଚ୍ଛ—ଦେ. ବି. (ସଂ. ଗୁଚ୍ଛ)—ଗୁଚ୍ଛ; ସ୍ତବକ—
Guḻuchchha Sheaf; cluster; bunch.

ଗୁଳୁଛ—ଦେ. ବି.—ଗୁଳୁଚ୍ଛ (ଦେଖ)
Guḻuchha Guḻuchchha (See)

ଗୁଳୁଛି—ଦେ. ପଦ୍ୟ. ବି,—ଗୁଳୁଚି କାଠ (ଦେଖ)
Guḻuchhi Guḻuchi kāṭha (See)

ହୁର ସାଧନରେ ଉରୁ ଗୁଳୁଛି ହଲୁଛି । ଅଭିମନ୍ୟୁ• ବିଦଗ୍ଧଚିନ୍ତାମଣି ।

ଗୁଳୁଞ୍ଚି—ଦେ. ବି.—ଗୁଳଞ୍ଚ (ଦେଖ)
Guḻuñchi Guḻañcha (See)

ଗୁଳୁଞ୍ଚି—ଦେ. ବି.—ଗୁଳୁଚି କାଠ (ଦେଖ)
Guḻuñchi Guḻuchi kāṭha (See)

ଗୁଳୁପୁଚି—ଦେ. ବି.—୧ । ଲୁକ୍କାୟିତ ଭାବ—
Guḻupuchi 1. Concealment; hiding.
୨ । ଷଡ଼ଯନ୍ତ୍ର—2. Conspiracy; plot.
୩ । ଭ୍ରମକ୍ରମେ ଛାଡ଼ି ଯିବା—3. Oversight; omission by mistake.
ଦେ. ବିଣ.—୧ । ଲୁଚି କରି ରହିଯିବା—
1. Lying hidden.
୨ । ଭୁଲକ୍ରମେ ଛାଡ଼ି ଯାଇଥିବା—
2. Left out by mistake.
ଦେ. କ୍ରି. ବିଣ.—ଲୁଚିକରି—Covertly.

ଗୁଳୁପୁଚିଆ—ଦେ. ବିଣ.—୧ । ଲୁକ୍କାୟିତ—
Guḻupuchiā 1. Covert.
୨ । ଅଜଣାରେ ରହି ଯାଇଥିବା ବା ଛାଡ଼ି ଯାଇଥିବା—
2. Left out unnoticed.

ଗୁଳୁପେଚ—ଦେ. ବି.—ଗୁଳୁପୁଚି (ଦେଖ)
Guḻupecha Guḻupuchi (See)

ଗୁଲୁବାସ—ବୈଦେ. ବି (ଅ. ଗୁଲ୍-ଇ-ଅବାସୀ=ଫା-ଗୁଲ୍ + ଅ. ଅବ୍ବାସ୍)
Guḻubāsa ଗୁଳ୍ମ ଓ ପୁଷ୍ପବିଶେଷ—The marvel of Peru;
ଲଟକନ, ଓୟାଟକନ Mirabilis Jalapa (plant and flower).
ଲଟକନ, ଗୁଲଅବାସ, ଅବାସ [ ଦ୍ର—ଏହା ପୂର୍ବେ ଆମେରିକାରେ
ଲା. ଜାଫାମେରିସ୍ ଜାତ ହୋଇଥିଲା; ବର୍ତ୍ତମାନ ସର୍ବତ୍ର
ତେ. ଚନ୍ଦ୍ରାରଚେଟ୍ଟୁ, ଜନ୍ମେ । ଏହାର ମଞ୍ଜି ଓ ମୂଳ
ମ. କସି, କେସାର, କେସ୍ୱରୀ ଔଷଧରେ ବ୍ୟବହୃତ ହୁଏ । ଏଥିରେ
ଗେଣ୍ଡି ବର୍ଷାଦିନେ ଧଳଧଳିଆ ଓ ନାଲି ରଙ୍ଗର
ସାନ୍ତାଲ. କୋଙ୍ଗ ଫୁଲ ଧରେ । ]

ଗୁଳୁମ—ଗ୍ରା. ବି (ସଂ. ଗୁଳ୍ମ)—ଗୁଳ୍ମ (ଦେଖ)
Guḻuma Guḻma (See)

ଗୁଳୁର୍ ଗୁଳୁର୍—ଦେ. ଅ.—ଶିଶୁମାନଙ୍କ ପରି ସ୍ପଷ୍ଟାସ୍ପଷ୍ଟ କଥା କହିବା—
Gulur gulur Graceful uttering of half articulate words like a lisping child.

ଗୁଳୁରା—ପ୍ରାଦେ. (ସମ୍ବଲପୁର) ବି.—ଗୁହିରା (ଦେଖ)
Guḻurā Guhirā (See) (Haines)

ଗୁଳୁରି—ଦେ. ବି.—ବରକୋଳି ମଞ୍ଜି ବା ନିମ୍ବଫଳପରି କଣ୍ଟିଯୁକ୍ତ
Guḻuri ଅଣ୍ଟାରେ ପିନ୍ଧିବା ଅଳଙ୍କାରବିଶେଷ—
ବୋର, ନିମଫଳ A waist-band consisting of small round or oval balls strung together.

ଗୁଳୁରୁ ଗୁଳୁରୁ—ଦେ. ଅ—ଗୁଳୁର୍ ଗୁଳୁର୍ ( ଦେଖ )—
Guluru guluru Gulur gulur ( See )

ଗୁଳ୍ଫ—ସଂ. ବି (ଗୁଲ ଧାତୁ=ଗମନ କରିବା + କରଣେ. ଫ)—ପାଦମୂଳ;
Guḻpha ଗୋଡ଼ଗଣ୍ଠି—Ankle.

ଗୁଳ୍ମ—ସଂ. ବି. (ଗୁଡ଼୍ ଧାତୁ=ବେଷ୍ଟନ କରିବା + କର୍ତ୍ତ୍ରି ମ; 'ଡ଼'
Guḻma ସ୍ଥାନରେ 'ଲ' ଆଦେଶ)—୧ । ଉଦରର ପ୍ଳୀହାବୃଦ୍ଧି ରୋଗ—
1. Chronic enlargement of the spleen.
୨ । ଗଣ୍ଡିହୀନ କ୍ଷୁଦ୍ର ଗଛ, ବୁଦା—
2. Small trunkless plant; a shrub; bush; thicket.
୩ । ଲତାଗୃହ; କୁଞ୍ଜଗୃହ—3. Grove; arbour
୪ । ବୃକ୍ଷପୁଞ୍ଜ—4. A clump or cluster of trees.
୫ । ୯ ରଥ, ୯ ହସ୍ତୀ, ୨୭ ଘୋଡ଼ା, ଓ ୪୫ ପଦାତି-ବିଶିଷ୍ଟ ସେନା—
5. A squadron or division of army consisting of 9 cars, 9 elephants, 27 cavalry and 45 infantry.
୬ । କିଲ୍ଲା; ଦୁର୍ଗ—6. Fort.
୭ । ସୈନ୍ୟମାନଙ୍କ ଘାଟି ବା ଥାନା; ଫାଣ୍ଡି—
7. A village police-station; an outpost of soldiers.
୮ । ଉଦରସ୍ଥ ପ୍ଳୀହା—8. Spleen.
୯ । ଆତ୍ମରକ୍ଷା ସକାଶେ ସୈନ୍ୟମାନଙ୍କୁ ସଜ୍ଜିତ କରି ରଖିବା—
9. Disciplining an army and keeping it in a position of defence.
୧୦—ପାବଚ୍ଛଯୁକ୍ତ ଘାଟ—10. A wharf of stairs.

ସାଧାରଣ ଲେଖେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗୁଳ୍ମକେତୁ—ସଂ. ବି.—(ବହୁବ୍ରୀହି; ଗୁଳ୍ମ+କେତୁ)—
Gu̱lmaketu ୧ । ଏକପ୍ରକାର ବେତ—
1. A short of Ratan cane.
୨ । ଖଟାପାଲଙ୍ଗ (ଦେଖ)
2. Khaṭāpā̱laṅga (See)

ଗୁଳ୍ମକେଶ—ସଂ. ବିଣ. ପୁଂ (ବହୁବ୍ରୀହି; ଗୁଳ୍ମ+କେଶ)—
Gu̱lmakeśa ଯାହାର ବାଳ ଝାମ୍ପୁଡ଼ା—
(ଗୁଳ୍ମକେଶୀ—ସ୍ତ୍ରୀ) Bushy-haired

ଗୁଳ୍ମମୂଳ—ସଂ. ବି. (୬ଷ୍ଠୀ ତତ୍; ଗୁଳ୍ମ+ମୂଳ)—
Gu̱lmamūḻa ସଜ ଅଦା—Fresh ginger.

ଗୁଳ୍ମିନୀ—ସଂ. ବି. ସ୍ତ୍ରୀ (ଗୁଳ୍ମ+ଇନ୍+ସ୍ତ୍ରୀ॰ ଈ)—
Gu̱lminī ଝାମ୍ପୁଡ଼ା ବା ବହୁଦୂର ବିସ୍ତୃତ ଲତା—
A bushy creeper.

ଗୁଳ୍ମୀ—ସଂ. ବି. (ଗୁଳ୍ମ+ଇନ୍ ୧ମା. ୧ବ)—୧ । ବରକୋଳି (ଗଛ)—
Gu̱lmī 1. Jejube (tree).
୨ । ତମ୍ବୁ—2. Tent.
୩ । ବୃକ୍ଷପୁଞ୍ଜ—3. Clump or cluster of trees.
୪ । ଛୋଟ ଅଳାଇଚ—4. Small cardamom.
୫ । ଅଁଳା ଗଛ—
5, Embellic Myrobalan tree.
ସଂ. ବିଣ. ପୁଂ.—୧ । ଗୁଳ୍ମ ରୋଗାକ୍ରାନ୍ତ ବ୍ୟକ୍ତି—
1. Suffering from spleen disease.
(ଗୁଳ୍ମିନୀ—ସ୍ତ୍ରୀ) ୨ । ବୁଦାବୁଦା ବା ପୁଞ୍ଜପୁଞ୍ଜ ହୋଇ ଉଠିଥିବା (ବୃକ୍ଷାଦି)—2. (trees) Growing in clusters.

ଗୁଲ୍ୟାଳୁ—ପ୍ରାଦେ. (ଗଞ୍ଜାମ) ବି.—ଚୁଲିଅଡ଼ୁ (ଦେଖ)
Gulyā̱lu Guliāṟḏu (See)

ଗୁସିଆଁ—ପ୍ରାଦେ (ବାଲେଶ୍ୱର) ବି. (ସଂ. ଗୃହସ୍ୱାମୀ)—
Gusiān̐ ଗୋସିଆଁ (ଦେଖ)
Gosiān̐ (See)

ଗୁସେଇଁ—ପ୍ରାଦେ. (ବାଲେଶ୍ୱର) ବି.—(ସଂ. ଗୋସ୍ୱାମୀ)—
Gusein̐ ଗୋସାଇଁ (ଦେଖ)
Gosāin̐ (See)

ଗୁସ୍ତାକି—ବୈଦେ. ବି (ଫା. ଗୁସ୍ତାଖୀ)—୧ । ଧୃଷ୍ଟତା—
Gustāki 1. Insolence; rudeness; impertinence.
गोस्ताकी ୨ । ଗଫ୍‌ଲଅତ୍; ଦୋଷ; ତ୍ରୁଟି—
گستاخی 2. Defect; shortcoming.

ଗୁସ୍ସା—ବୈଦେ. ବି (ଫା. ଗୁସ୍‌ସା=କ୍ରୋଧ)—ରାଗ—
Gussā Anger; rage.
गुस्सा ବିଣ—କ୍ରୁଦ୍ଧ; ରାଗାନ୍ୱିତ—Angry; enraged.
غصہ

ଗୁହ (ଧାତୁ)—ସଂ.—୧ । ତ୍ୟାଗ କରିବା; ସମ୍ୱରଣ କରିବା—
Guh (root) 1. To emit; to give up.
୨ । ଆଚ୍ଛାଦନ କରିବା—
2. To cover; to envelop.
୩ । ଗୋପନ କରିବା—3. To conceal; to hide; to hush up.
୪ । ଗୁପ୍ତ ରଖିବା; ପ୍ରକାଶ ନ କରିବା—
4. To keep secret.
୫ । ଜଗିବା; ରକ୍ଷା କରିବା—
5. To watch; to protect.

ଗୁହ—ସଂ. ବି (ଗୁହ୍ ଧାତୁ=ତ୍ୟାଗ କରିବା, ସମ୍ୱରଣ କରିବା+କର୍ତ୍ତୃ.ଅ)—
Guha ୧ । କାର୍ତ୍ତିକେୟ—1. Kārttikeya.
୨ । ବିଷ୍ଣୁ—2. Bishṇu.
୩ । ଶିବ—3. Śiba.
୪ । ରାମାୟଣବର୍ଣ୍ଣିତ ଶୃଙ୍ଗବେରପୁରର ନିଷାଦ ବା ଶବର ରାଜାବିଶେଷ—4. Name of a low caste king of ancient India.
[ ଦ୍ର—ରାମଚନ୍ଦ୍ର ବନଗମନ କଲାବେଳେ ଏ ତାହାଙ୍କୁ ଅଭ୍ୟର୍ଥନା କରିଥିଲେ । ]
୫ । (+କର୍ମ. ଅ) ବେଗବାନ୍ ଅଶ୍ୱ—
5 A fleet horse; steed.
ଦେ. ବି—୧ । ବଙ୍ଗୀୟ କାୟସ୍ଥମାନଙ୍କ ଉପାଧିବିଶେଷ—
1. Family-title of some Kāyasthas in Bengal.
ଗୁ ୨ । (ସଂ. ଗୂ; ଗୂଥ)—ମଳ; ବିଷ୍ଠା—
गूह 2. Ordure; fæces.
୩ । ଲୌହମଳ—3. The impurities or dross of molten iron; slag.
୪ । (ଲକ୍ଷଣାର୍ଥ) ଲାଞ୍ଚ; ଉତ୍କୋଚ—4. Bribe.
୫ । (ଲକ୍ଷଣାର୍ଥ) କଳଙ୍କଯୁକ୍ତ ବିଷୟ—
5. Scandalous matter.
ଦେ. ବିଣ—ବିଷ୍ଠା ପରି ମନ୍ଦ—Bad like ordure.
( ଯଥା—ଗୁହ ପୁଅ; ଗୁହ ପିଲା । )
[ ଦ୍ର—'ଉତ୍ତମ' ଏହି ଅର୍ଥରେ 'ସୁନା' ଶବ୍ଦର ପ୍ରୟୋଗ ହୁଏ । ]

ଗୁହକ—ଦେ. ବି. (ସଂ. ଗୁହ)—ଗୁହ (୪) (ଦେଖ)
Guhaka Guha (4) (See)

ଗୁହକନା—ଦେ. ବି.—ମାତୃକ୍ରୋଡ଼ଶାୟୀ ଶିଶୁ ବା ଶଯ୍ୟାଗତ ରୋଗୀ ଶୋଇଥିବାବେଳେ ଯେଉଁ କନାରେ ମଳତ୍ୟାଗ କରିଥାଏ—A cloth which is soiled by the fæces of an infant or bedridden invalid.
Guhakanā

| ଃ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ଇଅ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ଃ | ଈ | ଊ | ଋ | ଌ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ଳ |

**ଗୁହ କାଳକା**—ଦେ. ବି—ଗୁହୁକାଳକା (ଦେଖ)
Guhakālikā Guhukālikā (See)

**ଗୁହକୁଟା**—ଦେ. ବି—ଯେଉଁ କୁଟା ଗୋଛା ଧରି ଶିଶୁମାନଙ୍କ ବିଷ୍ଠାକୁ ତଳୁ ପୋଛି ଉଠାଇ ନିଆଯାଏ—
Guhakuṭā
A sheaf of straw with which ordure of infants is removed from the floor.

**ଗୁହକୁଡ଼**—ଦେ. ବ—ବିଷ୍ଠାର ସ୍ତୂପ—
Guhakurḍha A heap of ordure.
হেগোকুঢ়; গূকুড়

**ଗୁହ ଖାଇବା**—ଦେ. କ୍ରି (ଲକ୍ଷଣାର୍ଥ)—ଅନୁଚିତ ବା ଘୃଣ୍ୟକର୍ମ କରିବା—
Guha khāibā (ଯଥା—ପରଦାରଗମନ, ଚୋରି)—
গূ খাওয়া To do any improper or shameful act.
**गूह खाना**

**ଗୁହଖିଆ**—ଦେ. ବଣ. ପୁଂ (ଗାଳି)—୧ । ଯେ ବିଷ୍ଠା ଖାଏ—
Guhakhiā 1. Eating ordure.
গূখোর, গূখেগো ୨ । ଅତ୍ୟନ୍ତ ଘୃଣ୍ୟ—
**गूहखोर** 2. Very contemptible.
(ଗୁହଖାଇ—ସ୍ତ୍ରୀ) ୩ । ଅତି ଜଘନ୍ୟ କର୍ମକାରୀ—
3. One who commits a mean act.
୪ । ଲାଞ୍ଚୁଆ; ଯେ ଲାଞ୍ଚ ଖାଏ—
4. Taking bribes.

**ଗୁହଖିଆ ପଣ**—ଦେ. ବ (ବିଷ୍ଠାଖାଦକର କର୍ମ)—୧ । ଜଘନ୍ୟ ଅପରାଧ—
Guhakhiā paṇa 1. The act of a mean person; a vile offence.
গূখোরি
**गुहखोरी** ୨ । ଲାଞ୍ଚନେବା କର୍ମ—2. Taking bribes.

**ଗୁହଗଦା**—ଦେ. ବ—ବିଷ୍ଠାର ସ୍ତୂପ—
Guhagadā A heap of ordure.
গূকুঢ়

**ଗୁହଗୋବର**—ଦେ. ବ ( ସହଚର )—୧ । ମଇଳା—
Guhagobara 1. Filthy matter.
গুয়েগোবরে ୨ । ( ଲକ୍ଷଣାର୍ଥ ) ଅଖାଦ୍ୟ ବା କୁତ୍ସିତ ଖାଦ୍ୟ—
2. Any unsubstantial and badly cooked food.
ଦେ. ବଣ—ମଇଳା; ଅପରିଷ୍କାର—Dirty; foul.

**ଗୁହ ଘାଣ୍ଟିବା**—ଦେ. କ୍ରି (ଲକ୍ଷଣାର୍ଥ)—କୌଣସି କଳଙ୍କଯୁକ୍ତ ବିଷୟକୁ ପ୍ରକାଶ୍ୟରେ ଆଲୋଡ଼ନ କରିବା—
Guha ghāṇṭibā
গূ ঘাটা To wash dirty linen in public.
**गूह उछालना**

**ଗୁହଜାଉ**—ଦେ. ବ—ବିଷ୍ଠା ମିଶ୍ରିତ ଜଳ; ବିଷ୍ଠାଗୋଳିଆ ପାଣି—
Guhajāu Water and ordure mixed together.

**ଗୁହଜାଉପାଣି**—ଦେ. ବ—ଗୁହଜାଉ ( ଦେଖ )—
Guhajāupāṇi Guhajāu ( See )

• ଝିକମାଇଲି, ନଇଅଗଛରେ ମୁଣ୍ଡ ମାଇଲି,
ଗୁହଜାଉପାଣି ପେଟେ ଖାଇଲି—ଶିଶୁବଚନ ।

**ଗୁହଡିମ୍ବ**—ଦେ. ବ—୧ । ଡିମ୍ବରୁ ବାହାରିବାବେଳେ ପକ୍ଷିଶାବକର ତଳପେଟରେ ଯେଉଁ ଅଣ୍ଡାକାର ମାଂସପିଣ୍ଡ ଥାଏ—
Guhaḍimba
গোড়িম 1. Egg-like protuberance on the abdomen of a newly hatched young bird.
୨ । ଡିମ୍ବରୁ ବାହାରିଥିବା ନୂତନ ପକ୍ଷିଶାବକ—
2. Newly hatched young one of a bird; unfledged bird.

**ଗୁହଡିମ୍ବ ଉଛାରିବା**—ଦେ. କ୍ରି ( ଲକ୍ଷଣାର୍ଥ )—ଡିମ୍ବ ଫୁଟିଲା ପରେ ପକ୍ଷି-
Guhaḍimba ichhāribā ମାତା ପକ୍ଷପୁଟ ଶାବକକୁ ବହୁଯତ୍ନ ପୂର୍ବକ ଆଧାର ଦେଇ ପାଳିବାପରି ଅତି ଶିଶୁକାଳରୁ କୌଣସି ଶିଶୁକୁ ପାଳିବା—
To bring up a child from its infancy.

**ଗୁହପଡ଼ିଆ**—ଦେ. ବ—ଯେଉଁ ସ୍ଥାନରେ ବହୁଲୋକ ମଳ ତ୍ୟାଗ କରନ୍ତି—The village common; the
Guhapardiā
হেগোপড়া; হেগোড়াঙ্গা village easing ground.

**ଗୁହପାଣି**—ଦେ. ବ.—ବିଷ୍ଠାମିଶ୍ରିତ ଜଳ—
Guhapāṇi Water and ordure mixed together.

**ଗୁହ ପୁଅ**—ଦେ.ବ.(ଶିଶୁରଞ୍ଜନ ବଚନ)—୧ । ଦୁଷ୍ଟ ଶିଶୁ ବା ବାଳକ—
Guha pua A wicked boy.
(ଗୁହଝିଅ—ବିପରୀତ) ୨ । ମନ୍ଦ ବାଳକ—2. A bad boy.

**ଗୁହ ପୋଛିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଉତ୍ସୃଷ୍ଟ ମଳକୁ ଉଠାଇ ନେଇ ଉକ୍ତ ସ୍ଥାନ ପରିଷ୍କାର କରିବା—
Guha pochhibā
গূ উঠান 1. To cleanse a place of the ordure left by a person.
**गूहउठाना**
୨ । ଅତି ତୁଚ୍ଛ ସେବା କରିବା—
2. To do very menial service.
ଅଗ—ସୁନାପାଟ, ପଛ—ଗୁହ ପୋଛ—ଶିଶୁଗୀତ ।

**ଗୁହବଣ**—ଦେ. ବ—ବିଷ୍ଠାପୂର୍ଣ୍ଣ ସ୍ଥାନ—
Guhabaṇa A place full of nightsoil.
গুবন

**ଗୁହବଣି**—ଦେ. ବ—ଗୁହୁକାଳକା ( ଦେଖ )
Guhabaṇi Guhukālikā ( See )

**ଗୁହ ମାଡ଼ିବା**—ଦେ. କ୍ରି—ଅସ୍ପୃଶ୍ୟା ହେବା; ଋତୁମତୀ ହେବା—
Guha mārḍibā To be menstruated.
[ ଦ୍ର—ସାଧାରଣତଃ ସ୍ତ୍ରୀଲୋକମାନେ ଋତୁମତୀ ହେଲେ ଅସ୍ପୃଶ୍ୟା ହୁଅନ୍ତି । ଏପରି ଅବସ୍ଥାରେ ସାଧାରଣ ପିଲାମାନେ ତାଙ୍କୁ ଛୁଇଁବାକୁ ଆସିଲେ ସ୍ତ୍ରୀଲୋକେ ପିଲାଙ୍କୁ କହନ୍ତି 'ମୁଁ ଗୁହ ମାଡ଼ିଛି' ମୋତେ ଛୁଁନା । ]

**ଗୁହ ମୂତ**—ଦେ. ବ—ବିଷ୍ଠା ଓ ମୂତ୍ର—
Guha mūta Ordure and urine.
গূ মূত
**गूहमूत**

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

**ଗୁହରାଣୀ**—ପ୍ରାଦେ. ( ଗଞ୍ଜାମ ) ବି—ଗୁହବଣି ( ଦେଖ )
Guharāṇi Guhabaṇi ( See )

**ଗୁହଲଣ୍ଡ**—ବିଷ୍ଠାର ଗୋଟିଏ ଘନ ଲମ୍ବ ଗୁଣ୍ଡି—
Guhalaṇḍa A tubular mass of ordure.
गूयेरलोँड
**गूहकाचौंथ**

**ଗୁହଲୁଣ୍ଡା**—ଦେ. ବି—ଯେଉଁ ପୁଳାକ କୁଟା ସାହାଯ୍ୟରେ କୌଣସି ସ୍ଥାନରୁ
Guhaluṇḍā ମଳାଦି ପୋଛିନେଇ ସେ ସ୍ଥାନ ପରିଷ୍କୃତ କରାଯାଏ—
A sheaf of straw with which ordure is removed from the floor and thrown out.

**ଗୁହଷଷ୍ଠୀ**—ସଂ. ବି. ( ମ. ପ. ଲୋ. ଗୁହପ୍ରିୟା ଷଷ୍ଠୀ )—ମାର୍ଗଶିର ମାସର
Guhashashṭhi ଶୁକ୍ଳଷଷ୍ଠୀ—The 6th day of the light fortnight of Mārgaṣira.
[ ଦ୍ର—ଏ ଦିନ କାର୍ତ୍ତିକେୟଙ୍କ ପୂଜା ହୁଏ । ]

**ଗୁହା**—ସଂ. ବି. ସ୍ତ୍ରୀ. (ଗୁହ୍ ଧାତୁ = ତ୍ୟାଗ କରିବା + କର୍ମ. ଅ + ସ୍ତ୍ରୀ. ଆ) —
Guhā ୧ । ପର୍ବତାଦିର ଗହ୍ୱର—
1. Mountain-cave.
୨ । ଗାତ; ଗର୍ତ୍ତ—2. Den; pit; hole.
୩ । ଅଭ୍ୟନ୍ତର—3. Interior.
गाभा ବୈଦେ. ବି. ( ଫା. ଗବାହ୍ )—ସାକ୍ଷୀ—
**गवाह** Witness.

**ଗୁହାଇ**—ବୈଦେ. ବି. (ଫା. ଗବାହୀ)—ସାକ୍ଷ୍ୟ; ସାକ୍ଷୀପ୍ରଦତ୍ତ ପ୍ରମାଣ—
Guhāi Testimony.
गाभाई ମୁଁ ଗୁହାଇ ଦେବା ସକାଶେ ଅପଣା ଇଚ୍ଛାରେ ଅସିଅଛି—
**गवाही** ଫକୀରମୋହନ. ଛମାଣଅଠଗୁଣ୍ଠ ।

**ଗୁହାଏର୍**—ପ୍ରାଦେ. ( ସମ୍ବଲପୁର ) ବି—ଗୁହାରି ( ଦେଖ )
Guhāer Guhāri ( See )
ବିଣ—ବହୁତ; ଅନେକ; ଅତ୍ୟନ୍ତ—Many; much.
[ ଯଥା—ଭୁବନେଶ୍ୱରରେ ଗୁଡ଼ି (=ମନ୍ଦିର) ଗୁହାଏର୍ ଅଛି । ]

**ଗୁହା ଗୁଜରିବା**—ଦେ. କ୍ରି—କୌଣସି ମକଦ୍ଦମାରେ ସାକ୍ଷୀରୂପେ
Guhā gujaribā ଜବାନବନ୍ଦି ଦେବା—To give evidence.
गाभाईदेओया

**ଗୁହା ଗୁଜାରିବା**—ଦେ. କ୍ରି—କୌଣସି ସାକ୍ଷୀକୁ ଅପଣା ତରଫର
Guhā gujāribā ସାକ୍ଷୀରୂପେ ହାକିମଙ୍କ ଆଗରେ ଉପସ୍ଥିତ କରାଇବା ବା ଜବାନବନ୍ଦି ଦିଆଇବା—To adduce a person as one's witness; to make a person give evidence in a case.

**ଗୁହା ଗୁଜୁରିବା**—ଦେ. କ୍ରି—ଗୁହା ଗୁଜରିବା ( ଦେଖ )
Guhā gujuribā Guhā gujaribā ( See )

**ଗୁହାଣି**—ପ୍ରାଦେ. ( ଗଞ୍ଜାମ ) ବି—ବନ୍ଧା ହୋଇଥିବା ଗୋରୁମାନେ
Guhāṇi ଘାସକୁଟା ଆଦି ଖାଇବା ବେଳେ କାଳେ ତାହା ଗୋଡ଼ରେ ଦଳି ନଷ୍ଟ କରି ପକାଇବେ ଏଥିପାଇଁ ଘାସକୁଟାକୁ ଅଟକାଇ ରଖିବା ପଟାବାଡ଼—Manger; a plank put betwe∋n the fodder and the feet of stall-fed cattle.
[ ଦ୍ର—ଏ ପଟାବାଡ଼ର ଗୋଟିଏ ପାଖରେ ଗୋରୁ ଠିଆ ହୋଇ ପଟାର ଆର ପାଖକୁ ମୁହଁ ବଢ଼ାଇ କୁଟା ଆଦି ଖାଏ । ]

**ଗୁହା ଦେବା**—ଦେ. କ୍ରି—୧ । ଗୁହା ଗୁଜରିବା; ସାକ୍ଷ୍ୟ ଦେବା—
Guhā debā 1. To give evidence.
गाभाईदेओया ୨ । ଗୁହା ଗୁଜାରିବା ( ଦେଖ )
**गवाहदेना** 1. Guhā gujāribā ( See )
୩ । ଗୁହା ମାନିବା—
3. To cite a person as a witness.

**ଗୁହା ନେବା**—ଦେ. କ୍ରି—କୌଣସି ସାକ୍ଷୀଠାରୁ ସାକ୍ଷ୍ୟ ଗ୍ରହଣ କରିବା—
Guhā nebā To record evidence given by a witness.
गाभाईलओया
**गवाहीलेना**

**ଗୁହା ପକାଇବା**—ଦେ. କ୍ରି—୧ । କୌଣସି ଦଲିଲରେ କୌଣସି
Guhā pakāibā ବ୍ୟକ୍ତିକୁ ସାକ୍ଷୀରୂପେ ଦସ୍ତଖତ କରାଇବା—
1. To make a person attest a deed.
୨ । ନିରକ୍ଷର ସାକ୍ଷୀର ନାମ ଓ ସଙ୍କେତ ଦଲିଲରେ ଲେଖିବା—
2. To write out the name and mark of an illiterate person as a witness to a deed.

**ଗୁହା ପଡ଼ିବା**—ଦେ. ବି—କୌଣସି ଦଲିଲରେ ସାକ୍ଷୀରୂପେ ଦସ୍ତଖତ
Guhā pardibā କରିବା—To attest a document.
गाभापड़ा
**गवाहपड़ना**

**ଗୁହା ମାନିବା**—ଦେ. କ୍ରି—କୌଣସି ବ୍ୟକ୍ତିକୁ ଆପଣାର ସାକ୍ଷୀରୂପେ
Guhā mānibā ସ୍ୱୀକାର କରି ବିଚାରସ୍ଥଳକୁ ଆହ୍ୱାନ କରିବା—
To cite a person as a witness.

**ଗୁହାମୁଖ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଗୁହା + ମୁଖ )—ମେଲାମୁହଁା—
Guhāmukha Open-mouthed.
(ଗୁହାମୁଖୀ—ସ୍ତ୍ରୀ)

**ଗୁହାରି**—ଦେ. ବି. (ସଂ. ଗୋଚର; ଭୁଲ. ସଂ. ଗୁହେର=ରକ୍ଷାକର୍ତ୍ତା)—
Guhāri ୧ । ସାକ୍ଷାତ୍ ନିବେଦନ—
गोहारि 1. Complaint made personally.
**गुहार** ୨ । କୌଣସି ବ୍ୟକ୍ତିର ଉପରରେ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ; ଫେରିାଦ୍—2 Prayer for redress; omplaint against a person.
କାହାକୁ ଯାଇ ଏହା କହିବ ଗୁହାରି
କହ ଅଛେ ମୋତେ ବ୍ରାହ୍ମଣ ବେଢ଼ିଥାଇ । କୃଷ୍ଣସିଂହ, ମହାଭାରତ ବନ ।
୩ । ସୁବିଚାର ପାଇଁ ପ୍ରାର୍ଥନା—
3. Prayer for justice.
ଦେଳା ହେଉ ଦିବ୍ୟ ଅବଧାରିକ ଦୁଃଖି-ଜନ ଗୁହାରି । ଯଦୁନାଥ—ଭଷା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଧ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ |

୪ । ଅନୁଗ୍ରହ ପ୍ରାର୍ଥନା; ଦେବତାଙ୍କ ନିକଟରେ ବରପ୍ରାର୍ଥନା, ଦରଖାସ୍ତ—4. Petition; representation; supplication for some boon to a Deity.

ଗୁହାରି ଶୁଣନ୍ତୁ ସେ ଠାବ
ପଦ୍ମ ଚରଣ ଅଗ ନୋହେ । ଭୂପତ. ପ୍ରେମପଞ୍ଚାମୃତ ।

**ଗୁହାରିଆ**—ଦେ. ବି.—୧ । ଲତାବିଶେଷ; ଗୁଆଳିଆ ଲତା—
Guhāriā 1. A kind of creeper.
୨ । ଦରଖାସ୍ତକାରୀ; ଫେରିଆଦି; ବାଦୀ—
2. Complainant; petitioner.
୩ । ବଡ଼ଲୋକ ବା ଦେବତାଙ୍କ ନିକଟରେ ବର ବା ଅନୁଗ୍ରହ ପ୍ରାର୍ଥନାର୍ଥ ଉପସ୍ଥିତ ଅନୁସରଣୀଆ—
3. Applicant for favour; supplicant.

**ଗୁହାରିଆ ପଡ଼ିବା**—ଦେ. କି.—ମନୋବାଞ୍ଛା ସିଦ୍ଧି ନିମନ୍ତେ ଠାକୁରଙ୍କ ନିକଟରେ ଅଧା ପଡ଼ିବା; ଧାରଣା ଦେବା—
Guhāriā paṛibā To be a supplicant before a Deity for the grant of a boon.
হত্যাদেওয়া
**धरनादेना**

**ଗୁହାରି କରିବା**—ଦେ. କି.—ଫେରିଆଦ୍ ହେବା; ଅଭିଯୋଗ କରିବା—
Guhāri karibā To complain.
গোহারকরনা ରାଜାଙ୍କ ସମ୍ମୁଖରେ ଯାଇ କଲେକ ଗୁହାରି ।
**गुहारकरना** ଭିକ୍ଷୁନାଥ. ବଢଇରାମାୟଣ ।

**ଗୁହାଲ୍**—ପ୍ରାଦେ. (ସମ୍ବଲପୁର) ବି.—ଗୁହାଳ (ଦେଖ)
Guhāl Guhāḷa (See).

**ଗୁହାଳ**—ଦେ.ବି. (ସଂ. ଗୋଶାଳା; ଗବାଳୟ)—ଗୋରୁ ରହିବା ଘର—
Guhāḷa Cattle-shed; cattle-pen.
গোয়াল
**गुहाल**

**ଗୁହାଳ କାଢ଼ିବା**—ଦେ. କି.— ଗୁହାଳ ପୋଛିବା—
Guhāḷa kāṛhibā o cleanse a cow-shed.

**ଗୁହାଳ ଖଳିଆ**—ଦେ. ବିଣ.—ଯେଉଁ ବଳଦ ଗୁହାଳରୁ ବାହାରି ଖଣ୍ଡ-ଦୂର ପର୍ଯ୍ୟନ୍ତ ପଛ ଗୋଡ଼କୁ ଘୋଷାରି ଘୋଷାରି ଚାଲେ—(a bullock) Which limps for some distance after being let out from its shed; (a beast) suffering from stringhalt.
Guhāḷa khaliā

**ଗୁହାଳପୋଛା**—ଦେ. ବି.—ଯେଉଁ ଟୋକେଇରେ ଗୁହାଳର ଗୋବର ଓ ଅଳିଅ ପୂରାଇ ବାହାରକୁ ନିଆଯାଏ—
Guhāḷapochhā A basket used for carrying away the sweepings of a cowshed.
ଦେ. ବିଣ. ପୁଂ.—ଯେ ଗୁହାଳ ପୋଛେ—
One who sweeps the cowshed.
(ଗୁହାଳପୋଛୀ—ସ୍ତ୍ରୀ) ଗୋରୁଙ୍କ ସେବାର ନୋହିଲ କଛି ।
ଅଧିକାର କଲ ଗୁହାଳପୋଛୀ—ଉଗ ।

**ଗୁହାଳିଆ**—ପ୍ରାଦେ. (ଗଡ଼ଜାତ) ବିଣ.—ଯେଉଁ ଗୋରୁ ଚରିବାକୁ ବଣକୁ ବା ଗଉଡ଼ଙ୍କୋଠକୁ ନ ଯାଇ ଗୁହାଳରେ ବନ୍ଧା ହୋଇ ପୋଷା ହୁଏ—( cattle ) Not let out for grazing but tended or reared in the cowshed; stall-fed (cattle); stalled.
Guhāḷiā

**ଗୁହାଶୟ**—ସଂ. ବି. (ଗୁହା+ଶୀ ଧାତୁ=ଶୟନ କରିବା+କର୍ତ୍ତୃ.ଅ)—
Guhāśaya ୧ । ଯେଉଁ ପଶୁମାନେ ଗୁହାରେ ବାସ କରନ୍ତି (ଯଥା ବାଘ, ସିଂହ)—1. Beasts living in dens or lairs.
୨ । ମୂଷା—2. Mouse.
୩ । ପରମାତ୍ମା—
3. The Supreme Soul.
୪ । ଜୀବାତ୍ମା—4. The Human Soul
୫ । ଅଜ୍ଞାନ—5. Ignorance.
ସଂ. ବିଣ—ଗୁହାଶାୟୀ; ଗୁହାସ୍ଥିତ—
Sleeping or lying in a cave or lair.

**ଗୁହିଆ**—ଦେ. ବିଣ. ପୁଂ.—୧ । ବିଷ୍ଠାଲିପ୍ତ—
Guhiā 1. Besmeared with ordure.
গুইয়া
(ଗୁହେଇ—ସ୍ତ୍ରୀ) ୨ । ଘୃଣ୍ୟ—2. Despicable.
୩ । ମଇଳା—3. Dirty.
ଦେ. ବି. ପୁଂ.—ଅପଡ଼ିଆଣୀ ଶିଶୁଙ୍କୁ ଦିଆଯିବା ନାମ—
A name given to children whose elders have predeceased them.
ମାଆ-ବାପଙ୍କ ଅଯୋଗ୍ୟ ପଣେ ପୁଅ ନାଁ ଗୁହିଆ—ଉଗ ।

**ଗୁହିଆ ଖଳି**—ପ୍ରାଦେ. (ଗଡ଼ଜାତ) ବି.—ଚକଟା ମାଟି—
Guhiā khaḷi Sticky or clayey soil.

**ଗୁହିନ**—ସଂ. ବି. ( ଗୁହ୍ ଧାତୁ=ଗୋପନ କରିବା+କର୍ତ୍ତୃ. ଇନ )—
Guhina ୧ । ବଣ—1. Wood.
୨ । ବଣବୁଦା—1. Thicket.

**ଗୁହିରା**—ପ୍ରାଦେ. (ଗଡ଼ଜାତ) ବି—ଗନ୍ଧଗୁହିରିଆ ( ଦେଖ )
Guhirā Gandhaguhiriā ( See )

**ଗୁହିରିଆ**—ପ୍ରାଦେ. ( ଗଡ଼ଜାତ ) ବି—ଗନ୍ଧଗୁହିରିଆ ( ଦେଖ )
Guhiriā Gandhaguhiriā ( See )

**ଗୁହୁକାଳିକା**—ଦେ. ବି. ( ସଂ. ଗୁହାଶାରିକା )—
Guhukāḷikā ବଣି ଜାତୀୟ ପକ୍ଷିବିଶେଷ—
গুয়েশালিক A kind of bird like the Myna;
**खंजरिच** Wagtail; the spotted myna.
[ ଦ୍ର—ଏ ପକ୍ଷୀର ପକ୍ଷ କଳା ଓ ଧଳା ରଙ୍ଗରେ ଚିତ୍ରିତ । ]

**ଗୁହୁରିଛାଲ୍**—ପ୍ରାଦେ. ( ସମ୍ବଲପୁର ) ବି—ମଳିଚମ ( ଦେଖ )
Guhuri chhāl Maḷichama ( See )

**ଗୁହେରି**—ପ୍ରାଦେ. ( ସମ୍ବଲପୁର ) ବି—ଗୁହାରି ( ଦେଖ )
Guher Guhāri ( See )

ସାଧାରଣ ଲୋକେ ଅକ୍ଷର ପ୍ରଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ସେବେ ସେହି ଶବ୍ଦ ଆଉ ସ୍ଥାନରେ ଚିହ୍ନିତ ବର୍ଣ୍ଣରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ଣ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଗୁହେର୍ ଗୁହେର୍ ଛାଡ଼ିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Guher guher chhāṛdibā ଶୀଘ୍ର ତ୍ରାହି ଡାକ ଦେବା; ଆର୍ତ୍ତସ୍ୱର କରିବା—To cry out for help.

**ଗୁହେର**—ସଂ. ବି. (ଗୁହ୍ ଧାତୁ=ଆଚ୍ଛାଦନ କରିବା+ସଂଜ୍ଞାର୍ଥେ. ଏର)—
Guhera ୧। ରକ୍ଷକ—1. Protector.
୨। ଅଭିଭାବକ—
2. Guardian; patron (Apte).
୩। କମାର—3. Blacksmith.

**ଗୁହ୍ନା**—ପ୍ରାଦେ. ( ସମ୍ବଲପୁର ) ବୈଦେ. ବି ( ଫା. ଗୁନାହ୍ )—
Guhnā ଦୋଷ; ଅପରାଧ—Fault; offence; guilt.
ଯାର ଗୁହ୍ନା ତାର ଗରଧନା ( ଢେକ )—ଢଗ।
(ଏଥିର ଅର୍ଥ—ଯେ ଦୋଷ କରିଛି ସେ ନିଜେ ଦଣ୍ଡ ପାଇବ।)

**ଗୁହ୍ନାଗାରି**—ପ୍ରାଦେ. (ସମ୍ବଲପୁର ) ବୈଦେ. ( ଫା. ଗୁନାହ୍‌ଗାରୀ=ପାପ; ଅପରାଧ )—
Guhnāgāri
ଜରିମାନା ୧। ଅର୍ଥଦଣ୍ଡ; ଗୁଣାଗାର—1. Fine.
দোষ ୨। ଦୋଷ—2. Fault.
গুনাহগারী ୩। ଅପରାଧ—3. Offence.

**ଗୁହ୍ୟ**—ସଂ. ବିଣ. ( ଗୁହ୍ ଧାତୁ+କର୍ମ. ଯ )—
Guhya ୧। ଗୋପନୀୟ—
1. Secret; confidential.
୨। ଗୁପ୍ତ—2. Mysterious; hidden.
୩। ବିଜନ; ନିର୍ଜନ—3. Solitary; retired.
୪। ଦୁର୍ବୋଧ; ଅବୋଧ—
4. Difficult to understand; unintelligible.
ସଂ. ବି—୧। ନିର୍ଜନ ସ୍ଥାନ—1. Lonely place.
୨। ମଳଦ୍ୱାର—2. Anus.
୩। (ଯେଉଁ ଅଙ୍ଗ ଗୁପ୍ତ ରଖାଯାଏ) ଉପସ୍ଥ—
3. Penis; private parts; a privity.
୪। (+କର୍ତ୍ତୃ. ଯ) କଚ୍ଛପ—4. Tortoise.
୫। (+ଭାବ. ଯ) ଅହଙ୍କାର—5. Pride.
୬। କପଟାଚାର—6. Hypocricy.
୭। ପରମେଶ୍ୱର—7. God.
[ ଦ୍ର—ଗୁହ୍ୟ ଶବ୍ଦର 'ହ୍ୟ'ର ଉଚ୍ଚାରଣ ସାଧାରଣତଃ ଉଷ୍ମ ଝ (ଇଂରାଜୀ 'Z') ଅକ୍ଷର ସଙ୍ଗେ ଯ ଫଳା ଯୁକ୍ତ କରି ଅମ୍ଭେମାନେ କରିଥାଉଁ, ଯଥା—ଗୁଝ୍ୟ; କିନ୍ତୁ ଏହାର ପ୍ରକୃତ ଉଚ୍ଚାରଣ ହ ରେ ଯ ଫଳା ଯୁକ୍ତ (ହ୍+ଅ=ହ୍ୟ) ହେବା ଉଚିତ। ]

**ଗୁହ୍ୟକ**—ସଂ. ବି ( ଗୁହ୍ ଧାତୁ=ରକ୍ଷାକରିବା+କ; ଯ. ଆଗମ; ଯେଉଁମାନେ ଧନ ରକ୍ଷା କରନ୍ତି )—କୁବେରଙ୍କ ଅନୁଚର
Guhyaka ଦେବଯୋନି ବିଶେଷ—A class of semi-divine beings who are attendants of Kubera, the Hindu God of wealth.
[ ଦ୍ର—ଏମାନେ ଯକ୍ଷଙ୍କ ପରି କୁବେରଙ୍କ ଧନଭଣ୍ଡାରର ଜଗୁଆଳି। ]

**ଗୁହ୍ୟକାଧିପତି**—ସଂ. ବି ( ୬ଷ୍ଠୀ ତତ୍; ଗୁହ୍ୟକ+ଅଧିପତି )—
Guhyakādhipati ଧନପତି; କୁବେର—Kubera, the God of wealth.

**ଗୁହ୍ୟକେଶ୍ୱର**—ସଂ. ବି ( ୬ଷ୍ଠୀ ତତ୍; ଗୁହ୍ୟକ+ଈଶ୍ୱର )
Guhyakeśwara ଗୁହ୍ୟକାଧିପତି ( ଦେଖ )—
Guhyakādhipati ( See )

**ଗୁହ୍ୟଗୁରୁ**—ସଂ. ବି [ଗୁହ୍ୟ=ଗୋପନୀୟ (ଶାସ୍ତ୍ର)+ଗୁରୁ ]—ଶିବ—
Guhyaguru An epithet of Śiba.
[ ଦ୍ର—ପ୍ରସିଦ୍ଧି ଅଛି ଯେ କେବଳ ଶିବ ତନ୍ତ୍ରଶାସ୍ତ୍ରର ଉପଦେଶକ। ]

**ଗୁହ୍ୟଦୀପକ**—ସଂ. ବି—(ଗୁହ୍ୟ=ନିର୍ଜନ ସ୍ଥାନ+ଦୀପି ଧାତୁ=ଆଲୋକିତ କରିବା+କର୍ତ୍ତୃ. ଅକ; କିମ୍ବା ବହୁବ୍ରୀହି, ଗୁହ୍ୟ-
Guhyadīpaka ଦେଶରେ ଦୀପକ ଅଛି ଯାହାର)—ଖଦ୍ୟୋତ; ଜୁଳୁଜୁଳି ପୋକ—Fire-fly.

**ଗୁହ୍ୟଦେଶ**—ସଂ. ବି ( କର୍ମଧା; ଗୁହ୍ୟ+ଦେଶ )—୧। ମଳଦ୍ୱାର—
Guhyadeśa 1. Anus.
୨। ଉପସ୍ଥ ଆଦି ଶରୀରର ଗୁପ୍ତ ଅଂଶ—
2. The privities.

**ଗୁହ୍ୟଦ୍ୱାର**—ସଂ. ବି ( କର୍ମଧା; ଗୁହ୍ୟ+ଦ୍ୱାର )—ମଳଦ୍ୱାର;
Guhyadwāra ଗୁହ୍ୟଦେଶ—Anus.

**ଗୁହ୍ୟନିଷ୍ୟନ୍ଦ**—ସଂ.ବି (୫ମୀ ତତ୍; ଗୁହ୍ୟ+ନିଷ୍ୟନ୍ଦ)—ମୂତ୍ର; ପ୍ରସ୍ରାବ—
Guhyanishyanda. Urine.

**ଗୁହ୍ୟପୁଷ୍ପ**—ସଂ. ବି ( ବହୁବ୍ରୀହି; ଗୁହ୍ୟ+ପୁଷ୍ପ; ଏହାର ପୁଷ୍ପ ଦେଖାଯାଏ ନାହିଁ )—ଅଶ୍ୱତ୍ଥ ବୃକ୍ଷ—
Guhyapushpa The Peepal tree; Ficus Religiosa.

**ଗୁହ୍ୟଭାଷିତ**—ସଂ. ବି ( କର୍ମଧା; ଗୁହ୍ୟ+ଭାଷିତ )—୧। ଗୁପ୍ତକଥା—
Guhyabhāshita 1. A secret.
୨। ଗୁପ୍ତ ମନ୍ତ୍ରଣା—2. Secret counsel.
୩। ମନ୍ତ୍ର—3. Mystic incantation or formula.

**ଗୁହ୍ୟା**—ଦେ. ବି ଓ ବିଣ—ଗୁହିଆ ( ଦେଖ )—
Guhyā Guhiā ( See )

**ଗୁହ୍ୟାତିଗୁହ୍ୟ**—ସଂ. ବିଣ ( ୭ମୀ ତତ୍; ଗୁହ୍ୟ+ଅତିଗୁହ୍ୟ )—ଅତ୍ୟନ୍ତ
Guhyātiguhya ଗୋପନୀୟ—Most secret; inviolably secret; sanctus sanctorum.

**ଗୂ (ଧାତୁ)**—ସଂ—ମଳ ତ୍ୟାଗ କରିବା—
Gū (root) To emit ordure; to pass excrement.

**ଗୂ**—ସଂ. ବି. ସ୍ତ୍ରୀ (ଗୂ ଧାତୁ=ମଳତ୍ୟାଗ କରିବା+କର୍ମ. କ୍ୱିପ୍)—
Gū ୧। ବିଷ୍ଠା; ମଳ—1. Ordure; feces; excrement.
୨। ମଇଳା; ମଳ—2. Dirt; filth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଳ | ଢ଼ | ଋ,ଝ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ଢ଼ଥ | ଭ |
| ୨ | ଛ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଥ | ● | ନ୍ |

ଗୂଢ଼—ସଂ. ତ (ଗୁହ୍ ଧାତୁ+କର୍ମ. ତ)—୧ । ଗୁପ୍ତସ୍ଥାନ—
Gūrdha 1. A private place.
୨ । ନିର୍ଜନ ସ୍ଥାନ—2. Lonely place.
ସଂ. ବଣ—୧ । ଗୁପ୍ତ; ଅପ୍ରକାଶ୍ୟ—
1. Secret; confidential.
୨ । ଅଜ୍ଞାତ; ଅଲକ୍ଷିତ—2. Unperceived.
୩ । ଅଦୃଶ୍ୟ; ଅପ୍ରକାଶିତ—3. Invisible; latent.
୪ । ଦୁର୍ଜ୍ଞେୟ—4. Unfathomable; incomprehensible.
୫ । ଜଟିଳ; ଦୁର୍ବୋଧ—
5. Unintelligible; difficult; abstruse.
୬ । ଗହନ; ଦୁର୍ଗମ—6. Unapproachable; impassable.
୭ । ଆଚ୍ଛାଦିତ; ସଂବୃତ—7. Covered; covert.
୮ । ଅନ୍ତର୍ଗତ—8. Internal; inherent
୯ । ଛଦ୍ମବେଶଧାରୀ—9. Disguised; masked.
୧୦ । ନିର୍ଜନ; ଜନଶୂନ୍ୟ ( ସ୍ଥାନ )—
10. Solitary; lonely.

ଗୂଢ଼ଚର—ସଂ. ବଣ. ପୁଂ ( ଗୂଢ଼+ଚର୍ ଧାତୁ=ଗମନକରିବା+କର୍ତ୍ତୃ. ଅ )—ଗୋପନରେ ବିଚରଣକାରୀ ବା ଗୁପ୍ତ ଅନୁସନ୍ଧାନକାରୀ—
Gūrdhachara
( ଗୂଢ଼ଚରୀ—ସ୍ତ୍ରୀ )
Going about disguised; spying.
ସଂ. ବି. ପୁଂ—ଗୁପ୍ତଚର; ଗୋଇନ୍ଦା—
A spy; a secret emissary.

ଗୂଢ଼ଚାରୀ—ସଂ. ବି. ଓ ବଣ. ପୁଂ ( ଗୂଢ଼+ଚର୍ ଧାତୁ+ଇନ୍= ଗୂଢ଼ଚାରିନ୍ ୧ମା. ୧ବ.)—
Gūrdhachāri
( ଗୂଢ଼ଚାରିଣୀ—ସ୍ତ୍ରୀ )
ଗୂଢ଼ଚର (ଦେଖ)
Gūrdhachara (See)

ଗୂଢ଼ଜ—ସଂ. ବି. ପୁଂ ( ଗୂଢ଼+ଜନ୍ ଧାତୁ+କର୍ତ୍ତୃ. ଅ )—
Gūrdhaja ଜାରଜ ଶିଶୁ—Illegitimate child.
( ଗୂଢ଼ଜା—ସ୍ତ୍ରୀ )

ଗୂଢ଼ପଥ—ସଂ. ବି. (ଗୂଢ଼+ପଥ)—୧ । (କର୍ମଧା) ଗୁପ୍ତବାଟ—
Gūrdhapatha 1. A secret way.
୨ । ଭୂଇଁତଳେ ଥିବା ବାଟ—
2. Subterraneous passage.
୩ । ( ବହୁବ୍ରୀହି )—ହୃଦୟ; ଅନ୍ତଃକରଣ—
3. Heart.

ଗୂଢ଼ପାଦ—ସଂ. ବି ( ବହୁବ୍ରୀହି; ଗୂଢ଼+ପାଦ)—୧ । କଚ୍ଛପ—
Gūrdhapāda 1. Tortoise.
୨ । ସର୍ପ—2. Serpent.
ସଂ. ବଣ—ଯେଉଁ ଜୀବର ଗୋଡ଼ ବାହାରକୁ ଦେଖାଯାଏ ନାହିଁ—
( an animal ) Whose feet are not visible.

ଗୂଢ଼ପୁରୁଷ—ସଂ. ବି. ( କର୍ମଧା; ଗୂଢ଼+ପୁରୁଷ )—ଗୁପ୍ତଚର; ଛଦ୍ମବେଶଧାରୀ ଦୂତ—
Gūrdhapurusha
A spy; a secret emissary.

ଗୂଢ଼ପୁଷ୍ପକ—ସଂ. ବି. ( ବହୁବ୍ରୀହି; ଗୂଢ଼+ପୁଷ୍ପ+କ )—
Gūrdhapushpaka ବକୁଳ ( ଗଛ ) ( ଦେଖ )
Bakula ( tree ) (See).

ଗୂଢ଼ଭାଷିତ—ସଂ. ବି (କର୍ମଧା; ଗୂଢ଼+ଭାଷିତ=ଉକ୍ତି; କଥା)—
Gūrdhabhāshita ୧ । ଗୁପ୍ତକଥା—1. Private talk.
୨ । ଗୋପନୀୟ ସମ୍ବାଦ—
2. Secret intelligence.

ଗୂଢ଼ମାର୍ଗ—ସଂ. ବି. ( କର୍ମଧା ଓ ବହୁବ୍ରୀହି; ଗୂଢ଼+ମାର୍ଗ )—
Gūrdhamārga ଗୂଢ଼ପଥ ( ଦେଖ )
Gūrdhapatha ( See )

ଗୂଢ଼ମୈଥୁନ—ସଂ. ବି. ( ବହୁବ୍ରୀହି; ଗୂଢ଼+ମୈଥୁନ )—କାକ; କୁଆ—The crow
Gūrdhamaithuna
[ ଦ୍ର—ସାଧାରଣତଃ କାକମାନଙ୍କ ମୈଥୁନ ଲୋକଚକ୍ଷୁରେ ପଡ଼େ ନାହିଁ । ]

ଗୂଢ଼ସାକ୍ଷୀ—ସଂ. ବି. ( କର୍ମଧା; ଗୂଢ଼+ସାକ୍ଷୀ )—( ସ୍ମୃତିଶାସ୍ତ୍ର ) ଯେଉଁ ସାକ୍ଷୀ ଗୋପନରେ ରହି ବାଦୀ ବା ପ୍ରତିବାଦୀର କଥା ଶୁଣିଥାଏ—( Hindu law ) A witness who has secretly overheard the statements made by a party.
Gurdhasākshi

ଗୂଢ଼ୋତ୍ପନ୍ନ—ସଂ. ବଣ. ପୁଂ ( ଗୂଢ଼+ଉତ୍ପନ୍ନ )—
Gūrdhotpanna ୧ । ସ୍ୱାମୀଗୃହକୁ ଆସିବା ପୂର୍ବରୁ ବିବାହିତା
(ଗୂଢ଼ୋତ୍ପନ୍ନା—ସ୍ତ୍ରୀ) ସ୍ୱାମୀଙ୍କ ସହବାସ ବିନା ଗର୍ଭବତୀ ହୋଇଥିବା ସ୍ତ୍ରୀଠାରୁ ଉତ୍ପନ୍ନ ଅଜ୍ଞାତପିତୃକ ( ସନ୍ତାନ )—1. ( a child ) Born of a female who before coming to live with her husband had been big with a child by an unknown father.
ସଂ. ବି—କୌଣସି ସ୍ୱାମୀଙ୍କର ପୁତ୍ରୋତ୍ପାଦନ ଶକ୍ତି ନ ଥିଲେ ଅପର ବ୍ୟକ୍ତିଦ୍ୱାରା ସାଧାରଣଙ୍କ ଅଜ୍ଞାତରେ ସ୍ତ୍ରୀର ଗର୍ଭରେ ଯେଉଁ ପୁତ୍ର ଉତ୍ପାଦନ କରାଯାଏ ( ପ୍ରତିବାଦ )—A son born of the wife of an impotent person who permits her to be cohabited by another person secretly.
[ ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ଦ୍ୱାଦଶବିଧ ପୁତ୍ର ମଧ୍ୟରୁ ଏହା ଏକତମ । ]

ଗୂଥ—ସଂ. ବି. ( ଗୁ ଧାତୁ=ମଳତ୍ୟାଗ କରିବା+କର୍ମ. ଥ )—
Gūtha ୧ । ଗୁହ; ବିଷ୍ଠା—
1. Ordure; excrement.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଖିଁ' ନ ପାଇଲେ 'ଆଖି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ।

୨ । ମଇଳା—2. Dirt.
୩ । କାନଗୁହ—3. Ear-wax.

ଗୂନ—ସଂ. ବଣ—୧ । ( ଗୁ ଧାତୁ + କର୍ତ୍ତୃ. ତ; ନପାତନ )—ଯେ
Gūna ମଳତ୍ୟାଗ କରିଅଛି—1. One who has answered the call of nature.
୨ । ( + କର୍ମ. ତ ) ( ମଳରୂପେ ) ଉତ୍ସୃଷ୍ଟ—
2. Emitted; voided or passed as stool.
୩ । ତ୍ୟକ୍ତ—3. Left; abandoned.

ଗୂବାକ—ସଂ. ବ—ଗୁବାକ ( ଦେଖ )
Gūbāka Gubāka ( See )

ଗୂର ( ଧାତୁ )—ସଂ—୧ । ଚେଷ୍ଟା କରିବା—1. To try.
Gūr ( root ) ୨ । ଉତ୍ତୋଳନ କରିବା—2. To lift.

ଗୂରଣ—ସଂ. ବ. ( ଗୁର ଧାତୁ + ଭାବ. ଅନ )—
Gūraṇa ୧ । ଉଦ୍ୟମ; ଚେଷ୍ଟା—1 Endeavour.
୨ । ଉତ୍ତୋଳନ; ଉଠାଇବା—2. Lifting.

ଗୂର୍ଜର—ସଂ. ବି—ଗୁର୍ଜର ( ଦେଖ )
Gūrjara Gurjara ( See )

ଗୂର୍ଦ୍ଦ ( ଧାତୁ )—ସଂ—୧ । ଡେଇଁବା; ଲମ୍ଫ ଦେବା—
Gūrda ( root ) 1. To jump; to leap.
୨ । ଖେଳିବା—2. To play; to sport.
୩ । ବାସ କରିବା—3. To dwell; to inhabit.

ଗୂର୍ଦ୍ଦ—ସଂ. ବି. ( ଗୂର୍ଦ୍ଦ ଧାତୁ + ଭାବ. ଅ )—ଲମ୍ଫ; କୁଦା—
Gūrda Jump; leap.

ଗୂହନ—ସଂ. ବି. ( ଗୁହ ଧାତୁ + ଭାବ. ଅନ )—ଲୁଚାଇବା—
Gūhana Concealment; hiding.

ଗୃ ( ଧାତୁ )—ସଂ—୧ । ଛିଞ୍ଚିବା—1. To sprinkle.
Gṛu (root) ୨ । ଭିଜାଇବା—2. To moisten.
୩ । ମଞ୍ଜୁର କରିବା—3. To grant.

ଗୃଜ (ଧାତୁ)—ଗୃଞ୍ଜ (ଧାତୁ) (ଦେଖ)
Gṛuja (root) Gṛuñja (root) (See)

ଗୃଞ୍ଜ (ଧାତୁ)—ସଂ.—୧ । ଶବ୍ଦ କରିବା—
Gṛuñja (root) 1. To make a sound.
୨ । ଗର୍ଜନ କରିବା—2. To roar.

ଗୃଞ୍ଜନ—ସଂ. ବ. (ଗୃଞ୍ଜ ଧାତୁ + କରଣ. ଅନ)—୧ । ନାଲି ରସୁଣ—
Gṛuñjana 1. Red garlic
୨ । ଗାଜର—2. Carrot; turnip.
୩ । ବୀଟ୍, ରକ୍ତବର୍ଣ୍ଣ ମୂଳବିଶେଷ—3. Beet-root.
୪ । ବିଷାକ୍ତ ଶରଦ୍ୱାରା ବଧ କରି ଯାଇଥିବା ପଶୁର ମାଂସ—
4. Meat of an animal killed by a poisoned dart.
୫ । ବିଷମିଶ୍ରିତ ପଶୁମାଂସ—5 Poisoned meat.
୬ । ଗଞ୍ଜେଇ କଳି—6. The tops of hemp-shoots.

ଗୃଧ୍ (ଧାତୁ)—ସଂ.—ଅତି ଅଧିକ ଆକାଙ୍କ୍ଷା କରିବା; ଅତି ଲୋଭ କରିବା—
Gṛudh (root) To hanker after; to strive after greedily; to covet; to long for.

ଗୃଧୁ—ସଂ. ବଣ. (ଗୃଧ୍ ଧାତୁ + କର୍ତ୍ତୃ. ଉ)—କାମୁକ
Gṛudhu Lustful; libidinous.
ସଂ. ବ.—କାମଦେବ—Cupid; the God of love.

ଗୃଧ୍ନ—ସଂ. ବଣ. (ଗୃଧ୍ ଧାତୁ + କର୍ତ୍ତୃ. ନ)—ଲୋଲୁପ; ଲୋଭୀ; ଲାଲସା-
Gṛudhna ଯୁକ୍ତ—Covetuous; greedy; hankering; having an inordinate longing after a thing.

ଗୃଧ୍ନୁ—ସଂ. ବଣ. (ଗୃଧ୍ ଧାତୁ + କର୍ତ୍ତୃ. ନୁ)—ଗୃଧ୍ନ (ଦେଖ)
Gṛudhnu Gṛudhna (See)

ଗୃଧ୍ନୁତା—ସଂ. ବ. (ଗୃଧ୍ନୁ + ଭାବ. ତା)—ଲାଲସା; ଲୋଭିପଣ—
Gṛudhnutā Greediness; covetuousness.

ଗୃଧ୍ୟ—ସଂ. ବଣ. (ଗୃଧ୍ ଧାତୁ + କର୍ମ. ଯ)—ଅଭିଲଷଣୀୟ; ବାଞ୍ଛନୀୟ—
Gṛudhya Desirable.
ସଂ. ବ. (+ ଭାବ. ଯ)—ଲାଲସା; ଆକାଙ୍କ୍ଷା—
Desire; hankering; longing

ଗୃଧ୍ର—ସଂ. ବ. ପୁଂ (ଗୃଧ୍ ଧାତୁ + କର୍ତ୍ତୃ. ର; ଏ ଗଳିତ ମାଂସରେ ଅତି
Gṛudhra ଲୋଭ କରୁ ଥିବାରୁ)—ଶକୁନ ପକ୍ଷୀ; ଶାଗୁଣା—
(ଗୃଧ୍ରୀ—ସ୍ତ୍ରୀ) Vulture
ସଂ. ବଣ. ପୁଂ—୧ । ଲୋଭାସକ୍ତ—1. Covetuous.
୨ । ଉଦରମ୍ଭରୀ; ପେଟୁ—2. Greedy.

ଗୃଧ୍ରକୂଟ—ସଂ. ବ.—ବିହାରର ରାଜଗୃହ ନିକଟସ୍ଥ ପର୍ବତ ବିଶେଷ—
Gṛudhrakūṭa Name of a mountain in Bihar.
[ ଦ୍ର—ଏହାର ଅଧୁନିକ ନାମ ଶୈଳଗିରି ।]

ଗୃଧ୍ରବାଜ—ସଂ. ବିଣ.—ଶାଗୁଣାର ପକ୍ଷ ଖଞ୍ଜା ହୋଇଥିବା (ଶର)—
Gṛudhrabāja (an arrow) Furnished with vulture-feathers.

ଗୃଧ୍ରବାଜିତ—ସଂ. ବିଣ.—ଗୃଧ୍ରବାଜ (ଦେଖ)
Gṛudhrabājita Gṛudhrabāja (See)

ଗୃଧ୍ରରାଜ—ସଂ. ବି. (୭ମୀ ତତ୍; ଗୃଧ୍ର + ରାଜନ୍ = ଗୃଧ୍ରରାଜ୍ ଶବ୍ଦ; ୧ମା.
Gṛudhra rāja ୧ବ.)—ରାମାୟଣୋକ୍ତ ଦଶରଥଙ୍କ ବନ୍ଧୁ ଶକୁନ-
ରାଜ ଜଟାୟୁ—Jaṭāyu; the king of vultures (mentioned in the Rāmāyaṇa).
୨ । ସମ୍ପାତି—2. Name of a vulture.
୩ । ଗରୁଡ଼—3. The mythological king of birds.

ଗୃଧ୍ରସୀ—ସଂ. ବ. (ଗୃଧ୍ର + ସୋ ଧାତୁ = ନାଶ କରିବା + ଅ + ଈ)—
Gṛudhrasī ଅଣ୍ଡାଧରା ବାତ—Sciatica; lumbago.

ଗୃଧ୍ରାଣି—ସଂ. ବଣ. ପୁଂ ( ଗୃଧ୍ର + ସମାର୍ଥେ ଅଣ )—ଶାଗୁଣାପରି ଖାଦ୍ୟ-
Gṛudhrāṇa ଲୋଭୀ—Greedy like the vulture; vulturelike.
( ଗୃଧ୍ରାଣୀ—ସ୍ତ୍ରୀ )

| ୧ | ଇ | ଉ | ର୍,ଋ | ୫ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ରସ୍ତ | ହ୍ଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ, |

ଗୃପ୍—ବୈଦେ. ଭ. (ଇଂ. ଗ୍ରୂପ୍)—ସମୂହ; ପୁଞ୍ଜ—
Gṛup Group.

ଗୃଫୁ—ଗ୍ରାବେ. (ଗଞ୍ଜାମ) ବୈଦେ. ବି. (ଇଂ ଗ୍ରୁପ୍)—
Gṛuphu କେତେକ ଗ୍ରାମର ସମଷ୍ଟି—
A group of villages.

ଗୃଷ୍ଟି—ସଂ. ବି.ସ୍ତ୍ରୀ. (ଗ୍ରହ ଧାତୁ + ଭ. କ୍ତିପାତନ; ଯେ ଥରେ ମାତ୍ର ଗର୍ଭ
Gṛushṭi ଧାରଣ କରେ )—୧ । ସକୃତ୍ପ୍ରସୂତା ଗୌ; ଏକବିଆଣିଆ ଗାଈ—1. A cow which bears one calf only.
୨ । ଥରେ ପ୍ରସବ କରିଥିବା ସ୍ତ୍ରୀ—
2. A woman who has borne one child only.
୩ । ବରାହ; ବାରୁଆ—3 A boar.
୪ । ବରାହକାନ୍ତା—4. A herb.
୫ । ବଦର ବୃକ୍ଷ—5. The Jujube tree.
୬ । କାଶ୍ମୀରୀ (ଦେଖ)—6. Kāsmiri (See)

ଗୃହ—ସଂ. ବି. ( ଗ୍ରହ ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ, ଯାହା
Gṛuha ମନୁଷ୍ୟକୁ ଗ୍ରହଣ କରେ; କମ୍। + କର୍ମ. ଅ, ଯାହାକୁ ମନୁଷ୍ୟ ବାସାର୍ଥ ଗ୍ରହଣ କରେ)—୧ । ବାସସ୍ଥାନ; ଘର—
1. House; home; habitation.
୨ । ଗୃହସ୍ଥାଶ୍ରମ—2. The state of being a house-holder.
୩ । ଭାର୍ଯ୍ୟା; ଗୃହିଣୀ—3. Wife; mistress of the house.
(ନ ଗୃହଂ ଗୃହ ମିତ୍ୟାହୁ ର୍ଗୃହିଣୀ ଗୃହ ମୁଚ୍ୟତେ—ପଞ୍ଚତନ୍ତ୍ର ବଚନ)
୪ । (ଜ୍ୟୋତିଷ) ମେଷାଦି କୌଣସି ରାଶି—
4. (Astronomy) One of the 12 signs of the Zodiac.
୫ । ନାମ; ସଂଜ୍ଞା—5. Name; appellation.

ଗୃହକଚ୍ଛପ—ସଂ. ବି. (କଚ୍ଛପାକୃତି ଗୃହୋପକରଣ)—
Gṛuhakachchhapa ଚନ୍ଦନପେଷା—A round slab of stone for preparing sandāl paste.

ଗୃହକପୋତ—ସଂ. ବି (୬ଷ୍ଠୀତତ୍; ଗୃହ+ କପୋତ)—
Gṛuhakapota ୧ । ପାରାବତ; ପାରା—1. Pigeon.
୨ । ପୋଷା ପାରା—2. A domesticated pigeon.

ଗୃହକର୍ତ୍ତା—ସଂ. ବି. ପୁ. (୬ଷ୍ଠୀତତ୍; ଗୃହ+କର୍ତ୍ତା)—
Gṛuhakarttā ଘରର ମାଲିକ; ପରିବାରର ମୁଖ୍ୟ ବ୍ୟକ୍ତି—
(ଗୃହକର୍ତ୍ତ୍ରୀ—ସ୍ତ୍ରୀ) The head or guardian of a family.
୨ । ଏକପ୍ରକାର ଚଢ଼େଇ; ବାୟାଚଢ଼େଇ—
2. The house-building sparrow.

ଗୃହକର୍ମ—ସଂ. ବି. (୬ଷ୍ଠୀତତ୍; ଗୃହ+କର୍ମ)—
Gṛuhakarma ୧ । ପାରିବାରିକ କର୍ତ୍ତବ୍ୟ କାର୍ଯ୍ୟ—
1. Domestic duties.
୨ । ଗୃହିଣୀର ଓ ଗୃହସ୍ଥର ଦୈନିକ କାର୍ଯ୍ୟ—
2. Daily household affairs.
୩ । ଘରକରଣା—3. House-keeping.

ଗୃହକଳହ—ସଂ. ବି. (୭ମୀତତ୍; ଗୃହ+କଳହ)—
Gṛuhakalaha ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ କଳି—
Domestic or family-quarrel; domestic feud.

ଗୃହକାର—ସଂ. ବି ( ଗୃହ+କୃ ଧାତୁ=କରିବା+କର୍ତ୍ତୃ. ଅ )—
Gṛuhakāra ୧ । ମିସ୍ତ୍ରୀ—1. A mason.
୨ । ଯେ ଘର ତୋଳେ—2. A house-builder.

ଗୃହକାରକ—ସଂ. ବି—୧ । ଗୃହକାର ( ଦେଖ )—
Gṛuhakāraka 1. Gṛuhakāra ( See )
୨ । ଗୃହର କର୍ତ୍ତା—2. The head of a family; master of the house.

ଗୃହକାରୀ—ସଂ. ବି ( ଗୃହ+କୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ )—
Gṛuhakāri ୧ । ଗୃହକାର ( ଦେଖ )—
1. Gṛuhakāra ( See )
୨ । ମାଟିବିରୁଡ଼ି; କୁମ୍ଭକାର କୀଟ—
2. A kind of wasp; the mud-wasp.

ଗୃହକାର୍ଯ୍ୟ—ସଂ.ବି (୬ଷ୍ଠୀ ତତ୍; ଗୃହ+କାର୍ଯ୍ୟ)—ଗୃହକର୍ମ (ଦେଖ)—
Gṛuhakārjya Gṛuhakarma ( See )

ଗୃହକୁକ୍କୁଟ—ସଂ. ବି ( ମଧ୍ୟପଦଲୋପୀ; ଗୃହ+କୁକ୍କୁଟ )—
Gṛuhakukkuṭa ଗୃହପାଳିତ କୁକୁଡ଼ା—
(ବନ୍ୟକୁକ୍କୁଟ—ବିପରୀତ) Domestic cock.

ଗୃହଗୋଧା—ସଂ. ବି—( ୬ଷ୍ଠୀ ତତ୍; ଗୃହ+ଗୋଧା )—ଝିଟିପିଟି;
Gṛuhagodhā ପକ୍ଷୀ—A small house-lizard.

ଗୃହଗୋଧିକା—ସଂ. ବି—ଗୃହଗୋଧା ( ଦେଖ )—
Gṛuhagodhikā Gṛuhagodhā ( See )

ଗୃହଚଟକ—ସଂ. ବି ( ମଧ୍ୟପଦଲୋପୀ; ଗୃହବାସୀ ଚଟକ )—ଘରଚଟିଆ
Gṛuhachaṭaka ଚଢ଼େଇ—The sparrow.

ଗୃହଚୁଲ୍ଲୀ—ସଂ. ବି ( ଚୁଲ୍ଲୀବତ୍ ନିର୍ମିତ ଗୃହ; ଦ୍ୱିକପାଟ )—ପୂର୍ବ, ପଶ୍ଚିମ
Gṛuhachulli ଦୁଇଆଡ଼େ ଦୁଆରମୁହଁ ଥିବା ଦୁଇ ପ୍ରକୋଷ୍ଠ-ବିଶିଷ୍ଟ ଗୃହ—A house with two contiguous rooms and two doors only, one facing east and the other west.

ଗୃହଚ୍ଛିଦ୍ର—ସଂ. ବି ( ୬ଷ୍ଠୀ ତତ୍; ଗୃହ+ଛିଦ୍ର; ସନ୍ଧିଦ୍ୱାରା ଛ ସ୍ଥାନରେ
Gṛuhachchhidra ଚ୍ଛ )—ସ୍ୱଗୃହର ବା ସ୍ୱପରିବାରର କଳଙ୍କ ବା ଅପବାଦ—Family-secrets; family-scandal.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

**ଗୃହଜନ**—ସଂ. ବି ( ୬ଷ୍ଠୀ ତତ୍ ; ଗୃହ+ଜନ )—୧ । ପରିବାରର
Gṛuhajana ବ୍ୟକ୍ତି—1. A member of a family.
୨ । ସ୍ତ୍ରୀ;ଭାର୍ଯ୍ୟା; ଗୃହିଣୀ—2. Wife.

**ଗୃହଜାତ**—ସଂ. ବିଣ ( ୭ମୀ ତତ୍ ; ଗୃହ+ଜାତ )—
Gṛuhajāta ୧ । ଗୃହରେ ତିଆରି ହୋଇଥିବା—
1. Made or prepared in the house.
୨ । (କର୍ତ୍ତାଙ୍କ)ଗୃହରେ ଜନ୍ମଗ୍ରହଣ କରିଥିବା(ଯଥା—ଦାସ)—
2. Born in the (master's)house (e g. a slave).
୩ । ଗୃହରେ ସଞ୍ଚିତ—3. Stored in the house.
୪ । (୨ୟା ତତ୍) ଗୃହକୁ ଆନୀତ—4. Brought to one's house.

**ଗୃହଜାତ କରିବା**—ଦେ. କ୍ରି—ଅନ୍ୟ ସ୍ଥାନରୁ କୌଣସି ବସ୍ତୁ ଘରକୁ
Gṛuhajāta karibā ଆଣି ରଖିବା—To bring a thing into the house from outside.

**ଗୃହଜାଳିକା**—ସଂ. ବି—୧ । ଛଳ; ପ୍ରତାରଣା—
Gṛuhajālikā 1. Deceit.
୨ । ଛଦ୍ମବେଶ—2. Disguise; mask.

**ଗୃହଜ୍ଞାନୀ**—ସଂ. ବିଣ. ପୁଂ ( ଯେ ଘର ଭିତରେ ଜ୍ଞାନ ଦେଖାଇ ହୁଏ)—
Gṛuhajñānī ୧ । ଅନନୁଭବୀ;ଅପ୍ରବୀଣ—1. Inexperienced.
୨ । ନିର୍ବୋଧ—2. Stupid; foolish.

**ଗୃହଣୀ**—ସଂ. ବି ( ଗୃହ+ଣୀ )—କାଞ୍ଜି—
Gṛuhaṇī Fermented or sour rice-water.

**ଗୃହତଟୀ**—ସଂ. ବି ( ଗୃହ+ତଟ+ଈ )—୧ । ପିଣ୍ଡା; ବରଣ୍ଡା—
Gṛuhataṭī 1. Terrace; veranda of a house.
୨ । ଘରର ସାମନାପାଖ ବରଣ୍ଡା—
2. Terrace in the front part of a house.

**ଗୃହଦାସ**—ସଂ. ବି ( ୬ଷ୍ଠୀ ତତ୍; ଗୃହ+ଦାସ )—ଗୃହକର୍ମ କରିବା
Gṛuhadāsa ଭୃତ୍ୟ—Domestic slave.

**ଗୃହଦାହ**—ସଂ. ବି (୬ଷ୍ଠୀ ତତ୍; ଗୃହ+ଦାହ)—ଘରପୋଡ଼ି—
Gṛuhadāha The setting of a house on fire; the burning of a house; incendiarism.

**ଗୃହଦୀପ୍ତି**—ସଂ. ବି (୬ଷ୍ଠୀ ତତ୍; ଗୃହ+ଦୀପ୍ତି=ଆଲୋକ; ପରିବାର ବା
Gṛuhadīpti ଗୃହର ଆଲୋକସ୍ୱରୂପା ସ୍ତ୍ରୀ)—ସାଧ୍ୱୀ ସ୍ତ୍ରୀ—
A chaste or devoted wife; a virtuous lady (literally, the light of the family).

**ଗୃହଦେବତା**—ସଂ. ବି (୬ଷ୍ଠୀ ତତ୍; ଗୃହ+ଦେବତା)—ପାରିବାରିକ
Gṛuhadebatā ଦେବତା; ଘରଦିଅଁ; ଇଷ୍ଟଦେବତା—
Family-Deity; housohold Deity.
୨ । କୌଣସି ପରିବାରର ରକ୍ଷକରୂପେ କଳ୍ପିତ ଦେବତା; ବାସ୍ତୁ ଦେବତା—2. The titular or presiding Deity of a family.

**ଗୃହଦେହଳୀ**—ସଂ. ବି (୬ଷ୍ଠୀ ତତ୍; ଗୃହ+ଦେହଳୀ)—
Gṛuhadehaḷī ଘରର ଦରୁଣ୍ଡି ( ଯେଉଁ ଦରୁଣ୍ଡିବନ୍ଧକୁ ଡେଇଁ ଘରେ ପଶିବାକୁ ବା ଘର ଭିତରୁ ବାହାରିବାକୁ ହୁଏ)—
The threshold of a house.

**ଗୃହଧର୍ମ**—ସଂ. ବି (୬ଷ୍ଠୀ ତତ୍; ଗୃହ+ଧର୍ମ)—ଗୃହସ୍ଥର କର୍ତ୍ତବ୍ୟକର୍ମ—
Gṛuhadharma Family duties; the duties of a house-holder.

**ଗୃହଧୂମ**—ସଂ. ବି. (୬ଷ୍ଠୀ ତତ୍; ଗୃହ+ଧୂମ)—ଅଳନ୍ତ—
Gṛuhadhūma Soot.

**ଗୃହନାୟକ**—ସଂ. ବି. ପୁଂ (୬ଷ୍ଠୀ ତତ୍; ଗୃହ+ନାୟକ)—ଗୃହକର୍ତ୍ତା—
Gṛuhanāyaka The head of a house; the family-head.

**ଗୃହନାଶନ**—ସଂ. ବି ( ବହୁବ୍ରୀହି; ଗୃହ+ନାଶନ; ଏମାନେ ଘରର
Gṛuhanāśana ଗୃଳତଳେ କାନ୍ଥଉପରେ ବସା କରି ଘରର ତଳକୁ ବିଷ୍ଠା ଆଦି ଦ୍ୱାରା ନଷ୍ଟ କରୁଥିବାରୁ)—ବଣୁଆ ପାରା—
Wild pigeon.

**ଗୃହନୀଡ଼**—ସଂ. ବି (ବହୁବ୍ରୀହି; ଗୃହ+ନୀଡ଼)—ଘରଚଟିଆ ଚଢ଼େଇ—
Gṛuhanīrḍa Sparrow.

**ଗୃହପତି**—ସଂ. ବି. ପୁଂ (୬ଷ୍ଠୀ ତତ୍; ଗୃହ+ପତି)—୧ । ଗୃହସ୍ଥ—
Gṛuhapati 1. A family-man.
୨ । ଗୃହସ୍ୱାମୀ—2. The master of a house.
୩ । ବ୍ରହ୍ମଚର୍ଯ୍ୟ ଆଶ୍ରମ ପରେ ଗୃହସ୍ଥାଶ୍ରମରେ ପ୍ରବେଶ କରିଥିବା ବ୍ୟକ୍ତି—3. A person whe has entered into the second stage of life (i. e. the stage of a family-man ) after finishing his studies.
୪ । ଯଜ୍ଞକର୍ତ୍ତା—
4. The performer or principal of a sacrifice.
୫ । (ଗୃହସ୍ଥର କର୍ତ୍ତବ୍ୟ) ଆତିଥେୟତା—
5. Hospitality.
୬ । ଗୃହରେ ଯଜ୍ଞାଗ୍ନି ଜାଗ୍ରତ ରଖିବା—
6. Maintenance of the sacred fire in one's home.
୭ । ମନ୍ତ୍ରୀ—7. A minister
[ ଦ୍ର—ଏ ଶବ୍ଦର ସ୍ତ୍ରୀଲିଙ୍ଗ 'ଗୃହପତ୍ନୀ' ଶବ୍ଦ ବେଦରେ ବ୍ୟବହୃତ ହୋଇଅଛି, କିନ୍ତୁ ପରବର୍ତ୍ତୀ ସଂସ୍କୃତରେ ଏହାର ବ୍ୟବହାର ବିରଳ । ]

**ଗୃହପାଳ**—ସଂ. ବି ( ଗୃହ+ପାଳ ଧାତୁ+କର୍ତ୍ତୃ. ଅ)—
Gṛuhapāḷa ୧ । ଘରର ରଖୁଆଳ ବା ଜଗୁଆଳ—
1. The person who guards a house.
୨ । ଗୃହକର୍ତ୍ତା—2. The master of a house.
୩ । ( ଏ ରାତିରେ ଘରକୁ ଜଗେ ) ପୋଷା କୁକୁର—
3. A watch-dog; a house-dog.

| ୧ | ଇ | ଉ | ଋ,ଌ | ଈ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗ୍ୟ | ଇଅ | ● | ନ |

**ଗୃହପୋତ**—ସଂ. ବି (୬ଷ୍ଠୀ ତତ୍; ଗୃହ+ପୋତ)—ଘରବାଡ଼ି; ଯେଉଁ
Gṛuhapota ଅସ୍ଥଳ ଉପରେ ଘର ତିଆରି ହୁଏ; ବସ୍ତୁ—
The site or ground on which a house is erected; homestead.

**ଗୃହପୋତକ**—ସଂ. ବି (ଗୃହପୋତ+କ)—ଗୃହପୋତ (ଦେଖ)
Gṛuhapotaka Gṛuhapota (See)

**ଗୃହପ୍ରତିଷ୍ଠା**—ସଂ. ବି (୬ଷ୍ଠୀ ତତ୍; ଗୃହ+ପ୍ରତିଷ୍ଠା)—ନୂଆ ଘରକୁ
Gṛuhapratishthā ହୋମାଦି ଦ୍ୱାରା ପବିତ୍ରୀକୃତ କରି ବାସୋପଯୁକ୍ତ କରିବା ଅନୁଷ୍ଠାନ—The ritualistic consecration ceremony of a newly built house.

**ଗୃହପ୍ରବେଶ**—ସଂ. ବି (୭ମୀ ତତ୍; ଗୃହ+ପ୍ରବେଶ)—ନୂଆଘରେ
Gṛuhaprabeṡa ବାସ କରିବାପାଇଁ ପ୍ରଥମେ ପ୍ରବେଶ କରିବା ଉପଲକ୍ଷରେ ଅନୁଷ୍ଠିତ ଶାସ୍ତ୍ରୀୟ କର୍ମ—
The first ceremonial entrance into a newly-built house; house-warming.

**ଗୃହବଳି**—ସଂ. ବି—(ମ. ପ. ଲୋ; ଗୃହରେ ପ୍ରଦତ୍ତ ବଳି)—ଗୃହସ୍ଥର
Gṛuhabaḷi ଦୈନିକ କର୍ତ୍ତବ୍ୟ ଅନ୍ନପିଣ୍ଡ ଦାନ କର୍ମ; ବୈଶ୍ୱଦେବରେ ପିତୃଲୋକ, ଦେବତା, ଭୂତ ଓ ବାୟସାଦିଙ୍କୁ ଦିଆଯିବା ଅନ୍ନପିଣ୍ଡ—Daily present of food offered to the ancestors, the Deities, ghosts; crows etc, by a Hindu householder.

[ ଦ୍ର—ହିନ୍ଦୁ ଗୃହସ୍ଥ ଭୋଜନ ପୂର୍ବରୁ ବୈଶ୍ୱଦେବ କରନ୍ତି । ଏହି ବୈଶ୍ୱଦେବରେ ଅଗ୍ନି, ଦେବଗଣ, ପିତୃ ପିତାମହ ପ୍ରପିତାମହ, ମାତୃ ପିତାମହୀ ପ୍ରପିତାମହୀ, ମାତାମହ ପ୍ରମାତାମହ ବୃଦ୍ଧପ୍ରମାତାମହ, ଯକ୍ଷ, ସନକାଦି ସପ୍ତ ମନୁଷ୍ୟ, ଅତିଥି ବ୍ରାହ୍ମଣ, କୁକୁର, ଚଣ୍ଡାଳ ଓ ବାୟସମାନଙ୍କ ନାମ ଉଚ୍ଚାରଣପୂର୍ବକ ଅନ୍ନପିଣ୍ଡ ବା ବଳି ଦିଅନ୍ତି । ଏହାକୁ ଗୃହବଳି ବୋଲାଯାଏ । ]

**ଗୃହବଳିଭୁକ୍**—ସଂ. ବି ( ଗୃହବଳି+ଭୁଜ ଧାତୁ+କର୍ତ୍ତୃ. କ୍ୱିପ୍; ଗୃହରେ
Gṛuhabaḷibhūk ପ୍ରଦତ୍ତ ବଳିକୁ ଯେ ଭକ୍ଷଣ କରେ)—
୧ । ଘରଚଟିଆ—1. A sparrow.
୨ । କୁଆ—2. A crow.
୩ । ବଗ—3 A crane.

**ଗୃହବାଜ**—ସଂ. ବି (ମ. ପ. ଲୋ; ଗୃହ+ବାଜ)—
Gṛuhabāja ୧ । ଲୋଟଣୀ ପାରା—1. The tumbler pigeon.
୨ । ପୋଷା ପାରା—2. Domestic pigeon.

**ଗୃହବାଟିକା**—ସଂ ବି. ସ୍ତ୍ରୀ (୬ଷ୍ଠୀ ତତ୍ ବା ମ.ପ.ଲୋ. ଗୃହ+ବାଟିକା)—
Gṛuhabāṭikā ୧ । ଗୃହସଂଲଗ୍ନ ବଗିଚା —
1. Garden attached to a house.
୨ । ଉଦ୍ୟାନବାଟିକା; ବଗିଚାଘର—
2. Garden-house.

**ଗୃହବାଟୀ**—ସଂ.ବି. ସ୍ତ୍ରୀ (୬ଷ୍ଠୀ ତତ୍ ବା ମ.ପ.ଲୋ.)—ଗୃହବାଟିକା (ଦେଖ)
Gṛuhabāṭi Gṛuhabāṭikā (See)

**ଗୃହବାସ**—ଦେ. ବି—(ସଦ୍‌ଭବ) ୧ । ଘରବାଡ଼ି—1. Homestead.
Gṛuhabāsa ୨ । ବାସସ୍ଥାନ; ବାସସ୍ଥାନ—2. Residence

ଭଗୀରଥ ବାତୁଳ ଦେଶ
ଚଳିଲେ ମୋର ଗୃହବାସ ।—ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

**ଗୃହବାସ କରିବା**—ଦେ. କ୍ରି—୧ । ସଂସାର କରିବା; ଗୃହସ୍ଥରୂପେ
Gruhabāsa karibā ସଂସାରରେ ରହିବା; ଘରକରଣା କରିବା—
1. To take to household affairs; to make a home.

କପୋତ କଲ ଗୃହବାସ
ବୃକ୍ଷ ଲଗି ଗଲ ନାଶ ।—ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

୨ । କୌଣସି ସ୍ଥାନରେ ସ୍ଥାୟୀରୂପେ ବାସ କରିବା—
2. Reside; to take up one's residence at a place.

**ଗୃହବାସୀ**—ସଂ. ବି. (ଗୃହ+ବସ ଧାତୁ କର୍ତ୍ତୃ. ଇନ୍ ୧ମା. ୧ବ.)—
Gṛuhabāsi ସଂସାରୀ; ଗୃହସ୍ଥ—A worldly man; a family-man.
ସଂ. ବିଣ. ପୁଂ—ଯେଉଁ ବ୍ୟକ୍ତି ଗୃହରେ ବାସ କରି ରହେ—
(ଗୃହବାସିନୀ—ସ୍ତ୍ରୀ) Living in a house.

**ଗୃହବିଚ୍ଛେଦ**—ସଂ.ବି (୬ଷ୍ଠୀ ତତ୍ ବା ମ.ପ.ଲୋ. ଗୃହ+ବିଚ୍ଛେଦ)—
Gṛuhabichchheda ୧ । ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ ଜନ୍ମିବା ମନୋମାଳିନ୍ୟର ପାରିବାରିକ କଳହ—
1. Domestic quarrel or misunderstanding.

**ଗୃହବିବାଦ**—ସଂ. ବି (୬ଷ୍ଠୀ ତତ୍ ବା ମ.ପ.ଲୋ.)—ଗୃହବିଚ୍ଛେଦ (ଦେଖ)
Gṛuhabibāda Gṛuhabichchheda ( See )

**ଗୃହବ୍ୟାପାର**—ସଂ. ବି. (୬ଷ୍ଠୀ ତତ୍; ଗୃହ+ବ୍ୟାପାର)—ଗୃହକର୍ମ—
Gṛuhabyāpāra Domestic duties.

**ଗୃହଭଞ୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ଭଞ୍ଜନ )—
Gṛuhabhañjana ଘରଭାଙ୍ଗିବା; ଗୃହବିବାଦ ଘଟାଇବାଦ୍ୱାରା ପରିବାରର ବିନାଶ ସାଧନ—Causing the decay or ruin of a house or family by creating dissension amongst the members.

**ଗୃହଭଗ୍ନ**—ଦେ. ବି. (ସଂ. ଗୃହ+ଭଙ୍ଗ)—ନିଜ ସ୍ତ୍ରୀର ମୃତ୍ୟୁ—
Gṛuhabhagna Death of one's wife.

**ଗୃହଭଙ୍ଗ**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ଭଙ୍ଗ )—ଗୃହଭଗ୍ନ ( ଦେଖ )
Gṛuhabhaṅga Gṛubabhagna ( See )

**ଗୃହଭର୍ତ୍ତା**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ଭର୍ତ୍ତା=ସ୍ୱାମୀ )—
Gṛuhabharttā ଗୃହସ୍ୱାମୀ ( ଦେଖ )
Gṛuhaswāmi ( See )

**ଗୃହଭୂମି**—ସଂ. ବି—ଗୃହପୋତ ( ଦେଖ )
Gṛuhabhūmi Gṛuhapota ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରଣ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅରଣ୍ୟ' ନ ପାଇଲେ 'ଅରଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଗୃହଭେଦ**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ଭେଦ )—
Gṛuhabheda ୧ । ସିନ୍ଧିକାଟି ଘରେ କସ୍ତିବା ଚୋର—
1. Housebreaking by boring hole in the wall of a house.
୨ । ପାରିବାରିକ ଅନ୍ତର୍ବିବାଦ—
2. Domestic quarrel.
୩ । ପରର ଗୃହଚ୍ଛିଦ୍ର ଜାଣିବା—
3. Knowledge of another's family-secrets; prying into another's private affairs.

**ଗୃହଭେଦୀ**—ସଂ. ବିଣ. ପୁଂ (ଗୃହ+ଭିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ.)—
Gṛuhabhedī ୧ । ଘରଭଙ୍ଗା (ଲୋକ); ଯେ ପରଘରେ ବିବାଦ (ଗୃହଭେଦିନୀ—ସ୍ତ୍ରୀ) ଘଟାଏ—1. One who brings about domestic dissensions in the family of another
୨ । ଯେ ଅନ୍ୟର ଗୁପ୍ତ କଥାକୁ ଖୋଜୁଥାଏ—
2. Prying into the domestic secrets of others.

**ଗୃହମଣି**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ମଣି )—ପ୍ରଦୀପ—
Gṛuhamaṇi Lamp.

**ଗୃହମାର୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ମାର୍ଜନ )—
Gṛuhamārjana ଘର ଓଳାଇ ବା ଲିପି ସଫା କରିବା—
Act of cleansing the house.

**ଗୃହମୃଗ**—ସଂ. ବି. (୬ଷ୍ଠୀ ତତ୍; ରୂପକ; ଗୃହ+ମୃଗ)—କୁକ୍କୁର—
Gṛuhamṛuga Dog.

**ଗୃହମେଧ**—ସଂ. ବି. ( ଗୃହ+ମେଧ ଧାତୁ+ଭାବ ଅ )—
Gṛuhamedha ୧ । ଗୃହସ୍ଥର କର୍ତ୍ତବ୍ୟ ଯଜ୍ଞ କର୍ମ—
1. Domestic religious sacrifice.
୨ । ଗୃହମେଧୀ ( ଦେଖ )
2. Gṛuhamedhī ( See )

**ଗୃହମେଧୀ**—ସଂ. ବି. ପୁଂ. (ଗୃହ+ମେଧ ଧାତୁ=ସଙ୍ଗମ କରିବା+କର୍ତ୍ତୃ. ଇନ୍; ୧ମା. ୧ବ)—୧ । ଗୃହସ୍ଥାଶ୍ରମୀ ବ୍ୟକ୍ତି—
Gruhamedhī (ଗୃହମେଧିନୀ—ସ୍ତ୍ରୀ) 1. A person who has entered into the second or domestic stage of life.
୨ । ଘରକରଣା ବ୍ୟକ୍ତି—2. A house-holder; a family-man.

ଗୃହମେଧୀ ସହସ୍ର ଅଠାଶୀ ଦ୍ୱିଜବର
ପୋଷୁଅଛନ୍ତି ନିତ ଦେଇଣ ଆହାର । କୃଷ୍ଣସିଂହ, ମହାଭାରତ ସଭା ।

**ଗୃହଯନ୍ତ୍ର**—ସଂ. ବି—ଯେଉଁ ଯଷ୍ଟିରେ ଉତ୍ସବାଦି ଉପଲକ୍ଷରେ ଘରଉପରେ
Gṛuhajantra ବା ସମ୍ମୁଖରେ ପତାକା ବନ୍ଧାଯାଏ—A stick or staff to which flags are fastened over or in front of a house on ceremonial occasions.

**ଗୃହୟାଳୁ**—ସଂ. ବିଣ. ( ଗ୍ରହ ଧାତୁ. ଣିଚ୍, ଗୃହି ଧାତୁ ( ନିପାତନ )+
Gṛuhayālu ଶୀଳାର୍ଥ. ଆଳୁ )—ଗ୍ରହଣାଭିଳାଷୀ—Intending to take or accept something; disposed or intending to sieze.
[ ଦ୍ର—ଭୂଳ-ଦୟାଳୁ, ନିଦ୍ରାଳୁ, କୃପାଳୁ ଇତ୍ୟାଦି । ]

**ଗୃହଲକ୍ଷ୍ମୀ**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ରୂପକ; ଗୃହ+ଲକ୍ଷ୍ମୀ )—
Gṛuhalakshmī ୧ । କୁଳକାମିନୀ; ସାଧ୍ୱୀ ସ୍ତ୍ରୀ—
1. A virtuous lady; a chaste lady of good manners.
୨ । ସ୍ତ୍ରୀ; ଭାର୍ଯ୍ୟା—2. Wife.

**ଗୃହଶିକ୍ଷକ**—ସଂ. ବି. (ଆଧୁନିକ ପ୍ରୟୋଗ)—ଯେଉଁ ଶିକ୍ଷକମାନେ ଘରେ
Gṛuhaśikshaka ପିଲାଙ୍କୁ ପଢ଼ାଇ ବିଦ୍ୟାଳୟର ପଢ଼ାରେ ସାହାଯ୍ୟ କରନ୍ତି—Private tutor.

**ଗୃହଶୁକୁଣ୍ଟିକା**—ସଂ. ବି. ( ଗୃହ + ଶୁକୁଣ୍ଟିକା=ପକ୍ଷୀ )—
Gṛuhaśukuntikā ୧ । ପୋଷା ପକ୍ଷୀ—
1. A domesticated bird.
୨ । କୁକୁଡ଼ା—2. Cock.

**ଗୃହସଂବେଶକ**—ସଂ. ବି. ( ୬ଷ୍ଠୀ ତତ୍; ଗୃହ+ସଂବେଶକ )—ଘୁଆଁସିଆ;
Gṛuhasaṁbeśaka ଘର ତିଆରି କରିବା ଯାହାର ବ୍ୟବସାୟ—
A house builder by profession.

**ଗୃହସ୍ଥ**—ସଂ. ବି. ପୁଂ. ( ଗୃହ+ସ୍ଥା ଧାତୁ+କର୍ତ୍ତୃ. ଅ )—
Gṛuhastha ୧ । ସଂସାରୀ; ଗୃହସ୍ୱାମୀ; ଗୃହକର୍ତ୍ତା; ଗୃହସ୍ଥାଶ୍ରମୀ—
1. A house-holder; the head of a family; a family-man; one who has entered into the second stage of life.
୨ । ( ନୁହେଁ ଗରିବ ନୁହେଁ ଧନୀ ) ସାଧାରଣ ଭଦ୍ର ପରିବାରର ଘରକରଣା ଲୋକ—2. A family-man who is neither rich nor poor.
( ଗୃହସ୍ଥା—ସ୍ତ୍ରୀ ) ସଂ. ବିଣ. ପୁଂ—ଘରେ ଥିବା—Situated or contained in the house.
ଦେ. ବି.—ସ୍ୱାମୀ; ଗେରସ୍ତ—Husband.

କେଉଁଠାରେ ନାହିଁ ଗୃହସ୍ଥ ଥିବ ଯାଇ,
ଅନ୍ୟପର ଇଚ୍ଛା କରିବ ନାହିଁ ହୋଇ । କୃଷ୍ଣସିଂହ, ମହାଭାରତ ବନ ।

**ଗୃହସ୍ଥଧର୍ମ**—ସଂ. ବି. (୬ଷ୍ଠୀ ତତ୍; ଗୃହସ୍ଥ+ଧର୍ମ)—ଘରକରଣା ବ୍ୟକ୍ତିର
Gṛuhasthadharma କର୍ତ୍ତବ୍ୟ କର୍ମ—
The duties of a house-holder.

**ଗୃହସ୍ଥାଧର୍ମ**—ଗ୍ରା. ବି.—ଗୃହସ୍ଥଧର୍ମ (ଦେଖ)
Gṛuhasthādharma Gṛuhasthadharma (See)

**ଗୃହସ୍ଥାଳୀ**—ସଂ. ବି. (ଗୃହସ୍ଥ + ଆଳୀ)—ଘରକରଣା; ଗୃହସଂସାର—
Gṛuhasthāḷī The state of a house-holder; the household.

| ୧ | ଇ | ଉ | ର,ର୍‌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉନ୍ନ ବନ୍ଦ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଘ | ଇଅ | ● | ନ୍ |

**ଗୃହସ୍ଥାଶ୍ରମ**—ସଂ. ବି. (୬ଷ୍ଠୀ ତତ୍; ଗୃହସ୍ଥ+ଆଶ୍ରମ)—ହିନ୍ଦୁର ଦ୍ୱିତୀୟ
Gṛuhasthāśrama ଆଶ୍ରମ; ଗାର୍ହସ୍ଥ୍ୟ ଆଶ୍ରମ—The second or family-stage of a Hindu; enjoined by the śāstras.
[ ଦ୍ର—ଶାସ୍ତ୍ର ଅନୁସାରେ ହିନ୍ଦୁର ଜୀବନ ଚାରିଗୋଟି ଆଶ୍ରମ ବା ପର୍ଯ୍ୟାୟରେ ବିଭକ୍ତ । (୧) ୨୫ ବର୍ଷ ପର୍ଯ୍ୟନ୍ତ ଅଧ୍ୟୟନ—ବ୍ରହ୍ମଚର୍ଯ୍ୟାଶ୍ରମ, (୨) ୨୫ ବର୍ଷ ଠାରୁ ୫୦ ବର୍ଷ ପର୍ଯ୍ୟନ୍ତ ବିବାହ, ଗୃହ ଓ ପରିବାରପାଳନ—ଗୃହସ୍ଥାଶ୍ରମ, (୩) ୫୦ ବର୍ଷ ଠାରୁ ୭୫ ବର୍ଷ ପର୍ଯ୍ୟନ୍ତ ସଂସାରତ୍ୟାଗ, ବନରେ କୁଟୀରନିର୍ମାଣ ଓ ବାସ, ଉପାସନା ଓ ଧର୍ମସାଧନ—ବାନପ୍ରସ୍ଥାଶ୍ରମ ଏବଂ (୪) ୭୫ ବର୍ଷ ଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ସର୍ବତ୍ୟାଗ, ଦେଶଭ୍ରମଣ ଓ ଆତ୍ମଜ୍ଞାନ ଲାଭ—ଭିକ୍ଷୁ ଆଶ୍ରମ । ]

**ଗୃହସ୍ଥି**—ଗ୍ରା. ବିଣ. ( ସଂ. ଗୃହସ୍ଥ )—ଘରକରଣା (ଲୋକ); ମଧ୍ୟବିତ୍ତ
Gṛuhasthi (ଲୋକ)—Well-to-do (person).
ଗ୍ରା. ବି.—ଗୃହସ୍ଥର କର୍ମ—The duties of a house-holder; domestic duties.

**ଗୃହସ୍ୱାମୀ**—ସଂ. ବି. ପୁଂ. (୬ଷ୍ଠୀ ତତ୍; ଗୃହ+ସ୍ୱାମିନ୍)—ଗୃହକର୍ତ୍ତା—
Gṛuhaswāmī Head of a family.
(ଗୃହସ୍ୱାମିନୀ—ସ୍ତ୍ରୀ)

**ଗୃହାକ୍ଷ**—ସଂ. ବି. (ରୂପକ; ଗୃହ+ଅକ୍ଷି, ସମାସରେ ଅକ୍ଷି ସ୍ଥାନରେ ଅକ୍ଷ)
Gṛuhāksha ୧ । ଘର କାନ୍ଥରେ କରା ଯାଇଥିବା ଜାଲି—
1. Loop-hole in the wall of a house.
୨ । ଗୋଲ୍ ବା ଚତୁଷ୍କୋଣିଆ ଗବାକ୍ଷ—2. Round or oblong window with eyelet-holes.

**ଗୃହାଗତ**—ସଂ. ବିଣ. (୨ୟା ତତ୍; ଗୃହ+ଆଗତ)—ଆଗନ୍ତୁକ; ଅତିଥି-
Gṛuhāgata A guest; a stranger visiting the house unannounced.

**ଗୃହାଙ୍ଗନା**—ସଂ.ବି. ସ୍ତ୍ରୀ (୬ଷ୍ଠୀ ତତ୍; ଗୃହ+ଅଙ୍ଗନା)—୧ । ଗୃହକର୍ତ୍ତ୍ରୀ;
Gṛuhāngaṅā ଘରଣୀ—1. The mistress of the house.
୨ । କୁଳବଧୂ—2. A lady of a respectable family; a house-wife

**ଗୃହାତିଥି**—ସଂ. ବିଣ (୬ଷ୍ଠୀ ତତ୍; କମ୍ବା ମ. ପ. ଲୋ, ଗୃହରେ ଉପସ୍ଥିତ
Gṛuhātithi ଅତିଥି—ଗୃହାଗତ (ଦେଖ )
Gṛuhāgata (See)

**ଗୃହାଧିପ**—ସଂ. ବି.—(୬ଷ୍ଠୀ ତତ୍; ଗୃହ+ଅଧିପ)—୧ । ଗୃହକର୍ତ୍ତା;
Gṛuhādhipa ଗୃହସ୍ୱାମୀ—1. The head of a house.
୨ । ଗୃହସ୍ଥ—2. A house-holder; a family-man.
୩ । (ଜ୍ୟୋତିଷ) କୌଣସି ରାଶିର ଅଧିଷ୍ଠାତା—
3. (astrology) A regent of a sign of the zodiac.

**ଗୃହାଧିପତି**—ସଂ. ବି.—ଗୃହାଧିପ (ଦେଖ)
Gṛuhādhipati Gṛuhādhipa (See)

**ଗୃହାବଗ୍ରହଣୀ**—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଗୃହ+ଅବଗ୍ରହଣୀ)—
Gṛuhābagrahaṇī ଦେହଲୀ; ଏରୁଣ୍ଡିବନ୍ଧ—
Door-sill; thresh hold of a door.

**ଗୃହାମ୍ଳ**—ସଂ. ବି.—(୬ଷ୍ଠୀ ତତ୍, କମ୍ବା ମ. ପ. ଲୋ; ଗୃହ ପ୍ରସ୍ତୁତ
Gṛuhāmḻa ଅମ୍ଳ)—କାଞ୍ଜି—Conjee; fermented gruel or rice-water.

**ଗୃହାରାମ**—ସଂ. ବି ( ମଧ୍ୟପଦଲୋପୀ; ଗୃହ+ଆରାମ )—
Gṛuhārāma ୧ । ଗୃହସଂଲଗ୍ନ ଉଦ୍ୟାନ—
1. Garden attached to a house.
୨ । ବଗିଚା ଘର—2. Garden house.

**ଗୃହାଳିକା**—ସଂ. ବି (ଗୃହ+ଅଳ=ଭୂଷ+କ+ସ୍ତ୍ରୀ. ଆ; ସାଦୃଶ୍ୟାର୍ଥେ)—
Gṛuhāḻikā ଗୃହଗୋଧା ( ଦେଖ )—
Gṛuhagodhā (See)

**ଗୃହାଶୟା**—ସଂ.ବି (ଗୃହ+ଆଶୟ; ପାନ ବରଜମାନ ଘର ଆକୃତି ବିଶିଷ୍ଟ
Gṛuhāśayā ଥିବାରୁ)—ପାନଗଛ—The betel creeper.

**ଗୃହାଶ୍ରମ**—ସଂ. ବି—ଗୃହସ୍ଥାଶ୍ରମ ( ଦେଖ )—
Gṛuhāśrama Gṛuhasthāśrama (See)

**ଗୃହାଶ୍ରମୀ**—ସଂ. ବିଣ. ପୁଂ—ଗୃହସ୍ଥାଶ୍ରମୀ ( ଦେଖ )—
Gṛuhāśramī Gṛuhasthāśramī ( See )

**ଗୃହାସକ୍ତ**—ସଂ. ବିଣ (୭ମୀ ତତ୍; ଗୃହ+ଆସକ୍ତ )—୧ । ଗୃହପ୍ରତି
Gṛuhāsakta ଅନୁରକ୍ତ—1. Attached to one's house.
୨ । ସଂସାରାନୁରକ୍ତ—
2. Attached to the world; worldly.
୩ । ଗୃହସ୍ଥିତ (ପକ୍ଷୀ, ପଶୁ ପ୍ରଭୃତି); ଗୃହପାଳିତ—
3. Domesticated; domestic.

**ଗୃହିଣୀ**—ସଂ. ବି. ସ୍ତ୍ରୀ (ଗୃହ+ଇନ୍+ସ୍ତ୍ରୀ. ଈ)—୧ । ପତ୍ନୀ; ଭାର୍ଯ୍ୟା—
Gṛuhiṇī 1. Wife; spouse.
୨ । ଘରଣୀ; ଗୃହକର୍ତ୍ତ୍ରୀ—2. Mistress of the house.
୩ । କୁଳବଧୂ—3. House-wife.

**ଗୃହୀ**—ସଂ. ବି. ପୁଂ ( ଗୃହ+ଅଛି ଅର୍ଥରେ ଇନ୍; ୧ମା. ୧ବ. )—
Gṛuhī ୧ । ସଭାର୍ଯ୍ୟ ଗୃହସ୍ଥ—1. A family man having a wife.
(ଗୃହିଣୀ—ସ୍ତ୍ରୀ)
୨ । ସଂସାରୀ; ଯେ ଗୃହସ୍ଥ ଧର୍ମ ପାଳନ କରେ—
2. House-holder; a worldly man.
ସଂ. ବିଣ—୧ । ଯାହାର ଗୃହ ଅଛି—1. Owning or possessing a house.
୨ । ସାଂସାରିକ—2. Worldly.
୩ । ଗୃହ ସମ୍ବନ୍ଧୀୟ—3. Domestic.
[ ଦ୍ର—ଯେଉଁ ବୈଷ୍ଣବମାନେ ବିବାହ କରି ପାରିବାରିକ ଧର୍ମ ପାଳନ କରି ଘରେ ରହନ୍ତି ସେମାନଙ୍କୁ ଗୃହୀ ବୈଷ୍ଣବ ଓ ଯେଉଁମାନେ ଚିରକୁମାର ବ୍ରତ ଧାରଣ କରି ମଠରେ ରହନ୍ତି ସେମାନଙ୍କୁ ନିହଙ୍ଗୀ ବୈଷ୍ଣବ କୁହାଯାଏ । ]

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ସାର' ନ ମିଳିଲେ 'ଶାର' ଖୋଜିବେ, 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; ବଂଶ ନ ପାଇଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଂକୃତ' ଦେଖିବେ ।

**ଗୃହୀତ**—ସଂ ବିଣ ( ଗ୍ରହ ଧାତୁ+କର୍ମ. ତ )—୧ । ଲବ୍ଧ; ପ୍ରାପ୍ତ—
Gruhita 1. Attained; received.
୨ । ସ୍ୱୀକୃତ—2. Acknowledged; admitted.
୩ । ଯାହା ଗ୍ରହଣ କରି ଯାଇଅଛି—
3. Taken; accepted.
୪ । ଆକ୍ରାନ୍ତ—4. Overtaken.
୫ । ଧୃତ—5. Seized.
୬ । ଆଶ୍ରିତ—6. Sheltered.
୭ । ଅଭ୍ୟସ୍ତ—7. Habituated; adopted.
୮ । ଜ୍ଞାତ—8. Known.
୯ । ସାକ୍ଷାତ୍‌କୃତ—9 Visited.

**ଗୃହୀତଗର୍ଭା**—ସଂ. ବିଣ. ସ୍ତ୍ରୀ ( ବହୁବ୍ରୀହି; ଗୃହୀତ+ଗର୍ଭ+ଆ )—
Gruhitagarbhā ଗର୍ଭବତୀ—Pregnant.

**ଗୃହୀତା**—ସଂ. ବି ( ଗ୍ରହ ଧାତୁ+ତୃ. ୧ମା. ୧ବ )—୧ । ଗ୍ରାହକ—
Gruhitā 1. Receiver.
(ଗୃହୀତ୍ରୀ—ସ୍ତ୍ରୀ) ୨ । ଗ୍ରହଣକର୍ତ୍ତା—2. One who takes or accepts ( a thing ).
[ ଦ୍ର—ଏହି ଶବ୍ଦର ଅନ୍ୟ ରୂପ ଗ୍ରହୀତା । ]
ସଂ. ବିଣ. ସ୍ତ୍ରୀ—ଗୃହୀତର ସ୍ତ୍ରୀ ଲିଙ୍ଗ—Feminine of Gruhita.

**ଗୃହେଶ**—ସଂ.ବି (୬ଷ୍ଠୀ ତତ୍; ଗୃହ+ଈଶ )—ଗୃହାଧିପ ( ଦେଖ )—
Gruheśa Gruhādhipa ( See )

**ଗୃହେଶ୍ୱର**—ସଂ.ବି (୬ଷ୍ଠୀ ତତ୍; ଗୃହ+ଈଶ୍ୱର)—ଗୃହାଧିପ (ଦେଖ)—
Gruheśwara Gruhādhipa ( See )

**ଗୃହୋତ୍ପାତ**—ସଂ. ବି ( ୬ଷ୍ଠୀ ତତ୍; ଗୃହ+ଉତ୍ପାତ )—ଗୃହରେ ବାସ
Gruhotpāta କରୁଥିବା ବ୍ୟକ୍ତିମାନଙ୍କ ପ୍ରତି କଷ୍ଟପ୍ରଦ ଘଟଣା—
Domestic nuisance or calamity.

**ଗୃହୋପକରଣ**—ସଂ. ବି. (୬ଷ୍ଠୀ ତତ୍; ଗୃହ+ଉପକରଣ)—ଘରର
Gruhopakaraṇa ଅସବାବ୍‌ପତ୍ର; ଗୃହସ୍ଥର ନିତ୍ୟାବଶ୍ୟକ
ବସ୍ତୁଚୟ—Domestic furnitures and utensils.

**ଗୃହ୍ଣାନ**—ସଂ. ବିଣ. (ଗ୍ରହ ଧାତୁ+କର୍ତ୍ତୃ ଶାନଚ୍)—
Gruhṇāna ୧ । ଯେ ଗ୍ରହଣ କରୁଅଛି—1. Taking; accepting.
(ଗୃହ୍ଣାନା—ସ୍ତ୍ରୀ)
୨ । ଗ୍ରହଣଶୀଳ—2. Habituated to taking.

**ଗୃହ୍ଣିବା**—ପ୍ରାଦେ. (ସମ୍ବଲପୁର) କ୍ରି. (ମୂଳ. ସଂ. ଗୃହ୍ଣାତି)—
Gruhnibā ଗ୍ରହଣ କରିବା—To take; to accept.

**ଗୃହ୍ୟ**—ସଂ. ବିଣ. (ଗ୍ରହ ଧାତୁ+କର୍ମ. ଯ)—
Gruhya ୧ । ଆକର୍ଷିତ ହେବାର ଯୋଗ୍ୟ—1. Fit to be attracted.
୨ । ଗ୍ରହଣଯୋଗ୍ୟ—2. Acceptable.
୩ । ପରାଧୀନ; ଅନ୍ୟର ଆଶ୍ରିତ—3. Dependent.
୪ । ଅସ୍ୱତନ୍ତ୍ର; ଅଧୀନ—4. Subordinate; subservent.
୫ । (ସମାସରେ ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ, ଯଥା—
ଗ୍ରାମଗୃହ୍ୟା ସେନା) – ବାହାରରେ ଅବସ୍ଥିତ—
5 Situated outside of.
ସଂ. ବି.—୧ । ଗୃହରେ ବାସ କରୁଥିବା ବ୍ୟକ୍ତି—
1. Inmate of a house.
୨ । ଗୃହପାଳିତ ଜୀବ—2. Domesticated animal.
୩ । ଗୃହ୍ୟାଗ୍ନି (ଦେଖ)—3. Gruhyāgni (See).
୪ । ଗୁହ୍ୟଦ୍ୱାର—4. The anus.
୫ । ଗୃହ୍ୟସୂତ୍ର (ଦେଖ)—5. Gruhyasūtra (See)

**ଗୃହ୍ୟସୂତ୍ର**—ସଂ. ବି.—ଗୋଭିଳାଦି କୃତ ବେଦୋକ୍ତ କର୍ମକାଣ୍ଡ ଗ୍ରନ୍ଥ
Gruhyasūtra (ଏଥିରେ ଗୃହସ୍ଥର ଦୈନିକ କର୍ତ୍ତବ୍ୟମାନ ବର୍ଣ୍ଣିତ ହୋଇଅଛି)—Collection of old apporisms as regards the management and performance of domestic rites and ceremonies.
[ଦ୍ର—ଏ ଶାସ୍ତ୍ରମାନଙ୍କରେ ଗୃହସ୍ଥର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରାଯିବା ଶୁଭାଶୁଭ କର୍ମମାନଙ୍କର ବିଧି ଓ କେଉଁ କର୍ମରେ କେଉଁ ମନ୍ତ୍ର ପାଠ କରାଯିବ, ତାହା ଦିଆଯାଇ ଅଛି । ଭିନ୍ନଭିନ୍ନ ଜାତି ବା ଗୋତ୍ରର ବ୍ରାହ୍ମଣ ବା କ୍ଷତ୍ରିୟମାନଙ୍କର ଭିନ୍ନ ଗୃହ୍ୟସୂତ୍ରର ବିଧି ଅବଶ୍ୟପାଳନୀୟ । ଗୃହ୍ୟସୂତ୍ର ଗୃହସ୍ଥର ନିତ୍ୟ ନୈମିତ୍ତିକ କର୍ମର ସୂଚକ ଓ ନିୟାମକ । ଗୃହ୍ୟସୂତ୍ରମାନଙ୍କ ମଧ୍ୟରେ ଗୋଭିଲ, ଅଶ୍ୱଲାୟନ, କାତ୍ୟାୟନ ଓ ପାରସ୍କରଙ୍କ ରଚିତ ଗ୍ରନ୍ଥମାନ ପ୍ରଧାନ । ]

**ଗୃହ୍ୟା**—ସଂ. ବି. ସ୍ତ୍ରୀ (ଗୃହ୍ୟ+ସ୍ତ୍ରୀ. ଆ)—୧ । ସହର ଲଗିଥିବା ଗ୍ରାମ—
Gruhyā 1. A village adjoining a town.
୨ । ବୃହତ୍ ଗ୍ରାମର ନିକଟବର୍ତ୍ତୀ କ୍ଷୁଦ୍ର ଗ୍ରାମ; ପଡ଼ା—
2. Hamlet adjoining a big village.

**ଗୃହ୍ୟାଗ୍ନି**—ସଂ. ବି.—ବିବାହ ବେଦୀରେ ପାଣିଗ୍ରହଣ ପରେ ପ୍ରଜ୍ୱଳିତ
Gruhyāgni ହୋମାଗ୍ନି—The sacrificial fire lighted after the hands of the bridegroom and the bride are united on the marriage pulpit.
[ଦ୍ର—ଏଥିରେ ଲାଜାହୋମ କରାଯାଏ । ଗୃହସ୍ଥ ଏ ଅଗ୍ନିକୁ ଆଜୀବନ ରକ୍ଷା କରି ଏହାର ସାହାଯ୍ୟରେ ପଞ୍ଚଯଜ୍ଞ କରେ ଓ ଏଥିରେ ନିତ୍ୟନୈମିତ୍ତିକ ହୋମ ଓ ପାକକ୍ରିୟା ମଧ୍ୟ ସମାଧାନ କରେ । ]

**ଗୃ** (ଧାତୁ)—ସଂ.—୧ । ଶବ୍ଦ କରିବା—1. To make a sound.
Grū ୨ । ପାଟିକରି ଡାକିବା—2. To call out.
୩ । ଉଚ୍ଚାରଣ କରିବା—3. To utter.
୪ । ପ୍ରଚାର କରିବା—4. To proclaim.
୫ । ପ୍ରଶଂସା କରିବା—5. To praise.
୬ । ଗ୍ରାସ କରିବା; ଗିଳିବା—6. To swallow; to devour; to eat up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ଙ |

**ଗେଇଁଦେବା**—ପ୍ରାଦେ (ଗଞ୍ଜାମ) କ୍ରି—୧ । ଠକିଦେବା—
Geiñdebā 1. To cheat.
୨ । ହଠାତ୍ କୌଣସି ପଦାର୍ଥକୁ ନେଇଯିବା—
2. To take away anything suddenly.
୩ । (ସଂ. ଗମ ଧାତୁ) କୌଣସି ସ୍ଥାନ ତ୍ୟାଗକରି ହଠାତ୍ ଚାଲିଯିବା—3. To move away suddenly from a place.

**ଗେଁଗେଁ**—ଦେ (ଧ୍ୱନ୍ୟନୁକରଣ) ଅ—୧ । ଶବ୍ଦକରି ହୋଇ କାନ୍ଦିବା—
Geñgeñ 1. Crying with a droning sound.
গেঁগেঁ ୨ । ଅସ୍ପଷ୍ଟରୂପେ କଥାକହିବା —
2. Speaking in a droning manner.

**ଗେଁଛ**—ପ୍ରାଦେ ( ସମ୍ବଲପୁର ) ବି (ସଂ. ଗୁଚ୍ଛ)—ଗୋଛା—
Geñchh Bunch; bundle.

**ଗେଁଥଲ୍**—ପ୍ରାଦେ (ସମ୍ବଲପୁର) ବିଣ—ଦୁର୍ବଳ ( ଯାହାର ଗୋଡ଼ହାତ ମୋଟା ନୁହେ ଓ କଥାବାର୍ତ୍ତା କ୍ଷୀଣ)—
Geñthal Weak; emaciated.

**ଗେଁପେଁ କରିବା**—ଦେ.କ୍ରି—୧ । ଖେଳରେ ଭୁଲୁଡ଼ାଇବା ବା ଧପାଇବା—
Geñpeñ karibā 1 To play unfairly
୨ । କୌଣସି କଥାକୁ ଗୋଳାଇଦେବା—
2. To slur over anything.
୩ । ଖରାପ ଭାବରେ କାର୍ଯ୍ୟ କରିବା—
3. To do any thing badly or slovenly.
ପ୍ରାଦେ (ସମ୍ବଲପୁର) କ୍ରି—ଆତ୍ମସାତ୍ କରିବା—
To appropriate anything to one's self.

**ଗେଁହିଁବା**—ଦେ. କ୍ରି (ଅଶ୍ଳୀଲ) (ସଂ. ଗମ ଧାତୁ) —ମୈଥୁନ କରିବା—
Geñhiñbā To cohabit; to copulate.
চুদা
चोदना

**ଗେଙ୍ଗ୍ଟି**—ପ୍ରାଦେ (ସମ୍ବଲପୁର) ବି—ଗେଙ୍ଗୁଟି (ଦେଖ)
Geṅgṭi Geṅguṭi (See)

**ଗେଙ୍ଗ୍ଠି**—ପ୍ରାଦେ (ସମ୍ବଲପୁର) ବି—ଗେଙ୍ଗୁଟି (ଦେଖ)
Geṅgṭhi Geṅguṭi (See)

**ଗେଙ୍ଗୁଟି**—ଦେ. ବି—୧ । ପଥରଚୂନର ଉପାଦାନ ଉପଲଖଣ୍ଡ; ମାଟିରେ ମିଳିବା ଚୂନ ଉତ୍ପାଦକ ପଥରଖଣ୍ଡ ( ଯାହାକୁ ପୋଡ଼ିଲେ ଘୁଟିମ; ଘଷିମ ଚୂନ ବାହାରେ )—1. Lime-ghooting; nodular lime-stone.
Geṅguṭi
कङ्कड़
ঘেঁটু, ভাঁট ୨ । (ସଂ. ଘଣ୍ଟକ; କଣ୍ଟାକଣ୍ଠି) ଏକପ୍ରକାର ବନ୍ୟ ଗୁଳ୍ମ—
घंटाकरन 2. A kind of wild plant; Clerodendron Infortunatum.

[ ଦ୍ର—ଏହା ଭାଣ୍ଡୀରାଦି ବର୍ଗର ବନ୍ୟକ୍ଷୁପ । ଫୁଲ ଧଳା ଓ ସୁଗନ୍ଧ; ଫୁଲର ଭିତରେ ନାଲି ଟୋପା ଦାଗ ଥାଏ । ଏହାର ଫୁଲ ବସନ୍ତକାଳରେ ଫୁଟେ । ପାଚିଲା ଫଳ କୃଷ୍ଣରକ୍ତବର୍ଣ୍ଣ ଦେଖାଯାଏ । ଏହାର ପୁଷ୍ପମଞ୍ଜରୀ ଦେଖିବାକୁ କଣ୍ଟିପରି । ଏହା ଜ୍ୱର, ଶ୍ଳେଷ୍ମା, ଦୃଷ୍ଟି ଓ କ୍ରିମିନାଶକ । ]

**ଗେଜ**—ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଗେଜ୍)—ମାପକାଠି—
Geja A measuring stick; gouging rod.
গেজ
पमाना

**ଗେଜା**—ପ୍ରାଦେ. ( ସମ୍ବଲପୁର ) ବିଣ—୧ । ନିରୀହ—
Gejā 1. Innocent.
୨ । ମୂର୍ଖ—2. Ignorant.
୩ । ନିର୍ବୋଧ; ଓଲୁ—3. Stupid.

**ଗେଜେଟ୍**—ବୈଦେ. ବି. (ଇଂ. ଗେଜେଟ୍)—୧ । ସମ୍ବାଦପତ୍ର—
Gejeṭ 1. News-paper.
গেজেট ୨ । ସରକାରଙ୍କ ପରିଚାଳିତ ସମ୍ବାଦପତ୍ର—
गजट 2. Government Gazette.

**ଗେଜେଟିଅର୍**—ବୈଦେ. ବି. (ଇଂ)—ଭୌଗୋଳିକ ଓ ଐତିହାସିକ ବିବରଣ ସମ୍ବଳିତ ଅଭିଧାନବିଶେଷ —
Gejeṭiar
গেজেটিআর Gazetteer; geographical and historical book of reference.
गगेटियार

**ଗେଜେଟେଡ୍ ଅଫିସର୍**—ବୈଦେ. ବି. (ଇଂ)—ଉଚ୍ଚ ସରକାରୀ କର୍ମଚାରୀ ( ଯେଉଁମାନଙ୍କର ନିଯୁକ୍ତି ଓ ସ୍ଥାନାନ୍ତରିତ ହେବା ଆଦି ସରକାରୀ ଗେଜେଟ୍‌ରେ ପ୍ରକାଶ ପାଏ )—Gazetted officer.
Gejeṭeḍ aphisar
গেজেটেড আপিসার
गजटेड अपसर

**ଗେଜୋଗାଜୋ କରିବା**—ପ୍ରାଦେ.(ସମ୍ବଲପୁର) କ୍ରି—ଥାଆ ମାମା ହେବା; କଥା ପ୍ରକାଶ କରିବା ବେଳେ ଇତସ୍ତତଃ ହେବା—To prevaricate.
Gejogājo karibā

**ଗେଞ୍ଚ**—ଦେ. ବି ଓ ବିଣ—ଗେଞ୍ଜ ( ଦେଖ )
Geñcha Geñja ( See )

**ଗେଞ୍ଚା**—ଦେ. ବି—ଗେଞ୍ଜା ( ଦେଖ )
Geñchā Geñjā ( See )

**ଗେଞ୍ଚିବା**—ଦେ. କ୍ରି.—ଗେଞ୍ଜିବା (ଦେଖ)
Geñchibā Geñjibā (See)

**ଗେଞ୍ଚିହେବା**—ଦେ. କ୍ରି.—ଗେଞ୍ଜିହେବା (ଦେଖ)
Geñchihebā Geñjihebā (See)

**ଗେଞ୍ଜ୍ଫ୍ରାସ୍**—ବୈଦେ. ବି. (ଇଂ) ଗର୍ନ୍ସିଫ୍ରକ୍)—ଗଞ୍ଜି (ଦେଖ)
Geñjphrās Gañji (See)

**ଗେଞ୍ଜା**—ଦେ. ବି. (ସଂ. ଗୃଧ୍ ଧାତୁ; ଭୂଲ—ପାଲ ଚିଙ୍କିହି)—ଅଣଓସାରିଆ ସ୍ଥାନ—A narrow place; narrow strip of land tapering to a point.
Geñja
কোন
तङ्ग

**ଗେଞ୍ଜଗୋହିର**—ଦେ. ବି—ଅଣଓସାରିଆ ଓ ଗଭୀର—
Geñjagohirā Narrow and deep.
तङ्गअगहरा

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗେଞ୍ଜଣା**—ଦେ. ବି—୧ । ଗେଞ୍ଜିବା; ଭୁଷିବା—
Geñjaṇā — 1. Thrusting of a pointed thing.
গেঁজ — ୨ । ଗେଞ୍ଜଣାକାଠି ( ଦେଖ )
**घुसेड़ना; ठुसना** — 2. Geñjaṇākāṭhi ( See )

**ଗେଞ୍ଜଣାକାଠି** ଦେ. ବି—ଯେଉଁ କାଠିଦ୍ୱାରା ଚୁଲିରେ ଗେଞ୍ଜି ନିଆଁକୁ ସତେଜ କରାଯାଏ—A pointed rod used in stirring the fuel inside an oven; poker.
Geñjaṇākāṭhi
**किल्ला**

**ଗେଞ୍ଜା**—ଦେ. ବ—କୌଣସି ମୁନିଆଁ ପଦାର୍ଥକୁ ଅନ୍ୟ ବସ୍ତୁ ମଧ୍ୟରେ ପୂରାଇବା ବା ଭୁଷିବା—Thrusting a pointed thing into another thing.
Geñjā
গুঞ্জা; গোঁজা
**ठुसा** — ଦେ. ବଣ—ଗେଞ୍ଜା ହୋଇଥିବା—Thrust.

**ଗେଞ୍ଜାଗେଞ୍ଜି**—ଦେ. ବଣ—୧ । ଏକସ୍ଥାନରେ ଯାକ ହୋଇ ବସିଥିବା ( ବହୁ ବ୍ୟକ୍ତି ବା ପଦାର୍ଥ )—
Geñjāgeñji
গেঁজাগেঁজি — 1. Over crowded; huddled together.
**ठुसाठुसी** — ୨ । ଚଳିବା ପାଇଁ ଅତି ସଙ୍କୀର୍ଣ୍ଣ—2. Very norrow.

ଦେ. ବ—୧ । ବହୁ ଲୋକ ଏକତ୍ର ଠେଲାଠେଲି ହୋଇ ଅଳ୍ପ ସ୍ଥାନ ଅଧିକାର କରିବା—
1. Over crowding; huddling together.
୨ । ଅଳ୍ପ ସ୍ଥାନରେ ବହୁ ପଦାର୍ଥକୁ ଏକାଠି ମାଡ଼ ପୂରାଇବା—
2. Pressing together many things into a small space.

**ଗେଞ୍ଜିବା**—ଦେ. କ୍ରି—୧ । ଖେଞ୍ଚିବା; କୌଣସି ମୁନିଆଁ ପଦାର୍ଥରେ ଅନ୍ୟ ପଦାର୍ଥକୁ ଭୁଷିବା—1. To thrust a pointed thing into another thing; to poke.
Geñjibā
গোঁড়া
**ठुसना; घुसेडना; खोंसना** — ୨ । ବହୁ ପଦାର୍ଥ ମଧ୍ୟରେ ଗୋଟିଏ ପଦାର୍ଥକୁ ଗୁଞ୍ଜିବା—
2. To thrust a thing into many things.
୩ । ଚାପିବା; ଏକତ୍ର ଚିପିବା—
3. To press together; to squeeze.
୪ । ଲେଖା ହୋଇଥିବା ଅକ୍ଷର ବା ଧାଡ଼ି ମଧ୍ୟରେ ଅନ୍ୟ ଅକ୍ଷର ବା ଧାଡ଼ି ଲେଖିବା—4 To interline; to write a line or words between the lines or words.

**ଗେଞ୍ଜିହେବା**—ଦେ. କ୍ରି—୧ । ଭୁଷିହେବା—
Geñjihebā — 1 To be thrust.
୨ । ଅଳ୍ପ ସ୍ଥାନରେ ଅତି କଷ୍ଟରେ ପଶିରହିବା—
2. To thrust one's self into great difficulty into a very narrow space.

**ଗେଞ୍ଜେଣା** (ଇତ୍ୟାଦି)—ଦେ. ବ—ଗେଞ୍ଜଣା ଇତ୍ୟାଦି (ଦେଖ)
Geñjeṇā (etc) — Geñjaṇā etc (See)

**ଗେଟ୍**—ବୈଦେ. ବ. ( ଇଂ. ଗେଟ୍ )—ପ୍ରବେଶଦ୍ୱାର; ଫାଟକ—
Geṭ — Gate.
গেট
**फाटक**

**ଗେଟ୍‌କିପର୍**—ବୈଦେ. ବ. ( ଇଂ )—ଫାଟକକୁ ଜଗିବା ଭୃତ୍ୟ; ଦରୁଆନ୍—Gate-keeper.
Geṭkipar
গেটকিপার
**गेटकिपर; दरवान**

**ଗେଟ୍‌ଘର**—ଦେ. ବ. ( ଇଂ. ଗେଟ୍‌ହାଉସ୍ )—ଫାଟକ ନିକଟରେ ପ୍ରହରୀମାନଙ୍କର ରହିବା ଘର—Gate-house.
Geṭghara
গেটঘর
**फाटकघर**

**ଗେଟ୍‌ମାନ୍**—ବୈଦେ. ବ. ( ଇଂ )—ଗେଟ୍‌କିପର୍ ( ଦେଖ )
Geṭmān — Geṭkipar ( See )
গেটমান
**गेटमेन; दरवान**

**ଗେଟମ**—ଦେ. ବଣ. ପୁଂ. (ସଂ. ଗେଣ୍ଡୁ=କନ୍ଦୁକ)—ବାଙ୍ଗର; ବାମନ; ଗେଡ଼ା—Dwarfish.
Geṭama
( ଗେଟମୀ—ସ୍ତ୍ରୀ )
গেঁড়া; খাট; বেঁটে; গেঁটা
**बाओना; ठगना**

**ଗେଟମା**—ଦେ. ବଣ—ଗେଟମ ( ଦେଖ )
Geṭamā — Geṭama ( See )

**ଗେଟା**—ବୈଦେ. ବ. ( ଫା )—୧ । ଦାସ; ଗୋଲାମ—
Geṭā — 1. Slave.
গোলাম — ୨ । ତାସ ଖେଳର ଗୋଲାମ—
**गुलाम** — 2 The knave in the game of cards.

**ଗେଟି**—ଦେ. ବ. ( ଭୁଲ. ସଂ. ଗୁଟିକା )—୧ । ରେଲ୍ ଲାଇନର ଲୁହା ମଧ୍ୟରେ ଦିଆ ଯିବା ଓ ପକ୍କା ସଡ଼କରେ ଦିଆ ଯିବା କମଲେ ବ୍ୟବହୃତ ଉପଲଖଣ୍ଡ; ପଥର ଗୋଡ଼ି—
Geṭi
ঘুটী; ঘুঁটী; ঘুটিঙ্
**गिट्टी, आँक** — 1. Metal; broken stones used in metalling roads and ballasting raitroads.
୨ । ଗେଙ୍ଗୁଟ—2. Lime ghooting.

**ଗେଟିଉତରା**—ପ୍ରାଦେ. ( ଗଞ୍ଜାମ ) ବ—ଚିକ୍କା; ସରୁ ଓ ଈଷତ୍ ରଙ୍ଗ ଧାନ—A species fine paddy ( slightly red in colour ).
Geṭiutarā

**ଗେଟେଇ**—ଦେ. ବ. ( ସଂ. ଗୁଟିକା )—ଗୁଣ୍ଡିର ଚୂନାରେ ପ୍ରସ୍ତୁତ ଜଳସିଦ୍ଧ ପିଠା; ଗଇଣ୍ଠା—A kind of hard cake made of rice-flour boiled in water.
Geṭei
**पिठा**

**ଗେଟେଇ ଅଟକାଳି**—ଦେ. ବ. ( ଦ୍ୱନ୍ଦ୍ୱ; ସହଚରଶବ୍ଦ )—ଗେଟେଇ ଓ ଜାଉ—Cake and gruel.
Geṭei aṭakāḷi
**पिठा औ लपसी**

| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଷ | ଜ୍ଞ | ଇସ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଊ | ରୁ | ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ● | ନ୍ନ |

**ଗେଟ୍ଟା**—ବୈଦେ. ବି. ( ଘା )—ଗେଟା ( ଦେଖ )
Getta — Geta ( See )

**ଗେଟ୍ଟି**—ବୈଦେ. ବି. ( ଘା )—ଗେଟ ( ଦେଖ )
Getti — Geti ( See )

**ଗେଡ଼**—ଦେ. ବିଣ. ପୁଂ—ଖର୍ବକାୟ; ବାଙ୍ଗୁରା—
Gerda — Dwarfish; stunted; short.
( ଗେଡ଼ୀ—ସ୍ତ୍ରୀ )
গেঁড়া; বেঁটে
ଠିଗନା

**ଗେଡ଼ା**—ଦେ. ବିଣ. ପୁଂ—ଗେଡ଼ ( ଦେଖ )
Gerda — Gerda ( See )
ଠିଗନା

ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଲଗୁଡ଼ )—ବାଡ଼ି,
( ଗେଡ଼ୀ—ସ୍ତ୍ରୀ ) ଦୀର୍ଘଯଷ୍ଟି—Big stick.
ପ୍ରାଦେ. (ସମ୍ବଲପୁର) ବିଣ—ଉଚ୍ଚ—Tall.
[ ଦ୍ର—ଓଡ଼ିଶାର ଅନ୍ୟ ଅଞ୍ଚଳରେ ଏହି ଶବ୍ଦର ଅର୍ଥ ବାଙ୍ଗର; ଅଳ୍ପ ଉଚ୍ଚ । ]

**ଗେଡ଼ିଆ**—ଦେ. ବି—ଏକପ୍ରକାର ଖାଦ୍ୟ ଶାକ ଗୁଳ୍ମ ( ଉତ୍କଳରେ ପ୍ରାୟ
Gerdia — ଦେଖି ଯାଇ ହୁଏ )—Suaeda Indica ( plant used as kitchen-herb ).

**ଗେଡ଼ିଖେଳ**—ପ୍ରାଦେ. (ସମ୍ବଲପୁର) ବି—ରଣପା ( ଦେଖ )
Gerdikhela — Ranapa ( See )
[ ଦ୍ର—ମାସର ଦ୍ୱିତୀୟାଠାରୁ ଅମାବସ୍ୟା ପର୍ଯ୍ୟନ୍ତ ଏହା କରାଯାଏ । ]

**ଗେଡ଼ୁଆ**—ଦେ. ବିଣ. ପୁଂ—ଗେଡ଼ ( ଦେଖ )
Gerdua — Gerda ( See )
(ଗେଡ଼େଇ—ସ୍ତ୍ରୀ)

**ଗେଡ୍ଡା**—ପ୍ରାଦେ. (ଗଞ୍ଜାମ) ବି. ( ତୁଲ. ତେ—ଗେଡ୍ଡା )
Gedda — ଅତ୍ୟନ୍ତ ଛୋଟ ନଦୀ—A very small rivulet.

**ଗେଣ୍ଟ୍**—ଦେ. ବି—୧ । ମନର ଦମ୍ଭ; ଦାମ୍ଭିକତା—
Gent — 1. Undue confidence of mind.
গ্যাঁট — ୨ । ଅଯଥା ସନ୍ତୋଷ—2. Improper satisfaction.
ମନସୁବା — ୩ । ଦମାକ; ଗର୍ବ—3. Arrogance.

**ଗେଣ୍ଟ୍ କରିବା**—ଦେ. କ୍ରି—୧ । ମନରେ ଦମ୍ଭ କରିବା—
Gent kariba — 1. To have undue confidence.
গ্যাঁটবাঁধা — ୨ । ଅଯଥା ସନ୍ତୁଷ୍ଟ ହେବା—
ମନସୁବା ବାଁଧନା — 2. To feel undue satisfaction.

**ଗେଣ୍ଟ୍ ବାନ୍ଧିବା**—ଦେ. କ୍ରି—ଗେଣ୍ଟ୍ କରିବା ( ଦେଖ )
Gent bandhiba — Gent kariba ( See )

**ଗେଣ୍ଠା**—ଦେ. ବି. (ଅଶ୍ଳୀଳ)—ଲିଙ୍ଗମଳ; ଗେନ୍ଦା—
Gentha — The excrecense under the fore skin of the penis.
ପିଠାଡ଼

**ଗେଣ୍ଠି**—ଦେ. ବି—ଗେଙ୍ଗୁଟ—Lime ghooting.
Genthi

**ଗେଣ୍ଠୁ**—ଦେ. ବି. ( ଅଶ୍ଳୀଳ; ଗାଳିବିଶେଷ )—ଅକର୍ମିକା ଓ ଘୃଣ୍ୟ
Genthu — ବ୍ୟକ୍ତି—(a term of abuse) A worthless; idle and despicable person.
(ଗେଣ୍ଠୋଇ—ସ୍ତ୍ରୀ)
ଗାଁଡୁ

**ଗେଣ୍ଡା**—ଦେ. ବି. ( ସଂ. ଗେଣ୍ଡୁ=କନ୍ଦୁକ ) ( ଏହାର ଖୋଲ କନ୍ଦୁକ
Genda — ପରି ଗୋଲ ଥିବାରୁ )—ଜଳରେ ଥିବା ପେଣ୍ଡୁ ଅବୃତ
গেঁড়া — ଜନ୍ତୁବିଶେଷ—Snail.
ଘୋଂଘା

**ଗେଣ୍ଡାମଲା**—ପ୍ରାଦେ. (ଗଡ଼ଜାତ) ବି—ତେଲଗୁଣୀପୋକ (ଦେଖ)
Gendamala — Telagunipoka (See)

**ଗେଣ୍ଡାମାଟି**—ଦେ. ବି—ଗେଣ୍ଡା ଗାଳିଥିବା ମାଟି—
Gendamati — Clay emitted by snails

**ଗେଣ୍ଡାଲିଆ**—ଦେ. ବି—୧ । ଜଳାଭୂମିରେ ଚରିବା କୁଳେଚର ବର୍ଗର
Gendalia — ଏକପ୍ରକାର ପକ୍ଷୀ—1. A kind of wading
শামুকভাঙ্গা — bird frequentig water-logged
শামুকখোল — places and subsisting on snails;
শামখোল — the open bill; the open-beak.
କରାକୁଲା — ଉଡ଼ିଗଲେ ଗେଣ୍ଡାଲିଆ ଛାଡ଼ିଦେଲେ ପକ୍ଷୀ । ଗ୍ରାମ୍ୟଗାଥା ।
[ ଦ୍ର—ଏମାନଙ୍କ ଦେହ ଧଳା, ଗୋଡ଼ ଢେଙ୍ଗା, ଥଣ୍ଟ ଲମ୍ବ ଓ ୨ ଫୁଟ ମଧ୍ୟରେ ଥଣ୍ଟ ଅଗ୍ରସର ପରି ଫାଙ୍କ ଥାଏ । ଏମାନଙ୍କର ଲାଞ୍ଜ-ପାଖର ପକ୍ଷ କଳାମିଶା ସବୁଜା, ଆଖି ପାଖ ଓ ଗଳାରେ ପର ନ ଥାଏ । ମାଂସ ଲୋଭରେ ଶିକାରୀମାନେ ଏମାନଙ୍କୁ ମାରନ୍ତି, ଗ୍ରୀଷ୍ମକାଳରେ ଏମାନେ ପଲପଲ ହୋଇ ଶୁଖିଲା ବିଲରେ ଚରି ଗେଣ୍ଡା ସାମୁକା ଖୋଳିକରି ଖାଆନ୍ତି । ଏମାନେ ବଗିଆକାଙ୍କ ଜାତୀୟ ଲମ୍ବ ଗୋଡ଼ିଆ ଓ ଲମ୍ବଥଣ୍ଟିଆ ପକ୍ଷୀ । ]
୨ । ଗାଇଗେଣ୍ଡାଲିଆ ନାମକ ଗୁଳ୍ମ—
2. Name of a plant.
[ ଦ୍ର—ଏହା ହଳଦୀ ବା ଅଣଖୁଆ ଗଛପରି ତିନି ଫୁଟ ବଢ଼େ ଓ ଏଥିରୁ ଫୁଲ ମଞ୍ଜସୁଦ୍ଧ ସପୁରିପରି ଗଛ ଅଗରୁ ବାହାରେ । ଏହି ମଞ୍ଜସୁଦ୍ଧ ଗାଢ଼ ରକ୍ତବର୍ଣ୍ଣ । ଗଡ଼ଜାତରେ ଗହ୍ମାପୂର୍ଣ୍ଣିମା ଦିନ ଗାଈଙ୍କି ଏ ଗଛରେ ବାଡ଼ଅନ୍ତି । ]
୩ । ଏକପ୍ରକାର ସାପ—3. A kind of snake

**ଗେଣ୍ଡାଶାମୁକା**—ଦେ. ବି. (ସହଚର)—ଗେଣ୍ଡା ଓ ଶାମୁକା—
Gendasamuka — Snail and Oyster.
গেঁড়িশামুক
ଘୋଘାସିଧୁଆ

**ଗେଣ୍ଡି**—ଦେ. ବି.—୧ । ଛୋଟ ଗେଣ୍ଡା; ଗୁଳି ଗେଣ୍ଡା—
Gendi — 1. Small snail.
গেঁড়ি
ଘୋଘୀ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ସେବେ ସେହି ଶବ୍ଦ ପାଇ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗେଣ୍ଡୁ—ସଂ. ବି. (ଗମ୍ ଧାତୁ + କର୍ତ୍ତୃ. ଇଣ୍ଡୁ)—କନ୍ଦୁକ; ପେଣ୍ଡୁ—
Gendu — Ball.
गेंदाफूल गाँदा — ଏ ଭାବରେ ସେ ଗେଣ୍ଡୁଟିଏ କରେ ଧରି,
गेंदा — ଅରକ୍ଷିଲେ ଖେଳ କବଧ ଭଙ୍ଗୀ କରି । କୃଷ୍ଣସିଂହ ମହାଭାରତ ବନ ।

ଦେ. ବି.—୧ । (ସଂ. କନ୍ଦୁକ; ଗେନ୍ଦୁକ=ପେଣ୍ଡୁ; ଏହାର ମଞ୍ଜରୀ ଦେଖିବାକୁ କନ୍ଦୁକବତ୍ ) କୁସୁମ ଫୁଲ—
1. Marigold the safflower.
୨ । ଏକପ୍ରକାର ଧାତୁ—2. A kind of metal
୩ । ଚିଲିକାରେ ଦେଖାଯିବା ଏକପ୍ରକାର ପକ୍ଷୀ—
3. A species of birds found in Chilka.
୪ । ଏକପ୍ରକାର କଉଡ଼ି—4. A kind of courie.

ଗେଣ୍ଡୁକ—ସଂ. ବି.—(ଗେଣ୍ଡୁ+ସ୍ୱାର୍ଥେ. କ)—ଗେଣ୍ଡୁ (ଦେଖ)
Genduka — Gendu (See)

ଗେଣ୍ଡୁଲି—ପ୍ରାଦେ. (ମେଦିନୀପୁର) ବି.—ଏଣ୍ଡୁରି ପିଠା—
Genduli — Steam-boiled cake.

ଗେଣ୍ଡେଇଶୁଣୀ—ଦେ. ବି.—ଦେବତାରୂପେ କଳ୍ପିତ ଗେଣ୍ଡା ଶାମୁକା—
Gendeisuni — Snails deified.

[ ଦ୍ର—ଚିତଉ ଅମାବାସ୍ୟା ଦିନ ପୋଖରୀ ତୁଠକୁ ଯାଇ ମାଇପେ ଗେଣ୍ଡେଇଶୁଣୀଙ୍କ ନାମ ଧରି ଖଣ୍ଡେ ପିଠା ପାଣିକୁ ପକେଇ ଦେଇ ଆସନ୍ତି । ଏଥିର ଉଦ୍ଦେଶ୍ୟ ଏହି କି ଗେଣ୍ଡେଇଶୁଣୀ ଏ ପିଠା ଖଣ୍ଡି ନେଇ ଖାଇ ପିଣ୍ଡିକଦାଣୀ ଓ ତାଙ୍କର ଅନୁଚରମାନଙ୍କ ଗୋଡ଼କୁ କାଟିବେ ନାହିଁ । ]

ଗେଧ୍ରାଏଲ୍—ପ୍ରାଦେ. (ସମ୍ବଲପୁର) ବିଣ.—ଅପକ୍ୱ (ଫଳ)—
Gedhrāel — Raw or unripe (fruit); young (fruit).

ଗେଧ—ଦେ. ବି. ପୁଂ—ଅଣ୍ଡିରା ମାଙ୍କଡ଼; ଦଳପତି କପି—
Gedha — Ring-leader monkey; male monkey.
गोदा
मुखिया

ଗେଧା—ଦେ. ବିଣ.—ମୋଟା, ସ୍ଥୂଳକାୟ—
Gedhā — Fat-bodied; corpulent.
गाँट्टागुट्टा
गुलथुल

ଗେଧାଇବା—ଦେ. କ୍ରି.—ଅନିଚ୍ଛୁକ ବ୍ୟକ୍ତିକୁ କାର୍ଯ୍ୟ କରିବା ପାଇଁ ବାରମ୍ବାର ପ୍ରବର୍ତ୍ତାଇବା—To repeatedly rouse or poke an unwilling person to action
Gedhāibā
खोंचा

ଗେନବା—ପ୍ରାଦେ. (ବସ୍ତର. ହଳ୍ବି ଭାଷା)—କିଣିବା
Genbā — To buy.

ଗେନ୍ଥୁ—ପ୍ରାଦେ. (ସମ୍ବଲପୁର) ବି.—ଜମିଖାଡ଼ି ମାଛ—
Gentu — A kind of small fish.

ଗେନ୍ଦ୍ରା—ଦେ. ବିଣ. ପୁଂ—ଅସୁନ୍ଦର (ଲେଖା); ଅପରିପାଟୀ—
Gendrā — Ugly and scrawled (writing)
( ଗେନ୍ଦ୍ରୀ—ସ୍ତ୍ରୀ )
जड़जंग

ଗେନ୍ଦ୍ରେଇବା—ଦେ. କ୍ରି—୧ । ଲେଖାକୁ ଅସୁନ୍ଦର କରି ଓ ଡାଳି ଲେଖି ଲେଖିବା—To scrawl.
Gendreibā
गाबड़ा — ୨ । ଖେଳ ଗୋଳାଇବା—2. To play unfairly.
घसीटना

ଗେନ୍ଦ୍ଲି—ପ୍ରାଦେ (ସମ୍ବଲପୁର) ବିଣ—କଅଁଳା (ପିଲା ବା ବାଛୁରି)—
Gendli — Newly born (child or calf).

ଗେନ୍ଦଲା—ପ୍ରାଦେ (ସିଂହଭୂମ) ବିଣ—ଗୋଳିଆ (ପାଣି)
Gendalā — Turbid; muddy (water).

ଗେନ୍ଦା—ପ୍ରାଦେ (ବସ୍ତର) ବି (ମୂଳ. ହି ଗେଁଦା)—ଗେଣ୍ଡୁଫୁଲ—
Gendā — Safflower; marigold.
गेंदा

ଗେନ୍ଦୁକ—ସଂ. ବି [ଗେ=ଗଗନରେ+ଇନ୍ଦ୍ (ପରି)+ସ୍ୱାର୍ଥେ. କ]—
Genduka — କନ୍ଦୁକ; ବଲ୍; ବର୍ତ୍ତୁଳାକୃତି ଖେଳନା; ପେଣ୍ଡୁ—
Ball; play-ball.

ଗେନ୍ଧା—ଦେ. ବି (ଅଶ୍ଳୀଳ) [ ସଂ. ଗନ୍ଧ (?) ]—୧ । ଲିଙ୍ଗମଳ (ଏହା ଅତ୍ୟନ୍ତ ଦୁର୍ଗନ୍ଧମୟ)—The execrecense formed inside the penis.
Gendhā
पिठार
୨ । ନାସିକା ମଧ୍ୟରେ ସଞ୍ଚିତ ମଳ—2. The execrecence formed inside the nostrils.

ଗେନ୍ଧାସୁଂଘା—ଦେ. ବିଣ ( ଅଶ୍ଳୀଳ ଗାଳି )—ଯେଉଁ ବ୍ୟକ୍ତି ପର ଦ୍ୱାରା ଲାଞ୍ଛିତ ବା ପ୍ରତାରିତ ହୁଏ; ନିର୍ବୋଧ; ଓଲୁ—Foolish.
Gendhāsumghā

ଗେନ୍ଧାସୁଂଘାଇବା—ଦେ. କ୍ରି ( ଅଶ୍ଳୀଳ )—( ଲକ୍ଷଣାର୍ଥ )—
Gendhāsumghāibā — ୧ । କୌଣସି ବ୍ୟକ୍ତିକୁ ପ୍ରତାରଣା କରିବା—1. (figurative) To cheat or defraud a person.
୨ । କୌଣସି ବ୍ୟକ୍ତିକୁ ତାହାର ପ୍ରାପ୍ୟରୁ ବଞ୍ଚିତ କରିବା—
2. To defraud one of his dues

ଗେନ୍ଧାସୁଂଘିବା—ଦେ. କ୍ରି ( ଅଶ୍ଳୀଳ )—୧ । ଅନ୍ୟଦ୍ୱାରା ପ୍ରତାରିତ ହେବା—1. To be cheated or defrauded by a person.
Gendhāsumghibā
୨ । ନିଜର ପ୍ରାପ୍ୟରୁ ବଞ୍ଚିତ ହେବା—
2. To be defrauded of one's dues.

ଗେନ୍ଧିଆ—ଦେ. ବି—ଗେନ୍ଧା (ଦେଖ)
Gendhiā — Gendhā (See)

ଗେନ୍ଧଣୀ } ସ୍ତ୍ରୀ.
ଗେନ୍ଧୁଣୀ } ଦେ. ବିଣ. ପୁଂ—୧ । ଅତି ହୀନ (ବ୍ୟକ୍ତି)—1. Low; mean.
୨ । ମଇଳା (ବ୍ୟକ୍ତି)—2. Dirty; foul.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ |

ଗେପ୍ (ଧାତୁ)—ସଂ.—ଥରିବା—
Gep (root) To tremble.

ଗେଫା—ଦେ. ବି—ଖାଦ୍ୟର ବଡ଼ ବଡ଼ ଗୁଣ୍ଡା—
Gephā Big morshel of food.
गफा
**गप्‌फा**

ଗେବ୍ (ଧାତୁ)—ସଂ.—ସେବା କରିବା—
Geb (root) To serve.

ଗେବ୍ରା—ଦେ. ବଣ. ପୁଂ—ଯେ ଖେଳରେ ଗୋଳାଏ—
Gebrā (person) Playing unfairly.
(ଗେବ୍ରୀ—ସ୍ତ୍ରୀ)

ଗେବ୍ରାଗେବ୍ରି—ଦେ. ବି—୧ । ଖେଳରେ ଗୋଳାଇବା—
Gebrāgebri 1. To play unfairly.
गाबरागबरी ୨ । ଗାରିଆଗାରି—2. Scrawling.

ଗେବ୍ରେଇବା—ଦେ. କ୍ରି—୧ । (ଖେଳ) ଗୋଳେଇବା—
Gebreibā 1. To use unfair means in a play.
गावरान ୨ । ଅକ୍ଷରକୁ କାଳରେ ଲେଖି ଅନ୍ୟ ଅକ୍ଷର ମଧ୍ୟରେ
**घसीटना** ଗୁଞ୍ଜି ଲେଖିବା—2. To write very slovenly.
ପ୍ରାଦେ. (ସମ୍ବଲପୁର) କ୍ରି—୧ । କୌଣସି ପଦାର୍ଥକୁ ଲୁଚାଇ କରି ଘେନିଯିବା—1. To take away (any thing) stealthily.
୨ । ଅସ୍ପଷ୍ଟ ଭାବରେ କଥା କହିବା; ଗେଁପେଁ କରିବା—
2. To speak indistinctly.
୩ । ଲେଖା ଉପରେ ଗାରେଇ ଦେବା—3. To spoil a writing by drawing lines over it.

ଗେବ—ଦେ. ବି—୧ । କୌଣସି ସମତଳ ପଦାର୍ଥ ଉପରେ ମସ୍ଣିଯାଇ ଉପରକୁ ବାହାରିଥିବା ମୁଣ୍ଡି; ଭୁଣ୍ଡି—
Geba
গোবা, আব 1. A knob or protruding swelling on surface of a plain thing; boss.
**गुमड़ा; गुलावा**

ଦେଏଦେଉଣୀଙ୍କି କୋଳଥ ମଣ୍ଡା ଚାହିଁ ମାରଦ୍ୟଣ ଗେବ,
ଯେ ସିମିତ ମାଜି ଅଛିବେ (ଚାଲୁ) ଗେବ ଡଲ୍କି କରି ଦେବ । ଚଗ ।

୨ । କୌଣସି ପଦାର୍ଥରେ ମସ୍ଣିଯିବା ଚିହ୍ନସୂଚକ ଚୁପଚିହ୍ନ—
2. A finger impression put on a thing for identification.

ଗେବଲା—ପ୍ରାଦେ (ବାଲେଶ୍ୱର) ବି—ଖାଦ୍ୟର ବଡ଼ ଗୁଣ୍ଡା—
Gebalā A big morshel of food.

ଗେବା—ଦେ. ବି—ଗେବ ( ଦେଖ )—
Gebā Geba ( See )

ଗେବିବା—ଦେ. କ୍ରି ( ଅନାଦରାର୍ଥ )—ଖାଇବା; ବଡ଼ ବଡ଼ ଗୁଣ୍ଡା ଖାଇବା—To eat; to put large handfuls
Gebibā of meal into the mouth.
**गपफा मारना**

ଗେମ—ବୈଦେ. ବି ( ଇଂ. ଗେମ୍ )—( ଫୁଟ୍‌ବଲ୍, ଟେନିସ୍, କ୍ରିକେଟ୍ ଆଦିର )ଖେଳ—Game.
Gem
গেম
**गेम**

ଗେମ୍ଟା—ଦେ. ବଣ—ଖର୍ବକାୟ; ବାଙ୍ଗୁରା—
Gemtā Dwarfish; stunted (in growth).
**बाआना**

ଗେମ୍ଣା—ଦେ. ବଣ ପୁଂ—ଗେଡ଼ା ଓ ସ୍ଥୂଳ—
Gemṇā Dwarfish and stout.
(ଗେମ୍ଣୀ—ସ୍ତ୍ରୀ) ଦେ. ବି. ପୁଂ—ଗେଡ଼ା ଓ ସ୍ଥୂଳ ବ୍ୟକ୍ତି—
**गुलथुल** A stout dwarf.

ଗେୟ—ସଂ. ବଣ ( ଗୈ ଧାତୁ=ଗାଇବା+କର୍ମ. ଯ )—
Geya ୧ । ଯାହା ଗାଇବା ଉଚିତ—1. Fit to be sung.
୧ । ସଂ. ବି (+ଭାବ. ଯ) ଗୀତ—1. Song.
୨ । ଗାନ—2. Singing.
୩ । ଗୀତ ବିଦ୍ୟା—3. Art of singing.
୪ । ଗାୟକ—4. A singer.

ଗେରତ—ଗ୍ରା. ବି. ପୁଂ ( ସଂ. ଗୃହସ୍ଥ )—୧ । ଗୃହସ୍ୱାମୀ—
Gerata 1. Master of the house.
ଗେରତାଣୀ, ଗିରନ୍ତା } ସ୍ତ୍ରୀ ୨ । ପତି; ସ୍ୱାମୀ—2. Husband.
গেরস্ত ୩ । ଘରକରଣା ଲୋକ; ଗୃହସ୍ଥ—
**गिरहथ, घरबया** 3. A householder.

ଗେରଦ—ଦେ. ବି.—ଗେର୍ଦ (ଦେଖ)
Gerada Gerda (See)

ଗେରବସର—ଗ୍ରା. ବଣ.—ଗେଲବସର (ଦେଖ)
Gerabasura Gelabasara (See)

ଗେରସ୍ତ—ଗ୍ରା· ବି. ପୁଂ. (ସଂ. ଗୃହସ୍ଥ)—
Gerasta ଗେରତ (ଦେଖ)
(ଗେରସ୍ତାଣୀ—ସ୍ତ୍ରୀ) Gerata (See)

ଗେରସ୍ତ ଭାରିଜା—ଗ୍ରା· ବି. (ଦ୍ୱନ୍ଦ୍ୱ. ସହଚର)—
Gerastabhārijā ସ୍ୱାମୀ ଓ ସ୍ତ୍ରୀ—Husband and wife;
গেরস্ত, গীন্নি a married couple.
**गरबयाओरघरनी**

ଗେରସ୍ତିଭାବ—ଗ୍ରା. ବି.—ଗୃହସ୍ଥରୂପେ ଲୋକର ସଚ୍ଛଳ ଅବସ୍ଥା—
Gerastibhāba The well-to-do condition of a husbandman.

ଗେସ୍ରା—ପ୍ରାଦେ. (ସମ୍ବଲପୁର) ଅ.—(ବହୁବଚନର ଚିହ୍ନ)—
Gerā ଗୁଡ଼ା; ଗୁଡ଼ାକ—(suffix indicating plural number) Many.

ଗେସ୍ରାଗେସ୍ରା—ପ୍ରାଦେ. (ସମ୍ବଲପୁର) ଅ.—ଅନେକ ଗୁଡ଼ାଏ—
Gerāgerā Too many.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗେରୁ**—ଦେ. ବି. (ସଂ. ଗୈରିକ)—ରକ୍ତବର୍ଣ୍ଣ ମୃତ୍ତିକାବିଶେଷ—
Geru — Red chalk; Hematite; Red ochre.
ଅନ୍ୟ ସଂ. ନାମ— ରକ୍ତଧାତୁ; ଗବେଧୁକ
ଗେରିମାଟି
गेरू
ଭେ. ଗୈରିକମ୍

ବର୍ଣ୍ଣି ଅର୍ଜୁନଙ୍କ ବାଣରେ ରକତ ।
ମର୍ଣ୍ଣି ହୋଇ ଦିଶିଲେ ଗେରୁ ପରବତ ।
କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।

[ ଦ୍ର—ସନ୍ନ୍ୟାସୀମାନେ ଏଥିରେ ଲୁଗାକୁ ରଞ୍ଜିତ କରନ୍ତି । ଏହା ଗୈରିକ ଓ ସ୍ୱର୍ଣ୍ଣ ଗୈରିକ ଭେଦରେ ଦୁଇ ପ୍ରକାର । ]

ପ୍ରାଦେ. (ବାଲେଶ୍ୱର) ବି.— (ଗେରୁପରି ଦେଖାଯିବାରୁ) ଇଟା (ଦେଖ)—Iṭa (See)

**ଗେରୁଆ**—ଦେ. ବିଣ.—(ସଂ. ଗୈରିକାକ୍ତ)—
Geruā — ୧ । ଗେରୁ ରଙ୍ଗପରି ରକ୍ତବର୍ଣ୍ଣ—1. Red coloured.
गेरुआ — ୨ । ଗେରୁଦ୍ୱାରା ରଞ୍ଜିତ— 2. Besmeared with red chalk.
গেরুয়া

ପ୍ରାଦେ. (ବାଲେଶ୍ୱର) ବି.—ଗଞ୍ଜାମ ଜିଲ୍ଲାସ୍ଥ ଇଚ୍ଛାପୁରର ପ୍ରସିଦ୍ଧ ପର୍ବତ—A famous mountain of Ichchhāpura in the district of Ganjam.

**ଗେରୁମାଟି**—ଦେ. ବି. (ସଂ. ଗୈରିକ ମୃତ୍ତିକା)— ଗେରୁ (ଦେଖ)
Gerumāṭi — Geru (See)

**ଗେରୁମୁଣ୍ଡି**—ଗ୍ରା. ବି. (ଅନାଦରାର୍ଥକ ଗାଳିବିଶେଷ)—
Gerumuṇḍi — ୧ । ଯାହାଦ୍ୱାରା (କୌଣସି ଲୋକର) ଚୁଳମାତ୍ର ଅନିଷ୍ଟ ହୋଇ ପାରିବ ନାହିଁ—(a term of abuse used in contempt to denote) A person who can in no way injure another.
୨ । ଉଚ୍ଚପଦାରୂଢ଼ ଅଯୋଗ୍ୟ ବ୍ୟକ୍ତି— 2. An incompitent person of a high position.

**ଗେରୁମୁଣ୍ଡି ପଟନାଏକ**—ଦେ. ବି.—ଗେରୁମୁଣ୍ଡି (ଦେଖ)
Gerumuṇḍi paṭanāeka — Gerumuṇḍi (See)

**ଗେରୁରଙ୍ଗ**—ଦେ. ବି—ଗେରୁ ( ଦେଖ )—
Geruraṅga — Geru ( See )

**ଗେର୍ଦ**—ବୈଦେ. ବି. (ଫା. ଗିର୍ଦ=ବେଷ୍ଟନ)—
Gerda — ୧ । ବେଷ୍ଟିତ ହତା—1. Compound.
গেৰ্দি — ୨ । ବେଷ୍ଟନ—2. Surrounding.
गिर्द — ୩ । ପ୍ରଦେଶ—3. Province.
୪ । କୌଣସି ସ୍ଥାନର ଚତୁଃସୀମା— 4. Boundaries on all sides of a place.

**ଗେର୍ଦବନ୍ଦି**—ଦେ. ବି—ଚାରିପାଖେ ହତା ବନ୍ଧାଇବା—
Gerdabandi — Raising a compound on all sides.
গের্দবন্দি — ଦେ. ବିଣ—ଯାହାର ଚାରିପାଖେ ହତା ବନ୍ଧାଥାଏ—
गर्दबन्दी — Enclosed by a wall; surrounded by a wall.

**ଗେଲ**—ଦେ. ବି—୧ । ଶ୍ରଦ୍ଧା—1. Affection.
Gela — ଖଣ୍ଡାଦାଡ଼ ପରେ ନ ଗଲ ଲଢ଼ ଗେଲ—କୃଷ୍ଣସିଂହ. ମହାଭାରତ. ବନ ।
নাই; ঠাট্টা — ୨ । ପ୍ରେମ; ସ୍ନେହ—2. Love; fondness.
लाड़; प्यार — ୩ । ଇଙ୍ଗିତ; ଥଟ୍ଟା—3. Jest,
ବୋଲି ଦେଇ ସିନା ଗେଲେ ହସି—ଜଦୁମଣି. ଯଶୋଦାଚମ୍ପୂ. ଚ-ଗୀତ ।
୪ । ବାତ୍ସଲ୍ୟଯୁକ୍ତ ଆଦର—4. Fondling.
କରନ୍ତି ଗେଲ ସବୁ ମାତାସ୍ନେହ ବହି—କୃଷ୍ଣସିଂହ. ମହାଭାରତ. ବନ ।
୫ । ଶିଶୁ ଓ ସ୍ତ୍ରୀମାନଙ୍କ ପ୍ରତି ସସ୍ନେହ ବ୍ୟବହାର— 5. Affectionate or fond conduct towards children and females.

**ଗେଲ କଉତୁକ**—ଦେ. ବି—ଗେଲ ୩ ଓ ୫ ( ଦେଖ )
Gela kautuka — Gela 3 and 5 ( See )

**ଗେଲ କରିବା**—ଦେ. କ୍ରି—୧ । ଶିଶୁମାନଙ୍କୁ ଅତ୍ୟନ୍ତ ସ୍ନେହରେ
Gela karibā — ଖେଳାଇବା—1. To fondle (. babies ).
নাইদেওয়া; ঠাটাকরা — ୨ । ଥଟ୍ଟା ପରିହାସ କରିବା—
लाड़प्यार करना — 2. To jest.

**ଗେଲଗରବ**—ଦେ. ବି. ( ସହଚର )—ଗେଲ ( ଦେଖ )
Gelagaraba — Gela ( See )

**ଗେଲନାଟ**—ଦେ. ବି—ଇଙ୍ଗିତ; ଥଟ୍ଟା—
Gelanāṭa — Jest; joke.
ঠাটাতামাসা
लाड़प्यार

**ଗେଲପ୍**—ବୈଦେ. ବି. ( ଇଂ. ଗାଲପ୍ )—ଘୋଡ଼ାଙ୍କର ଏକପ୍ରକାର
Gelap — ଗତି—Gallop.
গ্যালাপ — ସେ ଘୋଡ଼ା ଦଉଡ଼େ ଯେ ଗେଲପ୍ ଗତିପାରେ ସେହି ସିନା
गैलप — ପରମାତ୍ମଭଙ୍ଗ—ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗେଲବସର**—ଦେ. ବି—୧ । ସ୍ନେହ; ଆଦର—
Gelabasara — 1. Affectionate treatment.
নেঅটা; নাই — ୨ । ସ୍ନେହର ପାତ୍ର—
लाड़प्यार; चाव — 2. Object of fond treatment.
୩ । ଅଯଥା ସ୍ନେହ ବା ଆଦର— 3. Undue fondness.

ମାତ୍ରୀସୁତ ଦୁହିଙ୍କୁ କରିବ ପୃଥ୍ୱୀ ଅଲେ
ସବୁ ଗେଲବସର ପ୍ରକାଶଇ ଭଲେ—କୃଷ୍ଣସିଂହ. ମହାଭାରତ. ।

ଦେ. ବିଣ—ସ୍ନେହ ଓ ଆଦରରେ ବଢ଼ିଥିବା— Brought up in affection; fondled.

**ଗେଲବସର କରିବା**—ଦେ. କ୍ରି—ଗେହ୍ଲା କରିବା ( ଦେଖ )
Gelabasara karibā — Gehlā karibā ( See )

**ଗେଲବସରିଆ**—ଦେ. ବିଣ—୧ । ସ୍ନେହ ଓ ଆଦରଯୁକ୍ତ—
Gelabasariā — 1. Full of affection or fondness.
নেঅটা — ୨ । ଯାହାକୁ ଅଯଥା ଆଦର କରାଯାଏ—
अलकलड़ता; लाड़ला — 2. Unduly fondled.

| ୧ | ଲ | ଊ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ସ | କ୍ଷ | ଇସ୍ପ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଲ | ଭ | ରୁ | ଲୁ | ଙ୍କ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ଷ | ଗ୍ୟ | ଇଅ | ୫ | ନୃ |

**ଗେଲ ଲଗିବା**—ଦେ. ଭ—( କୌଣସି କାର୍ଯ୍ୟ ) ଅନାୟାସସାଧ୍ୟ ବୋଲି ବୋଧ ହେବା; କୌତୁକ ପରି ଜଣାଯିବା—
Gelalāgibā ଠାଟାଲଗা **ठठालगाना**
The state of ( a thing ) seeming easy.

**ଗେଲ** ( ଇତ୍ୟାଦି )—ଦେ. ବି ଓ ବିଣ—ଗେହ୍ଲା ଇତ୍ୟାଦି ( ଦେଖ )
Gelā ( etc ) Gehlā etc ( See )
ପ୍ରାଦେ. ( ଭୂତି ) କ୍ରି—( ସେ ) ଗଲା—( he ) Went.

**ଗେଲାଇ ଗେଲାଇ**—ଦେ. କ୍ରି. ବିଣ.—୧ । ଅତି ଅନାୟାସରେ; ଖେଳଲା ପରି—1. Playfully.
Gelāi gelāi

ପଦାତଙ୍କି ଯେ ଶୁଣ୍ଡା ଦଣ୍ଡରେ ଭୁଷାଇ,
ଛେଚିଲେ ମସ୍ତିକେ ଗେଲାଇ ଗେଲାଇ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ଅନ୍ୟଠାରୁ ଆଦର ପାଇବା ପ୍ରତ୍ୟାଶାରେ ସ୍ନେହଭଙ୍ଗୀ ଦେଖାଇ—With an attitude of fondness in expectation of receiving fondling treatment from another person in return.

**ଗେଲାଇବା**—ଦେ. କ୍ରି.—ଅଯଥା ସ୍ନେହ ବା ଆଦର କରିବା—
Gelāibā নাইদেওয়া, আস্কারাদেওয়া **लाड़प्यारकरना**
To fondle too much; to deal with excessive fondness.

**ଗେଲାଇ ହେବା**—ଦେ.କ୍ରି.—୧ । ଅନ୍ୟଠାରୁ ଆଦର ପାଇବା ପ୍ରତ୍ୟାଶାରେ ସ୍ନେହଭଙ୍ଗୀ ଦେଖାଇ ହେବା—1. To show an attitude of fondness in expectation of receiving fondly treatment from another person.
Gelāi heba
୨ । ଆନନ୍ଦପ୍ରକାଶ କରି—
2. To exhibit cheerfulness.

ଚକାଶ ହାସ କଟାକ୍ଷ ଚାଳଣ ରସିକା,
ବୋଇଲେ ଗେଲାଇ ହୋଇ ଫୁଲ୍ଲଇ ନାସିକା । ଉପେ. ବୈଦେହୀଶବିଳାସ ।
କୋଡ଼ଏକ ପାଇକ ଦେହେ ସାଞ୍ଜୁ ବନ୍ଧି,
ବାହାରିଲେ ତାଙ୍କର ଅଗରେ ଗେଲାଇ । କୃଷ୍ଣସିଂହ. ମହାଭାରତ ବନ ।

**ଗେଲାଈ** (ଇତ୍ୟାଦି)—ଗେହ୍ଲାଇ ଇତ୍ୟାଦି (ଦେଖ)
Gelāī Gelhāī etc (See)

ଗେଲାଈ ନାଗରୀ ମେଳେ ଗଜଗଜଗତି ଚଲାବେଳେ । କବିସୂର୍ଯ୍ୟ. ସଙ୍ଗୀତ ।

**ଗେଲେ**—ଦେ. କ୍ରି. ବିଣ.—ଆନନ୍ଦରେ; କୌତୁକରେ—
Gele

ତା ଦେଖି କୃଷ୍ଣାର୍ଜ୍ଜୁନ ସୋମକଙ୍କ ଭୂଲେ,
ଶଙ୍ଖରୁ ଧରି ବଜାଇଲେ ଅତି ଗେଲେ । କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

**ଗେହ୍ଲା**—ଦେ. ବିଣ. ପୁଂ ଓ ସ୍ତ୍ରୀ.—୧ । ସେହକ୍ଲା—
Gelhā নেআঁটা আদুরে **आलहड़**
1. Brought up with fondling.
୨ । ଅତି ସ୍ନେହ ବା ଆଦରର ପାତ୍ର—
2. Object of fondling; favourite pet.
আস্কারা নাই ଦେ. ବି.—ଅତି ଆଦର; ସ୍ନେହ— **लाड़प्यार**
Excessive fondness.

**ଗେହ୍ଲାଇବା**—ଦେ. କ୍ରି—ଅଯଥା ସ୍ନେହ ବା ଆଦର କରିବା—
Gelhāibā
To fondle too much; to deal with excessive fondness.

**ଗେହ୍ଲାଇ ହେବା**—ଦେ. କ୍ରି.—ଗେଲାଇ ହେବା (ଦେଖ)
Gelhāi heba Gelāi hebā (See)

**ଗେହ୍ଲାଈ**—ଦେ. ବିଣ. ସ୍ତ୍ରୀ.—୧ । ସେହକ୍ଲୀ; ସ୍ନେହ ଓ ଆଦରର ପାଳୀ; ସ୍ନେହପାଳିତା—1. (female) Brought up with fondness; fondled.
Gelhāī নেঅটা **लाड़ो**
୨ । ମଧୁର; କୋମଳ; ଆଦରପୂର୍ଣ୍ଣ—
2 Sweet; affectionate.

ମୁଖ ହଲାଇ ଗେହ୍ଲାଈ ଭାଷା କହୁବାର ଯେ । ଉପେ. ଲାବଣ୍ୟବତୀ ।

ଦେ. ବି. ସ୍ତ୍ରୀ—୧ । ସେହକ୍ଲୀ ସ୍ତ୍ରୀ ବା ବାଳିକା—
1. Unduly fondled woman or girl.
୨ । ଆଦର ପାଳିତା ସ୍ତ୍ରୀ ବା ବାଳିକା—2. Woman or girl brought up amidst undue fondling.
୩ । ସ୍ନେହରେ ବାଳିକାଙ୍କୁ ଦିଆଯିବା ନାମ—
3. Name given to girls in affection.
ଅ. ସ. କ୍ରି—ସସ୍ନେହରେ; ଆଦର କରି; କୌତୁକ କରି—
With affectionate.

**ଗେହ୍ଲାଇନାଣି**—ଦେ. ବିଣ ଓ ବି. ସ୍ତ୍ରୀ—ଗେହ୍ଲାଈ ( ଦେଖ )—
Gelhāinani Gelhāī ( See )

**ଗେହ୍ଲାଇମଣି**—ଦେ. ବିଣ ଓ ବି. ସ୍ତ୍ରୀ—ଗେହ୍ଲାଈ ( ଦେଖ )—
Gelhāimaṇi Gelhāī ( See )

**ଗେହ୍ଲା କରିବା**—ଦେ. କ୍ରି—ଶିଶୁକୁ ଅତ୍ୟଧିକ ଆଦରରେ ବଢ଼ାଇବା—
Gelhākaribā নাহকরা, আস্কারাদেওয়া **लाड़प्यारकरना**
To bring up a child with excessive fondness.

କେତେକ ଶାଶୁଏ ଝିଅପରି ପୋଷିଥାଏ, ଝିଅପରି ଗେହ୍ଲା କରେ—
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଗେହ୍ଲେଈ** (ଇତ୍ୟାଦି)—ଦେ. ବିଣ. ଓ ବି. ସ୍ତ୍ରୀ—
Gelhei (etc) **प्यारी लाड़ो**
ଗେହ୍ଲାଈ ଇତ୍ୟାଦି (ଦେଖ)—
Gelhāī ( See )

**ଗେଷ (ଧାତୁ)**—ସ—୧ । ଖୋଜିବା—
Gesh (root) 1. To search.
୨ । ଗବେଷଣା କରିବା—2. To investigate.

**ଗେଷ୍ଣ**—ସ. ବି (ଗୈ ଧାତୁ + ଷ୍ଣ=ଗାଇବା)—୧ । ଗାୟକ—
Geshṇa 1. Singer.
୨ । ଗୀତ ବ୍ୟବସାୟୀ—2. Professional singer.

**ଗେଷ୍ଣୁ**—ସ. ବି (ଗୈ ଧାତୁ=ଗାଇବା+କର୍ତ୍ତୃ. ଇଷ୍ଣୁ)—୧ । ଗାୟକ—
Geshṇu 1. Singer.
୨ । ସାମବେଦ ଗାନକାରୀ—
2. Singer of Sāmabeda hymns.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ନଟ—An actor.

**ଗେସ୍**—ବୈଦେ. ବି (ଇଂ. ଗାସ୍)—ବାଷ୍ପ; ଗାସ୍
Ges — Gas.
গ্যাস্
गैस्

**ଗେସ୍ଆଲୁଅ**—ଦେ. ବି (ଇଂ. ଗାସ୍+ସଂ. ଆଲୋକ)—
Gesālua — ବାଷ୍ପ ଜଳ ପ୍ରଦୀପ ରୂପେ ବ୍ୟବହୃତ ହେବା ଆଲୋକ—
গ্যাসআলো — Gas light.
गैसकी रोशनी

**ଗେସ୍‌ବତୀ**—ଦେ. ବି (ଇଂ. ଗାସ୍+ସଂ. ବର୍ତ୍ତିକା)—
Gesbatī — ଗେସ୍ଆଲୁଅ (ଦେଖ)—
গ্যাসবতী — Gesālua (See)
गैसबत्ती

**ଗେସ୍‌ଲାମ୍ପ**—ବୈଦେ. ବି (ଇଂ. ଗାସ୍‌ଲାମ୍ପ)—ଗାସ୍ ଜଳିବାର
Geslāmph — ପ୍ରଦୀପ—Gas-lamp.
গ্যাসলাম্প
गैसका लैंफ

**ଗେସା**—ପ୍ରାଦେ (ଅଳ) ବି—ଟାପରା; ପରିହାସ—
Gesā — Mockery; jest.

**ଗେହ**—ସଂ. ବି (ଗ=ଗଣେଶ+ଈହ ଧାତୁ=ଇଚ୍ଛା କରିବା+କର୍ମ. ଅ)—
Geha — (ଯେଉଁଠାରେ ଲୋକେ ଗଣେଶ ଆଦି ଦେବତାଙ୍କୁ ପ୍ରତିଷ୍ଠା କରି ପୂଜା କରିବାକୁ ଇଚ୍ଛା କରନ୍ତି)—
୧ । ଗୃହ; ଆଳୟ—1. Home; house.
୨ । ବାସସ୍ଥାନ—2. Habitation.

**ଗେହିଁବା**—ଗ୍ରା. କ୍ରି.—(ଅଶ୍ଳୀଳ)—ଗେହିବା (ଦେଖ)
Gehiṅbā — Gehibā (See)

**ଗେହିନି**—ସଂ. ବି. ସ୍ତ୍ରୀ—(ଗେହ୍+ଇନ୍+ସ୍ତ୍ରୀ. ଈ)—ଗୃହିଣୀ (ଦେଖ)
Gehinī — Gṛuhiṇī (See)

**ଗେହିବା**—ଦେ. କ୍ରି. (ଅଶ୍ଳୀଳ ସଂ. ଗୃହ—ମୂଳ. ଗୃହମେଧୀ=ଯେ ଗୃହିଣୀ ସଙ୍ଗେ ଗୃହସ୍ଥାଧର୍ମ ପାଳନ କରେ)—
Gehibā
ସଙ୍ଗମ କରିବା; ମୈଥୁନ କରିବା—To cohabit.
ପ୍ରାଦେ. (ଗଞ୍ଜାମ) କ୍ରି—ହଠାତ୍ ଜନତା ମଧ୍ୟରୁ ଉଠି ଅନ୍ୟ ସ୍ଥାନାନ୍ତରକୁ ଯିବା—
To suddenly move away from a crowd to another place; to leave a company very suddenly.

**ଗେହୀ**—ସଂ. ବି. ପୁଂ. (ଗେହ+ଅସ୍ତି ଅର୍ଥରେ ଇନ୍ ୧ମା. ୧ବ.)—
Gehī — ଗୃହୀ (ଦେଖ)
(ପୁଂ.—ଗିହା) — Gṛuhī (See)
ଗ୍ରା. ପ୍ରତ୍ୟୟ (ସ୍ତ୍ରୀ)—(ପ୍ରାୟଶଃ ଅନ୍ୟ ଶବ୍ଦର ସଂଯୋଗରେ ବ୍ୟବହୃତ ଯଥା, ଘୋଡ଼ା ଗେହ୍ଣୀ)—ସଙ୍ଗମ କାରିଣୀ—
A female who cohabits with.

**ଗେହୀପୁଅ**—ଗ୍ରା. ବି. ପୁଂ (ଅଶ୍ଳୀଳ ଗାଳିବିଶେଷ)—ନଷ୍ଟା ଭାରିଯା ସ୍ତ୍ରୀର
Gehīpua — ପୁତ୍ର; ଗିହାଳୀର ପୁତ୍ର—(an obscene term of
বেধোবাচা — abuse)—Son of an adulturess; issue of
गाँडुकालड़का — adultery.

**ଗେହେଶୂର**—ସଂ. ବି· (ଗେହେ=ଘରେ+ଶୂର=ବୀର)—
Gehesūra — ୧ । କାପୁରୁଷ ବ୍ୟକ୍ତି—1. A coward.
୨ । ଯେଉଁ ବ୍ୟକ୍ତି ଘରଭିତରେ ମାଇପଙ୍କ ଆଗରେ ବୀରତ୍ୱ ପ୍ରକାଶ କରେ କିନ୍ତୁ ବାହାରେ କାପୁରୁଷତା ଦେଖାଏ—
4. One who brags of his prowess before the females of the house but flies away at the first approach of danger in the field.

**ଗେହ୍ଲା (ଇତ୍ୟାଦି)**—ଦେ. ବି ଓ ବିଣ—ଗେଲ୍ହା ଇତ୍ୟାଦି (ଦେଖ)
Gehlā (etc) — Gelā etc (See)

**ଗେହ୍ଲାଇ (ଇତ୍ୟାଦି)**—ଦେ. ବିଣ ଓ ବି. ସ୍ତ୍ରୀ—
Gehlāi (etc) — ଗେଲ୍ହାଇ ଇତ୍ୟାଦି (ଦେଖ)
Gelhāi etc (See)

**ଗୈ (ଧାତୁ)**—ସଂ.—୧ । ଗାଇବା—1. To sing.
Gai (root) — ୨ । ଗୀତଦ୍ୱାରା ପ୍ରକାଶ କରିବା—
2. To relate in song.

**ଗୈ (ଇତ୍ୟାଦି)**—ଦେ. ବି.—ଗଇ ଇତ୍ୟାଦି (ଦେଖ)
Gai (etc) — Gai (etc)

**ଗୈଣ୍ଟି**—ପ୍ରାଦେ. (ବସ୍ତର) ବି—କୋଡ଼ି—
Gainti — Spade.

**ଗୈର୍**—ଦେ. ଅ—ଗଇର୍ (ଦେଖ)
Gair — Gair (See)

**ଗୈର**—ସଂ. ବିଣ (ଗିରି+ଅ)—୧ । ଗିରିସମ୍ବନ୍ଧୀୟ—
Gaira — 1. Mountainous.
୨ । ଗିରିଜାତ—2. Mountain-born.

**ଗୈରତ୍**—ବୈଦେ. ବି (ଅ)—ଗୋପନ; ଲୁଚାଇବା—
Gairat — Suppression; concealment; hushing up.
গাএব
गैरत

**ଗୈରିକ**—ସଂ. ବି (ଗିରି+ଭବାର୍ଥେ. ଇକ)—୧ । ଗେରୁମାଟି—
Gairika — 1. Red Chalk; red ochre; hemalite.
୨ । ସ୍ୱର୍ଣ୍ଣ—2. Gold.
ସଂ. ବିଣ—୧ । ଗିରିଜାତ—
1. Found in the mountains.
୨ । ଗିରିସମ୍ବନ୍ଧୀୟ—2. Relating to mountains.
୩ । ଗେରୁଆ—3. Besmeared with red Ochre.

**ଗୈରିକବସନ**—ସଂ. ବି (କର୍ମଧା)—ଗେରୁଆ ଲୁଗା—
Gairikabasana — Cloth besmeared with red chalk.

| ୧ | ଇ | ଉ | ଋ,ର | ଢ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଷ୍ଟ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଳୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ୍ର |

**ଗୈରେୟ**—ସଂ. ବି ( ଗିରି + ଜାତାର୍ଥେ. ଏୟ )—୧ । ଗେରୁ—
Gaireya Red ochre.
୨ । ଶୈଳାଜତୁ; ଶିଳାଜତୁ; ପର୍ବତରୁ ନିଃସୃତ କୃଷ୍ଣବର୍ଣ୍ଣ ତୈଳ-ବିଶେଷ —2. Bitumen; benzoin.
ସଂ. ବିଣ—ପର୍ବତଜାତ—Found in the mountains; mountain-born.

**ଗୋ**—ସଂ. ବି ( ଗମ୍ ଧାତୁ + ସଂଜ୍ଞାର୍ଥେ. ଓ; ଯେ ଯଥେଷ୍ଟ ବିଚରଣ
Go କରେ )—୧ । ଧେନୁ; ଗାଈ—1. Cow.
୨ । ବଳଦ — 2. Bullock.
[ ଦ୍ର — ହିନ୍ଦୁମାନେ ବଳଦଙ୍କୁ ଦେବତା ଜ୍ଞାନ କରନ୍ତି ଓ ଗାଈଙ୍କି ଦେବୀ ଜ୍ଞାନ କରନ୍ତି । ]
୩ । ବୃଷ—3. Bull.
୪ । ଗୋରୁଠାରୁ ଉତ୍ପନ୍ନ ଦୁଧ, ଦହି ଓ ଘିଅ ଆଦି—
4. Anything produced from the cow.
୫ । ପଶୁ—5. Quadruped.
୬ । ପୃଥିବୀ—6. The earth.
୭ । ମାତା—7. Mother.
୮ । ଦିଗ—8. Point of the compass.
୯ । ବେଦମାତା; ଗାୟତ୍ରୀ—
9. Gāyatrī (vedic mantra).
୧୦ । ବାଣୀ; ବାକ୍ୟ—10. Words; speech.
୧୧ । ସ୍ୱର୍ଗ—11. Heaven.
୧୨ । ଚକ୍ଷୁ—12. Eye.
୧୩ । ଇନ୍ଦ୍ରିୟ—13. Organ of sense.
୧୪ । ଦୃଷ୍ଟି—14. Eye-sight.
୧୫ । ଦିଗ—15. The corner of the globe.
୧୬ । କେଶ—16. Hair.
୧୭ । କିରଣ—17. Ray of light.
୧୮ । ଜଳ—18. Wa te
୧୯ । ବାଣ; ଶର—19. Arrow.
୨୦ । ସୂର୍ଯ୍ୟ—20. The sun.
୨୧ । ନକ୍ଷତ୍ର—21. The stars.
୨୨ । ଚନ୍ଦ୍ର—22. The moon.
୨୩ । ଯାଗବିଶେଷ—23. Name of a certain vedic sacrifice.
୨୪ । ବଜ୍ର—24. Thunder-bolt.
୨୫ । ହୀରକ—25. Diamond.
୨୬ । ଗୁଆ—26. Betel-nut.
୨୭ । ଲୋମ—27. Hair; fur of the body.
୨୮ । ବୃଷରାଶି—28. The sign of Taurus.
୨୯ । ଦଶ କୋଟି ସଂଖ୍ୟା—26. A billion.
୩୦ । ନଅ ସଂଖ୍ୟା—30. The number nine.
୩୧ । ଗାୟକ—31. A singer
୩୨ । ଗୋମେଧ ଯଜ୍ଞ—32. Cow-sacrifice.
୩୩ । ଗୃହ—33. House.
ଦେ. ଅ. ( ସ୍ତ୍ରୀମାନଙ୍କ ପ୍ରତି ସମ୍ବୋଧନ )—ଆଗୋ—
ওগো (Interjection used in addressing females)
गे Oh
ସ୍ତ୍ରୀସ୍ ସଙ୍ଗ, ପରମାଦ ବଡ଼ ଭୂଷ ଗୋ । କବିସୂର୍ଯ୍ୟ. ବଳୋଗୋବିନ୍ଦ୍ର ଗୀତ ।
ପ୍ରାଦେ. (ସମ୍ବଲପୁର) ଅ—ବାପମାଆଙ୍କୁ ସମ୍ବୋଧନ—
Interjection used in addressing to parents.

**ଗୋଆ**—ଦେ. ବି. ( ନାମ )—ପର୍ତ୍ତୁଗିଜ୍ ଅଧିକୃତ ଭାରତର ପଶ୍ଚିମ
Goā ଉପକୂଳସ୍ଥ ନଗରବିଶେଷ—Goa; a Portugees town in western India.

**ଗୋଆଲ ଦେଓ**—ଦେ. ବି. ( ନାମ )—ଦଶପଲ୍ଲାର ପର୍ବତବିଶେଷ —
Goāl deo A mountain in Dasapallā.
[ ଦ୍ର—ଏ ପର୍ବତର ଉଚ୍ଚତା ୨୫୪୬ ଫୁଟ୍ । ]

**ଗୋଆଳ**—ଦେ. ବି. ପୁଂ. ( ସଂ. ଗୋପାଳ )—ଗଉଡ଼—
Goāla Milkman.
গোয়ালা ଧର୍ମ କର ଗୋପେ ଗୋଆଳେ ପୋଷନ୍ତି
ग्वाल ମନରେ ସୁଖରେ ନାହିଁ । ପ୍ରାଚୀ—ଉତ୍ସବମଞ୍ଜରୀ ।
(ଗୋଆଳୁଣୀ—ସ୍ତ୍ରୀ)

**ଗୋଆଲ**—ପ୍ରାଦେ. (ବାଲେଶ୍ୱର; ମେଦିନୀପୁର) ବି (ସଂ. ଗୋପାଳ; ତୁଳ-
Goulā ବଂ. ଗୋୟାଲା)—ଗଉଡ଼—
(ଗୋଆଲୁଣୀ—ସ୍ତ୍ରୀ) Cowherd; milk-man.

**ଗୋଆଳିଆ ଲତା**—ଦେ. ବି. ( ସଂ. ଗୃହାଳକ; ଗୋଧାପଦୀ )—
Goāliā lata ହଂସପଦୀ ( ଦେଖ )
গোয়ালী লতা Hamsapadī ( See )

**ଗୋଆଳି ଲତା**—ଦେ. ବି. (ସଂ. ଗୃହାଳକ)—ହଂସପଦୀ (ଦେଖ)
Goāli lata Hamsapadī (See)

**ଗୋଇ**—ଦେ. ବି—୧ । ( ସଂ. ଗୋପନ; ଗୋପ୍ୟ; ଗୁପ୍ତ )—
Goi ମର୍ମକଥା; ଗୁପ୍ତକଥା—1. Secrets.
गोइ ୨ । ଗୃହଚ୍ଛିଦ୍ର; ପାରିବାରିକ ଛିଦ୍ର କଥା—
2. Family-secrets.
୩ । (ସଂ. ଗୋଧିକା) ଗୋଧିସାପ—3. Iguana.
୪ । (ସଂ. ଗର୍ତ୍ତ) ଗର୍ତ୍ତ; ପଦଣୀ—4. A den; a trench made in the ground.
୫ । ସ୍ତ୍ରୀ. (ସଂ. ଗୋପୀ)—ଗଉଡୁଣୀ; ଗୋପାଙ୍ଗନା—
5. A female of the cowherd caste.

**ଗୋଇଆ ନିମନ୍ତ୍ରଣ**—ପ୍ରାଦେ. ( ଗଡ଼ଜାତର ରାଜ ପରିବାରମାନଙ୍କରେ
Goiā nimantrana ବ୍ୟବହୃତ ଭାଷା ) ବି.—ବିବାହର ବାସିଦିନ ସକାଳଠାରେ କନ୍ୟାପକ୍ଷୀୟ ଓ ବରପକ୍ଷୀୟ ବ୍ୟକ୍ତିମାନଙ୍କର

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରଣ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ସାର' ନ ମିଳିଲେ 'ଷାର' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଖ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ହଳଦୀ, ତେଲମର୍ଦ୍ଦନ; ଅବର ଚନ୍ଦନ ଚୂଆ ବୋଳାବୋଳି ହୋଇ ଓ ପିଚକାରୀ ମରାମରି ହୋଇ ସ୍ନାନ କରିବା— Bath taken together by persons of the bride's party and bridegroom's party on the next day of a marriage.

**ଗୋଇ କାଢ଼ିବା**—ଦେ. କ୍ରି—ପରର ଗୁପ୍ତ କଥା ବା ଗୁହ୍ୟଛିଦ୍ର ପ୍ରକାଶ କରିବା—To divulge another's secrets or scandal.
Goi kārḍhibā
भंडाफोड़ना

**ଗୋଇ ଖୋଲିବା**—ଦେ. କ୍ରି—ଗୋଇ କାଢ଼ିବା (ଦେଖ)
Goi kholibā — Goi kārḍhibā (See)

**ଗୋଇଠା**—ଦେ. ବି—ପଦାଘାତ—Kick.
Goiṭhā
ଲାଥି
लात
କଳୁ ମୋହର ମୁଣ୍ଡେ ତୁ ଗୋଇଠା ମାଡ଼ି— କୃଷ୍ଣସିଂହ, ମହାଭାରତ, ଉଦ୍ଯୋଗ ।

**ଗୋଇଠାଅଇଣ୍ଠାଖିଆ**—ଦେ. ବି. ପୁଂ.—ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତି ନିକଟରେ ସବୁବେଳେ କୁକୁର ପରି ପଡ଼ି ଗୋଇଠା ମାଡ଼ ସହି ଓ ଅନ୍ୟବ୍ୟକ୍ତିର ଉଚ୍ଛିଷ୍ଟ ଖାଇ ବଞ୍ଚିଥାଏ—1. A toady or parasite who lives with another person who deals him kicks and gives him the leavings of his table to subsist upon.
Goiṭhā ainṭhākhiā
लतखोर और जूठखोर
୨ । କୁକୁର—2. A dog.

**ଗୋଇଠା ଖାଇବା**—ଦେ. କ୍ରି—ଅନ୍ୟର ପଦାଘାତ ସହିବା—
Goiṭhā khāibā — To be dealt kicks by another.
ଲାଥିଖାଓଆ
लातखाना

**ଗୋଇଠାଖିଆ**—ଦେ. ବିଣ—ଯେ ଅନ୍ୟର ଗୋଇଠା ମାଡ଼ ସହେ—
Goiṭhākhiā — One who is kicked by another.
ଲାଥୀଖେଗୋ
लातखोर

**ଗୋଇଠା ମାରିବା**—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ପଦାଘାତ କରିବା—
Goiṭhā māribā — To deal kicks to others.
ଲାଥୀମାରା
लतियाना

**ଗୋଇଠି**—ଦେ. ବି. (ସଂ. ଗୁଳ୍ଫିକା=ବଳାଗଣ୍ଠି; ଗୋଡ଼ର=ଗୋଇଠି)—
Goiṭhi ୧ । ପାଦମୂଳ; ଗୁଳ୍ଫ; ଖେଡ଼ି; ପାଦତଳର ଯେଉଁ ଅଂଶ ଠିକ୍ ପାଦ ଗଣ୍ଠିର ତଳେ ଥାଏ—
ଗୋଡ଼ାଳି
एड़ी
1. The back sole of the foot; heel.
୨ । ଗୋଇଠାମାଡ଼—2. Blow with kick.

**ଗୋଇଠି ଆସନ**—ଦେ. ବି—ଯୋଗାସନବିଶେଷ—A posture of sitting in the Joga-exercise.
Goiṭhi āsana
ଗୋଇଠି ଆସନେ ବସିଣ ଯୋଗ
ଶୁଣିଲ କାଠ ପ୍ରାୟେ ହୁଏ ଅଙ୍ଗ—ପ୍ରାଚୀ. ଗରଡ଼ଗୀତା ।

**ଗୋଇ ନିମନ୍ତ୍ରଣ**—ପ୍ରାଦେ. (ଗଡ଼ଜାତ) ବି—ଗୋଇଥି ନିମନ୍ତ୍ରଣ (ଦେଖ)
Goi nimantraṇa — Goiā nimantraṇa (See)

**ଗୋଇନ୍ଦା**—ବୈଦେ. ବି. (ଫା. ଗୋଇନ୍ଦା; ଭୁଲ. ସଂ. ଗୁପ୍ତାନୁସନ୍ଧାନୀ)—
Goindā — ଗୁପ୍ତଚର—Spy; informer.
ଗୋୟେନ୍ଦା
गोइंदा

**ଗୋଇନ୍ଦା ପୁଲିସ୍**—ବୈଦେ. ବି. (ଫା. ଗୋଇନ୍ଦା+ଇଂ. ପୋଲିସ୍)—ଗୁପ୍ତ ଅନୁସନ୍ଧାନ ନିମନ୍ତେ ନିଯୁକ୍ତ କର୍ମଚାରୀ—Detective police; C. I. D; Government criminal intelligence department.
Goindā pulis
ଗୋୟେନ୍ଦା ପୁଲିସ
खुफियापुलिस

**ଗୋଇରା**—ଦେ. ବି—ଗୋହିରା ( ଦେଖ )
Goirā — Gohirā ( See )

**ଗୋଏ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଗୋଧିକା )—ଗୋଧି—
Goe — Iguana.

**ଗୋଏନ୍ଦା ( ଇତ୍ୟାଦି )**—ବୈଦେ. ବି—ଗୋଇନ୍ଦା ଇତ୍ୟାଦି ( ଦେଖ )
Goendā etc ) — Goindā etc ( See )
ବୁଦ୍ଧିମାନ୍ ବୁଝିଥିବ ଗୋଏନ୍ଦା ଅଛିରେ ଧୂଳି ପକାଇବା
ସହଜ କଥା ନୁହେ—ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଗୋଁଆଁର**—ଦେ. ବିଣ. ( ସଂ. ଗ୍ରାମ୍ୟ )—୧ । ଏକଜିଦିଆ; ଜିଦଖୋର; ଏକଗୁଆଁ; ଏକବାଗିଆ; ଗୁଆଁର—1. Obstinate.
Goñāñr
ଗୌୟାର
गँवार; गँवार
୨ । ଅବୋଧ; ଗମାର; ଓଲୁ—1. Foolish; stupid.
୩ । ମଫସଲିଆ; ଗ୍ରାମ୍ୟ; ଗାଉଁଲି—
3. Simpleton; simple as village-folk.
୪ । ମୁସଲମାନମାନଙ୍କ ମହରମର ଶୋକ-ଯାତ୍ରାରେ ଶବାଧାର (ତାଜିଆ)କୁ ନେଇ ଶୋଭାଯାତ୍ରା କରିବା ଉତ୍ସବ—
4. The ceremony of carrying the coffin in a procession during the Mohorram festival among the Mahomedans.

**ଗୋଁଆଁର ଗୋବିନ୍ଦ**—ଦେ. ବି—ଜାଣ୍ଡଜ୍ଞାନଶୂନ୍ୟ ବ୍ୟକ୍ତି—
Goñāñra gobinda — A simpleton or foolish person
ଗୌୟାରଗୋବିନ୍ଦ

**ଗୋଁଗାଁ**—ଦେ. ( ଧ୍ୱନ୍ୟନୁକରଣ ) ଅ—ଗିଁଗିଁ; ପ୍ରହାରଜନିତ ବା ଯନ୍ତ୍ରଣାଜନିତ ଅସହ୍ୟତାସୂଚକ ଜୀବର ଆର୍ତ୍ତରବ—Groaning of a dying animal.
Goñgāñ
ଗୋଁଗୋଁ
गोंगों

**ଗୋଁଗୋଁ**—ଦେ. (ଧ୍ୱନ୍ୟନୁକରଣ) ଅ.— ଗୋଁଗାଁ (ଦେଖ)
Goñgoñ — Goñgāñ (See)

**ଗୋଁଡା ଫୁଲ**—ପ୍ରାଦେ. (କଟକ) ବି.—ଗେଣ୍ଡୁ ଫୁଲ—
Goñḍā phula — Marigold; safflower.

**ଗୋକଣ୍ଟକ**—ସଂ. ବି.—୧ । ଗୋଖୁରା—
Gokanṭaka — 1. Hoof of a cow.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଷ | ଙ୍କ | ଇଯୁ | ଉଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ଶ | ଙ୍ଗ | ଇଅ | ● | ନ |

୨ । ଗୋରୁଖୁରର ଚିହ୍ନ—2. Print of a cow's hoof.

୩ । ଗୋରୁ ମାଡ଼ିଥିବା ଯୋଗୁ ଖାଲ ଛିପ ହୋଇଥିବା ହେତୁରୁ ଯେଉଁ ଠାରେ ଲୋକେ ଚାଲି ପାରନ୍ତି ନାହିଁ—3 A place made impassable owing to having been trodden upon by cattle.

୪ । ଗୋକ୍ଷୁର (ଦେଖ) 4. Gokshura (See)

**ଗୋକନ୍ଦା**—ଦେ. ବି.—ଅଙ୍ଗୁଳି ସନ୍ଧିରେ ହେବା ଚର୍ମ ରୋଗବିଶେଷ—
Gokandā Eruption between the fingers.

**ଗୋକର୍ଣ୍ଣ**—ସଂ. ବି. ( ଗୋ + କର୍ଣ୍ଣ )—୧ । ଏକ ବୃଖଣ୍ଡ ପରିମାଣ; ଅନାମିକା ପ୍ରାନ୍ତରୁ ଅଙ୍ଗୁଷ୍ଠ ପ୍ରାନ୍ତ ପର୍ଯ୍ୟନ୍ତ ପରିମାଣ—
Gokarṇṇa 1. A lineal measure; one span.

୨ । ଗଣ୍ଡୂଷ—2. Sip (of drink).

୩ । ମୃଗବିଶେଷ—3. A kind of deer.

୪ । ଅଶ୍ୱତର—4. Mule.

୫ । ସର୍ପ—5. Serpent.

୬ । ରୁଦ୍ରବିଶେଷ—6. A class of Rudra Deity.

୭ । ଦାକ୍ଷିଣାତ୍ୟର ଅନ୍ତର୍ଗତ ତୀର୍ଥବିଶେଷ—7. Name of a sacred place of pligrimage in Deccan.

୮ । ହିମାଳୟର ଅନ୍ତର୍ଗତ ତୀର୍ଥବିଶେଷ—8. Name of a secred place in the Himalayas.

[ ଦ୍ର—ଏଠାରେ ଭଗୀରଥ ତପସ୍ୟା କରିଥିଲେ ବୋଲି ପ୍ରବାଦ ଅଛି । ]

୯ । କାଶୀସ୍ଥ ଶିବଲିଙ୍ଗବିଶେଷ; ଗୋକର୍ଣ୍ଣେଶ୍ୱର—9. Name of a phallic emblem in Benares.

**ଗୋକର୍ଣ୍ଣୀ**—ସଂ. ବି.—ମୂର୍ବା; ମୁରୁଗା ଗଛ—Bow-string hemp;
Gokarṇṇī Sansevieria Zeylancia Roxburghiana.

**ଗୋକଳ**—ଗ୍ରା. ବି. ( ସଂ. ଗୁଗ୍ଗୁଲ )—ଧୂପ ଉପକରଣ ସୁଗନ୍ଧନିର୍ଯ୍ୟାସ ବିଶେଷ—Indian Bdellium used as incense.
Gokaḻa
ଗୋଗଳ [ ଦ୍ର—ଏହାକୁ ଝୁଣା ସଙ୍ଗେ ମିଶାଇ ଧୂପ ଦିଆଯାଏ । ]
ଗୁଗ୍ଗୁଳ ସଂ. ବି. (ଗୋ+କଳ)—୧ । ଗୋ ଗ୍ରାସ—
1. A mouthful for a cow.

୨ । ଗୋରୁକୁ ଦେବା ଘାସ—2. Grass given to a cow.

**ଗୋକିଳ**—ସଂ. ବି.—୧ । ଲଙ୍ଗଳ—
Gokiḻa 1. A plough.

୨ । ହେମାମଦସ୍ତାର ପୁଅ; ମୁଷଳ—
2 Pestle of a mortar.

**ଗୋକୀଳ**—ସଂ. ବି.—ଗୋକିଳ (ଦେଖ)
Gokiḻa Gokiḻa (See)

**ଗୋକୁନ୍ଦା**—ଦେ. ବି.—କନା; ଏକପ୍ରକାର ଚର୍ମରୋଗ—
Gokundā Scabies; a skin-disease.

**ଗୋକୁଳ**—ଦେ. ବି. (ଗୋ+କୁଳ=ସମୂହ)—୧ । ଗୋସମୂହ—
Gokuḻa 1. A herd of cattle.

୨ । ଗୁହାଳ—2. Cow-house.

୩ । ଗୋଗୋଷ୍ଠ—3. Cattle-pen.

୪ । ଗୋପପୁର; ମଥୁରାଠାରୁ ସାତ ମାଇଲ ଦୂରରେ ଥିବା ଯମୁନା ତୀରସ୍ଥ ପ୍ରାଚୀନ ଗ୍ରାମବିଶେଷ ( ଏହିଠାରେ ଶ୍ରୀକୃଷ୍ଣ ବାଲ୍ୟକାଳରେ ନନ୍ଦ ଯଶୋଦାଙ୍କଦ୍ୱାରା ଲାଳିତ-ପାଳିତ ହୋଇଥିଲେ; ଏହାର ଅଧୁନିକ ନାମ ମହାବନ; ବର୍ତ୍ତମାନ ଯେଉଁ ଗ୍ରାମକୁ ସ୍ଥାନୀୟ ଲୋକେ ଗୋକୁଳ ବୋଲି ଡାକନ୍ତି ତାହା ପ୍ରାଚୀନ ଗୋକୁଳ ନୁହେ ହି. ଶବ୍ଦସାଗର)—4. A village on the banks of Jamunā (the theatre of Śrīkṛushṇa's boyish feats ) seven miles to the east of Mathurā.

ଗ୍ରା. ବି ( ସଂ. ଗୁଗ୍ଗୁଲ )—ଗୋକଳ ( ଦେଖ )—
Gokaḻa ( See )

**ଗୋକୁଳବିହାରୀ**—ସଂ. ବି (ଉପପଦ; ଗୋକୁଳ + ବିହାରୀ)—ଶ୍ରୀକୃଷ୍ଣଙ୍କର ନାମବିଶେଷ—An epithet of Śrīkṛushṇa (who sported in the village of Gokuḻa).
Gokuḻabihārī

**ଗୋକୁଳାନନ୍ଦ**—ସଂ. ବି ( ଗୋକୁଳ+ଆନନ୍ଦ; ଗୋକୁଳ ( ଗ୍ରାମର ) ଆନନ୍ଦ ସଦୃଶ) ଶ୍ରୀକୃଷ୍ଣଙ୍କର ନାମବିଶେଷ—
Gokuḻānanda An epithet of Śrīkṛushṇa ( the delight of the village of Gokuḻa).

ଦେ. ବି—ପୁରୁଷଙ୍କ ନାମବିଶେଷ—A name given to males.

**ଗୋକୁଳିକ**—ସଂ. ବି—କାଦୁଅରେ ପଡ଼ିଥିବା ଗାଈକୁ କାଦୁଅରୁ ଉଠେଇବାରେ ସାହାଯ୍ୟ କରୁଥିବା ବ୍ୟକ୍ତି—A person who gives help to a cow fallen in the mud.
Gokuḻika
(ଗୋକୁଳିକା—ସ୍ତ୍ରୀ) ସଂ. ବିଣ. ପୁଂ—ଟେରା—Squint-eyed.

**ଗୋକୃତ**—ସଂ. ବି—(ଗୋ+ମାଳାର୍ଥେ. କୃତ) ଗୋବର—
Gokṛuta Cow-dung.

**ଗୋକ୍ଷ**—ସଂ. ବି—ଜୋକ ( ହି. ଶବ୍ଦସାଗର )—
Goksha Leech.

**ଗୋକ୍ଷୀର**—ସଂ. ବି (ଷଷ୍ଠୀ ତତ୍; ଗୋ + କ୍ଷୀର)—ଗୋଦୁଗ୍ଧ; ଗାଈଦୁଧ—
Gokshīra Cow's milk.

[ ଦ୍ର—ଏ ଶବ୍ଦରୁ ଗଡ଼ଜାତରେ ପ୍ରଚଳିତ 'ଓଖିର' ଶବ୍ଦର ଉତ୍ପତ୍ତି ହୋଇଅଛି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ବର୍ଣ୍ଣର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଯାଚ' ନ ମିଳିଲେ 'ଯାଞ୍ଚ' ଖୋଜିବେ, 'ବୃଅ' ନ ମିଳିଲେ 'ବୃଷ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗୋକ୍ଷୁର—ସଂ. ବି—୧ । ଔଷଧରେ ଲାଗିବା କଣ୍ଟକଫଳଯୁକ୍ତ ଗୁଳ୍ମ ବିଶେଷ; ବର୍ଷାୟୁ ଶାକବିଶେଷ; ଗୋଖରୁ—
Gokshura
ସଂ. ପର୍ଯ୍ୟାୟ—ଗୋକ୍ଷୁର, କ୍ଷୁରକ, ତ୍ରିକଣ୍ଟ, ସ୍ୱାଦୁକଣ୍ଟକ, ଗୋକଣ୍ଟକ, ଗୋକ୍ଷୁର୍ରକ; ବନଶୃଙ୍ଗାଟ ପଲଙ୍କଷା; ଷଡଂଷ୍ଟ୍ରା, ଇକ୍ଷୁଗନ୍ଧିକା ଲଘୁ ଗୋକ୍ଷୁର, ଶ୍ୱଦଂଷ୍ଟ୍ର, କଣ୍ଟକଫଳ, ବନଶୃଙ୍ଗାଟକ, ଭକ୍ଷକଣ୍ଟକ, କ୍ଷୁରଙ୍ଗ ।
1. Tribulus Terrestris; a herbarious plants Pedalium murea.
গোক্ষুর; গোখরি
गोखुरू; गोखुरा
ଫା. ଖୁଖ୍‌ମେଖାରଖସ୍
ଅ. ଖଜରୁଲ୍‌ଖସ୍
ତେ. ପାଲ୍ଲେରୁ; ପାଲ୍ଲେରମୁଲ୍ଲୁ
ତା. ନେରୁଞ୍ଜି
ସନ୍ତା. କ୍ରିରୁଣ୍ଡି
[ ଦ୍ର—ଏହାର ଫଳ ପାଞ୍ଚକୋଣିଆ ଓ କଣ୍ଟକଯୁକ୍ତ । ଏହା ଶୀତବୀର୍ଯ୍ୟ, ମଧୁରରସ, ମଧୁରବିପାକ, ବଳକାରକ, ମୂତ୍ରାଶୟଶୋଧକ, ଅଗ୍ନିଦୀପକ, ଶୁକ୍ରବର୍ଦ୍ଧକ, ପୁଷ୍ଟିକର । ଏହା ଅଶ୍ମରୀ, ପ୍ରମେହ, ଶ୍ୱାସ, କାସ, ଅର୍ଶ, ମୂତ୍ରକୃଚ୍ଛ୍ର, ହୃଦ୍ରୋଗ ଓ ବାୟୁନାଶକ ।
ଏଥିର ମଞ୍ଜି ଶୀତବୀର୍ଯ୍ୟ, ମୂତ୍ରକାରକ, ବୃଷ୍ୟ ଓ ଅଗ୍ନିବର୍ଦ୍ଧକ ଏବଂ ଏହା ଶୋଥ, ଶୁକ୍ରମେହ ଓ ମୂତ୍ରକୃଚ୍ଛ୍ରରେ ବ୍ୟବହୃତ ହୁଏ ।
ଏ ଗଛ ବାଲିଆ ମାଟିରେ, ପଡ଼ିଆରେ ଓ ସମୁଦ୍ରପଠାରେ ପୁଷ୍ଟ ଓ କଟକ ଜିଲ୍ଲାରେ ଜାତ ହୁଏ । ]
୨ । ଗୋରୁର ଖୁର—2. Cow's hoof

ଗୋକ୍ଷୁରକ—ସଂ. ବି—ଗୋକ୍ଷୁର (ଦେଖ)
Gokshuraka Gokshura (See).

ଗୋଖ୍‌ରା—ପ୍ରାଦେ (ସମ୍ବଲପୁର) ବି—ଗୋଖରସାପ—
Gokhrā Cobra.

ଗୋଖ୍‌ରୁ—ପ୍ରାଦେ (ସମ୍ବଲପୁର) ବି—ଗୋଡ଼ଖଡ଼ୁ—
Gokhru Anklets.

ଗୋଖର—ଦେ. ବି ( ସଂ. ଗୋକ୍ଷୁର )—୧ । ଫଣାଧାରୀ, ବିଷଧର, ବଳବତ୍ତ ସାପବିଶେଷ; ନାଗ—1. Cobra di Capillo; Naga Tripudians.
Gokhara
গোখুরা
करैत, गोखुरा
[ ଦ୍ର—ଏହାର ଫଣା ଉପରେ ଗୋରୁଖୁରଚିହ୍ନ ଭଳି କଳା ଚିହ୍ନ ଥାଏ । କେହି କେହି ଏହାକୁ କାଳୀଦଳନ ବେଳର ଶ୍ରୀକୃଷ୍ଣଙ୍କ ପଦାଙ୍କଚିହ୍ନ ବୋଲି ମନେକରନ୍ତି । ]
୨ । ତିନୋଟି ଗୋଲକବିଶିଷ୍ଟ ସୁନାର କର୍ଣ୍ଣଭୂଷଣବିଶେଷ— 2. A kind of golden pendant ear-ring with three balls set in a triangular form.

ଗୋ-ଖର—ସଂ. ବି ( ଦ୍ୱନ୍ଦ୍ୱ; ଗୋ=ଗୋରୁ+ଖର=ଗର୍ଦ୍ଦଭ )—( ଲକ୍ଷଣାର୍ଥ ) ପଶୁ—Beast.
Go-khara

ସାଧବେ କ କରେ ଆଦର
ତାହାକୁ ବୋଲନ୍ତି ଗୋଖର—ଜଗନ୍ନାଥ- ଭାଗବତ ।

ଦେ. ବିଣ—ଦୁଷ୍ଟ; ଅସତ୍; ବିଶ୍ୱାସଘାତକ ( ବ୍ୟକ୍ତି )—
Wicked and faithless ( person).

ଗୋଖରୁ—ଦେ. ବି ( ସଂ. ଗୋକ୍ଷୁର )—ଗୋକ୍ଷୁର (ଦେଖ)
Gokharā Gokshura (See)
ଦେ. ବିଣ ( ସଂ. ଗୋଖର )—ମୂଢ଼; କାଣ୍ଡଜ୍ଞାନଶୂନ୍ୟ—
Rash; headstrong.

ଗୋଖା—ସଂ. ବି—ନଖ—
Nail

ଗୋଖଣା
ଗୋଖୁଣୀ } ସ୍ତ୍ରୀ.
ଗୋଖୁଣୀ
ଦେ. ବି. ପୁଂ—ଓଡ଼ିଶାର ଧୀବରଶ୍ରେଣୀୟ ନୀଚଜାତିବିଶେଷ —A low caste of Sūdras following the profession of fishermen.

ଗଜପ ଭଣ୍ଡ ଗୋଖା, ନତ ଭଙ୍ଗୁଁଥିବ ପଖା, ଦେବେ ଯାଇଁ ଦେବେ ଦେଖା—ଚଗ ।

ଦେ. ବିଣ—ନିର୍ବୋଧ କାଣ୍ଡଜ୍ଞାନଶୂନ୍ୟ—
Foolish; rash.

ଗୋଖାଦକ—ସଂ. ବିଣ ( ଗୋ+ଖାଦ ଧାତୁ+କର୍ତ୍ତୃ. ଅକ)—ଗୋମାଂସଭୋଜୀ—Beef-eating; one who eats cow's meat.
Gokhādaka

ଗୋଖାନା—ଦେ. ବି (ଫା. ଗଉଖାନା)—ଗୋରକ୍ଷାସ୍ଥାନ—
Gokhānā A cow-shed; a place for keeping cows
গোখানা
गोशाला

ଗୋଖି—ଦେ. ବିଣ—ଗୋରୁଠାରୁ ପ୍ରାପ୍ତ (ଯଥା—ଗୋଖି ଚମଡ଼ା)—
Gokhi Belonging to the cow.
গোখী ପ୍ରାଦେ (ଗଡ଼ଜାତ) ବି—ଗୋମାଂସ ଓ ଚର୍ବି—
गोखी Beef and cow's lard.
[ ଦ୍ର—ମଇଁଷିଙ୍କ ଗରଭଙ୍ଗା ରୋଗରେ ଏହା ମଇଁଷିଙ୍କୁ ଖୁଆନ୍ତି । ]

ଗୋଖି ଚମଡ଼ା—ଦେ. ବି—ଗୋଚର୍ମ—
Gokhichamarḍā Cow-hide; cow-leather.
গোখী
गोखी

ଗୋଖୁର—ସଂ. ବି ( ୬ଷ୍ଠୀତତ୍; ଗୋ+ଖୁର )—ଗୋରୁର ଖୁର—
Gokhura The hoof of the cow.
ଦେ. ବି (ସଂ. ଗୋକ୍ଷୁର)—ଗୋଖର ୧ (ଦେଖ)
Gokhara 1 (See)

ଗୋଖୁରା—ଦେ. ବି ( ସଂ. ଗୋକ୍ଷୁର )—( ଦେଖ )
Gokhurā Gokshura (See)

ଗୋଗଛ ବାଡ଼ିଆ—ଦେ. ବି—ଗୋଗୋଛବାଡ଼ିଆ (ଦେଖ)
Gogachha bārḍiā Gogochhabārḍia (See).

ଗୋଗୃହ—ସଂ. ବି. (୬ଷ୍ଠୀ ତତ୍; ଗୋ+ଗୃହ)—ଗୋଶାଳ—
Gogṛuha Cattle-shed; cattle-pen cow-house.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍‌ |

ଗୋଗେଇ - ପ୍ରାଦେ. (କେନ୍ଦ୍ରାପଡ଼ା) ବି—ପଶ୍ଚିମା ପବନ ସହିତ ମେଘାଚ୍ଛନ୍ନ
Gogei ଆକାଶଯୁକ୍ତ ପାଗ—Cloudy weather accompanied by west-wind.
( ଯଥା—ଆଜି ଗୋଗେଇ ହୋଇଛି । )

ଗୋଗୋଛ ବାଡ଼ିଆ—ଦେ. ବି. ( ଗୋରୁଙ୍କୁ ପ୍ରହାର କଲାପରି )—
Gogochha bāṛdiā ବିଶେଷ ପ୍ରହାର—Excessive beating; soun cudgelling.
ଗୋବେଡ଼େନ୍

ଗୋଗୋଷ୍ଠ—ସଂ. ବି—୧ । ଗୋଶାଳା—1. Cow-shed.
Gogoshṭha ୨ । ଗୋରୁଙ୍କ ରହିବା ବାଡ଼ିଦିଆ ସ୍ଥାନ—
2. A cattle-pen; an enclosure for cattle.

ଗୋଗ୍ରନ୍ଥି—ସଂ. ବି—୧ । ଘସି—1. Dried cowdung ( used as fuel ).
Gogranthi
୨ । ଗୋଷ୍ଠ—2. Cattle-pen.

ଗୋଗ୍ରହ—ସଂ. ବି. (୬ଷ୍ଠୀ ତତ୍; ଗୋ+ଗ୍ରହ)—ଗୋ-ହରଣ; ଗୋରୁ-
Gograha ଚୋର—Theft of cattle; cattle-lifting.

ଗୋଘାତ—ସଂ. ବି. ପୁଂ. (ଗୋ+ହନ୍ ଧାତୁ+କର୍ତ୍ତୃ. ଅ)—
Goghāta ଗୋରୁକୁ ହତ୍ୟା କରିବା ବ୍ୟକ୍ତି—
Killer of cows; cow-killer ( M. W.)

ଗୋଘାତକ—ସଂ. ବି. ପୁଂ—ଗୋଘାତ ( ଦେଖ )
Goghātaka Goghāta ( See )

ଗୋଘାତୀ—ସଂ.ବି.ପୁଂ. (ଗୋ+ହନ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Goghātī ଗୋଘାତ ( ଦେଖ )
(ଗୋଘାତିନୀ—ସ୍ତ୍ରୀ) Goghāta ( See )

ଗୋଘୃତ—ସଂ. ବି. (୬ଷ୍ଠୀ ତତ୍; ଗୋ+ଘୃତ)—୧ । ଗାଈଘିଅ—
Goghṛuta 1. Ghee from cow's milk.
୨ । ବର୍ଷାପାଣି—2. Rain-water.

ଗୋଘ୍ନ—ସଂ. ବି. ( ଗୋ+ହନ୍ ଧାତୁ+କର୍ତ୍ତୃ. ଅ )—
Goghna ୧ । ଗୃହାଗତ ଅତିଥି ବା ଅଭ୍ୟାଗତ; କୁଣିଆଁ—
1. An honoured guest.
[ ଦ୍ର—ପୂର୍ବେ ଭାରତରେ କେହି ଅତିଥି ଉପସ୍ଥିତ ହେଲେ, ମଧୁପର୍କପାଇଁ ବା ତାଙ୍କର ଖାଇବା ନିମନ୍ତେ ଗୋରୁ ମରା ଯାଉଥିଲା । ପ୍ରାଚୀନକାଳରେ ହିନ୍ଦୁମାନେ ଗୋମାଂସ ଖାଉଥିବାର ଏହା ଏକ ପ୍ରମାଣ । ]
୨ । ଗୋଘାତ ( ଦେଖ )
2. Goghāta ( See )

ଗୋଙ୍ଗା—ବୈଦେ. ବିଣ. ପୁଂ. (ଫା. ଗୁଂଗା)—ମୁକା; ବାକ୍ଶକ୍ତିହୀନ—
Goṅgā Dumb.
(ଗୋଙ୍ଗୀ—ସ୍ତ୍ରୀ);
गोंगा
गुंगा

ଗୋଚନ୍ଦନ—ସଂ. ବି—୧ । ଏକପ୍ରକାର ଚନ୍ଦନ—
Gochandana 1. A kind of sandal (Apte).
୨ । ଗୋରୋଚନା (ଚନ୍ଦନପରି ଶୁଭକାର୍ଯ୍ୟମାନଙ୍କରେ ଏହାକୁ କପାଳରେ ତିଳକ କରି ଦିଅନ୍ତି )—
2. A yellow-coloured matter ( used in marking the forehead on auspicious occasions) obtained from the bile of the cow.

ଗୋଚନ୍ଦନା—ସଂ. ବି—ଏକପ୍ରକାର ବିଷାକ୍ତ ଜୋକ—
Gochandanā A kind of poisonous leech.
[ ଦ୍ର—ଏହାର ଲାଞ୍ଜ ମୋଟା ଓ ଦୁଇଫାଳିଆ । ସୁଶ୍ରୁତ ଅନୁସାରେ ଏ କାମୁଡ଼ିଲେ ଦଷ୍ଟଜୀବର ଦେହ ଫୁଲିଯାଏ ଓ ଘନଘନ ମୂର୍ଚ୍ଛାହୁଏ । ]

ଗୋଚର—ସଂ. ବି. (ଗୋ+ଚର ଧାତୁ+ଅଧିକରଣେ. ଅ; ବା
Gochara ବହୁବ୍ରୀହି; ଗୋ+ଚର)—୧ । ଗୋରୁ ଚରିବା ଭୂମି; ଗୋଚାରଣ ଭୂମି—1. Pasturage; pasture; grazing field for cattle.
୨ । ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁ—
2. A thing perceptible by the senses.
୩ । ସାକ୍ଷାତ୍କାର—3. Direct touch or preception.

ଶୁଣେ ସଖିକା ଗୋଚରେ ବୋଲନ୍ତି
ବେଗେ ସମର୍ପିଲେକ ସଙ୍ଗେ ନନ୍ଦ । ପ୍ରାଚୀ. ରସବାରିଧି ।

୪ । ଇନ୍ଦ୍ରିୟ-ଗ୍ରହଣର ସୀମା—
4. Ken or range of preception.
୫ । ଇନ୍ଦ୍ରିୟ ଦ୍ୱାରା ଅନୁଭୂତ—
5. Perception; direct knowledge.
୬ । (ଜ୍ୟୋତିଷ)—ଗ୍ରହର ରାଶ୍ୟାଦିକ ସଞ୍ଚାର—
6. (astrology) The presence or position of a planet in any sign which is that of a person's nativity.
୭ । ସ୍ଥାନ; ଦେଶ—7. Tract of country.

ସଂ. ବିଣ—୧ । ଯେଉଁ ଭୂମିରେ ଗୋରୁ ଚରନ୍ତି—
1. (land) Grazed over by cattle.
୨ । (ସମାସରେ) ବାସକାରୀ—2. Dwelling in.
୩ । (ସମାସରେ) ବିଚରଣକାରୀ—3. Frequenting.
୪ । (ସମାସରେ) ଇନ୍ଦ୍ରିୟର ବିଷୟୀଭୂତ—
୩। ଗୋଦାମରେ ଥିବା ଜିନିଷମାନଙ୍କ ମଧ୍ୟରୁ ସର୍ବନିକୃଷ୍ଟ ଓ ଅକର୍ମଣ୍ୟ(ମାଲ) 3. Most worthless amongst the articles stored in a godown.

ସାଧାରଣ ଲୋକେ ଅପର ଦୃଷ୍ଟାରେ ୧ ଚିହ୍ନ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ତାହା ଦେଖିବା ପାଇଁ ପାଠକମାନେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଢ଼' ନ ମିଳିଲେ 'ବଢ଼ି' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ( ଲକ୍ଷଣାର୍ଥ ) ଅକର୍ମଣ୍ୟ ( ବ୍ୟକ୍ତି )—
4. ( figurative ) Worthless ( person ).

**ଗୋଦାମ ସରକାର୍**—ବୈଦେ. ବି. (ଇଂ. ଗୋଡାଉନ୍ + ଫା. ସର୍କାର୍)—
Godāma sarakār ଗୋଦାମ ରକ୍ଷକ କର୍ମଚାରୀ ବା କିରାଣି—
গুদম সরকার A clerk in charge of a warehouse.
**गोदाम सरकार**

**ଗୋଦାମ ସାଫ୍ ବିକ୍ରି**—ଦେ. ବି. ( ଇଂ. ଗୋଡାଉନ୍—ଅ. ସାଫ୍ + ସଂ. ବିକ୍ରୟ )—
Godāma sāph bikri
ବିକ୍ରି ନ ହୋଇ ମାଲମାନ ଅଧିକ ଦିନ ଗୋଦାମରେ ପଡ଼ି ରହିଲେ ବା ନୂଆ ମାଲ ରଖିବାକୁ ଜାଗା ନ ଅଣ୍ଟିଲେ ଗୋଦାମଘରକୁ ଖାଲି କରିବା ପାଇଁ ସସ୍ତାରେ ମାଲମାନଙ୍କର ବିକ୍ରୟ—Clearance-sale.

**ଗୋଦାରଣ**—ସଂ. ବି. ( ଗୋ=ପୃଥିବୀ + ଦୃ ଧାତୁ=ବିଦାର୍ଣ୍ଣ କରିବା + କର୍ତ୍ତୃ. ଅନ )—
Godāraṇa
୧ । ଲଙ୍ଗଳ—1. Plough.
୨ । କୋଦାଳ; କୋଡ଼—2. Spade.

**ଗୋଦାରି**—ପ୍ରାଦେ. (ସମ୍ବଲପୁର) ବି—ଶୂଦ୍ର ଜାତିବିଶେଷ—
Godāri A minor sub-caste of Śūdras

**ଗୋଦୁଗ୍ଧ**—ସଂ. ବି. ( ୬ଷ୍ଠୀ ତତ୍; ଗୋ + ଦୁଗ୍ଧ )—
Godugdha ଗାଈଦୁଧ; ଗୋକ୍ଷୀର—
Cow's-milk

**ଗୋଦୁହ**—ସଂ. ବି. ( ଗୋ + ଦୁହ ଧାତୁ + କର୍ତ୍ତୃ. କ୍ୱିପ୍ )—
Goduha ଗଉଡ଼—Cow-herd; milkman.
ସଂ. ଗୁଣ—ଗୋଦୋହନକାରୀ—
( person ) Milking a cow.

**ଗୋଦୋହ (ଇତ୍ୟାଦି)**—ସଂ. ବି. ( ୬ଷ୍ଠୀ ତତ୍; ଗୋ + ଦୋହ )—
Godoha (etc) ଗୋଦୋହନ ଇତ୍ୟାଦି ( ଦେଖ )
Godohana etc ( See )

**ଗୋଦୋହନ**—ସଂ. ବି. ( ୬ଷ୍ଠୀ ତତ୍; ଗୋ + ଦୋହନ )—
Godohana ୧ । ଗାଈଦୁହାଁ—
1. Milking of a cow.
୨ । ଗାଈ ଦୁହାଁ ହେବାର ନିର୍ଦ୍ଦିଷ୍ଟ ବେଳ—
2. The time of milking cows.

**ଗୋଦୋହନକାଳ**—ସଂ. ବି—୧ । ଗାଈ ଦୁହିଁବାକୁ ଯେତେ ସମୟ ଲାଗେ-
Godohanakāḷa 1. The time it takes to milk a cow.
୨ । ଗାଈ ଦୁହାଁହେବାର ଉପଯୁକ୍ତ ସମୟ (ସକାଳ ଓ ସନ୍ଧ୍ୟା)—
2. Fit time for milking a cow ( morning and evening ).

**ଗୋଦୋହନୀ**—ସଂ. ବି. ସ୍ତ୍ରୀ. (ଗୋ + ଦୁହ ଧାତୁ + ଅଧିକରଣ. ଅନ + ସ୍ତ୍ରୀ. ଈ)—ଗାଈଦୁହାଁ ଠେକ ବା ଭାଣ୍ଡ—
Godohanī
Milk-pail; milking pot or jug.

**ଗୋଦୋହମାତ୍ର**—ସଂ. ଅ—ଅତି ଅଳ୍ପ ସମୟ—
Godoha mātra A very short period of time.
ଗୋଦୋହମାତ୍ର ଦ୍ୱାରେ ରହି
ଗୃହୀଙ୍କି ତୀର୍ଥ ଫଳ ଦେଇ । ଜଗନ୍ନାଥ. ଭାଗବତ ।

**ଗୋଦ୍ରବ**—ସଂ. ବି. ( ମ. ପ. ଲୋ; ଗୋ ଠାରୁ ଉତ୍ପନ୍ନ ଦ୍ରବ ପଦାର୍ଥ; ଯୋଗରୂଢ଼ ଶବ୍ଦ )—ଗୋରୁ ମୂତ—
Godraba
Urine of a cow, bull or ox.

**ଗୋଧଡ଼**—ଦେ. ବି—ଗୋଧଡ଼ି ( ଦେଖ )
Godharḍa Godharḍi ( See )

**ଗୋଧଡ଼ି**—ଦେ. ବି. ( ସଂ. କନ୍ଥା; ଗୁଡ଼ିଲ )—
Godharḍi ୧ । ଗୋଦଡ଼ି; କନ୍ଥାରେ ପ୍ରସ୍ତୁତ ପରିଧାନ ବା ଆସ୍ତରଣ-
গুদড়ী 1 Quilt or dress made of rags
गुदड़ी ୨ । ମୁଣା; ଝୁଲି; ଭିକାଝୁଲି—
2. Beggar's bag or wallet.
୩ । (ଯେ ଗୋଧଡ଼ି ଧରିଥାଏ ବା ପିନ୍ଧିଥାଏ)—
ସନ୍ନ୍ୟାସୀ; କନ୍ଥାଧାରୀ ବୈରାଗୀ—3 Ascetic (carrying a ragged quilt or wallet.
୪ । ଭିକ୍ଷୁକ—4. Beggar.

**ଗୋଧନ**—୧ । ( ୬ଷ୍ଠୀ ତତ୍; ଗୋ + ସମୂହାର୍ଥେ. ଧନ )
Godhana ଗୋରୁପଲ; ଗୋସମୂହ—
1. Cattle; herd of cows or kine.
୨ । ( ରୂପକ କର୍ମଧା ) ଗୋରୂପ ସମ୍ପତ୍ତି—
2. Property consisting of cattle.
୩ । ପ୍ରଶସ୍ତ ଫଳଯୁକ୍ତ ଶର ( ହି. ଶବ୍ଦସାଗର )—
3. A wide-bladed arrow.

**ଗୋଧନବାହୁଡ଼ା**—ଦେ. ବି—୧ । ଗୋରୁମାନଙ୍କର ଗୋଚାରଣ ଭୂମିରୁ ଫେରିବା—1. Returning of the cattle from pasture.
Godhanabāhurḍā
୨ । ଶ୍ରୀକୃଷ୍ଣଙ୍କର ଗୋଧୂଳି ସମୟରେ ଗୋଚାରଣରୁ ଫେରିବା—
2. Returning of Śrikṛushṇa from pasture at dusk.

**ଗୋଧନବାହୁଡ଼ା ବେଳ**—ଦେ. ବି—ଗୋରୁମାନେ ଗୋଚାରଣ ଭୂମିରୁ ଫେରିଆସିବାର ବେଳ; ଗୋଧୂଳି—
Godhanabāhurḍā beḷa
Dusk; the time when cattle return home from pasture.
ଗୋଧନବାହୁଡ଼ା ବେଳେ
ଗୋପ ଗୋଠୋଷ୍ଠ ମେଳେ—ଗୋପାଳକୃଷ୍ଣ ସଙ୍ଗୀତ ।

**ଗୋଧନବାହୁଡ଼ା ଭୋଗ**—ଦେ. ବି—ଗୋଧନବାହୁଡ଼ା ସମୟରେ ଶ୍ରୀକୃଷ୍ଣଙ୍କୁ ଗୋପୀମାନଙ୍କଦ୍ୱାରା ଅର୍ପିତ ହେବା ଭୋଗ—Refreshments offered by the Gopīs to Śrikṛushṇa at dusk while returning from pasture.
Godhanabāhurḍā bhoga

| ୧ | ଇ | ଢ଼ | ର୍,ର୍ଦ୍ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | କ୍ଷ | ଇୟ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ˜ | ରୁ | ଲୃ | ଘ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ |

ଗୋଧମ—ସଂ. ବି ( ଗୁଧ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅମ )—
Godhama ଗୋଧୂମ; ଗହମ—Wheat.

ଗୋଧର—ସଂ. ବିଣ ( ଗୋ=ପୃଥିବୀ+ଧୃ ଧାତୁ+କର୍ତ୍ତୃ. ଅ )—
Godhara ପର୍ବତ—Mountain.

ଗୋଧରା—ଦେ. ବିଣ—୧ । ଅକର୍ମଣ୍ୟ—
Godharā 1. Worthless.
୨ । ଗଦଡ଼ା—2. Thick.

ଗୋଧର୍ମ—ସଂ. ବି ( ୬ଷ୍ଠୀ ତତ୍; ଗୋ+ଧର୍ମ )—( ପଶୁମାନଙ୍କ ପରି )
Godharma ଅଗମ୍ୟଗମ୍ୟବିଚାରହୀନ ସଙ୍ଗମ (ହି. ଶବ୍ଦସାଗର)—
Indiscriminate copulation; promiscuous sexual intercourse.

ଗୋଧା—ସଂ. ବି (ଗୁଧ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଅ+ସ୍ତ୍ରୀ.ଆ)—
Godhā ୧ । ଗୋଧି; ଚତୁଷ୍ପଦବିଶିଷ୍ଟ ଏକଜାତୀୟ ସରୀସୃପ—
1. An iguana.
୨। କୁମ୍ଭୀର—2. Alligator.
୩ (+କରଣ. ଅ) ଧନୁର୍ଗୁଣର ଆଘାତ ନିବାରଣ ନିମନ୍ତେ ବ୍ୟବହୃତ ବାଆଁ ହାତର ପ୍ରକୋଷ୍ଠର ଚର୍ମାବରଣ—
3. The leather-case put on the left wrist for protecting it from being hurt by the twanging of the bow.

ଲେଖା ଗୋଧାରେ କରି ମଣ୍ଡନ କର ଯେ—ଭଞ୍ଜ. ସବର୍ଣ୍ଣବତୀ ।

୪ । ଜୀବର ଅନ୍ତ୍ରରେ ନିର୍ମିତ ଦଉଡ଼ା—
4. A sinew-chord; a string made of gut.

ଗୋଧାଙ୍ଗୁଳିତ୍ର—ସଂ. ବି (ମ. ପ. ଲୋ. କର୍ମଧାରୟ; ଗୋଧା=ଗୋଧିଚର୍ମ
Godhāngu̱litra ନିର୍ମିତ+ଅଙ୍ଗୁଳିତ୍ର )—
୧ । ଗୋଧି ଚମରେ ତିଆରି ଦସ୍ତାନା—
A glove made of the skin of iguana.
[ ଦ୍ର—ପୂର୍ବକାଳରେ ଧାନୁଷ୍କ ଯୋଦ୍ଧାମାନେ ଏହା ବ୍ୟବହାର କରୁଥିଲେ । ]

ଗୋଧାପଦୀ—ସଂ. ବି [ ଗୋଧା=ଗୋଧିସାପ (ପରି)+ପଦ=ଚେର, (ଯାହାର) ]—ହଂସପଦୀ ଲତା (ଦେଖ)
Godhāpadi Hamsapadi creeper (See).

ଗୋଧି—ଦେ. ବି ( ସଂ. ଗୋଧା; ଗୋଧିକା )—ଗୋଧି ସାପ—
Godhi Iguana; Varanus Salvator.
गोँसाप; गोधि [ ଦ୍ର—ଏହା ଚତୁଷ୍ପଦ ସରୀସୃପ, ଲମ୍ବରେ ପ୍ରାୟ
गाधा गोह ଦୁଇ ହାତ ବଢ଼େ । ଏହାର ଜିହ୍ୱା ଦ୍ୱିଖଣ୍ଡିତ, ଉପର ଭାଗ ଗୋଲ; ଦେହର ବର୍ଣ୍ଣ ପାଉଁଶିଆ । ଏହାର ଦେହଯାକ କାଛି ପରି କ୍ଷୁଦ୍ର ଚକ୍ରାକାର ଚକ୍ଷୁ ଗୁଡ଼ିଏ ଥାଏ; ଗନ୍ଧ ଅପ୍ରୀତ । ଜଳ ନିକଟରେ ଓ ଜଙ୍ଗଲିଆ ଜାଗାରେ ଏ ବାସକରେ । ଲୋକଙ୍କର ବିଶ୍ୱାସ ଗୋଧିକାମୁଣ୍ଡା ବିଷ ଘଡ଼ିଘଣ୍ଟି ନ ମାଇଲେ ଛାଡ଼େ ନାହିଁ; କିନ୍ତୁ ପ୍ରକୃତରେ ଗୋଧି ନିର୍ବିଷ ଜୀବ । ଗୋଧିଚମଡ଼ାରେ ଯୋତା, ଖଞ୍ଜଣିର ଖୋଳ ଆଦି ତିଆରି ହୁଏ । ଗୋଧି ଚମଡ଼ା ବୈଜ୍ଞାନିକ ପ୍ରକ୍ରିୟାରେ ସଫା (tan) କରାଗଲେ ମଧ୍ୟ ଏଥିରେ ସୁନ୍ଦର ଚକ୍ରାକାର ଚିହ୍ନମାନ ରହେ । ]

ସଂ. ବି—( ଗୋ+ଧା ଧାତୁ+ଇ )—୧ । କପୋଳ—
1 Forehead.
୨ । ଗୋମୁହାଁ କୁମ୍ଭୀର—
2. A kind of man-eating alligator.

ଗୋଧିକା—ସଂ. ବି (ଗୋଧା+ସ୍ୱାର୍ଥେ. କ+ସ୍ତ୍ରୀ. ଆ)--ଗୋଧା (ଦେଖ)—
Godhikā Godhā ( See )

ଗୋଧି ଚିଙ୍ଗୁଡ଼ି—ପ୍ରାଦେ (ଗଞ୍ଜାମ) ବି—ଚିଲିକାର ଏକପ୍ରକାର ଚିଙ୍ଗୁଡ଼ି
Godhi chingu̱rdi ମାଛ—A kind of shrimp found in the Chilka lake.

ଗୋଧିସାପ—ଦେ. ବି (ସଂ. ଗୋଧା; ଗୋଧିକା )—ଗୋଧି ( ଦେଖ )—
Godhi sāpa Godhi ( See)

ଗୋଧୁମ—ସଂ. ବି ( ଗୁଧ୍ ଧାତୁ=ବେଷ୍ଟନ କରିବା+କର୍ତ୍ତୃ. ଉମ )—
Godhuma ୧ । ଗହମ—1. Wheat
୨ । ଲେମ୍ବୁ—2. Orange.

ଗୋଧୁମଚୂର୍ଣ୍ଣ—ସଂ. ବି ( ୬ଷ୍ଠୀ ତତ୍; ଗୋଧୁମ+ଚୂର୍ଣ୍ଣ )—ଗହମ ଚୂନା;
Godhumachūrṉṉa ଅଟା; ମଇଦା—Wheaten flour.

ଗୋଧୂମ (ଇତ୍ୟାଦି)—ସଂ. ବି ( ଗୁଧ୍ ଧାତୁ+କର୍ତ୍ତୃ. ଊମ )—
Godhūma (etc) ଗୋଧୁମ ଇତ୍ୟାଦି ( ଦେଖ )—
Godhuma etc ( See )

ଗୋଧୂଳି—ସଂ. ବି (ବହୁବ୍ରୀହି; ଗୋମାନଙ୍କ ଧୂଳି ଉଡ଼େ ଯେଉଁ ସମୟରେ)--
Godhūḻi ୧ । ସୂର୍ଯ୍ୟାସ୍ତକାଳ; ଗୋରୁମାନଙ୍କର ଚରାଭୂଇଁରୁ ଫେରି ଆସିବା ସମୟ; ସନ୍ଧ୍ୟାର ପ୍ରାକ୍କାଳ—
1. Dusk; sunset; time before night-fall.
[ ଦ୍ର—ଗୋଧୂଳି ତିନି ପ୍ରକାର, ଯଥା—(୧) ହେମନ୍ତ ଓ ଶିଶିରରେ ଯେତେବେଳେ ଅସ୍ତୋନ୍ମୁଖ ସୂର୍ଯ୍ୟର କିରଣ ମୃଦୁ ହୁଏ ଏବଂ ସୂର୍ଯ୍ୟ ଲୋହିତ ପିଣ୍ଡର ଆକାର ଧାରଣକରେ; (୨) ବସନ୍ତ ଓ ଗ୍ରୀଷ୍ମ କାଳରେ ଯେତେବେଳେ ଅସ୍ତଗାମୀ ସୂର୍ଯ୍ୟ ଅର୍ଦ୍ଧେକ ମାତ୍ର ଦେଖାଯାଏ ଓ (୩) ବର୍ଷା ଓ ଶରତ୍କାଳରେ ଯେତେବେଳେ ସୂର୍ଯ୍ୟ ଅସ୍ତମିତ ହୋଇ ଅଦୃଶ୍ୟ ହୁଏ ।
ଗୋଧୂଳି ସମୟରେ ଯାତ୍ରାଦି ଶୁଭକର୍ମ କଲେ ଅନ୍ୟ ଶୁଭ ଲଗ୍ନ ଖୋଜିବାକୁ ହୁଏ ନାହିଁ । ]
୨ । (ମଧ୍ୟପଦଲୋପୀ) ଗୋରୁ ଖୁରାଦ୍ୱାରା ଉତ୍ଥିତ ଧୂଳି—
2. Dust filling the air and raised by the tread of the hoofs of the cows.

ଗୋଧୂଳିଯାତ୍ରା—ସଂ. ବି—ଗୋଧୂଳି ସମୟରେ କୌଣସି ଶୁଭକର୍ମ ପାଇଁ
Godhūḻijātrā ଗମନ କରିବା ବା ଅନୁକୂଳ କରିବା—
Starting made at dusk.
[ ଦ୍ର—ଗୋଧୂଳି ଯାତ୍ରାରେ ଅନ୍ୟ ଶୁଭ ଲଗ୍ନ ଖୋଜା ଯାଏନାହିଁ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

**ଗୋଧେନୁ**—ସଂ. ବି. (ଗୋ+ଧେନୁ)—ଦୁଗ୍ଧବତୀ ଗାଈ—
Godhenu A milch cow.

**ଗୋଧେର**—ସଂ. ବି. ( ଗୁଧ ଧାତୁ + କର୍ତ୍ତୃ. ଏର )—୧ । ରକ୍ଷକ—
Godhera 1. Protector; guardian.
୨ । ପୃଷ୍ଠପୋଷକ—2. Patron (Apte).

**ଗୋଧ୍ର**—ସଂ. ବି. (ଗୋ=ପୃଥିବୀ+ଧୃ ଧାତୁ+କର୍ତ୍ତୃ. ଅ)—ପର୍ବତ—
Godhra Mountain.

**ଗୋନର୍ଦ୍ଦୀ**—ସଂ. ବି. ( ଗୋ=ଜଳ+ନନ୍ଦ ଧାତୁ=କ୍ରୀଡ଼ା କରିବା+ କର୍ତ୍ତୃ. ଇନ୍. ୧ମା. ୧ବ. )—୧ । ବଡ଼ିଆକାଙ୍କ; ସାରସପକ୍ଷୀ—1. White stork; Indian crane.
Gonandī
୨ । ପର୍ବତବିଶେଷ—2. Name of a mountain.
୩ । ଦେଶବିଶେଷ—3. Name of a country.
୪ । ଶିବ—4. God Śiba.
୫ । କାଶ୍ମୀରର ପ୍ରାଚୀନ ରାଜାବିଶେଷ—
5. Name of an ancient king of Kāśmīra.

**ଗୋନର୍ଦ୍ଦ**—ସଂ. ବି. (ଗୋ=ଜଳ+ନର୍ଦ୍ଦ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ)—୧ । ଗୋନର୍ଦ୍ଦୀ ( ଦେଖ )
Gonardda
1. Gonandī ( See )
୨ । ନାଗରମୁଥା (ହି. ଶବ୍ଦସାଗର)—
2. A kind of bulbuous grass-root.

**ଗୋନସ**—ସଂ. ବି. (ବହୁବ୍ରୀହି; ଗୋ+ନସ=ନାସିକା; ଗୋରୁର ନାକ ପରି ନାକ ଯାହାର)—ଗୋନାସ ( ଦେଖ )
Gonasa
Gonāsa ( See )

**ଗୋନାଥ**—ସଂ. ବି. (୬ଷ୍ଠୀ ତତ୍; ଗୋ+ନାଥ)—୧ । ଷଣ୍ଢ—1. Bull.
Gonātha
୨ । ଯାହାର ଗୋରୁପଲ ଅଛନ୍ତି—
2. Herdsman; an owner of kine.
୩ । ରାଜା—3. King.

**ଗୋନାୟ**—ସଂ. ବି. (ଗୋ+ନୀ ଧାତୁ ଣିଚ୍+କର୍ତ୍ତୃ. ଅ)—ଗଉଡ଼—
Gonāya Cowherd.

**ଗୋନାସ**—ସଂ. ବି. ( ବହୁବ୍ରୀହି; ଗୋ+ନାସ; ଗୋରୁର ନାସିକା ଭଳି ନାସିକା ଯାହାର )—୧ । ବୃହତ୍ ସର୍ପ ବିଶେଷ; ବୋଡ଼ା ସାପ—1. Viper (snake).
Gonāsa
୨ । ରତ୍ନବିଶେଷ; ବୈକ୍ରାନ୍ତମଣି—
2. A kind of gem.

**ଗୋନାସା**—ଦେ. ବି—ଗୋନାସିକା ( ଦେଖ )
Gonāsā Gonāsikā ( See )

ପୂତ-ବୈତରଣୀ-ସ୍ରୋତ-ପ୍ରଭବ ଗୋନାସା । ରାଧାନାଥ. ମହାଯାତ୍ରା ।

**ଗୋନାସିକା**—ସଂ. ବି—୧ । ହିମାଳୟର ଯେଉଁ ସ୍ଥଳରେ ପର୍ବତଛିଦ୍ରରୁ ବାହାରି ଗଙ୍ଗାନଦୀ ଧୀରଭାବରେ ଭୂପୃଷ୍ଠରେ ପଡ଼ୁଅଛି—
Gonāsikā
1. The place ( a small hole ) in the Himalayas where the Ganges is first seen issuing from the mountain.
୨ । ଗୋରୁର ଥୋମଣି—
2. The projecting snout of a cow.
ଦେ. ବି—ଓଡ଼ିଶାର କେନ୍ଦୁଝର ଗଡ଼ଜାତର ଗୋଟିଏ ପାହାଡ଼—
Name of hill in the state of Keonjhar in Orissa.
[ ଦ୍ର—ବୈତରଣୀ ନଦୀ ଏହି ଗୋନାସିକା ପର୍ବତରୁ ବାହାରି ଅଛି । ]

**ଗୋନ୍ଦ୍**—ଦେ. ବି. (ସଂ. କୁନ୍ଦୁରୁ)—ଏକପ୍ରକାର ବୃକ୍ଷ ନିର୍ଯ୍ୟାସ ବା ଅଠା—
Gond Gum arabic.
गोन्द्; गुन्द् [ ଦ୍ର—ବବୁର ପ୍ରଭୃତି ଗଛ ଦେହରୁ ଏ ଅଠା
गोँद् ବାହାରେ । ଏହି ସବୁ ବୃକ୍ଷର ନିର୍ଯ୍ୟାସ ଶୁଖିଗଲା ପରେ ସେହି ଶୁଖିଲା ନିର୍ଯ୍ୟାସକୁ ପାଣିରେ ବତୁରାଇ ଦେଲେ ମଧ୍ୟ ଅଠା ହୁଏ । ପାତଳା ଜିନିଷ ଓ କାଗଜଆଦି ଜୋଡ଼ିବାରେ ଏହା ଉପଯୋଗୀ । ]

**ଗୋନ୍ଦ୍‌ଦାନୀ**—ଦେ. ବି. (ସଂ. କୁନ୍ଦୁରୁ+ଆଧାନୀ)—ଅଠା ରଖାଯିବା ପାତ୍ର—
Gond-dānī Gum-pot.
गुन्ददानी
गोँद्दानी

**ଗୋନ୍ଦାନି**—ଦେ. ବି. (ନାମ)—ଭାରତର ମଧ୍ୟପ୍ରଦେଶରେ କଥିତ ଓଡ଼ିଆ ଓ ଛତିଶଗଡ଼ୀ ଭାଷା—A dialect of Orḍiā spoken in the Central Province of India.
Gondāni

**ଗୋଣ୍ଡି**—ପ୍ରାଦେ. (ବସ୍ତର ) ବି—୧ । ଭାଗ; ଅଂଶ—
Gondi 1. Share.
୨ । ଗୋନ୍ଦାନି (ଦେଖ)—2. Gondāni (See)

**ଗୋପ**—ସଂ. ବି. ପୁଂ. (ଗା=ପୃଥିବୀ, ଗୋରୁ+ପା ଧାତୁ=ପାଳନ କରିବା + କର୍ତ୍ତୃ. ଅ)—୧ । ଗୋରୁ ଜଗିବା ଯାହାର ବ୍ୟବସାୟ—1. Cowherd.
Gopa
(ଗୋପୀ; ଗୋପୀନୀ—ସ୍ତ୍ରୀ)
୨ । ଗଉଡ଼ ଜାତି—2. The milkman caste.
୩ । ରାଜା—3. The king.
୪ । ଗ୍ରାମରକ୍ଷକ କର୍ମଚାରୀ—4. Village head-man.
୫ । (ଗୁପ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—
ରକ୍ଷା ବା ଉପକାର କରିବା ବ୍ୟକ୍ତି (ହି. ଶବ୍ଦସାଗର)—
5. Protector; benefactor.
୬ । ଗନ୍ଧର୍ବବିଶେଷ (ହି. ଶବ୍ଦସାଗର)—
6 Name of a Gandharba.
୭ । ଔଷଧିବିଶେଷ (ହି. ଶବ୍ଦସାଗର)—
6. Name of a herb.
ସଂ. ବିଣ.—୧ । ଗୋପାଳନକାରୀ—1. Tending cows.
୨ । (ଗୁପ୍ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—
ରକ୍ଷକ; ପାଳକ—2. One who tends; protecting.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଌ | ଢ଼ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଜ୍ଞ | ଇଯ୍ଯ | ଉଅ | ଷ୍ଣ |
| ୨ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଟ୍ୟ | ଇଅ | ଢ଼ | ନୃ |

ଦେ. ବି.—୧ । ଗୋପପୁର—1. A town where Śrikṛushṇa was brought up.
୨ । ବୃନ୍ଦାବନ—
2. The holy place Brundābana.
୩ । ଗୋପାଳ ବା ଗୋପୀନାଥର ଡାକ ନାମ—
3. Name for calling Gopāḷa or Gopīnātha.
୪ । (ସଂ. ଗୁମ୍ଫ)—ପଡଲା ଢାଞ୍ଚରେ ଦଉଡ଼ିପରି ବଳା ହୋଇଥିବା ସୁନାର ହାର—
ଗୋପହାର
ଗୋପ
A gold rope-like necklace.

ଗୋପକ—ସଂ. ବିଣ. ପୁଂ. (ଗୁପ୍ ଧାତୁ+କର୍ତ୍ତୃ. ଅକ)—
Gopaka ୧ । ଗୋପନକାରୀ—1. Concealing.
(ଗୋପିକା—ସ୍ତ୍ରୀ) ୨ । ରକ୍ଷକ—2. Protecting.
ସଂ. ବି.—୧ । ଜିଲ୍ଲାର ଶାସନ-କର୍ମକର୍ତ୍ତା—
1. Superintendent of a district.
୨ । ବହୁଗ୍ରାମର ରକ୍ଷକ—
2. The ruler of a group of villages.
୩ । ଗଉଡ଼—3. A cowherd.
୪ । ଗୁଗ୍ଗୁଳ—4. Gum myrrh.

ଗୋପକନ୍ୟକା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍, ଗୋପ+କନ୍ୟକା)—
Gopakanyakā ୧ । ଗଉଡୁଣୀ—1. A milk-maid.
୨ । ଗୋପୀ; ବୃନ୍ଦାବନର ଷୋଳ ସହସ୍ର ଗୋପନାରୀ—
2. A female of Gopapura, one of the 16000 female devotees of Śrikṛushṇa.

ଗୋପକନ୍ୟା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଗୋପ+କନ୍ୟା)—
Gopakanyā ଗୋପକନ୍ୟକା ( ଦେଖ )—
Gopakanyakā ( See)

ଗୋପକେନା—ପ୍ରାଦେ. ( ଗଞ୍ଜାମ ) ବି —( ବୈଦ୍ୟକ ) ବୃକ୍ଷବିଶେଷ—
Gopakenā A kind of medicinal plant.
[ ଦ୍ର—ଏହାର ମୂଳକୁ ମରିଚ ସଙ୍ଗେ ବାଟି ଶିଶୁମାନଙ୍କର ଜ୍ୱରବିଦ ରୋଗରେ ଦିଆଯାଏ । ]

ଗୋପଗୋଈ—ଦେ. ବି. ସ୍ତ୍ରୀ. ( ସଂ. ଗୋପ+ଗୋପୀ )—
Gopagoī ୧ । ଗଉଡୁଣୀ—1. A milk-maid.
୨ । ଗୋପାଙ୍ଗନା; ଗୋପୀ—
2. A female of Gopapura.

ଗୋପଡ଼ିଆ—ପ୍ରାଦେ. ( ମେଦିନୀପୁର ) ବି—ଗୋରୁ ମଡ଼ା ପକାଇ ଦେବା ପାଇଁ ନିର୍ଦ୍ଦିଷ୍ଟ ପଡ଼ିଆ—A field where the dead cows are thrown away.
Gopaṛiā
ଗୋଭାଗାଡ଼

ଗୋପତ—ଗ୍ରା. ବିଣ. ( ସଂ. ଗୁପ୍ତ )—୧ । ଗୁପ୍ତ—1. Secret.
Gopata ୨ । ଲୁକ୍କାୟିତ—2. Concealed.
୩ । ଅଦୃଶ୍ୟ—3. Disappeared; vanished.

ଗୋପତମାରୁ—ଗ୍ରା. ବିଣ. ( ସଂ. ଗୁପ୍ତମାରକ )—୧ । ବିଶ୍ୱାସଘାତକ—
Gopatamāru 1. Treacherous.
୨ । ଗୁପ୍ତହନ୍ତା—2. Assassin.
୩ । ରହସ୍ୟଭେଦକାରୀ—
3. Prying into the secrets of others.

ଗୋପତା—ଗ୍ରା. ( ପଦ୍ୟ ) ବି. ( ସଂ. ଗୋପ୍ତା )—ରକ୍ଷକ—
Gopatā Protector.
ଧର୍ମଙ୍କର ସେତୁକୁ ଅଟନ୍ତି ଗୋପତା—କୃଷ୍ଣସିଂହ. ମହାଭାରତ. ବନ ।

ଗୋପତି—ସଂ. ବି ( ୬ଷ୍ଠୀ ତତ୍; ଗୋ+ପତି )—
Gopati ୧ । ଗୋରୁମାନଙ୍କ ସ୍ୱାମୀ—1. Owner of cattle.
୨ । ଷଣ୍ଢ—2. Bull.
୩ । ନେତା—3. Leader; chief.
୪ । ସୂର୍ଯ୍ୟ—4. The sun.
୫ । ଇନ୍ଦ୍ର—5. The God Indra.
୬ । ଶ୍ରୀକୃଷ୍ଣ—6. God Śrikṛushṇa.
୭ । ବରୁଣ—7. The God of water.
୮ । ରାଜା—8 King.
୯ । ଶିବ ( ହ୍ର. ଶବ୍ଦସାଗର )—9. Śiba.
୧୦ । ବିଷ୍ଣୁଙ୍କର ସହସ୍ରନାମୋକ୍ତ ନାମବିଶେଷ—
10. One of the names of Bishṇu.
୧୧ । ଋଷଭ ନାମକ ଔଷଧ (ହ୍ର. ଶବ୍ଦସାଗର)—11. A herb.
୧୨ । ନଅଜଣ ଉପନନ୍ଦଙ୍କ ମଧ୍ୟରୁ ଜଣେ (ହ୍ର. ଶବ୍ଦସାଗର)—
12. One of the nine Upanandas.
୧୩ । ଗୋପାଳ; ଗଉଡ଼ (ହ୍ର. ଶବ୍ଦସାଗର)—
13. Cowherd.
୧୪ । ବାଚାଳ ବା ମୁଖର ବ୍ୟକ୍ତି ( ହ୍ର. ଶବ୍ଦସାଗର )—
14. A talkative person.

ଗୋପତିମାରୁ—ଗ୍ରା. ବିଣ—ଗୋପତମାରୁ ( ଦେଖ )
Gopatimāru Gopatamāru ( See )

ଗୋପଥ୍ୟ—ସଂ. ବି—ଅଥର୍ବବେଦର ବ୍ରାହ୍ମଣବିଶେଷ—Name of a
Gopattya supplementary treatise of the Atharba Beda.

ଗୋପଦଳ—ସଂ. ବି—ଗୁଆଗଛ—
Gopadaḷa Betel-nut tree.

ଗୋପଦାଣ୍ଡ—ଦେ. ବି—ଗୋପପୁରର ଦାଣ୍ଡ—
Gopadāṇḍa The village-road of Gopapura.

ଗୋପନ—ସଂ. ବି. ( ଗୁପ୍ ଧାତୁ+ଭାବ. ଅନ )—୧ । ରକ୍ଷଣ—
Gopana 1 Protection.
୨ । ଲୁଚାଇବା—2. Concealment.
୩ । ଗୁପ୍ତକଥା—3. Secret.
୪ । ବ୍ୟାକୁଳତା ( ହ୍ର. ଶବ୍ଦସାଗର )—
4. Agitation; trouble.

ସାଧାରଣ ଲେଖକଙ୍କର ପୁସ୍ତକରେ ପ୍ରଚଳିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଦୟାକରି ଯଥାକ୍ରମେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣବ' ନ ପାଇଲେ 'ଅର୍ଣବ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଦୀପ୍ତି (ହି. ଶବ୍ଦସାଗର)—5. Lustre.

୬ । ତେଜପତ୍ର (ହି. ଶବ୍ଦସାଗର)—6. Cassia leaves.

ଗ୍ରା. ବି.—ଗୋପୀନାଥର ଡାକ ନାମ—A fond name for calling Gopīnātha.

**ଗୋପନ କରିବା**—ଦେ. କ୍ରି—ଲୁଚାଇବା—
Gopana karibā — To conceal; to hide.
গোপন করা
**गोपन करना**

**ଗୋପନଗର**—ସଂ. ବି.—ଗୋକୁଳ (ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସ୍ଥାନ)—
Gopanagara — Gokula (the theatre of the childish feats of Śrikṛushṇa).

**ଗୋପନଗରୀ**—ସଂ. ବି.—ଗୋପନଗର (ଦେଖ)
Gopanagarī — Gopanagara (See)

ତବା ତନାକରୁ ଗୋପନଗରର ବନ୍ଦେ ଭୂପ,
ବାଲୁକେଶ ଦେବ ନୃପ କୃଷ୍ଣପୁଷ୍ଟ ସହିତ ରେ ।
କବିସୂର୍ଯ୍ୟ. କଶୋରଚମ୍ପୂ. ଛ. ଗୀତ ।

**ଗୋପନବର**—ଦେ. ବି.—ଗୋପନଗର (ଦେଖ)
Gopanabara — Gopanagara (See)

**ଗୋପନବାଦ**—ସଂ. ବି.—(ଆଧୁନିକ ପ୍ରୟୋଗ)—ସାଧାରଣଙ୍କ ଅବୋଧ ଧର୍ମତତ୍ତ୍ୱ ବିଶେଷ—Mysticism.
Gopanabāda

[ ଦ୍ର—ପ୍ରେମଭକ୍ତିର ଅଧିକାରୀ ହେବାକୁ ହେଲେ ରାଧାଭାବରେ ଭଜନ ବା ନାରୀସୁଲଭ ଏକନିଷ୍ଠଭାବରେ ଜୀବନକୁ ଜଡ଼ିତ କରି ସାଧନାପଥରେ ଅଗ୍ରସର ହେବା ଭକ୍ତର ପରମ କର୍ତ୍ତବ୍ୟ—ପରମ ସହିତ ଏକତା ସୂତ୍ରରେ ଜଡ଼ିତ ହୋଇ ନିର୍ବାଣଲାଭ କରିବାରେହିଁ ପାଶ୍ଚାତ୍ୟ ଜଗତର ଏହି ଗୋପନବାଦ ବା Mysticism ପର୍ଯ୍ୟବସିତ (ପ୍ରୋଫେସର୍ ଆର୍ତ୍ତବଲ୍ଲଭ 'ପ୍ରେମଭକ୍ତି ବ୍ରହ୍ମଗୀତାର' ମୁଖବନ୍ଧ ।) ]

**ଗୋପନସ୍ଥାନ**—ଦେ. ବି. (୬ଷ୍ଠୀ ତତ୍; ଗୋପନ+ସ୍ଥାନ)—ଲୁଚିବାର ସ୍ଥାନ—Place of hiding; a retreat; a recess.
Gopanasthāna

**ଗୋପନାଗରୀ**—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଗୋପ+ନାଗରୀ)—
Gopanāgarī — ୧ । ଗୋପୀ (ଦେଖ)
1 Gopī (See)

୨ । ରାଧିକା—2. Rādhikā, the beloved of Śrikṛushṇa.

**ଗୋପନୀୟ**—ସଂ. ବିଣ. (ଗୁପ୍ ଧାତୁ+କର୍ମ. ଅନୀୟ)—୧ । ଅପ୍ରକାଶ୍ୟ—
Gopanīya — 1. Confidential; private.

୨ । ଲୁଚାଇବାର ଯୋଗ୍ୟ—
2. Deserving to be kept private or secret; concealable.

୩ । ରକ୍ଷଣୀୟ—3. Fit to be protected; deserving protection.

**ଗୋପନୀଳା**—ଗ୍ରା. ବି.—( ସଂ. ଗୋପଲୀଳା ) ଶ୍ରୀକୃଷ୍ଣ, ରାଧିକା, ଗୋପୀ ଆଦିଙ୍କର ମିଭୁଲା ତିଆରି କରି ଘୋଡ଼ାବାଲ ପୁତুলখেলা ସାହାଯ୍ୟରେ ଉକ୍ତ ମିଭୁଲାଙ୍କୁ ନଚାଇବା ରୂପ କ୍ରୀଡ଼ା—
Gopanīlā
**कठपुतलीकानाच** — A kind of doll-dance.

**ଗୋପପୁର**—ସଂ. ବି.—ଗୋପନଗର (ଦେଖ)
Gopapura — Gopanagara (See)

**ଗୋପପୁରିଆ**—ଦେ. ବିଣ.—ଗୋପପୁର ନିବାସୀ—
Gopapuriā — Inhabiting Gopapura.

ଦେ. ବି.—ଉତ୍କଳର ଏକ ଶ୍ରେଣୀର ଗଉଡ଼—One of the sub-castes of cowherds in Orissa.

[ ଦ୍ର—ଗଉଡ଼ଙ୍କ ଅନ୍ୟଶ୍ରେଣୀ ମଥୁରାପୁରିଆ, ମଗଧା, ଭୁଞ୍ଜିଆ, ଝୁମାଲ । ]

**ଗୋପବଧୂଟୀ**—ସଂ. ବି. (ଗୋପବଧୂ+କ୍ଷୁଦ୍ରାର୍ଥେ. ଟୀ)—୧ । ଗଉଡ଼ୁଣୀ—
Gopabadhūṭī — 1. The wife of a cowherd.

୨ । ଗୋପୀ—2. One of the sweet-hearts of Śrikṛushṇa.

**ଗୋପବନ୍ଧୁ**—ସଂ. ବି. ( ୬ଷ୍ଠୀ ତତ୍; ଗୋପ+ବନ୍ଧୁ )—
Gopabandhu — ଗୋପବଲ୍ଲଭ ( ଦେଖ )
Gopaballabha ( See )

**ଗୋପବନ୍ଧୁ ଦାସ**—ଦେ. ବି. (ନାମ)—ଉତ୍କଳର ସ୍ୱର୍ଗତ ପ୍ରସିଦ୍ଧ ନେତା—
Gopabandhu dāsa — The late patriot of Orissa.

[ ଦ୍ର—ଏ ୧୮୭୭ ସାଲରେ ପୁରୀଜିଲ୍ଲାର ସତ୍ୟବାଦୀ ନିକଟସ୍ଥ ସୁଆଣ୍ଡ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ; ବି. ଏ. ଓ ବି. ଏଲ୍. ପାଶ୍ କରିସାରି ଦକାଲତି ଭିନ୍ନ ଭିନ୍ନ ସ୍ଥାନରେ ଓକିଲାତି କରି, ଶେଷକୁ ଓକିଲାତି ଛାଡ଼ି ଦେଶସେବାରେ ଆତ୍ମନିୟୋଗ କରିଥିଲେ । ସତ୍ୟବାଦୀ ଉତ୍କୋଟିଆ ଉଚ୍ଚ ବିଦ୍ୟାଳୟକୁ ଏ ୧୯୧୦ ସାଲରେ ବସାଇ ଥିଲେ ଏବଂ ସରକାରୀ ବ୍ୟବସ୍ଥାପକ ସଭାର ମେମ୍ବର ଥାଇ ଦେଶର ଅଭାବ ଅସୁବିଧା ଓ ଦେଶବାସୀଙ୍କର ଭିନ୍ନ ଭିନ୍ନ ଅଭିଯୋଗମାନ ସରକାରଙ୍କୁ ଶୁଣାଉଥିଲେ । ଏ ୧୯୧୯ ସାଲରେ ନିଜପ୍ରତିଷ୍ଠିତ 'ସମାଜ' ପତ୍ରିକା ଦ୍ୱାରା ଦେଶରେ ଜାତୀୟଭାବ ପ୍ରସାର କରିଥିଲେ । ୧୯୨୧ ସାଲରେ ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ତହିଁରେହିଁ ପ୍ରାଣପଣ ଲାଗି ୧୯୨୭ ଜୁନମାସ ୧୭ ତାରଖରେ ଇହଲୀଳା ସମ୍ବରଣ କରିଥିଲେ । ସେ ତ୍ୟାଗୀ, ଦୟାଶୀଳ, ସହିଷ୍ଣୁ ଓ ସାହିତ୍ୟସେବୀ ଥିଲେ । ଅସହଯୋଗ ଆନ୍ଦୋଳନରେ ଯୋଗଦେବା ଫଳରେ ଏ ସତ୍ୟବାଦୀ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିବାକୁ ଯାଇ ଉକ୍ତ ବିଦ୍ୟାଳୟର ଧ୍ୱଂସ ଏହାଙ୍କ ଜୀବଦଶାରେ ଘଟିଥିଲା । ]

**ଗୋପବଲ୍ଲଭ**—ସଂ. ବି. (୬ଷ୍ଠୀ ତତ୍; ଗୋପ+ବଲ୍ଲଭ)—ଶ୍ରୀକୃଷ୍ଣ—
Gopaballabha — Śrikṛushṇa.

ଦେ. ବି. ପୁଂ—ଲୋକଙ୍କ ନାମ—A name given to males.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଲ୍ | ର,ଋ | ଡ଼ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଜ୍ଞ | ଉଚ୍ଚ | ଊଅ | ଢ |
| ୨ | ଊ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ |

ଗୋପବଲ୍ଲୀ—ସଂ. ବି—ଚେମେଡ଼ିଲଇ (ଦେଖ) (ହରେକୃଷ୍ଣ—ଦ୍ରବ୍ୟଗୁଣ)
Gopaballī Chemer̲dilai ( See )

ଗୋପବାଜା—ଦେ. ବି—ଏକପ୍ରକାର ଅନଦ୍ଧ ଚର୍ମବାଦ୍ୟ; ନାଗରା—
Gopabājā A kind of drum.

ଗୋପବାଳ—ସଂ. ବି. ପୁଂ. (୬ଷ୍ଠୀ ତତ୍)—୧ । ଗଉଡ଼ପିଲା—
Gopabāḻa 1. Cowherd-boy.
ଗୋପବାଳା } ସ୍ତ୍ରୀ ୨ । ଗୋପପୁରବାସୀ ଶ୍ରୀକୃଷ୍ଣଙ୍କର ସହଚରଗଣ—
ଗୋପବାଳୀ } 2. Comrades of Śrīkṛushṇa in Gopapura.

ଗୋପବାଳକ—ସଂ. ବି. ପୁଂ—ଗୋପବାଳ ( ଦେଖ )
Gopabāḻaka Gopabāḻa ( See )
(ଗୋପବାଳିକା—ସ୍ତ୍ରୀ)

ଗୋପରାଷ୍ଟ୍ର—ସଂ. ବି—ଗୁଆଲିଅରର ପ୍ରାଚୀନ ନାମ (ହି. ଶବ୍ଦସାଗର)—
Gopar̄ashṭra The ancient name of Gwaliar.

ଗୋପଶୁ—ସଂ. ବି. ( ଗୋ+ପଶୁ )—ଗୋମେଧଯଜ୍ଞରେ ବଳିଦିଆଯିବା
Gopaśu ଗୋରୁ—A sacrificial cow.

ଗୋପସ୍ତ୍ରୀ—ସଂ. ବି. ( ୬ଷ୍ଠୀ ତତ୍; ଗୋପ+ସ୍ତ୍ରୀ )—ଗଉଡୁଣୀ—
Gopastrī Milk-maid.

ଗୋପା—ସଂ. ବି. ( ଗୋପ+ସ୍ତ୍ରୀ. ଆ )—୧ । ଗଉଡୁଣୀ—
Gopā 1. A milk-maid.
୨ । (ନାମ) ବୁଦ୍ଧଦେବଙ୍କ ପତ୍ନୀ—2. Wife of Buddha.

ଗୋପାଗୁଳି—ଦେ. ବି. ( ସଂ. ଗୋ+ପାକସ୍ଥଳୀ )—
Gopāguḻi ୧ । ଗୋରୁମାନଙ୍କ ରୋମନ୍ଥ—
1. Chewing the cud by cattle.
୨ । ରୋମନ୍ଥ କରୁଥିବା ପିଣ୍ଡାକାର ଖାଦ୍ୟାଂଶ—
2. A round lump of food brought up into the mouth by ruminating animals for second chewing
୩ । ଗୋରୁମାନେ ପାଗୁଳି କରୁବାବେଳେ ତାଙ୍କ ପାଟିରୁ ସମୟେ ସମୟେ ଖସିପଡ଼ିବା ଗୋଲାକାର ରୋମନ୍ଥୀକୃତ ତୃଣପିଣ୍ଡ ( ଏହାକୁ ପାଇ ଲୋକେ ଶାଳଗ୍ରାମଶିଳାପରି ପୂଜା କରନ୍ତି )—3. A ball or round lump of cud fallen down from the mouth of cattle while ruminating.

ଗୋପାଙ୍ଗନା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ଗୋପ+ଅଙ୍ଗନା )—
Gopāṅganā ୧ । ଗଉଡୁଣୀ—1. A female cowherd; milk-maid.
୨ । ଗୋପୀ—2. Gopī, the maids of Gopapura; the consorts of Śrīkṛushṇa.

ଗୋପାନସୀ—ସଂ ବି. ସ୍ତ୍ରୀ. (ଗୁପ୍ ଧାତୁ+ନସ୍ ଧାତୁ+ସ୍ତ୍ରୀ ଈ; ଅ. ଆଗମ)—
Gopānasī ୧ । ବଡ଼ଖୁଣ୍ଟି; ଘରଚାଳର ନମ୍ରସ୍ଥ ବଙ୍କା କାଠ—
1. A bent beam supporting the roof of a thatched house.
୨ । ଛପର ଘରର ଚାଳଉପରର ବତା—
2. Split bamboo which keeps the straw attached to the frame of the thatch.

ଗୋପାୟିତ—ସଂ. ବିଣ. ( ଗୁପ୍=ରକ୍ଷା କରିବା+କର୍ମ. ତ )—
Gopāyita ରକ୍ଷିତ; ପାଳିତ; ପୁଷ୍ଟ—
Brought up; maintained.

ଗୋପାଲ୍ ଉଡ଼େ—ଦେ. ବି—ଯାଜପୁରିଆ କଲିକତା ପ୍ରବାସୀ ଓଡ଼ିଆ କବି
Gopāl ur̲de ( ଏ ବଙ୍ଗ ଭାଷାରେ ଗୁଡ଼ାଏ ଟପ୍ପା ସଙ୍ଗୀତ ରଚନା କରିଥିଲେ । ମୃତ୍ୟୁ ୧୮୬୨ )—
An Or̲diā poet of Bengalee songs of Jajpur domiciled in Calcutta.

ଗୋପାଳ—ସଂ. ବି. ପୁଂ. ( ଗୋ=ଗୋରୁ, ପୃଥିବୀ+ପାଳ ଧାତୁ+କର୍ତ୍ତୃ. ଅ )—
Gopāḻa
(ଗୋପାଳୀ—ସ୍ତ୍ରୀ) ୧ । ପୃଥିବୀପାଳ; ରାଜା—1. King.
୨ । ଗଉଡ଼—2. Cowherd
[ ଦ୍ର—ଏମାନେ ଗୋପପୁରିଆ ଓ ମଥୁରାପୁରିଆ ଦୁଇ ଶାଖାରେ ବିଭକ୍ତ । ]
୩ । ଶ୍ରୀକୃଷ୍ଣ—3. Śrīkṛushṇa.
୪ । ଶିବ—4. Śiba.
ଦେ. ବି—୧ । ପୁରୀ ଜିଲ୍ଲାର ସତ୍ୟବାଦୀ, ବୃନ୍ଦାବନ ଓ ବାଲେଶ୍ୱର ଜିଲ୍ଲାର ରେମୁଣା ଆଦିରେ ପ୍ରତିଷ୍ଠିତ ଶ୍ରୀକୃଷ୍ଣଙ୍କର ବେଣୁଧାରୀ ବିଗ୍ରହ—
1. An idol representing Śrīkṛushṇa set up at different places ( e. g. Satyabādi, Bṛundābana and Remuṇā ).
୨ । ଲୋକଙ୍କ ନାମ—
2. A name given to males.

ଗୋପାଳକ—ସଂ. ବି. ପୁଂ. ( ଗୋ+ପାଳ ଧାତୁ+କର୍ତ୍ତୃ. ଅକ )—
Gopāḻaka ଗୋପାଳ ( ଦେଖ )
(ଗୋପାଳିକା—ସ୍ତ୍ରୀ) Gopāḻa ( See )

ଗୋପାଳ କବି—ଦେ. ବି—ଜନୈକ ଓଡ଼ିଆ କବି—
Gapāḻa kabi An ancient Or̲diā poet.
[ ଦ୍ର—ଏ ଜଣେ ତେଲିଙ୍ଗା, ଏ ଦକ୍ଷିଣରୁ ଯାଇ ସମ୍ବଲପୁରରେ ଥିଲେ । ଏ ଅଧ୍ୟାତ୍ମରାମାୟଣକୁ ଓଡ଼ିଆ ଭାଷାରେ ଅନୁବାଦ କରି ଅଛନ୍ତି । ଭାରତୀ. ଉତ୍କଳ ସାହିତ୍ୟର ଇତିହାସ । ]

ଗୋପାଳକୃଷ୍ଣ (ପଟ୍ଟନାୟକ)—ଦେ. ବି. (ନାମ)—ଉତ୍କଳର ଉପେନ୍ଦ୍ରଭଞ୍ଜ-
Gopāḻakṛushṇa (paṭṭanāyaka) ଯୁଗର ପରବର୍ତ୍ତୀ ସଙ୍ଗୀତରଚୟିତା କବି—
A famous Or̲diā song-writer of the age following that of Upendra Bhañja.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଷାଉ' ନ ମିଳିଲେ 'ଶାଉ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅରଣ୍ୟ' ନ ପାଇଲେ 'ଅରଣ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

[ ଦ୍ର—ଏ କବିଙ୍କର ସଙ୍ଗୀତମାନ ବ୍ରଜରସ ବା ରାଧାକୃଷ୍ଣ-ପ୍ରେମରେ ପୂର୍ଣ୍ଣ । ଏହାଙ୍କର ପିତା ବନବାସୀ ପଟ୍ଟନାୟକ ପାରଳା-ଖେମୁଣ୍ଡି ରାଜସଭାର କବି ରୂପେ ୧୯ ଖଣ୍ଡ ଗ୍ରାମ ଭୋଗ କରୁଥିଲେ; ଏହାଙ୍କ ବଂଶଧରମାନେ ଅଦ୍ୟ ପାରଳା ରାଜ୍ୟରେ ବାସ କରୁଅଛନ୍ତି । ଏହାଙ୍କ ଅଣନାତି ରାମକୃଷ୍ଣ ପଟ୍ଟନାୟକ କବିଙ୍କର ପଦ୍ୟମାନ ସଂଗ୍ରହ କରି ପାରଳାଖେମୁଣ୍ଡିର ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସାହାଯ୍ୟରେ ପ୍ରକାଶ କରି ଅଛନ୍ତି । କବିଙ୍କର ଜନ୍ମ ୧୭୮୫ ଓ ମୃତ୍ୟୁ ୧୮୫୬ ଖ୍ରୀଷ୍ଟାବ୍ଦରେ ଘଟିଥିଲା । ]

**ଗୋପାଳନ**—ସଂ. ବି. ( ୬ଷ୍ଠୀ ତତ୍ ; ଗୋ + ପାଳନ )—
Gopālana ଗୋରୁଙ୍କ ସେବା; ଗୋରୁ ରଖିବା—
The keeping of cattle; tending of cattle.

**ଗୋପାଳବଲ୍ଲଭ**—ଦେ. ବି—ଏକପ୍ରକାର ବଡ଼ ଲମ୍ବା କଦଳୀ—
Gopālaballabha A kind of big and long plantain.
[ ଦ୍ର—ଏ କଦଳୀ ଲମ୍ବରେ ପ୍ରାୟ ଏକଫୁଟ ହୁଏ ଏବଂ ପାଚିଲେ ବେଶି ହଳଦିଆ ଦିଶେ ନାହିଁ । ]

**ଗୋପାଳବଲ୍ଲଭ ଦାସ**—ଦେ. ବି ( ନାମ )—ଶ୍ରୀ ମଧୁସୂଦନ ଦାସ
Gopālaballabha Dāsa C. I. E. ଙ୍କ ସ୍ୱର୍ଗୀୟ କନିଷ୍ଠ ଭ୍ରାତା ଏବଂ ଉତ୍କଳର ଦ୍ୱିତୀୟ ଏମ୍, ଏ ଉପାଧିଧାରୀ—The late younger brother of Mr. M. S. Das C. I. E and the second M. A. of Orissa.
[ ଦ୍ର—ଏ ଡେପୁଟି କଲେକ୍ଟର ଓ ମାଜିଷ୍ଟ୍ରେଟ୍ ହୋଇ ବହୁକାଳ ଓଡ଼ିଶା କମିସନରଙ୍କର ପର୍ସନାଲ୍ ଆସିଷ୍ଟାଣ୍ଟ୍ ଥିଲେ । ଉତ୍କଳ-ସାହିତ୍ୟ ଓ ବିଶେଷତଃ ପ୍ରାଚୀନ ସାହିତ୍ୟ ପ୍ରତି ଏହାଙ୍କର ବିଶେଷ ଅନୁରାଗ ଥିଲା । ଏ ଭ୍ରମରଭୂୟାଁ ଓ କବିତାମଞ୍ଜରୀ ନାମକ ଦୁଇ ଖଣ୍ଡ ପୁସ୍ତକ ରଚନା କରିଥିଲେ । ]

**ଗୋପାଳ ବୈଷ୍ଣବ**—ଦେ. ବି—ଗୋସ୍ୱାମୀ ଅଚ୍ୟୁତାନନ୍ଦ ଦାସଙ୍କର ରାମ,
Gopāla baishṇaba ଯାଦବ, ମୁକୁନ୍ଦ ଆଦି ୧୨ଜଣ ଗୋପ-ଜାତୀୟ ଶିଷ୍ୟଙ୍କ ଗୃହୀ ବଂଶଧରଗଣ—The descendants of the twelve disciples of Achyutānanda.

**ଗୋପାଳଭୋଗ**—ଦେ. ବି—( ଶ୍ରୀକୃଷ୍ଣଙ୍କଠାରେ ଭୋଗ ଲାଗିବାର
Gopālabhoga ଉପଯୁକ୍ତ )—୧ । ଏକପ୍ରକାର ଉତ୍କୃଷ୍ଟ ଧାନ—
1. Name of a fine kind of paddy.
୨ । ଏକପ୍ରକାର ଉତ୍କୃଷ୍ଟ ଆମ୍ବ—
2. Name of an excellent mango.
୩ । ବିଷ୍ଣୁଙ୍କ ନିକଟରେ ଭୋଗ ଲାଗିବା ଏକପ୍ରକାର ମିଷ୍ଟାନ୍ନ—3. Name of a sweet-meat offered to Bishṇu.
୪ । ଏକପ୍ରକାର ଉତ୍କୃଷ୍ଟ କଦଳୀ—
4. Name of a kind of plantain.

**ଗୋପାଳମନ୍ତ୍ର**—ଦେ. ବି—( ବ୍ୟଙ୍ଗ୍ୟାର୍ଥ ) ଭୂଜା—
Gopālamantra Parched rice.
ସେ ସକାଳୁ ଦାନ୍ତସଫା କରି ଗୋପାଳମନ୍ତ୍ର ପାଟିରେ
ପକାଇଦେଇ ଦାଣ୍ଡକୁ ବାହାରିଲେ—ଫକୀରମୋହନ ।

**ଗୋପାଳି**—ସଂ. ବି—ଶିବ—
Gopāli Śiba.
ଦେ. ବି—୧ । ଧାନବେଙ୍ଗଲା ପଡ଼ିବା ସମୟରେ ବଳଦଙ୍କ ଖୁରା ଦ୍ୱାରା ଦରମଳା ହୋଇଥିବା ନଡ଼ା ବା କୁଟା—
1. Half-crushed straw during the paddy-treading operation by the hoofs of bullocks
୨ । (ଆଦରାର୍ଥ) ଗୋପାଳର ଡାକ ନାମ—
2. Fond name for calling Gopāla.

**ଗୋପାଳିଆ**—ଦେ. ବିଣ—୧ । ଅଡୁଆଝଡ଼ୁଆ—
Gopālia 1. Complicated; tangled.
୨ । ଗୋଳିଆ—2. Indiscriminately mixed up.
ଦେ. ବି (ଅନାଦରାର୍ଥ)—ଗୋପାଳର ଡାକ ନାମ—
A name for calling Gopāla.
ମୂଳକୁ ମାଉପ ନାହିଁ, ପୁଅ ନାଁ ଗୋପାଳିଆ—ଢଗ ।

**ଗୋପାଳୁଣୀ**—ଦେ. ବି. ସ୍ତ୍ରୀ—୧ । ଗଉଡ଼ୁଣୀ—
Gopāluṇī 1. A milk-maid.
ତାହାକୁ ପୁତ୍ର ପ୍ରାୟେ ମଣି,
ପଚ୍ଛେ ଥାମରି ଗୋପାଳୁଣୀ । ଜଗନ୍ନାଥ. ଭାଗବତ ।
୨ । ଭୁବନେଶ୍ୱର ଲିଙ୍ଗରାଜଙ୍କ ମନ୍ଦିରର ଉତ୍ତରରେ ବେଢ଼ା ମଧ୍ୟରେ ଗୋଟିଏ ଛୋଟ ଚୂନବୋଳା ଦେଉଳ ଦେଇ ପୂଜା ପାଉଥିବା ଭଗବତୀ ଦେବୀଙ୍କ ମୂର୍ତ୍ତି; ଭୁବନେଶ୍ୱରୀ—
2. An image of Bhagabatī worhipped in a small temple to the north of Lingarāja Temple at Bhubaneśwara.
[ ଦ୍ର—ଏ ଦେଉଳର ଗଢ଼ଣ ଭୁବନେଶ୍ୱର ଲିଙ୍ଗରାଜଙ୍କ ଦେଉଳର ଗଢ଼ଣଠାରୁ ପୃଥକ୍ । ଏହା ଅପେକ୍ଷାକୃତ ନୂତନ । ଅସଲ ମୂର୍ତ୍ତି ଉପରେ ଗୋଟିଏ ପଥରର ଫମ୍ପା ରୂପ ଖୋଳ ହୋଇ କଳ୍ପ (ବା ଅଠା) ଦ୍ୱାରା ମଡ଼ା ହୋଇ, ସେହି ପଥରର ଖୋଳ ପୂଜା ପାଉଅଛି । ଏକାମ୍ରପୁରାଣରେ କଥିତ ହୋଇଅଛି ଯେ ଏକାମ୍ରେଶ୍ୱରଙ୍କ ଲିଙ୍ଗ ଉପରେ ଗୋଟିଏ ଗୋରୁଠାରୁ ଦୁଗ୍ଧର ଧାର ସରୁଥିଲା । ଭଗବତୀ ସେ ଗାଈକ ପାଳୁଥିବାରୁ ତାଙ୍କର ନାମ 'ଗୋପାଳୁଣୀ' (ସଂ. ଗୋପାଳୀ । ଭଗବତୀଙ୍କ ପ୍ରଣୟପ୍ରାର୍ଥୀ କୀର୍ତ୍ତିବାସ ଦୈତ୍ୟଙ୍କୁ ଭଗବତୀ ପାଦରେ ଚାପି ମାରି ଦେଇଥିଲେ ଏବଂ ଏହି ଉପଲକ୍ଷରେ ଦେବୀପାଦହରା ପୋଖରୀ ହୋଇଥିଲା—ଉତ୍କଳଖଣ୍ଡ । ]

**ଗୋପାଷ୍ଟମୀ**—ସଂ. ବି—କାର୍ତ୍ତିକ ଶୁକ୍ଳ ଅଷ୍ଟମୀ—
Gopāshṭamī The 8th day of the bright fortnight of the month of Kārttika.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇଁ | ଉ | ର,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଛଅ | ଘ |
| ୨ | ଈ | ଊ | ଋ | ଌ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ |

[ ଦ୍ର—ଏ ଦିନ ଶ୍ରୀକୃଷ୍ଣ ପ୍ରଥମେ ଗୋରୁ ଚରାଇବାକୁ ଆରମ୍ଭ କରିଥିଲେ; ଏଦିନ ଗୋପୂଜା ଓ ଗୋସେବା କରାଯାଏ ଓ ଗୋଶାଳା ମାନଙ୍କରେ ଉତ୍ସବ କରାଯାଏ । ]

**ଗୋପିଆବପା**—ଗ୍ରା.ବିଣ (ବ୍ୟଙ୍ଗ୍ୟାର୍ଥ)—ଗାତ ମଧ୍ୟରେ ଲୁଚି ଯାଇଥିବା—
Gopiābapā (witticism) Hidden in a hole.

ଘନ ଗରଜନ୍ତେ ପରବତରେ
ଗୋଡ଼ାକୋଡ଼ଜଳା ( ମୟୂର ) ନାଚେ ମତ୍ତରେ
ଏହା ଦେଖି ବଡ଼ପେଠିଆରୂପା (ସାପ),
ଭୟେ ହୋଇଗଲେ ଗୋପିଆବପା—ଯଦୁମଣି, କବିତା ।

**ଗୋପିକା**—ସଂ. ବି. ସ୍ତ୍ରୀ ( ଗୋପୀ + କ + ସ୍ତ୍ରୀ. ଆ )—
Gopikā ଗୋପୀ ୧ ଓ ୨ ( ଦେଖ )
Gopī 1 and 2 (See).

**ଗୋପିକାଯନ୍ତ୍ର**—ସଂ. ବି—ଗୋପୀଯନ୍ତ୍ର (ଦେଖ)
Gopikājantra Gopījantra (See).

**ଗୋପିତ**—ସଂ. ବିଣ (ଗୁପ୍ ଧାତୁ+ଅ=ଗୋପ; ଗୋପ+ଇତ)—
Gopito ୧ । ଗୁପ୍ତ; ଲୁକ୍କାୟିତ—1. Hidden; concealed.
୨ । ରକ୍ଷିତ—2. Preserved.

କାନ୍ତିକପୁଞ୍ଜା ଗୋପିତ କରି ସବୁରେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଗୋପିତ୍ତ**—ସଂ.ବି (୬ଷ୍ଠୀ ତତ୍; ଗୋ+ପିତ୍ତ)—୧ । ଗୋରୋଚନା (ଦେଖ)
Gopitta 1. Gorochanā (See).
୨ । ଗନ୍ଧଦ୍ରବ୍ୟବିଶେଷ—2. A kind of scent.

**ଗୋପିନୀ**—ଦେ. ବି. ସ୍ତ୍ରୀ ( ସଂ. ଗୋପୀ )—
Gopinī ଗୋପୀ ୧ ଓ ୨ ( ଦେଖ )
Gopī 1 and 2 (See).

[ ଦ୍ର—ଗୋପୀ ଶବ୍ଦ ଗୋପର ସ୍ତ୍ରୀଲିଙ୍ଗ, କୌଣସି କୌଣସି ପ୍ରାଚୀନ କବି 'ଗୋପିନୀ' ଶବ୍ଦକୁ ଗୋପୀ ଅର୍ଥରେ ପ୍ରୟୋଗ କରିଅଛନ୍ତି ମାତ୍ର ଏ ଅର୍ଥରେ ଏ ଶବ୍ଦର ପ୍ରୟୋଗ ଦୋଷାବହ)—

ଷୋଳ ସହସ୍ର ଯେ ଗୋପିନୀ
କେ ହି ମୋ ସମ ସୋହାଗିନୀ—ଭୂପତି. ପ୍ରେମପଞ୍ଚାମୃତ ।

**ଗୋପୀ**—ସଂ. ବି. ସ୍ତ୍ରୀ (ଗୋପ+ସ୍ତ୍ରୀ. ଈ) - ୧ । ଗଉଡ଼ୁଣୀ; ଗୋପବାଳା
Gopī 1. Milk-maid.
୨ । ଶ୍ରୀକୃଷ୍ଣଙ୍କ ପ୍ରଣୟିନୀ ୧୬୦୦୦ ଗୋପକନ୍ୟା—
2. The 16000 sweethearts of Śrikṛushṇa.
୩ । କୁଆମଇତା; କମ୍ପଫଳ —
3. The memordica fruit.

ମନ୍ତ୍ରସାବାର ସେବିତ ହରିଙ୍କର ଅଶେଷ ଗୋପୀଙ୍କୁ ସେ ଶୋହେ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଗୋପୀଗୀତା**—ଦେ. ବି—ଗୋପୀଗଣଙ୍କ କୃତ ଶ୍ରୀକୃଷ୍ଣଙ୍କ ସ୍ତୁତିବିଶେଷ—
Gopīgitā A book of hymns addressed by the gopis to Śrikṛushṇa.

ତା ଏବେ ଶୁଣ ମନଦେଇ
ଗୋପୀଗୀତାରେ ଛନ୍ତି କହି—ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ ।

**ଗୋପୀଚନ୍ଦନ**—ଦେ. ବି—ଏକପ୍ରକାର ଧଳକମାଟି; ସୌରାଷ୍ଟ୍ରୀ—
Gopīchandana A kind of whitish clay used in painting the forehead.

ଟୋପି ଟୋପି ଗୋପୀଚନ୍ଦନ ମଣ୍ଡିଛନ୍ତି ବ ସାଙ୍ଗେ
ଟେକ ଗୃହୀ ବାରେ ମଥୁରା ଦାଣ୍ଡେ ଗୋବିନ୍ଦ ବଙ୍ଗେ—
କଳାକଳେବର ଚଉତିଶା '୪' ପଦ ।

**ଗୋପୀଜନବଲ୍ଲଭ**—ସଂ. ବି. ( ୬ଷ୍ଠୀ ତତ୍; ଗୋପୀଜନ+ବଲ୍ଲଭ )—
Gopījanaballabha ଶ୍ରୀକୃଷ୍ଣଙ୍କ ନାମ—
A name of Śrikṛushṇa.

**ଗୋପୀନାଥ**—ସଂ. ବି. ( ୬ଷ୍ଠୀ ତତ୍; ଗୋପୀ+ନାଥ )—ଶ୍ରୀକୃଷ୍ଣଙ୍କ
Gopīnātha ନାମ—A name of Śrikṛushṇa.

[ ଦ୍ର—'ଗୋପୀ' ଶବ୍ଦ ସଙ୍ଗେ ନାଥ ଶବ୍ଦର ପ୍ରତିଶବ୍ଦ ବଲ୍ଲଭ, ରମଣ, ମୋହନ ପ୍ରଭୃତି ଶବ୍ଦମାନ ମଧ୍ୟ ଏହି ଅର୍ଥରେ ପ୍ରଯୁକ୍ତ ହୋଇଥାଏ । ]

ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

**ଗୋପୀନାଥ କବିଭୂଷଣ**—ଦେ. ବି ( ନାମ )—ପ୍ରାଚୀନ ଓଡ଼ିଆ କବି-
Gopīnātha kabibhūshaṇa ବିଶେଷ—An ancient poet of Utkaḷa.

[ ଦ୍ର—'କବିଚିନ୍ତାମଣି' ଓ 'ରାମଚନ୍ଦ୍ରବିହାର' ନାମକ କାବ୍ୟ-ଦ୍ୱୟ ଏହାଙ୍କ ରଚିତ ଗ୍ରନ୍ଥ ଅଟେ—ଚାରଣୀ. ଉତ୍କଳସାହିତ୍ୟର ଇତିହାସ । ]

**ଗୋପୀନାଥ ନନ୍ଦ**—ଦେ. ବି (ନାମ)—'ଓଡ଼ିଆ ଶବ୍ଦତତ୍ତ୍ୱବୋଧ' ନାମକ
Gopīnātha nanda ଅଭିଧାନର ସଙ୍କଳୟିତା ଆଧୁନିକ ଯୁଗର ଜଣେକି ସ୍ୱର୍ଗୀୟ ଓଡ଼ିଆ ପଣ୍ଡିତ—The compiler of Oṛdiā Śabdatattwabodha dictionary and a philologist.

[ ଦ୍ର—ଏ ଗଞ୍ଜାମର ପାରଳାଖେମୁଣ୍ଡି ନିବାସୀ ଥିଲେ । ଜନ୍ମ ୧୮୬୯ ଅଗଷ୍ଟ ୨୮—ମୃତ୍ୟୁ ୧୯୨୪ ଜାନୁଆରୀ ୧୪ । ଏହାଙ୍କ ରଚିତ ଭାଷାତତ୍ତ୍ୱବୋଧରେ ଓଡ଼ିଆଭାଷାର ବ୍ୟାକରଣର ପ୍ରକୃତି ତନ୍ନ ତନ୍ନ କରି ପର୍ଯ୍ୟାଲୋଚନା କରା ଯାଇଅଛି । ଏ ସଂସ୍କୃତ କବିତାର ଗୁରୁ ଲଘୁ ନିୟମ ରକ୍ଷା କରି ଓଡ଼ିଆ କବିତା ଲେଖିବାର ପ୍ରୟାସ କରିଥିଲେ । ଏ ଜଣେ ନିଷ୍ଠାପର ସାହିତ୍ୟସେବକ ଥିଲେ । ]

**ଗୋପୀଭାଷା**—ଦେ. ବି—ଓଡ଼ିଶାର ପ୍ରାଚୀନ କବି ଭକ୍ତଚରଣ ଦାସଙ୍କ
Gopībhāshā ବିରଚିତ ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ ଗୋପୀମାନଙ୍କର ଖେଦୋକ୍ତି ବିଷୟକ ପଦ୍ୟଗ୍ରନ୍ଥବିଶେଷ—Song of the sorrowing milkmaids of Gopapura composed by the classic Oṛdiā poet Bhaktacharaṇa.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଅଯାଇଥିବା ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଵର୍ଣ୍ଣ' ନ ମିଳିଲେ 'ବର୍ଣ୍ଣ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ଵନ୍ଧୁ' ଦେଖିବେ; 'ଅକ୍ଷା' ନ ପାଇଲେ 'ଅକ୍ଷା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗୋପୀମାଟି**—ଦେ. ବି—ଦ୍ୱାରକା ଓ ବୃନ୍ଦାବନର ପୀତମୃତ୍ତିକାବିଶେଷ; ସୌରାଷ୍ଟ୍ରୀ—A yellowish clay found in Dwārakā, Brundābana and other places and used in painting the forehead.
Gopimāti
গোপীমাটি

**ଗୋପୀ ମୃତ୍ତିକା**—ଦେ. ବ—ଗୋପୀମାଟି ( ଦେଖ )
Gopi mruttikā — Gopimāti ( See )

**ଗୋପୀଯନ୍ତ୍ର**—ଦେ. ବ—ବାଉଁଶ ଓ ଲାଉ ଖୋଳଦ୍ୱାରା ନିର୍ମିତ ଏକତାର-ବିଶିଷ୍ଟ ବାଦ୍ୟଯନ୍ତ୍ର; ଏକତାରା—One-stringed guitar.
Gopijantra
গোপীযন্ত্র

[ ଦ୍ର—ପୂର୍ବେ ରାଜା ଗୋପୀଚନ୍ଦ୍ର (ଗୋବିନ୍ଦଚନ୍ଦ୍ର)ଙ୍କ କରୁଣ—ରସାତ୍ମକ କାହାଣୀ-ଗୀତକୁ ଯୋଗୀମାନେ ଏ ଯନ୍ତ୍ର ସହାୟରେ ଗାଉଥିବାରୁ ଏହି ନାମ—ଯୋଗେଶଚନ୍ଦ୍ର । ]

**ଗୋପୁଚ୍ଛ**—ସଂ. ବ. (୬ଷ୍ଠୀ ତତ୍; ଗୋ+ପୁଚ୍ଛ)—୧ । ଗୋରୁ ଲାଞ୍ଜ—1. Tail of a cow.
Gopuchcha

୨ । ଏକପ୍ରକାର ହାର—2. A kind of necklace.

୩ । (ବହୁବ୍ରୀହି) ଗୋପୁଚ୍ଛ ପରି ପୁଚ୍ଛଯୁକ୍ତ ଏକପ୍ରକାର ମାଙ୍କଡ଼—3. A kind of monkey ( with tail like that of a cow ).

**ଗୋପୁର**—ସଂ. ବ. ( ଗୁପ୍ ଧାତୁ+କର୍ମ. ଉର )—
Gopura — ୧ । ପୁରଦ୍ୱାର; ନଗରଦ୍ୱାର—1. A town-gate; a city-gate.

୨ । ତୋରଣ—2. Gate-way; portal.

୩ । ଦେବମନ୍ଦିରର ବେଢ଼ାପାଚେରିର ସିଂହ ଦ୍ୱାର ଉପରେ ଥିବା ତୋରଣଯୁକ୍ତ ମନ୍ଦିର (ତେଲଗୁ - ଗୋପୁରମ୍)—3. A temple open on both sides in the compound-wall of a temple through which visitors enter into the compound of the inner temple

ସୁନ୍ଦର ଗୋପୁର ଦ୍ୱାର କରିଣ ରଚନେ । ପ୍ରକାଶ, ମହାଭାରତ ।

[ ଦ୍ର—ଉତ୍କଳରେ ମନ୍ଦିରର ସଦର ଗୋପୁରକୁ ସିଂହଦ୍ୱାର, ଅନ୍ୟ ଗୋପୁରମାନଙ୍କୁ ଯଥାକ୍ରମେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦ୍ୱାର ବୋଲାଯାଏ । ଦାକ୍ଷିଣାତ୍ୟରେ ମନ୍ଦିରମାନଙ୍କ ଗୋପୁରମାନ ଶିଳ୍ପକଳାରେ ପୂର୍ଣ୍ଣ । ଭାରତର ଅନ୍ୟ ଅଞ୍ଚଳମାନଙ୍କରେ (ଯଥା—ବୃନ୍ଦାବନର ସାହାଜୀଙ୍କ ନିର୍ମିତ କୃଷ୍ଣମନ୍ଦିର) ଯେଉଁଠାରେ ଦାକ୍ଷିଣାତ୍ୟର ଭକ୍ତମାନେ ମନ୍ଦିର ତିଆରି କରିଅଛନ୍ତି, ସେଠାରେ ଗୋପୁରମାନ ନିର୍ମାଣ କରି ଅଛନ୍ତି । ]

**ଗୋପୁରୀଷ**—ସଂ. ବ. (୬ଷ୍ଠୀ ତତ୍; ଗୋ+ପୁରୀଷ)—ଗୋବର—Cowdung.
Gopurisha

**ଗୋପେନ୍ଦ୍ର**—ସଂ. ବ. (୬ଷ୍ଠୀ ତତ୍; ଗୋପ+ଇନ୍ଦ୍ର)—୧ । ଶ୍ରୀକୃଷ୍ଣ—Srikrushna.
Gopendra

୨ । ଗୋପର ଅଧିପତି ନନ୍ଦ; ଶ୍ରୀକୃଷ୍ଣଙ୍କର ପାଳକ ପିତା—2. Nanda; the foster-father of Srikrushna.

**ଗୋପେନ୍ଦ୍ର କବି**—ଦେ. ବ—ଜଣେକ ପ୍ରାଚୀନ ଓଡ଼ିଆ କବି—An ancient Ordiā poet.
Gopendra kabi

[ ଦ୍ର—ଏ କବି 'ମଧୁପ ଉଦ୍ଧବଭାଷା' ନାମକ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ]

**ଗୋପ୍ତବ୍ୟ**—ସଂ. ବଣ. (ଗୁପ୍ ଧାତୁ+କର୍ମ. ତବ୍ୟ)—ଗୋପ୍ୟ (ଦେଖ)
Goptabya — Gopya (See)

**ଗୋପ୍ତା**—ସଂ. ବିଣ. ପୁଂ. (ଗୁପ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—ରକ୍ଷଣକାରୀ—Protecting.
Goptā
(ଗୋପ୍ତ୍ରୀ—ସ୍ତ୍ରୀ) ସଂ. ବି—୧ । ରକ୍ଷକ; ରକ୍ଷାକର୍ତ୍ତା—1. Protector; Saviour.

୨ । ପ୍ରତିପାଳକ—2. Maintainer.

୩ । ଅଧିପ; ନେତା—3. Headman; leader.

୪ । ବିଷ୍ଣୁଙ୍କ ନାମ—4. A name of Bishnu.

**ଗୋପ୍ୟ**—ସଂ. ବିଣ. (ଗୁପ୍ ଧାତୁ+କର୍ମ. ଯ)—୧ । ରକ୍ଷଣୀୟ—1. Deserving to be protected.
Gopya

୨ । ଲୁଚାଇବାର ଯୋଗ୍ୟ—2. Fit to be concealed.

୩ । ପାଳନୀୟ—3. Maintainable.

୪ । ଗୋପନୀୟ; ଅପ୍ରକାଶ୍ୟ—4. Confidential; secret.

ଶ୍ରାବଣରୀ, ଶୁଣ ପ୍ରବଣ ଗୋପ୍ୟ କହଇ । ବଳରାମ ଦାସ, ଦଣ୍ଡିରାମାୟଣ ।

**ଗୋପ୍ୟ କରିବା**—ଦେ. କ୍ରି.—ଲୁଚାଇବା—To conceal.
Gopya karibā

ଯାହା ଜାଣି ତିନି ନାମ ଗୋପ୍ୟ କଲ ଏ ଦୁର୍ମ୍ମ ଦେଇଁ ବ୍ୟବସ୍ଥା ।
ପ୍ରାଚୀ. ଉଦ୍ଧବ ମଙ୍ଗଳ ।

**ଗୋପ୍ୟାନ**—ଗ୍ରା. ବ. (ସଂ. ଗୋପନ)—ଗୋପନ—Concealment; hiding.
Gopyāna

[ଅନ୍ତେ] ପଥରେ ବାଇ ଚାସ ଦେଇଁ କନ,
ପର ବା ସୁରୁ ଯେବଣେ ହାଟରେ ଗୋପ୍ୟାନ । ପ୍ରାଚୀ. ଶ୍ରୀ ସୁରୁଭକ୍ତି ଗୀତା ।

ଗ୍ରା. ବଣ. (ସଂ. ଗୋପ୍ୟ)—ଗୁପ୍ତ; ଲୁକ୍କାୟିତ—Concealed; hidden; hiding.

**ଗୋପ୍ୟାନ କରିବା**—ଗ୍ରା. କ୍ରି.—ଅଦୃଶ୍ୟ କରିବା; ଲୁଚାଇବା—To conceal; to hush up; to hide.
Gopyāna karibā

**ଗୋପ୍ୟାନ ହେବା**—ଗ୍ରା. କ୍ରି.—ଅଦୃଶ୍ୟ ହେବା—To disappear; to vanish.
Gopyāna hebā

ପରମ ବ୍ରହ୍ମ ନାରାୟଣ, ଅନ୍ତର ହୋଇଣ ଗୋପ୍ୟାନ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**ଗୋପ୍ୟେ**—ଗ୍ରା. କ୍ରି. ବଣ.—ଗୁପ୍ତଭାବରେ; ଅଲକ୍ଷିତରୂପେ—Secretly; unobserved.
Gopye

ସେ ଦୁର୍ବ ଅଧିପଙ୍କ ରୂପେ,
ହାଲ ବଜାଇ କରେ ଗୋପ୍ୟେ । ଜଗନ୍ନାଥ ଭାଗବତ ।

**ଗୋପ୍ରଚାର**—ସଂ. ବ. (୬ଷ୍ଠୀ ତତ୍; ଗୋ+ପ୍ରଚାର)—ଗୋଚର ଭୂମି—Pasture ground; pasturage.
Goprachāra

**ଗୋପ୍ରବେଶ**—ସଂ. ବ.—ଗୋଧୂଳି (ଦେଖ)
Goprabesa — Godhuli (See)

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଳ | ଶ,ଷ | କ୍ଷ | ଇସ୍ତ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ତ |

**ଗୋବ**—ଦେ. ବି.—୧। ଛତ ଥିବା କଣ୍ଟା—1. Iron nail with a flat round head.
Goba

୨। ଯଷ୍ଟିର ଅଗଦ୍ୱାରା କରାଯିବା କୁଣ୍ଠା ପ୍ରହାର; ଭୁଜା ମାଡ଼—2. Ramming blow with the head or butt of a stick.

୩। ମୁଠା କରି ଯାଇଥିବା ହାତଦ୍ୱାରା ଗେଞ୍ଚା ମାଡ଼—3. Poking blow with the fisted hand.

ଗାଇଁଠ ଗୁମଡ଼ା ୪। ଢାଲ ଆଦି ଉପରେ ବା କବାଟରେ ମରାଯିବା ଗୋଲ ଅରୁଅରୁଆ ଫୁଲୁକା ଛତ—4. Knobs over shields, door-leaves etc.

୫। ଖୋବା—5. Stout wooden pin.

୬। ସିଜୁ ବା କଦଳୀପୁଅ ଆଦିର ମୁଣ୍ଡିକୁ ଗରମ କରି ତାହାଦ୍ୱାରା ଦରଜ ହେବା ସ୍ଥାନରେ ବସାଯିବା ଦାଗ ବା ଛାପ—6. Stamping of painful limbs with the stumps of some trees

୭। ବାଡ଼ି ବା ବନ୍ଧୁକର ମୂଳ ଅଂଶ—7. The lower end or stock of a stick or gun.

**ଗୋବଚ୍ଛା**—ଗ୍ରା. (ପଦ୍ୟ) ବି. (ସଂ. ଗୋବତ୍ସ)—ବାଛୁରି—Calf.
Gobachhā

**ଗୋବତ୍ସ**—ସଂ. ବି. (୬ଷ୍ଠୀ ତତ୍; ଗୋ+ବତ୍ସ)—ବାଛୁରି—Calf.
Gobatsa

**ଗୋବତ୍ସା**—ଦେ. ବି. (ସଂ. ଗୋବତ୍ସ)—ବାଛୁରି—Calf.
Gobatsā

ଗୋରୁ ଗୋବତ୍ସା ଲକ୍ଷ ଲକ୍ଷ। ଭୂପତି, ପ୍ରେମ ପଞ୍ଚାମୃତ।

**ଗୋବଧ**—ସଂ. ବି. (୬ଷ୍ଠୀ ତତ୍; ଗୋ+ବଧ)—ଗୋରୁକୁ ଜୀବନରେ ମାରିବା; ଗୋ ହତ୍ୟା—Killing a cow; cow-killing.
Gobadha

[ ଦ୍ର—ହିନ୍ଦୁ ଶାସ୍ତ୍ର ମତରେ ଗୋବଧ ମହାପାପ। ]

**ଗୋବଧୀ**—ଦେ. ବିଣ. (ପଦ୍ୟ)—ଗୋରୁ ମାରିଥିବା (ବ୍ୟକ୍ତି)—(a person) Who has killed a cow.
Gobadhī

ମିତ୍ର ବଧରେ ଅପରାଧୀ, ପିତୃ, ରାଜା ସ୍ତ୍ରୀବ ଗୋ ବଧୀ,
ଏ ଆଦି ପାପ ଯେ ଅଟରେ, ସବୁ ଦୂରତ ନଷ୍ଟ ହେରେ। ଜଗନ୍ନାଥ. ଭାଗବତ।

**ଗୋବ ବସାଇବା**—ଦେ. କ୍ରି—୧। ଢାଲ ଉପରେ ବା କବାଟରେ ଛତବାଲା ଅରୁମାନ ସଂଲଗ୍ନ କରିବା—1. To attach knobs to the surface of a shield or door-plate.
Goba basāibā

୨। ଦରଜ ହୋଇଥିବା ସ୍ଥାନରେ ସିଜୁ ଓ କଦଳୀପୁଅ ଆଦିର ଗୋଲାକାର ମୁଣ୍ଡକୁ ମାଡ଼ିବା—2. To stamp a painful limb with stumps.

**ଗୋବ ବସିବା**—ଦେ. ବି—୧। ଢାଲ ବା କବାଟରେ ଛତବାଲା କଣ୍ଟା ମରାହେବା—1. The putting of knobs on shields and door-plates.
Goba basibā

୨। ଦରଜ ସ୍ଥାନରେ ସିଜୁଡାଳ, କଦଳୀପୁଅ, ଶିଳପୁଅ ଆଦିକୁ ଉତ୍ତପ୍ତ କରି ଛାପ ବସାଇବା—2. Stamping of a painful limb with stumps of some trees.

**ଗୋବର**—ଦେ. ବି (ସଂ. ଗୋବିଟ୍; ଗୋମୟ)—୧। ଗୋରୁର ବିଷ୍ଠା; ଗୋମୟ—1. Cowdung; droppings of cattle
Gobara
গোবর
गोबर

[ ଦ୍ର—ହିନ୍ଦୁଶାସ୍ତ୍ର ମତରେ ଗୋବର ପବିତ୍ର ପଦାର୍ଥ। ଅପବିତ୍ର ଓ ଅଶୁଦ୍ଧ ସ୍ଥାନକୁ ଗୋବରରେ ଲିପିଲେ ତାହା ଶୁଦ୍ଧ ହୁଏ। ଏହା ସେବନ କଲେ ଶରୀରରୁ ପାପଜନିତ ମଳ ଦୂର ହୁଏ। ଗୋବର ଶୁଖିଗଲେ ଘସି ହୋଇ ଜାଳ ହୁଏ; ସଢ଼ିଲେ କ୍ଷେତରେ ସାର ବା ଖତରୂପେ ଲାଗେ। ଷଣ୍ଢର ଗୋବର ଶୁଦ୍ଧିକାର୍ଯ୍ୟରେ ଲାଗେ ନାହିଁ; ଗୋବର ପଞ୍ଚଗବ୍ୟର ଗୋଟିଏ ଉପକରଣ; ବଙ୍ଗଳା, ହିନ୍ଦି, ଓଡ଼ିଆ ଓ ମରହଟ୍ଟୀ ଭାଷାରେ ଗୋମୟର ଏହିରୂପ ଦେଖାଯାଏ। ]

୨। (ଲକ୍ଷଣାର୍ଥ)—ଅତି ଅସାର ବସ୍ତୁ—Very unsubstantial material.
(ଯଥା—ତାହା ମସ୍ତିଷ୍କରେ ଖାଲି ଗୋବର ଅଛି।)

ସଂ. ବି.—ଚୂର୍ଣ୍ଣୀକୃତ ଗୋମୟ—Cowdung pulverised (M. W.)

**ଗୋବରକଇଁ**—ପ୍ରାଦେ (ଗଡ଼ଜାତ) ବି—ନୀଳକଇଁ—Blue water-lily.
Gobarakaiñ

**ଗୋବରକାଲି, ଦେଇଛି ଢାଲି**—ଦେ. (ବାକ୍ୟ—ଓଡ଼ିଶା ପାଲିକି-ବେହେରାମାନଙ୍କର ଡାକ) ବାଟରେ ଗୋବର ପଡ଼ିବାର ଦେଖିଲେ କିମ୍ବା ଆକାଶକୁ କଳା ମେଘ ଆଚ୍ଛନ୍ନ କଲେ ବେହେରାମାନେ ଏ ପଦ ଡାକନ୍ତି—A term used by palki-bearers to indicate that the road is strewn with cow-dung or the sky is overclouded.
Gobarakāli deichhi ḍhāli

**ଗୋବରଖାତ**—ଦେ. ବି (ସଂ. ଗୋବର+ଖାତ)—ଗୁହାଳରୁ ପ୍ରତିଦିନ ପୋଛା ହେଉଥିବା ଗୋବରକୁ ଖତପାଇଁ ଜମାକରି ରଖିବା ନିମନ୍ତେ ଖୋଳାହୋଇଥିବା ଗର୍ତ୍ତ—A pit to preserve cowdung for manure.
Gobarakhāta

**ଗୋବରଗଣେଶ**—ଦେ ବି (ଲକ୍ଷଣାର୍ଥ)—(ଗୋବରରେ ନିର୍ମିତ ଗଣେଶ-ମୂର୍ତ୍ତି ଭଳି) ସ୍ଥୂଳକାୟ ଅଥଚ ଅଚଳ ଓ ଅକର୍ମଣ୍ୟ ବ୍ୟକ୍ତି—A fat but worthless person.
Gobaragaṇesa
গোবরগণেশ
गोबरगणेश

[ ଦ୍ର—ଗଣେଶଚତୁର୍ଥୀରେ ପୂଜିତ ହେବା ପାଇଁ ଅନେକ ଗଣେଶପ୍ରତିମା ଗୋବରନିର୍ମିତ ମାଟିରେ ଗଢ଼ିତ ହେଉଥିବାରୁ ଏହି ଲକ୍ଷଣାର୍ଥ। ]

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

**ଗୋବରଗଦା**—ଦେ. ବି—ସାର ବା ଖତ କରିବା ଉଦ୍ଦେଶ୍ୟରେ ସ୍ତୂପୀକୃତ ଗୋମୟ—Dung-hill; a heap of cow-dung heaped up from day to day and preserved to be used as manure.
Gobaragadā

**ଗୋବରଗଦାରେ ପଦ୍ମ ଉକୁଟିବା (ନ୍ୟାୟ)**—ଦେ. ପ୍ରବଚନ—ଅସ୍ଥାନରେ ସୁନ୍ଦର ପଦାର୍ଥ ଦେଖାଯିବା ନ୍ୟାୟ—A saying used when a beautiful thing is seen in a nasty place.
Gobara gadāre padma ukuṭibā (nyāya)
[ ଦ୍ର—ଏହାର ସମାନାର୍ଥକ ପ୍ରବଚନ—ବାଲୁଙ୍ଗାସାଇରେ ମାଣିକ ପଡ଼ିବା (ନ୍ୟାୟ) । ]

**ଗୋବର ଛତୁ**—ଦେ. ବି.—ଗୋବର ଜମା ହୋଇଥିବା ସ୍ଥାନରେ ଫୁଟୁଥିବା ବଡ଼ ଓ ଅଖାଦ୍ୟ ଛତ୍ରାକ ବା ଛତୁ—Mushroom coming out of a dunghill.
Gobara chhatu

**ଗୋବରମୁଣ୍ଡା ଛତୁ**—ଦେ. ବି.—ଗୋବର ଛତୁ (ଦେଖ)
Gobaramuṇḍā chhatu Gobarachhatu (See)

**ଗୋବର ପାଣି**—ଦେ. ବି.—ଘର ଲିପିବା ବା ଅଗଣା ଆଦିରେ ଛିଞ୍ଚିବା ପାଇଁ ପ୍ରସ୍ତୁତ ଗୋମୟମିଶ୍ରିତ ଜଳ—Water mixed with cow-dung used in washing houses and sprinking on the ground.
Gobara pāṇi

**ଗୋବର ପୋକ**—ଦେ. ବି.—୧ । ବାସୀ ଗୋବରରେ ଦେଖାଯିବା ଏକ ପ୍ରକାର କଳା ଓ କଠିନ ଆବରଣ-ବିଶିଷ୍ଟ ବଡ଼ ପୋକ—1. A kind of black large beetle (with tough covering) found in heaps of cowdung; scarab or tumble-dung insect; tumble-bug.
Gobara poka
গোবরের পোকা, গোবরিআ পোকা
**गुबरैला, गोबरैला**
୨ । ଅଂଶାଇ; ଗୋରୁ ହଗିଥିବା ସ୍ଥାନରେ ଗୋବର କିଛିକ୍ଷଣ ପଡ଼ି ରହିଲେ ସେଥିରେ ଦେଖାଯିବା କୃମି—2. Grub found on cowdung left exposed for some time.

**ଗୋବର ଲଗାଇବା**—ଦେ. କ୍ରି.—୧ । କୌଣସି ଅପରିଷ୍କୃତ ସ୍ଥାନକୁ ଗୋବର ଲଗାଇ ଲିପିବା—1. To wash a place with cowdung.
Gobara lagāibā
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ଭୁଲ୍‌ଭଟକା ରଖିବା; ଜଲ୍ଦିରମାଧିଆ କରି କାର୍ଯ୍ୟ କରିବା—2. To bungle; to do a work clumsily.
୩ । ଗେବରେଇ କରି ଲେଖିବା—3. To scrawl.
୪ । ଏକାବେଳକେ ବିନଷ୍ଟ କରିବା—4. To destroy totally.

**ଗୋବରଲଣ୍ଡା**—ଦେ. ବି.—(ସ. ଗୋମୟ ଓ ଲେଣ୍ଡ)—ଗୋରୁଦ୍ୱାରା ଉତ୍ସୃଷ୍ଟ ହେବା ସମୟରେ ଏକାଥରକେ ଏକତ୍ର ସ୍ତୂପାକାରରେ ଜମା ହେବା ଗୋବର—A mass of cowdung left by a cow at one time; a ball of cowdung.
Gobaralaṇḍā
গোবরলেণ্ড
**गोबरका चौथ**

**ଗୋବର ଲେସିବା**—ଦେ. କ୍ରି.—୧ । କୌଣସି ଫାଟକୁ ଗୋବର ବୋଳି ବନ୍ଦ କରିବା—1. To block up a chink by means of cowdung.
Gobara lesibā
୨ । ଗୋବର ଲଗାଇବା (ଦେଖ)
2. Gobara lagāibā (See)
୩ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟର ଅସ୍ଥାୟୀ ପ୍ରତିକାର କରିବା—3. To do a patchwork; to adopt a temporary measure.

**ଗୋବରା**—ଦେ. ବିଣ.—୧ । ଗୋବର ପରି ଫିକା ବା କଳା ରଙ୍ଗ-ବିଶିଷ୍ଟ—1. Of a light black colour.
Gobarā
୨ । ଗୋବର ପରି ବିସ୍ୱାଦ—2. Having a foul and bad taste like cowdung.
୩ । ଗୋବର ମିଶ୍ରିତ (ମାଟି); ଖତରା—3. (soil) Mixed with cowdung.]
ଦେ. ବି.—୧ । ଗୋବରା ଚଢ଼େଇ (ଦେଖ)
1. Gobarā chaṛhei (See)
୨ । (ଅନାଦରାର୍ଥକ) ଗୋବର୍ଦ୍ଧନର ଡାକ ନାମ—2. Name for calling Gobarddhana.

**ଗୋବରାଇବା**—ଦେ. କ୍ରି—୧ । ଗୋବରା ଗୋବରି କରିବା (ଦେଖ)—1. Gobarāgobari karibā (See)
Gobarāibā
୨ । ଗୋବରିବା ( ଦେଖ )—2. Gobaribā ( See )

**ଗୋବରା ଗୋବରି କରିବା**—ଦେ. କ୍ରି—୧ । ଅପରିଷ୍କୃତ ଓ ଅପାଠ୍ୟ ଲେଖା ଲେଖିବା; ଗାବୁରାଇବା—1. To write slovenly; to scrawl.
Gobarāgobari karibā
୨ । କୌଣସି କାର୍ଯ୍ୟକୁ ଅସୁନ୍ଦର ଭାବରେ ସମ୍ପାଦନ କରିବା—2. To bungle; to perform a work clumsily.

**ଗୋବରା ଚଢ଼େଇ**—ଦେ. ବି—ବୁଲ୍‌ବୁଲ୍ ( ଦେଖ )—Bulbul ( See )
Gobarā chaṛhei

**ଗୋବରା ଚଢ଼େଇକୁ ପାଚିଲା କଦଳୀ ଦେଖାଇବା ( ନ୍ୟାୟ )**—
Gobarā chaṛheiku pāchilā kadaḷi dekhāibā
ଦେ. ପ୍ରବଚନ—( ପୋଷା ଗୋବରା ଚଢ଼େଇ ଅନ୍ୟ ଚଢ଼େଇ ସଙ୍ଗେ ଯୁଦ୍ଧ କରିବାକୁ ରକ୍ଷକ ହସ୍ତରୁ ଉଡ଼ିଯାଇ ଅନ୍ୟ ସ୍ଥାନରେ ବସିଥିଲେ, ତାକୁ ଟିକିଏ ପାଚିଲା କଦଳୀ ଦେଖାଇ ଦେଲେ ସେ ତାକୁ କଦଳୀ ଖାଇବା ଲୋଭରେ ରକ୍ଷକ ପାଖକୁ ଉଡ଼ିଆସେ, ଏହି ଲକ୍ଷଣାରୁ ) କୌଣସି ବ୍ୟକ୍ତିକୁ ଲୋଭନୀୟ ବସ୍ତୁ ବା ଉଦ୍ଦେଶ୍ୟର ଆଶା

| ୧ | ଇ | ଉ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ^ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | କ୍ଷ | ଯ | ଷ | ଙ୍ଗ | ଇଅ | ଓ | ଡ଼ |

ଦ୍ୱାରା ପ୍ରଲୋଭିତ କରିବା—To lure or tempt a person by future hope.

**ଗୋବରା ନନା**—ଦେ. ବି ( ଅନାଦରାର୍ଥକ )—ମୂର୍ଖ ବ୍ରାହ୍ମଣ; ବୈଦିକ
Gobarā nanā କର୍ମକାଣ୍ଡରେ ଜ୍ଞାନରହିତ ବ୍ରାହ୍ମଣ—
A Brāhmaṇa who is not learned in Brāhmanic lore.

**ଗୋବରିଆ**—ଦେ. ବିଣ—ଗୋବରା ( ଦେଖ )—
Gobariā Gobarā ( See )

**ଗୋବରିଆ ଖଡ଼ା**—ଦେ. ବି—ଏକପ୍ରକାର ଅସ୍ୱାଦୁ ଖଡ଼ା ଶାଗ—
Gobariā kharḍā A kind of Amaranth ( pot-
গোব্রানটি; সাধনটিআ herb); Amaranthus Lividius; Amaranthus Oleracius.

[ ଦ୍ର—ଗୋବରମିଶା ମାଟିରେ ଭଲ ଖଡ଼ାଗଛ ଲଗାଇଲେ ତାହା ମଧ୍ୟ ଅସ୍ୱାଦିଆ ହୁଏ । ]

**ଗୋବରିବା**—ଦେ. କି ( ସ. ଗର୍ଭ )—ଗର୍ଭ ସମ୍ଭାଳି ନ ପାରି (ଗାଈ)
Gobaribā ଗର୍ଭପାତ କରିବା; ଗଭୁରିବା—To miscarry ( said of a cow ).

**ଗୋବରୀ ନଈ**—ଦେ. ବି (ନାମ)—କଟକ ଜିଲ୍ଲାର ଗୋଟିଏ କ୍ଷୁଦ୍ର ନଦୀ;
Gobarī naī (କେନ୍ଦ୍ରାପଡ଼ା ଏହା ଉପରେ ଅବସ୍ଥିତ)—
A small rivulet in the district of Cuttack flowing by Kendrāparḍā

[ ଦ୍ର—ଏହି ନଦୀଟି କୌଣସି ପର୍ବତରୁ ବାହାରି ନାହିଁ । ]

**ଗୋବରେଇବା**—ଦେ. କି—ଗୋବରା ଗୋବରି କରିବା ( ଦେଖ )
Gobareibā Gobarā gobari karibā ( See )
ପ୍ରାଦେ. ( ଗଡ଼ଜାତ ) କି—ଗୋବରିବା ( ଦେଖ )
Gobaribā ( See )

**ଗୋବର୍ଦ୍ଧନ**—ସ. ବି. ( ଗୋ+ବର୍ଦ୍ଧନ )—
Gobarddhana ବୃନ୍ଦାବନ ନିକଟସ୍ଥ ପାହାଡ଼ (ଯାହାକୁ ଶ୍ରୀକୃଷ୍ଣ ବାଆଁ ହାତରେ ଛତା ସ୍ୱରୂପ ଟେକି ଧରି ଗୋପବାସୀଙ୍କୁ ସପ୍ତଦିବସବ୍ୟାପୀ ବୃଷ୍ଟିରୁ ରକ୍ଷା କରିଥିଲେ )—
A hill near Brundābana ( which Śrikrushṇa upheld to shelter the cowherds from a seven day's rain and storm with which Indra visited th.)
ଦେ. ବି. (ପୁଂ)—ପୁରୁଷଙ୍କୁ ଦିଆଯିବା ନାମ —
A name given to males.

**ଗୋବର୍ଦ୍ଧନ ଝଟା**—ପ୍ରାଦେ. (ଗଞ୍ଜାମ) ବି—ଗୁଆଁରା ଛୁଇଁ ( ଦେଖ )
Gobarddhana jhaṭā Guāñrā chhuiñ ( See )

**ଗୋବର୍ଦ୍ଧନଧର**—ସ. ବି. ( ଉପପଦ ସମାସ; ଗୋବର୍ଦ୍ଧନ+ଧୃ ଧାତୁ+ କର୍ତ୍ତୃ. ଅ )—
Gobarddhanadhara
ଶ୍ରୀକୃଷ୍ଣ—An epithet of Śrikrushṇa ( the upholder of the hill Gobarddhana ).

**ଗୋବର୍ଦ୍ଧନଧାରଣ**—ସ. ବି—ଗୋବର୍ଦ୍ଧନଧର ( ଦେଖ )
Gobarddhanadhāraṇa Gobardhanadhara ( See)

**ଗୋବର୍ଦ୍ଧନଧାରୀ**—ସ. ବି. ( ଗୋବର୍ଦ୍ଧନ+ଧୃ ଧାତୁ+କର୍ତ୍ତୃ. ଇନ୍
Gobarddhanadhārī ୧ମା. ୧ବ )—
ଗୋବର୍ଦ୍ଧନଧର ( ଦେଖ )
Gobarddhanadhara ( See )

**ଗୋବଶା**—ସ. ବି. ସ୍ତ୍ରୀ. ( ଗୋ+ବଶା=ବନ୍ଧ୍ୟା )—ବନ୍ଧ୍ୟା ଗାଈ—
Gobaśā A sterile cow.

**ଗୋବସନ୍ତ**—ସ. ବି—ଗୋରୁମାନଙ୍କଠାରେ ହେବା ବସନ୍ତ ରୋଗ—
Gobasanta Small pox attacking cattle; rinderpest.

**ଗୋବା**—ଦେ. ବି—ଗୋବ ( ଦେଖ )
Gobā Goba ( See )

**ଗୋବାଏ**—ଦେ. ବିଣ. ( ଲକ୍ଷଣାର୍ଥ )—
Gobāe ଅତି ଅଳ୍ପ ପରିମିତ ( ଭୂମି )—
A very little ( land ).
( ଯଥା—ତାହାର ବାଡ଼ି ଅଗରେ ଗୋବାଏ ଭୂମି ନାହିଁ=ବାଡ଼ି ବା ଯଷ୍ଟିର ମୁଣ୍ଡରେ ଆବୃତ ହେବା ଭଳି ଭୂମି ତାହାର ନାହିଁ । )

**ଗୋବାଟ**—ସ. ବି. ( ୬ଷ୍ଠୀ ତତ୍; ଗୋ+ବାଟ )—
Gobāṭa ୧ । ଗୋଶାଳା; ଗୋଗୃହ; ଗୋଷ୍ଠ—
1. Cow-house; cattle-pen.
୨ । ଗୋରୁ ରହିବା ଅଟେଇ—
2. A hurdle for cattle ( M. W. )

**ଗୋବାସ**—ସ. ବି. ( ୬ଷ୍ଠୀ ତତ୍; ଗୋ+ବାସ )—
Gobāsa ଗୋବାଟ ( ଦେଖ )
Gobāṭa ( See )

**ଗୋବାସନ**—ସ. ବି—ଗୋରୁ ଚମଡ଼ାରେ ଘୋଡ଼ାଣି ହୋଇଥିବା—
Gobāsana Covered with cow-hide.

**ଗୋବିଟ୍**—ସ. ବି. ( ୬ଷ୍ଠୀ ତତ୍; ଗୋ+ବିଟ୍ )—ଗୋବର—
Gobiṭ Cowdung.

**ଗୋବିଟ**—ସ. ବି. ( ୬ଷ୍ଠୀ ତତ୍; ଗୋ+ବିଟ )—ଗୋବର—
Gobiṭa Cowdung.

**ଗୋବିତତ**—ସ. ବି—ଯଜ୍ଞବିଶେଷ—
Gobitata A kind of vedic sacrifice.
ଯ ଗବ୍ୟ କରିଲେ ଜଳ ଉପୋଷନ
ଗୋବିତତ ବାଜପେୟ ଅବ ଯାଗମାନ । କୃଷ୍ଣସିଂ. ମହାଭାରତ. ଅନୁ ।

**ଗୋବିନ୍ଦ**—ସ. ବି. ( ଗୋ+ବିଦ୍ ଧାତୁ+କର୍ତ୍ତୃ. ଅ )—୧ । ବିଷ୍ଣୁ—
Gobinda 1. Bishṇu.
୨ । ଶ୍ରୀକୃଷ୍ଣ—2. Śrikrushṇa.
୩ । ଗୋପାଳ—3. Cowherd.
୪ । ବୃହସ୍ପତି ( ଦେଖ )
4. Bruhaspati ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଠ ପର୍ଯ୍ୟାୟରେ ଉକ୍ତ ବର୍ଣ୍ଣ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଗୋପେନ୍ଦ୍ର; ଶ୍ରେଷ୍ଠ ଗୋପାଳ—
5. A chief herdsman (M. W.).

ଦେ. ବି—୧ । ଅଚ୍ୟୁତାନନ୍ଦଙ୍କ ଶିଷ୍ୟ ଦ୍ୱାଦଶ ଗୋପାଳଙ୍କ ମଧ୍ୟରୁ ଜଣେ—1 One of the twelve cowherd-disciples of Achyutānanda.

୨ । ପୁରୁଷଙ୍କୁ ଦିଆଯିବା ନାମ—
2. A name given to males.

**ଗୋବିନ୍ଦଦ୍ୱାଦଶୀ**—ସଂ. ବି—ପୁଷ୍ୟା ନକ୍ଷତ୍ରଯୁକ୍ତ ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ—
Gobindadwādaśī The twelvth day of the bright fortnight of the month of Phālguna on which falls the 8th asterism.
[ ଦ୍ର—ଏହା ପ୍ରାୟ ବାର ବର୍ଷରେ ଥରେ ପଡ଼େ ଓ ଏହିଦିନ ତୀର୍ଥସ୍ଥାନରେ ମହାପୁଣ୍ୟ ଲାଭ ହୁଏ । ]

**ଗୋବିନ୍ଦଦ୍ୱାଦଶୀ ବୁଡ଼**—ଦେ. ବି—ଗୋବିନ୍ଦଦ୍ୱାଦଶୀ ଯୋଗ (ଦେଖ)
Gobindadwādaśī burda Gobindadwādaśī joga (See)

**ଗୋବିନ୍ଦଦ୍ୱାଦଶୀ ଯୋଗ**—ଦେ. ବି—ଗୋବିନ୍ଦଦ୍ୱାଦଶୀ ଦିନ ତୀର୍ଥଜଳରେ ସ୍ନାନ କରିବାର ଯୋଗ—
Gobindadwādaśī joga A particular conjunction on the occasion of which bathing in a sacred water is deemed by the Hindus to be very meritorious.

**ଗୋବିନ୍ଦ ଭଞ୍ଜ**—ଦେ. ବି. (ନାମ)—ଷୋଡ଼ଶ ଶତାବ୍ଦୀର ଶେଷ ଭାଗର ଜଣେ ଓଡ଼ିଆ କବି—An Ordiā poet flourishing in the last quarter of the 16th century.
Gobinda bhañja
[ ଦ୍ର—ଏ କେନ୍ଦୁଝରର ରାଜବଂଶୀୟ ଥିଲେ । ପରେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇଥିଲେ । 'ଚରଣସୁଧାନିଧି' ନାମକ ବୈଷ୍ଣବ ଗ୍ରନ୍ଥ ଏହାଙ୍କଦ୍ୱାରା ରଚିତ ହୋଇଥିଲା । ଦ୍ରଷ୍ଟବ୍ୟ—ଉତ୍କଳ ସାହିତ୍ୟର ଇତିହାସ । ]

**ଗୋବିନ୍ଦ ରଥ**—ଦେ. ବି. (ନାମ)—ବିଂଶ ଶତାବ୍ଦୀର ଜଣେ ଉତ୍କଳୀୟ ପ୍ରସିଦ୍ଧ ଲେଖକ—
Gobinda ratha
A famous Ordiā writer of the 20th century.
[ ଦ୍ର—ବାଙ୍କି ପାଟପୁର ଗ୍ରାମରେ ଏହାଙ୍କର ଜନ୍ମ । ଏହାଙ୍କ ପିତାଙ୍କର ନାମ ବାଞ୍ଛାନିଧି ରଥ । ସାଧାରଣ ହିତକର କାର୍ଯ୍ୟରେ ରଥେ ଆଜୀବନ ଲାଗିଥିଲେ । ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ନିମନ୍ତେ ସେ କେତେଖଣ୍ଡି ପୁସ୍ତକ ଲେଖିଥିଲେ । ତାଙ୍କର 'ଫିଲ୍‌ଡର୍ ସାହେବ' ବହିଖଣ୍ଡି ଓଡ଼ିଶାରେ ସର୍ବଜନ ପରିଚିତ । ଜନ୍ମ ୧୮୫୧ ଓ ମୃତ୍ୟୁ ୧୯୧୮ । ]

**ଗୋବିନ୍ଦ ସାନ୍ତରା**—ଦେ. ବି. (ନାମ)—ସପ୍ତଦଶ ଶତାବ୍ଦୀର ଜଣେ ଓଡ଼ିଆ ଲେଖକ—An Ordiā writer of the 17th century.
Gobinda sāntarā
[ ଦ୍ର—ଏ ସୂକ୍ଷ୍ମସର୍ବସ୍ୱ ଓ ସାରସର୍ବସ୍ୱ ନାମକ ସଂସ୍କୃତ ସ୍ମୃତି-ଗ୍ରନ୍ଥ ଦ୍ୱୟର ପ୍ରଣେତା – ଜଗବନ୍ଧୁ, ପ୍ରାଚୀନ ଉତ୍କଳ । ]

**ଗୋବିନ୍ଦା ମୂଷା**—ଦେ. ବି—କେଳାମାନେ ନାନା କୌତୁକଜନକ କାର୍ଯ୍ୟ ଦେଖାଇବା ନିମନ୍ତେ ଶିକ୍ଷା ଦେଇଥିବା ମୂଷାକୁ ଡାକିବାର ନାମ—A name give to a mouse trained by Kelās in exhibiting various petty tricks.
Gobindā mūshā

**ଗୋବିବା**—ଦେ. କ୍ରି—ଯଷ୍ଟିର ମୁଣ୍ଡିଦ୍ୱାରା ଭୂଷି କରି ପ୍ରହାର କରିବା; ଖୋଞ୍ଚିବା; ଭୁଷିବା—To give poking blow with the butt-end of a stick.
Gobibā

**ଗୋବିଷାଣ**—ସଂ. ବି. (୬ଷ୍ଠୀ ତତ୍; ଗୋ + ବିଷାଣ)—ଗୋରୁଶିଂଘ—
Gobishāṇa Cow-horn.

**ଗୋବିଷ୍ଠା**—ସଂ. ବି. (୬ଷ୍ଠୀ ତତ୍; ଗୋ + ବିଷ୍ଠା)—ଗୋବର—
Gobishṭhā Cow-dung.

**ଗୋବିସର୍ଗ**—ସଂ. ବି. (ଗୋ + ବିସର୍ଗ; ଯେତେବେଳେ ଗୋରୁମାନେ ଚରିବାପାଇଁ ଘରୁ ମୁକ୍ତ ହୁଅନ୍ତି)—ପ୍ରଭାତ—
Gobisarga Day-break.

**ଗୋବି ହେବା**—ଦେ. କ୍ରି.—(ମୁନିଆଁ କଣ୍ଟା ଓ ଯଷ୍ଟି ଆଦି ଭୂମି ପ୍ରଭୃତିରେ) ପଶିଯିବା—(a pointed stick or nail) To be thrust into the ground or into the body.
Gobi hebā

**ଗୋବୀଜ**—ସଂ. ବି. (ଅଧୁନିକ ବ୍ୟବହାର)—ଗୋରୁମାନଙ୍କଠାରେ ହୋଇଥିବା ବସନ୍ତ ରୋଗଜାତ ବ୍ରଣରୁ ନିଷ୍କାସିତ ପୂଜ—
Gobīja Vaccine; serum from the postules of a cow suffering from small-pox.

**ଗୋବୀଜ ଟିକା**—ଦେ. ବି. (ଅଧୁନିକ ବ୍ୟବହାର)—
Gobīja ṭika ୧ । ବସନ୍ତ ରୋଗର ଆକ୍ରମଣରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ମନୁଷ୍ୟଦେହରେ କ୍ଷତ କରି ସେହିକ୍ଷତ ମଧ୍ୟରେ ଗୋବୀଜକୁ ପ୍ରବିଷ୍ଟ କରାଇବାର ପ୍ରକ୍ରିୟା; ଇଂରାଜୀଟିକା—
1. Vaccination.

**ଗୋବୀଥି**—ସଂ. ବି.—(ଜ୍ୟୋତିଷ)—ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ, ରେବତୀ ଓ ଅଶ୍ୱିନୀ (ମତାନ୍ତରେ ହସ୍ତା, ଚିତ୍ରା ଓ ସ୍ୱାତୀ, ନକ୍ଷତ୍ରମାନଙ୍କ ମଧ୍ୟଦେଇ ଗମନ କରୁଥିବା ବେଳେ ଚନ୍ଦ୍ରଙ୍କର ପଥ—The position of the moon's path when it passes through the 25th, 26th, 27th, and the first (or according to some, 13th, 14th, and 15th) asterisms.
Gobīthi

**ଗୋବୀର୍ଯ୍ୟ**—ସଂ. ବି—ଗୋଦୁଗ୍ଧ ବିକ୍ରୟଲବ୍ଧ ଧନ—
Gobīrjya Price received by selling cow's milk.

**ଗୋବୃନ୍ଦ**—ସଂ. ବି. (୬ଷ୍ଠୀ ତତ୍; ଗୋ + ବୃନ୍ଦ)—ଗୋରୁ ସମୂହ; ଗୋରୁ ପଲ—
Gobṛunda A drove or herd of cattle.

| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଜ | ଣ୍ଟ,ଣ୍ଠ | ନ୍ତ | ଉପ୍ତ | ଉଥ | ଥ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଲୃ | ପେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଞ୍ଚ | ଣ୍ଡ | ନ୍ଦ୍ୟ | ଉଥ | ୧ | ନୃ |

ଗୋବୃଷଣ—ସ. ବି. ( ୬ଷ୍ଠୀ ତତ୍; ଗୋ+ବୃଷଣ )—
Gobrushana ବୃଷଭର ଅଣ୍ଡ କୋଷ—
The scrotum of a bull. ( M. W. )

ଗୋବୈଦ୍ୟ—ସ. ବି—୧ । ଅନାଡ଼ି ବୈଦ୍ୟ; ମୂର୍ଖ ବୈଦ୍ୟ—
Gobaidya 1. A quack.
୨ । ଗୋଚିକିତ୍ସକ—
2. Cow-doctor; veterenary surgeon.

ଗୋବ୍ରଜ—ସ. ବି. ( ଗୋ+ବ୍ରଜ ଧାତୁ=ବିଚରଣ କରିବା+ ଅଧିକରଣ. ଅ )—
Gobraja
୧ । ଗୋଗୋଷ୍ଠ—1. Cattle-pen; cow-pen.
୨ । ଗୋରୁପଲ୍ଲ—2. A herd of cattle.
୩ । ଗୋଚର—3. Pasture.
୪ । ସ୍କନ୍ଦଙ୍କ ଅନୁଚର ବିଶେଷ—
4. Name of an attendant of Skanda M.W).
୫ । ଦାନବବିଶେଷ—
5. Name of a demon ( M. W. )

ଗୋବ୍ରତ—ସ. ବିଣ. ପୁଂ. (ବହୁବ୍ରୀହି; ଗୋ ପରି ଅଳ୍ପାହାର କରିବା ବ୍ରତ ଯାହାର )—
Gobrata ଖାଦ୍ୟ ବିଷୟରେ ସଂଯମୀ—
(ଗୋବ୍ରତା—ସ୍ତ୍ରୀ) Observing frugality in meals.

ଗୋବ୍ରତୀ—ସ. ବିଣ. ପୁଂ—ଗୋବ୍ରତ ( ଦେଖ )
Gobrati Gobrata ( See )
(ଗୋବ୍ରତିନୀ—ସ୍ତ୍ରୀ)

ଗୋବ୍ରାହ୍ମଣ—ସ. ବି. (ଦ୍ୱନ୍ଦ୍ୱ; ଗୋ+ବ୍ରାହ୍ମଣ )—
Gobrāhmana ଗୋରୁ ଓ ବ୍ରାହ୍ମଣ ( ହିନ୍ଦୁଶାସ୍ତ୍ର ଅନୁସାରେ ଅବଧ ଓ ପୂଜ୍ୟ ଦୁଇ ଜୀବ—
Cow and Brāhmana (which are not to be killed by a Hindu ).

ଗୋଭକ୍ତ—ସ ବିଣ. ( ୬ଷ୍ଠୀ ତତ୍; ଗୋ+ଭକ୍ତ )—
Gobhakta ଗାଈକୁ ଦେବତା ଜ୍ଞାନ କରି ତତ୍ପ୍ରତି ଭକ୍ତିଯୁକ୍ତ (ହିନ୍ଦୁ)—( a Hindu ) Devoted to the service of the cow ( deeming the cow as a Deity ).

ଗୋମ୍ କିଡ଼ା—ପ୍ରାଦେ. (ବସ୍ତର) ବି—ତେଲୁଣିପୋକ—
Gom kirdā Galley-worm.

ଗୋମକ୍ଷିକା—ସ. ବି. ( ମ. ପ. ଲୋ; ଗୋମାନଙ୍କୁ ଦଂଶନ କରୁଥିବା ମକ୍ଷିକା )—
Gomakshikā
୧ । ଡାଉଁଶ; ଦଂଶ—1 Gadfly.
୨ । ଗୋରୁଙ୍କ ଦେହରେ ଲାଗିବା ମାଛି—
2. Fleas attacking or infesting cattle.

ଗୋମଣ୍ଡଳ—ସ. ବି. ( ୬ଷ୍ଠୀ ତତ୍; ଗୋ+ମଣ୍ଡଳ )—
Gomandala ୧ । ଗୋବୃନ୍ଦ ( ଦେଖ )
1. Gobrunda ( See )
୨ । ପୃଥିବୀମଣ୍ଡଳ; ଭୂମଣ୍ଡଳ—2 The globe.
୩ । କିରଣ ସମୂହ—3. Rays of light.

ଗୋମତ—ଦେ. ( ପ୍ରାଚୀନ ପଦ୍ୟ ; ବି—(ସ. ଗୋମନ୍ତ, ଗୋମାନ୍)
Gomata ଗୋବର୍ଦ୍ଧନ ଗିରି-The mountain Gobarddhana.
କଲେ ଅତି ଶଙ୍କ ଦେବଙ୍କ ଗର୍ବ ଗୋମତ ଗିରି ଧାରଣରେ ।
ଗୋପୀକୃଷ୍ଣ. ରସକଲ୍ଲୋଳ ।

ଗୋମତୀ—ସ. ବିଣ. ( ଗୋମତ୍ +ସ୍ତ୍ରୀ. ଈ )—
Gomatī ଗୋମାନର ସ୍ତ୍ରୀ ଲିଙ୍ଗ—
Feminine of Gomān.
ସ. ବି. (ନାମ)—୧ । ଅଯୋଧ୍ୟାରେ ପ୍ରବାହିତ ହିନ୍ଦୁମାନଙ୍କ ତୀର୍ଥ-ନଦୀବିଶେଷ—1. Name of a river, flowing in the Province of Oudh and considered sacred by the Hindus.
[ ଦ୍ର—ଏଥିରେ ସ୍ନାନ କଲେ ପୁଣ୍ୟ ହୁଏ; କିନ୍ତୁ ଏହା ତୀରରେ ମୃତ୍ୟୁ ହେଲେ ଲୋକ ନରକଗାମୀ ହୁଏ ବୋଲି ପୁରାଣରେ ଅଛି । ଏହା ଗଙ୍ଗାନଦୀର ଉପନଦୀ । ଲକ୍ଷ୍ନୌ ଓ ଫୈଜାବାଦ ଏହି ନଦୀ-କୂଳରେ ଅବସ୍ଥିତ । ]
୨ । ଗୋରୋଚନା—2. Yellow pigment got from the head or bile of a cow.

ଗୋମନ୍ତ—ସ. ବି. (ନାମ) (ଗୋ=ପୃଥିବୀ+ମନ୍ ଧାତୁ=ବୁଝିବା+ ତି)—୧ । ପଶ୍ଚିମଘାଟ ନିକଟସ୍ଥ ବିନ୍ଧ୍ୟପର୍ବତର ପ୍ରତ୍ୟନ୍ତଦେଶସ୍ଥ ପ୍ରସିଦ୍ଧ ପୌରାଣିକ ପର୍ବତ (ଏହିଠାରେ ଶ୍ରୀକୃଷ୍ଣ ଓ ଜରାସନ୍ଧଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା)—
Gomanta A mountain in the western Ghats (said to be the field of battle between Srikrushna and Jarāsandha).
ସବୁବେଳେ ସନ୍ନଦ୍ଧ ହୋଇ ଅମ୍ଭେମାନେ
ଆଇଁ ଗିରି ଗୋମନ୍ତ ତଳେ ଅଛୁଁ ଲେ । କୃଷ୍ଣସିଂ. ମହାଭାରତ. ସଭା ।
୨ । ଗୋସମୂହ—2. A herd of cows
୩ । ଯାହାର ଗୋରୁ ଅଛି; ଗୋସ୍ୱାମୀ—
3. An owner of cattle (M. W.)
୪ । ଗୋ-ସ୍ୱାମୀଙ୍କ ଦଳ—
4. A multitude of cattle-owners (M. W.).

ଗୋମୟ—ସ. ବି. (ଗୋ+ପୁରୀଷ ଅର୍ଥରେ. ମୟ)—୧ । ଗୋବର—
Gomaya 1. Cowdung.
୨ । ଘସି—2. Cowdung-cake.

ଗୋମୟଚ୍ଛତ୍ର—ସ. ବି. (ମ. ପ. ଲୋ; ଗୋମୟ ଉପରେ ଉଠିଥିବା ଛତ୍ର)—ଗୋବର ଛତୁ—
Gomayachchhatra Mushroom found on dunghills; a fungus.

ଗୋମୟୋତ୍ଥ—ସ. ବି. (୫ମୀ ତତ୍; ଗୋମୟ+ଉତ୍+ସ୍ଥା ଧାତୁ+ କର୍ତ୍ତ୍ତୃ. ଅ)—ଗୋବର ପୋକ—
Gomayottha A kind of beetle found on cowdung.

ସାଧାରଣ—ଯେବେ ଏହି ପୃଷ୍ଠାରେ ସ୍ତମ୍ଭ ୧ ଠାରୁ ଅକ୍ଷର ୪ ମାତ୍ରା ଏବଂ ୨ ଠାରୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଠାରୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ସଙ୍ଗେ ସଙ୍ଗେ ଉଲ୍ଲିଖିତ ୨ ବା ୧ ଠାରୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାଇ' ନ ମିଳିଲେ 'ସାଈ' ଖୋଜିବେ, 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; ବସ୍ତୁ ନ ପାଇଲେ 'ବସ୍ତୁ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗୋମସୂରିକା—ସଂ. ବି—ଗୋବସନ୍ତ ( ଦେଖ )
Gomasūrikā Gobasanta ( See )

ଗୋମସୂରି—ସଂ. ବି—ଗୋବସନ୍ତ ( ଦେଖ )
Gomasūri Gobasanta ( See )

ଗୋମସୂର୍ଯ୍ୟାଧାନ—ସଂ.ବି. (ଅଧୁନାତନପ୍ରୟୋଗ) (ଗୋମସୂରି+ଆଧାନ)—
Gomasūrjyādhāna ଗୋବୀଜଟିକା ( ଦେଖ )
Gobījaṭikā ( See )

ଗୋମସୂର୍ଯ୍ୟାହିତ—ସଂ. ବିଣ. ( ଗୋମସୂରି+ଆହିତ )—
Gomasūrjyāhita ଗୋବୀଜଟିକା ନେଇ ଥିବା ( ବ୍ୟକ୍ତି )—
Vaccinated (person).

ଗୋମସ୍ତା—ବୈଦେ. ବି. (ପା. ଗୋମସ୍ତା)—୧ । ମୋହୋରିର—
Gomastā 1. Clerk.
গোমস্তা ୨ । ଖଜଣା ଆଦାୟକାରୀ ଅଧସ୍ତନ କର୍ମଚାରୀ—
गोमस्ता 2. A tax-collector; a rent-collector.

ଗୋମା—ଦେ. ବିଣ—ଗୋମା ଗୋମା ( ଦେଖ )
Gomā Gomā gomā ( See )

ଗୋମାଂସ—ସଂ. ବି. (୬ଷ୍ଠୀ ତତ୍, ଗୋ+ମାଂସ)—ଗୋରୁର ମାଂସ—
Gomāṁsa Beef.
[ ଦ୍ର—ଗୋମାଂସ ହିନ୍ଦୁର ଅଖାଦ୍ୟ; କିନ୍ତୁ ବୈଦିକଯୁଗରେ ଗୋମାଂସ ହିନ୍ଦୁମାନେ ଭୋଜନ କରୁଥିବାର ପ୍ରମାଣ ମିଳେ । ]

ଗୋମା ଗୋମା—ଦେ. ବିଣ—ଅବୁଅବୁଆ; ଯହିଁ ଉପରେ ଗୋଲ ବା ଅବୁମାନ ବାହାରି ଥାଏ—Covered with
Gomā gomā hard round protuberances; tumorous.

ଗୋମାତା—ସଂ.ବି.ସ୍ତ୍ରୀ—୧ । (୬ଷ୍ଠୀ ତତ୍; ଗୋ+ମାତା) ସୁରଭି ଧେନୁ—
Gomātā 1. The mythical cow Surabhi.
୨ । (ରୂପକ) ଜୀବଗଣର ମାତୃରୂପିଣୀ ଗାଈ ଜାତି—
2. The cow (considered as the mother of the animal world).
୩ । (ନାମ) କଶ୍ୟପ ମୁନିଙ୍କର ପତ୍ନୀବିଶେଷ—
3. One of the wives of sage Kaśyapa.

ଗୋମାନ୍—ସଂ. ବିଣ. ପୁଂ. (ଗୋ+ଅସ୍ତ୍ୟର୍ଥେ. ମତୁ; ୧ମା. ୧ବ.)—
Gomān ୧ । ଯାହାର ଅନେକ ଗାଈ ଅଛନ୍ତି—
(ଗୋମତୀ—ସ୍ତ୍ରୀ) 1. Owning or possessing many cows.
୨ । ଭୂସମ୍ପତ୍ତିଶାଳୀ—2. Owning landed property
୩ । ଚକ୍ଷୁଷ୍ମାନ୍—3. Having eyes.
୪ । ଜ୍ୟୋତିଷ୍ମାନ୍; କିରଣଶାଳୀ—
4. Having rays of light; glittering.
ସଂ. ବି. ପୁଂ—ସ୍ତୁତିବାଦକ—An eulogist.

ଗୋମାୟୁ—ସଂ. ବି. (ଗୋ=ଶବ୍ଦ+ମା ଧାତୁ+କର୍ତ୍ତୃ. ଉ; ଯ ଆଗମ)—
Gomāyu ୧ । ଶୃଗାଳ; ବିଲୁଆ—1. Jackal.
୨ । ଏକପ୍ରକାର ବେଙ୍ଗ—2. A kind of frog.

୩ । ଗନ୍ଧର୍ବବିଶେଷ—
3. Name of a celestial musician.
୪ । ଗୋରୋଚନା (ଦେଖ)
4 Gorochanā (See)

ଗୋମାସ୍ତା—ବୈଦେ. ବି. (ପା. ଗୋମସ୍ତା)—ଗୋମସ୍ତା (ଦେଖ)
Gomāstā Gomastā (See)

ଗୋମୀ—ସଂ. ବିଣ. ପୁ° (ଗୋ+ଅସ୍ତ୍ୟର୍ଥେ ମିନ୍; ୧ମା. ୧ବ)—ଅନେକ
Gomī ଗାଈର ଅଧିକାରୀ—Rich in cows; owning a large number of cows.
ବି.—୧ । ଗୋରୁମାନଙ୍କର ଅଧିକାରୀ ବ୍ୟକ୍ତି; ଯାହାର ଅନେକ ଗୋରୁ ଅଛନ୍ତି—1. Owner of many cows.
୨ । ବିଲୁଆ—2. Jackal
୩ । ପୂଜକ—3. Worshipper.
୪ । ବୌଦ୍ଧ ଧର୍ମ ବିଶ୍ୱାସୀ ବ୍ୟକ୍ତି—4. A layman adhering to Buddha's faith (M W.)

ଗୋମୁଖ—ସଂ. ବି. (ଗୋ+ମୁଖ)—୧ । (୬ଷ୍ଠୀ ତତ୍) ଗୋରୁର ମୁହଁ—
Gomukha 1. The mouth or head of a cow.
୨ । (ବହୁବ୍ରୀହି)—ଗୋରୁ ମୁହଁ ଭଳି ତୂରୀ—
. A sort of trumpet or horn.
୩ । ଗୋମୁଖୀ; ଜପାମାଳାର ଥୋଇବା ଥଳି ବା ମୁଣି—
3. A cloth-bag or wallet for containing rosary.
୪ । ଗୃହରେ ଚୋରମାନେ ଖୋଳିବା ଏକ ପ୍ରକାର ସିନ୍ଧିଗାତ—
4. A hole of a peculiar shape made in the wall by house-breakers.
୫ । କୁଟିଳାକାର ଗୃହ—5. House of a curved shape containing angles and projections. (M W.)
୬ । ଏକପ୍ରକାର କୁମ୍ଭୀର; ଗୋମୁହାଁ (ଦେଖ)
6. A kind of crocodile; gomuhañ (See).
୭ । ପ୍ରମଥବିଶେଷ—
7 Name of one of Śiba's attendants.
୮ । ଯକ୍ଷବିଶେଷ—8. Name of one of Kubera's attendants.
୯ । ମାତଲୀର ପୁତ୍ର—9. A son of Mātalī (M.W).
୧୦ । ଆସନବିଶେଷ—10. A particular mode of sitting. (M. W.)

ଗୋମୁଖା—ସଂ. ବି.—ଗୋମୁହାଁ (ଦେଖ)
Gomukhā Gomuhāñ (See)

ଗୋମୁଖୀ—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଗୋ+ମୁଖ+ସ୍ତ୍ରୀ. ଈ)—
Gomukhī ୧ । ହିମାଳୟସ୍ଥ ପ୍ରସିଦ୍ଧ ଗହ୍ୱର (ଯେଉଁ ସ୍ଥଳରେ ପ୍ରଥମେ ଗଙ୍ଗାନଦୀ ପର୍ବତଦେହରୁ ବାହାରିବାର ଦେଖାଯାଏ)—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଢ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଷ | ଙ୍କ | ଇସ୍ | ଉଥ | ଘ |
| ୨ | ଛ | ତ | ରୁ | ଲୁ | ସ୍ୱ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଟ୍ୟ | ଇଅ | ● | ନ୍ତ |

1. A cave (like the mouth of a cow) in the Himalayas where the Ganges makes its first appearance.

୨ । ଗୋମୁଖାକୃତି ଜପମାଳାର ଥଳି ( ଯାହାକୁ ମାଳା ଜପୁଥିବା ବ୍ୟକ୍ତି ସବୁବେଳେ ହାତରେ ଝୁଲାଇ ରଖି ଥାଆନ୍ତି ଓ ଯହିଁ ଭିତରେ ହାତ ଭର୍ତ୍ତିକରି ମାଳା ଜପନ୍ତି )— 2. A wallet or a cloth-bag resembling a glove and containing a rosary, the beads of which are counted by the hand thrust inside the bag.

ଦେ. ବି—ମହାଦେବଙ୍କୁ ଅଭିଷେକ କରିବା ପାଇଁ ବ୍ୟବହୃତ ଭଳେ ଗୋମୁଖର ଆକୃତିବିଶିଷ୍ଟ ଛିଦ୍ରଯୁକ୍ତ ଜଳପାତ୍ରବିଶେଷ ( ଏଥିର ଗୋମୁଖାକୃତି ତଳର ନାସିକାଦେଶରେ ଗୋଟିଏ ଛିଦ୍ର ଥାଏ ଓ ସେହି ଛିଦ୍ର ବାଟେ ପାଣି ଝରି ମହାଦେବଙ୍କ ଲିଙ୍ଗ ଉପରେ ପଡ଼େ)—A kind of water-pot with a hole at the bottom shaped like the head of a cow, through which water drops on the Sibalinga.

**ଗୋମୁହାଁ**—ଦେ. ବି ( ସଂ. ଗୋମୁଖ )—ଏକଜାତି କୁମ୍ଭୀର—
Gomuhāṅ A kind of crocodile.

[ ଦ୍ର—ଏମାନେ ମନୁଷ୍ୟ ଓ ଗୋରୁ ଆଦି ଜୀବଙ୍କୁ ପାଟିରେ ଧରି କିମ୍ବା ଜଳକୂଳରୁ ଖଗଦ୍ୱାରା ଆଘାତ କରି ପାଣିକୁ ନେଇ ଯାଆନ୍ତି ଏବଂ ପରେ ତାକୁ ଖଣ୍ଡ ଖଣ୍ଡ କରି ଖାଆନ୍ତି । ଏମାନେ ଲମ୍ବରେ ଦଶହାତ ପର୍ଯ୍ୟନ୍ତ ବଢ଼ିବା ଦେଖାଯାଇଅଛି । ଗୋଟିଏ ଗୋଟିଏ କୁମ୍ଭୀରଙ୍କ ପେଟ ଚିରା ହେବାରେ ତାଙ୍କ ପେଟରୁ ଭୁକ୍ତ ମନୁଷ୍ୟଙ୍କର ଅଳଙ୍କାରମାନ ବାହାରିବାର ଦେଖାଯାଏ । ]

**ଗୋମୂର୍ଖ**—ସଂ. ବି. ପୁଂ. ( ଗୋ ପରି ମୂର୍ଖ )—ଗଣ୍ଡମୂର୍ଖ; ନିର୍ବୋଧ; ଗଜମୂର୍ଖ—A fool; a totally ignorant person (stupid as a cow).
Gomūrkha

**ଗୋମୂର୍ଦ୍ଧ**—ସଂ. ବି—ଗୋମୂର୍ଖ ( ଦେଖ )—
Gomūrdha Gomūrkha ( See )

**ଗୋମୂତ୍ର**—ସଂ. ବି ( ଷଷ୍ଠୀ ତତ୍; ଗୋ+ମୂତ୍ର )—୧ । ଗୋରୁ ମୂତ—
Gomūtra 1. Cow's urine.

[ ଦ୍ର—ଏହା ହିନ୍ଦୁଙ୍କ ଶାସ୍ତ୍ରରେ ପବିତ୍ର ଅଟେ । ପଞ୍ଚଗବ୍ୟର ଏହା ଗୋଟିଏ ଉପାଦାନ; ଏହା ଆଖିରେ ପକାଇଲେ ଦିବାନ୍ଧତା (ଅନ୍ଧାରକଣା) ରୋଗର ଉପଶମ ହୁଏ । ]

୨ । ପଦ୍ୟରଚନାର ପରିପାଟୀବିଶେଷ—
2. An artistic mode of composing verses

[ ଦ୍ର—ଗୋରୁମାନେ ଚାଲୁ ଚାଲୁ ମୂତିଲାବେଳେ, ଯେପରି ମୁତଧାରା ଭୂମିରେ ସିଧା ରେଖା ଅଙ୍କିତ ନ କରି ବଙ୍କେଇ ବଙ୍କେଇ ହୋଇ ପଡ଼ିଥାଏ, ସେହିପରି କୌଶଳରେ କରା ଯାଇଥିବା ରଚନା । ଏଥିରେ ପ୍ରଥମ ଧାଡ଼ିର ୧ମ, ୩ୟ, ୫ମ, ୭ମ, ୯ମ ଆଦି ଅକ୍ଷର ସଙ୍ଗେ ଦ୍ୱିତୀୟ ଧାଡ଼ିର ୨ୟ, ୪ର୍ଥ, ୬ଷ୍ଠ, ୮ମ, ୧୦ମ ଆଦି ଅକ୍ଷରମାନଙ୍କର ଏପରି ମେଳ ଥାଏ ଯେ ଉକ୍ତ ଅକ୍ଷରମାନଙ୍କୁ ଯୋଡ଼ିଲେ ଯେଉଁ ପଦ ହୁଏ, ତାହାହିଁ ପ୍ରଥମ ଧାଡ଼ି, ପୁଣି ଦ୍ୱିତୀୟଧାଡ଼ି ଓଲଟା ବାଗରେ ଏହିପରି ପଢ଼ାଯାଏ; ଯଥା—

ତ ର ତ ସୁ ତ ର ଧୀ ର ପ୍ର ଶଂ ସା ର,
ସା ର ଅ ସୁ କ ର କ ର ଏ ସଂ ସା ର । ଭକ୍ତ· ରବଣ୍ଣଦଗ ।

**ଗୋମୂତ୍ରଛନ୍ଦ**—ସଂ. ବି—ଗୋମୂତ୍ର ୨ ( ଦେଖ )—
Gomūtrachhanda Gomūtra 2 ( See )

**ଗୋମୂତ୍ରିକା**—ସଂ. ବି ( ଗୋମୂତ୍ର+ସ୍ୱାର୍ଥେ. କ+ଆ )—
Gomūtrikā ୧ । ଗୋମୂତ୍ର ୨ ( ଦେଖ )—
1. Gomūtra 2 ( See )

୨ । ଔଷଧରେ ବ୍ୟବହୃତ ସୁଗନ୍ଧ ବୀଜଯୁକ୍ତ ଘାସ ବିଶେଷ (ହି. ଶବ୍ଦସାଗର)—2. A kind of grass with fragrant seeds.

[ ଦ୍ର—ବୈଦ୍ୟକ ମତରେ ଏହା ମଧୁର, ବୀର୍ଯ୍ୟବର୍ଦ୍ଧକ ଓ ଗାଈଙ୍କ ଦୁଗ୍ଧବର୍ଦ୍ଧକ, ଅନ୍ୟ ସଂ. ନାମ ରକ୍ତତୃଣା, ସେତୁଜା, କୃଷ୍ଣଭୂମିଜା । ]

**ଗୋମୃଗ**—ସଂ. ବି ( ଗୋ ଆକୃତି ବିଶିଷ୍ଟ ମୃଗ )—ଗବୟ ( ଦେଖ )—
Gomṛuga Gabaya ( See )

**ଗୋମେଦ**—ସଂ. ବି (ଗୋ=ଚକ୍ଷୁ+ମିଦ୍ ଧାତୁ=ସ୍ନିଗ୍ଧ ହେବା+କରଣ. ଅ )—୧ । ଇଷତ୍‌ପୀତବର୍ଣ୍ଣ ମଣିବିଶେଷ—
Gomeda 1. Topaz (gem).

ଅନ୍ୟ ସଂ. ନାମ—ରାହୁମଣି, ରାହୁରତ୍ନ, ତମୋମଣି, ସ୍ୱର୍ଭାନବ, ଲଙ୍ଗପିଟକ ।

[ଦ୍ର—ବର୍ଣ୍ଣଭେଦରେ ଏହା ଚାରି ପ୍ରକାର—ଧଳା, ଈଷତ୍ ହଳଦିଆ, ନାଲି ଓ ଗାଢ଼ ନୀଳବର୍ଣ୍ଣ; ଏହା ନବରତ୍ନ ମଧ୍ୟରେ ଏକତମ । ଏହା ହିମାଳୟ ପର୍ବତ ଓ ସିନ୍ଧୁନଦରେ ମିଳେ । ସୁଶ୍ରୁତ ମତରେ ଘୋଳିଆପାଣିରେ ଏ ମଣି ପକାଇଲେ ପାଣି ନିର୍ମଳ ହୁଏ । ଏ ମଣି ରାହୁଗ୍ରହଙ୍କ ପ୍ରିୟ ମଣି । ହି. ଶବ୍ଦସାଗର । ]

୨ । ବୈଦୁର୍ଯ୍ୟମଣି—2. Agate.

୩ । ଦେହରେ ତୈଳାଦି ଲେପନ—
3. Annointing or besmearing the body with unguents

୪ । ପ୍ରାଚୀନ ଭାରତର ଦ୍ୱୀପବିଶେଷ—
4. Name of an island in ancient India.

୫ । ଶିତଲଚିନି (ହି. ଶବ୍ଦସାଗର)—5. Cubebs.

**ଗୋମେଦକ**—ସଂ. ବି (ଗୋମେଦ+ସ୍ୱାର୍ଥେ. କ)—ଗୋମେଦ (ଦେଖ)
Gomedaka Gomeda (See).

**ଗୋମେଧ**—ସଂ. ବି ( ଗୋ+ମେଧ=ଯଜ୍ଞ )—ଗୋବଳିଯୁକ୍ତ ଯାଗ; ଯେଉଁ ଯାଗରେ ଗୋରୁ ବଧ କରାଯାଏ—
Gomedha A vedic sacrifice in which a cow is sacrificed.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଖାର' ନ ମିଳିଲେ 'ଖାର' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍' ଦେଖିବେ,

[ ଦ୍ର—ବୃହନ୍ନାରଦୀୟ ଅନୁସାରେ କଳିଯୁଗରେ ଗୋମେଧ ଯଜ୍ଞ ସମ୍ପାଦନ ନିଷିଦ୍ଧ; ମନୁଙ୍କ ମତରେ ବ୍ରହ୍ମହତ୍ୟା ପ୍ରାୟଶ୍ଚିତ୍ତ ପାଇଁ ଓ ଗୋଭିଲ ଗୃହ୍ୟସୂତ୍ର ମତରେ ପୁଷ୍ଟିକାମନାରେ ଏ ଯଜ୍ଞ କରାଯାଉଥିଲା । ଦ୍ର. ଶବ୍ଦସାଗର । ]

ଗୋଞ୍ଛ—ପ୍ରାଦେ ( ମେଦିନୀପୁର ) ବି. (ଭୁଲ. ବ. ଗୋଁପ; ସଂ. ଗୁମ୍ଫ)— Gompha ମୁଛ— Mustaches.

ଗୋଯଜ୍ଞ—ସଂ. ବି (ଗୋ+ଯଜ୍ଞ)—ଗୋମେଧ (ଦେଖ) Gojajña Gomedha (See).

ଗୋଯାନ—ସଂ. ବି ( ମ. ପ. ଲୋ. ଗୋଯୁକ୍ତ ଯାନ )— Gojāna ଗୋରୁଗାଡ଼ି; ଶଗଡ଼—A bullock-cart.

ଗୋର—ବୈଦେ. ବି (ଫା. ଗୋର୍)—ସମାଧି; କବର; ମୃତବ୍ୟକ୍ତିର ଶବ Gora ସ୍ଥାପନାର୍ଥ ଗର୍ତ୍ତ—Grave; tomb. গোর गोर

ଗୋରକ୍ଷ—ସଂ. ବି (ଗୋ+ରକ୍ଷ ଧାତୁ+କର୍ତ୍ତୃ. ଅ)—୧ । ଶିବ— Goraksha 1. Siba.
୨ । ଲେମ୍ବୁ—2. Orange.
୩ । ଗୋପାଳ; ଗଉଡ଼—3. Cowherd.
ସଂ. ବିଣ—ଯେ ଗୋରୁ ଜଗେ—Tending cattle.

ଗୋରକ୍ଷକ—ସଂ. ବି—୧ । ଗୋପାଳ; ଗଉଡ଼— Gorakshaka Cowherd.
୨ । ରାଜା—2. The king.
ସଂ. ବିଣ—୧ । ଗୋରୁ ଜଗୁଥିବା— 1. Tending the kine.
୨ । ଯେ ଗୋରୁ ପାଳନ କରେ— 2. Bringing up cattle.

ଗୋରକ୍ଷ କାକୁଡ଼ି—ଦେ. ବି (ସଂ. ଗୋରକ୍ଷ ଓ କର୍କଟୀ )— Goraksha kākurdi ଜନ୍ଦାକାକୁଡ଼ି—A kind of गोरखकाकड़ी cucurbitaceous fruit of a creeper.

ଗୋରକ୍ଷ ଚାଉଳ—ଦେ. ବି—ନାଗବଳା (ଦେଖ) Goraksha chāula Nāgabalā (See).

ଗୋରକ୍ଷଣ—ସଂ. ବି. ( ୬ଷ୍ଠୀ ତତ୍ )—୧ । ଗୋରୁ ଜଗିବା— Gorakshaṇa 1 Tending of the kine.
୨ । ଗୋପାଳନ—2. Bringing up of cattle.

ଗୋରକ୍ଷ ତଣ୍ଡୁଳା—ସଂ. ବି.—ନାଗବଳା (ଦେଖ) Goraksha taṇudlā Nāgabalā (See)

ଗୋରକ୍ଷ ନାଥ—ଦେ. ବି.—୧ । ନେପାଳରେ ଗୁର୍ଖାମାନଙ୍କର ପ୍ରଧାନ Goraksha nātha ଉପାସ୍ୟ ଠାକୁର—1. The chief Deity গোরক্ষ নাথ worshipped by the Gurkhās of Nepal. गोरख नाथ ୨ । ଗୋରଖନାଥ (ଦେଖ) 2. Gorakhanātha (See)

ଗୋରକ୍ଷ ପୁର—ଦେ. ବି. (ନାମ)—୧ । ଯୁକ୍ତପ୍ରଦେଶସ୍ଥ ଗୋଟିଏ ଜିଲ୍ଲା Goraksha pura ଓ ତହିଁର ପ୍ରଧାନ ନଗର—1. A district গোরখপুর and town in the United Provinces गोरखपुर of Agra and Oudh (where Gurkhā troops are enlisted); Gorakhpur.
୨ । ନେପାଳର ପାର୍ବତ୍ୟ ନଗରବିଶେଷ— 2. A hilly town in Nepal.
[ଦ୍ର—ଏହାର ଅଧୁନିକ ନାମ ଗୋରଖା । ଏହା ନିକଟରୁ ଗଣ୍ଡକୀ ନଦୀ ବାହାରିଅଛି । ଏହି ସ୍ଥାନର ନାମରୁ ଗୁର୍ଖା ବା ଗୁର୍ଖା ନାମ ହୋଇ ଅଛି । ]

ଗୋରକ୍ଷ ମୁଣ୍ଡି—ଦେ. ବି. (ସଂ. ମହାମୁଣ୍ଡୀ)— ମହାମୁଣ୍ଡୀ (ଦେଖ) Goraksha muṇḍi Mahāmuṇḍī (See) गोरखमुंडी

ଗୋରକ୍ଷା—ସଂ. ବି. (୬ଷ୍ଠୀ ତତ୍; ଗୋ+ରକ୍ଷା)—୧ । ଗୋପାଳନ— Gorakshā 1. Keeping of cows; tending of cows.
୨ । ଗୋଜାତିର ରକ୍ଷା—2. Protection of the cow.

ଗୋରଖ ଚାଉଳ—ଦେ. ବି. (ସଂ. ଗୋରକ୍ଷ ତଣ୍ଡୁଳା)— Goraksha chāula ନାଗବଳା (ଦେଖ) गोरख चाउला Nāgabalā (See)

ଗୋରଖ ନାଥ—ଦେ. ବି. (ନାମ)—୧ । ସହଜିଆ ଧର୍ମର ପ୍ରଚାରକ— Gorakha nātha 1. The preacher of the Sahajiā গোরখনাথ tenets of Hinduism. गोरखनाथ
[ ଦ୍ର—ଏ ଉତ୍ତରପଶ୍ଚିମ ପ୍ରଦେଶବାସୀ ଜଣେ ଧର୍ମଶୀଳ ଗୋପର ଘରେ ଜନ୍ମ ଥିଲେ ଓ ବାଲ୍ୟକାଳରେ ଗୋଚାରଣ କରୁଥିଲେ; ଏକଦା ବନରେ ଗୋରୁ ଚରାଇବା ସମୟରେ ଜଣେ ସନ୍ନ୍ୟାସୀଙ୍କ ସଙ୍ଗେ ଏହାଙ୍କର ସାକ୍ଷାତ୍ ହେଲା ଓ ଉକ୍ତ ସାଧୁଙ୍କଠାରୁ ଉପଦେଶ ଓ ଦୀକ୍ଷା ପାଇ ଏ ସନ୍ନ୍ୟାସୀ ହେଲେ ଓ ଧର୍ମ ପ୍ରଚାର କଲେ । ଏହାଙ୍କ ନାମ ଅନୁସାରେ ଏହାଙ୍କ ଜନ୍ମସ୍ଥାନ ଗୋରଖପୁର ନାମରେ ଅଭିହିତ ହେଲା—ସୁବଳଚନ୍ଦ୍ର ମିତ୍ର ବଙ୍ଗଳା ଅଭିଧାନ ॥ ସମ୍ପ୍ରାଙ୍ଗପୋଥି ଏହାଙ୍କଦ୍ୱାରା ରଚିତ ବୋଲି ଅନୁମିତ ହୁଏ—କନାଯୁକ୍ତ-ଉତ୍କଳ-ସାହିତ୍ୟର ଇତିହାସ ॥ ଏ ଅବଧୂତ ପଞ୍ଚଦଶ ଶତାବ୍ଦୀର ଲୋକ ଥିଲେ; ଏହାଙ୍କ ପ୍ରବର୍ତ୍ତିତ ସମ୍ପ୍ରଦାୟ ଅଦ୍ୟ ଚଳୁଅଛି — ଦ୍ର. ଶବ୍ଦସାଗର । ]

ଗୋରଖ ପନ୍ଥୀ—ଦେ. ବି—ଗୋରଖନାଥଙ୍କ ପ୍ରବର୍ତ୍ତିତ ଧର୍ମସମ୍ପ୍ରଦାୟର Gorakha panthi ଅନୁଗାମୀ ବ୍ୟକ୍ତି—A follower of গোরখপন্থী Gurakhnath's tenets. गोरखपन्थी

ଗୋରଖା—ଦେ. ବି—୧ । ହିମାଳୟ ପ୍ରଦେଶସ୍ଥ ନେପାଳରାଜ୍ୟର ଯୋଦ୍ଧା Gorakhā ସୈନ୍ୟ ଜାତିବିଶେଷ; ଗୁର୍ଖା—1. The Gurkhas; গুর্খা a warrior class of Nepal. गोरखा
୨ । ନେପାଳର ଗୋଟିଏ ପାର୍ବତ୍ୟ ନଗର; ଗୋରକ୍ଷପୁର (ଏହା ନେପାଳର ରାଜଧାନୀ କାଠମାଣ୍ଡୁର ପଶ୍ଚିମରେ )—

| ୧ | ଙ | ଞ | ଋ,ଌ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ● | ନ |

2. Name of a hilly town in Nepal ( to the west of Katamandu, the capital of Nepal ).

୩ । ନେପାଳର ଗୋଟିଏ ପ୍ରଦେଶ—
3. Name of a province of Nepal.

ଗୋରଖାନା—ବୈଦେ. ବି. (ପା. ଗୋର୍‌ଖାନା) —କବରଖାନା; ମୃତ
Gorakhānā ବ୍ୟକ୍ତିଙ୍କୁ ସମାଧି ଦିଆଯିବା ସ୍ଥାନ—Grave-yard.

ଗୋରଖା ପଲଟଣ—ଦେ. ବି—ଗୁର୍ଖାଯୋଦ୍ଧାଙ୍କ ଦ୍ୱାରା ଗଠିତ ସୈନ୍ୟ—
Gorakhā palaṭaṇa The Gurkhā army; an army consisting of Gurkhās.

ଗୋରଙ୍କୁ—ସ. ବି—୧ । ଜଳଚର ପକ୍ଷିବିଶେଷ—
Goraṅku 1. A water-fowl.
୨ । କାରାବଦ୍ଧ ବ୍ୟକ୍ତି—2. A prisoner.
୩ । ଲଙ୍ଗୁଳି ବାବାଜୀ—3. A naked mendicant.

ଗୋରଚନା—ଗ୍ରା. ବି. ( ସ. ଗୋରୋଚନା )—
Gorachanā ଗୋରୁମୁଣ୍ଡରୁ ବାହାରିବା ହଳଦିଆ ଶୁଷ୍କ ପିତ୍ତ—
গোরোচন Dried yellow bile got from the head
गोलोचना; गायरौन of a dead cow.

ଗୋରଛନା—ଗ୍ରା. ବି—ଗୋରଚନା ( ଦେଖ )
Gorachinā Gorachanā ( See )

ଗୋରଜ—ସ. ବି (ମ.ପ.ଶ୍ଳୋ; ଗୋ + ରଜଃ) —ଗଢ଼କରୁଥିବା ଗୋରୁଙ୍କ
Goraja ଖୁରଦ୍ୱାରା ଉତ୍ଥିତ ଧୂଳି—Dust raised by the hoofs of moving kine.

ଗୋରଡ଼ା—ଦେ. ବି. ( ପା. ଗିର୍ଦ୍ଦ; ଗର୍ଦ୍ଦା )—୧ । ଗୋରୁ ଖଅଡ଼—
Gorarḍā 1. Cattle-pen.
গের্দ ୨ । ବାଡ଼ଦିଆ ଉଦ୍ୟାନ—
गिरदा 2. A garden surrounded by enclosure or fencing.
୩ । ବୈଦିକ ବ୍ରାହ୍ମଣଙ୍କ ଶାଖାଭେଦ—
3. A class of Baidika Brāhmaṇas.
୪ । ପାନବରଜ ସନ୍ନିହିତ ତୃଣୋଦ୍ୟାନ—
4. A garden of reeds attached to a betel-plantation.
୫ । ଦରଜ ଓ ବ୍ୟଥା ନିବାରଣାର୍ଥ ନବପ୍ରସୂତାର ଜନନେନ୍ଦ୍ରିୟରେ ଅନ୍ୟ ବ୍ୟକ୍ତି ଉତ୍ତପ୍ତ ଗୋଇଠିଦ୍ୱାରା ସେକଦେବା-
5. Dry fomentation of the private parts of a newly delivered woman with the heel of a person warmed over a brisk fire ( to alleviate the after-pains of child-birth ).

ଗ୍ରାଦେ—୧ । (ଗଡ଼ଜାତ) ବି—ବାଡ଼—
1. Enclosure; fencing.
୨ । (ବାଲେଶ୍ୱର) ବି—ମକଦମା ବିଚାରବେଳେ ଯେଉଁଠାରେ ଅସାମୀ ଠିଆ ହୁଏ—2 An accused's dock.

ଗୋରଡ଼ା ଖାଇବା—ଦେ. କ୍ରି.—ଗୋରଡ଼ା ଘିନିବା (ଦେଖ)
Gorarḍā khāibā Gorarḍā ghinibā (See)

ଗୋରଡ଼ା ଘିନିବା—ଦେ. କ୍ରି.—(ନବପ୍ରସୂତା) ନିଜର ଜନନେନ୍ଦ୍ରିୟର
Gorarḍā ghinibā ଚତୁର୍ଦ୍ଦିଗର ଅଂଶକୁ ଅନ୍ୟ ବ୍ୟକ୍ତିର ଅଗ୍ନି-ସନ୍ତପ୍ତ ଗୋଇଠି ଦ୍ୱାରା ସେକାଇ ନେବା—To allow one's private parts to be dry-formented with the heels of another (said of a newly delivered woman).

ଗୋରଡ଼ା ଦେବା—ଦେ. କ୍ରି.—ନବପ୍ରସୂତାର ଜନନେନ୍ଦ୍ରିୟର ନିକଟ-
Gorarḍā debā ବର୍ତ୍ତୀ ଅଂଶମାନ ତାତିଲା ଗୋଇଠିରେ ସେକିବା
To worm or dry-forment the private parts of a newly delivered woman.

ଗୋରଡ଼ା ନେବା—ଦେ. କ୍ରି.—ଗୋରଡ଼ା ଘିନିବା (ଦେଖ)
Gorarḍā nebā Gorarḍā ghinibā (See)

ଗୋରଡ଼ି—ଦେ. ବି.—ଗୋରୁର ହମ୍ବାରଡ଼ି—
Gorarḍi The bellowing of cow.

ଗୋରଣ—ସ. ବି.—୧ । ଅଧ୍ୟବସାୟ—
Goraṇa 1. Persevenance
୨ । ଚେଷ୍ଟା—2. Effort.
୩ । ଜୋର; ଶକ୍ତି—3. Energy; force

ଗୋର ଦେବା—ଦେ. କ୍ରି.—ମୃତବ୍ୟକ୍ତିର ଶବକୁ ଭୂମିରେ ପୋତିବା—
Gora debā To bury; to inter a dead body.

ଗୋରସ—ସ. ବି. (ଷଷ୍ଠୀ ତତ୍; ଗୋ+ରସ)—୧ । ଗୋଦୁଗ୍ଧ—
Gorasa 1. Cow's milk.
୨ । ଗୋରୁଠାରୁ ଜାତ ଦୁଗ୍ଧରୁ ପ୍ରସ୍ତୁତ ଘିଅ, ଦହି, ଲହୁଣୀ ଆଦି—Preparations from cow's milk (e. g. ghee, curd, butter etc.)
୩ । ଦହି—3. Curds.
୪ । ଇନ୍ଦ୍ରିୟସୁଖ (ହ୍ର. ଷଡସାଗର)—
4. Sensual pleasure.
ଗ୍ରାଦେ. (ସମ୍ବଲପୁର) ବି.— ଗୋଦୁଗ୍ଧ—Cow's milk.

ଗୋରସଜ—ସ. ବି. ( ଗୋରସ+ଜନ୍ ଧାତୁ+କର୍ତ୍ତୃ. ଅ )—ଦହି;
Gorasaja ତକ୍ର—Curds; churned sourmilk.

ଗୋର ସ୍ଥାନ—ବୈଦେ. ବି.—(ପା. ଗୋର୍‌ସ୍ତାନ୍)—କବରଖାନା; ମୃତ-
Gora sthāna ବ୍ୟକ୍ତିଙ୍କୁ ସମାଧି ଦିଆଯିବା ସ୍ଥାନ—
গোরস্থান Grave-yard.
गोरीस्तान

ଗୋରା—ଦେ. ବିଣ. ପୁଂ. (ସ. ଗୌର)—୧ । ଗୌରବର୍ଣ୍ଣ; ଶୁଭ୍ରବର୍ଣ୍ଣ
Gorā ଶରୀରବିଶିଷ୍ଟ—1. Fair-complexioned.

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

(କଳା—ବିପରୀତ) ୨ । (ଗୌରବର୍ଣ୍ଣ ଶରୀରବିଶିଷ୍ଟ) ଇଉରୋପୀୟ;
(ଗୋରୀ—ସ୍ତ୍ରୀ) ଇଉରୋପବାସୀ (ବ୍ୟକ୍ତି)—
ফরসা, গোরা (Fair-skinned; white) European
फरङ्गा, गोरा (person).
(ଯଥା—ଗୋରା କାରିଗର, ଗୋରା ହାକିମ, ଗୋରା ପଲଟଣ, ଗୋରା ମିସ୍ତ୍ରୀ)
୩ । ଉଜ୍ଜ୍ୱଳ; ଚୋପା—3. Bright.

ମୃଦୁ ଶ୍ୟାମଳ ଗୋରା ଝାଇଁଳ ଗଲେ ପରି,
ହରପର ଶର ଜ୍ୱର ତୃଷାରେ । କବିସୂର୍ଯ୍ୟ. ସଙ୍ଗୀତ ।

গোরা ଦେ. ବି.—୧ । ଗୌରାଙ୍ଗ ଦେବ; ଚୈତନ୍ୟ ଦେବ—
गोरा 1. Chaitanya, the great religious reformer of Nabadwipa in Bengal.
୨ । ଶ୍ୱେତକାୟ ବ୍ୟକ୍ତି—2. Fair-skinned persons.
୩ । ଶ୍ୱେତକାୟ ଇଉରୋପୀୟ ସାହେବ; ଫିରିଙ୍ଗୀ—
3. The white or European people; the white-man.
୪ । ସାହେବ ହାକିମ—4. An European officer.
୫ । ସାହେବ ସିପାହି—5. An European soldier.
୬ । ସାହେବ ନାବିକ—6. An European sailor.
୭ । ଇଉରୋପୀୟ ବା ପାଶ୍ଚାତ୍ୟ କାରିଗର —
7. An European machanic or architect.

**ଗୋରା କଳା ପ୍ରଭେଦ**—ଦେ. ବି—ସାହେବ ଓ ଦେଶୀ ଲୋକମାନଙ୍କ ପ୍ରତି କରାଯିବା ବ୍ୟବହାରର ଭିନ୍ନତା—
Gorā kaḷā prabheda Different treatments meted
গোরা কালা প্রভেদ out to the white (Europeans)
गोरा काला प्रभेद् and to the coloured people ( Indians or Asiatics ).

**ଗୋରା କାରିଗର**—ଦେ. ବି—ଇଉରୋପୀୟ ଶିଳ୍ପୀ—
Gorā kārigara European artist or mechanic.
গোরা কারীগর
गोरा कारीगर

**ଗୋରା ଚମଡ଼ା**—ଦେ. ବି—୧ । ଶ୍ୱେତକାୟ ବ୍ୟକ୍ତିର ଗାତ୍ରଚର୍ମ—
Gorā chamarḍā 1. The skin of a fair-comp-
গোরা চামড়া lexioned person.
गोरा चमड़ा ୨ । ଶ୍ୱେତକାୟ ବ୍ୟକ୍ତି—
2. Fair-skinned person.
୩ । ଇଉରୋପୀୟ ବ୍ୟକ୍ତି—3. An European.
ଦେ. ବିଣ—ଶ୍ୱେତକାୟ—Fair-skinned.

**ଗୋରାଚାନ୍ଦ**—ଦେ. ବି. ( ସଂ. ଗୌରଚନ୍ଦ୍ର )—ଚୈତନ୍ୟ ଦେବ—
Gorāchānda Chaitanya, the great Bengalee
গোরা চাঁদ reformer.
गोरा चाँद

**ଗୋରାଟିକା**—ସଂ. ବି—ସାରିକା ପକ୍ଷୀ—
Gorāṭikā The Myna bird.

**ଗୋରାଟୀ**—ସଂ. ବି—ଗୋରାଟିକା ( ଦେଖ )
Gorāṭī Gorāṭikā ( See )

**ଗୋରାପ**—ଦେ. ବି—ବଡ଼ ଜାହାଜ; ୩ ମାସ୍ତୁଲବାଲା ପାଲଟଣା ଜାହାଜ—
Gorāpa A big sailing ship with three
গোরপ masts.
गराब ବଡ଼ ଜାହାଜର ନାମ ଗୋରାପ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

[ ଦ୍ର—ଖ୍ରୀଷ୍ଟ ୧୭।୧୮ ଶତାବ୍ଦୀରେ ଏ ଜାହାଜ ବଙ୍ଗୋପସାଗରରେ ଚଳପ୍ରଚଳ ହେଉଥିଲା । ହି. ଶବ୍ଦସାଗର । ]

**ଗୋରା ପଲଟଣ**—ଦେ. ବି—ଇଉରୋପୀୟ ସୈନ୍ୟ—
Gorā palaṭaṇa The European soldiers or army.
গোরা পলটন
गोरा पलटन

**ଗୋରା ହାତର କାମ**—ଦେ. ବି—ଇଉରୋପୀୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କାର୍ଯ୍ୟ—Work done turned
Gorā hātara kāma
গোরা হাতের কাজ out by an European artist.
गोरा हातका काम

**ଗୋରିଆ**—ପ୍ରାଦେ. ( ସମ୍ବଲପୁର ) ବିଣ—ଈଷତ୍ ନାଲି; କସରା—
Goriā Reddish.

**ଗୋରିଲା**—ବୈଦେ. ବି. ( ଅଫ୍ରିକା ପ୍ରଚଳିତ ଭାଷା )—
Gorillā ବନମନୁଷ୍ୟ; ଅଫ୍ରିକାର ଜଙ୍ଗଲରେ ବାସ
গোরিল্লা, গরিল্লা କରୁଥିବା ଏକ ପ୍ରକାର ନରତୁଲ୍ୟ ମର୍କଟ—
गोरिल्ला Guerilla.

[ ଦ୍ର—ଏମାନେ ଦଳ ବାନ୍ଧି ଅଫ୍ରିକାର ମହାରଣ୍ୟରେ ରହନ୍ତି । ଏମାନଙ୍କ ଦେହର ଚମଡ଼ା କଳା, କାନ ଛୋଟ ଓ ହାତ ବହୁତ ଲମ୍ବା; ଏ ଉଚ୍ଚରେ ୫୍ୟ ହାତ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ଦେହରେ ଖୁବ୍ ବଳ । ଏମାନେ ଫଳଭୋଜୀ; ଗଛ ଉପରେ ଡାଳପତ୍ରରେ କୁଡ଼ିଆ ତିଆରି କରି ଏମାନେ ବାସ କରନ୍ତି । ଏମାନେ ଭୂକିଲା ପରି ରାବ କରନ୍ତି ଏବଂ ଚିଡ଼ିଲେ ଗର୍ଜନଶବ୍ଦ କରନ୍ତି । ଏମାନଙ୍କ ଶରୀରର ଗଠନ ମନୁଷ୍ୟର ଶରୀର ପରି ।
ହି. ଶବ୍ଦସାଗର । ]

**ଗୋରୀ**—ଦେ. ବି. ସ୍ତ୍ରୀ (ସଂ. ଗୌରୀ)—୧ । ଗୌରବର୍ଣ୍ଣା—(ସ୍ତ୍ରୀ)
Gorī 1. Fair-skinned (female).
(କାଳୀ—ବିପରୀତ) ଚମ୍ପକ ଅଙ୍ଗୁଳି ଛଟଛଟ ଗୋରୀ ସହଚରୀମାନବରଣା—
(ଗୋରା—ପୁଂ) ନନ୍ଦକିଶୋର. ଶର୍ମିଷ୍ଠା ।
গোরী ୨ । ସୁନ୍ଦରୀ—2. Fair or beautiful (woman).
गोरी ଦେ. ବି. ସ୍ତ୍ରୀ—୧ । ରାଧିକା—1. Rādhikā, the consort of Śrīkṛushṇa.
୨ । ଗୌରୀ; ପାର୍ବତୀ—2. Pārbatī, the wife of Śiba.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ୟ | ଉଅ | ନ୍ଥ |
| ୬ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍‌ |

୩ । ଗୌରବର୍ଣ୍ଣା ସ୍ତ୍ରୀ—3. Fair-skinned lady.

୪ । ( ସଙ୍ଗୀତରେ ) ନାୟକ ବା ନାୟିକାର ସଖୀ—
4. A female companion of a hero or heroine in songs.

ଜଗନ୍ନାଥ ଶ୍ରୀହରିଚନ୍ଦନ ବନ୍ଦେ ଗୋରୀ
ନ ରସ ଗାଳବାହା ମୁଦ୍ରାହାରେ । ବଳଦେବ. ବଳୋଗରଶ୍ମି. ନ ଗୀତ ।

ଗୋରୀ କାଳୀ—ଦେ. ବ. ସ୍ତ୍ରୀ ( ବିପରୀତାର୍ଥ ସମାହର )—ଗୌରବର୍ଣ୍ଣା ଓ
Gori kali ଶ୍ୟାମବର୍ଣ୍ଣା ସ୍ତ୍ରୀଦ୍ୱୟ—A fair-complexioned
ଗୋରୀ; କାଳୀ and a dark-complexioned woman.

ଗୋରୀ କାଳୀ ଦୁହେଁ ଗାଧୋଇ ଗଲେ ସଙ୍ଗଲେ ସନ୍ଦେହ ଭାଳ,
ଗୋରୀ ମଗୁରଇ କାଳୀ ସେ ! ବସ୍ତ୍ରରୁ କେବେ କାଳ ? ଢଗ ।

ଗୋରୀ ମାଇପ—ଦେ. ବ—ଗୌରବର୍ଣ୍ଣା ଭାର୍ଯ୍ୟା—
Gori maipa One's wife who is fair-complexioned

ଅବଧାନ ! କାଳୀ ମାଇପକୁ ଚଡ଼ଗୁଡ଼ୁ, ଗୋରୀ ମାଇପକୁ ସାବଧାନ—ଢଗ ।

ଗୋରୁ—ଦେ. ବ (ସ. ଗୋ)—୧ । ଗୋଜାତୀୟ ଜୀବସାଧାରଣ (ଷଣ୍ଢ,
Goru ଗାଈ, ବଳଦ, ବାଛୁରୀ)—1. Cattle; kine ( bull,
ଗୋରୁ, গরু ox, cow, calf).
गउ, गाय, गोरु

ଚକ୍ଷୁରେ ଗୋରୁ ଯେସନ୍ତେ ଥାଇ,
କେଣିକ ନ ପାରଇ ଯାଇ । ଜଗନ୍ନାଥ. ଭାଗବତ ।

୨ । ଗାଈ—2. Cow.

କେମନ୍ତେ ଗୋରୁରୂପ ଧରି, କ୍ଷୀର ପ୍ରଦାନ ବସୁନ୍ଧରୀ—ଜଗନ୍ନାଥ. ଭାଗବତ ।

୩ । ( ଲକ୍ଷଣାର୍ଥ ) ନିର୍ବୋଧ ବ୍ୟକ୍ତି—
3. A fool; stupid person; simpleton.

୪ । ( ଲକ୍ଷଣାର୍ଥ ) ନିଷ୍କପଟ ବ୍ୟକ୍ତି—
4. A frank or simple-minded person.

ଗୋରୁ ଖିଆ—ଦେ. ବ ( ସ. ଗବାକ୍ଷୀ; ଗୋରକ୍ଷ କର୍କଟୀ )—
Goru khia ବିମ୍ବଫଳ; କଇଁଞ୍ଚକାକୁଡ଼ି; ଲତାବିଶେଷ—
ଅନ୍ୟ ସ. ନାମ—ଗବାଦନୀ, A creeper; Coccinea Indica.
ଇନ୍ଦ୍ରବାରୁଣୀ, ପୀତପୁଷ୍ପୀ [ ଦ୍ର—ଏହାର ଅନ୍ୟ ନାମ
କ୍ଷୁଦ୍ରଫଳା, ବିଷଘ୍ନୀ ଗୋଠକାକୁଡ଼ି ଓ ଶ୍ଳେଷ୍ଠ ମହାକାଳ । ]
রাখালশশা

ଦେ. ବିଣ—୧ । (ସ. ଗୋଖାଦକ)—
छोटि इन्द्रायन; गोरखककड़ी ଗୋଖାଦକ—1. Beaf-eating.
ଢେ. ପାପର

୨ । ଗୋରୁ ଦ୍ୱାରା ଭୁକ୍ତ—
2. Eaten by cows.

ଗୋରୁ ଗାଈ—ଦେ. ବ—( ଏକାର୍ଥକ ସମାହର )—ଗୋଜାତୀୟ ସକଳ
Gorugai ପ୍ରକାର ଜୀବ—Cattle (including cows,
গাই গোরু; গোরু টোরু calves, oxen etc.)

ଗୋରୁ ଗାଡ଼ି—ଦେ. ବ—ଗୋଯାନ; ଗୋଶକଟ—
Goru gardi Bullock-cart.

ଗୋରୁ ଗାଧୁଆ—ଦେ. ବ—ଦୋଳପୂର୍ଣ୍ଣିମା ପୂର୍ବ ଦିନ ଗଉଡ଼ମାନଙ୍କର
Goru gadhua ଗୋରୁମାନଙ୍କୁ ଗାଧୋଇବାର ପର୍ବ—
The festival observed by the milkmen of giving a wash or bath to the cattle before the Dola Pūrṇnimā day.

ଗୋରୁ ଗୁହାଳ—ଦେ. ବ ( ସ. ଗୋଶାଳା; ଗବାଳୟ )—ଗୋଶାଳା;
Goru guhala ଗୋରୁଗାଈ ରହିବାର ଘର—
গোয়াল Cattle-shed; cow-shed;
गुहाल cow-house.

ଗୋରୁ ଚନ୍ଦନା—ଦେ. ବ—ଗୋମୂତ୍ର—
Goru chandana The urine of the cow.
গোরুর চনা

ଗୋରୁ ଚନ୍ନା—ଦେ. ବ—ଗୋମୂତ୍ର—
Goru channa The urine of the cow.

ଗୋରୁ ଚନ୍ନି—ଦେ. —ଗୋମୂତ୍ର—
Goru channi The urine of the cow.

ଗୋରୁ ଚମଡ଼ା—ଦେ. ବ (ସ. ଗୋଚର୍ମ)—ଗୋଚର୍ମ; ଗୋରୁର ଖଲ—
Goru chamarda Cow-hide.
গোরুচামড়া
गोकाखाल

ଗୋରୁଚରା—ଦେ. ବ. ଓ ବିଣ (ସ. ଗୋଚାରଣ)—ଗୋରୁଜଗା (ଦେଖ)
Gorucharā Gorujagā (See).

ଗୋରୁ ଚରାଇବା—ଦେ. କ୍ରି (ସ. ଗୋଚାରଣ)—ଗୋଚାରଣ କରିବା—
Goru charaibā To tend grazing cattle.
গোরু চরান
गौआ चराना

ଗୋରୁ ଚରିବା—ଦେ. ବ—୧ । ପଡ଼ିଆ ଆଦିରୁ ଗୋରୁ ଘାସଖାଇବା—
Goru chariba 1. Pasturing; grazing.
গোরু চরা ୨ । ( ଲକ୍ଷଣାର୍ଥ ) ( କୌଣସି ପଦାର୍ଥ ବା ପ୍ରହାର )
गौआ चरना ଅପର୍ଯ୍ୟାପ୍ତ ସଂଖ୍ୟା ବା ପରିମାଣରେ ଘଟିବା—
2. (figurative) Taking place profusely; being done profusely.
(ଯଥା—ଏ ବର୍ଷ ଆମ୍ବ ଗୋରୁ ଚରିଗଲେ; ମାଡ଼ରେ ଗୋରୁ ଚରିଗଲେ । )

ଗୋରୁଚନା—ଗ୍ରା. ବ (ସ. ଗୋରୋଚନା)—ଗୋରୋଚନା (ଦେଖ)
Goruchinā Gorochanā (See).

ଗୋରୁଜଗା—ଦେ. ବିଣ—ଯେ ଗୋରୁଙ୍କୁ ଚରାଏ ବା ଗୋରୁ ଚରିବା
Gorujagā ସମୟରେ ଗୋରୁଙ୍କୁ ଜଗେ—( a person )
রাখাল Tending cattle; looking after the
चरवाहा cattle while grazing.

ଦେ. ବି—୧ । ଗୋରୁରଖୁଆଳ—1. Cowherd.

୨ । ଚରୁଥିବା ଗୋରୁଙ୍କୁ ଜଗିବା କର୍ମ—
2. Looking after grazing cattle.

ଗୋରୁଜଗିଆ—ଦେ. ବିଣ ଓ ବି—ଗୋରୁଜଗା (ଦେଖ)
Gorujagiā Gorujagā (See).

ସାଧାରଣ ଲୋକେ ଅପର ପୃଷ୍ଠାରେ ଧାଡ଼ି ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରାଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରର ୨ ବା ୧ ଚକ୍ରାଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅରଣ୍ୟ' ନ ପାଇଲେ 'ଅରଣ୍ଯ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଗୋରୁ ଜଗିବା—ଦେ. କ୍ରି—ଗୋରୁ ଚରାଇବା; ଗୋଚାରଣ କରିବା; Goru jagibā ଗୋରୁଙ୍କୁ ଚରିଲାବେଳେ ଜଗିବା—To tend ଗୋରୁରାଖା cattle; to keep watch over cattle **गोआ चरवाना** while grazing.

ଗୋରୁଝାଞ୍ଜି—ପ୍ରାଦେ (ସମ୍ବଲପୁର) ବି—ବୋରଝାଞ୍ଜି ( ଦେଖ )— Gorujhāñji Borajhāñji ( See )

ଗୋରୁଢୁକା ବେଳ—ପ୍ରାଦେ (ସମ୍ବଲପୁର) ବି—ଗୋଧୂଳି ସମୟ— Gorudhukā bela Dusk.

ଗୋରୁତ—ସଂ. ବି—ଦୁଇକ୍ରୋଶ ଦୂରତ୍ୱ— Gorutā A distance of two krośas or four miles.

ଗୋରୁଧନ—ଦେ. ବି—ଗୋଧନ; ଗୋରୁରୂପକ ସମ୍ପତ୍ତି— Gorudhana Property in or ownership of cattle.

କଂଧାଧନ ଅଧେ ଧନ ଗୋରୁଧନ ନଧନ । ଡାକ ।

ଗୋରୁ ଧରଷା—ପ୍ରାଦେ. ( ସମ୍ବଲପୁର ) ବି—ଗୋରୁଯିବା ବାଟ, Goru dharsā ଗୋପଥ—A path used by cattle; cattle-path.

ଗୋରୁପରି ବାଡ଼େଇବା—ଦେ. କ୍ରି—ଗୋରୁଙ୍କୁ ଯେପରି ପ୍ରହାର କରାଯାଏ Gorupari bārḍeibā ନିର୍ଦ୍ଦୟଭାବରେ ପ୍ରହାର କରିବା; ଖୋଲେଇ ବାଡ଼ିଆ କରିବା—To administer a sound thrashing or cudgelling; to beat mercilessly.

ଗୋରୁ ପିଆଇବା—ଦେ. କ୍ରି—ଗୋରୁ ମୋହିଁବା (ଦେଖ) Goru piāibā Goru mohiñbā (See)

ଗୋରୁ ପେଇବା—ଗ୍ରା. କ୍ରି—ଗୋରୁ ମୋହିଁବା (ଦେଖ) Goru peibā Goru mohiñbā (See)

ଗୋରୁ ବଳଦ—ଦେ. ବି. (ସମୂହ)—ଗୋଜାତୀୟ ସବୁପ୍ରକାରର ପଶୁ— Goru balada Cattle (including cow, calf, bullock etc)

ଗୋରୁ ବାଛୁରି—ଦେ. ବି. (ସମୂହ)—ଗୋରୁ ବଳଦ (ଦେଖ) Goru bāchhuri Goru balada (See)

୨ । ଗାଈ ଓ ଗୋବତ୍ସ—2. Cows and calves.

ଗୋରୁ ମଉଁସ—ଗ୍ରା. ବି. (ସଂ. ଗୋମାଂସ)—ଗୋମାଂସ— Goru māuñsa Beef.

ଗୋରୁମାରି ଜୋତାଦାନ ଦେବା—(ନ୍ୟାୟ) ଦେ. ପ୍ରବଚନ— Gorumāri jotā dāna debā ଗୋହତ୍ୟା କରି ତଜ୍ଜନିତ ପାପ ଛଡ଼ାଇବା ନିମନ୍ତେ ହତ ଗୋରୁର ଚର୍ମରେ ନିର୍ମିତ ହୋଇଥିବା ଜୋତାକୁ ବ୍ରାହ୍ମଣଙ୍କୁ ଦାନ ଦେବା ଯେପରି ବୃଥା, ସେହିପରି ଜ୍ଞାନକୃତ ପାପକର୍ମରେ ବୃଥା ପ୍ରାୟଶ୍ଚିତ୍ତ କରିବା—A saying applied in cases where expiations are made in vain for sins consciously committed, by making a pious gift of the proceeds of the sin.

ଗୋରୁ ମାହାର—ପ୍ର.ଦେ. (ଗଡ଼ଜାତ) ବି—ଗାଈଜଗିବା ଲୋକ— Goru mahāra Cowherd.

ଗୋରୁମୁଣ୍ଡ ଥାପିବା—ଦେ. କ୍ରି. ( କପାକିଆରିରେ ଗୋଟିଏ ବାଉଁଶ Gorumuṇda thāpibā ପୋତି ବାଉଁଶ ଅଗରେ ଗୋଟିଏ ଗୋରୁମୁଣ୍ଡ ରଖି ଦିଆଯାଏ; କୃଷକମାନଙ୍କର ବିଶ୍ୱାସ ଯେ ଏ ଗୋରୁମୁଣ୍ଡ ଥାପିଲେ କପାଫସଲରେ ଲାଭ ହୁଏ; କିନ୍ତୁ ଅଗରେ ଗୋରୁମୁଣ୍ଡ ଥିବା ବାଉଁଶକୁ ଦୂରରେ ମନୁଷ୍ୟ ଜଗିଥିବାର ଭ୍ରମକରି କପା କିଆରିରେ ଶୃଗାଳାଦି ବନ୍ୟ ପଶୁମାନେ ପଶନ୍ତି ନାହିଁ ଓ ଫଳତଃ କପା ଗଛ ସୁତରାଂ ନଷ୍ଟ ନ ହେବାରୁ ଫସଲ ଭଲ ହୁଏ )— (ଲକ୍ଷଣାର୍ଥ)—ଜଣଙ୍କୁ ନାମମାତ୍ର ପ୍ରଭୁ ବା ନେତାରୂପେ ବସାଇ କୌଣସି କାର୍ଯ୍ୟ ସାଧନ କରିନେବା— (figurative) To have one's work performed by setting up a person as the nominal head (like people setting up a cow's head at the top of a bamboo in a cotton field ).

ଗୋରୁମୁହାଁ—ଦେ. ବଣ—ଗୋମୁଖଯୁକ୍ତ— **Gorumuhāñ** Having a face like that of a cow.

ଦେ. ବି—ଗୋରୁଙ୍କୁ କୁଣ୍ଡା ପାଣି ଖୁଆଇବା— Feeding cattle with a drink.

ଗୋରୁ ମୁହାଁଇବା—ଦେ. କ୍ରି—ଗୋରୁ ମୋହିଁବା (ଦେଖ) **Goru muhāñibā** Goru mohiñbā (See)

ଗୋରୁ ମୋହିଁବା—ଦେ. କ୍ରି—ଗୋରୁଙ୍କୁ କୁଣ୍ଡା, କୁଣ୍ଡତ, ତୋରାଣି, **Goru mohiñbā** ଦାନାଆଦି ଖୁଆଇବା—To feed cattle.

ଗୋରୁରଖା—ଦେ. ବଣ ଓ ବି—ଗୋରୁଜଗା (ଦେଖ) **Gorurakhā** Gorujagā (See)

ଗୋରୁଲାଙ୍ଗୁଡ଼ ଛୁଇଁବା—ଦେ. କ୍ରି—ଗୋପୁଚ୍ଛ ଧରି ଶପଥ୍ କରିବା— **Gorulāñgurḍa chhuiñbā** To swear by touching the tail of a cow.

ଗୋରୁ ଲାଙ୍ଗୁଡ଼ରେ ପାରି ହୋଇଯିବା—ଦେ. କ୍ରି—୧ । ଯାହାଙ୍କୁ Goru lāñgurḍare pāri hoi jibā ପହଁରି ଆସେ ନାହିଁ ସେ ନଈରେ ଗୋରୁକୁ ପହଁରିବାକୁ ଛାଡ଼ିଦେଇ ପହଁରୁଥିବା ଗୋରୁର ଲାଙ୍ଗୁଡ଼କୁ ଓ ପଛପାଖକୁ ଧରି ନଦୀ ଆଦି ପାରି ହୋଇଯିବା—1. To cross a river by catching hold of the tail and the hind parts of a swimming cow.

୨ । (ହିନ୍ଦୁ ବିଶ୍ୱାସ ମତରେ) ମୃତ୍ୟୁ ପୂର୍ବରୁ ବ୍ରାହ୍ମଣଙ୍କୁ ଦାନ କରାଯାଇଥିବା ଗୋରୁର ଲାଙ୍ଗୁଡ଼କୁ ଧରି ମୃତ୍ୟୁ ପରେ ଉତ୍ତପ୍ତ ବୈତରଣୀକୁ ବିନା କଷ୍ଟରେ ପାରି ହୋଇ ଯିବା— 2. To be able to cross the Baitaraṇī

| ୧ | ଋ | ଡ଼ | ୠ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଣ |
|---|---|---|---|---|---|---|---|---|---|---|---|---|---|---|
| ୬ | ଢ଼ | ~ | ଲୁ | ଲୂ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ୟ | ଯ | ସ | ଗଁ | ଇଅ | ୱ | ନ |

river (in the hell) after death by holding the tail of the cow which a Hindu gives to a Brāhmaṇa before his death.

୩ । ଖାତକ ମହାଜନର ଦେଣା ପରିଶୋଧ କରିବାକୁ ଅକ୍ଷମ ହୋଇ ମହାଜନଙ୍କୁ ଗୋଟିଏ ଗାଈ ଦେଇ ସମସ୍ତ ଋଣରୁ ମୁକ୍ତ ହେବା—3. To clear the entire debt due from one's self to a creditor by presenting a cow to the creditor in full satisfaction and pleading inability to pay anything more.

**ଗୋରେଖ**—ଗ୍ରା. ବି. (ସଂ. ଗୋରକ୍ଷ)—ଗୋରକ୍ଷନାଥ (ଦେଖ)
Gorekha Gorakhanātha (See)

ଏ ଛାର ମନ୍ତ୍ର ପେଟେ ଥାଇ ଶୁଣି,
ସେ ପୁଣି ଗୋରେଖ ଆଗେ କହଣି । ପ୍ରାଚୀ. ପରଦେଶୀଗୀତା ।

**ଗୋରେଖ କାକୁଡ଼ି**—ଦେ. ବି. (ସଂ. ଗୋରକ୍ଷ କର୍କଟୀ)—
Gorekha kākuṛi ଗୋରକ୍ଷ କାକୁଡ଼ି (ଦେଖ)
Goraksha kākuṛi (See)

**ଗୋରେଖ ଚାଉଳ**—ଦେ. ବି.—ନାଗବଳା (ଦେଖ)
Gorekha chāuḷa Nāgabaḷā (See)

**ଗୋରୋଚ**—ସଂ. ବି. (ଗୋ+ରୋଚ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)
Gorocha ହରିତାଳ—Yellow orpiment.

**ଗୋରୋଚନ**—ସଂ. ବି.—(ଗୋ+ରୋଚ୍ ଧାତୁ=ଦୀପ୍ତି ପାଇବା+
Gorochana କରଣ. ଅନ)—ଗୋରୋଚନା (ଦେଖ)
Gorochanā (See)

**ଗୋରୋଚନା**—ସଂ. ବି. ସ୍ତ୍ରୀ—(ଗୋ+ରୋଚ୍ ଧାତୁ=ଦୀପ୍ତି ପାଇବା+
Gorochanā କରଣ. ଅନ+ସ୍ତ୍ରୀ. ଆ)—ମଲା ଗୋରୁର ପିତ୍ତ ବା ମସ୍ତକରୁ ପ୍ରାପ୍ତ ପୀତବର୍ଣ୍ଣ ବସ୍ତୁ—A bright yellow pigment found in the bile or head of a dead cow.

[ ଦ୍ର—ହନୁମାନେ ଏହାକୁ ଘୋର ଚନ୍ଦନ ଓ ସିନ୍ଦୂର ସହ କପାଳରେ ଟିକା ଦେଉଥାନ୍ତି । ଏହା ଗୋଟିଏ ମାଙ୍ଗଳିକ ଦ୍ରବ୍ୟରୂପେ ପରିଗଣିତ ଓ ଅଷ୍ଟଗନ୍ଧର ଅନ୍ତର୍ଗତ । ଶିଶୁମାନଙ୍କ ଥର୍ଦି, ଜ୍ୱର ଓ ଦୃଷ୍ଟିଦୋଷ ନାଶ କରିବା ପାଇଁ ଏହାକୁ ଲୋକେ ଗୋଷ୍ପଦ ସଙ୍ଗେ ଘୋରି ଶିଶୁଙ୍କୁ ଖୁଆନ୍ତି ଓ ଶିଶୁମାନଙ୍କ କପାଳରେ ଟିକା ଦିଅନ୍ତି । ତନ୍ତ୍ର ମତରେ ଏହା ମଙ୍ଗଳଜନକ, କାନ୍ତିବର୍ଦ୍ଧକ, ଦାରିଦ୍ର୍ୟନାଶକ ଓ ବଶୀକରଣର ଉପକରଣ । ବୈଦ୍ୟକ ମତରେ ଏହା ଶୀତଳ ଏବଂ ବିଷଦୋଷ, ଉନ୍ମାଦ, ଗର୍ଭସ୍ରାବ, ନେତ୍ରରୋଗ, କୃମି, କୁଷ୍ଠ ଓ ରକ୍ତଦୋଷରେ ଉପକାରୀ ଓ ବୀର୍ଯ୍ୟବର୍ଦ୍ଧକ ଅଟେ । କେହି କେହି କହନ୍ତି ଏହା ମଲା ଗୋରୁର ମୁଣ୍ଡରୁ ବାହାରେ, କେହି କେହି କହନ୍ତି ଏହା ମଲା ଗୋରୁର ହୃଦେଶସ୍ଥ ପିତ୍ତ ଅଟେ । କେହି କେହି କହନ୍ତି ଏହା ମଲା ଗୋରୁର ମୂତ୍ରାଶୟରୁ ମିଳେ । ଗୋରୋଚନା ଗାଢ଼ ହଳଦିଆ, ଦାନାଦାର ଓ କଠିନ ଅଟେ । ]

**ଗୋର୍ଖା**—ଦେ. ବି—ଗୋରଖା ( ଦେଖ )—
Gorkhā Gorakhā ( See )

**ଗୋର୍ଚନା**—ଗ୍ରା. ବି (ସଂ. ଗୋରୋଚନା)—ଗୋରୋଚନା ( ଦେଖ )—
Gorchanā Gorochanā ( See )

**ଗୋର୍ଚିନା**—ଗ୍ରା. ବି (ସଂ. ଗୋରୋଚନା)—ଗୋରୋଚନା ( ଦେଖ )—
Gorchinā Gorochanā ( See )
গোর্চিনা
गोर्चन

**ଗୋଲ**—ବୈଦେ. ବି ( ଇଂ )—୧ । ଫୁଟ୍‌ବଲ୍ ଖେଳ ପଡ଼ିଆର ନିର୍ଦ୍ଦିଷ୍ଟ
Gol ସୀମାରେ ଦୁଇପାଖରେ ପୋତା ହୋଇଥିବା ଓ ଉପରେ
গোল ଆଡ଼ଧାରଣା ପଡ଼ିଥିବା ଖୁଣ୍ଟିଦ୍ୱୟ—1. Goal-post.
गोल ୨ । ଫୁଟ୍‌ବଲ୍ ଖେଳରେ ଏକ ପକ୍ଷ ଅନ୍ୟ ପକ୍ଷକୁ ଦେବା ବୋଲ୍—2. A goal (victory) in the foot-ball game.

ବୈଦେ. ବିଣ—( ଫା. ଗୋଲ୍; ଆ. ଗୁଲ୍ )—ବିଶୃଙ୍ଖଳ—
Intricate; confused.

ଦେ. ବିଣ—(ସଂ. ଗୋଲ)—୧ । ବର୍ତ୍ତୁଳ—1. Round.
୨ । ବୃତ୍ତାକାର—2. Circular.

ବି (ସଂ. ଗୋଲ)—୧ । ବର୍ତ୍ତୁଳ ବସ୍ତୁ—1. Globe.
୨ । ଗୋଲାକାର କୋଠା—2. A circular building.
୩ । ଗୋଲାକାର ସିଢ଼ି—3. A spiral staircase.

ପ୍ରାଦେ (ସମ୍ବଲପୁର) ବି (ଫା. ଗୁଲ୍=ହଲ୍ଲା—୧ । ଗୋଳମାଳ—
1. Ado; confusion.
୨ । ବହୁଧ୍ୱନିମିଶ୍ରିତ ଉଚ୍ଚ ଶୃଙ୍ଖଳହୀନ ଶବ୍ଦ; ଯୋଗ—
2. Noise; outcry.
୩ । କଳି—3. Quarrel.
୪ । ହୋହା; ହଲ୍ଲା; ଅତି ଉଚ୍ଚ ଧ୍ୱନି—4. Hue and cry.

**ଗୋଲ୍ କରିବା**—ପ୍ରାଦେ (ସମ୍ବଲପୁର) କ୍ରି—ଚମକିବା—
Gol karibā To threaten.

**ଗୋଲ କୁମୁଡ଼ା**—ପ୍ରାଦେ. (ମେଦିନୀପୁର) ବି—(ଭୁଲ. ବ. ଗୋଲ୍‌କୁମଡ଼ା)
Gol kumuṛā ବୋଇତିକଖାରୁ—Sweet gourd.

**ଗୋଲ୍ ଖାଇବା**—ଦେ. କ୍ରି (ଇଂ. ଗୋଲ୍)—ଗୋଲ୍ ନେବା (ଦେଖ)—
Gol khāibā Gol nebā ( See )
গোল খাওয়া
गोल खाना

**ଗୋଲ୍‌ଝଗଡ଼**—ପ୍ରାଦେ. (ସମ୍ବଲପୁର) ବି (ଫା. ଗୁଲ୍=ହଲ୍ଲା+ଝଗଡ଼ )—
Goljhagar କଳିଗୋଳ—Quarrelling.

**ଗୋଲ୍ ଦେବା**—ଦେ. କ୍ରି (ଇଂ. ଗୋଲ୍)—ଫୁଟ୍‌ବଲ୍ ଖେଳରେ ଏକ ପକ୍ଷ
Gol debā ଅପର ପକ୍ଷର ଗୋଲ୍ ସୀମା ମଧ୍ୟରେ ଫୁଟ୍‌ବଲ୍ ଗଳାଇ
গোল দেওয়া ନେବାଦ୍ୱାରା ଅନ୍ୟ ପକ୍ଷକୁ ବୋଲ୍ ଦେବା—
गोल देना To score a goal in the game of foot-ball.

ଗୋଲ୍ ନେବା—ଦେ. କ୍ରି. ( ଇଂ. ଗୋଲ୍ )—
Gol nebā ଫୁଟ୍‌ବଲ ଖେଳରେ ଅପଣା ପକ୍ଷର ଗୋଲ୍ (ସୀମା)
গোল্ লওয়া ବାଟେ ପେଣ୍ଡୁ ଗଳି ଗଲେ ଉଭୟ ଖେଳରେ
गोल लेना ହାରିବା—To take a goal in the game of football.

ଗୋଲ୍ ପାଇବା—ଦେ. କ୍ରି. ( ଇଂ. ଗୋଲ୍ )—
Gol pāibā ଗୋଲ୍ ନେବା ( ଦେଖ )
Gol nebā ( See )

ଗୋଲ—ଦେ. ବି ଓ ବିଣ. ( ସଂ. ଗୋଲ=ମଣ୍ଡଳ; ଭୂଲ. ଫା. ଏହି ଅର୍ଥରେ ଗୋଲ୍ )—
Gola
ଗୋଲ୍ ( ଦେଖ )
Gol ( See )
ପ୍ରାଦେ. ( ସମ୍ବଲପୁର ) ବି—ଗୋଲ୍ ( ଦେଖ )
Gol ( See )

ଗୋଳ—ସଂ. ବି. ( ଗୁଡ୍ ଧାତୁ=ବେଷ୍ଟନ କରିବା; ବର୍ତ୍ତୁଳ କରିବା +କର୍ତ୍ତୃ. ଅ )—
Goḷa
୧ । ବର୍ତ୍ତୁଳାକାର ପିଣ୍ଡ—
1. Round thing; glonuler thing.
୨ । ଖେଳିବା କନ୍ଦୁକ; ପେଣ୍ଡୁ—Ball; play-ball.
୩ । ମଣ୍ଡଳାକାର କ୍ଷେତ୍ର; ବୃତ୍ତ—3. Circle.
୪ । ଫିସାଦ୍; କୁଟଚକ୍ର—4. Conspiracy; plot.
୫ । ଅକାଶ ବା ପୃଥିବୀର ଚତୁର୍ଦ୍ଦିଗ ସର୍ବବର୍ତ୍ତୁଳ ପିଣ୍ଡ; ଗୋଲକଦ୍ଧ—5. Globe; sphere.
( ଯଥା—ଖଗୋଳ; ଭୂଗୋଳ । )
୬ । ମଣ୍ଡଳ—6. Circular mass.
୭ । ଗୋଲାକାର ପୃଥିବୀ—
7. The terrestrial globe.
୮ । ପତିଙ୍କ ମୃତ୍ୟୁ ପରେ ଉପପତି ଔରସରେ ବିଧବା ଗର୍ଭରୁ ଜାତ ସନ୍ତାନ; କୁଣ୍ଡ; ବିଧବାର ଜାରଜ ପୁତ୍ର—
8. A child begotten by a stranger on a widow; bastard child of a widow.
୯ । ଶୂନ; ଶୂନ୍ୟ ସଂଖ୍ୟା—9. Zero.
୧୦ । ଗୁଗ୍‌ଗୁଲ; ଲୋଭାନ୍—10. Myrrh; bdellium.
୧୧ । ( ଜ୍ୟୋତିଷ ) ଏକ ରାଶିରେ ଏକାଧିକ ଗ୍ରହର ଅବସ୍ଥାନ ବା ମିଳନ; ଗ୍ରହକୂଟ—
11. (astrology) The presence or conjunction of more than one planet in one sign.
୧୨ । ମଦଣ ଫଳର ଗଛ; ମଦନ ବୃକ୍ଷ ( ଦେଖ )
12. Madana ( tree ) (See)
୧୩ । ମାଟିର ଗୋଲାକାର ମାଠିଆ; ମୃତ୍‌କୁମ୍ଭ (ହ୍ର. ଶବ୍ଦସାଗର)-
13. A round earthen pitcher.
୧୪ । ବହୁ ଅସାଧ୍ୟ ପରିସ୍ଥିତିପୂର୍ଣ୍ଣ ଅବସ୍ଥା—
14. Intricacy.
୧୫ । ( ଜ୍ୟୋତିଷ ) ଏକ ରାଶିରେ ସବୁ ଗ୍ରହଙ୍କର ଅବସ୍ଥିତି—
15. ( astronomy ) The conjunction of all the planets in one sign ( M. W. )
୧୬ । ବଣକୋଳି ବୃକ୍ଷବିଶେଷ—
16. Vangureria Spinosa ( tree ) ( M. W. )
୧୭ । ମୋନିଅର ଉଇଲିଅମ୍‌ଙ୍କ ଦେଶବିଶେଷ—
17. Name of a country ( M. W. )

ବୈଦେ. ବି. ( ଫା. ଗୁଲ୍=କୋଳାହଳ; ଅ. ଗୁଲ୍=ଜନତା; ଫା. ଗୋଲ୍=ମଣ୍ଡଳ; ଦଳ; ପକ୍ଷ )—
୧ । ବହୁ ସ୍ୱର ମିଶ୍ରିତ ଗୋଳମାଳ; କୋଳାହଳ—
1. Noise due to a crowd; uproar.
গোল
गोल
କ ହେଉ କ ହେଉ ବୋଲି ପଡ଼ଇ ତୌଳରେ ଗୋଳ ।
ରାଧାନାଥ- ଉଷା ।
୨ । ଅଶୋକ; ଉଚ୍ଚୈଃସ୍ୱରରେ ଶବ୍ଦ—2. Clamour.
୩ । ଅବ୍ୟବସ୍ଥା; ଅସୁନ୍ଦରଭାବରେ ସମ୍ମିଶ୍ରଣ; ଗଡ଼ବଡ଼—
ପଞ୍ଚୁରାସୀ ବକାଶନ ଦୁଇ ପୂର୍ଣ୍ଣକାଳ,
ଦକାଶ ଓ ବଇ ଓଷ୍ଠାମୃତ ଦୋଷ ଗୋଳ । ଭଞ୍ଜ- କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୪ । ଅଳି; ବାରମ୍ବାର ସନିର୍ବନ୍ଧ ପ୍ରାର୍ଥନା—
4. Importunate and repeated request to get something.
୫ । ମେଳି; ଉପଦ୍ରବ; ରାଜଦ୍ରୋହ—
5. Rising in a kingdom; rebellion; mutiny.
୬ । କଳହ; ଗଳିକ —6. Quarrel.
କ ଜାଣି ଭୂପେ ତାଙ୍କ ସଙ୍ଗେ କଲ ଗୋଳ—କୃଷ୍ଣସିଂ- ମହାଭାରତ. ବନ ।
୭ । ଜନତା; ମେଳା—7. Crowd.
୮ । ଉଚ୍ଚୈଃସ୍ୱରରେ ବାଦାନୁବାଦ—
8. Noisy argument; wrangling.
୯ । ଅରାଜକତା—9. Anarchy.
୧୦ । ଭୟଙ୍କର ଆନ୍ଦୋଳନ—
10. Frightful agitation.

ଗୋଲ ଆଳୁ—ଦେ. ବି—୧ । ବିଲାତିଆଳୁ—
Gola ālu 1. Potato.
গোলআলু ୨ । ( ଲକ୍ଷଣାର୍ଥ ) ଶୂନ୍ୟ; ଶୂନ—
बिलातीआलु 2. ( figurative ) Zero.
( ଯଥା—ଏ ପରୀକ୍ଷାରେ ସେ ବାଳକ ଗୋଲଆଳୁ ପାଇବ । )

ଗୋଳକ—ସଂ. ବି. ( ଗୋଳ+ସ୍ୱାର୍ଥେ. କ )—୧ । ଗୋଳ ( ଦେଖ )
Goḷaka 1. Goḷa ( See )
୨ । ଗୋଲାକାର ଲିଙ୍ଗାଗ୍ର; ସୁପାରି—
2. Glans penis ( M. W. ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇଁ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ୟ | ତ୍ଥ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗାଁ | ଇଥ | ଣ୍ଡ | ନ୍ତ |

୩ । ଗୋଲୋକ ( ହି. ଶବ୍ଦସାଗର ); ବୈକୁଣ୍ଠ—
3. The ever-happy abode of Bishṇu.

୪ । ପୁଷ୍ପରୁ ନିଷ୍କାସିତ ତରଳସାର; ଅତର (ହି. ଶବ୍ଦସାଗର)—
4. Otto; essence extracted from flowers.

୫ । ଆଖିର ବର୍ତ୍ତୁଳାକାର ଅଂଶ ( ହି. ଶବ୍ଦସାଗର )—
5. Eye-ball.

୬ । ଆଖିର ପିତୁଳା ( ହି. ଶବ୍ଦସାଗର )—
6. The pupil of the eye.

୭ । ଗୁମ୍ବଜ; ମନ୍ଦିର ଆଦିର ଉପରେ ଥିବା ବର୍ତ୍ତୁଳ ଅଂଶ ( ହି. ଶବ୍ଦସାଗର )—7. Dome.

୮ । ଯେଉଁ ଥଳି ବା ସିନ୍ଦୁକରେ କୌଣସି ବିଶେଷ କାର୍ଯ୍ୟ ପାଇଁ ସଂଗୃହୀତ ଧନ ରଖାଯାଏ ( ହି. ଶବ୍ଦସାଗର )—
8. A bag or receptacle in which a particular fund is kept

୯ । କୌଣସି କାର୍ଯ୍ୟ ପାଇଁ ସଂଗୃହୀତ ଧନ (ହି. ଶବ୍ଦସାଗର); ଫଣ୍ଡ୍—9. Money or fund collected for a particular purpose.

୧୦ । ବାଣ୍ଟୁଳ ( କ୍ଷୀରେନ୍ଦ୍ର )—
10. Pellets made of clay.

୧୧ । ବରକୋଳି—11. The jujube ( M. W. ).

**ଗୋଲକ**—ଦେ. ବି. ( ସଂ. ଗୋଲକ; ଗୋଲୋକ )—
Golaka ୧ । ଗୋଲୋକ ( ହି. ଶବ୍ଦସାଗର ); ବୈକୁଣ୍ଠ—
গোলক 1. The ever-blessed heavenly abode of
गोलक Bishṇu.

ଏବେ ମୁଁ କୋହଇ ଜାଇବ. କହିବ ଶ୍ରୀଗୋଲକ ରେଡ—
ଭୂପତ, ପ୍ରେମପଞ୍ଚାମୃତ ।

୨ । ଗୋଲକବିହାରୀର ଡାକ ନାମ—
2. A name of calling Golakabihāri.

**ଗୋଲକଧନ୍ଦା**—ଦେ. ବି. ( ଫା. ଗୋଲକ୍+ଧନ୍ଦା )—
Golakadhandā ୧ । ବିଷମ ସମସ୍ୟା—
গোলকধান্দা 1. Dilemma; fix; inextricable difficulty.
गोरखधंधा ୨ । ଭୂଆଁ; ଗୋଳମାଳିଆ ପଥଯୁକ୍ତ ସ୍ଥାନ; ଦୁର୍ଗମ ପଥ; ଯେଉଁ ଘର ବା ବାଟରେ ଥରେ ପଶିଲେ ସହଜରେ ବାହାରି ହୁଏ ନାହିଁ—2. A round-about way; a maze; a labyrinth.

୩ । ଅତି କଷ୍ଟରେ ସାଧନଯୋଗ୍ୟ ପ୍ରଶ୍ନ; ପ୍ରହେଳିକା; ବିଷମ-ସମସ୍ୟା—3. Enigma; riddle; puzzle.

**ଗୋଲକଧାମ**—ସଂ. ବି. ( ସଂ. ଗୋଲକ+ଧାମନ୍ )—ବିଷ୍ଣୁଙ୍କର
Golakadhāma ବାସସ୍ଥଳ; ବୈକୁଣ୍ଠ—Baikuntha or the heavenly abode of Bishṇu.

**ଗୋଲକବିହାରୀ**—ସଂ. ବି. ( ଉପପଦ; ଗୋଲକ+ବିହାରିନ୍ )—ବିଷ୍ଣୁ—
Golakabihāri Lord Bishṇu.

ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

**ଗୋଲ କଲମ**—ଦେ.ବି—ରୁପା ଓ ପିତଳ ପାତିଆ ଉପରେ ନକାସି କାମ
Gola kalama କରିବାରେ ବ୍ୟବହୃତ ଛେଣି—
গোলকলম A dye used in engraving on brass and
गोलकलम silver plates.

**ଗୋଲ କରିବା**—ଦେ. କ୍ରି—୧ । ଅତି ଜିଦ ବ୍ୟତିବ୍ୟସ୍ତ କରିବା—
Gola kariba 1. To make importune requests.
গোলকরা ୨ । କଳି କରିବା—2. To set up a quarrel.
गोलकरना ୩ । ଗୋଲମାଲ କରିବା—3. To make a row.
୪ । ସବୁ ମିଶାଇ ଦେବା—4. To create a confusion.

**ଗୋଲକୁଣ୍ଡା**—ଦେ. ବି. ସ୍ତ୍ରୀ. (ସଂ. ଗୋଲ+କୁଣ୍ଡ)—୧ । ଅସତୀ ସ୍ତ୍ରୀ—
Golakuṇḍā 1. Unchaste woman; adulteress.
(ଗୋଲକୁଣ୍ଡା—ଅନ୍ୟରୂପ) ୨ । ପୁଂ—ବିଧବାର ଜାରଜ ସନ୍ତାନ—
2. A widow's bastard son.

୩ । (ନାମ)—ଦାକ୍ଷିଣାତ୍ୟର ନଗରବିଶେଷ ( ହୀରାଖଣି ଥିବାରୁ ବିଖ୍ୟାତ )—3. Golkuṇḍā; a place in S. India ( famous for its diamond-mines ).

ପ୍ରାଦେ. (ଗଞ୍ଜାମ) ବି—ଏକପ୍ରକାର ଶିମ୍ବ ବା ଛୁଇଁ—
A kind of bean.

**ଗୋଲଖ**—ଗ୍ରା. ବି. (ସଂ. ଗୋଲକ)—୧ । ବିଧବାର ଜାରଜ ପୁତ୍ର—
Golakha Bastard child of a widow.
গোলক ୨ । ବୈକୁଣ୍ଠ—
गोलक 2. The blissful abode of Bishṇu.

୩ । ଗୋଲକବିହାରୀର ଡାକନାମ—
3. A name for calling Golakabihāri.

**ଗୋଲଗାଲ**—ଦେ. ବିଣ (ଅନର୍ଥକ ଦ୍ୱିତୀୟ ସହଚର)—୧ । ବର୍ତ୍ତୁଳ—
Golagāla 1. Circular; round; spherical.
গোলগাল ୨ । ସମ୍ପୂର୍ଣ୍ଣରୂପେ ଗୋଲାକାର—
2. Circular on all sides.

୩ । ବାଙ୍ଗର ଓ ସ୍ଥୂଳକାୟ (ବ୍ୟକ୍ତି)—
3. Dwarfish and stout (person).

ଦେ. ବି—୧ । କୋଳାହଳ—1. Noise.
୨ । ମେଳ—2. Crowd.

**ଗୋଲ ଗୋଲ**—ସଂ. ବି—ବହୁଗୋଲକବିଶିଷ୍ଟ ଗୋଲକ—
Gola gola A globe consisting of several globes.
গোলগোল (M. W.).
गोलगोल ଦେ. ବିଣ. (ବହୁବଚନାର୍ଥରେ ଦ୍ୱିତ୍ୱ)—ଗୋଲାକାର ବସ୍ତୁ
(ଗୋଲଗୋଲ—ଅନ୍ୟରୂପ) (ବସ୍ତୁ)—Many circular (things).

**ଗୋଲଘାଣ୍ଟ**—ଦେ. ବିଣ—୧ । ଅସ୍ତବ୍ୟସ୍ତ; ଲେଉଟପାଲଟ—
Golaghāṇṭa 1. Tupsy-turvy; upturned.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିଲ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ର ଉପସ୍ଥିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

(ଗୋଲ୍‌ସାଖ୍ୟା—ଅନ୍ୟରୂପ) ୨ । ଦୁରବସ୍ଥାଜର୍ଜ୍ଜରିତ— 2. Afflicted.
গোলমাল

**गोलमाल** ୩ । ଅବ୍ୟବସ୍ଥିତ—3. Confused.

ଦେ. ବି—୧ । ଗୋଳମାଳ—1. Confusion.

୨ । ଘଣ୍ଟାଘାଣ୍ଟି—2. Stirring up.

୩ । ବିଶେଷ ଆନ୍ଦୋଳନ—3. Excessive agitation.

**ଗୋଲଞ୍ଜା**—ଦେ. ବି. (ସ. ଗୋପୁଚ୍ଛ ?)—୧ । ବନ୍ୟଜନ୍ତୁବିଶେଷ—
Golañjā 1. A wild animal.
(ଗୋଲଞ୍ଜା—ଅନ୍ୟରୂପ) ୨ । ବାନରବିଶେଷ—
2. A kind of monkey.

**ଗୋଲଟେବୁଲ୍ କନ୍ଫରେନ୍ସ**—ଦେ. ବ—ରାଉଣ୍ଡଟେବଲ୍
Golaṭebul kanpharensa କନ୍ଫରେନ୍ସ (ଦେଖ)—
Raundṭebal kanpharens (See)

**ଗୋଲନ୍ଦାଜ**—ଦେ. ବ (ହି. ଗୋଲା+ଫା. ଅନ୍ଦାଜ=ଲକ୍ଷେପକ)—
Golandāja କମାଣଦ୍ୱାରା ଗୋଲା ନିକ୍ଷେପକାରୀ ସୈନ୍ୟ; ଯେଉଁ
গোলন্দাজ ସୈନ୍ୟ ତୋପଦ୍ୱାରା ଗୋଲା ଚଳାଏ—An artillery-
**गोलंदाज** man; a gunner.

**ଗୋଲ ବାନ୍ଧିବା**—ଦେ. କ୍ରି—୧ । ମେଳ କରିବା—
Gola bāndhibā 1. To make a combination.
গোল বাঁধা ୨ । ପାଟି କରିବା; ଗୋଲମାଲ କରିବା—
**गोल बांधना** 2. To make a noise or uproar.

**ଗୋଲ ବିଦ୍ୟା**—ସ. ବ—ଜ୍ୟୋତିଷ ବିଦ୍ୟାର ଯେଉଁ ଅଙ୍ଗରୁ ପୃଥିବୀର
Gola bidyā ଗୋଲତ୍ୱ, ବିସ୍ତାର, ଆକାର, ଭୂଭୂପରିବର୍ତ୍ତନ
ଆଦିର ବିବରଣ ଶିକ୍ଷା ଦିଆଯାଏ (ହି. ଶବ୍ଦସାଗର)—
The branch of astronomy dealing with the extent, shape etc of the terrestrial and celestial globes.

**ଗୋଲ ମରିଚ**—ଦେ. ବ—୧ । ମରିଚ (ଦେଖ)—
Gola maricha 1. Maricha (See)
(ଗୋଲମରିଚ—ଅନ୍ୟରୂପ) ୨ । ନାକରେ ପିନ୍ଧାଯିବା ଗୋଲମରିଚ ସଦୃଶ କ୍ଷୁଦ୍ର ସୁନାର ଅଳଙ୍କାର—2. A small gold ornament in the shape of a black pepper, worn in the nose.

**ଗୋଲମାଲ**—ଦେ. ବ (ସ. ଗୋଲ=ମଣ୍ଡଳ; ଫା. ମୁଲ୍=ଉଚ୍ଚୈଃସ୍ୱର)—
Golamāla ୧ । ଗଣ୍ଡଗୋଳ—1. Confusion; tumult;
(ଗୋଲମାଲ୍—ଅନ୍ୟରୂପ) disturbance.
গোলমাল ୨ । ଅନେକ ସ୍ୱର ମିଶ୍ରିତ ଶବ୍ଦ—
**गोलमाल** 2. A loud uproar.
୩ । ବିଷମ ସଙ୍କଟ—3. Inextricable difficulty.

**ଗୋଲମାଲିଆ**—ଦେ. ବଣ—୧ । ଗଣ୍ଡଗୋଳ ପୂର୍ଣ୍ଣ—
Golamāliā 1. Noisy; uproarious.
(ଗୋଲମାଲିଆ—ଅନ୍ୟରୂପ) ୨ । ଜଟିଳ; ଦୁର୍ବୋଧ—
গোলমেলে 2. Incomprehensible; infricate.
**गोलमालिया** ୩ । ଅଡୁଆ; ଅଡୁଆଜଡୁଆ—
3. Confused; mazy; tangled.

**ଗୋଲଯନ୍ତ୍ର**—ସ. ବ—୧ । ପ୍ରାଚୀନକାଳରେ ଭାରତୀୟ ଜ୍ୟୋତିଷୀମାନଙ୍କ
Gola jantra ବ୍ୟବହୃତ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଗ୍ରହ, ନକ୍ଷତ୍ର ଆଦିଙ୍କ ସ୍ଥିତି, ଗତି ଓ ପରିବର୍ତ୍ତନଜ୍ଞାପକ ଯନ୍ତ୍ରବିଶେଷ—
1. A contrivance or instrument used by the ancient astronomers of India showing the positions, movements and changes in the sun, the earth, the planets and the stars.
[ଦ୍ର—ଏହା କେତେ ଖଣ୍ଡ ବାଉଁଶ କାଠି ବା ପାଉଁଆରେ ନିର୍ମିତ ହେଉଥିଲା । ହି. ଶବ୍ଦସାଗର । ମହାତ୍ମା ଚନ୍ଦ୍ରଶେଖର ହରି ସାମନ୍ତ ଏହି ଯନ୍ତ୍ରକୁ ସ୍ୱହସ୍ତରେ ନିର୍ମାଣ କରି ଏହା ସାହାଯ୍ୟରେ ଗ୍ରହ ନକ୍ଷତ୍ରାଦିର ପର୍ଯ୍ୟବେକ୍ଷଣ କରୁଥିଲେ । ]
୨ । ପୃଥିବୀ ଓ ଗ୍ରହ ନକ୍ଷତ୍ରାଦିଙ୍କ ସମ୍ବନ୍ଧେ ଜ୍ଞାନଲାଭାର୍ଥ ଚିତ୍ରିତ ଗୋଲକ—2. Celestial and terrestrial globes indicating matters relating to the earth and the heavens.

**ଗୋଲଯୁଦ୍ଧ**—ଦେ. ବ—ଭୟଙ୍କର ଯୁଦ୍ଧ—
Golajuddha A terrible fight.
ବଡ଼ିତ ଧାଇ ବୃକ୍ଷେ ଅନ୍ଥ ଅନ୍ଥ କଏ ଗୋଲଯୁଦ୍ଧ ଦେଖିଲୁ—
ଉପେ. ବୈଦେହୀଶବିଳାସ ।

**ଗୋଲଯୋଗ**—ଦେ. ବ.—(ଫା. ଗୁଲ୍+ସ. ଯୋଗ)—୧ । ଗୋଲମାଲ;
Golajoga ଗଣ୍ଡଗୋଳ—1. Noise; tumult.
গোলযোগ ୨ । ବିଷମ ସଙ୍କଟ—
**गोलयोग** 2. Inextricable difficulty.
୩ । ମହା ଅବ୍ୟବସ୍ଥା; ଗଡ଼ବଡ଼—
3. Serious confusion or disorder.

**ଗୋଲ ଲଗାଇବା**—ଦେ. କ୍ରି.—ଗୋଲ ବାନ୍ଧିବା (ଦେଖ)
Gola lagāibā Gola bāndhibā (See)

**ଗୋଲା**—ସ. ବ.—(ଗୋଲ+ଆ)—୧ । ଗୋଲ (ଦେଖ)
Golā 1. Gola (See)
୨ । ଗୋଲାକାର ବଡ଼ ଜଳପାତ୍ର; ଗଗ୍ରା—
2. A big circular water-jar.
୩ । ନାଲି ହରିତାଳ; ସିନ୍ଦୂର—3. Red arsenic.
୪ । ଲେଖିବାର କାଳି; ମସୀ—4. Ink.
୫ । ସ୍ତ୍ରୀର ସଖୀ ବା ସଙ୍ଗିନୀ—5. A woman's female companion (M. W.).
୬ । ଦୁର୍ଗା—6. Goddess Durgā. (M. W.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ. | ଊ | ର୍,ଋ | ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଢ |
| ୨ | ଈ | ଉ | ରୁ | ଲୁ | ପ୍ତେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ର୍ଯ୍ୟ | ଯ | ସ | ର୍ଦ୍ୟ | ଇଥ | ଓ | ନ୍ର |

୭ । ଗୋଦାବରୀ ନଦୀ—
7. The river Godābarī (M. W.)
୮ । ଖେଳିବାର ପେଣ୍ଡୁ; କ୍ରୀଡ଼ାକନ୍ଦୁକ—
8 A ball to play with (M. W ).

**घोला, गोला** ଦେ. ବି.—୧ । ପାଣିରେ ଗୋଳିବା;ମିଶ୍ରିତ କରିବା; ଗୋଲାଇବା; ଗୋଳିବା—Mixing up with water

ଧୋଳା ନୋହିବାରୁ କୁସୁମ ଲଭାରୁ ଗୋଳା ନୋହିବାରୁ ଚନ୍ଦନ ।
ଭକ୍ତ. ପ୍ରେମସୁଧାନିଧି ।

୨ । ଘାଣ୍ଟିବା—2. Stirring up.
୩ । ଗୋଲ୍ଲ (ଦେଖ)
3. Go<u>l</u>ā (See)

**घोला** ଦେ. ବିଣ.—୧ । ମିଶ୍ରିତ—1. Mixed up.
**मडकाहुआ, गंदला** ୨ । ତରଳ; ଜଳରେ ମିଶି ତରଳ ହୋଇଥିବା—
2. Liquid; fluid; watered.

ଗୋଳା ଗରଳରୁ କେହୁ ପୀୟୂଷରୁ ସ୍ୱାଦୁ ଗୁଣ ଗରୁ ବନ ।
ଉପେନ୍ଦ୍ର. ଲାବଣ୍ୟବତୀ. ୯. ଗୀତ ।

୩ । ଘଣ୍ଟା ହୋଇଥିବା—3. Stirred up; agitated.
୪ । ଘୋଳା; ମଇଳା (ପାଣି)—
4. Turbid; befouled (water).

**ଗୋଲ୍ଲ**—ସଂ. ବି.—ଗୋଳା (ଦେଖ)
Golā Go<u>l</u>ā (See)

**गोला** ଦେ. ବି. (ସଂ. ଗୋଳକ)—୧ । ବନ୍ଧୁକ ବା କମାଣର ଗୁଳି—
**गोला, गोलि** 1. Cannon-ball; bullet.
୨ । ଗୋଲାକାର କ୍ଷୁଦ୍ର ପଦାର୍ଥ—
2. Small round thing.
୩ । ମଦକ—3. Madat; smoking preparation made from opium.
୪ । ବଟିକା—4. Pill.
୫ । ପେଣ୍ଡୁ—5. Ball.
୬ । (ସଂ. ଗୋଳ)—ଶୂଦ୍ର ଜାତିବିଶେଷ—
6. A caste of Śūdras.
[ ଦ୍ର—ବ୍ରାହ୍ମଣମାନେ ଏମାନଙ୍କ ହସ୍ତରୁ ଜଳ ଗ୍ରହଣ କରନ୍ତି ନାହିଁ । ]
୭ । ଶସ୍ୟାଦିର ଭଣ୍ଡାର; ଅମାର—
7. Granary; store-house.
୮ । ପଣ୍ୟ ଦ୍ରବ୍ୟର ଭଣ୍ଡାରଘର—8. Warehouse.
୧୦ । କମାଣର ବଡ଼ ଫମ୍ପା ବାରୁଦପୂର୍ଣ୍ଣ ପିଣ୍ଡ, ଯହିଁ ମଧ୍ୟରେ ଛୋଟ ଛୋଟ ଗୁଳି, କଣ୍ଟା, ମେଖଆଦି ପଡ଼ିଥାଏ—
10. Bombshell.
୧୧ । ଝାଡ଼ଲେଣ୍ଠ—Hanging glass-bulbs.
ଦେ. ବିଣ—ବର୍ତ୍ତୁଳ—Round; spherical globular.

**ଗୋଲ୍ଲ ଆଖୁ**—ଦେ. ବି—ଭୂମିରେ ଲଗାଇବା ପାଇଁ ଖଣ୍ଡ ଖଣ୍ଡ ହୋଇ କଟା ଯାଇଥିବା ପୁରୁଣା ଆଖୁ—
Golā ākhu
Small bits of last year's sugarcane cut into pieces and planted for growing new plants therefrom.

**ଗୋଲାଇ ପୋଲାଇ ହେବା**—ଦେ. କ୍ରି—ଗୋଲାଇ ହେବା (ଦେଖ)
Go<u>l</u>āi po<u>l</u>āi hebā Go<u>l</u>āi hebā (See).
(ଗୋଳେଇ ପୋଳେଇ ହେବା—ଅନ୍ୟରୂପ)

**ଗୋଲାଇବା**—ଦେ. କ୍ରି ( ସଂ. ଘୂଟ ଧାତୁ=ଆଲୋଡ଼ନ କରିବା )—
Go<u>l</u>āibā ୧ । ( ସକର୍ମକ ) ଦ୍ରବ ପଦାର୍ଥ ସହ ଅନ୍ୟ ପଦାର୍ଥ ଘୂଳାନ ମିଶାଇବା; ଗୋଳିବା—To mix up some thing
**मड़काना; उमारना** with water or liquid.
(ଗୋଳେଇବା—ଅନ୍ୟରୂପ)
୨ । ( ସକର୍ମକ ) ଘାଣ୍ଟିବା; ଆଲୋଡ଼ନ କରିବା—
2. To stir up; to agitate.
୩ । (ଅକର୍ମକ) ଛୁଆଁ ଅଛୁଆଁ ବାରଣ ନ ରଖିବା—
3. Not to discriminate between what is to be touched and what not.
୪ । ( ସକର୍ମକ ) ଗୋଳମାଳ କରିଦେବା—
4. To confuse.
୫ । ( ଅକର୍ମକ ) ଅପାନ ବାୟୁ ତ୍ୟାଗ ଦ୍ୱାରା ବାୟୁକୁ ଦୁର୍ଗନ୍ଧମୟ କରିବା—5. To pollute the air by passing wind.
୬ । ଗୋଳିବାର ଣିଜନ୍ତରୂପ—
6. Causative form of Go<u>l</u>ibā.

**ଗୋଲାଇ ହେବା**—ଦେ. କ୍ରି—୧ । ମିଶ୍ରିତ ହେବା—
Go<u>l</u>āi hebā 1. To be mixed up.
(ଗୋଳେଇ ହେବା—ଅନ୍ୟରୂପ) ୨ । ଅନ୍ୟ ବ୍ୟକ୍ତି ସଙ୍ଗେ ବଳେ ପଶି ମିଶିବାକୁ ଚେଷ୍ଟା କରିବା—2. To try to mix up with other people unasked.
୩ । (ମନ) ଘାଣ୍ଟିହେବା—
3. To feel uneasy ( in mind ).
୪ । ଅନୁତାପ କରିବା—4. To regret.

**ଗୋଲ୍ଲକାର**—ସଂ. ବି—ବର୍ତ୍ତୁଳାକୃତି—
Golākāra Round shape.
( ଗୋଲାକାର—ଅନ୍ୟରୂପ ) ସଂ. ବିଣ—ବର୍ତ୍ତୁଳ—
Round; spherical.

**ଗୋଲ୍ଲକୃତ**—ସଂ. ବି. ଓ ବିଣ—ଗୋଲ୍ଲକାର ( ଦେଖ )
Golākṛuti Golākāra (See).
(ଗୋଲାକୃତ—ଅନ୍ୟରୂପ)

**ଗୋଲ୍ଲଗ**—ସଂ. ବି—ଛତୁ—
Golāga Mushroom.

ସାଧାରଣ ଲେଖେ ଅପର ପୃଷ୍ଠାରେ ୯ଟିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ; 'ଅଲବତ୍' ଦେଖିବେ ।

**ଗୋଲାଗୁଳି**—ଦେ. ବି (ସଂକର; ହି. ଗୋଲା + ସଂ. ଗୁଟିକା) —
Golāguli — ବନ୍ଧୁକ ଓ ତୋପ ପ୍ରଭୃତିର ଦରକାର ଉପକରଣ—
গোলাগুলী — Ammunition.
गोलागोलियाँ

**ଗୋଲାଗୋଳି**—ଦେ. ବି —ବିଶେଷପରିମାଣରେ ଘାଣ୍ଟିବା; ଘାଣ୍ଟାଚକଟା—
Golāgoli — Too much agitation.
ବିଣ—ଏକତ୍ର ଘାଣ୍ଟା ହୋଇଥିବା ( ବହୁ ବସ୍ତୁ )—
( many things ) Mixed up together after much agitation.

**ଗୋଲାଘର**—ଦେ. ବି—ଅମାର; ଶସ୍ୟ ବା ପଣ୍ୟାଗାର—
Golāghara — Granary; warehouse.
গোলাবাড়ি
गोलाघर

**ଗୋଲାଙ୍ଗୁଡ଼ା**—ଦେ. ବି. (ସଂ. ଗୋଲାଙ୍ଗୁଳ)—ବାନରବିଶେଷ—
Golāngurdā — A kind of monkey.
ଶକ୍ତି ସହସ୍ର କୋଟି ଗୋଲାଙ୍ଗୁଡ଼ା ଯୋଦ୍ଧା ।
କରି ସମ ପାଞ୍ଚ ଅଛିଲେ କବାଟ । କୃଷ୍ଣସିଂହ. ମହାଭାରତ. ବନ ।

**ଗୋଲାଙ୍ଗୁଳ**—ସଂ. ବି. ( ୬ଷ୍ଠୀ ତତ୍; ଗୋ+ଲାଙ୍ଗୁଳ )—୧ । ଗୋରୁର
Golāngurda — ଲାଙ୍ଗୁଡ଼—1. Tail of a cow.
୨ । (ବହୁବ୍ରୀହି) କୃଷ୍ଣମୁଖ ବାନରବିଶେଷ—
2. A kind of black-faced monkey.
୩ । ନ୍ୟାୟବିଶେଷ—
3. A kind of analogy applied in common parlance.
[ ଦ୍ର—ଜଣେ ଅନ୍ଧ ବ୍ୟକ୍ତି ତା ଶ୍ୱଶୁରଘରର ଗୋରୁକୁ ବାଟରେ ପାଇ ଶ୍ୱଶୁରଘରକୁ ଯାଉଥିବା ଜନ୍ତୁ ଗୋରୁର ଲାଙ୍ଗୁଡ଼କୁ ଧରି ସେହି ଗୋରୁ ପଛେ ପଛେ ଯାଇ ଶ୍ୱଶୁରଘରେ ପହଞ୍ଚିବାର କାହାଣୀକୁ ଅବଲମ୍ବନ କରି ଏ ନ୍ୟାୟ ଗଢ଼ାଯାଏ । ]

**ଗୋଲାଜାତ**—ଦେ. ବିଣ—ଅମାର ବା ପଣ୍ୟାଗାରକୁ ଆନୀତ ଓ ସଞ୍ଚିତ—
Golājāta — Brought to and stored in the granary or ware-house.
গোলাজাত
ଲୁଣ ପୁଞ୍ଜିବାର ଓଜନ ହୋଇ ଗୋଲାଜାତ ହେଲେ ଅଦଳଦାର ତା ଉପରେ ଅଚଳ ମାରିଦିଏ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଗୋଲାଧ୍ୟାୟ**—ସଂ. ବି. ( ଗୋଲ + ଅଧ୍ୟାୟ )—
Golādhyāya — ଭାସ୍କରାଚାର୍ଯ୍ୟଙ୍କ ପ୍ରଣୀତ ଭୂଗୋଳ ଓ ଖଗୋଳବିଷୟକ ଜ୍ୟୋତିଷ ଗ୍ରନ୍ଥବିଶେଷ—
Name of an astronomical work by Bhāskarāchārjya

**ଗୋଲାପ**— ବୈଦେ. ବି. ( ଫା. ଗୁଲାବ୍ )—
Golāpa — ୧ । ସ୍ୱନାମ ପ୍ରସିଦ୍ଧ ଉଦ୍ୟାନଜାତ ପୁଷ୍ପ ଓ ତହିଁର କଣ୍ଟକମୟ ଗୁଳ୍ମ—
ସଂ. ନାମ— ଶତପତ୍ରୀ, ତରୁଣୀ, ପାଟଳୀ, କର୍ଣ୍ଣିକାଢ୍ୟ, ବୃତ୍ତପୁଷ୍ପ — 1. Rose; Rosa; Rosa Centifolia; Rosa Damascena.
গোলাপ, গোলাব
गुलाब
[ ଦ୍ର—ଶତାଧିକ ଜାତିର ଗୋଲାପ ଅଛି, ତହିଁ ମଧ୍ୟରୁ ପ୍ରାୟ ୩୦ ଜାତି ଗୋଲାପ ପ୍ରସିଦ୍ଧ । ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ୧୧ ଡିଗ୍ରିଠାରୁ ୭୦ ଡିଗ୍ରି ଅକ୍ଷାଂଶ ପର୍ଯ୍ୟନ୍ତ ଅଞ୍ଚଳରେ ଏ ଗୁଳ୍ମ ଜନ୍ମେ । ଭାରତବର୍ଷରେ ଅତି ପ୍ରାଚୀନ କାଳରେ ଗୋଲାପ ଗଛ ବା ଫୁଲର କୃଷି ହେଉ ନ ଥିଲା । କିନ୍ତୁ ବହୁଦିନରୁ ଏହା ଭାରତବର୍ଷକୁ ଅଣାଯାଇ ଉଦ୍ୟାନମାନଙ୍କରେ ଲଗା ହୋଇ ଆସୁଅଛି । କାଶ୍ମୀର ଓ ଭୁଟାନରେ ଏକ ପ୍ରକାର ହଳଦିଆ ଫୁଲବିଶିଷ୍ଟ ଗୋଲାପଗଛ ବଣରେ ଦେଖାଯାଏ । ବଣଗୋଲାପ ଫୁଲରେ ୪।୫ଟି ପାଖୁଡ଼ା ଥାଏ, କିନ୍ତୁ ବଗିଚାରେ ଉନ୍ନତ ପ୍ରଣାଳୀ ଅବଲମ୍ବନ କରାଯାଇ କୃଷି କରାଯିବାରୁ ଫୁଲର ପାଖୁଡ଼ାସଂଖ୍ୟା ବଢ଼ୁଅଛି ଓ କେଶରର ପରିମାଣ କମୁଛି । ଗୋଲାପ ଗଛ କଣ୍ଟାମୟ । ବଡ଼ ଗଛରୁ କଲମ କରି ଓ ଭିନ୍ନ ଭିନ୍ନ ଜାତୀୟ ଗଛର ସଂମିଶ୍ରଣ କରି ନାନା ବର୍ଣ୍ଣର ସୁବାସିତ ଗୋଲାପ ଫୁଲ ଉତ୍ପାଦିତ ହେଉଅଛି । ଧଳା, ହଳଦିଆ, ନାଲି ରଙ୍ଗ ଓ ରଙ୍ଗର ଗାଢ଼ତା ଓ କ୍ଷୀଣତା ଭେଦରେ ଓ ସୁବାସ ଭେଦରେ ଗୋଲାପ ନାନା ପ୍ରକାର । ଋତୁ ଅନୁସାରେ ଫୁଲ ଫୁଟିବା ଭେଦରେ ଗୋଲାପ ୨ ପ୍ରକାରର;—ସଦାଗୋଲାପ ଓ ଋତୁଗୋଲାପ । ଋତୁ ଗୋଲାପର ସୁଗନ୍ଧ ବେଶି ଓ ସେଥିରୁ ଅତର ଓ ଗୋଲାପପାଣି ତିଆରି କରାଯାଏ । ବସୋରା ଓ ଡାମସ୍କସ୍ ଦେଶାଗତ ଗୋଲାପଫୁଲ ଅତର ନିମନ୍ତେ ପ୍ରସିଦ୍ଧ । ଭାରତରେ ଗାଜୀପୁରଠାରେ ଅତର ଓ ଗୋଲାପପାଣି ପାଇଁ ଗୋଲାପର କୃଷି ହୁଏ । କଥିତ ଅଛି ଯେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ରାଣୀ ନୂରଜାହାନ୍ ଖ୍ରୀଷ୍ଟାବ୍ଦ ୧୬୧୨ ସାଲରେ ତାଙ୍କ ବିବାହ ସମୟରେ ଗୋଲାପ ଫୁଲରୁ ଅତର ବାହାର କରିବା କୌଶଳ ପ୍ରଥମେ ଆବିଷ୍କାର କରିଥିଲେ । ବାବର ( ଖ୍ରୀ. ୧୬ଶ ଶତାବ୍ଦୀ ) ଓ ରସିଦ୍‌ଦିନ୍‌ଙ୍କ ( ଖ୍ରୀ. ୧୪ଶ ଶତାବ୍ଦୀ ) ଲେଖାରେ ଭାରତବର୍ଷରେ ଗୋଲାପ ଗଛ ବଗିଚାରେ ଲଗାଯାଉ ଥିବାର ଲେଖାଅଛି । ଗୋଲାପ ଫୁଲ ସୌନ୍ଦର୍ଯ୍ୟ ଓ କୋମଳତା ପାଇଁ ପ୍ରସିଦ୍ଧ । ଦ୍ର. ଶବ୍ଦସାଗର । ]

୨ । ( ଫା. ଗୁଲ୍=ଫୁଲ+ଅବ୍=ପାଣି)—ଗୋଲାପପାଣି—
2. Rose water.

**ଗୋଲାପ ଅତର**—ବୈଦେ. ବି (ଫା. ଗୁଲାବ୍ + ଇତ୍ର୍)—ଗୋଲାପ ଫୁଲରୁ
Golāpa atara — ପ୍ରସ୍ତୁତ ସୁଗନ୍ଧ ତୈଳ — Otto de rose.
গোলাবআতর
गुलाबइत्र

**ଗୋଲାପଜାମ**—ଦେ. ବି— ଗୋଲାପଜାମୁ ( ଦେଖ )
Golāpajāma — Golāpajāmu ( See )

**ଗୋଲାପଜାମୁ**—ଦେ. ବି. ( ଫା. ଗୁଲାବ୍ + ସଂ. ଜମ୍ବୁ )—
Golāpajāmu — ୧ । ଜମ୍ବୁଜାତି ବର୍ଗର ଉଦ୍ୟାନଜାତ ସୁଗନ୍ଧ ପୁଷ୍ପବିଶିଷ୍ଟ ତରୁ ଓ ତାହାର ମିଷ୍ଟ ଫଳ—
গুলাপজাম
1. Rose apple; Eugenia Jamboo.
गुलाबजाम

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ହ୍ନ | ର୍‌ହ,ହ୍ର | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଜ୍ଞ | ଘ |
| ୨ | ଋ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ | ଯ | ସ | ଚଁ | ଇଅ | ● | ନୃ |

୨ । ଭୁଧଛେନା, ସାମାନ୍ୟ ମଇଦା ଓ ଚିନିରେ ତିଆରି ଘୃତପକ୍ୱ ମିଷ୍ଟାନ୍ନବିଶେଷ; ପାନ୍ତୁଆ—2. A kind of sweet-meat made of sweetened cheese mixed with a little quantity of flour and fried in ghee.

ଗୋଲାପ ପାସ୍—ବୈଦେ. ବି. ( ଫା. ଗୁଲାବପାଶ୍ )—ଉତ୍ସବ ଉପଲକ୍ଷରେ
Golāpa pās ଭଦ୍ରଲୋକଙ୍କ ଉପରେ ଗୋଲାପପାଣି ଛିଞ୍ଚିବାପାଇଁ ନିର୍ମିତ
গোলাবপাশ পିଚକାରୀଯୁକ୍ତ ପାତ୍ର—A contrivance with
गुलाबपाश syringe for sprinkling rose-water on guests on festive occasions.

ଗୋଲାପ ଫୁଲ—ଦେ. ବି—୧ । ଗୋଲାପ ଗଛର ଫୁଲ—
Golāpa phula 1. Rose ( flower ).
গোলাপফুল ୨ । ସୁନା ବା ରୁପାର ଗୋଲାପଫୁଲ ସଦୃଶ ଅଳଙ୍କାର—
गुलाबफूल 2. Gold or silver ornament resembling a rose.

ଗୋଲାପ ବାସ୍—ବୈଦେ. ବି—ଗୋଲାପପାସ୍ ( ଦେଖ )
Golāpa bās Golāpapās (See)

ଗୋଲାପି—ବୈଦେ. ବି. ( ଫା. ଗୁଲାବୀ )—
Golāpi ୧ । ଗୋଲାପ ଫୁଲର ଗନ୍ଧଯୁକ୍ତ—
গোলাপী; গোলাবী 1. Rose-scented.
गुलाबी ୨ । ଗୋଲାପ ସମ୍ବନ୍ଧୀୟ—
2. Rosy; relating to rose.
୩ । ଗୋଲାପଫୁଲ ପରି ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ; ଅରକ୍ତ—
3. Roseate.
୪ । ପାଟଳବର୍ଣ୍ଣ—
4 Rosy; rose-coloured; pink-coloured.
୫ । ଈଷତ୍—5 Slight.
( ଯଥା—ଗୋଲାପି ନିଶା । )

ଗୋଲାପି ନିଶା—ବୈଦେ. ବି—୧ । (ଫା. ଗୁଲାବୀ+ନଶା)—ସ୍ୱଳ୍ପପରିମିତ
Golāpi nisā ମଦ୍ୟପାନଜନିତ ଅଳ୍ପ ମଧୁର ନିଶା; ମୃଦୁ ନିଶା—
গোলাপীনেশা 1. A little intoxication or hilarity
गुलाबीनसा as the result of taking a moderate quantity of wine.
୨ । ଯେଉଁ ନିଶାରେ ଚକ୍ଷୁ ଗୋଲାପଫୁଲ ପରି ସାମାନ୍ୟ ରକ୍ତବର୍ଣ୍ଣ ହୁଏ—2. Hilarity or intoxication which turns the eyes roseate.

ଗୋଲାବ୍ ( ଇତ୍ୟାଦି )—ବୈଦେ. ବି (ଫା)—ଗୋଲାପ ଇତ୍ୟାଦି (ଦେଖ)
Golāb ( etc ) Golāpa etc ( See )

ଗୋଲାବି ( ଇତ୍ୟାଦି )—ବୈଦେ. ବି(ଫା)—ଗୋଲାପି ଇତ୍ୟାଦି (ଦେଖ)
Golābi ( etc ) Golāpi etc ( See )

ଗୋଲାମ—ବୈଦେ. ବି. ( ଅ. ଗୁଲାମ୍; ଫା. ଘୁଲାମ୍ )—
Golāma ୧ । ଭୃତ୍ୟ; ସେବକ—1. Slave; servant.
গোলাম ୨ । ତାସ୍ ଖେଳରେ ଗୋଲାମ ଚିତ୍ର ଥିବା କାଗଜ—
गुलाम 2. A knave at cards.
[ ଦ୍ର—ଏହା ଦହଲା ବା ଦଶଠାରୁ ଉର୍ଦ୍ଧ୍ୱ ଓ ବିବି ବା ରାଣୀଠାରୁ ନିମ୍ନ ସଂଖ୍ୟକ । ]
୩ । କ୍ରୀତଦାସ—3. A purchased slave.
୪ । ଉତ୍କଳର କରଣମାନଙ୍କର ରକ୍ଷିତା ( ଅବିବାହିତା ) ସ୍ତ୍ରୀଗର୍ଭଜାତ ସନ୍ତାନ—4. The illegitimate sons of the Karaṇas of Orissa.
୫ । ସାଗରପେସା ଜାତି—5. The caste of illegitimate off-springs of the Bengalee Kāyastha-settlers of Orissa.
୬ । ଗଞ୍ଜପା ଖେଳର ଗୋଟିଏ ସାର ବା ତାସ୍—
6. One of the cards of Gañjapā game.

ଗୋଲାମଗିରି—ବୈଦେ. ବି. (ଅ. ଗୁଲାମ୍+ଫା. ପ୍ରତ୍ୟୟ. ଗିରି)—
Golāmagiri ୧ । ଦାସତ୍ୱ—1. Slavery.
গোলামগিরি ୨ । ପରର ଚାକିରି—
गुलामगिरी 2. Service under another.
[ ଦ୍ର—ଗୋଲାମପଣ; ଗୋଲାମପଣିଆଁ ମଧ୍ୟ ଏହି ଅର୍ଥରେ ହୋଇଥାଏ । ]

ଗୋଲାମି—ବୈଦେ. ବି. (ଅ.)—ଗୋଲାମଗିରି (ଦେଖ)
Golāmi Golāmagiri (See)
গোলামি
गुलामी

ଗୋଲାମି ଖଟିବା—ଦେ. କ୍ରି.—ଦାସତ୍ୱକର୍ମ କରିବା—
Golāmi khaṭibā To work as a slave.

ଗୋଲାମୁ—ପ୍ରାଦେ. (ଗୋଲାମ) ବି.—(ତେଲୁଗୁ ପ୍ରଭାବରେ ଶେଷ ଅକ୍ଷର
Golāmu 'ମ' ର 'ମୁ' ଉଚ୍ଚାରଣ)—ଗଞ୍ଜପା ସାରର ଏକ ପ୍ରକାର ସାର ବା ତାସ୍—The servant; one of the cards of the game of Gañjapā.

ଗୋଲାଯନ୍ତ୍ର—ସଂ. ବି.—ଜ୍ୟୋତିଷିକ ଯନ୍ତ୍ରବିଶେଷ; ଗୋଲଯନ୍ତ୍ର (ଦେଖ)—
Golājantra A kind of astronomical instrument. Golajantra (See)

ଗୋଲାସ—ସଂ. ବି.—ଛତୁ—
Golāsa Mushroom.

ଗୋଲାହାଟ—ଦେ. ବି (ସଂ. ଗୋଲକ ଓ ହଟ୍ଟ; ସଂ. ଗୋଲହାଟ)—ଶରୀର-
Golāhāṭa ଭେଦ ଭଜନରେ ବର୍ଣ୍ଣିତ ହୃଦୟର କାଳ୍ପନିକ ସ୍ଥାନ—
(ଗୋଲାହାଟ—ଅନ୍ୟରୂପ) An inaginery place in the human heart mentioned in the Oriya Sarira-bheda bhajanas.

ଗୋଲହାଟ ବୋଲି ବେଦାନ୍ତ କହେ,
ହାଟ କେମନ୍ତେ କହ ଦେବସ୍ୱୟଂ । ପ୍ରାଚୀ. ପର;ତଗୀତା ।

ଉଚ୍ଚାରଣ ଲେଖକଙ୍କ ସୁବିଧାରେ ପ୍ରଥମ ୧ ରୁ ୨ ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ତରେ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ପଙ୍କ୍ତି କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନମାନଙ୍କରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଙ୍କ୍ତିର ଉପସ୍ଥ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଦୃଷ୍ଟ' ନ ମିଳିଲେ 'ଦୃଷ୍ଟ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ ଅର୍ଦ୍ଧ' ଦେଖିବେ; ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗୋଳି**—ଦେ. ବଣ.—ଘଣ୍ଟା ହୋଇଥିବା ଯୋଗୁଁ କର୍ଦ୍ଦମାକ୍ତ (ଜଳ);
Goḻi ଗୋଳିଆ—Befouled; trubid.

ଦେ. ବି.—(ଜଳାଦିର) ଆଲୋଡ଼ନ—
Agitation of water.

(ଯଥା—ମାଛ ଧରିବା ପାଇଁ ଲୋକେ ପୋଖରୀ ଗୋଳି କରନ୍ତି) ।

**ଗୋଲି**—ଦେ. ବି. (ସଂ. ଗୋଳକ)—୧ । କ୍ରୀଡ଼ନକ ଗୋଲାକାର ପ୍ରସ୍ତର-
Goli ଖଣ୍ଡ ବା କାଚଗୋଟାଳି; ମାର୍ବଲ; ମାର୍ବଲ୍—
ଗୁଲୀ 1. Children's marble; a little ball of
गुल्ली, गोली marble or glass used as a plaything by children

୨ । ଗୁଳି; ଅଫିମରସରେ ତିଆରି ଗୋଲାକାର ମାଦକ-ଦ୍ରବ୍ୟବିଶେଷ—2. Bullet; a smoking preparation of opium.

୩ । ପେଣ୍ଡୁଲା—3. A roll.

୪ । ଦୂରତ୍ୱର ପରିମାଣବିଶେଷ; ତୋପ ବା ବନ୍ଧୁକର ଗୋଳା ଯେତେଦୂର ଯାଇ ପାରେ ସେହି ପରିମିତ ଦୂରତ୍ୱ—
4. A measure of distance; range of a bullet.

୫ । ଡାବଲି; ଡାବଲପୁଆ ଖେଳରେ ବ୍ୟବହୃତ ଦୁଇ ପାଖ ମୁନିଆଁ କ୍ଷୁଦ୍ର କାଠଖଣ୍ଡ—5. A stout bit of wood pointed at both ends used in Ḍābalapuā game.

**ଗୋଳିଆ**—ଦେ. ବଣ. ( ସଂ. ଘୋଳ=ଜଳମିଶ୍ରିତ ମନ୍ଥିତ ଦଧି )—
Goḻiā ୧ । ଅନିର୍ମଳ; ଅସ୍ୱଚ୍ଛ ( ଜଳ )—
ঘোলা 1. Turbid ( water ).
गँदला ୨ । ଯେ ଖେଳରେ ଗୋଳାଏ—
2. One who uses foul means in a game.
ଆପେ ଗୋଳିଆ ହୁଅଇ ଆପେ ସେ ନିର୍ମଳ । ଗ୍ରାମ୍ୟ- ଚନ୍ଦ୍ରଚୂଡ଼ଙ୍କ ଗୀତ ।

୩ । ଯେ ଘଣ୍ଟାଘଣ୍ଟି କରେ—
3. One who stirs up everything.

୪ । କପଟୀ—4. Hypocrite; deceitful.

୫ । ଯେ ଅପାନବାୟୁ ତ୍ୟାଗ କରି ବାୟୁକୁ ଦୁର୍ଗନ୍ଧମୟ କରେ—
5. Polluting the atmosphere by passing offensive wind.

ଦେ. ବି—୧ । ଗୋଳାଇବା କର୍ମ—
1. Act of stirring up.

୨ । କପଟ; ଛଳ—2. Hypocricy; deceit
ଗୋଳିଆ ନ ରଖି, କହୁ କେନ୍ଦ୍ରମୁଣ୍ଡୀ । କବିସୂର୍ଯ୍ୟ. କଳୋଶ୍ୱରଚନ୍ଦ୍ର. ୪ ଗୀତ ।

**ଗୋଲିଆ**—ପ୍ରାଦେ. (ସମ୍ବଲପୁର) ବଣ (ଳ ସ୍ଥାନରେ ଲ ଉଚ୍ଚାରଣ)—
Goliā ଗୋଳିଆ (ଦେଖ)
Goḻiā (See)

**ଗୋଳିଆଇବା**—ଦେ. କ୍ରି—୧ । ଗୋଳିବାର ଣିଜନ୍ତ ରୂପ—
Goḻiāibā 1. The causative form of Goḻibā.
(ଗୋଳେଇବା—ଅନ୍ୟରୂପ)
କଅଁଳ ହୃଙ୍ଗୁଳ ମଧୁର ଗୋଳିଅଇଁ । କୃଷ୍ଣସିଂହ. ମହାଭାରତ. ବନ ।

୨ । ଗୋଳିବା ( ଦେଖ )
2. Goḻibā ( See )

**ଗୋଲିଆଗୁଲି**—ପ୍ରାଦେ. (ସମ୍ବଲପୁର) ବି—ଘାଣ୍ଟଘଅଣ; ନାନାଜାତୀୟ
Goliāguli ପରିବା ମିଶାଯାଇ ରନ୍ଧା ହୋଇଥିବା ତିଅଣ—
Hodgepodge; hotchpot.

**ଗୋଳିଆଗୋଳି**—ଦେ. ବି—୧ । ଘାଣ୍ଟିବା—
Goḻiāgoḻi 1. Stirring up to gether.
ঘণ্ট ୨ । ମିଶ୍ରଣ—2. Mixtare.
घालमेल ୩ । ଗୋଳମାଳ; ଅସ୍ତବ୍ୟସ୍ତତା—3. Confusion; consternation.

୪ । ଅନେକ ପରିବା ମିଶ୍ରିତ ତରକାରୀ; ଘାଣ୍ଟଘଅଣ—
4. Hotchpot; hodgepodge.

ଦେ. ବଣ—୧ । ମିଶ୍ରିତ ( ବହୁଦ୍ରବ୍ୟ )—
1 Mixed up (many things).

୨ । ଭଲ ଓ ମନ୍ଦ ମିଳାମିଶା ହୋଇଥିବା—
2. Having good mixed up with evil.

୩ । ଅସ୍ତବ୍ୟସ୍ତ—3. Confused.

୪ । ଅନିର୍ଦ୍ଦିଷ୍ଟ; ଅନିଶ୍ଚିତ—4. Uncertain.

୫ । ଘଣ୍ଟା ହୋଇଥିବା—5. Stirred up.

**ଗୋଳିଆପୋଳିଆ**—ଗ୍ରା. ବି ଓ ବଣ—ଗୋଳିଆଗୋଳି (ଦେଖ)
Goḻiāpoḻiā Goḻiāgoḻi (See)

ଦେ. କ୍ରି. ବଣ—୧ । ଅସ୍ତବ୍ୟସ୍ତ ଭାବରେ—
1. In a confused manner

୨ । ଯେନତେନ ପ୍ରକାରେଣ—2. Anyhow.

୩ । ଭଲମନ୍ଦ ମିଶାମିଶି ହୋଇ—
3 In a mixed manner.

**ଗୋଳି ଉଠିବା**—ଦେ. କ୍ରି—ଜଳ ଗୋଳିଆ ହେବା—
Goḻi uṭhibā Water becoming turbid.

**ଗୋଳି କରିବା**—ଦେ. କ୍ରି - ପାଣିକୁ ଘାଣ୍ଟି ଗୋଳିଆ କରିବା—
Goḻi karibā To make water turbid by stirring.

**ଗୋଲି ଖେଳ**—ଦେ. ବି—ପଥର ବା କାଚ ଗୋଟାଳିଦ୍ୱାରା ପିଲାମାନଙ୍କର
Goli kheḻa ଖେଳ; ମାର୍ବଲ୍ ଖେଳ—Childrens' play at marbles
গুলীখেলা
गोलीकाखेल

**ଗୋଳିଗାଳି ହେବା**—ଦେ. କ୍ରି—୧ । ଘାଣ୍ଟି ହେବା; ଆନ୍ଦୋଳିତ ବା
Goḻigāḻi hebā ମନ୍ଥିତ ହେବା—
1. To be agitated or stirred.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ଂ | ଢ଼ଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨. | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶଂ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

୨ । ଭୂମିରେ ଲୁଣ୍ଠିତ ହେବା; ଲୋଟ୍ଟସାଉଁଟ ହେବା—
2. To wallow or roll on the ground.

ଗୋଲଘାଣ୍ଟି ହେବା—ଦେ. କ୍ରି—ଗୋଲେଇଘାଣ୍ଟି ହେବା ( ଦେଖ )—
Golighāṇṭihebā Goleighāṇṭi hebā ( See )

ଗୋଲବା—ଦେ. କ୍ରି—ଗୋଲାଇବା ( ଦେଖ )
Golibā Golāibā ( See )

ଗୋଲ ଦେଇ ମୋର ବାହାର ଉଦର ।
କନ୍ଦର୍ପସ୍ୟ, କଣୋସବନ୍ଧୁ ର ଗୀତ ।

ଗୋଲସୂତା—ଦେ. ବି. ( ସଂ ଗୋଲ+ସୂତ୍ର )—
Golisūtā କଳନିର୍ମିତ ସୂତାର ଗୋଲକ—
ଗୁଲୀସୂତୋ A roll or ball of machine-made
गोलीसूत thread used in sewing.

ଗୋଲହା—ପ୍ରାଦେ. ( ସମ୍ବଲପୁର ) ବି—
Golihā କଜଳପାତି (ଚଢ଼େଇ) ( ଦେଖ )
Kajalapāti (bird) ( See )

ଗୋଲ ହେବା—ଦେ. କ୍ରି —ଗୋଲଗାଲ ହେବା—
Goli hebā Goligāli hebā ( See )

ତୋତ ମୁଁ ଧରିଲେ ଗୋଲ ହୋଇ ଗଲୁ ତୁହି ।
ଅଭିମନ୍ୟୁ, ବଦଗ୍ଧଚିନ୍ତାମଣି ।

ଗାଲୁରି—ପ୍ରାଦେ. ( ବସ୍ତର ) ବି—ପିଆଜ—
Goluri Onion.

ଗୋଲେଇ—ଦେ. ବି. ( ସଂ. ଗୋଲତ୍ୱ )—
Golei କାଠଗଡ଼ ବା ଖୁଣ୍ଟ ଆଦି ବର୍ତ୍ତୁଳ ବସ୍ତୁର ପରିଧି—
গোলাই The circumferrence of a log or post
गोलाई of wood.
( ଯଥା—ଏ କାଠର ଗୋଲେଇ ଦଶ ଫୁଟ । )
ଦେ. ବିଣ—ଗୋଲାକାର—Round; circular.
( ଯଥା—ଏ ଚଉଖୁଣ୍ଟିଆ କାଠକୁ ଗୋଲେଇ କରିଦିଅ । )

ଗୋଲେଇ ଓସାର—ଦେ. ବି—ଗଡ଼କାଠର ବ୍ୟାସ—
Golei osāra The diameter of a round log of wood.

ଗୋଲେଇ ଘାଣ୍ଟି ହେବା—ଦେ. କ୍ରି—୧ । (ପେଟ) ଚଳଟ ହେବା—
Golei ghāṇṭi hebā 1. ( stomach ) To be disordered.
୨ । (ମନ) ଉଦ୍ୱିଗ୍ନ ହେବା—
2. ( mind ) To be anxious.
୩ । ( ଜଂଜାଳରେ ପଡ଼ି ) ବ୍ୟସ୍ତବ୍ୟସ୍ତ ହେବା—
3. To be disturbed by complications.

ଗୋଲେଇ ପୋଲେଇ ହେବା—ଗ୍ରା. କ୍ରି—ନିଜେ ଇଚ୍ଛା କରି ବିପକ୍ଷ
Golei polei hebā ଲୋକଙ୍କ ସଙ୍ଗେ ମିଳାମିଶାର ଚେଷ୍ଟା ବା ଯୋଗାଡ଼ କରିବା—The try of one's own accord to mix with a person or persons of the opposite party.

ଗୋଲେଖ—ଗ୍ରା. ବି. ( ସଂ. ଗୋଲକ; ଗୋଲୋକ )—ବୈକୁଣ୍ଠ—
Golekha Baikuṇṭha, the seat of Bishṇu.

ଗୋଲୋକ—ସଂ. ବି. ( ଗୋ=ସ୍ୱର୍ଗ+ଲୋକ )—ବୈକୁଣ୍ଠ; ସ୍ୱର୍ଗ—
Goloka The heaven, presided over by Bishṇu; Hindus' paradise; the place of supreme happiness to be attained by a deserving devotee after death.

ଗୋଲୋକ ଧାମ—ସଂ. ବି. ( ଗୋଲୋକ+ଧାମନ୍ )—
Goloka dhāma ଗୋଲୋକ (ଦେଖ )
Goloka ( See )

ଗୋଲୋକପତି—ସଂ. ବି. ( ୬ଷ୍ଠୀ ତତ୍; ଗୋଲୋକ+ପତି )—
Golokapati ବିଷ୍ଣୁ; ଶ୍ରୀକୃଷ୍ଣ—
Bishṇu, the Lord of Baikuṇṭha.

ଗୋଲୋମୀ—ସଂ. ବି ( ଗୋ+ଲୋମ+ଇନ୍; ୧ମା. ୧ବ )—
Golomi ( ଗୋରୁର ଲୋମ ପରି ଦେଖାଯିବାରୁ) ଶ୍ୱେତ ଦୂର୍ବା; ଧଳା ଦୁବ—White Doob-grass; Agrostis Lincaris.

ଗୋଲ୍ଡଷ୍ଟୁକର—ବୈଦେ. ବି ( ନାମ ) — ଜର୍ମାନର ସଂସ୍କୃତଭାଷାଭିଜ୍ଞ
Gold shṭukar ଜନୈକ ସ୍ୱର୍ଗୀୟ ପଣ୍ଡିତ ( ସେ ପାଣିନି ବ୍ୟାକରଣ ଓ ମନୁସଂହିତାକୁ ଇଂରେଜୀଭାଷା ସାହାଯ୍ୟରେ ସଙ୍କଳନ ଓ ଖଣ୍ଡିଏ ସଂସ୍କୃତ-ଇଂରାଜୀ ଅଭିଧାନ ସଂଗ୍ରହ କରିଥିଲେ)—
Goldstucker, late eminent German scholar, the editor of a Sanskrit-English Dictionary and also of Pāṇini's Grammar and Manu Saṁhitā.

ଗୋଲ୍ଲା—ଦେ. ବି (ସଂ. ଗୋଲକ)—୧ । ଗୋଲ ବସ୍ତୁ—
Gollā 1. A round or spherical thing; ball.
গোল্লা ୨ । ଗୋଲାକାର ମିଷ୍ଟାନ୍ନବିଶେଷ; ରସଗୋଲ୍ଲା; ଛେନାଗୋଲ୍ଲା—
गुल्ला 2. A ball of sweet-meat made from cheese.

ଗୋଲ୍ହାଟ—ସଂ. ବି—ତନ୍ତ୍ରସାଧକଙ୍କ କଳ୍ପିତ ମନୁଷ୍ୟଶରୀରାଭ୍ୟନ୍ତରସ୍ଥ ଚକ୍ର
Golhāṭa ବା କେନ୍ଦ୍ରବିଶେଷ—A kind of mystical diagram (M. W.).

ଗୋୱାନ୍—ପ୍ରାଦେ ( ବାଲେଶ୍ୱର ) ବି—ବାଲେଶ୍ୱର ଜିଲ୍ଲାର କର୍ଦ୍ଦମାକ୍ତ
Gowān ସ୍ଥଳମାନଙ୍କରେ ଓ ସମୁଦ୍ରକୂଳର ଜଙ୍ଗଲରେ ଜାତ ବୃକ୍ଷ ବିଶେଷ—Excœcarea; Agallocha.

ଗୋଶ୍—ପ୍ରାଦେ ( ସମ୍ବଲପୁର ) ବୈଦେ. ବି ( ଅ. ଗୋସ୍ତ୍ )—ମାଂସ;
Gos ଖାଦ୍ୟାର୍ଥ ବ୍ୟବହୃତ ମାଂସ—Meat.

ଗୋଶଙ୍ଗା—ଦେ. ବିଣ—୧ । ଅକର୍ମଣ୍ୟ—
Gosaṅgā 1. Good for nothing.
( ଯଥା—ଗୋଶଙ୍ଗା କଦଳୀ ଭୁଣ୍ଡି । )
୨ । ଅଳସୁଆ—2. Lazy.
( ଯଥା—ଗୋଶଙ୍ଗା ଲୋକ । )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗୋଶଙ୍ଗା ଉଧି**—ଦେ. ବି—କଦଳୀଗଛର ମୂଳରେ ପ୍ରଥମେ ଆଗୁଳା ଉଧି ଉଠିବା ପରେ ଉଠିଥିବା ଉଧି—
Gosaṅgā udhi
Cones of plantain trees coming out after the first cones have come up.
[ ଦ୍ର—ଅସଲ ଗଛକୁ କବଳ ଓ ନଷ୍ଟ କରି ପକାଇବ ବୋଲି ଏ କଦଳୀ-ଉଧିକୁ ନଷ୍ଟ କରି ଦିଆଯାଏ । ]

**ଗୋଶଲ୍**—ବୈଦେ. ବି (ଆ. ଗୁସ୍)—ସ୍ନାନ—
Gosal Bath.
गोसल
**गुसल**

**ଗୋଶଲ୍ କରିବା**—ଦେ. କ୍ରି (ଆ. ଗୁସ୍)—ସ୍ନାନ କରିବା
Gosal karibā To bathe.
गोसलकरा
**गुसलकरना**

**ଗୋଶଲ୍‌ଖାନା**—ବୈଦେ. ବି (ଆ. ଗୁସ୍+ଫା. ଖାନା)—
Gosalkhānā ସ୍ନାନାଗାର—Bath-room.
गोसलखाना
**गुसलखाना**

**ଗୋଶାଳ**—ସଂ. ବି (୬ଷ୍ଠୀ ତତ୍; ଗୋ+ଶାଳା; ସମାସରେ ଶାଳାର ଶେଷ 'ଆ' ସ୍ଥାନରେ ଅ)—ଗୋଶାଳା (ଦେଖ)—
Gośāḷa Gośāḷā (See)

**ଗୋଶାଳା**—ସଂ. ବି (୬ଷ୍ଠୀ ତତ୍; ଗୋ+ଶାଳା)—୧ । ଗୋରୁ ରହିବାର ସ୍ଥାନ; ଗୁହାଳ—1. Cow-shed.
Gośāḷā
୨ । ଭାରତର ସ୍ଥାନେ ସ୍ଥାନେ ଦାନଶୀଳ ଲୋକମାନଙ୍କଦ୍ୱାରା ପ୍ରତିଷ୍ଠିତ ଅକର୍ମଣ୍ୟ ଗୋରୁମାନଙ୍କ ଆଶ୍ରୟସ୍ଥାନ—Goshala; houses built and maintained by charitable people for protecting old and helpless cattle.

**ଗୋଶୀର୍ଷ**—ସଂ. ବି (୬ଷ୍ଠୀ ତତ୍; ଗୋ+ଶୀର୍ଷ)—୧ । ଗୋରୁମୁଣ୍ଡ—
Gośirsha 1. The head of a cow.
୨ । ପର୍ବତବିଶେଷ—2. Name of a mountain.
୩ । (ଗୋଶୀର୍ଷ ପର୍ବତରେ ଏହି ବୃକ୍ଷ ଜନ୍ମିବାରୁ) ଚନ୍ଦନ ବିଶେଷ; ହରିଚନ୍ଦନ—3. A kind of sandal-wood.
୪ । ଗୋମସ୍ତକ ସଦୃଶ କ୍ଷେପଣୀୟ ଅସ୍ତ୍ରବିଶେଷ—4. A kind of weapon of offence shaped like the head of a cow and thrown at the enemy.

**ଗୋଶୃଙ୍ଗ**—ସଂ. ବି (୬ଷ୍ଠୀ ତତ୍; ଗୋ+ଶୃଙ୍ଗ)—୧ । ଗୋରୁଶିଙ୍ଗ—
Gośṛuṅga 1. Cow-horn.
୨ । ରାମାୟଣ ଓ ମହାଭାରତବର୍ଣ୍ଣିତ ପର୍ବତବିଶେଷ—2. Name of a mountain mentioned in the Rāmāyaṇa and Mahābhārata;
୩ । ଗୋରୁଶିଙ୍ଗରେ ନିର୍ମିତ ରଣବାଦ୍ୟବିଶେଷ; ଶିଙ୍ଗା—3. A horn (blowing instrument); a trumpet made of cow-horn.
୪ । ମୁନିବିଶେଷ—4 Name of a sage.
୫ । ବବୁର ଗଛ (ଦ୍ର. ଶବ୍ଦସାଗର)—5. The Acacia tree.

**ଗୋଷଡ୍‌ଗବ**—ସଂ. ବି (ଗୋ+ଷଟ୍+ଗୋ)—
Goshadgaba ତିନି ହଳ ଗୋରୁ; ଛଅଟି ଗୋରୁ—Three pairs of cattle.

**ଗୋଷ୍ଟମାର୍କା**—ଦେ. ବି (ସଂ. ଗୋ ଓ ଇଂ. ମାର୍କ)—
Goshṭamārkā ସାଧାରଣ ବିଲାତି କଳବୁଣା ଲୁଗା—Ordinary English mill-made cloth.
[ ଦ୍ର—ପ୍ରଥମେ ଯେଉଁ ବିଲାତି ଲୁଗା ଭାରତକୁ ଆସୁଥିଲା, ସେଥିରେ ହିନ୍ଦୁମାନଙ୍କର ଅବଧ୍ୟ 'ଗୋରୁ'ର ଚିତ୍ର ଛାପା ବା ମୋହର ମରା ଯାଉଥିବାରୁ ବିଲାତି ଲୁଗାର ଏହି ନାମକରଣ ହୋଇଅଛି । ]

**ଗୋଷ୍ଟୋମ**—ସଂ. ବି—ଏକଦିନବ୍ୟାପୀ ଯଜ୍ଞବିଶେଷ—
Goshṭoma A kind of Vedic sacrifiœe lasting for a day.

**ଗୋଷ୍ଠ୍ (ଧାତୁ)**—ସଂ.—୧ । ଏକତ୍ର ହେବା—
Goshṭh (root) 1. To collect.
୨ । ଗଦା କରିବା—2. To heap up.
୩ । ସମାରୋହ କରିବା—3. To set up a show.

**ଗୋଷ୍ଠ**—ସଂ. ବି (ଗୋ+ସ୍ଥା ଧାତୁ+ଅଧିକରଣେ. ଅ)—
Goshṭha ୧ । ପଶୁଚାରଣ ଭୂମି—1. Pasture.
୨ । ଗୋଠ—2. Place where cattle are herded together; cattle-pen.
୩ । ଗୋରୁପଲ—3. A herd or drove of cattle.
୪ । (ଗୋଷ୍ଠ ଧାତୁ+କର୍ତ୍ତୃ. ଅ) ଗୋପାଳମାନଙ୍କର ମିଳନସ୍ଥଳ—4. A station or meeting place of cowherds.
୫ । ମିଳନସ୍ଥାନ; ସଭା—5. Meeting place; assembly; convocation; council.
୬ । (+ଭାବ. ଅ) ବନ୍ଧୁ ଲୋକଙ୍କର କଥୋପକଥନ; ଗପସପ—6. Chitchat; discourse; conversation.
୭ । ମିଳନ; ସଙ୍ଗ; ମେଳା—7. Meeting; collection; gathering.
୮ । ସମ୍ପର୍କୀୟ ବ୍ୟକ୍ତି; ପୋଷ୍ୟବର୍ଗ—8 Relatives; persons who require to be maintained in the family.
୯ । (+କର୍ମ. ଅ) ଗୋଟିଏ ଅଙ୍କବିଶିଷ୍ଟ ନାଟକ—9. A drama in one act.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଏଁ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ |

୧୦ । ଶିବ—10. Ṡiba.

୧୧ । ଶୁଦ୍ଧିଶ୍ରାଦ୍ଧବିଶେଷ—
11. A purificatory Ṡrāddha.

୧୨ । ପରାମର୍ଶ; ସଲ୍ଲା (ହି. ଶବ୍ଦସାଗର)—12. Counsel.

୧୩ । ଦଳ; ମଣ୍ଡଳୀ (ହି. ଶବ୍ଦସାଗର)—
13. Company; a body of persons.

ଗୋଷ୍ଠଚନ୍ଦ୍ର—ଦେ. ବି. (ଗୋଗୋଷ୍ଠରେ ଚନ୍ଦ୍ରମାସ୍ୱରୂପ)—ପ୍ରାଚୀନ
Goshṭhachandra ଉତ୍କଳୀୟ କବିମାନଙ୍କଦ୍ୱାରା ପ୍ରଦତ୍ତ ଶ୍ରୀକୃଷ୍ଣଙ୍କ ନାମବିଶେଷ—A name of Ṡrīkṛushṇa.

ଗୋଷ୍ଠପଟୁ—ସଂ. ବି. ପୁଂ—ଗୋଷ୍ଠପଣ୍ଡିତ (ଦେଖ)
Goshṭhapaṭu Goshṭhapaṇḍita (See)

ଗୋଷ୍ଠପଣ୍ଡିତ—ସଂ. ବି. ପୁଂ—ଗପଡ଼ି; ଯେ ମୁହଁବାଲିଙ୍ଗି କରେ—
Goshṭhapaṇḍita A braggart; a vain boaster.

ଗୋଷ୍ଠପତି—ସଂ. ବି. (୬ଷ୍ଠୀ ତତ୍; ଗୋଷ୍ଠ+ପତି)—
Goshṭhapati ଗୋଷ୍ଠାଧ୍ୟକ୍ଷ (ଦେଖ)
Goshṭhādhyaksha (See)

ଗୋଷ୍ଠପ୍ରଗଲ୍‌ଭ—ସଂ. ବି—ଗୋଷ୍ଠପଣ୍ଡିତ (ଦେଖ)
Goshṭhapragalbha Goshṭhapaṇḍita (See)

ଗୋଷ୍ଠଶାଳା—ସଂ. ବି—ସଭାଗୃହ (ହି. ଶବ୍ଦସାଗର)—
Goshṭhaṡālā A meeting-hall.

ଗୋଷ୍ଠାଗାର—ସଂ. ବି. (୬ଷ୍ଠୀ ତତ୍; ଗୋଷ୍ଠ+ଅଗାର)—
Goshṭhāgāra ୧ । ସଭାଗୃହ—
1. Meeting-hall; council-chamber

୨ । ଗଞ୍ଜ; ପଣ୍ୟାଗାର—2. Warehouse.

୩ । ଗୋଶାଳା—3. Cow-shed; cattle-house,

ଗୋଷ୍ଠାଧ୍ୟକ୍ଷ—ସଂ. ବି. (୬ଷ୍ଠୀ ତତ୍; ଗୋଷ୍ଠ+ଅଧ୍ୟକ୍ଷ)—
Goshṭhādhyaksha ୧ । ସଭାର ସଭାପତି—1. President of a meeting; head of a gathering.

୨ । ଗୋପାଳଙ୍କ ମଧ୍ୟରେ ପ୍ରଧାନ ବ୍ୟକ୍ତି—
2. The chief herdsman.

୩ । ଜନନେତା—3. A popular leader.

୪ । ପରିବାରର କର୍ତ୍ତା—4. The head of a family.

ଗୋଷ୍ଠାଷ୍ଟମୀ—ସଂ. ବି—କାର୍ତ୍ତିକ ଶୁକ୍ଳ ଅଷ୍ଟମୀ; ଗୋପାଷ୍ଟମୀ—
Goshṭhāshṭamī The 8th day of the bright fortnight of the month of Kārttika.

ଗୋଷ୍ଠିକ ଆସନ—ଦେ. ବି—ଯୋଗାସନବିଶେଷ—A kind of
Goshṭhika āsana posture in the Joga exercise.

ଗୋଷ୍ଠିକ ଆସନ ସବୁହିଁ ଜାଣ
କାଳୀ ମନ୍ତ୍ର ଜପ କର ଅର୍ଜୁନ—ପ୍ରାଚୀ, ପରିଚେଗୀତା ।

ଗୋଷ୍ଠୀ—ସଂ. ବି. ସ୍ତ୍ରୀ. (ଗୋଷ୍ଠ ଧାତୁ=ସମାବେଶ କରିବା; ଏକତ୍ର
Goshṭhī ହେବା+କର୍ତ୍ତୃ. ଅ+ଈ)—

୧ । ବହୁଲୋକଙ୍କ ସମାଗମସ୍ଥାନ—
1. Gathering place.

୨ । ସଭାସ୍ଥଳ—2. Meeting place

୩ । ଦଳ—3. Flock; company.

୪ । ପରିବାରବର୍ଗ; ପୋଷ୍ୟବର୍ଗ—4. One's family.

୫ । ଜ୍ଞାତି—5. Kinsman; relative.

୬ । ୯।୧୦ ଜଣ ପୁରୁଷ ଓ ୫।୬ ଜଣ ସ୍ତ୍ରୀଙ୍କଦ୍ୱାରା ଅଭିନେୟ ଏକଅଙ୍କବିଶିଷ୍ଟ ଦୃଶ୍ୟକାବ୍ୟବିଶେଷ—
6. A play with one act only, performed by 9 or 10 males and 5 or 6 females.

୭ । ଜାତି; ବଂଶ; କୁଳ—7. Clan; sect; tribe.

୮ । ମିଳନ; ସଭା; ମେଳା—
8. Meeting; assembly; collection; gathering.

୯ । କଥାବାର୍ତ୍ତା; ଆଳାପ—
9. Conversation; discourse.

ଚହିଁ ନ ଦେବ ମନ ଦୃଷ୍ଟି, କେବେହେଁ ନ କରିବ ଗୋଷ୍ଠୀ—
ଜଗନ୍ନାଥ. ଭାଗବତ ।

ଗୋଷ୍ଠୀ କରିବା—ଦେ. କ୍ରି—ବହୁଲୋକ ମିଳି କୌଣସି ବିଷୟ ଆଲୋଚନା କରିବା—To discuss a subject
Goshṭhī karibā in an assembly.
গোষ্ঠীকরা
**गोष्ठीकरना**

ବସ୍ତ୍ରର କଥା ଗୋଷ୍ଠୀ କଲେ.
ଏମନ୍ତେ ଉତ୍ପାତ ଦେଖିଲେ । ଜଗନ୍ନାଥ. ଭାଗବତ ।

ଗୋଷ୍ଠୀପତି—ସଂ. ବି. (୬ଷ୍ଠୀ ତତ୍; ଗୋଷ୍ଠୀ+ପତି)—
Goshṭhīpati ୧ । ବଂଶର ପ୍ରଧାନ ବ୍ୟକ୍ତି; ପରିବାରର କର୍ତ୍ତା—
1. Head of a family.

୨ । ସଭାପତି—2. President of a meeting.

୩ । ଦଳପତି; ନେତା; ଅଧିନାୟକ—
3. Headman; leader.

ଗୋଷ୍ପଦ—ସଂ. ବି. (ବହୁବ୍ରୀହି; ଗୋଃ=ଗୋରୁର+ପଦ; ଯେଉଁ ସ୍ଥାନରେ
Goshpada ଗୋରୁର ପଦ ରହେ)—୧ । ଗାଈର ପଦଚିହ୍ନିତ ସ୍ଥାନ; ଗୋରୁ ଖୋଜ—1. The foot-prints of a cow; the mark or impression of a cow's hoof left on the ground.

୨ । ଗୋରୁର ଖୁରଦ୍ୱାରା ଭୂମିରେ ଖୋଳ ହୋଇଯାଇ ଥିବା କ୍ଷୁଦ୍ର ଗର୍ତ୍ତ—2. A small cavity left on the ground by the hoof of a cow.

୩ । ଗୋରୁ ଯିବା ଆସିବା ସ୍ଥାନ—
3. A place frequented by cattle.

୪ । ଅତି ଅଳ୍ପ ପରିମିତ ଜଳର ଆଧାର—
4. A very small reservoir like the foot-print of a cow.

ଗୋଷ୍ପଦପୁଷ୍କର—ରାଧାନାଥ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ଲେଖା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂମ' ନ ମିଳିଲେ 'ବଥ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୫ । ଗୋଷ୍ପଦରେ ସମ୍ଭାଇବା ଭଳି ଅତି ଅଳ୍ପ ଜଳ—
5. A small quantity of water sufficient to fill up a hole left on the ground by the hoof of a cow.

୬ । ଗୋଷ୍ଠ (ହି. ଶବ୍ଦସାଗର)—6. Cattle-pen.

୭ । ପ୍ରଭାସ ତୀର୍ଥର ଅନ୍ତର୍ଗତ ତୀର୍ଥବିଶେଷ—
7. Name of a sacred place adjoining Prabhāsa.

**ଗୋଷ୍ପଦୀକୃତ**— ସଂ. ବିଣ. (ଗୋଷ୍ପଦ + ଅଭୂତତଦ୍ଭାବେ ଚ୍ୱି + କୃତ)—
Goshpadīkṛuta ଯାହା ପୂର୍ବେ ବଡ଼ ଜଳାଶୟ ଥିଲା ତାକୁ କ୍ରମଶଃ ପୋତି ବା ସଙ୍କୁଚିତ କରି ଗୋଷ୍ପଦ ତୁଲ୍ୟ କ୍ଷୁଦ୍ରାୟତନ କରାଯାଇ ଥିବା—
(a big reservoir) Reduced to a mere hole by being gradually filled up.

**ଗୋସ**—ସଂ. ବି. ( ଗୋ = ଜଳ + ସୋ ଧାତୁ = ନାଶ କରିବା + କର୍ତ୍ତୃ. ଅ )—୧ । ଗୁଗ୍ଗୁଳ—1. Myrrh; bdellium.
Gosa

୨ । ପ୍ରଭାତ—2. Day-break

୩ । ଗ୍ରୀଷ୍ମଋତୁ—3. Hot season (Apte).

**ଗୋସଂଖ୍ୟ**—ସଂ. ବି. ( ଗୋ + ସମ୍ + ଖ୍ୟା ଧାତୁ = ଗଣନା କରିବା + କର୍ତ୍ତୃ. ଅ )—୧ । ଗୋପାଳ—1. Cowherd.
Gosaṁkhya

୨ । ଗୋସଂଖ୍ୟାତା; ଯେ ଗୋରୁଗାଈଙ୍କୁ ସୁମାରି କରେ—
2. An enumerator of cattle.

**ଗୋସବ**—ସଂ. ବି (ଗୋ + ସୁ ଧାତୁ + ଅଧିକରଣ. ଅ)—ଗୋମେଧ (ଦେଖ)
Gosaba Gomedha (See)

ଅଶ୍ୱମେଧ ରାଜସୂୟ ଯେ ପୁଣ୍ୟପ୍ରଦ
ଗୋସବଆଦି ଯାଗ ଅଛନ୍ତି ଯେତେକ । କୃଷ୍ଣସିଂହ. ମହାଭାରତ. ବନ ।

**ଗୋସ ବା**—ପ୍ରାଦେ. (ବାଲେଶ୍ୱର) ବି. ପୁଂ—ଗୋସ ବାପ ( ଦେଖ )
Gosa bā Gosa bāpa (See)
(ଗୋସ ମା—ସ୍ତ୍ରୀ )

**ଗୋସ ବାପ**—ପ୍ରାଦେ. (ବାଲେଶ୍ୱର) ବି. ପୁଂ—ଗୋସେଇଁ ବାପ; ପିତାମହ—
Gosa bāpa Paternal grandfather.

**ଗୋସମା**—ପ୍ରାଦେ. (ବାଲେଶ୍ୱର) ବି. ସ୍ତ୍ରୀ—ଗୋସେଇଁ ମାଆ; ପିତାମହୀ—
Gosamā Paternal grandmother.

**ଗୋସର୍ପ**—ଦେ. ବି— ଗୋଧିସାପ—
Gosarpa Iguana.

**ଗୋସର୍ପିକା**—ସଂ. ବି. ସ୍ତ୍ରୀ. (ଗୋ = ଇନ୍ଦ୍ରିୟ + ସୃପ ଧାତୁ = ଗମନ କରିବା + କର୍ତ୍ତୃ. ଅକ + ସ୍ତ୍ରୀ. ଆ )—
Gosarpikā

୧ । ସ୍ୱେଚ୍ଛାଚାରିଣୀ ସ୍ତ୍ରୀ; ବେଶ୍ୟା—
1. A prostitute; harlot.

୨ । ( ଗୋସର୍ପ + କ + ସ୍ତ୍ରୀ. ଆ )—ସ୍ତ୍ରୀ ଗୋଧି—
2. Female iguana.

**ଗୋସା**—ବୈଦେ. ବି. ( ଫା. ଗୁସ୍‌ସା )—କ୍ରୋଧ—
Gosā Anger.
গোসা ବିଣ—କ୍ରୋଧାନ୍ୱିତ; କ୍ରୁଦ୍ଧ—
गुस्सा Angry; enraged.

**ଗୋସାଇଁ**— ଦେ. ବି. ( ସଂ. ଗୋସ୍ୱାମୀ )—୧ । ପ୍ରଭୁ; ସ୍ୱାମୀ—
Gosāiṅ 1. Lord; master.
গোসাঞি, গোসাই ୨ । ମାଲିକ; ପଶୁର ବା ଦ୍ରବ୍ୟର ସ୍ୱାମୀ—
गोसाइँ 2. Owner of a beast or article.

ଗଲଆ ବୋଲେ ଖାଲୁଅରେ ଦେଖ୍ ମୋର ଗୃଲ
ଚୋର ମୋର ସାଙ୍ଗ ହେଲେ ଗୋସେଇଁ ଖାଇବା କାଲି—ଚଗ ।

୩ । ବ୍ରାହ୍ମଣ—3. Brāhmaṇa.
ତାଙ୍କ ଘରେ ବସି ସମସ୍ତ ଗୋସାଇଁ । କୃଷ୍ଣସିଂହ. ମହାଭାରତ. ବନ ।

୪ । ଗୋସ୍ୱାମୀ; ବୈରାଗୀ; ସନ୍ନ୍ୟାସୀ ସମ୍ପ୍ରଦାୟବିଶେଷ; ଦଶନାମୀ ସନ୍ନ୍ୟାସୀ—4 A class of ascetics or Sannyāsis.

[ ଦ୍ର—ଏ ସମ୍ପ୍ରଦାୟର ଦଶ ଭେଦ ଅଛି, ଏମାନଙ୍କୁ ଦଶନାମୀ ବୋଲାଯାଏ । ଗିରି, ପୁରୀ, ଭାରତୀ, ସରସ୍ୱତୀ, ବନ, ତୀର୍ଥ ଆଦି ଏହି ସମ୍ପ୍ରଦାୟର ଅନ୍ତର୍ଭୁକ୍ତ । ]

୫ । ଚୈତନ୍ୟଦେବଙ୍କ ଶିଷ୍ୟ ଓ ବଂଶଧରଙ୍କ ଉପାଧି—
5. Title of Chaitanya's descendants and disciples.

୬ । ଈଶ୍ୱର; ଦେବତା—6. God; Deity.

୭ । ବ୍ରାହ୍ମଣ, ଗୁରୁ ଆଦିଙ୍କ ପରେ ମାନ୍ୟାର୍ଥ ପ୍ରଯୁକ୍ତ ଉପାଧି—
8. A title of respect added after the name of a revered person.
(ଯଥା—ଗୁରୁ ଗୋସାଇଁ, ନନା ଗୋସାଇଁ, ବାପା ଗୋସାଇଁ ।)

ଦେ. ଅ. ( ସମ୍ବୋଧନ )—
( ବ୍ରାହ୍ମଣ, ବୈଷ୍ଣବ ଓ ରାଜାଙ୍କ ପ୍ରତି ସମ୍ବୋଧନରେ ପ୍ରଯୁଜ୍ୟ) ମହାଶୟ !—
( Interjection used in addressing a Brāhmaṇa, an ascetic, a Raja ) Sir !

ଭୀମଙ୍କୁ ବୋଇଲେ ଗୋସାଇଁ ଉଠେ ଥାଅ
ଅସିଲେ ମୋ ଦଶା ଜାଣିବେ ପାଣ୍ଡୁ ପୁଅ । କୃଷ୍ଣସିଂହ. ମହାଭାରତ. ବନ ।

**ଗୋସାଇଁଆଁ**—ଦେ ବି (ସଂ. ସ୍ୱାମୀ)—୧ । ପ୍ରଭୁ; ମାଲିକ—
Gosāiṅāṅ . Lord; owner.
गोसैयाँ ୨ । ଗୃହର ସ୍ୱାମୀ—
2. Master of a house.

୩ । ପତି; ଭର୍ତ୍ତା—3. Husband.

୪ । ରକ୍ଷକ—4. Protector.

୫ । ଅଭିଭାବକ — 5. Guardian.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ | ଏ | ହଚନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଞ |
| ୨ | ଈ | ˜ | ଋୁ | ଌୁ | ଏଁ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ● | ଙ |

**ଗୋସାଇଁଖିଆ**—ଦେ. ବିଣ. ପୁଂ. (ଗାଳି ବିଶେଷ )— ଯେ ଅପଣା ସ୍ୱାମୀର ବିନାଶର କାରଣ ହୁଏ—( a term of abuse ) One who brings about the death of his own lord or master.
Gosāiṅkhiā
(ଗୋସାଇଁଖାଇ—ସ୍ତ୍ରୀ)

**ଗୋସାଇଁବାପ**—ଦେ. ବି—ପିତାମହ—
Gosāiṅ bāpa — Paternal grandfather.
(ଗୋସାଇଁମା—ସ୍ତ୍ରୀ)
दादाठाकुर
**दादा**

**ଗୋସାଇଁବାପା**—ଦେ. ବି—ପିତାମହ—
Gosāiṅbāpā — Paternal grandfather.
दादाठाकुर
**दादा**

**ଗୋସାଇଁ ମହାପ୍ରଭୁ**—ଦେ. ବି. ଓ ଅ. ( ସମ୍ବୋଧନ )—
Gosāiṅ mahāprabhu — ଗୋସାଇଁ ( ଦେଖ ) Gosāiṅ ( See )

**ଗୋସାଇଁ ମା**—ଦେ. ବି. ସ୍ତ୍ରୀ.— ପିତାମହୀ—
Gosāiṅ mā — Paternal grandmother.
दीदी मा
**दादी**

**ଗୋସାଇଁ ମାହାପ୍ରୁ**—ଗ୍ରା. ବି. ଓ. ଅ—ଗୋସାଇଁ (ଦେଖ)
Gosāiṅ māhāprū — Gosāiṅ (See)

**ଗୋସାଇଁ ଶଶୁର**— ଦେ. ବି. ପୁଂ.—୧ । ଶ୍ୱଶୁରଙ୍କ ପିତା—
Gosāiṅ śaśura — 1. The father of one's father-in-law.
(ଗୋସାଇଁ ଶାଶୁ—ସ୍ତ୍ରୀ)
दादा शशुर — ୨ । ଶ୍ୱଶୁରଙ୍କ ପିତାମହ—
**दादसरा, दादसुरा** — 2. The paternal grandfather of one's father-in-law.
**ददियाससुर**

**ଗୋସାଇଁଶାଶୁ**—ଦେ. ବି. ସ୍ତ୍ରୀ.—ଶ୍ୱଶୁରଙ୍କ ମାତା—
Gosāiṅ śāśu — 1. The mother of one's father-in-law.
दिदी शाशुड़ी
**ददीयासास** — ୨ । ଶ୍ୱଶୁରଙ୍କ ପିତାମହୀ—2. The grand mother of one's father-in-law.

**ଗୋସାଉଳି**— ଦେ. ବି. ସ୍ତ୍ରୀ— ଲତାବିଶେଷ—
Gosāuḷi — Name of a creeper.

**ଗୋସାଣିଆଁ**— ଦେ. ବିଣ.—(ସ୍ତ୍ରୀଲୋକମାନଙ୍କର ଗାଳିବିଶେଷ)—
Gosāṇiāṅ — ପିଶାଚୀଗ୍ରସ୍ତ—Visited by a she-ghost.

**ଗୋସାଣୀ**—ଦେ. ବି. ସ୍ତ୍ରୀ.—୧ । ମାତା ଓ ଗୋସାଇଁ ମା—
Gosāṇī — 1. Mother and grandmother.
୨ । ପିଶାଚୀ; ଡାହାଣୀ
2. Witch; demoness; she-ghost.
୩ । ଦୁଷ୍ଟା ଦେବୀବିଶେଷ—
3. A wicked Deity (goddess).
୪ । ଯୋଗିନୀ; ଦୁର୍ଗାଙ୍କ ପାର୍ଶ୍ୱଚରୀ ଦେବୀ—
4. An attendant Deity of Durga.

**ଗୋସାଣୀ ଯାତ**—ପ୍ରାଦେ. (ପୁରୀ ସହର) ବି.—ଆଶ୍ୱିନ ଶୁକ୍ଳ ଅଷ୍ଟମୀ ଠାରୁ ଦଶମୀ ପର୍ଯ୍ୟନ୍ତ ମାଟିରେ ଗୋସାଣୀମୂର୍ତ୍ତିମାନ ତିଆରି କରି କରାଯାଇ ଯେଉଁ ଶୋଭାଯାତ୍ରା ଓ ଉତ୍ସବ କରାଯାଏ—A festival of taking out in procession in the streets of Puri town earthen images of Goddesses.
Gosāṇī jāta

**ଗୋସାଣୀ ଲାଗିବା**—ଦେ. ବି.—ପିଶାଚୀଗ୍ରସ୍ତ ହେବା—
Gosāṇī lāgibā — Being visited or possessed by a she-ghost.

**ଗୋସାମଣୀ**—ଦେ. ବି. ସ୍ତ୍ରୀ—(ସଂ. ଗୋସ୍ୱାମୀରୁ ଉତ୍ପନ୍ନ ସ୍ତ୍ରୀଲିଙ୍ଗାନ୍ତ ଶବ୍ଦ ଗୋସ୍ୱାମିନୀ)— ସ୍ତ୍ରୀ ପ୍ରଭୁ; ସ୍ୱାମିନୀ —Mistress.
Gosāmaṇī

ହେଲ ଗୋସାମଣି ଯେବେ ପ୍ରସନ୍ନ ମୋ ପ୍ରତି । ରାଧାନାଥ, ସାବିତ୍ରୀ ଚରିତ ।

**ଗୋସିଆଁ**—ଗ୍ରା. ବି.—(ସଂ. ଗୃହସ୍ୱାମୀ, ଗୋସ୍ୱାମୀ) —୧ । ଗୃହସ୍ୱାମୀ —
Gosiāṅ — 1. Householder.
୨ । ଭୃତ୍ୟର ମାଲିକ; ଭୃତ୍ୟର ସ୍ୱାମୀ—
2. Master of a servant.
୩ । ପଶୁ ବା ଦ୍ରବ୍ୟର ମାଲିକ—3. Owner of a beast or thing.

ମାରେ ମରିଁବି, ଚେଙ୍ଗୁଆଁ ଚାଇ, ଅଶିଣେ ଦୋଡା ଗୋସିଆଁ ଖାଇ । ଡଗ ।

୪ । ସ୍ୱାମୀ; ଭର୍ତ୍ତା—4. Husband.
୫ । ରକ୍ଷକ—5 Protector.

ଗ୍ରା. ବିଣ.—୧ । ଯାହାର ରକ୍ଷକ ଅଛି—
1. Having a protector.
୨ । ଯାହାର ସ୍ୱାମୀ ବା ମାଲିକ ଅଛି—
2. Having an owner or master.
୩ । ଯେଉଁ ସ୍ତ୍ରୀର ପତି ଜୀବିତ ଅଛି; ଅହିଅ—
3. (a woman) Having her husband living.

**ଗୋସୁଆରା** - ବୈଦେ. ବି. (ଫା. ଗୋଶ୍‌ୱାରା=ସଂକ୍ଷିପ୍ତ ବିବରଣ)—
Gosuārā — ୧ । ଓଡ଼ିଶାର ଗତ ୧୮୪୨ ସାଲର ରାଜସ୍ୱବନ୍ଦୋବସ୍ତରେ ପ୍ରସ୍ତୁତ ହୋଇଥିବା ଭୂମିସଂକ୍ରାନ୍ତ ସଂକ୍ଷିପ୍ତ ବିବରଣ ଥିବା କାଗଜ—1. Abstract account of lands prepared during the Revenue Settlement of Orissa in 1842.
গোসোয়ারা
**गोसवारा**
୨ । ଯେଉଁ ବନ୍ଦୋବସ୍ତ ବା ବଣ୍ଟନ କାଗଜରେ ଭୂମିର ପରିମାଣ ଆଦି ବର୍ଣ୍ଣିତ ହୋଇ ଲେଖାଥାଏ—2. Public paper or record in which particulars or abstracts of land (in settlement or partition proceedings) are recorded.
୩ । ସଂକ୍ଷିପ୍ତ ହିସାବ—3. An abstract of account.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ତାହାର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

୪ । ଜମିଦାରୀ ବଣ୍ଟନ ହେବା ସମୟରେ ଭିନ୍ନ ଭିନ୍ନ ସରିକଦାରଙ୍କ ଭାଗରେ ପଡ଼ିବା ଜମିର ବିବରଣ ଓ ତାଲିକା ଯେଉଁ କାଗଜରେ ଲିଖିତ ହୋଇଥାଏ—4. A detailed statement and description of the lands falling to the allotments of different co-sharers during estates-partition.

ଗୋସୁଅଁରା— ଦେ. ବି (ଫା ଗୋସ୍‌ବାରା)—ଗୋସୁଅରା ( ଦେଖ )—
Gosuāñrā — Gosuārā ( See )

ଗୋସୂତ୍ରିକା— ସଂ. ବି (ଗୋ+ସୂତ୍ର+କ+ଆ)— ଦୁଇ ଖୁଣ୍ଟରେ ଦୁଇମୁଣ୍ଡ
Gosūtrikā ବନ୍ଧା ହୋଇଥିବା ଓ ମଝିରେ ମଝିରେ ଗୋରୁଙ୍କ ବେକ ବନ୍ଧାଯିବା ପାଇଁ ଫାଶ ଲାଗିଥିବା ବଡ଼ ଦଉଡ଼ି; ଦାଉଣି—A long rope fastened to posts at both ends and having separate halters for each ox or cow to be tied to them.

ଗୋସେଇଁ (ଇତ୍ୟାଦି)—ଦେ. ବି. ଓ ଅ—ଗୋସାଇଁ ଇତ୍ୟାଦି (ଦେଖ)—
Goseiñ (etc) — Gosāiñ etc ( See )

ଗୋସେଇଁଆଁ --ଦେ. ବି —ଗୋସିଆଁ ( ଦେଖ )—
Goseiñāñ — Gosiāñ ( See )

ଗୋସ୍ତ —ବୈଦେ. ବି (ଫା. ଗୋସ୍ତ୍)—ମାଂସ—
Gost — Meat.
গোস
गोस्त

ଗୋସ୍ତନ— ସଂ. ବି (୬ଷ୍ଠୀ ତତ୍; ଗୋ+ସ୍ତନ)—୧ । ଗୋରୁର ଥନ—
Gostana — 1. The udder of a cow.
୨ । ଫୁଲର ତୋଡ଼ା—2. A nosegay.
୩ । ଫୁଲକଢ଼ିର ପୁଞ୍ଜ—3. A cluster of buds.
୪ । (ବହୁବ୍ରୀହି) ଚାରିସରିଆ ହାର—
4. A four-stringed necklace.

ଗୋସ୍ତନା— ସଂ. ବି ( ବହୁବ୍ରୀହି; ଗୋ+ସ୍ତନ+ଆ )—ଅଙ୍ଗୁର; ଦ୍ରାକ୍ଷାଫଳ—Grape.
Gostanā

ଗୋସ୍ତନୀ—ସଂ. ବି ( ବହୁବ୍ରୀହି; ଗୋ+ସ୍ତନ+ସ୍ତ୍ରୀ. ଈ )—
Gostanī — ଗୋସ୍ତନା ( ଦେଖ )— Gostanā ( See )

ଗୋସ୍ତାକି— ବୈଦେ. ବି ( ଫା. ଗୁସ୍ତାଖୀ=ଧୃଷ୍ଟତା )—୧ । ଔଦ୍ଧତ୍ୟ—
Gostāki — 1. Insubordination.
গোস্তাকী ୨ । ପ୍ରଗଲ୍‌ଭତା; ଧୃଷ୍ଟତା—2. Forwardness; plain-speaking.
गुस्ताखी
୩ । ଅଶିଷ୍ଟତା; ଅଭଦ୍ରତା—3. Incivility.

ଗୋସ୍ୱାମୀ—ସଂ. ବି. ( ୬ଷ୍ଠୀ ତତ୍; ଗୋ=ଗୋରୁ, ପୃଥିବୀ, ଜଳ, ସ୍ୱର୍ଗ, ଇନ୍ଦ୍ରିୟ+ସ୍ୱାମିନ୍ ୧ମା. ୧ବ.)—
Goswāmī
୧ । ଗୋସମୂହର ଅଧିପତି—
1. Owner of herds of cattle.
୨ । ଗୋରକ୍ଷକ—2. Cowherd.
୩ । ବୈରାଗୀ; ସଂସାରତ୍ୟାଗୀ ବ୍ୟକ୍ତି; ସନ୍ନ୍ୟାସୀ ( ଯେ ଇନ୍ଦ୍ରିୟ ସଂଯମ କରିଅଛନ୍ତି ) --
3. An anchorite; a recluse.
୪ । ଧର୍ମୋପଦେଷ୍ଟା — 4. A religious preceptor.
୫ । ଭଗବାନ୍ —5 Bhagabān; God.
୬ । ରାଜା —6. King.
୭ ।'ବରୁଣ—7. Baruṇa; The Hindu God of water.
୮ । ଇନ୍ଦ୍ର— 8. Indra; the Hindu God of rain
୯ । ବୃହସ୍ପତି—9. Bṛuhaspati.
ଦେ. ବି— ନବଦ୍ୱୀପର ଅଦ୍ୱୈତ ଓ ନିତ୍ୟାନନ୍ଦ ବଂଶୀୟ ବ୍ରାହ୍ମଣଙ୍କ ବଂଶୋପାଧି —Family-title of the descendats of Chaitanya's disciple Nityānanda and Adwaita.

ଗୋହଡ଼ା — ପ୍ରାଦେ. ( ସମ୍ବଲପୁର ) ବିଣ—୧ । ବହୁ; ଅନେକ—
Gohaṛdā — 1. Many.
୨ । ଗୋଠେ; ପଲେ—2. A flock of.
( ଯଥା—ଗୋହଡ଼ା ଲୁଟିନ୍; ଗୋହଡ଼େ ପିଲାଛୁଆ । )

ଗୋହଡ଼ି—ପ୍ରାଦେ. ( ବସ୍ତର; ଭଦ୍ରି )—ଗୋରୁଗାଈ—
Gohaṛdi — Cattle.

ଗୋହତ୍ୟା—ସ. ବି. ( ୬ଷ୍ଠୀ ତତ୍; ଗୋ+ହତ୍ୟା )—ଗୋବଧ—
Gohatyā — Killing of a cow; cow-slaughter.

ଗୋହନ ସଂ. ବି. ( ଗୁହ୍ ଧାତୁ+ଭାବ ଅନ )—ଗୋପନ କରିବା—
Gohana — Hiding; concealing.

ଗୋହରି—ଦେ. ବି—ଗୋହିରି ( ଦେଖ )
Gohari — Gohiri ( See.)

ଗୋହଳ—ପ୍ରାଦେ. ( ସିଂହଭୂମ ) ବି. ( ସଂ. ଗୋପାଳ )—ବଙ୍ଗର
Gohaḷa ସଦ୍‌ଗୋପଙ୍କ ପରି ସିଂହଭୂମବାସୀ ଓଡ଼ିଆ ଶୂଦ୍ର—A class of Oṛdiā Śūdras resembling the Sadgopas of Bengal.

[ ଦ୍ର—ଏମାନଙ୍କ ବହୁବାସ ମୟୂରଭଞ୍ଜରେ । ଏମାନେ ବଙ୍ଗର ସଦ୍ଗୋପଙ୍କ ସଙ୍ଗେ ବିବାହ-ସମ୍ବନ୍ଧ କରନ୍ତି ନାହିଁ । ଏମାନଙ୍କର ମାତୃଭାଷା ଓ ଚଳଣିବାକ୍ୟ ଓଡ଼ିଆ । ]

ଗୋହଲ୍ଲ—ସଂ. ବି--ଗୋବର—
Gohalla — Cowdung.

ଗୋହା—ସଂ. ବିଣ (ଗୋ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍) —ଗୋଘାତକ—
Gohā — Slaughterer of a cow.

ଗୋହାରି —ଦେ. ବି—ଫେରାଦ୍; ସାକ୍ଷାତ୍ ନିବେଦନ; ଗୁହାରି—
Gohāri — Representation; complaint.
গোহার
गोहारि

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଏ | ଉଅ | ଘ |
| ୨ | ଈ | ଊ | ଋୁ | ଌୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ୠ | ନ୍ତ |

ଗୋହାଳ—ଦେ. ବି. (ସଂ. ଗୋଶାଳା; ଗବାଳୟ)—ଗୋଶାଳା; ଗୋଗୃହ—
Gohāḷa Cow-shed; cow-house.
ଗোহাইল
गुहाल

ଗୋହି—ଦେ. ବି. ( ସଂ. ଗୋଧିକା )—ଗୋଧିସାପ—
Gohi Iguana.
গোসাপ
गोह

ଗୋହିଖିଆ—ଦେ. ବି. ( ଗାଳିବିଶେଷ )—
Gohikhiā ୧ । ଯେ ଗୋଧିସାପ ଆଦି ଅଖାଦ୍ୟ ଖାଏ—
1. ( a term of abuse ) Omnivorous person
୨ । ଯାହାକୁ ଗୋଧିସାପ ଖାଇବ ବା କାମୁଡ଼ିବ—
2. (a term of cursing) One who will be bitten by an iguana.

ଗୋହିର—ସଂ. ବି.—ଗୋଇଠି—
Gohira The heel. (Apte)

ଗୋହିରି—ଦେ. ବି.—୧ । ଦୁଇ ପାଖେ ବାଡ଼ ଥିବା ସଂକୀର୍ଣ୍ଣ ପଥ—
Gohiri 1. Narrow lane with fences on both sides.
ଅମ୍ଭମାନଙ୍କ ଚମ୍ପା ଗୋହିରି ମଝିରେ ମାଣିଅରିକି ଘଣ୍ଟେବାକୁ ଉଡ଼ାଇ ଦୁଇ ଭେଣ୍ଡା ଡୋହସର ଗଲବା ବେଳେ ଠିକ୍ ତାହାକୁ ମସଜଗାମିନୀ ବୋଲି ଯାଇ ପାରେ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।
୨ । ଜଳ ନାଳ—2. Water-channel.

ଗୋହିରିବାଟ—ଦେ. ବି.—ଗୋହିରି (ଦେଖ)
Gohiribāṭa Gohiri (See)

ଗୋହି—ଗ୍ରାଦେ. (ବସ୍ତର) ବି.—ଓଡ଼—Time of tilling a field.
Gohi

ଗୋହ୍ୟ—ସଂ. ବିଣ. (ଗୁହ ଧାତୁ + କର୍ମ. ଯ)—୧ । ଗୁପ୍ତ—
Gohya 1. Hidden.
୨ । ଗୋପନୀୟ—2. Secret.
ବି.—ଗୁହ୍ୟ ( ଦେଖ )
Guhya (See)

ଗୌଡ଼—ସଂ. ବି. (ଗୁଡ଼=ଇକ୍ଷୁ ରସଜ ମିଷ୍ଟ+ଅ; ପୂର୍ବେ ଏ ଦେଶରେ
Gaurda ବିଶେଷ ଗୁଡ଼ ଉତ୍ପନ୍ନ ହେଉଥିବାରୁ ଏ ନାମ)—
୧ । ପ୍ରାଚୀନ ବଙ୍ଗଦେଶ—1. Ancient Bengal; the present Bengal and a part of Behar.
[ ଦ୍ର—କେହି କେହି କହନ୍ତି ମାନ୍ଧାତାଙ୍କ ଦୌହିତ୍ର ଗୌଡ଼ ଏ ଦେଶରେ ରାଜତ୍ୱ କରୁଥିବାରୁ ଏ ଦେଶଙ୍କ ନାମ ଗୌଡ଼ ହୋଇ ଅଛି । ପୂର୍ବେ ଏହି ଗୌଡ଼ ଦେଶ ପାଞ୍ଚଟି ପ୍ରଦେଶରେ ବିଭକ୍ତ ଥିଲା, ରାଢ଼, ବରେନ୍ଦ୍ର, ବାଗଡ଼ି, ବଙ୍ଗ ଓ ମିଥିଳା । ସ୍କନ୍ଦପୁରାଣରେ ଗୌଡ଼ ଦେଶର ସୀମା ନିମ୍ନଶ୍ଳୋକରେ ବର୍ଣ୍ଣିତ ହୋଇଅଛି ।
ବଙ୍ଗଦେଶଂ ସମାରଭ୍ୟ ଭୁବନେଶାନ୍ତଗଃ ଶିବେ
ଗୌଡ଼ଦେଶଃ ସମାଖ୍ୟାତଃ ସର୍ବବିଦ୍ୟାବିଶାରଦଃ ।
କୂର୍ମପୁରାଣ ଓ ଲିଙ୍ଗପୁରାଣରୁ ପ୍ରମାଣ ମିଳେ ଯେ ଗୌଡ଼ଦେଶର ରାଜଧାନୀ ଶ୍ରାବସ୍ତୀ ଥିଲା । ହିତୋପଦେଶରେ କୌଶାମ୍ବୀ ଗୌଡ଼ ଦେଶର ଅନ୍ତର୍ଗତ ବୋଲି ଯାଇଅଛି । ହି. ଶବ୍ଦସାଗର । ]
୨ । ବ୍ରାହ୍ମଣମାନଙ୍କ ଶାଖାବିଶେଷ—2. A particular subdivision of Brahmaṇas.
୩ । ଗୌଡ଼ ଦେଶବାସୀ ଲୋକ—
3. An inhabitant of Gaurda.
[ ଦ୍ର—ସ୍କନ୍ଦପୁରାଣ ସହ୍ୟାଦ୍ରି ଖଣ୍ଡ ମତରେ ଗୌଡ଼ଦେଶୀୟମାନେ ପାଞ୍ଚ ଶ୍ରେଣୀରେ ବିଭକ୍ତ—ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମୈଥିଳ ଓ ଉତ୍କଳ । ]
୪ । ମିଷ୍ଟାନ୍ନ—4 Sweetmeats.
୫ । ସମ୍ପୂର୍ଣ୍ଣ ଜାତିର ରାଗବିଶେଷ—
5 Name of a musical air.
[ ଦ୍ର—ଏଥିରେ ସବୁ ଯାକ ଶୁଦ୍ଧସ୍ୱର ଲାଗେ; ଏହା ଗ୍ରୀଷ୍ମର ପୂର୍ବ ଓ ଦିନର ଶେଷ ପହର ଓ ସନ୍ଧ୍ୟାରେ ଏହା ଗେୟ; ଏଥିର କାନ୍ହଡ଼ାଗୌଡ଼, କେଦାରଗୌଡ଼, ନାରାୟଣଗୌଡ଼, ଶ୍ୟାମଗୌଡ଼ ଆଦି ଅନେକ ଭେଦ ଅଛି—ହି. ଶବ୍ଦସାଗର । ]
ଦେ. ବି.—୧ । କଥିତ ଭାଷାବିଶେଷ—
1. Name of a vernacular language.
[ ଦ୍ର—ପୂର୍ବବଙ୍ଗରେ ଏ ଭାଷା କଥିତ ହେଉଥିଲା । ମାତ୍ର ମାନ୍ଦ୍ରାଜ୍ ସେନ୍‌ସସ୍ ରିପୋର୍ଟରେ ଏହାକୁ ଓଡ଼ିଆ ବୋଲି କୁହାଯାଇ ଅଛି । ]
(ଗୌଡ଼ୁଣୀ—ସ୍ତ୍ରୀ) ୨ । ଗୋପାଳକ ଜାତି—
2. The caste of cowherds.
୩ । ଉତ୍ତରପଶ୍ଚିମଭାରତବାସୀ ରାଜପୁତ ଜାତିର ଶାଖାବିଶେଷ—3. A sect of Rajputs.
୪ । କାୟସ୍ଥଙ୍କ ଶାଖାଭେଦ—4. A sect of Kāyasthas.

ଗୌଡ଼ ବାଉଡ଼—ଗ୍ରା. ବି. ( ନିରର୍ଥକ ଦ୍ୱିତୀୟ ସହିତର ଶବ୍ଦ )—
Gaurda bāurda କୌଣସି ବ୍ୟକ୍ତି ସଙ୍ଗେ ବା ଯାତ୍ରାରେ ଆସିଥିବା ଗଉଡ଼ ଓ ଅନ୍ୟାନ୍ୟ ଅନୁଚର ବର୍ଗ—
Bearers and coolies accompaning a procession or a big man.

ଗୌଡ଼ିଆ—ଦେ. ବିଣ. (ସଂ. ଗୌଡ଼ୀୟ)—୧ । ଗୌଡ଼ଦେଶୀୟ—
Gaurdiā 1. Belonging to the Gaurda country.
গৌড়িয়া ୨ । ଗଉଡ଼ ସମ୍ବନ୍ଧୀୟ—
गौड़िया 2. Pertaining to a cowherd.
୩ । ଗଉଡ଼ଙ୍କ ବ୍ୟବହୃତ—3. Used by cowherds.
( ଯଥା—ଗୌଡ଼ିଆ ଛତା )

ଗୌଡ଼ିଆ ବଇଷମ—ଗ୍ରା. ବି. ( ସଂ. ଗୌଡ଼ୀୟ )—
Gaurdiā baishama ଗୌଡ଼ିଆ ବୈଷ୍ଣବ (ଦେଖ)
Gaurdiā baishṇaba (See)

ସାଧାରଣ ଲୋକେ ଏପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଠ ସମ୍ଭବତଃ ଉକ୍ତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଗୌଡ଼ିଆ ବୈଷ୍ଣବ**—ଦେ. ବି. ( ସଂ. ଗୌଡ଼ୀୟ ବୈଷ୍ଣବ )—
Gaurdia baishnaba ଚୈତନ୍ୟମତାବଲମ୍ବୀ ବୈଷ୍ଣବ—
গৌড়ীয় সংপ্রদায় Baishnabas following the creed
**गौड़ीया संप्रदाय** of Chaitanya.
[ ଦ୍ର—ଏମାନଙ୍କ ବେକରେ ମାଳା ଓ ମୁଣ୍ଡରେ ଚଇତନ ଚୁଟୁକି ଥାଏ । ଚୈତନ୍ୟ ଦେବଙ୍କ ଦେହତ୍ୟାଗ ପରେ ତାଙ୍କ ଭକ୍ତମଣ୍ଡଳଦ୍ୱାରା ଏ ସମ୍ପ୍ରଦାୟ ଗଠିତ ହୋଇଥିଲା । କୃଷ୍ଣଙ୍କ ମଧୁର ରସ-ସାଧନା ସେମାନଙ୍କର ଚରମ ଲକ୍ଷ୍ୟ । କୀର୍ତ୍ତନ, ନାମଜପ, ନିର୍ମଳସ୍ୱଭାବ ଓ ସହଜ ଭଜନ ପନ୍ଥାଦ୍ୱାରା ଭକ୍ତିସାଧନହିଁ ଏମାନଙ୍କର ପନ୍ଥା । ]

**ଗୌଡ଼ିଆମତ**—ଦେ. ବି—ଚୈତନ୍ୟ ପ୍ରବର୍ତ୍ତିତ ବୈଷ୍ଣବମତ—
Gaurdiamata The creed started by Chaitanya
গৌড়ীয়মত ( Baishnabism ).
**गौड़ीयामत**

**ଗୌଡ଼ିକ**—ସଂ. ବିଣ. (ଗୌଡ଼+ଇକ)—୧ । ଗୌଡ଼ଦେଶ ସମ୍ବନ୍ଧୀୟ—
Gaurdika 1. Relating to Gaurda country.
୨ । ( ଗୁଡ଼+ଇକ ) ଗୁଡ଼ସମ୍ବନ୍ଧୀୟ—
2. Relating to molasses.
୩ । ଗୁଡ଼ରୁ ପ୍ରସ୍ତୁତ—3. Prepared from molasses.
ସଂ. ବି—୧ । ଆଖୁ—1. Sugarcane.
୨ । ଗୁଡ଼ରୁ ପ୍ରସ୍ତୁତ ମଦ୍ୟ—2. Rum made from molasses.

**ଗୌଡ଼ୀ**—ସଂ. ବି. ସ୍ତ୍ରୀ.(ଗୌଡ଼+ସ୍ତ୍ରୀ. ଈ)—୧ । ଗୁଡ଼ରୁ ପ୍ରସ୍ତୁତ ସୁରା—
Gaurdi 1. Wine distilled from molasses.
୨ । ରାଗିଣୀବିଶେଷ—2. A musical air.
[ ଦ୍ର—ଏ ସମ୍ପୂର୍ଣ୍ଣ ଜାତିର ରାଗିଣୀ; ରାତିର ୧ମ ପ୍ରହରରେ ଗେୟ । ଏହା ବୀର ଓ ଶୃଙ୍ଗାର ରସର ବର୍ଣ୍ଣନା ପାଇଁ ଉପଯୁକ୍ତ । କେହି କେହି ଏହାକୁ କଲ୍ୟାଣ ରାଗର ଭେଦ କହନ୍ତି—
ହି. ଶବ୍ଦସାଗର । ]
୩ । କାବ୍ୟର ଓଜୋଗୁଣବିଶିଷ୍ଟ ରଚନାରୀତି; ଓଜଃପ୍ରକାଶକ ରଚନା; ପୁରୁଷାନୁବୃତ୍ତି—
3. A style of poetic composition; the energitic or elaborate style.
୪ । ଗୌଡ଼ଦେଶ ପ୍ରଚଳିତ ଭାଷାର ବିଶେଷତ୍ୱ ବା ରୀତି—
4. Idiom of the Vernacular of the Gaurda-country.

**ଗୌଡ଼ୀୟ**—ସଂ. ବିଣ. ( ଗୌଡ଼+ସମ୍ବନ୍ଧାର୍ଥେ ଈୟ )—
Gaurdiya ୧ । ଗୌଡ଼ ଦେଶବାସୀ—
1. Inhabiting the Gaurda country.
୨ । ଗୌଡ଼ ଦେଶ ସମ୍ବନ୍ଧୀୟ—
2. Pertaining to the Gaurda country.

ସଂ. ବି—ଉତ୍ତରବଙ୍ଗର କଥିତ ଭାଷା ( ୧୮୯୧ ମାନ୍ଦ୍ରାଜ ସେନ୍‌ସସ୍‌ରେ ଏହାକୁ ଓଡ଼ିଆ ବୋଲି ଭୁଲାଯାଇ ଅଛି )—
Language of North Bengal.

**ଗୌଡ଼ୀୟ ଭାଷା**—ଦେ. ବି—ଉତ୍ତରବଙ୍ଗ ପ୍ରଚଳିତ ଭାଷା—
Gaurdiya bhasha Language prevalant in north Bengal.

**ଗୌଡୁଣୀ**—ଦେ. ବିଣ. ସ୍ତ୍ରୀ—ଗୋପ-ବାଳା—
Gaurduni Milkmaid.
গোয়ালিনী
**ग्वालनी**

**ଗୌଡୁଣୀ ପୋକ**—ଦେ. ବି—ଗଉଡୁଣୀ ପୋକ ( ଦେଖ )
Gaurduni poka Gaurduni poka ( See )

**ଗୌଡ଼େଶ୍ୱର**—ସଂ. ବି—୧ । ଗୌଡ଼ ଦେଶର ରାଜା—
Gaurdeswara 1. King of the Gaurda country.
[ ଦ୍ର—ଏହା ଉତ୍କଳର ଗଜପତି ମହାରାଜାଙ୍କର ଗୋଟିଏ ଉପାଧି । ]
୨ । ଶ୍ରୀଚୈତନ୍ୟ ଦେବ ( ହି. ଶବ୍ଦସାଗର )—
2. A name of Srichaitanya.

**ଗୌଣ**—ସଂ. ବିଣ. (ଗୁଣ+ଅ)—୧ । ଗୁଣସମ୍ବନ୍ଧୀୟ—
Gauna 1. Attributive.
ମୁଖ୍ୟ } ୨ । ଅପ୍ରଧାନ—2. Unessential;
ପ୍ରଧାନ } ବିପରୀତ secondary; subordinate; of
ମୌଳିକ } secondary importance.
(ଗୌଣତା—ବି) ୩ । ନିକୃଷ୍ଟ—3. Inferior.
୪ । ଯାହା ମୌଳିକ ନୁହେ—4. Not primary or original.
୫ । କାଳ୍ପନିକ; ଅପ୍ରକୃତ—5. Imaginary; unreal.
୬ । ଯାହା ପ୍ରତ୍ୟକ୍ଷରେ କରାଯାଏ ନାହିଁ; ପରୋକ୍ଷ—
6. Indirect.
୭ । ଅଧୀନ—7. Subordinate.
୮ । ( ଗଣିତ ) ଗୁଣନ ସମ୍ବନ୍ଧୀୟ—
8. (arithmetic) Relating to multiplication.
ସଂ. ବି—୧ । ଡେରି; କାଳ-ବିଳମ୍ବ—1. Delay.
୨ । ଅପେକ୍ଷା କରିବା—2. Waiting.

**ଗୌଣ କରିବା**—ପ୍ରାଦେ. (ବାଲେଶ୍ୱର ଓ ମେଦିନୀପୁର ) କ୍ରି.
Gauna kariba ( ଭୂଳ. ବ. ଗୌଣକରା )—
୧ । ବିଳମ୍ବ କରିବା—1. To delay.
୨ । ଅପେକ୍ଷା କରିବା—2. To wait.

**ଗୌଣକର୍ମ**—ସଂ. ବି. ( ବ୍ୟାକରଣ )—କ୍ରିୟାର ଅପ୍ରଧାନ କର୍ମ—
Gauna karma ( grammar ) Indirect object of a verb.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଡ଼ | ଋ,ଌ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ |

ଗୌଣପକ୍ଷ—ସଂ. ବି.—(ଦର୍ଶନ) ଯୁକ୍ତିର ଦୁର୍ବଳ ବା ନିକୃଷ୍ଟତର ପକ୍ଷ—
Gauṇapaksha (philosophy) The weaker side of an argument.

ଗୌଣାର୍ଥ—ସଂ. ବି—୧ । କୌଣସି ଶବ୍ଦର ପ୍ରଧାନ ବା ଅକ୍ଷରିକ ଅର୍ଥ ଛଡ଼ା ଅନ୍ୟ ଅର୍ଥ—1. Secondary meaning of a word (apart from its literal meaning).
Gauṇārtha

୨ । ଆଲଙ୍କାରିକ; ଲକ୍ଷଣାର୍ଥ—
4. Metaphorical or figurative meaning.

ଗୌଣି—ଦେ. ବି. ( ସଂ. ଗୋଣୀ )—ଗଉଣୀ ( ଦେଖ )
Gauṇi Gauṇī (See)

ଗୌଣିକ—ସଂ. ବିଣ. ( ଗୁଣ + ସମ୍ବନ୍ଧାର୍ଥେ. ଇକ)—୧ । ସତ୍ତ୍ୱ, ରଜଃ ତମୋଗୁଣ ସମ୍ବନ୍ଧୀୟ—1 Relating to the three primary qualities of matter.
Gauṇika

୨ । ଯାହାର ଗୁଣ ଥାଏ—
2. Having qualities or attributes.

୩ । ଅଖା ପରି ଦେଖା ଯାଉଥିବା—
3. Resembling a sack.

୪ । ଅଧସ୍ତନ—4. Subordinate.

୫ । ଗୌଣ (ଦେଖ)
5. Gauṇa (See).

୬ । ଯେ ପରର ଗୁଣ ବୁଝିପାରେ; ଗୁଣଜ୍ଞ—
6. Appreciating the merits in others.

୭ । ଯେ ଗୁଣବିଶିଷ୍ଟ ଗ୍ରନ୍ଥ ପାଠ କରେ—
7. Studying good books.

୮ । ଗୁଣଦ୍ୟୋତକ—8. Denoting attributes.

୯ । ଗୁଣୀ—9. Possessing good qualities; talented.

ଗୌଣିଗୌଣି—ଦେ. ବିଣ—ଅନେକ ଗଉଣି ପରିମିତ—
Gauṇigauṇi Measuring several Gauṇis.

କ୍ରି. ବିଣ—ବହୁତ ପରିମାଣରେ—In large quantities.

ଗୌଣିମୁହାଁ—ଦେ. ବିଣ—୧ । ଗୌଣୀ ପରି ମୁହଁ ଯାହାର—
Gauṇimuhā̃ 1. (a person) Having a wide face.
(ଗୌଣିମୁହାଁ—ସ୍ତ୍ରୀ) ୨ । ଭ୍ରୂକୁଞ୍ଚିତମୁହାଁ; ଭ୍ରୂକୁଞ୍ଚିତମୁହାଁ—
2. Frowning; scowling.

ଗୌଣୀ—ସଂ. ବି—( ବ୍ୟାକରଣ ) ଶବ୍ଦର ବୃତ୍ତିବିଶେଷ; ଶବ୍ଦର ଯେଉଁ ବୃତ୍ତି ଦ୍ୱାରା ଗୋଟିଏ ବର୍ଣ୍ଣ୍ୟର ଗୁଣ ସୂଚିତ ହୁଏ—
Gauṇī (grammar) The connotative attribute of a word.

ଯଥା—ରାମଚନ୍ଦ୍ର କଳ୍ପବୃକ୍ଷ ଥିଲେ—ଏଠାରେ କଳ୍ପବୃକ୍ଷ ଶବ୍ଦର ପ୍ରୟୋଗଦ୍ୱାରା ରାମଚନ୍ଦ୍ର ପ୍ରାର୍ଥନାକାରୀର ମନୋବାଞ୍ଛା ପୂରଣ କରୁଥିବାର ଗୁଣ ସୂଚିତ ହେଉଅଛି ।)

ଗୌଣ୍ୟ—ସଂ. ବି (ଗୁଣ + ଯ)—୧ । ଉତ୍କର୍ଷ—1. Merit.
Gauṇya ୨ । ଅଧସ୍ତନ ଅବସ୍ଥା; ନିମ୍ନତର ପାହ୍ୟା—
2. Subordinate or inferior position or rank.

ଗୌତମ—ସଂ. ବି. ପୁଂ (ଗୋତମ + ଅପତ୍ୟାର୍ଥେ. ଅ)—
Gautama ୧ । ଭରଦ୍ୱାଜ ମୁନି—
1. The sage Bhāradwāja.

୨ । ଗୋତମ ଋଷି ପୁତ୍ର; ଶତାନନ୍ଦ ଋଷି—
2. The sage Satānanda.

୩ । ନ୍ୟାୟଦର୍ଶନ ପ୍ରଣେତା ମୁନି—
3. Name of the founder of Nyāya philosophy.

୪ । ବୁଦ୍ଧଦେବ—4. Buddha.

୫ । ଦ୍ରୋଣଙ୍କ ଶଳା; କୃପାଚାର୍ଯ୍ୟ—
5. The name of Kṛupāchārjya

୬ । ଗୋଦାବରୀ ନଦୀର ଉତ୍ପତ୍ତିସ୍ଥାନ; ପର୍ବତବିଶେଷ—
6. Name of a mountain giving rice to the Godābarī river.

ସଂ. ବିଣ—ଗୋତମସମ୍ବନ୍ଧୀୟ—
Pertaining to the sage Gotama.

ଦେ. ବି—ଅସ୍ୱାଭାବିକ ପ୍ରକ୍ରିୟାରେ କାମବୃତ୍ତି ଚରିତାର୍ଥ କ୍ରିୟା—
Satiation of carnal desire by unnatural means.

ଗୌତମସମ୍ଭବା—ସଂ. ବି. ସ୍ତ୍ରୀ—ଗୋଦାବରୀ ନଦୀ—A name of the river Godābarī.
Gautamasambhabā

ଗୌତମୀ—ସଂ. ବି. ସ୍ତ୍ରୀ (ଗୌତମ + ଈ)—୧ । କୃପାଚାର୍ଯ୍ୟଙ୍କ ଭଗିନୀ ଓ ଦ୍ରୋଣାଚାର୍ଯ୍ୟଙ୍କ ସ୍ତ୍ରୀ କୃପୀ—
Gautamī 1. A name of the wife of Droṇa.

୨ । ଗୋଦାବରୀ ନଦୀ—2. The river Godābarī.

୩ । ଦୁର୍ଗା—3. A name of Durgā.

୪ । ଗୋମତୀ ନଦୀ—
4. A name of the river Gomatī.

୫ । ହଳଦୀ—5. Turmeric.

୬ । ଗୋରୋଚନା—6. A yellow pigment got from a dead cow.

୭ । ନ୍ୟାୟ ଦର୍ଶନ—
7. The Nyāya system of Philosophy.

୮ । ବୁଦ୍ଧଦେବଙ୍କ ପ୍ରଦର୍ଶିତ ଧର୍ମମାର୍ଗ—
8. The teachings of Buddha.

୯ । ଗୌତମକୃତ ସଙ୍କଳିତ ସ୍ମୃତିଶାସ୍ତ୍ର—
9. The code of Hindu law by Gautama.

୧୦ । ଗୌତମ ପତ୍ନୀ ଅହଲ୍ୟା—
10. The wife of sage Gautama.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରଥ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ନା' ନ ପାଇଲେ 'ଅଗ୍ନ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୧୧ । ଗୋତମବଂଶୀୟା (ସ୍ତ୍ରୀ)—
11. (woman) Born in the family of Gotama.

ଗୌତାଡ଼ୁ—ଦେ. ବି (ବର୍ଣ୍ଣିଅ ଶବ୍ଦ)—ଗୋତାଡ଼ୁ ( ଦେଖ )—
Gautārda — Gotārdu ( See )

ଗୌଧାର—ସଂ. ବି ( ଗୋଧା + ଅପତ୍ୟାର୍ଥେ. ଆର )—ଗୋଧିଛୁଆ —
Gaudhāra — The young of an iguana.

ଗୌଧୂମୀନ—ସଂ. ବି ( ଗୋଧୂମ + ଈନ )—ଯେଉଁ ବିଲରେ ଗହମ ଫସଲ ହୁଏ—A field of wheat.
Gaudhūmīna

ଗୌଧେୟ—ସଂ.ବି (ଗୋଧା + ଅପତ୍ୟାର୍ଥେ.ଏୟ)—ଗୌଧାର (ଦେଖ)—
Gaudheya — Gaudhāra ( See )

ଗୌଧେର—ସଂ. ବି (ଗୋଧା+ଅପତ୍ୟାର୍ଥେ. ଏର)- ଗୌଧାର (ଦେଖ)—
Gaudhera — Gaudhāra ( See )

ଗୌନ୍—ବୈଦେ. ବି (ଇଂ. ଗାଉନ୍)—ଗାଉନ୍ ( ଦେଖ )—
Gaun — Gāun (See)
গৌন
गौन

ଗୌନର୍ଦ୍ଦ - ସଂ. ବି ( ଗୋନର୍ଦ୍ଦ + ଅ )—ମହାଭାଷ୍ୟକାର ପାତଞ୍ଜଳ—
Gaunardda — A name of Pātanjali.

ଗୌନ୍ତିଆ—ପ୍ରାଦେ. ( ସମ୍ବଲପୁର ) ବି—୧ । ଗ୍ରାମର ସରବରାହକାର; ଗ୍ରାମର ପ୍ରଧାନବ୍ୟକ୍ତି ବା ମୁଖ୍ୟ ବ୍ୟକ୍ତି—1. Head-man of a village.
Gauntiā
୨ । ବଂଶୋପାଧିବିଶେଷ—2. A family-title.

ଗୌପିକ—ସଂ. ବି. ପୁଂ ( ଗୋପୀ + ଅକ )—ଗୋପୀଙ୍କର ସନ୍ତାନ—
Gaupika — The son of a herdsman's wife.

ଗୌପ୍ତେୟ—ସଂ. ବି. ପୁଂ (ଗୁପ୍ତ+ଏୟ)—ବୈଶ୍ୟା ସନ୍ତାନ—
Gaupteya — The son of a Baisya-woman.

ଗୌମେଦ—ସଂ. ବି ( ଗୋମେଦ+ଅ )—ଗୋମୂତ୍ରର ବର୍ଣ୍ଣଯୁକ୍ତ ମଣିବିଶେଷ ( ହି. ଶବ୍ଦସାଗର )—A gem having the colour of cow's urine.
Gaumeda

ଗୌର୍—ବୈଦେ. ବି (ଅ. ଗୌର୍)—୧ । ଧ୍ୟାନ—
Gaur — 1. Contemplation.
গৌর ୨ । ପ୍ରଣିଧାନ; ମନୋଯୋଗ—2. Attention.
गौर ୩ । ଖାତିର୍—3. Care.

ଗୌର୍‌ନିତାଇ—ଦେ. ବି (ସହଚର)—ଚୈତନ୍ୟଦେବ ଓ ତାଙ୍କ ସହଚର ନିତ୍ୟାନନ୍ଦ—Chaitanya and Nityānanda.
Gaurnitāi
গৌরনিতাই

ଗୌର—ସଂ. ବି. ( ଗୁର୍+ଅଧିକରଣେ. ଅ )—୧ । ଶ୍ୱେତବର୍ଣ୍ଣ—
Gaura — 1. White colour.
ଗୌରୀ } ସ୍ତ୍ରୀ ୨ । ଈଷତ୍ ପୀତବର୍ଣ୍ଣ—
ଗୌରା } 2. Yellowish colour.
୩ । ଈଷତ୍ ରକ୍ତବର୍ଣ୍ଣ—3. Reddish colour.
୪ । ବୃହସ୍ପତି—4. Planet Jupiter.
୫ । ଶ୍ୱେତ ସୋରିଷ—
5. White rye; white mustard.
୬ । ଚନ୍ଦ୍ର—6. The moon.
୭ । ପଦ୍ମକିଞ୍ଜଳ୍କ—7. The pollen of lotus.
୮ । ପଦ୍ମକେଶର—8. The filament of lotus.
୯ । ସ୍ୱର୍ଣ୍ଣ—9. Gold.
୧୦ । ମାଟିଆ ମଇଁଷି—10. Gray buffalo.
୧୧ । କୁଙ୍କୁମ—11. Saffron.
୧୨ । ଅଶ୍ୱ ଖୁର ପରି ଅବିଭକ୍ତ ଖୁରବିଶିଷ୍ଟ ମୃଗବିଶେଷ—
12. A kind of deer.
୧୩ । ଧଅ ଗଛ ( ହି. ଶବ୍ଦସାଗର ଓ ଦ୍ରବ୍ୟଗୁଣ )—
13. A timber tree; Conocorpus Latifolia,
୧୪ । ବ୍ରହ୍ମାଣ୍ଡପୁରାଣ ଅନୁସାରେ କୈଳାସର ଉତ୍ତରରେ ଅବସ୍ଥିତ ପର୍ବତବିଶେଷ ( ହି. ଶବ୍ଦସାଗର )—
14 Name of a mythological mountain.
୧୫ । ତିନିସୋରିଷ ପରିମିତ ଓଜନବିଶେଷ (ହି.ଶବ୍ଦସାଗର)—
15. A standard of weight weighing 3 mustard seeds.
ଦେ. ବି—ଚୈତନ୍ୟ ଦେବ; ଗୌରାଙ୍ଗ—
A name of Chaitanya.
[ଦ୍ର—ଚୈତନ୍ୟ ବର୍ଣ୍ଣରେ ଗୌର ଥିବାରୁ ତାଙ୍କର ଏହି ନାମ ।]
ସଂ. ବିଣ—୧ । ଗୋରା—1. Fair-skinned.
୨ । ଶୁଭ୍ର; ଧଳା—2. White.
୩ । ଈଷତ୍ ପୀତ—3. Yellowish.
୪ । ଶ୍ୱେତରକ୍ତ—4. Whitish red.
୫ । ଅରୁଣବର୍ଣ୍ଣ; ଲୋହିତ 5. Red.
୬ । ଲୋହିତାଭ—6. Reddish; rosy.
୭ । ପରିଷ୍କୃତ—7. Clean.
୮ । ଉଜ୍ଜ୍ୱଳ; ଝକଝକ—8. Shining; brilliant.
୯ । ବିଶୁଦ୍ଧ—9. Pure.

ଗୌରକ୍ଷ୍ୟ—ସଂ.ବି. ( ଗୋରକ୍ଷ + ଯ )—ଗୋପାଳନରୂପ ବୈଶ୍ୟକର୍ମ—
Gauraksya — The work looking after kine (a duty enjoined on the Baisya ).

ଗୌରଚନ୍ଦ୍ର—ଦେ. ବି. ପୁଂ—ଚୈତନ୍ୟଦେବଙ୍କ ନାମ—
Gaurachandra — A name of Chaitanya.

ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ—ଦେ. ବି. ( ନାମ )—ପାରଳାଖେମଣ୍ଡିର ଜଣେ ପ୍ରସିଦ୍ଧ ରାଜା—A famous king of Pāralākhemandi.
Gaurachandra gajapati nārāyana deba
[ ଦ୍ର—'ଧ୍ରୁବ ନାଟକ' ଏହାଙ୍କଦ୍ୱାରା ଲିଖିତ—ଡାକ୍ତରୀ· ଉତ୍କଳସାହିତ୍ୟ ଇତିହାସ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଉ | ର,ଋ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | | ଷ | ଜ | ଣ,ଶ | ଙ୍କ | ଇଯ଼ | ଉଅ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଗଂ୍ୟ | ଇଅ | ଢ଼ | ନ୍ |

**ଗୌରତିତ୍ତିର**—ସଂ. ବି—ଶୁକ୍ଳବର୍ଣ୍ଣ ପକ୍ଷବିଶିଷ୍ଟ ତିତ୍ତିର ପକ୍ଷୀ—
Gauratittiri A tittira.
[ ଦ୍ର—ତିତ୍ତିର ପକ୍ଷୀ ବର୍ଣ୍ଣଭେଦରେ ଦୁଇ ପ୍ରକାର—କୃଷ୍ଣ ଓ ଗୌର । ଗୌର ତିତ୍ତିରର ପକ୍ଷ ଶୁକ୍ଳବର୍ଣ୍ଣ; ବୈଦ୍ୟଶାସ୍ତ୍ର ମତରେ ଗୌର ତିତ୍ତିରର ମାଂସ କୃଷ୍ଣ ତିତ୍ତିରର ମାଂସ ଅପେକ୍ଷା ବେଶି ଗୁଣକର । ତିତ୍ତିର ( ଦେଖ ) । ]

**ଗୌରବ**—ସଂ. ବି. ( ଗୁରୁ+ଭାବ. ଅ )—
Gauraba ୧ । ଉତ୍କର୍ଷ—1. Excellence.
୨ । ଗମ୍ଭୀରତା—2. Depth.
୩ । ଗର୍ବ—3. Pride.
୪ । ସ୍ଥୂଳତା—4 Thickness.
୫ । ଭାର; ଓଜନ—5. Weight; heaviness
୬ । ବିଷୟର ଗୁରୁତ୍ୱ ବା ପ୍ରୟୋଜନୀୟତା; ଜରୁରୀପଣ—
6 Importance; urgency.
୭ । ମହିମା; ମହତ୍ତ୍ୱ—
7 Glory; greatness; grandour.
୮ । ଇଜ୍ଜତ; ମର୍ଯ୍ୟାଦା—
8. Honour; dignity; prestige.
୯ । ମାନ୍ୟ; ସମ୍ମାନ; ଆଦର—
9. Regard; respect.
୧୦ । ସମ୍ଭ୍ରାନ୍ତପଣ—10. Respectability
୧୧ । ପୂଜ୍ୟତ୍ୱ—11. Venerableness.
( ଯଥା—ଗୁରୁଗୌରବ । )
୧୨ । ଅକ୍ଷରର ଗୁରୁତା—12 The length of a syllable or letter ( in prosody )
୧୩ । ଅର୍ଥର ଗାମ୍ଭୀର୍ଯ୍ୟ—13. Depth of meaning.
୧୪ । ବିଷାକ୍ତ ଗୁଳ୍ମବିଶେଷ—
14. Name of a poisonous plant ( M. W. )
୧୫ । କାରଣମାନଙ୍କର ଅପ୍ରୟୋଜନୀୟ ବାହୁଲ୍ୟ—
15. Needless multiplication of causes (M.W.)
ସଂ. ବିଣ—ଗୁରୁସମ୍ବନ୍ଧୀୟ—
Relating to one's preceptor.

**ଗୌରବ କରିବା**—ଦେ. କ୍ରି—୧ । ମର୍ଯ୍ୟାଦା ବା ସମ୍ମାନ କରିବା—
Gauraba kariba 1. To show respect or regard.
গৌরবকরা ୨ । ପ୍ରଶଂସା କରିବା—
गौरवकरना 2. To eulogise; to praise.

**ଗୌରବର୍ଣ୍ଣ**—ସଂ.ବି. (କର୍ମଧା. ଗୌର+ବର୍ଣ୍ଣ)—ଦେହର ଗୋରା ରଙ୍ଗ-
Gaurabarnna Fair complexion.

**ଗୌରବାନ୍ୱିତ**—ସଂ. ବିଣ. ( ୩ୟା ତତ୍; ଗୌରବ+ଅନ୍ୱିତ )—
Gaurabānwita ୧ । ଗୌରବଯୁକ୍ତ; ମହିମାନ୍ୱିତ—
1. Glorious; gloried; dignified.
୨ । ସମ୍ମାନନୀୟ; ପୂଜନୀୟ—
2. Honourable; adourable.
୩ । ଗର୍ବାନ୍ୱିତ—3. Feeling proud.

**ଗୌରବାସନ**—ସଂ. ବି. ( ମ. ପ. ଲୋ; ଗୌରବ+ଆସନ )—
Gaurabāsana ସମ୍ମାନର ପରିଚାୟକ ଆସନ; ଯେଉଁ ଆସନ ସମ୍ମାନିତ ବ୍ୟକ୍ତି ଅଧିକାର କରନ୍ତି—Seat of honour.

**ଗୌରବିତ**—ସଂ. ବିଣ. ( ଗୌରବ+ଯୁକ୍ତାର୍ଥେ. ଇତ )—
Gaurabita ୧ । ମର୍ଯ୍ୟାଦାଶାଳୀ—1. Respectable.
୨ । ଗୌରବଯୁକ୍ତ—2. Glorified.

**ଗୌରମୁଖ**—ସଂ. ବି. ( ବହୁବ୍ରୀହି )—୧ । ଚନ୍ଦ୍ର—
Gauramukha 1. Moon.
୨ । ଶମୀକ ମୁନିଙ୍କର ଜଣେକ ଶିଷ୍ୟ—
A disciple of Śamika sage.

**ଗୌରସର୍ଷପ**—ସଂ. ବି. (କର୍ମଧା)—ଶ୍ୱେତ ସର୍ଷପ; ଧଳା ସୋରିଷ—
Gaurasarshapa Rye; rapeseed.

**ଗୌରହରି**—ଦେ. ବି. ପୁଂ—୧ । ଚୈତନ୍ୟ ବା ଗୌରାଙ୍ଗରୂପେ
Gaurahari ଅବତୀର୍ଣ୍ଣ ହରି ବା ବିଷ୍ଣୁ—Hari in his incarnation of Chaitanya.
୨ । ପୁରୁଷଙ୍କୁ ଦିଆଯିବା ନାମ—
2. Name given to males.
୩ । ଭଞ୍ଜ ଯୁଗର ପରବର୍ତ୍ତୀ ଗଞ୍ଜାମର ସଙ୍ଗୀତ ରଚୟିତା କବିବିଶେଷ—3. Name of a composer of Oriya songs of Ganjāma.

**ଗୌରା**—ଗ୍ରା.ବି. ସ୍ତ୍ରୀ.—(ସଂ. ଗୌରୀ)—୧ । ପାର୍ବତୀ—
Gaurā 1. Pārbatī.
୨ । ଗୌରୀ ସ୍ତ୍ରୀ—
2. A fair complexioned woman.

**ଗୌରାଙ୍ଗ**—ସଂ. ବିଣ. ପୁଂ. (ବହୁବ୍ରୀହି)—ଗୋରା—
Gaurānga Fair-skinned (male).
(ଗୌରାଙ୍ଗୀ—ସ୍ତ୍ରୀ) ଦେ. ବି.—୧ । ଚୈତନ୍ୟ ଦେବ—
1. Chaitanya deba.
[ ଦ୍ର—ଏହାଙ୍କ ଶରୀର ଗୌରବର୍ଣ୍ଣ ଥିବାରୁ ଏହାଙ୍କୁ ଗୌରାଙ୍ଗ କୁହାଯାଏ । ]
୨ । ପୁରୁଷ ବ୍ୟକ୍ତିଙ୍କୁ ଦିଆଯିବା ନାମ—
. Name of males.

**ଗୌରିକା**—ସଂ. ବି. ସ୍ତ୍ରୀ (ଗୌରୀ+ସ୍ୱାର୍ଥେ.କ+ସ୍ତ୍ରୀ. ଆ)—
Gaurikā ଗୌରୀ (ଦେଖ)
Gaurī (See)

**ଗୌରିଳ**—ସଂ. ବି. (ଗୌର+ଇଲ)—୧ । ଧଳା ସୋରିଷ; ରାଇସୋରିଷ
Gaurila 1. White mustard.
୨ । ଲୁହାଗୁଣ୍ଡ—2. Iron-dust; powdered iron.

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ସେ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠକମାନେ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବଥ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ।

**ଗୌରୀ**—ସଂ. ବି. ସ୍ତ୍ରୀ. (ଗୌର+ସ୍ତ୍ରୀ. ଈ)—୧ । ଗୌରବର୍ଣ୍ଣା ସ୍ତ୍ରୀ—
**Gauri** 1. Fair-skinned female.
୨ । ପାର୍ବତୀ—2. Pārbati.
୩ । ଅବିବାହିତା ଅଷ୍ଟବର୍ଷୀୟା ବାଳିକା—
3. An unmarried girl aged 8 years.
[ ଦ୍ର—ଶାସ୍ତ୍ରବଚନ—ଅଷ୍ଟବର୍ଷା ଭବେଦ୍ ଗୌରୀ ।]
୪ । ଅରଜସ୍ୱଳା କୁମାରୀ—
4. A virgin before her menses.
୫ । ପୃଥିବୀ—5. The earth.
୬ । ତୁଳସୀ—6. The Holy Basil plant.
୭ । ରାଗିଣୀବିଶେଷ—7. Name of a musical air.
୮ । ମଞ୍ଜିଷ୍ଠା (ଦେଖ)
8. Mañjishṭhā (See)
୯ । ନଦୀବିଶେଷ—9. A name of a river.
୧୦ । ବରୁଣଙ୍କ ସ୍ତ୍ରୀ—10. The wife of Baruṇa.
୧୧ । ଗୋରୋଚନା—
11. Gallstone Bijoor; Bastarous.
୧୨ । ହରିଦ୍ରା—12. Turmeric.
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Name given to females.
ଦେ. ବି. ପୁଂ.—ଗୌରୀଶଙ୍କରର ଡାକ ନାମ—
Name for calling Gauriśaṅkara.

**ଗୌରୀକାନ୍ତ**—ସଂ. ବି. (୬ଷ୍ଠୀ ତତ୍; ଗୌରୀ+କାନ୍ତ)—ମହାଦେବ—
**Gaurikānta** Mahādeba.
ଦେ. ବି. ପୁଂ.—ଲୋକଙ୍କ ନାମ—
A name given to males.

**ଗୌରୀକାଳ**—ସଂ. ବି. (୬ଷ୍ଠୀ ତତ୍; ଗୌରୀ+କାଳ)—ଅବିବାହିତା
**Gaurikāḷa** କନ୍ୟାର ୭ମ ବର୍ଷ ପୂରିବାଠାରୁ ୮ମ ବର୍ଷ ଶେଷ ପର୍ଯ୍ୟନ୍ତ କାଳ—The eighth year ( 12 months) of a maiden.

**ଗୌରୀକୁଣ୍ଡ**—ଦେ. ବି. (ନାମ)—୧ । କୈଳାସର ସାନୁଦେଶସ୍ଥିତ ହ୍ରଦ-
**Gaurikuṇḍa** Name of a natural tank at the foot Kailāsa mountain.

[ ଦ୍ର—ଏ କୁଣ୍ଡ ସମୁଦ୍ରତଳରୁ ୨୨୦୨୮ ଫୁଟ ଉଚ୍ଚ । ଏଠାରେ ଜଳ ସ୍ଥଳ ସବୁ ବରଫାବୃତ । କେବଳ ଏହି କୁଣ୍ଡର ପଶ୍ଚିମାଂଶରେ ୧୦।୧୨ ହାତ ପର୍ଯ୍ୟନ୍ତ ଅଂଶରେ ନୀଳବର୍ଣ୍ଣ ଜଳ ଦେଖାଯାଏ; କୁଣ୍ଡର ପରିଧି ୨।୩ ମାଇଲରୁ କମ୍ ନୁହେ । ଏ କୁଣ୍ଡର କୂଳରେ ଶିବଲିଙ୍ଗ-ବତ୍ ଅନେକ ଶୃଙ୍ଗ ବାହାରି ଅଛି । ଏହି ଶୃଙ୍ଗମାନଙ୍କର ଉଚ୍ଚତମ ଶୃଙ୍ଗ କୈଳାସ—ଏହି ଶୃଙ୍ଗସକଳ ଚିର ନୀହାରାବୃତ । ରାମାନନ୍ଦ ପୃ ୨୧୧ ଷ୍ଠା । ]

୨ । ହିମାଳୟର ସାନୁଦେଶସ୍ଥ ଗଙ୍ଗୋତ୍ରିର ଅର୍ଦ୍ଧମାଇଲ ପଶ୍ଚିମରେ ଅବସ୍ଥିତ ହ୍ରଦ (ରାମାନନ୍ଦ—୨୪୫ ପୃଷ୍ଠା)—
Name of a natural tank at the foot of the Himalays.

**ଗୌରୀଗୁରୁ**—ସଂ. ବି. (୬ଷ୍ଠୀ ତତ୍; ଗୌରୀ+ଗୁରୁ)—୧ । ମହାଦେବ—
**Gauriguru** 1. Mahādeba.
୨ । ହିମାଳୟ ପର୍ବତ—2. The Himalayas.

**ଗୌରୀଚରଣ ମହାନ୍ତି**—ଦେ. ବି. ( ନାମ )—ଆଧୁନିକ ଯୁଗର ଜଣେକ
**Gauricharaṇa Mahānti** ଓଡ଼ିଆ କବି—
An oria poet of the present age.
[ ଦ୍ର—ଏହାଙ୍କ ବାସସ୍ଥାନ ଢେଙ୍କାନାଳରେ ଥିଲା । 'ଦର୍ଶନଚନ୍ଦ୍ର' ନାମକ ଖଣ୍ଡିଏ ପୁସ୍ତକ ଏହାଙ୍କଦ୍ୱାରା ରଚିତ—
ତାରିଣୀ—ଉତ୍କଳ ସାହିତ୍ୟ ଇତିହାସ । ]

**ଗୌରୀଜ**—ସଂ. ବି. ପୁଂ. ( ଗୌରୀ+ଜନ ଧାତୁ+କର୍ତ୍ତୃ. ଅ )—
**Gaurija** ୧ । କାର୍ତ୍ତିକେୟ —1. Name of Kārttikeya.
୨ । ଗଣେଶ—1. Ganesha; a son of Gauri.
୩ । ମେଘନାଲ—3 Mica; talc.

**ଗୌରୀନାଥ** - ସଂ. ବି. ( ୬ଷ୍ଠୀ ତତ୍; ଗୌରୀ+ନାଥ )—
**Gaurinātha** ଗୌରୀକାନ୍ତ ( ଦେଖ )
Gaurikānta ( See )

**ଗୌରୀପଟ**—ଦେ. ବି—ଗୌରୀପଟ୍ଟ ( ଦେଖ )
**Gauripaṭa** Gauripaṭṭa ( See )

**ଗୌରୀପଟ୍ଟ**—ସଂ. ବି. (ରୂପକ କର୍ମଧା; ଗୌରୀରୂପ ପଟ୍ଟ)—
**Gauripaṭṭa** ଶିବଲିଙ୍ଗର ଚାରିପାଖେ ବେଢ଼ିଥିବା ପ୍ରସ୍ତରନିର୍ମିତ ଶକ୍ତି; ଯେଉଁ ଗୋଲାକାର ଗର୍ତ୍ତର ପଥରଚକଡ଼ା ମଧ୍ୟରେ ଶିବଲିଙ୍ଗ ଉଠିଥାଏ—The circular plate of stone around the Śibaliṅga or phallus of Śiba; (symbolising the female creative organ).

**ଗୌରୀପାଟ**—ଦେ. ବି—ଗୌରୀପଟ୍ଟ ( ଦେଖ )
**Gauripāṭa** Gauripaṭṭa ( See )

**ଗୌରୀପାଷାଣ**—ସଂ. ବି. (ବୈଦ୍ୟକ)—ଏକପ୍ରକାର ପାଷାଣ ବିଷ—
**Gauripāshāṇa** A kind of poisonous stone.

**ଗୌରୀପୁତ୍ର**—ସଂ. ବି. (୬ଷ୍ଠୀ ତତ୍; ଗୌରୀ+ପୁତ୍ର)—୧ । କାର୍ତ୍ତିକେୟ—
**Gauriputra** 1. Kārttikeya.
୨ । ଅଷ୍ଟମବର୍ଷରେ ବିବାହିତା କନ୍ୟାର ଗର୍ଭଜାତ ପୁତ୍ର—
2. The son of a woman married at the age of eight.

**ଗୌରୀଶଙ୍କର**—ସଂ. ବି. (ଗୌରୀ+ଶଙ୍କର)—ଶିବ ଓ ପାର୍ବତୀ—
**Gauriśaṅkara** Śiba and his consort.
ଦେ. ବି—୧ । ହିମାଳୟର ସର୍ବୋଚ୍ଚ ଶୃଙ୍ଗ; ଏଭରେଷ୍ଟ—
1. Mount Everest the highest peak of the Himalayas.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଌ | ଋ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ | ଷ,ଶ | ଜ୍ଞ | ଇଏ | ଉଅ | ଞ |
| ୨ | ଌ | ଁ | ଋୁ | ଌୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଗ | ଯ | ସ | ଗ୍ୟଁ | ଇଅ | ● | ନ |

୨ । ପୁରୁଷ ବ୍ୟକ୍ତିଙ୍କ ନାମ —
2. A name of males.

ଗୌରୀଶଙ୍କର ରାୟ—ଦେ. ବି. (ନାମ)—ଏ ଉତ୍କଳଦୀପିକାର ପୂର୍ବତନ ସମ୍ପାଦକ—The late Babu Goureesankar Rai, editor of the Utkal Dipika and managing director of the Cuttack Printing Company for 40 years.
Gaurīśaṅkara rāya

[ଦ୍ର—ବଙ୍ଗପୁରୁଷ ହେଲେ ବଙ୍ଗଦେଶରୁ ଆସି ଉତ୍କଳର ସ୍ଥାୟୀ ଅଧିବାସୀ ହୋଇଥିବା କାୟସ୍ଥ ବଂଶରେ ୧୮୩୮ ଖ୍ରୀଷ୍ଟାବ୍ଦରେ ଅସୁରେଶ୍ୱରର ପାଣ୍ଡିତପଡ଼ାରେ ଏହାଙ୍କର ଜନ୍ମ । ଏ ଖୁବ୍ ଦକ୍ଷତା ଓ ନିର୍ଭୀକତା ସହକାରେ ପ୍ରାୟ ୪୦ ବର୍ଷ ଉତ୍କଳ ଦୀପିକାକୁ ଓ କଟକ ପ୍ରିଣ୍ଟିଙ୍ଗ କୋମ୍ପାନି ଛାପାଖାନାକୁ ଚଳାଇଥିଲେ । ଏ କଟକବାସୀଙ୍କୁ ଗୋଟିଏ ଟାଉନ୍ ହଲ, ଉତ୍କଳବାସୀ ବଙ୍ଗୀୟ କାୟସ୍ଥମାନଙ୍କ ପାଇଁ ଗୋଟିଏ ଛାତ୍ରାବାସ ଓ ଅସୁରେଶ୍ୱର-ବାସୀଙ୍କୁ ଗୋଟିଏ ଡାକ୍ତରଖାନା ଦାନ କରି ଯାଇଅଛନ୍ତି । ୧୯୧୭ ମସିହା ମାର୍ଚ୍ଚ ମାସ ୭ ତାରିଖରେ ଏହାଙ୍କର ମୃତ୍ୟୁ ହୋଇଥିଲା ।]

ଗୌରୀଶିଖର—ସଂ. ବି ( ମ. ପ. ଲୋ; ଗୌରୀ ଅଧ୍ୟୁଷିତ ଶିଖର )—ହିମାଳୟର ଗୌରୀଶଙ୍କର ଶୃଙ୍ଗ—Everest, the highest peak of the Himalayas.
Gaurīśikhara

[ଦ୍ର—ଏହି ଶୃଙ୍ଗରେ ମହାଦେବଙ୍କୁ ପତିରୂପେ ପାଇବା ଉଦ୍ଦେଶ୍ୟରେ ଗୌରୀ ତପସ୍ୟା କରିଥିବାର ପୁରାଣରେ ଲେଖା ଅଛି ।]

ଗୌରୀସୁତ—ସଂ. ବି—ଗୌରୀପୁତ୍ର ( ଦେଖ )—
Gaurīsuta — Gaurīputra ( See )

ଗୌରୁତଳ୍ପିକ—ସଂ. ବିଣ. ପୁଂ ( ଗୁରୁତଳ୍ପ+ଇକ )—ଗୁରୁତଳ୍ପଗ, ଗୁରୁପତ୍ନୀଗାମୀ—( a pěrson ) Cohabiting with his preceptor's wife; one who violates his teachers bed (M. W.)
Gaurutalpika

ଗୌହର୍—ବୈଦେ. ବି (ଫା)—ମୋତି; ମୁକ୍ତା—
Gauhar — Pearl
মতি

ଗୌହର—ଗ୍ରା. ବି ( ସଂ. ଗହ୍ୱରର କଥିତରୂପ )—ଗହ୍ୱର ( ଦେଖ )—
Gauhara — Gahwara ( See )

ଗୌହାଟୀ—ଦେ. ବି ( ନାମ )—ଆସାମର ଗୋଟିଏ ପ୍ରସିଦ୍ଧ ସହର—
Gauhāṭi — Gowhatty, name of a town in Assam.

[ଦ୍ର—କାମାଖ୍ୟାରୁ ୨ମାଇଲ ଦୂରରେ ବ୍ରହ୍ମପୁତ୍ର ନଦୀକୂଳରେ ଏ ସହର ଅବସ୍ଥିତ । ଏହାର ପ୍ରାଚୀନ ନାମ ପ୍ରାଗ୍‌ଜ୍ୟୋତିଷପୁର, ହର କୋପାନଳରେ କନ୍ଦର୍ପ ଦଗ୍ଧ ହେବା ପରେ ଏଠାରେ ସ୍ୱଦେହ ପାଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି – ମଦନମୋହନ-ତୀର୍ଥଦର୍ଶନ--୪ର୍ଥଭାଗ । ଏହା କାମରୂପ ଜିଲ୍ଲାର ରାଜଧାନୀ ଓ ଆସାମ ପ୍ରଦେଶର ରାଜଧାନୀ । ]

ଗ୍ୟାନ—ଗ୍ରା. ବି (ସଂ. ଜ୍ଞାନ)—ଜ୍ଞାନ ( ଦେଖ )
Gyāna — Jñāna ( See )

ଗ୍ୟାନଗୁରୁ—ଗ୍ରା. ବି (ସଂ. ଜ୍ଞାନଗୁରୁ)—ଜ୍ଞାନଉପଦେଶକ—
Gyānaguru — Preceptor of knowledge.
গেয়ানগুরু — ହେ ଦେବ ତତ୍ତ୍ୱଜ୍ଞାନ ଗୁରୁ—ଭୂପତି ପ୍ରେମପଞ୍ଚାମୃତ ।
ग्यानगुरु

ଗ୍ୟାନଷଣ୍ଢା—ଦେ. ବି (ବୈଦ୍ୟକ)—ବୃକ୍ଷବିଶେଷ—
Gyānashaṇḍhā — A kind of tree.

ଗ୍ୟାନୀ—ଗ୍ରା. ବିଣ—ଜ୍ଞାନୀ ( ଦେଖ )—
Gyānī — Jñānī ( See )
গেয়ানী

ଗ୍ୟାଲନ୍—ବୈଦେ. ବି (ଇଂ. ଗାଲନ୍)—ଗାଲନ୍ ( ଦେଖ )
Gyālan — Gālan ( See)

ଗ୍ୟାସ୍—ବୈଦେ. ବି (ଇଂ. ଗାସ୍)—ବାଷ୍ପ; ବାଷ୍ପୀୟପଦାର୍ଥ—
Gyās — Gas.

ଗ୍ୟାସ୍ ଆଲୁଅ—ଦେ. ବି ( ଇଂ. ଗାସ୍+ସଂ. ଆଲୋକ )—ବାଷ୍ପଦ୍ୱାରା ଜଳବା ଆଲୋକ—Gaslight.
Gyās ālua
গ্যাস্‌আলো
गैसबत्ती

ଗ୍ୟାସବତି—ବୈଦେ. ବି (ଇଂ. ଗାସ୍+ଫା. ବତ୍ତୀ)—ଗ୍ୟାସ୍‌ଆଲୁଅ (ଦେଖ)
Gyāsbatī — Gyāsālua (See).
গেস্‌বতী
गैस्बत्ती

ଗ୍ୟାସଲାଇଟ୍—ବୈଦେ. ବି ( ଇଂ. ଗ୍ୟାସ୍+ଇଂ. ଲାଇଟ୍ )—ଗ୍ୟାସ୍‌ଆଲୁଅ (ଦେଖ)
Gyāslāiṭ — Gyāsālua (See).
গেস্‌লাইট
गैसलाइथ

ଗ୍ୟାହ୍ପ—ଗ୍ରା. ବି. ପୁଂ ( ଗାଳରେ ବ୍ୟବହୃତ; ଗିହାଳିପର ସଂକ୍ଷିପ୍ତ ଆକାର)—ଗିହାଳିପ (ଦେଖ)
Gyāhpa — Gihālīpa (See).

ଗ୍ରଥ୍ ( ଧାତୁ )—ସଂ—୧ । ନଇଁବା—
Grath ( root ) — 1. To bend.
( ଗ୍ରନ୍ଥ ଧାତୁ=ଅନ୍ୟରୂପ ) ୨ । ଗୁନ୍ଥିବା—
2. To string together.
୩ । ବକ୍ର ହେବା—3. To be crooked (Apte).
୪ । ଦୁଷ୍ଟ ହେବା—4. To be wicked (Apte).
୫ । ରଚନା କରିବା—5. To compose.

ଗ୍ରଥନ—ସଂ. ବି (ଗ୍ରଥ୍ ଧାତୁ+ଭାବ. ଅନ)—ଗ୍ରଥନା (ଦେଖ)
Grathana — Grathanā (See).

ଗ୍ରଥନା—ସଂ ବି ( ଗ୍ରଥ୍ ବା ଗ୍ରନ୍ଥ ଧାତୁ+ଭାବ. ଅନ+ସ୍ତ୍ରୀ. ଆ )—
Grathanā — ୧ । ତରଳପଦାର୍ଥ ଜମାଟ ବାନ୍ଧିବା—
1. Coagulation; thickening of fluid.
୨ । ଗୁନ୍ଥିବା; ଗ୍ରନ୍ଥନ; ବହୁ ବସ୍ତୁକୁ ସୂତାଆଦିଦ୍ୱାରା ଯୋଡ଼ିବା—
2. Act of stringing together.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରଥ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୋଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ଚକ୍ରର ଉପସ୍ଥିତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜବେ; 'କୃଥ' ନ ମିଳଲେ 'କଥ ଦେଖିବେ 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ରଚନ—3. Composition.

୪ । ଏକତ୍ର ରଚନା; ଗାନ୍ଥିବା; ବନ୍ଧୁ ବସ୍ତୁ ଏକତ୍ର ସଜାଇବା କର୍ମ—4. Laying together (as a course of bricks); masonry.

**ଗ୍ରଥିତ**—ସଂ. ବି (ଗ୍ରଥ୍ ବା ଗ୍ରନ୍ଥ ଧାତୁ + କର୍ମ. ତ)—ଗଣ୍ଠିଗଣ୍ଠିଆ ବଥ— Grathita A knotty tumour.

ସଂ. ବିଣ—୧ । ଗୁନ୍ଥା ହୋଇଥିବା; ଗୁମ୍ଫିତ; ସୂତା ଗଳାଯାଇ ଏକତ୍ର ବନ୍ଧା ହୋଇଥିବା—1. Bound together; woven; wreathed; strung together; sewn through and through.

୨ । ରଚିତ; ସଜ୍ଜିତ—2. Composed; arranged.

୩ । ଜମାଟ ବାନ୍ଧିଥିବା— 3. Coagulated; thickened.

୪ । ଗନ୍ଥା ହୋଇଥିବା (ଇଟା ବା ପଥର) ଏକତ୍ରଭାବରେ ସଜ୍ଜିତ ହୋଇ ବସା ଯାଇଥିବା—4. Laid as bricks (in a masonry work); built.

୫ । ଗଣ୍ଠିଗଣ୍ଠିଆ—5. Knotty.

୬ । ଆକ୍ରାନ୍ତ ( ପ୍ରକୃତିବାଦ )— 6. Overspread with; overcome; invaded.

୭ । ଘନୀଭୂତ—7. Hardened (Apte).

୮ । ଆହତ—8. Hurt; injured (Apte).

୯ । ଅଧିକୃତ—9. Seized; taken possession of (Apte.)

**ଗ୍ରଥୀ**—ସଂ. ବିଣ. ପୁଂ. ( ଗ୍ରନ୍ଥ + କର୍ତ୍ତୃ. ଇନ୍; ଗ୍ରଥିନ୍; ୧ମା; ୧ବ )— Grathī ୧ । ଯେ କଳ୍ପନା କରେ— (ଗ୍ରଥିନୀ—ସ୍ତ୍ରୀ) 1. Imagining; building castles in the air.

୨ । ଯେ ମିଥ୍ୟା କହେ—2. Lying.

**ଗ୍ରନ୍ଥ୍** (ଧାତୁ)—ସଂ.—୧ । ଗ୍ରଥ୍ (ଧାତୁ) ( ଦେଖ ) Granth (root) 1. Grath (root) (See)

୨ । ଏକତ୍ର ସଜାଇବା; ଶ୍ରେଣୀବଦ୍ଧ କରିବା— 2. To arrange or class together; to connect in a regular series.

୩ । ଏକତ୍ର ବାନ୍ଧିବା—3. To tie together.

୪ । ଗୁରୁପାଖେ ଗୁଡ଼ାଇବା— 4. To wind round (Apte)

୫ । ଉତ୍ପାଦନ କରିବା— 5. To form, make or produce (Apte).

୬ । ବୁଣିବା; ବସାଇବା— 6. To set or strew with (Apte)

**ଗ୍ରନ୍ଥ**—ସଂ. ବି. ( ଗ୍ରନ୍ଥ୍ ଧାତୁ + କର୍ମ. ଅ )—୧ । ପୁସ୍ତକ; ପୋଥି— Grantha 1. Book; treatise.

୨ । ଧର୍ମଗ୍ରନ୍ଥ; ଶାସ୍ତ୍ର— 2. Scripture; religious treatise.

୩ । ରଚନା; ସନ୍ଦର୍ଭ— 3. Essay; composition; literary production.

୪ । ଧନ—4. Wealth; property.

୫ । (+ଭାବ. ଅ) ଗୁନ୍ଥା—5. Stringing together.

୬ । ସମ୍ପର୍କ ( ପ୍ରକୃତିବାଦ )—6. Connection.

୭ । ଅନୁଷ୍ଟୁପ୍ ଛନ୍ଦ, ୩୨ ଅକ୍ଷରବିଶିଷ୍ଟ ଶ୍ଳୋକ— 7. A verse of 32 syllables.

୮ । ସମ୍ପତ୍ତି; ଧନ— 8. Wealth; properties ( Apte ).

୯ । ଏକତ୍ର ବାନ୍ଧିବା—9. Binding ( Apte ).

ଦେ. ବି—୧୦୮ ଗଣ୍ଡିବିଶିଷ୍ଟ ମାଳାକୁ କ୍ରମଗୁଣ୍ଠରେ ୪ ଥର ଜପିବା—Telling the beads of a rosary ( consisting of 108 beads ) four times.

ସୂର୍ଯ୍ୟବାର ଯେଉଁଲେ ଗ୍ରନ୍ଥେ ପୂଜ ହୋଇ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

**ଗ୍ରନ୍ଥକର୍ତ୍ତା**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଗ୍ରନ୍ଥ + କର୍ତ୍ତୃ. ୧ମା. ୧ବ )— Granthakarttā ଶାସ୍ତ୍ର ପ୍ରଣେତା; ପୁସ୍ତକ ଲେଖକ— ( ଗ୍ରନ୍ଥକର୍ତ୍ତ୍ରୀ—ସ୍ତ୍ରୀ ) Author; writer of a book.

**ଗ୍ରନ୍ଥକାର**—ସଂ. ବି. ପୁଂ. ( ଗ୍ରନ୍ଥ + କୃ ଧାତୁ + କର୍ତ୍ତୃ. ଅ ) Granthakāra ଗ୍ରନ୍ଥକର୍ତ୍ତା ( ଦେଖ ) Granthakarttā ( See )

**ଗ୍ରନ୍ଥକୀଟ**—ସଂ. ବି. ( ଅଧୁନିକ ପ୍ରୟୋଗ ) ( ଗ୍ରନ୍ଥ + କୀଟ )— Granthakīta ୧ । ( ୬ଷ୍ଠୀ ତତ୍ ) ଯେଉଁ ପୋକ ପୋଥି ପ୍ରଭୃତିରେ ରହି ତାକୁ କାଟନ୍ତି ।

୨ । ( ଲକ୍ଷଣାର୍ଥ ) ଯେ ସର୍ବଦା ପୁସ୍ତକାଧ୍ୟୟନରେ ଲାଗିଥାଏ— 2. Book-worm.

ହେ ପଣ୍ଡିତବର, ଅସ୍ୱାଭାବରେ ପଢ଼
ଗ୍ରନ୍ଥକୀଟ ହୋଇ କିବା କଥାଇବ ବୃଥା
ପୃଥିବୀର ଜଗତର ସକଳ ଅମୋଦେ—ଶ୍ୟାମାଜା. ମହାଯାତ୍ରା ।

**ଗ୍ରନ୍ଥକୂଟ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥ + କୂଟ )—ଗ୍ରନ୍ଥରୁ ଗ୍ରନ୍ଥ Granthakuṭa ସଂଗୃହୀତ ହୋଇ ସଞ୍ଚିତ ହୋଇଥିବାର ସ୍ଥାନ; ଲାଇବ୍ରେରୀ; ପୁସ୍ତକର ଗାଦ— Library; studio.

**ଗ୍ରନ୍ଥକୁଟୀ**—ସଂ. ବି - ଗ୍ରନ୍ଥକୁଟ ( ଦେଖ ) Granthakuṭi Granthakuṭa ( See )

**ଗ୍ରନ୍ଥକୂଟୀ**—ସଂ. ବି—ଗ୍ରନ୍ଥକୁଟ ( ଦେଖ ) Granthakūṭi Granthakuṭa ( See )

**ଗ୍ରନ୍ଥଚୁମ୍ବକ**—ସଂ. ବି. ପୁଂ. ( ଅଧୁନିକ ବ୍ୟଙ୍ଗ ପ୍ରୟୋଗ )— Granthachumbaka ୧ । ଯେଉଁ ବ୍ୟକ୍ତି କେବଳ ଗ୍ରନ୍ଥଗୁଡ଼ିଏ ଗ୍ରଂଥଚୁମ୍ବକ ପଢ଼ିଛନ୍ତି ଜନ୍ତୁ ଚନ୍ଦ୍ର ସମ୍ଭନ୍ଧେ ସମ୍ୟକ ଜ୍ଞାନ ଲାଭ କର ପାର ନାହିଁ—1. ( ironical ) A bookish person; a superficial reader of books.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ର୍,ର୍ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ଼ |
| ୨ | ରି | ଲି | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ତ |

୨ । ଯେଉଁ ବ୍ୟକ୍ତି ଯଥେଷ୍ଟ ଗ୍ରନ୍ଥ ପାଠ କରିଅଛି କିନ୍ତୁ ବ୍ୟାବହାରିକ ଜ୍ଞାନବିରହିତ—
2. A person who has enough of book learning but no practical knowledge.

ଗ୍ରନ୍ଥଚୁମ୍ବନ—ସଂ. ବି. ( ଆଧୁନିକ ପ୍ରୟୋଗ )— ଭାବ ବା ବ୍ୟାବହାରିକତା
Granthachumbana ଗ୍ରହଣ ନ କରି କେବଳ ପୁସ୍ତକ ପାଠ—
ग्रंथचुंबन Bookishness; superficial reading of book.

ଗ୍ରନ୍ଥଛଡ଼ା—ଦେ. ଵଣ – ଗ୍ରନ୍ଥ ବା ଶାସ୍ତ୍ରବହିର୍ଭୂତ—
Granthachhardā Not contained in the books.
ଗ୍ରନ୍ଥଛଡ଼ା
ग्रन्थबहिर्भूत

ଗ୍ରନ୍ଥନ—ସଂ. ବି. ( ଗ୍ରନ୍ଥ ଧାତୁ+ଭାବ. ଅନ )—ଗ୍ରଥନା ( ଦେଖ )
Granthana Grathanā ( See )

ଗ୍ରନ୍ଥନା—ସଂ. ବି. ( ଗ୍ରନ୍ଥ ଧାତୁ+ଅନ+ଆ )—ଗ୍ରଥନା ( ଦେଖ )
Granthanā Grathanā ( See )

ଗ୍ରନ୍ଥପାଠ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥ+ପାଠ )—ପୁସ୍ତକ ପଢ଼ିବା—
Granthapātha Reading a book or treatise.

ଗ୍ରନ୍ଥବାହୁଲ୍ୟ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥ+ବାହୁଲ୍ୟ )—
Granthabāhulya ପୁସ୍ତକ ବଡ଼ ହେବା ଅବସ୍ଥା—
Voluminousness of a work.

ଗ୍ରନ୍ଥବିସ୍ତର—ସଂ. ବି—ଗ୍ରନ୍ଥବାହୁଲ୍ୟ ( ଦେଖ )
Granthabistara Granthabāhulya ( See )

ଗ୍ରନ୍ଥବିସ୍ତାର—ସଂ. ବି—ଗ୍ରନ୍ଥବାହୁଲ୍ୟ ( ଦେଖ )
Granthabistāra Granthabāhulya ( See )

ଗ୍ରନ୍ଥସନ୍ଧି—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥ+ସନ୍ଧି )—
Granthasandhi ପୁସ୍ତକର ଅଧ୍ୟାୟ—
A section or chapter of a book.
[ ଦ୍ର—ଭିନ୍ନ ଭିନ୍ନ ଗ୍ରନ୍ଥରେ ସନ୍ଧିମାନଙ୍କର ଭିନ୍ନ ଭିନ୍ନ ନାମ ଥାଏ, ଯଥା—ଅଧ୍ୟାୟ, ସର୍ଗ, ପରିଚ୍ଛେଦ, ଅଙ୍କ, ପର୍ବ, ପଟଳ, ବର୍ଗ, ଉଦ୍ଘାତ, ଉଚ୍ଛ୍ୱାସ, ପ୍ରକରଣ, କାଣ୍ଡ, ସ୍କନ୍ଧ, ସଂଗ୍ରହ, ପରିବର୍ତ୍ତ, ଆହ୍ନିକ, ଇତ୍ୟାଦି । ]

ଗ୍ରନ୍ଥସାହେବ୍—ଦେ. ବି. (ସଂ. ଗ୍ରନ୍ଥ+ଫା. ସମ୍ମାନାର୍ଥ ଉପାଧି ସାହବ୍)—
Granthasāheb ଶିଖମାନଙ୍କ ଧର୍ମ ପୁସ୍ତକ—
ଗ୍ରନ୍ଥସାହେବ The scripture of the Sikhs.
ग्रन्थसाहेब [ ଦ୍ର—ଏଥିରେ ଶିଖ ଗୁରୁମାନଙ୍କ ଉପଦେଶମାନ ସଂଗୃହୀତ ହୋଇଅଛି ଓ ଏହା ଗୁରୁମୁଖୀ ଭାଷାରେ ଲିଖିତ । ଶିଖମାନଙ୍କ ଧର୍ମ ମନ୍ଦିର 'ଗୁରୁ ଦ୍ୱାର' ମାନଙ୍କରେ ଗ୍ରନ୍ଥ ସାହେବ ପାଠ କରାଯାଏ ଓ ପୂଜା ପାଏ ଏବଂ ବିମାନରେ 'ଗ୍ରନ୍ଥସାହେବ'ଙ୍କୁ ସ୍ଥାପନ କରି ଶିଖମାନେ ଶୋଭା ଯାତ୍ରା କରନ୍ତି । ]

ଗ୍ରନ୍ଥାବଳୀ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥ+ଅବଳୀ )—
Granthābali ପୁସ୍ତକ ସମୂହ—
The works or writings ( as of an author).

ଗ୍ରନ୍ଥାଳୟ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥ+ଆଳୟ )—
Granthālaya ପୁସ୍ତକାଗାର; ଲାଇବ୍ରେରି—Library.

ଗ୍ରନ୍ଥି—ସଂ. ବି. ( ଗ୍ରନ୍ଥ ଧାତୁ+ଭାବେ. ଇ )—
Granthi ୧ । ଗଣ୍ଠି—1. Knot.
୨ । ଲୁଗାର ଗୁଣ୍ଠ—
Knot tied at the end of a cloth.
୩ । ଦେହର ଗଣ୍ଠି ବା ସନ୍ଧି ସ୍ଥାନ—
3. Joint of the limbs.
୪ । ବନ୍ଧନ—4. Ligature; bond; a tie.
୫ । ଅର୍ବୁ—5. Protuberance; swelling and hardening of the vessel of the body.
୬ । ମୁଣ୍ଡି; ଭୁଣ୍ଡି—6 Knob.
୭ । ବିବାହ ବନ୍ଧନ—7. Marriage-knot or tie ( of cloths or hands of the bride and bridegroom ).
୮ । ବକ୍ରତା—8. Node; bend.
୯ । ଗୁଚ୍ଛ—9. Bunch. ( Apte )
୧୦ । ଧନ ଆଦି ରଖିବା ପାଇଁ ଲୁଗା ଅଗରେ ପକାଯିବା ଗଣ୍ଠି—
10. Knot tied in the end of a garment of keeping money ( Apte ).
୧୧ । (ଧନ ଆଦି ଲୁଗା ଅଗରେ ଗଣ୍ଠିପକାଇ ଲୋକେ ବାନ୍ଧି ଥିବାରୁ )—ଧନ; ଗଣ୍ଠିଧନ—11. Money;purse (Apte).
୧୨ । ବକ୍ରତା; କୁଟିଳତା—
12. Crookedness; distortion (Apte)
୧୩ । ମିଥ୍ୟା; ସତ୍ୟର ଅପଳାପ—
13. Falsehood; perversion of truth ( Apte )
୧୪ । ଗ୍ରନ୍ଥିପର୍ଣ୍ଣି; ଗଣ୍ଠିଅନା ଗଛ (ହି. ଶବ୍ଦସାଗର)—
14. A fragrant tree.
୧୫ । ମାୟାଜାଲ ( ହି. ଶବ୍ଦସାଗର )—15. Illusion.
୧୬ । ଆଳୁ ( ହି. ଶବ୍ଦସାଗର )—16. Yam.
୧୭ । ଭଦ୍ରମୁସ୍ତକ ( ହି. ଶବ୍ଦସାଗର )—
17. Abulbuous grass-root.

ଗ୍ରନ୍ଥିକ—ସଂ. ବି. ( ଗ୍ରନ୍ଥ ଧାତୁ+ସ୍ୱାର୍ଥେ. ଇକ )—
Granthika ୧ । ଦୈବଜ୍ଞ; ଗଣକ—
1. Astrologer; fortuneteller.
୨ । ବିରାଟ ଭବନରେ ଅଜ୍ଞାତ ବାସ କାଳରେ ନକୁଳଙ୍କ ଛଦ୍ମ ନାମ - 2. Name assumed by Nakula living in disguise in the court of king Birāta.

ନକୁଳ ବୋଇଲେ ମୁଁ ପୃଥ୍ୱି ଈଶ୍ୱର
ଅଶ୍ୱ ଅଧିକାରୀ ଗ୍ରନ୍ଥିକ ନାମ ମୋର । କୃଷ୍ଣସିଂହ. ମହାଭାରତ ବିରାଟ ।

ସାଧାରଣ ଲୋକେ ଏପରି ସ୍ଥଳରେ ହ୍ରସ୍ୱ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ମିଳିନ ଲେବେ ସେହି ଶବ୍ଦ ପାଠ ସମ୍ଭବରେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । କାନର ବାହାରର ରୋଗ; କାନକଟା ରୋଗ —
3. A disease of the outer ear.

୪ । ପିପ୍ପଳୀମୂଳ ( ଦେଖ )
4. Pippaḻimūḻa ( See )

୫ । ଗ୍ରନ୍ଥିପର୍ଣ୍ଣି; ଗଣ୍ଠିଅନା ଗଛ (ହି. ଶବ୍ଦସାଗର)—
5. A fragrant tree.

୬ । ଗୁଗ୍ଗୁଳ (ହି. ଶବ୍ଦସାଗର)—6. Bdellium

୭ । କରୀର ( ଦେଖ ) (ହି. ଶବ୍ଦସାଗର)—
7. Karīra ( See )

**ଗ୍ରନ୍ଥିଖେଟ**—ସଂ. ବି—ଗନ୍ଧମାତ୍ରୀ ( ଦେଖ )
Granthikheṭa Gandhamātrī ( See )

**ଗ୍ରନ୍ଥିଚ୍ଛେଦ**—ସଂ. ବି. (୬ଷ୍ଠୀ ତତ୍; ଗ୍ରନ୍ଥି+ଛେଦ)—୧ । ଗଣ୍ଠିକାଟିବା—
Granthichchheda 1. Cutting through a knot.
୨ । ଲୁଗାର ଗଣ୍ଠିକାଟି ଚୋରି କରିବା—
2. Picking of another's pocket.
୩ । ଗଣ୍ଠିକଟା ଚୋର—3. Cutpurse; pickpocket.

**ଗ୍ରନ୍ଥିଚ୍ଛେଦକ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରନ୍ଥି + ଛେଦକ )—
Granthichchhedaka ଗଣ୍ଠିକଟା ଚୋର—
Cutpurse; pickpocket.

**ଗ୍ରନ୍ଥିଚ୍ଛେଦନ**—ସଂ. ବି ଓ ବିଣ. ( ଗ୍ରନ୍ଥି+ଛେଦନ )—
Granthichchhedana ଗ୍ରନ୍ଥିଚ୍ଛେଦ ( ଦେଖ )
Granthichchheda ( See )

**ଗ୍ରନ୍ଥିତ**—ସଂ. ବିଣ. (ଗ୍ରନ୍ଥ ଧାତୁ+ତ)—ଗ୍ରଥିତ ( ଦେଖ )
Granthita Grathita ( See )

ତୋହର ଯେତେ ବାକ୍ୟମାନ
ଗ୍ରନ୍ଥିତ ହୋଇଅଛି ଛନ୍ଦ । ଜଗନ୍ନାଥ- ଭଗବତ.

**ଗ୍ରନ୍ଥିପର୍ଣ୍ଣ**—ସଂ. ବି—ଗଣ୍ଠିଅନା ଗଛ—
Granthiparṇṇa Name of a fragrant tree.
ଓ. ଗଣ୍ଠିଅନା [ ଦ୍ର—ଅନ୍ୟ ସଂ. ନାମ—ଗ୍ରନ୍ଥିକ, କାକପୁଚ୍ଛ, ଶୁକ୍ରକ, ଗେଁଟେଲା ନୀଳପୁଷ୍ପ, ସୁଗନ୍ଧ ଓ ତୈଳପର୍ଣ୍ଣିକ । ବୈଦ୍ୟକ ଅନୁସାରେ **ଗଠିଅନ** ଏହା ତିକ୍ତ କଟୁରସ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପକ ଓ ଲଘୁ; ଏହା କଫ, ବାୟୁ, ବିଷ, ଶ୍ୱାସ, କଣ୍ଡୁ ଓ ଦୌର୍ଗନ୍ଧ୍ୟନାଶକ ।]

**ଗ୍ରନ୍ଥିବନ୍ଧନ**—ସଂ. ବି. ( ୩ୟା ତତ୍, କର୍ମ୍ମ ରୂପକ କର୍ମଧା )—
Granthibandhana ୧ । ଗଣ୍ଠି ପକାଇବା—
1. Tying a knot.
୨ । ବିବାହକାଳୀନ ବରକନ୍ୟାଙ୍କ ବସ୍ତ୍ରରେ ଗଣ୍ଠି ପକାଇବା; ଗଇଣ୍ଠାଳ ପକାଇବା—2. Knotting or tying together of the cloths of the marry-ing couple; tying the marriage-knot
[ ଦ୍ର—ବିବାହ ଉପଲକ୍ଷରେ ବର କନ୍ୟାଙ୍କର ଦକ୍ଷିଣହସ୍ତ କରତଳଦ୍ୱୟକୁ ଯୋଡ଼ି ତାହା ପୁରୋହିତଙ୍କ ଦ୍ୱାରା କୁଶରେ ଗଣ୍ଠି ପକାଇ ମଧ୍ୟ ବନ୍ଧାଯାଏ । ]

**ଗ୍ରନ୍ଥିବା**—ଦେ. କ୍ରି. ( ସଂ. ଗ୍ରନ୍ଥନ )—
Granthibā ୧ । ଗ୍ରନ୍ଥିବା; ଗ୍ରଥନ କରିବା; ଗାନ୍ଥିବା—
ଗ୍ରନ୍ଥା 1. To string; to sew together.
୨ । ଗ୍ରନ୍ଥ ରଚନା କରିବା—2. To compose a book.

ଗ୍ରନ୍ଥିଲେ ଚତୁର୍ଗୁଣ ଗାଥା
ଅଶେଷ କର୍ମ ଦରକଥା । ଜଗନ୍ନାଥ. ଭଗବତ ।

**ଗ୍ରନ୍ଥିଭେଦ**—ସଂ. ବି. ଓ ବିଣ—ଗ୍ରନ୍ଥିଚ୍ଛେଦ (ଦେଖ)
Granthibheda Granthichchheda (See)

**ଗ୍ରନ୍ଥିଭେଦକ**—ସଂ. ବିଣ.— ଗ୍ରନ୍ଥିଚ୍ଛେଦକ (ଦେଖ)
Granthibhedaka Granthichhedaka (See)

**ଗ୍ରନ୍ଥିଭେଦନ**—ସଂ. ବି. ଓ ବିଣ.—ଗ୍ରନ୍ଥିଚ୍ଛେଦ (ଦେଖ)
Granthibhedana Granthichchchheda (See)

**ଗ୍ରନ୍ଥିମୟ**—ସଂ. ବିଣ. (ଗ୍ରନ୍ଥି + ପ୍ରାଚୁର୍ଯ୍ୟାର୍ଥେ. ମୟ)—ଗଣ୍ଠିଗଣ୍ଠିଆ; ଯାହାର
Granthimaya ଦେହରେ ବହୁତ ଗଣ୍ଠି ଅଛି—
Knotty; full of knot.

**ଗ୍ରନ୍ଥିମାନ**—ସଂ. ବିଣ. (ଗ୍ରନ୍ଥି + ମତ୍, ୧ମା. ୧ବ. )—
Granthimāna ଗ୍ରନ୍ଥିମୟ (ଦେଖ)—Granthimaya (See)
ସଂ. ବି.—ହାଡ଼ଭଙ୍ଗା (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
Hāṛdabhaṅgā (See)

**ଗ୍ରନ୍ଥିମୂଳ**—ସଂ. ବି. (ବହୁବ୍ରୀହି; ଗ୍ରନ୍ଥି ଅଟେ ମୂଳ ଯାହାର)—ସାଲଗମ୍,
Granthimūḻa ଗାଜର, ଉଲକୋବି ଓ ମୂଳା ଆଦି ଯାହା ମୂଳରେ ପିଣ୍ଡ ଥାଏ—Plants having bulb at the roof (like carrot; radish; turnip kohlrabi.)

**ଗ୍ରନ୍ଥିମୂଳା**—ସଂ. ବି. (ଗ୍ରନ୍ଥିମୂଳ+ଆ) ଦୂବ— The Doob grass.
Granthimūḻā

**ଗ୍ରନ୍ଥିମୋଚକ**—ସଂ. ବିଣ.—ଗ୍ରନ୍ଥିଚ୍ଛେଦକ (ଦେଖ)
Granthimochaka Granthichchhedaka (See)

**ଗ୍ରନ୍ଥିମୋଚନ**—ସଂ. ବି.—(୬ଷ୍ଠୀ ତତ୍; ଗ୍ରନ୍ଥି +ମୋଚନ)—
Granthimochana ୧ । ଗଣ୍ଠି ଫିଟାଇବା—1. Untying of a knot; unfastening of a knot.
୨ । ଗଇଁଠାଳ ଫିଟା—2 . The untying of the marital knot.
ସଂ. ବି. ଓ ବିଣ—ଗ୍ରନ୍ଥିଚ୍ଛେଦ (ଦେଖ)
Granthichchheda (See)

**ଗ୍ରନ୍ଥିଯୁକ୍ତ**—ସଂ. ବିଣ. (ଗ୍ରନ୍ଥି+ଯୁକ୍ତ )—ଗ୍ରନ୍ଥିମୟ (ଦେଖ)
Granthijukta Granthimaya (See)

**ଗ୍ରନ୍ଥିଳ**—ସଂ. ବିଣ. (ଗ୍ରନ୍ଥି +ଯୁକ୍ତାର୍ଥେ. ଳ)—୧ । ଗଣ୍ଠିଗଣ୍ଠିଆ; ବନ୍ଧ
Granthiḻa ଗ୍ରନ୍ଥିଯୁକ୍ତ —1. Knotty; knotted.
୨ । କୁଟିଳ—2. Crooked.
୩ । ଯେଉଁ ଜୀବମାନଙ୍କର ଦେହରେ ଗଣ୍ଠି ଅଛି (କଙ୍କଡ଼ା, ବିଛା ଇତ୍ୟାଦି )—3. Articulated; having joints (animals).

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ, | ଉ | ର୍,ର୍ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗ୍ୟଁ | ଇଅ | ଊ | ନ୍ |

ସଂ. ବି.—୧ । ଅଦା—**1**. Ginger.
୨ । ପିପ୍ପଳୀ ମୂଳ—2. Root of long pepper.
୩ । ଅଳୁ (ହି. ଶବ୍ଦସାଗର)—3. Yam.
୪ । ଗ୍ରନ୍ଥିକ (ହି. ଶବ୍ଦସାଗର) —
4. Name of medicinal scent.

**ଗ୍ରନ୍ଥିଳ ଦେହ**—ସଂ. ବିଣ—(ପ୍ରାଣୀବିଜ୍ଞାନପରଭାଷା; ଅଧୁନାତନ ପ୍ରୟୋଗ)—
Granthila deha ଗ୍ରନ୍ଥିଯୁକ୍ତ ଶରୀରଧାରୀ (ଜୀବ)—
The articulate.

**ଗ୍ରନ୍ଥିଲା**—ସଂ. ବି.—(ଗ୍ରନ୍ଥିଳ+ଆ)—୧ । ଗଣ୍ଡଦୂବ୍ବା (ଦେଖ)
Granthilā 1. Gaṇda dūrbā (See)
୨ । ଦୂବଘାସ—2. The dooba grass.
୩ । ଭଦ୍ରମୁସ୍ତକ (ଦେଖ)
3. Bhadramustaka (See)

**ଗ୍ରନ୍ଥିହର**—ସଂ. ବି. ବହୁବ୍ରୀହି; (ଯେ ମନ୍ତ୍ରଣାଦ୍ୱାରା ଗ୍ରନ୍ଥି ବା ଜଟିଳ ବିଷୟକୁ
Granthihira ସରଳ କରି ଦିଅନ୍ତି)—ମନ୍ତ୍ରୀ—Councillor.

**ଗ୍ରନ୍ଥୀ**—ସଂ. ବିଣ. ପୁଂ. (ଗ୍ରନ୍ଥ+ଇନ୍; ୧ମା. ୧ବ)—୧ । ବହୁଗ୍ରନ୍ଥ
Granthī ରଚୟିତା—1. Writer of voluminous work.
(ଗ୍ରନ୍ଥିନୀ—ସ୍ତ୍ରୀ)
୨ । ପୁସ୍ତକ ରକ୍ଷକ; ଲାଇବ୍ରେରିଆନ୍—2. Librarian.
୩ । ଯାହା ନିକଟରେ ବହୁ ପୁସ୍ତକ ଥାଏ—
3. One who has got a store of books.
୪ । ଯେ ବହୁ ଗ୍ରନ୍ଥ ପଢ଼ିଅଛି—
4. Well read; bookish.

**ଗ୍ରସ୍ (ଧାତୁ)**—ସଂ—୧ । ଭୋଜନ କରିବା—
Gras (root) 1. To eat.
୨ । ଗ୍ରାସ କରିବା—2. To devour; to swallow.
୩ । ଧରିବା—3. To seize.
୪ । ଆକ୍ରମଣ କରିବା—
4. To attack; to overpower.
୫ । ବିନାଶ କରିବା—5. To destroy.
୬ । ସୂର୍ଯ୍ୟ ବା ଚନ୍ଦ୍ରକୁ ଘୋଡ଼ାଇବା—
6. To eclipse; to overspread
୭ । ଗୁଁ ଗୁଁ କରିବା; କୌଣସି ବର୍ଣ୍ଣକୁ ଉଚ୍ଚାରଣବେଳେ
ଲୁପ୍ତ କରିବା—7. To slur over (Apte).

**ଗ୍ରସନ**—ସଂ. ବି (ଗ୍ରସ୍ ଧାତୁ+ଭାବ. ଅନ)—୧ । ଭକ୍ଷଣ—
Grasana 1. Eating.
୨ । ଆଂଶିକ ସୂର୍ଯ୍ୟ ବା ଚନ୍ଦ୍ରଗ୍ରହଣ—
2. Partial eclipse.
୩ । ଗ୍ରାସ କରିବା; ଗିଳି ପକାଇବା—3. Swallowing.
୪ । ଧରିବା; ଗ୍ରହଣ—4. Seizing.
୫ । ଗୁଣ୍ଡା—5. A mouthful; morsel.
୬ । ଗିଳିବା—6. Devouring; swallowing.

**ଗ୍ରସମାନ**—ସଂ. ବି. ପୁଂ. ( ଗ୍ରସ୍ ଧାତୁ+କର୍ତ୍ତୃ. ଅନ )—
Grasamāna ୧ । ଭୋଜନ କରୁଥିବା; ଗିଳୁଥିବା—
(ଗ୍ରସମାନା—ସ୍ତ୍ରୀ) Engaged in eating or swallowing.

**ଗ୍ରସିଷ୍ଣୁ**—ସଂ. ବି ( ଗ୍ରସ୍ ଧାତୁ+ଇଷ୍ଣୁ; ତୁଳ. ବର୍ଦ୍ଧିଷ୍ଣୁ, ପ୍ରଭବିଷ୍ଣୁ )—
Grasishṇu ପରମାତ୍ମା—The supreme soul.
ସଂ. ବିଣ—ଯେ ଗିଳିବାରେ ଅଭ୍ୟସ୍ତ—
Accustomed to swallow.

**ଗ୍ରସ୍ତ**—ସଂ. ବି ( ଗ୍ରସ୍ ଧାତୁ+କର୍ମ. ତ )—ଅସ୍ପଷ୍ଟ ବାକ୍ୟ; ଲୁପ୍ତବର୍ଣ୍ଣ
Grasta ପଦ ବା ବାକ୍ୟ—A word or sentence in which some letters are understood; half uttered word or sentence.
[ ଦୃ—ଯଥା—ଅପଗତ ହୋଇଅଛି ନାସା ଯାହାର=ଅପନସ, ଏଠାରେ 'ଗତ' ଶବ୍ଦଟି 'ଗ୍ରସ୍ତ' ହେବାରୁ 'ଅପଗତନସ' ସ୍ଥାନରେ 'ଅପନସ' ହେଲା । ]
ସଂ. ବିଣ—୧ । ଭକ୍ଷିତ—1. Eaten.
୨ । ଗିଳା ହୋଇଥିବା—2. Swallowed; devoured.
୩ । ଧୃତ—3. Seized.
୪ । ଲୁପ୍ତ କରି ଯାଇଥିବା (ପଦାଦି)—4. Slurred over.
୫ । ଆକ୍ରାନ୍ତ—5. Attacked; overpowered; overtaken; possessed.
( ଯଥା— ପୀଡ଼ାଗ୍ରସ୍ତ; ଭୂତଗ୍ରସ୍ତ । )
୬ । ଦୁଃଖୀକୃତ—6. Tormented or oppressed.
୭ । ସମ୍ପୂର୍ଣ୍ଣ ଆବୃତ—7. Covered; overshadowed.
୮ । ରାହୁ ବା କେତୁଦ୍ୱାରା ଆବୃତ (ଚନ୍ଦ୍ର ବା ସୂର୍ଯ୍ୟ)—
8. Eclipsed.

**ଗ୍ରସ୍ତକାଳ**—ସଂ. ବି—ସୂର୍ଯ୍ୟ, ଚନ୍ଦ୍ର ରାହୁଗ୍ରସ୍ତ ଅବସ୍ଥାରେ ରହିବାର ସମୟ—
Grastakāla The period during which the sun or moon is eclipsed.

**ଗ୍ରସ୍ତମୁକ୍ତ**—ସଂ. ବିଣ ( କର୍ମଧାରୟ; ଆଦୌ ଗ୍ରସ୍ତ ପଶ୍ଚାତ୍ ମୁକ୍ତ )—
Grastamukta ରାହୁ ବା କେତୁଦ୍ୱାରା ଆକ୍ରାନ୍ତ ହୋଇ ପରେ ମୋକ୍ଷପ୍ରାପ୍ତ ( ସୂର୍ଯ୍ୟ ବା ଚନ୍ଦ୍ର )—Eclipsed and then freed (said of the sun or moon after eclipse).

**ଗ୍ରସ୍ତାସ୍ତ**—ସଂ.ବି (ଗ୍ରସ୍ତ=ରାହୁଗ୍ରସ୍ତ+ଅସ୍ତ=ଅସ୍ତଗମନ)—ଗ୍ରସ୍ତଅବସ୍ଥାରେ
Grastāsta ଚନ୍ଦ୍ର ସୂର୍ଯ୍ୟାଦିଙ୍କର ଅସ୍ତଯିବା—The setting of the sun or the moon while still eclipsed.
ସଂ. ବିଣ—ଗ୍ରସ୍ତ ଅବସ୍ଥାରେ ଅସ୍ତ ହୋଇଥିବା ( ଚନ୍ଦ୍ର ସୂର୍ଯ୍ୟ )—
Set while eclipsed (sun or moon).

**ଗ୍ରସ୍ତି**—ସଂ. ବି ( ଗ୍ରସ୍ ଧାତୁ+ଭାବ. ତି )—ଗିଳିବା—
Grasti Act of swallowing or devouring.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଗ୍ରସ୍ତୋଦୟ**—ସଂ. ବି ( ଗ୍ରସ୍ତ + ଉଦୟ )—ସୂର୍ଯ୍ୟ ବା ଚନ୍ଦ୍ର ରାହୁଗ୍ରସ୍ତ Grastodaya ଅବସ୍ଥାରେ ଉଦିତ ହେବା—The rising of the sun or moon while still in eclipse.

**ଗ୍ରହ୍** (ଧାତୁ)—ସଂ—୧ । ଗ୍ରହଣ କରିବା; ନେବା—
Grah (root) 1. To take; to receive; to accept.
୨ । ଧରିବା—2. To hold; to grasp; to catch.
୩ । ବଳପୂର୍ବକ ଧରିବା—3. To capture; to seize.
୪ । ଆକର୍ଷଣ କରିବା—
4. To attract; to captivate.
୫ । ଆଦାୟ କରିବା—5. To realise; to exact.
୬ । ସନ୍ତୁଷ୍ଟ କରିବା—
6. To please; to propitiate; to gratify.
୭ । ଗିରଫଦାର କରିବା—7. To apprehend; to arrest.
୮ । ବୁଝିବା—8. To understand; to comprehend.
୯ । କୌଣସି ବିଷୟକୁ ଅଯତ୍ତ କରିବା—9. To master.
୧୦ । ଅନୁମାନ କରିବା—10 To guess.
୧୧ । (ପ୍ରାର୍ଥନା) ମଞ୍ଜୁର କରିବା—
11. To grant (a request).
୧୨ । ( ବସ୍ତ୍ରାଲଙ୍କାରାଦି ) ପିନ୍ଧିବା—
12. To put on; to wear.
୧୩ । ଆପଣା ପକ୍ଷକୁ ରାଜି କରାଇବା ବା ମନାଇବା—
13. To win over; to persuade; to induce to one's side ( Apte ).
୧୪ । (ରୋଗ, ଭୂତ, ପିଶାଚାଦି) କୌଣସି ବ୍ୟକ୍ତିକୁ ଆକ୍ରମଣ କରିବା—14. To affect; to possess a person (Apte)
୧୫ । ଶିକ୍ଷା କରିବା; ଜାଣିବା—
15. To learn; to know (Apte).
୧୬ । ବିଚାର କରିବା—16. To consider; to think.
୧୭ । ଉଚ୍ଚାରଣ କରିବା—
17. To utter; to mention
୧୮ । ଗର୍ଭଧାରଣ କରିବା—18. To conceive.
୧୯ । କିଣିବା – 19. Te buy; to purchase.

**ଗ୍ରହ**—ସଂ. ବି. ( ଗ୍ରହ୍ ଧାତୁ + ଭାବ. ଅ )—
Graha ୧ । ଧାରଣ; ଧରିବା—
1. Act of taking; hold; grasp; seizing.
୨ । ସ୍ୱୀକରଣ—2. Acceptance.
୩ । ବୋଧ—
3. Understanding; comprehension.
୪ । ମୁଖରେ ଉଚ୍ଚାରଣ—
4. Utterance; mention.
୫ । ( + କର୍ତ୍ତୃ. ଅ ) ଆକାଶର ଚନ୍ଦ୍ର ସୂର୍ଯ୍ୟାଦି ଜ୍ୟୋତିଷ୍କଗଣ ( ପରସ୍ପରକୁ ଆକର୍ଷଣ କରୁଥିବାରୁ )—5. Planet.

[ ଦ୍ର—ସୂର୍ଯ୍ୟ ନିଜର ଆକର୍ଷଣଦ୍ୱାରା ଅନ୍ୟ କେତେଗୁଡ଼ିଏ ଜ୍ୟୋତିର୍ମୟ ବସ୍ତୁକୁ ଶୂନ୍ୟରେ ଟାଣି ରଖିଥିବାରୁ ସେ ବସ୍ତୁମାନ ସୂର୍ଯ୍ୟଙ୍କ ଚାରିପାଖେ ଅଣ୍ଡାକାର ପଥରେ ( Ellipse ରେ ) ବୁଲୁଅଛନ୍ତି । ଏହି ବୁଲିବା ବସ୍ତୁମାନଙ୍କୁ ଗ୍ରହ ବୋଲାଯାଏ । ଏମାନଙ୍କ ମଧ୍ୟରେ ସୂର୍ଯ୍ୟ ସମସ୍ତଙ୍କଠାରୁ ବଡ଼ । ଗ୍ରହମାନେ ମଧ୍ୟ ପରସ୍ପରକୁ ଆକର୍ଷଣ କରୁଅଛନ୍ତି । ସୂର୍ଯ୍ୟଙ୍କୁ କେନ୍ଦ୍ର କରି ବୁଲୁଥିବା ଗ୍ରହ ଓ ନକ୍ଷତ୍ରମାନଙ୍କୁ ନେଇ ସୌରଜଗତ ହୋଇଅଛି । ଆମ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ବୁଧ, ବୃହସ୍ପତି, ମଙ୍ଗଳ, ଶନିଙ୍କୁ ନେଇ ଯେଉଁପରି ଗୋଟିଏ ସୌରଜଗତ, ଏହିପରି ଅସଂଖ୍ୟ ସୌରଜଗତ ମାଳମାଳ ହୋଇ ଶୂନ୍ୟମାର୍ଗରେ ନିଯୁକ୍ତ ବୁଲୁଅଛନ୍ତି । ଖାଲି ଆଖିରେ ଦେଖା ଯାଉଥିବା ନକ୍ଷତ୍ରମାନେ ମଧ୍ୟ ଶୂନ୍ୟରେ ଅନନ୍ତ ଦୂରରେ ଥିବା ଗୋଟିଏ ଗୋଟିଏ ସୂର୍ଯ୍ୟ ଓ ତାଙ୍କ ଚାରିପାଖେ ଯେଉଁ ଗ୍ରହମାନ ବୁଲୁଛନ୍ତି, ସେମାନେ ଉକ୍ତ ସୂର୍ଯ୍ୟଙ୍କଠାରୁ ସାନ ହେବାରୁ ଆମ ଖାଲି ଆଖିରେ ଦିଶନ୍ତି ନାହିଁ । ପୁଣି ଗ୍ରହମାନଙ୍କୁ କେନ୍ଦ୍ର କରି ତାଙ୍କ ଚାରିପାଖେ ଯେଉଁ ଜ୍ୟୋତିଷ୍କମାନେ ବୁଲୁଛନ୍ତି, ତାଙ୍କୁ ଉପଗ୍ରହ ବୋଲାଯାଏ । ଆମ ପୃଥିବୀ ଚାରିପାଖେ ଚନ୍ଦ୍ର ଯେଉଁପରି ବୁଲୁଛି, ବୃହସ୍ପତି, ଶନି, ମଙ୍ଗଳ ଚାରିପାଖେ ମଧ୍ୟ ସେହିପରି କେତେଗୋଟି ଲେଖାଏଁ ଚନ୍ଦ୍ର ମଧ୍ୟ ବୁଲୁଅଛନ୍ତି । ସେ ଉପଗ୍ରହମାନେ ଦୂରବୀକ୍ଷଣଯନ୍ତ୍ରଦ୍ୱାରା ଦେଖା ପଡ଼ନ୍ତି । ଧ୍ରୁବକୁ କେନ୍ଦ୍ର କରି ନକ୍ଷତ୍ରମାନେ ପୂର୍ବରୁ ପଶ୍ଚିମକୁ ଗତି କରୁଅଛନ୍ତି ବୋଲି ଜଣାଯାଏ । କିନ୍ତୁ ଗ୍ରହମାନଙ୍କ ଗତି ନକ୍ଷତ୍ରମାନଙ୍କ ପରି ନିୟମିତ ନୁହେ । ଗ୍ରହମାନେ ପୂର୍ବରୁ ପଶ୍ଚିମକୁ ବୁଲି ବୁଲି ପୁଣି ଦିନା-କେତେ ପଶ୍ଚିମରୁ ପୂର୍ବକୁ ଗଲାପରି ଦେଖାଯାଆନ୍ତି ଓ କେବେ କେବେ ବଙ୍କା ହୋଇ ଗତି କରିବାର ମଧ୍ୟ ଦେଖାଯାନ୍ତି । ଏହାକୁ ଗ୍ରହମାନଙ୍କର ଅତିଚାର ( ବକ୍ରଗତି ) ବୋଲାଯାଏ । ଗ୍ରହମାନଙ୍କର ଆକାର, ଦୂରତ୍ୱ ଓ ସୂର୍ଯ୍ୟଙ୍କ ଚାରିଆଡ଼େ ଥରେ ଘୂରିବାର କାଳ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜ୍ୟୋତିଷୀମାନେ ଗଣନାଦ୍ୱାରା ସ୍ଥିର କରିଅଛନ୍ତି । ହିନ୍ଦୁ ଜ୍ୟୋତିଷ ମତରେ ଗ୍ରହ ୯ ଗୋଟି । ଯଥା:—]

୧ । ସୂର୍ଯ୍ୟ ( ରବି )—1. The Sun.
୨ । ଚନ୍ଦ୍ର ( ସୋମ )—2. The moon.
୩ । ମଙ୍ଗଳ—3 Mars.
୪ । ବୁଧ—4. Mercury.
୫ । ବୃହସ୍ପତି ( ଗୁରୁ )—5. Jupiter.
୬ । ଶୁକ୍ର—6. Venus.
୭ । ଶନି—7. Saturn.
୮ । ରାହୁ—
8. Ascending node; the dragon's head.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ତ୍ର | ର୍ | ର୍ଭ,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ସ | ଙ୍କ | ଇପ୍ସି | ଉଥ | ଘ |
| ୨ | ଋ | ଌ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ |

୯ । କେତୁ—
9. Descending node; the dragon's Jail.

ପ୍ରକୃତରେ ରାହୁ ଓ କେତୁ ଗ୍ରହ ନୁହନ୍ତି । ଏହା ପୃଥିବୀର ଛାୟା । ଏହା ଛଡ଼ା ପାଶ୍ଚାତ୍ୟମାନେ ୟୁରେନସ୍ ଓ ନେପଚୁନ ନାମରେ ଆଉ ଦୁଇଟି ଗ୍ରହ ପାଇଅଛନ୍ତି । ହିନ୍ଦୁ ଫଳଜ୍ୟୋତିଷ ମତରେ ପୃଥିବୀ ଉପରେ ଓ ମନୁଷ୍ୟ ଉପରେ ଗ୍ରହମାନଙ୍କ ପ୍ରଭାବ ପଡ଼େ ଓ ଗ୍ରହମାନଙ୍କୁ ନାନା ବର୍ଣ୍ଣ, ଜାତି ଓ ପ୍ରଭାବବିଶିଷ୍ଟ ବୋଲି ବର୍ଣ୍ଣନା କରା ଯାଇଅଛି । ]

୬ । ଚନ୍ଦ୍ର ବା ସୂର୍ଯ୍ୟାଦିଙ୍କ ଗ୍ରହଣ—6. Eclipse.

୭ । ଜବରଦସ୍ତି ଶତ୍ରୁଠାରୁ ନିଆଯିବା ବସ୍ତୁ—
7. Booty; spoil.

୮ । ଜବରଦସ୍ତି ଛଡ଼ାଇ ନେବା—
8. Capturing; robbing; stealing.

୯ । ନୈକଟ୍ୟ—9. Vicinity; propinquity.

୧୦ । ଶିଶୁମାନଙ୍କୁ ଆକ୍ରମଣ କରିବା ଭୂତଯୋନିବିଶେଷ—
10. A class of evil spirits attacking children and producing convolutions.

୧୧ । ଉତ୍ସାହ; ରଣୋଦ୍ୟମ—
11. Preparation for battle.

୧୨ । ଉଦ୍ଦେଶ୍ୟ—12. Purpose; design.

୧୩ । (ସଙ୍ଗୀତରେ) ପ୍ରାରମ୍ଭିକ ଆଳାପର ସ୍ୱର—
13. Setting to tune before singing.

୧୪ । ଅଧ୍ୟବସାୟ—14. Perseverance; tenacity.

୧୫ । ଗ୍ରହବୈଗୁଣ୍ୟ—15. Ill luck; misfortune.

୧୬ । ଅନୁଗ୍ରହ—16. Favour; patronage

୧୭ । ମଗର; ଗ୍ରାହ; କୁମ୍ଭୀର—17. Shark; crocodile.

୧୮ । (ଗ୍ରହମାନଙ୍କ ସଂଖ୍ୟା ନଅ ଥିବାରୁ) ନବ ସଂଖ୍ୟା—
18. The number nine.

୧୯ । ଗୃହ—19. House; residence.

୨୦ । ଖଣ୍ଡ—20 Ladle.

୨୧ । ପାତ୍ର—21. Receptacle; vessel.

ଦେ. ବି.—ବିବାଦ—Quarrel; dispute.

ତସ୍କରତସ୍କୀ ସେ ଯମା ଯେନ ମନକୁ,
ଗ୍ରହ ଦେଲ ଅନୁଗ୍ରହ କଲ ତାହାକୁ । ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଗ୍ରହକ—ସଂ. ବି.—୧ । (ଗ୍ରହ + କ)—ବନ୍ଦୀ; କାରାରୁଦ୍ଧ ବ୍ୟକ୍ତି—
Grahaka A prisoner (Apte).

୨ । (ଗ୍ରହ ଧାତୁ+କର୍ତ୍ତୃ.ଅକ)—ଗ୍ରାହକ; ଗ୍ରହଣକାରୀ ବ୍ୟକ୍ତି—
Holder

ଗ୍ରହକଙ୍କାଳ—ସଂ. ବି. (୭ମୀ ତତ୍; ଗ୍ରହମାନଙ୍କ ମଧ୍ୟରେ କଙ୍କାଳ)—
Grahakankāla ରାହୁଗ୍ରହ—The Dragon's Head; The Ascending node.

ଗ୍ରହକରିବା—ଦେ. କ୍ରି.—ଧରିବା—
Grahakaribā To hold; to catch hold of.

କଟି ମେଖଳା କ୍ଷୁଦ୍ର ଘଣ୍ଟି ଶବଦେ କର ଗ୍ରହ କରି ବୃନ୍ଦ ।
ପ୍ରାଚୀ. ରସବାରିଧି ।

ଗ୍ରହକଲ୍ଲୋଳ—ସଂ. ବି.—ରାହୁ—
Grahakallola An epithet of the Ascending node.

ଗ୍ରହକୋପ—ସଂ. ବି. (୬ଷ୍ଠୀ ତତ୍; ଗ୍ରହ+କୋପ)—ମନୁଷ୍ୟ ବା ପୃଥିବୀ ଉପରେ ଗ୍ରହମାନଙ୍କର ଅଶୁଭ ଦୃଷ୍ଟି—Evil influence of planets on man and earth; result of malignant planets.
Grahakopa

ଗ୍ରହଗୋଚର—ସଂ. ବି.—(୬ଷ୍ଠୀ ତତ୍; ଗ୍ରହ + ଗୋଚର) (ଜ୍ୟୋତିଷ)
Grahagochara ଜନ୍ମ ରାଶିରୁ ଗ୍ରହମାନଙ୍କର ଶୁଭାଶୁଭ ଗତି—
The motion of planets from the sign of zodiac of a person's nativity.

ଗ୍ରହଚକ୍ର—ସଂ. ବି.—ଗ୍ରହମଣ୍ଡଳ (ଦେଖ)
Grahachakra Grahamandala (See)

ଗ୍ରହଚିନ୍ତକ—ସଂ. ବି.—(୬ଷ୍ଠୀ ତତ୍; ଗ୍ରହ+ଚିନ୍ତକ)—ଦୈବଜ୍ଞ;
Grahachintaka ଜ୍ୟୋତିଷଜ୍ଞ—Fortune teller; astrologer.

ଗ୍ରହଜଗତ୍—ସଂ. ବି. (୬ଷ୍ଠୀ ତତ୍; ଗ୍ରହ+ଜଗତ)—ଗ୍ରହ ଉପଗ୍ରହାଦିଙ୍କ
Grahajagat ଭ୍ରମଣପଥସଂବଳିତ ଅଞ୍ଚଳ—
The planetary world.

ଗ୍ରହଣ—ସଂ. ବି. (ଗ୍ରହ୍ ଧାତୁ + ଭାବ ଅନ)—୧ । ବରଣ; ସ୍ୱୀକାର—
Grahana 1. Acceptance.

୨ । ଅଙ୍ଗୀକାର—2. Agreeing; acknowledging.

୩ । ଅବଲମ୍ବନ—3. Dependence.

୪ । ଉଚ୍ଚାରଣ—4. Utterance; mention.

୫ । ବୋଧ; ଅନୁଭବ—5. Understanding; conception; comprehension.

୬ । ଧାରଣ; ଆଦାନ; ନେବା—
6. Hold; taking; receiving.

୭ । ଭୋଜନ—7. Eating; tasting.

୮ । ବନ୍ଦୀ କରିବା; ବନ୍ଧନ—
8. Seizure; seizing; imprisonment.

୯ । ଜବରଦସ୍ତି ଧରିବା—9. Capturing.

୧୦ । ସ୍ୱବଶକୁ ଆଣିବା—
10. Bringing under one's sway.

୧୧ । ଅନ୍ୟ ଗ୍ରହର ଛାୟାପାତ ଦ୍ୱାରା ସୂର୍ଯ୍ୟ ଚନ୍ଦ୍ରଙ୍କର ଆଂଶିକ ବା ସମ୍ପୂର୍ଣ୍ଣ ଅଦର୍ଶନ—
11. Eclipse ( solar or lunar ).

[ ଦ୍ର—ସୂର୍ଯ୍ୟ ବା ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ଅନ୍ୟ କୌଣସି ଆକାଶସ୍ଥ ପିଣ୍ଡ ବ୍ୟବସ୍ଥିତ ହେଲେ ସୂର୍ଯ୍ୟ ବା ଚନ୍ଦ୍ର ପୃଥିବୀର

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ଠାରୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ନା' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଲୋକଙ୍କ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଧ୍ୟରେ ପୃଥିବୀ ପଡ଼ିଗଲେ ପୃଥିବୀର ଛାଇ ଚନ୍ଦ୍ରଙ୍କୁ ଘୋଡ଼ାଇ ପକାଇଲେ ଚନ୍ଦ୍ରଗ୍ରହଣ ହୁଏ । ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଚନ୍ଦ୍ର ରହିଗଲେ ସୂର୍ଯ୍ୟ ପୃଥିବୀରୁ ଦେଖା ଯାଆନ୍ତି ନାହିଁ ଏହାକୁ ସୂର୍ଯ୍ୟଗ୍ରହଣ କହନ୍ତି । ହିନ୍ଦୁ ପୁରାଣ ଅନୁସାରେ ରାହୁ ଓ କେତୁ ଚନ୍ଦ୍ର ସୂର୍ଯ୍ୟଙ୍କୁ ଗ୍ରାସ କଲେ ଗ୍ରହଣ ହୁଏ । ସୂର୍ଯ୍ୟ ଗ୍ରହଣ କେବଳ ଅମାବାସ୍ୟା ଦିନ ଓ ଚନ୍ଦ୍ରଗ୍ରହଣ କେବଳ ପୂର୍ଣ୍ଣିମା ଦିନ ହୁଏ । ସୂର୍ଯ୍ୟ ବା ଚନ୍ଦ୍ରଙ୍କ ପୂର୍ଣ୍ଣ ମଣ୍ଡଳ ଅଦୃଶ୍ୟ ହେଲେ ତାକୁ ସର୍ବଗ୍ରାସ ବୋଲାଯାଏ । ]

୧୨ । (+କରଣ. ଅନ) ଇନ୍ଦ୍ରିୟ—12. Organ of sense.
୧୩ । ହସ୍ତ—13. The hand.
୧୪ । ନିମନ୍ତ୍ରଣ—14. Invitation.
୧୫ । ଅର୍ଥ—15. Meaning; acceptance.
୧୬ । ସ୍ୱୀକାର—16. Assent; agreement.
୧୭ । ପ୍ରତିଧ୍ୱନି—17. Echo.
୧୮ । କୌଣସି ବିଷୟକୁ ମନରେ ଆୟତ୍ତ କରିବା—18. Grasping mentally; mastering.
୧୯ । ( +କର୍ମ ଅନ ) ବନ୍ଦୀ—19. A prisoner; captive.
୨୦ । ଆକର୍ଷଣ—20. Attraction; pulling; drawing.
୨୧ । ପୁରସ୍କାର—21. Reward.
୨୨ । କ୍ରୟ—22. Purchase (Apte).
୨୩ । ପାଣିଗ୍ରହଣ; ବିବାହ—23. Marriage (Apte).

**ଗ୍ରହଣ କରିବା**—ଦେ. କ୍ରି—୧ । ନେବା—1. To take.
Grahaṇa karibā ୨ । କାର୍ଯ୍ୟତଃ ଓ ବାକ୍ୟତଃ ସ୍ୱୀକାର କରିବା—2. To accept; to acknowledge.
ଗ୍ରହণকরা
ग्रहणकरना
୩ । ଭୋଜନ କରିବା—3. To eat; to taste.
୪ । ବୋଧ କରିବା—4. To comprehend.
୫ । ଧରିବା—5. To hold; to seize.
୬ । ନେବା—6. To take.

**ଗ୍ରହଣକାଳ**—ସଂ. ବି ( ୬ଷ୍ଠୀ ତତ୍; ଗ୍ରହଣ+କାଳ )—ଯେଉଁ ସମୟରେ
Grahaṇakāla ସୂର୍ଯ୍ୟ ବା ଚନ୍ଦ୍ର ରାହୁଗ୍ରସ୍ତ ଅବସ୍ଥାରେ ଥାଆନ୍ତି—The period of the sun or the moon being under eclipse.

**ଗ୍ରହଣଖଣ୍ଡିଆ**—ଦେ. ବିଣ. ପୁଂ ( ସଂ. ଗ୍ରହଣ+ଖଣ୍ଡିତ )—ଜନ୍ମରୁ ଯାହାର
Grahaṇakhaṇḍiā ନାକ ବା ଓଠ ଖଣ୍ଡିତ ହୋଇଥାଏ; ଖଣ୍ଡି-
(ଗ୍ରହଣଖଣ୍ଡୀ—ସ୍ତ୍ରୀ) ଓଷ୍ଠ (ବଂଙ୍କ)—(a person) Whose
গন্নাকাটা; গন্নাখঁদা nostril or lips are split up before birth; hare-lipped; split-lipped.

[ ଦ୍ର—ଲୋକବିଶ୍ୱାସ ଅଛି ଯେ ଗର୍ଭିଣୀ ସ୍ତ୍ରୀ ଗ୍ରହଣ ସମୟରେ କୌଣସି ପଦାର୍ଥ କାଟିଲେ ବା ଭୂମିରେ ଗାର କାଟିଲେ କିମ୍ବା ଗ୍ରହଣ ଦେଖିଲେ ଗର୍ଭସ୍ଥ ଶିଶୁର ନାକ ବା ଓଠ ଖଣ୍ଡିତ ହୋଇଥାଏ ।]

**ଗ୍ରହଣସ୍ନାନ**—ସଂ. ବି (ମଧ୍ୟପଦଲୋପୀ; କର୍ମଧା; ଗ୍ରହଣ କାଳରେ କରଣୀୟ
Grahaṇasnāna ସ୍ନାନ)—ସୂର୍ଯ୍ୟ ଚନ୍ଦ୍ର ଗ୍ରହଣ ଲାଗିବା ସମୟରେ ଓ ଗ୍ରହଣ ଛାଡ଼ିବା ସମୟରେ ହିନ୍ଦୁଶାସ୍ତ୍ରବିହିତ ସ୍ନାନ—Bath prescribed to be taken by a Hindu at the beginning and end of an eclipse.
[ ଦ୍ର—ଗ୍ରହଣ ସ୍ନାନ ଦୁଇ ପ୍ରକାର—ଆଦ୍ୟସ୍ନାନ ଓ ମୋକ୍ଷସ୍ନାନ ।]

**ଗ୍ରହଣି**—ସଂ. ବି ( ଗ୍ରହ ଧାତୁ + କର୍ତ୍ତୃ. ଅନ )—୧ । ଝାଡ଼ାରୋଗ;
Grahaṇi ଉଦରାମୟ—1. Dysentery; diarrhoea.
(ଗ୍ରହଣୀ—ଅନ୍ୟରୂପ) ୨ । ଉଦର ମଧ୍ୟସ୍ଥ କୋଷ୍ଠ; ଯେଉଁଠାରେ ଖାଦ୍ୟଦ୍ରବ୍ୟ ସଙ୍ଗେ ପିତ୍ତ ମିଶେ—2. Intestines; part of the alimentary cannal where the gastricjuice comes to the food.

**ଗ୍ରହଣିହର**—ସଂ. ବି (ଗ୍ରହଣି+ହୃ ଧାତୁ+କର୍ତ୍ତୃ. ଅ)—ଲବଙ୍ଗ—
Grahaṇihara Cloves.
ସଂ. ବିଣ—ଗ୍ରହଣୀରୋଗନାଶକ—Curing dysentery.

**ଗ୍ରହଣୀ**—ସଂ. ବି (ଗ୍ରହ ଧାତୁ+କର୍ତ୍ତୃ. ଅନ+ସ୍ତ୍ରୀ. ଈ)—ଗ୍ରହଣି (ଦେଖ)
Grahaṇī Grahaṇi (See)

**ଗ୍ରହଣୀକବାଟ**—ପ୍ରାଦେ (ଗଞ୍ଜାମ) ବି (ବୈଦ୍ୟକ)—ମାହାଲ; ମହାନିମ୍ବ
Grahaṇīkabāṭa (ଦ୍ରବ୍ୟଗୁଣ; କଳ୍ପଦ୍ରୁମ)—
ସଂ. ମହାପିଚୁମର୍ଦ୍ଦ Milia Azendarachta (tree).
ତେ. ପେନୁବେପା

**ଗ୍ରହଣୀୟ**—ସଂ. ବିଣ (ଗ୍ରହ୍ ଧାତୁ+କର୍ମ. ଅନୀୟ)—ଗ୍ରାହ୍ୟ (ଦେଖ)
Grahaṇīya Grāhya (See).

**ଗ୍ରହଦଶା**—ସଂ. ବି (ମ. ପ. ଲୋ; ଗ୍ରହ+ଦଶା; ଗ୍ରହଜନିତ ଦଶା)—
Grahadaśā ୧ ( ଜ୍ୟୋତିଷ )—ଗ୍ରହର ଭୋଗକାଳ; ଗ୍ରହର ମନୁଷ୍ୟ ଜୀବନରେ ଅଧିକାର କାଳ—1. (astrology) The aspect of a planet; the time during which a planet exercises its influence over the life of a man.
[ଦ୍ର—ଭିନ୍ନ ଭିନ୍ନ ଗ୍ରହ ଭିନ୍ନ ଭିନ୍ନ ମନୁଷ୍ୟର ଜାତକରେ ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବାରୁ ସେମାନଙ୍କ ଦଶାର ଫଳ ମଧ୍ୟ ଭିନ୍ନ ଭିନ୍ନ ହୁଏ । ]
୨ । ଦୁର୍ଭାଗ୍ୟ (ହି. ଶବ୍ଦସାଗର)—2. Bad luck.

**ଗ୍ରହଦେବତା**—ସଂ. ବି ( ୬ଷ୍ଠୀ ତତ୍ )—ପ୍ରତ୍ୟେକ ଗ୍ରହର ଅଧିଷ୍ଠାତ୍ରୀ
Grahadebatā ଦେବତା—Diety presiding over each planet.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଡ଼ଅ | ଢ଼ |
| ଁ | ଈ | ⌒ | ଋୂ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଡ଼ | ୯ |

ଗ୍ରହଦୋଷ—ସଂ. ବ (ମ. ପ. ଲୋ. କର୍ମଧା)—ଗ୍ରହମାନଙ୍କର ପ୍ରତିକୂଳ
Grahadosha ଅବସ୍ଥିତିଜନିତ ଅମଙ୍ଗଳ—Misfortune due to evil influence of inauspicious planets.

ଗ୍ରହଦ୍ରୁମ—ସଂ. ବି—କାକଡ଼ାଶୃଙ୍ଗୀ (ଦେଖ)
Grahadruma Kakardāsrungī (See).

ଗ୍ରହନକ୍ଷତ୍ର—ସଂ. ବ (ସହଚର)—ଗ୍ରହ ଓ ନକ୍ଷତ୍ର—
Grahanakshatra Planets and stars.

ଗ୍ରହନାୟକ—ସଂ. ବ (୬ଷ୍ଠୀ ତତ୍; ଗ୍ରହ+ନାୟକ)—ଗ୍ରହରାଜ (ଦେଖ)
Grahanāyaka Graharāja (See).

ଗ୍ରହନାଶ—ସଂ. ବ—ଛତିଆନା (ଗଛ) (ହି. ଶବ୍ଦସାଗର) (ଦେଖ)—
Grahanāśa Chhatiānā (tree) (See).

ଗ୍ରହନିଗ୍ରହ—ସଂ. ବି (ବିପରୀତାର୍ଥ ସହଚର; ଗ୍ରହ+ନିଗ୍ରହ)—
Grahanigraha ୧ । ପୁରସ୍କାର ଓ ଦଣ୍ଡ—
1. Reward and punishment.
୨ । ଅନୁଗ୍ରହ ଓ ପ୍ରତିକୂଳତା—
2. Favour and disfavour.

ଗ୍ରହନୀହାରିକା—ସଂ. ବ (୬ଷ୍ଠୀ ତତ୍; ଗ୍ରହ+ନୀହାରିକା)—ସୁଦୂରସ୍ଥ
Grahanihārikā ଅସ୍ପଷ୍ଟ ନକ୍ଷତ୍ରପୁଞ୍ଜ—Nebula.

ଗ୍ରହନେମି—ସଂ. ବ—୧ । ଚନ୍ଦ୍ର—
Grahanemi 1. The moon.
୨ । ଚନ୍ଦ୍ରଙ୍କ ଗତିମାର୍ଗର ଯେଉଁ ଅଂଶ ମୂଳା ଓ ମୃଗଶିର ନକ୍ଷତ୍ର ମଧ୍ୟରେ ପଡ଼େ (ହି. ଶବ୍ଦସାଗର)—2. Part of the moon's orbit lying between the 19th and the 5th asterisms.
୩ । ଆକାଶ (ହି. ଶବ୍ଦସାଗର)—3. The sky.

ଗ୍ରହପତି—ସଂ. ବ (୬ଷ୍ଠୀ ତତ୍; ଗ୍ରହ+ପତି)—୧ । ଗ୍ରହରାଜ (ଦେଖ)
Grahapati Graharāja (See).
୨ । ଶନିଗ୍ରହ—2. Saturn.
୩ । ଅରଖ ଗୁଳ୍ମ—3. Calotropis Gigantea (plant.)

ଗ୍ରହପୀଡ଼ା—ସଂ. ବି. (ମ. ପ. ଲୋ; ଗ୍ରହଜନିତ ପୀଡ଼ା)—
Grahapirdā ୧ । ଗ୍ରହର ପ୍ରତିକୂଳତାଜନିତ ରୋଗ—
1. Disease due to evil influence of inauspicious planets.
୨ । (୬ଷ୍ଠୀ ତତ୍) ଚନ୍ଦ୍ର ବା ସୂର୍ଯ୍ୟଙ୍କ ଗ୍ରହଣ—
2. Eclipse.

ଗ୍ରହପୂଜା—ସଂ. ବ. (୬ଷ୍ଠୀ ତତ୍; ଗ୍ରହ+ପୂଜା)—
Grahapūjā କୁଗ୍ରହମାନଙ୍କର ଶାନ୍ତି ବିଧାନାର୍ଥ ଅନୁଷ୍ଠେୟ ଶାସ୍ତ୍ରୋକ୍ତ କ୍ରିୟା—Rites performed to propitiate the malignant influence of planets.

ଗ୍ରହବିପ୍ର—ସଂ. ବି. (ମ. ପ. ଲୋ କର୍ମଧା; ଗ୍ରହ ଶାନ୍ତ୍ୟ ଦାନ-
Grahabipra ଗ୍ରହୀତା ବିପ୍ର)—ଜ୍ୟୋତିଷ ନାୟକ—
An astrologer.

ଗ୍ରହବେଧ—ସଂ. ବ. (ଜ୍ୟୋତିଷ)—ନିଜର ଦୃଷ୍ଟି ଅଥବା ଯନ୍ତ୍ରାଦି
Grahabedha ଦ୍ୱାରା ଗ୍ରହମାନଙ୍କର ପର୍ଯ୍ୟବେକ୍ଷଣ—
Observation of the planets with the naked eye or instrument.

ଗ୍ରହବୈକଲ୍ୟ—ସଂ. ବି. (୬ଷ୍ଠୀ ତତ୍; ଗ୍ରହ+ବୈକଲ୍ୟ)—
Grahabaikalya ଗ୍ରହଦୋଷ (ଦେଖ)
Grahadosha (See)

ଗ୍ରହବୈଗୁଣ୍ୟ—ସଂ. ବ. (୬ଷ୍ଠୀ ତତ୍; ଗ୍ରହ+ବୈଗୁଣ୍ୟ)—
Grahabaigunya ଗ୍ରହଦୋଷ (ଦେଖ)
Grahadosha (See)

ଗ୍ରହବୈଷମ୍ୟ—ସଂ. ବ. (୬ଷ୍ଠୀ ତତ୍)—ଗ୍ରହଦୋଷ (ଦେଖ)
Grahabaishamya Grahadosha (See)

ଗ୍ରହମଣି—ସଂ. ବ. (୭ମୀ ତତ୍; ଗ୍ରହ+ମଣି)—
Grahamani ଗ୍ରହରାଜ (ଦେଖ)
Graharāja (See)

ଗ୍ରହମଣ୍ଡଳ—ସଂ. ବ. (ଜ୍ୟୋତିଷ)—ଭିନ୍ନ ଭିନ୍ନ ରାଶିମାନଙ୍କରେ ଗ୍ରହ-
Grahamandala ମାନଙ୍କର ଅବସ୍ଥାନନିର୍ଦ୍ଦେଶକ ଚକ୍ର—
The Zodiacal circle.

ଗ୍ରହମଣ୍ଡଳୀ—ସଂ. ବ—ଗ୍ରହମଣ୍ଡଳ (ଦେଖ)
Grahamandali Grahamandala (See)

ଗ୍ରହଯଜ୍ଞ—ସଂ. ବ. (୬ଷ୍ଠୀ ତତ୍; ଗ୍ରହ+ଯଜ୍ଞ)—
Grahajajña ଜ୍ୟୋତିଃ ଶାସ୍ତ୍ରୋକ୍ତ ଗ୍ରହଶାନ୍ତି ବିଧାୟକ ହୋମ—
The rite of propitiation of the planets.

ଗ୍ରହଯାଗ—ସଂ. ବ. (୬ଷ୍ଠୀ ତତ୍)—ଗ୍ରହଯଜ୍ଞ (ଦେଖ)
Grahajāga Grahajajña (See)

ଗ୍ରହଯୁତି—ସଂ. ବ. (୬ଷ୍ଠୀ ତତ୍; ଗ୍ରହ+ଯୁତି)—
Grahajuti ଗ୍ରହମାନଙ୍କର ଏକତ୍ରାବସ୍ଥାନ ବା ପରସ୍ପର ସଙ୍ଗମ—
Conjunction of planets.

ଗ୍ରହଯୁଦ୍ଧ—ସଂ. ବ. (୬ଷ୍ଠୀ ତତ୍; ଗ୍ରହ+ଯୁଦ୍ଧ)—
Grahajuddha (ଜ୍ୟୋତିଷ) ସୂର୍ଯ୍ୟସିଦ୍ଧାନ୍ତ ଅନୁସାରେ ବୁଧ, ବୃହସ୍ପତି, ଶୁକ୍ର, ଶନି ବା ମଙ୍ଗଳ ପରସ୍ପର ସହିତ ବା ଚନ୍ଦ୍ରଙ୍କ ସହିତ ଏକ ରାଶିରେ ଏପରି ମିଳନ, ଯହିଁରେ ଏକ ଗ୍ରହ ଦ୍ୱାରା ଅନ୍ୟ ଗ୍ରହ ଅଦୃଶ୍ୟ ହୋଇଯାଏ (ହି. ଶବ୍ଦସାଗର)—(Astronomy) The over clouding of one planet by another; a conjunction of two planets in such a manner that one of them is not visible to the earth.

ଗ୍ରହରାଜ—ସଂ. ବ. (୬ଷ୍ଠୀ ତତ୍; ଗ୍ରହ+ରାଜନ୍=ଗ୍ରହରାଜ; ୧ମା.୧ବ;
Graharāja ପ୍ରଧାନ ଗ୍ରହ)—୧ । ସୂର୍ଯ୍ୟ—1. The sun (the king of the planet.
୨ । ଚନ୍ଦ୍ର—2. The moon.

ସାଧାରଣ ଲୋକେ ଏପରି ପ୍ରସ୍ଥାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ସେହି ଶବ୍ଦ ପାଇ ପଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ବୃହସ୍ପତି—3. Jupitor.

୪ । ଶନି—4. Saturn.

**ଗ୍ରହରୈବତ**— ସଂ. ବି—ସୂତିକା ଗୃହ—
Graharaibata Lying-in room.
ଅଚେତ ହୋଇ ଗ୍ରହରୈବତ ବାଳକ
ମାରଣ କରାଇଲେ ପ୍ରାଣୀଙ୍କର ଶୋକ । କୃଷ୍ଣସିଂହ. ମହାଭାରତ. ବନ ।

**ଗ୍ରହଶାନ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରହ+ଶାନ୍ତି )—
Grahasānti ଗ୍ରହପୂଜା ( ଦେଖ )
Grahapūjā ( See )

**ଗ୍ରହସଙ୍ଗମ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରହ+ସଙ୍ଗମ )—
Grahasangama ଗ୍ରହଯୁତି ( ଦେଖ )
Grahajuti ( See )

**ଗ୍ରହସ୍ଫୁଟ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରହ+ସ୍ଫୁଟ )—( ଜ୍ୟୋତିଷ )
Grahasphuṭa ଗ୍ରହର ସ୍ଥିତିଜ୍ଞାପକ ରାଶ୍ୟଂଶ—( astronomy )
The sign of the zodiac showing the position of planets.

**ଗ୍ରହାଧାର**—ସଂ. ବି. ( ବହୁବ୍ରୀହି କିମ୍ବା ୬ଷ୍ଠୀ ତତ୍; ଗ୍ରହ+ଆଧାର=
Grahādhāra ଆଶ୍ରୟ )—ଧ୍ରୁବ ନକ୍ଷତ୍ର—The pole star.
[ ଧ୍ରୁବ—ଏହାକୁ କେନ୍ଦ୍ର କରି ଗ୍ରହମାନେ ଓ ନକ୍ଷତ୍ରମାନେ ଗତି କରୁଥିବାରୁ । ]

**ଗ୍ରହାଧିପ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରହ+ଅଧିପ )—ସୂର୍ଯ୍ୟ—
Grahādhipa The sun.

**ଗ୍ରହାଧୀଶ**— ସଂ. ବି.(୬ଷ୍ଠୀ ତତ୍; ଗ୍ରହ+ଅଧୀଶ )—ଗ୍ରହାଧିପ ( ଦେଖ )
Grahādhisa Grahādhipa ( See )

**ଗ୍ରହାବମର୍ଦ୍ଦନ**—ସଂ. ବି ( ୬ଷ୍ଠୀ ତତ୍; ଗ୍ରହ+ଅବମର୍ଦ୍ଦନ )—୧ । ସୂର୍ଯ୍ୟ
Grahābamarddana ଓ ଚନ୍ଦ୍ରଗ୍ରହଣ—1. Eclipse.
୨ । ( ବହୁବ୍ରୀହି ) ରାହୁ—
2. The dragon's head; the ascending node.

**ଗ୍ରହାଶ୍ରୟ**—ସଂ. ବି—ଗ୍ରହାଧାର ( ଦେଖ )
Grahāsraya Grahādhāra ( See )

**ଗ୍ରହିବା**—ଦେ. ( ପଦ୍ୟ ) କ୍ରି. ( ସଂ. ଗ୍ରହଣ )—ଗ୍ରହଣ କରିବା—
Grahibā To receive.
ଗ୍ରହ୍ୟା ପ୍ରଣତ ଗ୍ରହିଣ ମୋର ଚରଣପ୍ରସାଦରେ—ମଧୁସୂଦନ. ଛନ୍ଦମାଳା ।

**ଗ୍ରହିଲ**—ସଂ. ବିଣ. ( ଗ୍ରହ୍ ଧାତୁ+ଅସ୍ତ୍ୟର୍ଥେ. ଇଲ )—
Grahila ୧ । ଗ୍ରହଣକାରୀ—
1. Taking; accepting.
୨ । ନିର୍ବନ୍ଧଯୁକ୍ତ; ଜିଦଖୋର—
2. Obstinate; head strong; importunate;
୩ । ଆଗ୍ରହଯୁକ୍ତ—3. Zealous.

**ଗ୍ରହୀତବ୍ୟ**—ସଂ. ବିଣ. ( ଗ୍ରହ୍ ଧାତୁ ଣିଚ୍+କର୍ମଣି. ତବ୍ୟ )—
Grhitabya ଗ୍ରାହ୍ୟ ( ଦେଖ )—Grāhya ( See )

**ଗ୍ରହୀତା**—ସଂ. ବିଣ. ପୁଂ. ( ଗ୍ରହ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ. )—
Grahītā ଗ୍ରହଣକାରୀ—Accepting; seizing.
(ଗ୍ରହୀତ୍ରୀ—ସ୍ତ୍ରୀ) ସଂ. ବି. ପୁଂ—୧ । ଗ୍ରହଣକର୍ତ୍ତା—1. Acceptor.
୨ । ଋଣ ଗ୍ରହଣକାରୀ ବ୍ୟକ୍ତି; ଖାତକ—2. A debtor.
୩ । ଗ୍ରାହକ—3. Subscriber.
୪ । ଖରିଦଦାର—4. Purchaser.
୫ । ( ଯେ ସ୍ତ୍ରୀର ପାଣି ଗ୍ରହଣ କରେ ) ସ୍ୱାମୀ; ପଇତା—
5. Husband.

**ଗ୍ରହୋପରାଗ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରହ+ଉପରାଗ )—ଗ୍ରହମାନଙ୍କ
Grahoparāga ଗ୍ରହଣ; ଗ୍ରହମାନଙ୍କ ଉପରେ ଅନ୍ୟ ଗ୍ରହ ବା ପୃଥିବୀର ଛାୟାପତନ—Eclipse of planets.

**ଗ୍ରାଆଜି କରିବା**—ପ୍ରାଦେ. ( ଗଡ଼ଜାତ ) କ୍ରି—ଗ୍ରାଜି କରିବା ( ଦେଖ )
Graāji karibā Grāji karibā ( See )

**ଗ୍ରାଜି କରିବା**—ପ୍ରାଦେ. ( ଗଡ଼ଜାତ ) କ୍ରି. ( ଗ୍ରାହ୍ୟ )—
Grāji karibā ୧ । ଆତ୍ମସାତ୍ କରିବା—
1. To appropriate something to one's use.
୨ । ଗ୍ରାହିଜ୍ୟ ( ଦେଖ )
2. Grāhijya ( See )

**ଗ୍ରାଜୁଏଟ୍**—ବୈଦେ. (ଇଂ)—ବିଶ୍ୱବିଦ୍ୟାଳୟର ବି.ଏ.,ଏମ୍.ଏ.,ବି.ଏଲ୍.,
Grājuet ବି. ଇ., ବି. ଇଡ. ଆଦି କୌଣସି ଉପାଧି ପରୀକ୍ଷାରେ ପାସ
ग्राजुएट କରିଥିବା ବିଦ୍ୱାନ୍ ବ୍ୟକ୍ତି—A graduate.
ग्रेजुएट

**ଗ୍ରାଜ୍ୟ**—ଗ୍ରା. ବିଣ. ( ସଂ.ଗ୍ରାହ୍ୟର ଅଶୁଦ୍ଧ ଉଚ୍ଚାରଣ )—
Grājya ଗ୍ରାହ୍ୟ ( ଦେଖ )—Grāhya ( See )

**ଗ୍ରାଝ୍ୟ**—ଗ୍ରା. ବିଣ ( ସଂ. ଗ୍ରାହ୍ୟର ଅଶୁଦ୍ଧ ଉଚ୍ଚାରଣ )—ଗ୍ରାହ୍ୟ (ଦେଖ)
Grājhya Grāhya ( See )

**ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍**—ବୈଦେ.ବି. (ଇଂ. ଗ୍ରାଣ୍ଡ=ଅତି ବଡ଼; ଟ୍ରଙ୍କ୍‌ରୋଡ଼
Grand trank rod =ପ୍ରଧାନ ରାସ୍ତା)—କଲିକତାରୁ ବାହାରି
ग्राण्ड ट्रंक रोड़ ବର୍ଦ୍ଧମାନ,ରାଣୀଗଞ୍ଜ, ବାଲେଶ୍ୱର,କଟକ, ପୁରୀ ବାଟେ
ग्रैंड्ट्रंक्रोड् ଯେଉଁ ପ୍ରଧାନ ରାଜପଥ ମାନ୍ଦ୍ରାଜକୁ ଯାଇଅଛି—The grand trunk road running from Calcutta to Madras.

**ଗ୍ରାପ୍ଲାଣ୍ଟ**—ବୈଦେ. ବି. (ଇଂ)—ଦକ୍ଷିଣ ଆଫ୍ରିକାର ବଙ୍କା ସାଙ୍ଗବିଶିଷ୍ଟ
Grāplānṭ ଗୁଳ୍ମବିଶେଷ—Grapple plant; Harpagophytum Lepto Corpum (a South African herb having the woody fruits armed with long hooked or barbed thorns causing great annoyance and even death to cattle when they adhere to the body of cattle.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ, ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁସ୍ୱାରଯୁକ୍ତ ଯୁକ୍ତାକ୍ଷର | ଷ | ଜ | ଣ, ଙ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ପ୍ଟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନୃ |

[ ଦ୍ର—ଏ ଦକ୍ଷିଣ ଆଫ୍ରିକାରେ ଏକ ପ୍ରକାର ବଣାଳୁ ଗଛ । ଏଥିର ବୀଜକୋଷ ମଧ୍ୟରେ ଏକ ପ୍ରକାର ଅଙ୍କୁଶୀ କଣ୍ଟା ଥାଏ । ଫଳମାନ ଗଛରୁ ଝଡ଼ି ଭୂମିରେ ପଡ଼ିଥାଏ ଓ ସେବାଟେ ଯିବା ପଶୁମାନଙ୍କ ଖୁରରେ ଲାଗି ଗଲେ ଖୁରରେ ବେଦନା ହୁଏ । ଖୁରର ବେଦନା କମାଇବା ପାଇଁ ଉକ୍ତ ପଶୁ ଖୁରକୁ ଦେହରେ ଘଷିଲାମାତ୍ରକେ ସେ ବଣାଳୁ କଣ୍ଟା ଦେହରେ ବାଜି ବେଦନା କରେ । ଦେହର ବେଦନାକୁ କମାଇବାକୁ ଉକ୍ତ ପଶୁ ନିଜ ଦେହକୁ ଗୁଣ୍ଡିଲେ ସେ କଣ୍ଟା ଦେହରୁ ଯାଇ ମୁହଁ ଓ ଜିଭରେ ଲାଗେ ଓ ଏହିପରି ପଶୁର ସର୍ବାଙ୍ଗ କଣ୍ଟକାବୃତ ଓ ବେଦନାଯୁକ୍ତ ହୋଇ ପଶୁଟି ବେଦନାରେ ଛଟପଟ ହୋଇ ମରି ଯାଏ । ]

ଗ୍ରାବ—ସଂ. ବି. (ଗ୍ରହ୍ ଧାତୁ+ବନ; ୧ମା.୧ବ.)—୧ । (+କର୍ମ. ବନ୍; ଯାହାକୁ ଧରି ଯାଏ ) ପଥର —1. Stone.
Grāba

୨ । (+କର୍ତ୍ତୃ. ବନ୍; ଯାହା ପୃଥିବୀକୁ ଧାରଣ କରିଅଛି)—ପର୍ବତ—2. Mountain

୩ । (+କର୍ତ୍ତୃ. ବନ୍; ଯାହା ଜଳକୁ ଧାରଣ କରେ)—ମେଘ—3. Cloud.

ସଂ. ବିଣ.—୧ । ଦୃଢ଼—1. Firm.

୨ । କଠିଣ—2. Hard.

ଗ୍ରାବଭିତ୍—ସଂ. ବି. (ଗ୍ରାବ+ଭିଦ୍ ଧାତୁ=ଭେଦ କରିବା+କର୍ତ୍ତୃ. କ୍ୱିପ୍)
Grābabhit —ପାଷାଣଭେଦୀ (ଦେଖ) Pāshāṇabhedī (See).

ଗ୍ରାବା—ସଂ. ବି. (ଗ୍ରାବ+ଆ)—ଗ୍ରାବ (ଦେଖ)
Grābā Grāba (See)

ଗ୍ରାବୁ—ଦେ. ବି.—ଏକ ପ୍ରକାର ତାସ ଖେଳ—
Grābu A game at cards played by four players.

ଗ୍ରାବୁ [ ଦ୍ର— ଏଥିରେ ୪ ଜଣ ଖେଳନ୍ତି ଓ ଛକ୍କା, ବୋମ୍ ଧରି ଯାଏ; ୨ ଜଣ ଖେଳଲେ ତାକୁ ଦନଲ ଖେଳ ବୋଲାଯାଏ ଓ ବନ୍ତିରେ ପଞ୍ଝା ଧରାଯାଏ । ]

ଗ୍ରାମ୍ (ଧାତୁ)—ସଂ.—୧ । ଆମନ୍ତ୍ରଣ କରିବା—1. To invite.
Grām (root)

୨ । ଡାକିବା—2. To call.

ଗ୍ରାମ୍—ବୈଦେ. ବି. ( ଗ୍ରୀକ୍. ଗ୍ରାମ୍ମା=ଅକ୍ଷର; କ୍ଷୁଦ୍ର ଓଜନ;—ଗ୍ରୀକ୍‌ରୁ ଫ୍ରେଞ୍ଚ ଭାଷାକୁ ଓ ଫ୍ରେଞ୍ଚ ଭାଷାରୁ ଇଂ. ଗ୍ରାମ୍ ରୂପେ ବ୍ୟବହୃତ)—
Grām

ଗ୍ରାମ୍ ଧାତୁ ଦ୍ରବ୍ୟାଦି ଓଜନ କରିବାରେ ଇଉରୋପୀୟ ପରିମାଣବିଶେଷ—Gram; Gramme.

ग्रैम्

[ ଦ୍ର—ଏହାର ଓଜନ ୧୫.୪୩୨ ଗ୍ରେନ୍ ଅଟେ । ]

ଗ୍ରାମ—ସଂ. ବି (ଗ୍ରାମ ଧାତୁ ଣିଚ; ଗ୍ରାମି ଧାତୁ=ଆମନ୍ତ୍ରିତ ହେବା+ଅ =ଯେଉଁଠାକୁ ଯିବାକୁ ଲୋକେ ନିମନ୍ତ୍ରିତ ହୁଅନ୍ତି; କିମ୍ବା ଗମ ଧାତୁ=ଯିବା+ଅ, ( ନିପାତନ )=ଯେଉଁଠାକୁ ଲୋକେ ଯାଆନ୍ତି; କିମ୍ବା ଗ୍ରସ୍ ଧାତୁ ମନ୍ (ନିପାତନ) )—
Grāma

୧ । ବାସସ୍ଥାନ—1. Residence.

ହେ ହଂସ ! କାହିଁ ତୋର ଗ୍ରାମ;
କେ ତୁମ୍ଭେ କବା ତୁମ୍ଭ ନାମ—ଜଗନ୍ନାଥ. ଭାଗବତ ।

୨ । ମଫସଲ—2. The mofassal.

୩ । ଲୋକାଳୟ; ଜନପଦ; ବସ୍ତି—3. Village.

୪ । କ୍ଷୁଦ୍ର ଗ୍ରାମ; ପଲ୍ଲୀ—4. Hamlet.

୫ । ( ଅନ୍ୟ ଶବ୍ଦ ପରେ ପ୍ରଯୁକ୍ତ ହେଲେ ) ସମୂହ—5. Multitude.

(ଯଥା—ସ୍ୱରଗ୍ରାମ, ଗୁଣଗ୍ରାମ, ଇନ୍ଦ୍ରିୟଗ୍ରାମ, ନୃପଗ୍ରାମ । )

ଗ୍ରାମ ବୋଇଲେ ହେ ମୋହର ପରାକ୍ରମ
ଦେଖ ଆଜ ମାଦ୍ରବ ଯୁଦ୍ଧେ ନୃପଗ୍ରାମ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣପର୍ବ ।

୬ । ମୂର୍ଚ୍ଛନା ଓ ତାନାଦିର ଆଶ୍ରୟସ୍ୱରୂପ ସ୍ୱରସମୂହ; ସଙ୍ଗୀତର ସ୍ୱରତ୍ରୟ ( ଷଡ୍‌ଜ, ମଧ୍ୟମ ଓ ଗାନ୍ଧାର କିମ୍ବା ତାର, ଉଦାର, ମୁଦାର )—6. A scale in the musical gamut (loud, ordinary low).

୭ । ଶିବ (ହି. ଶବ୍ଦସାଗର)—7. God Śiba.

୮ । ସପ୍ତକ; ହିନ୍ଦୁ ସଙ୍ଗୀତର ସପ୍ତ ସ୍ୱରର ସମାହାର (ହି. ଶବ୍ଦସାଗର)—8. The seven primary tunes of Hindu music.

[ଦ୍ର—ହିନ୍ଦୁ ସଙ୍ଗୀତଶାସ୍ତ୍ରରେ ଷଡ୍‌ଜ, ମଧ୍ୟମ ଓ ପଞ୍ଚମ ( ମତାନ୍ତରରେ ଗାନ୍ଧାର) ନାମରେ ୩ ଗ୍ରାମ କଳ୍ପିତ କରି ଯାଇଅଛି । କେହି କେହି ଏହି ୩ ଗ୍ରାମକୁ ଯଥାକ୍ରମେ ନନ୍ଦାବର୍ତ୍ତ, ସୁଭଦ୍ର ଓ ଜୀମୂତ କହନ୍ତି; ଏମାନଙ୍କ ଅଧିଷ୍ଠାତୃ ଦେବ ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ଶିବ କଳ୍ପିତ ହୋଇଅଛନ୍ତି । ପ୍ରତି ଗ୍ରାମରେ ୭ ମୂର୍ଚ୍ଛନା ଅଛି । ସା (ଷଡ୍‌ଜ) ଠାରୁ ଆରମ୍ଭ କରି ଯେଉଁ ୭ ସ୍ୱର (ସାରେଗାମାପାଧାନୀ) ଅଛି ତାକୁ ଷଡ୍‌ଜ ଗ୍ରାମ; ମା ( ମଧ୍ୟମ) ଠାରୁ ଆରମ୍ଭ କରି ଯେଉଁ ୭ ସ୍ୱର (ମାପାଧାନୀସାରେ) ଅଛି ତାକୁ ମଧ୍ୟମ ଗ୍ରାମ, ଏହିପରି ପଞ୍ଚମ (ପା) ଠାରୁ ଆରମ୍ଭ କରି ଯେଉଁ ୭ ସ୍ୱର (ପାଧାନୀସାରେଗାମା) ଅଛି ତାକୁ ପଞ୍ଚମ ଗ୍ରାମ କହନ୍ତି । ଏହି ୩ ସ୍ୱର ଗ୍ରାମ ମଧ୍ୟରୁ ପ୍ରଥମ ଦୁଇ ଗ୍ରାମର ବ୍ୟବହାର ମନୁଷ୍ୟଲୋକରେ ଚଳେ; ତୃତୀୟ ଗ୍ରାମର ବ୍ୟବହାର ସ୍ୱର୍ଗରେ ନାରଦ କରନ୍ତି । ବାସ୍ତବରେ ତୃତୀୟ ଗ୍ରାମ ବହୁତ ଉଚ୍ଚ ଓ ତାହା ମନୁଷ୍ୟ ଗଳାରେ ଉଚ୍ଚାରିତ ହୋଇ ନ ପାରେ । ସୀତାର, ସାରଙ୍ଗୀ ଓ ହାରମୋନିୟମ ଆଦି ବାଦ୍ୟଦ୍ୱାରା ଏହା ବାଜେ—ହି. ଶବ୍ଦସାଗର । ]

ଗ୍ରାମକ—ସଂ. ବି. ପୁଂ.—ଗ୍ରାମବାସୀ ବ୍ୟକ୍ତି—Villager.
Grāmaka

ଗ୍ରାମକଥା—ସଂ. ବି (୬ଷ୍ଠୀ ତତ୍; ଗ୍ରାମ+କଥା)—୧ । ଗ୍ରାମସମ୍ବନ୍ଧୀୟ ଗଳ୍ପ—1. Talk about village affairs.
Grāmakathā

୨ । ଗ୍ରାମସମ୍ବନ୍ଧୀୟ ସାଧାରଣ ବିଷୟ—2. Matter relating to the common affair of a village.

ସାଧାରଣ ଲୋକେ ଅପର ପୃଷ୍ଠାରେ ଯେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳଲେ 'କଥ ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

ଗ୍ରାମକଣ୍ଟକ—ସଂ. ବ(୬ଷ୍ଠୀ ତତ୍; ଗ୍ରାମ+କଣ୍ଟକ)—୧ । ଯେଉଁ ବ୍ୟକ୍ତି
Grāmakaṇṭaka ଗ୍ରାମର ଅନିଷ୍ଟ ଘଟାଏ—1. ( literally a village pest ) A person who is a source of troubles to the whole village.
୨ । ଚୁଗୁଲିଆ—2. A talebearer; a backbiter.

ଗ୍ରାମକରଣ—ଦେ. ବ—ଗ୍ରାମର ସାଧାରଣ ହିସାବ ଯେ ଲେଖେ;
Grāmakaraṇa ପଟୁଆରି—Village accountant.

ଗ୍ରାମକାର୍ଯ୍ୟୀ—ଦେ. ବ—ଗ୍ରାମକରଣ (ଦେଖ)
Grāmakārji Grāmakaraṇa (See).
গ্রামেরকার্যী
**गांवकाकारजी**

ଗ୍ରାମକୁକ୍କୁଟ—ସଂ. ବ ( ୬ଷ୍ଠୀ ତତ୍ ବା ମ. ପ. ଲୋ. )—ଗୃହପାଳିତ
Grāmakukkuṭa କୁକୁଡ଼ା—Domestic fowl or cock.

ଗ୍ରାମକୂଟ—ସଂ. ବ. ( ଗ୍ରାମ+କୂଟ=ସମୂହ ବା ରାଶି )—
Grāmakūṭa ୧ । ଗ୍ରାମର ସର୍ବୋତ୍ତମ ବ୍ୟକ୍ତି—
1. The noblest man in the village.
୨ । ଶୂଦ୍ର—2. A Śūdra.

ଗ୍ରାମକୋଠ—ଦେ. ବ—୧ । ଗ୍ରାମବାସୀମାନଙ୍କର ସାଧାରଣ ସମ୍ପତ୍ତି—
Grāmakoṭha 1. The joint property of the
গ্রামের এজমালি সম্পত্তি village community or the
**गाँवको साझेकी पुंजी** wholebody of villagers.
୨ । ଗ୍ରାମର ସାଧାରଣ ପଣ୍ଡ—
2. The joint fund of a village.

ଗ୍ରାମଗତ—ସଂ. ବଣ. (ଗ୍ରାମ+ଗତ)—୧ । ଗ୍ରାମ ସମ୍ବନ୍ଧୀୟ; ଗାଉଁଲି—
Grāmagata 1. Pertaining to a village; relating to a village; rustic.
୨ । ପୁଂ—ଯେ ଗ୍ରାମକୁ ଯାଇଅଛି—
2. Gone to a village.

ଗ୍ରାମଗତ କାମ—ଦେ. ବ—ଗ୍ରାମ ପରିଚାଳନ ବା ଶାସନ ବା ସମାଜ
Grāmagata kāma ସମ୍ବନ୍ଧୀୟ କର୍ମମାନ—
গ্রামগতকাজ Village administration; matters relating to the village affairs.
( ଯଥା—ଗ୍ରାମର ସ୍ୱାସ୍ଥ୍ୟ, ଶିକ୍ଷା, ଶାନ୍ତିରକ୍ଷା, ରାଜସ୍ୱ ଆଦାୟାଦି । )

ଗ୍ରାମଗତି—ଦେ. ବ. (ସଂ. ଗ୍ରାମଗତ କର୍ମ)—୧ । ଗ୍ରାମ ପରିଚାଳନା—
Grāmagati 1. Village management; village administration.
୨ । ଗ୍ରାମ ପରିଚାଳନାସମ୍ବନ୍ଧୀୟ ଯାବତୀୟ ବିଷୟ—
2. Village affairs; matters affecting the village community.
ଦେ. ବଣ—ଗ୍ରାମଗତ ( ଦେଖ )
Grāmagata ( See )
ସକଳ ଗ୍ରାମଗତି କାର୍ଯ୍ୟ ପଞ୍ଚାୟତଙ୍କ ଉପରେ ଅଛି । ରୂପାଖଳ—ଚନ୍ଦ୍ରଦାସ ।

ଗ୍ରାମଗ୍ରାମକେ—ଦେ. ଅ—୧ । ପ୍ରତିଗ୍ରାମରେ—
Grāmagrāmake 1. In every village.
গ্রামে গ্রামে ୨ । ଭିନ୍ନ ଭିନ୍ନ ଗ୍ରାମରେ—
**गाँव गाँवमे** 2. In different villages.
ଗ୍ରାମଗ୍ରାମକେ କରୁ ସ୍ନାନ
ପୂର୍ବରେ ହୋଇବୁ ପ୍ରସନ୍ନ । ଜଗନ୍ନାଥ. ଭାଗବତ ।

ଗ୍ରାମଘାତ—ସଂ. ବ. ( ୬ଷ୍ଠୀ ତତ୍; ଗ୍ରାମ+ଘାତ=ହନନ )—
Grāmaghāta ଗ୍ରାମକୁ ଲୁଟ କରିବା; ଗ୍ରାମ ଲୁଣ୍ଠନ—
Plundering of a village.

ଗ୍ରାମଘାତକ—ସଂ. ବ. ପୁଂ. ( ୬ଷ୍ଠୀ ତତ୍; ଗ୍ରାମ+ଘାତକ )—
Grāmaghātaka ଗ୍ରାମ ଲୁଣ୍ଠନକାରୀ ବ୍ୟକ୍ତି—
The plunderer of a village.

ଗ୍ରାମଘାତୀ—ସଂ. ବ. ପୁଂ. ( ଗ୍ରାମ+ହନ ଧାତୁ+କର୍ତ୍ତୃ. ଇନ୍; ୧ମା.
Grāmaghātī ୧ବ )—୧ । ଗ୍ରାମଘାତକ ( ଦେଖ )
1. Grāmaghātaka ( See )
୨ । ଗ୍ରାମର ଯେଉଁ ବ୍ୟକ୍ତି ଠାକୁରାଣୀଙ୍କ ପାଖେ ବଳିବାର ବୋଦା ପକାଏ ( କ୍ଷାନେନ୍ତ )—
2 The village slaughterer; a person who slaughters the beasts offered as victims to the village Deity.

ଗ୍ରାମଘୋଷ—ଦେ. ବ. ( ସଂ. ଗ୍ରାମ+ଘୋଷ )—
Grāmaghosha କ୍ଷୁଦ୍ର ଗୋପଗ୍ରାମ; ଗଉଡ଼ସାହି; ଗଉଡ଼ପଡ଼ା—
A small hamlet of cowherds.
ବିଶେଷ କହିଲେ ଗ୍ରାମଘୋଷ ପକ୍ୱଣୀ ତହିଁ ବାସେ ବାସେ ।
ଭଞ୍ଜ. ବୈଦେହୀଶବିଳାସ ।

ଗ୍ରାମଚର—ସଂ. ବ. ପୁଂ. ( ଗ୍ରାମ+ଚର ଧାତୁ+କର୍ତ୍ତୃ. ଅ )—
Grāmachara ୧ । ଗ୍ରାମବାସୀ ବ୍ୟକ୍ତି—1. An inhabitant
(ଗ୍ରାମେଚର—ଅନ୍ୟରୂପ) of a village; a villager.
୨ । କୃଷକ—2. Husbandman (M. W.)

ଗ୍ରାମଚର୍ଯ୍ୟା—ସଂ. ବ ( ୬ଷ୍ଠୀ ତତ୍; ଗ୍ରାମ+ଚର୍ଯ୍ୟା=ରତି )—
Grāmacharjyā ଗ୍ରାମ୍ୟକର୍ମ ( ଦେଖ )—
Grāmyakarma (See)

ଗ୍ରାମଚ୍ଚଚକା—ଗ୍ରା. ବ (ସଂ. ଗ୍ରାମ+ଚ୍ଚଟକ; ଚ୍ଚଟକ ପକ୍ଷୀ ବର୍ଷାକୁ ଗୃହଁ
Grāmachāchakā ଓଳମୁହାଁ ହୋଇ ବସିବା ଭାବରୁ )—
ଗ୍ରାମରେ ନିଷ୍କର୍ମୀ ହୋଇ ଏଣେ ତେଣେ ବୁଲୁଥିବା ଓ ବସିବା ଲୋକ—A village loafer.

ଗ୍ରାମଚ୍ଚଚେକା—ଗ୍ରା. ବ—ଗ୍ରାମଚ୍ଚଚକା ( ଦେଖ )—
Grāmachācheka Grāmachāchakā ( See )

ଗ୍ରାମଚ୍ଚଟକା—ଗ୍ରା. ବ—ଗ୍ରାମଚ୍ଚଚକା ( ଦେଖ )—
Grāmachātakā Grāmachāchakā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଡ଼ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇପ୍ସ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନ, |

**ଗ୍ରାମଚୈତ୍ୟ**—ସଂ. ବି—୧ । ଗ୍ରାମବାସୀଙ୍କଦ୍ୱାରା ପ୍ରତିବନ୍ଦିତ ପୂଜିତ ଅଶ୍ୱତ୍ଥ ବୃକ୍ଷ—1. The sacred fig tree of village; Ficus Religiosa.
Grāmachaitya

୨ । ଗ୍ରାମର ଯେଉଁ ବୃକ୍ଷମୂଳେ ଗ୍ରାମଦେବତା ପ୍ରତିଷ୍ଠିତ ହୋଇ ପୂଜା ପାଆନ୍ତି—2. The sacred tree where the village Goddess is worshipped.

**ଗ୍ରାମଟି**—ସଂ. ବି. ପୁଂ (ଗ୍ରାମ+କ୍ଷୁଦ୍ରାର୍ଥେ. ଟି)—୧ । କ୍ଷୁଦ୍ର ଗ୍ରାମ—1. A small village; hamlet.
Grāmaṭi

ଗ୍ରାମଟିକା } ସ୍ତ୍ରୀ
ଗ୍ରାମଟୀ }

୨ । ମନ୍ଦ ବା ଦୁରବସ୍ଥାଗ୍ରସ୍ତ ଗ୍ରାମ—2. A miserable village.

[ ଦ୍ର—କ୍ଷୁଦ୍ରାର୍ଥରେ ପୁଂଲିଙ୍ଗରେ ଟି ଓ ସ୍ତ୍ରୀଲିଙ୍ଗରେ ଟୀ ଓ ଟିକା କେତେକ ଶବ୍ଦ ପରେ ପ୍ରୟୋଗ କରାଯାଏ; ତୁଳ. ବଧୂଟୀ । ]

**ଗ୍ରାମଠାକୁର**—ଦେ. ବି.ପୁଂ ( ସଂ. ଗ୍ରାମ+ଠାକୁର )—ଗ୍ରାମବାସୀମାନଙ୍କ ଦ୍ୱାରା ପୂଜିତ ଦେବ—The Deity worshipped by the whole body of villagers; the public Deity of a village.
Grāmaṭhākura
(ଘରଠାକୁର—ବିପରୀତ)

**ଗ୍ରାମଠାକୁରାଣୀ**—ଦେ. ବି. ସ୍ତ୍ରୀ ( ସଂ. ଗ୍ରାମ+ଠାକୁର+ଓଡ଼ିଆ ପ୍ରତ୍ୟୟ ଆଣୀ )—୧ । ଗ୍ରାମଦେବତା (ଦେଖ)—1. Grāmadebatā (See)
Grāmaṭhākurāṇi
(ଘରଠାକୁରାଣୀ—ବିପରୀତ)

୨ । ଗ୍ରାମବାସୀମାନଙ୍କଦ୍ୱାରା ପୂଜିତ ଦେବୀମୂର୍ତ୍ତି; ଗ୍ରାମରେ ପୂଜିତା ଦୁର୍ଗାମୂର୍ତ୍ତି—The Goddess worshipped by the whole body of villagers.

[ ଦ୍ର—ଗ୍ରାମର ସମସ୍ତ ଗ୍ରାମବାସୀମାନେ ଗ୍ରାମରେ ମନ୍ଦିରାଦି ନିର୍ମାଣ କରି ଯେଉଁ ଦୁର୍ଗା ଦେବତା ପୂଜା କରନ୍ତି ତାଙ୍କୁ ଗ୍ରାମଠାକୁରାଣୀ ବୋଲାଯାଏ । ଗ୍ରାମର ଏକ ମୁଣ୍ଡରେ ଅବହମାନକାଳରୁ ପୂଜିତା ଦେବୀମୂର୍ତ୍ତିଙ୍କୁ ଗ୍ରାମଦେବତୀ ବୋଲାଯାଏ । ]

**ଗ୍ରାମଣୀ**—ସଂ. ବି. ପୁଂ ( ଗ୍ରାମ+ନୀ ଧାତୁ=ନେବା+କର୍ତ୍ତୃ. କ୍ୱିପ୍ )—୧ । ଗ୍ରାମର ଉନ୍ନତିକାରକ—1. The benefitter of a village.
Grāmaṇi

୨ । ଗ୍ରାମର ମୁଖିଆ ଲୋକ; ଗାଁ ପଧାନ—2. Headman of a village.

୩ । ଭଣ୍ଡାରୀ—3. The village barber.

୪ । ଯଜ୍ଞ—4. Vedic sacrifice or offering.

୫ । ସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ—5. A name of Bishṇu.

୬ । କାମୁକ ବ୍ୟକ୍ତି—6. Libidinous person.

୭ । ଗ୍ରାମର ଜମିଦାର—7. The proprietor or zamindar of a village.

ସ୍ତ୍ରୀ—୧ । ନର୍ତ୍ତକୀ—1. Dancing girl.

୨ । ବେଶ୍ୟା—2. A whore.

୩ । ଗ୍ରାମବାସିନୀ ସ୍ତ୍ରୀ—3. A female villager ( M. W. ).

୪ । କୃଷକପତ୍ନୀ—4. A female peasant ( M. W. )

୫ । ନୀଳକା ଗୁଳ୍ମ—5. Indigo plant.

ସଂ. ବିଣ—ପ୍ରଧାନ; ଶ୍ରେଷ୍ଠ—Chief ( of a village ).

**ଗ୍ରାମତା**—ସଂ. ବି. ( ଗ୍ରାମ+ସମୂହାର୍ଥେ. ତା; ତୁଳ. ଜନତା )—ଗ୍ରାମସମୂହ; ଗ୍ରାମପୁଞ୍ଜ—A group of villages; a village union.
Grāmatā

**ଗ୍ରାମଦୂତ**—ସଂ. ବି. ( ୬ଷ୍ଠୀ ତତ୍.; ଗ୍ରାମ+ଦୂତ )—
Grāmadūta ୧ । ଯେ ଗ୍ରାମର ସାମାଜିକ ସମ୍ବାଦ ବହନ କରେ—1. A village messenger; a messenger who carries the news and invitations from the villagers on social occasions.

୨ । ଭଣ୍ଡାରୀ—2. Village barber.

[ ଦ୍ର - ବିବାହ ବ୍ରତାଦି ଉପଲକ୍ଷରେ ନିମନ୍ତ୍ରଣ, ମୃତ୍ୟୁସମ୍ବାଦ ଓ ସଙ୍ଗୁଲା ବୋଲି ଆଦି ଗ୍ରାମରେ ଭଣ୍ଡାରୀ ଜଣାଅଣା କରୁଥିବାରୁ । ]

**ଗ୍ରାମଦେବତା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଗ୍ରାମ+ଦେବତା )—
Grāmadebatā ୧ । ଗ୍ରାମର ଅଧିଷ୍ଠାତ୍ରୀ ଦେବତା—1 A village-Goddess or Deity.
(ଗ୍ରାମଦୈବତ—ପୁଂ)

୨ । ଯେଉଁ ଦେବତାଙ୍କୁ ଗ୍ରାମର ସର୍ବସାଧାରଣ ପୂଜା କରନ୍ତି ଓ ଯେ ଦେବୀ ଗ୍ରାମକୁ ଆପଦ ବିପଦରୁ ରକ୍ଷା କରନ୍ତି—2. The tutelary Diety of a village.

[ ଦ୍ର—ଭାରତର ପ୍ରତ୍ୟେକ ହିନ୍ଦୁ ଗ୍ରାମରେ ଗୋଟିଏ ଲେଖାଏଁ ଗ୍ରାମଦେବତା ଥାଆନ୍ତି । ଏମାନେ ସାଧାରଣତଃ ଗ୍ରାମମୁଣ୍ଡରେ ଗୋଟିଏ ଲେଖାଏଁ ଗଛମୂଳେ ସିନ୍ଦୂରଲିପ୍ତ ଖଣ୍ଡିକେତେ ପଥର ବା ପାଷାଣ ମୂର୍ତ୍ତି ଅଟନ୍ତି । ଗ୍ରାମର ବିବାହାଦିର ଉପଲକ୍ଷରେ ଏହାଙ୍କୁ ମଙ୍ଗଳନ ଓ ମାର୍ଜନା କରାଯାଏ; ଓଲାଉଠା, ବସନ୍ତ ଆଦି ସମୟରେ ଏହାଙ୍କ ପୂଜା କରାଯାଏ ଓ ବିପଦ ଆପଦ ସମୟରେ ଲୋକେ ଏହାଙ୍କୁ ଭୋଗ ଓ ବୋଦା ଆଦି ମନାସନ୍ତି । ସାଧାରଣତଃ ଶୂଦ୍ର ( ଭଣ୍ଡାରୀ, ମାଳୀ ) ଓ ଗଡ଼ଜାତରେ ଅନାର୍ଯ୍ୟ ( ସଅର; କନ୍ଧ ) ମାନେ ଏହାଙ୍କ ସେବକ ଅଟନ୍ତି । ଏ ଗ୍ରାମଦେବତାଙ୍କୁ ହିନ୍ଦୁମାନେ ଦୁର୍ଗା ବା ଯୋଗିନୀରୂପେ ପୂଜା କରନ୍ତି; କିନ୍ତୁ ଜଣାଯାଏ ଯେ ଏ ମୂଳତଃ ଅନାର୍ଯ୍ୟମାନଙ୍କ ପୂଜିତ ଦେବତା । ]

**ଗ୍ରାମଦେବତୀ**—ଗ୍ରା. ବି. ସ୍ତ୍ରୀ. ( ସଂ. ଗ୍ରାମଦେବତା )—
Grāmadebatī ୧ । ଗ୍ରାମଦେବତା ( ଦେଖ )—1. Grāmadebatā ( See )

ବାଟରେ ତତେ ଗ୍ରାମଦେବତୀ ରକ୍ଷା କରିବେ—ଫକୀରମୋହନ• ଗଳ୍ପସ୍ୱଳ୍ପ ।

୨ । (ବ୍ୟଙ୍ଗ) କୌଣସି ଅଞ୍ଚଳ ବା ସ୍ଥାନର ସ୍ଥାନୀୟ କର୍ତ୍ତୃପକ୍ଷ—2. ( ironical ) The local authorities of a locality.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥାନ ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ଦଧି' ନ ମିଳିଲେ 'ଦଧୀ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ( ବ୍ୟଙ୍ଗ ) ଗ୍ରାମର ସ୍ଥାନୀୟ ଶାସନ ସମ୍ପର୍କରେ ଯେଉଁ ନିମ୍ନ ପାହ୍ୟାର ରାଜକର୍ମଚାରୀମାନେ ସାକ୍ଷାତ୍ ସମ୍ବନ୍ଧରେ ସଂଶ୍ଳିଷ୍ଟ ( ଯଥା—ଗ୍ରାମର ଚୌକିଦାର, ଦଫାଦାର, ଇଉନିଅନ୍ ପ୍ରେସିଡେଣ୍ଟ, ସମବାୟ ସମିତିର ଶିରପଞ୍ଚ)— 3. (ironical) The lower order of public servants who are in direct touch with the villagers in public administration.

ଗ୍ରାମଦୌତ୍ୟ—ସଂ. ବି (୬ଷ୍ଠୀ ତତ୍; ଗ୍ରାମ + ଦୌତ୍ୟ)—ଗ୍ରାମର ସଂବାଦ-
Grāmad<u>au</u>tya ବହନ କର୍ମ—The work of carrying messages of the village society.
[ ଦ୍ର—ଗ୍ରାମରେ ସାମାଜିକ ଅନୁଷ୍ଠାନ ( ଯଥା—ବିବାହ, ବ୍ରତ, ମୃତ୍ୟୁ, ଜନ୍ମ, ବେଭାର, ସଙ୍ଗୁଲା, ମଉଳା ନିମନ୍ତ୍ରଣ, ଜୋଇଁ ନିମନ୍ତ୍ରଣ) ମାନଙ୍କ ଉପଲକ୍ଷରେ ଭଣ୍ଡାରୀମାନେ ଗ୍ରାମବାସୀଙ୍କ ବନ୍ଧୁବାନ୍ଧବମାନଙ୍କ-ଠାରୁ ସମ୍ବାଦ ଆଦି ନିଆଅଣା କରନ୍ତି । ]

ଗ୍ରାମଧର୍ମ—ସଂ. ବି. (୬ଷ୍ଠୀ ତତ୍)—୧ । ଗ୍ରାମ୍ୟ ବ୍ୟବହାର—
Grāmadharma 1. Rustic behaviours.
୨ । ଗ୍ରାମ ପ୍ରଚଳିତ ପ୍ରଥା—2. The observance or customs of a village (M. W.).
ତା ଗ୍ରାମଧର୍ମ କରୁ ତା ଲୋକେ ରଖନ୍ତି । କୃଷ୍ଣସିଂ. ମହାଭାରତ. ବନ ।
୩ । ସ୍ତ୍ରୀସଙ୍ଗ; ମୈଥୁନ—
3. Sexual intercourse with one's wife.

ଗ୍ରାମପତି—ସଂ. ବି—ଗ୍ରାମର ନେତା—
Grāmapati Headman of a village.

ଗ୍ରାମପାଳ—ସଂ. ବି—୧ । ଗ୍ରାମର ଚୌକିଦାର—
Grāmapā<u>l</u>a 1. The guardsman of a village.
୨ । ଗ୍ରାମରକ୍ଷକ ସେନା—
2. Army for the protection of a village.
୩ । ଗ୍ରାମର ରକ୍ଷକ ବା ମୁଖ୍ୟବ୍ୟକ୍ତି—
3. The headman or guardian of a village.

ଗ୍ରାମପୁତ୍ର—ସଂ. ବି. ପୁଂ—୧ । ଜାରଜ ସନ୍ତାନ—
Grāmaputra 1. A bastard.
(ଗ୍ରାମପୁତ୍ରିକା—ସ୍ତ୍ରୀ) ୨ । ବେଶ୍ୟାପୁତ୍ର—
2. The son of a harlot.
୩ । ଗ୍ରାମବାସୀ ବାଳକ—3. A village boy (M. W.)

ଗ୍ରାମପୁରୁଷ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରାମ + ପୁରୁଷ )—
Grāmapurusha ଗ୍ରାମର ବା ନଗରର ପ୍ରଧାନ ବ୍ୟକ୍ତି—
The chief of a village or town (M. W.)

ଗ୍ରାମପୁରୋହିତ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରାମ+ପୁରୋହିତ )—
Grāmapurohita ୧ । ସମସ୍ତ ଗ୍ରାମବାସୀଙ୍କର ପୁରୋହିତ—
1. Village priest.
୨ । ଯେଉଁ ବ୍ୟକ୍ତି ଧନ ଲୋଭରେ ଗ୍ରାମର ଯୋଗ୍ୟ ଓ ଅଯୋଗ୍ୟ ସମସ୍ତ ବ୍ୟକ୍ତିଙ୍କର ପୌରୋହିତ୍ୟ କରେ—
2. A person who offers sacrifices and conducts ceremonies for every member of the community including unworthy persons, out of avarice (M. W.)
[ ଦ୍ର—ଏ ପତିତ ବ୍ରାହ୍ମଣରୂପେ ଗଣ୍ୟ । ]

ଗ୍ରାମପ୍ରେଷ୍ୟ—ସଂ. ବି. ( ୬ଷ୍ଠୀ ତତ୍; ଗ୍ରାମ+ପ୍ରେଷ୍ୟ )—
Grāmapreshya ଗ୍ରାମଦୂତ; ଗ୍ରାମସେବକ ଭୃତ୍ୟ—
The messenger or servant of a village or community (M. W.)

ଗ୍ରାମବାର୍ତ୍ତା—ସଂ. ବି. ( ୬ଷ୍ଠୀ ତତ୍; ଗ୍ରାମ+ବାର୍ତ୍ତା )—
Grāmabārtā ଗ୍ରାମ ବିଷୟକ ଖବର—Village-news; information about village affairs.

ଗ୍ରାମବାସ—ସଂ. ବି. (୭ମୀ ତତ୍; ଗ୍ରାମ + ବାସ )—
Grāmabāsa ଗ୍ରାମରେ ଘର କରି ରହିବା—
(ଗ୍ରାମେବାସ—ଅନ୍ୟରୂପ) Residence in a village.

ଗ୍ରାମବାସୀ—ସଂ. ବି. ପୁଂ. (ଉପପଦ ତତ୍ପୁରୁଷ = ଗ୍ରାମ + ବସ୍ ଧାତୁ.
Grāmabāsi ଇନ୍ )—ଗ୍ରାମରେ ବାସ କରିବା ବ୍ୟକ୍ତି—
(ଗ୍ରାମବାସିନୀ—ସ୍ତ୍ରୀ) Inhabitant of a village; a villager.
(ଗ୍ରାମେବାସୀ—ଅନ୍ୟରୂପ) ବିଣ—୧ । ଗାଉଁଲି; ଗାଁରେ ରହିବା ବାଲା—1. Rustic; inhabiting a village.
୨ । ପୋଷା; ପାଳିତ ( ଜୀବ )—
2. Domesticated; tame (animal) (M. W.)

ଗ୍ରାମବୃଦ୍ଧ—ସଂ. ବି. ପୁଂ. ( ୭ମୀ ତତ୍; ଗ୍ରାମ+ବୃଦ୍ଧ )—
Grāmabṛudha ଗ୍ରାମବାସୀ ବୁଢ଼ା ଲୋକ—
An old villager (M. W.).

ଗ୍ରାମମୁଖ—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ମୁଖ)—୧ । ହାଟ—
Grāmamukha 1. Market-place.
୨ । ବଜାର—2. Bazar.

ଗ୍ରାମମୃଗ—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ + ମୃଗ)—କୁକ୍କୁର—
Grāmamṛuga Dog.

ଗ୍ରାମମେଳ—ଦେ. ବି. (ସଂ. ଗ୍ରାମ + ମିଳନ)—୧ । ଗ୍ରାମସ୍ଥ ସାଧାରଣଙ୍କ
Grāmame<u>l</u>a ମଧ୍ୟରେ ହୋଇଥିବା ଏକ ମତ୍ତ୍ୱ—
1. Unanimity of voice amongst all the villagers.
୨ । ସମସ୍ତ ଗ୍ରାମବାସୀମାନେ ସମ୍ମିଳିତ ହୋଇ କରିବା ସଭା—
2. A meeting of all the villagers; a village gathering.
୩ । ସବୁ ଗ୍ରାମବାସୀମାନଙ୍କ ମଧ୍ୟରେ ଦଳାଦଳି ବା ବିବାଦର ଅଭାବ—3. Absence of affection amongst the villagers.

| ୧ | ଇ | ଉ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ୡ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ଘ | ଇଅ | ● | ଦ |

ଗ୍ରାମମେଳି—ଦେ. ବ.—୧ । ଗ୍ରାମମେଳ (ଦେଖ)
Grāmameḷi 1. Grāmameḷa (See)
ଗ୍ରାମମେଳି ୨ । ସବୁ ଗ୍ରାମବାସୀମାନଙ୍କ ସମ୍ମିଳିତ ପରାମର୍ଶରେ ସ୍ଥିରୀକୃତ
गाँवका बन्दिश ଆନ୍ଦୋଳନ—1. A rising or combination of all the villagers.

ଗ୍ରାମଯାଚକ—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ଯାଚକ)—
Grāmajāchaka ଗ୍ରାମପୁରୋହିତ (ଦେଖ)—
(ଗ୍ରାମଯାଜକ—ଅନ୍ୟରୂପ) Grāmapurohita (See)

ଗ୍ରାମଯାଜୀ—ସଂ. ବି.(ଉପପଦ; ଗ୍ରାମ+ଯଜ ଧାତୁ+ଇନ୍; ୧ମା. ୧ବ.)—
Grāmajāji ଗ୍ରାମପୁରୋହିତ (ଦେଖ)
Grāmapurohita (See)

ଗ୍ରାମଯୁଦ୍ଧ—ସଂ. ବି. (ମ. ପ. ଲୋ; ଗ୍ରାମବାସୀଙ୍କ ମଧ୍ୟରେ ଘଟିତ ଯୁଦ୍ଧ)—
Grāmajuddha ଗ୍ରାମବାସୀମାନଙ୍କ ମଧ୍ୟରେ ଯୁଦ୍ଧ—A riot or fray amongst the villagers; a village-tumult.

ଗ୍ରାମରଥ୍ୟା—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ରଥ୍ୟା)—୧ । ଗାଁଅଦାଣ୍ଡ;
Grāmarathyā ଗ୍ରାମ ମଧ୍ୟଦେଇ ପଡ଼ିଥିବା ରାସ୍ତା—
1. A village street.
୨ । କୌଣସି ଗ୍ରାମକୁ ପଡ଼ିଥିବା ରାସ୍ତା—2. A village road; a road leading to a village.

ଗ୍ରାମଲୁଣ୍ଠନ—ସଂ.ବି. (୬ଷ୍ଠୀ ତତ୍; ଗ୍ରାମ+ଲୁଣ୍ଠନ)—ଗ୍ରାମବାସୀମାନଙ୍କର
Grāmaluṇṭhana ଧନାଦି ଲୁଟ ହେବା—Plundering of a village.

ଗ୍ରାମଷଣ୍ଡ—ସଂ. ବି.—କ୍ଲୀବ ବ୍ୟକ୍ତି—
Grāmashaṇḍa An impotent man.

ଗ୍ରାମସଙ୍କର—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ସଙ୍କର)—ଗ୍ରାମର ସବୁ
Grāmasaṅkara ଅଂଶର ବର୍ଷାପାଣି ବା ମଇଳା ପାଣି ବୋହି ଯିବାର ନଳା; ଗ୍ରାମଧୋଉର ବୋହିଯିବାର ପଇଣୀ—
The common sewer or drain of a village.

ଗ୍ରାମସଙ୍ଘ—ସଂ. ବି.—(ମ. ପ. ଲୋ; ଗ୍ରାମବିଷୟ ପରିଚାଳନ ବା ଉଦ୍ଦେଶ୍ୟାର୍ଥ
Grāmasaṅgha ଗଠିତ ସଙ୍ଘ)—୧ । ଗ୍ରାମର ସାଧାରଣ ବିଷୟ ବୁଝିବା ବା ପରିଚାଳନ କରିବା ପାଇଁ ଗ୍ରାମବାସୀଙ୍କଦ୍ୱାରା ମନୋନୀତ ପଞ୍ଚାୟତ; ଗ୍ରାମ ଇଉନିଅନ ବୋର୍ଡ଼; ମିଉନିସିପାଲିଟୀ—1. A village corporation; a body of villagers elected by the villagers to look after the village affairs; a village Union-Board or Municipality. (M. W.)
୨ । ସବୁ ଗ୍ରାମବାସୀମାନଙ୍କ ସମାହାର—
2. Village community; the combined body of all the villagers.

ଗ୍ରାମସଭକ୍ଷତ—ସଂ. ବି—ଗ୍ରାମବାସୀ କୌଣସି ବ୍ୟକ୍ତିଙ୍କ ଘରେ ବିବାହ
Grāmasabhākshata ପ୍ରଭୃତି ଅନୁଷ୍ଠାନ ଉପଲକ୍ଷରେ ତାଙ୍କ
= ଗ୍ରାମଭାଟି, ଗ୍ରାମଭେଟି ଦ୍ୱାରା ଗ୍ରାମର ସାଧାରଣ ପାଣ୍ଠିକୁ ଦେୟ ନିର୍ଦ୍ଦିଷ୍ଟ ଧନ—Fees paid to the common fund of the village on the occasion of marriage and other festivals by the master of the house.

ଗ୍ରାମସୀମା—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ସୀମା)—
Grāmasimā ୧ । ମଉଜାର ସରହଦ—
1. Boundary of a village.
୨ । ଗ୍ରାମ ବା ମଉଜାର କ୍ଷେତ୍ର—
2. Village-field (M. W.)

ଗ୍ରାମସୁଖ—ସଂ. ବି—ଗ୍ରାମ୍ୟସୁଖ (ଦେଖ)
Grāmasukha Grāmyasukha (See)

ଗ୍ରାମସେବକ—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ସେବକ)—
Grāmasebaka ସମସ୍ତ ଗ୍ରାମବାସୀଙ୍କର ସେବା କରିବା ପାଇଁ ନିଯୁକ୍ତ ଧୋବା, ଭଣ୍ଡାରି, କମାର, ବଢ଼େଇ ଆଦି—
Village-servants; persons serving the village-country.
[ ଦ୍ର—ଏମାନେ ଗ୍ରାମର କୋଠରୁ ବା ଜମିଦାରଙ୍କଠାରୁ ସେବା ପାଇଁ ଯାଗିର ଜମି ଭୋଗ କରନ୍ତି । ]

ଗ୍ରାମସେବା—ସଂ. ବି—ଧୋବା, ଭଣ୍ଡାରି, କମାର, ବଢ଼େଇ ଇତ୍ୟାଦି
Grāmasebā ଗ୍ରାମର ସାଧାରଣ ଲୋକଙ୍କର ଯେଉଁ ଚାକିରି କରନ୍ତି; ଗ୍ରାମର ଦେବତାଙ୍କ ଚାକିରି ।

ଗ୍ରାମସିଂହ—ସଂ. ବି. (୬ଷ୍ଠୀ ତତ୍)—୧ । ଗ୍ରାମମୃଗ (ଦେଖ)
Grāmasiṁha 1. Grāmamṛuga (See)
୨ । କୁକୁର—2. Dog.

ଗ୍ରାମସ୍ଥ—ସଂ. ବିଣ. (ଗ୍ରାମ+ସ୍ଥା ଧାତୁ+କର୍ତ୍ତୃ. ଅ)—
Grāmastha ୧ । ଗ୍ରାମରେ ବାସ କରୁଥିବା—1 Residing in a village; village resident-
୨ । ଗ୍ରାମ ସମ୍ବନ୍ଧୀୟ—2. Pertaining to a village.
ସଂ. ବି—ଗ୍ରାମ—A village (Wilson)

ଗ୍ରାମସ୍ଥିତ—ସଂ. ବି. (ଗ୍ରାମ+ସ୍ଥା ଧାତୁ+ତ)—
Grāmasthita ଗ୍ରାମସ୍ଥ (ଦେଖ)—Grāmastha (See)

ଗ୍ରାମହାସକ—ସଂ. ବି. ପୁଂ—ଭଗିନୀ ପତି; ଭିଣୋଇ—
Grāmahāsaka A sister's husband.

ଗ୍ରାମହୁଡ଼ା—ଦେ. ବି—ଗ୍ରାମର ମଶାଣି—The common burial-ground of a village.
Grāmahurḍā

ଗ୍ରାମାଚାର—ସଂ. ବି. (୬ଷ୍ଠୀ ତତ୍; ଗ୍ରାମ+ଆଚାର)—
Grāmāchāra ଗ୍ରାମଧର୍ମ (ଦେଖ) Grāmadharma (See)

ଗ୍ରାମାଧାନ—ସଂ. ବି. (ଗ୍ରାମ+ଆଧାନ)—ଛୋଟ ଗ୍ରାମ; ପଲ୍ଲୀଗ୍ରାମ—
Grāmādhāna A small village. (M. W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ୪ଠାରୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କର ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଟ' ନ ପାଇଲେ ଅଲ୍‌ବଟ୍ ଦେଖିବେ ।

**ଗ୍ରାମାଧିକାରୀ**—ସଂ. ବି. ( ୬ଷ୍ଠୀ ତତ୍; ଗ୍ରାମ+ଅଧିକାରୀ )—
Grāmādhikāri ଗ୍ରାମାଧିକୃତ ( ଦେଖ )
Grāmādhikṛuta ( See )

**ଗ୍ରାମାଧିକୃତ**—ସଂ. ବି—ଗ୍ରାମର ପ୍ରଧାନ; ଗ୍ରାମର ସୁଚାରୁ କର୍ମ ଚଳାଇବା
Grāmādhikṛuta ବ୍ୟକ୍ତି—The superintendent or chief of a village.
ଗ୍ରାମାଧିପ, ଗ୍ରାମାଧିପତି, ଗ୍ରାମାଧୀଶ } ଅନ୍ୟରୂପ

**ଗ୍ରାମାନ୍ତ**—ସଂ. ବି (୬ଷ୍ଠୀ ତତ୍; ଗ୍ରାମ+ଅନ୍ତ)—
Grāmānta ୧ । ଗ୍ରାମର ଶେଷଭାଗ—
(ଗ୍ରାମାନ୍ତୀୟ —ବିଣ) 1. One extremity of the village
୨ । ଗ୍ରାମର ବହିର୍ଭାଗ—2. Outskirts of a village.
୩ । ଗ୍ରାମର ସୀମା—3. Village-boundary.

**ଗ୍ରାମାନ୍ତର**—ସଂ. ବି ( ଅନ୍ୟତ୍ +ଗ୍ରାମ; ଅନ୍ୟତ୍ ସ୍ଥାନରେ ଅନ୍ତର
Grāmāntara ଅଗମ) —ଅନ୍ୟ ଗ୍ରାମ —Another village.

**ଗ୍ରାମାନ୍ତିକ**—ସଂ. ବି ( ୬ଷ୍ଠୀ ତତ୍; ଗ୍ରାମ+ଅନ୍ତିକ )—ଗ୍ରାମର ପାଖଆଖ
Grāmāntika ସ୍ଥାନ—The neighbourhood of a village.

**ଗ୍ରାମାର**—ବୈଦେ. ବି (ଇଂ. ଗ୍ରାମାର) —ବ୍ୟାକରଣ—
Grāmār Grammar.

**ଗ୍ରାମାରଣ୍ୟ**—ସଂ. ବି—୧ । ( ୬ଷ୍ଠୀ ତତ୍; ଗ୍ରାମ+ଅରଣ୍ୟ )—
Grāmāranya ଗ୍ରାମବାସୀମାନଙ୍କ ବ୍ୟବହୃତ ଜଙ୍ଗଲ; ଗ୍ରାମବାସୀଙ୍କ ବ୍ୟବହାରପାଇଁ ରକ୍ଷିତ ଜଙ୍ଗଲ—1 A jungle used by the village communities.
୨ । (ଦ୍ୱନ୍ଦ୍ୱ) ଗ୍ରାମ ଓ ବନ—2. Village and forest.

**ଗ୍ରାମିଅ**—ଗ୍ରାଦେ. ( ସମ୍ବଲପୁର ) ବି ( ସଂ. ଗ୍ରାମ୍ୟ )—ଗ୍ରାମବାସୀମାନଙ୍କ
Grāmia ବ୍ୟବହାର ପାଇଁ ରକ୍ଷିତ ଜଙ୍ଗଲ—The common jungle reserved for the use of the villagers.

**ଗ୍ରାମିକ**—ସଂ. ବି (ଗ୍ରାମ+ରକ୍ଷଣାର୍ଥେ. ଇକ)—୧ । ଗ୍ରାମର ରକ୍ଷକ—
Grāmika 1. The protector of a village.
(ଗ୍ରାମିକା—ସ୍ତ୍ରୀ) ୨ । ଗ୍ରାମର ଅଧିପତି ବା ସ୍ୱାମୀ—
2. Landlord of a village; a village-chief.
୩ । ଗ୍ରାମର ପହରାଦାର; ଗ୍ରାମ ଚଉକିଦାର —
3. Village-watchman, village-chowkidar.
୪ । ଗ୍ରାମର ପ୍ରଧାନବ୍ୟକ୍ତି; ପଧାନ—
4. Headman of a village.
୫ । ମୈଥୁନ—5. Cohabitation; sexual intercourse.
ଗ୍ରାମିକ ନାମେ ଯେ ଉତ୍ସବ
ସାହାକୁ ବୋଲନ୍ତି ବ୍ୟବାୟ—ଉଦ୍ଧବାଅ. ଗଉରବ ।
ବିଣ—୧ । ଗ୍ରାମସମ୍ବନ୍ଧୀୟ —1. Relating to a village
୨ । ମଫସଲିଆ—2. A rustic.
୩ । ଅଭଦ୍ର—3. Rude.
୪ । ( ସଙ୍ଗୀତ ) ସ୍ୱରଗ୍ରାମସମ୍ବନ୍ଧୀୟ—
4. ( music ) Chromatic.
୫ । ଗ୍ରାମବାସୀ—5. A villager ( M W. ).

**ଗ୍ରାମୀ**—ସଂ. ବି (ଗ୍ରାମ+ଇନ୍; ୧ମା. ୧ବ)—୧ । ଗ୍ରାମବାସୀ ବ୍ୟକ୍ତି—
Grāmi 1. Inhabitant of a village; villager.
(ଗ୍ରାମିଣୀ—ସ୍ତ୍ରୀ) ୨ । ଗ୍ରାମର ଅଧିପତି—2. Village chief.
୩ । ଗାଁ ପଧାନ—3. Headman of a village.
୪ । ଗ୍ରାମଧର୍ମୀ; ଗ୍ରାମବାସୀ ଗୃହସ୍ଥ—
4. Village house-holder.
୫ । ମଫସଲିଆ ଲୋକ; କୃଷକ—
5 A peasant ( M. W. ).
ବିଣ—୧ । ଗାଉଁଲି; ମଫସଲିଆ—
1 Rustic; coming from a village.
୨ । ଗ୍ରାମ୍ୟ—2. Pertaining to a village; rural.
୩ । ଲମ୍ପଟ; କାମୁକ—3. Libidinous.
୪ । ଗ୍ରାମଦ୍ୱାରା ପରିବେଷ୍ଟିତ—
4. Sorrounded by a village or community or race M. W. )

**ଗ୍ରାମୀଣ**—ସଂ. ବିଣ. ପୁଂ ( ଗ୍ରାମ+ଜବାସାର୍ଥେ. ଈନ )—୧ । ଗ୍ରାମରେ
Grāmiṇa ବାସ କରୁଥିବା—1. Inhabiting a village.
(ଗ୍ରାମୀଣା—ସ୍ତ୍ରୀ ୨ । ଇତର; ଅଭଦ୍ର—2. Vulgar; rude.
(ଗ୍ରାମୀଣ—ଅନ୍ୟରୂପ) ୩ । ଗାଉଁଲି—3. Rustic.
୪ । ଗ୍ରାମରେ ଜାତ—4 Produced in a village.
୫ । ସ୍ୱରଗ୍ରାମ ସମ୍ବନ୍ଧୀୟ—5. Chromatic (M. W.)
ବି—୧ । ଗ୍ରାମବାସୀ ବ୍ୟକ୍ତି—1. Resident.
୨ । ଅଭଦ୍ର ବ୍ୟକ୍ତି—2. A churl; a boor.
୩ । ଯେ ଗ୍ରାମ ଛାଡ଼ି ଅନ୍ୟ ଅଡ଼େ ଯାଇନାହିଁ; ଗାଉଁଲି—
3. A rustic; a person who has never gone outside the village-limits.
୪ । କୁକୁର—4 Dog.
୫ । କୁଆ—5. Crow.
୬ । ଘୁଷୁରି—6. Hog.
୭ । କୁକୁଡ଼ା (ଦ୍ର. ଶବ୍ଦସାଗର)—7. Cock; fowl.

**ଗ୍ରାମୀଣା**—ସଂ. ବି. ସ୍ତ୍ରୀ—୧ । ନୀଳୀ ଗଛ—
Grāmiṇā 1. Indigo plant.
୨ । ପାଳଙ୍ଗଶାଗ (ଦ୍ର. ଶବ୍ଦସାଗର)—
2. A kind of pot-herb.

| ୧ | ଇ॰ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଙଞଣନମଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ● | ନୃ |

ଗ୍ରାମୀୟ—ସଂ. ବଣ ( ଗ୍ରାମ + ଈୟ )—୧ । ଗ୍ରାମସମ୍ବନ୍ଧୀୟ—
Grāmiya 1. Relating to a village rustic.
୨ । ଅଭଦ୍ର—2. Churlish; rude; boorish.

ଗ୍ରାମୀୟକ—ସଂ. ବ (ଗ୍ରାମୀୟ + କ)—ଗ୍ରାମବାସୀମାନଙ୍କ ମଧ୍ୟରୁ ଜଣେ—
Grāmiyaka A member of the village-community; one of the villagers (M.W.)

ଗ୍ରାମୀୟ ସାଧାରଣ—ପ୍ରାଦେ (ସମ୍ବଲପୁର) ବ—ସର୍ବସାଧାରଣ ଜମି—
Grāmiya sādhārana Villagers' common land.

ଗ୍ରାମେୟ—ସଂ. ବଣ ( ଗ୍ରାମ + ଏୟ )—ଗ୍ରାମ ବା ମଫସଲରେ ଜାତ—
Grāmeya Village-born.
(ଗ୍ରାମେୟା—ସ୍ତ୍ରୀ) ସଂ. ବ—ଗ୍ରାମବାସୀ ବ୍ୟକ୍ତି—
A villager (M.W.)

ଗ୍ରାମେୟୀ—ସଂ. ବ. ସ୍ତ୍ରୀ ( ଗ୍ରାମେୟ + ସ୍ତ୍ରୀ. ଈ )—ବେଶ୍ୟା—
Grāmeyi Harlot; prostitute.

ଗ୍ରାମୋଫୋନ୍—ବୈଦେ. ବ (ଇଂ.)—ଅନ୍ୟ ବ୍ୟକ୍ତିଦ୍ୱାରା ଗୀତ ସଙ୍ଗୀତ ଓ ବାଦ୍ୟ ଆଦି ଅନୁକରଣପୂର୍ବକ ଧ୍ୱନିଦ୍ୱାରା ଅବିକଳ ପ୍ରକାଶ କରିବା ବାଦ୍ୟଯନ୍ତ୍ର—
Grāmophon . ग्रामोफन् **ग्रामोफोन्** Gramophone.

ଗ୍ରାମୋଫୋନ୍ ରେକର୍ଡ୍—ବୈଦେ. (ଇଂ. ଗ୍ରାମୋଫୋନ୍ + ରେକର୍ଡ୍)—
Grāmophon rekard ଗ୍ରାମୋଫୋନ ଯନ୍ତ୍ରରେ ଲଗାଯିବା ତଡ଼ିତ ଚକ୍ରାକାର ପଟ୍ଟ—Gramophone record.
ग्रामोफेनरेकार्ड **ग्रामोफेनकिचूड़ी**

ଗ୍ରାମ୍ୟ—ସଂ. ବଣ (ଗ୍ରାମ + ଭବାର୍ଥେ. ଯ)—୧ । ଗ୍ରାମସ୍ଥିତ—
Grāmya 1. Situated in a village.
(ଗ୍ରାମ୍ୟା—ସ୍ତ୍ରୀ) ୨ । ଗ୍ରାମବାସୀ—2 Residing in a village.
(ବନ୍ୟା—ବିପରୀତ)
୩ । ଗ୍ରାମସମ୍ବନ୍ଧୀୟ—
3. Pertaining to a village; rural.
୪ । ସଙ୍ଗୀତର ସ୍ୱରଗ୍ରାମ ସମ୍ବନ୍ଧୀୟ –
4. Relating to musical gamut or scale.
୫ । ଗ୍ରାମଜାତ—5. Village made; produced in a village.
୬ । ସ୍ତ୍ରୀସଙ୍ଗମ ସମ୍ବନ୍ଧୀୟ—
6. Relating to sexual intercourse.
୭ । ମଫସଲ; ଗାଉଁଲି—7. Rustic.
୮ । ଗୃହପାଳିତ; ପୋଷା; ଗ୍ରାମପାଳିତ (ଗୋମେଷାଦି)—
8. Domesticated; tame (animals).
୯ । ଅଶ୍ଳୀଳ—9. Indecent; obscene.
୧୦ । ଅଭଦ୍ର; ଅସଭ୍ୟ—
10. Rude; uncivilized.
୧୧ । ଇତର; ନୀଚ—11. Low; mean; low-caste.
୧୨ । କୃଷିଜାତ; କୃଷିଦ୍ୱାରା ଉତ୍ପାଦିତ—
12. Cultivated.
୧୩ । ମୂଢ଼; ନିର୍ବୋଧ—13. Foolish; idiotic; stupid.
୧୪ । ଇତରଜନ ବ୍ୟବହୃତ; ମଫସଲ ବା ଗାଉଁଲିଙ୍କ ଦ୍ୱାରା ବ୍ୟବହୃତ (ଭାଷା)—
14. ( language or speech ) Used by the vulgar; used by rustic people; slang.
ସଂ. ବ—୧ । ପୋଷା ଘୁଷୁରି—1. A tame or domesticated hog.
୨ । ( ଜ୍ୟୋତିଷ ) ମେଷ ଓ ବୃଷରାଶି—2. The two zodiacal signs of Aries and Taurus.
୩ । ମୈଥୁନ—3. Sexual intercourse.
୪ । ଗ୍ରହଣ— . Acceptance.
୫ । ରଚନାରେ ଶବ୍ଦଗତ ଓ ଅର୍ଥଗତ ଦୋଷବିଶେଷ —
5. A defect in composition; vulgarism.
[ଦ୍ର—ଯହିଁରେ ଇତରଜନ ବ୍ୟବହୃତ ଭାଷା ବା ଅର୍ଥ ବ୍ୟବହୃତ ହୋଇଥାଏ ]
୬ । ଗାଉଁଲି ଲୋକ; ଗ୍ରାମବାସୀ ବ୍ୟକ୍ତି—
6. A villager (M. W)
୭ । ଘରୋଇ ଭାଷା—7. Homely speech (M. W)
୮ । ଇତରଜନ ବ୍ୟବହୃତ ଭାଷା—
8. Rustic speech W.)
୯ । ପ୍ରାକୃତ ଭାଷା—
9. The prakruta tongue (M. W )
୧୦ । ଦେଶାଂଶ ପ୍ରଚଳିତ ଭାଷା; ଭାଷା—
10. Dialect (M. W.)
୧୧ । ଗ୍ରାମରେ ପ୍ରସ୍ତୁତ ଖାଦ୍ୟ—
11. Food prepared in a village (M.W.)
୧୨ । ପୋଷା ଜୀବ; ଗ୍ରାମପାଳିତ ଜୀବ—
12. A domesticated animal (M. W,)
୧୩ । ରତିବନ୍ଧବିଶେଷ ( ହି. ଶବ୍ଦସାଗର )
13. A particular pose in copulation.
୧୪ । ଜ୍ୟୋତିଷ) ମିଥୁନ ରାଶି (ହି. ଶବ୍ଦସାଗର)—
14. The zodiacal sign of Gemini or the Twins.

ଗ୍ରାମ୍ୟକଥା—ସଂ. ବ. (କର୍ମଧା; ଗ୍ରାମ୍ୟ + କଥା)—୧ । ଇତର ବ୍ୟବହୃତ ବା ଅଶ୍ଳୀଳ କଥା—1. Vulgar or indecent words.
Grāmyakathā
୨ । ଗ୍ରାମ ବିଷୟକ କଥା—2. Village talk.

ଗ୍ରାମ୍ୟ କର୍କଟୀ—ସଂ. ବ (କର୍ମଧା)—ପାଣି କଖାରୁ—
Grāmyakarkaṭi A species of white gourd; a pumpkin; Beninacasa Cerefera (M W).

ଗ୍ରାମ୍ୟକର୍ମ—ସଂ. ବ. ( କର୍ମଧା; ଗ୍ରାମ୍ୟ + କର୍ମ )—୧ । ମୈଥୁନ—
Grāmyakarma 1. Sexual intercourse; copulation.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିର ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତି ଉପରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ସାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲ୍‌ବତ' ନ ପାଇଲେ; 'ଅଲବତ୍' ଦେଖିବେ ।

[ ଦ୍ର—ଅରଣ୍ୟଗୃହୀ ବା ସନ୍ନ୍ୟାସୀଙ୍କ କର୍ମର ବିପରୀତ ଗ୍ରାମ୍ୟ-କର୍ମରୁ ମୈଥୁନ ଅର୍ଥ ଆସିଅଛି । ]

୨ । ମଫସଲ ରସିକତା—
2. Amorous dalliance.

୩ । ଗୃହସ୍ଥଧର୍ମ—3. A householder's avocations.

୪ । ଦାମ୍ପତ୍ୟ ଧର୍ମ; ସ୍ତ୍ରୀ ସଙ୍ଗମ—4. Conjugal intercourse; intercourse with one's wife.

**ଗ୍ରାମ୍ୟକୁଙ୍କୁମ**— ସଂ. ବି. ( କର୍ମଧା )—କୁସୁମଫୁଲ—
Grāmyakuṅkuma Safflower.

**ଗ୍ରାମ୍ୟଜନ୍ତୁ**— ସଂ. ବି. ( କର୍ମଧା; ଗ୍ରାମ୍ୟ + ଜନ୍ତୁ )—
Grāmyajantu ୧ । ଗୃହପାଳିତ ପଶୁ; ପୋଷାଜୀବ—
1. Domesticated or tame animals or beasts.

୨ । ଗୋମେଷାଦି – 2. Village cattle.

[ ଦ୍ର—ଶାସ୍ତ୍ରମତେ ଗ୍ରାମ୍ୟଜନ୍ତୁ ୭ ଗୋଟି । ଯଥା—ଗୋ, ମେଷ, ଛାଗ, ଅଶ୍ୱ, ଅଶ୍ୱତର, ଗର୍ଦ୍ଦଭ, ମାର୍ଜାର । ]

**ଗ୍ରାମ୍ୟତା**—ସଂ. ବି. ( ଗ୍ରାମ୍ୟ + ଭାବେ. ତା )—୧ । ଜଘନ୍ୟତା—
Grāmyatā 1. Wretchedness; filthness.

୨ । ଅସଭ୍ୟତା—2. Want of refinement; rudeness of manner.

୩ । ଅଶ୍ଳୀଳତା—3. Obscenity.

୪ । ଇତରଜନବ୍ୟବହୃତ ଭାଷା—
4. Rustic or vulgar speech ( M. W. )

**ଗ୍ରାମ୍ୟତାଦୋଷ**—ସଂ. ବି—୧ । ନୀଚଲୋକ; ଇତର ବ୍ୟବହାର—
Grāmyatādosha 1. Lowness; vulgarity of conduct.

୨ । ଭାଷାର ଇତରତା; ରଚନାରେ ଇତର ଭାଷା ପ୍ରୟୋଗ—
2. Use of vulgar language in composition; vulgarisim in composition; use of slang; vulgar or obscene expressions.

[ ଦ୍ର—ଏହି ଦୋଷ ଦ୍ୱିବିଧ । ଯଥା—

୧ । ଶବ୍ଦଦୋଷ । ଯଥା—

ପାଟି ପଡ଼ିବାର ନକୁଳ ସଞ୍ଚାର ଭ୍ରମୁଁ ନୋ ତରଣତଳ—
କନ୍ଦର୍ପ- କଲୋଳତମ୍ ।

ଏଠାରେ "ପାଟିପଡ଼ିବା" ଶବ୍ଦର ପ୍ରୟୋଗ ଗ୍ରାମ୍ୟ ।

୨ । ଅର୍ଥ ଦୋଷବିଶେଷ । ଯଥା—

ବଳକୁ ଏକାକୀ କେବେଁ ନ ସିବୁ ଅଛିକା
ତନେ ମିଶି ପେଟ କରୁ ଦେବେ ରୁଷି ଛୋକା—କୃଷ୍ଣସିଂ. ମହାଭାରତ ।

ଏଠାରେ "ପେଟ କରଦେବା" ଏ ଅର୍ଥ ଗ୍ରାମ୍ୟ । ]

୩ । ଅଭଦ୍ରତା—3. Boorishness

**ଗ୍ରାମ୍ୟଦେବତା**— ସଂ. ବି. ସ୍ତ୍ରୀ—ଗ୍ରାମଦେବତା ( ଦେଖ )
Grāmyadebatā Grāmadebatā ( See )

**ଗ୍ରାମ୍ୟଧର୍ମ**—ସଂ. ବି. ( କର୍ମଧା )—ଗ୍ରାମ୍ୟକର୍ମ ( ଦେଖ )
Grāmyadharma Grāmyakarma ( See )

**ଗ୍ରାମ୍ୟପଶୁ**—ସଂ. ବି. ( କର୍ମଧା )—୧ । ଗ୍ରାମ୍ୟଜନ୍ତୁ ( ଦେଖ )
Grāmyapaśu 1. Grāmyajantu ( See )

୨ । ( ବ୍ୟଙ୍ଗ ) ନିର୍ବୋଧ ବ୍ୟକ୍ତି—
2. ( ironical ) A fool; simpleton.

**ଗ୍ରାମ୍ୟବଲ୍ଲଭୀ**—ସଂ. ବି—ବେଶ୍ୟା—
Grāmyaballabhī A harlot.

**ଗ୍ରାମ୍ୟଭାଷା**—ଦେ. ବି—୧ । ଗ୍ରାମ୍ୟବ୍ୟକ୍ତିମାନଙ୍କ ବ୍ୟବହୃତ ଭାଷା—
Grāmyabhāshā 1. Rural or rustic speech.

୨ । ଇତରଜନ ବ୍ୟବହୃତ ଭାଷା—
2. Vulgar language; slang.

**ଗ୍ରାମ୍ୟମୃଗ**—ସଂ. ବି. ( କର୍ମଧା )—କୁକୁର—
Grāmyamṛuga Dog.

**ଗ୍ରାମ୍ୟସିଂହ**—ସଂ. ବି. ( କର୍ମଧା )—କୁକୁର—
Grāmyasiṁha Dog.

**ଗ୍ରାମ୍ୟସୁଖ**—ସଂ. ବି. ( କର୍ମଧା )—ମୈଥୁନ—
Grāmyasukha Copulation; sexual intercourse.

**ଗ୍ରାମ୍ୟାଶ୍ୱ**—ସଂ. ବି. ( କର୍ମଧା )—ଗଧ—
Grāmyāśwa An ass.

**ଗ୍ରାସ୍‌କଟ**—ବୈଦେ. ବି. (ଇଂ. ଗ୍ରାସ୍ = ଘାସ + କଟର୍ = କାଟିବାଲୋକ)-
Grāskaṭ ଘାସିଆର; ଘୋଡ଼ା ପାଇଁ ଘାସ କାଟିବା ପାଇଁ ନିଯୁକ୍ତ
ग्रास्‌कट ଭୃତ୍ୟ—A grass-cutter
ग्रासकट्

**ଗ୍ରାସ**—ସଂ. ବି. ( ଗ୍ରସ୍ ଧାତୁ + କର୍ମ. ଅ )—
Grāsa ୧ । ପାଟି ଭିତରେ ଥରକରେ ନିଆଯିବା ଖାଦ୍ୟର ଅଂଶ—
1. A morsel of food taken at one bite.

୨ । ମୁଖ ଥରକେ ପୂରିବା ପରିମିତ ଅନ୍ନପିଣ୍ଡ; କବଳ; ଗୁଣ୍ଡାଏ-
2. Mouthful; morsel.

୩ । ଖାଦ୍ୟ – 3. Food.

୪ । ( + ଭାବ. ଅ )—ଭକ୍ଷଣ; ଭୋଜନ —4. Eating

ତାହା କାରବାର କରୁ ମୋ ପେଟ ଗ୍ରାସ
ସେତେକ ହେବ ତାହା କହିବ କରେଶ । କୃଷ୍ଣସିଂ. ମହାଭାରତ. ବନ ।

୫ । ଗିଳିବା; ଗଳାଧଃକରଣ —
5. Devouring; swallowing.

୬ । ଘୋଡ଼ାଇବା; ଆଚ୍ଛାଦନ—
6. Covering; overshadowing.

୭ । ସୂର୍ଯ୍ୟ ଚନ୍ଦ୍ରାଦିଙ୍କ ଗ୍ରହଣ—7. Eclipse.

୮ । ଉଚ୍ଚାରଣଦୋଷ; ଉଚ୍ଚାରଣବେଳେ କୌଣସି ଶବ୍ଦ ବା ଅକ୍ଷରକୁ ଉଚ୍ଚାରଣ ନ କରିବା—8. Slurring; indistinct pronunciation of word or letter.

୯ । ଗ୍ରହଣ କାଳରେ ଛାୟା ଦ୍ୱାରା ଆଚ୍ଛାଦିତ ସୂର୍ଯ୍ୟ ବା ଚନ୍ଦ୍ରଙ୍କ ଅଂଶ—9. Part of the sun or moon eclipsed.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଂସ | ଜ | ଶ,ଷ | କ୍ଷ | ଇସ୍ପ | ଚ୍ଛଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଖଂ | ଯ | ସ | ଗଁ | ଇଅ | ଓ | ଢ଼ |

୧୦ । ( ଜ୍ୟାମିତି ) ଦୁଇଟି ବୃତ୍ତ ପରସ୍ପରକୁ କାଟିବା ଦ୍ୱାରା ଆଚ୍ଛାଦିତ ଖଣ୍ଡ—10. ( geom. ) A piece cut off by the intersection of any two circles.

୧୧ । ଧରିବା କର୍ମ ( ହି. ଶବ୍ଦସାଗର ); ଗିରଫ—11. Seizure; arrest.

ଦେ. ବି—ପୂର୍ଣ୍ଣ ଭୋଜନ—One's fill.

**ଗ୍ରାସକ**—ସଂ. ବିଣ. ପୁଂ. ( ଗ୍ରସ ଧାତୁ+କର୍ତ୍ତୃ. ଅକ )—
Grāsaka ୧ । ଧରନ୍ତାବାଲା—1. Seizing.
୨ । ଗିଳନ୍ତାବାଲା—2. Devouring.
୩ । ଯେ ଲୁଚାଏ—3. Concealing.

**ଗ୍ରାସ କରିବା**—ଦେ. କ୍ରି—୧ । ଗିଳିବା—
Grāsa kariba 1. To swallow; to devour.
ଗ୍ରାସକରা ୨ । ଉପରେ ଘୋଡ଼ାଇବା—.
ग्रासकरना 2. To overspread.
୩ । ଅଭିଭୂତ ବା ଆକ୍ରାନ୍ତ କରିବା—
3. To overpower.

**ଗ୍ରାସ ଚଳିବା**—ଦେ. ବି.—( ବ୍ୟଙ୍ଗ ) ଭୋଜନ କିମ୍ବା ସମ୍ପାଦନ—
Grāsa chaliba ( ironical ) The continuance of one's feeding.
( ଯଥା—ପୁଅ ରୋଜଗାର କରିବାରୁ ବଶଠାଯାକ ସମସ୍ତଙ୍କର ଗ୍ରାସ ଚଳୁଛି । )

**ଗ୍ରାସ ମାରିବା**—ଦେ. କ୍ରି.—( ଅନାଦରାର୍ଥ ) ଭୋଜନ କରିବା—
Grāsa māriba To eat; to swallow.

**ଗ୍ରାସଶଲ୍ୟ**—ସଂ. ବି ( ମ. ପ. ଲୋ.; ଗ୍ରାସ ସମୟରେ କଣ୍ଠଗତ ଶଲ୍ୟ )—
Grāsasalya ୧ । ଖାଦ୍ୟ ଖାଇବା ସମୟରେ ଗଣ୍ଠିରେ ଲାଗିଯିବା ଟାଣୁଆ ବସ୍ତୁ—1. Hard substance lodged in or stuck in the throat during meal.
୨ । ଖାଦ୍ୟ କବଳ ମଧ୍ୟରେ ଥିବା ମତ୍ସ୍ୟାଦିର କଣ୍ଟା—2. A bit of bone of fish or meat in a mouthful of food.

**ଗ୍ରାସାଚ୍ଛାଦନ**—ସଂ. ବି. ( ଦ୍ୱନ୍ଦ୍ୱ; ଗ୍ରାସ+ଆଚ୍ଛାଦନ )—
Grāsāchchhādana ୧ । ଭୋଜନ ଓ ପରିଧାନ; ଅନ୍ନବସ୍ତ୍ର—1. Food and raiment; fooding and clothing.
୨ । ଖୋରାକପୋଷାକ—2. Maintenance.

**ଗ୍ରାସାର୍ଥୀ**—ସଂ. ବିଣ. ପୁଂ. (ଗ୍ରାସ+ଅର୍ଥ ଧାତୁ+ଇନ୍; ୧ମା. ୧ବ)—
Grāsārthi ଖାଇବା ପାଇଁ ପ୍ରାର୍ଥୀ ବା ଇଚ୍ଛୁକ—
(ଗ୍ରାସାର୍ଥିନୀ—ସ୍ତ୍ରୀ) Wishing to eat.

**ଗ୍ରାସିତ**—ଦେ. ବି. ( ସଂ. ଗ୍ରସ୍ତ )—୧ । ଭକ୍ଷିତ—
Grāsita 1. Swallowed up.
୨ । ଗ୍ରସ୍ତ—2. Overpowered.
( ଯଥା—ଣିଜନ୍ତ ଗ୍ରସ୍ ଧାତୁରୁ ସଂସ୍କୃତ କର୍ମବାଚ୍ୟରେ 'ତ' ପ୍ରତ୍ୟୟ ହେଲେ 'ଗ୍ରାସିତ' ଶବ୍ଦ ମଧ୍ୟ ନିଷ୍ପନ୍ନ ହୁଏ, ମାତ୍ର ଓଡ଼ିଆରେ 'ଗ୍ରସ୍ତ' ଅର୍ଥରେ ଗ୍ରାସିତ ଶବ୍ଦର ପ୍ରୟୋଗ ଦେଖନ୍ତି । )

୧+୨ ବୋଲେ ଦଶୁର ଛମରେ ଜଗତ ଗ୍ରାସିତ
ବଦନ ନକ ଛମିରେ ଗ୍ରାସିତ ପର୍ବତ । ଭକ୍ତ. ବୈଦେହୀଶବିଳାସ ।

**ଗ୍ରାସିବା**—ଦେ. କ୍ରି. (ସଂ. ଗ୍ରସ ଧାତୁ)—୧ । ଗିଳିବା; ଉଦରସ୍ଥ କରିବା—
Grāsibā 1. To swallow up.
গ্রাসা କଠୋର ଏ ଧନୁ ବୋଲ, କଠୋର ସ୍ତ୍ରୀମର
ग्रासना ମହାଗଦା, ଗ୍ରାସଇ ସେ ପଦ୍ମରଥ୍ୟା ପର । ଜଗନ୍ନାଥ. ମହାଭାରତ ।
୨ । ( ଲକ୍ଷଣାର୍ଥ ) ବ୍ୟାପିବା; ଘୋଟିବା—
2. To overpower.

କତ୍ୟ ନବାସ ବଇଷବା ବାଣୀ,
ଅଧି ଗ୍ରାସି ଦେଲେ ପାତକ ଶ୍ରେଣି । କବିସୂର୍ଯ୍ୟ. କଚଛାକଲ୍ଲୋଳମା ।

୩ । (ରାହୁ ବା କେତୁ) ଚନ୍ଦ୍ର ବା ସୂର୍ଯ୍ୟଙ୍କୁ ଆଚ୍ଛାଦିତ କରିବା—
3. (the shadow of the earth) To envelop the sun or the moon.
୪ । ( ଭୂତ ପ୍ରେତାଦି ) ମନୁଷ୍ୟଙ୍କୁ ଅଭିଭୂତ କରିବା; ମନୁଷ୍ୟଠାରେ ଆବେଶ ହେବା—
4. (Spirits) To possess a person.
୫ । କଷ୍ଟଦେବା; ଉତ୍ପୀଡ଼ିତ କରିବା—
5. To afflict; to torment.

**ଗ୍ରାସୀ**—ସଂ. ବିଣ. ପୁଂ. ( ଗ୍ରାସ୍ ଧାତୁ+ଇନ୍; ୧ମା. ୧ବ )—
Grāsi ପେଟୁ; ଉଦରମ୍ଭରି—Gluttonous; greedy.
(ଗ୍ରାସିନୀ—ସ୍ତ୍ରୀ)

**ଗ୍ରାସେ**—ଦେ. ବି—ଏକ ଗ୍ରାସ; ଉଦରପୂର୍ଣ୍ଣ ଭୋଜନ—
Grāse A bellyful of food.
( ଯଥା—ମୁଁ ଆଜି ଖିରପିଠା ଗ୍ରାସେ ଖାଇଲି । )
ଦେ. ବିଣ—ଉଦରପୂର୍ଣ୍ଣ—Bellyful of.

**ଗ୍ରାହ**—ସଂ. ବି. (ଗ୍ରହ୍ ଧାତୁ+ଭାବ. ଅ)—୧ । ଧରିବା; ଗ୍ରହଣ—
Grāha 1. Seizing; catching; holding.
୨ । ଆଦାନ; ଗ୍ରହଣ—2. Acceptance; taking.
୩ । ମୁଠାଇ ଧରିବା—3. Clutching; grasping.
୪ । ବୋଧ; ଜ୍ଞାନ—
4. Knowledge; perception; grasp.
୫ । ଆଗ୍ରହ—5. Eagerness.
୬ । ନିର୍ବନ୍ଧ—6. Insistence; pressing request.
୭ । ପ୍ରତିଜ୍ଞା; ସଙ୍କଳ୍ପ—7. Resolve; determination.
୮ । ( +କର୍ତ୍ତୃ. ଅ )—କୁମ୍ଭୀର—
8. Crocodile.
୯ । ରୋଗ—9. Disease.
୧୦ । ଜଳହସ୍ତୀ—10. Hippopotamus.
୧୧ । ଆରମ୍ଭ—11. Beginning; undertaking

ସାଧାରଣ ଲୋକେ ଅପଚ ସ୍ଥାନରେ ଦନ୍ତ୍ୟ ଓ ତାଳବ୍ୟ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ କା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ 'ଦଧି' ନ ପାଇଲେ 'ଦଧି' ଦେଖିବେ; 'ଅର୍ଗ୍ଗ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

୧୨ । ମଗର; ହାଙ୍ଗର—12. Shark.
୧୩ । ବନ୍ଦୀ; କାରାବଦ୍ଧ ବ୍ୟକ୍ତି—13. Prisoner.
୧୪ । ଧାରକ (ହି. ଶବ୍ଦସାଗର)—14. Holder.
୧୫ । ( କର୍ମ. ଅ) ବନ୍ଦୀ; କାରାବଦ୍ଧ ବ୍ୟକ୍ତି—
15. A prisoner ( M W. ).

**ଗ୍ରାହକ**—ସଂ. ବି. ପୁଂ. (ଗ୍ରହ ଧାତୁ + କର୍ତ୍ତୃ. ଅକ)—୧ । ଗ୍ରହଣକାରୀ—
Grāhaka 1. Acceptor; taker; receiver; arrester.
(ଗ୍ରାହିକା—ସ୍ତ୍ରୀ) ୨ । ବିଷଚିକିତ୍ସକ—
2. Curer of poison.
୩ । କ୍ରେତା; ଗରାଖ; ଖରିଦ୍‌ଦାର—
3. Buyer; purchaser.
୪ । ପୁଲିସ କର୍ମଚାରୀ (ଯେ ଅପରାଧୀଙ୍କୁ ଗିରଫ କରନ୍ତି)—
4. A police officer (who arrests culprits)
୫ । ଶ୍ୟେନ; ବାଜ—5. Falcon; hawk.
୬ । ସାପୁଆ—6. Snake-catcher.
୭ । ରକ୍ଷୀ; ଜଗୁଆଳ—7. Watchman; guard.
୮ । ଏକପ୍ରକାର ଶାଗ (ହି. ଶବ୍ଦସାଗର)—
8. A kind of pot-herb.
୯ । ଯେଉଁ ଔଷଧ ସେବନ କଲେ ପତଳା ଝାଡ଼ା ବନ୍ଦ ହୋଇ ମଳ ବାନ୍ଧି ହୁଏ—9. A medicine which stops loose stools.
୧୦ । ଯେ ସମ୍ବାଦପତ୍ର ଗ୍ରହଣ କରେ—
10. Subscriber to a newspaper.
ସଂ. ବିଣ.—ଗ୍ରହଣକାରୀ—
Accepting; seizing; grasping.
ଦେ. ବିଣ.—୧ । ହୃଦୟବାନ୍—1. Magnanimous.
୨ । ରସିକ—2. Witty; appreciative.

**ଗ୍ରାହକଭେଦଉଲ୍ଲେଖାଲଙ୍କାର**—ସଂ. ବି.— ଉଲ୍ଲେଖାଲଙ୍କାର (ଦେଖ)
Grāhakabhedaullekhālankāra
Ullekhālankāra (See)

**ଗ୍ରାହା**—ଦେ. ବି.—(ସଂ. ଗ୍ରାହ)—କୁମ୍ଭୀର—Crocodile.
ଗ୍ରାହ ପାଣ୍ଡବସୈନ୍ୟ ସିନ୍ଧୁ ମଧ୍ୟେ ଗ୍ରାହା ପରି,
ग्राहा ପଶି ଯୋଦ୍ଧା ମତ୍ସ୍ୟଙ୍କୁ ଦେଲେ ଗ୍ରାସ କରି ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣପର୍ବ ।

**ଗ୍ରାହି**—ସଂ. ବି.—୧ । ଡାହାଣୀ; ପିଶାଚୁଣୀ—1. A female evil
Grāhi spirit; a witch.
୨ । ମୂର୍ଚ୍ଛା—2. A swoon.

**ଗ୍ରାହିକା**—ସଂ. ବି. ଓ ବିଣ. ସ୍ତ୍ରୀ ( ଗ୍ରାହକ + ସ୍ତ୍ରୀ. ଅ )—ଗ୍ରାହକର
Grāhikā ସ୍ତ୍ରୀଲିଙ୍ଗ—Feminine of grāhaka.

**ଗ୍ରାହିତ**—ସଂ. ବିଣ. (ଗ୍ରହ ଧାତୁ ଣିଚ = ଗ୍ରାହ ଧାତୁ + କର୍ମ. ତ)—
Grāhita ଯାହା ଅନ୍ୟଦ୍ୱାରା ଗ୍ରହଣ କରା ଯାଇଅଛି—Causes to be taken or accepted by another.

**ଗ୍ରାହିଜ**—ଗ୍ରା. ବିଣ. (ସଂ. ଗ୍ରାହ୍ୟ)—ଗ୍ରାହ୍ୟ (ଦେଖ)
Grāhija Grāhya (See)

**ଗ୍ରାହିଜ୍ୟ**—ଗ୍ରା. ବିଣ. (ସଂ. ଗ୍ରାହ୍ୟ)—ଗ୍ରାହ୍ୟ (ଦେଖ)
Grāhijya Grāhya (See)
ग्राज्य

**ଗ୍ରାହିଜ୍ୟ କରିବା**—ଗ୍ରା. କ୍ରି. (ସଂ. ଗ୍ରାହ୍ୟ + କୃ ଧାତୁ)—
Grāhijya kariba ୧ । ଗଣନାରେ ଆଣିବା—1. To look
ग्राज्यकरा or treat with regard or respect.
୨ । ଖାତିର କରିବା—2. To care; to count.
୩ । ମଞ୍ଜୁର କରିବା—3 To grant.
୪ । କଥା ମାନିବା—4. To obey.
୫ । ଅନୁମୋଦନ କରିବା—5. To accept.

**ଗ୍ରାହିଜ୍ୟ ନ କରିବା**—ଗ୍ରା· କ୍ରି.—ନ ମାନିବା; ପସନ୍ଦରେ ନ ଆଣିବା;
Grāhijya na kariba ପାସଙ୍ଗରେ ନ ପକାଇବା—
ग्राज्य ना करा Not to count; not to care for.

**ଗ୍ରାହୀ**—ସଂ. ବିଣ ( ଗ୍ରହ ଧାତୁ + କର୍ତ୍ତୃ. ଇନ )—ଗ୍ରହଣକର୍ତ୍ତା—1. One
Grāhi who accepts, takes, seizes or receives.
୨ । ଆକର୍ଷଣକାରୀ—
2. Attracting; drawing; pulling.
୩ । ଆକର୍ଷକ—3. Attracting.
୪ । ମଳବନ୍ଧକାରକ—4. Causing constipation.
୫ । ଯେ ଗିରଫ କରେ—5. Arresting.
୬ । ଅନ୍ୱେଷକ—6. Searching.
୭ । ବାଧାଦେଉଥିବା; ପ୍ରତିବନ୍ଧକ—7. Obstructing.
୮ । ବନ୍ଧନକାରୀ—8 Binding; imprisoning.
୯ । ପ୍ରଲୋଭକ—9. Alluring; decoying.

[ ଦ୍ର—ସାଧାରଣତଃ ଏ ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ, ସମାସରେ ଅନ୍ୟ ଶବ୍ଦ ସଙ୍ଗେ ମିଶି ବ୍ୟବହୃତ ହୋଇଥାଏ । ଯଥା—ଦାନଗ୍ରାହୀ; ହୃଦୟଗ୍ରାହୀ; ଗୁଣଗ୍ରାହୀ; ଭାବଗ୍ରାହୀ ଇତ୍ୟାଦି । ]

ସଂ. ବି—କଇଥ ( ଗଛ ଓ ଫଳ )—
Wood apple ( tree and fruit ).
ସଂ. ବି. ସ୍ତ୍ରୀ ( ଗ୍ରାହ + ଈ )— ମାଈ କୁମ୍ଭୀର—
A female crocodile.

**ଗ୍ରାହ୍ୟ**—ସଂ. ବିଣ (ଗ୍ରହ ଧାତୁ + କର୍ମ. ଯ)—୧ । ଗ୍ରହଣଯୋଗ୍ୟ—
Grāhya 1 Acceptable; fit to be received.
୨ । ଧରିବାଯୋଗ୍ୟ—2. Deserving to be taken or seized or arrested.
୩ । ସ୍ୱୀକାର୍ଯ୍ୟ—3. Fit to be acknowledged.
୪ । ଆଦରଣୀୟ—4. Fit to be respected; respectable.
୫ । ଗଣନୀୟ—5. Fit to be counted

| ୧ | ଇଂ | ଭ୍ର | ର୍, ର୍ଣ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ, ଷ | ଙ୍କ | ଇଷ୍ଟ | ଡ୍ରଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ୍ୟ | ଇଅ | ଙ୍କ | ନ୍ତ |

୬ । ବୋଧ—6. Comprehensible.
୭ । ଲକ୍ଷ୍ୟଣୀୟ—7. Noticeable.
୮ । ପ୍ରମାଣରୂପେ ଗ୍ରହଣୀୟ—
9. Admissible in evidence.
୯ । ଜ୍ଞେୟ—9. Knowable.
ସଂ. ବି—୧ । ଉପହାର—1. A present.
୨ । ଦାନ—2. A gift.

**ଗ୍ରାହ୍ୟ କରିବା**—ଦେ. କ୍ରି—ଗ୍ରାହିଯ୍ୟ କରିବା (ଦେଖ)
Grāhya kariba Grāhijya kariba (See)
ଗ୍ରାହ୍ୟକରୀ

**ଗ୍ରିଫିଥ୍**—ବୈଦେ. ବି (ନାମ)—ରାମାୟଣର ଅନୁବାଦକ ଓ ସଙ୍କଳନକର୍ତ୍ତା
Griphith ଜନୈକ ଇଂରେଜ—Griffith, an Englishman who was a great Sanscrit scholar.

**ଗ୍ରୀକ୍**—ବୈଦେ. ବି ( ଇଂ. ଗ୍ରୀକ୍ )—୧ । ଗ୍ରୀସଦେଶୀୟ ବ୍ୟକ୍ତି; ୟୁନାନ୍
Grik ଦେଶବାସୀ ବ୍ୟକ୍ତି—1. A Greek.
ग्रीक ୨ । ଗ୍ରୀସ୍‌ଦେଶୀୟ ଭାଷା—2. The Greek language.
ग्रीक ବୈଦେ. ବିଣ—୧ । ଗ୍ରୀସଦେଶୀୟ—1. Greek.
୨ । ଗ୍ରୀସସମ୍ବନ୍ଧୀୟ—2. Pertaining to Greece.
୩ । ଗ୍ରୀସ୍‌ଦେଶବାସୀ—3. Residing in Greece.
୪ । ଗ୍ରୀକ୍‌ଭାଷାସମ୍ବନ୍ଧୀୟ—
4. Relating to the Greek language.

**ଗ୍ରୀବ**—ସଂ. ବିଣ. ପୁଂ ( ସମାସରେ ଅନ୍ୟ ପଦ ପରେ ଗ୍ରୀବା ଶବ୍ଦ ଯୁକ୍ତ
Griba ହୋଇ ଧାରଣ କରିବା ଆକାର)—ଗ୍ରୀବାଯୁକ୍ତ—
( ଗ୍ରୀବା—ସ୍ତ୍ରୀ ) Having a neck; necked.
[ ଦ୍ର—ସମାସ ନିୟମରେ 'ଗ୍ରୀବା' ଶବ୍ଦଠାରେ 'ଗ୍ରୀବ' ହୁଏ । ସୁତରାଂ ଏହାର ସ୍ୱତନ୍ତ୍ର ପ୍ରୟୋଗ ନାହିଁ । ଯଥା—ହୟଗ୍ରୀବ; ଉଚ୍ଚଗ୍ରୀବ; ସୁଗ୍ରୀବ । ]
ଦେ. ବି—ଗ୍ରୀବା; ବେକ—Neck.
ବଣେଇଲେ ଶଙ୍କର ସେ ଜନ ନ ଉଦ୍ଧରୁ ।
ସୁଗ୍ରୀବ ଗ୍ରୀବ ମୋଡ଼ ମାର ସେ—ଉଜ୍ଜ. ବୈଦେହୀଶବିଳାସ ।

**ଗ୍ରୀବକ**—ଦେ. ବି (ଗ୍ରୈବେୟକର ଅପଭ୍ରଂଶ)—ଗଳାର ହାର—
Gribaka Necklace.
କେ ବୋଲେ ତୁ ମୋହର କଣ୍ଠଗ୍ରୀବକ ରେ—ଗୋକୃଷ୍ଣ. ରସକଲ୍ଲୋଳ ।

**ଗ୍ରୀବା**—ସଂ. ବି ( ଗୃ ଧାତୁ ଭୋଜନ କରିବା+କରଣେ. ବ+ଆ )—
Griba ବେକ—1. Neck.
୨ । କଣ୍ଠର ପଛଭାଗ—2. Back part of the neck.
[ ଦ୍ର—ସମାସରେ ଅନ୍ୟ ଶବ୍ଦ ପରେ ଯୁକ୍ତ ହେଲେ ଏ ଶବ୍ଦ 'ଗ୍ରୀବ' ରୂପରେ ପରିବର୍ତ୍ତିତ ହୁଏ । ]

**ଗ୍ରୀବୀ**—ସଂ. ବିଣ. ପୁଂ (ଗ୍ରୀବା+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Gribi ୧ । ଦୀର୍ଘ ଗ୍ରୀବାଯୁକ୍ତ; ଦୀର୍ଘଗ୍ରୀବ—1. Long-necked.
(ଗ୍ରୀବଣୀ—ସ୍ତ୍ରୀ) ୨ । ଗ୍ରୀବାବିଶିଷ୍ଟ—2. Having a neck.
ସଂ. ବି—ଉଷ୍ଟ୍ର—Camel.

**ଗ୍ରୀଷମ**—ଗ୍ରା. (ପଦ୍ୟ) ବି ( ସଂ. ଗ୍ରୀଷ୍ମ )—ଗ୍ରୀଷ୍ମ ( ଦେଖ )—
Grishama Grishma ( See )

**ଗ୍ରୀଷ୍ମ**—ସଂ. ବି ( ଗ୍ରସ୍ ଧାତୁ+କର୍ତ୍ତ୍ତୃ. ମ, ନିପାତନ )—୧ । ଖରାଦିନ;
Grishma ଗ୍ରୀଷ୍ମଋତୁ—1. Summer season.
(ଅନ୍ୟ ସଂ ନାମ—ନିଦାଘ, ତପନ, ତପ, ଘର୍ମ, ତାପନ, ଉଷ୍ମକ । )
୨ । ଗରମ—2. Heat; warmth.
ବିଣ—ଉଷ୍ଣ—Warm; hot.

**ଗ୍ରୀଷ୍ମଋତୁ**—ସଂ. ବି (କର୍ମଧା; ଗ୍ରୀଷ୍ମ+ଋତୁ)—ଖରାଦିନ; ଖରାଋତୁ; ଯେଉଁ
Grishmarutu ସମୟରେ ଗରମ ବୋଧ ହୁଏ; ଯେଉଁ ଋତୁରେ ସୂର୍ଯ୍ୟଙ୍କର ପ୍ରଖର ତେଜ ଅନୁଭୂତ ହୁଏ—Summer season.
[ ଦ୍ର—ବୈଶାଖ ଓ ଜ୍ୟେଷ୍ଠ ଏହି ଦୁଇ ମାସକୁ ଗ୍ରୀଷ୍ମଋତୁ କହନ୍ତି । କେହି କେହି ଜ୍ୟେଷ୍ଠ ଓ ଆଷାଢ଼ ଏ ଦୁଇ ମାସକୁ ଗ୍ରୀଷ୍ମଋତୁ କହନ୍ତି । ]

**ଗ୍ରୀଷ୍ମକଟିବନ୍ଧ**—ସଂ. ବି (କର୍ମଧା)—(ଭୂଗୋଳ) ବିଷୁବରେଖାର ଉଭୟ
Grishmakatibandha ପାର୍ଶ୍ୱରେ ୨୩½ ଅଂଶ ବ୍ୟାପୀ ପୃଥିବୀର ଗ୍ରୀଷ୍ମ ମଣ୍ଡଳ; କର୍କଟକ୍ରାନ୍ତି ଓ ମକରକ୍ରାନ୍ତି ମଧ୍ୟସ୍ଥ ଭୂଭାଗ—(geography) Torrid zone of the globe.

**ଗ୍ରୀଷ୍ମକାଳ**—ସଂ. ବି (କର୍ମଧା)—ଗ୍ରୀଷ୍ମଋତୁ ( ଦେଖ )—
Grishmakāla Grishmarutu ( See )

**ଗ୍ରୀଷ୍ମକାଳୀନ**—ସଂ. ବିଣ ( ଗ୍ରୀଷ୍ମକାଳ+ଈନ )—ଗ୍ରୀଷ୍ମକାଳ ସମ୍ବନ୍ଧୀୟ—
Grishmakālina Relating to summer season.

**ଗ୍ରୀଷ୍ମଛୁଟି**—ଦେ. ବି (ସଂ. ଗ୍ରୀଷ୍ମ+ସଂ. ଛୁଟ ଧାତୁ=ବନ୍ଧନ କାଟିବା)—
Grishmachhuti ଗ୍ରୀଷ୍ମାବକାଶ; ବିଶେଷ ଗ୍ରୀଷ୍ମଜନିତ ଅସୁବିଧା
ग्रीष्मछुट्टी ଯୋଗୁଁ ସ୍କୁଲ ଓ କାର୍ଯ୍ୟାଳୟ ଆଦିର କର୍ମ ବନ୍ଦ ହେବା—
गरमीछुट्टी Summer vacation or recesses.

**ଗ୍ରୀଷ୍ମଜା**—ସଂ. ବି ( ଗ୍ରୀଷ୍ମ+ଜନ୍ ଧାତୁ+କର୍ତ୍ତ୍ତୃ. ଅ+ଆ )—
Grishmajā ୧ । ନବମଲ୍ଲିକା; ନିଆଳି ( ଦେଖ )—
Niāli (See)
୨ । ଅବଲୁପ୍ତପୃଷ୍ଠ ଅଡ଼ଫଳ—2. Smooth-peeled apple.

**ଗ୍ରୀଷ୍ମଧାନ୍ୟ**—ସଂ.ବି(ମ.ପ.ଲୋ. କର୍ମଧା;ଗ୍ରୀଷ୍ମକାଳରେ ଉତ୍ପାଦିତ ଧାନ୍ୟ)—
Grishmadhānya ଦାଳୁଅ ଧାନ—Summer paddy.

**ଗ୍ରୀଷ୍ମନିବାସ**—ସଂ. ବି (ଆଧୁନିକ ବ୍ୟବହାର)—ଗ୍ରୀଷ୍ମକାଳରେ ରାଜା ବା
Grishmanibāsa ରାଜପୁରୁଷମାନେ ଶୀତଳତା ଉପଭୋଗ କରିବା ପାଇଁ ସ୍ଥାୟୀ ରାଜଧାନୀ ଠାରୁ ଦୂରବର୍ତ୍ତୀ ଯେଉଁ ଉଚ୍ଚ ପାର୍ବତ୍ୟ ବା ସମୁଦ୍ର ଉପକୂଳସ୍ଥ ଶୀତଳ ପ୍ରଦେଶରେ ରହନ୍ତି—Summer residence of kings and high officials.

**ଗ୍ରୀଷ୍ମପ୍ରଧାନ**—ସଂ. ବିଣ. ( ବହୁବ୍ରୀହି; ଗ୍ରୀଷ୍ମ+ପ୍ରଧାନ )—ଯେଉଁଠାରେ
Grishmapradhāna ବିଶେଷଭାବରେ ଗ୍ରୀଷ୍ମ ବୋଧହୁଏ—
Where heat or summer predominates.

ସାଧାରଣ ଲେଖେଖପତ୍ର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଟ' ନ ମିଳିଲେ 'ଗାଣ୍ଟ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗ୍ରୀଷ୍ମବୋଧ—ସଂ. ବି. (୬ଷ୍ଠୀ ତତ୍; ଗ୍ରୀଷ୍ମ+ବୋଧ)—ଗରମ ଅନୁଭବ—
Grishmabodha — Feeling of warmth or heat.

ଗ୍ରୀଷ୍ମଭବା—ସଂ. ବି. ( ଗ୍ରୀଷ୍ମ+ଭୂ ଧାତୁ+କର୍ତ୍ତୃ. ଅ+ଆ )—
Grishmabhabā — ଗ୍ରୀଷ୍ମଜା ( ଦେଖ )—Grishmajā (See)

ଗ୍ରୀଷ୍ମମଣ୍ଡଳ—ସଂ. ବି. ( କର୍ମଧା )—ଗ୍ରୀଷ୍ମ କଟିବନ୍ଧ ( ଦେଖ )
Grishmamandala — Grishma katibandha ( See )

ଗ୍ରୀଷ୍ମର୍ତ୍ତୁ—ସଂ. ବି. ( କର୍ମଧା; ଗ୍ରୀଷ୍ମ+ଋତୁ )—ଗ୍ରୀଷ୍ମକାଳ—
Grishmartu — Summer season.

ଗ୍ରୀଷ୍ମାବକାଶ—ସଂ. ବି ( ଆଧୁନିକ ବ୍ୟବହାର)—ଗ୍ରୀଷ୍ମଛୁଟି (ଦେଖ )
Grishmābakāsa — Grishmachhuti ( See )

ଗ୍ରୀଷ୍ମାର୍ତ୍ତ—ସଂ. ବିଣ. ପୁଂ ( ୩ୟା ତତ୍; ଗ୍ରୀଷ୍ମ+ଆର୍ତ୍ତ )—
Grishmārtta — ଉଷ୍ଣତାଦ୍ୱାରା ଅକ୍ରାନ୍ତ—Pestered or
(ଗ୍ରୀଷ୍ମାର୍ତ୍ତା—ସ୍ତ୍ରୀ) oppressed by heat; feeling very hot.

ଗ୍ରୀଷ୍ମୀ—ସଂ. ବି. ( ଗ୍ରୀଷ୍ମ+ଈ )—ନାଗଲି ଫୁଲଗଛ ( ଦେଖ )
Grishmi — Nāli flower-plant ( See )

ଗ୍ରୀସ୍—ବୈଦେ. ବି. (ନାମ) ( ଇଂ. ଗ୍ରୀସ୍ )—ଇଉରୋପର ଗ୍ରୀସ୍ ନାମକ
Gris — ଦେଶ ବା ରାଜ୍ୟ—Greece.

[ ଦ୍ର—ଏହାର ସଂ. ନାମ ଯୁନାନ୍; ଇଉରୋପ ମହାଦେଶର ତୁରସ୍କ ଦେଶର ଦକ୍ଷିଣରେ ଓ ଭୂମଧ୍ୟସାଗର କୂଳରେ ଏହା ଗୋଟିଏ ଉପଦ୍ୱୀପ । ଖ୍ରୀଷ୍ଟପୂର୍ବ ଶତାବ୍ଦୀମାନଙ୍କରେ ଏହା ବିଶେଷ ସଭ୍ୟ ଥିଲା । ମହାବୀର ଆଲେକ୍‌ଜାଣ୍ଡର (ସିକନ୍ଦରସାହା) ଓ କବି ହୋମର୍ ଏହି ଦେଶରେ ଜନ୍ମଗ୍ରହଣ କରିଥିଲେ । ଗ୍ରୀକ୍ ସଭ୍ୟତା ଦ୍ୱାରା ପାଶ୍ଚାତ୍ୟ ଜଗତ ପ୍ରଭାବିତ । ଭାରତରେ ମଧ୍ୟ ଗ୍ରୀକ୍ ସଭ୍ୟତାର ଛାୟା ପଡ଼ିଥିଲା । କେତେଦିନ ପୂର୍ବେ ଏହା ରାଜତନ୍ତ୍ର ଥିଲା, ଏବେ ସାଧାରଣତନ୍ତ୍ର ହୋଇଅଛି । ]

ଗ୍ରୀସୀୟ—ଦେ. ବିଣ (ବୈଦେ. ଗ୍ରୀସ+ସଂ. ପ୍ରତ୍ୟୟ ଈୟ)—
Grisiya — ଗ୍ରୀସ ସମ୍ବନ୍ଧୀୟ—Greek.

ଗ୍ରୁପ—ବୈଦେ. ବି. ( ଇଂ. ଗ୍ରୁପ୍ )—ପୁଞ୍ଜ; ସମୂହ; ଦଳ—
Grup — Group.
গ্রুপ
ग्रुप

ଗ୍ରୁପ୍ ଫଟୋ—ବୈଦେ. ବି. ( ଇଂ. ଗ୍ରୁପ୍+ଫଟୋ )—
Grup phato — ଏକାଧିକ ଲୋକଙ୍କର ଏକତ୍ରାବସ୍ଥାନ କାଳରେ
গ্রুপ ফটো — ଯେଉଁ ଫଟୋ ବା ଛାୟାଚିତ୍ର ଗୃହୀତ ହୁଏ—
ग्रुफ फटो — Group photo.

ଗ୍ରେଟ୍ ପ୍ରାଇମର୍—ବୈଦେ. ବି. ( ଇଂ )—ସାଧାରଣ ଅକ୍ଷର ଅପେକ୍ଷା
Gret prāimar — ବଡ଼ ଆକାରର ଅକ୍ଷର ଓ ଟାଇପ୍—
গ্রেট প্রাইমর — Great primer; a large type and
ग्रेट प्राइमर — letter in printing.

ଗ୍ରେଟ୍ ବ୍ରିଟେନ୍—ବୈଦେ. ବି. ( ନାମ ) ( ଇଂ. ଗ୍ରେଟ୍ ବ୍ରିଟେନ୍ )—
Gret briten — ଇଂଲଣ୍ଡ, ସ୍କଟଲଣ୍ଡ ଓ ୱେଲ୍ସ ଏହି ତିନି ରାଜ୍ୟର
গ্রেট ব্রিটেন্ — ସମାହାର—Great Britain.
ग्रेट् ब्रिटेन्

ଗ୍ରେଡ୍—ବୈଦେ. ବି. ( ଇଂ )—କ୍ରମୋଚ୍ଚ ଶ୍ରେଣୀ—
Gred — Grade.
গ্রেড্
ग्रेड

ଗ୍ରେନ୍—ବୈଦେ. ବି. (ଇଂ)—ଇଂରାଜି ଓଜନବିଶେଷ; ୧ ରତିର ୧/୨୫
Gren — ଭାଗ; ୧ ଯବୋଦର ପରିମାଣ—An English
গ্রেণ — weight corresponding to one grain of
ग्रेन — barley.

ଗ୍ରେନାଇଟ୍—ବୈଦେ. ବି. ( ଇଂ. ଗ୍ରାନାଇଟ୍ )—
Grenait — ଏକ ପ୍ରକାର ଚିକ୍କଣ ଓ ଟାଣୁଆ ପଥର; ଅଭ୍ରକଣା ମିଶ୍ରିତ
গ্রেনাইট্ — ଶଙ୍ଖମର୍ମର ପଥର—Granite stone.
ग्रेनाइट्

ଗ୍ରେପ୍ତାର (ଇତ୍ୟାଦି)—ବୈଦେ. ବଣ—ଗିରପ୍ତାର୍ ଇତ୍ୟାଦି ( ଦେଖ )
Greptār (etc) — Giraptār etc ( See )

ଗ୍ରେଫ୍ତାର (ଇତ୍ୟାଦି)—ବୈଦେ. ବଣ—ଗିରଫ୍ତାର୍ ଇତ୍ୟାଦି (ଦେଖ)
Grephtār (etc) — Giraphtār etc ( See )

ଗ୍ରୈବ—ସଂ. ବଣ. ( ଗ୍ରୀବା+ସମ୍ବନ୍ଧାର୍ଥେ. ଅ )—
Graiba — ଗ୍ରୀବା ସମ୍ବନ୍ଧୀୟ—
Appertaining to the neck.
ସଂ. ବି—୧ । କଣ୍ଠଭୂଷଣ; ଗଳାହାର—
1. Necklace; an ornament for the neck.
୨ । ଗଳାବନ୍ଧନ—2. Neck-tie.
୩ । ହସ୍ତୀର ବେକରେ ଗୁଡ଼ାଇ ଦେବା ଦଉଡ଼ି ବା ଶିକୁଳି—
3. A chain or rope passed round the neck of an elephant.

ଗ୍ରୈବେୟ—ସଂ. ବିଣ ଓ ବି. ( ଗ୍ରୀବା+ସମ୍ବନ୍ଧାର୍ଥେ. ଏୟ )—
Graibeya — ଗ୍ରୈବ ( ଦେଖ )
Graiba ( See )

ଗ୍ରୈବେୟକ—ସଂ. ବିଣ ଓ ବି. ( ଗ୍ରୀବା+ସମ୍ବନ୍ଧାର୍ଥେ. ଏୟ+କ )—
Graibeyaka — ଗ୍ରୈବ ( ଦେଖ )
Graiba ( See )

ଗ୍ରୈଷ୍ମ—ସଂ. ବିଣ. ( ଗ୍ରୀଷ୍ମ+ସମ୍ବନ୍ଧାର୍ଥେ. ଅ )—
Graishma — ୧ । ଗ୍ରୀଷ୍ମକାଳ ସମ୍ବନ୍ଧୀୟ—
1. Pertaining to summer.
୨ । ଉଷ୍ଣତା ସମ୍ବନ୍ଧୀୟ—2. Pertaining to heat.

ଗ୍ରୈଷ୍ମିକ—ସଂ. ବଣ. ( ଗ୍ରୀଷ୍ମ+ସମ୍ବନ୍ଧାର୍ଥେ. ଇକ )—
Graishmika — ୧ । ଗ୍ରୈଷ୍ମ ( ଦେଖ )
1. Graishma ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ • | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଲ୍ୟ | ଋଅ | ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଲଅ | ୭. | ନ୍ତ |

୨ । ଗ୍ରୀଷ୍ମ ଧର୍ମବେତ୍ତା; ଯେଉଁ ଯନ୍ତ୍ର ଦ୍ୱାରା ଉତ୍ତାପର କମ-ବେଶି ଜଣା ପଡ଼େ—2. (instrument) Affected by difference of temperature.

ଗ୍ଲପନ—ସଂ. ବି. ( ଗ୍ଲୈ ଧାତୁ+ଣିଚ୍+ଭାବ. ଅନ )—
Glapana ୧ । ନିନ୍ଦା; ଜଞ୍ଜା—1. Blasphemy; slander.
୨ । ଶୁଖିଯିବା; ମଉଳିଯିବା—
2. Withering; drying up.
ସଂ. ବଣ.—୧ । (+କର୍ତ୍ତୃ. ଅନ)—ଗ୍ଲାନିକାରକ; ଜନକ—
1. Slandering.
୨ । ଗ୍ଲାନିଜନକ—2. Fatiguing.
୩ । ନିନ୍ଦାଜନକ; ନିନ୍ଦ୍ୟ—3. Blame-worthy.

ଗ୍ଲସ୍ (ଧାତୁ)—ସଂ.—୧ । ଭକ୍ଷଣ କରିବା—
Glas (root) 1. To eat.
୨ । ଗିଳିବା—2. To devour.

ଗ୍ଲସ୍ତ—ସଂ. ବଣ. (ଗ୍ଲସ୍ ଧାତୁ+କର୍ମ. ତ)—ଭକ୍ଷିତ—
Glasta Eaten.

ଗ୍ଲହ୍ (ଧାତୁ)—ସଂ.—୧ । ପାଇବା—
Glah (root) 1. To get.
୨ । ଜୁଆଖେଳରେ ଜିଣିବା—
2. To win in gambling.
୩ । ଜୁଆଖେଳିବା—3. To gamble.

ଗ୍ଲହ—ସଂ. ବି. (ଗ୍ଲହ୍ ଧାତୁ+କର୍ମ. ଅ)—୧ । ପଶା ଆଦି ଖେଳରେ
Glaha ରଖା ଯିବା ପଣ—1. Bet; stake; a wager off ered in a game of hazard.
୨ । ପଶାକାଠି—2. Dice.
୩ । (+ଭାବ. ଅ) ଦ୍ୟୂତକ୍ରୀଡ଼ା—3. Gambling.
୪ । ପଶାଖେଳ—4. A game at dice.
୫ । (+କରଣ. ଅ) ପଶା ବା ସତରଞ୍ଜର ଗୋଟି—
5 Chessmen.

ଗ୍ଲାନ—ସଂ. ବଣ. (ଗ୍ଲୈ ଧାତୁ+କର୍ତ୍ତୃ. ତ)—୧ । ମ୍ଳାନ—
Glāna 1. Debilitated; exhausted.
୨ । ଅବସନ୍ନ; କ୍ଳାନ୍ତ—
2. Weary; tired; fatigued; spent-up.
୩ । ଅସୁସ୍ଥ; ପୀଡ଼ିତ; ବ୍ୟାଧିଯୁକ୍ତ—3. Sick; ill; ailing.
୪ । ଦୁର୍ବଳ—4. Weak; emaciated.
ସଂ. ବି. (+ଭାବ. ତ)—ଗ୍ଲାନି (ଦେଖ)
Glāni (See)

ଗ୍ଲାନି—ସଂ. ବି. (ଗ୍ଲୈ ଧାତୁ+ଭାବ. ନି)—୧ । କ୍ଳାନ୍ତି; ଶ୍ରାନ୍ତି; ଶାରୀରିକ
Glāni ଶିଥିଳତା—1. Fatigue.
୨ । ଅସ୍ୱାସ୍ଥ୍ୟ—2. Illness; ill health.
୩ । ହାନି—3. Loss; injury.
୪ । ଦୁର୍ବଳତା—4. Debility; weakness.
୫ । ନିନ୍ଦା—5. Slander; reproach.
୬ । କ୍ଷୟ—6. Decay; decline.
୭ । କଳ୍ପିତ ଦୋଷାରୋପ—
7. Imputation of an imaginary defect.
୮ । ମନରେ ଜାତ ଗଭୀର ଦୁଃଖ; ଖେଦ—
8. Grief; sorrow.
୯ । ମାନସିକ ଶିଥିଳତା; ଅବସାଦ—
9. Langour; lassitude.
୧୦ । ସାହିତ୍ୟରେ ବିଭତ୍ସ ରସର ଏକ ସ୍ଥାୟୀଭାବ—
10. A permanent accompaniment of the sentiment of disgust in literature.
[ ଦ୍ର—ସାହିତ୍ୟଦର୍ପଣ ମତରେ ଏହା ବ୍ୟଭିଚାରୀ ଭାବର ଅନ୍ତର୍ଗତ । ରତି, ପରିଶ୍ରମ, ମନସ୍ତାପ, କ୍ଷୁଧା, ତୃଷା ଆଦିରୁ ଉତ୍ପନ୍ନ ଦୁର୍ବଳତାହିଁ ଗ୍ଲାନି ଅଟେ । ଏଥିରେ ଶରୀରର କମ୍ପନ ହୁଏ ଓ କାର୍ଯ୍ୟ କରିବାକୁ ଉତ୍ସାହ ହୁଏ ନାହିଁ—ହି. ଶବ୍ଦସାଗର । ]

ଗ୍ଲାନିକର—ସଂ. ବିଣ. (ଗ୍ଲାନି+କୃ ଧାତୁ+କର୍ତ୍ତୃ. ଅ)—
Glānikara ୧ । ହାନିକାରକ—1. Injurious.
୨ । ନିନ୍ଦାଜନକ—2 Blame-worthy; blameable.
୩ । ଦୁର୍ବଳତା ଉତ୍ପାଦକ—3. Debilitating.
୪ । ଶ୍ରାନ୍ତିକର—
4. Causing langour; fatiguing.

ଗ୍ଲାନି କରିବା—ଦେ. କ୍ରି—୧ । ନିନ୍ଦା କରିବା—
Glāni karibā 1. To slander.
গ্লানিকরা ୨ । ହାନି କରିବା—2. To cause loss.
ग्लानिकरना ୩ । ଦୁର୍ବଳ କରିବା—3. To debilitate.
୪ । ଅସୁସ୍ଥ କରିବା—
4 To cause illness; to make ill.

ଗ୍ଲାନିଜନକ—ସଂ. ବଣ—ଗ୍ଲାନିକର (ଦେଖ)
Glānijanaka Glānikara (See).

ଗ୍ଲାନିପ୍ରଦ—ସଂ. ବଣ—ଗ୍ଲାନିକର (ଦେଖ)
Glānipradа Glānikara (See).

ଗ୍ଲାସ୍ନୁ—ସଂ. ବଣ (ଗ୍ଲୈ ଧାତୁ+କର୍ତ୍ତୃ. ସ୍ନୁ)—ଗ୍ଲାନ; କ୍ଳାନ୍ତ—
Glāsnu Fatigued.

ଗ୍ଲିସରିନ୍—ବୈଦେ. ବି (ଇଂ. ଗ୍ଲିସରିନ୍)—ଏକପ୍ରକାର ଖଳଦ୍ରବ୍ୟରୁ
Glisarin ପ୍ରସ୍ତୁତ ତରଳ ଔଷଧବିଶେଷ—Glycerine.
গ্লিসরিন
ग्लिसरीन

ଗ୍ଲେୟ—ସଂ. ବଣ (ଗ୍ଲୈ ଧାତୁ+କର୍ତ୍ତୃ. ଯ)—୧ । ଗ୍ଲାନିକର—
Gleya 1. Injurious.
୨ । (+କର୍ମ. ଯ) ଗ୍ଲାନିଯୋଗ୍ୟ—2. Blameworthy.

ସାଧାରଣ ଲୋକେ ଏପରି ସ୍ଥଳରେ ସୂଚକ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନ ର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ତେବେ ସେହି ଶବ୍ଦ ପାଠ ଯଥାସ୍ଥାନେ ଚିହ୍ନ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗ୍ଲୈ (ଧାତୁ)—ସଂ.—୧ । ମଳିନ ହେବା—
Glai (root) 1. To wane.
୨ । କ୍ଲାନ୍ତ ହେବା—2. To be tired.
୩ । କ୍ଷୟ ପାଇବା—3. To be worne out.

ଗ୍ଲୌ—ସଂ. ବି (ଗ୍ଲୈ ଧାତୁ+କର୍ତ୍ତୃ. ଡୌ)—୧ । ଚନ୍ଦ୍ର—
Glau 1. Moon.
୨ । କର୍ପୂର—2. Camphor.

# ଘ

ଘ—ବ୍ୟଞ୍ଜନବର୍ଣ୍ଣର ଓ କ ବର୍ଗର ୪ର୍ଥ ବର୍ଣ୍ଣ ( ଏହାର ଉଚ୍ଚାରଣସ୍ଥାନ
Gha ଜିହ୍ୱାମୂଳ; ଏହା ମହାପ୍ରାଣ ବର୍ଣ୍ଣ )—The fourth consonant of the Oriya and Sanskrit alphabets. Asperate of 'ଗ' corresponding in pronunciation to 'Gh' in Ghost.

ସଂ ବି ( ହନ୍ ଧାତୁ=ଆଘାତ କରିବା+କର୍ମ. ଅ )—
୧ । ଘଣ୍ଟା—1. Bell.
୨ । ଘଣ୍ଟାଧ୍ୱନି—2. Sound of bells striking.
୩ । ଚକ୍ରାଦିର ଘର୍ଷର ଶବ୍ଦ—
3. Rattling noise of moving wheels.
୪ । ଘୁଙ୍ଗୁରର ଶବ୍ଦ—
4. Tinkling sound of small bells.
୫ । ବତ୍ସର; ବର୍ଷ—5. Year.

ଘଅଡ଼ିବା—ପ୍ରାଦେ (ସମ୍ବଲପୁର) କ୍ରି—ଘଉଡ଼ିବା—
Gha-ardibā To drive away.

ଘଅବା—ଗ୍ରା. ବିଣ (ସଂ. ଘନ)—ଗହବା (ଦେଖ)
Gha-abā Gahabā (See).
( ଯଥା—ଘଅବା ବାଇ । )

ଘଇତା—ଗ୍ରା (ଇତର) ବି. ପୁଂ (ସଂ. ଗୃହପତି; ଭୂଲ. ସଂ. ଭର୍ତ୍ତା)—
Ghaitā ୧ । ଭର୍ତ୍ତା—1. Husband.
(ମାଇପ—ସ୍ତ୍ରୀ) ଯୋଉଠନ୍ତି ଘଇତା କାନ୍ଧରେ ଘକାଉ
ଭାତାର ମସ୍ତେ ଦେଖ ଘଇତା ପର ଲୋକ ବହି—କୃଷ୍ଣସିଂ. ମହାଭାରତ. ।
भतार, खसम ୨ । ସ୍ୱାମୀ; ମାଲିକ—2. Lord; owner.
୩ । ଉପପତି; ଜାର—3. A paramour.

ଘଇତାକରାଇ—ଗ୍ରା (ଇତର) ବିଣ. ସ୍ତ୍ରୀ (ଗାଳି)—ଅସତୀ; ବେଶ୍ୟା—
Ghaitākarāi (a term of abuse) Adulteress; unchaste.
ଭାତାରୀ

ସତୀ ଭଲପାଇଁକି ଘଇତାକରାଇ,
ବୋଲି ଘଇତାବା କାହିଁକି ଶୁଣା ନାହିଁ । କୃଷ୍ଣସିଂ. ମହାଭାରତ. ବନ ।

ଘଇତା କରିବା—ଗ୍ରା (ଇତର) କ୍ରି ( ମନ୍ଦାର୍ଥ; ସ୍ତ୍ରୀ ପ୍ରତି ବ୍ୟବହୃତ )—
Ghaitā karibā ୧ । ପରପୁରୁଷକୁ ଉପପତିରୂପେ ଗ୍ରହଣ କରିବା—
ଭାତାରକରା 1. To take as paramour.
खसमकरना ତୁ ଯେପରି ହଉଛୁ ଯାହାକୁ, ସେ ଘଇତା କରିଛି ତାହାକୁ—ଚଗ ।
୨ । ପରପୁରୁଷ ସଙ୍ଗମ କରିବା—2. To commit adultery with a male (said of females).
୩ । ସ୍ୱାମିରୂପେ ବରଣ କରିବା—
3. To select as one's husband

ଘଇତାକରେଇ—ଗ୍ରା. ବିଣ. ସ୍ତ୍ରୀ (ଗାଳି)—ଘଇତାକରାଇ (ଦେଖ)—
Ghaitākarei Ghaitākarāi (See)

ଘଇତାଖାଇ—ଗ୍ରା. ବିଣ. ସ୍ତ୍ରୀ—( ସ୍ତ୍ରୀ ଲୋକଙ୍କୁ ଦିଆଯିବା ଗାଳିବିଶେଷ )
Ghaitākhāi ୧ । ଯେ ନିଜ ସ୍ୱାମୀର ମୃତ୍ୟୁର କାରଣ ହୁଏ—
ଭାତାରଖାଗୀ 1. Causing the death of one's own husband.
खसमपीटो
୨ । ବିଧବା—2. Widow.

ଘଇତାପଣ—ଗ୍ରା. ବି—୧ । ସ୍ୱାମୀର ଅଧିକାର—
Ghaitāpaṇa 1. The state or authority of a husband.
୨ । ସ୍ୱାମିତ୍ୱ—2. Mastery; ownership.

ଘଇତାପଣିଆଁ—ଦେ. ବି—ଘଇତାପଣ ( ଦେଖ )—
Ghaitāpaṇiān Ghaitāpaṇa ( See )

ଘଇତାବୁକୁ—ଗ୍ରା. ବି (ଲକ୍ଷଣାର୍ଥ)—ସ୍ୱାମୀଠାରୁ ଉତ୍ସାହ ବା ଅଙ୍ଗୀକାର
Ghaitābuku ବଚନ— (figurative) Encouragement from or promise by the husband.

ଯେବେ ପାଇଥାଏ ଘଇତାବୁକୁ,
ସିଂହ ହେଉଥାଏ ବାପ ଘରକୁ । ଚଗ ।

ଘଇତା ମାଇପ—ଗ୍ରା. ବି (ସହଚର. ଦ୍ୱନ୍ଦ୍ୱ)—ସ୍ୱାମୀ ଓ ସ୍ତ୍ରୀ—
Ghaitā māipa Husband and wife.

ଘଇତାସୁଆଗୀ—ଗ୍ରା. ବିଣ. ସ୍ତ୍ରୀ ( ଗୃହପତି+ସୌଭାଗ୍ୟବତୀ )—
Ghaitāsuāgi ୧ । ଯେଉଁ ସ୍ତ୍ରୀ ସ୍ୱାମୀ ପ୍ରତି ଅତିରିକ୍ତ ଆଦର ଦେଖାଏ; ସ୍ୱାମୀ ପ୍ରତି ବିଶେଷ ଅନୁରକ୍ତା (ସ୍ତ୍ରୀ)—
ଭାତାର ସୋଆଗୀ 1. Much doting (wife).
୨ । ଯେଉଁ ସ୍ତ୍ରୀକୁ ସ୍ୱାମୀ ଅତ୍ୟନ୍ତ ଆଦର କରେ—
(a wife) Doted over by the husband.

ଘଇତେଇ—ଗ୍ରା. ବିଣ. ସ୍ତ୍ରୀ—ଘୈତେଇ ( ଦେଖ )—
Ghaitei Ghaitei ( See )

ଘଉଡ଼ା—ଦେ. ବି—ଦୂରୀକରଣ; ଠେଲି ଦେବା—
Ghaurdā Driving away; pushing away.
ତାଡ଼ା
ढकेलना

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇପ୍ସ | ଢ଼ଥ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଓଜନଜଳଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ |

**ଘଉଡ଼ାଇବା**—ଦେ. କ୍ରି—୧ । ଦୂର କରିବା—
Ghaurdaiba — 1. To remove; to cause to disappear.
ତାଡ଼ାନ
**ଢକେଲନା** ୨ । ତଡ଼ିଦେବା—2. To drive out.

ସ୍ବାହାଗିଙ୍କ ନାଶ ଚୋଟରେ କାକ,
ଘଉଡ଼ାଇ କହେ କର୍କଶ ଡାକ । ନନ୍ଦକିଶୋର. ନର୍ମଦରଣୀ ।

୩ । ଗଳାଧକ୍କା ଦେବା—
3. To push away by the neck.

**ଘଉଡ଼ାଘଉଡ଼ି**—ଦେ. ବି—୧ । ପରସ୍ପର ତଡ଼ାତଡ଼ି ହେବା କର୍ମ—
Ghaurdaghaurdi — 1. Mutual pushing.
ତାଡ଼ାତୁଡ଼ି ୨ । ବାରମ୍ବାର ତଡ଼ିବା କର୍ମ—
**ଢକେଲାଢକେଲି** — 2. Repeated drivings.
ଦେ. ବିଣ—ପରସ୍ପର ତଡ଼ାତଡ଼ି ହେବା (ବ୍ୟକ୍ତିଗଣ)—
(persons) Pushing one another away.

**ଘଉଡ଼ିବା**—ଦେ. କ୍ରି (ସଂ. ଗ୍ରହ ଧାତୁ=ବଳପୂର୍ବକ ଧରିବା)—
Ghaurdiba — ୧ । ଘଉଡ଼ାଇବା—1. To remove; to drive away; to cause to disappear.
ତାଡ଼ନ, ତାଡ଼ା
**ଢକେଲନା**

କହିଲେ ବ୍ରାହ୍ମଣଙ୍କୁ ଦେଇ ତ ଘଉଡ଼ି ।
କୃଷ୍ଣସିଂହ. ମହାଭାରତ. ବନ ।

୨ । ପଛରେ ଗୋଡ଼ାଇ କରି ଖଣ୍ଡଦୂରରେ ଛାଡ଼ିବା—
2. To chase away.

ବିବେକ ଦେଇ ଘଉଡ଼ି । କବିସୂର୍ଯ୍ୟ. କଳୋଗିଚନ୍ଦ୍ର. ଗୀତ ।

୩ । ତଡ଼ିବା—3. To drive out.

ସତୀ ଭାରଯାଙ୍କୁ ଦେଇଚାକରେ
ବୋଲି ଘଉଡ଼ିବା କାହିଁତ ଶୁଣା ନାହିଁ । କୃଷ୍ଣସିଂହ. ମହାଭାରତ. ବନ ।

**ଘଏଟା**—ପ୍ରାଦେ. ( ସମ୍ବଲପୁର ) ବି. ପୁଂ ( ସଂ. ଗ୍ରନ୍ଥିତା )—
Ghaeta. — ଘଇତା ( ଦେଖ )
(ମାଏପୋ—ସ୍ତ୍ରୀ) — Ghaita ( See )

**ଘଁଘଁ**—ଦେ. ଅ ( ଧ୍ବନ୍ୟନୁକରଣ )—
Ghanghan ୧ । ଘୁଙ୍ଗୁଡ଼ି ମାରିବାର ଅନୁନାସିକ ଧ୍ବନି—
1. Nasal snoring sound.
୨ । ଘାଉଁଘାଉଁ ( ଦେଖ )
2. Ghaunghaun ( See )

**ଘଁଟା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଗ୍ରନ୍ଥି )—କଣ୍ଠି—
Ghanta — Corn; hard skin formed on any part of the body due to constant friction; calluse.

**ଘଁଠା**—ପ୍ରାଦେ. ( ସମ୍ବଲପୁର ) ବି—ଘଁଟା ( ଦେଖ )
Ghantha — Ghanta ( See )

**ଘଗରି**—ପ୍ରାଦେ. ( ସମ୍ବଲପୁର ) ବି. (ସଂ. ଗର୍ଗରୀ. ଭୁଲ. ହି.ଗଗରୀ )—
Ghagri — ମାଠିଆ; କଳସ—An earthen pitcher.

**ଘଙ୍ଗୁର**—ଗ୍ରା. ବି—ଘୁଙ୍ଗୁର ( ଦେଖ )
Ghangura — Ghungura ( See )

**ଘଞ୍ଚ**—ଦେ. ବିଣ. ( ସଂ. ଘନ )—୧ । ଗହଳ; ସାନ୍ଦ୍ର; ନିବିଡ଼—
Ghancha — 1. Thickly set; dense.

ଦକ୍ଷିଣେ ଉଦ୍ୟାନ ଘଞ୍ଚ ଗହନ ବନ । ପ୍ରାଚୀ. ଉପେନ୍ଦ୍ରଭଞ୍ଜ ।

୨ । ଘଉଡ଼ି; ଜନତାପୂର୍ଣ୍ଣ—2 Crowded.
୩ । ମୋଟ; ଘନ—3 Thick; tough.

ଉଚ ଘଞ୍ଚ କଠିନ ବର୍ତ୍ତୁଳ କୁଚ ବେନି । କୃଷ୍ଣସିଂହ. ମହାଭାରତ. ଅଦି ।

**ଘଞ୍ଚାଘଞ୍ଚ**—ଦେ. ବିଣ—ଅତି ଗହଳ—
Ghanchaghancha — Very dense; densely set.
ଦେ. ବି—ବହୁ ବସ୍ତୁର ଅଳ୍ପ ସ୍ଥାନରେ ସମାବେଶ—
The state of many things put inside a narrow space; the state of being cooped up.

**ଘଞ୍ଚାଘଞ୍ଚି**—ଦେ. ବିଣ ଓ ବି—ଘଞ୍ଚାଘଞ୍ଚ ( ଦେଖ )
Ghanchaghanchi — Ghanchaghancha ( See )

**ଘଞ୍ଚାଳ**—ଦେ. ବି. ( ପ୍ରାଚୀନ )—୧ । ପ୍ରତିରୋଧ—
Ghanchala — 1. Obstruction.

ଅପରମିତ ମୋ ଥାଇ ଲୋକ ଯେ ବନ୍ଧୁତ
ତୋତେ କଷ୍ଟ ଘଞ୍ଚାଳ କରିବ ଉପୋବନ୍ତ । ବଳରାମ. ରାମାୟଣ ।

**ଘଟ୍** (ଧାତୁ)—ସଂ—୧ । ଚେଷ୍ଟା କରିବା—
Ghat (root) 1. To try; to exert; to strive.
୨ । ଉତ୍ପନ୍ନ କରିବା—2. To produce.
୩ । ହିଂସା କରିବା—
3. To be avenged; to hurt; to injure.
୪ । ଘଟିବା—4. To happen; to take place.
୫ । ମିଳିତ ହେବା—5. To be united with.
୬ । ପହଞ୍ଚିବା—6. To reach.
୭ । ପିନ୍ଧିବା—7. To put on.
୮ । ସମ୍ପାଦନ କରିବା—8 To accomplish.
୯ । ଗଢ଼ିବା; ଗଠନ କରିବା—9. To make; to form.
୧୦ । ମିଳାଇବା—10. To unite; to join.
୧୧ । ଘଷିବା—11. To rub.
୧୨ । ଛୁଇଁବା—12. To touch

**ଘଟ**—ସଂ. ବି. ( ଘଟ୍ ଧାତୁ=ଗଢ଼ିବା; ଚେଷ୍ଟା କରିବା + କର୍ମ. ଅ—
Ghata ୧ । ଧାତୁ ଅଥବା ମୃତ୍ତିକା ନିର୍ମିତ କଳସ; କୁମ୍ଭ; ମାଠିଆ—
1. Water-jar; pitcher (of metal or earth).
୨ । ଗଜକୁମ୍ଭ; ଗଜକପୋଳ—
2. The forehead or temples of an elephant.
୩ । ମସ୍ତକ—3. Head.
୪ । ମସ୍ତିଷ୍କ—4. Brain.
୫ । ପ୍ରାଣ; ଜୀବନ—5 Life.

ହେବାର ଭୁମ୍ଭ ସ୍ନେହେ ଲଇଥାଇ
ଉତ୍ତମ ପକ୍ଷ ରଖିବାର ଘଟ । କବିସୂର୍ଯ୍ୟ. ସଙ୍ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଉ' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; ଅଜ୍ଞା' ନ ପାଇଲେ 'ଅଜ୍ଞ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୬ । ଦେହ; ଶରୀର—6. Body.

ଜ ଲୋକଯିବୁ ତୋର ତୁଚ୍ଛଲେ ଘଟ । ମନୋବୋଧ ଚଉତିଶା. କ ୩୦ ।

୭ । ମୂର୍ତ୍ତି; ପ୍ରତିମା—
7. A bodily representation; image.

୮ । ମୃତବ୍ୟକ୍ତିର ଶୁଦ୍ଧିକ୍ରିୟାରେ ଯେଉଁ ମାଠିଆ ତିକାଠିଆ ଉପରେ ୯ ଦିନ ପର୍ଯ୍ୟନ୍ତ ସ୍ଥାପିତ ହୋଇ ଦଶମ ଦିନ ପାଣିରେ ଫିଙ୍ଗାଯାଏ—8. An earthen water-pitcher which is placed on a tripod during 9 days of the obsequies of a deceased person and which is consigned to water on the 10th day.

୯ । କୁମ୍ଭକ; ପ୍ରାଣାୟାମକାଳୀନ ଶ୍ୱାସରୋଧ—
9 Control or suspension of breathing during breath-exercise.

୧୦ । ( ଜ୍ୟୋତିଷ ) କୁମ୍ଭରାଶି—10. ( astrology ) Aquarius; the 11th sign of the zodiac.

୧୧ । ପରିମାଣବିଶେଷ; ୨୦ ଦ୍ରୋଣ ବା ୬୪ ସେର—
11. A measure; 64 seers.

୧୨ । ପୂଜାଆଦି କାର୍ଯ୍ୟରେ ଦେବତାଙ୍କ ପ୍ରତିମୂର୍ତ୍ତି ପରିବର୍ତ୍ତେ ଦେବତାରୂପେ ସ୍ଥାପିତ ପୂର୍ଣ୍ଣକୁମ୍ଭ—
12. A water-jar filled with water set up during ceremonial rites as representing a Deity.

[ଦ୍ର—ଝଙ୍କଡ଼ର ସାରଳା, କାକଟପୁରର ମଙ୍ଗଳା ଓ ଅଷ୍ଟରଙ୍ଗର ବିରଜଣୀ ଆଦି ଠାକୁରାଣୀଙ୍କ ପୂଜା ସମୟରେ ସ୍ଥାପିତ ଘଟ ଉପରେ ମାତୃ ବୋଲି ତାକୁ ଗୋଟିଏ ପାପୁଲିଆ ପରି ବଉଠ ଉପରେ ସଜାଇ ସେଥିରେ ଫୁଲଆଦି ଖଞ୍ଜି ଉପରୁ ମାଳୀ-ସେବକମାନେ ଉକ୍ତ ଘଟକୁ ଗ୍ରାମେ ଗ୍ରାମେ ବୁଲାଇ ଯୋଗୁରେ ଭଣଯା ବାଜା ଘଣ୍ଟା ମାଗନ୍ତି । ]

ବହୁତରୁ ସେ ବର୍ଣ୍ଣି ଶଳାକା ଆଦି ତୋଳି
ଘଟ ଜାତ ଅବଧି ଭଣଯା ସେ ମଙ୍ଗଳ ଯେ—ରସ. ଅବଶଂବତୀ ।

**ଘଟଉତ୍କଚ**—ସ୍ତ୍ରୀ. (ପଦ୍ୟ) ବି. ( ସଂ. ଘଟୋତ୍କଚ )—
Ghaṭa-utkacha ଘଟୋତ୍କଚ ( ଦେଖ )
Ghaṭotkacha ( See )

ମାରିଲେ ସେ ଘଟଉତ୍କଚ ଛଟସ୍ୱରେ । କୃଷ୍ଣସିଂ. ମହାଭାରତ. ଅଦି ।

**ଘଟକ**—ସଂ. ବିଣ. ପୁଂ. ( ଘଟ୍ ଧାତୁ + କର୍ତ୍ତୃ. ଅକ )—
Ghaṭaka ୧ । ସମ୍ପାଦନକାରୀ—1. Accomplishing.
(ଘଟିକା—ସ୍ତ୍ରୀ) ୨ । ଘଟଣାକାରୀ; ଯେ ଘଟାଇଦିଏ—
2. Bringing about a thing; causing a thing to happen.

ସଂ. ବି—୧ । ଯେ ବର କନ୍ୟା ମଧ୍ୟରେ ବିବାହ ସମ୍ବନ୍ଧ ଘଟଣା କରେ; ବିବାହରେ ମଧ୍ୟସ୍ଥ ଲୋକ; ଭଲଲୋକ—
1. Match-maker; negotiator in matrimonial alliances.

୨ । ଯେଉଁ ବୃକ୍ଷର ପୁଷ୍ପ ଦେଖା ନ ଯାଇ ଫଳ ଫଳେ (ଡିମ୍ବିରି ପ୍ରଭୃତି); ବନସ୍ପତି—2. A tree that produces fruits without apparent flowers.

୩ । ଯେଉଁ ବ୍ୟକ୍ତି ବଂଶାବଳୀ ତିଆରି କରେ—
3. A geneologist.

୪ । ଦେଠା; ଯେଉଁ ବ୍ୟକ୍ତି ପ୍ରେମିକ ପ୍ରେମିକାଙ୍କୁ ଭେଟାଏ—
4. A go-between; a pander; bawd.

୫ । ଦଲାଲ୍—5 A commission-agent; broker.

୬ । (ଘଟ + ସ୍ୱାର୍ଥେ. କ)—ଘଟ; ମାଠିଆ; ଜଳକୁମ୍ଭ —
6. Water-jar.

୭ । ଶରୀର; ଦେହ—7. Body.

**ଘଟକଞ୍ଚୁକୀ**—ସଂ. ବି (ବହୁବ୍ରୀହି; ଯେଉଁ କ୍ରିୟାରେ ଘଟରେ କଞ୍ଚୁକୀମାନ
Ghaṭakañchukī ରଖାଯାଏ) —ଆଗମପୁରାଣୋକ୍ତ ତାନ୍ତ୍ରିକ ଓ ଶାକ୍ତମାନଙ୍କର ରାତ୍ରିବିଶେଷ—An immoral rite practised by Tāntrikas and Śāktas in which the bodices of the different women, who join the company of the worshippers,are placed in a receptacle and are allowed to be taken one by one by each of the male worshippers, so that the male who takes out the bodice of a particular woman will cohabit with her. (M.W.)

[ ଦ୍ର—ଏହି ସ୍ଥଳରେ ଭୈରବୀଚକ୍ରରେ ସମ୍ମିଳିତା ସ୍ତ୍ରୀମାନଙ୍କର କାଞ୍ଚୁଳିମାନ ଗୋଟିଏ ମାଠିଆରେ ପଶେ ଏବଂ ପ୍ରତ୍ୟେକ ପୁରୁଷ ପୁରୁଷ ଥରକେ ଗୋଟିଏ କାଞ୍ଚୁଳି ସେ ମାଠିଆରୁ କାଢ଼ି ଆଣନ୍ତି । ଯେଉଁ ପୁରୁଷ ହାତରେ ଯେଉଁ ସ୍ତ୍ରୀର କାଞ୍ଚୁଳି ଉଠିଆସେ ଉକ୍ତ ପୁରୁଷ ଉକ୍ତ ସ୍ତ୍ରୀକୁ ସମ୍ଭୋଗ କରିବାକୁ ଅଧିକାରୀ ହୁଅନ୍ତି । (ହି. ଶବ୍ଦସାଗର) । ]

**ଘଟକର୍କଟ**—ସଂ. ବି— ବାଦ୍ୟର ତାଳବିଶେଷ ( ହି. ଶବ୍ଦସାଗର)—
Ghaṭakarkaṭa A musical measure (M. W.)

**ଘଟକର୍ପର**—ସଂ. ବି—୧ । ବିକ୍ରମାଦିତ୍ୟଙ୍କ ସଭାର ନବରତ୍ନ ପଣ୍ଡିତ ମଧ୍ୟରୁ
Ghaṭakarpara ଜଣେ—1. One of the nine gems ( learned men ) of the court of king Bikramāditya.

[ ଦ୍ର—ଘଟକର୍ପରଙ୍କ ରଚିତ ନୀତିସାର ନାମକ ଗୋଟିଏ ହସ୍ତଲିଖିତ ଗ୍ରନ୍ଥ ମିଳିଅଛି—ହି. ଶବ୍ଦସାଗର । ଏ ମଧ୍ୟ ଗୋଟିଏ ଶବ୍ଦାଡ଼ମ୍ବରପୂର୍ଣ୍ଣ ପଦ୍ୟଗ୍ରନ୍ଥ ରଚନା କରିଥିଲେ (M. W.) । ]

୨ । ମାଠିଆର ଭଙ୍ଗା ଖପରା—2. Potsherd; the broken fragments of an earthen pot.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ହ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | ଙ୍କ | ଇପ୍ସୁ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଗ | ଯ | ସ | ଙ୍ଗ | ଇଅ | ଓ | ନ୍ |

**ଘଟକଯୁବତୀ**—ସଂ. ବି. ସ୍ତ୍ରୀ ( କର୍ମଧା; ଘଟକୀ+ଯୁବତୀ; ସମାସରେ ସ୍ତ୍ରୀଲିଙ୍ଗାନ୍ତ ବିଶେଷଣ ପୁଂଲିଙ୍ଗ ଆକାର ଧାରଣ କରେ; ତୁଲ. କୁକ୍କୁଟାଣ୍ଡ)—୧ । ଦୂତୀ; ଯେଉଁ ସ୍ତ୍ରୀ ଜାର ସଙ୍ଗେ ପ୍ରେମିକାର ଭେଟ କରାଏ—1. A woman who arranges for love assignations; a procuress.
Ghaṭakajubati

ଗୋଲ୍ଡ଼ ଶ୍ୟାମ ପ୍ରୀତକ, ଘଟକ ଯୁବତୀଙ୍କ କେ କହୁନାହିଁ ଥିବ ଦଶନେ ପାଶ—କବିସୂର୍ଯ୍ୟ, ସଙ୍ଗୀତ

**ଘଟକା**—ପ୍ରାଦେ (ସିଂହଭୂମ ଓ ଗଡ଼ଜାତ) ବି—୧ । ଦଉଡ଼—
Ghaṭaka 1. Race.

**ଘଟକାର**—ସଂ. ବି. ପୁଂ—କୁମ୍ଭକାର; କୁମ୍ଭାର—
Ghaṭakāra Potter.
ଦେ. ବି—ଘଟନାକାରୀ ବ୍ୟକ୍ତି—One who accomplishes or brings about any matter.

ବୋଲେ ଘଟ ଘଟ କେଉଁ ଘଟକାର ଏହୁ କି ଘଟ ଘଟ ନେବ—ଉପେ. ବୈଦେହୀଶବିଳାସ ।

**ଘଟକାଳି**—ଦେ. ବି—୧ । ଘଟକପଣ; ବିବାହରେ ମଧ୍ୟସ୍ଥତା; ଭଲଲୋକ—
Ghaṭakāḷi 1. Act of a marriage-broker.
ঘটকালি ୨ । ଦୂତୀପଣ—2. Act of a go-between or procuress.
बरेखी
୩ । ବିବାହ ଘଟନା କରିବାରେ ଲୋଡ଼ା କୌଶଳ—
3. Tact requisite in a marriage-broker.

**ଘଟକିବା**—ପ୍ରାଦେ. (ସିଂହଭୂମ ଓ ଗଡ଼ଜାତ) କ୍ରି—ଦଉଡ଼ିବା—
Ghaṭakibā To run.

ଘଟକ ଆସିବେ ଏଣେ ଏହି ନାହା,
ନ ରହିବ ତୁମ୍ଭ ପଳାଇବା ସହା । ଅଜ୍ଞାତକବି. ଶେଷବନ୍ଦୀ ।

ଦେ. କ୍ରି (ଧ୍ୱନ୍ୟନୁକରଣ)—ମରିବାର ପୂର୍ବାବସ୍ଥାରେ ଘଡ଼ଘଡ଼ ଶବ୍ଦ କଣ୍ଠରୁ ବାହାର କରିବା; ଘଡ଼ିକିବା—To emit a gurgling sound before death.
घटका

**ଘଟକୁମାର**—ସଂ. ବି—( ଷଷ୍ଠୀ ତତ୍; ଘଟ+କୁମାର; ଏ କୁମ୍ଭରୁ ଜନ୍ମି ଥିବାରୁ )—୧ । ଅଗସ୍ତ୍ୟ ମୁନି—1. Name of sage Agastya.
Ghaṭakumāra

**ଘଟକେଇବା**—ପ୍ରାଦେ. (ସିଂହଭୂମ ଓ ଗଡ଼ଜାତ) କ୍ରି. -ଘଟକିବା (ଦେଖ)—
Ghaṭakeibā Ghaṭakibā ( See )

**ଘଟଗ୍ରହ**—ସଂ. ବି ( ଘଟ+ଗ୍ରହ ଧାତୁ+କର୍ତ୍ତୃ. ଅ )—୧ । ପାଣିବୁହାଳି; ପାଣି ଆପଟ; ସଢ଼େଇ—1. A water-bearer.
Ghaṭagraha

**ଘଟଘଟ**—ଦେ. ଅ (ଧ୍ୱନ୍ୟନୁକରଣ)—ଘଡ଼ଘଡ଼ ( ଦେଖ )—
Ghaṭaghaṭa Ghaṛdaghaṛda ( See )

ବୋଲେ ଘଟଘଟ କେଉଁ ଘଟକାର ଏହୁ କି ଘଟ ଘଟ ନେବ—
ଉପେ. ବୈଦେହୀଶବିଳାସ ।

**ଘଟଘଟ ହେବା**—ପ୍ରାଦେ ( ଯାଜପୁର ) କ୍ରି—(ଭାତ) ପେଜୁଆ ହେବା; ଲଟେଇ ହେବା—(boiling rice) To become over-boiled.
Ghaṭaghaṭa hebā

**ଘଟ ଛୁଟିବା**—ଦେ. କ୍ରି— ପିଣ୍ଡରୁ ପ୍ରାଣ ଛାଡ଼ିବା—
Ghaṭa chhuṭibā 1. Death; the soul leaving the body.

ଘଟ ଛୁଟଲେ ତୋତେ ବୋଲିବେ ଭୂତରେ—ମନବୋଧ ଚଉତିଶା ।

**ଘଟଜ**—ସଂ. ବି ( ଘଟ+ଜନ୍ ଧାତୁ+କର୍ତ୍ତୃ. ଅ; କୁମ୍ଭ ମଧ୍ୟରୁ ଜନ୍ମି ଥିବାରୁ )—ଅଗସ୍ତ୍ୟମୁନି—Sage Agastya.
Ghaṭaja

**ଘଟଜନ୍ମା**—ସଂ. ବି ( ବହୁବ୍ରୀହି; ଘଟ+ଜନ୍ମନ୍; ୧ମା. ୧ବ ) ଦ୍ରୋଣ—
Ghaṭajanmā A name of Drona (M.W.)

**ଘଟଣ**—ଦେ. ବି (ସଂ. ଘଟନ)—୧ । ଘଟିବା—
Ghaṭaṇa Happening; occurrence.
୨ । ଗଠନ; ଗଢ଼ଣ—2. Make; build.

ବିଶ୍ୱକର୍ମାର ଚିତ୍ରପଣ, ଯେ ରଥ କରିଛି ଘଟଣ—ଜଗନ୍ନାଥ. ଭାଗବତ ।

୩ । ଘଟଣା—3. Event.

ଅଜ୍ଞାନରୂପେ ଆଣିଦେଇ, ଦଇବ ଘଟଣ ହୋଇଗଲା—ଜଗନ୍ନାଥ. ଭାଗବତ ।

୪ । ସୌନ୍ଦର୍ଯ୍ୟ; ସୌଷ୍ଠବ—4 Symmetry; grace.
୫ । ବିଧିବିଧାନ—5.Dispensation of Providence.

ମହାଭୟଙ୍କର ଅନଳ ଆକାର, ଘଟଣ ବିଧାତା କଲା, ସେ ଅସ୍ତ୍ରରେ—
ଜଗନ୍ନାଥ. ବିଚିତ୍ରରାମାୟଣ ।

ବିଣ—ସୁନ୍ଦର—Symmetrical; of decent make or build; graceful.

ଘଟଣଦନ୍ତେ ଅଧୁର, ଘଟକର୍ଣ୍ଣ ତୁରଙ୍ଗ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଘଟଣା**—ଗ୍ରା. ବି ( ସଂ. ଘଟନା )—୧ । ଘଟିବା—
Ghaṭaṇā 1. Happening.
୨ । ଅକସ୍ମାତ୍ ଘଟିବା ବିଷୟ—2. Accident.
୩ । ବ୍ୟାପାର; ଯାହା ଘଟେ—3. Event; occurrence.

ଘଟଣା କରିହରେ ଅବଶ୍ୟ ତ କହରେ ତୋ ପେନ ଅନୁଘାତୀ ହୋଇଲୁରେ—
କବିସୂର୍ଯ୍ୟ. କଣୋଦରମ୍ଭ. ପ. ଗୀତ ।

୪ । ରଚନା; ନିର୍ମାଣ—4. Composition; making.

ପଦ ଘଟଣା କରି ଦେଲେ
ଲେଖିବ ତୋ କରୁଣା କଲେ ପ୍ରାଚୀ—ପୂର୍ଣ୍ଣତମଚନ୍ଦ୍ରୋଦୟ ।

୫ । ଆୟୋଜନ; ବନ୍ଦୋବସ୍ତ; ଯୋଗାଡ଼—
5. Arrangement; settlement.

ଘର କଳାବତୀପୁର ଘଟଣା, ବର ନେମ ପାଇଁ ନୋହିଲେ ଘଟଣା—
ବୋତ୍ସୁଆଙ୍କ ଗୀତ ।

**ଘଟଣା କରିବା**—ପ୍ରାଦେ. ( ପୁରୀ ) କ୍ରି—
Ghaṭaṇā karibā ୧ । ସଂଗ୍ରହ କରିବା; ଆୟୋଜନ କରିବା—
1. To collect; to arrange.
( ଯଥା— ସେ ପୁଅ ବ୍ରତ ଘର ପାଇଁ ଅନେକ ପଦାର୍ଥ ଘଟଣା କରିଥିଲେ । )
୨ । ସ୍ଥିର କରିବା—2. To settle.
( ଯଥା—କନ୍ୟା ପାଇଁ ଗୋଟିଏ ବର ଘଟଣା କରିବା ଆବଶ୍ୟକ ପଡ଼ିଲାଣି । )

**ଘଟଣି**—ଗ୍ରା. ବି. ( ସଂ. ଘଟନ )—୧ । ସମ୍ପାଦନ; ନିର୍ମାଣ—
Ghaṭaṇi 1. Building; constructing.

ସାଧାରଣ ଲୋକେ ଅନେକ ସ୍ଥଳରେ ଦ୍ୱିତୀୟ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ ତେବେ ଯେହ୍ନେ ସେ ପାଠକ ସେଥିସଙ୍ଗେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଗଢ଼ନ—2. Build; mode of construction.

**ଘଟତି**—ଦେ. ବି—୧ । ( ସଂ. ଘଟ୍ ଧାତୁ ) ଘଟଣା; କାଣ୍ଡ—
Ghaṭati 1. Happening; event; occurrence.
ঘাটতি ୨ । ( ସଂ. କର୍ତ୍ତନ ) କମତି; କମିଯିବା ଅବସ୍ଥା; ହ୍ରାସତା—
**ঘটতি** 2. Diminution; decrease; abatement.
( ବଙ୍ଗଳା—ଉପଭାଷା ) ୩ । କ୍ଷତି; ଲୋକସାନ—3. Loss.

**ଘଟଦାସୀ**—ସଂ. ବି. ସ୍ତ୍ରୀ. ( ଘଟ+ଦାସୀ )—
Ghaṭadāsī ୧ । ଦୂତୀ; କୁଟ୍ଟଣୀ; ଯେ ପରପୁରୁଷ ନିକଟରେ ସ୍ତ୍ରୀ ଯୁଟାଏ—1. A procuress; a panderess.
୨ । ନାୟକ ନାୟିକାଙ୍କୁ ସମ୍ମିଳିତ କରିବା ଦାସୀ ( ହି. ଶବ୍ଦସାଗର )—2. A maid-servant bringing about an interview between two lovers.

**ଘଟନ**—ସଂ. ବି. ( ଘଟ୍ ଧାତୁ+ଭାବ. ଅନ )—
Ghaṭana ୧ । ବ୍ୟାପାର; ଘଟିବା କର୍ମ—
1. Event; happening; occurrence.
୨ । ମେଳନ; ମିଳାଇବା—
2. Conjunction; combination.
୩ । ଯୋଜନା—3. Joining; union.
୪ । ଦୈବଘଟନା; ଆକସ୍ମିକ ବ୍ୟାପାର—4. Accident.
୫ । ଘଟାଇବା; ସମ୍ପାଦନ—
5. Accomplishment; effecting.
୬ । ଦୈବଗତି; ନିୟତିବନ୍ଧ—6. Happening of the inevitable; Divine dispensation.
୭ । ନିର୍ମାଣ କରିବା—7. Making; construction.
୮ । ବିବାଦ; ଶତ୍ରୁତା—8. Hostility; strife.
୯ । ହସ୍ତିସୈନ୍ୟ—9. An army consisting of elephants and their riders ( M. W. )
୧୦ । ( ସମାସରେ ) ଅମୁକ ସଙ୍ଗେ ମିଳନ ବା ସମ୍ବନ୍ଧ—
10. ( in compounds) Connection or union with ( M. W. ).
୧୧ । ବନ୍ଦୋବସ୍ତ; ଆୟୋଜନ; ଯୋଗାଡ଼—
11. Arrangement; disposition.
୧୨ । ସାହିତ୍ୟିକ ରଚନା—
12. A literary composition ( M. W. ).
୧୩ । କୁଟାଇବା—13. Procuring.
ପ୍ରାଦେ. ( ସମ୍ବଲପୁର ) ବି. ଓ ବିଣ—ଘଟଣ ( ଦେଖ )
Ghaṭaṇa ( See )
( ଯଥା—ବଡ଼ା ଘଟନର ମାଇକିନିଟିଏ=ଖୁବ୍ ସୁନ୍ଦରୀ ସ୍ତ୍ରୀଟିଏ । )

**ଘଟନା**—ସଂ. ବି. ( ଘଟ୍ ଧାତୁ+ଭାବ. ଅନ+ସ୍ତ୍ରୀ. ଆ )—
Ghaṭanā ଘଟନ ( ଦେଖ )
Ghaṭana ( See )

**ଘଟନା କରିବା**—ଦେ. କ୍ରି—୧ । ଯୋଗାଡ଼ କରିବା—
Ghaṭanā karibā 1 To arrange.
୨ । ଗଢ଼ିବା; ରଚନା କରିବା—
2. To make; to compose.
ମଧ୍ୟ ଥିଲେ ସିନା ତୋର ସୁଦଶନା
ଘଟନା କରନ୍ତି ଉପମାନ—କବିସୂର୍ଯ୍ୟ. ସଙ୍ଗୀତ ।

**ଘଟନାକ୍ରମ**—ସଂ. ବି. ( ୬ଷ୍ଠୀ ତତ୍; ଘଟନା+କ୍ରମ )—
Ghaṭanākrama ୧ । କାର୍ଯ୍ୟଗତି—1 Course of events.
୨ । ଧାରାବାହିକ ଘଟନା—
2. Succession of events.

**ଘଟନାକ୍ରମେ**—ଦେ. କ୍ରି. ବିଣ—ଦୈବକ୍ରମରେ; ଦୈବାତ୍—
Ghaṭanākrame Accidentally, casually; as luck would have it; eventually; in due course.
ঘটনাক্রমে

**ଘଟନାଚକ୍ର**—ସଂ. ବି. ( ରୂପକ; ଘଟନା+ଚକ୍ର )—
Ghaṭanāchakra ଘଟନାକ୍ରମ ( ଦେଖ )
Ghaṭanākrama ( See )

**ଘଟନାଧୀନ**—ସଂ. ବିଣ. ( ୬ଷ୍ଠୀ ତତ୍; ଘଟନା+ଅଧୀନ )—
Ghaṭanādhīna ଦୈବାଧୀନ—
In the hands of the Gods.

**ଘଟନାପୂର୍ଣ୍ଣ**—ସଂ. ବିଣ. ( ୩ୟା ତତ୍; ଘଟନା+ପୂର୍ଣ୍ଣ )—
Ghaṭanāpūrṇṇa ୧ । ବ୍ୟାପାରପୂର୍ଣ୍ଣ—1. Eventful.
୨ । ଚିରକାଳ ପାଇଁ ସ୍ମରଣୀୟ—
2. To be long remembered.

**ଘଟନାପ୍ରବାହ**—ସଂ. ବି. ( ୬ଷ୍ଠୀ ତତ୍; ଘଟନା+ପ୍ରବାହ )—
Ghaṭanāprabāha ଘଟନାକ୍ରମ ( ଦେଖ )
Ghaṭanākrama ( See )

**ଘଟନାବଳୀ**—ସଂ. ବି. ( ୬ଷ୍ଠୀ ତତ୍; ଘଟନା+ଅବଳୀ )—
Ghaṭanābaḷī ୧ । ଘଟନା ସମୂହ—1. A number of events; series of events; successive events.

**ଘଟନାବିରହ**—ଦେ. ବି—୧ । କୌଣସି ବିଷୟ ନ ଘଟିବାର ଅବସ୍ଥା—
Ghaṭanābiraha 1. Condition or case of a thing not coming to pass.

ଘଟନା ବିରହରେ ଅବଶେଷ ବିହରେ
ତୋ ଦେଖି ଅସ୍ଥିରାଙ୍ଗୀ ହୋଇଲୁ ରେ । କବିସୂର୍ଯ୍ୟ. କୋଳ୍ପବଲ୍ଲି ର ଗୀତ

**ଘଟନାମୟ**—ସଂ. ବିଣ. ( ଘଟନା+ପ୍ରାଚୁର୍ଯ୍ୟାର୍ଥେ ମୟ )—
Ghaṭanāmaya ଘଟନାପୂର୍ଣ୍ଣ ( ଦେଖ )
Ghaṭanāpūrṇṇa ( See )

**ଘଟନାସ୍ରୋତ**—ଦେ. ବି. ( ସଂ. ଘଟନାସ୍ରୋତସ୍ )—
Ghaṭanāsrota ଘଟନାକ୍ରମ ( ଦେଖ )
Ghaṭanākrama ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଞ୍ଜ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉକ୍ତ ବର୍ଣ୍ଣଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଙ୍କ୍ୟ | ଇଅ | ● | ନ୍ଦ |

**ଘଟନୀୟ**—ସଂ. ବଣ. ( ଘଟ୍ ଧାତୁ+କର୍ମ. ଅନୀୟ )—
Ghaṭaniya ୧ । ଯାହା ଘଟିବାର ସମ୍ଭବପର; ଘଟିବା ଯୋଗ୍ୟ—
1. Probable; likely to take place.
୨ । ଅବଶ୍ୟମ୍ଭାବୀ—2. Liable to happen.

**ଘଟପଟାଦି**—ସଂ. ବି. ( ଘଟ+ପଟ+ଆଦି )—
Ghaṭapaṭādi ୧ । ଘଟ ଓ ପଟ ଆଦି ବାସ୍ତବ ବସ୍ତୁ; ବାସ୍ତବ ଜଗତ୍—1. The material word; the material things.

**ଘଟପଲ୍ଲବ**—ସଂ. ବି. ( ବାସ୍ତୁ ବିଦ୍ୟା )—ଘଟ ଓ ପଲ୍ଲବର ରୂପ ଯେଉଁ
Ghaṭapallaba ସ୍ତମ୍ଭର ମୁଣ୍ଡରେ ଅଙ୍କିତ ହୋଇଥାଏ ( ହି. ଶବ୍ଦସାଗର )—( architecture )
A column having the figures of a pitcher and leaves at the capital.

**ଘଟବାସୀ**—ସଂ. ବି. ( ଘଟ=ଶରୀର+ବସ ଧାତୁ+କର୍ତ୍ତୃ. ଇନ୍; ୧ମା.
Ghaṭabāsi ୧ବ. )—ଆତ୍ମା—Soul.

ବଟ ଶୂନ୍ୟ ଘଟବାସୀ
ପରମ ବ୍ରହ୍ମ ଅବିନାଶୀ । ଭୂପତି. ପ୍ରେମପଞ୍ଚାମୃତ ।

**ଘଟଭବ**—ସଂ. ବି. ( ଘଟ+ଭୂ ଧାତୁ+କର୍ତ୍ତୃ. ଅ )—
Ghaṭabhaba ଅଗସ୍ତ୍ୟ ମୁନି—Sage Agastya.

**ଘଟୟିତବ୍ୟ**—ସଂ. ବଣ. ( ଘଟ ଧାତୁ+ଣିଚ+କର୍ମ. ତବ୍ୟ )—
Ghaṭayitabya ଯେଉଁ ଛିଦ୍ର ବନ୍ଦ କରିବାକୁ ହେବ—
( a hole ) To be shut ( M. W. )

**ଘଟଯୋନି**—ସଂ. ବି. ( ବହୁବ୍ରୀହି; ଘଟ+ଯୋନି )—
Ghaṭajoni କୁମ୍ଭସମ୍ଭବ ଅଗସ୍ତ୍ୟ ମୁନି—
Sage Agastya.

**ଘଟର ଘଟର**—ଦେ. ଅ. ( ଧ୍ୱନ୍ୟନୁକରଣ )—ଘଡ଼ ଘଡ଼ ଶବ୍ଦ—
Ghrṭara ghaṭara Rattling sound.

× × × ଘଟର ଘଟର କରି ଘର ବର୍ଜନ କରୁଅଛି ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଘଟରଘୁମା**—ଦେ. ବି—ଏକପ୍ରକାର ହୁଁହାଁଶବ୍ଦକାରୀ ଚଢ଼େଇ; ହରଡ଼-
Ghaṭaraghumā ଘୁମା ଚଢ଼େଇ; ହୁଁହାଁ ଚଢ଼େଇ—
A kind of bird uttering a sound like huñ hāñ; Pitta Coronata; shrike; Lanius Ludovicianus.

କୁଳକୁଳ ହର୍ଷେ ଦଣ୍ଡି ସବନେ ଘଟରଘୁମାଘରଣୀ । ରାଧାନାଥ. ଚିଲିକା ।

**ଘଟରାଜ**—ସଂ. ବି—୧ । ପୋଡ଼ା ମାଠିଆ—
Ghaṭarāja 1. A pot of baked clay (Apte).
୨ । ବଡ଼ ମାଠିଆ—2. A large water-jar (M.W.).

**ଘଟଶ୍ରବଣ**—ସଂ. ବି. (ବହୁବ୍ରୀହି; ଘଟପରି ଶ୍ରବଣ ଯାହାର)—କୁମ୍ଭକର୍ଣ୍ଣ—
Ghaṭaśrabaṇa Kumbhakarṇṇa; younger brother of Rābaṇa (literally-pot-eared).

ବିଭୀଷଣ ଖରଦୂଷଣ ନୁହଇ ଗୋଷ୍ପଦ—
ଉଠିଲା ସେ ଘଟଶ୍ରବଣ । ଉପେନ୍ଦ୍ର—ବୈଦେହୀଶବିଳାସ ।

**ଘଟଶ୍ରୋତ୍ର**—ସଂ. ବି. ( ବହୁବ୍ରୀହି; ଘଟ+ଶ୍ରୋତ୍ର )—
Ghaṭaśrotra ଘଟଶ୍ରବଣ ( ଦେଖ )
Ghaṭaśrabaṇa ( See )

**ଘଟସମ୍ଭବ**—ସଂ. ବି—ଘଟଯୋନି ( ଦେଖ )
Ghaṭasambhaba Ghaṭajoni ( See )

**ଘଟସୂତର**—ଗ୍ରା. (ପଦ୍ୟ) ବି. ( ସଂ. ଘଟ+ସୂତ୍ର )—
Ghaṭasūtara ଘଟସୂତ୍ର ( ଦେଖ )
Ghaṭasūtra ( See )

ପ୍ରାଣଗଣ ଚିନ୍ତି ଚିତ୍ତର ପଦ୍ମସ୍ୱରର ଘଟସୂତର ଆନ କରଣେ କିଏ ପାରିବ ।
ଆନନ୍ଦଚନ୍ଦ୍ର—ଭକ୍ତ. ପ୍ରହ୍ଲାଦ ।

**ଘଟସୂତ୍ର**—ଦେ. ବି. ( ସଂ. ଘଟ+ସୂତ୍ର )—
Ghaṭasūtra ୧ । ଘଟନାଚକ୍ର; ଘଟନାକ୍ରମ—
1. Course of events.
୨ । ଘଟନା ଘଟିବା—2. Happening of events.

ପ୍ରଜାପତି ଘଟସୂତ୍ର, ଜଣେ ଦଲାଲ ଠିକଣା ଲଗାଇ ଦେଲା ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

୩ । ଚେଷ୍ଟା—3. Endeavour; effort.

**ଘଟଶୋଧନକାରକ**—ସଂ. ବି. (ଘଟ=ଶରୀର+ଶୋଧନ+କାରକ)—
Ghaṭasodhanakāraka ହଠଯୋଗସାଧକଙ୍କର ଶରୀର ଶୋଧନାର୍ଥ କୃତ ୬ଟି ପ୍ରକ୍ରିୟା—
A collective name for 6 actions of an ascetic in cleansing the body (M. W.).
[ ଦ୍ର—ଏ ଛଅଟି ପ୍ରକ୍ରିୟା—ଧୌତି, ବସ୍ତି, ନେତି, ତ୍ରାଟକ, ନୌଳିକ ଓ କପାଳଭାତି । ]

**ଘଟସ୍ତନା**—ସଂ. ବଣ ସ୍ତ୍ରୀ. (ବହୁବ୍ରୀହି; ଘଟ+ସ୍ତନ+ସ୍ତ୍ରୀ. ଆ)—
Ghaṭastanā ଯେଉଁ ସ୍ତ୍ରୀର ସ୍ତନ କୁମ୍ଭ ପରି ବଡ଼; କୁମ୍ଭସ୍ତନା—
ସଂ. ବି—ଉଷ୍ଣ; ଉତ୍ତପ୍ତ—Warm; hot.

**ଘର୍ମଚର୍ଚ୍ଚିକା**—ସଂ. ବି. ସ୍ତ୍ରୀ. ( ମ. ପ. ଲୋ; କର୍ମଧା; ଘର୍ମଜନିତ ଚର୍ଚ୍ଚିକା )—ଘିମିରି—Prickly heat; eruption caused in summer by suppressed perspiration.
Gharma charchchikā

**ଘର୍ମଜଳ**—ସଂ. ବି. ( ଘର୍ମ+ଜଳ )—ଝାଳ—Perspiration; sweat.
Gharmajaḻa

**ଘର୍ମଦୀଧିତି**—ସଂ. ବି ( ବହୁବ୍ରୀହି; ଘର୍ମ=ଉଷ୍ଣ+ଦୀଧିତି=କିରଣ )—ସୂର୍ଯ୍ୟ—The sun
Gharmadidhiti

**ଘର୍ମପୀଡ଼କା**—ସଂ. ବି—ଘର୍ମଚର୍ଚ୍ଚିକା ( ଦେଖ ) Gharmacharchchikā ( See )
Gharmapirḏakā

**ଘର୍ମବିଚର୍ଚ୍ଚିକା**—ସଂ. ବି. ସ୍ତ୍ରୀ—ଘର୍ମଚର୍ଚ୍ଚିକା ( ଦେଖ ) Gharmacharchchikā ( See )
Gharmabicharchchikā

**ଘର୍ମାଂଶୁ**—ସଂ. ବି. ( ବହୁବ୍ରୀହି; ଘର୍ମ+ଅଂଶୁ )—ସୂର୍ଯ୍ୟ—The sun.
Gharmāṁśu

**ଘର୍ମାକ୍ତ**—ସଂ. ବିଣ. ( ୩ୟା ତତ୍; ଘର୍ମ+ଅକ୍ତ=ସିକ୍ତ )—ଝାଳଦ୍ୱାରା ଓଦା ହୋଇଥିବା ବା ଝାଳରେ ବୁଡ଼ିଥିବା; ସ୍ୱେଦାର୍ଦ୍ର—Wet with sweat; perspiring.
Gharmākta
(ଘର୍ମାକ୍ତା—ସ୍ତ୍ରୀ)

**ଘର୍ମାନ୍ତ**—ସଂ. ବି. ( ୬ଷ୍ଠୀ ତତ୍; ଘର୍ମ+ଅନ୍ତ )—ବର୍ଷାକାଳ—Rainy season; the rains.
Gharmānta

**ଘର୍ମାନ୍ତକାମୁକୀ**—ସଂ. ବି. ସ୍ତ୍ରୀ. ( ୭ମୀ ତତ୍; ଘର୍ମାନ୍ତ+କାମୁକୀ )—ବକ; ବଳାକା—The heron.
Gharmāntakāmuki
[ ଦ୍ର—ବର୍ଷାରିତୁ ବକମାନଙ୍କର ରତୁକାଳ ବା ସଙ୍ଗମସମୟ । ]

**ଘର୍ମାମ୍ବୁ**—ସଂ. ବି. ( ଘର୍ମ+ଅମ୍ବୁ )—ଝାଳ—Sweat; perspiration.
Gharmāmbu

**ଘର୍ମାର୍ତ୍ତ**—ସଂ. ବିଣ. ପୁଂ. ( ୩ୟା ତତ୍; ଘର୍ମ+ଆର୍ତ୍ତ )—ଝାଳଦ୍ୱାରା ଅତ୍ୟନ୍ତ ବ୍ୟସ୍ତ—Profusely perspiring; troubled with profuse perspiration.
Gharmārtta
( ଘର୍ମାର୍ତ୍ତା—ସ୍ତ୍ରୀ )

**ଘର୍ମାର୍ଦ୍ର**—ସଂ. ବିଣ. ( ୩ୟା ତତ୍; ଘର୍ମ+ଆର୍ଦ୍ର )—ଝାଳଦ୍ୱାରା ଓଦା ହୋଇଥିବା; ସ୍ୱେଦାର୍ଦ୍ର—Wet with sweat.
Gharmārdra

**ଘର୍ଷ**—ସଂ. ବି. ( ଘୃଷ୍ ଧାତୁ=ଘଷିବା+ଭାବ. ଅ )—
Gharsha ୧ । ଘର୍ଷଣ; ରଗଡ଼ା—
1. Rubbing; friction.
୨ । ଚୂରିବା—2 Grinding; pounding.

**ଘର୍ଷକ**—ସଂ. ବିଣ. ପୁଂ. ( ଘୃଷ୍ ଧାତୁ+କର୍ତ୍ତୃ. ଅକ )—
Gharshaka ୧ । ଯେ ଘଷେ—
( ଘର୍ଷିକା—ସ୍ତ୍ରୀ ) 1 One who rubs; rubbing.
୨ । ବଟାଳି; ଯେ ବାଟେ—
2. One who crushes or bruises; crushing.
୩ । ଯେ ପାଲିସ୍ କରେ—3. Polishing,
୪ । ଯେ ଚୂରେ—4. Grinding; pounding.

**ଘର୍ଷକପଦୀ**—ସଂ. ବି. ( ଘର୍ଷକ+ପଦ+ଇନ୍; ୧ମା. ୧ବ.; ଜୀବବିଜ୍ଞାନ-ପରିଭାଷା )—ଯେ ପଦର ନଖଦ୍ୱାରା ଭୂମି କର୍ଷଣ କରେ; ନଖଦ୍ୱାରା ଭୂମି ଖୋଳିବା ପକ୍ଷିଜାତି; (ଯଥା—କୁକ୍କୁଟ, ମୟୂର, ତିତିର ପ୍ରଭୃତି)—The Razores; gallinaceous birds ( e. g. peacock; domestic fowl ).
Gharshakapadī

**ଘର୍ଷଣ**—ସଂ. ବି. ( ଘୃଷ୍ ଧାତୁ+ଭାବ. ଅନ )—୧ । ଘଷିବା; ଘଷା—1. Rubbing; friction.
Gharshaṇa
୨ । ଚୂରିବା; ପେଷିବା—2. Grinding; pounding.
୩ । ମଜା; ମାଜିବା—3. Polishing; brushing.
୪ । ବାଟିବା; ବଟା—4. Pressing with the pestle; crushing or bruising.
୫ । ତାରରେ ତାର ଘଷିବା—5. Rubbing two wires or strings together (of a musical instrumenst.)

**ଘର୍ଷଣ କରିବା**—ଦେ. କ୍ରି—୧ । ଘଷିବା; ମଳିବା—
Gharshaṇa karibā 1. To rub.
୨ । ମାଜିବା—2. To polish; to brush.
୩ । ବାଟିବା—3. To crush or bruise.

**ଘର୍ଷଣାଳ**—ସଂ. ବି. (ଘର୍ଷଣ+ଅଲ ଧାତୁ=ସମର୍ଥ ହେବା+କର୍ତ୍ତୃ. ଅ; ଘର୍ଷଣ ସାଧନ)—ଶିଳପୁଅ—Pestling stone; stone-pestle.
Gharshaṇāḻa

**ଘର୍ଷଣୀ**—ସଂ. ବି. ( ଘୃଷ୍ ଧାତୁ+କର୍ମ ଅନ+ସ୍ତ୍ରୀ. ଈ; ଯାହା ଘଷାଯାଏ ବା ବଟାଯାଏ)—ହଳଦୀ—Turmeric.
Gharshaṇi

**ଘର୍ଷଣୀୟ**—ସଂ. ବି. ( ଘୃଷ୍ ଧାତୁ+କର୍ମ. ଅନୀୟ )—
Gharshaṇiya ଘଷା ହେବା ଯୋଗ୍ୟ; ଯାହା ପାଲିସ୍ କରାଯାଇପାରେ—Fit to be polished; capable of being polished.

**ଘର୍ଷିତ**—ସଂ. ବି. ( ଘୃଷ୍ ଧାତୁ+କର୍ମ. ତ )—
Gharshita ୧ । ପିଷ୍ଟ—1. Pressed.
୨ । ଯାହା ଘଷା ହୋଇ ଅଛି—
2. Rubbed; brushed.
୨ । ପାଲିସ୍ କରାଯାଇ ଥିବା—
2. Polished; cleaned.
୩ । ଯହିଁରେ ଘର୍ଷଣ ଚିହ୍ନ ପଡ଼ିଅଛି—
3. Having marks of abrasion.
୪ । ଚୂରି ଯାଇଥିବା—4. Pounded; ground.
୫ । ବଟା ହୋଇଥିବା—5. Bruised.

**ଘଲ୍ କନା**—ଦେ. କ୍ରି. ବିଣ. ( ଧ୍ୱନ୍ୟନୁକରଣ )—ହଠାତ୍ ବହୁ
Ghal kinā ପରିମାଣରେ (ପୂଜ ବା ପାଣି ବୋହିବା)—
Copiously ( said of sudden discharge of pus or water )
( ଯଥା—ଛିଦ୍ରରେ ଗୋଟିଏ କଣା ବାଟେ ଘଲ୍ କନା ପାଣି ବାହାରିଲା; ବଥରୁ ଘଲ୍ କନା ଗୁଡ଼ାଏ ପୂଜ ବାହାରି ପଡ଼ିଲା । )

**ଘଲ୍ କନି**—ଦେ. କ୍ରି. ବିଣ—ଘଲ୍ କନା ( ଦେଖ )
Ghal kini Ghal kinā ( See )

**ଘଲ୍ ଖେଲ୍**—ପ୍ରାଦେ. ( ସମ୍ବଲପୁର; ଭୂଲ. ହି. ଘଲ୍‌ନା=ଫିଙ୍ଗାଯିବା; ଖେଲ୍=ଖେଳ )
Ghal khel ଟେକା ଅବ ମଗ୍‌ଯିବା ) ବି—
ଗୋଟିଏ କାଠି ଉପରେ ବା ତଳେ କେତେଗୁଡ଼ିଏ ସାନ କଉଡ଼ି ଧାଡ଼ି କରି ରଖି ଅଉ ଗୋଟିଏ ବଡ଼ କଉଡ଼ି ( ଫେଙ୍ଗା ) କୁ ଖଣ୍ଡିଦୂରରୁ ଗୋଟିଏ ଲେଖାଏଁ ସାନ କଉଡ଼ିକୁ ଲକ୍ଷ କରି ଫିଙ୍ଗି ସେହି କଉଡ଼ିମାନଙ୍କୁ ସ୍ଥାନଚ୍ୟୁତ କରିବା ଖେଳ—
A kind of indoor game consisting of arranging a number of small cowries in a row on or below a long piece of wood and then trying to dislocate them one by one by aiming with a bigger cowrie from a distance.

**ଘଲଘଲ**—ଦେ. ଅ. ( ସଂ. ଅନର୍ଗଳ )—୧ । ଫାଟିଲା ଘାଅରୁ ବହୁ
Ghalaghala ପରିମାଣରେ ପୂଜ ବା ଛିଦ୍ର ବାଟେ ବହୁପରିମାଣରେ ଜଳ ବୋହିବା—1. Copious discharge of pus from a boil or water through a hole.
୨ । ( ସଂ. ଶ୍ଲଥ ) ଗଲଗଲ ( ଦେଖ )
2. Galagala ( See )

**ଘଲଘଲିଆ**—ଦେ. ବିଣ—୧ । ପୂଜ ଭର୍ତ୍ତି ହୋଇଥିବା ( ବ୍ରଣ )—
Ghalaghalia 1. Filled with pus ( boil ).
( ଯଥା—ଏ ବଥଟା ପାଚି ଘଲଘଲିଆ ହେଲାଣି । )
୨ । ଢିଲା; ଗଲଗଲିଆ; ଶ୍ଲଥ—2. Loose.
( ଯଥା—ରୋଗରେ ତା ଦେହ ଶୁଖି ଯିବାରୁ ଗଣ୍ଡି, ପାକୁଡ଼ ଘଲଘଲିଆ ହୋଇଛି । )

**ଘଲିଆ**—ଦେ. ବି—ଗଲିଆ ( ଦେଖ )
Ghalia Galia ( See )

**ଘଲିଆ ପଡ଼ିବା**—ଦେ. ବି—ଛିଦ୍ର ବା ବନ୍ଧରେ ପାଣି ବହିଯିବା ବାଟ ଫଟା
Ghalia pardiba ଫିଟିବା—Springing of a leak; opening of a hole in a dam.
ସ୍ତ୍ରୀବେ ବନ୍ଧ ସେ ଠାଇଁରେ ତଳରେ ଘାର ଫିଟିଲା ଘଲିଆ ।
ବ୍ରାଚୀ. ପରତେଗୋଟା ।

**ଘଲିଆ ଫିଟିବା**—ଦେ. ବି—ଘଲିଆ ପଡ଼ିବା ( ଦେଖ )
Ghalia phitiba Ghalia pardiba ( See )

**ଘଲିଆ ଫୁଟିବା**—ଦେ. ବି—ଘଲିଆ ପଡ଼ିବା ( ଦେଖ )
Ghalia phutiba Ghalia pardiba ( See )

**ଘଷର୍ଡ଼ା**—ଗ୍ରା. ବିଣ—ଘଷରା ( ଦେଖ )
Ghasharda Ghashara ( See )

**ଘଷର ଘଷର**— ଦେ. ଅ. ( ଧ୍ୱନ୍ୟନୁକରଣ; ସଂ. ଘୃଷ୍ ଧାତୁ )—
Ghashara ghashara ଏକ ପଦାର୍ଥକୁ ଅନ୍ୟ ପଦାର୍ଥରେ
( ଯଥା—ଖୁରକୁ ଚମ ଉପରେ ଘଷିବା । ) ଘଷିବାର ଶବ୍ଦ—Sound produced by rubbing or friction.

**ଘଷର ପଷର**—ଦେ. ଅ—୧ । ଘଷର ଘଷର ( ଦେଖ )
Ghashara pasara 1. Ghashara ghashara ( See )
घिचपिच ୨ । ଲଦର ପଦର; ବହୁବାର ଏକସ୍ଥାନ
घिसपिस, घिसिरपिसिर ପାଖ ଦେଇ ଯିବା ଆସିବା କରିବା—
2. Moving to and fro about a place.
ତୁମେ ସହିଁ ପାଇଁ ଘଷରପଷର ଆମେ ସେ କହୁଁ ଜାଣୁ—ତର ।
୩ । କୌଣସି କାର୍ଯ୍ୟ କରିବା ବିଷୟରେ ଅନୁଚିତ ବିଳମ୍ବ ବା ଶିଥିଳତା—3. Undue delay or laxity in the doing of a work.

**ଘଷରା**—ଦେ. ବିଣ. ( ସଂ. ଘୃଷ୍ ଧାତୁ )—୧ । ଘର୍ଷଣଦ୍ୱାରା କ୍ଷୟପ୍ରାପ୍ତ—
Ghasharā 1. Worne out by friction.
୨ । କ୍ଷୟପ୍ରାପ୍ତ ହେବାରୁ ଅଚଳ ( ମୁଦ୍ରା )—
2. (coin) Incapable of being circulated (owing to having been worne out by constant friction and use).
୩ । ଯେଉଁ ମୁଦ୍ରାରୁ ଅକ୍ଷର ଓ ଛାପାଅଙ୍କ ଘଷି ହୋଇ ଲିଭି ଯାଇ ଥାଏ—3. Defaced ( coin ).
୪ । ଅତ୍ୟନ୍ତ ଅଭ୍ୟସ୍ତ ହେବା ଯୋଗୁଁ ଅନାଦୃତ—
4. Slighted on account of constant practice.
୫ । ଅତ୍ୟନ୍ତ ଅଭ୍ୟସ୍ତ—5. Habituated.
୬ । ଅତି ପରିଚୟ ଯୋଗୁଁ ଅନାଦୃତ—.
6. Disregarded on account of familiarity.
୭ । ବହୁକାଳର ଘନିଷ୍ଠ; ଚିରପରିଚିତ—
7. Long intimate or familiar.

**ଘଷା**—ଦେ. ବି. ( ସଂ. ଘୃଷ୍ ଧାତୁ )—୧ । ଘଷିବା କର୍ମ—
Ghashā 1. Polishing; brushing; rubbing; pressing.
घसा
घिसाइ ୨ । ଦେହର ସମ୍ବାହନ; ଗୋଡ଼ହାତ ଘଷିବା; ମାଲିସ୍ କରିବା—
2. Massage.
୩ । ତେଲଙ୍ଗିବାଜାର ଯେଉଁ ଢୋଲର ଏକପାଖରେ ଖଣ୍ଡିଏ କାଠି ଘଷାଯାଏ (ଅର୍ଥାତ୍ ବଜାଇବା ନିମିତ୍ତ ବାଡ଼ିଆ ଯାଏ ନାହିଁ)—
3. A drum of which one side is rubbed with a stick instead of being struck.

| ୧ | ଙ | ଊ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ଇୟ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ |

୪ । ଚୁଡ଼ାଘଷା; କୁଟା ହୋଇଥିବା ଚୁଡ଼ାକୁ ନଡ଼ିଆକୋରା, ଗୁଡ଼, ଘିଅ ସଙ୍ଗେ ଦଳ ଯେଉଁ ଖାଦ୍ୟ ପ୍ରସ୍ତୁତ କରାଯାଏ—4. Food prepared by mixing churḍā (flattened rice) with cocoanut, ghee and sugar.

ଦେ. ବିଣ—୧ । ଘର୍ଷିତ—
1. Rubbed; pressed; polished.

୨ । ( ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ହାତଘଷା ) ଯେ ସର୍ବଦା ଘଷି ହୁଏ—2. ( in compounds ) That which constantly comes in friction with another thing.

**ଘଷା ଅଉଁସା**—ଦେ. ବ (ସହଚର)—( କ୍ଲାନ୍ତ ବା ଯାତନା ନିବାରଣାର୍ଥ ) Ghashā auṅsā ଅନ୍ୟ ବ୍ୟକ୍ତିଙ୍କର ଅଙ୍ଗ ପ୍ରତ୍ୟଙ୍ଗକୁ ମୋଡ଼ିବା ଓ ଅଉଁସିବା—Massage; rubbing of another's body.

**ଘଷାଇବା**—ଦେ. କ୍ରି—ଘଷିବାର ଣିଜନ୍ତ ରୂପ—
Ghashāibā Causative form of Ghashibā.

ଘଷାନ
**ঘিসবানা; ঘিসানা**
(ଘଷେଇବା—ଅନ୍ୟରୂପ)

**ଘଷାଇ ହେବା**—ଦେ. କ୍ରି—ଘଷା ଖାଇବା; ଅନ୍ୟ ବ୍ୟକ୍ତି ଦ୍ୱାରା ଆପଣାର Ghashāi hebā ଶରୀର ମୋଡ଼ାଇ ହେବା—To allow one's body or limbs to be rubbed by another person ( e.g. a servant ); to undergo massage.

**ଘଷାକାଠି**—ଦେ. ବ—୧ । ଦାନ୍ତକାଠି—
Ghashā kāṭhi 1. A twig used for brushing or scouring the teeth.

୨ । ତେଲଙ୍ଗିବାଜାର ଘଷା ଯନ୍ତ୍ରରେ ଘଷିବାପାଇଁ ବ୍ୟବହୃତ କାଠି—2. The stick which is rubbed on one side of the Ghashā drum

୩ । ଦିଆସିଲି କାଠି—3. Match-stick.

**ଘଷା ଖାଇବା**—ଦେ. କ୍ରି—ଘଷାଇ ହେବା ( ଦେଖ )—
Ghashā khāibā Ghashāi hebā ( See )

**ଘଷାଗୁଣା**—ଦେ. ବ (ବଣିଆଙ୍କ ଶବ୍ଦ)—ଗୁଅ ବସିଥିବା ନାକର ଗହଣା—
Ghashāguṇā An ornament for the nose set over with small globules.

**ଘଷା ଗୋଠ**—ଦେ. ବ ( ବଣିଆ ଶବ୍ଦ )—ସୁନା ବା ରୁପାର ଛୋଟ ଛୋଟ Ghashā goṭha ଗୁଡ଼ିରେ ଗୁନ୍ଥା ଅଣ୍ଟାର ଶିକୁଳ—A waist chain consisting of tiny balls strung together.

**ଘଷାଘଷି**—ଦେ. ବ ( ସଂ. ଘୃଷ୍ ଧାତୁ )—୧ । ବହୁବାର ଘଷିବା କର୍ମ; Ghashāghashi ଘର୍ଷଣ—1. Acts of rubbing.

ଘଷାଘସି
**ঘিসাঘিসি**
୨ । ଅନ୍ୟୋନ୍ୟରେ ଘର୍ଷଣ—2. Rubbing together; rubbing with each other.

୩ । ଅଙ୍ଗ ସମ୍ବାହନ; ହାତଗୋଡ଼ ଘଷି ଦେବା କର୍ମ—
3. Rubbing of the body; massage.

ଦେ. ବିଣ—୧ । ପରସ୍ପର ଘର୍ଷିତ—1. Rubbed with each other.

୨ । ପରସ୍ପର ଲଗାଲଗି —
2. Pressing against each other.

**ଘଷା ଚକଟା**—ଦେ. ବ ( ସହଚର )—ଚୁଡ଼ାଘଷା ଓ କଦଳୀ ଚକଟା Ghashā chakaṭā (ପୁରୀ ଜଗନ୍ନାଥ ବ୍ରାହ୍ମଣଙ୍କ ଅଦୃଢ଼ ଖାଦ୍ୟଦ୍ରବ୍ୟ)—Churḍāghashā and ripe plantain kneaded with milk and sugar.

**ଘଷାଜଳ**—ଦେ. ବ (ସଂ. ଘୃଷ୍ଟ+ଜଳ)—ଘଷାପାଣି ( ଦେଖ )—
Ghashājaḷa Ghashāpāṇi ( See )

**ଘଷାପଥର**—ଦେ. ବ—୧ । ଛୁରୀ, କଲୁରୀ, ଲହଣ ଆଦି ଯନ୍ତ୍ରର ଦାନ୍ତ Ghashāpathara ଘଷି ତୀକ୍ଷ୍ଣ ଯନ୍ତ୍ରମାନଙ୍କୁ ଦାଢ଼ୁଆ କରିବା ପାଇଁ ବ୍ୟବହୃତ ପଥରବିଶେଷ—1. Grindstone.

୨ । ଗାଧୋଇବାବେଳେ ତଳପା ଓ ତଳପାର କଡ଼କୁ ଘଷି ମଳରମକୁ ପରିଷ୍କାର କରିବାପାଇଁ ଗାଧୁଆ ଘାଟରେ ବା ପୋଖରୀତୁଠରେ ଯେଉଁ ବଳାପଥର ପଡ଼ିଥାଏ—2. A slab of sandstone on which the sole is rubbed at the time of bathing.

ଏ ଯୋଷା ଚରଣ ଘଷାପଥରକୁ କୋହକେଁ କେହି ସହି—ସ୍ୱପ୍ନାଳାଥ, ସଗାତ ।

**ଘଷାପାଣି**—ଦେ. ବ (ସଂ. ଘୃଷ୍ଟ+ପାନୀୟ)—୧ । ମସଲାମିଶ୍ରିତ ସୁପେୟ Ghashāpāṇi ଜଳ; ଯେଉଁ ପାଣିରେ ଜାଇଫଳ, ଚନ୍ଦନ ଇତ୍ୟାଦି ଘଷା ହୋଇ ମିଶା ଯାଇଥାଏ—1. Spiced drink prepared by mixing bruised nutmeg and sandal-paste with water.

ଦ୍ୱିଜମାନଙ୍କର ଭୋଜନ ସମର୍ପିଲେ
ଲବଙ୍ଗ ଜାଇଫଳ ଘଷାପାଣି ଦେଲେ—କୃଷ୍ଣସିଂହ. ମହାଭାରତ. ସଭା ।

୨ । ଭାଙ୍ଗ (ଦେଖ) 2. Bhāṅga (See)

**ଘଷାବଟା**—ଦେ. ବ—ତରକାରି ନିମନ୍ତେ ମସଲା,ହଳଦୀ ପ୍ରଭୃତି ଶିଳରେ Ghashābaṭā ବାଟିବା—Pestling and bruising of spices for curry with the pestling stone.

ଘଷାବାଟା
**ঘিসাবাট; ঘিস্সাবাট্ট**

**ଘଷାବିଞ୍ଚା**—ଦେ. ବ ( ସଂ. ଘର୍ଷଣ+ବ୍ୟଜନ )—କ୍ଲାନ୍ତି ବା ମୂର୍ଚ୍ଛା Ghashābiñchā ଅପନୋଦନାର୍ଥ ଅନ୍ୟ ବ୍ୟକ୍ତିର ଶରୀରକୁ ହାତ ଦ୍ୱାରା ଘଷିବା ଓ ପଙ୍ଖାଦ୍ୱାରା ବିଞ୍ଚିବା—Rubbing the limbs and fanning a person to assuage pain or languor.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପର୍ଯ୍ୟାୟର ଦ୍ୱିତୀୟ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଖାଟ' ନ ମିଳିଲେ 'ଖାଣ୍ଟ' ଖୋଜିବେ, 'ଭୁଅ' ନ ମିଳିଲେ 'ଭଅ' ଦେଖିବେ; 'ବନ୍ଦ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଘଷାମଜା**—ଦେ. ବି. (ସହଚର; ସଂ. ଘର୍ଷଣ ଓ ମାର୍ଜନ)—ଶରୀର ବା Ghashāmajā ଅଳଙ୍କାର ବା ବାସନ ଆଦି ଉତ୍ତମରୂପେ ମାଜିବା; ଘଷାମାଜା ମଜାମଜି;ଘଷିବା ଓ ମାଜିବା—Thorough brushing or scouring of the body or of ornaments or utensils.

**ଘଷି**—ଦେ. ବି. (ସଂ. ଗୋବଷ୍ଟୁ; କରୀଷ; ହି. ଗାମ୍. ଛୁଠୀ; ସଂ. ଘୁଣ୍ଟିକ = Ghashi ବନଗୁ କରୀଷ)—୧। ଜାଳରୂପେ ବ୍ୟବହୃତ ପିଷ୍ଟକାକାର ଘୁଣ୍ଟେ, ଘୁଁଟା ଶୁଷ୍କ ଗୋମୟ—Dried cow-dung-cake used **उपला, गइँठा; करसी** as fuel.

ସନ୍ତାଇବାକୁ ତା ବଢ଼ାଇ ବର୍ଣ୍ଣ,
ତୁର୍ମିଳ ଯେବେ ଗ୍ରେବାଇବ ଘଷି—କବିସୂର୍ଯ୍ୟ. ବନ୍ଧଭାଙ୍କଣ୍ଠୋଳ।

ପ୍ରାଦେ (ଗଡ଼ଜାତ) ବି—୧। ଛେନା—1. Cheese.

**ଘଷିଆ**—ଦେ. ବିଣ—ଘଷରା (ଦେଖ)
Ghashiā Ghasharā (See).

**ଘଷିଗଦା**—ଦେ. ବି—ଭବିଷ୍ୟତରେ ଜାଳ ଦେବାପାଇଁ ସ୍ତୂପାକାରରେ Ghashigadā ରଖାଯାଇଥିବା ଘଷି—A stack of dried ଘୁଁଟେର ଗାଦୀ cow-dung cakes. **बथिया; उपलाकाढ़ेर**

**ଘଷି ଗୋଟାଇବା**—ଦେ. କ୍ରି—ବିଲରୁ ବା ପଡ଼ିଆରୁ ଶୁଖିଲା ଘଷି ସଂଗ୍ରହ Ghashi gotāibā କରିବା—To collect dried cow-dung (ଘଷି ଗୋଟେଇବା—ଅନ୍ୟରୂପ) from the field.

**ଘଷିଗୋଟେଇ**—ଦେ. ବିଣ. ସ୍ତ୍ରୀ. (ଗାଳି)—ଯେଉଁ ସ୍ତ୍ରୀ ଦାଣ୍ଡରୁ, ପଡ଼ିଆରୁ ଓ Ghashigotei ବିଲରୁ ଗୋବର ଗୋଟାଇ ସେହି ଗୋବରରେ ଘଷି ପାରି ଉକ୍ତ ଘଷିକୁ ବିକି ଜୀବିକା ଅର୍ଜନ କରେ—(a term of abuse) A woman who picks up the leavings of cattle from fields and roads and after turning them into cowdung-cakes earns her living by selling them.

**ଘଷିଘାଷି ଦେବା**—ଦେ. କ୍ରି—୧। ଅନ୍ୟ ବ୍ୟକ୍ତିର ଶରୀରର ଗଣ୍ଡ ଗଣ୍ଡ Ghashighāshi debā ଅଙ୍ଗକୁ ଉତ୍ତମରୂପେ ମୋଡ଼ାମାଡ଼ିଦେବା—1. To massage another's limbs well for assuaging pain or languor.

୨। ଅନ୍ୟ ବ୍ୟକ୍ତିକୁ ଗାଧୋଇ ଦେବାବେଳେ ମଳ ଛଡ଼ାଇବା କମନ୍ତେ ତା ଦେହକୁ ଗାମୁଛାରେ ଘଷିବା—

[ ଦ୍ର—ବଡ଼ଲୋକ ବା ପିଲା ଗାଧୋଇଲାବେଳେ ଚାକର ବା ବୟସ୍ଥ ବ୍ୟକ୍ତିମାନେ ସେମାନଙ୍କ ଦେହରୁ ମଇଳା ଛଡ଼ାଇବା ପାଇଁ ଗାମୁଛା ପ୍ରଭୃତିରେ ସେମାନଙ୍କ ଦେହ ଘଷିଘାଷି ଦିଅନ୍ତି। ]

2. To rub or scour the body of a person or baby with a towel during a bath.

**ଘଷିତ**—ଦେ. ବି. (ସଂ. ଘର୍ଷିତ)—ଘର୍ଷିତ (ଦେଖ)
Ghashita Gharshita (See)

ଶିଳା—ଘଷିତ ବାଣମାନଙ୍କର ଶାଣ,
ଦେଖାଇ ଯେନା ପ୍ରାଣ ସୁଉତ୍ରା-ରମଣ। କୃଷ୍ଣସିଂହ. ମହାଭାରତ. କର୍ଣ୍ଣ।

**ଘଷି ଦେବା**—ଦେ. କ୍ରି.—ଘଷିବା (ଦେଖ)
Ghashi debā Ghashibā (See)

ଦ୍ରୌପଦୀଦେବୀ ତାଙ୍କ ପାଦ ତଳେ ବସି,
ବେନି କରେ ଅଳପ ଦେଉଥିଲେ ଘଷି। କୃଷ୍ଣସିଂହ. ମହାଭାରତ।

**ଘଷି ପରାଳି**—ଦେ. (ଶୂଦ୍ର ଭାଷା)—ବିଣ. ପୁଂ. ଓ ସ୍ତ୍ରୀ—ଘଷି ତିଆର Ghashi parāli କରିବା ଉଦ୍ଦେଶ୍ୟରେ ଗୋବରକୁ ଚକଟି ତାକୁ (ଘଷିପଡ଼ାଳି—ଅନ୍ୟରୂପ) ହାତଦ୍ୱାରା ପିଷ୍ଟକାକାର ଗୋଲ ଗୋଲ ଖଣ୍ଡ କରି ସୂର୍ଯ୍ୟକିରଣ ଦ୍ୱାରା ଶୁଖିବା ପାଇଁ ଉକ୍ତ ଖଣ୍ଡମାନ ଭୂମିରେ ବା କାନ୍ଥରେ ଯେ ପାରେ ବା ସ୍ଥାପନ କରେ—A person who rolls collected cowdung into cakes and lays them on the ground or wall for being dried up.

**ଘଷି ପାଡ଼ିବା**—ଦେ. କ୍ରି.—ଗୋବର ଓଦା ଥିବା ଅବସ୍ଥାରେ ତାକୁ ଚକଟି Ghashi pārdibā ହାତରେ ପିଠା ପରି କରି ତାହା ଖରାରେ ଶୁଖିବା ଘୁଁଟେଦେଓଯା ପାଇଁ ଭୂମିରେ ବା କାନ୍ଥରେ ଥାପିବା— **उपला पाथना** To lay cow-dung cakes on the ground or wall for being dried up by the sun.

**ଘଷି ପାରିବା**—ଗ୍ରା. (ଶୂଦ୍ର ଭାଷା) କ୍ରି.—ଘଷି ପାଡ଼ିବା (ଦେଖ)
Ghashi pāribā Ghashi pārdibā (See)

**ଘଷିଫଡ଼ା**—ଦେ. ବି.—ଶୁଷ୍କ ଘଷିର ଛୋଟା ଖଣ୍ଡ—A dried flake Ghashipharḍā or piece of cow-dung cake.

ପଡ଼ୁଶୁଣୀ ଘର ପିଠା ଦେଖି ମନ ଉବେଇ ଉବେଇ
ଘଷିଫଡ଼ା ଖଣ୍ଡେ ହାତରେ ଧରି ଉଡ଼ ଉଡ଼ ଗ୍ରେବେଇ। ଢଗ।

**ଘଷିବା**—ଦେ. କ୍ରି. (ଘୃଷ୍ ଧାତୁ)—୧। ଘର୍ଷଣ କରିବା; ରଗଡ଼ିବା; Ghashibā ମଳିବା—1. To rub.
घसा ଚକ୍ଷୁ ଘଷଇ ବେନି ହସ୍ତେ,
**घिसना, घसना** ଶିବକୁ ଦେଖିବ ଅଗ୍ରତେ। ଜଗନ୍ନାଥ. ଭାଗବତ।

(ଘଷାଇବା—ଣିଜନ୍ତ) ୨। ଅନ୍ୟର ପାଦାଦି ମର୍ଦ୍ଦନ କରିବା; ମସ୍ତାଳିବା—2. To massage the limbs of another.

୩। ପାଲିସ୍ କରିବା—3. To polish; to brush.

୪। ମାଜି କରି ସଫା କରିବା—
4. To clean by brushing; to scour.

୫। ବାଟିବା—5. To crush; to bruise.

**ଘଷି ମାଜି ହେବା**—ଦେ. କ୍ରି—ନିଜର ଦେହ ବା ଅଳଙ୍କାରାଦିକୁ Ghashi māji hebā ଉତ୍ତମରୂପେ ଘଷି ପରିଷ୍କାର କରିବା—To cleanse one's body or ornaments by rubbing or scouring.

ଯେତେ ହୋଇ ଯାଉଥିଲେ ଘଷି ମାଜି—ସ୍ୱାମୀନାଥ. ଦରବାର।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ଷ | କ୍ଷ | ଇସ୍ଥ | ଉଥ | ଘ |
| ୨ | ଈ | ଊ | ଋ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍କ | ଇଅ | ● | ନ୍ |

**ଘଷି ହେବା**—ଦେ. କ୍ରି ସଂ. (ଘୃଷ ଧାତୁ)— ୧ । ଅନ୍ୟ ବ୍ୟକ୍ତି ବା ବସ୍ତୁ
Ghashi hebā ଦେହରେ **ଆପଣା ଅଙ୍ଗକୁ** ଘର୍ଷଣ କରିବା—
1. To rub one's body against a thing or another's body.
୨ । ( ଘଷିବା କ୍ରିୟାର କର୍ମବାଚ୍ୟ ) ଘର୍ଷିତ ହେବା—
2. ( passive voice of Ghashibā ) To be rubbed.

**ଘସ୍** ( ଧାତୁ )—ସଂ—ଭକ୍ଷଣ କରିବା—
Ghas ( root ) To eat.

**ଘସଘସା**—ପ୍ରାଦେ. ( ଗଞ୍ଜାମ ) ବି—ମଦନ ( ଗଛ ଓ ଫଳ ) (ଦେଖ)
Ghasghasā Madana ( tree and fruit ) ( See )
[ ଦ୍ର—ଏ ଫଳ ବମନ ଓ ବିରେଚନକାରକ । ]

**ଘସ**—ସଂ. ବିଣ. (ଘସ ଧାତୁ + କର୍ତ୍ତୃ. ଅ)—ଖାଦକ; ଖାଇବା ବ୍ୟକ୍ତି—
Ghasa Eater; eating.
ସଂ. ବି. ( + ଭାବ. ଅ )—ଭୋଜନ; ଖାଇବା —Eating.

**ଘସିଆ**—ପ୍ରାଦେ. ( ସମ୍ବଲପୁର ) ବି. ପୁଂ. ( ସଂ. ଘାସ; ଭୂଲ. ହି.
Ghashiā ଘସିୟାର )—ଘାସି; ପାଣ ଆଦିଙ୍କ ପରି ନୀଚ ଅସ୍ପୃଶ୍ୟ
(ଘସିଏନ୍—ସ୍ତ୍ରୀ) ଜାତିବିଶେଷ—
A low caste of Hindus (who mow grass for horses).
[ ଦ୍ର—ଏମାନେ ଘୋଡ଼ାଙ୍କ ପାଇଁ ଘାସ କାଟନ୍ତି ଓ ବିକନ୍ତି ]

**ଘସ୍ମର**—ସଂ. ବିଣ ( ଘସ୍ ଧାତୁ + ଶୀଳାର୍ଥେ. କର୍ତ୍ତୃ. ମର )—
Ghasmara ୧ । ଖାଦକ—1. Devouring; eating.
୨ । ଖାଇବାରେ ଅଭ୍ୟସ୍ତ—
2. Habituated to eating.
୩ । ହିଂସ୍ର—3. Malignant; hurtful; injurious.
୪ । ପେଟୁ—4. Voracious; greedy; gluttonous.

**ଘସ୍ର**—ସଂ. ବି. ପୁଂ. ( ଘସ୍ ଧାତୁ + ଅଧିକରଣ. ର; ଯେଉଁ ସମୟରେ
Ghasra ଲୋକେ ଭୋଜନ କରନ୍ତି )—୧ । ଦିବସ—
1. Day; day-time.
୨ । ସୂର୍ଯ୍ୟ—2. The sun.
୩ । ( + କର୍ତ୍ତୃ. ଅ ) ହିଂସ୍ର—
3. Hurtful; injurious.
୪ । ଜାଫ୍ରାନ୍—4. Saffron.

**ଘସ୍ରନାଥ**—ସଂ. ବି. ( ୬ଷ୍ଠୀ ତତ୍; ଘସ୍ର=ଦିବସ+ନାଥ )—ସୂର୍ଯ୍ୟ—
Ghasranātha The sun

**ଘସ୍ରନାଥନନ୍ଦନ**—ସଂ.ବି. [ ୬ଷ୍ଠୀ ତତ୍; ଘସ୍ରନାଥ (ସୂର୍ଯ୍ୟ)ଙ୍କ ପୁତ୍ର ]—
Ghasranāthanandana ଯମ—Jama, the God of death.

**ଘସ୍ରନାଥନନ୍ଦନା**—ସଂ. ବି. ସ୍ତ୍ରୀ. [ ୬ଷ୍ଠୀ ତତ୍; ଘସ୍ରନାଥ (ସୂର୍ଯ୍ୟ)ଙ୍କ
Ghasranāthanandanā କନ୍ୟା ]—ଯମୁନା—
The river Jamunā.

ଘସ୍ରନାଥନନ୍ଦନା ଅନାଭଣିକ ମନା କରୁ ତୁମ ଆଉଁ ହସ୍ତ ଗ୍ରହିଁଲୁରେ—
କବିସୂର୍ଯ୍ୟ, କଳୋଗକଣ୍ଠ, ଯ ଗୀତ ।

**ଘସ୍ରନାଥ ନନ୍ଦିନୀ**—ସଂ. ବି. ସ୍ତ୍ରୀ—ଘସ୍ରନାଥ ନନ୍ଦନା ( ଦେଖ )
Ghasranātha nandini Ghasranātha nandanā See)

**ଘା**—ସଂ. ବି (ହନ ଧାତୁ+ଭାବ. ଅ + ଅ. ମେଦିନୀକୋଷ)—
Ghā ୧ । ଆଘାତ—1. Stroke.
୨ । କାଞ୍ଚୀ—2. Waist-chain.
जिति; चिति; सेति ୩ । ବନ୍ୟବୃକ୍ଷବିଶେଷ—3. A wild tree; Marsdenia Tenacissima (Haines).
ଦେ. ବି. ( ସଂ. ଘାତ, ଘା )—
ଘା ୧ । କ୍ଷତ—1. Wound.
घाव ୨ । କ୍ଷତ ବା ବ୍ରଣ ଯୋଗୁଁ ଶରୀରର କୌଣସି ଅଂଶରୁ ଚମଡ଼ା ବାହାରି ଯାଇ ରକ୍ତ ଓ ମାଂସ ଦେଖା ଯାଉଥିବା ଅବସ୍ଥା—2. Sore.
୩ । ବ୍ରଣ—3. Boil; ulcer.
୪ । କ୍ଷତଚିହ୍ନ—4. Mark of wound; scar.
ପ୍ରାଦେ. ( ମେଦିନୀପୁର ) ବି. ( ସଂ. ଘାତ; ଭୂଲ. ବଂ. ଘା)—
ଅସ୍ତ୍ରଶସ୍ତ୍ରାଦି ଦ୍ୱାରା ପ୍ରହାର; ଆଘାତ—
Blow or stroke with a weapon.

**ଘାଅ**—ଦେ. ବି—ଘା ( ଦେଖ )
Ghā-a Ghā ( See )
ଯଥା—ଭଲ କରିଦେଲେ ସେ ଘାଅ ତତକାଳ ।
କୃଷ୍ଣସିଂ. ମହାଭାରତ, ବନ ।

**ଘାଅ କରିବା**—ଦେ. କ୍ରି—କ୍ଷତ କରିବା—
Ghā-a karibā To cause a wound or sore.

**ଘାଅ ଧରିବା**—ଦେ. କ୍ରି—ମନ୍ତ୍ରଯନ୍ତ୍ର ପ୍ରୟୋଗ ଦ୍ୱାରା କୌଣସି କ୍ଷତ
Ghā-a dharibā ବା ବ୍ରଣକୁ ଦୂଷିତ ଓ ଦୁରାରୋଗ୍ୟ କରିବା—
To cause a sore to gangrene by applying charms or magic.

**ଘାଅ ମାରିବା**—ଦେ. କ୍ରି—ଘାଅ ଧରିବା ( ଦେଖ )
Ghā-a māribā Ghā-a dharibā ( See )

**ଘାଅମୁହଁ**—ଦେ. ବି (ସଂ. ଘାତ + ମୁଖ)—କୌଣସି ଘାଅରୁ ପୂଜ
Ghā-a muhan ବୋହିବା ସ୍ଥାନ—The openning of a
ঘায়ের মুখ sore or ulcer.

**ଘାଇ**—ଦେ. ବି. ( ସଂ. ଘାତ )—
Ghai ୧ । ନଦୀ ବା ପୁଷ୍କରିଣୀର ବନ୍ଧ ଭାଙ୍ଗିଯାଇ ଯେଉଁ
घाई ପାଣିବାଟ ମେଲା ହୋଇଯାଏ; ଜଳନିର୍ଗମପଥ—
सुराख, दरार 1. Opening in a bank through which water flows out; a breach in a dam.
୨ । ( ଯେଉଁ ଅଂଶ ପ୍ରଥମେ ଜଳକୁ ଆଘାତ କରେ )
ମଥାଉଡ଼ିଆ ଜାଲର ଅଗ ବା ମୁହଁ—
2. The mouth of a circular casting net.

> ସାଧାରଣ ସୂଚକ ଅପର ପୃଷ୍ଠାରେ ଯେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଘର୍ରା ( ଦେଖ )
3. Gharā ( See )

ପ୍ରାଦେ. (ଗଞ୍ଜାମ) ବି—୧ । ବନ୍ଧ ପକାଇ ପାହାଡ଼ ବା ଉଚ୍ଚ ଭୂମିରୁ ଗଡ଼ି ଆସୁଥିବା ପାଣିକି ଅଟକାଇ ରଖିବା ଦ୍ୱାରା ଗଠିତ ବଡ଼ ପୁଷ୍କରିଣୀ—1. A big tank formed by restraining the rain water flowing from a hill or high ground by putting a dam.
୨ । ଠକାମି; ଧନ୍ଦା—2. Cheating; fraud.
୩ । (ସମ୍ବଲପୁର) ଜଳ ଯିବା ଆସିବା ନିମନ୍ତେ ପୟଃପ୍ରଣାଳୀ-
3. Water-channel.
୪ । ବନ୍ଧରେ କଟା ଯାଇଥିବା ଖାଲ—
4. A hole cut in an embankment.

**ଘାଇ କରିବା**—ଦେ. କ୍ରି—କୌଣସି ବନ୍ଧରେ ପାଣି ଯିବାପାଇଁ ବାଟ ମେଲା କରିବା—To open a breach in a bank.
Ghāi karibā

**ଘାଇ ଫିଟାଇବା**—ଦେ. କ୍ରି—ଘାଇ କରିବା ( ଦେଖ )
Ghāi phiṭāibā Ghāi karibā ( See )

**ଘାଇ ମାରିବା**—ପ୍ରାଦେ. (ଗଡ଼ଜାତ) କ୍ରି—୧ । ଧନ୍ଦା ମାରିବା; ଠକାଇବା
Ghāi māribā 1. To deceive; to cheat.
୨ । ଆତ୍ମସାତ୍ କରିବା—
2. To misappropriate.

**ଘାଇଲା**—ଦେ. ବିଣ. (ସଂ. ଘାତ)—୧ । ଆଘାତପ୍ରାପ୍ତ; ଆହତ—
Ghāilā I. Hurt.
ঘাইল; ঘাইয়াল; ঘায়েল ୨ । ବିଶେଷଭାବରେ କ୍ଷତଯୁକ୍ତ; ଘାଉଆ;
घायल କ୍ଷତବିକ୍ଷତ—2. Wounded.
୩ । ବୃଦ୍ଧିପ୍ରାପ୍ତ ହୋଇଥିବା (କ୍ଷତ)—3. Ulcerated (sore).

**ଘାଉ**—ଦେ. ବି. ( ସଂ. ଘା; ଘାତ )—କ୍ଷତ; ଘା—
Ghāu Wound; ulcer.

ଯେତେ ଦେହରେ ଲାଗେ ବାଣ
ଘାଉ ଲଭୁଣ ରହେ ତାଣ । ପ୍ରାଚୀ, ନର୍ମଦାମାହାତ୍ମ୍ୟ ।

**ଘାଉଆ**—ଦେ. ବିଣ. (ସଂ. ଘାତ)—୧ । କ୍ଷତଯୁକ୍ତ; ଆହତ; କ୍ଷତବିକ୍ଷତ-
Ghāuā 1. Wounded
ঘাউয়া ୨ । ଯେଉଁ ଜନ୍ତୁ ଶର ବା ବନ୍ଧୁକଗୁଳିଦ୍ୱାରା ଆହତ
घायल ହୋଇଥାଏ ଅଥଚ ମରି ନ ଥାଏ—
2. (an animal) Pierced or wounded by an arrow or a bullet (but not yet killed).

ଘାଉଆ ହୋଇ ଯେତେ ହାତୀ ଥିଲେ ଶୋଇ
ସେତେକକୁ ହାତୀ ଉଠନ୍ତି ଦେଖ ଯାଇଁ । କୃଷ୍ଣସିଂହ. ମହାଭାରତ.ଦ୍ରୋଣ ।

**ଘାଉଁ କିନା**—ଦେ. ଅ—ଅତିଶୀଘ୍ର; ଚଞ୍ଚଳ; ହଠାତ୍—
Ghāuñ kinā All on a sudden; instantly; all at once.
ধাঁ করে
तुरन्त

**ଘାଉଁ ଘାଉଁ**—ଦେ. ଅ. ( ଧ୍ୱନ୍ୟନୁକରଣ )—୧ । କୁକୁର ପ୍ରଭୃତି କ୍ରୁଦ୍ଧ ଜୀବର ଗମ୍ଭୀର ଧ୍ୱନି—1. The growling or barking sound of a dog.
Ghāuñ ghāuñ
ঘেউঘেউ
घहरानि ୨ । ଶୂନ୍ୟ ମନ୍ଦିର ମଧ୍ୟରେ ପ୍ରତିଧ୍ୱନିର ଶବ୍ଦ—
2. Echoing sound inside an empty temple.

**ଘାଉଁଘାଉଁ କରିବା**—ଦେ. କ୍ରି. ( ଧ୍ୱନ୍ୟନୁକରଣ )—୧ । କୁକୁର ପରି ଶବ୍ଦ କରି କାମୁଡ଼ି ଗୋଡ଼ାଇବା—
Ghāuṅghāuñ karibā
ঘেউঘেউ করা To snarl (like a dog going to attack).
घहराना
୨ । ଖାଲି ଦେଉଳ ବା ବଡ଼ଘର ମଧ୍ୟରେ ପାଟି କରି ପ୍ରତିଧ୍ୱନିତ ଶବ୍ଦ ଜାତ କରିବା—2. To produce a reverberating echoing sound ( e.g. by hallooing in an empty temple or empty big hall. )

**ଘାଉଁରି**—ଦେ. ବି. (ସଂ. ଘୂର୍ଣ୍ଣିକ)—ଚକ୍ରାକାର ଗତି; ଘୂର୍ଣ୍ଣିକ—
Ghāuñri Whirling motion.
ঘুরপাক
चक्कर, घिरनी

**ଘାଉଁରି ଖାଇବା**—ଦେ. କ୍ରି—୧ । ଚକ୍ରାକାର ଗତି କରିବା—
Ghāuñri khāibā 1. To whirl round.
ঘুরপাক খাওয়া ୨ । ମୁଣ୍ଡବୁଲାଇ ଦେବା— 2. To reel down.
चक्कर खाना; घिरनी खाना ୩ । ମୁଣ୍ଡ ବୁଲାଇ କମ୍ପିତ ହୋଇ ପଡ଼ିବା—
3. To fall down or totter reeling.

**ଘାଉଡ଼**—ଦେ. ବି. (ସଂ. ଘାତ)—୧ । ସର୍ପଘାତ; ସାପକାମୁଡ଼ା—
Ghāurḍa 1. Snake-bite.
সাপকামড়া ଦେହରେ ନ ବସୁ ଘାଉଡ଼
साँपकाटी ସେ କଳା ନାଗ ନାଗ ବଡ଼ । ଭୂପତି. ପ୍ରେମପଞ୍ଚାମୃତ ।
୨ । ସର୍ପଘାତଜନିତ ବିଷ ଦଷ୍ଟ ବ୍ୟକ୍ତିର ଦେହରେ ବ୍ୟାପିବା—
2. The diffusion of the poison in the body of a person bitten by a snake.

**ଘାଉଡ଼ କରିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତି ପ୍ରତି ମନ୍ତ୍ରଯନ୍ତ୍ର ପ୍ରୟୋଗ କରି ଅନିଷ୍ଟ କରିବା—
Ghāurḍa karibā
1 To injure a person by employing charms against him.
୨ । (ସାପ) କାମୁଡ଼ିବା—
2. (a snake) To bite a person with the fang.

**ଘାଉଡ଼ ଛଡ଼ାଇବା**—ଦେ. କ୍ରି—ମନ୍ତ୍ର ବା ଔଷଧ ପ୍ରୟୋଗ ଦ୍ୱାରା ସର୍ପବିଷ ଛଡ଼ାଇବା—To cure the effects of snake-bite.
Ghāurḍa chharḍāibā

**ଘାଉଡ଼ ମାରିବା**—ଦେ. କ୍ରି—ଘାଉଡ଼ କରିବା ( ଦେଖ )
Ghāurḍa māribā Ghāurḍa karibā ( See )

**ଘାଉଡ଼ ଲଗାଇବା**—ଦେ. କ୍ରି—ଘାଉଡ଼ କରିବା ( ଦେଖ )
Ghāurḍa lagāibā Ghāurḍa karibā ( See )

| ୧ | ଇ | ଊ | ର,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଣଂ | ଯ | ସ | ଗଂ | ଇଅ | ● | ଟ୍ର |

ଘାଉଲ—ଦେ. ବ.—ଘାଉଥ (ଦେଖ)
Ghāula Ghāuā (See)
ଦୁଆର ପାଖରେ ଧସ୍‌ପସ୍ ହୋଇ କେତେ ଲୋକ ମଢ଼ାବଲାରେ ଅଣ୍ଟୁ ଗଣ୍ଡି ଛଡ଼ି ଘାଉଲ ହୋଇ ଗଲେଣି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଘାଏ—ଦେ. କ୍ରି. ବଣ.—(ସଂ. ଘାତ)—୧ । ଏକ ଆଘାତରେ—
Ghāe 1. At one stroke.
घायें ଅମୃତେ ନାଗବଳ ଜଗତନ୍ତ ଘାଏ,
घायमें ଭୈଟଣ୍ଡ ଯମଙ୍କୁ ପ୍ରାନ ବାନ୍ଧ ଘାଏ । କୃଷ୍ଣସିଂହ ମହାଭାରତ ବନ ।
୨ । ଏକାଥରକେ—2. At one time; once.
ପ୍ରାଦେ. (ସମ୍ବଲପୁର) ଅ—ଦଣ୍ଡେ; କ୍ଷଣେ—
A moment only.

ଘାଏଁ—ଦେ. କ୍ରି. ବଣ.—୧ । ବାଉରେ; ଜୋରରେ—
Ghāeṅ With force; forcibly.
घाएँ (ଯଥା—ଏଡ଼େଘାଏଁ କଥା କହ ନାହିଁ ।)
୨ । ଥରେ—2. Once.
ଅକାଳେ ମାଇଲ ଘାଏଁ, ଗଲା ଶ୍ରାବଣ ଘାଏ ।ଚଗ।
୩ । ରୂପେ—3. An adverb prefix like 'ly' as in 'greatly'.
[ ଦ୍ର—ବଡ଼, ଏଡ଼େ ଆଦି ଶବ୍ଦ ସଙ୍ଗେ ଏହା ଲାଗେ; ଯଥା— ବଡ଼ଘାଏଁ—ବଡ଼ କର । ]

ଘାଏକେ—ପ୍ରାଦେ. (ସମ୍ବଲପୁର) ଅ.—କ୍ଷଣକେ—
Ghāeke In a moment
ଦେ. ଅ.—ଏକା ଥରକେ—1. At once.
୨ । ଏକା ବସ୍ତାକେ—2 At one stretch.
(ଯଥା—ଏକା ଘାଏକେ ସବୁ କାମ କରି ଦେଲି ।)

ଘାଏ ଘାଏ—ଦେ କ୍ରି.ବଣ. (ସଂ ଘାତ)—୧ । ଏକ ଏକ ପ୍ରହାର କରି—
Ghāe ghāe 1. Stroke by stroke.
घाए घाए ୨ । ଥରକେ ଏକ ପ୍ରହାର ଦେଇ; ଥରକେ ପାହାରେ—
2. One stroke at a time.
ଭଜାକୁ ଘାଏ ଘାଏ ଗଣିକି ଯୁଗଳକୁ । ଚଗ ।
୩ । ଥରକୁ ଥର; ବାରଂବାର—
3. Repeatedly; over and over.
(ଯଥା—ତୁ ଏତିକି ଘାଏ ଘାଏ ଆସୁଥିବୁ ତ ।)

ଘାଏ ଘାଏ ମାରିବା—ଦେ. କ୍ରି.—ଆଘାତ କରିବା; ପ୍ରହାର କରିବା—
Ghāe ghāe māribā To give blows or strokes; to strike.
घा मारा

ଘାଗଡ଼ା—ଦେ. ବ.—(ସଂ. ଘର୍ଘର=କ୍ଷୁଦ୍ର ଘଣ୍ଟିକା)—୧ । କଣ୍ଠାଭରଣ
Ghāgaṛā ବିଶେଷ—1. A kind of necklace.
घागरा ୨ । ମେମ୍ ମାନଙ୍କର ପିନ୍ଧିବା ଏକପ୍ରକାର ଲମ୍ବା କୁର୍ତ୍ତା;
घाघरा ଲହଙ୍ଗା ।—2. Frock worn by European ladies.
[ଦ୍ର—ଏ ପୋଷାକ ଅଣ୍ଟାଠାରୁ ବଳାଗଣ୍ଠି ପର୍ଯ୍ୟନ୍ତ ଦେହର ଖୁବ ପାଖେ ଚେପା ହୋଇ ଥାଏ । ]

ଦେ. ବଣ. ଧ୍ୱନ୍ୟନୁକରଣ (ସଂ. ଘର୍ଘର)—ଉଚ୍ଚ କଠୋର ସ୍ୱରଯୁକ୍ତ (ପାଟି)—Loud and hoarse (tone).

ଘାଗଡ଼େଇବା—ପ୍ରାଦେ.—(ଗଡ଼ଜାତ)—ବାଉଁଶ ବଛାର ଗଣ୍ଠି ଆଦି
Ghāgaṛeibā ମାରି ସଫା କରିବା; ଚଞ୍ଚା ଥୟିବା—
To cleanse split bamboo by plaing off the protuberances at the joints.

ଘାଗର—ଦେ. ବ.—୧ । ଘାଗଡ଼ା ୨ (ଦେଖ)
Ghāgarā 1. Ghāgaṛā 2 (See)
घागरा ୨ । (ସଂ. ଘର୍ଘର)—ଘର୍ଘରା; ସରଯୂନଦୀ—
घघरा 2. The Gogra river.

ଘାଗରା ପଲ୍ଟଣ—ଦେ. ବ.—ସ୍କଟ୍‌ଲାଣ୍ଡ ଦେଶର ପାହାଡ଼ୀ ଗୋରା
Ghāgarā paltaṇa ସେନା (ଏମାନଙ୍କର ଗୋଡ଼ୁଏ ଘାଗରା ଅଣ୍ଟା-
घाघरापलटन ଠାରୁ ବଳାଗଣ୍ଠି ପର୍ଯ୍ୟନ୍ତ ଲମ୍ବିଥାଏ)—
A Highland soldier wearing a kilt.

ଘାଗୁଡ଼ି - ଦେ. ବ (ସଂ. ଘର୍ଘର)—୧ । ଅଳଙ୍କାରରୂପେ ବ୍ୟବହୃତ କ୍ଷୁଦ୍ର
Ghāguṛi ଘଣ୍ଟି ବା ଘୁଂଘୁର—1. Tinkling small bells
घुंघुरु; घुंगुरु (used as ornament).
घुंगुर ୨ । ପାଦଭୂଷଣବିଶେଷ—2. A tinkling anklet.
ସେମାନଙ୍କର ପାଦ ଘାଗୁଡ଼ି ଶବଦେ,
ମଦନ-ଘଣ୍ଟ ବାଣ୍ଟ ସକଳ ଅଙ୍ଗେ ଭେଦେ । କୃଷ୍ଣସିଂହ ମହାଭାରତ. ଆଦିପର୍ବ ।
୩ । କଟିଭୂଷଣବିଶେଷ—
3. A tinkling waist-chain.

ଘାଗୁଡ଼ିଆ ଟିଙ୍କ—ଦେ. ବ (ଏମାନଙ୍କ ଆକୃତି ଘାଗୁଡ଼ିପରି ଥିବାରୁ)—
Ghāguṛiā ṭinka ଏକପ୍ରକାର ଟିଙ୍କ (ଟିଙ୍କ ଭଳି ଥିବା ଜୋକ (ଦେଖ)—A kind of tick.

ଘାଗୁଡ଼ି ମାଳ—ପ୍ରାଦେ (ଗଞ୍ଜାମ) ବ—ବେକରେ ପିନ୍ଧିବା ଯୋଗ୍ୟ ଏକ-
Ghāguṛi māḷa ପ୍ରକାର ହାର—A kind of necklace used in Ganjam.
ଦେ. ବ—ବଳାଗଣ୍ଠିରେ ପିନ୍ଧାଯିବା ଅନେକଗୁଡ଼ିଏ ଘୁଂଘୁର ଗୁନ୍ଥା ହୋଇଥିବା ମାଳ—A string of tinkling bells strung for the ankle.

ଘାଗୁରି—ଦେ. ବ—ଘାଗୁଡ଼ି (ଦେଖ)—
Ghāguri Ghāguṛi (See)
ଯେଉଁ ଚକ ବଳନ ଘାଗୁରି ସୁଣ ସେ—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଘାଟ୍—ପ୍ରାଦେ. (ସମ୍ବଲପୁର) ୧ । (ସଂ. ଘଟ୍ଟ)—ଘାଟ (ଦେଖ)—
Ghāṭ 1. Ghāṭa (See)
୨ । (ସଂ. ଘାତ; ତୁଳ. ହି. ଘାଟୀ, ଘଟ୍‌ଗା) କ୍ଷତି; ଲୋକସାନ—
2. Loss.

ଘାଟ୍ ଅସିବା—ଦେ. ଚ—୧ । ଅନିଷ୍ଟ ଘଟିବା; ବିପତ୍‌ପାତ—
Ghāṭ āsibā 1. Happening of a calamity.
୨ । କ୍ଷତି ହେବା—2. Incurring of a loss; sustaining of a loss.

ସାଧାରଣ ଲୋକେ ଅପର ପୃଷ୍ଠାରେ ଏଡ଼ା ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ 'ଚକ୍ରି'ର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ;'ଅଗିଁ' ନ ପାଇଲେ 'ଅଗ୍ନି' ଦେଖିବେ;'ଅଲବତ' ନ ପାଇଲେ;'ଅଲବତ୍'ଦେଖିବେ।

**ଘାଟ୍ଟି**—ଦେ. ବି (ସଂ. ଘାତ)—୧ । କମତି; ହ୍ରାସହେବା; ନ୍ୟୂନତା—
Ghāṭṭi 1. Shortage; decrease; falling off.
घाटति ୨ । ଅପଚୟ—2. Wastage.
घटती

**ଘାଟ**—ସଂ. ବି (ଘଟ୍ ଧାତୁ ଣିଜନ୍ତ ଘାଟ୍ଟ ଧାତୁ = ହିଂସା କରିବା + କର୍ତ୍ତୃ. ଅ)
Ghāṭa ୧ । ଗ୍ରୀବା; ବେକ—1. Neck; back of the neck.
୨ । ଘଟ; କୁମ୍ଭ—2. A pitcher.
୩ । ନଈଘାଟ; ଯେଉଁଠାରେ ନଈଅବ ପାରହେବା ପାଇଁ ଲୋକେ ଡଙ୍ଗାରେ ଚଢ଼ନ୍ତି ଓ ଡଙ୍ଗାରୁ ଓହ୍ଲାନ୍ତି— 3. A landing place; ferry-ghat
ଦେ. ବି ( ସଂ. ଘଟ୍ଟ )—୧ । ବନ୍ଦର; ସମୁଦ୍ରକୂଳରେ ଜାହାଜ ଲାଗିବା ସ୍ଥାନ—1. A port.
घाट ୨ । ତୋଠ; ( ଜଳାଶୟର କୂଳରେ ଥିବା ) ସ୍ନାନ କରିବାର
घाट ସ୍ଥାନ—2. Bathing ghat.

ଖଣା କିଣ୍ଡା ନ ଥିବ ଥିବ ଜଳଘାଟ,
ଏମନ୍ତ ଖାଟରେ ଟ ନେବ ନକ ଥାଇ୍ଟା କୃଷ୍ଣସିଂହ. ମହାଭାରତ. ଶାନ୍ତିପର୍ବ ।

୩ । ଜଳାଶୟକୁ ସ୍ନାନ କରିବାକୁ ଯିବା ପାବଚ୍ଛ ବା ସୋପାନ-ବନ୍ଧ—3. Flight of steps leading to a bathing ghat.
୪ । ଗିରିସଙ୍କଟ; ଦୁଇପାଖେ ପର୍ବତ ଥିବା ସଙ୍କୀର୍ଣ୍ଣ ପଥ— 4. Mountain-pass.
୫ । ନଗର ବା ଦୁର୍ଗର ତୋରଣ— 5. Castle-gate; town-gate.
୬ । ଯେଉଁଠାରେ ଶୁଳ୍କ ଅସୁଲ ହୁଏ—6. Toll-gate.
୭ । ପର୍ବତ—7. Mountain.
( ଯଥା—ପୂର୍ବଘାଟ, ପଶ୍ଚିମଘାଟ । )
୮ । ଦାଗ; ଦୋଷ; କଳଙ୍କ—8. Defect; stain.
୯ । ଦୁର୍ଗମ ସ୍ଥାନ—9. Impassable place.
୧୦ । ଦୁଃସହ ଘଟଣା—10. Misfortune.
୧୧ । ଜୀବନର ପ୍ରଧାନ ଘଟଣା— 11. Critical event of life; crisis.
୧୨ । ସୀତାର ପ୍ରଭୃତି ବାଦ୍ୟଯନ୍ତ୍ରର ଏକ ଏକ ଥରକୁ ଅଂଶ— 12. The part between the bridges of a stringed musical instrument ( e.g. guitar ).
୧୩ । ଘାଟକଉଡ଼ି; ଘାଟମାସୁଲ—13. Ferry-hire.

ଜଟିଳେ ଜନ ଯମୁନା ଘାଟ
ପାଇଁ ଅଟିବାକୁ ଲାଗେ ଘାଟ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ପ୍ରାଦେ (ଗଡ଼ଜାତ) ବି—୧ । ଯେଉଁ ପାଣିକୂଳକୁ ବନ୍ୟ ଜନ୍ତୁମାନେ ପାଣି ପିଇବାକୁ ଆସନ୍ତି ବୋଲି; ଶିକାରୀମାନଙ୍କୁ ଜଣା ଓ ଯେଉଁ ସ୍ଥାନକୁ ଛଣ୍ଡି ଶିକାରୀମାନେ ପାଣି ଖାଇବାକୁ ଆସିବା ଜନ୍ତୁମାନଙ୍କୁ ଶିକାର କରନ୍ତି— 1. The place at the edge of a river or tank where wild beasts are known to the hunters to come to have a drink.
୨ । ବନ୍ୟଜନ୍ତୁଙ୍କୁ ଲୋକେ ଗୁହାଅଡ଼ୁ ଘେର ହୁରୁଡ଼ାଇ ଆଣିଲେ ସେମାନେ ଯେଉଁ ନିର୍ଦ୍ଦିଷ୍ଟ ବାଟେ ଯିବେ ବୋଲି ଆଗରୁ ଜଣାଥାଏ—2. The place which is known beforehand by the hunters to be the passage where wild beasts must cross after a drive.

**ଘାଟ କଉଡ଼ି**—ଦେ. ବି—ଘାଟ ପାରହେବା ବ୍ୟକ୍ତି ମାଝୀକୁ ଦେବା ମାସୁଲ—
Ghāṭa kauṛi Toll paid to the boatman for ferrying a person across a river; ferry-hire.

**ଘାଟଚକ୍ର**—ସଂ. ବି—ଦେଉଳର ଅଂଶବିଶେଷ—
Ghāṭachakra A particular part of a temple.
ଦେଉଳତଳର ଚିତ୍ର ଓ ନୋଟ୍ (ଦେଖ)
See the picture and note under Deula.

**ଘାଟଜଗିଆ**—ଦେ. ବି—ଯେ ଗିରିସଙ୍କଟ ବା ନଗରର ଦ୍ୱାର ରକ୍ଷାକରେ;
Ghāṭajagiā ଘାଟୁଆଳ—A guard watching a
घाटोयाल mountain-pass or toll-gate or town-gate.

**ଘାଟଡଙ୍ଗା**—ସଂ. ବି—ଯେଉଁ ଡଙ୍ଗାରେ ଲୋକେ ନଦୀ ଅବ ପାର ହୁଅନ୍ତି—
Ghāṭaḍaṅgā Ferry-boat.
घटहा

**ଘାଟପାରି**—ଦେ. ବି—୧ । ଘାଟରେ ପାର ହେବା ନିମନ୍ତେ ପଥିକମାନେ
Ghāṭapāri ଦେବା ଶୁଳ୍କ—Ferry-hire.
୨ । ନଦୀ ପ୍ରଭୃତିକୁ ଡଙ୍ଗାଦ୍ୱାରା ଉତ୍ତୀର୍ଣ୍ଣହେବା— 3. Crossing of a river by boat.

**ଘାଟବାଟ**—ଦେ. ବି—୧ । ଘାଟ ବାଟରେ ଜଗିବା କୌତୁକ—
Ghāṭabāṭa 1. The diversion of watching people passing along roads and ferries.

କାହିଁ ଲଗାଇଛନ୍ତି ଘାଟବାଟ,
କାହିଁ ଦୂତୀ ସଙ୍ଗେ କରନ୍ତି କଳି—ଗୋ. ନୀ. ପରଦେଶୀଘା ।

୨ । (ଧନ୍ୟାର୍ଥବୋଧକ ସହଚର)—ବାଟଘାଟ (ଦେଖ)
2. Bāṭaghāṭa (See).

**ଘାଟବାଲା**—ଦେ. ବି.—୧ । ଯେ ପଥିକମାନଙ୍କୁ ନଦୀଘାଟରେ ପାର-
Ghāṭabālā କରେ—1. Ferry-man.
घाटोवाली ୨ । ଘାଟ ଇଜାରା ନେଇଥିବା ବ୍ୟକ୍ତି—
घटहा 2. The lessee of a ferry.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ର୍,ଋ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଦ୍ଧ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ | ଇଅ | ନ୍ |

ଘାଟ ଭିଡ଼ିବା—ଦେ. କ୍ରି.—(ଜାହାଜିଆ ଭାଷା)—ନୌକା ବା ଜାହାଜ ଆସି ଘାଟରେ ଲାଗିବା—
Ghāṭa bhirdibā
ঘাটেপৌছা (nautical) (a boat or ship) To reach
घाटलगना or touch at a landing place.

ପୂର୍ଣ୍ଣିମା କଣ୍ଠାଳ କୁଆର ବେଳରେ କମଳାପ୍ରସାଦ ଘାଟ ଭିଡ଼ିବ ।
ଫକୀରମୋହନ· ଗଳ୍ପସ୍ୱଳ୍ପ ।

ଘାଟମାଝି—ଦେ. ବି.— ଯେଉଁ ନାଉରିଆ ଲୋକଙ୍କୁ ଘାଟରେ ପାରି କରେ—
Ghāṭamājhi Ferry-man; a boatman who
ঘাটের মাঝী ferries people across.
घटवाहा; माझी

ଘାଟ ମାସୁଲ—ଦେ. ବି. (ସଂ. ଘଟ୍ଟ + ଫା. ମହସୁଲ୍)—
Ghāṭamāsula ଘାଟପାରି ୧ (ଦେଖ)
ঘাটমাশুল Ghāṭapāri 1 (See)
घाटमहसुल

ଘାଟଷଷ୍ଠୀ—ସଂ. ବି.—ଆଶ୍ୱିନ କୃଷ୍ଣଷଷ୍ଠୀ—
Ghāṭashashṭhī The 6th day of the dark fortnight of the month of Āświna.
[ ଏ ଦିନ ଗଜମାନଙ୍କୁ ପୂଜା କରାଯାଏ । ]

ଘାଟ ସାଧିବା—ଦେ. କ୍ରି.— ଘାଟରେ ପାରି ହେବା ପାଇଁ ଶୁଳ୍କ ପଥିକମାନଙ୍କଠାରୁ ଆଦାୟ କରିବା—
Ghāṭa sādhibā
ঘাট সাধা To collect ferry-hire from the
घाट महसुल वसुल करना passengers.

ଘାଟା—ସଂ. ବି.—(ଘଟ୍ ଧାତୁ = ହିଂସା କରିବା + ଅ + ଆ)—
Ghāṭā ଘାଟ (ଦେଖ)—Ghāṭa (See)

ଘାଟି—ଦେ. ବି. (ସଂ. ଘାଟ; ଘଟ୍ଟ)—୧ । ଗିରିସଙ୍କଟ—
Ghāṭi 1. Mountain-pass.
ବେ. ଘାଣ୍ଟି
ঘাট
घाट

କଣ୍ଟା ନଦୀର ଘାଟି, ସମ୍ଭାରି କ୍ଲେଶ ଥାଟି,
କଷ୍ଟ ନେବ ମୁଁ ବୋଲି ଅଞ୍ଚଳରେ । କବିସୂର୍ଯ୍ୟ· ବଳଦେବ ।

୨ । ଦୁଃସହ ଘଟଣା—2. Misfortune; mishap.
୩ । ବିପଦ—3. Danger.
୪ । ଜୀବନର ପ୍ରଧାନ ଘଟଣା—
4. Critical event of one's life.
୫ । ଉତ୍ତପ୍ତ ଲୌହଦ୍ୱାରା ଜନ୍ତୁର ଶରୀରରେ ଦିଆଯିବା ଦାଗ; ଚିହ୍ନ—5. Mark put on the body of an animal with red-hot iron; branding with hot iron.
୬ । (ମୁଦ୍ରାଉପରେ) ଚିହ୍ନ; ଦାଗ—6. Mark (on a coin.)
(ଯଥା—ଏ ଟଙ୍କାରେ ଘାଟି ଅଛି ।)
୭ । ସଙ୍କଟସ୍ଥଳ; ସଙ୍କଟ ସମୟ—7. Critical moment.
୮ । ଦୋଷ; ତ୍ରୁଟି—8. Defect.
୯ । କମତି; ହ୍ରାସ—9. Shortage; depreciation.
୧୦ । କ୍ଷତି—10. Loss; damage.

ঘাটী ଦେ. ବିଣ.—ଦାଗ ହୋଇଥିବା ଯୋଗୁଁ ଅଚଳ (ଟଙ୍କା)—
घटिया (coin) Become uncurrent owing to some mark on it.

ଘାଟିଆ—ଦେ. ବି. ( ସଂ. ଘଟ୍ଟପାଳ )—୧ । ଘାଟମାଝି—
Ghāṭiā 1. Ferry-man.
ঘাটোয়াল ୨ । ଯେ ଗିରିସଙ୍କଟ ଅଗି ଜଗିଥାଏ—
घटवार्; घटवार, 2 One who guards a mountain-
घटहा; घाटिया pass.
୩ । ନଗରର ଦ୍ୱାରରକ୍ଷକ—3. Town-gate-keeper.
୪ । ଶୁଳ୍କଦ୍ୱାର ରକ୍ଷକ—4. Toll-gate-keeper.
୫ । ତୀର୍ଥସ୍ଥାନ ବା ଦେବମନ୍ଦିରର ଦ୍ୱାରରକ୍ଷକ—
5. Gate-keeper of a place of pilgrimage or temple.
୬ । ତୀର୍ଥସ୍ଥାନର ନଦୀ ବା ପୁଷ୍କରିଣୀର ଘାଟରେ ଥାଇ ଯାତ୍ରୀଙ୍କୁ ସଙ୍କଳ୍ପ ଆଦି କରାଇ ସେମାନଙ୍କଠାରୁ ଦାନ ଗ୍ରହଣ କରିବା ପଣ୍ଡା—6 A priest who attends the bathing ghat at some sacred place and takes gifts from pilgrims.

ଘାଟିକା—ସଂ. ବି. (ଘାଟ + କ + ଆ; କମ୍ପା; ଘଟ + ଇକ + ଆ)—
Ghāṭikā ୧ । ଘଣ୍ଟା ବଜାଇବା ବ୍ୟକ୍ତି—1. Bell-ringer.
୨ । ଧାତୁରା ଗଛ—2. The Thorn-apple plant.
୩ । ଭାଟ—3. A bard; panegyrist.
୪ । ବେକର ପଛ ( ହି. ଶବ୍ଦସାଗର )—
4. The back of the neck.
ସଂ. ବି. (ଘାଟ + କ + ଆ)—ଘାଟ—Ferry.

ଘାଟିବା—ଦେ. କ୍ରି—୧ । ଚିହ୍ନ ଦେବା—1. To mark.
Ghāṭibā ୨ । ଚିହ୍ନ ଦେବା—
2. To brand with hot iron.

ଘାଟୁଆ—ଦେ. ବି—୧ । ଚୈତ୍ର ଓ ଆଶ୍ୱିନମାସରେ ଦୁର୍ଗାପର୍ବ ସମୟରେ
Ghāṭuā ଯେଉଁ ବ୍ୟକ୍ତି ଦେବୀଙ୍କ ନାମରେ ଉତ୍ସର୍ଗ ହୋଇଥିବା ଘଟକୁ ଧରି କାଳସୀପାଖରେ ଥାଏ—
1. A person who accompanies a person possessed by the Goddess and carries the pitcher dedicated to the Goddess, in the month of Chaitra and Āświna.
୨ । ଘାଟିଆ ( ଦେଖ )
2. Ghāṭiā ( See )

ଘାଟୁଆର—ଦେ. ବି—ଘାଟବାଲା ( ଦେଖ )
Ghāṭuāra Ghāṭabālā ( See )

ଘାଟୁଆରି—ଦେ. ବି—ଘାଟବାଲା ( ଦେଖ )
Ghāṭuāri Ghāṭabālā ( See )

ଘାଟୁଆଳ—ଦେ. ବି—ଘାଟିଆ ( ଦେଖ )
Ghāṭuāla Ghāṭiā ( See )

ସାଧାରଣ ଲେକେ ଅପରେ ବୃଷ୍ଟାରେ ୧୨ରେ ୧ ଚନ୍ଦ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଦ୍ରଷ୍ଟାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଠ ସ୍ଥାନରେ ଉକ୍ତ କ୍ରମରେ ୨ ବା ୧ ଚନ୍ଦ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; ଅଗମ୍ୟ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବ୍ଧ' ନ ପାଇଲେ 'ଅଲବ୍ଧ' ଦେଖିବେ ।

ଘାଡ଼୍—ପ୍ରାଦେ. (ମେଦିନୀପୁର) ବି. (ସଂ. ଘାଟ; ଭୁଲ. ବି. ଘାଡ଼୍)—
Ghārd ବେକ; ଗ୍ରୀବା—Neck.

ଘାଣ୍ଟ—ଦେ. ବି. ( ସଂ. ଘଣ୍ଟ; ଘଣ୍ଟ ଧାତୁ )—
Ghānṭa ୧ । ମିଶ୍ରଣ; ମିଶାଇବା; ଗୋଳାଇବା—
ঘঁট; ঘাঁট 1. Thoroughly mixing up of many-things.
୨ । ଗୋଳଅଗୋଳ ଦ୍ରବ୍ୟ—2. Hodgepodge; curry prepared with many ingredients.

ଘାଣ୍ଟଚକଟ—ଦେ. ବି—୧ । ଘଣ୍ଟାଚକଟା; ଗୋଳମାଳ—
Ghānṭa chakaṭa 1. Confusion; consternation.
ঘাঁটাঘাঁটি ୨ । ଧୁମ୍‌ଧାମ୍—2. Ado.
୩ । ଲେଉଟ ପାଉଟ—3. Upturning; agitation.

ଘାଣ୍ଟ ତରକାରି—ଦେ. ବି. (ସଂ. ଘଣ୍ଟ)—ମନ୍ଥର; ଅନେକ ପ୍ରକାର
Ghānṭa tarakāri ପରିବାଦ୍ୱାରା ପ୍ରସ୍ତୁତ ବ୍ୟଞ୍ଜନ—
ঘণ্ট A hetero-mixture; curry prepared with many kinds of vegetables mixed together.

ଘାଣ୍ଟ ତିଅଣ—ଦେ. ବି (ସଂ.ଘଣ୍ଟ+ତେମନ)—ଘାଣ୍ଟ ତରକାରି (ଦେଖ)
Ghānṭa tiaṇa Ghānṭa tarakāri ( See )
[ ଦ୍ର—ଓଡ଼ିଶାରେ ଜୁଜାସ୍ଥ୍ୟ ଓଷା ବାସୀ ଦିନ ସ୍ତ୍ରୀଲୋକମାନେ ଘାଣ୍ଟତିଅଣ କରନ୍ତି । ]

ଘାଣ୍ଟିଆ—ଦେ. ବି.—୧ । ( ସଂ. ଘଣ୍ଟ ଧାତୁ )—ଶସ୍ୟବିଶେଷ—
Ghānṭiā 1. Name of a grain.
୨ । ( ସଂ. ଘଣ୍ଟ ) ଘାଣ୍ଟ ତରକାରି ( ଦେଖ )
2. Ghānṭa tarakāri ( See )
୩ । ବହୁ ଦ୍ରବ୍ୟ ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ—
3. Hotchpotch.
ଭୈରବାର ଭୋଗଯୋଗ୍ୟ ବାଉଁଶ ଘାଣ୍ଟିଆ । ଜଗନ୍ନାଥ. ମହାଯାତ୍ରା ।
ବି—ଗୋଳଥିବା; ମିଶ୍ରିତ—Well mixed; well stirred.

ଘାଣ୍ଟିକ—ସଂ. ବି. ( ଘଣ୍ଟ+ବାଦନାର୍ଥେ. ଇକ )—
Ghānṭika ୧ । ଯେଉଁ ବ୍ୟକ୍ତି ଦେବାଳୟରେ ଘଣ୍ଟ ବଜାଏ; ଘଣ୍ଟୁଆ-
1. Bell-ringer in a temple.
୨ । ଧାତୁରା ଗଛ—2. The Thorn-apple plant.
୩ । ବୈତାଳିକ; ସ୍ତୁତିପାଠକ—
3. Chanter of hymns or panegyrics.
ସଂ. ବି. ପୁଂ—ଘଣ୍ଟା ବାଦନକାରୀ—
Ringing a bell or gong.

ଘାଣ୍ଟି ଚକଟି ହେବା—ଦେ. କ୍ରି—ଘାଣ୍ଟି ହେବା—
Ghānṭi chakaṭi hebā Ghānṭi hebā ( See )

ଘାଣ୍ଟି ଦେବା—ଦେ. କ୍ରି—ଆଲୋଡ଼ିତ କରିବା; ଚକଟିବା—
Ghānṭi debā To agitate.
କାମ ଘାଣ୍ଟି ଦେଲା ଶରରେ ତାଙ୍କ ମନ୍ତ୍ର ।
କୃଷ୍ଣସିଂହ. ମହାଭାରତ. ବନପର୍ବ ।

ଘାଣ୍ଟିବା—ଦେ. କ୍ରି. ( ସଂ. ଘଟ୍ଟ ଧାତୁ )—
Ghānṭibā ୧ । ଗୋଳିବା; ଆଲୋଡ଼ନ କରିବା; ଗୋଳାଇବା—
ঘাঁটা 1. To stir up; to thoroughly mix up;
घंघोलना to agitate.
୨ । ଦନ୍ଦଗଞ୍ଜ କରିବା—
2. To put into much trouble; to harass.
ନୃପଙ୍କମତ ହୋଇ ରହୁଅଛ ମୁହିଁ
ନ ଘାଣ୍ଟ କାମ ମୋତେ ବପୁରେ ନେଇ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ପର୍ବ ।
୩ । ମନରେ କଷ୍ଟ ଦେବା—
3. To disturb or perturb the mind.
୪ । ଅତ୍ୟନ୍ତ ବିରକ୍ତ କରିବା—4. To tease.
୫ । ପାଣିକୁ ଗୋଳାଇବା—
5. To agitate water and make it turbid.

ଘାଣ୍ଟି ହେବା—ଦେ. କ୍ରି—୧ । କଳବଲ ହେବା; ଦନ୍ଦଗଞ୍ଜ ହେବା—
Ghānṭi hebā 1. To be troubled or afflicted.
ଭୁଞ୍ଜ ବନା ସବୁ ଯୋଗାଏ ମୋର ମାୟା
ଅନ୍ଧାରେ ଘାଣ୍ଟି ହୋଇ ଛାଡ଼ ଦେବେ କାୟା ।
କୃଷ୍ଣସିଂହ. ମହାଭାରତ. ସ୍ୱର୍ଗପର୍ବ ।
୨ । କାଦୁଅ, ପଙ୍କ, ପୁରୀଷ ଆଦିରେ ଲୁଣ୍ଠିତ ହେବା—
2. To wallow ( in mire, dirt, mud ).
ନ ଖାଇ ମୁଁ ମଲେ ମୋର ପୁଅ ମାଇପେ
ମଇବେ ଘାଣ୍ଟି ହେବ ଭୂମେ ସେହି ପାପେ ।
କୃଷ୍ଣସିଂହ. ମହାଭାରତ. ବନ ପର୍ବ ।
୩ । ଦୁଃଖିତ ହେବା; ବ୍ୟଥିତ ହେବା; ମନୋବେଦନା ଭୋଗ କରିବା—3. To be sorry or excited; to be mentally disturbed.
ଘାଣ୍ଟି ହେଉଛୁ ମାତ । କବିସୂର୍ଯ୍ୟ. ଚଉପଦୀ ଚନ୍ଦ୍ର ଘ ଗୀତ ।
୪ । ଚିନ୍ତିତ ହେବା; ଚିନ୍ତାଗ୍ରସ୍ତ ହେବା—4. To be anxious; to feel uneasy.
ଦମୟନ୍ତୀ ଏରୂପ ବଚନ ଶୁଣାଏ,
ଘାଣ୍ଟି ହୋଇଣ ଶୀଘ୍ର କରିଦେଲେ କାଏ୍। କୃଷ୍ଣସିଂହ. ମହାଭାରତ. ବନପର୍ବ ।
୫ । (ଘାଣ୍ଟିବାର କର୍ମବାଚ୍ୟ ରୂପ) ଆଲୋଡ଼ିତ ହେବା—
5. To be stirred up.
ତାହା ଦେଖି ସମୁଦ୍ର ଘାଣ୍ଟି ହୋଇଗଲା—କୃଷ୍ଣସିଂହ. ମହାଭାରତ. ବନପର୍ବ ।

ଘାଣ୍ଟିହୋଇ ମରିବା—ଦେ. କ୍ରି—ଘାଣ୍ଟି ହେବା ୧।୩।୪ (ଦେଖ )—
Ghānṭihoi maribā Ghānṭi hebā 1. 3. 4 ( See )

ଘାତ—ସଂ. ବି (ହନ୍ ଧାତୁ=ବଧ କରିବା+ଭାବ. ଅ; ହନ ସ୍ଥାନରେ ଘାତ ଆଗମ)—୧ । ଆଘାତ; ପ୍ରହାର; ଚୋଟ—
Ghāta 1. Stroke; blow; hit.
୨ । ମାରଣ; ବଧ; ହତ୍ୟା—
2. Murder; killing; slaughter.
୩ । (+କରଣ. ଅ) ବାଣ; ଶର—3. Arrow.
୪ । କ୍ଷତ; ଘା—4. Wound; sore.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଔ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଈପ୍ସ | ଚ୍ଛ୍ୟ | ଭ |
| ୨ | ଈ | ଊ | ଋ | ଌ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଂ୍ୟ | ଇଅ | ● | ନ |

୫ । କ୍ଷମତା—5. Power.

୬ । (+କରଣ. ଅ) ବଧାସ୍ତ୍ର; ପ୍ରହରଣାସ୍ତ୍ର—
6. Lethal or mortal weapon.

୭ । ( ଗଣିତ ) ଗୁଣଫଳ—
7. ( Mathematics ) Product.

୮ । (ଗଣିତ) କୌଣସି ସଂଖ୍ୟାକୁ ସେହି ରାଶିଦ୍ୱାରା ପୁନଃପୁନଃ ଗୁଣିବା—8. ( Arithmetic ) Involution; repeated multiplication of one number by itself.

୯ । ବିଘ୍ନ—9. Obstruction; obstacle.

ଶୁଣ ହେ ପୃଥୁ ନୃପନାଥ, ଇନ୍ଦ୍ର ଯେ କଲା ଯଜ୍ଞେ ଘାତ—ଜଗନ୍ନାଥ. ଭାଗବତ ।

୧୦ । ଅନିଷ୍ଟ; କ୍ଷତି—10. Injury; loss.

୧୧ । ଅହିତ; ଅମଙ୍ଗଳ—11. Evil.

୧୨ । ସୁଯୋଗ; କୌଣସି ଅଭିପ୍ରାୟ ସିଦ୍ଧ କରିବା ପାଇଁ ଉପଯୁକ୍ତ ଅବସର; ଦାଉଁ ( ହି. ଶବ୍ଦସାଗର )—12. Suitable opportunity.

୧୩ । ସ୍ୱାର୍ଥ; ଅଭିପ୍ରାୟ; ମତଲବ୍ (ଜ୍ଞାନେନ୍ଦ୍ର)—
13. Aim; intent.

୧୪ । ତାକତରକ; କାର୍ଯ୍ୟସିଦ୍ଧି କରିବା ପାଇଁ ଉପଯୁକ୍ତ ଅବସର ପାଇଁ ପ୍ରତୀକ୍ଷା କରିବା (ହି. ଶବ୍ଦସାଗର)—
14. Being on the look-out for a suitable opportunity.

ଦେ. ବି—ଦୋଷ ଦେବା—Finding fault with; laying blame on.

କ ଅକ୍ଷରେ କଲି ଯେତେ ଗୀତ
କେବେହେଁ ଏଥି ନ ଦେବ ଘାତ
ଭକ୍ତ ହେଲେ ତ ଜାଣିବ ଏହି, ଶ୍ରମହିଁ ଯେତେ ହେ ।
ଦୀନକୃଷ୍ଣ. ରସକଲ୍ଲୋଳ ।

**ଘାତକ**—ସଂ. ବିଶ. ପୁଂ. ( ହନ ଧାତୁ+କର୍ତ୍ତୃ. ଅକ )—
Ghātaka ୧ । ହତ୍ୟାକାରୀ—1. Killing; destroying.
(ଘାତକା—ସ୍ତ୍ରୀ) ୨ । ପ୍ରହାରକାରୀ—2 Striking; beating.
ବି. ପୁଂ.—୧ । ହତ୍ୟାକାରୀ ବ୍ୟକ୍ତି—1 Murderer; assassin.
୨ । ଶତ୍ରୁ (ହି. ଶବ୍ଦସାଗର)—2. Enemy.
୩ । ଜ୍ୟୋତିଷ ମତରେ ଯେଉଁ ଯୋଗ କୌଣସି ବ୍ୟକ୍ତିର ମୃତ୍ୟୁ ଘଟାଏ (ହି. ଶବ୍ଦସାଗର)—3. An astrological conjunction of stars or planets which brings about the death of a person.
୪ । ପ୍ରାଣଦଣ୍ଡରେ ଦଣ୍ଡିତ ଅପରାଧୀକୁ ହାଣିବା ପାଇଁ ନିଯୁକ୍ତ ବ୍ୟକ୍ତି—4. An executioner; a person entrusted with the duty of beheading criminals condemned to death.

**ଘାତ କରିବା**—ଦେ. କ୍ରି.—୧ । ଆଘାତ କରିବା—
Ghāṭa karibā 1. To strike.
घात करना ୨ । ବଧ କରିବା—
**घात करना** 2. To kill.
୩ । ଅନିଷ୍ଟ କରିବା—3. To injure.
୪ । ଦନ୍ତ ଦ୍ୱାରା ଆଘାତ କରିବା; କାମୁଡ଼ିବା—
4. To bite.

**ଘାତକୀ**—ଦେ. ବିଣ—୧ । ଘାଉଆ; ଆଘାତ—
Ghātakī 1. Wounded.

କଟୂକ୍ତି ଶର ଘାତକୀ ହେଲା ପରି ହୋଇ କି ଅସିଲେ ଉଭୁର ସେ ।
ଉପେ. ବୈଦେହୀଶବିଳାସ ।

୨ । (ସଂ. ଘାତକ) ଆଘାତକାରୀ—2. Hurting; striking.

ଚତଳଁ କେତକୀ ପତ୍ର ଘାତକୀ ଭ୍ରମରେ ଯେ । ଉପେ. ବୈଦେହୀଶବିଳାସ ।

**ଘାତ ଚନ୍ଦ୍ର**—ସଂ. ବି. ( ଫଳିତ ଜ୍ୟୋତିଷ ) ଜନ୍ମରାଶିଠାରୁ ଚନ୍ଦ୍ରଙ୍କର
Ghāta chandra ଅବସ୍ଥାନବିଶେଷ, ଯଦ୍ୱାରା ମନୁଷ୍ୟର ଅନିଷ୍ଟ ହୁଏ—( astrology ) Inauspicious position of the moon with reference to a person's horoscope, which causes misfortune to a person.

[ ଦ୍ର—ଜ୍ୟୋତିଷ ମତରେ ଚନ୍ଦ୍ର ଜନ୍ମରାଶିଠାରୁ ନିମ୍ନୋକ୍ତ ସ୍ଥାନମାନଙ୍କରେ ଥିଲେ ଘାତଚନ୍ଦ୍ର ବୋଲି କଥିତ ହୁଏ । ମେଷ ରାଶିର ଆଦ୍ୟ, ବୃଷଭର ପଞ୍ଚମ, ମିଥୁନର ନବମ, କର୍କଟର ଦ୍ୱିତୀୟ, ସିଂହର ଷଷ୍ଠ, କନ୍ୟାର ଦଶମ, ତୁଳାର ତୃତୀୟ, ବିଛାର ସପ୍ତମ, ଧନୁର ଚତୁର୍ଥ, ମକରର ଅଷ୍ଟମ, କୁମ୍ଭର ଏକାଦଶ ଓ ମୀନର ଦ୍ୱାଦଶ ]

**ଘାତ ଚିହ୍ନ**—ସଂ. ବି. ୧ । ( ଗଣିତ )—
Ghāta chihna ବର୍ଗ; ଘନ ଆଦିର ଚିହ୍ନ (ଯଥା—କ², ୪³)—
1. (mathematics) Index; power (e.g. $a^2; 4^3$).
୨ । ଆଘାତ ବା କ୍ଷତ ବା ଦନ୍ତର ଚିହ୍ନ—
2 Mark of a wound or bite.

**ଘାତ ତିଥି**—ସଂ. ବି. (ଜ୍ୟୋତିଷ)—ଅଶୁଭ ତିଥି—
Ghāta tithi Inauspicious lunar day.

**ଘାତନ**—ସଂ. ବି. (ହନ୍ ଧାତୁ. ଣିଚ୍=ଘାତି ଧାତୁ+ଭାବ. ଅନ)—
Ghātana ୧ । ଅନ୍ୟ ଦ୍ୱାରା ବଧ କରାଇବା—
1. Causing murder through others; having a person murdered or assassinated.
୨ । (ହନ ଧାତୁ+ଭାବ. ଅନ)—ବଧ; ହତ୍ୟା—
2. Slaughter.
୩ । (ହନ ଧାତୁ+କର୍ତ୍ତୃ. ଅନ)—ହତ୍ୟାକାରୀ ବ୍ୟକ୍ତି—
3. Murderer.
୪ । ଅନ୍ୟଦ୍ୱାରା ଆଘାତ କରାଇବା—
4. Causing others to beat a person.

୫ । (+କରଣ· ଅନ —ପ୍ରହାରସାଧନ ଅସ୍ତ୍ର—
5. A weapon of offence.

ସଂ. ବିଣ. ପୁଂ—ଘାତକ (ଦେଖ)
Ghātaka (See)

**ଘାତ ନକ୍ଷତ୍ର**—ସଂ. ବି.—(ଫଳିତ ଜ୍ୟୋତିଷ) ଅଶୁଭ ନକ୍ଷତ୍ର—
Ghāta nakshatra (astrology) Inauspicious lunar mansion.
[ ଦ୍ର—ଜ୍ୟୋତିଷ ମତରେ ଜନ୍ମନକ୍ଷତ୍ର ଠାରୁ ପ୍ରଥମ, ଚତୁର୍ଥ, ପଞ୍ଚମ ଓ ସପ୍ତମ ମଘା ନକ୍ଷତ୍ର ଓ ଘାତନକ୍ଷତ୍ର ଅଟେ । ]

**ଘାତନା**—ଦେ. ବି.—(ସଂ. ଘାତନ)—ଘାତନ (ଦେଖ)
Ghātanā Ghātana (See)
ବହୁ ବହନ ସ୍ନେହ । ବ୍ୟାଧି ବ୍ୟାଧି ଘାତନାରୁ ଦେହ । ଉକ୍ତ, ବୈଦେହୀଶବିଳାସ

**ଘାତ ପ୍ରତିଘାତ**—ସଂ. ବି—ଆଘାତ ଓ ଲେଉଟି ଆଘାତ—Action and
Ghāta pratighāta re-action; strokes given and got back in return; strokes and return-strokes.

**ଘାତ ବାର**—ସଂ. ବି.—(ଫଳିତ ଜ୍ୟୋତିଷ) ସପ୍ତାହର ଅଶୁଭ ବାର—
Ghāta bāra (astrology) Inauspicious week-day.
( ଦ୍ର—ଜ୍ୟୋତିଷ ମତରେ ଭିନ୍ନ ଭିନ୍ନ ଜନ୍ମରାଶି ପକ୍ଷରେ ଭିନ୍ନ ଭିନ୍ନ ବାର ଅଶୁଭ । )

**ଘାତସହ**—ସଂ. ବିଣ.—(ଘାତ+ସହ ଧାତୁ+କର୍ତ୍ତୃ. ଅ)—ଯେଉଁ ଧାତୁ
Ghātasaha ପିଟିଲେ ଭାଙ୍ଗେ ନାହିଁ (ଯଥା—ସୁନା, ରୁପା, ଲୁହା)
(ଘାତସହତା—ବି) Malleable.

**ଘାତସ୍ଥାନ**—ସଂ. ବି. ( ୬ଷ୍ଠୀ ତତ୍; ଘାତ+ସ୍ଥାନ )—
Ghātasthāna ୧ । ବଧଭୂମି; ବଳି ଦିଆଯିବା ସ୍ଥାନ—
1. Place for execution; the place where men or animals are killed.
୨ । କଂସେଇଖାନା—2. Slaughter-house.
୩ । ମୃତ୍ୟୁ ସ୍ଥାନ; ଶ୍ମଶାନ—3. Cremation-ground.

**ଘାତାବେଶ**—ସଂ. ବି. (୭ମୀ ତତ୍; ଘାତ+ଆବେଶ)—(ଗଣିତ) ରାଶିରେ
Ghātābesa ଘାତଚିହ୍ନ (ବର୍ଗ ବା ଘନଚିହ୍ନ) ଯୋଖିବା ପ୍ରକ୍ରିୟା—
(mathematics) Involution.
[ ଦ୍ର—କୌଣସି ରାଶି ଧାରାବାହିକରୂପେ ସେହି ରାଶିଦ୍ୱାରା ଗୁଣିତ ହେଲେ ଗୋଟିଏ ଗୋଟିଏ ରାଶି ଉତ୍ପନ୍ନ ହୁଏ; ଯେଉଁ ପ୍ରକ୍ରିୟା ଦ୍ୱାରା ଏହି ରାଶିମାନ ଉତ୍ପନ୍ନ ହୁଏ ତାହାର ନାମ ଘାତାବେଶ । ]

**ଘାତି**—ସଂ.ବି. (ହନ୍ ଧାତୁ+ଭାବ.ଇ)—୧ । ଆଘାତ; ପ୍ରହାର; ହତ୍ୟା—
Ghāti 1. Slaughter; stroke.
୨ । ( +କରଣ. ଇ ) ଚଢ଼େଇ ଧରିବା ଜାଲ—
2. Bird-net.

**ଘାତିକା**—ସଂ. ବି. ସ୍ତ୍ରୀ. ( ଘାତକ+ସ୍ତ୍ରୀ ଅ )—ଘାତକର ସ୍ତ୍ରୀଲିଙ୍ଗ—
Ghātikā The feminine of Ghātaka.

**ଘାତୀ**—ସଂ. ବିଣ. ପୁଂ. (ହନ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Ghātī ୧ । ( ଅମୁକର ) ହତ୍ୟାକାରୀ—
(ଘାତିନୀ—ସ୍ତ୍ରୀ) 1. Murdering; murderer of.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ଯଥା—ପିତୃଘାତୀ; ଆତ୍ମଘାତୀ । ]
୨ । ( ଅମୁକର ) ବିନାଶକାରୀ—
2. Destroying; destroyer of.
( ଯଥା—କୃମିଘାତୀ )
ସଂ. ବି. ପୁଂ—ହତ୍ୟାକାରୀ ବ୍ୟକ୍ତି—
Slaughterer; murderer; assassin.
ଦେ.ବିଣ.ପୁଂ(ଘାତ+ଇନ୍;୧ମା. ୧ବ.)—ଆଘାତପ୍ରାପ୍ତ (ବ୍ୟକ୍ତି)—
Wounded (person).

**ଘାତୁକ**—ସଂ. ବିଣ. ପୁଂ. (ହନ୍ ଧାତୁ+କର୍ତ୍ତୃ. ଉକ)—
Ghātuka ୧ । ନିଷ୍ଠୁର; କ୍ରୂର—1. Cruel; ferocious.
(ଘାତୁକୀ—ସ୍ତ୍ରୀ) ୨ । ହିଂସ୍ର—2. Revengeful.
୩ । ହନନକାରୀ; ବଧକାରୀ—
3. Murdering; slaughtering.
ସଂ. ବି. ପୁଂ—୧ । ରାଜାଦେଶରେ ହତ୍ୟାକାରୀ ବ୍ୟକ୍ତି—
1. Executioner
୨ । ଗୁପ୍ତହତ୍ୟାକାରୀ ବ୍ୟକ୍ତି—2. An assassin.

**ଘାତ୍ୟ**—ସଂ. ବିଣ (ହନ୍ ଧାତୁ+କର୍ମ. ଯ)—ବଧ୍ୟ—
Ghātya Fit to be killed or destroyed.

**ଘାନ୍**—ପ୍ରାଦେ. (ସମ୍ବଲପୁର) ବି—( ସଂ. ଘନ; ଭୁଲ. ଏହି ଅର୍ଥରେ ହି. ଘନ୍)—ବଡ଼ ହାତୁଡ଼ି—Large hammer.
Ghān

**ଘାଣ୍ଟି**—ଦେ. କ୍ରି ବିଣ (ସଂ. ଘାତ)—୧ । କ୍ଷଣମାତ୍ର—
Ghānti 1. For a moment; instantly.
୨ । ବାର; ଥର—2. Time.

**ଘାଣ୍ଟେ**—ଦେ. (ପଦ୍ୟ) କ୍ରି. ବିଣ—୧ । କ୍ଷଣକେ—
Ghānte 1. In an instant.
୨ । ଥରେ; ଥରେ ମାତ୍ର—2. Once; once only.

**ଘାବ୍‌ଡ଼ା**—ଦେ. ବିଣ—୧ । ଭୟତ୍ରସ୍ତ; କିଂକର୍ତ୍ତବ୍ୟବିମୂଢ଼—
Ghāb-rdā 1. Alarmed; bewildered.
ঘাবড়া ୨ । ଚଞ୍ଚଳ—2. Confused; agitated.
**ঘবড়া** ଦେ. ବି—କିଂକର୍ତ୍ତବ୍ୟବିମୂଢ଼ତା—Consternation.

**ଘାବ୍‌ଡ଼ାଇବା**—ଦେ. କ୍ରି—ଭୟତ୍ରସ୍ତ ହେବା; ତଟସ୍ଥ ହେବା—
Ghāb-rdāiba 1. To be bewildered; to be alarmed or dumbfounded.
ঘাবড়ান
**ঘাবড়ানা**
୨ । ଚଞ୍ଚଳ ହେବା—
2. To be confused or perplexed.
( ଘାବଡ଼େଇବା—ଅନ୍ୟରୂପ )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଡ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ଇସ୍ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଔ | ନ୍ତ |

ଘାବ୍‌ରା—ଦେ. ବିଣ—ଘାବ୍‌ଡ଼ା ( ଦେଖ )
Ghāb-rā  Ghāb-rdā (See)

ଘାବ୍‌ରାଇବା—ଦେ. କ୍ରି—ଘାବ୍‌ଡ଼ାଇବା ( ଦେଖ )
Ghāb-rāibā  Ghāb-rdāibā ( See )
( ଘାବ୍‌ରେଇବା—ଅନ୍ୟରୂପ )

ଘାବଶର—ପ୍ରାଦେ. ( ଗଡ଼ଜାତ ) ବି—ଗର୍ଜନୀ ( ଦେଖ )
Ghābaśara  Garjanī ( See )

ଘାବା—ଦେ. ବିଣ—ଘାଉଆ ( ଦେଖ )
Ghābā  Ghāuā ( See )

ଘାୟେ—ଦେ. କ୍ରି. ବିଣ—(ଅମୁକର) ଆଘାତରେ—
Ghāye  By the stroke of.
କେତକୀଗନ୍ଧ-ବନ୍ଧୁ ମଧୁ ଘାୟେ
ପ୍ରାଣ ବହଇ କାମବାଣ ଘାୟେ—ପ୍ରାଚୀ. ଉପବାଉଧ ।

ଘାର—ସଂ. ବି. ( ଘୃ ଧାତୁ=ସେଚନ କରିବା+ଭାବ. ଅ )—
Ghāra ୧ । ସେଚନ—1. Sprinkling.
୨ । ଓଦା କରିବା—2. Moistening

ଘାରା—ପ୍ରାଦେ. ( ସିଂହଭୂମ ) ବି (ସଂ ଅଗାର, ଘର)—ପିଞ୍ଜରା—
Ghārā  Cage; bird-cage.

ଘାରି—ପ୍ରାଦେ. ( ସିଂହଭୂମ ) ବି—ଘାରା (ଦେଖ)
Ghāri  Ghārā (See)

ଘାରି କାଟିବା—ପ୍ରାଦେ. ( ସମ୍ବଲପୁର ) ବି—ଅମ୍ଳପିତ୍ତ ରୋଗରେ
Ghāri kāṭibā  କୋଡ଼ିଗାତରେ ବ୍ୟଥାଯୁକ୍ତ ପିଚୁଳ ପଡ଼ିବା; ବାଘି ପଡ଼ିବା—An attack of bubo.

ଘାରି ପକାଇବା—ଦେ. କ୍ରି—ଘାରିବା; ଦୁଃଖିତ ବା ବ୍ୟଥିତ କରିବା—
Ghāri pakāibā  To give pang; to afflict.
ଘାରିପକାଉଛ ତୋ ବିଚ୍ଛେଦ ଦଶା—କବିସୂର୍ଯ୍ୟ. କବିତାକଲ୍ଲୋଳ ।

ଘାରିବା—ଦେ. କ୍ରି. ( ସଂ. ଘୂର୍ଣ୍ଣ ଧାତୁ )—
Ghāribā ୧ । ( ସକର୍ମକ ) ଘୂର୍ଣ୍ଣନ କରାଇବା; ଘୁରାଇବା—
1. To cause a thing to whirl.
୨ । ( ଅକର୍ମକ ) ଘୂର୍ଣ୍ଣିତ ହେବା—2. To reel.
ବିଷରୁ ବିଷମ ସୁଲକାଂଘ ଶର ଘାରିବେ ଶିବ ହୋଇଲେ—
ଉପେନ୍ଦ୍ର. ବୈଦେହୀଶବିଳାସ ।
୩ । ( ଅକର୍ମକ ) ଘାଲିବା; ନିଦ୍ରାଯୁକ୍ତ ହେବା; ଢୁଲାଇବା—
3 To dose; to nod.
ଧନୁଶର ଧରି ସୁପ୍ତି ହୀନନନ ନିଦ୍ରାରେ ସେହୁ ଘାରିଲେ—
ଦିନାନାଥ. ବଉହସ୍ରମାପୁଣ ।
୪ । ( ସକର୍ମକ ) ଘାରି ପକାଇବା ( ଦେଖ )
4. Ghāri pakāibā ( See )
ଏ ବଡ଼ ବିଷମ ବିଷ ! ଘାର ଘାର୍ତ୍ତି ଚେତ
ଅନ୍ୟେ ଘାରେ, ତହିଁ ଦୁଃଖ ଅପେ ହୁଏ ଘାର—ରାଧାନାଥ. ମହାଯାତ୍ରା ।
୫ । ( ସକର୍ମକ ) ମୋହିତ କରିବା; ସଂଜ୍ଞାହୀନ ବା ଅଚେତନ କରିବା—5. To enchant; to fascinate; to cause loss of sensation.
ଘାରି ଦେଲୁ କି ରସେ—କବିସୂର୍ଯ୍ୟ ସଂଗୀତ ।
୬ । ( ଅକର୍ମକ ) ( ନିଦ୍ରା, ମୋହ ଆଦିଦ୍ୱାରା ) ଅଭିଭୂତ ହେବା—6. To be overpowered ( with drowsiness ).
୭ । ( ସକର୍ମକ ) ମୁଣ୍ଡ ବା ଦେହକୁ ଘୁରାଇବା ବା ବୁଲାଇବା—7. To cause the body or head to reel or spin round.
୮ । ( ସକର୍ମକ )—ମୁଗ୍ଧ କରିବା—8. To charm.
୯ । ( ସକର୍ମକ )—ଉନ୍ମତ୍ତ କରିବା—
9. To madden.
୧୦ । ( ସକର୍ମକ )—ଉତ୍ତେଜିତ କରିବା—
10. To excite.
ପ୍ରାଦେ. ( ସମ୍ବଲପୁର ) କ୍ରି. ( ଚନ୍ଦନ ) ଘୋରିବା—To rub.
[ ଦ୍ର—ଘାରିବା କ୍ରିୟାର ଅସମାପିକାରୂପ ସଙ୍ଗେ କର୍ତ୍ତୃବାଚ୍ୟରେ ହେବା, ପକାଇବା ଓ କର୍ମବାଚ୍ୟରେ ହେବା କ୍ରିୟା ଯୁକ୍ତ ହୁଏ । ]

ଘାରିମାନି—ଗ୍ରା. ବିଣ. ( ସଂ. ଘୂର୍ଣ୍ଣିମାନ )—୧ । ଉଦ୍‌ବେଗିତ—
Ghārimāni  1. Mentally agitated.
୨ । ଘୁରୁଥିବା—2. Reeling.

ଘାରିହେବା—ଦେ. କ୍ରି. ( ଅକର୍ମକ ) ( ସଂ. ଘୂର୍ଣ୍ଣି; ଘାରିବାର
Ghāri hebā  କର୍ମବାଚ୍ୟରୂପ )—
୧ । ଆକ୍ରାନ୍ତ ହେବା; ଜର୍ଜରିତ ହେବା—
1. To be overpowered.
ନଳ କାମବଶରେ ହୋଇଲେ ଘାରି—କୃଷ୍ଣସିଂହ. ମହାଭାରତ. ବନ ।
୨ । ବିଶେଷ ଚିନ୍ତିତ ହେବା—
2. To be mentally disturbed.
ଘାରି ହୋଇ ସରସିଜୁ ସଦନେ—କବିସୂର୍ଯ୍ୟ. ସଙ୍ଗୀତ ।
୩ । ଘୂର୍ଣ୍ଣିତ ହେବା—
3. To be reeling; to whirl.
୪ । ଆର୍ତ୍ତ ହେବା—4. To be overcome.
ବୋଲନ୍ତି କ୍ଷୁଧା ତୃଷାରେ ହୋଇ ଘାରି—କୃଷ୍ଣସିଂହ. ମହାଭାରତ. ବନ ।

ଘାର୍ତ୍ତିକ—ସଂ. ବି—ବହୁ ଛିଦ୍ରବିଶିଷ୍ଟ ଏକପ୍ରକାର ଘିଅପିଠା; ଅମାଲୁ; ମାଲପୁଆ—
Ghārttika  A kind of fried pastry-cake full of small holes.

ଘାଲି—ଦେ. ବି.—(ସଂ. ଘୂର୍ଣ୍ଣନ)—୧ । ଟଳଟଳ ଅବସ୍ଥା—
Ghāli  1. State of reeling; tottering.
୨ । ଘୂରିବା—2. Whirling.
୩ । ଭୂମିରେ ପଡ଼ିଯିବା ଅବସ୍ଥା—3. State of coming down to the ground.

ଘାଲିଆଇବା—ଦେ. କ୍ରି.—ଘାଲିବା (ଦେଖ)
Ghāliāibā  Ghālibā (See)

ଘାଲି ଖାଇ ପଡ଼ିବା—ଦେ. କ୍ରି.—ଘାଲିପଡ଼ିବା (ଦେଖ)
Ghāli khāi pardibā  Ghāli pardibā (See)

ପାଠକମାନେ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଟ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୃଅ' ନ ମିଳିଲେ 'କଅଁ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ।

**ଘାଲି ଖାଇବା**—ଦେ. କ୍ରି.—ଘାଲି ପଡ଼ିବା (ଦେଖ)
Ghāli khāibā — Ghāli pardibā (See)

**ଘାଲି ପଡ଼ିବା**—ଦେ. କ୍ରି.—୧। ଟଳଟଳ ହୋଇ ଭୂମିରେ ପଡ଼ିଯିବା—
Ghāli pardibā — 1. To reel down.
୨। ଆଘାତପ୍ରାପ୍ତ ବା କ୍ଳାନ୍ତ ହୋଇ ଏକ ପାଖକୁ ଅଡ଼ିଇ ପଡ଼ିବା—2. To lean or to reel down to one side helplessly (in langour or after being wounded or struck.).

**ଘାଲି ପାଡ଼ିବା**—ଦେ. କ୍ରି.—ଗାଲି ପାରିବା (ଦେଖ)
Ghāli pārdibā — Gāli pāribā (See)

**ଘାଲି ପାରିବା**—ଦେ. କ୍ରି.—ଗାଲି ପାରିବା (ଦେଖ)
Ghāli pāribā — Gāli pāribā (See)

**ଘାଲିବା**—ଦେ. କ୍ରି.—(ଅକର୍ମକ)—୧। ଟଳଟଳ ହେବା—
Ghālibā — 1. To totter.
୨। ମୁଣ୍ଡ ବୁଲାଇ ହେବା—2. To reel.
୩। ଘୂରିବା—3. To whirl.
୪। ଏକପାଖକୁ ଢଳିବା—4. To lean to one side.
୫। ଢୁଲାଇବା; ଘୁମାଇବା—5. To doze.
୬। (ସକର୍ମକ)—ଏକ ପାଖକୁ ଢଳାଇବା—6. To cause to lean to one side.
(ଯଥା—ଜଳ ତାକୁ ଘାଲୁଛି।)

**ଘାଲି ମାରିବା**—ଦେ. କ୍ରି.—ଘାଲି ପାରିବା (ଦେଖ)
Ghāli māribā — Gāli pāribā (See)

**ଘାଲି ହେବା**—ଦେ. କ୍ରି.—ଘାଲିବା ୧-୫ (ଦେଖ)
Ghāli hebā — Ghālibā 1-5 (See)

**ଘାଲେଇବା**—ଦେ. କ୍ରି.—ଘାଲିବା (ଦେଖ)
Ghāleibā — Ghālibā (See)
ସାହୁ ତ ଘାଲେଇ ପଡ଼ି ବେଳ ଭଣ୍ଡୁଥିଲା ତାକୁ ପଡ଼ଗସା।
ଫକୀରମୋହନ. ଗଳ୍ପସ୍ୱଳ୍ପ
[ଦ୍ର—ଏହି କ୍ରିୟାର ଅସମାପିକା ରୂପ ସଙ୍ଗେ ପଡ଼ିବା ଓ ହେବା କ୍ରିୟା ଯୁକ୍ତ ହୁଏ।]

**ଘାଲୁ**—ପ୍ରାଦେ.—(ଗଞ୍ଜାମ) ବି.—କଉଡ଼ିଖେଳ ଖେଳିବା ନିମନ୍ତେ ବୁଡ଼ି ବସାଯାଇଥିବା କଉଡ଼ି ଗଦା—
Ghālu — A heap of cowries kept as wager in a game of cowries.

**ଘାସ**—ସଂ. ବି.—(ଘସ୍ ଧାତୁ=ଭକ୍ଷଣ କରିବା+କର୍ମ. ଅ; ଗବାଦି ପଶୁ ଯାହାକୁ ଖାଆନ୍ତି; ତୁଳ. ଇଂ. ଗ୍ରାସ୍)—୧। ଦୂବ; ଦୂବ—1. Creeping grass.
Ghāsa
୨। କୁଟା—2. Straw.
୩। ସାଧାରଣ ଘାସ; ତୃଣ—3. Ordinary grass; pasture grass; meadow-grass.
୪। ଖାଦ୍ୟ—4. Food.

**ଘାସ କଟା**—ଦେ. ବି.—୧। ଘାସ କାଟିବା କର୍ମ—
Ghāsa katā — 1. Cutting or mowing of grass.
घासकाटी
୨। ଅତ୍ୟନ୍ତ ନୀଚ ଓ ହେୟ ବ୍ୟକ୍ତି—2. A person of no importance.
୩। ଯେ ଘାସ କାଟେ; ଘାସିଆ—3. Grass-cutter.

**ଘାସ କଟାଳି**—ଦେ. ବି. ପୁଂ ଓ ସ୍ତ୍ରୀ—ଯେ ଘାସ କାଟେ—
Ghāsa katāli — Grass-cutter.

**ଘାସ କାଟିବା**—ଦେ. କ୍ରି—୧। ଗୋରୁଆଦି ପଶୁଙ୍କପାଇଁ ଦାଆରେ ଘାସକୁ କର୍ତ୍ତନ କରିବା—1. To cut grass for fodder.
Ghāsa kātibā
घासकाटा
**घासकाटना**
୨। (ଲକ୍ଷଣାର୍ଥ) ଅତି ତୁଚ୍ଛ କାର୍ଯ୍ୟ କରିବା—1. To do very mean or negligible act.

**ଘାସ କୁଟା**—ଦେ. ବି. (ସହଚର)—ଗୋରୁ ବଳଦଙ୍କର ଖାଦ୍ୟ ତୃଣ—
Ghāsa kutā — Grass and straw (to feed cattle); ordinary food of cattle; fodder.
खड़घास
**घासफूँस**

**ଘାସକୁଣ୍ଡ**—ସଂ. ବି—ଗୋଚାରଣ ଭୂମି—
Ghāsakunda — A pasture.

**ଘାସକୂଟ**—ସଂ. ବି. ( ଘାସ+କୂଟ; ୬ଷ୍ଠୀ ତତ୍ )—ଘାସଗଦା—
Ghāsakūta — Hay-rick.

**ଘାସ ଘିଅ**—ଦେ. ବି—ଗଛ ଘିଅ (ଦେଖ)
Ghāsa ghia — Gachha ghia (See)

**ଘାସ ଛେଲା**—ଦେ. ବି—ଭୂମିରୁ ଘାସ ଛାଞ୍ଚିବା—
Ghāsa chhelā — Scraping off grass from the ground; mowing of grass.
घासछाँछा
**घासछोलन**

**ଘାସ ଛେଲିବା**—ଦେ. କ୍ରି—ଖୁରୁପିଦ୍ୱାରା ଭୂମିରୁ ଘାସର ସ୍ତର ଉଠାଇବା—
Ghāsa chhelibā — To mow grass.
घास छाँछा
**घास छीलना**

**ଘାସ ପାଣି**—ଦେ. ବି. (ସହଚର)—ଗୋମେଷାଦିଙ୍କ ଖାଇବା ପାଇଁ ଘାସ ଓ ପିଇବା ପାଇଁ ପାଣି—Grass for eating and water for drinking (for cattle).
Ghāsa pāni
घासजल

**ଘାସବଣ**—ଦେ. ବି—ଘାସ ବଢ଼ିଥିବା ସ୍ଥାନ—
Ghāsabana — Place overgrown with grass.

**ଘାସବାଲି**—ଦେ. ବି. ସ୍ତ୍ରୀ—ଯେଉଁ ନୀଚଜାତୀୟ ସ୍ତ୍ରୀଲୋକ ପ୍ରତିଦିନ ପଇସା ନେଇ ଗୃହପାଳିତ ପଶୁଙ୍କ ପାଇଁ ଘାସ ଯୋଗାଏ—A low-caste woman supplying daily grass for domestic cattle (on payment).
Ghāsabāli
घासवाली
**घासवाली**

**ଘାସି**—ସଂ. ବି. ( ଘସ୍ ଧାତୁ=ଗ୍ରାସ କରିବା+ଇ )—୧। ଅଗ୍ନି—
Ghāsi — 1. Fire.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଇଅ | ଷ୍ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ୬ | ନ୍ତ |

୨ । ଘାସ —2. Grass.

ଘାସୀ; ଘାସିଆଡ଼ା ଦେ. ବ. (ସଂ. ଘାସ)—୧ । ଗବାଦି ପଶୁଙ୍କ ନିମନ୍ତେ
**ଘସିୟାରା** ଘାସ କାଟି ବିକ୍ରୟ କରି ଯେ ଜୀବିକା ନିର୍ବାହ
(ଘାସିଆଣୀ—ସ୍ତ୍ରୀ) କରେ—1. One who earns a living by cutting and selling grass for feeding cattle.

୨ । ଘୋଡ଼ା ନିମନ୍ତେ ଘାସ କାଟିବାକୁ ନିଯୁକ୍ତ ଭୃତ୍ୟ—2. Grass-cutter (engaged to mow or cut grass for a horse).

ପ୍ରାଦେ. (ସମ୍ବଲପୁର) ବ. ପୁଂ—ଘସିଆ (ଦେଖ)
(ଘାସିଏନ୍—ସ୍ତ୍ରୀ) Ghasiā (See)

ଘାସିଆ—ଦେ. ବ—ଘାସି (ଦେଖ)
Ghāsiā Ghāsi (See)

ପ୍ରାଦେ. (ସମ୍ବଲପୁର) ବ. ପୁଂ—ମେହେନ୍ତର—Sweeper.

**ଘାସିଆରୀ**—ଦେ. ବି—ଘାସି (ଦେଖ)
Ghāsiārā Ghāsi (See)

ଘାସିଏନ୍—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ—ମେହେନ୍ତରାଣୀ—
Ghāsien A female of the sweeper caste.

ଘାସୀ—ପ୍ରାଦେ. (ସିଂହଭୂମ) ବି—ଗୋମାଂସ ଖାଉଥିବା ଓ ମେହେନ୍ତର
Ghāsi କାମ କରୁଥିବା ଅସ୍ପୃଶ୍ୟ ଜାତିବିଶେଷ—A low-caste people of beef-eaters following the profession of a sweeper.

[ ଦ୍ର—ଏମାନେ ଦୁଇପ୍ରକାର ଯଥା—(୧) କରୁଆ ଘାସୀ ଏମାନେ ବାଜା ବଜାନ୍ତି । (୨) ଦକ୍ଷିଣିଆ ଘାସୀ ଏମାନେ ବାଜା ବାଜନ୍ତି ନାହିଁ । ]

ଘି (ଇତ୍ୟାଦି)—ଦେ. ବି. (ସଂ. ଘୃତ)—ଘିଅ ଇତ୍ୟାଦି (ଦେଖ)
Ghi (etc) Ghia etc (See)

ମଖାଳ ଭାତରେ ଘି ! ତୋର ବାପ ଖାଇଥିଲା କି ? ଢଗ ।

ଘିଅ—ଦେ. ବି. (ସଂ. ଘୃତ)—୧ । ଘୃତ; ନିର୍ଜଳୀକୃତ ନବନୀତ—
Ghia 1. Clarified butter; ghee.
ଘି [ ଦ୍ର—ଦହିଦୁଧକୁ ମୋହିଁ ସେଥିରୁ ଲହୁଣୀ ବାହାର
**ଘୀ** କରାଯାଏ ଏବଂ ଏହି ଲହୁଣୀକୁ ନିଆଁ ଉପରେ ବସାଇ ସେଥିରୁ ପାଣି ମରିଗଲେ ଯେଉଁ ନିର୍ମଳ ଈଷତ୍ ହଳଦିଆ ତରଳ ପଦାର୍ଥ ରହେ ତାହା ଘିଅ । ଘିଅ ସାମାନ୍ୟ ଥଣ୍ଡାରେ ବସିଯାଏ ଏବଂ ସାମାନ୍ୟ ଗରମରେ ତରଳି ଯାଏ । ଘିଅରେ ହିନ୍ଦୁମାନଙ୍କର ହୋମଆଦି କର୍ମ ଓ ପଞ୍ଚାମୃତ କରାଯାଏ ଏବଂ ଲୋକେ ଘିଅକୁ ଭାତରେ ଗୋଳାଇ ଓ ତରକାରୀ ଓ ଭଜାରେ ପକାଇ ଖାଆନ୍ତି । ଏହା ଖାଦ୍ୟର ଅଙ୍ଗ ବିଶେଷ । ଘିଅ ଔଷଧରେ ଏବଂ ପିଠା ପ୍ରସ୍ତୁତ କରିବାରେ ଲାଗେ; ଦୁଧକୁ ମଧ୍ୟ ମୋହିଁ ସେଥିରୁ ଲହୁଣୀ ବାହାର କରି ଘିଅ କରାଯାଏ ।]

୨ । ମସ୍ତିଷ୍କରେ ଥିବା ଘୃତବତ୍ ପଦାର୍ଥ; ମଜ୍ଜା—2. The butter-like substance inside the brain.

୨ । ମାଛ ଆଦିଙ୍କ ଅନ୍ତରୁ ବାହାରିବା ଘୃତବତ୍ ପଦାର୍ଥ; ମାଛ-ଘିଅ —3. Fish-oil.

୪ । ନଡ଼ିଆରସକୁ ନିଆଁରେ ବସାଇ ସେଥିରୁ ଜଳୀୟାଂଶ ନଷ୍ଟ ହେବା ପରେ ରହିଯିବା ଘୃତବତ୍ ପଦାର୍ଥ; ନଡ଼ିଆ-ଘିଅ—4. Cocoanut oil.

[ ଦ୍ର—ଓଡ଼ିଶାରେ ଏକ ସମୟରେ 'ଋ' ର ଉଚ୍ଚାରଣ ବଙ୍ଗ ଦେଶ ଭଳି 'ରି' ଥିବାର ସୂଚନା :— ଘୃତରୁ ଘିଅ, ଶୃଙ୍ଗରୁ ଶିଙ୍ଗ, ମୃଗରୁ ମିରଗ, ଗୃହସ୍ଥରୁ ଗିରସ୍ତ; ପରନ୍ତୁ 'ଋ' ର ଆଜିକାଲି ପରି 'ରୁ' ଉଚ୍ଚାରଣ ପୂର୍ବେ ହେଉଥିବାର ମଧ୍ୟ କେତେକ ଅପଭ୍ରଷ୍ଟ ଶବ୍ଦରେ ନିଦର୍ଶନ ଅଛି । ଏହି ଘିଅ ଶବ୍ଦ ଇଂରାଜୀ ଭାଷାରେ 'ଘୀ' ରୂପେ ଗୃହୀତ ହୋଇଅଛି । ]

ଘିଅ କଉଡ଼ି—ଦେ. ବି (ସଂ. ଘୃତ+କପର୍ଦ୍ଦକ)—କଉଡ଼ିଚୂନା ଗୋଳା
Ghia kaurdi ଯାଇଥିବା ଘିଅ—Cowrie-powder mixed
ଘିକଡ଼ି with ghee.

[ ଦ୍ର—ଜୀବ ବା ମନୁଷ୍ୟ ବିଶେଷ ଅସାବଧାନ ହୋଇ-ଥିଲେ ଦେହର ଦରଜ ଛାଡ଼ିବା ନିମନ୍ତେ ଘିଅ କଉଡ଼ି ଖୁଆନ୍ତି । ]

**ଘିଅକୁଆଁରୀ**—ଦେ. ବି. (ସଂ. ଘୃତକୁମାରୀ)—ଗୁଳ୍ମ ବିଶେଷ—
Ghiakuānri The Indian aloe; Aloe Indica.

ସଂ. କୁମାରୀ, ଘୃତକୁମାରୀ, କନ୍ୟା, ଗୃହକନ୍ୟା, ଘୃତକୁମାରିକା, ସ୍ଥୁଲେରୁହା, ସ୍ଥୂଳଦଳା
ହି. ଘିକୁଆରି, ଘୃତକୁମାରୀ
**ଘିକୁଆଁରି, ଘିତକୁମାରୀ, ଘିକୁଵାଁର, ଘିଗୁଵାର, କୁବାରପାଠା, ଘିକୁମାର**
ଫା. ଫିକରୁ, ସିବ୍ର
ଆ. ହବାରୁ, ମୁସବର
ଲେ. ଆଲୋଗୋସ୍ପ୍ରିଞ୍ଜକଲବନ, ଉରଜାଲ୍ଲିଗୋଗେ, କାଲବାଦା
ମ. କୋରଫଡ଼, କୋରଫାଙ୍ଗଟା
ଗୁ. କୁଵାର

[ ଦ୍ର—ଏହା ରକ୍ତନୀଗନ୍ଧାଦି ବର୍ଗର ଘନମିଶ୍ରିତରସବିଶିଷ୍ଟ ଓ ଖୁଦ୍ର, ଖଣ୍ଡ ପତ୍ର ଲମ୍ବ ଓ ଦନ୍ତୁରପତ୍ର-ବିଶିଷ୍ଟ ଶାକବିଶେଷ; ଏହାର ପତ୍ରର ଚୋପା ଛଡ଼ାଇଲେ ପିଚ୍ଛିଲ ଘନ ପଦାର୍ଥ (ରସ) ଥାଏ । ଏହି ରସ ଶୁଖାଇଲେ ମୁସବର ହୁଏ ।

ଏହା ଭେଦକ, ଶୀତବୀର୍ଯ୍ୟ, ତିକ୍ତ-ମଧୁର ରସ,ଚକ୍ଷୁର ହିତକର, ରସାୟନ, ପୁଷ୍ଟିକର ଓ ଶୁକ୍ରବର୍ଦ୍ଧକ । ଏହା ବାୟୁ, ବିଷ, ଗୁଳ୍ମ, ପ୍ଲୀହ, ଯକୃତବୃଦ୍ଧି, କଫ, ଜ୍ୱର, ଅଗ୍ନିଦଗ୍ଧ ବିସ୍ଫୋଟକ, ରକ୍ତପିତ୍ତ ଓ ଚର୍ମରୋଗନାଶକ । ଏହାରରସ ରକ୍ତଗଣ୍ଡା ଓ ହାତଗୋଡ଼ ପୋଡ଼ାଜଳାରେ ଘଷା ଯାଏ । ]

ଘିଅ କୋରୁଅ—ଦେ. ବ—ଲହୁଣୀକୁ ନିଆଁରେ ବସାଇ ଘିଅ ବାହାର
Ghia korua କରିବା ବେଳେ ପାକ ପାତ୍ର ତଳେ ଯେଉଁ କଠିନ
**ଖୋହଡ଼** ପଦାର୍ଥ ବସିଯାଏ—The dreg or sede-
ଘিয়ের চাঁছি ment left on the bottom of the pot in which butter is boiled and ghee extracted.

୨। ଯାହାଙ୍କ ଲେଖାରେ ଏପରି ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନ ଥିବା କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ମିଳିବ ନାହିଁ ସେବେ ସେ ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଘିଅ କୋତ**—ଦେ. ବି—ଅତି ବୃହତ୍ ଘୃତ ଭାଣ୍ଡ—
Ghia kota — A very large pot for storing ghee.
**घीकाकुप्पा**

**ଘିଅ ଘଡ଼ି**—ଦେ. ବି—ଘୃତ ଭାଣ୍ଡ—
Ghia ghardi — A pot for storing ghee.
घियटी
**घिआँड़ा**

**ଘିଅ ଚାନ୍ଦି**—ଦେ. ବି—ଚିଲିକାରେ ମିଳିବା ଏକ ପ୍ରକାର ଛୋଟ ବର୍ତ୍ତୁଳ ଚଟକା ମାଛ—A kind of flat and roundish fish found in the Chilka lake.
Ghia chāndi

**ଘିଅ ଦୀପ**—ଦେ. ବି—ଯେଉଁ ଦୀପରେ ତେଲ ପରିବର୍ତ୍ତେ ଘିଅ ଜଳେ—
Ghia dipa — A lamp burning with ghee.
घियेरप्रदीप — [ ଦ୍ର— ଦେବତାଙ୍କ ଆଗରେ ଓ ବୈଦିକ ଅନୁଷ୍ଠାନ ଉପଲକ୍ଷରେ ତୈଲପ୍ରଦୀପ ପରିବର୍ତ୍ତେ ଘିଅଦୀପ ଜଳାଯାଏ। ]
**घिके दीप**

**ଘି ଅନ୍ନ**—ଦେ. ବି. ( ସଂ. ଘୃତାନ୍ନ )—ଘିଅଗୋଳିଆ ଭାତ—
Ghi anna — Boiled rice mixed with ghee.

**ଘିଅ ପଲମ**—ଦେ. ବି—ଯେଉଁ ପଲମକୁ ନିଆଁ ଉପରେ ବସାଇ ତହିଁରେ ଲହୁଣୀ ବା ନଡ଼ିଆରସ ଫୁଟାଇ ଘିଅ ମରାଯାଏ ଏବଂ ଯେଉଁ ପଲମରେ ଘିଅ ପୂରାଇ ନିଆଁ ଉପରେ ବସାଇ ପିଠା ଛଣାଯାଏ—A flat pan which is set over fire for turning butter into ghee or for frying cakes.
Ghia palama

ଗଉଡୁଣୀ ଘର ଘିଅପଲମ ନକନକେଇଲା,
ତଉଦହାଗ ତହିଁ ଶାଢ଼ୀ ମୋ କାନ୍ଧିକୁ ନ ପଇଲା। ଭଗ।

**ଘିଅ ପିମ୍ପୁଡ଼ି**—ଦେ. ବି—୧। ଘୃତଲୋଭୀ ଏକପ୍ରକାର ଅତି ଛୋଟ ନାଲି ପିମ୍ପୁଡ଼ି—1. A small red ant, very fond of ghee.
Ghia pimpurdi
चर्चा पिपड़ा
**घोचांटी** — ୨। ଘିଅରେ ପଡ଼ିଥିବା ପିମ୍ପୁଡ଼ି—2. Ants fallen into ghee.

**ଘିଅ ବସିବା**—ଦେ. ବି—ଶୈତ୍ୟ ଯୋଗୁଁ ତରଳ ଘୃତ କଠିନ ହେବା—
Ghia basibā — Coagulation of ghee.
घि बसा

**ଘିଅଭାତ**—୧। ଦେ. ବି (ଦ୍ୱନ୍ଦ୍ୱ)—ଘୃତ ଓ ଅନ୍ନ—
Ghiabhāta — 1. Ghee and boiled rice.
घिभात — ୨। (ମଧ୍ୟପଦଲୋପୀ କର୍ମଧା) ଘୃତାକ୍ତ ଅନ୍ନ—2 Boiled rice mixed or saturated with ghee.

**ଘିଅ ମାରିବା**—ଦେ. କ୍ରି—ଲହୁଣୀକୁ ନିଆଁରେ ବସାଇ ତହିଁରୁ ଜଳୀୟ ଅଂଶ ନଷ୍ଟକରି ଘିଅରେ ପରିଣତ କରିବା—
Ghia māribā
घि मारा — To clarify butter (by heating over fire) and prepare ghee.
**मक्खन तपाना**

**ଘିଅ ସରସର**—ଦେ. ବିଣ—ଘୃତାକ୍ତ; ଯହିଁରୁ ଘିଅ ବହୁ ପଡ଼ୁଥାଏ—
Ghia sarasara — Over-saturated with ghee; mixed with ghee.

**ଘିଇ (ଇତ୍ୟାଦି)**—ଗ୍ରା. ବି—ଘିଅ ଇତ୍ୟାଦି ( ଦେଖ )—
Ghi-i (etc) — Ghia etc ( See )

**ଘି କର୍ଲା**—ପ୍ରାଦେ (ସିଂହଭୂମ) ବି—କାଙ୍କଡ଼ ( ଦେଖ )—
Ghi karlā — Kāṅkarda ( See )

**ଘି କୁଆଁରି**—ଦେ. ବି—ଘିଅକୁଆଁରି ( ଦେଖ )—
Ghee kuāñri — Ghiakuāñri ( See )

**ଘିଙ୍କୁରି**—ଗ୍ରା. ବି—ଘିଅକୁଆଁରି ( ଦେଖ )—
Ghiṅkuri — Ghia kuāñri ( See )

**ଘିଙ୍ଗାରିବା**—ଦେ. କ୍ରି—ଗେଙ୍କାର ହେବା—
Ghiṅgāribā — To snarl.

**ଘିଙ୍ଗାରି ହେବା**—ଦେ. କ୍ରି—ଘିଙ୍ଗାରିବା ( ଦେଖ )—
Ghiṅgāri hebā — Ghiṅgāribā ( See )

**ଘିଚ୍‌ପିଚ୍**—ଦେ. ବିଣ—୧। କୌଣସି କାର୍ଯ୍ୟ କରିବାକୁ ସନ୍ଦିହାନ—
Ghichpich — 1. Hesitating to do anything.
୨। ପଶ୍ଚାତ୍ପଦ—2 Shrinking from doing a work.

**ଘିଚା**—ପ୍ରାଦେ. (ସମ୍ବଲପୁର ତୁଲ. ହି. ଖୀଁଚ୍) —ଟଣା—
Ghichā — Dragging.

**ଘି ଚାଁଟି**—ପ୍ରାଦେ (ସମ୍ବଲପୁର) ବି (ତୁଲ. ହି. ଘୀଚାଁଟି)—
Ghi chāñṭi — ଘିଅପିମ୍ପୁଡ଼ି ( ଦେଖ )—
Ghia pimpurdi ( See )

**ଘିଚି ନେବା**—ପ୍ରାଦେ (ସମ୍ବଲପୁର) କ୍ରି—ଟାଣିନେବା—
Ghichi nebā — To draw away

**ଘିଚିବା**—ପ୍ରାଦେ (ସମ୍ବଲପୁର) କ୍ରି. (ତୁଲ. ହି. ଖୀଁଚ୍‌ନା)—
Ghichibā ୧। ଟାଣିବା; ଓଟାରିବା—1. To draw; to pull.
୨। ଝିଙ୍କିବା—2. To pull out.

**ଘିଚି ହେବା**—ପ୍ରାଦେ. (ସମ୍ବଲପୁର)—କ୍ରି.—୧। କାହାର ସକାଶେ
Ghichi hebā — ବିଶେଷ ବ୍ୟସ୍ତ ହେବା—1. To give vent to grief or sorrow for some one.
୨। କୌଣସି କାର୍ଯ୍ୟ କରିବାକୁ କୁନ୍ଥ କୁନ୍ଥ ହେବା, ପଶ୍ଚାତ୍ପଦ ହେବା—2. To hesitate to do something; to shrink from doing a thing.

**ଘିଞ୍ଚିବା**—ଦେ. କ୍ରି—ଟାଣିବା; ଟେଣ୍ଟିବା—
Ghiñchibā — To pull; to draw.
घिँचा
**खीँचना**

**ଘିଟ୍‌ଘିଟ୍ ଅଁଧାର**—ପ୍ରାଦେ ( ସମ୍ବଲପୁର ) ବି—ଗାଢ଼ ଅନ୍ଧକାର; କଟକଟିଆ ଅନ୍ଧାର—Extreme darkness; pitch-darkness.
Ghitghit añdhāra

| ୧ | ଙ | ଢ଼ | ର୍‌,ର୍ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଫ୍ଟ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଚ |

**ଘିଟ୍ଟିଘିଟ୍ଟିଆ**—ପ୍ରାଦେ. (ବାଲେଶ୍ୱର) ବିଣ. (ତୁଳ. ବ. ঘুটঘুটে)—
Ghiṭighiṭiā ଅତ୍ୟନ୍ତ ଗାଢ଼ (ଅନ୍ଧାର)—Dense (darkness)

ଘର ଗୃହକୋଣ ଘିଟ୍ଟିଘିଟ୍ଟିଆ ଅନ୍ଧାର—ଫକୀରମୋହନ. ଛମାଣଆଠଗୁଣ୍ଠ।

**ଘିଡ୍ କିନା**—ଗ୍ରା. କ୍ରି. ବିଣ—୧। ହଠାତ୍—
Ghird kinā 1. Suddenly.
(ଘିଡ୍‌କିନ; ଘିଡ୍‌ଦସ୍—ଅନ୍ୟରୂପ) ୨। ଘିଡ୍ ଘିଡ୍ ଶବ୍ଦ କରି—
2. Making a rattling sound.

**ଘିଡ୍‌ଘାଡ଼ିଆ କରି**—ଦେ. କ୍ରି. ବି°—ଘିରିଘିରାଇ (ଦେଖ)
Ghird-ghārdiā kari Ghiri ghirāi (See)
ଘିଡ୍‌ଦିଡ଼ାଇ
ଘିଡ୍‌ଘାଡ଼ିଆ କରି
ଘିଡ୍‌ଘିଡ଼ାଇ
ଘିଡ୍‌ଘିଡ଼େଇ
} ଅନ୍ୟରୂପ।

**ଘିଡ୍‌ଘିଡ୍**—ଦେ. ଅ. ( ଧ୍ୱନ୍ୟନୁକରଣ; ସଂ. ଘର୍ଘର )—
Ghirdghird ୧। ଢୋଲ ଆଦି ବାଦ୍ୟର ଦୁମଦୁମା ଶବ୍ଦ—
घिड़ घिड़ 1. Drumming noise; rumbling sound.
**घर्राटा** ୨। ପାହାଡ଼ିଆ ଭୂମିରେ କଠିନ ପଦାର୍ଥର ଚଞ୍ଚଳ ଗଡ଼ିବା ଶବ୍ଦ—2. Rattling sound of a cart swiftly rolling over hard ground.
ଦେ. କ୍ରି. ବିଣ—୧। ଜୋର୍ କରି—1. Forcibly.
୨। ଶବ୍ଦ କରି—2. Noisily.

**ଘିଡ୍‌ଘିଡ୍‌ଡାଇବା**—ଦେ. କ୍ରି—ଶକଟାଦି କର୍କଶ ବସ୍ତୁ ଦ୍ରୁତବେଗରେ
Ghirdghirdaibā ଟାଣ ଭୂଇଁରେ ଗଡ଼ି ଯିବା—( a cart )
घिड़िघिड़ाना To roll with a rattling sound
(ଘିଡ୍‌ଘିଡ଼େଇବା—ଅନ୍ୟରୂପ) on hard stony ground.

**ଘିଡ୍‌ଘିଡ଼ାଇବା**—ଦେ. କ୍ରି—ଘିଡ୍‌ଘିଡ୍‌ଡାଇବା ( ଦେଖ )
Ghirdighirdaibā Ghirdghirdaibā ( See )
(ଘିଡ୍‌ଘିଡ଼େଇବା—ଅନ୍ୟରୂପ )

**ଘିଡ୍‌ଘିଡ଼ି**—ଦେ. ଅ—ଘିଡ୍‌ଘିଡ୍ ( ଦେଖ )
Ghirdighirdi Ghirdghird ( See )

**ଘିଡ୍‌ଘିଡ଼ିଆ**—ଦେ. ବିଣ—ଘର୍ଘରଧ୍ୱନିଯୁକ୍ତ—
Ghirdighirdiā Having a rattling sound; rattling.

**ଘିତ**—ଗ୍ରା. (ଉତ୍ତର) ପ୍ରାଦେ. ( ଯାଜପୁର ) ବି—ଗୀତ—
Ghita Song.

**ଘିତି ଆସିବା**—ଗ୍ରା. ( ଉତ୍ତର ) କ୍ରି—କୌଣସି ଦ୍ରବ୍ୟକୁ କୌଣସି
Ghiti āsibā ସ୍ଥାନରୁ ନିକଟକୁ ନେଇ ଆସିବା—
To bring down a thing from a distance.

**ଘିତିବା**—ଗ୍ରା. ( ଉତ୍ତର ) କ୍ରି. (ସଂ. ଗୃହୀତ=ତୁଳ. ପ୍ରା. ଗହିତ)—
Ghitibā ୧। (ସକର୍ମକ) ନେବା; ଘେନିବା; ଗ୍ରହଣ କରିବା—
(ଘେନିବା—ଉତ୍କଳାଦି ବ୍ୟବହୃତ ଭାଷା) 1. To take; to carry.
୨। (ଅକର୍ମକ) ଶୋଭା ପାଇବା—
2. To look beautiful.
୩। ( ଗାଥା ଆଦି ) ପ୍ରକୁପିତ ହେବା—
3. To be intensified; to deepen
୪। ବ୍ୟଥାଯୁକ୍ତ ହେବା—
4. To ache; to be painful.

**ଘିନ୍‌ଘିନ୍**—ଦେ. ବିଣ. ( ସଂ. ଘୃଣା )—୧। ଘୃଣାଜନକ—
Ghinghin 1. Hateful; detestable; disgusting;
घिनघिन shocking.
୨। ଯେ ସବୁ ବିଷୟକୁ ଘୃଣା କରେ—
2. One who detests everything; abhorring.
ଦେ. ବି—ଘୃଣାବୋଧ—
Feeling of detestation or disgust.

**ଘିନ୍‌ଘିନ୍ ହେବା**—ଦେ. କ୍ରି. ( ସଂ. ଘୃଣ ଧାତୁ )—
Ghinghin hebā ୧। ଘୃଣାବୋଧ କରିବା—
घिनघिनकरना 1. To detest.
**घिनाना** ୨। ଘୃଣା ଦେଖାଇବା—2. To show hatred.

**ଘିନ୍‌ଘିନା**—ଦେ. ବିଣ. ( ସଂ. ଘୃଣା )—ଘୃଣିତ; ଅତି କୁତ୍ସିତ—
Ghinghinā Detested; very ugly.

**ଘିନ୍‌ଘିନିଆ**—ଦେ. ବି—ଘୃଣାବୋଧ—
Ghin-ghiniā Feeling of detestation.
घिनघिने ଦେ. ବିଣ—୧। ଯେ ଖାଦ୍ୟ ବସ୍ତୁ ପ୍ରତି ଘୃଣା ଦେଖାଏ ବା କରେ—1. Habituated to detest food.
୨। ଘୃଣାଜନକ—2. Detestable.

**ଘିନ୍‌ବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଘେନିବା ( ଦେଖ )
Ghin bā Ghenibā ( See )

**ଘିନା**—ଦେ. ବି. ( ସଂ. ଘୃଣା; ବଙ୍ଗଳାରୁ ଅନୁକୃତ )—ଘୃଣା—
Ghinā Disgust; aversion.
घिना ପ୍ରାଦେ. ( ସମ୍ବଲପୁର ) ବି—କିଣା—Purchasing.
**घिन** ବିଣ—କ୍ରୀତ—Purchased.

**ଘିନାଇବା**—ଦେ. କ୍ରି—୧। ଶୋଭା ପାଇବା—
Ghināibā 1. To look beautiful.
୨। କଥାରେ ବୋଧସୋଧ କରିବା; ଘେନାଘେନି କରିବା—
2. To assuage a person by words.
୩। ମନକୁ ପାଇବା; ଘେନିବା—3. To suit one's taste; to meet with one's approval.
୪। ଚେହାଟେକି କରିବା; ଖୁସି କରିବା—4. To flatter.

**ଘିନାକିନା**—ପ୍ରାଦେ. ( ସମ୍ବଲପୁର ) ବି—୧। କିଣାବିକା; କ୍ରୟବିକ୍ରୟ—
Ghinākinā 1. Purchase and sale.
୨। ପଣ୍ୟଦ୍ରବ୍ୟର ବନ୍ଦିକାରବାର; ବ୍ୟବସାୟ ବାଣିଜ୍ୟ—
2. Trade.

ସାଧାରଣ ଲୋକେ ଅପର ପୃଷ୍ଠାରେ ୯ଠାରୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଡାଠ' ନ ମିଳିଲେ 'ଡାଣ୍ଡ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଘିନାଘିନି—ଦେ. ବି—ଘେନାଘେନି; ମିଷ୍ଟ ବାକ୍ୟ; କଥାଦ୍ୱାରା ଚେଙ୍କା-
Ghināghini ଚେଙ୍କି—1. Flattery.
୨ । କଥାଦ୍ୱାରା ବୋଧସୋଧ କରିବା—
2. Assuaging a person by soft words.
୩ । ଆଦର କରିବା—3. Fondling.
ବିଣ—୧ । ଆଦର ବା ସ୍ନେହଯୁକ୍ତ—1. Fondling.
୨ । ଚେଙ୍କାଚେଙ୍କି— 2. Flattering.

ଘିନାବିଚ୍ଛା—ପ୍ରାଦେ. (ସମ୍ବଲପୁର) ବି (ସଂ. ଗ୍ରହଣ ଓ ବିକ୍ରୟ)—
Ghinā bichā ଘିନାକିନା ( ଦେଖ )—Ghinā kinā ( See )

ଘିନିଆଣିବା—ପ୍ରାଦେ. (ଗଞ୍ଜାମ) କ୍ରି—କୌଣସି ସ୍ଥାନକୁ ଯାଇ କୌଣସି
Ghini āṇibā ବସ୍ତୁକୁ ଆଣିବା—To fetch a thing from a place.

ଘିନି ଆନ୍‌ବା—ପ୍ରାଦେ. ( ସମ୍ବଲପୁର ) କ୍ରି—କିଣିଆଣିବା—
Ghini ān-bā To bring a thing by buying.

ଘିନିଆସିବା—ଦେ. କ୍ରି—କୌଣସି ବସ୍ତୁକୁ ସ୍ଥାନାନ୍ତରରୁ ନେଇ ଆସିବା;
Ghini āsibā ଆଣିବା—To fetch a thing; to bring a thing.

ଘିନିଉଠିବା—ଦେ. କ୍ରି—(ବ୍ରଣଅର୍ଥ) ପ୍ରକୁପିତ ହେବା; ମାଡ ଉଠିବା—
Ghini uṭhibā (a sore) To become very painful.

ଘିନି ଉଡ଼ିବା—ଦେ. କ୍ରି. (ବ୍ୟଙ୍ଗ )—ଅତି ସୁନ୍ଦର ଓ ଚମତ୍କାର ଦେଖା-
Ghini urḏibā ଯିବା—( ironical) To look grand.
( ଯଥା—ବୁଢ଼ାବୟସରେ ରଙ୍ଗୀନ୍ ପାଟଖଣ୍ଡ ଭାରି ଘିନି ଉଡ଼ୁଛି । )

ଘିନି ଖାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—
Ghini khāibā ୧ । ଅହାଦାସ୍ୟ ଉପକରଣ କିଣି କରି ଖାଇବା—
1. To purchase one's daily victuals in the market every day.
୨ । (ବ୍ୟଙ୍ଗ) ସୁନ୍ଦର ଦେଖାଯିବା; ଶୋଭା ପାଇବା—
2. (ironical) To look fittingly beautiful.

ଘିନିଘିନି—ଦେ. ବିଣ—ଘିନ୍‌ଘିନ୍ ( ଦେଖ )
Ghinighini Ghin-ghin ( See )

ଘିନିଘିନିଆ—ଦେ. ବିଣ—ଘିନ୍‌ଘିନିଆ ( ଦେଖ )
Ghinighiniā Ghin-ghiniā ( See )

ଘିନିବା—ଗ୍ରା. କ୍ରି. ( ସଂ. ଗ୍ରହଣ; ତୁଳ. ପ୍ରା. ଗଣ୍ହ )—
Ghinibā ଘେନିବା ( ଦେଖ )
Ghenibā ( See )
ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) କ୍ରି—କିଣିବା—
To purchase.

ଘିନିଲା ଲୋକ—ପ୍ରାଦେ. (ସମ୍ବଲପୁର) ବି—୧ । କ୍ରୀତଦାସ; କିଣାଦାସ—
Ghinilā loka 1. Purchased slave.
୨ । ଅତ୍ୟନ୍ତ ଆଜ୍ଞାବହ ଓ ଅନୁଗତ ବ୍ୟକ୍ତି—
2. A most obedient person

ଘିମିର—ଦେ. ବି. (ସଂ. ଘର୍ମଚର୍ଚ୍ଚିକା)—ଘର୍ମଜନିତ କ୍ଷୁଦ୍ର ବ୍ରଣ; ଘମିର;
Ghimira ଘିମ୍ବିର—Prickly heat; lichen; popular tropical lichen.
घामघचि
गरमीदाना; अंभौरी

ଘିମିର ମାରିବା—ଦେ. କ୍ରି—ଘର୍ମଜନିତ ଜଳପୂର୍ଣ୍ଣ କ୍ଷୁଦ୍ର ବ୍ରଣକୁ ନଖଦ୍ୱାରା
Ghimira māribā ଚିପି ତହିଁରୁ ଜଳ ବାହାର କରିବା—
To press the water out of the prickly heat by the finger-nails.

ଘିମିରି—ଦେ. ବି—ଘିମ୍ବିର ( ଦେଖ )
Ghimiri Ghimira ( See )

ଘିର୍‌କୋଇ—ଦେ. ଅ—ଷଣ୍ଢକୁ ଡାକିବାରେ ବା ଅନ୍ୟ ଷଣ୍ଢ ସହିତ
Ghirkoi ଯୁଦ୍ଧରେ ଲଗାଇବା ଉଦ୍ଦେଶ୍ୟରେ ମତାଇବା ପାଇଁ ପ୍ରଯୁକ୍ତ ଶବ୍ଦବିଶେଷ—A hollooing used to call a bull or to incite him to fight.

ଘିର୍ ଘିର୍ କୋଇ—ଦେ. ଅ—ଘିର୍‌କୋଇ ( ଦେଖ )
Ghir-ghir-koi Ghir-koi ( See )

ଘିର୍‌ର୍ କୋଇ—ଦେ. ଅ—ଘିର୍‌କୋଇ (ଦେଖ )
Ghir-r-koi Ghir-koi ( See )

ଘିର୍‌ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଘୋଷାରିବା—
Ghirlāibā To draw or drag on the ground.

ଘିର୍‌ଘୁଡ଼ିଆ—ଦେ. ବି.—ବନ୍ୟ ବୃକ୍ଷ ବିଶେଷ—
Ghir-ghurḏiā Shallotus Phillipinensis tree (Haines)

ଘିର୍‌ମିଟ୍—ପ୍ରାଦେ. (ସମ୍ବଲପୁର)—ବି.—ଗଛରେ ଫୋଡ଼ କରିବା ଯନ୍ତ୍ର—
Ghir-miṭ An auger for drilling trees.

ଘିରିକା—ଗ୍ରା. ଅ.—ଘେରିକା (ଦେଖ)
Ghirikā Gherikā (See)

ଘିରିଘିରାଇ—ଦେ. କ୍ରି. ବିଣ.—କୌଣସି ଦଣ୍ଡାୟମାନ ବ୍ୟକ୍ତିକୁ ଠିଆ
Ghiri ghirāi ଭାବରେ ଜୋର ପୂର୍ବକ ଶୀଘ୍ର ଟାଣି ନେବା ପ୍ରକାରେ—
(ଘିରିଘିରେଇ—ଅନ୍ୟରୂପ) In the manner of dragging down a standing person forcibly; lustily.

ଘିରିଣି—ପ୍ରାଦେ. (ଅଳି) ବି.—ଘୁଙ୍ଗୁଡ଼ି (ଦେଖ)
Ghiriṇi Ghuṅgurḏi (See)

ଘୀବ—ପ୍ରାଦେ. (ବସ୍ତର)—ବି.—ଘିଅ—
Ghīb Ghee.

ଘୁ (ଧାତୁ)—ସଂ.—ଶବ୍ଦ କରିବା—
Ghu (root) To make a sound.

ଘୁ—ସଂ. ଅ.—କପୋତଧ୍ୱନି—
Ghu The cooing of the dove.

ହୁ, ହୁ ହୁ ଦେ. ଅ.—(ଧ୍ୱନ୍ୟନୁକରଣ)—୧ । ବହୁଲୋକଙ୍କ ସମାବେଶଜନିତ ଶବ୍ଦ—1. Confused noise of a crowd.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇଂ | ଉ | ର୍‌, ହ୍‌ | ଝ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ, ଷ | କ୍ଷ | ଇଯ୍‌ | ଉଅ | ଲ୍ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ● | ନ. | |

୨ । ପବନର ଦ୍ରୁତ ଭାବରେ ବହିବାର ଶବ୍ଦ—
2. Sound of blowing or rushing wind.

୩ । ପେଟ ଭିତରେ କୁପିତ ବାୟୁର ଶବ୍ଦ—3. Sound in e stomach due to wind.

ଦେ. କ୍ରି. ବିଣ.—୧ । ପବନ ପରି ଦ୍ରୁତବେଗରେ ବହିବାର ଶବ୍ଦ କରି—1. With the sound of blowing wind.

୨ । ପାଣି ବା ପବନ ବହିବା ପରି ବିନା ବାଧାରେ ଓ ବିଶେଷ ପରିମାଣରେ—2. In large quantity and unabated (like water or wind rushing through an opening).

ଘୁଅ—ଗ୍ରା. (ଇତର) ବି.—(ସଂ. ଗୂ)—ଗୁହ; ବିଷ୍ଠା—
Ghua Ordure.

ଘୁଅ ରାଣୀ—ପ୍ରାଦେ. (ଗଞ୍ଜାମ) ବି.—ଗୁହବଣି (ଦେଖ)
Ghua rāṇi Guha baṇi (See)

ଘୁଇ ଟାଣିବା—ପ୍ରାଦେ. ( ସମ୍ବଲପୁର ) ବି—ପିଳ୍ହୁଳ ପଡ଼ିବା—
Ghui-ṭāṇibā Attack from bubo or swelling of the glands.

ଘୁଇ ଟାନିବା—ପ୍ରାଦେ. (ସମ୍ବଲପୁର) ବି.—ଘୁଇ ଟାଣିବା (ଦେଖ)
Ghui ṭānibā Ghui ṭāṇibā (See)

ଘୁଉ ଘୁଉ—ଦେ. ଅ. (ଧ୍ୱନ୍ୟନୁକରଣ)—ଘୁ (ଦେଖ)
Ghu-u ghu-u Ghu (See)

ଘୁଂଘୁର—ସଂ. ବି.—( ଧ୍ୱନ୍ୟନୁକରଣ )—ଘୁଙ୍ଗୁର—A tinkling
Ghuṁghura ornament for the ankle and waist.

ଘୁଁ ଘୁଁ—ଦେ. ଅ.—(ଧ୍ୱନ୍ୟନୁକରଣ)—ଧ୍ୱନିବିଶେଷ—
Ghuñ ghuñ A booming sound.

ଘୁଁଘୁଁ ଗରଜନେ ହେଉଅଛି ଘଡ଼ ଘଡ଼—
ପ୍ରାଚୀ. କୃଷ୍ଣନନ୍ଦନରୂପଣ ଗୀତା ।

ଘୁଁବାକ୍—ସଂ. ବି.—(ଯେ ଘୁଁ ଘୁଁ ଶବ୍ଦ କରେ) ଭ୍ରମର—
Ghuñbāk The black bee.

ଉଡ଼ଇ ବୁଲୁଛି ସ୍ୱର, କଷାଇ ବିଷମ ଶର
ଧରିଛି ପଙ୍କଜ ଗର, ଘୁଁବାକ ଜୀବନରେ ।
କବିସୂର୍ଯ୍ୟ. ରତ୍ନାକରଚମ୍ପୂ, ଛ ଗୀତ ।

ଘୁକ—ସଂ. ବି. ( ଧ୍ୱନ୍ୟନୁକରଣ )—ପେଚ୍ଚା—
Ghuka Owl.

କୋହେ ଘୁକ ନେତ୍ରଗୋଳକକୁଳ
ଦୃଶ କରଇ ଗାଢ଼ ତମଃ ସ୍ଥଳ । କବିସୂର୍ଯ୍ୟ. କଳତାକଲ୍ଲୋଳିନୀ ।

ଘୁଗି—ପ୍ରାଦେ. ( ସିଂହଭୂମ ) ବି—ଖାଲେଇ—
Ghugi A fisherman's basket.

ଘୁଗିଆ—ପ୍ରାଦେ. ( ସମ୍ବଲପୁର ) ବି—ତାଟ ବିଶେଷ ;ଡାଲା—
Ghugiā A king of tray.

ଘୁଘୁ—ପ୍ରାଦେ. ( ମେଦିନୀପୁର ) ବି. ( ସଂ. ଘୁ ଧାତୁ; ଶବ୍ଦ କରିବାରୁ;
Ghu ghu ସଂ. ଘୁଘୁ କୃତ; ତୁଳ. ବଂ. ଘୁଘୁ )—

ବନ୍ୟ କପୋତ; କାପତା ଡେଙ୍ଗେଇ—
The turtle-dove; spotted dove.

ଘୁ ଘୁ ଦେଖିଛି ଫାନ୍ଦ ଦେଖି ନାହିଁ—ଢଗ ।

ଦେ. ଅ—ଘୁ ( ଦେଖ )
Ghu ( See )

ଘୁଘୁଆ—ଦେ. ବିଣ—ଘୁ ଘୁ ଶବ୍ଦକାରୀ—Having the sound of
Ghughuā rushing wind or water.

ଘୁଘୁ କମ୍ପିବା—ଦେ. କ୍ରି—ବହୁଲୋକସମାଗମରେ ଅସଂଖ୍ୟ ଲୋକଙ୍କ ମୁଖ-
Ghughu kampibā ନିଃସୃତ ବାକ୍ୟମାନଙ୍କର ସମ୍ମିଳିତ ଉଚ୍ଚ ଅର୍ଥ-
ହୀନ ଶବ୍ଦ ବା ଗୋଳ—Confused sound arising out of a big crowd of persons talking loudly.

ଦେ. କ୍ରି—ଜନମଣ୍ଡଳ ନିଃସୃତ ଶବ୍ଦରେ ବା ବାଦ୍ୟାଦିର ଶବ୍ଦରେ ପୂର୍ଣ୍ଣ ହେବା—To resound with confused noise due to a large crowd or beating of many drums.

(ଯଥା—ରଥଯାତ୍ରା ଦିନ ବଡ଼ଦାଣ୍ଡ ଘୁଘୁ କମ୍ପୁଛି । )

ଘୁଘୁ ଜଳିବା—ଦେ. କ୍ରି—( ଅଗ୍ନି ) ସଶବ୍ଦରେ ଜଳିବା—
Ghughu jaḻibā ( fire ) To burn with crackling and blazing.

ଘୁଘୁ ହେବା—ଦେ. କ୍ରି—୧ । ପେଟରେ ପ୍ରକୁପିତ ବାୟୁ ଦ୍ୱାରା ଶବ୍ଦ
Ghughu hebā ଜାତ ହେବା—1. Sound heard in the stomach due to wind.

୨ । କାନ ଭିତରେ ଏକ ପ୍ରକାର ଶବ୍ଦ ବୋଧ ହେବା—
2. A sound experienced in one's ear due to some derangement.

ଘୁଙ୍ଗନି ଦାନା—ଦେ. ବି—ପାଣିରେ ବତୁରି ହୋଇ ଘିଅ ବା ତେଲରେ
Ghuṅgni dānā ଭଜା ହୋଇଥିବା ବୁଟ, ଚଣା ବା ମଟର ଆଦି—
ঘুংগনিদানা Gram or pea fried with ghee or oil
घुंघनि after being moistened with water.

ଘୁଙ୍ଗଲାଇବା—ଦେ. କ୍ରି—ଘୁଙ୍ଗାଳିବା ( ଦେଖ )
Ghuṅg-ḻaibā Ghuṅgāḻiba ( See )

ଘୁଙ୍ଗା—ଦେ. ବି. ( ଘୁ ଘୁ ରବ କରିବାରୁ )—ବନ୍ୟ କପୋତ—
Ghuṅgā Wild dove.

বোবা ବୈଦେ. ବିଣ ପୁଂ. ( ଫା. ଗୁଁଗ୍ )—
गुंगा ମୂକ; ବାକ୍‌ଶକ୍ତିରହିତ—Dumb. (male).
(ଘୁଙ୍ଗୀ—ସ୍ତ୍ରୀ)

ଘଙ୍ଗା ଯାହା ସପନ ଦେଖେ
ମନ କଥା ମନରେ ରଖେ—ଢଗ ।

ଘୁଙ୍ଗାଳିବା—ଦେ. କ୍ରି—୧ । (ପବନ) ଏକ ସମୟରେ ଚାରିଆଡ଼ୁ ବହିବା-
Ghuṅgāḻibā 1. ( wind ) To simultaneously blow from all sides.

୨ । ଚାରିଆଡ଼ୁ ଅସ୍ତବ୍ୟସ୍ତ ବା ଆକ୍ରମଣ କରିବା—
2. To beset or overtake on all sides.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳେ ତେବେ ସେହି ସେ ପାଠ ସଥାକ୍ରମେ ତତ୍ପର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍' ଦେଖିବେ ।

୩ । ଇତସ୍ତତଃ ଆନ୍ଦୋଳିତ କରିବା—
3. To agitate greatly.

**ଘୁଙ୍ଗୁଡ଼** — ଗ୍ରା. (ଇତର) ବି—ଘୁଙ୍ଗୁର (ଦେଖ)—
Ghungurda — Ghungura (See)

**ଘୁଙ୍ଗୁଡ଼ା** — ଦେ. ବିଣ. ପୁଂ (ସଂ. ଘୁର୍ଘୁର)—୧ । ଯେଉଁ ବ୍ୟକ୍ତି ଶୋଇଲା ବେଳେ ନାକଦ୍ୱାରା ନିଶ୍ୱାସପ୍ରଶ୍ୱାସଜନିତ ଉଚ୍ଚ ଶବ୍ଦ କରେ; ଯାହାର ନାକ ଡାକେ—
Ghungurdā (ଘୁଙ୍ଗୁଡ଼ୀ—ସ୍ତ୍ରୀ)
1. Snoring; snorting.
୨ । ଘୁଙ୍ଗୁଡ଼ିଯୁକ୍ତ—2. Accompanied with snoring.
[ ଦ୍ର—ଯେଉଁ ଲୋକ ଶୋଇବାବେଳେ ଘୁଙ୍ଗୁଡ଼ି ମାରେ ତାକୁ ଉଠାଇଦେଲେ ସେ ତାହା ସ୍ୱୀକାର ବା ବିଶ୍ୱାସ କରେନାହିଁ । ଏଥିପାଇଁ ପ୍ରବାଦ ଅଛି :—'ଘୁମା, ଘୁଙ୍ଗୁଡ଼ା, ପାରୁଡ଼ା ଏ ତିନହେଁ ଭୁରୁଡ଼ା' । ]

**ଘୁଙ୍ଗୁଡ଼ି** — ଦେ. ବି (ସଂ. ଘୁର୍ଘୁର)—୧ । ଶୟନକାଳରେ ଜଣଜଣଙ୍କର ନାସିକାନିର୍ଗତ ଉଚ୍ଚ ଧ୍ୱନି; ନାକ ଡାକିବା (ଏହା ଗଭୀର ନିଦ୍ରାର ଲକ୍ଷଣ)—1. Snoring.
Ghungurdi
ନାକଡାକା
**खर्राटा** ୨ । କବାଟର ଏକ କୋଣକୁ ଏବୁଣ୍ଡିବନ୍ଧର ଏକ କୋଣରେ ଠିଆ କରାଇ କବାଟକୁ ଚଳାଇବା ନିମନ୍ତେ ଭୂମିରେ ଯୋଗ ହେବା କାଠ ଖଣ୍ଡ—2. The pivoted piece of wood on which a door stands by its one corner and revolves.

**ଘୁଙ୍ଗୁଡ଼ିଆ** — ଦେ. ବିଣ—ଘୁଙ୍ଗୁଡ଼ା ( ଦେଖ )—
Ghungurdiā — Ghungurdā ( See )

**ଘୁଙ୍ଗୁଡ଼ି ମାରିବା** — ଦେ. କ୍ରି—ଶୋଇବା ସମୟରେ ନାକବାଟେ ଉଚ୍ଚ ଧ୍ୱନି କରିବା—To snore.
Ghungurdi māribā
नाक डाका
**खर्राटा लेना**

ସେ ଆନନ୍ଦରେ ଘୁଙ୍ଗୁଡ଼ି ମାରିଲେ—ଘନଶ୍ୟାମ ଦାସ. ପିଲାଙ୍କ ରାମାୟଣ ।

**ଘୁଙ୍ଗୁଡ଼ିମୁଣ୍ଡା** — ଦେ. ବି—ଘୁଙ୍ଗୁଡ଼ି ( ଦେଖ )—
Ghungurdi mundā — Ghungurdi ( See )

**ଘୁଙ୍ଗୁର** — ଦେ. ବି (ସଂ. ଘୁଘୁର)—୧ । ଛୋଟ ଘଣ୍ଟି—
Ghungura — 1. Small tinkling bells.
घुङ्घुर
୨ । ପାଉଜି; ଝୁଣଝୁଣ ରବକାରୀ ଚରଣର ଅଳଙ୍କାର ବିଶେଷ; ନୂପୁର—2. An ornament for the ankle (consisting of tinkling bells.)
घुँघरू; घुँघरी
୩ । କଟିର ଝୁଣୁଝୁଣୁ ରବଯୁକ୍ତ ଅଳଙ୍କାରବିଶେଷ; କିଙ୍କିଣୀ—
3. An waist-chain attached with tinkling bells.
[ ଦ୍ର—ନର୍ତ୍ତକନର୍ତ୍ତକୀମାନେ ବଳାଗଣ୍ଠି ଉପରେ ଓ କଟିରେ ଘୁଙ୍ଗୁର ବାନ୍ଧି ନାଚନ୍ତି; ଧାତୁମୟ ଫମ୍ପା ଗୋଲକ ମଧ୍ୟରେ ଗୋଡ଼ି ବା ଲୁହାଗୁଳ ପୂରା ଯାଇଥାଏ ଓ ଶରୀର ପରିଚାଳିତ ହେଲେ ତାହା ଝୁଣୁ ଝୁଣୁ ଧ୍ୱନି କରେ । ]

୪ । ପିଲାମାନଙ୍କର କ୍ରୀଡ଼ନକବିଶେଷ (ଟେବଲର ଦୁଇ ପାଖ ଗାଲ ମଝିରେ କଣା କରି ସେ କଣାରେ ଖଣ୍ଡିଏ କାଠି ଗଳାନ୍ତି । ଭୂଇଁରେ ଛାଡ଼ିଦେଲେ ଏହା ଘୁଁ ଘୁଁ ଶବ୍ଦ କରି ଚଳେ ବୁଲୁଥାଏ)—4. A kind of children's rattling top.

**ଘୁଙ୍ଗୁର ବାନ୍ଧିବା** — ଦେ. କ୍ରି—ବଳାଗଣ୍ଠିରେ ବା କଟିଦେଶରେ ଘୁଙ୍ଗୁର-ଲଗା ଅଳଙ୍କାର ପିନ୍ଧିବା—To wear or tie a string of tinkling bells round the ankle or waist.
Ghungura bāndhibā
घुङ्गुर परा
**घुँघुर बाँधना**
[ ଦ୍ର—ନାଚୁଆମାନେ ବଳାଗଣ୍ଠିରେ ବା ଅଣ୍ଟାରେ ଘୁଙ୍ଗୁର ବାନ୍ଧନ୍ତି; ତାଳ ଅନୁସାରେ ଅଙ୍ଗଚାଳନ କଲାବେଳେ ଘୁଙ୍ଗୁରମାନ ତାଳ ଅନୁସାରେ ଝୁଣ୍ ଝୁଣ୍ ଶବ୍ଦ କରେ । ]

**ଘୁଙ୍ଗୁରଲଗା** — ଦେ. ବିଣ—ଘୁଙ୍ଗୁରଯୁକ୍ତ—
Ghunguralagā — Attached with small tinkling bells
घुँङ्गुरलागान
**घुँघरवाले** ( ଯଥା—ଘୁଙ୍ଗୁରଲଗା ମଲ । )

**ଘୁଙ୍ଗୁଲପିଟା** — ଦେ. ବି—କୋଳାହଳ—
Ghungulapiṭā — Noise; ado.

**ଘୁଙ୍ଗୁଲା** — ଦେ. ବିଣ—ଘୁଙ୍ଗୁଲିଆ (ଦେଖ)—
Ghungulā — Ghunguliā (See)

**ଘୁଙ୍ଗୁଲାଇବା** — ଦେ. କ୍ରି—ଘୁଙ୍ଗାଳିବା (ଦେଖ)—
Ghungulāibā — Ghungālibā (See)

**ଘୁଙ୍ଗୁଲିଆ** — ପ୍ରାଦେ. (ବାଲେଶ୍ୱର) ବିଣ—ଯେଉଁ ପବନ ଏକ ସମୟରେ ଚାରିଦିଗରୁ ବହେ—(wind) Blowing simultaneously from all directions.
Ghunguliā

ଏପରି ଘୁଙ୍ଗୁଲିଆ ପବନ କାଳେଭଦ୍ରକାଳେ ଦେଖିବାର ନାହିଁ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଘୁଚପେଲ୍ ହେବା** — ପ୍ରାଦେ. (ସମ୍ବଲପୁର) କ୍ରି—୧ । ପଶ୍ଚାତ୍‌ପଦ ହେବା; ଯିବାକୁ ବା କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା—1. To give vent to one's unwillingness to do anything; to shrink from doing a thing.
Ghuchpel hebā
୨ । ଇତସ୍ତତଃ କରିବା; ଦୋଦୋପାଞ୍ଚ ହେବା—
2 To hesitate.

**ଘୁଚା** — ପ୍ରାଦେ. (ସମ୍ବଲପୁର) ବି—ଘୁଞ୍ଚା (ଦେଖ)—
Ghuchā — Ghunchā (See).

**ଘୁଚାଇବା** — ପ୍ରାଦେ. (ସମ୍ବଲପୁର) କ୍ରି—ଘୁଞ୍ଚାଇବା (ଦେଖ)—
Ghuchāibā — Ghunchāibā (See)

**ଘୁଚିବା** — ପ୍ରାଦେ. (ସମ୍ବଲପୁର) କ୍ରି.—ଘୁଞ୍ଚିବା—
Ghuchibā — To move on.

**ଘୁଞ୍ଚପୁଞ୍ଚ ହେବା** — ଦେ. କ୍ରି.—ଘୁଚପେଲ୍ ହେବା (ଦେଖ)—
Ghunchpunch hebā — Ghuchpel hebā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ରି | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ପ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତ |

ଘୁଞ୍ଚା—ଦେ. ବି—ଅପସାରଣ; ଆଗରୁ ବା ପଛରୁ ଯିବା—
Ghuñchā Moving away from a place; changing one's position
घुचा
हटना

ଘୁଞ୍ଚାଇବା—ଦେ. କ୍ରି—(ଘୁଞ୍ଚିବାର ଣିଜନ୍ତରୂପ)—
Ghuñchāibā ୧ । ସ୍ଥାନାନ୍ତର କରିବା—
घुचान 1. To remove (a thing).
हटाना ୨ । ଅପସାରିତ କରିବା; ଦୂର କରିଦେବା—
(ଘୁଞ୍ଚେଇବା—ଅନ୍ୟରୂପ) 2. To cause to vanish or disappear.

ମାରଣର ଡର ଘୁଞ୍ଚାଇ—କବିସୂର୍ଯ୍ୟ. ସଙ୍ଗୀତ ।

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଆଣିବା, ଦେବା, ନେବା ଓ ରଖିବା କ୍ରିୟାମାନ ଯୁକ୍ତ ହୁଏ ।]

ଘୁଞ୍ଚାଘୁଞ୍ଚି—ଦେ. ବି—୧ । ପ୍ରତ୍ୟେକ ବ୍ୟକ୍ତି ଘୁଞ୍ଚିବା—
Ghuñchāghuñchi 1. Everybody moving away.
घुचाघुचि ୨ । ସ୍ଥାନାନ୍ତରକରଣ—
हटाहटि 2. Removal.

ଘୁଞ୍ଚିଘୁଞ୍ଚିକା—ଦେ. ବିଣ—(ସଂ. ଘନ) ଆଗରୁ ପଛରୁ ଲଗା ଲଗି—
Ghuñchighuñchikā Closely set one after the other.

ଉଚ୍ଚ ପରବତ ଘୁଞ୍ଚିଘୁଞ୍ଚିକା ।
ଉହିଁରେ ବସିଛି ଛନମଣ୍ଡିକା—ଶିଶୁଗୀତ—ନନ୍ଦକିଶୋର. ନିର୍ଝରିଣୀ ।

ଘୁଞ୍ଚିବା—ଦେ.କ୍ରି—(ସଂ.ଗମ ଧାତୁ)—୧ । ଦୂର ହେବା; ଅଦୃଶ୍ୟହେବା—
Ghuñchibā 1. To vanish; to disappear.
घुचना
हटना

କଳ୍ପତରୁ ଲଭି ଯଥା କ୍ଷିତିବ-ଦୁର୍ଗତି ଘୁଞ୍ଚିଗଲା—
ରାଧାନାଥ. ମହାଯାତ୍ରା ।

(ଣିଜନ୍ତ—ଘୁଞ୍ଚାଇବା)
(କର୍ମବାଚ୍ୟରୂପ—ଘୁଞ୍ଚା ଯିବା, ଘୁଞ୍ଚା ହେବା)
୨ । ନିଜର ଶରୀରକୁ ସ୍ଥାନାନ୍ତରିତ କରିବା—
2. To move away.
୩ । ଗଡ଼ିଯିବା; ନିର୍ଦ୍ଧାରିତ ଦିବସ ବା ସମୟ ଦୂରକୁ ଧାର୍ଯ୍ୟ କରିଯିବା—3. To be adjourned; to be postponed.

[ଯଥା—ତୁଳିଡିଆଯୋଗୁଁ ବରିଭିଥି ଘୁଞ୍ଚିଗଲା ।]

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ଯିବା, ବସିବା ଆଦି କ୍ରିୟା ଯୁକ୍ତ ହୁଏ ।]

ଘୁଞ୍ଚୁ ପୁଞ୍ଚୁ ହେବା—ଦେ. କ୍ରି—ଘୁଚ୍‌ପେଲ୍ ହେବା (ଦେଖ)
Ghuñchu puñchu hebā Ghuchpel hebā ( See )

ଘୁଟ୍ (ଧାତୁ)—ସ—୧ । ବ୍ୟାଘାତ କରିବା—
Ghuṭ ( root ) 1. To obstruct.
୨ । ବାଧା ଦେବା—2. To resist
୩ । ରକ୍ଷା କରିବା—3. To protect; to preserve.
୪ । ପ୍ରତ୍ୟାବର୍ତ୍ତିତ କରିବା—
4. To return; to turn back
୫ । ବଦଳାଇବା—5 To exchange; to barter.

ଘୁଟ୍‌ଘୁଟା—ପ୍ରାଦେ. ( ସମ୍ବଲପୁର ) ବିଣ—ଘନ ( ଅନ୍ଧାର ); ଘଟ୍‌ଘଟ
Ghuṭ ghuṭā ( ଅନ୍ଧାର )—Dense ( darkness. )

ଘୁଟ—ସଂ. ବି. ( ଘୁଟ୍ ଧାତୁ=ବ୍ୟାଘାତ କରିବା + କର୍ତ୍ତୃ. ଅ )—
Ghuṭa ୧ । ଗୁଲ୍‌ଫ; ଗୋଇଠି—1. Heel of the foot
୨ । ବଲାଗଣ୍ଠି—2. Ankle.

ଘୁଟି—ସଂ. ବି. ( ଘୁଟ୍ ଧାତୁ + ଇ )—ଘୁଟ ( ଦେଖ )
Ghuṭi Ghuṭa ( See )

ଘୁଟିଂ—ବୈଦେ. ବି. (ଇଂ. ଘୁଟିଙ୍ଗ୍)—ଚୂନର ଗେଙ୍ଗୁଟି—
Ghuṭim Unslaked pieces of lime-stone; lime-ghooting.
घुटिंग
घघिम [ ଦ୍ର—ଏହା ପୋଡ଼ିଲେ ଚୂନ ହୋଇନ ହୁଏ । ]

ଘୁଟିକ—ସଂ. ବି. ( ଘୁଟି+ସ୍ୱାର୍ଥେ. କ )—ଘୁଟ ( ଦେଖ )
Ghuṭika Ghuṭa ( See)

ଘୁଟିକା—ସଂ. ବି ( ଘୁଟି+କ+ଆ )—ଘୁଟ ( ଦେଖ )
Ghuṭikā Ghuṭa ( See )

ଘୁଟିବା—ପ୍ରାଦେ. (ବାଲେଶ୍ୱର) କ୍ରି: (ଘୋ ସ୍ଥାନରେ ଘୁ ଉଚ୍ଚାରଣ)—
Ghuṭibā ଘୋଟିବା ( ଦେଖ )—Ghoṭibā ( See )

ଘୁଟୀ—ସଂ. ବି. ( ଘୁଟ୍ ଧାତୁ+ଈ)—ଘୁଟ ( ଦେଖ )
Ghuṭi Ghuṭa ( See )

ଘୁଡ୍‌କା—ଦେ. ଓ—ଘୁଡ଼୍‌କା ( ଦେଖ )
Ghurḍkā Ghurḍukā ( See )

ଘୁଡ଼ଘୁଡ଼—ଦେ. ଅ—ଘୁଡ଼୍‌ଘୁଡ଼୍ ( ଦେଖ )
Ghurḍghurḍ Ghurḍughurḍu ( See )

ଘୁଡ୍ ସବାର୍—ପ୍ରାଦେ. ( ସମ୍ବଲପୁର ) ବି. ( ଭୁ.ହି. ଘୁଡ଼୍‌ସଵାର )—
Ghurḍsabār ଘୋଡ଼ସବାର ( ଦେଖ )
Ghorḍa sabāra ( See )

ଘୁଡ଼ା—ପ୍ରାଦେ. ( ସମ୍ବଲପୁର ) ବି. ( ଘୋ ସ୍ଥାନରେ ଘୁ ଉଚ୍ଚାରଣ )—
Ghurḍā ଘୋଡ଼ା—A horse.
( ଘୁଡ଼ୀ—ସ୍ତ୍ରୀ )

ଘୁଡ଼ାନି—ପ୍ରାଦେ. ( ସମ୍ବଲପୁର ) ବି—ଘୋଡ଼ଣି; ଢାଙ୍କୁଣି—
Ghurḍāni A lid.

ଘୁଡ଼ି—ଦେ. ବି. ( ସଂ. ଘୂର୍ଣ୍ଣି; ଭୁଲ. ଫା. ଘୁଡ୍ଡୀ; ଭୁଲ. ସଂ. ଗୁରୁ+ଉଡ୍ଡୀନ )—ଆକାଶରେ ଉଡ଼ାଇବା ପାଇଁ କାଗଜ-ଗୁଡ଼ି; ଘୁଡ଼ି କମିଚ ଚତୁଷ୍କୋଣ କ୍ରୀଡ଼ନକ; କାଗଜପ୍ରସ୍ତୁତ ଚଙ୍ଗ—
Ghurḍi
गुड्डी; पतङ्ग Paper kite.

[ ଦ୍ର—ଖେଳିବା ପାଇଁ ଏଥିରେ ସୁତା ଲଗାଇ ପିଲାମାନେ ଏହାକୁ ଶୂନ୍ୟରେ ଉଡ଼ାନ୍ତି । ]

ଘୁଡ଼ି ଉଡ଼ାଇବା—ଦେ. କ୍ରି—ସୂତା ଧରି ଆକାଶରେ ଉଡ଼ିବା ନିମନ୍ତେ
Ghurḍi urḍaibā ଘୁଡ଼ିକୁ ଛାଡ଼ିବା—To fly a kite.
घुड़ि उड़ान
गुड्डी उड़ाना

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଜ୍ଜିଣ' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଘୁଡ଼ି ଛାଡ଼ିବା—ଦେ. କ୍ରି.—୧ । ଘୁଡ଼ି ଉଡ଼ାଇବା (ଦେଖ)
Ghur̤di chhār̤dibā — 1. Ghur̤di ur̤dāibā (See)
ঘুড়ি ছাড়া — ୨ । ଆକାଶରେ ବହୁ ଉଚ୍ଚକୁ ଯିବା ପାଇଁ ଘୁଡ଼ିର
गुड्डी छोड़ना — ସୂତାକୁ ଛାଡ଼ି ଛାଡ଼ି ଦେବା—2. To loosen the string of a kite so that it may rise up higher and higher.

ଘୁଡ଼ି ପେଁଚ—ଦେ. ବି.—ଶୂନ୍ୟରେ ଉଡ଼ୁଥିବା ଦୁଇଟି ଘୁଡ଼ି କୌଶଳ-
Ghur̤di peñcha — ପୂର୍ବକ ପରସ୍ପରର ସୂତାକୁ କାଟିବା ପାଇଁ ଚେଷ୍ଟା—
ঘুড়ীর প্যাঁচ — fight between two paper-kites (one
गुड्डीलड़ाई — trying to entangle and cut up the string of the other.)

ଘୁଡ଼ି ଲଢେଇ—ଦେ. ବି.—ଘୁଡ଼ି ପେଁଚ (ଦେଖ)
Ghur̤dilar̤dhei — Ghur̤di peñcha (See)

ଘୁଡ଼ିସୂତୁଲି—ଦେ. ବି.—ଘୁଡ଼ିରେ ଲାଗିବା ନିମନ୍ତେ ପ୍ରସ୍ତୁତ ଟାଣ ସୂତା—
Ghur̤disūtuli — The string of a paper-kite.
ঘুড়ীর সুতা — [ ଦ୍ର—କୌଣସି କୌଣସି ଘୁଡ଼ିର ସୂତାରେ ଅଠା ଓ
गुड्डीका सूत — କାଚ ଗୁଣ୍ଡି ବୋଳା ହୋଇଥାଏ ଯେପରି କି ଉଡ଼ୁଥିବା ଅନ୍ୟ ଘୁଡ଼ିର ସୂତାକୁ ଏ କାଚଗୁଣ୍ଡିଯୁକ୍ତ ସୂତା ଘଷି କରି କାଟି ଦେଇ ପାରିବ । ]

ଘୁଡ଼ୁକା—ଦେ. ବି.—(ଏଥିରେ ଗୋରୁମାନଙ୍କ ତଣ୍ଟିରୁ ଘୁଡ଼ୁ ଘୁଡ଼ୁ ଶବ୍ଦ
Ghur̤dukā — ବାହାରୁ ଥିବାରୁ)—ଗୋରୁଙ୍କ ରୋଗ ବିଶେଷ—
ঘুরকা, ঘুর্ঘা — Hœmorrhagic Septicatmia of cattle.
[ ଦ୍ର—ଏହାକୁ ତଣ୍ଟିକଣ୍ଟା, ତଣ୍ଟିଫୁଲା ଓ ସାହାଣା ରୋଗ ବୋଲି ମଧ୍ୟ କୁହାଯାଏ । ଏହା ଉତ୍କଟ ରୋଗ; ଏଥିରେ ପଶୁର ଗଳା ଫୁଲି ଯାଏ, କଣ୍ଠରୁ ଘୁଡ଼ୁ ଘୁଡ଼ୁ ଶବ୍ଦ ହୁଏ, ଜ୍ୱର ହୁଏ ଓ ପଶୁ ମରିଯାଏ ।]
ପ୍ରାଦେ. (ସମ୍ବଲପୁର)—ବି.—ଘୁଡ଼ୁକି (ଦେଖ)
Ghur̤duki (See)

ଘୁଡ଼ୁକି—ଦେ. ବି.—ଧୁଡ଼ୁକି (ଦେଖ)
Ghur̤duki — Dhur̤duki (See)
ଯଁ ହସ୍ତାରେ ହୋଇଲେ ବଜାଇ ଘୁଡ଼ୁକି—କୃଷ୍ଣସିଂହ. ମହାଭାରତ. ଅଦି ।

ଘୁଡ଼ୁ ଘୁଡ଼ୁ—ଦେ. ଅ. (ଧ୍ୱନ୍ୟନୁକରଣ) (ତୁଳ. ସଂ. ଘୁର୍ଘୁର)—
Ghur̤du ghur̤du — ୧ । ଛୋଟ ହାଣ୍ଡିରେ ଅଳ୍ପ ଭାତ ବା ତିଅଣ
গুরগুর — ଫୁଟିବାର ଶବ୍ଦ—1. The gurgling sound of
घुरघुर — boiling rice or curry in a small pot.
ঘুঙড়ি — ୨ । କଫ ବସିଗଲେ ନିଃଶ୍ୱାସପ୍ରଶ୍ୱାସ ସମୟରେ
घुंघरी बालसा — ଗଳାରେ ଯେଉଁ ଅନୁଚ୍ଚ ଘଡ଼ ଘଡ଼ ଶବ୍ଦ ହୁଏ—
2. Low gurgling sound in the throat due to respiration passing through the throat choked with phlegm.
୩ । ବିରାଡ଼ିମାନେ ଶୋଇବା ସମୟରେ କରିବା ଶବ୍ଦ—
. Sound of cats while sleeping.
୪ । ଘୁଷୁରିମାନେ ମାଟି ତାଡ଼ିବା ସମୟରେ କରିବା ଶବ୍ଦ—
4. The sound made by pigs while furrowing earth.
[ ଦ୍ର—ଘଡ଼ ଘଡ଼ ଶବ୍ଦ ଅପେକ୍ଷା ଘୁଡ଼ୁ ଘୁଡ଼ୁ ଅନୁଚ୍ଚ ଅଟେ ।]

ଘୁଡ଼ୁଞ୍ଚି—ପ୍ରାଦେ. (ବାଲେଶ୍ୱର)—ଘୋଡ଼ଚ (ଦେଖ)
Ghur̤duñchi — Ghor̤dachi (See)
ଘୁଡ଼ୁଞ୍ଚି ଚଳେ, ଉନ୍ଦୁପୋଷ ଚଳେ, ଘର କୋଣରେ ଗୁଡ଼ ମାଠିଆ—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଘୁଣ୍ (ଧାତୁ)—ସଂ.—୧ । ଭ୍ରମଣ କରିବା—
Ghuṇ (root) — 1. To travel.
୨ । ଘୂରିବା—2. To whirl; to reel.
୩ । ଗ୍ରହଣ କରିବା; ନେବା—3. To accept; to take.

ଘୁଣ—ସଂ. ବି. ( ଘୁଣ ଧାତୁ + କର୍ତ୍ତୃ. ଅ )—
Ghuṇa — କାଠ ପୋକ; କାଷ୍ଠକୃମି; କାଠରେ ରନ୍ଧ୍ର କରିବା ପୋକ ବିଶେଷ—Weevil; worm boring into wood; wood-borer.
ସମାନେ ଏ ସ୍ଥାନ ଭବ ଘୁଣ ରୂପେ ପଶି
ଅସ୍ଥି ମଜ୍ଜା ଶୋଷି ତାକୁ କରିବ ଜର୍ଜର—ରାଧାନାଥ. ମହାଯାତ୍ରା ।
[ ଦ୍ର—କାଠ, କାଠରେ ତିଆରି ବସ୍ତୁ, କାଗଜ, ବହି, ତାଳପତ୍ର ପୋଥି, ଚାଉଳ, ମୁଗ ଆଦି ପୁରୁଣା ହେଲେ ସେଥିରେ ଘୁଣ ଲାଗନ୍ତି । ଘୁଣ ନାନା ଜାତିର । ଏମାନେ ଯେଉଁ ଜିନିଷକୁ ଆକ୍ରମଣ କରନ୍ତି ତାକୁ ଫମ୍ପା କରି ତହିଁର ସାରଭାଗ ନଷ୍ଟ କରନ୍ତି । ]

ଘୁଣ ଖାଇବା—ଦେ. କ୍ରି—୧ । କାଠ ଓ ଶସ୍ୟାଦିରେ କୀଟ ପଶି ନଷ୍ଟ
Ghuṇa khāibā — କରିବା—1. The eating up (of
ঘুণ খাওয়া — wood or grain ) by insects.
घुन लगना, घुनना — ୨ । (ଲକ୍ଷଣାର୍ଥ) ହୃଦୟ ବା ଶରୀର ଦୁଶ୍ଚିନ୍ତା ବା
ଘୁଣ ଧରିବା } ଅନ୍ୟରୂପ — ରୋଗରେ ଅଭିଭୂତ ହେବା—
ଘୁଣ ଲାଗିବା }
2. ( figurative ) The state of the mind and body being overcome with anxiety or disease; care-worn.

ଘୁଣଖିଆ—ଦେ. ବିଣ—୧ । ପୋକ ଦ୍ୱାରା ନଷ୍ଟ; ପୋକଖିଆ—
Ghuṇa khiā — 1. Worm-eaten.
ঘুণধরা — ୨ । ( ଲକ୍ଷଣାର୍ଥ ) ରୋଗ ବା ଚିନ୍ତା ଦ୍ୱାରା ଜୀର୍ଣ୍ଣ-
घुन लगाहुआ — ଶୀର୍ଣ୍ଣ; ଅନ୍ତଃସାରଶୂନ୍ୟ (ଶରୀର)—
2. ( figurative ) Worn out or debilitated by care and illness.

ଘୁଣଧରା—ଦେ. ବିଣ—୧ । ଘୁଣଖିଆ ( ଦେଖ )
Ghuṇadharā — 1. Ghuṇakhiā ( See )
(ଘୁଣଲଗା—ଅନ୍ୟରୂପ) ୧ । ଯେଉଁ ବସ୍ତୁକୁ ପୋକ ଆକ୍ରମଣ କରିଅଛନ୍ତି, କିନ୍ତୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରି ନାହାନ୍ତି—
1. Attacked by or infested with worms but not yet completely eaten.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନୃ |

ଘୁଣଲିପି—ସଂ. ବି. ( ମଧ୍ୟପଦଲୋପୀ; ଘୁଣକୃତ ଲିପି )—
Ghuṇalipi ଘୁଣାକ୍ଷର ( ଦେଖ )
Ghuṇākshara ( See )

ଘୁଣାକ୍ଷର—ସଂ. ବି. ( ମଧ୍ୟପଦଲୋପୀ; ଘୁଣ ଦ୍ୱାରା କୃତ ଅକ୍ଷର )—
Ghuṇākshara ୧ । କାଠପୋକ କାଠ କାଟି କରିଥିବା ଛିଦ୍ରମାନ ଦୈବଯୋଗରେ ଅକ୍ଷର ପରି ଦେଖାଯିବା ଅବସ୍ଥା—
1. Letters fortuitously formed on wood by the weevil boring into it.
୨ । ଲକ୍ଷଣାର୍ଥ ) ଦୈବାତ୍ ଘଟିଥିବା ଅକଳ୍ପିତ ଘଟଣା—
2. (figurative) Fortuitous events and circumstances brought about without previous design (like letters formed by wood-borers boring into wood).
୩ । ଗୁଡ଼ିଖେଳ ( ପ୍ରକୃତିବାଦ )—3 Lottery.
୪ । ଆଶ୍ଚର୍ଯ୍ୟଜନକ ବା ଅସାଧାରଣ ଘଟନା (ପ୍ରକୃତିବାଦ)—
4. Any extraordinary or uncommon event.
୫ । ସୌଭାଗ୍ୟ ( ପ୍ରକୃତିବାଦ )—
5 Prosperity; good luck.

ଘୁଣାକ୍ଷର ନ୍ୟାୟ—ସଂ. ବି—ପୁସ୍ତକ ବା କାଠରେ ପୋକ ଭେଦ ଯେଉଁ
Ghuṇākshara nyāya କଣା କରିଥାଆନ୍ତି ତାହା ବେଳେ ବେଳେ ଅକ୍ଷରରୂପ ଦେଖାଯିବା ପରି କୌଣସି ଅପ୍ରତ୍ୟାଶିତ ଓ ଅନଭିପ୍ରେତ ଘଟନା ହଠାତ୍ ଘଟିବା—
An unexpected and chance resemblance; any fortuitous and chance occurrence.
[ ଦ୍ର—ଘୁଣ କାଠ ବା ପୁସ୍ତକ ବା ତାଳପତ୍ର ପୋଥି ଆଦି କାଟିବା ଯୋଗୁଁ ଉକ୍ତ କାଠଦଣ୍ଡି ବସ୍ତୁ ଉପରେ ଛିଦ୍ର ଓ ରେଖାମାନ ପଡ଼ିଯାଏ । ଦୈବାତ୍ କୌଣସି କୌଣସି ଛିଦ୍ର ବା ରେଖା ପରସ୍ପର ସଙ୍ଗେ ମିଶି ଅକ୍ଷରପରି ଦେଖାଯାଏ । ଏହାକୁ 'ଘୁଣାକ୍ଷର' କହନ୍ତି । ପ୍ରକୃତରେ ଘୁଣ ଅକ୍ଷର ଲେଖି ନ ଥାଏ, କିନ୍ତୁ ଦୈବାତ୍ ସେ ଦାଗସବୁ ଅକ୍ଷର ପାଲଟିଯାଏ । ଅତଏବ ଯାହା କରିବାକୁ କଳ୍ପନା ବା ଚେଷ୍ଟା କରାଯାଇ ନ ଥାଏ ବା ଯାହା ହେବ ବୋଲି ଆଶା କରାଯାଇ ନ ଥାଏ, ଅଥଚ ଦୈବାତ୍ କରୁ କରୁ ତାହା ଘଟିଯାଏ ତାକୁ 'ଘୁଣାକ୍ଷର ନ୍ୟାୟ' ବୋଲାଯାଏ । ]

ଘୁଣାକ୍ଷରରେ—ଦେ.କ୍ରି. ବିଣ—ସାମାନ୍ୟ ଇଙ୍ଗିତରେ;ଇସାରାରେ ସୁଦ୍ଧା—
Ghuṇāksharare Even by the slightest
ঘুণাক্ষরে intimation, indication or hint.
ঘুণাক্ষরমে ( ଯଥା—ମୁଁ ଉକ୍ତ ସଭାକୁ ଯିବା ପୂର୍ବରୁ ସେଠାରେ ମୋତେ ବକ୍ତୃତା ଦେବାକୁ ହେବ ବୋଲି ଘୁଣାକ୍ଷରରେ ଜାଣି ନ ଥିଲି । )

ଘୁଣିଆଁ—ପ୍ରାଦେ (ମୟୂରଭଞ୍ଜ) ବି—ଧୀବର ଜାତି ବିଶେଷ—
Ghuṇiāṅ Fisher-man class.

ଘୁଣ୍ଟ—ସଂ. ବି (ଘୁଟ୍ ଧାତୁ+ଅ)—୧ । ଗୋଇଠି—1. Heel.
Ghuṇṭa
୨ । ଗୁଳ୍ଫ; କଲାଗଣ୍ଠି—2. Ankle.

ଘୁଣ୍ଟକ—ସଂ. ବି (ଘୁଟ୍ ଧାତୁ+ସ୍ୱାର୍ଥେ. କ)—ଘୁଣ୍ଟ ( ଦେଖ )—
Ghuṇṭaka Ghuṇṭa ( See )

ଘୁଣ୍ଟି—ପ୍ରାଦେ. (ଗଞ୍ଜାମ) ବି—(ତୁଳ. ତେ. ଗୁଣ୍ଡି; ତୁଳ. ସଂ. ଗ୍ରନ୍ଥି ଓ
Ghuṇṭi ହି. ଘୁଣ୍ଡୀ)—୧ । ବୋତାମ—1. Button.
୨ । କନା ବା ସୂତାରେ ସିଲାଇ ହୋଇଥିବା ମଟରପରି ଗୋଲ ଗୁଣ୍ଡି—2. Buttons made by rolling a bit of cloth or thread into a ball and making it tight by sewing.

ଘୁଣ୍ଟିକ—ସଂ. ବି (ଘୁଟ୍ ଧାତୁ+ଇକ)—୧ । ଘୁଣ୍ଟ ( ଦେଖ )—
Ghuṇṭika Ghuṇṭa ( See )
୨ । ବିଲ ଓ ପଡ଼ିଆରେ ଗୋରୁ ହଗିଥିବା ଶୁଷ୍କ ଗୋବର—
2. Dried cow-dung left on the field by cattle.

ଘୁଣ୍ଟିକା—ସଂ. ବି (ଘୁଟ୍ ଧାତୁ+ଇକ+ସ୍ତ୍ରୀ. ଆ—ଘୁଣ୍ଟିକ (ଦେଖ)—
Ghuṇṭikā Ghuṇṭika (See)

ଘୁଣ୍ଡ—ସଂ.ବି (ଘୁଣ=ପୋକ+ସଜ୍ଞାର୍ଥେ.ଡ଼; କିମ୍ବା ଘୁଣ ଧାତୁ+କର୍ତ୍ତୃ.ଡ଼
Ghuṇḍa ଯେ ଘୂରି ବୁଲେ କିମ୍ବା ପୁଷ୍ପରୁ ମକରନ୍ଦ ଗ୍ରହଣ କରେ)—
ବଡ଼ କଳା ଭ୍ରମର; କଳା ଭଅଁର—Large black; wasp.

ଘୁଣ୍ଡି ପ୍ରାଦେ. (ଗଞ୍ଜାମ) ବି (ତୁଳ. ତେ. ଗୁଣ୍ଡି)—ଘୁଣ୍ଟି ( ଦେଖ )—
Ghuṇḍi Ghuṇṭi ( See )

ଘୁନ୍‌ଘୁଟି—ପ୍ରାଦେ.(ସମ୍ବଲପୁର) ବି—୧ । ଅତି କ୍ଷୁଦ୍ର ପତଙ୍ଗ—
Ghunghuṭi 1. Tiny insect.
୨ । ଏକପ୍ରକାର କ୍ଷୁଦ୍ର ମଶା—2. Small mosquito.

ଘୁନ୍ ଘୁନ୍—ପ୍ରାଦେ. (ସମ୍ବଲପୁର) ଅ (ଧ୍ୱନ୍ୟନୁକରଣ)—ମଶାଙ୍କର ଗୁଣୁ
Ghunghun ଗୁଣୁ ଶବ୍ଦ—The buzzing or humming sound of the mosquito.

ଘୁନ୍‌ଚି—ପ୍ରାଦେ. ( ସମ୍ବଲପୁର ) ବି (ସଂ. କାଞ୍ଚୀ; ସଂ. ଗୁଣ+ସୂତ୍ର; ତୁଳ.
Ghunchi ଏହି ଅର୍ଥରେ ବ. ଘୁନ୍‌ସି)—କଟିସୂତ୍ର; ଅଣ୍ଟାସୂତା;
ঘুনসি କରଧନ—Waist-chain.

ଘୁନସ (ଧାତୁ)—ସଂ.—ଭୂଷିତ କରିବା—
Ghunsa (root) To adorn.

ଘୁମ୍ ଘୁମ୍—ଦେ. ଅ (ଧ୍ୱନ୍ୟନୁକରଣ)—ଘୁମୁ ଘୁମୁ ( ଦେଖ )—
Ghumghum Ghumughumu (See)

ଘୁମ୍‌ନିମୁହାଁ—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ ( ତୁଳ. ଏହି ଅର୍ଥରେ ହି.
Ghumnimuhāṅ ପୁଂ. ଘୁନ୍ନା; ସ୍ତ୍ରୀ. ଘୁନ୍ନୀ)—ଯେଉଁ ବ୍ୟକ୍ତି ମୁହଁକୁ
(ଘୁମ୍‌ନିମୁହାଁ—ସ୍ତ୍ରୀ) ତରସ କରି କିଛି କଥା ସ୍ପଷ୍ଟରୂପେ ଫିଟାଇ କହେ ନାହିଁ; ଗୁମାକଥା; ଯେଉଁ ବ୍ୟକ୍ତି ଆପଣା ମନର କ୍ରୋଧ,

୧ ଧାତ୍ରଣ ଶ୍ଳେକେ ଏପର ପୃଷ୍ଠାରେ ୧ଚ୍ଚ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳନ୍ତି ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଶବ୍ଦର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବନ୍ଧ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅଭିମାନ ଅବା ମନରେ ରଖି ବାହାରେ କିଛି କହେ ନାହିଁ ଅଥଚ ମୁହଁଟାକୁ ଗାରୁ ଗାରୁ କରିଥାଏ—
Sullen; sulky; frowning (person.)

ଘୁମ୍‌ରି—ପ୍ରାଦେ. (ସମ୍ବଲପୁର) ବି—ଘୁମର୍‌ଲି (ଦେଖ)
Ghumri — Ghumarli (See)

ଘୁମ—ଦେ. ବି—୧ । ନିଦ୍ରା; ନିଦ—
Ghuma — 1. Sleep; slumber.
ଘୁମ — ଢୁଲାଇବା; ନିଦ୍ରାଯୁକ୍ତ ହୋଇ ବସିବା ଅବସ୍ଥାରେ ଢଳିବା—
ତଂଘନୀ; ঝুমনা — 2. Reeling due to an attack of sleepiness; stupor; dozing.
মটকা — ୩ । ଘମ; ଶସ୍ୟାଦି ସଞ୍ଚୟ କରିବା ନିମନ୍ତେ ମାଟିରେ ତିଆରି
মটকা — ସରୁମୁହାଁ ଓ ବଡ଼ ପେଟ ଥିବା ଉଚ୍ଚ ମାଟି ନିଆଁ—
3. A big earthen jar for storing grains ( small-mouthed, deep-bellied and tall. )

ବାବୁ ଆଉ ଲୋକଙ୍କ ଭଳି ପର ମୋଟା,
ପେଟଟି ଗୋଟିଏ ଦଶ କୌଡ଼ିଆ ଘୁମ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଘୁମ ଛଡ଼େଇବା—ଦେ. କ୍ରି—ନିଦ ଭଙ୍ଗାଇବା; ପ୍ରହାର, ଧମକାଣି ଓ
Ghuma chhar̤deibā — ଦେହକୁ ବାରମ୍ବାର ହଲାଇବାଦ୍ୱାରା
ঘুম ছাড়ান — ନିଦରେ ଘାରି ହେଉଥିବା ବା ଘୁମାଉଥିବା ବ୍ୟକ୍ତିକୁ ସଚେତ କରାଇବା—To rouse a person from stupor, drowsiness or sleepiness by artificial means (eg. beating,vigorously pushing), terrifying, etc.

ଘୁମଟା—ପ୍ରାଦେ. (ମେଦିନୀପୁର) ବି (ମୂଳ. ବ.ଘୋମଟା; ହି ଘୁଙ୍ଘଟ୍—
Ghumaṭā — ଅବଗୁଣ୍ଠନ; ଓଢ଼ଣା—Veil; muffler

ଘୁମ ଧରିବା—ଦେ. ବି—ନିଦ୍ରାବେଶ; ଢୁଲାଇବା—
Ghuma dharibā — Feeling of sleepiness or drowsiness;dozing.

ଘୁମନ୍ତ—ଦେ. ବିଣ (ବଙ୍ଗଳାରୁ ଅନୁକୃତ)—ନିଦ୍ରିତ; ସୁପ୍ତ—
Ghumanta — Sleeping; dormant.
ঘুমন্ত
ঘুমতাহুআ

ଘୁମ ଭଙ୍ଗାଇବା—ଦେ. କ୍ରି—ଅନ୍ୟର ନିଦ୍ରାଭଙ୍ଗ କରାଇବା—
Ghuma bhaṅgāibā — To arouse a person from sleep or stupor.
ঘুম ভাঁগান

ଘୁମ ଭାଙ୍ଗିବା—ଦେ. କ୍ରି—୧ । ଢୁଲାଇବା ଅବସ୍ଥାରୁ ସଚେତ ହେବା—
Ghuma bhāṅgibā — 1. To shake off sleepiness.
ঘুম ভাঁগা — ୨ । ଘୁମ ଭଙ୍ଗାଇବା ( ଦେଖ )
2 Ghuma bhaṅgāibā ( See )
୩ । ନିଜେ ନିଦରୁ ଉଠିବା—3. To rise from sleep.
ଦେ. ବି—ନିଦ୍ରାଭଙ୍ଗ ହେବା—
Being roused up from sleep.

ଘୁମ ମାଡ଼ିବା—ଦେ. ବି—ଘୁମ ଧରିବା (ଦେଖ),
Ghuma mār̤dibā — Ghuma dharibā ( See )
(ଘୁମଲାଗିବା—ଅନ୍ୟରୂପ)

ଘୁମର୍‌ଲି—ପ୍ରାଦେ. (ସମ୍ବଲପୁର) ବି—ଘିମିର ( ଦେଖ )
Ghumarli — Ghimira ( See )

ଘୁମରି—ପ୍ରାଦେ. (ସମ୍ବଲପୁର) ବି—ଘିମିର ( ଦେଖ )
Ghumari — Ghimira ( See )

ଘୁମରିବା—ଦେ. କ୍ରି—ଘୁମୁରିବା ( ଦେଖ )
Ghumaribā — Ghumuribā ( See )

ଘୁମା—ଦେ. ବି—୧ । ନିଦ୍ରା; ତନ୍ଦ୍ରା—1. Sleep; drowsiness.
Ghumā — ୨ । ଢୁଲ; ଢୁଲା; ନିଦ୍ରାରେ ଢଳିବା—
ঘুমা — 2. Dozing.
ঝুমনা — ୩ । ମାଟିର ବଡ଼ ପାତ୍ର; ଘୁମ—3. A big-bellied
মটকা — narrow-mouthed tall earthen jar.
মটকা — ୪ । ଗୋରୁଙ୍କ ରୋଗବିଶେଷ—4. A cattle disease.
ঘুমনী; ঘুমনি — [ ଦ୍ର—ଏଥିରେ ଗୋରୁ ସର୍ବଦା ଆଖି ବୁଜି ରହେ ଓ ଠିଆ ହେବାକୁ ଚେଷ୍ଟା କଲେ ଘାଉଁରି ଖାଇ ପଡ଼ିଯାଏ । ]
୫ । ଘୂର୍ଣ୍ଣନ—5. Rotation; revolving; moving in a circle; whirling motion.
ଦେ. ବିଣ—୧ । ନିଦ୍ରାଳୁ—1. Sleepy.
ঘুমকাতুরে — ୨ । ଯେ ସର୍ବଦା ଢୁଲାଏ ବା ଘୁମାଏ—
2. Habituated to dozing; drowsy.

ଘୁମା, ଢୁଙ୍ଗୁଡ଼ା, ଗାରୁଡ଼ା, ଏ ତିନହେଁ ଭୁରୁଡ଼ା—ଢଗ ।

ପ୍ରାଦେ. (ସମ୍ବଲପୁର) ବି. (ଇଚ୍ଛାନୁସାରେ ପଥିକଙ୍କୁ ଅଟକାଇବା ପାଇଁ ବ୍ୟ. ହୁଚ)—ବଡ଼ ରାସ୍ତାର ମଝିରେ ଲାଗିଥିବା କବାଟ—Doors on public roads; toll-gate; turnpike.

ଘୁମାଇବା—ଦେ. କ୍ରି—୧ । ଢୁଲାଇବା—
Ghumāibā — 1 To doze; to be drowsy.
ঘুমান
ঝুমনা

ଘୁମାଇବାର ସମୟ ବଳ ନାହିଁ କି ଅନ୍ତ,
ସୁଯୋଗ ଦିନା କଷ୍ଟଅଇଲୁରେ—କବିସୂର୍ଯ୍ୟ. ବଳୋଗୋବିନ୍ଦ ।

୨ । ନିଦ୍ରାଯିବା, ଶୋଇବା—2. To sleep.

ଯେଉଁ ପାଣିଦେଲେ ପିଇବାକ୍ଷଣି ମୂର୍ଚ୍ଛ
ପଡ଼ିଏ ଯାଏ ସୁଖେ ରହିଲ ଘୁମାଇ—କୃଷ୍ଣସିଂହ. ମହାଭାରତ. ବନ ।

୩ । (ଆଖି) ବୁଜିବା; ବନ୍ଦ କରିବା—3. To shut.

ଚକ୍ଷୁ ସେ ଭାଏ ଅତି ଅଶକତ ହୋଇ
ନୟନ ଦୁଇ ଥରେ ଦେଲେ ସେ ଘୁମାଇ—କୃଷ୍ଣସିଂହ. ମହାଭାରତ. ବନ ।

୪ । ଘୁମିବା କ୍ରିୟାର ଣିଜନ୍ତ ରୂପ; ଘୂର୍ଣ୍ଣିତ କରିବା—
ঘোরান — 4. Causative of Ghumibā; to cause to roll or whirl.
ঘুমানা

| ୧ | ଇ | ଉ | ର,ଋ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | ଙ୍କ | ଇୟ | ଉଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଚଁ୍ୟ | ଇଅ | ◆ | ନ୍ତ |

ଘୁମାପେଚା—ଦେ. ବିଣ. (ଗାଳି; ଯେ ସର୍ବଦା ପେଚାପରି ଢୁଳାଉଥାଏ)—
Ghumā pechā ଅଳସୁଆ; ଢୋଢ଼ିଆ—Lazy; indolent
(ଘୁମୀପେଚୀ—ସ୍ତ୍ରୀ) (literally. dozing like an owl.)

ଘୁମା ରୋଗ—ଦେ. ବି—ଯେଉଁ ରୋଗରେ ରୋଗୀ ସର୍ବଦା ଶୁଏ—
Ghumā roga Sleeping sickness.
ঘুমা রোগ
**झुमा रोग**

ଘୁମିବା—ଦେ. କ୍ରି. ( ସଂ. ଘୂର୍ଣ୍ଣ ଧାତୁ )—
Ghumibā ୧ । ଚକ୍ରାକାରରେ ବୁଲିବା; ଘୂରିବା—
ঘুরা 1. To whirl round.
**घूमना** ୨ । ଚାରିଆଡ଼େ ବୁଲିବା—
2. To walk about; to walk round.
ଦେଖିଆସିଲି ମୁଁ ଚାରିଆଡ଼େ ଘୁମି ଘୁମି—ମଧୁସୂଦନ, ଉତ୍କଳଗାଥା ।
୩ । (ମୁଣ୍ଡ) ବୁଲାଇହେବା; ଘୂର୍ଣ୍ଣିତ ହେବା—
3. (the head) To reel.

ଘୁମୁ ଘୁମୁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଗମ୍ଭୀର ଶବ୍ଦ—
Ghumu ghumu 1. Grave sound of drums; muffled sound.
୨ । ପାରା ଘୁମୁରିବାର ଶବ୍ଦ—
2. Muffled cooing sound of pigeon.
ଘୁମୁ ଘୁମୁ ଘୁମୁରେ ପାରା
ଉଡ଼ିଗଲେ ଆଉ ନ ହବ ଧରା—ଶିଶୁଗୀତ ।
୩ । ମୁହଁ ବନ୍ଦ କରି ଗଳାଦ୍ୱାରା କରିବା ଶବ୍ଦ—
3. Muffled roaring sound produced from the throat while the lips are closed.

ଘୁମୁଟା—ଦେ. ବି—ଘୁମଟା ( ଦେଖ )
Ghumuṭā Ghumaṭā ( See )

ଘୁମୁରା—ଦେ. ବି. ( ଧ୍ୱନ୍ୟନୁକରଣ; ଘୁମୁଘୁମୁ ଶବ୍ଦରୁ )—
Ghumurā ୧ । ଆନଦ୍ଧବାଦ୍ୟବିଶେଷ—1. A kind of pitcher-like drum covered with skin on the face.

[ ଦ୍ର—ଏହା ଗୋଟିଏ ଲମ୍ବମୁହାଁ ମାଠିଆ ବା ବଡ଼ ସୋରେଇ ପରି । ଏହାର ପଛଆଡ଼େ ଗୋଟିଏ ଛିଦ୍ର ଓ ଭୁଣ୍ଡିଥାଏ ଏବଂ ଏହା ମୁହଁରେ ଗୋଧିଚମ କେନ୍ଦୁଅଠାଦ୍ୱାରା ଲଗା ଯାଇଥାଏ ଓ ଦଉଡ଼ିଦ୍ୱାରା କସା ହୋଇ ବନ୍ଧା ହୋଇ ରହିଥାଏ । ଘୁମୁରା ବଜାଇଲାବାଲା ଗୋଟିଏ ଜଙ୍ଘକୁ ଭୂଇଁରେ ପାତି ସେହି ଜଙ୍ଘ ଉପରେ ଏହାକୁ ରଖେ ଓ ଅନ୍ୟ ଜଙ୍ଘକୁ ଘୁମୁରାର କରରେ ଛିଡ଼ା ଦେଇ ବସି ବଜାଏ । ଘୁମୁରା ବାଜିବା ସଙ୍ଗେ ମୃଦଙ୍ଗ ( ମାଦଳ ) ମଧ୍ୟ ବଜା ହୁଏ । ସାନକୃଷ୍ଣଙ୍କ ରସବିନୋଦ, ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ କବିତା ଓ ସ୍ତୁତିର ପଦମାନ ଓ ଭାଗବତମାଳ-ବଚନ ବୋଲିବାବେଳେ ବାଦ୍ୟକାର ଡାହାଣ ହାତ ଆଙ୍ଗୁଠିରେ ଘୁମୁରାକୁ ଠୁକାଉଥାଏ ଓ ୪।୫ ପଦ ବୋଲିଲା ପରେ ଦୁଇ ହାତଦ୍ୱାରା ଘୁମୁରାର ନିର୍ଦ୍ଦିଷ୍ଟ 'ଲୁଠାଣି' ଓ 'ଛୁଣ୍ଡାଣି' ଅନୁସାରେ ଚମ ଉପରେ ବଜାଏ ଏବଂ ଏହା ଘୁମୁରାମାଡ଼ ପରେ ପୁଣି ୪।୫ ପଦ ବୋଲେ । ଘୁମୁରାର ଉକୁଟ, ଯଥା—'ତେଇ ତେଇ ତେଇ ତଚ୍ଚା ତେଇ, ତଚେଇ ତଚେଇ ତଚେଇତ୍ସ, ଆଉଥିଲେ ପାଏ ପକେଇଥା' । ଏହିପରି ଅନେକ ଉକୁଟ ଅଛି । ମୃଦଙ୍ଗର ଦୁଇ ମୁହଁ ଚମଡ଼ା ଛୁଆଣି; ଘୁମୁରାର ଗୋଟିଏ ମୁହଁ ମେଲା ଓ ଅନ୍ୟ ମୁହଁକୁ ଚମଡ଼ା ଛୁଆଣି । ]
୨ । ଘୁମୁରିବା—2. Making a muffled roar.
୩ । ଘୁମୁରିବାର ଶବ୍ଦ—
3. Muffled sound; cooing sound.
୪ । ଘୁଙ୍ଗୁଡ଼ି ମାରିବାର ଶବ୍ଦ—
4. Sound of snoring.
ଦେ. ବିଣ. ପୁଂ—ଘୁଙ୍ଗୁଡ଼ା ( ଦେଖ )
(ଘୁମୁରୀ—ସ୍ତ୍ରୀ) Ghuṅgurḍā ( See )

ଘୁମୁରାମାଡ଼—ଦେ. ବି—ଘୁମୁରାରେ ବାଜା ବଜାଇବା—
Ghumurā mārḍa Beating the Ghumurā drum.

ଘୁମୁରିବା—ଦେ. କ୍ରି. ( ଧ୍ୱନ୍ୟନୁକରଣ )—
Ghumuribā ୧ । ମୁହଁ ବନ୍ଦ କରି ଗଳାଦ୍ୱାରା ଗର୍ଜନ କରିବା—
ডাকা; গুমরা 1. To roar with the mouth shut.
**घुमरना; घुमराना** ୨ । ( ପାରା କପୋତ ଆଦି ) ରାବ କରିବା—
2. To coo; to utter muffled wailing sound ( e.g. pigeon, dove ).

ଘୁମୁସର—ଦେ. ବି—ଗଞ୍ଜାମ ଜିଲ୍ଲାର ଗୋଟିଏ ବନ୍ୟ ରାଜ୍ୟ—A non-
Ghumusara regulated state in the district of Gañjām.
ବରିହବଂଶେ ଉଦ୍ଭବ ନୃପ ଧନଞ୍ଜୟ
ବଶିଷ୍ଟେ ଘୁମୁସର ଅଧିପ ଗୁଣାଳୟ—ଉ. ବୈଦେହୀଶବିଳାସ ।
[ ଦ୍ର—ଏହି ରାଜ୍ୟର ରାଜାମାନଙ୍କର 'ଭଞ୍ଜ' ଉପାଧି । ଏମାନେ ପୂର୍ବେ ଉତ୍କଳ ଗଜପତିଙ୍କର କରଦ ଓ ମିତ୍ରରାଜାରୂପେ ଥାଇ ଯୁଦ୍ଧ ସମୟରେ ସୈନ୍ୟସାମନ୍ତ ଓ ଯୁଦ୍ଧୋପକରଣ ଯୋଗାଉଥିଲେ । ଘୁମୁସର ଉପେନ୍ଦ୍ରଭଞ୍ଜଙ୍କ ମାତୃଭୂମି ଥିଲା—କୃପାସିନ୍ଧୁ. ଇତିହାସ । ]

ଘୁମୁସରି—ଦେ. ବି—ଘୁମୁସରରେ କଥିତ ଓଡ଼ିଆ ଭାଷାର ପ୍ରକାର—
Ghumusari A dialect of the Orḍiā language spoken in Ghumusar.

ଘୁର୍ ( ଧାତୁ )—ସଂ.—୧ । ଶବ୍ଦ କରିବା—
Ghur ( root ) 1. To make a sound.
୨ । ଭୟଙ୍କର ହେବା—2. To be frightful.

ଘୁରଘୁରା—ଦେ. ବି. ( ସଂ. ଘୁର୍ଘୁର )—ଗୁଣ୍ଡୁରି ୨ ( ଦେଖ )
Ghur ghurā Guṇḍuri 2 ( See )
ଦେ. ବିଣ. ( ସଂ. ଘୂର୍ଣ୍ଣ )—ଘୂର୍ଣ୍ଣାୟମାନ—Whirling.

ଘୁରଘୁରିଆ—ଦେ. ବି. ଓ ବିଣ—ଘୁରଘୁରା ( ଦେଖ )
Ghur ghuriā Ghur ghurā ( See )

ଘୁରୁନା—ପ୍ରାଦେ. ( ସମ୍ବଲପୁର ) ବି—୧ । ଘେର; ଅଟେଇ—
Ghurnā 1. Enclosure.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଂକ୍ତିର ବଦଳରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ;'ଅଙ୍ଖୋ' ନ ପାଇଲେ 'ଅଙ୍ଖ' ଦେଖିବେ;'ଅଲବତ' ନ ପାଇଲେ;'ଅଲ୍‌ବତ୍'ଦେଖିବେ ।

୨ । ବୃକ୍ଷଗଛର ଚାରିପାଖରେ ଘେରାଯିବା ଭାଡ଼—
2. Gabion put round plants.

**ଘୁରୁମେଲ୍**— ପ୍ରାଦେ. ( ସମ୍ବଲପୁର ) ବି— ଘିମିର ( ଦେଖ )
Ghurmel — Ghimira ( See )

**ଘୁରଘୁର**— ଦେ. ଅ. ( ଧ୍ୱନ୍ୟନୁକରଣ )— ଘୁଡ଼ୁଘୁଡ଼ୁ ( ଦେଖ )
Ghura ghura — Ghurdu ghurdu ( See )

କଣ୍ଠ ହୁଅଇ ଘୁର ଘୁର
ବଚନ ନୁହଇ ବାହାର । ଜଗନ୍ନାଥ- ଭାଗବତ ।

**ଘୁରଣ**— ସଂ. ବି— ଘୁଡ଼ୁଘୁଡ଼ୁ ଶବ୍ଦ—
Ghurana — Gurgling sound

**ଘୁରା**— ଦେ. ବି. ( ସଂ. ଘୂର୍ଣ୍ଣନ )—
घुरा, घूरना
୧ । ଘୂର୍ଣ୍ଣନ; ଚକ୍ରାକାରରେ ଗତି କରିବା—
1. Whirling; revolving; reeling.
୨ । ବୁଲିବା —2 Travelling; walking round.

**ଘୁରଣିଆ**— ଦେ. ବିଣ. ( ସଂ. ଘୂର୍ଣ୍ଣୀୟମାନ )—
Ghurania — ୧ । ଘୂର୍ଣ୍ଣୀୟମାନ—1. Reeling; revolving.

**ଘୁରସୁରିଆ**— ପ୍ରାଦେ. ( ଯାଜପୁର ) ବି— ଅସନ୍ତୁଷ୍ଟ ହୋଇ ଗାଳି ଗାଳି ହେଉଥିବା ( ପିଲା )—
Ghura suriā
Discontented and grumbling ( child. )

**ଘୁରା**— ଦେ. ବି. ( ସଂ. ଘୂର୍ଣ୍ଣ ଧାତୁ )—
Ghurā — ୧ । ଘୂର୍ଣ୍ଣନ—1. Reeling; revolving.
घुरा, घुमना
୨ । ଚାରି ଆଡ଼େ ବୁଲିବା—
1. Walking round.
ଦେ. ବିଣ— ୧ । ଚକ୍ରାକାର—1. Round about.
୨ । ଯେଉଁ ବାଟ ଦ୍ୱାରା ଅନେକ ପଥ ବୁଲିବାକୁ ହୁଏ; ବୁଲାଣିଆ (ବାଟ)—2. Winding; meandering.
୩ । ଘୂର୍ଣ୍ଣୀୟମାନ—3. Revolving.

**ଘୁରାଇବା**— ଦେ. କି. ( ସଂ. ଘୂର୍ଣ୍ଣ )—
Ghurāibā — ଘୁରିବା କ୍ରିୟାର ଣିଜନ୍ତ ରୂପ; ଘୂର୍ଣ୍ଣିତ କରିବା—
घुरान, घुमाना
Causative form of Ghuribā; to roll; to cause to whirl.

ଭଲ୍ଲଟ ମନେ ସୁରସୁରେ, ଚିରି ଘୁରାନ୍ତି ଅତି ଖରେ । ଜଗନ୍ନାଥ- ଭାଗବତ ।

**ଘୁରା ଗୁଣ୍ଡୁରି**— ପ୍ରାଦେ. ( ଗଞ୍ଜାମ ) ବି— ଗୁଣ୍ଡୁରି ୨ ( ଦେଖ )
Ghurā gundiri — Gunduri 2 ( See )

**ଘୁରାଘୁରି**— ଦେ. ବି. ( ସଂ. ଘୂର୍ଣ୍ଣନ )—
Ghurā ghuri — ୧ । ବୁଲାବୁଲି; ଅନେକ ଆଡ଼େ ବୁଲିବା—
घुराघुरि, घुराघारो
1. Walking round.
୨ । ଚେରମୂଳ ଔଷଧ; ମୂଳ-ମୂଳିକା—
2. Roots and drugs.

**ଘୁରିବା**— ଦେ. କି. ( ସଂ. ଘୂର୍ଣ୍ଣ )—
Ghuribā — ୧ । ଘୂର୍ଣ୍ଣିତ ହେବା; ଘାଇଁର ବୁଲିବା—
घुरा, घुमना, घूरना
1. To whirl or turn round in a circle.

ବାଳକେ କ୍ରୀଡ଼ାରେ ଘୁରନ୍ତି
ଭ୍ରମିଣ ଭୂମିରେ ପଡ଼ନ୍ତି— ଜଗନ୍ନାଥ- ଭାଗବତ ।

୨ । ଅନେକ ପଥ ବୁଲିବା—
2. To walk a great distance.
୩ । ଏଣେ ତେଣେ ବୁଲିବା—3. To wander.
୪ । ଫେରି ଆସିବା—4. To turn back; to return.
ପ୍ରାଦେ. ( ସମ୍ବଲପୁର ) କି. ( ଧ୍ୱନ୍ୟନୁକରଣ )—
( ଗୁଣ୍ଡୁରୁ ଚଢ଼େଇ ) ଘୁର୍ ଘୁର୍ ରାବ କରିବା—
To make a gurgling sound ( said of the Gunduru bird.)

**ଘୁରିବା ଫେରିବା**— ଦେ. କି. (ସହଚର)— ଚାରିଆଡ଼େ ବୁଲିବା—
Ghuribā pheribā — To wander about.

**ଘୁରି**— ସଂ. ବି. ( ଘୁର ଧାତୁ + ଇ )—
Ghurī — ୧ । ନାକପୁଡ଼ା—1. Nostrils.
୨ । ଘୁଷୁରିର ଥୋମଣି
2. The snout of a hog.

**ଘୁରୁଣିଆ**— ଦେ. ବିଣ.— ଘୁରଣିଆ (ଦେଖ)
Ghurunia — Ghurania (See)

**ଘୁରୁତ**— ଗ୍ରା. (ଇତର) ବି.— (ସଂ. ଘୃତ)— ଘୃତ (ଦେଖ)
Ghuruta — Ghṛuta (See)

ଶୂନ୍ୟରୁ ଘୁରୁତ ବୁନ୍ଦେ ପଡ଼ୁଛି ଅଦ୍ଭୁତ— ପ୍ରାଚୀ. ବ୍ରହ୍ମକଳ୍ପଗୀତା ।

**ଘୁର୍ଘୁର**— ସଂ.ବି.— (ଘୁର୍ = ଅନୁକରଣ ଶବ୍ଦ + ଘୁର ଧାତୁ = ଶବ୍ଦ କରିବା + କର୍ତ୍ତୃ. ଅ)— ୧ । ଘଙ୍ଗୁଡ଼ି—
Ghurghura
1. Snorting; snoring.
୨ । ଘୁଡ଼ୁଘୁଡ଼ୁ ଶବ୍ଦ (ଘୁଷୁରି, ବିରାଡ଼ି ଓ ଶିଶୁମାନଙ୍କ ଶବ୍ଦ)
2. Low rattling sound.
୩ । ଭ୍ରମରବିଶେଷ—
3. A kind of humming wasp.
୪ । କୁକୁରଙ୍କ ଗାଇଁ ଗାଇଁ ଶବ୍ଦ—
4. Growling of dogs.
୫ । କଳକଟରା ପୋକ—5. Mole-cricket.
୬ । ପ୍ରାଣୀର ଚମଡଲେ କଣା କରି ଲୁଣ୍ଡିଆ ଜନ୍ମାଇବା ଏକ ପ୍ରକାର ପୋକ— 6. Guinea-worm.
୭ । ଗୁଣ୍ଡୁରି ପୋକ—7. Sand-borer (insect).

**ଘୁର୍ଘୁରକ**— ସଂ. ବି. (ଘୁର୍ଘୁର + କ) — ୧ । ଶ୍ୱାସଯନ୍ତ୍ରର ଏକ ପ୍ରକାର ରୋଗ—
Ghurghuraka
1. A kind of disease of the respiratory organ.
୨ । ଘୁଡ଼ୁଘୁଡ଼ୁ ଶବ୍ଦ— 2. Gurgling sound.
୩ । ଗଳାର ଘଡ଼ଘଡ଼ ଶବ୍ଦ—
3. Rattling of the throat.

**ଘୁର୍ଘୁରା**— ସଂ. ବି. (ଘୁର୍ଘୁର + ଆ)— କୁକୁରର ଗାଇଁଗାଇଁ ଶବ୍ଦ—
Ghurghurā — Growling (of dogs).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଳ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ● | ଢ଼ |

ଘୁର୍ଘୁରାୟମାଣ—ସଂ. ବିଣ. (ଘୁର୍ଘୁର+କର୍ତ୍ତୃ. ଅନ)—କୌଣସି ବସ୍ତୁକୁ
Ghurghurāyamāṇa ଘୁରାଉଥିବା—Moving a thing round; causing a thing to whirl or revolve.

ଘୁର୍ଘୁରିକା—ସଂ. ବି. (ଘୁର୍ଘୁର+ଇକ+ଆ)—ଘୁର୍ଘୁରକ (ଦେଖ)
Ghurghurikā Ghurghuraka (See)

ଘୁର୍ଘୁରି—ସଂ. ବି. (ଘୁର୍ଘୁର+ଇ)—୧। ଘୁଷୁରିର ଘଡ଼ଘଡ଼ ଶବ୍ଦ—
Ghurghuri 1. Grunting of a hog
୨। କଳକଳ ରାବ ପୋକ—2. Mole-cricket (Apte).

ଘୁଲ୍‌ଘୁଲା—ପ୍ରାଦେ. (ସମ୍ବଲପୁର) ବି.—କଙ୍କିଣୀ—
Ghulghulā Tinkling waist-chain.

ଘୁଲଘୁଲାରବ—ସଂ. ବି.—ଏକ ପ୍ରକାର ପାରା—
Ghulaghulāraba A sort of pigeon (Apte).

ଘୁଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି.—୧। ଭ୍ରୂଣଯୁକ୍ତ ହେବା; ଗର୍ଭରେ
Ghulāibā ଛୁଆ ସଞ୍ଚରିବା—1. To be quick with the child.
୨। (ପକ୍ଷୀ) ଡିମ୍ବ ଫୁଟାଇବା—2. (a bird) To hatch an egg.

ଘୁଲାଘୁଞ୍ଚା—ଦେ. ବି.—ଏକପ୍ରକାର ଦଉଡ଼ାଦଉଡ଼ି ଖେଳ—
Ghulā ghuñchā A kind of game at running.

ଘୁଲି—ପ୍ରାଦେ. (ସମ୍ବଲପୁର) ବି.—ଗେଣ୍ଡା—
Ghuli Snail.

ଘୁଲିକାଁକ—ପ୍ରାଦେ. (ସମ୍ବଲପୁର) ବି.—ଗେଣ୍ଡାଳିଆ (ଦେଖ)
Ghuli kāñka Gendālia (See)

ଘୁଲିବା—ପ୍ରାଦେ. (ସମ୍ବଲପୁର) କ୍ରି.— (ସଂ. ଘୂର୍ଣ୍ଣନ; ପ୍ରା. ଘୁଲନ; ତୁଳ.
Ghulibā ହି. ଘୁଲନା)—ଗୋଳିବା; ଗୋଳାଇବା—To stir up or agitate several ingredients for the purpose of mixing them together.

ଘୁଷ୍ (ଧାତୁ)—ସ—୧। ବଧ କରିବା—1 To kill.
Ghush (root) ୨। ପ୍ରଶଂସା କରିବା—2. To praise.
୩। ଶବ୍ଦାୟମାନ କରିବା—3. To make resonant.
୪। ଶବ୍ଦ କରିବା—4. To make a sound or noise.
୫। ଘୋଷଣା କରିବା—5. To publish; to proclaim aloud; to declare.

ଘୁଷ୍ରା—ପ୍ରାଦେ. ( ସମ୍ବଲପୁର ) ବି—ଘୁଷୁରି—
Ghushrā Hog.

ଘୁଷ୍ରାଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧। ଘୋଷାରିବା—
Ghushrāibā 1. To drag.
୨। ଦେହରେ ଅଳ୍ପ କରି ତେଲ ମାରିବା—
2. To smear oil slightly over one's body.

ଘୁଷ—ସଂ. ବି (ଘୁଷ୍ ଧାତୁ+ଭାବ. ଅ)—ଶବ୍ଦକରଣ—
Ghusha Sounding.

ଘୁଷାଇବା—ଦେ. କ୍ରି—ଘୁଷିବାର ଣିଜନ୍ତରୂପ; ବଳପୂର୍ବକ ପୂରାଇବା—
Ghushāibā To thrust forcibly.
घुसाना
घुसाना; घुसेड़ना

ଘୁଷିତ—ସଂ. ବିଣ. (ଘୁଷ୍ ଧାତୁ+କର୍ମ. ତ)—ଧ୍ୱନିତ; ଶବ୍ଦିତ; ନାଦିତ-
Ghushita Sounding; resounding; reverberating.
ସଂ. ବି. (ଘୁଷ୍ ଧାତୁ+ଭାବ. ତ)—୧। ଘୋଷଣା—
1. Proclamation.
୨। ଶବ୍ଦ—2. Noise; sound.

ଘୁଷିବା—ଦେ. କ୍ରି. (ସଂ. କୁଶ ଧାତୁ=ଆଲିଙ୍ଗନ କରିବା; ଘେରିବା;
Ghushibā ଅଥବା ସଂ. ଘର୍ଷଣ—ହି. ଶବ୍ଦସାଗର)—
घुसा बଳପୂର୍ବକ ପ୍ରବେଶ କରିବା; ଭିତରକୁ ପଶିବା—
घुसना To enter by force.
(ଘୁଷାଇବା—ଣିଜନ୍ତ)

ଘୁଷୁଡ଼ି—ଗ୍ରା. (ଉତର) ବି—ଘୁଷୁରି ( ଦେଖ )
Ghushurdi Ghushuri ( See )

ଘୁଷୁଡ଼ିବା—ଗ୍ରା. (ଉତର) କ୍ରି. (ସଂ. ଘୁଷ୍ ଧାତୁ; ଘୁଷୁଡ଼ିବା ବେଳେ
Ghushurdibā ଭୂମିରେ ଦେହ ଘଷି ହେବାରୁ )—
ঘোঁসরা ୧। ପଙ୍କରେ ଲୋଟିବା—1. To wallow or
घसीटना roll about in the mud or mire.
୨। ତଳେ ଲୋଟିବା—2. To roll on the ground; to drag one's body on the ground.
୩। ଭୂମିରେ (ଦେହ ବା ବସ୍ତ୍ର) ଲାଗି ଗତି କରିବା—
3. To move while the body or cloth is brushing the ground; to trail on the ground.

ଘୁଷୁରା—ପ୍ରାଦେ. (ବାଲେଶ୍ୱର) ବି—ଘୁଷୁରି—
Ghushurā Hog.

ଘୁଷୁରାଇବା—ଦେ. କ୍ରି—(ଘୁଷୁରିବାର ଣିଜନ୍ତରୂପ)—
Ghusurāibā Ghoshāribā (See)

ଘୁଷୁରି—ଦେ. ବି (ସଂ. ଘୃଷ୍ଟି)—୧। ଗ୍ରାମ୍ୟ ଶୂକର—
Ghushuri 1. Pig; hog; swine.
ସଂ. ନାମ. ଶୂକର, ସୂକର, ଘୃଷ୍ଟି, ଦ୍ରଂଷ୍ଟ୍ରୀ, ଭୂଦାର, ସ୍ଥୂଳନାସିକ, ଦନ୍ତାୟୁଧ, ବକ୍ରବକ୍ତ୍ର, ଘୋଣୀ, ଖେଳନକ, ଭୂକ୍ଷିତ, ସ୍ତବ୍ଧରୋମା, ବରାହ।
शूयार
सुअर
[ ଦ୍ର—ଘୁଷୁରି ବନ୍ୟ ଓ ଗୃହ-ପାଳିତ ଭେଦରେ ଦୁଇ ପ୍ରକାର। ଗ୍ରାମ୍ୟ ଶୂକର ଘାସ, ଘାସମୂଳ ଓ ବିଷ୍ଠା ଖାଆନ୍ତି ଓ ପଙ୍କରେ ଲୋଟନ୍ତି। ହିନ୍ଦୁ-ମାନଙ୍କର ନୀଚ ଜାତିମାନେ ଓ ସାହେବମାନେ ଏହାର ମାଂସ ଖାଆନ୍ତି। ଘାସମୂଳ ଖାଇବା ପାଇଁ ଘୁଷୁରି ନିଜର ଥୋମଣି ଦ୍ୱାରା ଭୂଇଁକୁ ତାଡ଼ି ପକାନ୍ତି। ବନ୍ୟ ଶୂକରକୁ ବରାହ ବୋଲାଯାଏ। ବନ୍ୟ ଶୂକର ଦୁଇ ପ୍ରକାର—ଏକପ୍ରକାର ବରାହଙ୍କ

ସାଧାରଣ ଲୋକେ ଅପଡ ଦୃଷ୍ଟାରେ ସୂଚକ ୧ ଚକ୍ଷ ଚ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷୁ ଚ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷୁ ଚ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷୁର ବଦଳରେ ୨ ବା ୧ ଚକ୍ଷୁ ଚ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଖିଁ' ନ ପାଇଲେ 'ଆଖି' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

ଠାପୁ ଗ୍ରାମ୍ୟ ଶୂକରଙ୍କପରି ଚେଲଠାପୁଭଳି ଦ୍ୱିଖଣ୍ଡିତ; ଅନ୍ୟ ପ୍ରକାର ବରାହଙ୍କ ଠାପୁ ଘୋଡ଼ାଠାପୁପରି ଗୋଟିଏ ଓ ତାକୁ ଘୋଡ଼ାଠାପୁଆ ବାରା ବୋଲିଯାଏ । ବରାହଙ୍କର ଦୁଇଟା ବଡ଼ ମୂନିଆ ବଙ୍କା ଦାନ୍ତ ପଦାକୁ ବାହାରିଥାଏ । ଏ ଦାନ୍ତରେ ଏମାନେ ଲୋକଙ୍କୁ ଆକ୍ରମଣ କରି ଚିରି ପକାନ୍ତି । ବନ୍ୟ ଶୂକରମାନେ ମଧ୍ୟ ଫଳମୂଳ ଖାଆନ୍ତି । ଏମାନଙ୍କୁ ଶିକାର କରିବା ପାଇଁ ବିଶେଷ ବୀରତା ଓ ଧୈର୍ଯ୍ୟ ଦରକାର । ଘୁଷୁରି ମୁସଲମାନଙ୍କର ଘୃଣ୍ୟ ଜୀବ । ହିନ୍ଦୁମାନଙ୍କ ଶାସ୍ତ୍ରରେ ବିଷ୍ଣୁ ତୃତୀୟ ଅବତାରରେ ବରାହରୂପ ଧରି ପୃଥିବୀକୁ ଦନ୍ତାଗ୍ରରେ ଟେକି ଧରିଥିବାର ଲେଖାଅଛି । ଘୁଷୁରି ଏକାଥରକେ ୬ ଠାରୁ ୭ ପର୍ଯ୍ୟନ୍ତ ଛୁଆ ଜନ୍ମକରେ । ବନ୍ୟ ବରାହର ମାଂସ ଉଚ୍ଚଜାତୀୟ ହିନ୍ଦୁମାନଙ୍କର ଖାଦ୍ୟ । ବୈଦ୍ୟଶାସ୍ତ୍ର ମତରେ ଏହାର ମାଂସ ବଳ ଓ ବୀର୍ଯ୍ୟବର୍ଦ୍ଧକ । ଆମ ଦେଶରେ 'ଘୁଷୁରିଆ' ନାମରେ ଏକ ନୀଚ ଜାତି ଘୁଷୁରି ପାଳି ଜୀବିକା ନିର୍ବାହ କରନ୍ତି । ବାବା-ବୈଦ୍ୟନାଥ ଆଦି କେତେକ କ୍ଷେତ୍ର ସହରରେ ଘୁଷୁରିମାନେ ପାଇଖାନାରୁ ବିଷ୍ଠାମାନ ଖାଇ ପାଇଖାନା ସାଫ ରଖନ୍ତି । ]

୨ । (ଲକ୍ଷଣାର୍ଥ) ଅପରିଷ୍କୃତ ବ୍ୟକ୍ତି; କୁତ୍ସିତ ବ୍ୟକ୍ତି —
(figurative) A man of dirty habits

**ଘୁଷୁରିଆ**—ଦେ. ବି (ସଂ. ଘୃଷ୍ଟିରକ୍ଷକ)—୧ । ଶୂକରରକ୍ଷକ—
Ghushuriā — 1. One who brings up pigs swine-herd; pig-keeper.
୨ । ଶୂକରରକ୍ଷକ ନୀଚ ଜାତିବିଶେଷ—
2. A low caste of people who keep swine.
[ ଦ୍ର—ଏମାନେ ଘୁଷୁରି ପାଳି ସେମାନଙ୍କୁ ବିକି ଜୀବିକା ନିର୍ବାହ କରନ୍ତି ।]

**ଘୁଷୁରିଆ ଛପା**—ଦେ. ବି—ଓଡ଼ିଶାର ଘୁଷୁରିଆମାନଙ୍କଦ୍ୱାରା ବୁଣା ହୋଇଥିବା ଖଜୁରିପତ୍ରର ଏକପ୍ରକାର ଆସନ—
Ghushuriā chhapā — A mat made of date-palm-leaves woven by swine-herds of Orissa.

**ଘୁଷୁରିଆ ପଟି**—ଦେ. ବି—ଘୁଷୁରିଆ ଛପା (ଦେଖ)
Ghushuriā paṭi — Ghushuriā chhapā (See).

**ଘୁଷୁରିବା**—ଦେ. କ୍ରି—ଘୁଷୁଡ଼ିବା (ଦେଖ)
Ghushuribā — Ghushuṛdibā (See).

**ଘୁଷୁରି ସାହାଣ**—ଦେ. ବି—୧ । ଘୁଷୁରିପଲ; ଶୂକରମାନଙ୍କ ଦଳ—
Ghushuri sāhāṇa — 1. A herd of swine.
୨ । ( ଘୁଷୁରିମାନେ ଦଳବଦ୍ଧ ହୋଇ ରହୁଥିବାରୁ ଓ ସେମାନଙ୍କର ଶୀଘ୍ର ବଂଶବୃଦ୍ଧି ହେଉଥିବାରୁ )—
ଘୁଷୁରିଙ୍କ ପରି ଦଳବଦ୍ଧ ବହୁ ବ୍ୟକ୍ତି—
A large herd of men (compared to a herd of swine. )
(ଯଥା—ତା ଘରେ ଘୁଷୁରିସାହାଣ ପରି ଗୋଟେ ପିଲାଛିଲା ।)

**ଘୁଷ୍କୀ**—ପ୍ରାଦେ. (ମେଦନୀପୁର, ଉତ୍ତର ବାଲେଶ୍ୱର) ବି. ସ୍ତ୍ରୀ. ( ତୁଳ. ବ. ଘୁସ୍କୀ)—ଗୋପନରେ ପରପୁରୁଷଗାମିନୀ କୁଳସ୍ତ୍ରୀ;ଗୁପ୍ତ-ବେଶ୍ୟାକୁଳସ୍ତ୍ରୀ—
Ghushkī — A family-woman of loose character; an adulterous house-wife.

**ଘୁଷ୍ଟ**—ସଂ. ବିଣ (ଘୁଷ୍ ଧାତୁ + କର୍ମ. ତ)— ଘୁଷିତ (ଦେଖ)
Ghushṭa — Ghushita (See)

**ଘୁଷ୍ଟ୍ର**—ସଂ. ବି (ଘୁଷ୍ ଧାତୁ = ଶବ୍ଦ କରିବା + କର୍ତ୍ତୃ ତ୍ର)—ଗାଡ଼ି—
Ghushṭra — Cart; carriage.

**ଘୁସ୍**—ଦେ. ବି (ସଂ. ଗୁହ୍ୟାଶୟ=ଗୁପ୍ତ ଅଭିପ୍ରାୟ; ଗୁପ୍ତଅଭିପ୍ରାୟସାଧନାର୍ଥ ପ୍ରଦତ୍ତ ଧନ; କିମ୍ବା ସଂ.ଦୁଷ୍ ଧାତୁ=ବଧକରିବା; ଯାହା ସତ୍ୟ ଓ ନ୍ୟାୟକୁ ବଧକରେ; କିମ୍ବା ଘୁଷ୍ ଧାତୁ=ପ୍ରଶଂସାକରିବା;ଯାହା ଗ୍ରହୀତାଙ୍କ କୃତ ଉପକାର ପାଇଁ ପ୍ରଶଂସା କରିବା ପରିବର୍ତ୍ତରେ ଦିଆଯାଏ ।)—ଉତ୍କୋଚ; ଲାଞ୍ଚ—
Ghus
घूस
ঘুষ
Bribe; illegal gratification.

**ଘୁସ୍ ଖାଇବା**—ଦେ. କ୍ରି—ଉତ୍କୋଚ ଗ୍ରହଣ କରିବା—
Ghus khāibā — To take bribe.
ঘুষ খাওয়া
घूस खाना

**ଘୁସ୍‌ଖିଆ**—ଦେ. ବିଣ—ଉତ୍କୋଚଗ୍ରାହୀ; ଲାଞ୍ଚୁଆ—
Ghus khiā — Taking bribe; corrupt
ঘুষখোর
घूसखोर

**ଘୁସ୍‌ଖୋର**—ଦେ. ବିଣ—ଘୁସ୍‌ଖିଆ (ଦେଖ)
Ghus khor — Ghus khiā (See).

**ଘୁସା**—ବୈଦେ. ବି (ଆ—ଗୁସ୍‌ସା=କ୍ରୋଧ; କୋପ)—କ୍ରୋଧ; ରାଗ—
Ghusā — Anger; rage.
গোসা
गुस्सा
ବୈଦେ. ବିଣ—ରାଗାନ୍ୱିତ—
Angry; displeased; enraged.
ପ୍ରାଦେ. ( ବାଲେଶ୍ୱର, ମେଦିନୀପୁର ତୁଳ. ବ. ଘୁଷା, ଘୁଷୀ; ସଂ. ଘୃଷ୍ ଧାତୁ=ହିଂସାକରିବା) – ମୁଷ୍ଟ୍ୟାଘାତ; ମୁଥା—
Fist-blow.

**ଘୁସାଘୁସି**—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) ବି. (ତୁଳ. ବ. ଘୁଷାଘୁଷୀ)
Ghusāghusi — ୧ । ପରସ୍ପର ମୁଥମରାମରି ହେବା—
1. Attack on each other with fist-blows; pugilism.
ବିଣ—୨ । ପରସ୍ପର ମୁଥମରାମରି ହେଉଥିବା ( ବ୍ୟକ୍ତି )—
2. Fighting with each other by dealing fist-blows.

**ଘୁସି**—ପ୍ରାଦେ. (ମେଦିନୀପୁର) ବି—ଘୁସା; ମୁଷ୍ଟ୍ୟାଘାତ; ବିଧା—
Ghusi — Fist-blow.

| ୧ | ଙ | ଞ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ଼ | ଶ,ଷ | କ୍ଷ | ଇଯ଼ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଙ | ଞ | ରୁ | ଲ୍ | ସ୍ୱ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଇଅ | ● | ନ |

ଘୁସୃଣ—ସ. ବ. ( ଘୁନ୍ସ ଧାତୁ=ଭୂଷିତ କରିବା+କରଣ. ଋଣ )—
Ghusṛuṇa ୧ । କୁଙ୍କୁମ; ହଳଦୀ—
1. Turmeric; a dyeing substance which is bruised into a paste and applied to the body.
୨ । ଜାଫ୍ରାନ୍—2. Saffron.

ଘୂକ - ସ. ବ (ଘୂ=ଅନୁକରଣ ଶବ୍ଦ+କୈ ଧାତୁ=ଶବ୍ଦ କରିବା+
Ghūka କର୍ତ୍ତୃ. ଅ)—ପେଚକ; ପେଚ୍ଚ—Owl.

ଘୂକାରି—ସ. ବ (୬ଷ୍ଠୀ ତତ୍; ଘୂକ+ଅରି)—କାକ—
Ghūkāri Crow.

ଘୂତ୍କାର—ସ. ବ ( ଘୂତ୍=ଅନୁକରଣ ଧ୍ୱନି+କୃ ଧାତୁ+ଭାବ. ଅ )—
Ghūtkāra ପେଚକର ରାବ Hooting of an owl.

ଘୂର୍ (ଧାତୁ)—ସ—୧ । ହିଂସା କରିବା—
Ghūr (root) 1. To hurt.
୨ । ହତ୍ୟା କରିବା—2. To kill.

ଘୂରଘୁରିଆ—ପ୍ରାଦେ (ବାଲେଶ୍ୱର, ମେଦିନୀପୁର) ବ—କଙ୍କି—
Ghūrghūriā Dragon-fly

ଘୂର୍ଣ୍ଣ (ଧାତୁ)—ସ—୧ । ବୁଲାଇବା; ଚକ୍ରାକାରରେ ଘୂର୍ଣ୍ଣନ କରିବା—
Ghūrṇṇa (root) 1. To whirl.
୨ । ଘୂରିବା; ଗଡ଼ିଗଡ଼ି ଖାଇବା—2. To roll about; to turn round; to reel; to stagger.
୩ । ଭ୍ରମଣ କରିବା; ଗମନ କରିବା—
3 To walk; to move

ଘୂର୍ଣ୍ଣ—ସ. ବ (ଘୂର୍ଣ୍ଣ ଧାତୁ+ଭାବ. ଅ)—୧ । ଘୂରିବା; ଚକ୍ରାକାରରେ
Ghūrṇṇa ପରିଭ୍ରମଣ; ଘୂର୍ଣ୍ଣାୟମାନ ହେବା—1. Revolution; revolving; whirling.
୨ । ଦୋହଲିବା; ଇତସ୍ତତଃ ସଞ୍ଚଳନ—
2. Moving to and fro; waving.
୩ । ଆବର୍ତ୍ତ—3. Whirlpool; eddy.
୪ । କମ୍ପନ—4. Oscillation; shaking.
୫ । ମୁଣ୍ଡ ବୁଲାଇବା ରୋଗ —
5. Reeling; swimming of the head, vertigo.
୬ । ପିତାଶାଗ ( ବ. ଗୀମେଶାକ; କ୍ଲାନେକ୍ର )—
6. A wild pot-herb; Erythraea Roxburghii.
ସ. ବଣ ( +କର୍ତ୍ତୃ. ତ ) - ଘୂର୍ଣ୍ଣିତ—Whirling

ଘୂର୍ଣ୍ଣନ—ସ. ବ. ( ଘୂର୍ଣ୍ଣ ଧାତୁ+ଭାବ. ଅନ )—ଘୂର୍ଣ୍ଣ ( ଦେଖ )
Ghūrṇṇana Ghūrṇṇa ( See )

ଘୂର୍ଣ୍ଣନା—ସ. ବ. ( ଘୂର୍ଣ୍ଣ ଧାତୁ+ଭାବ. ଅନ+ଆ )—ଘୂର୍ଣ୍ଣ ( ଦେଖ )
Ghūrṇṇanā Ghūrṇṇa ( See )

ଘୂର୍ଣ୍ଣବାୟୁ—ସ. ବ. ( କର୍ମଧା; ଘୂର୍ଣ୍ଣ+ବାୟୁ )—
Ghūrṇṇabāyu ଘୂର୍ଣ୍ଣିବାୟୁ ( ଦେଖ )
Ghūrṇṇibāyu ( See )

ଘୂର୍ଣ୍ଣାବର୍ତ୍ତ—ସ. ବ. ( ଘୂର୍ଣ୍ଣ+ଆବର୍ତ୍ତ )—
Ghūrṇṇābartta ୧ । ଘୂର୍ଣ୍ଣିଜଳ; ଜଳଭଉଁରୀ—
1. Eddy; whirlpool.
୨ । ଗୋଲ ସିଡ଼ି—2. Spiral steps.

ଘୂର୍ଣ୍ଣାୟମାନ—ସ. ବଣ. ପୁଂ. ( ଘୂର୍ଣ୍ଣ ଧାତୁ+କର୍ତ୍ତୃ. ଆନ )—
Ghūrṇṇāyamāna ଚକ୍ରାକାରରେ ଘୂରୁଥିବା—
( ଘୂର୍ଣ୍ଣାୟମାନା—ସ୍ତ୍ରୀ ) Revolving; whirling.

ଘୂର୍ଣ୍ଣି—ସ. ବ. ( ଘୂର୍ଣ୍ଣ ଧାତୁ+ଭାବ. ଇ )—ଘୂର୍ଣ୍ଣ ( ଦେଖ )
Ghūrṇṇi Ghūrṇṇa ( See )

ଘୂର୍ଣ୍ଣିକା—ସ. ବ. (ଘୂର୍ଣ୍ଣ ଧାତୁ+ଅକ+ଆ)— ୧ । ଘୂରୁଥିବା ଯନ୍ତ୍ର—
Ghūrṇṇikā 1. A revolving machine.
୨ । ଶୁକ୍ରାଚାର୍ଯ୍ୟଙ୍କ ତନୟା ଦେବଯାନୀଙ୍କ ସଖୀ—
2. A companion of Debajānī (the daughter of Sukrāchārjya ).

ଘୂର୍ଣ୍ଣିତ—ସ. ବଣ. ( ଘୂର୍ଣ୍ଣ ଧାତୁ+କର୍ତ୍ତୃ. ତ)—
Ghūrṇṇita ୧ । ଭ୍ରାନ୍ତ; ଭ୍ରମିତ; ଘୂରୁଥିବା—
1. Whirling; revolving.
୨ । (+କର୍ମ. ତ) ଘୂରି ଯାଇଥିବା—
2. Caused to revolve; whirled; revolved.

ଘୂର୍ଣ୍ଣିବାୟୁ—ସ. ବ. ( ମ. ପ. ଲୋ; ଘୂର୍ଣ୍ଣିଯୁକ୍ତ ବାୟୁ; କମ୍ପା କର୍ମଧା;
Ghūrṇṇibāyu ଘୂର୍ଣ୍ଣିନ୍+ବାୟୁ )—ଶଣ୍ଢିଆବୁଢ଼ା; ଆବର୍ତ୍ତିମାନ ବାୟୁ—Whirlwind; tornado.

ଘୂର୍ଣ୍ଣୀ—ସ. ବଣ. (ଘୂର୍ଣ୍ଣ ଧାତୁ+ଇନ୍ )—ଘୂରୁଥିବା; ଆବର୍ତ୍ତନଶୀଳ—
Ghūrṇṇi Whirling; revolving.
ସ. ବ—୧ । ଜଳାବର୍ତ୍ତ—1 Whirlpool; eddy.
୨ । ମୁଣ୍ଡବୁଲା ରୋଗ—
2. Giddiness in the head; dizziness.

ଘୂର୍ଣ୍ଣ୍ୟମାନ—ସ ବଣ. (ଘୂର୍ଣ୍ଣ ଧାତୁ+କର୍ମ. ଆନ)—ଯାହା ଘୂରି ଯାଉଅଛି;
Ghūrṇṇyamāna ଭ୍ରମିତ—Which is being whirled; made to revolve.

ଘୂର୍ମେଲ୍—ପ୍ରାଦେ. ( ସମ୍ବଲପୁର ) ବ—ଘିମିର ( ଦେଖ )
Ghūrmel Ghimira ( See )

ଘୂଲ୍‌ଘୂଲ—ପ୍ରାଦେ. ( ସମ୍ବଲପୁର ) ବ—କଙ୍କିଣୀ ( କଟିରେ ବନ୍ଧାଯିବା
Ghūl ghūlā କଣିକଣି ଶବ୍ଦ କରୁଥିବା ଅଳଙ୍କାର )—
A tinkling waist-chain.

ଘୃ ( ଧାତୁ )—ସ—୧ । କ୍ଷରଣ ହେବା—1. To ooze.
Ghṛu (root) ୨ । ସେଚନ କରିବା—2. To sprinkle.
୩ । ଆର୍ଦ୍ର କରିବା—3. To wet; to moisten.
୪ । ଦୀପ୍ତି ପାଇବା—4. To shine.
୫ । ଆଚ୍ଛାଦନ କରିବା ( କ୍ଲାନେକ୍ର )—5. To cover.

ଘୃଣ (ଧାତୁ)—ସ.—୧ । ଦୀପ୍ତି ପାଇବା—
Ghṛuṇ (root) 1. To shine; to glitter

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଜଳିବା—2. To burn.
୩ । ଧରିବା—3. To seize.

ଘୃଣ—ସଂ. ବି. (ଘୃଣ୍ ଧାତୁ+କର୍ତ୍ତୃ. ଅ)—୧ । ଉତ୍ତାପ—
Ghṛuṇa 1. Heat.
୨ । ତେଜ—2 Ardour.
୩ । ଖରା—3. Sunshine.
୪ । ଦିବସ—4. A day.

ଘୃଣା—ସଂ. ବି. ସ୍ତ୍ରୀ. (ଘୃ ଧାତୁ=ଆର୍ଦ୍ର କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ;
Ghṛuṇā ଏହା ହୃଦୟକୁ ଆର୍ଦ୍ର କରେ ବୋଲି)—୧ । ଦୟା; କୃପା; ଅନୁକମ୍ପା—1. Pity; compassion; tenderness of heart.
୨ । ଅବଜ୍ଞା; ଅବହେଳା; ଅଶ୍ରଦ୍ଧା—
2. Hatred; scorn; contempt.
୩ । ଲଜ୍ଜା—3. Shame.
୪ । ବିରାଗ; ବିତୃଷ୍ଣା—4. Aversion; dislike; antipathy; disgust
୫ । ବିଦ୍ୱେଷ—5. Repulsion.
୬ । ଗାଳି; ତିରସ୍କାର; ଜୁଗୁପ୍ସା—
6. Censure; reproach (Apte.)
[ଦ୍ର—ଘୃଣାର ଧାତୁଗତ ମୌଳିକ ଅର୍ଥ (ଯାହା ହୃଦୟକୁ ଆର୍ଦ୍ର କରେ) ଦୟା, କୃପା, ଅନୁକମ୍ପାରୁ କ୍ରମଶଃ ବିପରୀତ ଅବଜ୍ଞା, ବିରାଗ ବିଦ୍ୱେଷ, ଗାଳି ଓ ଲଜ୍ଜା ଅର୍ଥମାନ ଆସିଅଛି ତାହା ପ୍ରଣିଧେୟ ।]

ଘୃଣାକର—ସଂ. ବିଣ.—(ଘୃଣା+କୃ ଧାତୁ+କର୍ତ୍ତୃ. ଅ)—ଯାହା ଘୃଣାର
Ghṛuṇākara ଉଦ୍ରେକ କରେ—Hateful.

ଘୃଣା କରିବା—ଦେ. କ୍ରି.—ବିରାଗ କରିବା; ଅଶ୍ରଦ୍ଧା କରିବା—
Ghṛuṇā karibā To hate; to detest.
ঘৃণা করা, ঘেন্না করা
घिन करना

ଘୃଣାଜନକ—ସଂ. ବିଣ. (ଘୃଣା+ଜନକ)—ଘୃଣାକର (ଦେଖ)
Ghṛuṇājanaka Ghṛuṇākara (See)

ଘୃଣାବ୍ୟଞ୍ଜକ—ସଂ. ବିଣ. (ଘୃଣା+ବ୍ୟଞ୍ଜକ)—ଯହିଁରୁ ଘୃଣା ପ୍ରକାଶିତ
Ghruṇābyañjaka ବା ସୂଚିତ ହୁଏ—
Indicating contempt.
(ଯଥା—ଘୃଣାବ୍ୟଞ୍ଜକ ଦୃଷ୍ଟି=ଯେଉଁ ଦୃଷ୍ଟିରୁ ଦର୍ଶକର ମନରେ ଘୃଣା ଉପୁଜିଥିବାର ଜଣାପଡ଼େ ।)

ଘୃଣାର୍ହ—ସଂ. ବିଣ. ପୁଂ. (ଘୃଣା+ଅର୍ହ ଧାତୁ+କର୍ତ୍ତୃ. ଅ)—ଘୃଣ୍ୟ;
Ghṛuṇārha ଯାହା ଘୃଣା କରିବା ଯୋଗ୍ୟ—
ଘୃଣାର୍ହା—ସ୍ତ୍ରୀ Contemptible.

ଘୃଣାଳୁ—ସଂ. ବିଣ. ପୁଂ ଓ ସ୍ତ୍ରୀ—(ଘୃଣା+ଅସ୍ତି ଅର୍ଥରେ ଆଳୁ; ତୁଳ. କୃପାଳୁ; ଦୟାଳୁ)—୧ । ଦୟାଳୁ—
Ghṛuṇālu 1. Compassionate; merciful.
୨ । କୋମଳହୃଦୟ—2. Tender-hearted.

ଘୃଣି—ସଂ. ବି. (ଘୃଣ ଧାତୁ+କର୍ତ୍ତୃ. ଇ)—୧ । ସୂର୍ଯ୍ୟଙ୍କ କିରଣ; ଖରା—
Ghṛuṇi 1. Rays of the sun; sun's rays.
୨ । ସୂର୍ଯ୍ୟ—2. The sun.
୩ । ଉତ୍ତାପ—3. Heat.
୪ । ଆଲୋକଶିଖା—4. Beam or pencil of light.
୫ । ଚନ୍ଦ୍ରକିରଣ—5. Moonbeam.
୬ । (ଘୃ ଧାତୁ+କର୍ମ. ନି) ତରଙ୍ଗ—6. Wave.
୭ । ଜଳ—7. Water.
ସଂ. ବିଣ.—୧ । ଉଜ୍ଜ୍ୱଳ—1. Shining; bright.
୨ । ଅସନ୍ତୋଷଦାୟକ—2 Displeasing.

ଘୃଣିତ—ସଂ. ବିଣ. ପୁଂ. (ଘୃଣ ଧାତୁ+କର୍ମ. ତ, କିମ୍ବା ଘୃଣା+
Ghṛuṇita ସଞ୍ଜାତାର୍ଥେ ଇତ)—୧ । ଘୃଣାଜନକ; ଦ୍ୱେଷ୍ୟ—
(ଘୃଣିତା—ସ୍ତ୍ରୀ) 1. Detestable; hateful.
୨ । ନିନ୍ଦିତ; ନିନ୍ଦ୍ୟ—2. Blame-worthy.
୩ । ଜଘନ୍ୟ—3. Mean; ignoble.
୪ । ଦୟାର୍ଦ୍ର—4. Kind.
୫ । ଅନୁଗ୍ରହପ୍ରାପ୍ତ—5. Favoured.
୬ । ଯାହା ମନରେ ଦୟାର ଉଦ୍ରେକ କରେ—6. Pitiable.

ଘୃଣିନିଧି—ସଂ. ବି. (୬ଷ୍ଠୀ ତତ୍; ଘୃଣି=କିରଣ, ତରଙ୍ଗ+ନିଧି)—
Ghṛuṇinidhi ୧ । ସୂର୍ଯ୍ୟ—1. The sun.
୨ । ଗଙ୍ଗାନଦୀ—2. The river Ganges.

ଘୃଣୀ—ସଂ. ବିଣ. ପୁଂ. (ଘୃଣା+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Ghṛuṇī ୧ । ଯେ ସର୍ବଦା ଅନ୍ୟ ଲୋକଙ୍କୁ ଘୃଣା କରେ—
(ଘୃଣିନୀ—ସ୍ତ୍ରୀ) 1 One who shows contempt to other persons.
୨ । ବିଦ୍ୱେଷକାରୀ—2. Malicious.
୩ । ଯେ ସର୍ବଦା ଗାଳି ଦିଏ—3. Abusive; censorious.
୪ । ଦୟାଳୁ; କୋମଳହୃଦୟ—
4. Kind; tender-hearted.

ଘୃଣ୍ୟ—ସଂ. ବିଣ ପୁଂ. (ଘୃଣ୍ ଧାତୁ+କର୍ମ. ଯ)—
Ghṛuṇya ୧ । ଘୃଣିତ ହେବାର ଯୋଗ୍ୟ—
(ଘୃଣ୍ୟା—ସ୍ତ୍ରୀ) 1. Detestable; disgusting.
୨ । ନିନ୍ଦ୍ୟ—2. Blame-worthy.

ଘୃତ—ସଂ. ବି. (ଘୃ ଧାତୁ=ତରଳ ହେବା; ଦୀପ୍ତିପାଇବା+କର୍ତ୍ତୃ. ତ)—
Ghṛuta ୧ । ଘିଅ—1. Ghee; clarified butter.
୨ । ନବନୀତ—2. Butter.
୩ । ଜଳ—3. Water.
୪ । (+ଭାବ. ତ)—ଦୀପ୍ତି—4. Brightness.
୫ । ଆୟୁର୍ବେଦର ଉପଦେଶମତେ ଔଷଧାର୍ଥ ଅନ୍ୟ ଦ୍ରବ୍ୟ ସଙ୍ଗେ ରନ୍ଧା ଯାଇଥିବା ଘୃତ—5. Medicated ghee.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଡ଼ | ଋ,ୠ | ଌ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ଁ | ଢ଼ିଅ | ଝ |
| ୨ | ଈ | ଢ଼ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | କ୍ଷ | ଯ | ସ | ଙ୍ୱ | ଇଅ | ଂ | ନ୍ |

( ଯଥା—ଶ୍ରଗଲାଦ୍ଧ ଘୃତ )
ସଂ. ବଣ—୧ । ( +କର୍ମ. ତ ) ଦୀପ୍ତ—
1. Bright; dazzling
୨ । ଛିଞ୍ଚା ହୋଇଥିବା—2. Sprinkled
୩ । ଆଲୋକିତ—3. Lighted; illuminated.

ଘୃତକଲ୍ଲୋଳ—ସଂ. ବ—ଅଗ୍ନିଦେବତାଙ୍କ ପ୍ରବର—
Ghṛutakalloḷa Name of the lineage of the Fire-god.
[ ଦ୍ର—ଅଗ୍ନିଦେବତାଙ୍କ ଦଧୀଚ-ଗୋତ୍ର । ]

ଘୃତକୁମାରିକା—ସଂ. ବ—ଘିଅକୁଆଁରୀ ( ଦେଖ )
Ghṛutakumārikā Ghia kuāñri ( See )

ଘୃତକୁମାରୀ—ସଂ. ବ—ଘିଅକୁଆଁରୀ ( ଦେଖ )
Ghṛuta kumārī Ghia kuāñrī ( See )

ଘୃତକୁମ୍ଭ—ସଂ. ବ. ( ମ. ପ. ଲୋ. କର୍ମଧା; ଘୃତପୂର୍ଣ୍ଣ କୁମ୍ଭ )—
Ghṛuta kumbha ଘୃତପୂର୍ଣ୍ଣ କଳସ; ଘିଅମାଠିଆ—
A jar full of ghee.

ଘୃତକୂଲ୍ୟା—ସଂ. ବ. (୬ଷ୍ଠୀ ତତ୍; ଘୃତ + କୂଲ୍ୟା=ନଦୀ )—
Ghṛuta kūlyā ଯେଉଁ କୃତ୍ରିମ ନଦୀରେ ଘିଅ ଅଜାଡ଼ା ହୋଇ ପାଣି ପରି ବହୁଥାଏ—An artificial stream of ghee.

ଘୃତକେଶ – ସଂ. ବିଣ, ପୁଂ. (ବହୁବ୍ରୀହି; ଘୃତ=ଦୀପ୍ତ + କେଶ=ଶିଖା)—
Ghṛuta keśa ଅଗ୍ନି—Fire.

ଘୃତଘଟ—ସଂ. ବି—ଘୃତକୁମ୍ଭ ( ଦେଖ )
Ghṛuta ghaṭa Ghṛuta kumbha ( See )
ଘୃତଘଟକୁ ଶିଶୀଶିଖା ପାଖରେ ରଖି •
ଶିଶପଦେହା ଏହା ସନ୍ତୁଳରେ—କବସୂର୍ଯ୍ୟ, କଣୋସଚନ୍ଦ୍ର ଦଂ ଗୀତ ।

ଘୃତଦୀଧିତି—ସଂ. ବି ( ବହୁବ୍ରୀହି; ଘୃତ ଯୋଗୁଁ ଦୀଧିତି=ତେଜ ଯାହାର )—ଅଗ୍ନି—Fire.
Ghṛuta dīdhiti

ଘୃତଧାରା—ସଂ. ବ. ( ୬ଷ୍ଠୀ ତତ୍; ଘୃତ + ଧାରା )—
Ghṛuta dhārā ୧ । ବସୁ ଧାରା; ପ୍ରତିଷ୍ଠା ଆଦି ଉପଲକ୍ଷରେ କରାଯିବା ହୋମ ସମାପନାନ୍ତେ କାନ୍ଥରେ ଯେଉଁ ଘିଅର ଧାର ଦିଆଯାଏ—1. Streamlet of ghee made to run down a wall in connection with a homa.
୨ । ପଶ୍ଚିମ ଦେଶର ନଦୀବିଶେଷ ( ହି. ଶବ୍ଦସାଗର )—
2 Name of a river of the western regions.
୩ । ଘୃତସମୁଦ୍ର—3. The ocean of ghee.
୪ । ଘୃତପ୍ରବାହ—4. A current of ghee; a continuous stream of ghee.

ଘୃତପ—ସଂ. ବଣ. ପୁଂ. ( ଘୃତ+ପା ଧାତୁ + କର୍ତ୍ତୃ. ଅ )—
Ghṛutapa ଯେ ଘୃତ ପାନ କରେ—
(ଘୃତପା—ସ୍ତ୍ରୀ) One who drinks ghee.

ସଂ. ବ.—ଅଜ୍ୟପ ନାମକ ପିତୃଗଣ—
Name of a class of manes.

ଘୃତପୂର—ସଂ. ବ—୧ । ପିତୃଗଣବିଶେଷ—
Ghṛuta pūra 1 A class of manes ( deceased ancestors ).
୨ । ଏକ ପ୍ରକାର ଘୃତଯୁକ୍ତ ମିଷ୍ଟାନ୍ନ—
2. A kind of sweetmeat ( Apte )

ଘୃତପୂର୍ବକ—ସଂ. ବ—ଘୃତପୂର ( ଦେଖ )
Ghṛuta pūrbaka Ghṛuta pūra ( See)

ଘୃତପୃଷ୍ଠ—ସଂ. ବଣ. ପୁଂ ( ବହୁବ୍ରୀହି; ଘୃତ ପରି ପୃଷ୍ଠ ଯାହାର )—
Ghṛutapṛushṭha ଯାହାର ପିଠି ଚକଚିଆ ବା ଜକଜକ ଦିଶୁଥାଏ—
Having a shining back.

ଘୃତପ୍ରମେହ—ସଂ. ବ—ପ୍ରମେହ ରୋଗବିଶେଷ—
Ghṛuta prameha A kind of gonorrhea.
[ ଦ୍ର—ଏଥିରେ ରୋଗୀର ମୂତ୍ର ଘିଅ ପରି ଗାଢ଼ ଓ ଚକଣା ହୁଏ । ହି. ଶବ୍ଦସାଗର । ]

ଘୃତବର—ସଂ. ବ—ଘୃତପୂର ( ଦେଖ )
Ghṛuta bara Ghṛuta pūra ( See)

ଘୃତମଣ୍ଡ—ସଂ. ବ. ( ୬ଷ୍ଠୀ ତତ୍; ଘୃତ + ମଣ୍ଡ )—
Ghṛutamaṇḍa ୧ । ଲହୁଣୀରୁ ଘିଅ ମାରିବା ବେଳେ ଘିଅ ଉପରେ ଦେଖାଯିବା ଫେଣ—
1 The scum of melted butter.
୨ । ଘିଅକୋରୁଅ; ଲହୁଣୀରୁ ଘିଅ କଲାବେଳେ ପାକପାତ୍ରତଳେ ବସିଯିବା କୋରୁଅ—
2. The sediment left in the pot when butter is boiled into ghee.

ଘୃତଯୋନି—ସଂ. ବ. ( ବହୁବ୍ରୀହି; ଘୃତ+ଯୋନି )—ଅଗ୍ନି—
Ghṛutajoni Fire.

ଘୃତାକ୍ତ—ସଂ. ବଣ. ( ୩ୟା ତତ୍; ଘୃତ + ଅକ୍ତ=ଲେପିତ )—
Ghṛutākta ଘିଅଗୋଳିଆ; ଘୃତମିଶ୍ରିତ—
Mixed with ghee.

ଘୃତାଚୀ—ସଂ. ବ. ( ଘୃତ + ଅଞ୍ଚ୍ ଧାତୁ=ପୂଜା କରିବା + କର୍ତ୍ତୃ. କ୍ୱିପ୍ + ସ୍ତ୍ରୀ. ଈ)—୧ । ଜଣେ ଅପ୍ସରା—
Ghṛutāchī
1. One of the heavenly nymphs or damsels.
୨ । ସରସ୍ୱତୀ—2. A name of Saraswatī
୩ । ରାତ୍ରି—3. Night.
୪ । କୁଶନାଭଙ୍କ ସ୍ତ୍ରୀ—4. Wife of Kuśanābha.
୫ । ଅଗ୍ନିରେ ଆହୁତି ଢାଳିବା ପାଇଁ ବ୍ୟବହୃତ ସ୍ରୁବ ( ହି. ଶବ୍ଦସାଗର)—5. The ladle or spoon with which ghee is poured into the sacrificial fire.
ସଂ ବଣ—୧ । ଘୃତପୂର୍ଣ୍ଣ—1. Full of ghee.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସ୍ଥାନରେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବ୍ରଜ' ନ ମିଳିଲେ 'ବଜ' ଖୋଜିବେ; 'ବର୍ଦ୍ଧ' ନ ମିଳିଲେ 'ବର୍ଦ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଜଳପୂର୍ଣ୍ଣ—2. Full of water.
୩ । ଚକ୍‌କଣିଆ; ତେଲିଆ—3. Greasy; oily.
୪ । ଉଜ୍ଜ୍ୱଳ—4 Shining; bright.

**ଘୃତାନ୍ନ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଘୃତ+ଅନ୍ନ) —
Ghrutānna — ୧ । ଘୃତମିଶ୍ରିତ ଅନ୍ନ; ଘିଅନ୍ନ — 1. Boiled rice mixed with ghee.
(ବହୁବ୍ରୀହି)—୨ । ଜଳୁଥିବା ଅଗ୍ନି—2 Blazing fire.

**ଘୃତାର୍ଚ୍ଚିଃ**—ସଂ. ବି ( ଘୃତ=ଘୃତପ୍ରାପ୍ତ+ଅର୍ଚ୍ଚିଃ=ଶିଖା; ଘୃତଦ୍ୱାରା ଯାହାର
Ghrutārchchiḥ — ଶିଖା ବର୍ଦ୍ଧିତ ହୁଏ)—ଜଳନ୍ତା ନିଆଁ — Blazing fire.

**ଘୃତାହୁତି**—ସଂ. ବି ( ୬ଷ୍ଠୀ ତତ୍; ଘୃତ+ଆହୁତି )—ମନ୍ତ୍ରପାଠପୂର୍ବକ
Ghrutāhuti — ଅଗ୍ନିରେ ଘୃତାର୍ପଣ—Oblation of ghee to fire; offering of ghee to the sacrificial fire.

**ଘୃତାହ୍ୱ**—ସଂ. ବି ( ବହୁବ୍ରୀହି; ଘୃତ+ଅହ୍ୱା )—୧ । ସରଳବୃକ୍ଷ;
Ghrutāhwa — ଦେବଦାରୁ—1 The pine tree.
୨ । ଟାର୍ପିନ୍—2. Turpentine.

**ଘୃତୋଦ**—ସଂ. ବି ( ବହୁବ୍ରୀହି; ଘୃତ+ଉଦ; ଘୃତ ଅଟେ ଉଦ=
Ghrutoda — ଉଦକ ଯହିଁର )—ପୌରାଣିକ ସପ୍ତସମୁଦ୍ର ମଧ୍ୟରୁ ଏକତମ (ଏଥିରେ ଘୃତ ପୂର୍ଣ୍ଣ ଥାଏ)—One of the seven mythological oceans.

**ଘୃତୋଦଧି**—ସଂ. ବି (ମଧ୍ୟପଦଲୋପୀ କର୍ମଧା; ଘୃତପୂର୍ଣ୍ଣ+ଉଦଧି=ସମୁଦ୍ର)
Ghrutodadhi — ଘୃତୋଦ ( ଦେଖ )— Ghrutoda ( See )

**ଘୃତୋଦନ**—ସଂ. ବି—( ମଧ୍ୟପଦଲୋପୀ କର୍ମଧା; ଘୃତ+ଓଦନ;
Ghrutodana — ଭାତ )—ଘିଅନ୍ନ; ଘୃତମିଶ୍ରିତ ଅନ୍ନ— Boiled rice mixed with ghee.

**ଘୃମ**—ଗ୍ରା. (ପଦ୍ୟ) ବି—(ସଂ. ଘର୍ମ)—ଝାଳ—
Ghruma — Sweat; perspiration.
ଦେ. ବିଣ ( ସଂ. ଘୂର୍ଣ୍ଣି ଧାତୁ )— ଘୂର୍ଣ୍ଣାୟମାନ—Agitated; revolving.
ତହୁଁ କମ୍ପିଲ ଜଳ ଅଙ୍ଗ, ହୋଇଲା ଘୃମ ଅର ଭଙ୍ଗ ।

**ଘୃମିତ**—ଗ୍ରା. (ପଦ୍ୟ) ବିଣ—୧ । (ସଂ. ଘର୍ମିତ) ଘର୍ମଯୁକ୍ତ—
Ghrumita — 1. Perspiring.
୨ । (ସଂ. ଘୂର୍ଣ୍ଣିତ) ଘୂର୍ଣ୍ଣିତ—2. Turning.
ଘୃମିତ ଉଷିତ ହାସ ସେଚନ ଭଙ୍ଗୀ—ପ୍ରାଚୀ ଶିଶୁଶଙ୍କର. ଉଷାଭିଳାଷ ।

**ଘୃଷ** (ଧାତୁ)—ସ—୧ । ଘର୍ଷଣ କରିବା—
Ghrush (root) — 1. To rub.
୨ । ପାଲିସ୍ କରିବା—2. To brush; to polish.
୩ । ଚୂରିବା—3. To pound; to grind.
୪ । ବାଟିବା—4. To bruise; to crush.
୫ । ପ୍ରତିଯୋଗିତା କରିବା—
5. To compete; to rival.

**ଘୃଷ୍ଟ**—ସ. ବିଣ ( ଘୃଷ ଧାତୁ+କର୍ମ. ତ )—୧ । ଘଷା ହୋଇଥିବା—
Ghrushta — 1. Rubbed.
୨ । ଘୋଟା ହୋଇଥିବା; ଘୋଟି ବା ବଟା ହୋଇଥିବା— 2. Pressed with pestle; bruised; pounded.
୩ । ମାର୍ଜ୍ଜିତ; ପାଲିସ ହୋଇଥିବା—3. Polished.
ସ. ବି—( ଘୋରିହେବା ଯୋଗ୍ୟ ଗନ୍ଧ ଦ୍ରବ୍ୟ ) ଅଗୁରୁଚନ୍ଦନ— Aloe-wood

**ଘୃଷ୍ଟତଡ଼ିତ୍**—ଦେ. ବି (·ଆଧୁନିକ ବିଜ୍ଞାନ ପରିଭାଷା )—ଦୁଇ ଦ୍ରବ୍ୟ
Ghrushta tardit — ( ଯଥା ରେଶମ ଓ କାଚ ବା ଗନ୍ଧକ ) ଘର୍ଷଣରୁ ଉତ୍ପାଦିତ ବିଦ୍ୟୁତ୍—Frictional electricity.

**ଘୃଷ୍ଟି** — ସ. ବି (ଘୃଷ୍ ଧାତୁ+ଭାବ. ତି)—୧ । ଘର୍ଷଣ—
Ghrushti — 1. Rubbing; friction.
୨ । ବାଟିବା—2. Pounding.
୩ । ପ୍ରତିଯୋଗିତା—3. Rivalry; emulation; competition.
୪ । (+କର୍ତ୍ତୃ. ତି; ଯେ ଘାସମୂଳ ପାଇଁ ଥୋମଣିରେ ଭୂଇଁକୁ ଘର୍ଷଣ କରେ) ଘୁଷୁରି—Pig; hog; sow.

**ଘୃଷ୍ୱି**—ସ. ବି (ଘୃଷ ଧାତୁ+କର୍ତ୍ତୃ. ବି)—ଘୁଷୁରି—
Ghrushwi — Hog.

**ଘେଁଷ୍‌ରଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ଘୋଷାରିବା —
Gheñsh-raiba — To drag on the ground.

**ଘେଁଷରିବା**—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଗୁରୁଣ୍ଡିବା—
Gheñsh-riba — 1. To crawl; to creep.
୨ । ଘୁଷୁରିବା—2. To move on the ground.

**ଘେଗା**—ପ୍ରାଦେ. (ସମ୍ବଲପୁର) ବି—ଘଲ୍‌ଖେଲରେ ବ୍ୟବହୃତ କଉଡ଼ି—
Ghegā — A big cowry used in Ghalkhel ( a kind of cowry-play )

**ଘେଙ୍ଗଲ**—ପ୍ରାଦେ. (ବସ୍ତର) ତ—ଜିଭ ଉପରେ ଜମିବା ଛଉଆ—
Ghengal — The dirt or sordes over the tongue.

**ଘେଞ୍ଚ**—ଦେ. ବିଣ (ସ. ଘନ; ସ. ଘୃଷ୍ଟ)—୧ । ଅତ୍ୟଧିକ ଲୋକଭିଡ଼
Gheñcha — ଯୋଗୁଁ ନିଅଣ୍ଟ ହେବା ( ସ୍ଥାନ )—
ঘেঁষাঘেঁষি — 1. Overcrowded (place).
**ঘিচাপিচ** — ୨ । ସଙ୍କୀର୍ଣ୍ଣ—2. Narrow.
୩ । ନିବିଡ଼—3. Dense
୪ । ଅତ୍ୟନ୍ତ ଚାପପ୍ରାପ୍ତ—
4. Over-pressed; crushed.

**ଘେଞ୍ଚପେଞ୍ଚ**—ଦେ. ବିଣ (ସ. ଘୃଷ୍ଟପିଷ୍ଟ)—୧ । ଘେଞ୍ଚ (ଦେଖ)
Gheñcha peñcha — 1. Gheñcha (See).
**ঘিচপিচ** — ୨ । କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛୁକ ବା ପଶ୍ଚାତ୍‌ପଦ —
2. Shrinking from doing a work.

| ୧ | ଙ | ଋ | ଋ,ୠ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶଂ | ଯ | ସ | ଚ୍ୟ | ଇଅ | ଢ଼ | ନ୍ |

୩ । କୌଣସି କାର୍ଯ୍ୟ କରିବାକୁ ସନ୍ଦେହ—
3. Hesitating to do a work.

ଘେଞ୍ଚାଘେଞ୍ଚ—ଦେ. ବିଣ (ସଂ. ଘନ; ଘୃଷ୍ଟ)—ଘେଞ୍ଚ (ଦେଖ)
Ghenchāghench Ghencha (See).
घेंषाघेंसि ଦେ. ବି—୧ । ଜନତା ବା ଭିଡ଼ ଯୋଗୁଁ ସ୍ଥାନାଭାବ—
घिचपिच 1. Want of space due to overcrowding.
୨ । ଅତ୍ୟନ୍ତ ଅଭାବ—2. Utter want.
୩ । ସ୍ଥାନର ସଂକୀର୍ଣ୍ଣତା—
3. Narrowness of space.

ଘେଞ୍ଚାଘେଞ୍ଚି—ଦେ.ବିଣ—୧ । ସ୍ଥାନାଭାବ ହେତୁ ପରସ୍ପର ଠେଲାଠେଲି—
Ghenchāghenchi Pushing each other for want of space.
घेंसाघेंसि
୨। ପରସ୍ପର ଗାଢ଼ଘର୍ଷଣପୂର୍ବକ ଘନଭାବରେ ଅବସ୍ଥିତ—
2. Thickly placed by each other without any space between.

ଘେଞ୍ଚୁଲିକା—ସଂ.ବି ସାରୁଜାତୀୟ ମୂଳବିଶେଷ—
Ghenchulikā A kind of root; Typhonium trilobatum.
घेंचु

ଘେତିବା—ଗ୍ରା. (ଇତର) କ୍ରି (ସଂ. ଗ୍ରହ ଧାତୁ)—ଗ୍ରହଣ କରିବା—
Ghetibā To hold; to take; to carry.
ବୃଦ୍ଧ ଇନ୍ଦ୍ରଦ୍ୟୁମ୍ନ ଯାହା ଚିନ୍ତି
କର୍ମ ଇନ୍ଦ୍ରଦ୍ୟୁମ୍ନ ପାଶ୍ୱ ଘେତି—ଜଗନ୍ନାଥ, ଭାଗବତ ।

ଘେତେଇ କରିବା—ପ୍ରାଦେ (ଗଡ଼ଜାତ) କ୍ରି—ଥଟ୍ଟା କରିବା—
Ghetei karibā To cut jokes

ଘେନ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଗ୍ରହଣ)—୧ । ଘେନିବା—
Ghen-bā 1 To bear; to take.
୨ । କିଣିବା—2 To purchase.

ଘେନା—ଦେ. ବି. (ସଂ. ଗ୍ରହଣ)—୧ । ଗ୍ରହଣ—
Ghenā 1. Bearing; taking; acceptance.
୨ । ମଞ୍ଜୁର—2. Granting.
୩ । (ସଂ. ଘୃଣା) ଘୃଣା—3. Disgust.
ଦେ. ବିଣ—୧ । ଗୃହୀତ; ମଞ୍ଜୁର କରାଯିବା—
1. Accepted; granted; taken.
କେଉଁ ଦୋଷେ ମୋର କୌଶଲ୍ୟାର ଦୁଃଖ ଗୁରୁରେ ନ ହେଲ ଘେନା—
ରଘୁନାଥ. ଟୀକା ।
୨ । ଅଙ୍ଗୀକୃତ—2. Agreed; admitted.
୩ । ପ୍ରାପ୍ତ—3. Received.
୪ । ବିବେଚିତ—4. Considered.
୫ । (ଅନ୍ୟ ଶବ୍ଦ ପରେ ଲାଗେ) ଗ୍ରହଣକାରୀ—
5. Accepting; taking; receiving.

ଘେନାଇବା—ଦେ. କ୍ରି—୧ । ବୁଝାଇବା—
Ghenāibā 1. To bring to reason by argument; to cause to understand; to explain.
ଘେନାଇ ଅମ୍ଭେ ଯେତେ କହୁଲୁ ରେ—କବିସୂର୍ଯ୍ୟ. କଳାବତୀ ଚମ୍ପୁ. ଉ. ଗୀତ ।
୨ । ମନାଇବା—2. To convince.
୩ । ମଙ୍ଗାଇବା—3 To persuade.
୪ । ପ୍ରବର୍ତ୍ତାଇବା—4. To induce.
୫ । ଖୋସାମଦ କରିବା—5 To flatter.
୬ । (ମନ) ରଞ୍ଜାଇବା—
6. To please (one's mind).
ଚନ୍ଦ୍ରମା । ରହସ୍ୟେ ମନ ଘେନାଇବ—ଉପେ. ପ୍ରେମସୁଧାନିଧି ।
୭ । ସୁନ୍ଦର ଦେଖାଯିବା; ମାନିବା; ଶୋଭା ପାଇବା—
7. To look beautiful.
୮ । ଘେନିବା କ୍ରିୟାର ଣିଜନ୍ତରୂପ—
8. Causative of Ghenibā.
ବହୁ ଧନରତ୍ନ ଘେନାଇ ସଙ୍ଗତରେ—କୃଷ୍ଣସିଂ ହ. ମହାଭାରତ. ବନ ।
ପ୍ରାଦେ. (ସମ୍ବଲପୁର) କ୍ରି—କିଣାଇବା; ଅନ୍ୟ ବ୍ୟକ୍ତିକୁ କୌଣସି ବସ୍ତୁ କିଣିବାର ସୁବିଧା କରିବା ବା କିଣିବାରେ ସାହାଯ୍ୟ କରିବା—To help a person in purchasing a thing.

ଘେନାଇ ଯିବା—ଦେ. କ୍ରି—୧ । ନେଇ ଯିବା—
Ghenāi jibā 1. To take away.
୨ । ଲୋକ ପଠାଇ କୌଣସି ବ୍ୟକ୍ତିକୁ ପାଖକୁ ନେଇ ଯିବା—
2 To take a person by sending for him.
ଦାରୁଣ ଯମ କି ଘୋରରେ
ଘେନାଇ ଗଲା ନିଜ ପୁରେ—ଜଗନ୍ନାଥ. ଭାଗବତ ।
୩ । ଲୋକଙ୍କଦ୍ୱାରା ନିଆଇବା—
3. To cause to be taken or carried.

ଘେନାକ—ଦେ. ବିଣ—ଯେ ଭାବ ଗ୍ରହଣ କରେ—One who
Ghenāka comprehends a meaning or intention.

ଘେନା କରିବା—ଦେ. କ୍ରି—୧ । ଗ୍ରହଣ କରିବା—
Ghenā karibā 1. To accept.
୨ । ମଞ୍ଜୁର କରିବା—2. To grant.
କ୍ଷମାକର ଅପରାଧ, ଘେନା କର ଅଧୀନ ବିନତି—ଦିବାକର. ଭକ୍ତମାଳୀ ।

ଘେନାଘେନି—ଦେ. ବି—୧ । ଅନ୍ୟର ମନକୁ ନାନା ପ୍ରକାରେ ବୁଝା-
Ghenāgheni ଇବା—1 Bringing a person to reason by various arguments.
୨ । ଠେକାଠେକି; ଖୋସାମଦ—2. Flattery.
୩ । ପ୍ରବର୍ତ୍ତାଇବା—3. Inducement; persuasion
୪ । ମନାଇବା; ଚିତ୍ତରଞ୍ଜନ—
4. Pleasing one's mind.
ଘନପୀନସ୍ତନୀ ଦୀର୍ଘବେଣୀ, ଘେନାଘେନି କେତେ ଜାଣି ପୁଣି—
କବିସୂର୍ଯ୍ୟ. କବିତା ।
୫ । ଆଦରଭାବ; ଆଦରଯୁକ୍ତ ସ୍ନେହ—5. Fondling.
ଦଶବାର ଅନାମସ୍ନେହେ, ଘେନାଘେନି କରି ପଶୁରିଲେ ମିତ—
କବିସୂର୍ଯ୍ୟ. କଳାବତୀ ଚମ୍ପୁ. ଉ. ଗୀତ ।
୬ । ଭାବ—6. Thought.

ପାଠକଗଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଘାଟ' ନ ମିଳିଲେ 'ଘାଟ' ଖୋଜିବେ, 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଘେନାଘେନ କରିବା**—ଦେ. କ୍ରି—ଖୁଣ୍ଟୁ କରିବା; ଠେକାଠେକ କରିବା;
Ghenāgheni karibā ଖୋସାମତ କରିବା—
To flatter a person

କହିଲେ ଘେନାଘେନ କରି ଭୁଇ କଥା । କୃଷ୍ଣସିଂହ. ମହାଭାରତ. ବନ ।

**ଘେନାଣ**—ଦେ. ବି. ( ସଂ. ଗ୍ରହଣ )—ଦାନ—Gift.
Ghenāṇa [ ଦ୍ର—'ଦେବୋତ୍ତର ଘେନାଣ ମଧ୍ୟସତ୍ତ୍ୱାଧିକାରୀ ସତ୍ତ୍ୱ' ନାମକ ବୃତ୍ତି କଟକ ଜିଲ୍ଲା କେନ୍ଦ୍ରାପଡ଼ା ଅଞ୍ଚଳର କାଗଜପତ୍ର ଓ ଦଲିଲ୍ ଆଦିରେ ଦେଖାଯାଏ । ]
ପ୍ରାଦେ. (କେନ୍ଦ୍ରାପଡ଼ା ଓ କନିକା) ବିଣ—ଦତ୍ତ (ଜମି)—
Gifted ( land ).

**ଘେନା ବେଚା**—ପ୍ରାଦେ. (ସମ୍ବଲପୁର) ବି—କିଣାବିକା; ବାଣିଜ୍ୟ; କ୍ରୟ-
Ghenā bechā ବିକ୍ରୟ—Trade; sale and purchase.

**ଘେନା ହେବା**—ଦେ. କ୍ରି. ( ଘେନିବାର କର୍ମବାଚ୍ୟରୂପ)—
Ghenā hebā ୧ । (ଦୁଃଖ ବା ଗୁହାରି ) ଗୃହୀତ ହେବା—
1. To be accepted.
୨ । ବିବେଚିତ ହେବା—2. To be considered.

ଘେନା ହେଉ ଦିବ୍ୟ-ଅବଧାନେ ଦୁଃଖିଜନ ଗୁହାରି । ରାଧାନାଥ. ଉଷା ।

୩ । ମଞ୍ଜୁର କରାଯିବା—3. To be granted.

**ଘେନି**—ଦେ. ଅ—୧ । ନିମନ୍ତେ; ଯୋଗୁଁ; ଲାଗି; ପାଇଁ—
Gheni 1. For.

ତୋ ଘେନି ଆସ୍ୱାଦ ହୋଇଲୁରେ । କବିସୂର୍ଯ୍ୟ. କିଶୋରଚନ୍ଦ୍ର. ଘ. ଗୀତ ।

୨ । ହେତୁରୁ; କାରଣରୁ—
2 Owing to; on account of.

ଏ ଘେନି ସେ ସମସ୍ତ ଏ ଗ୍ରନ୍ଥ ଲକ୍ଷଣ । କୃଷ୍ଣସିଂହ. ମହାଭାରତ. ଆଦି ।

[ ଦ୍ର—ଏହା ପୂର୍ବରେ ଥିବା ବିଶେଷ୍ୟ ବା ସର୍ବନାମର ୬ଷ୍ଠୀ ଓ ବିକଳ୍ପେ ୧ମା ବିଭକ୍ତି ହୁଏ । ]
୩ । ଦ୍ୱାରା—3. By.

ଅଙ୍ଗଦ ଘେନି ଦେଖାଇ ବୋଲେ ଦେବ ସୈନ୍ୟ କରୁଅଛି ରାବଣ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

୪ । ସହିତ; ( ଅନୁକ )କୁ ମିଶାଇ—
4. With; including.

ନିଷ୍କଳ ଧ୍ୟାନ ମନ୍ତ୍ରଦେଶ
ସଂସ୍କାର ଘେନି ଏ ଯେ ଦଶ । ଜଗନ୍ନାଥ—ଭାଗବତ ।

[ ଦ୍ର—ଏହା ପୂର୍ବରେ ଥିବା ବିଶେଷ୍ୟ ବା ସର୍ବନାମର ୨ୟା ବିଭକ୍ତି ହୁଏ । ]

**ଘେନି ଆଣିବା**—ଦେ. କ୍ରି—ଘିନି ଅଣିବା ( ଦେଖ )
Gheni āṇibā Ghini āṇibā ( See ).

**ଘେନି ଆସିବା**—ଦେ. କ୍ରି—ଘିନି ଆସିବା ( ଦେଖ )
Gheni āsibā Ghini āsibā ( See )

**ଘେନି ଉଠିବା**—ଦେ. କ୍ରି—୧ । (ବ୍ୟଙ୍ଗ) ସୁନ୍ଦର ଦେଖା ଯିବା; ଶୋଭା
Gheni uṭhibā ପାଇବା—1 (ironical) To look grand.
୨ । (ଘାଆ ଆଦି) ପ୍ରକୁପିତ ହେବା—
2. To become intensified (said of sores).

**ଘେନିଘେନାଇ କହିବା**—ଦେ. କ୍ରି—ମନାଇବା, ଘେନାଘେନ କରି
Ghenighenāi kahibā କହିବା; ଚିତ୍ତରଞ୍ଜନପୂର୍ବକ କହିବା—
To speak to a person persuasively or in a pleasing manner.

ଘେନିଘେନାଇ ଯାଇ କହିବା ସନଜାଇ
ଘଟିଲେ ଏକା ସିନା ଜାଇଲୁଁ ଗୋ । କବିସୂର୍ଯ୍ୟ. କିଶୋରଚନ୍ଦ୍ର. ଘ. ଗୀତ ।

**ଘେନି ଦେବା**—ପ୍ରାଦେ. ( ସମ୍ବଲପୁର ) କ୍ରି—୧ । ପିନ୍ଧାଇବା; ଭୂଷିତ
Gheni debā କରାଇବା —1. To adorn another.
୨ । କିଣି କରି କୌଣସି ବ୍ୟକ୍ତିକୁ କୌଣସି ଦ୍ରବ୍ୟ ଯୋଗାଇବା—
2 To supply a thing by purchasing it.

ମାଗୁର ମାଛର ମୁଣ୍ଡ ଚେପଟା, ଟେଙ୍ଗଣା ମାଛର କଣ୍ଟା,
ଅମ ସୁରୁଜନ ସପୁର ଅଁଟା, ଘେନି ଦେବା କୋଷାମଠା । ଚଗ ।

**ଘେନି ପଳାଇବା**—ଦେ. କ୍ରି—ଘେନି ଯିବା ( ଦେଖ )
Gheni paḻāibā Gheni jibā ( See )

**ଘେନିବା**—ଦେ. କ୍ରି. ( ସଂ. ଗ୍ରହଧାତୁ. ପ୍ରାକୃତ ଗେଣ୍ହ; ସଂ. ଗ୍ରହଣ; ଭୁଲ
Ghenibā ପ୍ରା. ଗଣ୍ହ)—୧ । ଧାରଣ କରିବା —1. To hold.
ଜଓସ୍ଥା

କୋଳରେ ଘେନନ୍ତି ନନ୍ଦନ । ଭୂପତି. ପ୍ରେମପଞ୍ଚାମୃତ ।

ଲେଣା ୨ । (ପ୍ରାର୍ଥନା) ମଞ୍ଜୁର କରିବା; ସ୍ୱୀକାର କରିବା—
(ଘେନାଇବା—ଣିଜନ୍ତରୂପ) 2. To accede to; to grant (a request).

ନରେଶମଣ୍ଡନ ଶ୍ରୀହରିଚନ୍ଦନ ଜଗଦେବ ସ୍ତବ ଘେନ—କବିସୂର୍ଯ୍ୟ କିଶୋରଚନ୍ଦ୍ର. ଗୀତ ।

୩ । ଦେହରେ ଭିଡ଼ିବା—3. To wear; to put on.

ମାଳ ଘେନଲେ ଜଣେ ଜଣେ । ଭୂପତି. ପ୍ରେମପଞ୍ଚାମୃତ ।

୪ । ଦେହରେ ଲଗାଇବା ବା ଚିତ୍ରିତ କରିବା—
4. To point on any part of the body.

ସିନ୍ଦୂର ବିନ୍ଦୁ ଇନ୍ଦୁମୁଖୀ ପୋଛଣ କସ୍ତୁରୀ ତିଳା ଘେନ ।
ଭଞ୍ଜ. ପ୍ରେମସୁଧାନିଧି ।

୫ । ଘେନା କରିବା; (ଉପଦେଶ, କଥା ) ମାନିବା—
5. To accept ( one's advice ).

ଘେନିଲୁ ନାହିଁ ବାଳା ପହିଲୁ ଗୋ । କବିସୂର୍ଯ୍ୟ. କିଶୋରଚନ୍ଦ୍ର. ଘ. ଗୀତ ।

୬ । ମାନିବା; ଶୋଭା ପାଇବା; ସୁନ୍ଦର ଦେଖାଯିବା—
6. To look nice or graceful.

ନ ଘେନଇ ପର, ନ ଘେନ ମୋର ବାଣୀ । କୃଷ୍ଣସିଂହ. ମହାଭାରତ. ବନ

୭ । ସହାୟକ ରୂପେ ଗ୍ରହଣ କରିବା—
7. To take as a help.

ଏହାଙ୍କୁ ଘେନ ମନ୍ତ୍ରୀ ଜଣ ମହାରଥୀ । କୃଷ୍ଣସିଂହ. ମହାଭାରତ. ସଭା ।

୮ । (ମନରେ କ୍ରୋଧ, ଅପମାନ, ଈର୍ଷା ଆଦି) ବହିବା—
8. To bear ( anger, malice etc in mind).

ସେ ଯେବେ ତୋ ଅପରାଧ ଘେନିବେଟି କ୍ରୋଧ । କୃଷ୍ଣସିଂହ. ମହାଭାରତ. ବନ ।

୯ । ବିବେଚନା କରିବା; ବିଚାର କରିବା—
9. To think; to consider.

ଧନ ଅଇଙ୍ଗନେ ମନେ ଘେନୁଥାଇଁ କି ତପ ବାଣ ଅର୍ଜୁନର ।
ଭଞ୍ଜ. ପ୍ରେମସୁଧାନିଧି ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଏ | ଉଅ | ଡ଼ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଜ୍ୟ | ଯ | ସ | ଗ୍ୟଁ | ଇଅ | ● | ନ୍ତ |

୧୦ । ବୁଝିବା—10. To understand; to realise.
ବାଳୀଙ୍କ ଯେନ୍ତ ବଧ ତାରେ ପୁଣି ବରୋଧ ନ ଘେନ ବନେ ଭଲେ ବାନ୍ଧି ।
ଉପେ. ବୈଦେହୀଶବିଳାସ ।

୧୧ । ଦୁଃଖରେ ସହାନୁଭୂତି କରିବା—
11. To feel for; to sympathise with.
ସେ ପର ଦୁଃଖ ଘେନିବା ବଡ଼ ଭାଗ୍ୟ ସତ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୧୨ । ( ମନକୁ ) ସନ୍ତୁଷ୍ଟ ବା ପ୍ରସନ୍ନ କରିବା—
12. To please; to satisfy (the mind)
ସେବାରେ ଘେନ ମନକୁ । କବିସୂର୍ଯ୍ୟ. ତୃଷ୍ଣା ଗୀତ ।

୧୩ । ଧରିବା; ଗଣିବା; ଦୋଷକୁ ଦୋଷ ବୋଲି ବିଚାରିବା—
13. To count or think (a fault as such).
ଏଣୁ ମୋର ଦୋଷକୁ ନ ଘେନ ଶ୍ରେତେ । କୃଷ୍ଣସିଂହ. ମହାଭାରତ. ଆଦି ।

୧୪ । କଥିତ ବିଷୟ ସତ୍ୟ କି ମିଥ୍ୟା ଏହା ପରୀକ୍ଷା କରିବା—
14. To test whether a matter is true or not.
ଏମନ୍ତାର କଥା ଦେଖି, ପେଟରେ କପଟ ରଖି, ତୋତେ ନିକି ନ କହନ୍ତି ଘେନ ।
କବିସୂର୍ଯ୍ୟ, କଣୋଇଚମ୍ପୂ. ଚ. ଗୀତ ।

୧୫ । ଅଧିକାର କରିବା ( ମାଦଳାପାଞ୍ଜିରେ ବ୍ୟବହୃତ )—
15. To occupy; to take posession of.

୧୬ । ଆଦର କରିବା; ସମ୍ମାନ ଦେଖାଇବା—
16. To regard; to respect.
ଗୁରୁଏ ଘେନନ୍ତି ତୋତେ ମହାଗୁରୁ କରି । ଉପେ. ଲାବଣ୍ୟବତୀ ।

୧୭ । ମିଶାଇବା—17. To add; to include.
ଦକ୍ଷିଣ ଉତ୍ତର ଘେନି ହେଲା ଅଠଗ୍ରନ୍ଥ । ପ୍ରାଚୀ. ବ୍ରହ୍ମାଣ୍ଡରୂପଶଗୀତା ।

୧୮ । ସଙ୍ଗରେ ନେବା—
18. To take as a companion.
'ମୁହୂର୍ତ୍ତିକେ ଘେନି ମୋତେ ରେ ମହାଗଗନ
ପରମାତ୍ମା ତ୍ରାଣ କର୍ତ୍ତା ମହେଶ ଶ୍ରୀପଦେ । ମଧୁସୂଦନ. କବିତାବଳୀ ।

୧୯ । ( ବ୍ରଣ, କ୍ଷତ ଆଦି ) ପ୍ରକୁପିତ ହେବା; ବିଶେଷ କ୍ଲେଶଦାୟକ ହେବା—19. To be intensified; to become very painful.
( ଯଥା—ମୋ କଥଟା କାଲଠାରୁ ଭାରି ଘେନିଛି । )

୨୦ । ଅନ୍ୟର ଗୂଢ଼ଭାବ ବୁଝିବା—
20. To comprehend the intention of another person.
ବଳିବଳାରଙ୍କୁ ନୃପର ଘେନ
ବାହାରିଲେ ରାମ ଲକ୍ଷଣ ବେନ । ଉପେ. ବୈଦେହୀଶବିଳାସ ।

୨୧ । ଅନୁମାନ ଦ୍ୱାରା ସିଦ୍ଧ କରିବା; ଠଉରାଇବା; ଅନୁମାନ ଦ୍ୱାରା କୌଣସି ମୀମାଂସାରେ ଉପନୀତ ହେବା—
21. To infer; to conclude by inference.

୨୨ । ଫଳପ୍ରଦ ହେବା—22. To be effectual.
(ଯଥା—ଭିନ୍ନ ପାନ ଔଷଧ ଦେଲିଣି, କିନ୍ତୁ ଏହା ରୋଗୀକୁ କମା ଘେନୁ ନାହିଁ । )

୨୩ । ଦାନ ଆଦି ଗ୍ରହଣ କରିବା; ନେବା—
23. To take.
ମାଗି ଦାନ ଘେନମା ଲୋକର ଝିଅ ବୁହି—କୃଷ୍ଣସିଂହ. ମହାଭାରତ. ଆଦି ।

ପ୍ରାଦେ (ସମ୍ବଲପୁର) କ୍ରି— କିଣିବା—To purchase.

[ଦ୍ର—ଘେନିବା କ୍ରିୟାର ଅସମାପିକାରୂପ ସଙ୍ଗେ ଆଣିବା, ଆସିବା, ପଳାଇବା, ଯିବା ଆଦି କ୍ରିୟାର ସମାପିକାରୂପମାନ ଯୋଗ କରାଯାଏ । ]

**ଘେନିଯିବା**—ଦେ. କ୍ରି—୧ । ଧରି ନେବା; କୌଣସି ବ୍ୟକ୍ତି ବା ବସ୍ତୁକୁ ସ୍ଥାନାନ୍ତରକୁ ନେଇ ଚାଲିଯିବା—1. To take away; to remove a person or thing personally.
Ghenijibā
ले जाना
ଲୟେଯାଓୟା

୨ । (ମନକୁ) ମୁଗ୍ଧ କରିବା—2. To charm;to enchant e mind) to fascinate.
ସୁତ ବା ନନ୍ଦା କସ୍ତ ଲୋକକୁ ମୁଁ ଅନ୍ଧ,
ଦେଇ କରି ତାଙ୍କର ଘେନଯାଏ ମନ । କୃଷ୍ଣସିଂହ. ମହାଭାରତ. ବନ ।

୩ । (ଜୀବନ) ନାଶ କରିବା—3. To take (life).
ଯେବେନ୍ତ ଯୁଧିଷ୍ଠିର ହୋଇଥାନ୍ତେ ସାନ,
ତେବେ ମୁଁ ଆଜ ଘେନ ଯାଆନ୍ତି ଜୀବନ । କୃଷ୍ଣସିଂହ. ମହାଭାରତ. ବନ ।

୪ । ଚଳାଇବା—4. To lead.
ସତ୍ୟପଥେ ଧର୍ମପଥେ ଘେନ ସାଥ ମୋତେ—ମଧୁସୂଦନ. ଛନ୍ଦମାଳା ।

**ଘେନ୍ତି ଆସିବା**—ପ୍ରାଦେ (ବାଲେଶ୍ୱର) କ୍ରି—ଘିନି ଆସିବା (ଦେଖ)—
Ghenti āsibā — Ghini āsibā ( See )

**ଘେର୍**—ପ୍ରାଦେ (ସମ୍ବଲପୁର) ବି—୧ । ଘେର ( ଦେଖ )—
Gher — 1. Ghera ( See )

୨ । ଚତୁର୍ଦ୍ଦିଗରେ ଆକାଶ ମେଘାଚ୍ଛନ୍ନ ହେବା ଅବସ୍ଥା—
2. Overcloudiness of the sky.

**ଘେର୍‌ଘେଟା**—ପ୍ରାଦେ (ସମ୍ବଲପୁର) ବି—୧ । କୌଣସି ଗଛ ବା ଯଷ୍ଟିରେ ରସି ବାନ୍ଧିଲେ ତାହା ଅଟକି ରହିବା ପାଇଁ ଗଛ ବା ଯଷ୍ଟିର ଯେଉଁ ଅଂଶର ଚାରିପାଖରେ ଘର କୋଳାଯାଏ—
Gher-ghetā
1. The part of a tree or stick which is grooved or scooped round to hold a rope or string tied to it.

୨ । ଘଣ; ଶଗଡ଼ର ଚକଦ୍ୱାରା ଭୂମିରେ ହେବା ଖାଲ—
2. Cart track; rut.

**ଘେର୍ ଧରିବା**—ପ୍ରାଦେ (ସମ୍ବଲପୁର) ବି—ମେଘ ଘୋଡ଼ାଇବା ପାଗ;ମେଘ ଧରିବା—Being overclouded; scowling weather.
Gher dharibā

**ଘେର**—ଦେ. ବି (ହି. ଗ୍ରହଣ; ସଂ. ଘୃ ଧାତୁ=ଆଚ୍ଛାଦନ କରିବା)—
Ghera
ঘের
घेर
୧ । ବେଢ଼ିବା; ବେଷ୍ଟନ;ଗୁଡ଼ାଇବା—1.Encircling; surrounding; tying round; entwining.
୨ । ଦଉଡ଼ିଦ୍ୱାରା ବନ୍ଧନ—2. Tying or binding with a rope.
ତୋଇଲାଗି ଘେର ପଡ଼ିବା ହେବନ୍ତ ଲୋହପଦ ଅଁତରକୁ—
କବିସୂର୍ଯ୍ୟ କଣୋଇ ଚମ୍ପୂ. ତ ଗୀତ ।

ଯାଆ ଉଣଂଢ଼େଙ୍କେ ଏପର ପୃଷ୍ଠାରେ ଦ୍ୱିତ ୧ ଚକ୍ଷୁତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ଷୁତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ଷୁତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ସେହେ ଏ ପୃଷ୍ଠାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ପର୍ଯ୍ୟାକ୍ରମେ ଚକ୍ଷୁର ଉପସ୍ଥିତ ୨ ବା ୧ ଚକ୍ଷୁତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଣ' ନ ମିଳିଲେ 'ଗାନ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଜା' ନ ପାଇଲେ 'ଅର୍ଜ୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ବେଷ୍ଟନ; ବାଡ଼—3. Fencing; enclosure.
୪ । ବେଢ଼ା; ପାଚେରି—4. Compound-wall.
୫ । ବେଢ଼; ପରିଧି—5. Circumference; circuit.
୬ । ସୀମା; ଚତୁଃସୀମା—6. Boundary; the boundaries on all sides.
୭ । ଚତୁର୍ଦ୍ଦିଗରେ ବେଷ୍ଟିତ ସ୍ଥାନ—7. A space enclosed on all sides
୮ । ଗୋଲ ବସ୍ତୁର ପରିଧିର ମାପ—8 Girth.
୯ । ଶିକାର କରିବା ପାଇଁ ସୀମାବଦ୍ଧ ଜଙ୍ଗଲର ଚାରିପାଖେ ଘେରିଥିବା ମନୁଷ୍ୟଙ୍କ ବାଡ଼—9. A line of men surrounding a place for driving wild animals towards the hunter.
ঘেরাউ
**घरिया,**

**ଘେରଉ**—ଦେ. ବ (ସଂ. ଘୃ ଧାତୁ=ଆଚ୍ଛାଦନ କରିବା)—୧ । ଚାରିଆଡ଼େ ଘେରିବା କର୍ମ; ଅବରୋଧ—1. Blockade; act of surrounding on all sides.
Gherau
ঘেরাও
**घेराव**
୨ । ଘେର ( ଦେଖ )—2 Ghera ( See ).

**ଘେର ଘାର**—ଦେ.ବ.(ସଂ. ଘୃ ଧାତୁ)—୧ । ଚାରିଆଡ଼େ ଘେରିବା ବା ବେଢ଼ିବା ଅବସ୍ଥା—1. The state of being surrounded.
Ghera ghāra
ঘেরঘার
**घेरघार**
୨ । କୌଣସି କାର୍ଯ୍ୟ କରିବାକୁ ଜଣେ ବ୍ୟକ୍ତିକୁ ବହୁଲୋକ ବାରଂବାର ଅନୁରୋଧ କରି ବିରକ୍ତ କରିବା ଅବସ୍ଥା—2. The state of a person being infested and pressed by several persons making repeated and pressing request on a subject.

**ଘେରଣ**—ଦେ. ବ.—(ସଂ. ଘୃ ଧାତୁ)—ବେଷ୍ଟନ; ବେଢ଼ିବା—Surrounding
Gheraṇa
ঘেরণ
**घेरना**

**ଘେର ପକାଇବା**—ଦେ.କ୍ରି.—କୌଣସି ବସ୍ତୁ ବା ସ୍ଥାନକୁ ଚାରିଆଡ଼େ ଦଉଡ଼ି ବା ବାଡ଼ଦ୍ୱାରା ବେଷ୍ଟନ କରିବା; ଘେରିଦେବା—To enclose a space or thing by a circular enclosure.
Ghera pakāibā
ঘেরফেলা
**घेरडालना**
(ଘେର ବୁଲାଇବା—ଅନ୍ୟରୂପ)

**ଘେର ପଡ଼ିବା**—ଦେ. ବ.—ଦଉଡ଼ି ଆଦିରେ ଗୁଡ଼ାଅ ହୋଇ ବନ୍ଧା ହେବା—Being bound down (by a rope).
Ghera paṛibā
ঘেরপড়া
**घेरपड़ना**
ଭୋର ଲାଗି ଘେର ପଡ଼ିବା ହେବନ୍ତ ଶ୍ରେଣୀରେ ଅଚରଣ ।
କବିର ଯାଂ କଥୋପକଥନ, ଉ, ଗୀତ ।

**ଘେରବନ୍ଦ**—ଦେ. ବ.—ଘେରବନ୍ଦି (ଦେଖ)
Gherabanda Gherabandi (See)

**ଘେରବନ୍ଦି**—ଦେ. ବ—୧ । ଚାରିଆଡ଼େ ବାଡ଼ାବନ୍ଧ—1. Surrounding with fence; the fencing or enclosing of a space.
Gherabandi
ঘেরবন্দি
**घेरबन्दी**
୨ । ଜମିର ଚତୁର୍ଦ୍ଦିଗସ୍ଥ ପରିଧିର ମାପ—2. Circuit-survey; survey along the circuit or boundary of a land.
ଦେ. ବଣ.—ଚାରିଆଡ଼େ ବାଡ଼ଦ୍ୱାରା ବେଷ୍ଟିତ ହୋଇଥିବା—Enclosed by a fence on all sides.

**ଘେର ବେଣ୍ଟ**—ପ୍ରାଦେ.(ଗଡ଼ଜାତ) ବ.—ଶିକାର କରିବାର ଏକପ୍ରକାର ପ୍ରଣାଳୀ—A sort of hunting; drive.
Ghera benṭa
[ ଦ୍ର—ଏଥିରେ ଶିକାରୀ ଗୋଟିଏ ସ୍ଥାନରେ ବନ୍ଧୁକ ବା କାଣ୍ଡ ଧରି ଲାଗି ରହେ,ଅନେକ ଲୋକ ସେ ସ୍ଥାନର ଚାରି ପାଖରୁ ଖଣ୍ଡେ ଦୂରରେ ପରିଧି ପରି ଘେରି ରହନ୍ତି ଓ ଉକ୍ତ ଘେର ବା ସୀମା ମଧ୍ୟରେ ଥିବା ବନ୍ୟଜନ୍ତୁମାନଙ୍କୁ ତଡ଼ିଆଣି ସେହି ଶିକାରୀ ଲାଗିଥିବା କେନ୍ଦ୍ର ନିକଟକୁ ଅଣନ୍ତି ଓ ବନ୍ୟଜନ୍ତୁମାନେ ଶିକାରୀର ନିକଟବର୍ତ୍ତୀ ହେଲାରୁ ସେ ସେମାନଙ୍କୁ ଲକ୍ଷ୍ୟ କରି ଅସ୍ତ୍ର ଚଳାଏ । ]

**ଘେରା**—ଦେ. ବ.—୧ । ଘେର (ଦେଖ)—1. Ghera (See)
Gherā
**घुरा**
**दौरा ठिकर**
୨ । ଚାରି ପାଖରେ ବୁଲିବା; ପ୍ରଦକ୍ଷିଣ—2. Going round; circuit; circumambulation.
୩ । ଥରେ; ଥରେ ଚାରି ପାଖରେ ବୁଲି ଆସିବା—3. One circuit

ঘেরা ଦେ. ବଣ.—୧ । ବେଷ୍ଟିତ—1. Surrounded.
**घिराहुआ**
୨ । ବାଡ଼ଦ୍ୱାରା ଚାରିଦିଗରେ ଅବରୁଦ୍ଧ—2. Fenced all round; enclosed.

**ଘେରାଇବା**—ଦେ. କ୍ରି—୧ । ଘେରିବାର ଣିଜନ୍ତରୂପ—1. Causative of Gheribā.
Gherāibā
ঘেরান; ঘেরাউকরা
**घराना**
୨ । ଚାରିଆଡ଼େ ବାଡ଼ାବନ୍ଧ କରିବା—2. To fence on all sides.

**ଘେରାଉ**—ଦେ. ବ. (ସଂ. ଘୃ ଧାତୁ=ଆଚ୍ଛାଦନ କରିବା)—
Gherā
୧ । ବେଷ୍ଟନ—1. Enclosing.
ঘেরাউ
**घिराओ; घेराव**
୨ । ଦୁର୍ଗ ନଗରାଦିର ଅବରୋଧ—2. Seige; blockade of a town or fort.
(ଘେରାଓ—ଅନ୍ୟରୂପ)
୩ । ଅବରୁଦ୍ଧ ଅବସ୍ଥା—3. Blockaded condition.
ଦେ. ବଣ—୧। ଆବୃତ; ଆଚ୍ଛାଦିତ—1. Covered.
୨ । ଆବଦ୍ଧ—2. Enclosed.
୩ । ଅବରୁଦ୍ଧ—3. Beseiged; blockaded.

**ଘେରାଏ**—ଦେ. କ୍ରି. ବଣ. ଓ ବ—୧ । ଚାରିଆଡ଼େ ଥରେ ବୁଲି; 1. Making one circuit only.
Gherāe
୨ । ଥରେ—2. Once.

| ୧ | ଇ | ଢ଼ | ର୍‌ୟ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଳ | ଶ,ସ | ଜ୍ଞ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋ | ଌ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଶ୍ୟ | ଯ | ସ | ଂ | ଇଅ | ଁ | ଟ୍ଟ |

**ଘେରାଘେର**—ଦେ. ବ—୧ । ଘେରାଇବା କର୍ମ—
Gherāgheri   1. Act of surrounding or enclosing.
ঘিরাঘিরি; ঘোরাঘেরি   ୨ । ବହୁ ଲୋକ କୌଣସି ବ୍ୟକ୍ତିର
**घेरघार**   ଚାରିଆଡ଼େ ଘେରିବା—
2. Many persons surrounding a person.

**ଘେରାଘେର କରିବା**—ଦେ. କ୍ରି—୧ । ଘେରିବା—
Gherāgheri karibā   1. To surround.
ঘিরাঘিরি করা   ୨ । ଘେରାଇବା—
**घेरघार करना**   2. To cause to surround.
୩ । ବହୁ ଲୋକ କୌଣସି ଲୋକକୁ ଘେରିବା—
3. ( many persons ) To surround a person
୪ । ( ଲକ୍ଷଣା ) ବହୁ ଲୋକ କୌଣ ଲୋକକୁ କୌଣସି ଗୋଟିଏ କାର୍ଯ୍ୟ ମଞ୍ଜୁର କରିବାପାଇଁ ବାରମ୍ବାର ପ୍ରାର୍ଥନା କରିବା—
4. (figurative) (many persons) To simultaneously ply a person with repeated requests to do a thing.

**ଘେରିକା**—ଗ୍ରା. ଅ (ଅ ଅଚେଗିବ୍)—ଚେରିକା; ଇତ୍ୟାଦି; ଅବ; ଓଗର;
Gherikā   ପ୍ରଭୃତି—Etcetera; and others; etc.
ওগৈরহ; ওরা
**औरा**

**ଘେରିଘାରି**—ଦେ. ଅ (ଘେରିବା ଓ ଉହିଁର ଧ୍ୱନ୍ୟନୁକାରୀ ସହଚର ଘାରିବାର
Gherighāri   କ୍ରିୟାର ଅସମାପିକାରୂପ; କ୍ରିୟାବିଶେଷଣରୂପେ ବ୍ୟବହୃତ)—ଚାରିଆଡ଼େ ଜଗାଳ ବା ଅବରୋଧକରି—
Surrounding; investing.

**ଘେରିବା**—ଦେ. କ୍ରି (ସଂ. ଗ୍ରହ ଧାତୁ କିମ୍ବା ସଂ. ଘୃ ଧାତୁ = ଆଚ୍ଛାଦନ
Gheribā   କରିବା)—ବେଢ଼ିବା; ବେଷ୍ଟନ କରିବା—
ঘিরা; ঘেরা   1. To surround; to encompass.
**घेरना; घिरना**   ଘର ଚଉଦରେ ଘେର ଚବରଅଛି ବାଡ଼ୁଆ ।
କବିସୂର୍ଯ୍ୟ. କଣୋସବମ୍ପୂ ଚ. ଗୀତ ।
୨ । ଅବରୋଧ କରିବା—2. To enclose; to blockade.
୩ । ସମ୍ପୂର୍ଣ୍ଣରୂପେ ଆକ୍ରାନ୍ତ କରିବା—3 To beset

**ଘେର୍ଡା**—ପ୍ରାଦେ. ( ସମ୍ବଲପୁର ) ବ. ( ଧ୍ୱନ୍ୟନୁକରଣ; ଭୁଲ. ହି.
Gherdā   ଘର୍ରାଟା )—ଘୁଙ୍ଗୁଡ଼ି—Snore.

**ଘେର୍ଡାଇବା**—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଲ. ହି. ଘର୍ରାଟା ଲେନା)—
Gherdāibā   ଘୁଙ୍ଗୁଡ଼ି ମାରିବା—To snore.

**ଘେର୍ଡି**—ପ୍ରାଦେ. ( ସମ୍ବଲପୁର ) ବ—ଗିଡ଼ିଡ଼ି ଅମ୍ବ; ଗୁରୁଡ଼ି ଅମ୍ବ—
Gherdi   Small or dwarf species of mango.

**ଘେସ୍‌କାରଣ୍ଡା**—ପ୍ରାଦେ. ( ବସ୍ତର ) ବ—ପଦ୍ମନାଡ଼—
Ghes-kārandā   Stalk or stem of lotus.

**ଘେସ୍‌ରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଘୁସୁରିବା—
Ghes-ribā   To crawl.

**ଘୈତା**—ଗ୍ରା. ବ. ପୁଂ. (ହିଂ. ଗ୍ରହୀତା )—ଘଇତା ( ଦେଖ )
Ghaitā   Ghaitā ( See )

**ଘୈତି**—ଗ୍ରା. ବଣ. ସ୍ତ୍ରୀ—ଘୈତେଇ ( ଦେଖ )
Ghaiti   Ghaitei ( See )

**ଘୈତେଇ**—ଗ୍ରା. ବଣ. ସ୍ତ୍ରୀ ( ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ଡାଙ୍-
Ghaitei   ଘୈତେଇ )—( ଗାଳି ) ଯାହାର ଅମୁକ ସ୍ୱାମୀ ଥାଏ; ଯେ ଅମୁକକୁ ସ୍ୱାମୀ କରିଥାଏ—(a term of abuse).
Having such or such a person as her husband.

**ଘୋ**—ଦେ. ଅ. ( ଧ୍ୱନ୍ୟନୁକରଣ )—ଘୋ ଘୋ ( ଦେଖ )
Gho   Gho gho ( See )

**ଘୋଓ ଘୋଓ**—ଦେ. ଅ. ( ଧ୍ୱନ୍ୟନୁକରଣ )—ଘୋ ଘୋ ( ଦେଖ )
Gho-o gho-o   Gho gho (See)

**ଘୋଂଘ**—ସଂ. ବ—ମଧ୍ୟସ୍ଥ ସ୍ଥାନ; ବ୍ୟବଧାନ—
Ghomgha   Intermediate space ( Apte ).

**ଘୋ ଘା**—ଦେ. ଅ. ( ଧ୍ୱନ୍ୟନୁକରଣ )—ଘୋ ଘୋ ( ଦେଖ )
Gho ghā   Gho gho ( See )

**ଘୋ ଘୋ**—ଦେ. ଅ ଓ ବ ( ଧ୍ୱନ୍ୟନୁକରଣ )—
Gho gho   ୧ । ବହୁଲୋକ ଏକତ୍ର ମିଳିତ ହେବାରୁ ଉତ୍ପନ୍ନ
অফরাতফরা ଗୋଳମାଳ—1. Confused noise of a crowd
**घुघु: हुहु**   ୨ । ନାନାପ୍ରକାର ଶବ୍ଦଜନିତ ଗୋଳମାଳ—
2. A noise made up of many sounds.
୩ । ଅପେକ୍ଷାକୃତ ସଙ୍କୀର୍ଣ୍ଣ ପଥରେ ପ୍ରବେଶ ବା ଗତି କରିବା ବେଳେ ଜଳସ୍ରୋତରୁ ଜାତ ଘୁଘୁ ଶବ୍ଦ—3. The sound of water rushing through a narrow space.
ପଶେ ଘୋଘୋ ରବେ ଯଥା ନଦୀକୁଳେଶ୍ୱର ମହାନଦୀ—
ରାଧାନାଥ. ମହାଯାତ୍ରା ।

**ଘୋଟ**—ସଂ. ବ. ପୁଂ. ( ଘୁଟ ଧାତୁ=ପ୍ରତ୍ୟାବର୍ତ୍ତିତ ହେବା+କର୍ତ୍ତୃ.
Ghota   ଅ )—ଘୋଟକ ( ଦେଖ )
( ଘୋଟୀ—ସ୍ତ୍ରୀ )   Ghotaka ( See )
ଦେ. ବ ( ସଂ. ଘୁଟ ଧାତୁ = ଆଉଟିବା ) ୧ । ଭେଲକି—
1. Magic; delusion.
ଉଦ୍ଧର ଧନ ଯାହାର ଘାକୁ ଘୋଟ ଲଗାଇ ତ କର ତଇବ—
ଉପେ. ବୈଦେହୀଶବିଳାସ ।
୨ । ଟିଣ୍ଟ ବା ଧାତୁ ଅଦର ପତଳା ସ୍ତର ଦ୍ୱାରା ଅନ୍ୟ ବସ୍ତୁ ଉପରେ ଛାଉଣି—2. Onlaying a thing with a thin layer of some other thing.
୩ । ଗହଳ—3. Crowd.
୪ । ଘୋଟିବା କର୍ମ—4. Act of pounding.
ଦେ. ବଣ—ଅଧିକ—Excessive.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବର୍ଧ୍ୟ' ନ ପାଇଲେ 'ବନ୍ଧ୍ୟ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଘୋଟକ**—ସଂ. ବି. ପୁଂ ( ଘୁଟ୍ ଧାତୁ + କର୍ତ୍ତୃ. ଅକ )—
Ghotaka — ଅଶ୍ୱ; ଘୋଡ଼ା—Horse.
( ଘୋଟକୀ—ସ୍ତ୍ରୀ )
ଦେ. ବି ଓ ବିଣ—ଘୋଟ ( ଦେଖ )—Ghota ( See )
ଦେ. ବିଣ—ଆଚ୍ଛାଦିତ; ଆଚ୍ଛନ୍ନ—Covered.

କର୍ଣ୍ଣଜାଲ ଶ୍ୱେତ କମଳ ସନ୍ଧିର ଘୋଟକ ଘୋଟକ ଏତ ।
ଉପେ. ବୈଦେହୀଶବିଳାସ ।

**ଘୋଟକାରି**—ସଂ. ବି. ( ୬ଷ୍ଠୀ ତତ୍; ଘୋଟକ + ଅରି; ମଇଁଷିମାନେ
Ghotakāri — ଘୋଡ଼ାଙ୍କୁ ଦେଖିଲେ ଭାରି କୁରୁଡ଼ନ୍ତି )—ମହିଷ—Buffalo.

**ଘୋଟଣ**—ଦେ. ବି. ( ସଂ. ଘୃଷ୍ଟ )—୧ । ଘୋଟିବା—
Ghotana — 1. Pounding.
ঘোটন — ୨ । ପେଷଣ—2. Pulverising; bruising.
घुटाइ

**ଘୋଟଣା**—ଦେ. ବି—କୁଣ୍ଡିରେ ଭାଙ୍ଗଆଦି ଘୋଟିବା ଠେଙ୍ଗା—
Ghotanā — The long wooden rod for pestling things in a mortar.
ঘোটনা
घुटना; घोटा — ପ୍ରାଦେ. ( ଗଞ୍ଜାମ ) ବି—ବିଲରେ କାମ କରୁଥିବା ମୂଲିଆଙ୍କ ନିମନ୍ତେ ଘରୁ ନିଆଯିବା ଖାଦ୍ୟ ପଦାର୍ଥ—Food carried from home to the labourers working in the field.

କେଉଁଠାରେ ପୁଣି କଳ ବାମାଗଣ
ହୋଇଥାନ୍ତି ଠିଆ ଘୋଟଣା ଘେନଣ । ତାରିଣୀଚରଣ. ଋଷିକୁଲ୍ୟା ।

**ଘୋଟା**—ଦେ. ବି. ( ସଂ. ଘୃଷ୍ଟ )—ଭାଙ୍ଗ ଓ ନାଶ ପ୍ରଭୃତି କୁଣ୍ଡିରେ
Ghotā — ବାଡ଼ିଦ୍ୱାରା ଘୋଟିବା; ପେଷିବା ବା ମର୍ଦ୍ଦନ କରିବା—
ঘুটা, ঘোঁটা — To pound tobacco, bhāng etc in a mortar with the help of a rod.
घुटा
ଦେ. ବିଣ—ମର୍ଦ୍ଦିତ; ଦଳିତ; ନିଷ୍ପେଷିତ—Pounded; bruised.

**ଘୋଟାଇବା**—ଦେ. କ୍ରି—ଘୋଟିବାର ଣିଜନ୍ତରୂପ—
Ghotāibā — Causative of Ghotibā.
ঘোটান; ঘোঁটান — ପୁଣି ଚନ୍ଦ୍ରାଙ୍କୁର ଅଙ୍ଗରେ ଘୋଟାଇଲା ।
घुटाना — କୃଷ୍ଣସିଂହ. ମହାଭାରତ ଆଦି ।

**ଘୋଟାଘୋଟି**—ଦେ. ବି. (ସଂ. ଘୃଷ୍ଟ)—ବହୁବାର ଘୋଟିବା କର୍ମ—
Ghotāghoti — Act of repeated pounding or pestling.

**ଘୋଟାବାଡ଼ି**—ଦେ. ବି—ଘୋଟଣା; ଭାଙ୍ଗଆଦି ଘୋଟିବା ବାଡ଼ି; ପେଷଣ-ଦଣ୍ଡ—Pounding rod.
Ghotābardi
ঘোটনা
घोटा

**ଘୋଟିବା**—ଦେ. କ୍ରି. ( ସଂ. ଘୃଷ୍ଟ; ପ୍ରା. ଘୁଟ୍ଟ )—
Ghotibā — ୧ । ମର୍ଦ୍ଦନ କରିବା; ବାଟିବା—
ঘুটা, ঘোঁটা — 1. To pound; to pestle.
घोटना

ଘୋଟି କଦଳୀମୂଳ, ଘୋରି ଘୋର ଜାଙ୍ଗଳ—
କବିସୂର୍ଯ୍ୟ. କଳେଶ ଚଉତିଶ ଗୀତ ।

୨ । ବେଢ଼ିବା; ଘେରିବା—2. To surround; to envelop.

ଅନ୍ତକ ପରି ମେଲି ଦେଇ ଦୁଇ ପାଟି
ଧାଇଁ ଆସି ଭୀମ ଦେହରେ ଗଲା ଘୋଟି । କୃଷ୍ଣସିଂହ. ମହାଭାରତ. ବନ ।

୩ । ଉପରେ ଢାଙ୍କିବା; ଆଚ୍ଛାଦିବା—
3. To overcloud; to cover; to overspread.

ଶୀତଳ ଅନିଳ ବହେ ଝୁଲୁଝୁଲୁ
ପୁଣି ଘନ ଘୋଟେ ନଭସ୍ତଳେ । ନନ୍ଦକିଶୋର. ଶର୍ମିଷ୍ଠା ।

୪ । (ରୋଗ, ପାପ ଆଦି) ବିଶେଷରୂପେ ଆକ୍ରମଣ କରିବା—
4. To attack furiously.

ଘୋଟି ଆସିଲା ମହାକୋପେ
ଭେଟିଲା ଦାରୁବ୍ରହ୍ମ ରୂପେ । ଭୂପତି. ପ୍ରେମପଞ୍ଚାମୃତ ।

୫ । ଅଭିଭୂତ କରିବା—
5. To overpower; to overcome.
( ଯଥା—ତାକୁ ନିଦ୍ରା ଘୋଟିଛି । )
୬ । ବ୍ୟାପିବା—6. To pervade; to be diffused.

ସଂସାର ସମୁଦ୍ର ସତ୍ରକି ଅଛି ଘୋଟି
ତହିଁରେ ଭାସୁଅଛି ମୋ ସତ୍ୟ ନାଟି । କୃଷ୍ଣସିଂହ. ମହାଭାରତ. ବନ ।

[ ଦ୍ର—ଘୋଟିବା—କୁଣ୍ଡି ଓ ଖଲ ଆଦିରେ କୌଣସି ବସ୍ତୁକୁ ରଖି ବାଡ଼ି ବା ମୁଷଳଦ୍ୱାରା ମର୍ଦ୍ଦନ କରିବା ।
ଘୋରିବା—ଶିଳ ବା ଚନ୍ଦନପେଡ଼ି ଉପରେ ଚନ୍ଦନ ଆଦି କାଠକୁ ଘଷିବା; (ଏଥିରେ ଶିଳପୁଅ କିମ୍ବା ପୁଅ ଦରକାର ହୁଏ ନାହିଁ) ।
ବାଟିବା—ଶିଳ ଉପରେ ହଳଦି ଆଦିକୁ ରଖି ଶିଳପୁଅଦ୍ୱାରା ତାକୁ ମର୍ଦ୍ଦନ କରିବା ।
ରଗଡ଼ିବା—ଗୋଟା ଗୋଟା ଟାଣୁଆ ପଦାର୍ଥକୁ ଚକିର ତଳପାଳ ଉପରେ ରଖି ଚକିର ଉପରପାଳକୁ ଘୂରାଇବା ଦ୍ୱାରା ଉକ୍ତ ବସ୍ତୁକୁ ଗଡ଼ ଗଡ଼ କରି ଭାଙ୍ଗିବା ।
ପେଷିବା ଓ ଚୂରିବା—ଶୁଖିଲା ଜିନିଷକୁ ଚୂର୍ଣ୍ଣ କରିବା ।
ଘୋଟିବା, ଘୋରିବା ବା ବାଟିବାରୁ ଯାହା ବାହାରେ ତାହା ଜଳମିଶ୍ରିତ ବା କାଦୁଅ. କିନ୍ତୁ ପେଷିବା ଓ ଚୂରିବାର ଫଳ ଶୁଖିଲା ଚୂନା । ରଗଡ଼ିବାର ଫଳ ଖଣ୍ଡଖଣ୍ଡିଆ ବସ୍ତୁ ।
ଘୋଟିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ଯିବା, ପକାଇବା ଓ ରହିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ । ]

**ଘୋଟି ରହିବା**—ଦେ. କ୍ରି.—ଘେରି ରହିବା; ବେଢ଼ି ରହିବା—
Ghoti rahibā — To envelop; to surround.

କମଳ କୃମ୍ଭିତ ଅରଣ୍ୟେ ପଶିଛନ୍ତି
କେତେ ତହିଁ ଭ୍ରମର ଘୋଟି ରହିଛନ୍ତି । କୃଷ୍ଣସିଂହ. ମହାଭାରତ. ଆଦି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇଏ | ଉଅ | ୱ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ | ଇଅ | ଡ଼ | ନୃ |

**ଘୋଡ଼**—ଦେ. ବି.—(ସଂ. ଆବରଣ, ପ୍ରା. ଓଢ଼ଣ; ସଂ. ଉପବେଷ୍ଟନ, ପ୍ରା. ଅବୋଢ଼ଣ; ତୁଲ. ସଂ. ଗାତ୍ରାବରଣ)—
Ghorda
ওড়
ओढ़नी

୧ । ଆଚ୍ଛାଦନ— 1. Covering; cover.

୨ । ଖୋଳ—2. A case for covering things.

୩ । ଓଢ଼ଣ; ଆଚ୍ଛାଦନ ବସ୍ତ୍ର—3. Cloak.

୪ । ଲୁଗା ଉପରେ ପିନ୍ଧାଯିବା ଲମ୍ବ ଓ ଢିଲା କୋଟ୍— 4. Overcoat.

୫ । ଶୀତ ଦିନେ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଦେବବିଗ୍ରହଙ୍କ ଉପରେ ଲାଗିଦେବା ଖୋଳ ପରି ଶୀତବସ୍ତ୍ର— 5. A cloak put on idols during winter.

ଦାରୁବ୍ରହ୍ମରୁ କେ ବଡ଼ ? ଘୋଡ଼ଲାଗି କାଢ଼ଲୁ ତାରଣ । ଉପେ. ଲାବଣ୍ୟବତୀ ।

ଦେ. ବିଣ.—୧ । ଗୁପ୍ତ—1. Secret.

୨ । ଆଚ୍ଛାଦିତ—2. Covered.

**ଘୋଡ଼ଙ୍ଗ**—ଦେ. ବି. (ସଂ. ଘୋଟକ+ଅଙ୍ଗ)—ଘୋଡ଼ା ତୁଲ୍ୟ ଆକାର ଓ ଠାପୁ ଥିବା ବନ୍ୟ ପଶୁବିଶେଷ—Equus Hemionus; a wild beast; zebra; an elk.
Ghordanga
ঘোড়ারু
घोड़खर

[ ଦ୍ର—ଏହାର ବେକ ଉପରର କେଶର ବେକ ଉପରେ ଠିଆ ହୋଇ ରହି ଥାଏ; ବେକ ଠାରୁ ଲାଞ୍ଜ ପର୍ଯ୍ୟନ୍ତ ଗୋଟିଏ କଳା ଡୋରା ଥାଏ, କାନ ଘୋଡ଼ାକାନଠାରୁ ଲମ୍ବ; ଘୋଡ଼ଙ୍ଗର ମାଂସ ଅଖାଦ୍ୟ । ଏ ପ୍ରତିଦିନ ସ୍ୱଭାବରେ ଆସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ମଳ ତ୍ୟାଗ କରେ । ]

**ଘୋଡ଼ଚି**—ଦେ. ବି. (ସଂ. ଘୋଟକ; ଘୋଡ଼ା ପରି ଚାରି ଗୋଡ଼ ଥିବାରୁ )—କାଠ ବା ବାଉଁଶର ବେଞ୍ଚ ବା ଚତୁଷ୍ପଦାସନ—A wooden or bamboo bench.
Ghordachi
ঘড়াঁচী
घड़ौंची

**ଘୋଡ଼ଣ**—ଦେ.ବି. (ସଂ.ଅବରଣ. ପ୍ରା. ଓଢ଼ଣ)—୧ । ଆଚ୍ଛାଦନ ବସ୍ତ୍ର— 1 Overcoat; cloak.
Ghordana
ওড়ন
ओढ़ना

୨ । ଢାଙ୍କୁଣୀ—2. Cover; covering; lid.

୩ । ଓଢ଼ଣା (ଦେଖ) 3. Ordhanā (See)

୪ । ପାଲିଙ୍କି ଆଦି ଉପରେ ଘୋଡ଼ାଇ ଦିଆଯିବା ଖୋଳ; ଘଟାଟୋପ—4. A cover for the palki or other conveyance.

**ଘୋଡ଼ଣ ଷଷ୍ଠୀ**—ଦେ. ବି.—ଓଢ଼ଣ ଷଷ୍ଠୀ (ଦେଖ)
Ghordana shashthi — Ordhana shashthi (See)

**ଘୋଡ଼ଣା**—ଦେ. ବି—ଘୋଡ଼ଣ ( ଦେଖ )—
Ghordanā — Ghordana ( See )

**ଘୋଡ଼ଣୀ**—ଦେ. ବି—ଘୋଡ଼ଣ ( ଦେଖ )—
Ghordani — Ghordana ( See )

**ଘୋଡ଼ ଦଉଡ଼**—ଦେ. ବି (ସଂ. ଘୋଟକ+ଧାବନ)—ବାଜି ରଖି ଘୋଡ଼ା ଦଉଡ଼ାଇବା ଖେଳ—Horse-racing.
Ghorda daurda
ঘোড়দৌড়
घुड़दौड़

**ଘୋଡ଼ମା**—ଦେ. ବି—ହାମୁଡ଼େଇ ଚାଲିବା ଗତି— Creeping movement.
Ghordamā
হামাগুড়ি

**ଘୋଡ଼ମାଇବା**—ଦେ. କ୍ରି—ଘୋଡ଼ମେଇବା ( ଦେଖ )—
Ghordamāibā — Ghordameibā ( See )

**ଘୋଡ଼ମେଇ**—ଗ୍ରା. ବି—କୋଡ଼ମେଇ ( ଦେଖ )—
Ghordamei — Kordamei ( See )

**ଘୋଡ଼ମେଇବା**—ଦେ. କ୍ରି (ସଂ. ଘୋଟକାୟତେ)—ହାମୁଡ଼େଇ ଚାଲିବା; ଦୁଇ ହାତ ଓ ଦୁଇ ଆଣ୍ଠୁ ସାହାଯ୍ୟରେ ଗତି କରିବା; ଗୁରୁଣ୍ଡିବା—To creep; to move on all fours (with the hands and knees on the ground like a horse).
Ghordameibā
হামাগুড়ি দেওয়া
घूटनियों चलना

**ଘୋଡ଼ଲାଗି**—ଦେ. ବି—ଦେବମୂର୍ତ୍ତିମାନଙ୍କୁ ଶୀତକାଳରେ ଶୀତବସ୍ତ୍ର ପରିଧାନ କରାଇବାର ବିଧି—The practise of putting on cloaks on the bodies of idols during the winter.
Ghorda lāgi

ଦେ. ବିଣ—ଘୋଡ଼ ପିନ୍ଧିଥିବା ( ଦେବପ୍ରତିମା )— ( an idol ) Wearing the winter-cloak.

**ଘୋଡ଼ଲାଗି ଯାତ**—ଦେ. ବି—ଓଢ଼ଣ ଷଷ୍ଠୀ ଯାତ୍ରା; ପ୍ରାବରଣ ଷଷ୍ଠୀ ଯାତ୍ରା; ମାର୍ଗଶିର ଶୁକ୍ଳ ଷଷ୍ଠୀ ପର୍ବ—A festival observed on the 6th day of the bright fortnight of Mārgaśira from which day a warm cloak is put on idols for the winter.
Ghordalāgi jata

[ଦ୍ର—ଏହି ଦିନଠାରୁ ଦେବତାମାନେ ଘୋଡ଼ ବା ଶୀତବସ୍ତ୍ର ଲାଗି ହୁଅନ୍ତି । ଏହି ଦିନ ଜଗନ୍ନାଥ ଓ ଲିଙ୍ଗରାଜଦେବଙ୍କ ଯାତ୍ରା ହୁଏ । ]

**ଘୋଡ଼ସୱାର**—ଦେ. ବି—୧ । ଘୋଡ଼ାରେ ଚଢ଼ିବା ବ୍ୟକ୍ତି— 1. Horse-rider; horseman.
Ghorda sawāra
ঘোড়সবার
घुड़सवार, घुड़चढ़ो

୨ । ଘୋଡ଼ାକୁ ମଣା କରିବା ବ୍ୟକ୍ତି; ଚାବୁକ୍‌ସୱାର— 2. A horse-trainer; a jockey.

ଦେ. ବିଣ—ଅଶ୍ୱାରୋହୀ—Riding a horse.

**ଘୋଡ଼ସା**—ପ୍ରାଦେ. (ଗଡ଼ଜାତ) ବି—ଚନ୍ଦନପେଡ଼ି— A slab of stone for rubbing sandal-wood on it to prepare sandal-paste.
Ghordasā

**ଘୋଡ଼ା**—ଦେ. ବି. ପୁଂ. ( ସଂ. ଘୋଟକ; ପ୍ରା. ଘୋଡ଼ା )—
Ghordā ୧ । ଘୋଡ଼ା—1. Horse.

ଘୋଡ଼ାର ସଂ. ନାମ— ଅଶ୍ୱ, ଘୋଟକ, ବାଜୀ,

[ ଦ୍ର—ଘୋଡ଼ା ସ୍ତନ୍ୟପାୟୀ ଚତୁଷ୍ପଦ, ଏହାର ଚମର ପରି ଲାଞ୍ଜ, ଠାପୁ ଗୋଡ଼

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଠୁ' ନ ପାଇଲେ 'ବଟୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ; 'ଅଲ୍‌ବତ୍' ଦେଖିବେ।

ଭୁରଙ୍ଗମ, ପତଙ୍ଗ, ବାହ, ଗନ୍ଧର୍ବ, ହୟ, ଅରୁଷ, ଅଶ୍ୱ, ବଧ୍ୱକା, ଉଚ୍ଚୈଃଶ୍ରବା, ଶ୍ରମସ୍ୱୀ, ମରୁଦ୍ରଥ, ରାଜସ୍କନ୍ଧ, ବମାନକ, ବାହି, ସୈନ୍ଧବ, ବାଜୀ, ଜବନ, ଶାଳିହୋତ୍ର, ପ୍ରକୀର୍ଣ୍ଣବ, ବାତାୟନ, ନର, ହୟ, ଭୁରଗ ।

ପର ଗୋଲ । ଗଧ ଏହି ଜାତୀୟ ପଶୁ, ବନ୍ତୁ ଗଧର ଲାଞ୍ଜ ଗୋରୁଲାଙ୍ଗୁଡ଼ ପରି ଓ ଗଧର କାନ ଘୋଡ଼ାକାନ ଅପେକ୍ଷା ବଡ଼; ଘୋଡ଼ାର ଲମ୍ବ ବେକ ଉପରେ ଗୁଚ୍ଛିଏ ଲମ୍ବ କେଶର ଥାଏ । ଏ ଖୁବ ଦ୍ରୁତଗାମୀ, ଘୋଡ଼ା ଅଷ୍ଟ୍ରେଲିଆ ଅମେରିକା, ପାରସ୍ୟ, ସିନ୍ଧୁ, ଆରବ ଆଦିର ପଡ଼ିଆ, ମରୁଭୂମି ଓ ପାହାଡ଼ିଆ ଅଞ୍ଚଳରେ ବନ୍ୟ ଅବସ୍ଥାରେ ରହନ୍ତି ଓ ଧରା ହୋଇ ଗୃହପାଳିତ ଅବସ୍ଥାରେ ମଧ୍ୟ ଛୁଆ ପ୍ରସବ କରନ୍ତି । ଏମାନେ ବଡ଼ ହେଲେ ଲୋକେ ଏହାଙ୍କୁ ମଣ କରି ଚଢ଼ନ୍ତି ଓ ଗାଡ଼ିରେ ଲଗାନ୍ତି । କେତେକ ଦେଶରେ ଘୋଡ଼ାଙ୍କୁ ଲୋକେ ହଳରେ ଲଗାନ୍ତି । ଘୋଡ଼ାମାନେ ହେଁ ହେଁ ରାବ (ହ୍ରେଷା) କରନ୍ତି । ଏମାନେ ନାନାବର୍ଣ୍ଣର ହୁଅନ୍ତି । ଦେଶ-ଭେଦରେ ଏମାନେ ମଧ୍ୟ କମ୍ ବେଶି ଉଚ୍ଚ ହୁଅନ୍ତି । ଅଷ୍ଟ୍ରେଲିଆର ଘୋଡ଼ା ସବୁଠାରୁ ଉଚ୍ଚ ଓ ସ୍କଟଲାଣ୍ଡରେ ସେଟ୍‌ଲାଣ୍ଡ୍ ଦ୍ୱୀପପୁଞ୍ଜର ଘୋଡ଼ା ସବୁଠାରୁ ସାନ । ଏମାନେ ଖୁବ୍ ପ୍ରଭୁଭକ୍ତ ହୁଅନ୍ତି । ଲୋକେ ବାଜି ରଖି ଏହାଙ୍କୁ ଦଉଡ଼ାନ୍ତି । ଭାରତବର୍ଷରେ ସିନ୍ଧୁ ଓ କାଠିଆବାଡ଼ର ଘୋଡ଼ା ଉତ୍କୃଷ୍ଟ । ଶାଳିହୋତ୍ରଙ୍କ ରଚିତ ଅଶ୍ୱ-ଶାସ୍ତ୍ରରେ ଘୋଡ଼ାଙ୍କ ଲକ୍ଷଣ, ଭେଦ, ରୋଗ ଓ ଚିକିତ୍ସା ଆଦି ବର୍ଣ୍ଣିତ ହୋଇଅଛି । ]

ঘোড়া ୨ । କଦଳୀ ବୃକ୍ଷର କଟା ହୋଇଥିବା ଗଣ୍ଡି—
**घोड़ा** 2. The cut trunk of the plantain tree.
(ଘୋଡ଼ୀ—ସ୍ତ୍ରୀ) ୩ । ବନ୍ଧୁକରେ ଅଗ୍ନିସଂଯୋଗ କରିବା ଯନ୍ତ୍ର ବା ହାତୁଡ଼ି ( ଯାହା ଚିପି ଦେଲେ ବନ୍ଧୁକନଳ ଭିତରେ ଥିବା ବାରୁଦରେ ନିଆଁ ଲାଗି ବନ୍ଧୁକ ଫୁଟିବାରୁ ହୁଏ )—
3. Hammer or trigger of a gun.

୪ । ପିଲାମାନେ ବ୍ୟାୟାମ କରିବା ଓ ଖେଳିବା ପାଇଁ ପ୍ରସ୍ତୁତ ଘୋଡ଼ା ପରି ନିର୍ମିତ ଚତୁଷ୍ପଦ କାଠଗଣ୍ଡି—4 A wooden horse for children's exercise or play.

୫ । ସତରଞ୍ଜ ଖେଳରେ ,ଏକଜାତୀୟ ଗୋଟି. ଯେ ଅଢ଼େଇ ଘର ଚାଲେ—
5. The knight in a game of chess.

୬ । ( ସଂ. ଗାତ୍ରାବରଣ ) ଆଚ୍ଛାଦନ—
6. Act of covering.

ଦେ. ବିଣ— ଆଚ୍ଛାଦିତ—Covered.

ସେହି ଦିନର ଉଚ୍ଚ ଉଚ୍ଚ ଶୃଙ୍ଗମାନଂ ସବୁ ବେଳେ ତୁଷାରରେ ଘୋଡ଼ା ହୋଇଥାନ୍ତି ।
ରାଧାନାଥ. ଉତ୍କଳୀୟ ଯୁବା ।

ପ୍ରାଦେ ( ପୁରୀ ) ବି. ( ଯାହାକୁ ଘୋଡ଼ାଇ ବା ଲୁଚାଇ କରି ଉତ୍କୋଚଗ୍ରାହୀ ବ୍ୟକ୍ତିକୁ ଦିଆଯାଏ ) —
ଘୁଷ୍; ଲାଞ୍ଚ—Bribe.
( ଯଥା—ମୁଁ ତାଙ୍କୁ ପାଞ୍ଚ ଟଙ୍କା ଘୋଡ଼ା ଦେଇଛି । )

**ଘୋଡ଼ାଇବା**—ଦେ. କ୍ରି (ସଂ. ଗୁହ ଧାତୁ; ତୁଳ. ଗୁଡ଼ି; ସଂ. ଘୁଟ ଧାତୁ)—
Ghor̤āibā ୧ । ଆଚ୍ଛାଦିତ କରିବା; ଢାଙ୍କିବା—
ঢাকা 1. To cover; to envelop.
**ढाकना, ढकना** ଘୋଡ଼ାଇ ଦେଲାବେଳେ ସଖୀ ନଖାରେ—ଭଞ୍ଜ. ପ୍ରେମସୁଧାନିଧି ।

୨ । ଗୋପନ କରିବା; ଲୁଚାଇବା—
2. To hide; to hush up; to conceal

ଯିବା କେଳିବାସେ ବାସେ ଘୋଡ଼ାଇ ହରଷେ ରସେ ମଙ୍କ୍ତିରୁ ଶୁଣି ରହସେ ହସେ ।
ଭଞ୍ଜ. ପ୍ରେମସୁଧା ନିଧି ।

[ ଦ୍ର—ଘୋଡ଼ାଇବା କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ନେବା, ପକାଇବା, ହେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ । ]

**ଘୋଡ଼ାଇ ହେବା**—ଦେ. କ୍ରି—୧ । ଆଚ୍ଛାଦିତ ହେବା—
Ghor̤āi hebā 1. To be covered.

୨ । ନିଜର ଶରୀରକୁ ବସ୍ତ୍ରାବୃତ କରିବା—
2. To cover one's body with cloth.

**ଘୋଡ଼ା କଇଁ**—ଦେ. ବି—ଧଳାକଇଁ; ଶ୍ୱେତ କୁମୁଦ—
Ghor̤ā kaiṅ White water-lily.

**ଘୋଡ଼ା କନିଶିରି**—ଦେ. ବି—କଚରଙ୍ଗା (ଦେଖ)
Ghor̤ā kaniśiri Kacharaṅgā (See).

**ଘୋଡ଼ା କରଞ୍ଜ**—ଦେ. ବି (ସଂ. ଘୃତକରଂଜ)—ଏକପ୍ରକାର କରଞ୍ଜ. (ଏହା
Ghor̤ā karañja ଚର୍ମରୋଗ, ବାଯୀ ଓ ବିଷଦୋଷନାଶକ)—
**घोड़ाकरंज** A kind of Karañja tree

**ଘୋଡ଼ା କସିବା**—ଦେ. କ୍ରି—ଚଢ଼ିବାପାଇଁ ଘୋଡ଼ା ଉପରେ ଜିନ୍ ଆଦି
Ghor̤ā kasibā ସାଜ ପକାଇବା—To saddle a horse
ঘোড়াকসা for a ride.
**घोड़ाकसना**

**ଘୋଡ଼ାଗାଡ଼ି**—ଦେ. ବି (ସଂ. ଘୋଟକ + ଗନ୍ତ୍ରୀ)—ଅଶ୍ୱଦ୍ୱାରା ଟଣାଯିବା
Ghor̤āgār̤i ଦ୍ୱିଚକ୍ର ବା ଚତୁଷ୍ଚକ୍ର ଯାନ; ବଗୀ—
ঘোড়গাড়ী Horse-carriage
**घुड़गाड़ी, घोड़ागाड़ी** (ଗାଡ଼ି ତଳେ ନୋଟ ଦେଖ—
See notes under Gār̤i.)

[ ଦ୍ର—ଘୋଡ଼ାଗାଡ଼ି ଅନେକ ପ୍ରକାର; ଯଥା—ଚାରିଚକିଆ—
Four-wheeled carriage.

ଟମ୍‌ଟମ୍ (ଏକ ଘୋଡ଼ା ଟାଣିବା ହାଲୁକା ଗାଡ଼ି)—
Buggy; dog-cart.

ଦୁଇ, ତିନି ବା ଚାରି ଘୋଡ଼ା ଟାଣିବା ଭାରି ଗାଡ଼ି—
Carriage drawn by two or more horses.

ଖୋଟ ଓ ବଡ଼ ପାଲ୍କିଗାଡ଼ି—Brownberry.

ଫିଟନ୍‌ଗାଡ଼ି—Phaeton.

ଦୋମହଲା ଗାଡ଼ି (କଲିକତା)—Omnibus; bus

ଏକ୍କା ଗାଡ଼ି (ପଶ୍ଚିମ ଭାରତ) } A two-wheeled covered
ଝଟକା (ଗଞ୍ଜାମ, ମାନ୍ଦ୍ରାଜ) } cart drawn by a horse.

| ୧ | ଇ | ଉ | ର,ଋ | ଛ | ଏ | ହସନ୍ତବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ୍ର | ଜ | ଶ,ଷ | ଞ୍ଜ | ଇଥ୍ | ଉଥ | ଞ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୃ | ଫେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଇଅ | ଢ଼ | ନ୍ |

ରୋଗୀବୁହା ଗାଡ଼ି—Ambulance car.
ଡାକବୁହା ଗାଡ଼ି—Mail carriage.
ବ୍ରୁହାମ୍ ଗାଡ଼ି—Brougham.
କେଉଁ କେଉଁ ଗାଡ଼ିରେ ଏକ, କେଉଁଥିରେ ଦୁଇ, କେଉଁଥିରେ ଛଅ ବା ତତୋଽଧିକ ଘୋଡ଼ା ଯୋଚା ହୁଅନ୍ତି । ବର୍ତ୍ତମାନ ଟ୍ରାମ୍, ମଟର ଓ ରେଳଗାଡ଼ିରେ ଲୋକେ ବେଶି ଯିବାଆସିବା କରିବାରୁ ଘୋଡ଼ାଗାଡ଼ିର ବ୍ୟବହାର ତେଣୁ କମି ଯାଉଛି ।]

ଘୋଡ଼ାଗୋଡ଼—ଦେ. ବି ( ଯାହାର ଗୋଡ଼ ଘୋଡ଼ା ଅର୍ଥାତ୍ ଦେଖାଯାଏ ନାହିଁ ; ଗୂଢ଼ପାଦ)—( ଉପହାସବଚନ ) ସାପ—
Ghordagorda — (witticism) Snake.

ଘୋଡ଼ାଘୋଡ଼ା—ଦେ. ବି—(ମେଘ) ଆଚ୍ଛାଦନ କରିବା ଅବସ୍ଥା—
Ghordaghorda — Overclouding; cloudy state.
( ଯଥା—ମେଘ ଆଜି ଘୋଡ଼ାଘୋଡ଼ା କରୁଛି । )

ଘୋଡ଼ାଘୋଡ଼ି—ଦେ. ବି—ବହୁ ଦ୍ରବ୍ୟକୁ ଆଚ୍ଛାଦନ କରିବା କର୍ମ—
Ghordaghordi — Act of covering many things.
ଦେ. ବିଣ—ଉତ୍ତମରୂପେ ଆଚ୍ଛାଦିତ—Well covered.

ଘୋଡ଼ା ଚଢ଼ା—ଦେ. ବି—ଘୋଡ଼ାରେ ଆରୋହଣ କରିବା—
Ghorda chardha — Ride on a horse.
ଘୋଡ଼ାଚଢ଼ା ଦେ. ବିଣ—ଅଶ୍ୱାରୋହୀ—Riding on a horse.
ଘୁଡ଼ଚଢ଼ା

ଘୋଡ଼ା ଚଢ଼ାଳି—ଦେ. ବିଣ—୧ । ଘୋଡ଼ାଚଢ଼ା ( ଦେଖ )—
Ghorda chardhali — 1. Ghordachardha (See)
୨ । ଘୋଡ଼ା ଚଢ଼ିବାରେ ଅଭ୍ୟସ୍ତ ( ବ୍ୟକ୍ତି )—
2 (a person) Practised in riding a horse.

ଘୋଡ଼ାଛତିଆ—ଦେ. ବି (ସ. ପିଚୁଲ)—(ବୈଦ୍ୟକ) ଗୁଳ୍ମବିଶେଷ—
Ghordachhatia — Tamarisk Dioca.
ଲାଲଝାଉ [ ଦ୍ର—ଏହା ସିନ୍ଧୁ ଓ ପଞ୍ଜାବରୁ ଆସିଛି । ଏହା
ଲାଲଝାଉଁ ନଦୀକୂଳରେ ବା ନଦୀଗର୍ଭର ବାଲିରେ ଉଠେ । ଏହାର ଛେଲିର ଉପରପାଖ ନାଲି, ବାହାରପାଖ ଧଳା, କାଠ ଅଳ୍ପ ଶକ୍ତ, ଫୁଲଗୁଡ଼ିକ ଈଷତ୍ ନାଲି, ଚେର ଓ ଶାଖା ଔଷଧରେ ବ୍ୟବହୃତ ହୁଏ । (Kirtikar).]

ଘୋଡ଼ାଟାପୁ—ଦେ. ବି—ଅଶ୍ୱର ଖୁରା—
Ghordatapu — Hoof of a horse.
ଘୋଡ଼ାରଖୁର
ଘୋଡ଼ାକାଟାପ

ଘୋଡ଼ାଟାପୁଆ ବାରା—ଦେ. ବି—୧ । ଅଶ୍ୱର ଖୁରା ପରି ଖୁର ଥିବା
Ghordatapua barha — ଏକପ୍ରକାର ବରାହ—
1. A kind of horse-hoofed boar.
[ ବାରା ତଳେ ନୋଟ୍ ଦେଖ—
See notes under Barha.]

ଘୋଡ଼ା ଟିପିବା—ଦେ. କ୍ରି—୧ । ଘୋଡ଼ାରେ ଚଢ଼ି ଘୋଡ଼ାକୁ ଦ୍ରୁତ-
Ghorda tipiba — ଗତିରେ ଚଳାଇବା—1. To cause a
ଘୋଡ଼ା ଟେପା — horse to run by riding on it
ଘୋଡ଼ାଟିପନା — ୨ । ବନ୍ଧୁକର ଘୋଡ଼ାକୁ ଟାଣିବା କରି ନଳର ପାର୍ଶ୍ୱସ୍ଥ ଛିଦ୍ରରେ ଅଗ୍ନି ସଂଯୋଗ କରିବା—2. To pull the trigger of a breach-loader gun.

ଘୋଡ଼ାଡିମ୍ବ—ଦେ. ବି. ( ବ୍ୟଙ୍ଗ )—୧ । ଅଳୀକ ପଦାର୍ଥ; ଅବାସ୍ତବ
Ghordadimba — ବସ୍ତୁ—1. A non-existing thing.
ଘୋଡ଼ାରଡିମ — ୨ । କିଛି ନାହିଁ—2 Nothing.

ଘୋଡ଼ା ଦଉଡ଼—ଦେ. ବି (ସ. ଘୋଟକ + ଧାବନ)—
Ghorda daurda — ୧ । ଅଶ୍ୱର ଦ୍ରୁତଗତି—
ଘୋଡ଼ଦୌଡ଼ — 1. Running of a horse.
ଘୁଡ଼ଦୌଡ଼ — ୨ । ଅପରାଧୀକୁ ଦଣ୍ଡଦେବା ଦଣ୍ଡବିଶେଷ—
2. A punishment meted out to offenders.
[ ଦ୍ର—ଏଥିରେ ଅପରାଧୀକୁ ପଛଆଡ଼ୁ ବେକପାଖରୁ ଜଣେ ହାତୁଡ଼ା ଦେଇଦେଇକି ଘୋଡ଼ା ପରି ଦଉଡ଼ାଉଥାଏ । ]

ଘୋଡ଼ାଦଣ୍ଡା—ପ୍ରାଦେ. (କଟକ) ବିଣ. ପୁଂ—( ଗାଳିବିଶେଷ ) ବାଉବୁଲା;
Ghordadanda — ଯେ ସର୍ବଦା ଏଣେ ତେଣେ ବୁଲୁଥାଏ—
( ଘୋଡ଼ାଦଣ୍ଡେଇ—ସ୍ତ୍ରୀ ) ( a term of abuse ) Loafing ( person ).

ଘୋଡ଼ାଦଣ୍ଡେଇ—ପ୍ରାଦେ. ( ଗଡ଼ଜାତ ) ବି—ବଡ଼ ଦଣ୍ଡକିରି ମାଛ—
Ghordadandei — The bigger Dandakiri fish.
ପ୍ରାଦେ. ( କଟକ ) ବିଣ. ସ୍ତ୍ରୀ—ଘୋଡ଼ାଦଣ୍ଡାର ସ୍ତ୍ରୀଲିଙ୍ଗ—
Feminine of Ghordadanda.

ଘୋଡ଼ାନନ୍ଦ—ଦେ. ବି—ଯେଉଁ ମାଟି ବା ପଥର ନନ୍ଦଦ୍ୱାରା କୂପର ମୁହଁ
Ghordananda — ଘୋଡ଼ାଯାଏ ବା ଆବୃତ ହୁଏ—
A big earthen or stone ring set on the mouth of a well.

ଘୋଡ଼ାନିମ୍ବ—ଦେ. ବି—ଘୋଡ଼ାଲିମ୍ବ ( ଦେଖ )
Ghordanimba — Ghorda limba ( See )

ଘୋଡ଼ାପୋକ—ଦେ. ବି—୧ । ପଙ୍ଗପାଳ; ନେଳଆ ବଡ଼ ଝିଣ୍ଟିକା—
Ghordapoka — 1 Green big locust.
୨ । କଳା ତେଲୁଣୀ ପୋକ ପରି ବହୁପଦବିଶିଷ୍ଟ ପୋକ-ବିଶେଷ—2. A kind of black galley worm.

ଘୋଡ଼ାବଚ—ଦେ. ବି—୧ । ଏକପ୍ରକାର ବଚ; ଖୁରାସାନୀ ବଚ—
Ghordabacha — 1. A kind of fragrant medicinal root.
ଘୋଡ଼ାବଚ
୨ । ଖୁବ୍ ଦଉଡ଼ିବା ଘୋଡ଼ାର ପାଟିରୁ ବାହାରିବା ଫେଣ—
2. Foam issuing from the mouth of an over-worked horse.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ସ୍ଥାନରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— । ଯାଉ' ନ ମିଳିଲେ 'ଯାଉ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଖୋଜିବେ; 'ତର୍ଦ୍ଦ' ନ ମିଳିଲେ 'ତର୍ଦ୍ଦ' ଦେଖିବେ; ଅଗଣ୍ୟ' ନ ପାଇଲେ 'ଅଗ୍ଣ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ

ଘୋଡ଼ାବାଲ—ଦେ. ବି—୧ । ଘୋଡ଼ାର ଲାଞ୍ଜର ଲମ୍ବ ବାଳ—
Ghorḏābāla 1. The long hair of a horse's tail.
୨ । ଘୋଡ଼ା ଦେହର ରୋମ—2 Horse-hair.

ଘୋଡ଼ାମାଛି—ଦେ. ବି. (ସଂ. ଘୋଟକ+ମକ୍ଷିକା)—ଏକପ୍ରକାର ପାଉଁଶିଆ
Ghorḏāmāchhi ରଙ୍ଗର ବଡ଼ ଡାଉଁଶ; ଡାଆଁଶ—Horse-fly.
ঘোড়ামাছি [ ଦ୍ର—ଏମାନେ ଘୋଡ଼ାଙ୍କ ଦେହରେ ଲାଗିଲେ ଘୋଡ଼ା
घुड़मक्खी ଅଧିକ ବିକଳ ଓ ଅସ୍ଥିର ହୁଅନ୍ତି ।

ଘୋଡ଼ା ମାରିଦେବା - ଦେ. କ୍ରି—୧ । ଘୋଡ଼ାରେ ଚଢ଼ି ଦୂର ଦେଶ
Ghorḏa māridebā ( ସ୍ଥାନ )କୁ ଯିବା—
ঘোড়া মারা 1. To ride to a distance.
घोड़ा मारना ୨ । ଘୋଡ଼ାରେ ଚଢ଼ି ସେ ଘୋଡ଼ାକୁ ଝପଟାଇବା—
2. To cause a horse to gallop.
(ଯଥା— ସାହେବ କଟକରୁ ପୁରୀକୁ ଘୋଡ଼ା ମାରିଦେଲେ ।)

ଘୋଡ଼ାମୁହାଁ—ଦେ. ବିଣ. ପୁଂ —୧ । ଲମ୍ବ ମୁଖବିଶିଷ୍ଟ—
Ghorḏāmuhāṅ 1. Having a long face.
ঘোড়ামুখা ୨ । ନିର୍ଲଜ୍ଜ—2. Shameless.
घुड़मुहाँ ୩ । ଅଯୋଗ୍ୟ—3. Worthless.
(ଘୋଡ଼ାମୁହିଁ—ସ୍ତ୍ରୀ )
କୁଳକ୍ଷୟ କେଳକୁ ଘୋଡ଼ାମୁହାଁ ପୁଅ ଜାତ—ଚଗ ।

ଘୋଡ଼ା ଯିବା—ଦେ. କ୍ରି. (ଘୋଡ଼ାଇବା କ୍ରିୟାର କର୍ମବାଚ୍ୟ ରୂପ)—
Ghorḏā jibā ଆଚ୍ଛାଦିତ ହେବା—To be covered.

ଘୋଡ଼ାରୋହା—ଗ୍ରା. (ପଦ୍ୟ) ବିଣ. (ସଂ. ଘୋଟକାରୋହୀ) —
Ghorḏārohā ଅଶ୍ୱାରୋହୀ—Riding a horse.
ହାଗୀ ହାଗୀ ଘୋଡ଼ ଘୋଡ଼ାରୋହା
କହିଁ ଭୁଲେ କହି ଯୁଝିଲେ ଟେକ ବାହା । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

ଘୋଡ଼ାଲଞ୍ଜା—ଦେ. ବି —ଏକ ଜାତୀୟ ଗଛ—
Ghorḏālañjā A kind of tree with drooping bushy branches.
[ ଦ୍ର—ଏହାର ଡାଳ ଘୋଡ଼ାଲାଞ୍ଜ ପରି ଗୋଲଗୋଲ ବା ଝାମ୍ପୁଡ଼ା ହୋଇ ତଳକୁ ଝୁଲି ଥାଏ । ଏହାର ଗଛର ଗୋଲେଇ ୮ ଫୁଟ ପର୍ଯ୍ୟନ୍ତ ହୁଏ । ]

ଘୋଡ଼ାଲଣ୍ଡି – ଦେ. ବି—ଘୋଡ଼ାର ବିଷ୍ଠା—
Ghorḏālanḏi Horse-dung.

ଘୋଡ଼ାଲଞ୍ଜି – ଦେ. ବି—ବର୍ଷଜୀବୀ ଗଛବିଶେଷ—
Ghorḏālañji Albizzia Stipulata ( Haines)
[ ଦ୍ର—ଏହା ଲମ୍ବରେ ୨ ଫୁଟରୁ ୪ ଫୁଟ ପର୍ଯ୍ୟନ୍ତ ବଢ଼େ । ଏହା ବାଲିଆ ବା ଦୋରସା ମାଟିରେ ଭଲ ଜନ୍ମେ । ପ୍ରସସ୍ତ ମୁକ୍ତ ପଡ଼ିଆ ଏହା ପାଇଁ ପ୍ରଶସ୍ତ । ]

ଘୋଡ଼ାଲିମ୍ବ—ଦେ. ବି—ଏକ ପ୍ରକାର ନିମ୍ବ ଗଛ—
Ghorḏālimba Melia Azadarach; Persian
ସଂ. ମହାନିମ୍ବ, ହିମଦ୍ରୁମ, Lilac ( Kirtikar ).
ପର୍ବତନିମ୍ବ ( ନିମ ତଳେ ନୋଟ ଦେଖ )
ঘোড়ানিম, মহানিম ( See notes under Nima )
ड्रेक, बकायन, बेताइन,
बकर्ज, महानिम्ब, घोड़ानिम
ଗୁ ବକନ ଲିମ୍ବୋଡ଼ୋ
ତା. ମାଲେଁ, ମାଲେଁବେପାମ
ମ. ବନ୍ଦ୍ୟବୃଦ୍ଧ ନିମ୍ବ, ଲିମ୍ବାଗ୍ରବକାନା ନିମ୍ବ
ତେ. ତରକବେପ, ମହାନିମ, କୋଣ୍ଡାବେପା
ଅ. ହୁରୁଲ୍‌ବାଣ୍

ଘୋଡ଼ାଶାଳ—ଦେ. ବି. ( ସଂ. ଘୋଟକଶାଳା )—
Ghorḏāsāla ଅଶ୍ୱଶାଳା; ଅସ୍ତାବଲ୍—Stable.
আস্তবল
घुड़साल, अस्तबल

ଘୋଡ଼ାଶୁଣ୍ଠି—ଦେ. ବି—ଔଷଧରେ ବ୍ୟବହୃତ ମୂଳବିଶେଷ—
Ghorḏāsunṭhi A kind of medicinal root or bulb.

ଘୋଡ଼ା ସଇସ—ଦେ. ବି—ଅଶ୍ୱପାଳ; ଅଶ୍ୱରକ୍ଷକ ଭୃତ୍ୟ—
Ghorḏā saisa Syce; groom.
সহিস

ଘୋଡ଼ା ହେବା—ଦେ. କ୍ରି. (ଘୋଡ଼ାଇବା କ୍ରିୟାର କର୍ମବାଚ୍ୟ)—
Ghorḏā hebā ୧ । ଘୋଡ଼ା ଯିବା ( ଦେଖ )
1. Ghrḏā jibā ( See )
ଘୋଡ଼ଷ ପାଳକରେ ହୁମକନ୍ତି ରିପୁ
ଘୋଡ଼ା ହୋଇଅଛ କ ଗୁଣିକ ଦଣ୍ଡଧାର । କୃଷ୍ଣସିଂ. ମହାଭାରତ. ବନ ।
୨ । ( ଲକ୍ଷଣାର୍ଥ ) ବହୁତ ସମୟ ଛିଡ଼ା ହୋଇ ରହିବା—
2. ( fig. ) To stand for a long time; to dance attendance.
୩ । (ସଂ. ଘୋଟକାୟତେ) ମନୁଷ୍ୟ ଦୁଇହାତ ଓ ଦୁଇଗୋଡ଼ ଭୂମିରେ ଲଗାଇ ଗତି କରିବା ବା ଅବସ୍ଥାନ କରିବା—
3. ( a man ) To creep or stand on the ground with the help of the two knees and two hands.

ଘୋଡ଼ିଆ—ଦେ. ବି.—୧ । ଘୋଡ଼ଚ (ଦେଖ)
Ghorḏiā 1. Ghorḏachi (See)
୨ । କବାଟ ଅଧ ବନ୍ଦ କରିବା ପାଇଁ ବ୍ୟବହୃତ ଚିଟ୍କିଆ—
2. A trigger for fastening the frames of a door or window.
ଦେ. ବିଣ. – ଆବୃତ—Covered.

ଘୋଡ଼ୁଅଇବା—ଦେ. କ୍ରି.—୧ । ଘୋଡ଼ାଇବା କ୍ରିୟାର ଣିଜନ୍ତ ରୂପ—
Ghorḏiāibā 1. Causative form of Ghorḏāibā.
୨ । ଘୋଡ଼ାଇବା (ଦେଖ)
2. Ghorḏāibā (See)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ଼ | ଶ,ଷ | ଜ୍ଞ | ଇସ୍ତ | ଉଥ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଦ |

ଘୋଡ଼ିଆଇ ହେବା-- ଦେ. କି.—ଘୋଡ଼ି ହେବା (ଦେଖ)
Ghordiai heba  Ghordi heba (See)

ଘୋଡ଼ିଆଘୋଡ଼ି—ଦେ. ବ.—ଘୋଡ଼ାଘୋଡ଼ି (ଦେଖ)
Ghordia ghordi  Ghorda ghordi (See)

ଘୋଡ଼ିଆ ଘୋଡ଼ିଆ କରିବା—ଦେ. କି– ( ମେଘ) ଆକାଶକୁ ବେଳେ ବେଳେ ଢାଙ୍କି ପୁଣି ଛାଡ଼ି ଯାଉଥିବା
Ghordia ghordia kariba ( the clouds ) To overcast the sky and to clear up at intervals.

ଘୋଡ଼ିଆ ଯିବା—ଦେ. କି.—ଘୋଡ଼ା ଯିବା (ଦେଖ)
Ghordiajiba  Ghorda jiba (See)

ଘୋଡ଼ିଆ ହେବା—ଦେ. କି.—ଘୋଡ଼ା ଯିବା (ଦେଖ)
Ghordia heba  Ghorda jiba (See)

ଘୋଡ଼ିଘାଡ଼ି—ଦେ. ବ. ଓ ବଣ.—୧ । ଘୋଡ଼ାଘୋଡ଼ି (ଦେଖ)
Ghordighardi  1. Ghordaghordi (See)
ଚନ୍ଦ୍ର ଅନ୍ତରୁ ଶୋଭ ହୋଇ ଘୋଡ଼ିଘାଡ଼ି । କୃଷ୍ଣସି ହ, ମହାଭାରତ, ଉଦ୍ୟୋଗ ।

ଘୋଡ଼ିଙ୍ଗ—ଦେ. ବ.—୧ । ଘୋଡ଼ା ପରି ଲାଞ୍ଜ ଥିବା ଏକ ପ୍ରକାର ଫିକା-
Ghordinga ହଳଦିଆ ବାଘ—1. A species of pale-yellowish grey tiger with bushy tail; The ounce or snow leopard; Felis Uncia ( Burke; the Indian field-shikar-book ).
[ ଦ୍ର—ଏମାନେ କଟକ ନିକଟବର୍ତ୍ତୀ ନଈପଠାରେ ଦେଖାଯାଆନ୍ତି ଓ ବାଛୁରି ଓ ଛେଳି ଆଦି ଜନ୍ତୁଙ୍କୁ ମାରି ଖାଆନ୍ତି । ଏହା ଛଡ଼ା ବାଘ ଜାତୀୟ ଅନ୍ୟ କୌଣସି ଜନ୍ତୁର ଝାମ୍ପୁଡ଼ା ଲାଞ୍ଜ ନାହିଁ । ଓଡ଼ିଶାର ଅନ୍ୟତ୍ର ଏ ଦେଖାଯାଏ ନାହିଁ । ସମ୍ଭବତଃ ମହାନଦୀର ବଢ଼ିରେ ଦୂର ଦେଶର ଜଙ୍ଗଲରୁ ଘୋଡ଼ା କେତେ ଭାସି ଆସି ନଈ ପଠାରେ ଏମାନଙ୍କ ବଂଶବୃଦ୍ଧି ହୋଇଅଛି । ଏମାନେ ମନୁଷ୍ୟଙ୍କୁ ଆକ୍ରମଣ କରନ୍ତି ନାହିଁ । ]
୨ । ଘୋଡ଼ଙ୍ଗ (ଦେଖ)
2. Ghordanga (See)

ଘୋଡ଼ିଚ—ଦେ. ବ.—ଘୋଡ଼ଚ (ଦେଖ)
Ghordichi  Ghordachi (See)

ଘୋଡ଼ିବା—ଦେ. କି.—୧ । ଘୋଡ଼ାଇବା (ଦେଖ)
Ghordiba  1. Ghordaiba (See)
ବଢ଼ିଲେ କଢ଼ିଲେ ଘୋଡ଼ିଲେ ଘନଙ୍କ ବେଢ଼ି ଚକୋରମନ୍ତ୍ର ଅଳକା— ଉପେନ୍ଦ୍ର ବୈଦେହୀଶବିଳାସ ।
୨ । (ହୃଦୟ, ମନ) ଅଧିକାର କରିବା—2 To take possession of (the mind or heart.)
ସ ହେବଙ୍କ ମୂର୍ତ୍ତି ତାଙ୍କ ହୃଦୟ ଯାକ ଘୋଡ଼ି ଗଲଣି—ପ୍ରଧାନ ଅ· ଉବେକା ।

ଘୋଡ଼ି ହେବା—ଦେ. କି.—୧ । ଘୋଡ଼ାଇ ହେବା (ଦେଖ)
Ghordi heba  1. Ghordai heba (See)
୨ । ଘୋଡ଼ାଇବା (ଦେଖ)
2. Ghordaiba (See)

ଦେ. ବ.– ଶୀତବସ୍ତ୍ର —Winter-cloth; wrapper.
(ଯଥା—ମୋ ଘୋଡ଼ିହେବାଟା ଅଣ । )
ଦେ. ବଣ —ଦେହକୁ ଆବୃତ କରିବାରେ ବ୍ୟବହୃତ (ବସ୍ତ୍ର)—(cloth) Used for wrapping the body.
(ଯଥା—ମୋ ଘୋଡ଼ିହେବା ଏଣ୍ଡିଟା କିଏ ନେଲା ?)
[ ଦ୍ର—ଉପରୋକ୍ତ ବ ଓ ବଣ ଅର୍ଥରେ 'ଘୋଡ଼ିହେଲା' ମଧ୍ୟ ପ୍ରୟୋଗ କରାଯାଏ ]

ଘୋଡ଼ୀ—ବ. ସ୍ତ୍ରୀ. (ସ. ଘୋଟକୀ)—୧ । ମାଈ ଘୋଡ଼ା—
Ghordi  1. Mare.
घोड़ी  ଏରୂପେ ପୁଣି ଉନସ ଦେଲେ ଘୋଡ଼ୀ—
ঘোড়ী  କୃଷ୍ଣସି ହ, ମହାଭାରତ, ସଭା ।
୨ । କଦଳୀକାନ୍ଦିର ଲମ୍ବ ଡେମ୍ଫ—
2. The stalk of a bunch of plantains.

ଘୋଡ଼େଇ ଦେବା—ଦେ. କି.—ଘୋଡ଼ାଇବା (ଦେଖ)
Ghordei deba  Ghordaiba (See)

ଘୋଡ଼େଇଘୋଡ଼େଇ ହେବା—ଦେ. କି—୧ । ( ଆଖିପତା ) ନିଦ୍ରା, ତନ୍ଦ୍ରା ବା ଆଳସ୍ୟ ହେଉଥିବାରୁ ବାରଂବାର ବୁଜି ହୋଇଯିବା—1. (the eyelids) To become repeatedly closed owing to sleepiness.
Ghordei ghordei heba
୨ । (ମେଘ) ଆକାଶକୁ ଅଳ୍ପ ଢାଙ୍କି ପୁଣି ଛାଡ଼ି ପୁଣି ଢାଙ୍କିବା—
2. ( the clouds ) To overcast the sky and to clear up at intervals.

ଘୋଣ—ସ. ବ ( ଘୁଣ୍ ଧାତୁ=ଭ୍ରମଣ କରିବା+କର୍ତ୍ତୃ. ଅ )—
Ghona  ଘୋଣା (ଦେଖ)
Ghona (See).

ଘୋଣସ—ସ. ବ. (ଭୁଲ. ଗୋନସ)—ସର୍ପବିଶେଷ—
Ghonasa  A sort of reptile.

ଘୋଣା—ସ. ବ (ଘୁଣ ଧାତୁ=ଭ୍ରମଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Ghona ୧ । ନାସିକା; ନାକପୁଡ଼ା—1 Nose; nostril.
୨ । ଘୋଡ଼ାର ନାକପୁଡ଼ା—2. The nostrils of a horse.
ଅନଳ-ଉଗାର-ଘୋଣା ନାହଦ-ଫୁଲାରେ ବ୍ୟସ୍ତେ ପଳାଇଲେ ଅଶ୍ୱ— ରାଧାନାଥ, ମହାଯାତ୍ରା ।
୩ । ଥୋମଣି—3. Snout.
୪ । ଘୁଷୁରି ବା ବରାହର ଥୋମଣି—4. The snout of a hog or boar.

ଘୋଣୀ—ସ. ବ. ପୁଂ. (ଘୋଣା+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Ghoni ୧ । ଶୂକର; ଘୁଷୁରି—1 Pig; hog.
(ଘୋଣିନୀ—ସ୍ତ୍ରୀ) ୨ । ବରାହ; ବାରୁଆ—2. Boar.

ଘୋଣ୍ଟା—ସ. ବ—୧ । ବରକୋଳି ଗଛ—1. The jujube tree.
Ghonta ୨ । ଗୁଆଗଛ—2. The betel-nut tree.
୩ । ବଡ଼ କାଠଗଛବିଶେଷ—
3. A kind of big timber-tree.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅରଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଘୋମଟା**—ପ୍ରାଦେ. ( ମେଦିନୀପୁର ) ବି. ( ଭୁଲ ବ. ଘୋମଟା; ସଂ. Ghomaṭā ଅବଗୁଣ୍ଠନ )—ଅବଗୁଣ୍ଠନ; ଓଢ଼ଣା—Veil; muffler.

ଘୋମଟା ଭିତରେ ଖେମଟା ନାଚ । ପ୍ରବ ।

**ଘୋମଟା ଟାଣିବା**—ପ୍ରାଦେ. ( ମେଦିନୀପୁର ) କ୍ରି. ( ଭୁଲ ବ. ଘୋମଟା Ghomaṭā ṭāṇibā ଟାନା )—ମୁହଁ ଅନ୍ୟ ଲୋକଙ୍କୁ ଦେଖା ନ ଯିବା ଭଳି ଓଢ଼ଣାକୁ ମୁହଁର ସାମନାକୁ ଓଟାଳିକରି ଟାଣିବା—To draw up the veil over the face.

**ଘୋର**—ସଂ. ବି ( ଘୁର୍ ଧାତୁ=ଭୟଙ୍କର ହେବା+କର୍ତ୍ତୃ. ଅ )—Ghora ୧ । (ଯେ ସୃଷ୍ଟି ସଂହାରାର୍ଥ ଭୟଙ୍କର ରୂପ ଧାରଣ କରନ୍ତି) ମହାଦେବ; ଶିବ—The Deity Śiba.

୨ । (+ଭାବ. ଅ) ଭୀଷଣତା; ଭୟଙ୍କରତା—2. Awfulness; terrificness.

୩ । ଋଷିବିଶେଷ—3. Name of a sage.

୪ । (+ଭାବ. ଅ) ଭୟ—4. Dread, fear; horror; terror.

୫ । ଜାଫ୍ରାନ୍—5. Saffron.

୬ । ଚକ୍ର—6. Wheel.

୭ । ଆବର୍ତ୍ତ—7. Whirlpool; eddy.

୮ । ବିଷ—8. Poison.

୯ । (+ଭାବ. ଅ) ପୂଜ୍ୟତା—9. Venerableness.

୧୦ । (+ଭାବ. ଅ) ମତ୍ତତା; ନିଶା—10. Madness; intoxication.

୧୧ । ଗାରୁଡ଼; ତାନ୍ତ୍ରିକ ଅଘୋର ମନ୍ତ୍ରାଦି—11. Charms; magic-formula.

୧୨ । ସଙ୍କଟ—12 Danger.

ସଂ. ବିଣ—୧ । ଗମ୍ଭୀର—1. Deep.

୨ । ଗାଢ଼; ଘନ—2. Dense; thick.

୩ । ଟାଣୁଆ—3. Solid; hard.

୪ । ଅତ୍ୟନ୍ତିକ—4. Excessive; very great.

ତୁହି ଘୋର କଳଙ୍କିନୀରେ ତେଣୁ ଏ ବିକୃତ
ଦେଖାଏ ସତତ ମୋତେ ବିଷାଦ ମୂରତ—ନନ୍ଦକିଶୋର. ନିର୍ଝରିଣୀ ।

୫ । ଦାରୁଣ; ତୀବ୍ର—5. Violent; vehement.

୬ । ଦୁର୍ଗମ—6. Impenetrable.

୭ । ଭୀଷଣ; ଭୟାନକ—7. Horrible; frightful; terrific; terrible; awful, dreadful.

୮ । ଅତ୍ୟନ୍ତ ଅନିଷ୍ଟକାରୀ; ମାରାତ୍ମକ; ଉଗ୍ର (ବିଷ ଆଦି)—8. Very pungent; very deleterious; fatal.

ଘୋର ଘୋର ନାଗର, ଜହର ଭୁଲେ ତାହା ପିଇଲୁରେ—
ଉପେନ୍ଦ୍ରଭଞ୍ଜ, ରସୋଲ୍ଲାସଚନ୍ଦ୍ର ଗୀତ ।

୯ । ମହତ୍; ବଡ଼; ମହା—9. Great; sublime.

ସଂ. ବିଶେଷଣ ବିଣ—ଅତ୍ୟନ୍ତ—Very; too; too mnch.

ଦେ. ବିଣ—ଅମାନୁଷିକ; ନିଷ୍ଠୁର—Cruel; inhuman.

ତୁ ଘୋର କର୍ମ କରି କରୁ, ଭବ ଅଭବ ନ ବିଚାରୁ—ଜଗନ୍ନାଥ. ଭାଗବତ ।

**ଘୋର ଅନ୍ଧାର**—ଦେ. ବି. (ସଂ. ଘୋର+ଅନ୍ଧକାର)—ନିବିଡ଼ ଅନ୍ଧକାର—Ghora andhāra Deep darkness; utter darkness.

ঘোর আঁধার

गहरी अँधेरा

**ଘୋର କଥା**—ଦେ. ବି—ଗହନକଥା; ବହୁକଷ୍ଟସାଧ୍ୟ ବିଷୟ; କାଠିକର Ghora kathā ପାଠ—A matter of much difficulty.

**ଘୋରଘୁଷ୍ୟ**—ସଂ. ବି—କଂସା; କାଂସ୍ୟ ଧାତୁ—Ghoraghushya Bell-metal.

**ଘୋରଣା**—ଦେ. ବି (ସଂ. ଘୂର୍ଣ୍ଣ ଧାତୁ)—୧ । ଯେଉଁ କାଠଦ୍ୱାରା ନିଆଁ Ghoraṇā ଉପରେ ସିଦ୍ଧ କରାଯାଉଥିବା ଡାଲି ତିଅଣ ଆଦି ଘୋରିବାକୁ ବା ଘାଣ୍ଟିବାକୁ ହୁଏ; ଡଙ୍କୁ—1. A rod for stirring up boiling curry, dal etc.

୨ । ଚକି; ପେଷଣୀ; ଚୂର୍ଣ୍ଣିବା ଯନ୍ତ୍ର—2. Pounding machine; mill-stone.

**ଘୋରଣା କାଠି**—ଦେ. ବି—ଘୋରଣା ୧ (ଦେଖ)—Ghoraṇā kāṭhi Ghoraṇā 1 (See)

**ଘୋରଣା ଚକି**—ଦେ. ବି—ଘୋରଣା ୨ ( ଦେଖ )—Ghoraṇā chaki Ghoraṇā 2 ( See )

**ଘୋରତର**—ସଂ. ବିଣ ( ଘୋର+ତର)—୧ । ଅପେକ୍ଷାକୃତ ଘୋର—Ghoratara 1. More great; greater.

୨ । ଅତ୍ୟନ୍ତ—2. Excessive; very much.

ସଂ. ବି—ଶିବ—Śiba.

**ଘୋରଦର୍ଶନ**—ସଂ. ବିଣ. ପୁଂ ( ବହୁବ୍ରୀହି; ଘୋର+ଦର୍ଶନ )—ଭୀଷଣ Ghoradarśana ରୂପବିଶିଷ୍ଟ; ବିକଟାକୃତି—Of frightful (ଘୋରଦର୍ଶନା—ସ୍ତ୍ରୀ) appearance; terriffic; hideous.

ସଂ. ବି—ପେଚକ—Owl.

**ଘୋରନିଦ୍ରା**—ସଂ. ବି (କର୍ମଧା; ଘୋର+ନିଦ୍ରା)—ଗାଢ଼ ନିଦ୍ରା—Ghoranidrā Deep sleep; slumber.

**ଘୋରପୁଷ୍ପ**—ସଂ. ବି · ପିତ୍ତଳ—Ghorapushpa Brass.

**ଘୋରବନ**—ସଂ. ବି ( କର୍ମଧା; ଘୋର+ବନ )—ଦୁର୍ଗମ ବା ଅଭେଦ୍ୟ Ghorabana ଅରଣ୍ୟ; ଅଗନାନ୍ତି ବନସ୍ତ—Dense or impenetrable jungle.

**ଘୋରବାଶନ**—ସଂ ବି (ଘୋର+ବାଶ୍ ଧାତୁ=ଶବ୍ଦକରିବା+କର୍ତ୍ତୃ.ଅନ) Ghorabāśana ଶୃଗାଳ—Jackal (Apte ·

**ଘୋରବାଶୀ**—ସଂ. ବି (ଘୋର+ବାଶ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ) Ghorabāśī ଘୋରବାଶନ (ଦେଖ)—Ghorabāśana (See)

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଅ | ଉଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ୟ | ଇଅ | ● | . |

**ଘୋରରାସନ**—ସଂ. ବି (ଘୋର+ରାସ୍ ଧାତୁ=ଶବ୍ଦକରିବା+କର୍ତ୍ତୃ. ଅନ)
Ghorarāsana ଘୋରବାଶନ ( ଦେଖ )—Ghorabāśana ( See )

ସଂ. ବିଣ. ପୁଂ. (ବହୁବ୍ରୀହି; ଘୋର+ରାସନ)—ଭୟଙ୍କର ଶବ୍ଦଯୁକ୍ତ—(ଘୋରରାସନା ସ୍ତ୍ରୀ) Emitting a frightful sound; yelling.

**ଘୋରରାସୀ**—ସଂ. ବି ଓ ବିଣ. ପୁଂ (ଘୋର+ରାସ୍ ଧାତୁ=ଶବ୍ଦକରିବା+କର୍ତ୍ତୃ. ଇନ୍; ୧ମା. ୧ ବ)—ଘୋରରାସନ (ଦେଖ)—
Ghorarāsi (ଘୋରରାସିନୀ-ସ୍ତ୍ରୀ) Ghorarāsana ( See )

**ଘୋରରୂପ**—ସଂ. ବିଣ. ପୁଂ ( ବହୁବ୍ରୀହି; ଘୋର+ରୂପ )—
Ghorarūpa ଭୟଙ୍କର ରୂପବିଶିଷ୍ଟ—Hideous.
(ଘୋରରୂପା—ସ୍ତ୍ରୀ) ସଂ. ବି—ମହାଦେବ; ଶିବ—Śiba.

**ଘୋରା**—ସଂ. ବି (ଘୋର+ଆ)—ଭୟଙ୍କର ରାତ୍ରି—
Ghorā Terrible night.

ସଂ. ବିଣ. ସ୍ତ୍ରୀ (ଘୋର+ଆ)—ଘୋରର ସ୍ତ୍ରୀଲିଙ୍ଗ—Feminine of Ghora.

ଦେ. ବି (ଘୃଷ୍ଟି; ଘର୍ଷଣ)—୧ । ଘର୍ଷଣ; ଘୋରିବା କର୍ମ—
ଘୋଟା 1. Act of rubbing into a paste.
**ଘୁଟନା**
( ଯଥା—ଚନ୍ଦନଘୋରା )

୨ । ଚୁଲିରେ ବସିଥିବା ଡାଲି ବା ଖିରି ବା ତିଅଣର ଖଣ୍ଡଖଣ୍ଡିଆ ଅଂଶକୁ ପାଣିଆ କରିବାପାଇଁ ଅଣକରେ ବା ଘୋରଣାରେ ଘାଣ୍ଟିବା—2. To churn boiling dal, curry or gruel with the ladle.

୩ । ଘୋରା ହୋଇ ବ୍ୟବହୃତ ହେବା ଔଷଧ—3. Medicine which is to be rubbed into a paste before being used.

ଦେ. ବିଣ—ଘୃଷ୍ଟ; ବଟା ହୋଇଥିବା—Reduced into a paste by rubbing.

ମୋ ଘୋରା ଚନ୍ଦନ ହୋଇବ ସେବେ ବୋଲି—କୃଷ୍ଣସିଂହ. ମହାଭାରତ. ବନ ।

ପ୍ରାଦେ (ଗଡ଼ଜାତ) ବି—ବଟିକା—Pill.

**ଘୋରାଇବା**—ଦେ. କ୍ରି—ଘୋରିବା କ୍ରିୟାର ଣିଜନ୍ତରୂପ—
Ghorāibā Causative of Ghoribā.

**ଘୋରାକୃତି**—ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି; ଘୋର+ଆକୃତି)—
Ghorākṛuti ଘୋରଦର୍ଶନ (ଦେଖ)—Ghoradarśana (See)

**ଘୋରାଘୋରି**—ଦେ. ବି—୧ । ଘୋରିବା ବା ଘର୍ଷଣ କରିବାର ପ୍ରକ୍ରିୟା—
Ghorāghori 1. The operation of pasting or rubbing.

୨ । ଚେରମୂଳ—2. Drugs and roots; herbs.

**ଘୋରାସଜ**—ଦେ. ବି—ଶିଶୁମାନଙ୍କ କମଲ୍ଲେ ସଂଗୃହୀତ ଚୂର୍ଣ୍ଣବା ଔଷଧ—
Ghorāsaja A collection of simple herbs and
ଆଲୁଟ spices given to infants while
**ଘୁଣ୍ଟୀ** ailng from different ailments.

[ ଦ୍ର—ବଚ, ଶୁଣ୍ଠି, ପିପ୍ପଳୀ, ଜାଇଫଳ, ଲବଙ୍ଗ ଇତ୍ୟାଦିକୁ ପିଲେଇତିମାନେ ଗୋଟିଏ ପେଡ଼ି ବା ମଣିରେ ସାଇତି କରି ରଖିଥାଆନ୍ତି । ପିଲାର ଦେହ ଅସୁସ୍ଥ ହେଲେ ରୋଗକୁ ଗୁହିଁ ସେଥିଁ ଜିନିଷ ଦଅଯିବାର ତାକୁ ପିଲାଙ୍କୁ ଦିଅନ୍ତି । ସାଧାରଣତଃ ଏ ଦ୍ରବ୍ୟମାନ ଚନ୍ଦନପେଡ଼ି ବା ଶିଳରେ ଘୋରା ହୋଇ ମାଆ ଦୁଧ ସଙ୍ଗେ ମିଶାଯାଇ ଶିଶୁକୁ ଦିଆ ଯିବାରୁ ଏହି ସଂଗ୍ରହର ନାମ ଘୋରାସଜ ।].

**ଘୋରି**—ବୈଦେ. ବି. ( ଆ. ନାମ )—ଭାରତକୁ ଆକ୍ରମଣ କରିଥିବା
Ghori ଆଫଗାନସ୍ଥାନରୁ ମୁସଲମାନ ବଂଶବିଶେଷ—Name of family of invaders of India.

[ ଦ୍ର—ଏହି ବଂଶର ମହମ୍ମଦ ଘୋରି ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଭାରତ ଆକ୍ରମଣ କରି ଭାରତରୁ ହିନ୍ଦୁରାଜ୍ୟ ନିର୍ମୂଳ କରିଥିଲେ । ]

**ଘୋରିଘାରି**—ଦେ. କ୍ରି. ବିଣ—ଉତ୍ତମରୂପେ ଘର୍ଷଣ କରି—
Ghorighāri Pounding or pasting well.

ସମ ନାମ ଶ୍ରେଣୀର ଘୋରିଘାରି ପି—ଦଳନ ।

**ଘୋରିପୋରି ହେବା**—ଗ୍ରା. (ଉତ୍ତର) କ୍ରି—ଘୋଡ଼ି ହେବା (ଦେଖ )—
Ghoripori hebā Ghorḍi hebā ( See )

**ଘୋରିବା**—ଦେ. କ୍ରି. ( ସଂ. ଘୃଷ୍ଟୀୟମାନ; ଭୂଳ. ପ୍ରା. ଘୋଲମାଣ )—
Ghoribā ୧ । ଘସି ଘସି ଛୋଟାଇବା—
ଘୋଲାନ; ଘୁଁଟା 1 To wear away by rubbing.
**ଘୋଲନୀ; ଘୁଟନା** ୨ । ଚନ୍ଦନକାଠ ଆଦିକୁ ପାଣି ଦେଇ ପଥରରେ ଘଷିବା—2. To rub into a paste.

ଘୋର ଘୋର କାଙ୍ଗଳ କହର ଭୁଲେ ତାହା ପିଇଲୁ ରେ—
କବିସୂର୍ଯ୍ୟ. କଣୋର୍ଚନ୍ଦ୍ର. ଘ. ଗୀତ ।

୩ । ଡାଲି ଓ ତିଅଣକୁ ଅଣକ ବା ଡଙ୍କୁଦ୍ୱାରା ଘାଣ୍ଟି ଘନ ଓ ତରଳ ପଦାର୍ଥକୁ ମିଶାଇ ପାଣିଆ କରିବା; ଗୋଳିବା—3. To stir up dal or curry into a constitent or soft paste with the end of a wooden spoon or ladle.

୪ । ଘୋଟିବା ତଳେ ନୋଟ ଦେଖ—4. See notes under Ghoṭibā.

**ଘୋରି ହେବା**—ଦେ. କ୍ରି—୧ । ଘୋରିବାର କର୍ମବାଚ୍ୟରୂପ—
Ghori hebā 1. Passive voice of Ghoribā.

୨ । ଘର୍ଷଣଦ୍ୱାରା କ୍ଷୟପ୍ରାପ୍ତ ହେବା—2. To be decayed or worn out by constant rubbing.

ଗ୍ରା. ( ଉତ୍ତର )କ୍ରି—ଶରୀରକୁ ବସ୍ତ୍ରଦ୍ୱାରା ଆବୃତ କରିବା; ଘୋଡ଼ି ହେବା—To cover one's body with a cloth.

**ଘୋଳ**—ଦେ. ବି. ( ଘୁର ଧାତୁ+କର୍ମ. ଅ )—ବସାଦହିରେ ପାଣି ନ
Ghoḷa ମିଶାଇ ମୋହିଁବାଦ୍ୱାରା ସେଥିଁ ଦହି ବାହାରେ; ମୁନ୍ଦା ହୋଇଥିବା ନିର୍ଜଳ ବସାଦହି; ତକ—Butter-milk; coagulated milk churned without adding water to it.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ঘোল ଦେ. ବି. ( ସଂ. ଘୋଳ )—୧ । ବସାଦହିରେ ପାଣି ମିଶାଇ
**मट्ठाचहला** ମୂହାଁଇ ଲହୁଣୀ ବାହାରକରିଯାଇଥିବା ତରଳ ଦହି—
1. Watered-whey.

[ ଦ୍ର - ସଂସ୍କୃତରେ ଘୋଳର ଅର୍ଥ ମୂହାଁ ହୋଇଥିବା ନିର୍ଜଳ ବସାଦହି; ଓଡ଼ିଆରେ ଘୋଳର ଅର୍ଥ ପାଣି ମିଶାଯାଇ ମୂହାଁ ହୋଇଥିବା ବସାଦହି । ]

୨ । ଗଳିଆ ( ଦେଖ )—2. Galiā ( See )

ঘোলা ଦେ. ବିଣ—(ପାଚିଲା ଅମ୍ବ, ଡିମ୍ବ ପ୍ରଭୃତିର ମଧ୍ୟରେ ଥିବା)
**घुलाहुआ** ବିକୃତ ଓ ତରଳିତ (ଅଂଶ)—Muddled (contents of an over-ripe mango or stale egg); become spoiled.

ଘୋଳଘୋଳା —ଦେ. ବିଣ—୧ । ପଚି ମିଳାଇ ଯାଇଥିବା—
Gholagholā 1. Over-ripe and rotten; muddled.
ঘোলা ୨ । ଉତ୍ତମରୂପେ ଗୋଳା ଯାଇଥିବା—
**घुलहुआ** 2. Too much agitated or stirred.

ଘୋଳ ଦହି— ଦେ. ବି. ( ସଂ. ଘୋଳ + ଦଧି )—ଘୋଳ ( ଦେଖ )
Ghola dahi Ghola ( See )

ଘୋଳପଥର—ପ୍ରାଦେ. ( ବାଲେଶ୍ୱର ) ବି—କୁଆପଥର—
Ghola pathara Hail-stone.

ଘୋଳ ମୁହାଁଇବା—ଦେ. କ୍ରି ( ସଂ. ଘୋଳ + ମଥ ଧାତୁ )—ବସାଦହିକୁ
Ghola muhāṅibā ମନ୍ଥନ କରିବା—
ঘোল মওয়া To churn butter-milk.
**मट्ठा मथना**
ଘୋଳ ମୁହିଁବା } ଅନ୍ୟରୂପ
ଘୋଳ ମୋହିଁବା }

ଘୋଳା—ଦେ. ବି.—(ସଂ.ଘୂର୍ଣ୍ଣନ; ପ୍ରା. ଘୂଳନ)—ଘୋଳା ବିନ୍ଧା (ଦେଖ)
Gholā Gholā bindhā (See)

ଘୋଳାରେ ପଡ଼ିେ ମରୁଁ ଅଛୁ ତୋ କୁଲୁମ୍ବକୁ ଜବୁଛ ଦଉଡ଼କୁ ରହିଲୁଁ ଗୋ ।
କବିସୂର୍ଯ୍ୟ, ଯଶୋଧବଳ, ୯. ଗୀତ ।

ঘোলা ଦେ. ବିଣ.—୧ । ଗୋଳିଆ; ଅଵଚ୍ଛ—
**घोला** 1. Turbid; muddled.
୨ । କର୍ଦ୍ଦମାକ୍ତ—2. Muddy.
୩ । ଗୋଳମାଳିଆ ହୋଇଯିବା—3. Confused

ଘୋଳ୍ହା—ପ୍ରାଦେ. (ସମ୍ବଲପୁର)—ବି.—(ଳ ସ୍ଥାନରେ ଲ ଉଚ୍ଚାରଣ)—
Gholā ଘୋଳା; ବିନ୍ଧା; ବ୍ୟଥା—Aching.

ଘୋଳାଇବା—ଦେ. କ୍ରି.—୧ । ଘୋଳାଇ ହେବା (ଦେଖ)
Gholāibā 1. Gholāi hebā (See)
୨ । ଘୋଳାଇ ଯିବା (ଦେଖ)
2. Gholāi jibā (See)
**घूला** ୩ । ଗୋଳିଆ ହେବା; ପଚି ପାଣିପାଚି ଯିବା—
**घुलना** 3. To be rotten or muddled; to become putrid or putrified; to become watery or liquofied.
**घुला** ୪ । ଦ୍ରବିତ କରିବା—4. To liquefy.
**घुलजाना**

ଘୋଳାଇ ମିଳାଇ ହେବା— ଦେ. କ୍ରି.—ଘୋଳାଇ ହେବା (ଦେଖ)
Gholāi milāi hebā Gholāi hebā (See)

ଘୋଳାଇ ଯିବା—ଦେ. କ୍ରି.—(ସଂ. ଘୂର୍ଣ୍ଣନ; ପ୍ରା. ଘୂଳନ)—ଆମ୍ବ ଆଦି
Gholāi jibā ଫଳ ସୁପକ୍ୱ ହେବା ପରେ ବହୁ ଦିନ ରହି ଗଲେ
ঘুলিয়ে যাওয়া ତହିଁର ଭିତରର ଶସ ଯାକ ବିକୃତ ଓ ପାଣିଆ
**घुलजाना** ହୋଇଯିବା; ଲୁଭୁପୁଭୁ ହେବା—(said of ripe fruits) To become rotten or muddled.

[ ଦ୍ର— ପାଚିଥିବା ଫଳ ଓ ଡିମ୍ବ ଆଦି ବହୁକାଳ ରହିଲେ ତାହା ପ୍ରଥମେ ଘୋଳାଇଯାଏ ଓ ତା ପରେ ରହିଲେ ସଢ଼ିଯାଏ । ଡିମ୍ବ ଘୋଳାଇ ଗଲେ ଖାଞ୍ଜିଆ ହୋଇଯାଏ; ଫଳ ଘୋଳାଇ ଗଲେ ଲେଉଟ ବା ଲୁଭୁପୁଭୁ ହୋଇଯାଏ । ]

ଘୋଳାଇ ହେବା—ଦେ. କ୍ରି.—ଶରୀରର ଅଙ୍ଗ ଓ ଅଙ୍ଗସନ୍ଧି ବଥାଇବା
Gholāi hebā To have continuous pain or aching (said of the body and limbs).

ଘୋଳାଟିଆ—ଦେ. ବିଣ.—ସାମାନ୍ୟରେ ଅସ୍ୱଚ୍ଛ—
Gholāṭiā Slightly turbid.
ঘোলাটিয়া

ଘୋଳା ବିନ୍ଧା—ଦେ.ବି.—(ଏକାର୍ଥକ ସହଚର)—ସମସ୍ତ ଅଙ୍ଗ ଓ ଅଙ୍ଗ-
Gholā bindhā ସନ୍ଧିର ବେଦନା—Aching of the limbs and joints of the body.

ଘୋଳାବିନ୍ଧା କରିବା —ଦେ. କ୍ରି.—ଘୋଳାଇ ହେବା (ଦେଖ)
Gholābindhā karibā Gholāi hebā (See)

ଘୋଳାମିଳା—ଦେ. ବି.—ଘୋଳାବିନ୍ଧା (ଦେଖ)
Gholāmilā Gholābindhā (See)
**घुलनामिलना**

ଘୋଲି—ପ୍ରାଦେ. (ଗଞ୍ଜାମ)—ବି.—ଘୁଙ୍ଗୁଡ଼ି (ଦେଖ)
Gholi Ghuṅgurḍi (See)

ଘୋଳିଆ - ଦେ. ବି.— ଗଳିଆ (ଦେଖ)
Gholiā Galiā (See)

ଘୋଳି ଯିବା—ଦେ. କ୍ରି.—୧ । ଘୋଳାଇ ଯିବା (ଦେଖ)
Gholi jibā 1. Gholāi jibā (See)

ଘୋଳି ହେବା—ଦେ. କ୍ରି—୧ । ଦେହହାତ ବିନ୍ଧିବା ବା ବଥାଇବା—
Gholi hebā 1. To ache.
୨ । ପାଣି ପାଚିଯିବା—2 To be muddled.
୩ । ଗାଳେଇବା—
3. To liquefy; to become liquid.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ | ଶ,ଷ | ଙ୍କ | ଇୟ | ଊଅ | ଈ |
| ୨ | ଈ | ଉ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତବର୍ଣ୍ଣ | ଙ୍ଘ | ଯ | ସ | ଙ୍ଘ | ଇଅ | • | ୃ |

ଘୋ ଶବଦ—ଗ୍ରା. ବ. (ଘୋ=ଅନୁକାର ଧ୍ୱନି+ସ. ଶବ୍ଦ)—
Gho sabada ଘୋଷା; ଗୋଳମାଳ ଧ୍ୱନି; ବହୁଲୋକଙ୍କର ମିଳିତ ଉଚ୍ଚ ଧ୍ୱନି—A hue and cry; uproar; a confused din.

ଘୋଷ—ସ. ବ. ( ଘୁଷ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ )—
Ghosha ୧ । ଗଉଡ଼ ଜାତି – 1. The cowherd caste.
୨ । ( +ଅଧି. ଅ )—ଆଭୀରପଲ୍ଲୀ; ଗଉଡ଼ଙ୍କ ବାସସ୍ଥାନ; ଗଉଡ଼ସାହି—2. A village of cowherds.
୩ । (+କର୍ମ. ଅ)—ଘୋଷା—3 Noise; din.
୪ । ଉଚ୍ଚଧ୍ୱନି; ଚିତ୍କାର—
4. Loud sound; exclamation; shout.
୫ । ମେଘଧ୍ୱନି – 5. Thundering sound of clouds.
୬ । ଗର୍ଜନ—6. Roar
୭ । କଂସା—7. Bell-metal.
୮ । ମଶା—8 Mosquito.
୯ । ଗୋଶାଳା (ହି. ଶବ୍ଦସାଗର)—9. Cowshed
୧୦ । ତଟ; କନାର (ହି. ଶବ୍ଦସାଗର)—10. Edge; bank.
୧୧ । ଈଶାନ କୋଣର ଦେଶବିଶେଷ ( ହି. ଶବ୍ଦସାଗର )—
11. Name of a country in the south-east.
୧୨ । ତାଳର ୬୦ ମୁଖ୍ୟ ଭେଦରୁ ଏକ (ହି. ଶବ୍ଦସାଗର)—
12. One of the 60 modes in Hindu music.
୧୩ । (ବ୍ୟାକରଣ) ଧ୍ୱନି ବା ଅକ୍ଷରମାନଙ୍କ ଉଚ୍ଚାରଣର ୧୧ଟି ବାହ୍ୟ ପ୍ରଯତ୍ନ ମଧ୍ୟରୁ ଏକ (ହି. ଶବ୍ଦସାଗର)—
13. (Grammar) Grave sound in the pronunciation of some letters.

[ ଦ୍ର— ଗ, ଘ; ଜ, ଝ; ଡ, ଢ; ଦ, ଧ; ବ, ଭ; ଙ, ଞ, ଣ, ନ, ମ; ଯ, ର, ଲ, ଵ ଓ ହ ଏହି ବର୍ଣ୍ଣମାନ ଘୋଷବର୍ଣ୍ଣ ଅଟନ୍ତି (ହି. ଶବ୍ଦସାଗର) । ]

ଦେ. ବ—ବଙ୍ଗାଳ କାୟସ୍ଥ ଓ ଗଉଡ଼ଙ୍କ ବଂଶୋପାଧିବିଶେଷ—
A family surname of a clan of Bengalee Kāyasthas and cowherds.

ଘୋଷକ—ସ. ଵଣ. ପୁଂ. (ଘୁଷ୍ ଧାତୁ+କର୍ତ୍ତୃ.ଅକ)—୧ । ଧ୍ୱନିକାରକ—
Ghoshaka 1. Sounding; crying.
(ଘୋଷିକା—ସ୍ତ୍ରୀ) ୨ । ଘୋଷଣାକାରୀ; ପ୍ରଚାରକ—
2. Proclaiming; publishing.
ସ. ବ—୧ । ଘଣ୍ଟାବଜାଳ ଲୋକ—1. Bell-man.
୨ । ପ୍ରଚାରକ ବ୍ୟକ୍ତି—2. Proclaimer; publisher.
୩ । ବକ୍ତା—3. Preacher; speaker.
୪ । ଜହ୍ନି (ଲତା ଓ ଫଳ)—
4. Luffa Acutanglia (creeper and fruit).

ଘୋଷଡ଼ା—ଗ୍ରା. (ଇତର) ବ ଓ ବଣ—ଘୋଷର ( ଦେଖ )
Ghoshardā Ghosharā ( See )
(ଘୋଷଡ଼ୀ—ସ୍ତ୍ରୀ)

ଘୋଷଡ଼ାଇବା—ଗ୍ରା. (ଇତର) କ୍ରି—ଘୋଷାଡ଼ିବାର ଣିଜନ୍ତରୂପ—
Ghoshardāibā Causative of Ghosārdibā.

ଘୋଷଡ଼ା ଘୋଷଡ଼ି—ଗ୍ରା. (ଇତର) ବ ଓ ବଣ—
Ghoshardā ghoshardi ଘୋଷର ଘୋଷରି (ଦେଖ)
Ghosharā ghoshari (See)

ଘୋଷଡ଼ା ଚିହ୍ନ—ଗ୍ରା. (ଇତର) ବ—ଘୋଷର ଚିହ୍ନ ( ଦେଖ )
Ghoshardā chihna Ghosharā chihna ( See )

ଘୋଷଡ଼ିବା—ଗ୍ରା. (ଇତର) କ୍ରି. ( ସ. ଘର୍ଷଣ )—
Ghoshardibā ଘୁଷୁରିବା ( ଦେଖ )
Ghushuribā ( See )

ଘୋଷଣ—ସ. ବ (ଘୁଷ ଧାତୁ+ଭାବ. ଅନ)—୧ । ଉଚ୍ଚୈଃସ୍ୱର—
Ghoshana 1. Loud sound; acclamation.
୨ । ରାଜାଦେଶପ୍ରଚାର; ମନାଦି—
2. Proclamation of a royal order.
୩ । ପ୍ରକାଶ୍ୟ ଭାବରେ କୌଣସି ବିଷୟର ପ୍ରକଟନ—
3. A public statement or declaration.
୪ । ପ୍ରକାଶ୍ୟ ବକ୍ତୃତା—4. Open-air preaching.

ଘୋଷଣବର୍ଣ୍ଣ—ସ.ବ (ମ.ପ.ଲୋ.ଘୋଷଣଯୁକ୍ତ ବର୍ଣ୍ଣ)—(ବ୍ୟାକରଣ) ମହାପ୍ରାଣ
Ghoshana barnna ବର୍ଣ୍ଣ; ବର୍ଗର ତୃତୀୟ ଓ ୪ର୍ଥ ବର୍ଣ୍ଣ; ଉଚ୍ଚାରଣ ସମୟରେ ଗମ୍ଭୀର ଧ୍ୱନିଯୁକ୍ତ ବ୍ୟଞ୍ଜନବର୍ଣ୍ଣ—Hard-sounding consonants; consonants having hard or grave sound.
( ଯଥା—ଗ, ଘ; ଜ, ଝ; ଡ, ଢ; ଦ, ଧ; ବ, ଭ; । )

ଘୋଷଣା—ସ. ବ ( ଘୁଷ ଧାତୁ+ଭାବ. ଅନ+ସ୍ତ୍ରୀ ଆ )—
Ghoshanā ଘୋଷଣ (ଦେଖ)—
Ghoshana (See)

ଘୋଷଣା କରିବା—ଦେ. କ୍ରି—କୌଣସି ବିଷୟ ସର୍ବସାଧାରଣରେ ପ୍ରଚାର
Ghoshnā karibā କରିବା—To proclaim; to publish.
ଘୋଷଣା କରା
घोषणा करना

ଘୋଷଣାପତ୍ର—ସ. ବ ( ମଧ୍ୟପଦଲୋପୀ; ଘୋଷଣାସୂଚକପତ୍ର )—
Ghoshanāpatra ପ୍ରକାଶ୍ୟରେ ପ୍ରଚାରିତ ଦେବା ଆଦେଶପତ୍ର—
A written proclamation or declaration.

ଘୋଷଣାଲିପି—ସ.ବ—ଘୋଷଣାପତ୍ର ( ଦେଖ )—
Ghoshanā lipi Ghoshanāpatra (See)

ଘୋଷଣୀୟ—ସ. ବ ( ଘୁଷ ଧାତୁ+କର୍ମ. ଅନୀୟ )—୧ । ପ୍ରକଟନୀୟ—
Ghoshniya 1 Proclamable.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଅପର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧ୍' ନ ପାଇଲେ 'ବନ୍ଧୁ' ଦେଖିବେ;'ଅନ୍ଧା' ନ ପାଇଲେ 'ଅନ୍ଧ' ଦେଖିବେ;'ଅଳବତ' ନ ପାଇଲେ;'ଅଲ୍‌ବତ୍'ଦେଖିବେ।

୨ । ପ୍ରକାଶ୍ୟ—2. To be published or made public.

**ଘୋଷବାନ୍**—ସଂ. ବଣ. ପୁଂ +(ଘୋଷ୍‌ବତ୍; ୧ମା· ୧ବ.)—୧ । ଉଚ୍ଚୈଃସ୍ୱରବର୍ଣ୍ଣିଷ୍ଠ—1. Having a loud sound.
Ghoshabān
(ଘୋଷବତୀ—ସ୍ତ୍ରୀ) ୨ । ଗମ୍ଭୀର ସ୍ୱରରେ ଶବ୍ଦାୟମାନ— 2 Making a grave sound

**ଘୋଷବାନ୍ ବର୍ଣ୍ଣ**—ସଂ. ବ (ବ୍ୟାକରଣ)—ଘୋଷଣ ବର୍ଣ୍ଣ ( ଦେଖ )— Ghoshana barnna ( See )
Ghoshabān barnnā

**ଘୋଷଯାତ୍ରା**—ସଂ.ବ (ଷଷ୍ଠୀ ତତ୍; ଘୋଷ=ଆଭୀରପଲ୍ଲୀ+ଯାତ୍ରା=ଗମନ)
Ghoshajātrā ୧ । ପୂର୍ବକାଳରେ ରାଜାମାନେ ଗୋରୁଙ୍କ ଅବସ୍ଥା ପରିଦର୍ଶନ କରିବା ନିମନ୍ତେ ଗଉଡ଼ସାହିକୁ ଶୋଭାଯାତ୍ରା କରି ଯିବା ରୂପ ପର୍ବ—1. A festival observed in ancient India by kings visiting the hamlets of cow-herds in state to see the condition of the cattle of the realm.
୨ । ଜଗନ୍ନାଥଦେବଙ୍କ ରଥଯାତ୍ରା—2. Car festival of the Deity Jagannātha at Puri.
୩ । ଘୋଷ ବା ଗଉଡ଼ମାନଙ୍କୁ ଗଣ୍ଡିବା ଛଳରେ ବନବାସୀ ପାଣ୍ଡବମାନଙ୍କୁ ଆପଣାର ଐଶ୍ୱର୍ଯ୍ୟ ଦେଖାଇବା ପାଇଁ ଦୁର୍ଯ୍ୟୋଧନଙ୍କର ଦ୍ୱୈତବନକୁ ଯାତ୍ରା—3. The procession of Durjyodhana to the Dwaita woods under the plea of visiting the cow-herds but actually to show their splendour to the exiled Pāndabas.

ଶ୍ରେଷ୍ଠ ଦୁର୍ଯ୍ୟୋଧନଙ୍କ ଘୋଷଯାତ୍ରା ଶେଷ,
କହଇ କୃଷ୍ଣସିଂହ ନରକୁଳ ଈଶ—କୃଷ୍ଣସିଂହ, ମହାଭାରତ, ବନ ।

**ଘୋଷରା**—ଦେ. ବ ( ସଂ. ଘର୍ଷଣ )—୧ । ଭୂମିରେ ପକାଇ ଟାଣିନେବା; ଘୋଷାରିବା କର୍ମ—1. Dragging on the ground; state of being dragged on the ground.
Ghosharā
घसड़ा
घसीटन

ବାହନବା ବାଟେ ନାହିଁ ; ଘୋଷରାଟା ବାଟେ—ଢଗ ।

୨ । ଉଚ୍ଚ ସ୍ଥାନରୁ ନିମ୍ନକୁ ସହଜରେ ଗାଡ଼ି ଘୋଡ଼ା ଆଦି ଯିବା ନିମିତ୍ତ ଯେଉଁ ଗଡ଼ାଣିଆ ପଥ ତିଆରି ହୋଇଥାଏ; ଗଡ଼ା—2. Sloping road; gradual incline.
୩ । ରାସ୍ତା ଉପର ଦେଇ ପାଣି ପାର ହୋଇ ବହିଯିବା ପାଇଁ ହୋଇଥିବା ଅନୁଚ୍ଚ ପୟଃପ୍ରଣାଳୀ—3. Causeway.
୪ । ଘୋଷରା ଚିହ୍ନ (ଦେଖ)
4. Ghosharā chihna (See).

( ଘୋଷରୀ—ସ୍ତ୍ରୀ ). ଦେ. ବଣ. ପୁଂ—୧ । ଅଳସୁଆ— 1. Lazy; slothful.
୨ । ମଠଆ; ଘାଉଁସୁରୀ—2. Dilatory.

**ଘୋଷରାଇବା**—ଦେ. କ୍ରି—ଘୋଷାରିବାର ଣିଜନ୍ତରୂପ— Causative of Ghoshāribā.
Ghosharāibā
घसड़ान
घसिटाना

**ଘୋଷରା କେନ୍ଦୁ**—ପ୍ରାଦେ. (ଗଡ଼ଜାତ ) ବ—ଏକପ୍ରକାର କେନ୍ଦୁ; ସାନ କେନ୍ଦୁ ( ଗଛ )— A kind of Kendu ( tree ).
Ghosharā kendu

**ଘୋଷରା ଘା**—ଦେ. ବଣ (ସଂ. ଘର୍ଷଣ+ଘାତ )—ହଇରାଣ; ଦହଗଞ୍ଜ— Troubled.
Ghosharā ghā
(ଯଥା—ସେ ମଲାବେଳକୁ ବହୁତ ଘୋଷରା ଘା ହେଲା ।)
ଦେ. ବ—ଭୂମିରେ ଘୋଷରା ହେବାରୁ ଦେହରେ ହେବା କ୍ଷତ— Mark or abrasion caused on the body by being dragged on the ground.

**ଘୋଷରା ଘୋଷରି**—ଦେ. ବ—ବହୁବାର ଭୂମିରେ ଘୋଷାରିବା କର୍ମ— Act of dragging along the ground several times.
Ghosharā ghoshari
घसड़ाघसड़ि
घसीटाघसीटी

**ଘୋଷରା ଚିହ୍ନ**—ଦେ. ବ—୧ । କୌଣସି ବସ୍ତୁକୁ ଭୂମିରେ ଘୋଷାରିଥିବାର ଚିହ୍ନ—1. Mark left by dragging a thing on the ground; trail; trace of dragging.
Ghosharā chihna
घसड़ादाग
୨ । କୌଣସି ବସ୍ତୁ ଭୂମିରେ ଘୁଷୁରିଥିବାର ଚିହ୍ନ— 2. Mark of a thing having moved along the ground.
୩ । ଘୋଷରା ଘା (ଦେଖ)
3. Ghosharā ghā (See).

**ଘୋଷରା ପାହାଚ**—ଦେ. ବ—ରାଜନଅର, ଦେଉଳ, ଗାଡ଼ିଖାନା, ମାଲଗୋଦାମ, ଅସ୍ତାବଲ ଆଦି ଉଚ୍ଚ ସ୍ଥାନକୁ ନିମ୍ନ ସ୍ଥାନରୁ ବା ଦାଣ୍ଡରୁ ଶଗଡ଼, ଘୋଡ଼ା ଓ ବଗି ଆଦି ଗଡ଼ିଯିବାପାଇଁ ନିର୍ମିତ ଗଡ଼ାଣିଆ ପାହାଚ; ଢାଲୁ ରାସ୍ତା— A slope or inclined plane constructed to enable carts etc. to enter into or come out of a stable, garage or godown without having to get up or down a number of gallery-like steps; a sliding passage.
Ghosharā pāhācha

**ଘୋଷରା ପୋଲ**—ଦେ. ବ—କାଜ; ସଡ଼କର ଯେଉଁ ଅଂଶରେ ପୋଲ ତିଆରି ନ ହୋଇ ଦୁଇ ମୁଣ୍ଡରେ ଘୋଷରା ତିଆରି ହୋଇଥାଏ—A causeway.
Ghosharā pola

**ଘୋଷହୀନ ବର୍ଣ୍ଣ**—ସଂ. ବ ( ବ୍ୟାକରଣ )—ଲଘୁପ୍ରାଣ ବା ଅଘୋଷବାନ ବର୍ଣ୍ଣ; ବର୍ଗର ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣ— Consonants having soft sound
Ghoshahina barnna

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଡ଼ | ର,ହ | ଝ | ଏ | ହ୍ରସ୍ୱବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଋ | ଡ଼ଥ | ଈ |
| ୨ | ଈ | ଭ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଋଥ | ଈ | ନ |

[ ଦ୍ର—କ, ଖ; ଚ, ଛ; ଟ, ଠ; ତ, ଥ; ପ, ଫ; ଏହି ବ୍ୟଞ୍ଜନବର୍ଣ୍ଣମାନ ଉଚ୍ଚାରିତ ହେବା ସମୟରେ ଧ୍ୱନିର ଗାମ୍ଭୀର୍ଯ୍ୟ ପ୍ରକାଶ ପାଏ ନାହିଁ । ଏଥିପାଇଁ ଏମାନଙ୍କୁ ଘୋଷହୀନ ବର୍ଣ୍ଣ ବୋଲାଯାଏ । ]

ଘୋଷା—ସଂ. ବି (ଘୁଷ୍ ଧାତୁ=ଶବ୍ଦକରିବା+କର୍ତ୍ତୃ. ଅ+ଆ)—
Ghoshā ୧ । ପାନମହୁରୀ—1. Aniseed.

୨ । ବିଡ଼ଙ୍ଗ (ଦେଖ)
2. Birdanga (See).

ଗୋସା ବୈଦେ. ବି.—
ଗୁସ୍‌ସା ୧ । ( ଆ. ଗୁସ୍‌ସା )—କ୍ରୋଧ; ରାଗ—1. Anger.
ଏହି ବିନା କଦାଚ କେହି ଯେ ହେଲେ ପାଶ ମୁହିଁ ନ ରଖିଁ ଭଲ ଘୋଷାକୁ ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । (ତେଲୁଗୁ—ଗୋଷା) ସ୍ତ୍ରୀମାନଙ୍କ ଅବରୋଧପ୍ରଥା—
ଜନାନା ପ୍ରଥା 2. The custom of females not coming
ଜନାନା ପ୍ରଥା out in public; observance of the zenana system.

ଦେ. ବି. ( ଘୁଷ୍ ଧାତୁ=ଶବ୍ଦ କରିବା )—
ଧୁୟା ୧ । ଗୀତର ଭୁଡ଼ା ବା ଧ୍ରୁବପଦ; ଧ୍ରୁବକ—
ଦୁହରାବ 1. Refrain of a song; that part of a song which is repeated at the end of every stanza.

୨ । ବହୁବାର ଆବୃତ୍ତି—
2. Uttering repeatedly; repeated recital.
ସମସ୍ତେ ମୁଖେ କରି ହରି ନାମ ଘୋଷା—କୃଷ୍ଣସିଂ. ମହାଭାରତ. ବନ ।

୩ । ପାଠ ମୁଖସ୍ଥ କରିବା—3. Getting by heart; reciting a lesson repeatedly.

ଦେ. ବିଣ—ଯେଉଁ ଛାତ୍ର କିଛି ଅର୍ଥ ନ ବୁଝି ପାଠକୁ ଶୁଆ ପରି ମୁଖସ୍ଥ କରିବାରେ ଅଭ୍ୟସ୍ତ—(a student) Given to getting things by heart like a parrot.

ବୈଦେ. ବିଣ. ( ଆ. ଗୁସ୍‌ସା )—କ୍ରୁଦ୍ଧ—Angry.

ଘୋଷାଇବା—ଦେ. କ୍ରି—ଘୋଷିବାର ଣିଜନ୍ତ ରୂପ—
Ghoshāibā Causative of Ghoshibā.
ଘୋଷାନ

ଘୋଷାଘୋଷି—ଦେ. ବି—ବହୁବାର ଘୋଷିବା କର୍ମ—Act of
Ghoshāghoshi getting by heart repeatedly.

ଘୋଷାଡ଼ିବା—ଗ୍ରା. (ଉତ୍ତର) କ୍ରି—ଘୋଷାରିବା ( ଦେଖ )
Ghoshārdibā Ghoshāribā ( See )
ରଙ୍ଗ ସଙ୍ଗର ଭଳେ ଯାଇ
ମୃତ ଚିଶ୍ଚିକୁ ଘୋଷାଡ଼ିଲ—କଳ୍ଲୋଅ. ଭାଗବତ ।

ଘୋଷା ପାଠ—ଦେ. ବି.—ଯେଉଁ ପାଠକୁ ବହୁବାର ଘୋଷି ଆବୃତ୍ତି କରି
Ghoshā pātha ଯାଇଥାଏ—Lessons got by heart.

ଘୋଷା ବିଦ୍ୟା—ଦେ. ବି.—ଘୋଷାପାଠ (ଦେଖ)
Ghoshā bidyā Ghoshāpātha (See)

ଘୋଷାରିବା—ଦେ. କ୍ରି. ( ସଂ. ଘୃଷ ଧାତୁ=ଘର୍ଷଣ )—୧ । ଭୂମିରେ
Ghoshāribā ଲଗାଇ ଟାଣି କରି ନେବା—
ଘସଡ଼ା; ଘସଟାନ 1. To drag along the ground.
ଘସୋଟନା ୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ମଠ କରିବା—
2. (fig.) To do a work lazily.

୩ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟରେ ମଠ କରିବାଦ୍ୱାରା କୌଣସି ବ୍ୟକ୍ତିକୁ ଦହଗଞ୍ଜ କରିବା—3. (fig) To cause trouble to a person by dragging on a work.

୪ । ଘୋଷାରି ହେବା (ଦେଖ)—4. Ghoshāri hebā (See)
କାନ୍ଧ ଉପରି ପଡ଼ି ପଣନ୍ତ ଘୋଷାରିଲ,
ଉଡ଼ ଫର ଫର ଶବଦ ତାର କଲ । କୃଷ୍ଣସିଂ. ମହାଭାରତ. ବିରାଟ ।

[ ଦ୍ର—ଘୃଷ୍ଣିବାର ଣିଜନ୍ତ ଘୋଷାରିବା ଓ ଘୋଷାରିବାର ଣିଜନ୍ତ ଘୋଷରାଇବା । ]

ଘୋଷାରି ହେବା—ଦେ. କ୍ରି.—୧ । ଅନ୍ୟ ଲୋକ ଘୋଷାରିବା ଯୋଗୁଁ
Ghoshāri hebā ତଳେ ଦୃଷ୍ଟିହେବା—To trail on the ground being dragged by another.

୨ । (ଲକ୍ଷଣାର୍ଥ) ନିଜର ବଳ ନ ଥିବାରୁ ବା ଇଚ୍ଛା ନ ଥିବା ସତ୍ତ୍ୱେ ବାଧ୍ୟ ହୋଇ କୌଣସି କାର୍ଯ୍ୟ ମଠରେ କରିବା—
2. (figurative) To do a work lazily against one's inclination, being obliged to do it.

ଘୋଷାଲ୍—ଦେ. ବି.—ବଙ୍ଗୀୟ ବ୍ରାହ୍ମଣମାନଙ୍କ ବଂଶୋପାଧିବିଶେଷ—
Ghoshāl The family-surname of a section of Bengalee Brahmins.

ଘୋଷା ହେବା—ଦେ. କ୍ରି.—କ୍ରୁଦ୍ଧ ହେବା—
Ghoshā hebā To be angry.

ଘୋଷି—ଦେ. ବି.—ମୁଷ୍ଟ୍ୟାଘାତ; ଭଧା—
Ghoshi Blow with the fist.
ଘୁସା ଯେତେବେଳେ କାଳ ପ୍ରାପତ ହେବ ଆସି,
ଘୁସା ସେକାଳେ ବସିବ କଣ୍ଠରେ ମାତ୍ର ଘୋଷି—
କୃଷ୍ଣସିଂ. ମହାଭାରତ. ଶାନ୍ତି ।

ଘୋଷଘାଷି—ଦେ. କ୍ରି. ବିଣ. (ଘୋଷିବା ଓ ଧ୍ୱନ୍ୟନୁକାରୀ ଅନର୍ଥକ ସହଚର
Ghoshighāshi ଘାଷିବା କ୍ରିୟାଦ୍ୱୟର ଅସମାପିକା ରୂପ )—ଉତ୍ତମରୂପେ ବହୁବାର ଆବୃତ୍ତିପୂର୍ବକ—
After repeated recitals.
(ଯଥା—ମୁଁ ଆଜିର ପଢ଼ାକୁ ସବୁ ଘୋଷିଘାଷି ଆବୃତ୍ତି କରିଛି ।)

ଘୋଷିତ—ସଂ. ବିଣ. ( ଘୁଷ୍ ଧାତୁ+କର୍ମ. ତ)—୧ । ପ୍ରଚାରିତ—
Ghoshita 1. Proclaimed.

୨ । ଉଚ୍ଚୈଃସ୍ୱରରେ କଥିତ—2. Spoken loudly; declared; preached.

ଘୋଷିତବ୍ୟ—ସଂ. ବିଣ. (ଘୁଷ୍ ଧାତୁ+କର୍ମ. ତବ୍ୟ)—ଘୋଷଣା କରିବାର
Ghoshitabya ଯୋଗ୍ୟ—Fit to be proclaimed.

ସାଧାରଣ ରୂପରେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବର୍ଦ୍ଧ' ନ ମିଳିଲେ 'ବର୍ଦ୍ଧ' ଦେଖିବେ; 'ଅର୍ଣ୍ଣବ' ନ ପାଇଲେ 'ଅର୍ଣ୍ଣବ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଘୋଷିବା**—ଦେ. କ୍ରି. (ସଂ. ଘୁଷ୍ ଧାତୁ)—୧ । ପାଠ କରିବା—
Ghoshibā 1. To recite.
ଅଗରେ ଧୌମ୍ୟ ପୁରୋହିତ ବେଦ ଘୋଷି । କୃଷ୍ଣସିଂହ. ମହାଭାରତ. ବନ ।

ଘୋଷା ୨ । ଘୋଷଣା କରିବା—2. To proclaim.
ସହସ୍ର ବଦନରେ ଶେଷ ଦେବ ଘୋଷି । କୃଷ୍ଣସିଂହ. ମହାଭାରତ ଅଦ ।

୩ । ମୁଖସ୍ଥ କରିବା—3. To get by heart.
ତର ଅଭ୍ୟସ୍ତ ଶସ୍ତ୍ର, ସସ୍ତ୍ରୁତ କର ଅସ୍ତ୍ର,
ବସି ଘୋଷିଲୁ ଶଣିଠାରକୁ ରେ । କବିସୂର୍ଯ୍ୟ. ସଙ୍ଗୀତ ।

୪ । ପୁନରାବୃତ୍ତି କରିବା—4. To read again; to re-read.

୫ । ପୁନଃ ପୁନଃ ଉଚ୍ଚାରଣ କରିବା—
5. To pronounce repeatedly.
ସମସ୍ତ ବ୍ରହ୍ମବାଦୀମାନେ ବ୍ରହ୍ମ ବୋଲନ୍ତି
ତାଙ୍କ ବେଦ ପ୍ରସଙ୍ଗେ ବାଣୀ ଶେଷ ଘୋଷନ୍ତି । ତୁଳସୀଦାସ ରାମାୟଣ ।

୬ । ପୁନଃ ପୁନଃ ସ୍ମରଣ କରିବା—
6. To remember always.
ଦବା ସମ୍ପ୍ରେ ବନେ ନିବାସ କଲି ମନେ କବା ସତତ ତାହିଁ ଘୋଷିଗଲେ ।
କବିସୂର୍ଯ୍ୟ. ସଙ୍ଗୀତ ।

୭ । ଚିନ୍ତିବା—7. To think.
ବାରୁଣୀ ତ୍ରିବେଣୀ ଘାଟେ ପଡ଼ିଲୁ ଘୋଷି । ଉପେ. ବୈଦେହୀଶବିଳାସ ।

୮ । ପୁନଃ ପୁନଃ କହିବା—8. To say repeatedly.
ପଞ୍ଚଦଶୀ ଶଶି ସେବକନେ କ ଘୋଷି ଲପନ ଦେଖଇ ଦର୍ପଣେ ।
ଉପେ. ପ୍ରେମସୁଧାନିଧି ।

୯ । ଶବ୍ଦ କରିବା—9. To make a sound.
ଭୂ ଯେତେବେଳେ ଗୋଟେ ପଶୁ
ପଥେ ମୁରଲୀ ନାଦ ଘୋଷୁ । ଜଗନ୍ନାଥ. ଭାଗବତ ।

**ଘୋଷି ହେବା**—ଦେ. କ୍ରି—୧ । ସବୁ ବେଳେ କହିବା—
Ghoshi hebā 1. To repeat a thing.
୨ । ମୁଖସ୍ଥ କରିବା—2. To learn by heart.
୩ । ସର୍ବଦା ମନେ ପକାଇବା—3. To constantly remember; to constantly recall to mind.

**ଘୋସ୍**—ବୈଦେ. ବି. ( ଅ. ଗୁସ୍ତ )—
Ghos ଖାଦ୍ୟାର୍ଥ ବ୍ୟବହୃତ ଜୀବମାଂସ—
ਗੋਸ਼ਤ Animal-meat used for food.
गोश्त ଦେ. ବି. ( ସଂ. ଗୁହ୍ୟାଶୟ )—
घुष ୧ । ଉତ୍କୋଚ; ଲାଞ୍ଚ—1. Bribe.
घुस ୨ । ( ଜାହାଜିଆ ଶବ୍ଦ ) ଉପର ଦିଗ—
2. ( nautical ) Upside; the upper side.
ଦେ. ଅ. ( ଜାହାଜିଆ ଶବ୍ଦ )—( ପାଲଟଣା ଉଙ୍ଗା ବା ଜାହାଜରେ ପାଲକୁ ଉପରକୁ ଟାଣି ଦେବାର ଆବଶ୍ୟକ ହେଲେ ନାବିକମାନେ ଏ ଶବ୍ଦ ବ୍ୟବହାର କରନ୍ତି ) ପାଲକୁ ଉପରକୁ ଟାଣି ନିଅ—
( nautical ) Draw the sail upwards.

**ଘୋସ୍‌ଖିଆ**—ଦେ. ବିଣ—ଘୋସ୍‌ଖୋର୍ ( ଦେଖ )
Ghos-khiā Ghos-khor ( See )

**ଘୋସ୍‌ଖୋର୍**—ଦେ. ବିଣ—୧ । ଉତ୍କୋଚଗ୍ରାହୀ—
Ghos-khor 1. One who takes bribes.
घुसखोर ୨ । ମାଂସାଶୀ—2. Carnivorous; meat-
घुसखोर eating.

**ଘ୍ନ**—ସଂ. ବିଣ. ପୁଂ. ( ହନ ଧାତୁ + କର୍ତ୍ତୃ. ଅ; ଅନ୍ୟ ଶବ୍ଦ ପରେ
Ghna ସମାସରେ ଯୁକ୍ତ ହୁଏ; ଯଥା—କୃତଘ୍ନ, ଶତ୍ରୁଘ୍ନ )—
(ଘ୍ନୀ—ସ୍ତ୍ରୀ) ୧ । ଘାତକ—1. Murdering; killing.
( ଯଥା—ଶତ୍ରୁଘ୍ନ )
୨ । ନାଶକାରୀ—2. Destroying.
( ଯଥା—ପୁଣ୍ୟଘ୍ନ )
୩ । ଆରୋଗ୍ୟକାରୀ—3 Curing.
( ଯଥା—ପିତ୍ତଘ୍ନ )

**ଘ୍ରା (ଧାତୁ)**—ସଂ—୧ । ଶୁଙ୍ଘିବା—
Ghrā (root) 1. To smell.
୨ । ଚୁମ୍ବନ କରିବା—2. To kiss.

**ଘ୍ରାଣ**—ସଂ. ବି. ( ଘ୍ରା ଧାତୁ + ଅନ )—
Ghrāṇa ୧ । ( + କରଣ. ଅନ ) ନାସିକା—1. Nose.
୨ । ( + ଭାବ. ଅନ ) ଶୁଙ୍ଘିବା; ଗନ୍ଧଗ୍ରହଣ—
2. Smelling; scenting.
୩ । ( + କର୍ମ. ଅନ )—ବାସନା—
3. Smell; odour; scent.
ସଂ. ବିଣ. ( ଘ୍ରା ଧାତୁ + କର୍ମ. ତ )—
ଆଘ୍ରାତ; ଶୁଂଘା ହୋଇଥିବା—Smelt.

**ଘ୍ରାଣଗ୍ରହଣ**—ସଂ. ବି—( ୬ଷ୍ଠୀ ତତ୍; ଘ୍ରାଣ + ଗ୍ରହଣ )—୧ । ଗନ୍ଧ
Ghrāṇagrahaṇa ଶୁଂଘିବା—1. Enjoying the smell of; smelling.
୨ । ଅନ୍ୟ ବସ୍ତୁର ଗନ୍ଧକୁ ନିଜର ଅଙ୍ଗୀଭୂତ କରିବା—
2. Assimilating the smell of another thing.

**ଘ୍ରାଣଚକ୍ଷୁଃ**—ସଂ. ବିଣ ( ବହୁବ୍ରୀହି; ଘ୍ରାଣ + ଚକ୍ଷୁସ୍; ଯାହାର ଘ୍ରାଣେନ୍ଦ୍ରିୟ
Ghrāṇachakshuḥ ଚକ୍ଷୁର କାର୍ଯ୍ୟ ସମାଧା କରେ )—ଅନ୍ଧ—
Blind.

**ଘ୍ରାଣଜ**—ସଂ. ବିଣ ( ଘ୍ରାଣ + ଜନ୍ ଧାତୁ + କର୍ତ୍ତୃ. ଅ )—୧ । ଆଘ୍ରାଣ-
Ghrāṇaja ମୂଳକ—1. Due to smell.
୨ । ନାସିକାଦ୍ୱାରା ଉପଲବ୍ଧ ବା ଅନୁଭୂତ—
2. Felt by the sense of smell.

**ଘ୍ରାଣତର୍ପଣ**—ସଂ. ବି ( ୬ଷ୍ଠୀ ତତ୍, ଘ୍ରାଣ + ତର୍ପଣ = ଯେ ତୃପ୍ତ କରାଏ;
Ghrāṇatarpaṇa ବା ବହୁବ୍ରୀହି; ଘ୍ରାଣର ତୃପ୍ତି ହୁଏ ଯାହାଦ୍ୱାରା)—
୧ । ନାସିକାର ତୃପ୍ତିସାଧକ—1. Satisfying the sense of smell.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଏ | ଉଅ | ଙ୍ଗ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଘ | ସ | ଙ୍ଗ | ଇଅ | ୖ | ˊନ |

୨ । ସୁରଭି; ସୁଗନ୍ଧ—2. Fragrance; perfume; sweet smell.

ସଂ. ବିଣ—ସୁଗନ୍ଧବିଶିଷ୍ଟ—Odorous; pleasant to the nose; fragrant.

**ଘ୍ରାଣ ନେବା**—ଦେ. କ୍ରି—ଶୁଂଘିବା—
Ghrāṇa nebā — To smell; to scent.
ଘ୍ରାଣ ଲଓୟା
घ्राण लेना

**ଘ୍ରାଣ ପାଇବା**—ଦେ. କ୍ରି—ଘ୍ରାଣ ନେବା ( ଦେଖ )—
Ghrāṇa pāibā — Ghrāṇa nebā ( See )

**ଘ୍ରାଣପାକ**—ସଂ. ବି—ନାସିକାର ରୋଗବିଶେଷ—
Ghrāṇapāka — A disease of the nose.

**ଘ୍ରାଣିବା**—ଦେ. (ପଦ୍ୟ) କ୍ରି (ସଂ. ଘ୍ରା ଧାତୁ)—ଶୁଂଘିବା—
Ghrāṇibā — To smell.
ନକେ ପୁଷ୍ପାକର ସେ ଦ୍ରବ୍ୟ ସୌରଭ ଘ୍ରାଣି ନ ଥିବେ ସ୍ୱପନେ—ରାଧାନାଥ. ଯଯାତି ।

**ଘ୍ରାଣେନ୍ଦ୍ରିୟ**—ସଂ. ବି (ଷଷ୍ଠୀ ତତ୍ ବା ରୂପକ)—୧ । ନାକ—
Ghrāṇendriya — 1. Nose.
୨ । ନାସିକାରୂପ ଇନ୍ଦ୍ରିୟ—
2. Sense of smell; organ of smell.

**ଘ୍ରାତ**—ସଂ. ବିଣ (ଘ୍ରା ଧାତୁ+କର୍ମ. ତ)—ଆଘ୍ରାତ, ଶୁଂଘା ହୋଇଥିବା—
Ghrāta — Smelt; smelled; whose smell has been enjoyed.

**ଘ୍ରାତବ୍ୟ**—ସଂ. ବିଣ ( ଘ୍ରା ଧାତୁ+କର୍ମ. ତବ୍ୟ)—ଯାହା ଶୁଂଘିବାର
Ghrātabya — ଯୋଗ୍ୟ—Fit to be smelled.
ସଂ. ବି—ଗନ୍ଧ—Smell; odour.

**ଘ୍ରାତା**—ସଂ. ବିଣ. ପୁଂ. ( ଘ୍ରା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ )—
Ghrātā — ଗନ୍ଧଗ୍ରାହୀ; ଅଘ୍ରାଣକାରୀ—Smelling; enjoying
(ଘ୍ରାତ୍ରୀ—ସ୍ତ୍ରୀ) — the smell of; one who smells.

**ଘ୍ରାତି**—ସଂ. ବି ( ଘ୍ରା ଧାତୁ+ଭାବ. ତି )—୧ । ଆଘ୍ରାଣ; ଶୁଂଘିବା—
Ghrāti — 1. Smelling.
୨ । (+କରଣ. ତି) ନାସିକା—2 The nose.

**ଘ୍ରେୟ**—ସଂ. ବିଣ ( ଘ୍ରା ଧାତୁ+କର୍ମ. ଯ )—ଶୁଙ୍ଘାଯିବାର ଯୋଗ୍ୟ;
Ghreya — ଯାହା ଶୁଂଘା ଯାଇ ପାରେ—Fit to be smelled.
ସଂ. ବି—୧ । ଗନ୍ଧଦ୍ରବ୍ୟ—1. Scents.
୨ । ଗନ୍ଧ—2. Smell; odour.

# ଙ

**ଙ**—ବ୍ୟଞ୍ଜନମାଳାର ଓ କ ବର୍ଗର ପଞ୍ଚମ ବର୍ଣ୍ଣ । ଏହାର ଉଚ୍ଚାରଣରେ
Ṅ — ନାସିକା ସାହାଯ୍ୟ କରେ । ଏହା ଅନୁନାସିକ ବର୍ଣ୍ଣ; ଏହାର ଉଚ୍ଚାରଣ ସ୍ଥାନ ଜିହ୍ୱାମୂଳ ଓ ନାସିକା—
The 5th consonant. Gutteral and nasal sound of 'ng'.

[ ଦ୍ର—ଆଦ୍ୟରେ 'ଙ'ଯୁକ୍ତ ଶବ୍ଦ ନ ଥିବାରୁ ପ୍ରାଚୀନ ଓଡ଼ିଆ ଚଉତିଶାମାନଙ୍କରେ 'ଙ' ସ୍ଥାନରେ 'ନ' ଅକ୍ଷରମୂଳକ ଶବ୍ଦ ଦେଇ କବିମାନେ ଗୀତ ବାନ୍ଧିଥିବା ଦେଖାଯାଏ । ସନ୍ଧି ବା ସମସ୍ତପଦରେ କ ବର୍ଗର କୌଣସି ଅକ୍ଷର ପୂର୍ବରେ 'ମ୍' ଥିଲେ ତାହା ବିକଳ୍ପରେ 'ଙ' ହୋଇ 'କ' ରେ ଯୁକ୍ତ ହୋଇ (ଙ+କ) 'ଙ୍କ' ହୁଏ; (ଯଥା—ସମ୍+କାଶ=ସଙ୍କାଶ ) । ସନ୍ଧିରେ କ୍ ପରେ 'ମ' ଥିଲେ 'ଙ୍ମ' ହୁଏ; (ଯଥା—ବାକ୍+ମୟ=ବାଙ୍ମୟ ) । ଙଯୁକ୍ତ ବର୍ଣ୍ଣ—ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଙ୍କ୍ଷ ଓ ଙ୍ମ । ଆମ୍ଭେମାନେ 'ଙ' କୁ ( ଅବର୍ଗୀୟ ଅ ରେ ଚନ୍ଦ୍ରବିନ୍ଦୁ ଯୁକ୍ତ କରି)ଅଁ ରୂପେ ଉଚ୍ଚାରଣ କରୁଁ, କିନ୍ତୁ ଉକ୍ତ ଉଚ୍ଚାରଣ ଠିକ୍ ନୁହେଁ । 'କ, ଖ, ଗ, ଘ' ଯେଉଁପରି ଜିହ୍ୱାମୂଳ ଓ ଘଣ୍ଟିକାର ଶେଷମୁଣ୍ଡ ଲାଗି ଉଚ୍ଚାରିତ ହୁଏ ଓ ଙ୍କ, ଙ୍ଖ, ଙ୍ଗ, ଙ୍ଘ ରେ 'ଙ' ଯେଉଁପରି ଉଚ୍ଚାରିତ ହୁଏ 'ଙ' ମଧ୍ୟ ସେହିପରି ଜିହ୍ୱାମୂଳ ଓ ଘଣ୍ଟିକାର ଶେଷମୁଣ୍ଡ ସାହାଯ୍ୟରେ ଉଚ୍ଚାରିତ ହେବା ଉଚିତ ଓ ଏହା ଉଚ୍ଚାରଣ କଲାବେଳେ ଓଠଦ୍ୱୟ 'ଅ' ଉଚ୍ଚାରଣ କଲାପରି ସଙ୍କୁଚିତ ଓ ପ୍ରସାରିତ ହେବା ଆବଶ୍ୟକ ହୁଏ ନାହିଁ । 'ଙ' ସଂଯୁକ୍ତ ଯୁକ୍ତବର୍ଣ୍ଣମାନଙ୍କୁ ବିକଳ୍ପରେ ଅନୁସ୍ୱାର ସାହାଯ୍ୟରେ ଚିହ୍ନିତ କରାଯାଏ; କିନ୍ତୁ ଙ ସଙ୍ଗେ କ, ଖ, ଗ ଯୋଗ ହେଲେ ଲେଖିଲାବେଳେ ଯେଉଁପରି ଉକ୍ତ ଅକ୍ଷରମାନଙ୍କର ତଳ ଫୁଙ୍ଗାର ଦ୍ୱିତ୍ୱ କରାଯାଇ ପରେ ଗୋଟିଏ ଅନୁସ୍ୱାର ଯୋଗ କରାଯାଏ ଙ+ଘ ତଦ୍ରୂପ ନ ହୋଇ 'ଙ୍ଘ' ରୂପ ଧାରଣ କରେ । କିନ୍ତୁ ଏହା ନ କରି 'ଘ' ର ତଳ ଫୁଙ୍ଗାକୁ ଆଉ ଥରେ ବୁଲାଇ 'ଙ୍ଘ' ଦ୍ୱାରା 'ଙ୍ଘ'କୁ ଚିହ୍ନିତ କଲେ ଭଲ ଓ ଧାରାସଙ୍ଗତ ହୁଅନ୍ତା । କେହି କେହି ଏ ସମସ୍ୟାକୁ ପୂର୍ବେ ଥିବା କ, ଖ ଆଦି ବର୍ଣ୍ଣରେ ଅନୁସ୍ୱାର (ଂ) ଯୋଗ କରି ସମାଧା କରନ୍ତି । ଯଥା—ଲଂଘନ । 'ମ୍' ପରେ 'କ' ବର୍ଗର ବର୍ଣ୍ଣ ରହିଲେ ସନ୍ଧିର ସୂତ୍ର ଅନୁସାରେ 'ମ୍' ସ୍ଥାନରେ ବିକଳ୍ପରେ 'ଂ' (ଅନୁସ୍ୱାର) ଓ 'ଙ' ହୋଇ, ଙ୍କ=କଂ; ଙ୍ଖ=ଖଂ, ଙ୍ଗ=ଗଂ; ଙ୍ଘ=ଘଂ ଆଦି ଯୁକ୍ତବର୍ଣ୍ଣ ହୁଏ । ଯଥା—ସମ୍+କର୍ଷଣ=ସଂକର୍ଷଣ, ସଙ୍କର୍ଷଣ । ]

| |
|---|
| ସାଧାରଣ ଲୋକେ ଅପୂର୍ଣ୍ଣ ସ୍ମୃତିରେ ସ୍ମୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ |

ଙ (ଧାତୁ)—ସଂ—ଙୁ (ଧାତୁ) (ଦେଖ)
Ṅ!(root) Ṅu (root) (See).

ସଂ. ଙ (ଙୁ ଧାତୁ=ଶବ୍ଦ କରିବା)—୧ । (+ଭାବ. ଅ)—
ଶବ୍ଦ; ରବ; ଧ୍ୱନି—1. Sound.

୨ । (+କର୍ତ୍ତୃ. ଅ)—ଶିବାନୁଚର ଭୈରବ—
2. Bhairaba; an attendant of Ṡiba

୩ । (+କର୍ମ. ଅ)—ବିଷୟ—
3. Matter; worldly things.

୪ । ବିଷୟାସକ୍ତି—4. Attachment to the material or worldly things

୫ । ବିଷୟଚର୍ଚ୍ଚା; ବିଷୟପରିଚାଳନ—
5. Looking into or management of the worldly affairs.

୬ । ଉଭୟ—6. Both.

ଙୁ (ଧାତୁ)—ସଂ—ଶବ୍ଦ କରିବା—
Ṅu (root) To make a sound.

Printed by V. Kar, The Utkal Sahitya Press, Cuttack.